ପୂର୍ଣ୍ଣଚନ୍ଦ୍ର

ଓଡ଼ିଆ ଭାଷାକୋଷ ।

ଦ

ଦ—ସଂ—ଅଷ୍ଟାଦଶ ବ୍ୟଞ୍ଜନବର୍ଣ୍ଣ; ତ ବର୍ଗର ତୃତୀୟବର୍ଣ୍ଣ । ଏହାର
Da ଉଚ୍ଚାରଣ ସ୍ଥାନ ଦନ୍ତ—The 18th consonant
द pronounced with the help of the teeth;
দ corresponding to English 'th' as in 'bathe'.

[ଦ୍ର—ଏହି ଅକ୍ଷରର ଉପର ଅଂଶ ଦହିନଉଡ଼ିଭ ଉପରେ ଘୋଡ଼ିଆ ହୋଇଥିବା ପଲମ ଆକୃତିବିଶିଷ୍ଟ ଥିବାରୁ ଅବଧାନମାନେ ପିଲାମାନଙ୍କୁ ଏହି ଅକ୍ଷରକୁ ଲେଖିବାକୁ ଶିକ୍ଷାଦେବା ସମୟରେ ଦହିନଉଡ଼ିଭଆ 'ଦ' ବୋଲି କହୁଥାଆନ୍ତି ।]

ପୁଂ—ବିଶେଷଣବାଚକ ପ୍ରତ୍ୟୟ (ଅର୍ଥ) ଦାତା; ଯେ ଦିଏ—
(ଦା—ସ୍ତ୍ରୀ) A suffix meaning 'giver'.

[ଦ୍ର—ଦା ଧାତୁ ନିଷ୍ପନ୍ନ ଏହି 'ଦ' ସାଧାରଣତଃ ଅନ୍ୟ ଶବ୍ଦ ପରେ ପ୍ରଯୁକ୍ତ ହୁଏ । ଯଥା—ଧନଦ, ଶରଦ, ଜଳଦ, ବାରଦ, କରଦ ଇତ୍ୟାଦି । ଏହାର ସ୍ତ୍ରୀଲିଙ୍ଗରେ ଦା ହୁଏ । ଯଥା—ଧନଦା, ବରଦା, ମୋକ୍ଷଦା ଇତ୍ୟାଦି ।]

ସଂ. ବି. (ଦା ଧାତୁ+କର୍ତ୍ତୃ. ଅ)—୧ । ପର୍ବତ—
1. Mountain.

୨ । (+ଭାବ. ଅ) ଦାନ—2. Gift.

୩ । ତ୍ୟାଗ—3. Act of relinquishing.

୪ । (ଦୋ ଧାତୁ=ଛେଦନ କରିବା+ଭାବ. ଅ)—
ଛେଦନ—4. Cutting.

୫ । ଭାଗ କରିବା—5. Dividing.

୬ । (ଦା+କର୍ତ୍ତୃ. ଅ) ଦାତା—
6. Giver; a bounteous man.

୭ । (ଦୋ ଧାତୁ=ଛେଦନ କରିବା+କର୍ତ୍ତୃ. ଅ)—
ପତ୍ନୀ; ଭାର୍ଯ୍ୟା—7. Wife.

ସଂ. ବିଶ. (ଦୈ ଧାତୁ=ଶୋଧନ କରିବା+କର୍ମ. ଅ)—ଶୁଦ୍ଧ—
Pure; purified.

ଦେ. ବି. (ଶିଶୁବଚନ; ସଂ. ଦୁଗ୍ଧ; ଓଡ଼ିଆ ଦୁଧର ସଂକ୍ଷେପ)—
୧ । ମାତୃସ୍ତନ—1. Mother's breast.
୨ । ସ୍ତନ୍ୟ; ଦୁଗ୍ଧ—2. Milk from the mother's breast.
୩ । ଦଅ (ଦେଖ)—3. Da-a (See)

ଦେ. ଅ. (ଜମିଦାରି ଓ କଚେରିଆ; ସାଙ୍କେତିକ)—୧ । ଦଖଲ—
1. An abbreviation used to denote possession.
୨ । ଦଖଲକାର—2. An abbreviation for a person in possession.
(ଯଥା—୨୫ ନମ୍ବର ଜମି । ଦ । ରାମ ପଟ୍ଟନାୟକ ।)
୩ । ଦକ୍ଷିଣ; ଦକ୍ଷିଣରେ—3. To the south.
(ଯଥା—ଏ ଜମିର ଚଉହଦ୍ଦରେ । ଦ । ମନୁ ବାବୁ ।)

ଦଅ—ଦେ. ବି—ଗଞ୍ଜପା ଓ ତାସଖେଳରେ ଦଶବିନ୍ଦୁ ଥିବା କାଗଜ—
Da-a The playing card having 10 points or
दहला দহলা tips on it.
(ଦହ, ଦଅଲା, ଦହଲା—ଅନ୍ୟରୂପ)

ଦଅଡ଼—ଦେ. ବି. (ସଂ. ଦଣ୍ଡ)—ପ୍ରଧାନ ଦ୍ୱାରରକ୍ଷକ—
Da-arda The chief door-keeper.

ଗୃହଗୋଷ୍ଠ ଅଶ୍ୱ ହୁର୍ବଳ କର
ଦଅଡ଼ ଦେଉଛ ଚନ୍ଦ୍ର ଅବୋଧ । ପ୍ରାଚୀ. ଜଳଚରିତ ।

ଦଅଣ—ଦେ. ବି—ମଥାଭଉଁରି ଜାଲର ଧାଇରେ ବା ଅଗରେ ଯେଉଁ
Da-ana ଦଉଡ଼ାରେ ଗୋଡ଼ି, ମାଟି ବା ସୀସାଗୁଲି ମାଳପରି ବନ୍ଧା ହୋଇ ଥାଏ—A string at the fringe of a casting net in which pebbles, earthen or leaden pellets are stringed together.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ସ୍ଥାନରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ'ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଦଅଣା—ଦେ. ବି. (ସଂ. ଦମନକ)—୧ । ସୁବାସପତ୍ରବିଶିଷ୍ଟ ଶାକ-
Da-aṇā ଗୁଳ୍ମ ବିଶେଷ—1. Artemisia Indica; Artemisia
(ଦଏଣା—ଅନ୍ୟରୂପ) Chinensis; Artemisia Latifolia;
ସଂ. ଦମନ, ଗନ୍ଧୋତ୍କଟ, ବ୍ରହ୍ମଜଟା Thyme.
दोना दवना
ତେ. ଦମନମୁ
দনা, দোনাশাক

[ଦ୍ର—ଏହାର ପତ୍ରର ପକ୍ଷ ଛିନ୍ନ; କମ୍ପୃଷ୍ଠ ଲୋମଶ । ଅନ୍ୟ ଏକ ଜାତୀୟ ଗଛକୁ ଚୋରଦଅଣା ବୋଲାଯାଏ । ତହିଁର ସଂସ୍କୃତ ନାମ ନାଗଦମନକ, ବଙ୍ଗଳା ନାଗଦନା,—ତହିଁର ପତ୍ର ଚେପ୍ଟା ଓ କମ୍ପୃଷ୍ଠ ଦୀର୍ଘଲୋମଶ; ତହିଁର ଇଂରାଜୀ ନାମ— Artemisia Vulgaris]

୨ । ସେବତୀଫୁଲ ପରି ଏକପ୍ରକାର ଫୁଲ ଗଛ—
2. A kind of flower-plant like Rosa-Moschata.

୩ । ସ୍ତ୍ରୀ—ସ୍ତ୍ରୀଲୋକମାନଙ୍କର ନାମବିଶେଷ—
(ଦଅଣୀ—ଅନ୍ୟରୂପ) A name given to females.

ଦଅଣା ଚୋରି—ଦେ. ବି—ଚୈତ୍ର ଶୁକ୍ଳ ପକ୍ଷରେ ଅନୁଷ୍ଠିତ ବିଷ୍ଣୁଙ୍କର
Da-aṇā chori 'ଦମନକ ଚତୁର୍ଦ୍ଦଶୀ' ଯାତ୍ରା—Name of a
[ଦଅଣା ଭଙ୍ଗା(ଙ୍ଗେ)ଇ—ଅନ୍ୟରୂପ] festival observed in the temples of Bishnu on the 14th day of the lunar month of Chaitra.

[ଦ୍ର—ଶ୍ରୀକୃଷ୍ଣ ବଳରାମଙ୍କ ସହିତ ମଥୁରା ବିଜେ କରିଥିବା ସମୟରେ କଂସର ଉଦ୍ୟାନରେ ପଶି ଦମନକ ବା ଦଅଣା ଗଛ ଚୋରି କରିଥିବା ଉପାଖ୍ୟାନର ସ୍ମାରକ ସ୍ୱରୂପ ଏହି ଯାତ୍ରା କରାଯାଏ ଓ ସେଥିପାଇଁ ନାଗଦଅଣାକୁ ଚୋର ଦଅଣା ବୋଲାଯାଏ । ପୁରୀ ଜିଲ୍ଲା ଭଙ୍ଗାରପୁର ଓ ଯୋବଡ଼ିଆ ଗ୍ରାମରେ ଏଦିନ ଖୁବ୍ ଆଡ଼ମ୍ବର ସହିତ ଏହି ଯାତ୍ରା ହୁଏ ।

ପୂର୍ବକାଳରେ ଦମନକ ନାମକ ଜଣେ ଦୈତ୍ୟ ସମୁଦ୍ର ମଧ୍ୟରେ ବିଚରଣ କରି ଲୋକଙ୍କୁ ବଡ଼ କଷ୍ଟ ଦେଉଥିଲା । ଶ୍ରୀଭଗବାନ୍ ମତ୍ସ୍ୟରୂପ ଧରି ଦୈତ୍ୟକୁ କୂଳକୁ ଟାଣି ଆଣି ସଂହାର କରିଥିଲେ । ସେଠାରେ ସୁଗନ୍ଧତୃଣ ଜାତ ହେଲା । ତହୁଁ ଭଗବାନ୍ ଏ ତୃଣକୁ ବନମାଳା ସହିତ ଧାରଣ କଲେ । ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଉକ୍ତ ଦୈତ୍ୟ ନିହତ ହୋଇଥିବାରୁ ଉକ୍ତ ଚତୁର୍ଦ୍ଦଶୀ ଦମନକ ଚତୁର୍ଦ୍ଦଶୀ ବୋଲି ଖ୍ୟାତ । ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଦିନ ଭକ୍ତମାନେ ଉକ୍ତ ତୃଣ ଆହରଣ କରି ଶ୍ରୀଭଗବାନଙ୍କ ମସ୍ତକରେ ଅର୍ପଣ କରନ୍ତି । ଏହା ଦଅଣାଚୋର ଯାତ୍ରା । ମଦନ ମୋହନ-ଗର୍ଗଦର୍ପଣ ।

ଦଅ ଦଅତୁ—ଗ୍ରା (ଶିଶୁରଞ୍ଜନ) ଅ—ଦହ ଦହତୁ (ଦେଖ)
Da-a daatu Daha dahatu (See)

ଦଇ—ଗ୍ରା. ବି—(ସଂ. ଦଧି; ଭୂଲ. ପ୍ରା. ଦହି, ଦଇ)—୧ । ଦହି; ଦଧି—
Dai Curd.
ଦହି
ଦୟି } —ଅନ୍ୟରୂପ
दही
दही

୨ । ଦୈତ୍ୟାରି, ଦୟାନିଧି ଆଦି ନାମଧାରୀ ବ୍ୟକ୍ତିଙ୍କୁ ଡାକିବା ନାମ—2. A name by which persons of the names of Daityāri and Dayānidhi are called.

ଦଇଆଲ—ଦେ. ବି (ଏହାର ପେଟ ଦଧିପରି ଶୁକ୍ଳ ଥିବାରୁ)—ଶାଖାଶ୍ରୟୀ
Daiāla ବର୍ଗର ପକ୍ଷୀବିଶେଷ—The Magpie robin; Copsychus Saularis; the Redstarts robin.
ଦଇୟାଲ
ଦହିଆଲ } ଅନ୍ୟରୂପ
ଦୟାଲ
ଦୟାଲୁ
দোয়েল; দয়াল

[ଦ୍ର—ଏମାନେ ୧୦।୧୨ ଆଙ୍ଗୁଳ ପର୍ଯ୍ୟନ୍ତ ଲମ୍ବ ହୁଅନ୍ତି । ଗୋଡ଼ ଲମ୍ବ; ଲାଙ୍ଗୁଡ଼ ଓ ପକ୍ଷର ଲମ୍ବ ସମାନ । ପୃଷ୍ଠ, ପକ୍ଷ ଓ ମୁଣ୍ଡ କଳା; ପେଟ ଧଳା । ଭୋର୍‌ରୁ ଏ ପକ୍ଷୀ ସରୁସ୍ୱରରେ ସିଁଟି ମାରେ; ମାଟି ଉପରେ ଦୌଡ଼ିଲା ବେଳେ ଲାଙ୍ଗୁଡ଼ ଟେକିଥାଏ; ସ୍ତ୍ରୀ ପକ୍ଷୀ ଧୂମ୍ର ବର୍ଣ୍ଣ ।]

ଦଇଗୁଡ଼୍ରୁ ଭାତ—ଦେ. ବି (ସଂ. ଅବ୍ୟୁଦ୍ଧାନ୍ନ)—ଅବ୍ୟୁଦ୍ଧାନ୍ନ (ଦେଖ)
Daigurdu bhāta Abyūrdhānna (See)
आईबुड़ो भात
(ଦଇବୁଡ଼୍ରୁଭାତ, ଦଇବଡ଼୍ରୁଭାତ—ଅନ୍ୟରୂପ)

ଦଇତ—ଗ୍ରା. ଓ. ପଦ୍ୟ ବି—୧ । (ସଂ. ଦୈତ୍ୟ) ରାକ୍ଷସ—
Daita 1. Demon.
(ଦଇତ୍ୟ—ଅନ୍ୟରୂପ) ଏ ଲଙ୍କାଗଡ଼ରେ ଯେତେ ରହିଅଛନ୍ତି ଦଇତ
ଜୀବନେ ତାହାଙ୍କୁ ନ ରଖିବା ।
ଜଗନ୍ନାଥ. ବଡ଼ରାମାୟଣ ।

୨ । (ସଂ. ଦୟିତ)—ପତି; ସ୍ୱାମୀ—2 Husband.
ପ୍ରକୃଷ୍ଟାର୍ପିତ, ରତପାଇଁ ତ, ଧୃତ ଦଇତ ଲୁଚେ—ଉଦ୍ଧ. ପ୍ରେମସୁଧାନିଧି ।

ଦଇତା—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସେବକବିଶେଷ—
Daitā A class of Sebaks of the Deity
(ଦଇତାପତି—ଅନ୍ୟରୂପ) Jagannath.

[ଦ୍ର—ଯେଉଁ ଶବର ଜଗନ୍ନାଥଙ୍କୁ ପ୍ରଥମେ ପୂଜା କରୁଥିଲେ ଏବଂ ଇନ୍ଦ୍ରଦ୍ୟୁମ୍ନ ମହାରାଜ ଯାହାଙ୍କଠାରୁ ଜଗନ୍ନାଥଙ୍କୁ ପୁରୀକ୍ଷେତ୍ରକୁ ଆଣିଥିଲେ, ଏମାନେ ତାହାଙ୍କ ବଂଶଧର ବୋଲି କଥିତ ।]

ଦଇତା ପଶୁପାଳକ—ଦେ. ବି—ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କ ସେବକ-
Daitā pasupālaka ବିଶେଷ—A class of Sebaks of the Deity Jagannath.

ଦଇତାରି—ଦେ. ବି (ସଂ. ଦୈତ୍ୟାରି)—୧ । ବିଷ୍ଣୁ—
Daitāri 1. A name of Bishnu, the enemy
(ଦଇତ୍ୟାରି—ଅନ୍ୟରୂପ) of the demons.
ଅହେ ସାଳବାଳବ ମାଧବ ଦଇତାରି—କୃଷ୍ଣସିଂ. ମହାଭାରତ. ଅଦ ।

୨ । (ନାମ) ପୁରୁଷଙ୍କୁ ଡାକିବା ନାମ—
2. A name given to males.

୧	ଇ	ଉ	ଋ,ଝ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଢ଼ଅ	ଛ
୨	ଈ	ଊ	ୠ	ୡ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	●	କ୍ନ

ଦଇତୁଣୀ—ଦେ. ବି. ସ୍ତ୍ରୀ—୧ । (ସଂ. ଦୈତ୍ୟର ସ୍ତ୍ରୀଲିଙ୍ଗ ଦୈତ୍ୟା)
Daituṇi ରାକ୍ଷସୀ—1. Demoness.

କଲ୍ଲ ଅତ ଅପକାର ଦଇତୁଣୀ—ଗୋପୀକୃଷ୍ଣ. ଉପକକ୍ଷୋଳ ।

୨ । (ସଂ. ଦଧି) ଦହି ବିକିବା ସ୍ତ୍ରୀ; ଦହିବାଲି—
2. A woman selling curd.

ଦଇ ଦଇକା—ଦେ. ବି—ଦହିଦହିକା (ଦେଖ)—
Dai daikā Dabidahikā (See)

ଦଇନ(ନି)—ଗ୍ରା (ପଦ୍ୟ) ବି (ସଂ. ଦୈନ୍ୟ)—ଦୈନ୍ୟ; ବିନୟ; ବିନୀତ
Daina (ni) ନିବେଦନ—Supplication.
[ଦଯ୍ନି(ନୀ)—ଅନ୍ୟରୂପ]

ବୋଲଇ ଅତି ସ୍ନେହଭରେ,
ଦଇନ କରି କାକୁସ୍ୱରେ ।
ଯଶୋବନ୍ତ. ପ୍ରେମଭକ୍ତିଗୀତା ।

ବିଣ—୧ । ଦୈନ୍ୟଯୁକ୍ତ—1. Supplicant.

ଇନ୍ଦ୍ର ଅଗ୍ନି ବରୁଣ ଆଦି ଦେବେ ମାନ;
କରନ୍ତି ନତ ଶିର ହୋଇଣ ଦଯ୍ନିନ । କୃଷ୍ଣସିଂହ ମହାଭାରତ, ବନ ।

୨ । ବିନୟୀ—2. Humble.

ଦଇନ କରିବା—ଗ୍ରା. (ପଦ୍ୟ) କ୍ରି—ବିନୀତଭାବରେ ପ୍ରାର୍ଥନା କରିବା—
Daini karibā To supplicate; to pray.
(ଦଇନ ହେବା—ଅନ୍ୟରୂପ)

ମାଏ ଗୋଏ କଲ ମୋତେ ଅନେକ ଦଇନ ।
ରାଧାନାଥ. ଦୁର୍ଯ୍ୟୋଧନ ଉଲ୍ଲଙ୍ଘନ ସନ୍ତରଣ ।

ଦଇନ୍ୟ—ଗ୍ରା (ପଦ୍ୟ) ବି (ସଂ. ଦୈନ୍ୟ)—ଦୈନ୍ୟ (ଦେଖ)
Dainya Dainya (See).

ଜରା ମୃତ୍ୟୁ ଶୋକ ଯେ ଦୌର୍ବଲ୍ୟ ଦଇନ୍ୟ ।
କୃଷ୍ଣସିଂହ. ମହାଭାରତ. ବନ ।

ଦଇବ—ଗ୍ରା. ବି. ଓ ବିଣ (ସଂ. ଦୈବ)—୧ । ଈଶ୍ୱର; ବିଧାତା—
Daiba 1. God; Providence.
(ଦଇବା—ଅନ୍ୟରୂପ) ୨ । ଦୈବଯୋଗ—
দৈব 2. Accident; chance.

୩ । କପାଳ; ଭାଗ୍ୟ—3. Luck.

ଦଇବକୀ—ଗ୍ରା. (ପଦ୍ୟ) ବି. ସ୍ତ୍ରୀ (ସଂ. ଦେବକୀ)—ଦେବକୀ (ଦେଖ)
Daibakī Debakī (See).

ଦଇବ ଘଟନା—ଦେ. ବି (ସଂ. ଦୈବଘଟନା)—ଦୈବଘଟନା (ଦେଖ)
Daiba ghaṭanā Daibaghaṭanā (See).
(ଦଇବା ଘଟନା—ଅନ୍ୟରୂପ)

ଦଇବ ଛଡ଼ା—ଦେ. ବିଣ—୧ । ସୃଷ୍ଟି ବହିର୍ଭୂତ; ଅସାଧାରଣ—
Daiba chhaṛā 1. Unusual; extraordinary.
(ଦଇବା ଛଡ଼ା—ଅନ୍ୟରୂପ) ୨ । (ଗାଳିବିଶେଷ—ବିଧାତା ଯାହାର
হতচ্ছাড়া ପ୍ରତିକୂଳ ହୋଇଅଛି) ମନ୍ଦଭାଗ୍ୟ—
হতভাগা 2. Unfortunate; unlucky.

୩ । ଦୁର୍ଭାଗ୍ୟଜନିତ—3. Due to ill luck.

ଦଇବଛଡ଼ା ଯେବେ ବ୍ୟାଧି ଉପୁଜଇ
ଧନ ରତ୍ନ ଦେଇ ତା ପାଇବେ କେ ସୁଖାଇ—କୃଷ୍ଣସିଂହ ମହାଭାରତ. ଶାନ୍ତି ।

୪ । ଅଲକ୍ଷଣା; ଦୁର୍ଲକ୍ଷଣଯୁକ୍ତ—4. Evil-omened.

ଦଇବ ଛାଡ଼ିବା—ଦେ. ବି—ବିଧାତା ପ୍ରତିକୂଳ ହେବା; ଦୁର୍ଭାଗ୍ୟ ଘଟିବାର
Daiba chhāṛibā ପୂର୍ବ ଲକ୍ଷଣ ଦେଖାଯିବା—
ভগবান বিমুখ হওয়া Being god-forsaken; irony
দৈব মারো of fate; the fates frowning on a person.

ଛୋଡିଲେ ରେ ଦଇବ ଅତ ଗଡ଼ର ପାମର—ରାଧାନାଥ. କେଦାରଗୌରୀ ।

ଦଇବତ—ଦେ (ପଦ୍ୟ) ବି—ସଂ. (ଦୈବତ)—୧ । ଦେବ; ଦେବତା—
Daibata 1. Deity.

ବୋଇଲେ ଏହା ଯହୁଁ ହୁଇ ଦଇବତ
ତକ୍ଷକ ତାହାଙ୍କର ଦଣ୍ଡିଲ ଜଗତ—କୃଷ୍ଣସିଂହ, ମହାଭାରତ, ଆଦି ।

୨ । ଶ୍ରେଷ୍ଠ ବ୍ୟକ୍ତି—2. Chief or principal person.

ଯୋଗିଙ୍କର ପରମଗୁରୁ
ଯଦୁଙ୍କ କୁଳ ଦଇବତ—ସ୍ୱାମୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

ଦଇବରେ—ଦେ (ପଦ୍ୟ) ଅ—ଦୈବାତ୍—Accidentally.
Daibare
দৈবাৎ
(ଦଇବ ଯୋଗେ—ଅନ୍ୟରୂପ)

କୁଳଙ୍କର ଶ୍ରେଷ୍ଠ ହଂସ ଦଇବରେ
ପଡ଼ିଲା ଦମୟନ୍ତୀ ନିକାଞ୍ଜ ଆଗରେ ।
କୃଷ୍ଣସିଂହ. ମହାଭାରତ. ବନ ।

ଦଇବୀ—ଦେ. ବିଣ (ସଂ. ଦୈବୀ)—୧ । ଐଶ୍ୱରିକ—
Daibī 1. Providential.

୨ । ଅପ୍ରତ୍ୟାଶିତରୂପେ ଘଟିବା—2. Accidental.

ବି—୧ । ଦେବତା ପୂଜା ଆଦି ଅନୁଷ୍ଠାନ—
1. Ceremonies or rituals to propitiate the Gods.

୨ । ଦୈବଘଟନା—2. Accident; Divine visitation.

କ୍ରି. ବିଣ (ସଂ. ଦୈବାତ୍)—ଦଇବେ (ଦେଖ)
Daibe (See).

ଦଇବେ—ଦେ. କ୍ରି. ବିଣ—(ସଂ. ଦୈବାତ୍)—୧ । ହଠାତ୍—
Daibe 1. Suddenly.
দৈবাৎ

ମଦନ ତହୁଁ ମୂର୍ତ୍ତିମନ୍ତ ହୋଇଛି ଦଇବେ ବେଣ୍ଟିକନ ଶୁଣେ ।
ଉପେ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।

୨ । ଅକସ୍ମାତ୍; ଦୈବାତ୍; ଅପ୍ରତ୍ୟାଶିତରୂପେ—
2. By chance; unexpectedly;

ଯେ ଶଯ୍ୟା ବନା ବସୁ ଭାଇ
ଦଇବେ ଯେ ଅବା ଘଟିବ । ଜଗନ୍ନାଥ. ଭାଗବତ ।

ଦଇଲା—ଦେ. ବି—ଦଅ (ଦେଖ)
Dailā Da-a (See)
(ଦହିଲା—ଅନ୍ୟରୂପ)

ଦଉ—ପ୍ରାଦେ. (ଗଡ଼ଜାତ) ବି. (ସଂ. ଦେବ)—ଦେଉ (ଦେଖ)
Dau Deu See)

ଦଉଁର—ପ୍ରାଦେ. (ସମ୍ବଲପୁର) ବି—ଦଉଡ଼ା; ରଜ୍ଜୁ—
Dauṅrā Rope.

ଦଉଡ଼—ଦେ. ବି. (ସଂ. ଦ୍ରୁ ଧାତୁ—ପଳାୟନ; ସଂ. ଧୋରଣ)—
Daurda ୧ । ଶୀଘ୍ର ଗତି କରିବା; ଧାଇଁବା—
দৌড় 1. Running; going swiftly
दउड़; दौड़ ୨ । ଧାଉଡ଼; ଧାଉଡ଼ି—2. Race.
୩ । ଶୀଘ୍ରଗତିରେ ଯାତାୟାତ କରିବା—
3. Swift coming to and going back from a place.

ଘୋଳାରେ ପଡେ ମରୁଁ, ଅକ୍ ଡୋ ହୃତ୍ପଦରୁ ନବୃତ୍ତ ଦଉଡ଼କୁ ରଖିଲୁରେ ।
କବିସୂର୍ଯ୍ୟ. ବଳୋରାମ ପ. ଗୀତ ।

୪ । ଦଉଡ଼ିବା ବେଳେ ପାଦଦ୍ୱୟର ଗତି ପରି ପାଦଚାଳନସ୍ବ ବିଶିଷ୍ଟ ଏକପ୍ରକାର ବ୍ୟାୟାମ—4. A kind of physical exercise in which the legs are moved swiftly.
୫ । ଶେଷ ସୀମା—5. Limit.
(ଯଥା— ତା ବୁଦ୍ଧିର ଦଉଡ଼ କେତେ, ବର୍ତ୍ତମାନ ଦେଖାଯିବ ।)
୬ । ଉପର୍ଯ୍ୟୁପରି ଚେଷ୍ଟା—6. Striving; repeated endeavour.

ଦଉଡ଼ ଧାପଡ଼—ଦେ. ବି. (ସଂ. ଦ୍ରୁତ ଧାବନ)—୧ । ଇତସ୍ତତଃ
Daurda dhāparda ଦଉଡ଼ିବା; ଧାଁ ଧପଡ଼; ବେଗରେ ଗତି
(ଦଉଡ଼ା ଦଉଡ଼ି—ଅନ୍ୟରୂପ) କରିବା—1. Race; running
দৌড়ধাপ about; running hither and
दौड़धूप, दाड़धाड़ thither.
୨ । ଅନବରତ ଶ୍ରମ ଓ ଅଙ୍ଗଚାଳନସାଧ୍ୟ କର୍ମ—
2. Engagement in a toilsome task or a task necessitating constant movements.

ଦଉଡ଼ ଧାପଡ଼ କରିବା—ଦେ. କ୍ରି—୧ । ଏଆଡ଼େ ସେଆଡ଼େ ଧାଇଁବା—
Daurda dhāparda karibā 1. To run hither and
দৌড়ধাপ করা thither.
दौड़धूप करना ୨ । ଅନବରତ ବା ଅବିଶ୍ରାନ୍ତରୂପେ କର୍ମ କରିବା—
2. To toil ceaselessly.
୩ । କୌଣସି କାର୍ଯ୍ୟ ପାଇଁ ଯୋଗାଡ଼ ଓ ପରିଶ୍ରମ କରିବା—
3. To actively engage in making preliminary arrangements for any thing.

ଦଉଡ଼ ବତି—ଦେ. ବି—ବାଣରେ ନିଆଁ ଲଗାଇବା ପାଇଁ ତହିଁରେ ଖଞ୍ଜା
Daurda bati ହୋଇଥିବା ବାରୁଦପୂର୍ଣ୍ଣ ଏକପ୍ରକାର ଲମ୍ବ ବଳିତା—
পলতে A long fuse attached to fireworks.
फलीता [ଦ୍ର—ବାଣରେ ହଠାତ୍ ନିଆଁ ଲାଗି ତାହା ଫୁଟିଲେ ବା ନିଆଁ ଧରିଲେ ପାଖରେ ଥିବା ଲୋକ ପୋଡ଼ି ହୋଇ ମରିବ, ଏଥିପାଇଁ ବାଣରେ ଦଉଡ଼ବତି ଖଞ୍ଜା ଥାଏ । ବାଣୁଆ ସେ ବତିରେ ନିଆଁ ଲଗାଇ ଦେଇ ବାଣ ନିକଟରୁ ଦଉଡ଼ି ଯାଇ ଦୂରକୁ ପଳାଏ ଓ ଉକ୍ତ ବତି ଜଳି ଜଳି ବାଣରେ ନିଆଁ ଧରି ବାଣ ଫୁଟିଲା ବେଳକୁ ବାଣୁଆ ଖଣ୍ଡିଦୂରରେ ଛିଡ଼ା ହୋଇ ନିରାପଦ ହୁଏ ।]

ଦଉଡ଼ ଲଗା(ଗେ)ଇବା—ଦେ. କ୍ରି—୧ । କ୍ରମାଗତ ଧାଇଁବା—
Daurda lagā(ge)ibā 1. To continue to run.

ଦଉଡ଼ ମାରିବା } ଅନ୍ୟରୂପ ୨ । କୌଣସି ସ୍ଥାନକୁ ଘନଘନ
ଦଉଡ଼ ଦେବା } ଯାତାୟାତ କରିବା—
দৌড়দেওয়া 2. To visit a place very often.
दौड़मारना ୩ । ଦଉଡ଼ିବା; ଧାଇଁବା—3. To run.

ଦଉଡ଼ା—ଦେ ବି.—୧ । (ସଂ. ଦ୍ରୁ ଧାତୁ) ଧାଇଁବା; ଧାବନ—
Daurdā 1. Race; running.
দৌড় ୨ । (ସଂ. ଡୋରକ, ଦୋରକ) ରଜ୍ଜୁ—
दौड़ 2. Rope; string.
দড়া; দড়ী ୩ । ଫାଶି ଲଗାଇବା ଦଉଡ଼ି—
डोरी; रस्सी 3. A rope for hanging a person.
দোবরা ଗ୍ରା—୧ (ସଂ.ଦ୍ୱିବାର) ଦୋଓଡ଼ା; ଦିନରେ ଦ୍ୱିତୀୟ ବାର
दोबारा ଭୋଜନ—1. Second or afternoon meal during the day.
୨ । ଦୋଓଡ଼; ଦ୍ୱିତୀୟ ବାର—2. Second time.
୩ । ଦୁଇଥର; ଦୋବାର—3. Twice; two times.
ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି.—ଯୁଆଳିରେ ଇଶ ବା ଦଣ୍ଡାକୁ ବାନ୍ଧିବା ଦଉଡ଼ି; ଲଙ୍ଗଳଦଉଡ଼ା—A rope for tying the shaft of a plough or cart with the yoke.

ଦଉଡ଼ା(ଡ଼େ)ଇବା—ଦେ. କ୍ରି.—(ଦଉଡ଼ିବା କ୍ରିୟାର ଣିଜନ୍ତ ରୂପ—
Daurdā(rde)ibā The causative form of
দৌড়ান Daurdibā).
दौड़ाना ୧ । ଅନ୍ୟକୁ ଦଉଡ଼ିବାକୁ ଉପାୟ କରିବା—
1. To cause another to run.
୨ । ଘୋଡ଼ାରେ ବସି ଘୋଡ଼ାକୁ ଶୀଘ୍ରଗତି କରାଇବା—
2. To run a horse.
୩ । ସ୍ଥାନାନ୍ତରକୁ କୌଣସି ବ୍ୟକ୍ତି ଦଉଡ଼ି ଯାଇ ସେଠାରୁ କୌଣସି ସମ୍ବାଦ ଆଣିବା ପାଇଁ ଲୋକ ପଠାଇବା—
3. To send a man to run to a place to fetch something or some news.
୪ । କୌଣସି ବ୍ୟକ୍ତିକୁ ଏକ ସ୍ଥାନକୁ ବାରମ୍ବାର ଯିବା ଆସିବା ପାଇଁ କହି ବିରକ୍ତ କରିବା—4. To harass a person by asking him to come and go repeatedly.
(ଯଥା—ମୋତେ ମୋ ପାଉଣାତକ ଦେବେ ବୋଲି କହି ସାଆନ୍ତ ମୋତେ ମାସେ ହେଲା ଏଠାକୁ ଦଉଡ଼ାଉଛନ୍ତି; କିନ୍ତୁ ମୋ ପାଉଣା ଆଜଯାଏ ଦେଉନାହାନ୍ତି ।)

ଦଉଡ଼ା ଦେବା—ଦେ. କ୍ରି.—ଆପଣା ବେକରେ ଫାଶି ଦେବା—
Daurdā debā To hang one's self by a rope.
গলায় দড়ি দেওয়া **गलामे रस्सी लगाना**
[ଦଉଡ଼ା ଲଗା(ଗେ)ଇବା, ଦଉଡ଼ି ଦେବା —ଅନ୍ୟରୂପ]

ଦଉଡ଼ି—ଦେ. ବି. (ସଂ. ଡୋରକ; ଦୋରକ)—ଦୌଡ଼ା; ରଜ୍ଜୁ—
Daurdi Rope.
দড়ী ଦଉଡ଼ିରେ ବନ୍ଧା ହେବା ପରିକରେ ।
रस्सी, डोरी କୃଷ୍ଣସିଂ. ମହାଭାରତ. ସଭା ।

ଦଉଡ଼ିଆ—ଦେ. ବିଣ.—୧ । ରଜ୍ଜୁନିର୍ମିତ (ଯଥା, ଦଉଡ଼ିଆ ଖଟ)—
Daur̲di̲ā 1. Made of rope.
ଦଡ଼ିର ୨ । ତନ୍ତୁମୟ—
रस्सीका 2. Fibrous.
छुटेएस ୩ । ଦଉଡ଼ି ପରି ଟେମଡ଼ା—
दौड़कर आओ 3. Tenacious like a rope.
(ଦଉଡ଼ି ଯା—ବିପରୀତ) କ୍ରି. (ଅନାଦରାର୍ଥକ)—ଧାଇଁ ଆସ—
(ଦଉଡ଼ି ଆସ—ଆଦରାର୍ଥକ) (you) Come running.

ଦଉଡ଼ି ଗଣ୍ଠି—ପ୍ରାଦେ. (ଗଡ଼ଜାତ)—ବି.—(ସଂ. ଡୋରକ+ଗ୍ରନ୍ଥି)—
Daur̲di̲ ganthi ଗଡ଼ଜାତରେ କନ୍ଧ ବା ଭୂୟାଁମାନଙ୍କୁ ଏକତ୍ର କରିବା ପାଇଁ ଦିବସ ସଂଖ୍ୟା ନିର୍ଦ୍ଦେଶକ ଏକ ପ୍ରକାର ଗଣ୍ଠିଆ ଦଉଡ଼ି—A string with a number of knots which is sent from village to village amongst the Kandhas or Bhūyāns, as a signal that they should assemble at a particular place on the expiry of as many days as there are knots.

[ଦ୍ର—ଭୂୟାଁ ଓ କନ୍ଧମାନଙ୍କୁ କୌଣସି ସ୍ଥଳରେ ଏକତ୍ରିତ କରିବାକୁ ହେଲେ ଯେତେଦିନ ପରେ ମେଳ ହେବ, ଖଣ୍ଡିଏ ଦଉଡ଼ିରେ ସେତିକିଟି ଗଣ୍ଠି ପକାଇ ରାଜ୍ୟ ତମାମ ତାହା ଗ୍ରାମରୁ ଗ୍ରାମାନ୍ତରକୁ ପଠାଯାଏ । ଗୋଟିଏ ଗ୍ରାମରେ ସେ ଦଉଡ଼ି ପହଞ୍ଚିଲେ ସେ ଗ୍ରାମର ଲୋକେ ତାହାର ମର୍ମ ବୁଝି ସାରି ସେ ଗଣ୍ଠିକୁ ଅନ୍ୟଗ୍ରାମକୁ ପଠାଇ ଦିଅନ୍ତି । ଏହାକୁ ଗଣ୍ଠି ଫେରାଇବା କହନ୍ତି ।]

ଦଉଡ଼ି ଦଉଡ଼ି—ଦେ. କ୍ରି. ବିଣ ଓ ଅସମାପିକା କ୍ରି.—ଧାଇଁ ଧାଇଁ କରି—
Daur̲di̲ daur̲di̲ Running; hurrying.
(ଦଉଡ଼ି ଦଉଡ଼ିକା – ଅନ୍ୟରୂପ)
छुटते छुटते दौरदौरके

ଦଉଡ଼ିବା—ଦେ. କ୍ରି—(ସଂ. ଦ୍ରୁ ଧାତୁ=ପଳାଇବା) ୧ । ଧାଇଁବା—
Daur̲di̲bā 1. To run.
ଦୌଡ଼ା दौड़ना; द्रवना ୨ । ଚେଷ୍ଟା କରିବା—
2. To try.

ପୁଣି ସେ ବିବିଧ ମାରଣମାନ କଲେ
ଅନ୍ୟୋନ୍ୟ ଜୀବ ନେବାପାଇଁ ଦଉଡ଼ିଲେ । କୃଷ୍ଣସିଂହ· ମହାଭାରତ. କର୍ଣ୍ଣ

[ଦଉଡ଼ା(ଡ଼ୋ)ଇବା—ଣିଜନ୍ତ] ୩ । (ମନ, ଚିତ୍ତ) ଲାଳାୟିତ ହେବା—
3. To be hankering after.

ଚିତ୍ତ ମୋ ଯହିଁ ଦଉଡ଼ୁ ଥାଇ । ଦୀନକୃଷ୍ଣ· ସଙ୍ଗୀତ ।

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଆସିବା, ପଳାଇବା, ଯିବା କ୍ରିୟାମାନଙ୍କ ସମାପିକାରୂପ ଯୁକ୍ତ ହୁଏ ।]

ଦଉଡ଼ି ଭାଙ୍ଗିବା—ଦେ କ୍ରି—୧ । ମୋଟ ଓ ସରୁ ଦଉଡ଼ିମାନଙ୍କୁ ଏକାଠି କରି
Daur̲di̲-bhāngibā ବଳ ଗୋଟିଏ ମୋଟା ଟାଣୁଆ ରଜ୍ଜୁ ତିଆରି
ଦଡ଼ିଭାଙ୍ଗା रस्सीबटना करना—1. To twist a strong and thick rope with many slender and weak strings.
୨ । ଝୋଟ, କତା ପ୍ରଭୃତିକୁ ବଳ ଦଉଡ଼ିରେ ପରିଣତ କରିବା—
2. To twist or weave a rope from a fibrous substance.

ଦଉବାରିକ—ଗ୍ରା (ପଦ୍ୟ) ବି (ସଂ. ଦୌବାରିକ)—ଦୌବାରିକ (ଦେଖ)
Daubārika Daubārika (See)

ଅଶ୍ୱାଦିଙ୍କ ବୋଇଲେ ହେ ଦଉବାରିକ
କି ବୁଝି ତୁହି ମୋତେ ବୋଲୁଛୁ ବାଳକ । କୃଷ୍ଣସିଂହ·ମହାଭାରତ. ବନ ।

ଦଉରା—ଗ୍ରା. ବି (ସଂ. ଡୋରକ)—ଦଉଡ଼ା; ରଜ୍ଜୁ—
Daurā Rope.
ଦାୟରା ବୈ. ଦେ. ବି (ଆ. ଦୌରା=ପରିଭ୍ରମଣ)—ହାଇକୋର୍ଟ ଓ
दौरा ସେସନ୍ ଜଜଙ୍କ ଦ୍ୱାରା ଗୁରୁତର ଅପରାଧମାନଙ୍କ ବିଚାର—
Sessions.
[ଦ୍ର—ଗୁରୁତର ଅପରାଧଘଟିତ ସେସନ୍ ମୋକଦ୍ଦମାମାନ ବିଚାର କରିବାପାଇଁ ସେସନ୍ ଜଜମାନେ ଅପରାଧ ଘଟିଥିବା ଅଞ୍ଚଳକୁ ଯାଇ ସେଠାରେ କଚେରି କରି ମକଦମା ବିଚାର କରନ୍ତି ।]
ପ୍ରାଦେ (ସମ୍ବଲପୁର) ବି—ଗସ୍ତ—Tour.

ଦଉରା ଅଦାଲତ୍—ବୈଦେ. ବି (ଆ)—ସେସନ୍ କୋର୍ଟ; ଗୁରୁତର ଅପରାଧ
Daurā adālat ବିଚାର ନିମନ୍ତେ ପ୍ରତିଷ୍ଠିତ ଜଜ କୋର୍ଟ—
ଦଉରା କୋର୍ଟ } ଅନ୍ୟରୂପ Sessions Court.
ଦଉରା କୋର୍ଟ
ଦାୟରା ଅଦାଲତ दौरा अदालत

ଦଉରା କେଶ୍—ବୈଦେ. ବି (ଆ. ଦଉରା ଓ ଇଂ କେଶ୍)—ସେସନ୍
Daurā kes କୋର୍ଟରେ ବିଚାର କରାଯିବା ମକଦମା—
(ଦଉରା ମକଦମା—ଅନ୍ୟରୂପ) Sessions Case.
ଦାୟରା ମୋକଦମା [ଦ୍ର—ନରହତ୍ୟା, ଭ୍ରୂଣହତ୍ୟା, ଡକାଇତି ଆଦି
दौरामुकद्दमा ଗୁରୁତର ଅପରାଧଘଟିତ ମକଦମାମାନଙ୍କୁ ମାଜିଷ୍ଟ୍ରେଟ୍ ଆଦି ନିମ୍ନ ଶ୍ରେଣୀର ବିଚାରକମାନେ ବିଚାର ନ କରି ସେମାନ ସେସନ୍‌କୋର୍ଟ, ହାଇକୋର୍ଟ ଆଦିଙ୍କ ଦ୍ୱାରା ବିଚାର କରାଯାଏ ।]

ଦଉରା ଜଜ୍—ବୈଦେ. ବି (ଆ. ଦଉରା ଓ ଇଂ. ଜଜ୍)—ଗୁରୁତର
Daurā jaj ଅପରାଧ ବିଚାରକାରୀ ଜଜ୍—Sessions Judge.
ଦାୟରା ଜଜ दौरा जज
[ଦଉରା କୋର୍ଟ(ଟ୍)—ଅନ୍ୟରୂପ]

ଦଉରା ବିଚାର—ଦେ. ବି(ଆ. ଦୌରା + ସଂ. ବିଚାର)—ସେସନ୍ ଜଜଙ୍କ
Daurā bichāra ଦ୍ୱାରା ଗୁରୁତର ଅପରାଧର ବିଚାର—
ଦାୟରା ବିଚାର दौरा विचार Sessions trial.

ଦଉରା ସୁପର୍ଦ—ବୈଦେ. ବି (ଆ)—ଗୁରୁତର ଅପରାଧରେ ଅଭିଯୁକ୍ତ
Daurā suparda ବ୍ୟକ୍ତିକୁ ବିଚାର ନିମନ୍ତେ ମାଜିଷ୍ଟ୍ରେଟଙ୍କ ଦ୍ୱାରା
ଦଉରା ସୋପର୍ଦ } ଅନ୍ୟରୂପ ସେସନ୍ କୋର୍ଟକୁ ପ୍ରେରଣ—Commitment to Sessions.
ଦଉରା ସମ୍ପର୍ଦ
ଦାୟରା ସୋପର୍ଦ दौरेसुपर्द
[ଦ୍ର—ନରହତ୍ୟାଦି ଗୁରୁତର ଅପରାଧମାନଙ୍କ ପାଇଁ ଦଣ୍ଡବିଧି ଆଇନରେ ଦୁଇବର୍ଷରୁ ଊର୍ଦ୍ଧ୍ୱ କାରାବାସଠାରୁ ଦ୍ୱୀପାନ୍ତର ଓ ଫାଶୀ ପର୍ଯ୍ୟନ୍ତ ଦଣ୍ଡର ବିଧାନ ଅଛି । ଯେଉଁ ଅପରାଧମାନଙ୍କ ପାଇ ଦୁଇବର୍ଷରୁ କମ ଦଣ୍ଡ ବିଧାନ ଅଛି ସେମାନ ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଚାର କରାଯାଏ । କିନ୍ତୁ ଗୁରୁତର ଅପରାଧମାନ ଦଉରାଜଜ୍ (ସେସନ୍ ଜଜ୍)

ଲା ହାଇକୋର୍ଟଙ୍କ ଦ୍ୱାରା ବଗ୍ଭର କରାଯାଏ । ଦଉରା କେଶ୍‌ରେ ମାଜିଷ୍ଟ୍ରେଟଙ୍କ କୋର୍ଟରେ ପ୍ରଥମେ ମୁଦେଇ ପକ୍ଷରୁ ସାକ୍ଷୀ ପ୍ରମାଣ ଗୃହୀତ ହୁଏ ଓ ସେବେ ଆସାମୀ ଉକ୍ତ ଅପରାଧ କରିବାର ପ୍ରାଥମିକ ପ୍ରମାଣ (Prima facie evidence) ମିଳେ ତେବେ ମାଜିଷ୍ଟ୍ରେଟ୍ ଉକ୍ତ ଆସାମୀକୁ ଦଉରା ସୁପର୍ଦ (Commitment to the Sessions) କରନ୍ତି ଓ ଦଉରା ଜଜଙ୍କ ପାଖେ ମୁଦେଇ ତରଫରୁ ଉପସ୍ଥାପିତ ସାକ୍ଷୀ ଓ ପ୍ରମାଣ ଏବଂ ମୁଦାଲା ତରଫରୁ ଉପସ୍ଥାପିତ ସଫେଇ ସାକ୍ଷୀ ଓ ପ୍ରମାଣ ଗୃହୀତ ହେବାଦ୍ୱାରା ଦଉରା ବଗ୍ଭର କରାଯାଏ । ଦଉରା ବଗ୍ଭରବେଳେ ଦଉରାଜଜଙ୍କୁ ସାହାଯ୍ୟ ଓ ପରାମର୍ଶ ଦେବାପାଇଁ କେତେଜଣ ଆସେସର୍ ବା ଜୁରି ବସନ୍ତି । ସେମାନେ ମୁଦେଇ ଓ ମୁଦାଲା ପକ୍ଷରୁ ଉପସ୍ଥାପିତ ପ୍ରମାଣମାନ ଶୁଣି ଆସାମୀ ଦୋଷୀ ବା ନିର୍ଦ୍ଦୋଷ ବୋଲି ମତ ଦିଅନ୍ତି । ଆସେସର୍‌ମାନଙ୍କ ମତ ଜଜ୍ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି; କିନ୍ତୁ ଜୁରିମାନଙ୍କର ଘଟଣାଘଟିତ ପ୍ରମାଣ ବିଷୟକ ମତ ଗ୍ରହଣ କରିବାକୁ ଦଉରା ଜଜ୍ ବାଧ୍ୟ ଅଟନ୍ତି । ଜୁରିଙ୍କ ମତ ସଙ୍ଗେ ଜଜଙ୍କ ମତ ନ ମିଳିଲେ ଜଜ୍ ଏହା ହାଇକୋର୍ଟକୁ ରିପୋର୍ଟ୍ କରନ୍ତି ଓ ହାଇକୋର୍ଟଙ୍କ ମୀମାଂସା ଏ କ୍ଷେତ୍ରରେ ଶେଷ ମୀମାଂସା ହୁଏ]

ଦଉରି (ଇତ୍ୟାଦି)—ଗ୍ରା (ଇତର) ବି (ସଂ. ଡୋରକ)—
Dauri (etc) — ଦଉଡ଼ି ଇତ୍ୟାଦି (ଦେଖ) Daurdi etc (See).

ଦଉଳ—ଗ୍ରା (ଇତର) ବି (ସଂ. ଦେବାଳୟ)—ଦେଉଳ—
Daula — Temple.

ଦଉଳତ—ବୈଦେ. ବି—ଦୌଲତ (ଦେଖ)
Daulata — Daulata (See).

ଦଏର୍—ପ୍ରାଦେ (ସମ୍ବଲପୁର) ବି (ସଂ. ଦରୀ; ମୂଳ. ଦଏର୍=ନଦୀ, ଖଏର୍=ଖଣି, ଗଏର୍=ଗାଡ଼)।
Daer
୧। କେନାଲ୍—1. Canal.
୨। ଖାଇ—2. Moat; ditch

ଦଂଶ—ସଂ. ବି (ଦନ୍‌ଶ୍ ଧାତୁ=କାମୁଡ଼ିବା+କର୍ତ୍ତୃ. ଅ)—
Damsa
୧। ବନମକ୍ଷିକା; ଡାଉଁଶ—1. A gadfly.
୨। (+କରଣ. ଅ)—ଦନ୍ତ—2. Fang; tooth.
୩। ସାଞ୍ଜୁ—3. Armour.
୪। ନାହୁଡ଼—4. Sting of an insect.
୫। ସଣ୍ଢ଼ାଆସି—5. Pincers.
୬। (ଭାବ. ଅ)—ଦୋଷ—6. Fault.
୭। ଦଂଶିବା; କାମୁଡ଼ିବା; ଦଂଶନ—7. Biting; a bite.
ସେହିକ୍ଷଣି ଯେ ସାପ କଲା ତାଙ୍କୁ ଦଂଶ—କୃଷ୍ଣସିଂହ. ମହାଭାରତ. ବନ।
୮। ଖଣ୍ଡନ—8. Cutting.
୯। (+କର୍ତ୍ତୃ. ଅ)—କୁକୁର—9. A dog.
୧୦। ପୋକ—10 Insect.
୧୧। (+ଭାବ. ଅ) ନାହୁଡ଼ ମାରିବା—11 Stinging (M. W.)
୧୨। (+କର୍ମ. ଅ) କାମୁଡ଼ା ସ୍ଥାନ; ଦଷ୍ଟ ସ୍ଥାନ—12. The place bitten (M. W.)
୧୩। (+କର୍ତ୍ତୃ. ଅ) ରାଗାସ୍ୱାଦ—13. Pungency (M. W.)
୧୪। (+ଭାବ. ଅ) ସାପ କାମୁଡ଼ା—14. Snake-bite (M. W.)
୧୫। ମଣିହୀରାଦିରେ ଲକ୍ଷିତ ଦୋଷ—15 A flaw in a jewel (M. W.)
୧୬। (+କର୍ତ୍ତୃ. ଅ) ମଶା—16. Gnat (M. W.)

ଦଂଶକ—ସଂ. ବିଣ (ଦନ୍‌ଶ୍ ଧାତୁ+କର୍ତ୍ତୃ. ଅକ)—ଦଂଶନକାରୀ; ଯେ କାମୁଡ଼େ—Biting; stinging.
Damsaka
ବି—୧। ଡାଂଶ—1. Gadfly.
୨। ମଶା—2. Gnat.
୩। ସାପ—3. Snake

ଦଂଶନ—ସଂ. ବି (ଦନ୍‌ଶ୍ ଧାତୁ+ଭାବ. ଅନ)—୧। ଦନ୍ତାଘାତ; କାମୁଡ଼ା—1. Biting.
Damsana
୨। ନାହୁଡ଼ ମାରିବା—2 Stinging.
୩। (+କରଣ. ଅନ) ବର୍ମ, ସାଞ୍ଜୁ—3. Armour; coat of mail.

ଦଂଶଭୀରୁ—ସଂ. ବି (୬ଷ୍ଠୀ ତତ୍; ଦଂଶ+ଭୀରୁ, ଯେ ଡାଉଁଶକୁ ଡରେ)
Damsa bhiru — ମହିଷ—A buffaloe.

ଦଂଶମୂଳ—ସଂ. ବି (ବହୁବ୍ରୀହି; ଦଂଶ ଜନ୍ମନ୍ତି ମୂଳରେ ଯାହାର; ସଜନା ଗଛରେ ବହୁତ ସମ୍ଭାଳୁଆ କୀଟ ଜନ୍ମିବାରୁ)—
Damsamula — ସଜନାଗଛ—Hyperathera Morunga (tree).

ଦଂଶା—ସଂ. ବି. ସ୍ତ୍ରୀ—(ଦଂଶ+ସ୍ତ୍ରୀ. ଆ)—୧। କ୍ଷୁଦ୍ର ଡାଂଶ—1. Small gadfly.
Damsa
୨। ମଶା—2. Gnat.
୩। ମାଛି—3. A fly
ଦେ. ବି—ଦଂଶନ—Stinging; biting.

ଦଂଶିତ—ସଂ. ବିଣ (ଦନ୍‌ଶ୍ ଧାତୁ ଣିଜନ୍ତ=ଦଂଶି ଧାତୁ+କର୍ମ. ତ)—
Damsita
୧। ଦଷ୍ଟ; ଯାହାକୁ ଦଂଶନ କରା ଯାଇଅଛି—1. Bitten; stung.
୨। (ଦଂଶ+ସୁକ୍ତାର୍ଥେ ଇତ) ବର୍ମିତ, ବର୍ମବିଶିଷ୍ଟ; ସାଞ୍ଜୁପରିହିତ—Equipped with armour; mailed.

ଦଂଶିବା—ଦେ. କ୍ରି (ସଂ. ଦନ୍‌ଶ୍, ଧାତୁ)—୧। ଡଂଶିବା; କାମୁଡ଼ିବା—1. To bite.
Damsiba
दंशना; दंशान
ডংশানা
୨। ଦନ୍ତରେ ଆଘାତ କରିବା—2. To strike with the fangs.
ତକ୍ଷକ ତ ଦୂର ବାପଙ୍କୁ ଦଂଶିଲେ—କୃଷ୍ଣସିଂହ ମହାଭାରତ. ଅଦ।
୩। ନାହୁଡ଼ ମାରିବା—3. To sting.

ଦଂଶୀ—ସଂ. ବି. ସ୍ତ୍ରୀ (ଦଂଶ+ସ୍ତ୍ରୀ. ଈ)—୧। ଛୋଟ ଡାଉଁଶ—1. Small gadfly.
Damsi
୨। ମଶା—2. Gnat; mosquito.
୩। ମାଛି—3 A fly.

ଦଂଷ୍ଟ୍ର—ସଂ. ବି (ଦନ୍ଶ୍ ଧାତୁ + କରଣ. ଷ୍ଟ୍ର)—ଦାନ୍ତ—
Damshtra Tooth; tusk; fang.

ଦଂଷ୍ଟ୍ରା—ସଂ. ବି. ସ୍ତ୍ରୀ (ଦଂଷ୍ଟ୍ର + ସ୍ତ୍ରୀ. ଆ) — ୧। ବଡ଼ ଦାନ୍ତ—
Damshtrā 1. Large tooth; tusk.
୨। ବିଷଦାନ୍ତ—2. Fang.

ଦଂଷ୍ଟ୍ରାବନ୍ତ—ଦେ. ବିଣ (ସଂ. ଦଂଷ୍ଟ୍ରାବତ୍ ଶବ୍ଦ; ପୁଂ. ଦଂଷ୍ଟ୍ରାବାନ୍;
Damshtrābanta ସ୍ତ୍ରୀ—ଦଂଷ୍ଟ୍ରାବତୀ)—ବଡ଼ ଦାନ୍ତବିଶିଷ୍ଟ—
Having large teeth or tusks.
ଦେଖିଲେ ବିକଟ—ଦଂଷ୍ଟ୍ରାବନ୍ତ ବେନି ବନ୍ଧୁ କରେ—ରାଧାନାଥ. ଉଷା।

ଦଂଷ୍ଟ୍ରାୟୁଧ—ସଂ. ବି (ବହୁବ୍ରୀହି; ଦଂଷ୍ଟ୍ରା+ଆୟୁଧ)—ବାଲ୍ଗ; ବରାହ—
Damshtrāyudha Wild boar.

ଦଂଷ୍ଟ୍ରାଳ—ସଂ. ବିଣ (ଦଂଷ୍ଟ୍ରା + ଅସ୍ତି ଅର୍ଥେ. ଲ)—ଦନ୍ତୁରା; ବଡ଼ଦାନ୍ତ-
Damshtrāla ବିଶିଷ୍ଟ—Having large teeth or tusks.

ଦଂଷ୍ଟ୍ରୀ—ସଂ ବି (ଦଂଷ୍ଟ୍ରା+ଅସ୍ତି ଅର୍ଥେ ଇନ୍, ୧ମା. ୧ବ)—୧। ବରାହ—
Damshtri 1. Boar.

ଦକଦକ—ଦେ. ବିଣ. (ସଂ. ଦଗ୍ଧ; ତୁଳ. ଅ. ଦଗ୍‌ଦଗା=ଭୟ)—
Dakadaka ୧। ଧକ୍ ଧକ୍; ଦହକରେ ଜଳିବା (ନିଆଁ)—
ଦଗଦଗ, ଧଡ଼ପଡ଼, ଧୁକପୁକୁନି 1. Blazing (fire).
ଧୁକ୍‌ଧୁକ୍, ଦଗଦଗ ୨। ଭୟରେ କମ୍ପିତ (ହୃଦ)—
2. Palpitating (heart).
ଦକଦକ ହେଉଛି ମୋହର ହୃଦୁହ। କୃଷ୍ଣସିଂ. ମହାଭାରତ. ଅବ।
୩। ଭୟବ୍ରସ୍ତ; ସ୍ତବ୍ଧ—3. Frightened; alarmed.
ତାହା ଶୁଣି ପାଣ୍ଡୁ ସଇନ ସେନାପାଳ
ମଲେଁ ବୋଲଣ ହୋଇଲେ ଦକଦକ। କୃଷ୍ଣସିଂ. ମହାଭାରତ. ଶାନ୍ତି।
୪। ସନ୍ଦିଗ୍ଧ—4. In doubt.
୫। ଉଦ୍‌ବିଗ୍ନ; ଚିନ୍ତାଗ୍ରସ୍ତ; ଚକିତ—5. Agitated; anxious; uneasy; careworn.
ବି—୧। ହୃଦୟର ଜ୍ୱାଳା—1. Anxiety.
ଦଗଦଗି ୨। ଉଦ୍‌ବିଗ୍ନତା—2. Mental agitation.
୩। ଭୀତି—3. Fright; terror.

ଦକଦକିଆ—ଦେ. ବି—୧। ଚିନ୍ତାନ୍ୱିତ—
Dakadakiā 1. Anxious;
ଦକଦକେ ୨। ହୃଦୟରେ ଭୀତି ଉତ୍ପାଦକ—2. Frightening; causing palpitation of heart.
୩। ଯେଉଁ ଘାଅ ଅତି ବହୁତ ପୀଡ଼ାଯୁକ୍ତ ହୁଏ—
3. Fiery (ulcer).

ଦକା—ଦେ. ବି. (ସଂ. ଦକ୍ଷ ଧାତୁ; ତୁଳ. ଅ. ଦଦ୍‌ଦେଗା=ଭୟ)—
Dakā ୧। ଭୟ; ଶଙ୍କା—1. Fear; dread.
ଧୋଁକା, ଦକଦକା ଖଳର ଡାଣରେ ଦନ୍ତ ପଡ଼ିକା
ଦଗ୍‌ଦଗାହଟ ଚଳାଇବାକୁ ହେବାରୁ ମୋ ଦକା। କବିସୂର୍ଯ୍ୟ. କଳ୍ପଲତାକଲ୍ଲୋଳ।
୨। ଉଦ୍‌ବେଗ; ଚିନ୍ତା—2. Anxiety.
ଯେଣେ ଦେଲେ ଆଉ ଏକା ତୋର ଦକା। ଦାଶରଥି. ବ୍ରଜବିହାର।
୩। ଧୋକା; ଭୟମିଶ୍ରିତ ସନ୍ଦେହ—3. Apprehension.

ଦକା(କେ)ଇବା—ଦେ. କ୍ରି—ଭୟ ଜାତ କରାଇବା—
Dakā(ke)ibā To produce dread; to frighten.

ଘାବଡ଼ାନ ପ୍ରାଣୀଙ୍କି ଦକାନ୍ତ କାଲ୍ଲ ଗୋପନେ ବୃଷଇ।
ଡରାନା ଅନନ୍ତଚନ୍ଦ୍ର. ଭକ୍ତ ପ୍ରହ୍ଲାଦ।

ଦକାନ୍—ପ୍ରାଦେ. (ମେଦନୀପୁର) ବି. (ତୁଳ. ହି. ଦୁକାନ୍)—
Dakān ଦୋକାନ—Shop.

ଦକ୍ଷ୍ (ଧାତୁ)—ସଂ—୧। ବେଗବାନ୍ ହେବା—
Daksh (root) 1. To have speed.
୨। ବର୍ଦ୍ଧିତ ହେବା—2. To grow; to increase.

ଦକ୍ଷ—ସଂ. ବିଣ. ପୁଂ. (ଦକ୍ଷ୍ ଧାତୁ + କର୍ତ୍ତୃ. ଅ)—
Daksha ୧। ସମର୍ଥ—1. Capable; able.
(ଦକ୍ଷା—ସ୍ତ୍ରୀ) ୨। ନିପୁଣ—2. Expert; dexterous.
୩। ପଟୁ—3. Skilful.
୪। ସୁଜ୍ଞ; ଚତୁର—4. Clever.
୫। କର୍ମକୁଶଳ; ଫୁର୍ତ୍ତିବାଜ୍—5. Active; brisk.
ଦେ. ବିଣ. (ସଂ. ଦକ୍ଷିଣ)—ଦକ୍ଷିଣ; ଡାହାଣ—Right.
ଦକ୍ଷିଣ ଭୁଜ ଦକ୍ଷ ଅଣି ସ୍ଫୁରଇ ଘନ ଘନ ଦେଖି।
ଭୂପତି. ପ୍ରେମପଞ୍ଚାମୃତ।
ସଂ. ବି—୧। ବ୍ରହ୍ମାଙ୍କ ପୁତ୍ର; ବ୍ରହ୍ମାଙ୍କ ଡାହାଣ ହାତର ବୁଢ଼ା-ଅଙ୍ଗୁଠିରୁ ଜାତ ପ୍ରଜାପତିବିଶେଷ—
1. Name of a son of Brahmā said to have been born of his right thumb.
[ଦ୍ର—ଏ ଗୋଟିଏ ପ୍ରଜାପତି; ପାର୍ବତୀ ପୂର୍ବ ଜନ୍ମରେ ସତୀ ନାମରେ ଏହାଙ୍କ କନ୍ୟା ଥିଲେ। ଦକ୍ଷକନ୍ୟା ତଳେ ନୋଟ ଦେଖ।]
୨। ଶିବଙ୍କ ବାହାନ ବୃଷ—2. The bull which is said to carry the God Śiba on its back.
୩। କୁକୁଡ଼ା—3. Cock.
୪। ବୃକ୍ଷବିଶେଷ—4. Name of a tree.

ଦକ୍ଷ କନ୍ୟା—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଦକ୍ଷ+କନ୍ୟା)—
Daksha kanyā ପୂର୍ବ ଜନ୍ମରେ ଦକ୍ଷ ପ୍ରଜାପତିଙ୍କର ସତୀ ନାମ୍ନୀ କନ୍ୟା ରୂପେ ଜନ୍ମ ଗ୍ରହଣ କରିଥିବା ପାର୍ବତୀ—
Pārbati under the name of Sati, in her previous birth.
[ଦ୍ର—ଦକ୍ଷ ଗୋଟିଏ ଯଜ୍ଞ କରି ତହିଁରୁ ଆପଣା ଜ୍ୱାଇଁ ମହାଦେବଙ୍କୁ ନିମନ୍ତ୍ରଣ ନ କରିବାରୁ ଓ ମହାଦେବଙ୍କ ପ୍ରତି ଅପମାନସୂଚକ ବାକ୍ୟ ବ୍ୟବହାର କରିବାରୁ ତାଙ୍କ କନ୍ୟା ସତୀ ସ୍ୱପିତାଙ୍କ ଦ୍ୱାରା ସ୍ୱପତି ମହାଦେବଙ୍କୁ କରାଯିବା ଅପମାନ ସହି ନ ପାରି ସେହି ଯଜ୍ଞାଗ୍ନିକୁ ଡେଇଁ ପଡ଼ି ଆତ୍ମହତ୍ୟା କରିଥିଲେ। ମହାଦେବ ସତୀଙ୍କ ବିନାଶରେ କ୍ରୋଧାନ୍ଧ ହୋଇ ଉକ୍ତ ଯଜ୍ଞକୁ ନଷ୍ଟ କରି ଛାରଖାର କଲେ।]

ଦକ୍ଷ କର—ଦେ. ବି. (ସଂ. ଦକ୍ଷିଣ କର)—ଡାହାଣ ହାତ—
Daksha kara Right hand.
ଦକ୍ଷ କରେ ଧରି ମେ ହନ ଗୁରୁଙ୍କ ଚଣାରତ ଦେଖନ୍ତି।
କବିସୂର୍ଯ୍ୟ. ସଙ୍ଗୀତ।

ଦକ୍ଷଜା—ସଂ. ବି. ସ୍ତ୍ରୀ. (ଦକ୍ଷ+ଜନ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Dakshajā ୧। ଦକ୍ଷ ପ୍ରଜାପତିଙ୍କ କନ୍ୟା; ସତୀ; ଦୁର୍ଗା—
1. Durgā.

୨ । (ଜ୍ୟୋତିଷ) ଅଶ୍ୱିନୀ, ଭରଣୀ ଆଦି ସପ୍ତବିଂଶତି ନକ୍ଷତ୍ର—
2. The 27 clusters of stars or asterisms in Hindu astronomy
୩ । ନକ୍ଷତ୍ର—3 Star.

ଦକ୍ଷତର—ସଂ. ବିଣ—୧ । ଅତ୍ୟନ୍ତ ଚଞ୍ଚଳ—1. Very brisk.
Dakshatara ୨ । ବିଶେଷ ଚତୁର ବା ସମର୍ଥ—
2. Very active.

ଦକ୍ଷତା—ସଂ. ବି. (ଦକ୍ଷ+ଭାବ. ତା)—୧ । ପଟୁତା—
Dakshatā 1. Skill; dexterity.
(ଦକ୍ଷତ୍ୱ—ଅନ୍ୟରୂପ) ୨ । ସ୍ଫୂର୍ତ୍ତି—2. Activity; briskness.
୩ । ଚତୁରତା—3, Cleverness.

ଦକ୍ଷ ନାଡ଼ି—ଦେ. ବି—ଶରୀରସ୍ଥ ଭିତର ନାଡ଼ିବିଶେଷ—
Daksha nārdi, Name of an artery inside the human body.
ଶୁଣ ଶୁ ପ୍ରାଣଙ୍କ ଦକ୍ଷ ନାଡ଼ିର ବଚନ
ପ୍ରବଳ ହୋଇବ ଯେବେ ସମସ୍ତ ତାହାର । ପ୍ରାଚୀ, ଶିବସ୍ୱରୋଦୟ ।

ଦକ୍ଷ ପ୍ରଜାପତି—ସଂ. ବି—ଦକ୍ଷ ୧ (ଦେଖ)
Daksha prajāpati Daksha 1 (See)

ଦକ୍ଷ ଯଜ୍ଞ—ସଂ. ବି. (ଷ. ତ. ସ; ଦକ୍ଷ+ଯଜ୍ଞ)—ଦକ୍ଷଙ୍କ ଅନୁଷ୍ଠିତ ଯାଗ
Daksha jajña The vedic sacrifice performed by 'Daksha'.
[ଦ୍ର—ଦକ୍ଷ କନ୍ୟା ତଳେ ନୋଟ୍ ଦେଖ ।]

ଦକ୍ଷ ସାବର୍ଣ୍ଣି—ସଂ. ବି—ନବମ ମନୁ—The 9th descendant of
Daksha sābarṇni 'Manu' or the progenitor of mankind according to the Hindus.
ଏବେ ହୋ ବରୁଣ ନନ୍ଦନ
ଦକ୍ଷ ସାବର୍ଣ୍ଣି ଯେ ନବମ । ଜଗନ୍ନାଥ ଭାଗବତ ।

ଦକ୍ଷା—ସଂ. ବିଣ. ସ୍ତ୍ରୀ—ପଟୁ (ସ୍ତ୍ରୀ)—Expert; active (woman).
Dakshā ବି—ପୃଥିବୀ—The earth.
ଦେ. ବିଣ—କଲ୍ୟାଣକରଣ ପଟୁ—
Skilful in pronouncing benedictions.
ବାମଦେବ ବୋଇଲେ କରନ୍ତ ତୋତେ ରକ୍ଷା
ବାକ୍ୟ ପୂର୍ବକ କଲ୍ୟାଣେ ଅଶୁଅଛ ଦକ୍ଷା । ଉତ୍କ. ବୈଦେହୀଶ ବିଳାସ ।

ଦକ୍ଷିଣ—ସଂ. ବିଣ. ପୁଂ. (ଦକ୍ଷ୍ ଧାତୁ=ବର୍ଦ୍ଧିତ ହେବା+ଅର୍ଥେ କର୍ତ୍ତୃ.
Dakshiṇa ଇନ)—୧ । ବଦାନ୍ୟ—1. Generous.
(ଦକ୍ଷିଣା—ସ୍ତ୍ରୀ) ମୋକ୍ଷଦାନରେ ଯେ ଦକ୍ଷିଣ ଦକ୍ଷିଣ କର୍ଣ୍ଣ ଭାଙ୍ଗୁ ତୁବ ମରଣ ।
ଉତ୍କ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ଉଦାର—1. Liberal.
୩ । ସରଳ—3. Frank.
୪ । ଅକପଟ—4. Sincere.
୫ । ବାମେତର; ଡାହାଣ—5. Right (side).
୬ । ସମର୍ଥ—6. Capable.
୭ । ନିପୁଣ—7. Expert; dexterous; skilful.
ବକ୍ଷ ପୂର୍ବରେ ଦକ୍ଷିଣ ପ୍ରଗଳ୍ଭରେ ଭଜ
ବଦତ ଜନ ରାଗାର ଭଲ୍ଲରେ ଶିହଜ । ଉତ୍କ. ବୈଦେହୀଶବିଳାସ ।
୮ । ଚତୁର—8. Clever.
୯ । ଅନୁକୂଳ; ପରଚ୍ଛନ୍ଦାନୁବର୍ତ୍ତୀ—
9. Propitious; favourable.
୧୦ । ଉତ୍ତରଦିଗର ବିପରୀତ (ଦିଗ)—
10 South (direction).
[ଦ୍ର—ପୁରାଣ ମତରେ ସୂର୍ଯ୍ୟଦେବ ଯଜ୍ଞର ଦକ୍ଷିଣା ରୂପେ ଏହି ଦିଗକୁ ତାଙ୍କ ଗୁରୁ କଶ୍ୟପଙ୍କୁ ପ୍ରଦାନ କରି ଥିବାରୁ ଏହି ଦିଗ 'ଦକ୍ଷିଣ' ଦିଗ ନାମରେ କଥିତ ହେଲା । ଅଥବା ମଧ୍ୟ ସୂର୍ଯ୍ୟୋଦୟ ହେବା ଦିଗକୁ ଚାହିଁବା ଲୋକର ଦକ୍ଷିଣ ହସ୍ତ ଏହି ଦିଗକୁ ରହେ ।]
ବି—୧ । ଦକ୍ଷିଣ ଦିଗ—1. The South.
୨ । ଡାହାଣ ପାଶ—2. Right-hand side.
୩ । ଦକ୍ଷିଣ ଦିଗସ୍ଥ ଦେଶ—
3. The country to the South.
୪ । ଦକ୍ଷିଣାଚାର; ତନ୍ତ୍ରୋକ୍ତ ସାଧନ ବିଧିବିଶେଷ—
4. Name of a class of esoteric rites enjoined by the 'Tantras'.
୫ । ଦାକ୍ଷିଣାତ୍ୟ; ଦକ୍ଷିଣ ଭାରତ—
5. The Deccan; Southern India.
୬ । ଦକ୍ଷିଣାଗ୍ନି; ଯଜ୍ଞାଗ୍ନି ବିଶେଷ—
6. Name of one of the sacrificial fires.
୭ । ନାୟକବିଶେଷ; ଯେଉଁ ନାୟକର ବହୁ ନାୟିକାଙ୍କ ପ୍ରତି ଅନୁରାଗ ଥାଏ ଅଥଚ ସବୁ ନାୟିକାଙ୍କ ପ୍ରତି ତାଙ୍କର ତୁଲ୍ୟ ଅନୁରାଗ ଥାଏ—7. A class of gallants. or lovers who show equal fondness to all his beloved ladies.
୮ । ଦକ୍ଷିଣ ପବନ—8. The south wind.
୯ । ଯମ (ଦକ୍ଷିଣ ଦିଗରେ ଯମପୁର ଥିବାରୁ)—
9. Jama, the God of death
୧୦ । ଦକ୍ଷିଣା—10 Present given to a priest officiating at religious rites.
ଦେ. ବି—ଓଡ଼ିଶାର ଦକ୍ଷିଣକୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ଦେଶ—
Madras Presidency (South of Orissa).
[ଦ୍ର—ମେଦିନୀପୁରବାସୀମାନେ ଓଡ଼ିଶାକୁ ଦକ୍ଷିଣ କହନ୍ତି । ବାଲେଶ୍ୱରବାସୀମାନେ କଟକ ଓ ପୁରୀକୁ ଦକ୍ଷିଣ କହନ୍ତି ଓ ଓଡ଼ିଶାବାସୀମାନେ ଗଞ୍ଜାମ ଓ ମାନ୍ଦ୍ରାଜକୁ ଦକ୍ଷିଣ କହନ୍ତି ।]
ବିଣ—ଅନୁକୂଳ—Favourable.
ବହୁଇ ଦକ୍ଷିଣ ପବନ ବହୁଇ ଭ୍ରମରକ କର କ୍ଷେପଣ ।
ଉତ୍କ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।

ଦକ୍ଷିଣ ଅୟନାନ୍ତ—ସଂ. ବି. (ଜ୍ୟୋତିଷ-ପରିଭାଷା)—ବିଷୁବରେଖାଠାରୁ
Dakshiṇa ayanānta ସୂର୍ଯ୍ୟଙ୍କର ଦକ୍ଷିଣକୁ ଗଳିବା ପଥର ଶେଷ ସୀମା Southern or winter solstice.

ଦକ୍ଷିଣ କବାଟ—ଦେ. ବି—ଖଣ୍ଡାୟତ ଓ ପାଇକମାନଙ୍କୁ ଉତ୍କଳୀୟ
Dakshiṇa kabāṭa ରାଜାମାନଙ୍କର ଦେବା ଉପାଧି—
ଦକ୍ଷିଣରାୟ
ଦକ୍ଷିଣରାବ } ଅନ୍ୟରୂପ A title given to the Khandayats and soldiers by the Rajas of Orissa.
दक्षिणराय

ଦକ୍ଷିଣ କାଳୀ—ସ. ବି. ସ୍ତ୍ରୀ—ତନ୍ତ୍ରୋକ୍ତ ଦେବୀବିଶେଷ—
Dakshiṇa kāḻi Name of Tantric Goddess.
(ଦକ୍ଷିଣ କାଳିକା—ଅନ୍ୟରୂପ)

ଦକ୍ଷିଣ କେନ୍ଦ୍ର—ଦେ. ବି. (ଭୂଗୋଳ ପରିଭାଷା)—ଦକ୍ଷିଣ ମେରୁ (ଦେଖ)
Dakshiṇa kendra Dakshiṇa meru (See)

ଦକ୍ଷିଣ ଗୋଲ(ଲା)ର୍ଦ୍ଧ—ଦେ. ବି. (ଭୂଗୋଳ ପରିଭାଷା)—
Dakshiṇa golā(lā)rddha ଭୂଗୋଳକର ଦକ୍ଷିଣ ଅର୍ଦ୍ଧଭାଗ—
(geography) The southern hemisphere of the globe.

ଦକ୍ଷିଣ ଡହରା—ଦେ. ବି. (ଜାହାଜିଆ ଶବ୍ଦ)—ଦକ୍ଷିଣପୂର୍ବ ଦିଗ—
Dakshiṇa ḍaharā (nautical) South-east point of the mariner's compass.

ଦକ୍ଷିଣତଃ—ସ. ଅ (ଦକ୍ଷିଣ+ତସ୍)—୧ । ଦକ୍ଷିଣ ଦିଗରେ—
Dakshiṇataḥ 1. On the south.
୨ । ଦକ୍ଷିଣ ଦେଶରେ—2. In the south.
୩ । ଡାହାଣରେ—3. On the right side.

ଦକ୍ଷିଣ ଦିଗ—ଦେ. ବି—ଉତ୍ତରର ବିପରୀତ ଦିଗ—
Dakshiṇa diga The south.

ଦକ୍ଷିଣ ଦୁଆର—ଦେ. ବି—ଗୃହ ବା ମନ୍ଦିରର ଦକ୍ଷିଣ ପାଖର ଦ୍ୱାର—
Dakshiṇa duāra The southern door.
(ଦକ୍ଷିଣ ଦୁଆରୁ—ଅନ୍ୟରୂପ)
दक्षिण दरोजा दक्खिन दरवाजा

ଦକ୍ଷିଣ ଦୁଆରିଆ—ଦେ. ବିଣ—ଯେଉଁ ଘରର ଦ୍ୱାର ଦକ୍ଷିଣ ଦିଗକୁ—
Dakshiṇa duāriā Having its door to the south.
(ଦକ୍ଷିଣ ଦୁଆରିଆ—ଅନ୍ୟରୂପ) ଦକ୍ଷିଣ ଦୁଆରିଆ ଘର, ସେ କ ପଶିବ ସେ
दक्षिण खोला ପଶିଲ, କାହାକୁ କହିବ ପର—ଚଗ ।

ଦକ୍ଷିଣ ଦେଶ—ସ. ବି—୧ । ଦକ୍ଷିଣ ଦିଗରେ ଅବସ୍ଥିତ ଦେଶ—
Dakshiṇa desa 1. Southern country.
୨ । ଦାକ୍ଷିଣାତ୍ୟ—2. The Deccan.

ଦକ୍ଷିଣ ନାୟକ—ସ. ବି. ପୁଂ. (ଦକ୍ଷିଣ=ଅନୁକୂଳ+ନାୟକ)—
Dakshiṇa nāyaka କାବ୍ୟୋକ୍ତ ନାୟକବିଶେଷ; ଯେଉଁ ନାୟକ ଅନେକ ନାୟିକାଙ୍କଠାରେ ସମାନୁରାଗୀ—
A hero of a romance who has equal attachment for more than one sweat heart.
ସାଧୁ ବିଧୁ ନାମ ଦକ୍ଷିଣ ନାୟକ ଲକ୍ଷଣ ସମ୍ପୂର୍ଣ୍ଣ ।
ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଦକ୍ଷିଣ ପଶ୍ଚିମ—ଦେ. ବି. (ସ. ଦକ୍ଷିଣ ପଶ୍ଚିମା)—
Dakshiṇa paschima ଦକ୍ଷିଣ ଓ ପଶ୍ଚିମ ଦିଗର ମଧ୍ୟବର୍ତ୍ତୀ
दक्षिण पश्चिम କୋଣ; ନୈର୍ଋତ—The south-west corner.
दक्खिन पच्छिमी कोण

ଦକ୍ଷିଣ ପଶ୍ଚିମା—ସ. ବି. (ଦକ୍ଷିଣ+ପଶ୍ଚିମ+ଆ)—
Dakshiṇa paschimā ଦକ୍ଷିଣ ପଶ୍ଚିମ କୋଣ—
दक्षिण पश्चिमा The south-west corner.
ଦେ. ବି—ଦକ୍ଷିଣ ପଶ୍ଚିମ କୋଣ ସମ୍ବନ୍ଧୀୟ—
South-westerly; south-western.

ଦକ୍ଷିଣ ପିଚ୍ଛଡ଼ି—ଦେ. ବି. (ଜାହାଜିଆ ଶବ୍ଦ)—ଦକ୍ଷିଣ ପଶ୍ଚିମ ଦିଗ—
Dakshiṇa pichhārḍi (nautical) The south-west point of the mariner's compass.

ଦକ୍ଷିଣ ପୂର୍ବ—ଦେ. ବି. (ସ. ଦକ୍ଷିଣ ପୂର୍ବା)—
Dakshiṇa pūrba ଦକ୍ଷିଣ ଓ ପୂର୍ବ ଦିଗର ମଧ୍ୟବର୍ତ୍ତୀ କୋଣ;
दक्षिण पूर्व ଅଗ୍ନି କୋଣ—The south-east.
दक्खिन पूरब

ଦକ୍ଷିଣ ପୂର୍ବା—ସ. ବି. (ଦକ୍ଷିଣ+ପୂର୍ବ+ଆ)—
Dakshiṇa pūrbā ଦକ୍ଷିଣ ଓ ପୂର୍ବ ଦିଗର ମଧ୍ୟବର୍ତ୍ତୀ ଅଗ୍ନି କୋଣ—
The south-east.

ଦକ୍ଷିଣ ମାନସ—ସ. ବି—ଗୟାସ୍ଥ ତୀର୍ଥବିଶେଷ (ହି. ଗଦସାଗର)—
Dakshiṇa mānasa Name of a place of pilgrimage in Gaya.

ଦକ୍ଷିଣ ମୁଖ—ସ. ବି. ପୁଂ—ଦକ୍ଷିଣ ଆଡ଼କୁ ମୁହଁ କରିଥିବା—
Dakshiṇa mukha Facing south.
(ଦକ୍ଷିଣ ମୁଖୀ—ସ୍ତ୍ରୀ)

ଦକ୍ଷିଣ ମୁଖା—ଦେ.ବିଣ—ଦକ୍ଷିଣ ଦିଗକୁ ମୁଖ କରିଥିବା(ବଂଶ୍ୟ ବା ଗୃହ)—
Dakshiṇa mukhā Facing south; with one's face towards the south.
(ଦକ୍ଷିଣ ମୁହାଁ—ଅନ୍ୟରୂପ)
दक्षिण मुखो

ଦକ୍ଷିଣ ମେରୁ—ଦେ. ବି. (ଭୂଗୋଳ ପରିଭାଷା)—
Dakshiṇa meru କୁମେରୁ; ପୃଥିବୀର ଦକ୍ଷିଣତମ ପ୍ରାନ୍ତ—
The south pole.

ଦକ୍ଷିଣ ରାଢ଼—ସ. ବି—ମେଦନୀପୁର ଅଞ୍ଚଳର ଦକ୍ଷିଣ ଭାଗ—
Dakshiṇa rārḍha South Midnapur.

ଦକ୍ଷିଣ ରାଢ଼ି—ଦେ. ବି—ମେଦନୀପୁର ଅଞ୍ଚଳର ବଙ୍ଗାଳୀ କାୟସ୍ଥମାନଙ୍କର
Dakshiṇa rārḍhi ଗୋଟିଏ ଶ୍ରେଣୀ—A class of Bengalee
दक्षिण राढ़ी Kāyasthas originally coming from the Midnapur side

ଦକ୍ଷିଣ ରାଢ଼ୀୟ—ସଂ. ବିଣ—ଦକ୍ଷିଣ ରାଢ଼ ଦେଶୀୟ—
Dakshiṇa rārḍhiya Belonging to the south Midnapur.

ଦକ୍ଷିଣ ସାଗର—ସଂ. ବି—୧ । ପୁରାଣୋକ୍ତ ଲବଣ ସମୁଦ୍ର—
Dakshiṇa sāgara 1. The mythological salt sea.
(ଦକ୍ଷିଣ ସମୁଦ୍ର—ଅନ୍ୟରୂପ) ୨ । ପୃଥିବୀର ଦକ୍ଷିଣ ଦିଗରେ ଅବସ୍ଥିତ ସମୁଦ୍ରର ନାମ—2. The South Sea; the South Ocean; the Antarctic Ocean.

ଦକ୍ଷିଣ ସାହି—ଦେ. ବି—୧ । ଗ୍ରାମର ଘରମାନଙ୍କ ଦକ୍ଷିଣ ଧାଡ଼ି—
Dakshiṇa sāhi 1. The southern row of houses in a village.
(ଦକ୍ଷିଣିସାହି—ଅନ୍ୟରୂପ)

[ଦ୍ର—ସାଧାରଣତଃ ଗ୍ରାମମାନଙ୍କ ଓ ବିଶେଷତଃ ବ୍ରାହ୍ମଣ ଶାସନମାନଙ୍କ ଘରମାନ ଉତ୍ତର ଓ ଦକ୍ଷିଣ ସାହି ହୋଇ ଦୁଇ ଧାଡ଼ିରେ ଛଆଡ଼ ହୋଇ ଥାଏ ଏବଂ ଗ୍ରାମଦାଣ୍ଡ ପୂର୍ବରୁ ପଶ୍ଚିମକୁ ଲମ୍ବି ଥାଏ ।]

୨ । ଦକ୍ଷିଣ ଦିଗରେ ଥିବା ଧାଡ଼ି ବା ପଙ୍କ୍ତି—
2. The southern row.

ଦକ୍ଷିଣ ସାହିଆ ଦେ. ବିଣ.—ଗ୍ରାମର ଦକ୍ଷିଣ ସାହିରେ ବାସ କରୁଥିବା-
Dakshiṇa sāhiā Residing in the southern row of houses in a village.
ଦକ୍ଷିଣି ସାହିଆ, ଦକ୍ଷିଣ ସାହ୍ୟା, ଦକ୍ଷିଣ ସାୟ୍ଯା } ଅନ୍ୟରୂପ

ଦକ୍ଷିଣସାହିଆ ରଥ—ପ୍ରାଦେ. (ପୁରୀ) ବି.—ପୁରୀ ଜିଲ୍ଲାର ବୈଦିକ ବ୍ରାହ୍ମଣମାନଙ୍କର ଶ୍ରେଣୀବିଶେଷ—
Dakshiṇasāhiā ratha A distinctive title of a class of Brāhmaṇas of the Puri district

ଦକ୍ଷିଣସ୍ଥ—ସଂ. ବିଣ—ଦକ୍ଷିଣ ଦିଗରେ ସ୍ଥିତ—
Dakshiṇastha Situated in the south.
ବି.—ସାରଥି—A car-driver.

ଦକ୍ଷିଣ ହସ୍ତ—ସ. ବି.—୧ । ଡାହାଣ ହାତ—
Dakshiṇa hasta 1. Right hand.
୨ । (ଲକ୍ଷଣାର୍ଥ) ମନୁଷ୍ୟ ପକ୍ଷରେ ଡାହାଣ ହାତ ଯେଉଁପରି କାର୍ଯ୍ୟକାରୀ ସେହିପରି ସାହାଯ୍ୟକାରୀ ବ୍ୟକ୍ତି—
2. (figurative) Right hand man.
୩ । (ଲକ୍ଷଣାର୍ଥ) ଡାହାଣ ହାତଦ୍ୱାରା କୃତ ଦୈନିକ କ୍ରିୟା; ପାନ ଓ ଭୋଜନ—
3. (figurative) Eating and drinking.

ଦକ୍ଷିଣହସ୍ତ ବ୍ୟାପାର—ଦେ. ବି.—ପାନ ଭୋଜନ—
Dakshiṇahasta byāpāra Eating and drinking.
দক্ষিণহস্তের ব্যাপার

ଦକ୍ଷିଣା—ସଂ. ବି. ସ୍ତ୍ରୀ.—(ଦକ୍ଷିଣ+ସ୍ତ୍ରୀ. ଆ)—୧ । ପୂଜକ, ଅଧ୍ୟର୍ଯ୍ୟ ପୁରୋହିତ ଓ ମନ୍ତ୍ରଗୁରୁ ଆଦିଙ୍କୁ ଦେୟ ଅର୍ଥ ବା ବିଦାକ—
Dakshiṇā 1. Present or fee given to a priest or preceptor etc; sacrificial fee.

ଏ ସମସ୍ତେ ଋତ୍ୱିଜ ଦକ୍ଷିଣାକୁ ପାଇ,
ଯାଗର ସମାପତ ଦଅନ୍ତି କହଇ । କୃଷ୍ଣସିଂ. ମହାଭାରତ ଶାନ୍ତି ।

୨ । ପୁରସ୍କାର—2. Reward.
୩ । ଦକ୍ଷିଣ ଦିଗ—3. The south point of the compass.
୪ । ଦକ୍ଷିଣ ଦେଶ—4. The southern country.
୫ । ଯଜ୍ଞ ପତ୍ନୀ—5. The wife of sacrifice personified.

[ଦ୍ର—ପୁରାଣରେ ଦକ୍ଷିଣା ଯଜ୍ଞର ପତ୍ନୀରୂପେ କଳ୍ପିତା; ବ୍ରହ୍ମବୈବର୍ତ୍ତ ପୁରାଣରେ ଲେଖା ଅଛି ଯେ କାର୍ତ୍ତିକ ପୂର୍ଣ୍ଣିମା ରାତିରେ ରାସୋତ୍ସବ ହେଉଥିବା କାଳରେ ଶ୍ରୀକୃଷ୍ଣଙ୍କ ଦକ୍ଷିଣାଂଶରୁ ଦକ୍ଷିଣାର ଉତ୍ପତ୍ତି ହୋଇଥିଲା । ଦ୍ର. ଶବ୍ଦସାଗର ।]

୬ । ବ୍ରାହ୍ମଣଙ୍କୁ ଭୋଜନ କରାଇବା ପରେ ଦିଆଯିବା ଅର୍ଥ-ପୁରସ୍କାର—6. Cash present given to a Brāhmaṇa after feeding him.

୭ । ଦେବୀ ବିଶେଷ—7. Name of a Goddess.
୮ । ଗୁରୁଙ୍କୁ ବିଦ୍ୟାର୍ଥୀର ଦେବା ପାରଶ୍ରମିକ—8. Schooling fees given to the teacher.
୯ । ନାୟକ ଅନ୍ୟ ନାଗରୀ ପ୍ରତି ଅନୁରକ୍ତ ଥିବାର ଜାଣି ମଧ୍ୟ ଯେଉଁ ନାୟିକା ଉକ୍ତ ନାୟକ ଉପରେ ପୂର୍ବବତ୍ ସ୍ନେହ ଓ ଅନୁରାଗ ଦେଖାଏ (ଦ୍ର. ଶବ୍ଦସାଗର)—
A class of heroines in fiction whose attachment to the lover remains unaltered even if he is known to be inconstant.

ସ. ଅ—୧ । ଦକ୍ଷିଣ ଦିଗରୁ—1. From the south.
୨ । ଦକ୍ଷିଣ ଦିଗରେ—2. In the south.

ଦେ. ବି—୧ । କୌଣସି ବ୍ୟକ୍ତିଙ୍କୁ ଦିଆଯିବା ବକ୍ସିସ୍—
দক্ষিণা 1. Perquisite given to a person.
दक्षिणा

ବାହୁଣ ବଇଷ୍ଣ ବଇଦ ବଟି
ଦକ୍ଷିଣା ପାଇଲେ ଯାଆନ୍ତି ଛଡ଼ି । ଢଗ ।

୨ । ଦକ୍ଷିଣା ପବନ—2. South breeze.

ବିଣ—୧ । ଦକ୍ଷିଣ ଦିଗଭବ—1. Southern.
ଦଖ୍ନେ ୨ । ଦକ୍ଷିଣ ଦେଶ ସମ୍ବନ୍ଧୀୟ—
2. Appertaining to the South.

ଦକ୍ଷିଣାଗ୍ନି—ସଂ ବି—(ମଧ୍ୟପଦଲୋପୀ ଓ କର୍ମଧା; ଦକ୍ଷିଣନାମକ ଅଗ୍ନି, ଯଜ୍ଞବେଦୀର ଦକ୍ଷିଣ ଦିଗରେ ସ୍ଥାପିତ ହେଉଥିବାରୁ) ଯଜ୍ଞର ଅଗ୍ନିବିଶେଷ—Name of one of the sacrificial fires.
Dakshiṇāgni

ଦକ୍ଷିଣାଗ୍ର—ସ. ବିଣ (ବହୁବ୍ରୀହି; ଦକ୍ଷିଣ+ଅଗ୍ର; ଦକ୍ଷିଣଦିଗକୁ ଅଗ୍ର ଯାହାର)—ଦକ୍ଷିଣଦିଗକୁ ଅଗ ବୁଲାଇ ରଖା ଯିବା (କୁଶ)—(Kusa grass) Placed with its point towards the south.
Dakshiṇāgra

ଦକ୍ଷିଣାଚଳ—ସ. ବି (ଷଷ୍ଠୀ ତତ୍, ଦକ୍ଷିଣ+ଅଚଳ)—ମଳୟଗିରି; ମାଲଗିରିପର୍ବତ—The Malaya hills of Southern India.
Dakshiṇāchaḷa

[ଦ୍ର—ଏହା ଦାକ୍ଷିଣାତ୍ୟର ପର୍ବତବିଶେଷ । ଏଥିରେ ଅନେକ ଚନ୍ଦନବୃକ୍ଷ ଅଛି । ଆମଦେଶରେ ବସନ୍ତକାଳରେ ଯେଉଁ ଦକ୍ଷିଣା ପବନ ବହେ ତାହା ଏହି ପର୍ବତରେ ଲାଗି ଆସିବାରୁ ଏହା ସୁବାସଯୁକ୍ତ ହୁଏ ବୋଲି ପ୍ରବାଦ ଅଛି ।]

ଦକ୍ଷିଣାଚାର—ଦେ. ବି—୧ । ଦକ୍ଷିଣ ନାମକ ତାନ୍ତ୍ରିକ ଆଚାର ବା କ୍ରିୟାବିଶେଷ—1. Name of certain rites enjoined in the 'Tantras'.
Dakshiṇāchāra
(ବାମାଚାର—ବିପରୀତ)

[ଦ୍ର—ତନ୍ତ୍ରୋକ୍ତ ବାମାଚାର ଅନୁଷ୍ଠାନରେ ସାଧକ ପଞ୍ଚମକାର ଦ୍ୱାରା ଶକ୍ତିଙ୍କ ଉପାସନା କରେ । ଦକ୍ଷିଣାଚାରରେ ପଞ୍ଚମକାରାଦି ନାହିଁ । ଦକ୍ଷିଣାଚାରୀ ସାଧକ ଆପଣାକୁ ଶିବରୂପେ କଳ୍ପନାକରି ପଞ୍ଚତତ୍ତ୍ୱଦ୍ୱାରା ଶିବାଙ୍କ ପୂଜା କରନ୍ତି । ଏହା ବାମାଚାର ଅପେକ୍ଷା ଶ୍ରେଷ୍ଠ ଓ ବୈଦିକ ବୋଲି ପରିଗଣିତ—ଦ୍ର. ଶବ୍ଦସାଗର ।]

୨ । ସଦାଚାର; ଶୁଦ୍ଧ ଓ ଉତ୍ତମ ଆଚରଣ (ହି. ଶବ୍ଦସାଗର)—
2. Good conduct; approved usage.

ଦକ୍ଷିଣାଚାରୀ—ଦେ. ବିଣ—୧ । ଯେଉଁ ସାଧକ ଦକ୍ଷିଣାଚାର ଦ୍ୱାରା
Dakshiṇāchāri ତାନ୍ତ୍ରିକ ସାଧନା ବା ଶକ୍ତି ଆରାଧନା କରନ୍ତି—
(ବାମାଚାରୀ—ବିପରୀତ) 1 Following or observing the 'Dakshiṇāchāra' rites of the 'Tantras.'
୨ । ସଦାଚାରୀ—2 Observing good usages.

ଦକ୍ଷିଣାନିଳ—ସଂ. ବି (ମ. ପ. ଲୋ. କର୍ମଧା; ଦକ୍ଷିଣ+ଅନିଳ)—
Dakshiṇānila ୧ । ଦକ୍ଷିଣ ଦିଗରୁ ପ୍ରବାହିତ ବାୟୁ—
1. South wind.
୨ । ମଳୟାନିଳ; ଦକ୍ଷିଣାପବନ—2. Agreeable, breeze blowing from the south.

ଦକ୍ଷିଣାନ୍ତ—ସଂ. ବିଣ (ବହୁବ୍ରୀହି; ଦକ୍ଷିଣା+ଅନ୍ତ)—ଦକ୍ଷିଣାଦ୍ୱାରା
Dakshiṇānta ପରିସମାପ୍ତ (ଅନୁଷ୍ଠାନ)—(a rite) Wound up by giving a present to the priest.

ଦକ୍ଷିଣାପଥ—ସଂ. ବି—(ଦକ୍ଷିଣା = ଦକ୍ଷିଣଦିଗବର୍ତ୍ତୀ + ପଥିନ୍ =
Dakshiṇāpatha ପଥ)—୧ । ଦକ୍ଷିଣଦେଶ—1. The south country.
୨ । ବିନ୍ଧ୍ୟ ପର୍ବତର ଦକ୍ଷିଣରେ ଥିବା ଭାରତବର୍ଷର ଅଂଶ;
ଦାକ୍ଷିଣାତ୍ୟ—2. The Deccan.

ଦକ୍ଷିଣା ପବନ—ଦେ. ବି.—୧ । ମଳୟାନିଳ—
Dakshiṇā pabana 1. South breeze.
দখনে বাতাস ୨ । ଦକ୍ଷିଣ ଅଡ଼ୁ ବୋହୁଥିବା ପବନ—
दक्खिन हवा 2 Wind blowing from the south.

ଦକ୍ଷିଣା ପ୍ରବଣ—ସଂ. ବିଣ. (୭ମୀ ତତ୍, ଦକ୍ଷିଣା=ଦକ୍ଷିଣ ଦିଗରେ+
Dakshiṇā prabaṇa ପ୍ରବଣ=ନମ୍ର)—୧ । ଉତ୍ତର ଅଂଶ ଅପେକ୍ଷା ଦକ୍ଷିଣ ଭାଗ ନିମ୍ନତର ବା ଗାଲୁ ହୋଇଥିବା (ସ୍ଥାନ)—1. (a place) Being more sloping towards the south than towards the north.
୨ । ଯାହାର ଡାହାଣ ପାଖ ଗାଲୁ—
2. Sloped in the right hand side

ଦକ୍ଷିଣାବର୍ତ୍ତ—ସଂ. ବିଣ.—(ବହୁବ୍ରୀହି; ଦକ୍ଷିଣ ଅର୍ଥାତ୍ ଡାହାଣ ଅଡ଼କୁ
Dakshiṇābartta ଥାଏ ଆବର୍ତ୍ତ=ଭଉଁରି ଯାହାର)—
(ଦକ୍ଷିଣାବର୍ତ୍ତିକ—ଅନ୍ୟରୂପ) ୧ । ଡାହାଣ ଦିଗକୁ ଯାହାର ଆବର୍ତ୍ତ
(ବାମାବର୍ତ୍ତ—ବିପରୀତ) ବା ଭଉଁରି ଥାଏ (ଶଙ୍ଖ)—Having its volute or spiral expanding towards the right hand side; with its volute running towards the right.
୨ । ଦକ୍ଷିଣ ଦିଗକୁ ଆବର୍ତ୍ତ ବିଶିଷ୍ଟ—2. Having the spiral expanding toward the south.
୩ । ଦକ୍ଷିଣ ଅଡ଼କୁ ଝୁଙ୍କି ଥିବା—
3. Inclining to the south.
୪ । ଡାହାଣ ଅଡ଼କୁ ଘୂରୁଥିବା—
4. Revolving towards the right.

ଦକ୍ଷିଣାବର୍ତ୍ତ ହୋଇଣ ବୈଶ୍ୱାନର ଜ୍ୱଳଣ ଅଦ୍ଭୁତ ଘେନଲେ ।
ବଳୁନାଥ, ରଘୁନାଥବିଳାସ ।

ବି.—ଡାହାଣ ଅଡ଼କୁ ଭଉଁରି ଜୁଲିଥିବା ଶଙ୍ଖ—
1. A conch having its volute or spiral expanding towards the right hand side.
[ଦ୍ର—ସାଧାରଣତଃ ଶଙ୍ଖମାନ ବାମାବର୍ତ୍ତ । ମାତ୍ର ଦକ୍ଷିଣାବର୍ତ୍ତ ଶଙ୍ଖ କ୍ୱଚିତ୍ ମିଳେ । ହିନ୍ଦୁମାନଙ୍କର ବିଶ୍ୱାସ ଯେ ଯାହା ଘରେ ଦକ୍ଷିଣାବର୍ତ୍ତ ଶଙ୍ଖ ଥାଏ ତାହା ପ୍ରତି ଲକ୍ଷ୍ମୀ ପ୍ରସନ୍ନା ହୁଅନ୍ତି ।]
୨ । ଦାକ୍ଷିଣାତ୍ୟ—2 The Deccan.

ଦକ୍ଷିଣାବର୍ତ୍ତୀ ଶଙ୍ଖ—ଦେ. ବି. (ସଂ. ଦକ୍ଷିଣାବର୍ତ୍ତ+ଶଙ୍ଖ)—
Dakshiṇābartti śankha ଦକ୍ଷିଣ ବା ଡାହାଣ ଅଡ଼କୁ ଆବର୍ତ୍ତ
ଦକ୍ଷିଣାବର୍ତ୍ତଶଙ୍ଖ } ଅନ୍ୟରୂପ ଥିବା ଶଙ୍ଖ—Right-voluted
ଦକ୍ଷିଣାବର୍ତ୍ତକଶଙ୍ଖ } conch.
(ବାମାବର୍ତ୍ତୀଶଙ୍ଖ—ବିପରୀତ)
দক্ষিণাবর্ত্তশাংক

ଦକ୍ଷିଣାବହ—ସଂ. ବି. (ଦକ୍ଷିଣ+ଆ+ବହ ଧାତୁ+କର୍ତ୍ତୃ. ଅ)—
Dakshiṇābaha ଦକ୍ଷିଣା ପବନ; ମଳୟାନିଳ—
South breeze.

ଦକ୍ଷିଣାମୁଖ—ସଂ. ବିଣ. ପୁଂ. (ବହୁବ୍ରୀହି; ଦକ୍ଷିଣା+ମୁଖ)—
Dakshiṇāmukha ଦକ୍ଷିଣ ମୁହାଁ—Facing south; turn-
(ଦକ୍ଷିଣାମୁଖୀ—ସ୍ତ୍ରୀ) ing the face towards the south.

ଦକ୍ଷିଣାମୂର୍ତ୍ତି—ସଂ. ବି—ତନ୍ତ୍ର ଅନୁସାରେ ଶିବଙ୍କ ମୂର୍ତ୍ତି ବିଶେଷ—
Dakshiṇāmūrtti Name of an image of Śiba according to the Tantras.

ଦକ୍ଷିଣାୟନ—ସଂ. ବି. (୭ମୀ ତତ୍; ଦକ୍ଷିଣା=ଦକ୍ଷିଣ ଦିଗରେ+
Dakshiṇāyana ଅୟନ=ସୂର୍ଯ୍ୟଙ୍କ ଗତି)—
(ଉତ୍ତରାୟଣ—ବିପରୀତ) ୧ । ଶ୍ରାବଣଠାରୁ ପୌଷ ପର୍ଯ୍ୟନ୍ତ ୬ ମାସ ସମୟ—1. The six months during which the sun's orbit passes towards the south (from 27th June to 22nd December); the period between the summer solstice and winter solstice.
[ଦ୍ର—ସୂର୍ଯ୍ୟ ୨୨ ତାରିଖ ଜୁନ୍‌ରେ କର୍କଟରେଖା ଅର୍ଥାତ୍ ଉତ୍ତରାୟନ ଅୟନ ସୀମାରେ ପହଞ୍ଚନ୍ତି । ତହୁଁରେ ସୂର୍ଯ୍ୟ ସେଠାରୁ ଦକ୍ଷିଣ ଅଡ଼କୁ ଗତି କରି ୨୨ ତାରିଖ ଡିସେମ୍ବରରେ ମକର ରେଖା ବା ଦକ୍ଷିଣ ଅୟନ ସୀମାରେ ପହଞ୍ଚନ୍ତି । ଏହି ସମୟକୁ ଦକ୍ଷିଣାୟନ ବୋଲାଯାଏ । ଏହି ସମୟରେ କୂଅ, ପୋଖରୀ, ମନ୍ଦିର, ଦେବତା ଆଦିଙ୍କ ପ୍ରତିଷ୍ଠା ଆଦି ନିଷିଦ୍ଧ । ହି. ଶବ୍ଦସାଗର ।]
୨ । ପୃଥିବୀର ମଧ୍ୟସ୍ଥ ବିଷୁବ ରେଖାଠାରୁ ସୂର୍ଯ୍ୟଙ୍କର ଦକ୍ଷିଣକୁ ଗମନ—2. The passing of the sun to the south of the equator, the south declension of the sun.

ଦକ୍ଷିଣାୟନ ସଂକ୍ରାନ୍ତି—ସଂ. ବି—ଯେଉଁ ସଂକ୍ରାନ୍ତିରେ ସୂର୍ଯ୍ୟ ପ୍ରଥମେ Dakshiṇāyna saṁkrānti ବିଷୁବ ରେଖାର ଦକ୍ଷିଣକୁ ଗତି କରନ୍ତି; ଶ୍ରାବଣ ମାସର ସଂକ୍ରାନ୍ତି— The summer solstice.

[ଦ୍ର—ଏ ଦିନ ହିନ୍ଦୁମାନଙ୍କ ଘରେ କବାଟରେ ଚିତା ଦିଆଯାଇ ପିଠା ଆଦି ପୂଜା ହୁଏ ।]

ଦକ୍ଷିଣାୟନାନ୍ତ ବୃତ୍ତ—ଦେ. ବି. (ଭୂଗୋଳ ପରିଭାଷା; ଷଷ୍ଠୀତତ୍ପୁରୁଷ-Dakshiṇāyanānta bṛutta କଷ୍ଣିତ ଶବ୍ଦ)—ସୂର୍ଯ୍ୟଙ୍କ ଦକ୍ଷିଣ ଗତିର ସୀମାନିରୂପକ ରେଖା; ବିଷୁବ ରେଖାର ୨୩½ ଅଂଶ ଦକ୍ଷିଣସ୍ଥ ରେଖା—(geography) The Tropic of Capricorn; the imaginary circle in the southern hemisphere limiting the sun's southward motion; i e. which sorrounds the southern hemisphere at 23½ degrees to the south of the equator.

ଦକ୍ଷିଣାରଣ୍ୟ—ସଂ. ବି. (୬ଷ୍ଠୀ ତତ୍; ଦକ୍ଷିଣ+ଅରଣ୍ୟ)—Dakshiṇāraṇya ୧ । ଦକ୍ଷିଣ ଦିଗରେ ଥିବା ବନ— 1. A forest lying in the south.
୨ । ଦଣ୍ଡକାରଣ୍ୟ—2. The Daṇḍaka forest in the Deccan.

ଦକ୍ଷିଣାରୁହ—ସଂ. ବଣ ଓ ବ. (ବହୁବ୍ରୀହି; ଦକ୍ଷିଣ=ଡାହାଣ+ଅରୁହ Dakshiṇāruh =କ୍ଷତ; ବ୍ରଣ)—ଦକ୍ଷିଣେର୍ମା (ଦେଖ) Dakshiṇermā (See)

ଦକ୍ଷିଣାର୍ହ—ସଂ. ବଣ. (ଦକ୍ଷିଣା+ଅର୍ହ ଧାତୁ=ଯୋଗ୍ୟ ହେବା+ Dakshiṇārha କର୍ତ୍ତୃ ଅ)—ଦକ୍ଷିଣା ପାଇବାର ଉପଯୁକ୍ତ (ବ୍ୟକ୍ତି)—Deserving to be given a present of 'Dakshiṇā'.

ଦକ୍ଷିଣାଶା—ସଂ. ବ. (ଦକ୍ଷିଣ+ଆଶା=ଦିଗ)—ଦକ୍ଷିଣ ଦିଗ— Dakshiṇāsā The south.

ଦକ୍ଷିଣାଶା ପତି—ସଂ. ବି—ଦକ୍ଷିଣ ଦିଗର ଦେବତା; ଯମ—Jama, Dakshiṇāsā pati the God of death, presiding over the southern point of the compass.

ଦକ୍ଷିଣା ସଂକ୍ରାନ୍ତି—ଦେ. ବି—ଦକ୍ଷିଣାୟନ ସଂକ୍ରାନ୍ତି (ଦେଖ) Dakshiṇā saṁkrānti Dakshiṇāyana saṁkrānti (See)

ଦକ୍ଷିଣାସ୍ୟ—ସଂ. ବଣ. ପୁଂ. (ବହୁବ୍ରୀହି; ଦକ୍ଷିଣ+ଆସ୍ୟ)—ଦକ୍ଷିଣମୁଖା— Dakshiṇāsya Facing the south.
(ଦକ୍ଷିଣାସ୍ୟା—ସ୍ତ୍ରୀ)

ଦକ୍ଷିଣିଆ—ଦେ. ବଣ—ଦକ୍ଷିଣୀ (ଦେଖ) Dakshiṇiā Dakshiṇi (See)
ପ୍ରାଦେ. (ଯାଜପୁର) ବି—ଦକ୍ଷିଣାତ୍ରୟ (ଦେଖ) Dakshiṇātraya (See)

ଦକ୍ଷିଣୀ—ଦେ. ବଣ. (ସଂ. ଦକ୍ଷିଣୀୟ)—୧ । ଦକ୍ଷିଣ ଦେଶୀୟ— Dakshiṇi 1. Southern.
दक्खिनी; दक्खिण्ये ୨ । ଦାକ୍ଷିଣାତ୍ୟ ଦେଶୀୟ—
दखनी; दक्खिनी; दखिनहा 2. Deccanese.
୩ । ଦାକ୍ଷିଣାତ୍ୟ ପ୍ରଚଳିତ— 3. Used or found in the Deccan.
୪ । ତେଲଙ୍ଗୀ; ତୈଲିଙ୍ଗ ଦେଶୀୟ—4. Telugu.
(ଯଥା—ଦକ୍ଷିଣୀ ନାଟ; ଦକ୍ଷିଣୀ ଦାରି ଇତ୍ୟାଦି ।)
ବି—୧ । ଦାକ୍ଷିଣାତ୍ୟ ଦେଶବାସୀ ବ୍ୟକ୍ତି— 1. A Deccanese.
୨ । ତୈଲିଙ୍ଗୀୟ ବ୍ୟକ୍ତି; ତେଲଙ୍ଗା; ତେଲଙ୍ଗୀ— 2. A Telugu.
୩ । ଦକ୍ଷିଣଦେଶ; ଦାକ୍ଷିଣାତ୍ୟ—3. The Deccan.

ଦକ୍ଷିଣୀ ଆଟୁ—ଦେ. ବି—ଗୃହ ଘରର ଗୃହର ତଳେ ବାଉଁଶ ଆଦି Dakshiṇi āṭu ପଡ଼ି ମାଟି ଛଟା ହୋଇଥିବା ଚାଳୁ ଛାତଯୁକ୍ତ ଆଁଟୁ; ଚାପାଦୋଡାଲା ଏକପ୍ରକାର ଘର—A kind of thatched (ଦକ୍ଷିଣୀମାଟୁ—ଅନ୍ୟରୂପ) house within which there is an inner sloping roof made of bamboos and cemented with mud.

[ଦ୍ର—ଏ ପ୍ରକାର ଘର ଦକ୍ଷିଣଦେଶ ଅର୍ଥାତ୍ ଗଞ୍ଜାମ ଓ ତଦକ୍ଷିଣସ୍ଥ ଅଞ୍ଚଳମାନଙ୍କ ଘରର ଅନୁକରଣରେ ନିର୍ମିତ ।]

ଦକ୍ଷିଣୀ ଖୋଷା—ଦେ. ବି—ତେଲଙ୍ଗାଣୀମାନେ ମୁଣ୍ଡର ପଛକୁ ଡାହାଣ Dakshiṇi khoshā ଆଡ଼କୁ ବଙ୍କ କରି ବାନ୍ଧୁଥିବା ଝୋପାଳ मद्राजीखोंपा ପରି ଖୋଷା ବା ଜୁଡ଼ା—
ଦକ୍ଷିଣୀ ଖୋପା } ଅନ୍ୟରୂପ
ଦକ୍ଷିଣୀ ଜୁଡ଼ା }
A pecular chignon dressed on the right side of the back of the head by Telugu women.

[ଦ୍ର—ମୁଣ୍ଡର ବାଳରେ ପ୍ରଥମେ ଗଣ୍ଠି ପକାଇ ସେ ଗଣ୍ଠିକୁ ତଳଆଡ଼କୁ ଲେଉଟାଇ ଆଣି ଗୋଟିଏ ପାଖରେ ବେକ ଉପରେ କେଶ ମଧ୍ୟରେ ଖୋସି ବଙ୍କିମ ଭଙ୍ଗୀରେ ଏ ଖୋଷା ପକାନ୍ତି । ଓଡ଼ିଆମାନଙ୍କ ଆଖିକୁ ଏ ଖୋଷା ଅତ୍ୟନ୍ତ ସୁନ୍ଦର ଦେଖାଯାଏ ।]

ଦକ୍ଷିଣୀ ଦାରି—ଦେ. ବି—ଦାକ୍ଷିଣାତ୍ୟ ଦେଶୀୟ ନର୍ତ୍ତକୀ— Dakshiṇi dāri A Deccanese or Telugu dancing मद्राजी नाचवाली girl.

[ଦ୍ର—ଦାକ୍ଷିଣାତ୍ୟ ଅଞ୍ଚଳର ବେଶଭୂଷାକୁ ଓଡ଼ିଆମାନେ ପସନ୍ଦ କରନ୍ତି । ସେଥିପାଇଁ କୌଣସି ସ୍ତ୍ରୀକୁ ବେଶି ସଜବାଜ ଦେଖିଲେ ଅନ୍ୟ ସ୍ତ୍ରୀ ଲୋକମାନେ ତାକୁ 'ଦକ୍ଷିଣୀ ଦାରି' ପରି ସୁନ୍ଦର ଦିଶୁଛି ବୋଲି କହୁଥାଆନ୍ତି ।]

ଦକ୍ଷିଣୀ ନାଟ—ଦେ. ବି.—ଦାକ୍ଷିଣାତ୍ୟ ରୀତି ଅନୁସାରେ ବାଦ୍ୟ ଓ Dakshiṇi nāṭa ସଙ୍ଗୀତ ସହ ନୃତ୍ୟ—A dance accom- दक्खिनीनाच panied with music in the fashion prevalent in the Deccan.

ଦକ୍ଷିଣୀ ନାଟପିଲା—ଦେ. ବ—ଗୋଟିପୁଅ; ଦାକ୍ଷିଣାତ୍ୟପ୍ରଚଳିତ ପଦ୍ଧତି
Dakshiṇi naṭapila ଅନୁସାରେ ସଙ୍ଗୀତ ବୋଲି ଓ ବନ୍ଧ ଭାଙ୍ଗି
ଦକ୍ଷିଣୀ ନାଟୁଆପିଲା } ଅନ୍ୟରୂପ ନାଚ କରୁଥିବା ବାଳକ—
ଦକ୍ଷିଣୀ ନାଚପିଲା } A dancing boy singing and performing some bodily feats and dances in the Deccanese fashion.

[ଦ୍ର—ଆମଦେଶରେ ରାମାୟଣ, ମହାଭାରତ ଓ ଭାଗବତ ଆଦିର ଉପାଖ୍ୟାନକୁ ଅଭିନୟ କରି ଯେଉଁ ନାଚ ହୁଏ ତାହାକୁ 'ଯାତ୍ରା ବା ଲୀଳା' ବୋଲାଯାଏ ଓ ଆଦିରସମୟ ସଙ୍ଗୀତ ବୋଲି ନାଟୁଆ ପିଲାର ନାଚ କରିବାକୁ 'ଦକ୍ଷିଣୀ ନାଚ' ବୋଲାଯାଏ । ଏ ନାଟୁଆ ପିଲାଙ୍କୁ 'ଗୋଟିପୁଅ' ମଧ୍ୟ ବୋଲାଯାଏ । ଏମାନେ ଆଦିରସମୟ ସଙ୍ଗୀତ ବୋଲି ନାଚ କରନ୍ତି ଓ ସଙ୍ଗୀତର ମର୍ମଜ୍ଞାପକ ଅଭିନୟ ବା ହସ୍ତାଦିର ଭଙ୍ଗୀ କରନ୍ତି । ଏହି ପିଲାମାନେ ଶରୀରର ଅଙ୍ଗ ପ୍ରତ୍ୟଙ୍ଗକୁ ନାନାରୂପରେ ବଙ୍କ କରି 'ବନ୍ଧ' ମଧ୍ୟ ଭାଙ୍ଗନ୍ତି ।]

ଦକ୍ଷିଣୀୟ—ସଂ. ବିଣ. ୧ । (ଦକ୍ଷିଣା + ଅର୍ହାର୍ଥେ ଈୟ)—
Dakshiṇiya ଦକ୍ଷିଣା ପାଇବାର ଯୋଗ୍ୟ—
1. Deserving to be presented with 'Dakshiṇā'.
୨ । (ଦକ୍ଷିଣ + ସମ୍ବନ୍ଧାର୍ଥେ ଈୟ) ଦକ୍ଷିଣ (ଦିଗ ବା ପାଖ) ସମ୍ବନ୍ଧୀୟ—2. Southern; right (side).

ଦକ୍ଷିଣୀ ଲଙ୍କାମରିଚ—ଦେ. ବ—ଦାକ୍ଷିଣାତ୍ୟରୁ ଆମଦାନି ହୋଇ
Dakshiṇi lankāmaricha ଓଡ଼ିଶାକୁ ଆସୁଥିବା ଶୁଖିଲା
माद्राजीलंका ଲଙ୍କାମରିଚ—Chillies; red pepper imported to Orissa from the Deccan.

ଦକ୍ଷିଣେତର—ସଂ. ବିଣ. (୭ମୀ ତତ୍; ଦକ୍ଷିଣଠାରୁ ଇତର=ଅନ୍ୟ)—
Dakshiṇetara ବାମ; ବାଆଁ—Left (side).

ଦକ୍ଷିଣେର୍ମା—ସଂ. ବିଣ. (ବହୁବ୍ରୀହି; ଦକ୍ଷିଣ=ଡାହାଣ ଦିଗରେ+ଇର୍ମା
Dakshiṇermā =କ୍ଷତ ହୋଇଅଛି ଯାହାର)—ବ୍ୟାଧଦ୍ୱାରା ଡାହାଣ ଅଙ୍ଗରେ ଶରବିଦ୍ଧ (ମୃଗ)—(a deer) Wounded by an arrow on its right side.
ବ—ଦକ୍ଷିଣ ପାର୍ଶ୍ୱରେ ଶରବିଦ୍ଧ ମୃଗ—A stag struck with an arrow on his right side.

ଦକ୍ଷିଣୋତ୍ତର ବୃତ୍ତ—ଦେ. ବି. (ଭୂଗୋଳ ପରିଭାଷା)—
Dakshiṇottara brutta ୧ । ଯେଉଁ ବୃତ୍ତ ପୃଥିବୀର ବିଷୁବରେଖାକୁ ପାର ହୋଇ ଉତ୍ତରରୁ ଦକ୍ଷିଣକୁ ଯାଇଅଛି—
1. The meridian circle; the path of the sun round the globe.
୨ । ସୂର୍ଯ୍ୟ ପୃଥିବୀ ଚାରିପାଖେ ବର୍ଷକଯାକ ଯେଉଁ ରେଖାରେ ବୁଲନ୍ତି - 2. The sun's ecliptic.
[ଦ୍ର—ଏହା ଦକ୍ଷିଣାୟନ (Tropic of Capricorn) ଓ ଉତ୍ତରାୟଣ ବୃତ୍ତ (Tropic of Cancer) ମଧ୍ୟରେ ଅବସ୍ଥିତ ।]

ଦକ୍ଷିଣ୍ୟ—ସଂ. ବିଣ. (ଦକ୍ଷିଣା + ଅର୍ହାର୍ଥେ ଯ)—ଦକ୍ଷିଣା ପାଇବା
Dakshiṇya ଯୋଗ୍ୟ—Fit to be presented with Dakshiṇā.

ସଂ. ବି—୧ । ଅନୁକୂଳ—1. Favour.
୨ । ନୈପୁଣ୍ୟ—2. Skill.
୩ । ଉଦାର୍ଯ୍ୟ—3. Liberality.

ଦଖମା—ବୈଦେ. ବି. (ଫା)—ଉପର ମେଲା ଓ ଚାରିଆଡ଼େ ପାଚେରି ଦିଆ
Dakhamā ସ୍ଥାନ, ଯେଉଁ ସ୍ଥାନରେ ପାର୍ସୀମାନେ ମୁର୍ଦାର ପକାନ୍ତି—
दखमा An open space surrounded by walls where the Parsis deposit their dead.

ଦଖଲ—ବୈଦେ. ବି. (କଚେରିଆ) (ଆ)—୧ । ଅଧିକାର—
Dakhala 1 Possession; occupation.
दखल ୨ । ଭୋଗ—2. Enjoyment.
दखल ୩ । ଆୟତ୍ତ—3. Proficiency; control.
୪ । ଦଖଲୀ (ଦେଖ)—Dakhalā (See)
ବିଣ—ଦଖଲରେ ଥିବା—In possession.
[ଦ୍ର—ଏହି ଶବ୍ଦ 'ଭୋଗ' ଓ 'ସ୍ୱତ୍ୱ' ଶବ୍ଦ ପରେ ଅନୁଗର ଶବ୍ଦରୂପେ ବ୍ୟବହୃତ ହୁଏ । ଯଥା—ଭୋଗଦଖଲ, ସ୍ୱତ୍ୱ ଦଖଲ ।]

ଦଖଲ ଉଚ୍ଛେଦ—ଦେ. ବ—(କଚେରିଆ ଭାଷା; ଆ. ଦଖଲ୍ ଓ ସଂ.
Dakhala uchchheda ଉଚ୍ଛେଦ) ୧ । କୌଣସି ସମ୍ପତ୍ତିରେ
दखल उच्छेद କୌଣସି ବ୍ୟକ୍ତିର ଅଧିକାରର ରଦ୍ ବା ଲୋପ—
बेदखल 1. Extinction of the right of occupancy.
୨ । ବେଦଖଲ କରିବା—2. Dispossession; ejectment; eviction

ଦଖଲ କରିବା—ଦେ କ୍ରି. (କଚେରିଆ)—୧ । କୌଣସି ସମ୍ପତ୍ତିକୁ
Dakhala karibā ଭୋଗକରିବା—1. To be in possession
दखलकरना or enjoyment of a property; to occupy.
दखलकरना ୨ । ଅଧିକାରଭୁକ୍ତ କରିବା—
2. To take possession of.

ଦଖଲ କାଏମ୍—ବୈଦେ. ବ. (ଆ. କଚେରିଆ ଭାଷା)—
Dakhala kāem ଦଖଲ ବାହେଲ୍ (ଦେଖ)
दखलकाएम दखलकायम Dakhala bāhel (See).

ଦଖଲକାର—ବୈଦେ. ବ. (ଆ. କଚେରିଆ ଭାଷା)—ଅଧିକାରୀ;
Dakhalakāra ଭୋଗବାନ୍—Occupant; one in
दखलकार enjoyment of possessing.
दखलकार (ଦଖଲକାର—ଅନ୍ୟରୂପ)

ଦଖଲ ଛାଡ଼ିବା—ଦେ. କ୍ରି.—(କଚେରିଆ) କୌଣସି ସମ୍ପତ୍ତିରୁ ଆପଣାର
Dakhala chhāṛibā ଦଖଲ ତ୍ୟାଗ କରିବା—
दखलछाड़ा To give up or relinquish possession.
दखल छोड़ना (ଦଖଲ ଛଡ଼ା(ଢେ)ଇବା—ଣିଜନ୍ତ ।)

ଦଖଲ ଦେବା—ଦେ. କ୍ରି.—(କଚେରିଆ କୌଣସି ବ୍ୟକ୍ତିକୁ କୌଣସି
Dakhala debā ସମ୍ପତ୍ତିରେ ପ୍ରଥମେ ଦଖଲକାର କରାଇବା—
दखलदेओया To give possession; to deliver posses-
दखलदिलाना sion; to admit a person into possession.
(ଦଖଲ ଦିଆଇବା—ଅନ୍ୟରୂପ)

ଦଖଲନାମା—ବୈଦେ. ବ. (କଚରଥ)—କୌଣସି ବ୍ୟକ୍ତିଙ୍କୁ ଖରଦ
Dakhalanāmā ସମ୍ପତ୍ତିରେ ଦଖଲ ଦେବା ନିମନ୍ତେ ହାକିମଙ୍କଠାରୁ
ଦখলনামা **দখলনামা** ମିଳିବା ଅଦେଶଲିପି—Writ of delivery
(ଦଖଲ୍‌ନାମା, ଦଖଲ ପରୁଆନା—ଅନ୍ୟରୂପ) of possession.

ଦଖଲ ନେବା—ଦେ. କ୍ରି.—(କଚରଥ) କୌଣସି ସମ୍ପତ୍ତିକୁ ଖରଦ
Dakhala nebā କରିବା ପରେ ତାହା ପ୍ରଥମେ ଅଧିକାର
দখল লওয়া କରିବା—To take possession of a
दख़ल करलेना thing.

ଦଖଲ ପାଇବା—ଦେ. କ୍ରି.—(କଚରଥ) ଅନ୍ୟ ବ୍ୟକ୍ତି ବା ଅଦାଲତ
Dakhala pāibā ସାହାଯ୍ୟରେ କୌଣସି ସମ୍ପତ୍ତିରେ ଆପଣାର
দখলপাওয়া ଦଖଲ ପ୍ରାପ୍ତ ହେବା ବା ଲାଭ କରିବା—
दख़लपाना To be admitted into possession.

ଦଖଲ ପାଇବା ମକଦମା—ଦେ. ବ.—କୌଣସି ସମ୍ପତ୍ତିରେ ଦଖଲ
Dakhala pāibā makadamā ପ୍ରାପ୍ତି ହେବା ନିମନ୍ତେ କରା-
দখল পাবারজন্যে মকদমা ଯିବା ମକଦମା—Possessory
दख़लपानेका मुक़द्दमा suit; suit for possession.

ଦଖଲ ବାହେଲ—ବୈଦେ. ବ. (ଅ. କଚରଥ ଭାଷା)—ଅଧିକୃତ
Dakhala bāhela ବସ୍ତୁରେ ଅଦାଲତଙ୍କ ଦ୍ୱାରା ଆପଣାର ଅଧିକାରକୁ
দখল বাহেল ଦୃଢ଼ୀଭୂତ ବା ସ୍ଥାୟୀ କରିବା—Confirmation or
दख़ल बाहेल perpetuation of possession through court.

[ଦୃ—ଯେଉଁ ସମ୍ପତ୍ତିରେ ମୋର ଦଖଲ ଅଛି ସେଥିରୁ ଭବିଷ୍ୟତ୍‌ରେ କାଳେ କେହି ମୋତେ ବେଦଖଲ କରିବ ଏଥିପାଇଁ ମକଦମା ଦାଏର କରି ଅଦାଲତଙ୍କ ଆଦେଶରେ ତହିଁରେ ଦଖଲ ବାହେଲ୍ ରଖାଯାଏ ।]

ଦଖଲା—ଦେ. ଣ. (ଭୁଲ. ଭା. ଚଖଲ=କାଦୁଅ), ସଂ. ଦଲାଢ୍ୟ
Dakhalā ହି. ଶବ୍ଦସାଗର)—ପଙ୍କିଳ; କର୍ଦ୍ଦମମୟ; ଦହଲା (ସ୍ଥାନ)—
পেঁকো; দলদলে Muddy; miry (place).
दलदला ବ.—୧ । ଜମିର କାଦୁଅ ବା ପଙ୍କୁଆ ଅବସ୍ଥା—
1. Muddy condition of a land.
୨ । କାଦୁଅ; ପଙ୍କ—2. Mud.

ଦଖଲି—ଦେ. ଣ. (ଅ. କଚରଥ)—୧ । ଦଖଲ ସମ୍ବନ୍ଧୀୟ—
Dakhali 1 Relating to possession; possessory.
দখলি ୨ । ଦଖଲ କରାଯାଇଥିବା; ଅଧିକୃତ—
दख़लि 2. Possessed; enjoyed.

ଦଖଲି ସତ୍ୱ ଦେ. ବ (ଅ. ଦଖଲ୍ ଓ ସଂ. ସ୍ୱତ୍ୱ; କଚରଥ)—କୌଣସି
Dakhali satwa ସମ୍ପତ୍ତିକୁ ବହୁକାଳ ଭୋଗ ବା ଅଧିକାର କରିବା
ଦଖଲସତ୍ୱ } ବ୍ୟକ୍ତିର ଅଧିକୃତ ସମ୍ପତ୍ତିରେ ଜନ୍ମିବା ଅଧିକାର;
ଦଖଲସ୍ୱତ୍ୱ } ଅନ୍ୟରୂପ ଭୋଗାଧିକାର; ସ୍ଥିତିବାନ୍ ସ୍ୱତ୍ୱ—
দখলিসত্ব Right of occupancy; occupancy right; a
दख़लफिलहाल right over property ripened by virtue of long possession.

ଦଖଲସତ୍ୱ ଉଦ୍ଭବ ହେବା—ଦେ. ବ—(କଚରଥ) କୌଣସି ସମ୍ପତ୍ତିରେ
Dakhalisatwa udbhaba hebā ଦଖଲ କରିବାର ଅଧିକାର
ଜନ୍ମିବା—Accrual of right of occupancy in a property.

ଦଖଲସତ୍ୱବାନ୍ ପ୍ରଜା—ଦେ. ବ (କଚରଥ) ଯେଉଁ ପ୍ରଜାର ଯୋତରେ
Dakhalisatwabān prajā ତାହାର ସ୍ଥିତିବାନ୍ ସତ୍ୱ
(ଦଖଲସତ୍ୱବିଶିଷ୍ଟ ପ୍ରଜା—ଅନ୍ୟରୂପ) . ଉଦ୍ଭବ ହୋଇଅଛି—
দখলিসত্ববানরায়ত An occupancy raiyat.
दख़लकार

ଦଖୁଣା—ଗ୍ରା. ଣ (ବାଲେଶ୍ୱର) (ସଂ. ଦକ୍ଷିଣ)—ଦକ୍ଷିଣିଆ; ଦକ୍ଷିଣ
Dakhunā ଦେଶବାସୀ—Southerner; inhabitant of the South.

ଛାଡ଼ିସି ଅସୁକ୍ତ ଦଖୁଣା ଉତ୍ତର
ନୋହିଲେ ତା ଭଳି ପାଇବ ସତ୍ତ୍ୱର—ଅଜ୍ଞାତ, କୈବର୍ତ୍ତଗୀତ ।

ଦଖ୍ଲ—ଦେ. ବ—ଦଖଲ ଶବ୍ଦର କଚରଥ ଓ କରଣିଆ ସଂକ୍ଷିପ୍ତ ରୂପ—
Dakhla An abbreviated form used by scribes for the word dakhal.
[ଦୃ—ଏହାର ସାଙ୍କେତିକ ଚିହ୍ନ । ଦ ।]

ଦଗଡ଼—ଦେ. ବ—୧ । ଦାମାମା; ବଡ଼ ଢୋଲ—
Dagarda 1. Big kettledrum.
दामामा ରଣବାଦ୍ୟବିଶେଷ—2. A kind of war-drum.
ବୈଦେ. ବ (ଫା)—ଦଗାବାଜିଆ (ଦେଖ)
Dagābājiā (See).

ଦଗଧ—ଗ୍ରା. ଣ (ପଦ୍ୟ) (ସଂ. ଦଗ୍ଧ)—୧ । ଦଗ୍ଧ—
Dagadha 1. Burnt.
दगधा ୨ । କଲବଲ; ସନ୍ତପ୍ତ—2. Afflicted.

ଦେହ ଦୁର୍ବଳ, ଚକ୍ଷୁ କ୍ଷୀଣ
ଦଗଧ ହେଲୁ ପିଣ୍ଡ ଗୁଣ—ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

ବ—୧ । ଶରୀରରେ ପିତ୍ତାଧିକ୍ୟ—
1. Excess of bile in the system.
[ଦୃ—ଏହା ଶରୀର ମଧ୍ୟରେ ବେଶି ପରିମାଣରେ ଜାତ ହେଲେ ବାନ୍ତି ହୁଏ ଓ ପାର୍ଶ୍ୱ ପିଡ଼ା ଲାଗେ ।]
୨ । ଦହନ; ପୋଡ଼ିଯିବା—2. Burning.

ସର୍ପକୁଳ ଦଗଧ ଦେଖି
ନାଗଲୋକକୁ ସେ ଉପେକ୍ଷି—ଜଗନ୍ନାଥ, ଭାଗବତ ।

୩ । ଦଗଧ ହାଣ୍ଡି (ଦେଖ)—
3. Dagadha hāndi (See).

ଦଗଧନ—ଗ୍ରା. ବ (ସଂ. ଦଗ୍ଧ)—ଦହନ; ଜଳପୋଡ଼ି ମରିବା; ଦହଗଞ୍ଜ—
Dagadhani Affliction; harassment; pangs; annoyance.
ଦଗଧନ } ଅନ୍ୟରୂପ
ଦଗଧାନ }

ଦଗଧ ବାଡ଼ିଆ—ଦେ. ବ—ଦଗଧହାଣ୍ଡିକୁ ପାଣି ଉପରେ ଭସାଇ ତାକୁ
Dagadha bārdiā ଗୋଟିଏ ଠେଙ୍ଗାରେ ପିଟିବା କ୍ରିୟା—
The act of breaking the floating dagadha-hāndi.

ଦଗଧ ହାଣ୍ଡି—ଦେ. ବ—ଦଶାହବନ ଦଶାହଠାରେ ଯେଉଁ ହାଣ୍ଡିରେ
Dagadha hāndi ଚାଉଳ ସହିତ ତେଲ ଓ ଘିଅ ମିଶାଇ କଞ୍ଚା
(ଦଗଧଖପର—ଅନ୍ୟରୂପ) ଉପରେ ରଖି ପୋଡ଼ାଯାଏ—
An earthen pot containing rice; ghee and oil and fried to charcoal and then broken with a stick after it is floated.

ଦଗଧାଇବା—ଦେ. କ୍ରି (ସ. ଦଗ୍ଧ)—୧ । ପୋଡ଼ିବା—
Dagadhāibā 1. To burn.
(ଦଗଧେଇବା—ଅନ୍ୟରୂପ) ୨ । ଦହଗଞ୍ଜ କରିବା—
दगधा दगधाना 2. To afflict; to inflict agony.

ଦଗଧିବା—ଦେ (ପଦ୍ୟ) କ୍ରି—ପୋଡ଼ିବା; ଦଗ୍ଧ କରିବା—
Dagadhibā To burn.
दगधा ଏ ପୁଣି ଭଙ୍ଗ ଦଗଧିଲେ
दगधना ଏକ ହୁଅଇ ଯେପ୍ରକାରେ—ଜଗନ୍ନାଥ, ଭାଗବତ ।

ଦଗଧି ମରିବା—ଦେ. (ପଦ୍ୟ) କ୍ରି—ଦହଗଞ୍ଜ ହୋଇ କଷ୍ଟ ପାଇବା—
Dagadhi maribā To be sorely afflicted.
दगधेमरा ଯାଙ୍କ ପୋଷଣେ ଚିନ୍ତା କରେ
ଦଗଧି ମରେ ଦୁଃଖ ଘୋରେ । ଜଗନ୍ନାଥ, ଭାଗବତ ।

ଦଗଧି ହେବା—ଦେ. କ୍ରି—୧ । ପୋଡ଼ିଯିବା—To be burnt.
Dagadhi hebā
ତପତ ସୁବର୍ଣ୍ଣ ପ୍ରାଏ, ଚିହ୍ନି ସେ ଦଗଧି ହୁଅଇ । ଜଗନ୍ନାଥ, ଭାଗବତ ।
୨ । ଦଗଧି ମରିବା (ଦେଖ)—
2. Dagadhi maribā (See)

ଦଗଲଫସର(ଲ)—ବୈଦେ ବି. (ଫା. ଦଗଲ=ଦଗା+ହି. ଫସଲ ବା ଫସାନା=ପକାଇବା)—ଦଗାବାଜି (ଦେଖ)
Dagalaphasara(la)
दगलफसल दगलफसर Dagābāji (See)

ଦଗଲବାଜ୍—ବୈଦେ. ବିଣ. (ଫା)—ଦଗାବାଜ୍ (ଦେଖ)
Dagalabāj Dagābāj (See)
दागाबाज् दगाबाज
(ଦଗଲ୍‌ବାଜ୍—ଅନ୍ୟରୂପ)

ଦଗଲବାଜି—ବୈଦେ. ବି. (ଫା)—ଦଗାବାଜି (ଦେଖ)
Dagalabāji Dagābāji (See)
(ଦଗଲ୍‌ବାଜି—ଅନ୍ୟରୂପ)

ଦଗଲ(ଲେ)ଇବା—ଦେ. କ୍ରି—୧ । ଧପାଇବା—1. To cheat
Dagalā(le)ibā ୨ । ଭଣ୍ଡାଇବା—2. To cheat a man
ठकान धाकाद्ना by pretexts; to put off

ଦଗା—ବୈଦେ. ବି. (ଫା)—୧ । ପ୍ରବଞ୍ଚନା; ଶଠତା—
Dagā 1 Deceit.
दागा ୨ । ଠକାମି; ଠକିବା—2. Fraud; imposture.
दगा ୩ । କ୍ଷତି—3. Loss.
୪ । ବିଶ୍ୱାସଘାତକତା—4. Treachery.
୫ । ବନ୍ଧୁକର ଗୋଟିଏ ବା ଫଏର୍; ବନ୍ଧୁକ ଫୁଟିବା—
5. One fire or charge with a gun.
ଦେ. ବି—ଦଗାଦଗି (ଦେଖ)—Dagādagi (See)

ଦଗାଦଗି—ଦେ. ବି—ଦାଗିବା ବା ତତ୍ତ୍ୱଦେବା ପ୍ରକ୍ରିୟା—
Dagādagi The act of branding with hot iron.
दागा; दागादागि दगादगि

ଦଗାଦାର—ବୈଦେ. ବି. (ଫା)—ଦଗାବାଜ୍ (ଦେଖ)
Dagādāra Dagābāj (See)
(ଦଗାଦଅ—ଅନ୍ୟରୂପ)

ଦଗା ଦେବା—ଦେ. କ୍ରି—୧ । ଠକାଇବା—
Dagā debā 1. To defraud; to deceive.
ଦଗା କରିବା } ଅନ୍ୟରୂପ ଦଗାଦେବା ମନେ ଗୁପତେ ଅରଣ୍ୟେ
ଦଗାବାଜି କରିବା } ବାହାରିଲେ ବହୁ ଧମ ।
दागादेओआ दगादेना; धोखादेना ବ୍ରଜନାଥ. ସମରତରଙ୍ଗ ।
୨ । କ୍ଷତିଗ୍ରସ୍ତ କରିବା—2. To put to loss.

ଦଗାବାଜ୍—ବୈଦେ. ବିଣ. (ଫା)—୧ । ଧପାବାଜ୍—1. Swindling.
Dagābāj ୨ । ଠକ; ଶଠ—2. Cheating; deceitful.
दागाबाज दगाबाज् ୩ । ଅବିଶ୍ୱାସୀ—3. Treacherous.

ଦଗାବାଜି—ବୈଦେ. ବି. (ଫା)—୧ । ଶଠତା—1. Deceit.
Dagābāji ୨ । ବିଶ୍ୱାସଘାତକତା—2. Treachery.
(ଦଗାବାଇ—ଅନ୍ୟରୂପ) ୩ । ଅନ୍ୟକୁ ଠକାଇବା—
दागाबाजी दगाबाजो 3. Defrauding another.
୪ । ଅନ୍ୟଦ୍ୱାରା ଛଳେ ଠକି ହେବା—
4. Being defrauded by another.

ଦଗାବାଜିଆ—ଦେ. ବିଣ (ଫା ଦାଗାବାଜ୍)—୧ । ପ୍ରତାରଣାପୂର୍ଣ୍ଣ—
Dagābājia 1. Treacherous; faithless.
ଦଗାଦାର } ୨ । ବିଶ୍ୱାସଘାତକ; ଅବିଶ୍ୱାସୀ—
ଦଗାଦାରିଆ } ଅନ୍ୟରୂପ 2. Treacherous; faithless.
ଦଗାବାଜ }
दागाबाज दगाबाज्

ଦଗେଇବା—ଦେ. କ୍ରି—୧ । ଦାଗିବା କ୍ରିୟାର ଣିଜନ୍ତରୂପ—
Dageibā 1. The causative form of 'Dāgibā'.
ଦଗାଇବା } ଅନ୍ୟରୂପ ୨ । (ରୋଗ ନିବାରଣାର୍ଥ) ଅନ୍ୟ
ଦଗେଇ ଦେବା } ବ୍ୟକ୍ତିଦ୍ୱାରା ଆପଣା ଦେହରେ ତତ୍ତ୍ୱ-
दागान ଦିଆଇବା—2 To cause one's body to be
दगवाना branded by another with a hot iron (for the purpose of being freed from some diseases).
୩ । ଅନ୍ୟ ବ୍ୟକ୍ତିଦ୍ୱାରା ଚିହ୍ନଦେବା କର୍ମ କରାଇବା—
3. To cause another to put a mark.

ଦଙ୍ଗା—ବୈଦେ. ବି. (ଫା. ଦଙ୍ଗଲ୍=କଳି)—୧ । ଦ୍ୱନ୍ଦ୍ୱଯୁଦ୍ଧ—
Dangā 1. A duel.
दांगा दङ्गा ୨ । ଠେଙ୍ଗାଠେଙ୍ଗି; ବାଡ଼ିଆବାଡ଼ି; ମାରପିଟ୍—
2. Affray; hand to hand fight.
୩ । ଉପଦ୍ରବ; ଗୋଳମାଳ—
3. A row; tumult.
୪ । ଶାନ୍ତିଭଙ୍ଗ; ଫଉଜଦାରି—
5. Breach of the peace.

ଦଙ୍ଗା କରିବା—ଦେ. କ୍ରି—ମାଡ଼ପିଟ୍ କରିବା—
Dangā karibā To commit an affray; to create a row.
दांगाकरा दङ्गाकरना

ଦଙ୍ଗା ଫିସାଦ—ବୈଦେ. ବି. (ଫା. ଦଙ୍ଗଲ୍ ଓ ଫସାଦ୍)—
Dangā phisāda ଦଙ୍ଗା ହେଙ୍ଗାମା (ଦେଖ)
(ଦଙ୍ଗାଫିସାଦ—ଅନ୍ୟରୂପ) Dangā hengāmā (See)
दंगा फेसाद् दङ्गा फसाद्

ଦଙ୍ଗାବାଜ୍ — ବୈଦେ. ବ. (ଫା)—୧ । ମାଡ଼ପିଟ୍ କରିବା ପ୍ରିୟ—
Dangābāj 1. Rowdy.
दांगाबाज् ୨ । କଳହପ୍ରିୟ—2. Quarrelsome.
দাঙ্গাবাজ্ ୩ । ଫୌଜଦାରୀପ୍ରିୟ—3. Riotous.

ଦଙ୍ଗା ହେଙ୍ଗାମ(ମା)—ବୈଦେ. ବ. (ଫା. ଦଙ୍ଗଲ୍ ଓ ହାଙ୍ଗାମା)—
Dangā hengāma(mā) ୧ । ଫୌଜଦାରୀ—1. Breach
(ଦଙ୍ଗାହାଙ୍ଗାମା—ଅନ୍ୟରୂପ) of the peace; riot; physical
दांगाहेंगामा দাঙ্গা হাঙ্গামা violence.
୨ । ମାଡ଼ପିଟ୍; ଗୋଳମାଳ—
2. Row; affray; violent uproar.
୩ । ବେଆଇନ ଜନତା—3. Unlawful assembly.
୪ । କଳିକଜିଆ—4. Uproarous quarrel.
୫ । ମାଡ଼ପିଟ୍ ଓ ମିଥ୍ୟା ମକଦ୍ଦମା ମାମଲା ଆଦିର—
5. Affray and institution of false cases.

ଦଗ୍ଧ—ସଂ. ବଣ. (ଦହ୍ ଧାତୁ=ପୋଡ଼ିବା+କର୍ମ. ତ)—୧ । ପୋଡ଼ା—
Dagdha 1. Burnt.
(ଦଗ୍ଧା—ସ୍ତ୍ରୀ) ୨ । ଭସ୍ମୀଭୂତ—2. Reduced to ashes.
୩ । ମରି ଝାଉଁଳି ପଡ଼ିଥିବା—3. Withered.
୪ । (କର୍ତ୍ତୃ. ତ) ସନ୍ତପ୍ତ—4. Afflicted.
ମହା ଅନଳେ ଜନ ଦଗ୍ଧ ହୋଇ—ଭକ୍ତ. ପ୍ରେମସୁଧାନିଧି ।
ଦେ. ବ— ଦଗଧ (ଦେଖ)—Dagadha (See)

ଦଗ୍ଧକାକ—ସଂ. ବ—ଦ୍ରୋଣକାକ; ଡାମରାକୁଆ—
Dagdhakāka Raven; rook; carrion crow.

ଦଗ୍ଧନି—ଗ୍ରା. ବ—ଦଗଧନି (ଦେଖ)
Dagdhani Dagadhani (See)
(ଦଗ୍ଧନି, ଦଗ୍ଧନୀ—ଅନ୍ୟରୂପ)

ଦଗ୍ଧପତ୍ର ନ୍ୟାୟ—ସଂ. ବ—ଗଛର ପତ୍ରମାନ ପୋଡ଼ି ଗଲେ ପତ୍ରର ପୂର୍ବ
Dagdhapatra nyāya ଅବୟବ ଓ ଆକାର ଦେଖି ମଧ୍ୟ ତାହା କେହି ପତ୍ର ବୋଲି ଗ୍ରହଣ କରିଯାଏ, ଏହିପରି ନ୍ୟାୟ—An analogy of leaves burnt to ashes still retaining their former shape and contour.

ଦଗ୍ଧବ୍ୟ—ସଂ. ବ. (ଦହ୍ ଧାତୁ+କର୍ମ ତବ୍ୟ)—୧ । ଦାହ୍ୟ—
Dagdhabya 1. Combustible.
୨ । ଦଗ୍ଧ କରିବାର ଉପଯୁକ୍ତ—2. Fit to be burnt.

ଦଗ୍ଧମାନ—ଦେ· ବଣ. (ପ୍ରାଚୀନ ପଦ୍ୟ) (ସଂ. ଦହ୍ୟମାନ)—
Dagdhamāna ପୋଡ଼ିଯାଉଥିବା—Burning; ablaze.
ଉଣାଦ ତୁତାଶନେ ସେଂକ୍ତ
ସ୍ୱର୍ଗେଶ ହୋନ୍ତି ଦଗ୍ଧମାନେ—ଜଗନ୍ନାଥ. ଭାଗବତ ।

ଦଗ୍ଧ ହୃଦୟ—ସଂ. ବ. (କର୍ମଧା. ଦଗ୍ଧ+ହୃଦୟ)—
Dagdha hrudaya ୧ । ଦୁଃଖଦ୍ୱାରା କ୍ଲିଶ୍ୟମାନ ହୃଦୟ—
1. An afflicted heart; sorrowfull heart.
୨ । ଅନୁତାପକ୍ଲିଷ୍ଟ ମନ—2. Penitent heart.
ସଂ. ବଣ· (ବହୁବ୍ରୀହି)—ଯାହାର ହୃଦୟ ଅନୁତାପରେ କ୍ଲିଷ୍ଟ ହୋଇଅଛି—Penitent.

ଦଗ୍ଧା—ସଂ. ବ.—ଜ୍ୟୋତିଷ ମତରେ କେତେକ ଅମଙ୍ଗଳ ତିଥି—
Dagdhā Some inauspicious lunar days according to Hindu Astrology.
[ଦ୍ର—ଦଗ୍ଧା ତିଥି ୩ପ୍ରକାର ଯଥା—୧ ଦିନଦଗ୍ଧା—ସୋମବାରରେ-ଏକାଦଶୀ, ମଙ୍ଗଳରେ-ଦଶମୀ, ବୁଧରେ-ଏକାଦଶୀ, ଗୁରୁରେ ଷଷ୍ଠୀ, ଶୁକ୍ରରେ-ଦ୍ୱିତୀୟା, ଶନିରେ-ସପ୍ତମୀ, ରବିବାରରେ-ଦ୍ୱାଦଶୀ ତିଥି ପଡ଼ିଲେ ।
୨—ମାସଦଗ୍ଧା—ସୌର ବୈଶାଖର—ଶୁକ୍ଳାଷଷ୍ଠୀ, ଭାଦ୍ର ମାସର ଶୁକ୍ଳାଦଶମୀ, ଆଶ୍ୱିନର କୃଷ୍ଣାଷ୍ଟମୀ, କାର୍ତ୍ତିକର ଶୁକ୍ଳାଦ୍ୱାଦଶୀ, ମାର୍ଗଶିରର କୃଷ୍ଣାଦଶମୀ, ପୌଷର ଶୁକ୍ଳାଦ୍ୱିତୀୟା, ମାଘର କୃଷ୍ଣା ଦ୍ୱାଦଶୀ, ଫାଲ୍ଗୁନର ଶୁକ୍ଳା ଚତୁର୍ଥୀ, ଚୈତ୍ରର କୃଷ୍ଣା ଦ୍ୱିତୀୟା ।
୩—ଚନ୍ଦ୍ରଦଗ୍ଧା—ମେଷାଦି ରାଶିରେ ଚନ୍ଦ୍ର ଥିଲେ ଉକ୍ତ ତିଥିମାନଙ୍କୁ ଚନ୍ଦ୍ରଦଗ୍ଧା ବୋଲାଯାଏ ।]

ଦଗ୍ଧା ତିଥି—ସଂ. ବ—ଦଗ୍ଧା (ଦେଖ)
Dagdhā tithi Dagdhā (See)

ଦଗ୍ଧିକା—ସଂ. ବ. (ଦଗ୍ଧ+କ+ଆ)—
Dagdhikā ପୋଡ଼ା ଭାତ—Burnt rice

ଦଗ୍ଧେଷ୍ଟକା—ସଂ. ବ. (ଦଗ୍ଧ+ଇଷ୍ଟକା)—୧ । ପୋଡ଼ା ଇଟା—
Dagdheshṭakā 1. Burnt bricks.
୨ । ଝାମା ଇଟା—2. Vitrified bricks.

ଦଚ୍ଛୁକ—ଦେ. ଅ—ଦଚ (ଦେଖ)—Dat (See)
Dachchhuka (ଦଚୁକ, ଦୁଚୁକ—ଅନ୍ୟରୂପ)

ଦଛ—ଗ୍ରା. ବ (ସଂ. ଯଶ)—ଯଶ (ଦେଖ)—
Dachha Jaśa (See
(ଦଚ୍ଛ—ଅନ୍ୟରୂପ)

ଦଜନ୍—ବୈଦେ. ବ. (ଇଂ. ଡଜନ୍)—ଡଜନ୍ (ଦେଖ)—
Dajan Dajan (See)
(ଦର୍ଜନ—ଅନ୍ୟରୂପ)
दर्जन, डज़न দর্জন

ଦଜ୍ଜାଲ୍—ବୈଦେ. ବଣ. (ଅ, ଭୁଲ. ସଂ. ଦୁର୍ଜ୍ଜୟ)—୧ । ଦୁର୍ଦ୍ଦାନ୍ତ—
Dajjāl 1. Very wicked.
(ଜଞ୍ଜାଲ—ଅନ୍ୟରୂପ) ୨ । ପ୍ରବଳପ୍ରତାପୀ—
दज्जाल দজ্জাল 2. Invincible; powerful.

ଦଡ଼କାଝିଙ୍ଗା—ପ୍ରାଦେ. (ସିଂହଭୂମ) ବି—ମଧୁର ତରଡ଼ା—
Dardkājhingā The sweet variety of wild Luffa.
(ଦଡ଼କା—ଅନ୍ୟରୂପ)

ଦଡ଼ି—ପ୍ର ଦେ. (କଟକ ଓ ଯାଜପୁର)—କାଦୁଅ; ପଙ୍କ—
Dardi Clay; mud; mire.

ଦଡ଼ି ଫୁଟିଯିବା—ପ୍ରାଦେ. (କଟକ, ଯାଜପୁର) କ୍ରି—
Dardi phuṭijibā ଅତ୍ୟନ୍ତ କାଦୁଅ ବା ଦହଲ ହେବା—
To become very muddy.

ଦଢ଼—ଦେ. ବିଣ. (ସଂ. ଦୃଢ଼; ପ୍ରା. ଦଢ଼)—
Dardha ୧ । ଦୃଢ଼; ଶକ୍ତ; ମଜଭୁତ—
ଛଣ୍ଡା } ବ୍ୟପଗତ 1. Strong; firm; hard.
ଦଦରା }
ସେବେ ଏ ହୃଦୟ ଦଢ଼ ହୋଇବ ।
दड़ मज़बुत
ପ୍ରାଚୀ. ରହସ୍ୟମଞ୍ଜରୀ ।

୨ । ଅଛିନ୍ନ; ଅଙ୍ଗଣ୍ଡିତ; ଅଭଙ୍ଗା—2. Unbroken; uninjured; untorn; whole; entire; sound.

ଦଣ୍ଠା(ଣ୍ଠେ)ଇବା—ଦେ. କ୍ରି. (ସ. ଦଣ୍ଡ)—
Danṭā(ṇṭe)ibā ୧ । କୌଣସି ବ୍ୟକ୍ତିଙ୍କୁ ବେକାବୁ କରିବା; ନାକାଳ କରିବା—1. To overpower a person.
ଜବ୍ଦକରା
डाँटना
[ଦଣ୍ଠା(ଣ୍ଠେ)ଇବା—ଅନ୍ୟରୂପ] ୨ । କୌଣସି ବ୍ୟକ୍ତିଙ୍କୁ କିଂକର୍ତ୍ତବ୍ୟବିମୂଢ଼ କରିବା—2. To corner a person; to reduce a person to straits or helplessness.
୩ । ହେମତ୍ ଦେବା—3. To encourage a person.
୪ । ଶଗଡ଼ ଦଣ୍ଡାର ଅଗକୁ ଧରି ପଛ ଆଡ଼ୁ ଶଗଡ଼ର ଗତିକୁ ନିୟନ୍ତ୍ରିତ କରିବା—4. To direct the movement of a cart by holding the ends of the poles from behind.
উসকেদেওআ ୫ । ଉତ୍ତେଜିତ କରିବା—5. To instigate a person; to incite.

ଦଣ୍ଠା—ପ୍ରାଦେ. (ସମ୍ବଲପୁର) ବି. (ସ. ଦଣ୍ଡ)—ଡାବ; ଡାବଲ—
Danṭhā A stick for playing dābalapuā.

ଦଣ୍ଠାଗିଲି—ପ୍ରାଦେ. (ସମ୍ବଲପୁର) ବି (ସ. ଦଣ୍ଡ+ଗୋଲକ)—
Danṭhāgili ଡାବଲପୁଆ ଖେଳରେ ବ୍ୟବହୃତ ଡାବଲ (ବଡ଼ ଯଷ୍ଟି) ଓ ପୁଆ (ସାନ କାଠି)—A big stick and stout wooden pin used in the game of dābalapuā.

ଦଣ୍ଡ (ଧାତୁ)—ସ.—ଦମନ କରିବା; ଶାସନ କରିବା—
Daṇḍa (root) To rule; to punish.

ଦଣ୍ଡ—ସ. ବି (ଦଣ୍ଡ ଧାତୁ+କର୍ତ୍ତରେ. ଅ)—୧ । ଯଷ୍ଟି; ବାଡ଼ି;
Daṇḍa ଠେଙ୍ଗା; ଲଠି—1. Staff; club; stick; rod.
୨ । (+ଭାବ. ଅ) ଶାସନ—2. Administration.
୩ । ସଜା; ଶାସ୍ତି; ଦମନ—
3. Punishment; chastisement.
୪ । ସରୁ ଓ ଲମ୍ବ ବାଉଁଶ ବା କାଠ—4. Thin and long pole.
୫ । ଠିଆ ହେବା—5. Standing erect.
୬ । ସନ୍ନ୍ୟାସୀମାନଙ୍କର ଧରିବା ଯଷ୍ଟି—
6. An anchorite's staff.
୭ । ତୀର୍ଥଯାତ୍ରୀଙ୍କ ଧରିବା ବଙ୍କା ବାଡ଼ି—
7. Pilgrim's hooked staff.
୮ । ସାମଦାନାଦି ରାଜନୀତି ମଧ୍ୟରୁ ଗୋଟିଏ—
8. One of the duties of an administrator viz, punishing the guilty.
୯ । (+ଅଧିକରଣେ. ଅ) ଯୁଦ୍ଧ—9. Fight.
୧୦ । ବ୍ୟୂହବିଶେଷ—10. Name of a battle-array.
୧୧ । ଅଶ୍ୱ—11. Horse.
୧୨ । କୋଣ—12. Angle.
୧୩ । ଦହିମନ୍ଥା; ମନ୍ଥନଦଣ୍ଡ—
13. Churning staff or rod.
୧୪ । ସୂର୍ଯ୍ୟଙ୍କ ପାରିପାର୍ଶ୍ୱିକ ଗ୍ରହବିଶେଷ—
14. Name of a planet.
୧୫ । ରାଜଦଣ୍ଡ, ରାଜଚିହ୍ନବିଶେଷ—
15. Sceptre; one of the insignia of royalty.
୧୬ । ପତାକାର ବାଉଁଶ—16. Flagstaff.
୧୭ । ଯମ—17. Jama, the God of death.
୧୮ । ସୈନ୍ୟ—18 Army.
ମିଳିଲେ ଦଣ୍ଡ ସକଳହିଁ
ଯୁଦ୍ଧେ ମାରିବୁଁ କରିହିଁ । ଜଗନ୍ନାଥ. ଭାଗବତ ।
୧୯ । ୬୦ ପଳ ପରିମିତ ସମୟ; ୨୪ ମିନିଟ୍; ଦିନକର ୬୦ ଭାଗର ଏକ ଭାଗ—19. 24 minutes of time.
୨୦ । ଦୈର୍ଘ୍ୟ ପରିମାଣବିଶେଷ; ଚାରି ହାତ—
20. A measure of 4 cubits.
୨୧ । ଯନ୍ତ୍ରାଦିର ହତା; ବେଣ୍ଟ—
21. Handle of an instrument.
୨୨ । ହଳର ଈଶ—22. The pole of a plough.
୨୩ । ନଳ; ଲଠା; ପଦିକା—24. Measuring rod.
୨୪ । ଦଣ୍ଡକ ରାଜା; ଇକ୍ଷ୍ୱାକୁ ରାଜପୁତ୍ର—
24. Name of a prince.
[ଦ୍ର—ଗୁରୁଙ୍କ ଅଭିଶାପରୁ ଏହାଙ୍କ ରାଜ୍ୟ ଦଣ୍ଡକାରଣ୍ୟରେ ପରିଣତ ହୋଇଥିଲା ।]
୨୫ । ଗଛ ବା ଫୁଲର ଡେମ୍ଫ—
25. The stem of a plant or flower.
୨୬ । ଅଭିମାନ—26. Sensitiveness; egotism.
୨୭ । ଆତ୍ମସମ୍ମାନ—27. Self-esteem.
୨୮ । ଡଙ୍ଗାର ଆହୁଲା—28. An oar.
୨୯ । ଜାହାଜର ମାସ୍ତୁଲ—29. Mast of a ship.
୩୦ । ତରାଜୁ ବା ବଖାର କାଠି—
30. The pole or beam of a balance.
ଦେ. ବି—୧ । (ବୈଶାଖ ସଂକ୍ରାନ୍ତିରେ ଗୋଟିଏ ଦଣ୍ଡ ପୋତି ସେଥିରେ ପାଟୁଆମାନେ ଅଙ୍କୁଶୀ ଲଗାଇ ଝୁଲୁ ଥିବାରୁ) ଚଡ଼କପୂଜା; ପଣାସଂକ୍ରାନ୍ତି ଉପଲକ୍ଷରେ ପାଣ ଧୋବା ଆଦି କରିବା ଯାତ୍ରା; ଝାମୁ ଯାତ୍ରା—1. A festival observed by low class people on the Panā Saṁkrānti day.
୨ । (ସ. ଦଣ୍ଡ. ତୁଳ. ହି. ଡନ୍, ଡଣ୍ଡ)—ବାରଂବାର ଭୂମିରେ ଦଣ୍ଡବତ୍ ପତିତ ହୋଇ ଉଠିବା ରୂପ ବ୍ୟାୟାମବିଶେଷ—
ডন্
डंड
2. An athletic exercise of the body by prostrating one's self on the ground and rising again with the help of the arms.

୩ । ଅଳ୍ପ ସମୟ—3. A very brief space of time.

ଚନ୍ଦନ ଯୋଗୁଁ କର କନ୍ଦାଧୂତ ଶ୍ରୀକାର ଦଣ୍ଡ ପ୍ରାୟ ଦଣ୍ଡେ ମଣ୍ଡା ଭଳ ।
ଉପେ. ବୈଦେହୀଶବିଳାସ ।

ଦଣ୍ଡକ—ସଂ. ବି (ଦଣ୍ଡ୍ ଧାତୁ + କର୍ତ୍ତୃ. ଅକ)—୧ । ଯେ ଦଣ୍ଡ ଦିଏ—
Daṇḍaka 1. Punisher.

୨ । ୨୬ ବର୍ଣ୍ଣରୁ ଅଧିକ ବର୍ଣ୍ଣଯୁକ୍ତ ଛନ୍ଦୋବିଶେଷ—
2. A kind of metre containing of more than 26 syllables.

୩ । ଇକ୍ଷ୍ୱାକୁ ରାଜାଙ୍କ ପୁତ୍ର—3. Name of a prince; son of 'Ikshwāku.

[ଦ୍ର—ଏ ଶୁକ୍ରାଚାର୍ଯ୍ୟଙ୍କ ଶିଷ୍ୟ ଥିଲେ । ଏ ଥରେ ଗୁରୁ-କନ୍ୟାଙ୍କ କୌମାର୍ଯ୍ୟ ଭଙ୍ଗ କରିବାରୁ ଗୁରୁଙ୍କ ଶାପରେ ଏହାଙ୍କ ପୁର ଭସ୍ମ ହେଲା ଓ ଏହାଙ୍କ ରାଜ୍ୟ ଦଣ୍ଡକାରଣ୍ୟରେ ପରିଣତ ହେଲା । (ହିନ୍ଦୀ ଶବ୍ଦସାଗର) ।]

ଦେ. ବି—୧ । ଏକ ଦଣ୍ଡ ସମୟ ମାତ୍ର; ୨୪ ମିନିଟ ସମୟ—
1. One 'Daṇḍa' of time.

୨ । ଅତି ଅଳ୍ପ ସମୟ—
2. A very brief space of time.

ପଗଣି ବଇଲେ ସେ ଦଣ୍ଡ ଦଣ୍ଡକରେ ମହଣ୍ଡି
ଉଠି ଶମ୍ଭୁପଦେ ପ୍ରଣତ ନନ୍ଦନୀ ସୁକେଶୀ ।
ଗୋଲକ, ଇନ୍ଦୁରେଖା ।

୩ । ଦଣ୍ଡକିରି (ଦେଖ)—3. Daṇḍakiri (See).

୪ । ଦଣ୍ଡକା (ଦେଖ)—4. Daṇḍakā (See).

ବିଣ—ମୁହୂର୍ତ୍ତିକମାତ୍ର ସ୍ଥାୟୀ—Momentary

ବାରେ ସଂଶୟ ଦଣ୍ଡକ ରଇସେ,
ବୈକୁଣ୍ଠ ମୂର୍ତ୍ତି ଦଣ୍ଡକ ବସେ—ଉପେ. ବୈଦେହୀଶବିଳାସ ।

ଦଣ୍ଡ କରିବା—ଦେ. କ୍ରି—ଦଣ୍ଡ ପକାଇବା (ଦେଖ)
Daṇḍa karibā Daṇḍa pakāibā (See).

ଦଣ୍ଡକା—ସଂ. ବି—୧ । ଦାକ୍ଷିଣାତ୍ୟର ଅରଣ୍ୟବିଶେଷ—
Daṇḍakā 1. The Daṇḍakā forest (in the Deccan).

[ଦ୍ର—ଏହା ପୂର୍ବେ ଦଣ୍ଡକ ନୃପତିଙ୍କ ଦେଶ ଥିଲା । ଶୁକ୍ରଙ୍କ ଶାପରେ ଏହା ଅରଣ୍ୟରେ ପରିଣତ ହେଲା । ଏହା ବିନ୍ଧ୍ୟ ପର୍ବତଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏଠାରେ ରାମଚନ୍ଦ୍ର ବହୁଦିନ ବନବାସ କରିଥିଲେ ଓ ଖର ଦୂଷଣ ଇତ୍ୟାଦି ଅସୁରଙ୍କୁ ବଧ କରିଥିଲେ । ରାମାୟଣର ଦଣ୍ଡକାରଣ୍ୟ ଉତ୍କଳଦେଶରୁ ଆରମ୍ଭ ହୋଇ ଦାକ୍ଷିଣାତ୍ୟ ଆଡ଼କୁ ବ୍ୟାପିଥିଲା ।
(ଭୂପାସିକ୍ ଇତିହାସ) ।]

୨ । ଦେଶବିଶେଷ—2. The name of a country.

୩ । ଜନସ୍ଥାନନାମକ ପ୍ରଦେଶ—3. The province of Janasthāna.

ଦେ. ବି-(କଳିଙ୍ଗ ଶବ୍ଦ)—ଗୋଲାପପାଶର ଉପରଭାଗସ୍ଥ ନଳ—
The tube of a rose-water sprinkler.

ଦଣ୍ଡ କାକ—ସଂ. ବି—ଡାମରକୁଆ—
Daṇḍa kāka A rook.

ଦଣ୍ଡକାରଣ୍ୟ—ସଂ. ବି—ଦଣ୍ଡକା ୧ (ଦେଖ)
Daṇḍakāraṇya Daṇḍakā 1 (See).

ଦଣ୍ଡକିରି—ଦେ. ବି (ସଂ. ଦଣ୍ଡିକ; ଦଣ୍ଡକ)—ଏକପ୍ରକାର ଅତି ଛୋଟ
Daṇḍakiri ମାଛ—A very small fresh water fish; a sort of fry; minnow; Perilampus Laubuca.

ଦଣ୍ଡକେଇ, ଦଣ୍ଡକିରି } ଅନ୍ୟରୂପ

दानकुनी डानकुनी डंडहरी

[ଦ୍ର—ଏ ମାଛ ଲମ୍ବରେ ୧୦ାରୁ ୨ଇଞ୍ଚ ପର୍ଯ୍ୟନ୍ତ ବଢ଼ନ୍ତି । ମୁଣ୍ଡ ଚେପଟା, ଏମାନଙ୍କ ଲାଞ୍ଜର ପକ୍ଷି ଉପରେ ଗୋଟିଏ କଳା ଦାଗ ଥାଏ । ଏମାନଙ୍କର କାଛ ଅଛି ଓ ଏମାନେ ମଧୁର ପାଣିରେ ଦଳ ଦଳ ହୋଇ ରହନ୍ତି ।]

ଦଣ୍ଡଗୌରୀ—ସଂ. ବି. ସ୍ତ୍ରୀ—ଅପ୍ସରାବିଶେଷ—One of the dancing
Daṇḍagauri nymphs of the heaven.

ଦଣ୍ଡ ଗ୍ରହଣ କରିବା—ଦେ. କ୍ରି—୧ । ସନ୍ନ୍ୟାସବ୍ରତ ଅବଲମ୍ବନ କରିବା—
Daṇḍa grahaṇa karibā 1. To resort to the anchorite's staff.

दण्ड ग्रहण करना ୨ । ଆପଣା ଉପରେ ଦିଆଯିବା ଶାସ୍ତିକୁ ନତ-
दण्डग्रहण करना ମସ୍ତକରେ ସ୍ୱୀକାର କରିବା—2 To acquiesce in the sentence passed on one's self.

ଦଣ୍ଡଗ୍ରାହ—ସଂ. ବିଣ.—(ଦଣ୍ଡ + ଗ୍ରହ୍ ଧାତୁ + କର୍ତ୍ତୃ. ଅ)—
Daṇḍagrāha ଦଣ୍ଡଗ୍ରାହୀ (ଦେଖ)
Daṇḍagrāhī (See)

ଦଣ୍ଡଗ୍ରାହୀ—ସଂ. ବିଣ. ପୁଂ—(ଦଣ୍ଡ + ଗ୍ରହ୍ ଧାତୁ + କର୍ତ୍ତୃ. ଇନ୍)—ଯେ
Daṇḍagrāhī ଯଷ୍ଟି ଧରେ—Holding a stick or
(ଦଣ୍ଡଗ୍ରାହିଣୀ—ସ୍ତ୍ରୀ) staff.

ଦଣ୍ଡଚକ୍ରାଦି ନ୍ୟାୟ—ସଂ ବି.—କୁମ୍ଭକାର ଗୋଟିଏ ଘଟ ନିର୍ମାଣ
Daṇḍachakrādi nyāya କରିବା ପାଇଁ ଯେଉଁପରି ଦଣ୍ଡ, ଚକ୍ର, ସୂତ୍ର, ସଲିଳ ପ୍ରଭୃତି ବହୁ ଉପକରଣ ବା ଯନ୍ତ୍ର ଆବଶ୍ୟକ କରେ ତଦ୍ରୂପ ଗୋଟିଏ କାର୍ଯ୍ୟରେ ବହୁ କାରଣ ସ୍ୱୀକାର କରିବା ନ୍ୟାୟ—The analogy of a potter taking the help of several implements and materials in preparing a pot.

ଦଣ୍ଡଦାତା—ସଂ. ବି. ପୁଂ—ଯେ ଦଣ୍ଡ ଦିଏ—One who inflicts or
Daṇḍadātā (ଦଣ୍ଡଦାତ୍ରୀ—ସ୍ତ୍ରୀ) deals punishment; punisher.

ଦଣ୍ଡ ଦେବୀ—ଦେ. ବି. (ନାମ)—କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବତା—
Daṇḍa debī Name of a Goddess worshipped in the Keonjhar State of Orissa.

ଦଣ୍ଡଦେବୀ ଅଧିଷ୍ଠିତ ଯେହୁ ଶୈଳେ ସାଲଙ୍କାର କରି ଗଡ଼ା ।
ରାଧାନାଥ. ପାର୍ବତୀ ।

ଦଣ୍ଡଧର—ସଂ. ବି. ପୁଂ. (ଦଣ୍ଡ + ଧୃ ଧାତୁ + କର୍ତ୍ତୃ. ଅ)—୧ । ନୃପତି;
Daṇḍadhara ରାଜା—1. King (holder of the sceptre.

୨ । (ଯେ ପାପୀଙ୍କୁ ଶାସନ କରିବା ପାଇଁ ଦଣ୍ଡଧାରଣ କରନ୍ତି)
ଯମ—2. Jama, the God of death.

୩ । (ଯେ ଚକ୍ର ଘୂରାଇବା ପାଇଁ ଦଣ୍ଡ ଧରେ) କୁମ୍ଭକାର; କୁମ୍ଭାର—3. A potter.

୪ । ଯେ ଦଣ୍ଡ ଦିଏ—4. Punisher.

୫ । ରାଜନିଯୁକ୍ତ ବିଚାରପତି—5. Judge; magistrate.

୬ । ରାଜାଜ୍ଞାରେ ଅପରାଧୀକୁ ଦଣ୍ଡ ଦେବା ନିମନ୍ତେ ବେତ୍ରଧାରୀ (ଭୃତ୍ୟ)—6. A servant carrying a rod for punishing a criminal; lictor.

ବିଣ.—୧ । ଯଷ୍ଟିଧାରୀ—1. Holding a staff or rod.

୨ । ରାଜଦଣ୍ଡ ଧାରଣକାରୀ—2. Wielding the sceptre.

ଦଣ୍ଡଧାର—ସଂ. ବି. ଓ ବିଣ.—ଦଣ୍ଡଧର (ଦେଖ)
Dandadhāra Dandadhara (See)

ଦଣ୍ଡଧାରୀ—ସଂ. ବିଣ. ପୁଂ—(ଦଣ୍ଡ+ଧୃ ଧାତୁ+କର୍ତ୍ତୃ. ଇନ୍)—ଯେ ଯଷ୍ଟି
Dandadhārī ଧାରଣ କରି ଥାଏ—Holding a staff.
(ଦଣ୍ଡଧାରିଣୀ—ସ୍ତ୍ରୀ) ବି.—୧ । ଦଣ୍ଡୀ; ସନ୍ନ୍ୟାସୀ—1. An anchorite carring a staff.

୨ । ରାଜା—2. King.

ସ୍ନେହରୂପେ ସନମାନ କରି; ଗ୍ରାମରେ ଭିଡ଼ ଦଣ୍ଡଧାରୀ ।
ଉପେନ୍ଦ୍ର. ପ୍ରେମଚିନ୍ତାମଣି ।

ଦଣ୍ଡନ—ସଂ. ବି. (ଦଣ୍ଡ୍ ଧାତୁ+ଭାବ. ଅନ)—୧ । ଶାସ୍ତି; ଦଣ୍ଡଦେବା—
Dandana 1. Punishment.

୨ । ଶାସନ—3. Chastisement.

୩ । ମନ୍ଥନ—2. Churning.

ଦଣ୍ଡନ ଦଣ୍ଡ—ସଂ. ବି.(ମ. ପ. ଲୋ., ଦଣ୍ଡନ+ଦଣ୍ଡ)—ଦଣ୍ଡଦେବା ବାଡ଼ି;
Dandana danda ଦଣ୍ଡଦେବା ନିମନ୍ତେ ବ୍ୟବହୃତ ଯଷ୍ଟି—A rod used for punishing offenders.

ଦଣ୍ଡନଦଣ୍ଡ ନାୟକ ହସ୍ତରେ ।
ଭଞ୍ଜ. ପ୍ରେମସୁଧାନିଧି ।

ଦଣ୍ଡନ ମଣ୍ଡନ—ସଂ. ବି (ବିପରୀତାର୍ଥ ସହଚର; ଦଣ୍ଡନ+ମଣ୍ଡନ)—
Dandana mandana ଅପରାଧ ପାଇଁ ଦଣ୍ଡ ଦେବା ଓ ଭଲ କାର୍ଯ୍ୟ ପାଇଁ ପୁରସ୍କାର ଦେବା—Punishment and reward.

ଦଣ୍ଡ ନାଟ—ପ୍ରାଦେ. (ଗଞ୍ଜାମ) ବି.—୧ । ପଣାସଂକ୍ରାନ୍ତି ପରେ ବାଉରି,
Danda nāta ପାଣ, କଣ୍ଡରା ଆଦି ନିମ୍ନଶ୍ରେଣୀର ଲୋକମାନେ ପୂର୍ବରୁ ମନାସିଥିବା ଅନୁସାରେ ପାଟୁଆ, ଶବର ଶବରୁଣୀ, ଚଢ଼େୟା ଚଢ଼େୟାଣୀ ଆଦି ବେଶରେ ଗ୍ରାମେ ଗ୍ରାମେ ବୁଲି ବାଦ୍ୟସହ ନାଚିବା ଓ ଗୀତ ଗାଇବା ଯାତ୍ରା—1. Dancing performed by the low class people in Ganjam during Baisākha Samkrānti.

[ଦ୍ର—ଓଡ଼ିଶାରେ ଏହାକୁ ପାଟୁଆ ଓ ଗଡ଼ଜାତରେ ଝାମୁନାଟ କହନ୍ତି ।]

୨ । ପଣା ସଂକ୍ରାନ୍ତି ଠାରୁ ଆରମ୍ଭ କରି ଚୈତ୍ରମାସରେ ନିମ୍ନଶ୍ରେଣୀର ଲୋକମାନଙ୍କର ପାଳିବା ବ୍ରତବିଶେଷ—2. A kind of religious vow observed by low class people from Panā Samkrānti day.

[ଦ୍ର—ଏ ବ୍ରତଧାରୀ ବ୍ୟକ୍ତି ଦିବସରେ ଏକ ବକ୍ତ ନିରାମିଷ ଭୋଜନ କଳେ ରାତ୍ରିକର ଖାଆନ୍ତି । ରାତି ହେଲାରୁ ଦେହରେ କଳା, ଗେରୁ ଆଦି ରଙ୍ଗ ମଖାଇ, ମାଳ, ଟୋପି, ମୁକୁଟ, ଅଙ୍ଗା, ଶାଢ଼ୀ, କାଞ୍ଚୁଲି ଆଦି ପିନ୍ଧି ସ୍ତ୍ରୀ ଓ ପୁରୁଷ, ଶବର ଶବରୁଣୀ, ଚଢ଼େୟା ଚଢ଼େୟାଣୀ ଆଦି ବେଶ ହୋଇ ସଙ୍ଗରେ ବାଜାବାଲାଙ୍କୁ ନେଇ ଗ୍ରାମେ ଗ୍ରାମେ ବୁଲି ଗୀତ ଗାଇ ନାଚନ୍ତି । ଏମାନେ ସେ ସମୟରେ ଅନେକ ଭଣ୍ଡ ଗୀତ ମଧ୍ୟ ବୋଲନ୍ତି । ଆପଣାର କାମନା ପୂରଣ ହେବା ସକାଶେ ମାନସିକ କରି କାମନା ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ବା ପରେ ଲୋକେ ଏହି ଦଣ୍ଡବ୍ରତ କରନ୍ତି । ୧୨ ଦିନ ନାଚ କରି ଶେଷ ଦିନ ବାଳକା ବା ସ୍ତ୍ରୀ ବେଶ ସାଜି ଗୋଟିଏ ମେଣ୍ଢା ବା ଛେଳିକୁ ବଳି ଦେଇ ତାହାର ମାଂସ ଖାଇ ଏ ବ୍ରତକୁ ଉଦ୍‌ଯାପନ କରନ୍ତି ।]

ଦଣ୍ଡ ନାୟକ—ସଂ. ବି.—୧ । ସେନାଧ୍ୟକ୍ଷ; ସେନାପତି—
Danda nāyaka 1. Commander-in-chief; a general; a leader of troops.

୨ । କଟୁଆଲ; ପୁଲିସର ଉଚ୍ଚପଦସ୍ଥ କର୍ମଚାରୀ—2. A police head officer; Superintendent of of police; police magistrate.

୩ । ରାଜା—3. King.

୪ । କୁଲିମାନଙ୍କ ସରଦାର; ଦଫାଦାର—4. The head cooly; Duffadar.

୫ । ଦଣ୍ଡଦାତା—5. One who inflicts punishment.

୬ । ରାଜପୁରୁଷ—6. A Government official.

୭ । ବିଚାରପତି—7. Judge.

ଦଣ୍ଡ ନୀତି—ସଂ. ବି (ବହୁବ୍ରୀହି; ଦଣ୍ଡର ନୀତି=ନିୟମ ଅଛି ଯହିଁରେ)—
Danda nīti ରାଜନୀତି ଶାସ୍ତ୍ରବିଶେଷ; ରାଜ୍ୟଶାସନସମ୍ବନ୍ଧୀୟ ଯାବତୀୟ ନିୟମସମ୍ବଳିତ ନୀତିଶାସ୍ତ୍ର—Political science dealing with administration or duties of kings; science of government.

ଦଣ୍ଡନୀୟ—ସଂ. ବିଣ (ଦଣ୍ଡ୍ ଧାତୁ+କର୍ମ. ଅନୀୟ)—ଦଣ୍ଡ ପାଇବାର
Dandanīya ଉପଯୁକ୍ତ; ଦଣ୍ଡାର୍ହ—Punishable; fit to be punished; deserving punishment; liable to punishment.

ଦଣ୍ଡ ପକା(କେ)ଇବା—ଦେ. କ୍ରି—ବାରମ୍ବାର ଭୂମିରେ ଦଣ୍ଡବତ୍ ପଡ଼ି
Danda pakā(ke)ibā ହେବା ଓ ଉଠିବାଦ୍ୱାରା ବ୍ୟାୟାମ କରିବା—To perform a kind of athletic exercise by alternately prostrating the body and getting up horizontally.

ଦଣ୍ଡଭାଙ୍ଗିବା, ଦଣ୍ଡସାଧିବା, ଦଣ୍ଡ ପେଲିବା } ଅନ୍ୟରୂପ
ଡନପେଲା ଡଂଡ ପେଲନା

ଦଣ୍ଡପାଟ—ଦେ. ବି—୧ । ରାଜ୍ୟର ଅଂଶବିଶେଷ; ଜିଲ୍ଲା ବା
Dandapāta ସବ୍‌ଡିଭିଜନ୍; ଓଡ଼ିଶାର ପୂର୍ବକାଳର ଶାସନ ବିଭାଗବିଶେଷ—A kind of an administrative division or circle in ancient Orissa.

[ଦ୍ର—ହିନ୍ଦୁ ରାଜାମାନଙ୍କ ରାଜତ୍ୱକାଳରେ ପ୍ରାଚୀନ ଉତ୍କଳ କେତେଗୁଡ଼ିଏ ବଡ଼ ବଡ଼ ରାଜସ୍ୱ ବା ଶାସନ ବିଭାଗରେ ବିଭକ୍ତ ହୋଇଥିଲା । ପ୍ରତ୍ୟେକର ନାମ ଦଣ୍ଡପାଟ । ଦଣ୍ଡପାଟ କେତେଗୁଡ଼ିଏ ପ୍ରଗଣାର ସମଷ୍ଟି । ଏହା ଅଧୁନାତନ ସବ୍‌ଡିଭିଜନ୍ ।]

୨ । ତନ୍ତୁଜାତିବିଶେଷ—2. Name of a caste of weavers (Howells).

ପ୍ରାଦେ. (ସିଂହଭୂମ) ବି—ପ୍ରଧାନ ସେନାପତି — 3. Commander-in-chief.

ଦଣ୍ଡପାଟ ହୋଇ ବୁଲିବା—ଏଣେ ତେଣେ ବୁଲିବା; ଅଷ୍ଟ ଦଣ୍ଡପାଟ ହୋଇ ବୁଲିବା—To roam about; to loaf about.
Dandapāṭa hoi bulibā
ଟୋଟୋକରେ ବେଡ଼ାନ **মটকনা**

ଦଣ୍ଡ ପାଣି—ସଂ. ବିଣ. (ବହୁବ୍ରୀହି; ଦଣ୍ଡ + ପାଣି)—ଦଣ୍ଡଧର—Carrying a staff.
Danda pāṇi

ବି—୧ । ଯମ—1. Jama.

୨ । ଶିବାନୁଚରବିଶେଷ—2. An attendant of Śiba.

୩ । ରାଜା—3. King.

ବଡ଼ଗ୍ରୀ ଲିଭି ପାରାଲେ ଲୁଚ ଲଙ୍କା ବଢ଼ନ୍ତି ପୁରକୁ ମନ୍ତ୍ର
ଲଙ୍କା ସେ ଦଣ୍ଡପାଣରେ ଉଚ ଉସ୍ତ ଯେମନ୍ତ ସେ ।
ଉପେ. ବୈଦେହୀଶବିଳାସ ।

ଦଣ୍ଡ ପାରୁଷ୍ୟ—ସଂ. ବି. (୬ଷ୍ଠୀ ତତ୍; ଦଣ୍ଡ + ପାରୁଷ୍ୟ = କାଠିନ୍ୟ)—
Danda pārushya ୧ । କଠିନ ଶାରୀରିକ ଦଣ୍ଡ—1. Rigorous bodily punishment.

୨ । (ହିନ୍ଦୁ ସ୍ମୃତି) ଅଷ୍ଟାଦଶ ବିବାଦ ଅନ୍ତର୍ଗତ ବିବାଦବିଶେଷ—2. (Hindu law) One of the eighteen defences or disputes.

ଦଣ୍ଡପାଳ—ସଂ. ବିଣ. (ଦଣ୍ଡ+ପାଳ)—ଦଣ୍ଡପାଳକ (ଦେଖ) Dandapāḷaka (See)
Dandapāḷa

ଦଣ୍ଡପାଳକ—ସଂ. ବିଣ. (ଦଣ୍ଡ+ପାଳକ=ରକ୍ଷକ)—
Dandapāḷaka ୧ । ଧର୍ମାଧିକରଣିକ; ବିଚାରପତି—1. Judge.

୨ । ଦୌବାରିକ; ଦ୍ୱାରୀ; ଦ୍ୱାର ରକ୍ଷକ—2. A door-keeper; a watchman.

ବି—୧ । ଦଣ୍ଡିପୋହଳା ମାଛ; କାଠିପୋହଳା ମାଛ—
দণ্ডপালক 1. A kind of fresh water fish.

[ଦ୍ର—ଏମାନେ ଲମ୍ବରେ ୩।୨ ଅଙ୍ଗୁଳ ପର୍ଯ୍ୟନ୍ତ ବଢ଼ନ୍ତି ।]

୨ । ଦଣ୍ଡକର ମାଛ—2. A kind of fry fish; Perilampus; Lambuca.

ଦଣ୍ଡପାଶୀ—ଦେ. ବି. (ସଂ. ଦଣ୍ଡ+ପାଶ; ଲୋକଙ୍କୁ ଦଣ୍ଡଦେବା ପାଇଁ ଯାହାଙ୍କଠାରେ ଦଣ୍ଡ ଓ ପାଶ ଥାଏ)—
Dandapāśi

୧ । ରାଜା—1. King.

୨ । ଯେଉଁ ବ୍ୟକ୍ତି ଲୋକଙ୍କୁ ବାନ୍ଧି ବାଡ଼େଇବା ପାଇଁ ଠେଙ୍ଗା ଓ ଫାଶ ଧରିଥାଏ—2. A person carrying a stick and noose to punish people.

ବାସ ପବନ ଦଣ୍ଡପାଶୀ, ବଳେ ହରଇ ବେଲ ତୋଷୀ ।
ଉପେ. ବୈଦେହୀଶବିଳାସ ।

ଦଣ୍ଡ ପ୍ରଣାମ—ଦେ. ବି (ମ.ପ.ଲେ; ଦଣ୍ଡବତ୍ ପ୍ରଣାମ)—ଦଣ୍ଡବତ (ଦେଖ) Dandabata (See)
Danda pranāma

ଅର୍ଥପ୍ରାପ୍ତି କଲ୍ୟାଣୀ ଦଣ୍ଡପ୍ରଣାମରେ ସନ୍ତୁଷ୍ଟ କରନ୍ତି । ପ୍ରବଚନ ।

ଦଣ୍ଡ ପ୍ରାୟେ—ଦେ. କ୍ରି. ବିଣ—ଯଷ୍ଟି ପରି ସିଧା ହୋଇ—Prostrate like a stick.
Danda prāye

କୃଷ୍ଣ ଚରଣେ ଚିତ ଦେଇ
କର୍ମସ୍ତ ଦଣ୍ଡ ପ୍ରାୟେ ହୋଇ । ଜଗନ୍ନାଥ. ଭାଗବତ ।

ଦଣ୍ଡବତ୍—ସଂ. ଅ. (ଦଣ୍ଡ=ଯଷ୍ଟି+ସାଦୃଶ୍ୟାର୍ଥେ ବତ୍)—
Dandabat ଯଷ୍ଟି ପରି ସିଧା ଭାବରେ—Prostrate like a stick.

ବି—୧ । ଦଣ୍ଡବତ (ଦେଖ)—1. Dandbata (See).

୨ । (ଦଣ୍ଡ+ଅସ୍ତି ଅର୍ଥେ. ବତ୍)—ଦଣ୍ଡୀ; ସନ୍ନ୍ୟାସୀ—2. A class of anchorites holding the sacred staff.

ସଂ. ବିଣ (ଶବ୍ଦ) ଯଷ୍ଟିଧାରୀ—Carrying a stick; armed with a stick.
(ଦଣ୍ଡବାନ୍-ପୁଂ; ଦଣ୍ଡବତୀ—ସ୍ତ୍ରୀ)

ଦଣ୍ଡବତ—ଦେ. ବି (ସଂ. ଦଣ୍ଡବତ୍)—ଦଣ୍ଡ ପରି ଭୂମିରେ ପଡ଼ି ପ୍ରଣାମ; ସାଷ୍ଟାଙ୍ଗ ପ୍ରଣିପାତ—Making obeisance by lying prostrate on the ground.
Dandabata
(ଦଣ୍ଡବତ ପ୍ରଣାମ—ଅନ୍ୟରୂପ)
দণ্ডবত
दण्डवत; डंडोत

ଏହା ଶୁଣି ସେ ସାଧୁ କନ୍ୟା ଋଷି ପାଦେ
ଦଣ୍ଡବତ କରଣ ଅତ୍ୟନ୍ତ ପ୍ରମୋଦେ ।
କୃଷ୍ଣସିଂହ. ମହାଭାରତ ଅନୁଶାସନ

ଅ—ପ୍ରଣାମ ବା ନମସ୍କାରସୂଚକ ସମ୍ବୋଧନ—(Interjection) A greeting indicating obeisance; I bow to thee.

[ଦ୍ର—ଦଣ୍ଡବତ ସହସ୍ରାଣି ଶଢ଼ା ପଡ଼ୁ ନଦୀସ୍ମୃତେ— ଅଶୁଦ୍ଧ ସଂସ୍କୃତ ବ୍ୟଙ୍ଗ ବଚନ । ଯେଉଁ ଲୋକ ମୁହଁରେ ଭକ୍ତି କରେ ମାତ୍ର ଭକ୍ତିର ନିଦର୍ଶନସ୍ୱରୂପ କିଛି ଉପହାର ନ ଦିଏ ତାହାପ୍ରତି ଏହି ବ୍ୟଙ୍ଗୋକ୍ତି ପ୍ରଯୁକ୍ତ ହୁଏ । ଏଥିର ମର୍ମ ଏହି ଯେ—ସୁଚତୁର ବ୍ୟକ୍ତିଙ୍କର "ଦଣ୍ଡବତରେ ସୀମା ନାହିଁ, କିନ୍ତୁ ଶଢ଼ା ପତ୍ର ପରି ସାମାନ୍ୟ ବସ୍ତୁ ମଧ୍ୟ ଦେବାପାଇଁ କୁଣ୍ଠିତ ।]

ଦଣ୍ଡବତ କରିବା—ଦେ. କ୍ରି—୧ । ସାଷ୍ଟାଙ୍ଗ ପ୍ରଣାମ କରିବା—1. To make obeisance by falling down prostrate at one's feet.
Dandabata karibā
(ଦଣ୍ଡବତ ହେବା—ଅନ୍ୟରୂପ)
দণ্ডবতকরা
डंडोतकरना

ସମ୍ମୁଖରେ ଦଣ୍ଡବତ କଲେ
ପ୍ରଚଣ୍ଡ ରକ୍ଷଣ ବୋଇଲେ । ଜଗନ୍ନାଥ, ଭାଗବତ ।

୨ । ନମସ୍କାର କରିବା—2. To make obeisance.

[ଦ୍ର—ଦଣ୍ଡବତ କରିବାର ଅର୍ଥ ସାଷ୍ଟାଙ୍ଗ ପ୍ରଣିପାତ ହେବା, କିନ୍ତୁ ସାଧାରଣତଃ ଶୂଦ୍ରମାନେ ବ୍ରାହ୍ମଣଙ୍କୁ ଦେଖିଲେ ହାତଯୋଡ଼ି ମୁଣ୍ଡକୁ ନୁଆଁଇ ପ୍ରଣାମ କରନ୍ତି । ଭୂମିରେ ଦଣ୍ଡପରି ଶୋଇପଡ଼ି ପ୍ରଣିପାତ କରନ୍ତି ନାହିଁ; ଅଥଚ ମୁହଁରେ ଦଣ୍ଡବତ୍ ବା ଦଣ୍ଡବତ ଶବ୍ଦ ଉଚ୍ଚାରଣ କରୁଥାଆନ୍ତି ।

ଯାହାଙ୍କୁ ଭୟ କରାଯାଏ ଓ ଯାହାଠାରୁ ଦୂରରେ ରହିବାକୁ ଇଚ୍ଛା ହୁଏ, କଥାରେ ବ୍ୟଙ୍ଗ ଛଳରେ 'ତାଙ୍କୁ ଦଣ୍ଡବତ କରୁଛି' ବୋଲି ଲୋକେ କହୁଥାଆନ୍ତି । ଯଥା—ଦୁର୍ଜନ ଲୋକଙ୍କୁ ମୋର ଦଣ୍ଡବତ । ବିଦେଶକୁ ଥରେ ଯାଇ ମୁଁ ଯେଉଁ କଷ୍ଟ ଭୋଗକରି ଆସିଅଛି, ବିଦେଶ ଯିବା କଥାକୁ ମୋର କୋଟି କୋଟି ଦଣ୍ଡବତ ।
ବିଶେଷ ଭକ୍ତିଯୋଗ୍ୟ ବ୍ୟକ୍ତିଙ୍କୁ ମଧ୍ୟ କୋଟି କୋଟି ଦଣ୍ଡବତ କରିବାର ବୋଲାଯାଇ ଥାଏ ।]

ଦଣ୍ଡବତି—ପ୍ରାଦେ. (ଗଞ୍ଜାମ) ବି—ସାକ୍ଷାତରୂପେ ଦିଆଯିବା ଧନ; ପ୍ରଣାମୀ—
Daṇḍabati Money paid as a token of respect during an interview.

ଦଣ୍ଡବାନ୍—ସଂ. ବି ଓ ବିଣ—ଦଣ୍ଡବତ୍ ୨ ଓ ୩ (ଦେଖ)
Daṇḍabān Daṇḍabat 2 and 3 (See)

ଦଣ୍ଡବାଲଧି—ସଂ. ବି. (ବହୁବ୍ରୀହି; ଦଣ୍ଡ+ବାଲଧି=ପୁଚ୍ଛ)—ହସ୍ତୀ—
Daṇḍabāladhi Elephant.

ଦଣ୍ଡବାସୀ—ସଂ. ବି—୧ । ଦ୍ୱାରପାଳ—
Daṇḍabāsi 1. Door keeper.
୨ । ଚଉକିଦାର; ଦଣ୍ଡଧାରି—2. Watchman
୩ । ଗ୍ରାମର ହାକିମ—3. Village headman.

ଦଣ୍ଡ ବିଧି—ସଂ. ବି—୧ । ରାଜ୍ୟର ଶାସନ ବିଧି—
Daṇḍa bidhi 1. Administrative rules of a state.
୨ । ଅପରାଧୀର ଦଣ୍ଡବିଧାନ ନିମନ୍ତେ ପ୍ରଣୀତ ନିୟମାବଳୀ—
2. The Penal Code.
୩ । ଫୌଜଦାରୀ କାର୍ଯ୍ୟବିଧି ଆଇନ୍—
3. Criminal Procedure Code.

ଦଣ୍ଡ ବ୍ୟୂହ—ସଂ. ବି. (ମ. ପ. ଲୋ; ଦଣ୍ଡ=ଦଣ୍ଡାକାରରେ ସଜ୍ଜିତ+ବ୍ୟୂହ)—କୌଶଳରେ ଦଣ୍ଡାକାରରେ ସଜ୍ଜିତ ଏକପ୍ରକାର ସୈନ୍ୟ ରଚନା—
Daṇḍa byūha Name of a peculiar battle-array.
[ଦ୍ର—ଏହି ବ୍ୟୂହର ଅଗ୍ରରେ ପ୍ରଧାନ ସେନାପତି, ମଧ୍ୟରେ ରାଜା, ପଛରେ ସେନାପତି, ଦୁଇ ପାର୍ଶ୍ୱରେ ହସ୍ତୀ ଓ ଘୋଟକ ଏବଂ ସମସ୍ତଙ୍କ ପଛରେ ପଦାତିକଗଣ ସଜ୍ଜିତ ହୋଇ ରହି ଥାଆନ୍ତି—ହି. ଶବ୍ଦସାଗର ।]

ଦଣ୍ଡଭୃତ୍—ସଂ. ବିଣ. (ଦଣ୍ଡ+ଭୃ ଧାତୁ=ଧରିବା+କର୍ତ୍ତୃ. କ୍ୱିପ୍=ଯେ ଧାରଣ କରେ)—୧ । ଦଣ୍ଡପାଣି—
Daṇḍabhṛut 1. Carrying a staff.
ସଂ. ବି—ଦଣ୍ଡଧର ରାଜା—2. King (who holds the royal sceptre.

ଦଣ୍ଡମଣ୍ଡ (ଇତ୍ୟାଦି)—ଦଣ୍ଡମୁଣ୍ଡ ଇତ୍ୟାଦି (ଦେଖ)
Daṇḍamaṇḍa (etc) Daṇḍamuṇḍa etc (See)

ଦଣ୍ଡ ମତ୍ସ୍ୟ—ସଂ. ବି—ବମୀ ମାଛ (ଦେଖ)
Daṇḍa matsya Bamī fish (See)

ଦଣ୍ଡ ମାନବ—ସଂ. ବି (ମ. ପ. ଲୋ; ଦଣ୍ଡାର୍ହ ମାନବ)—
Daṇḍa mānaba ବାଳକ (ହି. ଶବ୍ଦସାଗର)—Boy.

ଦଣ୍ଡମୁଣ୍ଡ—ଦେ. ବି. (ସଂ. ଦଣ୍ଡ ଓ ମଣ୍ଡ ଧାତୁ)—
Daṇḍamuṇḍa ୧ । ନାନାପ୍ରକାର ଦଣ୍ଡ—1. Various kinds of punishments or penalties.
দণ্ডমুণ্ড
୨ । ଦଣ୍ଡ ଓ ପୁରସ୍କାର—2. Punishment and reward.
୩ । ଅଭିଶାପ—3. Curse.

ଦଣ୍ଡମୁଣ୍ଡ କରିବା—ଦେ. କ୍ରି—୧ । ନାନାପ୍ରକାର ଦଣ୍ଡଦେବା—
Daṇḍamuṇḍa karibā 1 To inflict various punishments.
(ଦଣ୍ଡମୁଣ୍ଡଦେବା—ଅନ୍ୟରୂପ)
୨ । ଦଣ୍ଡଦେବା ଓ ପୁରସ୍କାର ଦେବା—
2. To mete out punishment and reward.

ଦଣ୍ଡମୁଣ୍ଡ କର୍ତ୍ତା—ଦେ. ବି—ଦଣ୍ଡଦାତା ଓ ପୁରସ୍କାର ଦାତା—
Daṇḍamuṇḍa karttā One who can punish as well as reward.
(ଦଣ୍ଡମୁଣ୍ଡ ବିଧାତା—ଅନ୍ୟରୂପ)
দণ্ডমুণ্ডের কর্তা

ଦଣ୍ଡ ଯାତ୍ରା—ସଂ. ବି—୧ । ଯୁଦ୍ଧ ଯାତ୍ରା—1. Military expedition;
Daṇḍa jātrā marching for fighting.
୨ । ଦିଗ୍ବିଜୟାର୍ଥ ଯାତ୍ରା—
2. March to conquer adjoining countries.
୩ । ଦୋଷୀଙ୍କୁ ଦଣ୍ଡଦେବା ପାଇଁ ସୈନ୍ୟଯାତ୍ରା—
3. Punitive expedition.
୪ । ବରର ଅନୁଗମନ; ବରସଙ୍ଗେ ବରଯାତ୍ରୀଙ୍କ ଯାତ୍ରା—
4. A marriage procession.
୫ । ଶୋଭାଯାତ୍ରା—5. A ceremonial procession.
ଦେ. ବି—ପଣାସଂକ୍ରାନ୍ତି ସମୟରେ ପାଣ ଧୋବାଆଦିଙ୍କ ଦ୍ୱାରା ପାଳିତ ଉତ୍ସବ—A festival and dancing observed by low caste people on 'Baiśākha Saṁkrānti.'

ଦଣ୍ଡଯାମ—ସଂ. ବି—୧ । ଯମ—
Daṇḍajāma 1. The Hindu God of death.
୨ । ଦିନ—2. Day.
୩ । ଅଗସ୍ତ୍ୟମୁନି—3. Sage Agastya.

ଦଣ୍ଡ ଶାସ୍ତ୍ର—ସଂ. ବି—ଦଣ୍ଡବିଧି (ଦେଖ)
Daṇḍa śāstra Daṇḍabidhi (See)

ଦଣ୍ଡ ସଂହିତା—ସଂ. ବି—ଦଣ୍ଡବିଧି (ଦେଖ)
Daṇḍa saṁhitā Daṇḍabidhi (See)

ଦଣ୍ଡ ସହାୟ—ସଂ. ବି—ଯେଉଁ ରାଜା ଅପରାଧୀର ଦଣ୍ଡ ବିଧାନରେ ବା ଦୁଷ୍ଟଦମନରେ ସହାୟତା କରନ୍ତି—
Daṇḍa sahāya A king who helps in bringing the offender to justice.

ଦଣ୍ଡସେନା—ପ୍ରାଦେ. (ଗଡ଼ଜାତ) ବି—ଓଡ଼ିଶା ଗଡ଼ଜାତରେ ପାଇକମାନଙ୍କର ଉପାଧିବିଶେଷ—A title of the
Daṇḍasenā Paiks of the Orissa States.
(ଦଣ୍ଡସେଣା—ଅନ୍ୟରୂପ)

ଦଣ୍ଡ ସ୍ଥାନ—ସଂ. ବି. (୬ଷ୍ଠୀ ତତ୍; ଦଣ୍ଡ+ସ୍ଥାନ)—
Daṇḍa sthāna ୧ । ଯେଉଁସ୍ଥାନରେ ଅପରାଧୀଙ୍କୁ ଦଣ୍ଡ ଦିଆଯାଏ—1. A place where an offender undergoes punishment.

୨ । ମନୁଷ୍ୟଙ୍କୁ ଯେଉଁ ଯେଉଁ ଅଙ୍ଗରେ ବା ବିଷୟରେ 'ଦଣ୍ଡ ଦିଆ ଯାଇପାରେ—2. The limbs or items on which punishment is meted out.
[ଦ୍ର—ମନୁସଂହିତା ମତରେ ଉପସ୍ଥ, ଉଦର, ଜିହ୍ଵା, ହସ୍ତ, ପଦ, ଆଖି, ନାକ, କାନ, ଧନ ଓ ଦେହ ଦଣ୍ଡସ୍ଥାନ—ହି. ଶବ୍ଦସାଗର ।]

ଦଣ୍ଡା—ଦେ. ବି. (ସଂ. ଦଣ୍ଡ)—୧ । ଶଗଡ଼ର ଲମ୍ବ ଦଣ୍ଡଦ୍ଵୟ—
Dandā 1 The two long side-pieces of a bullock-cart; the poles of a cart.
ଦାଣ୍ଡା, ଡାଣ୍ଡା
डन्डा
୨ । ଯଷ୍ଟି; ଠେଙ୍ଗା; ଲମ୍ବା ବାଡ଼ି—2. A long stick; a lathi; a pole; a mace.
୩ । ପଡ଼ିଆ; ପଡ଼ିତ ଭୂମି—3. Waste land.
ଜେଉଁ ଘର ଗ୍ରାମ ନଗ୍ର ଗୋଟସ୍ଥ
ଭୋଷା ପାଟ ଦଣ୍ଡା ହେଇ ତୁ ପାଉ । ନନ୍ଦକିଶୋର- ନିର୍ଝରିଣୀ ।
୪ । ଗୋଚର ପଡ଼ିଆ—4. Pasture for the cattle of the village public; common grazing field.
୫ । ଗ୍ରାମର ରାସ୍ତା—5. A village road.
୬ । ବ୍ୟାୟାମ; ଦଣ୍ଡ ଭାଙ୍ଗିବା—6. An athletic exercise consisting of alternately lying prostrate and raising one's body with the help of the hands.
୭ । ଆଖୁଗଛର ପତ୍ରଶୂନ୍ୟ ଲମ୍ବ ଡାଙ୍ଗ ବା ଛଡ଼ି—7. A leafless stem of sugarcane.
ଦେଖ ସୁନ୍ଦର ଏ ଛଡ ନାବ
ଦଣ୍ଡାକାର ସ୍ଵାଦ୍ୱେ ସ୍ଵଭଳ । ନନ୍ଦକିଶୋର- ନିର୍ଝରିଣୀ ।
୮ । ଦାଣ୍ଡି ଅର୍ଥାତ୍ ଲମ୍ବା ସିଧା ବାଟ—8. A long straight road.
(ଯଥା—ବଣରେ ହାତୀଙ୍କ ଦଣ୍ଡା ପଡ଼ିଛି ।)
୯ । ଗୋଦଣ୍ଡା; ଗୋରୁମାନଙ୍କ ଯାତାୟାତ କରିବା ସକାଶେ ଗ୍ରାମରୁ ଗ୍ରାମାନ୍ତରକୁ ପଡ଼ିଥିବା ରାସ୍ତା—9. A road for cattle; cattle-track.
ବିଣ—୧ । ଦଣ୍ଡପରି ଲମ୍ବ—1. Long like a bamboo.
ହିଜଳ ସଙ୍ଗେ ଅଣିମାଥ ଠାକୁ ଦେଖି
ଦଣ୍ଡା ହୋଇ ଶୋଇ ପଡ଼ିଲେ କୋହ୍ନ ହୁଣା । କୃଷ୍ଣସିଂହ- ମହାଭାରତ ବନ.
୨ । ବାଉଁଶ ଦଣ୍ଡ ପରି ଭୂମିରେ ଲମ୍ବ ହୋଇ ପଡ଼ିଛି—2. Lying prostrate on the ground like a bamboo pole.
(ଯଥା—ଢୋଢେ ମାଡ଼ରେ ଦଣ୍ଡା କରି ଦେବ ।)
ପ୍ରାଦେ. (ଗଞ୍ଜାମ) ବି—ଶଗଡ଼ର ଗୁଳା; ଶଗଡ଼ ଚକ ଦ୍ଵାରା ଭୂମିରେ ଅଙ୍କିତ ରାସ୍ତା—Cart-track; rut.

ଦଣ୍ଡା(ଣ୍ଡେ)ଇବା—ଦେ. କ୍ରି—୧ । ଦଣ୍ଡିବା କ୍ରିୟାର ଣିଜନ୍ତ ରୂପ—
Dandā(nde)ibā 1. The causative form of Dandibā
दण्ड देओआन
दंड दिलाना
ସିଦ ଜାନତେ ପ୍ରକୃତ ଇମନ୍ତ୍ର, ବ୍ୟଥା କହ ଦଣ୍ଡାଇବ କାମକୁ ।
ଉକ୍ତ- ସବର୍ଣ୍ଣବେଗୀ ।
୨ । ଡଣ୍ଡାଇବା (ଦେଖ)—2. Tandāibā (See)

ଦଣ୍ଡା କରିବା—ଦେ. କ୍ରି—ବିଶେଷ ପ୍ରହାର ଦେଇ କୌଣସି ବ୍ୟକ୍ତିକୁ ଠେଙ୍ଗା ପରି ଲମ୍ବ ଭାବରେ ଭୂମିରେ ପକାଇବା—
Dandā karibā To beat a person to prostration.
[ଦଣ୍ଡା ବନା(ଲେ)ଇବା]
ଡାଣ୍ଡାକରା, ସୋଜାକରେଦେଓଯା

ଦଣ୍ଡା କାଠି—ଦେ. ବି—ଶଗଡ଼ର ଦଣ୍ଡାର ପଛର ଅଗ୍ରଭାଗ, ଯାହାକୁ ମୁଠା ଦ୍ଵାରା ଧରି ଶଗଡ଼ର ଗତିକୁ ନିୟନ୍ତ୍ରିତ କରାଯାଏ—
Dandā kāthi The handles of the poles of cart (at the back) by holding which the motion of the cart is directed from behind.

ଦଣ୍ଡାଘାତ—ସଂ. ବି. (୬ଷ୍ଠୀ ତତ୍; ଦଣ୍ଡ+ଆଘାତ)—
Dandāghāta ଠେଙ୍ଗା ପ୍ରହାର—Beating with a lathi; cudgelling.

ଦଣ୍ଡାଜିନ—ସଂ. ବି—୧ । ପ୍ରତାରଣା; କପଟବେଶ—
Dandājina Fraud; cheating; false garb.
୨ । ସନ୍ନ୍ୟାସୀଙ୍କ ବ୍ୟବହୃତ ଦଣ୍ଡ ଓ ମୃଗ ବା ବ୍ୟାଘ୍ରଛାଲ—2. The staff and hide used by an ascetic.

ଦଣ୍ଡାଜ୍ଞା—ସଂ. ବି. (୬ଷ୍ଠୀ ତତ୍; ଦଣ୍ଡ+ଆଜ୍ଞା)—
Dandājnā ଅପରାଧୀର ଦଣ୍ଡ ନିମନ୍ତେ ବିଚାରପତିଙ୍କ ପ୍ରଦତ୍ତ ହୁକୁମ—Judicial sentence passed on an accused; order of conviction.

ଦଣ୍ଡା ତଡ଼ା—ଦେ. ବିଣ—ଚାଷ କରିବା ନିମନ୍ତେ ଦଣ୍ଡା ବା ପଡ଼ିଆ ଜମିକୁ
Dandā tardā ହଣାକଟା କରିବା ବା ତାଡ଼ିବା—
Reclamation or clearance of waste land for cultivation.

ଦଣ୍ଡାଦଣ୍ଡି—ସଂ. କ୍ରି. ବିଣ. ଓ ବି (ବହୁବ୍ରୀହି; ଦଣ୍ଡ+ଦଣ୍ଡ+ଇ, ବ୍ୟତିହାର)—ଠେଙ୍ଗା ଦ୍ଵାରା ପରସ୍ପର ମାଡ଼ ମରାମରି ହୋଇ (ଯେଉଁ ଯୁଦ୍ଧ କରାଯାଏ); ଲାଠାଲାଠି; ଠେଙ୍ଗାଠେଙ୍ଗି; ବାଡ଼ିଆବାଡ଼ି—A fight with sticks; mutual dealing of blows with sticks.
Dandādandi

ଦଣ୍ଡା ଧରିବା—ଦେ. କ୍ରି—ଚାଲୁଥିବା ଶଗଡ଼ର ଗତିକୁ ନିୟନ୍ତ୍ରିତ କରିବା ସକାଶେ ଶଗଡ଼ର ପଛ ଭାଗରେ ଥିବା ଦଣ୍ଡାର ମୁଠିରେ ହାତ ପକାଇବା—To hold the handles of the cart-poles in order to direct the movement of a cart from behind.
Dandā dharibā

ଦଣ୍ଡାପୂପ ନ୍ୟାୟ—ସଂ. ବି. (ଦଣ୍ଡ+ଅପୂପ=ପିଠା+ନ୍ୟାୟ)—
Dandāpūpa nyāya ଗୋଟିଏ ପିଠାକୁ ଖଣ୍ଡିଏ ଦଣ୍ଡ ବା ବାଡ଼ିରେ ଫୋଡ଼ି ରଖିଥିବା ଅବସ୍ଥାରେ ମୂଷା ଆସି ସେ ବାଡ଼ିର ଅଗରୁ କିୟଦଂଶ ଦନ୍ତ ଦ୍ଵାରା ଖଣ୍ଡିଆ କରିଥିବାରୁ ଗୃହସ୍ଥ ବାଡ଼ିଅଗରେ ମୂଷାର ଦନ୍ତକ୍ଷତ ଚିହ୍ନ ଦେଖି ସ୍ଥିର କରେ ଯେ ମୂଷା ଯେତେବେଳେ ବାଡ଼ି ପରି ଟାଣୁଆ ପଦାର୍ଥର କିୟଦଂଶ ଖାଇଛି ସେତେବେଳେ ସେ ନିଶ୍ଚୟ କୋମଳ ପିଠାକୁ ଖାଇଥିବ ଏଥିରେ ସନ୍ଦେହ ନାହିଁ ।

ଏହିପରି କୌଣସି ବୃହତ୍ତର କାର୍ଯ୍ୟର ସିଦ୍ଧିରୁ କୌଣସି କ୍ଷୁଦ୍ରତର କାର୍ଯ୍ୟର ସିଦ୍ଧି ବିଷୟ ଅନୁମାନ କରିବା ସ୍ଥଳରେ ଏହି ନ୍ୟାୟ ପ୍ରଯୁକ୍ତ ହୁଏ—An argument based on the deduction of the greater possibility of a thing having occured, when a thing of lesser magnitude is found to have happened owing to the same cause.

ଦଣ୍ଡା ପେଲିବା—ଦେ. କ୍ରି—୧ । ଦଣ୍ଡେଇବା ୪ (ଦେଖ)
Daṇḍā pelibā 1. Daṇḍeibā 4 (See)
୨ । କ୍ରି—ହାମୁଡ଼େଇବା ପୂର୍ବରୁ (ପିଲାମାନେ) ହାତ ସାହାଯ୍ୟରେ ପେଟେଇ ଗୁଞ୍ଜିବା—2. To move (said of infants) with the help of the hands and belly.

ଦଣ୍ଡା ଭଙ୍ଗା—ଦେ. ବିଣ—ପଡ଼ିଆ, ଗୋଚର ଓ ଶ୍ମଶାନ ଅଦି ଭାଙ୍ଗି ଯେ
Daṇḍā bhaṅgā ଚାଷ କରେ—Reclaiming a waste or village common.
ପର ଭୂମି ହରଣ ଯେ ଦଣ୍ଡାଭଙ୍ଗା ଚାଷୀ । ପ୍ରାଚୀ ଗ୍ରା ଗୁରୁଚରଣଙ୍କ ଗୀତା ।
ବି—ପଡ଼ିଆ ବା ଦଣ୍ଡାକୁ କୃଷିଯୋଗ୍ୟ ଜମିରେ ପରିଣତ କରିବା—Reclamation of waste land.

ଦଣ୍ଡାମାରୁ—ଦେ. ବି—୧ । ଯେଉଁ ବ୍ୟକ୍ତି ଅନ୍ୟଙ୍କୁ ବଧ ବା ପ୍ରହାର
Daṇḍāmāru କରିବା ନିମନ୍ତେ ଠେଙ୍ଗା ଧରି ଥାଏ; ଲାଠିଆଲ—
(ଦଣ୍ଡମାରୁ—ଅନ୍ୟରୂପ) 1. A person armed with a
ଡାଁଡାମାର ଡ଼ଁଡାମାର cudgel to kill or beat others.
୨ । ଭୀମ-ପରାକ୍ରମ ବ୍ୟକ୍ତି—
2. A mighty or powerful person.
୩ । ଭୟଙ୍କର ବ୍ୟକ୍ତି—3. A ferocious person.

ଦଣ୍ଡା ମୁଠା—ଦେ. ବି—ଶଗଡ଼ର ଦଣ୍ଡାର ପଛ ଭାଗ ଯାହାକୁ ମୁଠା ଦ୍ୱାରା
Daṇḍā muṭhā ଧରି ଶଗଡ଼ର ଗତିକୁ ନିୟନ୍ତ୍ରିତ କରାଯାଏ—
(ଦଣ୍ଡାମୁଠି—ଅନ୍ୟରୂପ) The handle of the poles of a cart (at the back) by holding which the motion of the cart is directed.

ଦଣ୍ଡାୟ (ଧାତୁ)—ସଂ. (ନାମ ଧାତୁ) (ଦଣ୍ଡ ଧାତୁରେ ଆଚରଣ ଅର୍ଥରେ
Daṇḍāya (root) 'ଆୟ' ପ୍ରତ୍ୟୟରେ ନିଷ୍ପନ୍ନ)—
ଦଣ୍ଡ ପରି ଆଚରଣ କରିବା—
To act or be like a pole.

ଦଣ୍ଡାୟମାନ—ସଂ. ବିଣ. ପୁଂ. (ଦଣ୍ଡାୟ ଧାତୁ + କର୍ତ୍ତୃ. ଆନ)—
Daṇḍāyamāna ସିଧା ହୋଇ ଠିଆ ହୋଇଥିବା—Standing
(ଦଣ୍ଡାୟମାନା—ସ୍ତ୍ରୀ) upright; standing erect.
[ଦ୍ର—'ଦଣ୍ଡବତ୍' ଶବ୍ଦର ପ୍ରସ୍ତୁତ ଅର୍ଥ ଭୂମିରେ ଦଣ୍ଡ ବା ଯଷ୍ଟିପରି ଲମ୍ବ ହୋଇ ଶୋଇ ଦଣ୍ଡବତ୍ ପ୍ରଣାମ କରିବା; 'ଦଣ୍ଡାୟମାନର' ଅର୍ଥ ଠେଙ୍ଗା ପରି ଗୋଡ଼ରେ ସିଧା ଠିଆ ହେବା ।]

ଦଣ୍ଡାର—ସଂ. ବି (ଦଣ୍ଡ + ଋ ଧାତୁ=ଗମନ କରିବା + କର୍ତ୍ତୃ. ଅ)—
Daṇḍāra ୧ । ଦଣ୍ଡାଥିବା ଶଗଡ଼—1. A car with poles.
୨ । କୁମ୍ଭାର ଚକ—2. A potter's wheel
୩ । ଧନୁ—3. A bow
୪ । ମତ୍ତ ହସ୍ତୀ—4. A must or restive elephant.

ଦଣ୍ଡାର୍ତ୍ତ—ସଂ. ବିଣ. ପୁଂ (ତୃତୀୟା ତତ୍; ଦଣ୍ଡ + ଆର୍ତ୍ତ)—୧ । ଦଣ୍ଡଦ୍ୱାରା
Daṇḍārtta ଉତ୍ପୀଡ଼ିତ ବା ଜର୍ଜରିତ—1. Overpowered
(ଦଣ୍ଡାର୍ତ୍ତା—ସ୍ତ୍ରୀ) with punishment.
୨ । ଠେଙ୍ଗାମାଡ଼ଦ୍ୱାରା ଜର୍ଜରିତ—2. Overpowered with blows by lāthis.
ସଂ ବି—ଚମ୍ପାନଦୀ ତୀରସ୍ଥ ତୀର୍ଥବିଶେଷ—A place of pilgrimage on the Champa river.

ଦଣ୍ଡାର୍ହ—ସଂ ବିଣ. ପୁଂ (ଦଣ୍ଡ + ଅର୍ହ ଧାତୁ=ଯୋଗ୍ୟ ହେବା +
Daṇḍārha କର୍ତ୍ତୃ.ଅ)-ଦଣ୍ଡ ପାଇବାର ଉପଯୁକ୍ତ—Punishable;
(ଦଣ୍ଡାର୍ହା—ସ୍ତ୍ରୀ) deserving punishment.

ଦଣ୍ଡାଳୟ—ସଂ. ବି (ଦଣ୍ଡ + ଆଳୟ)—୧ । ଧର୍ମାଧିକରଣ—
Daṇḍālaya 1. Court of justice.
୨ । ଜେଲଖାନା—2. Jail; prison.
୩ । ଛନ୍ଦୋବିଶେଷ—3. Name of a metre.

ଦଣ୍ଡାଳୁ—ସଂ ବି—ଖମ୍ବ ଆଳୁ (ହରେକୃଷ୍ଣ. ଦ୍ରବ୍ୟଗୁଣ)—
Daṇḍālu A kind of yam having straight long tuberous root (as distinguished from other kinds of yam with round roots).

ଦଣ୍ଡାଶ୍ରମ—ସଂ. ବି (ଦଣ୍ଡ + ଆଶ୍ରମ)—ତୀର୍ଥଯାତ୍ରୀର ବ୍ରତ; ତୀର୍ଥ କରିବାର
Daṇḍāśrama ବ୍ରତ ଧାରଣ—The condition or vow of a pilgrim.

ଦଣ୍ଡାଶ୍ରମ ଗ୍ରହଣ କରିବା—ଦେ. କ୍ରି—ତୀର୍ଥଯାତ୍ରା କରିବାର ସଙ୍କଳ୍ପ କରି
Daṇḍāśrama grahaṇa karibā ଦଣ୍ଡ ଧାରଣ କରିବା—
To resort to the pilgrim's staff; to take a vow of pilgrimage.

ଦଣ୍ଡାସି—ଦେ ବି (ସଂ. ଦଣ୍ଡବାସୀ)—ଦଣ୍ଡୁଆସି (ଦେଖ)—
Daṇḍāsi Daṇḍuāsi (See)
ପ୍ରାଦେ (ଗଞ୍ଜାମ) ବି—(ସଂ. ଦଣ୍ଡ; ଏମାନେ ଦଣ୍ଡ ଧରି ପହରା ଦେଉଥିବାରୁ)—ଗଞ୍ଜାମର ଗ୍ରାମ ଜଗୁଆଳି ନୀଚ ଅସ୍ପୃଶ୍ୟ ଜାତିବିଶେଷ—A caste of low caste village watchman in Ganjam.

[ଦ୍ର—୧୯୧୯ ସାଲର ଜନ ଗଣନାରେ ଏମାନଙ୍କ ସଂଖ୍ୟା ଗଞ୍ଜାମରେ ୪୪ ହଜାର ଥିଲା । କେବଳ ଗଞ୍ଜାମ ଜିଲ୍ଲାରେ ଏ ଜାତି ଅଛନ୍ତି । ଏ ୪୪ ହଜାର ମଧ୍ୟରୁ ପ୍ରୌଢ଼ ବୟସର ପ୍ରାୟ ୨ ହଜାର ଚୋରି ବ୍ୟବସାୟ କରୁଥିବାର ଦେଖା ଯିବାରୁ ଏମାନଙ୍କ ଦାଗୀ ଜାତି ଆଇନ୍ (Criminal Tribes Act) ଅନୁସାରେ ଅପରାଧୀରୂପେ ରେଜେଷ୍ଟରି କରା ଯାଇଥିଲା ଓ ଏମାନେ ପ୍ରତିଦିନ ରାତିରେ ନିକଟବର୍ତ୍ତୀ ଥାନାରେ ହାଜର ହେବାକୁ ବାଧ୍ୟ ହେଉଥିଲେ । ଏମାନେ ୧୯୨୪ ଠାରୁ ସପରିବାର ହୋଇ ତାରାତାରିଣୀ ଠାକୁରାଣୀଙ୍କ ଠାରେ ଶପଥ କରି ମଦ୍ୟ, ଗୋମାଂସ ଓ ଶୂକର-ମାଂସ ଭକ୍ଷଣ ତ୍ୟାଗ କରି ଅଛନ୍ତି ଓ ଏମାନଙ୍କ ମଧ୍ୟରୁ ଚୋରି କରିବା ଲୋକଙ୍କୁ କର୍ତ୍ତୃପକ୍ଷଙ୍କଠାରେ ଧରାଇ ଦେଉ ଅଛନ୍ତି ।

ଏମାନଙ୍କର ଏହି ପରିବର୍ତ୍ତନ ଦେଖି ସରକାରୀ ହାକିମମାନେ ଶାବକାଷ୍ଥାନ ଦଣ୍ଡାସୀମାନଙ୍କୁ କୃଷି କରିବାକୁ ଜମି ଦେଇ ଛତ୍ରପୁର, ଘୁମୁସର ଆଦି ସ୍ଥାନରେ ଏମାନଙ୍କର ବସତି ପାଇଁ ଗ୍ରାମ ବସାଇ ଅଛନ୍ତି । ଦୈନିକ ଆଶା ୯-୩-୨୯]

ଦଣ୍ଡାହତ—ସଂ. ବିଣ (ତୃତୀୟା ତତ୍; ଦଣ୍ଡ+ଆହତ) – ଠେଙ୍ଗାହାଣ
Dandāhata ତାଡ଼ିତ—Beaten with lathi.
ବି—ଘୋଳଦହି—Churned curd; butter milk.

ଦଣ୍ଡି - ଦେ. ବି. (ସଂ. ଦଣ୍ଡ) – ୧ । ନାକ ପୁଡ଼ାର ମଧ୍ୟବର୍ତ୍ତୀ ସ୍ଥଳ;
Dandi ନାକଦଣ୍ଡି – 1. The middle wall dividing the
ଦାଣ୍ଡି two nostrils.
डंडि ୨ । ନାକଦଣ୍ଡିରେ ପିନ୍ଧାଯିବା ଅଳଙ୍କାରବିଶେଷ —
2 A nose-ring worn in a hole made on the wall between the two nostrils.
୩ । ତୁଳାଦଣ୍ଡ; କଣ୍ଟା—3. The yard or pole of a balance; scale-beam.
୪ । ଗିନା ଆଦିକୁ ଧରିବା ନିମନ୍ତେ ସେଥିରେ ଲାଗିଥିବା ନାସୀ—4. Handle of a cup or jug (Howells).
ପ୍ରାଦେ. (କୋରାପୁଟ) ବି.—କାଶ ତୃଣ (ଦେଖ)
Kāsa truna (See)

ଦଣ୍ଡିଆ—ଦେ. ବି. (ସଂ. ଦାଣ୍ଡିକ)—୧ । ଯେଉଁ କର୍ମଚାରୀ ହାଟରେ
Dandiā ପଣ୍ୟବିକ୍ରେତାମାନଙ୍କଠାରୁ ଶୁଳ୍କ ବା ତୋଲା ଆଦାୟ
दण्डिदार करେ—1. The official who realises rates or tax from stall-keepers or venders in a market.
୨ । ପଣ୍ୟ ଦ୍ରବ୍ୟାଦି ତଉଲିବା ବ୍ୟକ୍ତି —
2. Weighman.
୩ । ଦଣ୍ଡିଦାର; ଯେ ପଣ୍ୟ ବିକ୍ରେତାଙ୍କଠାରୁ ପଣ୍ୟ ଦ୍ରବ୍ୟମାନ ଓଜନ କରି କିଣି ନେଇ ମହାଜନମାନଙ୍କୁ ବିକି ଦିଏ ଓ ଏଥିପାଇଁ ପାରିତୋଷିକ ପାଏ; ଦଲାଲ—
3. A broker or middleman who purchases merchandise or grains from vendors and sells them to wholesale merchants on getting a commission.
ଦେ. ବିଣ. ପୁଂ. (ଗାଳ)—କଳହପ୍ରିୟ (ପୁରୁଷ)—
(ଦଣ୍ଡେଇ—ସ୍ତ୍ରୀ) Quarrelsome (man).

ଦଣ୍ଡିକ—ସଂ. ବିଣ. (ଦଣ୍ଡ+ଅସ୍ତି ଅର୍ଥରେ ଇକ)—ଦଣ୍ଡଧର—
Dandika Holding a staff.
(ଦଣ୍ଡିକା—ସ୍ତ୍ରୀ) ବି· ୧ । ଆଶା ସୋଟା ଧରିବା ଲୋକ; ଛଡ଼ିବରଦାର—1. A mace-bearer.
୨ । ଦଣ୍ଡକିରି (ଦେଖ)—2. Dandakiri (See)

ଦଣ୍ଡିକା—ସଂ. ବି. ସ୍ତ୍ରୀ. (ଦଣ୍ଡିକ+ସ୍ତ୍ରୀ. ଆ)—୧ । ଦଉଡ଼ି—
Dandikā 1. A rope
୨ । ହାର—2. A necklace
୩ । ଲୁହାର ଗୋଡ଼ବେଢ଼ି—
3. Shackles or chains for the leg.

ଦଣ୍ଡିକିରି—ଦେ. ବି.—ଦଣ୍ଡକିରି (ଦେଖ)
Dandikiri Dandakiri (See)
(ଦଣ୍ଡିକେରି, ଦଣ୍ଡିଖିରି, ଦଣ୍ଡିଖେରି—ଅନ୍ୟରୂପ)

ଦଣ୍ଡିକେଳୀ—ପ୍ରାଦେ. (ଗଞ୍ଜାମ) ବି.—ଦଣ୍ଡକିରି (ଦେଖ)
Dandikeḷī Dandakiri (See)

ଦଣ୍ଡିଗୁଣା—ଦେ. ବି. (ବଣିଆ ଶବ୍ଦ)—ନାକର ଅଳଙ୍କାରବିଶେଷ—
Dandi gunā An ornament for the nose.

ଦଣ୍ଡିତ—ସଂ. ବିଣ. –(ଦଣ୍ଡ ଧାତୁ + କର୍ମ. ତ)—ଦଣ୍ଡପ୍ରାପ୍ତ; ଶାସିତ —
Dandita Punished; chastised; convicted.

ଦଣ୍ଡିଦାର—ଦେ. ବି.—ଦଣ୍ଡିଆ ୩ (ଦେଖ)
Dandidāra Dandiā 3 (See)
ଭଦ୍ରକରେ ସମସ୍ତ ବେପାରୀଙ୍କର ସମସ୍ତ ମାଲର ଅମଦାନି ରପ୍ତାନି ଦଣ୍ଡିଦାରଙ୍କର ହାତବାଟେ ହେଉଥିବ । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଦଣ୍ଡିଦାରି—ଦେ. ବି. – ଦଣ୍ଡିଦାରର କର୍ମ—The work of a
Dandidāri 'Dandidāra' or broker.

ଦଣ୍ଡିନାକ – ଦେ. ବି. – ନାସିକା ରନ୍ଧ୍ର ଦ୍ୱୟର ମଧ୍ୟବର୍ତ୍ତୀ ନାକଦଣ୍ଡି;
Dandi nāka (ଯେଉଁ ସ୍ଥାନରେ ଦଣ୍ଡି ପିନ୍ଧିବାକୁ ଛିଦ୍ର କରାଯାଏ)—The middle wall between the two nostrils which is bored for wearing a 'Dandi'.

ଦଣ୍ଡିପଲା —ଦେ. ବି. (ସଂ. ଦଣ୍ଡପାଳକ)—ତଉଲିବାର ଦଣ୍ଡ ଓ ଅଧାର-
Dandi palā ଦ୍ୱୟ; କଣ୍ଟା ଓ ପଲ୍ଲା—The scale-beam and
(ଦଣ୍ଡିପଲ୍ଲା—ଅନ୍ୟରୂପ) pans of a balance.
दाँडिपाला
डंडिपलड

ଦଣ୍ଡିପୋହଳା—ଦେ. ବି—(ସଂ. ଦଣ୍ଡୋତ୍ପଳ, ଦଣ୍ଡପାଳକ)—
Dandi pohaḷā ୧ । କ୍ଷୁଦ୍ରବୃକ୍ଷବିଶେଷ; ବର୍ଷାୟୁ ଗୁଳ୍ମ, ଶାକ-
डानकुनि ବିଶେଷ—1. Canscora Decussata.
दानकोनी [ବ୍ର—ଏହାର ନାଡ଼ି ଚୌରକୋଣିଆ,ଏହା ପାଣି ପାଖ ବାଲିରେ ଜନ୍ମେ; ଫୁଲ ଧଳା ଓ ଚତୁର୍ଦଳ ଯୁକ୍ତ; ୪ ଗୋଟି କେଶର; ଫଳ ଦ୍ୱିକୋଷ; ବୀଜ କ୍ଷୁଦ୍ର ଓ ବହୁକୋଣ; ଶୀତଦିନେ ଫଳ ପାକେ; ବର୍ଷା ଦିନେ ଫୁଲ ଫୁଟେ ।]
୨ । କାଠି ପୋହଳା ମାଛ—2. A kind of small fish.
୩ । ଶୃଙ୍ଗାର ହାର (ଦେଖ)
3. Srungāra hāra (See)
୪ । (ବୈଦ୍ୟକ) (ସଂ. ଦଣ୍ଡିପ୍ରବାଳ)—ବୃକ୍ଷବିଶେଷ—
4. A kind of tree.

ଦଣ୍ଡିବା—ଦେ. କ୍ରି (ସଂ. ଦଣ୍ଡଧାତୁ)—୧ । ଦଣ୍ଡ ଦେବା—
Dandibā 1. To punish.
दण्ड देओया ଦଣ୍ଡିବା ଶକ୍ତି ଥାଇ ଥାଇ
डंड देना ଯେ ପୁଣି କ୍ଷମା କରଇ । ଜଗନ୍ନାଥ. ଭାଗବତ ।
୨ । ବଳି ପଡ଼ିବା —2 To exceed; to excel.
କନକ ଗିରିଶୃଙ୍ଗ ଶୋଭକୁ ଦଣ୍ଡି ହୃ । କୃଷ୍ଣସିଂହ. ମହାଭାରତ. ସଭା ।

ଦଣ୍ଡିମ—ସଂ. ବିଣ (ଦଣ୍ଡ+ଅସ୍ତ୍ୟର୍ଥେ ଇମନ୍; ୧ମା ୧ବ)—ଦଣ୍ଡଧାରୀ—
Daṇḍima Holding a sceptre or staff.
ବି. ୧ । ଯମ—1. Jama, the regent of death.
୨ । ଛଡ଼ି ବରଦାର—A mace-bearer.
୩ । ଦ୍ୱାରପାଳ; ଦୁଆରୀ—3. A door-keeper.
୪ । ଜୈନବିଶେଷ—4. A class of Jainas.
୫ । ସନ୍ନ୍ୟାସୀ—5. A religious mendicant.
୬ । ଦମନକ ବା ଦଅଣାଗଛ—6. Name of an aromatic plant.

ଦଣ୍ଡିଲ—ଦେ. ବିଣ. ପୁଂ (ସଂ ଉଦ୍ଦଣ୍ଡ; ବାଳକ ବାଳିକାଙ୍କ ପ୍ରତି ବ୍ୟବହୃତ)
Daṇḍila ୧ । ଦୁଷ୍ଟ—1. Wicked.
(ଦଣ୍ଡିଲି-ସ୍ତ୍ରୀ) ୨ । ଉଦ୍ଦଣ୍ଡ—2. Mischievous; ferocious.
୩ । ଚଞ୍ଚଳୁଆ—3. Restless.

ଦଣ୍ଡୀ—ସଂ. ବି. ପୁଂ (ଦଣ୍ଡ+ଅସ୍ତ୍ୟର୍ଥେ. ଇନ୍; ୧ମା. ୧ବ.)—
Daṇḍī ୧ । ଦଣ୍ଡିମ (ଦେଖ)
(ଦଣ୍ଡିନୀ—ସ୍ତ୍ରୀ) 1. Daṇḍima (See)
दण्डी ୨ । ଚତୁର୍ଥାଶ୍ରମ; ସନ୍ନ୍ୟାସୀ ଭେଦ—
2. A mendicant who has betaken to the 4th or last stage of a Hindu's life; one who in his old age has betaken to the life of an ascetic.
୩ । ଜନୈକ ପ୍ରାଚୀନ ରାଜା—3. Name of a king of ancient India.
[ଦ୍ର—ଏ ଉର୍ବଶୀଙ୍କୁ ଘୋଟକୀରୂପେ ପ୍ରାପ୍ତ ହୋଇଥିଲେ ।]
୪ । (ନାମ) ଖ୍ରୀ: ଷଷ୍ଠ ଶତାବ୍ଦୀର ଜଣେ କବି; ଏ ସଂସ୍କୃତ କାବ୍ୟାଦର୍ଶ ଓ ଦଶକୁମାରଚରିତର ରଚୟିତା—4. Name of a medieval Sanscrit author and annotator of India.
୫ । ସୂର୍ଯ୍ୟଙ୍କ ପାର୍ଶ୍ୱଚରବିଶେଷ—5. Name of an attendant of the Sun-God.
୬ । ଦଣ୍ଡଧାରୀ; ଶାସନକର୍ତ୍ତା—6. A ruler; a holder of the sceptre of administration; administrative head of a country.
ଦେ. ବିଣ—ଦଣ୍ଡିତ—Punished.
ଗାଇବ ଯେ ଦେଇଛ ସ୍ୱବର୍ଣ୍ଣରେ ମଣ୍ଡି
ଚନ୍ଦ୍ର ସୂର୍ଯ୍ୟ ଥିବାରେ ହୋଇବେ ଯମଦଣ୍ଡୀ । କୃଷ୍ଣ ସିଂ. ମହାଭାରତ. ବନ ।

ଦଣ୍ଡୁଆସି—ଦେ. ବି (ସଂ. ଦଣ୍ଡବାସୀ)—୧ । ଚଉକିଦାର; ଜଗୁଆଳି—
Daṇḍuāsi 1. A watchman.
(ଦଣ୍ଡେଇସି—ଅନ୍ୟରୂପ) ଥୋକାଏ ଥିଅ ଦଣ୍ଡୁଆସି
ହୁଡି କରନ୍ତୁ ଟୁଙ୍ଗଣି । ଜଗନ୍ନାଥ ଭାଗବତ ।
दण्डास्थ ୨ । (ସଂ. ସନ୍ଦଂଶ) କମାରର ବଡ଼ ଚିମୁଟା; କମାରର ବଡ଼
दंड़वासि ସଣ୍ଡୁଆସି—2. A pair of blacksmith's tongs; pincers.

ଦଣ୍ଡୁରି—ପ୍ରାଦେ (ବାଲେଶ୍ୱର) ବି—୧ । ଖାଲୋଇ—
Daṇḍuri 1. A bag made of bamboo, cane, creeper or twigs for putting fish therein.
୨ । ପାଛିଆ—2. A small basket of bamboo or wicker-work.

ଦଣ୍ଡେଇ—ପ୍ରାଦେ (ଭଞ୍ଜନଗର) ବି—ଦଣ୍ଡକିରି (ଦେଖ)
Daṇḍei Daṇḍakiri (See)
ଦେ. ବିଣ. ସ୍ତ୍ରୀ (ଗାଳି)—କଳହକାରୀ (ସ୍ତ୍ରୀ)—
Quarrelsome (woman).

ଦଣ୍ଡେହେଁ—ଦେ. ଅ—କ୍ଷଣମାତ୍ର—
Daṇḍeheñ Even for a moment.
ଏ ବାଳକଠି ସ୍ୱାମୀଦ୍ରୋହୀ
ଏହାକୁ ଦଣ୍ଡେହେଁ ନ ଥୋଇ – ଜଗନ୍ନାଥ. ଭାଗବତ ।

ଦଣ୍ଡୋତ୍ପଳ—ସଂ. ବି—୧ । କାଠିପୋହଳା ମାଛ—
Daṇḍotpaḷa 1. A kind of small fish.
୨ । ଏକପ୍ରକାର ବର୍ଷାୟୁ ଶାକ—
2, A kind of annual plant.

ଦଣ୍ଡ୍ୟ—ସଂ. ବିଣ. ପୁଂ (ଦଣ୍ଡ+ଯୋଗ୍ୟାର୍ଥେ. ଯ)—ଦଣ୍ଡନୀୟ;
Daṇḍya ଦଣ୍ଡାର୍ହ; ଦଣ୍ଡ ପାଇବାର ଯୋଗ୍ୟ—
(ଦଣ୍ଡ୍ୟା—ସ୍ତ୍ରୀ) Punishable; deserving punishment.

ଦତ୍—ଦେ. ଅ (ସଂ. ଧିକ୍)—ଧୁତ୍ (ଦେଖ)
Dat Dhut (See)
ବି—କମାରର ବଡ଼ ହାତୁଡ଼ି—
Blacksmith's sledge-hammer.
ସଂ. ବି (ଦମ୍ ଧାତୁ+କରଣ. ତ୍)—ଦାନ୍ତ—Tooth.

ଦତ୍ତ—ଦେ. ଅ—ଧୁତ୍ (ଦେଖ)
Dat-ta Dhut (See)

ଦତିଆଳ—ଗ୍ରା. ବିଣ. ପୁଂ (ବ୍ୟଙ୍ଗୋକ୍ତି) (ସଂ. ଦାତା)—
Datiāḷa ଦାନଶୌଣ୍ଡ; ଦାନଶୀଳ; ଦାତା—
ଦତିଅଳ, ଦତିଆଳଆ } ଅନ୍ୟରୂପ (ironical) Very generous;
ଦତ୍ତଅଳ, ଦତ୍ତଆଳଆ } very charitable.
(ଦତିଆଳୀ—ସ୍ତ୍ରୀ)

ଦତ୍ତ—ସଂ. ବିଣ (ଦା ଧାତୁ=ଦେବା+କର୍ମ. ତ; ତୁଳ. ଲାଟିନ୍ ଡେଟା, data)—୧ । ଯାହା ଦାନ କରାଯାଇଥାଏ;
Datta ଦତ୍ତଦାନ; ଦାନ କରାଯାଇଥିବା—
(ଦତ୍ତା—ସ୍ତ୍ରୀ) 1. Given away; dedicated.
୨ । ନ୍ୟସ୍ତ; ଅର୍ପିତ—
2. Deposited; conferred; bestowed.
୩ । ଉତ୍ସୃଷ୍ଟ—3. Offered; dedicated.
୪ । ତ୍ୟକ୍ତ—4. Left; parted with.
ବି (+ଭାବ ତ)—୧ । ଦାନ—1. Gift.
୨ । ପ୍ରାଚୀନ ଭାରତର ରାଜାବିଶେଷ—
2. Name of a king of ancient India.
୩ । ବୈଶ୍ୟମାନଙ୍କ ବଂଶୋପାଧିବିଶେଷ—
3. A family-title of the Baiśyas.
୪ । ଦତ୍ତାତ୍ରେୟ; ଅତ୍ରିମୁନିଙ୍କ ପୁତ୍ର; ଭଗବାନଙ୍କର ଅବତାର ବିଶେଷ—4. Name of a son of sage Atri, said to be an incarnation of 'Bishṇu'

୫ । ପୁତ୍ରବିଶେଷ; ଦତ୍ତକପୁତ୍ର —
5. An adopted son.
`ଦେ. ବ—ଶୂଦ୍ର, ତାମିଲୀ ଓ କାୟସ୍ଥ ବଙ୍ଗାଳିଙ୍କ ଉପାଧିବିଶେଷ —
A family title of Bengalee Sūdras and Kāyasthas.

ଦତ୍ତକ—ସ. ବଣ (ଦତ୍ତ+ସ୍ୱାର୍ଥେ. କ)— ୧ । ଦତ୍ତ ହୋଇଥିବା—
Dattaka 1. Given.
(ଦତ୍ତକା—ସ୍ତ୍ରୀ) ୨ । ପୋଷ୍ୟପୁତ୍ର ବା ପୋଷିଆ କନ୍ୟାରୂପେ ଗୃହୀତ—
2. Taken or given in adoption.
ଦତ୍ତକ ତନୟାରୂପେ ତାଙ୍କୁ ନୃପଗଣ
ସେମଧାଦ ନୃପତଙ୍କି କଲେ ସମର୍ପଣ—ମଧୁସୂଦନ. ଭରତଶ୍ରମଚରିତ ।
ବ—ପୋଷ୍ୟପୁତ୍ର—Adopted son.

ଦତ୍ତକ ଚନ୍ଦ୍ରିକା—ସ ବ—ପୋଷ୍ୟପୁତ୍ର ଗ୍ରହଣ ସମ୍ବନ୍ଧୀୟ ଗୋଟିଏ
Dattaka chandrikā ଆଧୁନିକ ସଂସ୍କୃତ ସ୍ମୃତିଗ୍ରନ୍ଥ—Name of a Sanscrit compilation on adoption by Sibānanda Bhatta or, according to some, by Kubera.
[ଦ୍ର—କେହି କେହି ଏହାକୁ ଜାଲ୍ ଗ୍ରନ୍ଥ ବୋଲି କହନ୍ତି । ଏତଦ୍ଭିନ୍ନ ଦତ୍ତକ ଦଧୀତି, ଦତ୍ତକ କୌସ୍ତୁଭ, ଦତ୍ତକ ଦର୍ପଣ, ଦତ୍ତକ କୌମୁଦୀ, ଦତ୍ତକ ତିଳକ, ଦତ୍ତକ ସିଦ୍ଧାନ୍ତମଞ୍ଜରୀ ନାମରେ କେତେଗୁଡ଼ିଏ ଆଧୁନିକ ସଂସ୍କୃତ ଗ୍ରନ୍ଥ ଅଛି ।]

ଦତ୍ତକ ପୁତ୍ର—ସ. ବ. (କର୍ମଧା, ଦତ୍ତକ+ପୁତ୍ର)—ପୋଷ୍ୟପୁତ୍ର;
Dattaka putra ପୋଷିଆ ପୁଅ; ଜନ୍ମଦାତ୍ରୀ ପିତାମାତା ଯେଉଁ ପୁତ୍ରକୁ ଅନ୍ୟ ବ୍ୟକ୍ତିଙ୍କୁ ପୁତ୍ରରୂପେ ପ୍ରଦାନ କରନ୍ତି—
Adopted son.

ଦତ୍ତକ ମୀମାଂସା—ସ. ବ—ନନ୍ଦ ପଣ୍ଡିତଙ୍କ ସଙ୍କଳିତ ସ୍ମୃତି ଗ୍ରନ୍ଥ-
Dattaka mimāmsā ବିଶେଷ (ଏଥିରେ ପୋଷ୍ୟପୁତ୍ର ଗ୍ରହଣ ବିଧି ବର୍ଣ୍ଣିତ ହୋଇଅଛି)—Name of a Hindu law-book on adoption.
[ଦ୍ର—କଲିକତାର ପ୍ରିଭିକାଉନ୍‌ସିଲ୍ ଏ ଗ୍ରନ୍ଥକୁ ଭାରତବର୍ଷରେ ହିନ୍ଦୁମାନଙ୍କର ପୋଷ୍ୟପୁତ୍ର ସମ୍ବନ୍ଧୀୟ ପ୍ରାମାଣିକ ଗ୍ରନ୍ଥ ବୋଲି ପ୍ରକାଶ କରିଅଛନ୍ତି ।]

ଦତ୍ତ କରିବା—ଦେ. କ୍ରି—ଦେବା; ଦାନ କରିବା—
Datta kariba To give; to give away.
ମନୋହର ବସ୍ତୁକେ ଦତ୍ତ କର କଲ ତାକୁ ଲକ୍ଷ୍ମୀନାଥ ହେ—
ଦତ୍ତକରା ହତ୍‌କରୋ ବିଶ୍ୱନାଥ. ଚଉତିଶାମାଳ ।

ଦତ୍ତକ ହୋମ—ସ. ବ. (ମ. ପ. ଲୋ; ଦତ୍ତକ+ହୋମ, ଦତ୍ତକ
Dattaka homa ପୁତ୍ର ଗ୍ରହଣ ସମୟରେ କର୍ତ୍ତବ୍ୟ ହୋମ)—
ପୋଷ୍ୟପୁତ୍ର ଗ୍ରହଣ କରିବା ଉପଲକ୍ଷରେ ଗ୍ରହୀତା ଯେଉଁ ହୋମ ଅନୁଷ୍ଠାନ କରନ୍ତି—A sacrifice or oblation performed on the occasion of taking a
(ଦତ୍ତ ହୋମ - ଅନ୍ୟରୂପ) boy in adoption.
[ଦ୍ର—ଭାରତର ଉଚ୍ଚତମ ବିଚାର ଅଦାଲତରେ ଆଗେ ସ୍ଥିର ହୋଇଥିଲା ଯେ ଏ ହୋମ ହୋଇ ନଥିଲେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଜାତିମାନଙ୍କ ମଧ୍ୟରେ ପୋଷ୍ୟପୁତ୍ର ଗ୍ରହଣ ଅସିଦ୍ଧ ହୁଏ । ଫଳତଃ ଦେଖାଯାଏ ଯେ ଆମ ଦେଶରେ ଦ୍ୱିଜାତିମାନେ ମଧ୍ୟ ସତ୍ୟନାରାୟଣ ପୂଜାଟିଏ କରି ଦେଇ ପୋଷ୍ୟପୁତ୍ର ଗ୍ରହଣ ବିଧି ସାଙ୍ଗ କରି ଥାଆନ୍ତି ଓ ଅଦାଲତରେ ପ୍ରମାଣ ଉପସ୍ଥାପିତ କରିବା ସମୟରେ ଏହି ନଇଁଆରକୁ ମାନ ଦତ୍ତକ ହୋମ ହୋଇ ଥିବା ବିଷୟ ସାକ୍ଷୀମାନେ ହଲପ ନେଇ ଇଜାହାର କରନ୍ତି । ଆଜିକାଲି ପ୍ରିଭିକାଉନ୍‌ସିଲରେ ସ୍ଥିର ହୋଇଅଛି ଯେ ଏ ହୋମ ହୋଇଥିବାର ପ୍ରମାଣ ନ ହେଲେ ମଧ୍ୟ ପୋଷ୍ୟପୁତ୍ର ଅସିଦ୍ଧ ନୁହେଁ ।]

ଦତ୍ତଚ୍ୟୁତାକ୍ଷର—ସ. ବି.—ଶବ୍ଦାଳଙ୍କାର ବା ରଚନାଭଙ୍ଗିବିଶେଷ,
Dattachyutākshara (ଏଥିରେ ପାଦ ମଧ୍ୟରେ ଗୋଟିଏ ଅକ୍ଷର କାଟି ଆଉ ଗୋଟିଏ ଅକ୍ଷର ସେ ସ୍ଥାନରେ ନ ବସାଇଲେ ବାକ୍ୟର ଅର୍ଥ ହୃଦୟଙ୍ଗମ ହୋଇ ପାରେ ନାହିଁ)—A composition in which a letter of a word is to be deleted and another added in its place in order to make out the intended meaning.
[ଦ୍ର—ଉପେନ୍ଦ୍ରଭଞ୍ଜଙ୍କର କୋଟିବ୍ରହ୍ମାଣ୍ଡସୁନ୍ଦରୀର ୬୩।୧୬ରେ ଏହାର ଉଦାହରଣ ଅଛି । ପ୍ରେମସୁଧାନିଧି ୧୬।୨୬ରେ ଥିବା ଉଦାହରଣ ନିମ୍ନରେ ଦଆଗଲା ।
ମଦନ ବ୍ୟାଧିକରୁ ଜାଣିଁ ସୁବାକର
କରତ (=ଶରତ) କାଳେ ବିହାରୀ ମହାଶିଖାକର
ରକ୍ତପାର (=ଅକୂପାର) ପ୍ରାପ୍ତେ ଦୁଃଖସିନ୍ଧୁ ଗୋଷ୍ଠୀଶ୍ୱର
ଭୃଙ୍ଗ ଦେଲା ପେମପଦ କ୍ଷୁଣ୍ଣ ଭବ ହେଲା ।]

ଦତ୍ତମନାଃ—ସ. ବଣ. (ବହୁବ୍ରୀହି; ଦତ୍ତ+ମନସ୍; ୧ମା. ୧ବ)—
Dattamanāh ୧ । ମନୋଯୋଗୀ—1. Attentive.
୨ । କୌଣସି ବିଷୟରେ ଅର୍ପିତଚିତ୍ତ—2. With the heart bent upon some aim or set purpose.

ଦତ୍ତହାରୀ ସ. ବଣ. ପୁଂ. (ଦତ୍ତ+ହୃ ଧାତୁ+କର୍ତ୍ତୃ. ଇନ୍; ୧ମା ୧ବ)—
Dattahāri ଯେଉଁ ବ୍ୟକ୍ତି ଦତ୍ତ ପଦାର୍ଥକୁ ପୁନର୍ବାର ଛଡ଼ାଇନିଏ—
(ଦତ୍ତହାରଣୀ—ସ୍ତ୍ରୀ) One who resumes a completed
(ଦତ୍ତାପହାରୀ—ଅନ୍ୟରୂପ) and long enjoyed gift.

ଦତ୍ତ ହୋମ—ସ. ବି—ଦତ୍ତକ ହୋମ (ଦେଖ)
Datta homa Dattaka homa (See)

ଦତ୍ତା—ସ. ବିଣ. ସ୍ତ୍ରୀ (ଦତ୍ତ+ସ୍ତ୍ରୀ. ଆ)—୧ । ପ୍ରଦତ୍ତ ହୋଇଥିବା—
Dattā 1. Given.
୨ । ଊଢ଼ା; ପରିଣୀତା (ସ୍ତ୍ରୀ)—
2 Married; lawfully married (woman).

ଦତ୍ତାକ୍ଷର—ସ. ବି - ଶବ୍ଦାଳଙ୍କାରବିଶେଷ—A kind of metrical
Dattākshara composition in which if a letter be added to a word, a different meaning is made out.
[ଦ୍ର—ଏଥିରେ ଦଆ ଯାଇଥିବା ଶବ୍ଦମାନଙ୍କରେ ଆଉ ଗୋଟିଏ ଲେଖାଏଁ ଅକ୍ଷର ଯୋଡ଼ିଲେ ଅନ୍ୟ ଗୋଟିଏ ଅର୍ଥ ବୁଝାଏ । ଉପେନ୍ଦ୍ର ଭଞ୍ଜଙ୍କ ପ୍ରେମସୁଧାନିଧି ୧୬।୩ରେ ଥିବା ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା :—

ଜଗମୋସ୍ତା (= ଜଗମେ ହ୍ଲା) ବୃତ୍ତା ସ୍ଵମେ (= କ୍ଷୁସ୍ଵମେ) କେବେ ନ କରଇ,
ଦଳତ୍ରେସ୍ ଶାଳେ (= ରସାଳେ) ଭାବୁ କର୍ଣ୍ଣ ରୁକୁଥାଇ,
ନ ଅଳାର ଚନ୍ଦ୍ରମାଲୁ କାଶେ (= ଅକାଶେ) ସେଣୁ ନ୍ରସେ,
ଏତୁସର କଟୁଥାଇ ସ୍ଵରଭଙ୍ଗ ବଶେ ।]

ଦତ୍ତାତ୍ମା — ସଂ. ବି (ବହୁବ୍ରୀହି; ଦତ୍ତ + ଆତ୍ମନ୍)— ନିଜକୁ ଅନ୍ୟର
Dattātmā ପୁତ୍ରତ୍ଵ ସ୍ଵୀକାର କରିବା ବ୍ୟକ୍ତି—A person who has given himself away as a son to another person.
ବିଣ—ଆତ୍ମସମର୍ପଣକାରୀ—Giving one's self away to another person; yielding to another person.

ଦତ୍ତାତ୍ରେୟ—ସଂ. ବି. (ଦତ୍ତ ନାମକ ଆତ୍ରେୟ=ଅତ୍ରିପୁତ୍ର)—
Dattātreya ଅତ୍ରିମୁନିଙ୍କ ପୁତ୍ର (ନାରାୟଣଙ୍କ ଅବତାର)—
Son of sage Atri (said to be an incarnation of Bishṇu).

ଦତ୍ତାପହାରୀ—ସଂ. ବିଣ. ପୁଂ. (ଦତ୍ତ—ଅପ + ହୃ ଧାତୁ + କର୍ତ୍ତୃ. ଇନ୍)—
Dattāpahāri ଦତ୍ତହାରୀ (ଦେଖ)
(ଦତ୍ତହାରୀ—ଅନ୍ୟରୂପ) Dattahāri (See)
(ଦତ୍ତାପହାରିଣୀ—ସ୍ତ୍ରୀ)

ଦତ୍ତାବଧାନ—ସଂ. ବିଣ. ପୁଂ. (ବହୁବ୍ରୀହି; ଦତ୍ତ+ଅବଧାନ)—
Dattābadhāna ୧ । ମନୋଯୋଗୀ —
(ଦତ୍ତାବଧାନା—ସ୍ତ୍ରୀ) 1. Attentive; mindful.
୨ । ଅର୍ପିତଚିତ୍ତ—2. With the heart bent upon some fixed aim or purpose.

ଦତ୍ତି— ସଂ. ବି. (ଦା ଧାତୁ+ଭାବ. ତି)— ଦାନ—
Datti Gift.

ଦତ୍ତେୟ—ସଂ. ବି. (ଦା ଧାତୁ+କର୍ତ୍ତୃ. ତେୟ)—ଇନ୍ଦ୍ର—
Datteya A name of Indra.

ଦତ୍ତେରି— ଦେ. ଅ—ଧୁତ୍ (ଦେଖ)
Datteri Dhut (See)
(ଦତ୍ତେରିକା, ଦତ୍ତେରିକି, ଦତ୍ତେରିକେ—ଅନ୍ୟରୂପ)

ଦତ୍ୟ— ଗ୍ରା. ବି. (ସଂ. ଦୈତ୍ୟ)—ଅସୁର; ରାକ୍ଷସ—
Datya A demon.
ପୁଣି ବାନ୍ଧିଲେ ଦତ୍ୟ ଦଣ୍ଡଥାଇଁ । ପ୍ରାଚୀ. ଶିଶୁଶଙ୍କର ଉଷାଅଭିଳାଷ ।

ଦତ୍ରିମ—ସଂ. ବିଣ. (ଦା ଧାତୁ + କର୍ତ୍ତୃ ଓ କର୍ମ. ତ୍ରିମ) —
Datrima ୧ । ଦାନ ଦ୍ଵାରା ନିଷ୍ପନ୍ନ—,
1, Completed or concluded by gift.
୨ । ଦାନ କରା ଯାଇଥିବା—
2. Given; given away.
ବି—ପୋଷ୍ୟ ପୁତ୍ର—Adopted son.

ଦଦ୍ (ଧାତୁ)—ସଂ—ଦେବା—
Dad (root) To give.

ଦଦ(ଧ)—ଦେ. ବି. (ଶିଶୁର ଭାଷା) (ସଂ. ଦୁଗ୍ଧ. ପ୍ରା. ଦୁଧ)—
Dada(dha) ୧ । ମାତୃ ସ୍ତନ—1, Mamma; mother's breast.
(ଦଦ; ଦଦ୍ଧ—ଅନ୍ୟରୂପ)
୨ । ମାତୃ ସ୍ତନ୍ୟ—2. Mother's milk.
୩ । ଦୁଗ୍ଧ —2. Milk.

ଦଦଇଆ —ଗ୍ରା. ବି—ଦହିଦହିକା (ଦେଖ)
Dadaiā Dahidahikā (See)

ଦଦନ—ସଂ. ବି. (ଦଦ୍ ଧାତୁ+କର୍ମ. ଅନ)—
Dadana ୧ । ଦାନ; ଦତ୍ତବସ୍ତୁ—1 A gift.
୨ । (+ଭାବ. ଅନ) ଦାନ କରିବା; ବିତରଣ—
2. Act of giving or distributing.

ଦଦରା—ଦେ. ବିଣ. (ସଂ. ଦର୍ଦ୍ଦର)—
Dadarā ୧ । ଈଷତ୍ ଭଗ୍ନ—1. Slightly broken.
दादरा ୨ । ଫଟା— 2. Cracked.
टुटा, फुटा (ଯଥା— ଦଦରା ହାଣ୍ଡି ।)
୩ । ବିକଳ—3. Deranged; out of order.
୪ । ଜୀର୍ଣ୍ଣ —4. Worn; damaged.
ସବେ ଅଛୁଁ ଏକ ଦେହ ଦଦରା ବୋଇଲେ । ରାଧାନାଥ. ଦରବାର ।

ଦଦରା ମାଛ—ପ୍ରାଦେ. (ଗଞ୍ଜାମ) ବି—ମତ୍ସ୍ୟବିଶେଷ—
Dadarā māchha A sort of fish.

ଦଦରା ହାଣ—ପ୍ରାଦେ. ବି—ଚିଲିକା ହ୍ରଦରେ ଦେଖାଯିବା ଏକ ପ୍ରକାର
Dadarāhāṇa ପକ୍ଷୀ—A species of bird frequenting the Chilka lake.

ଦଦହତୁ—ଦେ. ଅ. (ଶିଶୁ ଭାଷା)—ଦହଦହତୁ (ଦେଖ)
Dadahatu Dahadahatu (See)
(ଦଅଦଅତୁ; ଦଅଦହତୁ—ଅନ୍ୟରୂପ)

ଦଦା — ଦେ. ବି. (ସଂ. ତାତ. ତୁଳ. ଇଂ. ଡାଡ୍ଡି=ପିତା)—
Dadā ୧ । (କ୍ଷତ୍ରିୟମାନଙ୍କ ବ୍ୟବହୃତ) ବଡ଼ ଭାଇ—1. Elder-
दादा brother (amongst the Kshatriyas).
दादा ୨ । ଅଜା; ପିତାମହ —Grandfather.
(ଯଥା – ବାପ ଦଦା ଅମଳରେ ଏ କଥା ଶୁଣା ନ ଥିଲା ।)
ପ୍ରାଦେ. (ଗଞ୍ଜାମ) ବି—ବାପା, ପିତା—Father.

ଦଦେଇ—ଦେ.ବି (ସଂ.ଜ୍ୟେଷ୍ଠତାତ)—ପିତାଙ୍କ ଜ୍ୟେଷ୍ଠଭ୍ରାତା;ଜ୍ୟେଷ୍ଠତାତ;
Dadei ଦେଢ଼ବାପା —Father's elder brother.
(ଦଦାଇ—ଅନ୍ୟରୂପ) ପ୍ରାଦେ. ୧ । (ଗଡ଼ଜାତ) ବି. (କ୍ଷତ୍ରିୟମାନଙ୍କ ମଧ୍ୟରେ) —ପିତା —1.Father (among Kshatriyas).
୨ । (ଗଞ୍ଜାମ) ବି —ପିତା —2. Father.

ଦଦେଇର(ରା)ଜା —ପ୍ରାଦେ.(ଗଡ଼ଜାତ) ବି—ପିତୃରାଜା; ରାଜାଙ୍କର ସ୍ଵର୍ଗୀୟ
Dadeira(rā)jā ପିତା—The late Raja who was the father of the present Raja.

ଦଦ୍ରୁ—ସଂ.ବି.(ଦରିଦ୍ରା ଧାତୁ=ଦୁର୍ଗତ କରିବା+ କର୍ତ୍ତୃ ଉ ନିପାତନେ)—
Dadru ଦାଉ; ଦାଦୁ—Ringworm.
(ଦଦ୍ରୂ—ଅନ୍ୟରୂପ)

ଦଦ୍ରୁଘ୍ନ— ସଂ. ବିଣ. (ଦଦ୍ରୁ—ହନ୍ ଧାତୁ + କର୍ତ୍ତୃ. ଅ)—
Dadrughna ଦଦ୍ରୁରୋଗନାଶକ—Destructive of or antidote for ringworm.

ବି—ଦାଦୁଖାଇ ଗଛ; ଚକ୍ରମର୍ଦ୍ଦ ଗଛ—Cassia Tora; a tree with clustering yellow flowers, often used as an antidote for ringworm.

ଦଦ୍ରୁଣ—ସଂ.ବି.ପୁଂ(ଦଦ୍ରୁ + ଅସ୍ତି ଅର୍ଥେ. ଣ)—ଦଦ୍ରୁରୋଗୀ; ଦାଦୁଥିବା—
Dadruṇa Suffering from ringworm.
(ଦଦ୍ରୁଣ—ଅନ୍ୟରୂପ) (ଦଦ୍ରୁଣା—ସ୍ତ୍ରୀ)

ଦଧ୍ (ଧାତୁ)—ସଂ—ଦାନ କରିବା—
Dadh (root) To give away.

ଦଧ—ଗ୍ରା. ବି. (ଶିଶୁଭାଷା)—ଦଦ (ଦେଖ)
Dadha Dada (See)
(ଦଦ୍ଧ—ଅନ୍ୟରୂପ)

ଦଧାନ—ସଂ. ବିଣ. (ଧା ଧାତୁ=ଧାରଣ କରିବା + କର୍ତ୍ତୃ. ଆନ)—
Dadhāna ଯେ ଧାରଣ କରେ—Holding; assuming.
(ଦଧାନା -- ସ୍ତ୍ରୀ)

ଦଧି—ସଂ. ବି. (ଧା ଧାତୁ=ଧାରଣ କରିବା + କର୍ତ୍ତୃ. ଇ)—
Dadhi ୧ । ଦହି; ଅମ୍ଳସଂଯୋଗରେ ଗାଢ଼ ହୋଇଥିବା ଦୁଗ୍ଧ—1. Sour milk; butter milk; curdled milk; curd.
[ଦ୍ର—ବସା ଦହିକୁ ଦଧି ଓ ଘୋଳଦହିକୁ ତକ୍ର ବୋଲାଯାଏ ।]
୨ । ଛେନା; ଅମିକ୍ଷା—2. Cheese.
୩ । ଦଧିକୂର୍ଚ୍ଚିକା—3. Flakes of curd.
୪ । ବସ୍ତ୍ର (ହି. ଶବ୍ଦସାଗର)—4. Cloth.
ସଂ. ବିଣ—୧ । ଧାରଣକର୍ତ୍ତା (ପ୍ରକୃତିବାଦ)—1. Holding.
୨ । ପୋଷଣ କର୍ତ୍ତା—
2. Supporting; maintaining.

ଦଧି କୂର୍ଚ୍ଚିକା—ସଂ. ବି. ସ୍ତ୍ରୀ—୧ । ଛେନା—
Dadhikūrchhikā 1. Cheese.
୨ । ବସାଦହିର ଥଲକା ଖଣ୍ଡମାନ—
2. Flakes of curd.

ଦଧି ଗୁଡ଼ ଅନ୍ନ—ଦେ. ବି—ଦହି ଗୁଡ଼ୁ ଭାତ (ଦେଖ)
Dadhi guṛda anna Dahi guṛdu bhāta (See)

ଦଧିଚାର—ସଂ. ବି. (ଦଧି + ଚର ଧାତୁ + କରଣେ. ଅ)—
Dadhichāra ଦଧିମନ୍ଥନଦଣ୍ଡ; ଖୁଆ—Churning rod; churner.

ଦଧିଜ—ସଂ. ବି. (ଦଧି + ଜନ୍ ଧାତୁ + କର୍ତ୍ତୃ. ଅ)—
Dadhja ୧ । ନବନୀତ; ନହୁଣୀ—1. Butter.
(ଦଧିଜାତ—ଅନ୍ୟରୂପ) ୨ । ଛେନା—2. Cheese.

ଦଧିତ୍ଥ—ସଂ. ବି. (ଦଧି + ସ୍ଥା ଧାତୁ + କର୍ତ୍ତୃ. ଅ; ଏହା ଫଳରୁ ଦଧି ପରି
Dadhittha ଏକପ୍ରକାର ରସ ବାହାରୁଥିବାରୁ)—କଇଥ ଗଛ
(ଦଧିନାମା—ଅନ୍ୟରୂପ) ଓ ଫଳ—Wood-apple tree and its fruit; Feronia Elephantum; the elephant-apple.

ଦଧି ନଉତି—ଦେ. ବି—ଦହିନଉତି (ଦେଖ)
Dadhi nauti Dahinauti (See)

ବଟିଗ୍ଲ ସେଠାରୁ ଶଙ୍ଖ ଖଣ୍ଡିରେ ନଗ
ଯେସନ ଦଧିନଇର ତୁଲ୍ୟ ଦେବାଳୟ । ଚନ୍ଦ୍ରାମଣି. ବକ୍ଷମାଚତ୍ୟ ।

ଦଧିପୁଷ୍ପିକା—ସଂ. ବି. (ଦଧି + ପୁଷ୍ପ + କ + ସ୍ତ୍ରୀ. ଆ)—
Dadhipushpikā ଶ୍ୱେତ ଅପରାଜିତା ଫୁଲ ଓ ଲତା—
White Clitoris flower and creeper; Clitoria Terenta

ଦଧି ପୂପ—ସଂ. ବି. (ମ. ପ. ଲୋ; ଦଧିପକ୍ୱ ପୂପ=ପିଷ୍ଟକ)—ଦହିବଡ଼ା—
Dadhi pūpa A cake immersed in or seasoned with curd
(ଦଧିବଟକ—ଅନ୍ୟରୂପ)

ଦଧି ଫଳ—ସଂ ବି—କପିତ୍ଥ; କଇଥଫଳ—
Dadhi phaḷa Wood-apple; Feronia Elephantum.
କେଙ୍କି ଦଧିଫଳ ଭକ୍ଷିଲ୍ଲ ବସି
ପିଣ୍ଡରୁ ପଞ୍ଚସ ଯାଉଛୁ ଖସି । ଉତ୍କ. ଲାବଣ୍ୟବତୀ ।

ଦଧିବାବନ—ଦେ. ବି (ସଂ ଦଧିବାମନ)—ଦଧିବାମନ (ଦେଖ)
Dadhibābana Dadhibāmana (See)

ଦଧିବାମନ—ସଂ. ବି (ଦଧି=ପୋଷଣକର୍ତ୍ତା=ବାମ=ଶତ୍ରୁ + ନ=
Dadhibāmana ବନ୍ଧନ; ପୋଷଣକର୍ତ୍ତା ଓ ବିପକ୍ଷର ବିନାଶକ; ଅଥବା ଦଧିବାହକ ବାମନ; ମ. ପ. ଲୋ)
୧ । ବିଷ୍ଣୁ—1. Bishṇu.
୨ । ଶାଳଗ୍ରାମ ମୂର୍ତ୍ତିବିଶେଷ—2. A species of Śāḷagrāma stone.
[ଦ୍ର—ବାମନ ଅବତାରରେ ବିଷ୍ଣୁ ଦଧି ବହନ କରିଥିବା ପ୍ରବାଦ ପୁରାଣରେ ଅନୁସନ୍ଧେୟ ।]

ଦଧି ମଣ୍ଡ—ସଂ. ବି (୬ଷ୍ଠୀ ତତ୍; ଦଧି + ମଣ୍ଡ)—ଦହିର ଜଳୀୟାଂଶ—
Dadhimaṇḍa The watery portion of curd; whey.

ଦଧିମଣ୍ଡୋଦ—ସଂ.ବି (ଦଧିମଣ୍ଡ + ଉଦ; ବହୁବ୍ରୀହି)—ଦଧ୍ୟାକର (ଦେଖ)
Dadhimaṇḍoda Dadhyākara (See)

ଦଧି ମନ୍ଥନ—ସଂ. ବି (୬ଷ୍ଠୀ ତତ୍; ଦଧି + ମନ୍ଥନ)—ଦହି ମୋହିଁବା;
Dadhi manthana ଦହିମୁହିଁବା—Churning of curd to get butter.

ଦଧି ମାଛ—ଦେ. ବି. (ଦଧି + ମତ୍ସ୍ୟ)—ଶୁଭ ଅନୁକୂଳ; କୌଣସି କାର୍ଯ୍ୟସ୍ଥ
Dadhi māchha ଉଦ୍ଦେଶ୍ୟରେ ଯାତ୍ରା—An auspicious starting from a place on some mission.
ତୁ ଏବେ ଦଧିମାଛ କର
ଦେ ନାଥ ହେଉଛୁ ଉତ୍ତର । ଭୂପତି. ପ୍ରେମପଞ୍ଚାମୃତ ।
[ଦ୍ର—ଯାତ୍ରାବେଳେ ଦଧି ଓ ମତ୍ସ୍ୟ ଦର୍ଶନ ଶୁଭ ଶକୁନ ବୋଲି ପ୍ରସିଦ୍ଧ ଥିବାରୁ 'ଦଧିମାଛ' ଶବ୍ଦ ଶୁଭଯାତ୍ରାସୂଚକ; ଯାତ୍ରା କରିବା ସମୟରେ ଦହି ଓ ମାଛ ଦେଖି ଅନୁକୂଳ କଲେ ଯାତ୍ରା ଶୁଭ ହୁଏ ଓ କାର୍ଯ୍ୟ ସିଦ୍ଧ ହୁଏ ବୋଲି ଲୋକେ ବିଶ୍ୱାସ କରନ୍ତି ।]

ଦଧିମୁଖ—ସଂ.ବି.(ବହୁବ୍ରୀହି; ଦଧିପରି ଶୁକ୍ଳ ମୁଖ ଯାହାର)—୧ । ସୁଗ୍ରୀବଙ୍କ
Dadhimukha ଶ୍ୱଶୁର; ବାନରବିଶେଷ; ରାମଚନ୍ଦ୍ରଙ୍କ ସେନାପତିବିଶେଷ—1. Name of a monkey, the father-in-law of Sugrība.
୨ । ଏକଜାତୀୟ ବାନର—2 A kind of ape.
୩ । ନାଗବିଶେଷ—3. A kind of serpent; name of a mythological Nāga.

୪ । ସୁଗ୍ରୀବଙ୍କର ମଧୁବନର ଉଦ୍ୟାନପାଳ—
4. Name of a gardener of Sugrība.

ବହୁଣ ସ୍ତନକ ମୋଚ; ବଣ ଦନ୍ତେ ଦଧିମୁଖ ।
ଇ. ବୈଦେହୀଶବିଳାସ ।

ଦଧିସକ୍ତବ—ସଂ.ବ.(ଦଧି+ସକ୍ତୁ)— ଛତୁଆ ଓ ଦହି ଚକଟା; ଦହି ଛତୁଆ—
Dadhisaktaba A food consisting of curd mixed with flour.

ଦଧି ସମୁଦ୍ର—ସଂ. ବି. (୬ଷ୍ଠୀ ତତ୍; ଦଧି+ସମୁଦ୍ର)—ପୁରାଣବର୍ଣ୍ଣିତ ସାତ
Dadhi samudra ସମୁଦ୍ର ମଧ୍ୟରୁ ଏକତମ; ଦଧିପୂର୍ଣ୍ଣ ସମୁଦ୍ର—
(ଦଧିସାଗର—ଅନ୍ୟରୂପ) One of the 7 oceans of the Hindu mythology, filled with curd.

ଦଧି ସାର—ସଂ ବି.(୬ଷ୍ଠୀ ତତ୍;ଦଧି+ସାର)—ଲହୁଣୀ; ନବନୀତ; ମଖନ—
Dadhi sāra Butter.

ଦଧୀଚି—ସଂ. ବ. (ନାମ) (ଦଧ୍ ଧାତୁ+କର୍ତ୍ତୃ. ଇଚ —ମୁନିବିଶେଷ;
Dadhīchi ଯେଉଁ ମୁନିଙ୍କ ଅସ୍ଥିରେ ବଜ୍ର ତିଆରି କରି ଇନ୍ଦ୍ର
(ଦଧୀଚ -- ଅନ୍ୟରୂପ) ବୃତ୍ରାସୁରକୁ ମାରିଥିଲେ—Name of a sage from whose bones Indra's thunderbolt was made to kill 'Brutrāsura.

[ଦ୍ର—ଏ ଅଥର୍ବା ମୁନିଙ୍କ ଔରସରେ କର୍ଦ୍ଦମ ପ୍ରଜାପତିଙ୍କ କନ୍ୟା ଶାନ୍ତିଙ୍କ ଗର୍ଭଜାତ ପ୍ରସିଦ୍ଧ ମୁନି । ଏ ସ୍ୱାର୍ଥତ୍ୟାଗର ଜ୍ୱଳନ୍ତ ଉଦାହରଣ ଦେଖାଇ ବୃତ୍ରାସୁରକୁ ବଧ କରିବା ଉଦ୍ଦେଶ୍ୟରେ ବଜ୍ର ପ୍ରସ୍ତୁତ ହେବା ନିମନ୍ତେ ଆପଣା ଅସ୍ଥି ଇନ୍ଦ୍ରଙ୍କୁ ଦେଇଥିଲେ ।]

ଦଧୀଚ୍ୟସ୍ଥି—ସଂ. ବି. (୬ଷ୍ଠୀ ତତ୍; ଦଧୀଚି+ଅସ୍ଥି)—୧ । ଦଧୀଚି
Dadhīchyasthi ମୁନିଙ୍କ ହାଡ଼ (ଯହିଁରେ ବଜ୍ର ନିର୍ମିତ ହୋଇ ଥିଲା)—1. The bone of sage Dadhīchi.
୨ । ବଜ୍ର—2. Thunderbolt.
୩ । ହୀରକ; ହୀରା—3. Diamond.

ଦଧୃକ୍ (ଶ୍, ଷ୍)—ସଂ. ବିଣ—ନିର୍ଲଜ୍ଜ; ଅଲଜ୍ଜୁକ; ବେହାୟା—
Dadhṛuk (ś, sh) Shameless; impudent.

ଦଧ୍ନ—ସଂ. ବ—ଚଉଦ ଯମଙ୍କ ମଧ୍ୟରୁ ଏକତମ—
Dadhna One of the 14 Jama gods.

ଦଧ୍ୟନ୍ନ—ସଂ. ବ (ମ. ପ. ଲୋ; ଦଧିସିକ୍ତ ଅନ୍ନ)—ଦହିପଖାଳ; ଦହିଭାତ—
Dadhyanna Boiled rice mixed with curd.

ଦଧ୍ୟମ୍ଳ—ସଂ. ବ (ମ. ପ. ଲୋ; ଦଧି ପ୍ରସ୍ତୁତ କରିବାରେ ବ୍ୟବହୃତ ଅମ୍ଳ)—
Dadhyamla ଦୁଧକୁ ଦହି ବସାଇବା ନିମନ୍ତେ ଯହିଁରେ ପକାଯିବା
ଦସ୍ତଳ ଖଟା ଦହି; ମହୁ—A little sour and fermented milk mixed with milk to turn it into curd; Bulgarian milk.

ଦଧ୍ୟାକର—ସଂ. ବ (୬ଷ୍ଠୀ ତତ୍; ଦଧି+ଆକର=ସ୍ଥାନ)—ପୌରାଣିକ
Dadhyākara ଦଧିସମୁଦ୍ର—The mythological ocean of curd.

ଦଧ୍ୟାନୀ—ସଂ. ବ—ମଦନମସ୍ତ; ସୁଦର୍ଶନ ବୃକ୍ଷ (ଦେଖ) (ହ୍ର. ଶବ୍ଦସାଗର)
Dadhyāni Sudarśana tree (See)

ଦଧ୍ୟୁତ୍ତର—ସଂ. ବ (ଦଧି+ଉତ୍ତର)—୧ । ଦଧ୍ୟାକର (ଦେଖ)
Dadhyuttara 1. Dadhyākara (See).
୨ । ଦହିର ସର (ହ୍ର. ଶବ୍ଦସାଗର)—
2. Flake of thick curd.

ଦଧ୍ୟୁଦ—ସଂ. ବ (ବହୁବ୍ରୀହି; ଦଧି+ଉଦ=ଜଳ ଯହିଁରେ)—
Dadhyuda ଦଧ୍ୟାକର (ଦେଖ)
Dadhyākara (See).

ଦନ୍‌ଶ୍ (ଧାତୁ)—ସଂ.— ୧ । କାମୁଡ଼ିବା—
Dan-ś (root) 1. To bite.
୨ । ନାହୁଡ଼ ମାରିବା—2. To sting.

ଦନା—ଦେ ବ (ସଂ. ଦ୍ରୋଣୀ)—୧ । ପତ୍ରରେ ତିଆରି ଠୋଲା ବା
Danā ଚଉପତ୍ର—1. Leaves made into a cup;
দোনা a cup made by sewing leaves together.
दोना; दूना ୨ । ପଶୁମାନଙ୍କ ଯୋନି—2. The female
(ଦନୁ—ଆଦରାର୍ଥକ) organ of cattle and other beasts.
୩ । ଜନାର୍ଦ୍ଦନର ଅନାଦରାର୍ଥ ଡାକ ନାମ—
(ଦନାଇ; ଦନେଇ—ଅନ୍ୟରୂପ) 3. Name by which a person of the name of Janārddana is accosted familiarly.

ଦନା(ନେ)ଇ ଦାସ—ଦେ. ବ (ନାମ)— ଜନାର୍ଦ୍ଦନ ଦାସ (ଦେଖ)
Danā(ne)i dāsa Janārddana dāsa (See).

ଦନା ପୁଡ଼ୁଗା—ପ୍ରାଦେ(ଗଡ଼ଜାତ) ବ—ପତରପୋଡ଼ା; ଛତୁ, ଛୋଟ ମାଛ,
Danā purḍuga କଖାରୁଡ଼ଙ୍କ ପ୍ରଭୃତିକୁ ପୋଡ଼ିବା ପାଇଁ ପତରରେ ବନ୍ଧାଯିବା ପୁଡ଼ା—A packet of small fishes, mushroom etc made with leaves and put inside hot embers to be taken as curry.

ଦନାର୍ଦ୍ଦନ—ଗ୍ରା. ବ—ଜନାର୍ଦ୍ଦନର ଅଶୁଦ୍ଧ ଉଚ୍ଚାରଣ—
Danārdana Wrong pronunciation of Janārddana.

ଦନୁ—ସଂ. ବ (ନାମ)—ଦତ୍ତ; ଦକ୍ଷପ୍ରଜାପତିଙ୍କର ଗୋଟିଏ କନ୍ୟା ଓ
Danu କଶ୍ୟପଙ୍କର ଏକତମା ପତ୍ନୀ, ଯାହାଙ୍କଠାରୁ ରାକ୍ଷସମାନେ
(ଦନୂ—ଅନ୍ୟରୂପ) ଜାତ ହୋଇଥିଲେ—One of the wives of sage Kaśyapa who gave birth to demons.

[ଦ୍ର—ଏହାଙ୍କର ୪୦ ପୁଅ; ସମସ୍ତେ ରାକ୍ଷସ; ରାକ୍ଷସମାନଙ୍କୁ ଦାନବ ବା ଦନୁଜ ବୋଲାଯାଏ ।]

ଦେ. ବ. (ଆଦରାର୍ଥକ)—ଜନାର୍ଦ୍ଦନର ଡାକନାମ—
A name for calling Janārddana.

ଦନୁଜ—ସଂ. ବ. ପୁଂ (ଦନୁ+ଜନ୍ ଧାତୁ+କର୍ତ୍ତୃ. ଅ)—ରାକ୍ଷସ;
Danuja ଅସୁର; ଦାନବ; ଦୈତ୍ୟ—The demons.
(ଦନୁଜା—ସ୍ତ୍ରୀ) (ଦନୁସମ୍ଭବ—ଅନ୍ୟରୂପ)

ଦନୁଜାରି—ସଂ. ବ. (୬ଷ୍ଠୀ ତତ୍; ଦନୁଜ+ଅରି; ଅସୁରମାନଙ୍କ ଶତ୍ରୁ)—
Danujāri ଦେବତାଗଣ—The Gods.

ଦନୁଜେନ୍ଦ୍ର(ଶ)—ସଂ. ବ. (୬ଷ୍ଠୀ ତତ୍; ଦନୁଜ+ଇନ୍ଦ୍ର (ଈଶ)—
Danujendra(śa) ୧ । ଦାନବଙ୍କ ରାଜା—
1. A king of the demons.

୨ । ରାବଣ—2. Rābaṇa.
୩ । ହିରଣ୍ୟକଶିପୁ—3. Hiraṇyakaśipu.

ଦନ୍ତ—ସଂ. ବି (ଦମ୍ ଧାତୁ = ଦମନ କରିବା + କରଣ. ତ)—
Danta ୧ । ଦାନ୍ତ—1. Tooth.
୨ । କୁଞ୍ଜ—2. A grove.
୩ । ଶୈଳଶୃଙ୍ଗ—3. Mountain-peak.
ବ୍ୟାଳସମୂହକୁ ହାସି ସିଂହ କ ଘଞ୍ଚ ଅସି କୋଶ୍ତ୍ ଦନ୍ତେ ଉଠି ସୌମିତ୍ରେୟ ଯେ ।
ଉକ୍ତ. ବୈଦେହୀଶବିଳାସ ।
୪ । ପର୍ବତଉପରସ୍ଥ ସମତଳ ଭୂମି; ଅଧିତ୍ୟକା—
4. Plateau; level land on a mountain
୫ । ସାନୁପ୍ରଦେଶ; ଗିରିକଟକ—
5. The side of a mountain.
୬ । ଦାନ୍ତ ପରି ଶୃଙ୍ଗମାନ—6. Tooth-like peaks.
୭ । ୩୨ ସଂଖ୍ୟା—7. The number 32.
[ଦ୍ର—କାରଣ ମନୁଷ୍ୟର ୩୨ ଗୋଟି ଦାନ୍ତ ଥାଏ ।]
ଦେ. ବି - କଉଡ଼ିର ନଅ ଭାଗରୁ ଏକ ଭାଗ—
One ninth of a cowrie (shell-money).

ଦନ୍ତକ—ସଂ. ବି. (ଦନ୍ତ + ସ୍ୱାର୍ଥେ ବା ସାଦୃଶ୍ୟାର୍ଥେ କ)—୧ । ଦାନ୍ତ—
Dantaka 1. Tooth.
୨ । ହାତୀ ଦାନ୍ତ—2. Tusk; ivory.
୩ । ବଡ଼ ଦାନ୍ତ—3. Big tooth.
୪ । ଦାନ୍ତ ପରି କାନ୍ଥରେ ମରା ଯାଇଥିବା କାଠି; ନାଗଦନ୍ତକ; ଦାନ୍ତି—4. A peg driven into the wall to hang articles on.
୫ । ପର୍ବତ ଦେହରୁ ବାହାରିଥିବା ତୀକ୍ଷ୍ଣାଗ୍ର ପ୍ରସ୍ତରଖଣ୍ଡ ବା ଦାନ୍ତି—5. A sharp tooth-like stone projecting from a mountain.
୬ । ପର୍ବତର ଶୃଙ୍ଗ—6. Mountain-peak.
ବିଣ—୧ । ଦାନ୍ତଥିବା; ଦନ୍ତବିଶିଷ୍ଟ—
1. Having tooth; toothed.
୨ । ଦାନ୍ତୁରା; ବଡ଼ ଦାନ୍ତବିଶିଷ୍ଟ—
2. Having tusks or big teeth.

ଦନ୍ତ କଡ଼ମଡ଼ି—ଦେ. ବି—ଦାନ୍ତ କଡ଼ମଡ଼ି (ଦେଖ)
Danta kaṛdamaṛdi Dānta kaṛdamaṛdi (See)

ଦନ୍ତ କର୍ଷଣ—ସଂ. ବି. (ଉପପଦ; ଦନ୍ତ + କର୍ଷଣ)—ଟଭା; ଜମ୍ବୀର
Danta karshaṇa ଲେମ୍ବୁ—A kind of lemon (very sour).

ଦନ୍ତ କାଷ୍ଠ—ସଂ. ବି (ମ. ପ. ଲୋ; ଦନ୍ତ ମାର୍ଜନାର୍ଥ ବ୍ୟବହୃତ କାଷ୍ଠ)—
Danta-kāshṭha ଦାନ୍ତକାଠି—A twig used as tooth-brush.

ଦନ୍ତ କ୍ଷତ—ସଂ. ବି—ଦନ୍ତ ଘାତ (ଦେଖ)
Danta kshata Danta ghāta (See)

ଦନ୍ତ ଖଡ଼ିକା—ଦେ. ବି—ଦାନ୍ତ ଖୁଣ୍ଟା (ଦେଖ)
Danta khaṛdikā Dānta khuṇṭā (See)
ଦନ୍ତ ଖଡ଼ିକା ଓଟା ବାସ
ବେଳେ ଖଟଲେ ଦାସୀ ଦାସ—ଭୂପତ. ପ୍ରେମପଞ୍ଚାମୃତ ।

ଦନ୍ତ ଘର୍ଷ—ସଂ. ବି—ଦାନ୍ତ ଘଷିହେବା; ଦାନ୍ତକଡ଼ମଡ଼—
Danta gharsha Gnashing or grinding of the teeth.

ଦନ୍ତ ଘର୍ଷଣ—ସଂ. ବି. (୬ଷ୍ଠୀ ତତ୍; ଦନ୍ତ + ଘର୍ଷଣ)—ଦାନ୍ତ ଘଷିବା—
Danta gharshaṇa Act of cleansing of the teeth.

ଦନ୍ତ ଘାତ—ଦେ. ବି - ୧ । କାମୁଡ଼ିବା; ଦନ୍ତଦ୍ୱାରା ଆଘାତ କରିବା—
Danta ghāta 1. Biting.
୨ । କାମୁଡ଼ିବା ଦାଗ—2. Mark of biting.
୩ । ସର୍ପଦଂଶନ—3. Snake-bite.

ଦନ୍ତ ଚିକିତ୍ସକ—ଦେ. ବି. (ପାରିଭାଷିକ)—ଦାନ୍ତ ବିଷୟରେ ପ୍ରବୀଣ
Danta chikitsaka ଡାକ୍ତର—Dentist; dental surgeon.

ଦନ୍ତ ଚିହ୍ନ—ସଂ. ବି—ଦନ୍ତ ଘାତ (ଦେଖ)
Danta chihna Danta ghāta (See)

ଦନ୍ତଚ୍ଛଦ—ସଂ. ବି. (ଉପପଦ ତତ୍ପୁରୁଷ; ଦନ୍ତ + ଛଦ = ଆଚ୍ଛାଦକ)—
Dantachchhada ୧ । ଉପର ଓଷ୍ଠ—1. The upper lip.
୨ । ଓଷ୍ଠଦ୍ୱୟ—2. The two lips.

ଦନ୍ତ ଧାବନ—ସଂ. ବି. (ଦନ୍ତ + ଧାବ୍ ଧାତୁ = ଧୋଇବା + କରଣ.
Danta dhābana ଅନ)—୧ । ଦାନ୍ତକାଠି—
1. Tooth pick; tooth brush.
୨ । ଖଇର ଗଛ—
2. The catechu tree; Mimosa Catechu.
୩ । ବଉଳ ଗଛ—
3. The Bakuḷa tree; Mimusops Elengi.
୪ । (+ ଭାବ. ଅନ) ଦାନ୍ତ ଘଷିବା; ଦାନ୍ତ ପରିଷ୍କାର କରିବା—
4. The act of cleansing the teeth.

ଦନ୍ତ ପଙ୍କ୍ତି—ସଂ. ବି. (୬ଷ୍ଠୀ ତତ୍, ଦନ୍ତ + ପଙ୍କ୍ତି)—ଦାନ୍ତର
Danta paṅkti ଧାଡ଼ି; ଦନ୍ତଶ୍ରେଣୀ—Row of teeth.

ଦନ୍ତ ପତ୍ର—ସଂ. ବି. (ଦନ୍ତ ପରି ପତ୍ରଯୁକ୍ତ)—ଏକପ୍ରକାର କୁଣ୍ଡଳ—
Danta patra A kind of ear-ring.

ଦନ୍ତପତ୍ରକ—ଦେ. ବି. (ଦନ୍ତ + ପତ୍ର + କ)—କୁନ୍ଦଫୁଲ—
Dantapatraka A flower; Jasminum Pubescens.

ଦନ୍ତପତ୍ରିକା—ଦେ. ବି. (ଏଥିରେ ଦାନ୍ତ ପରି କଣ୍ଟା ବାହାରିଥିବାରୁ)—
Dantapatrikā ପାନିଆଁ—Comb.
ଚିକୁର ପାଶରେ ଦନ୍ତପତ୍ରିକା
ଚଳାଇବାକୁ ହେବାରୁ ମୋ ଦକା—କବିସୂର୍ଯ୍ୟ. କଳାକଲ୍ଲୋଳ ।

ଦନ୍ତପାତି—ଦେ. ବି. (ସଂ. ଦନ୍ତପଙ୍କ୍ତି)—ଦନ୍ତପଙ୍କ୍ତି (ଦେଖ)
Dantapāti Dantapaṅkti (See)
दन्तपाटी ପ୍ରଭୁଙ୍କୁ ଗହ୍ଣ କୋଚଦ୍ଧଜ
मसूड़ा ଓଷ୍ଠେ ଘଟିଣ ଦନ୍ତପାତି—ଜଗନ୍ନାଥ. ଭାଗବତ ।

ଦନ୍ତ ପୁପ୍ପୁଟ—ସଂ. ବି—ଦାନ୍ତମୂଳ ଫୁଲା; ଦାନ୍ତମୂଳରେ ହେବା ଫୋଟକା—
Danta pupputa Gum-boil.

ଦନ୍ତପୁର—ଦେ. ବି. (ନାମ)—୧ । ଯେଉଁ ନଗରରେ ବୁଦ୍ଧଦେବଙ୍କ ଦାନ୍ତ
Dantapura ରଖାଯାଇଥିଲା—1. City of Buddha's tooth.
୨ । କଳିଙ୍ଗର ରାଜଧାନୀ—
2. The capital of Kaḷinga.

[ଦ୍ର—କେହି କେହି ଐତିହାସିକ ପୁରୀକୁ ଦନ୍ତପୁର ଓ କେହି କେହି ଦାନ୍ତୁନ୍‌କୁ ଦନ୍ତପୁର ବୋଲି କହନ୍ତି । ଏଠାରେ ବୁଦ୍ଧଦେବଙ୍କ ଦାନ୍ତ ରକ୍ଷିତ ହୋଇ ପୂଜା କରା ଯାଉଥିଲା ଓ ରଥ ଯାତ୍ରା ହେଉଥିଲା ବୋଲି ଚୀନ ପର୍ଯ୍ୟଟକ ହୁଏନସାଂ ଲେଖି ଅଛନ୍ତି ।]

ଦନ୍ତପୁଷ୍ପ—ସଂ. ବି. (ଦନ୍ତବତ୍ ପୁଷ୍ପ)—୧ । କୁନ୍ଦଫୁଲ—
Dantapushpa 1. Jasminum Pubescens.
୨ । କର୍ମଳାଫଳ—2. The clearing nut.

ଦନ୍ତଫଳ—ସଂ. ବି—୧ । କତକ ଫଳ; କର୍ମଳାଫଳ—
Dantaphaḷa 1. A fruit; Strychnos Potatorum; the clearing nut.
୨ । କଇଥ—2. The wood apple; Feronia Elephantum.

ଦନ୍ତଫଳା—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ଦନ୍ତପରି ଫଳ ଯାହାର; ଦନ୍ତ + ଫଳ + ଆ)—ପିପ୍ପଳି—Long pepper.
Dantaphaḷā

ଦନ୍ତବକ୍ର—ସଂ. ବି. (ନାମ)—ଶିଶୁପାଳଙ୍କ ଭାଇ—
Dantabakra A causin of Śiśupāla.
[ଦ୍ର—ଏ କରୁଷ ଦେଶର ରାଜା ବୃଦ୍ଧଶର୍ମାଙ୍କ ପୁତ୍ର ଥିଲେ ଓ ଶିଶୁପାଳଙ୍କ ଭାଇ ଲେଖା ଥିଲେ । ଶ୍ରୀକୃଷ୍ଣ ଏହାଙ୍କୁ ବଧ କରିଥିଲେ ।]

ଦନ୍ତବଲ୍କ—ସଂ. ବି—ଦାନ୍ତର ମାଢ଼ି; ଦାନ୍ତ ମୂଳରେ ଥିବା ମାଂସର ହୁଡ଼—
Dantabaḷka The gums

ଦନ୍ତ ବସନ—ସଂ. ବି—ଦନ୍ତବାସ; ଓଷ୍ଠ—
Danta basana Lip.
କାନ୍ତା କାନ୍ତ ଦନ୍ତବସନ ଭୁଲେ—ଗୀତଗୋବିନ୍ଦ. ରସକଲ୍ଲୋଳ ।

ଦନ୍ତ ବସ୍ତ୍ର—ସଂ. ବି—ଦନ୍ତବାସ (ଦେଖ)
Danta bastra Dantabāsa (See)

ଦନ୍ତ ବାସ—ସଂ. ବି. (ଷଷ୍ଠୀ ତତ୍; ଦନ୍ତ + ବାସ = ଆଚ୍ଛାଦନ)—
Danta bāsa ଦନ୍ତଚ୍ଛଦ; ଓଠ—The lips.
ଦସ୍ତା କରକର କର ତର
ଦନ୍ତ ବାସେ ରଖି ତରସ୍ତର । କବିସୂର୍ଯ୍ୟ. କଳୋସଚଉତିଶା, ତ. ଗୀତ ।

ଦନ୍ତବୀଜ—ସଂ. ବି. (ବହୁବ୍ରୀହି; ଦନ୍ତ + ବୀଜ; ଦନ୍ତ ପରି ବୀଜ ଯାହାର)—ଡାଳିମ୍ବ Pomegranate.
Dantabija

ଦନ୍ତବେଷ୍ଟ—ଦେ. ବି—ଦାନ୍ତମୂଳ; ଦାନ୍ତମୂଳକୁ ବେଷ୍ଟନ କରିଥିବା ମାଂସ ପିଣ୍ଡ—The gums.
Dantabeshṭa

ଦନ୍ତ ମଜ୍ଜନ—ସଂ. ବି—ଦନ୍ତ ମାର୍ଜ୍ଜନ (ଦେଖ)
Danta majjana Danta mārjjana (See)

ଦନ୍ତ ମଳ—ସଂ. ବି. (ଷଷ୍ଠୀ ତତ୍; ଦନ୍ତ + ମଳ)—
Danta maḷa ଦାନ୍ତଉପରେ ଓ ସନ୍ଧିରେ ପଡ଼ିବା ଛତଅ—
The tartar of the teeth.

ଦନ୍ତ ମାଂସ—ସଂ. ବି—ଦନ୍ତବେଷ୍ଟ (ଦେଖ)
Danta māmsa Dantabeshṭa (See)

ଦନ୍ତ ମାର୍ଜ୍ଜନ—ସଂ. ବି (ଷଷ୍ଠୀ ତତ୍; ଦନ୍ତ + ମାର୍ଜ୍ଜନ)—ଦାନ୍ତ ଘଷିବା—
Danta mārjjana Act of cleansing of the teeth.

ଦନ୍ତ ମାର୍ଜ୍ଜନୀ—ସଂ. ବି. ସ୍ତ୍ରୀ—୧ । ଦାନ୍ତକାଠି—1. A tooth-pick.
Danta mārjjanī ୨ । ଦାନ୍ତରୋଗର ଔଷଧ—2. Dentrifice.
୩ । ଦାନ୍ତଘଷା ବ୍ରୁଶ—3. Tooth brush.
୪ । ଦନ୍ତକାଷ୍ଠ (ଦେଖ)—4. Dantakāshṭha (See)

ଦନ୍ତ ମୂଳ—ସଂ. ବି—୧ । ଦାନ୍ତମୂଳ—
Danta mūḷa The gums; root of the teeth
୨ । ଦାନ୍ତମୂଳଧରା ରୋଗ (ହିଂ ଶବ୍ଦସାଗର)—
2. Pain and swelling of the gums.

ଦନ୍ତମୂଳୀୟ—ସଂ. ବିଣ. (ଦନ୍ତମୂଳ + ଭବାର୍ଥେ ଈୟ)—
Dantamūḷiya ଦାନ୍ତମୂଳ ସାହାଯ୍ୟରେ ଉଚ୍ଚାରିତ (ବର୍ଣ୍ଣ)—(letters) Pronounced with the help of the root of the teeth; dental (letters).
[ଦ୍ର—ତ, ଥ, ଦ, ଧ, ନ, ଌ, ଲ, ସ ଏମାନଙ୍କୁ ଦନ୍ତମୂଳୀୟ ବା ଦନ୍ତ୍ୟ ବର୍ଣ୍ଣ ବୋଲାଯାଏ ।]

ଦନ୍ତ ଲେଖନ—ସଂ. ବି—ଦାନ୍ତ ମୂଳ ତଳ ଚହଁରୁ ପୂଜ ଆଦ ବାହାର କରିବା ପାଇଁ ବ୍ୟବହୃତ ସୂକ୍ଷ୍ମ ତୋଲ୍ଲ ଅସ୍ତ୍ର ବିଶେଷ—A surgical instrument used in ancient India for oppening the gums.
Danta lekhana

ଦନ୍ତ ଶଙ୍କୁ—ସଂ. ବି—ଦାନ୍ତ ଉପାଡ଼ିବା କାମରେ ବ୍ୟବହୃତ ସଣ୍ଢ଼ାସି (ସୁଶ୍ରୁତ)—Forceps to draw out teeth.
Danta śaṅku

ଦନ୍ତଶଠ (ଠ)—ସଂ. ବି. (ଦନ୍ତ + ଶଠ୍ ଧାତୁ = ଛେଦନ କରିବା + କର୍ତ୍ତୃ. ଅ)-
Dantaśaṭha (ṭa) ୧ । ଜମ୍ବୀର ଲେମ୍ବୁ—1. A kind of very sour lemon.
୨ । କପିତ୍ଥ—2. Wood apple; Feronia Elephantum.
୩ । କରମଙ୍ଗା—3. Gooseberry; Averrhoea Carambola.
୪ । ନାଗରଙ୍ଗ; ନାରଙ୍ଗ—
4. A small variety of lemon.

ଦନ୍ତ ଶର୍କରା—ସଂ. ବି.—(ଷଷ୍ଠୀ ତତ୍; ଦନ୍ତ + ଶର୍କରା)—
Danta śarkarā ୧ । ଦନ୍ତମଳ(ଦେଖ)—1. Dantamaḷa(See)
୨ । ଦାନ୍ତ ମୂଳେ ମଇଳା ଜମିବା ଯୋଗୁ ଜନ୍ମିବା ରୋଗ ବିଶେଷ (ହିଂ. ଶବ୍ଦସାଗର)—
2. A kind of tooth-disease.

ଦନ୍ତ ଶାଣ—ସଂ. ବି. କ୍ଲୀ.—(ଦନ୍ତ + ଶାଣ = ପରିଷ୍କାରକ)—ମିସି;
Danta śāṇa ଦାନ୍ତ ରଙ୍ଗାଇବା ପାଇଁ ବ୍ୟବହୃତ ଗୁଣ୍ଡ—
A black dentrifice.

ଦନ୍ତ ଶୂଳ—ସଂ.ବି.—ଦାନ୍ତ ବିନ୍ଧିବା ରୋଗ; ଦାନ୍ତ ଶୂଳେଇ ହେବା ରୋଗ-
Danta śūḷa Tooth ache.

ଦନ୍ତଶୋଧକ—ସଂ. ବିଣ.(ଷଷ୍ଠୀ ତତ୍)—ଯାହାଦ୍ୱାରା ଦାନ୍ତ ସଫା କରାଯାଏ—
Dantaśodhaka Dentrifice.

ଦନ୍ତଶୋଧନ—ସଂ. ବି. (ଷଷ୍ଠୀ ତତ୍)—ଦାନ୍ତ ସଫା କରିବା—
Dantaśodhana Cleansing of the teeth.
ବିଣ. (ବହୁବ୍ରୀହି)—ଦନ୍ତଶୋଧକ (ଦେଖ)—
Dantaśodhaka (See)

ଦନ୍ତଶୋଧନୀ—ସଂ. ବି. ସ୍ତ୍ରୀ.— ଦନ୍ତମାର୍ଜନୀ (ଦେଖ)—
Danta śodhanī Dantamārjanī (See)

ଦନ୍ତଶୋଫ—ସଂ. ବି—ଦାନ୍ତ ମୂଳରେ ଜନ୍ମିବା କଷ୍ଟଦାୟକ ବ୍ରଣ;
Danta śopha ଦନ୍ତାର୍ବୁଦ—Gum-boil.

ଦନ୍ତସ୍ଫୁଟ—ଦେ ବି.—୧ । କୌଣସି ପଦ ବା ବାକ୍ୟର ଉଚ୍ଚାରଣର ସହଜତା-
Dantasphuṭa 1. Ease or facility in pronouncing a word or sentence.
(ଯଥା—ଏ ଶ୍ଳୋକରେ ମୋର ଦନ୍ତସ୍ଫୁଟ ହେଉ ନାହିଁ ।)
୨ । (ଲକ୍ଷଣାର୍ଥ) ବୁଝିବାକୁ ସୁବୋଧତା—
2. (figurative) Legibility; the condition of a matter being easily understood; intelligibility.

ଦନ୍ତହର୍ଷ—ସଂ. ବି.— ଦନ୍ତଶୂଳ (ଦେଖ)
Danta harsha Dantaśūḷa (See)

ଦନ୍ତହର୍ଷକ—ସଂ. ବି.— ଜମ୍ବୀର ଲେମ୍ବୁ—
Danta harshaka A species of lemon.
ସଂ. ବିଣ—ଯାହା ଖାଇଲେ ଦାନ୍ତ ଝକ ମାରଯାଏ—
Causing soreness in the teeth when eaten.

ଦନ୍ତହର୍ଷଣ—ସଂ. ବି.—୧ । ଦନ୍ତହର୍ଷକ (ଦେଖ)
Danta harshaṇa 1. Dantaharshaka (See)
୨ । ଖଟା ଖାଇବା ଯୋଗୁ ଦାନ୍ତ ଝକ ମାରଯିବା—
2. Soreness in the teeth due to eating a very sour thing.

ଦନ୍ତହୀନ—ସଂ. ବିଣ. ପୁଂ—(୬ଷ୍ଠୀ ତତ୍; ଦନ୍ତ+ହୀନ) —୧ । ଦାନ୍ତ ନ
Danta hīna ଥିବା ଲୋକ; ପାଲୁଅ—1. Toothless
(ଦନ୍ତହୀନା—ସ୍ତ୍ରୀ)
୨ । ଯେଉଁ ଜୀବଙ୍କର ଦାନ୍ତ ନ ଥାଏ (ପିମ୍ପିଳିକାଭୁକ୍ ପ୍ରଭୃତି)—2. Edentata; (animals) having no tooth.

ଦନ୍ତା—ଦେ. ବିଣ. (ସଂ. ଦନ୍ତାଳ) - ୧ । ବଡ଼ ଦାନ୍ତଯୁକ୍ତ (ହାତୀ)—
Dantā 1. (elephant) Having big and long tusks.
दाँताल २ । (ଲକ୍ଷଣାର୍ଥ) ଅନେକଙ୍କ ମଧ୍ୟରେ ଉତ୍କୃଷ୍ଟ—
दंताल; दन्तार 2. (figurative) Excellent.
୩ । ଦଳପତି ହେବାର ଉପଯୁକ୍ତ—
3. Fit to be a leader.
୪ । ବଳବତ୍ତମ—4. Strongest.
୫ । ଅତ୍ୟାଚାରୀ—5 Oppressive.
୬ । ପରାକ୍ରମଶାଳୀ; ବଳୁଆ; ବଳିଷ୍ଠ; କ୍ଷମତାଶାଳୀ—
6. Strong; powerful; influential.
(ଯଥା - ଦନ୍ତା ଜମିଦାର; ଦନ୍ତାଲୋକ; ଦନ୍ତା ହାକମ ।)
୭ । ମୁହଁ ଚୋଡ଼ି; ମୁଖର—
7. Having this gift of the gab.
ବି.—୧ । (ସଂ. ଦନ୍ତାବଳ) ବଡ଼ ଦାନ୍ତ ଥିବା ହାତୀ—
1. Anele phantvi hang big tusks.
୨ । ଅଣ୍ଡିରା ହାତୀ—
2. A tusker; a male elephant.
୩ । ହସ୍ତୀଯୂଥର ଦଳପତି—3. The leading tusker in a herd of elephants.
[ଦ୍ର—ହାତୀଙ୍କ ଯୂଥ ମଧ୍ୟରେ ସମସ୍ତଙ୍କ ଠାରୁ ବଡ଼ ଦାନ୍ତ ବିଶିଷ୍ଟ ଓ ବୃଦ୍ଧବୟସ୍କ ଓ ବଳୁଆ ଅଣ୍ଡିରା ହାତୀ ଦଳପତି ବା ଦଳର ନେତା ହୁଏ ।]
୪ । ଦଳପତି; ଯୂଥପତି; ଦଳର ନେତା—
4. The leader of a herd.
ପ୍ରାଦେ. (ପୁରୀ ଓ ଯାଜପୁର ବି—
ମର୍କଟଦଳପତି; ଗୋଧ ମାଙ୍କଡ଼—
The leader of a herd of monkeys.

ଦନ୍ତାଗ୍ର—ସଂ. ବି. (୬ଷ୍ଠୀ ତତ୍; ଦନ୍ତ+ଅଗ୍ର)—
Dantāgra ଦାନ୍ତର ଅଗ ବା ମୁନ—The point of a tooth.

ଦନ୍ତାଘାତ—ସଂ. ବି. (ତୃତୀୟା ତତ୍; ଦନ୍ତ+ଆଘାତ)—
Dantāghāta ୧ । ଦନ୍ତ ଦ୍ୱାରା ଆଘାତ—
1. A blow with the tusk.
୨ । କାମୁଡ଼ିବା—2. Biting.
୩ । କାମୁଡ଼ା ଚିହ୍ନ—3. Biting mark.
୪ । (ଏହା ଖାଇଲେ ଦାନ୍ତ ଝକ ମାରଯାଏ; ଜମ୍ବୀରଲେମ୍ବୁର ଅନ୍ୟ ନାମ ଦନ୍ତଶଠ) ଲେମ୍ବୁ—4. Lemon.

ଦନ୍ତାଜ—ସଂ. ବି—୧ । ଦାନ୍ତକୁ ପୀଡ଼ା ଦେବା ପୋକ (ହି. ଶବ୍ଦସାଗର)
Dantāja 1. Maggots attacking the teeth.
୨ । ଦାନ୍ତ ପୋକ କାଟିବା ରୋଗ (ହି. ଶବ୍ଦସାଗର)—
2. A disease of the teeth due to maggots.

ଦନ୍ତା ଦନ୍ତା—ଦେ. ବିଣ. (ବହୁବଚନ)—ବହୁ ବଳିଷ୍ଠ (ବ୍ୟକ୍ତି—)
Dantā dantā A number of strong (persons).

ଦନ୍ତାଦନ୍ତି—ସଂ. ଅ. (ଦନ୍ତ+ଦନ୍ତ+ଇ; ବହୁବ୍ରୀହି; ଦନ୍ତରେ ଦନ୍ତରେ
Dantādanti ପ୍ରହାର କରି ଯେଉଁ ଯୁଦ୍ଧ ହୁଏ; ତୁଳ. କେଶାକେଶି, ଦଣ୍ଡାଦଣ୍ଡି)—
୧ । ପରସ୍ପରକୁ ଦନ୍ତରେ ଆଘାତ କରି; ପରସ୍ପରକୁ ଦାନ୍ତ ଦ୍ୱାରା ଆଘାତ କରୁଥିବା (ହସ୍ତିଦ୍ୱୟ)—1. Striking tusks at each other (elephants).
୨ । କାମୁଡ଼ା କାମୁଡ଼ି—2. Biting each other.
ସଂ. ବି—ଉଭୟପକ୍ଷ କାମୁଡ଼ା କାମୁଡ଼ି ହୋଇ କରୁଥିବା ଯୁଦ୍ଧ—
A fighting in which both parties bite each other.

ଦନ୍ତାବକ୍ର—ଦେ. ବି. (ସଂ. ଦନ୍ତବକ୍ର)—ଦନ୍ତବକ୍ର (ଦେଖ)
Dantābakra Dantabakra (See)

ଦନ୍ତାବଳ—ସଂ. ବି. (ଦନ୍ତ+ଅସ୍ତି ଅର୍ଥରେ ବଳ; ବଳ ପ୍ରତ୍ୟୟ ହେଲେ
Dantābaḷa ପୂର୍ବବର୍ତ୍ତୀ ଶବ୍ଦର ଶେଷ ସ୍ୱର ଦୀର୍ଘ ହୁଏ; ତୁଳ. କୃଷୀବଳ)—ଦନ୍ତା ହାତୀ; ଅଣ୍ଡିରା ହାତୀ—
A male elephant; a tusker.

ଦନ୍ତାବଳି—ସଂ. ବି. (ଦନ୍ତ+ଆବଳି=ସମୂହ) ଦନ୍ତପଙ୍‌କ୍ତି—
Dantāvali A row of teeth.

ଦନ୍ତାୟୁଧ—ସଂ. ବ. (ବହୁବ୍ରୀହି; ଦନ୍ତ+ଆୟୁଧ)—ବାରହା; ବରାହ;
Dantāyudha ବଣୁଆ ଘୁଷୁରି—A boar; a wild hog.

ଦନ୍ତାରି—ପ୍ରାଦେ. (ଗଡ଼ଜାତ) ବି.—ଲତା ପରି ଉଠୁଥିବା ବୃକ୍ଷ-
Dantāri ବିଶେଷ—Acacia Caneseens, Acacia Pennata (Haines).

ଦନ୍ତାର୍ବୁଦ—ସଂ. ତ. (୭ମୀ ତତ୍; ଦନ୍ତ+ଅର୍ବୁଦ=ଆବୁ)—
Dantārbuda ଦାନ୍ତମୂଳ ଫୁଲା—Swelling of the gums; gum-boil.

ଦନ୍ତାଳ—ସଂ. ବିଣ. (ଦନ୍ତ+ବିଶିଷ୍ଟାର୍ଥେ.ଅଲ)—୧ । ଦନ୍ତବିଶିଷ୍ଟ;
Dantāla ଦନ୍ତଯୁକ୍ତ—1. Having teeth or tusks.
(ଦନ୍ତାଳୀ—ସ୍ତ୍ରୀ) ୨ । ବଡ଼ଦାନ୍ତଯୁକ୍ତ; ଦାନ୍ତୁରା—
2. Having prominent teeth.
ସଂ. ବି—ହସ୍ତୀ; ଅଣ୍ଡିରା ହାତୀ (ହି. ଶବ୍ଦସାଗର)—
A tusker.

ଦନ୍ତାଳିଆ—ଦେ. ବିଣ. (ସଂ.ଦନ୍ତୁର)—ଦାନ୍ତୁରା; ବଡ଼ ଦାନ୍ତବିଶିଷ୍ଟ—
Dantāliā Having large teeth or tusks.

ଦନ୍ତାଳିକା—ସଂ. ବି. ସ୍ତ୍ରୀ. (ଦନ୍ତାଳୀ+ସ୍ୱାର୍ଥେ. କ+ଆ)—
Dantālikā ୧ । ଲଗାମ—1. A bridle; reins.
୨ । ଘୋଡ଼ାର କଡ଼ିଆଳି—2. A horse's bit

ଦନ୍ତାଳୀ—ସଂ. ବି. ସ୍ତ୍ରୀ (ଦନ୍ତ+ଅଲ ଧାତୁ=ଭୂଷିତ କରିବା+କର୍ତ୍ତୃ.
Dantāli ଅ+ସ୍ତ୍ରୀ. ଈ)—ଦନ୍ତାଳିକା (ଦେଖ)
Dantālikā (See)

ଦନ୍ତା ଲୋକ—ଦେ. ବି—ଯୋଗ୍ୟ ବା ପରାକ୍ରମଶାଳୀ ବ୍ୟକ୍ତି—
Dantā loka A powerful or very influential person.

ଦନ୍ତିଆ ମୂଷା—ପ୍ରାଦେ. (ଗଡ଼ଜାତ) ବି—ବଡ଼ ବଡ଼ ଦାନ୍ତ ଥିବା
Dantiā mūshā ଛୋଟ ପାର୍ବତ୍ୟ ମୂଷା—A small hilly
(ଦାନ୍ତିଆ ମୂଷା—ଅନ୍ୟରୂପ) rat having large teeth.

ଦନ୍ତିକା—ସଂ. ବି. ସ୍ତ୍ରୀ (ଦନ୍ତ+କ+ସ୍ତ୍ରୀ. ଆ)—ଦନ୍ତୀ (ଦେଖ)
Dantikā Danti (See)

ଦନ୍ତିନୀ—ସଂ. ବି. ସ୍ତ୍ରୀ (ଦନ୍ତ+ଇନ୍+ସ୍ତ୍ରୀ ଈ)—ଦନ୍ତୀ (ଦେଖ)
Dantini Danti (See)

ଦନ୍ତୀ—ସଂ. ବିଣ. (ଦନ୍ତ+ଇନ୍)—ଦନ୍ତବିଶିଷ୍ଟ; ଦନ୍ତଯୁକ୍ତ—
Danti Having teeth; dentate.
(ଦନ୍ତିନୀ—ସ୍ତ୍ରୀ) ବି—୧ । ହସ୍ତୀ—1. Elephant.
ସଂ. ଉଦୁମ୍ବରପର୍ଣ୍ଣୀ, ଦନ୍ତିକା, ୨ । ସ୍ନୁହି (ସିଜୁ) ଆଦି ବର୍ଗର ସ୍ଥୂଳ
ଏରଣ୍ଡଫଲା, ଏରଣ୍ଡପତ୍ରିକା କ୍ଷୁପବିଶେଷ—2. A medicinal
दन्ती; हकुन; हकुम plant; Baliospermum Ani-
दन्ती; हकुन; हकुम llara; Croton Polyandrum.
ତେ, ଦନ୍ତୀ [ଦ୍ର—ଏହାର ପତ୍ର ଅଣ୍ଡାକାର, ଦନ୍ତୁର, ଈଷତ ଲୋମଶ ଓ ତ୍ରିଶିର; ପତ୍ରର ମୂଳରେ ଦୁଇଟି ଆବୁ ଥାଏ । ଫଳ ତ୍ରିକମଞ୍ଜିଆ । ଏ ଗଛ ଉତ୍ତର ଓ ପୂର୍ବ ବଙ୍ଗରେ ହୁଏ । ଏଥିର ଫଳ କ୍ଷୁଦ୍ର ଓ ବୃହତ୍ ଭେଦରେ ଏହା ଦୁଇ ପ୍ରକାର ।]

ଦନ୍ତୁର—ସଂ. ବିଣ. ପୁଂ (ଦନ୍ତ+ଅଛ ଅର୍ଥରେ ଉର)—
Dantura ୧ । ଦନ୍ତବିଶିଷ୍ଟ—1. Having tooth; toothed; rodent.
ଦନ୍ତୁରା / ଦନ୍ତୁରୀ } ସ୍ତ୍ରୀ ୨ । ଦାନ୍ତୁରା; ବଡ଼ଦନ୍ତବିଶିଷ୍ଟ—
2. Having prominent or big teeth.
୩ । ବନ୍ଧୁର—3. Uneven; rough.
୪ । କରତ ପରି ଦନ୍ତବିଶିଷ୍ଟ—
4. Notched; serrated.
୫ । ଉଚ୍ଚନୀଚ (ସ୍ଥାନ)—5. Undulating.
୬ । କୁଟିଳ—6. Curved.
୭ । ବିଷମାନ୍ତର—7. Having irregular and unequal spaces between the different parts.
ବି—ଦନ୍ତବିଶିଷ୍ଟ ପ୍ରାଣୀ—The rodentia.

ଦନ୍ତୁରିତ—ସଂ. ବିଣ (ଦନ୍ତୁର ନାମ ଧାତୁ+କର୍ତ୍ତୃ. ତ)—
Danturita ୧ । ଦାନ୍ତ ପରି ଦାନ୍ତଯୁକ୍ତ; କରତ ଦାନ୍ତ ପରି ହୋଇଥିବା—1. Toothed; notched.
୨ । ଅସମ; ଉଚ୍ଚନୀଚ—2. Uneven,
୩ । କଣ୍ଟକିତ; ଠାକୁଇ ଥିବା—3. Horripilated.
ବପୁ ପୁଲକଭରେ ଦନ୍ତୁରିତ
ରତି କଳାରେ ଧରନ୍ତି ପଣ୍ଡିତ—ପ୍ରାଚୀ. ରସବାରିଧି ।

ଦନ୍ତୋଦ୍ଭବ—ସଂ. ବି (୭ମୀ ତତ୍; ଦନ୍ତ+ଉଦ୍ଭବ)—ପିଲାର ଦାନ୍ତ
Dantodbhaba ଉଠିବା—Dentition; teething,
(ଦନ୍ତୋଦ୍‌ଗମ—ଅନ୍ୟରୂପ)

ଦନ୍ତୋଦ୍ଭେଦ—ସଂ. ବି (୭ମୀ ତତ୍; ଦନ୍ତ+ଉଦ୍ଭେଦ)—
Dantodbheda ଦନ୍ତୋଦ୍ଭବ (ଦେଖ)—Dantodbhaba (See)

ଦନ୍ତ୍ୟ—ସଂ. ବିଣ. (ଦନ୍ତ+ଯ)—୧ । ଦନ୍ତସମ୍ବନ୍ଧୀୟ—
Dantya 1. Dental.
୨ । ଦନ୍ତ ଯୋଗେ ଉଚ୍ଚାରିତ (ବର୍ଣ୍ଣ)—2. Dental; pronounced with the help of the teeth (letters).
୩ । ଦନ୍ତର ଉପକାରଜନକ—
3. Beneficial to the teeth.

ଦନ୍ତ୍ୟ ବର୍ଣ୍ଣ—ସଂ. ବି.—ଦନ୍ତ ସାହାଯ୍ୟରେ ଉଚ୍ଚାରିତ ବର୍ଣ୍ଣ—
Dantya barṇṇa The dental letters.
[ଦ୍ର—ତ, ଥ, ଦ, ଧ, ନ, ଲ ଓ ସ ଏମାନଙ୍କୁ ଦନ୍ତ୍ୟବର୍ଣ୍ଣ କୁହାଯାଏ ।]

ଦନ୍ତ୍ୟୌଷ୍ଠ—ସଂ. ବିଣ (ଦନ୍ତ୍ୟ+ଓଷ୍ଠ)—ଦନ୍ତ ଓ ଓଷ୍ଠ ଯୋଗେ ଉଚ୍ଚାରିତ
Dantyaushṭha (ବର୍ଣ୍ଣ)—(letters) Pronounced with the help of the teeth and lip; denti-labial.
(ଦନ୍ତ୍ୟୋଷ୍ଠ୍ୟ—ଅନ୍ୟରୂପ)
[ଦ୍ର—ଯ ର ଲ ଓ ଅବର୍ଗୀୟ ବ (ୱ) ଏମାନଙ୍କୁ ଦନ୍ତ୍ୟୌଷ୍ଠ ବର୍ଣ୍ଣ ବୋଲାଯାଏ ।]

ଦନ୍ଥଡ଼ା—ଦେ. ବିଣ. (ସଂ. ଦନ୍ତୁର)—ଦନ୍ଥରା (ଦେଖ)
Dantharḍā Dantharā (See)

ଦନ୍ଥରା—ଦେ. ବଣ. (ସଂ. ଦନ୍ତୁର)—୧ । ଦାନ୍ତ ନଷ୍ଟ ହୋଇଯାଇ ଥିବା;
Danthara ଥନ୍ତରା—1. Blunted.
ভোঁতা ୨ । ବଙ୍କୁର ଦାନ୍ତଯୁକ୍ତ—
.थाथरा 2. With serrated blunt edge.

ଦନ୍ଦ୍ରେ—ପ୍ରାଦେ. (ସମ୍ବଲପୁର) ବ—ବଡ଼ ଗର୍ତ୍ତ—
Dandro Big hole; pit.

ଦନ୍ଦଶୁକ—ଦେ. ବ—ଦନ୍ଦଶୂକ (ଦେଖ)
Dandaśuka Dandaśūka (See)
ବାରେକ ପୁଣି ବନ୍ଦ ବହୁଲ ଭାଗୁବନ ଦନ୍ଦଶୂକ ପାଶରେ ଛନ୍ଦ ସେ ।
ଭଞ୍ଜ, ବୈଦେହୀଶବିଳାସ ।

ଦନ୍ଦଶୁକ ପାଶ—ଦେ. ବ—ନାଗ ପାଶ (ଦେଖ)
Dandaśuka pāśa Naga pāśa (See)

ଦନ୍ଦଶୂକ—ସଂ. ବଣ. (ଦନ୍ଶ୍ ଧାତୁ=କାମୁଡ଼ିବା, ଅତିଶୟାର୍ଥେ ଯଙ୍ ଲୁକ୍
Dandaśūka ଅର୍ଥାତ୍ ଦ୍ୱିତ୍ୱ=ଦନ୍ଦଶ୍ ଧାତୁ+ଶୀଳାର୍ଥେ କର୍ତ୍ତୃ.
ଊକ)—୧ । ସର୍ବଦା ଦଂଶନ କରିବାକୁ ଉଦ୍ୟତ—
1. Ready to bite repeatedly or furiously.
୨ । ହିଂସ୍ର; କ୍ରୂର—2. Cruel; malignant.
ବ—୧ । ସର୍ପ—1. Serpent.
୨ । ରାକ୍ଷସ—2. Demon.

ଦପଦପ—ଦେ. ଅ. (ସଂ. ଦୃପ୍ ଧାତୁ=ଦୀପ୍ତି ପାଇବା; ପୀଡ଼ାଦେବା)—
Dapadapa ୧ । ଦକ୍ଦକ; ଧକ୍ଧକ୍; ଜାଜ୍ୱଲ୍ୟ ଦୀପ୍ତି ସହିତ ଜଳିବା
दपदप ପ୍ରକାରେ; ତେଜସ୍ୱର ପଦାର୍ଥର ଦୀପ୍ତି—
1. Shining; twinkling; sparkling or flashing like fire.
୨ । ଧାପୁଡ଼ୁଧାପୁଡ଼ୁ; ପାଦକୁ ଭୂମିରେ ଜୋରରେ ପକାଇ ଦର୍ପରେ ଚାଲିବାର ଶବ୍ଦ—2. Briskly walking with resounding footsteps.

ଦପଦପେ—ଦେ. କ୍ରି. ବଣ—ଧକ ଧକ ହୋଇ; ଦୀପ୍ତି ସହକାରେ—
Dapadape Shiningly; lustrously.

ଦପ୍ତର୍—ବୈଦେ. ବ (ଆ. ଦଫ୍ତର୍)—୧ । ଖାତା କମ୍ପା ହିସାବ ବହି—
Daptar 1. Account book.
(ଦପ୍ତର—ଅନ୍ୟରୂପ) ୨ । ପ୍ରତିଦିନର ବିବରଣ ଲେଖାଯିବା ବହି—
दप्तर दफ्तर 2. Diary; journal.
୩ । ନଥି; ସିରସ୍ତା; ଅଫିସ୍‌ର କାଗଜପତ୍ର—
3. Office papers; portfolio; records.
୪ । ଅଫିସ୍; କାର୍ଯ୍ୟାଳୟ—4. Office.

ଦପ୍ତର୍‌ଖାନା—ବୈଦେ. ବ. (ଆ)—୧ । କାଗଜ ପତ୍ର ରଖିବାର ଘର—
Daptar-khānā 1. Office.
(ଦପ୍ତରଖାନା—ଅନ୍ୟରୂପ) ୨ । ମହାଫିସ୍ ଖାନା—
दप्तरखाना दफ्तरखाना 2. Record-room.
୩ । ଲାଇବ୍ରେରୀ—3. Library; book-room.
୪ । ଯେଉଁଠାରେ ବହି ବନ୍ଧାଯାଏ—
4. A room where books are bound.

ଦପ୍ତରୀ—ବୈଦେ. ବ. (ଆ. ଦଫ୍ତରୀ)—୧ । ଅଫିସ୍‌ର ଜିମ୍ମାଦାର—
Daptari 1. An office-keeper.
(ଦପ୍ତରୀ—ଅନ୍ୟରୂପ) ୨ । ଯେ ଅଫିସ୍‌ର କାଗଜପତ୍ର, କାଳି, କଲମ
दप्तरी ଆଦି ଜମା ରଖେ ଓ ପ୍ରୟୋଜନ ବେଳେ କର୍ମଚାରୀମାନଙ୍କ
दफ्तर ଯୋଗାଏ—2. A duftry; a menial servant in charge of the stationary of an office.
୩ । ଯେ ବହି ଓ ଖାତାମାନ ବାନ୍ଧେ—
3. Book-binder.

ଦଫା—ବୈଦେ. ବି. (ଆ; ଦଫା=ବାର, ଥର, ବିଭାଗ)—
Daphā ୧ । ଧାରା—1. Rule.
दफा ୨ । ବାର; ଥର; କିସ୍ତି; ଖେପ—
दफ़ा 2. Instalment; time; item.
୩ । ଲେଖାର ପ୍ରକରଣ; ପରିଚ୍ଛେଦ—
3. Section; paragraph of a writing.
୪ । ଆଇନର ପ୍ରକରଣ—
4. Section of a code of law.
୫ । ଦଳ; ପଞ୍ଚା—5. A crowd; party; gang.

ଦଫା ଉଆରି—ବୈଦେ. ଅ. ଆ. ଦଫାୱାର) (କଚେରୀ ଭାଷା)—
Daphā uāri ଦଫାୱାରି (ଦେଖ)
(ଦଫାୱାରି—ଅନ୍ୟରୂପ) Daphāwāri (See)

ଦଫାଏତ୍—ବୈଦେ. ବି. (ଆ)—ଜମିଦାରମାନଙ୍କର ଖଜଣା ଛଡ଼ା
Daphāet ଅନ୍ୟ ବାବଦେ ଆୟ—Miscellaneous receipts
(ଦଫାୟତ୍—ଅନ୍ୟରୂପ) of a landlord.
[ଦ୍ର—ଜଳକର, ଫଳକର, ବଣକର, ମଛଦଆ ଓ ପତ୍ନୁ ଜମିର ଖଜଣାକୁ ଦଫାଏତ୍ କହନ୍ତି ।]

ଦଫା ଦଫା—ବୈଦେ କ୍ରି. ବିଣ. (ଆ)—
Daphā daphā ୧ । ଥରକୁଥର; ବାରମ୍ବାର; ଅନେକ ଥର—
ଦଫାକୁଦଫା } ଅନ୍ୟରୂପ 1. Again and again, several
ଦଫେଦଫେ } times; repeatedly.
दफादफा ୨ । ପ୍ରତିଥର—2. Every time.
दफ़ादफ़ा ୩ । ପୃଥକ୍ ପୃଥକ୍ କରି—3. Separately.
୪ । ଦଳ ଦଳ ହୋଇ—4. In gangs.; in batches.

ଦଫାଦାର୍—ବୈଦେ. ବ. (ଆ)—୧ । ଅଶ୍ୱାରୋହୀମାନଙ୍କର ଜମାଦାର୍—
Daphādār 1. Duffadar; the Head of a company
दफादार; दफ़ादार of cavalry.
୨ । ମୂଲିଆମାନଙ୍କ ସର୍ଦ୍ଦାର୍; ମେଣ୍ଟ—
2. A mate or headman of coolies.
୩ । ଗ୍ରାମ୍ୟ ଚୌକିଦାରମାନଙ୍କ ସର୍ଦ୍ଦାର୍—3. The Head of the village-chaukidars of a union.
[ଦ୍ର—ପ୍ରତ୍ୟେକ ଗ୍ରାମରେ ଜଣେ ଲେଖାଏଁ ଚୌକିଦାର ଥାଆନ୍ତି ଓ କେତେଗୁଡ଼ିଏ ଗ୍ରାମ ଦ୍ୱାରା ଗୋଟିଏ ଇଉନିୟନ୍ ଗଠିତ ହୁଏ । ଏକ ଇଉନିୟନ୍‌ର ଚୌକିଦାରମାନଙ୍କ ଉପରେ ଜଣେ ଦଫାଦାର୍ ନିଯୁକ୍ତ ହୁଏ ।]
୪ । ରେଳବାଇର ଏକ ଦଫା କୁଲିଙ୍କ ସର୍ଦ୍ଦାର୍—
4. Head of a gang of Railway coolies.

ଦଫାଦାରି—ବୈଦେ. ବ. (ଆ)—ଦଫାଦାରର କାର୍ଯ୍ୟ—The post
Daphādāri or duties of a Daphādār.
दफादारी दफ़ादारी

ଦଫା ରଫା — ବୈଦେ. ବି. (ଅ)—୧ । କୌଣସି ବିଷୟର ଶେଷ ନିଷ୍ପତ୍ତି—
Daphā raphā 1. Final disposal of any matter.
दफारफा ୨ । ଶେଷ; ସମାପ୍ତି — 2. Completion; finish.
दफारफा ୩ । ରଫା; ଆପୋଷରେ ନିଷ୍ପତ୍ତି —
3. Amicable settlement
୪ । ସର୍ବନାଶ; ଲୋପ—4. Extinction; ruin.
୫ । କର୍ମାକ୍ଷମତା; କାର୍ଯ୍ୟ କରିବାରେ ଅପଟୁତା—
. Inability; incompetence.

ଦଫାରଫା ଶେଷ—ଦେ. ବି. — ଦଫା ଶେଷ (ଦେଖ)—
Dapharāphā śesha Daphā śesha (See)

ଦଫାୱାରି—ବୈଦେ. ଅ. (ଅ) (କଟକୀଆ ଭାଷା)— ୧ ଅନେକ ଥର-
Daphāwāri 1. By many instalments.
दफादफा ୨ । ଥର ଥର କରି —2. Time after time.
दफावार ୩ । ଭିନ୍ନ ଭିନ୍ନ ଦଫା ବା ପରିଚ୍ଛେଦରେ—
3. In successive paragraphs.

ଦଫା ଶେଷ— ଦେ. ବି. (କଟକୀଆ)—୧ । ସର୍ବନାଶ—
Daphā śesha 1. Ruin; annihilation.
दफाशेष ୨ । ସମ୍ପୂର୍ଣ୍ଣ ବିନାଶ; ଲୋପ—
दफाशेष 2. Extinction; destruction.
୩ । କୌଣସି ବିଷୟର ଅବଶେଷ ନ ରହିବା; ସମାପ୍ତି—
3. End of a thing.
୪ । କର୍ମ କରିବା ଶକ୍ତିର ଲୋପ—4. Utter exhaustion.

ଦଫେ—ବୈଦେ. କ୍ରି. ବିଣ. (କଟକୀଆ) (ଅ)—୧ । ଏକବାର; ଥରେ—
Daphe 1. Once; at a time.
एकबार ୨ । ଏଥିପୂର୍ବେ ଥରେ—2. Once upon a time.
एकदफे

ଦବ—ସଂ ବି. (ଦୁ ଧାତୁ=ଉତ୍ତପ୍ତ କରିବା+କର୍ତ୍ତୃ. ଅ)—
Daba ୧ । ବନାଗ୍ନି; ଦାବାଗ୍ନି—1. Forest-fire.
ବନାଗିଛ ଦବ ବଢ଼ଲ—ବନଗମର ମୂର୍ଚ୍ଛି ଭମ ବନାଶ—
କାମାନଳ ଛାପ ଚଞ୍ଚଳ । ଉଦ୍ଧ. ବୈଦେହୀଶବିଳାସ ।
୨ । ବନ—2. Forest.
୩ । ସନ୍ତାପ—3 Burning heat.
୪ । ପୋଡ଼ାଜଳା; ଗାତ୍ରଦାହ—
4. Inflammation; burning sensation.

ଦବଉ—ଦେ. ବିଣ.—ଆଗପାଖ ଅଧିକରୁ ଭୂପେ ଭାର ହେବା (ବୋଝାଇ
Dabau ଗାଡ଼ି); ଆଗଗରୁଆ; ଝୁଲା—(a cart) Having the
(ଉତ୍ତର—ବିପରୀତ) front side loaded more heavily
दबाउ, दब्बु than the hind side.

ଦବକ—ଦେ. ବି (ସଂ. ଦମନ)—୧ । ଆତଙ୍କ; ଭୟ—
Dabaka 1. Fear; fright; dread.
चौंक **दबक** ୨ । ଚକିତ; ଚମକ—2. Alarm.
(ଯଥା—ମୋ ଛାତିରେ ଗୋଟାଏ ଦବକ ରହିଗଲା ।)
୩ । ଶଙ୍କା—3. Apprehension.

ଦବକ ପଶିବା—ଦେ. କି (ଅ. ଦବକ୍‌ନା)—ଚକିତ ହେବା; ଛାତି
Dabaka paśibā ଧଡ଼ ଧଡ଼ ହେବା—Startling; palpita-
दबका **दबकना** tion of heart (due to sudden
(ଦବକ ରହିଯିବା—ଅନ୍ୟରୂପ) fear).

ଦବକାଇବା—ଦେ. କି—ଦବକିବା କ୍ରିୟାର ଣିଜନ୍ତରୂପ—
Dabakāibā The causative form of Dabakibā
(ଦବକେଇବା—ଅନ୍ୟରୂପ)

ଦବକିବା—ଦେ. କି —୧ । ଚମକି ପଡ଼ିବା—
Dabakibā 1. To be startled.
दबके जाओया ୨ । ପଶ୍ଚାତ୍‌ପଦ ହେବା; ଶଙ୍କିଯିବା—
दबकजाना 2. To shrink back; to draw back.

ଦବଥୁ—ସଂ. ବି (ଦୁ ଧାତୁ=ଉତ୍ତପ୍ତ କରିବା+ଭାବେ ଅଥୁ)—
Dabathu ୧ । ଉଦ୍‌ବେଗ—1. Anxiety.
୨ । ଶରୀରର ଜଳାପୋଡ଼ା – 2. Inflammation.
୩ । ଦୁଃଖ—3. Sorrow; grief; affliction.
୪ । ପରିତାପ; ସନ୍ତାପ—4. Burning heat.

ଦବଦବ—ଦେ. ବି—ଛାତି ଦକଦକ ହେବା—
Dabadaba Palpitation of heart.
धड़फड़ **धकधक**

ଦବଦବି—ଦେ· ବି. (କୌଣସି ଅଞ୍ଚଳରେ ହଇଜା ରୋଗ ବ୍ୟାପିଲେ
Dabadabi ଲୋକେ ଭୟରେ ଅସ୍ଥିର ହେଉଥିବାରୁ)—
दबदबा ୧ । ଓଲାଉଠା; ହଇଜା—1. Cholera.
୨ । ଆତଙ୍କ; ତ୍ରାସ—2. Alarm.

ଦବଦହନ—ସଂ. ବି (୬ଷ୍ଠୀ ତତ୍; ଦବ+ଦହନ)—ଦାବାନଳ—
Dabadahana Forest fire.

ଦବଲୁ—ଦେ. ବି. (ଧ୍ୱନ୍ୟନୁକରଣ)—ଦମାଲୁ (ଯାହା ଦବଦବ ବାଜେ)—
Dabalu A kind of big drum.
दामामा **दमामा**

ଦବା—ଗ୍ରା. କି (ସଂ. ଦା ଧାତୁ=ଦେବା କ୍ରିୟାର କଥ୍ୟ ରୂପ; ଭୁଲ.
Dabā ନବା=ନେବା)—ଦେବା; ଦାନ କରିବା—To give.
देओया ବୈଦେ. ବି (ଅ) ଦବାଇ (ଦେଖ)—
देना Dabāi (See)

ଦବାଇ—ବୈଦେ. ବି (ଅ. ଦୱା)—ଔଷଧ—
Dabāi Medicine.
दाओयाइ **दवा**
(ଦବେଇ—ଅନ୍ୟରୂପ)

ଦବାଇଖାନା—ବୈଦେ. ବି (ଅ. ଦୱାଖାନା)—ଔଷଧାଳୟ—
Dabāikhānā Dispensary.
दाओयाखाना **दवाखाना**
(ଦବେଇଖାନା—ଅନ୍ୟରୂପ)

ଦବାଇବା—ଦେ. କି (ସଂ. ଦମଧାତୁ) —୧ । ଦାବିବା କ୍ରିୟାର ଣିଜନ୍ତରୂପ —
Dabāibā 1. The causative form of 'Dābibā'.
(ଦବେଇବା—ଅନ୍ୟରୂପ) ମଦବଳ କଳବଣ୍ଠ ଭୁଜକୁ ଯେ ମଧ୍ୟକାଳରେ
ଦବାଇବ—ଉଦ୍ଧ. ବୈଦେହୀଶବିଳାସ ।

୨ । ଦାବିବା (ଦେଖ)—Dākibā (See)
দাবান দবানা

ଦବାଗ୍ନି—ସଂ. ବି (ଦବ+ଅଗ୍ନି)—ଦାବାନଳ—
Dabāgni Forest fire.

ଦବିବା—ଦେ. କ୍ରି (ସଂ. ଦମ ଧାତୁ)—୧ । ତଳକୁ ବସିଯିବା—
Dabibā 1. To set down.
দবন ୨ । ସଙ୍କୁଚିତ ହେବା—2. To shrink
दबना ୩ । ନିବୃତ୍ତ ହେବା; ହଟିବା—
3. To desist; to draw back; to retreat.
୪ । ଭୟରେ ଚୁପ୍ ହେବା—
4. To be silent through fear.
୫ । କମ୍ ହେବା—5. To diminish.

ଦବିଷ୍ଠ—ସଂ. ବିଣ. ପୁଂ (ଦୂର+ଅତ୍ୟର୍ଥେ ଇଷ୍ଠ)—୧ । ଅତ୍ୟନ୍ତ ଦୂରବର୍ତ୍ତୀ—
Dabishtha 1. Very distant.
୨ । ଦୂରୀଭୂତ—2 Removed; gone.
(ଦବିଷ୍ଠା—ସ୍ତ୍ରୀ) ଉକ୍ତ ଏ ଶବ୍ଦମାନ ହେବ ଅତ୍ୟୁତ୍କର୍ଷବାଚକ ଏ ବଚନ—
ଲଘୋଃ ଏକସ୍ମି । ତ ଗାଡ ।

ଦବୀୟାନ୍—ସଂ. ବିଣ. ପୁଂ (ଦୂର+ଅତ୍ୟର୍ଥେ ଈୟସ୍)—ଦବିଷ୍ଠ (ଦେଖ)
Dabiyān Dabishtha (See)
(ଦବୀୟସୀ—ସ୍ତ୍ରୀ)

ଦବେଇ ରଖିବା—ଦେ. କ୍ରି—୧ । ଘୋଡ଼ାଇ ରଖିବା—
Dabei rakhibā 1. To conceal.
୨ । ଚପାଇ ରଖିବା—2. To keep pressed; to suppress.
୩ । ଶଙ୍କାନ୍ୱିତ କରି ରଖିବା—3. To keep under constant dread.
दबकाना चापान

ଦଭ୍ର—ସଂ. ବିଣ—(ଦନ୍ଭ ଧାତୁ=ଗର୍ବ କରିବା+କର୍ତ୍ତୃ. ର)—
Dabhra ୧ । କୃଶ—1. Weak; thin
୨ । ଅଳ୍ପ—2. A little; few; small.
ବି—ସମୁଦ୍ର—The sea.

ଦମ୍ (ଧାତୁ)—ସଂ—୧ । ଶାସନ କରିବା—
Dam (root) 1. To rule; to domineer.
୨ । ଶିକ୍ଷାଦେବା; ଦଣ୍ଡଦେବା—
2. To punish; to teach a lesson.
୩ । ବଶୀଭୂତ କରିବା—3. To subjugate.
୪ । ଶାନ୍ତ ହେବା—4 To be calm.

ଦମ୍—ବୈଦେ. ବି.—(ପା)—୧ । ଜୀବନ; ପ୍ରାଣ—
Dam 1. Life.
(ବେଦମ୍—ବିପରୀତ) ୨ । ନିଶ୍ୱାସ—2. Breath.
दम ୩ । ନିଶ୍ୱାସ ନେବା ପାଇଁ ବିଶ୍ରାମ—
दम 3. Respite for breathing; breathing space.
୪ । ବଳ; ଜୋର—4. Strength.
୫ । ବିଶ୍ରାମ—5. Rest; respite.
୬ । ଜୀବନୀ ଶକ୍ତି—6. Vitality.
୭ । ଫୁରୁସତ; ଅବସର—7. Leisure.
୮ । ଗଞ୍ଜେଇ ଧୂଆଁ ଟାଣିବାର ଦମ୍ଭ ବା ଥର—
8. Time of taking in a draft of smoke.
୯ । ଆବେଗ; ଦମ୍ଭ—9. Paroxysm.
୧୦ । ଖର ନିଶ୍ୱାସ—10. Quick breathing; panting.
୧୧ । ଗାଡ଼ିର ଦମ୍ ବା କମାଣି—
11. The spring of a carriage.
୧୨ । ସ୍ପ୍ରିଙ୍ଗ୍; ତାର ବା ଲୁହା ପଟ୍ଟିର ସ୍ଥିତିସ୍ଥାପକ କୁଣ୍ଡଳୀ—
12. A spring.
୧୩ । ଘଣ୍ଟାର ସ୍ପ୍ରିଙ୍ଗ୍ ମୋଡ଼ା ହେବା ଯୋଗୁଁ ଘଣ୍ଟାର ଚାଲିବାର ଶକ୍ତି—13. The condition of a spring of a clock being wound up, which makes the clock go on.
୧୪ । ଗରମମସଲା ଯୋଗେ ସିଦ୍ଧ ଚୋପାଛଡ଼ା ଗୋଟାଆଳୁ; ଆଳୁର ଦମ୍—14. A curry of peeled whole potatoes boiled with sauce.
୧୫ । ମୁହୂର୍ତ୍ତ—15. Moment.
୧୬ । ପ୍ରତାରଣା; ଭଣ୍ଡାଇବା—16. Deception; puting off on various pretexts.
୧୭ । ବୃଥା ଆଶା ବା ପ୍ରତାରଣାଦ୍ୱାରା ଅପେକ୍ଷା କରାଇବା—
17. Causing a person to wait by giving him false hopes.
ଦେ. ବି. (ସଂ. ଦମ) ଆପଣାର କର୍ମେନ୍ଦ୍ରିୟକୁ ନିୟନ୍ତ୍ରିତ କରିବା—
Self control; self restraint.
ପ୍ରାଦେ (ସମ୍ବଲପୁର) ବି—ଦମ୍ଭ (ଦେଖ)
Dambha (See).

ଦମ୍ ଅଟକା—ଦେ. ବି—ଶ୍ୱାସରୋଧ—Suffocation; breathlessness.
Dam ataka
দমআটক दमअटकना

ଦମ୍ ଅଟକା(କେ)ଇବା—ଦେ. କ୍ରି—ଦମ୍ ରଖିବା (ଦେଖ)
Dam ataka(ke)ibā Dam rakhibā (See)

ଦମ୍ ଅଟକିବା—ଦେ. କ୍ରି—ପବନ ଅଟକିବା ଯୋଗୁଁ ନିଶ୍ୱାସ ମାରି ନ ପାରିବା—To feel difficulty in breathing; to have one's breath restrained; to be suffocated.
Dam atakibā
(ଦମ୍‌ଅଟକିଯିବା—ଅନ୍ୟରୂପ)
দমআটকা দমআটকেযাওয়া
दमघुटना

ଦମ୍‌କଳ—ଦେ. ବି—୧ । ନଳଦ୍ୱାରା କୂପ ଆଦିରୁ ପାଣି ଟାଣି ଉପରକୁ ଉଠାଇବାର ଯନ୍ତ୍ର—1 Pumping machine; water pump (by which water is pumped up on vacuum principle).
Damkala
(ଦମକଳ—ଅନ୍ୟରୂପ)
দমকল
दमकल ୨ । କୂଅ ଆଦିରୁ ପାଣି ଉଠାଇ ପୋଡ଼ି ଯାଉଥିବା ଘରେ ନଳଦ୍ୱାରା ପାଣି ପକାଇ ନିଆଁ ଲିଭାଇବା କଳ—
2. Fire-engine.

ଦମ୍କଲ ବସା(ସେ)ଇବା—ଦେ. କ୍ରି — କୌଣସି ଜଳାଶୟ ବା କୂପରୁ
Dam-kaḷa basā(se)ibā ଜଳ ଉଠାଇବା ନିମନ୍ତେ 'ଦମ୍କଲ'
দমকলবসান ଯନ୍ତ୍ର ସ୍ଥାପିତ କରିବା—To set up a pumping machine.
दमकल खड़ाकरना

ଦମ୍କା —ବୈଦେ. ବି (ଫା. ଦମୀଦା=ପବନର ଝାଙ୍କ, ଝାଳେଦନ୍)—
Dam-kā ୧ । ଧୁମ୍କା; ଧୁମ୍ଧୁମ୍ ହୋଇ ବର୍ଷା; ଧୁମ୍କାଣି—
দমকা 1. Raining cats and dogs; a very
झोंका heavy shower of rain; a torrential shower of rain.

୨ । ବର୍ଷା, ତୋଫାନ, ରୋଗ ଓ ଜ୍ୱର ପ୍ରଭୃତିର ଗୋଟିଏ ବେଗ; ତୋଡ଼; ଧମକ୍—2. Paroxysm; a violent fit; a gust; blast.

୩ । ସାଇକ୍ଲୋନ୍; ପ୍ରବଳ ଝଡ଼; ବାତ୍ୟା—
3. A squall; gust of wind; cyclone.

୪ । ଦମ୍ମା; ଘନଘନ ନିଶ୍ୱାସ; ଅଣଲୁଣ—4. Violent gasping; threos of breathing; panting.

ବିଣ—୧ । ଧୁମ୍ଧୁମା; ଅତ୍ୟନ୍ତ ଭୟାନକ —1. Paroxysmal; torrential; very violent.
(ଯଥା—ଦମ୍କା ଝଡ଼)

୨ । ଯାହା ଛାତି ଦମ୍ ଦମ୍ କରାଏ; ଛାତି-ଉତ୍ପାଦକ; ଛାତି ଦମ୍କା—2. Causing violent palpitation of the heart.

ଦମ୍ ଖାଇବା—ଦେ. କ୍ରି—ଗୁମ୍ ହେବା; ଗମ୍ ଖାଇବା; ତୃଷ୍ଣୀଂଭୂତ
Dam khāibā ହେବା; ଚୁପ୍ ହେବା; ସ୍ତମ୍ଭୀଭୂତ ହେବା—
দম্ খাওয়া दमखाना To be taken aback; to become silent.

ଦମ୍ ଗଦି—ବୈଦେ. ବି (ଫା)—ସ୍ପ୍ରିଙ୍ଗ୍ ଲଗାଯାଇଥିବା ଗୁଣବିଶିଷ୍ଟ କୁଣ୍ଡଳୀକୃତ
Dam gadi ମୋଡ଼ା ତାରର ଆସନ—Spring cushion;
দমগদ্দি दमगद्दि spring mattress.

ଦମ୍ ଛୁଟିଯିବା—ଦେ. ବି.—୧ । ବେଦମ୍ ହେବା; ଅଣନିଶ୍ୱାସୀ
Dam chhuṭijibā ହୋଇଯିବା; ନିଶ୍ୱାସରୁଦ୍ଧ ଅବସ୍ଥା
ଦମ୍ ଛାଡ଼ିବା } ଅନ୍ୟରୂପ ଘଟିବା; ଶ୍ୱାସରୋଧ ହେବା—
ଦମ୍ ଛାଡ଼ିଯିବା 1. Becoming breathless;
ଦମ୍ ଛୁଟିବା

দমছুটেযাওয়া दमटूटना ୨ । ପରିଶ୍ରମ ଯୋଗୁ ଖରଖର
দমছুটা ନିଶ୍ୱାସ ମାରିବା; ହାଲିଆ ହେବା—
दम् छुटना; दम् निकलना 2. Panting; being out of breath.

୩ । ନିଶ୍ୱାସ ବନ୍ଦ ହୋଇ ମରିଯିବା —3. Dying by suffocation.

ଦମ୍ ଟାଣିବା—ଦେ. କ୍ରି—ଏକା ନିଶ୍ୱାସକେ ଗୁଡ଼ିଏ ପବନ ବା ଧୂଆଁ
Dam ṭāṇibā ପେଟ ଭିତରକୁ ନେବା—To inhale a large quantity of air or smoke at one pull or draught.

ଦମ୍ ଦମ୍—ଦେ (ଧ୍ୱନ୍ୟନୁକରଣ) ଅ—(ସଂ.ଦ୍ରମ୍.ଧାତୁ=ଗତି କରିବା)—
Dam dam ୧ । ଛାତି ଧଡ଼ଧଡ଼; ଛାତି ଦକଦକ; ବୁକୁ ଧମ୍-ଧମ୍—1 Violent palpitation of the heart.

[ଦ୍ର—ଦକଦକ ଅପେକ୍ଷା ଧଡ଼ଧଡ଼ ଅଧିକ ଜୋରରେ ସ୍ପନ୍ଦନ ଓ ଧଡ଼ଧଡ଼ ଅପେକ୍ଷା ଦମଦମ ଅଧିକତର ଜୋର୍‌ରେ ସ୍ପନ୍ଦନ ଅଟେ]

୨ । ଢୋଲ ବାଜା ବା ବନ୍ଧୁକର ଶବ୍ଦ; ଧୁମ୍ ଧୁମ୍—
2. Sound of drums or of gun-firing.
ତିକ୍ତି ଉଡ଼େ ଦମ୍ ଦମ୍, ସାହାବ ଗୁଳିର ବଡ଼ କଠିଣ,
ଝାଳ ବୁହେ ଗମ୍ ଗମ୍ । ଚଗ

୩ । ଦମ୍ ବା ଗର୍ବପ୍ରକାଶକ ଗମନ ବା ଗୁଲି; ଧୁମ୍ ଧୁମ୍ ଗୁଲିବା—3. Strutting with thumping steps.

ବି—(ନାମ) କଲିକତା ନିକଟସ୍ଥ ଗୋଟିଏ କ୍ଷୁଦ୍ର ଗ୍ରାମ—
Name of a small village near Calcutta; Dumdum.

[ଦ୍ର—ଏହି ସ୍ଥାନରେ ଗଭର୍ଣ୍ଣମେଣ୍ଟଙ୍କର ବାରୁଦ ଓ ଗୋଲା ପ୍ରସ୍ତୁତର କାରଖାନା ଅଛି ଓ ସୈନ୍ୟମାନେ ଲକ୍ଷ୍ୟଭେଦ ଶିଖନ୍ତି ।]

ବିଣ—ଭୟକମ୍ପିତ; ତ୍ରସ୍ତ (ଛାତି)—Trembling; palpitating through fear (said of the heart.)

ଦମ୍ ଦମା—ବୈଦେ. ବି (ଫା)—ଲକ୍ଷ୍ୟଭେଦ ଶିକ୍ଷା କରିବା ଉଦ୍ଦେଶ୍ୟରେ
Dam-damā ପ୍ରସ୍ତୁତ ମାଟିର ସ୍ତୂପ—A mound of earth intended to be used as a target for target-practice.

ବିଣ—ଯାହା ଛାତି ଦମ୍ ଦମ୍ କରାଏ; ଅତ୍ୟନ୍ତ ଛାତି ଉତ୍ପାଦକ—
Causing throbbings of the heart; very frightening.

ଦେ. ବି—ଦମ୍ ଦମ୍ (ଦେଖ)
Damdam (See)

ପ୍ରାଦେ. (କଟକ) ବି—ଡାଇମନ୍ କଟା ହାତର ଚଉଡ଼ା ଚୁଡ଼ି—
Broad bracelet with diamond-cut work.

ପ୍ରାଦେ (ସମ୍ବଲପୁର) ବି - ୧ । ପାହାଚ; ପାବଚ୍ଛ—1. Steps.
୨ । ନିଶୁଣି; ସିଢ଼ି—2. Ladder.

ଦମ୍ ଦମା ଗୁଳି—ଦେ. ବି (ଇଂ. ଦମ୍ ଦମ୍ ବୁଲେଟ୍)—ବନ୍ଧୁକର
Dam-damā guḷi ଏକପ୍ରକାର ଗୁଳି—Dumdum bullet.
[ଦ୍ର—ଏହା କୌଣସି କୋମଳ ବସ୍ତୁ ମଧ୍ୟରେ ପଶିଗଲେ ତାହାର ଅଭ୍ୟନ୍ତରରେ ଛତରେଇ ହୋଇ ବିସ୍ତାରିତ ହୁଏ ।]

ଦମ୍ଦାମ୍—ଦେ. କ୍ରି. ବିଣ—ଦମାଦମ୍ (ଦେଖ)
Dam-dām Damādam (See).

ଦମ୍ ଦିଲସା—ବୈଦେ. ବି (ଫା)—ଭଣ୍ଡାଇବା; ଛଳନା; ବୃଥା ଆଶା ଦେଇ
Dam dilāsā ଟାଳିବା—Putting off on false hopes;
দমদিলাসা; दमदिलासा deception.

ଦମ୍ଦିଲସା ଦେବା—ଦେ. କ୍ରି—ବହୁବାର ମିଥ୍ୟା ଆଶା ଦେଇ
Dam-dilāsā debā ଭଣ୍ଡାଇବା—To put off a person repeatedly on false hopes.

ଦମ୍ ଦେବା—ଦେ. କ୍ରି—୧ । ପ୍ରତାରଣାପୂର୍ବକ ଭଣ୍ଡାଇବା—
Dam debā 1, To wheedle; to put off; to deceive.
দমদেওয়া ୨ । ମିଥ୍ୟା ଆଶା ଦେଇ ଅପେକ୍ଷା କରାଇବା—
दमदेना 2. To cause a person to wait by giving him false hopes.

୩ । ଗୁଡ଼ଦେଇ ଘଣ୍ଟାର ସ୍ପ୍ରିଙ୍ଗକୁ ଗୁଡ଼ାଇବା—
3. To wind up the spring of a clock or watch.

ଦମ୍ ଧରିବା—ଦେ. କ୍ରି—ଦମ୍ ରଖିବା (ଦେଖ)
Dam dhariba Dam rakhiba (See)

ଦମ୍ ନେବା—ଦେ. କ୍ରି—୧ । ନିଶ୍ୱାସ ନେବା—
Dam neba 1. To take breath.
ଦମ୍‌ଲଓୟା ୨ । ବିଶ୍ରାମ କରିବା—2. To take rest.
दमलेना ୩ । ଦମ୍ ଟାଣିବା (ଦେଖ)
3. Dam tāniba (See)

ଦମ୍ ଫାଟିଯିବା—ଦେ. କ୍ରି—୧ । ଶ୍ୱାସରୁଦ୍ଧ ହେବା—
Dam phātijiba 1. Being suffocated.
ଦମଫାଟା ୨ । ଛାତି ଫାଟିଯିବା; ବିଶେଷ ପରିଶ୍ରମ ଯୋଗୁଁ ଶ୍ୱାସକ୍ରିୟାର
दमछुटना ଅନିୟମ ଘଟିବା—2. To have one's lungs burst owing to excessive labour.
୩ । ଅତ୍ୟଧିକ ପରିଶ୍ରମ ଯୋଗୁଁ ରୁଦ୍ଧଶ୍ୱାସ ବା ଖରଶ୍ୱାସ ହୋଇ ମରିଯିବା—3. To die gasping (through overwork).

ଦମ୍ ବାଜ୍—ବୈଦେ. ବିଣ (ଫା)—୧ । ଭଣ୍ଡ; ଯେ ଭଣ୍ଡାଏ—
Dam-bāj 1. Wheedling.
୨ । ପ୍ରତାରକ; ବଞ୍ଚକ; ଠକ—2 Deceiving.

ଦମ୍‌ବାଜି—ବୈଦେ. ବି (ଫା)—୧ । ବମ୍‌ବାଜି; ତୋପବାଜି; ଉଚ୍ଚ
Dam-bāji ଶବ୍ଦକରି ଫୁଟିବା ବାଣ—1 A firework which
ବୋମା बमबाजी produces a booming sound; bomb.
[ଦ୍ର—ଦମ୍‌ବାଜି ଅପେକ୍ଷା ବମ୍‌ବାଜିର ଓ ବମ୍‌ବାଜି ଅପେକ୍ଷା ତୋପ୍‌ବାଜିର ଶବ୍ଦ ବେଶି ।]
୨ । ବଞ୍ଚନା; ଭଣ୍ଡାଇବା; ଭଣ୍ଡିବା—2. Deception.

ଦମ୍ ବାହାରିଯିବା—ଦେ. କ୍ରି—ଦମ୍ ଛୁଟି ଯିବା (ଦେଖ)
Dam bāharijiba Dam chhuti jiba (See)
(ଦମ୍ ବାହାରିବା—ଅନ୍ୟରୂପ)

ଦମ୍ ମାରିବା—ଦେ. କ୍ରି—୧ । କଷ୍ଟସାଧ୍ୟ ପରିଶ୍ରମ କରିବା ପରେ ନିଶ୍ୱାସ
Dam mariba ମାରିବାକୁ ବିଶ୍ରାମ ନେବା—1. To rest for
ଦମମାରା दममारना breath after a stretch of hard work; to take respite.
୨ । ଦମ୍ ନେବା—
2. To take rest for refreshment.
୩ । ନିଶ୍ୱାସ ମାରିବା—3. To breathe.
୪ । ଦମ୍ ଟାଣିବା (ଦେଖ)—4 Dam tāniba (See)

ଦମ୍ ରଖିବା—ଦେ. କ୍ରି—୧ । କୌଣସି ଦୁରୂହ କାର୍ଯ୍ୟ କରିବାକୁ
Dam rakhibā ଅଧିକକ୍ଷଣ ଶ୍ୱାସରୋଧ କରି ରଖିବା—
ଦମରାଖା 1. To restrain or control one's breath
दम पकड़ना while doing some hard work.
[ଦ୍ର—ଦମ୍ ନ ରଖି କୌଣସି ଦୁରୂହ କାର୍ଯ୍ୟ କଲେ ଅଳ୍ପ ସମୟରେ ଦମ୍ ଛୁଟିଯାଏ ଓ ମନୁଷ୍ୟ କ୍ଳାନ୍ତ ହୋଇ ପଡ଼େ । ଦମ ରଖି କାର୍ଯ୍ୟରେ ଲାଗିଲେ ଦେହରେ ବେଶି ବଳ ସଞ୍ଚାର ହୁଏ; ଏହା ଅନୁଭବସିଦ୍ଧ ।]
୨ । ଏକା ଦମ୍ଭରେ ଗୀତ ବୋଲିବା ବେଳେ ଆପଣା ନିଶ୍ୱାସକୁ ନିୟନ୍ତ୍ରିତ କରିବା—
2. To control one's breath while singing a song at one stretch.

ଦମ୍ ଲଗା(ଗେ)ଇବା—ଦେ. କ୍ରି—ଦମ୍ ଟାଣିବା (ଦେଖ)
Dam lagā(ge)iba Dam tāniba (See)

ଦମ—ସଂ. ବି. (ଦମ୍ ଧାତୁ+ଭାବେ. ଅ)—
Dama ୧ । ଦମନ—1. Checking.
୨ । ଶାସନ; ଦଣ୍ଡ—2. Punishment.
୩ । ବଶୀକରଣ—3. Bringing under control or subjection; subjugation.
୪ । ନୋଗତକରଣ—4. Controlling; subduing.
୫ । ଧୈର୍ଯ୍ୟଧାରଣ—5. Patience; forbearance.
୬ । ଇନ୍ଦ୍ରିୟ ନିଗ୍ରହ—6. Controlling one's passions; subjugation of one's appetites and feelings.
୭ । ଚିତ୍ତନିବୃତ୍ତି; ମନ ଉପରେ ଅଧିକାର ସ୍ଥାପନ; ବିକାରର କାରଣ ସତ୍ତ୍ୱେ ମନର ସ୍ଥିରତା—7. Self control; self command; self restraint.
୮ । କର୍ଦ୍ଦମ; କାଦୁଅ—8. Clay; mud.
୯ । (ନାମ) ବିଦର୍ଭ ରାଜାଙ୍କ ଜ୍ୟେଷ୍ଠ ପୁତ୍ର; ଦମୟନ୍ତୀଙ୍କ ଭ୍ରାତା—9. The eldest son of the King of Bidarbha and brother of Damayanti.
୧୦ । (ନାମ) ଚନ୍ଦ୍ରବଂଶୀୟ ଶିଶୁପାଳଙ୍କ ପିତା ଚେଦିରାଜ; ଦମଘୋଷ—9. Father of Śisupāla.

ଦମ ଦାନ୍ତ ଦମନ ନାମକୁ ବହିଲେ
ବାପଙ୍କ ପଦ କାର୍ତ୍ତି ମଣ୍ଡଳେ ଥୋଇଲେ । କୃଷ୍ଣସିଂହ. ମହାଭାରତ, ବନ ।

ଦମକ—ସଂ. ବିଣ. ପୁଂ. (ଦମ୍ ଧାତୁ+କର୍ତ୍ତୃ. ଅକ)—
Damaka ଦମନକାରୀ; ଶାସକ—Controlling; restraining;
(ଦମିକା—ସ୍ତ୍ରୀ) subduing.
ବି—ଶାସନକର୍ତ୍ତା—A ruler.
ପ୍ରାଦେ. (ଗଡ଼ଜାତ) ବି ଓ ବିଣ—ଦୁମୁକାଣି (ବର୍ଷା)—
Pouring (rain); downpour.
ଦେ. ବି. (ସଂ ଚମତ୍କାର)—୧ । ଚମକ—1. Startling.

ଉପୁଜାଇ ବନ୍ଧବାସୀ ହୃଦୟେ ଚମକ । ରାଧାନାଥ. କେଦାରଗୌରୀ ।

धमक ୨ । ଛାତି ଦମ ଦମ ହେବା—2. Heart-throbbing.
दमक ୩ । ହଠାତ୍ ଉପସ୍ଥିତ ଭୀତି—3. Sudden fright.
ବୈଦେ. ବି. (ଫା. ଦମ୍=ଶ୍ୱାସ)—ଦମ୍‌କା; ଝଡ଼—
Paroxysm; fit; gust.
ବିଣ—ହଠାତ୍ ବେଗବାନ୍; ଝଡ଼ଯୁକ୍ତ—Paroxysmal.

ଦମକର—ଦେ. ବିଣ—ଯେ ଚମକାଏ; ଭୀତି ଉତ୍ପାଦକ—
Damakara Frightening; terrifying.

ଝଂପୁରରେ ଦମକକର ନୂପୁର ଝମକ
ରଣ ସଂଗ୍ରାମ ଛନ୍ଦ ବେଢ଼େ ଯମକ । ଉପେନ୍ଦ୍ର ଭଞ୍ଜ. ପ୍ରେମସୁଧାନିଧି ।

ଦମକା (ଇତ୍ୟାଦି)—ଦେ. ବିଣ ଓ ବି—ଦମ୍‌କା ଇତ୍ୟାଦି (ଦେଖ)
Damakā (etc) Dam-kā etc. (See)

ପୁବାଳ ଗୋଷ୍ଠୀ ଭର ଦମକା ପବନ ବାଜେଇ ଦେଇ ।
ଫକୀରମୋହନ. ଚଲ୍ଲୁଗଲ୍ପ ।

ଦମକାଣି—ଦେ. ବି ଓ ବିଣ—ଦୁମୁକାଣି (ଦେଖ)
Damakāṇi Dumukāṇi (See)

ଦମକିବା—ଦେ. କ୍ରି—୧ । କୌଣସି କାର୍ଯ୍ୟ କରୁ କରୁ ହଠାତ୍ ଅଟକି ରହିଯିବା—1. To suddenly stop in the midst of work.
Damakibā
(ଦମକିଯିବା—ଅନ୍ୟରୂପ)
ଦମକେ ଯାଓୟା ୨ । ଚମକି ପଡ଼ିବା—2. To be startled.
दमदमाना ୩ । (ଛାତି) ଦମଦମ ହେବା—3 To throb; to palpitate (said of the heart).

ଦମ କୁରୁଡୁ—ଦେ. ବି—କଙ୍କରମୟ ପାହାଡ଼ମାନଙ୍କ ଉପରେ ହେବା ଛୋଟ ବୃକ୍ଷ ବିଶେଷ—Gurdenia Latifolia (Haines).
Dama kururḍu

[ଦ୍ର—ସମ୍ବଲପୁର ଅଞ୍ଚଳରେ ଏହାର କାଠରୁ ପାନିଆଁ ଓ ଫରୁଆ ତିଆରି ହୁଏ ଏବଂ ଏହାର ଫଳ ଖିଆଯାଏ ।]

ଦମ ଘୋଷ—ସ. ବି. (ନାମ)—ଚେଦିଦେଶର ରାଜା ଶିଶୁପାଳଙ୍କ ପିତା—Name of the father of Śiśupāla, king of Chedi.
Dama ghosha

[ଦ୍ର—ଏ ଦମୟନ୍ତୀଙ୍କ ଭାଇ, ଏହାଙ୍କର ଅନ୍ୟ ନାମ ଶ୍ରୁତଶ୍ରବା (ହି· ଶବ୍ଦସାଗର)]

ଦମଘୋଷ ନନ୍ଦନ—ସ. ବି. (୬ଷ୍ଠୀ ତତ୍) - ଶିଶୁପାଳ—
Damaghosha nandana Śiśupāla.
(ଦମଘୋଷଜ, ଦମଘୋଷସୁତ, ଦମଘୋଷାତ୍ମଜ—ଅନ୍ୟରୂପ)

ଦମ ଚୁଲା(ଲି)—ଦେ. ବି—ଏକପ୍ରକାର ଲୁହାର ଚୁଲି, ଯହିଁର ତଳେ ଲୁହାର ଜାଲି ଥାଏ ଓ ଯହିଁ ତଳେ ଥିବା ଛିଦ୍ର ବାଟେ ଭିତରକୁ ବାୟୁ ଯାଇପାରେ—A kind of iron oven.
Dama chulā(li)
दमचूल्हा

ଦମଦମ—ଦେ. ବି—ଦମ୍‌ଦମ୍ (ଦେଖ)
Damadama Dam-dam (See)

କର୍ଣ୍ଣ ଶ୍ରୀମନ୍ତର ଦେଖିଣ ସମାଗମ
କରିଲେ ଯୋଦ୍ଧାମାନେ ଭୂରି ଦମଦମ । କୃଷ୍ଣସିଂହ. ମହାଭାରତ ଦ୍ରୋଣ ।

ଦମଦମା—ଦେ. ବି—୧ । (ବହିଆଗଡ଼) ରୁପା ତାରରେ ନିର୍ମିତ ହାତରେ ଲଗାଇବାର ଅଳଙ୍କାର; ଚୁଡ଼ି—A bracelet made of woven silver wire.
Damadamā
ଦମଦମା
दमदमा ୨ । (ଧ୍ୱନ୍ୟନୁକରଣ) ବୋମା—2. Bomb.
ବୈଦେ—(ଅ)—ମାଟିର ଉଚ୍ଚ ଢିପ—
A high mound of earth.
୨ । (ଫା)—ଯୁଦ୍ଧ ସମୟରେ ବସ୍ତାରେ ମାଟି ବା ବାଲି ଭରିକରି ସେହି ବସ୍ତାମାନଙ୍କୁ କାନ୍ଥ ଆକାରରେ ସଜାଇ ରଖିବା ଦ୍ୱାରା କରାଯିବା ବନ୍ଧାବନ୍ଦୀ—A ridge made by piling up gunny bags filled with earth and sand during a fighting.

ଦମଦାର୍—ବୈଦେ. ବିଣ (ଫା)—୧ । ଦୃଢ଼; ମଜଭୁତ୍; ବଳିଷ୍ଠ—
Damadār 1. Strong.
ଦମଦାର ୨ । ଅତ୍ୟଧିକ ଜୀବନୀଶକ୍ତି ବିଶିଷ୍ଟ—
दमदार 2. Having a great vitality.

ଦମନ—ସ. ବି. (ଦମ୍ ଧାତୁ+ଭାବ. ଅନ)—୧ । ଶାସନ—
Damana 1. Restraint; check.
୨ । ଅଧୀନକୁ ଆଣିବା; ବଶୀକରଣ—
2. Bringing under control; subjugation.
୩ । ପରାଜିତ କରିବା—
3. Subduing; defeating; vanquishing.
୪ । ଇନ୍ଦ୍ରିୟ ନିଗ୍ରହ—
4. Restraining one's passions.
୫ । ଚିତ୍ତବୃତ୍ତିକୁ ସଂଯତ କରିବା—
5. Self control; self restraint.
୬ । (ନାମ) ଜନୈକ ଋଷି—6. Name of a sage.
[ଦ୍ର—ଏହାଙ୍କ ଆଶ୍ରମରେ ଦମୟନ୍ତୀ ଜନ୍ମିଥିଲେ ଓ ଭୀମସେନ ଏହାଙ୍କଠାରୁ ଶିଶୁକନ୍ୟା ଦମୟନ୍ତୀଙ୍କୁ ଆଣି ଆପଣାର କନ୍ୟାରୂପେ ପାଳିଥିଲେ ।]

ସେହି ଭୀମ ରାଜାଠାରୁ ଦମନ ଋଷି;
ଅଧିଲେ ଦେଖି ତାଙ୍କୁ ହୋଇ ଅତି ତୋଷି । କୃଷ୍ଣସିଂହ. ମହାଭାରତ. ବନ ।

୭ । ଭୀମସେନ ରଜାଙ୍କର ପୁତ୍ର, ଦମୟନ୍ତୀଙ୍କ ଭ୍ରାତା—
7. Son of king Bhimasena; brother of Damayantī.

ଦମ, ଦାନ୍ତ, ଦମନ ନାମରେ ବହିଲେ ।
କୃଷ୍ଣସିଂହ. ମହାଭାରତ. ବନ ।

୮ । ବୀର—8. Hero; valiant person.
୯ । ଦଅଣା ଗଛ—9. Da-aṇā plant; Artemisa Indica.
୧୦ । ଦଣ୍ଡ—10. Punishment.
୧୧ । ମହାଦେବ; ଶିବ (ହି. ଶବ୍ଦସାଗର)—11. Śiba.
୧୨ । ରାକ୍ଷସବିଶେଷ—12. Name of a demon.
୧୩ । କୁନ୍ଦ (ହି. ଶବ୍ଦସାଗର)—13. A kind of flower.

ଦମନକ—ସ. ବି. (ଦମନ+ସ୍ୱାର୍ଥେ. କ)—୧ । ଦଅଣା ଗୁଳ୍ମ—
Damanaka 1. Artemisa Indica.
୨ । ସଂସ୍କୃତ ଛନ୍ଦୋବିଶେଷ—
2 Name of a Sanskrit metre.
୩ । ରାକ୍ଷସବିଶେଷ—3. Name of a demon.
ଦେ. ବି. (ଗ୍ରୀକ୍. ଆୟୋନିଅନ୍)—ଯବନ—
A non-Hindu.

ଦମନକ ବଧିରେ । ଦମନକ ଦୋଷ ତା ଅଙ୍ଗରେ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଦମନକ ଚତୁର୍ଦ୍ଦଶୀ—ଦେ. ବି—ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ; ଦଅଣାଚୋରି ଯାତ୍ରା; ଜଗନ୍ନାଥ ଓ ଲିଙ୍ଗରାଜ ମହାପ୍ରଭୁମାନଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଏକତମ—The 14th day of the bright fortnight of Chaitra.
Damanaka chaturddaśī
(ଦମନଭଞ୍ଜୀ ଚତୁର୍ଦ୍ଦଶୀ—ଅନ୍ୟରୂପ)

ଦମଣୀ—ସଂ. ବି—ଅଗ୍ନିଦମଣୀ (ହ୍ର. ଶବ୍ଦସାଗର) (ଦେଖ)
Damanī Agni damanī (See)

ଦମନୀୟ—ସଂ. ବିଣ (ଦମ୍ ଧାତୁ + କର୍ମ. ଅନୀୟ)—୧ । ଦମନ କରି-
Damanīya ବାର ଯୋଗ୍ୟ—1. Fit to be subdued or checked.
୨ । ଶାସନୀୟ—2. Tameable.
୩ । ଯାହାକୁ ବଶୀଭୂତ କରି ଯାଇପାରେ—
3. Capable of being brought under control.

ଦମନ୍ତୀ—ଗ୍ରା. (ପ୍ରାଚୀନପଦ୍ୟ) ବି. ସ୍ତ୍ରୀ (ସଂ. ଦମୟନ୍ତୀ)—ଦମୟନ୍ତୀ;
Damantī ନଳରାଜାଙ୍କ ପତ୍ନୀ—Damayantī; wife of
दमावती king Naḷa.
ବଚ୍ଛେଦର ଦୁଃଖ ଏକା ଜାଣନ୍ତି ଦମନ୍ତୀ—ପ୍ରାଚୀ. ପ୍ରଭାପ. ଶଶିରେଖା ।

ଦମବାଜ୍—ବୈଦେ. ବିଣ (ଫା)—୧ । ଯେ ଫୁସୁଲା ଫୁସୁଲ କରେ—
Damabāj 1. Inveigling.
दमबाज ୨ । ଯେଉଁ ବ୍ୟକ୍ତି ପ୍ରତାରଣା କରେ; ଧପ୍ପାବାଜ୍—
दमबाज 2. Deceitful; fraudulent; wheedling.
(ଦମବାଜୀ—ବି)

ଦମବାଜି—ଦେ. ବି (ଧ୍ୱନ୍ୟନୁକାରୀ)—ଦମ୍‌ବାଜୀ; ଘୋର ଶବ୍ଦକାରୀ
Damabāji ଏକପ୍ରକାର ବାଣ; ବମ୍ବାଜୀ—Bomb.
ବୈଦେ. ବି—ଫୁସୁଲ ଫୁସୁଲ—Inveigling.

ଦମୟନ୍ତୀ—ସଂ. ବି. ସ୍ତ୍ରୀ (ଦମ୍ ଧାତୁ ଣିଚ୍ ଦମି ଧାତୁ = କ୍ଲେଶ ସହ୍ୟ
Damayantī କରିବା + କର୍ତ୍ତୃବାଚ୍ୟେ ଅତ୍ + ସ୍ତ୍ରୀ. ଈ; ଦମନ
ଋଷିଙ୍କ ବରେ ଜନ୍ମଗ୍ରହଣ କରିଥିବାରୁ)—୧ । ନଳରାଜାଙ୍କ
ପତ୍ନୀ; ବିଦର୍ଭରାଜ ଭୀମସେନଙ୍କ କନ୍ୟା—1 The queen of king Naḷa.
୨ । ଏକପ୍ରକାର ମଞ୍ଜିଫୁଲ ଗଛ ହ୍ର. ଶବ୍ଦସାଗର)—
2. A kind of flowering shrub.

ଦମୟିତା—ସଂ. ବିଣ. ପୁଂ (ଦମ୍ ଧାତୁ ଣିଚ ଦମି ଧାତୁ + କର୍ତ୍ତୃ. ତୃ;
Damayitā ୧ମା. ୧ବ)—୧ । ଯେ ଦମନ କରିପାରେ—
(ଦମୟିତ୍ରୀ—ସ୍ତ୍ରୀ) 1 Capable of controlling or restraining.
୨ । ଶାସକ—2. Ruling.
୩ । ଦଣ୍ଡଦାତା—3. Punishing.

ଦମା—ବୈଦେ. ବି. (ଫା. ଦମାହ୍ = ଉପର୍ଯ୍ୟୁପରି ଦୀର୍ଘନିଃଶ୍ୱାସ)—
Damā ୧ । ହିକ୍କା—1. Panting; hiccup.
୨ । ଶ୍ୱାସରୋଗ—2. Asthma.
୩ । ବ୍ୟଥା; ଆବେଗ—
3 A fit or paroxysm; a convulsion.
୪ । ଦମା କାଶ - 4 A coughing by fits; whooping cough.
୫ । ଦମାଲୁ (ଦେଖ)—5. Damālu (See).

ଦମା କାଶ—ଦେ. ବି (ଫା. ଦମାହ୍; ଫା. ଦମ୍ = ଶ୍ୱାସ + ସଂ. କାଶ)—
Damā kāsa ୧ । ଏକପ୍ରକାର କାଶ, ଯେଉଁଥିରେ ସମସ୍ତ
दमाकाशि; घुंड़िकाशी ସମୟରେ କାଶର ବେଗ ଉଠେ ଓ ରୋଗୀ
दमा କାଶିକାଶି କ୍ଲାନ୍ତକୋହଳ ହୋଇଯାଏ—
1. Convulsionary cough; whooping cough.
୨ । ଶ୍ୱାସରୋଗ—2. Asthma.

ଦମାଦମ୍—ଦେ. କ୍ରି. ବିଣ (ଧ୍ୱନ୍ୟନୁକରଣ)—୧ । ଦୁମ୍‌ଦାମ୍;
Damādam ଧମାଧମ୍; ଦମ୍‌ଦାମ୍; ଗୋଟାକ ଉପରେ ଗୋଟାଏ
ଦୁମଦାମ ଦୁମ୍‌ଦାମ୍ ହୋଇ; ଉପର୍ଯ୍ୟୁପରି ବିଧାମାଡ଼ ବସିବା ପରି—
दमादम 1. With repeated thumping sounds (said of fist blows when dealt in quick succession).
୨ । ଉପର୍ଯ୍ୟୁପରି—2. In quick succession.
(ଯଥା—ଯୁଦ୍ଧକ୍ଷେତ୍ରରେ ତୋପ ଗୁଳା ଅବ ଦମାଦମ୍ ଚାଲିଲା ।)

ଦମାମା—ବୈଦେ. ବି (ଫା. ଦମାମାହ୍)—
Damāmā ଦମାଲୁ (ଦେଖ)
Damālu (See).

ଦମାଲୁ—ଦେ. ବି. [ଫା. ଦମାମାହ୍; ଭୁଲ-ଅର୍ବାଚୀନ ସଂ. ଦର୍ମମ-
Damālu (ଶବ୍ଦ କଳ୍ପଦ୍ରୁମ); କିମ୍ବା ଦମ୍ ଦମ୍ ଶବ୍ଦ ଅନୁକରଣ କିମ୍ବା
ଦମା; ଦମାମା; ଦମାମ୍; ଦମାଳ }—ଅନ୍ୟରୂପ ସଂ. ଦମ = ଦଣ୍ଡ;କାଠି ପିଟା ଯିବାରୁ]
ଏକପ୍ରକାର ବଡ଼ ନାଗରା—
दामा; दामामा, दमामा; दमामा A kind of big kettle-drum.
[ଦ୍ର—ଏହା କାଠର ପ୍ରାୟ ଦୁଇ ହାତ ବ୍ୟାସ ବିଶିଷ୍ଟ ବଡ଼ ହାଣ୍ଡିରେ
ଉଆର ବାଦ୍ୟ । ଏହାର ମୁହଁରେ ଚମଡ଼ା ବନ୍ଧା ହୋଇ ଚମଡ଼ାର
ମଝିରେ କରଣ ବୋଲାଯାଇ ଥାଏ; ଏହାକୁ ଦୁଇ ଖଣ୍ଡି କାଠିରେ
ଜଣେ ମନୁଷ୍ୟ ଦୁଇ ହାତରେ ପିଟିଲେ ଗମ୍ଭୀର ଦମ୍ ଦମ୍ ଶବ୍ଦ ହୁଏ ।]

ଦମା ହାର—ଦେ. ବି (ସଂ. ଦାମ)—ବଳା ହୋଇଥିବା ଦଉଡ଼ି ପରି ହାର
Damā hāra ବା କଣ୍ଠଭୂଷଣ; ଗୋପ; ସୂତାହାର—
दड़ीहार A rope-like necklace.

ଦମିତ—ସଂ. ବିଣ. (ଦମ୍ ଧାତୁ + କର୍ମ. ତ)—
Damita ୧ । ଶାସିତ—1. Controlled; governed.
୨ । ଭର୍ତ୍ସିତ—2. Chastised; reprimanded.
୩ । ବଶୀକୃତ—3. Subjugated.
୪ । ଭାର ବହନାଦି କ୍ଲେଶସହିଷ୍ଣୁ—
4. Capable of carrying loads; painstaking.

ଦମିବା - ଦେ. କ୍ରି. (ସଂସ୍କୃତ ଦମ୍ ଧାତୁ)—
Damibā ୧ । ଶାନ୍ତ ହେବା; ଶମିତ ହେବା—
(ଦମିଯିବା—ଅନ୍ୟରୂପ) 1 To be subdued.
दमा ୨ । ଥାନ୍ତ ହେବା—2. To cease; to stop.
दबना ଯେ ଭଳ କାଳ କର୍ମ କରି, ବନସ୍ତେ ଦମେ ହାଥୀ ନାଶ ।
[ଦମା(ମେ)ଇବା – ଣିଜନ୍ତରୂପ] ଜଗନ୍ନାଥ. ଭାଗବତ ।
୩ । ଦବି ଯିବା; ଭିତରକୁ ପଶିଯିବା—
3. To sink into; to sink down.
ଉଠାପି ଦମି ନଗା ଅରେ ମୋ ତଉ
ଅଛ ପୁଣ୍ୟର ପୁରସ୍କାର ଉଠଉ । ନନ୍ଦକିଶୋର. ନିର୍ଝରିଣୀ ।

ଦମୀ—ସଂ. ବି. ପୁଂ. (ଦମ୍ + ଶୀଳାର୍ଥେ. କର୍ତ୍ତୃ. ଇନ୍; ୧ମା. ୧ବ)—
Dami ୧ । ଜିତେନ୍ଦ୍ରିୟ—1. One who has his passions under control.

୨ । ସଂଯମୀ—2. One who practises self-control.
୩ । ଯେ ଦମନ କରେ; ଦମନଶୀଳ — 3. Controlling; checking.

ଦମେ—ଦେ. କ୍ରି. ବଣ (ଫା. ଦମ୍)—ବ୍ରସ୍ତାଏ; ରୁହେ—
Dame At a stretch.
একদম एकदम

ଦମ୍ପତି—ସଂ. ବି. (ଜାୟା+ପତି; ଦ୍ୱନ୍ଦ୍ୱ ସମାସ; ନିପାତନସିଦ୍ଧ; ଅନ୍ୟରୂପ
Dampati ଜମ୍ପତି ଓ ଜାୟାପତି)—
୧ । ପତି ପତ୍ନୀ; ଜାୟାପତି; ବିବାହିତ ସ୍ୱାମୀସ୍ତ୍ରୀ; ସ୍ତ୍ରୀ ଓ ପୁରୁଷ- 1. A married couple; husband and wife.
୨ । ଜୀବଙ୍କର ଏକ ଯୋଡ଼ି; ଅଣ୍ଡିରା ମାଈ ଦୁହେଁ— 2. A couple of animals; one male and its companion female animal
ଦେ. ବଣ—ସ୍ୱାମୀସ୍ତ୍ରୀ ଭାବରେ ମିଳିତ — Associated as husband and wife.
ଦମ୍ପତି ପଦ ସ୍ୱର୍ଗ ସମ୍ମତି ହୋଇ ଦମ୍ପତି ମୋରେ ।
ଉପେନ୍ଦ୍ର ଭଞ୍ଜ. ପ୍ରେମସୁଧାନିଧି ।
[ଦ୍ର—ସଂସ୍କୃତରେ ଏ ଶବ୍ଦର ଦ୍ୱିବଚନାନ୍ତରୂପ ଦମ୍ପତୀ ବ୍ୟବହୃତ ।]

ଦମ୍ପତି କଳହ—ସଂ. ବି. (ଦମ୍ପତି+କଳହ; ଷଷ୍ଠୀ ତତ୍)—
Dampati kalaha ୧ । ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳି— 1. Quarrel between husband and wife.
୨ । ଅଳ୍ପକ୍ଷଣ ସ୍ଥାୟୀ କଳହ -- 2. Short-lived quarrel.

ଦମ୍ଭ୍ (ଧାତୁ)—ସଂ—ଗର୍ବ କରିବା—
Dambh (root) To be proud.

ଦମ୍ଭ—ସଂ. ବି. (ଦମ୍ଭ୍ ଧାତୁ+ଭାବ. ଅ)—
Dambha ୧ । ଦର୍ପ; ଅହଙ୍କାର—1. Pride; arrogance; haughtiness.
୨ । ଆତ୍ମସ୍ୱରତା—2. Selfishness.
୩ । କପଟତା—3. Hypocricy.
୪ । ଦୁଷ୍ଟତା—4. Wickedness; wantonness.
୫ । ଶଠତା—5. Deception; fraud; deceitfulness.
୬ । ଦୈତ୍ୟବିଶେଷ—6. Name of a demon.
୭ । କପଟ; ବ୍ୟାଜ; ଛଳନା— 7. Feigning; guise.
ମିଳିନ ଲତା ଦମ୍ଭ ବନିତା ବଦନେ ନିଶ୍ୱ ମାରେ ।
କବିସୂର୍ଯ୍ୟ. କଂଶୋଦ୍ଧରଣ୍ଣ, ମ ଗୀତ ।
୮ । ଲୋକଙ୍କୁ ଦେଖାଇବା ଉଦ୍ଦେଶ୍ୟରେ କରାଯିବା ବୃଥା ଆଡ଼ମ୍ବର—8. Outward show,
ଦେ. ବି—୧ । ଧୈର୍ଯ୍ୟ—1. Patience.
ରେ ଦୁଃଖି ଧନ, ଦମ୍ଭ ଦେଇବାକୁ ସଂନା କଲ ଛନ୍ଦ ।
କବିସୂର୍ଯ୍ୟ କଂଶୋଦ୍ଧରଣ୍ଣ. ଦ ଗୀତ ।
୨ । ସହିବାର କ୍ଷମତା—2. Fortitude; forbearance.
୩ । କଠିନତା—3. Hardness.
୪ । ଟାଣପଣ; ଦୃଢ଼ତା—4. Firmness; stiffness.
ଦମ୍ଭେ କରି ହେବା ନାହିଁ ଅଣ । କବିସୂର୍ଯ୍ୟ. କଂଶୋଦ୍ଧରଣ୍ଣ ।
୫ । ଦାମ୍ଭିକତା; ଦୁଃସାହସିକତା—5. Bravado; daring.
୬ । ହିମ୍ମତ; ହେମତ—6. Encouragement.
୭ । ପୌରୁଷ; ତେଜ—7. Vigour; spirit.
୮ । ବିପଦରେ ନ ଟଳିବା ବା ବିଚଳିତ ନ ହେବା -- 8. The state of being unshaken in danger.
ଦେ. ବଣ—୧ । ଦୃଢ଼—1. Firm; stiff; unshaken.
୨ । ସୁସ୍ଥ—2. Refreshed; recuperated.
୩ । ଟାଣ; ମଜଭୁତ—3. Strong.
ତାହା ପାଶରେ ଭଲ ହୋଇଛ ଦଧିମୁଖ ସଂଗ୍ରାମରେ ଅଟଇ ଦମ୍ଭ—
ଭଗନାଥ. ବଡଚନ୍ଦ୍ରମାଦିଷ ।
୪ । ଧୀର; ଧୈର୍ଯ୍ୟଶୀଳ—4. Patient.
୫ । ଉଚ୍ଚ ଅର୍ଥାତ୍ ଗମ୍ଭୀର ସ୍ୱରଯୁକ୍ତ— 5. High-sounding; loud.
ମୂରଜ ଧନ ଦମ୍ଭ ଗରଜନ, କେ ସହିବ ତୋହ୍ମ ମୋହିତ ମନ—
କବିସୂର୍ଯ୍ୟ. ସଙ୍ଗୀତ ।

ଦମ୍ଭକ—ସଂ.ବଣ. (ଦମ୍ଭ୍ ଧାତୁ+କର୍ତ୍ତୃ. ଅକ)—୧ । ଗର୍ବୀ; ଅହଂକୃତ—
Dambhaka 1. Arrogant; proud.
୨ । ବଞ୍ଚକ; ପ୍ରତାରକ—2. Deceitful.

ଦମ୍ଭ କରିବା—ଦେ. କ୍ରି—୧ । ଗର୍ବ କରିବା—
Dambha karibā 1. To be arrogant.
দম্ভকরা, দম্ভবাঁধা ୨ । ମନରେ ହେମତ ବା ସାହସ ବାନ୍ଧିବା—
दंभ करना 2. To fortify one's mind with courage.
(ଦମ୍ଭ ବାନ୍ଧିବା—ଅନ୍ୟରୂପ) ୩ । ଅନ୍ୟର ସାହାଯ୍ୟ ଉପରେ ନିର୍ଭର କରିବା— 3. To depend or count upon another's help

ଦମ୍ଭ ଦେବା—ଦେ. କ୍ରି—୧ । ସାହସ ଦେବା; ହିମ୍ମତ ଦେବା; ଉତ୍ସାହିତ
Dambha debā କରିବା—1. To encourage; to infuse
দম্ভ দেওয়া spirit into another.
हिम्मत देना ୨ । ଅଭୟବାଣୀ ଦେବା—2. To give assurance of safety, help or patronage.

ଦମ୍ଭ ଧରା—ଦେ. ବଣ—ଧୈର୍ଯ୍ୟଶାଳୀ; ଯେ ଧୈର୍ଯ୍ୟ ଧରି ରହିପାରେ—
Dambha dharā Patient; forbearing.
দম্ভ ধরা हिम्मतवाला
(ଦମ୍ଭ ସେନା; ଦମ୍ଭବାଲା—ଅନ୍ୟରୂପ)

ଦମ୍ଭ ଧରିବା—ଦେ. କ୍ରି—୧ । ମନରେ ସାହସ ବା ହିମ୍ମତ ବାନ୍ଧିବା—
Dambha dharibā 1. To fortify one's mind with courage.
দম্ভ ধরা
हिम्मत करना ୨ । ଧୈର୍ଯ୍ୟ ଧରିବା; ସମ୍ଭାଳିବା —
ଦମ୍ଭ ସେଇବା, ଦମ୍ଭ ବାନ୍ଧିବା } ଅନ୍ୟରୂପ 2. To be patient; to wait patiently.

ଦମ୍ଭ ପାଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତିଠାରୁ ବଳ, ସାହସ ବା ସାହାଯ୍ୟର ପ୍ରତିଶ୍ରୁତି ପାଇବା—To be encouraged or assured by another; to be patronised by another; to be supported by hopes of help from another.
Dambha pāibā
दम्भ पाओया
हिम्मत पाना

ଦମ୍ଭହରା—ଦେ. ବିଣ. ସ୍ତ୍ରୀ—ଧୈର୍ଯ୍ୟହାରିଣୀ—One who steals away one's patience or courage.
Dambhaharā

ମୋ ସଙ୍ଗେ ଥିଲା ଦମ୍ଭହରା ରାତରେ—ଭକ୍ତ. ପ୍ରେମସୁଧାନିଧି ।

ଦମ୍ଭିଲା—ଦେ. ବିଣ. (ସଂ. ଦମ୍ଭୀ)—୧ । ଟାଣୁଆ; ଶକ୍ତ—1. Stiff; hard.
Dambhilā
দম্ভিলা ୨ । ବଳୁଆ—2. Strong.
दंभी ୩ । ସାହସୀ—3 Bold.
୪ । ଦାମ୍ଭିକ—4 Arrogant; proud.

ଦମ୍ଭୀ—ସଂ. ବିଣ. ପୁଂ. (ଦମ୍ଭ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Dambhī ୧ । ଗର୍ବକାରୀ; ଅହଂକାରୀ—1. Arrogant; haughty; proud.
(ଦମ୍ଭିନୀ—ସ୍ତ୍ରୀ)
୨ । ଶଠ; ପ୍ରବଞ୍ଚକ; ପାଷଣ୍ଡ; ଦୁଷ୍ଟ—2. Fraudulent; deceitful; wicked.

ଅରମ୍ଭୀ ଦମ୍ଭୀ ଖଳ ପ୍ରାଣୀ
ସେ ବଡ଼ ଏ ସଂସାରେ ପୁଣି—ଜଗନ୍ନାଥ, ଭାଗବତ ।

୩ । ଦାମ୍ଭିକ—3. Boastful; blustering.

ଦମ୍ଭୋଳି-ସଂ. ବି. (ଦମ୍ଭ=ଅହଂକାର+ଲୀ ଧାତୁ=ନାଶ କରିବା+କର୍ତ୍ତୃ. କ୍ୱିପ୍)—୧ । ବଜ୍ର; ଅଶନି—1. Thunderbolt.
Dambholi
୨ । ଘଡ଼ଘଡ଼ି—2. Thunder.

ଦମ୍ୟ—ସଂ. ବିଣ. (ଦମ୍ ଧାତୁ+କର୍ମ. ଯ)—
Damya ୧ । ଦମନୀୟ; ଶାସନୀୟ; ଶାସ୍ୟ—1. Controllable; fit to be subdued or checked.
ସଂ. ବି—୧ । ଷୋଳ ଷଣ୍ଢ—1. A young bull.
୨ । ଅଣ୍ଡିରା ବାଛୁରୀ—2. A bull-calf.

ଦମ୍ୟ ଗୁରଲଡ଼ା ଭୂ-ପବନ ବୃଦ୍ଧା ଶ୍ରୀଅଙ୍ଗ କି ସୁନ୍ଦର ।
କବିସୂର୍ଯ୍ୟ. ସଙ୍ଗୀତ ।

୩ । ଦାମୁଡ଼ି—3. A young bullock; steer.

ଦୟ୍ (ଧାତୁ)—ସ—୧ । ଅନୁଗ୍ରହ କରିବା—1. To favour.
Da-y (root) ୨ । ଦୟା କରିବା—2. To be kind or merciful
୩ । ଦାନ କରିବା—3. To give.
୪ । ଗମନ କରିବା—4. To move; to go,
୫ । ଗ୍ରହଣ କରିବା—5. To accept.
୬ । ହିଂସା କରିବା (କ୍ୱଚିତ୍)—6. To injure.
୭ । ରକ୍ଷା କରିବା (କ୍ୱଚିତ୍)—7. To protect.

ଦୟମାନ—ସଂ. ବିଣ. ପୁଂ. (ଦୟ୍ ଧାତୁ+କର୍ତ୍ତୃ. ଶାନଚ୍)—
Dayamāna ଯେ ପରଦୁଃଖରେ କାତର ହେଉଥାଏ—Pitying; sympathising.
(ଦୟମାନା—ସ୍ତ୍ରୀ)

ଦୟା—ସଂ. ବି. ସ୍ତ୍ରୀ. (ଦୟ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Dayā ୧ । ପରଦୁଃଖକାତରତା; ଅନୁକମ୍ପା—1. Compassion; pity; commiseration; sympathy.
(ଦୟି—ଅନ୍ୟରୂପ)
୨ । କୃପା; କରୁଣା—2. Kindness; mercy.
୩ । ସ୍ନେହ—3. Affection; love.

ଦୟା କରନ୍ତ ବଢ଼ ଡର
ଜନ୍ତୁବାସେ ରଖି ତରମ୍ଭିତ । —କବିସୂର୍ଯ୍ୟ. ନଶୋସ୍ୱବନ୍ଧ ଦ ଗୀତ ।

୪ । ଅନୁଗ୍ରହ—4. Favour; grace.

ଦେ. ବି. (ଅନାଦରାର୍ଥକ)—୧ । ଦୈତ୍ୟାରି ଓ ଦୟାନିଧି ନାମକ ବ୍ୟକ୍ତିଙ୍କ ଡାକ ନାମ—1. A nickname by which Daityāri and Dayānidhi are called.
(ଦୟି—ଆଦରାର୍ଥକ)
୨ । (ସଂ. ଦଧିଭଦ୍ରା; ସଂ. ଦଧୀଚ)—ଦଇଆ ନଈ; ପୁରୀଜିଲ୍ଲାର କୁଆଖାଇ ନଦୀର ଶାଖାନଦୀ 2. Name of a river in the district of Puri branching off from the Kuākhāi river.

ଧରଇ ଦର୍ପଣ ଦୟା ସ୍ରୋତସ୍ୱତୀ । ରାଧାନାଥ, ଚିଲିକା ।

[ଦ୍ର—ଦଧୀଚ ମୁନିଙ୍କ ନାମରୁ ଦୟା ହୋଇଅଛି । ଏହାର ପ୍ରାଚୀନ ନାମ ଦଧିଭଦ୍ରାରୁ ଅପଭ୍ରଷ୍ଟ ହୋଇ ଦଧିଆ, ପରେ ଦହିଆ, ତତ୍‌ପରେ 'ଦୟା' ନାମ ହୋଇଥିବାର କେହିକେହି କହନ୍ତି । ଏହି ନଦୀକୂଳରେ ଦଧୀଚ ମୁନିଙ୍କ ଆଶ୍ରମ ଥିବାର ସ୍ଥାନୀୟ କିମ୍ବଦନ୍ତୀ ଅଛି । କବିବର ରାଧାନାଥ ତାଙ୍କ 'ପାର୍ବତୀ' ଶୀର୍ଷକ ପଦ୍ୟରେ ଏ କିମ୍ବଦନ୍ତୀ ଉଲ୍ଲେଖ କରି ଅଛନ୍ତି । ଯଥା :—

ଦୟା-ତୀର ମନ ଦଧୀଚ ପଦ୍ମର ପ୍ରକ୍ଷାଳନେ ପୂତନୀର ।
ବହେ ପାଦେ ଯାର ଦୟା ପ୍ରବାହିଣୀ ସୁପ୍ରସନ୍ନା ସୁଗମ୍ଭୀର ।
ରାଧାନାଥ, ପାର୍ବତୀ ।

ଦୟାକର—ସଂ. ବି. (ଦୟା+ଆକର; ୬ଷ୍ଠୀ ତତ୍)—
Dayākara ଦୟାର ଆଧାର; କରୁଣାକର—An ocean of pity (so to say).
ବିଣ—ଦୟାମୟ—Full of kindness.

ଦୟା କରି—ଦେ. କ୍ରି. ବିଣ—ଅନୁଗ୍ରହ ପୂର୍ବକ; ଦୟାପ୍ରକାଶ ପୂର୍ବକ—
Dayā kari Kindly; as a matter of grace.
দয়াকরে दयाकरके

ଦୟା କରିବା—ଦେ. କ୍ରି—୧ । ଅନୁଗ୍ରହ କରିବା—
Dayā karibā 1. To show favour.
দয়াকরা ୨ । ଅନ୍ୟପ୍ରତି କରୁଣାର୍ଦ୍ର ହେବା—
दयाकरना 2. To take pity upon another.

ଦୟା ଦାକ୍ଷିଣ୍ୟ—ସଂ. ବି. (ଦ୍ୱନ୍ଦ୍ୱ; ଦୟା+ଦାକ୍ଷିଣ୍ୟ)—ଅନୁଗ୍ରହ ଓ ସୌଜନ୍ୟ—Favour and gentlemanly behaviour.
Dayā dākshiṇya

ଦୟା ଦାସ—ଦେ. ବି—ଓଡ଼ିଆ କବି; ପଞ୍ଚସଖା ଅନନ୍ତଙ୍କ ଶିଷ୍ୟ, 'ଅନନ୍ତସାଗର ଗୀତା'ର ରଚୟିତା (ଜଗବନ୍ଧୁ, ପ୍ରାଚୀନ ଉତ୍କଳ)—Author of Ananta-sāgaragītā; an Oria poet.
Dayā dāsa

ଦୟା ଦୃଷ୍ଟି—ସ. ବ.—(ମ. ପ. ଲୋ; ଦୟା+ଦୃଷ୍ଟି)—ଦୟାପୂର୍ଣ୍ଣ ଦୃଷ୍ଟି;
Dayā drushṭi କୌଣସି ବ୍ୟକ୍ତି ପ୍ରତି କରୁଣା ବା ଅନୁଗ୍ରହପୂର୍ଣ୍ଣ ଭାବ—Kind consideration shown to a person; favourable look

ଦୟା ଧର୍ମ—ସ. ବ. (ଦୟା ରୂପ ଧର୍ମ; ରୂପକ)—୧ । ଦୟାରୂପ ଗୁଣ—
Dayā dharma 1. The quality of kindness.
୨ । ଦୟା—2. Kindness.
୩ । (ଦ୍ୱନ୍ଦ୍ୱ) ଦୟା ଓ ଧର୍ମ—
2. Pity and piety

ଦୟା ଧରମ—ଦେ. ବ. (ସ. ଦୟା ଧର୍ମ)—୧ । ଦାତୃତ୍ୱ—
Dayā dharama 1. Liberality.
দয়া ধরম ୨ । ଦାନ—2. Gift.
दयाधरम ୩ । ଦୟା ଧର୍ମ (ଦେଖ)—
3. Dayā dharma (See)

ଦୟା ନିଧାନ—ସ. ବ.—(ଦୟା+ନିଧାନ; ୬ଷ୍ଠୀ ତତ୍)—ଦୟାର
Dayā-nidhāna ଆଧାର; ଦୟାସାଗର; ଅତି ଦୟାଶୀଳ ବ୍ୟକ୍ତି—
An abode of pity; a very kind person.
ବିଣ.—ଦୟାମୟ—Full of kindness.

ଦୟା ନିଧି—ସ. ବି. ଓ ବିଣ. (ଦୟା+ନିଧି; ୬ଷ୍ଠୀ ତତ୍)—
Dayā nidhi ଦୟାକର (ଦେଖ)—Dayākara (See)
ଦେ. ବି. ପୁଂ.—ପୁରୁଷର ନାମ—
A name given to males.

ଦୟା ପଡ଼ିବା—ପ୍ରାଦେ. (ଗଞ୍ଜାମ) କ୍ରି.—ଦୟାର୍ଦ୍ର ହେବା—
Dayā paṛibā To be moved with pity; to be moved to compassion.

ଦୟା ପାଇବା—ଦେ. କ୍ରି.—ଦୟା କରିବା; ଅନୁଗ୍ରହ କରିବା—
Dayā pāibā To favour; to be moved with pity; to show pity.
দয়াকরা
दया करना ଦୟା ପାଇ ତାଙ୍କୁ ନ ମାର ଭଣିଲେ ଭୂଭୃତ୍‌ପତିଙ୍କୁ ।
ପ୍ରାଚୀ ପ୍ରଭାତ. ଶଶିସେଣା ।

ଦୟା ପାତ୍ର—ସ. ବଣ. (ଦୟା+ପାତ୍ର; ୬ଷ୍ଠୀ ତତ୍)—ଦୟାର ପାତ୍ର; ଦୟାର
Dayā pātra ଯୋଗ୍ୟ—Deserving pity.
ବ.—ଅନ୍ୟଠାରୁ ଦୟା ପାଇବାର ଉପଯୁକ୍ତ ବ୍ୟକ୍ତି—
An object of pity or compassion.

ଦୟାବନ୍ତ—ବଣ. ପୁଂ (ସ. ଦୟାବତ୍)—ଦୟାବାନ୍ (ଦେଖ)
Dayābanta (ଦୟାବନ୍ତୀ—ସ୍ତ୍ରୀ) Dayābān (See)

ଦୟା ବସିବା—ଦେ. ବ.—ମନରେ ଦୟାର ଉଦ୍ରେକ ହେବା; ଦୟା
Dayā basibā ଜନ୍ମିବା—Being moved to compassion.
দয়া আসা (ଯଥା—ମୋ ବିପଦ ଦେଖି ତାଙ୍କ ମନରେ ଦୟା ବସୁ ନାହିଁ ।)
दयाआना (ଦୟା ଆସିବା, ଦୟା ଜନ୍ମିବା—ଅନ୍ୟରୂପ)

ଦୟା ବହିବା—ଦେ. କ୍ରି.—ଅନ୍ୟ ପ୍ରତି କରୁଣାର୍ଦ୍ର ହେବା—
Dayā bahibā To take pity; to be moved.
দয়াকরা ଦୟା ନ ବହିଲେ ଶୁଣି ଅବଳା ରୋଦନ;
दया करना ରାଧାନାଥ. ବେଣୀ ସଂହାର ।

ଦୟାବାନ୍—ସ. ବଣ. ପୁଂ. (ଦୟା+ଅସ୍ତି ଅର୍ଥରେ ବତ୍; ୧ମା. ୧ବ)—
Dayābān କରୁଣାମୟ; କୃପାଯୁକ୍ତ—Kind
(ଦୟାବତୀ—ସ୍ତ୍ରୀ) (ଦୟାବତ୍ତ୍ୱ—ବି) .

ଦୟା ବୀର—ସ. ବ.—(ଦୟା ବିଷୟରେ ବୀର ଅର୍ଥାତ୍ ଶ୍ରେଷ୍ଠ ବା ଆଦର୍ଶ;
Dayā bira ୭ମୀ ତତ୍)—ଯେଉଁ ବ୍ୟକ୍ତି ପର ପ୍ରତି ଦୟା ଦେଖାଇବାରେ ଜଗଦ୍‌ବିଦିତ; ଯେଉଁ ବ୍ୟକ୍ତି ପରର ଦୁଃଖ ବିମୋଚନ କରିବା ପାଇଁ ଆପଣାର ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରି ପାରେ—One who is ready to sacrifice his life to show pity to others.
ଦୟାବୀର ଧୀର ମୁକ୍ତାକୁ ଦଧୀଚ,
ଅଚ୍ୟୁତେଶ ଫଳେ ତୁଚ୍ଛ ସାର ସାଚ । ରାଧାନାଥ. ଚିଲିକା ।

ଦୟା ଭାଜନ—ସ. ବିଣ. (ଦୟା+ଭାଜନ; ୬ଷ୍ଠୀ ତତ୍)—ଦୟାର ପାତ୍ର;
Dayā bhājana ଦୟା ପାଇବାର ଯୋଗ୍ୟ—
Deserving pity.

ଦୟାମୟ—ସ.ବିଣ. ପୁଂ. (ଦୟା+ଅସ୍ତି, ଯାହାଠାରେ ଏହି ଅର୍ଥରେ ମୟ)—
Dayāmaya କରୁଣାମୟ; କୃପାଯୁକ୍ତ—
(ଦୟାମୟୀ—ସ୍ତ୍ରୀ) Very kind; full of kindness.
ସ. ବି.—ପରମେଶ୍ୱର; ଦୟାସାଗର ଭଗବାନ୍—
God, the Merciful.

ଦୟା ମାୟା—ଦେ. ବ. (ଅନୁଚର ଶବ୍ଦଦ୍ୱୟ; ଦୟା+ମାୟା)—
Dayā māyā ଦୟା ଓ ମାୟା; ଦୟା ଓ ମମତା—
দয়ামায়া Kindness and a feeling of attachment.
दयामाया [ଦ୍ର—ଦୟା=ପରପାଇଁ ସହାନୁଭୂତି; ମାୟା—ଆପଣାର ସୁଖ ଲାଭପାଇଁ ପରପାଇଁ ସହାନୁଭୂତି; ଦୟା ନିର୍ମଳ କିନ୍ତୁ ମାୟା ଆବିଳ । ଦୟା, ସ୍ନେହ, ପ୍ରେମ, କୃପା ଏମାନ ସ୍ୱର୍ଗୀୟ; ମାୟା, ମମତା ଏମାନ ପାର୍ଥିବ ।]

ଦୟା ରତ୍ନ—ସ. ବ. (ଦୟା+ରତ୍ନ)—ବୌଦ୍ଧ ଧର୍ମଗ୍ରନ୍ଥବିଶେଷ—
Dayāratna A Buddhistic religious writing (Howells).

ଦୟାର୍ଦ୍ର—ସ ବଣ. ପୁଂ (ଦୟା+ଆର୍ଦ୍ର; ୩ୟା ତତ୍)—
Dayārdra ଦୟାଦ୍ୱାରା ଦ୍ରବୀଭୂତ; ଦୟାସିକ୍ତ—
(ଦୟାର୍ଦ୍ରା—ସ୍ତ୍ରୀ) (ଦୟାର୍ଦ୍ରତା—ବ) Melted with or saturated with kindness.

ଦୟାଳ—ଦେ. ବ—ଦଇଆଳ (ଦେଖ)
Dayāḷa Daiāḷa (See)
দয়াল ବଣ—ଦୟାଳୁ (ଦେଖ)
दयाल Dayāḷu (See)
ଶ୍ରୀବତ୍ସବକ୍ଷ ବନମାଳ; ଭୂତକୁ ପରମ ଦୟାଳ ।
ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

ଦୟାଳୁ—ସ. ବଣ. (ଦୟା+ଶୀଳାର୍ଥେ ଆଳୁ)—
Dayāḷu ୧ । କାରୁଣିକ; ଦୟାବାନ୍—1. Kind; merciful.
(ଦୟାଳୁତା—ବ) ୨ । ସ୍ନେହବାନ୍—2. Affectionate.
୩ । ପରଦୁଃଖକାତର—
3. Compassionate; sympathetic.

୪ । ଅନୁଗ୍ରହକାରୀ—4. Showing favour.

୫ । ଅନୁକୂଳ—5. Favourable.

ଦେ· ବି—ପକ୍ଷିବିଶେଷ; ଦଇଅଲ (ଦେଖ)—
A kind of bird; Daiāla (See)

ସାରି, ଶୁଆ, ଧୋମା, ଭୁଇଁ, ଡଙ୍କାଶୁଖ,
ଦୟାଳୁ ପୁଣି ମୟୂର । ସୁଧାକର. ପ୍ରଭାତ ।

ଦୟାଶିଳା—ବିଶେ· ବି—ପଥର ପରି ଦୟାବିହୀନ—
Dayāśilā Pitiless like stone.

ଦୟାଶିଳା ନୋହିବୁ ହୋଇବୁ ଦୟାଶୀଳା । ଉପେନ୍ଦ୍ର ଭଞ୍ଜ. ପ୍ରେମସୁଧାନିଧି ।

ଦୟାଶୀଳ—ସଂ. ବିଣ. ପୁଂ. (ଦୟା ଅଟେ ଶୀଳ=ସ୍ୱଭାବ ଯାହାର)—
Dayāśīla ସ୍ୱଭାବତଃ ଦୟାଳୁ—Kind by nature.
(ଦୟାଶୀଳା—ସ୍ତ୍ରୀ) (ଦୟାଶୀଳତା—ବି)

ଦୟା ସାଗର—ସଂ. ବିଣ. (ଦୟା+ସାଗର; ୬ଷ୍ଠୀ ତତ୍ ; ଯାହା ହୃଦୟରେ
Dayā sāgara ସାଗରପରି ଅସୀମ ଦୟା ଥାଏ)—ଅତ୍ୟନ୍ତ ଦୟାଳୁ—
Very very kind (literally ocean of kindness.)

ଦୟା ସିନ୍ଧୁ—ସଂ. ବିଣ. (ଦୟା+ସିନ୍ଧୁ; ୬ଷ୍ଠୀ ତତ୍)—ଦୟା ସାଗର (ଦେଖ)
Dayā sindhu Dayā sāgara (See)

ଦୟିତ—ସଂ. ବିଣ. ପୁଂ. (ଦୟ୍ ଧାତୁ=ସ୍ନେହ କରିବା+କର୍ମ. ତ)—
Dayita ୧ । ପ୍ରିୟ; ସ୍ନେହପାତ୍ର—1. Dear, beloved.
(ଦୟିତା—ସ୍ତ୍ରୀ) ୨ । କମନୀୟ—2. Beautiful; charming.

ବି. ପୁଂ—୧ । ବଲ୍ଲଭ; ପ୍ରେମିକ—1. A lover.

ସ୍ୱଭାବର କଥା ଜଗତେ ବଦିତ
ପ୍ରେମବଳେ ସିନା ଲଭଇ ଦୟିତ । ସୁଧାକର. ନନ୍ଦକେଶରୀ ।

୩ । ପତି; ସ୍ୱାମୀ—3. Husband.

ଦେ. ବି. (ସଂ. ଦୈତ୍ୟ)—ଦୈତ୍ୟ; ଅସୁର—Demon.

ଦୟେ—ଦେ. (ପ୍ରାଚୀନ ପଦ୍ୟ) ବି. (ସଂ. ଦୟା)—ଦୟା—
Daye Kindness.

ଯେଉଁ ପ୍ରଭୁ ବନ୍ଦନ୍ତ ତାହାଙ୍କୁ କଲେ ଦୟେ । ପ୍ରାଚୀ. ଭକ୍ତିରସାମୃତ ।

ଦୟେଣା—ଦେ. ବି—ଦଅଣା (ଦେଖ)
Dayeṇā Da-aṇā (See)
(ଦୟୁଣା—ଅନ୍ୟରୂପ). ଭୂଷ କବୀର ଭୁବଅନା
ମଣି ନାଗେଶ୍ୱର ଦୟେଣା । ଭୂପତ. ପ୍ରେମପଞ୍ଚାମୃତ ।

ଦର୍କିବା—ପ୍ରାଦେ. (ସମ୍ବଲପୁର) କ୍ରି—(ଲୁଗା ଆଦି) ଫାଟିଯିବା ବା
Dar-kibā ଚିରିଯିବା—To be torn; to be rent.

ଦର—ସଂ. ବି. ପୁଂ. କ୍ଲୀ. (ଦୃ ଧାତୁ=ବିଦୀର୍ଣ୍ଣ ହେବା+କର୍ତ୍ତୃ. ଅ)—
Dara ୧ । ଡର; ଭୟ—1. Fear; alarm; dread.

୨ । (+କର୍ମ. ଅ) ଗର୍ତ୍ତ; ଗହ୍ୱର; ଗୁମ୍ଫା—
2 Hole; cave; cavity,

୩ । କମ୍ପ—3. Quaking; trembling.

୪ । ଶଙ୍ଖ—4. Conch shell.

ଭୁଜଙ୍ଗ-ଅଙ୍ଗ-ବିଗାଡ଼ି-ପୁର ଦର-ନାଦ ଦର-ପ୍ରଦ ହୋଇ—
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୫ । ବିଦାରଣ—5. Tearing.

୬ । ଫାଟ—6. A crack; fissure.

ଅବ୍ୟୟ—୧ । ଅଳ୍ପ; ସାମାନ୍ୟରେ; ଈଷତ୍—
1. Partially; partly.

ଉଦରରେ ଦର-ସ୍ପୃଷ୍ଟ ଅଧରେ ଯେଉଁ ଅଧ କରେ କ୍ରୀଡ଼ା—
ସୁଧାକର. ପ୍ରଭାତ ।

[ଦ୍ର—ଏହି 'ଦର' ଶବ୍ଦ ବିଶେଷଣ ପଦର ପୂର୍ବରେ ଯୁକ୍ତ ହୋଇ ବ୍ୟବହୃତ ହୁଏ । ଯଥା—ଦର-ହସିତ, ଦର-ମୁକୁଳିତ ।]

ଦେ· ବି—୧ । (ସଂ. ଦର=ଭୟ; ଅସୁରମାନେ ଭୟପ୍ରଦ ଥିବାରୁ ଏଠାରେ ଏ ଅର୍ଥ; କିମ୍ବା ଦର=ଶଙ୍ଖ ଥିବାରୁ)
ଶଙ୍ଖାସୁର—1. Sankhāsura.

ବନ୍ଦ ବନର୍ଦ୍ଦନେ ଆମ୍ଭେ ଗୁଣନିଧି
ବଧି ମୁଦେ ଦର ନାଶେ ଝଡ—ଭଞ୍ଜ. ବୈଦେହୀଶବିଳାସ ।

ଦର
ଦ୍ର ୨ । (ସଂ. ଦ୍ରବ୍ୟରୁ କି ? ତୁଳନାକର ଆ. ଦର୍)
ବିନିମୟ; ମୂଲ୍ୟ; ଦାମ—2. Price; value; worth.

ମଜଲିସ ଆଗରେ ଦର ଛିଣ୍ଡିଲା ଅଢ଼େଇ ଟଙ୍କା—
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

[ଦ୍ର—ଏହି ଅର୍ଥରେ ଦର ଶବ୍ଦ ଆରବୀରୁ ଗୃହୀତ ।]

୩ । ଭାଉ; ମୂଲ୍ୟର ହାରହାରି—
3. Rate of the price of a thing.

୪ । ବଜାର ଭାଉ—4. Market-rate.

୫ । ପ୍ରଚଳିତ ଦାମ—5. Prevailing rate.

୬ । ଶ୍ରେଣୀ; ଥାଟ—6. Standard; rank.

(ଯଥା—ସେ ଯେଉଁ ଦରର ଲୋକ ତା ପ୍ରତି ଶିଷ୍ଟାଚାର ଅନାବଶ୍ୟକ ।)

ଦେ. ବିଶେଷଣ. (ଅନ୍ୟ ବିଶେଷଣ ଶବ୍ଦ ପୂର୍ବେ ବ୍ୟବହୃତ; ତୁଳ—ସଂ. ଅର୍ଦ୍ଧ)—୧ । ଅର୍ଦ୍ଧ—
1. A prefix meaning half.

୨ । (ସଂ. ଦର) ଅସମ୍ପୂର୍ଣ୍ଣରୂପେ—2. Incompletely.

[ଦ୍ର—ଏହି 'ଦର' ଶବ୍ଦ ଯେପରି କେତେକ ଉଦ୍ଦିଷ୍ଟ ସଂସ୍କୃତ ବିଶେଷଣ ଶବ୍ଦର ପୂର୍ବରେ ଯୁକ୍ତ ହୋଇ ଈଷତ୍ ବା ଅସମ୍ପୂର୍ଣ୍ଣତା ଅର୍ଥ ବ୍ୟକ୍ତ କରେ ସେହିପରି କେତେକ ଦେଶଜ ବିଶେଷଣ ଶବ୍ଦର ପୂର୍ବପଦରୂପେ ସେହି ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ । ଯଥା—ଦରସିଝା, ଦରଖିଆ, ଦରହଗା, ଦରଶୁଆ, ଦରପୋଡ଼ା, ଦରପାଚିଲା, ଦରଅଉଟା, ଦରଆଉଜା, ଦରହସା, ଦରଗାଡ଼ୁଆ, ଦରକଣ୍ଡା, ଦରଫୁଟା ଇତ୍ୟାଦି ।]

୩ । ବହୁପରିମାଣରେ; ଅଜସ୍ରଭାବରେ—
3. Profusely; copiously.

(ଯଥା—ଦରବିଗଳିତ ଅଶ୍ରୁଧାର ଝରଝର ବହେ ।)

ଦର ଅଶ୍ରୁ ବାରି ଧାରେ
ବହି ଯାଇ ପଦ୍ମପଲ୍ଲବସ୍ୱଚ୍ଛ ବକ୍ଷେ ପଡ଼େ ଝରଝର—
ନନ୍ଦକିଶୋର. ସୀତାବନବାସ ।

ଦରଆଉଜା—ଦେ· ବିଣ—ଅର୍ଦ୍ଧମୁଦ୍ରିତ (ଦ୍ୱାର)—
Daraāujā Half shut (door).
আধাখুলা अधखुला

ଦରଅଉଟା—ଦେ. ବଣ. (ସ. ଅର୍ଦ୍ଧ ଆବର୍ତ୍ତିତ)—ଯେଉଁ ଦୁଧ
Dara-auṭā ସମ୍ପୂର୍ଣ୍ଣରୂପେ ଅଉଟା ହୋଇ ନ ଥାଏ—
Partially boiled (milk).

ଦରକ—ସ. ବିଣ. (ଦର+ଅଚ୍ଛ ଅର୍ଥରେ କ)—ଭୀରୁ—
Daraka Timid; cowardly.

ଦରକଞ୍ଚା—ଦେ. ବଣ—୧ । ଦରପାଚିଲା (ଦେଖ)
Darakañchā 1. Darapāchilā (See)
दरकाँचा; दरकोंच ୨ । ପକ୍ୱଫଳ ମଧ୍ୟରେ ରହିଯାଇ ଥିବା ଅପରିପକ୍ୱ
अधूरा (ଅଂଶ)—2.(a portion of a ripe fruit which is) Still raw.
୩ । ପାକସିଦ୍ଧ ବସ୍ତୁ ମଧ୍ୟରେ ରହିଯାଇ ଥିବା ଅପରିପକ୍ୱ(ଅଂଶ)-
3. (a portion of a cooked or boiled thing which is) Still hard.

ଦରକଣ୍ଟିକା—ସ. ବି. ସ୍ତ୍ରୀ—ଶତାବରୀ; ଛତାଉରି—A hardy
Darakanṭikā thorny creeper having succulent roots; Asparagus Racemosus.

ଦର କରିବା—ଦେ. କ୍ରି—ମୂଲେଇବା; ଦର ଦାମ କରିବା—
Dara karibā To fix or settle the rate of an article
दरकरा दर करना to be purchased.

ଦର କଷାକଷି—ଦେ. ବି—କୌଣସି ଦ୍ରବ୍ୟ କିଣିବା ପାଇଁ କ୍ରେତା ଓ
Dara kashākashi ବିକ୍ରେତାଙ୍କ ମଧ୍ୟରେ ମୂଲ୍ୟ ସମ୍ବନ୍ଧେ ଟଣା
दर कषाकषि ଓଟରା କଥା—Higgling.
फेरि लगाना ଦେ. ବିଣ—କୌଣସି ଦ୍ରବ୍ୟ କିଣିବା ପାଇଁ ମୂଲ୍ୟ ସମ୍ବନ୍ଧେ ଟଣା ଓଟରା କରୁଥିବା (କ୍ରେତା ଓ ବିକ୍ରେତା)—
Higgling and haggling.

ଦରକାଣ୍ଡିଆ—ଦେ. ବ. (ସ. ଅର୍ଦ୍ଧ+କଣ୍ଡିତ)—୧ । ଯେଉଁ ଚାଉଳ
Darakāṇḍiā ବା ଡାଲି ସମ୍ପୂର୍ଣ୍ଣରୂପେ କଣ୍ଡା ହୋଇ ନାହିଁ—
(ଦରକଣ୍ଡା—ଅନ୍ୟରୂପ) Not properly threshed rice or
आधाकाँड़ा pulse.
୨ । ଦରପନ୍ତରା (ଦେଖ)—2. Darapantarā (See)

ଦରକାର୍—ବୈଦେ. ବଣ. (ଫା. ଦର୍‌କାର୍)—
Darakār ୧ । ପ୍ରୟୋଜନୀୟ; ଅବଶ୍ୟକ —1. Necessary.
दरकार ୨ । ଅପେକ୍ଷିତ; ଲୋଡ଼ା—2. Wanted.
दरकार ବୈଦେ. ବି—ପ୍ରୟୋଜନ—Necessity; need.

ଦରକାର କରିବା—ଦେ. କ୍ରି—ଲୋଡ଼ିବା; ଅବଶ୍ୟକ କରିବା—
Darakār karibā To want; to need; to be in need
दरकारकरा चाहना of.

ଦରକାରି—ବୈଦେ. ବଣ (ଫା. ଦର୍‌କାର୍)—ଆବଶ୍ୟକ; ପ୍ରୟୋଜନୀୟ—
Darakāri Needful; useful; necessary; important.
(ବେଦରକାରି—ବିପରୀତ)
दरकारी जरुरी

ଦରଖଣ୍ଡିଆ—ଦେ. ବଣ. (ସ. ଅର୍ଦ୍ଧ ଖଣ୍ଡିତ)—
Darakhaṇḍiā ଅର୍ଦ୍ଧ ସମ୍ପୂର୍ଣ୍ଣ; ଅସମ୍ପୂର୍ଣ୍ଣ (କର୍ମ); ଅସମାପ୍ତ—
आधामाधा Incomplete; half-done; unfinished.
नातमाम

ଦରଖାସ୍ତ—ବୈଦେ. ବ. (କଚେରିଆ) (ଫା. ଦର୍‌ଖ୍ୱାସ୍ତ୍)—
Darakhāsta ୧ । ନିବେଦନ ପତ୍ର; ଆବେଦନ ପତ୍ର—
ଦରଖାସ୍ } 1. Petition; application.
ଦର୍ଖାସ୍ତ } ଅନ୍ୟରୂପ ୨ । ନିବେଦନ; ପ୍ରାର୍ଥନା—
ଦର୍ଖାସ୍ } 2. Representation; prayer.
दरखास्त ୩ । ଅନୁରୋଧ—3. Request.
दरख़ास्त ୪ । କୌଣସି ବ୍ୟକ୍ତି ବିରୁଦ୍ଧରେ ଲିଖିତ ଅଭିଯୋଗ—
4. A written complaint.

ଦରଖାସ୍ତକାରୀ—ଦେ.ବି. ପୁଂ (କଚେରିଆ)(ଫା. ଦର୍‌ଖ୍ୱାସ୍ତ୍+ସ. କାରୀ)—
Darakhāstakār ୧ । ଆବେଦନକାରୀ—1. Petitioner.
(ଦରଖାସକାରୀ—ଅନ୍ୟରୂପ) ୨ । ମୁଦେଇ—2. Complainant.
(ଦରଖାସ୍ତକାରିଣୀ—ସ୍ତ୍ରୀ) ୩ । ବାଦୀ—3. Plaintiff.
दरखास्तकारी दरख़ास्तकारी

ଦରଖାସ୍ତ ଗୁଜାରିବା—ଦେ. କ୍ରି. (କଚେରିଆ)—୧ । ହାକିମଙ୍କ
Darakhāsta gujāribā ନିକଟରେ ନିବେଦନ ପତ୍ର ଦାଖଲ ବା
दरखास्त गुजारा ଉପସ୍ଥାପିତ କରିବା—
दरख़ास्त गुज़ारना 1. To file a petition.
୨ । ହାକିମଙ୍କ ଆଗରେ କୌଣସି ବ୍ୟକ୍ତିର ଦରଖାସ୍ତ ପେଶ୍ କରିବା—2. To put up a petition before an authority.

ଦରଖାସ୍ତ ପଡ଼ିବା—ଦେ. ବି (କଚେରିଆ)—୧ । କୌଣସି ବିଷୟରେ
Darakhāsta paṛibā ନିବେଦନ ପତ୍ର ହାକିମଙ୍କ ନିକଟରେ
दरखास्तपड़ा ଦିଆଯିବା—1. The filing of a petition.
दरख़ास्तपड़ना ୨ । ହାକିମଙ୍କ ନିକଟରେ ଦିଆଯାଇ ଥିବା ଦରଖାସ୍ତର ବିଷୟ ହାକିମଙ୍କ ଦ୍ୱାରା ଆଲୋଚିତ ହେବା—2. The coming up of a petition for consideration

ଦର ଖିଆ – ଦେ. ବିଣ. (ସ. ଅର୍ଦ୍ଧ+ଖାଦ୍ ଧାତୁ)—୧ । ଯେଉଁ ବ୍ୟକ୍ତିର
Dara khiā ଖାଇବା କର୍ମ ସମ୍ପୂର୍ଣ୍ଣ ହୋଇ ନ ଥାଏ—
अधचरा 1. Half-fed (person).
ଜାଣୁଛ ଦରଖିଆ ହେଲ ଲୋକ
ଲୋକେ ରହିବାକୁ ତା ମଣଇ ଅଧିକ । କୃଷ୍ଣସିଂହ, ମହାଭାରତ ।
୨ । ଯେଉଁ ଖାଦ୍ୟ ସମ୍ପୂର୍ଣ୍ଣରୂପେ ଖିଆଯାଇ ନ ଥାଏ—
2. Half-eaten (thing).

ଦର ଗଧର—ପ୍ରାଦେ (ସମ୍ବଲପୁର) ବିଣ—ଅର୍ଦ୍ଧପକ୍ୱ; ଦରପାଚିଲା; ଯାହା
Dara gadhar ପୂର୍ଣ୍ଣରୂପେ ପାଚି ନାହିଁ—Half-ripe; not yet fully ripe.

ଦର ଗଳିତ—ସ. ବଣ—ଦରଦର ଧାରରେ ବୋହୁଥିବା (ଯଥା—ଅଶ୍ରୁ)
Dara galita Flowing profusely (e. g. tear).
(ଦର ବିଗଳିତ, ଦରଦଳିତ—ଅନ୍ୟରୂପ)

ଦରଗା(ଘା)—ବୈଦେ. ବି. (ଆ. ଦର୍‌ଗାହ୍)—
Daragā(ghā) କୌଣସି ମୁସଲମାନ୍ ପୀର୍ ବା ସିଦ୍ଧପୁରୁଷଙ୍କ
ଦର୍ଗା } ସମାଧି ସ୍ଥାନ—Shrine or tomb of a
ଦର୍ଘା } ଅନ୍ୟରୂପ Mahomedan saint.
ଦରଗା } [ଦ୍ର—କଟକର କଦମରସୁଲଙ୍କ ଅସ୍ଥାନ ଥିବା

ଦରଗା ବଜାରର ନାମ ଦରଘାବଜାର ।]
दरगाह

ଦର ଛିଣ୍ଡା(ଣ୍ଡେ)ଇବା—ଦେ. କ୍ରି—କୌଣସି ବସ୍ତୁର ଭାଉ ସ୍ଥିର କରିବା—
Dara chhiṇḍā(ṇḍe)ibā To settle the price or rate of a thing
ଦରକରା दरकाटदेना

ଦର ଛିଣ୍ଡିବା—ଦେ. କ୍ରି—କ୍ରୟ ବିକ୍ରୟ ପୂର୍ବରୁ କୌଣସି ବସ୍ତୁର ଭାଉ ସ୍ଥିର କରାଯିବା—Fixing up or the
Dara chhiṇḍibā settlement of the price (of an article).
ଦର ହଏଯାଓଆ दरकटी

ଦରଜ୍ କରିବା—ଦେ. କ୍ରି. (କତରଥ) (ଫା. ଦର୍ଜ୍)—୧ । ଟିପି ରଖିବା; ଲେଖି ରଖିବା; କୋଟ୍ କରିବା—1. To note down; to take down.
Daraj kariba
(ଦରଜ୍ ଦେବା—ଅନ୍ୟରୂପ)
ଦରଜକରା ୨ । ବ୍ୟଥାଯୁକ୍ତ ହେବା (ଅଙ୍ଗ)—
दरज करना 2. (limb) To become painful.

ଦରଜ—ବୈଦେ. ବି—୧ । (ଫା. ଦର୍ଜ୍) ଟିପା; ଲେଖା; ଉଲ୍ଲେଖ—
Daraja 1. Note; writing; written reference.
(ଦର୍ଜ—ଅନ୍ୟରୂପ) (ଯଥା—ଏ ଖାତାରେ ତା ନାମର ଦରଜ ନାହିଁ ।)
दर्ज
दर्द ୨ । (ଫା. ଦର୍ଦ୍)—ବ୍ୟଥା; ତ୍ରାସ; ବେଦନା—
ଦରଦ 2. Pain; painful sensation of any part of the body; sensitiveness to touch.
दरद
୩ । ହୃଦୟ ବେଦନା—3. Sorrow; grief.
୪ । ମାୟା; ମମତା—4. Sympathy; attachment.
୫ । ପର ଦୁଃଖରେ ବିକଳ ହେବା; ପରଦୁଃଖକାତରତା—
5. Commiseration; compassion.
ଦରଦ ବୈଦେ. ବିଣ. (ଫା. ଦର୍ଜ୍)—
दरद ୧ । ଲେଖା ହୋଇଥିବା; ଟିପା ହୋଇଥିବା—
1. Written; noted.
୨ । (ଫା. ଦର୍ଦ୍) ପୀଡ଼ାଯୁକ୍ତ; ବ୍ୟଥାଯୁକ୍ତ; ଯାହା ପର୍ଶରେ ହୋଇଥାଏ—2. Painful to touch.
ପ୍ରାଦେ. (ଯାଜପୁର) ବି—ଚିନ୍ତା—Anxiety.
(ଯଥା—ତା କଥା ମୋତେ ଦରଜ ଲାଗୁଛି ।)

ଦରଜଗମ୍—ବୈଦେ. ବି. (ଫା)—୧ । ଦଦସ୍ତ; ଭଙ୍ଗା—
Darajagam 1. Broken; cracked.
ଦରଦ୍‌ଗମ୍ } ଅନ୍ୟରୂପ ୨ । ବ୍ୟଥିତ—2. Afflicted; painful.
ଦର୍ଜଗମ୍, ଦର୍ଦ୍‌ଗମ୍
ଦାଦଖା दरजगम

ଦରଜବନ୍ତ—ବୈଦେ. ବିଣ. (ଫା. ଦର୍ଦମନ୍ଦ)—
Darajabant ୧ । ଦୟାଳୁ; ପରଦୁଃଖକାତର—
ଦରଦମନ୍ଦ 1. Compassionate; kind-hearted.
दर्दमन्द ୨ । ପୀଡ଼ିତ; ଦୁଃଖୀ—2. Afflicted.

ଦରଜା—ବୈଦେ. ବି. (ଫା. ଦରୱାଜା)—
Darajā ୧ । ଦ୍ୱାର—1. Door.
ଦରୱାଜା
ଦରୱେଜା } ଅନ୍ୟରୂପ
ଦରୁଜା
ଦରୁଆଜା
୨ । ଫାଟକ—2. Gate; portal.
[ଦ୍ର—ସରଜ ଦରଜା=ସୁନ୍ଦର ପ୍ରଧାନ ଦ୍ୱାର; ବାଣ୍ଡଦ୍ୱାର ।]
୩ । (ଫା. ଦର୍ଜା) ଶ୍ରେଣୀ; କୋଷ୍ଟ; ବର୍ଗ—
दरजा, दरोजा, दरवाजा 3. Class.
दर्जा

ଦରଜୀ—ବୈଦେ. ବି. (ଫା. ଦରଜୀ)—ସୂଚୀଜୀବୀ; ସୌଚିକ—
Daraji Tailor.
(ଦର୍ଜୀ—ଅନ୍ୟରୂପ) ବୈଦେ. ବିଣ—ଦରଜବନ୍ତ (ଦେଖ)
(ଦରଜିଆଣୀ—ସ୍ତ୍ରୀ) Darajabanta (See)
दर्जी, दरजी दर्जि, जरदोज

ଦରଜୀଗିରି—ବୈଦେ. ବି (ଫା)—୧ । ଦରଜୀର କର୍ମ—
Darajigiri . The work of a tailor.
ଦରଜୀଗିରି ୨ । ଦରଜୀର ବ୍ୟବସାୟ—
दरजीगिरी 2. The occupation of a tailor; tailoring.

ଦରଣ୍ଡା—ଦେ. ବି. [ସ. ତୁଂଡନ=ଅନ୍ୱେଷଣ; (ହି. ଶବ୍ଦସାଗର)]—
Daraṇḍā ୧ । ଅନ୍ଧାରୁଆ ଖୋଜିବା; ଅଣ୍ଡାଳିବା—
ହାଁତଡାନ 1 Groping for a thing in the dark.
ଟଁଟୋଲା, ଢୁଁଢ़ना ୨ । ଚକ୍ଷୁରେ ଦେଖା ପଡୁ ନଥିବା ପଦାର୍ଥକୁ ହାତ ଦ୍ୱାରା ଖୋଜିବା—2 Searching after a thing; not visible to one's eyes, by the hands.
୩ । ଖୋଜାଖୋଜି; ଅନ୍ୱେଷଣ—3. Search.
(ଯଥା—ସେତେବେଳେ ଅଯଥା କେତେ ଖର୍ଚ୍ଚ କରି ଦେଲ ଭଳି ବର୍ତ୍ତମାନ୍ ଟଙ୍କା ଦରଣ୍ଡା ପଡୁଛି ।)

ଦରଣ୍ଡା(ଣ୍ଡେ)ଇବା—ଦେ. କ୍ରି—ଦରଣ୍ଡିବା କ୍ରିୟାର ଣିଜନ୍ତ ରୂପ—
Daraṇḍā(ṇḍe)ibā Causative form of Darāṇḍibā.

ଦରଣ୍ଡା ଦରଣ୍ଡି—ଦେ. ଚ—ବହୁ ସ୍ଥାନ ଅଣ୍ଡାଳିବା; ଖୋଜାଖୋଜି—
Daraṇḍā daraṇḍi Groping or searching at many places.
ହାଁତଡାନ
ढूँढ़नाढाँढ़ना

ଦରଦ—ସ. ବି. (ଦୃ ଧାତୁ=ବଦୀର୍ଣ୍ଣ ହେବା+କର୍ତ୍ତୃ. ଅଦ)—
Darada ୧ । ପର୍ବତର ଉଚ୍ଚତମ ସ୍ଥାନ; ଶିଖର—
1 The peak of a mountain.
୨ । ପର୍ବତ—2. Mountain.
୩ । ଜଳ ପ୍ରପାତ; ଝରଣା—3. A waterfall.
୪ । ବ୍ରାତ୍ୟ କ୍ଷତ୍ରିୟ ଜାତିବିଶେଷ—
4. A sect of fallen Kshatriyas.
୫ । (+କର୍ମ. ଅଦ) ହୃଦୟ—5. Heart.
୬ । ନଦ୍ୟାଦିର ଉପକୂଳ; ତୀର—6. Shore; bank.
୭ । କାଶ୍ମୀର ସନ୍ନିହିତ ମ୍ଳେଚ୍ଛ ଦେଶବିଶେଷ; (ବର୍ତ୍ତମାନ ନାମ ଦର୍ଦିସ୍ତାନ୍)—7. Durdistan (to the north of Kashmere).
[ଦ୍ର—କାଶ୍ମୀର ଓ ହିନ୍ଦୁକୁଶ ପର୍ବତ ମଧ୍ୟସ୍ଥ ଦେଶର ଏହି ନାମ ବୃହତ୍ସଂହିତାରେ ମିଳେ ଓ ଏହି ଦେଶବାସୀ ଦରଦ ନାମକ ମ୍ଳେଚ୍ଛ

ଜାତିର ନାମ ମନୁସ୍ମୃତି ଓ ହରିବଂଶ ଆଦରେ ଉଲ୍ଲେଖ ଅଛି । ମନୁସ୍ମୃତିରେ ଲେଖା ଅଛି ଯେ ଦରଦମାନେ ପ୍ରଥମେ କ୍ଷତ୍ରିୟ ଥିଲେ, ପରେ ସଂସ୍କାରବିହୀନ ହୋଇ ଶୂଦ୍ରତ୍ୱ ପ୍ରାପ୍ତ ହେଲେ ।]

୮ । ଉପରୋକ୍ତ ଦେଶବାସୀ ମୁସଲମାନ୍ ଜାତିବିଶେଷ— 8. A sect of Mahomedans inhabiting the above country.

୯ । (+ଭାବ. ଅଚ୍) ଭୟ—9. Fear; terror.

୧୦ । ହିଙ୍ଗୁଳ; ସିନ୍ଦୂର—10. Vermillion

ସଂ. ବିଣ. ପୁଂ. (ଦର+ଦା ଧାତୁ+କର୍ତ୍ତୃ. ଅ)— ଭୀତି ଉତ୍ପାଦକ—Causing fear; terrific.

(ଦରଦା—ସ୍ତ୍ରୀ) ବୈଦେ. ବି. (ଫା. ଦର୍ଦ୍)—

୧ । ଦରଜ ୨, ୩, ୪, ୫ (ଦେଖ)

2. Daraja 2, 3, 4, 5 (See)

ଗୋଡ଼ ଖସି ଯେତେ ହେବାର ଦରଦ ସିବାର ଉପାୟ କହ ।
କବିସୂର୍ଯ୍ୟ. ବଳୋରାମଚମ୍ପୂ. ଗୀତ ।

୨ । ମମତା—2. Sympathy ;attachment.

ଦରଦର—ଦେ. ବିଣ—ଅଜସ୍ର (ପ୍ରବାହ)—
Daradara Continuous (flow).
দরদর
दरदर

ଝର ଝର ଧାରେ ସଖୀ ନୟନରୁ ଲୁହ
ବହୁଅଛି ଅବଶ୍ରାନ୍ତ ଭିଜେ ଦୁଇ ବାହୁ ।
ନନ୍ଦକିଶୋର. ସୀତାବନବାସ ।

ଦେ. ବିଶର କ୍ରିଣ—ଅସମ୍ପୂର୍ଣ୍ଣଭାବରେ ବା ଅଧାଅଧିଭାବରେ— Partially; incompletely.

(ଯଥା—ଦରଦର ପାଚିଲା ଆମ୍ବ ।)

ଦେ. କ୍ରି· ବିଣ—ଅନର୍ଗଳ; ଅବିରଳ (ବହୁଥିବା)— Continuously (flowing).

ଦରଦର ବାହି ନୟନ ଝରିଲା ସଲିଳ ସର ବାସନା—
ରାଧାନାଥ, ପାର୍ବତୀ ।

ଦରଦର ତୋଡ଼—ଦେ. ବଣ. (ସଂ. ଦାରିଦ୍ର୍ୟ+ତ୍ରୁଟ ଧାତୁ)—ବହୁ ଧନ ପ୍ରାପ୍ତିଦ୍ୱାରା ଯାହାର ଦରିଦ୍ରାବସ୍ଥା ଦୂର ହୋଇଅଛି; ଦରିଦ୍ରାବସ୍ଥାରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ—Having one's poverty removed by the receipt of a large amount of money; greatly relieved of want.
Daradara torda
ଦରଦର ତେଡ଼, ଦରିଦ୍ରତୋଡ଼ } ଅନ୍ୟରୂପ

ଦରଦର ତୋଡ଼ କରିବା—ଦେ. କ୍ରି—ବହୁ ଧନ ଦାନ କରି କୌଣସି ବ୍ୟକ୍ତିର ଦାରିଦ୍ର୍ୟ ଘୁଞ୍ଚାଇବା—To relieve a person's poverty or want by bestowing riches on him in profusion.
Daradara torda kariba

ଦରଦରିତ—ଦେ. ବଣ—ଅଜସ୍ର ବା ଧାରାବାହିକ ଭାବରେ ପ୍ରବାହିତ— Flowing unceasingly.
Daradarita

ଦର ଦଲାଣ—ବୈଦେ. ବ (ଫା. ଦର୍=ଭିତର+ଦାଲାନ୍=ବାରଣ୍ଡା, ମେଲାଘର)—ଘର ଓ ବରଣ୍ଡା ମଝିରେ ଥିବା ମେଲା ଘର; ଭିତରପାଖ ଅବୃତ ଥିବା ବାରଣ୍ଡା—An open hall between a main room and its outer veranda; ante chamber.
Dara dalāna
দর দালান
दरदालान

ଦର ଦସ୍ତୁର(ରି) (ଇତ୍ୟାଦ)—ଦେ. ବ—ଦରଦାମ ଇତ୍ୟାଦ (ଦେଖ)
Dara dastur (ri) (etc) Daradāma etc (See)

ଦର ଦାମ—ଦେ. ବ—କୌଣସି ଦ୍ରବ୍ୟ କଣିବା ପୂର୍ବରୁ ତାହାର ମୂଲ୍ୟ ଉକୁଣାର୍ଥ କଥାବାର୍ତ୍ତା; ମୂଲଚୁଲ—Appraisement; fixing of the price of a commodity before purchase
Dara dāma
দরদাম, দরদস্তুরি
दरदस्तुरी

ଦରଦାମ କରିବା—ଦେ. କ୍ରି—ମୂଲ ଚୁଲ କରିବା; ମୂଲ୍ୟଇବା; ଭାଉବନ୍ଧା କରିବା; ଭାଉଚୁକା କରିବା—To appraise; to fix the price of; to negotiate for the purchate of a thing; to settle the rate of a thing.
Daradāma kariba
দরদাম করা, দরদস্তুরি করা
दरदस्तुरी करना

ଦରଦୀ—ବୈଦେ. ବଣ. ପୁଂ (ଫା. ଦର୍ଦୀ=ଅନୁକମ୍ପାଯୁକ୍ତ)—୧ । ହୃଦୟ କଥାରେ ଯାହାର ମର୍ମକୁ ବାଧେ—1. Sensitive.
Daradi
ଦରଜଦାର, ଦରଜବନ୍ତ } ଅନ୍ୟରୂପ

୨ । ବ୍ୟଥିତ—2. Suffering; afflicted.

(ବେଦରଦୀ—ବିପରୀତ)

୩ । ହୃଦୟବାନ୍; ପରଦୁଃଖରେ ଦୁଃଖିତ; ପରଦୁଃଖକାତର—Sympathetic; compassionate.
দরদী
दर्दी

ଦରଦୁର—ଗ୍ରା (ପଦ୍ୟ) ବ (ସଂ. ଦର୍ଦ୍ଦୁର)—ବେଙ୍ଗ—
Daradūra Frog

ବର୍ଷିଲ କାମ ଦରଦୁର କୋଳୁଚ କାମେ ଦର ଦୂର ହୁଇଷ—
ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ।

ଦର ଦୈତ୍ୟ—ସଂ. ବ—ଶଙ୍ଖାସୁର—
Dara daitya Sankhāsura.

ବେଗେ ଦରଦୈତ୍ୟ ଦରଦାକେ ହେଲ ରଢ—ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ।

ଦରଧିଆ—ଗ୍ରା. ଦେ. (ସମ୍ବଲପୁର) ବଣ—୧ । ଅତୃପ୍ତ—
Daradhiā 1. Dissatisfied.

୨ । ଅସନ୍ତୁଷ୍ଟ—2. Discontent

ଦରପ—ଗ୍ରା (ପଦ୍ୟ) ବ (ସଂ. ଦର୍ପ)—ଗର୍ବ—
Darapa Pride.
দরপ, दर्प

ଦରପକା—ଗ୍ରାଦେ. (ସମ୍ବଲପୁର) ବଣ—ଦରପଚ୍ଚ—
Darapakā Partially ripe; partly ripe.

ଦେ. ବଣ—(ସଂ. ଅର୍ଦ୍ଧପକ୍ୱ) ଅସମ୍ପୂର୍ଣ୍ଣଭାବେ ସିଦ୍ଧ— Incompletely cooked; parboiled.

(ଯଥା—ଦରପକା ଭାତ ।)

ଦରପଚ୍ଚ—ଦେ. ବଣ (ସଂ. ଅର୍ଦ୍ଧପକ୍ୱ)—୧ । ଆଂଶିକ ପକ୍ୱ—
Darapachā 1. Partly ripe.
দরপাকা
कच्चा

୨ । ଅଜୀର୍ଣ୍ଣ; ଅସମ୍ପୂର୍ଣ୍ଣରୂପେ ଜୀର୍ଣ୍ଣ ନ ହୋଇଥିବା— 2. Incompletely digested.

(ଯଥା—ମୁଁ ଯାହା ଖାଇଥିଲି ସବୁ ଦରପଚ୍ଚ ଅବସ୍ଥାରେ ବାନ୍ତି ହୋଇଗଲା ।)

ଦରପଟ୍ଟା—ବୈଦେ. ବ (ଫା) —ସିକମି ରଏତି—
Darapaṭā Underlease; undertenancy.
(ଦରପଟ୍ଟା, ଦରଇଜାରା—ଅନ୍ୟରୂପ)
দরপাট্টা, दरपट्टा

ଦରପଟ୍ଟାଦାର୍—ବୈଦେ. ବି (ଫା)—୧ । ପଟ୍ଟାଦାରର ଅଧୀନସ୍ଥ ପଟ୍ଟାଦାର—1. Underlessee.
Darapaṭṭādār
ଦରପଟ୍ଟାଦାର୍ } ଅନ୍ୟରୂପ ୨ । ସିକ୍‌ମି ରୟତ—2 Under-tenant; sikmi tenant.
ଦରଇଜାରଦାର୍ }
. दरपाट्टादार ୩ । (କଟକ ସହର) ଲାଖରାଜଦାରଙ୍କ ଅଧୀନ ଘରବାଡ଼ିର ପ୍ରଜା--3. A homestead tenant under a Lakherajdar in Cuttack town.
दरपट्टेदार
[ଦ୍ର— ଦରପଟ୍ଟାଦାରର ଅଧୀନସ୍ଥ ପଟ୍ଟାଦାରଙ୍କୁ ସେପଟ୍ଟାଦାର ବୋଲାଯାଏ ।]

ଦର ପଟିବା—ଦେ. କ୍ରି—୧ । କୌଣସି ଦ୍ରବ୍ୟର ଗ୍ରାହକ କ୍ରେତା ଓ ବିକ୍ରେତାଙ୍କଦ୍ୱାରା ସ୍ୱୀକୃତ ବା ମନୋନୀତ ହେବା—1. Agreement as to the price or rate of an article between the vendor and the purchaser.
Dara paṭibā
दर पटा
भाव पटना
୨ । କୌଣସି ଦ୍ରବ୍ୟର ଗ୍ରାହକ କ୍ରେତାଙ୍କ ମନୋମତ ହେବା—2. Approval of the price of an article by the purchaser.

ଦରପଢ଼ା—ଦେ. ବି—୧ । ଅଧାପଢ଼ା; ବିଦ୍ୟା ଶିକ୍ଷାର ଅସମାପ୍ତି—1. Incomplete education.
Darapaṛhā
୨ । ବାଦ୍ୟବିଶେଷ —
2. A kind of musical instrument.
କଂସାଳ ତାଳଭାଳ ବାଜଇ ଦରପଢ଼ା—ପୀତାମ୍ବର. କୃଷ୍ଣ ହରିବଂଶ ।
ଦେ. ବିଣ—୧ । ଥୋଡ଼ାଏ ପଢ଼ା ହୋଇଥିବା—1. Half-read; not read completely.
आधपड़ा
(ଦରପାଠୁଆ—ଅନ୍ୟରୂପ) ୨ । ଅଧାପାଠୁଆ; ଯାହାର ଶିକ୍ଷା ଶେଷ ନ ହୋଇଥିଲେ ସେ ପାଠପଢ଼ା ଛାଡ଼ିଥାଏ—2. Half-educated; imperfectly educated.
अधबुध, अधकचरा

ଦରପଣ—ଦେ. ବି—୧ । (ସଂ. ଦର୍ପଣ)—ଆରସୀ; ଆଇନା; ମୁକୁର; ଦର୍ପଣ—1. Mirror; looking glass
Darapaṇa
दरपन
दरपन
ବଦନ ଅ । ନ କର ଦରପଣକୁ ଲଜ୍ଜା—ଉପେନ୍ଦ୍ର, ସଙ୍ଗୀତ ।
୨ । (ସଂ. ଦର=ଭୟ)—ଭୟାପଣ; ଭୟଗ୍ରସ୍ତ ଅବସ୍ଥା—2. The state of a person being terrified.
ସେ ଦରପଣ ତାକୁ ବଡ଼ପଣ—ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ।
୩ । ଦରପଣି (ଦେଖ)—3. Darapaṇi (See)

ଦରପଣି—ଦେ. ବି—କଟକ ଜିଲ୍ଲାର ଗୋଟିଏ ଲଖାରାଜ ଜମିଦାରୀ—A big estate in the district of Cuttack
Darapaṇi
(ଦର୍ପଣି—ଅନ୍ୟରୂପ)
[ଦ୍ର—ଏହା କଟକ ଜିଲ୍ଲାର ଗୋଟିଏ ଲଖାରାଜ ଜମିଦାରୀ; ଏହା ପୂର୍ବେ ମୁସଲମାନ ଜମିଦାରଙ୍କର ଥିଲା । ଅନାକ ଶହେବର୍ଷ ପୂର୍ବେ ଜଣେ କାଣ୍ଣୀସ ବ୍ରାହ୍ମଣ ରାଜସ୍ୱ ନିଲାମରେ ଏହାକୁ କିଣି ତାଙ୍କର ବଂଶଧରମାନେ ଏହାକୁ ଭୋଗ କରୁଅଛନ୍ତି । ଏହି ଜିଲ୍ଲାରେ 'ମହାବିନାୟକ' ଠାକୁର ଅଛନ୍ତି । ଏହା ଚିରସ୍ଥାୟୀ ବନ୍ଦୋବସ୍ତି ମାହାଲ ଅଟେ ।]

ଦରପଣି ଅକ୍ଷର—ଦେ. ବି. (ଦର୍ପଣ ସାହାଯ୍ୟରେ ଏହା ପଢ଼ାଯାଇ ପାରୁଥିବାରୁ)—ଲେଖା ଆଗରେ ଗୋଟିଏ ଦର୍ପଣ ଥିଲେ ସେ ଦର୍ପଣରେ ଅକ୍ଷରମାନ ପ୍ରତିଫଳିତ ହୋଇ ପଢ଼ାଯାଇ ପାରିବାଭଳି ଲେଖା ହୋଇଥିବା ଓଲଟା ଅକ୍ଷର—Letters written in an inverted manner so as to be deciphered with the help of a mirror held over the writing.
Darapaṇi akshara
উলটাঅক্ষর
आँधा हरफ
[ଦରପଣିଆ ଅକ୍ଷର—ଅନ୍ୟରୂପ]

ଦରପତ୍ତନି—ଦେ. ବି (ଫା. ଦର୍+ସଂ. ପତ୍ତନି)—ପତ୍ତନିଦାରର ଅଧୀନ ମଧ୍ୟସ୍ୱତ୍ୱ—An undertenure; a tenure under another superior tenure.
Darapattani
(ଦରପତ୍ନି—ଅନ୍ୟରୂପ)
दरपत्तनी

ଦରପତ୍ତନିଦାର୍—ଦେ. ବି—ପତ୍ତନିଦାରର ଅଧୀନ ବା ଜମିଦାରର ମଧ୍ୟସ୍ୱତ୍ୱାଧିକାରୀ—An undertenure-holder under a tenure-holder.
Darapattanidār
(ଦରପତ୍ନିଦାର୍—ଅନ୍ୟରୂପ)
दरपत्तनीदार

ଦରପନ୍ତରା—ଦେ. ବିଣ (ସଂ. ଅର୍ଦ୍ଧ+ପ୍ରାନ୍ତ)—୧ । ଦରକାଣ୍ଡିଆ (ଦେଖ)—1. Darakāṇḍiā (See)
Darapantarā
आधामाधा
୨ । ଦରଖଣ୍ଡିଆ (ଦେଖ)—2. Darakhaṇḍiā (See)
अधकचरा
ଦରପନ୍ତରିଆ }
ଦରପନ୍ତାରସ୍ଥି } ଅନ୍ୟରୂପ
ଦରପନ୍ତିରଆ }
୩ । ଯେଉଁ ବ୍ୟକ୍ତି ନିର୍ଦ୍ଦିଷ୍ଟ ପଥ ବା ଦୂରତ୍ୱ ଅତିକ୍ରମ କରି ନ ଥାଏ—(a person) Who has not yet travelled the whole of the intended distance.
ଦେ' ବି—ଯେତେ ଦୂରତ୍ୱକୁ ଅତିକ୍ରମଣ କରିବାର କଥା ଥାଏ ତାହା ସମ୍ପୂର୍ଣ୍ଣରୂପେ ଅତିକ୍ରମଣ କରି ନ ଥିବା ଅବସ୍ଥା; ଅଧବାଟ—Half way.

ଦରପାକ(ଚି)ଲା—ଦେ. ବିଣ.—(ସଂ. ଅର୍ଦ୍ଧପକ୍ୱ)—ଅର୍ଦ୍ଧପକ୍ୱ; ଅପକ୍ୱ; ଅପରିପକ୍ୱ—Half ripe; unripe.
Darapāka(chi)lā
दरपाका अध कचरा [ଦରପାକେ(ଚେ)ଲ୍ଲ—ଅନ୍ୟରୂପ]

ଦରପାଁପଡ଼ା—ପ୍ରା. ଦେ. (ଯାଜପୁର) ବି.—ଘରପୋଡ଼ିଆ(ଗୁଳ୍ମ)—A kind of medicinal plant.
Darapā̃parḍā

ଦରପେଲା—ଦେ. ବିଣ.—ଅଡ଼ପେଲା; ଦରଆଉଜା (ଦେଖ) Dara-āujā (See)
Darapelā

ଦରପେସ୍—ବୈଦେ. ବିଣ. (ଫା ଦର୍‌ପେଶ୍=ଆଗେ; ସମ୍ମୁଖରେ)—
Darapes ୧ । ଦାଏର; ଅଦାଲତଙ୍କ ସମ୍ମୁଖରେ ବିଚାରାର୍ଥ ଉପସ୍ଥାପିତ--1. Put up before a court or high official; adduced or produced for consideration.
दरपेश
दरपेश
(ଦର୍ପେସ୍—ଅନ୍ୟରୂପ) ମାଜିଷ୍ଟ୍ରେଟ୍ ସାହେବଙ୍କଠାରେ ସେଉଁ ରିପୋର୍ଟ ଦରପେସ କରିଥିଲେ । ଫକୀରମୋହନ. ଗଳ୍ପସ୍ୱଳ୍ପ ।
୨ । ହାକମଙ୍କ ବିଚାରାଧୀନ—
2. Under consideration of an authority.

ଦରପୋଡ଼ା—ଦେ. ବିଣ.—୧ । ଅଧେ ପୋଡ଼ି ଯାଇଥିବା—1. Half-burnt.
Daraporḍā

(ଦରପଡ଼ା- ଅନ୍ୟରୂପ)
ଦରପୋଡ଼ା ମଳେ ସେଜେ ମାଠିରୁ ମାଠ;
ଅଧଜଳା(ବା) ମୁ ସେହୁ ଦରପୋଡ଼ା କାଠ । ଚଗ ।

ପ୍ରାଦେ. (ଯାଜପୁର) ଟକ୍ଟା; ଅମ୍ଳ ସ୍ୱାଦବିଶିଷ୍ଟ—Having an acid taste; sour.

ଦରବ୍—ପ୍ରାଦେ. (ସମ୍ବଲପୁର)—ବ. (ସଂ. ଦ୍ରବ୍ୟ)—ଦରବ; ଦ୍ରବ୍ୟ; ପଦାର୍ଥ—An article; a thing.
Darab

ଦରବ୍ ସରବ୍—ପ୍ରାଦେ. (ସମ୍ବଲପୁର) ବ. (ସଂ. ଦ୍ରବ୍ୟ+ସର୍ବ)—ଗୃହର ଉପକରଣମାନ; ଅବାବସ୍ତୁ—House-hold furniture and things; house-hold articles; the fittings of a house.
Darab sarab

ଦରବ—ଗ୍ରା. ବି. (ସଂ. ଦ୍ରବ୍ୟ)—୧ । ଦ୍ରବ୍ୟ; ପଦାର୍ଥ—1. Article; thing.
Daraba
ଦରବ ଅଉ ବାକି ଦରବମାନଙ୍କୁ ବୁହାଇ ।
ଦ୍ରବ୍ୟ କୃଷ୍ଣସିଂହ. ମହାଭାରତ. ବନ ।

୨ । ଦୌଲତ; ସମ୍ପତ୍ତି; ଧନ—2. Riches.

[ଦ୍ର—ଏହା ଧନର ସହଚରରୂପେ ବ୍ୟବହୃତ ଯଥା—ଧନ ଦରବ=ଧନ ଦୌଲତ ।]

ଦରବର—ସଂ. ବ (ଦର=ଶଙ୍ଖ+ବର=ଶ୍ରେଷ୍ଠ)—ବିଷ୍ଣୁଙ୍କ ଶଙ୍ଖ; ପାଞ୍ଚଜନ୍ୟ—Bishṇu's conch called Pāñchajanya.
Darabara

ଦରବସ୍ତ—ବୈଦେ. ଅ. (ଫା. ଦର୍‌ବସ୍ତ)—୧ । ସମଗ୍ର—1. Whole.
Darabasta
ଦରବସ୍ତ ୨ । ସମ୍ପୂର୍ଣ୍ଣରୂପେ—2. Wholly; totally; fully.
दरोबस्त

ଦରବସ୍ତ ହକୁକ୍—ବୈଦେ. ବି.—(କଚେରିଆ) (ଫା. ଦରବସ୍ତ+ହକାକ୍=ସ୍ୱତ୍ୱ) ସମଗ୍ର ସ୍ୱତ୍ୱାଧିକାର—All right and title in a thing or property
Darabasta hakuk
ଦରବସ୍ତ ହକୁକ
दरोबस्त हकाक

ଦରବା—ଦେ. ବି.—ଚିରାଲୁଗା ଦୁଇଖଣ୍ଡକୁ ସିଲେଇ କରି ପିନ୍ଧା ଲୁଗା ରୂପେ ଯେଉଁ ବସ୍ତ୍ରାଂଶ ବ୍ୟବହୃତ ହୁଏ—The torn end-pieces of cloth sewn together and used as a cloth for wearing.
Darabā
ଦରବା କନା, } ଅନ୍ୟରୂପ
ଦରଭି
ଦରବା ଖଣ୍ଡିକେ ସାର ଛାଲ ଖିଅ;
ଘରେ ସିନା ପିନ୍ଧି ହେବ । ରାଖାଲ ସାଅନ୍ତ ଅ, ବାହା ।

[ଦ୍ର—ହିନ୍ଦୀ ଭାଷାରେ ମୋଟା ଧଡ଼ିଦାର ଗୁଦରକୁ ଦରବ ବୋଲାଯାଏ । ପାରାଭିଡ଼ ଓ ପକ୍ଷୀ ବସା କରିଥିବା ଗଛର କୋରଡ଼କୁ ହିନ୍ଦୀରେ ଦରବା ବୋଲାଯାଏ—ହି. ଶବ୍ଦସାଗର ।]

ଦରବା(ବେ)ଇବା—ଗ୍ରା. (ପଦ୍ୟ) କ୍ରି.—(ସଂ. ଦ୍ରବ)—ଦ୍ରବାଇବା; ଦ୍ରବ କରିବା; ତରଳ କରିବା—To melt.
Darabā(be)ibā
ଦରବାନ ଚନ୍ଦ୍ରମା ରସେ ତାକୁ ଦରବାଇବ ।
पुलाना ଉପେନ୍ଦ୍ରଭଞ୍ଜ, ପ୍ରେମସୁଧାନିଧି ।

ଦରବା(ୱା)ନ—ବୈଦେ.ବ. (ଫା. ଦର୍‌ୱାନ; ତୁଳ. ସଂ. ଦ୍ୱାରବାନ୍)—ଦ୍ୱାରରକ୍ଷକ; ଦୁଆରି; ଦ୍ୱାରପାଳ—Door-keeper; gate-keeper; a durwan; a porter.
Darabā(wā)n
ଦରଭୂଆନ }
ଦରୁଆନ } ଅନ୍ୟରୂପ
ଦରୱାନ }
ଦରୋୟାନ, ଦରଓୟାନ [ଦ୍ର—ଏହା ପାର୍ସୀ ଶବ୍ଦ ଇଂରେଜି ଭାଷାରେ ବ୍ୟବହୃତ ହେଉଅଛି ।]
दरबान, डेयाढ़ीदार

ଦରବାଣି—ବୈଦେ. ବ. (ଫା)—ଦ୍ୱାରପାଳର କର୍ମ—The act or post of a door-keeper.
Darabāni
ଦରୋୟାନୀ दरबानी

ଦରବାର—ବୈଦେ. ବି. (ଫା. ଦର୍‌ବାର୍; ତୁଳ—ସଂ. ଦାବାଂଚ=ମନ୍ତ୍ରଣା ଗୃହ)—୧ । ସଭା—1. Meeting.
Darabāra
ଦରବାର ୨ । ରାଜସଭା; ଯେଉଁଠାରେ ରାଜା ତାଙ୍କ ପାତ୍ର ମନ୍ତ୍ରୀ ଆଦିଙ୍କ ସଙ୍ଗେ ବସି କଚେରି କରନ୍ତି—2. A king's court; royal assembly; royal audience.
दरबार
(ଦର୍ବାର—ଅନ୍ୟରୂପ)

୩ । ଅଦାଲତ; ବିଚାରାଳୟ; କଚେରି—3. Cutchery; court of justice; public office.
ଦରବାରେ ହେଲୁନ ଦୋଷଭାଗୀରେ ।
କବିସୂର୍ଯ୍ୟ. ରତ୍ନାକର ଚଉତିଶା ।

୪ । ରାଜା ବା ରାଜକର୍ମଚାରୀଙ୍କ ଆହୂତ ସଭା—4. A levee; durbar; a ceremonial function held under the order of a king or his representative.

[ଦ୍ର—ଏଥିରେ ରାଜ୍ୟର ପ୍ରଧାନ ବ୍ୟକ୍ତିଗଣ ଓ କରଦ ଓ ମିତ୍ର ରାଜାମାନେ ଉପସ୍ଥିତ ହୁଅନ୍ତି । ରାଜା ଦରବାରରେ କର୍ତ୍ତବ୍ୟ ଆଦେଶ ଘୋଷଣା କରନ୍ତି ଏବଂ ରାଜ-ସମ୍ମାନପ୍ରାପ୍ତ ବ୍ୟକ୍ତିଙ୍କୁ ଉପାଧି ଓ ଖିଲାତ ଦିଅନ୍ତି ।]

୫ । ଦେଶୀୟ ରାଜାଙ୍କ କଚେରି—5. The office or court of an Indian Chief.

୬ । ରୁଲିଙ୍ଗ୍ ଚିଫ୍ ସ୍ୱୟଂ; ସ୍ୱୟଂ ରାଜା—6. A Ruling Chief himself.

[ଦ୍ର—ରାଜପୁତାନା ଓ ଉତ୍ତର ଭାରତର ରାଜାମାନେ ନିଜକୁ 'ରାଜା' ବୋଲି ନ କହି 'ଦରବାର' ବୋଲି କହୁଥିବାର ସେଇକୁ ଉତ୍କଳର ରୁଲିଙ୍ଗ୍ ଚିଫ୍ ଅନୁକରଣ କରୁଅଛନ୍ତି । ଯଥା—'ରାଜା ଦିଲ୍ଲୀକୁ ଯାଇଅଛନ୍ତି' ବୋଲି ନ କହି 'ଦରବାର ଦିଲ୍ଲୀକୁ ଯାଇଅଛନ୍ତି' ବୋଲି ଯାଉଅଛି ।]

୭ । ପଞ୍ଜାବର ଅମୃତସରରେ ଥିବା ଶିଖମାନଙ୍କ ମନ୍ଦିର, ଯହିଁରେ ଶିଖମାନଙ୍କ ଧର୍ମଗ୍ରନ୍ଥ 'ଗ୍ରନ୍ଥ ସାହେବ' ରଖା ଯାଇଅଛି—7 The Sikh temple in Amritsar in the Punjab.

ଦରବାରିଆ—ବୈଦେ. ବ. (ଫା. ଦର୍‌ବାରି)—୧ । ଯେଉଁ ବ୍ୟକ୍ତି ରାଜଦରବାରକୁ ନିମନ୍ତ୍ରିତ ହୁଏ ଓ ସେଠାରେ ନିର୍ଦ୍ଦିଷ୍ଟ ଆସନ ପାଏ—1. A person invited to a durbar; one entitled to a
Darabāriā
ଦରବାରିଆ, ଦରବେରେ
दरबारी

ଦରବାରି, ଦରବାରୀ, ଦର୍ବାରିଆ } ଅନ୍ୟରୂପ ୨ । କଚେରିଆ; ଯେ କଚେରିକୁ ବହୁବାର ଯିବା ଆସିବା କରେ— seat in a durbar. 2. One who frequents courts.

୩ । ମାମଲତକାର—3. A person versed in the ways of courts or litigation.

୪ । ମାମଲାବାଜ୍ ବ୍ୟକ୍ତି—4. Litigious person.

୫ । ଯେଉଁ ବ୍ୟକ୍ତି ନିଜ ଗୃହର ମାଲିମକଦମା ବୁଝାସୁଝା କରେ—5. The man of business in a family.

୬ । ରାଜସଭାରେ ସଭାସଦ୍—6. A member of a king's court; courtier.

ବୈଦେ. ବଣ—୧ । ଦରବାର ସମ୍ବନ୍ଧୀୟ—1. Relating to the durbar.

(ଯଥା—ଦରବାରିଆ ଭାଷା)

୨ । ଦରବାରରେ ବ୍ୟବହାର ଯୋଗ୍ୟ—2. Fit for being used in a durbar.

(ଯଥା—ଦରବାରିଆ ପୋଷାକ)

୩ । କଚେରିମାନଙ୍କୁ ସର୍ବଦା ଯାତାୟାତ କରୁଥିବା—3. Frequenting the courts

୪ । ମକଦମାବାଜ୍—4. Litigious.

ଦରବାରିଆ ପୋଷାକ—ବୈଦେ. ବି (ଫା)—୧ । ଯେଉଁ ମୂଲ୍ୟବାନ୍ ଓ Darabāriā poshāka ପରିଚ୍ଛନ୍ନ ପୋଷାକକୁ ଦରବାରିଆମାନେ दरबारी पोषाक ପିନ୍ଧି ଦରବାରକୁ ଯାଆନ୍ତି—1. Durbar-**दरबारी पोषाक** Dress.

୨ । ଲୋକେ କଚେରିକୁ ପିନ୍ଧି କରି ଯିବା ବସ୍ତ୍ର—Court-dress.

ଦରବାରିଆ ଭାଷା—ଦେ. ବି—କୋର୍ଟ୍ ବା କଚେରିରେ ଚଳିବା ଭାଷା—Darabāriā bhāshā Court-language. दरबारी भाषा; **दरबारी जबान**

ଦରବିକଶି(ସି)ତ—ସଂ. ବଣ (ଦର=ଈଷତ୍+ବିକଶିତ)—ଈଷତ୍ Darabikaśi(si)ta ପ୍ରସ୍ଫୁଟିତ—Half-blown (flower). (ଦରମୁକୁଳିତ, ଦରବିଗଳିତ—ଅନ୍ୟରୂପ)

ଦରବିବା—ଗ୍ରା. (ପଦ୍ୟ) କ୍ରି—ଦ୍ରବିବା; ତରଳିବା—To melt. Darabibā ଜଳଧି ଦରବ ଭୁଞ୍ଜ ନାଶ ପ୍ରାଣେ ରସ । दरबा **पिघलना** ଉପେନ୍ଦ୍ର ଭଞ୍ଜ, ପ୍ରେମସୁଧାନିଧି ।

ଦରବୁଚ୍‌କିଆ—ପ୍ରାଦେ. (ସମ୍ବଲପୁର) ଅବ୍ୟୟ—ଅଳ୍ପାଅଳ୍ପି; ଅଧାଅଧି; Darabuch-kiā ସାମାନ୍ୟରୂପେ—Slightly; partly partially.

ଦରବୁଢ଼ା—ଦେ. ବଣ. ପୁଂ (ସଂ ଦର=ଅର୍ଦ୍ଧ+ବୃଦ୍ଧ)—ଅର୍ଦ୍ଧବୃଦ୍ଧ; Daraburdhā ଅଧାବୁଢ଼ା; ପ୍ରବୀଣ; ଯେ ଅତିବୃଦ୍ଧ ନୁହେ; ପ୍ରୌଢ଼; आधबूढ़ो ଯାହାର ଯୌବନ ଟଳିଛି, ଅଥଚ ବାର୍ଦ୍ଧକ୍ୟ ପହଞ୍ଚି ନାହିଁ—दरबूढ़ो Somewhat old (male); somewhat **अधेड़** (ଦରବୁଢ଼ୀ—ସ୍ତ୍ରୀ) advanced in age.

ଦରବେଶ—ବୈଦେ. ବି (ଫା. ଦର୍‌ବେଶ୍; ଇଂ. ଡରଭିଷ୍; ଫା. Darabeś ଦର୍‌ବେଜା=ଭିକ୍ଷାବୃତ୍ତି; ଫା. ଦର୍=ଦ୍ୱାର+ଆବେଜ୍= **दरवेश; दरवेश** ଝୁଲାଇବା; ଯାହାପାଇଁ ଗୃହସ୍ଥ ଦ୍ୱାରରେ ବହୁ ଭିକ୍ଷାଦ୍ରବ୍ୟ ଝୁଲାଇ ରଖିଥାଏ)—୧ । ମୁସଲମାନ ଭିକ୍ଷୁକ—1. A Mahommedan beggar.

୨ । ଫକୀର; ମୁସଲମାନ ସାଧୁ—2. A Muslim mendicant; a dervish.

ଦରଭ—ଗ୍ରା. (ପଦ୍ୟ) ବି—ଦର୍ଭ (ଦେଖ)—Darbha (See). Darabha ଭରମ ରଜତ ଉପରାରେ ଦୁତ ପ୍ରକାଶ ହାସ ଦରଭ । ଗୋପେଶ, ଛନ୍ଦରେଖା ।

ଦରଭଙ୍ଗା—ଦେ. ବଣ—୧ । ଅଧାଭଙ୍ଗା—**Half-broken.** Darabhangā ଦେ. ବି. (ନାମ) ଦ୍ୱାରଭଙ୍ଗା (ଦେଖ)—आधाभाँगा Dwārabhangā. (See).

ଦରମରା(ଲା)—ଦେ. ବଣ—ଅର୍ଦ୍ଧମୃତ; ଅଧାମରା; ମୃତପ୍ରାୟ—Half-Daramarā(lā) dead; almost dead. दरमरा, आधमरा ମରମରେ ପଶି ଦରମରା କରେ ଏବେ ସ୍ମରଣ କେ ହୁ । **अधमरा, अधमुआ** କବିସୂର୍ଯ୍ୟ, ସଂଗୀତ ।

ଦରମା—ବୈଦେ. ବି (ଫା. ଦରମାହା)—ବେତନ; ଭୃତ୍ୟର ମାସିକ Daramā ନିର୍ଦ୍ଦିଷ୍ଟ ପାରଶ୍ରମିକ—Salary; fixed monthly दरमाहा; दरमाहि remuneration or pay. **दरमाहा** ଯେ ଦରମାରେ ତ ଗଣା ହେବ ନାହିଁ ।

ଦରମାଇ, ଦରମାହା, ଦରମାହି } ଅନ୍ୟରୂପ ଛଡ ପଦ ତୋର କଷ୍ଟ ଦରମାହି । ଭୁଖାକାଥ, ଦରବାର ।

ଦରମା ଖିଆ—ଦେ. ବଣ—ବେତନ ଭୋଗୀ; ଯେ ବେତନ ପାଇ ଚାକିରି Daramā khiā କରୁଥାଏ—Salaried; paid (servant). दरमाभोगी **तनखाहदार**

ଦରମାଦିଆ—ଦେ. ବଣ—୧ । ଯେଉଁ ଖାମିନ୍ଦ ଭୃତ୍ୟଙ୍କୁ ଦରମା ଦେଇ Daramādiā ଚାକିରି ରଖନ୍ତି—1. Maintaining servants with salaries.

୨ । ଯେଉଁ ଖାମିନ୍ଦ ଭୃତ୍ୟଙ୍କୁ ଦରମା ଦେବା ବିଷୟରେ ନିୟମିତ—2. Regular in paying salaries to the servants.

ଦରମାନ୍—ବୈଦେ. ବି (ଫା.ଦର୍ ମିଆନ୍=ଅନ୍ତରେ, ହୃଦୟରେ;ମଧ୍ୟ)—Daramān ୧ । ଦେବତା ଆଦିଙ୍କ ନାମ ଧରି ଶପଥ କରିବା—हलफ 1. Taking oath; swearing in the name of **दरमियान्** God or sacred things. (ଦରମାନ୍,ଦରମିଆନ୍—ଅନ୍ୟରୂପ)

୨ । ହଲପ—2. Oath.

ଦରମାନ୍ କରିବା—ଦେ. କ୍ରି—ହଲପ କରିବା—To swear, to Daramān karibā take oath. हलफकरा **दरमियान् करना**

ଦରମାନ୍ ଦେବା—ଦେ. କ୍ରି—ଅନ୍ୟ ବ୍ୟକ୍ତିଙ୍କୁ ହଲପ ଦେବା—Daramān debā To administer oath to another. हलफदेओवा; **दरमियान् देना**

ଦରମେଲା—ଦେ. ବଣ— ସମ୍ପୂର୍ଣ୍ଣରୂପେ ଉନ୍ମୁକ୍ତ କରାଯାଇ ନ ଥିବା—
Daramelā (ଦ୍ୱାର)—Partially opened
আধখুলা; अधखुला (door).

ଦରଳା—ଦେ. ବ (ସ. ଦଲ ଧାତୁ)—୧ । ଚକଟିବା—1. Kneading.
Daraḷā ୨ । ଘଷା ଚକଟା—2. Trampling or pressing.
দলা, दरना
୩ । ପୁଙ୍ଖାନୁପୁଙ୍ଖ ତଦନ୍ତ—3. Thorough enquiry.

ଦରଳା(ଳେ)ଇବା—ଦେ. କ୍ରି—ଦଳାଇବା (ଦେଖ)
Daraḷā(ḷe)iba Daḷāibā (See).

ଦରଳିବା—ଦେ. କ୍ରି. ସ. (ଦଲ୍ ଧାତୁ)—୧ । ଚକଟିବା—
Daraḷibā 1. To knead.
দলা ୨ । ଦଳନ କରିବା; ଦଳିବା—
दरना; दरबपना 2. To trample; to press together into
(ଦରଳା ଦରଳ କରିବା—ଅନ୍ୟରୂପ) a mass.
୩ । ମର୍ଦ୍ଦନ କରିବା; ପେଷିବା—
3. To crush; to bruise.
୪ । ଧ୍ୱଂସ କରିବା—4. To ruin.

ଦରଳି ହେବା—ଦେ.କ୍ରି.(ଦରଳିବାର କର୍ମବାଚ୍ୟରୂପ)—୧ । ଗାଣ୍ଠି ଚକଟି
Daraḷi hebā ହେବା—1. To be trampled or pressed.
୨ । ଅତ୍ୟନ୍ତ କ୍ଲିଷ୍ଟ ହେବା—
2. To be afflicted or pestered.
୩ । ଭୂମିରେ ଗଡ଼ାଗଡ଼ି ଦେବା ବା ଲୁଟିବା—
3. To roll on the ground; to wallow.

ଦରୱାଜା—ବୈଦେ. ବି.—ଦରଜା (ଦେଖ)
Darawājā Darajā (See)

ଦରଶ୍—ବୈଦେ. ବି. (ଇଂ. ଡ୍ରେସ୍)—ପୋଷାକ; କର୍ମଗୃହ ଓ ଭୃତ୍ୟମାନଙ୍କର ନିର୍ଦ୍ଧାରିତ ପରିଧେୟ ବସ୍ତ୍ର—
Daraś Uniform.
ড্রেস্
दरस (ଦରେଶ୍—ଅନ୍ୟରୂପ)

ଦରଶ—ଗ୍ରା. (ପଦ୍ୟ) ବି.—୧ । (ସ. ଦର୍ଶ) ଅମାବାସ୍ୟା—
Daraśa The new-moon day of a lunar month.
দরস অଷ୍ଟାବକ୍ର ହୋଇଲେ ଦରଶ ପୌର୍ଣ୍ଣମୀ
दरश ପଦେ ବାରମାସ ଅଛେ ଯାର ନେମୀ । କୃଷ୍ଣସିଂହ. ମହାଭରତ. ବନ ।
୨ । (ସ. ଦର୍ଶନ)—ଦରଶନ—2. Seeing.
ଦରଶ ପରଶ ନରେଖା; ନ ଥିବ କଛ ମନେ ବାଞ୍ଛା ।
ଭୂପତି—ପ୍ରେମପଞ୍ଚାମୃତ ।
[ଦ୍ର—ଦରଶ ପରଶର ସହଚର ଶବ୍ଦରୂପେ ବ୍ୟବହୃତ ।]

ଦରଶନ—ଗ୍ରା. (ପଦ୍ୟ) (ସ. ଦର୍ଶନ)—
Daraśana ୧ । ଦର୍ଶନ; ଦେଖିବା—1. Seeing.
দরশন ମନ୍ତ୍ରୀକ୍ରମସ୍ ଅସୁର ଦରଶନ । କୃଷ୍ଣସିଂହ. ମହାଭରତ, ବନ ।
दरशन ୨ । ଦେବତାଙ୍କ ଦର୍ଶନ କରିବା—
2. Visiting and bowing to a Deity; paying respects to an idol
୩ । ପୁଂ—ଲୋକଙ୍କୁ ଦିଆଯିବା ନାମ—
3. A name given to males.

ଦରଶନକ ମୋହି(ହେ)ନୀ—ଦେ. ବ. ସ୍ତ୍ରୀ. (ସ. ଦର୍ଶକ+ମୋହନୀ)—
Daraśanaka mohi(he)ni ଯାହାକୁ ଦେଖିବା ଲୋକ ମୁଗ୍ଧ ହୁଏ—
Charming (woman).
ଦରଶନକ ମୋହନୀ—ଦରଶନ କଲା ହୋଇର କାମକୁ ଜୋହିଲେ ଥାଏ ନ ମାନ ।
କବିସୂର୍ଯ୍ୟ. ଛାନ୍ଦ ଗୀତ ।

ଦରଶନ ଦେବା - ଦେ. କ୍ରି—ଦେଖା ଦେବା—
Daraśana debā To grant interview; to appear
দর্শন দেওয়া before. ମୋ ନୟନ ବେନ କ ଦେଲେ ଦରଶନ ।
दरशन देना କୃଷ୍ଣସିଂହ. ମହାଭରତ. ବନ ।

ଦରଶନ ପାଇବା—ଦେ. କ୍ରି—ଦେଖିବା—
Daraśana pāibā To see; to have a sight of.
দর্শন পাওয়া दरशन पाना

ଦରଶନ ମିଳିବା—ଦେ. ବ—କୌଣସି ବ୍ୟକ୍ତି ବା ଦେବପ୍ରତିମାଙ୍କର
Daraśana miḷibā ଦେଖା ମିଳିବା—Having an
দরশন মিলা interview with or a sight of
दरशन मिलन (a porson or idol).

ଦରଶନ ପରସନ—ଗ୍ରା. ବ—ଦରଶପରଶ (ଦେଖ)
Daraśana parasana Daraśaparaśa (See).

ଦରଶନି (ଇତ୍ୟାଦି)—ଗ୍ରା. ବ—ଦର୍ଶନି ଇତ୍ୟାଦି (ଦେଖ)
Daraśani (etc) Darśani etc. (See)
ଗ୍ରା. ବଣ—ମେଳା, ଉତ୍ସବ, ଦେବତା ଓ ଯାତ୍ରା ଆଦିକୁ ଯିବାବେଳେ ପିନ୍ଧିବା ଲାଗି ଗରିବ ଘରର ଲୋକେ ସାଇତି ରଖିଥିବା ଅପେକ୍ଷାକୃତ ଉଚ୍ଚ ମୂଲ୍ୟର ବା ରଙ୍ଗୀନ୍ ବା ପରିଚ୍ଛନ୍ନ (ଶାଢ଼ୀ ବା ଲୁଗା)-(a cloth) Which is put on on occasions of visiting shrines and fairs.
(ଯଥା—ଦରଶନି ଶାଢ଼ୀ; ଦରଶନି ଲୁଗା ।)

ଦରଶନିଆ(ଆଁ)—ଗ୍ରା. ବଣ—ଦରଶନି (ଦେଖ)
Daraśaniā(āṅ) Daraśani (See)
ଦେ. ବ. (ଅନାଦରସୂଚକ)—ଦର୍ଶନନାମକ ବ୍ୟକ୍ତିର ଡାକ—
ନାମ—A name for calling Darasana.

ଦରଶ ପରଶ—ଗ୍ରା. ବ (ସହଚର) ୧ । (ସ. ଦର୍ଶନ+ସ୍ପର୍ଶନ)—ଦେଖା
Daraśa paraśa ଓ ଛୁଆଁ—1. Seeing and touching.
দরশনপরসন ୨ । (ଧ୍ୱନ୍ୟନୁକାରୀ ସହଚର) ଦେଖାସାକ୍ଷାତ୍—
दरशनपरसन 2. Interview.

ଦରଶା(ଶେ)ଇବା—ଗ୍ରା. କ୍ରି. (ପଦ୍ୟ) (ସ. ଦୃଶ୍ ଧାତୁ ଣିଚ୍ ଦର୍ଶି ଧାତୁ)—
Daraśā(śe)ibā ୧ । ଦର୍ଶାଇବା; ଉପସ୍ଥାପିତ କରିବା—1. To
দরশান adduce; to cite; to produce.
दरशाना (ଯଥା—ପ୍ରମାଣ ଦରଶାଇବା; କାରଣ ଦରଶାଇବା ।)
୨ । ଦେଖାଇବା; ପ୍ରକଟିତ କରିବା—
2. To show; to exhibit.

ଦରଶିବା—ଗ୍ରା. (ପଦ୍ୟ) କ୍ରି—(ସ. ଦୃଶ ଧାତୁ)—୧ । ଦେଖାଇବା;
Daraśibā ପ୍ରଦର୍ଶିତ କରିବା—1. To show; to exhibit.
দরশা ନାନା ବନ୍ଧେ ଉଦରସେ ଦରଶିଲେ
दरसना କାମକଳା କୁଶଳ ଦରଶିଲେ । ଗ୍ରାମୀ ଶିଶୁଶଙ୍କର ଉଷା ଅଭିଳାଷ ।
୨ । ପ୍ରକାଶିତ ହେବା; ଦେଖାଯିବା; ଦର୍ଶିବା—
2. To be seen; to appear.

ଦରଶୀ—ଗ୍ରା. (ପଦ୍ୟ) ବିଣ—ଦର୍ଶୀ (ଦେଖ)
Darasi Darsi (See)
ଦରଶୀ ଭବରେ ଯାଙ୍କ ମନ ଦୃଢ଼ ହେବ—ପ୍ରାଚୀ ଶ୍ରୀ ଗୁରୁଭକ୍ତିଗୀତା ।

ଦର ଶ୍ଳଥ—ସଂ. ବଣ (ଦର+ଶ୍ଳଥ)—ଦରଢ଼ୁଗୁଳା—
Dara slatha Half-loosened.
କଞ୍ଚୀମେଖଳାବ କାଞ୍ଚଦାମ ଦରଶ୍ଳଥ—ପ୍ରାଚୀ. ରସକଲ୍ଲୋଳ ।

ଦରସଲ୍—ପ୍ରାଦେ. ଅ (ବାଲେଶ୍ୱର)—ଆଦୌ; ଜମାରୁ—
Darasal At all.
आदौ ଚାକର ଘରକରଣା ବୃତ୍ତି ଦରସଲ ନ ଥିଲା—ଫକୀରମୋହନ, ଛମାଣଆଠଗୁଣ୍ଠ ।
बिलकुल

ଦରସିଝା (ଝା)—ଦେ. ବ (ସଂ. ଅର୍ଦ୍ଧସିଦ୍ଧ)—ସମ୍ପୂର୍ଣ୍ଣରୂପେ ସିଦ୍ଧ ହୋଇ ନ ଥିବା—Half boiled.
Darasijha (jha)
ରାଜସ ଲୋକର ଯେ ଭୋଜନ କଥା ଶୁଣି
ଅଲଣା ଦରସିଝା ଭୃଷ୍ଟର ସ୍ୱାଦୁ ମଣି । ପୀତାମ୍ବର. ନୃସିଂହପୁରାଣ ।

ଦରସୋଦର ହାସୀ—ଦେ.ବଣ (ସଂ, ଦର+ସୋଦର+ହାସିନୀ; ଦର=ଶଙ୍ଖ, ସୋଦର=ବନ୍ଧୁ ଅର୍ଥାତ୍ ସମାନ ହାସ ଯାହାର)—ଶୁଭ୍ରହାସଯୁକ୍ତା—Laughing heartily; smiling brightly.
Darasodara hasi
ସୁନ୍ଦର ଦର-ସୋଦର-ହାସୀ କହନ୍ତି—ଉପେନ୍ଦ୍ରଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଦରସ୍ଫୁଟହାସ—ସଂ. ବ—ଈଷତ୍‌ହାସ୍ୟ—
Darasphutahasa Smile
(ଦରସ୍ଫୁଟହାସା—ସ୍ତ୍ରୀ) ସଂ. ବଣ. ପୁଂ—ଈଷତ୍ ହାସ୍ୟକାରୀ—Smiling.

ଦରସ୍ଫୁଟହାସୀ—ଦେ. ବଣ. ସ୍ତ୍ରୀ (ସଂ. ଦରସ୍ଫୁଟହାସା)—ଈଷତ୍ ହାସ୍ୟକାରିଣୀ—Smiling.
Darasphutahasi
ମଁଉଣୀ ବଶର ବଦନରେ ସ୍ଫୁଟାଣି
ଲକ୍ଷ ହେବାରୁ ଦରସ୍ଫୁଟହାସୀ—କବିସୂର୍ଯ୍ୟ. ସଙ୍ଗୀତ ।

ଦରହ—ପ୍ରାଦେ (ସମ୍ବଲପୁର) ବ (ସଂ. ହ୍ରଦର ବିପର୍ଯ୍ୟସ୍ତ ଉଚ୍ଚାରଣ) ନଦୀ ଅବର ଗଭୀର ବା ଗଭୀର ଅଂଶ—
Daraha Deep part of a river or lake.

ଦରହସା—ଦେ. ବିଣ ପୁଂ (ସଂ. ଦରହସିତ)—୧ । (ମନାର୍ଥ) ଉଚ୍ଚହାସ୍ୟକାରୀ; ଅଟ୍ଟହାସକାରୀ—1. (bad sense) Given to loud laughter.
Darahasa
(ଦରହସୁରା—ଅନ୍ୟରୂପ)
ଦରହସୀ } ସ୍ତ୍ରୀ
ଦରହସୁରୀ }
୨ । ଈଷତ୍‌ହାସ୍ୟକାରୀ—2. Smiling.
୩ । (ମନାର୍ଥ) ଯେ ସାମାନ୍ୟ କଥାରେ ହସେ (ଏପରି ହସିବା ଦ୍ୱାରା ଗାମ୍ଭୀର୍ଯ୍ୟର ଅଭାବ ସୂଚିତ ହୁଏ)—3. (bad sense) Given to laughing on slight provocation (which indicates want of seriousness).

ଦରହସିତ—ସଂ. ବିଣ. ପୁଂ (ଦର+ହସିତ)—ଈଷତ୍‌ହାସ୍ୟଯୁକ୍ତ—
Darahasita Smiling.
(ଦରହସିତା—ସ୍ତ୍ରୀ) ସଂ. ବି—ମୃଦୁ ହାସ—Smile.
କ ସୁନ୍ଦର ଦରହସିତ—କବିସୂର୍ଯ୍ୟ. ସଙ୍ଗୀତ ।

ଦରହାମ୍—ବୈଦେ. ବି (ଆ. ଦରହମ୍; ଫା. ଦର୍ହମ୍)—ପାରସ୍ୟ, ଆରବ ଆଦି ଦେଶପ୍ରଚଳିତ ରୌପ୍ୟମୁଦ୍ରାବିଶେଷ—
Daraham A silver coin used in Persia and Arabia; dirhem; dirham.
दरहाम
दरहम

ଦରହାସ—ସଂ. ବ. (ଦର=ଈଷତ୍+ହାସ)—୧ । ଈଷତ୍‌ହାସ୍ୟ—
Darahasa 1. Smile.
୨ । ଯେଉଁ ହସରେ ଦାନ୍ତ ଦେଖାଯାଏ—
2. Laugh by showing the teeth.
ଏ ବାଣୀ ଶୁଣି ଶାରଙ୍ଗପାଣି ବୋଲନ୍ତି ଦରହାସେ ।
ଭକ୍ତଚରଣ. ମଥୁରାମଙ୍ଗଳ ।

ଦରହାସୀ—ଦେ.ବଣ. ସ୍ତ୍ରୀ. (ସଂ. ଦରହସିତା)—ଈଷତ୍ ହାସ୍ୟଯୁକ୍ତା(ସ୍ତ୍ରୀ)-Smiling (woman).
Darahasi
ଈଷିଲ ସୁନ୍ଦର ଦରହାସୀ କ ଭଙ୍ଗୀ ରଙ୍ଗର
ହେବ ପଦେ ସେ ତୋଷ ରସର ହେ । ଉପେନ୍ଦ୍ରଭଞ୍ଜ. ପ୍ରେମସୁଧାନିଧି ।

ଦରାଜ—ବୈଦେ.ବ. (ଇଂ. ଡ୍ରୟର୍; ଫା. ଦରାଜ୍. ବିଣ=ମୁକ୍ତ, ବିସ୍ତୃତ, ଦୀର୍ଘ)—ଟେବଲ ବା ଅଲମାରି ଭିତରେ ଥିବା ଡାଲା, ଯାହାକୁ ପଦାକୁ ବାହାର କରିଯାଇ ପାରେ ଓ ଭିତରକୁ ଠେଲି ଯାଇ ପାରେ—Drawer of a table, cabinet or desk; sliding box which can be pulled out and pushed in.
Daraja
दराज
दराज

ଦରାଞ୍ଚି—ଦେ. ବି. (ସଂ. ଦାତ୍ର)—ଉଚ୍ଚସ୍ଥାନରୁ କଣ୍ଟା ବା ଡାଳ ପ୍ରଭୃତି କାଟିବା ପାଇଁ ଯେଉଁ ଲଗି ଅଗରେ ଖଣ୍ଡିଏ ଦାଆ ଦୃଢ଼ଭାବରେ ସଂଲଗ୍ନ ହୋଇଥାଏ (ବାଲେଶ୍ୱର ଅଞ୍ଚଳରେ ଏହାର ବହୁଳ ବ୍ୟବହାର ଦେଖାଯାଏ)—A long pole with a scythe firmly attached to the top to cut branches etc from high trees.
Daranchi

ଦରାଣ୍ଡିବା—ଦେ. କ୍ରି. (ସଂ. ଦୁଁଢନ=ଅନ୍ୱେଷଣ, ହି. ଶବ୍ଦସାଗର)—ଅନ୍ଧାରୁଆ ବା ପାଣିଭିତରେ ହାତ ବୁଲାଇ କୌଣସି ଦ୍ରବ୍ୟକୁ ଇତସ୍ତତଃ ଖୋଜିବା; ଅଣ୍ଡାଳିବା—To search a thing in the dark or inside water; to grope for a thing in the dark or in water.
Darandiba
हातड़ाना
टटोलना; हिँड़ोलना
ଚାହିଁ ସେ ପାଣ୍ଡୁସୁତେ ହାତରେ ଦରାଣ୍ଡି ।
କୃଷ୍ଣସିଂହ. ମହାଭାରତ ବନ ।

ଦରାଣ୍ଡି ହେବା—ଦେ. କ୍ରି—୧ । ଅନ୍ଧାରରେ ଇତସ୍ତତଃ ଖୋଜି ହେବା—
Darandi heba 1. To be groping in the dark.
हातड़ाना
टोहना
ଦରାଣ୍ଡି ହୁଅନ୍ତି ଅହା, ମହାଘୋରତମେ ପାନ୍ଥରନ୍ତି—
ରଘୁନାଥ. ମହାଯାତ୍ରା ।
୨ । ବ୍ୟାକୁଳ ହୋଇ ଘାଣ୍ଟି ହେବା—
2. To flounder; to be restless with affliction.
୩ । କିଂକର୍ତ୍ତବ୍ୟବିମୂଢ଼ ହୋଇ ବ୍ୟସ୍ତ ହେବା—
3. To be bewildered; to be puzzled.
୪ । ଇତସ୍ତତଃ ଚଞ୍ଚଳ ହେବା—
4. To struggle to and fro.
ଦରାଣ୍ଡି ହୋଇ ଅଧେ କାଣ୍ଡେ ଅନ୍ଧ ଗ୍ରସ୍ତେ—କୃଷ୍ଣସିଂହ. ମହାଭାରତ. ବନ ।
୫ । ସାଂସାରିକ ଜଞ୍ଜାଳ ବା ଧନ୍ଦାରେ ଘାଣ୍ଟି ହେବା—
5. To be pestered by or involved in worldly entanglements.

ଦରି—ସଂ. ବ. ସ୍ତ୍ରୀ (ଦର+ସ୍ତ୍ରୀ ଇ)—୧ । ପର୍ବତଗୁହା—
Dari 1. Cavern; mountain-cave.

दरी ୨ । କୁତ୍ସିତା ସ୍ତ୍ରୀ (କ୍ଲୀବେନ୍ଦ୍ର)—
दरी 2. An ugly woman; a hag.
(ଦରୀ—ଅନ୍ୟରୂପ) ଦେ. ବ (ସଂ. ସ୍ତର)—୧ । ସତରଞ୍ଚି—
1. Satranji; durry; carpet of cotton-thread.
୨ । ଛିଦ୍ରବିଶିଷ୍ଟ ଲୌହ ପିଣ୍ଡ, ଯାହା ଉପରେ କମାର ତାତିଲା ଲୁହା ପଟ୍ଟକୁ ରଖି ଛେଣିରେ ଛିଦ୍ର କରେ—
2. A block of iron with a hole on it on which black-smiths place the iron to be bored.

ଦରିଆ—ବୈଦେ ବ (ଫା. ଦର୍‌ଇୟା)—୧ । ସାଗର, ସମୁଦ୍ର—
Dariā 1. Ocean; sea
दरिया ୨ । ସମୁଦ୍ର ପରି ବିସ୍ତୃତ ଜଳଭାଗ—2. A wide
दरिया expanse of water like the ocean.
(ଦରିୟା—ଅନ୍ୟରୂପ) ୩ । ବଡ଼ ଚଉଡ଼ା ନଈ—
3. A broad river.
ପ୍ରାଦେ. (ସମ୍ବଲପୁର) ବ—ଖାଇ; କେନାଲ୍—Canal; moat.

ଦରିଆ ଘୋଡ଼ା—ଦେ. ବ. (ଫା. ଦର୍‌ଇଆ + ସଂ. ଘୋଟକ)—ସିନ୍ଧୁ-
Dariā ghordā ଘୋଟକ—Hippopotamus.
सिन्धु घोटक [ଦ୍ର—ଏହା ଗଣ୍ଡାର ଚମଡ଼ା ପରି ମୋଟ ଚର୍ମ-
दरियाई घोड़ा ବିଶିଷ୍ଟ ଓ ଗଣ୍ଡା ଆକାରର ଚତୁଷ୍ପଦ ଜଳଚର ଜୀବ । ଏମାନେ ଦଳଦଳ ହୋଇ ଅଫ୍ରିକାର ନଦୀମାନଙ୍କରେ ରହନ୍ତି । ଏମାନେ ନଦୀକୂଳର ସ୍ଥଳରେ ବିଚରଣ କରି ଘାସ ଓ ଗଛପତ୍ର ଖାଆନ୍ତି ଓ ରାତିରେ ନଦୀର ଉପକୂଳସ୍ଥ କ୍ଷେତମାନଙ୍କରେ ଚରନ୍ତି; ହଠାତ୍ ମାଡ଼ ଭୟର କାରଣ ଉପସ୍ଥିତ ହେଲେ ପାଣିକୁ ପଳାନ୍ତି । ଏମାନେ ବହୁକ୍ଷଣ ପାଣିରେ ବୁଡ଼ି ରହି ପାରନ୍ତି ନାହିଁ; ନିଶ୍ୱାସ ମାରିବା ପାଇଁ ପାଣି ଉପରକୁ ମୁହଁ ଉଠାନ୍ତି । ଏମାନଙ୍କ ଚମଡ଼ାରୁ ଏକପ୍ରକାର ଚାବୁକ ତିଆରି ହୁଏ ।]

ଦରିଆ ଚି(ଚୁ)ଙ୍ଗୁଡ଼ି—ପ୍ରାଦେ. (ସମ୍ବଲପୁର) ବ—ଦରିଆ ବା ସମୁଦ୍ରର
Dariā chi(chu)ṅgurdi ଚିଙ୍ଗୁଡ଼ି; ଲୁଣି ଚିଙ୍ଗୁଡ଼ି—
Shrimp or prawn belonging to the sea

ଦରିଆଦିଲ୍(ଲି)—ବୈଦେ. ବିଣ (ଫା) —୧ । ଉଦାର ହୃଦୟ—
Dariādil(li) 1. Liberal-minded.
दिल दरिआ ୨ । ଖୋଲାମନ—2. Open-minded.
दरियादिल ୩ । ଦାନଶୀଳ – 3. Liberal; generous.
[ଦିଲ୍‌ଦ(ଦା)ରିଆ—ଅନ୍ୟରୂପ]

ଦରିଆପତ୍—ବୈଦେ. ବ (ଫା. ଦର୍‌ୟାପ୍ତ୍—ଜ୍ଞାତ)—
Dariāpat ୧ । ବିଚାର; ବିବେଚନା—1. Consideration.
दरियाफत ୨ । ନ୍ୟାୟ ବିଚାର—2. Adjudication
दरियाफत ୩ । ଅନୁସନ୍ଧାନ—3. Investigation; enquiry.
ଦରିଆପତ୍, ଦରିୟାପ୍ତ, ଦରିଆପ୍ତ — ଅନ୍ୟରୂପ ବିଣ—୧ । ଜ୍ଞାତ — 1. Known.
୨ । ବିବେଚିତ — 2. Considered.

ଦରିଆ ପାଇଚ୍ଛା—ବୈଦେ. ବି (ଫା. ଦର୍‌ୟା ଓ ପାଦ୍‌ଶାହାରୁ)—
Dariā pāichhā ସମୁଦ୍ରର ରାଜା; ସମୁଦ୍ରରେ ଯେଉଁ ରାଜାଙ୍କର
दरियाकी पादसा ରଣତରୀମାନ ଅବାଧରେ ଗମନାଗମନ କରେ—
King over seas.
ଦରିଆ(ୟା)ପାଚ୍ଛା, ଦରିୟା(ଆ)ପାଛା, ଦରିୟା ପାଇଛା — ଅନ୍ୟରୂପ (ଯଥା—ଆମ ଭାରତସମ୍ରାଟ ଦରିଆପାଇଚ୍ଛା ଅଟନ୍ତି ।)
[ଦ୍ର—ଆମ ଦେଶରେ ଚିଲିକା ହ୍ରଦକୁ ସ୍ଥାନୀୟ ଲୋକମାନେ 'ଦରିଆ' ନାମରେ ଡାକନ୍ତି ଓ ପାରିକୁଦର ରାଜାଙ୍କୁ 'ଦରିଆପାଇଚ୍ଛା' ବୋଲି କହନ୍ତି ।]

ଦରିଆ ପାରି(ରି)—ଦେ.ବିଣ—୧ । ସମୁଦ୍ରର ଅପର ପାରରେ ଅବସ୍ଥିତ-
Dariā pār(ri) 1. Situated on the other shore of
दरिआपार the ocean.
दरिया पार (ଯଥା— ସାତ ସମୁଦ୍ର ଦରିଆପାରି ଦେଶ ।)

ଦରିଆ ପାରି—ଦେ. ବି—୧ । ସମୁଦ୍ରର ଅପରପାରି —
Dariā pāri 1. The other side across the sea.
दरिया पार ୨ । ବହୁଦୂରସ୍ଥ ଅଜ୍ଞାତ ସ୍ଥାନ; ସାତସମୁଦ୍ର ଲଙ୍ଘା ପାରି
दरियापार ସ୍ଥାନ; ଯେଉଁ ସ୍ଥାନକୁ ଯିବାକୁ ହେଲେ ସମୁଦ୍ର-ଯାତ୍ରା କରିବାକୁ ହୁଏ—2. A very distant place beyond the seas, to reach which one has to take a sea-voyage.
(ଯଥା—ସାହେବମାନେ ସାତ ସମୁଦ୍ର ଦରିଆପାରିରୁ ଆସି ଆମ ଦେଶରେ ରାଜତ୍ୱ କରୁଅଛନ୍ତି ।)
ଦେ. ବିଣ – ଦରିଆପାର୍ (ଦେଖ)
Dariāpār (See)

ଦରିଆ ପୀର—ବୈଦେ. ବି—(ଫା)—ସମୁଦ୍ରଯାତ୍ରୀ ମାଝିମାନଙ୍କ
Dariā pira ପୂଜା କରିବା ଦେବତାବିଶେଷ—A sea-deity
दरिआ पीर worshipped by the sailors.
दरिया पीर ଉଦାହରଣ :– 'ଦରିଆପୀର୍', ଖଇରମାନେ,-'ବଂ-ସୁଁ'
ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଦରିଆ ବରାମଦ୍—ବୈଦେ. ବି (ଫା)—ଯେଉଁ ଜମି ପୂର୍ବେ ନଦୀ
Dariā barāmad ବା ସମୁଦ୍ର ଗର୍ଭରେ ଥିଲା, ବର୍ତ୍ତମାନ ପଙ୍କ
दरिया बरामद ପଡ଼ିବାରୁ ଜମା ସମୁଦ୍ର ବା ନଦୀ ଶୁଖି ଯିବାରୁ
(ଦରିଆ ବରଗ୍ରୁ – ଅନ୍ୟରୂପ) ଆବାଦ ହୋଇଅଛି—Land reclaimed from the bed of a river or the sea.

ଦରିଆ ବୁର୍ଦ୍—ବୈଦେ. ବି (ଫା)—ଯେଉଁ କ୍ଷେତ ବା ଜମିକୁ ନଦୀ ବା
Dariā burd ସମୁଦ୍ର ଖାଇ ଯାଇଅଛି—Land washed away.
दरियाबुर्द by a river or by the sea

ଦରିତ—ସଂ. ବିଣ. (ଦର=ଭୟ+ଯୁକ୍ତାର୍ଥେ ଇତ,)—
Darita ୧ । ଭୀତ; ଶଙ୍କିତ—1. Terrified; frightened.
୨ । କମ୍ପିତ – 2. Shaken.
୩ । (ଦୃ ଧାତୁ=ବିଦୀର୍ଣ୍ଣ କରିବା + କର୍ମ. ତ) ବିଦୀର୍ଣ୍ଣ –
3. Rent; burst.
୪ । ବିଭକ୍ତ—4. Split up; divided.
ବି. କ୍ଲୀ. (+କରଣ. ତ)—ଦୁଃଖ—Sorrow; misery.
ରହି ଦେବା ଏରେ ଦରିତର ବାଲୀ
ବଳେତା ପ୍ରଣୟ ଦରିତ ହଠାତ । ଅଜସ୍ରବିଳ, ଶେଷବଳୀ ।

ଦରିଦ୍ର— ସଂ. ବିଣ. ପୁଂ. (ଦରିଦ୍ରା ଧାତୁ=ନିର୍ଦ୍ଧନ ହେବା+କର୍ତ୍ତୃ. ଅ)— Daridra ୧ । ଗରିବ; ଧନହୀନ; କଙ୍ଗାଳ; ରଙ୍କ— (ଦରିଦ୍ରା—ସ୍ତ୍ରୀ) 1. Poor, poverty-stricken; indigent. ୨ । ଅଭାବଗ୍ରସ୍ତ—2. Wanting; in need; needing; needy. (ଯଥା—ସେ ଧନୀ ହେଲେ କଅଣ ହେବ, ଅପତ୍ୟାଦ ବିଷୟରେ ଦରିଦ୍ର ଅଛନ୍ତି ।) ୩ । କ୍ଷୀଣ—3. Wasted; lean; emaciated on account of distress; distressed.

ଦରିଦ୍ରତା— ସଂ. ବି. (ଦରିଦ୍ର+ଭାବେ. ତା)—ଦାରିଦ୍ର୍ୟ; ଦରିଦ୍ରପଣିଆ— Daridratā Poverty; indigence.

ଦରିଦ୍ର ନାରାୟଣ— ସଂ. ବି. (ରୂପକ; ଦରିଦ୍ରରୂପୀ ନାରାୟଣ)— Daridra nārāyaṇa ନାରାୟଣରୂପେ କଳ୍ପିତ ଦରିଦ୍ର ବ୍ୟକ୍ତି— The poor in whom God is existent and by serving whom a man is taken to serve God.

ଦରିଦ୍ର ନାରାୟଣ ସେବା— ସଂ. ବି—ଦରିଦ୍ରଙ୍କୁ ସାହାଯ୍ୟ କରିବାଦ୍ୱାରା Daridra nārāyaṇa sebā ନାରାୟଣଙ୍କ ସେବା କରିବା— The service of God through that of the poor; service of the poor which is tantamount to the service of God.

ଦରିଦ୍ର ନିଧି— ସଂ. ବି. (ଉପମା; ଦରିଦ୍ର ଲୋକରେ ନିଧି ଯେଉଁପରି ପ୍ରିୟ Daridra nidhi ସେହିପରି ପ୍ରିୟ ବ୍ୟକ୍ତି)—ରଙ୍କରତନ; ରଙ୍କ-ଶଂଖାଳି; ଦରିଦ୍ର ପକ୍ଷରେ ନିଧି ପରି; ପ୍ରିୟତମ ବ୍ୟକ୍ତି— One's dearest person.

ଦରିଦ୍ର ନିଧିଙ୍କ ଭୂଷଣ, ଦେଖୁଥିଲେ ଦେଖୁଥିବାକୁ ମୋ ମନ
ଧାଇଁଥାଏ ନିତ ନିତ । କବିସୂର୍ଯ୍ୟ. ସଙ୍ଗୀତ ।

ଦରିଦ୍ର ପଞ୍ଚାକ୍ଷର— ଦେ. ବି. (ବ୍ୟଙ୍ଗ)—'କଣ କରିବି' ଏହି ପାଞ୍ଚ Daridra pañchākshara ଅକ୍ଷର—(ironical) The five (ଦାରିଦ୍ର୍ୟ ପଞ୍ଚାକ୍ଷର—ଅନ୍ୟରୂପ) Oria letters in the phrase 'Kaṇa Karibi' which means what shall I do always repeated by a man in extreme poverty or want. [ଦ୍ର—ଦରିଦ୍ର ଲୋକ ସର୍ବଦା ଅଭାବଗ୍ରସ୍ତ ଥିବାରୁ 'କଣ କରିବ' ବୋଲି ସର୍ବଦା ଜପ କଲା ଭଳି ଚିନ୍ତା କରୁଥାଏ ।]

ଦରିଦ୍ର ବୁଦ୍ଧି—ଦେ. ବି—ଧନ ସମ୍ବନ୍ଧେ ଛୋଟ ବୁଦ୍ଧି; ହୀନଦୃଷ୍ଟି, ରଙ୍କ-Daridra buddhi ପଣିଆ—Meanness in money matters; mean-mindedness where money is concerned.

ଦରିଦ୍ର ଶଙ୍ଖାଳି—ଦେ. ବି. (ସଂ. ଦରିଦ୍ର+ଶଙ୍ଖାଳ)—୧ । ଗରିବର Daridra śankhāḷi ଆଶ୍ରୟ; ଦୁଃଖୀର ସମ୍ବଳ; ଗରିବର ସମ୍ପତ୍ତି— দরিদ্রের ধন 1. The prop of the poor; the shelter, rest or stay of the poor; the treasure of the poor. ୨ । ଦରିଦ୍ରନିଧି (ଦେଖ)—2. Daridra-nidhi (See)

ଦରିଦ୍ର ଶଙ୍ଖାଳି ମୋ'ର ଅଙ୍କର ଲକ୍ଷ୍ମୀ । କବିବର୍ଣ୍ଣୋର. ସୀତା ବନବାସ ।

ଦରିଦ୍ରା (ଧାତୁ)— ସଂ (ଦରିଦ୍ର ଶବ୍ଦରୁ ଗଠିତ ନାମ ଧାତୁ)—ନିର୍ଦ୍ଧନ Daridrā (root) ହେବା—To be indigent.

ଦରିଦ୍ରା—ସଂ. ବିଣ. ସ୍ତ୍ରୀ. (ଦରିଦ୍ର+ସ୍ତ୍ରୀ ଆ)—ଦରିଦ୍ରର ସ୍ତ୍ରୀଲିଙ୍ଗ— Daridrā Feminine of Daridra.

ସଂ. ବିଣ. ପୁଂ. (ଅନାଦରସୂଚକ ବ୍ୟବହାର, ଗାଳିରେ (ଦରିଦ୍ରାଣୀ—ସ୍ତ୍ରୀ) ବ୍ୟବହୃତ)—୧ । ରଙ୍କାଳିଆ; ହୀନବୁଦ୍ଧିଆ— কেঁগালে, কেঁগলা 1. Mean-minded in money matters. दरिद्री ୨ । ବିକଳା—2. Having inordinate hankering after petty things (like a povertystricken man). ୩ । ଅତ୍ୟନ୍ତ ଦରିଦ୍ର—3. Very poor.

କେଶବାସ ତେଜ ଦରିଦ୍ରାଣୀ ଭେକ ଥିଲ କେ ଗହନ ଏଥି ।
ଦୀନକୃଷ୍ଣ. ରସକଲ୍ଲୋଳ ।

ଦରିଦ୍ରାୟକ—ସଂ. ବିଣ—୧ । ଦରିଦ୍ରତା ଯୁକ୍ତ— Daridrāyaka 1. Poverty-stricken. ୨ । ନିର୍ଦ୍ଧନୀକୃତ; ସମ୍ପ୍ରତି ନିର୍ଦ୍ଧନ ହୋଇଥିବା— 2. Reduced to poverty; in poverished.

ଦରିଦ୍ରିତ—ସଂ. ବିଣ. (ଦରିଦ୍ରା ଧାତୁ+କର୍ତ୍ତୃ. ତ)— Daridrita ୧ । ନିର୍ଦ୍ଧନୀକୃତ—1. Reduced to poverty; impoverished. ୨ । ଦୁର୍ଗତ—2. Distressed; in straitened circumstances.

ଦରିଦ୍ରୀକୃତ—ସଂ. ବିଣ. (ଦରିଦ୍ର+ଅଭୂତ ତଦ୍‌ଭାବେ (ଚ୍ୱି) କୃ+ Daridrīkṛuta କ୍ତ)—ନିର୍ଦ୍ଧନୀକୃତ—Reduced to poverty; impoverished.

ଦରି- ସଂ. ବି. (ଦର+ଇ)-- ଦରୀ (ଦେଖ) Dari Dari (See)

ସଂ. ବିଣ. ପୁଂ. (ଦର+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)— ୧ । ଭୟଯୁକ୍ତ; ଭୀତ—1. Frightened; terrified.

ବଧିବା ହେବାରେ ଦରି ମନୋଦରୀ ବଚନ ଭଣାରେ ।
ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ।

୨ । ବିଦାରଣଶୀଳ—2. Rending. ୩ । ସକମ୍ପ—3. Trembling, tremulous.

ଦରୁଆନ୍— ବୈଦେ. ବି. (ଫା. ଦରବାନ୍)—୧ । ଦ୍ୱାରରକ୍ଷକ— Daruān 1. Door-keeper; porter. दरोयान ୨ । ବଡ଼ଲୋକଙ୍କ ସଦର ଦରୋଜାର ଜଗୁଆଳ— दरवान 2. Gate-keeper.

ଦରୁଆନି—ବୈଦେ. ବି. (ଫା)—ଦ୍ୱାର ରକ୍ଷକର କର୍ମ ବା ପଦବୀ— Daruāni The act or post of a porter. दरोयानी ବିଣ—୧ । ଦ୍ୱାର ରକ୍ଷକର ଉପଯୁକ୍ତ; ହୀନ (କର୍ମ)— दरवानी 1. (act) Befitting a door-keeper; menial (work). ୨ । ନୀଚ—2. Low; mean.

ଦରୁଟି—ଦେ. ବିଣ. (ସଂ. ଅର୍ଦ୍ଧ ତ୍ରୁଟି) – ଦରୋଟି (ଦେଖ) Daruṭi Daroṭi (See)

(ଦରୁଟଅ— ଅନ୍ୟରୂପ) କହଇ ଦରୁଟ ବଚନ, କେବଳ ଅମୃତ ସମାନ ।
ରାମଦାସ. ଦାର୍ଢ୍ୟଭକ୍ତି ।

ଦରେସ୍—ବୈଦେ. ବି. (ଇଂ. ଡ୍ରେସ୍)—ଦରସ୍ (ଦେଖ)
Dares Daras (See)

ଦରୋଗ ହଲପୀ(ଫୀ)—ବୈଦେ. ବି. (ଫା) (କଚେରୀ)—
Daroga halapī(phī) ୧ । ହଲପ କରି ମିଥ୍ୟା କହିବା—
दरोगहल्फी 1. Speaking falsehood on oath.
୨ । ମିଥ୍ୟା ସାକ୍ଷ୍ୟ ଦେବା ଅପରାଧ —
2. The offence of perjury.
ବିଣ (କଚେରୀ) ମିଥ୍ୟା ସାକ୍ଷ୍ୟ ଦେବାବାଲା —Perjured.

ଦରୋଗା—ବୈଦେ. ବି—ଦାରୋଗା (ଦେଖ)
Darogā Dārogā (See)

ଦରୋଦର—ସଂ. ବି—୧ । ଯେ ଜୁଆ ଖେଳେ—
Darodara 1. A gamester.
(ଦୁରୋଦର—ଅନ୍ୟରୂପ) ୨ । ଦ୍ୟୂତ କ୍ରୀଡ଼ା; ଜୁଆ ଖେଳ—
2. Gambling.
୩ । ପଶା ଖେଳ—3. The game of dice.
ଖେଳିବା ପ୍ରତି ରତ ବାସର କାମ କେଳି ଦରୋଦରେ ।
କବିସୂର୍ଯ୍ୟ. ରତ୍ନାକରଚଉତିଶା ।

ଦରୋଟି—ଦେ. ବିଣ. (ସଂ. ଅର୍ଦ୍ଧୋଷ୍ଠ)—
Daroṭi ୧ । ଅବ୍ୟକ୍ତ; ଅସ୍ପଷ୍ଟ; ଅର୍ଦ୍ଧୋଚ୍ଚାରିତ—
(ଦରୋଟିଆ—ଅନ୍ୟରୂପ) 1. Half-lisped; indistinctly uttered.
আধআধ ଶିଶୁର ଦରୋଟ ଅମୃତ ବଚନ । ମଧୁସୂଦନ. ଛନ୍ଦମାଳା ।
୨ । ଦରସିଝା—2. Parboiled; incompletely boiled.
(ଯଥା—ଦରୋଟ ଭାତ ।)
୩ । ଅପରିପକ୍ୱ—3. Immature.
(ଯଥା—ସେ ଭାଇ ଦରୋଟ ବୟସରୁ ସଂସାରରେ ପଶିଛି ।)
୪ । ଅପକ୍ୱ—4. Raw; unripe.
୫ । ଅର୍ଦ୍ଧ ପକ୍ୱ; ଦର ପାଚିଲା—
5. Half-ripe; partially ripe.
(ଯଥା—ଦରୋଟ ଆମ୍ବ ।)
କ୍ରି. ବିଣ—ସାମାନ୍ୟରେ; ଅଳ୍ପ ଅଳ୍ପ—Partly; partially.
(ଯଥା—ଯେତେ ଦରୋଟ ପାଚିଲା ଆମ୍ବ ଅଛି ସବୁତକ ଗଛରୁ ତୋଳ ।)

ଦରୋବସ୍ତ—ବୈଦେ. ବିଣ. (କଚେରୀ) (ଫା. ଦରୁଓବସ୍ତ)—
Darobasta ସମ୍ପୂର୍ଣ୍ଣ; ସମଗ୍ର—Whole; entire.
ଦରବସ୍ତ, ଦୁରବସ୍ତ, ଦୋରବସ୍ତ, ଦୋରୋବସ୍ତ } ଅନ୍ୟରୂପ
ସର୍ବନାମ —ସମସ୍ତ, ସବୁ—All.
କ୍ରି. ବିଣ—ସମ୍ପୂର୍ଣ୍ଣରୂପେ—
Completely; fully; entirely.
दरोबस्त **दरोबस्त**

ଦର୍କାର (ଇତ୍ୟାଦି) —ବୈଦେ. ବି—ଦରକାର ଇତ୍ୟାଦି (ଦେଖ)
Darkāra (etc) Darakāra etc. (See)

ଦର୍ଗା(ର୍ଘା) (ଇତ୍ୟାଦି)—ବୈଦେ. ବି—ଦରଗା ଇତ୍ୟାଦି (ଦେଖ)
Dargā(rghā) (etc) Daragā etc. (See)

ଦର୍ଜ (ଇତ୍ୟାଦି)— ବୈଦେ. ବି ଓ ବିଣ (ଫା) —ଦରଜ ଇତ୍ୟାଦି (ଦେଖ)
Darja (etc) Daraja etc. (See)

ଦର୍ଜନ୍—ବୈଦେ. ବି—ଡଜନ୍ (ଦେଖ) .
Darjan Dajan (See)
ଦରଜନ୍, ଦଜନ୍ } ଅନ୍ୟରୂପ
दर्जन, डजन **दर्जन**

ଦର୍ଜା—ବୈଦେ· ବି— ଦରଜା (ଦେଖ)
Darjā Darajā (See)

ଦର୍ଜି—ବୈଦେ, ବି. ପୁଂ — ଦରଜି (ଦେଖ)
Darji Darajī (See)
(ଦର୍ଜିଆଣୀ—ସ୍ତ୍ରୀ

ଦର୍ଦ(ର୍ଦ୍ଦ) (ଇତ୍ୟାଦି) —ବୈଦେ· ବି—ଦରଦ ଇତ୍ୟାଦି (ଦେଖ)
Darda(rdda) (etc) Darada etc. (See)

ଦର୍ଦ୍ଦର—ସଂ. ବି. ପୁଂ. (ସଂ· ଦୃ ଧାତୁ=ବିଦାରଣ କରିବା, ଦ୍ୱିତ୍ୱ=ଦର୍ଦର
Darddara ଧାତୁ+କର୍ତ୍ତୃ. ଅ)- ପର୍ବତ—Mountain.
ବିଣ — ୧ । ଦଦରା; ଈଷତ୍ ଭଙ୍ଗା—
1. Slightly broken; damaged.
୨ । ଫଟା—2. Cracked.

ଦର୍ଦ୍ଦରିକ—ସଂ· ବି— ୧ । ଝାଞ୍ଜ ବାଜା; ଏକ ପ୍ରକାର ଆନଦ୍ଧ ବାଦ୍ୟ—
Darddarika 1. A kind of drum.
୨ । ମେଘ—2. Cloud.
୩ । ବେଙ୍ଗ—3. Frog.

ଦର୍ଦ୍ଦୁର - ସଂ. ବି. ପୁଂ. କ୍ଲୀ. (ଦୃ ଧାତୁ=ଭୀତ ହେବା, ବିଦାରଣ
Darddura କରିବା+କର୍ତ୍ତୃ. ସଜ୍ଞାର୍ଥେ. ଉର; ଯେ ଭୀତ ହୋଇ ବୋବାଏ ବା ଯେ ଶବ୍ଦଦ୍ୱାରା କାନକୁ ବିଦାରଣ କରେ)-
୧ । ମଣ୍ଡୂକ; ଭେକ; ବେଙ୍ଗ—1. Frog; toad.
୨ । ମେଘ 2. Cloud.
୩ । (ଦର୍ଦ୍=ଅନୁକରଣ ଧ୍ୱନି+ଅସ୍ତି ଅର୍ଥରେ. ଉର)—
ଝାଞ୍ଜ; ଏକ ପ୍ରକାର ଢୋଲ ବାଇଦ; ବେଙ୍ଗ ବାଇଦ; ଆନଦ୍ଧ ବାଦ୍ୟବିଶେଷ—2 A kind of drum.
୪ । ଦାକ୍ଷିଣାତ୍ୟର ପଶ୍ଚିମଘାଟ ପର୍ବତର ଅଂଶବିଶେଷ—
4. Name of a mountain in the Deccan, a part of the Western Ghats.
[ଦ୍ର—ଏହା ମଳୟ ପର୍ବତକୁ ଲାଗିଛି । ହି. ଶବ୍ଦସାଗର ।]
୫ । ରାକ୍ଷସ; ନର ମାଂସ ଖାଦକ—
5 Demon; cannibal.
୬ । ଗ୍ରାମ ସମୂହ; ଗ୍ରାମ ସମାହାର—6. A collection or union of many villages; a village-union.
୭ । ଅଭ୍ରକ (ହି. ଶବ୍ଦସାଗର)—7. Mica; talc.

ଦର୍ଦ୍ଦୁରା—ସଂ. ବି. ସ୍ତ୍ରୀ ଚଣ୍ଡିକା; ଦୁର୍ଗା—
Darddurā A name of Goddess Durgā.

ଦଦ୍ରୁ(ର୍ଦ୍ରୂ)—ସଂ. ବି—ଦଦ୍ରୁ ରୋଗ; ଦାଦୁ—
Dardru (rdrū) Ringworm.

ଦର୍ଦ୍ରୁ(ର୍ଦ୍ରୂ)ଣ—ସ. ବଣ. ପୁଂ—ଦାଦୁଯୁ; ଦାଦୁଥା; ଦଦ୍ରୁଣ—
Dardru(rdrū)ṇa Suffering from ringworm.
(ଦର୍ଦ୍ରୁଣା—ସ୍ତ୍ରୀ)

ଦର୍ପ—ସ. ବ (ଦୃପ୍ ଧାତୁ=ଅହଙ୍କାର କରିବା+ଭାବେ. ଅ)—
Darpa ୧ । ଗର୍ବ; ଅହଙ୍କାର; ଦମ୍ଭ—1. Impudence; pride; arrogance; haughtiness.
୨ । (+କର୍ତ୍ତୃ. ଅ) କସ୍ତୁରୀମୃଗ—
2. Musk-deer.
୩ । ମୁହଁ ବାଲଙ୍ଗି—3. Boasting; bragging.
୪ । ତାପ; ଉତ୍ତାପ—4. Heat.
୫ । କସ୍ତୁରୀ (ହି. ଶବ୍ଦସାଗର)—5. Musk.
୬ । ଆତଙ୍କ (ହି. ଶବ୍ଦସାଗର)—6. Terror.
୭ । ମାନ; ଅହଙ୍କାର ଯୋଗୁ କୌଣସି ବ୍ୟକ୍ତିଠାରେ କୋପ (ହି. ଶବ୍ଦସାଗର)—7. Anger or displeasure due to wounded vanity.
ଦେ. ବ—୧ । ଉଗ୍ରତା—1. Ferocity.
୨ । ଉତ୍ପୀଡ଼ନ—2. Oppression.

ଦର୍ପକ—ସ. ବ (ଦୃପ୍ ଧାତୁ ଣିଚ ଦର୍ପି ଧାତୁ=ଦୀପ୍ତି କରାଇବା+କର୍ତ୍ତୃ. ଅକ)—ମଦନ; କାମଦେବ—
Darpaka Cupid; the God of love.
ବିଣ—୧ । ଉଦ୍ଦୀପକ—1. Inflammatory.
୨ । ଉତ୍ତେଜକ—2. Exciting; tending to incite.
୩ । ଯେ ମୁହଁବାଲଙ୍ଗି କରେ—3. Boastful.
୪ । ଗର୍ବିତ—4. Proud; arrogant.

ଦର୍ପ ଚୂର୍ଣ୍ଣ କରିବା—ଦେ.କ୍ରି—୧ । କୌଣସି ବ୍ୟକ୍ତିର ଗର୍ବକୁ ଅପମାନାଦି ଦ୍ୱାରା ଧ୍ୱଂସ କରିବା—
Darpa chūrṇṇa karibā
दर्पचूर्ण करना 1. To humiliate a person; to curb the
दर्प चूरन करना arrogance of a person.

ଦର୍ପଣ—ସ. ବ (ଦୃପ୍ ଧାତୁ=ଦୀପ୍ତି କରିବା+କର୍ତ୍ତୃ. ଅନ)—୧ । ଆରସି; ମୁକୁର—1. Mirror; looking glass.
Darpaṇa
୨ । ଚକ୍ଷୁ; ଆଖି—2 The eye.
୩ । ପର୍ବତବିଶେଷ—3 The name of a mountain.
୪ । ନଦୀବିଶେଷ—4. The name of a great river.

ଦର୍ପହର—ସ. ବଣ. ପୁଂ (ଦର୍ପ+ହୃ ଧାତୁ+କର୍ତ୍ତୃ. ଅ)—ଯେ ଅନ୍ୟର ଦର୍ପ ଚୂର୍ଣ୍ଣ କରେ—Crushing or curbing the pride of another
Darpahara
(ଦର୍ପହରା—ସ୍ତ୍ରୀ)

ଦର୍ପହା—ସ. ବଣ (ଦର୍ପ+ହନ୍ ଧାତୁ=ନାଶକରିବା+କର୍ତ୍ତୃ କ୍ୱିପ୍)—
Darpahā ଅନ୍ୟ ବ୍ୟକ୍ତିର ଗର୍ବନାଶକ—Crushing the pride of another.
ବ—ବିଷ୍ଣୁଙ୍କର ଏକ ନାମ—A name of Bishṇu.

ଦର୍ପହାରୀ - ସଂ.ବଣ.ପୁଂ. (ଦର୍ପ+ହୃ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)—
Darpahāri ଦର୍ପହର (ଦେଖ)
(ଦର୍ପହାରିଣୀ—ସ୍ତ୍ରୀ) Darpahara (See)

ଦର୍ପି (ଧାତୁ)—ସଂ. (ଦୃପ୍ ଧାତୁ+ଣିଚ୍)—ଦୀପ୍ତ କରାଇବା—
Darpi (causative root) To cause to shine; to illuminate.

ଦର୍ପିତ—ସ. ବଣ. (ଦର୍ପ+ଯୁକ୍ତ ଅର୍ଥରେ; ଇତ)—ଅହଂକୃତ; ଗର୍ବିତ—
Darpita Proud; arrogant; haughty.

ଦର୍ପିଷ୍ଠ(ଷ୍ଠ)—ଦେ. ବଣ. (ସଂ. ଦର୍ପରୁ)—ଅତି ଗର୍ବିତ—
Darpishṭa(shṭha) Very arrogant; very proud.

ଦର୍ପୀ—ସଂ. ବଣ. ପୁଂ. (ଦର୍ପ+ଅସ୍ତ୍ୟର୍ଥରେ. ଇନ୍; ୧ମା. ୧ବ)—
Darpī ୧ । ଅହଙ୍କାରୀ; ଦାମ୍ଭିକ; ଗର୍ବିତ—
(ଦର୍ପିଣୀ - ସ୍ତ୍ରୀ) 1. Proud; arrogant; haughty.
୨ । ପ୍ରତାପାନ୍ୱିତ; ପ୍ରତାପୀ—
2. Mighty; glorious.

ଦର୍ବ—ସଂ. ବ. ପୁଂ. (ଦୃ ଧାତୁ. ବିଦାରଣ କରିବା+କର୍ତ୍ତୃ. ବ)—
Darbba ୧ । ରାକ୍ଷସ—1. A cannibal.
(ଦର୍ବ—ଅନ୍ୟରୂପ) ୨ । ହିଂସ୍ରଜନ୍ତୁ—
2. Rapacious animal.
୩ । ପଞ୍ଜାବର ଉତ୍ତରରେ ଥିବା ମହାଭାରତୋକ୍ତ ଦେଶବିଶେଷ (ହି. ଶବ୍ଦସାଗର)—3. Name of a country of ancent India in the north of Punjab.
୪ । ଉକ୍ତ ଦେଶବାସୀ ଜାତିବିଶେଷ (ହି. ଶବ୍ଦସାଗର)—
4. Name of a class of people inhabiting the above country.
୫ । ହିଂସ୍ର ବ୍ୟକ୍ତି—
5. A mischievous or harmful person.
ଗ୍ରା. (ଇତର) ବି (ସଂ. ଦ୍ରବ୍ୟ)—ଦରବ (ଦେଖ)
Daraba (See)

ଦର୍ବଟ—ସଂ. ବି. ପୁଂ ୧ । ଦ୍ୱାରପାଳ; ଦ୍ୱାରୀ—
Darbbaṭa 1. A gate-keeper; a porter.
(ଦର୍ବଟ ଅନ୍ୟରୂପ) ୨ । ଗ୍ରାମ ରକ୍ଷକ; ଚଉକିଦାର—
2. A village constable (Apte).

ଦର୍ବରୀକ—ସଂ. ବି. ପୁଂ—୧ । ଇନ୍ଦ୍ର—
Darbbarīka 1 Indra.
(ଦର୍ବରୀକ—ଅନ୍ୟରୂପ) ୨ । ବାୟୁ—2. Wind.
୩ । ଆନଦ୍ଧ ବାଦ୍ୟ ବିଶେଷ—
3 A kind of drum.

ଦର୍ବାନ୍ (ଇତ୍ୟାଦି) ବୈଦେ. ବ—ଦରବାନ୍ ଇତ୍ୟାଦି (ଦେଖ)
Darbban (etc) Darabān etc (See)
(ଦର୍ବାନ୍—ଅନ୍ୟରୂପ)

ଦର୍ବାର (ଇତ୍ୟାଦି)—ବୈଦେ. ବ.—ଦରବାର ଇତ୍ୟାଦି (ଦେଖ)
Darbbār (etc) Darabāra etc (See)
(ଦର୍ବାର—ଅନ୍ୟରୂପ)

ଦର୍ବି(ର୍ବୀ)—ସଂ. ବ. (ଦୃ ଧାତୁ+ସଂଜ୍ଞାର୍ଥେ ବି+ଈ)—୧ । କାଠର ଚଟକା ଅଗକ; ଚଟୁ—1 A flat stick
Darbbi (rbbī)
(ଦର୍ବୀ—ଅନ୍ୟରୂପ) to stir boiling curry etc.
୨ । କରଚୁଲ—2. A metal spoon to stir food while it is over fire; a ladle

୩ । ଲୁହା ଝୋଙ୍କା—3. A fire-shovel; a slice.

୪ । ଅଣଉ—4. A large wooden spoon.

୫ । ସାପର ଫଣା – 5. Serpent's hood.

ଦର୍ବିକା—ସଂ. ବ —(ଦର୍ବି+ସ୍ୱାର୍ଥେ. କ+ସ୍ତ୍ରୀ. ଆ)—
Darbbikā ୧ । ଦର୍ବି (ଦେଖ)—1. Darbbi (See)
୨ । ବନ୍ୟକୋବି (ହ୍ର. ଶବ୍ଦସାଗର)—
(ଦର୍ବିକା—ଅନ୍ୟରୂପ) 2. Wild cabbage.
୩ । ଘିଅସାଙ୍ଗରେ ବତି ଜଳାଇ କରୁ ପ୍ରସ୍ତୁତ କରାଯିବା ଆଖିର କଜ୍ଜ୍ୱଳ (ହ୍ର. ଶବ୍ଦସାଗର)—
3. A kind of collyrium prepared with lamp black.

ଦର୍ବୀ—ସଂ. ବ. (ଦୃ ଧାତୁ+ସଂଜ୍ଞାର୍ଥେ. ବୀ)—ଦର୍ବି (ଦେଖ)
Darbbī Darbbi (See)
(ଦର୍ବୀ—ଅନ୍ୟରୂପ)

ଦର୍ବୀକର—ସଂ. ବ.—(ବହୁବ୍ରୀହି; ଦର୍ବୀ=ଫଣା+କର)—
Darbbīkara ୧ । ସର୍ପ—Serpent; snake
(ଦର୍ବୀକର—ଅନ୍ୟରୂପ) ଦର୍ବୀକର ଏହି; ଦର୍ବୀ କରେଛି ସୃଷ୍ଟି ବହୁ ।
ଅଭିମନ୍ୟୁ ବଦ୍ଧଗ୍ରନ୍ଥରତ୍ନାବଳୀ ।
୨ । (ଦର୍ବୀ=ଚଟୁ+କର) ଚଟୁ ନିର୍ମାଣକାରୀ ବ୍ୟକ୍ତି—
2. The maker of ladles.

ଦର୍ଭ—ସଂ. ବ. (ଦୃଭ୍ ଧାତୁ=ଗୁନ୍ଥିବା+କର୍ତ୍ତ୍ରି. ଅ)—୧ । କୁଶ—
Darbha 1. A grass used in sacrifices and other religious ceremonies.
୨ । ତୃଣ—2. Grass.
[ଦ୍ର—ଏହା ୬ ପ୍ରକାର ଯଥା—କାଶ, ଡାଭ, ବ୍ରୀହମନ, ମୌଞ୍ଜି, ଶାଦଳ ଓ ବଲ୍ୱଜ ।]

ଦର୍ଭଟ—ସଂ. ବ.—୧ । ନିର୍ଜନ ଗୃହ; ଖାସ କାମରା—
Darbhaṭa 1. A private or solitary room; chamber.
୨ । ଗୁପ୍ତ ଗୃହ; ଘରଭିତରେ ଥିବା ଗମ୍ଭୀର ଘର—
2. A secret chamber inside a room.

ଦର୍ଭ ପୁଷ୍ପ—ସଂ, ବି.—ଏକପ୍ରକାର ସାପ (ହ୍ର. ଶବ୍ଦସାଗର)—
Darbha pushpa A kind of serpent.

ଦର୍ଭମୟ—ସଂ. ବିଣ. ପୁଂ.—(ଦର୍ଭ+ପ୍ରାଚୁର୍ଯ୍ୟାର୍ଥେ. ମୟ)—
Darbhamaya ୧ । ତୃଣ ନିର୍ମିତ—
(ଦର୍ଭମୟୀ—ସ୍ତ୍ରୀ) 1. Made of grass;
୨ । କୁଶବ୍ୟାପ୍ତ; ତୃଣପୂର୍ଣ୍ଣ—2. Abounding in grass. grassy; overgrown with grass.

ଦର୍ଭହାସୀ—ଦେ. ବିଣ. ସ୍ତ୍ରୀ.—(ଦର୍ଭ=ଶୁକ୍ଳ କୁଶ ପରି ଶୁଭ୍ରହାସ ଯାହାର;
Darbhahāsi ସ. ଦର୍ଭହାସା)—ଶୁଭ୍ରହାସୀ; ମନୋହର ହାସ୍ୟକାରିଣୀ—Sweetly smiling (woman).
ବଦନରେ ଦର୍ଭହାସୀ ଦର୍ଶନବାଞ୍ଛା—ଉପେ. ଲାବଣ୍ୟବତୀ ।

ଦର୍ୟା—ପ୍ରାଦେ. (ମେଦିନୀପୁର) ବୈଦେ. ବ.—ଦରିଆ (ଦେଖ)
Dar-yā Dariā (See)

ଦର୍ଶ—ସ. ବ. (ଦୃଶ୍ ଧାତୁ=ଦେଖିବା+ଅଧିକରଣ. ଅ)—
Darśa ୧ । ଅମାବାସ୍ୟା—1. The day of the new moon; the conjunction.
[ଦ୍ର—ଏ ଦିନ ଚନ୍ଦ୍ର ଓ ସୂର୍ଯ୍ୟ ଏକତ୍ରସ୍ଥିତ ଥିବାରୁ ଚନ୍ଦ୍ର ଦେଖା ନ ଯିବାରୁ ଏହାର ନାମ ଦର୍ଶ—Apte.]
୨ । ଯାଗବିଶେଷ—2. Name of a vedic sacrifice.
୩ । (+ଭାବ. ଅ) ଦର୍ଶନ—
3. Seeing; appearance.
ବିଣ.—ଦ୍ରଷ୍ଟା—One who sees; seeing.

ଦର୍ଶକ—ସ. ବିଣ. ପୁଂ. (ଦୃଶ୍ ଧାତୁ+କର୍ତ୍ତ୍ରି. ଅକ)—୧ । ଦ୍ରଷ୍ଟା; ଯେ
Darśaka ଦେଖେ; ଦର୍ଶନକାରୀ—1. Seeing; visiting.
ଦର୍ଶକା } ସ୍ତ୍ରୀ ୨ । (ଦୃଶ୍ ଧାତୁ ଣିଚ୍ ଦର୍ଶି ଧାତୁ+ଅକ)—
ଦର୍ଶିକା } ଦର୍ଶୟିତା; ଯେ ଦେଖାଏ—
2. Showing a person round a place.
ବ.—୧ । ଦେଖଣାହାରୀ—1. Visitor; spectator
୨ । ଦ୍ୱାରପାଳ—2. Door-keeper; warder
୩ । କୌଣସି ବିଦ୍ୟା ବା କଳାରେ ପାରଦର୍ଶୀ ବ୍ୟକ୍ତି—
3. A person proficient in any art or science (Apte).
୪ । ଯେଉଁ ବ୍ୟକ୍ତି ଆଗନ୍ତୁକମାନଙ୍କୁ କୌଣସି ସ୍ଥାନକୁ ବୁଲାଇ ଦର୍ଶନୀୟ ବସ୍ତୁ ଆଦି ଦେଖାଏ—3. A person who takes a visitor round a place; a guide.

ଦର୍ଶନ—ସ. ବ (ଦୃଶ୍ ଧାତୁ+ଭାବ. ଅନ)—୧ । ଅବଲୋକନ;
Darśana ଦେଖିବା; ପରିଦର୍ଶନ—1. Visiting; seeing beholding; looking at; inspection.
୨ । ଦୃଶ୍ୟ ବସ୍ତୁଚୟ—2. View; scene.
୩ । ନିୟମ—3. Rule; code.
୪ । (+କରଣ ଅନ) ଚକ୍ଷୁ; ଆଖି—4. The eye.
୫ । ଭେଟ; ସାକ୍ଷାତ୍କାର; ମୁଲାକାତ୍—
5. Interview; visiting.
୬ । ଜ୍ଞାନ—6. Knowledge.
୭ । (+କର୍ମ. ଅନ) ସ୍ୱପ୍ନ—7. Dream.
୮ । ସାଂଖ୍ୟାଦି ଶାସ୍ତ୍ର; ଜ୍ଞାନ ଶାସ୍ତ୍ର; ମନସ୍ତତ୍ତ୍ୱ ବିଦ୍ୟା; ତତ୍ତ୍ୱଜ୍ଞାନ ସମ୍ବନ୍ଧୀୟ ଶାସ୍ତ୍ର—8. Philosophy.
[ଦ୍ର—ଭାରତୀୟ ଦର୍ଶନଶାସ୍ତ୍ର ୬ ଭାଗରେ ବିଭକ୍ତ ଯଥା—କପିଳଙ୍କ ସାଂଖ୍ୟ, ପତଞ୍ଜଳଙ୍କ ଯୋଗ, ଗୌତମଙ୍କ ନ୍ୟାୟ, କଣାଦଙ୍କ ବୈଶେଷିକ, ଜୈମିନିଙ୍କ ମୀମାଂସା ଓ ବ୍ୟାସଙ୍କ ବେଦାନ୍ତ । ପ୍ରକୃତି, ଆତ୍ମା, ପରମାତ୍ମା ଓ ଜଗତର ନିୟାମକ ଧର୍ମ, ଜୀବନର ଅନ୍ତିମ ଲକ୍ଷ୍ୟ ଇତ୍ୟାଦି ଯେଉଁ ଶାସ୍ତ୍ରରେ ନିରୂପିତ ହୁଏ ତାକୁ ଦର୍ଶନ ଶାସ୍ତ୍ର ବୋଲାଯାଏ । ଇଉରୋପର ଗ୍ରୀସ୍ ଦେଶରେ ପ୍ରାଚୀନ କାଳରେ ସକ୍ରେଟିସ୍, ପ୍ଲେଟୋ, ଆରିଷ୍ଟଟଲ୍ ଆଦି ପଣ୍ଡିତମାନେ ଦର୍ଶନ ଶାସ୍ତ୍ରର ଚର୍ଚ୍ଚା କରିଥିଲେ; ଆଧୁନିକ ଯୁଗରେ ଇଉରୋପର ଜର୍ମାନୀ, ଫ୍ରାନ୍ସ ଓ ଇଂଲଣ୍ଡରେ ଏବଂ ଆମେରିକାରେ ଦର୍ଶନଶାସ୍ତ୍ର ଚର୍ଚ୍ଚାର ବିଶେଷ ଉନ୍ନତି ହୋଇଅଛି]

୯ । ବୁଦ୍ଧି—9. Intellect.
୧୦ । ଦର୍ପଣ—10. Mirror.
୧୧ । ଧର୍ମ—11. Religion.
୧୨ । ଆକୃତି; ଚେହେରା—12. Appearance; form.
୧୩ । ଯୋଗୀମାନଙ୍କର ପିନ୍ଧିବା ଏକ ପ୍ରକାର କୁଣ୍ଡଳ—13. A kind of ear-ring worn by mendicants or Jogis.
୧୪ । ଦେଖାଯିବା; ନୟନଗୋଚର ହେବା—14. Becoming visible (Apte).
୧୫ । ଦେଖାଇବା—15. Showing; displaying; exhibition (Apte)
୧୬ । ଯାହା ଆଖିକୁ ଦେଖାଯାଏ—16. Semblance; aspect (Apte).
୧୭ । ଅଦାଲତ ଆଗରେ ଉପସ୍ଥିତି—17. Appearance; producing (in court) (Apte).
୧୮ । ମତ—18. Opinion (Apte).
୧୯ । ଉଦ୍ଦେଶ୍ୟ—19. Intention (Apte).

ଦେ. ବି—୧ । ଦେବପ୍ରତିମାଙ୍କୁ ଦେଖିବା—1. Paying a visit to an idol.

୨ । ପୁଂ. ଲୋକଙ୍କ ନାମ—2. A name given to males.

ଦର୍ଶନ କରିବା—ଦେ. କ୍ରି—୧ । ଦେଖିବା—1. To see; to visit.
Darśana karibā ୨ । ଠାକୁର ବା ରାଜାଙ୍କ ସମ୍ମୁଖକୁ ଯାଇ ତାଙ୍କୁ ଦେଖିବା—2. To visit an idol face to face; to have an audience with an idol or a king.
ଦର୍शनकरना; **दर्शन करना**

ଦର୍ଶନ ଥୋଡ଼ା—ଦେ. ବିଣ (ସଂ. ଦର୍ଶନ+ହି. ଥୋଡ଼ା)—ଦେଖିବାକୁ ସାମାନ୍ୟ—Insignificant to look at.
Darśana thorḍā
ନାମ ବଡ଼ା ଦର୍ଶନ ଥୋଡ଼ା—ତଗ ।
[ଦ୍ର—ଯାହାର ନାମ ଶୁଣିଲା ବେଳକୁ ବଡ଼ ବା ସେ ବିଖ୍ୟାତ କିନ୍ତୁ ସେ କାର୍ଯ୍ୟତଃ ଅଯୋଗ୍ୟ ବା ଅପଦାର୍ଥ]

ଦର୍ଶନ ଦେବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଦେଖା ଦେବା—To become visible; to grant interview; to grant an audience to a person (said of a king or great man).
Darśana debā
দর্শন দেওয়া; **दर्शन देना**

ଦର୍ଶନ ପାଇବା—ଦେ. କ୍ରି—କୌଣସି ବ୍ୟକ୍ତି ବା ବସ୍ତୁକୁ ଦେଖିବାକୁ ଅସୁବିଧା ଘଟିବା—To have a sight or view; to get an interview.
Darśana pāibā
(ଦର୍ଶନ ଲଭିବା—ଅନ୍ୟରୂପ)
দর্শন পাওয়া **दर्शन पाना**

ଦର୍ଶନ ପ୍ରତିଭୂ—ସଂ. ବି. (ହିନ୍ଦୁସ୍ମୃତି) (ଦର୍ଶନ ନିମନ୍ତେ ପ୍ରତିଭୂ=ଜାମିନ୍)—ହାକିମ ଜାମିନ୍; କୌଣସି ବ୍ୟକ୍ତି ବା ଅସାମୀ ହାକିମଙ୍କ ନିକଟରେ ଉପସ୍ଥିତ ହେବା ନିମନ୍ତେ ଜାମିନ୍ ହୋଇଥିବା ଦ୍ୱିତୀୟ ବ୍ୟକ୍ତି—(Hindu Law) A surety for another person's appearance or presence before a court of justice.
Darśana pratibhu

ଦର୍ଶନ ମିଳିବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କର ବା ଦେବପ୍ରତିମାଙ୍କ ସାକ୍ଷାତ୍କାର ଲାଭ ହେବା—Having an interview with an idol or person.
Darśana milibā
দর্শন মিলা
दर्शन मिलना

ଦର୍ଶନ ଲାଭ—ସଂ. ତ (୬ଷ୍ଠୀ ତତ୍; ଦର୍ଶନ+ଲାଭ)—ସାକ୍ଷାତ୍କାର—Interview; audience.
Darśana lābha

ଦର୍ଶନାର୍ଥୀ—ସଂ. ବିଣ. ପୁଂ (ଦର୍ଶନ+ଅର୍ଥ+ଇନ୍; ୧ମା. ୧ବ)—ରାଜା ବା ଦେବତାଙ୍କୁ ଦର୍ଶନ କରିବାକୁ ଇଚ୍ଛୁକ—Desirous of having an interview.
Darśanārthī
(ଦର୍ଶନାର୍ଥିନୀ—ସ୍ତ୍ରୀ)

ଦର୍ଶନି—ଦେ. ବି. (ସଂ. ଦର୍ଶନ)—
Darśani ୧ । ଦେବତା ଓ ରାଜା ଆଦିଙ୍କୁ ଦେଖିବା ଦର୍ଶକ ଯେଉଁ ଅର୍ଥ ତାଙ୍କଆଗରେ ରଖିଦିଏ; ସଲାମୀ; ପ୍ରଣାମୀ—1 A cash present paid by a visitor to an idol or Rājā.
দর্শনী
दर्शनी
ଅନେକ ଦେଖା ଦର୍ଶନ ଦିଅନ୍ତି ସ୍ୱାମୀଙ୍କୁ । ସାରଳା. ମହାଭାରତ ।
୨ । ଓକିଲ, ବୈଦ୍ୟ, ଜମିଦାର ଆଦିଙ୍କୁ ଦେଖାଯିବା ପ୍ରଥମ ଭେଟି; ଭେଟ୍—2. Visit; visiting fee; a cash present or prescribed fee paid to a doctor, pleader or Zamindar at the first interview
୩ । ଅର୍ଥ ଉପହାର; ଉପଢୌକନ—3. Present in money; cash present.
୪ । ଦର୍ଶନ ନାମକ ବ୍ୟକ୍ତିକୁ ଡାକିବା ଆଦରାର୍ଥ ତାକ ନାମ—4. A name used in endearingly calling a person named Darsana.
ଦେ. ବଣ—ଦରଶନି (ଦେଖ)—Daraśani (See)

ଦର୍ଶନିଆ(ଆଁ)—ଦେ. ବି—୧ । ଦର୍ଶକ; ଦେବତାଙ୍କୁ ଦର୍ଶନ କରିବାକୁ ଆସିଥିବା ବ୍ୟକ୍ତି—A visitor to a shrine or an idol.
Darśaniā(āṅ)
ଦେ. ବିଣ—୧ । ଦରଶନି (ଦେଖ)—1. Daraśani (See)
୨ । ଦର୍ଶନ କରିବାକୁ ଆଗତ (ବ୍ୟକ୍ତି)—2. (a person) Who has come to visit a shrine.

ଦର୍ଶନି ହୁଣ୍ଡି—ଦେ. ବି (ମହାଜନୀ ରିବାଜ; ସଂ. ଦର୍ଶନ)—ଯେଉଁ ହୁଣ୍ଡି ବା ବରାଦ ଚିଠିକୁ ଦୂର ସ୍ଥାନର ଉର୍ଦ୍ଧ୍ୱ ବ୍ୟକ୍ତି ଦେଖିବା ମାତ୍ରକେ ଦେଖାଇବା ବ୍ୟକ୍ତିକୁ ଟଙ୍କା ଦେବାକୁ ବାଧ୍ୟ ଅଟେ—A bill of exchange payable at sight.
Darśani huṇḍi
দর্শনীহুণ্ডি
दर्शनीहुँडी
[ଦ୍ର—ହୁଣ୍ଡି ତଳେ ନୋଟ୍ ଦେଖ ।]

ଦର୍ଶନୀୟ—ସଂ. ବିଣ. ପୁଂ. (ଦୃଶ୍ ଧାତୁ+କର୍ମ. ଅନୀୟ)—
Darśaniya ୧ । ଦେଖିବାର ଯୋଗ୍ୟ—1. Worth seeing.
(ଦର୍ଶନୀୟା—ସ୍ତ୍ରୀ) ୨ । ଦୃଶ୍ୟ; ଯାହା ଦେଖାଯାଇ ପାରେ—2. Visible.

୩ । ସୁନ୍ଦର; ସୁଦୃଶ୍ୟ—3. Beautiful; agreeable to sight; handsome.

ଦର୍ଶ ବିପଦ୍—ସଂ. ବି (ଦର୍ଶ=ଅମାବାସ୍ୟା ହୋଇଅଛି ବିପଦ୍ ଯାହାର; Darśa bipad ବହୁବ୍ରୀହି)—ଚନ୍ଦ୍ର—The moon.

ଦର୍ଶ ଯାମିନୀ—ସଂ. ବି (୬ଷ୍ଠୀ ତତ୍; ଦର୍ଶ+ଯାମିନୀ)—୧ । ଅନ୍ଧାରରାତ୍ରି—Darśa jāmini 1. Dark or moonless night.

୨ । ଅମାବାସ୍ୟାର ରାତ୍ରି—
2. The night of the new moon day.

ଦର୍ଶୟିତା—ସଂ. ବିଣ. ପୁଂ (ଦର୍ଶୟିତୃ ଶବ୍ଦ; ଦୃଶ୍ ଧାତୁ ଣିଚ୍, ଦର୍ଶି Darśayitā ଧାତୁ=ଦେଖାଇବା+କର୍ତ୍ତୃ. ତୃ; ୧ମା' ୧ବ.)—(ଦର୍ଶୟିତ୍ରୀ—ସ୍ତ୍ରୀ) ୧ । ଯେ ଦେଖାଏ—1. One who exhibits; showing

୨ । ପ୍ରକାଶକ—2. Manifesting.

୩ । ଯେ କୌଣସି ସ୍ଥାନର ଦର୍ଶନୀୟ ବସ୍ତୁମାନଙ୍କୁ ଦର୍ଶକମାନଙ୍କୁ ବୁଲାଇକରି ଦେଖାଏ—3. One who shows round a place to visitors.

୪ । ଯେ କୌଣସି ବସ୍ତୁ ଆଡ଼କୁ ହାତ ବଢ଼ାଇ ଅନ୍ୟକୁ ଦେଖାଇଦିଏ—4. Pointing out.

ସଂ. ବି—ଦ୍ୱାରପାଳ—A door-keeper.

ଦର୍ଶା(ର୍ଶେ)ଇବା—ଦେ. କ୍ରି (ସଂ. ଦୃଶ୍ ଧାତୁ ଣିଚ୍, ଦର୍ଶି ଧାତୁ)—Darśā(rśe)ibā ୧ । ଦର୍ଶନ କରାଇବା; ଦେଖାଇବା—
ଦର୍ଶାନ 1. To show; to exhibit; to display; to point out.
ଦ୍‌ର୍‌ଶାନା

୨ । (କଚେରୀରେ) ପ୍ରମାଣ ଉପସ୍ଥାପିତ କରିବା; ଦାଖଲ କରିବା—
2. To cite; to adduce; to produce.

୩ । ଅନ୍ୟର ଦୃଷ୍ଟି ଆକର୍ଷଣ କରିବା—
3. To attract the attention of another.

୪ । ପ୍ରମାଣିତ କରିବା—4. To prove.

ଦର୍ଶାତ୍ୟୟ—ସଂ. ବି (ଦର୍ଶ=ଅମାବାସ୍ୟା+ଅତ୍ୟୟ=ବିନାଶ)—Darśātyaya ଅମାବାସ୍ୟାର ପରବର୍ତ୍ତିନୀ ଶୁକ୍ଳା ପ୍ରତିପଦ୍—The 1st day of a bright lunar fortnight.

ଦର୍ଶି (ଧାତୁ)—(ସଂ. ଦୃଶ୍ ଧାତୁ=ଦେଖିବାର ଣିଚ୍)—ଦେଖାଇବା—Darśi (causative root) To show.

ଦର୍ଶିତ—ସଂ. ବିଣ (ଦର୍ଶି ଧାତୁ+କର୍ମ. ତ)—୧ । ଦେଖାଇଦିଆଯାଇ Darśita ଥିବା; ଯାହା ଦେଖାଇ ଦିଆଯାଇଅଛି—1. Shown.

୨ । ପ୍ରକଟିତ; ପ୍ରକାଶିତ—
2. Exhibited; exposed to view.

ଦର୍ଶିବା—ଦେ. କ୍ରି (ସଂ. ଦୃଶ୍ ଧାତୁ)—ଦେଖା ପଡ଼ିବା—Darśibā To be seen; to be found.
ଦର୍ଶା (ଯଥା—ତାଙ୍କଠାରେ ତ କିଛି ଦୋଷ ଦର୍ଶୁ ନାହିଁ ।)
ଦ୍‌ରସନା

ଦର୍ଶୀ—ସଂ. ବିଣ. ପୁଂ (ଦର୍ଶିନ୍ ଶବ୍ଦ; ଦୃଶ୍ ଧାତୁ+କର୍ତ୍ତୃ. ଇନ୍; ୧ମା. Darśi ୧ବ)—୧ । ଦ୍ରଷ୍ଟା; ଯେ ଦର୍ଶନ କରେ—(ଦର୍ଶିନୀ—ସ୍ତ୍ରୀ) 1. Seeing; viewing; beholding.

୨ । ଯେ ଜାଣିଥାଏ—
2. Knowing.

୩ । ଯାହାର ଦେଖିବାର ଶକ୍ତି ଅଛି; ଯେ ଦେଖି ପାରେ—
3. Having the power to see or to view; capable of seeing.

୪ । ଯେ ଅନୁଭବ କରିଥାଏ; ଅନୁଭବକାରୀ—
4. Experienced.

[ଦ୍ର—ଏ ଶବ୍ଦର ସ୍ୱତନ୍ତ୍ର ବ୍ୟବହାର ନାହିଁ; ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ଯଥା—ବହୁଦର୍ଶୀ, ସୂକ୍ଷ୍ମଦର୍ଶୀ, ତତ୍ତ୍ୱଦର୍ଶୀ, ଦୋଷଦର୍ଶୀ, ଦୂରଦର୍ଶୀ ଇତ୍ୟାଦି ।]

ଦଲ୍ (ଧାତୁ)—ସଂ.—୧ । ମର୍ଦ୍ଦନ କରିବା; ଦଳିବା—
Dal (root) 1. To knead; to press together.

୨ । ଭେଦ କରିବା—2. To pierce.

୩ । ବିକାଶ ପାଇବା—
3 To be exposed to view.

୪ । ଫଟାଇବା—4. To split open; to cause to burst or crack.

୫ । (ଫୁଲ ଆଦି) ଫୁଟିବା—
5. To bloom; to burst (as a flower).

ଦଲ୍—ପ୍ରାଦେ (ସମ୍ବଲପୁର) ବି—ଦଳ (ଦେଖ)
Dal Daḷa (See).

[ଦ୍ର—ସମ୍ବଲପୁରରେ 'ଳ' ର 'ଲ' ଉଚ୍ଚାରଣ ଓ ଶେଷ ବର୍ଣ୍ଣର ହଲନ୍ତ ଉଚ୍ଚାରଣ କରାଯାଏ ।]

ଦଲ୍‌ଖା—ପ୍ରାଦେ (ସମ୍ବଲପୁର) ବି—ସମତଳ ସଡ଼କ ବା Dal-khā ବନ୍ଧରେ ଥିବା ଖାଲ ଜାଗା—
Depressions or ruts or pits on a level road or embankment.

ଦଲ୍‌ଦଲ୍ ହେବା—ପ୍ରାଦେ (ସମ୍ବଲପୁର) କ୍ରି—ଶୀତରେ ଥରିବା—
Dal-dal hebā To shiver with cold.
(ଯଥା—ସେ ଖାଲବଦରେ ଦଲ୍‌ଦଲ୍ ହେଉଛି ।)

ଦଲ୍‌ଦଲା(ଲେ)ଇବା—ଦେ. କ୍ରି—୧ । କର୍ଦ୍ଦମମୟ ହେବା; ଦଲଦଲିଆ Dal-dalā(le)ibā ହେବା—1. To become muddy and yielding to treading.

ଦଲ୍‌ଦଲିବା } ଅନ୍ୟରୂପ
ଦଲ୍‌ଦଲାଇ ଯିବା }

ଦଲଦଲକରା — ଏ କୋଇ ଗାଁଅ ମାଟି; ବରଷାରେ ଯାଏ
ଦ୍‌ଲ୍‌ଦ୍‌ଲାନା — ଦଲଦଲେଇ ଗୋ; ଖଣ୍ଡ କଲେ ଯାଏ ଫାଟି ।
ବାଇସଙ୍କ ଗ୍ରାମ୍ୟ ଗୀତ ।

୨ । (ବ୍ରଣାଦି) ପୂଜ ଓ ଘାଆରେ ପୂର୍ଣ୍ଣ ହେବା; ପୂଜେଇବା; ସେକ ଉଠିବା—2. To ulcerate; to fester; to rankle.

(ଯଥା—କଇଞ୍ଚ ଗୁଡ଼ାକ ଦଲ୍‌ଦଲେଇ ମୋତେ ବନଗଛ ଅଥୟ କରି ପକଉଛି ।)

ପ୍ରାଦେ. (ସମ୍ବଲପୁର) କ୍ରି—ଥରିବା; ଦପ୍‌ଦପ୍ ହେବା; କମ୍ପି ଉଠିବା—To throb; to palpitate.

(ଯଥା—ମେଘ ଗରଜନ ଶୁଣି ମୋ ଛାତି ଦଲ୍‌ଦଲେଇ ଗଲା ।)

ଦଲ୍‌ଦଲିଆ—ଦେ. ଵଣ. (ସଂ. ଦଲ୍ ଧାତୁ=ଦଳିବା)—୧ । ପତଳା କାଦୁଅ ସ୍ତୂପ; କୋମଳ ଓ କାଦୁଅ; କାଦୁଅ ପ୍ରାୟ ନରମ; ଯାହାକୁ ମାଡ଼ି ଦେଲେ ନଇଁ ଯାଏ ଓ ଛାଡ଼ିଦେଲେ ଉଠିଯାଏ; ନରମା ଓ ସ୍ଥିତିସ୍ଥାପକ—1. Yielding like mud; soft and elastic.
Dal-dalia
(ଦଲ୍‌ଦଲ୍—ଅନ୍ୟରୂପ)
দলদলে
दलदल

୨ । ପଙ୍କୁଆ—2. Clayey; muddy.

୩ । ପୁଜ ଓ ଘାଅଦ୍ୱାରା ମାଉ ଉଠିଥିବା (ବ୍ରଣାଦି)—3. Gangrenous; ulcerous.

ଦଲ୍ ଦେବା—ପ୍ରାଦେ. (ସମ୍ବଲପୁର) କ୍ରି—ଖାଇ ବସିଥିବା ବ୍ୟକ୍ତିଙ୍କୁ ଦ୍ୱିତୀୟ ଥର ଅନ୍ନବ୍ୟଞ୍ଜନାଦି ପରସିବା—To serve the food to a diner for the second time.
Dal deba

ଦଲ୍‌ହ—ପ୍ରାଦେ. (ସମ୍ବଲପୁର, ଗଡ଼ଜାତ) ବି (ସଂ. ହ୍ରଦର ଵପର୍ଯ୍ୟାୟ)—ଗଭୀର (ପାଣି)—Deep portion of a river or lake.
Dalha

ଦଳ—ସଂ. ବି. (ଦଲ୍ ଧାତୁ=ବିକାଶ ପାଇବା+କର୍ତ୍ତୃ. ଅ)—
Daḷa ୧ । ଗଛର ପତ୍ର—1. Leaf.

୨ । ଫୁଲର ପାଖୁଡ଼ା—2. Petal of a flower.

୩ । ଜୋଟ୍; ପଙ୍କ୍ତି; ପଲ; ସମୂହ; ପୁଞ୍ଜ—3. Collection; multitude; herd.

୪ । ଖଣ୍ଡ—4. Fragment; piece.

୫ । ଗୋଷ୍ଠୀ; ସମ୍ପ୍ରଦାୟ, ମଣ୍ଡଳୀ—5. Party; company; detachment; sect.

୬ । ରାଶି—6. Heap.

୭ । ଅସ୍ତ୍ରାଦିର ଖୋପ ବା ଖୋଳ—7. Seath.

୮ । ଅସ୍ତ୍ରାଦିର ଧାର—8. Edge of instruments.

୯ । ଅସ୍ତ୍ରଫଳକ; ଫଳା—9. Blade of a weapon.

୧୦ । ଘାସର ପତ୍ରର ଫାଳ—10. Blade of grass.

୧୧ । ନାନାପ୍ରକାର ଜଳଜ ତୃଣ (ହି. ଶବ୍ଦସାଗର)—11. Many kinds of aquatic grass.
ଜଳକୁ ଯେସନ ଦଳ ପ୍ରମାଦ—ପ୍ରାଚୀ. ପରଭୋଗୀତା ।

[ଦ୍ର—ଦଳ ନାନାପ୍ରକାର; ଯଥା—ତୁଙ୍ଗୁଡ଼ିଆ, ବୋଲଝାଞ୍ଜି, କଲାଭି ଦଳ ।]

୧୨ । (+ଭାବ. ଅ) ଦଳନ—12. Trampling.

୧୩ । ଚକଟିବା; ମର୍ଦ୍ଦନ; ମଳିବା—13. Kneading.

୧୪ । ମୁଗ ହରଡ଼ ଆଦି ଶସ୍ୟର ଫାଳ—14. The split half of leguminous seeds or pulse.

ଦେ. ବି—୧ । ଗ୍ରାମବାସୀମାନଙ୍କ ମଧ୍ୟରେ ସୃଷ୍ଟ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ—1. Faction or party in a village.

୨ । ଠାକୁରମାନଙ୍କୁ ଓ ସଙ୍କୀର୍ତ୍ତନଦଳଙ୍କୁ ମେଳନ ଆଦିକୁ ନିମନ୍ତ୍ରଣ କରିବା ପାଇଁ ପ୍ରେରିତ ଫୁଲ ବା ତୁଳସୀ—2. Flower or basil leaves sent to a Deity for inviting him to a rendezvous (ମେଳନ).

୩ । ଅଖଡ଼ା ଓ ଯାତ୍ରା ଆଦିର ଦଳ—3. A party of musicians, dancers, singers etc.

୪ । (ବଣିଆ ଶବ୍ଦ) ସୁନା ବା ରୁପାର ଅଳଙ୍କାରକୁ ଝାଳିବା ସମୟରେ ସୁନା ବା ରୁପାକୁ ଆଗେ ତରଳାଇବା ପରେ ଅଳ୍ପ ଉତ୍ତାପରେ ତରା ଯାଇ ତରଳା ସୁନା ବା ରୁପାରେ ମିଶାଯାଇଥିବା ଧାତୁ—4. Solder; a fusible alloy to unite pieces of silver or gold.

ଦଳକରଣ—ଦେ. ବି—୧ । ରାଜାଙ୍କ ଉଆସର ବା ଦେବାଳୟର କର୍ମଚାରୀବିଶେଷ 1. A class of accountants employed in the palace of a king or in the temple of a Deity.
Daḷakarana

୨ । ପ୍ରାଚୀନ ଓଡ଼ିଶାରେ ରାଜାମାନଙ୍କ ଶ୍ରୀମୁଖକରଣ—2. An accountant in the office of a Rājā ancient Orissa.

ଦଳକା—ଦେ. ବି—ମାଟି ବା କାଦୁଅର ଗୋଟାଏ ଢେଲା ବା ପୁଳା ବା ମୁଣ୍ଡା—A clod of clay or earth; turf; sod.
Daḷakā
চাপ ঢেলা
(ଦଲକ, ଦଲ୍‌କା—ଅନ୍ୟରୂପ)

ଦଳକା(କେ)ଇବା—ଦେ. କ୍ରି—କାଦୁଅ ବା ମାଟି ଦଳକା ହୋଇ ଛାଡ଼ିଯିବା; ଦଳକା ଉଠିବା—To burst into lumps or clods.
Daḷakā(ke)ibā
(ଯଥା—ମାଟି ଛଟା ହୋଇଥିବା କାନ୍ଥ ଶୁଖିଗଲେ ଦଲକାଏ)

ଦଳ କୋଷ—ସଂ. ବି. (ଦଳ=ପତ୍ର+କୋଷ; ବହୁବ୍ରୀହି)—କୁନ୍ଦଫୁଲ ଗଛ—A flower plant; Jasminum Pubescens.
Daḷa kosha

ଦଳଖିଆ—ଦେ. ଵଣ—ଯେ ଦଳ ଘାସ ଖାଏ—One who lives on aquatic grass or weeds.
Daḷakhiā
দলখেকো
ଘୋଡ଼ାଟି ଦଳଖିଆ ଟଟୁ—ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ବି—ନିକୃଷ୍ଟ ଜାତୀୟ ଦେଶୀ ଟଟୁ; ଯେଉଁମାନେ ଦଳଘାସ ଖାଇ ବଞ୍ଚନ୍ତି; ଯେଉଁ ଘୋଡ଼ାକୁ ପାଳକ ଘରେ ଦାନା ଆଦି ଖାଇବାକୁ ଦଅନ୍ତି ନାହିଁ ଏବଂ ଯାହାର ଜୀବନ ଯାତ୍ରା ସେ ଜଳେ ଭୁଲ ତରବାଦ୍ୱାରା ସମାହିତ ହୁଏ—An inferior kind of country bred pony or tat.

ଦଳ ଗଞ୍ଜନ—ସଂ. ବି—ଖୁବ୍ ବୀର—A valiant hero.
Daḷa gañjana

ଦଳ ଗନ୍ଧ—ସଂ. ବି—ସପ୍ତପର୍ଣ୍ଣୀ; ଛତିଆନା ଗଛ (ଦେଖ) Chhatiānā (See).
Daḷa gandha
(ଦଳଗନ୍ଧ—ଅନ୍ୟରୂପ)

ଦଳ ଛଡ଼ା(ଡ଼େ)ଇବା—ଦେ. କ୍ରି—ଜଳ ଉପରୁ ଦଳକୁ ଛଡ଼ା ଦେଇ ଜଳାଶୟ ପରିଷ୍କାର କରି ଦେବା—To clear away the weeds from the surface of water.
Daḷa chharḍā(ṛde)ibā
দল পরিষ্কার করা
दल साफ करना

ଦଳଦଳ—ଦେ. ଅ—ପଲପଲ; ପଞ୍ଝାପଞ୍ଝା; ଏକ ଦଳ ପରେ ଅନ୍ୟଦଳ-
Daḷadaḷa In crowds; in batches
দলেদলে ଦଳଦଳକୁ ପ୍ରକାଶୁଛ ଆସି ଦଳେ ଦଳେ ।
झुंडकेझुंड (ଦଳେଦଳେ—ଅନ୍ୟରୂପ) ରଘୁନାଥ. ମହାଯାତ୍ରା ।

ଦଲଦଲ—ଦେ. ଵଣ. (ସ. ଦୁଲ୍ ଧାତୁ=କମ୍ପିବା)—
Daladala ୧ । (ବାରଂବାର ମେଘଗର୍ଜ୍ଜନ, ତୋପଶବ୍ଦ, ଦମାଲୁଶବ୍ଦ ଆଦିଯୋଗୁଁ) ଦୁଲଦୁଲ ହୋଇ କମ୍ପିତ—
দলদল 1. Shaking or vibrating violently on account of repeated booming sounds.
'ଡ' ଅକ୍ଷରଟ ହୋଇଅଛ ବାଜା ଭେଲ
ଶବଦରେ ବ୍ରଜ କମ୍ପୁଛ ଦଲଦଲ । ପ୍ରାଚୀ. ବନ୍ଦୁନରୂପଣ ଗୀତା ।
୨ । ଦଲଦଲିଆ (ଦେଖ)
2. Daladalia (See)
ବି—୧ । ଅନେକ ବାଦ୍ୟାଦିର ଘୋର ଶବ୍ଦ—
1. Sound produced by the violent beating of many big drums.
ଲକ୍ଷେକ ଦମାଲୁ ବାଜୁଥିବ ଦଲଦଲ । ପାଞ୍ଚାୟର. ନୃସିଂହପୁରାଣ ।
୨ । କମ୍ପନ—2. The quivering motion of any soft substance.

ଦଲଦଲିଆ—ଦେ. ଵଣ—ପଙ୍କୁଆ; କାଦୁଅ (ଜମି)—
Daladalia Cleyey (land).
দলদলে दलदला

ଦଳନ—ସ. ବି. (ଦଲ୍ ଧାତୁ+ଭାବ. ଅନ)—
Daḷana ୧ । ମର୍ଦ୍ଦନ; ମଳିବା—1. Kneading; pestling.
୨ । ଦମନ; ଶାସନ—2 Punishing; crushing.
୩ । ପୀଡ଼ନ—3. Pressing; oppression.
୪ । ଫୁଟାଇବା; ବିଦାରଣ; ଭେଦନ—4. Piercing.
୫ । ଚୂନା କରିବା; ଚୂର୍ଣ୍ଣନ; ପେଷିବା; ରଗଡ଼ିବା—
5. Pounding; pulverising.
୬ । ପେଷଣ; ବାଟିବା—6. Grinding; bruising.
୭ । ଗୋଡ଼ରେ ଦଳିବା ବା ମଳିବା—
7. Treading; trampling.
୮ । ବିନାଶ—8. Destruction.
(ଦଳନୀ—ସ୍ତ୍ରୀ) ଵଣ. ପୁଂ. (+କର୍ତ୍ତୃ ଅନ)—
(ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ,) ଦଳନକାରୀ ଅର୍ଥ ବୁଝାଏ; ବିନାଶକ—(added to another word to mean) One who punishes or crushes.
(ଯଥା—ପାଷଣ୍ଡ ଦଳନ; ଦୁଷ୍ଟ ଦଳନ; ଅରି ଦଳନ ।)

ଦଳନା—ଦେ. ବି. (ସ. ଦଳନ)—ଦଳିବା; ମର୍ଦ୍ଦିବା—
Daḷanā Kneading
ଭଉ ଲବଣୀ ସିନ୍ଦୁର ଦଳନା
କରୁଅଛ ବସି କେଉଁ ଲଳନା । ଭକ୍ତଚରଣ ଦାସ. ମଥୁରାମଙ୍ଗଳ ।

ଦଳ ନିର୍ମ୍ମୋକ—ସ. ବି. (ବହୁବ୍ରୀହି; ଦଳ=ପତ୍ର+ନିର୍ମ୍ମୋକ=ଛାଲି ଯାହାର)—ଭୂର୍ଜ୍ଜ ବୃକ୍ଷ—
Daḷa nirmmoka A tree; Betula Bhoorja.

ଦଳନୀ—ସ. ବି. ସ୍ତ୍ରୀ. (ଦଳନ+ସ୍ତ୍ରୀ. ଈ)—
Daḷanī ଲୋଷ୍ଟ୍ର; ଢେଳା; ଢେଲ—
A clod or brickbat; stones,

ଦଳପ—ସ. ବି. (ଦଳ+ପା ଧାତୁ+କର୍ତ୍ତୃ. ଅ)—
Daḷapa ୧ । ଦଳପତି—1 Leader of a party.
୨ । ସୁନା (ଦ୍ର. ଶବ୍ଦସାଗର)—2. Gold.

ଦଳ ପତି—ସ. ବି. (ଦଳ+ପତି; ୬ଷ୍ଠୀ ତତ୍)—
Daḷa pati ୧ । ଗୋଷ୍ଠୀର ନେତା—1. Leader of a party.
(ଦଳପାଳ—ଅନ୍ୟରୂପ)
୨ । ପଲର ପ୍ରଧାନ ଜନ୍ତୁ—2. The leader of a herd.
୩ । ଗ୍ରାମ୍ୟ ସମାଜର ପ୍ରଧାନ ବା ମୁଖ୍ୟବ୍ୟକ୍ତି—
3. The headman of a village community.
୪ । ସେନାଧ୍ୟକ୍ଷ—4. A commander of a body or company of troops; captain of detatchment of troops.

ଦଳପି(ଫି)ମ୍ପି—ଦେ. ବି—ଡାହୁକ ଜାତୀୟ ଏକ ପ୍ରକାର ଜଳଚର ପକ୍ଷୀ;
Daḷapi(phi)mpi 'ଜଳ ଫିମ୍ପି (ଦେଖ)—A kind of aquatic bird; Jaḷa phimpi (See)

ଦଳପୁଷ୍ପା(ଷ୍ପୀ)—ସ. ବି. ସ୍ତ୍ରୀ. (ଦଳ+ପୁଷ୍ପ+ସ୍ତ୍ରୀ. ଆ;ଈ; ବହୁବ୍ରୀହି)—
Daḷapushpā(shpī) କିଆ; କେତକୀ— Pandanus Odoratissimus; Screwpine tree.

ଦଳ ବଳ—ସ. ବି. (ଏକାର୍ଥ ବୋଧକ ସହଚର ଶବ୍ଦ)—
Daḷa baḷa ୧ । ଗୋଷ୍ଠୀର ସମସ୍ତ ବ୍ୟକ୍ତି—1. All persons of one's party; a body of followers and adherents.
ଏଥି ଅନ୍ତେ ଦଳବଳ ଘେନି ଆନନ୍ଦରେ
ପ୍ରବେଶିଲେ ମହାରାଜା ନିଜର ନଗରେ । ମଧୁସୂଦନ. ବାଲ୍ମୀକିରାମାୟଣ ।
୨ । ସୈନ୍ୟଦଳ—2. Troops.
୩ । ଅନୁଚର ବର୍ଗ; ସ୍ୱପକ୍ଷୀୟ ବ୍ୟକ୍ତିଗଣ—
2. Retinue; attendants.

ଦଳ ବାନ୍ଧିବା—ଦେ. କ୍ରି—ଗୋଷ୍ଠୀ ବାନ୍ଧିବା; ମେଳ ବାନ୍ଧିବା; ବହୁ
Daḷa bāndhibā ବ୍ୟକ୍ତି ବା ଜୀବ ଏକତ୍ର ସମ୍ମତ କରିବା—
দলবাঁধা, দলপাকান To form into a group or crowd
झुंड बाँधना or herd; to herd together.

ଦଳ ବେହେରା—ଦେ. ବି—୧ । ପାଇକମାନଙ୍କ ସର୍ଦ୍ଦାର; ଜମାଦାର—
Daḷa beherā 1. Headman among Pāikas; Jamadar.
ଜବେଜ ପାତ୍ର ମନ୍ତ୍ରୀ ସରଦାର
ଦଳବେହେରା ଯେ ଉତ୍ତମ ନର । ବ୍ରଜନାଥ. ସମରତରଙ୍ଗ ।
୨ । ଗ୍ରାମର ସର୍ଦ୍ଦାର—
2. Headman of a village.
୩ । ହାଟୁଆ ଜାତିର ଅଧିକାରୀ—3. The headman of of a community of the Hātuās.

୪ । ଗ୍ରାମର ରାଜସ୍ୱ ସମ୍ବନ୍ଧୀୟ ବିଷୟରେ ମୁଖ୍ୟ ବ୍ୟକ୍ତି
4. The headman or representative of a village in revenue matters.

[ଦ୍ର—ମୁସଲମାନ୍ ବାଦସାହାଙ୍କ ଅମଳରେ ଏମାନଙ୍କ ଉପାଧି ଉଠିଯାଇଥିଲା ଓ ମକଦମ ଥିଲା ।]

ଦଳମ— ବୈଦେ. ବି. (ଫା. ଦଲ୍‌ମ୍‌=ବୋଝ)—
Dalama ୧ । ଘର ତିଆରିର ଉପକରଣ ସାମଗ୍ରୀସମୂହ—
ସରଞ୍ଜାମ 1. Materials collected for a building
सामान दलम or house; building materials.
୨ । ବୋଝ — 2. Load.
ପ୍ରାଦେ. (ସମ୍ବଲପୁର) ବି—ବଡ଼ ବଡ଼ କାଠ—
Big timbers fit to be used as rafters and beams.

ଦଳସାରିଣୀ—ସଂ. ବି—କେମ୍ବୁକ; ସାରୁ (ଦ୍ର. ଶବ୍ଦସାଗର)—
Dalasāriṇi Arum.

ଦଳ ସୂଚି(ଚୀ)—ସଂ. ବି. (ଦଳ=ପତ୍ର+ସୂଚି=ଛୁଞ୍ଚ)—
Dala sūchi (chi) ୧ । କଣ୍ଟକ; କଣ୍ଟା—1. Thorn
୨ । ଯେଉଁ ଗଛର ପତ୍ରରେ କଣ୍ଟା ଥାଏ—
2. A tree with thorny leaves.

ଦଳା – ଦେ. ବି. (ସଂ ଦଲ୍ ଧାତୁ)—୧ । ଦଳନ—
Daḻā 1. Trampling; pressing.
दला ଦଳିବେ ତାହାଙ୍କର ଗର୍ବ ବିହ୍ୱଳଲା
दलना ସାରଥି ହୋଇ କରି କୃଷ୍ଣଙ୍କୁ ଦେଲେ ଦଳା ।
କୃଷ୍ଣସିଂହ- ମହାଭାରତ ବନ ।
୨ । ଅନ୍ୟ ବ୍ୟକ୍ତିର ବା ଘୋଡ଼ାର ଶରୀରକୁ ହାତରେ ଘଷିବା ବା ମର୍ଦ୍ଦନ କରିବା—2. Massage.
୩ । ଗାଈ ପ୍ରସବ କଲା ପରେ ପଡ଼ିବା ଫୁଲ—
3. The placenta of a cow.
୪ । ଘୋଡ଼ାକୁ ଅଣ୍ଡା କରିବା ନିମନ୍ତେ ତାହାର କୋଷକୁ ମଳିବା— 4. Pressing and pounding of the testicles of a horse to geld or castrate him.
୫ । ମଳିବା; ଚକଟିବା— 5. Kneading.
ବିଣ—୧ । ଦଳିତ; ଘୋଷ୍ଟ ହୋଇଥିବା—1. Rubbed.
दला ଦଳା ଗୋରୋଚନାଙ୍ଗୀ କୋମଳା । କବିସୂର୍ଯ୍ୟ, ସଙ୍ଗୀତ ।
दलाहुआ ୨ । ଚକଟା ହୋଇଥିବା—2. Kneaded.
୩ । ଦଳିତ ହୋଇଥିବା—3. Pressed; trodden down; trampled.
୪ । ଯେ ଦଳେ—4. One who tramples or treads down or subjugates.

[ଦ୍ର—ଏହା ସାଧାରଣତଃ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ଏ ଅର୍ଥ ବ୍ୟକ୍ତ କରେ । ଯଥା—ଶତ୍ରୁଦଳା; ତମଦଳା ।]

ଦଳାଇ—ଦେ. ବି. (ସଂ. ଦଳପତି)—୧ । ଶୂଦ୍ରଙ୍କ ପଦବୀବିଶେଷ—
Daḻāi 1. Family-title of a class of Śūdras.
दलई ୨ । ଗ୍ରାମ ନାୟକ—2. Village headman.
ଦଳାଇ ଅଇଲେ ମୁଲକୁ ଗାଆ । ଡଗ ।
दलबाल ୩ । ଜମାଦାର; ପାଇକମାନଙ୍କର ସର୍ଦ୍ଦାର—
3. A Jamadar; a head peon; head constable.

ଦଳା(ଳେ)ଇବା—ଦେ. କ୍ରି. (ଦଳିବାର ଣିଜନ୍ତରୂପ)—
Daḻā(ḻe)ibā ଅନ୍ୟଦ୍ୱାରା ଦଳାଦଳି କରାଇବା—
दलान To cause another person or a thing
दलवाना to be pressed or kneaded.

ଦଳା(ଳେ)ଇ ହେବା—ଦେ. କ୍ରି—ନିଜେ ଅନ୍ୟଦ୍ୱାରା ଦଳିତ ବା ମର୍ଦ୍ଦିତ
Deḻā(ḻe)i hebā ହେବା—To be pressed or trampled
টেপান by another; to cause another to massage one's body.
ବଳାଇ ମାଳକୁ ଦଳାଇ ହୋଇଲ ଭୁଜଙ୍ଗଳ ବଳବା ସ୍କନ୍ଧେ ।
ଅଭିମନ୍ୟୁ- ବିଦଗ୍ଧଚିନ୍ତାମଣି ।

ଦଳାଢ଼କ—ସଂ. ବି. (ଦଳ+ଆଢ଼କ)— ୧ । ଜଙ୍ଗଲୀ ରାଶି—
Daḻāṛhaka 1. Wild sessamum.
୨ । ଗେରୁ—2. Red chalk.
୩ । ନାଗକେଶର—3. Mesua Ferra.
୪ । ସିରସ (ଦେଖ)—4. Sirisa (See)
୫ । କୁନ୍ଦ (ଦେଖ)—5. Kunda (See)
୬ । ଗଜକର୍ଣ୍ଣୀ; ଏକପ୍ରକାର ପଳାଶ—
6. A species of Butea Frondosa.

ଦଳାଣ – ବୈଦେ. ବି. (ଫା. ଦାଲାନ୍)— ୧ । କୋଠା ଘର—
Daḻāṇa 1. Building.
दलान ୨ । ପ୍ରକୋଷ୍ଠ; କୋଠରି— 2. Room.
दालान ୩ । ଲମ୍ବା ଓ ଚଉଡ଼ା କୋଠରି—3. Hall.
୪ । ଲମ୍ବା ବାରଣ୍ଡା—4. Long and spacious veranda.

ଦଳାଦଳି—ଦେ. ବି— ୧ । ପରସ୍ପର ମଧ୍ୟରେ ବିରୋଧ—
Daḻādaḻi 1. Mutual quarrel.
(ଦଳାଦଳ—ଅନ୍ୟରୂପ) ୨ । ଗ୍ରାମରେ ଦୁଇ ବିରୋଧୀ ଦଳଙ୍କ
दलादलि ମଧ୍ୟରେ ବିବାଦ—2. Party-feeling
बलबा, हलचल or factions in a village; party-spirit.
୩ । ଦ୍ୱନ୍ଦ୍ୱ; ବିବାଦ—3. Fighting; wrangling; conflict.
୪ । ଚପାଚପି; ବହୁବାର ଚପିବା—
4. Repeated pressing.
ସେ କରରେ କେବେ ସଲକେଶୀ ସମପଙ୍କ ସ୍ତନ,
କ ଚଡ଼ତ ଦଳାଦଳ ରସ ହେ । କବିସୂର୍ଯ୍ୟ- ସଙ୍ଗୀତ କଳ୍ପଲତା ।
୫ । ବହୁବାର ଦଳିବା—5. Tramplings.
୬ । ପ୍ରତିଦ୍ୱନ୍ଦ୍ୱୀ ଦଳଗଠନ—
6. Creating of rival parties.
ପଦେ ପଦେ ଦଳାଦଳି ଘରେ ଘରେ କଳହ । ହୃଦାସ, ଗୀତଲହରୀ ।
୭ । ଦଳାମଳା (ଦେଖ)—7. Daḻāmaḻā (See)
୮ । ପରସ୍ପରକୁ ଦଳିବା—8. Mutual pressing.

ଦଳା ମଳା—ଦେ. ବ. (ଏକାର୍ଥ ବୋଧକ ସହଚର ଶବ୍ଦ)—
Dalā malā ଘଷାମୋଡ଼ା; ଚକଟାଚକଟ—
दलामला Massage; brisk rubbing of the body.
दलमलना

ଦଲାଲ୍—ବୈଦେ. ବି. (ଫା. ଦଲ୍ଲାଲ୍)—କ୍ରୟ ବିକ୍ରୟରେ ମଧ୍ୟସ୍ଥ; ଦହିଦାର-
Dalāl Broker; commission-agent,
दालाल आड़तदार; दलाल

ଦଲାଲି—ବୈଦେ. ବ (ଫା. ଦଲ୍ଲାଲୀ)—୧ । କ୍ରୟ ବିକ୍ରୟରେ ମଧ୍ୟସ୍ଥ—
Dalāli 1. Commission agent; tout.
दालालि ୨ । ମଧ୍ୟସ୍ଥର ପ୍ରାପ୍ୟ କମିସନ୍; ପାଉସେର; ଦସ୍ତୁରି—
आड़तिआ; दलाली 2. Broker's commission or percentage.
୩ । କ୍ରୟ ବିକ୍ରୟରେ ମଧ୍ୟସ୍ଥତା କାର୍ଯ୍ୟ—
3. The business of a broker.

ଦଳି—ସଂ. ବ (ଦଲ୍ ଧାତୁ=ଭେଦ କରିବା+କର୍ତ୍ତୃ. ଇ)—
Dali ଢେଲା; ଟେକା; ମାଟିର ଡିମା—Clod of earth.

ଦଳିକ—ସଂ. ବ (ଦଲ୍ ଧାତୁ+କର୍ମ. ଇକ)—କାଠ—
Dalika Wood.

ଦଳି(ଲୁ)ଜ୍—ପ୍ରାଦେ (ମେଦିନୀପୁର) ବୈଦେ. ବ (ଫା. ଦହଲୀଜ୍)—
Dali(lu)j ୧ । ବୈଠକଖାନା—1. Parlour; drawing room.
दलिज
दहलीज ୨ । ବରଣ୍ଡା—2. Veranda.
୩ । ଦରବାର ଘର—3. Durbar hall.
୪ । ଇରୁଣ୍ଡି ବନ୍ଧ—4. The bottom piece of a door-frame; door-sill.

ଦଳିତ—ସଂ. ବିଣ (ଦଲ୍ ଧାତୁ+କର୍ମ. ତ)—୧ । ଯାହା ଦଳା
Dalita ହୋଇଅଛି—1. Kneaded.
୨ । ଘୋଷି ହୋଇଥିବା; ମର୍ଦ୍ଦିତ—
2. Rubbed; bruised.
୩ । ନିଷ୍ପୀଡ଼ିତ—3. Pressed.
୪ । ଖଣ୍ଡିତ—4. Broken; cut.
୫ । ପିଷ୍ଟ—5. Crushed; pounded.
୬ । ଚୂର୍ଣ୍ଣିତ—6. Powdered.
୭ । ଶାସିତ—7. Subjugated.
୮ । ଉତ୍ପୀଡ଼ିତ—8 Oppressed.
୯ । ବିଭକ୍ତ—9. Divided; split.
୧୦ । ଉଦ୍ଘାଟିତ—10. Opened.
୧୧ । ପ୍ରସ୍ଫୁଟିତ—11. Full-blown; expanded.
୧୨ । ଗୋଡ଼ରେ ମଳା ଯାଇଥିବା—
12, Trodden; trampled.
୧୩ । ବିଧ୍ୱସ୍ତ—13 Destroyed.

ଦଳିତାଞ୍ଜନ—ସଂ. ବ. (ଦଳିତ+ଅଞ୍ଜନ; କର୍ମଧା)—ଦଳା ଯାଇଥିବା
Dalitāñjana କଜ୍ଜ୍ୱଳ—Well rubbed collyrium.

ଦଳିବା—ଦେ. କ୍ରି. (ସଂ. ଦଲ ଧାତୁ)—୧ । ଚକଟିବା; ଦଳନ କରିବା;
Dalibā ମର୍ଦ୍ଦନ କରିବା—1. To press together; to knead.
दला
दलना ୨ । ଧ୍ୱଂସ କରିବା—
(ଦଳିଦେବା—ଅନ୍ୟରୂପ) 2. To destroy; to crush.

ମନେ କଲେ ପର୍ବତ ପାରନ୍ତି ସେ ଦଳି ।
କୃଷ୍ଣସିଂହ. ମହାଭାରତ. ବନ ।

(ଲକ୍ଷଣାର୍ଥ) ୩ । (ଗର୍ବ, ଔଦ୍ଧତ୍ୟାଦି) ବିନାଶ କରିବା—
3. To destroy.

ପାତକର ପାତକ ହବ ଅଗ ଦଳି ।
କୃଷ୍ଣସିଂହ. ମହାଭାରତ. ବନ ।

୪ । ମଳିବା; ମକଚିବା; ଚକଟିବା—
4. To bruise; to tread; to trample.

ଚରଣେ ପୁଣି ଦଳି, ପକାଇ ଦେଲୁ ଚଳି,
ତୁ ସୁନ୍ଦର କୁସୁମ ଲୁଷାକୁରେ । କବିସୂର୍ଯ୍ୟ. ସଙ୍ଗୀତ ।

୫ । ମର୍ଦ୍ଦନ କରିବା ପରି ଶାରୀରିକ କଷ୍ଟ ଦେବା; ପୀଡ଼ା ଦେବା—
5. To press and give bodily pain.

ବଳ ଦେବାକୁ ତାକୁ ଏବେ ସବୁ ଦଳି ଦେଉଥାନ୍ତି ମତେ ତ ।
କବିସୂର୍ଯ୍ୟ. ସଙ୍ଗୀତ ।

ଦଲିଲ୍—ବୈଦେ. ବ. (କଚେରୀ) (ଫା. ଦଲୀଲ୍=ଯୁକ୍ତି, ତର୍କ)—
Dalil କୌଣସି ବିଷୟର ଲିଖିତ ନିଦର୍ଶନ—
दलील 1. Document; a deed; any thing in writing.
दस्तावेज
୨ । ଲିଖିତ ପ୍ରମାଣ—2. Evidence in writing; documentary evidence.
[ଦ୍ର—ଏହା ସାଧା ବା ଧୋଲା ବା ଗର ରେଜିଷ୍ଟରି ଦଲିଲକୁ ତମ୍ବା ପକ୍କା ବା ରେଜିଷ୍ଟରି ଦଲିଲକୁ ବୁଝାଏ ।]

ଦଲିଲ୍ କରିଦେବା—ଦେ. କ୍ରି. (କଚେରୀ)—କୌଣସି ଦଲିଲ ବିଧିମତେ
Dalil karidebā ଲେଖା ପଢ଼ି କରି ଦସ୍ତଖତ କରିଦେବା—
दलिल करा To duly execute a document.
दस्तावेज करना
(ଦଲିଲ ସମ୍ପାଦନ କରିବା; ଦଲିଲ୍ ଦେବା—ଅନ୍ୟରୂପ)

ଦଲିଲ୍ କର୍ତ୍ତା—ଦେ. ବ. (କଚେରୀ)—ଯେଉଁ ବ୍ୟକ୍ତି ଦଲିଲ
Dalil kartā ସମ୍ପାଦନ କରିଥାଏ—A person who executes a deed; the executant of a document.
(ଦଲିଲ ଦାତା ଅନ୍ୟରୂପ)
(ଦଲିଲ ଗ୍ରହୀତା—ବିପରୀତ)
दलिलकर्ता

ଦଲିଲ୍ ଗତ ପ୍ରମାଣ—ଦେ. ବ. (କଚେରୀ)—ଯେଉଁ ପ୍ରମାଣ ଦଲିଲରେ
Dalil gata pramāṇa ଥାଏ—Evidence contained
दलिल गत प्रमाण in documents; documentary evidence.

ଦଲିଲ୍ ଗ୍ରହୀତା—ଦେ. ବ (କଚେରୀ)—ଯେଉଁ ବ୍ୟକ୍ତିର ସପକ୍ଷରେ
Dalil grahītā ଦଲିଲ ସମ୍ପାଦିତ ହୋଇଥାଏ—
दलिल ग्रहीता A person in whose favour a document is executed.
(ଦଲିଲ୍ ଗୃହୀତା—ଅନ୍ୟରୂପ)

ଦଲିଲ୍ ଦସ୍ତାବଜ୍—ବୈଦେ. ବ. (ଫା) (ସହଭର ଶବ୍ଦ; କଚରଥ; ବହୁବଚନ)—ଲିଖିତ ନିଦର୍ଶନ ଆଦ—Deeds and documents; title-deeds.
Dalil dastābij
दलिल दस्तावेज
दस्तावेज

ଦଲିଲ୍ ପ୍ରମାଣ—ଦେ. ବ.—(କଚରଥା)—୧ । ଲିଖିତ ନିଦର୍ଶନଦ୍ୱାରା ଉପସ୍ଥାପିତ ପ୍ରମାଣ—1. Documentary evidence.
Dalil pramāṇa
दलिल प्रमान

୨ । ଲିଖିତ ନିଦର୍ଶନ—
2. Evidence in writing.

ଦଳି ହେବା—ଦେ. କ୍ରି. (ଦଳିବାର କର୍ମବାଚ୍ୟ)—
Daḻi hebā
दला याओया
दला जाना
(ଦଳି ହୋଇଯିବା—ଅନ୍ୟରୂପ)

୧ । ଫାଟି ଯିବା; ଭଗ୍ନ ହେବା—
1. To burst.

ଦେଖିଲି ଯାହା ଶ୍ରୀଅଙ୍ଗ ଦୁଃଖ;
ଦଳି ତ ହୋଇଗଲା ଦ୍ମା ଲତ ।
କବସୂର୍ଯ୍ୟ. ଭଶୋଗରଷ୍ଟ. ଦ·ଗୀତ ।

୨ । ମର୍ଦ୍ଦିତ ହେବା; ପେଷିତ ହେବା; ଦଳିତ ହେବା—
2. To be crushed.

ଖିନ ବାହୁ ବଳେ ବେନ ହୋଇ ଦଳ;
କେଉଁ ରୂପେ ମଲ୍ଲ କର୍ମୀର ମହାବଳ । କୃଷ୍ଣସିଂହ. ମହାଭରତ. ବନ ।

୩ । ଅନ୍ୟଦ୍ୱାରା ଦଳାଇ ହେବା—
3. To cause to be rubbed by another.

ଦଳୁଆ—ଦେ. ବଣ. (ସଂ. ଦଳ)—୧ । ଦଳପୂର୍ଣ୍ଣ—
Daḻuā
1. Full of aquatic grass; full of water-weeds.

୨ । ଦଳ ମିଶ୍ରିତ ହେବା ଯୋଗୁଁ ବିସ୍ୱାଦ (ଜଳ)—
2. Of insipid taste, insipid (as water mixed with acquatic weed.)

୩ । ଦଳଖିଆ (ଦେଖ)—3. Daḻakhiā (See)

ପ୍ରାଦେ. (ଗଞ୍ଜାମ) ବି—ଏକଜାତୀୟ ଚଷା —
A class of peasants in Gañjām.

ଦଲେଇ—ଦେ. ଅ. (ହାତୀ ମାହୁନ୍ତଙ୍କର ହାତୀ ପ୍ରତି ବ୍ୟବହୃତ ଶବ୍ଦ)—
Dalei ଖାଅ—Eat (addressed by the keeper to an elephant).
दलाई; दलै
(ଦଲେ- ଅନ୍ୟରୂପ)

ଦଳେଇ—ଦେ. ବି—ଦଳାଇ (ଦେଖ)
Daḻei Daḻāi (See)
(ଦଳେ—ଅନ୍ୟରୂପ)

ଦଶ—ସଂ. ବି. (ଦନ୍‌ଶ୍ ଧାତୁ=ଦୀପ୍ତି ପାଇବା+ଅନ୍=ଦଶନ୍ ଶବ୍ଦ)—
Daśa ପାଞ୍ଚର ଦୁଇ ଗୁଣ ସଂଖ୍ୟା; ୧୦ ସଂଖ୍ୟା—
The number ten.

ବିଣ—୧୦ ସଂଖ୍ୟକ—Numbering ten.

[ଦ୍ର—'ଦଶ' ଶବ୍ଦ 'ବହୁ ସଂଖ୍ୟକ' ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ । ଯଥା—ଦଶ ଜଣ ଯେଉଁ ବାଟରେ ଯିବେ ମୁଁ ସିନା ସେହି ବାଟରେ ଯିବି ।]

ଦଶ ଦେ. ବି—୧ । ସର୍ବସାଧାରଣ—1. The public.
दश (ଯଥା—ସଂଯତ ସଂଘବଦ୍ଧଭାବେ ଆମ ଦେଶର ଯୁବକମାନେ ଦେଶ ଲାଗି ଓ ଦଶ ଲାଗି କାର୍ଯ୍ୟ କରି ପାରୁ ନାହାନ୍ତି—ଦୈନିକ ଆଶା. ତା ୨୭-୬-୧୯୨୯ ।)

୨ । ମୃତ ବ୍ୟକ୍ତିର ମୃତ୍ୟୁର ୧୦ ଦିନ ପର୍ଯ୍ୟନ୍ତ ଯେଉଁ ଅନ୍ତ୍ୟେଷ୍ଟି କ୍ରିୟାମାନ କରା ଯାଏ, ତହିଁ ମଧ୍ୟରୁ ଦଶମ ଦିନର କର୍ତ୍ତବ୍ୟ କ୍ରିୟା—2. The funeral ceremonies or rites performed on the tenth day of a man's death.

ଦଶ ଅବତାର—ସଂ. ବି.—ଦୁଷ୍ଟ ଦଳନ ଓ ଶିଷ୍ଟପାଳନ ଓ ପୃଥିବୀକୁ ପାପରୁ ଉଦ୍ଧାରାର୍ଥ ବିଷ୍ଣୁଙ୍କର ପୃଥିବୀରେ ଦଶ ଥର ଅବତରଣ ବା ଜୀବରୂପଧାରଣ—The ten incarnations assumed by Bishṇu in coming upon the earth to deliver it from sin or oppression.
Daśa abatāra

[ଦ୍ର—ଦଶ ଅବତାର ଯଥା:—ମତ୍ସ୍ୟ; କଚ୍ଛପ; ବରାହ; ବାମନ; ନୃସିଂହ; ପର୍ଶୁରାମ; ରାମ; ବଳରାମ; ବୁଦ୍ଧ; କଳ୍କୀ ।]

ଶାସ୍ତ୍ରରେ ଅଛି ଯେ ଯେତେବେଳେ ପୃଥିବୀରେ ଅନ୍ୟାୟର ମାତ୍ରା ଅତି ବେଶି ହୋଇ ଯାଏ ସେତେବେଳେ ଦୁଷ୍କୃତକାରୀ ବ୍ୟକ୍ତିଙ୍କୁ ନାଶ କରି ସୁକୃତୀମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଭଗବାନ୍ ପାର୍ଥିବରୂପ ଧାରଣ କରି ପୃଥିବୀରେ ଅବତୀର୍ଣ୍ଣ ହୋଇ ପୃଥିବୀକୁ ରକ୍ଷା କରନ୍ତି । ସାଧାରଣରେ ପ୍ରଚଳିତ ବିଶ୍ୱାସମତେ ପୂର୍ବୋକ୍ତ ୧୦ ଅବତାର ଛଡ଼ା ବିଷ୍ଣୁ ଅନ୍ୟାନ୍ୟ ଅନେକ ଅବତାର ଧରି ଥିଲେ । ପାଶ୍ଚାତ୍ୟ ବିଜ୍ଞାନର Evolution theory ବା ବିବର୍ତ୍ତନ ବାଦ ସଙ୍ଗେ ଏହି ଦଶ ଅବତାର ବାଦକୁ ତୁଳନା କରିବା କୌତୁକାବହ । ଡାରୱିନ୍ (Darwin) ଙ୍କର ବିବର୍ତ୍ତନ ବାଦ Evolution theory ଅନୁସାରେ ହିନ୍ଦୁମାନଙ୍କର ଦଶଅବତାର ତୁଳନା କଲେ ଜୀବସୃଷ୍ଟିରେ ବିବର୍ତ୍ତନର ଭିନ୍ନ ଭିନ୍ନ ଅନୁରୂପ କ୍ରମିକ ସୋପାନ ଦେଖାଯାଏ । ଯଥା—'ମତ୍ସ୍ୟ' ପ୍ରଥମ, ପୂର୍ଣ୍ଣ ଜଳରେ । 'ମତ୍ସ୍ୟ'ରୁ ବିବର୍ତ୍ତନ ଦ୍ୱାରା ଉଭୟଚର (ବେଶି ସମୟ ଜଳରେ ଓ ଅଳ୍ପ ସମୟ ସ୍ଥଳରେ ବିଚରଣ କରୁଥିବା) 'କଚ୍ଛପ' । ତତ୍‌ପରେ ସ୍ଥଳଚର (ଅଧିକାଂଶ ସମୟ ସ୍ଥଳରେ ଓ ଅତି ଅଳ୍ପକାଳ ଜଳ ବା ପଙ୍କରେ ବିଚରଣକାରୀ) 'ବରାହ' (ଏତେବେଳକୁ ପଶୁ ସୃଷ୍ଟିର ଆରମ୍ଭ) । 'ବରାହ' ପରେ 'ନୃସିଂହ' (ଅର୍ଥାତ୍ ଅଧା ପଶୁ ଓ ଅଧା ମନୁଷ୍ୟ ଓ ତାହାର ଅସ୍ତ୍ର ଦନ୍ତ ଓ ନଖ) । ତତ୍‌ପରେ 'ବାମନ' (ଅର୍ଥାତ ସମସ୍ତ ଅଙ୍ଗବିଶିଷ୍ଟ ଓ କିନ୍ତୁ ମନୁଷ୍ୟର ପୂର୍ଣ୍ଣାକାର ପ୍ରାପ୍ତ ହୋଇ ନ ଥିବା ମନୁଷ୍ୟ) । ତତ୍‌ପରେ 'ପର୍ଶୁରାମ' (ଅର୍ଥାତ୍ ପୂର୍ଣ୍ଣ ସଭ୍ୟତା ପାଇ ନ ଥିବା ଓ ଯୁଦ୍ଧପ୍ରିୟ ଆଦିମ ଅବସ୍ଥାର ମନୁଷ୍ୟ; ତାହାର ଅସ୍ତ୍ର ଗୋଟିଏ ଲୌହମୟ କୁଠାର) । ତତ୍‌ପରେ 'ଶ୍ରୀରାମ' (ଦୟାଦାକ୍ଷିଣ୍ୟାଦି ଯୁକ୍ତ ଓ ସଦ୍‌ଗୁଣ ପୂର୍ଣ୍ଣ ଓ ସମାଜ ଏବଂ ରାଜ୍ୟ ପରିଚାଳନରେ ଦକ୍ଷ ମନୁଷ୍ୟ, କିନ୍ତୁ କୃଷି ବିଦ୍ୟାରେ ନିପୁଣତା ଲାଭ କରି ନ ଥିବା ଅବସ୍ଥା) । ତତ୍‌ପରେ 'ବଳରାମ' (କୃଷିଜୀବୀ ଓ ସଂସାରକର୍ମରତ ମନୁଷ୍ୟ) । ତତ୍‌ପରେ 'ବୁଦ୍ଧ' [ଧର୍ମପ୍ରାଣତା ଯୁକ୍ତ ଓ ଆଧ୍ୟାତ୍ମିକତା (spirituality) ଯୁକ୍ତ ମନୁଷ୍ୟ] ଓ ତତ୍‌ପରେ 'କଳ୍କୀ' ଅବତାର (ଯାହା ଏ ପର୍ଯ୍ୟନ୍ତ ହୋଇନାହିଁ); ଏ ଜନ ସମାଜରେ ବିପ୍ଳବ ଓ

ଭଯ଼ଙ୍କର ଗୋଳଯୋଗ ଓ ରକ୍ତପାତ ଘଟାଇବା ବ୍ୟକ୍ତି) । ଉକ୍ତ ଦୃଷ୍ଟିରେ ହିନ୍ଦୁମାନଙ୍କର ଏହି 'ଅବତାରବାଦ' ସଙ୍ଗେ ପାଶ୍ଚାତ୍ୟ ବିବର୍ତ୍ତନ ବାଦର ତୁଳନା ଅତ୍ୟନ୍ତ କୌତୁକାବହ ଓ ଉପଦେଶପ୍ରଦ ଅଟେ ।]

ଦଶ ଅଙ୍ଗୁଠି—ଦେ. ବି—ଦୁଇ ହାତର ଦଶ ଗୋଟି ଅଙ୍ଗୁଳି; ଦୁଇ ଗୋଡ଼ର ଦଶ ଗୋଟି ଅଙ୍ଗୁଳି—The ten fingers of both hands or toes of both legs.
Daśa āṅguṭhi
दश आङ्गुल
(ଦଶ ଅଙ୍ଗୁଳି—ଅନ୍ୟରୂପ)

[ଦ୍ର—ହାତର ଅଙ୍ଗୁଠିର ନାମ—
ବୁଢ଼ା ଅଙ୍ଗୁଠି (ସଂ. ଅଙ୍ଗୁଷ୍ଠ)—Thumb.
ତର୍ଜ୍ଜନୀ ଅଙ୍ଗୁଠି (ସଂ. ତର୍ଜ୍ଜନୀ)—Index; fore finger.
ମଝି ଅଙ୍ଗୁଠି (ସଂ. ମଧ୍ୟମା)—Middle finger.
ଚାରି ଅଙ୍ଗୁଠି (ସଂ. ଅନାମିକା)—Ring finger.
କାଣି ଅଙ୍ଗୁଠି (ସଂ. କନିଷ୍ଠା)—Little finger].

ଦଶ ଅଙ୍ଗୁଠି ପାଟିରେ ପୂରା(ରେ)ଇବା—ଦେ. କ୍ରି—(ଲକ୍ଷଣାର୍ଥ) ଅତି ଲୋଭ-ଗ୍ରସ୍ତ ହେବା—To be very avaricious.
Daśa āṅguṭhi pāṭire pūrā(re)ibā

ଦଶ ଉତ(ତ୍ତ)ର—ଦେ. ବିଣ—(ସଂ.ଦଶୋତ୍ତର)—ଯେଉଁ ଶତ ସଂଖ୍ୟାର ପରେ ଦଶ ସଂଖ୍ୟା ଥାଏ (ଯଥା ଦଶଉତରଶହେ; ଦଶଉତର ଦୁଇଶ)—(a certain hundred) Prefixed to the number ten.
Daśa uta(tta)ra
दसोतरा, दहोतर

ଦଶକ—ସଂ. ବିଣ—(ଦଶ+ପରିମାଣାର୍ଥେ. କ)—୧ । ଦଶର ଗୁଣିତକ ବା ଦଶ ସ୍ଥାନୀୟ (ସଂଖ୍ୟା); ଏକାଧିକ ଅଙ୍କର ଦକ୍ଷିଣ ମୁଣ୍ଡରୁ ବାମ ଆଡ଼କୁ ଗଣିଲେ ଦୁଇ ସ୍ଥାନୀୟ (ଅଙ୍କ)—1. At the tenth place; multiple of ten.
Daśaka
୨ । ଦଶ ଗୁଣିତ—2. Tenfold.
ବି—୧ । ଦଶ ବର୍ଷ; ଦଶନ୍ଧି—1. A decade.
୨ । ଦଶ ସଂଖ୍ୟାର ସମାହାର—2. A unit of ten.
ଦେ. ବି—ଗଣିତଅର ୧୦ ସଂଖ୍ୟାର ଧାଡ଼ି ବା ଶଢା—Multiplication table relating to ten.

ଦଶ କଣ୍ଠ—ସଂ. ବି (ଦଶ+କଣ୍ଠ; ବହୁବ୍ରୀହି)—ରାବଣ—The ten-headed demon, Rābaṇa.
Daśa kaṇṭha
(ଦଶକନ୍ଧର; ଦଶଗ୍ରୀବ—ଅନ୍ୟରୂପ)

ଦଶକତ୍—ବୈଦେ. ବି (ଫା. ଦସ୍ତଖତ୍)—ସ୍ୱାକ୍ଷର—Signature.
Daśakat
दस्तखत; **दस्तखत** (ଦସ୍ତଖତ୍, ଦସ୍ତତ—ଅନ୍ୟରୂପ)

ଦଶ କଥା—ଦେ. ବି—ଏଣୁ ତେଣୁ ବହୁତ ପ୍ରକାର କଥା ବା ବିଷୟ—Various matters.
Daśakathā
दशकथा; **दशतरहकीबातें**

ଦଶ କନ୍ଧ—ଦେ. ବି. (ସଂ. ଦଶକନ୍ଧର)—ରାବଣ—Rābaṇa; the ten-headed demon.
Daśa kandha

ଦଶ କନ୍ଧର—ସଂ. ବି. (ଦଶ+କନ୍ଧର=ଗ୍ରୀବା; ବହୁବ୍ରୀହି)—ରାବଣ—Rābaṇa; the ten-headed demon.
Daśa kandhara

ବିବେକ ଦଶକନ୍ଧର ଅନନ୍ତକୁ ଅନ୍ତକର କାଳ
ଅନ୍ୟତ କଥିବ ତୁମ୍ଭେ ଯେ । ଉପେନ୍ଦ୍ର ଭଞ୍ଜ, ବୈଦେହୀଶବିଳାସ ।

ଦଶ କର୍ମ—ସଂ. ବି. (ଦଶ+କର୍ମ; କର୍ମଧା)—ଆର୍ଯ୍ୟ (ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ)ମାନଙ୍କର ଗର୍ଭାଧାନ ଆଦି ଅବଶ୍ୟକର୍ତ୍ତବ୍ୟ ଦଶ ଗୋଟି ସଂସ୍କାର—The ten prescribed rituals required to be performed by the 3 superior castes amongst the Hindus before entering the world; the ten prescribed rites or sacraments of a Hindu boy.
Daśa karma

[ଦ୍ର—୧୦ ସଂସ୍କାର ଯଥା—ଗର୍ଭାଧାନ, ସବନ ବା ପୁଂସବନ, ସୀମନ୍ତୋନ୍ନୟନ, ଜାତକର୍ମ; ନାମକରଣ, ନିଷ୍କ୍ରାମଣ, ଅନ୍ନପ୍ରାଶନ, ଚୂଡ଼ାକରଣ ବା କର୍ଣ୍ଣବେଧ, ଉପନୟନ, ସମାବର୍ତ୍ତନ ବା ବିବାହ; ବର୍ତ୍ତମାନ ଭାରତୀୟ ଆର୍ଯ୍ୟବଂଶଧରମାନେ ଏ ସଂସ୍କାରମାନ ଯଥାନିର୍ଦ୍ଦିଷ୍ଟ କାଳ ଓ କ୍ରମରେ ଗୋଟିଗୋଟି କରି ନ କରି ବୃଦ୍ଧ ବେଳେ କଳନାଶକ୍ତିଦ୍ୱାରା ଏକା ହସ୍ତରେ ଦୁଇ ଦିନ ମଧ୍ୟରେ ବିବାହ ଛଡ଼ା ନଅ ଗୋଟି ଯାକ କର୍ମ ସମାଧା କରି ବିଧିରକ୍ଷା କରୁ ଅଛନ୍ତି ।]

ଦଶ କାଳ—ଦେ. ବିଣ—ଅତି ବୃଦ୍ଧ—Too old; nearing the grave.
Daśa kāla

ସୁଗ୍ରୀବକୁ ସେନ ଦଶକାଳ ଯେ ବୃଦ୍ଧ
ଏମାନେ ଯୁଦ୍ଧରେ ନ କରନ୍ତି ଉଦ୍ରୋଧ । ବିଶ୍ୱନାଥ, ବିଚିତ୍ରରାମାୟଣ ।

ଦଶକୁମାର ଚରିତ—ସଂ. ବି. (ଦଶକୁମାର+ଚରିତ; ୬ଷ୍ଠୀ ତତ୍)—ଦଣ୍ଡୀଙ୍କ ରଚିତ ସଂସ୍କୃତ ଉପନ୍ୟାସ, ଯହିଁରେ ଦଶଗୋଟି ରାଜପୁତ୍ରଙ୍କ ଚରିତ ବର୍ଣ୍ଣିତ ହୋଇଅଛି—Title of a Sanscrit fiction by Daṇḍī relating the adventures of ten princes.
Daśakumāra charita

ଦଶକେ ଚୋଟ—ପ୍ରାଦେ· (ଗଞ୍ଜାମ) ବି—ଗାତରେ ପକାଇ ଖେଳିବା ବାଟି (କଉଡ଼ି) ଖେଳର ଦଶମ ଆଘାତ (ନନ୍ଦେ)—The tenth stroke in cowry-play.
Daśake choṭa

ଦଶ କ୍ରିୟା—ଦେ. ବି—ମୃତ୍ୟୁର ଦଶ ଦିନ ଯାଏ ଯେଉଁ ଔର୍ଦ୍ଧ୍ୱଦେହିକ କ୍ରିୟା ବା ଶୁଦ୍ଧିଶ୍ରାଦ୍ଧ ମୃତବ୍ୟକ୍ତିର ଆତ୍ମାର ସଦ୍‌ଗତି ନିମିତ୍ତ ସମ୍ପାଦନ କରାଯାଏ—The funeral rites performed by a man's heir during the ten days of his death.
Daśa kriyā
दशकर्म

ଦଶ ଖପର୍ରା—ଦେ. ବି—୧ । ମୃତ୍ୟୁର ୧୦ ଦିନ ପର୍ଯ୍ୟନ୍ତ ଦଶକ୍ରିୟା ଧରିଥିବା ଓ ମୁଖାଗ୍ନି ଦେଇଥିବା ବ୍ୟକ୍ତି ଦଶଘାଟରେ ଯେଉଁ ଖପର୍ରା ବା ଛେଲୁଅରେ ଅନ୍ନ ରାନ୍ଧି ମୃତ ବ୍ୟକ୍ତିର ପ୍ରେତକୁ ପିଣ୍ଡ ଦିଏ—1. Bits of earthen pot in which rice etc is boiled to offer Piṇḍa (oblation cakes) at the bank of a tank to the Preta (or unreleased soul or spirit) of the deceased daily for 10 days of the funerals.
Daśa khaparā

୨ । ମୃତ୍ୟୁର ଦଶାହ ଦନ କ୍ରିୟା ଧରବା ଲୋକ ଯେଉଁ ହାଣ୍ଡିରେ ଘିଅ ଓ ଗୁଡ଼ ଏକତ୍ର ଗରମ କର ତହିଁରେ ଚାଉଳକୁ ଭାଜ ପୋଡ଼ଲା ପର କର ଗାଧୋଇବା ସମୟରେ ପାଣିରେ ଭସାଇ ଦେଇ ଖଣ୍ଡିଏ କାଠ-ଘାଲଅରେ ବାଡ଼େଇ ଦଏ ଓ ସେହି ସମୟରେ ନଜେ ପାଣିରେ ବୁଡ଼ ମାରେ; ଦଗ୍ଧହାଣ୍ଡି—2. An earthen pot in which rice, ghee and molasses are fried to burning and which is made to float on water and then struck with a stick on the tenth day of the funerals.

ଦଶକ୍ରିୟା—ଦେ. ବ.—ଦଶାହ କର୍ମ—Funeral rites per-
Daśakriyā formed during the 10 days of a personary death.

ଦଶ କ୍ଷୀର—ସ. ବ—ସୁଶ୍ରୁତ ଅନୁସାରେ ଦଶଟି ଜୀବଙ୍କ ଦୁଧ (ଯଥା—
Daśa kshira ଗାଈର, ମେଣ୍ଢାର, ଓଟର, ଛେଳର, ମଇଁଷିର, ଘୋଡ଼ୀର, ନାରୀର, ହାତୁଣୀର, ହରଣୀର ଓ ଗଧର)—Milk from ten species of animals prescribed in the Hindu medical book Suśruta.

ଦଶ ଗାତ୍ର—ସ. ବ—୧ । ଶରୀରର ଦଶଟି ପ୍ରଧାନ ଅଙ୍ଗ—
Daśa gātra 1. The ten chief limbs of the body.

୨ । ମୃତାହର ଦଶ ଦନ ପର୍ଯ୍ୟନ୍ତ କରାଯିବା ପ୍ରେତ କର୍ମ (ଦ୍ର. ଶବ୍ଦସାଗର)—2. The funeral rites performed during the 10 days of a person's death.

ଦଶଗ୍ରାମୀ—ସ. ବ. (ଦଶଗ୍ରାମ+ଇନ୍)—ଦଶ ଗ୍ରାମର ଅଧିକାରୀ;
Daśagrāmi ସାଙ୍ଗାଙ୍କ ପକ୍ଷରୁ ନିଯୁକ୍ତ ୧୦ଟି ଗ୍ରାମର ଶାସକ—
ଦଶଗ୍ରାମପତି } ଅନ୍ୟରୂପ The holder or proprietor of
ଦଶପ } ten villages.

ଦଶଗ୍ରୀବ—ସ. ବ. (ଦଶ+ଗ୍ରୀବା; ବହୁବ୍ରୀହି)—ଦଶକଣ୍ଠ (ଦେଖ)
Daśagriba Daśakantha (See)

ଦଶଘର—ଗ୍ରା. ବ. (ସ. ଦଶହରା)—୧ । ଆଶ୍ୱିନ ଶୁକ୍ଳ ଦଶମୀ—
Daśagharā 1. The tenth day of the bright fort-
ଦଶହରା night of the month of Āświna.
ଦଶଘ } ଅନ୍ୟରୂପ [ଦ୍ର—ଏ ଦନ ଦୁର୍ଗା ପ୍ରତିମାଙ୍କୁ ବିସର୍ଜନ
ଦଶହର } କରାଯାଏ ।]

୨ । ଜ୍ୟୈଷ୍ଠ ମାସର ଶୁକ୍ଳ ଦଶମୀ—2. The tenth day of the bright fortnight of the month of Jyeshtha.

[ଦ୍ର—ଏ ଦନ ଗଙ୍ଗାଦେବୀଙ୍କ ଜନ୍ମଦବସ; ଏଣୁ ଗଙ୍ଗାସ୍ନାନ ଯୋଗ ପ୍ରଶସ୍ତ ।]

ଦଶଚନ୍ଦ୍ରମା—ଦେ. ବ (ସ. ଦର୍ଶ+ଚନ୍ଦ୍ରମା)—୧ । ଦର୍ଶ (ଅମାବାସ୍ୟା)ର
Daśachandramā ଚନ୍ଦ୍ର—1. The moon of the new-moon day.

୨ । (ସ. ଦଶ+ଚନ୍ଦ୍ରମସ୍) ଦଶଗୋଟି ଚନ୍ଦ୍ର—2 Ten moons.

୩ । (ଲକ୍ଷଣାର୍ଥ; ଭୂଇ ହସ୍ତରେ ଦଶ ନଖ ଥିବାରୁ) ନଖକ୍ଷତ — 3. Scar caused by the nails

ହେମ ଦେହ ଶୁଙ୍ଗ ମଧ୍ୟ
ଦଶ ଚନ୍ଦ୍ରମା କଲେ ଉଦେ—ଉପେ. ହେମଚନ୍ଦ୍ରାମୃତ ।

ଦଶ ଜଣ—ଦେ. ବ—୧ । ବହୁସଂଖ୍ୟକ ବା ଅନିର୍ଦ୍ଦିଷ୍ଟ ସଂଖ୍ୟକ ବ୍ୟକ୍ତି—
Daśa jana 1. Many or an indefinite number of
दशजना persons.
दशआदमिओं (ଯଥା - ମୋ ଘରକୁ ତ ଦଶ ଜଣ ଆସୁଅଛନ୍ତି, ତଏ
(ଦଶଲୋକ—ଅନ୍ୟରୂପ) ମୋ ଧନ ଚୋର କର ନେଇଛି ବୋଲି ମୁଁ କାହାକୁ ଧରବ ?)

୨ । ଦଶଟି ବ୍ୟକ୍ତି—2 Ten persons.

ଦଶଣା—ଗ୍ରା. ବ—ଦଶ ଅଣା—
Daśaṇā Ten annas.
दशाना [ଦ୍ର—ତୁଳନା କର—ଆଠଣା=ଆଠ ଅଣା; ପାଞ୍ଚଣା
दशआना =ପାଞ୍ଚ ଅଣା; ସାତଣା=ସାତ ଅଣା । ପୁନର୍ବାର ତୁଳନା କର—ଛଅଣା=ଛଅ ଅଣା; ଚଉଣା=ଚଉ ଅଣା ।]

ଦଶତ—ଗ୍ରା. ବୈଦେ. (ଫା· ଦହସ୍ତ୍) — ୧ । କ୍ଲେଶ—
Daśata 1. Trouble.
दहसत् ୨ । ଯନ୍ତ୍ରଣା—2 Pain.
दहसत ୩ । ଭୟ—3. Fear.
ଦଅଶତ } ଅନ୍ୟରୂପ (ଯଥା—ରାତିରେ ଏକୁଟିଆ ଯିବାକୁ ମତେ ଦଶତ
ଦହଶତ } ହୁଏ ବା ଦଶତ ଲାଗେ ।)

ଦଶତି—ସ. ବି. (ଦଶ ଗୁଣିତ ଦଶ; ନିପାତନ)—ଶତ; ଶହେ—
Daśati A hundred.

ଦଶ ତୁଠ—ଦେ. ବି—୧ । ନଦ୍ୟାଦର ଯେଉଁ ତୋଠରେ ଦଶ ଦନ
Daśa tuṭha ପର୍ଯ୍ୟନ୍ତ ମୃତ ବ୍ୟକ୍ତିର ପ୍ରେତୋଦ୍ଦେଶ୍ୟରେ ଦଶ କ୍ରିୟା
दशाघाट କରାଯାଏ—1. The bank of a river or
ଦଶତୋଠ } ଅନ୍ୟରୂପ tank where a man offers oblation
ଦଶଘାଟ } cakes to a deceased ancestor during the 10 days of his death in performing his funerals.

୨ । ଦଶାହ ଦନ ଦଶ ତୁଠରେ କରାଯିବା କ୍ରିୟା ଓ କ୍ରିୟା-କର୍ତ୍ତା ଏବଂ ଜ୍ଞାତି ଓ ବାନ୍ଧବମାନଙ୍କର ସୌରପୂର୍ବକ ସ୍ନାନାଦ ଶୁଦ୍ଧି କ୍ରିୟା—2. The funeral rites performed on the 10th day of death by the heir and the sacrament acts including shaving and bath undergone by the relatives of a deceased person.

ଦଶତୁଠିଆ—ଦେ.ବ—୧ । (ଗାଳବିଶେଷ) ନିମ୍ନ ଶ୍ରେଣୀର ବ୍ରାହ୍ମଣ,ଯେଉଁ
Daśatuṭhiā ବ୍ରାହ୍ମଣ ଦଶ ତୋଠରେ ପୌରୋହିତ୍ୟ କରେ—
ଦଶତୋଠିଆ } ଅନ୍ୟରୂପ 1. (an abusive ephithet) An
ଦଶଘାଟିଆ } inferior class of Brāhmaṇas who officiates at funerals.

୨ । ଦଶ ଭୁଠରେ ପିନ୍ଧାଯିବା ଲୁଗା—
2. The cloth, worne at the Daśatuṭha.
ଦେ. ବିଣ.—ଅତି ନକୃଷ୍ଟ ଓ କ୍ଷେଦ (କରଅ ଲୁଗା)—
Very inferior and small (cloth).
[ଦ୍ର—ସାଧାରଣତଃ ଦଶ ଭୁଠରେ ଉପସ୍ଥିତ ଜ୍ଞାତି ଓ ବନ୍ଧୁମାନଙ୍କୁ ସ୍ନାନ ପରେ ଯେଉଁ ନୂଆ ଲୁଗା ପିନ୍ଧିବାକୁ ଦିଆଯାଏ ତାହା ଅତି କ୍ଷେଦ ହୋଇଥାଏ ।]

ଦଶ ଦଶା—ସଂ. ବି. (ଦଶ+ଦଶା; କର୍ମଧା)—
Daśa daśā ୧ । ମନୁଷ୍ୟ ଜୀବନର ଦଶ ଅବସ୍ଥା—
1. Ten stages of a human life.
[ଦ୍ର—ଦଶ ଅବସ୍ଥା, ଯଥା—ଗର୍ଭବାସ, ଜନ୍ମ, ବାଲ୍ୟ, କୌମାର, ପୌଗଣ୍ଡ, ଯୌବନ, ସ୍ଥାବିର୍ଯ୍ୟ, ଜରା, ପ୍ରାଣରୋଧ ଓ ପ୍ରାଣନାଶ ।]
୨ । କାମାତୁର ବ୍ୟକ୍ତିର ଦଶ ଗୋଟି ଅବସ୍ଥା—
2. The ten stages which an unrequited lover experiences.
[ଦ୍ର—ଦଶ ଅବସ୍ଥା, ଯଥା—ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣ କଥନ, ଉଦ୍ବେଗ, ପ୍ରଳାପ, ଉନ୍ମାଦ, ବ୍ୟାଧି, ଜଡ଼ତା ଓ ମୃତ୍ୟୁ ।]
୩ । ଭକ୍ତର ଦଶ ଗୋଟି ଅବସ୍ଥା—3. The ten stages passed by a devotee.
[ଦ୍ର—ଦଶ ଅବସ୍ଥା, ଯଥା—ଶ୍ରବଣ, କୀର୍ତ୍ତନ, ସ୍ମରଣ, ଅର୍ଚ୍ଚନା, ବନ୍ଦନା, ପଦସେବନ, ଦାସ୍ୟ, ସୌଖ୍ୟ, ନିବେଦନ, ସ୍ଥିରଭାବ ।]

ଦଶ ଦାନ—ସଂ. ବି—୧ । ବୈତରଣୀ ଦାନ; ମନୁଷ୍ୟର ମୁମୂର୍ଷୁ ଅବସ୍ଥାରେ
Daśadāna କରାଯିବା ଦଶବିଧ ଦ୍ରବ୍ୟର ଦାନ—
1. The gift or present of ten specified articles offered by a man at his last stage of expiring.
[ଦ୍ର—ମଲା ପରେ ମନୁଷ୍ୟଙ୍କୁ ପ୍ରେତପୁରୀକୁ ବେଷ୍ଟନ କରିଥିବା ଉତ୍ତପ୍ତବୈତରଣୀ ନଦୀକୁ ପାର ହେବାକୁ ପଡ଼େ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି । ସେଥିରୁ ସେହି ନଦୀକୁ ନିରାପଦରେ ଉତ୍ତୀର୍ଣ୍ଣ ହୋଇ ପାରିବା ବିଶ୍ୱାସରେ ମନୁଷ୍ୟ ମରିବା ପୂର୍ବରୁ ବ୍ରାହ୍ମଣଙ୍କୁ ଦଶ ଗୋଟି ଦାନ କରେ । ଯଥା—ଗୋରୁ, ଭୂମି, ସୁନା, ବସ୍ତ୍ର, ଲୁହା ବା ଥାଳଗିନା ମଞ୍ଜିଳା, ତମ୍ବା ବା ଅନ୍ନ, ଘିଅ, ଯବ, ଜଳପାତ୍ର, ଦକ୍ଷିଣା ।]
୨ । ପଶାର ଦଶ ସଂଖ୍ୟକ ଦାନ—2. The throw of the dice resulting in the turning up of ten points.

ପଶାରେ ଯେ ଦଶ ଦାନ
ଖେଳରେ ସେ ପଡ଼େ ଜାଣ । ଗାତୀ. ନଳ ଚରିତ ।

ଦଶ ଦିକ୍—ସଂ. ବି—ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, ଅଗ୍ନି, ବାୟୁ, ଈଶାନ,
Daśa dik ନୈର୍‌ଋତ, ଊର୍ଦ୍ଧ୍ୱ ଓ ଅଧଃ ଏହି ଦଶଟି ଦିଗ—
The 8 points of the compass and the points above and below a man; the ten directions.

ଦଶ ଦିକ୍‌ପାଳ—ସଂ. ବି—ଦିକ୍‌ପାଳ (ଦେଖ)
Daśa dikpāḷa Dikpāḷa (See)

ଦଶ ଦିଗ—ଦେ. ବି. (ସଂ. ଦଶ+ଦିକ୍)—୧ । ଦଶ ଦିକ୍ (ଦେଖ)
Daśa diga 1. Daśa dik (See)
दशदिक ୨ । ସବୁ ଦିଗମାନ—
दसोदिशा 2. All the conceivable points or directions.
(ଦଶ ଦଶ—ଅନ୍ୟରୂପ)

ଦଶଦିଗ ଅନ୍ଧାର ଦିଶିବା—ଦେ. ବି.—କିଂକର୍ତ୍ତବ୍ୟବିମୂଢ଼ ହେବା—
Daśadiga andhāra diśibā Being puzzled; bewilderment.
दशदिक् अन्धकार देखा याओया
(ଦଶଦିଗ ଶୂନ୍ୟ ଦେଖା ଯିବା—ଅନ୍ୟରୂପ)

ଦଶ ଦ୍ୱାର—ସଂ. ବି.—ଶରୀରସ୍ଥ ୧୦ ଗୋଟି ଛିଦ୍ର—(ଯଥା,—ଦୁଇ
Daśadwāra କାନ, ଦୁଇ ନାକ, ଦୁଇ ଆଖି, ଏକ ମୁଖ, ଏକ ଗୁହ୍ୟ, ଏକ ଲିଙ୍ଗ, ଏକ ବ୍ରହ୍ମରନ୍ଧ୍ର)—
The 10 outlets of the human body.

ଦଶଧା—ସଂ. ଅ. (ଦଶ+ପ୍ରକାରାର୍ଥେ ଧା)—୧ । ଦଶ ପ୍ରକାରରେ—
Daśadhā 1. In ten ways; ten sorts of.
୨ । ଦଶଗୁଣ—2. Ten fold.
୩ । ଦଶ ଥର—3. Ten times.

ଦଶନ—ସଂ. ବି. (ଦନ୍‌ଶ ଧାତୁ=କାମୁଡ଼ିବା+କରଣ. ଅନ)—
Daśana ୧ । ଦଂଷ୍ଟ୍ରା; ଦାନ୍ତ—1. Tooth.
୨ । ପର୍ବତର ଅଗ୍ରଭାଗ—2. The peak or summit of a mountain.
୩ । ବର୍ମ; କବଚ; ସାଞ୍ଜୁ—
3. Armour; coat of a mail.
୪ । (+ଭାବ. ଅନ)—ଦଂଶନ; କାମୁଡ଼ା—2. Biting.
୫ । ପଲ ପରିମାଣ—5. Weight of one Paḷa.

ଦଶନପତ୍ର—ସଂ. ବି. (୬ଷ୍ଠୀ ତତ୍; ଦଶନ+ପତ୍ର)—ଓଠ—
Daśana patra Lips.
(ଦଶନଚ୍ଛଦ—ଅନ୍ୟରୂପ) ଶାର ଓଷ୍ଠ ସାତ ବମ୍ବ ଫଳ ସ୍ୱାଦ
ଝୁରଇ ଦଶନ ପତ୍ର । ଦୀନକୃଷ୍ଣ. ରସକଲ୍ଲୋଳ ।

ଦଶନ ବସନ—ସଂ. ବି. (ଦଶନ+ବସ୍ ଧାତୁ=ଆଚ୍ଛାଦନ କରିବା+ଅନ)—ଓଷ୍ଠ—Lips.
Daśana basana
ପ୍ରବଳ ଶ୍ୱାସ ଶ୍ୱସନ ସ୍ଫୁଲିତ ନାଶା ଦଶନ—ବସନେ ସ୍ଥିତ ଦଶନ କୃତ ଦଂଶନ ।
ଭକ୍ତ. ପ୍ରେମସୁଧାନିଧି ।

ଦଶନ ବାସ—ସଂ. ବି (ଦଶନ+ବସ ଧାତୁ+କରଣ. ଅ)—ଓଠ—
Daśana bāsa Lips.

ଦଶନ ବୀଜ—ସଂ. ବି (ବହୁବ୍ରୀହି; ଦଶନ+ବୀଜ)—ଡାଳିମ୍ବ—
Daśana bija Pomegranate.

ଦଶ ନାଡ଼ୀ—ଦେ. ବି—ଶରୀରରେ ଥିବା ଦଶସଂଖ୍ୟକ ନାଡ଼ୀ—
Daśa nāṛi The ten blood-vessels said to run in the human body.

ବାମ୍ଭସ ସବୁ ନାଡ଼ୀଙ୍କୁ ଦଶ ନାଡ଼ୀ ଶ୍ରେଷ୍ଠ ।
ଦଶ ନାଡ଼ୀ ମଧ୍ୟେ ତିନ ଅଟଇ ଗରିଷ୍ଠ ॥
ଇଡ଼ଁଲା ପିଙ୍ଗଁଲା ସୁଷୁମ୍ନା ଏହି ତିନ ।
ଏବେ ସେ କହିବି । ଦଶ ନାଡ଼ୀ ଭେଦ ସେନ ॥
ଚତୁର୍ଥରେ ଗାନ୍ଧାରୀ—ପଞ୍ଚମେ ହସ୍ତଜିହ୍ୱା ।
ଷଷ୍ଠେ ପୂଷା ଯଶସ୍ୱିନୀ ସପ୍ତମେ କହିବା ॥
ଅଠ ହୋଇ ଅଲମ୍ବୁଷା କୁହୁ ଯେ ନବମ ।
ଶଙ୍ଖିନୀର ଅନୁରୂପେ ହୋଇଛି ଦଶମ ॥

ପ୍ରାଚୀ. ବୈଷ୍ଣବେଦସ୍ୱ ।

ଦଶନାମୀ ସନ୍ନ୍ୟାସୀ—ଦେ. ବି—ଦଶ ଉପାଧିଯୁକ୍ତ ସନ୍ନ୍ୟାସୀମାନଙ୍କର ସମ୍ପ୍ରଦାୟ; ସନ୍ନ୍ୟାସୀ ଶବ୍ଦରେ ନୋଟ୍ (ଦେଖ)
Daśanāmī saṃnyāsi
দশনামীসংন্যাসী
दशनामसंन्यासी
A sect of ascetics endowed with ten titles; notes under Sannyāsi (See).

[ଦ୍ର—୧୦ ନାମ ଯଥା—୧ ତୀର୍ଥ, ୨ ଆଶ୍ରମ, ୩ ବନ, ୪ ଅରଣ୍ୟ, ୫ ଗିରି, ୬ ପର୍ବତ, ୭ ସାଗର, ୮ ସରସ୍ୱତୀ, ୯ ଭାରତୀ, ୧୦ ପୁରୀ । ଭଗବାନ ଶଙ୍କରାଚାର୍ଯ୍ୟ ପ୍ରତିଷ୍ଠିତ ସନ୍ନ୍ୟାସି-ସମ୍ପ୍ରଦାୟକୁ ପୂର୍ବୋକ୍ତରୂପେ ଦଶ ଭାଗରେ ବିଭକ୍ତ କରି ଏମାନଙ୍କ ପାଇଁ ଭାରତର ଚତୁର୍ଦ୍ଦିଗରେ ଚାରୋଟି ମଠ (ଯଥା—ଗୋବର୍ଦ୍ଧନ ମଠ, ଯୋଶୀ ମଠ, ଶୃଙ୍ଗେରୀ ମଠ, ଶାରଦା ମଠ) ସ୍ଥାପନ କରିଥିଲେ ଏବଂ ପ୍ରତ୍ୟେକ ମଠରେ ଦେବ, ଆଚାର୍ଯ୍ୟ ଏବଂ ମଠ ସେବକ ବ୍ରହ୍ମଚାରୀ ନିଯୁକ୍ତ କରିଥିଲେ । ବ୍ରହ୍ମଚାରୀମାନେ ମଧ୍ୟ ଚାରି ଭାଗରେ ବିଭକ୍ତ ଓ ଚାରି ନାମରେ ପ୍ରସିଦ୍ଧ । ଯଥା—ସ୍ୱରୂପ, ପ୍ରକାଶ, ଚୈତନ୍ୟ ଓ ନନ୍ଦ । ବ୍ରହ୍ମଚାରୀମାନଙ୍କର କର୍ତ୍ତବ୍ୟ ଆଶ୍ରମସେବା, ଦେବସେବା, ଅତିଥିସେବା, ମଠର ଧନ ସଂରକ୍ଷଣ ଓ ବିଭାଗ ଏବଂ ସ୍ୱ ସ୍ୱ ମଠର ନିର୍ଦ୍ଦିଷ୍ଟ ବେଦପାଠ । (ଦୁର୍ଗାନାଥ ଘୋଷ ବିଦ୍ୟାଭୂଷଣଙ୍କ ସ୍ୱାମୀ ରାମାନନ୍ଦ ।)]

ଦଶନୀ—ଦେ. ବିଣ. ସ୍ତ୍ରୀ (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ)—ଦନ୍ତଯୁକ୍ତା; ଦନ୍ତବିଶିଷ୍ଟା—Toothed (female); with tooth (female).
Daśani
(ଦଶନା—ଅନ୍ୟରୂପ)

କୁନ୍ଦସୁନ୍ଦରଦଶନୀ ମନ୍ଦହାସୀ
ମଧୁର ମଧୁ ପିକ-ଭାଷୀ—ଗୋପୀକୃଷ୍ଣ. ଜଗମୋହନ ।

ଦଶନ୍ଧି—ଦେ. ବି (ସଂ. ଦଶାବ୍ଦୀ)—୧ । ଦଶ ବର୍ଷ—
Daśandhi
1. Ten years.
দসন্দি
୨ । ଦଶ ବର୍ଷକାଳର ସମଷ୍ଟି ବା ସମାହାର—
दसोथ
2. A decade.

ଦଶ ପଚିଶ—ଦେ. ବି—୧ । ଅଠପଚିଶି ଖେଳ ; ସ୍ତ୍ରୀମାନଙ୍କର ଏକପ୍ରକାର କଉଡ଼ି ଖେଳ; କସିପାଞ୍ଚ ଖେଳ—
Daśa pachiśa
(ଦଶପଚିଶି—ଅନ୍ୟରୂପ) 1. A kind of game with cowries played by women
দশপচিশ

[ଦ୍ର—ଏହି ଖେଳରେ ୪ ଜଣ ଖେଳାଳୀ ୬ କଡ଼ା କଉଡ଼ିକୁ ମୁଠା କରି ଭୂଇଁରେ ପକାଇ ଖେଳନ୍ତି । ଏକ କଡ଼ା କଉଡ଼ି ଚିତ ହୋଇ ପଡ଼ିଲେ ୧୦ ଓ ପାଞ୍ଚକଡ଼ା ଚିତ ହୋଇ ପଡ଼ିଲେ ୨୫ ଗଣାଯାଏ । ଏହି ୧୦ ଓ ୨୫ କୁ ନେଇ ଏ ଖେଳର ଏପରି ନାମ କରଣ ହୋଇଛି ।]

ଦଶପଚିଶ ଦେ. ବିଣ—(କେତେ ଅର୍ଥଜ୍ଞାପକ ସଂଖ୍ୟାବାଚକ ସହଚର)—
दसबिस
ଦଶଠାରୁ ପଚିଶ ମଧ୍ୟରେ ଅନିର୍ଦ୍ଦିଷ୍ଟ ସଂଖ୍ୟକ—
Of indefinite number between 10 and 25.

[ଦ୍ର—ଠିକ୍ ସଂଖ୍ୟା ନିର୍ଣ୍ଣୟ କରି ନ ପାରିଲେ ଅନ୍ଦାଜ ଦ୍ୱାରା ଲୋକେ ଏହିପରି ବାକ୍ୟ ବ୍ୟବହାର କରିଥାନ୍ତି । ଯଥା—ସେ ସ୍ଥାନରେ ଦଶ ପଚିଶ ଜଣ ଲୋକ ଥିଲେ—ଅର୍ଥାତ୍ ୧୦ରୁ ଅଧିକ ଓ ୨୫ରୁ ନ୍ୟୂନ ଏପରି ଲୋକ ଥିଲେ । ଏହିପରି 'ଦଶ ବାର' 'ଦଶ ପନର' 'ଦଶ କୋଡ଼ିଏ' 'ଦଶ ତିରିଶି' ଇତ୍ୟାଦି ଶବ୍ଦର ବ୍ୟବହାର ଅଛି ।]

ଦଶପଲ୍ଲା(ଲ୍ଲା)—ଦେ. ବି—ଓଡ଼ିଶାର ଏକ ଗଡ଼ଜାତର ନାମ—
Daśapalā(llā) The name of a Feudatory State in Orissa.

[ଦ୍ର—ଏହା ପ୍ରଥମେ 'ବୌଦ' ରାଜ୍ୟ ମଧ୍ୟରେ ଗୋଟିଏ ଖଣ୍ଡ ରାଜ୍ୟ ଥିଲା । ବୌଦର ଜଣେ ରାଜପୁତ୍ର ୫୦୦ ବର୍ଷ ପୂର୍ବେ ଏହି ରାଜ୍ୟକୁ ସ୍ୱତନ୍ତ୍ର ଶାସନ କରୁଥିଲେ । ଦଶପଲ୍ଲା ରାଜବଂଶ 'ଭଞ୍ଜ' ଉପାଧିଧାରୀ —କୃପାସିନ୍ଧୁ ଇତିହାସ ।]

ଦଶପାରମିତାଧର—ସଂ. ବି—ବୁଦ୍ଧଦେବ (ହି. ଶବ୍ଦସାଗର)—
Daśapāramitādhara A name of the Buddha
(ଦଶବଳ, ଦଶଭୂମିଗ, ଦଶଭୂମୀଶ—ଅନ୍ୟରୂପ)

ଦଶ ପିଣ୍ଡ—ଦେ. ବି—ମୃତ୍ୟୁର ୧୦ ଦିନ ମଧ୍ୟରେ ପ୍ରତିଦିନ ଦଶଘାଟରେ ପ୍ରେତ ଉଦ୍ଦେଶ୍ୟରେ ଦିଆଯିବା ପିଣ୍ଡ—
Daśa piṇḍa
The ten rice cakes offered daily by the heir of the deceased to the spirit of the deceased while performing the funeral rites during the ten days following the death.

ଦଶ ବଦନ—ସଂ. ବି (ଦଶ+ବଦନ; ବହୁବ୍ରୀହି; ଯାହାର ଦଶଟି ମୁଣ୍ଡ ଅଛି)—ରାବଣ—Rābaṇa, the demon with ten heads.
Daśa badana

ଦଶବଳ—ସଂ. ବି [ଦଶ (ବୁଦ୍ଧି, ଶାନ୍ତି, ଧୈର୍ଯ୍ୟାଦି)+ବଳ ଯାହାଙ୍କର; ବହୁବ୍ରୀହି]—ବୁଦ୍ଧ—The Buddha.
Daśabala

ଦଶ ବାଜୀ—ସଂ. ବି (ଦଶ+ବାଜୀ=ଅଶ୍ୱ, ଯାହା ରଥରେ; ବହୁବ୍ରୀହି)—ଚନ୍ଦ୍ର—The Moon-god.
Daśa bāji

ଦଶବାର୍ଷିକ—ସଂ. ବିଣ (ଦଶବର୍ଷ+ଇକ)—୧ । ଦଶ ବର୍ଷରେ ସାଧ୍ୟ—
Daśabārshika 1. Achievable in ten years.
୨ । ଦଶ ବର୍ଷ ଅନ୍ତରରେ ଘଟିବା; ଦଶସାଲା—
2. Happening or taking place once in a decade.

ଦଶ ବାହୁ—ସଂ. ବି (ବହୁବ୍ରୀହି;ଦଶ+ବାହୁ)-ମହାଦେବ;ଶିବ (ହି.ଶବ୍ଦସାଗର)
Daśa bāhu. Śiba.

ଦଶବିଧ—ସଂ. ବି (ଦଶ+ବିଧ; ବହୁବ୍ରୀହି)—ଦଶ ପ୍ରକାର—
Daśabidha Ten sorts or kinds.
ସଂ. ବିଣ (ସମାହାର; ବହୁବ୍ରୀହି)—ଦଶପ୍ରକାରର—
Of ten sorts or kinds.

ଦଶବିଶ—ପ୍ରାଦେ. (ଯାଜପୁର) ବି.—ବିବାହର ୧୦ମ ଦିବସରେ
Daśabiśa ଜୋଇଁର ଶ୍ୱଶୁରଘରକୁ ଗିବା—The going of the bridegroom to the bride's house in the 10th day after marriage.
[ଦ୍ର—ତା ପୂର୍ବଦିନ ପାହାନ୍ତିଆରୁ (୯ ମଙ୍ଗଳା ଦିନ ପାହାନ୍ତିଆରୁ) କନ୍ୟାକୁ ବରଘରୁ ଅନ୍ୟର ଦୃଷ୍ଟିର ଅଗୋଚରରେ ବାପ ଘରକୁ ପଠାଇ ଦିଆଯାଏ । ମତାନ୍ତରେ ୮ ମଙ୍ଗଳା ଦିନ ବର ଘରର କେହି ଲୋକ କନ୍ୟାକୁ ଦେଖିବା ଉଚିତ ନୁହେଁ ବୋଲି ବିଶ୍ୱାସ ଅଛି ।
ଜୋଇଁକୁ କାଁସୀରେ ଶ୍ୱଶୁରଘରେ ନୂଆ ଗୁଡ଼ ଖାଇବାକୁ ଦିଆଯାଏ ।]

ଦଶଭଗାରିଆ(କଥା)—ଦେ. ବିଣ.—ଭାଇ ଭଗାରିଆ (କଥା) (ଦେଖ)
Daśabhagāriā (kathā) Bhāibhagāriā (kathā) (See)
दशभागारिया

ଦଶଭୁଜା—ସ. ତ. ସ୍ତ୍ରୀ. (ଦଶ+ଭୁଜ ଧାତୁ, ସ୍ତ୍ରୀ. ଆ; ବହୁବ୍ରୀହି)—
Daśabhujā ଦୁର୍ଗାଦେବୀ (ଏହାଙ୍କର ୧୦ ଟି ହାତ ଥିବାରୁ)—Goddess Durgā (represented as having ten hands with one head.)

ଦଶମ—ସ. ବିଣ. (ଦଶ+ପୂରଣାର୍ଥେ. ମ)—ଦଶ ସଂଖ୍ୟାର ପୂରକ—
Daśama Tenth.
दशम ଦେ. ବି.—ଭାଗବତର ଦଶମସ୍କନ୍ଧ—The tenth book
दसवाँ of the Bhāgabata (Purāṇa).

ଦଶମ ଅବତାର—ସ. ବି.—ବିଷ୍ଣୁଙ୍କର ୧୦ ମ ବା ଶେଷ ଅବତାର;
Daśama abatāra କଳ୍କୀ ଅବତାର; ବିଷ୍ଣୁଙ୍କର କଳିଯୁଗର ଶେଷ ଅବତାର—The last or tenth incarnation of Bishṇu (represented by a rider on a steed holding a drawn sword to purge the world of the evil doers in the course of the current 'Kali' age.
[ଦ୍ର—ଉକ୍ତ ଅଛି ଯେ—କଳିଯୁଗରେ ପାପର ମାତ୍ରା ଖୁବ୍ ବେଶୀ ହେଲେ ଭଗବାନ୍ ଘୋଡ଼ାରେ ଚଢ଼ି ହାତରେ ଖଣ୍ଡା ଧରି ପୃଥିବୀରେ ଅବତୀର୍ଣ୍ଣ ହୋଇ ଦୁଷ୍ଟ ସଂହାର କରି ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବେ । ଏ ଅବତାର ଆଜଯାଏ ପୃଥିବୀକୁ ଆସି ନାହାନ୍ତି । ଆମ ଦେଶରେ ସାଧାରଣ ଲୋକଙ୍କ ବିଶ୍ୱାସ ଯେ, 'ମାଳିକା'ର ଭାକ ଅନୁସାରେ ଏହି କଳଙ୍କୀ ଅବତାର ଶୀଘ୍ର ଉପସ୍ଥିତ ହୋଇ ଦୁଷ୍ଟ ସଂହାର କରିବେ ।]

ଦଶମଉଳି—ଦେ. ବି. (ପଦ୍ୟ) (ସ. ଦଶମୌଳି)—ରାବଣ—
Daśamauḷi Rābaṇa, the demon with ten heads.
ସେ ଶର ଦେଖି ଦଶମଉଳି ରାବଣ । କୃଷ୍ଣସିଂ ଦ. ମହାଭାରତ. ବନ ।

ଦଶମ ଗ୍ରହ—ସ. ବି. (ବ୍ୟଙ୍ଗୋକ୍ତି)—ନବଗ୍ରହ ରୁଷ୍ଟ ହେଲେ ଯେପରି
Daśama graha ମନୁଷ୍ୟଙ୍କୁ ପୀଡ଼ା ଦିଅନ୍ତି ସେହିପରି ପୀଡ଼ା ଦେବା ବ୍ୟକ୍ତି ଦଶମ ଗ୍ରହରୂପେ କଳ୍ପିତ—One who gives much troubles.
ଜାମାତା ଦଶମୋ ଗ୍ରହଃ । ସଂସ୍କୃତ—ଚଳ ।

ଦଶମଥା—ଦେ. ବି. (ସ. ଦଶମସ୍ତକ)—ରାବଣ; ଦଶଶିର—
Daśamathā Rābaṇa; the demon with ten heads.
ବୃଥା କଲୁ ଦଶମଥା ତାଙ୍କ କଥା ଭଲ ହେବ ଭଲ ହେଲ ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ଦଶମ ଦଶା—ସ. ବି.—ମୃତ୍ୟୁ ପୂର୍ବର ଶେଷ ଅବସ୍ଥା; ମରଣାପନ୍ନ ଅବସ୍ଥା;
Daśama daśā ପ୍ରାଣାନ୍ତକ ଅବସ୍ଥା; ମରଣ ଅବସ୍ଥା—Last extremity before death; dying condition.
ବଶ୍ୟାତ ମରୁଆଳୀରେ ଲୋକେ ମସ୍ତିଷ୍କର୍ଣିଳେ କର ଦଶାନନ ଦଶମ ହେଉ ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।
[ଦ୍ର— ଦଶ ଦଶା ଯଥା
ଦୃଙ୍ମନଃସଙ୍ଗସଂକଳ୍ପୋନିଦ୍ରାଗରଃ କୃଶତା ରତିଃ ।
ହ୍ରୀତ୍ୟାଗୋନ୍ମାଦସମ୍ମୋହଃ ମରଣଞ୍ଚ ଦଶା ଦଶ ।]

ଦଶମ ନ୍ୟାୟ—ସ. ବି—ନ୍ୟାୟବିଶେଷ—
Daśama nyāya Name of an analogical argument.
[ଦ୍ର—ଦଶ ଜଣ ଲୋକ ଏକ ସଙ୍ଗେ ବିଦେଶ ଯାଉଥିଲେ । ବାଟରେ ଗୋଟିଏ ନଈ ପାର ହୋଇ ପଛାକଯାଏ ସମସ୍ତେ ଅଛନ୍ତି କି କିଏ ହଜିଛି ଏହା ଦେଖିବା ନିମନ୍ତେ ସେମାନେ ସମସ୍ତଙ୍କୁ ଗଣନା କରି ବସିଲେ । ପ୍ରଥମ ଗଣନାକାରୀ ଅନ୍ୟମାନଙ୍କୁ ଗଣିଲା କିନ୍ତୁ ଆପଣାକୁ ଭୁଲରେ ନ ଗଣି ଦେଖିଲା ଯେ ନଅ ଜଣ ହେଉଛନ୍ତି; ତହୁଁ ସମସ୍ତେ ଆଶ୍ଚର୍ଯ୍ୟ କଲେ ଆଉ ଜଣେ କିଏ ହଜିଛି ? ତହୁଁ ଦ୍ୱିତୀୟ ଗଣନାକାରୀ ସେହିପରି ଅନ୍ୟମାନଙ୍କୁ ଗଣିଲା ଏବଂ ଆପଣାକୁ ଛାଡ଼ିଗଲା, ସେ ଦେଖିଲା ଯେ ନଅ ଜଣ ହେଉଛନ୍ତି । ଏହିପରି ପ୍ରତ୍ୟେକେ ଅନ୍ୟ ସମସ୍ତଙ୍କୁ ଗଣନ୍ତି, ମାତ୍ର ନିଜକୁ ଭୁଲରେ ଛାଡ଼ିଯାନ୍ତି । ଘରୁ ତ ଦଶ ଜଣ ବିଦେଶ କରି ବାହାରିଥିଲେ; ନଈ ପାର ହୋଇ ଗଣିଲା ବେଳକୁ ନଅ ଜଣ ହେଉଛନ୍ତି; ଆଉ ଜଣେ କିଏ ହଜିଲା ଏହି ସମସ୍ୟାରେ ପଡ଼ି ଦଶ ଜଣଯାକ ଅତି ବ୍ୟସ୍ତ ହେଉଛନ୍ତି ଏପରି ସମୟରେ ଜଣେ ଜ୍ଞାନୀ ଆତ୍ମଦର୍ଶୀ ବ୍ୟକ୍ତି ସେଠାରେ ଉପସ୍ଥିତ ହୋଇ ସେମାନଙ୍କର ଭ୍ରାନ୍ତିମୂଳକ ଗଣନାକୁ ସେମାନଙ୍କୁ ଦର୍ଶାଇ ଦେବାରୁ ସେମାନେ ଆଶ୍ୱସ୍ତ ହେଲେ । ବିଶ୍ୱାତ୍ମା ପରମେଶ୍ୱର ସବୁଠାରେ ବିରାଜିତ; ମୂର୍ଖ ବ୍ୟକ୍ତି ତାଙ୍କୁ ବସ୍ତୁତ ନୁହେଁ; କିନ୍ତୁ ଜ୍ଞାନୀ ଆତ୍ମଦର୍ଶୀ ବ୍ୟକ୍ତି ବେଦାନ୍ତ ବାକ୍ୟ ଉପଦେଶ ଦ୍ୱାରା ବିଶ୍ୱାତ୍ମାକୁ ଦେଖି ପାରେ ଏହାହିଁ ଏ ନ୍ୟାୟର ପ୍ରତିପାଦ୍ୟ ବିଷୟ ।
(equivalent English idiom) To reckon without one's host, like a person omitting to reckon one's-self while counting to find out the number of persons present].

ଦଶ ମହାବିଦ୍ୟା—ସ. ବି. ସ୍ତ୍ରୀ—ତନ୍ତ୍ରୋକ୍ତ ମହାଶକ୍ତି ବା ଦୁର୍ଗାଙ୍କର
Daśa mahābidyā ଦଶବିଧ ମୂର୍ତ୍ତି—The Goddess Durgā in her ten manifestation as described in the Tantras (ତନ୍ତ୍ର).
[ଦ୍ର—ଦଶବିଧ ମୂର୍ତ୍ତି, ଯଥା—କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳା ବା ରାଜରାଜେଶ୍ୱରୀ ।]

ଦଶମାଂଶ—ସ. ବି. (ଦଶମ+ଅଂଶ; କର୍ମଧା)—
Daśamāṁśa ଦଶ ଭାଗରୁ ଏକ-ଭାଗ—One tenth.

ଦଶ ମାସ ଦଶ ଦିନ—ଦେ. ବି—ଶାସ୍ତ୍ର ମତରେ ଭ୍ରୂଣର ଜନ୍ମ ହେବା
Daśa māsa daśa dina ପୂର୍ବରୁ ମାତୃଗର୍ଭରେ ରହିବାର ସମୟ—
दशमास दशदिन Ten months and ten days said to be the time during which a child lives in the mother's womb after conception.

[ଦ୍ର—ଫଳତଃ ଏହା ନଅ ମାସଠାରୁ ଏଗାର ମାସ ପର୍ଯ୍ୟନ୍ତ ସମୟ ।]

ଦଶ ମାସ ଦଶ ଦିନ ଗର୍ଭରେ ଧାରଣ
କରି ମାତ ସହିଅଛୁ କେତେ ଯେ କଷଣ । ଗୋବିନ୍ଦ ରଥ, କବିତା ।

ଦଶମାସିଆ—ଦେ. ବିଣ—ଯେ ମାତୃ ଗର୍ଭରେ ଗର୍ଭବାସର ଊର୍ଦ୍ଧ୍ୱ ସମୟ
Daśamāsiā ରହି ପୂର୍ଣ୍ଣ ଲାଭ କରି ଜନ୍ମ ଗ୍ରହଣ କରିଥାଏ—
दशमेसे दहमासा One who is born after passing the full limited time in the mother's womb.

[ଦ୍ର—ସାଧାରଣତଃ ଦେଖାଯାଏ ଯେ ଯେଉଁ ଶିଶୁ ୧୦ ମାସ ପୂର୍ବରୁ ଅର୍ଥାତ୍ ଗର୍ଭବାସର ଅଷ୍ଟମ ବା ନବମ ମାସରେ ଜନ୍ମ ହୋଇଥାଏ, ସେ ଦୁର୍ବଳ ଓ ଊର୍ଦ୍ଧ୍ୱକ୍ରିୟା ହୁଏ । ଏଥିପାଇଁ ଲୋକେ ଅନ୍ୟ ବ୍ୟକ୍ତିକୁ ବ୍ୟଙ୍ଗ କରି ଏପରି ପ୍ରୟୋଗ କରି ଥାଆନ୍ତି । ଯଥା—ତୁମେ ଦଶ ମାସିଆ ହୋଇ ଜନ୍ମ ହୋଇଥିଲ, ଆମେ କଅଣ ଛ ମାସିଆ ହୋଇ ଜନ୍ମ ହୋଇଥିଲୁ କି ? ଅର୍ଥାତ୍ ତୁମ ଅପେକ୍ଷା ଆମର ବୁଦ୍ଧି, ବଳ, ଶକ୍ତି ବା ଅଧିକାର ଊଣା ନୁହେଁ ।]

ଦଶମିକ—ସ. ବି. (ଦଶମ + ଇକ) (ଗଣିତ ପାରିଭାଷିକ ଶବ୍ଦ)—
Daśamika (ଗଣିତ) ଅଖଣ୍ଡ ସଂଖ୍ୟାର ଦଶାଂଶର ଏକାଂଶ—
दशमिक (Arithmetic) Decimal.
दसवाँ, दहसाला [ଦ୍ର—ଏହାର ଚିହ୍ନ, ସଂଖ୍ୟା ପୂର୍ବରୁ ଗୋଟିଏ ବିନ୍ଦୁ । ଯଥା—·୫ ଅର୍ଥାତ୍ ପୂର୍ଣ୍ଣ ୫ ଓ ଏକର ଦଶ ଭାଗରୁ ଛଅ ଭାଗ ।]
ବିଣ—ଦଶଗୁଣୋତ୍ତର—Decimal.

ଦଶମିକ ଭଗ୍ନାଂଶ—ସ. ବି—ଯେଉଁ ଭଗ୍ନାଂଶ ଦଶମିକ ସଂଖ୍ୟାର ପରଗୃହୀତ—
Daśamika bhagnāṁśa Decimal fraction.

ଦଶମୀ—ସ. ବିଣ. ପୁଂ. (ଦଶମ + ଇନ୍; ୧ମା. ୧ବ; ଯେ ଦଶମ
Daśamī ଦଶାରେ ଉପଗତ ହୋଇଅଛି)—ଯେଉଁ ବୃଦ୍ଧ ୯୦ ବର୍ଷ ଅତିକ୍ରମ କରିଅଛି; ଅତି ବୃଦ୍ଧ—Very old; decrepit.
ବି. ସ୍ତ୍ରୀ. (ଦଶମ + ସ୍ତ୍ରୀ. ଈ)—୧ । ତିଥିବିଶେଷ; ଚନ୍ଦ୍ରର ଦଶମ କଳାର ହ୍ରାସବୃଦ୍ଧି ଜନକ ଦିନ—
The 10th day of the lunar fortnight.
୨ । ଜୀବନର ଅନ୍ତ୍ୟାବସ୍ଥା—
2. Extreme old age; the verge of death.
୩ । ମରଣାବସ୍ଥା (ହି. ଶବ୍ଦସାଗର) —3. Death.

[ଦ୍ର—ଦଶମୀମାନଙ୍କ ମଧ୍ୟରୁ ନିମ୍ନଲିଖିତ ଦଶମୀ ତିଥିମାନଙ୍କରେ ହିନ୍ଦୁମାନଙ୍କର ପର୍ବ ହୁଏ । ଯଥା—୧ । ସମ୍ବରଦଶମୀ—ପୌଷ ମାସ ଶୁକ୍ଳ ଦଶମୀ (ଶାମ୍ବସ ଦଶମୀ; ସୂର୍ଯ୍ୟପୂଜା) (ଯେବେ ଏ ଦଶମୀ ଗୁରୁବାର ଦିନ ପଡ଼େ ତେବେ ତାହା ସୁଦଶାବ୍ରତ ହୁଏ ।) ୨ । ଫଗୁ ଦଶମୀ—ଫାଲ୍ଗୁନ ଶୁକ୍ଳ ଦଶମୀ (ଦୋଳଯାତ୍ରାର ଆରମ୍ଭ ଦିନ; ଶ୍ରୀକୃଷ୍ଣପୂଜା) ୩ । ଆଶ୍ୱିନ ଶୁକ୍ଳପକ୍ଷ ଦଶମୀ ବା ଦଶହରା ବା ବିଜୟା ଦଶମୀ । ୪—ବାହୁଡ଼ା ଦଶମୀ, ଆଷାଢ଼ ଶୁକ୍ଳପକ୍ଷ ଦଶମୀ । (ଏ ଦିନ ଶ୍ରୀ ଜଗନ୍ନାଥ ମହାପ୍ରଭୁ ରଥରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରନ୍ତି ।) ୫—ଜ୍ୟେଷ୍ଠ ଶୁକ୍ଳପକ୍ଷ ଦଶମୀ ବା ଦଶହରା ଗଙ୍ଗାସ୍ନାନ (ଏ ଦିନ ଗଙ୍ଗାପୂଜା ।)]

ଦଶମୀ ଦଶା - ସ. ବି—ମୃତ୍ୟୁ —
Daśamī daśā Death.

ଦଶମୀଗତ—ସ. ବିଣ. ପୁଂ. (ଦଶମୀ = ଅନ୍ତ୍ୟାବସ୍ଥା + ଗତ = ପ୍ରାପ୍ତ;
Daśamīgata ୨ୟା ତତ୍)—ଅତି ବୃଦ୍ଧ—Very old; (a
(ଦଶମୀଗତା—ସ୍ତ୍ରୀ) person) having one foot on the grave.
(ଦଶମୀସ୍ଥ—ଅନ୍ୟରୂପ)

ଦଶମୁକୁଟା—ଦେ. ବି. (ପଦ୍ୟ) (ସ. ଦଶ + ମୁକୁଟ; ବହୁବ୍ରୀହି)—ରାବଣ—
Daśamukuṭā Rābaṇa; the ten headed demon.

ଲଙ୍କାରେ ମାର ଏଡ଼ି ହେଲାକୁ ଦଶମୁକୁଟା ଯେ—
ବ୍ରଜନାଥ, ସମରତରଙ୍ଗ ।

ଦଶମୁଖ — ସ. ବି. ପୁଂ. (ଦଶ + ମୁଖ; ବହୁବ୍ରୀହି)—ରାବଣ—
Daśamukha The ten headed demon; Rābaṇa.

ଦଶମୁଣ୍ଡ —ସ. ବି. ପୁଂ. (ଦଶ + ମୁଣ୍ଡ; ବହୁବ୍ରୀହି)—ରାବଣ—
Daśamuṇḍa The ten headed demon; Rābaṇa.
(ଦଶମୂର୍ଦ୍ଧା; ଦଶଶିରାଃ; ଦଶଶୀର୍ଷ—ଅନ୍ୟରୂପ)

ଦଶମୂଳ—ସ. ବି—ଜ୍ୱର, କାଶ ଓ ଶ୍ୱାସନାଶକ ପାଚନାର୍ଥ ବ୍ୟବହୃତ
Daśamūḷa ଆୟୁର୍ବେଦୋକ୍ତ ଦଶ ଗୋଟି ଗଛର ମୂଳ—Ten roots used for decoction as antidote against fever, cough and asthma.

[ଦ୍ର—ଦଶମୂଳ ଯଥା—ବେଲ, ଗମ୍ଭାରି, ଫଣଫଣା, ଅଗବଥୁ, ପାଟେଳୀ, ଶାଳପର୍ଣ୍ଣୀ, କୃଷ୍ଣପର୍ଣ୍ଣୀ, ବୃହତୀ (ଲଠାବେଙ୍କୋଳ), ଅଙ୍କରାନ୍ତି ଓ ଗୋଖୁରା । ଗର୍ଭିଣୀ ସନ୍ତାନ୍ତରେ ଦଶ ଜଣ ଲୋକ ଏହି ଦଶଟି ମୂଳକୁ ପୃଥକ୍‌ରୂପେ ସଂଗ୍ରହ କରି ଆଣି ରଖିଲେ ଉକ୍ତ ଔଷଧ ବିଶେଷ ଫଳ ହୁଏ ବୋଲି ଜନପ୍ରବାଦ ଅଛି ।]

ଦଶମୂଳ ପାଚନ—ସ. ବି—ଦଶମୂଳକୁ ପାଣିରେ ସିଝାଇ ତିଆର କରାଯିବା
Daśamūḷa pāchana ପାଚନ—A decoction prepared out of ten roots of Daśamūḷa.

ଦଶମୂଳୀ—ସ. ବି. (ସମାହାର ଦ୍ୱିଗୁ; ଦଶ + ମୂଳ + ଈ)—
Daśamūḷī ଦଶମୂଳ (ଦେଖ)—Daśamūḷa (See)

ଦଶରଥ—ସ. ବି. (ଦଶଦିଗକୁ ରଥ ଯାଉଥିଲା ଯାହାର; ବହୁବ୍ରୀହି)—
Daśaratha ଅଯୋଧ୍ୟାର ସୂର୍ଯ୍ୟବଂଶୀୟ ରାଜା; ରାମଚନ୍ଦ୍ରଙ୍କ ପିତା—
(ଦଶସ୍ୟନ୍ଦନ—ଅନ୍ୟରୂପ) Name of a king of Ajodhyā (oudh); father of king Rāmachandra.

[ଦ୍ର—ଏ ଦେବତାମାନଙ୍କ ପକ୍ଷରେ ଯୁଦ୍ଧ କରି ଅନେକ ଥର ଅସୁରମାନଙ୍କୁ ପରାସ୍ତ କରିଥିଲେ ।]

ଦେ. ବି—କଙ୍କଡ଼ା —A crab.

ଦଶରଥ ନନ୍ଦନ—ସ. ବି. (୬ଷ୍ଠୀ ତତ୍; ଦଶରଥ + ନନ୍ଦନ)—ଦାଶରଥି; ଶ୍ରୀ ରାମଚନ୍ଦ୍ର—A name of Rāmachandra.
Daśaratha nandana

ଦଶରଥ ତନୟ, ଦଶରଥ ସୁତ } ଅନ୍ୟରୂପ

[ଦ୍ର—ଦଶରଥ ଶବ୍ଦ ପରେ ପୁତ୍ର ବାଚକ ଶବ୍ଦ ଯୁକ୍ତ ହେଲେ ଏହା ଶ୍ରୀ ରାମଚନ୍ଦ୍ରଙ୍କୁ ବୁଝାଏ—ହି. ଶବ୍ଦସାଗର ।]

ଦଶରା—ପ୍ରାଦେ. (ସମ୍ବଲପୁର) ବି—ଆଶ୍ୱିନ ମାସ—The month of Āswina.
Daśarā

ଦେ. ବି—ଦଶଘରା (ଦେଖ) Daśagharā (See)

ଦଶରା ମସରା—ଦେ. ବିଶ. (ବ୍ୟଙ୍ଗ; ନ୍ୟାୟ)—କୌଣସି ବାକ୍ୟ ଅଶୁଦ୍ଧ ପଦବିନ୍ୟାସ କରି ଅର୍ଥାତ୍ ପୃଥକ୍ ପୃଥକ୍ ଶବ୍ଦମାନଙ୍କୁ ପୃଥକ୍ ପୃଥକ୍ ନ କରି ଲେଖିବା ଯୋଗୁଁ ଉକ୍ତିର ଅବୋଧତା—Writing words or sentences without proper punctuation.
Daśarā masarā

[ଦ୍ର—ଜଣେ ଅନ୍ୟ ଜଣକ ନିକଟକୁ ପତ୍ର ଲେଖିଲେ 'ଦଶରା ମସରା' ପଠାଇବ । ପତ୍ର ପାଇବା ବ୍ୟକ୍ତି ଏହା ବୁଝି ପାରିଲେ ନାହିଁ, ଲେଖକ ଯଦି, 'ଦଶ-ରାମ ସରା' ଅର୍ଥାତ୍ ଦଶଗୋଟି ରାମସରା ବୋଲି ଶବ୍ଦଦ୍ୱୟକୁ ସ୍ପଷ୍ଟ କରି ପୃଥକ୍ ପୃଥକ୍ ଲେଖିଥାଆନ୍ତେ ତେବେ ପତ୍ରଗ୍ରାହୀତା ଉକ୍ତିର ଅର୍ଥ ବୁଝି ପାରିବାରେ କିଛି ଗୋଳମାଳ ହୋଇ ନଥାନ୍ତା । ସେଥିପାଇଁ ଯେଉଁ ଲେଖକ ଶବ୍ଦଚ୍ଛେଦ କରି ନ ଲେଖେ, ତାହାପ୍ରତି 'ଦଶରା ମସରା କରି ଲେଖିଛି' ବୋଲି ବୋଲାଯାଏ ।]

ଦଶରୂପକ—ସ. ବି. (ଦଶ + ରୂପକ; ବହୁବ୍ରୀହି)—ନାଟକାଦିର ଲକ୍ଷଣ-ପ୍ରତିପାଦକ ଅଲଙ୍କାର ଗ୍ରନ୍ଥବିଶେଷ—A dramatic work having one of the 10 prescribed forms.
Daśarūpaka

[ଦ୍ର—ଦଶଗୋଟି ରୂପକ; ଯଥା—ନାଟକ, ପ୍ରକରଣ, ଭାଣ, ବ୍ୟାୟୋଗ, ସମବକାର, ଡିମ, ଈହାମୃଗ, ଅଙ୍କ, ବୀଥି ଓ ପ୍ରହସନ ।]

ଦଶଲୋକରେ ବସିବା—ଦେ. କ୍ରି—ଭଦ୍ର ସମାଜରେ ବା ପ୍ରତିବେଶୀମାନଙ୍କ ମଧ୍ୟରେ ଜଣେ ବୋଲି ଗଣିତ ହେବା—To be counted as a person (of some importancy in the society) to move in high society.
Daśalokare basibā
ଦଶଜନେର ମଧ୍ୟେ ଏକଜନ ହওଆ
दसआदमीओं के बीचमे बैठना

ଦଶରେ ବସିବା
ଦଶଜଣଙ୍କ ଭିତରେ ବସିବା
ଦଶ ପାଖରେ ବସିବା
ଦଶଲୋକରେ ବଖାରୁଠା କରିବା } ଅନ୍ୟରୂପ

(ଯଥା—ତୁମେ ତ ଦଶଲୋକରେ ବସିବା ଲୋକ; ତୁମକୁ ବା କିଏ ବୁଦ୍ଧି ବତେଇବ)

ଦଶଶିର—ଦେ. ବି—୧ । ଜହ୍ନି; (ଏଥିରେ ସାଧାରଣତଃ ଦଶଗୋଟି ଶିରା ଥାଏ ବୋଲି)—
Daśaśira
दशशिर 1. Luffa Scutangula (fruit).

୨ । (ସ. ଦଶଶିରାଃ) ରାବଣ (ଦଶମୁଣ୍ଡବିଶିଷ୍ଟ ବୋଲି)—2. Rābaṇa.

୩ । ଶରୀରର ପ୍ରଧାନ ଦଶଗୋଟି ଶିର ବା ନାଡ଼ୀ—3. The 10 veins of the body.

(ଯଥା—କଥା କହୁଥିବାବେଳକୁ ବୁଢ଼ାର ଦଶଶିର ଦୁହିଁ ହୋଇ ଯାଉଛି ।)

ଦଶ ସଂସ୍କାର—ସ. ବି—ଦଶକର୍ମ (ଦେଖ)
Daśa saṁskāra Daśakarma (See)

ଦଶ ସହସ୍ର—ସ. ବି—ଦଶହଜାର ସଂଖ୍ୟା; ଏକ ଅୟୁତ—The number ten thousand.
Daśa sahasra

ବିଶ—ଦଶ ହଜାର ସଂଖ୍ୟକ—Numbering ten thousand.

ଦଶସାଲା—ଦେ. ବିଶ. (ସ. ଦଶ + ପା. ସାଲ୍ = ବର୍ଷ)—
Daśasālā ୧ । ଦଶବର୍ଷ ବ୍ୟାପୀ—2. Extending over a period of ten years.

ଦଶସାଲିଆ, ଦଶସନିଆ } ଅନ୍ୟରୂପ

୨ । ଦଶବର୍ଷ ଅନ୍ତରରେ ଥରେ ଘଟିବା—2. Taking place at intervals of 10 years.
দশসালা; দশসনা
दसबर्ष 1, दसवाला

୨ । ଦଶବର୍ଷ ମିଆଦ ପାଇଁ କରାଯିବା—3. Having a term of ten years.

୪ । ଦଶବର୍ଷ ବୟସ୍କ—4. Aged ten years.

ଦଶସାଲ ବନ୍ଦୋବସ୍ତ—ଦେ. ବି—୧ । ୧୦ ବର୍ଷ ମିଆଦ ପର୍ଯ୍ୟନ୍ତ କରାଯିବା ଭୂରାଜସ୍ୱ ବନ୍ଦୋବସ୍ତ—1. Decennial settlement of land revenue; temporary settlement of revenue for a period of ten years.
Daśasālā bandobasta
দশসালা বন্দোবস্ত
दससाला बन्दोबस्त

୨ । ଭାରତର ଗଭର୍ଣ୍ଣର ଲର୍ଡ଼ କର୍ଣ୍ଣୱାଲିସଙ୍କ ଅମଳରେ ୧୦ ବର୍ଷ ମିଆଦପାଇଁ କରାଯିବା ବଙ୍ଗଦେଶର ଭୂରାଜସ୍ୱ ବନ୍ଦୋବସ୍ତ—2. Decennial settlement of land-revenue made with the zemindars of the province of Bengal by the British Government during the reign of Lord Cornwallis, Governor General of India.

[ଦ୍ର—ଏହି ଭୂରାଜସ୍ୱ ବନ୍ଦୋବସ୍ତ ପ୍ରଥମ ମିଆଦ ଗତ ହେବା ପରେ ବଙ୍ଗଦେଶରେ ଚିରସ୍ଥାୟୀ ବନ୍ଦୋବସ୍ତ (Permanent settlement) ହେଲା; କିନ୍ତୁ ଓଡ଼ିଶାରେ ଅଦ୍ୟାବଧି ଏହି ଦଶସାଲା ବନ୍ଦୋବସ୍ତ ଚାଲୁଅଛି ଏବଂ ସରକାର ଦୟାକରି ୧୦ ବର୍ଷ ଅନ୍ତରରେ ଏହା ନ କରି ୨୦।୨୫।୩୦ ବର୍ଷ ଅନ୍ତରରେ ଥରେ ଲେଖାଏଁ ଓଡ଼ିଶାର ଭୂରାଜସ୍ୱ ବନ୍ଦୋବସ୍ତ କରି ଓଡ଼ିଶାବାସୀଙ୍କୁ ସମ୍ମାନ ଅଛନ୍ତି ।]

ଦଶହରା—ସ. ବି. (ଦଶ = ଦଶବିଧ ପାପ + ହୃ ଧାତୁ = ହରଣ କରିବା + କର୍ତ୍ତୃ. ଅ; ସ୍ତ୍ରୀ. ଆ)—ଜ୍ୟେଷ୍ଠ ଶୁକ୍ଳା ଦଶମୀ—The 10th day of the bright fortnight of the month of Jyeshṭha.
Daśaharā

[ଦ୍ର—ଏ ଦିନ ଗଙ୍ଗାଙ୍କ ଜନ୍ମଦିବସ ଅର୍ଥାତ୍ ଗଙ୍ଗା ପୃଥିବୀରେ ଅବତରଣ କରିଥିଲେ । ଏ ଦିନ ଗଙ୍ଗାସ୍ନାନ ବିଶେଷ ପାପନାଶକ ।

ଏ ଦିନ ଗଙ୍ଗାପୂଜା ଓ ଗଙ୍ଗାସ୍ନାନ କଲେ ନିମ୍ନଲିଖିତ ୧୦ ଗୋଟି ପାପ ନାଶ ଯାଏ, ଯଥା—୧ । ତ୍ରିବିଧ କାୟିକପାପ —ପରଦାର ଗମନ, ଅଦତ୍ତ ପରଦ୍ରବ୍ୟ ଗ୍ରହଣ ବା ଚୋରି ଓ ହିଂସା । ୨ । ଚତୁର୍ବିଧ ବାଚନିକ ପାପ—ନିଷ୍ଠୁର ବାକ୍ୟ ବା ପାରୁଷ୍ୟ; ମିଥ୍ୟା ବା ଅନୃତ, କ୍ରୂରତା ବା ପୈଶୁନ୍ୟ, ଅସମ୍ବନ୍ଧ ପ୍ରଳାପ ବା ଏଣୁ ତେଣୁ କହିବା । ୩ । ତ୍ରିବିଧ ମାନସିକ ପାପ—ପରଦ୍ରବ୍ୟ ଗ୍ରହଣେଚ୍ଛା ବା ଲୋଭ, ପରର ଅନିଷ୍ଟଚିନ୍ତା ଓ ମିଥ୍ୟା ବିଷୟରେ ଅଭିନିବେଶ ବା ଚିନ୍ତା ।]

ଦେ. ବି—ଆଶ୍ୱିନ ଶୁକ୍ଳ ଦଶମୀ; ବିଜୟାଦଶମୀ—
The tenth day of the bright fort-night of Aswina.

[ଦ୍ର—ଏହା ଦୁର୍ଗୋତ୍ସବର ଶେଷ ଦିନ ଏବଂ ଏ ଦିନ ମହା-ସମାରୋହରେ ମୃଣ୍ମୟୀ ଦୁର୍ଗା ପ୍ରତିମାକୁ ଜଳରେ ବିସର୍ଜନ କରାଯାଏ ।]

ଦଶହରା ଖରଚ—ଦେ. ବି—୧ । ଦଶହରା ବା ବିଜୟାଦଶମୀ ଉତ୍ସବ
Dasahara kharacha
ପୂଜାର ଖରଚ
दसहरा खर्च
ଉପଲକ୍ଷେ ପ୍ରଭୁ ବା ଗୃହକର୍ତ୍ତାଙ୍କଠାରୁ ଭୃତ୍ୟାଦି ବା ପରିବାରର ପୁତ୍ର କନ୍ୟାଦି ଯାତ୍ରାଖରଚ କରିବା ପାଇଁ ଯେଉଁ ପାରି-ତୋଷିକ ବା ବକ୍ସିସ ପାଆନ୍ତି—1. Perquisite or tips given to servants and children of the family on the Bijaya Dasami day festival.

୨ । ପରିବାରରେ ଦଶହରା ଉତ୍ସବ ପାଳନ ଉପଲକ୍ଷରେ କରାଯିବା ବ୍ୟୟ—2. The expenses incurred for conducting the Dasahara festival in the family.

ଦଶହରା ପାଉଣା—ଦେ. ବି—ଦଶହରା ଖରଚ ୧ (ଦେଖ)
Dasahara pauna Dasahara kharacha 1 (See)
(ଦଶହରା ବକ୍ସିସ, ଦଶହରା ଯାତ୍ରାଖରଚ—ଅନ୍ୟରୂପ)

ଦଶହାଣ୍ଡି—ଦେ. ବି—ବାଇଗ ହାଣ୍ଡି; ମୃତ ବ୍ୟକ୍ତିର ଘରେ ଦଶାହ ଦିନ
Dasahandi
ଯେଉଁ ହାଣ୍ଡିରେ ଅନ୍ନ ପାକ ହୁଏ ଓ ଯାହା ଉକ୍ତଦିନ ରାତିରେ ଗ୍ରାମ ମୁଣ୍ଡରେ କିମ୍ବା କୌଣସି ପଡିଆ ନିର୍ଜନ ସ୍ଥାନରେ ଫୋପଡ଼ା ଯାଏ—The earthen pots in which food is cooked on the 10 th day of the funerals and which are throwrn away on the same night.

[ଦ୍ର—ନବମ ଦିନ ପର୍ଯ୍ୟନ୍ତ ରନ୍ଧା ହେଉଥିବା ପାକରେ ମୃତ ବ୍ୟକ୍ତିର ଜ୍ଞାତି ଓ ଗୋତ୍ରର ଲୋକମାନଙ୍କ ଭିନ୍ନ ଅନ୍ୟ କେହି ଖାଆନ୍ତି ନାହିଁ ଓ ଦଶାହ ପାକରେ ନିମନ୍ତ୍ରିତ ବନ୍ଧୁମାନେ, ଯେଉଁ-ମାନେ କି ଦଶାହ ଶୁଦ୍ଧି ଦିନ ଦଶତୋଟରେ କ୍ଷୌର ଓ ସ୍ନାନାଦି କରନ୍ତି ସେମାନେହିଁ ଖାଆନ୍ତି; ଏତଦ୍ଭିନ୍ନ ଶୁଦ୍ଧି ଉପଲକ୍ଷେ ଆଗତ ଅନ୍ୟାନ୍ୟ ବନ୍ଧୁବାନ୍ଧବ ସେହି ପାକରେ ଅନ୍ନ ଭୋଜନ କରନ୍ତି ନାହିଁ, ଶୁଦ୍ଧଘରର ନବମ ଦିନ ପର୍ଯ୍ୟନ୍ତ ଦୁଇ ପ୍ରକାର ହାଣ୍ଡିରେ ରନ୍ଧା ଯାଏ ଓ ଯେଉଁମାନେ ହବିଷ୍ୟ କରନ୍ତି ସେମାନଙ୍କର ହାଣ୍ଡି ପ୍ରତ୍ୟହ ତ୍ୟକ୍ତ ହୋଇ ନୂଆ ହାଣ୍ଡି କରାଯାଏ । ଯେଉଁ ହାଣ୍ଡିରେ ପିତା ଭାତ (ଭକ୍ତ) ରନ୍ଧା ଯାଏ ଓ ଯେଉଁ ହାଣ୍ଡିରେ ଦଶ ଦିନକ ଚଳାଯାଏ ସେ ହାଣ୍ଡିମାନଙ୍କୁ ଦଶକ୍ରିୟା ଧରିଥିବା ବ୍ୟକ୍ତି ଦଶାହ ଦିନ ରାତି ଅଧ ପରେ ନିର୍ଜନରେ ନେଇ ଗ୍ରାମ ମୁଣ୍ଡରେ ଫିଙ୍ଗି ଦେଇ ଆସନ୍ତି ।]

ଦଶା—ସଂ. ବି. ସ୍ତ୍ରୀ.—(ଦନ୍ଶ ଧାତୁ=କାମୁଡିବା+ଭାବ. ଅ; ସ୍ତ୍ରୀ. ଆ)
Dasa ୧ । ଅବସ୍ଥା—1. State; condition; predicament; circumstances.

୨ । (+କର୍ମ. ଅ)—ଲୁଗାର ଦଶୀ; ବସ୍ତ୍ର ପ୍ରାନ୍ତ—
2. The hem or end of a cloth.

୩ । ଦୀପର ବତି ବା ଶଳିତା—
3. Wick of a lamp

୪ । ମନୁଷ୍ୟର ଜୀବନର ଅବସ୍ଥା—4. Condition or circumstance of a man's life.
Dasa dasa (See)

[ଦ୍ର—ଏହା ଶାରୀରିକ, କାମନ ଓ ଭକ୍ତିଜ, ଏପରି ୩ ପ୍ରକାର । 'ଦଶଦଶା' ତଳେ କୋଠ ଦେଖ ।]

୫ । (ଫଳିତ ଜ୍ୟୋତିଷ) ଗ୍ରହମାନେ ମନୁଷ୍ୟର ଜୀବଦ୍ଦଶାର ଭିନ୍ନ ଭିନ୍ନ କାଳରେ ଭିନ୍ନ ଭିନ୍ନ ସ୍ଥାନରେ ଅବସ୍ଥାନ କରିବା ଯୋଗୁଁ ମନୁଷ୍ୟର ଯେଉଁ ଅବସ୍ଥା ଘଟାନ୍ତି; ଗ୍ରହଦଶା—5. (Astrology) The plight or condition of a man due to different aspects of, the planets considered as affecting the fortunes of a man during the successive periods of his life.

[ଦ୍ର—ଫଳିତ ଜ୍ୟୋତିଷ ମତରେ ଦଶା ଗଣନା କରିବା ସମ୍ପର୍କରେ ମନୁଷ୍ୟର ଆୟୁ ବିଂଶୋତ୍ତରଶତ (୧୨୦ବର୍ଷ) ବା ଶତ-ମଷ୍ଟୋତ୍ତର (୧୦୮ ବରଷ) ଧରାଯାଏ, ଏହାକୁ ଯଥାକ୍ରମେ ବିଂଶୋତ୍ତରୀ ଓ ଅଷ୍ଟୋତ୍ତରୀ ଦଶା ବୋଲାଯାଏ । ବିଂଶୋତ୍ତରୀ ଗଣନାକ୍ରମେ ସୂର୍ଯ୍ୟଙ୍କ ଦଶା ୬ ବର୍ଷ, ଚନ୍ଦ୍ରଙ୍କ ଦଶା ୧୦ ବର୍ଷ, ମଙ୍ଗଳ ୭, ରାହୁ ୧୮, ବୃହସ୍ପତି ୧୬, ଶନି ୧୯, ବୁଧ ୧୭, କେତୁ ୭ ଓ ଶୁକ୍ର ଦଶା ୨୦ ବର୍ଷ ଭୋଗ ହୁଏ (ଖଡ୍ଗରହ ପାଞ୍ଜି) । ଅଷ୍ଟୋତ୍ତରୀ ଗଣନାକ୍ରମେ ରବି ବା ସୂର୍ଯ୍ୟଙ୍କ ଦଶା ୬ ବର୍ଷ, ଚନ୍ଦ୍ର ୧୫ ବର୍ଷ, ମଙ୍ଗଳ ୮ ବରଷ, ବୁଧ ୧୭, ଶନି ୧୦, ବୃହସ୍ପତି ୧୯, ରାହୁ ୧୨, କେତୁ ୩ ଓ ଶୁକ୍ର ଦଶା ୨୧ ବର୍ଷ ଭୋଗ ହୁଏ (ହି. ଶବ୍ଦସାଗର) ଉତ୍କଳ ଦେଶରେ ପ୍ରଚଳିତ କେରଳ ଦଶା ଅନୁସାରେ ମନୁଷ୍ୟର ପୂର୍ଣ୍ଣ ପରମାୟୁ ୧୨୦ ବର୍ଷ ଧରାଯାଏ । ଏହାକୁ ଗ୍ରହମାନଙ୍କର 'ମହାଦଶା' ବୋଲାଯାଏ । ପ୍ରତ୍ୟେକ ଗ୍ରହଙ୍କ ମହାଦଶା ମଧ୍ୟରେ ପୁଣି ନବଗ୍ରହଙ୍କର ଅନ୍ତର୍ଦ୍ଦଶା ଗଣାଯାଏ ଓ ଅନ୍ତର୍ଦ୍ଦଶା କାଳ ମଧ୍ୟରେ ପୁଣି ନବଗ୍ରହଙ୍କର ପ୍ରତ୍ୟନ୍ତର୍ଦ୍ଦଶା ଗଣାଯାଏ । କୃତ୍ତିକା ନକ୍ଷତ୍ରରୁ ଆରମ୍ଭ କରି ୨୭ ନକ୍ଷତ୍ରକୁ ରବି, ଚନ୍ଦ୍ର, ମଙ୍ଗଳ, ରାହୁ, ବୃହସ୍ପତି, ଶନି, ବୁଧ, କେତୁ ଓ ଶୁକ୍ର ଏହି ନବଗ୍ରହଙ୍କ ତଳେ ତିନି ଧାଡ଼ିରେ ଲେଖି ଜନ୍ମକାଳରେ ଯେଉଁ ନକ୍ଷତ୍ର ଭୋଗ ସେହି ନକ୍ଷତ୍ରର ଅଙ୍କ ଯେଉଁ ଗ୍ରହ ତଳେ ଲେଖା ହୋଇଥିବ, ଉକ୍ତ ବ୍ୟକ୍ତିର ଜନ୍ମକାଳରେ ସେହି ଦଶା ଭୋଗ ହେଉଅଛି ବୋଲି ସ୍ଥିର କରିବ—ଖଡ୍ଗରହ ପଞ୍ଜିକା ।]

ଦେ. ବ—୧ । କପାଳଦଶା; ଦୈବଦୁର୍ବିପାକ; ଦୁର୍ଦ୍ଦଶା; ଦୁରବସ୍ଥା; ଦୁରଦୃଷ୍ଟ—1. One's evil stars; evil days; misfortune; wretched condition
দশা
দ্বশা

୨ । ଭକ୍ତିଜନିତ ଭାବାବେଶ; ଦଶ ଲୁଗି ହେବା; ଦଶ ଲାଗିବା; ଧର୍ମୋନ୍ମାଦ—2. Religious ecstacy.

୩ । (ସଂ. ଦଶାହ) ମୃତାହଠାରୁ ୧୦ ଦିନ ମଧ୍ୟରେ କୃତ୍ୟ କ୍ରିୟା; ଦଶକ୍ରିୟା—3. Funeral rites done during the ten days after a person's death.

ସେ ମଲେ କରବୁ ସିନା ଦଶା କ୍ରିୟା ଘର—ପୀତାମ୍ବର କୃଷ୍ଣ ତପୂରଣ ।

୪ । ଅଦୃଷ୍ଟ; ଭାଗ୍ୟ—4. Fortune; luck.

୫ । (ସଂ. ଦଶ) ଦହଲା; ଦଶ ଛାପଯୁକ୍ତ ତାସ—5. (in card play) The card having 10 points on it.

ଦଶା, ଦଶ, ଦଶକ୍ରିୟା
ଦଶାକ୍ରିୟା, ଦଶାଘର } ଅନ୍ୟରୂପ
ଦଶାକ୍ରିୟାଘର

୬ । (ସଂ. ଦଶାହ) ମୃତ ବ୍ୟକ୍ତିର ପ୍ରେତ ଉଦ୍ଦେଶ୍ୟରେ ଦଶମ ଦିନ କରାଯିବା ଅନୁଷ୍ଠାନମାନ—6. The funeral rites performed on the 10th day of a person's death.

୭ । ମୃତାହର ଦଶମ ଦିବସ—7. The tenth day of the funerals.

ପ୍ରାଦେ (ଯାଜପୁର) ବ—ଶୁଧକାରଣଭାତ (ଦେଖ)—Śudhakārana bhāta (See).

ଦଶାଇଶ—ଦେ. ବ (ସଂ. ଦଶଶୀର୍ଷ)—ରାବଣ—
Dasāisa The ten-headed demon, Rābana

କଥା କହନ୍ତ କୌଶଲ୍ୟାଶିଷ
କାଇଁ ମାରିବାକୁ ଦଶାଇଶ । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଦଶାଂଶ—ସଂ ବ (ଦଶ + ଅଂଶ)—ଦଶମିକ; ଦଶ ଭାଗରୁ ଏକ ଭାଗ—
Dasāmsa One tenth.
(ଦଶାଂଶିକ—ଅନ୍ୟରୂପ)

ଦଶାକର୍ଷ—ସଂ. ବ (ଦଶା+ଆ+କୃଷ ଧାତୁ+କର୍ତ୍ତୃ. ଅ)—
Dasākarsha ୧ । ପ୍ରଦୀପ; ଦୀପ—1. A lamp.
(ଦଶାକର୍ଷୀ—ଅନ୍ୟରୂପ) ୨ । (+କର୍ମ. ଅ) ଲୁଗାର କାନି; ବସ୍ତ୍ରାଞ୍ଚଳ—2. Skirt of cloth.

୩ । ପଣତକାନି—3. The end of a veil; hem of a garment.

୪ । (+ଭାବ. ଅ) ଗ୍ରହଣ (ପ୍ରକୃତିବାଦ)—4. Acceptance.

ଦଶାକର୍ଷୀ—ସଂ. ବି (ଦଶା+ଆ+କୃଷ ଧାତୁ+ଇନ୍ ୧ମା ୧ବ)—
Dasākarshi ଦଶାକର୍ଷ (ଦେଖ)
Dasākarsha (See)

ଦଶା କ୍ରିୟା—ଦେ. ବି (ସଂ. ଦଶାହ+କ୍ରିୟା)—ମୃତାହଠାରୁ ଦଶଦିନ ପର୍ଯ୍ୟନ୍ତ କରାଯିବା ପ୍ରେତକର୍ମ—Funeral rites
Dasā kriyā
(ଦଶାକ୍ରିୟାଘର—ଅନ୍ୟରୂପ) performed during the ten days of a person's death.

ଦଶା ଖଣ୍ଡଣ(ନ)—ଦେ. ବି (ସଂ. ଦଶା+ଖଣ୍ଡନ)—ଦୁର୍ଦ୍ଦଶା ଯାଇ ସୁଦଶା ପଡ଼ିବା—The passing of the
Dasā khandana(na)
ଦଶାଖଣ୍ଡିବା, ଦଶାମେଣ୍ଟିବା,
ଦଶାମେଣ୍ଟଣ, ଦଶାଘୁଞ୍ଚିବା } ଅନ୍ୟରୂପ
period of misfortune (or bad days), and the dawning of one's good days.
দশাখণ্ডন

ଦଶା ଖଣ୍ଡିବା—ଦେ. କ୍ରି—(ପ୍ରଭୁଙ୍କୁ ପ୍ରାର୍ଥନା କରିବାରେ ବ୍ୟବହୃତ)—
Dasā khandibā କୌଣସି ବ୍ୟକ୍ତିର ଦୁର୍ଦ୍ଦଶା ଦୂର କରିବା—
ଦଶା ଖଣ୍ଡାଇବା
ଦଶା ଘୁଞ୍ଚାଇବା } ଅନ୍ୟରୂପ
To cause one's misfortunes to vanish.
দশাখণ্ডন করা ଦେ. ବ—ଦଶା ଖଣ୍ଡଣ (ଦେଖ)
দ্বশা খंडना Dasā khandana (See)

ଦଶାଘାଟ—ଦେ. ବ—ଦଶତୁଠ ୧ (ଦେଖ)
Dasāghāta Dasatutha 1 (See)
(ଦଶାତୁଠ, ଦଶାତୋଠ—ଅନ୍ୟରୂପ)
দশাঘাট

ଦଶାଘାଟିଆ—ଦେ. ବ—ଦଶତୁଠିଆ (ଦେଖ)
Dasāghātiā Dasatuthiā (See)
(ଦଶାତୁଠିଆ—ଅନ୍ୟରୂପ)

ଦଶାଙ୍ଗ—ସଂ. ବ—୧ । ଦେବତା ପୂଜା ସମୟରେ ବ୍ୟବହୃତ ଦଶ ଗୋଟି
Dasānga ସୁଗନ୍ଧ ଦ୍ରବ୍ୟଦ୍ୱାରା ପ୍ରସ୍ତୁତ ଧୂପ—
(ଦଶାଂଗ—ଅନ୍ୟରୂପ) 1. Incense consisting of ten ingredients offered to Deities during worship.

[ଦ୍ର—ଦଶଟି ଦ୍ରବ୍ୟ ଯଥା—ଶିଳାରସ, ଗୁଗ୍ଗୁଲ, ଚନ୍ଦନ, ଜଟାମାଂସୀ, ଲେବାନ୍, ଝୁଣା, ବେଣାଚେର, ନଖୀ, ଭୀମସେନୀ କର୍ପୂର, କସ୍ତୁରୀ, ମତାନ୍ତରରେ ମହୁ; ନାଗର ମୁଥା, ଘିଅ, ଚନ୍ଦନ, ଗୁଗ୍ଗୁଲ, ଅଗର, ଶିଳାଜତୁ, ଝୁଣା, ଗୁଡ଼, ରାଇ ସୋରିଷ; ମତାନ୍ତରରେ ଗୁଗ୍ଗୁଲ, ଗନ୍ଧକ, ଚନ୍ଦନ, ଜଟାମାଂସୀ, ଶତାବରୀ, ଝୁଣା, ବେଣାଚେର, ଘିଅ, କର୍ପୂର, କସ୍ତୁରୀ । ଦ୍ର. ଶବ୍ଦସାଗର ।]

୨ । ଦଶାଙ୍ଗ ପାଚନ (ଦେଖ)
2. Dasānga pāchana (See)

ସଂ. ବଣ—ଦଶ ଗୋଟି ଅଙ୍ଗ ବା ଉପାଦାନବିଶିଷ୍ଟ—
Having ten component parts.

ଦଶାଙ୍ଗ ପାଚନ—ସଂ. ବ—ବୈଦ୍ୟ ଶାସ୍ତ୍ରୋକ୍ତ ୧୦ ଗୋଟି ପଦାର୍ଥକୁ
Dasānga pāchana ଜଳରେ ସିଝାଇ ତହିଁରୁ ପ୍ରସ୍ତୁତ କରାଯିବା
(ଦଶାଙ୍ଗକଷାୟ—ଅନ୍ୟରୂପ) କ୍ୱାଥ—A decoction made of ten specific ingredients boiled with water (according to the Hindu medical treatises.)

[ଦ୍ର—ଦଶାଙ୍ଗ ପାଚନ ଦ୍ରବ୍ୟ ଯଥା—ବାସଙ୍ଗ ଛେଲି, ଗୁଳୁଚ, ସବଯୋଡ଼ିଅ, ନିମ୍ବ ଛେଲି, ଚିରେଇତା, ଭୃଙ୍ଗରାଜ, ହରଡ଼ା, ବାହାଡ଼ା, ଅଁଳା ଓ ପୋଟଳ ପତ୍ର ବା ମତାନ୍ତରରେ କୋଳଥ ଏ ପଦାର୍ଥ ମାନଙ୍କର କ୍ୱାଥରେ ମହୁ ମିଶାଇ ପାନ କଲେ ଅମ୍ଳପିତ୍ତ ରୋଗ ପ୍ରଶମିତ ହୁଏ ।]

ଦଶାଙ୍ଗୁଳ—ସଂ. ବି—୧ । ଦଶ ଅଙ୍ଗୁଳ ପରିମାଣ—
Daśāṅguḷa 1. A space of ten fingers' measure.
(ଦଶାଙ୍ଗୁଷ୍ଠ—ଅନ୍ୟରୂପ) ୨ । (ବହୁବ୍ରୀହି; ଉପର ଭାଗରେ ଅଙ୍ଗୁଳ ପରି ଦଶ ଗୋଟି ରେଖା ଥିବାରୁ) ତରଭୁଜ ଫଳ—
2. Melon.
ବିଣ—ଦଶ ଅଙ୍ଗୁଳ ପରିମିତ—Measured by the space of ten fingers of the hand.

ଦଶା ଝିଅ—ପ୍ରାଦେ. (ବାଲେଶ୍ୱର) ବି. ସ୍ତ୍ରୀ—(ଗାଳିରେ ବ୍ୟବହୃତ)
Daśā jhia ଯେଉଁ ଘରୁ ଲୋକେ ସବୁ ବେଳେ ମରନ୍ତି ସେହି ଘରର ଝିଅ; ଯେଉଁ ଝିଅ ଘରେ ଦୁର୍ଦ୍ଦଶା ସୃଷ୍ଟି କରେ—(a term of abuse applied to woman) The daughter of the unfortunate family in which very often death occurs.

ଦଶାଦଶ—ଦେ. ବି. (ସଂ. ଦଶମ + ଦଶା)—ଦଶମଦଶା; ମୃତ୍ୟୁ—
Daśādaśa Death.
ବଡ଼ ଏଥି ଦଶରଥ ଯେଣୁ ଶାପକବ୍ୟଟେ ଭଜେ ଦଶାଦଶ ସେ ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ଦଶାଡିଆ—ଦେ. ବିଣ. (ଗୃହପାଳିତ ପଶୁ ଅବଦ୍ଧ ପ୍ରତି ଗାଳିବିଶେଷ)—
Daśāḍiā ଅଲକ୍ଷଣା; ସ୍ୱାମୀକୁ ବିପତ୍ତି ଘଟାଇବାର କାରଣ; ଯେଉଁ ପଶୁ ପକ୍ଷୀଙ୍କୁ ପାଳିବାଦ୍ୱାରା ଗୃହସ୍ୱାମୀର କଷ୍ଟ ଓ ଦୁର୍ଦ୍ଦଶା ଘଟେ—(a term of abuse) Inauspicious or troublesome (cattle etc); having had inauspicious marks on the body which involve the owner in misfortune or trouble (domestic animals); bringing troubles on the master.

ଦଶାଦୁର୍ବଳ—ଦେ. ବିଣ—ଦୈବଦୁର୍ବିପାକ; କର୍ମବାମ—
Daśādurbaḷa Misfortune; ill-luck.
ଶ୍ରୀକର ମୃଦୁଳ୍କ ବହାଇଥିବ ସେ ଦଶାଦୁର୍ବଳ କାଳକୁ—
ଭଞ୍ଜ. ପ୍ରେମସୁଧାନିଧି ।

ଦଶାଧିପତି—ସଂ. ବି. (୬ଷ୍ଠୀ ତତ୍; ଦଶା + ଅଧିପତି)—୧ । ଫଳିତ
Daśādhipati ଜ୍ୟୋତିଷ ଗଣନା କ୍ରମେ ଯେଉଁ ଗ୍ରହଙ୍କ ଦଶା ମନୁଷ୍ୟ ଭୋଗ କରୁଥାଏ—1. The planet whose aspect a person is undergoing at a particular period of his life.
୨ । ଦଶ ଜଣ ସିପାହିଙ୍କ ସରଦାର; ଜମାଦାର(ହି. ଶବ୍ଦସାଗର)—
2. A captain of soldiers.

ଦଶାନନ—ସଂ. ବି. (ଦଶ + ଆନନ; ବହୁବ୍ରୀହି)—ରାବଣ—
Daśānana Rābaṇa; the demon with ten heads.
ବଂଶଭୂଜ ଦଶାନନରେ, କି ଦଶା ହେବ ହେବ-କାଳରେ,
କର-ଚାପରେ ଧରଣୀ ଥରେ ହେଲ ପଡ଼ନ୍ତ—
ଭଞ୍ଜ. ବୈଦେହୀଶବିଳାସ ।

ଦଶାନାଥ—ସଂ. ବି. (୬ଷ୍ଠୀ ତତ୍; ଦଶା + ନାଥ)—
Daśānātha ଦଶାଧିପତି ୧ (ଦେଖ)
Daśādhipati 1 (See)

ଦଶାନିକ—ସଂ. ବି—ଜୟପାଳ; ଜଳକାମଞ୍ଜି (ହି. ଶବ୍ଦସାଗର)—
Daśānika Croton seed.

ଦଶାନ୍ତ—ସଂ. ବି.(୬ଷ୍ଠୀ ତତ୍; ଦଶା + ଅନ୍ତ)—ବାର୍ଦ୍ଧକ୍ୟ; ବୃଦ୍ଧାବସ୍ଥା—
Daśānta (ହି. ଶବ୍ଦସାଗର)—Old age.

ଦଶା ପଡ଼ିବା—ଦେ. କ୍ରି—ମନ୍ଦ ଭାଗ୍ୟ ଉଦୟ—The dawning of
Daśā paṛibā misfortune; the falling of evil
दशापड़ा दशा गोलना days.

ଦଶାପବିତ୍ର—ସଂ. ବି—ଶ୍ରାଦ୍ଧ ଆଦି ଉପଲକ୍ଷରେ ଦାନ ଦିଆଯିବା ବସ୍ତ୍ରଖଣ୍ଡ
Daśāpabitra (ହି. ଶବ୍ଦସାଗର)—A piece of cloth presented as gift on occasions of Srāddha etc.

ଦଶାବତାର—ସଂ. ବି—ଦଶ ଅବତାର (ଦେଖ)
Daśābatāra Daśa abatāra (See)

ଦଶାବିପର୍ଯ୍ୟୟ—ସଂ. ବି. (ଦଶା + ବିପର୍ଯ୍ୟୟ; ୬ଷ୍ଠୀ ତତ୍)—ଦୁରବସ୍ଥା;
Daśābiparjyaya ଦୁର୍ଭାଗ୍ୟ—Misfortune; adversity; irony of fate.

ଦଶାବିପାକ—ସଂ. ବି. (ଦଶା + ବିପାକ; ୬ଷ୍ଠୀ ତତ୍)—ଯେତେ ଦିନ
Daśābipāka ମନୁଷ୍ୟଙ୍କୁ କୌଣସି ଦଶା ଭୋଗ କରିବାକୁ ହୁଏ, ତାହାର ଭୋଗ ହେବା—The full period or duration of any evil aspect of the planets or misfortune which befall a man.

ଦଶାବୈଗୁଣ୍ୟ—ସଂ. ବି. (ଦଶା + ବୈଗୁଣ୍ୟ; ୬ଷ୍ଠୀ ତତ୍)—ଦୁରବସ୍ଥା,
Daśābaiguṇya ଦୁର୍ଭାଗ୍ୟ—Misfortune; adversity.
(ଦଶାବୈଷମ୍ୟ—ଅନ୍ୟରୂପ)

ଦଶାଭୋଗ—ସଂ. ବି. (ଦଶା + ଭୋଗ; ୬ଷ୍ଠୀ ତତ୍)—
Daśābohga ଦଶାବିପାକ (ଦେଖ)—
Daśābipāka (See)

ଦଶାମୁହିଁ—ପ୍ରାଦେ. (ବାଲେଶ୍ୱର) ବିଣ. ସ୍ତ୍ରୀ—(ଗାଳିରେ ବ୍ୟବହୃତ)
Daśāmuhiṅ ଯାହାର (ଯେ ସ୍ତ୍ରୀଲୋକର) ମୁହଁ ନାନା ମୃତ୍ୟୁଜନିତ ଯନ୍ତ୍ରଣାରେ ସଦା ବିମର୍ଷ ଦିଶୁଥାଏ—Pale-faced (woman); undergoing troubles of series of deaths in the family.

ଦଶାର୍ଣ୍ଣ—ସଂ. ବି. (ଦଶ + ଋଣ = ଦୁର୍ଗ)—୧ । ବିନ୍ଧ୍ୟପର୍ବତର ପୂର୍ବ
Daśārṇṇa ଓ ଦକ୍ଷିଣରେ ଥିବା ଦେଶବିଶେଷ—1. Name of a country to the south east of Bindhya Hills.
[ଦ୍ର—କାଳିଦାସଙ୍କ ମେଘଦୂତରୁ, ଦେଖାଯାଏ ଯେ ଏ ଦେଶର ରାଜଧାନୀ ବିଦିଶା (ଆଧୁନିକ ଭିଲସା) ଥିଲା; ପ୍ରାଚୀନ ଗ୍ରୀକ ଐତିହାସିକ ଟଲେମୀ ଏ ଦେଶକୁ 'ଦୋଷାରନ୍' । ଏହି ଦେଶ ବାଟେ ଧସାନ ନଦୀ ପ୍ରବାହିତ ହେଉଅଛି ।]
୨ । ଉକ୍ତ ଦେଶବାସୀ ବ୍ୟକ୍ତି ବା ରାଜା—2. A king or resident of the above country.
୩ । ତନ୍ତ୍ରୋକ୍ତ ଦଶାକ୍ଷର ମନ୍ତ୍ରବିଶେଷ—3. Name of a Tantric formula of ten syllables.

ଦଶାର୍ଣ୍ଣା—ସଂ. ବି (ଦଶାର୍ଣ୍ଣ + ଅ)—ଧସାନ୍ ଦର୍ଯା—
Dasārnnā Name of a river.
[ଦ୍ର—ଏ ନଦୀ ବନ୍ଧ୍ୟଚଳରୁ ବାହାର ବୁନ୍ଦେଲଖଣ୍ଡର କେତେକ ଅଂଶ ବାଟେ ଯାଇ କାଲପୀ ନାମକ ସ୍ଥାନ ନିକଟରେ ଯମୁନାରେ ମିଳିତ ହୋଇଅଛି—ହି. ଶବ୍ଦସାଗର ।]

ଦଶାଲା ବନ୍ଦୋବସ୍ତ—ଗ୍ରା. ବି—ଦଶସାଲା ବନ୍ଦୋବସ୍ତ (ଦେଖ)
Dasālā bandobasta Dasasālā bandobasta (See).
(ଚିରସ୍ଥାୟୀ ବନ୍ଦୋବସ୍ତ—ହିପଶବ୍ଦ)

ଦଶାଶ୍ୱ—ସଂ ବି (ଦଶ + ଅଶ୍ୱ ଯାହାର ରଥରେ; ବହୁବ୍ରୀହି)—ଚନ୍ଦ୍ର—
Dasāswa The moon, said to have ten seeds yoked to her chariot.

ଦଶାଶ୍ୱମେଧ ଘାଟ—ସଂ. ବି (ନାମ)—୧ । କାଶୀର ଗଙ୍ଗାତୀରସ୍ଥ ତୀର୍ଥଘାଟ ବିଶେଷ—1. Name of
Dasāswamedha ghāṭa
(ଦଶାଶ୍ୱମେଧ; ଦଶାଶ୍ୱମେଧିକ ଘାଟ—ଅନ୍ୟରୂପ) sacred bathing ghat of the Ganges in Benares.
[ଦ୍ର—କାଶୀଖଣ୍ଡରେ ଲେଖା ଅଛି ଯେ, ଏଠାରେ ବ୍ରହ୍ମା ଦିବୋଦାସ ରାଜାଙ୍କ ସହାୟତାରେ ଦଶଗୋଟି ଅଶ୍ୱମେଧ ଯାଗ କରିଥିଲେ । ପ୍ରଥମେ ଏ ଘାଟ ରୁଦ୍ରସରୋବର ନାମରେ ପ୍ରସିଦ୍ଧ ଥିଲା । ବ୍ରହ୍ମା ଏଠାରେ ଦଶାଶ୍ୱମେଧେଶ୍ୱର ନାମକ ଶିବଲିଙ୍ଗ ସ୍ଥାପନ କରିଥିଲେ । ଏ ତୀର୍ଥରେ ସ୍ନାନ କରି ଉକ୍ତ ଶିବଲିଙ୍ଗଙ୍କୁ ଦର୍ଶନ କଲେ ମନୁଷ୍ୟର ସମସ୍ତ ପାପ ଛାଡ଼ିଯାଏ—ହି. ଶବ୍ଦସାଗର ।]
୨ । ପ୍ରୟାଗ ଅନ୍ତର୍ଗତ ତ୍ରିବେଣୀ ନିକଟସ୍ଥ ତୀର୍ଥଘାଟବିଶେଷ (ହି. ଶବ୍ଦସାଗର)—2 Name of a sacred place at the junction of the Ganges and the Jamuna at Allahabad

ଦଶାସ୍ୟ—ସଂ. ବି (ଦଶ + ଆସ୍ୟ = ମୁଖ ଯାହାର; ବହୁବ୍ରୀହି)—
Dasāsya ଦଶମୁଣ୍ଡ; ରାବଣ—Rābaṇa; the ten-headed demon.

ଦଶାସ୍ୟଜଘାନ—ଦେ. ବି (ସଂ. ଦଶାସ୍ୟ = ରାବଣ + ସଂ. ଜଘାନ =
Dasāsyajaghāna ହତ୍ୟା କରିଥିଲେ)—ରାବଣହନ୍ତା; ଶ୍ରୀରାମଚନ୍ଦ୍ର
A name given to Rama chandra
ବଶାଳ ଜନ୍ମ ସେରୂପକ ଦଶାସ୍ୟଜଘାନ କଂସପ୍ରଭାରୁ ।
ଉପେନ୍ଦ୍ର ଭଞ୍ଜ, ବୈଦେହୀଶବିଳାସ ।

ଦଶାହ—ସଂ.ବି (ଦଶ + ଅହନ୍; ଦ୍ୱିଗୁ)—୧ । ଦଶ ଦିନବ୍ୟାପୀ କାଳ—
Dasāha 1. A period of 10 days.
୨ । ମୃତବ୍ୟକ୍ତିର ପ୍ରେତ ଉଦ୍ଦେଶ୍ୟରେ ୧୦ମ ଦିନ (ଦଶ ଦିନ) କରାଯିବା କ୍ରିୟା—2. The funeral ceremonies and rites performed on the 10th day of a person's death.
[ଦ୍ର—ଗୃହ୍ୟସୂତ୍ରରେ ମୃତକ କର୍ମ ୩ ଦିନେ କରାଯିବାର ବ୍ୟବସ୍ଥା ଅଛି । ପ୍ରଥମ ଦିନ ଶ୍ମଶାନକୃତ୍ୟ ଓ ଅସ୍ଥିସଞ୍ଚୟ; ଦ୍ୱିତୀୟ ଦିନରୁ ରୁଦ୍ର ଯାଗ ଓ କ୍ଷୌର ଓ ତୃତୀୟ ଦିନ ସପିଣ୍ଡୀକରଣ । ସ୍ମୃତି-ମାନଙ୍କରେ ଏହି କୃତ୍ୟକୁ ୧୦ ଦିନ ପର୍ଯ୍ୟନ୍ତ ବିସ୍ତାରିତ କରି ଯାଇଅଛି । ଏହି ଦଶ ଦିନରେ ପ୍ରତିଦିନ ମୃତ ବ୍ୟକ୍ତିର ଦଶାଙ୍ଗ ମଧ୍ୟରୁ ଗୋଟିଏ ଗୋଟିଏ ଅଙ୍ଗର ପୂର୍ତ୍ତି ସକାଶେ ଗୋଟିଏ ଗୋଟିଏ ପିଣ୍ଡ ଦେବାର ବ୍ୟବସ୍ଥା ହୋଇଅଛି ଓ ଏକାଦଶ ଦିନ ଶୁଦ୍ଧିଲାଭପୂର୍ବକ ଦ୍ୱିତୀୟାହ୍ନ ସକଳ ପାଠ କରାଯାଏ—ହି. ଶବ୍ଦସାଗର ।]
୩ । ମୃତ୍ୟୁର ଦଶମ ଦିନ—
3. The 10th day of a persons death.
ବାପାଙ୍କ ଦଶାହେ ବାପାଙ୍କ କ୍ରିୟା ପାଇଁ
ଗୋ ଦାରେ ଗଲି ମୁଁ ଅତ ବ୍ୟସ୍ତ ହୋଇ । କୃଷ୍ଣସିଂହ, ମହାଭାରତ ।

ଦଶି—ଦେ. ବି (ସଂ. ଦଶା)—ବସ୍ତ୍ରର ଅନ୍ତସୂତ୍ର; ଲୁଗାର ପଣତ କାନିରୁ
Dasi ଓହଳିଥିବା ସୂତାମାନ—Loose woof threads
ଦଶୀ hanging from the long extraments of
ଦସୀ a cloth.

ଦଶିଆ—ଦେ. ବି (ସଂ ଦଶୀ)—ମୋଟା ସୂତାରେ ବୁଣାଯାଇଥିବା ଲୁଗା—
Dasiā A kind of course cloth woven with
ଦଶୀ course woofs.
ଦସ
ମୋଟା ଦଶିଆ ଲୁଗାରେ ବୋହୂର ବହୁଣା ।
ଫକୀରମୋହନ. ଛମାଣ ଅଠଗୁଣ୍ଠ ।

ଦଶିପୋକ—ଦେ. ବି (ସଂ. ଦଶୀ = ଲୁଗାର ପଣତରୁ ବାହାରିଥିବା ସୂତା;
Dasipoka ଏ ପୋକମାନେ ସୂତା ପରି ସରୁ ଥିବାରୁ)—ଏକପ୍ରକାର
ଛୁକୀ; ଛୁକୀ କୃମି; ଅତି ଛୋଟ ଏବଂ ଟିକି ଟିକି ଧଳା ସୂତା ଭଳି
କୀଡ଼ା କୃମି । ଏହି କୃମି ମନୁଷ୍ୟର ଗୁହ୍ୟଦ୍ୱାରରେ ମଳ ସଙ୍ଗେ
ଦେଖାଯାଆନ୍ତି—Worms; maggots (white and very small and slender like threads); the join worm; thread worm.
ଦଶିପୋକ ଭୟରେ ମୁଁ ଆଉ ନିଇଲୁରେ—ଜଣେ. କାମରହୁଗୀତା ।

ଦଶିମୁସୁଲି—ପ୍ରାଦେ (ଅଳି) ବି—ଘୁଙ୍ଗୁଡ଼ି (ଦେଖ)
Dasimusuli Ghungurdi (See)

ଦଶିଲୁଗା—ଦେ. ବି—ଯେଉଁ ଲୁଗାର ଅଗରେ (ଲମ୍ବ କାନିରେ) ଦଶୀ
Dasilugā ଓହଳିଥାଏ—A cloth with loose woofs
ଦଶୀକାପଡ଼ hanging down from the extremities.
ଦସୀକପଡ଼ା

ଦଶୀ—ସଂ. ବିଣ (ଦଶ + ଇନ୍; ଦଶା + ଇନ୍)—୧ । ଦଶ ସଂଖ୍ୟାଯୁକ୍ତ—
Dasi 1. Numbering ten.
୨ । ଦଶାଯୁକ୍ତ (ବସ୍ତ୍ର); ଯେଉଁ ଲୁଗାର କାନିରୁ ଦଶୀ ଓହଳିଥାଏ; ଯେଉଁ ଲୁଗାର ଅଞ୍ଚଳ ଥାଏ—
2. (a piece of cloth) With loose woofs hanging at the end; hemmed (cloth).
୩ । ଶଳିତା ଥିବା (ଦୀପ)—
3. (a lamp) With wicks.
ସଂ. ବି.—ନଖର ପାର୍ଶ୍ୱସ୍ଥ ଚର୍ମାଂଶ (ଏହା ଦଶୀ ବା ବା ସରୁ ସୂତା ପରି ଦେଖାଯିବାରୁ)—The skin round the nails.
ଦେ. ବି,—୧ । କବାଟର ଯେଉଁ କୋଣ ଚଉକାଠରେ ଭମଣି ବା କବଜା ସଙ୍ଗେ ଲାଗି ବୁଲେ —The fringe or corner of a door which twins round a joint.

୨ । ଲୁଗାର ଧଡ଼ି—2. The hem of a cloth.

୩ । କବାଟ ମୂଳ କଣରେ ଲାଗିଥିବା କାଠଖଣ୍ଡ, ଯାହା ବନ୍ଦ ଉପରେ ବୁଲେ—3. A plate of wood attached to the corner of a door which turns on a pevot when the door is opened or shut.

୩ । ବସ୍ତ୍ରର ଅନ୍ତସୂତ୍ର; ଲୁଗାର ପଣତ କାନରୁ ଓହଳିଥିବା ସୂତାମାନ—The loose strings or woofs hanging from the long extremity of a cloth.

୪ । ମୋଟା ସୂତା—4. Course thread or woof.

ଦଶେଇଁ—ଗ୍ରା. ବ (ସଂ. ଦଶମୀ) ପକ୍ଷର ଦଶମୀତିଥିରେ—
Daseiñ The 10th day of the lunar fortnight.
दशमी दसैं

ଦଶେନ୍ଦ୍ରିୟ—ସଂ. ବ (ଦଶ+ଇନ୍ଦ୍ରିୟ; କର୍ମଧାରୟ)—ପାଞ୍ଚଗୋଟି କର୍ମେନ୍ଦ୍ରିୟ
Dasendriya ଓ ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ—Five organs of action and five organs of sense.
[ଦ୍ର—ପଞ୍ଚ କର୍ମେନ୍ଦ୍ରିୟ, ଯଥା—ବାକ୍, ପାଦ, ପାଣି, ପାୟୁ, ଉପସ୍ଥ; ପଞ୍ଚ ଜ୍ଞାନେନ୍ଦ୍ରିୟ, ଯଥା :—ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ବା, ତ୍ୱକ୍]

ଦଶେନ୍ଧନ—ସଂ. ବ—(ଦଶା=ବଳତା+ଇନ୍ଧନ=ଜାଳ, ଯାହାର
Dasendhana ବହୁବ୍ରୀହି)—ପ୍ରଦୀପ—A lamp.

ଦଶେର—ସଂ. ବ. ପୁଂ (ଦନଶ୍ ଧାତୁ+କର୍ତ୍ତୃ. ଏର)—ହିଂସ୍ରଜନ୍ତୁ—
Dasera A rapacious wild beast.

ଦଶେରକ—ସଂ. ବ (ଦଶେର+ବିଚରଣ କରିବା ସ୍ଥାନ ଅର୍ଥରେ କ)—
Daseraka ମରୁଭୂମି—Barren land; desert.
(ଦଶେରୁକ—ଅନ୍ୟରୂପ)

ଦଶୁଆଳ—ଦେ. ଉଣ (ପ୍ରାଚୀନ)-ଦଶମ—Tenth.
Dasuāla ଅଷ୍ଟ ଭୂଞ୍ଜର ଦଶୁଆଳ ପୂର୍ବନାମ
दशई; दहावाँ ଦଶାଶ୍ୱ ବୋଲି କହୁ ଜାଣ ନୃପୋତ୍ତମ ।
କୃଷ୍ଣସିଂହ. ମହାଭାରତ ଶାନ୍ତି ।

ଦଷ୍ଟ—ସଂ. ଉଣ. (ଦନଶ୍ ଧାତୁ+କର୍ମ. ତ)—କାମୁଡ଼ା ହୋଇଥିବା;
Dashta ଦନ୍ତଦ୍ୱାରା କ୍ଷତ—Bitten; stung.
[ଦ୍ର—ଏହା ପ୍ରାୟଶଃ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବ୍ୟବହୃତ ହୁଏ । ଯଥା—ସର୍ପଦଷ୍ଟ; କୀଟଦଷ୍ଟ, ବୃଶ୍ଚିକଦଷ୍ଟ, ଅନୁତାପଦଷ୍ଟ, ଦୁଷ୍ଟଦଷ୍ଟ ଇତ୍ୟାଦି]

ଦସ୍ (ଧାତୁ)—ସଂ.—୧ । ଉତ୍କ୍ଷେପଣ କରିବା—1. To lift up; to
Das (root) throw up.
୨ । କ୍ଷୟ କରିବା—2. To waste
ଦେ. ଅ—୧ । (ଧ୍ୱନ୍ୟର୍ଥକ ଅବ୍ୟୟ, ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହୋଇ ବ୍ୟବହୃତ ହୁଏ ।—ହଠାତ୍; ଧୁପ୍; ଧାତୁ—
1. Suddenly with a sound.
(ଯଥା—ଏ ଖବର ଶୁଣି ସେ ଦସ୍ କରି ବସି ପଡ଼ିଲା)
୨ । ପ୍ରକାରେ; ରୂପେ; କରି—An adverbial suffix meaning in the manner of.
(ଯଥା—ସେ ଡୁମ୍‌ଦସ୍ ମୋତେ ବିଧାଏ ମାରିଲା; ସେ ଫୁଟ୍‌ଦସ୍ ସେଠାରୁ ଛୁଟି ପଳାଇଗଲା ।)

ଦସନା—ପ୍ରାଦେ. (ଅଠମଲ୍ଲିକ) ବି—ବିଛଣା—Bed.
Dasanā

ଦସ୍କ(ଖ)ତ୍—ବୈଦେ. ବ (ଫା.)—ଦସ୍ତଖତ୍ (ଦେଖ)
Daska(skha)t Dastakhat (See)

ଦସ୍ତ୍—ବୈଦେ. ବ (ଫା. ଦସ୍ତ୍=ହାତ)—୧ । ହାତ—
Dast 1. Hand.
दस्त; दस्त ୨ । (ଫା. ଦାସ୍ତ=ମଳତ୍ୟାଗ)—୨ । ମଳତ୍ୟାଗ; ଝାଡ଼ା—
2. Passing stools; evacuation.
୩ । ବରେଚନ; ପତଳା ଝାଡ଼ା—3. Passing of liquid stools.
ପ୍ରାଦେ. (ଗଞ୍ଜାମ) ବ—୧ । ବସ୍ତାନି—1. Bundle.
୨ । ଗଞ୍ଜପା (ଦେଖ)—2. Gañjapā (See)

ଦସ୍ତକ୍—ବୈଦେ. ବି (ଫା)—୧ । ଅମଲଦସ୍ତକ୍; ଅନୁମତିପତ୍ର; ଆଦେଶ-
Dastak ପତ୍ର; ହୁକୁମନାମା; ଅମଲନାମା—
दस्तक 1. Permit; pass; order.
दस्तक ୨ । ଗିରଫଦାରୁ ବା ଅର୍ଥଲ ପଉଆନା—
2. A writ of arrest or realisation of money.

ଦସ୍ତକ(ଖ)ତ୍—ବୈଦେ. ବ (ଫା. ଦସ୍ତଖତ୍=ହାତଲେଖା)—୧ । ସ୍ୱାକ୍ଷର;
Dastaka(kha)t କୌଣସି ଲିଖିତ ପତ୍ରରେ ନିଜ ହାତରେ ଲେଖା
दस्तखत ହୋଇଥିବା ନିଜ ନାମ—1. One's own
दस्तखत signature in a document.
(ଦସକ (ଖ)ତ—ଅନ୍ୟରୂପ) ୨ । କୌଣସି ଦଲିଲରେ ଆପଣା ନାମ ସ୍ୱାକ୍ଷର କରିବା କର୍ମ—2. The act of signing one's name in a document.

ଦସ୍ତଖତ କରିବା—ଦେ. କ୍ରି—ସ୍ୱାକ୍ଷର କରିବା—
Dastakhata karibā To sign.
ଦସ୍ତକତ କରିବା; ଦସକତ ବା ଦସଖତ କରିବା } ଅନ୍ୟରୂପ [ଦ୍ର—ନିଜ ଦ୍ୱାରା ବା ଅନ୍ୟ ଦ୍ୱାରା ଲିଖିତ ଦସ୍ତା-
दस्तखतकरना ବଜରେ ଦସ୍ତଖତ କରିବା ବ୍ୟକ୍ତି ଉକ୍ତ ଦସ୍ତାବଜରେ
दस्तखत करना ଲେଖାଥିବା ବିଷୟକୁ ସ୍ୱୀକାର କରିଥିବାର ବିବେଚିତ ହୁଏ ।]

ଦସ୍ତଖତି—ବୈଦେ. ବିଣ (କଚରିଆ) (ଫା)—ଯହିଁରେ ଦସ୍ତଖତ ଥାଏ;
Dastakhati ଦସ୍ତଖତ୍ କରା ଯାଇଥିବା (ଦଲିଲ ବା ଲେଖା)—
ଦସ୍ତକତି; ଦସକତି; ଦସଖତି } ଅନ୍ୟରୂପ Signeds.
(ଯଥା—ରାଜାଙ୍କ ଦସ୍ତଖତି
दस्तखती; दस्तखति ପରୁଆନା ।)

ଦସ୍ତଗୀର୍—ବୈଦେ. ବି (ଫା) (କଚରିଆ)—ସହାୟକ—
Dastagir Helper; colleague.
दस्तगीर, दस्तगीर

ଦସ୍ତ ପରିଷ୍କାର—ଦେ. ବ (ଫା. ଦସ୍ତ+ସଂ. ପରିଷ୍କାର)-କୋଷ୍ଠ ଶୁଦ୍ଧି—
Dasta parishkāra Clearance of the bowls.
(ଦସ୍ତ ଖୁ(ଖୋ)ଲସା; ଦସ୍ତସଫା; ଦସ୍ତସାଫ୍—ଅନ୍ୟରୂପ)

ଦସ୍ତବଦସ୍ତ — ବୈଦେ କ୍ରି. ବଣ (ଫା) (କଚେରୀଆ ଭାଷା; କବାଲ୍ଲ ଅବରେ ବ୍ୟବହୃତ) — ହାତେହାତ; ହାତକୁ ହାତ; ନଗଦ—In cash; from hand to hand.
Dastabadasta
दस्तबदस्त
दस्तबदस्त

(ଯଥା—ଏ ବନ୍ଧକୀ ଦ୍ରବ୍ୟର ଲ୍ଲରସମନ ଦଶ ଟଙ୍କା ଅମ୍ଭେ ମୁସ୍ତରଙ୍କଠାରୁ ଦସ୍ତବଦସ୍ତ ବୁଝି ପାଇଲୁଁ ।)

ଦସ୍ତ ବରଦାର୍ — ବୈଦେ. ବଣ. (ଫା) (କଚେରୀଆ) — ସ୍ୱଇଚ୍ଛାରେ କୌଣସି ସମ୍ପତ୍ତିରୁ ଅଧିକାର ବା ଦାବ ପରିତ୍ୟାଗ କରିଥିବା (ବ୍ୟକ୍ତି) — Relinquishing one's own right to a property.
Dasta baradār
दस्तबरदार
दस्तबरदार
(ଦାସଦାର୍—ଅପଭ୍ରଂଶ)

ଦସ୍ତ ବରଦାର୍ ହେବା — ଦେ. କ୍ରି. (କଚେରୀଆ) — କୌଣସି ସମ୍ପତ୍ତି ବା ବିଷୟରୁ ଆପେ ଆପେ ଅଲଗା ହୋଇଯିବା; ଇସ୍ତଫା ଦେବା—To give up or relinquish one's right to a matter or property.
Dasta baradār hebā
दस्त बरदार हओआ
दस्त बरदार होना

ଦସ୍ତ ବରଦାରି — ବୈଦେ. ବ (କଚେରୀଆ) (ଫା) —
Dasta baradāri ୧ । ତ୍ୟାଗ; ଇସ୍ତଫା— 1. Relinquishment.
दस्तबरदारी
दस्तबरदारि ୨ । ତ୍ୟାଗପତ୍ର—2. A deed of relinquishment.

ଦସ୍ତବସ୍ତ — ବୈଦେ. ବ (ଫା. ଦସ୍ତବସ୍ତହ୍) — କୃତାଞ୍ଜଳ; ଯୋଡ଼ହାତ; ପ୍ରାର୍ଥନାକାରୀଦ୍ୱାରା ଅଞ୍ଜଳୀକୃତ କରତଳ ଯୁଗ୍ମ— Folded hands; folded palms (of a suppliant person).
Dastabasta
ଯୋଡ଼ହାତ
दस्त बस्त

ବଣ — କୃତାଞ୍ଜଳ; ଯେଉଁ ବ୍ୟକ୍ତି ପ୍ରାର୍ଥନା କରିବାବେଳେ ଦୁଇ ହାତକୁ ଯୋଡ଼ିଛି — (a person) With folded hands.

ଦସ୍ତ ବୁ(ବୋ)କଚ୍ଚ — ବୈଦେ. ବ. (ଫା. ଦସ୍ତ + ଭୁର୍ଙ୍ଗ = ବୁକ୍ଚ୍ଚ) — ଯେଉଁ ପୁଡ଼ାରେ ମନୁଷ୍ୟର ନିତ୍ୟ-ବ୍ୟବହାର୍ଯ୍ୟ ଲୁଗାପଟା ବନ୍ଧା ହୋଇ ରଖାଯାଏ —A bundle containing the dress and clothes for one's every day use.
Dasta bu(bo)kachā
दस्त बुचका; दस्त बोचका
दस्तबुकचा
ଦସ୍ତବୁ(ବୋ)ଚକା, ଦସ୍ତବୁକୁଲା(ଳ) } ଅନ୍ୟରୂପ

ଦସ୍ତର୍ — ବୈଦେ. ବ. (ଫା) (କଚେରୀଆ) — ୧ । ପଗଡ଼ି— 1. Turban.
Dastar
दस्तर ୨ । ସରକାରୀ କାଗଜ ବିଡ଼ା—
दस्तर 2. Bundle of official papers.

ପ୍ରାଦେ. (ଗଞ୍ଜାମ) ବ—ବସ୍ତାନ—A bundle.

ଦସ୍ତର୍ଖାନ୍ (ନା) — ବୈଦେ. ବ (ଫା. ଦସ୍ତର୍ ଖୋୟାନହ୍) —
Dastar-khān(nā) ୧ । ଟେବଲ ଉପରେ ପକାଇବାର ଲୁଗା— 1. Table cloth.
दस्तरखान
दस्तरखान ୨ । ମୁସଲମାନ୍ ଓ ସାହେବମାନେ ଖାଇବାବେଳେ ଟେବଲ ଉପରେ ବା ଭୂମି ଉପରେ ଯେଉଁ ଗୁଦର ବିଛାନ୍ତି ଓ ଯହିଁ ଉପରେ ଖାଦ୍ୟପାତ୍ରାଦି ରଖାଯାଏ — 2 A cloth spread on the table or on the ground on which dinner-plates are set.

ଦସ୍ତର୍ବନ୍ଦ(ନ୍ଦୀ) — ବୈଦେ. ବ. (ଫା. କଚେରୀଆ) — ୧ । କୌଣସି କାଗଜପତ୍ରର ଏକତ୍ର ସଂଗ୍ରହ —
Dastar-band(ndi)
1. Collection of records at one place.

୨ । ସରକାରୀ କାଗଜପତ୍ର ଯାହାଙ୍କ ଅଧୀନରେ ରହେ (ନଥି)—
2. A keeper of public records.

ବୈଦେ. ବଣ—ଏକତ୍ର ସଂଗୃହୀତ (କାଗଜପତ୍ର)—
Collected together (records).

ଦସ୍ତା — ଦେ. ବ. (ସଂ. ଯଶଦ; ମହାରାଷ୍ଟ୍ରୀ. ଦସ୍ତ) — ଧାତୁବିଶେଷ — Zinc.
Dastā
दस्ता **जस्ता**

दस्ता ବୈଦେ. ବ. (ଫା. ଦସ୍ତା) — ହତିଆର ଆଦିର ବେଣ୍ଟ— Handle of an implement.
दस्ता

ଦସ୍ତାନା — ବୈଦେ. (ଫା. ଦସ୍ତ୍ ଆନା) — ୧ । ହାତମୋଜା; ହସ୍ତାବରଣ — 1. Gloves.
Dastānā
दस्तना ୨ । ଏକପ୍ରକାର ତରବାରୀ ଯହିଁର ମୁଠା ଖୋଲ ପରି ହୋଇ
दस्ताना ଥାଏ ଓ ଯାହାକୁ ଧରିବା ଲୋକର ହାତକଟି ପର୍ଯ୍ୟନ୍ତ ଉକ୍ତ ଖୋଲ ମଧ୍ୟରେ ଆବୃତ ରହେ —2. A kind of sword with a hollow handle which protects the hand of the user up to the wrist.

ଦସ୍ତାବର୍ — ବୈଦେ. ବଣ. (ଫା.) — ବିରେଚକ (ଔଷଧ) — Purgative; cathartic (medicine).
Dastābar
दस्तावर **दस्तावर**

ଦସ୍ତାବ(ବେ)ଜ୍ — ବୈଦେ. ବ. (କଚେରୀଆ) (ଫା· ଦସ୍ତ ଆବେଜ୍) —
Dastābi(be)j ୧ । ଦଲିଲ; ଲିଖିତ ବିବରଣ ପତ୍ର— 1. Document; a deed in writing.
दस्तावीज
दस्तावेज ୨ । ବ୍ୟବହାର ସମ୍ବନ୍ଧୀୟ ଲେଖ—2. A deed in which business transactions are entered

ଦସ୍ତାବିଜ୍ ଜମାନତ୍ — ବୈଦେ. ବ. (କଚେରୀଆ) (ଫା) — ଜାମିନ୍ ଦଲିଲ୍; ଜାମିନୀ ଚୁକ୍ତିପତ୍ର; ଜାମିନ୍‌ନାମା— A bail bond; a security bond.
Dastābij jamānat
दस्ताविजजमानत्
दस्तावेजी जमानत

ଦସ୍ତି — ବୈଦେ. ବ. (ଫା.ଦସ୍ତ୍ = ହାତ; ଦସ୍ତୀ = ହାତମୁଠା ପରିମାଣ) —
Dasti ୧ । ହାତମୁଠା ପରିମାଣ; ପ୍ରାୟ ୫ ଇଞ୍ଚ ବା ୬ ଅଙ୍ଗୁଳ
दस्ती ପରିମାଣ— 1 A measure of the clutched fist; (according to which land-measuring rods are cut.

[ଦ୍ର—ଭୂମି ମାପ କରିବା ନିମନ୍ତେ ନାନାବିଧ ପଦିକା ଚଳେ; ଯଥା—୧୨, ୧୪, ୧୮, ୨୦ ଓ ୨୪ ଦସ୍ତି ପଦିକା । ୨୪ ଦସ୍ତି ପଦିକାର ପରିମାଣ = ୧୦ ଫୁଟ ୫ ଇଞ୍ଚ ୧ ଯବ ବା ପ୍ରାୟ ଛଅ ହାତ ।]

୨ । ମଶାଲ ଧରିବାର ମୁଠା—
2. The handle of a torch.

୩ । ମଶାଲ—3. Torch.

୪ । ହତିଆରର ଅବର ଛୋଟ ବେଣ୍ଟ—
4. Small handle of an implement.

ଦସ୍ତିଦାନ—ଦେ. ବ. (ସଦୃଶର ଶବ୍ଦ) (ଫା. ଦସ୍ତୀ+ଫା. ଦାନ୍; ସ. ଆଧାନ)—ମଶାଲର ବେଣ୍ଟ ବା ମୁଠା ଓ ମଶାଲରେ ତେଲ ଢାଳିବା ପାଇଁ ବ୍ୟବହୃତ ତେଲ କୁମ୍ପା—
Dastidāni
দস্তীদানী
दस्तीदानी
The handle of a torch and the oil-bottle for pouring oil on the burning torch.

ଦସ୍ତିଦାର—ବୈଦେ. ବ. (ଫା)—ମଶାଲଚି—
Dastidār
Torch-bearer.
দস্তিদার
दस्तिदार
ଦେ. ବ—ବଙ୍ଗଦେଶର ଶୂଦ୍ର ଓ ଭଣ୍ଡାରୀଙ୍କ ବଂଶୋପାଧି—
A family-title of Śūdras and barbers in Bengal.

ଦସ୍ତୁ—ଦେ. ବ—ଛୋଟ ପିନ୍ଧା ଲୁଗା ଓ ବଚ୍‌କାନୀ ଲୁଗା ଦେବପ୍ରତିମା ଓ ଶିଶୁମାନଙ୍କ ପିନ୍ଧା ଲୁଗା—
Dastu
বচকানী
बचकानी
Small cloth for wearing by children and idols

ଦସ୍ତୁର—ବୈଦେ. ବ. (କଚେରୀଆ) (ଫା)—
Dastur
(ବେଦସ୍ତୁର୍—ବିପରୀତ)
দস্তুর
दस्तुर
୧ । ନିୟମ; ବିଧି—1. Rule; regulation.
୨ । ସାଧାରଣଙ୍କ ଆଚରିତ ବ୍ୟବହାର—
2. Common practice.
୩ । ଲୌକିକାଚାର; ପ୍ରଥା; ରୀତି; ଚାଲି—
3. Custom; usage; practice.
୪ । କାଇଦା—4. Discipline;
୫ । ଆଦବ୍ କାଇଦା; ଭଦ୍ର ସମାଜର ବ୍ୟବହାର—
5. Etiquette fashion.

ଦସ୍ତୁର ଅମଲ—ବୈଦେ. ବ. (କଚେରୀଆ) (ଆ)—ନିର୍ଦ୍ଦିଷ୍ଟ ନିୟମ—
Dastur amala
Set rules.
দস্তুরআমল
दस्तूर अमल

ଦସ୍ତୁର ମତେ—ଦେ. କ୍ରି ବିଣ. (କଚେରୀଆ)—
Dastur mate
ଦସ୍ତୁର ମାଫିକେ; ଦସ୍ତୁର ମାଫିକ; ଦସ୍ତୁର ମୁତାବକ } ଅନ୍ୟରୂପ
দস্তুরমত
दस्तुर मुआफिक
୧ । ନିୟମାନୁସାରେ—1. In conformity to rules.
୨ । ପ୍ରଥା ଅନୁସାରେ—
2. According to custom.

ଦସ୍ତୁରି—ବୈଦେ. ବ. (କଚେରୀଆ) (ଫା)—
Dasturi
দস্তুরী
दस्तुरी
୧ । କ୍ରୟ ବିକ୍ରୟ କାଳରେ ମଧ୍ୟସ୍ଥ ବ୍ୟକ୍ତି କ୍ରେତା ଓ ବିକ୍ରେତାଠାରୁ ଯେଉଁ ଅର୍ଥ ପାଏ; କମିସନ୍; ପାଉସେସି; ଦଲାଲି—
1. Percentage or commission paid to a broker.
୨ । ନିଜ ପ୍ରଭୁଙ୍କ ପାଇଁ ଦୋକାନୀଠାରୁ ସଉଦା କିଣିବା ଭୃତ୍ୟ ଦୋକାନୀଠାରୁ ଟଙ୍କାକେ ଯେଉଁ ନିର୍ଦ୍ଦିଷ୍ଟ ଧନ (ଯଥା—ପଇସାଏ ବା ଦୁଇ ପଇସା) ପାଏ—
2 A commissioner at a fixed rate paid to a servant by a trader who sells commodities to the master through the servant.

ପ୍ରାଦେ. (ଗଞ୍ଜାମ) ବ—ସ୍ୱାକ୍ଷର (ଦସ୍ତଖତ)—Signature.

ଦସ୍ମ—ସଂ. ବ. (ଦସ୍ ଧାତୁ=ଉତ୍‌କ୍ଷେପ କରିବା+କର୍ତ୍ତୃ. ମ)—
Dasma
୧ । ଦସ୍ୟୁ; ଚୋର—1. Thief.
୨ । ଅଗ୍ନି—2. Fire.
୩ । ପ୍ରତାରକ; ଶଠ—3. A cheat.
୪ । ଖଳ ବ୍ୟକ୍ତି—4. A wicked person.
୫ । ଯଜମାନ—5. The principal in a vedic sacrifice.

ଦସ୍ୟୁ—ସଂ. ବ. (ଦସ୍ ଧାତୁ=ଉତ୍‌କ୍ଷେପଣ କରିବା; କ୍ଷୟ କରିବା+କର୍ତ୍ତୃ. ଯୁ)—୧ । ଚୋର—1. Thief.
Dasyu
୨ । ଡାକୁ; ଲୁଣ୍ଠକ; ଡକାଇତ; ଯେ ଜବରଦସ୍ତି ଦ୍ରବ୍ୟାଦି ଛଡ଼ାଇ ନିଏ—2. Robber; plunderer; extortioner.
୩ । ଉତ୍ପୀଡ଼ନକାରୀ ବ୍ୟକ୍ତି—3. Oppressor.
୪ । ଅନ୍ତ୍ୟଜ ଜାତିବିଶେଷ—4. Name of a low caste of untouchables.
୫ । ଚକ୍ର—5. Wheel; discus.
୬ । ଶତ୍ରୁ—6. Enemy.

[ଦ୍ର—ଦସ୍ୟୁମାନଙ୍କ ବର୍ଣ୍ଣନା ବେଦରେ ଅନେକ ସ୍ଥାନରେ ମିଳେ । ଏମାନେ ଆର୍ଯ୍ୟମାନଙ୍କ ଭାରତ ଆଗମନ ପୂର୍ବରୁ ଭାରତରେ ଥିଲେ । ଏମାନେ ଆର୍ଯ୍ୟମାନଙ୍କୁ ନାନାପ୍ରକାରରେ କଷ୍ଟ ଦେଉଥିଲେ; ସେମାନଙ୍କ ଯଜ୍ଞ ଭଙ୍ଗ କରୁଥିଲେ, ସେମାନଙ୍କ ଗୋମେଷାଦି ଚୋରି କରି ନେଉଥିଲେ । ନମୁଚି, ଶମ୍ବର ଓ ବୃତ୍ର ଆଦି ଦସ୍ୟୁପତିଙ୍କୁ ଇନ୍ଦ୍ର ବଧ କରିଥିବାର ବେଦରେ ଲେଖାଅଛି । ବେଦରେ ଦସ୍ୟୁମାନଙ୍କ ପ୍ରତି ଦାସ ଓ ଅସୁର ଶବ୍ଦ ପ୍ରୟୋଗ କରା ଯାଇଅଛି । ମନୁସଂହିତାରେ ଅଛି ଯେ ଯେଉଁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ମାନବ ଲୁପ୍ତ କ୍ରିୟା ଓ ଜାତିଚ୍ୟୁତ ହେଉଥିଲେ ସେମାନେ ମ୍ଳେଚ୍ଛଭାଷୀ ହୁଅନ୍ତୁ ବା ଆର୍ଯ୍ୟଭାଷୀ ହୁଅନ୍ତୁ ସେମାନଙ୍କୁ ଦସ୍ୟୁ ବୋଲି ଯାଉଥିଲା । ମହାଭାରତରେ ଅଛି ଯେ ଅର୍ଜୁନ କେତେକ ଦସ୍ୟୁଙ୍କୁ ପରାସ୍ତ କରିଥିଲେ । ଦସ୍ୟୁମାନଙ୍କ ମଧ୍ୟରେ ବାସ କରିବା ପାଇଁ ବ୍ରାହ୍ମଣମାନଙ୍କୁ ନିଷେଧ ଥିଲା । ଦ୍ର. ଶବ୍ଦସାଗର ।]

ଦେ. ବ—ସୈନ୍ୟ—Soldier,
ଦଃଶାସନ ସାତ୍ୟକ ପରାକ୍ରମ ଦେଖି
କହିଲେ ସେ ଦସ୍ୟୁମାନଙ୍କୁ ଶର ଯୋଖି । କୃଷ୍ଣସିଂହ ମହାଭାରତ. ଦ୍ରୋ ।

ଦସ୍ୟୁତା—ସଂ. ବ (ଦସ୍ୟୁ+କର୍ମାର୍ଥେ. ତା)—ଲୁଣ୍ଠନ ବୃତ୍ତି—
Dasyutā (ଦସ୍ୟୁତ୍ୱ—ଅନ୍ୟରୂପ) Robbery,

ଦସ୍ୟୁପତି—ସଂ. ବ. (୬ଷ୍ଠୀ ତତ୍; ଦସ୍ୟୁ+ପତି)—
Dasyu pati
ଡକାଇତଙ୍କ ସର୍ଦ୍ଦାର—
Ringleader of a gang of robbers.

ଦସ୍ୟୁବୃତ୍ତି—ସଂ. ବି. (ଦସ୍ୟୁ+ବୃତ୍ତି; ୬ଷ୍ଠୀ ତତ୍)—
Dasyu brutti ଦସ୍ୟୁର କର୍ମ ବା ବ୍ୟବସାୟ; ଲୁଣ୍ଠନ ବୃତ୍ତି—
Robbery.

ଦସ୍ୟୁ ଭୟ—ସଂ. ବି. (ଦସ୍ୟୁଠାରୁ ଭୟ; ୫ମୀ ତତ୍)—
Dasyu bhaya ଡକାଇତ ଆକ୍ରମଣ କରିବା ଡର ବା ଆଶଙ୍କା—
Apprehension or fear of robbers.

ଦସ୍ର— ସଂ. ବି—୧ । ଶିଶିର (ଦ୍ର. ଶବ୍ଦସାଗର)—
Dasra 1. Dew.
୨ । ଗଧ (ଦ୍ର. ଶବ୍ଦସାଗର)—2. Ass.
୩ । ଯୋଡ଼ା; ଯୁଗ୍ମ (ଦ୍ର. ଶବ୍ଦସାଗର)—3 Pair.
୪ । ଅଶ୍ୱିନୀକୁମାର ଦ୍ୱୟ (ଦ୍ର. ଶବ୍ଦସାଗର)—
4. The twin sons of Aświni.

ଦହ୍ (ଧାତୁ)—ସଂ.—ପୋଡ଼ିବା—
Dah (root) To burn; to set fire.

ଦହ—ଦେ. ବି (ସଂ. ଦର=ଗର୍ତ୍ତ; ଅଥବା ସଂ 'ହ୍ରଦର' ଓଲଟା; ସଂ. ହ୍ରଦରୁ
Daha ହ୍ରଦ ଓ ଦହ ବର୍ଣ୍ଣବିପର୍ଯ୍ୟୟରେ ଦହ ହୋଇଥିବାର
दह ଅନୁମିତ ହୁଏ)—୧ । ବିସ୍ତୀର୍ଣ୍ଣ ଜଳାଶୟ; ହ୍ରଦ—
दहँ 1. A wide expanse of water; lake.
ପକ୍ଷଥା ଦହରୁ ପକ୍ଷୀ ଦଳେ ଦଳେ
ଉଡ଼ି ଆସୁଛନ୍ତି କଲେ କୋଳାହଳେ । ରାଧାନାଥ. ନନ୍ଦିକେଶ୍ୱରୀ ।
୨ । ଅଳ୍ପ ପାଣି ଓ ବହୁତ ପଙ୍କ ଏବଂ ଜଙ୍ଗଲରେ ପୂର୍ଣ୍ଣ ଜଳାଶୟ;
ପଙ୍କିଳ ଜଳାଶୟ—2. A marse; a bog; a
swamp; a fen.
୩ । ଦହା (ଦେଖ)—3. Dahā (See)
୪ । ଦହିଲା (ଦେଖ)—4. Dahilā (See)
ବିଣ. (ସଂ. ଦଗ୍ଧ)—୧ । ପୋଡ଼ା ହୋଇଥିବା; ଦଗ୍ଧ—
1. Burnt.
୨ । ଦହନକାରୀ—2. Burning; scorching.
ଜୀବନ ଦହ । ନୟନର ସମ ନନ୍ଦନ ଦହ । ଉପେନ୍ଦ୍ର ଭଞ୍ଜ. ପ୍ରେମସୁଧାନିଧି ।
ପ୍ରାଦେ. (ଆଠମଲ୍ଲିକ) ବି—୧ । ଗଭୀର ପାଣି—
1. Deep water.
୨ । ନଦ୍ୟାଦିର ଗଭୀର ଜଳପୂର୍ଣ୍ଣ ଅଂଶ; ଗଭୀର—
2 The part of a river or lake where
water is very deep.
ବିଣ—ଦହଲା ହୋଇ ଯାଇଥିବା (ସ୍ଥାନ)—Muddy place;
(a place) which has become miry
[ଦ୍ର—ବଙ୍ଗଳା ଓ ହିନ୍ଦୀରେ 'ଦହ'ର ଅର୍ଥ, ନଦୀ ଆଦିର
ଗଭୀରତମ ଅଂଶ । ଓଡ଼ିଆରେ ଏହି ଅର୍ଥରେ 'ହ୍ରଦ' ଶବ୍ଦ ଓ ଗଭୀର
ବ୍ୟବହୃତ ହୁଏ ।]

ଦହକ—ଦେ. ବି (ସଂ. ଦହ୍ ଧାତୁ ଅଥବା ଧୁକ୍ଷ ଧାତୁ=ସନ୍ଦୀପନ, ବା
Dahaka ସଂ. ଧଗଧଗ)—୧ । ତାପ; ଉତ୍ତାପ; ଜ୍ୱାଳା—
धक धक 1. Heat; blaze.
दहक ୨ । ରଡ଼; ଅଗ୍ନିର ଦାଉଦାଉ ହେବା ଅବସ୍ଥା—
2. Glowing condition of fire, (e. g. in
live charcoal).
ବିଣ—୧ । ଜଳନ୍ତା; ରଡ଼—1. Blazing; glowing.
धकधके (ଯଥା—ଦହକ ନିଆଁ; ଦହକ ଚୁଲି; ଦହକ ଅଙ୍ଗାର ।)
दहकति [ଦ୍ର—ଶିଖାଯୁକ୍ତ ହୋଇ ଜଳୁଥିବା ନିଆଁକୁ 'ଦହକ'
ବୋଲାଯାଏ ନାହିଁ । କାଠଆଦି ଜଳିଯିବା ପରେ ଅଙ୍ଗାର ଦହକୁ
ଥିବା ବା ଦାଉଦାଉ କରିବା ଅବସ୍ଥାକୁ ଦହକ ବୋଲାଯାଏ ।]

ଦହକ ଚୁଲି—ଦେ. ବି—ଯେଉଁ ଚୁଲିରେ ଜାଳ ଜଳିବା ପରେ ଅଙ୍ଗାର
Dahaka chuli ବା ନିଆଁ ଦହକୁ ଥାଏ—Oven with
धकधकेउँचुन glowing charcoal.
दहकताहुआचूल्हा

ଦହକିବା—ଦେ. କ୍ରି (ସଂ. ଦହ ଧାତୁ; ସଂ. ଧୁକ୍ଷ ଧାତୁ)—୧ । ଜଳିବା;
Dahakibā ଦାଉ ଦାଉ ହୋଇ ଦୀପ୍ତି କରିବା—1. To blaze;
धक धककरा to glow.
दहकना (ଯଥା—ଚୁଲିରେ ଅଙ୍ଗାରଗୁଡ଼ାକ ଖୁବ୍ ଦହକୁଛି ।)
[ଦହକା (କେ)ଇବା—ଣିଜନ୍ତ] ୨ । (ଲକ୍ଷଣାର୍ଥ) କ୍ରୋଧରେ ଜ୍ୱଳନ୍ତ
ହେବା—2. (figurative) To burn with
rage.

ଦହଗଞ୍ଜ—ଦେ. ବି (ସଂ. ଦହ ଧାତୁ ଓ ଗଞ୍ଜ ଧାତୁ)—ବ୍ୟତିବ୍ୟସ୍ତ ହେବା;
Dahagañja ପୀଡ଼ା—Worry; state of being troubled;
ব্যস্ত হায়রানী botheration.
ह रान, परेशान ବ୍ୟତିବ୍ୟସ୍ତ; ପ୍ରପୀଡ଼ିତ— Worried; oppress-
হায়রান हैरान ed; pestered.

ଦହଗଞ୍ଜ ହେବା—ଦେ. କ୍ରି—ବ୍ୟତିବ୍ୟସ୍ତ ହେବା—
Dahagañja hebā To be worried.
(ଦହଗଞ୍ଜି ହେବା—ଅନ୍ୟରୂପ)
ব্যস্তহওয়া, हैरानहोना

ଦହଗଞ୍ଜିଆ—ଦେ. ବିଣ—ଯାହା ଦ୍ୱାରା ବ୍ୟସ୍ତ ହେବାକୁ ହୁଏ; ପୀଡ଼ା-
Dahagañjiā ଜନକ; କଷ୍ଟଦାୟକ—Worrying;
দুঃখের; কষ্টের troublesome.
हैरानीका

ଦହଡ଼—ଦେ. ବିଣ (ସଂ. ଦଗ୍ଧ; ତୁଳ. ପାଲି—ଡହଡ଼)—
Daharda ୧ । ତହତ୍ତ; ତହତହ; ତାତିଲା; ଗରମ—
তপ্ত 1, Hot; burning.
गरमागरम, तता ୨ । ଯହିଁରୁ ବାମ୍ଫ ବାହାରୁଥାଏ—
2. Steaming.
ବାଷ୍ପଣ ଭଳା ଚଷା ପରଜା, ଦହଡ଼ ଅମ୍ବଳ ଶୀତଳ ଭଳା;
କହେ ତଳାଇ ଏ କାହିଁକି ମଜା ? ଇତ ।
୩ । ଦାହଯୁକ୍ତ—3. Burning; feverish.

ଦହଣ—ପ୍ରାଦେ. (ମେଦିନୀପୁର) ବି—ଗହୀର ମଝିରେ ଥିବା ଶୁଷ୍କ ଜମି—
Dahaṇa Cultivated fields in the midst of a
wide expanse of paddy fields.

ଦହତି—ଦେ. ବି (ସଂ. ଦହ୍ ଧାତୁ+ତି; ସଂ. ଦାହ—ହେତି) ଅଗ୍ନି—
Dahati Fire.
ଉଦର ଖୁଧା ଜୋର ହୋଇବୁ ବୃତତ;
ଶୁଣି କରପଲ୍ଲବକୁ ଚର୍ବିଲେ ଦହତି । ପୀତାମ୍ବର. ବୃହତ୍ ବ୍ରହ୍ମପୁରାଣ

ଦହଦହରୁ—ଦେ. ଅ. (ଶିଶୁରଞ୍ଜନ)—୧ । ପିଲାମାନେ କୁକୁରକୁ
Dahadahatu ଡାକିବାର ଶବ୍ଦ—1. An exclamation uttered by children to call dogs.
୨ । ଶିଶୁରଞ୍ଜନାର୍ଥ ମାଆମାନେ ବୋଲିବା ପଦ— 2. A refrain of an infant song
ଦହଦହରୁ, କଳଶ ମାଥର ଘୁଅ ବହୁରୁ—ଶିଶୁଗୀତ ।

ଦହଦଇ(ହି)ଆ—ଦେ. ବ—ଦହିଦହିକା (ଦେଖ)—
Dahadai(hi)ā Dahidahikā (See)

ଦହନ—ସଂ. ବ (ଦହ୍ ଧାତୁ+କର୍ତ୍ତୃ. ଅନ)—
Dahana ୧ । ଅଗ୍ନି; ନିଆଁ—1. Fire.
ଜତୁଗୃହେ ପାଣ୍ଡବେ ଲଗାଇଲେ ଦହନ । କୃଷ୍ଣସିଂହ. ମହାଭାରତ. ଆଦି ।
୨ । (+ଭାବ.ଅନ) ଦାହ—2. Inflammation.
୩ । ପୋଡ଼ିଯିବା—3. Burning.
୪ । (+କର୍ତ୍ତୃ.ଅନ) ଦୁଷ୍ଟଲୋକ—4. Wicked person.
୫ । ଧଳା ଚିତା ଗଛ—5. Lead wrot plumbago Zeylanica.
ବିଣ—୧ । ଦାହକ—1. Burning.
ଦେ ବିଣ.—ଦଗ୍ଧ—2. Burnt.
ପୁତ୍ରଶୋକ ଅବ ହୋଇଲେ ଦହନ । କୃଷ୍ଣସିଂହ. ମହାଭାରତ. ଆଦି ।
ଦେ. ବ—ନାଶ—Destruction.
ଶୁଣିଲେ ମୋ ଚିତ୍ତରୁ ସେ ସଂଶୟ ଦହନ । ପ୍ରାଚୀ. ଶିବ. ସ୍ବରୋଦୟ ।

ଦହନୀୟ—ସଂ. ବିଣ (ଦହ୍ ଧାତୁ+କର୍ମ ଅନୀୟ)—ଦାହ୍ୟ; ଯାହା
Dahaniya ପୋଡ଼ିଯାଏ—Combustible; inflammable.

ଦହନୋପଲ—ସଂ. ବ (ଦହନ+ଉପଲ)—୧ । ସୂର୍ଯ୍ୟକାନ୍ତ ମଣି;
Dahanopala ଆତଶୀ କାଚ—1. A jem or lens through which the sun's rays are focussed and set fire to some inflammable substance put under it.
୨ । ଚକମକି ପଥର; ଝିକମକି—2. Tinderstone; flint stone.

ଦହପାଣି—ଦେ. ବ—ଲୁଣ ସିଝାଇବାବେଳେ ସିଝାଇବା ପାଇଁ ହାଣ୍ଡିକୁ
Dahapāni ଅଜାଡ଼ା ଯିବା ଲୁଣମିଶ୍ରିତ ଘନ ଜଳ—Water impregnated with salt which is powred into a pan for being evaporated (in the process of manufacturing salt).
ସେହି ଲବଣାକ୍ତ ଜଳର ନାମ ଦହପାଣି ।
ଫକୀରମୋହନ—ଗଳ୍ପସ୍ବଳ୍ପ ।

ଦହର—ସଂ.ବ (ଦହ୍ ଧାତୁ=କ୍ଷୟ କରିବା+କର୍ତ୍ତୃ. ଅର)—୧ । ଛୋଟେଇ
Dahara ମୂଷା—1. A small mouse.
୨ । ଶିଶୁ—2. Infant.
୩ । ସାନ ଭାଇ—3. Younger brother.
୪ । ଚୁଚୁନ୍ଦ୍ରା (ହି. ଶବ୍ଦସାଗର)—4. Mole; shrew,
୫ । ନରକ (ହି. ଶବ୍ଦସାଗର)—Hell.
୬ । ବରୁଣ (ହି. ଶବ୍ଦସାଗର)—6. The Hindu god of the ocean.
ବିଣ—୧ । ସ୍ବଳ୍ପ; ଛୋଟ—Little; small.
୨ । ଦୁର୍ବୋଧ—2. Difficult to understand.
୩ । ସୂକ୍ଷ୍ମ (ହି. ଶବ୍ଦସାଗର)—3. Minute.

ଦହରାକାଶ—ସଂ. ବ—ଚିଦାକାଶ; ଈଶ୍ବର—God.
Daharākāsa

ଦହଲ—ଦେ. ବ (ସଂ. ଦଳାଢ୍ୟ)—୧ । କାଦୁଅ—
Dahala 1. Mud; sludge.
कादा; दलदल ୨ । ପଙ୍କ—2. Slime; mire.
दलदल; चहला ୩ । ଦଳଦଳ ବା ପଙ୍କୁଆ ଅବସ୍ଥା—3 Muddy or miry condition.
୪ । ଅଳ୍ପ ପାଣି ବେଶି ପଙ୍କ ଓ ଜଳମୟ ପୋଖରୀ— 4. A muddy tank; moor; fen; a bog.
ବିଣ—ଦହଲା (ଦେଖ)—Dahalā (See).

ଦହଲ ଉଠିବା—ଦେ. କ୍ରି—ଭୂମି କର୍ଦ୍ଦମମୟ ହେବା; ଦଲଦଲେଇବା—
Dahala uthibā To be full of mud.
कादाहओया; चहलाउठना

ଦହଲା—ଦେ. ବିଣ—୧ । କାଦୁଅ; ପଙ୍କିଲ—1. Muddy; slimy.
Dahalā ୨ । ପଙ୍କ ଓ ଜଳମୟ; ଯହିଁରେ ଲୋକ ପଶିଗଲେ ସହଜେ
ଦହଲି; }
ଦହଲିଆ; } ଅନ୍ୟରୂପ ଉଠି ପାରେ ନାହିଁ—
दहला; दलदले; गंदला; दलदला 2. Moory; boggy; moisty.
(ଦହଲୀ-ସ୍ତ୍ରୀ)
ଦେ. ବିଣ. ପୁଂ (ସଂ. ସ୍ଥୂଳକାୟ)—ମୋଟା; ସ୍ଥୂଳକାୟ—Fat (male).
ଦେ. ବି—ଦହିଲା (ଦେଖ)—Dahilā (See).

ଦହସତ୍—ବୈଦେ. ବି (ଫା. ଦହଶତ୍=ଭୟ)—୧ । ଭୟ; ଭୀତ—
Dahasat 1. Fear; fright.
कष्ट; दहशत ୨ । କଠୋର ଦାୟିତ୍ବ; ବନ୍ଧ—2. Grave responsibility.
୩ । ଦହଗଞ୍ଜ;ବାଧା;ପୀଡ଼ା—3. Worry; botheration.
୪ । ଦୁଃଖ; କଷ୍ଟ—4. Trouble.
୫ । ବିପଦ—5 Calamity.
ବିଣ—୧ । ଭୀତିଜନକ—1 Frightening; causing fear.
୨ । ପୀଡ଼ିତ; ବାଧାପ୍ରାପ୍ତ; ବ୍ୟତିବ୍ୟସ୍ତ—2. Worried

ଦହସତ୍ ଗିରିବା—ଦେ. ବ—ଆପଦ ଗିରିବା; ବିପଦ ପଡ଼ିବା—
Dahasat giribā The befalling of a calamity.
आपद आसा; दहसतगीरना (ଯଥା—ମୋ ଉପରେ ବର୍ତ୍ତମାନ
(ଦହସତ୍ ପଡ଼ିଥିବା—ଅନ୍ୟରୂପ) ଘୋଟାଏ ଭାରି ଦହସତ୍ ଗିରିଛି ।)

ଦହସତ୍ ଦେବା—ଦେ. କ୍ରି—୧ । ବାଧା ଦେବା; ପୀଡ଼ା ଦେବା—
Dahasat debā 1. To worry; to pester.
कष्ट देओया; दहशत देना ୨ । ଭୟ ଜନ୍ମାଇବା—2. To cause fright.
୩ । ବନ୍ଧରେ ପକାଇବା; ବିପନ୍ନ କରିବା— 3. To cause a person to be involved in troubles, to afflict a person.

ଦହସତ ପାଇବା—ଦେ. କ୍ରି—୧ । ଦହଗଞ୍ଜ ହେବା—
Daha ata pāibā 1. To be worried or pestered.
(ଦହସି ହେବା—ଅନ୍ୟରୂପ) ୨। ବିପନ୍ନ ହେବା; ବ୍ୟତିବ୍ୟସ୍ତ ହେବା—
କଷ୍ଟ ପାଓଆ 2. To be troubled.
दहसत पाना

ଦହସତ ଲାଗିବା—ଦେ. କ୍ରି—୧ । ଡରମାଡ଼ିବା—
Dahasata lāgibā 1. Apprehending; fearing.
কষ্টবোধ হওআ ୨ । ହଇରାଣ ହେବା—
दहसतलगना 2. Being troubled.

ଦହା—ବୈଦେ. ବି—(ଫା. ଦହ=ଦଶ ସଂଖ୍ୟା)—୧ । ଦହଲା (ଦେଖ)
Dahā Dahalā (See).
दहा ୨ । ମୁସଲମାନଙ୍କ ମହରମ ମାସର ୧ ତାରିଖଠାରୁ ୧୦ ତାରିଖ
दहा (ଏ ସମୟରେ ମୁସଲମାନଙ୍କ ମହରମ ପର୍ବ ହୁଏ)—
2. The period of the 1st ten days of the Mahomedan month of Mohoram.

ଦହି—ଦେ. ବି (ସଂ. ଦଧି)—୧ । ବାସୀ ଦୁଧ, ଦୁଗ୍ଧବିକାର—
Dahi 1. Curd.
दहि; दई [ଦ୍ର—ଏହା ଦୁଇ ପ୍ରକାର ଯଥା—ବସା ଦହି ଓ ଘୋଳ
दही; दध ଦହି ।]

[ଦ୍ର—ପ୍ରଥମେ ଅଗ୍ନିରେ ଦୁଧ ଗରମ କରିବା ପରେ ତହିଁରେ ମହି ପକାଇ କିଛି ସମୟ ରଖିଦେଲେ ଯେଉଁ ଗାଢ଼ ଥଲଥଲିଆ ପଦାର୍ଥ ହୁଏ ତାକୁ 'ବସା ଦହି' ବୋଲାଯାଏ ଓ ବସା ଦହିରେ ପାଣି ମିଶାଇ ତାକୁ ମୁହାଣି ମନ୍ଥନରୁ ଲହୁଣୀ ବାହାର କଲା ପରେ ଯେଉଁ ଜଳୀୟ ପଦାର୍ଥ ହୁଏ ତାକୁ ଘୋଳ ବା ଘୋଳ ଦହି ବା ତକ୍ରା ବୋଲାଯାଏ ।

ସାଧାରଣତଃ ଦହି ଖାଦ୍ୟର ଗୋଟିଏ ଉପକରଣ । ଟାଟକା ବା ସଜ ଦହି ଖାଇବାକୁ ସୁସ୍ୱାଦୁ, ମାତ୍ର ବାସି ଦହି ବା ଟଙ୍କ ଦହି ଦୁଷ୍ପାଚ୍ୟ ଓ ତାହା ଅତି ଅମ୍ଳ ହୋଇ ଯାଇଥିବା ଯୋଗୁଁ ଖାଇଲେ ଦାନ୍ତ ଟଙ୍କ ମାରିଯାଏ । ବୈଦ୍ୟଶାସ୍ତ୍ର ଅନୁସାରେ ଦହି ଅଗ୍ନିଦୀପକ, ଧାରକ, ରକ୍ତପିତ୍ତକାରକ, ବଳକାରକ, ଶୁକ୍ର ଓ କଫ ବର୍ଦ୍ଧକ ତଥା ମୂତ୍ରକୃଚ୍ଛ୍ର, ଅରୁଚି, ଅତିସାର ଓ ବିଷମ ଜ୍ୱର ନିବାରକ; ଇଉରୋପର ଡାକ୍ତରମାନେ ଦହିକୁ ଆୟୁବର୍ଦ୍ଧକ ଥିବାର ଘୋଷଣା କରିଅଛନ୍ତି । ଶୁଭକାର୍ଯ୍ୟ ଆରମ୍ଭରୁ ଅନୁକୂଳ କରିବା ସମୟରେ ଦହି ଦେଖି କର ଅନୁକୂଳ କଲେ ଉକ୍ତ କାର୍ଯ୍ୟ ସଫଳ ହୁଏ ବୋଲି ଲୌକିକବିଶ୍ୱାସ ଅଛି । ଦହିରେ ଅନେକ ଜିନିଷ ପଦାର୍ଥମାନ କିଛି-କାଳ ପକାଇ ରଖି ଔଷଧ ପ୍ରସ୍ତୁତ କରାଯାଏ; ଯଥା—ବଲୁଆ ଦହି, ନେଉଳ ଦହି ।]

୨ । ଦହି ପରି ଥଲଥଲିଆ ପଦାର୍ଥ—2. Soft curd-like matter; a thing like curd or jelly.
୩ । ମସ୍ତିଷ୍କ ମଧ୍ୟରେ ଥିବା ଦଧିବତ୍ ଥଲଥଲିଆ ବସ୍ତୁ—
3. The soft substance inside the brain.
ଏ କାହାରେ ବସାଦହିମ ମଣ୍ଡ ଫାଟ
ବହଲେ ପୁରୁଷ ଜଣ ସେ ଯୁଦ୍ଧ ଯୁଦ୍ଧେ—ବ୍ରଜନାଥ ମହାଭାରତ ଦ୍ରୋଣ ।
ପ୍ରାଦେ—୧ । (ସମ୍ବଲପୁର) ବି—ବସା ଦହି—1. Curd.

୨ । (ପୁଷ୍ପ ଲୁଣ ମରାଯିବା ଅଞ୍ଚଳ) ବି—ପ୍ରଥମରେ କିଆରିରେ ସମୁଦ୍ର ପାଣିକୁ ପୂରାଇ କେତେକ ସମୟ ତାହା ସେଠାରେ ସ୍ଥିର ହୋଇ ରହିବା ପରେ ଉପର ପାଣିକୁ କିଆରିରୁ ବାହାର କରିଦେଲାରୁ ଯେଉଁ ବହଳିଆ ପାଣି ରହିଯାଏ ଏବଂ ସେ ଯେଉଁ ବହଳିଆ ପାଣିକୁ ଛାଞ୍ଚରେ ବସାଇ ଫୁଟା ଲୁଣ ମରାଯାଏ—The thick lower layer of sea-water which is left in the shallowpan and boilded for manufacturing salt.

ଦହିଆଳ—ଦେ. ବି—ଦଇଆଳ (ଦେଖ)
Dahiāla Daiālal (See).

ଦହିକଡ଼ି—ଦେ. ବି—ଦହିରେ ଲୁଣ ମସଲା ଆଦି ଦେଇ ସିଝା କରି
Dahikardi ପ୍ରସ୍ତୁତ କରିବା ଏକପ୍ରକାର ବ୍ୟଞ୍ଜନ—
ଦହିକଡ଼ମା } ଅନ୍ୟରୂପ A curry made of curd or whey
ଦହିକଢ଼ି } being boiled after proper
दईर अम्बल seasoning.
ପ୍ରାଦେ (ଯାଜପୁର) ବି—ମାର୍ଗଶିର ମାସ ଗୁରୁବାର ଦିନ ଲକ୍ଷ୍ମୀଙ୍କୁ ପୂଜା କରାଯିବା ଦହି ସଙ୍ଗେ ସିଝା ଅରୁଆ ଭାତ—The food preparation, made of sunrice boiled with curd or whey for offering to Goddess Lakshmi on the Thursday in the month of Mārgasira.

ଦହିକନ୍ଦା—ଦେ. ବି—ଏକପ୍ରକାର ଧାନ—
Dahikandā A kind of paddy.

ଦହିଖୁଆ—ଦେ. ବି (ସଂ ଦଧି+କ୍ଷୁଦ୍ର ଧାତୁ=ଘାଣ୍ଟିବା)—ଯେଉଁ
Dahikhuā ପିଣ୍ଡାଗ୍ର ଯଷ୍ଟିରେ ଦହିକୁ ମୋହି ଲହୁଣୀ ବାହାର
ମନ୍ଥି କରାଯାଏ; ମନ୍ଥନଦଣ୍ଡ—A churning stick; a
मथानी churner with which curd is churned.

ଦହିଗୁଡ଼ୁଭାତ—ଦେ. ବି (ସଂ. ଅଭ୍ୟୁଦାନ; ଦଧି+ଗୁଡ଼+ଭକ୍ତ)—
Dahigurdubhāta ବିବାହର ପୂର୍ବ ଦିନ କୁମାର ବର ଓ
(ଦହିଗୁଡ଼ଭାତ; ଦହିବୁଡ଼ୁଭାତ—ଅନ୍ୟରୂପ) କୁମାରୀ କନ୍ୟା
আইবুড়োভাত (ଅବିବାହିତ ଅବସ୍ଥାରେ) ଦହି ଭାତ ଖାଇବାରୂପ ସ୍ତ୍ରୀଆଚାର; ଅଭ୍ୟୁଦାନ—A meal (of rice mixed with curd) taken by a bride and a bridegroom respectively the last time on the previous day of marriage.

ଦହିଚୁଡ଼ା—ଦେ. ବି (ସଂ ଦଧି ଓ ଚିପିଟକ; ସହଚର ଶବ୍ଦ)—୧ । ଚୁଡ଼ା
Dahichurdā ଦହି; ଚୁଡ଼ା ସଙ୍ଗେ ଦହି ଗୋଳାଇ ପ୍ରସ୍ତୁତ
চিড়েদই କରାଯିବା ଖାଦ୍ୟ—1. Food prepared by
दही चिड़वा mixing parched rice with curds.
୨ । ଶୁଦ୍ଧି, ଶ୍ରାଦ୍ଧ, ପ୍ରାୟଶ୍ଚିତ୍ତ ଓ ଉତ୍ସବାଦି ଉପଲକ୍ଷେ କରାଯିବା ବ୍ରାହ୍ମଣଭୋଜନ—2. Feeding of Brahmins on religious or funeral occasions.
[ଦ୍ର—ଆମ ଦେଶରେ ଅଧିକାଂଶ ବ୍ରାହ୍ମଣଙ୍କ ପ୍ରତି ଲୋକଙ୍କ ଭକ୍ତି ଦହିଚୁଡ଼ାରେ ପର୍ଯ୍ୟବସିତ ହୋଇଅଛି । ଗୁଡ଼ଏ ଚଡ଼ା ଓ

ତହିଁ ସଙ୍ଗେ ଭଲ ଦହି ଓ ତହିଁ ସଙ୍ଗେ ବହୁକା ମାତ୍ରାରେ ବହୁ ଗୁଡ଼ ଦେଇ ଖାଇବାକୁ "ବ୍ରାହ୍ମଣଭୋଜନ କାର୍ଯ୍ୟ" ସମାଧା କରାଯାଏ ।]

ଦହିଚୁଡ଼ାମେରୁ—ପ୍ରାଦେ (ଯାଜପୁର) ବିଣ—ଯେଉଁ ବ୍ରାହ୍ମଣ ତାଙ୍କ Dahichurdāmeru ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳର ପ୍ରାୟ ସବୁ 'ଦହି ଚୁଡ଼ା'ରେ ଯୋଗ ଦେଇ ଖୁବ୍ ଦହିଚୁଡ଼ା ଖାଏ—(a Brāhmaṇa) Who in no case fails to attend any Dahichurdā feast and also can eat Dahichurdā in much quantity.

ଦହିଛେନା—ଦେ. ବି (ଦଧି ଓ ଛିନ୍ନରୁ)—ଘୋଳ-ଦହିକୁ ଜାଳରେ Dahichhenā ସିଝାଇ ତିଆର କରାଯିବା ଛେନା—
दहिछाना Cheese prepared by boiling whey.
पनीर, दहिछेना

[ଦ୍ର—ଦୁଧ ଫୁଟୁଥିବା ଅବସ୍ଥାରେ ତହିଁରେ ଖଟା ପକାଇଲେ ତାହା ଛିଣ୍ଡିଯାଇ ଯେଉଁ ଛେନା ହୁଏ ତାହାକୁ ଦୁଧ ଛେନା କହନ୍ତି । ଦୁଧ ଛେନାରୁ ସନ୍ଦେଶ ବା କଣ୍ଟାଗୋଲା, ରସଗୋଲା, ଲାଲମୋହନ, ଲେଡ଼ିକେନିଙ୍ଗ୍, ଚମଚମ, ଗୁପ୍‌ଚୁପ୍, ଗୋଲାପଜାମୁ ଆଦି ତିଆର ହୁଏ ।

ଦୁଧ ଛେନା ଅପେକ୍ଷା ଦହି ଛେନା ଖଟା । ଦହି ଛେନାରେ ଗୁଡ଼ ଗୋଳାଇ ଛେନାଗୁଡ଼ ଓ ପିଠାର ପୂର ତିଆର ହୁଏ । ଏଥିରୁ ଛେନା ବଡ଼ା, ଛେନା ଚାକୁଆ ଆଦି ତିଆର ହୁଏ ।

ଦହି ଛେନା ଦୁଧ ଛେନା ଅପେକ୍ଷା ଦୁଷ୍ପାଚ୍ୟ ।]

ଦହିଜ(ଯ)—ଗ୍ରା. ବିଣ (ସଂ. ଦହ୍ୟ)—୧ । ଦଗ୍ଧ—
Dahija(ja) 1. Burnt.
(ଦହିଜ୍ୟ—ଅନ୍ୟରୂପ) ବୋଲେ ସୂର୍ଯ୍ୟ ତନ ମଣିକି ଦହିଜ
କୋହେ କି ସେ ସୂର୍ଯ୍ୟକର ।
ଅଭିମନ୍ୟୁ. ରସକଲ୍ଲୋଳ ।

୨ । ଦହଗଞ୍ଜ; ପ୍ରପୀଡ଼ିତ—
2. Tormented; harassed.

ବି—ଦହନ—Burning.

ଦହିଜ(ଯ)କରିବା—ଗ୍ରା. କ୍ରି—ପୋଡ଼ିବା; ଦହନ କରିବା; ଦଗ୍ଧ କରିବା—
Dahaja(ja)karibā To burn down
(ଦହିଜ୍ୟ କରିବା—ଅନ୍ୟରୂପ) ବାଲେ ସଂସାର କରଇ ଦହିଜ
ସେହି ପ୍ରକାରେ ନଜର ଚହିଜ ।
ଭକ୍ତ. ମତ୍ସ୍ୟମଙ୍ଗଳ ।

ଦହିତୋଡ଼ପା—ଦେ. ବି—୧ । ଦହିବାଲା ଦହି ବିକ୍ରି କରିବାବେଳେ Dahitordapā ଦହି ମାପିବା ପାଇଁ ବ୍ୟବହାର କରୁଥିବା (ଦହିତୋଡ଼ପୀ—ସ୍ତ୍ରୀ) ନଡ଼ିଆ ବା କଂସାନିର୍ମିତ ପାତ୍ରବିଶେଷ—
ଦହିସେଡ଼ିକା, ଦହିସୋଡ଼ିକା } ଅନ୍ୟରୂପ 1. A pot (made of cocoa-nut shell or bellmetal) used for measuring curd while selling.
ଦହିସେଡ଼ିକୀ, ଦହିସୋଡ଼ିକୀ } ସ୍ତ୍ରୀ

ଦେ. ବି. ପୁଂ—୨ । (ଗାଳିବିଶେଷ) ଯେଉଁ ବ୍ୟକ୍ତି ହାପୁର କରି ଏକାଥରକେ ବହୁପରିମାଣରେ ଦହି ଖାଏ ଓ ଏପରି ଖାଇଲାବେଳେ ସଡ଼ୁସଡ଼ୁ ଶବ୍ଦ କରେ—2. One who gulps a large quantity of whey down his throat with a sound.

ତେତେଷ୍ଟା ନଙ୍ଗା ଦହି ସୋଡ଼ଙ୍କା (ସୋଡ଼ପା) ଅଣ୍ଟା ପଛରେ ଖାଏ;
ଗୋଡ଼ରେ ଅଣ୍ଟା ଲଗିଗଲେ ନହେବ ଗାଧୋଇ ଯାଏ । ଢଗ ।

ଦହିଦହିକା—ଦେ. ବି (ସଂ. ନାମ ଦଧାଳୀ, ଦଧାଳୀ, ଦଧାଳିକା, Dahidahikā ସୁଦର୍ଶନା, ବୃଷକର୍ଣ୍ଣୀ, ଚକ୍ରାଙ୍ଗା, ସୋମବଲ୍ଲୀ, ମଧୁପର୍ଣ୍ଣିକା, ଗୁଳୁଚି)—ଏକପ୍ରକାର ବନ୍ୟ ଶାକ ଲତା (ଏହାର ପତ୍ରକୁ ଚକଟିଲେ ଏକପ୍ରକାର ନାଳନାଳିଆ ରସ ବାହାରେ ଓ ଏ ନାଳକୁ କୌଣସି ପାତ୍ରରେ ରଖିଦେଲେ ତାହା ଥଲଥଲ ହୋଇ ବସିଯାଏ)—A kind of herb growing wild, whose leaves when crushed produce juice which turns into jelly when set down for a time; Tinospora Tomentosa.
ଦହିଦହିଆ, ଦହିଦହିଆ, ଦହିଦହିକା } ଅନ୍ୟରୂପ
दमया, पदमगुलंड
मदनमस्त

ଦହି ଦେବା—ଦେ. କ୍ରି—୧ । ଦହନ କରିବା; ନାଶ କରିବା—
Dahi debā 1. To destroy.
ତନଗେଳ ଗାଉଳ ଦର୍ପ ଦେଇ ଦହି—କୃଷ୍ଣସିଂହ. ମହାଭାରତ ବନ ।

୨ । ଦଳିଚକଟି ପକାଇବା—
2. To crush; to knead.

୩ । (ଲକ୍ଷଣାର୍ଥ) ବଳିଯିବା—
3. (figurative) To excel.
ପୃଥ୍ୱୀକି ଦେଲେ ବଳିବେ ଛହି
ଯମ କାଳଦଣ୍ଡ ପ୍ରତାପ ଦେଇ ଦହି । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

ଦହିନଉତି—ଦେ. ବି—୧ । ଦେଉଳର ମୁଣ୍ଡିରେ ଉପରେ ଥିବା Dahinauti ଦଧିଭାଣ୍ଡ ଆକାରରେ ଗୋଲାକାର ପଥର ବା ଚୂନର
दधिनउति ଗୋଳକ—1. The round pitcher like
दहेंड़ी ball of stone or masonry put on the crown of a temple.

୨ । ଦହିପୂର୍ଣ୍ଣ ବଡ଼ ହାଣ୍ଡି—
2. A large pot full of whey.

ଦହିନଉତିଆ—ଦେ ବିଣ—ମୁହଁରେ ପଲମ ଘୋଡ଼ା ହୋଇଥିବା ଦହି Dahinautiā ନଉତି ପରି ଆକୃତିବିଶିଷ୍ଟ—Shaped like a whey-pot with a cover.

[ଦ୍ର—ଥଳୁଲା ପେଟିଆ 'ଥ', ଦହିନଉତିଆ 'ଦ'—ଶିଶୁ. ବର୍ଣ୍ଣଶିକ୍ଷା ବଚନ ।]

ଦହିନା—ବୈଦେ ବି. (ଫା. ଦହାନା)—ଘୋଡ଼ାର ପାଟି ମଧ୍ୟରେ Dahinā ଦିଆଯିବା ଲୁହାର କଣ୍ଟେଇ—Bit; curb.
दाईना (ଯଥା—ଏଥିର ଦୁଇପାଖରେ ଥିବା ଲୁହା କଡ଼ରେ
दहाना ଲଗାମ ବନ୍ଧାଯାଏ ।)

(ଦ(ଦା)ଇନା; ଦହନା କଣ୍ଟେଇ; ଦାହିନା କଣ୍ଟେଇ—ଅନ୍ୟରୂପ)

ଦହି ପଖାଳ—ଦେ. ବି—ଦଧ୍ୟନ୍ନ; ଭାତ ସଙ୍ଗେ ଦହି ମିଶାଇ ପ୍ରସ୍ତୁତ Dahi pakhāla କରାଯିବା ଏକପ୍ରକାର ରୁଚିକର ଖାଦ୍ୟ—
दहीभात Boiled rice moistened with curds.

ଦହି ଲାଡୁ, ଦଇ ପଖାଳ } ଅନ୍ୟରୂପ [ଦ୍ର—ରୁଚିଭେଦରେ ଏଥିରେ ଲେମ୍ବୁରସ, ଅଦାଛେଚୁ, ଲଙ୍କା ପିଠା ଦେଇ ଛିଅ ଓ ଗୁଆ ବଘାରବାଦ୍ୱାରା ଏହା ସମସ୍ତ ସମୟରେ ଅତି ଉପାଦେୟ ହୁଏ । ଏମନ୍ତ କି ଦେବତାମାନଙ୍କ ନିକଟରେ ଖେଚୁଡ଼ି ସଙ୍ଗେ ଦହିପଖାଳ ଭୋଗରୂପେ ଅର୍ପିତ ହୁଏ ।]

ଦହି ବସା(ସେ)ଇବା—ଦେ. କ୍ରି—ବସାଦହି କରିବା ନିମନ୍ତେ ଈଷତ୍ ଗରମ ଦୁଧରେ ମହି ପକାଇବା—To set down milk (after putting some acid base in it) for turnnig it into curds.
Dahi basā(se)ibā
ଦହିପାତା
दहीजमाना

[ଦ୍ର—ଦୁଧରୁ ବସାଦହି କରିବା ନିମନ୍ତେ କୌଶଳ ଓ ଅଭ୍ୟାସ ଲୋଡ଼ା । ସମସ୍ତଙ୍କ ଦେଇ ଉତ୍କୃଷ୍ଟ ଦହି ବସେ ନାହିଁ । ଦୁଧ କେତେ ଗରମ ଥାଉଁ ଥାଉଁ ସେଥିରେ ମହି ପକାଇବାକୁ ହେବ କେତେ ପରିମାଣରେ ମହି ଦିଆଯିବ ଏହା ସମସ୍ତେ ଜାଣନ୍ତି ନାହିଁ । ଏକା ଦୁଧକୁ ଦୁଇ ଜଣଙ୍କୁ ଦହି ବସାଇବାକୁ ଦେଲେ ଦେଖାଯିବ ଯେ ଦହି ବସିବା ଓ ସ୍ୱାଦରେ ଅବଶ୍ୟ ପ୍ରଭେଦ ଦେଖାଯିବ ।]

ଦହି ବସିବା—ଦେ. କ—ଦୁଧରେ ମହି ଦେବାଦ୍ୱାରା ତାହା ବସାଦହିରେ ପରିଣତ ହେବା—(milk) Being turned into curd.
Dahi basibā
ଦଇବସା दहीजमाना

ଦହିବରା(ଡ଼ା)—ଦେ. ବି. (ସଂ. ଦଧି+ବଟକ)—ଦହିରେ ବୁଡୁଥିବା ବରା ପିଠା—Cack immersed in or saturated with curds.
Dahibarā(ṛdā)
ଦଇବରା

ଦହିବା—ଦେ. କ୍ରି. (ସଂ. ଦହ୍ ଧାତୁ)—୧ । ପୋଡ଼ି ଦେବା; ଦଗ୍ଧ କରିବା; ନିଆଁ ଲଗାଇ ଜହିଁରେ ଜାଳି ଦେବା—1. To burn; to destroy by fire.
Dahibā
ଦହା
ଦହନ(ନ୍) କରିବା, ଦହ୍ୟ କରିବା } ଅନ୍ୟରୂପ
ସୁବରନକୁ ତୋହଟ; ସୁବରନ ସର
ନାହିବ ଅନଳେ ଡହୁଅଛି ତା ଶରୀର—
ବଦ୍ଧିଂଧ୍ୟ. ଚମ୍ପାଗୀତ ।

୨ । (ଲକ୍ଷଣାର୍ଥ) ଦହଗଞ୍ଜ କରିବା—2. (fig) to harass; to cause insense anxiety.

୩ । ପୋଡ଼ି ଦେବା—3. To be burnt.

ସଜ୍ଜନ ଦୁଃଖାଗ୍ନିରେ ଦହି
ପୁଣ୍ୟର ତେଜରେ ଶୋଭନ୍ତି—ମଧୁସୂଦନ, ଛନ୍ଦମାଳା ।

ଦହିବାଲି—ଦେ. ବି. ସ୍ତ୍ରୀ - ଯେଉଁ ସ୍ତ୍ରୀ ଦହି ବିକି କରେ—A female whey-seller.
Dahibāli
ଦଇବାଲୀ दहीवाली
ଦହିବାଲିକୁ ଚୂଡ଼ାବାଲା ସାକ୍ଷୀ—ଢଗ ।
(ଦହିବୁଅଲି, ଦଇବାଲି—ଅନ୍ୟରୂପ)

ଦହି ମାଛ—ଦେ. ବି. (ସହଚର ଶବ୍ଦ; ସଂ. ଦଧି ଓ ମତ୍ସ୍ୟ । କୌଣସି ଶୁଭକାର୍ଯ୍ୟ ପାଇଁ ଅନୁକୂଳ କରିବା ସମୟରେ ଦହି ଓ ଜୀଅନ୍ତା ମାଛ ଦେଖି କରି ଗଲେ ଉକ୍ତ କାର୍ଯ୍ୟ ସଫଳ ହୁଏ ବୋଲି ଲୋକଙ୍କର ବିଶ୍ୱାସ ଥିବାରୁ)—କୌଣସି ଶୁଭକାର୍ଯ୍ୟ ଉପଲକ୍ଷରେ ଅନୁକୂଳ କରୁଥିବା ବ୍ୟକ୍ତିଙ୍କୁ ଦେଖାଇବା ଦଧି ଜୀଅନ୍ତା ମାଛ—Curd and living fish shown to a person while setting out to accomplish some thing of importance.
Dahi māchha
ଦଇମାଛ
दहीमछली

ଦହି ମାଛିଆ—ପ୍ରାଦେ. (ଯାଜପୁର) ବି—ଧୋବା—Washerman.
Dahi māchhiā

ଦହିମୁହାଁ - ଦେ. ବି. (ସଂ. ଦଧିମନ୍ଥନରୁ)—ଦଧି ମନ୍ଥନ—Churning of curd for extracting.
Dahimuhāñ
ଦଇ ମୋଆନ ଦେ. ବିଣ—ଦଧି ମନ୍ଥନରେ ବ୍ୟବହୃତ—Used in churning curd.
दही मथना

ଦହିମୁ(ମୋ)ହିଁବା—ଦେ. କ୍ରି. (ସଂ. ଦଧି ଓ ମଥ୍ ଧାତୁରୁ)—ଘୋଳ ଦହି ତିଆରି କରିବା ପାଇଁ ବସା ଦହିକୁ ହୁଆରେ ମନ୍ଥନ କରିବା; ଦଧି ମନ୍ଥନ କରିବା—To churn curd.
Dahimu(mo)hiñbā
ଦହି ମୁହାଁଇବା, ଦହି ଗୋଳାଇବା } ଅନ୍ୟରୂପ
ଦଇ ମୋଆନ
दही मथना

ଦହିଲା—ଦେ. ବି. (ଫା. ଦହ୍=ଦଶ)—ଗଞ୍ଜପା ଓ ତାସ ଖେଳରେ ଦଶ ଚିହ୍ନ ଥିବା ତାସ—The playing card having ten points or tips on it.
Dahilā
ଦହଲା, ଦହ } ଅନ୍ୟରୂପ
ଦହଲା दहला

ଦହି ହାଣ୍ଡି—ଦେ. ବି—୧ । ଯେଉଁ ହାଣ୍ଡିରେ ଦୁଧରେ ମହି ପକାଇ ଦହି ବସାଯାଏ—1. A pot used for curdling milk.
Dahi hāṇḍi
ଦଇ ହାଁଡ଼ି
दहेंडी

୨ । ଯେଉଁ ହାଣ୍ଡିରେ ବସା ଦହିକୁ ମୁହାଁଯାଏ—2. An earthen vessel used for churning curd a churning pot.

୩ । ଯେଉଁ ହାଣ୍ଡିରେ ଦହି ଥାଏ—3. The earthen pot in which curd is kept; the pot containing curd.

ଦହି ହେବା—ଦେ. କ୍ରି. (ସଂ. ଦହ୍ ଧାତୁର କର୍ମବାଚ୍ୟ)—(ଲକ୍ଷଣାର୍ଥ) ଦହଗଞ୍ଜ ହେବା—(figurative) To undergo harassment; to suffer great mental anxiety or worry.
Dahi hebā
ଦହନ ହେବା, ଦହ୍ୟ ହେବା } ଅନ୍ୟରୂପ

ଦହି ହେବ ଟିକା ଅଟେ ଅନୁତାପେ । ବ୍ରଜନାଥ. ମହାଯାତ୍ରା ।

ଦହ୍ୟ—ଦେ. ବିଣ. (ସଂ. ଦାହ୍ୟ)—୧ । ପୋଡ଼ା; ଦଗ୍ଧ—1. Burnt.
Dahya
ଦହନ, ଦହ୍ୟ } ଅନ୍ୟରୂପ

୨ । ଦହଗଞ୍ଜ; ଦରଧନ—2. Troubled; harassed; pestered; agitated; perturbed.

ବି—ଦରଧନ; ଦହଗଞ୍ଜ; ଅକୁଳତା—Harassment; mental agitation; perturbation.

ଦହ୍ୟମାନ—ସଂ. ବିଣ. (ଦହ୍ ଧାତୁ+କର୍ମ. ଅନ ଶାନଚ)—୧ । ଯାହା ଜଳୁଅଛି; ଯାହା ଦଗ୍ଧ ହେଉଅଛି; ଜଳୁଥିବା—1. Burning.
Dahyamāna

୨ । (ଲକ୍ଷଣାର୍ଥ; ଯଥା—ହୃଦୟ) ଦହଗଞ୍ଜ—2. Greatly perturbed; affected; troubled.

ଦହ୍ର—ସ. ବ. ପୁଂ. (ଦହ୍ ଧାତୁ + ସଜ୍ଞାର୍ଥେ କର୍ତ୍ତୃ ର)—
Dahra ୧ । ଅଗ୍ନି—1. Fire
୨ । ବନ ଅଗ୍ନି; ଦାବାଗ୍ନି—
2. Forest fire; conflagration.
୩ । ନରକ—3. Name of a hell.
୪ । ବରୁଣ ଦେବତା—
4. The Sea-God; the Indian Neptune.
୫ । ଜଠର—5. Stomach.
(ଯଥା—ଦ୍ରବାଗ୍ନି = ଜଠରାଗ୍ନି ।)
୬ । ହୃଦୟାକାଶ—
6. The heart (compared to the sky).
୭ । ବନ—7. Forest

ଦା (ଧାତୁ)—ସ.—ଦେବା—To give.
Dā (root)

ଦା—ସ. ବି. ସ୍ତ୍ରୀ (ଦା ଧାତୁ + ଭାବ. କ୍ୱିପ୍)—୧ । ଦାନ—
Dā 1. Gift.
୨ । ଶୋଧନ—2. Refining.
୩ । (ଛେଦନାର୍ଥ, ଦୋ ଧାତୁ + କ୍ୱିପ୍)—ଛେଦ—
3 Cutting.
୪ । ଉପତାପ; ଉପରେ ଜଣାଯିବା ଉତ୍ତାପ—
4. Superficial heat or temperature.
୫ । (ପାଳନାର୍ଥ, ଦେ ଧାତୁ + କ୍ୱିପ୍) ରକ୍ଷଣ; ପାଳନ—
5. Protecting; preservation.
ଦେ. ବ (ସ. ଦାତ୍ର)—ଦାଆ (ଦେଖ)—Dāā (See)

ଦାଆ—ଦେ. ବ (ସ. ଦାତ୍ର)—୧ । ଧାନ୍ୟାଦି କାଟିବାର କରତ ପରି
Dā-ā ଦାନ୍ତଥିବା କଟୁରୀ; ଧାନ୍ୟକର୍ତ୍ତରୀ—1. A sickle;
দা; কাস্তে; হঁসিয়া, হঁসুআ scythe.
(ଯଥା—ଏ ବରଷ ଆମ ବିଲକୁ ଦାଆ ଯିବ ନାହିଁ ।)
୨ । କଟାରୀ—2. A bill-hook; chopping knife.

ଦାଆଁଡ଼—ପ୍ରାଦେ. (ସମ୍ବଲପୁର) ବି—ଦାଣ୍ଡ; ପଥ—Road.
Dā-āṅrda

ଦାଆକୁଡ଼ି—ପ୍ରାଦେ. (ଯାଜପୁର) ବି—ଉଚ୍ଚ ଜାଗାରୁ କଣ୍ଟା କାଟିବାପାଇଁ
Dā-āṅkurdi ଲଗି ଅଗରେ ସଂଲଗ୍ନ ଦାଆ; ଦଉଲ—
A scythe attached to a long stick to cut thorny branches from high trees.

ଦାଆଣି—ଦେ. ବି—ବଳଦଙ୍କ ଦେହରେ ଚିହ୍ନ ବା ବାଣୀ ଦେବାପାଇଁ
Dā āṇi ବ୍ୟବହୃତ ଲୁହା—Searing iron.

ଦାଆଦାଢ଼ିଆ—ଦେ.ବିଣ—ଦାଆ ପରି ଦାନ୍ତୁର—Edged or toothed
Dā-ādārdhia like a scythe.

ଦାଆବେଠି—ପ୍ରାଦେ (ସମ୍ବଲପୁର) ବି—ଗ୍ରାମର ଗଉଣ୍ଟିଆ ବା ମାଫିଦାର-
Dā-ābeṭhi ମାନଙ୍କ ଜମିରୁ ଧାନ କାଟି ଦେବାପାଇଁ ଗ୍ରାମ
(ଦାଆ ବେଟ୍ଟ—ଅନ୍ୟରୂପ) ପାଉଣିମାନଙ୍କରେ ରଇୟତମାନେ ଦାଆ ଦ୍ୱାରା
ଯେଉଁ ବେଠି କରନ୍ତି—Free harvesting of paddy of the Gountia or Mafidar of a village by the royats.

ଦାଆବେଣ୍ଟ—ଦେ. ବି—ଦାଆକୁ ହାତରେ ଧରି ବ୍ୟବହାର କରିବା
Dā-ābeṇṭa ନିମନ୍ତେ ତା ମୂଳରେ ଥିବା କାଠର ମୁଠା—
দাএর মুঠা; হঁসুআকা মুঠ The wooden handle of a sickle.
(ଦାଆ ମୁଠା; ଦାଆ ମୁଠି; ଦା ମୁଠା—ଅନ୍ୟରୂପ)

ଦାଇ—ଦେ. ବି—ଦାୟ (ଦେଖ)—Dāya (See)
Dāi
ଦେ. ବଣ (ସ. ଦାୟୀ)—୧ । ଦାୟୀ—1. Responsible.
(ଫା. ଦାୱା)—୨ । ଦାୱାଦାର—2. Claiment.

ଦାଇଁ—ପ୍ରାଦେ (ସମ୍ବଲପୁର) ବ—ଦାଉଣୀ—
Dāiṅ A long fether which many beasts
ଦାଇଁ—ଅନ୍ୟରୂପ) are tied.

ଦାଇକା—ଦେ. ବି—୧ । ଦାଯିକା; ଦାୟେକା; ଦାହକା; ଡାହକା;
Dāikā ଯାତ୍ରା ଓ ପାଲାବାଲାଙ୍କ ମଧ୍ୟରେ ଉତ୍ତର ପ୍ରତ୍ୟୁତ୍ତର ଛଳରେ
(ଦାଏକା—ଅନ୍ୟରୂପ) ଦୁଇ ପକ୍ଷ ପରସ୍ପରପ୍ରତି ଯେଉଁ ଚଳପ୍ରାନ୍ତି ଗୀତ
দাএকা; খুয়া ବୋଲନ୍ତି—1. Ironical and satirical
ডুহা. দোহা doggerels or conplets flung at each other by antagonistic parties of dancers and singers.
୨ । ପ୍ରବଚନ—2. Proverb.
କଥା କହିବାବେଳେ ଭାଗବତରୁ ଡେର ଡେର ପଦ ଦାଇକାଦେଇ କହେ ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଦାଇକା ପକା(କେ)ଇବା—ଦେ. କ୍ରି. ବ—ଯାତ୍ରାବାଲା ତାର ଅପର ପକ୍ଷ
Dāikā pakā(ke)ibā ପ୍ରତି ଛଳୋକ୍ତି ପ୍ରୟୋଗ କରି ଗୀତ
(ଦାୟିକା ମାରିବା—ଅନ୍ୟରୂପ) ଗାଇବା—Singing of ironical doggerels or conplets by a dancer against his antagonistic party.

ଦାଇକା ମରାମରି—ଦେ. ବ—ଯାତ୍ରାବାଲାଙ୍କ ମଧ୍ୟରେ ଉତ୍ତର ପ୍ରତ୍ୟୁତ୍ତର
Dāikā marāmari ଛଳରେ ପରସ୍ପର ବିପକ୍ଷ ପକ୍ଷ ପ୍ରତି ଛଳୋକ୍ତି
ବ୍ୟବହାର—Mutual use of ironical or satinul doggerels or conplets by the dancing parties against each other.

ଦାଇତ୍ୱ—ଦେ. ବ. (ସ. ଦାୟିତ୍ୱ)—ଦାୟିତ୍ୱ—
Dāitwa Responsibility.

ଦାଇଦାର୍—ପ୍ରାଦେ. (ସମ୍ବଲପୁର) ବ—ଦାୟିଦାର (ଦେଖ)
Dāi-dār Dāyidār (See)
(ଦାୟିଦାର—ଅନ୍ୟରୂପ)

ଦାଇବା—ଦେ. କ୍ରି. (ସ. ଦୋ ଧାତୁଜ; ଦାତ୍ରରୁ)—
Dāibā ୧ । ଦାଆରେ ଧାନଗଛ ଆଦିକୁ କାଟିବା; ମୂଳପୋଛ କରି
দাঁআ ତୃଣ କାଟିବା—1. To cut paddy plants with the
কাটনা sickle; to mow down grass etc.
ଦେଉଥିଲେ ଯାଉବ, ଦୁର୍ଣ୍ଣଥିଲେ ଦାଇବ;
ପଡ଼ିଥା ଭୂଇଁରେ ଗୋଧନ ଚରାଇବ—ଚନ୍ଦ୍ରଭଗା ପଣ୍ଡା ଗୀତ ।

୨ । (ଲକ୍ଷଣାର୍ଥ) ଈଶ୍ୱର ପୂର୍ବକୃତ କର୍ମଫଳ ଭୋଗ କରିବା—
2. To enjoy or suffer or reap the fruits of one's fate.

୩ । ଦାହିବା (ଦେଖ)—3. Dāhibā (See)

ଦାଇ ମୁଦେଇ—ଦେ. ବି. (ସଙ୍କର ଶବ୍ଦ; ସଂ. ଦାୟୀ ଓ ଫା. ମୁଦେଇ)—
Dāi mudei ୧ । କୌଣସି ଅଭିଯୋଗ ସମ୍ବନ୍ଧେ ପ୍ରକାଶ୍ୟଭାବରେ
दाईमूदई ଅଭିଯୋଗ ଉପସ୍ଥାପନ କରିବା ବ୍ୟକ୍ତି—
1. A person who accuses another openly.
୨ । ଦାବିଦାର—2. Claimant.
ଦେ. ବିଣ—ଦାୟିତ୍ୱପୂର୍ଣ୍ଣ (ଲୋକ)—
'Responsible; accountable.

ଦାଇଲ(ଲି)—ଦେ. ବି. (ସଂ. ଦାତ୍ରୀ)—ବିଆଳି ଧାନ ବାଛିବାପାଇଁ
Dāil(li) ବ୍ୟବହୃତ ଛୋଟ ଦାଆ—A small sickle used
(ଦଇଲ—ଅନ୍ୟରୂପ) generally in weeding biali paddy
दाओलि **दाँती**

ଦାଈ—ଦେ. ବି. ସ୍ତ୍ରୀ. (ସଂ. ଧାତ୍ରୀ; ପ୍ରାକୃତ. ଧାୟୀ)—
Dāī ୧ । ଧାୟୀ; ଉପମାତା; ଯେ ଶିଶୁକୁ ସ୍ତନ୍ୟଦାନଦ୍ୱାରା ପାଳେ —
धाई 1. Wet-nurse; nurse.
दायी ୨ । ସ୍ତ୍ରୀମାନଙ୍କର ଗର୍ଭାବସ୍ଥା ବା ପ୍ରସବ କରାଇବା କାର୍ଯ୍ୟରେ
(ଦାଈ ମା—ଅନ୍ୟରୂପ) ଉପଯୁକ୍ତା ସ୍ତ୍ରୀ—2. A midwife; a female practitioner skilled in the obstetric art.
ଦାଈକୁ ପେଟ ଲୁଚାଇବା ନ୍ୟାୟ—ଢଗ ।

ଦାଉ—ଦେ. ବି. (ସଂ. ଦାବ—ଉତ୍ତାପ; ସଂ. ଦାନ; ଫା. ଦାଉଁ)—
Dāu ୧ । ବାଧା; ସନ୍ତାପ—
दाँव; दाँ 1. Torture; harassment.
दाँव ଦାଉ ପାଉ ମୁଁ ହେଜଇ ଏବେ—କବିସୂର୍ଯ୍ୟ. ସଙ୍ଗୀତ କଳ୍ପଲତା ।
(ଦାଉଁ—ଅନ୍ୟରୂପ) ୨ । ତୋଡ଼; ବେଗ; ପ୍ରତାପ—
2. Force; violence; brunt.
୩ । ଅତ୍ୟାଚାର; ଜୁଲମ—
3. Oppression; tyranny.
ହେତୁରେ କ ଭଣି ସ୍ଥାନ ପୁଣି ସଙ୍ଗେ ଅଲଗଣ ଏତେ ଦାଉ
ପାଇବ କ ସହୁ ରେ—କବିସୂର୍ଯ୍ୟ. ସଙ୍ଗୀତ ।
୪ । ଜ୍ୱାଳା—4. Heat; burning pain.
୫ । ପୀଡ଼ା; ବ୍ୟଥା; ବେଦନା; ଯନ୍ତ୍ରଣା—
5. Trouble; pain; distress.
ଲଙ୍ଗ କ ଯେବେ ପାଉ ନନ୍ଦା ଦାଉ
ଲାଗିଲା ଅପଣକୁ କେତେ ଅଭ—କବିସୂର୍ଯ୍ୟ. ଶୋକାପହ୍ନ. ଲ-ଗୀତ ।
୬ । ମର୍ମସ୍ଥାନ; ମାଡ଼ ଦେବାର ବା ଆଘାତ କରିବାର ଉପଯୁକ୍ତ ସ୍ଥାନ—6. Tendermost part; vulnerable part where a stroke can take effect; vital part of the body.
୭ । ସୁଯୋଗ; ସୁଭିତ; ସୁବିଧା—
7. Convenience; fit opportunity.
ପାଞ୍ଚ ବାଛ ହାତ ଗୁଣ, ସେତିକି ଅନାଇଲେ ଟଙ୍କା, ଲେଜଗାରର
ଦାଉ କେଉଁ ଗୁଡ଼େ—ଫକୀରମୋହନ. ଗଳ୍ପସ୍ୱଳ୍ପ ।
୮ । ଅବରୁଦ୍ଧ—8. Enmity; grudge.
୯ । ପ୍ରତିଶୋଧ—9. Revenge.

ଦାଉଆ—ବୈଦେ. ବି. (ଆ. ଦାବା)—୧ । ଦାବି—
Dāuā 1. Claim.
दाओा ୨ । ଦାବା; ସ୍ୱତ୍ୱ ଦାବିପୂର୍ବକ ପ୍ରାର୍ଥନା—
दावा 2. Advancing a claim by petition.
୩ । ମକଦ୍ଦମା ଉପସ୍ଥାପିତ କରିବା—
3. Filing of a case or suit.
୪ । ବିବାଦ—4. Dispute; quarrel.
୫ । ମକଦ୍ଦମା—5. Case; suit.
ଦେ. ବିଣ—୧ । ଚତୁର—1. Skilful.
୨ । ଯେ ସୁବିଧା ଦେଖି କାର୍ଯ୍ୟ କରେ—
2. Opportunist.

ଦାଉଁଆ ଦେ. ବିଣ. (ହି)—ଯେ ଶଙ୍କ ବା ସୁଯୋଗ ଉଣ୍ଡି କାମ କରେ—
Dāuṅā One who acts by availing of opportunities; opportunist.
दाँवबाज
(ଦାଉଁପେଚଆ; ଦାଉଁବାଜ—ଅନ୍ୟରୂପ)

ଦାଉଁ ଦାଉଁ—ଦେ. ଅ. (ଧ୍ୱନ୍ୟନୁକରଣ)—
Dāuṅ dāuṅ ୧ । ଦୁମ୍ ଦୁମ୍; ଧମାଧମ୍ ଶବ୍ଦ କରି—
दाँवदाँव 1 Making thumping sound.
धमाधम (ଯଥା—ତା ପିଠିରେ ଦାଉଁ ଦାଉଁ କରି ଦପୁଞ୍ଜା ବିଧା
(ଦାଓଁ ଦାଓଁ—ଅନ୍ୟରୂପ) ଲଦି ଦେଲା ।)
୨ । ଛାତି ଦମ୍ ଦମ୍ ହେବାର ଶବ୍ଦ—
2. Violent beating sound; palpitating sound of the heart.
୩ । ଭୟରେ ବିଶେଷ ହୃତ୍କମ୍ପଯୁକ୍ତ—3. Violently throbbing or palpitating through fright
କୃଷ୍ଣ ଅର୍ଜୁନଙ୍କ ଯୁଦ୍ଧବା କଥା ଥାଉ
ଶୁଣିଲେ କାର ବୁକୁ ହୁଏ ଦାଉଁ ଦାଉଁ—କୃଷ୍ଣସିଂହ. ମହାଭାରତ. ଅଦ ।

ଦାଉଁ ମାରିବା—ଦେ. କ୍ରି—୧ । ସୁଯୋଗ ବା ଶଙ୍କ ଉଣ୍ଡି କାମ କରିବା—
Dāuṅ māribā 1. To avail of an opportune
(ଦାଉଁଆ ମାରିବା—ଅନ୍ୟରୂପ) time to gain one's end.
दा मारा ୨ । ଶଙ୍କ ଉଣ୍ଡି ବା ସୁଯୋଗ ଦେଖି ଗୁଡ଼ାଏ ଲାଭ କରିବା—
दाँव मारना 2. To get some money by means of fair or foul
୩ । ହଠାତ୍ କୌଣସି ବସ୍ତୁକୁ ଝାମ୍ପି କରି ନେଇଯିବା—
3. To pounce upon or take away anything tactfully.

ଦାଉକଳ—ଦେ. ବି. (ଜାହାଜିଆ ଶବ୍ଦ)—
Dāukala ଯେଉଁ କଳ ସାହାଯ୍ୟରେ ଲଙ୍ଗର ପାଣିରୁ ଉପରକୁ
कपिकल ଟେକାଯାଏ—(nautical) The machine or
हाबिसकल crane with the help of which the anchor of a ship is raised up from water; capstan.

ଦାଉକଲର ଛୁଆ ପଣ ଏବେ ଛଡ଼ା ହୋଇ ଅଛନ୍ତି ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଦାଉଘାତ୍—ଦେ. ବି—୧ । ଅତ୍ୟାଚାର—
Dāughāt 1. Oppression.
୨ । ବିଶେଷ ଅଘାତ—2. Serious hurt.
୩ । ଅତ୍ୟନ୍ତ ଜ୍ୱାଳା ବା ପୀଡ଼ା; ବେଦନା—
3. Pain; distress; torture.
୪ । କ୍ଷତ ଅବର ପୀଡ଼ାଯୁକ୍ତ ଓ ଭୟାନକ ଅବସ୍ଥା—
4. Very frightful condition of a sore or wound.
(ଯଥା—ଘାଅଟା ବଡ଼ ଦାଉଘାତ୍ କରୁଛି ।)
ବିଣ—ଦାଉଘାତିଆ (ଦେଖ)
Dāughātiā (See)

ଦାଉଘାତିଆ—ଦେ. ବିଣ—୧ । ପୀଡ଼ା ବା ବେଦନାଯୁକ୍ତ; ମର୍ମନ୍ତୁଦ—
Dāughātiā 1. Very distressing.
ଦୁଃଖଦାଈ ୨ । ମର୍ମ ସ୍ଥାନରେ ଅଘାତ ଲାଗିବା ହେତୁ ବିଶେଷ କଷ୍ଟଦାୟକ 2. Torturing; very painful owing to being struck at some vital part.

ଦାଉଘାତି—ଦେ. ବିଣ. (ଦେ. ଦାଉ + ସଂ. ଘାତ)—
Dāughātī ୧ । ଅନିଷ୍ଟକାରୀ—1. Harmful; mischievous.
ବିଷଧରୁ ବାହେ ବଡ଼ ନବହ ମୂରତ
ମାତ୍ର ବଡ଼ ଦାଉଘାତୀ ଦୁର୍ଗତି ଅନ୍ତରେ । ରାଧାନାଥ, ମହାଯାତ୍ରା ।
୨ । ଯେ ପ୍ରତିଶୋଧ ନେବାକୁ ଚେଷ୍ଟା କରେ—
2. Revengeful.

ଦାଉଣି—ଦେ. ବି. (ସଂ. ଦାମନୀ)—
Dāuṇi ୧ । ବେଙ୍ଗଳାରେ ବଳଦମାନେ ଏକାଧିକ ପଶା ଲାଗି-
(ଦାଉଁଣୀ—ଅନ୍ୟରୂପ) ଥିବା ଯେଉଁ ଲମ୍ବ ଦଉଡ଼ିରେ ଯୋଚ୍ଚି ହୁଅନ୍ତି-
ଦୌଁରୀ 1. A long rope to which bullocks are
दामन, दाँवरी tethered together to go round a central post while treading paddy sheaves to separate the grains from the stalks
୨ । ଗଳକମ୍ବଳ—2. Dewlap (Howells).
୩ । ବଳଦ, ଷଣ୍ଢ ଆଦିଙ୍କଠାରେ ଦାଗ (ଦାଣୀ) ଦେଇଥିବା ପାଇଁ ବ୍ୟବହୃତ ତାତଲା ଲୁହା—3. Searing iron.
ନାହିଁ ହଳଚଲ ଲଗାଅ ପଛକେ ତେଣୁ ଦାଉଣି ଗୁହିଁ ଗୁହିଁ ।
ଭିକାରୀଚରଣ, ଗୀତଲହରୀ ।
ପ୍ରାଦେ. (ଯାଜପୁର) ବି—ମେଳରେ ଗଳାଯିବା ବେତର ଗୋଲକ
A ratan ring put round the central post during paddy-treading opperation.

ଦାଉଣିଆ—ଦେ. ବିଣ—(ଦାଉଣିରୁ) କଳୁଆ—
Dāuniā Trickish.

ଦାଉଣିଗିରି—ଦେ. ବି—କଳବଲରେ ପକାଇ କାର୍ଯ୍ୟ ହାସଲ କରିବା
Dāuṇigiri ସ୍ୱଭାବ—Trickishness.
(ଦାଉଣିଅଗିରି—ଅନ୍ୟରୂପ)

ଦାଉଣ୍ଡି—ଦେ. ବି—ଅନଦ୍ଧ ବାଦ୍ୟବିଶେଷ—
Dāuṇḍi A kind of drum.
ଦାମଣ୍ଡି } ଅନ୍ୟରୂପ
ଦାମୁଣ୍ଡି }
ଅରେରେ ଦାଉଣ୍ଡି ଯେ ବାଜଇ ଖର ଦୁଇ
ତୋଷାଧୁ ବୋଲଇ ତୁମ୍ଭେ ଶୁଣ ସର୍ବ କହ ।
ବିଶ୍ୱନାଥ, ବିଚିତ୍ର ରାମାୟଣ ।

ଦାଉଣ୍ଡିଆ—ଦେ. ବିଣ—ଦାଉଣ୍ଡି ସମ୍ବନ୍ଧୀୟ—
Dāuṇḍiā Pertaining or relating to Dāuṇḍi.
ଦ ଅକ୍ଷର ହୋଇଅଛ ଦାଉଣ୍ଡିଆ ବାଦ । ପ୍ରାଚୀ, ବୃନ୍ଦାବନରୂପଣ ଗୀତା ।

ଦାଉଦ୍—ଦେ. ବି. (ନାମ)—ଓଡ଼ିଶାର ଜନୈକ ମୋଗଲ ଶାସନକର୍ତ୍ତା—
Dāud A Mougal Governor of Orissa.
दाऊद [ଦ୍ର—ସେ ପ୍ରଥମେ ଅକବରଙ୍କ ସଙ୍ଗେ ବିରୋଧ କରି
दाउद् ମୋଗଲମାନଙ୍କଠାରେ ପରାସ୍ତ ହୋଇ ବଶ୍ୟତା ସ୍ୱୀକାର କଲେ ଓ ପରେ ପୁଣି ଶାସନଭାର ପାଇଲେ ଏବଂ ପୁଣି ବିଦ୍ରୋହୀ ହୋଇ ଅଗମହଲ ଯୁଦ୍ଧ (୧୫୭୮) ରେ ନିହତ ହେଲେ । ସେହି ଦିନଠାରୁ ଓଡ଼ିଶା ମୋଗଲ ସମ୍ରାଟଙ୍କର ଖାସ୍ ଶାସନାଧୀନ ରହିଲା ।]
ବୈଦେ. ବି. (ନାମ; ଇଂ. ଡାଭିଡ଼୍)—ଡାଭିଡ଼୍; ବାଇବଲ ଲିଖିତ ଇହୁଦୀମାନଙ୍କର ସୁଖ୍ୟାତିଯୁକ୍ତ ଭବିଷ୍ୟଦ୍‌ବକ୍ତା ରାଜା—
King David the prophet King of the Bible.

ଦାଉଦ୍‌ଖାନି—ବୈଦେ. ବି—ଏକପ୍ରକାର ସରୁ ଚାଉଳ—
Dāudkhāni A kind of fine rice.
दादखानी दाउदखानी

ଦାଉଦାଉ—ଦେ. କ୍ରି. ବିଣ. (ସଂ. ଦାବ=ଅଗ୍ନି)—
Dāudāu ୧ । ଦୀପ୍ତିପୂର୍ବକ (ଜଳିବା); ଜଳଜଳ—
दाउदाउ 1. Brightly.
धगधग ସେ ସବୁ ଏବେ ଦାଉ ଦାଉ ହୋଇ ଜଳ ଉଠିଲା ।
ଉପେନ୍ଦ୍ର ଦାସ, ପୌରାଣିକ ରାମାୟଣ ।
୨ । ଦାଉଁଦାଉଁ (ଦେଖ)—2. Dāuṅdāuṅ (See)
ବନ୍ଧୁ ସନ୍ନିଧରେ ଦେଖିଲେ ମୋର ବାହୁ
କାହା ବୁଦ୍ଧି ଜଳ ନୋହିବ ଦାଉଦାଉ । କୃଷ୍ଣସିଂହ, ମହାଭାରତ, ଶାନ୍ତି ।
ଦେ. ବିଣ—ଉଜ୍ଜ୍ୱଳ; ଜାଜ୍ୱଲ୍ୟମାନ; ଜଳଜଳ; ଦୀପ୍ତିମୟ—
Dazzling; glittering; bright; glaring.
ତା ଶିର ମୁକୁଟ ଦିଶେ ଦାଉଦାଉ ରେ । କବିସୂର୍ଯ୍ୟ, ସଙ୍ଗୀତ କଲ୍ଲୋଳ ।
ଦେ. ଅ. (ଧ୍ୱନ୍ୟନୁକରଣ)—ଶବ୍ଦବିଶେଷ—
A kind of measured sound.
ଦାଉ ଦାଉ ଶବଦ କରୁଛ ମହାନାଦ । ପ୍ରାଚୀ, ବୃନ୍ଦାବନରୂପଣଗୀତା ।

ଦାଉଦି—ବୈଦେ. ବି. (ଅ. ଦାଉଦ୍)—ଏକପ୍ରକାର ଉତ୍କୃଷ୍ଟ ଗହମ—
Dāudī A kind of excellent wheat.
दाऊद दाउदी

ଦାଉ ନେବା—ଦେ. କ୍ରି—ଦାଉସାଧିବା (ଦେଖ)
Dāu nebā Dāusādhibā (Sse)

ଦାଉ ପଟିବା—ଦେ. ବି—ସୁବିଧା ଘଟିବା—
Dāu paṭibā Being convenient for one's purpose; suiting to one's purpose.
दाँउपटा
दाँवपटना

ଦାଉପେଚ୍—ବୈଦେ. ବ. (ହି)—କଳକଉଶଳ; ଶଠତା; ସୁଯୋଗ—
Dāupech Opportunity; opportune moment.
(ଦାଉପେଁଚ୍, ଦାଉଁପେଞ୍ଚ, ଦାଉଁପେଁଚ୍—ଅନ୍ୟରୂପ)
দাওঁপেঁচ दाँवपेंच

ଦାଉରିଆ—ଦେ. ବ—ସିଙ୍କୋଲା (ଦେଖ)
Dāuriā Sinkolā (See)

ଦାଉ ସାଧିବା—ଦେ. କ୍ରି—ପ୍ରତିଶୋଧ ନେବା—
Dāu sādhibā To retaliate; to be avenged; to feed
দাওঁসাধা fat one's grudge; to take grudge;
दाँवलेना to repay one in one's own coil.
ତର ଚୌମାର ଯା ମନାଧିଣ ଥିଲ
ସାଧିଲ ବଧ ସେ ଦାଉ । ସ୍ୱଧାଜାଅ. ଯତ'ଡ ।

ଦାଏ—ଦେ. ବ—ଦାୟ (ଦେଖ)
Dāe Dāya (See)

ଦାଏର୍—ବୈଦେ. ବଣ. (ଫା. ଦାୟେର୍=ବିଚାରାଧୀନ)—
Dāer ୧ । ବିଚାରାଧୀନ—1. Under trial; pending on file.
(ଦାୟେର୍—ଅନ୍ୟରୂପ)
দায়ের ୨ । ବିଚାରାର୍ଥ ଅଦାଲତରେ ଉପସ୍ଥାପିତ—
दायर 2. Filed in court; instituted; begun; initiated in a court.
ବ—ଅଦାଲତରେ (ମୋକଦ୍ଦମା) ଉପସ୍ଥାପନ—
Institution of a case in court

ଦାଏର୍ କରିବା—ଦେ. କ୍ରି—ଅଦାଲତରେ ଉପସ୍ଥାପିତ କରିବା—
Dāer kariba To file in court; to institute.
(ଦାୟେର୍ କରିବା—ଅନ୍ୟରୂପ)
দায়ের করা दायर करना

ଦାଏରି—ବୈଦେ. ବଣ. (ଫା. ଦାୟେରୀ)—୧ । ଅଦାଲତରେ ନାଲିସ
Dāeri କରାଯାଇଥିବା—1 Instituted; filed in the court.
(ଦାୟେରୀ—ଅନ୍ୟରୂପ)
দায়েরী ୨ । ବିଚାରାର୍ଥ ଉପସ୍ଥାପିତ ହୋଇ ଶେଷ ବିଚାର ହୋଇ ନ
दायरी ଥିବା—2. Pending decision

ଦାଏଲ—ପ୍ରାଦେ. (ସମ୍ବଲପୁର) ବ—ଡାଲି—
Dāel Split-moong.

ଦାଁନ୍ତ—ପ୍ରାଦେ. (ସମ୍ବଲପୁର) ବ—ଖିଲାଣ—
Dānt Arch.

ଦାଁଢ଼ି—ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ) ବି—ଶଗଡ଼ଦଣ୍ଡା—
Dānṛdi The long bars of a bullock-cart.

ଦାଁନ୍ତ—ପ୍ରାଦେ. (ସମ୍ବଲପୁର) ବି—ଦାନ୍ତ—
Dānt Tooth.

ଦାଁନ୍ତ ଚାବିବା—ପ୍ରାଦେ. (ସମ୍ବଲପୁର) କ୍ରି—ଦାନ୍ତ ରଗଡ଼ିବା—
Dānt chābibā To grind one's teeth.

ଦାକ୍ଷାୟଣ—ସ. ବି. (ଦକ୍ଷ+ଅୟନ)—୧ । ସୁନା (ହି. ଶବ୍ଦସାଗର)—
Dakshāyaṇa 1. Gold.
୨ । ଭୂଷଣାଦି ମନୋହର ଦ୍ରବ୍ୟ (ହି. ଶବ୍ଦସାଗର)—
2. Ornaments and other fancy things.
୩ । ସ୍ୱର୍ଣ୍ଣମୁଦ୍ରା; ମୋହର (ହି. ଶବ୍ଦସାଗର)—3. Gold coin.
୪ । ଦକ୍ଷଯଜ୍ଞ (ଦେଖ)—4. Dakshajagña (See)

ଦାକ୍ଷାୟଣୀ—ସ. ବ. ସ୍ତ୍ରୀ (ଦକ୍ଷ=ପ୍ରଜାପତିବିଶେଷ+ଅପତ୍ୟାର୍ଥେ, ଅୟନ
Dākshāyaṇī +ସ୍ତ୍ରୀ. ଈ)—୧ । ଦକ୍ଷପ୍ରଜାପତିଙ୍କ କନ୍ୟା,
(ଦାକ୍ଷାୟିଣୀ—ଅନ୍ୟରୂପ) ସତୀ; ପାର୍ବତୀ; ଦୁର୍ଗା—
1. Sati; Pārbati in her previous birth.
କେହି ନ ବୋଲୁ ଦାକ୍ଷାୟଣୀ
ଅଛଡ଼ି ବୈର ସରଣୀ—ଜଗନ୍ନାଥ. ଭାଗବତ ।
୨ । (ଜ୍ୟୋତିଷ) ରେବତୀ ନକ୍ଷତ୍ର—
2. The 27th lunar mansion.
୩ । ସ. ବହୁବଚନ—(ଜ୍ୟୋତିଷ) ଅଶ୍ୱିନ୍ୟାଦି ୨୭ ନକ୍ଷତ୍ର—3. The 27 constellations or lunar mansiosns.
୪ । ରୋହିଣୀ ନକ୍ଷତ୍ର (ହି. ଶବ୍ଦସାଗର)—
4. The 4th lunar mansion.
୫ । କଶ୍ୟପଙ୍କ ସ୍ତ୍ରୀ; ଅଦିତି—
5. A wife of Kaśyapa; Aditi
ସ. ବଣ ଦାକ୍ଷାୟଣ+ଇନ୍)—ସ୍ୱର୍ଣ୍ଣନିର୍ମିତ (ହି. ଶବ୍ଦସାଗର)—
Golden.

ଦାକ୍ଷାୟଣୀପତି—ସ. ବ. ପୁଂ (ଦାକ୍ଷାୟଣୀ+ପତି; ୬ଷ୍ଠୀ ତତ୍)—
Dākshāyaṇī pati ୧ । ଶିବ; ମହାଦେବ—1. Śiba.
୨ । ତାରାପତି; ଚନ୍ଦ୍ର—2. The moon.

ଦାକ୍ଷାଯ୍ୟ—ସ. ବ (ଦକ୍ଷ=ବେଗବାନ୍ ହେବା+ଆଯ୍ୟ=ଦକ୍ଷାଯ୍ୟ+
Dākshājya ଅପତ୍ୟାର୍ଥେ. ଅ) ୧ । ଗରୁଡ଼; ବିଷ୍ଣୁଙ୍କ ବାହନ—
1. The Garurda (king of birds).
୨ । ଶାଗୁଣା; ଗୃଧ୍ର—2. Vulture.

ଦାକ୍ଷିଣ—ସ. ବଣ—୧ । (ଦକ୍ଷିଣା+ଅ)—ଦକ୍ଷିଣାସମ୍ବନ୍ଧୀୟ—
Dākshiṇa 1. Relating to sacrificial gifts.
୨ । (ଦକ୍ଷିଣ+ଅ)—ଦକ୍ଷିଣସମ୍ବନ୍ଧୀୟ—2. Southern.
ସ. ବ—ଶତପଥବ୍ରାହ୍ମଣୋକ୍ତ ହୋମବିଶେଷ—
Name of a Vedic sacrifice.

ଦାକ୍ଷିଣାତ୍ୟ—ସ. ବଣ (ଦକ୍ଷିଣ=ଦକ୍ଷିଣଦିଗ+'ସେଠାରେ ଜାତ'
Dākshiṇātya ଅର୍ଥରେ. ତ୍ୟ)—୧ । ଦକ୍ଷିଣଦିଗଭବ—
1. Southern.
୨ । ଦକ୍ଷିଣରେ ଅବସ୍ଥିତ—
2. Situate in the south
୩ । ଦକ୍ଷିଣଦେଶୀୟ; ଦକ୍ଷିଣୀ—
3. Pertaining to the Deccan.
୪ । ଦକ୍ଷିଣ ଦେଶବାସୀ; ଦକ୍ଷିଣିଆ—4. Inhabiting the southern portion of Deccan.
ବ—୧ । ଦକ୍ଷିଣାପଥ; ବିନ୍ଧ୍ୟାଚଳର ଦକ୍ଷିଣରୁ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ଅବସ୍ଥିତ ଦେଶ—1. The Deccan; South India; the part of India to the south of the Bindhya range.

[ଦ୍ର—ଏ ଶବ୍ଦ ଏ ଅର୍ଥରେ ପ୍ରାଚୀନ ପ୍ରାମାଣିକ ସଂସ୍କୃତ ଗ୍ରନ୍ଥରେ ବ୍ୟବହୃତ ହେବାର ଦେଖାଯାଏ ନାହିଁ । କିନ୍ତୁ ଆଧୁନିକ ଅନେକ ପ୍ରସିଦ୍ଧ ସଂସ୍କୃତଜ୍ଞ, 'ଦକ୍ଷିଣାପଥ' ଅର୍ଥରେ ଏହି ଶବ୍ଦ ବ୍ୟବହାର କରିଥିବା ଦେଖାଯାଏ ।]

୨ । ନଡ଼ିଆ—2. The cocoanut.

ଦାକ୍ଷିଣାତ୍ୟ ପ୍ରଭା— ସଂ.ବି (ଅଧୁନିକ ପ୍ରୟୋଗ)—ବୈବସ୍ୱତୀ ପ୍ରଭା (ଦେଖ)
Dākshiṇātya prabhā Baibaswatī prabhā (See).

ଦାକ୍ଷିଣାତ୍ରୟ—ପ୍ରାଦେ (ଯାଜପୁର) ବି—ଯାଜପୁରବାସୀ କୁଳୀନ ବ୍ରାହ୍ମଣଙ୍କ
Dākshiṇātraya ଶାଖାବିଶେଷ—
(ଦକ୍ଷିଣାତ୍ରୟ; ଦକ୍ଷିଣାତ୍ରେୟ—ଅନ୍ୟରୂପ) [ଦ୍ର—ଯଯାତିକେଶରୀ କାନ୍ୟକୁବ୍ଜରୁ ଦଶ ସହସ୍ର ବେଦଜ୍ଞ ବ୍ରାହ୍ମଣଙ୍କୁ ଅଣାଇ ଯାଜପୁରରେ ସେମାନଙ୍କଦ୍ୱାରା ଯଜ୍ଞ କରାଇ ପ୍ରଥମେ ସେଠାରେ ବ୍ରାହ୍ମଣମାନଙ୍କୁ ରଖାଇଥିଲେ । ପରେ ସେଠାରୁ ଯେଉଁମାନେ ପୁଣି ଅନ୍ୟସ୍ଥଳକୁ ଯାଇ କେତେକାଳ ରହିବା ପରେ ପୁଣି ଯାଜପୁରକୁ ଫେରିଲେ, ସେମାନେ ଦାକ୍ଷିଣାତ୍ରୟ ନାମରେ ଅଭିହିତ ହେଲେ ଓ ଯେଉଁମାନେ ପ୍ରଥମରୁ ଯାଜପୁରରେ ବାସ କରି ରହିଲେ ସେମାନେ ଯାଜପୁରତ୍ରୟ ନାମରେ ପରିଚିତ ହେଲେ ।]

ଦାକ୍ଷିଣ୍ୟ—ସଂ. ବି —(ଦକ୍ଷିଣା+ଯୋଗ୍ୟାର୍ଥେ. ଯ)—୧ । ଦୟା—
Dākshiṇya 1. Humanity; kindness; pity; generosity; milk of human kindness.

୨ । ପରଚ୍ଛନ୍ଦାନୁବର୍ତ୍ତିନ, ଅନୁକୂଳ୍ୟ; ପ୍ରସନ୍ନତା—
2. Patronage; favour.

୩ । ଔଦାର୍ଯ୍ୟ; ଉଦାରତା—
3. Liberal-mindedness.

୪ । ସରଳତା—4. Frankness; sincerity; simplicity.

୫ । ଭଦ୍ରତା; ସୌଜନ୍ୟ—5. Courtesy; politeness.

୬ । ଅନ୍ୟ ବ୍ୟକ୍ତିର ଚିତ୍ତକୁ ପ୍ରସନ୍ନ କରିବାର ଭାବ—
6. Creating of a favourable impression on another's mind.

[ଦ୍ର—ଏହା ଦୟା ସଙ୍ଗେ ସହଚର ଶବ୍ଦରୂପେ ବ୍ୟବହୃତ ହୁଏ ।]

ବିଣ.—(ଦକ୍ଷିଣା+ଯ)—ଦକ୍ଷିଣାର ଉପଯୁକ୍ତ; ଦକ୍ଷିଣାର୍ହ—
Deserving to be given a present.

ଦାକ୍ଷୀ— ସଂ. ବି. ସ୍ତ୍ରୀ. (ଦକ୍ଷ+ଈ)—୧ । ଦକ୍ଷ ପ୍ରଜାପତିଙ୍କ କନ୍ୟା—
Dākshī 1. Daughter of Daksha.

୨ । ପାଣିନିଙ୍କ ମାତାଙ୍କ ନାମ—2. Name of Pāṇini's mother.

[ଦ୍ର—ପାଣିନିଙ୍କୁ ଦାକ୍ଷୀପୁତ୍ର ବୋଲଯାଏ ।]

ଦାକ୍ଷ୍ୟ— ସଂ. ବି. (ଦକ୍ଷ+ଭାବେ. ଯ)—୧ । ଦକ୍ଷତା; ପଟୁତା—
Dākshya 1. Expertness; agility; smartness.

୨ । ନୈପୁଣ୍ୟ—2. Skill; cleverness.

୩ । ସାମର୍ଥ୍ୟ; କାର୍ଯ୍ୟକୁଶଳତା—
3. Ability; competence.

ଦେ. ବି.—ଦାକ୍ଷିଣ୍ୟ, ପରଚ୍ଛନ୍ଦାନୁବର୍ତ୍ତିତ୍ୱ—Patronage.

ଯୁଧିଷ୍ଠିର ବୋଇଲେ ତା'ଙ୍କଠାରେ ସତ୍ୟ;
ଶୀଳ ଏ ଭଦ୍ରକର ସେ ପର୍ଯ୍ୟବେଶିତ ।
କୃଷ୍ଣ ଦ୍ୱି. ମହାଭାରତ- ବନ ।

ଦା । ଖା ।—ଦେ. (ଜମିଦାର ସାଙ୍କେତିକ; ଦାଖଲ ଖଜଣା)—ଖଜଣା
Dā—kha Abbreviation denoting payment of rent.

[ଦ୍ର—ଏ ଶବ୍ଦ ପ୍ରଜାଙ୍କୁ ଦିଆଯିବା ଡାଲପତ୍ର ବା ଚିଠା ପାଉତିରେ ବ୍ୟବହୃତ ହୁଏ ।
'ଦାଖଲ'ରୁ 'ଦା' ଏବଂ 'ଖଜଣା'ରୁ 'ଖା' ଏପରି ଦା: ଖା: ।]

ଦାଖଲ୍—ବୈଦେ. ବି. (କଚେରିଆ) (ଫା. ଦଖଲ୍=ଅଧିକାର, ଶବ୍ଦଜ;
Dākhal ଦାଖିଲ=ଅଧିକୃତ ପ୍ରବିଷ୍ଟ)—୧ । ହାଜର;
दाखिल ଉପସ୍ଥିତ—1. Presence.

दाखील ୨ । ପହଞ୍ଚାଇବା; ଉପସ୍ଥାପିତ କରିବା—
(ଦାଖିଲ୍; ଦାଖ୍ଲ—ଅନ୍ୟରୂପ) 2. Delivery; placing; producing before a person.

୩ । ଅର୍ଥ ପ୍ରେରଣ—3. Remittance of money.

୪ । ପଇଠ; ଟଙ୍କା ଦେବା—
4. Payment of money.

୫ । ଉପାନିଧି; ନ୍ୟାସ—5. Deposit.

ବିଣ.—୧ । ହାଜର; ଉପସ୍ଥିତ—
2. Present; delivered.

୩ । (କାଗଜପତ୍ରରେ ନାମ ଆଦି) ସନ୍ନିବିଷ୍ଟ; ଦରଜ୍ ହୋଇଥିବା—3. Entered (in paper); recorded.

୪ । ଦିଆ ଯାଇଥିବା (ଧନ ବା ବସ୍ତୁ)—
4. Paid; delivered.

୫ । ପ୍ରେରିତ—5. Remitted.

୬ । ଜମାରଖି କରାଯିବା—6. Deposited.

[ଦ୍ର—କଚେରିଆ ଓ ଜମିଦାରିଆ ଲେଖାରେ ଏହାର ସାଙ୍କେତିକ 'ଦା' । ଯଥା—
। ଦା । ଖଜଣା ରାମସାହୁ ଦିଆକେ ପୁତ୍ର ଶ୍ୟାମ ସାହୁ ଅର୍ଥାତ୍ ରାମସାହୁ ନାମରେ ତା ପୁଅ ଶ୍ୟାମ ଖଜଣା ଦାଖଲ କଲା ।]

ଦାଖଲ୍ କରିବା—ଦେ. କ୍ରି. (କଚେରିଆ)—୧ । ପଇଠ ଦେବା; ପଠାଇବା-
Dākhal kariba 1. To pay; to deliver.
दाखिलकरना ୨ । ଉପସ୍ଥାପିତ କରିବା—
दाखिल करना 2. To produce; to present; to submit; to file.

୩ । କାଗଜପତ୍ରରେ ନାମ ଆଦି ପୁରଣ କରିବା; ନାମ ଯୋଗାଇବା; ଚଢ଼ାଇବା—3. To enter on paper; to record; to add the name.

ଦାଖଲ୍କାରୀ—ଦେ. ବିଣ. (କଚେରିଆ) ଯେଉଁ ବ୍ୟକ୍ତି ଅର୍ଥାତ୍ ଦାଖଲ
Dākhal kārī କରେ=Payer; depositer; person making a payment or deposit.

ଦାଖଲ୍ ଖାରଜ୍—ବୈଦେ. ବି (କଚେରିଆ) (ଫା) (ଦାଖିଲ୍=ଯୋଗ
Dākhal khāraj କରିବା+ଖାରଜ୍=ବିଯୋଗ କରିବା)
(ଦାଖିଲ୍ ଖାରଜ୍—ଅନ୍ୟରୂପ) ୧ । ଖାରଜ ଦାଖଲ; ଖାରଜ

ଦାଖିଲ ଖାରିଜ ଦାଖିଲ୍; କୌଣସି ସିରସ୍ତାରେ ଏକ ବ୍ୟକ୍ତି ବା
दाखिल खारीज वସ୍ତୁର ନାମ କାଟି ଅନ୍ୟର ନାମ ସେହି ସ୍ଥାନରେ ପୂରଣ କରିବା —1. Replacing an old name by a new; substituting on paper; recording the name of one person in the place of another.

(ଯଥା— ଦଶସାଲା ବନୋବସ୍ତରେ ୯ ଲକ୍ଷଗଛ ବାୟାପ୍ତି ମୌ: ସିଦ୍ଧେଶ୍ୱରପୁର । ଖା । ଦା । ମୌ—ନୂଆଗାଁର ଅନ୍ତର୍ଗତ କରିଗଲା ।)

୨ । (କୌଣସି ଭୂସ୍ୱତ୍ୱ ପକ୍ଷେ) ଜଣେ ବ୍ୟକ୍ତିର (ଯଥା— ବିକ୍ରେତା; ମୃତବ୍ୟକ୍ତି, ପୂର୍ବାଧିକାରୀର) ନାମ କାଟିଦେଇ ନୂତନ ଅଧିକାରୀଙ୍କ (କ୍ରେତା, ଉତ୍ତରାଧିକାରୀଙ୍କ) ନାମ ଜମିଦାରୀ ବା ସରକାରୀ ସିରସ୍ତାରେ ଲେଖିବା— 2. Substitution; mutation or registration of the name of a new person (e. g. purchaser, heir, successor) in the place of an old or out going person (e. g. vendor, deceased, predecessor) in the office papers or records.

ଦାଖଲ୍ ଖାରଜ୍ କରିବା—ଦେ. କ୍ରି (କଟକୀଆ)—ସିରସ୍ତାର କାଗଜ
Dākhal kharaj kariba ଆଦିରେ ପୁରାତନ ଅଧିକାରୀର ନାମ
(ଦାଖିଲ୍ ଖାରଜ୍ କରିବା—ଅନ୍ୟରୂପ) କାଟିଦେଇ ନୂତନ ଅଧିକାରୀ
दाखिल खारिज करा ବା ସ୍ୱତ୍ୱବାନ୍ ବ୍ୟକ୍ତିର ନାମ ଦରଜ କରିବା—
दाखिल खारिज करना To register the name of a successor in interest by cancelling or striking that of the predecessor.

ଦାଖଲ ଖାରଜ ମହକୁମା—ବୈଦେ. ବି (କଟକୀଆ) (ଫା. ଦାଖିଲ୍+
Dākhala kharaja mahakumā ଖାରଜ୍ + ମହକମା) ଯେଉଁ
दाखिल खारिज महकुमा ସରକାରୀ କାର୍ଯ୍ୟ ବିଭାଗରେ ମୃତ ବ୍ୟକ୍ତି ବା
दाखील खारिज महकमा ବିକ୍ରେତାର ନାମ ପରିବର୍ତ୍ତେ ଭୂସମ୍ପତ୍ତି ପକ୍ଷେ ଯଥାକ୍ରମେ ଔରସ ଓ ଖରିଦଦାରର ନାମ ବିଶ୍ବର ପରେ ଲେଖାଯାଏ—Land registration department or court.

ଦାଖଲ ଖାରଜରୁ (ସୋ)ଷ(ଷୁ)ମ୍—ବୈଦେ. ବି (କଟକୀଆ) (ଫା)—
Dākhala kharaja ru(ro)sha(shu)m ମୃତବ୍ୟକ୍ତି ବା ବିକ୍ରେତା
ଦାଖିଲ ଖାରଜ ଫିସ୍ } ଅନ୍ୟରୂପ ପ୍ରଜାର ନାମ ପରିବର୍ତ୍ତେ ଔରସ
ଦାଖଲ ଖାରଜ ସଲାମି } ବା ଖରିଦଦାରର ନାମ ରଖିବା
दाखिल खारिज रुसूम ବା ମଧ୍ୟସ୍ୱତ୍ୱ ପକ୍ଷେ ଦରଜ କରିବାପାଇଁ
दाखिल खारिज रसुम ଜମିଦାରଙ୍କୁ ଦିଆଯିବା ଧନ—Fees paid to landlord for registration of sales or succession in the case of royaty holdings.

ଦାଖଲ ଦେବା—ଦେ. କ୍ରି (କଟକୀଆ)—ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନିକଟରେ
Dākhala debā ଟଙ୍କା ଆଦି ପଠାଇବା ବା ଜମା ଦେବା—
दाखिल करा To make payment to or deposit
दाखिल करना with a proper person.

ଦାଖଲ ନେବା—ଦେ. କ୍ରି (କଟକୀଆ)—ଅନ୍ୟ ବ୍ୟକ୍ତି ଦାଖଲ କରିବା
Dākhala nebā ଟଙ୍କାକୁ ବିଧିମତେ ଗ୍ରହଣ କରିବା—To
दाखिल लओया duely accept any payment or
दाखल लेना deposit which another is making or going to make

ଦାଖଲ ହେବା—ଦେ. କ୍ରି (କଟକୀଆ) – ୧ । ଦରଜ୍ ହେବା; ଲେଖା
Dākhala hebā ହେବା—1. To be recorded.
दाखिल हओया ୨ । ଉପସ୍ଥିତ ହେବା—2. To arrive at;
दाखिल होना to attend.

(ଯଥା—ମତେ ଗାଁରେ ଖୋଜା ଲଗିଥାଏ, ବୁଝିଲାବେଳକୁ ମୁଁ ଆସି କଟକରେ ଦାଖଲ ହେଲିଣି ।)

୩ । (ଧନ ବା ବସ୍ତୁ) ଦିଆଯିବା; ଜମା ହେବା— 3. To be paid or delivered.

ଦାଖଲା—ବୈଦେ. ବି (କଟକୀଆ) (ଫା)—୧ । ଟଙ୍କା ଦେବାର ପାଉତି—
Dākhalā 1. Receipt for money paid.
(ଦାଖିଲା—ଅନ୍ୟରୂପ) ୨ । ଖଜଣା ଦାଖଲ କରିଥିବାର ନିଦର୍ଶନ
दाखिला ପତ୍ର—2. Rent receipt.
दाखिला [ଦ୍ର—ଏହାକୁ ଚେକ୍‌ଦାଖିଲା, ଛପାଦାଖିଲା କହନ୍ତି । ଏହା ନିର୍ଦ୍ଦିଷ୍ଟ ଫାରମରେ ଛପା ହୋଇଥାଏ । ପ୍ରତ୍ୟେକର ଦୋହରି ଥାଏ ଯହିଁରୁ ଖଣ୍ଡେ ପାଉତି ଦିଆଯାଏ ଓ ଖଣ୍ଡେ ମୁଣ୍ଡା ରହେ ।]

ଦାଖଲି—ବୈଦେ. ବଣ (କଟକୀଆ) (ଫା—ଦାଖିଲ୍)—ଦାଖଲ କରା
Dākhali ଯିବା—Paid; delivered.
(ଦାଖିଲି—ଅନ୍ୟରୂପ)
दाखिल, दाखिल

ଦା । ଖା ।—ଦେ. (ଜମିଦାର ଓ କଚେରୀଆ ସାଙ୍କେତିକ)—'ଦାଖଲ'
Dā khā 'ଖାରଜ'ର ସାଙ୍କେତିକ ଅକ୍ଷରଦ୍ୱୟ—Abbreviation denoting 'ଦାଖଲଖାରଜ' or mutation; alteration of names.

[ଦ୍ର—'। ଖା । ଦା ।' ମଧ୍ୟ ଏଥିର ସାଙ୍କେତିକ ରୂପେ ବ୍ୟବହୃତ ହୁଏ ।]

ଦାଖ୍ଲା—ଦେ. ବି ଓ ବଣ (କଚେରୀଆ ଓ କରଣୀ ବ୍ୟବହାର)—
Dākhla ଦାଖଲ୍ (ଦେଖ
Dākhal (See)

ଦାଖ୍ଲି—ଦେ. ବି (କଚେରୀଆ ଓ କରଣୀ ବ୍ୟବହାର)—ଦାଖଲି (ଦେଖ)
Dākhli Dākhali (See)

ଦାଗ – ଦେ. ବି (ଫା. ଦାଗ୍; ତୁଳନା କର—ସଂ. ଦାହ; ପ୍ରା. ଦାଗ)—
Dāga ୧ । ଚିହ୍ନ —1. A mark; spot.
दाग ୨ । କୌଣସି ପଦାର୍ଥ ଅନ୍ୟ ବସ୍ତୁରୁ ମାଡ଼ି ବସିବା ପରେ
दाग ଯେଉଁ ଚିହ୍ନ ରହିଯାଏ—2. Mark left by a thing on another.

୩ । ଛାପ; ଛେକ; ମାର୍କା— 3. A distinguishing mark or symbol.

୪ । ମଳଚିହ୍ନ; କଳଙ୍କଚିହ୍ନ — 4. Taint; a stain; a blot.

୫ । କାଳୀ ଦାଗ—5. Inky stain or taint; ink-mark.

୬ । ଘାଚିହ୍ନ—6. Cicatrice; mark left by a wound on the body.

୭ । (ତୁଳ. ସଂ. ଦାହ) ଦାଗି; ଚିହ୍ନ; ଦେହରେ ଛେକ; ତତ୍ତୁ ଦାଗ—A mark made on the body with a hot iron; a brand.

୮ । ରେଖା; ଗାର—8. A line.

୯ । (ଲକ୍ଷଣାର୍ଥ) ମନରେ ଜାତ ହେବା ଦୁଃଖ ବା ଦରଜ—9. (figurative) Mental wound; mark of sorrow left in the mind.

୧୦ । ଲୁଗା ବା ଅନ୍ୟ ପଣ୍ୟଦ୍ରବ୍ୟ ଉପରେ ଦିଆ ଯାଇଥିବା ମୂଲ୍ୟଜ୍ଞାପକ ଚିହ୍ନ—10. A mark or sign made on the body of a cloth or other commodity denoting the price of it.

୧୧ । ଫଳ ଉପରେ ଦେଖାଯିବା ସଢ଼ା ଚିହ୍ନ—11. Spot indicating the rottenness of a fruit.

୧୨ । (ଲକ୍ଷଣାର୍ଥ) ବଦନାମ; ଅପଯଶ; କଳଙ୍କ; କାଳ; ଅଖ୍ୟାତି, ଅକୀର୍ତ୍ତି—(figurative) Blot or stain on one's fair name; stigma; moral blot; scandal.

ଅଷ୍ଟପୂର୍ବ ରୂପତଃ ବୋଲେ ହେବ ଭରତ, କେ ବୃଥା ଅଙ୍ଗାରତ ଦାଗେ ଯେ ।
କବିସୂର୍ଯ୍ୟ. ସଙ୍ଗୀତ ।

୧୩ । ବନ୍ଧୁକ ଦଗା, ବନ୍ଧୁକର ଏକ ଶ୍ଳେଟ ବା ଏକଥର ଫାଇର—13. One charge by gun fire; firing of a gun.

୧୪ । ପାଣିଆ ଔଷଧର ଏକ ପାନ, ଯାହା କ ବୋତଲ ଉପରେ କାଗଜ ଦାଗ ଚହିତ ହୋଇଥାଏ—14. One does or mark of liquid medicine kept in a bottle.

୧୫ । (ଲକ୍ଷଣାର୍ଥ) ଦୁର୍ଗୁଣ; ଦୋଷ—15. (figurative) Defect; fault.

୧୬ । ଛୋଟ ରେଖା—16. Small line.

ଦାଗ ଉଠା(ଠେ)ଇବା—ଦେ. କ୍ରି—କୌଣସି ବସ୍ତୁରେ ହୋଇଥିବା
Dāga uṭhā (ṭhe)ibā ମଳ ଚିହ୍ନକୁ ଲୋପ କରାଇବା—

ଦାଗ ଛଡ଼ା(ଡ଼େ)ଇବା ଦାଗ ଲିଭା(ଭେ)ଇବା ଦାଗ ଲୁଚା(ଚେ)ଇବା ଦାଗ ଲିଭା(ଭେ)ଇବା	ଅନ୍ୟରୂପ	To obliterate or remove a mark, spot, blot or stain from some thing.

ଦାଗମୋଛା, ଦାଗତୋଳ ଦାଗଛୁଟାନ ଦାଗ ଛୁଡ଼ାନା

ଦାଗ ଉଠିବା—ଦେ. କ୍ରି—୧ । କୌଣସି ପଦାର୍ଥରେ ହୋଇଥିବା ଚିହ୍ନ
Dāga uṭhibā ଲୋପ ହେବା—The disappearance of a
ଦାଗ ଓଠା; ଦାଗ ଛୁଟା stain or blot or mark from the
ଦାଗଛୁଟନା body of a thing.

ଦାଗ ଛାଡ଼ିବା ଦାଗ ଯିବା ଦାଗ ଲିଭିବା	ଅନ୍ୟରୂପ	୨ । ଅପ୍ରେମିତ କଳଙ୍କ ପ୍ରକ୍ଷାଳନ ହେବା—2. The removal of a stigma from one's name.

୩ । ଚେତଚିହ୍ନ ଲୋପ ହେବା—3. The healing of a mark or cicatrice.

୪ । କୌଣସି ବ୍ୟକ୍ତିର କାର୍ଯ୍ୟ ଯୋଗୁଁ ମନରେ ଜାତ ହୋଇଥିବା ଦୁଃଖ ଦୂର ହେବା—4. The forgetting of some unpleasant memories or slights caused in the mind of a person.

ଦାଗ କରିବା—ଦେ. କ୍ରି—୧ । ଦାଗିବା; ଚିହ୍ନଦେବା—1. To mark.
Dāga karibā ୨ । ଛେକ ବା ଚିହ୍ନ ଦେବା; ତତ୍ତୁ ଦେବା—
ଦାଗକାଟୀ; ଦାଗକରା; ଦାଗଦେଓଆ 2. To brand.
ଦାଗଦେନା

ଦାଗ କାଟିବା—ଦେ. କ୍ରି—କୌଣସି ବସ୍ତୁରେ ଦାଗ ବା ରେଖା
Dāga kāṭibā ଅଙ୍କନ କରିବା—To mark or line on
ଦାଗ କାଟା; ଦାଗକାଟନା something.

ଦାଗ ରହିବା—ଦେ. କ୍ରି—୧ । କୌଣସି ପଦାର୍ଥରେ ମଇଳା ଚିହ୍ନ
Dāga rahibā ରହିବା—A stain being left on
ଦାଗଥାକା; ଦାଗରହନା something.

(ଦାଗ ରହିଯିବା—ଅନ୍ୟରୂପ) ୨ । କ୍ଷତଚିହ୍ନ ଦେହରେ ରହିଯିବା—2. A cicatrice being left on the body.

ଏବେ ଯେଉଁ ଦସ୍ତର କରିଛ ମନରେ
କଲେ ଦାଗ ରହିବ ତୁମ୍ଭର ଗାଲରେ । କୃଷ୍ଣସିଂହ-ମହାଭାରତ ଶଲ୍ୟ ।

ଦାଗରାଜ୍ (ଜି)—ବୈଦେ. ବି (ଫା. ଦାଗରାଜୀ)—କୋଠା ଆଦିର
Dāgarāj(ji) ସାମାନ୍ୟ ସାମାନ୍ୟ ଅଂଶିକ ମରାମତି; ପକ୍କା କାନ୍ଥ
ଦାଗରାଜି; ଦାଗରାଜୀ ବା ଛାତ ବା ମେଝିଅରେ ଭଙ୍ଗିଥିବା ବା ଫଟା ସ୍ଥାନମାନ ଚୂନ ବା ମାଟିଦ୍ୱାରା ମରାମତ ବା ସଂସ୍କାର କରିବା; ଅଂଶିକ ଜୀର୍ଣ୍ଣସଂସ୍କାର—Petty repairs done to the damaged portions of a plastered wall or concrete roof or floor.

ଦାଗ ଲଗା(ଗେ)ଇବା—ଦେ. କ୍ରି—୧ । କୌଣସି ବସ୍ତୁରେ ମଇଳା
Dāga lagā(ge)ibā ଚିହ୍ନ ବସାଇବା—1. To make a stain
ଦାଗ ଲାଗାନ; ଦାଗଲଗାନା on any thing; to spoil a thing.

୨ । (କୌଣସି ବ୍ୟକ୍ତିଠାରେ) କଳଙ୍କ ଅରୋପ କରିବା—2. To defame or scandalise a person; to stigmatise.

୩ । ଚିରକାଳକୁ ଦାଗୀ କରିଦେବା; ଅନ୍ୟଠାରେ ଭବିଷ୍ୟତକୁ ଦେଖାଯିବା କଳଙ୍କ ଲଗାଇବା—3. To cause a permanent blot on a person; to disgrace a person.

(ଯଥା—ବୁଝିଥା, ତୋତେଇଁ ଇମିତି ଗୋଟାଏ ଦାଗ ଲଗେଇ ଦେବି ଯେ ମଲାଯାଏ ପାସୋର ଯିବ ନାହିଁ ।)

ଦାଗ ଲଗିବା—ଦେ. କ୍ରି—୧ । ମଳଥ ହେବା—1. Being stained
Dāga lāgibā ୨ । କୌଣସି ବ୍ୟକ୍ତିଠାରେ କଳଙ୍କ ଲଗିବା—
ଦାଗଲାଗା; ଦାଗଲଗନା 2. Being stigmatised or scandalised.

ଦାଗିବା—ଦେ. କ୍ରି (ଫା. ଦାଗ୍‌ନା)—୧ । ଚିହ୍ନବା; ଚିହ୍ନ ଦେବା—
Dāgibā 1. To mark.
दागा; **दागना** ୨ । ଚିହ୍ନ ଦେବା; ଲଞ୍ଛିବା—2. To brand with a hot iron.
(ଦଗାଇବା—ଣିଜନ୍ତ)
୩ । ବନ୍ଧୁକ ଫାଏର୍ କରିବା; ଲଞ୍ଛିବା—3. To shoot; to fire a gun.
୪ । ମଇଳା ଚିହ୍ନ ଦେବା—4. To stain.

ଦାଗୀ—ବୈଦେ. ବଣ. (ଫା)—୧ । ଦାଗ ବା ଚିହ୍ନଯୁକ୍ତ—
Dāgi 1. Marked; spotted.
दागी ୨ । କଳଙ୍କିତ—2. Stained.
दागी ୩ । ଯେ ଅପରାଧ କରି ରାଜଦ୍ୱାରରେ ପୂର୍ବେ ଦଣ୍ଡ ପାଇଅଛି—3. Convicted of an offence before.
୪ । ସଢ଼ି ଯିବା ଯୋଗୁଁ ଉପରେ ଚିହ୍ନ ପଡ଼ିଥିବା (ଫଳ)—
4. Rotten (fruit).
୫ । ଚିହ୍ନ ଦିଆ ଯାଇଥିବା—5. Branded.
ବୈଦେ. ବି—ଥରେ ସଜା ପାଇଥିବା ଲୋକ—
A marked man; a previous convict.

ଦାଗୀ ଆସାମୀ—ବୈଦେ. ବି. (ଉଭୟଆ) (ଫା)—ଯେଉଁ ମୁଦାଲା ପୂର୍ବେ ସଜା ପାଇଅଛି—A previous convict (accused).
Dāgi āsāmi
दागी आसामी
दागी आसामी

ଦାଗୀଚୋର—ଦେ. ବି—ପୂର୍ବେ ସଜା ପାଇଥିବା ଚୋର—
Dāgichora A thief who has had previous convictions; previously convicted thief.
दागीचोर
चोरदागी

ଦାଘ—ସଂ. ବି. (ଦହ ଧାତୁ+ଭାବ. ଅ)—ଗରମୀ; ତାପ (ହି.ଶବ୍ଦସାଗର)
Dāgha Heat.

ଦାଠାଙ୍ଗି—ଦେ. ବଣ—ଅତିଶୟ ଚାଲାକ୍—
Dāthāngi Very very clever.

ଦାଡ଼କ—ସଂ. ବି. (ଦଡ଼ ଧାତୁ ବିଦାରଣ କରିବା+କର୍ତ୍ତୃ. ଅକ)—
Dārdaka ୧ । ଦାନ୍ତ (ହି. ଶବ୍ଦସାଗର)—1. Tooth.
୨ । ହିଂସ୍ରଜନ୍ତୁ ଆଦିଙ୍କର ବଡ଼ଦାନ୍ତ—2. Tusk.

ଦାଡ଼ିଘିଅ—ପ୍ରାଦେ. (ସମ୍ବଲପୁର) ବି—ଅଡ଼ଘିଅ (ଦେଖ)
Dārdighia Ārdaghia (See)
(ଦାଢ଼ିଘିଅ—ଅନ୍ୟରୂପ)

ଦାଡ଼ିଧାନ—ପ୍ରାଦେ. (ସମ୍ବଲପୁର) ବି—ଖଇଭଜା ଧାନ; ଖଇଭଜା ହେବା ପରେ ଚହିଁରୁ ଖସି ପଡ଼ିବା ଧାନର ଚୋପା—
Dārdidhāna
(ଦାଢ଼ିଧାନ—ଅନ୍ୟରୂପ) The husks of paddy which fall out when paddy is fried.

ଦାଡ଼ିମ—ସଂ. ବି. (ଦଲ୍ ଧାତୁ=ବିଦାରଣ କରିବା+କର୍ତ୍ତୃ. ଇମ)—
Dārdima ଡାଳିମ୍ବ ଫଳ ଓ ଗଛ—The pomegranate
(ଡାଳିମ୍ବ—ଅନ୍ୟରୂପ) (tree and fruit) Punica Granata.

ଦାଡ଼ିମପୁଷ୍ପକ—ସଂ. ବି. (ଦାଡ଼ିମପୁଷ୍ପ+କ; ଯାହାର ଫୁଲ ଡାଳିମ୍ବ ଫୁଲ ପରି)—ରୋହିତକ ବୃକ୍ଷ (ଦେଖ)
Dārdimapushpaka Rohitaka (See)

ଦାଡ଼ିମପ୍ରିୟ—ସଂ. ବି. (ଦାଡ଼ିମ୍+ପ୍ରିୟ; ବହୁବ୍ରୀହି)—ଶୁକ; ଶୁଆ—
Dārdima priya The parrot.

ଦାଡ଼ିମୀ—ସଂ. ବି. (ଦଲ୍ ଧାତୁ=ବିଦୀର୍ଣ୍ଣ କରିବା+ଇମ୍+ସ୍ତ୍ରୀ ଈ)—
Dārdimi ଦାଡ଼ିମ (ଦେଖ)—Dārdima (See).
(ଦାଡ଼ିମୀସାର—ଅନ୍ୟରୂପ)

ଦାଢ଼—ଦେ. ବି. (ସଂ. ଧାର; ପ୍ରା. ଦାଢ଼ା)—ଅସ୍ତ୍ରାଦିର ତୀକ୍ଷ୍ଣ ଧାର—
Dārdha 1. Sharp edge or blade of weapons.
दाड़; धार ଖଣ୍ଡା ଦାଢ଼ ପରେ କ ଗ୍ରଲ ଲଭି ଗେଲ ।
डाढ़ କୃଷ୍ଣସିଂହ, ମହାଭାରତ ବନ ।
୨ । (ଲକ୍ଷଣାର୍ଥ) ସୀମା; ଅସନ୍ନବର୍ତ୍ତିତା—
2. Being on the brink of (some danger) imminent risk.
ସଦା ଯୁଦ୍ଧେ ବୀର ବିପଦର ଦାଢ଼େ । ରାଧାନାଥ. ନନ୍ଦିକେଶ୍ୱରୀ ।
୩ । (ଲକ୍ଷଣାର୍ଥ) ଅହଂ; ଦମ୍ଭ; ଗାରିମା —
3. Pride; stubbornness.
ବଛା ବେନ ପୁଣ ଛାଡ଼ି ଏବେ ମହାତରୁ ଲୋଡ଼ି
ଦାଢ଼ ଭାଙ୍ଗିବ ମୁଁ ଶକ୍ତି ଶିଳେ । ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ।
୪ । ଦାଢ଼ୁଆ ଅସ୍ତ୍ର—4. A sharp weapon.
ନୃହରି ପାଷାଣ ମୁଷ୍ଟି ସମାନ
କ ମାଳେ ଘଡ଼ପଣେ ଦାଢ଼ ମୂନ । କବିସୂର୍ଯ୍ୟ. କବିତାକଲ୍ଲୋଳ ।
୫ । ଏକକଡ଼ା କଉଡ଼ିର ୩୨ ଭାଗର ଏକଭାଗ ପରିମାଣ—
5. One 32th part of a cowrie or shell-money.
କଡ଼ାଦାଢ଼ ନେଉଁ ଯାଏ ନାହିଁ ଗଡ଼ । ରାଧାନାଥ. ଦରବାର ।
[ଦ୍ର—୧କଡ଼ା=୩୨ଦାଢ଼; ୧ଦାଢ଼=୨୦ବିଦାଢ଼ ।]
୬ । ଅତି ସାମାନ୍ୟ ଅଂଶ—
6. A very minute part.
ଯେବେ ମୋ ପ୍ରୟୋଜନ ନାହିଁ
ମୂଲରୁ ଦାଢ଼େ ନ ଛଡ଼ଇ—ଭୂପତି. ପ୍ରେମପଞ୍ଚାମୃତ ।
୭ । ଗର୍ତ୍ତ ବା ନଈ ପୋଖରୀର ଜଳର ନିକଟବର୍ତ୍ତୀ ଉଚ୍ଚ ଭୂଭାଗ—7. The brink of a river, lake or an abyss.
୮ । କାନ୍ଥ; ଅଟ୍ଟାଳି ଇତ୍ୟାଦିର ଧଡ଼ି—
8. The edge of a wall or any high platform.
୯ । ପ୍ରତାପ; ବଳ; ତେଜ—9. Might; power.
କେତେ ଲୋକ ମଙ୍ଗରାଜଙ୍କ ଦାଢ଼ରୁ ମୁକ୍ତି ପାଇଥିବାର
ଶୁଣାଯାଏ—ଫକୀରମୋହନ. ଛମାଣ ଆଠଗୁଣ୍ଠ ।
दाढ़ ୧୦ । (ସଂ. ଦଂଷ୍ଟ୍ରା; ପ୍ରା. ଦଡ୍ଢା; ସଂ. ଦାଡ଼କ)—ନାହୁଡ଼;
दाढ़ ବିଷଦାନ୍ତ—10. Sting; fangs.
୧୧ । ପଶୁ ଆଦିଙ୍କ ବଡ଼ ଦାନ୍ତ—
11. Tusk; big tooth of beasts.
ପ୍ରାଦେ. (ଗଡ଼ଜାତ) ବି—ବିଦା; କୃଷିକର୍ମର ଯନ୍ତ୍ରବିଶେଷ—
Harrow.

ଦେ. ବଣ. (ସଂ. ଦାହ ଧାତୁ)—୧ । ଉତ୍ତପ୍ତ—1. Hot.
୨ । ତୀକ୍ଷ୍ଣ—2. Sharp.

ଦାଢ଼ କରିବା—ଦେ. କ୍ରି—ଶସ୍ତ୍ରାଦିକୁ ତୀକ୍ଷ୍ଣଧାର କରିବା—
Dārdha karibā To sharpen an weapon; to whet.
धार करना धार धरना

ଦାଢ଼ କାଟିବା—ଦେ. କ୍ରି—୧ । ପ୍ରତାପ ଅନୁଭୂତ କରିବା—
Dārdha kātibā 1. Having one's might or influence felt by others.
(ଦାଢ଼ କାଟୁ କରିବା—ଅନ୍ୟରୂପ)
୨ । ହୁକୁମ ଚଳିବା—2. (one's order) To be in force or to obtain.
(ଯଥା—ଆଜି କାଲି ମୁଲକରେ ଗାନ୍ଧୀ ମହାତ୍ମାଙ୍କ ଦାଢ଼ କାଟୁଛି ।)

ଦାଢ଼ ଖାଇବା—ଦେ. କ୍ରି—(ନଦୀ) କୂଳ ଖାଇବା; ଅତଡ଼ା ଖାଇବା—
Dārdha khāibā (a river) To wash down the brink; to corrode one bank.
(ଦାଢ଼ ଖାଇଯିବା—ଅନ୍ୟରୂପ)
(ଯଥା—ନଈଟା ଏ ବର୍ଷ ପଶ୍ଚିମ ପାଖ ଦାଢ଼ ଖାଇ ଯାଇଛି ।)

ଦାଢ଼ ଗଳା(ଲେ)ଇବା—ଦେ. କ୍ରି—ନାହୁଡ଼ ମାରିବା ବା ଦାନ୍ତ ଗଳାଇବା
Dārdha galā(le)ibā To sting or bite.

ଦାଢ଼ଦାଢ଼ିଆ—ପ୍ରାଦେ. (ସମ୍ବଲପୁର) ବଣ—
Dārdhadārdhiā ଦାଆ ବା କରତ ପରି ଦନ୍ତୁର—
Having the edge like a scythe.

ଦାଢ଼ ପଡ଼ିବା—ଦେ. କ୍ରି—ଶସ୍ତ୍ରାସ୍ତ୍ରର ଦାଢ଼ ଥନ୍ତରା ହୋଇଯିବା—
Dārdha pardibā (a sharp weapon) Becoming blunted.
(ଦାଢ଼ ପଡ଼ିଯିବା—ଅନ୍ୟରୂପ)
धार पड़े जाना मोथरा होना

ଦାଢ଼ମଇ—ଦେ. ବ—ଚନ୍ଦ୍ରକଳା ପରି ବଙ୍କା ମଇ—
Dārdhamai A crescent-shaped lader-like-roller rolled over a ploughed field.
[ଦ୍ର—ଏହା ଚଷା ହୋଇଥିବା ଜମିର ଢେଲା ମାଟିକୁ ଗୋଟିଏ ଗୋଟି କରି ନେଇଯାଏ ।]

ଦାଢ଼ା—ସଂ. ବ (ଦୋ ଧାତୁ=ଛେଦନ କରିବା+କରଣ. ତ+ଆ)—
Dārdhā ୧ । ବଡ଼ ଦାନ୍ତ—1. Tusk; big tooth.
୨ । ନାହୁଡ଼—2. Sting.
୩ । ବିଷଦାନ୍ତ—3 Fang.
୪ । ପ୍ରାର୍ଥନା—4. Prayer.
୫ । ସମୂହ—5. Collection.
ଦେ. ବ (ସଂ. ଦାଢ଼ା; ସଂ. ଦଂଷ୍ଟ୍ରା; ପ୍ରା. ଦାଢ଼ା) ତୀକ୍ଷ୍ଣଦାନ୍ତ—
Sharp tooth.

ଦାଢ଼ି—ଦେ. ବ (ସଂ. ଦାଢ଼ା=ଦନ୍ତରୁ; ସଂ. ଦାଢ଼ିକା)—୧ । ଶ୍ମଶ୍ରୁ—
Dārdhi 1. Beard.
दाड़ी; दाढ़ी ଦାଢ଼ି କସ୍ତୁରୀ-କଣ୍ଠାର କଳା ଗୋ ।
दाढ़ି ପ୍ରାଚୀ. ରହସ୍ୟମଞ୍ଜରୀ ।
୨ । ଥୋଡ଼; ଚିବୁକ—2. Chin.
୩ । ବଳଦ ବା ଗଣ୍ଡର ତଳପାଟିର ଦାନ୍ତ—3. The row of front teeth of a bullock on the lower jaw.
୪ । ଦାଢ଼ା (ଦେଖ)—4. Dārdhā (See)

ଦାଢ଼ିଆ—ଦେ. ବଣ—୧ । ଶ୍ମଶ୍ରୁଳ—1. Bearded.
Dārdhiā ୨ । ଦୀର୍ଘ ଶ୍ମଶ୍ରୁଯୁକ୍ତ—2. Having long and flowing beard.
दाढ़िआ
डाढ़िवाला; डढ़ियल ବ—ମୁସଲମାନ୍—Mahomedan.
(ଦାଢ଼ିଆଲ—ଅନ୍ୟରୂପ) [ଦ୍ର—ଏମାନଙ୍କର ଶ୍ମଶ୍ରୁ ଥିବାରୁ; ଯଥା—ବଲାତଫେରନ୍ତା ବାବୁଙ୍କର ଦାଢ଼ିଆ ପୂଜାହାରୀ ନ ହେଲେ କାମ ଚଳେ ନାହିଁ ।]

ଦାଢ଼ିଆଣୀ—ଦେ. ବ—୧ । ପଡ଼ିଆଳ କୁମ୍ଭୀର—1. A crocodile with a cup on its snout.
Dārdhiāni
(ଦାଢ଼ିଆଣୀ—ଅନ୍ୟରୂପ) ୨ । ଥଣ୍ଟିଆ କୁମ୍ଭୀର—2. The long snouted alligator; gavial.
ଏଠାରେ ଗୋମହାଁ କୁମ୍ଭୀରର ଉପଦ୍ରବ ଭାରି, ଦାଢ଼ିଆଣୀ ପଡ଼ିଆଳ ତ ପଣ ପଣ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

ଦାଢ଼ିଆ ପୂଜାରି—ଦେ. ବ (ବ୍ୟଙ୍ଗୋକ୍ତି)—ମୁସଲମାନ ବବୁର୍ଚ୍ଚୀ ବା
Dārdhiā pūjāri ପାଚକ—A Mahomedan cook.
(ଦାଢ଼ିଆ ପୂଜାହାରୀ—ଅନ୍ୟରୂପ) (ଯଥା—ଆଜିକାଲିର ଶିକ୍ଷିତ ବାବୁମାନଙ୍କୁ ଦାଢ଼ିଆ ପୂଜାହାରୀଙ୍କ ରାନ୍ଧଣା ଭାରି ସୁଆଦିଆ ଲାଗେ ।)

ଦାଢ଼ିଉଠିବା—ଦେ. ବ (ବୟସ ଯୋଗୁଁ ଯୁବକର) ଶ୍ମଶ୍ରୁଦ୍ଗମ ହେବା—
Dārdhiuthibā The coming out of beards (due to a youth attaining majority).
दाढ़ीउठा
दाढ़ीरोना
(ଦାଢ଼ିହେବା—ଅନ୍ୟରୂପ

ଦାଢ଼ିକମା(ମେ)ଇବା—ଦେ. କ୍ରି—୧ । (ଭଣ୍ଡାରି) ଅନ୍ୟ ବ୍ୟକ୍ତିର
Dārdhikamā(me)ibā ଶ୍ମଶ୍ରୁକୁ ମୁଣ୍ଡିତ କରାଇବା—
दाढ़िकमान 1. (a barber) To shave the beard of another.
दाढ़िमुड़वाना
୨ । ନିଜର ଦାଢ଼ିକୁ ଭଣ୍ଡାରିଦ୍ୱାରା ମୁଣ୍ଡିତ କରାଇବା—
2. To have one's beard shaven.
୩ । ଦାଢ଼ିଛାଣ୍ଟିବା (ଦେଖ)
3. Dārdhi chhāntibā (See).

ଦାଢ଼ିକା—ସଂ. ବ (ଦାଢ଼ା+କ+ସ୍ତ୍ରୀ. ଆ)—ଶ୍ମଶ୍ରୁ; ଦାଢ଼ି—
Dārdhikā Beard.

ଦାଢ଼ି ଛଣ୍ଟା(ଣ୍ଟେ)ଇବା—ଦେ. କ୍ରି—ଭଣ୍ଡାରି ଦ୍ୱାରା ଆପଣାର ଦାଢ଼ିର
Dārdhi chhanta(nte)ibā କେତେକ ଅଂଶ କାଟୁରାଇବା—
दाढ़ीछाटान To have one's beard cropped by the barber.
डाढ़ीकटवाना

ଦାଢ଼ି ଛାଣ୍ଟିବା—ଦେ. କ୍ରି—୧ । (ଭଣ୍ଡାରି) ଅନ୍ୟ ବ୍ୟକ୍ତିର ଶ୍ମଶ୍ରୁର
Dārdhi chhāntibā କେତେକ ଅଂଶକୁ କାତୁରୀରେ କାଟିବା—
दाढ़ीछाटा 1. (a barber) To pair or crop the beard of a person.
डाढ़ीकाटना

୨ । ଦାଢ଼ି ଛଣ୍ଟାଇବା (ଦେଖ)
2. Dārdhi chhantāibā (See).

ଦାଢ଼ି ପକା(କେ)ଇବା—ଦେ. କ୍ରି—ଭଣ୍ଡାରୀଙ୍କ ଦ୍ୱାରା ଆପଣାର ଶ୍ମଶ୍ରୁକୁ
Dārdhi pakā(ke)ibā **ମୁଣ୍ଡାଇ କରାଇବା**—To have one's
[ଦାଢ଼ି ମୁଣ୍ଡା(ଣ୍ଡେ)ଇବା—ଅନ୍ୟରୂପ] beard shaven by the
दाढ़ीकेश **दाढ़ी मुड़वाना** barber.

ଦାଢ଼ି ପାଇବା—ଦେ. କ୍ରି—ଦାମୁଡ଼ି ବଳଦର ଦାନ୍ତ ଉଠିବା—
Dārdhi pāibā The coming out of the teeth of a steer (adult calf).

[ଦ୍ର— ବଳଦ ଓ ଷାଣ୍ଢଙ୍କର ତଳ ପାଟିରେ କଳଦାନ୍ତ ଥାଏ, କିନ୍ତୁ ତାହା ବାହାରକୁ ଦେଖାଯାଏ ନାହିଁ । କେବଳ ତଳ ପାଟିରେ ଥିବା ୮ଟି ଦାନ୍ତ ବାହାରକୁ ଦେଖାଯାଏ । ଜନ୍ମବେଳେ ବାଛୁରିର ଦାନ୍ତ ନ ଥାଏ । କ୍ରମଶଃ ଦାନ୍ତ ଉଠିବାକୁ ଦାନ୍ତିବା ବା ଦାନ୍ତେଇବା କହନ୍ତି । ଯାହାର ୨ଟା, ୪ଟା, ୬ଟା ଦାନ୍ତ ଉଠିଥାଏ ସେ ୨ଟା, ୪ଟା ବା ୬ଟା ଦାନ୍ତିଛି ବୋଲି କହନ୍ତି । ୬ଟା ଦାନ୍ତଥିବା ବଳଦ କୃଷି ଆଦି କର୍ମ ପାଇଁ ଉପଯୁକ୍ତ । ବଳଦର ୮ଟା ଯାକ ଦାନ୍ତ ଉଠିଲେ 'ବଳଦ ଦାଢ଼ି ପାଇଲା' ବୋଲି ବୋଲାଯାଏ । ୬ଟା ଦାନ୍ତଥିବା ବଳଦକୁ ହସ୍ତ ଭରେ ଯୋଡ଼ନ୍ ବୋଲାଯାଏ ।]

ଦାଢ଼ି ରଖିବା—ଦେ. କ୍ରି—ଶ୍ମଶ୍ରୁ ରଖିବା; ଦାଢ଼ି ବଢ଼ାଇବା; ଦାଢ଼ି
Dārdhi rakhibā **କ୍ଷୌର ନ କରାଇବା**—Not to shave
दाढ़ीराखा one's beard; to grow the beard.
दाढ़ि छोड़ना
(ଦାଢ଼ି ଛାଡ଼ିବା; ଦାଢ଼ି ବଢ଼ା(ଢ଼େ)ଇବା—ଅନ୍ୟରୂପ)

ଦାଢ଼ୁଆ—ଦେ. ଵଣ. (ସ. ଧାର)—
Dārdhuā ତୀକ୍ଷ୍ଣ ଧାରବିଶିଷ୍ଟ; ଧାରିତ—
धारांग Sharp-edged; sharp-bladed.
नुकिला, तेज, चोखा

ଦାଢ଼୍ୟ—ସ୍ତ୍ରୀ. ବି. (ସ. ଦାର୍ଢ୍ୟର ଅଶୁଦ୍ଧ ଉଚ୍ଚାରଣ)—
Dārdhya ଦାର୍ଢ୍ୟ; ଦୃଢ଼ତା; କଠୋରତା; ଅଚଳତା; ସ୍ଥିରତା—
(ଦାଢ଼୍ୟତା—ଅନ୍ୟରୂପ) Firmness.

ଦାର୍ଢ୍ୟତାଭକ୍ତି—ଦେ. ବି. (ସ. ଦାର୍ଢ୍ୟ ଓ ଭକ୍ତିରୁ)—
Dārdhyatābhakti ୧ । ଅଟଳ ଭକ୍ତି—1. Unflinching devotion.

୨ । କେତେକ ଦୃଢ଼ଭକ୍ତଙ୍କ ବିବରଣପୂର୍ଣ୍ଣ ଓଡ଼ିଆ ଗ୍ରନ୍ଥବିଶେଷ; ଦାର୍ଢ୍ୟତାଭକ୍ତି—2. Name of an Oriya book illustrating or mentioning the unflinching devotion of some devotees.

[ଦ୍ର—ରାମଦାସଙ୍କ ରଚିତ ଏହି ପଦ୍ୟଗ୍ରନ୍ଥ ୫୫ ଅଧ୍ୟାୟରେ ବିଭକ୍ତ । ମନ ଓ ଚୈତନ୍ୟଙ୍କ କଥୋପକଥନ ଛଳରେ 'ଚଇତନ'; 'ମନଙ୍କ' ଆଗରେ ୫୬ ଜଣ ଦୃଢ଼ ଭକ୍ତଙ୍କ କାହାଣୀ ଭାଗବତ ବୃତ୍ତରେ ବର୍ଣ୍ଣନା କରୁ ଅଛନ୍ତି—୧. ବାଲୀରାଜା; ୨. ହରିଶ୍ଚନ୍ଦ୍ର; ୩. କର୍ଣ୍ଣ ରାଜା; ୪. ସାନବନ୍ଧୁ ଦାସ; ୫. ଦାମୋଦର ଦାସ ୬. ଵିଶ୍ୱମ୍ଭର ଦାସ; ୭. ରାମ ଦାସ; ୮. ରଘୁ ଅରକ୍ଷିତ; ୯. ନୀଳାମ୍ବର ଦାସ; ୧୦ ରଘୁ ବେହେରା; ୧୧. ଗଙ୍ଗାଧର ଦାସ; ୧୨. ବନ୍ଧୁ ମହାନ୍ତି; ୧୩. ବଳରାମ ଦାସ; ୧୪. ଜଗନ୍ନାଥ ଦାସ; ୧୫. ମାଧବାଗୁର୍ଜି; ୧୬. କବୀର; ୧୭. ମଣି ଦାସ; ୧୮. କୃଷ୍ଣଦାସ; ୧୯. ଚୈତନ୍ୟ ମହାପାତ୍ର; ୨୦. ଅଜ୍ଞନା; ୨୧. ମାଧବୀ; ୨୨. କ୍ଷାନ୍ତିଚନ୍ଦ୍ର; ୨୩. ଗଣପତି ଭଟ୍ଟ; ୨୪. ଅଜ୍ଞନା ଶବର; ୨୫. ମେଲଚ୍ଛ; ୨୬. କୁଳଶିଖର ରାଜା; ୨୭. ଲାଲବେଗ; ୨୮. ସାଲବେଗ; ୨୯. ଦାସିଆ ବାଉରି; ୩୦. ତୁଳସୀ ଦାସ; ୩୧. ସିପୁରି; ୩୨. ନାରାୟଣ ଦାସ; ୩୩. ଗୌରଚନ୍ଦ୍ର; ୩୪. ଗୋବିନ୍ଦ ଦାସ; ୩୫. ସାନବନ୍ଧୁ ଓଝା; ୩୬. ଗୀତା ପଣ୍ଡା; ୩୭. ହରିଚନ୍ଦନ ରାଜା; ୩୮. ମଙ୍ଗଳ ଗଉଡ଼; ୩୯. ବାଳକ ରାମ ଦାସ; ୪୦. କୃପାସିନ୍ଧୁ ଦାସ; ୪୧. ନନ୍ଦ ମହାନ୍ତି; ୪୨. ମୋଟା ରାମ ଦାସ ବା ରାମ ବେହେରା; ୪୩. ଚକ୍ରାନନ୍ଦ ଦାସ; ୪୪. ରଘୁ ଦାସ; ୪୫. ପିପା ଦାସ; ୪୬. କୃଷ୍ଣପ୍ରିୟା; ୪୭. ମିରାବାଈ; ୪୮. ଜ୍ଞାନାନନ୍ଦ ଦାସ, ୪୯. ଅଜ୍ଞନା ଶବର; ୫୦. ଅଜାମିଳ ପଣ୍ଡା; ୫୧. ଗରୁଡ଼ ଦାସ, ୫୨. ଚନ୍ଦ୍ରଧ୍ୱଜ; ୫୩. ଚଢ଼ା ବିପ୍ର; ୫୪. ଶ୍ଳେଷ୍ଟ ବିପ୍ର; ୫୫. ବଲ୍ଲମଙ୍ଗଳ; ୫୬. ଜୟଦେବ ।]

ଦାଣ୍ଟ—ପ୍ରାଦେ. (ସମ୍ବଲପୁର) ବି—ଖିଲାଣ—
Dānt Arch.

ଦାଣ୍ଟିବା—ଦେ. କ୍ରି. (ସ. ଦାନ୍ତ=ଦମନ, ବଶୀକରଣ)—
Dāntibā ୧ । ଅଟକାଇବା—1. To restrain; to
(ଦାଣ୍ଟିବା—ଅନ୍ୟରୂପ) check.
ଦାଁଟ୍ରା ୨ । ଆକଟ କରିବା; ଜାବଡ଼ା କରିବା—
डाँटना 2. To scold.

୩ । ଗାଣ୍ଟିବା; ଆକ୍ରାନ୍ତ କରିବା—3. To overpower. (ଯଥା—ରୋଗ ତାକୁ ଭାରି ଦାଣ୍ଟିଛି ।)

୪ । ଦଣ୍ଡେଇବା; ଶଗଡ଼ର ପଛ ଅଡ଼ୁ ଦଣ୍ଡା ଧରି ଶଗଡ଼ର ଗତିକୁ ନିୟନ୍ତ୍ରିତ କରିବା—4. To direct or regulate the motion of a cart by holding its beams from behind.

୫ । ଶାସନ କରିବା; ଦମନ କରିବା—5. To subject to discipline; to control; to rule.

୬ । ଧମକାଇବା; ଧଡ଼କାଇବା—
6. To threaten.

୭ । ଦଣ୍ଡ ଦେବାର ଭୟ ଦେଖାଇବା—
7. To threaten; to punish.

ଦାଣ୍ଠି—ଦେ. ବି. (ସ. ଦଣ୍ଡ)—
Dānthi ୧ । ସଜନା ଆଦି ଗଛର ଲମ୍ବ ଛୁଇଁ—
ଡାଁଟା 1. The stalk-like beans of 'Sajanā'.
डाँठ, डंठल ୨ । ଖଡ଼ାର ଡାଙ୍ଗ—
2. The stem of Khardā plant.

୩ । ପୋଇ, ଲାଉ, କଖାରୁ ଆଦି ଲତାର ସ୍ଥୂଳ ଓ ଅପେକ୍ଷାକୃତ କଠିନ ଅଂଶ; ଡାଙ୍ଗ—
3. Hard stalks of creepers.

ଦାଣ୍ଠିଆ(ୟା)—ଦେ. ଵଣ —ଠାଣ୍ଠୁଆ; ଡାଙ୍ଗୁଆ; ରୁଣ୍ଡିଆ—
Dānthiā(yā) Hard; abounding with stalks.
ଡାଁଟାଳ **कड़ा**

ଦାଣ୍ଡ—ଦେ. ବି. (ସଂ. ଦାଣ୍ଡ)—
Dāṇḍa ୧ । ରାସ୍ତା; ବାଟ; ପଥ—1. Road; way; path.
ରାস্তা କେଉଁଠାରେ ସେ ବନ୍ଦ ହୋଇଣ ବସୁଲେ
रास्ता କେଉଁଠାରେ ସଳଖ ଦାଣ୍ଡେ ପଶୁ ଗଲେ ।
କୃଷ୍ଣସିଂହ. ମହାଭାରତ. ବନ ।
୨ । ରାଜଦାଣ୍ଡ; ସଡ଼କ—
2. High way, public road.
ଦଣ୍ଡରେ ପଦପଙ୍କେରୁହ ଯୁଗେ ମଣ୍ଡେ ଦେଇ ଚାଲେ ଦାଣ୍ଡ ।
ଲକ୍ଷ୍ମୀକାନ୍ତ. ସଙ୍ଗୀତ
সদর ୩ । ଗୃହର ବହିର୍ଭାଗ—
सदर 3. The outside of a house.
ସକାଳୁଁ ଉଠୁଣ ବେଗେ ଦାଣ୍ଡକୁ ଅଇଲ । ଜଗନ୍ନାଥ. ବେ. ପ ।
୪ । ଗୃହର ସଦର ପାଖ, ଯେଉଁ ପାଖ ସର୍ବସାଧାରଣଙ୍କ
ବ୍ୟବହାର୍ଯ୍ୟ—4. The sudder of a house.
ডন ୫ । ଏକପ୍ରକାର ବ୍ୟାୟାମ; ଦଣ୍ଡ; କୁସ୍ତି—
डंड 5. A kind of athletic exercise.
ଖେଳିଲେ ଦାଣ୍ଡ ପାଣ୍ଡୁସୁତେ ଅତ ଅଙ୍ଗେ । କୃଷ୍ଣସିଂହ. ମହାଭାରତ. ସଭା ।
বাহির ୬ । ବାହାର; ବହିର୍ଭାଗ—6. The exterior.
बाहरी ଘରେ ଘରେ ସଂଜ୍ଞା ହୋଇବା ଚିନ୍ତାଚିନ୍ତ
ଦାଣ୍ଡକୁ ବାହାରିଲେ ସେ ଅସେ ଏକ ହି ।
କୃଷ୍ଣସିଂହ. ମହାଭାରତ. ବନ ।
୭ । ବ୍ୟବସାୟ; ବାଣିଜ୍ୟ—7. Business; trade
(ଯଥା—ବର୍ତ୍ତମାନ ନଡ଼ିଆଦାଣ୍ଡ ଚଳୁ ନାହିଁ ।)
୮ । ସର୍ବସାଧାରଣ ବା ପ୍ରକାଶ୍ୟସ୍ଥାନ—8. Public place.
ବସ୍ତ୍ର ଦାଣ୍ଡେ ପଡ଼େ ଜାଣଯାଏ ଭଲେ । କୃଷ୍ଣସିଂହ. ମହାଭାରତ ସଭା ।
বাজার ୯ । ହାଟ; ବଜାର—9. Market.
बजार ୧୦ । ଭାଉ—10. Market rate.
(ଯଥା—ବର୍ତ୍ତମାନ ଚାଉଳ ଦାଣ୍ଡ ଭାଉ ମନ୍ଦା ।)

ଦାଣ୍ଡଅଡ଼—ଦେ. ବି—ଗୃହର ଯେଉଁ ପାଖ ରାଜଦାଣ୍ଡ ସଂଲଗ୍ନ; ଘରର
Dāṇḍa ārḍa ସଦର—The sudder or public side of
(ଦାଣ୍ଡଅଡ଼—ଅପଭ୍ରଂଶ) a house.
সদরদিগ सदरतरफ

ଦାଣ୍ଡଅଡ଼େ—ଦେ. ଅ—ଦାଣ୍ଡ ତରଫରେ; ଗୃହର ବହିର୍ଦ୍ଦିଗରେ—
Dāṇḍaārḍe Outside the house.
বাহিরে ବି. (ଭଦ୍ର ପରିବାରର ସ୍ତ୍ରୀମାନଙ୍କ ବ୍ୟବହୃତ)—
୧ । ଗୃହସ୍ୱାମୀ—1. The master of the house.
୨ । ନିଜର ସ୍ୱାମୀ—2. One's husband.
[ଦ୍ର—ଭଦ୍ର ସମାଜରେ ସ୍ତ୍ରୀମାନେ 'ମୋ ସ୍ୱାମୀ' ବୋଲି ନ କହି 'ଦାଣ୍ଡଅଡ଼େ', 'ଆମର ସେ', 'ଆମର ସେମାନେ', 'ମିଣିପେ' ଶବ୍ଦମାନ ବ୍ୟବହାର କରନ୍ତି । ସେହି ପରି ପୁରୁଷମାନେ 'ମୋ ସ୍ତ୍ରୀ' ନ କହି 'ଭିତରଅଡ଼େ', 'ଘରେ', 'ଘରଅଡ଼େ', 'ପିଲାଏ', 'ସେମାନେ', 'ମାଇପେ', ଶବ୍ଦମାନ ବ୍ୟବହାର କରନ୍ତି ।]

ଦାଣ୍ଡକଥା—ଦେ. ବି—୧ । ଗୃହର ବାହାରର କଥା—
Dāṇḍa kathā 1. Outward matter; external affairs.
ଦାଣ୍ଡବିଷୟ } ଅନ୍ୟରୂପ
ଦାଣ୍ଡମାମଲତ }
୨ । ଯେଉଁ ବିଷୟ ଦାଣ୍ଡରେ ବା ପ୍ରକାଶ୍ୟ
বাহিরের কথা ଭାବରେ ଆଲୋଚିତ ହୁଏ—2. A matter
उपरी बात, बाहरकी बात discussed in public.
(ଘରକଥା—ବିପରୀତ) ୩ । ବାହାର ଲୋକଙ୍କ ସଙ୍ଗେ ସମ୍ପର୍କ ଥିବା
ପାରିବାରିକ କଥା—3. Matters relating to the
external affairs of a family.

ଦାଣ୍ଡଖଞ୍ଜା—ଦେ. ବି—ଘରର ବାହାର ବା ଦାଣ୍ଡ ପାଖର ଚଉର ବା
Dāṇḍakhañjā ଅଗଣା—The outer courtyard of a
বাহিরের বাকুলী **बाहरकी अंगन** house.

ଦାଣ୍ଡଘର—ଦେ. ବି—ଗୃହର ଦାଣ୍ଡପାଖରେ ଅବସ୍ଥିତ କୋଠରି—
Dāṇḍaghara The room of a house adjoining the
বাহিরের ঘর public road.
बाहरका मकान ଯେବେ ଓଡ଼ିଶାରେ କରିବୁ ଘର
ଦାଣ୍ଡଘର ଖଣ୍ଡି ଅରୁଥିଁ କର । ଢଗ ।

ଦାଣ୍ଡ ଛୁଆଁ—ଦେ. ବି—ଘରୁ ବାହାରକୁ ଯିବାବେଳେ ମନୁଷ୍ୟ ଅନେକ
Dāṇḍa chhuāñ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବା ଓ ଅସ୍ପୃଶ୍ୟ ବସ୍ତୁକୁ
ଛୁଇଁ ଥିବା ଯୋଗୁଁ ନିଜର ପିନ୍ଧା ଲୁଗା ଓ ପଇତା ଓ
ଦେହର ଯେଉଁ ଅପବିତ୍ରତା ବା ଅଶୁଚିତା ହୁଏ—
The impurity contracted by coming in contact with outsiders and untouchable persons and things in the case of a person who goes and stays out of the house for some time.
ଦେ. ବିଣ—ଘରୁ ବାହାରକୁ ଯାଇଥିବା ଯୋଗୁଁ ଅଶୁଚି (ଶରୀର, ବସ୍ତ୍ର ବା ପଇତା)—(cloth or body) Contaminated by the touch of outsiders.
[ଦ୍ର—ନୈଷ୍ଠିକ ହିନ୍ଦୁମାନେ ଦାଣ୍ଡକୁ ଗଲେ ଫେରୁ ଫେରୁ ଦାଣ୍ଡଛୁଆଁ ଲୁଗା, ଦେହ ଓ ପଇତାକୁ ନ ଧୋଇ ଘରେ ପଶନ୍ତି ନାହିଁ । ଏହିପରି ମଧ୍ୟ ରାତିରେ ଯେଉଁ ଲୁଗା ପିନ୍ଧି ସ୍ତ୍ରୀବାଳକମାନଙ୍କ ସଙ୍ଗେ ଶୁଅନ୍ତି ସେହି ରାତିବାସ ଛୁଆଁ ଲୁଗା, ଦେହ ଓ ପଇତାକୁ ନ ଧୋଇ ଘରେ ଭଲ ଲୁଗା ଆଦି ଛୁଅନ୍ତି ନାହିଁ ।]

ଦାଣ୍ଡଦୁଆର—ଦେ. ବି—ଗୃହର ସଦର ଦ୍ୱାର—
Dāṇḍaduāra The sudder or outer door of
সদরদোর a house; the front door at the
सदर दरवाजा entrance of a house.

ଦାଣ୍ଡ ନିଶାପ—ଦେ. ବି—କୌଣସି ବିଷୟରେ ପ୍ରକାଶ୍ୟ ବିଚାର—
Dāṇḍa nishāpa Public consideration of a
(ଦାଣ୍ଡନ୍ୟାୟ—ଅନ୍ୟରୂପ) matter.
বাহিরের ন্যায়

ଦାଣ୍ଡ ପକା(କେ)ଇବା—ଦେ. କ୍ରି—ଦଣ୍ଡ ପକାଇବା; ବ୍ୟାୟାମ କରିବା—
Dāṇḍa pakā(ke)ibā To perform athletic
(ଦଣ୍ଡ ପେଲିବା—ଅନ୍ୟରୂପ) exercise.
ডনফেলা, डंडपेलना

ଦାଣ୍ଡ ପତିଆରା—ଦେ. ବି (ଓ. ଦାଣ୍ଡ+ସଂ. ପ୍ରତ୍ୟୟ)—୧ । ବାହାରର
Dāṇḍa patiārā ଲୋକଙ୍କୁ ଦେଖାଇ ସେମାନଙ୍କ ମନରେ ଆସ୍ଥା
বাহিরের পতিয়ারা ବା ପ୍ରତ୍ୟୟ ଜନ୍ମାଇବାପାଇଁ ଗରିବ ବା

बाहरकी ठाटबाट ଦେଶଦାର ଲୋକର ଅନୁଗ୍ରହଲକ୍ଷଣାର୍ଥ ଅଡ଼ମ୍ବର—1. A false appearance or outward show set up to maintain one's credit in the eyes of the public.

ଘର ଭଣ ଭଣ ବୃଅରେ ଚାନ୍ଦ
ଦାଣ୍ଡ ପଖଅର ହଅ ହର୍ଡଃ । ଚଗ ।

୨ । କୌଣସି ବ୍ୟବସାୟୀ ବ୍ୟକ୍ତିଠାରେ ସର୍ବସାଧାରଣଙ୍କର ଥିବା ପ୍ରତ୍ୟୟ; ବ୍ୟାବସାୟିକ ପ୍ରତିପତ୍ତି—Public credit of a man of business.

ଦାଣ୍ଡ ପହଁର—ଦେ. ବି—୧ । ଦାଣ୍ଡ ଓଳାଇବା—
Dāṇḍa pahañrā 1. Brooming or sweeping the road.

୨ । ପୁଷ ମାସ ରବିବାର ଦିନ ଶୂଦ୍ରଜାତୀୟା ସ୍ତ୍ରୀମାନଙ୍କର କରିବା ଓଷା [ଏହି ଓଷାରେ ଦାଣ୍ଡର ଅଗ୍ରବ ସ୍ଥାନ ପହଁର (ଓଳାଇ) ଓ ଲିପି ସେଠାରେ ପୂଜା କରାଯାଏ]—
2. A festival observed by Sūdra women on the sunday of the month of Pausha.

ଦାଣ୍ଡ ପିଣ୍ଡା—ଦେ. ବି—ଦାଣ୍ଡକୁ ଲାଗିଥିବା ଘରର ପିଣ୍ଡା—
Dāṇḍa piṇḍā The outer veranda of a house.
বাহিরের রক, बाहरका बरामदा

ଦାଣ୍ଡ ଭାଉ—ଦେ. ବି—ବଜାରର ପ୍ରଚଳିତ ମୂଲ୍ୟ—
Dāṇḍa bhāu Market rate; market price.
(ଦାଣ୍ଡମୂଲ—ଅନ୍ୟରୂପ)
বাজারদর, बजारकाभाव

ଦାଣ୍ଡ ମଣ(ଣି)ଷ—ଦେ. ବି—୧ । ପରିବାରର ଅଭ୍ୟନ୍ତରୀଣ ବିଷୟ ସଙ୍ଗେ Dāṇḍa maṇa(ṇi)sha ସମ୍ପର୍କ ନ ଥିବା ବ୍ୟକ୍ତି; ଅସମ୍ପର୍କୀୟ ବ୍ୟକ୍ତି—1. A person who has no concern with the internal affairs of a family.
ଦାଣ୍ଡମିଶିପ, ଦାଣ୍ଡଲୋକ } ଅନ୍ୟରୂପ
বাহরেরে লোক
बाहरी आदमी

୨ । ବାହାରର ଲୋକ; ସାଧାରଣଙ୍କ ମଧ୍ୟରୁ କେହି ବ୍ୟକ୍ତି—2. An outsider; a member of the outside public.

୩ । ଅପରିଚିତ ବ୍ୟକ୍ତି—3. Stranger.

ଦାଣ୍ଡମର୍ଯ୍ୟା(ର୍ଯ୍ୟା)ଦା—ଦେ. ବି—ଲୋକସାଧାରଣଙ୍କ ମଧ୍ୟରେ କୌଣସି Dāṇḍamarjā(jyā)dā ବ୍ୟକ୍ତିଙ୍କର ଥିବା ପ୍ରତିଷ୍ଠା ଓ ପ୍ରତିପତ୍ତି—One's prestige or position in the eyes of the public.

ଦାଣ୍ଡର ବାଉରାଣୀ—ଦେ. ବି. ସ୍ତ୍ରୀ—ପଥର ବାଉରାଣୀ (ଦେଖ)—
Dāṇḍara bauṛāṇi Pathara bauṛāṇi (See)
(ଦାଣ୍ଡର ବାଉର—ପୁଂ)
(ଦାଣ୍ଡର ବାଡ଼ଆଣୀ—ଅନ୍ୟରୂପ)

ଦାଣ୍ଡର ଭିକା(ଖା)ରି—ଦେ. ବି—୧ । ସାଧାରଣ ଭିକ୍ଷୁକ—
Dāṇḍara bhikā(khā)ri 1. An ordinary beggar.
পথের ভিকারী ୨ । ଅତି ଅଭାବଗ୍ରସ୍ତ ଓ ନିର୍ଦ୍ଧନ ବ୍ୟକ୍ତି; କାଙ୍ଗାଳ—
बाहरका भिखारी 2. A very poor and needy person.

ଦାଣ୍ଡରକ୍ଷ—ଦେ. ବି.—ଦାଣ୍ଡ ରାସ୍ତା—
Dāṇḍarāksha Village street; street way.

ଚୋରଣା ଦାନ୍ତ ଜଳ ବୃକ୍ଷେ;
ମାର୍ଜିନା କଲେ ଦାଣ୍ଡରକ୍ଷେ । ଜଗନ୍ନାଥ-ଭାଗବତ ।

ଦାଣ୍ଡରେ ପକା(କେ)ଇବା—ଦେ. କ୍ରି—କୌଣସି ବିଷୟ ସର୍ବସାଧାରଣରେ Dāṇḍare pakā(ke)ibā ବିଚାରାର୍ଥ ଉପସ୍ଥାପିତ କରିବା—
বাহিরে ফেলা To submit a matter to the
बाहरमें गिराना public for decision.

ଦାଣ୍ଡରେ ବସିବା—ଦେ. କ୍ରି.—ସର୍ବସ୍ୱ ଓ ଗୃହହୀନ ହୋଇ Dāṇḍare basibā ରାସ୍ତା ପର ହୋଇ ଯିବା; କଙ୍ଗାଳ ହେବା—
রাস্তায় বসা To be reduced to beggary; to become a homeless beggar.

ଦାଣ୍ଡଲୋକେ—ଦେ. ବି. (ବହୁବଚନ)—ସର୍ବସାଧାରଣ—
Dāṇḍa loke Outside public.
বাহিরের লোকে बाहरकि लोगों
(ଦାଣ୍ଡ ଜନେ, ଦାଣ୍ଡମିଶିପେ—ଅନ୍ୟରୂପ)

ଦାଣ୍ଡାଜିନିକ—ସ୍ତ୍ର. ବଣ. ପୁଂ. (ଦଣ୍ଡ+ଅଜିନ=ଦଣ୍ଡାଜିନ+ସ୍ୱାର୍ଥେ Dāṇḍā jinika ଇକ) ଯେଉଁ ବ୍ୟକ୍ତି ସାଧୁ ପରି ଦଣ୍ଡ ଓ (ଦାଣ୍ଡାଜିନିକା—ସ୍ତ୍ରୀ) ଅଜିନ ଧାରଣ କରି ସାଧୁବେଶରେ ଲୋକଙ୍କ ଠକାଏ)—୧ । ପ୍ରତାରକ—1. Cheating; fraudulent; deceitful.

୨ । କୁହୁକୀ—2. Fascinating.

୩ । କପଟ ସନ୍ନ୍ୟାସୀରୂପ ଧାରଣ କରି ଯେ ଲୋକଙ୍କୁ ଠକାଏ—3. Cheating people under the guise of a saint.

ଦାଣ୍ଡି—ଦେ. ବି. (ସ୍ତ୍ର. ଦଣ୍ଡରୁ)—୧ । ଧାଡ଼ି; ଶ୍ରେଣୀ—
Dāṇḍi 1. Row.
ফতি ୨ । ଶାଖାରାସ୍ତା; ବଡ଼ ରାସ୍ତାରୁ ବାହାରିଥିବା ସାନ ରାସ୍ତା—
फांति 2. A bye-road; bye-lane.
লম্বা রাস্তা ୩ । ଲମ୍ବ ସିଧା ବାଟ—
पगडण्डि 3. A long straight road or path.

୪ । ଶଗଡ଼ର ସରୁ—4. Cart-track.

୫ । ପଦ୍ୟ ଅକ୍ଷରର ସମତା ନ ଥାଇ ମିତ୍ରାକ୍ଷରବିଶିଷ୍ଟ ପ୍ରାଚୀନ ଓଡ଼ିଆ ପଦ୍ୟ—5. A class of classic Oria poetical composition.

[ଦ୍ର—ଏହି ବୃତ୍ତର ଉଭୟ ଧାଡ଼ିରେ ସମସଂଖ୍ୟକ ଅକ୍ଷର ନ ଥାଏ । ଏକ ଏକ ଧାଡ଼ିରେ ୧୪।୧୫।୧୬।୧୭।୧୮।୧୯।୨୦ ପର୍ଯ୍ୟନ୍ତ ଅକ୍ଷର ଥାଏ । ଶାରଳାଦାସଙ୍କ ମହାଭାରତ, ବଳରାମ ଦାସଙ୍କ ରାମାୟଣ ଆଦି ଅନେକ ପ୍ରାଚୀନ ଓଡ଼ିଆ ପଦ୍ୟ ଗ୍ରନ୍ଥ ଦାଣ୍ଡି ବୃତ୍ତରେ ରଚିତ; ପ୍ରତ୍ୟେକ ଦୁଇ ଧାଡ଼ିର ଶେଷ ବର୍ଣ୍ଣର ମେଳ ଥାଏ । ମିତ୍ରାକ୍ଷରକୁ ଦୃଷ୍ଟି ରଖି ଏହା ବୋଲିବାକୁ ହୁଏ ।]

ডাণ্ডি ୬ । ପ.ବାହାରିଆ ଅଞ୍ଚଳରେ ବ୍ୟବହୃତ ମନୁଷ୍ୟ ପିଠିରେ ବୁହା
डाँडि, डाँडी ଯିବା ଚଉକି ପରି ଏକ ପ୍ରକାର ଯାନ—
6. A Dandy; a kind of conveyance or chair used in the hills and carried on the backs of men.

୭ । ପହରାଵାଲାଙ୍କର କୌଣସି ସ୍ଥାନରେ ଗମନାଗମନ—
7. The round of a watchman.

ପ୍ରାଦେ. (ସମ୍ବଲପୁର) ବ.—ଲଙ୍ଗଳର ଈଷ—
The shaft or pole of a plough.

ଦେ. ବିଣ.—୧ । ଲମ୍ବ ଓ ସିଧା—
1. Long and straight.
୨ । ଧାଡ଼ିମୂଳକ; ଶ୍ରେଣୀବଦ୍ଧ—
2. Arranged in rows.

ଦାଣ୍ଡିଆ—ଦେ. ବ. (ସଂ. ଦଣ୍ଡ)—ଚକର ଅର—
Dāṇḍiā Spoke of a wheel.

ପାଖେ ଦେ. ବିଣ.—୧ । ସିଧା; ସଳଖ—
ଆଡ଼ି 1. Straight.
୨ । ସିଧା ଓ ଲମ୍ବ—2. Straight and long.

ଦାଣ୍ଡିକ—ସଂ. ବ. (ଦଣ୍ଡ+ଜୀବକାର୍ଥେ. ଇକ)—୧ । ଦଣ୍ଡିଆ; ଦଣ୍ଡୀଦାର; ଯେ ପଣ୍ୟ ଦ୍ରବ୍ୟ ଓଜନ କରି ଜୀବିକା ନିର୍ବାହ କରେ—1. A professional weigh-man.
Dāṇḍika
୨ । ଦଣ୍ଡଅସି; ଯେ ଠେଙ୍ଗା ଧରି ଜୀବିକା ନିର୍ବାହ କରେ; ଛଡ଼ିବରଦାର—2. One whose profession is to carry a staff; a mace-bearer; a watchman.

ଦାଣ୍ଡି କିଲା—ଦେ. ବି. (ସଂ. ଦଣ୍ଡ. ଓ କୀଲକ ଶବ୍ଦରୁ)—ଶଗଡ଼ର ଅଖ ମଝିରେ ମରାଯାଇଥିବା କିଲା—
Dāṇḍi kilā
A peg attached to the middle of the axle of a cart.

ଦାଣ୍ଡୀ ଗୀତ—ଦେ. ବି.—ଯେଉଁ ବ ଧାଡ଼ିଆ ଗୀତରେ ପଦମାନଙ୍କରେ ଅକ୍ଷର ସଂଖ୍ୟା ସମାନ ନ ଥାଏ, ମାତ୍ର ମିତ୍ରାକ୍ଷର ପର ଶେଷ ବର୍ଣ୍ଣମାନ ମିଳୁ ଥାଏ—A poem in which the number of letters are not equal in each foot but each couplet rhymes.
Dāṇḍi gita
(ଯଥା—ବୋଲ ଜାଣୁ ଥିବା ଗାୟକଙ୍କ ମୁଖରେ ଦାଣ୍ଡିଗୀତ ବୋଲା ସୁନ୍ଦର ଶୁଣାଯାଏ ।)

ଦାଣ୍ଡିଚ—ଦେ. ବ (ପାନବରଜ ଭାଷା)—ନୂଆ ପାନ ବରଜରେ ପଗଲୁ ପଗ କଟାଯାଇ ରୋପିତ ହେବା ପାନ ଲଟା—
Dāṇḍichā
Separate stems of betel creepers planted as seedling for a new crop.

ଦାଣ୍ଡି ଛିଡ଼ିଯିବା—ଦେ. ବ—ଶଗଡ଼ସବୁ ପିଟିଯିବା; କୌଣସି ରାସ୍ତାରେ ଶଗଡ଼ ଗାଡ଼ି ଆଦି ଯାତାୟାତ କରିବା ଯୋଗୁଁ ଶଗଡ଼ସବୁ ଚକ ରେଖା ପଡ଼ି ଯାଇଥିବା—
Dāṇḍichhirḍijibā
The state of a road being worn by habitual passage of carts etc into ruts or grooves

ଦାଣ୍ଡିଦେବା—ଦେ. କ୍ରି—୧ । ବୁଲିବା—
Dāṇḍidebā 1. To roam.

ଘୁରେବେଡ଼ାନ ୨ । ଇଲାକାର ସୀମାରେ ଯିବା ଅସିବା କରି ପହରା
ମଟକନା ଦେବା—2. To go one's round while keeping watch.

ଚକ୍ରି ଯାଇ ପହରାର କଟକଣୀ
ସେଇଁଠାରେ ଦେଉଛନ୍ତି ସୀପାହୀ ଦାଣ୍ଡି ।

ଦାଣ୍ଡି ପୋଥି—ଦେ. ବ—୧ । ଯେଉଁ ପୋଥିରେ ଧାଡ଼ିମୂଳକ ଲେଖା ହୋଇଥାଏ—1. Palm leaf manuscripts in which the contents are written in continuous lines.
Dāṇḍipothi
୨ । ଯେଉଁ ପୋଥିରେ ପଦ୍ୟର ଛନ୍ଦର ନିୟମ ନ ଥାଏ—
2. A book in which the couplets do not follow any fixed metre.

ଦାଣ୍ଡି ବୃତ(ତ୍ତ)—ଦେ. ବ—ଅକ୍ଷର ନିୟମ ରକ୍ଷା କରି ନ ଯାଇ ଲେଖା ଯାଇଥିବା ପଦ୍ୟ—A poem in which the letters are not equal.
Dāṇḍibṛuta(tta)

କହନ୍ତି ବଇଦେହୀ ଶୁଣ ରଘୁବୀରେ ବର୍ଣ୍ଣି,
କେତେ ଦାରୁଣ ଦଇବ ରୁ ମତେ କ ଦଶା ଦେଲୁ ଅଣି ।
ବଳରାମ. ରାମାୟଣ ।

ଦାଣ୍ଡି ବୋଲିବା—ଦେ. କ୍ରି—ଯତିପାତ ବା ଛନ୍ଦକୁ ଦୃଷ୍ଟି ନ ରଖି ପଦ୍ୟକୁ ଗଦ୍ୟ ଭଳି ବୋଲିଯିବା—
Dāṇḍibolibā
To read poetry like prose without attending to metre.

ଦାଣ୍ଡି ଭାରତ—ଦେ. ବ—ଶାରଳା ଦାସଙ୍କ ରଚିତ ମିତ୍ରାକ୍ଷରବିଶିଷ୍ଟ କିନ୍ତୁ ଅସମସଂଖ୍ୟକ ଅକ୍ଷରଯୁକ୍ତ ଓଡ଼ିଆ ମହାଭାରତ—
Dāṇḍibhārata
(ଦାଣ୍ଡିମହାଭାରତ—ଅନ୍ୟରୂପ) The Oria Mahabharat of Sārala Das.

ଦାଣ୍ଡି ମାରିବା—ଦେ. କ୍ରି—୧ । ବହୁଦୂର ବାଟ ଲମ୍ବେ ଲମ୍ବେ ଭ୍ରମଣ କରିବା—1. To walk along to a great distance.
Dāṇḍimāribā
ଟୋଟୋକରେ ବେଡ଼ାନ
ମଟକନା ୨ । ଦାଣ୍ଡରେ ବୁଲିବା—
2. To walk on a road.
(ଯଥା—ଗେଲ୍ହାପୁଅ ମୁଠିଏ ଭୋଜନ ମାରିଦେଇ ଗାଁସାକ ଦାଣ୍ଡି ମାରୁଛନ୍ତି ।)
୩ । ବୃଥାରେ ଏଣେତେଣେ ବୁଲିବା—
To rove about; to loaf.

ଦାଣ୍ଡିମାଳ—ଦେ. ବ—ପୁରୀ ଜିଲ୍ଲା ଖୋରଧା ସବଡ଼ିଭିଜନର ଗୋଟିଏ ପ୍ରଗନା—Name of a pergunna in Killa Khurda in the district of Puri.
Dāṇḍimāḷa
[ଦ୍ର—ଖୋରଧା କିଲ୍ଲାର ପ୍ରଗନ୍ନାମାନଙ୍କୁ କିଲ୍ଲା ବୋଲାଯାଏ । ଦାଣ୍ଡିମାଳ ଏହି ଅନୁସାରେ ଗୋଟିଏ କିଲ୍ଲା ।]

ଦାଣ୍ଡିମାଳ ଘ'ର ଶଇଳ ବଷରେ
ଶିର-ଯଶ ଲେଖା ଅକ୍ଷରେ ଅକ୍ଷରେ—ରାଧାନାଥ. ନନ୍ଦିକେଶ୍ୱରୀ ।

ଦାଣ୍ଡିରାମାୟଣ—ଦେ. ବ—ବଳରାମ ଦାସଙ୍କ ରଚିତ ଦାଣ୍ଡି ବୃତ୍ତର ଓଡ଼ିଆ ରାମାୟଣ—The Oria Rāmāyaṇa by Baḷarāma Dās.
Dāṇḍirāmāyaṇa

ଦାଣ୍ଡି ରାସ୍ତା—ଦେ. ବି—୧ । ଯେଉଁ ପଥ ସିଧା ହୋଇ ବହୁଦୂର ପର୍ଯ୍ୟନ୍ତ
Dāndi rāstā ଯାଇଥାଏ—1. A straight road running
(ଦାଣ୍ଡି ବାଟ—ଅନ୍ୟରୂପ) for a long distance.
लम्बा रास्ता ୨ । ଶଗଡ଼ ଗଲା ରାସ୍ତା; ଶଗଡ଼ ଗାଡ଼ି ଆଦି ଯିବାର
पगडंडी ରାସ୍ତା—2. Cart road; cart track; carriage road.
୩ । କୌଣସି ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାପାଇଁ ସରଳତମ ବାଟ—3. A straight-cut road.
୪ । ବଡ଼ ରାସ୍ତାକୁ ବାହାରିଥିବା ଛୋଟ ରାସ୍ତା—
4. A bye-road; a path.

ଦାଣ୍ଡୁ—ଦେ. ବି (ସ. ଦଣ୍ଡ)—୧ । ଗେଣ୍ଡୁ ଖେଳର ଡାଙ୍ଗ; ବାଡ଼ି—
Dāndu A bat.
डांड़, डाँडा ୨ । ଡାବଲପୁଆ ଖେଳର ପୁଆ—
डंडा 2. The stick used in the game of Dābalapuā.

ଦାଣ୍ଡେ—ଦେ. ଅ—୧ । ନିଜର ସ୍ୱରୂପରେ—In one's own
Dānde way.
ଗୁଣ ଛଡ଼ନ୍ତେ କର୍ମ ନାଶେ
ଛାଡ଼ପନ୍ତିଲେ ଯେଷ୍ଟା ଦାଣ୍ଡେ—ଭୂପତି. ପ୍ରେମପଞ୍ଚାମୃତ ।
୨ । ସର୍ବସାଧାରଣରେ—2. In public.
ଦାଣ୍ଡେ ବାମର ମୋର ଜୀବନ ଗଲେ ଦାଣ୍ଡେ ଜନେ ନିନ୍ଦିବେ—ବଂଶ ଓଡ଼ିଆ ଶ୍ଳୋକ ।

ଦାଣ୍ଡେଇ—ଦେ. ବିଣ. ସ୍ତ୍ରୀ (ଗାଳିରେ ବ୍ୟବହୃତ) (ଓ. ଦାଣ୍ଡ ଶବ୍ଦଜ)—
Dāndei ଯେଉଁ ବାଳିକା ବା ସ୍ତ୍ରୀ ଅଧିକାଂଶ ସମୟ ଘରେ ନ ରହି ଏଣେତେଣେ (ବା ଦାଣ୍ଡରେ) ବୁଲେ—
(a girl or woman) Who does not stay at home but goes out and whiles away most of her time loafing or roving about.

ଦାତ—ସ. ବିଣ—୧ । (ଦୋ ଧାତୁ=ଛେଦନ କରିବା+କର୍ମ. ତ)—
Dāta ଛିନ୍ନ—1. Cut.
୨ । (ଦୈ ଧାତୁ=ଶୁଦ୍ଧ କରିବା+କର୍ମ.ତ) ·· ଶୁଦ୍ଧ; ପବିତ୍ର—
2. Hallowed; sacred; purified.

ଦାତବ୍ୟ—ସ. ବିଣ (ଦା ଧାତୁ+କର୍ମ. ତବ୍ୟ)—୧ । ଦେୟ; ଯାହା
Dātabya ଦେବାର ଉଚିତ; ଦାନଯୋଗ୍ୟ; ଯାହା ଦାନ କରି ଦିଆଯିବାର ଉପଯୁକ୍ତ—1. Suitable to be given away; fit to be given away or bestowed; payable.
୨ । ଯାହା ଦେବା ଆବଶ୍ୟକ —
2. Necessary to be given away.
୩ । ଖଏରାତ; ଯାହା ଦାନ ସ୍ୱରୂପ ଦିଆଯାଏ —
3. Given in charity.
ଦେ. ବି.—୧ । ଯେଉଁଠାରେ ଦାନ ଦିଆଯାଏ—1. Where any thing is given away as charity.
୨ । ଖଏରାତ; ଦାନ—
2. Charitable gift; charity.
(ଯଥା—ମରେ ଯେବେ ଏ ଘର ଖଣ୍ଡି କଏ ଦାତବ୍ୟ କରି ଦିଅନ୍ତି ତେବେ ମୁଁ ଏଠାରେ ବସବାସ କରନ୍ତି ।)
ଦେ. ବିଣ.—ଖଏରାତ ଦିଆଯିବା; ପ୍ରଦତ୍ତ—
Bestowed in charity.

ଦାତବ୍ୟ ଔଷଧାଳୟ—ଦେ. ବି.—ଯେଉଁ ଡାକ୍ତରଖାନାରେ ରୋଗୀ-
Dātabya aushadhālaya ମାନଙ୍କୁ ବିନା ବ୍ୟୟରେ ଔଷଧ
दातव्य औषधालय ଦାନ ଓ ପରିଚର୍ଯ୍ୟା କରାଯାଏ—Charitable
(ଦାତବ୍ୟ ଚିକିତ୍ସାଳୟ—ଅନ୍ୟରୂପ) hospital or dispensary.

ଦାତବ୍ୟ କରିବା—ଦେ. କ୍ରି.—ଦାନ କରିବା—
Dātabya kariba To make a gift.
दान करना दान करना

ଦାତବ୍ୟ ବିଦ୍ୟାଳୟ—ଦେ. ବି.—ଯେଉଁ ବିଦ୍ୟାଳୟରେ ପିଲାମାନେ
Dātabya bidyālaya ଦରମା ନ ଦେଇ ପାଠ ପଢ଼ନ୍ତି—
A charitable school; a free school.

ଦାତା—ସ.ବିଣ. ପୁଂ.—(ଦା ଧାତୁ+କର୍ତ୍ତୃ. ତୃନ୍; ଦାତୃ ଶବ୍ଦ ୧ମା. ୧ବ.)
Dātā ୧ । ଦାନକାରୀ; ଯେ ଦାନ କରେ—
(ଦାତ୍ରୀ—ସ୍ତ୍ରୀ) 1. Giving; bestowing.
(ଗ୍ରହୀତା—ବିପରୀତ) [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ
(କୃପଣ; ଅଦାତା—ବିପରୀତ) ହୋଇ ମଧ୍ୟ ବ୍ୟବହୃତ ହୁଏ ।]
୨ । ଦାନଶୀଳ; ବଦାନ୍ୟ—2. Liberal; bounteous; generous munificent; open handed.
ସ. ବି.—ଦାନକାରୀ ବ୍ୟକ୍ତି—Doner; giver.

ଦାତାକର୍ଣ୍ଣ—ସ. ବି. (ନାମ)—କର୍ଣ୍ଣ ୨ (ଦେଖ)
Dātā karnna Karnna 2. (See)
दाताकर्ण ଦେ.ବି.—କର୍ଣ୍ଣ ରାଜାଙ୍କ ପରି ଅସାଧାରଣ ଦାତା ବ୍ୟକ୍ତି—
दाताकरन A person who is generous like the king Karnna of the fables.

ଦାତାପଣ—ଦେ. ବି.—ଦାତୃତ୍ୱ; ବଦାନ୍ୟତା—
Dātāpana Liberality; generousity
दातापाना दातापन
(ଦାତାପଣିଆ—ଅନ୍ୟରୂପ)

ଦାତାରାମ୍—ବୈଦେ. ବି. (ହିନ୍ଦୀରୁ ଅନୁକୃତ)—୧ । ଅତ୍ୟନ୍ତରେ;
Dātārām ଦାନ କରିବା ବ୍ୟକ୍ତି; ବିଶେଷ ଦାନଶୀଳ ବ୍ୟକ୍ତି—
दाताराम 1. Very generous person; a magnanimous person.
दाताराम
୨ । ଦାନଶୀଳ ରାମ ବା ଭଗବାନ—
2 The All-giver god.
ଅଜଗରକୁ ଦାତାରାମ—ଢଗ ।

ଦାତାଷଣ୍ଢ(ଣ୍ଢ)—ଦେ. ବି.—(ସ. ଦାନଶୌଣ୍ଡ)—(ବ୍ୟଙ୍ଗୋକ୍ତିରେ ବ୍ୟବ-
Dātāshanda(ndha) ହୃତ)—ଅତ୍ୟନ୍ତରେ ଦାନକରିବା ବ୍ୟକ୍ତି;
(ଦାତାଷେଣ୍ଡ(ଣ୍ଢ)—ଅନ୍ୟରୂପ) ଦାନ କରିବାକୁ ଉତ୍କଣ୍ଠିତ; ଦାନବୀର—
Very liberal or magnanimous person; a very generous person.

ଦାତୃଗୁଣ—ଦେ. ବି.—(ସ. ଦାତୃତା)—ଦାତାପଣିଆ—Generosity;
Dātruguna liberality; magnanimousness.

ଶୃଣି ତୁମ୍ଭ ଦାତୃତ୍ୱ କହିବାକୁ ନଃ;
ଅସୁ ବୋଇଲାରୁ ତହିଁ ନୃପତ ମୁରୁହ ସେ । ରସେନ୍ଦ୍ରଲକ୍ଷଂ ଘଟଣବଶ ।

ଦାତୃତା—ସ.ବି. - (ଦାତୃନ୍ + ଭାବ. ତା) —ଦାତାପଣିଆ; ବଦାନ୍ୟତା— Munificence; generosity; liberality; charitableness.
Dātṛutā
(ଦାତୃତ୍ୱ—ଅନ୍ୟରୂପ)

ଦାତ୍ୟୂହ—ସ. ବ (ଦୋ ଧାତୁ=ଛେଦନ କରିବା+ଭାବେ. କ୍ତି= ଦାତି; ଦାତି=ଛେଦନ+ଉହ୍ ଧାତୁ=ତର୍କ କରିବା+କର୍ତ୍ତୃ.ଅ)—୧ । ଜଳକୁକ୍କୁଟପକ୍ଷୀ—
Dātyūha
(ଦାତୌହ—ଅନ୍ୟରୂପ)
1. A kind of acquatic bird or water fowl.
୨ । ଚାତକ ପକ୍ଷୀ—2 The pied crested cuckoo.
୩ । ମେଘ—3 Cloud.

ଦାତ୍ର—ସ· ବ (ଦୋ ଧାତୁ=ଛେଦନ କରିବା + କରଣେ. ତ୍ର; ଯାହାଦ୍ୱାରା ଛେଦନ କରାଯାଏ)—୧ । ଦାଆ—1 Sickle; scythe
Dātra
୨ । କାତି; କଟାରି—2. A bill-hook.

ଦାଦ୍‌ଖାନି—ଦେ. ବ—ଦାଉଦଖାନି (ଦେଖ)
Dādkhāni Dāudakhāni (See)

ଦାଦ—ସ. ବ (ଦଦ୍ ଧାତୁ=ଦାନ କରିବା+ଭାବ. ଅ)—ଦାନ—
Dāda Gift.
दाद ବୈଦେ. ବ —୧ । (ଫା. ଦାଦ) ପ୍ରତିଶୋଧ—
দাদ্ 1. Revenge.
୨ । (ଫା) ନ୍ୟାୟ ବିଚାର ପ୍ରାର୍ଥନା—
2. Prayer for justice.
୩ । ନିଷ୍ପତ୍ତି—3. Adjudication of a matter.

ଦାଦନ—ବୈଦେ. ବ (ଫା ଭୁଲ. ସ· ଦାନ)—୧ । କୌଣସି ପଦାର୍ଥ ପାଇବା ଆଶାରେ ବା କାର୍ଯ୍ୟ ପାଇବା ଆଶାରେ ଧନ ଅଗଉରା ଦେବା; ଅଗ୍ରିମ ଦାନ—1. Payment in advance; advance.
Dādana
दादन
দাদন
୨ । ଧନାଦି ଅଗ୍ରିମ ଦେବାର ରୀତି—
2. The system of advance payments
୩ । ଧନ ବା ଶସ୍ୟାଦି ସୁଧରେ ଖଟାଇବା; ଧାନ ଦେଢ଼ି ଲଗାଇବା—3. Advancing paddy or grains on loan; investment of paddy or other grains on interest.
୪ । ଲାଭ ସହିତ ଧାନ ବା ଶସ୍ୟାଦି ପାଇବା ଆଶାରେ ଅଗଉରା ଟଙ୍କା କାଢ଼ିଆ ଲଗାଇବା—4. Advancing money to get in return paddy or other grains etc with a profit on some fixed date.
୫ । ମୂଲିଆମାନେ ଭବିଷ୍ୟତରେ କାମ କରିବେ ବୋଲି ତାଙ୍କୁ ଅଗଉରା ଟଙ୍କା ଦେବା—5. Payment of advance wages to labourers on promise of future service

ଦାଦନ ଖାତା—ଦେ. ବ—ଯେଉଁ ଖାତାରେ ଦାଦନ ଦିଆଯିବା ଧାନ ବା ଟଙ୍କା ଲେଖା ହୁଏ—Account book showing entries of advances made to different persons.
Dādana khātā
(ଦାଦନ ଖାତା—ଅନ୍ୟରୂପ)
दादनखाता দাদনখাতা

ଦାଦନ ଦେବା—ଦେ. କ୍ରି—୧ । ଭବିଷ୍ୟତରେ କାମ କରିବା କମଲେ ଜବାବ କରିବା ମୂଲିଆଙ୍କୁ ଅଗଉରା ଟଙ୍କା ଦେବା—1. To pay advance wages to coolies on promise of future service.
Dādana debā
(ଦାଦନ ଲଗା(ଗୋ)ଇବା—ଅନ୍ୟରୂପ)
दादन देओया, दादन लगान
দাদনদেনা
୨ । କର୍ବାରିତ ମିଆଦରେ ଦାଣ୍ଡ ପ୍ରଚଳିତ ଶାଲୁ ଅପେକ୍ଷା ବେଶି ପରିମାଣରେ ଶସ୍ୟାଦି ଦେବାପାଇଁ ଜବାବ କରିବା ବିକ୍ରେତାଙ୍କୁ ଅଗଉରା ଟଙ୍କା ଦେବା—2. To advance money to a seller who promises to deliver paddy or other grains on a certain date in a quantity higher than the current market rate.

ଦାଦନି—ବୈଦେ. ଭଣ. (ଫା)—୧ । ଦାଦନ ଦିଆଯିବା; ଅଗଉରା ଦିଆଯିବା—1. Paid in advance; advanced.
Dādani
दादनी
দাদনী
୨ । ଅଗ୍ରିମ ଦେୟ—2. Payable in advance.
୩ । ଦାଦନ ସମ୍ବନ୍ଧୀୟ—3. Relating to advance payment.
ବ—ଅଗଉରା ଦିଆଯିବା ଧନ ବା ବସ୍ତୁ—An advance.

ଦାଦପିରାଦ—ପ୍ରାଦେ. (ଗଞ୍ଜାମ) ବ—ନଜର; ଦୃଷ୍ଟି—
Dādapirāda Sight.
ଦାଦଫିରାଦ
ଦାଦଫେରାଦ
ଦାଦଫିରିଆଦ
ଦାଦଫେରିଆଦ } ଅନ୍ୟରୂପ
ବୈଦେ. ବ. (ଫା· ଦାଦ୍=ନ୍ୟାୟବିଚାର ପ୍ରାର୍ଥନା+ଫରିଅଦ୍=ଅଭିଯୋଗ)— ନ୍ୟାୟ ବିଚାର ପ୍ରାର୍ଥନା—
Prayer for justice.
दादफिरियाद দাদ্‌ফির্‌য়াদ্

ଦାଦା—ପ୍ରାଦେ· (ମେଦିନୀପୁର; ସମ୍ବଲପୁର) (ସ· ତାତ; ଭୁଲ ସ· ଦାୟାଦ; ତୁଲ. ଇଂ. ଡାଡ଼ି=ପିତାଙ୍କୁ ଶିଶୁର ସ୍ନେହ ସମ୍ବୋଧନ; ଗ୍ରୀକ୍—ଟାଟା; ପ୍ରାଚୀନ ଲାଟିନ୍—ଟାଟା)—୧ । ବଡ଼ ଭାଇ; ଜ୍ୟେଷ୍ଠ ଭ୍ରାତା; ଭାଇନନା—1. Elder brother.
Dādā
(ଦଦା—ଅନ୍ୟରୂପ)
दादा
দাদা
୨ । ପିତାମହ; ଅଜା—2. Grand father.
দাদা (ଯଥା—ବାପଦାଦାଙ୍କ ଦିନକରୁ ଏ କଥା ଶୁଣା ନ ଥିଲା ।)
୩ । ଦାଦ (ଦେଖ)—3 Dādi (See)

ଦା ଦାଢ଼ି(ଢୁ)ଆ—ଦେ. ଭଣ—ଦାଆ ବା କରତ ଦାନ୍ତ ପରି ଦନ୍ତୁର— Saw-edged.
Dā dārdhi(rdhu)ā
(ଦାଆ ଦାଢ଼ି(ଢୁ)ଆ—ଅନ୍ୟରୂପ)

ଦାଦାଭଟ ଦାଦାଭାଇ—ଦେ. ବ. (ନାମ)—ପୁନାର ଜ୍ୟୋତିଷ ଗ୍ରନ୍ଥର ଟୀକାକାର ପଣ୍ଡିତ (ଏ ଚିତ୍ପାବନ ବ୍ରାହ୍ମଣ, ଏ ସୂର୍ଯ୍ୟ ସିଦ୍ଧାନ୍ତର ଟୀକା କରିଥିଲେ ଓ ସାମୁଦ୍ରିକ ଗ୍ରନ୍ଥ ମଧ୍ୟ ରଚନା କରିଥିଲେ)—
Dādābhaṭa dādābhāi
A commentator of Sūrjya Siddhānta and the author of a Sanscrit book of palm-history.

ଦାଦାଭାଇ ନଉରୋଜୀ—ଦେ. ବି. (ନାମ)—ଭାରତର ପ୍ରସିଦ୍ଧ ସ୍ୱର୍ଗୀୟ ପାର୍ସୀ ଦେଶହିତୈଷୀ—Dādābhāi
Dādābhāi nauroji

ଦାଦାଭାଇ ନାଉରୋଜୀ
ଦାଦାଭାଇ ନରୋଜୀ
ଦାଦାଭାଇ ନୌରୋଜୀ } ଅନ୍ୟରୂପ [ଦ୍ର—ଏହାଙ୍କ ଜନ୍ମସ୍ଥାନ ବମ୍ବେ । ଏ ଭାରତବର୍ଷୀୟମାନଙ୍କର Naoroji.

ସାମାଜିକ, ବୈଷୟିକ, ରାଜନୀତିକ ଓ ଶିକ୍ଷା ସମ୍ବନ୍ଧୀୟ ଉନ୍ନତି ପାଇଁ ନାନା ଅନୁଷ୍ଠାନ, ଆନ୍ଦୋଳନ, ସଭା, ସମ୍ବାଦପତ୍ର ପରିଚାଳନ କରିଥିଲେ । ଏ ତିନି ଥର ଭାରତୀୟ କଂଗ୍ରେସର ସଭାପତି ନିର୍ବାଚିତ ହୋଇଥିଲେ ଓ ବିଲାତ ପାର୍ଲିଆମେଣ୍ଟର ସଭ୍ୟ ହୋଇଥିଲେ । ଏହାଙ୍କର ପ୍ରସିଦ୍ଧ ଇଂରାଜୀ ଗ୍ରନ୍ଥ Poverty and unbritish Rule in Indiaରେ ଭାରତବର୍ଷର ରାଜନୀତିକ, ଆର୍ଥିକ ଓ ବୈଷୟିକ ଉନ୍ନତି ବିଷୟରେ ଅନେକ ଗବେଷଣାପୂର୍ଣ୍ଣ ତଥ୍ୟ ଓ ଉପଦେଶ ଲିପିବଦ୍ଧ କରି ଅଛନ୍ତି । ଜଗତର ପ୍ରସିଦ୍ଧ ବ୍ୟକ୍ତିଙ୍କମଧ୍ୟରେ ଏ ଜଣେ । ଏହାଙ୍କର ଜନ୍ମ ୧୮୨୫ ଓ ମୃତ୍ୟୁ ୧୯୧୦ ।]

ଦାଦି—ଦେ. ବି. (ସଂ. ତାତ; ବ୍ରାହ୍ମଣେତରମାନଙ୍କ ବ୍ୟବହୃତ)—
Dādi ବାପାଙ୍କ ସାନ ଭାଇ; କନିଷ୍ଠ ପିତୃବ୍ୟ; କକେଇ; କକା—
କାକା Father's younger brother; younger paternal uncle.
चाचा

ବାବୁ ବଡ଼ ବାବୁ ସେ ଦାଦିଙ୍କ ପାଖରେ । କୃଷ୍ଣସିଂହ. ମହାଭାରତ ବନ ।

ପ୍ରାଦେ. (ବସ୍ତର) ବି. (ମୂଳ. ହି. ଦାଦା=ପିତାମହ)—
ପିତାମହ—Grand-father.

ଦାଦିପୁଅ ଭାଇ—ଦେ. ବି. ପୁଂ—କକେଇ ପୁଅ ଭାଇ—
Dādipua bhāi One's first causin; being the son of one's younger uncle.
(ଦାଦିପୁଅ ଭଉଣୀ—ବିପରୀତ ଲିଙ୍ଗବାଚକ ଶବ୍ଦ)

ପାଣ୍ଡବେ ତୁମ୍ଭର ଦାଦିପୁଅ ଭାଇ । କୃଷ୍ଣସିଂହ. ମହାଭାରତ ସଭା ।

ଦାଦିରି ଦାରା ଦାରା ଦାରା—ଦେ. ବି—ତାତରି ତାରା ତାରା ତାରା;
Dādiri dārā dārā dārā ସୀତାର ବଜାଇବାର ଗତବିଶେଷ—
ଦାଦିର ଦାରା ଦାରା ଦାରା The formula for playing an air on the guitar.
दादिर दारा दारा दारा

ଦାଦୁ—ଦେ. ବି. (ସଂ. ଦଦ୍ରୁ; ପ୍ରା. ଦଦ୍ଦୁ)—୧ । ଦାଦୁ; ଦଦ୍ରୁରୋଗ—
Dādu 1. Ringworm.
ଦାଦ ଦାଦୁ [ଦ୍ର—ଏହା ଚର୍ମରୋଗ; ଚମରେ ଏକପ୍ରକାର କୀଟ ଜନ୍ମି
दाद, दादु ଏ ରୋଗ ହୁଏ; ଦାଦୁ ଅନେକ ପ୍ରକାର ଯଥା—ଶୁଖୁଦାଦୁ; ଅଇଁଠାଦାଦୁ; କୋଢ଼ ଦାଦୁ, ଅଣ୍ଡାଦାଦୁ, ମଇଷିଆଦାଦୁ ।]
୨ । ବଡ଼ବାପ—2. Grand father.

ଦାଦୁଆ—ଦେ. ବିଣ. ପୁଂ. (ସଂ. ଦଦ୍ରୁର)—୧ । ଦାଦୁରା; ଦଦ୍ରୁରୋଗୀ-
Dāduā ଗ୍ରସ୍ତ—1. Suffering from ringworm.
(ଦାଦୁରା—ଅନ୍ୟରୂପ) ୨ । ଉପରେ ଦାଦୁ ମାଡ଼ିଲା ପରି ଦେଖାଯାଉଥିବା (ବସ୍ତୁ ବା ଚମଡ଼ା)—
ଦାଦରା 2. Spotted like ringworm; looking like a skin spread over with ringwork.
दादवाला
(ଦାଦେ(ଢେ)ଇ—ସ୍ତ୍ରୀ)

ଦାଦୁଖାଇ—ଦେ. ବି. (ସଂ. ଦଦ୍ରୁମର୍ଦ୍ଦନ)—ଦାଦୁଖାଇ ଗଛ; କାଞ୍ଚନାଦ
Dādukāi ବର୍ଗର ଏକପ୍ରକାର ଗଛ; ଚକୁଣ୍ଡା ୧ (ଦେଖ)—
(ଦାଦୁମାରୀ—ଅନ୍ୟରୂପ) The Cassia Tora tree; Cassia Alata; Chākundā 1 (See)
ଦାଦଖାଇ

दादमर्दन [ଦ୍ର—ଏହାର ଫୁଲ ହଳଦିଆ, ପତ୍ର ବଇଚ ଚକୁଣ୍ଡା ପରି; ଗଛ ୩।୪ ହାତ ଉଚ୍ଚ; ଏଥିର ପତ୍ର ମଳି ଦାଦୁରେ ଘଷିଲେ ଦାଦୁ କମିଯାଏ ବୋଲି ଲୋକ ଭାବ ପୋଷନ୍ତି ।]

ଦାଦୁମଲମ—ଦେ. ବି—ଦାଦୁରୋଗ ନାଶ କରିବା ପାଇଁ ବ୍ୟବହୃତ
Dādumalama ମଲମ—Ring-worm ointment.
ଦାଦେର ମଲମ दादकी मरहम

ଦାଦୁମାଡ଼ିବା—ଦେ. ବି—ଦଦ୍ରୁ ଦେହରେ ବିସ୍ତୃତ ଲାଭ କରିବା—
Dādumāṛibā The ring-worm spreading on the body.
(ଦାଦୁମାଡ଼ିଯିବା—ଅନ୍ୟରୂପ)
ଦାଦମୋଡ଼େ ଯାଓଆ କ କହିବ ବାବୁ ମଁ ଏ ଅଣ୍ଡାଦାଦୁକୁ
दादफैलजाना ଅଣ୍ଡାଦାଦୁ ମାଡ଼ିଗଲା ପେଟ ତଳକୁ । ସ୍ୱରଚିତ ଗୀତ ।

ଦାଦୁ ମାରିବା—ଦେ. କ୍ରି—ଦାଦୁ ରୋଗକୁ ଔଷଧ ଦ୍ୱାରା ଲୋପ କରିବା-
Dādu māribā To destroy ringworm by applying medicine.
ଦାଦମାରା
दाद मारना

ଦାଧିକ—ସଂ. ବିଣ. (ଦଧି+ସଂଯୁକ୍ତାର୍ଥେ. ଇକ)—
Dādhika ଦଧିଯୁକ୍ତ—Mixed with curds.
ବି—ଦହି ଭାତ—Rice mixed with curd.

ଦାନ୍—ବୈଦେ. ବି. (ଫା. ମୂଳ. ସଂ. ଆଧାନ; ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ
Dān (ଯଥା—ଅତରଦାନ୍)—
ଦାନ ୧ । ଦାନୀ; ଆଧାର—1. A receptacle.
दान (ଯଥା—ଅତରଦାନ୍)
୨ । ରଖିବାର ସ୍ଥାନ—2. A place for putting.
(ଯଥା—ପାଉଁଦାନ୍)
ପ୍ରାଦେ. (ସମ୍ବଲପୁର) ବି—ପାଦ; ଗୋଡ଼—Leg.

ଦାନ—ସଂ. ବି. (ଦା ଧାତୁ=ଦେବା+ଭାବ. ଅନ)—
Dāna ୧ । ଅର୍ପଣ; ତ୍ୟାଗ—1. Donation.
୨ । ଦେବା—2. Giving.
୩ । ବିତରଣ—3. Distribution.
୪ । ଦତ୍ତ ବସ୍ତୁ—4. A present or gift.
୫ । (+କର୍ମ. ଅନ) ଗଜମଦ; ହସ୍ତୀର ମଦଜଳ—
5. Strongly scented fluid flowing from the temple of an elephant in rut; temple-juice; fragrant secretion from the temple of an elephant in rut.
୬ । (ଦେ ଧାତୁ=ପାଳନ+ଭାବ. ଅନ)—
ରକ୍ଷା; ପାଳନ—6. Protection.
୭ । (ଦୋ ଧାତୁ=ଛେଦନ+ଭାବ. ଅନ)—
ଛେଦନ; କର୍ତ୍ତନ—7. Cutting.

ବଶିଷ୍ଠ ବୋଇଲେ ଗ୍ରହ ମଙ୍ଗଳ ବୋଲଇ
ବନା ଦାନେ ଶାନ୍ତ ନୋହେ ଅମଙ୍ଗଳ ଦାୟୀ ।
ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ।

୮ । (ଦୈ ଧାତୁ=ଶୁଦ୍ଧ କରିବା+ଭାବ. ଅନ)—
ଶୋଧନ—8. Refining; purifying.

୯ । ଷାଟକ ମଧୁ—9. A kind of honey collected by a kind of insect.

୧୦ । ପୁଣ୍ୟାର୍ଥ ଧନାଦ ବିତରଣ—10. Pious gift.

୧୧ । ରାଜସ୍ୱ; କର—11. Revenue.

୧୨ । ରାଜନୀତିର ଚାରି ଉପାୟ ମଧ୍ୟରୁ ଏକ; ଅର୍ଥାତ ଦାନପୂର୍ବକ ଶତ୍ରୁ ବିରୁଦ୍ଧରେ କାର୍ଯ୍ୟ ସାଧନ କରିବାର ରୀତି (ହି. ଶବ୍ଦସାଗର)—12. The system of injuring one's enemy by making gift.

୧୩ । ଟିକସ; ମାହାସୁଲ—13. Tax.

ଦେ. ବି—୧ । ପଶା କାଠି ଗଡ଼ାଇଲେ ଉପରିସ୍ଥାନ କାଠିରେ ଯେଉଁ ସଂଖ୍ୟକ ବିନ୍ଦୁ ଚିହ୍ନ ହୋଇ ପଡ଼ିବାର ଦେଖାଯାଏ- 1. The number of points coming up at a throw of dice.

କଉପାତ ଯୋଗ ପୁନ ଦଶ ପ୍ରମୁଖରେ ଦାନ କାଠି ପଡନ୍ତି ଅନୁକ୍ଷଣ ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

୨ । କଉଡ଼ି ଖେଳରେ କଉଡ଼ି ମୁଠା ଦ୍ୱାରା ପକାଇଲେ ତାହା ଭୂମିରେ ଚିତ ବା ମାଠ ହୋଇ ପଡ଼ିବା ଅନୁସାରେ ଧରାଯିବା ସଂଖ୍ୟା—2. A turn in the number of cowries during a game of cowries.

ଯେ ଦାନ ପଡ଼ଇ ଯେମନ୍ତେ, କହନ୍ତି ତଲେ ସେହି ମତେ ।
ଜଗନ୍ନାଥ. ଭାଗବତ ।

୩ । ବ୍ୟୟ—3. Expenditure.

ବୁଝିଲେ ଲଗ୍ନ ମଗ୍ନ ହୋଇ, ବୁଝିଲେ ମଙ୍ଗଳ ଦାନରେ ତହିଁ ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ପ୍ରାଦେ. (ସମ୍ବଲପୁର) ବି—୧ । ଶୁଳ୍କ—1. Tax

୨ । ଚୁଙ୍ଗୀ ଟିକସ—2. Octroi.

ଦାନକ—ସଂ. ବି (ଦାନ+କ) କୁତ୍ସିତ ଦାନ—(ହି. ଶବ୍ଦସାଗର)—
Dānaka A bad or evil gift.

ଦାନ କରିବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିକୁ କୌଣସି ବସ୍ତୁ ବା ଧନ
Dāna kariba ଅର୍ପଣ କରିବା—1. To give.
दान करा; दान देओया ୨ । ବିତରଣ କରିବା—
(ଦାନ ଦେବା-ଅନ୍ୟରୂପ) 2. To distribute; to bestow.

୩ । ଦେବା (ଦେଖ)—3. Debā (See).

[ଦ୍ର—ଦାନ କରିବା ଶବ୍ଦର ପ୍ରୟୋଗ ଇଂରାଜୀରେ To give କ୍ରିୟାର ପ୍ରୟୋଗ ଭଳି ନାନା କ୍ଷେତ୍ରରେ ନାନା ଅର୍ଥରେ ବ୍ୟବହୃତ ହୁଏ; ଯଥା—ରକ୍ତଦାନ କରିବା=ରକ୍ତ କରିବାକୁ କାର୍ଯ୍ୟତଃ ସୁବିଧା ଦେବା; ସନ୍ତୋଷ ଦାନ କରିବା=ସନ୍ତୁଷ୍ଟ ହେବାର ଉପାୟ ବା ବ୍ୟବସ୍ଥା କରିବା; ବିଦ୍ୟାଦାନ କରିବା=ବିଦ୍ୟାଶିକ୍ଷା କରିବାର ସୁଯୋଗ ଦେବା; ଚକ୍ଷୁଦାନ କରିବା=ଦୃଷ୍ଟିହୀନ ବ୍ୟକ୍ତିକୁ ଦୃଷ୍ଟିଶକ୍ତି ଯୋଗାଇବା; ଆଦେଶ ଦାନ କରିବା=ଆଦେଶ ଅନ୍ୟକୁ ଜ୍ଞାପନ କରିବା ଇତ୍ୟାଦି]

ଦାନକୁଲ୍ୟା—ସଂ. ବି—ହାତୀର ଗଣ୍ଡ ସ୍ଥଳରୁ ସ୍ରବିବା ଦାନବାରି—
Dānakulyā Fragrant secretion from the temple of an elephant in rut.

ଦାନ ଖଇ(ଏ)ରାତ୍—ଦେ. ବି (ଏକାର୍ଥକ ସଂ. ଓ ଆ. ଖୈରାତ; ଶବ୍ଦଦ୍ୱୟର)—ଦାନ—Gift; giving.
Dāna khai(e)rāt
दान खयरात; दान ख़ैरात्

ଦାନଗଡ଼—ପ୍ରାଦେ. (ସମ୍ବଲପୁର) ବି (ସଂ. ଦାନ+ପା. ଗଡି)—ମୁନ୍ସିପାଲିଟି ଏରିଆରେ ବିକ୍ରି କରିବାପାଇଁ ମଫସଲରୁ ପଣ୍ୟାଦ ଆଣୁଥିବା ବ୍ୟକ୍ତିଠାରୁ ଶୁଳ୍କ ଆଦାୟ କରାଯିବା କାର୍ଯ୍ୟାଳୟ—The office where octroi (town duty) is levied in the town of Sambalpur.
Dānagadi

[ଦ୍ର—ସମ୍ବଲପୁର ମୁନ୍ସିପାଲିଟିରେ ଏକା ଦାନଗଡ଼ ବିଭାଗରେ ଏହି ବରଷକ ମଧ୍ୟରେ ପ୍ରାୟ ପନ୍ଦର ହଜାର ଟଙ୍କା ଉଣା ପଡ଼ିଗଲାଣି ।
ଉତ୍କଳ ସେବକ ତା ୨୬।୭।୨୯]

ଦାନଗଡ଼ ମାହାସୁଲ—ପ୍ରାଦେ. (ସମ୍ବଲପୁର) ବି—ସହର ମଧ୍ୟକୁ ଆସିବା ପଣ୍ୟଦ୍ରବ୍ୟ ଉପରେ ମିଉନିସିପାଲିଟି ଯେଉଁ ଶୁଳ୍କ ଆଦାୟ କରେ; ଚୁଙ୍ଗୀ-ଟିକସ—Town duty; octroi.
Dānagadi māhāsula
(ଦାନଗଡ଼ ମାସୁଲ—ଅନ୍ୟରୂପ)

ଦାନ ଗ୍ରହଣ କରିବା—ଦେ. କ୍ରି—ଅନ୍ୟର ପ୍ରଦତ୍ତ ଦ୍ରବ୍ୟ ନେବା—
Dāna grahaṇa karibā To accept a gift.
(ଦାନ ନେବା—ଅନ୍ୟରୂପ)
दाननेओया

ଦାନ-ଜଳ—ସଂ. ବି—୧ । ମଦ ବାରି; ମଦ ଜଳ; ହସ୍ତୀର ଗଣ୍ଡସ୍ଥଳ-ଦରୁ କ୍ଷରିତ ଜଳ—The strongly scented secretion from the temples of an elephant in rut.
Dāna jaḻa
(ଦାନବାରି—ଅନ୍ୟରୂପ)

୨ । ଦାନ ସମୟରେ ବ୍ରାହ୍ମଣ ହସ୍ତରେ ଢଳାଯିବା ଜଳ—2. The water given to the hand of the Brahman who is going to take a gift.

ବରଷନ୍ତ ଜଳଧାର ଯହିଁ ଦାନ ଜଳ—ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ଦାନଧର୍ମ—ଦେ. ବି (ସଦ୍ଧିତର)—ଦାନ ଆଦି ପୁଣ୍ୟ କାର୍ଯ୍ୟ—
Dāna dharma Gifts and other virtuous acts.
(ଦାନଧରମ—ଅନ୍ୟରୂପ)
दानधर्म, दानधरम

ଦାନ ପକା(କେ)ଇବା—ଦେ. କ୍ରି—ପଶାକାଠି ବା କଉଡ଼ିକୁ ଗଡ଼ାଇବା—
Dāna pakā(ke)ibā To throw the dice or cowries in a game.
दानफेंका

ଦାନପତି—ସଂ. ବିଣ—ଅତିଶୟ ଦାତା; ମହା ଦାନୀ—
Dānapati Very generous or open handed.

ସଂ. ବି—ଅକ୍ରୂରର ଏକ ନାମ (ଏ ସ୍ୟମନ୍ତକମଣି ପ୍ରଭାବରୁ ପ୍ରତିଦିନ ବିପୁଳ ଅର୍ଥ ଦାନ କରୁଥିଲେ—ହି. ଶବ୍ଦସାଗର)—A name of Akūrra.

ଦାନପତ୍ର—ସଂ. ବି. (ଦାନ ବିଷୟକ ପତ୍ର—କର୍ମଧା)—ଦତ୍ତପତ୍ର; କୌଣସି ସମ୍ପତ୍ତି ଅନ୍ୟକୁ ଦାନ କରିବାର ଲେଖା—
Dānapatra A deed of gift; a grant.

[ଦ୍ର—ପୂର୍ବେ ରାଜାମାନେ ତାମ୍ର ପଟ୍ଟାରେ ଖୋଦିତ ଲିପି ଲେଖି ଭୂମି ଆଦି ଦାନ କରୁଥିଲେ ।]

ଦାନପାତ୍ର—ସଂ. ବି. (ଦାନ+ପାତ୍ର; ୬ଷ୍ଠୀ ତତ୍)—ଦାନ ଗ୍ରହଣ
Dānapātra କରିବାର ଉପଯୁକ୍ତ ବ୍ୟକ୍ତି—
One worthy of receiving a gift.

ଦାନବ—ସଂ ବି. ପୁଂ. (ଦନୁ=କଶ୍ୟପଙ୍କ ଭାର୍ଯ୍ୟା+ଅପତ୍ୟାର୍ଥେ ଅ)—
Dānaba ଦନୁଜ; ଅସୁର; ରାକ୍ଷସ—Demon.
(ଦାନବୀ—ସ୍ତ୍ରୀ)

ଦାନବଗୁରୁ—ସଂ. ବି. (୬ଷ୍ଠୀ ତତ୍; ଦାନବ+ଗୁରୁ)—ଶୁକ୍ରାଚାର୍ଯ୍ୟ—
Dānabaguru The sage Śukra who was the preceptor of the demons.

ଦାନବାରି—ସଂ. ବି. (ଦାନବ+ଅରି; ୬ଷ୍ଠୀ ତତ୍)—୧ । ଦେବତା—
Dānabāri 1. God.
୨ । ବିଷ୍ଣୁ—2. Bishṇu.
୩ । (ଦାନ=ହସ୍ତୀର ମଦରୂପ+ବାରି; ରୂପକ କର୍ମଧା)—
ହସ୍ତୀର ଗଣ୍ଡସ୍ଥଳରୁ କ୍ଷରିତ ମଦଜଳ—3. Strongly scented liquid discharged from the temples of a male elephant in rut.

ଦାନବୀର—ସଂ. ବିଣ. (୭ମୀ ତତ୍; ଦାନ+ବୀର)—ଦାନପତି (ଦେଖ)
Dānabira Dānapati (See)

ଦାନବେନ୍ଦ୍ର—ସ. ବି. (୬ଷ୍ଠୀ ତତ୍; ଦାନବ+ଇନ୍ଦ୍ର)—ରାଜା ବଳି
Dānabendra (ହି. ଶବ୍ଦସାଗର)—The King Baḻi.

ଦାନଶୀଳ—ସଂ. ବିଣ. ପୁଂ. (ଦାନ ଅଟେ ଶୀଳ ଅର୍ଥାତ୍ ସ୍ୱଭାବ ଯାହାର;
Dānaśiḻa ବହୁବ୍ରୀହି)—ଦାତା; ବଦାନ୍ୟ—Munificent;
(ଦାନଶୀଳା—ସ୍ତ୍ରୀ) generous; liberal; charitable.
(ଦାନଶୀଳତା—ବି)

ଦାନଶୀଳତା—ସଂ. ବି. (ଦାନଶୀଳ+ଭାବେ. ତା)—ବଦାନ୍ୟତା—
Dānaśiḻatā Liberality; generosity; munificence.
(ଦାନଶୀଳତ୍ୱ—ଅନ୍ୟରୂପ)

ଦାନଶୌଣ୍ଡ—ସଂ. ବି. (ଦାନରେ ଶୌଣ୍ଡ=ଅତିଶୟ ଆସକ୍ତ; ୭ମୀ ତତ୍)—
Dānaśauṇḍa ଅତ୍ୟନ୍ତ ବଦାନ୍ୟ—Very munificent.

ଦାନସଜ୍ଜା—ସଂ. ବି. (ଦାନର ସଜ୍ଜା; ୬ଷ୍ଠୀ ତତ୍)—ଦାନ କରିବାର
Dānasajjā ଉପକରଣ—The materials for a present.
(ଦାନ ସାମଗ୍ରୀ—ଅନ୍ୟରୂପ)

ଦାନସାଗର—ସଂ. ବି. (ଦାନର ସାଗର; ୬ଷ୍ଠୀ ତତ୍; ଉପକରଣାଧିକ୍ୟ
Dānasāgara ଦାନର ସାଗର ପରି)—ଶ୍ରାଦ୍ଧ ଉପଲକ୍ଷରେ ବ୍ରାହ୍ମଣଙ୍କୁ ଯେଉଁ ଷୋଡ଼ଶ ଦାନ ଦିଆଯାଏ; ତାହାର ପ୍ରତ୍ୟେକର ୧୬ ସଂଖ୍ୟାବିଶିଷ୍ଟ ଦାନ; ୧୬ଗୋଟି ଷୋଡ଼ଶ-(ଷୋଡ଼ଶ ଦାନ ଦେଖ)—The present of 16 classes of articles to Brāhmaṇs, 16 times on the occasion of a deceased ancestor; Shorḏaśa dāna (See).

ଦାନା—ବୈଦେ. ବି. (ଫା. ଦାନାହ୍=ଶସ୍ୟର ବୀଜ)—୧ । ଘୋଡ଼ା;
Dānā ଗୋରୁ ଆଦିଙ୍କ ଖାଇବା ଶସ୍ୟ—1. Grains used
दाना as food for domestic animals.
दाना (ଯଥା—ଘୋଡ଼ା ଦାନା; ବଳଦଙ୍କ ଦାନା ।)
[ଦ୍ର—କୋଳଥ, ବିରି, ବୁଟ, ଚଣା ଆଦି ଦାନାରୂପେ ବ୍ୟବହୃତ ହୁଏ ।]
୨ । ମଟର ପରି ଛୋଟ ଛୋଟ ଗୋଲାକାର ବୀଜ—
2. Globular small seeds (like pea).
୩ । ଛୋଟ ଛୋଟ ଗୋଲ ବସ୍ତୁ; ରୁଆ—
3. Particles; globules; granules.
୪ । ଖାଦ୍ୟ; ଅନ୍ନ; ଭୋଜ୍ୟବସ୍ତୁ—4. Food.
ପେଟକୁ ନ ମିଳେ ଦାନା, ଗାଣ୍ଡିକୁ ନ ମିଳେ କନା—ଢଗ ।
୫ । ମାଳା ଗୁନ୍ଥାଯିବା ସୁନା ଆଦିର କ୍ଷୁଦ୍ର ଗୋଲକ—
5. Bead; little ball pierced with strings.
୬ । ଅନ୍ନସଂସ୍ଥାନ; ଜୀବିକା—
6. Liveli-hood; living.
(ଯଥା—ଆଜ ଏଠାରୁ ମୋ ଦାନା ଉଠିଲା ।)

दानो ଦେ. ବି—୧ । (ସଂ. ଦାନବ) ରାକ୍ଷସ; ଅସୁର—1. Demon.
୨ । ଭୂତ—2. Ghost; spectre.

ଦାନା କନା—ଦେ. ବି. (ସହଚର)—ଅନ୍ନ ବସ୍ତ୍ର; ଖାଇବାକୁ ଅନ୍ନ ଓ
Dānā kanā ପିନ୍ଧିବାକୁ ବସ୍ତ୍ର—Food and clothing.
খোরাক পোষাক ତାଙ୍କ ସୁତ ହୋଇ ପରକୁ ଅନାଇ ଅଛ ଦାନା କନା ପାଇଁ ।
खुराक पोषाक ଉତ୍କଳଭାରତ. ଶାନ୍ତିପର୍ବ ।

ଦାନା ଖଞ୍ଜିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ଜୀବିକା ନିର୍ବାହର
Dānā khañjibā ଉପାୟ କରିବା—1. To provide
দানা দেওয়া a person with his liveli-
दाना देना hood.
୨ । (ଈଶ୍ୱର) କୌଣସି ବ୍ୟକ୍ତିର ପୋଷି ହେବାର ଉପାୟ କରିବା—2. (God) To make provision for a person.

ଦାନାଗଡ଼ା—ଦେ. ବି. (ବଣିଆ ଶବ୍ଦ)—ବଣି ଲୋକର ଛୋଟ ଛଡ଼
Dānāgarḏā ସୁନାର ରୁଆକୁ ସମ୍ପୂର୍ଣ୍ଣ ଗୋଲାକାର କରିବା ଲାଗି ବ୍ୟବହୃତ ହୁଇ ଫାଳିଆ ଯନ୍ତ୍ରବିଶେଷ—
A kind of goldsmith's mould for making round balls.

ଦାନା ଝଡ଼ା ଖୁଣ୍ଟି—ଦେ. ବି—ଲଡ଼ୁ ଆଦିର ଦାନା କରେଇରୁ ଛାଣିବା
Dānā jharḏā khuṇṭi ବେଳେ ଗୁଡ଼ିଆମାନେ ଦାନା ପ୍ରସ୍ତୁତ କରିବାରେ ବ୍ୟବହାର କରୁଥିବା ଜାଲି ଚଟୁକୁ ଭୂମିରେ ପୋତା ଯେଉଁ ଖୁଣ୍ଟି ଉପରେ ବାଡ଼େଇ ଝାଡ଼ି ଦିଅନ୍ତି—A small post driven into the ground on which confectioners strike the ladle through which dough percolates and falls into the frying pan for being made into globules for Laddu.

ଦାନାଦାର—ବୈଦେ. ବିଣ. (ଫା)—
Dānādār ୧ । ଦାନା ପରି ଛୋଟ ଓ ଗୋଲ ରୁଆ ରୁଆ—
দানাদার 1. Granulated; small globular,
दानेदार consisting of small globules.

୨ । ଯାହାଙ୍କ ଅଧୀନରେ କୌଣସି ମନୁଷ୍ୟ ଗୁହର କର ପେଟ୍ଟ ପୋଷି ହେଉ ଥାଏ; ଚାକର ପ୍ରଭୁ ବା ପୋଷଣାକାରୀ; ଖାମିନ୍—2. One's master; a person who provides for another's living.

ଦାନା ଦେବା— ଦେ. କ୍ରି—୧ । ଦାନା ଖଞ୍ଜିବା (ଦେଖ)
Dānā debā 1. Dānā khanjibā (See)
दाना देओया ୨ । ଘା ଇତ୍ୟାଦ ରୁଅ ଦେବା (ଘା ଶୁଖିବାର ଚିହ୍ନ)—
दाना देना 2. To granulate (said of healing sores).

ଦାନାଧିକ୍ୟ— ଗ୍ରା. ପ୍ରାଦେ. (ପୁରୀ) ବି. (ସଂ. ଦାନାଧ୍ୟକ୍ଷ)—ରାଜା ଶାସନ ସ୍ଥାପନ କରିବା ସମୟରେ ଯେଉଁ ବ୍ରାହ୍ମଣଙ୍କୁ ସମସ୍ତ ଦାନଗ୍ରହୀତା ବ୍ରାହ୍ମଣମାନଙ୍କର ପ୍ରତିନିଧିରୂପେ ଭୂମି ଦାନ କରନ୍ତି; ପାଣିଗ୍ରାହୀ—The Brāhman, representing the whole body of donees of rent-free land in a Sasan village, to whose hand the Rājā of Orissa made the formal gift of the village.
Dānādhikya
ଦାନାଧିକ୍ୟ, ଦାନାଧ୍ୟକ୍ଷ } ଅନ୍ୟରୂପ
[ଦ୍ର—ଏମାନଙ୍କର ସାଧାରଣ ଠିକାଦାରଙ୍କ ଅପେକ୍ଷା କେତେକ ବିଶିଷ୍ଟ ଅଧିକାର ଥାଏ ।]

ଦାନାଧ୍ୟକ୍ଷ – ସଂ. ବି—ଦାନାଧିକ୍ୟ (ଦେଖ)
Dānādhyaksha Dānādhikya (See)

ଦାନା ପାଣି— ଦେ. ବି. (ସହଚର)—୧ । ଅହାର ଓ ପାନୀୟ; ଖିଆପିଆ—1. Food and drink; eating and drinking.
Dānā pāni
दाना पानि
दाना पानी, दाना चारा ୨ । ଜୀବିକା; ଜୀବିକୋପାୟ; ଭରଣ ପୋଷଣ—2. Liveli-hood; maintenance.
୩ । ଚାକିରି—3. Service.

ଦାନା ପାଣି ଉଠିବା—ଦେ. ବି—ଚାକିରି ଯିବା—Dismissal or discharge from service.
Dānā pāni uthibā
दाना पानी उठा दाना पानी उठना

ଦାନା ପାଣି ଖଞ୍ଜିବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ଜୀବିକାର ଉପାୟ କରି ଦେବା—To provide a person with a living.
Dānā pāni khanjibā
ଦାନା ଖଞ୍ଜିବା, ଦାନା ପାଣି ଦେବା } ଅନ୍ୟରୂପ
दानापानि देओया

ଦାନାପାଣି ଛାଡ଼ିବା—ଦେ. କ୍ରି—ରୋଗ ବା ଚିନ୍ତା ବା ଗଭୀର ମନୋଦୁଃଖରେ ଅନ୍ନଜଳ ଗ୍ରହଣ ନ କରିବା—To give up taking food on account of illness or grave anxiety or grief.
Dānāpāni chhārdibā
ଦାନା ଛାଡ଼ିବା, ଦାନାପାଣି ଛାଡ଼ିଦେବା, ଦାନା ନ ଛୁଇଁବା, ଦାନା ନ ଛୋଇଁବା, (ତାଙ୍କୁ) ଦାନା ନ ରୁଚିବା } ଅନ୍ୟରୂପ
दानापानी छाड़ना

ଦାନା ମାରିବା – ଦେ. କ୍ରି—ଅନ୍ୟ ବ୍ୟକ୍ତିର ଜୀବିକା ଉପାୟର ପଥରୋଧ କରିବା—To deprive a person of his means of livelihood.
Dānā māribā
ଦାନାରେ ଧୂଳିଦେବା, ଦାନାରେ ଧୂଳିପକାଇବା } ଅନ୍ୟରୂପ
ନାତେ ଧୂଳାଦେଓୟା नेपर धूलदेना

ଦାନୀ—ସଂ. ବିଣ. ପୁଂ. (ଦାନ+ଅସ୍ତ୍ୟର୍ଥରେ ଇନ୍; ଦାନିନ୍ ଶବ୍ଦ ୧ମା ୧ବ)—୧ । ଦାତା—1. Generous.
Dāni
ଦାନିନୀ—ସ୍ତ୍ରୀ) ଅହେ ଅମୃତ ଦାନୀ ସୁଖଦାୟକ । —ଗୋପକୃଷ୍ଣ. ଜଗମୋହନ ।
୨ । ଯେ ଦାନ ଗ୍ରହଣ କରେ—2. Receiving gifts.
(ଯଥା—ଅଗ୍ରଦାନୀ ବ୍ରାହ୍ମଣଃ ।)
ଦେ. ବି. (ସଂ. ଆଧାନ)—୧ । ଆଧାର; ପାତ୍ର—
1. A receptacle; a vessel.
(ଯଥା—ଜାସଦାନୀ; ପିକଦାନୀ; ଅତରଦାନୀ; ଧୂପଦାନୀ ।)
୨ । ମଶାଲରେ ତେଲ ପକାଇବା ନିମନ୍ତେ ବ୍ୟବହୃତ ଆଧାର—
2 An oil pot containing oil for dropping over a torch.
୩ । ଯେଉଁ ବ୍ୟକ୍ତି ରାଜାଙ୍କ ପକ୍ଷରୁ କର ବା ଶୁଳ୍କ ଆଦାୟ କରେ—3. Collector of rent or tax; tax collector.
୪ । (ସମ୍ବଲପୁର) ବ୍ରାହ୍ମଣମାନଙ୍କର ଉପାଧିବିଶେଷ; (ବୋଧ ହୁଏ ଏମାନେ ଦାନଘାଟରେ ଅଗେ ଶୁଳ୍କ ସଂଗ୍ରହ କରୁଥିଲେ)—4. A family-title of Brahmins in Sambalpur.

ଦାନିଏଲ୍—ଦେ. ବି—ବାଇବଲଲିଖିତ ଧର୍ମବିଚାରକଙ୍କ ନାମ—Daniel, an upright judge.
Dāniel
[ଦ୍ର—ଏହାଙ୍କ ନାମରେ ବାଇବଲର ପ୍ରାଚୀନ ଭାଗର ଗୋଟିଏ ଅଂଶ ଅଛି ।]

ଦାନୀୟ—ସଂ. ବିଣ. (ଦା ଧାତୁ+କର୍ମ ଅନୀୟ)—୧ । ଦାନଯୋଗ୍ୟ—1. Fit to be given away.
Dāniya
୨ । ଦେୟ ବସ୍ତୁ—2. Giving thtng.
୩ । (ଦା+ସମ୍ପ୍ରଦାନ ଅନୀୟ) ଦାନପାତ୍ର; ଦାନୁଆ—
3. Deserving gifts.

ଦାନୁଆ—ଦେ. ବିଣ. (ସଂ. ଦାନୀୟ)—୧ । ଦାନ କରିବାର ଯୋଗ୍ୟ; ଦତ୍ତ ହେବାର ଯୋଗ୍ୟ (ବସ୍ତୁ)—1. (a thing) Fit to be given away.
Dānuā
ଦୁୟା; ଦେନୋ
दानिया ୨ । ଦାନ ଗ୍ରହଣ କରିବାର ଯୋଗ୍ୟ (ବ୍ୟକ୍ତି)—
2. Worthy to receive a gift.
୩ । ଯେ ଦାନ ଗ୍ରହଣ କରେ—
3. In the habit of taking gifts.
(ଗାଳି) (ଲକ୍ଷଣାର୍ଥ)—୪ । ଅକର୍ମଣ୍ୟ—
4. Worthless; good-for-nothing.
[ଦ୍ର—ପୂର୍ବେ ଲୋକେ ଭଲ ପଦାର୍ଥ ବ୍ରାହ୍ମଣଙ୍କୁ ଦାନ କରୁଥିଲେ; କିନ୍ତୁ ଲୋକଙ୍କ ଧର୍ମବିଶ୍ୱାସ କମିଯାଉଥିବା ସଙ୍ଗେ ସଙ୍ଗେ ଲୋକେ ନିକୃଷ୍ଟ ବସ୍ତୁକୁ ବ୍ରାହ୍ମଣଙ୍କୁ ଦାନ କରିବାର ଦେଖାଯାଏ । ଏଥିପାଇଁ 'ଦାନୁଆ' ଶବ୍ଦ ଏବେ 'ଅକର୍ମଣ୍ୟ' ଅର୍ଥରେ

ପ୍ରଯୁକ୍ତ ହେଉଅଛି । ଦାନୁଆ ଗାଈର ଅର୍ଥ ଏପରୁ ହୃଷ୍ଟପୁଷ୍ଟ ଗାଈ ଯେ ତାହା ବ୍ରାହ୍ମଣଙ୍କୁ ଦାନ କରାଯିବା ଯୋଗ୍ୟ ଅଟେ ।]

ପ୍ରାଦେ. (ଗଞ୍ଜାମ) ବି—ବୈଦିକ ବା ଶାସନୀ ବ୍ରାହ୍ମଣ; ଧର୍ମଶୀଳ ବା ତପସ୍ୟାପର ବ୍ରାହ୍ମଣ; ଯାହାଙ୍କୁ ଦାନ ଦେଲେ ପୁଣ୍ୟଲାଭ ହୁଏ; ଦାନ ଗ୍ରହଣ କରିବାର ଉପଯୁକ୍ତ ବ୍ରାହ୍ମଣ—
A class of high class Brahmins.

[ଦ୍ର—ଗଞ୍ଜାମରେ ବୈଦିକ ବ୍ରାହ୍ମଣଙ୍କ ଦାନୁଆ ଓ ନୀଚ ଶ୍ରେଣୀକୁ ହଳୁଆ ଓ ସାରୁଆ ବୋଲାଯାଏ ।]

ଦାନେଚ୍ଛା—ସଂ. ବି. (ଦାନ+ଇଚ୍ଛା; ୬ଷ୍ଠୀ ତତ୍)—ଦାନ କରିବାର ଇଚ୍ଛା; ଦୟା—A desire to make gifts.
Dānechhā

ଦାନ୍ତ—ସଂ. ବିଣ.—(ଦନ୍ତ+ଷ୍ଣ ଓ ସମ୍ବନ୍ଧାର୍ଥେ ଅ)—୧ । ଦନ୍ତ ସମ୍ବନ୍ଧୀୟ—1. Dental.
Dānta

୨ । ଦନ୍ତନିର୍ମିତ—
2. Made of tooth (eg. ivory.)

୩ । (ଦମ୍ ଧାତୁ=କ୍ଳେଶ ସହିବା+କର୍ମ. ତ) ବଶୀଭୂତ—
3. Subdued; brought under subjugation.

୪ । ଦମିତ—4. Controlled; checked.

୫ । (+କର୍ତ୍ତୃ.ତ) ତପସ୍ୟାରେ କ୍ଳେଶସହିଷ୍ଣୁ—
5. Inured to the pains of penance.

୬ । ଯେ ବାହ୍ୟେନ୍ଦ୍ରିୟ ବଶ କରିଅଛି; ଜିତେନ୍ଦ୍ରିୟ—
7. Self-controlling.

୭ । ଶାନ୍ତ; ସୌମ୍ୟ—
7. Pacified; allayed; calmed; mild.

୮ । ଶାସିତ—8. Ruled.

୯ । (ଦ+ଅନ୍ତ; ବହୁବ୍ରୀହି) ଯେଉଁ ଶବ୍ଦର ଶେଷରେ ଦ ଅକ୍ଷର ଅଛି—9. (a word) Ending with the letter 'da'.

ସଂ. ବି.—(ନାମ)—୧ । ଭୀମସେନ ରାଜାଙ୍କର ପୁତ୍ର; ଦମୟନ୍ତୀଙ୍କ ଭ୍ରାତା—1. The son of king Bhimasena, the brother of Damayanti.

ଦମଦାନ୍ତ ଦମନ ନାମକୁ ବହିଲେ,
ବାପାଙ୍କ ପର କୀର୍ତ୍ତି ମଣ୍ଡଳେ ଥୋଇଲେ ।
କୃଷ୍ଣସିଂହ. ମହାଭାରତ. ବନ ।

୨ । ଦମନ ବୃକ୍ଷ (ଦେଖ)—2. Damana tree (See)

୩ । ମଏଣ ଫଳ (ହି. ଶବ୍ଦସାଗର) (ଦେଖ)
3. Maena phala (See)

ଦାନ୍ତ ଦେ. ବି. (ସଂ. ଦନ୍ତ)—୧ । ଦନ୍ତ—1. Tooth.
दाँत
दाँत

[ଦ୍ର—ଦାନ୍ତଦ୍ୱାରା କାଟିବା, ଛିଣ୍ଡାଇବା ଓ ଚୋବାଇବା କାର୍ଯ୍ୟ ହୁଏ । ଦାନ୍ତ ମନୁଷ୍ୟର ଉପର ପାଟିରେ ୧୬ ଗୋଟି ଓ ତଳ ପାଟିରେ ୧୬ ଗୋଟି; ଉପର ଓ ତଳ ପାଟିର ଏକ ଏକ ପାଳିରେ ଥିବା ୮ ଗୋଟି ଦାନ୍ତ ମଧ୍ୟରୁ କ୍ଷୁଦ୍ରଦାନ୍ତ (Incisors) ୨ଟି, ଶ୍ୱଦନ୍ତ ବା ମୁନିଆଁ ଦାନ୍ତ (canine; fucuspeds) ଗୋଟିଏ; ଦ୍ୱିଶୃଙ୍ଗିତ ଦନ୍ତ bicuspides or false molars ୨ଗୋଟି ଏବଂ ଢଳ ବା ଚକା ଦାନ୍ତ (Molars)୩ଗୋଟି । ପୂର୍ଣ୍ଣ ବୟସ୍କ ବ୍ୟକ୍ତିର ଦାନ୍ତ ୩୨ଟି । ଏଥିରୁ ୨୦ ଟି ଦାନ୍ତକୁ ଅସ୍ଥାୟୀ ବା ଦୁଧ ଦାନ୍ତ କହନ୍ତି ।

ଦୁଧଦାନ୍ତ(milk teeth)—ଶିଶୁର ଦୁଗ୍ଧପାନ ଅବସ୍ଥାରେ ଯେଉଁ ଦାନ୍ତ ଉଠେ ପରେ ଖସି ପଡ଼େ । ଏହି ଦାନ୍ତଗୁଡ଼ିକ ୭ ବର୍ଷ ପର୍ଯ୍ୟନ୍ତ ରହି ଖସି ପଡ଼ିଲେ ପୁଣି ସ୍ଥାୟୀ ଦାନ୍ତ ବାହାରେ ।

ଦୁଧଦାନ୍ତ ଉଠିବା କାଳ:—ତଳ ମଝି ବା କ୍ଷୁଦ୍ରଦାନ୍ତ ଜନ୍ମର ୬।୭ ମାସ ମଧ୍ୟରେ, ଉପର କ୍ଷୁଦ୍ରଦାନ୍ତ ୭।୮ ମାସ, ଉପର କ୍ଷୁଦ୍ରଦାନ୍ତ ପାଖର ଦାନ୍ତ ଯୋଡ଼ିକ ୭।୯ ମାସ, ତଳ କ୍ଷୁଦ୍ରଦାନ୍ତ ପାଖ ଦାନ୍ତଦ୍ୱୟ ୧୦।୧୨ ମାସ, ୧ମ ଜମ୍ଭାଲି ଦାନ୍ତ ୧୨।୧୪ ମାସ, ଶ୍ୱଦାନ୍ତ ୧୭।୧୮ ମାସ, ୨ୟ ଜମ୍ଭାଲ ଦାନ୍ତ ୨୪ ମାସ ବା ପରେ ।

ସ୍ଥାୟୀ ଦାନ୍ତ ବାହାରିବା କାଳ:—୧ମ ଜମ୍ଭାଲି ୬ ବର୍ଷ, କ୍ଷୁଦ୍ର ଦାନ୍ତ ୭ ବର୍ଷ, ମଝିଦାନ୍ତର ପାଖ ୮ ବର୍ଷ, ଅଗର ପ୍ରଥମ ଜମ୍ଭାଲି ୯ ବର୍ଷ, ଅଗର ଦ୍ୱିତୀୟ ଜମ୍ଭାଲି ୧୦ବର୍ଷ, ଶ୍ୱଦାନ୍ତ ୧୧।୧୨ ବର୍ଷ ୨ୟ ଜମ୍ଭାଲି ୧୨।୧୩ ବର୍ଷ । ୯ ବର୍ଷ ବାଳକ ବାଳିକାର ୧୨ ଟି, ୧୦।୧୧ ବର୍ଷରେ ୨୪ଟି, ୧୩।୧୪ ବର୍ଷର ୨୮ଟି ସ୍ଥାୟୀ ଦାନ୍ତ ହୋଇଥାଏ । ତତ୍ପରେ ସମୟକ୍ରମେ ଆଉ ୪ଟି ସ୍ଥାୟୀ ଦାନ୍ତ ବାହାରେ । ଏଥି ମଧ୍ୟରୁ ଜ୍ଞାନଦାନ୍ତ ସପ୍ତଦଶ ବର୍ଷରେ ଉଠେ । ଏହି ଜ୍ଞାନଦାନ୍ତକୁ 'ଅକ୍କଲ ଦାନ୍ତ' ମଧ୍ୟ କୁହାଯାଏ । ଏ ଦାନ୍ତ ବହୁ ଲୋକଙ୍କର ୧୭ ବର୍ଷ ଊର୍ଦ୍ଧ୍ୱରେ ଓ ୨୫ ବର୍ଷ ମଧ୍ୟରେ ଜନ୍ମେ ।

ବାହାଡ଼ାଦାନ୍ତ ବୋଲି ଆଉ ଏକ ପ୍ରକାର ଦାନ୍ତ କାହାର କାହାର ଉଠିବାର ଦେଖାଯାଏ । ଗୋଟିଏ ଦାନ୍ତ ଥାଉଁ ଥାଉଁ ତା ମୂଳରୁ ଯେଉଁ ଅତିରିକ୍ତ ଦାନ୍ତ ବଙ୍କା ହୋଇ ବାହାରି ଦାନ୍ତ ପାଟିକୁ ଅସୁନ୍ଦର କରି ପକାଏ, ତାହାକୁ ବାହାଡ଼ା ଦାନ୍ତ (Redundant tooth) କହନ୍ତି ।

ବିଷ ଦାନ୍ତ ବା ବଶିଦାନ୍ତ—ବିଷଧର ସର୍ପର ଯେଉଁ ଯେଉଁ ଦାନ୍ତରୁ ବିଷ କ୍ଷରିତ ହୁଏ ତାହାକୁ ବିଷଦାନ୍ତ କହନ୍ତି । ସାପ ପାଟିର ଦୁଇ ପାଖର ଦୁଇ ବିଷଦାନ୍ତକୁ କାଳ ଓ ବକାଳ ବୋଲାଯାଏ । ସାପର ଅନ୍ୟ ଦାନ୍ତମାନଙ୍କୁ ଆହାର ଦାନ୍ତ ବା ଆଧାର ଦାନ୍ତ ବୋଲାଯାଏ । ମନୁଷ୍ୟ ପାଟିର ଏକ ପ୍ରକାର ଦାନ୍ତକୁ ମଧ୍ୟ ବିଷଦାନ୍ତ ବା ବିଷିଦାନ୍ତ ବୋଲାଯାଏ । ଏହା ସାପର ବିଷଦାନ୍ତ ପରି ନୁହେ ସତ୍ୟ, ତେବେ କଷ୍ଟକର ହୁଏ ।]

୨ । ହାତୀ ଦାନ୍ତ—2. Tusk; ivory.

୩ । ଦାନ୍ତ ପରି ବାହାରି ଥିବା ମୁନିଆଁ ବସ୍ତୁ—
2. Tooth-like spikes.

(ଯଥା—ପାନିଆଁର ଦାନ୍ତ; କରତର ଦାନ୍ତ ।)

ଦାନ୍ତ ଉଠିବା—ଦେ. କ୍ରି.—ଦନ୍ତୋଦ୍ଗମ ହେବା—Teething; dentition; the coming out or appearance of one's teeth for the Ist time; the cutting or growing of teeth.
Dānta uṭhibā
दाँतउठा
दाँत निकलना

ଦାନ୍ତ ଉପାଡ଼ିବା—୧ । ଦାନ୍ତକୁ ଠାଣି ଆଣି ମୂଳୋତ୍ପାଟନ କରିବା—1. To take out a tooth.
Dānta upārdibā
दाँत तोड़ना, दाँतभाँगा

୨ । ସବୁ ଚୂର୍ଣ୍ଣ କରିବା—

दान्त उखाड़ना 2. To humiliate a person; to curb the pride of.
(ଦାନ୍ତ ଓପାଡ଼ିବା, ଦାନ୍ତ ଭାଙ୍ଗିବା—ଅନ୍ୟରୂପ)
(ଯଥା—ସେ ମୋ ମୁହଁ ଉପରେ ମୋର ଏବେ ଦୁର୍ନାମ କଲେ ମୁଁ ତା ଦାନ୍ତ ଓପାଡ଼ି ଦେବ ।)

ଦାନ୍ତ ଉପୁଡ଼ିବା—ଦେ. କି—ଦାନ୍ତ ଖସି ପଡ଼ିବା—The falling of teeth.
Dānta upuṛibā
দাঁত খসে পড়া ଅଧୁ ଦାନ୍ତର ନଡ଼ିଆ ମଡ଼ା
दान्त उखड़ना ଦାନ୍ତ ପଡ଼ିଲେ ଚଉକୁ ଯିବା । ଚଗ ।
(ଦାନ୍ତ ପଡ଼ିବା—ଅନ୍ୟରୂପ)

ଦାନ୍ତ କଟକଟ ହେବା—ଦେ. ବି.—ଦାନ୍ତ ମୂଳ ବଥିବା; ଦାନ୍ତ ଶୂଳେଇ ହେବା—Toothache.
Dānta kaṭakaṭa hebā
দাঁত কন কন হওয়া; **दान्तों में कीड़ा लगना**
(ଦାନ୍ତ ପାକ ବଥିବା—ଅନ୍ୟରୂପ)

ଦାନ୍ତ କଡ଼ମଡ଼ କରିବା—ଦେ. କି (କ୍ରୋଧ ବା ସ୍ୱପ୍ନରେ)—ଦାନ୍ତରେ ଦାନ୍ତ ଘଷି ହୋଇଯିବାରୁ ଶବ୍ଦ କରିବା; ଦାନ୍ତରେ ଦାନ୍ତକୁ ରଗଡ଼ି କଡ଼ମଡ଼ ଶବ୍ଦ କରିବା—To gnash the teeth; to grind one's jaw; to chatter.
Dānta kaṛdamaṛda karibā
দাঁত কিড়মিড় করা
दान्त पिसना; चोबाना
दाँतकिटकिटाना, दाँतकिचकिचाना
ଦାନ୍ତ ରେବା ବୋଇବା; ଦାନ୍ତ ରଗଡ଼ିବା; ଦାନ୍ତ ରେକଟିବା; ଦାନ୍ତ ରେକେଟିବା } ଅନ୍ୟରୂପ

ଦାନ୍ତକଡ଼ମଡ଼ି—ଦେ. ବ (ସ. ଦନ୍ତକଡ଼ମଡ଼)—ଦାନ୍ତରେ ଦାନ୍ତ ଘଷି ହୋଇ ଉଠୁଥିବା କଡ଼ କଡ଼ ଶବ୍ଦ; ଦନ୍ତଘର୍ଷ—Gnashing; gnarling.
Dānta kaṛdamaṛdi
দাঁত কিড়মিড়ি
दाँतकिटकिटाना; दाँताकिटकिट
ଦାନ୍ତ ରେବା; ଦାନ୍ତ ରଗଡ଼ା } ଅନ୍ୟରୂପ

ଦାନ୍ତ କବାଟି—ଦେ. ବ—ହନୁସ୍ତମ୍ଭ; ହନୁଗ୍ରହ; ରୋଗ, ଉପଦ୍ରବରୁ ଦୁଇପାଟି ଯାକ ଦାନ୍ତ ପଡ଼ଯାଇ ଆଉ ନ ଫିଟିବା ଅବସ୍ଥା—Lock-jaw.
Dānta kabāṭi
দাঁত কপাটি; **दाँत बैठजाना**

ଦାନ୍ତକାଠି—ଦେ. ବ (ସ. ଦନ୍ତକାଷ୍ଠ)—ଦାନ୍ତ ଘଷିବା କାଠି—A small twig used in cleansing the teeth; tooth brush.
Dānta kāṭhi
দাঁতন্‌কাঠি
दतुबन, दतुन କାମ, ଜଳାଙ୍କ କଷାଥାଏ, ଯିବୁ ନ ଏହ ଦାନ୍ତକାଠି—ଚଗ ।
[ଦ୍ର—ଦାନ୍ତକାଠି ବିଷୟରେ ପ୍ରବଚନ—
ଅପମାରଙ୍କର ଅପାର ଗୁଣ ଚହୁଁରୁ ସଧିକ ନ ଲେ
ଲକ୍ଷ୍ମାଚୁଥ ଅଟେ ରଙ୍ଗବନ୍ଧିର ଚହୁଁରୁ ସରିବ ଫାଳେ
ଚେତକ୍ରେ ଇବେକ୍ଷୁଣୀ ଯେବେ ପଢ଼ିବବ ଚଲେ ।]

ଦାନ୍ତକାଠି ଗଛ—ପ୍ରାଦେ. (ଖାଳପୁର)ବ—ଦନ୍ତୀଗଛ—Danti (tree) (See)
Dānta kāṭhi gachha

ଦାନ୍ତକାଠି ପାଣି—ଦେ. ବ—ସକାଳୁ ଶଯ୍ୟାତ୍ୟାଗ ପରେ ମୁହଁ ଧୋଇବା ଓ ଦାନ୍ତ ଘଷିବାପାଇଁ ଲୋଡ଼ା ଦାନ୍ତକାଠି ଓ ଜଳ—A small twig and water required for cleansing the teeth.
Dāntakāṭhi pāṇi

ଦାନ୍ତ କୋଳମାରିଯିବା—ଦେ. ବ—ବିଶେଷ ଖଟା ଖାଇବା ଯୋଗୁଁ ଦାନ୍ତ ଦରଜ ହେବା ପର ହେବା—An uneasy and delicate sensation felt in the teeth after taking too much acid things.
Dānta kola mārijibā
দাঁত সড়ে পড়া; **दान्त सलसलाना**
ଦାନ୍ତ ସିଲେଇ ପଡ଼ିବା, ଦାନ୍ତ ସଢ଼ ପଡ଼ିବା

ଦାନ୍ତଖିରି—ଦେ. ବ—ପୁରୁଣା ଦେଉଳମାନଙ୍କର ପଥର ସନ୍ଧିରେ ଓ ପାହାଡ଼ଥ ଲାଗାରେ ଉଠିବା ଗୁଳ୍ମବିଶେଷ—A kind of weed growing on the fissures of old buildings.
Dānta khiri
दान्तहिंस्री
[ଦ୍ର—ଏହାର ଖିର କଣ୍ଠା ଘାରେ ଲଗାଇଲେ ଘା ଶୁଖିଯାଏ ।]

ଦାନ୍ତଖୁଣ୍ଟା—ଦେ. ବ—ଯେଉଁ ସରୁ ବେଢ଼ିକାଦ୍ୱାରା ଦାନ୍ତସନ୍ଧିରେ ଲାଗିଥିବା ଖାଦ୍ୟାଂଶ ବାହାର କରାଯାଏ—Tooth-pick.
Dāntakhuṇṭā
দাঁতখোঁটা
दान्तखुरेदी; दान्तखोदनी

ଦାନ୍ତ ଖୁଣ୍ଟିବା—ଦେ. କି—ଦାନ୍ତର ସନ୍ଧିରୁ ଖାଦ୍ୟଦ୍ରବ୍ୟର କଣାମାନ ମୁଣ୍ଡଆ ସରୁ କାଠିଦ୍ୱାରା ବାହାର କରିବା—To pick one's teeth.
Dānta khunṭibā
দাঁতখোঁটা
दांतकुरेदना, दांत खोदना

ଦାନ୍ତ ଗଳା(ଲେ)ଇବା—ଦେ. କି—କୌଣସି ପଦାର୍ଥ ମଧ୍ୟରେ ଦାନ୍ତ ପ୍ରବେଶ କରାଇ କ୍ଷତ କରିବା—To wound by the teeth.
Danta galā le)ibā
(ଦାନ୍ତ ଫୁଟା(ଟେ)ଇବା—ଅନ୍ୟରୂପ)
দাঁত ফোটান, **दान्त घुसाना**

ଦାନ୍ତ ଗଳିବା—ଦେ. କି—କୌଣସି ବିଷୟ ବୋଧଗମ୍ୟ ହେବା—Being legible or understood.
Dānta galibā
দাঁতফোটা, **दांन्तगलना**

ଦାନ୍ତଘଷା—ଦେ. ବି (ସ. ଦନ୍ତସର୍ଷଣ)—ଦାନ୍ତ ମାଜିବା; ଦନ୍ତଧାବନ—Tooth cleansing; cleansing of the teeth.
Dāntaghashā
দাঁতন
दातुन

ଦାନ୍ତଘଷା ଗୁଡ଼ାଖୁ—ଦେ. ବି—ଦାନ୍ତ ଘଷିବାପାଇଁ ବ୍ୟବହୃତ ଏକ ପ୍ରକାର ଗୁଡ଼ାଖୁ—A kind of tobacco preparation with treacle, used for cleansing the teeth.
Dāntaghashā guṛdākhu

ଦାନ୍ତ ଘଷିବା—ଦେ. କି—ଦାନ୍ତ ସଫା କରିବା; ଦନ୍ତଧାବନ କରିବା—To cleanse the teeth.
Dānta ghashibā
দাঁতমাজা, **दांन्तधोना, दातुनकरना**

ଦାନ୍ତଚୁବିବା—ପ୍ରାଦେ. (ସମ୍ବଲପୁର) ବି (ଭୁଲ. ଏହି ଅର୍ଥରେ ଦାଁତ ଚବାନା)—ଦାନ୍ତ ରଗଡ଼ିବା—To gnash the teeth.
Dānta chubibā

ଦାନ୍ତଚିହ୍ନ—ଦେ. ବି (ସ. ଦନ୍ତଚିହ୍ନ)—ଦାନ୍ତରେ କାମୁଡ଼ିବା ଦାଗ, କାମୁଡ଼ା ଦାଗ—The impression of the teeth left on a thing bitten
Dāntachihna
(ଦାନ୍ତଦାଗ—ଅନ୍ୟରୂପ)
দাঁতের দাগ, **दान्तकी निशाना**

ଦାନ୍ତ ଚୋବା(ବେ)ଇବା—ଦେ. କ୍ରି—ଦାନ୍ତ କଡ଼ମଡ଼ କରିବା (ଦେଖ)
Dānta chobā(be)ibā Dānta kardamarda karibā (See)

ଦାନ୍ତ ଛୋର୍ଡ଼ା—ଗ୍ରା. ବିଣ (ଗାଳି)—ନିର୍ଲଜ୍ଜ; ଦାନ୍ତହସା—Given to
Dānta chhordā loud and inordinate laughter.
ଗ୍ରା. ବି (ଅଶିଷ୍ଟ) ନିର୍ଲଜ୍ଜ ଆଚରଣ; ନିର୍ଲଜ୍ଜ ହସ; ନିର୍ଲଜ୍ଜତାସୂଚକ ଉଚ୍ଚ ହାସ୍ୟ—Laugh by exhibiting the rows of teeth out of shamelessness; grinning.

ଦାନ୍ତ ଛୋର୍ଡ଼ିବା—ଗ୍ରା. କ୍ରି (ଇତର ଓ ଅଶିଷ୍ଟ)—ନିର୍ଲଜ୍ଜତାସୂଚକ ଉଚ୍ଚ-
Dānta chhordibā ହାସ୍ୟ କରି ଦାନ୍ତମାନ ପ୍ରକାଶ କରିବା—
দাঁত কেলান To laugh by exhibiting the rows of
दाँत निपोरना teeth; to grin broadly.
[ଦାନ୍ତ ନେ(ଲେ)ଫେଡ଼ିବା—ଅନ୍ୟରୂପ]

ଦାନ୍ତ ଝାଡ଼ିଦେବା—ଦେ. କ୍ରି—ଗାଲରେ ଚଟକଣା ବା ମୁଠି ଆଦିର
Dānta jhārdidebā ଆଘାତଦ୍ୱାରା ଅନ୍ୟତ ବ୍ୟକ୍ତିର ଦାନ୍ତ
ଦାନ୍ତ ଖସା(ସୋ)ଇ ଦେବା } ଅନ୍ୟରୂପ ଚଲିଲୁ ଉତ୍ପାଟନଦ୍ୱାରାର
ଦାନ୍ତ ଝଡ଼ା(ଡ଼େ)ଇ ଦେବା ଉପାୟ କରିବା—
দাঁত ঝেড়েদেওয়া To cause a person's teeth to be
दाँत झाड़देना uprooted by means of slaps or fist-blows.

ଦାନ୍ତ ଟକ ମାରିବା—ଦେ. କ୍ରି—ଦାନ୍ତ କୋଲ ମାରିଯିବା (ଦେଖ)
Dānta ṭaka māribā Dānta kola mārijibā (See).
দাঁত টক হওয়া **दाँत टीसमारना**

ଦାନ୍ତ ଠକଠକ ହେବା—ଦେ.କ୍ରି—ଅତ୍ୟନ୍ତ ଶୀତ ଯୋଗୁଁ ଦାନ୍ତରେ ଦାନ୍ତ
Dānta ṭhakaṭhaka hebā ବାଜିବା—Chattering of the
দাঁত কনকনানি teeth by cold (due to shivering of
दाँत बजना the jaws).

ଦାନ୍ତ ଡାକ୍ତର—ଦେ. ବି—ଦନ୍ତଚିକିତ୍ସକ—
Dānta dāktara Dentist.
দাঁতের ডাক্তার **दाँतका डाकटर**

ଦାନ୍ତ ଦେଖା(ଖେ)ଇବା—ଦେ. କ୍ରି—କ୍ରୋଧ ବା ବିରକ୍ତିରେ ଖିଙ୍କାରି
Dānta dekhā(khe)ibā ହେବା—To grin in anger
দাঁত দেখান, দাঁত খিঁচান or sulks.
दाँत पीसना

ଦାନ୍ତ ନ ଗଳିବା—ଦେ. କ୍ରି—କୌଣସି ବିଷୟରେ ଦନ୍ତସ୍ଫୁଟ ନ ହେବା;
Dānta na galibā କୌଣସି ବିଷୟକୁ ବୁଝି ନ ପାରିବା—
দাঁত না ফোটা Not being understood.
दाँत न गड़ना

ଦାନ୍ତ ନିକୁଟା—ଦେ. ବି—ଦାନ୍ତକୁ ସାମାନ୍ୟରେ ଦେଖାଇବା; ଦନ୍ତ-
Dānta nikuṭā ବିକାଶ—To show one's teeth slight-
(ଦାନ୍ତ ନିକଟା—ଅନ୍ୟରୂପ) ly; slight grinning.
দাঁত ছিরকুটান ଦେ. ବିଣ. ପୁଂ—ଯେଉଁ ସ୍ତ୍ରୀଲୋକ କଥା କହିବା
दाँत निकोसना ବେଳେ ସାମାନ୍ୟରେ ଦାନ୍ତ ଦେଖାଏ—
ଦାନ୍ତ ନିକଟୀ } ଅନ୍ୟରୂପ Showing the teeth slightly
ଦାନ୍ତ ନିକୁଟୀ while talking.

ଦାନ୍ତ ନିକୁଟିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଅନୁସରଣ ଓ ପ୍ରାର୍ଥନା
Dānta nikuṭibā କରି ନେହୁରା ହେବା ବେଳେ ସାମାନ୍ୟରେ
ଦାନ୍ତ ନିକଟିବା } ଦାନ୍ତ ଦେଖାଇବା—To humbly
ଦାନ୍ତ ନିକଟ ହେବା } ଅନ୍ୟରୂପ beg for a thing by
ଦାନ୍ତ ନିକୁଟ ହେବା } smiling.
দাঁত দেখানো **दाँत निकासना**

ଦାନ୍ତ ନି(ନେ)ସିଡ଼ିବା—ଦେ. କ୍ରି—ଦାନ୍ତଧାଡ଼ି ସମୁଦାୟ ଦେଖାଇ
Dānta ni(ne)sirdibā ଓଷ୍ଠ ଦ୍ୱୟକୁ ବିସ୍ତାର କରିବା—
ଦାନ୍ତ ନେଫେଡ଼ିବା } ଅନ୍ୟରୂପ To show the rows of
ଦାନ୍ତ ନେସେଡ଼ିବା } teeth by spreading the
দাঁত কেলান **दाँत निपोरना** upper and lower lips.

ଦାନ୍ତ ପଚ୍ଚ(ଚେ)ଇବା—ଦେ. କ୍ରି—ପାନ, ଅଲତା ଆଦିର ବୋଳ
Dānta pachā(che)ibā ଦ୍ୱାରା ଦାନ୍ତକୁ ରଞ୍ଜିତ କରିବା—
(ଦାନ୍ତ ରଙ୍ଗା(ଙ୍ଗେ)ଇବା—ଅନ୍ୟରୂପ) To have one's teeth
দাঁত রাগাঁন dyed with pigments (of chewn
दान्त रङ्गाना betel etc).

ଦାନ୍ତ ପଡ଼ିଯିବା—ଦେ. କ୍ରି—୧ । ଦାନ୍ତ ଉପୁଡ଼ିବା (ଦେଖ)
Dānta pardijibā 1. Dānta upurdibā (See).
(ଦାନ୍ତ ପଡ଼ିବା—ଅନ୍ୟରୂପ) ୨ । ଦାନ୍ତ ପାଟି ପଡ଼ିଯିବା (ଦେଖ)
দাঁত পড়া 2. Dānta pāṭi pardi jibā (See)
दाँत टूटना, दाँत झड़ना, दाँत गीरना

ଦାନ୍ତ ପତର କରିବା—ଦେ. କ୍ରି. (ସଂଚର)—
Dānta patara karibā ଦାନ୍ତ ଘଷିବା ଓ ମୁହଁ ଧୋଇବା—
(ଦାନ୍ତ ପତ୍ର ଘଷିବା—ଅନ୍ୟରୂପ) To cleanse the teeth and
দান্ত ঘসা wash the face.
दातुन करना

ଦାନ୍ତ ପାଟି—ଦେ. ବି—୧ । ଦାନ୍ତର ମୂଳଭାଗସ୍ଥ ମାଂସପିଣ୍ଡ; ଦନ୍ତମାଂସ-
Dānta pāṭi 1. Gum of the teeth.
(ଦାନ୍ତ ମୂଳ—ଅନ୍ୟରୂପ) ୨ । (ସ. ଦନ୍ତପଂକ୍ତି) ପାଟିରେ ଥିବା
দাঁতের গোড়া, দাঁতের মাড়ি ଦାନ୍ତର ଉପର ଓ ତଳ ଧାଡ଼ି—
मसूड़ा 2. The jaws; rows of teeth (upper
দাঁতের পাটি and lower); a full set of teeth,
दाँत पाटी upper and lower.
[ଦ୍ର—ଦାନ୍ତର ଉପର ପାଟି—Upper jaw.
ତଳ ପାଟି—Lower jaw.]

ଦାନ୍ତ ପାଟି ପଚ୍ଚ(ଚେ)ଇ ଦେବା—ଦେ. କ୍ରି—ଚପୁଡ଼ା ଆଦି ମାଡ଼
Dānta pāṭi pachā(che)i debā ଦ୍ୱାରା ଦାନ୍ତମୂଳକୁ ଦରଜ
କରାଇ ଦେବା—To cause the gums to swell and become painful by giving blows on the cheeks.

ଦାନ୍ତପାଟି ପଡ଼ିଯିବା—ଦେ. କ୍ରି—ଦୁଇ ପାଟିର ଦାନ୍ତ ଦୃଢ଼ରୂପେ ସଂଲଗ୍ନ
Dāntapāṭi pardijibā ହୋଇଯିବା ବା ଜାବ ପଡ଼ିଯିବା—

दाँत कपाटी लागा The two jaws being locked together; Lockjaid.
दाँते लागा
दाँती बैठना; दाँत बैठजाना
(ଦାନ୍ତ କପାଟି ଲାଗିଯିବା-ଅନ୍ୟରୂପ)

ଦାନ୍ତ ପାଟି ଫୁଲା — ଦେ. ବ—ରୋଗବିଶେଷ; ଦାନ୍ତ ମୂଳର ମାଂସ ଫୁଲି ଯିବା; ଜୋଡ଼ିଆ ବାହାରିବା—
Dānta pāti phulā
दाँतकड़ा The inflammation and swelling of the gums; a gum-boil.
मसूड़ा का फुलाव
(ଦାନ୍ତମୂଳ ଫୁଲା—ଅନ୍ୟରୂପ)

ଦାନ୍ତ ପୋକ କାଟିବା — ଦେ. ବ—ଦନ୍ତରୋଗବିଶେଷ; ଏକପ୍ରକାର ପୋକ ଦାନ୍ତକୁ ଆକ୍ରମଣ ବା ନଷ୍ଟ କରିବା; ଦନ୍ତଶୂଳ—Severe pain in the teeth; toothache; odontalgia.
Dānta poka kātibā
दाँत कनकन करा
दाँतकी पीड़ा

ଦାନ୍ତ ବନ୍ଧା(ନ୍ଧେ)ଇବା — ଦେ. କ୍ରି—ଅପଣା ଦାନ୍ତ ଭୁଷୁଡ଼ି ଯାଇଥିବା ସ୍ଥାନରେ କୃତ୍ରିମ ଦାନ୍ତ ବସାଇବା—To have false teeth set in the place of broken teeth.
Dānta bandhā(ndhe)ibā
दाँतबाँधान
दाँत बाँधना

ଦାନ୍ତ ବସା(ସେ)ଇବା — ଦେ. କ୍ରି—୧ । ଅନ୍ୟର ଦାନ୍ତ ନ ଥିବା ପାଟିରେ କୃତ୍ରିମ ଦାନ୍ତ ବସାଇବା—1. To set false teeth in the mouth of another.
Dānta basā(se)ibā
दाँतबसान; दाँतबाँधा
दाँत बसाना; दाँत लगाना
ଦାନ୍ତ ଲଗା(ଗେ)ଇବା } ଅନ୍ୟରୂପ
ଦାନ୍ତ ବାନ୍ଧିବା
୨ । ନିଜର ଦାନ୍ତ ନ ଥିବା ପାଟିରେ ଡାକ୍ତର ଦ୍ୱାରା କୃତ୍ରିମ ଦାନ୍ତ ବସାଇବା—2. To have false teeth in one's own jaw set by a doctor.

ଦାନ୍ତ ବସା(ସେ)ଇ ଦେବା — ଦେ. କ୍ରି—୧ । କାହାର ଦେହକୁ ବା କୌଣସି ବସ୍ତୁକୁ ଜୋରରେ କାମୁଡ଼ି ଦାନ୍ତଚିହ୍ନ ରଖିଦେବା—1. To leave the marks of biting on a thing or body bitten.
Dānta basā(se)i debā
दाँतबसान
दाँत लगाना; दान्त घसाना
୨ । ଔଷଧାଦି ଦ୍ୱାରା ହଲିବା ଦାନ୍ତକୁ ଶକ୍ତ କରିବା—2. To make the slackened teeth firmly set by applying medicines.

ଦାନ୍ତ ବସିଯିବା — ଦେ. ବ—୧ । ଦଷ୍ଟ ସ୍ଥାନରେ ଦନ୍ତଚିହ୍ନ ରହିଯିବା—1. Impression of tooth left on a bitten part
Dānta basijibā
दाँतबसा
दान्तलगना; दान्तधंसना ୨ । ହଲୁଥିବା ଦାନ୍ତ ଔଷଧପ୍ରୟୋଗରେ ଶକ୍ତ ହେବା—2. The loosened tooth becoming firm through the application of medicine.

ଦାନ୍ତ ଭାଙ୍ଗି ଦେବା — ଦେ. କ୍ରି.—୧ । ସାପର ବିଷଦାନ୍ତ ଭାଙ୍ଗି ତାକୁ ନିର୍ବିଷ କରିବା—1. To take out the fangs of a poisonous serpent.
Dānta bhāngi debā
दाँत भेङ्गे देओया
दाँत तोड़देना
(ଲକ୍ଷଣାର୍ଥ)—୨ । କୌଣସି ବ୍ୟକ୍ତିଠାରୁ ପରର ଅନିଷ୍ଟ କରିବା ଶକ୍ତି କାଢ଼ି ନେବା; ଗର୍ବ ଚୂର୍ଣ୍ଣ କରିବା—2. To deprive a person of his fangs or his power of injuring others; to make a person powerless; to crush one's pride.
୩ । କୌଣସି ବ୍ୟକ୍ତିକୁ କଠୋର ଦଣ୍ଡ ଦେବା—3. To punish a person severely.

ଦାନ୍ତ ଭିଡ଼ିବା — ଦେ. କ୍ରି.—୧ । କଥା କହିବା ବେଳେ କ୍ରୋଧ ବା ବିରକ୍ତିକୁ ଗୁପ୍ତ ରଖିବାପାଇଁ ଦାନ୍ତପାଟିକୁ ଚାପି ରଖିବା—1. To close one's jaws to suppress anger or displeasure while speaking.
Dānta bhirdibā
दाँत खिचाना
दाँतो चढ़ाना
୨ । ପ୍ରତିହିଂସା ନେବାର ବା ଶାସ୍ତି ଦେବାର ସୂଚନା ସ୍ୱରୂପ କ୍ରୋଧରେ ଦାନ୍ତରେ ଦାନ୍ତକୁ ଚାପି ଧରିବା—2. To close one's jaws indicating a resolve to take revenge or to punish in future.
(ଯଥା—ତୁ ଦାନ୍ତ ଭିଡ଼ିଲେ ମୁଁ କଣ ଡରିଯିବି ରେ ?)
୩ । କୌଣସି ବ୍ୟକ୍ତିକୁ ସଙ୍କେତଦ୍ୱାରା କୌଣସି କାର୍ଯ୍ୟ କରିବାକୁ ମନା କରିବା—3. To indicate to a person by facial expressions not to do a thing.

ଦାନ୍ତରି — ପ୍ରାଦେ.—(ସମ୍ବଲପୁର) ବିଣ.—ଦାନ୍ତୁରି (ଦେଖ)
Dāntari Dānturi (See)

ଦାନ୍ତରେ କୁଟା — ଦେ. ବିଣ—ଦାନ୍ତରେ ତୃଣ ଧରି ପ୍ରାର୍ଥନାକାରୀ—Supplicating very humbly.
Dāntare kutā
ଦାନ୍ତର କୁଟା } ଅନ୍ୟରୂପ
ଦାନ୍ତେର କୁଟା
ଦାନ୍ତେରେ କୁଟା
ବି—୧ । ବିନୀତ ପ୍ରାର୍ଥନା କରିବା ପାଇଁ ଦାନ୍ତରେ ତୃଣାଦି ଧରିବା—1. Holding a blade of straw or grass in the teeth indicating suppliant attitude.
दाँते कुटा
दाँतो तिनिका
ପାଦକମଳଙ୍କ ଦାନ୍ତରେ କୁଟା ଦେଇ
ବୋଇଲେ ଥାଅ ଜାଣି ଭକ୍ତି ହେଲେ । କୃଷ୍ଣସିଂହ. ମହାଭାରତ ବନ ।
୨ । ଅତି ବିନୀତ ପ୍ରାର୍ଥନା—2. Supplication.
[ଦ୍ର—ଅତି ବିନୟ ପ୍ରାର୍ଥନାର ଚିହ୍ନସ୍ୱରୂପ ପ୍ରାର୍ଥନାକାରୀ ଦାନ୍ତରେ କୁଟା ଖଣ୍ଡିଏ ଧରିବାଦ୍ୱାରା ନିଜକୁ ଅତ୍ୟନ୍ତ ତୁଚ୍ଛ ବୋଲି ଜଣାଏ ।]

ଦାନ୍ତରେ କୁଟା ହେବା — ଦେ. କ୍ରି—୧ । କୌଣସି ବ୍ୟକ୍ତି ନିକଟରେ ଅତି ଦୀନଭାବରେ କୌଣସି ପ୍ରାର୍ଥନା କରିବା; ଦାନ୍ତରେ ତୃଣ ଧରି ପ୍ରାର୍ଥନା କରିବା—1. To express an humblee and suppliant attitude before another by holding a blade of straw or grass between one's teeth; to entreat; to supplicate; to implore.
Dāntare kutā hebā
ଦାନ୍ତରକୁଟା } ହେବା—ଅନ୍ୟରୂପ
ଦାନ୍ତେରକୁଟା
ଦାନ୍ତେରେକୁଟା
दाँतेकुटोकरा; दाँतेकुटोकाटा
दाँतोमें तिनकालेना

[ଦ୍ର—ଗୋରୁ ଆଦ ପଶୁମାନେ ତୃଣ ବା କୁଟା ଖାଆନ୍ତି । ମନୁଷ୍ୟ ଦାନ୍ତରେ କୁଟା ଧର କୌଣସି ବ୍ୟକ୍ତି ପାଖରେ ଠିଆ ହେବାର ଅର୍ଥ—"ମୁଁ ଆପଣଙ୍କ ନିକଟରେ ଗୋରୁଠାରୁ ସାନ ।"]

୨ । ଦାନ୍ତରେ ତୃଣାଦ ଧରି ଅପରାଧ ସ୍ୱୀକାର କରବା— 2. To hold a blade of grass between one's teeth indicating the confession of one's own guilt.

(ଦାନ୍ତରେ ତିରଣ ଧରିବା—ଅନ୍ୟରୂପ)

[ଦ୍ର— 'ଗୋବଧ' ପାତକ କରଥିବା ବ୍ୟକ୍ତିମାନେ 'ଦାନ୍ତରେ କୁଟା' ଦେଇ ଘରଘର ଭିକ୍ଷା କର ବୁଲନ୍ତି । ଦାନ୍ତରେ କୁଟା ଧର ଥିବାରୁ ମୁହଁରେ କଛି କଥା କହ ପାରନ୍ତି ନାହିଁ, କେବଳ କପାଳରେ ବସି ଅଙ୍ଗୁଠିକୁ ମାରୁଥାଆନ୍ତି ।]

୩ । ଅତି ବିନୀତ ପ୍ରାର୍ଥନା କରବା— 3. To supplicate.

ଦାନ୍ତରେ ତିରଣ ଦେବା—ଦେ. କ୍ରି—କଛିମାତ୍ର ଖାଇବା—
Dāntare tiraṇa debā To take a bit of food.
ଆଜ ଏକାଦଶୀ, ସେ ଦାନ୍ତରେ ତିରଣ ଦେଇ ନାହିଁ ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ଦାନ୍ତରେ ବାଜିବା—ଦେ. କ୍ରି—(କୋମଳ ପଦାର୍ଥ ଖାଇବା ବେଳେ ତହିଁ ମଧ୍ୟରେ ଥିବା ଟାଣୁଆ ଗୋଡ଼ିଆଦ) ଦାନ୍ତକୁ ଲାଗିବା—To strike the teeth (said of some hard thing found inside a soft thing when being eaten.)
Dāntare bājibā
দাঁতে ঠোকা

ଦାନ୍ତ ଲଗା(ଗେ)ଇ ଦେବା—ଦେ. କ୍ରି—ଅନ୍ୟର ଦେହକୁ ବା କୌଣସି ବସ୍ତୁକୁ କାମୁଡ଼ିବା—To bite.
Dānta lagā(ge)i debā
[ଦାନ୍ତଲଗା(ଗେ)ଇବା—ଅନ୍ୟରୂପ] (ଯଥା—ଏ ଦୁଷ୍ଟ କୁକୁରଟା ସମସ୍ତଙ୍କ ଦେହରେ ହଠାତ୍ ଦାନ୍ତ ଲଗାଇ ଦେଉଛି ।)
দাঁতলগান
दान्तलगाना

ଦାନ୍ତ ଲେଫେ(ସେ)ଡ଼ିବା—ଦେ. କ୍ରି—ଦାନ୍ତ ନିସିଡ଼ିବା (ଦେଖ)
Dānta lephe(se)rdibā Dānta nisirdibā (See)
[ଦାନ୍ତଲେଫି(ସି)ଡ଼ିବା—ଅନ୍ୟରୂପ]

ଦାନ୍ତଶୂଳ—ଦେ. ବି. (ସ. ଦନ୍ତଶୂଳ)—ଦାନ୍ତବିନ୍ଧା; ଦାନ୍ତ କଟ କଟ ହେବା—Toothache.
Dāntaśūḷa
দাঁতকনকনানি दान्तशूला

ଦାନ୍ତଶୂଳେଇ ହେବା—ଦେ. ବି—ଦାନ୍ତଶୂଳ (ଦେଖ)
Dānta śūḷei hebā Dāntaśūḷa (See)

ଦାନ୍ତ ସଡ଼ିଜିବା—ଦେ. ବି. (ସ. ଦନ୍ତହର୍ଷ)—ଅଧିକ ଖଟା ଜିନିଷ ଖାଇବା ଯୋଗୁଁ ଦାନ୍ତରେ ଏକପ୍ରକାର କ୍ଳେଶ ଅନୁଭୂତ ହେବା—A kind of sensation felt in the teeth when eating very sour things.
Dādta sardijibā
দাঁতটক্‌মারা
दाँतखट्टे होना

ଦାନ୍ତସନ୍ଧି—ଦେ. ବି. (ସ. ଦନ୍ତସନ୍ଧି)—ଦାନ୍ତମାନଙ୍କ ମଧ୍ୟବର୍ତ୍ତୀସ୍ଥାନ—
Dāntasandhā The spaces or interstics between the teeth.
(ଦାନ୍ତସନ୍ଧ—ଅନ୍ୟରୂପ)
দাঁতসন্ধি; दाँतोंकिफाँक

ଦାନ୍ତ ହଲିବା—ଦେ. ବି—ଦନ୍ତ ଶିଥିଳ ହେବା—
Dānta halibā The looseness of the teeth.
দাঁত নড়া, दाँत हिलना

ଦାନ୍ତା—ଦେ. ବଣ. ପୁଂ (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ)—ଦନ୍ତବିଶିଷ୍ଟ—
Dāntā Having teeth.
(ଦନ୍ତା; ଦାନ୍ତିଆ—ଅନ୍ୟରୂପ) (ଯଥା—ବାହାଡ଼ା ଦାନ୍ତା; ଡାଳିମ୍ବ ଦାନ୍ତୀ; ବିଷଦନ୍ତା)
(ଦାନ୍ତୀ; ଦାନ୍ତେଇ—ସ୍ତ୍ରୀ)
দাঁতা--পুং—দাঁতী--স্ত্রী
दाँतवाला

ଦାନ୍ତି—ସ. ବ (ଦମ୍ ଧାତୁ + ଭାବ ତି)—୧ । ଦମ—
Dānti 1. Self-command.
୨ । ଦମନ; ଶାସନ—2. Subduing; controlling; subjugating; ruling.
୩ । କ୍ଳେଶ ସହିଷ୍ଣୁତା—3. Endurance.
୪ । ଇନ୍ଦ୍ରିୟ ଦମନ—4. Self-control.

ଦାନ୍ତିଆ—ଦେ. ବ—୧ । ମାଛଧରା ଯନ୍ତ୍ରବିଶେଷ; ପୋଲୁଅ; ପୋଲୁହ—
Dāntiā 1. A kind of fishing basket (with tooth like projections).
দাঁতিয়া
दन्तोला [ଦ୍ର—ଏହା ବାଉଁଶ ପାତିଆରେ ବୁଣା ହୋଇଥାଏ ଏବଂ ଏହାର ଅଗକୁ ଦାନ୍ତ ଭଳି ମୁନିଆଁ କାଠିମାନ ବାହାରିଥାଏ ।]

୨ । କନ୍ଥଣିଆ; ଘରର ବାରଣ୍ଡାରେ ବସିଥିବା ଖୁଣ୍ଟର ବେକ ଠାରୁ ଚାଳର ଅଗକୁ କଣ୍ଡିଭାବରେ ଲଗା ଯାଇଥିବା କାଠଖଣ୍ଡ—2. Wooden corbels or brackets supporting the eaves of a thatch.

୩ । ମାଇପେ ପିନ୍ଧିବା ଏକପ୍ରକାର ଖଡ଼ୁ ବା ପିତଳଖଡ଼ୁ, ଯାହା କନ୍ଥୁଣୀ ପାଖରେ ଥାଏ ଓ ଯାହାର ଧାର ଦାନ୍ତପର ହୋଇଥାଏ—3. A kind of edged bangles worn by some women.

୪ । କୃଷିରେ ବ୍ୟବହୃତ ଯନ୍ତ୍ରବିଶେଷ (ଏଥିରେ ମାଟିକୁ ଖୁରୁସାଇବାକୁ ହୁଏ)—4. A hoe; an instrument to turn up and loosen the soil superficially.

ଦେ. ବିଣ. ପୁଂ. (ଅନ୍ୟ ଦାନ୍ତବାଚକ ଶବ୍ଦ ସଙ୍ଗେ ଲାଗେ (ଦାନ୍ତୀ, ଦାନ୍ତେଇ—ସ୍ତ୍ରୀ) ଯଥା ବାହାଡ଼ାଦାନ୍ତିଆ; ମୁଗ ଦାନ୍ତିଆ)—ଯାହାର ଦାନ୍ତଥାଏ—Toothed; having such and such tooth.

ଦାନ୍ତିବା—ଦେ. କ୍ରି (ସ. ଦନ୍ତ)—ଦନ୍ତୋଦ୍ଗମ ଯୁକ୍ତହେବା—
Dāntibā To teethe; to have dentition; to have one's teeth coming out; to undergo teething.
(ଦାନ୍ତେଇବା—ଅନ୍ୟରୂପ)
দাঁতন
दाँतना (ଯଥା—ଏ ଦାମୁଡ଼ିଟା ୪ଟା ଦାନ୍ତିଲାଣି ।)

ଦାନ୍ତୀ—ଦେ. ବି (ସ. ଦନ୍ତ)—୧ । ଦାନ୍ତ ପର ବାହାରକୁ ବାହାରିଥିବା ଅଂଶ—1. Tooth-like projection.
Dānti

(ଯଥା—ଘରଣ୍ଡି କବରଷ ହେଲା ଛୁଁଆଣି ନ ହେବାରୁ ଗୁଳରୁ ସବୁ ଦାନ୍ତୀ ବାହାରିଛନ୍ତି ।)

୨ । ଦାନ୍ତିଆ ୩ (ଦେଖ)—2. Dāntiā 3 (See)

ଦାନ୍ତୁଆଣି—ଦେ. ବି (ସ. ଦନ୍ତଧାପନ; ଦନ୍ତ ପବନ. ହ୍ର. ଶବ୍ଦସାଗର)—
Dāntuāṇi ୧ । ଦାନ୍ତ ଘଷିବା; ଦନ୍ତଧାପନ କର୍ମ—
दातवन 1. Cleansing of the teeth.
दन्तून, दतुवन, दातन ୨ । ଠାକୁର ଓ ରାଜାମାନଙ୍କ କାଠିଲଗି ଗାଢ଼—2. The act of cleansing of the teeth (ceremoniously so called in the cases of Rajas and Deities).

ଦାନ୍ତୁଆଣି ବଢ଼ିବା—ପ୍ରାଦେ (ଗଡ଼ଜାତ) କ୍ରି—ରାଜାମାନଙ୍କ କାଠିଲଗି
Dāntuāṇi barḍhibā ଗାଢ଼ର ସମାଧାନ ହେବା—
The finishing of the tooth-cleaning operation of Rajas.

ଦାନ୍ତୁନ୍—ଦେ. ବି—ମେଦନୀପୁରର ଗୋଟିଏ ସବ୍‌ଡିଭିଜନ ଓ ତନ୍ନାମକ
Dāntun କ୍ଷୁଦ୍ର ନଗର—Name of a subdivision
(ଦାନ୍ତୁଣ୍—ଅନ୍ୟରୂପ) and town of Midnapur.

ଦାନ୍ତୁରା—ଦେ. ବଣ. ପୁଂ ସ. ଦନ୍ତୁର)—ବଡ଼ଦାନ୍ତବିଶିଷ୍ଟ; ବଡ଼ଦାନ୍ତିଆ—
Dānturā Having prominent or bulging out teeth;
(ଦାନ୍ତୁଡ଼ା—ଅନ୍ୟରୂପ) having large teeth.
ଦାନ୍ତୁରୀ } ସ୍ତ୍ରୀ
ଦାନ୍ତୁଡ଼ୀ }
দাঁতাল; দাঁতুয়া; দেঁতো दन्तीला, दँतुला

ଦାନ୍ତେଇବା—ଦେ. କ୍ରି (ସ. ଦନ୍ତ)—୧ । ଦାନ୍ତଦ୍ୱାରା କୌଣସି
Dānteibā ପଦାର୍ଥକୁ ଧୀରେ ଧୀରେ ଖଣ୍ଡିଆ କରିବା—
দাঁতান 1. To nibble; to gradually nip a thing
दाँतना with the teeth.
(ଯଥା—ବାଳକଟା ପେଣ୍ଡୁଲଟାକୁ ଦାନ୍ତେଇ ଦାନ୍ତେଇ ଅଧେ ଖାଇସାରିଲାଣି ।)
୨ । ଦାନ୍ତିବା (ଦେଖ)—2. Dāntibā (See).

ଦାନ୍ଦର—ପ୍ରାଦେ (ଗଡ଼ଜାତ) ବି—ବାଉଁଶର ମୋଟ ପାତିଆ ଦ୍ୱାରା
Dāndara ବୁଣା ଯାଇଥିବା ବଡ଼ ଖଇଣି—
A kind of big fishing basket with a net attached across the mouth to catch fish in flowing water.
[ଦ୍ର—ଏହାର ମୁହଁରେ ଜାଲ ଘେରା ହୋଇ ଜାଲ ମଝିରେ ଗୋଟିଏ ଛିଦ୍ର ଥାଏ । ମୁହଁର ବ୍ୟାସ ୨୫ ହାତ ପର୍ଯ୍ୟନ୍ତ ହୁଏ । ସ୍ରୋତ ବୋହୁଥିବା ସ୍ଥାନରେ ଏହାକୁ ବସାଇଲେ ଏଥିରେ ଛୋଟ ମାଛ ଧରାପଡ଼ି ଜାଲ ଉପର ଦେଇ ଖସି ଯାଏ ଦାନ୍ଦରର ଗର୍ଭକୁ ପଶିଯାଇ ଆଉ ବାହାରି ପାରନ୍ତି ନାହିଁ ।]

ଦାପ—ଦେ. ବି (ସ. ଦର୍ପ; ସ. ତାପ)—୧ । ଧାପ; ପୀଡ଼ନ—
Dāpa 1. Oppression
দাপ ୨ । ବେଗ—2. Force.
दाप ୩ । ଅହଙ୍କାର—3. Pride.
୪ । ବଳ—4. Strength.
୫ । ପୀଡ଼ନ; ଅତ୍ୟାଚାର—5. Oppression.

ଦାପକ—ସ. ବଣ. ପୁଂ (ଦା ଧାତୁ ଣିଚ୍, ଦାପି ଧାତୁ=ଦିଆଇବା+କର୍ତ୍ତୃ.
Dāpaka ଅକ)—ଯେ ଦିଆଏ; ଯାହାର ପ୍ରବର୍ତ୍ତନାରେ
(ଦାପିକା—ସ୍ତ୍ରୀ) ଅନ୍ୟ ଲୋକ ଦିଏ—One who causes another to give some thing.

ଦାପଟ—ଦେ. ବି (ସ. ଦର୍ପ)—୧ । ଦମ୍—
Dāpaṭa 1. Strength.
দাপট ୨ । ପ୍ରତାପ; ତେଜ—2. Might; fury.
दाप ୩ । ଗର୍ବ—3. Pride.

ଦାପଟିଆ—ଦେ. ବଣ—ପ୍ରତାପୀ; ବଳୁଆ (ବ୍ୟକ୍ତି)—
Dāpaṭiā Mighty; strong.
दापक

ଦାପନ—ସ. ବି (ଦା ଧାତୁ ଣିଚ୍, ଦାପି ଧାତୁ+ଭାବ. ଅନ)—
Dāpana ୧ । ଦିଆଇବା—1. The act of causing another to give.
୨ । ଦାବିବା; ଘଷିବା; ମର୍ଦ୍ଦନ; ଦଳନ—
2. Kneading; pressing; squeezing.

ଦାପନୀୟ—ସ. ବଣ (ଦାପି ଧାତୁ+କର୍ମ. ଅନୀୟ)—୧ । ଦଣ୍ଡନୀୟ—
Dāpanīya 1 Punishable.
୨ । ଅନ୍ୟଦ୍ୱାରା ଦାତବ୍ୟ—2. Fit to be caused to be given away by another.

ଦାପି (ଣିଜନ୍ତ ଧାତୁ)—ସ. (ଦା ଧାତୁ ଣିଜନ୍ତ) ଦିଆଇବା; ଦାନ କରା-
Dāpi (root) ଇବା—To cause another to give.

ଦାପିତ—ସ. ବଣ. (ଦାପି ଧାତୁ+କର୍ମ. ତ)—
Dāpita ୧ । ଅନ୍ୟଦ୍ୱାରା ଦିଆ ହୋଇଥିବା—
1. Caused to be given away by another.
୨ । ଦଣ୍ଡିତ—2 Punished; adjudged guilty.
୩ । ଦାବି ହୋଇଥିବା; ମର୍ଦ୍ଦିତ; ଦଳିତ—
3. Pressed; kneaded; squeezed.
୪ । ଶୋଧିତ—4. Refined.
୫ । ସାଧିତ—5. Accomplished.
୬ । ଧନାଦିଦ୍ୱାରା ବଶୀକୃତ—
6. Brought under control; suborned.

ଦାପ୍ୟ—ସ. ବଣ. (ଦାପି ଧାତୁ+କର୍ମ. ଯ)—ଦାପନୀୟ (ଦେଖ)
Dāpya Dāpanīya (See)

ଦାବ୍‌ଡ଼ି ଦେବା—ଦେ. କ୍ରି—ଦାବୁଡ଼ି ଦେବା (ଦେଖ)
Dāb-ṛdi debā Dāburdi debā (See)

ଦାବ—ସ. ବି. (ଦୁ ଧାତୁ=ତାପ ଦେବା+କର୍ତ୍ତୃ. ଅ)—
Dāba ୧ । ବନାନଳ; ଦାବାଗ୍ନି—1. Forest-fire.
୨ । (+ଭାବ. ଅ) ତାପ—2. Heat.
୩ । ପ୍ରତାପ; ତେଜ—3. Might; energy; ardour.
୪ । ତାଡ଼ନା; ଭର୍ତ୍ସନା - 4. Censure.
୫ । ବନ—5. Forest.

୬ । ଅଗ୍ନି—6. Fire.

ଦାବ — ଦେ. ବି. (ସଂ. ଦାପି ଧାତୁରୁ)—୧ । ଚାପ—
दाब 1. Pressure.
दाब ୨ । ଶାସନ; ଦମନ—
2. Chastisement; punishment.

ଦାବ୍‌ଖର୍‌—ପ୍ରାଦେ. (କସ୍ତୁର) ବି—ଘର ଛାଉଣିରେ ବ୍ୟବହୃତ ଏକ
Dāb-khar ପ୍ରକାର ତୃଣ—A kind of grass used in thatching.

ଦାବ ଦହନ—ସଂ. ବି. (ଦାବ+ଦହନ; ୬ଷ୍ଠୀ ତତ୍‌)—ବଣପୋଡ଼ି—
Dāba dahana Forest fire; fire occurring in the forest.

ଦାବା—ବୈଦେ. ବି. (କଚରଥା) (ଫା)—୧ । ମକଦ୍ଦମା; ନାଲିଶ—
Dābā 1. Suit; claim-case.
दावा ୨ । ନାଲିଶ କରିବା—2. Suing.
दावा ୩ । ଅପରାଧର ଅଭିଯୋଗ—
3. Charge of an offence.
ଦାବା ଦାବା ନ ଥିବା ଏକ ରିପୋର୍ଟ କେନ୍ଦ୍ରାପଡ଼ା ଥାନା
ଦାରୋଗା ନବୀଙ୍କୁ ପଠାଇ ମାମଲା ଖତମ କଲେ—
ଫକୀରମୋହନ. ଛମାଣ ଅଠଗୁଣ୍ଠ ।
୪ । ଦାବି କରିବା—4. Claiming.
୫ । ସତରଞ୍ଜି ଖେଳ; ବ୍ୟାଘ୍ରବଳ ଖେଳ—
5. The game of chess.
୬ । ସତରଞ୍ଜି ଖେଳର ମନ୍ତ୍ରୀ—
6. The queen in the game of chess.

ଦାବାଗିର୍‌—ବୈଦେ. ବି. (ଫା. ଦାବା+ଫା. ଗିର୍‌)—
Dābāgir ଦାବିଦାର୍‌ (ଦେଖ)—Dābidār (See)

ଦାବାଗ୍ନି—ସଂ. ବି. (ଦାବ+ଅଗ୍ନି; ୬ଷ୍ଠୀ ତତ୍‌)—ବଣପୋଡ଼ି; ବନାଗ୍ନି—
Dābāgni Forest fire.

ଦାବା ଦରବାର୍‌—ବୈଦେ. ବି. (ଫା) (ସହଚର ଶବ୍ଦ)—
Dābā darabār ୧ । ମାଲମକଦ୍ଦମା—1. Claim-case;
दावा दरबार litigation claiming some thing.
दावा दरबार ୨ । କୌଣସି ସମ୍ପତ୍ତିରେ ସ୍ୱତ୍ୱ ବା ଅଧିକାର ପ୍ରତିଷ୍ଠା
ଦାବା ଦାଉଥା } ଅନ୍ୟରୂପ କରିବାର ଚେଷ୍ଟା—2. Claim of
ଦାବି ଦାଉଥା } right and title over any property.
୩ । ଅଭିଯୋଗ—3. A charge; definite accusation.

ଦାବାଦାର୍‌—ବୈଦେ. ବି. (ଫା)—୧ । ଯେ ନାଲିଶ କରେ—
Dābādār 1. Suitor.
दावादार ୨ । ଦାବିଦାର (ଦେଖ)—
दावेदार 2. Dābidāra (See).

ଦାବାନଳ—ସଂ. ବି. (ଦାବ+ଅନଳ; ୬ଷ୍ଠୀ ତତ୍‌)—
Dābānala ବଣପୋଡ଼ି—Forest fire.

ଦାବାବଡ଼ି—ବୈଦେ. ବି. (ଫା)—
Dābābardi ସତରଞ୍ଜି ଖେଳରେ ଉପକରଣ; ଘାଳି ଓ ଗୋଟି—
ଦାବା ବୁଡ଼ି } ଅନ୍ୟରୂପ The materials or ingredients
ଦାବା ବୋଡ଼ି } of chess play.
दाबाबोड़े सतरंजका तख्ता अउर गोटी

ଦାବି—ବୈଦେ. ବି. (କଚରଥା) (ଫା.ଦାଵା; ଆ. ଦାଅୱା; ଫା.ଦାବା)—
Dābi ୧ । ଆପଣା ସ୍ୱତ୍ୱ ବା ଅଧିକାର ପ୍ରାପ୍ତି ନିମନ୍ତେ ପ୍ରାର୍ଥନା—
दावी 1. Adducing claim; demand.
दावा, दावी ୨ । ସ୍ୱତ୍ୱ ବା ଅଧିକାରର ପ୍ରତିଷ୍ଠା—2. Claim.
୩ । ମକଦ୍ଦମାରେ ଦାବି କରିବା ବିଷୟ—
3. Subject-matter of claim in a suit.
୪ । ମକଦ୍ଦମା ସମ୍ପୃକ୍ତ ବିଷୟର ପରିମାଣ; ଦାଦାଦ୍‌—
4. The value of one's claim.
ଦେ. ବିଣ. (କଚରଥା ଭାଷା)—
ଦାବି କରାଯିବା—Claimed.
[ଦ୍ର—ଏହା ବିଶେଷଣରୂପେ କଚରଥା ଭାଷାରେ ବ୍ୟବହୃତ ହୁଏ । ଯଥା—ଦାବି ବୃତ୍ତି, ଦାବି ମକଦ୍ଦମା, ଦାବି ଟଙ୍କା ଇତ୍ୟାଦି ।]

ଦାବି କରିବା—ଦେ. କ୍ରି—୧ । ନାଲିସ କରିବା—
Dābi kariba 1. To sue.
दावीकरा ୨ । ଧର୍ମାଧିକରଣରେ ସ୍ୱତ୍ୱ ବା ଅଧିକାର ପ୍ରାର୍ଥନା
दावी करना, दावा करना କରିବା—2. To claim one's right or title in a court.
୩ । କର୍ତ୍ତୃପକ୍ଷଙ୍କଠାରେ ନିଜର ପ୍ରାପ୍ୟ ପାଇବା ପାଇଁ ପ୍ରାର୍ଥନା କରିବା—3. To claim one's dues before proper authorities.
୪ । ଆପଣାର ନ୍ୟାଯ୍ୟ ପ୍ରାପ୍ୟ ଉପସ୍ଥାପିତ କରିବା—
4. To lay or adduce claim to one's dues.

ଦାବିଦାର—ବୈଦେ. ବି. (କଚରଥା) (ଫା. ଦାଵାଦାର୍‌; ଦାବାଦାର୍‌)—
Dābidāra ୧ । ଆପଣାର ସ୍ୱତ୍ୱ ଦାବି କରିବା (ବ୍ୟକ୍ତି);
(ଦାବ୍‌ଦାର—ଅନ୍ୟରୂପ) ଅଧିକାର ପ୍ରାର୍ଥୀ—1. A claiment.
दावीदार ୨ । ଦରଖାସ୍ତକାରୀ—
दावादार, दावागीर 2. Plaintiff; complainant.

ଦାବି ପରିତ୍ୟାଗ କରିବା—ଦେ. କ୍ରି. (କଚରଥା)—
Dābi parityāga kariba କୌଣସି ସମ୍ପତ୍ତିରେ ବା ମକଦ୍ଦମାରେ
दावी परित्याग करा କରାଯାଇଥିବା ସ୍ୱତ୍ୱାଧିକାରର ପ୍ରାର୍ଥନାକୁ ଛାଡ଼ି
दावा तजगना ଦେବା—To relinquish one's claim; to forego one's right claimed in a suit.

ଦାବି ବହିର୍ଭୂତ—ଦେ. ବିଣ. (କଚରଥା)—ମକଦ୍ଦମାରେ ଦାବି କରାଯାଇଥିବା
Dābi bahirbhūta ସମ୍ପତ୍ତି ବ୍ୟତୀତ—Beyond
दावी बहिर्भूत one's claim in the suit.
दावासे बाहर

ଦାବିବା—ଦେ. କ୍ରି. (ସଂ. ଦୃ ଧାତୁ—ଉପତାପେ; ଦମ ଧାତୁ; ସଂ.
Dābibā ଦର୍ପ ଧାତୁ (Beams))—
दाबना ୧ । ମାଡ଼ିଦେବା; ଚାଲିକୁ ଚିପିବା—

दाबना, दापना 1. To press down.
[ଦବା(ବେ)ଇବା—ହିନ୍ଦୀ] ୨ । ଗୋଡ଼ ଆଦ ଅଙ୍ଗକୁ ଚିପିବା; ମର୍ଦ୍ଦନ କରିବା—2. To press the limbs and legs for massage; to massage.
୩ । କମେଇ ଦେବା—To lessen; to decrease.
୪ । ଶାସନ କରିବା; ଦମନ କରିବା—4. To quash; to control; to put down; to suppress.
୫ । ମୌଖିକ ତାଡ଼ନା କରିବା—5. To reprimand; to snub.
୬ । ନିବୃତ୍ତ କରାଇବା—6. To deter or prevent a person from doing something; to check.
୭ । ପରାସ୍ତ କରିବା—7. To vanquish.
୮ । ନିଷେଧ କରିବା—8. To prohibit.

ଦାବିଭୁକ୍ତ—ଦେ. ବିଣ. (କଚେରିଆ; ଫା. ଦାୱା+ସଂ. ଭୁକ୍ତ)—
Dābibhukta ଦାବି ମଧ୍ୟରେ ଥିବା—Included in the claim.
(ଦାବିସାମିଲ୍—ଅନ୍ୟରୂପ)
दाविभुक्त **दावीसामिल**

ଦାବି ରଖିବା—ଦେ. କ୍ରି—୧ । ଚାପି ଧରିବା; ଲୁଚାଇବା—
Dābi rakhibā 1. To press down; to conceal.
दाबियाराखा ୨ । କୌଣସି ବ୍ୟକ୍ତିକୁ ଶାସନାଧୀନ ରଖିବା—
दाबकर रखना 2. To keep (a person) under check or control.
दाबी राखा ୩ । (କଚେରିଆ) କୌଣସି ବ୍ୟକ୍ତି ଉପରେ କୌଣସି
दावा रखना ବିଷୟରେ ଆପଣାର ଦାୱା ଥିବାର ପ୍ରକାଶ କରିବା—3. (court term) To maintain one's claim against a person.

ଦାଭ୍ୟ—ସଂ. ବିଣ—ଶାସିତ ହେବାର ଯୋଗ୍ୟ (ହି. ଶବ୍ଦସାଗର)—
Dābhya Controllable.

ଦାମ୍—ବୈଦେ. ବି. (ଫା)—୧ । ମୂଲ୍ୟ; କିମତ; ବିନିମୟ—
Dām 1. Price; value of a thing; consideration-money.
दाम
दाम ୨ । ଭାଉ; ବଜାର ଦର—2. Market-price; rate.
୩ । କିଣିବାପାଇଁ ଦ୍ରବ୍ୟକୁ ମୂଲାଇବା କର୍ମ—3. Bargaining.
୪ । ଖରିଦ ମୂଲ୍ୟ—4. Actual purchase-price of a thing.
୫ । କୌଣସି ଦ୍ରବ୍ୟ ହସ୍ତଗତ ହେବାପାଇଁ ଯାହା ବ୍ୟୟ ହୋଇଥାଏ—5. Cost-price.
୬ । ଧନ; ଟଙ୍କା କଉଡ଼ି—6. Money.

ଦାମ୍ ଉଠିବା—ଦେ. କ୍ରି—୧ । ବିକି ଦ୍ୱାରା କୌଣସି ବସ୍ତୁର ପ୍ରକୃତ ବା
Dām uṭhibā ଉଚିତ ମୂଲ୍ୟ ଆଦାୟ ହେବା—
दाम ओठा 1. The raising of the proper price
दाम उठना of a thing by a sale.
(ଯଥା—ଆଜିକାଲି ବଜାର ମାନ୍ଦା ପଡ଼ିବାରୁ ଏ ଜିନିଷ ବିକି କଲେ ଲାଭ ମିଳିବା କଥା ଗାଧୋଇଯାଉ, ଏଥିର ଦାମ୍ ତ ଉଠିବ ନାହିଁ ।)
୨ । କୌଣସି ବସ୍ତୁ ପ୍ରସ୍ତୁତ ହେବାପାଇଁ ଯାହା ବ୍ୟୟ ହୋଇଥାଏ ବିକି ଦ୍ୱାରା ତାହା ମିଳିବା—1. The getting of the cost-price or actual cost of a thing by sale.
(ଯଥା—ଏକ ସାହ ପୂର୍ଣ୍ଣଚନ୍ଦ୍ର ଭାଷାକୋଷକୁ ଟ ୫୦୦ରେ ବିକଲେ ଏଥିର ଦାମ୍ ଉଠିବ ନାହିଁ ।)

ଦାମ୍ କରିବା—ଦେ. କ୍ରି—୧ । କୌଣସି ଦ୍ରବ୍ୟ କିଣିବା ପାଇଁ ମୂଲାଇବା—
Dām karibā 1. To bargain for a thing with a view to purchase.
दरदाम करा
दाम करना ୨ । ମୂଲ୍ୟ ନିରୂପଣ ବା ନିଶ୍ଚିତ କରିବା—2. To fix or settle the price.

ଦାମ୍ ଚଢ଼ିବା—ଦେ. ବି—ମହାର୍ଘ ହେବା—
Dām chaṛhibā Becoming dear (in price); the
दामचढ़ा **दामचढ़वा** price of a thing going up.

ଦାମ୍ଡ଼ୀ—ପ୍ରାଦେ. (ସିଂହଭୂମ) ବି. ସ୍ତ୍ରୀ. (ଭୁଲ. ସଂ. ଦମ୍ୟ=ଦାମୁଡ଼ି; ମଣ
Dāmṛdi କରାଯିବାର ଉପଯୁକ୍ତ ଅଣ୍ଡିରା ବାଛୁରୀ)—ଛଡ଼ା, ପ୍ରସବ କରି ନ ଥିବା ମାଈ ବାଛୁରୀ—Cow-calf; heifer.
[ଦ୍ର—ଓଡ଼ିଶାରେ ଦାମୁଡ଼ିର ଅର୍ଥ ବଡ଼ ଅଣ୍ଡିରା ବାଛୁରୀ ।]

ଦାମ୍ ଦୁପଟ୍—ଦେ. ବି. (କଚେରିଆ)—୧ । ଖାତକ ଯେତେ ଟଙ୍କା
Dām dupaṭ ମୂଲ କରଜ ନେଇଥାଏ, ସେତିକି ପରିମାଣ
(ଦାମ୍ଦୋପଟ୍—ଅନ୍ୟରୂପ) ସୁଧ ପରିଶୋଧ କରିବାର ପ୍ରଥା—
दामदुपट 1. The custom of a debtor paying
दामदुपट interest equal to the amount of the capital originally advanced by the creditor.
[ଦ୍ର—ଖାତକ ଉପରେ ମହାଜନର ଟଙ୍କା ବହୁଦିନ ବାକି ରହିଲେ ଓ ଖାତକ ଗରଜାଯୁ ହେଲେ ଅଦାଲତ ଦୟା ପୂର୍ବକ ମୂଳ ଯେତିକି ସୁଧ ସେତିକି ମହାଜନକୁ ଡିଗ୍ରି ଦଅନ୍ତି ।]
୨ । କୌଣସି ବସ୍ତୁର ପ୍ରକୃତ ମୂଲ୍ୟର ଦ୍ୱିଗୁଣ ଦାମ—2. Double the actual price of an article.

ଦାମ୍ ପଟିବା—ଦେ. ବି.—କ୍ରେତା ବିକ୍ରେତା ମଧ୍ୟରେ କ୍ରୟ ବସ୍ତୁର
Dām paṭibā ମୂଲ୍ୟର ସ୍ଥିରୀକରଣ—The settlement of
दर पटा the price of an article between the
दाम पटना vendor and the purchaser.

ଦାମ—ସଂ. ବି. (ଦୋ ଧାତୁ=ଛେଦନ କରିବା+କର୍ମ. ମନ୍, ଦାମନ୍ ଶବ୍ଦ
Dāma ୧ମା. ୧ବ.—ତୁଲ. ଫା. ଦାମ୍=ପାଶ, ଫାନ୍ଦ—ହି. ଶବ୍ଦସାଗର)—୧ । ରଜ୍ଜୁ; ଦଉଡ଼ି—
1. Rope; cord.
୨ । ସୁତୁଲି; ସୂତ୍ର—2. String; ribbon; band.
୩ । ଦାଉଣୀ; ଶସ୍ୟ ମର୍ଦ୍ଦନାର୍ଥ ଯେଉଁ ଲମ୍ବ ପଘାରେ ଅନେକ ଗୋରୁ ବନ୍ଧା ହୋଇ ବେଙ୍ଗଳା ବୁଲନ୍ତି—3. A long

tether for tying a number of bullocks for treading paddy-sheaves.
୪ । ମାଳ; ମାଳା; ହାର—4. Chaplet; a string of flowers; garland.
୫ । ଗୁଚ୍ଛ; ଗୋଛା—5. Cluster; bunch.
୬ । ଫିତା; ଧଡ଼ୁଆ—6. A ribbon.
୭ । ତୃଣବିଶେଷ—7. A kind of grass or reed.
୮ । ସମୂହ; ରାଶି (ହି. ଶବ୍ଦସାଗର)—8. Multitude; mass.
୯ । ଲୋକ; ବିଶ୍ୱ (ହି. ଶବ୍ଦସାଗର)—9. The universe.
୧୦ । ପର୍ବତ; (ପ୍ରକୃତିବାଦ)—10. Mountain.
୧୧ । (ଦମ ଧାତୁ + ଭାବ. ଅ)—ଇନ୍ଦ୍ରିୟ ଦମନ—(ପ୍ରକୃତିବାଦ)—11. Self-control; keeping of one's organs under control.
ସଂ. ବିଣ.—ଦେବା ବାଲା; ଦାତା (ହି. ଶବ୍ଦସାଗର)—Giving away; be stowing.
ବୈଦେ. ବି. (ଫା.)—ଜଳ (ପ୍ରକୃତିବାଦ)—Water.
(ଦାମି—ଅନ୍ୟରୂପ) ଦେ. ବି. (ଅନାଦରାର୍ଥକ) ଦାମୋଦର ନାମଧାରୀ (ଦାମା; ଦାମିଆ—ଅନାଦରାର୍ଥକ) ବ୍ୟକ୍ତିକୁ ଡାକିବାର ନାମ—A name by which a man named Dāmodar is called.

ଦାମକ—ସଂ. ବି. (ଦାମ + ସ୍ୱାର୍ଥେ. କ)—୧ । ଗାଡ଼ିର ଜୁଆଳରେ ବନ୍ଧା
Dāmaka ହେବା ଦଉଡ଼ି; ସଗଡ଼ ଦଉଡ଼ି (ହି. ଶବ୍ଦସାଗର)—1. A rope which is tied to the yoke of a cart.
୨ । ଲଗାମ; ବାଗ୍‌ଡୋର (ହି. ଶବ୍ଦସାଗର)—2. Bridle; reins.

ଦାମଡ଼ିଆ—ପ୍ରାଦେ. (ମେଦିନୀପୁର) ବି. (ସଂ ଦମ୍ୟ; ତୁଳ. ବଂ. ଦାମଡ଼ା)
Dāmardiā ଦାମୁଡ଼ି—Bull-calf; young castrated bullock; steer.

ଦାମଡ଼ା—ପ୍ରାଦେ. (କଳାହାଣ୍ଡି) ବି. (ସଂ. ଦମ୍ୟ=ବତ୍ସତର)—ବଳଦ;
Dāmadā ଛିନ୍ନମୁଷ୍କ ବୃଷ—Bullock; castrated bull.

ଦାମନ ପର୍ବ—ସଂ. ବି. (ଦମନ+ଅ+ପର୍ବ)—ଦମନକ ଚତୁର୍ଦ୍ଦଶୀ (ଦେଖ)
Dāmana parba Damanaka chaturddaśi (See)

ଦାମନୀ—ସଂ. ବି. ସ୍ତ୍ରୀ (ଦାମନ୍ + ସ୍ତ୍ରୀ. ଈ)—ଦାଉଣୀ; ବେଙ୍ଗଲାରେ
Dāmani ଅନେକ ଗୋରୁଙ୍କୁ ଯୋଚିବାର ଦଉଡ଼ି—A long tether; a rope to which a number of bullocks are tethered while threshing paddy.

ଦାମନୀ ବୈଦେ. ବି. (ଫା) ଘୋଡ଼ା ପିଠି ଉପରେ ପକାଯିବା
ଦାମଣୀ ଚଉଡ଼ା ଲୁଗା—A square cloth put on the back of a horse.

ଦାମର—ଦେ. ବି.—ଡାମର (ଦେଖ)
Dāmara Ḍāmara (See)

ଦାମା—ସଂ. ବି. ସ୍ତ୍ରୀ—(ଦାମ + ଆ)—ଦଉଡ଼ା—
Dāmā A rope.
ଦେ ବି.—୧ । ଏକପ୍ରକାର ଚଢ଼େଇ; ଛତରିଆ (ଦେଖ)
1. A kind of bird; chhatariā (See)
ଦାମାମା ୨ । (ସଂ. ଦମ୍ଭମ; ଦମ=ଦଣ୍ଡ; ଦଣ୍ଡଦ୍ୱାରା ପିଟାଯିବାରୁ) ଫା.
ଦମାମା ଦମାମାହ୍)—ଦମାଲୁ; ଆନକ ବାଦ୍ୟଯନ୍ତ୍ରବିଶେଷ; ବଡ଼ ନାଗରା—2. A kind of drum (struck with sticks).
୩ । ଦାମୋଦରର ଅନାଦରାର୍ଥକ ଡାକନାମ—3. A name by which a person named Dāmodara is contemptuously called.

ଦାମାଞ୍ଚନ—ସଂ. ବି.—ଘୋଡ଼ାଙ୍କ ଗୋଡ଼ ବନ୍ଧାଯିବା ଦଉଡ଼ି—
Dāmāñchana Ropes with which the legs of a (ଦାମାଞ୍ଚଳ—ଅନ୍ୟରୂପ) horse are tied to a peg.

ଦାମାମା—ଦେ. ବି.—ଦାମା ୨ (ଦେଖ)
Dāmāmā Dāmā 2 (See)
କରଟଝମ, ଝରଝରା, ଦାମାମା, ଦୁନ୍ଦୁଭି । ରଥାନାଥ, ମହାଯାତ୍ରା ।

ଦାମିଆ(କା)—ବୈଦେ. ବିଣ—(ଫା. ଦାମିକା)—ମୂଲ୍ୟବାନ୍—
Dāmiā (kā) Valuable; precious.

ଦାମିନୀ—ସଂ. ବି. ସ୍ତ୍ରୀ—(ଦାମ+ଇନ୍+ସ୍ତ୍ରୀ. ଈ; ଯାହାର ଏକ ଦେଶରେ
Dāmini ଦାମ ଅର୍ଥାତ୍ ପର୍ବତ ବିଦ୍ୟମାନ ଅଛି—ବିଦ୍ୟୁତ୍ ମେଘରେ ମାଳା ବା ରଜ୍ଜୁ ପରି ଝଟକିବାରୁ) ସୌଦାମିନୀ; ବିଦ୍ୟୁତ୍—Lightning; electric flash.

ଦାମୀ—ବୈଦେ. ବିଣ. (ଫା. ଦାମୀ, ଦାମିକା)—ମୂଲ୍ୟବାନ୍—
Dāmi Valuable; precious.
(ଦାମିକ, ଦାମିଆ—ଅନ୍ୟରୂପ)
ଦାମୀ **ଦାମୀ**

ଦାମୁଡ଼୍(ର୍)—ପ୍ରାଦେ. (ସମ୍ବଲପୁର)—ବି. (ସଂ. ଦମ୍ୟ)—ଦାମୁଡ଼ି;
Dāmurd(r) ଯୁବା ବଳଦ—Young bullock; steer.

ଦାମୁଡ଼ି—ଦେ. ବି—୧ । (ସଂ. ଦମ୍ୟ) ଛିନ୍ନମୁଷ୍କ ଶିଶୁ ବୃଷ; ଯୁବା ବଳଦ—
Dāmurdi 1. Young bullock; steer.
ଦାମଡ଼ା; ଦାମୁଡ଼ା; ଦାମୁଡ଼ା; ଦାମୁଡ଼ି } ଅନ୍ୟରୂପ
୨ । (ସଂ. ଦ୍ରମ୍ମ=ଧନ, ଅର୍ଥ—Fallon; ସଂ. ଦ୍ରବିଣ=ଧନ
ଦାମଡ଼ା; ଦାମଡ଼ି ହି. ଶବ୍ଦସାଗର) ପଇସାର ଏକଚତୁର୍ଥାଂଶ; ଏକ
ଦମଡ଼ୀ ଛଦାମ; ପାଞ୍ଚଗଣ୍ଡା କଉଡ଼ି—2. $\frac{1}{4}$ of a pice; 20 cowri-shells.
ପ୍ରାଦେ. (ଗଞ୍ଜାମ) ବି—୧ । ପାହୁଲା; ପଇସାର ଏକତୃତୀୟାଂଶ—1. One third of a pice; one pie.
୨ । ପିଲା ବାଛୁରି (ନନ୍ଦେ)—2. A calf.
(ସମ୍ବଲପୁର) ବି—୩ । ଉଡ଼ା; ପ୍ରସବ କରି ନ ଥିବା ମାଈ ଗୋରୁ—3. A heifer; a young cow that has not had calf.

ଦାମୁଡ଼ିଆ—ଦେ. ବି—ଦାମୁଡ଼ି (ଦେଖ)
Dāmurdia Dāmurdi (See)
ଦୁଷ୍ଟେ ଗୋଟୁଏ ଦାମୁଡ଼ିଆ ଭଣିଲ—ଓଆକାଡ଼, ଚଦେକା ।

ଦାମୁଲ—ପ୍ରାଦେ (ଗଞ୍ଜାମ) ବି—ଗଞ୍ଜାମର ଶୂଦ୍ର ଜାତିବିଶେଷ—
Dāmula A sect of Śūdras in Ganjam.

ଦାମୋଦର—ସ. ବି. ପୁଂ (ଦାମ+ଉଦର ବହୁବ୍ରୀହି; ଦାମ=ରଜ୍ଜୁ ଦ୍ୱାରା
Dāmodara ବନ୍ଧାଯାଇଥିଲା ଉଦର ଯାହାଙ୍କର । ଶିଶୁ କୃଷ୍ଣ ଅତି ଦୁରନ୍ତ ଥିବାରୁ ଯଶୋଦା ତାହାଙ୍କ ପେଟ ତଳେ ବା ଅଣ୍ଟାରେ ଦଉଡ଼ି ବାନ୍ଧି ତାଙ୍କୁ ଖଟେଇ ଦେଇ ଗୃହକର୍ମରେ ଲାଗୁଥିଲେ; କିମ୍ବା ଦାମ=ରଜ୍ଜୁ ଉଦରରେ ଯାହାଙ୍କର; ଯଶୋଦା ଯାହାଙ୍କୁ ଦଉଡ଼ିରେ ବାନ୍ଧିବାରୁ ସେ ଉକ୍ତ ଦଉଡ଼ିକୁ ଉଦରସାତ୍ କରିଥିଲେ; କେତେ ଅନ୍ୟମାନେ କହନ୍ତି, ଦାମ ଅର୍ଥାତ୍ ଇନ୍ଦ୍ରିୟଦମନ ବିଷୟରେ ଉଦାର ବୋଲି ବିଷ୍ଣୁଙ୍କୁ ଦାମୋଦର ବୋଲାଯାଏ; କିମ୍ବା ଦାମ=ବିଶ୍ୱ, ଉଦରରେ ଯାହାର ସେ ଦାମୋଦର । ମହାଭାରତରେ ଲେଖାଅଛି ଯେ, ସେ ଅତ୍ୟନ୍ତ ଦାନ୍ତ ଓ ଇନ୍ଦ୍ରିୟ ମଧ୍ୟରେ ସପ୍ରକାଶ ବୋଲି ତାଙ୍କ ନାମ ଦାମୋଦର—ପ୍ରକୃତିବାଦ ଓ ଜ୍ଞାନେନ୍ଦ୍ର)
୧ । ଶ୍ରୀକୃଷ୍ଣ—1. A name of Śrīkrushna.
୨ । ବିଷ୍ଣୁ—2. Bishnu.
୩ । ଶାଳଗ୍ରାମ ଶିଳାବିଶେଷ; ଶାଳଗ୍ରାମ (ଦେଖ)—
3. A kind of Śālagrāma; Śālagrāma (See)
ଦେ. ବି. (ନାମ)—୧ । ପୁରୁଷଙ୍କ ନାମ—1. A name given to males
୨ । ଭାଗୀରଥୀର ଗୋଟିଏ ଉପନଦୀ—2. Name of a tributary river of the Hooghli.
[ଦ୍ର—ଏହା ଛୋଟନାଗପୁର ପର୍ବତରୁ ବାହାରି ବର୍ଦ୍ଧମାନ ବାଟେ ଯାଇ ଭାଗୀରଥୀରେ ପଡ଼ିଅଛି ।]

୩ । ସାରଣୀ ନାମକ ଶାସ୍ତ୍ରର ପ୍ରଣେତା ଜନୈକ ଜ୍ୟୋତିଷୀ (୧୩୩୬ ଶକାବ୍ଦ)—3. A far-renowned Astrologer of the Śake era 1336 who has written the astrological treatise Sāraṇi.

ଦାମୋଦର ପଟ୍ଟନାୟକ—ଦେ. ବି (ନାମ)—ଉତ୍କଳର ସୁପରିଚିତ
Dāmodara pattanāyaka ସଙ୍ଗୀତ ସଂଗ୍ରାହକ—A well-known compiler of musical songs, of Orissa.
[ଦ୍ର—'ସଙ୍ଗୀତ ସାଗର' ଏହାଙ୍କ ସଙ୍ଗୃହୀତ ଓ 'ଜାତୀୟ ସଙ୍ଗୀତ' ଏହାଙ୍କଦ୍ୱାରା ରଚିତ; ଏ ଢେଙ୍କାନାଳବାସୀ ଥିଲେ ଓ ବହୁକାଳ ଗଡ଼ଜାତର ମେନେଜର କାର୍ଯ୍ୟ କରିଥିଲେ (ଚାରଣୀ. ଉତ୍କଳ ସାହିତ୍ୟ ଇତିହାସ) ।]

ଦାମୋଦର ବିଦ୍ୟାବାଗୀଶ—ଦେ. ବି. ନାମ—କଟକ ଜିଲ୍ଲାର ଯାଜପୁରର
Dāmodara Bidyābāgiśa ସୁର୍ଗୀୟ ପ୍ରସିଦ୍ଧ ପଣ୍ଡିତ—
Name of a celebrated Pandit of Jajpur.

[ଦ୍ର—ଏ ସ୍ୱନାମଧନ୍ୟ ପଣ୍ଡିତ ଶ୍ରୀ ନୀଳମଣି ମିଶ୍ରଙ୍କର ଓ ସ୍ୱର୍ଗୀୟ କାଙ୍ଗାଳିର ବାମପାଳ ମିଶ୍ରଙ୍କ ପିତା ଥିଲେ ।
(ଜନ୍ମ—୧୮୫୩; ମୃତ୍ୟୁ—୧୯୧୦) ଏ ଯାଜପୁର ଥାନାର ଅନ୍ତର୍ଗତ ସ୍ୱପ୍ନପୁର ଶାସନର ଏକ କୁଳୀନ ଉତ୍କଳ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରିଥିଲେ । ଏ ଜଣେ ଖ୍ୟାତନାମା ପଣ୍ଡିତ ଥିଲେ । ସଂସ୍କୃତ ବ୍ୟାକରଣ, କାବ୍ୟ, ନାଟକ, ଅଳଙ୍କାର, ସ୍ମୃତି, ପୁରାଣ, ଇତିହାସ, ବେଦାନ୍ତ, ଉପନିଷଦ୍, ଗୀତା ଓ ଭାଗବତ ପ୍ରଭୃତିରେ ଏହାଙ୍କର ବିଶେଷ ଅବଗାହ ଥିଲା । ଏ ମହାଶୟ ଅସାଧାରଣ ମେଧାବୀ ଥିଲେ । ସମୁଦାୟ ସଂକ୍ଷିପ୍ତସାର ବ୍ୟାକରଣ, ଅମରକୋଷ ଓ ନୈଷଧାଦି କାବ୍ୟ ଏହାଙ୍କର କଣ୍ଠସ୍ଥ ଥିଲା । ସୁଲଳିତ ସଂସ୍କୃତ କବିତା ରଚନାରେ ଏହାଙ୍କର ବିଶେଷ ପଟୁତା ଥିଲା । ଏହା ଛଡ଼ା କର୍ମକାଣ୍ଡରେ ମଧ୍ୟ ଏ ବଡ଼ ଧୁରନ୍ଧର ଥିଲେ ।

ଏହାଙ୍କ ଭଳି ନିଷ୍ଠାବାନ୍, ଧର୍ମପରାୟଣ, ଅଗ୍ରପୂଜ, ଆଦର୍ଶଚରିତ ବ୍ୟକ୍ତି ଦୁର୍ଲଭ ।

ଦାମ୍ନୀ—ସ. ବି. ସ୍ତ୍ରୀ (ଦାମନ୍+ସ୍ତ୍ରୀ. ଈ)—ଦାମନୀ (ଦେଖ)
Dāmni Dāmani (See).

ଦାମ୍ପତ୍ୟ—ସ. ବିଣ (ଦମ୍ପତି+ସମ୍ବନ୍ଧାର୍ଥେ. ଯ)—୧ । ପତିପତ୍ନୀସମ୍ବନ୍ଧୀୟ—
Dāmpatya 1. Conjugal; connubial.
(ଦାଂପତ୍ୟ—ଅନ୍ୟରୂପ) ୨ । ବୈବାହିକ—2. Marital.
ସ ବି—୧ । ସ୍ତ୍ରୀ ଓ ପୁରୁଷଙ୍କ ମଧ୍ୟରେ ପ୍ରେମ ବା ବ୍ୟବହାର (ଦୃ. ଶବ୍ଦସାଗର)—1. Conjugal love or conduct.
୨ । ଦମ୍ପତିଙ୍କ ଦ୍ୱାରା ଅନୁଷ୍ଠେୟ ଅଗ୍ନିହୋତ୍ରାଦି କର୍ମ—(ଦୃ. ଶବ୍ଦସାଗର)—2. Vedic sacrifices and rites performable by a married couple.

ଦାମ୍ପତ୍ୟ କଳହ—ସ. ବି—ପତି ପତ୍ନୀଙ୍କ ମଧ୍ୟରେ କଳି—
Dāmpatya kalaha Connubial quarrel.
(ଦାମ୍ପତ୍ୟବିବାଦ—ଅନ୍ୟରୂପ)

ଦାମ୍ପତ୍ୟ ଜୀବନ—ସ. ବି—ବୈବାହିକ ଜୀବନ—
Dāmpatya jibana Conjugal life.

ଦାମ୍ପତ୍ୟ ନିର୍ବାଚନ—ସ. ବି (ଅଧୁନିକ ବିବର୍ତ୍ତନବାଦର ପାରିଭାଷିକ
Dāmpatya nirbāchana ଶବ୍ଦ)—ପତି ପତ୍ନୀ ପରସ୍ପର ପରସ୍ପରକୁ ବାଛିନେବା ରୂପ ପ୍ରାକୃତିକ ବିଧି; ଯୌନ ନିର୍ବାଚନ—(evolution theory) Sexual selection (Darwin).

ଦାମ୍ପତ୍ୟ ପ୍ରଣୟ—ସ. ବି—ପତି ଓ ବିବାହିତା ପତ୍ନୀଙ୍କ ମଧ୍ୟରେ ପରସ୍ପର
Dāmpatya praṇaya ସ୍ନେହ—Conjugal love.

ଦାମ୍ପତ୍ୟ ବନ୍ଧନ—ସ. ବି—ବିବାହ ବନ୍ଧନ—Marital tie.
Dāmpatya bandhana

ଦାମ୍ଭିକ—ସ. ବିଣ ପୁଂ (ଦମ୍ଭ+ଅସ୍ତି ଅର୍ଥରେ. ଇକ)—୧ । ଅହଂକାରୀ;
Dāmbhika ଦର୍ପୀ—1. Proud; imperious; haughty;
(ଦାମ୍ଭିକା—ସ୍ତ୍ରୀ) arrogant; overbearing.

୧	ଇ	ଷ୍ଟ	ର୍ତ୍ତ,ର୍ତ୍ତ୍ୱ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଖ	ଜ	ଶ,ଷ	ଙ୍କ	ଇସ୍ତ	ଉଅ	ଉ
୨	ଈ	ଞ	ରୁ	ଲ୍ଲ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	●	ନ୍

୨ । ଅବାଧ—2. Insubordinate.
୩ । କପଟାଚୁକ୍ତ; ଭଣ୍ଡ ବୈଷ୍ଣବ—3. Hypocrete.
୪ । ଧୂର୍ତ୍ତ—4. Sly; artful; cunning.
୫ । ଯେ ବାଲଙ୍କି ବଢାଏ; ଭୁରୁଡ଼ା—
5. Blustering; boastful; braggart.
୬ । ପ୍ରବଞ୍ଚକ—6. Fraudulent; deceitful.
୭ । ଆଡ଼ମ୍ବରକାରୀ (ହି. ଶବ୍ଦସାଗର)—7. Showy.
ବ—ବକପକ୍ଷୀ; ବଗ—The Ardea Nivea; the egret (bird).

ଦାମ୍ଭିକତା—ବି. ବି (ଦାମ୍ଭିକ+ଭାବାର୍ଥେ. ତା)—୧ । ଧୂର୍ତ୍ତତା—
Dāmbhikatā 1. Artfulness; cunning.
(ଦାମ୍ଭିକତ୍ୱ—ଅନ୍ୟରୂପ) ୨ । ଅହଂକାର—2. Arrogance; pride; haughtiness.
୩ । ଭୁରୁଡ଼ି—3. Bluster; boastfulness.
୪ । କପଟାଚରଣ—4. Hypocricy.

ଦାମ୍ଭିକପଣ—ଦେ.ବି—ଦାମ୍ଭିକତା (ଦେଖ)—Dāmbhikatā (See)
Dāmbhika paṇa
(ଦାମ୍ଭିକପଣିଆଁ—ଅନ୍ୟରୂପ)

ଦାୟ—ସଂ. ବି (ଦା ଧାତୁ=ଦାନ କରିବା+କର୍ମ ଅ; ଯ ଆଗମ)—
Dāya ୧ । ପୂର୍ବ ସ୍ୱାମୀର ମୃତ୍ୟୁ ପରେ ଯେଉଁ ସମ୍ପତ୍ତିରେ ଉତ୍ତରାଧିକାରୀମାନଙ୍କର ସ୍ୱତ୍ୱ ଜନ୍ମେ;—1. Heritage; inheritance.
୨ । ଯୌତୁକାଦି ଦାନ—2. Dowery; dower; marriage-portion.
୩ । ଉତ୍ତରାଧିକାରୀ ଦ୍ୱାରା ପ୍ରାପ୍ତ ସମ୍ପତ୍ତି—
3 Inheritance; inherited property.
୪ । ପୈତୃକ ସମ୍ପତ୍ତି—4. Patrimony; ancestral property.
୫ । ବିଭାଜ୍ୟ ବସ୍ତୁ; ପୂର୍ବସ୍ୱାମୀର ସ୍ୱାମିତ୍ୱ ନାଶ ପରେ ଯେଉଁ ଦ୍ରବ୍ୟରେ ଅନ୍ୟମାନଙ୍କର ସ୍ୱତ୍ୱ ଜନ୍ମେ (ପ୍ରକୃତିବାଦ)—
5. Divisible property.
୬ । ଧନ (ପ୍ରକୃତିବାଦ)—6. Riches.
୭ । [+ଭାବ ଅ. (ଘଞ୍)] ଦାନ—7. Gift.
୮ । ସ୍ଥାନ; ଜୋତ—8. Place; tenure.
୯ । ଜଳ—9. Water.
୧୦ । (ଦୋ ଧାତୁ=ଛେଦନ କରିବା+ଭାବ ଅ) ଛେଦନ—
10. Cutting.
୧୧ । ଜ୍ୱାଳା; ଦୁଃଖ; ବିପଦ—11. Trouble; peril; danger.
୧୨ । ଉପଦ୍ରବ;ଉତ୍ପାତ—12. Calamity; oppression
୧୩ । ସଙ୍କଟାବସ୍ଥା—13. Jeopardy; crisis.
୧୪ । (ଦୈ ଧାତୁ=ଶୋଧନ କରିବା+ଭାବ. ଅ) ଶୋଧନ—
14. Refining.
୧୫ । କ୍ଷୋଭ; ମନସ୍ତାପ—15. Mental trouble; grief.
୧୬ । କ୍ଷତି—16. Injury; ravage; damage; devastation; loss.
୧୭ । ବିଲୟ;ବିନାଶ—17. Destruction; ruin.
୧୮ । ଦେଣା—18. Debt; liability.
୧୯ । କଠୋର କର୍ତ୍ତବ୍ୟ;ଦାୟିତ୍ୱ—19. Responsibility; liability; incumbrance.
୨୦ । ଗୁରୁତ୍ୱ—20. Gravity; heavy responsibility.
୨୧ । ଥଟ୍ଟା—21. Jest; joke.
୨୨ । (ଦା ଧାତୁ+କର୍ତ୍ତୃ.ଅ)ଦାତା—22. Doner; giver.
୨୩ । (ଦା ଧାତୁ+କର୍ମ. ଅ)—ଅନ୍ୟକୁ ଦେବା ଯୋଗ୍ୟ ଧନ (ହି. ଶବ୍ଦସାଗର)—23. Property which ought to be given away.

[ଦ୍ର—ହିନ୍ଦୁ ସ୍ମୃତିରେ ପୂର୍ବ ସ୍ୱାମୀଙ୍କ ସଙ୍ଗେ ସମ୍ପର୍କ ଥିବା ଯୋଗୁଁ ଉତ୍ତରାଧିକାରୀମାନେ ମୃତ ବ୍ୟକ୍ତିର ତ୍ୟକ୍ତ ଯେଉଁ ସମ୍ପତ୍ତିକୁ ପାଆନ୍ତି ତାକୁ ଦାୟ ବୋଲଯାଏ । ମିତାକ୍ଷରା ଅନୁସାରେ ଦାୟ ଦୁଇ ପ୍ରକାର ଯଥା ଅପ୍ରତିବନ୍ଧ ଓ ସପ୍ରତିବନ୍ଧ; ଯେଉଁ ଦାୟରେ ଉତ୍ତରାଧିକାରୀ ସମ୍ପତ୍ତି ପାଇବା ବିଷୟରେ କୌଣସି ପ୍ରତିବନ୍ଧକ ନ ଥାଏ ତାକୁ ଅପ୍ରତିବନ୍ଧ ଦାୟ ବୋଲଯାଏ । ଯଥା—ପୁତ୍ର ବା ନାତି ପକ୍ଷରେ ପିତା ବା ପିତାମହଙ୍କ ତ୍ୟକ୍ତ ସମ୍ପତ୍ତି; ଯେଉଁ ସମ୍ପତ୍ତି ନିକଟତମ ଉତ୍ତରାଧିକାରୀଙ୍କ ଅଭାବରେ ଦୂରବର୍ତ୍ତୀ ବ୍ୟକ୍ତିକୁ ମିଳେ ତାକୁ ସପ୍ରତିବନ୍ଧ ଦାୟ ବୋଲଯାଏ । ଯଥା—ପୁତ୍ର ବା ନାତି ଅଭାବରେ ଭାଇ ଓ ପୁତୁରା ପକ୍ଷରେ ଭାଇର ବା ପିତୃବ୍ୟଙ୍କ ତ୍ୟକ୍ତ ସମ୍ପତ୍ତି—ହି. ଶବ୍ଦସାଗର]

ଦେ. ବି—୧ । ଗରଜ; ପ୍ରୟୋଜନ—1. Necessity; need-
୨ । ଗୁରୁ ଦାୟିତ୍ୱ ପୂର୍ଣ୍ଣ କାର୍ଯ୍ୟ;ଅବଶ୍ୟକର୍ତ୍ତବ୍ୟ ଗୁରୁତର କାର୍ଯ୍ୟ—
2. An act which must be done at any cost; an act entailing heavy and unavoidable responsibility.
(ଯଥା—ଋଣଦାୟ, ପିତୃଦାୟ, ମାତୃଦାୟ, କନ୍ୟାଦାୟ ଇତ୍ୟାଦି)
୩ । ଅବଶ୍ୟ ନିବାରଣୀୟ ଜ୍ୱାଳା; ଉତ୍ପୀଡ଼କ ଯନ୍ତ୍ରଣା—
3 Craving; torment or pain which must be satisfied or removed.
(ଯଥା—ଗରିବ ପେଟର ଦାୟରେ ଚୋରି କରେ ।)
୪ । ଅଡୁଆ; ଅଶାନ୍ତିଆ ଅବସ୍ଥା—4. A queer position; difficulty.
୫ । ବିଷମ ସମସ୍ୟା—5. A dilemma.
୬ । ଦୁଃଖ—6. Trouble.

ଦାୟକ—ସଂ. ବିଣ. ପୁଂ (ଦା ଧାତୁ+କର୍ତ୍ତୃ. ଅକ)—୧ । ଯେ ଦିଏ;
Dāyaka ଦାନକାରୀ—1. Giving; granting.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୂରସ୍ଥ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗ ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

(ଦାୟିକା—ସ୍ତ୍ରୀ) ୨ । (ପ୍ରତ୍ୟୟ ରୂପେ ପ୍ରଯୁଜ୍ୟ)— ଉତ୍ପାଦନକାରୀ—2. (In compound) Producing.

[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବ୍ୟବହୃତ ହୁଏ ଯଥା—କଷ୍ଟଦାୟକ; ଯନ୍ତ୍ରଣାଦାୟକ; ମୁକ୍ତିଦାୟକ ।]

୩ । କ୍ଷତିପୂରଣକାରୀ—3. Compensating.

୪ । (ଦୋ ଧାତୁ + କର୍ତ୍ତୃ. ଅକ) ଛେଦକ—4. Cutting.

ସଂ. ଭ—୧ । ଦାତା—1. Giver; doner.

୨ । (ଦାୟ + ତଦଂଶମାନାର୍ଥ. କ) ଦାୟାଦ; କୁଟୁମ୍ବ— 2. Kinsman; lineal heir.

ଦାୟଗ୍ରସ୍ତ—ସଂ. ବଣ (ଦାୟ + ଗ୍ରସ୍ତ; ତୃତୀୟା ତତ୍)—୧ । ଗୁରୁତର
Dāyagrasta କର୍ତ୍ତବ୍ୟପ୍ରପୀଡ଼ିତ—1. Involved in discharging an unavoidable duty.

୨ । ଦାୟିତ୍ୱଯୁକ୍ତ—2. Responsible; liable.

୩ । ଗୁରୁତର ଦୁଃଖରେ ଜଡ଼ିତ— 3. Involved in great troubles.

ଦାୟଭାଗ—ସଂ. ଡ—୧ । ପୈତୃକ ଧନର ବିଭାଗ; ଉତ୍ତରାଧିକାରୀମାନଙ୍କ
Dāyabhāga ମଧ୍ୟରେ ମୃତ ବ୍ୟକ୍ତିର ତ୍ୟକ୍ତ ସମ୍ପତ୍ତିର ବଣ୍ଟନ— 1. Partition or division of inheritance amongst the heirs of a deceased person.

୨ । ମୃତ ବ୍ୟକ୍ତିର ସମ୍ପତ୍ତି ଉତ୍ତରାଧିକାରୀମାନଙ୍କ ମଧ୍ୟରେ ବିଭାଗ କରିବାର ଆଇନ—2. The law of inheritance or succession.

୩ । ଜୀମୂତବାହନ ନାମକ ପଣ୍ଡିତଙ୍କ କୃତ ପୈତୃକ ଧନବିଭାଗ ସମ୍ବନ୍ଧୀୟ ସଂସ୍କୃତ ସ୍ମୃତି ବା ଗ୍ରନ୍ଥ—3. Name of a Sanskrit Law book or treatise on rules of inheritance prevalent in Bengal.

[ଦ୍ର—ଏହି ଗ୍ରନ୍ଥର ବିଧି ଅନୁସାରେ ବଙ୍ଗ ଦେଶରେ ପୈତୃକ ଧନ ବିଭକ୍ତ ହୁଏ । ମାତ୍ର ଉତ୍କଳ ଦେଶରେ 'ମିତାକ୍ଷରା' ଗ୍ରନ୍ଥ ଅନୁସାରେ ତାହା ବିଭକ୍ତ ହୋଇଥାଏ । ଯାଜ୍ଞବଲ୍କ୍ୟଙ୍କ ସ୍ମୃତି ଉପରେ ବିଜ୍ଞାନେଶ୍ୱରଙ୍କ କୃତ ଟୀକାକୁ ମିତାକ୍ଷରା ବୋଲାଯାଏ । ମିତାକ୍ଷରାର ବ୍ୟବସ୍ଥା ଅନୁସାରେ ପଞ୍ଜାବ, କାଶୀ, ମିଥିଳା ଓ ଦାକ୍ଷିଣାତ୍ୟରେ ମୃତ ବ୍ୟକ୍ତିଙ୍କ ସମ୍ପତ୍ତି ବିଭକ୍ତିତ ହୁଏ । ଦାୟଭାଗ ଗ୍ରନ୍ଥ ଅନୁସାରେ କେବଳ ବଙ୍ଗ ଦେଶରେ ଉତ୍ତରାଧିକାରୀଙ୍କ ମଧ୍ୟରେ ସମ୍ପତ୍ତି ବିଭାଗ କରାଯାଏ ।]

ଦାୟରା (ଇତ୍ୟାଦି)—ବୈଦେ. ବି (ଅ)—ଦୋହରା ଇତ୍ୟାଦି (୨)(ଦେଖ)
Dāyarā (etc) Doharā (2) etc (See)

ଦାୟରେ ପଡ଼ିବା—ଦେ. କ୍ରି—ଅକଳରେ ପଡ଼ିବା; ବିପଦରେ ପଡ଼ିବା—
Dāyare pa<u>rd</u>ibā To be hard pressed.
(ଦାୟରେ ଠିକିବା; ଦାୟରେ ଠେକିବା—ଅନ୍ୟରୂପ)
दायेपड़ा, दायेठेका दायमे गीरना

ଦାୟାଗତ—ସଂ. ବିଣ (ଦ୍ୱିତୀୟା ତତ୍, କିମ୍ବା ୭ମୀ ତତ୍; ଦାୟ + ଆଗତ)—
Dāyāgata ୧ । ମଉରସି ସୂତ୍ରରେ ପଡ଼ିବା (ସମ୍ପତ୍ତି)— 1. (property) Inherited.

ସଂ. ବି—(ହିନ୍ଦୁ ସ୍ମୃତି)—ଯେଉଁ ଦାସ ଦାୟ ବା ପୈତୃକ ସମ୍ପତ୍ତିରୂପେ ମିଳିଅଛି (ହି ଶବ୍ଦସାଗର)—(Hindu Law) A slave of which a person has become the owner by inheritance.

[ଦ୍ର—ହିନ୍ଦୁ ସ୍ମୃତିଉଲ୍ଲିଖିତ ୧୫ ଶ୍ରେଣୀର ଦାସ ମଧ୍ୟରୁ ଏ ଦାସ ଏକତମ ।]

ଦାୟାଦ—ସଂ. ବ. ପୁଂ (ଦାୟ=ପୈତୃକ ଧନ + ଆ + ଦା ଧାତୁ + କର୍ତ୍ତୃ.
Dāyāda ଅ; ଯେ ପୈତୃକ ଧନ ଗ୍ରହଣ କରେ)—
ଦାୟାଦା } ସ୍ତ୍ରୀ ୧ । ପୁତ୍ର—1. A son.
ଦାୟାଦୀ } ୨ । ବଂଶଧର—2. Lineal descendent.

୩ । ଉତ୍ତରାଧିକାରୀ—3. An heir; a successor.

ଏ ଭୂମିର ସୁତ ଭୂସ୍ୱେଚ୍ଛ ଅର୍ପ୍ୟ ନାମ ଦାୟାଦ କରନ୍ତି ।
ରାଧାନାଥ. ମହାଯାତ୍ରା ।

୪ । କୁଟୁମ୍ବ; ସଗୋତ୍ର; ସପିଣ୍ଡ— 4. A kinsman within 7 degrees.

ସଂ. ବଣ (ଦାୟ + ଅଦ୍ ଧାତୁ=ଭୋଜନ କରିବା + କର୍ତ୍ତୃ. ଅ)— ଧନଭାଗୀ; ମୃତ ବ୍ୟକ୍ତିର ତ୍ୟକ୍ତ ସମ୍ପତ୍ତିରେ ଉତ୍ତରାଧିକାରୀ— Inheriting the property of a deceased.

ଦାୟାଦା—ସଂ. ବି. ସ୍ତ୍ରୀ (ଦାୟାଦ + ସ୍ତ୍ରୀ. ଆ)—କନ୍ୟା; ଝିଅ—
Dāyādā Daughter.
(ଦାୟାଦୀ—ଅନ୍ୟରୂପ)

ଦାୟିକ—ସଂ. ବଣ. ପୁଂ (ଦାୟିନ୍ + ସ୍ୱାର୍ଥେ. କ)—ଦାୟୀ—
Dāyika Responsible.
(ଦାୟିକା—ସ୍ତ୍ରୀ)

ଦାୟିକା—ଦେ. ବ—ଦାଇକା (ଦେଖ)
Dāyikā Dāikā (See).
(ଦାୟେକା—ଅନ୍ୟରୂପ)

ଦାୟିତ—ସଂ. ବଣ (ଦା ଧାତୁ + ଇତ)—ଯାହା ଦାନ କରାଯାଇଅଛି;
Dāyita ପ୍ରଦତ୍ତ—Already given away.

ଦାୟିତ୍ୱ—ଦେ. ବ (ଦାୟିନ୍ + ଭାବ. ତ୍ୱ)—୧ । ଆପଣାଠାରେ ଗୁରୁ ଭାର
Dāyitwa ଥିବା ଅବସ୍ଥା; ଜବାବଦେହୀ; ଗୁରୁ ଭାର— 1. Responsibility.

୨ । ଦେଣଦାର ହେବା ଅବସ୍ଥା— 2. Liability; indebtedness.

ଦାୟିତ୍ୱ ଜ୍ଞାନ—ସଂ. ବ—ନିଜ ଉପରେ ଗୋଟିଏ ଗୁରୁଭାର ନ୍ୟସ୍ତ ଅଛି,
Dāyitwa jñāna ଏହି ବୋଧ—Sense of responsibility.

ଦାୟିତ୍ୱ ଜ୍ଞାନ ଶୂନ୍ୟ—ସଂ. ବିଣ—ଯେ ଆପଣା ଉପରେ ଥିବା ଦାୟିତ୍ୱର
Dāyitwa jñāna śūnya ଗୁରୁତା ଅନୁଭବ କରେ ନାହିଁ— Having no sense of responsibility.

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	୬	ଷ,ସ	ଜ୍ଞ	ଇପ୍ସ	ଢ଼ଥ	ଘ
୧	ଈ	ଉ	ରୁ	ଲୃ	ଙ୍ଗ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂୟ	ଇଅ	ଢ଼	ନ୍ନ

ଦାୟିତ୍ୱହୀନ—ଦେ. ବିଣ—୧ । ଯାହା ଉପରେ କୌଣସି ଦାୟିତ୍ୱ ନ ଥାଏ—1. Having no responsibility; irresponsible (person).
Dāyitwahīna
ଦାୟିତ୍ୱବିହୀନ } ଅନ୍ୟରୂପ
ଦାୟିତ୍ୱଶୂନ୍ୟ

୨ । ଯେଉଁ କାର୍ଯ୍ୟ ପାଇଁ କାହା ଉପରେ ଦାୟିତ୍ୱ ନ ଥାଏ—2. (a work) Involving no responsibility.

ଦାୟିଦାର୍—ପ୍ରାଦେ. (ସମ୍ବଲପୁର) ବି—ଦାୟୀ—Responsible.
Dāyidār

ଦାୟୀ—ସଂ. ବିଣ. ପୁଂ. (ଦା ଧାତୁ + କର୍ତ୍ତୃ. ଇନ୍; ଦାୟିନ୍ ଶବ୍ଦ; ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ପ୍ରଯୁକ୍ତ ହୁଏ ।—ଯଥା ସୁଖଦାୟୀ)—
Dāyi
(ଦାୟିନୀ—ସ୍ତ୍ରୀ) ୧ । ଦାୟକ; ଦାନଦାତା; ଦାତା; ଦେବା ବାଲା—1. Giving; bestowing.

୨ । ଘଟାଇବା (ବ୍ୟକ୍ତି ବା ବସ୍ତୁ)—2. Causing; bringing about.

୩ । (ଦାୟ + ଇନ୍)—ଗୁରୁଭାରଗ୍ରସ୍ତ; ଦାୟଗ୍ରସ୍ତ—3. Involved in a great responsibility or liability.

୪ । ଯାହା ଉପରେ ଜବାବଦେହୀ ବା ଦାୟିତ୍ୱ ରହିଥାଏ—4. Responsible; liable.

ଦେ. ବିଣ—୧ । ଦାଇ ୨ (ଦେଖ)—1. Dāi 2 (See)

୨ । ଦୋଷୀ—2. Guilty.

ଦାୟେର (ଇତ୍ୟାଦ)—ବୈଦେ. ବି ଓ ବିଣ.—ଦାଏର୍ ଇତ୍ୟାଦ (ଦେଖ)
Dāyer (etc) Dāer etc (See)

ଦାର୍ୱିନ୍—ବୈଦେ. ବି. (ଇଂ. ନାମ)—କ୍ରମବିକାଶ ବିବର୍ତ୍ତନବାଦ ପ୍ରବର୍ତ୍ତକ ଇଂରାଜ ପଣ୍ଡିତ—Darwin who started the theory of Evolution and the theory of the Survival of the fittest.
Dārwin
ଦାରୱଇନ୍ } ଅନ୍ୟରୂପ
ଦାରୁଇନ୍

[ଦ୍ର—ଏହାଙ୍କର ମତ ଏହି ଯେ ଜୀବସୃଷ୍ଟି ପ୍ରଥମେ ସ୍ୱାପରୁ ଆରମ୍ଭ ହୋଇଅଛି; କ୍ରମେ ମାଛ, ପକ୍ଷୀ, ପଶୁ, ବାନର ଓ ମନୁଷ୍ୟ ସୃଷ୍ଟି ହୋଇଅଛି ଏବଂ ଜୀବସୃଷ୍ଟିରେ ଯେ ବଳିଷ୍ଠ ଓ ଉପଯୁକ୍ତ ଥିଲେ ଓ ହେବେ, ସେ ଦୁର୍ବଳ ଓ ଅନୁପଯୁକ୍ତ ଜୀବଙ୍କୁ ନାଶ କରି ନିଜର ବଂଶ ବୃଦ୍ଧି କରିଅଛନ୍ତି ଓ କରିବେ ।]

ଦାର୍ ମଦାର୍—ବୈଦେ. ବି. (ଫା)—୧ । ସମ୍ମତି—1. Agreement.
Dār madār
ଦାରମଦାର (ଯଥା—ମକଦ୍ଦମାଲୁ ରଫା କରିବାକୁ ବାଦୀର ଦାର୍ମଦାର୍ ନାହିଁ ।)

୨ । ନିର୍ଭର—2. Dependence; reliance.
(ଯଥା—ଏ ବିଷୟ ନିଷ୍ପତ୍ତି କରିବାପାଇଁ ମୋର ତାଙ୍କଠାରେ ଦାର୍ମଦାର୍ ଅଛି ।)

୩ । ଚୁକ୍ତି—3. Contract; stipulation.
(ଯଥା—ଏ ଜିନିଷକୁ ୧୦ ଟଙ୍କାରେ ବିକ୍ରି କରିବା ପାଇଁ ବାୟା. ମୁସ୍ତଫା ମଧ୍ୟରେ ଦାର୍ମଦାର୍ ହୋଇ ଯାଇଛି ।)

୪ । କୌଣସି କାର୍ଯ୍ୟର ଭାର—4. Charge of a work or matter.

୫ । ଦାୟିତ୍ୱ—5. Responsibility.

ଦାର—ସଂ. ବି. (ଦୃ ଧାତୁ = ବିଦାରଣ କରିବା + କର୍ତ୍ତୃ ଅ; ଯେ ସ୍ୱାମୀର ପୂର୍ବସ୍ନେହ ବିଦାରଣ କରେ; ଅର୍ଥାତ୍ ସ୍ୱାମୀ ଯାହାର ସ୍ନେହରେ ଆବଦ୍ଧ ହୋଇ ପୂର୍ବ ସ୍ନେହପାତ୍ରମାନଙ୍କୁ ଭୁଲି ଯାଏ; ସଂସ୍କୃତରେ ଏହା ନିତ୍ୟ ବହୁବଚନାନ୍ତ ପୁଂଲିଙ୍ଗ ଶବ୍ଦ 'ଦାରାଃ' ରୂପରେ ବ୍ୟବହୃତ ହୁଏ; କିନ୍ତୁ ଏହାର ଅର୍ଥ ସ୍ତ୍ରୀ)—୧ । ଭାର୍ଯ୍ୟା; ସ୍ତ୍ରୀ—Wife.
Dāra

୨ । (+ ଭାବ ଅ) ବିଦାରଣ—2. Act of tearing or splitting.

୩ । (+ କର୍ମ ଅ) କର୍ଷିତ କ୍ଷେତ୍ର—3. Ploughed field.

୪ । (+ କର୍ତ୍ତୃ. ଅ) କାମ—4. Cupid.

୫ । (+ କର୍ମ. ଅ) ଫାଟ—5 Gap; rent.

୬ । ଛିଦ୍ର—6. Hole.

ପ୍ରାଦେ. (ବସ୍ତର) ବି—ଡାଲି—Dal; split peas; pulse.

ବୈଦେ. ପ୍ରତ୍ୟୟ (ଫା. ସ. ଇନ୍ ପ୍ରତ୍ୟୟ ପରି; 'ଯାହାର ଥାଏ' ଏହିପରି ଅର୍ଥରେ)—୧ । ଅଛି ଯାହାର ଏହି ଅର୍ଥ ସୂଚକ—1. Having.
ଦାର
دار
(ଯଥା—ଜମିଦାର; ମଣ୍ଡଳଦାର; ଇଜାରଦାର; ଦଲଦାର; ବୁଟାଦାର ।)

୨ । 'ବ୍ୟବସାୟ କରେ ଯେ' ଅର୍ଥରେ—2. Living on.
(ଯଥା—ବାଜାଦାର, ଚଉକିଦାର ।)

୩ । ଧାରଣକାରୀ ଅର୍ଥରେ—3. Holding.
(ଯଥା—ଛଡ଼ିଦାର ।)

ଦାରକ—ସଂ. ବି. ପୁଂ. (ଦୃ ଧାତୁ = ବିଦାରଣ କରିବା + କର୍ତ୍ତୃ ଅକ; ଯେ ମାଆ ପେଟ ବିଦାରଣ କରି ଜନ୍ମ ହୁଏ)—
Dāraka
(ଦାରିକା—ସ୍ତ୍ରୀ) ୧ । ପୁତ୍ର—1. Son.

୨ । ଶିଶୁ; ବାଳକ—2. Boy; child.

୩ । ଜୀବଶିଶୁ—3. The young of animals.

୪ । ଗ୍ରାମ୍ୟ ଶୂକର—4. Domestic pig; village hog.

ବିଣ—ବିଦାରକ; ବିଦାରଣକାରୀ—Piercing; splitting.

ଦାରକର୍ମ—ସ. ବି. (ଦାର + କର୍ମ; ୬ଷ୍ଠୀ ତତ୍; ଦାରାର୍ଥ କର୍ମ)—
Dāra karma (ପୁରୁଷ ପକ୍ଷରେ) ବିବାହ—Marriage in the case of a male; taking a wife.
ଦାରକ୍ରିୟା
ଦାରଗ୍ରହ
ଦାରଗ୍ରହଣ
ଦାରପରିଗ୍ରହ
} ଅନ୍ୟରୂପ

ଦାରକର୍ମ କଷ୍ଟଲ କୁହର ମୁନିଙ୍କର ।
କୃଷ୍ଣସିଂ. ମହାଭାରତ ଅଦି ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ୧ ୨,ମା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ,

ଦାରଣ—ସଂ. ବି. (ଦୃ ଧାତୁ ଣିଚ୍=ଦାରି ଧାତୁ+ଭାବ ଅନ)—
Dāraṇa ୧ । ବିଦାରଣ, ଫାଡ଼ିଦେବା—
1. Rending; tearing.
୨ । ଚିରିଦେବା କାର୍ଯ୍ୟ; ଫଟାଇବା—
2. Splitting; cleaving; piercing; bursting.
୩ । (+କରଣ ଅନ) ବିଦାରକ ଅସ୍ତ୍ର—
3. A splitting weapon.
୪ । ନିର୍ମଳୀ ଫଳ ଓ ଗଛ—
4. Clearing nut and its tree.
୫ । ଯେଉଁ ଔଷଧ ଲେପନ କଲେ ବଥ ଫାଟିଯାଏ (ଶ୍ରୁ. ଶବ୍ଦସାଗର)—5. An appliance which makes a boil burst.
ବିଣ. (+କର୍ତ୍ତୃ. ଅନ) ବିଦାରକ; ଯେ ଚିରି ଦିଏ—
Piercing; splitting.

ଦାରଣୀ—ସଂ. ବି. ସ୍ତ୍ରୀ. (ଦାରଣ+ଈ)—ଦୁର୍ଗା—
Dāraṇi Durgā.

ଦାରତ୍ୟାଗୀ—ସଂ. ବିଣ. ପୁଂ—ଯେଉଁ ବ୍ୟକ୍ତି ସ୍ତ୍ରୀକୁ ପରିତ୍ୟାଗ କରିଥାଏ—
Dāra tyāgi One who has deserted his wife.

ଦାରଦ—ସଂ. ବି. (ଦୃ ଧାତୁ+ଅ ଦ; ବା ଦରଦ ଦେଶବିଶେଷ+
Dārada ଭବାର୍ଥେ. ଅ)—
୧ । ପାରଦ—1. Quick-silver,
୨ । ସମୁଦ୍ର—2. Ocean.
୩ । ସିନ୍ଦୁର; ହିଙ୍ଗୁଳ—3. Vermillion (Apte).
୪ । ଦରଦ ଦେଶଜାତ ବିଷବିଶେଷ—
4. A kind of poison found in Durdistan.
ସଂ. ବିଣ. (ଦରଦ+ଅ)—୧ । ଦରଦ ଦେଶ ସମ୍ବନ୍ଧୀୟ—
1. Relating to Durdistān.
୨ । ଦରଦ ଦେଶବାସୀ—2. Residing in Durdistan.

ଦାରପରିଗ୍ରହ—ସଂ. ବି. (ଦାର+ପରିଗ୍ରହ; ୬ଷ୍ଠୀ ତତ୍)—
Dāra parigraha ଦାର କର୍ମ (ଦେଖ)
Dāra karma (See)

ଦାରବ—ସଂ. ବିଣ. (ଦାରୁ+ବିକାରାର୍ଥେ. ଅ)—
Dāraba ୧ । କାଷ୍ଠନିର୍ମିତ—1. Wooden.
୨ । କାଷ୍ଠରୁ ଜାତ—
2. Produced from wood.

ଦାରବଳିଭୁଜ୍—ସଂ. ବି. (ଯେ ସ୍ତ୍ରୀର ଅନ୍ନରେ ଅହାର ଖାଏ; ଦାର+ବଳି
Dāra baḷibhuj +ଭୁଜ ଧାତୁ+କର୍ତ୍ତୃ. କ୍ୱିପ୍)—
ସାରସ ପକ୍ଷୀ—Crane (Apte).

ଦାରା—ଦେ. ବି. (ସଂରେ ବହୁବଚନ ଓ ପୁଂଲିଙ୍ଗ; ଦାରାଃ)—
Dāra ସ୍ତ୍ରୀ; ଭାର୍ଯ୍ୟା; ଦାର (ଦେଖ)
Wife; Dāra (See)

ଦାରାକ୍ଷ—ଦେ. ବି. (ସଂ. ଦ୍ରାକ୍ଷା)—
Dārāksha ୧ । ଅଙ୍ଗୁର ଫଳର ଲତା—1. Vine.
ଆଁଙ୍ଗୁର ୨ । ଅଙ୍ଗୁର ଫଳ—1. Grape.
द्राक्ष ୨ । ଖୁରସୁଲି—2. Raisins; dried grapes.

ଦାରି—ସଂ. ବି. (ଦୃ ଧାତୁ+ଭାବ. ଅ)—
Dāri ୧ । ବିଦାରଣ; ଫାଡ଼ିବା; ଚିରିବା—1. Splitting; tearing.
୨ । ଭେଦ କରିବା—2. Piercing; rending.

ଦାରିଆ—ଦେ. ବିଣ. ପୁଂ—ବେଶ୍ୟାଠାରେ ଆସକ୍ତ—
Dāriā Attached or addicted to a prostitute
রংভীবাজ or prostitutes; intimate with prostitutes.
दारीदार

ଦାରିଆ ଭଣ୍ଡ—ଦେ. ବି—ଯେଉଁ ବ୍ୟକ୍ତି ନିର୍ଲଜ୍ଜ ଭାବରେ ବେଶ୍ୟାଠାରେ
Dāriā bhāṇḍa ଆସକ୍ତ ଥାଏ—One who is shamelessly addicted to prostitutes.

ଦାରିକା—ସଂ. ବି. ସ୍ତ୍ରୀ. (ଦାରକ+ସ୍ତ୍ରୀ. ଆ)—
Dārikā ୧ । କନ୍ୟା; ଝିଅ—1. Daughter.
୨ । ବେଶ୍ୟା—2. Harlot.
୩ । ଫାଟ—3. Rent; cleft.
୪ । ବାଳିକା—4. Girl.

ଦାରିତ—ସଂ. ବିଣ. (ଦୃ ଧାତୁ ଣିଚ୍; ଦାରି ଧାତୁ=ବିଦାରଣ କରିବା
Dārita +କର୍ମ. ତ)—ବିଦୀର୍ଣ୍ଣ; ବିଦାରିତ; ଚିରି ଯାଇଥିବା; ଫଟା ହୋଇଥିବା—Pierced through; split; rent; lacerated; torn.

ଦାରିଦ୍ର—ସଂ. ବି. (ଦରିଦ୍ର+ଭାବ. ଅ)—ନିର୍ଦ୍ଧନତା; ଦରିଦ୍ରତା—
Dāridra Poverty; indigence.

ଦାରିଦ୍ର ଘୋଟିବା—ଦେ. ବି. (ଗାଳି)—
Dāridra ghotibā ୧ । ଲକ୍ଷ୍ମୀ ଛାଡ଼ିଯିବା—1. The sudden disappearance of one's prosperity.
ଦାରିଦ୍ର ଘୋଟିଯିବା, ଦାରିଦ୍ର୍ୟ ଘୋଟିବା, ଦାରିଦ୍ର୍ୟ ଘୋଟିଯିବା } ଅନ୍ୟରୂପ
୨ । ଅତ୍ୟନ୍ତ ଅର୍ଥକଷ୍ଟ ଅବସ୍ଥାରେ ପୀଡ଼ିତମାନ ହେବା—
2. Being stricken with utter want or poverty.

ଦାରିଦ୍ରା—ଗ୍ରା. ବିଣ. ପୁଂ. (ସଂ. ଦରିଦ୍ର)—୧ । ଅତି ଦରିଦ୍ର—
Daridrā 1. Destitute; very poor.
(ଦାରିଦ୍ରାଣୀ—ସ୍ତ୍ରୀ) ୨ । ଯାହାର ଅତି ସାନ ଦୃଷ୍ଟି; କୃପଣ—
दरिद्दर, दरिद्द 2. Miserly.
दरिद्दर, दरिद्दी ୩ । (ଗାଳି) ହାଭଲିଆ; ହାଭଲା—
3. Very much hankering after something (like a very poor man).

ଦାରିଦ ଗ୍ରା. ବି. (ସଂ. ଦାରିଦ୍ର୍ୟ)—ଦରିଦ୍ରତା; ଦାରିଦ୍ର୍ୟ—
দারিদ্র্য Poverty.

ଦାରିଦ୍ର୍ୟ—ସଂ. ବି. (ଦରିଦ୍ର+ଭାବ. ଯ)—
Dāridrya ନିର୍ଧନତା; ଦରିଦ୍ରତା; ଦାରିଦ୍ର୍ୟ—
Poverty; indigence.

ଦାରିଦ୍ର୍ୟ ପଞ୍ଚାକ୍ଷର—ଦେ. ବି. (ବ୍ୟଙ୍ଗ) (ସଂ. ଦାରିଦ୍ର୍ୟ+ପଞ୍ଚାକ୍ଷର)—
Dāridrya pañchākshara ଦରିଦ୍ର ଲୋକର ନିୟତ ଜପ୍ୟ ପାଞ୍ଚ (ଦାରିଦ୍ର୍ୟ ପଞ୍ଚାକ୍ଷର ମନ୍ତ୍ର—ଅନ୍ୟରୂପ) ଗୋଟି ଅକ୍ଷରବିଶିଷ୍ଟ ବାକ୍ୟ 'କଣ କରିବି ?'—(witticism) A sentence of 5 Oria letters meaning 'What shall I do ?' uttered constantly by an idegent person.

ଦାରିବା—ଦେ. କ୍ରି—(ସଂ. ଦୃ ଧାତୁ ଣିଚ ଦାରି ଧାତୁ=ବିଦାରିବା)—
Dāriba ଫାଡ଼ିବା; ଚିରିବା; ବିଦାରଣ କରିବା—To rent; to split; to pierce.

ବଣାମ୍ଭେ ନିାକ ଭୃତ୍ତ ଭର୍ଷ ଦାରି ଉଦରକୁ ଫିଟାଇ ସେ—
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ଦାରି—ବିଦେ. ପ୍ରତ୍ୟୟ (ଫା)—ସାଧାରଣତଃ କର୍ମ, ଭାବ ଓ ବ୍ୟବସାୟ
Dāri ଅର୍ଥରେ ଏହି ପ୍ରତ୍ୟୟ ପ୍ରଯୁକ୍ତ ହୁଏ; ବୃତ୍ତି ବା କର୍ମବାଚକ
दारी ପ୍ରତ୍ୟୟ—A suffix meaning the act or
দারী occupation of.
(ଯଥା—ଦୋକାନଦାରି=ଦୋକାନଦାରର କର୍ମ ବା ବୃତ୍ତି, ଚଉକିଦାରି=ଚଉକିଦାରର କର୍ମ ଇତ୍ୟାଦି ।)

ଦେ. ବି. ସ୍ତ୍ରୀ. (ସଂ. ଦାରିକା; ଭୁଲ. ସଂ. ଦାର=ସ୍ତ୍ରୀ)—
दारी ୧ । ବେଶ୍ୟା; କସବି; ଗଣିକା—
দারি 1. Prostitute; whore.
୨ । ନଟୀ—2. Nauch girl; dancing girl.
(ଗାଳି)—ନଷ୍ଟଚରିତ୍ରା ସ୍ତ୍ରୀ—3. Adulteress.
୪ । ରକ୍ଷିତା ସ୍ତ୍ରୀ; ଉପପତ୍ନୀ—4. A kept woman; a mistress; a concubine.

ଯେଉଁ ସୁକାନ୍ତ ଘରେ ଦାରି ରହି ଥାଏ,
ସେହୁ ହେଲେ ଏ ରୂପେ ଖେଳରେ ନ ହଏ । କୃଷ୍ଣସିଂ. ମହାଭାରତ. ସଭା ।

ସଂ. ବି. (ଦୃ ଧାତୁ ଣିଚ ଦାରି ଧାତୁ+କର୍ତ୍ତୃ. ଇ)—ଗୋଡ଼ ଫାଟ ରୋଗ (ହି. ଶବ୍ଦସାଗର)—A disease consisting of cracking of the skin of the sole.

ଦାରି କରିବା—ଦେ. କ୍ରି.—(କଟକ ଓ ପୁରୀ ବେଶ୍ୟାମାନଙ୍କ ଗତ)—
Dāri kariba ୧ । ପ୍ରଥମ ରଜୋଦର୍ଶନ ପରେ ବେଶ୍ୟାବୃତ୍ତିରେ ପ୍ରବେଶ କରିଥିବା ବାଳିକା ସଙ୍ଗରେ (କୌଣସି ପୁରୁଷ) ପ୍ରଥମ ରାତ୍ରି ସହବାସ କରିବା—To cohabit a girl for the 1st time when she takes to prostitution.
୨ । ଦାରି ପ୍ରତି ଆସକ୍ତ ହେବା—
2. To be addicted to a prostitute or prostitute.
୩ । ପରସ୍ତ୍ରୀ ପ୍ରତି ଆସକ୍ତ ହେବା—
3. To be in love with other men's wives.

ଦାରିଘରକୁ ଯିବା—ଦେ. କ୍ରି.—ବେଶ୍ୟାଠାରେ ଆସକ୍ତ ହେବା;
Dāri gharaku jiba To visit a prostitute.

ଦାରି ଦାସୀ—ଦେ. ବି. (ସଂ. ଦାରିକା+ଦାସୀ; ଏକାର୍ଥକ ସହଚର)
Dāri dāsi ୧ । ବେଶ୍ୟା ଓ ଉପପତ୍ନୀରୂପେ ରକ୍ଷିତା ସ୍ତ୍ରୀ—
दारीदासी 1. Prostitute and maid servant kept
দারীদাসী as a mistress.
୨ । ବେଶ୍ୟା ଓ ରକ୍ଷିତା ସ୍ତ୍ରୀମାନଙ୍କ ପ୍ରତି ଆସକ୍ତ ହେବା—
2. Being addicted to prostitutes and concubines.
(ଯଥା—ସେ ଦାରିଦାସୀରେ ବହୁତ ପଇସା ଉଡ଼ାଇଦେଉଛି ।)

ଦାରିଦାସୀ କରିବା—ଦେ. କ୍ରି.—୧ । ବେଶ୍ୟା ଓ ରକ୍ଷିତା ଦାସୀଙ୍କ
Dāri dāsi kariba ପ୍ରତି ଅନୁରକ୍ତ ହେବା—
दारीदासी करा 1. To be addicted to prostitutes
দারীদাসী করনো and concubines.
୨ । ପରସ୍ତ୍ରୀ ରତ ହେବା—2. To be adulterous (in the case of a man.)

ଦାରି ନଚା(ଚେ)ଇବା—ଦେ. କ୍ରି—୧ । ନର୍ତ୍ତକୀ ବେଶ୍ୟାର ପଛରେ
Dāri nachā(che)ibā ରହି ତାହାର ନୃତ୍ୟ ସଙ୍ଗେ ତାଳ ଅନୁସାରେ ବାଦ୍ୟ ବଜାଇବା—
1. To play music to the accompaniment of the dancing of a dancing girl.
୨ । ଆପଣା ଆଗରେ ବେଶ୍ୟା ନାଚିବାର ଉପାୟ କରିବା—
2. To cause a nauch-girl dance before one's self.
୩ । (ଗାଳି) (ଲକ୍ଷଣାର୍ଥ) ଅତ୍ୟନ୍ତ ନିର୍ଲଜ୍ଜରୂପେ କାର୍ଯ୍ୟ କରିବା; କୌଣସି ଲଜ୍ଜାଜନକ କାର୍ଯ୍ୟ କରିବା—
2. (figurative) To do any shameful work.
୩ । ନିଜ ଘରର ସ୍ତ୍ରୀମାନଙ୍କୁ ଅଯଥା ସ୍ୱାଧୀନତା ଦେବା—
3. To give undue liberty and freedom of movement to the female members of one's family.

ଦାରି ସାହି—ଦେ. ବି—ବେଶ୍ୟାପଡ଼ା; ଯେଉଁ ପଡ଼ାରେ ବେଶ୍ୟାମାନେ
Dāri sāhi ଥାଆନ୍ତି—A quarter of a town inhabited
বেশ্যাপাড়া by prostitutes.
ଚରି ଯେବେ ଚଢ଼, ତେବେ ଦାରିସାହିରେ ଘର—ଢଗ ।

ଦାରୁ—ସଂ. ବି. (ଦୃ ଧାତୁ ବିଦୀର୍ଣ୍ଣ ହେବା+କର୍ମ ଉ; ଯାହା ଚିରାଯାଏ;
Dāru ଭୁଲ. ଫା. ଦାର=କାଷ୍ଠ)—
୧ । କାଷ୍ଠ; କାଠ—1. Wood.
ସଂସାର ନିସ୍ତାରଣ ସାଧେ
ଅଚଳ ସେବେ ଦାରୁ ମଧ୍ୟେ । ଜଗନ୍ନାଥ. ଭାଗବତ ।
୨ । କାଷ୍ଠ ଖଣ୍ଡ—2. Log of wood.
୩ । ଜାଳ; ଇନ୍ଧନ—3. Fuel.
୪ । ଦେବଦାରୁ ବୃକ୍ଷ—4. The cedar tree; a species of pine; Pinus Deodoras.
୫ । ପିତ୍ତଳ—5. Brass.

୬ । ଶିଳ୍ପକର; ଶିଳ୍ପୀ—6. An artist; artisan.

୭ । ବଢ଼େଇ—7. Carpenter.

୮ । ଦାତା ବ୍ୟକ୍ତି—8. Liberal person.

ବିଣ—୧ । (ଦୋ ଧାତୁ=ଛେଦନ କରିବା+କର୍ତ୍ତୃ. ରୁ)—
ବିଦାରକ—1. Piercing; rending.

୨ । ଛେଦକ—2. Cutting; splitting

୩ । (ଦା ଧାତୁ=କର୍ତ୍ତୃ. ରୁ)—ଦାନଶୀଳ—
3 Liberal; generous.

୪ । ଶୋଧକ—4. Refining; purifying.

୫ । ଖଣ୍ଡନଶୀଳ; ମସକା—5. Fragile; breakable.

ଦେ. ବି. (ଫା. ବାରୁଦ)—

୧ । ବାରୁଦ—1 Gun powder.

କାଣ୍ଡ ଗୁଳା ଦାରୁ ଗୁଳ, ଗୁହଳ ଭରି କଦଳୀ
ଧମାଶ୍ଚ ଲୁଣ ଅବ ଅଗ ସେ ହବହୂପାଳଠାକୁ ଦେଲେ ଶୁଭ ।
ବ୍ରଜନାଥ. ସମରତରଙ୍ଗ ।

୨ । (ସଂ. ଦାରୁ; ଶୁଭବାଚକ)—
ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣରେ ବ୍ୟବହୃତ ନିମ୍ବ କାଠ—
2. (euphemism) The wood of the Neem tree used in making the wooden idol of the Deity Jagannātha.

ବୈଦେ. ବି. (ଫା)—୧ । ମଦ—1. Wine; spirits; spirituous liquor.

मद
अमिକୁ ଦାରୁ ପିଅ ପଇଷ୍ଣା ନିଜ ଯାଇ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

दारू
ଓସୁଧ ୨ । ଔଷଧ; ଦବାଇ—2. Medicine.

दारू ପ୍ରାଦେ. (ମେଦନୀପୁର) ବି—ନିମ୍ବ ଗଛ—
The Neem tree.

ଦାରୁକ—ସଂ. ବି. (ଦୃ ଧାତୁ ଣିଚ ଦାର ଧାତୁ=ବିଦୀର୍ଣ୍ଣ କରିବା+
Dāruka କର୍ତ୍ତୃ. ଣକ)—୧ । (ନାମ) ଶ୍ରୀକୃଷ୍ଣଙ୍କ ସାରଥି—
1. Name of the charioteer of Śrīkṛushṇa.

ଦାରୁକ ନନ୍ଦଘୋଷ ରଥେ
ଅଶ୍ୱ ଚଉଡ଼ୀ ଘେନି ହସ୍ତେ । ଜଗନ୍ନାଥ. ଭାଗବତ ।

[ଦ୍ର—ଏ ବିଶେଷ କୃଷ୍ଣଭକ୍ତ ଥିଲେ । ସୁଭଦ୍ରାହରଣ ସମୟରେ ଏ ଅର୍ଜୁନଙ୍କୁ କହିଲେ 'ମୁଁ ଯାଦବଙ୍କ ବିରୋଧରେ ରଥ ଚଳାଇ ପାରିବି ନାହିଁ, ଆପଣ ମୋତେ ବାନ୍ଧି ରଖନ୍ତୁ ଓ ଏହି ରଥରେ ସୁଭଦ୍ରାଙ୍କୁ ନେଇ ଯାଆନ୍ତୁ ।' ଶ୍ରୀକୃଷ୍ଣଙ୍କ ଦେହାନ୍ତର ସମାଚାର ଏ ପ୍ରଥମେ ଅର୍ଜୁନଙ୍କୁ ଦେଇଥିଲେ ।]

୨ । (ଦାରୁ+ସ୍ୱାର୍ଥେ.କ)—ଦେବଦାରୁ ଗଛ—
2. The cedar tree; the pine tree.

୩ । କାଠ—3. Wood.

ଦାରୁ କଦଳୀ—ସଂ. ବି—୧ । ଜଙ୍ଗଲି କଦଳୀ—
Dāru kadaḷī 1. Wild banana.

୨ । କାଠିଆ କଦଳୀ—2. An inferior and hard variety of banana.

ଦାରୁକା—ସଂ. ବି. ସ୍ତ୍ରୀ. (ଦାରୁ+କ+ସ୍ତ୍ରୀ ଆ)—୧ । କାଠର ପିତୁଳୀ;
Dārukā କାଠ କଣ୍ଢେଇ—1. Wooden doll.

୨ । ପବିତ୍ର ବନବିଶେଷ; ହିନ୍ଦୁମାନଙ୍କର ତୀର୍ଥବିଶେଷ (ହି. ଶବ୍ଦସାଗର)—2. Name of a sacred forest.

ଦାରୁ ଖୁନ୍ଦା ନଳୀ—ଦେ. ବି—ଯେଉଁ ବନ୍ଧୁକର ମୁହଁ ବାଟେ ବାରୁଦ
Dāru khundā naḷī ଖୁନ୍ଦାଯାଏ—Muzzle-loader (gun).

ଦାରୁ ଗଣ୍ଠି—ଦେ. ବି—୧ । ଘରର ଦୁଇଟି ଶ୍ରେଣୀର ଯୋଡ଼ ମୁହଁ—
Dāru gaṇṭhi 1. The joint between two plates in a thatched house.

୨ । ବାରୁଦ ଗଣ୍ଠି; ବାଣର ଗର୍ତ୍ତରେ ଭାଗମାପ ଅନୁଯାୟୀ ଖୁନ୍ଦା ଯାଇଥିବା ବାରୁଦର ପରିମାଣ—2. A given quantity of gunpowder which is pushed inside the hole of a firework.

ଦାରୁଗନ୍ଧା—ସଂ. ବି—ଗନ୍ଧବିରଜା (ହି. ଶବ୍ଦସାଗର)—
Dārugandhā Galbanum.

ଦାରୁଗର୍ଭା—ସଂ. ବି. ସ୍ତ୍ରୀ. (ଦାରୁ+ଗର୍ଭ+ସ୍ତ୍ରୀ ଆ; ଦାରୁ ଅଟେ ଗର୍ଭ ଅର୍ଥାତ
Dārugarbhā ଉତ୍ପତ୍ତି ସ୍ଥାନ ଯାହାର)—କାଠ କଣ୍ଢେଇ—
Wooden doll.

ଦାରୁଚିନି—ଦେ. ବି. (ସଂ. ଦାରୁ+ଫା. ଚୀନ; ଏହାର କାଠ ଚୀନ ପରି
Dāruchini ମିଠା ଥିବାରୁ)—ଡାଲଚିନି; ଗୁଡ଼ତ୍ୱକ୍—
(ଦାରୁଚେନି, ଦାରୁଚିଣି—ଅନ୍ୟରୂପ) Cinnamon.

দারুচিনি दालचिनि, दारचीनि

ଦାରୁଜ—ସଂ. ବିଣ. (ଦାରୁ+ଜନ୍ ଧାତୁ+କର୍ତ୍ତୃ. ଅ)—
Dāruja ୧ । କାଷ୍ଠନିର୍ମିତ—1. Made of wood.

୨ । କାଷ୍ଠରୁ ଉତ୍ପନ୍ନ—2. Born of or produced from wood.

ବି—ପଖୋଜ; ପଖଉଜ; ମାଦଳ; ମର୍ଦ୍ଦଳ—
A kind of musical drum made of a hollow cylindar of wood, the two ends of which are covered with leather.

ଦାରୁଣ—ସଂ. ବିଣ. (ଦୃ ଧାତୁ, ଣିଚ୍ ଦାର ଧାତୁ+କର୍ତ୍ତୃ. ଉନ୍)—
Dāruṇa ୧ । ଭୟଙ୍କର; ଅତି ଭୟାନକ; ଭୀଷଣ—
(ଦାରୁଣା—ସ୍ତ୍ରୀ) 1. Awful; dreadful; horrible; frightful; awesome.

୨ । ଅତ୍ୟଧିକ; ଉତ୍କଟ; କଠୋର; ଅତ୍ୟନ୍ତ; ତୀକ୍ଷ୍ଣ; ତୀବ୍ର—
2. Intense; violent; severe; sharp.

୩ । ନୃଶଂସ; କ୍ରୂର; ନିଷ୍ଠୁର—
3. Cruel; relentless; harsh.

୪ । ନିର୍ଦ୍ଦୟ—4. Heartless; unkind.

୫ । କଠିନ—5. Hard.

୬ । କର୍କଶ—6. Harsh; rough.

୭ । କଷ୍ଟପ୍ରଦ—7. Painful; troublesome.

୮ । ମର୍ମଭେଦୀ; ମର୍ମଚ୍ଛେଦ; ଦୁଃସହ—
8. Insufferable; unbearable; intolerable.

୯ । ଦୁଃଖସାଧ୍ୟ —9. Difficult.
୧୦ । ବିଦାରକ—10. Splitting; tearing; rending.
ସଂ. ବି—୧ । ଚିତକ ବା ଧଳାଚିତା ଗଛ—
1. The Leadwort plant.
୨ । ମୁରାସୁରର ସାନଭାଇ (ନୃସିଂହ ପୁରାଣୋକ୍ତ)—
2. The brother of the demon Murā.
୩ । କ୍ରୂରତା—3. Cruelty.
୪ । କଠୋରତା —4. Harshness ; severity.
୫ । ସାହିତ୍ୟରେ ଭୟାନକରସ; ରୌଦ୍ରରସ—
5. The sentiment of horror in literature.
୬ । ରୌଦ୍ର ନାମକ ନକ୍ଷତ୍ର (ହି. ଶବ୍ଦସାଗର)—
6. Name of a star.
୭ । ବିଷ୍ଣୁ (ହି. ଶବ୍ଦସାଗର) —7. Bishṇu.
୮ । ଶିବ (ହି. ଶବ୍ଦସାଗର) —8. Śiba.
୯ । ରାକ୍ଷସ (ହି. ଶବ୍ଦସାଗର) —9. Demon.
୧୦ । ନରକ ବିଶେଷ (ହି. ଶବ୍ଦସାଗର)—
10. Name of a hell according to the Hindu mythology.

ଦାରୁଣକ—ସଂ. ବି. (ଦୃ ଧାତୁ=ବିଦୀର୍ଣ୍ଣ ହେବା+କର୍ତ୍ତୃ. ଉଣ+କ)—
Dāruṇaka ରୂପୀ ରୋଗ; ମୁଣ୍ଡର ବାଳତଳର ଚମ ଶୁଖିଲା ଓ ଧଳା ହୋଇ ଝଡ଼ି ପଡ଼ିବା ରୋଗ (ହି. ଶବ୍ଦସାଗର)—
Dandruff.

ଦାରୁଣତା—ସଂ.ବି.(ଦାରୁଣ+ଭାବେ. ତା)—ଦାରୁଣଭାବ;କଠୋରତା—
Dāruṇatā Harshness; cruelty.
(ଦାରୁଣତ୍ୱ—ଅନ୍ୟରୂପ)

ଦାରୁଣା—ସଂ. ବି. ସ୍ତ୍ରୀ. (ଦାରୁଣ+ଆ)—୧ । ବୈଶାଖ ଶୁକ୍ଳ ତୃତୀୟା; ଅକ୍ଷୟ ତୃତୀୟା—1. The third day of the bright fortnight of the month of Baiśākha.
Dāruṇā
[ଦ୍ର—ଏହା ଚନ୍ଦନଯାତ୍ରାର ପ୍ରଥମ ଦିନ ।]
୨ । ଦେବୀବିଶେଷ; ନର୍ମଦା ଖଣ୍ଡର ଅଧିଷ୍ଠାତ୍ରୀ ଦେବୀ—
2. Name of a Goddess.
ସଂ. ବିଣ. ସ୍ତ୍ରୀ—ଦାରୁଣର ସ୍ତ୍ରୀଲିଙ୍ଗ—
Feminine of Dāruṇa.
ଗ୍ରା. ବିଣ. (ସଂ. ଦାରୁଣ)—ଦାରୁଣ; କ୍ରୂର; ନିଷ୍ଠୁର—Cruel.
(ଯଥା—ସେ ଲୋକଟା ଦାରୁଣାଟାଏ ।)

ଦାରୁଣାରି—ସଂ. ବି. (୬ଷ୍ଠୀ ତତ୍; ଦାରୁଣ=ରାକ୍ଷସ, ଜମ୍ଭ ମୁରାସୁରର ଭାଇ+ଅରି)—ବିଷ୍ଣୁ (ହି. ଶବ୍ଦସାଗର) —Bishṇu.
Dāruṇāri

ଦାରୁଣ୍ୟ—ସଂ. ବି. (ଦାରୁଣ+ଭାବେ. ଯ)—ଦାରୁଣଭାବ; କଠୋରତା—
Dāruṇya Harshness; cruelty.

ଦାରୁ ଦହନ—ସଂ. ବି. (୬ଷ୍ଠୀ ତତ୍; ଦାରୁ+ଦହନ)—ଦାବାନଳ
Dāru dahana (କ୍ଷୀରେନ୍ଦ୍ର)—Forest conflagration.

ଦାରୁ ନିଶା—ସଂ. ବି.—ଦାରୁହଳଦୀ (ଦେଖ)
Dāru niśā Dāru haḷadī (See).
(ଦାରୁପୀତା—ଅନ୍ୟରୂପ)

ଦାରୁପତ୍ରୀ—ସଂ. ବି.—ହିଙ୍ଗୁପତ୍ରୀ (ଦେଖ)
Dāru patrī Hiṅgupatrī (See)

ଦାରୁ ପାତ୍ର—ସଂ. ବି. (୬ଷ୍ଠୀ ତତ୍; ଦାରୁପାତ୍ର)—କାଷ୍ଠପାତ୍ର; କାଠର ପାତ୍ର-
Dāru pātra A pot or utensil of wood.

ଦାରୁ ପୁତ୍ରିକା—ସଂ. ବି. ସ୍ତ୍ରୀ (ଦାରୁ+ପୁତ୍ର+କ+ସ୍ତ୍ରୀ ଆ)—
Dāru putrikā ୧ । କାଠ ପିତୁଳା; କାଷ୍ଠର ପୁତ୍ତଳୀ—
ଦାରୁକନ୍ୟା, ଦାରୁନାରୀ, ଦାରୁଯୋଷିତ, ଦାରୁପୁତ୍ରୀ, ଦାରୁବଧୂ } ଅନ୍ୟରୂପ
1. Wooden image
୨ । କାଠ କଣ୍ଢେଇ—
2. Wooden doll.

ଦାରୁ ଫଳ—ସଂ. ବି. (ଦାରୁ ପରି କଠିନ ଫଳ)—ପିସ୍ତା—
Dāru phaḷa Pistachio.

ଦାରୁ ବ୍ରହ୍ମ—ଦେ. ବି. (ଦାରୁ ବା କାଠରେ ନିର୍ମିତ ଓ ବ୍ରହ୍ମ ସ୍ୱରୂପ)—
Dāru brahma ପୁରୀରେ ବିରାଜିତ ଜଗନ୍ନାଥ ମହାପ୍ରଭୁ—
दारुब्रह्म The wooden idol of Lord Jagannātha, of Puri.
दारुब्रह्म
(ଦାରୁମୂର୍ତ୍ତି, ଦାରୁରୂପ—ଅନ୍ୟରୂପ)

ଦାରୁବ୍ରହ୍ମା—ସଂ. ବି.—(ଦାରୁ ଜଗନ୍ନାଥ ମୂର୍ତ୍ତି+ବ୍ରହ୍ମନ୍=ସ୍ରଷ୍ଟା)—
Dārubrahmā ବିଶ୍ୱକର୍ମା (କ୍ଷୀରେନ୍ଦ୍ର)—The heavenly architect of the Hindus.

ଦାରୁଭୂତ—ସଂ. ବିଣ. (ଦାରୁ+ଭୂତ=ପରିଣତ ବା ସ୍ୱରୂପ)—
Dārubhūta ୧ । କାଠ ପାଲଟି ଯାଇଥିବା—
1. Turned into wood
୨ । ସ୍ତମ୍ଭୀଭୂତ; କାଠପରି ନିଶ୍ଚଳ—
2. Skill and motionless.
୩ । ଅବାକ୍—3. Rendered speechless.

ଦାରୁଭୂତ ମୁରାରି—ଦେ. ବିଣ. (ସଂ. ଦାରୁଭୂତୋ ମୁରାରି=ବିଷ୍ଣୁ ଦାରୁ
Dārubhūta murāri ଭୂତ ହୋଇ ଅଛନ୍ତି, ଅର୍ଥାତ୍ ଜଗନ୍ନାଥଙ୍କ
(ଦାରୁଭୂତୋ ମୁରାରି—ଅନ୍ୟରୂପ) ମୂର୍ତ୍ତିରୂପେ କାଠ ପାଲଟି ଯାଇ ଅଛନ୍ତି)—୨ । କିଂକର୍ତ୍ତବ୍ୟବିମୂଢ଼—
1. Dumfounded; astonished.
୨ । କାଠରେ ପରିଣତ—2. Turned to wood.
[ଦ୍ର—ଏହା ନିମ୍ନଲିଖିତ ଶ୍ଳୋକର ଶେଷ ଧାଡ଼ିର ଶେଷ ଚରଣର ଶେଷ ଶବ୍ଦ ଦ୍ୱୟ :—ଏକା ଭାର୍ଯ୍ୟା ପ୍ରକୃତିମୁଖରା ଚଞ୍ଚଳା ଚ ଦ୍ୱିତୀୟା; ପୁତ୍ରୋପ୍ୟେକୋ ଭୁବନବିଜୟୀ ମନ୍ମଥୋ ଦୁର୍ନିବାରଃ; ଶେଷଃ ଶଯ୍ୟା ଶୟନ ମୁଦଧୌ ବାହନଂ ପନ୍ନଗାରିଃ; ସ୍ମାରଂ ସ୍ମାରଂ ସ୍ୱଗୃହଚରିତଂ ଦାରୁଭୂତୋ ମୁରାରି ।]

ଦାରୁମୟ—ସଂ. ବିଣ. (ଦାରୁ+ବିକାରାର୍ଥେ. ମୟ)—କାଷ୍ଠମୟ; କାଷ୍ଠ
Dārumaya ନିର୍ମିତ—Made of wood, wooden.
(ଦାରୁମୟୀ—ସ୍ତ୍ରୀ)

ଦାରୁମୁଷି—ଦେ. ବି. (ସଂ. ଦାରୁବିଷ; ଦାରୁମୁଚ; ଦାରୁମୂଷା; ହି. ଶବ୍ଦ
Dārumushi ସାଗର)—ମିଠା ବିଷ; କାଠ ବିଷ; ଏକ ପ୍ରକାର
ସଂ. ବିଷା; ଅତିବିଷା; ଦାରୁମୁଚ, ଦାରୁବିଷ ସ୍ଥାବର ବିଷ; ମଣ୍ଡୁର୍ସ୍ତ—
ଦାରୁମୂଷା; ଶୃଙ୍ଗୀ; ଅଙ୍ଗବିଷ, ଗରଳବିଷ Aconite; Aconitum
ଲେ. ଫେଣ୍ଟ ପାଷାଣମ୍ Hellebore; a kind of

ଅତିଷ, କାଠବିଷ, ମିଠାବିଷ vegetable poison used in
सानुलक्षार, आतईस medicine.
[ଦ୍ର—ଏହା ହିମାଳୟ ପ୍ରଦେଶର ଉଦ୍ଭିଦବିଶେଷ; ଏହାର ଖଲ ବିଷାକ୍ତ । ଏହା ଔଷଧରେ ବ୍ୟବହୃତ ହୁଏ ।]
ଅତିବିଷା (ଦେଖ) Atibishā (See).

ଦାରୁ ଯନ୍ତ୍ର—ସ. ବି. (ଦାରୁ+ଯନ୍ତ୍ର; ମ. ପ. ଲୋ. କର୍ମଧା.)—
Dāru jantra ୧ । ଯନ୍ତ୍ରଚାଳିତ କାଷ୍ଠପୁତ୍ତଳ—1. Wooden doll or puppet moved by mechanism.
୨ । କାଷ୍ଠ ନିର୍ମିତ ଯନ୍ତ୍ର—2. Wooden machine.

ଦାରୁ ସାର—ସ. ବି.—୧ । (ଦାରୁ=ମଧ୍ୟରେ ସାର=ଶ୍ରେଷ୍ଠ, ୭ମୀ
Dāru sāra ତତ୍)—ଚନ୍ଦନ—1. The sandal wood.
୨ । (ଦାରୁର ସାର=ସାରାଂଶ; ୬ଷ୍ଠୀ ତତ୍)—କାଠର ମଞ୍ଜ—2. The marrow or the best and hardest part of some timber-tree lying deep below the bark; heart-wood.

ଦାରୁ ସିତା—ସ. ବ—ଦାରୁଚିନି; ଡାଲଚିନି—
Dāru sitā Cinnamon bark.

ଦାରୁ ହରିଦ୍ରା—ସ. ବ—ଦାରୁ ହଳଦୀ (ଦେଖ)
Dāru haridrā Dāru haladi (See)

ଦାରୁ ହଳଦୀ—ଦେ. ବ. (ସ. ଦାରୁହରିଦ୍ରା)—
Dāru haḷadi ପାର୍ବତ୍ୟ କଣ୍ଟକୀ କ୍ଷୁପବିଶେଷ—
ସ. ଦାର୍ବୀ, ପୀତଦାରୁ, କ୍ଳିତକ୍ଷୀଷ୍ମା, Indian Berbery;
ଦାରୁହରିଦ୍ରା, କଟଙ୍କଟେରୀ, Berberis Aristata,
ସ୍ୱର୍ଣ୍ଣବର୍ଣ୍ଣ, କପୀତକ, ପୀତଦ୍ରୁ, Coscinium Fenestratum.
କାଲୀ(ଲେ)ୟକ, ପର୍ଜନ୍ୟ, ପର୍ଜନ୍ୟା, [ଦ୍ର—ଏହା ପାର୍ବତ୍ୟ ନାତିଦୀର୍ଘ
କାଷ୍ଠା, ମର୍ମରୀ, ପୀତିକା, କାମିନୀ, ବୃକ୍ଷ; ହିମାଳୟର ପୂର୍ବ ଭାଗ,
ପର୍ଜନ୍ୟା, ପୀତା, ଦାରୁନିଶା, ଆସାମ, ପୂର୍ବବଙ୍ଗ, ଟେନାସେରିମ୍,
କାମବଲୀ, ହେମକାନ୍ତି, ଦାରୁଦ୍ରୁ, ନୀଲଗିରି, ସିମଲା ଓ ଲଙ୍କାର
दारुहलुद ନାତି ଶୀତୋଷ୍ଣ ସ୍ଥାନରେ ଜନ୍ମେ ।
दारुहल्दी, रसकित, कशमल ଏହା କଣ୍ଟକୀ; ଏହା ପତ୍ରହୀନ
ତେ. ମନିପସ୍ପୁ ହୁଏ ନାହିଁ । ଏହାର ଖଲ ପତଳା
ତା. ମରମଞ୍ଜିଲ ପାଣ୍ଡୁର ଓ କର୍କ ପରି ଛିଦ୍ରଯୁକ୍ତ ।
ଫା. ଦାରଶୋବ୍ ଏହାର ଖଲ ତଳର ଭାଗମାନ
ଗୁ. ଦାରୁହଳଦର ହଳଦିଆ; ଡାଳ ଉଜ୍ଜ୍ୱଳ ଓ ଧୂସର ଲୋହିତିଆ; ଫୁଲ ତୋଫା ହଳଦିଆ ମିଶା ନାଲି ଓ ସଫେଦ୍ । ଫୁଲ ପତ୍ର ଅପେକ୍ଷା ବଡ଼ । ଫୁଲ ପେନ୍ଥା ପେନ୍ଥା ହୋଇ ଫୁଟେ । ପତ୍ର ୨।୩ ଇଞ୍ଚ ଲମ୍ବ । ଫଳମାନ ନୀଳାଭ ଓ ସୁଗ୍ରାହ୍ୟ । ଏଥିର ମୂଳର ଖଲରୁ ଅତି ଉତ୍କୃଷ୍ଟ ହଳଦିଆ ରଙ୍ଗ ବାହାରେ । ଏହି ମୂଳର କ୍ୱାଥ ଜ୍ୱର, ଅର୍ଶ, ଉଦ୍ବେଗ, ଚର୍ମରୋଗ, ବ୍ରଣ, କଣ୍ଡୁ, ପାଣ୍ଡୁ, ଶୋଥ, ହୃଦଯନ୍ତ୍ରମୟ ଇତ୍ୟାଦିରେ ଉପକାରୀ । ଏହା ତିନ ପ୍ରକାର—Berberis Aristata, Berberis Lycium, Berberis Asiatica].

ଦାରୁ ହସ୍ତକ—ସ. ବ (୬ଷ୍ଠୀ ତତ୍)—୧ । କାଠର ଅଣକ—
Dāru hastaka 1. A wooden spoon or ladle.
୨ । କାଠର ବେଣ୍ଟ—2. A wooden handle.

ଦାରୋଗା—ବୈଦେ. ବ. (ଫା. ଦାରୋଗା)—
Dāroga ୧ । ତତ୍ତ୍ୱାବଧାରକ; ତତ୍ତ୍ୱାବଧାରକ କର୍ମଚାରୀ; କାମ
दारोग ଚଳାଇବା କର୍ମଚାରୀ; ସୁପରଭାଇଜର—
दारोगा 1 A superintendent; a supervising
(ଦାରଗା; ଦାରୁଗା—ଅନ୍ୟରୂପ) officer; an overseer.
(ଯଥା—ଟିକସ ଦାରୋଗା; ଜମିଦ ବା ସଲ୍ଟ ଦାରୋଗା ।)
୨ । ପୁଲିସ୍ ମୁନସୀ ବା ସବଇନ୍ସପେକ୍ଟରମାନଙ୍କ ଉପରସ୍ଥ କର୍ମଚାରୀ; ପୁଲିସ୍ ଇନ୍ସପେକ୍ଟର—
2. Police inspector
୩ । ପୁଲିସ ଥାନାର ଭାରପ୍ରାପ୍ତ ଉଚ୍ଚ କର୍ମଚାରୀ—
3. A police officer in charge of police station.

ଦାରୋଗା ଗିରି—ବୈଦେ.ବ. (ଫା)—ଦାରୋଗାଙ୍କ ପଦ ବା କର୍ମ—
Dārogā giri The post or service of a Dārogā;
दारोगागिरि दारोगाई inspectorship.
(ଦାରୋଗାଇ, ଦାରୋଗେଇ—ଅନ୍ୟରୂପ)

ଦାରୋଗା ସାହେବ—ଦେ. ସମ୍ବୋଧନ (ସମ୍ବୋଧନରେ ଦାରୋଗାଙ୍କ
Dārogā sāheba ପ୍ରତି ମାନ୍ୟାର୍ଥରେ ବ୍ୟବହୃତ)—ଦାରୋଗା
दारोगा साहेब ମହାଶୟ !—Like the use of Mr. Inspector (in addressing a Dārogā).

ଦାର୍ଜିଲିଙ୍ଗ୍—ଦେ. ବ. (ସ୍ଥାନର ନାମ) (ଏହି ସ୍ଥାନରେ ଥିବା ଦୁର୍ଜ୍ଜୟ
Darjiling ଲିଙ୍ଗ ନାମକ ମହାଦେବଙ୍କ ନାମରୁ)—ହିମାଳୟର ଅଧିତ୍ୟକାରେ ଥିବା ଜିଲ୍ଲା ଓ ତନ୍ନାମକ ନଗର (ଏ ନଗରରେ ବଙ୍ଗ ଲାଟଙ୍କ ଗ୍ରୀଷ୍ମବାସ ଅଛି)—
Darjeeling (district and town) at the foot of the Himalayas, containing the summer residence of the Governor of Bengal.

ଦାର୍ଢ୍ୟ—ସ. ବ. (ଦୃଢ଼+ସ୍ୱାର୍ଥେ ଯ)—୧ । ସ୍ଥୈର୍ଯ୍ୟ; ଦୃଢ଼ତା—
Darrḍhya 1, Firmness.
୨ । କାଠିନ୍ୟ; କଠିନତା—2. Hardness.
୩ । ଟାଣ; ଗଣ୍ଠି; ଢ଼ିଲା ନ ଥିବା—3. Tightness.
୪ । ଅଧ୍ୟବସାୟଯୁକ୍ତ—4. Persevering.

ଦାର୍ଢ୍ୟତା—ଦେ. ବ. (ପ୍ରାଚୀନ ପଦ୍ୟ) (ସ. ଦାର୍ଢ୍ୟ)—ଦୃଢ଼ତା
Darrḍhyatā ଅଟଳତା; ଅଧ୍ୟବସାୟ—Perseverance; firmness; unflinching devotion.

ଦାର୍ଢ୍ୟ—ସ. ବ. (ଦୃଢ଼+ସ୍ୱାର୍ଥେ ଷ୍ୟ)—୧ । ସ୍ଥିରତା—
Dārdhya 1. Firmness.
୨ । କଠିନତା—2. Hardness.

ଦାର୍ଢ୍ୟତା ଭକ୍ତି—ଦେ. ବ. (ସ. ଦାର୍ଢ୍ୟ ସ୍ଥଳରେ ଅଶୁଦ୍ଧ ଦାର୍ଢ୍ୟତା+
Darrḍhyatā bhakti ଭକ୍ତି)—ରାମଦାସଙ୍କ କୃତ କେତେକ ଦୃଢ଼ ଭକ୍ତଙ୍କ କାହାଣୀ ସମ୍ବଳିତ ଓଡ଼ିଆ ପଦ୍ୟ ଗ୍ରନ୍ଥ; ଦାର୍ଢ୍ୟତା ଭକ୍ତି (ଦେଖ)—Name of an Oriya poem containing the stories of some devotees; Dārḍhyatā bhakti (See).

ଦାର୍ତ୍ତେୟ—ସ. ବିଣ—ଚମଡ଼ା ନିର୍ମିତ (ଗାଙ୍ଗୁଲି)—
Dārtteya Leathern; made of leather (Ganguly).

ଦାର୍ଦ୍ଦୁର—ସ. ବିଣ. (ଦର୍ଦ୍ଦୁର+ସମ୍ବନ୍ଧାର୍ଥେ. ଅ)—ଦର୍ଦ୍ଦୁର ବା ବେଙ୍ଗ
Dārddura ସମ୍ବନ୍ଧୀୟ—Relating to frogs.
ସ. ବି—୧ । ଏକପ୍ରକାର ଦକ୍ଷିଣାବର୍ତ୍ତ ଶଙ୍ଖ—
1. A kind of conch with its spiral
(ଦାର୍ଦ୍ଦୁର—ଅନ୍ୟରୂପ) diverging to the right hand side.
୨ । ଲାକ୍ଷା; ଲାଖ—2. Shell lac.
୩ । ଜଳ—3. Water.

ଦାର୍ଦ୍ଦୁ(ର୍ଦ୍ଦୁ)ରିକ—ସ.ବି. (ଦାର୍ଦ୍ଦୁର+ଇକ)—କୁମ୍ଭାର (ବୃ. ଶବ୍ଦସାଗର)—
Dārdu(rddu)rika A potter.

ଦାର୍ବ—ସ. ବିଣ (ଦାରୁ+ବିକାରାର୍ଥେ. ଅ)—ଦାରୁନିର୍ମିତ; କାଷ୍ଠମୟ—
Dārba Wooden.
ସ. ବି—କାଶ୍ମୀରର ଅନ୍ତର୍ଗତ ପ୍ରାଚୀନ ପ୍ରଦେଶବିଶେଷ (ବୃ. ଶବ୍ଦସାଗର)—Name of a province of
ancient India in Kashmere.

ଦାର୍ବଟ—ସ. ବି. (ଦାରୁ=କାଷ୍ଠ+ଅଟ୍ ଧାତୁ=ଗମନ କରିବା+
Dārbaṭa ଅଧିକରଣ ଅ, କିମ୍ବା ଦର୍ବଟ=ଦ୍ୱାରପାଳ+ଅ;
(ଦାର୍ବାଟ—ଅନ୍ୟରୂପ) ଦ୍ୱାରପାଳଦ୍ୱାରା ରକ୍ଷିତ)—
୧ । ମନ୍ତ୍ରଣା କରିବାର ଗୃହ—A house of deliberation;
council chamber (guarded by sentries).
[ଦ୍ର—ଅଗ୍ନିଙ୍କ ଅପ୍ରେଙ୍କ ମତରେ ଏ ଶବ୍ଦ ପାରସି ଭାଷାରୁ ଆଗତ; ବୃ. ଶବ୍ଦସାଗର ମତରେ ଦାର୍ବାଟ ଶବ୍ଦ ଫା. ଦର୍‌ବାର୍ ଶବ୍ଦରୁ ଆଗତ ।]
୨ । ଚନ୍ଦ୍ରାଗୃହ (ପ୍ରକୃତିବାଦ)—2. A room where
a person retires to think out some
matter undisturbed; retiring room.

ଦାର୍ବଣ୍ଡ—ସ ବି. (ବହୁବ୍ରୀହି; ଦାରୁ=କାଠ ପରି ଝାଣ୍ଡଅ ଅଣ୍ଡ ଯାହାର)—
Dārbaṇḍa ମୟୂର—Peacock.
(ଦାର୍ବଣ୍ଡୀ—ସ୍ତ୍ରୀ)

ଦାର୍ବାଘାଟ—ସ. ବି. (ଦାରୁ=କାଠ+ଅ+ହନ୍ ଧାତୁ=ଆଘାତ
Dārbāghāṭa କରିବା+କର୍ତ୍ତୃ ଅ)—କାଠହଣା ପକ୍ଷୀ—
(ଦାର୍ବାଘାତ—ଅନ୍ୟରୂପ) The wood-pecker (bird).

ଦାର୍ବୀ - ସ. ବି. ସ୍ତ୍ରୀ. (ଦୃ ଧାତୁ=ବିଦାର୍ଣ୍ଣ ହେବା+କର୍ତ୍ତୃ. ଅ+ସ୍ତ୍ରୀ ଈ)—
Dārbi ୧ । ଦାରୁହରିଦ୍ରା—1. Berberis Aristata.
୨ । ଦେବଦାରୁ ଗଛ—
2. The Deodar or cedar (tree).
୩ । ଗୋଜିହ୍ୱା (ଗୁଳ୍ମ)—3. A wild plant.
୪ । ହରିଦ୍ରା; ହଳଦୀ—4 Turmeric.

ଦାର୍ଭ—ସ. ବିଣ. (ଦର୍ଭ+ବିକାରାର୍ଥେ. ଅ)—ଦର୍ଭ ବା କୁଶ ନିର୍ମିତ—
Dārbha Made of Dārbha or Kusa grass.

ଦାର୍ଶନିକ—ସ. ବିଣ. (ଦର୍ଶନ=ଶାସ୍ତ୍ର+ସମ୍ବନ୍ଧ ଓ ଜ୍ଞାନ ଅର୍ଥରେ. ଇକ)—
Dārśanika ୧ । ଦର୍ଶନ ଶାସ୍ତ୍ର ସମ୍ବନ୍ଧୀୟ—
1. Philosophical; metaphysical.
୨ । ଦର୍ଶନଶାସ୍ତ୍ରଜ୍ଞ; ଦର୍ଶନଶାସ୍ତ୍ରବେତ୍ତା—
2. Versed in philosophy.
ସ. ବି—ଦାର୍ଶନିକ ପଣ୍ଡିତ—
A metaphysician; philosopher.

ଦାର୍ଷଦ—ସ. ବିଣ. (ଦୃଷଦ=ପ୍ରସ୍ତର+ବିକାରାର୍ଥେ. ଅ)—
Dārshada ୧ । ପଥର ନିର୍ମିତ—1. Made of stone.
୨ । ପଥରରେ ଘୋରି ହୋଇଥିବା—
2. Ground on stone (as by the mills).
୩ । ପଥର ସମ୍ବନ୍ଧୀୟ—3. Relating to stone.
୪ । ପ୍ରସ୍ତରମୟ; ପ୍ରସ୍ତରବହୁଳ; ପଥୁରିଆ—4. Stony.

ଦାର୍ଷ୍ଟାନ୍ତ—ସ. ବିଣ. (ଦୃଷ୍ଟାନ୍ତ+ଅ)—ଦୃଷ୍ଟାନ୍ତଦ୍ୱାରା ବ୍ୟାଖ୍ୟାତ—
Dārshṭānta Explained or illustrated by examples.

ଦାର୍ଷ୍ଟାନ୍ତିକ—ସ. ବିଣ. (ଦୃଷ୍ଟାନ୍ତ+ଯୁକ୍ତାର୍ଥେ. ଇକ)—
Dārshṭāntika ୧ । ଦୃଷ୍ଟାନ୍ତ ସହିତ—1. Illustrative;
explained by examples or illustrations.
୨ । ଦୃଷ୍ଟାନ୍ତ ସମ୍ବନ୍ଧୀୟ—2. Relating to examples.
୩ । ଦୃଷ୍ଟାନ୍ତରୂପେ ବ୍ୟବହୃତ—
3. Examplary; treated as an example.
୪ । ଉପମେୟ—4. Comparable.

ଦାଲ—ସ. ବି—୧ । (ଦଲ+ସ୍ୱାର୍ଥେ. ଅ)—ଡାଳମଧୁ; ଗଛଡାଳରେ
Dāla ମଧୁମାଛିମାନେ ଯେଉଁ ମଧୁ ସଞ୍ଚୟ କରନ୍ତି—
1. A kind of honey (Apte).
୨ । (ଦଲ ଧାତୁ+ଭାବ. ଅ)—ଦଳନ; ଦଳିବା—
2. Crushing.

ଦାଲନ—ସ. ବି—ଦାନ୍ତ ବିନ୍ଧା—
Dālana Tooth-ache (Apte).

ଦାଲବ—ସ. ବି—ଏକପ୍ରକାର ସ୍ଥାବର ବିଷ (ବୃ. ଶବ୍ଦସାଗର)—
Dālaba A kind of vegetable poison.

ଦାଲା—ସ. ବି—ମହାକାଳ ଲତା (ବୃ. ଶବ୍ଦସାଗର) (ଦେଖ)
Dālā Mahākāla creeper (See)

ଦାଲି—ସ. ବି. (ଦଲ+ଅ+ଇ)—୧ । ଡାଲି; ମୁଗ ଆଦିର ଡାଲି—
Dāli 1. Curry of split pease.
୨ । ଦେବଦାଲୀ (ଦେଖ) (ବୃ. ଶବ୍ଦସାଗର)—
2. Debadāli (See)
୩ । ଡାଳିମ୍ବ (ଦେଖ) (ବୃ. ଶବ୍ଦସାଗର)—
3. Pomegranate.

ଦାଲି—ପ୍ରାଦେ. (ସମ୍ବଲପୁର) ବି. (ସ. ଦ୍ୱିଦଲ; ସ. ଦାଲି ଭୁଲ.
Dāli ଏହି ଅର୍ଥରେ ବୃ. ଦାଲ୍)—
୧ । ମୁଗ, ବିରି, ହରଡ଼, ମସୁର ଆଦିର ଛୁଅଣ—
1. Pulse; curry made of split pease.
୨ । ମହୁଲ ମଞ୍ଜିକୁ ଭାଙ୍ଗିଲେ ତାହା ଭିତରୁ ଯେଉଁ ଦୁଇଫାଳିଆ
ଶସ ବାହାରେ—2. The split kernel inside
the Mahwa seed

୩ । ଲଙ୍ଗଳମୁଣ୍ଡା; ଲଙ୍ଗଳ ତିଆର ହେବା ପାଇଁ ଦରହଣା
କାଠମୁଣ୍ଡିଆ—3. Half-done log of wood for making plough.

୪ । ଗୋରୁଙ୍କୁ ଭୁଷୁତ ଆଦି ଖୁଆଇବା ଦମ;—
4. In impervious wicker-work manger.

ଡାଲମ—ସଂ. ବି. (ଦଲ୍ ଧାତୁ = ବିଦାରଣ କରିବା + କର୍ତ୍ତୃ ଇମ)—
Dālima ଡାଡ଼ିମ (ଦେଖ)—Dārḍima (See)
(ଡାଲମୀ—ଅନ୍ୟରୂପ)

ଡାଲମ୍ବ—ଦେ. ବି. (ସଂ. ଡାଲମ)— ଡାଡ଼ିମ (ଦେଖ)
Dālimba Dārḍima (See)

ଡାଲୁ—ପ୍ରାଦେ. (ଯାଜପୁର) ବି—ମର୍କଟ ଦଳପତି; ଗୋଷ୍ଠ ମାଙ୍କଡ଼;
Dālu ବୁଢ଼ା ମାଙ୍କଡ଼—The leading male of a herd of monkeys.

ଡାଲୁଆ—ଦେ. ବି. (ସଂ. ବୋର; ବୋରକ)—ଖରାଦିନେ ପାଣି ବହୁଥିବା
Dālua ଯାଗାରେ ଉତ୍ପାଦନ କରାଯିବା ଏକ ପ୍ରକାର ମୋଟ ଧାନ
ବୋରଧାନ, ବୋରୋଧାନ (ଧାନତଳେ ନୋଟ ଦେଖ)—Spring-
ବୋରୋ rice; marsh rice; summer paddy; paddy grown in marshy places in summer; Dhāna (See)
(ଯଥା—ଏ ଧାନର ପ୍ରକାର ଯଥା—ଗିଥି; କାସୁଣ୍ଡା ।)

ଡାଲୁ କିନା(କି)—ଦେ. କ୍ରି. ବିଣ.—ଦୁଲୁ କିନା; ଲଥୋ କିନା; ଦୁଲ୍ ଶବ୍ଦ
Dālu kinā(ni) ଉତ୍ପାଦନ କରି (ଭୂମିରେ ପଡ଼ିବା)—
(to fall down) With a thud.

ଡାଲ୍ମି—ସଂ. ବି.—ଇନ୍ଦ୍ର (ହି. ଶବ୍ଦସାଗର)—
Dālmi God Indra.

ଦାଶ (ଧାତୁ)—ସଂ —୧ । ବଧ କରିବା—
Dāś (root) 1. To kill.
୨ । ଦାନ କରିବା— 2. To give.

ଦାଶ—ସଂ. ବି. ପୁଂ. (ଦାଶ୍ ଧାତୁ = ବଧ କରିବା, ଦାନ କରିବା +
Dāśa ସଂଜ୍ଞାର୍ଥେ ଅ)—୧ । ଧୀବର; କେଉଟ—
(ଦାଶୀ—ସ୍ତ୍ରୀ) 1. Fisher-man.
[ଦ୍ର—ଦାଶ ବା ନିଷାଦ ପୁରୁଷ ଓ ଅୟୋଗବ ସ୍ତ୍ରୀ ଠାରୁ ଏ ଜାତି ଉତ୍ପନ୍ନ, ଏମାନେ ନୌକା ତିଆର କରନ୍ତି । (ହି. ଶବ୍ଦସାଗର)]
୨ । ଭୃତ୍ୟ—2. Servant.
୩ । (ଦଦ୍ ଧାତୁ = ଦାନ କରିବା + ସଂପ୍ରଦାନ. ଅ) ଦାନପାତ୍ର
3. A receiver of gifts.
ଦେ. ବି.—୧ । ବ୍ରାହ୍ମଣ ଓ ଶୂଦ୍ରଙ୍କ ବଂଶୋପାଧି ବିଶେଷ—
1. A family-title amongst Śūdras and Brāhmaṇas.
[ଏହା ବ୍ରାହ୍ମଣ, କରଣ, ଚଷା, ଗଉଡ଼ ଆଦିଙ୍କ ବଂଶୋପାଧି । ବ୍ରାହ୍ମଣମାନେ ଦାଶ ବୋଲି ଲେଖନ୍ତି ଏବଂ ଶୂଦ୍ରମାନେ ଦାସ ବୋଲି ଲେଖନ୍ତି ।]
(ଦାଶି, ଦାଶୁ—ଅନ୍ୟରୂପ) ୨ । (ଆଦରାର୍ଥକ) ଦାଶରଥି ନାମକ
(ଦାଶିଆ—ଅନାଦରାର୍ଥକ ରୂପ) ବ୍ୟକ୍ତିଙ୍କୁ ଡାକିବା ନାମ—
2. The name by which a person named Dāśarathi is addressed in fondness.

ଦାଶ କାଟି—ପ୍ରାଦେ. (ଗଞ୍ଜାମ) ବି.—ଯମ ତାଳ; କାଠର ଦୁଇଖଣ୍ଡି
Dāśa kāṭhi ଝୁମୁକା ଲଗା ବାଦ୍ୟ ଯନ୍ତ୍ର—A pair of castanets or wooden clappers.
[ଦ୍ର—ଏ ଯୋଡ଼ିକୁ ଏକ ହାତରେ ଧରି ହାତକୁ ମୁଠାଇଲେ ଓ ମେଲା କଲେ ଏହା ବାଜେ ଏବଂ ଏହାର ବାଜିବା ତାଳ ଅନୁସାରେ ଗୀତ ବେଳେ ଯାଉ ଥାଏ । କେହି କେହି ଦୁଇ ହାତରେ ଦୁଇ ଯୋଡ଼ା ଦାଶକାଠି ଧରି ଏକ ସମୟରେ ତାଳ ଦେଇ ଗୀତ ବୋଲନ୍ତି ।]

ଦାଶକାଠିଆ—ପ୍ରାଦେ. (ଗଞ୍ଜାମ) ବି.—ହାତରେ ଦାସକାଠି ବଜାଇ ଗୀତ
Dāśakāṭhia ବୋଲିବା କେତେକ ଜାତିର ଲୋକ—A class of people who earn their bread by playing music on the Dāśakāṭhi.
[ଦ୍ର—ଦାଶକାଠି ବଜାଇ ଦାଶକାଠିଆମାନେ ସଙ୍ଗୀତ, ଝୁଲ, ଚଉପଦୀ, ଚଉତିଶା, ଛାନ୍ଦ, ଆଦି ସବୁ ପ୍ରକାର ଗୀତ ବୋଲନ୍ତି । ସାଧାରଣତଃ ବଣୁଆ ବ୍ରାହ୍ମଣମାନେ ଦାଶକାଠି ବଜାନ୍ତି । ଅନ୍ୟାନ୍ୟ ଜାତିର ଲୋକଙ୍କୁ ମଧ୍ୟ ଦାସକାଠି ବଜାଇବା ଦେଖାଯାଏ ।]

ଦାଶନୀ—ସଂ. ବିଣ. (ଦଶନ + ସମ୍ବନ୍ଧାର୍ଥେ. ଅ + ସ୍ତ୍ରୀ. ଈ)—ଦଶନ
Dāśani ସମ୍ବନ୍ଧୀୟ; ଦନ୍ତ ସମ୍ବନ୍ଧୀୟ—
(ଦାଶନୀ—ସ୍ତ୍ରୀ) Pertaining to the teeth.

ଦାଶନି-ନୀତି—ସଂ. ବି.—(ଦାନ୍ତ ଯେଉଁପରି କଅଁଳ ପଦାର୍ଥକୁ
Dāśani-niti ଦଳେ ଓ ଜିଭକୁ ଦାବିବାକୁ ଚେଷ୍ଟା କରେ ସେହିପରି)—ସର୍ବଦା ଦୁର୍ବଳର ଅପକାର କରିବା ଉଦ୍ୟମ ବା ଧର୍ମ—Malevolence.
- ପ୍ରବଳେ ସ୍ୱଦଶ-ନୀତି ଆଚରଣ, ଦାଶନି-ନୀତି ଦୁର୍ବଳେ ।
ଜଗନ୍ନାଥ. ପାଟଗି ।

ଦାଶ ପୁର—ସଂ. ବି. (୬ଷ୍ଠୀ ତତ୍; ଦାଶ + ପୁର)—କେଉଟ ସାହି—
Dāśa pura 1. A village of fishermen or boatmen.
୨ । କେଉଟିଆ ମୁଥା—
2. A large variety of bulbuous-rooted grass.

ଦାଶରଥ—ସଂ. ତ. ପୁଂ.—(ଦଶରଥ + ଅପତ୍ୟାର୍ଥେ. ଅ)—ଅଯୋଧ୍ୟାର
Dāśaratha ରାଜା ଦଶରଥଙ୍କ ପୁତ୍ର ରାମଚନ୍ଦ୍ର—
Rāmachandra, a son of Daśaratha.
ବିଣ.— ଦଶରଥ ସମ୍ବନ୍ଧୀୟ—
Pertaining to Daśaratha.

ଦାଶରଥି—ସଂ. ବି. ପୁଂ. ଓ ବିଣ – (ଦଶରଥ + ଅପତ୍ୟାର୍ଥେ. ଇ)—
Dāśarathi ଦାଶରଥ (ଦେଖ) —
Dāśaratha (See)

ଦାଶରଥି ଦାସ—ଦେ. ବି.—(ନାମ) —ଜଣେ ଉତ୍କଳୀୟ କବିଙ୍କର
Dāśarathi dāsa ନାମ—Name of an Oria poet.
[ଦ୍ର—ଏହାଙ୍କର ଜନ୍ମସ୍ଥାନ ପୁରୀଜିଲ୍ଲାର ବାଣପୁର । ଏ ଜାତିରେ ବ୍ରାହ୍ମଣ ଥିଲେ; 'ବ୍ରଜବିହାର' ନାମକ ପାରମାର୍ଥିକ ଗ୍ରନ୍ଥ ଏହାଙ୍କ ଦ୍ୱାରା ପ୍ରଣୀତ । ତାରଣୀ. ଉତ୍କଳସାହିତ୍ୟର ଇତିହାସ ।]

ଦାଶରାତ୍ରିକ—ସଂ. ବିଣ. (ଦଶରାତ୍ରି+ସମ୍ବନ୍ଧ ଓ ଇତ୍ୟାର୍ଥେ ଇକ)—
Dāśarātrika ୧ । ଦଶରାତ୍ରି ବ୍ୟାପୀ—1. Extending over a period of ten nights.
୨ । ଦଶରାତ୍ର ସାଧ୍ୟ—
2. Performable in ten nights.

ଦାଶାର୍ଣ୍ଣ—ସଂ. ବ (ଦଶାର୍ଣ୍ଣ+ଅ)—୧ । ଦଶାର୍ଣ୍ଣ ଦେଶ—
Dāśārṇṇa 1. The country of Dasārṇna.
୨ । ଦଶାର୍ଣ୍ଣ ଦେଶବାସୀ ବ୍ୟକ୍ତି—
2. An inhabitant of Daśārṇna country.

ଦାଶାର୍ହ—ସଂ. ବିଣ (ଦଶାର୍ହ=ଯଦୁବଂଶ ବା ଦେଶବିଶେଷ+ସମ୍ବନ୍ଧ ବା ଭବାର୍ଥେ. ଅ)—୧ । ଦଶାର୍ହ ଦେଶୀୟ—1. Appertaining to the country named Daśārha.
Dāśārha
୨ । ଯଦୁବଂଶୀୟ—
2. Belonging to the race of the Jadus.
ବି—ଶ୍ରୀକୃଷ୍ଣ—Srikrushna.

ଦାଶାଶନି—ପ୍ରାଦେ (ଯାଜପୁର) ବି (ସଂ. ଦଶାଶ୍ୱମେଧ)—ଦଶାଶ୍ୱମେଧ ଘାଟ—
Dāśāśani Name of a holy bathing ghat of the Baitarani river in Japu

ଦାଶେୟ—ସଂ. ବିଣ (ଦାଶ+ଉଦ୍ଭବାର୍ଥେ. ଏୟ)—ଦାଶଠାରୁ ଉଦ୍ଭବ—
Dāśeya Born of a boatman.
(ଦାଶେୟୀ—ସ୍ତ୍ରୀ) ସଂ ବି—ଧୀବରପୁତ୍ର—Son of a boatman.

ଦାଶେର—ସଂ. ବି (ଦାଶୀ+ଏର)—ଧୀବରୀ ପୁତ୍ର (ହ୍ରୁ. ଶବ୍ଦସାଗର)—
Dāśera Son of a fisher woman.

ଦାଶେରକ—ସଂ. ବ (ନାମ)—୧ । ମାଳବଦେଶ; ମାରବାଡ଼ ଦେଶ—
Dāśeraka 1. The country of Mālaba or Marwar.
୨ । ମାଳବଦେଶୀୟ ଲୋକ—
2. An inhabitant of Malwa.
୩ । ମରୁଦେଶ (ହ୍ରୁ. ଶବ୍ଦସାଗର)—
3. Desert country.

ଦାଶ୍ୱ—ସଂ. ବିଣ. ପୁଂ (ଦାଶ୍ ଧାତୁ=ଦାନ କରିବା+ଶୀଳାର୍ଥେ. ବ)—
Dāśwa ଦାନଶୀଳ—Munificent; bounteous.

ଦାସ୍ (ଧାତୁ)—ସଂ.—ଦାନ କରିବା—
Dās (root) To give.

ଦାସ—ସଂ. ବି. ପୁଂ (ଦାସ୍ ଧାତୁ=ଦାନ କରିବା+ସମ୍ପ୍ରଦାନାର୍ଥେ. ଅ; ଯେ ଆପଣାକୁ ଅନ୍ୟର ସେବାପାଇଁ ଦେଇଅଛି)—
Dāsa
(ଦାସୀ—ସ୍ତ୍ରୀ) ୧ । ସେବକ; ଭୃତ୍ୟ; ଚାକର—1. Servant.
୨ । କ୍ରୀତ ଦାସ—2. Slave.
୩ । ଶୂଦ୍ର—3. A Śūdra
୪ । ଧୀବର—4. A fisherman.
୫ । ଅନୁଗତ ଜନ—5. A dependant.
୬ । ଶୂଦ୍ରର କୌଳିକ ଉପାଧି—
6. A family title of Śūdras.
୭ । ଦସ୍ୟୁ—7. A low caste of non-aryans.
୮ । ବୃତ୍ରାସୁର—8. The demon Brutra.
୯ । ଆତ୍ମଜ୍ଞାନୀ ବ୍ୟକ୍ତି (ହ୍ରୁ. ଶବ୍ଦସାଗର)—
9. A philosopher.
[ଦ୍ର—ମନୁରେ ୭ ପ୍ରକାର ଓ ନାରଦଅଦି ସ୍ମୃତିରେ ୧୫ ପ୍ରକାର ଦାସଙ୍କର ଉଲ୍ଲେଖ ଅଛି—୧. ଗୃହଜାତ, ୨. କ୍ରୀତ, ୩. ଦାୟ ପ୍ରାପ୍ତ, ୪. ଅନାକାଳଭୃତ (ଦୁର୍ଭିକ୍ଷ ସମୟରେ ପାଳିତ); ୫. ଆହୃତ (ଅନ୍ୟରେ ଧନ ନେଇ ଯେ ସେବାଦ୍ୱାରା ତାହା ଶୁଝେ), ୬. ଋଣଦାସ, ୭. ଯୁଦ୍ଧଦାସ (ଯୁଦ୍ଧରେ ପ୍ରାପ୍ତ), ୮. ବାଜି ବା ଜୁଆରେ ଯାହାକୁ ଜିଣା ହୋଇଥାଏ; ୯. ସ୍ୱୟଂ ଉପଗତ; ୧୦. ପ୍ରବ୍ରଜ୍ୟାବସିତ (ଗୃହ ତ୍ୟାଗ କରି ଦାସବୃତ୍ତି ଅବଲମ୍ବନକାରୀ), ୧୧. କୃତଦାସ (କିଛିକାଳ ପାଇଁ ସ୍ୱଇଚ୍ଛାରେ ସେବାକର୍ମକାରୀ); ୧୨. ଭକ୍ତଦାସ; ୧୩. ବଡ଼ବାହୃତ (ଦାସୀକୁ ବିବାହ କରିବା ଯୋଗୁଁ ଦାସୀର ପ୍ରଭୁଙ୍କ ଠାରେ ଯେ ଦାସତ୍ୱ ସ୍ୱୀକାର କରେ); ୧୪. ଲବ୍ଧଦାସ (ଅନ୍ୟଠାରୁ ପ୍ରାପ୍ତ) ଓ ୧୫. ଆତ୍ମବିକ୍ରେତା । ସ୍ମୃତି ଅନୁସାରେ ବ୍ରାହ୍ମଣ ଦାସବୃତ୍ତି କରି ନ ପାରେ; କ୍ଷତ୍ରିୟ ଓ ବୈଶ୍ୟ ଇଚ୍ଛା କଲେ ଦାସବୃତ୍ତି କରିବେ, ଶୂଦ୍ର କଦାପି ଦାସତ୍ୱରୁ ମୁକ୍ତ ହୋଇ ନ ପାରେ—ହ୍ରୁ. ଶବ୍ଦସାଗର ।]
ଦେ. ବି—ଦାଷ (ଦେଖ)—Dāsa (See).

ଦାସ କେରେଣ୍ଟା—ଦେ. ବ. (ସଂ. ଦାସୀ; ଦାସିକା; ଭୁ କୁଣ୍ଟକ; ବଜ୍ରଦନ୍ତୀ)
Dāsa kerenṭā ଔଷଧ ଗୁଳ୍ମବିଶେଷ; ଝିଣ୍ଟି (ଦେଖ) A medicinal plant; Jhinṭi (See); Barbria Prionitis.
ଦାସ କରଣ୍ଟା } ଅନ୍ୟରୂପ
ଦାସ କେରେଣ୍ଟା }
କାଁଟାଝିଁଟା, କାଁଟାଦାତୀ, ଝିଁଟି
କଟସରୈୟା [ଦ୍ର—ଏହା କଣ୍ଟକୀ ଗୁଳ୍ମ । ଏହାର ଫୁଲ ହଳଦିଆ
ତେ. ମୁଲୁ ଗୋରଣ୍ଟା ଓ ରସ କଟୁ ତିକ୍ତ । ଏହାର ପୁଷ୍ପ ବର୍ଣ୍ଣଭେଦରେ ୪ ପ୍ରକାର ଯଥା—ଶ୍ୱେତପୁଷ୍ପ ଦାସକେରେଣ୍ଟା ସଂ. ସୈରେୟକ, ନୀଳପୁଷ୍ପ ଦାସକେରେଣ୍ଟା ସଂ. ଆର୍ତ୍ତଗଳ ଓ ଦାସୀ, ପୀତପୁଷ୍ପ ଦାସ କେରେଣ୍ଟା ସଂ. କୁରୁଣ୍ଟକ; କଟିଁଗର, ରକ୍ତପୁଷ୍ପ ଦାସକେରେଣ୍ଟା ସଂ. କୁରୁବକ (ଦ୍ରବ୍ୟଗୁଣ କଳ୍ପଦ୍ରୁମ ।)]

ଦାସ ଚଇନି ବାଜପେୟୀ—ଦେ. ବ—ଉତ୍କଳର ଜଣେ ପ୍ରସିଦ୍ଧ ସ୍ମୃତିକାର
Dāsa chaini bājapei Name of a celebrated Oria Lawgiver, the author of Suddhichandrikā.
(ଦାସ ଚୟିନ ବାଜପେୟୀ—ଅନ୍ୟରୂପ)
ଏହାଙ୍କ ଦ୍ୱାରା 'ଶୁଦ୍ଧି ଚନ୍ଦ୍ରିକା' ପ୍ରଣୀତ ହୋଇଅଛି ।
ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।

ଦାସତ୍ୱ—ସଂ. ବ. (ଦାସ+ଭାବ. ତ୍ୱ)—
Dāsatwa ୧ । ଭୃତ୍ୟର ଅବସ୍ଥା; ଦାସ ବୃତ୍ତି—
(ଦାସତା—ଅନ୍ୟରୂପ) 1. Servitute.
୨ । ଗୋଲାମୀ—2. Slavery; bondage.
୩ । ଚାକରି; ସେବା ବୃତ୍ତି—3. Service.

ଦାସ ନନ୍ଦିନୀ—ସଂ. ବ. ସ୍ତ୍ରୀ. (୬ଷ୍ଠୀ ତତ୍; ଦାସ+ନନ୍ଦିନୀ)—
Dāsa nandini ବ୍ୟାସ ମାତା ସତ୍ୟବତୀ—
A name of Byāsa's mother.

ଦାସ ମନୋଭାବ—ସଂ. ବ. (ଆଧୁନିକ ବ୍ୟବହାର)—
Dāsa manobhāba ଦାସସୁଲଭ ପରାଧୀନତାଯୁକ୍ତ ମନୋଭାବ—
Slave mentality.

ଦାସରାଜ—ସ. ବ. (ଦାସ+ରାଜନ୍; ୬ଷ୍ଠୀ ତତ୍)—
Dāsarāja ଧୀବରରାଜ; ବ୍ୟାସମାତା ସତ୍ୟବତୀଙ୍କ ପିତା (ମହାଭାରତୋକ୍ତ)—Name of a King of fishermen; father of Satyabatī who was the mother of Byāsa (Mahābhārata).

ଦାସାନୁଦାସ—ସ. ବ. (୬ଷ୍ଠୀ ତତ୍; ଦାସର ଅନୁଦାସ; ଗୁରୁଜନ ଓ
Dāsānudāsa ଶ୍ରେଷ୍ଠ ବ୍ୟକ୍ତିଙ୍କଠାରେ ନମ୍ରତା ଓ ଶିଷ୍ଟତା ଦେଖାଇବା ପାଇଁ ନିଜ ସମ୍ବନ୍ଧେ ବ୍ୟବହୃତ ଶବ୍ଦ)—
ଭୃତ୍ୟର ଭୃତ୍ୟ—A servant of one's servant.

ଦାସିକା—ସ. ବ. ସ୍ତ୍ରୀ. (ଦାସୀ+ସ୍ୱାର୍ଥେ. କ+ସ୍ତ୍ରୀ. ଆ)—
Dāsikā ୧ । ଭୃତ୍ୟା; ଗୃହକର୍ତ୍ତ୍ରୀ; ସେବାକାରିଣୀ—
1. A maid servant.
୨ । ପୋଇଲି; ରକ୍ଷିତା ସ୍ତ୍ରୀ—
2. A kept woman; a concubine.
୩ । ଶୂଦ୍ରା—3. A Sūdra woman.
୪ । ଧୀବରୀ; କେଉଟୁଣୀ—4. A fisher woman.
୫ । ନୀଳାମ୍ଳାନ (ଦ୍ର. ଶବ୍ଦସାଗର) ନୀଳ ବାଣ ଫୁଲ ଓ ଗଛ—
5. Nīlabāṇa flower and tree.
୬ । କାକଜଂଘା (ଦେଖ)—6. Kākajaṁghā (See)
୭ । ଦାସକେରେଣ୍ଟା (ଦେଖ)
7. Dāsa kereṇṭā (See)
୮ । ବେଦୀ—8. Pulpit; a raised alter.

ଦାସୀ—ସ. ବ. ସ୍ତ୍ରୀ. (ଦାସ+ସ୍ତ୍ରୀ. ଈ)—
Dāsī ୧ । ଦାସିକା (ଦେଖ)—1. Dāsikā (See)
୨ । ଦାସର ସ୍ତ୍ରୀଲିଙ୍ଗ ରୂପ—
2. Feminine form of Dāsa.
ପ୍ରାଦେ. (ବାଲେଶ୍ୱର) ବ. ସ୍ତ୍ରୀ.—କାଳେସୀ; ଠାକୁରାଣୀ ଯେଉଁ ସ୍ତ୍ରୀଠାରେ ବିଜେ କରନ୍ତି—A woman who is possessed by the spirit of a Diety.

ଦାସୀ ପରିବାରୀ—ଦେ. ବି. (ସହଚର)—
Dāsī paribārī ୧ । ପୋଇଲି ଓ ରକ୍ଷିତା ସ୍ତ୍ରୀ—
दासीपरिवारी; दासी लौंडि 1. Maid servant and concubine.
ଦାସୀ ଗୃହକର୍ତ୍ତ୍ରୀ } ଅନ୍ୟରୂପ
ଦାସୀ ପୋଇଲି }
ଦାସୀ ପରିବାରୀ ଯୋଡ଼ି ହେବେ ନାହାଁନ୍ତି ।
ପ୍ରାଚୀ ଗ୍ରାମ୍ୟଗୀତ ।
୨ । ବହୁ ସଂଖ୍ୟକ ଦାସୀ—2. A bevy of maid-servants.

ଦାସୀ ପୁଅ—ଦେ. ବି—(ସ. ଦାସୀପୁତ୍ର)—୧ । ଦାସୀ ଅଡ଼ର ପୁଅ;
Dāsī pua ଦାସୀ ଜନ୍ମ କରିଥିବା ପୁଅ—1. A son born of a
दासीपुत्र; लौंडीकाबच्चा maid servant.
୨ । ରକ୍ଷିତା ସ୍ତ୍ରୀର ଗର୍ଭଜାତ ସନ୍ତାନ—2. The son of a concubine.

ଦାସେୟ—ସ.ବ. ପୁଂ (ଦାସ+ଅପତ୍ୟାର୍ଥେ ଏୟ)—୧ । ସେବକ; ଭୃତ୍ୟ—
Dāseya 1. A servant.
୨ । ଧୀବର—2. A fisherman.
୩ । ଦାସୀପୁତ୍ର; ଗୋଲାମ—3. Son of a female slave.
(ଦାସେୟୀ—ସ୍ତ୍ରୀ)—ସ. ବଣ. ପୁଂ—୧ । (ଦାସୀ+ଅପତ୍ୟାର୍ଥେ, ଏୟ+ସ୍ତ୍ରୀ. ଈ)—ଦାସୀ ବା ରକ୍ଷିତା ସ୍ତ୍ରୀଠାରୁ ଜନ୍ମିଲା; ପୋଇଲା—1. Born of a slave girl or concubine.
୨ । (ଦାସ+ଅପତ୍ୟାର୍ଥେ ଏୟ)—ଧୀବର ଔରସ ଜାତ—
2. Born of a fisherman.

ଦାସେୟୀ—ସ. ବ. ସ୍ତ୍ରୀ (ଦାସ+ଏୟ+ସ୍ତ୍ରୀ. ଈ)—ଦାସରାଜକନ୍ୟା
Dāseyi ସତ୍ୟବତୀ; ବ୍ୟାସଙ୍କ ମାତା—Satyabatī, the mother of Byāsa.
ବ ଓ ବଣ—ଦାସେୟର ସ୍ତ୍ରୀଲିଙ୍ଗ—Feminine of Dāseya.

ଦାସେର—ସ. ବି (ଦାସ+ଏର)—୧ । ଦାସ—1 Slave.
Dāsera ୨ । (ଦାସୀ+ଏର) ଦାସୀପୁତ୍ର—2. Son of a female slave or concubine.
୩ । ଉଷ୍ଟ୍ର; ଓଟ—3. Camel.
୪ । ଧୀବର—4. Boatman; fisherman.

ଦାସେରକ—ସ. ବ (ଦାସ+ଏର+କ)—ଦାସେର (ଦେଖ)
Dāseraka Dāsera (See).
ଦାସେରକ ଅଶ୍ରୁ କରୁ ଉଦ୍ଭବ
ଶ୍ରେବାଉଚ୍ଚ ଗ୍ରୀବା ଟେକ ନମ୍ବ୍ରତଳ—ପ୍ରଧାନାଥ. ଚନ୍ଦ୍ରଭାଗା ।

ଦାସ୍ତ—ବୈଦେ. ବ—୧ । (ଫା. ଦସ୍ତ)—ମଳତ୍ୟାଗ; ଝାଡ଼ା—
Dāsta 1. Motion of the bowels; stool.
दस्त ୨ । (ଫା. ଦାସ୍ତ)—ପାଳନ; ପୋଷଣ; ଦେଖାଶୁଣା;
दस्त ଶୁଶ୍ରୂଷା—Maintenance; care.
दास्त दाश्त

ଦାସ୍ତାନ—ବୈଦେ. ବ (ଫା.)—୧ । ବିବରଣ; ବୃତ୍ତାନ୍ତ; ବର୍ଣ୍ଣନା;
Dāstāna ବାର୍ତ୍ତା—1. Description.
ଲୋକେ ପାଳ ମୋହନ ବାହି ଦେଲ ପାଇବାର ଦାସ୍ତାନ ସବୁ କହୁଛ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଦାସ୍ୟ—ସ. ବ (ଦାସ+ଭାବାର୍ଥେ. ଯ)—୧ । ଗୋଲାମି; ପରାଧୀନତା—
Dāsya 1. Slavery; condition of a servant; bondage; servitude.
୨ । ସେବା; ଶୁଶ୍ରୂଷା—2. Service.
[ଦ୍ର—ନବଧାଭକ୍ତି ମଧ୍ୟରୁ ଦାସ୍ୟ ଏକତମ; ଏହା ପ୍ରଭୁଙ୍କ ଅଙ୍ଗସେବା ଆଦି ଅଟେ ।]

ଦାସ୍ୟ ଭକ୍ତି—ସ. ବି—ଭକ୍ତ ଦାସ ବା ଭୃତ୍ୟଭାବରେ ଉପାସ୍ୟ
Dāsya bhakti ଦେବତାଙ୍କୁ ଯେଉଁ ଭକ୍ତି କରେ—
Devotion shown to one's Deity or idol by rendering personal service.

ଦାସ୍ୟ ଭାବ—ସ. ବି—୧ । ପ୍ରଭୁଙ୍କ ପ୍ରତି ଭୃତ୍ୟର ଅନୁରାଗ ବା ଭକ୍ତି—
Dāsya bhāba 1. Devotion of a servant to his master.
୨ । ଦାସ୍ୟ (ଦେଖ) —2. Dāsya (See).

ଦାସ୍ୟମାନ—ସଂ. ଵଣ.—[ଦା ଧାତୁ+ଭବିଷ୍ୟତ୍ ବୋଧକାର୍ଥ ଅନ
Dāsyamāna (ଷାନଚ୍)]—ଯାହା ଭବିଷ୍ୟତ୍‌ରେ ଦଆଯିବ—
That which is to be given away.

ଦାସ୍ର—ସଂ. ବି.—ଅଶ୍ୱିନୀ ନକ୍ଷତ୍ର (ହି. ଶବ୍ଦସାଗର)—
Dāsra The first lunar mansion in Hindu astrology.

ଦାହ—ସଂ. ବି. (ଦହ୍ ଧାତୁ=ଦଗ୍ଧ କରିବା+ଭାବ. ଅ)—୧। ଜାଳିବା;
Dāha ଭସ୍ମୀକରଣ; ପୋଡ଼ିବା; ଦହନ—
1. Burning; conflagration.
୨। ଦେହାଂଶରେ ବା ବ୍ରଣାଦିରେ ଅଗ୍ନି ପ୍ରୟୋଗ—
2. Cauterization.
୩। ଦେହର ପୋଡ଼ାଜଳା ରୋଗ—
3. A disease causing burning sensation in the body; inflammation.
[ଦ୍ର—ଏହା ପିତ୍ତ ପ୍ରକୋପରୁ ହୁଏ, ଏଥିରେ ତୃଷ୍ ଶୋଷ କରେ ଓ କଣ୍ଠ ଶୁଖି ଯାଏ—ହି. ଶବ୍ଦସାଗର। ଏଥିରେ ପାଦର ତଳପା ଓ କରତଳ ବେଶି ପୋଡ଼ାଜଳା କରେ।]
୪। ଜ୍ୱର—4. Fever.
୫। ଜ୍ୱରଜନିତ ଦେହର ଉତ୍ତାପବୃଦ୍ଧି—5. The rise of temperature of the body, due to fever.
୬। ତାପ; ସନ୍ତାପ—6. Heat.
୭। ଅନ୍ତରର ବେଦନା; ଶୋକ; ମନୋଦୁଃଖ—
7. Sorrow; grief.
୮। ଶବକୁ ପୋଡ଼ିବା; ଶବଦାହ—
8. Cremation; burning of a dead body.
ଦେ. ଵଣ—ଦଗ୍ଧ; ପୋଡ଼ା—Burnt; calcined.
ଦାହ ସ୍ୱର୍ଣ୍ଣ ଶରୀର, ପାସୋରି ଗୋନନ୍ଥ ଭର
ମୁନିଙ୍କ କରେ ସେ ଦେଲେ, ଅଦୃଶ୍ୟ ହେଲେ।
ଦଶ୍ୱନାଥ, ବଡ଼ଚଉତିଷାମାସୁଣ।

ଦାହକ—ସଂ. ଵଣ. ପୁଂ. କ୍ଲୀ. (ଦହ୍ ଧାତୁ+କର୍ତ୍ତୃ. ଅକ)—
Dāhaka ୧। ଯେ ଲୋକଙ୍କ ଘରଆଦି ପୋଡ଼ି ଦିଏ—
(ଦାହିକା—ସ୍ତ୍ରୀ) 1. Incendiary; guilty of setting houses etc on fire.
ଦାହକତା } ବି. ୨। ଦାହକାଣ୍ଡ; ଯାହା କୌଣସି ବସ୍ତୁକୁ ଦଗ୍ଧକରେ—
ଦାହକତ୍ୱ } 2. Burning; setting fire to.
୩। ଯାହା ଜଳାପୋଡ଼ା ଉତ୍ପାଦନ କରେ—
3. Inflammatory; producing a burning sensation.
ବି—୧। ଯେଉଁ ସ୍ୱଜାତୀୟ ବ୍ୟକ୍ତିମାନେ ମୃତବ୍ୟକ୍ତିର ଶବକୁ ପୋଡ଼ିବାକୁ ନଅନ୍ତି; ମଡ଼ାସାଙ୍ଗିଆ ଭାଇ; ଶବକୁ ସତ୍କାର କରିବାକୁ ନେବା ବ୍ୟକ୍ତିଗଣ—1. Relatives who carry and cremate the dead body of a person; corpse-carriers; corpse-bearers.
୨। ଚିତକ; ଚିତାଗଛ—2. A medicinal plant; the Leadwort.
୩। ନାଲଚିତା ଗଛ—3. The red variety of Leadwort.
୪। ଅଗ୍ନି (ହି. ଶବ୍ଦସାଗର)—4. Fire.

ଦାହ କର୍ମ—ସଂ. ବି—ଶବଦାହ କାର୍ଯ୍ୟ—
Dāha karma Cremation.
(ଦାହକ୍ରିୟା—ଅନ୍ୟରୂପ)

ଦାହକ ସର୍ପ—ଦେ. ବି (ସ. ଦାହକ+ସର୍ପ)—ବଙ୍ଗଦେଶର ସୁନ୍ଦର-
Dāhaka sarpa ବଣରେ ଦେଖାଯିବା ଏକପ୍ରକାର ସାପ (ଏମାନଙ୍କର ଦଂଶନ କଥା ଦୂରେ ଥାଉ, ଏମାନଙ୍କ ଶରୀର ଯେଉଁ ଗଛ ବା ଘାସ ଅଦିରେ ଲାଗେ ତାହା ପୋଡ଼ିଯାଏ)—
A kind of very poisonous snake found in the Sunderbans of Bengal, the touch of whose body burns or withers trees, plants and grass.

ଦାହ କାଷ୍ଠ—ସ. ବି. (ମ. ପ. ଲୋ; ଦାହାର୍ଥ ବ୍ୟବହୃତ କାଷ୍ଠ)—ଦାହା-
Dāha kāshtha ଗୁରୁ; ଅଗରୁ; ଏକପ୍ରକାର କାଷ୍ଠ ଯାହାର ଧୂପ ଖୁବ୍ ସୁଗନ୍ଧ—A kind of wood which produces sweet-smelling smoke on fumigation; Agalochia; aloes wood.

ଦାହଘ୍ନ—ସ. ଵଣ. (ଦାହ+ହନ୍ ଧାତୁ+କର୍ତ୍ତୃ. ଅ)—
Dāhaghna ୧। ଯାହା ଶରୀରର ପ୍ରଦାହ ନାଶ କରେ—
1 That which cools inflammation.
୨। ଜ୍ୱରନାଶକ (ଗାଙ୍ଗୁଲି)—2. Febrifuge.

ଦାହ ଜ୍ୱର—ସ. ବି. (ଦାହ+ଜ୍ୱର; ଦାହପ୍ରଧାନ ଜ୍ୱର; ମ. ପ. ଲୋ)—
Dāha jwara ଯେଉଁ ଜ୍ୱରରେ ଦେହ ପୋଡ଼ାଜଳା କରେ—
Fever attended with inflammation or burning sensation in the body; inflammatory fever.

ଦାହ ଦେବା—ଦେ. କ୍ରି—(ଦେହ) ପୋଡ଼ା ଜଳା କରିବା—
Dāha debā To have a burning sensation.
দাহ করা ଜନନୀଙ୍କ ଦେହ ଦେଖ ଯେ ଥିବ ଦାହ ତହିଁ ପ୍ରଶମନ
दाह देना, दहना କହିଲେ ଗୋ—କବିସୂର୍ଯ୍ୟ. ସଙ୍ଗୀତ।

ଦାହନ—ସ. ବି. (ଦହ୍ ଧାତୁ ଣିଚ୍ ଦାହି ଧାତୁ+ଭାବ. ଅନ)—
Dāhana ୧। ପୋଡ଼ି ଦେବା; ଜଳାଇବା; ପ୍ରଜ୍ୱାଳନ—
1. Burning; setting fire to a thing.
୨। ସନ୍ତାପନ—2. Inflaming.

ଦାହ ନିବାରଣ—ସ. ବି. ଓ ଵଣ—ଦାହ ହରଣ (ଦେଖ)
Dāha nibārana Dāha harana (See)
(ଦାହ ପ୍ରଶମନ—ଅନ୍ୟରୂପ)

ଦାହବାହ—ସ. ଵଣ. (ଦାହ+ବହ୍ ଧାତୁ+କର୍ତ୍ତୃ. ଅ)—ଦାହାର୍ଥ
Dāhabāha ଶବକୁ ଶ୍ମଶାନକୁ ବହି ନେବା (ବ୍ୟକ୍ତି); ମୁର୍ଦାର-କଢ଼ା (ଲୋକ); ମଡ଼ାସାଙ୍ଗିଆ (ଲୋକ)—
(persons) Carrying of the dead body for cremation.

ଦାହମୟ—ସଂ. ବଣ. (ଦାହ + ମୟ)—ପ୍ରଦାହଯୁକ୍ତ—
Dāhamaya Having inflammation.

ଦାହସର—ସଂ. ବି. (ଦାହ + ସୃ ଧାତୁ ଗମନ କରିବା + କର୍ମ. ଅ; ଯେଉଁ ସ୍ଥାନକୁ ଶବଦାହ କରିବାକୁ ଲୋକେ ଯାଆନ୍ତି)—
Dāhasara ଶବଦାହ ସ୍ଥାନ; ଶ୍ମଶାନ; ମଶାଣି—
Cremation-ground; crematory.

ଦାହ ସ୍ଥଳ—ସଂ. ବି. (ଦାହ + ସ୍ଥଳ; ୬ଷ୍ଠୀ ତତ୍)—ଦାହସର (ଦେଖ)
Dāha sthaḷa Dāhasara (See)

ଦାହ ହରଣ—ସଂ. ବି—୧ । (ବହୁବ୍ରୀହି; ଦାହ + ହରଣ; ଯାହାଦ୍ୱାରା ଶରୀରର ଦାହ ନିବାରିତ ହୁଏ)—ବେଣାଚେର—
Dāha haraṇa 1. The root of Beṇā grass.
୨ । (୬ଷ୍ଠୀ ତତ୍) ଦେହର ପୋଡ଼ାଜଳା ନିବାରଣ—
2. Abatement of burning sensation.
ବଣ—ଦାହ ନିବାରକ—
Assuaging inflammation.

ଦାହା—ଦେ. ବି. (ସଂ. ଦହନ)—୧ । ଦହନ—
Dāhā 1. Burning.
ज्वाला ବାନର ଲଙ୍କା କରୁଛି ଦାହା
दाह ବାରୁ ଦହିବ ନ କରେ ଦାହା—ଜଗନ୍ନାଥ. ଦଶମସ୍କନ୍ଧ ।
୨ । ଶରୀରର ପ୍ରଦାହ—
2. Burning sensation of the body.

ଦାହାଗୁରୁ—ସଂ. ବି—ଦାହ କାଷ୍ଠ (ଦେଖ)
Dāhāguru Dāha kāshṭha (See)

ଦାହି (ଧାତୁ)—ସଂ. (ଦହ୍ ଧାତୁ ଣିଜନ୍ତ)—୧ । ଜଳାଇବା—
Dāhi (root) 1. To cause to burn.
୨ । ପୋଡ଼ିବା; ନିଆଁ ଲଗାଇବା—
2. To set fire to.
୩ । ଭସ୍ମ କରିବା—3. To reduce to ashes.

ଦାହିକା—ସଂ. ବଣ. ସ୍ତ୍ରୀ. (ଦାହକ + ସ୍ତ୍ରୀ. ଆ)—ଦାହକର ସ୍ତ୍ରୀଲିଙ୍ଗ—
Dāhikā Feminine of Dāhaka.
ଦେ. ବି—ଦାଇକା (ଦେଖ)—Dāikā (See)

ଦାହିକା ଶକ୍ତି—ସଂ. ବି. (ଦାହିକା + ଶକ୍ତି; କର୍ମଧା)—
Dāhikā śakti ୧ । ମନକୁ ନିଆଁ ଲାଗିବାର ଶକ୍ତି—
1. Inflammability.
(ଯଥା—ପଟ୍ରୋଲର ଦାହିକା ଶକ୍ତି ଅଛି ।)
୨ । ଅନ୍ୟ ବସ୍ତୁକୁ ପୋଡ଼ିବାର ଗୁଣ—
2. Attribute of burning any other thing.
(ଯଥା—ଅଗ୍ନିର ଦାହିକା ଶକ୍ତି ଅଛି ।)

ଦାହିତ—ସଂ. ବିଣ. (ଦାହି ଧାତୁ + କର୍ମ. ତ)—ଭସ୍ମୀକୃତ; ଜ୍ୱାଳିତ—
Dāhita Reduced to ashes; burnt down.

ଦାହିବା—ଦେ. କ୍ରି. (ସଂ. ଦହ୍ ଧାତୁ)—୧ । ପୋଡ଼ିଯିବା; ଅଗ୍ନିରେ ଦଗ୍ଧ ହେବା—1. To be burnt.
Dāhibā
दाहा ୨ । ପୋଡ଼ାଜଳା କରିବା—
दहना 2. To be inflamed.
୩ । (ସଂ. ଦାହି ଧାତୁ) ପୋଡ଼ିଦେବା; ଜଳାଇବା—
3. To burn.
୪ । (ସଂ. ଦୋ ଧାତୁ; ଯହିଁରୁ ଦାତ୍ର ଶବ୍ଦ ହୋଇଅଛି) ଧାନ ଆଦି ଫସଲ କାଟିବା—4. To harvest.
୫ । (ଲକ୍ଷଣାର୍ଥ) ତପସ୍ୟା ଆଦି କରି ସଫଳ ବା ସିଦ୍ଧ ହେବା—
5. (figurative) To succeed in one's own object after performing austerities.
ଶାବକ ମୃଗାକ୍ଷୀ କେତେ ଜନ୍ମ ତପେ ଦାହିବ
ଶସ୍ତ୍ରାସ୍ତ୍ରମଣି ଶାମଘନ ମନ ମୋହିବ—କବିସୂର୍ଯ୍ୟ. ରତ୍ନାକରଚମ୍ପୂ ।
୬ । ନିଜର କର୍ମଫଳ ଭୋଗ କରିବା 6. To reap the fruits of one's own actions or fate
୭ । (ପୁଣ୍ୟ) ଅର୍ଜନ କରିବା—7. To earn (piety).
ନାନାସ୍ଥାନରେ ପୁଣ୍ୟ ଦାହି । ସେ ସବୁ କୃଷ୍ଣେ ସମର୍ପିଇ—
ଜଗନ୍ନାଥ. ଭାଗବତ ।
୮ । କରିବା; ସାଧିବା—8. To do; to perform.
ଧର୍ମେ ପାଳନ କରି ମନ୍ତ୍ରି
କୃଷ୍ଣଙ୍କୁ ପୂଜ ଯଜ୍ଞ ଦାହି । ଜଗନ୍ନାଥ. ଭାଗବତ ।
୯ । ସ୍ନାନ କରିବା—2. To bathe.
ବୃନ୍ଦାବନ ତଳେ ତେ ପ୍ରବାହ ନ ଦେଖ ଭ୍ରାନ୍ତ ମନାଧି କାମ୍ୟକ ତୀର୍ଥେ ଦାହି ।
ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ।

ଦାହୀ—ସଂ. ବଣ. ପୁଂ. (ଦହ୍ ଧାତୁ ଣିଚ୍, ଦାହି ଧାତୁ + ଇନ୍; ୧ମା.୧ବ)—
Dāhī ୧ । ଦହନକାରୀ; ଦଗ୍ଧକାରୀ—
(ଦାହିନୀ—ସ୍ତ୍ରୀ) 1. Incendiary; burning.
୨ । ଦାହଜନକ—2. Producing inflammation; inflammatory.

ଦାହ୍ୟ—ସଂ. ବଣ. (ଦହ ଧାତୁ ଣିଚ୍, ଦାହି ଧାତୁ + କର୍ମ. ଯ)—
Dāhya ୧ । ଦହନ ଯୋଗ୍ୟ; ପୋଡ଼ା ଯିବାର ଯୋଗ୍ୟ—
1. Fit to be burnt.
୨ । ବିସ୍ଫୋରକ; ଯହିଁରେ ସହଜରେ ନିଆଁ ଧରେ—
2. Combustible; inflammable.

ଦି—ଦେ. ବଣ. (ସଂ. ଦ୍ୱି)—
Di ୧ । ଦୁଇ ସଂଖ୍ୟକ—1. Numbering two.
ଦଇ } ଅନ୍ୟରୂପ (ଯଥା—ଦି ହଳ ବଳଦ, ଦି ନାବରେ ଗୋଡ଼ ଦେବା ।)
ଦୁଇ
दु ୨ । ଅଳ୍ପ ସଂଖ୍ୟକ—2. A few in number
दो ଦେ. ବି. (ସଂ. ଦ୍ୱି)—ଦୁଇ ସଂଖ୍ୟା—Two.
ପ୍ରାଦେ. (ସମ୍ବଲପୁର) ଅ. (ସଂ. ଦିକ୍) (ଦ୍ୱିତୀୟା ଓ ସପ୍ତମୀ ବିଭକ୍ତି-ସୂଚକ ଚିହ୍ନ, ଅନ୍ୟ ସମ୍ବନ୍ଧ ପଦ ସଙ୍ଗେ ଲାଗେ; ଯଥା—ମୋର ଦି; ଆମର ଦି)—୧ । କୁ—1. To.
୨ । ପାଖକୁ; ନିକଟକୁ—2. Near.
(ଯଥା—ମୋର ଦି ଆ = ମୋ ପାଖକୁ ଆ ।)
୩ । ଦିଗରେ—3. In the direction of.
୪ । ଆଡ଼େ; ଆଡ଼କୁ—4. Towards.
(ଯଥା—ମୋ ଦି ଏଁଟ୍ରାଇ କରି କାହିଁ ଯେ ଦେଖୁଛୁ ବେ = ମୋର ଆଡ଼କୁ ବକ୍ରଦୃଷ୍ଟି କରି କାହିଁକି ଚାହିଁଛୁ ରେ ।)

୫ । ଅଞ୍ଚଳରେ—5. In the quarter of.
(ଯଥା—ମୋର ଦ ଗୀ ନାଇ ମିଳେ=ଅମ ଅଞ୍ଚଳରେ ଘିଅ ମିଳେ ନାହିଁ ।)

ଦଅ—ଦେ. କି. [ସଂ. ଦା ଧାତୁ; ଓଡ଼ିଆ ଦେବା କ୍ରିୟାର ଅନୁଜ୍ଞା, ମଧ୍ୟମ ପୁରୁଷ, ଅବଜ୍ଞାର୍ଥ ଏକ ବଚନ (ତୁମ୍ଭେ) ଓ ବହୁବଚନ (ତୁମ୍ଭେମାନେ) କର୍ତ୍ତା ସଙ୍ଗେ ଯୁକ୍ତ ଆକାର]—
Dia
ଦାଓ
दो
୧ । (ତୁମେ ବା ତୁମ୍ଭେମାନେ) ଦାନ କର—
1. (you) Do give.
୨ । [ଦା ଧାତୁର ନିତ୍ୟପ୍ରବୃତ୍ତ ବର୍ତ୍ତମାନ କାଳ, ମଧ୍ୟମ ପୁରୁଷ, ଅବଜ୍ଞାର୍ଥ ଏକ ବଚନ (ତୁମ୍ଭେ) ଓ ବହୁବଚନ (ତୁମ୍ଭେମାନେ) ରେ ବ୍ୟବହୃତ ଆକାର]—
(ତୁମ୍ଭେ ବା ତୁମ୍ଭେମାନେ) ଦେଇ ଥାଅ—
1. (you) Are in the habit of giving.
ଦେ. ଅ— ୧ । ଥିଲ; ପୂର୍ତ୍ତି କର; କାର୍ଯ୍ୟ ଶେଷ କର—
1. Be up; now; well.
୨ । ଏ କଥା ଥାଉ; ଛାଡ଼ ସେ କଥା—
2. Now to other matters; let us drop the matter for the present.
(ଯଥା—ଦୁଇ ଜଣ କଥାବାର୍ତ୍ତା ହେଉ ହେଉ ଜଣେ ଯିବା ପାଇଁ ଉଠି କହେ 'ଦଅ ! ଅଜ ଏଇକ ଥାଉ, କାଲି ପୁଣି ଭେଟ ହେଲେ କଥା ଭାଷା ହେବା । ଦଅ । ସେ ଗପରୁ କଅଣ ମିଳିବ ?')

ଦଅଁ—ଦେ. ବ. (ସଂ. ଦେବ; ପ୍ରା. ଦଅଁ)—
Dian
দেও, দেব
देव
୧ । ଠାକୁର; ଦେବତା—1. Deity; Divinity.
ଯାହା ମାଗିଲେ ଦଅଁ ପୂଜ
ସେ କଥା ଅଛଇଁ ମୁଁ ହେଇ । ଜଗନ୍ନାଥ. ଭାଗବତ ।
୨ । ପରମେଶ୍ୱର; ଭଗବାନ୍—2. God.
୩ । ଦେବତାଙ୍କ ମୂର୍ତ୍ତି—3 Idol; image of a Deity.

ଦଅଁ କରିବା—ଦେ. କି (ସଂ. ଦେବ+କୃ ଧାତୁ)—
Dian kariba
କୌଣସି ବ୍ୟକ୍ତିକୁ ଦେବତା ପରି ପୂଜା କରିବା—
ଦଅଁ ପରି କରିବା / ଦଅଁ ପରି ମୁଣ୍ଡା(ଣ୍ଡେ) ଇବା / ଦଅଁ କରି ମୁଣ୍ଡା(ଣ୍ଡେ)ଇବା } ଅନ୍ୟରୂପ
To deify a person; to make a God of; to worship a person as a Deity.
দেবতাকরে মানা
देवता करके मानना

ଦଅଁ ଘର—ଦେ. ବ. (ସଂ. ଦେବ+ଗୃହ)—ଠାକୁର ଘର—
Dian ghara
ঠাকুরবাড়ি
ठाकुरबाड़ि
A house where images of Deities are kept & worshipped.

ଦଅଁ ଦେବତା—ଦେ. ବ. (ସଂ. ଦେବ+ଦେବତା)—
Dian debata
ଠାକୁରଦେବତା
(ଏକାର୍ଥବୋଧକ ସହଚର ଶବ୍ଦଦ୍ୱୟ) ଠାକୁରମାନେ—
Idols; Deities.
ଦଅଁ ଦେବତା ପଛ ହୋ ବୋଇଲେ । ପ୍ରାଚୀ. ପରଭେ ଗୀତା ।

ଦଅଁ ଫିଅଁ—ଦେ. ବ. (ନିରର୍ଥକ ଦ୍ୱିତୀୟ ସହଚର ଶବ୍ଦ; ଦଅଁ ଶବ୍ଦ ସଙ୍ଗେ ଧ୍ୱନ୍ୟନୁକାରୀ ଫିଅଁ ଶବ୍ଦର ଯୋଗ; ତୁଳ. ଘିଅ ଫିଅ)—
Dian phian
দেবতা টেবতা
ठाकुर उकुर
୧ । ଠାକୁରମାନେ—1. Idols; Deities.
୨ । ଦେବତା ଆଦି—2. Deites etc.
(ଯଥା—ଅମେ ତୁମ ହିନ୍ଦୁଙ୍କ ଦଅଁ ଫିଅଁଙ୍କୁ ମାନୁଁ ନାହିଁ ।)

ଦଅଣି—ଦେ. ବ. (ସଂ. ଦ୍ୱି+ଅଣକ)—
Diani
দুআনি
दोअन्नी
ଦୁଇ ଅଣାର ମୁଦ୍ରା; ଦୋଅଣୀ—
A two anna piece; two anna bit.

ଦଅର—ଦେ. ବ. (ସଂ. ଦେବର)—ସ୍ୱାମୀଙ୍କ ସାନ ଭାଇ—
Diara
দেওর
देवर
Husband's younger brother.
[ଦ୍ର—ବଡ଼ ଭାଇଙ୍କ ସ୍ତ୍ରୀଙ୍କୁ ଭାଉଜ ଓ ସ୍ୱାମୀଙ୍କ ବଡ଼ ଭାଇଙ୍କୁ ଦେଢ଼ଶୁର ବୋଲାଯାଏ; ଦଅରଙ୍କ ସ୍ତ୍ରୀଙ୍କୁ ସାନ ଜାଆ ଓ ଦେଢ଼ଶୁରଙ୍କ ସ୍ତ୍ରୀଙ୍କୁ ବଡ଼ ଜାଆ ବୋଲି ଯାଏ ।]

ଦଆ—ଦେ. ଣ (ସଂ. ଦା ଧାତୁ)—
Dia
দেওয়া
दिआहुआ
ଦୟାল
दयाल
दिलदारिआ
देनहार, दिलदारिआ
୧ । (ସଂ. ଦତ୍ତ) ଦତ୍ତ; ପ୍ରଦତ୍ତ—
1. Given; bestowed.
ବୈଦ୍ୟଙ୍କୁ ଯାଗ ଭାଗ କେବେ ଦଅ ନାହିଁ ।
କୃଷ୍ଣସିଂ. ମହାଭାରତ ।
୨ । (ସଂ. ଦୟାଳୁ) ଦୟାଳୁ; ଦୟାଶୀଳ—
2. Kind-hearted.
୩ । (ସଂ. ଦାତା) ଦାନଶୀଳ; ମୁକ୍ତହସ୍ତ—
3. Liberal; bounteous.
(ଯଥା—ସେ ଯେ ଦଆ ଲୋକ, ତା କଥା କହିଲେ ନ ସରେ ।)
দেওআ
देना
ବି— ୧ । ଦେବା—1. Giving.
(ଯଥା—ସେ ବେଶ ଦଆ ନଆ କରେ ।)
দাতা
देनेवाला
୨ । ଦେବାବାଲା ବ୍ୟକ୍ତି; ଦାତା—
2. Giver; a doner.
ଦଆକୁ ଦଅ, ଅଦଆକୁ ଦୁଆରଦଅ । ଢଗ ।

ଦଅଁପୋକ—ପ୍ରାଦେ. (ସମ୍ବଲପୁର ତୁଳ ହି. ଘାମକ୍; ଫା. ଘାମକ୍)—
Dianpoka
ଉଈ (ଦେଖ); ଉଇ—
Dian (See); White ant.

ଦଆଇବା—ଦେ. କି. (ସଂ. ଦା ଧାତୁ ଣିଚ ଦାପି ଧାତୁ ; ଦେବା କ୍ରିୟାର ଣିଜନ୍ତରୂପ)—ଅନ୍ୟଦ୍ୱାରା ଦେବା କ୍ରିୟା କରିବା—
Diaiba
দেওয়ান
दिलाना
To cause (another) to give; to cause to be given.
ବିଜଜଣେ ଉତ୍ତମ ଦଆଉ ଦଅଥ । କୃଷ୍ଣସିଂ. ମହାଭାରତ ସଭା ।

ଦଆକ୍—ଦେ. ଅ. (ହିନ୍ଦୀରୁ ଅନୁକୃତ)—(ଅମୁକ) ଦ୍ୱାରା ପ୍ରଦତ୍ତ; (ଅମୁକର) ମାରଫତରେ ପ୍ରଦତ୍ତ—Paid through.
Diak
(ଦଆକେ—ଅନ୍ୟରୂପ) (ଯଥା—ଦଆକ୍ ରାମହରିମିଶ୍ର=ରାମହରି ମିଶ୍ରଙ୍କଦ୍ୱାରା ଦତ୍ତ ।)
মারফৎ
दिआके
[ଦ୍ର—ଏଥିର ସାଙ୍କେତିକ 'ଦ' ଲମ୍ବା କରଣୀ 'ଧ୍' ଲେଖାଯାଏ । ଯଥା—ଖଜଣା 'ଦ' ରାମହରି ମିଶ୍ର; ଏ ତମସୁକର ସୁଧ 'ଧ୍' ଖାତକଙ୍କ ପୁଅ ଗୋପାଳ ହୋତା ।]

ଦଆକ୍ ଖୋଦ୍—ବୈଦେ. ଅ. (ହିନ୍ଦୀରୁ ଅନୁକୃତ)—ନିଜେ ଦେବା; ସ୍ୱୟଂ ଦେଇଥିବା—Paid by one's-self.
Diak khod
ଦଆକ୍ ନିଜ / ଦଆକେ ଖୋଦ୍ / ଦଆକ(କେ)ଆପ(ପେ) / ଦଆକ(କେ) ସ୍ୱୟଂ } ଅନ୍ୟରୂପ
(ଯଥା—ଏ ତମସୁକର ସୁଧ ଭରଣାକୁ ଦଆକ୍ ଖୋଦ୍ ଖାତକ ।)
[ଦ୍ର—ଏଥିର ସାଙ୍କେତିକ 'ଦ ଖୋଦ୍' ।]
মারফৎ খুদ
दिआके खुद

ଦଅ ଦେଇ—ଦେ. ବି—୧ । ପରସ୍ପରକୁ ଦେବା—
Dia dei 1. Mutual giving.
୨ । ନାନା ବସ୍ତୁ ଦେବା—
2. Giving of many thing .
୩ । ବହୁବାର ଦେବା—3. Giving several times.

ଦଆନ—ଦେ. ବି—ଦେୱାନ (ଦେଖ)
Diana Dewāna (See)

ଦଆନି—ଦେ. ବି ଓ ବିଣ—ଦେୱାନି (ଦେଖ)
Diāni Dewāni (See)

ଦଅ ନଅ—ଦେ. ବି. (ସଂ. ଦା ଧାତୁ ଓ ନୀ ଧାତୁ)—
Dia nia ୧ । ଦେବା ଓ ନେବା; ଆଦାନ ଓ ପ୍ରଦାନ—
দেওয়া নেওয়া 1. Giving and taking; exchange.
देनालेना ୨ । କାରବାର—2. Transaction.

ଦଅ ପଣ—ଦେ. ବି. (ବ୍ୟଙ୍ଗ)—ଦାତାପଣ; ଦାତୃତ୍ୱ; ଦାନଶୀଳତା—
Dia pana (ironical) Liberality; bounteousness.
(ଦଅଣ୍ଟୁ ପଣ—ଅନ୍ୟରୂପ) ଦଅପଣକୁ, ଓଁ୍ହାର ନଇଛ ଦଅବଣକୁ । ଉଗ ।
দ্যাতাপন दातापन

ଦଆର—ବୈଦେ. ବି. (ଫା. ଦୟାର୍=ପ୍ରଦେଶ)—ନଦୀର ଧାର ଘୁଞ୍ଚିବା
Diārā ଯୋଗୁଁ ନଦୀକୂଳରେ ଯେଉଁ କୃଷିଯୋଗ୍ୟ ଭୂମି ଉତ୍ପନ୍ନ
दियारा ହୁଏ—Land newly formed by the bed of a river receding from the old course.

ଦଆଲ୍—ଦେ. ବି. (ଅ. ଦିବାଲ୍)—ଦେବାଲ୍; କାନ୍ଥ; ଦେୱାଲ୍ (ଦେଖ)
Dial Wall; Dewal (See)
দেওয়াল दिवाल

ଦଆଲ୍‌ଗିରି—ଦେ. ବି—ଦେୱାଲ୍‌ଗିରି (ଦେଖ
Diāl-giri Dewāl-giri (See)

ଦଆଲି—ଦେ. ବି. (ସଂ. ଦୀପାବଳୀ)—କାର୍ତ୍ତିକ ଅମାବାସ୍ୟା—
Diāli The new moon of the month of Kārttika.
(ଦୟାଲି—ଅନ୍ୟରୂପ) ଅରେ ଛତର । ଦଶର ଗଲ; ଦଆଲି ଗଲ;
দেওয়ালী, দিবালি ବାକି ରହିଗଲ ବାଉଯାତର । (ବୀଣ ସହର ପ୍ରବଚନ)
दिवालि

ଦଆଲିଆ—ଦେ. ବି ଓ ବିଣ—ଦେୱାଲିଆ (ଦେଖ)
Dialia Dewālia (See)

ଦଆଳୁ—ଦେବ. ଣ. (ସଂ. ଦା ଧାତୁ ; ଦାନଶୀଳ)—୧ । ଦାନଶୀଳ—
Dialu 1. Munificent; liberal; bounteous.
दिवैया, दिवाल ୨ । ଦାତା—2. Giving; bestowing a gift.
୩ । (ସଂ. ଦୟାଳୁ; ଦୟାଶୀଳ)—ଦୟାଶୀଳ—
3. Kind-hearted.

ଦଆଶି—ପ୍ରାଦେ. (ବାଲେଶ୍ୱର) ବି. (ସଂ. ଦେବାଂଶ)—ସବଜ୍ଞ; ଭବିଷ୍ୟଦ୍-
Diāsi ବକ୍ତା; ଚୋର ଯାଇଥିବା ବା ହଜି ଯାଇଥିବା ବସ୍ତୁରେ ଓ ଭବିଷ୍ୟତ୍ ସମ୍ବନ୍ଧେ ଯେ ଉତ୍ତର ଦିଅଏ—
A fore-teller; prophet
ଦୁଃଶୀଳୁ ସୁଖ ହେଲେ ସେ ଦଆଶି ଦୁଆରକୁ ଯାଏ । ଉଗ ।
[ଦ୍ର—ଦଆଶି ଘରକୁ ପ୍ରଶ୍ନ ପଚ୍ଚାରିବାକୁ ଯିବା ଲୋକ ଦଆଶି ପାଇଁ ସିଧା ଓ ଗୁଆ ନେଇ କରି ଯାଏ ।]

ଦଆଶଲ(ଲେ)ଇ—ଦେ. ବି. (ସଂ. ଦୀପ ଓ ଶଳାକା)—୧ । ଦିଅସିଲି;
Diāsala le)i ଝୁଅଁ କାଠି; ଗନ୍ଧକାଦି ଲିପ୍ତ କ୍ଷୁଦ୍ରାକାର କାଠି—
ଦଅସିଲି(ଲେ)ଇ } ଅନ୍ୟରୂପ 1. Match-stick.
ଦଅସିଲି ୨ । ଝୁଅଁ ପେଡ଼ି; ଝୁଅଁ କାଠି ଥିବା
দেসলাই, দিয়াশলাই ବାକ୍ସ—2. Match box.
दियासलाइ

ଦଆଶଲଇ କାଠି—ଦେ. ବି. (ସଂ. ଦୀପଶଳାକା+କାଷ୍ଠ)—ଝୁଅଁ କାଠି;
Diāsalāi kāṭhi ଯେଉଁ କାଠିକୁ ଘଷିଦେଲେ ଜଳ ଉଠେ—
(ଦଅସିଲିଇ କାଠି—ଅନ୍ୟରୂପ) Match-stick
দিআশলাই কাঠি, দিআকাঠি, দেকাঠি दियासलाइ

ଦଆଶଲଇ ପେଡ଼ି—ଦେ. ବି. (ସଂ. ଦୀପଶଳାକା+ପେଟିକା)—
Diāsalāi-perdi ଯେଉଁ କାଠ ବା ଧାତୁମୟ ବାକ୍ସରେ ଦଆଶଲଇ
ଦଅଶଲଇ ବାକସ } କାଠି ଗୁଡ଼ାଏ ଭରିଛି ହୋଇଥାଏ
ଦଅଶଲଇ ବାକ୍ସ } ଅନ୍ୟରୂପ ଓ ଯହିଁର କାନ୍ଥିରେ କାଠିର ମୁଣ୍ଡିକୁ
ଦଅଶଲଇ ଡବା(ବ୍ବା) } ଘସିଲେ ତାହା ଜଳ ଉଠେ—
দিআশলাইএর বাকস दियासलाइ डिबिया Match box.

ଦଆଶଲଇ ମାରିବା—ଦେ. କ୍ରି.—୧ । ଅଲୁଅ ଲଗାଇବା ପାଇଁ
Diāsalāi māribā ଦିଅସିଲି କାଠିକୁ ଘଷିବା—
শলাই মারা 1. To rub a match-stick for lighting.
दियासलाई घीसना ୨ । ଦଅଶଲଇ କାଠିକୁ ଦଅଶଲଇ ପେଡ଼ିର
ଦଅସିଲିଇ ଘଷିବା } କାନ୍ଥିରେ ଘଷି ଝୁଅଁ ବା
ଦଆସିଲିଇ ଜାଳିବା } ଅନ୍ୟରୂପ ଅଲୁଅ କରିବା—2. To
ଦଅସିଲିଇ ଲଗା(ଗେ)ଇବା } make a light by striking a match.

ଦଇ (ଇତ୍ୟାଦି)—ଦି (ଇତ୍ୟାଦି) (ଦେଖ)
Di-e (etc) Di (etc) (See)

ଦଉଛି—ଦେ. ବି. ସ୍ତ୍ରୀ (ସଂ. ଦ୍ୱିବତ୍ସା)—ଯେଉଁ ସ୍ତ୍ରୀର ଦୁଇ ଗୋଟି
Diuchhi ସନ୍ତାନ ଜନ୍ମ ହୋଇ ପରେ ଆଉ ଗର୍ଭ ହୁଏ ନାହିଁ—
A woman who ceases gestation after giving birth to two children only.

ଦଉଡ଼ି—ଦେ. ବି.—ଦହୁଡ଼ି (ଦେଖ)
Diurdi Dihurdi (See)

ଦଉଡ଼ିଆ—ଦେ ବି.—ଦହୁଡ଼ିଆ (ଦେଖ)
Diurdia Dihurdiā (See)

ଦ ଉତ୍ତର ଶଏ(ହେ)—ଦେ. ବି. ଓ ବିଣ—(ସଂ. ଦ୍ୱି+ଉତ୍ତର+ଶତ)
Di utara-sae(he) ଏକଶତ ଦୁଇ—
दिम करसो একশ দুই One hundred and two.

ଦଓଟା—(ଅନାଦରାର୍ଥେ)—ଦେ. ବି. ଓ ବିଣ—୧ । ଦୁଇଗୋଟି ମାତ୍ର—
Diotā 1. Two only.
দুটা, দুটো ୨ । ଗଣ୍ଡିଏ; ଅଳ୍ପମାତ୍ର—
दोठाः 2. A little; a few in number.
(ଦୁଇଟା, ଦଉଟା—ଅନ୍ୟରୂପ) (ଦଓଟି; ଦୋଓଟି—ଆଦରାର୍ଥକ)

ଦଓଟି—(ଆଦରାର୍ଥେ)—ଦେ. ବି. ଓ ବିଣ—ଦଓଟା (ଦେଖ)
Dioti Diotā (See)
দুটি दोठो

ଦିକ୍—ସଂ. ବି. [ଦିଶ୍ ଧାତୁ=(ଅବକାଶ) ଦାନ କରିବା+କର୍ମ. କ୍ୱିପ୍]
Dik ଦିଶ୍ ଶବ୍ଦ; ୧ମା. ୧ବ.)—୧ । ପୂର୍ବାଦି ଦିଗ—
1. Quarters of the earth.
[ଦ୍ର—ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏହି ୪ଟି ଦିଗ ଓ ଅଗ୍ନି ବାୟୁ, ନୈର୍ଋତ ଓ ଐଶାନ୍ୟ, ଏହି ୪ଟି ବିଦିକ୍ ବା ଦିକ୍କୋଣ ଏବଂ ଊର୍ଦ୍ଧ୍ୱ ଓ ନିମ୍ନ, ଏରୂପେ ୧୦ଟି କୁ ଦିକ୍ ବା ଦିଗ ବୋଲାଯାଏ; ସୂର୍ଯ୍ୟଙ୍କର ଯେଉଁ ଦିଗରେ ଉଦୟ ହୁଏ ତାହା ପୂର୍ବ ଦିଗ । ପୂର୍ବ ଆଡ଼କୁ ମୁହଁ କରି ଠିଆ ହେଲେ ମନୁଷ୍ୟର ମୁହଁ ପୂର୍ବକୁ, ପିଠି ପଶ୍ଚିମକୁ, ଡାହାଣ ହାତ ଦକ୍ଷିଣକୁ ଓ ବାମ ହାତ ଉତ୍ତରକୁ ରହେ; ମୁଣ୍ଡ ଉପର ଆଡ଼ ଊର୍ଦ୍ଧ୍ୱ ଓ ଗୋଡ଼ତଳ ଆଡ଼ ଅଧଃ । ନକ୍ସା ଅଙ୍କର ଉପର ପାଖ ଉତ୍ତର ଦିଗ ଓ ତଳ ପାଖ ଦକ୍ଷିଣ ଦିଗ ଓ ନକ୍ସାକୁ ଗ୍ରହିଁବା ଲୋକର ଡାହାଣ ହାତ ପାଖ ନକ୍ସାର ପୂର୍ବ ଦିଗ ଓ ବାମ ହାତ ପାଖ ପଶ୍ଚିମ ଦିଗ ବୋଲି କଳ୍ପିତ ହୁଏ । ଚାରୋଟି ଦିକ୍କୋଣ ବା ବିଦିକ୍କୁ ଠଉରାଇବା ଓ ମନେ ରଖିବା କଷ୍ଟକର ହୁଏ । ଉତ୍ତରପୂର୍ବ=ଈଶାନ ବା ଐଶାନ୍ୟ କୋଣ, ପୂର୍ବ ଦକ୍ଷିଣ =ଅଗ୍ନି କୋଣ, ଦକ୍ଷିଣ ପଶ୍ଚିମ=ନୈର୍ଋତ କୋଣ ଓ ପଶ୍ଚିମ ଉତ୍ତର=ବାୟୁ ବା ବାୟବ୍ୟ କୋଣ—ଏହା ମନେ ରଖିବା ପାଇଁ ନିମ୍ନଲିଖିତ ପଦଟି ମନ ମଧ୍ୟରେ ପଇଠାଇ ରଖିଲେ ସୁବିଧା ହୁଏ ।

ଉତ୍ତର ପୂର୍ବ ମଧ୍ୟରେ ଅଛଇ ଈଶାନ,
ପୂର୍ବ ଦକ୍ଷିଣ ମଧ୍ୟରେ ଅଛି ଅଗ୍ନି କୋଣ,
ଦକ୍ଷିଣ ପଶ୍ଚିମ ମଧ୍ୟେ ନଇର୍ଋତ ଅଛି,
ପଶ୍ଚିମ ଉତ୍ତର ମଧ୍ୟେ ବାୟୁ କୋଣ ଗଛି ।

ଦିକ୍ର ଅନ୍ୟ ସଂସ୍କୃତ ପର୍ଯ୍ୟାୟ—କକୁଭ, କାଷ୍ଠା, ଅଶା, ହରିତ୍, ନିବେଶିନୀ, ଗୋ, ଦିଗ୍ ।]

୨ । ଭାଗ; ଅଂଶ—2. Portion; part
୩ । ସୀମା—3. Limit.
୪ । ତରଫ; ପକ୍ଷ; ଆଡ଼—4. Side; direction.
୫ । ଦେଶ; ଅଞ୍ଚଳ—5. Country; locality.
୬ । ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଏହି ୪ଟି ଦିଗ—
6. The four quarters of the globe; east, west, south and north points.
୭ । ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଏହି ଚାରି ଦିଗ ଓ ଅଗ୍ନି, ବାୟୁ, ନୈର୍ଋତ ଓ ଐଶାନ୍ୟ ଏହି ଚାରି ବିଦିଗ, ଏପରି ୮ଟି ଦିଗ-
7. The eight points of the compass.
୮ । ଦଶ ସଂଖ୍ୟା—8. The number ten.

ଦିକ ବୈଦେ. ବି. (ଅ. ଦିକ୍ କତ୍)—୧ । ବିରକ୍ତି—
দিক 1. Vexation.
দিক়্
୨ । କଷ୍ଟ—2. Trouble.
ବିଣ. (ଅ.ଦିକ୍)—ଦିକ୍ଦାର୍ (ଦେଖ)—Dikdār (See)

ଦିକ୍ଚକ୍ର—ସଂ. ବି. (ଦିକ୍+ଚକ୍ର; ରୂପକ କର୍ମଧା)—୧ । ଦିଗ୍ବଳୟ—
Dik-chakra 1. Horizon.
୨ । ଆଠ ଦିଗର ସମୂହ—
2. The eight points of the compass collectively.

ଦିକ୍ଦାର୍—ବୈଦେ. ବିଣ. (ଅ. ଦିକ୍+ଫା. ଦାର୍)—୧ । ବିରକ୍ତ—
Dik-dār 1. Troubled; pestered.
দিকদার ୨ । କଷ୍ଟପ୍ରାପ୍ତ—
দিকদার 2. Afflicted.
(ଦିକ୍ଦାସ—ବି) ୩ । ବ୍ୟସ୍ତ; ଉତ୍ୟକ୍ତ—
3. Much annoyed.
ଡାକେଗା ମନସେ ଦିକଦାର ହେଲେଣି ।
ଫକୀରମୋହନ. ଛମାଣ ଅଠଗୁଣ୍ଠ ।

ଦିକ୍ଦାର କରିବା—ଦେ. କ୍ରି.—୧ । ବିରକ୍ତ କରିବା—
Dik-dār karibā 1. To vex; to pester.
দিকদার করা ୨ । ବ୍ୟସ୍ତ କରିବା; ଉତ୍ୟକ୍ତ କରିବା—
দিক করানো 2. To annoy; to bother.

ଦିକ୍ଦାରି—ବୈଦେ. ବି. (ଫା)—ବିରକ୍ତି—
Dik-dāri 1. Botheration; vexation.
দিকদারী ବିଣ.—ଦିକ୍ଦାରିଆ (ଦେଖ)
দিক দারি Dikdāri (See)

ଦିକ୍ଦାରିଆ—ବୈଦେ. ବିଣ. (ଅ. ଦିକ୍)—ବିରକ୍ତିକର; ବିରକ୍ତିଜନକ
Dik-dāriā Vexatious; troublesome.

ଦିକ୍ ଦିକ୍—ବୈଦେ. ବିଣ.—୧ । ଦିକ୍ଦାର୍ (ଦେଖ)
Dik-dik 1. Dikdār (See)
୨ । ଦିକି ଦିକି (ଦେଖ)—2. Diki diki (See)

ଦିକ୍ଦିକ୍ କରିବା—ଦେ. କ୍ରି.—ଦିକ୍ଦାର୍ କରିବା (ଦେଖ)
Dik-dik karibā Dikdār karibā (See)

ଦିକ୍ପଟ—ସଂ. ବିଣ. ଓ ବି.—ଦିଗ୍ବସନ (ଦେଖ)
Dik-paṭa Dig-basana.

ଦିକ୍ପତି—ସଂ. ବି.—(ଦିକ୍+ପତି; ୬ଷ୍ଠୀ ତତ୍)—୧ । ପୂର୍ବ ଆଦି
Dik-pati ୧୦ ଦିଗର ରକ୍ଷକ ଦେବଗଣ—1. The ten
(ଦିକ୍ସ୍ୱାମୀ—ଅନ୍ୟରୂପ) Deities presiding over or guarding the 10 points of the earth.
[ଦ୍ର—ଦଶ ଦିକ୍ପତି ଯଥା—୧ । ଇନ୍ଦ୍ର—ପୂର୍ବଦିଗର, ୨ । ଯମ—ଦକ୍ଷିଣର, ୩ । କୁବେର—ଉତ୍ତରର, ୪ । ବରୁଣ—ପଶ୍ଚିମର, ୫ । ମରୁତ ବା ବାୟୁ—ବାୟୁ କୋଣର, ୬ । ଈଶାନ ବା ଶିବ—ଐଶାନୀ କୋଣର, ୭ । ଅଗ୍ନି—ଅଗ୍ନି କୋଣର, ୮ । ନୈର୍ଋତ—ନୈର୍ଋତ କୋଣର, ୯ । ବ୍ରହ୍ମା—ଊର୍ଦ୍ଧ୍ୱ ଦିଗର, ୧୦ । ଅନନ୍ତ—ଅଧୋ ଦିଗର ।]
୨ । (ମତାନ୍ତରରେ) ବ୍ରହ୍ମା ଓ ଅନନ୍ତଙ୍କୁ ଛାଡ଼ି ୮ ଦିଗର ୮ ଜଣ ଦିକ୍ପତି—2. The 8 Deities presiding over the 8 points of the compass.
୩ । (ମତାନ୍ତରରେ) ସୂର୍ଯ୍ୟ, ଶୁକ୍ର, ମଙ୍ଗଳ, ରାହୁ, ଶନି, ସୋମ, ବୁଧ, ବୃହସ୍ପତି—ପୂର୍ବାଦିକ୍ରମେ ଏହି ୮ଜଣ ଦିକ୍ପାଳ ଗ୍ରହ—3. Eight planets said to preside over the 8 points of the compass.

ଦିକ୍ପାଳ—ସଂ. ବି (ଦିକ୍+ପାଳ; ଉପପଦ ତତ୍)—
Dik-pāla ୧ । ଦିକ୍ପତି (ଦେଖ)—
1. Dik-pati (See).

୨ । (ଲକ୍ଷଣାର୍ଥ) ଅସାଧାରଣ କ୍ଷମତାଶାଳୀ ବ୍ୟକ୍ତି—
2. (figurative) A very influential person.
(ଯଥା—ସେ ଅମଅଡ଼େ ଜଣେ ଦିକ୍‌ପାଳ ।)

ଦିକ୍‌ଶିକ୍—ଦେ. ଅ—ବିଲ୍‌କୁଲ୍; ସମ୍ପୂର୍ଣ୍ଣରୂପେ—
Dik-sik Fully; completely; totally.
(ଦିକଶିକ—ଅନ୍ୟରୂପ) (ଯଥା—ଶାଡକ ସେ ଡମସୁକ ବାବଦ୍ ମୂଳ ଓ ସୁଧ ଦିକ୍‌ଶିକ୍ ଲକ୍ଷଣ କରଛ ।)
ବୈଦେ. ବିଣ—ଦିକ୍‌ଦାର୍ (ଦେଖ)
Dikdār (See).

ଦିକ୍‌ଶୂଳ—ସଂ. ବି—ଫଳିତଜ୍ୟୋତିଷଶାସ୍ତ୍ର ମତରେ ବିଶେଷ ବିଶେଷ
Dik śūla ଦିଗକୁ ଯାତ୍ରା କରିବାରେ ଅଶୁଭ ବାର—
(astrology) Particular week-days deemed inauspicious for making journeys to particular points of the compass
[ଦ୍ର—ଶୁକ୍ର ଓ ରବିବାର ପଶ୍ଚିମକୁ, ଶନି ଓ ମଙ୍ଗଳବାର ଉତ୍ତରକୁ, ଶନି ଓ ସୋମବାର ପୂର୍ବକୁ ଏବଂ ବୁଧ ଓ ଗୁରୁବାର ଦକ୍ଷିଣକୁ ଯାତ୍ରା ନିଷିଦ୍ଧ ବା ଦିକ୍‌ଶୂଳ । ଜ୍ୟୋତିଷ ଗଣନାରେ ଏ ସବୁ ଦିନ ଯୋଗିନୀ ଯାତ୍ରାକାରୀର ସମ୍ମୁଖରେ ବା ଦକ୍ଷିଣ ଭାଗରେ ଥାଆନ୍ତି, ଏଣୁ ଏ ଦିନମାନ ଉକ୍ତ ଦିଗକୁ ଯାତ୍ରା କରିବା ବିଷୟରେ ଅଶୁଭ ଅଟେ ।]

ଦିକ୍‌ସାଧନ—ସଂ. ବି (୬ଷ୍ଠୀ ତତ୍; ଦିକ୍+ସାଧନ)—ଯେଉଁ ଉପାୟ
Dik-sādhana ଦ୍ୱାରା ଭିନ୍ନ ଭିନ୍ନ ଦିଗମାନଙ୍କର ଜ୍ଞାନ ଜନ୍ମେ—
The expedient by which a person derives a knowledge of the points of the compass.
(ଯଥା— ସୂର୍ଯ୍ୟ ଉଦୟ ହେବା ଦିଗକୁ ମୁହଁ କରି ଠିଆହେଲେ ମନୁଷ୍ୟର ମୁହଁଆଡ଼ ପୂର୍ବ ଦିଗ, ପିଠିଆଡ଼ ପଶ୍ଚିମ ଦିଗ, ଡାହାଣଆଡ଼ ଦକ୍ଷିଣ ଦିଗ ଓ ବାମଆଡ଼ ଉତ୍ତର ଦିଗ ଅଟେ ।)

ଦିକ୍‌ସୁନ୍ଦରୀ—ସଂ. ବି—ଦିକ୍‌କନ୍ୟା (ଦେଖ)
Dik-sundarī Dikkanyā (See).

ଦିକ—ଦେ. ବି. (ସଂ. ଦିକ୍)—୧ । ପୃଥିବୀର ଭିନ୍ନ ଭିନ୍ନ ଅଞ୍ଚଳ—
Dika 1. The quarters of the globe.
दिक [ଦ୍ର—ଏହା ସଂଖ୍ୟାରେ ୧୦; ଯଥା—ପୂର୍ବ, ପଶ୍ଚିମ, ଉତ୍ତର,
दिशा ଦକ୍ଷିଣ, ଅଗ୍ନି, ବାୟୁ, ଐଶାନୀ, ନୈର୍ଋତ, ଊର୍ଦ୍ଧ୍ୱ ଓ ଅଧଃ । ଏ ଶବ୍ଦମାନଙ୍କର ଡାହାଳିଆ ନାମ ପାଇଁ 'ଡାହାଳ' ତଳେ ଦେଖ ।]
୨ । ପୃଥିବୀର ଚାରି ଦିଗ ଓ ଚାରି କୋଣ—
2. The eight points of the compass.
୩ । ପୃଥିବୀର ୪ ଦିଗ; ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦିଗ—
3. The four cardinal points of the compass.
୪ । ଆଡ଼; ତରଫ—4. Direction.
୫ । ସୀମା—5. Boundary.
୬ । ପକ୍ଷ—6. Side; party.
୭ । ଅଞ୍ଚଳ; ଦେଶାଂଶ—7. Quarter; locality.

ଦିକଡ଼ା—ଦେ. ବି—୧ । ଦୁଇ କଡ଼ା କଉଡ଼ି—
Dikardā 1. Two cowries or shell-money.
दुकड़ा (ଯଥା—ଦିକଡ଼ା ଚାଉଳ ତିକଡ଼ା ଲେମ୍ବୁ, ଏକ ଏକ
दुकडा କଡ଼ାକୁ ଚାରି ଚାରି ଜାମୁ, ଫଳ ଦିବ କୋଡ଼ିଏ, କଉଡ଼ି ଦିବ କୋଡ଼ିଏ—ମାଳବାଙ୍କ, କୌତୁକ-ସମସ୍ୟା ।)
୨ । ଦୁଇଗୋଟି (ନଡ଼ିଆ ଆଦି)—
2. Two in number (e. g. cocoanuts).
ଦେ. ବିଣ—ଦିକଡ଼ାର (ଦେଖ)
Dikardāra (See).

ଦିକଡ଼ାର—ଦେ. ବିଣ—୧ । ଦୁଇକଡ଼ା କଉଡ଼ିର ମୂଲ୍ୟବିଶିଷ୍ଟ—
Dikardāra 1. Worth two cowries only.
दुकड़ार; दुकडहा ୨ । ଅତି ଅଳ୍ପମୂଲ୍ୟର—
2. Of very little value.
୩ । ତୁଚ୍ଛ; ହେୟ—3. Insignificant.
୪ । ଅକାମିକା—4. Worthless.
(ଯଥା—ସେ ମତେ ଦିକଡ଼ାର ମଣିଷ ବନେଇଁ ଦେଲା ।)

ଦିକଡ଼ାର କରିଦେବା—ଦେ. କ୍ରି—୧ । ଅତି ଅଳ୍ପ ମୂଲ୍ୟବିଶିଷ୍ଟ
Dikardāra karidebā କରିଦେବା—1. To cause to become valueless.
दुकड़ार करे देओना
दोकौड़िकाबात् करदेना (ଯଥା—ପିଲାଟା ପାଠଲୁଗାକୁ ମାଟିରେ
ଦିକଡ଼ାର ବନାଇଁ ଦେବା } ଘୋଷାରି ଘୋଷାରି
ଦିକଡ଼ା କରିବା } ଅନ୍ୟରୂପ ଦିକଡ଼ାର କରିଦେଲାଣି)
ଦିକଡ଼ା ବନାଇଁ ଦେବା } ୨ । ଅତି ନ୍ୟୂନ ବା ଲଘୁ କରିବା;
ତୁଚ୍ଛ କରିବା—2. To slight; to neglect.
(ଯଥା—ବାପଙ୍କ କଥାକୁ ସେ ସବୁବେଳେ ଦିକଡ଼ାର କରିଦିଏ ତାର ଅସୁବିଧା ନ ହୋଇ ଆଉ କାହାର ହେବ ?]
୩ । ଲଜ୍ଜିତ କରିବା; ଅପମାନିତ କରିବା; ଛି ଛି କରିବା—
3. To lay one's honour in dust; to disgrace a person.
(ଯଥା—ସାହାର ବଳୁ ବଳୁ, ତାହାର ଅପମାନ ପାଇବା କଥା ଦାଣ୍ଡରେ ବାଟରେ କହି ବୁଲ୍ ନାଁ, ତାହାହେଲେ ଲୋକେ ତୋତେ ଦିକଡ଼ାର କରିଦେବେ ।)
୪ । ଅକାମିକା କରିଦେବା—
4. To reduce to worthlessness.
(ଯଥା—ସୁରା ଆଉ ବେଶ୍ୟା, ଏ ଦୁଇଟି ମନୁଷ୍ୟର ସର୍ବନାଶର କାରଣ; ତାଙ୍କ କବଳରେ ଯେ ପଡ଼ିଲା, ତାକୁ ସେ ଅବଶେଷରେ ଦିକଡ଼ାର କରି ଦଅନ୍ତି ।)

ଦିକଡ଼ାର ମଣିଷ—ଦେ. ବି—୧ । ଅତି ତୁଚ୍ଛ ବ୍ୟକ୍ତି—
Dikardāra manisha 1. A very insignificant person; a man of straw.
ଦିକଡ଼ାର ମନୁଷ୍ୟ } ଅନ୍ୟରୂପ
ଦିକଡ଼ାର ଲୋକ }
दुकड़ार लोक; दोकौड़िका आदमी
୨ । ଅତି ଗରିବ ଲୋକ—2. A very poor man.
୩ । ଅତି ନୀଚସ୍ଥାନୀୟ ବ୍ୟକ୍ତି—3. A man of very low position or status

ଦିକଡ଼ିଆ—ଦେ. ବିଣ—୧ । ଅତି ନୀଚ—1. Very mean; base;
Dikaṛiā low; despicable.
ତୁକଡ଼ାର : ଦୁକଡ଼ିଆ ୨ । ତୁଚ୍ଛ; ନଗଣ୍ୟ—Insignificant.
୩ । ଅତି ସାମାନ୍ୟ ମୂଲ୍ୟର—3. Of very little price.

ଦିକାଠିଆ—ଦେ. ବି—ଦୁଇଖଣ୍ଡି କାଠି ମରାଯାଇ କାନ୍ଥରେ ଦ୍ରବ୍ୟାଦି
Dikāṭhiā ରଖିବା ନିମନ୍ତେ ଯେଉଁ ଅସ୍ଥାନ କରାଯାଇ ଥାଏ—
A place for keeping articles made on the wall by means of driving two pegs into it.

ଦିକି—ଗ୍ରା. ବୈଦେ. ବି—ଦିକ୍ (ଦେଖ)—Dik (See).
Diki

ଦିକିମାଖି—ଦେ. ବି—୧ । ଝଗଡ଼—1 Importunity.
Dikimākhi ୨ । ଧିକିମାକି; ବାରମ୍ବାର କହିବା ଦ୍ୱାରା ବିରକ୍ତି
(ଦିକିମାକି—ଅନ୍ୟରୂପ) ଉତ୍ପାଦନ—2. Higgling and haggling.

ଦିକିଶୂଳ—ଗ୍ରା. ବି (ସଂ. ଦିକ୍‌ଶୂଳ)—ଦିକ୍‌ଶୂଳ (ଦେଖ)—
Dikisūḷa Dik-śūḷa (See).
ଦ୍ୱିଶାଶୂଲ
(ଦିକେଇ ଶୂଳ, ଦିଗି ଶୂଳ, ଦିଗେଇଶୂଳ—ଅନ୍ୟରୂପ)

ଦିକିସିକି—ଦେ. ଅ—ଦିକ୍‌ସିକ୍ (ଦେଖ) —Diksik (See)
Dikisiki

ଦିକିସିକିଆ—ପ୍ରାଦେ. (ଯାଜପୁର) ବିଣ—୧ । ବିରକ୍ତିକର—
Dikisikiā 1. Irritating; bothersome; annoying.
୨ । ଝଗଡ଼ୁଆ—2. Importunate

ଦିକୁଳ—ଦେ. ବି. (ସଂ. ଦ୍ୱିକୁଳ)—୧ । ପିତୃବଂଶ ଓ ମାତୃବଂଶ—
Dikuḷa 1. One's father's line and mother's line.
ଦ୍ୱିକୁଳ ୨ । କୌଣସି ବ୍ୟକ୍ତିର ପୁତ୍ରର ବଂଶଧରଗଣ ଓ କନ୍ୟାର
दोनोंकुल ବଂଶଧରଗଣ—2. One's son's descendants and daughter's descendants.
(ଯଥା—ତାର ପିଣ୍ଡ ଦେବାକୁ ଦିକୁଳରେ କେହି ନାହିଁ ।)
୩ । (ସ୍ତ୍ରୀ ପକ୍ଷରେ) ପିତୃବଂଶ ଓ ଶ୍ୱଶୁରଙ୍କ ବଂଶ—
3. (in the case of a woman) One's father's line and father-in-law's line.

ଦିକ୍କ—ସଂ. ବି. ପୁଂ. (ଦିକ୍=ଅନୁକରଣ ଶବ୍ଦ+କର୍ତ୍ତୃ. କ; ଯେ ଦିକ୍‌ଦିକ୍
Dikka ଶବ୍ଦ କରେ)—ବିଂଶତି ବର୍ଷ ବୟସ୍କ କରଭାବକ; ହାତୀ
ଛୁଆ—A calf of an elephant.

ଦିକ୍କନ୍ୟା—ସଂ. ବି—କନ୍ୟାରୂପେ କଳ୍ପିତ ଦିକ୍‌ସମୂହ—
Dikkanyā The ten directions personified.
(ଦିକ୍କାନ୍ତା—ଅନ୍ୟରୂପ) [ଦ୍ର—ବରାହ ପୁରାଣରେ ଲେଖାଅଛି ଯେ ବ୍ରହ୍ମା ସୃଷ୍ଟି କରିବା ସମୟରେ ତାଙ୍କ କାନରୁ ୧୦ଟି କନ୍ୟା ଉତ୍ପନ୍ନ ହେଲେ । ସେମାନେ ଗୋଟିଏ ଗୋଟିଏ ଦିଗକୁ ଗ୍ରହିଲେ । ବ୍ରହ୍ମା ୮ଟି ଦିକ୍‌ପାଳ ସୃଷ୍ଟି କରି ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ କନ୍ୟା ପ୍ରଦାନ କଲେ; ବ୍ରହ୍ମା ସ୍ୱୟଂ ଊର୍ଦ୍ଧ୍ୱକୁ ଗଲେ ଓ ଶେଷ ବା ବାସୁକିଙ୍କୁ ଅଧୋଦେଶରେ ରଖିଲେ—ହି. ଶବ୍ଦସାଗର ।]

ଦିକ୍କର—ସଂ. ବି. ପୁଂ. (ଦିକ୍=ଦିଗ, ସ୍ଥାନ+କୃ ଧାତୁ+କର୍ତ୍ତୃ. ଅ;
Dikkara ଯେ ସର୍ବଦା ସ୍ଥାନ ପରିବର୍ତ୍ତନ କରେ ଅର୍ଥାତ୍ ବିଭିନ୍ନ
ଦିକ୍କର } ଅନ୍ୟରୂପ ସ୍ଥାନରେ କର୍ମରେ ବ୍ୟାପୃତ ରହେ)—
ଦିକ୍କରିକା } ୧ । ଯୁବକ—1 A young man.
୨ । ଶିବ—2. The God Śiba.

ଦିକ୍କରୀ—ସଂ. ବି. (୬ଷ୍ଠୀ ତତ୍; ଦିକ୍+କରିନ୍)—ଦିଗ୍‌ଗଜ (ଦେଖ)
Dikkari Diggaja (See)

ଦିକ୍‌କୋଣ—ସଂ. ବି. (ଦିକ୍+କୋଣ; ୬ଷ୍ଠୀ ତତ୍)—ଦିଗମାନଙ୍କର
Dikkoṇa କୋଣ—The intermediate points of the compass.
[ଦ୍ର—ଅଗ୍ନି, ବାୟୁ, ଈଶାନ, ନୈର୍ଋତ ଏହି ଚାରିଟି ଦିକ୍‌କୋଣ ।]

ଦିକ୍ଷିତ—ଦେ. ବି. (ସଂ. ଦୀକ୍ଷିତ)—ଦୀକ୍ଷିତ (ଦେଖ)
Dikhita Dīkshita (See)
(ଦିଗିତ—ଅନ୍ୟରୂପ)

ଦିଖୁଣ୍ଟିଆ—ଦେ. ବିଣ—ଯେଉଁ ଘରଟିରେ ଦୁଇଟି ଖୁଣ୍ଟ ଥାଏ—
Dikhuṇṭiā Double-poled (tent).
दुखोंबा

ଦିଗ—ଦେ. ବି. (ସଂ. ଦିକ୍)—ଦିକ୍ (ଦେଖ)
Dig Dik (See)

ଦିଗ୍‌ଜ୍ଞାନ—ସଂ. ବି. (ଦିକ୍+ଜ୍ଞାନ; ୬ଷ୍ଠୀ ତତ୍)—
Dig-jñāna ୧ । ପୃଥିବୀର ଦିଗମାନ ନିର୍ଣ୍ଣୟ କରିବାର ଜ୍ଞାନ—
1. The knowledge of the points of the compass.
୨ । ଅଳ୍ପ ମାତ୍ର ଜ୍ଞାନ; ସାମାନ୍ୟ ଜ୍ଞାନ—
2. Slight or superficial knowledge.

ଦିଗ୍‌ଦର୍ଶନ—ସଂ. ବି. (ଦିକ୍+ଦର୍ଶନ)—୧ । ବହୁଦର୍ଶିତା; ଅଭିଜ୍ଞତା—
Dig-darśana 1. Experience; thorough knowledge.
୨ । ଦିଗମାନଙ୍କର ନିର୍ଣ୍ଣୟ—2. The ascertainment of the points of the compass.
୩ । ଦିକ୍ ନିର୍ଣ୍ଣୟ କରିବା ଯନ୍ତ୍ର—
3. Mariner's compass.
୪ । ସୂଚନା—4. Insinuation; indication.
୫ । ଉଦାହରଣସ୍ୱରୂପ ସୂଚିତ ବିଷୟ—
5. Any thing indicated as an illustration.
୬ । ନମୁନା—6. Specimen.
ବିଣ—ଯାହାଦ୍ୱାରା ଦିଗମାନ ନିର୍ଣ୍ଣିତ ହୁଏ—Showing the directions or points of the compass.

ଦିଗ୍‌ଦର୍ଶନ ଯନ୍ତ୍ର—ସଂ.ବି—ଯେଉଁ ଯନ୍ତ୍ର ସାହାଯ୍ୟରେ ଦିଗମାନଙ୍କ ସମ୍ବନ୍ଧେ
Dig-darśana jantra ଜ୍ଞାନ ଲାଭ କରାଯାଏ—Mariner's compass.
(ଦିଗ୍‌ଦର୍ଶକ ଯନ୍ତ୍ର—ଅନ୍ୟରୂପ)

ଦିଗ୍‌ଦାର (ଇତ୍ୟାଦି)—ବୈଦେ. ବିଣ—ଦିକ୍‌ଦାର (ଦେଖ)
Dig-dār (etc) Dik-dār (See)

ଦିଗ୍‌ଦାହ—ସଂ. ବି. (୬ଷ୍ଠୀ ତତ୍; ଦିକ୍+ଦାହ)—ସୂର୍ଯ୍ୟାସ୍ତ ପରେ ସବୁ
Dig-dāha ଦିଗମାନ ଜଳନ୍ତା ପରି ନାଲି ଦେଖାଯିବା ଦେଖି

ଘଟନା—An extraordinary natural phenomenon in which the horizon looks like blazing fire after sunset.
[ଦ୍ର—ଏହା ଦେଶରେ ଅଶୁଭ ଯୁଦ୍ଧ, ମଡ଼କ, ଦୁର୍ଭିକ୍ଷ ଓ ମାଗ୍ଣିଭୟର ସୂଚନା କରେ—ବୃହତ୍ ସଂହିତା ।]

ଦିଗ୍‌ଦିଗନ୍ତ—ସଂ ବି. (ଦିକ୍ + ଦିକ୍ + ଅନ୍ତ)—୧ । ଦିଗମାନଙ୍କର
Dig-diganta ଅନନ୍ତ ବିସ୍ତାର; ଦିଗଠାରୁ ଦିଗସୀମା ପର୍ଯ୍ୟନ୍ତ
(ଦିଗ୍‌ଦିଗନ୍ତର—ଅନ୍ୟରୂପ) ବିସ୍ତାର—1. The wide expanse extending over the whole space.
୨ । ଦିଗ୍‌ବିଦିକ୍; ଚାରିଦିଗ ଓ ଚାରିକୋଣ—
2. The eight points of the compass.
କ୍ରି. ବିଣ—ସବୁ ଦିଗରେ—On all sides.

ଦିଗ୍‌ଦେବତା—ସଂ. ବି—ଦିକ୍‌ପତି (ଦେଖ)
Dig-debatā Dik-pati (See)

ଦିଗ୍‌ନାଗାଚାର୍ଯ୍ୟ—ଦେ. ବି. (ନାମ)—ଜଣେ ବୌଦ୍ଧ ଦାର୍ଶନିକ—
Dig-nāgāchārjya A Buddhistic philosopher.
[ଦ୍ର—ଏ ପ୍ରାୟ ୫୦୦ ବର୍ଷ ପୂର୍ବେ ଉତ୍କଳର ରାଜାଙ୍କ ଆଶ୍ରୟରେ ବାସ କରୁଥିଲେ ଏବଂ ପ୍ରଧାନ ନ୍ୟାୟ ଶାସ୍ତ୍ର 'ପ୍ରମାଣ ସମୁଚ୍ଚୟ' ପ୍ରଣୟନ କରିଥିଲେ ।]

ଦିଗ୍‌ବସନ—ସଂ. ବିଣ. ପୁଂ. (ଦିକ୍ + ବସନ, ଯାହାର; ବହୁବ୍ରୀହି)—
Dig-basana ଦିଗମ୍ବର; ଉଲଙ୍ଗ; ଲଙ୍ଗଳା; ନଗ୍ନ—
(ଦିଗ୍‌ବସ୍ତ୍ର—ଅନ୍ୟରୂପ) Naked; nude.
ବି. ପୁଂ—ମହାଦେବ—Śiba.

ଦିଗ୍‌ବସନା—ସଂ. ବିଣ. ସ୍ତ୍ରୀ. (ଦିକ୍ + ବସନ + ସ୍ତ୍ରୀ ଆ; ବହୁବ୍ରୀହି)—
Dig-basanā ନଗ୍ନା; ଲଙ୍ଗଳା—Naked (female).
(ଦିଗ୍‌ବସ୍ତ୍ରା—ଅନ୍ୟରୂପ) ବି. ସ୍ତ୍ରୀ—କାଳୀ—Goddess Kālī.

ଦିଗ୍‌ବାନ୍—ସଂ. ବି. (ଦିକ୍ + ବତ୍; ୧ମା. ୧ବ)—ପହରାଦାର;
Dig-bān ଚୌକିଦାର (ହି. ଶବ୍ଦସାଗର)—Watchman.

ଦିଗ୍‌ବାରଣ—ସଂ. ବି. (ଦିକ୍ + ବାରଣ)—୧ । ଦିଗମାନଙ୍କୁ ବାରିବା ବା
Dig-bāraṇa ଚିହ୍ନିବା ବା ଠଉରାଇବା—1. Distingwishing the quarters of the globe.
୨ । ଦିଗ୍‌ଗଜ (ଦେଖ)—Diggaja (See)
୩ । ଦିଗ୍‌ବାରଣ ଯନ୍ତ୍ର; ଦିଗ୍‌ଦର୍ଶନ ଯନ୍ତ୍ର—
3. Mariner's compass.

ଦିଗ୍‌ବାରଣ ଖୁଣ୍ଟ(ଣ୍ଟି)—ଦେ. ବି—୧ । ଜାହାଜର ମାସ୍ତୁଲ—
Dig-bāraṇa khuṇṭa(ṇṭi) 1. The mast of a ship.
ଦିଗ୍‌ବାରଣ ଖମ୍ବ, ଦିଗ୍‌ବାରଣୀ ଖୁଣ୍ଟ, ଦିଗ୍‌ବାରେଣୀ ଖମ୍ବ } ଅନ୍ୟରୂପ
ଦିଗବାରଣ খুঁট
୨ । ଯେଉଁ ଉଚ୍ଚ ଖୁଣ୍ଟ ଉପରେ ଚଢ଼ି ଦିଗ୍‌ନିର୍ଣ୍ଣୟ କରାଯାଏ—
2. A high post getting up over which people ascertain the directions of the earth.
୩ । ଯେଉଁ ଉଚ୍ଚ ଖୁଣ୍ଟ ବା ମାସ୍ତୁଲ ଉପରେ ଦିଗ୍‌ନିର୍ଣ୍ଣୟକ ଚାରି ଖଣ୍ଡି ବା ଆଠ ଖଣ୍ଡି କାଠି ଥାଏ—3. A high post or the mast of a ship on the top of which 4 or 8 pieces of sticks are fixed crosswise, pointing the directions.

ଦିଗ୍‌ବାରଣ ଯନ୍ତ୍ର—ସଂ. ବି. (ଦିକ୍ + ବାରଣ + ଯନ୍ତ୍ର)—
Dig-bāraṇa jantra ଦିଗ୍‌ଦର୍ଶନ ଯନ୍ତ୍ର (ଦେଖ)
Dig-darśana jantra (See)

ଦିଗ୍‌ବାସାଃ—ସଂ. ବିଣ ଓ ବି. ପୁଂ. (ଦିକ୍ + ବାସ୍ = ବସ୍ତ୍ର, ଯାହାଙ୍କର)
Dig-bāsāḥ ଦିଗ୍‌ବସନ (ଦେଖ)—Dig-basana (See).

ଦିଗ୍‌ବିଜୟ—ସଂ. ବି. (ଦିକ୍ + ବିଜୟ; ୬ଷ୍ଠୀ ତତ୍)—
Dig-bijaya ବିଦ୍ୟା, ବୁଦ୍ଧି ବା ବଳ ଦ୍ୱାରା ସବୁ ଦିଗକୁ ଅଧିକାର ବା ଜୟ କରିବା—Conquest of the world (wherever one goes) through one's prowess or learning.
[ଦ୍ର—ପ୍ରାଚୀନ କାଳରେ ରାଜାମାନେ ନିଜ ନିଜର ବୀରତ୍ୱ ଜଗତରେ ଘୋଷଣା କରିବା ପାଇଁ ଦେଶଦେଶାନ୍ତରକୁ ସୈନ୍ୟସହ ଯାତ୍ରା କରି ସେହି ସେହି ଦେଶର ରାଜାମାନଙ୍କ ସଙ୍ଗେ ଯୁଦ୍ଧ କରି ଜୟ ଲାଭ କରି ନିଜ ରାଜ୍ୟକୁ ଫେରି ଆସୁଥିଲେ ।]

ଦିଗ୍‌ବିଜୟୀ—ସଂ. ବିଣ. ପୁଂ. (ଦିଗ୍‌ବିଜୟ + ଅସ୍ତି ଇନ୍; ୧ମା. ୧ବ)—
Dig-bijayī ଯେ ପୃଥିବୀର ଯେଉଁ ଦିଗକୁ ଯାଏ ସେହି ଦିଗକୁ ଜୟ କରେ—World-conquering; invincible; of irresistible power; one who conquers wherever he goes; conquering the universe.

ଦିଗ୍‌ବିଦିଗ୍—ସଂ. ବି—ଦିଗ୍‌ବିଦିକ୍ (ଦେଖ)
Dig-bidig Digbidik (See)

ଦିଗ୍‌ବିଦିଗ୍ ଜ୍ଞାନଶୂନ୍ୟ—ସଂ.ବିଣ. ପୁଂ—୧ । ଯେଉଁ ଲୋକ ପୃଥିବୀର ୪ଦିଗ
Dig-bidig jñānaśūnya ଓ ୪ ବିଦିଗର ନାମ ଜାଣେ ନାହିଁ—
(ଦିଗ୍‌ବିଦିଗ୍ ଜ୍ଞାନଶୂନ୍ୟା—ସ୍ତ୍ରୀ) 1. Ignorant of the know-
(ଦିଗ୍‌ବିଦିଗ୍ ଜ୍ଞାନଶୂନ୍ୟତା—ବି) ledge of the various points of the compass.
୨ । ଭଲ ମନ୍ଦ ଜ୍ଞାନଶୂନ୍ୟ (ବ୍ୟକ୍ତି); ଗୁରୁଲଘୁଜ୍ଞାନଶୂନ୍ୟ; କର୍ତ୍ତବ୍ୟାକର୍ତ୍ତବ୍ୟ ବିଚାରଶୂନ୍ୟ—
2. Unable to distinguish right from wrong; void of discriminating power.
୩ । କୌଣସି କାର୍ଯ୍ୟର ଭବିଷ୍ୟତ୍ ଫଳାଫଳ ସମ୍ବନ୍ଧେ ବିଚାରଶୂନ୍ୟ—3. Rash; devoid of common sense.
୪ । କିଂକର୍ତ୍ତବ୍ୟ ବିମୂଢ଼—
4. Unable to settle what to do; dumfounded.

ଦିଗ୍‌ବିଭାଗ—ସଂ. ବି. (ଦିକ୍ + ବିଭାଗ)—ଦିକ୍ (ଦେଖ)
Digbibhāga Dik (See)
(ଦିଗ୍‌ଭାଗ—ଅନ୍ୟରୂପ)

ଦିଗ୍‌ବ୍ୟାପୀ—ସଂ. ବିଣ (ଦିକ୍ + ବ୍ୟାପିନ୍; ୧ମା. ୧ବ)—ଯାହା ଦିଗମାନଙ୍କୁ
Dig-byāpī ବ୍ୟାପି ଥାଏ—Extending over the points of the compass.

ଦିଗ୍‌ଭ୍ରମ—ସଂ. ବି. (ଦିକ୍+ଭ୍ରମ; ୬ଷ୍ଠୀ ତତ୍)—
Dig-bhrama ଦିଗ ନିର୍ଣ୍ଣୟ କରିବା ସମ୍ବନ୍ଧେ ଭ୍ରାନ୍ତି—
Mistake respecting the identity of the points of the compass

ଦିଗ୍‌ଭ୍ରମଣ—ସଂ. ବି. (ଦିକ୍+ଭ୍ରମଣ; ୭ମୀ ତତ୍)—
Dig-bhramaṇa ଦିଗ୍ ଦିଗନ୍ତ ବୁଲିବା; ଘର ଅଡ଼େ ଛାଡ଼ିଥିବା ପର ବୁଲିବା—Wandering in all directions.

ଦିଗ୍‌ଶିଖା—ସଂ. ବି—ପୂର୍ବ ଦିଗ (ହି. ଶବ୍ଦସାଗର)—
Dig-śikhā The East.

ଦିଗ୍‌ଶୂଳ—ସଂ. ବି—ଦିକ୍‌ଶୂଳ (ଦେଖ)
Dig-śūla Dikśūla (See)

ଦିଗ—ଦେ. ବି. (ସଂ. ଦିକ୍)—
Diga ୧ । ଦିକ୍—1. The points of the compass.
दिग ଦିଗ ଚାରିଆଡ଼େ କଳପତି
दिशा ଅର୍ଦ୍ଧେକ ବନ୍ଧି ସୁରପତି । ଜଗନ୍ନାଥ. ଭାଗବତ ।
୨ । ଏକ କଉଡ଼ି କଉଡ଼ିର ଦଶମାଂଶ—
2. One tenth of a cowrie or shell-money.
୩ । ପକ୍ଷ—3. Side.
ବେନି ଦିଗ ମନ୍ତ୍ରୀ ନବର୍ତ୍ତୀଇ । ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ଦିଗଂଶ—ସ. ବି. (୬ଷ୍ଠୀ ତତ୍; ଦିକ୍+ଅଂଶ) (ଜ୍ୟୋତିଷ)—
Digaṁśa କ୍ଷିତିଜ ବୃତ୍ତର ୩୬୦ ଭାଗର ଏକଭାଗ (ହି.ଶବ୍ଦସାଗର)-(astronomy) $\frac{1}{360}$ part of the Kshitija circle.
[ଦ୍ର—ଆକାଶରେ ଗ୍ରହ ଓ ନକ୍ଷତ୍ରାଦିଙ୍କ ସ୍ଥିତି ଜାଣିବା ପାଇଁ କ୍ଷିତିଜ ବୃତ୍ତକୁ ୩୬୦ ଅଂଶରେ ବିଭକ୍ତ କର, ଯେଉଁ ଗ୍ରହ ବା ନକ୍ଷତ୍ରର ଦିଗଂଶ ଜାଣିବାକୁ ଥାଏ ତାହା ଉପରେ ଅଧଃସ୍ୱସ୍ତିକ ଓ ସ୍ୱସ୍ତିକକୁ ସ୍ପର୍ଶ କରୁଥିବା ଏକ ବୃତ୍ତ ଟଣା ଯାଏ । ଉକ୍ତ ବୃତ୍ତର ପୂର୍ବ ଦିଗୁ କ୍ଷିତିଜ ବୃତ୍ତର ଦକ୍ଷିଣ ବା ଉତ୍ତର ଯେତେ ଅଂଶରେ କାଟେ ଉକ୍ତ ଅଂଶକୁ ଉକ୍ତ ଗ୍ରହ ବା ନକ୍ଷତ୍ରର ଦିଗଂଶ ବୋଲଯାଏ । ହି. ଶବ୍ଦସାଗର]

ଦିଗଜୟ—ଦେ. ବି. (ସ. ଦିଗ୍‌ବିଜୟ)— ସମଗ୍ର ପୃଥିବୀକୁ ଜୟ କରିବା—
Digajaya Conquest of the whole world.
୨ । ଦିଗ୍‌ବିଜୟ (ଦେଖ)—2. Dig-bijaya (See)
ମଦନ ମଲ୍ଲପତି ଦିଗଜୟ ପାଇଁ;
ବାହାର ଅଛି ସଙ୍ଗ ହସ୍ତୀକି ଅଡ଼େଇ ।
କୃଷ୍ଣସିଂହ. ମହାଭାରତ. ବନ ।

ଦିଗଡ଼—ଦେ. ବି.—ଦୁଇଖଣ୍ଡ—
Digaṛa Two pieces.
छुटुकुरा ବିଣ—ଦୁଇଖଣ୍ଡରେ ବିଭକ୍ତ—
दोटुकड़ा Cut into two.

ଦିଗଡ଼ କରିବା—ଦେ. କ୍ରି—(କୌଣସି ବସ୍ତୁକୁ) ଦୁଇଖଣ୍ଡରେ କାଟିବା—
Digaṛa karibā To cut (a thing) into two.
दोटुकड़ा करना छुटुकरा करा

ଦିଗ ଦହନ—ଦେ. ବିଣ. (ସ. ଦିକ୍‌ଦହନ)—ଯେ ଚତୁର୍ଦ୍ଦିଗ ଜାଳି ଦିଏ—Inflaming; who can burn all around.
Diga dahana

ବି—୧ । ଚତୁର୍ଦ୍ଦିଗରେ ଜ୍ୱଳନକ୍ରିୟା—
1. Burning of all sides.
୨ । ଇନ୍ଦ୍ରଜିତଙ୍କ ଦେବଦଳନ ରଥରେ ଉଡ଼ୁଥିବା ପତାକା-ବିଶେଷ—2. The name of the flag flying on the chariot of Indrajita.
ଦିଗଦହନ୍ନୁ ଗୋ ଇନ୍ଦ୍ର ବଜ୍ରଦହନ ନାମ ନରେ ଇନ୍ଦ୍ରେ ବଞ୍ଚଲେ ସେ—
ଭଞ୍ଜ. ବୈଦେହୀଶବିଳାସ ।
୩ । ଦିଗ୍‌ଦାହ (ଦେଖ)—3. Dig-dāha (See)

ଦିଗଦାହ—ଦେ. ବି. (ସ. ଦିଗ+ଦାହ)—ଦିଗ୍‌ଦାହ (ଦେଖ)
Digadāha Dig-dāha (See)
ଅକାଳେ ଭଲୁକା ପଡ଼ିବେ କୋଟି କୋଟି
ଦିଗଦାହ ହୋଇବ ସିଂହାକୁ ଯୁଗଛି—କୃଷ୍ଣସିଂହ. ମହାଭାରତ. ବନ ।

ଦିଗଦାର୍—ବୈଦେ. ବିଣ—ଦିକ୍‌ଦାର୍ (ଦେଖ)
Digadār Dik-dār (See)

ଦିଗଦିଗନ୍ତ—ଦେ. ବି—ଦିଗ୍‌ଦିଗନ୍ତ (ଦେଖ)
Digadiganta Dig-diganta (See)

ଦିଗନ୍ତ—ସ. ବି. (ଦିକ୍+ଅନ୍ତ; ୬ଷ୍ଠୀ ତତ୍)—
Diganta ୧ । ଦିଗର ଅନ୍ତ ବା ସୀମା—1. The end or extremity of the quarters of the earth.
୨ । ଅନନ୍ତ ବ୍ୟବଧାନ—
2. Infinite space or interval.
୩ । ବିଦିକ୍—3. The corner points of the compass.

ଦିଗନ୍ତ ବିସ୍ତାରିତ—ସ. ବିଣ. (ଦିଗନ୍ତ+ବିସ୍ତାରିତ)—
Diganta bistārita ୧ । ଯାହା ଅନନ୍ତ ସ୍ଥାନ ବ୍ୟାପିଅଛି—
(ଦିଗନ୍ତ ବିସ୍ତୃତ—ଅନ୍ୟରୂପ) 1. Extending over unlimited space.
୨ । ଯାହା ବହୁଦୂରକୁ ବିସ୍ତୃତ ହୋଇଅଛି—2. That which extends to a very great distance.

ଦିଗନ୍ତ ବିସ୍ତାରୀ—ସ. ବିଣ—ଦିଗନ୍ତ ବିସ୍ତାରିତ (ଦେଖ)
Diganta bistārī Diganta bistārita (See)

ଦିଗନ୍ତ ବ୍ୟାପୀ—ସ. ବିଣ—ଦିଗନ୍ତ ବିସ୍ତାରିତ (ଦେଖ)
Diganta byāpī Diganta bistārita (See)

ଦିଗନ୍ତର—ସ. ବି. (ଅନ୍ୟ ଦିକ୍=ଦିଗନ୍ତର)—୧ । ଅନ୍ୟ ଦିଗ—
Digantara 1. Another direction.
୨ । ଦିଗମାନଙ୍କ ମଧ୍ୟରେ ଥିବା ଅବକାଶ—
2. The space between the cardinal points of the compass.
୩ । ବିଦିକ୍—3. The corner points of the compass.

ଦିଗନ୍ତ ରେଖା—ଦେ. ବି—ଦିକ୍‌ଚକ୍ରବାଳ—
Diganta rekhā Horizon.

ଦିଗବାରଣ ଭାଡ଼ି—ଦେ. ବି—ଯେଉଁ ଉଚ୍ଚ ଭାଡ଼ି ଉପରେ ଛିଡ଼ି ଶତ୍ରୁର
Digabāraṇa bhāṛi ଗତିକୁ ଠଉରାଇବାକୁ ହୁଏ—
A high scaffolding from which observation is made of the enemy's movements.

ଅଣ୍ଟାକଣ୍ଟାରେ ମାରୁ ନହୁଲ ପଟା
ଦିଗବାରଣ ଭଳି ଗୋଟାକୁଗୋଟା । ଦୃଜନାଥ. ସମରତରଙ୍ଗ ।

ଦିଗବାର ମଉସିଲ—ପ୍ରାଦେ. (ବାଲେଶ୍ୱର) ବି—ଖାତକ ଅବଳଠାରୁ
Digabāra mausila ଟଙ୍କା ଆଦାୟ ହେବା ପର୍ଯ୍ୟନ୍ତ ଖାତକ ଦ୍ୱାରରେ ବସି ରହିବା ପାଇଁ ମୁତଏନ୍ ହୋଇଥିବା ପିଅଦା—
A peon deputed to sit at the house of a debter till he pays up the dues.
ଅବଶ୍ୟ ଖାତକ ଉପରେ ଦିଗବାର ମଉସିଲ ଦେଇ ଟଙ୍କା ଅସୁଲ
କରାଇ ନଥନ୍ତି । ଫକୀରମୋହନ. ମାମୁ ।

ଦିଗ ବିଦିଗ—ଦେ. ବି—ଦିଗ୍‌ବିଦିକ୍ (ଦେଖ)
Diga bidiga Digbidik (See)

ଦିଗମ୍ବର—ସଂ. ବିଣ. ପୁଂ. (ଦିକ୍ ହୋଇଅଛି ଅମ୍ବର=ବସ୍ତ୍ର ଯାହାର; ବହୁବ୍ରୀହି)—ଲଙ୍ଗଳା; ଅବସ୍ତ୍ର; ନଗ୍ନ—
Digambara Naked; nude.
(ଦିଗମ୍ବରୀ—ସ୍ତ୍ରୀ)
ବି. ପୁଂ—୧ । ଜୈନମାନଙ୍କ ସମ୍ପ୍ରଦାୟବିଶେଷ—
1. One of the sects of the Jainas.
[ଦ୍ର—ଏମାନେ ଉଲଙ୍ଗ ଦେବତାଙ୍କୁ ପୂଜା କରନ୍ତି ।]
୨ । ଶିବ; ମହାଦେବ—2. Siba.
୩ । ବୌଦ୍ଧବିଶେଷ—3. A sect of Buddhists.
୪ । ଅନ୍ଧକାର—4. Darkness.
ଦେ. ବି—ଲୋକଙ୍କ ନାମ—
A name given to males.

ଦିଗମ୍ବରତା—ସ. ବି. (ଦିଗମ୍ବର+ଭାବେ. ତା)—ନଗ୍ନ ଅବସ୍ଥା—
Digambaratā Nudity; nakedness.
(ଦିଗମ୍ବରତ୍ୱ—ଅନ୍ୟରୂପ)

ଦିଗମ୍ବରୀ—ସ. ବିଣ. ସ୍ତ୍ରୀ (ଦିଗମ୍ବର+ସ୍ତ୍ରୀ. ଈ)—ବିବସ୍ତ୍ରା—
Digambarī Naked (female).
ବି—୧ । କାଳୀ—1. Goddess Kāḷi.
୨ । ଜୈନମାନଙ୍କ ସମ୍ପ୍ରଦାୟବିଶେଷ; ଦିଗମ୍ବର ସଂପ୍ରଦାୟ—
2. A sect of Jainas.

ଦିଗରି(ର) କରିଦେବା—ଗ୍ରା. କ୍ରି. (ଇଂରାଜୀ ଭାଷା)—ଦୁଇଖଣ୍ଡ କରିଦେବା; ଦୁଇଗଡ଼ କରିଦେବା—
Digari(ra) karidebā To cut into two.
ଏହାଙ୍କୁ ଏକେ ଖଲୁକୁ ଦିଗରି କରି ଦେବ ।
କୁନ୍ତଳାକୁମାରୀ. ଅଞ୍ଜଳି ।

ଦିଗଶୂଳ—ଦେ. ବି. (ସଂ. ଦିକ୍‌ଶୂଳ)—ଦିକ୍‌ଶୂଳ (ଦେଖ)
Digaśūḷa Dik-śūḷa (See)

ଦିଗାଇ—ଦେ. ବି. (ଆଦରାର୍ଥକ)—ଦିଗମ୍ବର ନାମକ ବ୍ୟକ୍ତିର
Digāi ଡାକ ନାମ—Name for calling a person named Digambara.
(ଦିଗା—ଅନାଦରାର୍ଥକ)
(ଦିଗାମ୍ବର; ଦିଗେଇ—ଅନ୍ୟରୂପ)

ଦିଗାନ୍ତର—ଗ୍ରା. ବି. (ପ୍ରାଚୀନ ପଦ୍ୟ) (ସଂ. ଦିଗନ୍ତର)—
Digāntara ଦିଗ୍‌ବିଦିକ୍ (ଦେଖ)—Digbidik (See)
ସେ ନାଦ ଅନ୍ତର ବାହାରେ
ସମାନ ଦଶ ଦିଗାନ୍ତରେ—ଭୂପତି. ପ୍ରେମପଞ୍ଚାମୃତ ।

ଦିଗାମ୍ବର—ଗ୍ରା. ବିଣ. (ପ୍ରାଚୀନ ପଦ୍ୟ) (ସ. ଦିଗମ୍ବର)—
Digāmbara ଦିଗମ୍ବର (ଦେଖ)
(ଦିଗାମ୍ବରୀ—ଅନ୍ୟରୂପ) Digambara (See)
ଜଟା ମୁକୁଟ ଦିଗାମ୍ବର, ଭସ୍ମଭୂଷଣ କଳେବର ।
ଭୂପତି. ପ୍ରେମପଞ୍ଚାମୃତ ।

ଦିଗାମ୍ବରୀ—ଦେ. ବି. ପୁଂ—୧ । ଋଷି; ବୈଷ୍ଣବ—
Digāmbarī 1. A sage; an ascetic.
ଶୁଣ ହୋ ସବୁ ଦିଗାମ୍ବରୀ, କର୍ମର ଫଳକୁ ଅଦରି ।
ଭୂପତି. ନର୍ବଦା ମାହାତ୍ମ୍ୟ ।
୨ । ଦିଗମ୍ବର ଜୈନ—2. A sect of Jainas.

ଦିଗିତ—ଗ୍ରା. ବି. (ସ. ଦୀକ୍ଷିତ)—ଦୀକ୍ଷିତ (ଦେଖ)
Digita Dikshita (See)

ଦିଗୀଶ୍ୱର—ସ. ବି. (ଦିକ୍+ଈଶ୍ୱର; ୬ଷ୍ଠୀ ତତ୍)—
Digīśwara ୧ । ଇନ୍ଦ୍ରାଦି ଦଶ ଦିକ୍‌ପାଳ—
(ଦିଗୀଶ—ଅନ୍ୟରୂପ) 1. The Deities presiding over the 10 quarters of the earth.
୨ । ସୂର୍ଯ୍ୟାଦି ଗ୍ରହ—
2. The sun and the other planets.

ଦିଗୁଣ(ଣା)—ଗ୍ରା. ବି ଓ ବିଣ. (ଦ୍ୱିଗୁଣ)—ଦୁଇ ଗୁଣ—
Diguṇa(ṇā) Two fold; double; twice.
ଦ୍ୱିଗୁଣ ଦ୍ୱିଗୁଣା

ଦିଗୁଣେ—ଦେ. କ୍ରି ବିଣ—ଦୁଇ ସଙ୍ଖ୍ୟାରେ ଗୁଣିଲେ—
Diguṇe Multiplied by two.
ଦୁଗୁଣେ } ଅନ୍ୟରୂପ (ଯଥା—ତିନି ଦିଗୁଣେ ଛଅ ପଣ—ପଣିକିଆ ଡାକ ।)
ଦୁଣେ

ଦିଗୋଡ଼ିଆ—ଦେ. ବିଣ—ଦ୍ୱିପଦବିଶିଷ୍ଟ; ଦୁଇ ଗୋଡ଼ ଥିବା (ଜନ୍ତୁ)—
Digoṛiā Two-legged (animal); biped.
ବି—୧ । ମନୁଷ୍ୟ—1. Man.
ଦିଗୋଡ଼ିଆଙ୍କୁ ବିଶ୍ୱାସ ନାହିଁ—କାହାଣୀ; ଡକ ।
୨ । ଗୋରୁର ସ୍ୱାମୀ ତାହାର ବାଛୁରୀକୁ ଅନ୍ୟ ବ୍ୟକ୍ତିକୁ ପାଳିବାକୁ ଦେବାର ଏକ ପ୍ରକାର ସର୍ତ୍ତ, ଯେଉଁ ସର୍ତ୍ତ ଅନୁସାରେ ପାଳିବାକୁ ଦେବା ସମୟରେ ବାଛୁରୀର ଯାହା ମୂଲ୍ୟ ହୋଇଥିବ, ବାଛୁରୀଟି ବଢ଼ି ଗଲେ ଯାହା ଦାମ ହେବ ତହିଁରୁ ଦେବା ବେଳର ମୂଲ୍ୟ କାଟି ଦେଲେ ବାକି ଯାହା ମୂଲ୍ୟ ବଳ ପଡ଼ିବ ସେଥିରୁ ଗୋସ୍ୱାମୀ ଅଧେ ନେବ ଓ ପାଳନକାରୀ ବ୍ୟକ୍ତି ଅଧେ ନେବ—
2. A contract by which the profit is divided half and half between the owner of a calf and the person who brings it up to a grown up cow or bullock; a contract of half-and-half profit.

ଦିଗୋଡ଼ିଆ ପଶୁ—ଦେ. ବି—୧ । ପଶୁ ତୁଲ୍ୟ ପୁରୁଷ; ଅବିବେକୀ—
Digoṛiā paśu 1. A person like a brute; an indiscriminate person.
୨ । ମୂଢ଼ ଲୋକ—2. A simpleton; an idiot; halt-witted person.

ଦିଗୋଡ଼ିଆ ବନ୍ଧା(ନ୍ଧେ)ଇବା—ଦେ.କ୍ରି—'ଦିଗୋଡ଼ିଆ' ସର୍ତ୍ତରେ ନିଜର
Digor̤dia bandhā(ndhe)ibā ବାଛୁରୀକୁ ଅନ୍ୟ ବ୍ୟକ୍ତିକୁ ପାଳିବାକୁ ଦେବା—To make over a calf to another person to bring it up under the contract of 'Digor̤diā'.

ଦିଗୋଡ଼ିଆ ବାନ୍ଧିବା—ଦେ. କ୍ରି—ଦିଗୋଡ଼ିଆ ସର୍ତ୍ତରେ କୌଣସି
Digor̤diā bāndhibā ବ୍ୟକ୍ତିଠାରୁ ବାଛୁରୀ ଆଣି ପାଳିବା—To bring up a calf on contract of sharing half the profit with the owner after it becomes full grown.

ଦିଗ୍ଗଜ—ସଂ. ବି. (ଦିକ୍‌+ଗଜ; ୬ଷ୍ଠୀ ତତ୍) —
Diggaja ହିନ୍ଦୁ ପୁରାଣୋକ୍ତ ଯେଉଁ ଆଠ ଗୋଟି ହସ୍ତୀ ପୃଥିବୀର ଆଠ ଦିଗକୁ ରକ୍ଷା କରୁଅଛନ୍ତି – The eight elephants said to watch the eight points of the compass.

[ଦ୍ର—ପୂର୍ବାଦି କ୍ରମେ ଦିଗ୍ଗଜମାନଙ୍କ ନାମ, ଯଥା— ଐରାବତ (ପୂର୍ବର); ପୁଣ୍ଡରୀକ (ପୂର୍ବ ଦକ୍ଷିଣର); ବାମନ (ଦକ୍ଷିଣର); କୁମୁଦ (ଦକ୍ଷିଣ ପଶ୍ଚିମର); ଅଞ୍ଜନ (ପଶ୍ଚିମର); ପୁଷ୍ପଦନ୍ତ (ପଶ୍ଚିମୋତ୍ତରର); ସାର୍ବଭୌମ (ଉତ୍ତରର); ସୁପ୍ରତୀକ (ଉତ୍ତର ପୂର୍ବର)]

ବିଣ—୧ । ମହାକାୟ—1. Huge-bodied.

୨ । ମହା ଶକ୍ତିଶାଳୀ; ଧୁରନ୍ଧର—
2. Very powerful.

ଦିଗ୍‌ଗଜ ଦେ. (ବ୍ୟଙ୍ଗାର୍ଥ) ବିଣ—ମହାମୂର୍ଖ—(ironical) Un-
दिग्गज letterd (person); ignorant; silly.

(ଯଥା— ଦିଗ୍ଗଜ ପଣ୍ଡିତ ।)

ବିଣର ବିଣ—ମହା; ଅତ୍ୟନ୍ତ—Very.

(ଯଥା— ଦିଗ୍ଗଜ ବିଦ୍ୱାନ ।)

ଦିଗ୍ଗଜ ପଣ୍ଡିତ—ଦେ. ବି—୧ । ମହା ବିଦ୍ୱାନ୍ ବ୍ୟକ୍ତି—
Diggaja pandita 1. A very learned person.

୨ । (ବ୍ୟଙ୍ଗୋକ୍ତି) ମହା ମୂର୍ଖ—
2. (ironical) A dunce.

ଦିଗ୍ଦାହ—ସଂ. ବି. (ଦିକ୍‌+ଦାହ; ୬ଷ୍ଠୀ ତତ୍)—
Digdāha ଦିଗ୍‌ବଳୟରେ ସୂର୍ଯ୍ୟାସ୍ତ ପରେ ଓ ରାତିରେ ନିଆଁ ଲାଗିଲା ଭଳି ରକ୍ତ ବର୍ଣ୍ଣ ଦେଖାଯିବାର ଅଦ୍ଭୁତ ଦୃଶ୍ୟ- The preternatural redness of the horizon after sunset and during the night as if it was on fire.

[ଦ୍ର—ଏପରି ଦୃଶ୍ୟ ଦେଖାଗଲେ ନିକଟ ଭବିଷ୍ୟତରେ ଦେଶରେ ଅମଙ୍ଗଳ ଘଟେ ବୋଲି ଶାସ୍ତ୍ରମାନଙ୍କରେ ଲେଖାଅଛି ।]

ଦିଗ୍ଧ—ସଂ. ବିଣ. (ଦିହ୍ ଧାତୁ=ଲେପନ କରିବା+କର୍ମ. ତ)—
Digdha ୧ । ଲିପ୍ତ—1. Smeared; annointed.

ରସ ଦିଗ୍ଧ ଶଙ୍ଖ ଶ୍ରାବ୍ୟେ ବହି ପୁଚ୍ଛ । ସ୍ୱାଧୀନାଂ ତଳିବା ।

୨ । ମିଶ୍ରିତ— 2, Mixed.

(ଯଥା—ବିଷଦିଗ୍ଧ ବାଣ ।)

ବି—୧ । ଅଗ୍ନି—1. Fire.

୨ । ବିଷଲିପ୍ତ ବାଣ—2. Envenomed arrow.

୩ । (+କରଣ. ତ) ସ୍ନେହ; ତୈଳ—3. Oil.

୪ । ପ୍ରବନ୍ଧ—4. A narrative; a composition.

୫ । (+ଭାବ. ତ) ଲେପନ—5. Smearing

ଦିଗ୍‌ବଳୟ—ସଂ. ବି. (ଦିକ୍‌+ବଳୟ; ରୂପକ କର୍ମଧା)—ଚକ୍ରବାଳ; ଦିକ୍-
Digbalaya ଚକ୍ର; କୌଣସି ଉଚ୍ଚସ୍ଥାନରୁ ଚାରିଆଡ଼କୁ ଚାହିଁଲେ ଯେଉଁଠାରେ ପୃଥିବୀ ଆକାଶ ସଙ୍ଗେ ମିଶିଗଲା ପରି ଦିଶେ; ପୃଥିବୀର ଚାରିପାଖରେ ଗୋଲ ହୋଇ ରହିଥିବା ଭଳି ଯେଉଁ ମଣ୍ଡଳ ବା ରେଖା ମନୁଷ୍ୟକୁ ଦେଖାଯାଏ—The horizon; the circle where the earth and the heavens seem to the eye to meet.

ଦିଗ୍‌ବିଦିକ୍—ସଂ. ବି. (ଦିକ୍=ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଦିଗ+
Digbidik ବିଦିକ୍=ଅଗ୍ନି,ବାୟୁ, ଈଶାନ ନୈର୍ଋତ କୋଣ; ଦ୍ୱନ୍ଦ୍ୱ)--

୧ । ଦିଗ ଓ ବିଦିଗ୍‌କୋଣମାନ—1. The four cardinal points and the four intermediate points of the globe.

୨ । ଚାରି ଦିଗ, ଚାରି କୋଣ, ଉପର ଓ ତଳ; ୧୦ ଦିଗ—
2. The ten quarters of the globe.

୩ । ଚତୁର୍ଦ୍ଦିଗ; ପୃଥିବୀର ସବୁ ଭାଗ—3. All the sides of the earth; all parts of the earth.

୪ । ଅନୁକୂଳ ଓ ପ୍ରତିକୂଳ ଦିଗ; ଗୋଟିଏ ଦିଗ ଓ ତାହାର ପ୍ରତିକୂଳ ଦିଗ—4. A point of the compass and its opposite point.

୫ । (ଲକ୍ଷଣାର୍ଥ) ଲଘୁ ଗୁରୁ, ହିତ ଅହିତ, ନ୍ୟାୟ ଅନ୍ୟାୟ ବିଷୟ—5. Distinction between right and wrong.

(ଯଥା—ଦୁଃଖର କଥା, ତାହାର ଦିଗ ବିଦିଗ ଜ୍ଞାନ ନାହିଁ ।)

ଦିଗ୍‌ବିଦିଗ୍ ଜ୍ଞାନଶୂନ୍ୟ—ସଂ. ବିଣ. ପୁଂ. (ଦିକ+ବିଦିକ୍+ଜ୍ଞାନଶୂନ୍ୟ)-
Digbidig jñānasūnya ଦିଗ ବିଦିଗ ଜ୍ଞାନଶୂନ୍ୟ (ଦେଖ)
(ଦିଗ୍‌ବିଦିଗ୍ ଜ୍ଞାନଶୂନ୍ୟା—ସ୍ତ୍ରୀ) Dig-bidig-jñānasūnya
(ଦିଗ୍‌ବିଦିଗ୍ ଜ୍ଞାନଶୂନ୍ୟତା—ବି) (See)

ଦିଘି—ଦେ. ବି (ସଂ. ଦୀର୍ଘିକା)—ବଡ଼ ପୋଖରୀ—
Dighi Big tank.
दीघी **दिग्घी, डिगी**

ଦିଙ୍‌ନାଗ—ସଂ. ବି. (ଦିକ୍‌+ନାଗ; ୬ଷ୍ଠୀ ତତ୍)—ଦିଗ୍ଗଜ (ଦେଖ)
Dinnāga Diggaja (See)
(ଦିଙ୍ମାତଙ୍ଗ—ଅନ୍ୟରୂପ)

ଦିଙ୍‌ନାରୀ—ସଂ. ବି. (ଦିକ୍‌+ନାରୀ)—୧ । ବେଶ୍ୟା (ହି. ଶବ୍ଦସାଗର)—
Diṅ-nāri 1. Prostitute.

୨ । କୁଳଟା ସ୍ତ୍ରୀ—2. Dissolute or adulterous woman.

ଦିଙ୍‌ନିର୍ଣ୍ଣୟ—ସଂ. ବି. (ଦିକ୍‌+ନିର୍ଣ୍ଣୟ; ୬ଷ୍ଠୀ ତତ୍)—
Diṅ-nirnnaya ୧ । ଦିଗମାନଙ୍କର ସ୍ଥିରୀକରଣ—1. Ascertainment of the points of the compass.

୨ । କୌଣସି ବିଷୟର ସୂଚନା—
2. Mere indication of any matter.

ଦିଙ୍ମଣ୍ଡଳ—ସ. ବ. (ଦିକ୍+ମଣ୍ଡଳ; ୬ଷ୍ଠୀ ତତ୍) —ଦିଗମାନଙ୍କର
Din-mandala ଚକ୍ରାକାର ଶେଷସୀମା, ଯାହାର ଅଶିକୁ ଦେଖାଯାଏ; ଦିକ୍‌ଚକ୍ର; ଦିଗ୍‌ବଳୟ—Horizon.

ଦିଙ୍ମାତ୍ର—ସ. ବ. (ଦିକ୍+ମାତ୍ର)—୧ । ଏକ ଦେଶ ମାତ୍ର—
Din-mātra 1. One quarter only.
୨ । ଏକାଂଶ; ଅଂଶମାତ୍ର—2. One part only.
୩ । କୌଣସି ବିଷୟର ସୂଚନା ମାତ୍ର - 3. Mere indication or hint of any matter.
ସ. ବଣ—ଅଳ୍ପମାତ୍ର—A little of; a bit of.

ଦିଙ୍ମୂଢ଼—ସ. ବଣ. ପୁଂ. (୭ମୀ ତତ୍; ଦିଗ+ମୂଢ଼)—
Din-mūrdha ଦିଗ ସମ୍ବନ୍ଧେ ଭ୍ରାନ୍ତ—Bewildered or mistaken as to the identity of the points of the compass.
(ଦିଙ୍ମୂଢ଼ତା—ବ)
(ଦିଙ୍ମୂଢ଼ା—ସ୍ତ୍ରୀ)

ଦି ଚଉକ—ଦେ. ବି—ପଶାଖେଳରେ ତିନୋଟି କାଠିରେ ଚାରି ପଡ଼ିବା
Di chauka ଦାନ—A throw of the dice resulting in 4 points turning up on three dice-sticks.
(ଦିଚୌକ—ଅନ୍ୟରୂପ)
छचौक
[ଦ୍ର—ଗୋଟିଏ କାଠିରେ ୨ ଏବଂ ଅନ୍ୟ ୨ କାଠିରେ ୧ ଲେଖାଏଁ ପଡ଼ିଲେ ତାହା ଦି ଚଉକ ଦାନ ହୁଏ]

ଦି ଚଉତ—ଦେ. ବିଣ—ଦୁଇଥର ଭାଙ୍ଗ ହୋଇଥିବା—
Di chauta Double-folded; folded twice.
(ଦିଚଉତା, ଦୋଚଉତ, ଦୋଚଉତା—ଅନ୍ୟରୂପ)
दोतारि दोहरातुआ

ଦି ଚାରି—ଦେ. ବ ଓ ବଣ. (ସ. ଦ୍ୱି; ଚତୁର)- ଅଳ୍ପସଂଖ୍ୟକ—
Di chāri A few.
छचार [ଦ୍ର—ଅଳ୍ପ ସଂଖ୍ୟକ ଅର୍ଥରେ ଦି ଏକ, ଦି ତିନ, ଦି ଚାରି,
दोचार ଇତ୍ୟାଦ୍ୟ ବ୍ୟବହୃତ ହୁଏ । ଯଥା :—ମୁଁ ଦି ତିନ ଦିନେ ଆସିବି, ତାଙ୍କ ସଙ୍ଗେ ଦି ଚାରି ଜଣ ଲୋକ ଥିଲେ ।]

ଦି ଚାଳି—ଦେ. ବି—ଯେଉଁ ଚାଳର ମଥାନଠାରୁ ଚାଳ ଦୁଇଅଡ଼କୁ ଢାଲୁ
Di chāli ହୋଇଥାଏ—Two-sloped thatch.
(ଦିଚାଳିଆ—ଅନ୍ୟରୂପ) ଦେ. ବଣ—ଯେଉଁ ଘରର ଚାଳ ଦୁଇଅଡ଼କୁ ଢାଲୁ ହୋଇଥାଏ; ତାହାଙ୍କ ଅଥ--
छचाला With the thatch sloping to both sides.
दोचल्ला, दुचल्ला

ଦିଜ—ଗ୍ରା. ବି. (ସଂ. ଦ୍ୱିଜ)—ବ୍ରାହ୍ମଣ—
Dija A Brāhmana.
दिज द्विज

ଦିଜ ବର—ଦେ. ବି · (ସଂ. ଦ୍ୱିଜବର)—କର୍ମନିଷ୍ଠ ବ୍ରାହ୍ମଣ—
Dija bara A good orthodox Brāhmana.
दिजवर दिजोत्तम

ଦିଟା—ଦେ. ବ. ଓ ବଣ (ଅନାଦରାର୍ଥକ)—(ସ. ଦ୍ୱି)—୧ । ଦୁଇଟା;
Ditā ଦୁଇଗୋଟା—1. Two; the two.
दुटा (ଯଥା—ସେ ଦିଟା ବସିଛି ଲଢ଼ୁଛନ୍ତି ଲଢ଼ ଏଠାରେ ଅସି
दोठा ଦଳ ଲଗେଇଲେ ।)
ଦୁଇଟା, ଦଇଟା, ଦୁଇଗୋଟା, ଦୋଟା, ଦୋଓଟା, ଦଡ଼ୁଟା, ଦଓଟା } ଅନ୍ୟରୂପ
୨ । ଅଳ୍ପସଂଖ୍ୟକ—
2. A few; a small number.
୩ । ଅଳ୍ପପରିମିତ—
3. A little; a small quantity.
(ଦିଟ, ଦଇଟ—ଅନାଦରାର୍ଥକ)

ଦିଟି—ଦେ. ବ. ଓ ବଣ (ଆଦରାର୍ଥକ)—ଦିଟା (ଦେଖ)
Diti Ditā (See)
दुटि दोठो
(ଦୁଇଟି, ଦୁଇଗୋଟି, ଦଇଟି, ଦୋଓଟି, ଦଓଟି, ଦଡ଼ୁଟି—ଅନ୍ୟରୂପ)

ଦି ଟିକି—ଦେ. ବ.(ସ. ଦ୍ୱି +ସ୍ତୋକ)—ଅତି କ୍ଷୁଦ୍ର ଦୁଇ ଖଣ୍ଡ—
Di tiki Two very small pieces; two bits.
छुटकरा (ଯଥା—ସେ କଥା ଅମ୍ଭରୁ ମୋତେ ଦିଟିକି ଦେ ।)
दोटुकडा ବଣ.—୧ । ଦୁଇ କ୍ଷୁଦ୍ର ଖଣ୍ଡବିଶିଷ୍ଟ—
(ଦିଟିକ୍—ଅନ୍ୟରୂପ) 1. Consisting of two small pieces;
(ଯଥା—ସେ ଦିଟିକି ଲେମ୍ବୁ କ ମୋତେ ଅଣ ଛ ?)
୨ । ଦ୍ୱିଖଣ୍ଡିତ; ଦ୍ୱିଧା ଛିନ୍ନ—
2. Cut into two small bits.
(ଯଥା—ସେ ଟୁକେ ଦିଟିକି କରି ଦେ ।)

ଦିଣ୍ଡ—ସ. ବ.—ଏକପ୍ରକାର ନାଚ (ହି. ଶବ୍ଦସାଗର)—
Dinda A kind of dance.

ଦିଣ୍ଡା—ପ୍ରାଦେ. (ସମ୍ବଲପୁର, ଗଡ଼ଜାତ) ବ. ସ୍ତ୍ରୀ—ଯୁବତୀ—
Dindā Youthful lady.
ବଣ. ପୁଂ. ଓ ସ୍ତ୍ରୀ—ବନ୍ଧା; ଅସ୍ଖଳିତ—Unloose; firm; fixed

ଦିଣ୍ଡି—ଦେ. ବ. (ନାଟକୀୟ) (ସ. ଦଣ୍ଡ)—ନାଟକରେ ନୃତ୍ୟ ସହ ଗୀତ
Dindi ହେବା ସଙ୍ଗୀତର ପ୍ରକାର ଭେଦ—A kind of song sung during the play of a drama.

ଦିଣ୍ଡିମ—ଗ୍ରା. ବ. (ସ. ଡିଣ୍ଡିମ)—ଢୋଲ; ନାଗରା—
Dindima Drum.

ଦିଣ୍ଡିର—ସ. ବି.—ପ୍ରାଚୀନକାଳର ଏକ ପ୍ରକାର ବାଜା; ଡିଣ୍ଡିମ;
Dindira ଢୋଲ—Drum.

ଦିଣ୍ଡୀର—ସ. ବି.—ସମୁଦ୍ରଫେନ (ହି. ଶବ୍ଦସାଗର) —
Dindīra The bone of the cuttle-fish.

ଦିତ୍ସା - ସ. ବି (ଦା ଧାତୁ+ଇଚ୍ଛାର୍ଥେ ସନ୍=ଦିତ୍ସ ଧାତୁ+ଭାବାର୍ଥେ. ଅ
Ditsā +ସ୍ତ୍ରୀ. ଆ)—ଦିତ୍ସା (ଦେଖ)—Ditsā (See)

ଦିତ—ସ. ବିଣ. ପୁଂ. (ଦା ଧାତୁ=ଛେଦନ କରିବା+କର୍ମ. ତ)—
Dita ୧ । ଛିନ୍ନ—1. Torn; cut asunder.
(ଦିତା—ସ୍ତ୍ରୀ) ୨ । ବିଦାର୍ଣ୍ଣ—2.Pierced.

ଦି ତରଫା—ଦେ. ବିଣ.—୧ । ଦୁଇପକ୍ଷ ସମ୍ବନ୍ଧୀୟ—
Di taraphā 1. Relating to both sides.

ଦୌଉରଫା ୨ । (ଦିଉଫଷ) ଦୁଇ ପକ୍ଷରୁ ପ୍ରମାଣ ନିଅ ସାଇ ବୋଲକେ ... ବିଚାର ହୋଇଥିବା (ମକଦ୍ଦମା)—
(ଏକତରଫା— ବିପରୀତ) 2. (case) Decided after contest.
(ଯଥା— ଦୁତରଫା ଡିଗ୍ରୀ ।)

ଦିତି—ସ. ବି. ସ୍ତ୍ରୀ. (ଦୋ ଧାତୁ+ଭାବ. ତି)—୧ । ଛେଦନ କରଣ; ଖଣ୍ଡନ—1. Tearing; cutting.
Diti
୨ । ବିଦାରଣ—2. Piercing.
୩ । (ନାମ)—ଦକ୍ଷ ପ୍ରଜାପତିଙ୍କ କନ୍ୟା ଓ କଶ୍ୟପ ମୁନିଙ୍କର ଏକତମା ଭାର୍ଯ୍ୟା; ଅସୁରମାନଙ୍କ ମାତା— One of the wives of Kaśyapa, who gave birth to demons.
[ଦ୍ର—ଏହାଙ୍କ ସନ୍ତାନମାନଙ୍କୁ ଦୈତ୍ୟ ବୋଲାଯାଏ ।]

ଦିତିଜ—ସ. ବି. ପୁଂ. (ଦିତି+ଜନ ଧାତୁ+କର୍ତ୍ତୃ. ଅ)—ଦୈତ୍ୟ; ଅସୁର; ରାକ୍ଷସ—Demon.
Ditija
(ଦିତିଜା—ସ୍ତ୍ରୀ)

ଦିତିସୁତ—ସ. ବି. ପୁଂ. (ଦିତି+ସୁତ, ୬ଷ୍ଠୀ ତତ୍)—ଦୈତ୍ୟ; ଅସୁର; ରାକ୍ଷସ—Demon.
Ditisuta
(ଦିତିସୁତା—ସ୍ତ୍ରୀ)
(ଦିତି ତନୟ, ଦିତି ନନ୍ଦନ— ଅନ୍ୟରୂପ)

ଦିତ୍ସା—ସ. ବି. ସ୍ତ୍ରୀ (ଦା ଧାତୁ+ଇଚ୍ଛାର୍ଥେ, ସନ୍=ଦିତ୍ସ ଧାତୁ+ଭାବ. ଅ+ଆ) ଦାନେଚ୍ଛା; ଦାନ କରିବାର ଇଚ୍ଛା— A desire to give.
Ditsā

ଦିତ୍ସୁ—ସ. ବିଣ. (ଦା ଧାତୁ ସନନ୍ତ=ଦିତ୍ସ ଧାତୁ+କର୍ତ୍ତୃ. ଉ)— ଦାନ କରିବାକୁ ଇଚ୍ଛୁକ—Desirous of making a gift.
Ditsu

ଦିତ୍ସ୍ୟ—ସ. ବିଣ.—(ଦା ଧାତୁ ସନନ୍ତ ଦିତ୍ସ ଧାତୁ+କର୍ମ. ଯ)—ଦାନ କରିବା ଯୋଗ୍ୟ (ଦ୍ର. ଶବ୍ଦସାଗର)— Fit to be given away.
Ditsya

ଦିଦାରୁଆ ଦେ. ବି.ଣ (ସ. ଦ୍ୱିଧାର)—ଦୁଇପାଖରେ ଧାର ଥିବା (ଅସ୍ତ୍ର)—Double-edged (weapon).
Di dārdhuā
ଦୁଧାରୀ ... ଦ୍ରଷ୍ଟବ୍ୟ

ଦିଦି ପ୍ରାଦେ. (ବଙ୍ଗଳାରୁ ଅନୁକୃତ; ମେଦିନୀପୁର; ବାଲେଶ୍ୱର ଓ ବଙ୍ଗଳା ସୀମାନ୍ତ ଅନୁକରଣକାରୀ ଓଡ଼ିଆମାନଙ୍କ ମଧ୍ୟରେ ପ୍ରଚଳିତ)-- ବଡ଼ଭଉଣୀ; ନାନୀ—Elder sister.
Didi

ଦିଦି ମା —ପ୍ରାଦେ. (ବାଲେଶ୍ୱର, ମେଦିନୀପୁର; ବଙ୍ଗଳାରୁ ଅନୁକୃତ; ବଙ୍ଗଳାର ରୀତି ଅନୁକରଣକାରୀ ଓଡ଼ିଆଙ୍କ ବ୍ୟବହାର) ବି—ଆଈ --Maternal grand-mother.
Didi mā

ଦିଦୃକ୍ଷମାଣ—ସ. ବିଣ. ପୁଂ (ଦୃଶ୍ ଧାତୁ+ଇଚ୍ଛାର୍ଥେ ସନ୍=ଦିଦୃକ୍ଷ ଧାତୁ +କର୍ତ୍ତୃ. ଶାନଚ୍)—ଦର୍ଶନେଚ୍ଛୁ; ଦର୍ଶନାଭିଳାଷୀ—Desirous of seeing.
Didrukshamāna
(ଦିଦୃକ୍ଷମାଣା—ସ୍ତ୍ରୀ)

ଦିଦୃକ୍ଷା—ସ. ବି. (ଦୃଶ୍ ଧାତୁ+ଇଚ୍ଛାର୍ଥେ ସନ୍=ଦିଦୃକ୍ଷ ଧାତୁ+ଭାବ. ଅ +ଆ)—ଦେଖିବାର ଇଚ୍ଛା; ଦର୍ଶନାଭିଳାଷ— A desire to see.
Didrukshā

ଦିଦୃକ୍ଷୁ—ସ. ବିଣ. (ଦୃଶ୍ ଧାତୁ+ଇଚ୍ଛାର୍ଥେ ସନ୍=ଦିଦୃକ୍ଷ ଧାତୁ+କର୍ତ୍ତୃ. ଉ.)—ଦର୍ଶନେଚ୍ଛୁ—Desirous of seeing.
Didrukshu

ଦିଦ୍ୟୁତ୍—ସ. ବିଣ. [ଦ୍ୟୁ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅତ୍ (ଶତୃ)]— ଦୀପ୍ତିବିଶିଷ୍ଟ—Bright; dazzling; blazing.
Didyut

ଦିଧକ୍ଷମାଣ—ସ. ବିଣ. ପୁଂ. (ଦହ୍ ଧାତୁ=ପୋଡ଼ିବା+ଇଚ୍ଛାର୍ଥେ ସନ୍=ଦିଧକ୍ଷ ଧାତୁ+କର୍ତ୍ତୃ. ଶାନଚ୍)—ଯେ ପୋଡ଼ିଦେବାକୁ ଇଚ୍ଛା କରୁଅଛି— Desirous of setting on fire.
Didhakshamāna
(ଦିଧକ୍ଷମାଣା—ସ୍ତ୍ରୀ)

ଦିଧକ୍ଷା—ସ. ବି. (ଦହ ଧାତୁ+ଇଚ୍ଛାର୍ଥେ ସନ୍+ଭାବ. ଅ+ଆ)— ଦହନେଚ୍ଛା—A desire to set on fire or burn.
Didhakshā

ଦିଧକ୍ଷୁ—ସ. ବିଣ. (ଦହ ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତୃ. ଉ)— ଦହନେଚ୍ଛୁକ—Desirous of setting on fire.
Didhakshu

ଦିଧି—ସ. ବିଣ. (ଧା ଧାତୁ=ଧାରଣ କରିବା+ଭାବ. ଇ)—ଧୈର୍ଯ୍ୟ— Patience.
Didhi
୨ । ଧାରଣ—2. Holding.

ଦିଧିଷୁ—ସ. ବି. ପୁଂ.—(ଧିଷ୍ ଧାତୁ=ଶବ୍ଦ କରିବା+କର୍ମ. ଉ)—
Didhishu ୧ । ଦୁଇଥର ବିବାହିତ ପୁରୁଷ—
(ଦିଧିଷୂ—ସ୍ତ୍ରୀ) 1. A twice-married male.
୨ । ଦ୍ୱିତୀୟ ବିବାହ କରିଥିବା ବିଧବାର ସ୍ୱାମୀ; ଠାର୍ଯ୍ୟାଁ— 2. A husband of a remarried widow.
୩ । ବର ପାତ୍ର—3. A suitor (Apte).
୪ । ସ୍ୱାମୀ; ବର—4. Husband (Apte.)
୫ । ଗର୍ଭାଧାନକାରୀ ବ୍ୟକ୍ତି (ଦ୍ର. ଶବ୍ଦସାଗର)— 5. A man through whom a woman conceives.
ସ୍ତ୍ରୀ.—୧ । ଦିଧିଷୂ (ଦେଖ)—1. Didhishū (See)
୨ । ବରପୂର୍ବା କନ୍ୟା—2. A girl who has already been betrothed.
୩ । ପୁନର୍ବିବାହିତା ଅକ୍ଷତଯୋନି ବିଧବା— 3. A virgin widow remarried (Apte).

ଦିଧିଷୂ—ସ. ବି. ସ୍ତ୍ରୀ—୧ । ଦୁଇଥର ବିବାହିତା ସ୍ତ୍ରୀ— 1. A woman twice married.
Didhishū
୨ । ଦ୍ୱିତୀୟ ହୋଇଥିବା ବିଧବା; ଠାର୍ଯ୍ୟାଁଣୀ— 2. A remarried widow.
୩ । ଅଗ୍ରେଦିଧିଷୁ; ବଡ଼ ଭଉଣୀ ଅବିବାହିତା ଥାଇ ଥାଇଁ ଯେଉଁ ସାନ ଭଉଣୀ ବିବାହ କରେ । (ଦ୍ର. ଶବ୍ଦସାଗର) 3. A girl who has been given in marriage before her elder sister.
୪ । ବିବାହିତା ସାନ ଭଉଣୀର ଅବିବାହିତା ବଡ଼ ଭଉଣୀ— 4. An unmarried elder sister of a married girl (Apte).
[ଦ୍ର—ଏପରି ବିବାହିତା ସାନ ଭଉଣୀକୁ ଅଗ୍ରେଦିଧିଷୁ କୁହାଯାଏ ।]

ଦିଧିଷୂପତି—ସ. ବି. ପୁଂ.— ୧ । ଠାଣ୍ଡି; ଦ୍ୱିତୀୟ ହୋଇଥିବା ବିଧବାର
Didhishū pati ସ୍ୱାମୀ—1. The husband of a re-married widow.

୨ । ଯେଉଁ ଲୋକ ଭାଇର ବିଧବା ସ୍ତ୍ରୀକୁ ବିବାହ ନ କରି ପାଶବିକ ପ୍ରବୃତ୍ତି ଚରିତାର୍ଥ କରିବା ପାଇଁ ତା ସଙ୍ଗେ ପାପ ପ୍ରଶ୍ରୟ କରିଥାଏ—2. A man who has sexual intercourse with the widow of his brother, (not as a sacred duty but for carnal gratification. (Apte)

ଦିଧୀଷୁ—ସ. ବି—ଦିଧିଷୂ (ଦେଖ)
Didhishu Didhishu (See)

ଦିନ—ସ. ବି. (ଦୋ ଧାତୁ=ଛେଦନ କରିବା+କର୍ତ୍ତୃ. ଇନ; ଯାହା
Dina ଅନ୍ଧକାରକୁ ଛେଦନ କରେ)—
(ସ୍ତ୍ରୀ—ଦ୍ୱିପଦୀ) ୧ । ଦିବସ—1. Day.

୨ । ପୃଥିବୀ ନିଜର ଅକ୍ଷଦଣ୍ଡରେ ଥରେ ସୂର୍ଯ୍ୟଙ୍କ ଚାରି ଆଡ଼େ ବୁଲିବାକୁ ଯେତେ ସମୟ ଲାଗେ; ଅହୋରାତ୍ର; ସପ୍ତାହର ଗୋଟିଏ ଦିବସ—2. A week day; a day and night; the time from one sunrise to anothr sunrise; a solar day.

୩ । ୨୪ ଘଣ୍ଟା ପରିମିତ ସମୟ—
3. A period of 24 hours.
(ଯଥା—ଏହାକୁ ତାର ଦିନକର ଖାଦ୍ୟ ।)

୪ । ସୂର୍ଯ୍ୟାଲୋକିତ ବେଳା; ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସମୟ—4. Day time; the time between sunrise and sunset.
(ଯଥା—ଦିନରେ କାହିଁକି ଅଇଲୁ ।)

[ଦ୍ର—ପୃଥିବୀ ଆପଣା ଅକ୍ଷରେ ଘୂରି ସୂର୍ଯ୍ୟଙ୍କ ଚାରି ପାଖେ ବୁଲୁଅଛି । ପୃଥିବୀ ଘୂରିବା ବେଳେ ପୃଥିବୀର ଯେଉଁ ଅଧିକ ସୂର୍ଯ୍ୟଙ୍କ ଅଭିମୁଖ ଥାଏ ସେ ଅଧିକରେ ଦିନ ଓ ଯେଉଁ ଅଧିକ ସୂର୍ଯ୍ୟଙ୍କ ବିପରୀତ ଦିଗରେ ଥାଏ ସେ ଅଧିକରେ ରାତ୍ର ହୁଏ । ଏହି ଅର୍ଥରେ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସମୟ ଦିନ ଓ ସୂର୍ଯ୍ୟାସ୍ତଠାରୁ ପରବର୍ତ୍ତୀ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ରାତ୍ର ହୁଏ । ସୂର୍ଯ୍ୟ ଓ ପୃଥିବୀର ଆପେକ୍ଷିକ ଅବସ୍ଥିତି ଅନୁସାରେ ଦିନ ଓ ରାତ୍ରର ପରିମାଣ କମ୍ ବେଶି ହୁଏ । ଯେଉଁ ଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଥାଆନ୍ତି ସେ ଦିନ ଦିନ ୧୨ ଘଣ୍ଟା ଓ ରାତ୍ର ୧୨ ଘଣ୍ଟା ହୁଏ, ଅର୍ଥାତ୍ ଦିନ ଓ ରାତ୍ର ସମାନ ହୁଏ; କିନ୍ତୁ ସୂର୍ଯ୍ୟଙ୍କର ଉତ୍ତରାୟଣ କାଳରେ ଦିନ ବଡ଼ ଓ ରାତ୍ର ଛୋଟ ହୁଏ ଓ ଦକ୍ଷିଣାୟନ କାଳରେ ରାତ୍ର ବଡ଼ ଓ ଦିନ ଛୋଟ ହୁଏ । ପକ୍ଷାନ୍ତରରେ ଏକ ସୂର୍ଯ୍ୟୋଦୟଠାରୁ ପରବର୍ତ୍ତୀ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ୨୪ ଘଣ୍ଟା ସମୟକୁ ଦିନ ବୋଲାଯାଏ । ହିନ୍ଦୁମାନଙ୍କର ଦିନର ଗଣନା ଏକ ସୂର୍ଯ୍ୟୋଦୟଠାରୁ ପରବର୍ତ୍ତୀ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ କରାଯାଏ । କିନ୍ତୁ ପାଶ୍ଚାତ୍ୟମାନେ ମଧ୍ୟରାତ୍ର ଠିକିବା ସମୟରୁ ପରବର୍ତ୍ତୀ ମଧ୍ୟରାତ୍ର ପର୍ଯ୍ୟନ୍ତ ଏକ ଦିବସ ଗଣନା କରନ୍ତି ।]

୫ । ବେଳ; କାଳ; ସମୟ—5. Time.
ଧନ ଅରଜିତ କଥାକୁ ନ କଲେଇ
ଉଦୟ ହୋଇଣ ଦିନକୁ ନଥରେ । ବୁଝଣି ଦ. ମହାଭାରତ. ବନ ।

୬ । ନିର୍ଦ୍ଦିଷ୍ଟ ସମୟ; ତାରିଖ—6. Date; fixed date.
(ଯଥା— ସମନରେ ହାଜର ହେବାର ଦିନ ଲେଖା ଯାଇଛି ।)

୭ । ଶୁଭ ଯୋଗ ଯୁକ୍ତ ସମୟ—
7. Auspicious time or date.
(ଯଥା—ବିବାହ ପାଇଁ ପଣ୍ଡିତକୁ ଗୋଟିଏ ଦିନ ବୁଝ ।)

୮ । ତିଥି—8. A lunar day.

ଦେ. ବି—୧ । ଜୀବନକାଳ—
1. Span of life; lifetime.
ମୁଁ ତ ଯୁବତୀ ଅଟଇ ମୋ ଦିନ କେ ସାରୁଥରେ । ସଙ୍ଗୀତ ।

୨ । ନିର୍ଦ୍ଧାରିତ ସମୟର ସୀମା; ମିଆଦ—
2. Time-limit; limitation.

୩ । ବୟସ—3. Age.
(ଯଥା—ମରିବା ଦିନକୁ ପରିବା ଖାଇବା କାମ୍ୟ—ତଗ)

୪ । ଋତୁ; ପାଗ—4. Season of the year; weather.
(ଯଥା—ଶୀତଦିନ; ଖରାଦିନ; ବର୍ଷାଦିନ; ମେଘୁଆଦିନ ।)

୫ । ଦିନବନ୍ଧୁର ଆଦରାର୍ଥକ ଡାକ ନାମ—5. A name for calling Dinabandhu in fondness.

ଦିନକ—ଦେ. ଅ—ଏକ ଦିନ ମାତ୍ର—
Dinaka One day only.
একদিন ଦ୍ରଣ—ଦିନିକିଆ (ଦେଖ)
एकरोज Dinikiā (See)

ଦିନ କଟା(ଟେ)ଇବା—ଦେ. କ୍ରି—ଦିନପାତ କରିବା; ସମୟ ଯାପନ
Dina kaṭā(ṭe)ibā କରିବା—To while away time; to spend time.
ଦିନ କାଟିବା
ଦିନ ବିତା(ତେ)ଇବା } ଅନ୍ୟରୂପ
ଦିନ ନେବା
দিনকাটা; দিনজওয়া दिनकाटना; दिनबिताना

ଦିନ କଟିବା—ଦେ. କ୍ରି—୧ । ଦିବସ ବା କାଳ ଅତିକ୍ରାନ୍ତ ହେବା—
Dina kaṭibā 1. The passing of days.
ଦିନବିତିବା; ଦିନସରିବା
ଦିନଗଡ଼ିଯିବା } ଅନ୍ୟରୂପ
୨ । ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହେବା; ମିଆଦ ଟପିଯିବା—
দিনকেটেযাওয়া 2. The passing away or expiry of the time-limit.
दिनकटना

ଦିନ କଣା—ଦେ. ବିଣ (ସ. ଦିବାନ୍ଧ)— ରୋଗ ଯୋଗୁଁ ଯାହାକୁ ଦିନରେ
Dina kaṇā ଦେଖାଯାଏ ନାହିଁ, ରାତିରେ ଦେଖାଯାଏ—
দিনকানা Blind by day.
दिनौंधी ବି—ଦିବାନ୍ଧତା ରୋଗ—Blindness by day; a disease.
(ଅନ୍ଧାରକଣା—ବିପରୀତ)

ଦିନକ ଯାକ—ଦେ. ଅ.—ଏକ ଦିବସ କାଳ—
Dinaka jāka The whole day long; throughout the whole day; extending over the period of a day.
ଦିନତମାମ
ଦିନମାନ
ଦିନସାକ } ଅନ୍ୟରୂପ
ଦିନସାରା
দিনতমাম; দিনসারা दिनतमाम

ଦିନକର—ସଂ. ବି (ଦିନ+କୃ ଧାତୁ+କର୍ତ୍ତୃ. ଅ; ଉପପଦ ତତ୍ପୁରୁଷ)—
Dinakara ୧ । ଦିବାକର; ସୂର୍ଯ୍ୟ—1. The sun.
୨ । ଅର୍କ ଗଛ (ହି. ଶବ୍ଦସାଗର)—
2. Arka plant (See).
ଦେ. ବି (ନାମ)—ଜଣେ ଜ୍ୟୋତିଷୀ—
A name of an astrologer.
[ଦ୍ର—ଏହାଙ୍କର ନିବାସ ପୁନା; ଏ ଦାକ୍ଷିଣାତ୍ୟନିବାସୀ । ଏ ସନ୍ତ ଚନ୍ଦ୍ରାମର୍କୀର ଟୀକା ଏବଂ ବହୁ ସାରଣୀ ଗ୍ରନ୍ଥର ପ୍ରଣେତା ।]
ଦେ. ଅ—ଏକଦିନେ; ଦିନେ—On a certain day.
ଦେ. ବିଣ—ଦିନିକିଆ (ଦେଖ)—
Dinikiā (See).

ଦିନକରାତ୍ମଜ—ସଂ. ବି. ପୁଂ (ଦିନକର+ଆତ୍ମଜ; ୬ଷ୍ଠୀ ତତ୍; ସୂର୍ଯ୍ୟଙ୍କ ପୁତ୍ର)—୧ । ଶନି ଗ୍ରହ—
Dinakarātmaja
(ଦିନକରସୁତ—ଅନ୍ୟରୂପ) 1. The planet Saturn.
୨ । ଯମ—2. The Regent of death.

ଦିନକରାତ୍ମଜା—ସଂ. ବି. ସ୍ତ୍ରୀ (ଦିନକର+ଆତ୍ମଜା; ୬ଷ୍ଠୀ ତତ୍; ସୂର୍ଯ୍ୟଙ୍କ କନ୍ୟା)—ଯମୁନା ନଦୀ—
Dinakarātmajā
(ଦିନକରକନ୍ୟା, ଦିନକରସୁତା—ଅନ୍ୟରୂପ) The river Jamunā.

ଦିନକାଳ—ଦେ. ବି—୧ । ଅସମୟ—
Dinakāla 1. Bad times.
ଦିନ ୨ । ଉପଯୁକ୍ତ ସମୟ—2. Proper time; fit moment.
दिन ୩ । ବିଶେଷ ସୁବିଧା—3. Best opportunity.
୪ । ଜୀବନସମୟ—4. Lifetime.
୫ । ଅନ୍ତିମକାଳ—5. Last days of a person.
ତଳ ବରଡ଼ା ଅସ୍ତୁଛି; ମଝି ବରଡ଼ା ହସୁଛି; ଉପର ବରଡ଼ା ଆଉଁ ବୋଇଲା ତୋ ଦିନକାଳ ଅସୁଛି । ଢଗ ।

ଦିନକିଆ—ଦେ. ବିଣ—ଦିନିକିଆ (ଦେଖ)
Dinakiā Dinikiā (See).

ଦିନକୁ ଦିନ—ଦେ. ଅ—୧ । କ୍ରମଶଃ; ଏକଦିନରୁ ଅନ୍ୟ ଦିନ—
Dinaku dina 1. Gradually; from day to day; as days pass away.
दिनदिन; दिनकेदिन
दिन पर दिन, दिनदिन ୨ । ପ୍ରତ୍ୟହ; ନିତ୍ୟ; ପ୍ରତିଦିନ—
2. Daily; day by day.
ଦିନ ବର ଦିନ / ଦିନୁଦିନ / ଦିନୁଦିନୁ } ଅନ୍ୟରୂପ
ଦିନକୁ ଦିନ ତନୁ କ୍ଷୀଣ, ଯେସନ ପୂର୍ଣ୍ଣ ବସନ—ଜଗନ୍ନାଥ. ଭାଗବତ ।

ଦିନକୃତ୍—ସଂ. ବି. (ଦିନ+କୃ ଧାତୁ+କର୍ତ୍ତୃ. କ୍ୱିପ୍; ଉପପଦ)—
Dinakrut ଦିବାକର; ସୂର୍ଯ୍ୟ—The sun.

ଦିନକେ—ଦେ. ଅ—୧ । ଏକଦିନ ମଧ୍ୟରେ—
Dinake 1. In the course of one day.
एक दिने ଭ ଏଲେ ଦେଖ ସେ ଦିନକେ ସ୍ଥିତ ଥାଇ
एक रोजमे ପାଣ୍ଡବ ସେନାପାବ ବଧ କ୍ର ସେ ମଣ—କୃଷ୍ଣସିଂ. ମହାଭାରତ ।
(ଦିନେକେ—ଅନ୍ୟରୂପ) ୨ । (ସଂ. ଦୈନିକ) ପ୍ରତି ଦିନ—
2. Daily.

ମାସକେ କାଟଇ ଛନ ଦାରୁଡ଼ ଦିନକେ କାଟଇ ଶିଏ
ସାର ପଣ୍ଡଶାଙ୍କୁ ପଣ୍ଡର ଓ ଭୂ ମୋଠଇଁ ଘରଣୀ ହଏ—ହାସ୍ୟରଙ୍ଗ

ଦିନ କ୍ଷୟ—ସଂ. ବି. (ଦିନ+କ୍ଷୟ; ୬ଷ୍ଠୀ ତତ୍)—ତିଥିକ୍ଷୟ; ଏକ
Dina kshaya ସୌରମାନ ଦିବସରେ ୩ ଗୋଟି ତିଥି ପଡ଼ିବା ଯୋଗୁଁ ଗୋଟିଏ ତିଥିର କ୍ଷୟ—The loss of a lunar day which takes place when 3 lunar days occur during the same solar day.

ଦିନ କ୍ଷେପଣ—ସଂ. ବି. (ଦିନ+କ୍ଷେପଣ, ୬ଷ୍ଠୀ ତତ୍)—ଦିନପାତ; କାଳ
Dina kshepaṇa କଟାଇବା; କାଳକ୍ଷେପଣ
The passing away of one's time.

ଦିନ ଗଡ଼ା(ଡ଼େ)ଇବା—ଦେ. କ୍ରି—୧ । ନିର୍ଦ୍ଧାରିତ ଦିବସରୁ ଅତିକ୍ରମଣ
Dina gaṛḍā(ṛḍe)ibā କରିବା—1. To adjourn a matter.
दिनटाला ୨ । କାଳ କ୍ଷେପଣ କରିବା—
दिन टालना 2. To pass away time.
ଦିନ ମଡ଼ାଇବା / ଦିନ ଟାଳିବା } ଅନ୍ୟରୂପ ୩ । ଅନ୍ୟ ଦିବସକୁ କୌଣସି କାର୍ଯ୍ୟ ଘୁଞ୍ଚାଇ ରଖିବା—
3. To put off some work to some other date.
୪ । ଦିନ ଟାଳିବା (ଦେଖ)—4. Dina ṭāḷibā (See)

ଦିନ ଗଡ଼ିବା—ଦେ. ବି—୧ । ନିର୍ଦ୍ଦିଷ୍ଟ ତାରିଖ ଅତିକ୍ରାନ୍ତ ହେବା—
Dina gaṛḍibā 1. The state of a matter being adjourned; the passing away of the fixed or proper time.
दिनगड़ा; दिनटला
दिनधाना, दिन लसना, दिन टलना
(ଦିନ ଗଡ଼ିଯିବା; ଦିନ ଟଳିବା; ଦିନ ମଡ଼ୁଳିବା—ଅନ୍ୟରୂପ)
୨ । ଦ୍ୱିପ୍ରହର ଅତୀତ ହେବା; ଅପରାହ୍ନ ଆସିବା—
2. The sun's passing the meridian; the coming of the afternoon.

ଦିନ ଗଣିବା—ଦେ. କ୍ରି—୧ । କୌଣସି ଘଟଣା ଆଉ କେତେ ଦିନ
Dina gaṇibā ରହିଲା ବୋଲି ଉତ୍କଣ୍ଠିତଭାବରେ ଗଣନା କରି
दिनगुना ଅପେକ୍ଷା କରିବା—1. To count the days
दिन गिनना as to when an eagerly expected event will happen.
(ଦିନ ଗଣା(ଣେ)ଇବା—ଣିଜନ୍ତରୂପ)
ଭରତ ଅଯୋଧ୍ୟାରେ ଅଶାସ୍ତି ହୋଇଣ ଚଉଦିନ୍ ଦିନ ଗଣି—
ସଧ'ନ'ଥ. ପ୍ରାର୍ଥନା ।
୨ । ଶୁଭ କାର୍ଯ୍ୟାଦି ନିମନ୍ତେ ଗୋଟିଏ ଶୁଭ ଦିନ ପାଞ୍ଜିରୁ ଗଣନା କରିବା—2. To find out an auspicious day for a certain act or ceremony by astrological calculations.

ଦିନ ଗାଡ଼ି—ଦେ. ବି. (ଏ ଦେଶରେ ରେଳ ବିସ୍ତାର ହେବାର ପରବର୍ତ୍ତୀ
Dina gāṛḍi ସମୟର ପ୍ରୟୋଗ)—ଯେଉଁ ରେଳଗାଡ଼ି ସ୍ଥାନୀୟ
दिनेरगाड़ि ଷ୍ଟେସନରେ ଦିନବେଳେ ପହଞ୍ଚେ ବା ଷ୍ଟେସନରୁ ଦିନ
दिनकी गाडी ବେଳେ ଛାଡ଼େ—Day train; a train which
(ରାତିଗାଡ଼ି—ଅନ୍ୟରୂପ) arrives at or starts from a local station in the day time.

ଦିନ ଚର୍ଯ୍ୟା—ସଂ. ବି. (ଦିନ+ଚର୍ଯ୍ୟା, ୬ଷ୍ଠୀ ତତ୍) – ମନୁଷ୍ୟ ପ୍ରତିଦିନ
Dina charjyā ସକାଳୁ ଉଠି ଦିନରେ ଓ ରାତିରେ ଯେଉଁ ଯେଉଁ

ନିୟମିତ କାର୍ଯ୍ୟମାନ କରେ—Daily conduct or routined duties of a person.
(ଦିନଚର୍ଯ୍ୟା; ଯଥା—ଶଯ୍ୟାତ୍ୟାଗ, ମୁଖଧାବନ, ମଳ ମୂତ୍ର ତ୍ୟାଗ, ଭୋଜନ, ସ୍ନାନ, ଜଳାଦି ପାନ, ଶୟନ ଆଦି କର୍ମ ।)

ଦିନଚାରୀ—ସଂ. ପୁ (ଦିନ+ଚର ଧାତୁ+କର୍ତ୍ତୃ ଣିନ୍; ୧ମା ୧ବ)—
Dinachārī ସୂର୍ଯ୍ୟ. (ଦ୍ର. ଶବ୍ଦସାଗର)—
1. The sun.

ଦିନ ଜ୍ୟୋତିଃ—ସଂ. କ୍ଳୀ (ଦିନ+ଜ୍ୟୋତିଃ;୬ଷ୍ଠୀତତ୍)—ରୌଦ୍ର; ଖରା—
Dina jyotiḥ Sun's rays; sunshine.

ଦିନ ଟାଳିବା—ଦେ. କ୍ରି—୧ । ନିର୍ଦ୍ଦିଷ୍ଟ ସମୟକୁ ଅତିକ୍ରାନ୍ତ କରାଇବା—
Dina ṭāḷibā —1. To let the proper time pass away.
ଦିନଟଳା(ଳେ)ଇବା
ଦିନମଡ଼ାଇବା } ଅନ୍ୟରୂପ
ଦିନଗଡ଼ା(ଡ଼େ)ଇବା
দিনটাল্লা ୨ । ଦ୍ୱିପ୍ରହରବେଳକୁ ଅତିକ୍ରାନ୍ତ କରାଇବା—
दिनगाला 2. To cause the noon to pass away.
୩ । ମକଦ୍ଦମା ଆଦିର ଅନ୍ୟ ତାରିଖ କରିବା—
3. To adjourn (cases etc) to some future date.

ଦିନ ଦିନକର—ଦେ. ବିଣ—୧ । ଏକ ଏକ ଦିନରେ ଘଟିଥିବା; କୌଣସି
Dina dinakara କୌଣସି ସମୟରେ ବା କୌଣସି କୌଣସି ଦିନ
(ଦିନ ଦିନକ—ଅନ୍ୟରୂପ) ଘଟିଥିବା—1. Of certain days;
এক একদিনের which has happened on certain
दिन दिनका days.
୨ । ପ୍ରତିଦିନର—2. Daily; of every day.

ଦିନଦିନ ରାତିରାତି—ଦେ. ଅ (ସଂ. ଦିନ ଓ ରାତ୍ରି)—୧ । ଅହର୍ନିଶ;
Dinadina rātirāti ସବୁ ଦିନ ସବୁ ରାତି; ଦିନତମାମ ଓ ରାତିତମାମ;
ଦିନଯାକ ଓ ରାତିଯାକ—
ଦିନକାହିଁ ରାତିକାହିଁ
ଦିନଦିନ ରାତାରାତି } ଅନ୍ୟରୂପ 1. Thoughout day and night.
ଦିନଦିନ ରାତାରାତି
দিনরাত ୨ । ନିରନ୍ତର; ସର୍ବଦା; ଅବିଶ୍ରାନ୍ତରୂପେ—
दिनरात 2. Incessantly.

ଦିନ ଦିପହରେ—ଦେ. ଅ (ସଂ. ଦିନ+ଦ୍ୱିପ୍ରହର)—୧ । ଦିନାର୍ଦ୍ଧ
Dina dipahare ସମୟରେ—1. At noon.
দিনদুপুরে ୨ । ପ୍ରକାଶ୍ୟରୂପେ; ଦିନରେ ଓ ସର୍ବସମକ୍ଷରେ—
दिनदहाडे; दिनघडले; 2. Publicly; in public;
दिनदियॆ; दिनदोपहर in broad daylight.

ଦିନ ଦୁଃଖିତ—ସଂ.ପୁ.(୭ମୀ ତତ୍; ଦିନ+ଦୁଃଖିତ; ଅସ୍ତ୍ରୀବିଚ୍ଛେଦ ହେତୁ
Dina duḥkhita ଏ ପକ୍ଷୀ ଦିବସରେ ଦୁଃଖିତ ଥାଏ)—ଚକ୍ରବାକ
ପକ୍ଷୀ—The ruddy gander; Anas Casarca; (supposed to be sorry all day long for fear of impending separation from his mate at night.)

ଦିନ ଦ୍ୟୁତି—ସଂ. ପୁ (ଦିନ+ଦ୍ୟୁତି; ବହୁବ୍ରୀହି)—ସୂର୍ଯ୍ୟ—
Dina dyuti The sun.

ଦୁଃଖ ଦାରିଦ୍ର୍ୟଶୀଳ ଜନବୃନ୍ଦ
ତପନେ ଅସ୍ତ୍ର ଦଉଛନ୍ତି । ଦଶରଥ, କର୍ଣ୍ଣୋପଚାର, ତ ଗୀତ ।

ଦିନ ଧରିବା—ଦେ. କ୍ରି—ଦିନ ଗଣିବା ୨ (ଦେଖ)
Dina dharibā Dina gaṇibā 2 (See)
[ଦିନଧରା(ରେ)ଇବା—ଣିଜନ୍ତରୂପ]
দিনধরা दिनधरना

ଦିନ ନାଥ—ସଂ. ବି. (ଦିନ+ନାଥ; ୬ଷ୍ଠୀ ତତ୍)—ସୂର୍ଯ୍ୟ—
Dina nātha The sun.
(ଦିନନାୟକ—ଅନ୍ୟରୂପ)

ଦିନ ନେବା—ଦେ. କ୍ରି—୧ । ଅନ୍ୟବ୍ୟକ୍ତିର ସଂସାରଯାତ୍ରା ନିର୍ବାହ
Dina nebā କରାଇବା—1. To cause another person to live in comfort; to cause another to get on in life or spend one's days.
ଦିନ ନବା
ଦିନ ବିତା(ତେ)ଇବା } ଅନ୍ୟରୂପ
ଦିନ ସରା(ରେ)ଇବା
ଦିନ ସାରିବା
ଘୋଡ଼ା ମୁଣ୍ଡେ ଖାଇଯାଇ
ସତେ କି ବାଉଁଶ ମୋ ଦିନ ନବ, ମନ ସିନା ବଳୁଅଛି ।
ଭରତଘୋଡ଼ା ଗୀତ ।
୨ । କାଳ ଯାପନ କରିବା—2. To pass time.
ଧନ ଅରଜନ କଥାକୁ ନ ଜାଣଇ
ଚଉପୁରୁଷ ବୋଲିଣ ଦିନକୁ ନଉଛି । କୃଷ୍ଣସିଂହ. ମହାଭାରତ ବନ ।

ଦିନ ପତି—ସଂ. ବି. (ଦିନ+ପତି; ୬ଷ୍ଠୀ ତତ୍)—୧ । ସୂର୍ଯ୍ୟ—
Dina pati 1. The sun.
(ଦିନପାଳ—ଅନ୍ୟରୂପ) ୨ । ଅର୍କ ଗଛ—
2. Calatropis Gigantea (plant.)

ଦିନପାକୀ ଅଜୀର୍ଣ୍ଣ—ସଂ. ବି—ବୈଦ୍ୟକ ଅନୁସାରେ ଏକପ୍ରକାର ଅଜୀର୍ଣ୍ଣ-
Dinapākī ajirṇṇa ରୋଗ—Dyspepsia.
(ଯଥା—ଏଥିରେ ଅଳ୍ପେ ଭୋଜନ କଲେ ଖାଦ୍ୟଦ୍ରବ୍ୟ ୮ ପ୍ରହରରେ ଜୀର୍ଣ୍ଣ ହୁଏ ଓ ଏହାମଧ୍ୟରେ ଆଦୌ ରୋଗ କରେ ନାହିଁ ।)

ଦିନ ପାତ—ସଂ. ବି. (ଦିନ+ପାତ=ଅତିବାହନ; ୬ଷ୍ଠୀ ତତ୍)—
Dina pāta ୧ । କାଳଯାପନ—1. The passing of time.
୨ । ସଂସାରଯାତ୍ରା ନିର୍ବାହ—2. Eking one's livelihood; going on in the world; living from day to day.

ଦିନ ବନ୍ଧୁ—ସଂ. ବି. (ଦିନ+ବନ୍ଧୁ; ୬ଷ୍ଠୀ ତତ୍)—୧ । ସୂର୍ଯ୍ୟ—
Dina bandhu 1. The sun.
(ଦିନବାନ୍ଧବ—ଅନ୍ୟରୂପ) ଦୀନବନ୍ଧୁ ନାମ ଧରଇଁ ଧରଇଁ ଦିନବନ୍ଧୁ
ଦେଖା ନ ଯାଉ । ଉପେନ୍ଦ୍ର ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।
୨ । ଅର୍କ ଗଛ (ଦ୍ର. ଶବ୍ଦସାଗର)—
2. Calotropis Gigantea (plant.)

ଦିନ ବର ଦିନ୍—ଦେ. ଅ—୧ । ନିତି; ପ୍ରତିଦିନ—1. Every day.
Dina bar din ୨ । ଦିନକୁଦିନ—2. From day to day.
দিনদিন ୩ । ଦିନେ ଛାଡ଼ି ଦିନେ—3. Day after day;
दिनपरदिन every alternate day.

ଦିନ ବାନ୍ଧବ—ସଂ. ପୁ. (ଦିନ+ବାନ୍ଧବ, ୬ଷ୍ଠୀ ତତ୍)—ସୂର୍ଯ୍ୟ—
Dina bāndhaba The sun.

ଦିନ ବିତା(ତେ)ଇବା—ଦେ. କ୍ରି—ଦିନ କଟାଇବା (ଦେଖ)
Dina bitā(te)ibā Dina kaṭāibā (See)

ଦିନ ବିତିବା—ଦେ. କ୍ରି—ଦିନ କଟିବା (ଦେଖ)
Dina bitibā Dina kaṭibā (See)

ଦିନ ବୁଡ଼ିବା—ଦେ. କ୍ରି—ସୂର୍ଯ୍ୟାସ୍ତ ସମୟ ହେବା; ସୂର୍ଯ୍ୟ ଅସ୍ତ ହେବା;
Dina bur̤ibā ଦିବାର ଅବସାନ—The setting of the sun.
বেলা যাওআ **दिन मुँदना, दिन डूबन**

ଦିନ ବେଳ(ଳା)—ଦେ. ବି. (ସଂ. ଦିନ+ବେଳା)—ସୂର୍ଯ୍ୟୋଦୟଠାରୁ
Dina beḻa(ḻā) ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କାଳ—Day time.
দিনেরবেলা **दिनकावख्त**

ଦିନଭର—ଦେ. କ୍ରି. ବିଣ—ସାରାଦିନ; ଦିନତମାମ—
Dinabhara Throughout the day.
দিনসারা **दिनभर**
(ଦିନଭରି—ଅନ୍ୟରୂପ)

ଦିନ ମଟାଳିବା—ଦେ. କ୍ରି—ଦିନ ଟାଳିବା (ଦେଖ)
Dina maṭāḻibā Dina ṭāḻibā (See)

ଦିନମଣି—ସଂ. ବି. (ଦିନ+ମଣି; ୬ଷ୍ଠୀ ତତ୍; ଦିବସର ମଣି ବା ଉଜ୍ଜ୍ୱଳ
Dina maṇi ରତ୍ନସ୍ୱରୂପ)—୧ । ସୂର୍ଯ୍ୟ—1. The sun.
ଦିନମୟୂଖ; ଦିନମାଳି } ଅନ୍ୟରୂପ ୨ । ଅରଖଗଛ (ହି. ଶବ୍ଦସାଗର)—
ଦିନରତ୍ନ; ଦିନରାଜ } 2. Calotropis Gigantea.
ଦେ. ବି. ପୁଂ—ପୁରୁଷ ଲୋକଙ୍କ ନାମ—
A name given to males.

ଦିନ ମଜୁରି—ଦେ. ବି. (ସଂ. ଦିନ+ପା. ମଜୁରି)—
Dina majuri ୧ । କୌଣସି କାର୍ଯ୍ୟ କରୁଥିବା ମୂଲିଆଙ୍କୁ ଦୈନିକ
দিন মজুরি; দিনিকা ରେଟ୍‌ରେ ଦିଆ ଯିବା ପ୍ରତିଦିନର ମୂଲ—
दिनमजदुरी,दिनाती 1. Daily wages given to labourers.
୨ । ଦିନ ମଜୁରିଆ (ଦେଖ)
2. Dina majuriā (See)

ଦିନ ମଜୁରିଆ—ଦେ. ବି—ଯେଉଁ ବ୍ୟକ୍ତି ପ୍ରତିଦିନ ମୂଲ ଲାଗେ—
Dina majiriā A day-labourer; a journeyman.
দিনমজুর **दिनमजदूर**
(ଦିନ ମୂଲିଆ—ଅନ୍ୟରୂପ)

ଦିନମଲ—ସଂ. ବି—ମାସ (ହି. ଶବ୍ଦସାଗର)—
Dinamaḻa Month.

ଦିନମାନ—ସଂ. ବି. (ଦିନ+ମାନ=ପରିମାଣ; ୬ଷ୍ଠୀ ତତ୍)—
Dinamāna (ଜ୍ୟୋତିଷ) କୌଣସି ଦିବସର ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସମୟର ପରିମାଣ— (astronomy)
The length of a day; the time between the sunrise and the sunset of a day.

[ଦ୍ର—ସୂର୍ଯ୍ୟ ବିଷୁବରେଖା ଉପରେ ଥିବାବେଳେ ଦିନ ୧୨ ଘଣ୍ଟା ଓ ରାତି ୧୨ ଘଣ୍ଟା ହୁଏ, କିନ୍ତୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଓ ଦକ୍ଷିଣାୟନ ଅନୁସାରେ ଦିବସର ହ୍ରାସ ବୃଦ୍ଧି ହୁଏ ଓ ଦିନ କ୍ରମଶଃ ଯଥାକ୍ରମେ କମେ ଓ ବଢ଼େ । ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କାଳ ଯେତେ ଦଣ୍ଡ ଯେତେ ଲମ୍ବା ହୁଏ ତାକୁ ଦିନମାନ ବୋଲାଯାଏ ।]

দিনতমাম ଦେ. ଅ—ଦିନଭରି; ଦିନତମାମ—
दिनभर Throughout the day.

ଦିନ ମୁଖ—ସଂ. ବି. (ଦିନ+ମୁଖ, ୬ଷ୍ଠୀ ତତ୍)—
Dinamukha ୧ । ପ୍ରାତଃକାଳ; ପ୍ରଭାତ; ପ୍ରତ୍ୟୁଷ—
1. Early morning; day break; dawn.
୨ । ସୂର୍ଯ୍ୟ (ଷ୍ଟାନେଲ୍)—2. The sun.
୩ । ପୂର୍ବାଦ୍ରି; ଉଦୟାଚଳ—
3. The mythologial mountain in the east from behind which the sun rises.

ଦିନ ମୂଲ—ଦେ. ବି—ଦିନ ମଜୁରି ୧ (ଦେଖ)
Dina mūla Dina majuri 1 (See)
(ଦିନ ମହନା; ଦିନ ମାଇନା—ଅନ୍ୟରୂପ)

ଦିନ ଯାପନ—ସଂ. ବି. (ଦିନ+ଯାପନ; ୬ଷ୍ଠୀ ତତ୍)—କାଳପାତ;
Dina jāpana କାଳ କଟାଇବା; କାଳ କ୍ଷେପଣ—
The passing away of one's time; the spending of one's days.

ଦିନ ଯାମିନୀ—ସଂ. ବି. (ଦିନ+ଯାମିନୀ; ଦ୍ୱନ୍ଦ୍ୱ)—ଅହର୍ନିଶ; ଦିବାରାତ୍ର;
Dina jāminī ସର୍ବଦା—Day and night.

ଦିନ ଯିବା—ଦେ. କ୍ରି—୧ । ଜୀବିତକାଳ ବିତିବା—
Dina jibā 1. The passing away of one's life-time.
দিনযাওআ ୨ । ସମୟ ଅତୀତ ହେବା—
दिन जाना 2. The passing away of time.
୩ । ଦିନ ବୁଡ଼ିବା (ଦେଖ)
3. Dina bur̤ibā (See)

ଦିନ ଯୌବନ—ସଂ. ବି. (ଦିନ+ଯୌବନ; ୬ଷ୍ଠୀ ତତ୍)—ମଧ୍ୟାହ୍ନ;
Dina jaubana ଦ୍ୱିପ୍ରହର—Noon; mid-day.

ଦିନରି—ଗ୍ରା. ବି. ଓ ବିଣ—ଦିସରି (ଦେଖ)
Di nari Di sari (See)
(ଦିଲରି—ଅନ୍ୟରୂପ)

ଦିନରିଆ—ଗ୍ରା. ବିଣ—ଦିସରିଆ (ଦେଖ)
Di nariā Di sariā (See)
(ଦିଲରିଆ—ଅନ୍ୟରୂପ)

ଦିନ ରାତି—ଦେ. ବି. (ବିପରୀତ ସହଚର) (ସଂ. ଦିନ+ରାତ୍ରି)—
Dina rāti ଦିବସ ଓ ରଜନୀ—Day and night.
দিনরাত ଅ—ଦିନ ଦିନ ରାତି ରାତି (ଦେଖ)
दिन रात Dina dina rāti rāti (See)

ଦିନ ରାତି ବସିବା—ଦେ. କ୍ରି—କିଛି କାମଦାମ ନ କରି ସାରାଦିନ
Dina rāti basibā ଓ ସାରାରାତି ଆଳସ୍ୟରେ କଟାଇବା—
দিন রাত বসেথাকা To spend the whole day and
दिन रात बैठरहना night without doing any thing.
(ଦିନ ରାତି ବସି ରହିବା—ଅନ୍ୟରୂପ)

ଦିନଳିଆ—ଦେ. ବିଣ—ଦୁଇ ନଳ ଥିବା (ଦ୍ରବ୍ୟ)—
Di naḻiā Double-barrelled (article).
দুনলা ବି—ଦୁଇ ନଳ ଥିବା ବନ୍ଧୁକ—
दोनली, दोजर्बी Double-barrelled gun.
(ଦିନଲୀ; ଦୋହୋର ନଳୀ; ଦୋହର ନଳିଆ—ଅନ୍ୟରୂପ)

ଦିନ ସରିବା—ଦେ. କ୍ରି—ଦିନ ଯିବା (ଦେଖ)
Dina saribā — Dina jibā (See)

ଦିନ ସାରିବା—ଦେ. କ୍ରି—୧ । କାଳ କଟାଇବା—
Dina sāribā — 1. To pass away time.
दिन काटना
୨ । କାଳ ଯାପନ କରିବାକୁ ଅନ୍ୟକୁ ସୁବିଧା ଓ ସୁଯୋଗ ଦେବା—
दिन भरना, दिन पूरे करना
2. To cause another to pass his or her days.
ମୁଁ ତ ସୁବଙ୍ଗ ଅବଳା ମୋ ଦିନ କେ ସାରିବ ରେ—ସଙ୍ଗୀତ ।

ଦିନ ହରିବା—ଦେ. କ୍ରି—୧ । କାଳ କାଟିବା; କାଳାତିପାତ କରିବା—
Dina haribā — 1. To pass time.
दिन काटना
ଦିନ ହରୁ ସୁମଙ୍ଗଳ କରାଇ କରାଇ । କେଦାର-ଉ. ସଙ୍ଗୀତ ।
दिन कटाना
୨ । ଜୀବନ ଯାପନ କରିବା—
2. To pass one's life.
ରହିଲ ତ ମହାକଷ୍ଟରେ କଲେ ନାନ
ମହା ସୁଖେ ଦିନକୁ ହରିଲ ସେ ଜନ । କୃଷ୍ଣ ସିଂ. ମହାଭାରତ ବନ ।
୩ । ଦିନ ସାରିବା ୨ (ଦେଖ)
3. Dina sāribā 2 (See)

ଦିନ ହେବା—ଦେ. କ୍ରି—୧ । ସକାଳ ହେବା; ସୂର୍ଯ୍ୟୋଦୟ ହେବା—
Dina hebā — 1. The dawning of the day.
दिन हवा
୨ । କୌଣସି ନିର୍ଦ୍ଦିଷ୍ଟ ଦିନ ନିକଟବର୍ତ୍ତୀ ହେବା—
दिन निकलना
2. Drawing near of any appointed day.
(ଯଥା—ବର୍ତ୍ତିସାଳ ଖଜଣା ଦେବାର ଦିନ ହେଲାଣି ।)

ଦିନା—ଦେ. ବି. (ସଂଖ୍ୟାବାଚକ ଅନ୍ୟ ଶବ୍ଦ ପୂର୍ବେ ଲାଗେ)—
Dinā — ୧ । ଦିନ—1. Day (prefixed to words denoting number).
(ଯଥା—ଦିନାଚାରି; ଦିନାଦୁଇ; ଦିନାକେତେ ଇତ୍ୟାଦି = ଚାରି ଦିନ; ଦୁଇ ଦିନ; କେତେ ଦିନ ଇତ୍ୟାଦି ।)
(ଦିନାଇ; ଦିନେଇ; ଦିନୁ—ଅଦରାର୍ଥକ) ୨ । ଦୀନବନ୍ଧୁ ନାମକ
(ଦିନୁଆ—ଅନ୍ୟରୂପ) ବ୍ୟକ୍ତିର ଅନାଦରାର୍ଥକ ଡାକ ନାମ—
1. A name for calling Dinabandhu in familiarity.

ଦିନାଂଶ—ସଂ. ବି. (ଦିନ+ଅଂଶ; ୬ଷ୍ଠୀ ତତ୍)—
Dināṁśa — ଦିବସର ପ୍ରଧାନ ତିନି ଭାଗରୁ ଏକ—
One of the three divisions of the day, viz morning, noon and afternoon.
[ଯଥା—ଦିନାଂଶତ୍ରୟ ଯଥା—ପୂର୍ବାହ୍ଣ, ମଧ୍ୟାହ୍ନ ଓ ଅପରାହ୍ଣ; ପ୍ରାତଃକାଳ, ମଧ୍ୟାହ୍ନ ଓ ସାୟଂକାଳ ।]

ଦିନା କେତେ—ଦେ. ଅ. (ସଂ. ଦିନ ଓ କତି)—
Dinā kete — ୧ । କେତେକ ଦିନ ପାଇଁ—
(ଦିନାକାତେ—ଅନ୍ୟରୂପ) 1. For some days.
दिन कतेक
ତୁମ୍ଭର ଦୟା ଯେବେ ମୋତେ
थोड़ा रोज
ମୋ ଘରେ ରହୁ ଦିନା କେତେ । ଜଗନ୍ନାଥ. ଭାଗବତ ।
୨ । ଅଳ୍ପ ଦିନ ପାଇଁ—2. For a few days.
ନୂଆ ନୂଆ ଦିନା କେତେ, ନୂଆ ଦେଖି ପୁରୁଣା ପାଶୋରୁ ହେଲ
ଦୂର କରି ଦେଲ ମୋତେ—ଉପ ।
୩ । କେତେ ଦିନ ବ୍ୟାପୀ ସମୟ; ବହୁକାଳ—
3. Days and days; for a long time.
(ଯଥା—ନୂଆ ଗାଈଠାରୁ ଦିନା କେତେ ଖୁଣ୍ଟରେ ବାନ୍ଧିଲେ ଯାଇଁ ସେ ଘର ମଣିବ ।)
୪ । କେତେକ କାଳ ପାଇଁ—4. For some time.
ଦେ. ବି.—କେତେକ ଦିନ—Some days.

ଦିନାଗମ—ସଂ. ବି. (୬ଷ୍ଠୀ ତତ୍; ଦିନ+ଆଗମ)—
Dināgama — ପ୍ରଭାତ; ବଡ଼ି ଭୋର—Dawn.
(ଦିନାଦି—ଅନ୍ୟରୂପ)

ଦିନାଜି—ଦେ. ବିଣ. (ସଂ. ଦୈନିକ)—
Dināji — ଦୈନିକ—Daily.
ଦେ. ଅ—ପ୍ରତିଦିନ - Daily.
(ଯଥା—ତୋର ମୂଲ ଦିନାଜି କେତେ ପଡ଼େ ?)

ଦିନାଜି ପାଞ୍ଜି—ଦେ. ବି—ଦୈନିକ ପଞ୍ଜିକା—
Dināji pāñji — Daily almanac.

ଦିନାଣ୍ଡ—ସଂ. ବି. (୬ଷ୍ଠୀ ତତ୍; ଦିନ+ଅଣ୍ଡ)—
Dināṇḍa — ଅନ୍ଧକାର; ଅନ୍ଧାର (ବୃ. ଶବ୍ଦସାଗର)—
(ଦିନାଣ୍ଡକ—ଅନ୍ୟରୂପ) Darkness.

ଦିନାଦି—ସଂ. ବି. (ଦିନ+ଆଦି; ୬ଷ୍ଠୀ ତତ୍)—
Dinādi — ପ୍ରାତଃକାଳ; ଦିବସର ଆଦ୍ୟ ଭାଗ—The beginning of the day; morning; dawn.
दिनाद्य
रोज रोजका — ଦେ. ବିଣ—ଦୈନିକ—Daily.
दिने — ଦେ. ଅ—ପ୍ରତ୍ୟହ; ପ୍ରତି ଦିନ—
रोजरोज — Daily; every day.
(ଯଥା—ତାଙ୍କର ଦିନାଦି ଟ ୩ ୧ ଖରଚ ହୁଏ ।)

ଦିନାଧୀଶ—ସଂ. ବି. (୬ଷ୍ଠୀ ତତ୍; ଦିନ+ଅଧୀଶ)—ଦିନପତି (ଦେଖ)
Dinādhīśa — Dinapati (See)

ଦିନାନ୍ତ—ସଂ. ବି. (ଦିନ+ଅନ୍ତ; ୬ଷ୍ଠୀ ତତ୍)—
Dinānta — ସନ୍ଧ୍ୟା; ଦିବସର ଶେଷ ଭାଗ; ସୂର୍ଯ୍ୟାସ୍ତ ସମୟ—
(ଦିନାସ୍ତ—ଅନ୍ୟରୂପ) Evening; close of the day; sunset.

ଦିନାନ୍ତେ—ଦେ. ଅ—୧ । ସନ୍ଧ୍ୟା ବେଳେ—
Dinānte — 1. At eve; in the evening.
(ଦିନାନ୍ତରେ—ଅନ୍ୟରୂପ) ୨ । ପ୍ରତିଦିନ—2. Daily; every day.
दिनान्ते
दिनान्तमे
(ଯଥା—ମତେ ଦିନାନ୍ତେ ଥରେ ମୁଠାଏ ଖାଇବାକୁ ମିଳିଲେ ତ ଭାବନା ନ ଥିଲା ।)

ଦିନାନ୍ଧ—ସଂ. ବିଣ. ପୁଂ—୧ । ଯାହାକୁ ଦିନରେ ଦେଖାଯାଏ ନାହିଁ—
Dināndha — 1. Unable to see in daylight.
(ଦିନାନ୍ଧତା—ବି) (ଯଥା—ଚେମଣି, ପେଚା, ବାଦୁଡ଼ି ।)
୨ । ଦିବାନ୍ଧତାରୋଗଗ୍ରସ୍ତ ବ୍ୟକ୍ତି—
2. (a person) Suffering from sun-blindness.

ଦିନାବସାନ—ସଂ. ବି (ଦିନ+ଅବସାନ; ୬ଷ୍ଠୀ ତତ୍)—ସନ୍ଧ୍ୟା; ସୂର୍ଯ୍ୟାସ୍ତ
Dinābasāna — ସମୟ—Evening; sunset.

ଦିନାର୍—ବୈଦେ. ବି (ଆ. ଦିନାର୍; ଲାଟିନ୍. ଦିନାରିୟସ୍)—
Dinār ୧ । ଆରବ ଓ ପାରସ୍ୟଦେଶ ପ୍ରଚଳିତ ମୁଦ୍ରାବିଶେଷ—
1. A coin of Persia and Arabia.
୨ । ସମ୍ରାଟ ଆକବରଙ୍କ ସମୟରେ ଭାରତପ୍ରଚଳିତ ଅଧତୋଲା ଓଜନର ସ୍ୱର୍ଣ୍ଣ ମୁଦ୍ରା—2. Name of a gold coin of half tola weight, current during the reign of Akbar the Great.

ଦିନାମାର୍—ଦେ. ବି (ଇଂ. ଡେନ୍‌ମାର୍କ୍. ଦେଶବିଶେଷ)—ଡେନ୍‌ମାର୍କ୍
Dināmār ଦେଶର ଲୋକ—The people of Denmark, the Danes.
দেনামার दीनामार

ଦିନାମାର୍ ଡିଙ୍ଗା—ଦେ. ବି— ଡେନ୍‌ମାର୍କର ଅଧିକାରଭୁକ୍ତ ବାଲେଶ୍ୱର
Dināmār dingā ନଗର ଅନ୍ତର୍ଗତ ସ୍ଥାନବିଶେଷ—Name of a plot of land in the town of Balasore which belongs to the State of Denmark.
দেনামার ডাঙ্গা दीनामार डिंगा

ଦିନାର୍ଦ୍ଧ—ସଂ. ବି (୬ଷ୍ଠୀ ତତ୍; ଦିନ+ଅର୍ଦ୍ଧ)—୧ । ମଧ୍ୟାହ୍ନ—
Dinārddha 1. Midday.
୨ । (ଜ୍ୟୋତିଷ) ପୃଥିବୀର ଓ ସୂର୍ଯ୍ୟର ଅବସ୍ଥିତି ଅନୁସାରେ ସାନ ବା ବଡ଼ ହେବା ଦିବସର ଅର୍ଦ୍ଧେକ ସମୟ (ଦିନ ମାନ ଦେଖ ନୋଟ୍ ଦେଖ)—2. (astromony) Half the length of a particular day; half of the time between sunrise and sunset of a particular day.

ଦିନିଆ(ଆଁ)— ଦେ. ବିଣ (ଅନ୍ୟ ଶବ୍ଦ ପରେ ଯୁକ୍ତ)— ଦିନରେ ସମ୍ବନ୍ଧୀ;
Diniā aṅ) ଦିନବ୍ୟାପୀ—Relating to a day; an affix
দিনের meaning consisting of a day or days.
दिनका (ଯଥା- ଅଢ଼େଇଦିନିଆ; ଏକଦିନିଆ; ଦୁଇଦିନିଆ ଇତ୍ୟାଦି ।)

ଦିନିକିଆ—ଦେ. ବିଣ (ସଂ. ଦୈନିକ)—୧ । ଏକଦିବସ ସମ୍ବନ୍ଧୀୟ—
Dinikiā 1. Pertaining to one day only.
(ଦିନକିଆ—ଅନ୍ୟରୂପ) ୨ । ଏକଦିନ ବ୍ୟାପୀ—
2. Occupying the period of one day.
୩ । ଦୈନିକ—3. Daily.
୪ । ପରିବର୍ତ୍ତନଶୀଳ—4. Changing; fleeting.
୫ । ଅଚିରସ୍ଥାୟୀ—5 Temporary; that which does not last long.
୬ । ଅଳ୍ପକ୍ଷଣସ୍ଥାୟୀ; କ୍ଷଣିକ—6. Momentary.
୭ । ସାମୟିକ; ଆକସ୍ମିକ—7. Occasional.
(ଯଥା—ଦିନକିଆ ମଉଜ ପାଇଁ ଚିରଦିନିଆ ଅଶାନ୍ତିରେ ଜଳାଞ୍ଜଳି ଦେବା ମୂର୍ଖତା ଅଟେ ।)

ଦିନୁ—ଦେ. ଅ—୧ । (ଅମୁକ) ଦିବସଠାରୁ ଆରମ୍ଭକରି—
Dinu 1. Since such a day.
(ଦିନୁଁ—ଅନ୍ୟରୂପ) (ଯଥା—ଏଠାରେ ୧୨ତାରିଖ ଦିନୁ ବର୍ଷା ହେଉଛି)
দিনথেকে ୨ । (ଅମୁକ) ସମୟରୁ—2. Since such a time.
दिनसे ଯେଉଁ ଦିନୁ ହେଲ ସୁବାସ ନାଶ, ସେହି ଦିନୁ ହେଲ
ସୁବାସ ନାଶ, ସୁବାସ ନାଶ, ସୁବାସ ନାଶ—ଉପ.

(ଦିନୁଆଁ—ଅନାଦରାର୍ଥକ) ଦେ. ବି. ପୁଂ—ଦିନବନ୍ଧୁର ଆଦରାର୍ଥକ ଡାକନାମ—A name for calling Dinabandhu in fondness.

ଦିନୁଦିନ—ଦେ. ଅ.—୧ । ପ୍ରତିଦିନ; ନିତି—
Dinudina 1. Daily; every day.
ଦିନୁଁଦିନ; ଦିନୁଁ ଦିନୁଁ;
ଦିନକୁଦିନ; ଦିନୁ ଦିନୁ; } ଅନ୍ୟରୂପ ମୋହର ସେବା ଦିନୁଦିନେ, ଦେଖି ସନ୍ତୋଷ କରନ୍ତେ । ଜଗନ୍ନାଥ, ଭାଗବତ ।
ଦିନକୁଦିନ; ଦିନୁଦିନେ;
ଦିନୁଁଦିନେ; ଦିନକରଦିନ
দিনদিন ୨ । ଏକ ଦିନରୁ ଅନ୍ୟ ଦିନ ପର୍ଯ୍ୟନ୍ତ; କ୍ରମାନ୍ୱୟେ ଏକ ଦିନର
दिन दिन ପରେ ଅନ୍ୟ ଦିନରେ—2. Day by day; from day to day.
ଶୁକ୍ଳ ପକ୍ଷେ ଚନ୍ଦ୍ର ଯେସନେ, ବଢ଼ଇ ପୁତ୍ର ଦିନୁଦିନେ ।
ଜଗନ୍ନାଥ- ଭାଗବତ ।

ଦିନେ—ଦେ. ଅ.— ୧ । କୌଣସି ଏକ ଦିବସରେ—
Dine 1. On any day.
একদিন (ଯଥା—ମୋ ଘରକୁ ତୁ ଦିନେ ଆସିବୁ ।)
एकरोज ୨ । ଥରେ ମାତ୍ର—1. Once only.
ଶ୍ରୀହସ୍ତ ଚରଣ କଞ୍ଜ ଜଳ ଗଣ ଶୋଭା ଗ୍ରହିଁ ନାହିଁ ଦିନେ ।
ଦେବଦୁର୍ଲ., ସଙ୍ଗୀତ ।
୩ । ଭୂତେ ବା ଭବିଷ୍ୟତରେ କୌଣସି ସମୟରେ—
3. At any time (in the past or future).

ଦିନେକ—ଦେ. ଅ.— କୌଣସି ଏକ ନିର୍ଦ୍ଦିଷ୍ଟ ଦିବସରେ—
Dineka On a certain day.
ଦିନେକ ଅବଧୂତ ଗଲେ, ସାଗର ଅରଣ୍ୟେ ବାସ କଲେ ।
ପ୍ରାଚୀ. ଦର୍ଶନମାହାତ୍ମ୍ୟ ।

ଦିନେକେ—ଦେ. ଅ.— ଦିନକେ (ଦେଖ)
Dineke Dinake (See)

ଦିନେ କାନ୍ତର—ଦେ. ଅ.—୧ । ଏକଦିନ ବା ତହିଁରୁ କିଛି କମ୍ ବେଶି
Dine kāntara ସମୟ; ପ୍ରାୟ ଏକ ଦିନ—
দিনতুএক 1. About a day.
दो एक रोज (ଯଥା— ତା ଦ୍ୱାରେ ଦିନେ କାନ୍ତର ବସି ଗଲେ ମୋ
(ଦିନେଶଣ୍ଡେ—ଅନ୍ୟରୂପ) ଟଙ୍କାଟା ଆଦାୟ ହୋଇଯିବ ।)
୨ । ଦିନେ ବା ଦୁଇଦିନ—2. A day or two.
୩ । ଅଳ୍ପ ଅଳ୍ପ ଦିନ—3. A few days.

ଦିନେ ଦିନେ—ଦେ. ଅ.— ୧ । କୌଣସି କୌଣସି ଦିବସରେ—
Dine dine 1. On certain days.
এক এক দিন ଦିନେ ଦିନେ ବସୁଧର ଧର ଘଷି ଦିଅ;
एक एक रोज ଘନ ଘରକ ଜନ୍ମକେ ଭଣଉ ନଦର ।
ଗୋପୀଙ୍କ, ଉଦ୍ଧରେଖା ।
୨ । କୌଣସି କୌଣସି ସମୟରେ—2. At times.

ଦିନେ ନାଁ ଦିନେ—ଦେ. ଅ.—୧ । ନିଶ୍ଚୟ କୌଣସି ଗୋଟିଏ ଦିନରେ-
Dine nāṅ dine 1. Certainly on some day or other.
একদিন না একদিন
काई एक रोज ୨ । ନିଶ୍ଚେ କୌଣସି ସମୟରେ—
2. Certainly at any time.

ଦିନେଶ—ସଂ. ବି. (ଦିନ+ଈଶ; ୬ଷ୍ଠୀ ତତ୍)—୧। ସୂର୍ଯ୍ୟ—
Dinesa 1. The sun.
(ଦିନେଶ୍ୱର—ଅନ୍ୟରୂପ) ୨। ଅର୍କ ବୃକ୍ଷ—
2. Calotropis Gigantea.

ଦିନେଶାତ୍ମଜ—ସଂ. ବି. ପୁଂ (୬ଷ୍ଠୀ ତତ୍; ଦିନେଶ=ସୂର୍ଯ୍ୟ+ଆତ୍ମଜ=
Dinesatmaja ପୁତ୍ର)—୧। ଯମ—1. Jama.
୨। ରାଜା କର୍ଣ୍ଣ— 2. King Karnna.
୩। ସୁଗ୍ରୀବ—3. Sugriba.
୪। ଶନି—4. Saturn.
୫। ସୂର୍ଯ୍ୟ (ପ୍ରକୃତିବାଦ)—5. The sun.

ଦିନେଶାତ୍ମଜା—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଦିନେଶ+ଆତ୍ମଜା)—
Dinesatmaja ଯମୁନା ନଦୀ—The river Jamuna.

ଦି ପଖା—ଦେ. ବି. (ସଂ. ଦ୍ୱି+ପକ୍ଷ)—୧। ଦୁଇ ଦିଗ; ଦୁଇପାର୍ଶ୍ୱ;
Di pakha ଦୁଇ ପାଖ—1. Both sides.
(ଯଥା—ଚୁଲିର ଦିପଖାରେ ଦୁଇଟି ହାଣ୍ଡି ବସାଅ।)
୨। ଦି ଫାଳ—2. Two halves.
(ଯଥା—ଏ ନଡ଼ିଆ ବରଡ଼ାଟାକୁ ଦିପଖା କରି ଓଲଟା ବାଗରେ ଯୋଡ଼ି ଗୁଡ଼ା ବୁଣ । ତୁ ଇମିତି ଚଳୁଛୁ ଯେ, ଜାଣି ଥା, ମୁଁ ଥରେ ରାଗି ଗଲେ ତୋତେ ଦି ପଖା କରି ଚିରି ଦେବି।)
୩। ଦୁଇ ହାତର ଦୁଇ ଡେଣା—3. The two arms.
(ଯଥା—ଭୀମ ଦୁଇ ହୁଙ୍କାରରେ ଦୁଃଶାସନର ଦି ପଖା ଛିଣ୍ଡାଇ ଫିଙ୍ଗି ଦେଲେ।)
ବିଣ.—ଦୁଇ ପାର୍ଶ୍ୱ ବା ପଖାବିଶିଷ୍ଟ (ଚୁଲି)—Two-sided; having two openings.
(ଯଥା—ଦି ପଖା ଚୁଲିଟା ଲଗାଇ ଦେ ଯେ, ଭାତ ତିଅଣ ଏକା ବେଳେକେ ହୋଇଯିବ।)

ଦିପଖା ଚୁଲି—ଦେ. ବି.—ଯେଉଁ ଚୁଲିରେ ଗୋଟିଏ ମୁହଁ ଥାଇ ଦୁଇଟି
Dipakha chuli ହାଣ୍ଡି ବସିବା ଭଳି ଦୁଇଟି ଗାତ ବା ପଖା ଥାଏ;
दुआखा उनान, दुपाखा उनान ଦୁଇଟି ପଖା ବିଶିଷ୍ଟ ଏକମୁହାଁ ଚୁଲି—
An oven with two holes (or openings at the top to set pots on them.

ଦି ପଟ—ଦେ. ବି.—୧। ଉଭୟ ପାର୍ଶ୍ୱ—
Di pata 1. Both sides.
୨। ଯୋଡ଼ାଏ—2. A pair; two.
୩। ଦୁଇଗୁଣ—3. Two times as much.

ଦି ପଟା—ଦେ. ବି.—୧। ଦୁଇ ହଟା—
Di pata 1. Two paroxysms.
(ଯଥା—ତାର ମୋର ଜରଅ ଆଜି ଦି ପଟା ଲାଗିଗଲା।)
୨। ଦୁଇଥର—2. Two times.
୩। ଦୁଇପାଖ—3. Two sides.

ଦିପଟିଆ—ଦେ. ବି.—ଉଭୟ ପକ୍ଷକୁ ସମର୍ଥନ କରୁଥିବା—
Di patia Favouring both parties or sides.
(ଯଥା—ଏମିତି ଦି ପଟିଆ ଲୋକର ଭଲର ଦିଶେ ନାହିଁ।)

ଦି ପତର—ଦେ. ବିଣ. (ସଂ. ଦ୍ୱି ପତ୍ର)—୧। ଗଛ ଅବସ୍ଥାରୁ ଦୁଇଟି
Di patara ପତ୍ର ଧରିବାକୁ ଆରମ୍ଭ କରିଥିବା (ଗଛ)—
ଦି ପତ୍ର, ଦି ପତରିଆ, ଦି ପତୁରିଆ } ଅନ୍ୟରୂପ 1. Budding with two leaves; growing with two leaves.
୨। ଯେଉଁ ଗଛର ପତ୍ର ସବୁ ଦୁଇ ଦୁଇଟା ହୋଇ ଡେମ୍ଫରେ ଲାଗି ହୋଇଥାଏ—2. (trees) With two leaves on a stem; bifoliate.

ଦିପଦଣ୍ଡି—ଦେ. ବି (ସଂ. ଦ୍ୱୀପ ଓ ଦଣ୍ଡରୁ)—୧। ପୋଖରୀର ମଧ୍ୟସ୍ଥଳରେ
Dipadandi ପୋତାଯିବା ବେଲକାଠର ଖୁଣ୍ଟ—1. A wooden
(ଦିପିଦଣ୍ଡି—ଅନ୍ୟରୂପ) post erected in the middle
ରହିକାଠ of a tank or lake.
୨। ପୋଖରୀ ମଧ୍ୟସ୍ଥଳରେ ନିର୍ମିତ ମଣ୍ଡପ—
2 A raised masonry platform in the middle of a pond.
ରଥାଙ୍ଗ ମଁ ଥିଲ ଦୀପଦଣ୍ଡି ଛନ୍ତି, ଟେଲେ ଦିପସବ ଟେରେ । ରାଧାନାଥ ।

ଦିପଦହି—ଦେ. ବି. (ସଂ. ଦୀପ ଓ ଦଧି; ତୁଳ. ମଥା ଦହି=ତୈଳ)—
Dipadahi ୧। ତୈଳ; ଜଳିବା ତେଲ—
1. Oil for lamp.
ଦିପରୁଖା ବର୍ତ୍ତି ଥିବ, ଦିପଦହି ପଡ଼ୁଥିବ । ଶିଶୁ ଗୀତ ।
୨। (ଦ୍ୱି+ପଦ+ହିଁ) କେବଳ ଦୁଇ ପଦ କଥା—
2. Two sentences only.

ଦି ପହର—ଦେ. ବି. (ସଂ. ଦ୍ୱିପ୍ରହର)—
Di pahara ୧। ମଧ୍ୟାହ୍ନ—1. Noon.
दुपुर ୨। ମଧ୍ୟରାତ୍ର—2. Midnight.
दोपहर ୩। ଅସମୟ—3. Bad time.
ପଲେଇ ପଶିଲି ମାଉସୀ ଘରେ
ମାଉସୀ ମାରିଲା ଦିପହରେ । ଢଗ ।

ଦିପହରିଆ—ଦେ. ବି (ସଂ. ଦ୍ୱିପ୍ରହର)—ଦ୍ୱିପ୍ରହର ସମ୍ବନ୍ଧୀୟ—
Dipaharia Pertaining to noon.
दुपुरिआ ଅନ୍ଧାରଖିଆ, ଶୀତ ପାହାନ୍ତ, ଦି ପହରିଅସର
दुपहरिआ ଏସବୁରେ ଯେ ଲୋକ ପୋଖରୀରେ; ବେଳ ଥାଉଁ ଥାଉଁ ମଲା । ଢଗ ।
ଦେ. ବି—୧। ଦ୍ୱିପ୍ରହରବେଳ; ମଧ୍ୟାହ୍ନ; ଖରାବେଳ—
1. Midday; noon; hottest time in the sun.
दुपहरिआ; बाँधुलि ୨। (ସଂ. ବନ୍ଧୁକ, ବନ୍ଧୁଳି; ଓଷ୍ଠ ପୁଷ୍ପ)—
दुपहरया ପୁଷ୍ପ ଗାଛବିଶେଷ; ବନ୍ଧୁଲିଫୁଲ—
2. Pentapetes Phoenicea.
[ଦ୍ର—ଗଛ ପ୍ରାୟ ୧୫ ହାତ ଉଚ୍ଚ; ଫୁଲ ପାଞ୍ଚ ପାଖୁଡ଼ିଆ ଓ ଗାଢ଼ ରକ୍ତବର୍ଣ୍ଣ; ଗୋଟିଏ ଫୁଲ ସାତଦିନ ଫୁଟେ । ଦିବା ଦିପହର ଅର୍ଥାତ୍ ମଧ୍ୟାହ୍ନରେ ଏ ଫୁଲ ଫୁଟେ ବୋଲି ଏହାର ଏପରି ନାମକରଣ ହୋଇଛି । ଏହି ଫୁଲର ରଙ୍ଗ ସଙ୍ଗେ କବିମାନେ ନାରୀଙ୍କ ଓଠକୁ ତୁଳନା କରନ୍ତି ।]

ଦିପହରିଆ ମାହାତମ—ଦେ. ବି—ମୁସଲମାନ୍‌ମାନଙ୍କର ମହରମ ପର୍ବର
Dipaharia mahatam ଅଷ୍ଟମ ଦିନ, ଯେଉଁଦିନ ମହମ୍ମଦଙ୍କ
ଝିଅର ପୁଅ ଇମାମ୍ ହୁସେନ୍‌ଙ୍କ ସଙ୍ଗେ ଏଜିଦ୍ ବଂଶର

ଯୁଦ୍ଧ ଆରମ୍ଭ ହୋଇଥିଲା—The Mahomedan Mohurrum commemorating the beginning of the battle between Imam Hossan and Ejid.

ଦୀପାବଳି ଅମାସ୍ୟା—ଦେ. ବି (ସଂ. ଦୀପାବଳୀ ଅମାବାସ୍ୟା)—କାର୍ତ୍ତିକ
Dipābaḻi amāsyā ମାସର ଅମାବାସ୍ୟା, ଯେଉଁଦିନ ଗୃହରେ
दिवालि ଏବଂ ଦେବାଳୟମାନଙ୍କରେ ଦୀପମାଳା ବସାଯାଏ ଏବଂ ପିତୃ-
दिवालि ପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧଦୀପଦାନାଦି ଅନୁଷ୍ଠାନ କରାଯାଏ—The new moon of the month of Kārttika.

ଦୀପାଳି—ଦେ. ବି (ସଂ. ଦୀପାବଳୀ)—୧ । ମାଟିର ସାନ ଦୀପ—
Dipāḻi 1. Small earthen lamp.
୨ । (ଦ୍ୱି + ଓ. ପାଳି)—ଦୁଇପାଳି ବା ଥର—2. Two times; twice.

ଦୀପାଳି ବସା(ସେ)ଇବା—ଦେ. କ୍ରି—କୌଣସି ସ୍ଥାନକୁ ଆଲୋକିତ
Dipāḻi basā(se)ibā କରିବା ନିମନ୍ତେ ଜଳୁଥିବା ଦୀପ ରଖିବା—To set earthen lamps to light up a place.

ଦିପିଠିଆ—ଦେ. ବିଣ (ସଂ. ଦ୍ୱି + ପୃଷ୍ଠ)—୧ । ଦୋରୁଖା; ଯେଉଁ
Di piṭhiā ଲୁଗାର ଦୁଇପିଠି ବା ପାଖର ରଙ୍ଗ ବା ବୁଣା ଏକପ୍ରକାର
दूपीठ; **दोपीठा** 1. (cloth) Having the same colour or texture on both sides.
୨ । ଯେଉଁ ଛପା କାଗଜର ଦୁଇ ପିଠି ବା ପାଖରେ ଛପାହୁଏ—2. (paper) Which is printed on both sides.
୩ । ଯେଉଁ ଘୋଡ଼ା ଗାଡ଼ିଟଣା ଓ ସବାରୀ କାମରେ ଲାଗେ—3. (horse) Which is used for both driving and riding.
୪ । ଯେଉଁ ବଳଦ ଗାଡ଼ି ଟାଣେ ଓ ହଳରେ ଲାଗେ—4. (bullock) Which draws the cart as well as the plough.

ଦିପିତି—ଦେ. (ପଦ୍ୟ) ବି. (ସଂ. ଦୀପ୍ତି)—ଦୀପ୍ତି (ଦେଖ)
Dipiti (ଦିପତି—ଅନ୍ୟରୂପ) Dīpti (See).
दिप्ति

ଦିପୁର ବଟା—ଦେ. ବିଣ—ଦୁଇ ଥର ବଟା ଯାଇଥିବା (ହଳଦୀ ଇତ୍ୟାଦି
Dipura baṭā ଦ୍ରବ୍ୟ)—Twice pestled (turmeric-
दुपुरबाटा paste etc).
[ଦ୍ର—ପ୍ରଥମ ଥର ହଳଦୀ ବଟାକୁ ମସୃଣ କରିବା ଓ ଦ୍ୱିତୀୟ ଥର ବଟାକୁ ଚିକ୍କଣ କରିବା କହନ୍ତି ।

ଦିପୋଟି (ଇତ୍ୟାଦି)—ବୈଦେ. ବି (ଇଂ)—ଡେପୁଟୀ ଇତ୍ୟାଦି (ଦେଖ)—
Dipoṭi (etc) Depuṭi etc (See).

କେହି ବୋଲେ ମୁହିଁ ଅଟଇ ଦିପୋଟି । ରାଧାନାଥ—ଦରବାର

ଦିଫାଙ୍କିଆ—ଦେ. ବିଣ.—ଦୋଫାଙ୍କିଆ (ଦେଖ)
Di phāṅkiā Dophāṅkiā (See)

ଦିଫାଙ୍କୁଡ଼ିଆ—ଦେ. ବିଣ—ଦୁଇ ଶାଖାବିଶିଷ୍ଟ; ଦୁଇ ଭାଗରେ ବିଭକ୍ତ
Di phāṅkuṛiā ହୋଇଥିବା—Split into two; having two branches; with two connected divisions; forked.

ପଛ ପଟରେ ଯେଉଁ ଦିଫାଙ୍କୁଡ଼ିଆ ଚୂଡ଼ା ସାହାଡ଼ା ଗଛ ଦେଖୁଛ,
ଏଇଟା କଣ ଜାଣ ?—ଫକୀରମୋହନ-ଗଳ୍ପ ସ୍ୱଳ୍ପ ।

ଦିଫାଳିଆ—ଦେ. ବିଣ—ଦୁଇଟି ଫାଳ ବିଶିଷ୍ଟ—Bipartite; consi-
Di phāḻiā sting of two equal halves or folds.
दुफाल; **दोफार**

ଦିବ୍ (ଧାତୁ)—ସଂ.—୧ । ଦୀପ୍ତି ପାଇବା—1. To dazzle; to
Dib (root) glitter; to shine.
୨ । କ୍ରୀଡ଼ା କରିବା—2. To play.

ଦିବ୍—ସଂ. ବି (ଦିବ୍ ଧାତୁ + ଅଧିକରଣ କ୍ୱିପ୍)—୧ । ସ୍ୱର୍ଗ—
Dib 1. Heaven.
୨ । (+ କର୍ତ୍ତୃ. ଅ) ଆକାଶ—2. The heavens; the sky.
୩ । ଦିନ (ହି. ଶବ୍ଦସାଗର)—3. Day.

ଦିବ—ସଂ. ବି (ଦିବ୍ ଧାତୁ + କର୍ତ୍ତୃ ଅ)—ଦିବ୍ (ଦେଖ)
Diba Dib (See).
ଦେ.ବି—(ଆଦରାର୍ଥକ) ଦିବ୍ୟସିଂହ ନାମକ ବ୍ୟକ୍ତିକୁ ଡାକିବା ନାମ
(ଦିବା, ଦିବୁଆ—ଅନାଦରାର୍ଥକ)—A name for calling Dibyasiṁha.

ଦିବରଷିଆ—ଦେ. ବିଣ (ସଂ. ଦ୍ୱିବାର୍ଷିକ)—ଦ୍ୱିବାର୍ଷିକ; ଯାହା ଦୁଇ ବର୍ଷରେ
Di barashiā ଥରେ ଘଟେ—Biennial.
দুবৎসরের **दोबरषी, दुसाला**

ଦିବସ—ସଂ. ବି (ଦିବ୍ ଧାତୁ + ଅଧିକରଣ ଅସ; ତୁଳ. ଇଂ. ଡେ,
Dibasa ଲାଟିନ୍. ଡିଏସ୍, ପ୍ରାକୃତ. ଦିଅହ)—୧ । ଦିନ—1. Day.
୨ । ଦିନବେଳ—2. Day time.
ଦେ. ବି—ଶ୍ରାଦ୍ଧ ଦିବସ—The day of performing the annual Śrāddha ceremony of a deceased; the anniversary of the death of a person.

ଦିବସକର—ସଂ. ବି (ଦିବସ + କୃ ଧାତୁ + କର୍ତ୍ତୃ. ଅ)—ସୂର୍ଯ୍ୟ—
Dibasakara The sun.
(ଦିବସନାଥ, ଦିବସମଣି, ଦିବସେଶ—ଅନ୍ୟରୂପ)

ଦିବସ ମୁଖ—ସଂ. ବି (୬ଷ୍ଠୀ ତତ୍; ଦିବସ + ମୁଖ)—ପ୍ରାତଃକାଳ—
Dibasa mukha Dawn.

ଦିବସ ମୁଦ୍ରା—ସଂ. ବି.—ଏକଦିନର ବେତନ ବା ମୂଲ—
Dibasa mudrā The salary or wages due for one day.

ଦିବସା—ଦେ. ବି (ସଂ. ଦିବସ)—ଦିବସ (ଦେଖ)
Dibasā Dibasa (See)

ଅମ୍ଭ ଦିବସା ଶ୍ରାଦ୍ଧକାଳେ
ଅଛିର ବୃକ୍ଷେ ଅଛି ବଳେ । ଜଗନ୍ନାଥ. ଭାଗବତ ।

ଦିବସାତ୍ୟୟ—ସଂ. ବି (୬ଷ୍ଠୀ ତତ୍; ଦିବସ + ଅତ୍ୟୟ)—ସନ୍ଧ୍ୟା;
Dibasātyaya ଦିନାନ୍ତ—The close of the day.

ଦିବସାବସାନ—ସଂ. ବି—ସନ୍ଧ୍ୟା; ଦିନାନ୍ତ—
Dibasābasāna The close of the day.

ଦିବସାଲୋକ—ସଂ. ବି (ଦିବସ+ଆଲୋକ; ୬ଷ୍ଠୀ ତତ୍)—ଦିନର ଆଲୁଅ—Daylight.
Dibasāloka

ଦିବସ୍ପତି—ସଂ. ବି (ଦିବଃ=ସ୍ୱର୍ଗର+ପତି; ୬ଷ୍ଠୀ ତତ୍)—୧ । ଇନ୍ଦ୍ର—1. Indra.
Dibaspati

ସବୁକାଳେ ନିହତଣ ଥିବ; ନଦେ ଦିବସ୍ପତି ପଦ ଦେବ—
ଉପେନ୍ଦ୍ରଭଞ୍ଜ- ସୁବର୍ଣ୍ଣରେଖା ।

୨ । ସୂର୍ଯ୍ୟ—2. The sun.

ଦିବା—ସଂ. ଅ—ଦିନରେ; ଦିବସରେ—In day time.
Dibā

ସଂ. ବି— ଦିବସ; ଦିନ (ହି. ଶବ୍ଦସାଗର)—Day.

(ଦିବୁ; ଦିବୁ—ଆଦରାର୍ଥକରୂପ) ଦେ. ବି—୧ । ଦିବ୍ୟସିଂହର ଡାକନାମ—1. A name for calling Dibyasimha.
(ଦିବିଆ—ଅନ୍ୟରୂପ)

୨ । ଦିବାକରର ଡାକନାମ—
2. A name for calling Dibākara.

ଦିବାକର—ସଂ.ବି(ଦିବା=ଦିନରେ+କର=କିରଣ ଯାହାର; ବହୁବ୍ରୀହି; ଅଥବା ଦିବା+କୃ ଧାତୁ+କର୍ତ୍ତୃ. ଅ)—ସୂର୍ଯ୍ୟ—The sun.
Dibākara

ଦେ. ବି. ପୁଂ—ଲୋକଙ୍କ ନାମ—A name given to (males).

ଦିବାକର ମିଶ୍ର—ଦେ.ବି(ନାମ) ଜଣେ ପ୍ରାଚୀନ ଉତ୍କଳୀୟ କବିଙ୍କ ନାମ—Name of a poet of old Orissa.
Dibākara misra

[ଦ୍ର—'ଜଗନ୍ନାଥଚରିତାମୃତ' ଏହାଙ୍କ ରଚିତ—ତାରିଣୀ. ଉତ୍କଳସାହିତ୍ୟ. ଇତିହାସ ।]

ଦିବା କୀର୍ତ୍ତି—ସଂ.ବି—୧ । (ଦିବା=ଦିବସରେ+କୀର୍ତ୍ତି=ବ୍ୟାପାର ଯାହାର, ବହୁବ୍ରୀହି; ଦିନରେ କ୍ଷୌର କର୍ମ କରିବ ଥିବାରୁ)—
Dibākirti

୧ । ନାପିତ; ଭଣ୍ଡାରୀ—1. Barber.

୨ । (ଦିବା+ଅକୀର୍ତ୍ତି; ଦିବସରେ ଅକୀର୍ତ୍ତି ଯାହାର) ପେଚକ; ପେଚା—2. Owl.

୩ । ଚଣ୍ଡାଳ—3. A sweeper; a person of the untouchable caste.

ଦିବାଚର—ସଂ.ବିଣ.ପୁଂ (ଦିବା+ଚର ଧାତୁ+କର୍ତ୍ତୃ ଅ)—ଯେ ଦିବସରେ ବିଚରଣ କରେ—Walking or moving about in the day time.
Dibāchara
(ଦିବାଚରୀ—ସ୍ତ୍ରୀ)

ସଂ. ବି—୧ । ପକ୍ଷୀ—1. Bird.

୨ । ଚଣ୍ଡାଳ—2. A man of the sweeper caste.

ଦିବାଟନ—ସଂ. ବି (ଦିବା+ଅଟ୍ ଧାତୁ=ଗମନ କରିବା+କର୍ତ୍ତୃ ଅନ;)—କାକ; କୁଆ—The crow.
Dibāṭana

ଦିବାତନ—ସଂ. ବିଣ (ଦିବା+ଘଟିବା ଅର୍ଥରେ ତନ)—୧ । ଦିନରେ ଘଟିବା—1. Happening in the day time.
Dibātana
(ଦିବାତନୀ—ସ୍ତ୍ରୀ) ୨ । ଦୈନିକ—2. Daily.

ସଂ. ବି—ଏକଦିନର ମଜୁରି (ହି. ଶବ୍ଦସାଗର)—A days' wages.

ଦିବାନ୍—ବୈଦେ. ବି (ଅ)—ଦେୱାନ୍ (ଦେଖ)
Dibān Dewān (See)

ଦିବା ନାଥ—ସଂ. ବି(୬ଷ୍ଠୀ ତତ୍; ଦିବା+ନାଥ)-ସୂର୍ଯ୍ୟ (ହି. ଶବ୍ଦସାଗର)—The sun.
Dibā nātha

ଦିବାନି—ଦେ. ବି—ଦେୱାଣି (ଦେଖ)
Dibāni Dewāni (See)

ଦିବା ନିଦ୍ରା—ସଂ. ବି(ଦିବା+ନିଦ୍ରା;୭ମୀ ତତ୍)-ଦିନବେଳେ ଶୋଇବା—Sleeping during the day time.
Dibā nidrā

ଦିବାନିଶ—ସଂ. ଅ. (ଦିବା+ନିଶି; ଦ୍ୱନ୍ଦ୍ୱ)—ଦିନରାତି; ଦିନ ଓ ରାତି ବ୍ୟାପୀ; ଅହୋରାତ୍ର—Day and night continuously; continuing throughout the day and night.
Dibāniśa

ଦିବାନିଶି—ଦେ. କ୍ରି. ବିଣ—ରାତି ଦିନ, ଦିନରେ ଓ ରାତିରେ; ଅହର୍ନିଶ; ସର୍ବଦା; ଅବିରତ—Day and night; incessantly.
Dibānisi
(ଦିବାରାତି; ଦିବାରାତ୍ର—ଅନ୍ୟରୂପ)

ଦିବାନ୍ଧ—ସଂ. ବି. (ଦିବା+ଅନ୍ଧ; ୭ମୀ ତତ୍)—ପେଚା—The owl.
Dibāndha

ବିଣ—ଦିନକଣା; ଯେ ଦିନରେ ଦେଖି ନ ପାରେ—Unable to see in the day time.

ଦିବାନ୍ଧକୀ—ସଂ. ବି. ସ୍ତ୍ରୀ—ଛୁଚୁନ୍ଦ୍ରୀ—The mole or musk rat; Sorex Coerulens.
Dibāndhakī

ଦିବା ପୃଷ୍ଠ—ସଂ. ବି (ବହୁବ୍ରୀହି)—ସୂର୍ଯ୍ୟ (ହି. ଶବ୍ଦସାଗର)—The sun.
Dibā prushṭha

ଦିବା ପ୍ରଦୀପ—ସଂ. ବି. (ଲକ୍ଷଣାର୍ଥ)—ଦିବାରେ ଜଳାଇବା ଦୀପ ପରି ଅପ୍ରୟୋଜନ ବ୍ୟକ୍ତି ବା ବସ୍ତୁ—(figurative) An unnecessary person or thing (like a lamp lit in day time).
Dibā pradīpa

ଦିବା ଭାଗ—ସଂ. ବି (୬ଷ୍ଠୀ ତତ୍; ଦିବା+ଭାଗ)—
Dibā bhāga ୧ । ଦିନ ସମୟ—1. Day time.

୨ । ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ କାଳ—
2. The time between sunrise and sunset.

ଦିବାଭିସାରିକା—ସଂ. ବି. ସ୍ତ୍ରୀ. (ଦିବା+ଅଭିସାରିକା)—ଯେଉଁ ନାୟିକା ଦିନ ବେଳେ ଆପଣା ପ୍ରେମିକ ସଙ୍ଗେ ମିଳିତ ହେବା ପାଇଁ ବେଶ ହୋଇ ସଙ୍କେତ ସ୍ଥାନକୁ ଯାଏ—A lady who goes out to meet her lover at the place of assignment in day time.
Dibābhisārikā

ଦିବା ଭୀତ—ସଂ. ବି. (ଦିବା+ଭୀତ; ୭ମୀ ବା ୫ମୀ ତତ୍)—
Dibā bhīta ୧ । ପେଚା—1. The owl.

୨ । ଚୋର—2. The thief.

୩ । ଚନ୍ଦ୍ର—3. The moon.

ଦିବା ମଣି—ସଂ. ବି. (୬ଷ୍ଠୀ ତତ୍; ଦିବା+ମଣି)—ଦିନମଣି (ଦେଖ)
Dibā maṇi Dinamaṇi (See)

ଦିବା ମଧ୍ୟ—ସଂ. ବି. (୬ଷ୍ଠୀ ତତ୍; ଦିବା+ମଧ୍ୟ)—ଦ୍ୱିପ୍ରହର; ମଧ୍ୟାହ୍ନ—Noon; midday.
Dibā madhya

ଦିବାର—ଦେ. ଅ. (ସଂ. ଦ୍ୱି+ବାର)—ଦୁଇ ଥର—
Dibāra Twice.
দুবার दुबारा

ଦିବାର ତିନିବାର—ଦେ.ଅ.(ସଂ. ଦ୍ୱିବାର ତ୍ରିବାର)—ଦୁଇଥର ତିନିଥର; ବହୁବାର—Repeatedly; several times.
Dibāra tinibāra
দুবার তিনিবার दुबारा तिबारा

ଦିବାରାତ୍ର—ସଂ. ଅ. (ଦିବା+ରାତ୍ରି; ଦ୍ୱନ୍ଦ୍ୱ)—ଦିବାନିଶ (ଦେଖ)
Dibārātra Dibānisa (See)

ଦିବାରାତ୍ରି—ଦେ. ଅ. (ସଂ. ଦିବାରାତ୍ର)—ଦିବାନିଶି (ଦେଖ)
Dibārātri Dibāniśi (See)

ଦିବାଲ୍ (ଇତ୍ୟାଦି)—ବୈଦେ. ବି—ଦେବାଲ୍ ଇତ୍ୟାଦି (ଦେଖ)
Dibāl (etc) Debāl etc. (See)
(ଦିୱାଲ୍—ଅନ୍ୟରୂପ)

ଦିବାଲ୍‌ଗିରି—ବୈଦେ. ବି. (ଫା)—ଯେଉଁ ଦୀପ କାନ୍ଥରେ ଲଗା ହୋଇ ଜଳେ—A wall lamp.
Dibāl-giri

ଦିବାଲା—ଦେ. ବିଣ. (ସଂ. ଦୁର୍ବଳ)—ଦୁର୍ବଳ—
Dubālā Weak.
দুবলা ଦିବାଲା ହେବାର ଦେହ ମହାସାର; ଜାଣି ଯା ହେଲ ମାନସ ମୋର ।
दुबला କବିସୂର୍ଯ୍ୟ. କଳୋଲବଳ୍ଳ. ୨. ଗୀତ ।
ବୈଦେ. ବିଣ. (ଫା)—ଦିବାଳିଆ (ଦେଖ)
Dibāliā (See)

ଦିବାଳିଆ—ବୈଦେ. ବିଣ. (ଫା)—
Dibāliā ୧ । ଋଣ ପରିଶୋଧ କରିବାକୁ ଅସମର୍ଥ (ବ୍ୟକ୍ତି)—
দেবালিআ 1. Insolvent (debtor).
दिवाला, दिवालिआ ୨ । ଅସ୍ତବ୍ୟସ୍ତ—2. Pulled down; troubled.
୩ । ଦୁଃଖଗ୍ରସ୍ତ—3. Afflicted.

ଦିବାଲି—ଦେ. ବି. (ସଂ. ଦୀପାବଳୀ)—ଦୀପାବଳୀ ଅମାବାସ୍ୟା—
Dibāli The new moon in Kārttika.
দিবালী दिवाली

ଦିବାଶୟୁ—ଦେ. ବିଣ. (ଉପପଦ ତତ୍ପୁରୁଷ; ଦିବା+ଶୀ ଧାତୁ+ଅ)—
Dibāsaya ଯେ ଦିନରେ ଶୁଏ—
Given to sleeping in day time.

ଦିବି—ଦେ. ବି. (ସଂ. ଦିବ୍ ଶବ୍ଦର ୭ମୀ ବିଭକ୍ତି ୧ବ.)—
Dibi ସ୍ୱର୍ଗ—1. Heaven.
୨ । ଆକାଶ—2. Sky.
ଏମନ୍ତ ଦିବି ମଣ୍ଡଳର;
ଲକ୍ଷଣ ଶୁଣ ନୃପବର । ଜଗନ୍ନାଥ. ଭାଗବତ ।
ସଂ. ଅ.—୧ । ଆକାଶରେ—1. In the sky.
୨ । (ଦିବ୍ ଧାତୁ+କର୍ତ୍ତୃ. ଇ)—ଚାଷ ପକ୍ଷୀ (ଦେଖ)
2. Chāsha pakshi (See)

ଦିବିଷଦ୍—ସଂ. ବି. (ସଂ. ଦିବି=ସ୍ୱର୍ଗରେ+ସଦ୍ ଧାତୁ=ଥିବା+କର୍ତ୍ତୃ. କ୍ୱିପ୍)—ଦେବତା—Deity; the Gods.
Dibishad
(ଦିବିଷଦ—ଅନ୍ୟରୂପ) ବିଣ.—ସ୍ୱର୍ଗରେ ବାସକାରୀ—
Residing in heaven.

ଦିବିଷ୍ଠ—ସଂ. ବିଣ. ପୁଂ. (ସଂ. ଦିବି=ସ୍ୱର୍ଗରେ+ସ୍ଥା ଧାତୁ+କର୍ତ୍ତୃ. ଅ)—
Dibistha ସ୍ୱର୍ଗସ୍ଥ; ସ୍ୱର୍ଗୀୟ—Heavenly.
(ଦିବିଷ୍ଠା—ସ୍ତ୍ରୀ) ସଂ ବି.—ଦେବତା—Deity.

ଦିବୋକସ୍—ସଂ. ବି. (ଦିବ=ସ୍ୱର୍ଗ+ଓକସ୍=ବାସସ୍ଥାନ ଯାହାଙ୍କର; ବହୁବ୍ରୀହି; ଏଥିର ପ୍ରଥମା ୧ବ. ଦିବୋକା)—
Dibokas
୧ । ଦେବତା—1. Deity; Divine beings.
୨ । ଚାତକ ପକ୍ଷୀ (ଦ୍ର. ଶବ୍ଦସାଗର)—
2. The pied-crested coccyster.

ଦିବୋଦାସ—ସଂ. ବି. (ନାମ)—୧ । କାଶୀରେ ଓ ମହାଭାରତରେ ଉକ୍ତିଖିତ ଚନ୍ଦ୍ରବଂଶୀ ରାଜା (ଏ କାଶୀରେ ରାଜତ୍ୱ କରୁଥିଲେ)—1. Name of a king of the lunar dynasty of India.
Dibodāsa
୨ । ହରିବଂଶ ଅନୁସାରେ ମେନକାଙ୍କ ଗର୍ଭରୁ ଯଧ୍ୟସ୍ୱ ଋଷିଙ୍କ ଔରସରେ ଜନ୍ମି ଥିବା ଋଷି (ଏ ଅହଲ୍ୟାଙ୍କ ଭାଇ)—
2. Name of a sage.

ଦିବୋଦ୍ଭବା—ସଂ. ବି. (ଦିବ+ଉଦ୍ଭବ+ଆ)—ଅଳାଇଚ
Dibodbhabā (ଦ୍ର. ଶବ୍ଦସାଗର)—Cardamom.

ଦିବୋଲ୍କା—ସଂ. ବି. (ଦିବା+ଉଲ୍କା)—ଦିନ ବେଳେ ଆକାଶରୁ ଖସିବା ଉଲ୍କା—Shooting star or incandescent mass falling from the sky in the day time.
Dibolkā

ଦିବୌକସ୍—ସଂ. ବି. (ପଦ)—ଦିବୋକସ୍ (ଦେଖ)
Dibaukas Dibokas (See)

ଦିବୌକା—ସଂ. ବି. (ଦିବୌକସ୍ ଶବ୍ଦ ୧ମା. ୧ବ.)—
Dibaukā ଦିବୋକସ୍ (ଦେଖ)—Dibokas (See)

ଦିବ୍ୟ—ସଂ. ବିଣ. (ଦିବ୍=ସ୍ୱର୍ଗ+ଭବାର୍ଥେ. ଯ)—ସ୍ୱର୍ଗୀୟ—
Dibya 1. Divine; celestial.
(ଦିବ୍ୟତା, ଦିବ୍ୟତ୍ୱ—ବି) ୨ । ଐନ୍ଦ୍ରଜାଲିକ; ଅଦ୍ଭୁତ (ଘଟନା)—
(ଦିବ୍ୟା—ସ୍ତ୍ରୀ) 2. Magical; miraculous.
୩ । ଆକାଶସ୍ଥ—3. Heavenly.
୪ । ଅଲୌକିକ—4. Supernatural.
୫ । (ଦିବ୍ ଧାତୁ=ଦୀପ୍ତି ପାଇବା+ଯ) ମନୋହର; ସୁନ୍ଦର—
5. Magnificent; beautiful; charming.
ଦିବ୍ୟ ପୁର ସେ ଦିବ୍ୟ ତରୁ ତହିଁ ତରୁ
ଦିବ୍ୟ ଆସନରେ ସେ ମନ ମୋହେ ଅତ—କୃଷ୍ଣସିଂହ. ମହାଭାରତ. ସଭା ।
୬ । ଉତ୍କୃଷ୍ଟ; ଶ୍ରେଷ୍ଠ—
6 Superior; best; excellent.
୭ । (ସଂ. ଦିବ୍=ଆକାଶ+ଭବାର୍ଥେ. ଯ) ଆକାଶରେ ଘଟୁଥିବା—7. Happening in the sky.
୮ । ସ୍ୱର୍ଗୀୟ ବା ଦିବ୍ୟ ଆନନ୍ଦଦାୟକ—
8. Giving heavenly bliss or pleasure.
ସଂ. ବି—୧ । ଶପଥ; ରାଣ—1. Oath.
୨ । ଲବଙ୍ଗ—2. Cloves.
୩ । ହରିଚନ୍ଦନ—3. A kind of sandal.

୪ । ଗୁଗ୍ଗୁଳ—4. A kind of incense; bdellium.
୫ । ଯବ—5. Barley.
୬ । ଅଁଳା (ହ୍ର ଶବ୍ଦସାଗର)—
6. Embelic myrobalan.
୭ । ଶତାବରୀ (ହ୍ର. ଶବ୍ଦସାଗର)—7. Asparagus.
୮ । ବ୍ରାହ୍ମୀଶାକ (ହ୍ର. ଶବ୍ଦସାଗର)—
8. An aquatic pot-herb.
୯ । ଧଳା ଦୁବ (ହ୍ର. ଶବ୍ଦସାଗର)—
9. The white or bleached variety of Cynoden grass.
୧୦ । ହରଡ଼ା (ହ୍ର. ଶବ୍ଦସାଗର)—10. Myrobalan.
୧୧ । ଘୁଷୁରି (ହ୍ର. ଶବ୍ଦସାଗର)—11. Hog.
୧୨ । ତତ୍ତ୍ୱବେତ୍ତା (ହ୍ର. ଶବ୍ଦସାଗର)—
12. A person who knows the true or essential facts; a metaphysician.
୧୩ । କପୂର କଚୁରି; ଆମ୍ବ ଅଦା (ହ୍ର. ଶବ୍ଦସାଗର)—
13. Curcuma Zeodaria.
୧୪ । ଜୀରା (ହ୍ର. ଶବ୍ଦସାଗର)—14. Cumin seed.
୧୫ । ଅଷ୍ଟବର୍ଗ ମଧ୍ୟରୁ ଏକତମ ଔଷଧ; ମହାମେଦା (ଦେଖ) (ହ୍ର ଶବ୍ଦସାଗର)—15. Mahāmedā (See)
୧୬ । ଚମେଲି (ହ୍ର. ଶବ୍ଦସାଗର)—
16. A kind of jasmine.
୧୭ । ଖରାବେଳେ ବରଷୁଥିବା ପାଣିରେ ସ୍ନାନ (ହ୍ର.ଶବ୍ଦସାଗର)—
17. A shower-bath teken while it is raining in sunshine.
୧୮ । ପଞ୍ଚମକାର; ଶ୍ମଶାନ ଓ ଚିତାସାଧନରେ କରାଯିବା ତାନ୍ତ୍ରିକ ଆଚାରବିଶେଷ (ହ୍ର. ଶବ୍ଦସାଗର)—18. A class of Tantrik rituals.
୧୯ । ଆକାଶରେ ଘଟିବା ଏକପ୍ରକାର ଉତ୍ପାତ (ହ୍ର.ଶବ୍ଦସାଗର)—
19 A kind of ominous heavenly phenomena.
୨୦ । ନାଟକାଦିରେ ବର୍ଣ୍ଣିତ ଅଲୌକିକ ନାୟକ, ଯଥା— ରାମଚନ୍ଦ୍ର, ଶ୍ରୀକୃଷ୍ଣ (ହ୍ର. ଶବ୍ଦସାଗର)—
20 An extraordinary hero in a fiction.
୨୧ । ପ୍ରାଚୀନକାଳରେ ନ୍ୟାୟାଳୟରେ ଅଭିଯୁକ୍ତ ବ୍ୟକ୍ତିର ଅପରାଧିତା ବିଷୟ ସିଦ୍ଧାନ୍ତ ହେବା ପାଇଁ କରାଯିବା ପରୀକ୍ଷା; ମାଣ୍ଟୁ (ହ୍ର. ଶବ୍ଦସାଗର)—
21. A test or ordeal which an accused had to pass through during treal.
[ଦ୍ର—ଏହା ଘଟ, ଅଗ୍ନି, ଉଦକ, ବିଷ, ତୁଳାଦଣ୍ଡ, କୋଷ, ତଣ୍ଡୁଳ, ତପ୍ତମାଷକ ଓ ପୁଷ୍ପ ସାହାଯ୍ୟରେ କରା ଯାଉଥିଲା ।]
୨୨ । ଶପଥ (ହ୍ର. ଶବ୍ଦସାଗର)—
22. Oath; solemn affirmation.
ଦେ. ବି—୧ । ସଂସ୍କୃତ ଭାଷା—The Sanskrit language.
(ସଂସ୍କୃତକୁ ଦେବବାଣୀ ବୋଲାଯାଏ)—
ଦି ଅ ଅର୍ଥରେ ହୋଇଛି ଲମ୍ବନ
କଥା କୋଟିଏ ଦିବ୍ୟ ଅଦିବ୍ୟ ସମ । ରାଜକୃଷ୍ଣ. ଉତ୍କଳଗୌରବ ।
ଦେ.ଅ —ଅତ୍ୟଧିକ—Very much.
दिव्वी; दिवी ଶୁଣି ଦିବ ଅର୍ଜୁନ ସେ ହୋଇ ଦିବ୍ୟ ତୋଷ । କୃଷ୍ଣସିଂହ ମହାଭାରତ

ଦିବ୍ୟ କବଚ—ସଂ. ବି.—୧ । ଦେବତାଙ୍କ ପ୍ରଦତ୍ତ ତନୁତ୍ରାଣ ବା ସାଞ୍ଜୁ—
Dibya kabacha 1. A coat of mail given to a person by a Deity.
୨ । ଦେବତାଙ୍କ ସ୍ତବବିଶେଷ—2. A kind of prayer to a Deity for one's protection from evil.

ଦିବ୍ୟ ଗନ୍ଧ—ସଂ. ବି (ଦିବ୍ୟ + ଗନ୍ଧ; କର୍ମଧା)—୧ । ସୁଗନ୍ଧ —
Dibya gandha 1. Sweet smell; fragrance.
୨ । (ବହୁବ୍ରୀହି) ଲବଙ୍ଗ—2. Cloves.
୩ । ଗନ୍ଧକ—3. Sulpher.
ବିଣ—ସୁଗନ୍ଧଯୁକ୍ତ —Fragrant.

ଦିବ୍ୟ ଗାୟନ—ସଂ. ବି (ବହୁବ୍ରୀହି; ଦିବ୍ୟ ସ୍ୱର୍ଗୀୟ ଅଟେ ଗାୟନ ଯାହାର)—
Dibya gāyana ଗନ୍ଧର୍ବ; ଦେବଯୋନିବିଶେଷ—
A class of mythological heavenly choristers.

ଦିବ୍ୟ ଚକ୍ଷୁ—ଦେ. ବି. (ସଂ ଦିବ୍ୟ ଚକ୍ଷୁଃ)—୧ । ଜ୍ଞାନଚକ୍ଷୁ—
Dibya chakshu 1. Insight into supernatural matters.
दिव्यचक्ष
दिव्यचक्षु ୨ । ସୁନ୍ଦର ବା ମନୋହର ଆଖି—
2. Very charming eyes.

ଦିବ୍ୟ ଚକ୍ଷୁଃ—ସଂ ବି. (ଦିବ୍ୟ + ଚକ୍ଷୁଃ; କର୍ମଧା)—
Dibya chakshuh ୧ । ଜ୍ଞାନଚକ୍ଷୁ; ପରୋକ୍ଷ ବିଷୟ ପ୍ରତି ଦୃଷ୍ଟି; ଅଲୌକିକ ପଦାର୍ଥ ବା ବିଷୟ ବୁଝିପାରିବା ଶକ୍ତି—
2. Intellectual eye; insight into supernatural matters.
୨ । ସାଧାରଣଙ୍କୁ ଅଗୋଚର ବସ୍ତୁ ଦେଖି ପାରିବାର ଶକ୍ତି—
2. The preternatural power of seeing invisible things.
୩ । ଚଷମା; ପ୍ରଚଷୁ (ହ୍ର. ଶବ୍ଦସାଗର)—
3. Eyeglass, spectacles.
୪ । ମାକଡ଼ (ହ୍ର. ଶବ୍ଦସାଗର)—4. Monkey.
୫ । ଗନ୍ଧଦ୍ରବ୍ୟବିଶେଷ (ହ୍ର. ଶବ୍ଦସାଗର)—
5. A kind of sweet scent.
୬ । କୃଷ୍ଣ (ପ୍ରକୃତିବାଦ)—
6. An epithet of Krushna.
ସଂ. ବିଣ. (ବହୁବ୍ରୀହି)—୧ । ପରୋକ୍ଷ ବିଷୟ ଦେଖିବାର ଶକ୍ତିଯୁକ୍ତ; ଯାହା ଚକ୍ଷୁରେ ଅଲୌକିକ ଶକ୍ତି ଅଛି—
1. Endowed with supernatural insight.
୨ । ସୁଲୋଚନ; ଉତ୍ତମଚକ୍ଷୁବିଶିଷ୍ଟ—
2. Having graceful eyes.
୩ । ଅନ୍ଧ—3 Blind.

ଦିବ୍ୟ ଚିତ୍ତ—ସଂ. ବି. (ଦିବ୍ୟ+ଚିତ୍ତ; କର୍ମଧା)—ଭଲ ମନ; ଅନୁକୂଳ
Dibya chitta ଚିତ୍ତ—Favourable mentality.

ଚିତ୍ତରେ ଦାସୀ ସ୍ନେହ କେବେ କରିଛ ଦିବ୍ୟ ଚିତ୍ତରେ ନ ଦେଖ ହେ—
ଭକ୍ତ. ପ୍ରେମସୁଧାନିଧି ।

ଦିବ୍ୟ ଜ୍ଞାନ—ସଂ. ବି. (ଦିବ୍ୟ+ଜ୍ଞାନ; କର୍ମଧା)—
Dibya jñāna ୧ । ପରୋକ୍ଷବିଷୟକ ଜ୍ଞାନ—
1. Supernatural knowledge; faculty of seeing things invisible to the ordinary eye.
୨ । ସ୍ୱର୍ଗୀୟ ଜ୍ଞାନ—2. Divine knowledge.
ସଂ. ବିଣ—(ଦିବ୍ୟ+ଜ୍ଞାନ; ବହୁବ୍ରୀହି)—ସ୍ୱର୍ଗୀୟ ଜ୍ଞାନଯୁକ୍ତ—
Possessed of divine knowledge or supernatural insight.

ଦିବ୍ୟ ଜ୍ୟୋତିଃ—ସଂ. ବି. (ଦିବ୍ୟ+ଜ୍ୟୋତିଃ; କର୍ମଧା)—ସ୍ୱର୍ଗୀୟ
Dibya jyotiḥ ଆଲୋକ—A divine halo of light.

ଦିବ୍ୟ ଦର୍ଶନ—ସଂ. ବି. ଓ ବିଣ—ଦିବ୍ୟ ଚକ୍ଷୁଃ ୧।୨ (ଦେଖ)
Dibya darśana Dibya chakshuḥ 1 & 2 (See)

ଦିବ୍ୟ ଦର୍ଶୀ—ସଂ. ବିଣ. ପୁଂ. (ଦିବ୍ୟ+ଦୃଶ୍ ଧାତୁ+କର୍ତ୍ତୃ. ଇନ୍ ୧ମା.
Dibya darśi ୧ବ.)—ଦିବ୍ୟଦୃଷ୍ଟିଯୁକ୍ତ; ଅତୀନ୍ଦ୍ରିୟାର୍ଥ ଦର୍ଶକ—
(ଦିବ୍ୟଦର୍ଶିନୀ—ସ୍ତ୍ରୀ) Endowed with supernatural insight.

ଦିବ୍ୟ ଦୃଷ୍ଟି—ସଂ. ବି. ଓ ବିଣ—ଦିବ୍ୟ ଚକ୍ଷୁଃ ୧।୨ (ଦେଖ)
Dibya drushti Dibya chakshuḥ 1 & 2 (See)

ଦିବ୍ୟ ଦେହ—ସଂ. ବି. (ଦିବ୍ୟ+ଦେହ; କର୍ମଧା) —୧ । ସ୍ୱର୍ଗୀୟ ଦେହ—
Dibya deha 1. Celestial body.
୨ । ସାଧାରଣ ଚକ୍ଷୁର ଅଗୋଚର ଶରୀର—
2. A body or form which is invisible to the ordinary eye.

ଦିବ୍ୟ ଦୋହଦ—ସଂ. ବି—କୌଣସି ବ୍ୟକ୍ତିର ଅଭ୍ୟାସସିଦ୍ଧି ପାଇଁ
Dibya dohada ଦେବତାଙ୍କୁ ଅର୍ପିତ କରାଯିବା ପୂର୍ବରୁ ଇଷ୍ଟ ପଦାର୍ଥ; ବାଞ୍ଛା ସିଦ୍ଧ ହେଲେ ଭକ୍ତ ଦେବତାଙ୍କୁ ଯେଉଁ ପଦାର୍ଥ ଅର୍ପଣ କରିବା ପାଇଁ ମନାସି ଥାଏ (ହି. ଶବ୍ଦସାଗର)—A thing which is offered to a Deity as a result of a solemn vow or dedication that the doner will give it to the Deity if his or her wish be fulfilled through the Grace of the Deity.

ଦିବ୍ୟ ଧର୍ମୀ—ସଂ. ବିଣ. ପୁଂ. (ଦିବ୍ୟ+ଧର୍ମ+ଇନ୍; ୧ମା. ୧ବ)—
Dibya dharmi ୧ । ସୁଶୀଳ (ହି. ଶବ୍ଦସାଗର)—
(ଦିବ୍ୟଧର୍ମିଣୀ—ସ୍ତ୍ରୀ) 1. Of good conduct.
୨ । ସୁସ୍ୱଭାବ—2. Good natured.

ଦିବ୍ୟ ଧାମ—ସଂ. ବି. (ଦିବ୍ୟ+ଧାମନ୍; କର୍ମଧାରୟ)—ସ୍ୱର୍ଗ—
Dibya dhāma Heaven.

ତତୋର ଧାମକୁ ବଳେ ଦିବ୍ୟଧାମାନନ୍ଦ ଦିବ୍ୟପ୍ରଭ ଲଭୁଁ ଦ୍ୱାର—
ଲଳଚକୋର. କୃଷ୍ଣକୁମାର ।

ଦିବ୍ୟ ନଦୀ—ସଂ. ବି. ସ୍ତ୍ରୀ. (କର୍ମଧା; ଦିବ୍ୟା+ନଦୀ)—ସ୍ୱର୍ଗଗଙ୍ଗା;
Dibya nadi ମନ୍ଦାକିନୀ—The mythological river Ganges
(ଦିବ୍ୟସରିତ୍—ଅନ୍ୟରୂପ) said to flow in the heaven.

ଦିବ୍ୟ ନାରୀ—ସଂ. ବି. ସ୍ତ୍ରୀ. (କର୍ମଧା; ଦିବ୍ୟା+ନାରୀ)—ସ୍ୱର୍ଗାଙ୍ଗନା;
Dibya nāri ଅପ୍ସରା—The heavenly nymphs or
ଦିବ୍ୟସ୍ତ୍ରୀ } ଅନ୍ୟରୂପ dancing girls; the maidens of
ଦିବ୍ୟାଙ୍ଗନା } paradise (according to the Hindu mythologies).

ଦିବ୍ୟ ପଞ୍ଚାମୃତ—ସଂ. ବି. (କର୍ମଧା; ଦିବ୍ୟ=ଉତ୍କୃଷ୍ଟ+ପଞ୍ଚାମୃତ)—
Dibya pañchāmruta ଘିଅ, ଦୁଧ, ଦହି, ଲହୁଣୀ ଓ ଚିନି ମିଶାଯାଇ ପ୍ରସ୍ତୁତ ହୋଇଥିବା ପଞ୍ଚାମୃତ—A mixture of ghee, milk, curd, butter and sugar.

ଦିବ୍ୟ ପୁରୁଷ—ସଂ.ବି—୧ । ଦେବପୁରୁଷ; ମନୁଷ୍ୟରୂପେ ଅବତୀର୍ଣ୍ଣ ଦେବ—
Dibya purusha 1. A divine being; a god assuming the form of a human being.
୨ । ସ୍ୱର୍ଗଦୂତ—2. An angel.

ମଧ୍ୟମ ପଣ୍ଡବେ ଶୁଣି ସେ ଦିବ୍ୟପୁରୁଷ
ବୋଇଲେ, "ହେ ନାଥ, ଚିହ୍ନି ପାରିଲନ୍ତ ମୋତେ—ସ୍ୱଧାନାଥ. ମହାଯାତ୍ରା

୩ । ଅତି ସୁନ୍ଦର ମନୁଷ୍ୟ—
3. A very fine-looking man.

ଦିବ୍ୟ ପୁଷ୍ପ—ସଂ.ବି. (କର୍ମଧା, ଦିବ୍ୟ+ପୁଷ୍ପ)—କରବୀ (ହି.ଶବ୍ଦସାଗର)—
Dibya pushpa Oleander (flower).

ଦିବ୍ୟପୁଷ୍ପା—ସଂ. ବି. (ବହୁବ୍ରୀହି, ଦିବ୍ୟ+ପୁଷ୍ପ+ଆ)—ବଡ଼ ଦ୍ରୋଣ-
Dibya pushpā ପୁଷ୍ପୀ; ବଡ଼ ଗୟସ ଫୁଲ (ହି. ଶବ୍ଦସାଗର)—
A big variety of Gayasa flower.

ଦିବ୍ୟ ପୁଷ୍ପିକା—ସଂ. ବି. (ଦିବ୍ୟ+ପୁଷ୍ପ+କ+ଆ)—ନାଲି ଅର୍କଗଛ
Dibya pushpikā (ହି. ଶବ୍ଦସାଗର)—The red-flowered variety of Calotropis Gigantea.

ଦିବ୍ୟ ବାକ୍ୟ—ସଂ. ବି. (କର୍ମଧା, ଦିବ୍ୟ+ବାକ୍ୟ)—ଆକାଶବାଣୀ—
Dibya bākya A sound from the sky.
(ଦିବ୍ୟ ବାଣୀ—ଅନ୍ୟରୂପ)

ଦିବ୍ୟ ଭୀରୁ—ସଂ. ବି (କର୍ମଧା; ଦିବ୍ୟା+ଭୀରୁ)—ଦିବ୍ୟ ନାରୀ (ଦେଖ)
Dibya bhiru Dibya nāri (See)

ରୂପରେ ଜରରକୁର ଲେଖଗ୍ରାହ୍ୟ ଦିବ୍ୟଭୀରୁ
ସେବଲେ ଫୁଲ ଚନ୍ଦନେ ଶୋଭ ଯେ । ଭକ୍ତ. ବୈଦେହୀଶବିଳାସ ।

ଦିବ୍ୟ ଭୋଜନ—ସଂ. ବି (କର୍ମଧା; ଦିବ୍ୟ+ଭୋଜନ)—୧ । ସୁଭୋଜନ,
Dibya bhojana ସୁସ୍ୱାଦୁ ଦ୍ରବ୍ୟର ଭୋଜନ—1. A delicious meal.
୨ । ପୂର୍ଣ୍ଣ ଭୋଜନ—2. A bellyful.

ଦିବ୍ୟ ରତ୍ନ—ସଂ. ବି (କର୍ମଧା;ଦିବ୍ୟ+ରତ୍ନ)—ଚିନ୍ତାମଣି ନାମକ ରତ୍ନ; ବାଞ୍ଛିତ
Dibya ratna ଫଳଦାୟକ ରତ୍ନବିଶେଷ—A mythological gem said to possess the power of granting the wishes to the wearer.

ଦିବ୍ୟ ରଥ—ସଂ. ବି କର୍ମଧା; ଦିବ୍ୟ+ରଥ)—୧ । ଦେବଯାନ—
Dibya ratha 1. A celestial car.

୨ । ସ୍ୱର୍ଗୀୟ ଦେବତାମାନଙ୍କ ରଥ—
2. Car used by the gods.
୩ । ବ୍ୟୋମଯାନ; ଆକାଶଚାରୀ ରଥ—
3. Balloon; areoplane.

ଦିବ୍ୟ ରସ—ସଂ. ବି (କର୍ମଧା; ଦିବ୍ୟ+ରସ)—ପାରଦ—
Dibya rasa Quick-silver.

ଦିବ୍ୟ ଲୋକ—ସଂ. ବି (କର୍ମଧା; ଦିବ୍ୟ+ଲୋକ)—ସ୍ୱର୍ଗଲୋକ; ଯେଉଁ
Dibya loka ସ୍ଥାନରେ ଦେବତାମାନେ ବାସ କରନ୍ତି—The heaven; the abode of the Gods.

ଦିବ୍ୟ ଶ୍ରୋତ୍ର—ସଂ. ବି (କର୍ମଧା; ଦିବ୍ୟ+ଶ୍ରୋତ୍ର)—ଯେଉଁ କାନରୁ
Dibya śrotra ଅନ୍ୟମାନଙ୍କୁ ଶୁଣା ନ ଯିବା ଶବ୍ଦ ମଧ୍ୟ ଶୁଣାଯାଏ (ହି. ଶବ୍ଦସାଗର)—An ear which can hear sounds inaudible to others.

ଦିବ୍ୟ ସାର—ସଂ. ବି (ବହୁବ୍ରୀହି; ଦିବ୍ୟ=ଉତ୍କୃଷ୍ଟ ଅଟେ ସାର=ନିର୍ଯ୍ୟାସ
Dibya sāra ଯାହାର)—ଶାଳବୃକ୍ଷ (ହି. ଶବ୍ଦସାଗର)—Shorea Robusta (tree).

ଦିବ୍ୟ ସିଂହ—ଦେ. ବି. ପୁଂ—ଲୋକଙ୍କ ନାମ—
Dibya simha A name given to males.
ସଂ. ବି—ବିଷ୍ଣୁଙ୍କର ନରସିଂହ ଅବତାର—The incarnation in which Bishnu is said to have assumed the form of half lion and half man (according to the Hindus).

ଦିବ୍ୟସିଂହ ଦେବ—ଦେ. ବି—ପୁରୀର ଜନୈକ ରାଜା—
Dibyasimha deba Name of a late Raja of Puri.
[ଦ୍ର—ଏ ପୁରୀର ଭୂତପୂର୍ବ ସ୍ୱର୍ଗୀୟ ରାଜା ମୁକୁନ୍ଦଦେବଙ୍କ ପିତା; ନରହତ୍ୟା ଅଭିଯୋଗରେ ଏହାଙ୍କୁ ଇଂରାଜ ଗଭର୍ଣ୍ଣମେଣ୍ଟ ଦ୍ୱୀପାନ୍ତର ଦଣ୍ଡ ବା କଳାପାଣି ଦେଇଥିଲେ ଓ ଆଣ୍ଡାମାନ ଦ୍ୱୀପରେ ଥାଇ ଏ ଜୀବଲୀଳା ସାଙ୍ଗ କରିଥିଲେ ।]

ଦିବ୍ୟ ସୁନ୍ଦର—ସଂ. ବିଣ (ଦିବ୍ୟ+ସୁନ୍ଦର, କର୍ମଧାରୟ; ଜମ୍ପା ଦିବ୍ୟ ଓ
Dibya sundara ସୁନ୍ଦର; ଦ୍ୱନ୍ଦ୍ୱ)—୧ । ସ୍ୱର୍ଗୀୟ ସୁନ୍ଦରତାବିଶିଷ୍ଟ—
1. Having heavenly beauty.
୨ । ଉତ୍ତମ ସୁନ୍ଦର; ଖୁବ୍ ସୁନ୍ଦର; ଅତି ସୁନ୍ଦର—
2. Very fine; very beautiful.

ଦିବ୍ୟ ସୂରି—ସଂ. ବି (କର୍ମଧା; ଦିବ୍ୟ+ସୂରି)—ଶ୍ରେଷ୍ଠ ପଣ୍ଡିତ—
Dibya sūri A very learned man.
ଦେ. ବି—ରାମାନୁଜ ସମ୍ପ୍ରଦାୟର ୧୨ ଜଣ ଆଚାର୍ଯ୍ୟଙ୍କ ଉପାଧି—
A title given to the 12 religious professors or teachers of the Ramanuja sect of Baishnabas.
[ଦ୍ର—ଏମାନଙ୍କ ନାମ—୧ । କାସାର; ୨ । ଭୂତ; ୩ । ମହତ୍; ୪ । ଭକ୍ତିସାର; ୫ । ଶଠାରି; ୬ । କୁଳଶେଖର; ୭ । ବିଷ୍ଣୁଚିତ୍ତ; ୮ । ଭକ୍ତାଙ୍ଘ୍ରିରେଣୁ; ୯ । ମୁନିବାହ; ୧୦ । ଚତୁଷ୍କବୀନ୍ଦ୍ର; ୧୧ । ରାମାନୁଜ; ୧୨ । ଗୋଦାଦେବୀ ବା ମଧୁର କବି—ହି. ଶବ୍ଦସାଗର ।]

ଦିବ୍ୟ ସ୍ତ୍ରୀ—ସଂ. ବି. ସ୍ତ୍ରୀ (କର୍ମଧା; ଦିବ୍ୟା+ସ୍ତ୍ରୀ)—ସ୍ୱର୍ଗାଙ୍ଗନା; ଅପ୍ସରା—
Dibya strī The maids of paradise (according to the Hindus).

ଦିବ୍ୟା—ସଂ. ବିଣ. ସ୍ତ୍ରୀ— (ଦିବ୍ୟ+ସ୍ତ୍ରୀ. ଆ) ଦିବ୍ୟର ସ୍ତ୍ରୀଲିଙ୍ଗ—
Dibyā Feminine form of the adjective Dibya.
ସଂ. ବି. ସ୍ତ୍ରୀ—ତିନି ଶ୍ରେଣୀର ନାୟିକା ମଧ୍ୟରୁ ଏକତମା; ଯେଉଁ ନାୟିକା ଦେବାଂଶସମ୍ଭୂତା; (ଯଥା ସୀତା)—A class of heroines who have divinity in them.
[ଅନ୍ୟ ଦୁଇ ଶ୍ରେଣୀ; ଅଦିବ୍ୟା=ସାଧାରଣନାରୀ; ଦିବ୍ୟାଦିବ୍ୟା—ଦେବଗୁଣସମ୍ପନ୍ନା ମାନବୀ ।]
ଦେ.ବି.ସ୍ତ୍ରୀ (କଟକିଆ) [ସଂ. ଦେବ୍ୟାଃ (=ଦେବୀଙ୍କ)ର ଅପଭ୍ରଂଶ]—ବିଧବାମାନଙ୍କର ନାମ ପରେ ଲେଖାଯିବା ଉପାଧି—
Title written after the name of widows.
[ଦ୍ର—ପୂର୍ବେ ସଂସ୍କୃତ ଭାଷାରେ ପତ୍ର ଲେଖୁଥିବାବେଳେ 'ଅମୁକା ଦେବ୍ୟାଃ ନିବେଦନମିଦଂ'=ଅମୁକ ଦେବୀଙ୍କର ନିବେଦନ ଏହା ବୋଲି ଲେଖା ଯାଉଥିଲା । କ୍ରମଶଃ (ଅମୁକଙ୍କ ଶ୍ରୀଚରଣ କମଳେଷୁ, ନ ମଧ୍ୟକଂ ବିଜ୍ଞବରେଷୁ, ନିବେଦନମିଦ୍ଧ, ସବିନୟ ନିବେଦନମିଦଂ, ପ୍ରଣତିପୂର୍ବଃସର ନିବେଦନମିଦଂ ଆଦି ସଂସ୍କୃତ ବାକ୍ୟ ଓ ପଦାଂଶ ପରି) ଏ ପଦ ମଧ୍ୟ ଓଡ଼ିଆଭାଷାରେ ଲେଖାହେବା ପତ୍ରମାନଙ୍କରେ ଲେଖାଗଲା ଓ କ୍ରମଶଃ ଅନ୍ୟାନ୍ୟ ଦଲିଲ ଆଦିରେ ମଧ୍ୟ ସଧବାମାନଙ୍କର ନାମ 'ଶ୍ରୀମତୀ ଅମୁକା ଦେବ୍ୟା' ଏବଂ ବିଧବାମାନଙ୍କର ନାମ 'ଶ୍ରୀମତୀ ଅମୁକା ଦିବ୍ୟା' ବୋଲି ଲେଖାଗଲା । ସାଧାରଣତଃ ବ୍ରାହ୍ମଣୀ ସଧବା ସ୍ତ୍ରୀମାନଙ୍କ ନାମ ପରେ 'ଦେବୀ' ଓ ବିଧବାମାନଙ୍କ ନାମ ପରେ 'ଦିବ୍ୟା' ଲେଖା ଯାଉଥିଲା, ଓ ଶୂଦ୍ରା ସଧବା ସ୍ତ୍ରୀମାନଙ୍କ ନାମ ପରେ 'ଦେଈ' ଓ 'ଦାସୀ' ଲେଖା ଯାଉଥିଲା ଓ ବିଧବା ଶୂଦ୍ରା ସ୍ତ୍ରୀମାନଙ୍କ ନାମ ପରେ 'ଦାସୀ, ଦାସ୍ୟା ଓ ବେଵା' ଲେଖା ଯାଉଥିଲା । ବର୍ତ୍ତମାନ ବଂଶ ଖବରକାଗଜରେ ସମ୍ବାଦପତ୍ରମାନଙ୍କରେ ବ୍ରାହ୍ମଣୀ, ବା ଶୂଦ୍ରା, ବା ବିଧବା, ବା ସଧବା ସବୁ ସ୍ତ୍ରୀମାନଙ୍କ ନାମ ପରେ 'ଦେବୀ' ଉପାଧି ଲେଖା ଯିବାର ଦେଖା ଯାଉଅଛି; ଏବଂ 'ଦିବ୍ୟା' 'ଦେଈ' 'ଦେବ୍ୟା' 'ବେୱା' ଆଦି ଉପାଧି କେବଳ ଦଲିଲ ଆଦିରେ ଚଳୁଅଛି ।]

ଦିବ୍ୟାଂଶୁ—ସଂ. ବି. (ବହୁବ୍ରୀହି; ଦିବ୍ୟ+ଅଂଶୁ)—ସୂର୍ଯ୍ୟ—
Dibyāmsu (ହି. ଶବ୍ଦସାଗର)—The sun.

ଦିବ୍ୟାଙ୍ଗନା—ସଂ. ବି. ସ୍ତ୍ରୀ—(ଦିବ୍ୟ+ଅଙ୍ଗନା କର୍ମଧା.)—ସ୍ୱର୍ଗାଙ୍ଗନା,
Dibyāṅganā ଅପ୍ସରା—The maidens of Paradise
(ଦିବ୍ୟାଂଗନା—ଅନ୍ୟରୂପ) (according to the Hindus).

ଦିବ୍ୟାଦିବ୍ୟ—ସଂ. ବି. ପୁଂ (ଦିବ୍ୟ+ଅଦିବ୍ୟ)—ନାଟକାଦିରେ ବର୍ଣ୍ଣିତ
Dibyādibya ତିନି ଶ୍ରେଣୀର ନାୟକ ମଧ୍ୟରୁ ଏକତମ; ଯେଉଁ ନାୟକ (ଦିବ୍ୟା ଦିବ୍ୟା—ସ୍ତ୍ରୀ) ମନୁଷ୍ୟ ହୋଇ ସୁଦ୍ଧା ଦେବତାମାନଙ୍କ ଗୁଣରେ ଅଳଙ୍କୃତ ହୋଇଥାଏ (ଯଥା—ନଳ, ଅଭିମନ୍ୟୁ, ଅର୍ଜୁନ)—A class of heroes of fiction who are endowed with heavenly qualities though they are human beings.

[ଦ୍ର—ନାୟକଙ୍କର ଅନ୍ୟ ଦୁଇ ଶ୍ରେଣୀ:—ଦିବ୍ୟ, ଯଥା ରାମଚନ୍ଦ୍ର, ଶ୍ରୀକୃଷ୍ଣ; ଅଦିବ୍ୟ, ଯଥା, ଦୁଷ୍ମନ୍ତ ।]

ଦିବ୍ୟାସନ—ସଂ. ବି. (ଦିବ୍ୟ+ଆସନ; କର୍ମଧା)—ଉତ୍ତମ ଆସନ; ସୁନ୍ଦର ଆସନ—A good or excellent seat.
Dibyāsana
ବସାଇଣ ତୁରଣୀଙ୍କୁ ଦିବ୍ୟାସନେ । କୃଷ୍ଣସିଂ. ମହାଭାରତ. ଅର ।

ଦିବ୍ୟାସ୍ତ୍ର—ସଂ. ବି. (କର୍ମଧା. ଦିବ୍ୟ+ଅସ୍ତ୍ର)—୧ । ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଦେବତାମାନଙ୍କ ପ୍ରଦତ୍ତ ଅସ୍ତ୍ର—
Dibyāstra
1. Weapons given by gods to particular persons.
୨ । ମନ୍ତ୍ରଦ୍ୱାରା ଚାଳିତ ଅସ୍ତ୍ର—2. A weapon which can be applied or withdrawn with the help of esoteric incantations.

ଦିବ୍ୟୋଦକ—ସଂ. ବି. (ଦିବ୍ୟ+ଉଦକ, କର୍ମଧାରୟ)—୧ । ଆକାଶରୁ ପଡିତ ଜଳ; ମେଘ ଜଳ—1. Rain-water.
Dibyodaka
୨ । କାକର; ଶିଶିର—2. Dew.

ଦିବ୍ୟୋନ୍ମାଦ—ସଂ. ବି. (ଦିବ୍ୟ+ଉନ୍ମାଦ; କର୍ମଧା.)—ଧର୍ମ ସମ୍ବନ୍ଧୀୟ ବାତୁଳତା—Religious monomania.
Dibyonmāda

ଦିବ୍ୟୋପପାଦ(ଦୁ)କ—ସଂ. ବି. (ଦିବ୍ୟ+ଉପ+ପଦ୍ ଧାତୁ=ଗମନ କରିବା+ଅକ; +ଉକ)—ମାତା-ପିତାଙ୍କ ବିନା ଉତ୍ପନ୍ନ (ଯଥା; ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) ଦେବତା—Deity; a god.
Dibyopapāda(du)ka

ଦିବ୍ୟୌଷଧି—ସଂ. ବି. (ଦିବ୍ୟ+ଔଷଧି=କର୍ମଧା.)—୧ । ମନଃଶୀଳା—1. Red arsenic.
Dibyaushadhi
୨ । ଦେବଦତ୍ତ ଔଷଧି—
2. A drug or medicine obtained from divine beings.

ଦିଭାଗ କରିବା—ଦେ. କ୍ରି. (ସଂ. ଦ୍ୱିଭାଗ)—କୌଣସି ବସ୍ତୁକୁ ସମାନ ଦୁଇ ଅଂଶରେ ବିଭକ୍ତ କରିବା—To divide; to bisect.
Dibhāga karibā
ଦୁଭାଗକରା
दोनो भाग करना

ଦିମ୍‌ଦିମ୍—ଦେ. ଅ. (ଧ୍ୱନ୍ୟନୁକରଣ)—ନୃତ୍ୟ ବାଦ୍ୟାଦିର ଅନୁକରଣ ଶବ୍ଦ ବିଶେଷ—An onomatopoeic sound of dancing and drums.
Dim-dim
ଦିମିଦିମି, ଦ୍‌ମି ଦ୍‌ମି, ଦ୍‌ମିଦ୍‌ମ୍ } ଅନ୍ୟରୂପ

ଦିମାକ୍—ବୈଦେ. ବି. (ଆ. ଦମାଗ୍=ମସ୍ତିଷ୍କ, ବୁଦ୍ଧି, ଗର୍ବ)—
Dimak
ଦେମାଗ
दिमाग
୧ । ମସ୍ତିଷ୍କ—1. Brain.
୨ । ବୁଦ୍ଧି; ବୋଧଶକ୍ତି—
2. Intelligence.
୩ । ମନ—3. Mind.
୪ । ମନୋଗତ ଭାବ—4. Mentality.
୬ । ଧୃଷ୍ଟତା; ମଗରୁପଣ—
6. Arrogance; insubordination.
୭ । ଅଭିମାନ—
7. Sullenness due to displeasure.
୮ । ପ୍ରତିଭା—8. Genius.

ଦିମାକ୍‌ଚୋଟ୍ଟା—ଦେ. ବିଣ. (ଆ. ଦମାଗ୍+ହି. ଚୋଟ୍ଟା)—୧ । ମଗରୁ; ଧୃଷ୍ଟ (ଭୃତ୍ୟ)—1. Insubordinate servant).
Dimāk-chotthā
বেমাকচোঠা
दिमागचोट्ठा
୨ । ଗର୍ବିତ—2. Arrogant.
(ଦିମାକଚୋଠା—ଅନ୍ୟରୂପ) [ଦିମାକ୍ ଚୋଠା (ଚୋଟ୍ଟେ) ଇ—ବ]

ଦିମାକ୍‌ଦାର୍—ବୈଦେ. ବିଣ. (ଆ. ଦମାଗ୍+ଫା. ଦାର୍)—୧ । ଧୃଷ୍ଟ—1. Arrogant; insubordinate.
Dimāk-dār

ଦିମାକି—ବୈଦେ. ବି. (ଆ. ଦମାଗ୍)—୧ । ପ୍ରତିଭା—1. Genius.
Dimāki
দেমাগ্
दिमागी
୨ । ବୁଦ୍ଧିବୃତ୍ତି—2. Intellect; brain.
୩ । ମନର ଭାବ—3. Mental condition; mentality.
୪ । ଦର୍ପ; ଗର୍ବ; ଅହଂକାର—
4. Pride; arrogance.
୫ । ଧୃଷ୍ଟତା—5 Haughtiness; insubordination.
୬ । ଅଭିମାନ—6. Moroseness; sullenness.
ବିଣ.—ଦିମାକିଆ (ଦେଖ)—Dimākiā (See)
[ଦ୍ର—ଓଡ଼ିଆରେ ଦିମାକ୍—ମନ ଅର୍ଥରେ ବ୍ୟବହୃତ ହୁଏ]

ଦିମାକିଆ—ବୈଦେ. ବିଣ (ଫା. ଦମାଗୀ)—୧ । ଅହଂକାରୀ; ଗର୍ବୀ—1. Proud; haughty; arrogant.
Dimākiā
দেমাকী, দেমাগী
दिमागी; दिमाकदार; दिमागदार
୨ । ଅଭିମାନୀ—2. Sullen.
୩ । ଯେଉଁ ଲୋକର ମନୋଭାବ ଅନ୍ୟ ଲୋକେ ସହଜରେ ବୁଝି ପାରନ୍ତି ନାହିଁ—3. (a person) Whose mentality or wishes are hard to understand.
୪ । ଜିଗରଥିଆ; ଜିଦିବାଜ୍—4. Headstrong.

ଦିମୁଣ୍ଡିଆ—ଦେ. ବିଣ. (ସଂ. ଦ୍ୱିମୁଣ୍ଡ)—ଦୋମୁଣ୍ଡିଆ; ଯେ ଉଭୟ ପକ୍ଷଙ୍କ ସଙ୍ଗେ ମମତା ରଖେ—One who espouses or is in league with both sides.
Di mundiā
দুমুখো; दोमुहाँ
ବି—ଏକ ପ୍ରକାର ସାପ—A kind of serpent; Amphisbaena.
[ଦ୍ର—ଏହା ଦେଖିବାକୁ ଜଅ ନାଡ଼ ପରି ଫିକ୍କା ନାଲି, ଏହାର କାଢ ନ ଥାଏ, ଲମ୍ବରେ ୧ ଫୁଟ ପର୍ଯ୍ୟନ୍ତ ବଢ଼େ । ପ୍ରକୃତରେ ଏହାର ଗୋଟିଏ ମୁହଁ, କିନ୍ତୁ ଲାଙ୍ଗୁଡ଼ ମୁହଁ ପରି ମୋଟ ଥିବାରୁ ଲାଙ୍ଗୁଡ଼ ମୁହଁ ପରି ଦେଖାଯାଏ ଓ ଲୋକେ ଭ୍ରମରେ ଏହାର ଦୁଇ ମୁଣ୍ଡ ଥିବାର କହନ୍ତି]

ଦିମୁହାଁ—ଦେ. ବିଣ—ଦୋମୁହାଁ (ଦେଖ)
Di muhāñ — Domuhāñ (See).
କରିବ ହିଁକି ପର ଦିମୁହାଁ ବିଚର । କୃଷ୍ଣସିଂ. ମହାଭାରତ. ଅର ।

ଦିର୍ଖା—ପ୍ରାଦେ (ସମ୍ବଲପୁର) (ସଂ. ଦୀପରକ୍ଷା)—କାନ୍ଥରୁଖ; ଥାକ—A niche in the wall.
Dir-khā

ଦର୍‌ହ(ହା)ମ୍—ବୈଦେ. ବି (ଫା. ଓ ତୁର୍କୀ. ଦର୍‌ହମ୍)—
Dir-ha(hā)m ୧ । ମିଶରଦେଶପ୍ରଚଳିତ ରୌପ୍ୟମୁଦ୍ରାବିଶେଷ—
दरहाम A silver coin current in Egypt;
दिरम, दिरहम Dirham.
୨ । ମିଶରଦେଶପ୍ରଚଳିତ ଓଜନବିଶେଷ, ପ୍ରାୟ ୩ ମସା—
2. A standard weight current in Egypt.

ଦିରିବ—ଗ୍ରା. ବିଣ (ସଂ. ଦିବ୍ୟ)—ଦିବ୍ୟ; ସୁନ୍ଦର; ଉତ୍କୃଷ୍ଟ—
Diriba Good; excellent; fine.
दिव्वी उमदा ବି—ଦିବ୍ୟସିଂହର ଡାକନାମ—
(ଦିବି—ଅନ୍ୟରୂପ) A name for calling Dibyasimha

ଦିରିବ ସୁନ୍ଦର—ଗ୍ରା. ବିଣ (ସଂ. ଦିବ୍ୟ ଓ ସୁନ୍ଦର)—ଦିବ୍ୟ ସୁନ୍ଦର (ଦେଖ)
Diriba sandara Dibya sundara(See).
(ଦିବ୍ୟସୁନ୍ଦର—ଅନ୍ୟରୂପ)
दिव्यसुन्दर उमदा

ଦିଲ୍—ବୈଦେ. ବି (ଫା. ଦିଲ୍)—୧ । ଅନ୍ତଃକରଣ; ହୃଦ—
Dil 1. Heart.
ଦିଲ, ଦିଲ୍ଲି } ଅନ୍ୟରୂପ— ୨ । ମନ—2. Mind.
୩ । ସାହସ—3. Courage.
दिल, दिल ୪ । ସ୍ମରଣଶକ୍ତି—4. Power of remembering things; recollection; memory.
୫ । ଇଚ୍ଛା—5. Desire; wish.

ଦିଲ୍ ଖୁସ୍—ବୈଦେ. ବି (ଫା. ଦିଲ୍+ଖୁସ୍)—୧ । ମନର ପ୍ରଫୁଲ୍ଲତା—
Dil khus 1. Light-heartedness; gaity.
(ଦିଲ୍‌ଖୋସ୍—ଅନ୍ୟରୂପ) ୨ । ଆନନ୍ଦ—2. Gladness.
दिलखोस दिलखुस

ଦିଲ୍‌ଗୀ—ଦେ. ବି—(ଫା, ଦିଲ୍+ସଂ. ଲଗ୍ନ; ହିନ୍ଦିରୁ ଅନୁକୃତ)—
Dil-gi ୧ । ମନ ଲଗାଇବା; ମନୋଯୋଗ—1. Attention.
दिल्लिगी दिलगी ୨ । ମଉଜ—2. Amusement;
(ଦିଲଗୀ, ଦିଲ୍ଲିଗୀ—ଅନ୍ୟରୂପ) merriment.
୩ । ଥଟ୍ଟା ତାମସା; ପରିହାସ—3. Fun.

ଦିଲ୍‌ଗୀବାଜ୍—ଦେ. ବିଣ. (ହି. ଦିଲ୍ଲଗୀ+ଫା. ପ୍ରତ୍ୟୟ. ବାଜ୍)—
Dil-gi bāj ୧ । ମଉଜିଆ; ଆମୋଦପ୍ରିୟ—1. Fond of
दिल्लिगीबाज;दिलगीबाज fun and amusement.
୨ । ଥଟ୍ଟିଲ—2. Jestive.

ଦିଲ୍‌ଗିଲ୍—ବୈଦେ. ବିଣ (ଫା. ଦିଲ୍‌ଗିର୍=ଶୋକାକୁଳ; ଦୁଃଖିତ; ଭୁଲ. ଗୃହୁରୁଷ୍ଟ. ଦିଲ୍‌ଗିର୍)—୧ । ସନ୍ଦେହଯୁକ୍ତ (ମନ).
Dil-gil
(ଦିଲଗିଲ—ଅନ୍ୟରୂପ) 1. Dubious; doubtful.
दिलगिल ୨ । ବ୍ୟସ୍ତ; ବିଚଳିତ; ଉଦ୍‌ବିଗ୍ନ (ମନ)—
दिलगीर 2. Anxious; confused.
୩ । ଅସ୍ଥିର (ମନ)—3. Restless (mind).
୪ । ଶୋକାକୁଳିତ—5. Grieved; sorrowful.
ବି—୧ । ମନୋଦୁଃଖ—1. Sorrow; grief.
୨ । ସନ୍ଦେହ—2. Doubt; suspicion.
୩ । ମାନସିକ ଅସ୍ଥିରତା; ଉଦ୍‌ବେଗ—3. Mental restlessness; anxiety.

ଦିଲ୍‌ଗିଲିଆ—ବୈଦେ. ବିଣ—ଦିଲ୍‌ଗିଲ୍ (ଦେଖ)—Dil-gil (See).
Dil-giliā

ଦିଲ୍‌ଦାର୍—ବୈଦେ. ବିଣ (ଫା. ଦିଲ୍‌ଦାର୍; ଦିଲ୍ ଅର୍ଥ ଦିଲ୍)—
Dil-dār ୧ । ପ୍ରଶସ୍ତମନା; ଉଚ୍ଚମନା; ମହାନୁଭବ; ଉଦାର—
दिलदार 1. Magnanimous; liberal-minded.
दिलदार; दिलदरिया ୨ । ମନୁଆ—2. Following one's
[ଦିଲ୍ (ଲ)ଦାର—ବି] bent of mind; having one's ways.
ଦିଲ୍‌ଦାରିଆ, ଦିଲଦାର୍; ଦିଲଦାରିଆ } ଅନ୍ୟରୂପ
୩ । ମୁକ୍ତହସ୍ତ; ଖୁବ୍ ଦାନଶୀଳ—3. Liberal; bounteous.
୪ । ରସିକ—4. Witty; humorous; funny.
୫ । ପ୍ରେମୀ—5 Loving.
୬ । ମଉଜୀ—6. Fond of amusements.

ଦିଲାସା—ଦେ.ବି(ହିନ୍ଦିରୁ ଅନୁକୃତ)—୧ । ସାନ୍ତ୍ୱନା;ପ୍ରବୋଧ;ଆଶ୍ୱାସନା—
Dilāsā 1. Consolation; comfort.
୨ । ଆଶା—2. Hope.
୩ । ଦେବା ଦେବା ବୋଲି ଭଣ୍ଡିବା; ଦମ୍ ଦିଲାସା—
3. Putting off on promises of giving something in future.

ଦିଳୀପ—ସଂ.ବି(ନାମ)—୧ । ସୂର୍ଯ୍ୟବଂଶୀୟ ଜଣେକ ରାଜା; ରଘୁଙ୍କ ପିତା—
Dilipa 1. Name of a king belonging to the solar dynasty of ancient India; father of king Raghu.
[ଦ୍ର—ଏ ଇକ୍ଷ୍ୱାକୁ ରାଜାଙ୍କ ବଂଶ ବା ସୂର୍ଯ୍ୟବଂଶରେ ଜନ୍ମିଥିଲେ । ବାଲ୍ମୀକି ଓ ହରିବଂଶଙ୍କ ମତରେ ଏ ରାଜା ସଗରଙ୍କ ପଣନାତି (ପ୍ରପୌତ୍ର), ଭଗୀରଥଙ୍କ ପିତା ଓ ରଘୁଙ୍କର ପଣଗୋସେଇଁବାପ (ପ୍ରପିତାମହ) ଥିଲେ । କାଳିଦାସଙ୍କ କୃତ ରଘୁବଂଶ ଅନୁସାରେ ଏ ପିତା ଥିଲେ ।]
୨ । (ନାମ) ଚନ୍ଦ୍ରବଂଶୀ ରାଜା କୁରୁଙ୍କ ବଂଶଧର ଜଣେ ରାଜା (ହିନ୍ଦି. ଶବ୍ଦସାଗର)—2. Name of a king of the lunar dynasty of ancient India.

ଦିଲ୍ଲିର—ସଂ. ବି—ଛତୁ (ହି. ଶବ୍ଦସାଗର)—Mushroom.
Dilira

ଦିଲ୍ଲୀ—ସଂ. ବି. ସ୍ତ୍ରୀ (ସଂ. ଦେହଳୀ)—ଦିଲ୍ଲୀ ନଗରୀ; ଯୁଧିଷ୍ଠିରଙ୍କ ରାଜଧାନୀ;
Dilli ଇନ୍ଦ୍ରପ୍ରସ୍ଥ; ହସ୍ତିନାପୁର; ମୋଗଲ ସମ୍ରାଟଙ୍କ ରାଜଧାନୀ; ବର୍ତ୍ତମାନ ବ୍ରିଟିଶ ଭାରତର ରାଜଧାନୀ; ଡିଲ୍ଲି—Delhi, the capital of India under Hindu, Moghal and British Emperors.
[ଦ୍ର—ମୋଗଲରାଜାଙ୍କ ସମୟରେ ଦିଲ୍ଲୀ ନଗରୀ ବିଶେଷ ସମୃଦ୍ଧିଶାଳିନୀ ଥିବାର ପ୍ରମାଣ ମିଳେ । ଏଥିପାଇଁ କଥା ଅଛି ଯେ 'ପୁରୀଷୁ ମଧ୍ୟେ ନଗରୀଷୁ ଦିଲ୍ଲୀ'
ଭୁଲ ସଂ. ଦେହଳୀ=ଦ୍ୱାର; ଏହା ଭାରତ ସାମ୍ରାଜ୍ୟର ଦେହଳୀ ବା ଦ୍ୱାର ସ୍ୱରୂପ ଥିଲା । ଏହା ଅଧିକାର କଲେ ଭାରତ ଅଧିକାର କରିବା ନିଶ୍ଚିତ ହେଉଥିଲା ବୋଲି ସମ୍ଭବତଃ ଏ ନାମ ହୋଇଅଛି ।]

[ଏହା ଯମୁନା ନଦୀ କୂଳରେ ଅବସ୍ଥିତ । ଇତିହାସରୁ ପ୍ରମାଣ ମିଳେ ଯେ ଆଧୁନିକ ଦିଲ୍ଲୀ ନଗରୀର ୧୦।୧୨ ମାଇଲ ପରିସର ମଧ୍ୟରେ ଥିବା ଅଞ୍ଚଳରେ ଅନେକ ଥର ଏ ନଗରୀ ବସିଥିଲା ଓ ଭାଙ୍ଗି ଯାଇଥିଲା । ଇନ୍ଦ୍ରପ୍ରସ୍ଥର ମୟୂରବଂଶୀ ରାଜା ଦିଲୁ ଏ ନଗର ବସାଇଥିବାରୁ ଏ ନାମ ହୋଇଥିବାର କେହି କେହି କହନ୍ତି । ଏହା ମଧ୍ୟ ପ୍ରବାଦ ଅଛି ଯେ ପୃଥ୍ୱୀରାଜଙ୍କ ପିତାମହ ଅନଙ୍ଗପାଳ ଏଠାରେ ରାଜଧାନୀ କରିବାର ସଂକଳ୍ପ କରିବାରୁ ଏହାଙ୍କ ପୁରୋହିତ ନିଅଁ ପକାଇବା ପାଇଁ ଗୋଟିଏ ସ୍ଥାନ ସ୍ଥିର କରି ଗୋଟିଏ ଲୁହା କିଲା ପୋତିଦେଲେ ଓ ରାଜାଙ୍କୁ କହିଲେ ଯେ ଏ କିଲା ଶେଷ ନାଗଙ୍କ ମସ୍ତକ ଛୁଇଁଛି, ଅତଏବ ଆପଣଙ୍କ ରାଜବଂଶ ଚିରସ୍ଥାୟୀ ହେବ । ରାଜା ଏ କଥାରେ ବିଶ୍ୱାସ ନ କରି ସେ କିଲାକୁ ଉପାଡ଼ି ଦେବାରୁ ସେ ସ୍ଥାନରୁ ଭୂଗର୍ଭରୁ ରକ୍ତଧାର ବହିବାର ଦେଖାଗଲା । ରାଜା ପୁଣି ଉକ୍ତ କିଲାକୁ ପୋତାଇଲେ, କିନ୍ତୁ ତାହା ଠିକ ହୋଇ ନ ବସି 'ଢିଲା' ହେଲା । ଏହି କାରଣରୁ ଏ ସ୍ଥାନର ନାମ 'ଡିଲ୍ଲି' ହେଲା । ଏହା ହିନ୍ଦୁରାଜା ଅନଙ୍ଗପାଳଙ୍କ ରାଜଧାନୀ ଥିଲା ଓ ତାଙ୍କ ଦ୍ୱାରା ଏଠାରେ ବସା ଯାଇଥିବା ସ୍ତମ୍ଭ ଉପରେ ଶିଳାଲେଖ ଅଛି । ଖ୍ରୀଷ୍ଟାବ୍ଦ ୧୧୯୩ ରେ ମାହାମୁଦ୍ ଘୋରୀ ଏ ନଗର ହିନ୍ଦୁ ରାଜାଙ୍କ ଠାରୁ ଅଧିକାର କରିବା ପରେ ଏ ମୁସଲମାନଙ୍କ ରାଜଧାନୀ ହେଲା । ୧୩୯୮ ସାଲରେ ତୈମୁର ଏହାକୁ ଆକ୍ରମଣ କରି ଧ୍ୱଂସ କଲେ । ୧୫୨୬ରେ ବାବର ଏହା ଅଧିକାର କରିବା ପରେ ଏହା ମୋଗଲ ରାଜଧାନୀ ହେଲା । ୧୮୩୦ରେ ଏହା ଇଂରାଜଙ୍କ ହସ୍ତଗତ ହେଲା ଓ ୧୯୧୨ ସାଲଠାରୁ ଏହା ବ୍ରିଟିଶ୍ ଭାରତର ରାଜଧାନୀ ହୋଇଅଛି । ହି. ଶବ୍ଦସାଗର ।]

ଦିଲ୍ଲୀକା ଲଡ଼ୁ(ଡ୍ଡୁ)—ଦେ. ବି (ହି)—ଦେଖିବାକୁ ସୁନ୍ଦର, କିନ୍ତୁ ବସ୍ତୁତଃ କଦର୍ଯ୍ୟ ପଦାର୍ଥ; ନାମ ବଡ଼ ଦର୍ଶନ ଥୋଡ଼ା ବସ୍ତୁ—Any thing of high repute but of little worth; any fine-looking but worthless thing.
Dillikālaṛdu(ḍḍu)
दिल्लीकालाड़ू
दिल्लिकालड्डु
(ଦିଲ୍ଲୀର ଲଡ଼ୁ—ଅନ୍ୟରୂପ)

[ଦ୍ର—ହିନ୍ଦୀରେ ପ୍ରବାଦ ଅଛି ଯେ 'ଦିଲ୍ଲୀକାଲଡ୍ଡୁ ଯୋ ଖାୟା ଓ ପସ୍ତାୟା, ଯୋ ନେଇ ଖାୟା ଓଇ ବି ପସ୍ତାୟା' ଅର୍ଥାତ୍ ଦିଲ୍ଲୀର ଲଡ଼ୁ ଯେ ଖାଇଛି ସେ ଅନୁତାପ କରୁଛି, ଯେ ନ ଖାଇଛି ସେ ମଧ୍ୟ ଅନୁତାପ କରୁଛି । ଦିଲ୍ଲୀର ନାମ ଶୁଣି ଦିଲ୍ଲୀର ଲଡ଼ୁ ଅତି ଉପାଦେୟ ବସ୍ତୁ ହୋଇଥିବ ବୋଲି ଅନୁମାନକରି ତାହା ନ ଖାଇଥିବା ବ୍ୟକ୍ତି ଖାଇବାପାଇଁ ହାଇଁପାଇଁ ହେଉଥାଏ; ପୁଣି ପ୍ରକୃତରେ ତାହା ସୁଖାଦ୍ୟ ହୋଇ ନ ଥିବାରୁ ଖାଇବା ଲୋକ ଅନୁଭବରୁ ବୁଝିପାରି ଦୁଃଖିତ ହୁଏ । ଏଥିପାଇଁ ଯେଉଁ କାଳ୍ପନିକ ବସ୍ତୁର ଆଶାରେ ଲୋକେ ଝୁରିମରନ୍ତି, ତାହା କିନ୍ତୁ ଫଳତଃ ସେପରି କିଛି ଉପାଦେୟ ବସ୍ତୁ ନୁହେଁ, ତହିଁପ୍ରତି 'ଦିଲ୍ଲୀକାଲଡ୍ଡୁ' ଉପମା ପ୍ରୟୋଗ କରାଯାଏ ।]

ଦିଲ୍ଲୀଶ୍ୱର—ସଂ. ବି (ଦିଲ୍ଲୀ+ଈଶ୍ୱର; ୬ଷ୍ଠୀ ତତ୍)—ଦିଲ୍ଲୀର ସମ୍ରାଟ; ମୋଗଲ୍ ସମ୍ରାଟ—The Moghal Emperor, having his capital at Delhi.
Dilliśwara

ଦିୱାନ୍—ଦେ. ବି—ଦେୱାନ୍ (ଦେଖ)
Diwān Dewān (See)

ଦିୱାଲ୍ ଇତ୍ୟାଦି)—ଦିବାଲ୍ ଇତ୍ୟାଦି (ଦେଖ)—
Diwāl (etc) Dibāl etc (See)

ଦିୱାଲି—ଦିବାଲି (ଦେଖ)
Diwāli Dibāli (See)

ଦିୱାଲିଆ—ଦିବାଲିଆ (ଦେଖ)
Dewālia Dibālia (See)

ଦିଶ୍(ଧାତୁ)—ସଂ—୧ । ଦାନ କରିବା—1. To give.
Diś (root)
୨ । କହିବା—2. To speak.
୩ । ଆଜ୍ଞା କରିବା—3. To command; to order.
୪ । ଦେଖାଇବା—4. To show.

ଦିଶ୍—ସଂ. ବି (ଶବ୍ଦ)—[ଦିଶ୍ ଧାତୁ=(ଅବକାଶ) ଦାନ କରିବା+କର୍ମ. କ୍ୱିପ୍=ଦିଟ୍; ଏଥିର ୧ମା. ୧ବ. ଦିକ୍]—ଦିକ୍ (ଦେଖ) Dik (See)
Diś

ଦିଶ—ଦେ. ବି (ସଂ. ଦିଶ୍ ଶବ୍ଦ)—୧ । ଦିଗ—1. Point of the compass.
Diśa
दिग
दिशा
ସେ ହେନ ଅସୁରଙ୍କ ଦର୍ପେ,
ତିନିଭୁବନ ଦିଶ କମ୍ପେ । ଜଗନ୍ନାଥ ଭାଗବତ ।
୨ । ଦିଶା; ଗୀତର ବୃତ୍ତି; ଗୀତ ବୋଲିବାର ରାଗ—2. The tune of a song.

ଦିଶହରା—ଦେ. ବିଣ (ସଂ. ଦିଶା+ହୃ ଧାତୁ)—୧ । କିଂକର୍ତ୍ତବ୍ୟବିମୂଢ଼; ବୁଦ୍ଧିଭ୍ରଷ୍ଟ—1. Perplexed; confounded bewildered.;
Diśaharā
ଦିଶହାରା } ଅନ୍ୟରୂପ
ଦିଶାହାରା }
दिशाहारा
घबड़ा
୨ । ଦିଗ୍‌ଭ୍ରାନ୍ତ; ଯେ ଦିଗ ବାରିପାରେ ନାହିଁ—2. At a loss to distinguish the directions or points of the compass.

ଦିଶା—ସଂ. ବି. ସ୍ତ୍ରୀ [ଦିଶ୍ ଧାତୁ=(ଅବକାଶ) ଦାନ କରିବା+କର୍ମ.ଅ+ଆ]—୧ । ଦିଗ—1. The points of the compass.
Diśā
କର୍ଣ୍ଣ ଯାହାର ଅଷ୍ଟ ଦିଶା
ଅସ୍ୱର୍ଣ୍ଣକୁମାରେ ଯା ନାଶ । ଜଗନ୍ନାଥ. ଭାଗବତ ।
୨ । ପଦ୍ଧତି; ରୀତି—2. Order.
୩ । ଦନ୍ତକ୍ଷତ ଚିହ୍ନ—3. Tooth-mark.
୪ । ସନ୍ଧାନ—4. Trace.
ଦେ. ବି—୧ । ଦିଶ ୨ (ଦେଖ)—1. Diśa 2 (See)
୨ । ବଡ଼ ଦେଉଳର ପାର୍ଶ୍ୱରେ ଲାଗିଥିବା ଛୋଟ ଦେଉଳ—2. A small temple attached to the side of a big temple.
दिशा ଦେ. ବି (ହିନ୍ଦୀରୁ ଅନୁକୃତ)—୧ । ମଳୋତ୍ସର୍ଗ—1. Passing of stools.
दिसा
୨ । ମଳୋଦ୍ବେଗ—2. Call of nature.

ଦିଶା(ଶେ)ଇବା—ଦେ. କ୍ରି (ସଂ. ଦୃଶ ଧାତୁ ଣିଚ ଦର୍ଶି ଧାତୁ—ଦେଖାଇବା—To show; to exhibit.
Diśā(śe)ibā
देखाना
दिखलाना
ସେ ରଙ୍ଗରସେ ଯେ ହୋଇଲେ ଅଶୋକ ସ୍ତବକ-ଭରକ ଦିଶାଇ—
ଉପେନ୍ଦ୍ର ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଦି ଶାଖା—ଦେ. ବିଣ (ସ. ଦ୍ୱିଶାଖ)—୧ । ଦୁଇ ବୃକ୍ଷର ଶାଖାବଶିଷ୍ଟ—
Di sākhā 1. Limited to two branches; having
দুশাখা two main branches.
दोशाखा २ । ଯାହାର ଦୁଇଟି ଡାଳ, ବାହାରିଛି—2. Forked.
(ଦଶାଶୁଖ—ଅନ୍ୟରୂପ)

ଦିଶା ଗଜ—ସ. ବି (୭ମୀ ତତ୍; ଦିଶା+ଗଜ)—ଦିଗ୍ଗଜ (ଦେଖ)
Disā gaja Diggaja (See)

ଦିଶା ଦାହ—ସ. ବି (୭ମୀ ତତ୍; ଦିଶା+ଦାହ)—ଦିଗ୍‌ଦାହ (ଦେଖ)
Disā dāha Dig-dāha (See)

ଦିଶା ପାଳ—ସ. ବି (୭ମୀ ତତ୍; ଦିଶା+ପାଳ)—ଦିକ୍‌ପତି (ଦେଖ)
Disā pāḷa Dik-pati (See)

ଦିଶା ଫେରିବା—ଦେ. କ୍ରି—ଝାଡ଼ା ଫେରିବା—
Disā pheribā To answer the call of nature.
দিশাফিরা, दिशाफिरना

ଦିଶା ମୁଖ—ସ. ବି (ଦିଶା+ମୁଖ; ୭ମୀ ତତ୍)—ଦିଗମାନଙ୍କର ମୁଖ;
Disā mukha ଚତୁର୍ଦ୍ଦିଗ—All sides.

ଗୁରୁ ତତ୍‌ଜୋଦସ୍ୟା ମଣ୍ଡଳ ପାଶେ
ବନ୍ଧି କାଳବ ଯେବେ ଦିଶାମୁଖେ । ଉପେନ୍ଦ୍ରଭଞ୍ଜ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଦିଶି ଆସିବା—ଦେ. କ୍ରି—ଅନୁମାନ ଦ୍ୱାରା ଜଣା ପଡ଼ିବା—
Disi āsibā To seem or appear from indications.
দেখাযাওয়া दिखना, दिखना

ଦିଶିବା—ଦେ. କ୍ରି (ସ. ଦୃଶ୍ ଧାତୁ ; ପ୍ରାକୃତ ଦିସ୍ ଧାତୁ)—
Disibā ୧ । ଦେଖାଯିବା; ଦୃଷ୍ଟିଗୋଚର ହେବା—
দেখাযাওআ 1. To be seen; to be visible; to come to
दिखना view; to appear.
(ଦିଶାଇବା, ଦେଖାଇବା—ଣିଜନ୍ତ) ମନ୍ଦିର ପର ଦିଶୁଥାଇଁ ତ ଅଦ୍ଭୁତ ।
କୃଷ୍ଣସିଂହ, ମହାଭାରତ ବନ ।

୨ । ବୋଧହେବା; ଜଣାପଡ଼ିବା—2. To seem; to look to be felt, to be known.

କହୁଲେହେଁ ଅନୁସରି ଘଟ ତ କ ଦିଶଇ ରେ ।
ଉପେନ୍ଦ୍ରଭଞ୍ଜ, ଲୋଲୋଦୟ ଗୀତ ।

୩ । ଜଣାଯିବା; (ମନରେ) ଉଦୟ ହେବା—
3. To be thought; to appear (to one's mind); to strike (one's-mind).

ଦେଲେ ତରୁଣ ବେଶରେ କୋଳେ ଯୁବତୀ କଣ୍ଠୋଇ ଦିଶଇ କ ବସିବା ଉରସା ।
ଉପେନ୍ଦ୍ରଭଞ୍ଜ, ସଙ୍ଗୀତକଳ୍ପଲତା ।

୪ । ପୂର୍ବରୁ ଅନୁମାନ ଦ୍ୱାରା ଜଣାପଡ଼ିବା—
4. To be known beforehand from indications.

୫ । ପ୍ରକାଶିତ ହେବା—
5. To be exhibited; to be manifest.

ଅଭିଚିନ୍ତା ଭାବିଲେ ଯଶ ବିନା ଦିଶିବ ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

୬ । ସୂଚିତ ହେବା—6. To be indicated.

ବଗଳର ସୁଇବେ ପ୍ରସ୍ୱେ ଦିଶେ
ନିଜ ଲକ୍ଷ୍ମୀଙ୍କର ନୟନେ ଦିଶେ—ପ୍ରାଚୀ. ଉଦବାର୍ଧ ।

ଦିଶି ଯିବା—ଦେ. କ୍ରି (ସ. ଦୃଶ୍ ଧାତୁ)—୧ । ହଠାତ୍ ଦେଖାଯିବା—
Disi jibā 1. To be suddenly or unexpectedly
দেখাযাওয়া seen.
दिखाइदेना २ । ହଠାତ୍ ବୋଧହେବା; ଜଣାପଡ଼ିଯିବା—
2. To be suddenly felt; to come to one's mind very suddenly; to strike one's mind.

୩ । କଳ୍ପନାଦ୍ୱାରା ପ୍ରତିଫଳିତ ବା ପ୍ରତିଭାତ ହେବା—
3. To dance before the mind's eye.
(ଯଥା—ଜିତ ତା ମୁହଁ ମନେ ଦିଶିଯାଉଛି ।)

ଦିଶୁ—ଦେ. ବ (ସ. ଈଷତ୍)—୧ । ସାମାନ୍ୟପରିମାଣ—
Disu 1. A little quantity.
কিছু २ । ଅଳ୍ପ ସଂଖ୍ୟା —
थोडासा 2. A few in number.

ବିଣ—୧ । ସାମାନ୍ୟପରିମିତ—
1. A little; a little in quantity.
୨ । ଅଳ୍ପସଂଖ୍ୟକ—2. A few.

ସାଅନ୍ତଙ୍କ ଖୋରାକରେ ସେରେ ଦୁଧ, ଦିଶୁ ଘିଅ, ଜବାବ ପାଠସବୁବେଳେ ରଖାଯାଉଥାଏ ।
ଫକୀରମୋହନ, ଛମାଣଆଠଗୁଣ୍ଠ ।

ଅ—୧ । ସାମାନ୍ୟ ପରିମାଣରେ—
1. In a small quantity.
(ଯଥା—ଦିଶୁ ସରୁ ଚୂଡ଼ା, ଦିଶୁ ବସା ଦହି, ଦିଶୁ ଗୁଡ଼, ଦିଶୁ ପାଚିଲା କଦଳୀ ହେଲେ ଏ ବାବୁଙ୍କର ଏକାଦଶୀ ବ୍ରତ ପାଳନ ହେବ ।)
୨ । ଈଷତ୍—2. Slightly.
୩ । କେତେକ ଅଂଶରେ—
3. In some respects.

ଶ୍ରେମଭାବ ବ୍ୟାଜ କଳାକାରେକ ଦିଶୁ ପଢ଼ ଦିଶୁ ଛଟିସ ।
ଉପେନ୍ଦ୍ରଭଞ୍ଜ, ରସିକହରାବଳୀ ।

ଦିଷ୍ଟ—ସ. ବ (ଦିଶ୍ ଧାତୁ=ଦାନକରିବା, କହିବା+କର୍ମ. କ୍ତ)—
Dishṭa ୧ । କାଳ; ସମୟ—1. Time.
୨ । ଭାଗ୍ୟ; ଅଦୃଷ୍ଟ—
2. Luck; fortune; destiny.
[ତୁ—ଭୂତନାବର :—ଇଂ. Destiny, ଡେଷ୍ଟିନି ।]
୩ । ବୈବସ୍ୱତ ମନୁଙ୍କ ପୁତ୍ର—
3. Name of the son of Baibaswata Manu.
୪ । ଉପଦେଶ (ହି. ଶବ୍ଦସାଗର)—4. Advice.
୫ । ଦାରୁ ହରିଦ୍ରା (ହି. ଶବ୍ଦସାଗର) (ଦେଖ)
5. Dāru haridrā (See).

ବିଣ—୧ । ଆଦିଷ୍ଟ—1. Ordered.
୨ । ପୂର୍ବରୁ ନିରୂପିତ—2. Ordained.
୩ । ଉପଦିଷ୍ଟ—3. Instructed; directed.
୪ । ସ୍ଥିରୀକୃତ—4. Determined; ascertained.
୫ । କଥିତ—5. Spoken.
୬ । ଦତ୍ତ—6. Given.

୭ । ପ୍ରଦର୍ଶିତ—7. Shown; pointed; out indicated.
୮ । ଉପରେ ଦଖା ଯାଇଥିବା; ନ୍ୟସ୍ତ—
8. Allotted; assigned.

ଦଷ୍ଟାନ୍ତ—ସ. ବ. (ଦଷ୍ଟ+ଅନ୍ତ; ୬ଷ୍ଠୀ ତତ୍)—କାଳାନ୍ତ; ମରଣ; ମୃତ୍ୟୁ—Death.
Dishtānta

ଦଷ୍ଟି—ସ. ବ. (ଦଶ୍ ଧାତୁ=ଦେଖାଇବା+ଭାବ. ତି)—
Dishṭi ୧ । ହର୍ଷ; ଆନନ୍ଦ—1. Happiness; gladness.
୨ । କଥନ—2. Speaking.
୩ । (+କର୍ମ. ତି) ଭାଗ୍ୟ—3. Luck.
୪ । ଉପଦେଶ—4. Advice.
୫ । ଉତ୍ସବ—5. Festival.
୬ । ସୁଧ—6. Interest.
୭ । ପରିମାଣବିଶେଷ—7. A standard of measure.

ଦସ(ସେ)ମ୍ବର୍—ବୈଦେ. ବ. (ଇଂ. ଡିସେମ୍ବର)—ଇଂରାଜି ଗଣନାରେ ବର୍ଷର ଶେଷ ମାସ; ଡିସେମ୍ବର ମାସ—
Disa(se)mbar
দিসম্বর दिसंबर The month of December.

ଦି ସରା—ଦେ. ବି—୧ । ଦୁଇ ସରୁ ବା ସୂତ୍ର—
Di sarā 1. Two strings.
ফুনরী ୨ । ଦୁଇ ସରାଯୁକ୍ତ ହାର—
दोलड़ा 2. A neklace of two strings.
ଦସରି } ବଣ—ଦୁଇସରିଆ; ଦୁଇ ସୂତ୍ରଯୁକ୍ତ (ହାର
ଦସୋରି } ଅନ୍ୟରୂପ ଇତ୍ୟାଦି)—Two-stringed (necklace.
ଦସୋରି }

ଦି ସରିଆ—ଦେ. ବଣ—ଦି ନରିଆ; ଦୁଇ ସୂତ୍ରଯୁକ୍ତ (ହାର ଇତ୍ୟାଦି)—
Disariā Two-stringed (necklace, gar-and etc).
ফুনরী दोलड़ा
(ଦସୋରିଆ—ଅନ୍ୟରୂପ)

ଦସ୍ତା—ବୈଦେ. ବ—୧ । (ଫା. ଦସ୍ତା) କାଗଜର ୨୪ ଫର୍ଦର ସମାହାର—1. Quire (of paper)
Distā
দিস্তা ୨ । ୨୪ଟି ଶରର ଗଡ଼ା—
दस्ता 2. A bundle of 24 arrows.
দিস্তা ୩ । (ଫା) ହେମାମଦସ୍ତାର ପୁଅ—
दस्ता 3. The pestle of a mortar.
দিস্তা ୪ । (ଫା. ଦସ୍ତା=ସୂତାର ଗୋଛ; Skein of thread-
ଇଂରେଜ) ଲୁଗାର ସୂତା ଘୁଞ୍ଚି ଯାଇ ଏକସ୍ଥାନରେ ଗୋଛ ହୋଇ ଜମା ହେବା ଓ ଅନ୍ୟ ସ୍ଥାନ ମେଞ୍ଚ ହୋଇଥିବା ଅବସ୍ଥା—3. The state of the skeins of the thread of a cloth being gathered up at one place and thinned out at another.

ବୈଦେ. ବଣ—ଯେଉଁ ଲୁଗା କଷ୍ଟହେବା ଦୋଷରୁ ସୂତାମାନ ସ୍ୱ ସ୍ୱ ସ୍ଥାନରୁ ଘୁଞ୍ଚି ଯାଇ ଏକସ୍ଥାନରେ ଗୋଛ ହୋଇଯାଇଥାଏ—(a cloth) Of which the skeins of thread have moved away from their proper positions and gathered up at one place.

ଦସ୍ତା ପଡ଼ିବା—ଦେ. କ୍ରି—(କୌଣସି ଲୁଗା) ଧୁଆ ହେବାବେଳେ କଷ୍ଟ ହେବା ଦୋଷରୁ ସୂତାମାନ ସ୍ୱ ସ୍ୱ ସ୍ଥାନରୁ ଘୁଞ୍ଚି ଯାଇ ଏକ ଏକ ସ୍ଥାନରେ ଗୋଛ ବାନ୍ଧିବା ଓ ଏକ ଏକ ସ୍ଥାନ ସୂକ୍ଷ୍ମସ୍ଥାନ ହେବା—
Distā pardibā
দিস্তাপড়া बिस्तापड़ना
ଦସ୍ତା ପଡ଼ିଯିବା } ଅନ୍ୟରୂପ
ଦସ୍ତା ହେବା }
(a cloth) To become thin at one place and thick at another in texture owing to the threads having moved from their proper places and gathered into skeins on account of faulty washing.

[ଦ୍ର—ନୂଆ ଲୁଗାରେ ବୁଣା ହୋଇଥିବା ସୂତାମାନ ବସି ନ ଥାଏ । ତାହାକୁ ପ୍ରଥମେ ଦୁଇ ଗୁରି ଥର ପଥର ଅବା ଉପରେ କଷ୍ଟକର କରି ନ ଧୋଇ କେବଳ ସାଧାରଣଭାବରେ ଧୋଇଲେ ସେ ସୂତାମାନ ଯଥାସ୍ଥାନରେ ଦୃଢ଼ହୋଇ ବସି ଯାଏ; ତନ୍ତୁ ସୂତାମାନ ଏପରି ବସିଯାଇ ନ ଥିବା ପୂର୍ବରୁ ଯେବେ ନୂଆ ଲୁଗାକୁ ଖୁବ୍ ଜୋରରେ କଷ୍ଟ କରି କଷ୍ଟଯାଏ ତେବେ ଲୁଗା ଦସ୍ତା ପଡ଼ିଯାଏ ।]

ଦହ୍ (ଧାତୁ)—ସ.—୧ । ଲେପନ କରିବା—
Dih (root) 1. To anoint.
୨ । ଏକତ୍ର କରିବା—2. To gather; to collect.

ଦହ—ଗ୍ରା. ବ. (ସ. ଦେହ)—୧ । ଦେହ; ଶରୀର—
Diha 1. Body.
গা, গাত্র ୨ । ସ୍ୱାସ୍ଥ୍ୟ—2. Health.
तन, बदन (ଯଥା—ତା ଦହ ଭଲ ନାହିଁ ।)
୩ । ମନ; ହୃଦୟ—3. Mind; heart.
(ଯଥା—ଏବେ ଯେଉଁ ତ ଏ ଦହ ସହୁଛି ।)
୪ । ଅମଳ; ଜୀବତ ରହିବା କାଳ—4. Life-time.
(ଯଥା—ଏହିପରି ଗାଧ ମିଳିଲେ ଭଲ କରି ମୋ ଦହକ ବଢ଼ିଯିବ ।)

ଦହ ଇସ୍ କନା (ନି) ହେବା—ଦେ. ବ. ସାମାନ୍ୟ ଅସୁସ୍ଥତା ହେବା—
Diha is kinā (ni) hebā Feeling slightly unwell;
গা টিসটিস করা feeling out of sorts.

ଦହ ଇସ୍ ପରା ହେବା—ଦେ. ବ.—ହଠାତ୍ ଭୟ ଚକିତ ହେବା—
Diha is parā hebā Being startled with fear.
जीघबड़ाना

ଦହକ—ଦେ. ବ.—ଜୀବତ ରହିବା କାଳ; ଜୀବଦଶା—
Dihaka 1. Lifetime.
আমল ଦେ. ଅ.—ଅମଳରେ; ଜୀବତକାଳ ମଧ୍ୟରେ—
जानदीगं During the lifetime of a person.
(ଦହକଯାକ, ଦହକରେ, ଦହକେ=ଅନ୍ୟରୂପ)

ଦହ କଅଁଣ ହେବା—ଦେ. ବ.—ଶରୀର ଅସୁସ୍ଥ ବୋଧ ହେବା—
Diha ka-añna hebā Being ill; feeling of sickness
গা কেমন কেমন করা तबीयत खराब होना

ଦହକୁ ନେବା—ଦେ. କ୍ରି.—୧ । ଅପଣା ଉପରକୁ ଦାୟିତ୍ୱ ନେବା—
Dihaku nebā 1. To take a responsibility to one's shoulders.

୨ । ଆପଣା ପ୍ରତି କୌଣସି ବ୍ୟକ୍ତି ଲକ୍ଷ କରୁଅଛି ବୋଲି ଅପମାନ କରିବା; ମନୋଦୁଃଖ କରିବା—
2. To take a thing to one's heart.
ତୁ ତ ଜୋତା, ତୁ କାହିଁପାଇଁ ଦିହକୁ ନଉ—ଉଣ ।

ଦିହ ଖରାପ ହେବା—ଦେ. ବି.—ପୀଡ଼ାଗ୍ରସ୍ତ ହେବା—
Diha kharāpa hebā — Becoming ill; feeling unwell.
ଗା ଖରାପହଓଆ
तबियत बिगड़ना

ଦିହ ଘସିଆ—ଦେ. ବଣ.—(ସ. ଦେହଘର୍ଷଣ)—୧ । ଯେ ସର୍ବଦା ପ୍ରଭୁର ସହବାସରେ ଥାଏ—1. Very familiar with one's master.
Diha ghasiā
ଗା ଘୋସାଁ
हिलामिला
ଦିହଘସା } ଅନ୍ୟରୂପ
ଦିହଘଷା }
୨ । ଯେଉଁ ପଶୁ ପକ୍ଷୀ ସର୍ବଦା ମନୁଷ୍ୟ ପାଖେ ଚଳ-ବିଚଳ ହେବାରୁ ମନୁଷ୍ୟ ସଙ୍ଗେ ଚଳିବାକୁ ସେମାନଙ୍କ ମନରୁ ଭୟ ବା ସଙ୍କୋଚ ଛାଡ଼ି ଯାଇ ଥାଏ—2. (animals) Who have become very familiar with men, having cast off their fear of man's company.

ଦିହ ଛଞ୍ଚିବା—ଦେ.କି—(ସ. ଦେହ ସଞ୍ଚୟ)—ଦେହକୁ ବାଧିବା ଭୟରେ କାମ ନ କରିବା—Not to labour for fear of exhaustion.
Diha chhañchibā
(ଦିହ ସଞ୍ଚିବା—ଅନ୍ୟରୂପ)
जीचुराना

ଦିହ ଛାଡ଼ିବା—ଦେ. କି – ମରିବା—To die.
Diha chhārdibā
जीवछाड़ा; जी छोड़ना

ଦିହ ଜଗିବା—ଦେ. କି—୧ । ଆପଣା ଦେହରେ ଆଘାତ ନ ଲାଗିବା ପ୍ରତି ସାବଧାନ ହେବା—1. To guard one's body from hurt.
Diha jagibā
୨ । ସ୍ୱାସ୍ଥ୍ୟରକ୍ଷା ପ୍ରତି ସାବଧାନ ହେବା—
2 To be watchful for preserving sound health.

ଦିହ ଜଳିବା—ଦେ. କ—୧ । ଉତ୍ତାପ ଅନୁଭବ କରିବା; ପୀଡ଼ା ଅନୁଭବ କରିବା—1. Burning sensation in the body.
Diha jalibā
ଗା ଜଲା
जीउ जलना
୨ । (ଲକ୍ଷଣାର୍ଥ) ରାଗି ଉଠିବା—
2 Getting enraged.
(ଯଥା—ଏ କଥା ଶୁଣି ମୋ ଦିହ ଜଳିଲା ।)

ଦିହ ଝାଳେଇବା—ଦେ. କ—୧ । ଦେହକୁ ସ୍ୱେଦୋଦ୍ଗମ ହେବା—
Diha jhāleibā 1. Perspiration of the body; hyper-hydrosis

ଦିହ ଝିମ୍ ଝିମ୍ ହେବା—ଦେ. କ—୧ । ଅତ୍ୟନ୍ତ ଦୁର୍ବଳ ହେବାରୁ ଝୋଲ ମାରିଯିବା—1. A feeling of exhaustion on account of sheer weakness.
Diha jhim jhim hebā
ଗା ଝିମଝିମ करा
बदन झुनझुनाना
ଦିହ ଝାଇଁ ଝାଇଁ ହେବା } ଅନ୍ୟରୂପ
ଦିହ ଝାଇଁ ମାରିଯିବା }
୨ । ହାତ ଗୋଡ଼ ଅଦି ଏକ ଅବସ୍ଥାରେ ବହୁକାଳ ଅଚଳ ରହିବା ପରେ ସେହି ଅଙ୍ଗରେ ଅବଶତା ଓ ଝାଇଁ ଝାଇ ଅନୁଭୂତ କରିବା—2. A tingling sensation due to the limbs being put in one position for a long time.

ଦିହ ଥରିବା—ଦେ. କ—୧ । ଶରୀର କମ୍ପିତ ହେବା—
Diha tharibā 1. Throbbing of the limbs.
ଗା ଶିହରିଆ উঠা
२ । ଭୟ ବା ତ୍ରାସ ଯୋଗୁଁ ଶରୀର କମ୍ପିବା—
जी तरसना 1. Shaking of the body due to sudden alarm.

ଦିହ ଦିହକ—ଦେ. ଅ—୧ । ପୁରୁଷାନୁକ୍ରମେ—
Diha dihaka 1. In descending order of a family.
ଦିହ ଦିହକେ } ଅନ୍ୟରୂପ
ଦିହ ଦିହକୁ }
୨ । ପୁରୁଷଙ୍କ ଅମଳରୁ—2. Since the time of one's fore-fathers.
୩ । କେତେ ଲୋକଙ୍କ ଜୀବନକାଳ ମଧ୍ୟରେ—
3. During the life-time of some persons.

ଦିହଦୁଃଖ—ଦେ. ବି. (ସ. ଦେହ+ଦୁଃଖ)—ଅସୁସ୍ଥତା—
Diha dukha — Illness.
ଗା খারাপ तबीयत खराब
(ଦିହ ଦୁଃଖ—ଅନ୍ୟରୂପ)

ଦିହ ଦୁଖ ହେବା—ଦେ. କ—ଶରୀର ଅସୁସ୍ଥ ହେବା—Getting diseased; getting ill; being attacked with a disease.
Diha dukha hebā
(ଦିହ ଦୁଃଖେଇବା—ଅନ୍ୟରୂପ)

ଦିହ ଦେବା—ଦେ. କି—୧ । (ସ୍ତ୍ରୀ ପକ୍ଷରେ) ଆପଣାର ଅଙ୍ଗକୁ ରୂପଭୋଗାର୍ଥ ପୁରୁଷଠାରେ ଅର୍ପଣ କରିବା—
Diha debā
ଗା ଦେওଆ 1. To dedicate one's body to a male
तन दिखाना (said of a female).
୨ । ଦିହ ଲଗାଇ କାମ କରିବା (ଦେଖ)
2. Diha lagāi kāma karibā (See)

ଦିହ ନ ସହିବା—ଦେ. କ—୧ । ବ୍ୟଥିତ ହେବା; ବ୍ୟାକୁଳ ହେବା; ପ୍ରାଣକୁ ବାଧିବା—1. Feeling compassion.
Diha na sahibā
ଗା নাসহা
(ଯଥା—ତା ଦୁଃଖ ଶୁଣି ମୋ ଦିହ ନ ସହିଲା ଯେ ମୁଁ ଧାର ଉଧାର କରି ଆଣି ତାକୁ ଦେଲି ।)
୨ । ସହ୍ୟ ନ ହେବା; ବରଦାସ୍ତ ନ ହେବା—
2. Not enduring; intollerance.
(ଯଥା—ଯେତେବେଳେ ସେ ଗାଳି ଦେଲା ସେଥିରେ ସେ ଦେହ ନ ସହିଲା ମୁଁ ପଦେ ଉତ୍ତର ଦେବାକୁ ବାଧ୍ୟ ହେଲି ।)

ଦିହପା—ଦେ. ବି. (ସହଚର ଶବ୍ଦ; ସ. ଦେହ ଓ ପାଦ)—
Dihapā ୧ । ଶରୀରସ୍ଥ ସମସ୍ତ ଅବୟବ; ସର୍ବାଙ୍ଗ—1. All parts of the body; the whole body.
शरीर
बदन (ଯଥା—ଯା'ତ, ବୁଢ଼ାଟାର ଦିହ ପା ଯୋଗ ହେଉଥିବ ଟିକିଏ ଘଷି ଦେବୁ)
ଦିହପାଆ }
ଦିହ ହାତ } ଅନ୍ୟରୂପ
ଦିହ ମୁଣ୍ଡ }
୨ । ସ୍ୱାସ୍ଥ୍ୟ—2. Health.
(ଯଥା—ତୁମ ଦିହପା ଭଲ ଅଛି ତ ?)

ଦିହ ପାଚିଯିବା—ଦେ. ବି—ଶରୀର ଅଧିକରୂପ ପୀଡ଼ାଯୁକ୍ତ ହେବା—
Diha pāchijibā Feeling uneasy of the body.
(ଯଥା—ମାଡ଼ ଖାଇ ମୋ ଦିହ ପାଚିଗଲା ।)

ଦିହପାଣି—ପ୍ରାଦେ. (ଗଡ଼ଜାତ) ବି—(ରଜାଙ୍କ) ସ୍ନାନକ୍ରିୟା—
Dihapāṇi The act of bathing; bath (of Rājās).
(ଯଥା—ବର୍ତ୍ତମାନ ଶ୍ରୀମୁକ୍ତଙ୍କର ଦିହପାଣି ବଢ଼ୁଛି ।)

ଦିହପାଣି ବଢ଼ିବା—ପ୍ରାଦେ. (ଗଡ଼ଜାତ) ବ—(ରଜାଙ୍କ) ସ୍ନାନକାର୍ଯ୍ୟର
Dihapāṇi barḍhibā ସମାପନ—The taking of a bath (by a Rājā).

ଦିହ ଫାଟ—ଦେ. ବ—ରୋଗବିଶେଷ; ଦିହର ଚମ ଉପର ଫାଟିଯିବାରୂପ
Diha phāṭa ରୋଗବିଶେଷ—Chapped skin (a disease).

ଦିହ ବଳ—ଦେ. ବି. (ସ. ଦେହବଳ)—ଶାରୀରିକ ବଳ—
Diha baḷa Bodily strength.
গায়ের জোর

ଦିହବଳୁଆ—ଦେ. ବଣ—ଶାରୀରିକ ବଳରେ ବଳୀୟାନ୍—
Diha baḷuā Possessing great bodily strength.

ଦିହବଳୁଆପଣ—ଦେ. ବି—ଦୈହିକ ବଳପ୍ରୟୋଗ ଜନ୍ୟଶ୍ରେୟ ବା
Diha baḷuāpaṇa ବାହାଦୁରି—Credit of applying sheer bodily strength.
गा जुरी
(ଦିହବଳୁଆପଣିଆଁ—ଅନ୍ୟରୂପ)

ଦିହ ଭାରି ହେବା—ଦେ. ବ—୧ । ଗର୍ଭବତୀ ହେବା—
Diha bhāri hebā 1. Being pregnant.
(ଦିହ ଗରୁ ହେବା—ଅନ୍ୟରୂପ) ୨ । ଦେହର ଓଜନ ବଢ଼ିବା (ରୋଗ ବଶତଃ)—2. Increase of the weight of the body.
୩ । ଦେହର ଅସୁସ୍ଥତା ବୋଧ—3. A feeling of one not doing well.

ଦିହଭେଦ—ଦେ. ବ. (ସ. ଦେହ ଓ ଭେଦ)—
Diha bheda ପ୍ରସବ ପୂର୍ବରୁ ସ୍ତ୍ରୀମାନଙ୍କର ମୂତ୍ରପୁଡ଼ା ଫାଟି ପାଣି ବାହାରିବା—Discharge of watery substance before child-birth

ଦିହ ମିହନ୍ତ—ଦେ. ବ. (ସ. ଦେହ ଓ ଫା. ମେହେନତ୍)—
Diha mihanta ଶାରୀରିକ ପରିଶ୍ରମ—Physical labour.

ଦିହ ମିହନ୍ତି—ଦେ. ବଣ—ପରିଶ୍ରମୀ—
Diha mihanti Laborious.
মেহন্তী मेहनती

ଦିହ ମୁଣ୍ଡ—ଦେ. ବ. (ସହଚର; ସ. ଦେହ ଓ ମୁଣ୍ଡ)—
Diha muṇḍa ୧ । ଶରୀର; ସର୍ବାଙ୍ଗ—
1. The whole body, body.
୨ । ସ୍ୱାସ୍ଥ୍ୟ—2. Health.

ଦିହରଖା—ଦେ. ବଣ—ହୃଷ୍ଟପୁଷ୍ଟ ଅଥଚ ପରିଶ୍ରମକାତର (ବ୍ୟକ୍ତି)—
Diharakhā Loafing.
ଦିହଦେଖା, ଦିହରଖା, ଦିହରକ୍ଷା } ଅନ୍ୟରୂପ ବ—ହୃଷ୍ଟପୁଷ୍ଟ ଅଥଚ ପରିଶ୍ରମ କାତର ବ୍ୟକ୍ତି—A loafer.

ଦିହରୁ ଛଡ଼ା(ଡ଼େ)ଇବା—ଦେ. କ୍ରି—ଦେହରୁ ଛଡ଼ାଇବା (ଦେଖ)
Diharu chhar̲ḍā(r̲ḍe)ibā Deharu chhar̲ḍāibā(See)

ଦିହରେ ଠିକ୍ ବସିବା—ଦେ. କ୍ରି (କୌଣସି ପୋଷାକ ବା ଅଳଙ୍କାର)—
Dihare ṭhik basibā ଶରୀରକୁ ଠିକ୍ ଖାପ ଖାଇବା—
গায়ে ঠিক হয়ে বসা To fit into the body (said of
बदनमे जमना a dress or ornament).

ଦିହରେ ନ ଲାଗିବା—ଦେ. ବ—ଦେହ ହୃଷ୍ଟପୁଷ୍ଟ ନ ହେବା—
Dihare na lāgibā Body not becoming stout and strong.
ଦେ. କ୍ରି—ଶରୀରପୁଷ୍ଟିର ଅନୁକୂଳ ନ ହେବା—
Not to suit one's constitution or health.

ଦିହରେ ମୁଣ୍ଡରେ ପାଇବା—ଦେ. କ୍ରି—ଗୋଟା କେତେ ପ୍ରହାର ବା
Dihare muṇḍare pāibā ମାଡ଼ ଖାଇବା—
To get a sound thrashing.

ଦିହରେ ମୁଣ୍ଡରେ ଭୋଗିବା—ଦେ.କ୍ରି—ରୋଗଜନିତ ଯନ୍ତ୍ରଣା ଭୋଗ କରିବା.
Dihare muṇḍare bhogibā To be subjected to the attacks of diseases and the pains there of.

ଦିହରେ ମୁଣ୍ଡରେ ହେବା—ଦେ. ବ—ଯୁବତୀର ସୁଦୃଢ଼ ଯୌବନ
Dihare muṇḍare hebā ଯୋଗୁଁ ଉନ୍ନତ ହେବା—
State of a girl showing the physical developments of puberty.
ଦେ. କ୍ରି—(ଯୁବତୀ) ସ୍ତନଯୌବନବିଶିଷ୍ଟ ହେବା—
(a youthful girl) To show physical sign of maturity.

ଦିହରେ ଲାଗିବା—ଦେ. କ୍ରି—୧ । (କୌଣସି ଖାଦ୍ୟ) କୌଣସି ବ୍ୟକ୍ତିର
Dihare lāgibā ଦେହରେ ବଳ ଓ ପୁଷ୍ଟି ଉତ୍ପାଦନ କରିବା;
গায়ে লাগা ପୁଷ୍ଟି ସାଧନ କରିବା—1. (any food) To produce strength and robustness (in a person or animal).
(ଯଥା—ସେ ଭାତ ଛାଡ଼ିକି ଘିଅ ଓ ସେଳେ ଦୁଧ ଖାଉଛି, ଅଥଚ ଏ ସବୁ ତା ଦିହରେ ଲାଗୁ ନାହିଁ ।)
୨ । (କୌଣସି ବ୍ୟକ୍ତିର) ଶରୀରରେ ସଲଗ୍ନ ହେବା ବା ବୋଳାଯିବା—2 To touch or to be smeared over one's body.
ଦେ. ବ—ଶରୀରର ମାଂସ ବୃଦ୍ଧି ହେବା; ଦେହ ପୁଷ୍ଟ ହେବା—
গায়ে মাংস লাগা Becoming stout; adding flesh

ଦିହରେ ଯିବା—ଦେ. କ୍ରି—୧ । (କୌଣସି କୌଣସି ବ୍ୟକ୍ତିର ବସ୍ତୁ ବା
Dihare jibā ବିଷୟ) ସ୍ୱାସ୍ଥ୍ୟର ଅନୁକୂଳ ହେବା—
1. Being suited to one's body with one's constitution; to suit one's health.
(ଯଥା—ଖଟା ମୋ ଦିହରେ ଯାଏ ନାହିଁ ।)
୨ । (ଲକ୍ଷଣାର୍ଥ) (କୌଣସି ବିଷୟ) କୌଣସି ବ୍ୟକ୍ତିର ସହ୍ୟ ହେବା—2. (figurative) (any matter) To be bearable to a person.

(ଯଥା—ଅଜି କାଲିର ସ୍ୱାମୀମାନଙ୍କର ବଜାରବୁଲା ମରହଟ୍ଟୀ-ମାନଙ୍କ ଦିହରେ ଯାଉ ନାହିଁ । ଦନାଳେକେ ଏ ସବୁ ସମାଜରେ ଚଳିଗଲେ କେଣିକି ଏ ସବୁ ବୁଢ଼ାମାନଙ୍କ ଦିହରେ ବଳେ ଛିବ ଯେ ।)

ଦିହଲଗା—ଦେ. ବଣ—୧ । ସର୍ବଦା ପ୍ରଭୁଙ୍କ ଅଙ୍ଗସେବା କରୁଥିବା
Dihalagā (ଭୃତ୍ୟ)—1. Personal (servant) rendering personal service to a master.
୨ । ଦିହରେ ଲାଗ ବା ଜଡ଼ିତ—
2. Stuck or attached to the body.

ଦିହ ଲଗା(ଗେ)ଇ କାମ କରିବା—ଦେ. କ୍ରି—ଶାରୀରିକ ଶ୍ରମସ୍ୱୀକାର ପୂର୍ବକ କାର୍ଯ୍ୟ କରିବା—
Diha lagā(ge)i kāma karibā
ଗା ଦିଏ କାଜକରା To do any work by applying
तनमनसे काम करना to it with labour; to work
जी लगाकर काम करना laboriously.

ଦିହଶୂଳା—ଦେ ବଣ—ମାନସିକ କଷ୍ଟଦାୟକ—Painful to
Dihasūla mind.

ଦିହ ସହିବା—ଦେ. ବି. (କୌଣସି ବିଷୟ କୌଣସି ବ୍ୟକ୍ତିର)—
Diha sahibā ସହ୍ୟ ହେବା—1. Being bearable.
(ଦିହସୁହାଯିବା—ଅନ୍ୟରୂପ) (ଯଥା—ମୋ ଅଗରେ ମୋ ପୁଅକୁ ଗାଯ୍ରେ ସହା ମାଡ଼ ଦେଲେ ମୋ ଦିହ ସହିବ ନାହିଁ ।)
୨ । ଅଭ୍ୟାସଦ୍ୱାରା କୌଣସି ବିଷୟ କୌଣସି ବ୍ୟକ୍ତିର ସ୍ୱାସ୍ଥ୍ୟର ଅନୁକୂଳ ହେବା—2. (any thing) Becoming suitable to a person's constitution by habit.

ଦିହସୁହା—ଦେ. ବଣ. (ସଂ. ଦେହ ଓ ସହ୍ୟ)—ସହନୀୟ—
Dihasuhā Bearable.
ଗାୟସହା (ଯଥା—ସବୁବେଳେ ଗାଳି ମାଡ଼ ଖାଇ ଖାଇ ଗାଳି ମାଡ଼ ମୋର ଦିହସୁହା ହୋଇଗଲାଣି ।)

ଦିହାଁଯାକ—ଦେ. ସର୍ବ (ସଂ. ଦ୍ୱି)—୧ । ଦୁହେଁଯାକ; ଦୁଇଜଣ; ଉଭୟେ;
Dihāñjāka ଦହିଁକ ଦହେଁ—1. Both of them.
ଦହେଁଯାକ, ଦହିଁକଯାକ, ଦିହଙ୍କାଯାକ—ଅନ୍ୟରୂପ) ୨ । ଅନ୍ୟୋନ୍ୟ—
ଦୁଜନା दोनो 2. Each other.

ଦିହାତ୍—ଦେ. ବି. (ସଂ. ଦେହାନ୍ତ)—ଜୀବତ କାଳ—
Dihāt Life-time.
(ଯଥା—ଆମ ବାପାଙ୍କ ଦିହାତରେ ଘରତୋଳା ଶେଷ ହୋଇ ପାରି ନ ଥିଲା ।)

ଦିହାତି—ଦେ. ବି—୧ । ଜୀବତକାଳ—
Dihāti Life-time.
ଦେ. ବି—୨ । ଦେହାତି (ଦେଖ)—2. Dehāti (See)
ବଣ—୧ । ଦିହାତିଆ (ଦେଖ)—1. Dihātiā (See)
ଅ—ଦେହରୁ; ଦେହଦ୍ୱାରା; ଦ୍ୱାରା—By.
(ଯଥା—ଏ ଲେଖାପଢ଼ି କାମ ମୋ ଦିହାତି ହୋଇ ପାରିବ ନାହିଁ ।)

ଦିହାତିଆ—ଦେ. ବଣ. (ସଂ. ଦ୍ୱି+ହସ୍ତ)—୧ । ଦ୍ୱିହସ୍ତପରିମିତ—
Dihātiā 1. Measuring two cubits.
ଦୁହାତି ୨ । ଦୁଇହାତରେ କରାଯିବା (କର୍ମ)—
दुहत्था 2. Dealt or done with both the hands.

ଦିହିଙ୍କ—ଦେ. ସର୍ବ (ଦ୍ୱିବଚନ; ୬ଷ୍ଠୀ)—ଦୁଇ ଜଣଙ୍କର; ଉଭୟଙ୍କର—
Dihiṅka Of both of the two (persons).
(ଦିହଙ୍କା, ଦିହଙ୍କର—ଅନ୍ୟରୂପ)
ଦୁହାର दोनो का

ଦିହିଙ୍କି—ଦେ. ସର୍ବ. (ଦ୍ୱିବଚନ; ଦ୍ୱିତୀୟା; ସଂ. ଦ୍ୱି)—
Dihiṅki ଦୁହିଙ୍କୁ; ଦୁଇଜଣଙ୍କୁ; ଉଭୟଙ୍କୁ; ଦୁହିଙ୍କି—
(ଦିହିଙ୍କୁ—ଅନ୍ୟରୂପ) To both the two (persons).
ଦୁହାଁକେ दोनों को

ଦିହିଙ୍କିଦିହେଁ—ଦେ. ସର୍ବ. (ଦ୍ୱିବଚନ; ସହଚର)—
Dihiṅkidiheñ ୧ । ଦୁହିଙ୍କା ଦୁହେଁ; ଦୁଇଜଣ ଯାକ—
ଦିହିଙ୍କାଦିହେଁ, ଦିହିଁଦିହେଁ, ଦୁହିଙ୍କୁଦୁହେଁ } ଅନ୍ୟରୂପ 1. Both of them. ୨ । ପରସ୍ପର; ଅନ୍ୟୋନ୍ୟରେ — 2. Each other.
दुहूँ दोनों

ଦିହୁଡ଼ା—ପ୍ରାଦେ. (ଗଞ୍ଜାମ)—ଦୁହୁଡ଼ି; ମଶାଲ—
Dihuṛā Torch; hand-torch.

ଦିହୁଡ଼ି—ଦେ. ବି. (ସଂ. ଦେହଳୀ)—୧ । ସଦର ଦରଜା; ସିଂହଦ୍ୱାର—
Dihuṛi 1. The chief gate or door of a mansion.
ଦେଉଡ଼ୀ ୨ । (ସଂ. ଦୀପଯାତ୍ରା)—ଦିହୁଡ଼ୀ, ମଶାଲ—
दिहुड़ी 2 Hand-torch; torch.
ଦେଉଟୀ ସୁର୍ଯ୍ୟ ଅସ୍ତ ଦେଖିଣ ଦିହୁଡ଼ି ଲଗାଇ ।
मसाल, दीवट ବୃନ୍ଦାବନ. ମହାଭାରତ ବନ ।

ଦିହୁଡ଼ିଆ—ଦେ. ବି—୧ । (ସଂ. ଦୀପଧାରକ) ଦୁହୁଡ଼ିଆ; ଯେ ମଶାଲ
Dihuṛiā ଧରିଥାଏ, ମଶାଲ ଧରିଥିବା ଲୋକ—
ଦେଉଟିଆ 1. Torch-bearer; the person who carries
मसालची a hand-torch.
୨ । (ସଂ. ଦେହଳୀ ରକ୍ଷକ) ସିଂହଦ୍ୱାର ରକ୍ଷକ—
2. The keeper of the main gate.
ଦେ. ବଣ. (ଗାଳି)—ସର୍ବନାଶକାରୀ; ଯେ ବଂଶନାଶର ହେତୁ ହୁଏ—Causing ruin; bringing about the ruin of the family.
ପ୍ରାଦେ. (ଯାଜପୁର) ବଣ—ଯେଉଁ ବଳଦର ଶିଙ୍ଘରେ ଧଳା ଚିହ୍ନ ଥାଏ—(a bullock) Having white spot on its horns.

ଦିହେଁ—ଦେ. ସର୍ବ (ଦ୍ୱି ବଚନ ପ୍ରଥମା ବିଭକ୍ତି; ସଂ. ଦ୍ୱି)—
Diheñ ଦୁହେଁ; ଦୁଇଜଣଯାକ; ଉଭୟ—Both.
ଦୁହାଁ [ଦ୍ୱି—ଦିହେଁ ବା ଦୁହେଁ ଶବ୍ଦର ରୂପ—୧ମା—ଦିହେଁ,
दोनों दुओ ଦୁହେଁ । ୨ୟା—ଦିହିଙ୍କି, ଦିହିଙ୍କୁ, ଦୁହିଙ୍କି, ଦୁହିଙ୍କୁ । ୩ୟା—ଦିହିଙ୍କଦ୍ୱାରା, ଦୁହିଙ୍କ ଦ୍ୱାରା । ୪ର୍ଥୀ—(୨ୟା ବିଭକ୍ତି ପରି) । ୫ମୀ—ଦିହିଙ୍କଠୁଁ, ଦୁହିଙ୍କଠୁଁ, ଦିହିଙ୍କଠାରୁ, ଦ(ୁ)ହିଙ୍କଠଉଁ, ଦୁହିଙ୍କଠାରୁ । ୬ଷ୍ଠୀ—ଦ(ୁ)ହିଙ୍କ (କା; କର) । ୭ମୀ—ଦ(ୁ)ହିଙ୍କ ଠେଇଁ (ଠାଇଁ; ଠାରେ) ।]

ଦିହେ ଦିହେ ମାରିବା—ଦେ. କ୍ରି—୧ । କୌଣସି ପୀଡ଼ା ବା ରୋଗ
Dihe dihe māribā (ଯଥା—ଜ୍ୱର) ଅନ୍ତର୍ଗତ କରିଥିବା କଥା ଦେହଭଙ୍ଗିଦ୍ୱାରା ବାହାରେ ପ୍ରକାଶ ନ କରିବା—

1. Not to let others know (by external signs) that one is ill.

୨ । ରୋଗର କଷ୍ଟାଦିକୁ ଲୁଚି ହୋଇ ସହିବା—
2. To bear the pangs of an illness silently.

ଦୀ (ଧାତୁ)— ସଂ—କ୍ଷୟ ପାଇବା —
Dī (root) To decline; to decay.

ଦୀକ୍ଷ୍ (ଧାତୁ)—ସଂ—୧ । ଉପଦେଶ ଦେବା—
Dīksh (root) 1. To advise.

୨ । ଶିକ୍ଷା ଦେବା —2. To teach.

୩ । କୌଣସି ଧର୍ମ ବା ବ୍ରତରେ ଦୀକ୍ଷିତ ହେବାପାଇଁ ସଙ୍କଳ୍ପ କରିବା ବା ପ୍ରସ୍ତୁତ ହେବା—3. To consecrate or prepare one self for initiation into any sacrifice or religious observance (Apte).

୪ । କୌଣସି ସଙ୍କଳ୍ପିତ କର୍ମ ପାଇଁ ଆପଣାକୁ ଉତ୍ସର୍ଗ କରିବା— 4. To dedicate oneself for any object (Apte).

୫ । ଦ୍ୱିଜାତୀୟ ବାଳକକୁ ରକ୍ଷାପୂର୍ବକ ଯଜ୍ଞୋପବୀତ ଧାରଣ କରାଇବା—5. To invest a boy with the sacred thread (Apte).

୬ । ଦୀକ୍ଷା ଦେବା; ଶିଷ୍ୟକୁ ମନ୍ତ୍ର ଦେବା—
6. To initiate a disciple into the esotoric formula of a sect.

୭ । କ୍ଷୌର ହେବା; ମସ୍ତକ ମୁଣ୍ଡନ କରିବା —
7. To shave one's head (Apte).

୮ । ସଂଯମ ସାଧନ କରିବା—
8. To practise self-restraint (Apte).

ଦୀକ୍ଷକ - ସଂ. ବି. ପୁଂ. (ଦୀକ୍ଷ୍ ଧାତୁ + କର୍ତ୍ତୃ. ଅକ)—
Dīkshaka ୧ । ଦୀକ୍ଷାଦାତା; ଦୀକ୍ଷାଗୁରୁ—1. Spiritual guide; spiritual preceptor.

୨ । ଶିକ୍ଷକ—2. Teacher; instructor.

ଦୀକ୍ଷଣ—ସଂ. ବି. (ଦୀକ୍ଷ ଧାତୁ + ଭାବ. ଅନ)—ଦୀକ୍ଷା ଦେବା କର୍ମ—
Dīkshaṇa Initiation; consecration.

ଦୀକ୍ଷଣୀୟ — ସଂ. ବିଣ. ପୁଂ. (ଦୀକ୍ଷ୍ ଧାତୁ + କର୍ମ. ଅନୀୟ)—
Dīkshaṇīya ଦୀକ୍ଷାଦାନର ପାତ୍ର; ଯାହାକୁ ଦୀକ୍ଷାଦାନ କରିବାକୁ
(ଦୀକ୍ଷଣୀୟା—ସ୍ତ୍ରୀ) ହେବ—Deserving initiation into spiritual teaching.

ସଂ. ବି— ଦୀକ୍ଷା ସାଧନ ହବିଃ; ଦୀକ୍ଷାଦାନବେଳେ ହୋମରେ ବ୍ୟବହୃତ ଘୃତ—Sacrificial ghee.

ଦୀକ୍ଷା—ସଂ. ବି. (ଦୀକ୍ଷ୍ ଧାତୁ + ଅ, ସ୍ତ୍ରୀ. ଆ)—୧ । ଗୁରୁଙ୍କଠାରୁ ମନ୍ତ୍ର
Dīkshā ଗ୍ରହଣ; ମନ୍ତ୍ରୋପଦେଶ—1. Initiation into the esoteric mysteries and formulas of some religious sect.

୨ । ଶିକ୍ଷା; ଉପଦେଶ—2. Instruction; training.

୩ । ଅର୍ଚ୍ଚନା—3. Worship.

୪ । ଯଜ୍ଞାଦିରେ ସଂସ୍କାର—4. Consecration; perfection or purity attained by vedic sacrifice.

୫ । ବ୍ରତାଦି କର୍ମ ଅନୁଷ୍ଠାନ—
5. Performance of religious rites.

୬ । ନିୟମ; ସଙ୍କଳ୍ପପୂର୍ବକ ବ୍ରତାଦିରେ ପ୍ରବୃତ୍ତ ହେବା—
6. Commencement of rites after taking a vow engaging in the accomplishment of ceremonies.

୭ । ପ୍ରବର୍ତ୍ତିକା —7. Stimulation.

୮ । କୌଣସି କର୍ମ ସାଧନାର୍ଥ ଆତ୍ମୋତ୍ସର୍ଗ—
8. Dedicating one's self to a particular object, self-devotion (Apte).

ଦେ. ବି.—ତତ୍ତ୍ୱ; ରହସ୍ୟ—The secret.

ମୁକ୍ତି ସକଳେ ମୋର ଇଚ୍ଛା,
ତୁ ନାଥ କହ ମୁକ୍ତି ଦୀକ୍ଷା । ଜଗନ୍ନାଥ. ଭାଗବତ ।

ଦୀକ୍ଷାଗୁରୁ—ସଂ. ବି.—(୬ଷ୍ଠୀ ତତ୍; ଦୀକ୍ଷା + ଗୁରୁ)—୧ । ମନ୍ତ୍ରଦାତା
Dīkshāguru ଗୁରୁ; ମନ୍ତ୍ରୋପଦେଷ୍ଟା ଗୁରୁ—1. Spiritual guide or teacher; spiritual preceptor.

୨ । ଯେଉଁ ଧର୍ମଯାଜକ ଅନ୍ୟକୁ କୌଣସି ଧର୍ମରେ ଦୀକ୍ଷିତ କରାନ୍ତି—2. Baptist.

ଦୀକ୍ଷା ଗ୍ରହଣ—ସଂ. ବି. (ଦୀକ୍ଷା + ଗ୍ରହଣ, ୬ଷ୍ଠୀ ତତ୍)—ଗୁରୁଙ୍କଠାରୁ ମନ୍ତ୍ର
Dīkshā grahaṇa ଗ୍ରହଣ—Initiation into the sacred mysteries of a religion with the help of the preceptor.

ଦୀକ୍ଷାନ୍ତ—ସଂ. ବି.—(ଦୀକ୍ଷା = ଯଜ୍ଞ + ଅନ୍ତ = ସମାପନ)—ଅବଭୃଥ;
Dīkshānta ସମ୍ଭାବିତ ନ୍ୟୂନତା ପରିହାର ପାଇଁ ଯେଉଁ ଯଜ୍ଞ କରି ପ୍ରଧାନ ଯଜ୍ଞ ସମାପନ କରାଯାଏ—A supplimentary sacrific done to atone for the defects of the principal sacrifice.

ଦୀକ୍ଷାପତି—ସଂ. ବି. (୬ଷ୍ଠୀ ତତ୍; ଦୀକ୍ଷା + ପତି; ଯଜ୍ଞର ରକ୍ଷକ)—
Dīkshā pati ସୋମ—The Deity soma.

ଦୀକ୍ଷିତ - ସଂ. ବିଣ. ପୁଂ. (ଦୀକ୍ଷ୍ + କର୍ମ. ତ) — ୧ । ଦୀକ୍ଷାପ୍ରାପ୍ତ—
Dīkshita 1. Initiated into a religious tenet.

୨ । ଶିକ୍ଷାପ୍ରାପ୍ତ—2. Instructed.

୩ । ଯଜ୍ଞାଦି କର୍ମରେ ସଙ୍କଳ୍ପିତ ବା ଉପସ୍ଥିତ—
3. Consecrated with a view to offer vedic sacrifice; prepared for a sacrifice.

୪ । ଧର୍ମଯାଜକଙ୍କ ଦ୍ୱାରା କୌଣସି ଧର୍ମରେ ଦୀକ୍ଷା ପାଇଥିବା — 4. Baptised.

ଦେ. ବି.— ଦୀକ୍ଷିତ (ଦେଖ)—Dīkhite (See)

ଦୀକ୍ଷିତା—ସଂ. ବିଣ. ସ୍ତ୍ରୀ (ଦୀକ୍ଷିତ + ସ୍ତ୍ରୀ. ଆ)— ଦୀକ୍ଷିତର ସ୍ତ୍ରୀଲିଙ୍ଗ—
Dīkshitā Feminine of Dīkshita.

ସଂ. ବିଣ. ପୁଂ. (ଦୀକ୍ଷ୍ ଧାତୁ + କର୍ତ୍ତୃ. ତୃ; ୧ମା. ୧ବ.)—ଯେ
(ଦୀକ୍ଷିତ୍ରୀ—ସ୍ତ୍ରୀ) ଦୀକ୍ଷା ଦିଅନ୍ତି—Initiating a desciple.

ସଂ. ବି. ପୁଂ.—ମନ୍ତ୍ରଗୁରୁ—Spiritual preceptor.

ଦୀକ୍ଷିତ—ଦେ. ବି. (ସଂ. ଦୀକ୍ଷିତ)—୧ । ଯାଜ୍ଞିକ ବ୍ରାହ୍ମଣଙ୍କ ବଂଶୋପାଧି ବିଶେଷ—1. A family title of Brahmans who or whose ancestor have performed vedic sacrifices.
Dikhita
दीक्षित
দীক্ষিত
(ଦଗିତ—ଅନ୍ୟରୂପ) ୨ । ପଣ୍ଡା (ଦେବଳଙ୍କ) ମାନଙ୍କର ବଂଶୋପାଧି ବିଶେଷ—2. The family title of a sect of Paṇḍā Brāhmaṇas engaged in the service of idols.

ଦୀଘି—ଦେ. ବି. (ସଂ. ଦୀର୍ଘିକା)—ବଡ଼ ପୋଖରୀ—A big tank.
Dighi
(ଦୀର୍ଘିକା—ଅନ୍ୟରୂପ)
दीघी, दीर्घी
দীঘী

କାଳୀୟ ଶୋଭନ୍ତି ଅନେକ, ଗଭୀର ଜଳ ଦୀଘି ପାଶ । ଜଗନ୍ନାଥ. ଭାଗବତ ।

ଦୀଧି (ଧାତୁ)—ସଂ. ଧାତୁ—ଦୀପ୍ତି ପାଇବା—To dazzle; to glitter; to shine.
Didhi (root)

ଦୀଧିତି—ସଂ. ବି. (ଦୀଧି ଧାତୁ+ଭାବ. ତି)—୧ । ରଶ୍ମି; କିରଣ—1. Ray of bright; beam.
Didhiti
୨ । ଆଲୋକ—2. Light.
୩ । ଉଜ୍ଜ୍ୱଳତା—3. Splendour; lightness.
୪ । ଅଙ୍ଗୁଳି (ହି. ଶବ୍ଦସାଗର)—4. Finger.

ଦୀଧିତିମାନ୍—ସଂ. ବି. (ଦୀଧିତି+ଅସ୍ତି ଅର୍ଥରେ. ମତୁ; ୧ମା. ୧ବ.)—ମରୀଚିମାଳୀ; ସୂର୍ଯ୍ୟ—The sun.
Didhitimān
ସଂ. ବିଣ.—ଦୀପ୍ତିମାନ୍—Dazzling; shining.

ଦୀନ୍‌ଦାର୍—ବୈଦେ. ବିଣ. (ଆ. ଦୀନ—ଧର୍ମବିଶ୍ୱାସ)—୧ । ଧର୍ମବିଶ୍ୱାସୀ—1. Devout
Din-dār
दीनदार
দীনদার
(ଦୀନ୍‌ଦାରୀ—ବି)

ଦୀନ—ସଂ. ବିଣ. ପୁଂ. (ଦୀ ଧାତୁ କ୍ଷୟ ପାଇବା+କର୍ତ୍ତୃ. ତ)—୧ । ଦରିଦ୍ର; ଗରିବ; ଅର୍ଥହୀନ—1. Poor; indigent; penniless.
Dina
(ଦୀନା—ସ୍ତ୍ରୀ)
(ଦୀନତା; ଦୀନତ୍ୱ—ବି) ୨ । ଅଭାବ ଗ୍ରସ୍ତ—2. Needy; destitute.
୩ । କାତର Perplexed; afflicted.

ଶ୍ରମେ ଏକାନ୍ତ ଦୀନ ନବେ ଅଚେତନ ବନକାଶୀକ ଦୁଃଖଭଞ୍ଜନ ଜନ । ଉପେନ୍ଦ୍ର ଭଞ୍ଜ. ପ୍ରେମସୁଧାନିଧି ।

୪ । ଶୋଚ୍ୟ—4, Pitiable.
୫ । ଦୁଃଖିତ; ବ୍ୟଥିତ—5. Sorry, grieved; melancholy
୬ । ହୀନ—6. Deficient; wretched; lowly.
୭ । କ୍ଷୁବ୍ଧ; ସନ୍ତପ୍ତ; ବ୍ୟାକୁଳ—7. Distressed; agitated.
୮ । ଭୀତ; ଭୀରୁ—8. Afraid; frightened; timid.
୯ । କୃଶ—9. Thin.
୧୦ । କ୍ଷୟପ୍ରାପ୍ତ—10. Decayed; fallen into decay.
୧୧ । ବିନୀତ; ଅତିଶୟ ନମ୍ର—11. Very humble.
ବି.—ତଗର ଫୁଲ—A kind of flower; (Tabernaemontana coronaria.)
(ଦୀନୁ, ଦୀନେଇ—ଅନ୍ୟରୂପ) ଦେ. ବି.—ଦୀନବନ୍ଧୁର ଆଦରାର୍ଥକ (ଦୀନା, ଦୀନିଆ, ଦୀନୁଆ—ଅନାଦରାର୍ଥ) ଡାକ ନାମ—A name by which Dinabandhu is called in fondness.

ଦୀନକୃଷ୍ଣ ଦାସ—ଦେ. ବି (ନାମ)—୧ । ଓଡ଼ିଶାର ଜଣେ ପ୍ରାଚୀନ କବି—1. A classical poet of Orissa.
Dina kṛushṇa dāsa

[ଦ୍ର—ଏ କବି ପୁରୀ ସହରବାସୀ ଜଣେ କରଣ ବୈଷ୍ଣବ; ରସକଲ୍ଲୋଳ, ଜଗନ୍ନାଥ ଭାଗବତ, ବାରମାସୀ କୋଇଲି ପ୍ରଭୃତି ୧୪ ଖଣ୍ଡ ପୁସ୍ତକ ଏ ରଚନା କରିଥିଲେ । ସେ ସପ୍ତଦଶ ଶତାବ୍ଦୀର ଜଣେ ପ୍ରତିଭାଶାଳୀ କବି ଥିଲେ ।

ତାରିଣୀ—ଉତ୍କଳସାହିତ୍ୟ ଇତିହାସ ।]

୨ । ଉତ୍କଳର ଆଉ ଜଣେ ପ୍ରାଚୀନ ବୈଷ୍ଣବଭକ୍ତ କବି—2. Name of another poet of Orissa.

[ଦ୍ର—ଏହାଙ୍କ ପିତାଙ୍କ ନାମ ମଧୁସୂଦନ । ଏ ଜାତିରେ ରଜପୁତ ବା ରାଜୁ । ନିବାସ, ବାଲେଶ୍ୱର ଜିଲ୍ଲା ସୁବର୍ଣ୍ଣରେଖା ନଦୀ କୂଳସ୍ଥ ଜଲେଶ୍ୱର । ଏହାଙ୍କ ଜୀବନ କିନାକେତେ ପୁରୀରେ, ତତ୍ପରେ ବ୍ରାହ୍ମଣୀ କୂଳସ୍ଥ ମଧୁପୁର କିଲ୍ଲାର ଏକଘରିଆ ଗ୍ରାମରେ ଅତିବାହିତ ହୋଇଥିଲା । ଶେଷ ଜୀବନରେ ପୁଣି ସେ ପୁରୀରେ ରହିଥିଲେ । ଏହାଙ୍କର ଅନ୍ୟ ନାମ କୃଷ୍ଣ ଦାସ ଥିବା ଅନୁମିତ ହୁଏ । ଏହାଙ୍କ ରଚିତ ଗ୍ରନ୍ଥମାନଙ୍କ ନାମ ଯଥା :—ରସବିନୋଦ, ଗୁଣସାଗର, ଧର୍ମସାଗର, ଅମୃତସାଗର, ତତ୍ତ୍ୱସାଗର, ଭକ୍ତିସାଗର, ମୁକ୍ତିସାଗର, କ୍ଷୀରସାଗର, ମହିମାସାଗର, ଭାବସମୁଦ୍ର, ନାଟକକେଳି, ଭୂତକେଳି, ନାମରତ୍ନଗୀତା, ଷଟ୍‌ଚକ୍ରଭେଦ ଭଜନ, ଶ୍ରୀଗୁରୁଲକ୍ଷଣ, ବୈଦ୍ୟଶାସ୍ତ୍ର, ନାରକାସୁରବଧ, ଜାମ୍ବବତୀ ବିଭା, ଗୀତଗୋବିନ୍ଦ ଅର୍ଥ, କଂସ ବୋଧନ, ଜଗମୋହନ ଛାନ୍ଦ, ଅର୍ଜ୍ଜୁନ ଦର୍ପଭଙ୍ଗ, ଚଉତିଶା, କମଳାକାନ୍ତ ଚଉତିଶା ।]

ଦୀନତା—ସଂ. ବି (ଦୀନ+ଭାବାର୍ଥେ. ତା)—୧ । ଦୈନ୍ୟ; ଦୀନଭାବ; ଦାରିଦ୍ର୍ୟ—1. Poverty; indigence.
Dinatā
(ଦୀନତ୍ୱ—ଅନ୍ୟରୂପ) ୨ । ସନ୍ତାପ; ଦୁଃଖ—2. Affliction; sorrow.

ବାହୁରେ କର ବନ୍ଧନ ବୋଲୁଥାଇ ଏକା ଧନ
ବାଧି ନ ପାରେ ଦୀନତା ବଡ଼ ଉତ୍କଣ୍ଠା ମୁଁ । ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

୩ । କାତରତା; ବ୍ୟାକୁଳତା—3. Perturbation; distress.
୪ । ଅତ୍ୟନ୍ତ ବିନୟ—4. Humility.

ଦୀନଦୟାଳ—ଦେ. ବିଣ (ହିନ୍ଦୀରୁ ଅନୁକୃତ) (ସଂ. ଦୀନଦୟାଳୁ)—ଦୁଃଖୀ ଲୋକ ପ୍ରତି ସଦୟ (ଭଗବାନଙ୍କ ବିଶେଷଣ)—Compassionate or kind to the poor. (an epithet of God)
Dinadayāla
दीनदयाल
দীনদয়াল

ଦୀନଦୟାଳୁ—ସଂ. ବଣ—ଯେ ଦୁଃଖୀ ଲୋକଠାରେ ଦୟା କରନ୍ତି; ଅନାଥର ସହାୟକ (ଈଶ୍ୱରଙ୍କ ବିଶେଷଣ)—Kind to the poor and distressed. (an epithet of God).
Dīnadayāḷu

ଦୀନଦୁଃଖୀ—ଦେ. ବିଣ (ଏକାର୍ଥବୋଧକ ସହଚର ଶବ୍ଦ; ସଂ. ଦୀନ ଓ ଦୁଃଖୀ)—ଅତି ଦୁଃଖୀ—Very poor; indigent; poverty-stricken.
Dīnaduḥkhī

ଦେ. ବି (ବହୁବଚନ)—ଗରିବଗୁରୁବା—The poor.

ଦୀନନାଥ—ସଂ. ବି—(ଦୀନ+ନାଥ; ୬ଷ୍ଠୀ ତତ୍)—୧ । ଦୁଃଖୀଜନଙ୍କ ସ୍ୱାମୀ; ଦରିଦ୍ରର ପାଳକ (ଈଶ୍ୱରଙ୍କ ପ୍ରତି ପ୍ରଯୁଜ୍ୟ)—1. Protector of the poor; shelter of the indigent (an epithet of God).
Dīnanātha

୨ । ଭଗବାନ୍—2. God.

ଦେ. ବି. ପୁଂ—ଲୋକଙ୍କ ନାମ—Name given to males.

ଦୀନବନ୍ଧୁ—ସଂ. ବି ଓ ଦେ. ବି—ଦୀନନାଥ (ଦେଖ)
Dīnabandhu — Dīnanātha (See)

ଦୀନବନ୍ଧୁ ଦାଶ—ଦେ. ବି (ନାମ)—ଉତ୍କଳର ଜଣେ ପୁରୁଣା କବି—The name of an old Oria poet.
Dīnabandhu Dāśa

[ଦ୍ର—ଏ 'ଷଡ଼ ଗୁରୁପ୍ରଭା' ନାମରେ ଖଣ୍ଡିଏ ପୁସ୍ତକ ଲେଖିଥିଲେ ଓ ଜାତିରେ ବ୍ରାହ୍ମଣ ଥିଲେ ।
ଭାରତୀ—ଉତ୍କଳ ସାହିତ୍ୟ ଇତିହାସ ।]

ଦୀନବନ୍ଧୁ ରାୟ—ଦେ. ବି (ନାମ)—ଜଣେ ଗଡ଼ଜାତର ରାଜା ଓ ପ୍ରାଚୀନ କବି—A feudatory chief who was also a poet.
Dīnabandhu Rāya

[ଦ୍ର—ଜଣେ ଗଡ଼ଜାତ ରାଜା । 'ସୁଧାବିଳାସ' ନାମରେ ଖଣ୍ଡିଏ ଗ୍ରନ୍ଥ ଏହାଙ୍କଦ୍ୱାରା ରଚିତ ହୋଇଥିଲା ।]
ଭାରତୀ—ଉତ୍କଳ ସାହିତ୍ୟ ଇତିହାସ ।]

ଦୀନଭାବାପନ୍ନ—ସଂ. ବଣ. ପୁଂ (ଦୀନ+ଭାବ+ଆପନ୍ନ; ୬ଷ୍ଠୀ ଓ ୨ୟା ତତ୍;) ଅତ୍ୟନ୍ତ କାତର ବା ସନ୍ତପ୍ତ; ଦୀନତାପ୍ରାପ୍ତ—Very much afflicted or distressed; reduced to a state of utter wretchedness.
Dīnabhābāpanna

ଦୀନମନାଃ—ସଂ. ବଣ (ବହୁବ୍ରୀହି; ଦୀନ+ମନସ୍)—ଦୁଃଖିତମନାଃ—Mentally afflicted; melancholy.
Dīnamanāḥ

ଦୀନହୀନ—ସଂ. ବଣ (ଏକାର୍ଥବୋଧକ ସହଚର ଶବ୍ଦ)—ଅତ୍ୟନ୍ତ ଦୀନ—Poverty-stricken; much afflicted; poor and lowly.
Dīnahīna

ଦୀନା—ସଂ. ବି. ସ୍ତ୍ରୀ—ମୂଷିକା—A she-mouse.
Dīnā

ସଂ. ବି. ସ୍ତ୍ରୀ—ଦୀନର ସ୍ତ୍ରୀଲିଙ୍ଗ; ଦୁଃଖିତା—Feminine of Dīna; afflicted.

ଦୀନାର—ସଂ. ବି (ଭୂଳ. ଗ୍ରୀକ୍ ଡେନାରିୟସ୍ ଆ. ଦିନାର୍=ଆରବ ଦେଶୀୟ ସ୍ୱର୍ଣ୍ଣମୁଦ୍ରା; ସଂ. ଦୀନ+ଋ ଧାତୁ=ଯାହା ଦରିଦ୍ରକୁ ମିଳିଯାଏ; ଗମନ କରିବା+କର୍ମ. ଅ)—୧ । ସ୍ୱର୍ଣ୍ଣମୁଦ୍ରା; ମହର—1. A gold coin.
Dīnāra

୨ । ସ୍ୱର୍ଣ୍ଣଭୂଷା—2. Gold ornament.

୩ । ପ୍ରାଚୀନ ଭାରତର ସ୍ୱର୍ଣ୍ଣହାର ବା ଶିରୋଭୂଷଣବିଶେଷ (ଅମରକୋଷ)—3. A kind of necklace used in ancient times in India.

୪ । ନିଷ୍କ ବା ୩୨ ରତି ପରିମିତ ସ୍ୱର୍ଣ୍ଣ—4. A weight of 32 ratis.

[ଦ୍ର—ଦୀନାର ନାମକ ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ଇଉରୋପ ଓ ଆସିଆ ଖଣ୍ଡରେ ବିଶେଷଭାବରେ ଚଳୁଥିଲା । ମୁସଲମାନମାନେ ଭାରତକୁ ଆସିବା ପୂର୍ବରୁ ଦୀନାର ନାମକ ସ୍ୱର୍ଣ୍ଣମୁଦ୍ରା ଭାରତରେ ଚଳୁଥିଲା । ହରିବଂଶ, ମହାଭାରତରେ ଏବଂ ଚନ୍ଦ୍ରଗୁପ୍ତଙ୍କ ସମୟର ଶିଳାଲିପିରେ ଦୀନାର ସ୍ୱର୍ଣ୍ଣମୁଦ୍ରାର ଉଲ୍ଲେଖ ଅଛି । ଏଥିର ଓଜନ ଥିଲା ୩୨ ରତି । ଅମରକୋଷରେ ଦୀନାରର ଓଜନ ଏକ ନିଷ୍କ ବା ୨ ତୋଳା, ଆକବରଙ୍କ ସମୟରେ ଭାରତରେ ଚଳୁଥିବା ଦୀନାର ସ୍ୱର୍ଣ୍ଣମୁଦ୍ରା ଅନ୍ଦାଜ ଅଧତୋଳା ଓଜନର ଥିଲା । ଆରବ ଓ ପାରସ୍ୟରେ ମଧ୍ୟ ପ୍ରାଚୀନ କାଳରେ ଦୀନାର ନାମକ ମୁଦ୍ରା ଚଳୁଥିଲା । ଆରବୀ ଓ ଫାରସୀ କୋଷକାରମାନେ ଦିନାର୍ ଶବ୍ଦ ଆରବୀ ଥିବାର ଲେଖି ଅଛନ୍ତି । ପ୍ରାଚୀନ ରୋମକମାନେ ଡେନାରିୟସ୍ ନାମରେ ଏକ ସ୍ୱର୍ଣ୍ଣମୁଦ୍ରା ଚଳାଉଥିଲେ । କିନ୍ତୁ ହରିବଂଶର ପ୍ରାଚୀନତା ସ୍ୱୀକାର କଲେ ଦୀନାର ପ୍ରଥମେ ଭାରତରେ ଚଳୁଥିବାର ବୋଧହେବ । ହି. ଶବ୍ଦସାଗର ।]

ଦୀନୁ—ଦେ. ବି. (ଆଦରାର୍ଥକ)—ଦୀନବନ୍ଧୁ ନାମକ ବ୍ୟକ୍ତିକୁ ଡାକିବା ନାମ—A name by which a person named Dīnabandhu is accosted in fondness.
Dīnu
(ଦୀନ, ଦୀନେଇ—ଅନ୍ୟରୂପ)
(ଦୀନା, ଦୀନିଆଁ, ଦିନୁଆଁ—ଅନାଦରାର୍ଥକ ରୂପ)

ଦୀପ୍ (ଧାତୁ)—ସ—୧ । ଦୀପ୍ତ ହେବା; ଉଜ୍ଜ୍ୱଳ ହେବା—1. To glitter; to shine.
Dīp (root)

୨ । ଜ୍ୱଳିବା—2. To burn; to be lighted.

୩ । ଅଳଂକୃତ କରିବା—3. To adorn; to grace.

ଦୀପ—ସଂ. ବି. (ଦୀପ୍ ଧାତୁ+କର୍ତ୍ତୃ. ଅ)—
Dīpa
दीप
दीया

୧ । ଆଲୋକାଧାର; ପ୍ରଦୀପ—1. A lamp.

୨ । ଆଲୋକ—2. A light.

୩ । ତେଲ ଓ ବଳତା ସାହାଯ୍ୟରେ ଜଳାଯିବା ଆଧାର—3. An oil lamp.

୪ । ଜଳୁଥିବା ନିଆଁର ଶିଖା—4. A burning flame

୫ । (ଲକ୍ଷଣାର୍ଥ) (କୌଣସି କୁଳ ବା ଅଞ୍ଚଳରେ ପ୍ରଦୀପ ପରି) ପ୍ରଭାଶାଳୀ ବ୍ୟକ୍ତି—5. (figurative) A glorious person.

[ଦ୍ର—ଏହି ଅର୍ଥରେ ଅନ୍ୟ ଶବ୍ଦ ସଙ୍ଗେ ସମାସ ଏହା ବ୍ୟବହୃତ ହୁଏ । ଯଥା—ସେ ଆମ କୁଳଦୀପ ।]

(ସଂ. ଦ୍ୱୀପ)—ଦ୍ୱୀପ—An island.

ବହୁଦୂର ଦୀପେ ସେ ସପତଲଶ ସର ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ସଂ. ବଣ—୧ । ପ୍ରକାଶକ; ଯାହା ଉଜ୍ଜ୍ୱଳ କରେ—1. Illuminating.

୨ । (ଲକ୍ଷଣାର୍ଥ)—ପ୍ରଶଂସାଳୀ—
2. (figurative) Glorious; brilliant; glorifying.

ଦୀପ ଅଡ଼ିଆ ପାହାଡ଼—ଦେ. ବି—ଚିଲିକା ହ୍ରଦବର୍ତ୍ତୀ ଗୋଟିଏ କ୍ଷୁଦ୍ର
Dipa ardia pah̄arda ପାହାଡ଼—Name of a hill near Chilkā.

[ଦ୍ର—ଏହା ଚିଲିକା ହ୍ରଦର ନିକଟରେ ଅବସ୍ଥିତ । ପୂର୍ବେ ଏହାର ଶିରୋଦେଶରେ ପଥର ଉପରେ ଗୋଟିଏ ପ୍ରକାଣ୍ଡ ପ୍ରଦୀପ ଜଳୁଥିଲା ଏବଂ ତଦ୍ୱାରା ସମୁଦ୍ରରେ ଯାତାୟାତ କରୁଥିବା ଜାହାଜକୁ ଆଲୋକ ଦେଖାଯାଉଥିଲା । ପ୍ରାଚୀନ ବୋଇତଅଳମାନଙ୍କୁ ଏହା ସମୁଦ୍ର ମଧ୍ୟରେ ବାଟ ଦେଖାଉଥିଲା ।
ଜଗବନ୍ଧୁ—ପ୍ରାଚୀନ ଉତ୍କଳ ।]

ଦୀପକ—ସଂ. ବିଣ. (ଦୀପ୍ ଧାତୁ ଣିଚ୍=ଦୀପି ଧାତୁ+କର୍ତ୍ତୃ. ଅକ)—
Dipaka ୧ । ଔଜ୍ଜ୍ୱଲ୍ୟକାରକ; ଦୀପ୍ତିକର—
1. Illuminating.
୨ । ଦାହକ; ଯାହା ଜ୍ୱାଳ ଦିଏ—2. Inflammatory.
୩ । ଶୋଭାଜନକ—3. Radiant; splendid.
୪ । ପ୍ରକାଶକ; ଉଜ୍ଜ୍ୱଳ—4. Lustrous.
୫ । ଯାହା ଆଲୁଅ ଜଳାଏ—5. Illuminating.
୬ । ଉଦ୍ଦୀପକ—6. Inflaming; irritant.
୭ । ଉତ୍ତେଜକ—7. Exciting.
୮ । ଜୀର୍ଣ୍ଣକାରକ—8. Digestive.
୯ । ଉଦାହରଣ ବା ବ୍ୟାଖ୍ୟାଦ୍ୱାରା ଅର୍ଥ ପ୍ରକାଶକ—
9. Illustrating; expounding.
ବି—୧ । କୁଙ୍କୁମ—1. Saffron.
୨ । ଯୁଆଣୀ—2. Ajwan; caraway.
୩ । କାବ୍ୟର ଅଲଙ୍କାରବିଶେଷ—3. Name of a figure in rhetoric, consisting of elegance in expression.

[ଦ୍ର—ବାକ୍ୟରେ ଏକମାତ୍ର କର୍ତ୍ତୃପଦ ସଙ୍ଗେ ଅନେକଗୁଡ଼ିଏ କ୍ରିୟାପଦର ସମ୍ବନ୍ଧ ରହିଲେ କିମ୍ବା ପ୍ରସ୍ତୁତ ଓ ଅପ୍ରସ୍ତୁତ ବିଷୟର ଏକ ଧର୍ମସମ୍ବନ୍ଧ ବର୍ଣ୍ଣିତ ହେଲେ ଦୀପକାଲଙ୍କାର ହୁଏ ।]

୪ । ପ୍ରଦୀପ—4. Lamp.
୫ । ଛଞ୍ଚାଣ; ବାଜପକ୍ଷୀ—5. Hawk; Faleo Nisus.
୬ । ବ୍ୟାଖ୍ୟା ଓ ବିବରଣ ପୁସ୍ତକମାନଙ୍କର ଉପାଧି—
6 Title of various descriptive books and commentaries.
୭ । ମୟୂରଶିଖା (ହି. ଶବ୍ଦସାଗର)—
7. The crest feathers of a peacock.
୮ । ସଙ୍ଗୀତର ସ୍ୱରବିଶେଷ—
8. Name of a tune in Hindu music.

[ଦ୍ର—ଏହା ଗ୍ରୀଷ୍ମ ଋତୁର ମଧ୍ୟାହ୍ନ ସମୟରେ ବୋଲାଯିବାର କଥା; କଥିତ ଅଛି ଯେ ଏହି ତାନସେନ ଦୀପକ ସ୍ୱର ଆଳାପ କରିଗଲେ ନିଭିଲା ଦୀପମାନ ଜଳି ଉଠେ । କଥିତ ଅଛି ଯେ ବିଖ୍ୟାତ ଗାୟକ ତାନସେନ୍ ଏହି ଦୀପକ ସ୍ୱରର ଆଳାପ କରୁ କରୁ ଅନ୍ତର୍ଦାହ ହୋଇ ପ୍ରାଣତ୍ୟାଗ କରିଥିଲେ ।]

ଦେ. ବି.—(ଅଂଚଳିକ ବଙ୍ଗଳପାରିଭାଷିକ ଶବ୍ଦ)—ଫସ୍‌ଫରସ୍ ନାମକ ଉପଧାତୁ—Phosphorus.

ଦୀପକବୃକ୍ଷ—ସଂ. ବି.—୧ । ଦୀପରୁଖା—
Dipaka bruksha 1. Lamp-stand.
୨ । ଝାଡ଼—2. Chandelier;

ଦୀପକଳିକା—ସଂ. ବି.—(୬ଷ୍ଠୀ ତତ୍; ଦୀପ+କଳିକା) ଦୀପର ଶିଖା—
Dipa kalikā The flame of a candle.
(ଦୀପକଳୀ; ଦୀପକ ସୂତ—ଅନ୍ୟରୂପ)

ଦୀପକିଟ୍ଟ—ସଂ. ବି.—(ଦୀପ+କିଟ୍ଟ, ତୈଳାଦି କଳ୍କ, ୬ଷ୍ଠୀ ତତ୍)—
Dipa kitta ଦୀପଶିଖାରୁ ଉତ୍ପନ୍ନ କଳା ବା କଜ୍ଜଳ କଳା—
Lamp black; soot; collyrium.

ଦୀପକୂପୀ—ସଂ. ବି.—ଦୀପର ବତି; ବଳିତା (ହି. ଶବ୍ଦସାଗର)—
Dipa kūpi The wick of a lamp.

ଦୀପଜଳା—ଦେ. ବି (ସଂ. ଦୀପ+ଜ୍ୱଳନ)—୧ । ଦୀପ ଜାଳିବା କାର୍ଯ୍ୟ—
Dipa jalā 1. The burning of a lamp or candle.
୨ । ଦୀପ ଜାଳିବା କର୍ମ—
2. The lighting of a lamp.

ଦୀପ ଜାଳିବା—ଦେ. କ୍ରି.—୧ । ଦୀପରେ ଅଗ୍ନି ସଂଯୋଗ କରିବା—
Dipajāliba 1 To light a lamp; to kindle a lamp.
दीप जालाना ୨ । ସନ୍ଧ୍ୟାବତି ଲଗାଇବା; ଦେବତାଙ୍କ ଆଗରେ ବା
दीपजलाना ତୁଳସୀ ଚଉରା ମୂଳେ ବା ଦାଣ୍ଡ ଦୁଆରରେ ସନ୍ଧ୍ୟା
ଦୀପ ଜଳା(ଲେ)ଇବା } ଅନ୍ୟରୂପ ବୁଡ଼ିଲା ବେଳେ ବତୀ ଜାଳିବା-
ଦୀପ ଲଗା(ଗେ)ଇବା } To light a wick before a Deity just at eve.
୩ । (ମହାଜନୀ ଭାଷା) (କୌଣସି ମହାଜନି) ଦେବାଳିଆ ବା ବେମଗ୍ଦୁର ହେବା ବିଷୟ ପ୍ରକାଶ କରିବା—
3. To publish the fact of a trader having become insolvent.

[ଦ୍ର—ପୂର୍ବେ ଯେଉଁ ବିଦେଶୀ ମହାଜନମାନେ ଦେବାଲିଆ ହେଉଥିଲେ ସେମାନେ କାମ ଦାମ ବନ୍ଦ କରି ଦୋକାନରେ ଗୋଟିଏ ଷୁରମୁହାଁ ଦୀପ ଜଳାଉଥିଲେ । ତାହା ଦେଖି ସର୍ବସାଧାରଣ ଜାଣି ପାରୁଥିଲେ ଯେ ସେ ଲୋକ ବେମଗ୍ଦୁର ହେଲାଣି ।]

ଦୀପତ—ଗ୍ରା. (ପଦ୍ୟ) ବି—ଦୀପ୍ତ (ଦେଖ)
Dipata Dipta (See)
ବୋଲେ ଚନ୍ଦନ ଚଳେ ସଂସାରକୁ ଦୀପତ କରେ ସ୍ନେହାଶ ।
ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ।

ଦୀପତରୁ—ସଂ. ବି. (ଦୀପ+ତରୁ; ରୂପକ କର୍ମଧାରୟ)—
Dipataru ୧ । ଦୀପରୁଖା; ଦୀପାଧାର; ପିଲସଜ—
(ଦୀପପାଦପ—ଅନ୍ୟରୂପ) 1. Lamp-stand.
୨ । ବହୁ ପ୍ରଦୀପ ସୁସଜ୍ଜିତ ଝାଡ଼—
2. A chandelier with several branches for setting lamps on.

ଦୀପତି—ଗ୍ରା. (ପଦ୍ୟ) ବି—ଦୀପ୍ତି (ଦେଖ)
Dīpati Dīpti (See)
दीपति ବନ୍ଧୁଷିତ ସ୍ପଷ୍ଟ ସୁହେ ହୋଇଛନ୍ତି ମଧ୍ୟ ଗର୍ଭରେ ଦୀପତ ଲସ ।
दीपत ଉପେନ୍ଦ୍ର ଭଞ୍ଜ, ବୈଦେହୀଶବିଳାସ ।

ଦୀପଦଁଣ୍ଡି—ପ୍ରାଦେ. (ବସ୍ତର) ବି—ଦୀପଦଣ୍ଡି (ଦେଖ)
Dīpadaṅrḍi Dīpadaṇḍi (See)

ଦୀପଦଣ୍ଡା—ପ୍ରାଦେ. (ଯାଜପୁର) ବି—ଦୀପଦଣ୍ଡି (ଦେଖ)
Dīpadaṇḍā. Dīpadaṇḍi (See)

ଦୀପଦଣ୍ଡି—ଦେ. ବି· (ସ. ଦ୍ୱୀପ+ଦଣ୍ଡ)—ଦୀପଦଣ୍ଡି (ଦେଖ)
Dīpadaṇḍi Dīpadaṇḍi (See)
ଦୀପଦାଣ୍ଡି } ଅନ୍ୟରୂପ × × × ଏଥିରେ ପୂର୍ବେ ଷୋଳଟା ଦୀପଦଣ୍ଡି ଥିଲା ।
ଦୀପିଦଣ୍ଡି ଫକୀରମୋହନ, ଛମାଣଆଠଗୁଣ୍ଠ ।
ଦୀପିଦାଣ୍ଡି

ଦୀପଦାନ—ସ. ବି. (ଦୀପ+ଦାନ; ୬ଷ୍ଠୀ ତତ୍)—
Dīpadāna ୧ । (ଦୀପାବଳୀ ବା ମାର୍ଗଶିର ଅମାବାସ୍ୟା; କାର୍ତ୍ତିକ ବ୍ରତ) ଶିବରାତ୍ରି ଉପଲକ୍ଷରେ ଦେବତାଙ୍କ ନାମରେ ବା ପିତୃଲୋକଙ୍କ ନାମରେ ଘିଅଦୀପ ଜଳାଇ ଉତ୍ସର୍ଗ କରାଯିବା କର୍ମ—1. Ceremonial offering of lighted lamps to the Deities or manes on certain religious occasions.
୨ । କାର୍ତ୍ତିକ ମାସର ସାଇ ଦାମୋଦର ବ୍ରତ ଉପଲକ୍ଷେ ବହୁ ପ୍ରଦୀପ ଜଳାଇ ଉତ୍ସର୍ଗ କରିବା କର୍ମ—
2. The ceremonial offering of lamps during the month of Kārttika.
(ଯଥା—ଦୀପଦାନ କାର୍ତ୍ତିକରେ ପ୍ରୟାଗ ସ୍ନାନ ମକରେ ଯେହୁ ନ କରେ ।)
୩ । ମରଣାପନ୍ନ ବ୍ୟକ୍ତିର ହାତରେ ଶୁକ୍ଳ ଚୂନା ତକଟା ହୋଇ ପ୍ରସ୍ତୁତ ଦୀପ ରଖି ସଙ୍କଳ୍ପ କରାଯିବା କର୍ମ—(ହୃ. ଶବ୍ଦସାଗର)—3. A ritual consisting of offering a lamp held in the hands of a dying person.

ଦୀପଦାନି —ଦେ. ବି. (ସ. ଦୀପ+ଅଧାନ)—ଆରତି ବା ପୂଜା ସମୟରେ
Dīpadāni ଦେବତାଙ୍କୁ ବନ୍ଦାଇବାରେ ବ୍ୟବହୃତ ଦୀପ ଯେଉଁ
दीपदानी ପାତ୍ରରେ ରଖାଯାଇଥାଏ—A lamp-stand for holding a lamp which is waved before an idol during worship.

ଦୀପଧ୍ୱଜ—ସ. ବି—ଦୀପକିଟ୍ଟ (ଦେଖ)
Dīpadhwaja Dīpakiṭṭa (See)

ଦୀପନ—ସ. ବି. (ଦୀପ୍ ଧାତୁ ଣିଜନ୍ତ ଦୀପି ଧାତୁ+ଭାବ. ଅନ)—
Dīpana ୧ । ପ୍ରକାଶନ—1. Illumination; shining.
୨ । ଉତ୍ତେଜନ—2. Exciting.
୩ । ଉଦ୍ଦୀପନ; ଜଳାଇବା—
3. Igniting; setting on fire.
୪ । ତେଜପ୍ରକାଶ—4. Radiance; effulgence.
୫ । ଜଠରାଗ୍ନିକୁ ଉତ୍ତେଜିତ କରି କ୍ଷୁଧାବୃଦ୍ଧି କରାଇବା କର୍ମ—
5. Stimulating the appetite and promoting digestion.
୬ । ମୟୂରଶିଖା—6. The tuft of feathers on the head of a peacock.
୭ । ପିଆଜ—7. Onion.
୮ । ଅଗ୍ନିବର୍ଦ୍ଧକ ଔଷଧ—
8. A tonic stimulating digestion.
୯ । କାଶମର୍ଦ୍ଦ (ଦେଖ)—
9. Kāśamardda (See)
୧୦ । ତଗର ମୂଳ—
10. The root of the Tagara plant.
୧୧ । କୁଙ୍କୁମ—11. Saffron.
୧୨ । ମନ୍ତ୍ରର ଦଶଗୋଟି ସଂସ୍କାରରୁ ଏକତମ—12. One of the 10 consecrations of an esoteric formula.
[ଦ୍ର—ଏହା ନ କଲେ ମନ୍ତ୍ର ସିଦ୍ଧ ହୁଏ ନାହିଁ—ହୃ. ଶବ୍ଦସାଗର ।]
୧୩ । (ବୈଦ୍ୟକ) ପାରଦର ସପ୍ତମ ସଂସ୍କାର (ହୃ. ଶବ୍ଦସାଗର)—
13. The act of purifying mercury for the seventh time for medicinal purposes.
ବିଣ—୧ । (+କର୍ତ୍ତୃ. ଅନ) ଉତ୍ତେଜକ; ଉଦ୍ଦୀପକ—
1. Exciting; stimulating.
୨ । ଜ୍ୱଳନକାରକ; ଦାହକ—
2. Combustible; igniting.
୩ । ଶୋଭାଜନକ—3. Beautious; lustrous.
୪ । ଅଗ୍ନିବର୍ଦ୍ଧକ; କ୍ଷୁଧାକାରକ—4. Digestive; helping digestion; stimulating the appetite.

ଦୀପନିର୍ବାଣ—ସ. ବି. (ଦୀପ+ନିର୍ବାଣ; ୬ଷ୍ଠୀ ତତ୍)—ଦୀପ ଲିଭିଯିବା—
Dīpanirbāṇa A lamp being extinguished.

ଦୀପନିର୍ବାପଣ—ସ. ବି. (୬ଷ୍ଠୀ ତତ୍; ଦୀପ ନିର୍ବାପଣ)—ଦୀପ ଲିଭାଇବା—
Dīpanirbāpaṇa The act of putting out of a lamp.

ଦୀପନୀ – ସ. ବି. ସ୍ତ୍ରୀ. (ଦୀପନ+ଈ)—୧ । ମେଥି—
Dīpanī 1. A condiment; Fenugreek; Trigonella Foenum Grecum.
୨ । ଯୁଆଣୀ—2. A caraway; the bad barley.

ଦୀପନୀୟ—ସ. ବିଣ.—(ଦୀପ୍ ଧାତୁ+କର୍ମ. ଅନୀୟ)—
Dīpanīya ୧ । ଦୀପନଯୋଗ୍ୟ—1. Fit to be lighted or ignited.
୨ । ଉତ୍ତେଜିତ ହେବା ଯୋଗ୍ୟ—
2. Fit to be stimulated or excited.
୩ । ଦାହ୍ୟ—3. Combustible.

ଦୀପନୀୟଗଣ—ସ. ବି—୧ । ଯୁଆଣୀ—
Dīpanīyagaṇa 1. The caraway; the bad barley.

ଦୀପମଞ୍ଜରୀ—ସଂ. ବି (ଆଧୁନିକ ପ୍ରୟୋଗ)—ଫାନସ୍ (ଦେଖ)
Dīpamañjarī Phānas (See)
ফানস, फ़ानूस
ଦୀପପଞ୍ଜର } ଅନ୍ୟରୂପ — ଜଳ ଚାଖବାରେ ଅବାଗେ ଲଭୁସ ଖସ-ପଞ୍ଜର—
ଦୀପପିଞ୍ଜର } — ରାଧାନାଥ. ଋଷ୍ଣା ।

ଦୀପପାଦପ—ସଂ. ବି (ଦୀପ+ପାଦପ)—ଦୀପତରୁ (ଦେଖ)
Dīpapādapa Dīpataru (See)

ଦୀପପୁଞ୍ଜ—ସଂ. ବି (ଦୀପ+ପୁଞ୍ଜ; ୬ଷ୍ଠୀ ତତ୍)—ସୁସଜ୍ଜିତ ଅନେକଗୁଡ଼ିଏ
Dīpapuñja ପ୍ରଦୀପ; ଆଲୋକମାଳା—Rows of lighted lamps arranged artistically.
ଦୀପଶୃଙ୍ଖଳା } ଅନ୍ୟରୂପ
ଦୀପଶ୍ରେଣୀ }

ଦୀପପୁଷ୍ପ—ସଂ. ବି—ଚମ୍ପାଫୁଲ ଓ ଗଛ—
Dīpapushpa The Michelia; champaka (flower and tree).

ଦୀପପେଲା—ଦେ. ବିଣ—୧ । (ଲକ୍ଷଣାର୍ଥ) ଖୋସାମଦିଆ (ବ୍ୟକ୍ତି)—
Dīpapelā 1. Flattering (person).
ଘର ଗାଇଦୁହାଁ ଦୀପପେଲା, ଏ ଲୋକ କାହିଁ ଥାଇଁ ଥାଇଁ ମଲ—ଢଗ ।
୨ । ଯେଉଁ ବ୍ୟକ୍ତି ଅନ୍ଧ ସ୍ୱାନନ୍ଦରେ ଅନ୍ୟ ବ୍ୟକ୍ତିର କଥା ଓ କର୍ମମାନ ଅନୁମୋଦନ କରେ—2. Slavishly subservient.
ବି—୧ । ଦୀପର ଶିଖାକୁ ପ୍ରଖର କରିବାପାଇଁ ଦୀପରେ ପଡ଼ିଥିବା ବଳତାକୁ ଠେଲିବା; ଦୀପଠେଲିବା—
1. Trimming of a lamp.
୨ । ଯେଉଁ କାଠିଦ୍ୱାରା ଦୀପ ଠେଲାଯାଏ—
2. Stick or pick used in trimming the wick of a lamp.
୩ । (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତିର ସବୁ କାର୍ଯ୍ୟରେ ଅନୁମୋଦନ—
3. (figurative) Slavishly following or approving of a person's acts and words.

ଦୀପ ପେଲିବା—ଦେ. କ୍ରି—ଦୀପର ଶିଖାକୁ ପ୍ରଖର କରିବାପାଇଁ ଅର୍ଥାତ୍
Dīpa pelibā ଦୀପକୁ ଜଳାଇରଖିବା ପାଇଁ ଦୀପରେ ପଡ଼ିଥିବା
প্রদীপ সাজান ବଳତାକୁ କାଠି ବା ଅଙ୍ଗୁଠିରେ ଠେଲିବା—
चिराग ठिक करना To trim a lamp.
(ଦୀପ ଠେଲିବା—ଅନ୍ୟରୂପ)

ଦୀପବୃକ୍ଷ—ସଂ. ବି. (ଦୀପ+ବୃକ୍ଷ)—ଦୀପତରୁ (ଦେଖ)
Dīpabruksha Dīpataru (See)

ଦୀପମାଳା—ସଂ. ବି. (ଦୀପ+ମାଳା; ୬ଷ୍ଠୀ ତତ୍)—
Dīpamālā ୧ । ଦୀପପୁଞ୍ଜ (ଦେଖ)—
(ଦୀପମାଳିକା—ଅନ୍ୟରୂପ) 1. Dīpapuñja (See)
୨ । ଦଶାକ୍ଷର ଛନ୍ଦୋବିଶେଷ (ଜ୍ଞାନେନ୍ଦ୍ର)—
2. A metre of ten syllables.

ଦୀପମୁଣ୍ଡିଆ—ଦେ. ବି—ବାଲୁଗାଁ ନିକଟବର୍ତ୍ତୀ ଚିଲିକାକୂଳସ୍ଥ ଗୋଟିଏ
Dīpamuṇḍiā ପାହାଡ଼; ଦୀପ ଅଣ୍ଡିଆ ପାହାଡ଼—A hill on the bank of Chilkā lake near Bālugāñ
[ଦ୍ର—ପୂର୍ବେ ଚିଲିକାରେ ବୋଇତ ଚଳିବାବେଳେ ଏହା ବନ୍ଦରରୂପେ ବ୍ୟବହୃତ ହେଉଥିଲା । ବର୍ତ୍ତମାନ ଏ ପାହାଡ଼ ଉପରେ ଦୀପ ଆକୃତିର ଗୋଟିଏ ଗହ୍ୱର ଅଛି—ସୁଧାଚରଣ ପଣ୍ଡା. ଉତ୍କଳ ସାହିତ୍ୟ ।]

ଦୀପରାଜି—ସଂ. ବି. (ଦୀପ+ରାଜି; ୬ଷ୍ଠୀ ତତ୍)—ଦୀପପୁଞ୍ଜ (ଦେଖ)
Dīparāji Dīpapuñja (See)

ଦୀପରୁଖା—ଦେ. ବି. (ସଂ. ଦୀପବୃକ୍ଷ; ତମ୍ଭା ଦୀପରକ୍ଷା)—ପ୍ରଦୀପ ରଖା
Dīparukhā ଯିବାର ଆଧାର, ପିଲସଜ—Lamp-stand.
পিলসুজ दीवट
ଦୀପରଖା } ଅନ୍ୟରୂପ — ଦୀପରୁଖା ବସିଥିବ ଦୀପରୁଖା ବସିଥିବ
ଦୀପୁରୁଖା } — ଦୀପଦକୁ ପଡ଼ିଥିବ ଦୀପଦକୁଁ ପଡ଼ିଥିବ—
ଶ୍ଳେଷୋକ୍ତି ଢଗ ।

ଦୀପଶତ୍ରୁ—ସଂ. ବି. (୬ଷ୍ଠୀ ତତ୍; ଦୀପ+ଶତ୍ରୁ; ଜଳନ୍ତା ଦୀପରେ ଆସି
Dīpaśatru ଏମାନେ ଝାସ ଦେବାରୁ)—ପତଙ୍ଗ; ପୋକ;
ଉଡ଼ାପୋକ—Flying insects; moths.

ଦୀପଶଳାକା—ସଂ. ବି. (ଦୀପ+ଶଳାକା; ୬ଷ୍ଠୀ ତତ୍) ୧ । ଦୀପର
Dīpaśalākā ବତୀକୁ ଠେଲିବା କାଠି; ଠେଲଣାକାଠି; ଦୀପପେଲା—
1. A pick used in pushing out or trimming the wick of a lamp.
୨ । ଦିଆସିଲି—2. Match-stick.

ଦୀପଶିଖା—ସଂ. ବି. (ଦୀପ+ଶିଖା; ୬ଷ୍ଠୀ ତତ୍)—
Dīpaśikhā ୧ । ଜଳୁଥିବା ପ୍ରଦୀପର ଅଗ୍ନିର ଶିଖା; ଦୀପସିଁ ସା—
1. The flame of a burning lamp.
୨ । ଦୀପଶିଖାରୁ ଉତ୍ଥିତ କଜ୍ଜ୍ୱଳ; ଦୀପକଳା—
2. Lamp-black.
୩ । ଜଳିବା ଦୀପରୁ ଉଠିବା ଧୂଆଁ (ହି. ଶବ୍ଦସାଗର)—
3. Smoke from a burning lamp.

ଦୀପଶୃଙ୍ଖଳା—ସଂ. ବି. (ଦୀପ+ଶୃଙ୍ଖଳା; ୬ଷ୍ଠୀ ତତ୍)—
Dīpaśruṅkhalā ଦୀପପୁଞ୍ଜ (ଦେଖ)—
Dīpapuñja (See)

ଦୀପଶ୍ରେଣୀ—ସଂ. ବି. (ଦୀପ+ଶ୍ରେଣୀ)—ଦୀପପୁଞ୍ଜ (ଦେଖ)
Dīpaśreṇī Dīpapuñja (See)

ଦୀପାଧାର—ସଂ. ବି. (ଦୀପ+ଆଧାର; ୬ଷ୍ଠୀ ତତ୍)—ଦୀପରୁଖା—
Dīpādhāra Lamp stand.

ଦୀପାନ୍ୱିତା—ସଂ. ବି. (୩ୟା ତତ୍; ଦୀପ+ଅନ୍ୱିତ+ସ୍ତ୍ରୀ. ଆ)—କାର୍ତ୍ତିକ
Dīpānwitā ଅମାବାସ୍ୟା ରାତ୍ରିରେ କରାଯିବା ଦୀପଦାନ ଉତ୍ସବ—
The ceremony of lighting lamps on the night of the newmoon of Kārttika.

ଦୀପାବଳି—ସଂ. ବି. (ଦୀପ+ଆବଳି)—୧ । ଦୀପପୁଞ୍ଜ (ଦେଖ)
Dīpābali 1. Dīpapuñja (See)
୨ । ମାର୍ଗଶିରର ଦୀପାବଳି ଅମାବାସ୍ୟା—2. The new-moon day of the month of Mārgaśira.
୩ । କାର୍ତ୍ତିକ ଅମାବାସ୍ୟା—2. The new-moon day of the month of Kārttika

ଦୀପାବଳି ଅମାବାସ୍ୟା—ସ. ବି—୧ । ମାର୍ଗଶିର ଅମାବାସ୍ୟା—
Dipābali amābāsyā 1. The new-moon day of the month of Mārgaśira.
[ଦ୍ର—ଏ ଦିନ ହିନ୍ଦୁ ଗୃହସ୍ଥମାନେ ଦେବାଳୟରେ ଦୀପାବଳୀ ପ୍ରଜ୍ୱାଳନ କରନ୍ତି ଓ ଜଗନ୍ନାଥ ମନ୍ଦିରରେ ଦୀପାବଳୀ ଉତ୍ସବ ହୁଏ ।]
୨ । କାର୍ତ୍ତିକ ଅମାବାସ୍ୟା—
2. The new-moon day of Kārttika (month).
[ଦ୍ର—ଏହାକୁ ପ୍ରଦୀପାମାବାସ୍ୟା ବା ଦେବାଳି ଅମାବାସ୍ୟା କୁହାଯାଏ । ଏ ଦିନ ସନ୍ଧ୍ୟା ପରେ ଶ୍ରାଦ୍ଧ କରାଯାଏ ଓ ପିତୃଲୋକଙ୍କୁ ଦୀପଦାନ କରାଯାଏ ଓ ଗୃହାଦି ଦୀପାବଳିଦ୍ୱାରା ସୁଶୋଭିତ କରାଯାଏ । ଖ୍ରୀଷ୍ଟପୂର୍ବ ୫୨୭ରେ ଜୈନଗୁରୁ ମହାବୀର କାର୍ତ୍ତିକମାସ ସ୍ୱାତି ନକ୍ଷତ୍ରରେ ଅମାବାସ୍ୟା ଦିନ ରାତ୍ରି ଶେଷରେ ନିର୍ବାଣ ପ୍ରାପ୍ତ ହୋଇଥିଲେ । ଏଥିପାଇଁ ଜୈନମାନେ ମଧ୍ୟ ଏ ଦିନ ଦୀପଦାନ ଉତ୍ସବ କରନ୍ତି—ଷ୍ଟାନେନ୍‌ଙ୍କ ଉଦ୍ଧୃତ ବିବରଣ ।]

ଦୀପାଳି(ଳୀ)—ସ. ବି. (ଦୀପ+ଆଳି=ସମୂହ; ୬ଷ୍ଠୀ ତତ୍)—
Dipāli(lī) ଦୀପାବଳି (ଦେଖ)
दीपाली Dipābali (See)
दोवाली ଦେ. ବି—ଯୋଡ଼ା ହୋଇଥିବା ମାଟିରେ ଅତି ଛୋଟ ଦୀପ—
छोटि दीप A small lamp made of earth and burnt
दियली

ଦୀପାଳି ଅମାବାସ୍ୟା—ଦେ. ବି—କାର୍ତ୍ତିକ ଅମାବାସ୍ୟା; ଦେବାଳି ଅମାବାସ୍ୟା—The new-moon of the month of Kārtika.
Dipāli amābasyā

ଦୀପିକା—ସ. ବି. (ଦୀପକ+ସ୍ତ୍ରୀ. ଆ)—
Dipikā ୧ । ଟୀକା ଗ୍ରନ୍ଥବିଶେଷ—
1. A commentary; a title of annotation off various books (e.g. Astrology Grammar).
(ଯଥା—ଶ୍ରାଦ୍ଧବାସ ଦୀପିକା ।)
୨ । ଚନ୍ଦ୍ରକିରଣ; ଜ୍ୟୋତ୍ସ୍ନା—2. Moon-light.
୩ । ରାଗିଣୀବିଶେଷ—
3. Name of a sub-tune in Hindu music.
୪ । ଆଲୋକ—4. Light; a torch.
୫ । ଛୋଟ ଦୀପ—5. Small lamp.
ସ. ବିଣ. (ଦୀପିକ+ସ୍ତ୍ରୀ. ଆ)—ଦୀପକର ସ୍ତ୍ରୀ ଲିଙ୍ଗ—
Feminine of Dipaka.
ଦ. ବି—କଟକ ପ୍ରିଣ୍ଟିଙ୍ଗ୍ କୋମ୍ପାନୀରୁ ପ୍ରକାଶିତ ସ୍ୱର୍ଗୀୟ ରାୟ ବାହାଦୁର ଗୌରୀଶଙ୍କର ରାୟଙ୍କ ପ୍ରବର୍ତ୍ତିତ ଉତ୍କଳର ପ୍ରାଚୀନତମ ସାପ୍ତାହିକ ପତ୍ରିକା; ଉତ୍କଳ ଦୀପିକା—
The Utkal Dipikā, the oldest Oriya weekly paper published from the Cuttack Printing Company and started by the late Rai Bahadur Gouri Sankar Roy.

ଦୀପିତ—ସ. ବିଣ. (ଦୀପ୍ ଧାତୁ ଣିଜନ୍ତ=ଦୀପି ଧାତୁ+କର୍ମ. ତ)—
Dipita ୧ । ଜ୍ୱାଳିତ—1. Ignited; kindled; set fire to, lighted; illuminated.
୨ । ଉତ୍ତେଜିତ—2. Excited; inflamed.
୩ । ପ୍ରକାଶିତ—3. Manifested.
ଦେ. (ପଦ୍ୟ) ବିଣ—୧ । ଶୋଭିତ—1. Adorned; decorated.
ବାରଣ ବୃଷା ଗର୍ବ ଖର୍ବ କରି ଉରୁ ଦୀପିତ
ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ।
୨ । ନିଯୁକ୍ତ—2. Appointed; fitted-up.
ବାଡ ଜାଡ ପଯ୍ୟରେ ଦୀପିତ ସେ ସମସ୍ତ ଯେ ।
ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ।
୩ । ଉଜ୍ଜ୍ୱଳ—3. Bright; shining.
ଦୀପିତ ମଣି କଙ୍କଣ ହାର ତରଳ କାଞ୍ଚନ ।
ପ୍ରାଚୀ. ରସବାରିଧି ।

ଦୀପିତା—ସ. ବିଣ. ପୁଂ. (ଦୀପିତୃ; ଦୀପ୍ ଧାତୁ=ଦୀପ୍ତି କରିବା+କର୍ତ୍ତୃ. ତୃ; ୧ମା ୧ବ)—୧ । ଦୀପ୍ତିକାରକ—
Dipitā
(ଦୀପିତ୍ରୀ—ସ୍ତ୍ରୀ) 1. Illuminating.
୨ । ପ୍ରକାଶକ—2. Illuminating; elucidating.

ଦୀପିତି—ଗ୍ରା. ବି. (ପଦ୍ୟ) (ସ. ଦୀପ୍ତି)—ଦୀପ୍ତି (ଦେଖ)
Dipiti Dipti (See)
दीपत्ति दीपत

ଦୀପିବା—ଦେ. କ୍ରି. (ସ. ଦୀପ୍ ଧାତୁ)—
Dipibā ଦୀପ୍ତ ହେବା; ତେଜ ବା ଆଲୋକ ଦେବା—
To be ignited or lighted; to radiate heat or light.
କନକ କାନ୍ତି ଅର୍ଚ୍ଚିଶିଖା ଦୀପିବେ । ରାଧାନାଥ. ମେଘଦୂତ ।

ଦୀପ୍ତ—ସ. ବିଣ. (ଦୀପ୍ ଧାତୁ+କର୍ତ୍ତୃ. ତ)—
Dipta ୧ । ପ୍ରଜ୍ୱଳିତ; ଜଳୁଥିବା—1. Burning.
୨ । ଦିହଳୁଥିବା—2. Blazing.
୩ । ଦୀପ୍ତିଯୁକ୍ତ; ଉଜ୍ଜ୍ୱଳ—3. Luminous; radiant; lustrous; bright.
୪ । ଦଗ୍ଧ—4. Burnt.
ସ. ବି—୧ । ସିଂହ—1. Lion.
୨ । ସ୍ୱର୍ଣ୍ଣ—2. Gold.
୩ । ହିଙ୍ଗୁଳ—3. Vermilion; cinnabar; red orpiment; sulphide of mercury.

ଦୀପ୍ତକ—ସ. ବି. (ଦୀପ୍ତ+ସ୍ୱାର୍ଥେ. କ)—ସ୍ୱର୍ଣ୍ଣ—
Diptaka Gold.

ଦୀପ୍ତଜିହ୍ୱା—ସ. ବି. ସ୍ତ୍ରୀ. (ବହୁବ୍ରୀହି; ଦୀପ୍ତ+ଜିହ୍ୱା)—
Diptajihwā ଉଲ୍କାମୁଖୀ; ଶୃଗାଳୀବିଶେଷ—
A she-fox said to emit light from her mouth; Ignis Fatuos.

ଦୀପ୍ତପିଙ୍ଗଳ—ସ. ବି. ପୁଂ. (ଦୀପ୍ତ=ଉଜ୍ଜ୍ୱଳ+ପିଙ୍ଗଳ=ପିଙ୍ଗଳ ବର୍ଣ୍ଣ; ବହୁବ୍ରୀହି)—
Diptapingala
୧ । (ବହୁବ୍ରୀହି) ସିଂହ—1. Lion.

୨ । (କର୍ମଧାରୟ) ଉଜ୍ଜ୍ୱଳ ପିଙ୍ଗଳବର୍ଣ୍ଣ—
2. Bright tawny colour.
ସ. ବଣ—ଉଜ୍ଜ୍ୱଳ ପିଙ୍ଗଳବର୍ଣ୍ଣବିଶିଷ୍ଟ—
Of a bright tawny colour-

ଦୀପ୍ତରସ—ସ. ବି. (ଦୀପ୍ତ=ଦୀପ୍ତିଯୁକ୍ତ+ରସ)—
Diptarasa ୧ । (ବହୁବ୍ରୀହି) କେଅ; କେଅ ନାଡ଼ୁ—
1. Earth worm.
୨ । (କର୍ମଧାରୟ) ଉଜ୍ଜ୍ୱଳ ଦୀପ୍ତିଯୁକ୍ତ ରସ—
2. Bright juice.

ଦୀପ୍ତଲୋଚନ—ସ. ବି. (ବହୁବ୍ରୀହି; ଦୀପ୍ତ ଅଟେ ଲୋଚନ ଯାହାର)—
Diptalochana ୧ । ବିରାଡ଼ି—1. The cat.
୨ । ବାଘ—2. The tiger.
[ଦ୍ର—ଅନ୍ଧାର ରାତ୍ରରେ ଏମାନଙ୍କ ଅଖି ଜୁଳୁଜୁଳୁ ହୋଇ ଜଳଲା ପରି ଦେଖାଯାଉଥିବାରୁ ।]
୩ । (କର୍ମଧାରୟ) କ୍ରୋଧକଷାୟିତ ଲୋଚନ; ନାଲି ଅଖି—
3. Eye redened with anger.
ବଣ—୧ । (ବହୁବ୍ରୀହି) ଉଜ୍ଜ୍ୱଳ ଚକ୍ଷୁବିଶିଷ୍ଟ—
1. Having bright eyes.
୨ । ନାଲି ଅଖିଥିବା; ଅରକ୍ତ ଲୋଚନବିଶିଷ୍ଟ—
2. Having reddened eyes.

ଦୀପ୍ତଲୋହ—ସ. ବି. (ଦୀପ୍ତ=ଦୀପ୍ତିଯୁକ୍ତ+ଲୋହ=ଧାତୁ ; କର୍ମଧାରୟ)—କଂସା; କାଂସ୍ୟ—Bellmetal (an alloy of copper and zinc).
Diptaloha

ଦୀପ୍ତହୁତାଶ—ସ. ବି. (ଦୀପ୍ତ+ହୁତାଶ; କର୍ମଧା)—୧ । ଦହକବହ୍ନି—
Diptahutāsa 1. Blazing fire.
(ଦୀପ୍ତହୁତାଶନ—ଅନ୍ୟରୂପ) ୨ । ଜଳନ୍ତ ନିଆଁ—
2. Burning fire.

ଦୀପ୍ତାଂଶୁ—ସ. ବି. (ବହୁବ୍ରୀହି; ଦୀପ୍ତ+ଅଂଶୁ)—ସୂର୍ଯ୍ୟ—
Diptamsu The sun.

ଦୀପ୍ତାକ୍ଷ—ସ. ବି ଓ ବଣ. (ଦୀପ୍ତ+ଅକ୍ଷି ଯାହାର; ବହୁବ୍ରୀହି; ଅକ୍ଷିସ୍ଥାନରେ ଅକ୍ଷ)—ଦୀପ୍ତଲୋଚନ (ଦେଖ)—
Diptāksha Diptalochana (See)

ଦୀପ୍ତାଗ୍ନି—ସ. ବି. (ଦୀପ୍ତ+ଅଗ୍ନି=ଜଠରାନଳ)—
Diptāgni ୧ । (ବହୁବ୍ରୀହି) ଅଗସ୍ତି ମୁନି—
1. The sage Agasti.
୨ । (କର୍ମଧା) ଜଳୁଥିବା ନିଆଁ—2. Blazing fire.
୩ । ତୀକ୍ଷ୍ଣ ଜଠରାନଳ—3. Sharp appetite.
ବଣ—୧ । ତୀବ୍ର ଜଠରାନଳବିଶିଷ୍ଟ—1. Of good digestion; able to digest any food; of sharp appetite.
୨ । ଅତ୍ୟନ୍ତ କ୍ଷୁଧାର୍ତ୍ତ—2. Very hungry.

ଦୀପ୍ତାଙ୍ଗ—ସ. ବଣ. (ଦୀପ୍ତ+ଅଙ୍ଗ)—୧ । (ବହୁବ୍ରୀହି) ଉଜ୍ଜ୍ୱଳ ଦେହ କାନ୍ତି ବିଶିଷ୍ଟ—Having lustrous body.
Diptānga
ବି—୧ । ମୟୂର—1. Peacock.
୨ । (କର୍ମଧା) ଉଜ୍ଜ୍ୱଳ ଦେହ—2. Shining body.

ଦୀପ୍ତାନଳ—ସ. ବି ଓ ବଣ. (ଦୀପ୍ତ+ଅନଳ)—ଦୀପ୍ତାଗ୍ନି (ଦେଖ)
Diptānala Diptāgni (See)

ଦୀପ୍ତି—ସ. ବି. (ଦୀପ ଧାତୁ+ଭାବ. ତି)—୧ । ଜ୍ୟୋତିଃ; ତେଜଃ; ଉଜ୍ଜ୍ୱଳତା—1. Radiance; lustre; brightness; luminosity; brilliance.
Dipti
୨ । ଦ୍ୟୁତି; କାନ୍ତି; ଶୋଭା—2. Beauty; loveliness.
୩ । ଆଭା; ପ୍ରଭା—3. Splendour; glory.
୪ । କଂସା—4. Bell-metal.
୫ । ଲାଖ—5. Lac; shell-lac.
୬ । ଆଲୋକ—6. Light.
ଦେ. ବି—୧ । ଐଶ୍ୱର୍ଯ୍ୟ—1. Prosperity; affluence.
୨ । ସୌଭାଗ୍ୟ—2. Good fortune.

ଦୀପ୍ତିକର—ସ. ବଣ. ପୁଂ. (ଦୀପ୍ତି+କର; ଉପପଦ ତତ୍)—
Diptikara ୧ । ଜାଜ୍ଜ୍ୱଲ୍ୟମାନ; ତୋଫା; ଶୋଭାଢ଼୍ୟ—
(ଦୀପ୍ତିକରୀ—ସ୍ତ୍ରୀ) 1 Glittering; bright; lustrous, luminous; effulgent.
୨ । ଜୀର୍ଣ୍ଣକାରକ—2. Conducive to digestion (Apte).

ଦୀପ୍ତିମୟ—ସ. ବଣ. ପୁଂ. (ଦୀପ୍ତି+ପ୍ରାଚୁର୍ଯ୍ୟାର୍ଥେ ମୟ)—ଦୀପ୍ତିକର (ଦେଖ)
Diptimaya Diptikara (See)
(ଦୀପ୍ତିମୟୀ—ସ୍ତ୍ରୀ)

ଦୀପ୍ତିମାନ୍—ସ. ବଣ ପୁଂ. (ଦୀପ୍ତି+ଅସ୍ତି ଅର୍ଥେ, ମତ୍; ୧ମା. ୧ବ)—
Diptimān ଦୀପ୍ତିକର (ଦେଖ)—Diptikara (See).
(ଦୀପ୍ତିମତୀ—ସ୍ତ୍ରୀ)

ଦୀପ୍ତିଶୀଳ—ସ. ବଣ. ପୁଂ. (ଦୀପ୍ତି+ଯୁକ୍ତାର୍ଥେ, ଶୀଳ)—
Diptisila ଦୀପ୍ତିକର (ଦେଖ)—Diptikara (See)
(ଦୀପ୍ତିଶୀଳା—ସ୍ତ୍ରୀ)

ଦୀପ୍ତୋପଳ—ସ. ବି. (କର୍ମଧା; ଦୀପ୍ତ+ଉପଳ)—ଅଗ୍ନ୍ୟୁତ୍ପାଦକ ମଣି—
Diptopala Sun-stone; crystalline lens (Apte).

ଦୀପ୍ୟ—ସ. ବଣ. (ଦୀପ୍ ଧାତୁ+କର୍ମ ଯ)—୧ । ପ୍ରଜ୍ୱଳନଯୋଗ୍ୟ; ଦୀପନଯୋଗ୍ୟ—1. Fit to be ignited, inflammable.
Dipya
୨ । ଜୀର୍ଣ୍ଣକାରକ—2. Digestive (Apte).
ବି. ପୁଂ—୧ । ମୟୂରଶିଖା—1. The tuft feathers on the head of a peacock.
୨ । ଯୁଆଣୀ—2. Caraway seed.
୩ । ଜୀର—3. Wite cumin seed.
୪ । ରୁଦ୍ରଜଟା—4. The matted hair of Rudra (Apte).
୫ । ରୁଦ୍ରଜଟା; ଲତାବିଶେଷ—
5. A kind of creeper.

ଦୀପ୍ୟମାନ—ସ. ବଣ. (ଦୀପ୍ ଧାତୁ+କର୍ତ୍ତୃ. ଶାନଚ୍)—
Dipyamāna ଶୋଭମାନ; ଦୀପ୍ତିଶୀଳ; ଜାଜ୍ଜ୍ୱଲ୍ୟମାନ—
(ଦୀପ୍ୟମାନା—ସ୍ତ୍ରୀ) Shining; brilliant; lustrous; radiant.

ଦୀପ୍ର—ସ. ବଣ. (ଦୀପ୍ ଧାତୁ + କର୍ତ୍ତୃ. ର) — ୧ । ଦୀପ୍ତିଶାଳୀ —
Dīpra 1. Radiant; shining.
୨ । ତୀକ୍ଷ୍ଣ—2. Pointed.
ସ. ବ—ଅଗ୍ନି—Fire.

ଦୀୟମାନ—ସ. ବଣ. (ଦା ଧାତୁ + କର୍ମ. ଅନ) —ଯାହା ଦଆ ଯାଉଅଛି—
Diyamāna Which is given away.
(ଦୀୟମାନା — ସ୍ତ୍ରୀ) (ଦୀୟମାନ—କ୍ଲୀବଲିଙ୍ଗ)

ଦୀର୍ଘ — ସ. ବଣ. (ଦ୍ରାଘ ଧାତୁ =ଲମ୍ବା କରିବା; ଅଧିକ ହେବା + ଅ) —
Dīrgha ୧ । (ସମୟ ଓ ଆକାରରେ) ଲମ୍ବା —
1. Long; (in space and time); reaching far
୨ । ଢେଙ୍ଗା—2. Tall.
୩ । ଉଚ୍ଚ—3. High; lofty.
୪ । ବହୁତ; ଅଧିକ—4. Excessive.
୫ । ଆୟତ; ସୁଦୂର ବିସ୍ତୃତ—
5. Extensive; extended; spacious.
୬ । ଗୁରୁ—6. Heavy.
୭ । ବିସ୍ତର; ବୃହତ୍; ବଡ଼—7. Great; large; big.
୮ । ବହୁକାଳବ୍ୟାପୀ—8. Extending over a long period.
୯ । ଗମ୍ଭୀର (ଶ୍ୱାସ)—9. Deep (breath).
ବ—୧ । (ବ୍ୟାକରଣ) ଦ୍ୱିମାତ୍ରା ପରିମିତ ସ୍ୱରବର୍ଣ୍ଣ; ଗୁରୁସ୍ୱର; ଦ୍ୱିମାତ୍ର ସ୍ୱର—1. Long vowel.
(ଯଥା—ଆ, ଈ, ଊ, ୠ, ଏ, ଐ, ଓ, ଔ ।)
୨ । (ଜ୍ୟୋତିଷ) ସିଂହ, କନ୍ୟା, ତୁଳା ଓ ବିଛାରାଶି—
2. The names of the 4th, 6th, 7th, and 8th signs of the zodiac (lion, virgin, balance and scorpion).
୩ । ଉଷ୍ଟ୍ର; ଓଟ—3. Camel.
୪ । ଦୂର ଭବିଷ୍ୟତ୍; ପରିଣାମ—
4. Distant future; the end; the long run.
୫ । ଲତାଶାଳ ଗଛ—5. Name of a wild tree.
ଦେ. ବି—୧ । ଦୈର୍ଘ୍ୟ—1. Length.

ଚଉଡ଼ିର ଅନ୍ତ୍ୟାକ କେତେ ଦୀର୍ଘ ସହ ଅଟେ—ଚୁକ୍ତିକଲ୍ପତରୁଗୀତା ।

୨ । ପ୍ରାଚୀନ ଜଳଯାନବିଶେଷ—
2. A kind of boat used in ancient India.
[ଦ୍ର—ଭୋଜରାଜାଙ୍କ 'ଯୁକ୍ତିକଳ୍ପତରୁ' ଗ୍ରନ୍ଥରେ ଏହାର ବିଶେଷ ବିବରଣ ଦ୍ରଷ୍ଟବ୍ୟ । ଜଳବନ୍ଧୁ—ପ୍ରାଚୀନ ଜାହାଜ ।]

ଦୀର୍ଘକଣ୍ଠ—ସ. ତିଣ. ପୁଂ (ଦୀର୍ଘ+କଣ୍ଠ; ବହୁବ୍ରୀହି) ଲମ୍ବ ବେକ ଥିବା
Dīrghakantha (ଜନ୍ତୁ)—Long-necked (animal); having a long neck.
ଦୀର୍ଘକଣ୍ଠକ } ଅନ୍ୟରୂପ
ଦୀର୍ଘକନ୍ଧର }
ବି—ବକ ପକ୍ଷୀ—Indian crane; Ardea Nivea (bird).

ଦୀର୍ଘ କାଣ୍ଡ—ସ. ବିଣ (ଦୀର୍ଘ+କାଣ୍ଡ; ବହୁବ୍ରୀହି)—ଯାହାର କାଣ୍ଡ ବା
Dīrgha kānda ଶାଖା ଲମ୍ବ—Long-stemmed; having a long trunk.
ଦେ. ବି—୧ । ବିସ୍ତର କାହାଣୀ—1. A long story.
ମହାକାଣ୍ଡ ୨ । ବୃହତ୍ ବ୍ୟାପାର; ଘନଘଟା; କାରଖାନା —
2. Much ado.

ଦୀର୍ଘ କାମୋଦୀ —ଦେ. ବି —ସ୍ୱରବିଶେଷ—
Dīrgha kāmodī A tune.
[ଦ୍ର —ସ୍ୱର ତଳେ ନୋଟ୍ ଦ୍ରଷ୍ଟବ୍ୟ ।]

ଦୀର୍ଘକାୟ—ସ. ବଣ. ପୁଂ (ଦୀର୍ଘ + କାୟ ଯାହାର; ବହୁବ୍ରୀହି) ଢେଙ୍ଗା—
Dīrghakāya Tall in stature.
(ଦୀର୍ଘକାୟା —ସ୍ତ୍ରୀ)

ଦୀର୍ଘକାଳ— ସ. ବ (ଦୀର୍ଘ + କାଳ; କର୍ମଧା) —ବହୁକାଳ —
Dīrghakāla Long time.

ଦୀର୍ଘ କାଷ୍ଠ — ସ. ବ (କର୍ମଧା; ଦୀର୍ଘ + କାଷ୍ଠ) —କଡ଼ି—
Dīrgha kāshtha Beam.

ଦୀର୍ଘ କେଶ —ସ. ବଣ. ପୁଂ (ଦୀର୍ଘ + କେଶ ଯାହାର; ବହୁବ୍ରୀହି) —
Dīrgha keśa ଯାହାର ବାଳ ଲମ୍ବ—Having long hairs; long-haired.
ଦୀର୍ଘକେଶୀ } ଅନ୍ୟରୂପ
ଦୀର୍ଘକେଶା }
ବ —ଭାଲୁ—Bear.

ଦୀର୍ଘ ଗତି — ସ. ବ (ବହୁବ୍ରୀହି; ଦୀର୍ଘ + ଗତି) ଓଟ; ଉଷ୍ଟ୍ର —
Dīrgha gati Camel.

ଦୀର୍ଘ ଗ୍ରୀବ —ସ. ବଣ. ପୁଂ (ଦୀର୍ଘ + ଗ୍ରୀବା ଯାହାର; ବହୁବ୍ରୀହି)—
Dīrgha grība ଦୀର୍ଘ ଗ୍ରୀବାଯୁକ୍ତ—Long-necked.
(ଦୀର୍ଘଗ୍ରୀବା—ସ୍ତ୍ରୀ) (ଯଥା—ଓଟ, ଜିରାଫ୍ ।)
(ଦୀର୍ଘଘାଣ୍ଟିକ—ଅନ୍ୟରୂପ)
ବ—୧ । ଉଷ୍ଟ୍ର—1. The camel.
୨ । ବଗ — 2. A crane.

ଦୀର୍ଘଜିହ୍ୱ—ସ. ବଣ. ପୁଂ (ଦୀର୍ଘ + ଜିହ୍ୱା; ବହୁବ୍ରୀହି)—ବଡ଼ ଜିଭବିଶିଷ୍ଟ—
Dīrghajihwa Long-tongued.
(ଦୀର୍ଘଜିହ୍ୱା—ସ୍ତ୍ରୀ) ବ—୧ । ସାପ—1. Serpent.
୨ । ଦାନବବିଶେଷ—2. Name of a demon.

ଦୀର୍ଘଜିହ୍ୱା—ସ. ବଣ. ସ୍ତ୍ରୀ (ଦୀର୍ଘଜିହ୍ୱ + ଅ)—ଦୀର୍ଘଜିହ୍ୱର ସ୍ତ୍ରୀଲିଙ୍ଗ—
Dīrghajihwā Feminine of Dīrghajihwa.
ସ. ବି. ସ୍ତ୍ରୀ—୧ । ବିରୋଚନର କନ୍ୟା ରାକ୍ଷସୀବିଶେଷ (ଏହାକୁ ଇନ୍ଦ୍ର ବଧ କରିଥିଲେ)—1. Name of a demoness.
୨ । କାର୍ତ୍ତିକେୟଙ୍କ ଅନୁଚରୀ ମାତୃଗଣ ମଧ୍ୟରୁ ଏକତମା —
2. One of the matron Deities, a feminine companion of Kārttikeya.

ଦୀର୍ଘଜୀବନ—ସ. ବ (ଦୀର୍ଘ + ଜୀବନ; କର୍ମଧା)—ବହୁକାଳ ବଞ୍ଚିବା—
Dīrghajībana Longivity; long life.

ଦୀର୍ଘଜୀବୀ—ସ. ବଣ. ପୁଂ (ଦୀର୍ଘ+ଜୀବ+କର୍ତ୍ତୃ. ଇନ୍ ୧ମା. ୧ବ)—
Dīrghajībī ଦୀର୍ଘାୟୁଷ; ଯେ ବହୁଦିନ ବଞ୍ଚେ; ଚିରଜୀବୀ—
(ଦୀର୍ଘଜୀବିନୀ—ସ୍ତ୍ରୀ) Long-lived.

ଦୀର୍ଘଜଂଘ—ସଂ. ବିଣ. ପୁଂ (ଦୀର୍ଘ+ଜଂଘା; ବହୁବ୍ରୀହି)—ଲମ୍ବ ଜଙ୍ଘଅ-
Dīrgha jaṁgha ବିଶିଷ୍ଟ—Having long thighs.
(ଦୀର୍ଘଜଂଘା—ସ୍ତ୍ରୀ) ବି—୧ । ବଗ—1. Ardea.
(ଦୀର୍ଘସକ୍ଥ—ଅନ୍ୟରୂପ) ୨ । ଓଟ—2. Camel.

ଦୀର୍ଘତନୁ—ସଂ. ବିଣ. (ଦୀର୍ଘ+ତନୁ; ବହୁବ୍ରୀହି)—ଦୀର୍ଘ ଶରୀରବିଶିଷ୍ଟ—
Dīrghatanu Having 'a long body.
ବି.— ଦୀର୍ଘତରୁ (ଦେଖ)—Dīrghataru (See)

ଦୀର୍ଘତପାଃ—ସଂ. ବିଣ. (ବହୁବ୍ରୀହି; ଦୀର୍ଘ—ତପସ୍; ୧ମା. ୧ବ.)—
Dīrgha tapāḥ ଦୀର୍ଘକାଳ ତପଃସାଧନକାରୀ—
Practising austerities for a long time.
ସଂ. ବି.—୧ । ଗୋତମ ଋଷି (ପ୍ରକୃତିବାଦ)—
1. A name of sage Gotama.
୨ । ଭାରତବର୍ଷୀୟ ଅଯୁ ବଂଶୀୟ ଏକ ରାଜା—(ଏ ବହୁକାଳ ତପସ୍ୟା କରିଥିଲେ)—2, Name of a king of ancient India.

ଦୀର୍ଘତମ—ସଂ. ବିଣ. ପୁଂ. (ଦୀର୍ଘ+ଅତିଶଯ୍ୟାର୍ଥେ. ତମ)—
Dīrghatama ଅନେକ ବସ୍ତୁ ମଧ୍ୟରେ ସବୁଠାରୁ ଲମ୍ବା, ସବୁଠାରୁ
(ଦୀର୍ଘତମା—ସ୍ତ୍ରୀ) ଦୀର୍ଘ—Longest.

ଦୀର୍ଘତମା—ସଂ. ବି. (ଦୀର୍ଘ+ତମସ; ୧ମା. ୧ବ)—
Dīrghatamā ୧ । ଧନ୍ୱନ୍ତରୀଙ୍କ ପିତା ଓ କାଶୀରାଜାଙ୍କ ପୁତ୍ର (ଷ୍ଟ୍ରାକେନ୍)—1. Name of the father of Dhanwantarī.
୨ । ଦେବଗୁରୁ ବୃହସ୍ପତିଙ୍କ ଜ୍ୟେଷ୍ଠ ଭ୍ରାତା ଓ ଗୌତମଙ୍କ ପିତା; ଋଷିବିଶେଷ (ଏ ଜନ୍ମାନ୍ଧ ଥିବାରୁ ଏହି ନାମ)—
2 Name of a sage; elder brother of Bṛuhaspati and father of Gautama.

[ଦ୍ର—ଋଗ୍ବେଦର ପ୍ରଥମ ମଣ୍ଡଳରେ ଏ ଋଷିଙ୍କ ରଚିତ କେତେଗୁଡ଼ିଏ ସୂକ୍ତ ଅଛି । ମହାଭାରତରେ ଲେଖା ଅଛି ଯେ, ଉତଥ୍ୟ ନାମରେ ଜଣେ ତେଜସ୍ୱୀ ଋଷି ଥିଲେ । ତାଙ୍କ ସ୍ତ୍ରୀ ମମତା ଗର୍ଭବତୀ ଥିବା ଅବସ୍ଥାରେ ଉତଥ୍ୟଙ୍କ ସାନ ଭାଇ ବୃହସ୍ପତି ମମତାଙ୍କ ନିଷେଧସତ୍ତ୍ୱେ ତାଙ୍କ ସହବାସ କରିବାରୁ ଗର୍ଭସ୍ଥ ବାଳକ ଗର୍ଭରେ ଥାଇ ବୃହସ୍ପତିଙ୍କୁ ନିଷେଧ କଲେ ଓ ଗର୍ଭସ୍ଥ ଶିଶୁ ବୃହସ୍ପତିଙ୍କ ବୀର୍ଯ୍ୟକୁ ନିଜର ପାଦଦ୍ୱାରା ଫେରାଇ ଦେଲେ । ଏଥିରେ ବୃହସ୍ପତି ଶିଶୁକୁ ଶାପ ଦେଲେ ଯେ 'ତୁ ଦୀର୍ଘତମା (ଅନ୍ଧ) ହୋଇ ଜନ୍ମିବୁ ।' ତଦନୁସାରେ ଏ ଶିଶୁ ଜନ୍ମାନ୍ଧ ହୋଇ ଜନ୍ମିଲେ ଓ ଏହାଙ୍କ ନାମ ଦୀର୍ଘତମା ହେଲା । ଦୀର୍ଘତମା ପ୍ରଦ୍ୱେଷୀ ନାମ୍ନୀ ବ୍ରାହ୍ମଣକନ୍ୟାକୁ ବିବାହ କଲେ ଓ ତାଙ୍କ ଔରସରେ ଗୋତମ ଆଦି କେତେ ପୁତ୍ର ଜନ୍ମିଲେ । ପରେ ଦୀର୍ଘତମା କାମଧେନୁଙ୍କଠାରୁ ଗୋଧର୍ମ ଶିକ୍ଷା କରି ଶ୍ରଦ୍ଧାପୂର୍ବକ ତାଙ୍କ ସଙ୍ଗେ ମୈଥୁନ ଆଦିରେ ପ୍ରବୃତ୍ତ ହେବାରୁ ପ୍ରଦ୍ୱେଷୀ ତାଙ୍କ ଉପରେ କ୍ରୁଦ୍ଧା ହୋଇ ତାଙ୍କୁ ପୋଷିବାକୁ ମନା କଲେ । ଦୀର୍ଘତମା ଏଥିରେ କ୍ରୁଦ୍ଧ ହୋଇ ଶାପ ଦେଲେ 'ଆଜିଠାରୁ ଆମ୍ଭେ ସମାଜରେ ଏହି ମର୍ଯ୍ୟାଦା ବାନ୍ଧିଲୁଁ ଯେ ପ୍ରତ୍ୟେକ ସ୍ତ୍ରୀ ଏକମାତ୍ର ପତି ସଙ୍ଗେ ଅନୁରକ୍ତ ହେବ ଓ ପତି ଜୀଇ ଥାଉଁ ଥାଉଁ ବା ମୃତ ହେଲେ ମଧ୍ୟ ଅନ୍ୟ ପତି ଗ୍ରହଣ କଲେ ପତିତା ହେବ । ପ୍ରଦ୍ୱେଷୀ କ୍ରୁଦ୍ଧା ହୋଇ ତାଙ୍କୁ ଗଙ୍ଗାରେ ପକାଇ ଦେଲେ । ସେଠାରୁ ସେହି ସମୟରେ ଗାଧୋଇବାକୁ ଆସିଥିବା ବଳି ରାଜା ତାଙ୍କୁ ନେଇ ନିଜ ଘରେ ରଖିଲେ ଓ ରାଜାଙ୍କ ପ୍ରାର୍ଥନା ଅନୁସାରେ ସେ ରାଣୀ ସୁଦେଷ୍ଣାଙ୍କ ଗର୍ଭରେ ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁମ୍ଭ ନାମକ ଅତ୍ୟନ୍ତ ତେଜସ୍ୱୀ ପୁତ୍ର ଜନ୍ମାଇଲେ ଓ ଏହାଙ୍କ ଆଶୀର୍ବାଦରେ ଏହି ପୁତ୍ରମାନଙ୍କ ନାମରେ ଦେଶମାନଙ୍କ ନାମ ହେଲା । ହି. ଶବ୍ଦସାଗର]

ଦୀର୍ଘତର—ସଂ. ବିଣ. ପୁଂ. (ଦୀର୍ଘ+ଅତିଶଯ୍ୟାର୍ଥେ. ତର)—ଦୁଇ ବସ୍ତୁ
Dīrghatara ମଧ୍ୟରେ ଲମ୍ବ—Longer.
(ଦୀର୍ଘତରା—ସ୍ତ୍ରୀ)

ଦୀର୍ଘତରୁ—ସଂ. ବି. (ଦୀର୍ଘ+ତରୁ; କର୍ମଧା);—ତାଳଗଛ—
Dīrghataru Palm tree.
(ଦୀର୍ଘଦ୍ରୁ—ଅନ୍ୟରୂପ)

ଦୀର୍ଘତା—ସଂ. ବି. (ଦୀର୍ଘ+ଭାବେ. ତା)—୧ । ବହୁବ୍ୟାପିତା; ଲମ୍ବତ୍ୱ;
Dīrghatā ଲମ୍ବ—1. Length.
(ଦୀର୍ଘତା—ଅନ୍ୟରୂପ) ୨ । ବିସ୍ତାର—2. Extent.

ଦୀର୍ଘଦଣ୍ଡ—ସଂ. ବି. (ଦୀର୍ଘ+ଦଣ୍ଡ; କର୍ମଧା)—୧ । ଲମ୍ବବାଡ଼ି—
Dīrghdaṇḍa 1. A long stick; a long staff.
୨ । ଦୀର୍ଘକାଳବ୍ୟାପୀ ରାଜଦଣ୍ଡ—2. A long term of punishment; long sentence.
୩ । (ଦୀର୍ଘ+ଦଣ୍ଡ; ଯାହାର ବହୁବ୍ରୀହି)—ଗବଗଛ—
3. The castor-seed plant.
୪ । ତାଳ ଗଛ—4. The palm tree.

ଦୀର୍ଘଦର୍ଶୀ—ସଂ. ବିଣ. ପୁଂ (ଦୀର୍ଘ+ଦୃଶ୍ ଧାତୁ+ଇନ୍;) ୧ମା. ୧ବ)—
Dīrghadarśī ୧ । ଦୂରଦର୍ଶୀ; ପରିଣାମଦର୍ଶୀ—
(ଦୀର୍ଘଦର୍ଶିନୀ—ସ୍ତ୍ରୀ) 1. Provident; far-seeing; far-sighted; prudent.
(ଦୀର୍ଘଦର୍ଶିତା—ବି)
୨ । ପ୍ରାଜ୍ଞ; ପଣ୍ଡିତ—2. Learned; wise; sagacious.
୩ । ଯେ ବହୁଦୂର ପର୍ଯ୍ୟନ୍ତ ଦେଖି ପାରେ—
3. Long-sighted; who can look to very distant objects.
ବି.—୧ । ଶକୁନ; ଗାଗୁଣା—1. Vulture.
୨ । ଭାଲୁ—2. A bear.
୩ । ପେଚା—3 An owl.

ଦୀର୍ଘଦ୍ରୁମ—ସଂ. ବି.—ଶିମ୍ମିଳି ଗଛ (ହି. ଶବ୍ଦସାଗର)—
Dīrgha drūma The silk cotton tree.

ଦୀର୍ଘଦୃଷ୍ଟି—ସଂ. ବିଣ. ଓ ବି. (ଦୀର୍ଘ+ଦୃଷ୍ଟି ଯାହାର; ବହୁବ୍ରୀହି)—
Dīrghadṛushṭi ୧ । ଦୀର୍ଘଦର୍ଶୀ (ଦେଖ)
1. Dīrghadarśī (See).
୨ । ଦୂରବୀକ୍ଷଣ ଯନ୍ତ୍ର (ପ୍ରକୃତିବାଦ)—2. Telescope.

ଦୀର୍ଘନାଦ—ସଂ. ବିଣ (ବହୁବ୍ରୀହି)—ଯହିଁରୁ ଉଚ୍ଚ ଶବ୍ଦ ବାହାରେ—
Dīrghanāda Loud sounding.
ସଂ. ବି—୧ । ଶଙ୍ଖ (ହି. ଶବ୍ଦସାଗର)—1. Conch.

୨ । କୁକ୍କୁର—2. Dog (Apte).
୩ । କୁକୁଡ଼ା—3. Cock (Apte).

ଦୀର୍ଘନାସ—ସଂ. ବିଣ (ଦୀର୍ଘ+ନାସା ଯାହାର; ବହୁବ୍ରୀହି)—
Dirghanāsa ନାକୁଆ; ବଡ଼ନାକା—Long-nosed.
(ଦୀର୍ଘନାସିକ—ଅନ୍ୟରୂପ)

ଦୀର୍ଘ ନିଦ୍ରା – ସଂ. ବି (ଦୀର୍ଘ+ନିଦ୍ରା; କର୍ମଧା) ୧ । ବହୁକାଳବ୍ୟାପୀ ନିଦ୍ରା—
Dirgha nidrā 1. Long sleep.
୨ । ମହାନିଦ୍ରା; ମୃତ୍ୟୁ—2. Death; 'the sleep that knows no waking.'

ଦୀର୍ଘ ନିଶ୍ୱାସ—ସଂ. ବି (ଦୀର୍ଘ+ନିଶ୍ୱାସ; କର୍ମଧା)—୧ । ଶ୍ରମ ବା ଅସହ୍ୟ
Dirgha niswāsa ମୃତ୍ୟୁପୀଡ଼ାଜନିତ ଦୀର୍ଘକାଳବ୍ୟାପୀ ନିଶ୍ୱାସ;
(ଦୀର୍ଘନିଃଶ୍ୱାସ—ଅନ୍ୟରୂପ) ଊର୍ଦ୍ଧ୍ୱଶ୍ୱାସ—1. Long breath; gasping.
୨ । ଦୁଃଖଜନିତ ଦୀର୍ଘକାଳସ୍ଥାୟୀ ନିଶ୍ୱାସ—
2. Sigh; long-drawn breath due to grief.

ଦୀର୍ଘ ପକ୍ଷ – ସଂ. ବିଣ (ବହୁବ୍ରୀହି; ଦୀର୍ଘ ଅଟେ ପକ୍ଷ ଯାହାର)—ଦୀର୍ଘପକ୍ଷବିଶିଷ୍ଟ;
Dirgha paksha ଯାହାର ପକ୍ଷ ଲମ୍ବ—Long-tailed.
ସଂ. ବି—୧ । (ବହୁବ୍ରୀହି)—କଳଙ୍ଗ ପକ୍ଷୀ (ହି. ଶବ୍ଦସାଗର)—
ମୁକୁଅଁ ଉଡ଼େଇ—1. The forktailed-Shrike Uroloncha Malabarica (Apte; M. W.)
୨ । ଲମ୍ବ ଡେଣା—2. Long wing.

ଦୀର୍ଘ ପଟୋଲିକା – ସଂ. ବି·—ପଟୋଲ ଜାତୀୟ ଲମ୍ବ ଫଳବିଶେଷ; ମଟର
Dirgha paṭolikā ଚରଡ଼ା; କୁନ୍ଦୁରୁ; ଧୁନ୍ଦୁଲ; ଏକ ପ୍ରକାର
ଧୁନ୍ଦୁଲ ଲତା ଫଳ; ତୁରୁଡ଼ିକା—A kind of edible fruit
परवल, कुन्दुरकि like Paṭola (longer and more slender); Luffa Aegytica.

ଦୀର୍ଘ ପତ୍ର—ସଂ. ବିଣ·(ବହୁବ୍ରୀହି; ଦୀର୍ଘ+ପତ୍ର)—ଯେଉଁ ବୃକ୍ଷ ଲତାଦିର ବଡ଼
Dirgha patra ପତ୍ର ଥାଏ—Long-leafed.
ସଂ. ବି.—୧ । (ବହୁବ୍ରୀହି)—ରକ୍ତପଲାଣ୍ଡୁ; ନାଲି ପିଆଜ;
(ହି. ଶବ୍ଦସାଗର)—1. Red onion.
୨ । (ବହୁବ୍ରୀହି) କନ୍ଦ କନ୍ଦ (ହି. ଶବ୍ଦସାଗର)—
2. A bulbuous plant.
୩ । (ବହୁବ୍ରୀହି) ବଲ୍ୱଜ; ଏକପ୍ରକାର କୁଶ (ହି. ଶବ୍ଦସାଗର)
3. A kind of long-leafed Kusa grass.
୪ । (ବହୁବ୍ରୀହି)—ଆଖୁ ଗଛ—
4. The sugarcane plant (Apte).
୫ । (ବହୁବ୍ରୀହି) ତାଳ ଗଛ—
5. The palm tree (Apte).
୬ । (ବହୁବ୍ରୀହି) କୋଚିଲା ଗଛ (ହି. ଶବ୍ଦସାଗର)—
6. Strychnus Nuxvomica tree.
୭ । (କର୍ମଧା) ଲମ୍ବ ପତ୍ର—7. Long leaf.

ଦୀର୍ଘପତ୍ରକ—ସଂ. ବିଣ (ଦୀର୍ଘପତ୍ର+କ)—ଦୀର୍ଘ ପତ୍ର (ଦେଖ)
Dirghapatraka Dirgha patra (See).
ସଂ. ବି—୧ । ନାଲି ରସୁଣ (ହି. ଶବ୍ଦସାଗର)—
1. Red garlic.
୨ । ଏରଣ୍ଡ; ଗବ ଗଛ (ହି. ଶବ୍ଦସାଗର)—
2. The castor-oil seed plant.
୩ । ବେତସ; ବେତ (ହି. ଶବ୍ଦସାଗର)—
3. The Ratan-cane creeper.
୪ । କଣ୍ଟାଳ (ହି. ଶବ୍ଦସାଗର)—
4. The Bamboo tree.
୫ । ଜଳମଧୂକ (ହି. ଶବ୍ଦସାଗର)—5. A species of Mahwa tree growing near water.

ଦୀର୍ଘପତ୍ରା—ସଂ. ବିଣ. ସ୍ତ୍ରୀ (ଦୀର୍ଘପତ୍ର+ସ୍ତ୍ରୀ. ଆ)—ଦୀର୍ଘପତ୍ରର ସ୍ତ୍ରୀଲିଙ୍ଗ—
Dirghapatrā Feminine of Dirghapatra.
ସଂ. ବି—୧ । କେତକୀ (ହି. ଶବ୍ଦସାଗର)—
1. The yellow flowered variety of screw-pine; Pandanus odoratissimus.
୨ । ବଣ ଜାମୁ (ହି. ଶବ୍ଦସାଗର)—
2. The wild variety of Blackberry tree.
୩ । ଚକ୍ରପର୍ଣ୍ଣୀ (ହି. ଶବ୍ଦସାଗର)—
3. A king of plant..
୪ । ଶାଲପର୍ଣ୍ଣୀ (ଦେଖ) (ହି. ଶବ୍ଦସାଗର)—
4. Śālaparṇṇi (See).

ଦୀର୍ଘପତ୍ରିକା—ସଂ. ବିଣ. ସ୍ତ୍ରୀ (ଦୀର୍ଘପତ୍ରକ+ସ୍ତ୍ରୀ. ଆ)—ଦୀର୍ଘପତ୍ର (ଦେଖ)
Dirghapatrikā Dirghapatra (See).
ସଂ. ବି—୧ । ଧଳା ବଚ (ହି. ଶବ୍ଦସାଗର)—
1. The white-rooted variety of Oris plant.
୨ । ଘୃତକୁମାରୀ (ହି. ଶବ୍ଦସାଗର)—2. Aloes.
୩ । ଶ୍ୱେତ ପୁନର୍ନବା (ହି. ଶବ୍ଦସାଗର)—3. Hogweed.
୪ । ଶାଲପର୍ଣ୍ଣୀ (ହି. ଶବ୍ଦସାଗର) (ଦେଖ)
4. Śālaparṇṇi (See).

ଦୀର୍ଘପତ୍ରୀ—ସଂ. ବି (ଦୀର୍ଘପତ୍ର+ଇନ୍; ୧ମା. ୧ବ)—୧ । ପଳାଶୀ ଲତା—
Dirghapatri 1 The creeping variety of Butea Frondosa.
୨ । ମହାଚଂଚୁ ଶାକ (ହି. ଶବ୍ଦସାଗର)—2. A kind of pot herb.

ଦୀର୍ଘ ପାଦ—ସଂ. ବିଣ (ଦୀର୍ଘ+ପାଦ; ବହୁବ୍ରୀହି)—ଯାହାର ଲମ୍ବ ଗୋଡ଼
Dirgha pāda ଅଛି; ଲମ୍ବପାଦଥିବା; ଢେଙ୍ଗୋଇଗୋଡ଼ିଆ—
Long-legged; long-footed.
ଦୀର୍ଘପାଦା } ସ୍ତ୍ରୀ
ଦୀର୍ଘପଦା }
ବି—୧ । ବଡ଼ ଅକାଙ୍କ—
1. The Adjutant bird.
୨ । ସାରସ (ହି. ଶବ୍ଦସାଗର)—2. The Crane.

ଦୀର୍ଘ ପାଦପ—ସଂ. ବି (ଦୀର୍ଘ+ପାଦପ; କର୍ମଧା)—୧ । ତାଳ ଗଛ—
Dirgha pādapa 1. Palm tree.
୨ । ଗୁଆ ଗଛ—2. The areca-nut tree.
୩ । ନଡ଼ିଆ ଗଛ—3. The cocoanut tree (Apte).

ଦୀର୍ଘ ପୃଷ୍ଠ—ସଂ. ବିଣ (ଦୀର୍ଘ+ପୃଷ୍ଠ ଯାହାର; ବହୁବ୍ରୀହି)—
Dirgha prushṭha ଲମ୍ବପିଠିଆ—Long-backed.
(ଦୀର୍ଘପୃଷ୍ଠା—ସ୍ତ୍ରୀ) ସଂ. ବି—ସର୍ପ—Snake.

ଦୀର୍ଘପ୍ରଜ୍ଞ—ସଂ. ବିଣ. ପୁଂ (ବହୁବ୍ରୀହି; ଦୀର୍ଘ+ପ୍ରଜ୍ଞା)—ବହୁଦର୍ଶୀ—
Dīrghaprajñya Far-sighted· sagacious.
(ଦୀର୍ଘପ୍ରଜ୍ଞା—ସ୍ତ୍ରୀ) ସଂ. ବି—ଦ୍ୱାପରର ରାଜା ବୃଷପର୍ବାଙ୍କ ନାମ
(ଦୀର୍ଘପ୍ରଜ୍ଞତା—ବି) (ହି. ଶବ୍ଦସାଗର)—A name of king Bṛushaparbā.

ଦୀର୍ଘ ପ୍ରସ୍ଥ—ଦେ. ବି (ସଂ. ଦୈର୍ଘ୍ୟ ଓ ପ୍ରସ୍ଥ)—(କୌଣସି ପଦାର୍ଥ ବା ଜମିର)
Dīrgha prati ଲମ୍ବ ଓ ଚଉଡ଼ା—Length and breadth (of a thing or plot of land).
ଦୀର୍ଘପ୍ରସ୍ଥ } ଅନ୍ୟରୂପ
ଦୀର୍ଘପ୍ରସ୍ଥ }
दीर्घ प्रस्थ, **लम्बाई चौड़ाई**

ଦୀର୍ଘ ଫଳ—ସଂ. ବି (ବହୁବ୍ରୀହି; ଦୀର୍ଘ+ଫଳ; ଏହାର ଫଳ ଲମ୍ବ ଥିବାରୁ)
Dirgha phaḷa ଆରଗ୍ୱଧ; ସୁନାରିଗଛ (ହି. ଶବ୍ଦସାଗର) (ଦେଖ)
Sunārī tree (See)
ସଂ. ବି.—ଦୀର୍ଘଫଳବିଶିଷ୍ଟ (ବୃକ୍ଷ)—(tree) Having long
(ଦୀର୍ଘଫଳା—ସ୍ତ୍ରୀ) fruits.

ଦୀର୍ଘଫଳକ—ସଂ. ବି (ଦୀର୍ଘଫଳ+କ)—ଅଗସ୍ତିଗଛ (ହି. ଶବ୍ଦସାଗର)—
Dīrghaphaḷaka Sesbania Grandflora.

ଦୀର୍ଘଫଳା—ସଂ. ବିଣ. ସ୍ତ୍ରୀ (ଦୀର୍ଘଫଳ+ସ୍ତ୍ରୀ. ଆ)—ଦୀର୍ଘଫଳର ସ୍ତ୍ରୀଲିଙ୍ଗ—
Dirghaphaḷā Feminine of Dīrghaphaḷa.
(ଦୀର୍ଘଫଳକା—ଅନ୍ୟରୂପ) ସଂ. ବି—୧ । ଜତୁକା ଲତା (ହି. ଶ)—
1. A kind of creeper.
୨ । କପିଳ ଦ୍ରାକ୍ଷା ଲତା (ହି. ଶବ୍ଦସାଗର)—
2. A kind of vinē with long grapes.

ଦୀର୍ଘବକ୍ତ୍ର—ସଂ. ବିଣ. ପୁଂ (ବହୁବ୍ରୀହି; ଦୀର୍ଘ+ବକ୍ତ୍ର)—ବଡ଼ ମୁହାଁ—
Dīrghabaktra Big-faced.
(ଦୀର୍ଘବକ୍ତ୍ରା—ସ୍ତ୍ରୀ) ସଂ. ବି—ହାତୀ—**Elephant.**

ଦୀର୍ଘବଚ୍ଛିକା—ସଂ. ବି—କୁମ୍ଭୀର (ହି. ଶବ୍ଦସାଗର)—
Dīrghabachchhikā Alligator.

ଦୀର୍ଘବାଳା—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ଦୀର୍ଘ+ବାଳ+ଆ)—ଦୀର୍ଘକେଶ-
Dīrghabālā ବିଶିଷ୍ଟା (ସ୍ତ୍ରୀ)—Long-haired
(ଦୀର୍ଘବାଳ—ପୁଂ) ସଂ. ବି. ସ୍ତ୍ରୀ—ଚମରୀଗୋ—The cow **yak**

ଦୀର୍ଘ ମାତ୍ରା—ସଂ. ବି (ଦୀର୍ଘ+ମାତ୍ରା; କର୍ମଧା)—**ଅଧୁନିକ ଗଣିତ ପରିଭାଷା)**
Dīrgha mātrā ୧ । ବ୍ରାକେଟ୍ ବା ବନ୍ଧନୀ ଚିହ୍ନ, (ଯଥା ( );
[ ] (ବ୍ରାକେଟ୍)—1. Bracket signs.
୨ । (ଅଧୁନିକ ଗଣିତ ପରିଭାଷା) ଏକପ୍ରକାର ବନ୍ଧନୀ ବା ବ୍ରାକେଟ୍ ଚିହ୍ନ; ରାଶିଗଣର ଊର୍ଦ୍ଧ୍ୱରେ ଟଣାଯିବା ବନ୍ଧନୀ-ଜ୍ଞାପକ ରେଖା—2. (mathematics) The sign of vinqulum; .a line or link drawn over more than one number indicating or serving the purpose of a bracket.

[ଦ୍ର—ଯେଉଁ ରାଶିମାନଙ୍କ ଉପରେ ଏପରି ଚିହ୍ନ ଥାଏ ସେମାନଙ୍କୁ ପ୍ରଥମେ ଯୋଗ, ବିୟୋଗ, ଗୁଣନ, ହରଣ ଆଦି କରିବା ପରେ ତତ୍-ପାର୍ଶ୍ୱବର୍ତ୍ତୀ ଅନ୍ୟ ରାଶିମାନଙ୍କ ସମ୍ବନ୍ଧେ ପୂର୍ବୋକ୍ତ ଗାଣିତିକ କର୍ମ କରାଯାଏ । ଯଥା ($୬ \times \overline{୫+୫}$); ଏଠାରେ ପ୍ରଥମେ ଦ୍ୱିତୀୟ ୫ ସଙ୍ଗେ ତୃତୀୟ ୫କୁ ମିଶାଇବା ପରେ ଯୋଗଫଳକୁ ୬ରେ ଗୁଣିବାକୁ ହେବ । ($୬ \times \overline{୫+୫}$) ଏହି ସ୍ଥଳରେ ୨ୟ ଓ ୩ୟ ସଂଖ୍ୟା ଉପରେ ଦୀର୍ଘମାତ୍ରା ଚିହ୍ନ ଥିବାରୁ ଏଥିର ଫଳ ହେଲା ୬୦ । କିନ୍ତୁ ଯେବେ ଦୀର୍ଘମାତ୍ରା ଚିହ୍ନ ନ ରହିବ (୬×୫+୫) ତେବେ ପ୍ରଥମ ୫କୁ ଦ୍ୱିତୀୟ ୬ରେ ଗୁଣି ଗୁଣନଫଳରେ ତୃତୀୟ ୫ ଯୋଗ କରାଯିବ ଓ ତହିଁର ଫଳ ହେବ ୩୦ ।]
୩ । (ବ୍ୟାକରଣ) ବ୍ୟଞ୍ଜନ ବର୍ଣ୍ଣରେ ଯୁକ୍ତ ଦୀର୍ଘସ୍ୱର—
3. The sign of a long vowel joined to a consonant.

ଦୀର୍ଘମାତ୍ରିକ—ସଂ. ବିଣ (ଦୀର୍ଘ+ମାତ୍ରା+ଇକ) ଯେଉଁ ଛନ୍ଦରେ ଦୀର୍ଘ
Dīrghamātrika ମାତ୍ରା ଥାଏ—A metre having the consonants joined to long vowels.

ଦୀର୍ଘ ମାରୁତ—ସଂ. ବି (ଦୀର୍ଘ+ମାରୁତ; ବହୁବ୍ରୀହି)—ହାତୀ—
Dīrgha māruta Elephant.

ଦୀର୍ଘମୁଖୀ—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ଦୀର୍ଘ+ମୁଖ+ଈ)—ଲମ୍ବମୁହାଁ—
Dīrgha mukhī Long-faced (woman).
(ଦୀର୍ଘମୁଖ—ପୁଂ) ସଂ. ବି.—ଛୁଚୁନ୍ଦ୍ରା—The musk rat (Apte).

ଦୀର୍ଘରଙ୍ଗା—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ଦୀର୍ଘ+ରଙ୍ଗ+ଆ; ଯାହାର ରଙ୍ଗ
Dīrgha rangā ଦୀର୍ଘକାଳ ସ୍ଥାୟୀ)—ହଳଦୀ—Turmeric.

ଦୀର୍ଘ ରତ—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ଦୀର୍ଘ+ରତ; ଯାହାର ରମଣ ଦୀର୍ଘକାଳ-
Dīrgha rata ବ୍ୟାପୀ ଅଟେ)—ଦୀର୍ଘକାଳ ରମଣକାରୀ—
(ଦୀର୍ଘରତା—ସ୍ତ୍ରୀ) Copulating for a length of time.
ସଂ. ବି.—କୁକୁର—The dog.

ଦୀର୍ଘ ରଦ—ସଂ. ବିଣ. ପୁଂ (ଦୀର୍ଘ+ରଦ=ଦାନ୍ତ; ବହୁବ୍ରୀହି)—ବଡ଼
Dīrgha rada ଦାନ୍ତବିଶିଷ୍ଟ; ଦାନ୍ତୁରା—Having protuberant teeth; having long teeth or
(ଦୀର୍ଘରଦା—ସ୍ତ୍ରୀ) tusks.
ବି.—ବାରାହା; ଘୁଷୁରି—A hog; a boar.

ଦୀର୍ଘ ରସନ—ସଂ. ବିଣ. ଓ ବି. (ଦୀର୍ଘ+ରସନା; ବହୁବ୍ରୀହି)—
Dīrgha rasana ଦୀର୍ଘଜିହ୍ୱ (ଦେଖ)—
(ଦୀର୍ଘରସନା—ସ୍ତ୍ରୀ) Dīrghajihwa (See)

ଦୀର୍ଘରାଗା—ସଂ. ବି. ସ୍ତ୍ରୀ—(ଦୀର୍ଘ+ରାଗ=ରଞ୍ଜନ; ବହୁବ୍ରୀହି)—
Dīrgharāgā ହଳଦୀ—Turmeric.

ଦୀର୍ଘରାତ୍ର—ସଂ. ବି. (ଦୀର୍ଘ+ରାତ୍ରି; କର୍ମଧା)—ବଡ଼ ରାତି—
Dīrgha rātra Long night.

ଦୀର୍ଘରୋମା—ସଂ. ବି. (ଦୀର୍ଘ+ରୋମନ୍; ୧ମା. ୧ବ.)—ଦୀର୍ଘ ଲୋମଯୁକ୍ତ
Dīrgha romā Having long furs.
ବି.—୧ । ଭାଲୁ—1. Bear.
୨ । ଶିବଙ୍କ ଅନୁଚରବିଶେଷ—
2. Name of an attendant of God Śiba.

ଦୀର୍ଘ ରୋହିଷ—ସଂ. ବି. (କର୍ମଧା; ଦୀର୍ଘ+ରୋହିଷ)—ଧନିତ୍ରୀ ଗୁଳ୍ମ—
Dīrgha rohisha Dhanitrī plant (See)

ଦୀର୍ଘ ଲୋଚନ—ସଂ. ବିଣ. ପୁଂ (ବହୁବ୍ରୀହି; ଦୀର୍ଘ+ଲୋଚନ)—
Dīrgha lochana ଯାହାର ଚକ୍ଷୁ ଦୀର୍ଘ—
(ଦୀର୍ଘଲୋଚନା—ସ୍ତ୍ରୀ) Having long eyes.

ସଂ. ବି.—୧ । ଶିବଙ୍କ ଅନୁଚରବିଶେଷ—
1. Name of an attendant of Siba.
୨ । ଧୃତରାଷ୍ଟ୍ରଙ୍କ ଏକ ପୁତ୍ରର ନାମ—
2. Name of a son of Dhrutarāshṭra.

ଦୀର୍ଘଶୟନ—ସଂ. ବି. (ଦୀର୍ଘ+ଶୟନ; କର୍ମଧାରୟ)—ମହାନିଦ୍ରା; ମୃତ୍ୟୁ—
Dirghasayana Death.

କଂସ ପାଇବ ଦୀର୍ଘଶୟନ ବର୍ଟ । ନଇଲେ ପଡ଼ୁଲେଖକ ।
ଦୀନକୃଷ୍ଣ. ରସକଲ୍ଲୋଳ ।

ଦୀର୍ଘଶ୍ୱାସ—ସଂ. ବି. (ଦୀର୍ଘ+ଶ୍ୱାସ; କର୍ମଧା.)—ଦୀର୍ଘ ନିଶ୍ୱାସ (ଦେଖ)
Dirgha swāsa Dirgha niswāsa (See)

ଦୀର୍ଘଶ୍ରୁତ—ସଂ. ବିଣ. (ଦୀର୍ଘ+ଶ୍ରୁତ) ୧ । (ଉପପଦ ତତ୍ପୁରୁଷ)—
Dirgha sruta ଯାହା ବହୁଦୂର ପର୍ଯ୍ୟନ୍ତ ଶୁଣା ଯାଏ—
1. Audible to a great distance.
୨ । (ବହୁବ୍ରୀହି)—ସୁଦୂରବିଖ୍ୟାତ—
2. Far—famed.

ଦୀର୍ଘସତ୍ର—ସଂ. ବି.—୧ । ମହାଭାରତୋକ୍ତ ତୀର୍ଥବିଶେଷ—
Dirgha satra 1. A place of pilgrimage.

ଦୀର୍ଘସତ୍ରେ ମୁହ୍ଣାନ ଦେବ କଲେ ଯାନ,
ତହିଁ ଗଲେ ଲୋକ କୁଅର ମହାଜ୍ଞାନ । କୃଷ୍ଣସିଂ. ମହାଭାରତ ।

୨ । (କର୍ମଧା) ଯାବଜ୍ଜୀବନ କର୍ତ୍ତବ୍ୟ ଅଗ୍ନିହୋତ୍ର କର୍ମ—
2. A vedic sacrifice performable throughout life.
୩ । (କର୍ମଧା)—ବହୁକାଳବ୍ୟାପୀ ସୋମ ଯଜ୍ଞ—
3. The Soma sacrifice of long duration.
ସଂ. ବିଣ.—(ବହୁବ୍ରୀହି)—ଯେ ଦୀର୍ଘକାଳବ୍ୟାପୀ ଯଜ୍ଞ କରେ—
Engaged in the performance of a sacrifice of long duration.

ଦୀର୍ଘସୁରତ—ସଂ. ବିଣ. ଓ ବି. (ଦୀର୍ଘ+ସୁରତ; ବହୁବ୍ରୀହି)—
Dirgha surata ଦୀର୍ଘ ରତ (ଦେଖ)—Dirgha rata (See)

ଦୀର୍ଘସୂତ୍ର—ସଂ. ବିଣ. (ଦୀର୍ଘ+ସୂତ୍ର; ବହୁବ୍ରୀହି)—୧ । ବିଳମ୍ବରେ କାର୍ଯ୍ୟ-
Dirgha sūtra କାରୀ; ଚିରକ୍ରିୟ; ହେଳାବସ୍ତିଅ; ସବୁ କାମକୁ
(ଦୀର୍ଘସୂତ୍ରତା—ବି) ବିଳମ୍ବରେ କରିବା ଯାହାର ସ୍ୱଭାବ—
1. Dilatory; procrastinating.

ଅଳସ୍ୟକୁ ଅଙ୍ଗଦେଶରେ ଥିବ କହି
କରୁଥିବ ଦଣ୍ଡ ଦୀର୍ଘସୂତ୍ର ହୋଇ—କୃଷ୍ଣସିଂ. ମହାଭାରତ. ସଭା ।

୨ । ଦୀର୍ଘତନ୍ତୁବିଶିଷ୍ଟ—
2. Having long fibres.

ଦୀର୍ଘସୂତ୍ରୀ—ସଂ. ବିଣ. (ଦୀର୍ଘସୂତ୍ର+ଅସ୍ତ୍ୟର୍ଥରେ ଇନ୍; ୧ମା. ୧ବ)—
Dirghasūtri ଦୀର୍ଘସୂତ୍ର (ଦେଖ)—
(ଦୀର୍ଘସୂତ୍ରିତା—ବି) Dirgahsūtra (See)

ଶତ ଅସମାହୃତ ଅନସ ପ୍ରାକୃତ
ବଣାଶା ଘର୍ଦ୍ଧସୂତ୍ରୀ ମୁଦ୍ଧ ଅଯୁକତ—କୃଷ୍ଣସିଂ. ମହାଭାରତ. ଶାନ୍ତି ।

ଦୀର୍ଘସୂତ୍ରେ—ଦେ. କ୍ରି. ବିଣ—୧ । ବିଳମ୍ବସହକାରେ—
Dirghasūtre 1 Dilatorily.

୨ । ବହୁକାଳ ପରେ; ବହୁ ବିଳମ୍ବରେ—
2. In the long run; after a great delay.

ବୋଇଲେ ଶୁରେ ଶୁଦେ ଷଣ୍ଡ କଲ୍ଲ ଦେବେ
ଦୀର୍ଘସୂତ୍ରେ ଜନକ ହୋଇ ସେ—ଭକ୍ତ. ବୈଦେହୀଶବିଳାସ ।

ଦୀର୍ଘସ୍କନ୍ଧ—ସଂ. ବି (ଦୀର୍ଘ+ସ୍କନ୍ଧ ଯାହାର; ବହୁବ୍ରୀହି)—ତାଳଗଛ—
Dirgha skandha The palm tree.

ଦୀର୍ଘସ୍ୱର—ସଂ. ବି (କର୍ମଧା; ଦୀର୍ଘ+ସ୍ୱର)—
Dirgha swara ୧ । (ବ୍ୟାକରଣ)—ଦ୍ୱିମାତ୍ରିକ ସ୍ୱରବର୍ଣ୍ଣ—
1. (grammar) Long vowel.
୨ । ବହୁକାଳସ୍ଥାୟୀ ଶବ୍ଦ—
2. Long tone; a sound which lasts long.

ଦୀର୍ଘା—ସଂ. ବିଣ. ସ୍ତ୍ରୀ. (ଦୀର୍ଘ+ଆ)—ଦୀର୍ଘର ସ୍ତ୍ରୀଲିଙ୍ଗ—
Dirghā Feminine of Dirgha.
ସଂ. ବି—୧ । ପୃଶ୍ନିପର୍ଣ୍ଣୀ (ହ. ଶବ୍ଦସାଗର) (ଦେଖ)
1. Prusniparnni (See)
୨ । ଦୀର୍ଘ ପୋଖରୀ—2. A long tank.

ଦୀର୍ଘାକାର—ସଂ. ବିଣ. (ଦୀର୍ଘ+ଆକାର; ବହୁବ୍ରୀହି)—
Dirghākāra ୧ । ଡେଙ୍ଗା; ଦୀର୍ଘ ଆକୃତିବିଶିଷ୍ଟ—
(ଦୀର୍ଘାକୃତି—ଅନ୍ୟରୂପ) 1. Of high stature; tall.
୨ । ଲମ୍ବୁଆ—2. Oblong.

ଦୀର୍ଘାଧର—ସଂ. ବିଣ. ପୁଂ. (ବହୁବ୍ରୀହି; ଦୀର୍ଘ+ଅଧର)—ଯାହାର
Dirghādhara ଓଠ ଦୀର୍ଘ—Long-lipped.
(ଦୀର୍ଘାଧରା—ସ୍ତ୍ରୀ) ସଂ. ବି—ଓଟ୍ଟ—Camel.
(ଦୀର୍ଘାଧରତା—ବି)

ଦୀର୍ଘାଧ୍ୱଗ—ସଂ. ବି. ପୁଂ. (ଦୀର୍ଘ+ଅଧ୍ୱନ୍+ଗମ୍ ଧାତୁ+କର୍ତ୍ତୃ.ଅ)—
Dirghādhwaga ଯେ ଦୀର୍ଘ ପଥ ଗ୍ଲେ ବା ଦୀର୍ଘକାଳ ବାଟ ଗ୍ଲେ—
Travelling long distances or for long periods.
(ଦୀର୍ଘଗତି—ଅନ୍ୟରୂପ) ସଂ. ବି—୧ । ଓଟ୍ଟ—1. Camel.
୨ । ଦୂତ—2. A messenger; an express (Apte).

ଦୀର୍ଘାୟୁଃ—ସଂ. ବିଣ. (ଦୀର୍ଘ+ଆୟୁଃ ଯାହାର; ବହୁବ୍ରୀହି)—ଚିରଜୀବୀ—
Dirghāyuḥ Long-lived.
ଦୀର୍ଘାୟୁଷ୍ୟ } ଅନ୍ୟରୂପ
ଦୀର୍ଘାୟୁ }
ବି—୧ । ଶିମିଳି ଗଛ—1. The silk-cotton tree; Bombax Heptophylla.
୨ । କୁଆ—2. The crow.
୩ । ମାର୍କଣ୍ଡେୟ ମୁନି—3. The sage Mārkaṇḍeya.
୪ । (କର୍ମଧା) ବହୁକାଳବ୍ୟାପୀ ପରମାୟୁ—
4. Long life; longevity.

ଦୀର୍ଘାୟୁଧ—ସଂ. ବି. (କର୍ମଧା; ଦୀର୍ଘ+ଆୟୁଧ)—ବର୍ଛା—
Dirghāyudha Spear.

ଦୀର୍ଘାୟୁରସ୍ତୁ—ସଂ. ବାକ୍ୟ (ଆଶୀର୍ବାଦରେ ବ୍ୟବହୃତ ବାକ୍ୟ; ସଂ. ଦୀର୍ଘାୟୁଃ+
Dirghāyurastu ଅସ୍ତୁ=ଦୀର୍ଘଜୀବନ ହେଉ)—୧ । ତୁମର
ଦୀର୍ଘଜୀବନ ଲାଭ ହେଉ—(a sentence used by elders in blessing youngesters) May you live long.

୨ । ସେ ଦୀର୍ଘଜୀବୀ ହେଉ; ତାହାର ଦୀର୍ଘାୟୁ ହେଉ—
2. May he live long.

ଦୀର୍ଘାସ୍ୟ—ସଂ. ବିଣ. ପୁଂ. (ବହୁବ୍ରୀହି; ଦୀର୍ଘ+ଆସ୍ୟ)—
Dirghāsya ଯାହାର ମୁହଁ ଲମ୍ବ—Long-faced.
(ଦୀର୍ଘାସ୍ୟା—ସ୍ତ୍ରୀ) ସଂ. ବି. (ବହୁବ୍ରୀହି)—୧ । ହାତୀ—
1. Elephant.
୨ । (କର୍ମଧା) ଲମ୍ବଡ଼ା ମୁହଁ—2. A long face.

ଦୀର୍ଘାହ୍ନ—ସଂ. ବି. (ବହୁବ୍ରୀହି; ଦୀର୍ଘ+ଅହଃ; ଯେଉଁ ଋତୁରେ ଦିନ ବଡ଼
Dirghāhṇa ହୁଏ)—ଗ୍ରୀଷ୍ମକାଳ—Summer.
(ଦୀର୍ଘାହନ୍—ଅନ୍ୟରୂପ)

ଦୀର୍ଘିକା—ସଂ. ବି. ସ୍ତ୍ରୀ. (ଦୀର୍ଘ+କ+ସ୍ତ୍ରୀ. ଆ)—
Dirghikā ୧ । ବଡ଼ ପୋଖରୀ; ଦୀଘୀ; ୧୨୦୦ ହାତ ଓ ତଦୂର୍ଦ୍ଧ୍ୱ ପରିମିତ ଜଳାଶୟ—1. A large tank.
୨ । ଲମ୍ବା ପୋଖରୀ; ଯେଉଁ ପୋଖରୀର ଦୈର୍ଘ୍ୟ ପ୍ରସ୍ଥ ଅପେକ୍ଷା ବେଶି—2. An oblong tank.
ଦେ. ବି—ପ୍ରାଚୀନ ଅର୍ଣ୍ଣବପୋତବିଶେଷ—
An ancient sea-going vessel.
[ଦ୍ର—ଭୋଜ ରାଜାଙ୍କ ପ୍ରଣୀତ 'ଯୁକ୍ତିକଳ୍ପତରୁ' ଗ୍ରନ୍ଥ ଦ୍ରଷ୍ଟବ୍ୟ—ଜଗବନ୍ଧୁ, ପ୍ରାଚୀନ ଉତ୍କଳ ।]

ଦୀର୍ଘୀକୃତ—ସଂ. ବିଣ. (ଦୀର୍ଘ+ଅଭୂତତଦ୍ଭାବେ ଚ୍ୱି+କୃତ)—
Dirghikṛuta ଯାହାକୁ ଦୀର୍ଘ କରା ଯାଇଅଛି—
(ଦୀର୍ଘୀକରଣ—ବି) Prolonged; lengthened.

ଦୀର୍ଘୀଭୂତ—ସଂ. ବିଣ. (ଦୀର୍ଘ+ଅଭୂତତଦ୍ଭାବେ ଚ୍ୱି+ଭୂତ)—
Dirghibhūta ଯାହା ପୂର୍ବେ ଦୀର୍ଘ ନ ଥିଲା ବର୍ତ୍ତମାନ ଦୀର୍ଘ
(ଦୀର୍ଘୀଭାବ—ବି) ହୋଇଅଛି—Become long; elongated.

ଦୀର୍ଣ୍ଣ—ସଂ. ବିଣ. (ଦୃ ଧାତୁ=ବିଦାରଣ କରିବା+କର୍ମ. ତ)—
Dirṇṇa ୧ । ବିଦାରିତ—1, Pierced through; split; torn.
୨ । ଭଗ୍ନ—2. Broken.
୩ । (ଦୃ ଧାତୁ=ଭୟ ପାଇବା+କର୍ତ୍ତୃ. ତ)—
ଭୀତ—Frightened; afraid.
ସଂ. ବି (ଦୃ ଧାତୁ+ଭାବ. ତ) ବିଦାରଣ—
Act of splitting, tearing or rending.

ଦୁ (ଧାତୁ)—ସଂ—୧ । ତପ୍ତ କରିବା—
Du (root) 1. To heat.
୨ । ପୋଡ଼ି ଦେବା—2. To burn; to consume with fire.
୩ । ପୀଡ଼ା ଦେବା—3. To torment; to afflict.
୪ । ଦୁଃଖ ଦେବା—4. To pain.
୫ । କଷ୍ଟ ବା ଦୁଃଖ ପାଇବା—
5. To be afflicted with pain.
୬ । ଗତି କରିବା—6. To go; to move.

ଦୁ—ଦେ. ବିଣ. (ସଂ. ଦ୍ୱି; ଅନ୍ୟ ଶବ୍ଦ ପୂର୍ବେ ବସିଲେ 'ଦୁଇ' ଶବ୍ଦ
Du 'ଦୁ' ଉଚ୍ଚାରିତ ହୁଏ)—ଦୁଇ—Twice; two.
दु (ଯଥା—ଦୁଗୁଣ=ଦୁଇ ଗୁଣ; ଦୁବେଳ=ଦ୍ୱିବେଳା ।)
दो, दु

ଦୁଆ—ଦେ. ବି. (ସଂ. ଦ୍ୱି —
Duā ୧ । କଉଡ଼ି ଓ ପଶା ଖେଳର ୨ ସଂଖ୍ୟକ ଦାଉ—
দোকা 1. A throw of cowries or dice resulting in two.
दुआ, दुक्की
୨ । ଦୁଇ ବିନ୍ଦୁ ଥିବା ତାସ୍—2. The duece at cards; the card having 2 points on it.
୩ । କାନ୍ଥ ଦେବା ସମୟରେ ଦିଆଯିବା ଏକ ପ୍ରସ୍ଥ କାଦୁଅ—
3. One course or layer of mud masonry.
୪ । (ସଂ. ଦୋ ଧାତୁ=ଛେଦନ କରିବା)—(ଧାନ ଗଛ) କଟାଯିବା—4. Harvesting (of paddy).
ବିଣ—୧ । ଦୁଇ ଥର ବଟା ହୋଇଥିବା (ହଳଦୀ)—
1. Pestled twice (turmeric).
୨ । ଦୁଇ ଥର କୁଟା ହୋଇଥିବା (ଧାନ ଆଦି)—
2. Twice-husked (paddy)
দোসরা ୩ । ଦ୍ୱିତୀୟ—3. Second
दुसरा (ଯଥା—ଦୁଆ ପହୁଅଁ ।)
ধুয়া ୫ । (ସଂ. ଧ୍ରୁବକ) ଗୀତରେ ପାଳିଆ ଧରିବା ବା ବୋଲିବା
दुहराव ପାଦ—5. Refrain or cue of a song.
୬ । କଟା ଯାଇଥିବା (ଧାନଗଛ)—
6. Harvested or cut (paddy plant).
দোআ ବୈଦେ. ବି. (ଅ. ଦୁଆ)—୧ । ଆଶୀର୍ବାଦ—
दुआ 1. Blessing.
୨ । ଈଶ୍ୱରଙ୍କୁ ଅନ୍ୟପାଇଁ ପ୍ରାର୍ଥନା—
2. Invoking God's blessing on another.
୩ । କୋରାନ୍‌ର ଗୋଟିଏ ମନ୍ତ୍ର—
3. A text from the Quoran.

ଦୁଆଁ—ଦେ. ବି. (ସଂ. ଦୋହନ; ଦୁହ୍ ଧାତୁ)—ଦୁହାଁ (ଦେଖ)
Duāñ Duhāñ (See)
ପ୍ରାଦେ. (ସମ୍ବଲପୁର) ବି. (ସଂ. ଦାମ)—ପଘା—Tether.

ଦୁଆକ—ଦେ. ବି. (ପାନବରଜ ଭାଷା)—ପାନ ଲତାର ଦୁଇଟି ପୋତକୁ
Duāka ବା କେସରକୁ ଏକତ୍ର ବାନ୍ଧିବା ପାଇଁ ପ୍ରଥମ ଗଣ୍ଠି, ଯାହାକି ଦୁଇ ପୋତର ମଝିରେ ଥାଏ—The first knot to tie together two betel creepers trained to one twig.

ଦୁଆଡ଼ି—ଦେ, ବି—ପ୍ରାଚୀନ ଓଡ଼ିଶାରେ ଯୁଦ୍ଧରେ ବ୍ୟବହୃତ ଦୁଇ କଳା
Duārḍa ଥିବା ଅସ୍ତ୍ରବିଶେଷ (ମାଦଳା ପାଞ୍ଜି)—
A two-pronged weapon.

ଗାଈଆଳବାଠାରେ ଧରଥାନ୍ତି କରେ
ଦୁହାଠେଙ୍ଗା ଭଲ ଦୁଆଡ଼ି । ବ୍ରଜନାଥ. ସମରତରଙ୍ଗ ।

ଦୁଆତ—ବୈଦେ. ବି. (ଅ. ଦାବାତ)—ମସୀଧାର; କାଳିଗଡ଼ୁ—
Duāta Inkstand; inkpot.
(ଦୁଆତଗଡ଼ୁ—ଅନ୍ୟରୂପ)
দোয়াৎ दवात

ଦୁଆତ କଲମ—ବୈଦେ. ବି. (ସହିତର ଅ. ଦାବାତ୍ + କଲମ୍)—
Duāta kalama କାଳିଗଡ଼ୁ ଓ କଲମ; ଲେଖିବାର ଉପକରଣ—
দোয়াৎ কলম दवात कलम Inkstand and pen.

ଦୁଆତ ପୂଜା—ଦେ. ବି—ବିହାର ଅଞ୍ଚଳରେ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା
Duāta pūjā ଦିନ ଅନୁଷ୍ଠିତ ପର୍ବବିଶେଷ—Name of a
দোয়াত পূজা festival observed on the second day
दवात पूजा of the bright fortnight in the month of Kārttika in Bihar.

ଦୁଆଦଶୀ—ଗ୍ରା. ବି. (ସଂ. ଦ୍ୱାଦଶୀ) ଦ୍ୱାଦଶୀ ତିଥି—
Duādasi The 12th day of the lunar fortnight.
(ଦୁଆଦୂଶୀ—ଅନ୍ୟରୂପ) ମାର୍ଗଶିରମାସର ଦୁଆଦଶୀ ଦିନ
দ্বাদশী ଉପବାସ କରି ଯେ କେଶବ ପୂଜକ ।
दुआदसी କୃଷ୍ଣସିଂହ. ମହାଭାରତ ।

ଦୁଆଦୁଇ—ପ୍ରାଦେ. (ଗଞ୍ଜାମ) ବି. (ସଂ. ଦୋ ଧାତୁ = ଛେଦନ)—
Duādui Harvesting of paddy.
(ଦୁଆଦୋଇ—ଅନ୍ୟରୂପ

ଦୁଆନ୍—ପ୍ରାଦେ. (ସିଂହଭୂମ) ବି—ଦେଓ୍ୱାନ—
Duān Dewan.

ଦୁଆ ପଢ଼ୁଆଁ—ଦେ. ବି. (ସଂ. ଦ୍ୱିତୀୟ ଓ ପ୍ରଥମ)—
Duā pardhuān̐ ୧ । ଜ୍ୟେଷ୍ଠ ସନ୍ତାନର ପରବର୍ତ୍ତୀ ଦ୍ୱିତୀୟ ସନ୍ତାନ—
(ଦୁଆ ପୋଢ଼ୁଆଁ—ଅନ୍ୟରୂପ) 1. The second child of the parents.

୨ । ମୃତ ଜ୍ୟେଷ୍ଠ ସନ୍ତାନର ତଳଆ ଦ୍ୱିତୀୟ ସନ୍ତାନ—
2. The second child of the parents whose first child expired before the performance of Pardhuān̐ ceremony.

[ଦ୍ର—ପ୍ରଥମ ସନ୍ତାନର ପ୍ରଥମାଷ୍ଟମୀ (ପଢ଼ୁଆଁ) ଉତ୍ସବ କରାଯିବା ପୂର୍ବରୁ ଯଦି ତାହାର ମୃତ୍ୟୁ ଘଟୁଥାଏ ତେବେ ଗୌଣ ପକ୍ଷରେ ଦ୍ୱିତୀୟ ସନ୍ତାନର ପଢ଼ୁଆଁ ଉତ୍ସବ କରାଯାଏ ଏବଂ ଏ ସନ୍ତାନକୁ ଦୁଆ ପଢ଼ୁଆଁ କହନ୍ତି । ପ୍ରଥମ ସନ୍ତାନର ପଢ଼ୁଆଁ ଉତ୍ସବ କରାଯିବା ପରେ ସେ ମୃତ ହେଲେ ଦ୍ୱିତୀୟ ସନ୍ତାନର ପଢ଼ୁଆଁ ଉତ୍ସବ କରାଯାଏ ନାହିଁ କିମ୍ବା ତାକୁ ଦୁଆ ପଢ଼ୁଆଁ କୁହାଯାଏ ନାହିଁ ।]

ଦୁଆପାଲି—ଦେ. ବି—ଦୁଆରପାଲ (ଦେଖ)
Duāpāli Duārapāla (See)

ଦୁଆପିକା—ପ୍ରାଦେ. (ଗଞ୍ଜାମ) ବି—ଏକପ୍ରକାର କଉଡ଼ିଖେଳ—
Duāpikā A kind of indoor game with small shells

[ଦ୍ର—ଏହି ଖେଳରେ ହାତ ମୁଠାରେ ଅଯୁତ (କଉଡ଼ି) ଲୁଚାଇ ଖେଳନ୍ତି । ଏ ଖେଳର ଦାନ ୪ ପ୍ରକାର, ଯଥା—ପିକା = ୧, ୫, ୯, ୧୩ । ଦୁଆ = ୨, ୬, ୧୦, ୧୪ । ସତା = ୩, ୭, ୧୧, ୧୫ । ପୁଡ଼ା = ୪, ୮, ୧୨, ୧୬ । ସାତପୁଡ଼ା ଖେଳ ମଧ୍ୟ ଏହିପରି ।]

ଦୁଆବ୍—ବୈଦେ. ବି. (ଫା. ଦୁଆବ; ଭୁଲ. ସଂ. ଦ୍ୱି + ଅପ୍ = ଜଳ)—
Duāb ୧ । ଦୁଇ ନଦୀର ମଧ୍ୟବର୍ତ୍ତୀ ଦେଶ—
দোআব 1. Doab; a country between 2 rivers.
दुआब ୨ । ଗଙ୍ଗା ଓ ଯମୁନାର ମଧ୍ୟବର୍ତ୍ତୀ ଦେଶ—2. The tract of country between the Ganges and the Jamunā.

ଦୁଆବଟା—ଦେ. ବିଣ (ସଂ. ଦ୍ୱି ଓ ବଟ୍ଟ)—ଦୁଇଥର ବଟା ହୋଇଥିବା
Duābaṭā (ହଳଦୀ)—Twice pestled
দুঅবাটা (turmeric paste).
(ଦୁଅ ଉକୁଆଁ—ଅନ୍ୟରୂପ)

ଦୁଆ ଯିବା—ଦେ. କ୍ରି. [ସଂ. ଦୋ ଧାତୁ = ଛେଦନ କରିବା, ଦାଇବା
Duā jibā (ଦାଆରେ କାଟିବା)ର କର୍ମବାଚ୍ୟରୂପ]—(ଶସ୍ୟ)
(ଦୁଅ ହେବା—ଅନ୍ୟରୂପ) କଟାଯିବା—
(corn) To be reaped or harvested.

ଦୁଆର—ଦେ. ବି. (ସଂ. ଦ୍ୱାର; ପ୍ରା. ଦୁୟାର; ଭୁଲ. ଙ୍ଗ. ଡୋର୍; ଫା. ଦରୱାଜା)—୧ । କବାଟ—1. Door.
Duāra
দুয়ার; দোর ସୁରଙ୍ଗ ଗ୍ରାଡୀ ପ୍ରବେଶ ଦୁଆର
दुआर ଫେଡ଼ ଦୁରବାଲା ହେଲ ବାହାର—ସାଳମଣି. ଚନ୍ଦ୍ରାବରଙ୍କଣୀ ।

୨ । ସଦର ଦରଜା; ଗୃହର ପ୍ରଧାନ ପ୍ରବେଶ ମାର୍ଗ—
2. The chief entrance to a house.
ଗୁରୁପୁଣି ଦୁଆରେ ବେଦରୁ ପଢ଼ିଲେ । କୃଷ୍ଣସିଂହ. ମହାଭାରତ. ବନ ।

୩ । ଫାଟକ—3. Gate; gateway.
ଦୁର୍ଯ୍ୟୋ ତ ଭୂତରକୁ ଗଲ, ଅଙ୍କୁ ଦୁଆର ଲଗାଇଲ । ତଳ ।

୪ । ଦ୍ୱାର ନିକଟସ୍ଥ ପିଣ୍ଡା—
4. A veranda adjoining the entrance to a house; balcony.
ଅର୍ଦ୍ଧରାତ୍ରି ସେଠ ସେ ଅସି ଦୁଆରକୁ । କୃଷ୍ଣସିଂହ, ମହାଭାରତ ସଭା ।

୫ । ପ୍ରାଙ୍ଗଣ; ଅଗଣା—5. A courtyard.
ସହୁ ନ ପାର ଛାଡ଼ି ବୋଇଲେ ଧାଇଣ
ଡାକଅଣ ଦୁଆରେ ଏବା ମୁଁ ସହିବ । କୃଷ୍ଣସିଂହ. ମହାଭାରତ. ବନ ।

୬ । ଓଡ଼ିଶାର ସ୍ୱାଧୀନ ରାଜାଙ୍କ ସମୟରେ ଯୁଦ୍ଧରେ ବ୍ୟବହୃତ ଦୁଇ ମୁନିଆଁ ଶସ୍ତ୍ରବିଶେଷ (ଭଗବାନ୍—ପ୍ରାଚୀନ ଉତ୍କଳ ।)—
6. A two-pronged weapon, used in the wars of Orissa in olden days.

ଦୁଆର କିଳିବା—ଦେ. କ୍ରି. (ସଂ. ଦ୍ୱାର ଓ କୀଲ୍ ଧାତୁ)—ଦ୍ୱାର ବନ୍ଦ
Duāra kilibā କରିବା; କବାଟ ବନ୍ଦ କରିବା—
দুয়ার লাগাম दरवाजा बंद करना To shut the door.
ଦୁଆର ଦେବା; ଦୁଆର ପକା(କେ)ଇବା } ଅନ୍ୟରୂପ
ଦୁଆର ଲଗା(ଗେ)ଇବା

ଦୁଆର ଗଡ଼ା—ପ୍ରାଦେ. (ଯାଜପୁର) ବି—ବ୍ରତ ବିବାହରେ ସଦର ଦୁଆର
Duāra gardā ମୁହଁରେ ଓ କାନ୍ଥରେ ଦିଆଯିବା ଗୋଳ ବା ଚିତା—
The painting on walls done on festive occasions, such as sacred thread or marriage ceremony.

ଦୁଆର ଜଗା(ଗେ)ଇବା—ଦେ. କ୍ରି—ଘରଭିତରେ ପ୍ରବେଶ କରିବା
Duāra jagā(ge)ibā ପରେ ଦ୍ୱାର ରକ୍ଷା କରିବା ପାଇଁ ଅନ୍ୟ ବ୍ୟକ୍ତିଙ୍କୁ ଦ୍ୱାରଦେଶରେ ନିଯୁକ୍ତ କରିବା ବା ରଖାଇବା—
To set a person to guard the door; to leave a person in charge of the door (said of a person entering a house).

ତୁମ୍ଭେ ତ ଭିତରକୁ ଗଲ । ଆମ୍ଭଙ୍କୁ ଦୁଆର ଜଗାଇଲ—ଚଗ ।

ଦୁଆର ଜଗିଆ—ଦେ. ବଣ—ଯେ ଦ୍ୱାରରେ ପହରା ଦିଏ—
Duāra jagiā Watching at the door.
ଦୁଆର ଜଗୁଆଳ } ଅର୍ଥାନ୍ତରରୂପ ଦେ. ବି—ଦ୍ୱାରରକ୍ଷକ; ଦ୍ୱାରୀ—
ଦୁଆର ଜଗୁଆଳି } Door keeper.

ଦୁଆର ଜଗିବା—ଦେ. କ୍ରି—ଦୁଆରମୁହଁରେ ଠିଆ ହେବା; ଦ୍ୱାର ରକ୍ଷା
Duāra jagibā କରିବା—To watch or guard at the entrance or door.

ଦୁଆର ଦିଆ—ଦେ. ବି—ଦୁଆର ବନ୍ଦକରିବା—Shutting the door
Duāra diā against a person.
दुयार लागा **किवाड़ बंद**

ଦିଅନ୍ତୁ ଭାଷା, ଅଦିଅନ୍ତୁ ଦୁଆର ଦିଆ—ଚଗ ।

ଦୁଆର ଦୁଆର—ଦେ. ଅବ୍ୟୟ—ପ୍ରତିଘର—
Duāra duāra From door to door.
দ্বারে দ্বারে **द्वार द्वार**

ଦୁଆର ଦୁଆର ମାଗିବା—ଦେ. କ୍ରି—ପ୍ରତିଘର ମାଗି ବୁଲିବା—
Duāra duāra māgibā To beg from door to door.
দোর দোর মাগা **दरवाज़े दरवाज़े फिरना; दरवाज़े दरवाज़े मांगना**
ଦୁଆର ଦୁଆର ବୁଲିବା } ଅନ୍ୟରୂପ
ଦୁରଥା ଦୁଆର ମାଗି ବୁଲିବା }

ଦୁଆର ନ ମାଡ଼ିବା—ଦେ. କ୍ରି—କୌଣସି ବ୍ୟକ୍ତିର ଦ୍ୱାର ନିକଟକୁ
Duāra na mārdibā ଅଦୌ ନ ଆସିବା; ପାଖରେ ନ
দোর ন মাড়া ପଶିବା—Not to come near; never to approach one's door; never to set foot on one's door.

ଦୁଆର ପଡ଼ିବା—ଦେ. ଚ—୧ । ଦ୍ୱାର ବନ୍ଦ ହେବା—
Duāra pardibā 1. The shutting of a door.
দোরপড়া ୨ । (କୌଣସି ସମାଜଚ୍ୟୁତ ବା ବିପନ୍ନ ବ୍ୟକ୍ତିର) ଘରକୁ ସମାଜର ଅନ୍ୟ କାହାରି ନ ଆସିବା ଅବସ୍ଥା—
2. The state of people desisting from visiting the house of an excommunicated person or one involved in trouble.
୨ । (କୌଣସି ବ୍ୟକ୍ତିର) ଗୃହ ବସନ୍ତ ଓ ମହାମାରୀ ଆଦି ଯୋଗୁଁ ଜନଶୂନ୍ୟ ହେବା—
2. The state of a person's house being depopulated by some scourge or divine visitation.

ଦୁଆର ପାଲି—ଦେ. ବି. (ସଂ. ଦ୍ୱି + ଓ. ପାଳି; ସଂ. ଦ୍ୱିରାଗମନ)—
Duāra pāli ବଡ଼ିଲା କନ୍ୟାର ଦ୍ୱିତୀୟଥର ଶାଶୁ ଘରକୁ ଯିବା—
(ଦୁଆ-ପାଳି—ଅନ୍ୟରୂପ) The going of a grown-up
दुरागौन girl to her husband's house for the second time.

[ଦ୍ର—ପ୍ରଥମ ଥର ଯିବାକୁ ପହିଲପାଳି କହନ୍ତି; କନ୍ୟା ପହିଲପାଳି ଶାଶୁ ଘରକୁ ଯାଇ ସେଠାରେ କିଛିକାଳ ରହି ବାପଘରକୁ ଫେରି ଆସେ; ବାପ ଘରେ କିଛି କାଳ ରହିବା ପରେ ପୁଣି ଦ୍ୱିତୀୟ ଥର ଶାଶୁଘରକୁ ଯିବାକୁ ଦୁଆରପାଳି କୁହାଯାଏ ।]

ଦୁଆର ଫିଟା(ଟେ)ଇବା—ଦେ. କ୍ରି—୧ । ବନ୍ଦ ହୋଇଥିବା କବାଟକୁ
Duāra phiṭā(ṭe)ibā ମୁକ୍ତ କରିବା—1. To open the door.
ଦୁଆର ମେଲା କରିବା } ଅନ୍ୟରୂପ
ଦୁଆର ମୁକୁଳା(ଳେ)ଇବା }
দোর খোলা ୨ । ଘର ଆଦିରେ ବନ୍ଦଥିବା କୌଣସି ସ୍ଥାନକୁ
किवाट खुलना ପ୍ରବେଶାର୍ଥେ ଦୁଆର ବାଟ ଖୋଲି କରିବା—
2. To open an entrance to a closed place.

ଦୁଆର ବନ୍ଧ—ଦେ. ବି. (ସଂ. ଦ୍ୱାରବନ୍ଧ)—
Duāra bandha ୧ । ଦେହଳି; କବାଟର ଚଉକାଠ—
গোবরাট 1. The frame of the door;
देहली door-frame.
୨ । ଏରୁଣ୍ଡି ବନ୍ଧ—2. Threshold.

ଦୁଆର ମଡ଼ା—ଦେ. ବି—ଅନ୍ୟର ଘରକୁ ଯିବା—
Duāra mardā Going to or setting one's foot
(ଦୁଆର ମାଡ଼ିବା—କ୍ରି) on another person's house.

ଦୁଆର ମୁହଁ—ଦେ. ବି. (ସଂ. ଦ୍ୱାର ମୁଖ)—
Duāra muhan ଗୃହର ପ୍ରବେଶ ମାର୍ଗ—
দোরগোড়া Entrance to a house.

ଦୁଆରା—ପ୍ରାଦେ. (ଗଞ୍ଜାମ) ବି—ଦୌରା (ଦେ. ଅଷ୍ଟା ୧୮।୧୬।୨୧)—
Duārā Sessions.

ଦୁଆରୀ—ଦେ. ବି. (ସଂ. ଦ୍ୱାରୀ; ତୁଳ. ଫା. ଦରବାନ୍)—
Duāri ୧ । ଦ୍ୱାର ରକ୍ଷକ; ଦରୁଆନ; ଦ୍ୱାରପାଳ—
দুয়ারী 1. Door-keeper; porter; durwan;
दरबान gate-keeper.

ତାହା ଶୁଣି ଦୁଆରୀ କହାଇଲେ ବେଗେ । କୃଷ୍ଣସିଂ. ମହାଭାରତ. ସଭା ।

୨ । ଗ୍ରାମ୍ୟ ଯାତ୍ରା ଦଳର ବିଦୂଷକ—
2. The jester in a dancing party.

ଦୁଆରୀ ପୂଜା—ଦେ. ବି—୧ । ଗ୍ରାମର ଠାକୁରମାନେ ଯାତ୍ରା ଉପଲକ୍ଷରେ
Duāri pūjā ଗ୍ରାମ ଦାଣ୍ଡରେ ଯିବା ସମୟରେ ପ୍ରତ୍ୟେକ ଗୃହସ୍ଥର ଦ୍ୱାର ସମ୍ମୁଖରେ କିଛି ସମୟ ଅପେକ୍ଷା କରିବା ଅବସ୍ଥାରେ ଦେବତାଙ୍କୁ ସେହି ନୈବେଦ୍ୟାଦି ଗୃହସ୍ଥ ଅର୍ପଣ କରେ—
1. Offerings made to a Deity at the door of every villager when He is taken round along the village-road during festivals.
୨ । ଗ୍ରାମର ଠାକୁରମାନେ ଯାତ୍ରା ଉପଲକ୍ଷରେ ଗ୍ରାମଦାଣ୍ଡରେ ଯିବା ସମୟରେ ପ୍ରତ୍ୟେକ ଗୃହସ୍ଥ ତାଙ୍କ ନିଜ ଦ୍ୱାର—

ଦେଶରେ ଭକ୍ତ ସମସ୍ତ ଗ୍ରାମର ନାନାବିଧ ପୂଜା-ସାମଗ୍ରୀ ଦ୍ୱାରା ଯେଉଁ ପୂଜା କରେ—
2. The act of worshipping a village-Deitiy by offering sacraments at the door of each villager while the Deity is carried in procession along the village street.

ଦୁଆଲି —ଦେ. ବ (ସଂ. ଦୋ ଧାତୁ=ଛେଦନ କରିବା)—ଧାନ କଟାଳି—
Duāli Paddy reaper.
(ଦୁଆଁଳି—ଅନ୍ୟରୂପ) ବଣ—ଦୁହାଁଳି (ଦେଖ) Duhāñli (See)

ଦୁଆଳିଆ—ବୈଦେ. ବିଣ. (ଫା. ଦବାଲ)—
Duālia ୧ । ଦେବାଳିଆ; ଋଣ ପରିଶୋଧରେ ଅସମର୍ଥ—
দিবালা 1. Insolvent.
दिवाला ୨ । ଦରିଦ୍ର; ଗରିବ—
2. Poor; poverty-stricken.
୩ । ଦାନ କରି କରି ନିଃସ୍ୱ -3. Reduced to poverty by giving away every thing.
୪ । ସର୍ବସ୍ୱାନ୍ତ—5. Exhausted to the last penny.

ଦୁଇ—ଦେ. ବି (ସଂ. ଦ୍ୱି, ଦ୍ୱୟ, ଦ୍ୱୌ; ପ୍ରା. ଦୁଅ; ଦୁଇ. ଲା. ଡୁଓ;
Dui ଇ. ଟୁ; ଜର୍ମାନ. ଡାଏ)—ଏକ ସଂଖ୍ୟାରେ ଏକ ସଂଖ୍ୟା
দু ମିଶିଲେ ଯେଉଁ ସଂଖ୍ୟା ହୁଏ;
दो, दुइ ଦୁଇ ସଂଖ୍ୟା—The number two
ବିଣ—୧ । ଦ୍ୱି ସଂଖ୍ୟକ—1. Numbering two.
୨ । ଦ୍ୱିତୀୟ - 2. Second.
୩ । କେତେକ; ଅଳ୍ପ ସଂଖ୍ୟକ—2. A few; a little.
(ଯଥା—ତାଙ୍କ ସଙ୍ଗେ ମୁଁ ଦୁଇପଦ କୁଶଳ ହେଲି ।)
ଦେ. ଅ—(ପୁରୁଣା କାଳିଆ ଚାଟଶାଳୀରେ ପ୍ରଚଳିତ ଶବ୍ଦ)—
ବହିର୍ଦ୍ଦେଶ ଯିବାପାଇଁ ଛାତ୍ର ଗୁରୁଙ୍କୁ ଅନୁମତି ପ୍ରାର୍ଥନା—
A term used by a student of an old-fashioned village-school in Orissa while asking permission of the teacher to go out to ease himself.
[ଦ୍ର—ପ୍ରସ୍ରାବ କରିବାକୁ ଯିବାପାଇଁ ଅନୁମତି ମାଗିଲା ବେଳେ ଛାତ୍ର 'ଏକ' ଶବ୍ଦ ଉଚ୍ଚାରଣ କରେ ।]

ଦୁଇ ଏକ—ଦେ. ବଣ (ସଂ. ଦ୍ୱି + ଏକ)—କିଛି; କେତେକ—
Dui eka Some; a few; a little.
দুএক (ଯଥା—ମୁଁ ଦୁଇ ଏକ କଥା କହିବି ।)
दो एक [ଦ୍ର—ଏହି 'କିଛି' ଅର୍ଥରେ ଦୁଇ ତିନି, ଦୁଇ ଚାରି ଇତ୍ୟାଦି ବ୍ୟବହୃତ ହୁଏ; ମାତ୍ର 'ଦୁଇ ଏକ' ଠାରୁ ସେ ସବୁ ପରିମାଣରେ ବା ସଂଖ୍ୟାରେ କିଞ୍ଚିତ୍ ଅଧିକ ବୁଝାଏ ।]

ଦୁଇକଡ଼ାର ହୋଇଯିବା—ଦେ. କ୍ରି—୧ । ଅତ୍ୟନ୍ତ ହୀନ ଅବସ୍ଥାପନ୍ନ
Duikardāra hoijibā ହୋଇଯିବା—1. To be reduced to extreme poverty
୨ । ଅପଦାର୍ଥ ହୋଇଯିବା—2. To become worthless.
୩ । ଅତ୍ୟନ୍ତ ଅପମାନିତ ହେବା—
3 To be awfully insulted.
(ଯଥା—ସଭାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦେବାରୁ ସେ ଦୁଇକଡ଼ାର ହୋଇଗଲେ ।)
୪ । ଅତି ଅକିଞ୍ଚନ ବୋଲି ପରିଗଣିତ ହେବା—
4. To be counted or regarded as a man of straw.
(ଯଥା—ଏହିପରି ଗର୍ହିତକାମ କଲେ ମନୁଷ୍ୟ କ୍ରମେ ଜଗତର ମାନ ମହତ୍ତ୍ୱ ହରାଇ ସମାଜରେ ଦୁଇକଡ଼ାର ହୋଇଯାଏ ।)

ଦୁଇଗୁଣ—ଦେ. ବ ଓ କ୍ରଣ ଓ ବଣର ବଣ. (ସଂ. ଦ୍ୱିଗୁଣ)—
Duiguṇa ୧ । ପୂର୍ବାପେକ୍ଷା ଅତ୍ୟନ୍ତ ବେଶୀ—
দুগুণ 1. Much more than before.
दोगुना ଲକ୍ଷ୍ମଣ ରାମଚନ୍ଦ୍ରଙ୍କୁ କରନ୍ତି ପ୍ରବୋଧ
ବୋଲେ କପି ଶୁଣି ରାମ ଦୁଇଗୁଣ କ୍ରୋଧ । ଜଗନ୍ନାଥ. ଦଶଗ୍ରୀବରାମାୟଣ ।
୨ । ଦୋହରା; ଡବଲ; ଦୋହରୁ—2. Double; twice.

ଦୁଇଗୋଡ଼ିଆ—ଦେ. ବଣ ଓ ବ—୧ । ଦଗୋଡ଼ିଆ (ଦେଖ)
Duigordiā 1. Digordiā (See)
୨ । ଦୁଇଦଳିଆ (ଦେଖ)—2. Duidaliā (See).

ଦୁଇଟିଆ—ଦେ. ବଣ—୧ । ଦୁଇଟିଣ ଏକତ୍ର ହୋଇଥିବା—
Duiṭiā 1. Consisting of two together.
୨ । ଦୁଇସଂଖ୍ୟା ସମ୍ବନ୍ଧୀୟ (ରାଶି)—2. Consistring of two digits.
୩ । ଯୋଡ଼ ଯୋଡ଼ ହୋଇ—3. In pairs; in couples.

ଦୁଇଠା—ଦେ. ବି, (ସଂ. ଦ୍ୱି ସ୍ଥାନ)—ଦୁଇସ୍ଥାନ; ଦୁଇଜାଗା—
Duiṭhā Two places.
দুজায়গা ଅ—୧ । ଦୁଇ ସ୍ଥାନରେ—1. At two places.
दोजगह ୨ । ଦୁଇଥର—2 Twice.

ଦୁଇଦଳିଆ—ଦେ. ବିଣ. (ସଂ. ଦ୍ୱିଦଳ)—ଯେଉଁ ବ୍ୟକ୍ତି ଦୁଇ ପକ୍ଷରେ
Duidaliā ଯୋଗ ଦିଏ—One who espouses the cause
দুজনের of both the opposite sides.

ଦୁଇ ଦିନ—ଦେ. ବି. (ସଂ. ଦ୍ୱି + ଦିନ) (ଲକ୍ଷଣାର୍ଥ)—କେତେକ ସମୟ;
Dui dina କେତେ ଦିନମାତ୍ର—A few days only.
দুদিন ଅଳ୍ପଦିନରେ ଅଛି ଜୀବ ସଂସାର ପ୍ରବାସେ
दोरोज କଟାଇ ଅନନ୍ତେ ଦୁଇ ଦିନ । ଚଲ୍ତାମଣି. ଚକ୍ରମାଡନ୍ଦ୍ୟ ।

ଦୁଇଦିନିଆ (ଆଁ)—ଦେ. ବିଣ. (ସଂ. ଦ୍ୱି + ଦିନ)—ଅଳ୍ପଦିନସ୍ଥାୟୀ;
Duidinia (āñ) ଅଚିରସ୍ଥାୟୀ—Lasting for a short time.
দুদিনের
दोरोजका ବୃଥା ଯେଉଁ ହେଉଅଛ ଅନୁରାଗ
ଦୁଇଥର ଦୁଇଦିନିଆ ଦୁଃଖଭାଗ । ପ୍ରଧାନାଥ. ଚରଚାର ।

ଦୁଇନାଆ(ହା)ରେ ଗୋଡ଼ ଦେବା—ଦେ. କ୍ରି—୧ । ଦୁଇ ନାବରେ ଏକ
Duinā-a(hā)re gordā debā ସମୟରେ ଗୋଡ଼ ପକାଇବା—
দুনাবে পা দেওয়া 1. To set foot on two
दोनोनावमे पयरदेना boats at a time
୨ । (ଲକ୍ଷଣାର୍ଥ) ଏକାବେଳକେ ଦୁଇଟି ଅବଲମ୍ବନ ଗ୍ରହଣ କରିବା—2. To take up two means or props at a time.

ଦୁଇ ପରାଣିଆ(ଆଁ)—ଦେ. ବି.—ଯେଉଁ ପରିବାରରେ ସ୍ୱାମୀ ସ୍ତ୍ରୀ ଛଡ଼ା
Dui parāṇiā(añ) ଅନ୍ୟ କେହି ଯଥା, ପିତାମାତା, ସନ୍ତାନ-
ସନ୍ତତି) ନ ଥାନ୍ତି—A family having none but the married couple.

ଦୁଇ ପରାଣିଆ ଭଲ, ବାବୁ କଟକ, ଭେ.। ତଗ।

ଦେ. ବିଣ.—କେବଳ ମାତ୍ର ବିବାହିତ ଦମ୍ପତିବିଶିଷ୍ଟ (ପରିବାର)—
(a family) Having none else than the married couple.

ଦୁଇ ପରାଣୀ—ଦେ. ବି. (ସଂ. ଦ୍ୱି+ପ୍ରାଣୀ)—୧। ସ୍ୱାମୀ ଓ ସ୍ତ୍ରୀ; ଗୃହସ୍ଥ
Dui parāṇi ଓ ଭାର୍ଯ୍ୟା; ଘେରସ୍ତ ଘରଣୀ—1. The couple; the husband and the wife.
୨। ପିତୃମାତୃହୀନ ଓ ଅପତ୍ୟହୀନ ଦମ୍ପତି—A married couple owning neither parents nor-children.

ଭଗି ତାଙ୍କ ଅଛି ଶାଶୁଅ ଘରକୁ ଦୁଇ ପରାଣୀ।
ଫକୀରମୋହନ. ଛମାଣଅଠଗୁଣ୍ଠ।

ଦୁଇ ପଲ୍ଲା କପାଟ—ପ୍ରାଦେ. (ବସ୍ତୁର)—ଯାହାର ଦୁଇ ଫାଳ
Dui palā kapāṭa Two-leafed door; a door having two leaves.

ଦୁଇ ପହର—ଦେ. ବି. (ସଂ. ଦ୍ୱିପ୍ରହର)—ଦିପହର (ଦେଖ)
Dui pahara Dipahara (See)

ଦୁଇପହରିଆ (ଇତ୍ୟାଦି)—ଦେ. ବିଣ. ଓ ବି.—
Dui paharia (etc) ଦିପହରିଆ ଇତ୍ୟାଦି (ଦେଖ)
Dipahariā etc (See)

ଦୁଇ ହାତିଆ—ଦେ. ବିଣ.—ଦି ହାତିଆ (ଦେଖ)
Dui hātiā Di hātiā (See)
(ଦୁଇହାତ—ଅନ୍ୟରୂପ)

ଦୁଉଚ୍ଛି—ଗ୍ରାମ୍ୟ (ଇତର) କ୍ରି.—(ଦିଶୁଛି କ୍ରିୟାର ରୂପାନ୍ତର)—ଦିଶୁଛି;
Du-uchhi ଦେଖା ଯାଉଛି—Is seen; appears.

ଦୁଉଣୀ—ଦେ. ବି.—ଛୋଟ ଜାହାଜ; ସ୍ଲୁପ୍—
Du-uṇi A sloop.

ଅଠ ସାନ ଜାହାଜର ନାମ ଦୁଉଣୀ।
ଫକୀରମୋହନ. ଗଳ୍ପସ୍ୱଳ୍ପ।

ଦୁଃ—ଦେ. ଅ.—ଛି! ଧିକ୍! ଥୁତ୍—
Duḥ Fie.
ତୁର୍ ଘତ୍
(ଦୁତ୍; ଦୁର୍; ଦୁର୍ କର୍; ଦୁର୍କର—ଅନ୍ୟରୂପ)

ଦୁଃଖ୍ (ଧାତୁ)—ସଂ. କ୍ରି.—୧। କ୍ଳେଶ ଦେବା—
Duḥkh (root) 1. To afflict.
୨। କଷ୍ଟ ପାଇବା—2. To suffer.

ଦୁଃଖ—ସଂ. ବି. (ଦୁଃଖ୍ ଧାତୁ+ଭାବ. ଅ)—୧। କ୍ଳେଶ—
Duḥkha 1. Trouble; distress; affliction; difficulty.
(ସୁଖ—ବିପରୀତ) ୨। କଷ୍ଟ—2. Pain; misery.
୩। ବେଦନା; ଜ୍ୱାଳା; ଯନ୍ତ୍ରଣା—
3. Pang; suffering; anguish.
୪। ଦୁର୍ଦ୍ଦଶା—4. Misfortune.
୫। ବିପଦ; ସଙ୍କଟ—5. Danger: woe.
୬। ଅସୁଖ; ପୀଡ଼ା—6. Sickness; illness.
୭। ମନଃପୀଡ଼ା; ଶୋକ—7. Mental uneasiness; sorrow; grief;dejetion.
୮। ଅଧର୍ମ ହେତୁ ଆତ୍ମାର ଗ୍ଳାନି; ଆକ୍ଷେପ—
8. Regret.
୯। ଅନୁତାପ—9. Repentance.
୧୦। (ଦୁଃଖମୟ) ସଂସାର—
10. The world (with all its troubles.)
ସଂ ବିଣ.—(+କର୍ତ୍ତୃ. ଅ)—୧। ଦୁଃଖଜନକ—
1. Miserable; causing misery.
ଦେ. ବି.—୧। ଦୁଃଖ (ଦେଖ)—1. Duḥkha (See)

ଦୁଃଖକର—ସଂ. ବିଣ.—(ଦୁଃଖ+କୃ ଧାତୁ+କର୍ତ୍ତୃ. ଅ)—
Duḥkhakara କ୍ଳେଶକର; ଯାହା କଷ୍ଟ ଦିଏ—Painful; afflicting; sorrowful; troublesome.

ଦୁଃଖ କରିବା—ଦେ. କ୍ରି.—୧। ଆକ୍ଷେପ କରିବା—
Duḥkha karibā 1. To regret.
दुखकरना ତାହା ଦେଖି କରି ସେ ବଡ଼ ଦୁଃଖ କଲେ।
दुख करना କୃଷ୍ଣସିଂହ. ମହାଭାରତ ବନ।
୨। ଅଭିମାନ କରିବା—
2. To be sullen through displeasure.
୩। ବିରକ୍ତ ହେବା—3. To be displeased.
୪। ଦୁଃଖ ଧନ୍ଦା କରିବା; ମୂଲ ଲାଗିବା—
4. To labour for wages.
(ଯଥା—ସେ ଆଜି କାଲି ଦୁଃଖ କରି କୁଟୁମ୍ବ ପାଳୁଛି।)
୫। ଆପଣାର ମନୋଦୁଃଖ ପର ଆଗେ ପ୍ରକାଶ କରିବା—
5. To give vent to one's grief.
(ଯଥା—ଆପଣ ଆଜିକାଲି ତାଙ୍କ ଠାକୁ ପତ୍ର ଲେଖନ୍ତି ନାହିଁ ବୋଲି ସେ ମୋ ଆଗେ ଦୁଃଖ କରୁଥିଲେ।)

ଦୁଃଖ ଗ୍ରାମ—ସଂ. ବି. (୬ଷ୍ଠୀ ତତ୍; ଦୁଃଖ+ଗ୍ରାମ=ସମୂହ)—
Duḥkha grāma ସଂସାର (ହି. ଶବ୍ଦସାଗର)—
(ଦୁଃଖଲୋକ, ଦୁଃଖାୟତନ—ଅନ୍ୟରୂପ) The world.

ଦୁଃଖ ଜନକ—ସଂ. ବିଣ. (ଦୁଃଖ+ଜନ ଧାତୁ+କର୍ତ୍ତୃ. ଅକ)—
Duḥkha janaka ଦୁଃଖକର(ଦେଖ)—Duḥkhakara (See).

ଦୁଃଖଜୀବୀ—ସଂ. ବିଣ ପୁଂ(ଦୁଃଖ+ଜୀବ୍ ଧାତୁ+କର୍ତ୍ତୃ.ଇନ୍:୧ମା.୧ବ)—
Duḥkha jībi ଯେ କଷ୍ଟରେ ଜୀବନ ଯାପନ କରେ—
(ଦୁଃଖଜୀବିନୀ—ସ୍ତ୍ରୀ) Passing a miserable life; eking out a miserable existence.

ଦୁଃଖ ତ୍ରୟ—ସଂ. ବି. (ଦୁଃଖ+ତ୍ରୟ)ତ୍ରିବିଧ ସାଂସାରିକ ଦୁଃଖ; ତ୍ରିତାପ—
Duḥkha traya The three kinds of worldly troubles.
[ଦ୍ର—ତ୍ରିବିଧ ଦୁଃଖ ଯଥା—ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ।]

ଦୁଃଖଦ—ସଂ. ବିଣ. ପୁଂ (ଦୁଃଖ+ଦା ଧାତୁ+କର୍ତ୍ତୃ. ଅ)—୧ । ଯାହା ଦୁଃଖ ଦଏ—1. Afflicting.
Duḥkhada
(ଦୁଃଖଦା—ସ୍ତ୍ରୀ) ୨ । ଯନ୍ତ୍ରଣାଦାୟକ—2. Giving pain

ଦୁଃଖଦାୟକ—ସଂ. ବିଣ. ପୁଂ (ଦୁଃଖ+ଦା ଧାତୁ+କର୍ତ୍ତୃ. ଅକ)—ଯାହା ଦୁଃଖ ଦଏ—Afflicting.
Duḥkhadāyaka
(ଦୁଃଖଦାୟିକା—ସ୍ତ୍ରୀ)
ଦୁଃଖଦାତା, ଦୁଃଖଦାୟୀ—ପୁଂ } ଅନ୍ୟରୂପ
ଦୁଃଖଦାତ୍ରୀ, ଦୁଃଖଦାୟିନୀ—ସ୍ତ୍ରୀ }

ଦୁଃଖ ଦେବା—ଦେ. କ୍ରି—୧ । (ଅପରଙ୍କୁ) କଷ୍ଟ ଦେବା—1. To give pains (to others).
Duḥkha debā
দুখুদেওয়া ୨ । ପୀଡ଼ା ଦେବା—To afflict.
दुःखदेना, दुखाना

ଦୁଃଖ ଦୋହ୍ୟା—ସଂ. ବିଣ. ସ୍ତ୍ରୀ—ଯେଉଁ ଗାଈଟାରୁ ଅତିକଷ୍ଟରେ ଦୁଧ ଦୁହାଁଯାଏ—(a cow) Which is milked with great difficulty.
Duḥkha dohyā

ଦୁଃଖ ଧନ୍ଦା—ଦେ. ବି—୧ । ସଂସାରଯାତ୍ରା ନିମନ୍ତେ ଦୈନିକ ପରିଶ୍ରମ—1. Labour done for one's livelihood; one's daily toil; one's daily toil and trouble,
Duḥkha dhandā
(ଦୁଃଖଧନ୍ଧା—ଅନ୍ୟରୂପ)
দুখধান্দা
୨ । ବ୍ୟବସାୟ; ଜୀବିକା—2. Livelihood.

ସେମାନେ ଦିନଯାକ ଦୁଃଖଧନ୍ଦାରେ ଲାଗିଥାନ୍ତି; ସଞ୍ଜ ହେଲେ ମୁଠାଏ ମୁଠାଏ ଖାଇ ଶୋଇପଡ଼ନ୍ତି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ଦୁଃଖ ନିବହ—ସଂ. ବିଣ (ଦୁଃଖ+ନି+ବହ ଧାତୁ+କର୍ମ. ଅ)—ଦୁଃସହ (ହି. ଶବ୍ଦସାଗର)—Unbearable; hard to bear.
Duḥkha nibaha

ଦୁଃଖ ପଡ଼ିବା—ଦେ. କ୍ରି—ଦୁଃଖ ସହିବା; କଷ୍ଟ ସହିବା; କଷ୍ଟ ପଡ଼ିବା—To undergo pain, troubles and hardships.
Duḥkha paṛibā

ବନରେ ବନରେ ବୁଲେ ବୁଲେ ଭଙ୍ଗ ଯୋଡ଼ିଗଲେ ଦୁଃଖ ପଡ଼ି ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

দুখপড়া ଦେ. ବି—ଦୁଃଖର ସମୟ ଉପସ୍ଥିତ ହେବା—Being in evil days.
दुःख पहुँचना; दुखभरना

ଦୁଃଖ ପାଇବା—ଦେ. କ୍ରି—୧ । କଷ୍ଟ ଭୋଗକରିବା—1. To suffer pains.
Duḥkha pāibā
দুখপাওয়া ୨ । ପ୍ରସବ ବେଦନା ଭୋଗକରିବା—
दुखपाना; दुखउठाना 2. To travail; to labour at child-birth; to undergo the throes of child-birth; to suffer from labour-pain.
୩ । ଦାରିଦ୍ର୍ୟ ଅବସ୍ଥା ଭୋଗ କରିବା; ବିପନ୍ନ ହେବା—3. To undergo poverty or misfortune.

ଦୁଃଖ ପାଶୋରା—ଦେ. ବିଣ (ସଂ. ଦୁଃଖ+ବିସ୍ମରଣ)—ଯାହାଦ୍ୱାରା ମନୁଷ୍ୟ ଦୁଃଖ ଭୁଲିଯାଏ—Causing one to forget his own grief or misery.
Duḥkha pāsorā
(ଦୁଃଖପାଶରା—ଅନ୍ୟରୂପ)
দুখপাসরা
दुखबिसरा

ତୁ ମୋର ଦୁଃଖପାଶୋରା ନିରେ
ମୁହିଁ ବୋଲିଦ୍ୟନ୍ତେ ସ୍ନେହ ଗୀରେ ।
କବିସୂର୍ଯ୍ୟ. ସଙ୍ଗୀତ ।

ଦୁଃଖ ପ୍ରଦ—ସଂ. ବିଣ. ପୁଂ (ଦୁଃଖ+ପ୍ର+ଦା ଧାତୁ. କର୍ତ୍ତୃ. ଅ)—ଦୁଃଖଦ (ଦେଖ) Duḥkhada (See).
Duḥkha prada
(ଦୁଃଖପ୍ରଦା—ସ୍ତ୍ରୀ)

ଦୁଃଖ ବହୁଳ—ସଂ. ବିଣ. (ବହୁବ୍ରୀହି; ଦୁଃଖ+ବହୁଳ)—୧ । ଦୁଃଖମୟ—1. Full of misery.
Duḥkha bahuḷa
(ଦୁଃଖବହୁଳା—ସ୍ତ୍ରୀ) ୨ । ଯହିଁରେ ଦୁଃଖର ଭାଗ ବେଶି—2. Abounding in misery.
(ଦୁଃଖ ବହୁଳତା—ବି)

ଦୁଃଖଭାଗୀ—ସଂ. ବିଣ. ପୁଂ (ଦୁଃଖ+ଭଜ୍ ଧାତୁ+କର୍ତ୍ତୃ. ଇନ୍)—୧ । ଦୁଃଖରେ ସାଥୀ—1. Partner in misery.
Duḥkhabhāgī
(ଦୁଃଖଭାଗିନୀ—ସ୍ତ୍ରୀ)
୨ । ଦୁଃଖୀ—2. Unhappy.
୩ । ଦୁଃଖ ଭୋଗକାରୀ—3. Suffering misery.

ଧ୍ରୁବ ଅଙ୍କୁଶ ଅସ୍ତ୍ର ଯହିଁ
ମସ୍ତ ହୋଇଲି ଦୁଃଖଭାଗୀ—ଜଗନ୍ନାଥ. ଭାଗବତ ।

ଦୁଃଖ ଭାଜନ—ଦେ. ବିଣ—ଦୁଃଖ ସହିବାକୁ ଅଭିପ୍ରେତ—Destined to undergo troubles and miseries.
Duḥkha bhājana

ଶ୍ରମେ ଏକ ଦିନ ସାଙ୍ଗ ନଦେ ଅଚେତନ ବନକାଂକ୍ଷୀ କି ଦୁଃଖଭାଜନ ଜନ ।
ଉପେନ୍ଦ୍ରଭଞ୍ଜ-ପ୍ରେମସୁଧାନିଧି ।

ଦୁଃଖ ଭୋଗ—ସଂ. ବି (୬ଷ୍ଠୀ ତତ୍; ଦୁଃଖ+ଭୋଗ)—କଷ୍ଟ ପାଇବା—Undergoing misery or trouble; suffering.
Duḥkha bhoga

ଦୁଃଖମୟ—ସଂ. ବିଣ (ଦୁଃଖ+ପ୍ରାଚୁର୍ଯ୍ୟାର୍ଥେ. ମୟ)—ଦୁଃଖରେ ପୂର୍ଣ୍ଣ—Full of sorrows or miseries; miserable; sorrowful.
Duḥkhamaya
(ଦୁଃଖମୟୀ—ସ୍ତ୍ରୀ)

ଦୁଃଖର ବିଷୟ—ଦେ. ବି—ଦୁଃଖଜନକ ବ୍ୟାପାର—A matter of regret.
Duḥkhara bishaya
দুঃখের বিষয়; दुखकी बात

ଦୁଃଖର ସାଥୀ—ଦେ. ବି—ଯେଉଁ ଲୋକ ଅନ୍ୟର ଦୁଃଖ ଦେଖି ସହି ନ ପାରି ତାହାର ଦୁଃଖ ମୋଚନ କରିବାକୁ ଯାଏ; ଦୁଃଖରେ ଅନ୍ୟର ସହାୟ; ବିପଦ୍‌ବନ୍ଧୁ—A person who shares the sorrows and troubles of another; a friend at the time of distress.
Duḥkhara sāthī
দুঃখের সাথী
(ଦୁଃଖର ପିଅରି—ଅନ୍ୟରୂପ)

ଦୁଃଖ ଲବ୍ଧ—ସଂ. ବିଣ. (୩ୟା ତତ୍; ଦୁଃଖ+ଲବ୍ଧ)—ଯାହା ଅତି କଷ୍ଟରେ ମିଳିଛି—Got after a great difficulty.
Duḥkha labdha

ଦୁଃଖ ଲଭ୍ୟ—ସଂ. ବିଣ (୩ୟା ତତ୍; ଦୁଃଖ+ଲଭ୍ୟ)—ଯାହା ଅତି କଷ୍ଟରେ ମିଳେ—Attainable with great difficulty.
Duḥkha labhya

ଦୁଃଖ ଲାଗିବା—ଦେ. ବି—ହୃଦୟରେ ଦୁଃଖ ଅନୁଭବ କରିବା—The feeling of pain at heart.
Duḥkha lāgibā
कष्टलागा; दुख लगना
ଦେ. କ୍ରି—ଦୁଃଖମୟ ଜଣାଯିବା—To seem grievous.

ଦୁଃଖ ଲୋକ—ସଂ. ବି—ସଂସାର—(ହି. ଗନ୍ଧସାଗର)—
Duḥkha loka — The world.

ଦୁଃଖ ସମୁଦ୍ର—ସଂ.ବି (ଦୁଃଖ+ସମୁଦ୍ର;ରୂପକ)—ସମୁଦ୍ରପରି ଅସୀମ ଦୁଃଖ—
Duḥkha samudra — Great many sorrows; ocean of troubles.
(ଦୁଃଖସାଗର—ଅନ୍ୟରୂପ)

ଦୁଃଖ ସାଧ୍ୟ—ସଂ. ବିଣ (କର୍ମଧା ତତ୍; ଦୁଃଖ+ସାଧ୍ୟ)—ଦୁଃସାଧ୍ୟ; ଯାହା
Duḥkha sādhya — କଷ୍ଟରେ ସାଧିତ ହୋଇପାରେ—Performable with difficulty; difficult to accomplish.

ଦୁଃଖ ସୁଖ—ସଂ. ବି (ବିପରୀତାର୍ଥକ ସମାହାର; ଦ୍ୱନ୍ଦ୍ୱ, ଦୁଃଖ ଓ ସୁଖ)—
Duḥkha sukha — ୧। କଷ୍ଟ ଓ ଆନନ୍ଦ—1. Pleasure and pain; misery and happiness; weal and woe.
सुख दुख; दुख सुख; द सुख
୨। ସାଂସାରିକ ଅନୁଭବ—2. One's worldly experience.

ଦୁଃଖ ସୁଖ ହେବା—ଦେ. କ୍ରି—ନିଜ ନିଜର ଅନୁଭୂତ ସାଂସାରିକ ଦୁଃଖ ଓ
Duḥkhasukha hebā — ସୁଖ ବିଷୟରେ ଦୁଇ ଜଣ ପରସ୍ପର ମଧ୍ୟରେ
दुख सुख हओया; — କଥାଭାଷା ହେବା—To have a
लुखद् ख — mutual talk about one another's weal and woe or about one another's worldly sufferings and happiness.
ଦୁଃଖ ସୁଖ ହେବା } ଅନ୍ୟରୂପ
ଦୁଃଖ ସୁଖ ହେବା

ଦୁଃଖହର—ସଂ.ବିଣ.ପୁଂ— (ଦୁଃଖ+ହୃ ଧାତୁ+କର୍ତ୍ତୃ ଅ; ଉପପଦତତ୍ପୁରୁଷ)
Duḥkhahara — ଦୁଃଖନାଶକ; ଯାହା ଦୁଃଖ ହରଣ କରେ—Which lightens sorrow; which lessens miseries.
(ଦୁଃଖହରା—ସ୍ତ୍ରୀ)

ଦୁଃଖାଦୁଃଖୀ—ଦେ. ବି.—ପରସ୍ପର ମଧ୍ୟରେ ଥିବା ମାନ ଅପମାନ;
Duḥkhāduḥkhī — ମନୋମାଳିନ୍ୟ—Mutual discordance.

ଦୁଃଖାନ୍ତ—ସଂ. ବି (ଦୁଃଖ+ଅନ୍ତ)—୧। (ଷଷ୍ଠୀ ତତ୍; ଦୁଃଖର ଅନ୍ତ)—
Duḥkhānta — ଦୁଃଖର ଶେଷ—1. The end or passing away of one's troubles or misfortune.
(ସୁଖାନ୍ତ—ବିପରୀତ)
୨। (ବହୁବ୍ରୀହି) ଯାହାର ପରିଣାମ ଦୁଃଖ ଅଟେ—2. Ending in misery.
୩। (ବହୁବ୍ରୀହି)—ଯେଉଁ ନାଟକ ବା ଉପନ୍ୟାସର ଶେଷରେ ଦୁଃଖମୟ ଘଟଣା ବର୍ଣ୍ଣିତ ହୋଇଥାଏ—3. Tragedy.

ଦୁଃଖାର୍ତ୍ତ—ସଂ. ବିଣ. ପୁଂ. (ଦୁଃଖ+ଆର୍ତ୍ତ; କର୍ମଧା ତତ୍)—
Duḥkhārtta — ଦୁଃଖ ଦ୍ୱାରା ପ୍ରପୀଡ଼ିତ—Afflicted; troubled; distressed.
(ଦୁଃଖାର୍ତ୍ତା—ସ୍ତ୍ରୀ)
(ଦୁଃଖାର୍ତ୍ତିତା—ବି)

ଦୁଃଖିତ—ସଂ. ବିଣ, ପୁଂ. (ଦୁଃଖ+ସଞ୍ଜାତ ଅର୍ଥରେ ଇତ; କର୍ମ ଦୁର+ଖ୍ୟା ଧାତୁ+କର୍ମ. ତ)—
Duḥkhita
(ଦୁଃଖିତା—ସ୍ତ୍ରୀ) ୧। ଦୁଃଖ ପ୍ରାପ୍ତ—1. Afflicted.

ଦରିଦ୍ର ଦୁଃଖିତ ନ ଜାଣି
ଅସୁର ଘରେ ବିମର୍ଦ୍ଦଣ। ଜଗନ୍ନାଥ. ଭାଗବତ।

୨। ଖିନ୍ନ; ସନ୍ତପ୍ତ—2. Sorry; grieved.
ସଂ. ବି. (ଦୁର+ଖ୍ୟା ଧାତୁ+ଭାବ. ତ)—ଦୁଃଖ (ଦେଖ)
Duḥkha (See)

ଦୁଃଖୀ—ସଂ. ବିଣ. ପୁଂ. (ଦୁଃଖ+ଅସ୍ତି ଅର୍ଥରେ; ଇନ୍; ୧ମା. ୧ବ)—
Duḥkhī — ୧। ଦୁଃଖିତ—1. Distressed; sorry; afflicted.
(ଦୁଃଖିନୀ—ସ୍ତ୍ରୀ)
ଦୁଃଖିତା } ଅନ୍ୟରୂପ — ୨। ଦାରିଦ୍ର୍ୟ ପୀଡ଼ିତ—2. Poverty-stricken.
ଦୁଃଖିଲ
दुखी — ୩। ଗରିବ—3. Poor.
दुखी, दुखिया — ଦେ. ବିଣ—ଦୁଃଖ ଭୋଗକାରୀ—Suffering; troubled.
ଦେ. ବି—ଦରିଦ୍ର ବ୍ୟକ୍ତି—A poor person.

ଦୁଃଖୀ ଧନ—ଦେ. ବି—ଗରିବ ଲୋକର ଧନ ପରି ଯେଉଁ ପର ପ୍ରିୟ
Duḥkhī dhana — ସେହି ପର ପ୍ରିୟତମ ବସ୍ତୁ ବା ବ୍ୟକ୍ତି—
दुखीर धन — One's dearest thing or person (as
दुखीयाका धन — dear as are riches to the poor).
ଦୁଃଖୀ ଧନ ଗୋଲମଣି। ଯଶୋଦାଙ୍କ ଶୋକ।

ଦୁଃଖୀ ରଙ୍କି—ଦେ. ବି. (ଏକାର୍ଥକ ସମାହାର ଦ୍ୱନ୍ଦ୍ୱ; ବହୁବଚନ)—
Duḥkhī ranki — ଗରିବ ଓ ଦୁଃଖୀମାନେ—
दीन दुखी — The poor; the needy and the distressed.
दीन दुखिया

ଦୁଃଖୀ ରତନ—ଦେ. ବି—ଦୁଃଖୀ ଧନ (ଦେଖ)
Duḥkhī ratana — Duḥkhī dhana (See)
(ଦୁଃଖୀ ରତ୍ନ—ଅନ୍ୟରୂପ)

ଦୁଃଶକୁନ—ସଂ. ବି (କର୍ମଧା; ଦୁର+ଶକୁନ)—ଅଶୁଭ ଲକ୍ଷଣ; ମନ୍ଦ
Duḥśakūna — ପୂର୍ବଲକ୍ଷଣ—Evil omen; portent; portentous pre-indication.
ସଂ. ବିଣ (ବହୁବ୍ରୀହି) ଅଶୁଭ ଲକ୍ଷଣବିଶିଷ୍ଟ—Portentous; ominous.

ଦୁଃଶଳ—ସଂ. ବି. ପୁଂ (ନାମ)—ଧୃତରାଷ୍ଟ୍ରଙ୍କର ଜଣେ ପୁତ୍ର—
Duḥśaḷa — Name of one of the sons of Dhṛutarāshtra.

ଦୁଃଶଳା—ସଂ. ବି. ସ୍ତ୍ରୀ—ଧୃତରାଷ୍ଟ୍ରଙ୍କ କନ୍ୟା ଓ ଜୟଦ୍ରଥଙ୍କ ପତ୍ନୀ—
Duḥśaḷā — The daughter of Dhṛutarāshṭra and wife of Jayadratha.
(ଦୁଃଶଲା—ଅନ୍ୟରୂପ)
ଏ କାହାରେ ଦୁଃଶଳା ନାମରେ କୁମାରୀ
ଗୋଟିଏ ଜାତ ହଲେକ ସାକାସ। ବୃଦ୍ଧର୍ଷି. ମହାଭାରତ. ଅଦ।
[ଦ୍ର—ଜୟଦ୍ରଥ ମହାଭାରତ ଯୁଦ୍ଧରେ ହତ ହେଲା ପରେ ଏ ଅପଣାର ଶିଶୁ ସନ୍ତାନ ସୁରଥଙ୍କୁ ସିନ୍ଧୁ ରାଜ୍ୟର ସିଂହାସନରେ ବସାଇ ବହୁକାଳ ରାଜକାର୍ଯ୍ୟ ଚଳାଇଥିଲେ।]

ଦୁଃଶା—ଗ୍ରା. ବି—୧। ଦୁଃଶାସନ (ଦେଖ)
Duḥśā — 1. Duḥśāsana (See)

ଲେଢ଼ାଉ ଦୁଃଶାକୁ ସେ ମାତ୍ରଣ ବହିବ—ପ୍ରଥମାଙ୍କ. ବେଣୀସଂହାର ।

୨ । (ଅନାଦରାର୍ଥକ) ଦୁଃଶାସନର ଡାକ ନାମ—
2. A name for calling Duḥśāsana.

ଦୁଃଶାସ—ସଂ. ବିଣ. ପୁଂ (ଦୁର୍+ଶାସ୍ ଧାତୁ+କର୍ମ. ଅ)—ଦୁର୍ଦମ—
Duḥśāsa Ungovernable; indomitable.
(ଦୁଃଶାସା—ସ୍ତ୍ରୀ)

ଦୁଃଶାସନ—ସଂ. ବିଣ. ପୁଂ (ଦୁର୍+ଶାସ୍ ଧାତୁ=ଶାସନ କରିବା+କର୍ମ
Duḥśāsana ଅନ; ଯାହାକୁ ଅତି କଷ୍ଟରେ ଶାସନ କରାଯାଏ)—
(ଦୁଃଶାସନା—ସ୍ତ୍ରୀ) ଦୁର୍ଦମ୍ୟ—Ungovernable; intractable.
ବି—୧ । ଦୁର୍ଯ୍ୟୋଧନଙ୍କର ଏକତମ ଭ୍ରାତା—1. A brother of Durjyodhana.
[ଦ୍ର—ଏ ଦୁର୍ଯ୍ୟୋଧନଙ୍କର ସ୍ନେହପାତ୍ର ଓ ମନ୍ତ୍ରୀ ଥିଲେ ଓ ତାଙ୍କ ଆଦେଶ ଅନୁସାରେ ଦ୍ରୌପଦୀଙ୍କ କେଶ ଧରି ତାଙ୍କୁ ଅନ୍ତଃପୁରରୁ କୁରୁସଭା ମଧ୍ୟକୁ ଟାଣି ଆଣି ଉଲଙ୍ଗ କରଥିଲେ । ମହାଭାରତ ଯୁଦ୍ଧ ସମୟରେ ଭୀମ ଏହାଙ୍କ ଛାତି ଚିରି ରକ୍ତପାନ କରି ତହିଁର ପ୍ରତିଶୋଧ ନେଇଥିଲେ । ଦ୍ରୌପଦୀ ଏହାଙ୍କ ରକ୍ତକୁ ବୋଳି ନିଜର ମୁକୁଳା କେଶ ବାନ୍ଧିଥିଲେ ।]
୨ । (କର୍ମଧା; ଦୁଃ+ଶାସନ) ମନ୍ଦ ଶାସନ; କଷ୍ଟମୟ ବା କଷ୍ଟକର ଶାସନ—2 Bad rule; troublesome administration.

ଦୁଃଶୀଳ—ସଂ. ବିଣ. ପୁଂ (ବହୁବ୍ରୀହି; ଦୁର୍=ଦୁଷ୍ଟ+ଶୀଳ=ସ୍ୱଭାବ
Duḥśīla ଯାହାର)—ଦୁଷ୍ଟସ୍ୱଭାବ; ଦୁଷ୍ଚରିତ୍ର—Evil-natured;
(ଦୁଃଶୀଳା—ସ୍ତ୍ରୀ) wicked.
(ଦୁଃଶୀଳତା—ବି)

ଦୁଃଶୋଧ—ସଂ. ବିଣ (ଦୁର୍+ଶୁଧ ଧାତୁ+କର୍ମ. ଅ)—ଯାହାକୁ ଶୋଧନ
Duḥśodha କରିବା ବା ସୁଧାରିବା ଅତି କଷ୍ଟକର—Very
(ଦୁଃଶୋଧ—ଅନ୍ୟରୂପ) hard to correct, intractable.

ଦୁଃଶ୍ରବ—ସଂ. ବିଣ (ଦୁର୍+ଶ୍ରୁ ଧାତୁ+କର୍ମ. ଅ)—୧ । ଯାହା ଶୁଣିଲେ
Duḥśraba ମନରେ କଷ୍ଟ ହୁଏ—1. Which it is sorrowful to hear.
(ଦୁଃଶ୍ରବତା—ବି)
୨ । ଯାହା କଷ୍ଟରେ ଶୁଣା ଯାଇପାରେ—
2. Inaudible; not clearly audible; difficult to hear.
୩ । ଅଶ୍ରାବ୍ୟ—3. Unfit to be heard.
୪ । ଶ୍ରୁତିକଟୁ—4. Harsh-sounding; cacophonous; harsh to hear.
ସଂ. ବି—କାବ୍ୟର ଦୋଷବିଶେଷ; ଶ୍ରୁତିକଟୁଦୋଷ; କାବ୍ୟରେ କର୍କଶବର୍ଣ୍ଣ ବିଶିଷ୍ଟ ଶବ୍ଦମାନଙ୍କ ପ୍ରୟୋଗ ବଶତଃ ଯେଉଁ ଦୋଷ ଲକ୍ଷିତ ହୁଏ (ଦ୍ର. ଶବ୍ଦସାଗର)—Cacophony; a defect in composition consisting of employing words containing harsh sounds and lettrs.

ଦୁଃଶ୍ରାବ୍ୟ—ସଂ. ବିଣ. (ଦୁର୍+ଶ୍ରୁ ଧାତୁ+କର୍ମ. ଯ)—
Duḥśrābya ଦୁଃଶ୍ରବ (ଦେଖ) Duḥśraba (See)
(ଦୁଃଶ୍ରାବ୍ୟତା—ବି)

ଦୁଃଷମ—ସଂ. ବିଣ.—(ଦୁର୍+ସମ)—ନିନ୍ଦନୀୟ—
Duḥshama Blameable.
(ଦୁଃଷମତା—ବି)

ଦୁଃଷେଧ—ସଂ. ବିଣ.—(ଦୁର୍+ସିଧ ଧାତୁ+କର୍ମ. ଅ)—
Duḥshedha ଦୁର୍ନିବାର (ଦେଖ)—Durnibāra (See)

ଦୁଃସଙ୍କଳ୍ପ—ସଂ. ବି. (କର୍ମଧା; ଦୁର୍+ସଙ୍କଳ୍ପ)—ମନ୍ଦ ସଙ୍କଳ୍ପ—
Duḥsaṅkalpa Evil resolve.
(ଦୁଃସଙ୍କଳ୍ପା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—ମନ୍ଦସଙ୍କଳ୍ପକାରୀ—
(ଦୁଃସଙ୍କଳ୍ପ—ଅନ୍ୟରୂପ) Making evil resolve.

ଦୁଃସଙ୍ଗ—ସଂ. ବି.—(କର୍ମଧା; ଦୁର୍+ସଙ୍ଗ)—କୁସଙ୍ଗ; ମନ୍ଦସଙ୍ଗ—
Duḥsaṅga Evil company.
ସଂ. ବିଣ. ପୁଂ.—ମନ୍ଦ ସଙ୍ଗକାରୀ—
(ଦୁଃସଙ୍ଗା—ସ୍ତ୍ରୀ) Mixing in bad company.

ଦୁଃସମୟ—ସଂ. ବି.—(ଦୁର୍+ସମୟ)—୧ । ମନ୍ଦ ସମୟ—
Duḥsamaya 1. Bad time; evil days.
୨ । ଅଭାବଯୁକ୍ତ କାଳ—
2. A time of distress or scarcity.
୩ । ଦୁର୍ଭିକ୍ଷ—3. Famine.
୪ । ବିପଦ ପଡ଼ିବା କାଳ—
4. Time of adversity.

ଦୁଃସହ—ସଂ. ବିଣ. (ଦୁର୍+ସହ୍ ଧାତୁ+କର୍ମ. ଅ)—
Duḥsaha ୧ । ଅସହନୀୟ; ଅସହ୍ୟ—1. Unbearable; intolerable.
(ଦୁଃସହା—ସ୍ତ୍ରୀ)
(ଦୁଃସହତା—ବି) ୨ । ଅତି କଷ୍ଟଦାୟକ—
2. Very troublesome or painful.

ଦୁଃସହା—ସଂ. ବି.—ନାଗଦମନୀ (ଦେଖ) (ଦ୍ର. ଶବ୍ଦସାଗର)
Duḥsahā Nāgadamanī (See)

ଦୁଃସାଧୀ—ସଂ. ବି. (ଦୁର୍+ସାଧ୍ ଧାତୁ=ନିଷ୍ପନ୍ନ କରିବା+କର୍ତ୍ତୃ. ଇନ୍
Duḥsādhī ୧ମ. ୧ବ)—ଦ୍ୱାରୀ; ଦ୍ୱାରପାଳ—
Doorkeeper; porter.

ଦୁଃସାଧ୍ୟ—ସଂ. ବିଣ. (ଦୁର୍+ସାଧ୍ୟ)—୧ । ଯାହା କଷ୍ଟରେ ସାଧନ
Duḥsādhya କରାଯାଇ ପାରେ; କଷ୍ଟସାଧ୍ୟ—1. Arduous; difficult to accomplish; difficult of accomplishment.
୨ । ଯେଉଁ ରୋଗ ସହଜରେ ଭଲ ହୁଏ ନାହିଁ—
2. Hard to cure; almost incurable.
୩ । ଅସାଧ୍ୟ; ଯାହା ସଫଳ କରାଯାଇ ପାରେ ନାହିଁ—
3. Impracticable.
୪ । ଯାହାର ପ୍ରତୀକାର କରାଯାଇ ପାରେ ନାହିଁ; ଅପ୍ରତିକାର୍ଯ୍ୟ; ଅପ୍ରତିବିଧେୟ—4. Irreparable; irremediable.

ଦୁଃସାହସ—ସଂ. ବି. (କର୍ମଧା; ଦୁର୍+ସାହସ)—ଅତ୍ୟଧିକ ସାହସ;
Duḥsāhasa ଅଖାତୁଆ ପଣ; ଅନୁଚିତ ସାହସ—
Foolhardiness; rashness; audacity.

(ଦୁଃସାହସା—ସ୍ତ୍ରୀ) ବିଣ. (ବହୁବ୍ରୀହି)—ଦୁଃସାହସିକ (ଦେଖ)
(ଦୁଃସାହସତା—ବି) Duhsāhasika (See)

ଦୁଃସାହସିକ—ସଂ. ବିଣ. ପୁଂ. (ବହୁବ୍ରୀହି; ଦୁଃ+ସାହସ+ଇକ)—
Duhsāhasika ୧ । ନିର୍ଭୀକ; ଦାଇଁ ସାହାସିଆ—
(ଦୁଃସାହାସିକା—ସ୍ତ୍ରୀ) 1. Foolhardy; audacious; rash.
(ଦୁଃସାହସିକତା—ବି) ୨ । ଅସମସାହସିକ; ଯେଉଁ କାର୍ଯ୍ୟରେ
(ଦୁଃସାହସୀ—ଅନ୍ୟରୂପ) ଦୁଃସାହସର ପ୍ରୟୋଜନ—
(ଦୁଃସାହସିନୀ—ସ୍ତ୍ରୀ) 2. Requiring uncommon courage;
(ଦୁଃସାହସିତା—ବି) requiring audacity to do it.

ଦୁଃସ୍ଥ—ସଂ. ବିଣ. ପୁଂ. (ଦୁର୍+ସ୍ଥା ଧାତୁ+କର୍ତ୍ତୃ. ଅ)—
Duhstha ୧ । ଦୁର୍ଦ୍ଦଶା ଗ୍ରସ୍ତ—1. Afflicted; badly off;
(ଦୁସ୍ଥ—ଅନ୍ୟରୂପ) wretched; faring ill.
(ଦୁଃସ୍ଥା—ସ୍ତ୍ରୀ) ୨ । ଦୁଃଖିତ—2. Grieved.
(ଦୁଃସ୍ଥତା—ବି) ୩ । ଦରିଦ୍ର—3. Poor.
୪ । ମୂର୍ଖ—4. Ignorant.
୫ । ଲୁବ୍ଧ—5. Covetous.

ଦୁଃସ୍ଥିତ—ସଂ. ବିଣ. (ଦୁର୍+ସ୍ଥା ଧାତୁ+କର୍ତ୍ତୃ. ତ)—
Duhsthita ଦୁଃଖରେ ପତିତ—Distressed.

ଦୁଃସ୍ଥିତି—ସଂ. ବି. (ଦୁର୍+ସ୍ଥିତି; କର୍ମଧା)—୧ । ମନ୍ଦ ଅବସ୍ଥା—
Duhsthiti 1. Wretched condition.
୨ । ଅସ୍ଥିରତା—2. Unsteadiness; unstability.
୩ । ଦୁଃଖରେ ଅବସ୍ଥାନ—3. Miserable existence
୪ । ଦୁର୍ଦ୍ଦଶା—4. Misfortune; adversity.

ଦୁଃସ୍ପର୍ଶ—ସଂ. ବିଣ. ପୁଂ. (ଦୁର୍+ସ୍ପୃଶ୍ ଧାତୁ+କର୍ମ ଅ)—
Duhsparśa ଯାହା ଛୁଇଁଲେ କଷ୍ଟ ହୁଏ; ଦୁଃଖରେ ସ୍ପର୍ଶସାଧ୍ୟ—
(ଦୁଃସ୍ପର୍ଶା—ସ୍ତ୍ରୀ) Which is painful to touch.
(ଦୁଃସ୍ପର୍ଶତା—ବି) ସଂ. ବି—୧ । କପିକଚ୍ଛୁ; ବାଇଡଙ୍କ—
1. Cowhage.
୨ । ଲତାକରଞ୍ଜ (ଦେଖ)—2. Latākarañja (See)
୩ । କଣ୍ଟକାରୀ (ଦେଖ)—3. Kanṭakārī (See)

ଦୁଃସ୍ୱପ୍ନ—ସଂ. ବି. (କର୍ମଧା; ଦୁର୍+ସ୍ୱପ୍ନ)—୧ । ମନ୍ଦସ୍ୱପ୍ନ; ଅଶୁଭ ସ୍ୱପ୍ନ—
Duhswapna 1. Ominous dream
୨ । ଶୋଇଥିବା ଲୋକର ଶ୍ୱାସ ରୁଦ୍ଧାଦକ ସ୍ୱପ୍ନ—
2. Night-mare.

ଦୁଃସ୍ୱଭାବ—ସଂ. ବି. (କର୍ମଧା, ଦୁର୍+ସ୍ୱଭାବ)—ମନ୍ଦସ୍ୱଭାବ—
Duhswabhāba Wicked or evil disposition.
(ଦୁଃସ୍ୱଭାବା—ସ୍ତ୍ରୀ) ବିଣ. ପୁଂ. (ବହୁବ୍ରୀହି)—ମନ୍ଦ ସ୍ୱଭାବଯୁକ୍ତ—
Wicked; of evil disposition.

ଦୁଁଡ଼୍କିବା—ପ୍ରାଦେ. (ସିଂହଭୂମ) କ୍ରି—ଉଙ୍କିମାରିବା; ଉଙ୍କିବା—
Duṅṛd-kiba To peep.

ଦୁକ୍(କୁ)ଦୁକ୍(କୁ)—ଦେ. ଅ (ଧ୍ୱନ୍ୟନୁକରଣ)—ଦକଦକ; ହୃତ୍ପିଣ୍ଡର
Duk(ku)-duk(ku) କମ୍ପନ ବା ସ୍ପନ୍ଦନ; ଧଡ଼ଧଡ଼—
ধুকধুক Throbbing (of the heart);
धकधक palpitation.

ଉଡ ଦୁକ୍ ଦୁକ୍ ପଡ଼ନ୍ତି ଅଶ୍ରି ଉଚ୍ଛୁଳ ନ ରୁହେ, ପ୍ରାଣ ଯାଇ ଛାଡ଼ି ।
ଗଙ୍ଗାଧର ମେହେରଙ୍କ ଗ୍ରାମ୍ୟପଥ ।

ବିଣ—୧ । ଭୟରେ ଅସ୍ଥିର—
1. Restless through fear.
୨ । ସ୍ପନ୍ଦିତ; କମ୍ପିତ—
2. Throbbing; palpitating.

ଦୁକ୍(କୁ)ଦୁକି—ଦେ. ବି (ଯାହା ଦୁକ୍ ଦୁକ୍ ହୋଇ ଛୁଟୁଥାଏ ଓ
Duk(ku)duki ପଡ଼ୁଥାଏ)—୧ । ହୃଦୟ; ହୃତ୍ପିଣ୍ଡ—
ধুকধুকী 1. The heart; the palpitating
ধুগদুগী heart.
ଡକ ଡକ ହେଉଛି ମୋହର ଦୁକୁଦୁକି—କୃଷ୍ଣସିଂହ ମହାଭାରତ ଅର ।
ধুকধুকানি ୨ । ହୃଦୟର ସ୍ପନ୍ଦନ—
धकधकाहट 2. Palpitation of the heart.
୩ । ଗଳାରେ ପିନ୍ଧାଯିବା ହାରବିଶେଷ—
3. A kind of necklace.

ଦୁକ୍(କୁ)ଦୁକି ପଡ଼ିବା— —ଦେ. ବି —ଛାତି ଦୁକ୍ ଦୁକ୍ ହେବା—
Duk(ku)duki paṛdibā Palpitation of the
বুক ধুকধুককরা heart.
छातिधड़कना

ଦୁକ୍(କୁ)ତା—ପ୍ରାଦେ (ବାଲେଶ୍ୱର) ବି (ଭୁଲ. ବ. ଦୋକ୍ତା)—
Duk-(ku)tā ତମାଖୁ; ଧୂଆଁପତ୍ର—Tobacco.

ଦୁକା—ଦେ. ବି—ଦୋକା (ଦେଖ)
Dukā Dokā (See).

ଦୁକାନ୍—ପ୍ରାଦେ (ସମ୍ବଲପୁର ଓ ସିଂହଭୂମ) ବି (ଭୁଲ. ବ. ଦୁକାନ୍;
Dukān ହି. ଦୁକାନ୍; ଫା. ଦୁକାନ୍)—ଦୋକାନ—
Shop.

ଦୁକାନ—ପ୍ରାଦେ (ବାଲେଶ୍ୱର ଓ ମେଦିନୀପୁର)—ଦୋକାନ—
Dukāna Shop.

ଦୁକୂଳ—ସଂ. ବି (ଦୁ ଧାତୁ=ଉତ୍ତପ୍ତ ହେବା+ଊଲ; ଦୁ ଅଗମ୍ୟ ଯେଉଁ
Dukūla ବସ୍ତ୍ର ଉତ୍ତାପଜନକ; ବା ଦୁର୍+କୁଲ୍ ଧାତୁ+କର୍ତ୍ତୃ.ଅ)—
୧ । ପାଟଲୁଗା; ପଟ୍ଟବସ୍ତ୍ର—1. Silk cloth.
୨ । ଶୁକ୍ଳ ବା ଧଳା ବସ୍ତ୍ର—
2. White cloth.
୩ । ବୃକ୍ଷର ବକଳାର ତନ୍ତୁରେ ନିର୍ମିତ ସୂକ୍ଷ୍ମ ବସ୍ତ୍ର—
3. Very fine cloth made from the fine fibres of the bark of certain plants.
୪ । ସୂକ୍ଷ୍ମ ବସ୍ତ୍ର—4. Thin cloth; fine cloth.
୫ । ଉତ୍ତରୀୟ ବସ୍ତ୍ର—5. An upper sheet; scarf.

ଦୁକୂଳିଆ—ଦେ. ବିଣ—ପଟ୍ଟ ବସ୍ତ୍ର ପରିଧାନକାରୀ; ଯେ ପାଟ ଲୁଗା ସର୍ବଦା
Dukūlia ପିନ୍ଧି ଥାଏ (ଶ୍ରୀକୃଷ୍ଣ)—
দুকুলিয়া (An epithet of Śrikṛushṇa) Wearing
silk cloth.

ଦୁଖ (ଇତ୍ୟାଦି)—ଗ୍ରା. ବି. (ସଂ. ଦୁଃଖ)—
Dukha (etc) ୧ । ଦୁଃଖ ଇତ୍ୟାଦି (ଦେଖ)
(ଦୁକ୍ଖ—ଅନ୍ୟରୂପ) 1. Duhkha etc. (See).

ଦୁଃଖ — ଯେବେ ଦୁଃଖ ଜଳ ନୟନେ ପାଉଥିଲେ
ଦୁଖ — ସବୁ ଶ୍ରମ ରଜାଙ୍କ ଅଗ୍ରେ କଣାଉଥିଲେ ।
ବୃନ୍ଦାବ. ମହାଭାରତ. ବନ ।

୨ । ରୋଗ; ପୀଡ଼ା—2. Illness; sickness.
(ଯଥା—ପେଟ ଦୁଃଖ, ହାତ ଦୁଃଖ ।)
୩ । ପ୍ରସବ ବେଦନା—
3. Throes of child-birth.
୪ । (ମନର) ଅବସାଦ; ଅପ୍ରସନ୍ନତା—
4. Dejection (of spirit).
୫ । ଦୁଃଖ ଧନ୍ଦା (ଦେଖ)
5. Duhkha dhandā (See)
୬ । ଦୁଃଖମୟ ଘଟଣା ବା ବିଷୟ—6. A matter or description of misery.
(ଯଥା—ଦୁଃଖ କହିବ କି ସୁଖ କହିବ ? ଯାହା ଅଙ୍ଗେ ନିଭେଇଛି ତାହା କହିବି—ଭଗ ।)
୭ । ଅଭାବ—7. Want.
(ଯଥା—ରଜାଙ୍କ ସମ୍ମୁଖରେ ମୁଁ ମୋ ଦୁଃଖ ଜଣାଇବ ।)
୮ । ଦାରିଦ୍ର୍ୟଜନିତ କଷ୍ଟ—
8. Trouble due to poverty.
(ଯଥା—ସେ ବଡ଼ଲୋକଘରର ପିଲା ଏବେ ଅତକାଳେ ଦୁଃଖ ପାଇ ଗଲେ ।)
ବିଣ—୧ । ଦୁଃଖମୟ; କଷ୍ଟମୟ—
1. Painful; miserable.
ମା ମା ରେ ! ପାଠପଢ଼ା ବଡ଼ ଦୁଃଖ
ହାତ ଗୋଡ଼ ଭୂଇ ଲାଗଇ ରେ ! ପାଣ୍ଡାକୁ ବଡ଼ ସୁଖ—ଶିଶୁ ଗୀତ ।
୨ । ଦୁଃଖଜନକ—2. Causing or bringing about misery.

ଦୁଖ ଦେବା—ଦେ. କ୍ରି—ଅନ୍ୟକୁ କଷ୍ଟ ଦେବା—
Dukha debā — To give pain.
କଷ୍ଟ দেওয়া — दुख देना

ଦୁଖ ପାଇବା—ଦେ. କ୍ରି—୧ । କ୍ଳେଶ ଭୋଗ କରିବା—
Dukha paibā — 1. To suffer pain.
দুখ পাওয়া — दुख पाना
୨ । ପ୍ରସବ କରିବା ପୂର୍ବରୁ (ସ୍ତ୍ରୀମାନେ ବେଦନା ଅନୁଭବ କରିବା—
2. To undergo the throes of child-birth.

ଦୁଖ ଲାଗିବା—ଦେ. କ୍ରି—ମନରେ କଷ୍ଟ ଅନୁଭୂତ ହେବା—
Dukha lāgibā — Feeling of pain in the mind.
দুখ আসা — दुख लगना
(ଯଥା—ତାଙ୍କ କଥା ଶୁଣି ମତେ ଦୁଃଖ ଲାଗୁଛି ।)

ଦୁଖା—ଦେ. ବି. ପୁଂ. (ସ. ଦୁଃଖ)—
Dukhā — (ଅନାଦରାର୍ଥକ) ଅଗ୍ରଜ ମରି ଯାଇଥିବା ବାଳକର ନାମ—
(ଦୁଖାଇ, ଦୁଖୁ, ଦୁଖେଇ—ଆଦରାର୍ଥକରୂପ) A name given to a
(ଦୁଖିଆ—ଅନ୍ୟରୂପ) baby whose elder died before he was born.

ଦୁଖାଇବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ପୀଡ଼ିତ ହେବା—
Dukhāibā — 1. To feel sick; to ail.
(ଦୁଖେଇବା—ଅନ୍ୟରୂପ) ୨ । ବ୍ୟଥାଯୁକ୍ତ ହେବା—
দুখা — 2. To be aching.
दुखना — ଦେ. କ୍ରି—ଦୁଃଖ ଦେବା—To give pain.

ଦୁଖାଦୁଖି—ଦେ. ବି. (ସ. ଦୁଃଖ)—ପରସ୍ପର ମଧ୍ୟରେ ଥିବା ମାନ ଅଭିମାନ ବା ମନୋମାଳିନ୍ୟ—
Dukhādukhi — Mutual misunderstanding.
দুখাদুখী

ଦୁଖାନ୍—ପ୍ରାଦେ. (ସମ୍ବଲପୁର) ବି (ସ. ଦୁଃଖ)—
Dukhān — ୧ । ପୀଡ଼ା; ଦେହ ଦୁଃଖ—1. Illness.
୨ । ବେଦନା; ବ୍ୟଥା; ଯୋଲାତନା—
2. Aching pain.

ଦୁଖିତ—ଗ୍ରା. ବିଣ—ଦୁଃଖିତ (ଦେଖ)
Dukhita — Duḥkhita (See)

ଦୁଖୀ—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—ଦୁଃଖୀ (ଦେଖ)
Dukhī — Duḥkhī (See)
[ଦ୍ର—ଦେଶଜ ବ୍ୟବହାରରେ ଦୁଃଖୀ ଶବ୍ଦ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗରେ ବ୍ୟବହୃତ ହୁଏ ।]
ପଡ ସଂସାରରେ ହୋଇ ଅଛନ୍ତି ଦୁଃଖୀ । ବୃନ୍ଦାବ, ମହାଭାରତ. ବନ ।
ଗ୍ରା. ବି. ସ୍ତ୍ରୀ—୧ । ସ୍ତ୍ରୀ ଲୋକମାନଙ୍କୁ ଦିଆଯିବା ନାମ—
1. A name given to females
୨ । ପୁଂ (ଆଦରାର୍ଥକ) ଦୁଖା ନାମକ ବ୍ୟକ୍ତିର ଡାକ ନାମ—
2. A name for calling a person named Dukhā in fondness.

ଦୁଖୀ ଧନ—ଗ୍ରା. ବି—ଦୁଃଖୀ ଧନ (ଦେଖ)
Dukhī dhana — Duḥkhī dhana (See)
(ଦୁଖୀ ରତନ, ଦୁଖୀ ଶଙ୍ଖାଳ—ଅନ୍ୟରୂପ)

ଦୁଖେ ସୁଖେ—ଦେ. ଅ—୧ । ଦୁଃଖାବସ୍ଥାରେ ଓ ସୁଖାବସ୍ଥାରେ—
Dukhe sukhe — 1. In weal and woe.
সুখে দুখে — ୨ । ସମ୍ପତ୍ତି ବା ବିପତ୍ତି କାଳରେ—
2. In times of prosperity or danger.
୩ । ସମ୍ପତ୍ତି ଥିବା ଓ ନ ଥିବା ଅବସ୍ଥାରେ—
3. In times of affluence and want.

ଦୁଗା—ଦେ. ବି—୧ । କଉଡ଼ି ଖେଳରେ ଦୁଇ ପଡ଼ିବା ଦାନ; ଲେଖା—
Dugā — 1. A throw of the cowries resulting in two.
(ଦୁଗୁ-ଅନ୍ୟରୂପ)
দোকা — ୨ । ଶକଟା ଖେଳରେ ଦୁଇ ପଡ଼ିବା ଦାନ—
दुरी — 2. A throw in sakatā play resulting in two.

ଦୁଗାନି—ପ୍ରାଦେ. (ସମ୍ବଲପୁର) ବି—ଐଶ୍ୱର୍ଯ୍ୟ; ସମ୍ପଦ—
Dugāni — Riches; prosperity.

ଦୁଗୁଣ—ଦେ. ବି. (ସ. ଦ୍ୱିଗୁଣ)—
Duguṇa — ୧ । ଦ୍ୱିଗୁଣ—1. Two times.
দুগুন — ୨ । (ସ. ଦୁର୍ଗୁଣ) ଦୁର୍ଗୁଣ; ଅପକାର—
दुगना, दुगुना — 2. Detriment; mischief; injury.

୩ । କଷ୍ଟ—3. Trouble.
୪ । ଅବଗୁଣ ଭାବିବା—4. Misunderstanding; taking to heart.
୫ । ବିରକ୍ତି; ଚିଡ଼ିବା—5. Irritability.
ବି । ବିଣ—ଅଳ୍ପ ପରିମିତ; ସାମାନ୍ୟ—1. Slight.
ଫଗୁଣ, ଶୀତ କରେ ଦୁଗୁଣ । ଢଗ ।
୨ । (ସଂ. ଦ୍ୱିଗୁଣ) ଦ୍ୱିଗୁଣିତ—Doubled; double.

ଦୁଗୁଣା—ଦେ. ବି. (ସଂ. ଦ୍ୱିଗୁଣିତ)—୧ । ଡଙ୍ଗା ଉପରେ ଅଡ଼ବାଗରେ
Duguṇā ଦିଆ ଯାଇଥିବା କାଠ ଖଣ୍ଡମାନ—1. The beams
(ଦୋଗୁଣା—ଅନ୍ୟରୂପ) laid across the edges of a boat.
୨ । ଦୁଇଗୁଣ—2. Two times; twice as much.
ଦେ. ବିଣ—ଦ୍ୱିଗୁଣିତ—Double.

ଦୁଗୁଣିଆ(ଆଁ)—ଦେ. ବିଣ. (ସଂ. ଦୁର୍ଗୁଣ)—୧ । ଅବଗୁଣିଆ ଲୋକ—
Duguṇiā(āṅ) 1. Prone to take offence.
୨ । ଚିଡ଼ୁଲ—2. Surly; irritable.
୩ । ଦୁର୍ଗୁଣଯୁକ୍ତ (ବ୍ୟକ୍ତି)—
3. (a person) Having bad qualities.
୪ । ଯେଉଁ କାର୍ଯ୍ୟରେ ବିରକ୍ତି ବୋଧ ହୁଏ; ବିରକ୍ତିକର—
4. Troublesome.
୫ । ଦୁଇଥର ପାଗ କରାଯାଇଥିବା (ଭଜା ଭୁଡ଼ା)—
5. (fried corn) Seasoned twice.
(ଯଥା—ଦୁଗୁଣିଆ ଭଜା ଭୁଡ଼ା ।)
୬ । (ଦ୍ୱିଗୁଣିତ) ଦୁଇଗୁଣ ଯୁକ୍ତ; ଯାହାକୁ ଦୁଇ ସୂତାରେ ବଳା ଯାଇଥାଏ—6. Twice twisted (rope or thread.)
(ଯଥା—ଦୁଗୁଣିଆ ଦଉଡ଼ି ବା ସୂତା ।)

ଦୁଗୁଣେ—ଦେ. ଅ. (ଅମୁକ ସଂଖ୍ୟାକୁ)—ଦୁଇରେ ଗୁଣ କଲେ—
Duguṇe Multiplied by two; into two.
ପାଣେ ପଢ଼ିଲେ ପାଠ, ତିନି ଦୁଗୁଣେ ଆଠ । ଢଗ ।

ଦୁଗୁଣେଇବା—ଦେ. କ୍ରି—୧ । (ସଂ. ଦୁର୍ଗୁଣ) ଚିଡ଼ାଇବା—
Duguṇeibā 1. To tease; to irritate.
୨ । (ଦ୍ୱିଗୁଣିତ) ଏକ କର୍ମକୁ ପୁନଃ ପୁନଃ କରିବା—
2. To do a thing over and over again.
୩ । ଦଉଡ଼ିଆଦିକୁ ଦ୍ୱିଗୁଣିତ କରିବା—
3. To twist double.

ଦୁଗୁଧ—ଗ୍ରା. ବି. (ସଂ. ଦୁଗ୍ଧ)—ଦୁଧ—
Dugudha Milk.
ଦୁଧ ଦୁଗ୍ଧ

ଦୁଗୁଧା—ଦେ. ବି ଓ ବିଣ—ଦୋଗଧା (ଦେଖ)
Dugudhā Dogadhā (See)
(ଦୁଗ୍ଧା, ଦୁଦ୍ଧା, ଦୁଦ୍‌ଧା—ଅନ୍ୟରୂପ)

ଦୁଗ୍ଧ—ସଂ. ବି. (ଦୁହ୍ ଧାତୁ=ଦୋହିଁବା+କର୍ମ ତ)—୧ । ଦୁଧ; କ୍ଷୀର—
Dugdha 1. Milk.
(ଦୁଗ୍ଧା—ସ୍ତ୍ରୀ) ୨ । ମାତୃସ୍ତନ୍ୟ—2. Mother's milk.
୩ । (+ଭାବ. ତ) ଦୋହନ—3. Milking.
ବିଣ—୧ । ଯାହାକୁ ଦୋହନ କରାଯାଇ ଅଛି—
1. Milked.
୨ । ପୂରିତ—2. Filled with; full of.

ଦୁଗ୍ଧ କୂପିକା—ସଂ. ବି—ଦୁଧପୁଳି; ଚାଉଳଚୂନାକୁ ଦୁଧରେ ବାଟି, ତହିଁରେ
Dugdha kūpikā ସ୍ୱଳ୍ପତର ପୂର ଦେଇ ଘିଅରେ ଛଣାଯିବା ପିଠା
(ଭାବ ପ୍ରକାଶ)—A kind of cake made of rice-flour kneaded with milk and fried in ghee.
[ଦ୍ର—ଏହା ବାୟୁ ପିତ୍ତ ନାଶକ, ବଳକାରକ, ଶୁକ୍ରବର୍ଦ୍ଧକ ଓ ଦୃଷ୍ଟିବର୍ଦ୍ଧକ । ହି. ଶବ୍ଦସାଗର ।]

ଦୁଗ୍ଧତାଳୀୟ—ସଂ. ବି—୧ । ଦୁଧ ଫେଣ (ହି. ଶବ୍ଦସାଗର)—
Dugdhatāḷīya 1. The froth or foam of milk.
୨ । ସ୍ୱରିଡ଼ି—2. Condensed milk.

ଦୁଗ୍ଧ ପାଚନ—ସଂ. ବି. (ଦୁଗ୍ଧ+ପଚ୍ ଧାତୁ+ଅଧିକରଣ ଅନ)—
Dugdha pāchana ଦୁଧ ଅଉଟିବା ହାଣ୍ଡି—An earthen pot for boiling milk; milk-pan.

ଦୁଗ୍ଧ ପାତ୍ର—ସଂ. ବି—ଦୁଗ୍ଧ ପାଚନ (ଦେଖ)
Dugdha pātra Dugdha pāchna (See)

ଦୁଗ୍ଧ ପାୟୀ—ସଂ. ବିଣ. (ଦୁଗ୍ଧ+ପା ଧାତୁ=ପିଇବା+କର୍ତ୍ତୃ. ଇନ୍
Dugdha pāyī ୧ମା ୧ବ.)—ଯେ ଦୁଧ ପିଏ—Drinking milk; mammalian.

ଦୁଗ୍ଧପାୟୀ ଜନ୍ତୁ—ଦେ. ବି. (ଜୀବବିଜ୍ଞାନ ପରିଭାଷା)—ଯେଉଁ ଜନ୍ତୁମାନେ
Dugdhapāyī jantu ଜନ୍ମଦେଲାକ୍ଷଣି ମାତୃ ସ୍ତନ୍ୟ ପାନ କରି ବଞ୍ଚନ୍ତି—(biology) The mammals.

ଦୁଗ୍ଧ ପାଷାଣ—ସଂ. ବି—୧ । ଦୁଧଖଡ଼ି (ଦେଖ)
Dugdha pāshāṇa 1. Dudhakhaḍi (See)
୨ । ଏକପ୍ରକାର ଗଛ (ହି. ଶବ୍ଦସାଗର)—
2. A kind of tree.

ଦୁଗ୍ଧ ପୋଷ୍ୟ—ସଂ. ବିଣ. (ତୃତୀୟା ତତ୍; ଦୁଗ୍ଧ+ପୋଷ୍ୟ)—
Dugdha poshya ଯେଉଁ ଶିଶୁ ଜନ୍ମାବଧି ଦୁଧ ବା ସ୍ତନ୍ୟପାନ
(ଦୁଗ୍ଧପୋଷ୍ୟା—ସ୍ତ୍ରୀ) କରି ବଞ୍ଚିଅଛି—Nourished with milk; (a child or infant) subsisting on milk only.
ସଂ. ବି—ଶିଶୁ—Child.

ଦୁଗ୍ଧ ଫେନ—ସ. ବି. (୬ଷ୍ଠୀ ତତ୍; ଦୁଗ୍ଧ+ଫେନ)—୧ । ଦୁଧ
Dugdha phena ଉତୁରିଲେ ତହିଁରୁ ଯେଉଁ ଫେଣ ବାହାରେ—
1. The froth of milk.
୨ । ଏକପ୍ରକାର ଗଛ; କ୍ଷୀରକ୍ଷୀରି ଗଛ (ହି. ଶବ୍ଦସାଗର)—
2. A kind of tree.

ଦୁଗ୍ଧଫେନନିଭ—ସଂ. ବିଣ. (ଦୁଗ୍ଧଫେନ+ନିଭ=ସଦୃଶ)—
Dugdhaphena nibha ଦୁଧ ଫେଣପରି ଶୁଭ୍ର ଓ ନରମ
(ଶଯ୍ୟା)—As soft and white as the froth of milk; white and downy (bed); soft and milk-white.

ଦୁଗ୍ଧବତୀ—ସଂ. ବିଣ. ସ୍ତ୍ରୀ (ଦୁଗ୍ଧ+ବତ୍+ଈ)—ଦୁଧିଆଳି; ଯେଉଁ ଗାଈ
Dugdhabatī ବେଶି ଦୁଧ ଦିଏ—(cow) Giving a good quantity of milk.

ଦୁଗ୍ଧବୀଜା—ସଂ. ବି. (ବହୁବ୍ରୀହି; ଦୁଗ୍ଧ+ବୀଜ+ଆ)—
Dugdhabījā ଜୁଆର; ବାଜରା (ହି. ଜବାରା)—
Indian millet.

ଦୁଗ୍ଧ ଭାଣ୍ଡ—ସ. ବ. (ମ. ପ. ଲୋ; ଦୁଗ୍ଧ+ଭାଣ୍ଡ)—ଦୁଧ ରହିବା ପାତ୍ର—
Dugdha bhāṇḍa A pail or pot of milk.

ଦୁଗ୍ଧ ଲବଣ—ଦେ. ବ. (ବିଜ୍ଞାନ ପରିଭାଷା)—ଏକପ୍ରକାର ସ୍ୱାଦଯୁକ୍ତ ଲବଣ—
Dugdha labaṇa Milk salt.

ଦୁଗ୍ଧ ଶର୍କରା—ଦେ. ବ. (ବିଜ୍ଞାନ ପରିଭାଷା)—ଦୁଧରୁ ବୈଜ୍ଞାନିକ ପ୍ରକ୍ରିୟା
Dugdha śarkarā ଦ୍ୱାରା ବାହାର କରା ଯାଇଥିବା ଚିନି—
Sugar extracted from milk.

ଦୁଗ୍ଧ ସମୁଦ୍ର—ସ. ବ. (ମ. ପ. ଲୋ; କର୍ମଧା)—କ୍ଷୀର ସାଗର—
Dugdha samudra The mythological ocean full of milk
(ଦୁଗ୍ଧ ସିନ୍ଧୁ; ଦୁଗ୍ଧ ସାଗର, ଦୁଗ୍ଧାବ୍ଧି—ଅନ୍ୟରୂପ)

ଦୁଗ୍ଧ ସ୍ନେହ—ସ. ବ.—[ଦୁଗ୍ଧ+ସ୍ନେହ=ଚିକ୍କଣ (ଘୃତାଦି) ଅଂଶ]—
Dugdha sneha ଦୁଧରେ ଥିବା ଚର୍ବି ଭାଗ—Milk-fat.

ଦୁଗ୍ଧାବ୍ଧି—ସ. ବ.—ଦୁଗ୍ଧ ସମୁଦ୍ର (ଦେଖ)
Dugdhāb-dhi Dugdha samudra (See)

ଦୁଗ୍ଧିକା—ସ. ବ. (ଦୁଗ୍ଧ+ଇକ+ଆ)—ଦୁଧିଆ ମେଣ୍ଡି (ଦେଖ)
Dugdhikā Dudhiā menḍhi (See)

ଦୁଗ୍ଧୀ—ସ. ବଣ. (ଦୁଗ୍ଧ+ଇନ୍; ୧ମା. ୧ବ.)—ଦୁଗ୍ଧ ପରି ରସଯୁକ୍ତ—
Dugdhī With milk-white juice.
ସ. ବ.—କ୍ଷୀର ବୃକ୍ଷ—
A tree with milky juice.

ଦୁଜୁବର—ଦେ. ବି. ପୁଂ. (ସଂ. ଦ୍ୱି ଓ ବର)—ଦୋବେଇ ବର—
Duj-bara Remarried widower.
ଦোজবর ଦେ. ବିଣ.—ଦୁଇଥର ବିବାହିତ (ପୁରୁଷ)—
दुजबर, दोझा Twice married (male).

ଦୁଜା—ଦେ. ବଣ. (ସଂ. ଦ୍ୱି)—ଦ୍ୱିତୀୟ—
Dujā Second.

ସକଳ ଲୋକେ ଦୁଃଖ ପୂଜା,
କ ପଶ୍ଚାନ୍ତର ଦେବା ଦୁଜା। ଉପେନ୍ଦ୍ରଭ. ରାମଚନ୍ଦ୍ର।

ପ୍ରାଦେ. (ବାଲେଶ୍ୱର) ବି.—ସୌର ମାସର ଦ୍ୱିତୀୟ ଦିନ; ଚାନ୍ଦ୍ରମାସ
ଦ୍ୱିତୀୟା—The second day of a solar month.

ଦୁଜାତି—ଦେ. (ପ୍ରାଚୀନ ବ୍ୟବହାର) ବି.—ଦୁଇ ଜାତି—
Dujāti Two classes
दुजाति ମାତ୍ର ଅଙ୍ଗିର ଦୁଜାତି ହୋଇଛି ଉତ୍ପନ୍ନ।
दुजाति ପ୍ରାଚୀ. ବୃନ୍ଦାବନଦାସ ଗୀତା।

ଦୁଜେ—ଦେ. କ୍ରି. ବିଣ. (ସଂ. ଦ୍ୱି)—ଦ୍ୱିତୀୟତଃ; ଦ୍ୱିତୀୟରେ—
Duje Secondly.
दूजे ଏବେ ଜନ୍ମିବା ଦୁଜେ ସେ କୁମାର
दुसरा ଜଗନ୍ନାଥ. ବଳରାମଦାସ।

দোসরা ବିଣ.—ଦ୍ୱିତୀୟ—
दुसरा Second

ସମ ପ୍ରଭୁଙ୍କ କେହି ନାହିଁ
ସର୍ଗକେ ଦୁଜେ ବ୍ରହ୍ମା ସେହି। ଜଗନ୍ନାଥ. ଭାଗବତ।

ଦୁଡ଼ଗୁଡ଼୍—ଦେ. ବି.—ସନ୍ଦିଗ୍ଧ ଚିତ୍ତ—
Durd-gurd Doubtful mind; vaccilation.
(ଦୁଡ଼୍ ଗୁଡ଼୍—ଅନ୍ୟରୂପ) ବିଣ.—ସନ୍ଦିଗ୍ଧ (ଚିତ୍ତ)—
Doubtful; vaccilating (mind).

ଦୁଡ଼୍ଗୁଡ଼ିଆ—ଦେ. ବିଣ.—ଦୁଡ଼୍ ଗୁଡ଼୍ (ଦେଖ)
Durd-gurdiā Durdgurd (See)
(ଦୁଡ଼୍ଗୁଡ଼ିଆ—ଅନ୍ୟରୂପ)

ଦୁଡ଼୍ ଦୁଡ଼୍—ଦେ. ବି. (ଧ୍ୱନ୍ୟନୁକାରୀ)—ଭୟରେ ହୃତ୍କମ୍ପ—
Durd durd Palpitation of the heart due to fear; heart-throbbing.
धड़ धड़
धुकुड़ धुकुड़ ଦେ. ବିଣ.—ଭୟରେ କମ୍ପିତ (ହୃଦୟ)—
(ଦୁଡ଼ୁ ଦୁଡ଼ୁ—ଅନ୍ୟରୂପ) Palpitating (heart).

ଦୁଡ଼୍ ବିହେଇ—ପ୍ରାଦେ (ସମ୍ବଲପୁର) ବିଣ.—ଦୋବେଇ (ଦେଖ)
Durd bihei Dobei (See)
(ଦୁଡ଼୍ବେଇ—ଅନ୍ୟରୂପ)

ଦୁଡ଼ା ତାରକ—ଦେ. ବି.—ବୁଢ଼ା ତାରକ (ଦେଖ)
Durdā tāraka Burdhā tāraka (See)

ଦୁଡ଼ୁକ(କି)—ଦେ. ବି.—ଧୁଡ଼ୁକି (ଦେଖ)
Durduka(ki) Dhurduki (See)

ଦୁଡ଼ୁକା—ପ୍ରାଦେ. (ଉତ୍ତରକୂଳ) ବି.—ମଧୁର ତରଭୁଜା ଫଳ; ସର୍ପ-
Durdukā ପଟୋଳଲତା—Luffa Aegytiaca.

ଦୁଡ୍ଡିଘର—ପ୍ରାଦେ. (ଗଞ୍ଜାମ) ବି—୧। ଜାକିଡ଼ାଘର—
Duddighara 1. Pound; kine-house.
୨। ପାଇଖାନା—2. Latrine.

ଦୁଣ୍ଡୁକ—ସ. ବଣ. (ଦୁଡ଼୍ ଧାତୁ=ମଗ୍ନ ହେବା+ଉକ)—
Dunduka ୧। କୁଟିଳାନ୍ତଃକରଣ—
1. Crooked; deceitful.
୨। ଦୁର୍ଜନ; ଖଳ—2. Mischief-monger.

ଦୁଣ୍ଡୁଭ—ସ. ବ. (ଦୁଡ଼୍ ଧାତୁ=ମଗ୍ନ ହେବା+ଉଭ; ଉପାଦାନ)—
Dundubha ଡୁଣ୍ଡୁଭ; ପାଣିଧଣ୍ଡ ସାପ—
Water-snake; a kind of non-poisonous snake.

ଦୁତ୍—ଦେ. ଅ—୧। (ଯେ ଅନୁଚିତ ବାକ୍ୟ କହେ ବା ଅନୁଚିତ କର୍ମ
Dut କରେ ତା ପ୍ରତି ବା ଉଦ୍ଦେଶ୍ୟରେ ବ୍ୟବହୃତ ଅବ୍ୟୟ)
ଧିକ୍—1. Fie.
धुत्
दुत ୨। (ନିଷେଧାର୍ଥକ ଅବ୍ୟୟ) ନାଁ—2 No.

ଦୁତି—ପ୍ରା. ବଣ. (ସ. ଦ୍ୱିତୀୟ)—ଦ୍ୱିତୀୟ—
Duti Second.
ଦୁତି ସ୍ୱପ୍ନର କଥା ନାହାନ୍ତି ପାରନ୍ତେ। ପ୍ରାଚୀ. ପ୍ରତାପ ଶଶିରେଖା।

ଦ—ଦୁତି (ଦେଖ)—Duti (See)

ଦୁତିଅ(ୟ)—ଗ୍ରା. ବଣ. (ସ. ଦ୍ୱିତୀୟ)—ଦ୍ୱିତୀୟ—
Dutia(ya) Second.
ଦ୍ବିତିୟ ଦ୍ୱାଦଶ ଯାବନ୍ତ ଗଲେ ଦୁତିଅ ପିଠରେ—ଗ୍ରାମ୍ୟ. କୃଷ୍ଣଜନ୍ମପଞ୍ଜୀକା ।
दुतिय
সেঙ্গা; সাঙ্গা ବି—ଶୂଦ୍ରା ବିଧବାର ଦ୍ୱିତୀୟ ବିବାହ; ଦ୍ୱିତୀୟ ବିବାହ—
सगाई Widow marriage (amongst the Śudras).
[ଦ୍ର—ଆମ ଦେଶରେ ଶୂଦ୍ର ଓ ନୀଚ କୁଳରେ ଏ ପ୍ରଥା ପ୍ରଚଳିତ ଅଛି ।]

ଦୁତିଅ(ୟ) କରିବା—ଦେ. କ୍ରି—୧ । (ପ୍ରସ୍ତାବକୁ) ସମର୍ଥନ କରିବା—
Dutia(ya) kariba 1. To second (a proposal).
সেঙ্গা করা ୨ । ଶୂଦ୍ରା ବିଧବାକୁ ଦ୍ୱିତୀୟବାର ବିବାହ କରିବା—
सगाई करना 2. To marry a Śudra widow.

ଦୁତିଅ(ୟ) ସଂସାର ଦେ. ବି—ଦୁତିଅ ସଂସ୍ଥା (ଦେଖ)
Dutia(ya) samsāra Dutia samsthā (See)

ଦୁତିଅ ସଂସ୍ଥା—ପ୍ରାଦେ. (ଗଡ଼ଜାତ) ବି—ପୁରୁଷର ଦ୍ୱିତୀୟବାର ଦାରପରିଗ୍ରହ—
Dutia(ya) samsthā The second marriage of a widower.
(ଦୁତିଅ ସସ୍ଥା—ଅନ୍ୟରୂପ)

ଦୁତିଅ(ୟ) ହେବା—ଦେ. କ୍ରି—୧ । (ବିଧବା ସ୍ତ୍ରୀ) ଅନ୍ୟ ସ୍ୱାମୀ ଗ୍ରହଣ କରିବା—1. (a widow) To re-marry.
Dutia(ya) hebā
সাঙ্গা হওয়া ୨ । (ପୁରୁଷ) ବିଧବା ସ୍ତ୍ରୀକୁ ବିବାହ କରିବା—
सगाई करना 2. To marry a widow.

ଦୁତିଆ(ୟା)—ଦେ. ବି.(ସ. ଦ୍ୱିତୀୟା)—ପୂର୍ଣ୍ଣିମା ଓ ଅମାବାସ୍ୟା ପରେ ହେବା ଦ୍ୱିତୀୟା ତିଥି—The second day after full moon or new moon.
Dutiā(yā)
দ্বিতীয়া
दुज; दुतिया

ଦୁତିଆ ଅଷ୍ଟମୀ—ପ୍ରାଦେ. (ଯାଜପୁର) ବି—ଦୁତିଆ ଓଷା (ଦେଖ)
Dutiā ashṭami Dutiā oshā (See)

ଦୁତିଆ(ୟା) ଓଷା—ଦେ. ବି. (ସ. ଜୀମୂତବାହନ+ସ. ଉପବାସ, ପ୍ରା. ଓଷା)—ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ବା ମୂଳାଷ୍ଟମୀ—The eighth day of the dark fortnight of Āświna.
Dutiā(yā) oshā
[ଦ୍ର—ସଧବା ସ୍ତ୍ରୀଲୋକମାନେ ଏହି ଓଷା କରନ୍ତି । ସେମାନେ ପୂର୍ବଦିନ ଉପରଓଳି ଉପବାସ (ଏକବାର) କରି ପରଦିନ ସାରାଦିନ ଓ ରାତି ନିର୍ଜଳ ରହନ୍ତି । ସନ୍ଧ୍ୟା ସମୟରେ ଗ୍ରାମର ସମସ୍ତ ସ୍ତ୍ରୀଲୋକେ ଗୋଟିଏ ପୋଖରୀରେ ଗାଧୋଇ ଗଙ୍ଗାମାତାଙ୍କୁ ପୂଜା କରନ୍ତି ଓ ସ୍ନାନ ଘାଟର ବାଟରେ ନୂଆଲୁଗାମାନ ପାହାଡ଼ି ପାରି ସଧବା ସ୍ତ୍ରୀମାନଙ୍କ ପଦଧୂଳି ସଂଗ୍ରହ କରି ନିଜ ନିଜ ପିଲାଙ୍କ ମୁଣ୍ଡରେ ଆଣି ଝାଡ଼ନ୍ତି । ରାତିରେ ଦୁର୍ଣ୍ଣିବାହନଙ୍କୁ ନାନାପ୍ରକାର ଫଳ ଭୋଗ ଦେଇ ଏହି ଓଷାର କଥା (ଉପାଖ୍ୟାନ) ଶୁଣନ୍ତି ।]

ଦୁତିଆ(ୟା) ଚାନ୍ଦ—ଦେ. ବି (ସ. ଦ୍ୱିତୀୟା+ଚନ୍ଦ୍ରମା)—ଦ୍ୱିତୀୟା ତିଥି ରାତିରେ ଦେଖାଯିବା ଚନ୍ଦ୍ର—
Dutiā(yā) chānda The moon seen on the second day of the lunar fortnight.
দিতিআর চাঁদ
दुजका चान्द

ଦୁତୀ କାମ—ଦେ. ବି—ଦ୍ୱିତୀୟ କାମ ବା କନ୍ଦର୍ପ—
Duti kāma A second cupid.
ଶଙ୍ଖାଙ୍କର ଚଉଠବାସିଏ ତାଙ୍କ ନାମ
ସୁନ୍ଦରପଣେ ଅଟନ୍ତରେ ଦୁତୀ କାମ—କୃଷ୍ଣସିଂହ. ମହାଭାରତ. ଅଦ ।

ଦୁତ୍ତେରି—ଦେ. ଅ—ଦୁତ୍ (ଦେଖ)
Dutteri Dut (See)
दुत्तोर
(ଦୁତ୍ତେରିକା; ଦୁତ୍ତେରିକି; ଦୁତ୍ତେରିକେ—ଅନ୍ୟରୂପ)

ଦୁଦ୍—ପ୍ରାଦେ. (ସମ୍ବଲପୁର) ବି. (ସ. ଦୁଗ୍ଧ)—ଯୁବତୀର ବା ସ୍ତ୍ରୀର ସ୍ତନ—A female's or young woman's breast.
Dud
(ଦୁଧ୍-ଅନ୍ୟରୂପ)
[ଦ୍ର—ସମ୍ବଲପୁର ଅଞ୍ଚଳରେ ମାତୃସ୍ତନକୁ 'ଟନ୍' ବା 'ଚୁ' ବୋଲାଯାଏ । ଯୁବତୀ ସ୍ତନକୁ ଦୁଦ୍ ବା ଦୁଧ୍ ବୋଲାଯାଏ । ଓଡ଼ିଶାରେ ଦୁଧର ଅର୍ଥ ୧. ଦୁଗ୍ଧ; ୨. ସ୍ତ୍ରୀ ସ୍ତନ; ୩ ମାତୃସ୍ତନ; କିନ୍ତୁ ସମ୍ବଲପୁରରେ ଦୁଦ୍‌ର ଅର୍ଥ ସ୍ତ୍ରୀ ବା ଯୁବତୀର ସ୍ତନ; ଏବଂ ଗୁରସି (ଗୋରସ୍), ଓଗର ଓ ନଲାପାଣି ଅନ୍ୟ ଶବ୍ଦ ଦୁଗ୍ଧ ଅର୍ଥରେ ବ୍ୟବହୃତ ହୁଏ ।]

ଦୁଦୁଇ—ଦେ. ଅ(ସ. ଦ୍ୱି+ଦ୍ୱି)—ପ୍ରତ୍ୟେକ ବ୍ୟକ୍ତିକୁ ଦୁଇ ଦୁଇ ହିସାବରେ—Two to each.
Dudui
दु दु ଏକ ଏକ ଯୁବତୀକି ଦୁଦୁଇ ଭ୍ରାତ—ପ୍ରାଚୀ, ରହସ୍ୟମଞ୍ଜରୀ ।
दो दो

ଦୁଦୁପୁ ଦୁଦୁପୁ—ଦେ. (ଧ୍ୱନ୍ୟନୁକରଣ) ଅ—ଡମରୁ ବାଜିବାର ଶବ୍ଦ—
Dudupu dudupu The sound of Ḍamaru.
দপদপ डमडम

ଦୁଦୁରା—ଦେ. ବି. (ସ. ଧୁସ୍ତୂର)—ଧାତୁରା (ଦେଖ)
Dudurā Dhāturā (See)

ଦୁଦୁରା ଫୁଲିଆ—ଦେ. ବିଣ—ଧାତୁରା ଫୁଲ ପରି ଯାହାର ଧାର ବଙ୍କା ଓ ବିସ୍ତୃତ ହୋଇଥାଏ (ବାସନ)—
Dudurā phuliā (utensils) Having the rims notched and foliated like the Dhāturā flower.

ଦୁଦ୍ରୁମ—ସଂ. ବି.—ହଳଦିଆ ପିଆଜ—
Dudruma A kind of yellow onion.

ଦୁଧ ଦେ. ବି. (ସଂ. ଦୁଗ୍ଧ)—୧ । କ୍ଷୀର; ଦୁଗ୍ଧ—
Dudha 1. Milk.
ଦୁଧ ଉତୁରିଲେ ଚୁଲିରେ ପଡ଼େ;
ମଣିଷ ଉତୁରିଲେ ଗାଡ଼ରେ ପଡ଼େ । ଢଗ ।
୨ । ମାତୃସ୍ତନ୍ୟ—2. Mother's milk.
[ଦ୍ର—ଶିଶୁମାନଙ୍କ ଚକ୍ଷୁରେ ମାତୃ ସ୍ତନ୍ୟ ଠାରୁ ପ୍ରିୟତର ପଦାର୍ଥ ଆଉ ସଂସାରରେ ନାହିଁ । ଏଥିପାଇଁ ଶିଶୁ ଓ ମାତାମାନେ ସ୍ତନ ଓ ସ୍ତନ୍ୟକୁ ଅନେକ ପ୍ରକାର ଖେଳବସରିଆ ନାମ ଦେଇ ଥାଆନ୍ତି, ଯଥା; ଦୁଧ, ଦଦ, ଦଦ୍ଦ, ଦଧ, ଦଦନ, ଦଦ୍ଦିଆ, ଦଦନି, ଦଧି, ଦଧିଆ, ଦୁଧି, ଦୁଦ, ଦୁଦ୍ଦ, ଦୁଦ୍ଦିଆ ଇତ୍ୟାଦି ।
ଗଡ଼ଜାତରେ ଦୁଧ କହିଲେ ଲୋକେ କେବଳ ସ୍ତ୍ରୀ ସ୍ତନ ବୋଲି ବୁଝନ୍ତି ।]
୩ । ପହ୍ନା—3 Udder.

୪ । ମମା; ସ୍ତନ—
4. Mamma; the breasts of the female.

୫ । ଗଛର କ୍ଷୀର; ଦୁଧ ପରି ଧଳା ରସ—
5. White juice resembling milk; milky juice.

ଦୁଧ ଅଳତା—ଦେ. ବି—ଦୁଧରେ ଅଳତା ମିଶାଇଲେ ଯେଉଁ ପ୍ରକାର
Dudha aḻatā ରକ୍ତିମା ରଙ୍ଗ ହୁଏ; ପାଟଳବର୍ଣ୍ଣ—
দুধ আলতা Ruddy colour; slightly red colour (red and white).

ଦୁଧ ଆଉଟିବା—ଦେ. କି—ଦୁଧକୁ ନିଆଁ ଉପରେ ରଖି ସିଝାଇବା—
Dudha āuṭibā To boil milk.
দুধে জাল দেওয়া दूध जालना

ଦୁଧ ଉଛୁଳିବା—ଦେ. କି—(ରୋଗ ହେତୁ ଶିଶୁ) ପିଇବା ଦୁଧକୁ
Dudha uchhāḻibā ତତ୍କ୍ଷଣ ପରେ ବମନ କରି ପକାଇବା—
দুধ তোলা To throw up milk (said of infants).
दूध डालना

ଦୁଧ କଟ କଟ ହେବା—ଦେ. କି—ମାତାଠାରୁ ଶିଶୁ କେତେକ ସମୟ
Dudha kaṭa kaṭa hebā ସ୍ତନ୍ୟ ପାନ ନ କଲେ ମାତୃ ସ୍ତନ ସ୍ତନ୍ୟପୂର୍ଣ୍ଣ ହୋଇ ଟଣିବା—An unpleasant sensation caused by the breasts not being sucked by the child for some time, due to the breasts being overfilled with milk.

[ଦ୍ର—କୌଣସି ସ୍ତ୍ରୀ ଆପଣା ଶିଶୁକୁ ଅଧିକ ବେଳଯାଏ ଦୁଧ ନ ଦେଲେ ସ୍ତନରେ ଦୁଗ୍ଧାଧିକ୍ୟ ବଶତଃ ଯନ୍ତ୍ରଣା ହୁଏ ଓ ମାତା ଏହି ଯନ୍ତ୍ରଣାରେ ଅସ୍ଥିର ହୋଇ ପିଲାକୁ ଦୁଧ ନ ଦେବା ପର୍ଯ୍ୟନ୍ତ ସ୍ୱସ୍ଥ ହୋଇ ରହି ପାରନ୍ତି ନାହିଁ ।]

ଦୁଧ କଳମ—ଦେ. ବି—ଏକପ୍ରକାର ଧାନ—
Dudha kaḻama A kind of paddy (Howells .

ଦୁଧ(ଧୁ) କୁଞ୍ଚା—ଦେ. ବି—ଦୁଧ ଦୋହିଁବା ଓ ରଖିବା ନିମନ୍ତେ ବ୍ୟବହୃତ
Dudha(dhu) kuñchā ଛୋଟ ଘଡ଼ି—Small pitcher for keeping milk.
(ଦୁଧ ଘଡ଼ି; ଦୁଧ ଠେକି—ଅନ୍ୟରୂପ)

ଦୁଧ(ଧୁ) କୁସୁମା—ଦେ. ବି—ବଟା ଭାଙ୍ଗ ବା ସିଦ୍ଧି ସଙ୍ଗେ ଦୁଧ
Dudha(dhu) kusumā ମିଶ୍ରିତ ହୋଇ ଯେଉଁ ପାନୀୟ ପ୍ରସ୍ତୁତ ହୋଇଥାଏ—Bhāṅg mixed with milk.
ଦୁଧକୁସମା } ଅନ୍ୟରୂପ
ଦୁଧକୁସୁମା }

ଦୁଧ(ଧୁ) ଖଡ଼ି—ଦେ. ବି. (ସଂ. ଦୁଗ୍ଧ ଓ ଖଟୀ)—ଏକପ୍ରକାର ଧଳା
Dudha(dhu) khaṟḏi ପଥର; ଫୁଲଖଡ଼ି—A kind of white stone harder than chalk.
ସଂ.ଦୁଗ୍ଧପାଷାଣ; ଗୋମେଦସନ୍ନିଭ; ବଜ୍ରାଭ
ফুলখড়ি
दुधिया पत्थर; दूधी

[ଦ୍ର—ଏହା ଚକ୍ ଖଡ଼ି ଅପେକ୍ଷା ଟାଣ । ଏଥିରେ ଶିଶୁମାନେ ପାଠ ଲେଖନ୍ତି ଓ ମୁରୁଜ ତିଆରି ହୁଏ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ସ୍ନିଗ୍ଧ, ହୃଷ୍ଟ, ରୁଚିକର ଓ ଜ୍ୱର, ପିତ୍ତ, ହୃଦ୍ରୋଗ, କାଶ, ଶୂଳ ଓ ଅଧ୍ମାନନାଶକ ।]

ଦୁଧ(ଧୁ) ଖିଆ ପିଲା—ଦେ. ବି—ସ୍ତନ୍ୟପାନ କରୁଥିବା ଶିଶୁ; ସ୍ତନନ୍ଧୟ
Dudha(dhu) khiā pilā ଶିଶୁ—A child in arms; an infant; a suckling.
দুধের ছেলে दुधकाबच्चा

ଦୁଧଘାଣ୍ଟା—ପ୍ରାଦେ· (ସିଂହଭୂମ) ବି—ରାବିଡ଼ି—Condensed
Dudhaghāṅṭā milk; a preparation made of milk thickened by boiling and mixed with sugar.

ଦୁଧ ଚିପିବା—ଦେ. କି. (ଅଶିଷ୍ଟ)—ସ୍ତ୍ରୀର ସ୍ତନ ମର୍ଦ୍ଦନ କରିବା—
Dudha chipibā To squeeze a woman's breast.
মাই টেপা छाति मसलना

ଦୁଧ ଚୋରଣୀ—ଦେ. ଗଣ—(ଯେଉଁ ଗାଈ) ଦୁଧ ଦୁହିଁବା ସମୟରେ
Dudha chorani ଆପଣାର ପହ୍ନା ଭିତରେ ଦୁଧ ଲୁଚାଇ ରଖେ—
(a cow) Which keeps back or checks the flow of her milk at the time of milking.

ଦୁଧ ଚୋରା(ରେ)ଇବା—ଦେ. କି—ଦୁଧ ଦୁହିଁବା ସମୟରେ (ଗାଈ ଆଦି)
Dudha chorā(re)ibā ଦୁଧ ନ ଦେଇ ଲୁଚାଇବା—To hide and restrain the milk from flowing at the time of milking.
दूध चढ़ाना

ଦୁଧ ଛଡ଼ା(ଡ଼େ)ଇବା—ଦେ. କି—ସ୍ତନ୍ୟପାନ କରୁଥିବା ଶିଶୁର ମାତୃସ୍ତନ୍ୟପାନ ଅଭ୍ୟାସ ବନ୍ଦ କରାଇବା—
Dudha chhaṟḏā(ṟḏe)ibā To wean a child.
দুধ ছাড়ান दूधछुड़ाना

ଦୁଧ ଛାଡ଼ିବା—ଦେ. କି—(ସ୍ତନନ୍ଧୟ ଶିଶୁ) ମାତୃସ୍ତନ୍ୟ ପାନ କରିବା
Dudha chhāṟḏibā ଅଭ୍ୟାସ ତ୍ୟାଗ କରିବା—To be weaned (said of a suckling child).
দুধ ছাড়া दूध छुटना

ଦୁଧ ଛିଣ୍ଡା(ଣ୍ଡେ)ଇବା—ଦେ. କି.—ଗରମ ଦୁଧରେ ଖଟା ପକାଇ ତାକୁ
Dudha chhiṇḍā (ṇḍe)ibā ଛେନା କରିବା—
দুধছেঁড়া, দুধকাটা To curdle hot milk by applying some acid or sour thing.
दूध फाड़ना

ଦୁଧ ଛିଣ୍ଡିଯିବା—ଦେ. କି.—ଗରମ ଦୁଧରେ ଖଟା ପଡ଼ିବାରୁ ତାହା ପାଣି
Dudha chhiṇḍijibā ପ୍ରାୟ ଛେନା ହୋଇ ଯିବା—The state of hot milk becoming curdled (due to admixture of some acid).
দুধ ছেঁড়ে যাওয়া
दूध फटना

ଦୁଧ(ଧୁ) ଛେନା—ଦେ. ବି.—ଗରମ ଦୁଧକୁ ଖଟା ଦେଇ ଛିଣ୍ଡାଇଲେ
Dudha (dhu) chhenā ଯେଉଁ ଛେନା ପ୍ରସ୍ତୁତ ହୁଏ—
দুধছানা Cheese made direct from milk.
दुधछेना

[ଦ୍ର—ଦୁଧଛେନା ଦହିଛେନା ଅପେକ୍ଷା ସୁପାଚ୍ୟ ଓ ସ୍ୱାଦୁ ଏବଂ ଏଥିରେ ସନ୍ଦେଶ, ରସଗୋଲା ଆଦି ପ୍ରସ୍ତୁତ ହୁଏ । ଦୁଧକୁ ଦହିରେ ପରିଣତ କରି ତହିଁରୁ ଯେଉଁ ଛେନା ପ୍ରସ୍ତୁତ ହୁଏ ତାହାକୁ ଦହିଛେନା କହନ୍ତି ।]

ଦୁଧ ଢୋକିବା—ଦେ. କି.—ଧାନ କ୍ଷୀର ଢୋକିବା; ଧାନ କେଣ୍ଡାରୁ
Dudha ḏhokibā ବାହାରିବା ସମୟରେ ଧାନ ମଧ୍ୟରେ ପ୍ରଥମେ ଦୁଧ ପରି ରସ ପୂର୍ଣ୍ଣ ହେବା ଅବସ୍ଥା—
दूध पड़ना

The condition of the grains or pods of paddy becoming filled with milky juice when they come out of the stem.

[ଦ୍ର—ଏହି ରସ କ୍ରମେ ଗାଢ଼ତର ହୋଇ ଶୁଖିଲେ ଚାଉଳ ହୁଏ ।]

ଦୁଧ(ଧୁ)ଦାନ୍ତ—ଦେ. ବି. (ସଂ. ଦୁଗ୍ଧ+ଦନ୍ତ)—ଶିଶୁମାନଙ୍କର ପ୍ରଥମେ ଉଠିଥିବା ଦାନ୍ତ—Milk-teeth of infants.
Dudha(dhu)dānta
ଦୁଧେ ଦାନ୍ତ [ଦ୍ର—ଏ ଦାନ୍ତମାନ ୬।୭ ବର୍ଷ ବୟସରେ ଝଡ଼ି ପଡ଼େ ଓ
दुधके दांत ତାପରେ ଯେଉଁ ଦାନ୍ତ ଉଠେ ତାହା ବୁଢ଼ାଦିନ ପର୍ଯ୍ୟନ୍ତ ରହେ ।]

ଦୁଧ ଦୁ (ଦୋ)ହିଁବା—ଦେ. କ୍ରି.—(ସଂ. ଦୁଗ୍ଧ+ଦୁହ ଧାତୁ)—ଗାଈ
Dudha du (do) hiṁbā ଅବା ପଶୁରୁ ହସ୍ତଦ୍ୱାରା ଦୁଧ ବାହାର
ଦୁଧ ଦୋୟା କରିବା—To milk a cow or other beast.
दुध दुहना

ଦୁଧ ଦେବା—ଦେ. କ୍ରି.—(ସଂ. ଦୁଗ୍ଧ+ ଦା ଧାତୁ)—୧ । ପିଲାକୁ
Dudha debā ସ୍ତନ୍ୟ ପାନ କରାଇବା—
ଦୁଧ ଦେଓୟା 1. To give suck or suckle a child.
दुध देना ୨ । (ଗୋରୁ, ମଇଁଷି ଆଦି) ଦୋହନ ଦ୍ୱାରା ଦୁଗ୍ଧ ପ୍ରଦାନ କରିବା—2. To give milk (said of milch cows etc.)

ଦୁଧ ବେଣ୍ଟ——ଦେ. ବି.—(ସଂ. ଦୁଗ୍ଧ+ବୃନ୍ତ)—ଦୁଧ ଭୁଣ୍ଡି (ଦେଖ)
Dudha beṇṭa Dudha bhuṇḍi (See)

ଦୁଧ(ଧୁ) ଭାତ—ଦେ. ବି.—(ସଂ. ଦୁଗ୍ଧ+ଭକ୍ତ)—୧ । ଦୁଧ ମିଶ୍ରିତ ଅନ୍ନ;
Dudha (dhu) bhāta ଦୁଧଗୋଳା ଭାତ—
ଦୁଧ ଭାତ 1. Boiled rice mixed with milk.
दुधभात ବଡ଼ଭ ଭାବେ ମିଥ୍ୟା ମିଥ୍ୟାଁ;
ଦୁଧଭାତ ବର ସୁଣାଏ ଖାଇଁ । ଶିଶୁବୋଧ ।
୨ । ଶିଶୁମାନଙ୍କର ସୁଖାଦ୍ୟ ଅନ୍ନ—
2. Relished food for children.
ପଢ଼ିଲେ ଖାଇବୁ ଦୁଧଭାତ;
ନ ପଢ଼ିଲେ ଠେଙ୍ଗା ବେତ । ଶିଶୁଗୀତ ।
[ଦ୍ର—ଦୁଧ ସଙ୍ଗେ ଭାତ ଗୋଳାଇଲେ ସେ ଭାତକୁ ପିଲାମାନେ ଆନନ୍ଦରେ ଖାଆନ୍ତି । ଏଥିପାଇଁ ପିଲାଙ୍କୁ 'ଦୁଧଭାତ' ଦେବାର ଅର୍ଥ ସୁଖାଦ୍ୟ ଭୋଜନ ବା ଭଲମାନ ଦେବା ।]
୩ । ସୁଖାଦ୍ୟ ଭୋଜନ; ବଡ଼ଲୋକଙ୍କ ଭୋଜ୍ୟ ବସ୍ତୁ—
3. Rich food; dainty meal.

ଦୁଧ ଭୁଣ୍ଡି—ଦେ. ବି.—୧ । ସ୍ତନର ଅଗ୍ରଭାଗର କ୍ଷୁଦ୍ର ଗୋଲକ, ଯାହାକୁ
Dudha bhuṇḍi ମୁହଁରେ ପୂରାଇ ପିଲାମାନେ ଚୁଚୁମନ୍ତି; ଚୂଚୁକ—
ଚୁଁଚି 1. Nipple of the breast.
दुद्धी ୨ । ଗାଈ ପହ୍ନାର ଥର—2. Udder of the cow.

ଦୁଧରେ ଆଞ୍ଚେ(ଞ୍ଚୋ)ଇବା—ଦେ. କ୍ରି.—(ଲକ୍ଷଣାର୍ଥ)—ଅତି ବଡ଼ଲୋକୀ
Dudhare āñche(ñcho)ibā ବା ସଚ୍ଛଳ ଅବସ୍ଥାରେ ଦିନପାତ
ଦୁଧେ ଆଁଚାନ କରିବା—To pass one's days in a very
(ଦୁଧରେ ଭୁଡ଼ଭୁଡ଼ା କରିବା—ଅନ୍ୟରୂପ) well-to-do condition.

[ଦ୍ର—କୌଣସି ଲୋକ ସଚ୍ଛଳ ଅବସ୍ଥାରେ ଥିଲେ ସେ ଦୁଧ ପରି ମୂଲ୍ୟବାନ୍ ପଦାର୍ଥକୁ ପାଣି ପରି ବ୍ୟବହାର କଲେ ସୁଦ୍ଧା ତାହାର କୌଣସି ଅଭାବ ହୁଏ ନାହିଁ । ସେପରି ସ୍ଥଳରେ ଏହି ଉପମା ଦିଆ ଯାଇଥାଏ ।]

ଦୁଧ ଲଇ—ପ୍ରାଦେ. (ଗଞ୍ଜାମ) ବି—ଚେମଡ଼ି ଲଇ (ଦେଖ)
Dudha lai Chemaṛi lai (See)

ଦୁଧ ଶୁଖିଯିବା—ଦେ. କ୍ରି—ସ୍ତନରୁ ବାହାରିବା ସ୍ତନ୍ୟର ମାତ୍ରା କମିଯିବା—
Dudha śukhijibā The drying up of the mother's breast.
दुध चढ़ना

ଦୁଧ ସର—ଦେ. ବି. (ସଂ. ଦୁଗ୍ଧ ଓ ସାର)—
Dudha sara ୧ । ଦୁଧ ସିଝାଇଲେ ତା ଉପରେ ଯେଉଁ ବହଳିଆ
ଦୁଧେର ସର ଚେପା ପରି ସ୍ତର ସ୍ତର ଘୃତାଂଶ ପଡ଼ି ଥାଏ—
दुधका मलाइ 1. Cream of milk.
୨ । ଘୁମୁସର ରାଜ୍ୟର ପର୍ବତବିଶେଷ
2. Name of a mountain in Ghumusar.
ଅଭିହିତ ଯାହା ଦୁଧସର ନାମେ, ସ୍ଥିତ ଘୁମୁସରେ ସେହି ।
ଚନ୍ଦ୍ରାମଣି, ଉପେନ୍ଦ୍ରଭଞ୍ଜ ।

ଦୁଧ ହାଣ୍ଡି—ଦେ. ବି. (ସଂ. ଦୁଗ୍ଧ+ହାଣ୍ଡିକା)—
Dudha hāṇḍi ଯେଉଁ ହାଣ୍ଡିରେ ଦୁଧ ଅଉଟା ଯାଏ—
ଦୁଧେର ହାଁଡ଼ି An earthen pot for boiling milk.
दुधहँड़ि, दुधाँड़ी

ଦୁଧିଆ—ଦେ. ବିଣ—୧ । ଦୁଧସମ୍ବନ୍ଧୀୟ—
Dudhiā 1. Pertaining to milk.
ଦୁଧିଆ, ଦୁଧେ ୨ । ଦୁଧ ପରି ଧଳା—2. Milky; milk-white.
दुधया, दुधिया (ଯଥା—ଦୁଧିଆ ମାଟିରେ ଭଲ ଫସଲ ହୁଏ ।)
୩ । ଦୁଧ ଅଣିଥିବା (ବ୍ୟକ୍ତି)—3. (person) Carrying milk.
(ଯଥା—ଦୁଧିଆ ବେହେରାମାନେ ସକାଳୁ ୧୦ କୋଶ ବାଟ ଦୂରରେ ଦୁଧ ନେଇ ପହଞ୍ଚି ଗଲେ ।)
ବି—ଦୁଧିଆ ଗୋଖର—
A species of cobra snake.
(ସାପ ଶବ୍ଦ ନୋଟ୍ ଦେଖ ।)

ଦୁଧିଆ କନ୍ଦା—ଦେ. ବି—ଖଡ଼ି କନ୍ଦା (ଦେଖ)
Dudhiā kandā Khaṛi kandā (See)

ଦୁଧିଆ ବୋଡ଼ା—ପ୍ରାଦେ. (ଗଡ଼ଜାତ) ବି—
Dudhiā boṛā ଏକ ପ୍ରକାର ଜଙ୍ଗଲି ବୋଡ଼ା ସାପ—
A species of wild viper.
[ଦ୍ର—ଏମାନେ ୨।୧୨ ହାତ ଲମ୍ବ ହୁଅନ୍ତି, ଘୋର ଜଙ୍ଗଲରେ ବାସ କରନ୍ତି ଓ ଭେଇଁ ଭେଇଁ ଶବ୍ଦ କରନ୍ତି । ଜଙ୍ଗଲରେ ବାସ କରୁଥିବା ବନ୍ୟ ପ୍ରଭୃତି ଜାତିର ସ୍ତ୍ରୀମାନେ ପିଲାମାନଙ୍କୁ ଦୁଧ ଦେଉଥିବା ସମୟରେ ଏମାନେ ପିଲାର ମୁହଁକୁ ଅଡ଼େଇ ଦେଇ ମାତୃସ୍ତନରୁ ଦୁଧ ଚୁଚୁମିକରି ପିଇ ଯାଆନ୍ତି; ମାଆ ତାହା ଜାଣି ପାରେ ନାହିଁ । ଯେଉଁ ସ୍ତନରୁ ଏମାନେ ଦୁଧ ପିଅନ୍ତି ସେ ସ୍ତନ ଛଡା ହୋଇଯାଏ ଏବଂ ସେଥିରୁ ଆଉ ଦୁଧ ବାହାରେ ନାହିଁ ବୋଲି ପ୍ରବାଦ ଅଛି ।]

ଦୁଧିଆ ମାଟି - ଦେ. ବି — ଦୁଧର ରଙ୍ଗ ପରି ଧଳା ମାଟି; ଖଡ଼ିଆ ମାଟି —
Dudhiā māṭi Earth or soil having the colour of milk.
दूधे माटि
दुद्धी

ଦୁଧିଆ ମେଣ୍ଢି (ଞ୍ଚି) — ଦେ. ବି. (ସଂ. ଦୁଗ୍ଧିକା) —
Dudhiā meṇḍhi(ñchi) ଏକ ପ୍ରକାର ବନ୍ୟ ଲତା (ଏହାକୁ (ଦୁଧିଆ ମେଣ୍ଢିଆ—ଅନ୍ୟରୂପ) ଭାଙ୍ଗି ଦେଲେ ଏଥିରୁ ଦୁଧ ପରି
दुधिआ लता ରସ ବାହାରେ)—A kind of wild creeper
दुद्धी with milky juice; Oxystelma Esculentum; Asclepias Rosea Roxburghii.

[ଦ୍ର—ଏହା ଅର୍କାଦି ବର୍ଗର ପାର୍ଶ୍ୱାଶ୍ରୟୀ ଲତା । ଏହାର ପତ୍ର ସରୁ; ଫୁଲ ବଡ଼ ଓ ଧଳା । ଫୁଲର ଭିତରପାଖ ଗୋଲାପୀ ରଙ୍ଗ । ଖରାଦିନରେ ଏଥିର ପତ୍ର ଝଡ଼େ । ଏଥିର ମଞ୍ଜିରେ ତୁଳା ଥାଏ । ଏହା ବାଡ଼ ଓ ଗଛ ଆଦିରେ ମାଡ଼େ ।]

ଦୁଧିଆରି — ଦେ. ବି — ଏକପ୍ରକାର କ୍ଷୁଦ୍ର କ୍ଷୀରି ଗୁଳ୍ମ —
Dudhiāri Name of a plant with milky juice.

[ଦ୍ର—ଏହା ଧଳା ଓ ନାଲି ଭେଦରେ ଦୁଇ ପ୍ରକାର । ଏହାର ପତ୍ର ଦ୍ୱିପର୍ଣ୍ଣ ଓ ଡେମ୍ଫ ଯଥାକ୍ରମେ ଧଳା ଓ ନାଲି । ଏହାର ମୂଳରୁ ଅନେକଗୁଡ଼ିଏ ଶାଖା ବାହାରେ । ସେ ଶାଖାକୁ ଛିଣ୍ଡାଇ ଦେଲେ ସେଥିରୁ ଦୁଧପରି ଧଳା କ୍ଷୀର ବାହାରେ । ଏହା ନାନାରକ୍ତ ଝାଡ଼ାରେ ଔଷଧରୂପେ ବ୍ୟବହୃତ ହୁଏ । ଏହା ଭୂମିରେ ଓ ପଡ଼ିଆରେ ମାଡ଼େ ।]

ଦୁଧିଆ ଲତା — ଦେ. ବି — ଦୁଧିଆ ମେଣ୍ଢି (ଦେଖ)
Dudhiā latā Dudhiā meṇḍhi (See)

ଦୁଧିଆଲି — ଦେ. ବିଣ — ୧ । ଦୁଧପରି ବର୍ଣ୍ଣବିଶିଷ୍ଟ —
Dudhiāḷi 1. Milky; milk-white.
दूधे, दुधाल ୨ । ଦୁଗ୍ଧବତୀ; ଯେ (ଗାଈ, ମଇଁଷି ଆଦି) ବେଶି ଦୁଧ
दुधैल, दुधिया ଦିଏ — 2. Giving a good quantity of milk; milch (cow and buffalo etc).

ଦୁଧୀ — ଦେ. ବିଣ. ସ୍ତ୍ରୀ (ଅନ୍ୟ ଶବ୍ଦ ସହିତ ପ୍ରଯୁକ୍ତ) — ସ୍ତନବିଶିଷ୍ଟ —
Dudhi Having breasts like, (a participle used with other words and equivalent to — breasted.

(ଯଥା—ଲାଉଅଦୁଧୀ, ମାକଡ଼ୀଦୁଧୀ, ପଞ୍ଚାଦୁଧୀ ଇତ୍ୟାଦି ।)

ଦୁନାବୁଡ଼ିଆ — ଦେ. ବିଣ (ସଂ. ଦ୍ୱି + ନାବ) — ଦୋନାବୁଡ଼ିଆ (ଦେଖ)
Dunāburḍiā Donāburḍiā (See)

ଦୁନି — ପ୍ରାଦେ (ସମ୍ବଲପୁର) ବିଣ — ଦ୍ୱିଗୁଣ; ଡବଲ —
Duni Double.

ଦୁନିଆ(ଆଁ) — ବୈଦେ. ବି (ଅ. ଦୁନ୍‌ୟାଁ) — ୧ । ବ୍ରହ୍ମାଣ୍ଡ; ବିଶ୍ୱ —
Duniā(āñ) 1. The universe.
दुनिया ୨ । ଧରଣୀ; ପୃଥିବୀ —
दुनियाँ 2. The earth; the world.
ଏଥିପାଇଁ ପୁଣି କ ଅଛେ ଦୁନିଆ—ଗ୍ରାମ୍ୟାଭି. ଦରବାର ।
୩ । ସମସ୍ତ ପୃଥିବୀ — 3. The whole world.
୪ । ସଂସାରର ଲୋକେ —
4. The people of the world.
୫ । ସମାଜ — 5. Society.

ଦୁନିଆ(ଆଁ) ଛଡ଼ା — ଦେ. ବିଣ — ଦୁନିଆ ବାହାର (ଦେଖ)
Duniā(āñ) chharḍā Duniā bāhāra (See)

ଦୁନିଆ(ଆଁ) ତମାମ୍ — ବୈଦେ. ଅ (ଅ) — ଦୁନିଆ ଯାକ (ଦେଖ)
Duniā(āñ) tamām Duniā jāka (See)

ଦୁନିଆ(ଆଁ) ଦଉଲତ୍ — ବୈଦେ. ବି. (ଅ) — ୧ । ସାଂସାରିକ ଧନ —
Duniā(āñ) daulat 1. Worldly riches.
दुनिया दौलत ୨ । ଆପଣାର ସ୍ତ୍ରୀ ଓ ସନ୍ତାନଗଣ —
दुनियाँ दौलत 2. One's wife and children.

ଦୁନିଆ(ଆଁ)ଦାର — ବୈଦେ. ବିଣ (ଫା) — ସଂସାରୀ (ବ୍ୟକ୍ତି) —
Duniā(āñ)dar Worldly (man); (a man) of the world.
दनियादार
दुनियाँदार

ଦୁନିଆ(ଆଁ)ଦାରି — ବୈଦେ. ବି (ଫା) — ୧ । ସାଂସାରିକ ଧର୍ମ; ଗୃହସ୍ଥ ଧର୍ମ — 1. The duties of a householder; the condition of being a house-holder.
Duniā(āñ)dāri
दुनिआदारि
दुनियादरी
୨ । ସଂସାରର ରୀତି ନୀତି —
2. The ways of the world.

ଦୁନିଆ(ଆଁ) ଦୋରଙ୍ଗ୍ — ବୈଦେ. (ପ୍ରବଚନ) (ଅ) — ଏ ସଂସାରରେ ସୁଖ ଓ ଦୁଃଖ (ଭଲ ମନ୍ଦ) ଉଭୟ ବିଦ୍ୟମାନ —
Duniā (āñ) doraṅg A proverb; the world has two sides, viz. the good and the bad.
दुनिया दुरांगी
दुनियाँ दोरंग

ଦୁନିଆ(ଆଁ)ବାହାର — ବୈଦେ. ବିଣ (ଅ) — ୧ । ଅସାଧାରଣ —
Duniā(āñ)bāhār 1. Extraordinary.
दुनियार बाहिर ୨ । ସୃଷ୍ଟିଛଡ଼ା; ଅମାନୁଷିକ —
दुनियासे बहार 2. Uncommon; unusual.
ତା କଥାକୁ ପୁଣି ଦୁନିଆ ବାହାର—ଗ୍ରାମ୍ୟାଭି. ଦରବାର ।

ଦୁନିଆ(ଆଁ) ଯାକ — ଦେ. କ୍ରି. ବିଣ — ସଂସାର ଯାକ; ସମଗ୍ରଜଗତରେ —
Duniā(āñ) jāka Throughout the world.
सारा दुनिया; सारा दुनियाँ
[ଦୁନିଆ(ଆଁ)ସାରା-ଅନ୍ୟରୂପ]

ଦୁନିଆ(ଆଁ)ର ଖବର — ବୈଦେ. ବି (ଅ) — ଦୁନିଆର ହାଲଚାଲ (ଦେଖ)
Duniā (āñ)ra khabara Duniāra hālachāla (See)

ଦୁନିଆ(ଆଁ)ର ରଙ୍ଗ — ଦେ. ବି — ସଂସାରର ଗତି ବା ରୀତି —
Duniā(āñ)ra raṅga The ways of the world.

ଦୁନିଆ(ଆଁ)ର ହାଲଚାଲ — ବୈଦେ. ବି. (ଫା; ଦୁନିଆକା ହାଲଚାଲ) —
Duniā(āñ)ra hālachāla ସଂସାରର ସମ୍ବାଦ —
दुनियार हाल चाल The news of the world.
दुनियाका हालचाल

ଦୁନି ଦର — ପ୍ରାଦେ. (ସମ୍ବଲପୁର) ବି — ଡବଲ ଦର; ଦ୍ୱିଗୁଣ ଦର —
Duni dara Double rate.

ଦୁନ୍ଦ୍‌ରିବା — ପ୍ରାଦେ (ବିହାର) କ୍ରି — ଗାଳିଦେବା; ଖୋଷିବା —
Dund-ribā To call names.

ଦୁନ୍ଦମ—ସ. ବି—୧ । ଦେବତାମାନଙ୍କ ବାଦ୍ୟବିଶେଷ—
Dundama A kind of drum said to be used by the Gods.
୨ । ନାଗରା (ହି. ଶବ୍ଦସାଗର)—2. Kettle-drum.

ଦୁନ୍ଦୁ—ସ. ବି—(ଦୁନ୍ଦ=ଦୁଃଖ+ଦମ୍. ଧାତୁ+ଉ);—୧ । ବସୁଦେବ; ଶ୍ରୀକୃଷ୍ଣଙ୍କ ପିତା—
Dundu 1. Basudeba, the father of Srikrushna.
୨ । ଦୁନ୍ଦୁଭି ବାଦ୍ୟ—2. A kind of drum.
୩ । ନାଗରା ବାଜିବାର ଅନୁକରଣ ଶବ୍ଦ—
3. The sound of drum-beating.

ଦୁନ୍ଦୁଭି—ସ. ବି (ଦୁନ୍ଦୁ=ଅନୁକରଣ ଶବ୍ଦ+ଭା. ଧାତୁ=ପ୍ରାପ୍ତି ପାଇବା ବା ଉଚ୍ଚାରଣ କରିବା+କର୍ତ୍ତୃ. ଇ)— ନାଗରା; ଢୋଲ—
Dundubhi 1. Drum; tomtom; kettle-drum.
[ଦ୍ର—ହିନ୍ଦୁପୁରାଣ ମତରେ ଏହା ଦେବତାମାନେ ବ୍ୟବହାର କରନ୍ତି ।]
ବାଦନ କଲେ ସ୍ୱର୍ଗେ ଦେବତା ଦୁନ୍ଦୁଭି—ଉକ୍ତ ବୈଦେହୀଶ ବିଳାସ
୨ । ଦୈତ୍ୟବିଶେଷ—2. Name of a Titan.
୩ । ବାଳି ଦ୍ୱାରା ହତ ପରାକ୍ରମଶାଳୀ ରାକ୍ଷସବିଶେଷ—
3. Name of a demon killed by Bāli.
ବାଦ ରଚବ ଶ୍ରେଷ୍ଠ ଶୁଣିଲେ ଦୁନ୍ଦୁଭି—ଉକ୍ତ ବୈଦେହୀଶବିଳାସ ।
୪ । ବରୁଣ—4. Baruna, the God of the ocean.
୫ । ବିଷ—5. Venom; poison.
୬ । ପଶା—6. Dice for playing.
୭ । ପଶା ଖେଳରେ ପଡ଼ିବା ଦାନ—7. The throws or points in the game of dice.
୮ । ଖାର୍ତ୍ତି—8. The rear of an army.

ଦୁପ୍‌ଦାପ୍—ଦେ. (ଧ୍ୱନ୍ୟନୁକରଣ) ଅ—ଗୋଇଠି ଦ୍ୱାରା ଭୂମିରେ ଚାଲିବା ଶବ୍ଦ—
Dup-dāp The sound of foot-steps while walking on the heels; the thud of walking foot-steps.
ଦପଦାପ; ମାକା
[ଦ୍ର—ଦୁପ୍‌ଦାପ୍ ଅପେକ୍ଷା ଦୁମ୍‌ଦାମ୍ ଓ ଦମ୍‌ଦୁମ୍ ଉଚ୍ଚତର ଶବ୍ଦ ।]

ଦୁଫୁଙ୍କା ଚୁଲି—ପ୍ରାଦେ. (ମେଦିନୀପୁର) ବି—ଦୋପଖା ଚୁଲି (ଦେଖ)
Duphunkā chuli Dopakhā chuli (See)

ଦୁବ୍‌ସା—ପ୍ରାଦେ. ସମ୍ବଲପୁର) ବି—ଦୁବ (ଦେଖ)
Dub-sā Duba (See)

ଦୁବ—ଦେ. ବି. (ସ. ଦୂର୍ବା)—ଦୂର୍ବା; ଲମ୍ବ ଗଣ୍ଠି ଗଣ୍ଠିଆ ଲତା-ଘାସ—
Duba Cynodom Dactylon; the doob grass; Agrostis Linearis; Panicum Dactylon (Haines).
ଦୁର୍ବା; ଦୁବ୍‌ବା
ଦୁବ
[ଦ୍ର—ଦୁବ, ବରକୋଳି ପତ୍ର, ଅକ୍ଷତ ପ୍ରଭୃତି ହିନ୍ଦୁଙ୍କ ପୂଜା-ଆଦିରେ ବ୍ୟବହୃତ ହୁଏ; ଦୁବ ଦୁଇ ପ୍ରକାର, ଶୁକ୍ଳ ଓ ନୀଳ । ଶୁକ୍ଳ ଦୁବ—ସ. ଶ୍ୱେତକାଣ୍ଡା, ଶ୍ୱେତଦୂର୍ବା, ଦୂର୍ମର୍ସ । ନୀଳଦୁବ—ସ. ଗଣ୍ଡଦୂର୍ବା, ମାଳାଦୂର୍ବା (ଦ୍ରବ୍ୟଗୁଣ କଳ୍ପଦ୍ରୁମ)]
୨ । (ଅନାଦରାର୍ଥକ) ଦିବ୍ୟସିଂହର ଡାକ ନାମ—
2. A name for calling Dibyasimha.
ବିଣ— ଦୁବପରି ଅତି କ୍ଷୁଦ୍ର ବା ସରୁ—
Small or slender like the doob grass.

ଦୁବ ଗଣ୍ଠି—ଦେ. ବି. (ସ. ଦୂର୍ବାଗ୍ରନ୍ଥି)—
Duba ganthi ୧ । ଦୁବଘାସରେ ବନ୍ଧା ଯିବା ଗଣ୍ଠି—
1. Knot tied with doob grass.
ଦୂବେର ଗାଇଁଠ
ଦୁବକାଗାଁଠ
୨ । ଦୁବ ଲତାର ଗ୍ରନ୍ଥି ଅଂଶ—
2. The joint of the doob-grass creeper.

ଦୁବଗଣ୍ଠି ପଡ଼ିବା—ଦେ. ବି—ବିବାହ ହେବା—
Dubaganthi pardibā Performance of marriage.
[ଦ୍ର—ବିବାହବେଦିରେ ବର ଓ କନ୍ୟାଙ୍କ ହାତରେ ଅଗଅଳ୍ପ ସୂତାରେ ଦୁବଘାସ ବନ୍ଧା ହୋଇ ସାତମଙ୍ଗଳା ପର୍ଯ୍ୟନ୍ତ ପିନ୍ଧାଯାଏ ।]

ଦୁବ ଘାସ—ଦେ. ବି—ଦୁବ (ଦେଖ)
Duba ghāsa Duba (See)

ଦୁବଚାଉଳ ପଡ଼ିବା—ଦେ. ବି—ଦ୍ୱିରାଗମ ବା ପୁନର୍ବିବାହ ଉତ୍ସବ—
Dubachāula pardibā The ceremony of consummation of marriage.
(ଯଥା—ଯାହା ହେଉ ଏତେ ଦିନକେ ତା ଉପରେ ଦୁବଚାଉଳ ପଡ଼ିଲା ।)

ଦୁବଝରା—ଦେ. ବି—ସ୍ତ୍ରୀ ଲୋକଙ୍କ ମୁଣ୍ଡର ଅଳଙ୍କାରବିଶେଷ—
Dubajharā A kind of ornament for the head.
ଡଚ ଭର୍ତ୍ତି ହେମ ଦୁବଝରା ଦେବାକୁ ବଳିସ ଏମନ୍ତ ଦେ ।
ଉକ୍ତ. ଲାବଣ୍ୟବତୀ ।

ଦୁବଦୁବାଣି—ଦେ. ବି—ପିଲାମାନେ ପଡ଼ିଆରେ ଦୁବଘାସ ଉପରେ ଖେଳିବା ଏକପ୍ରକାର ଖେଳ—
Dubadubāni A kind of game played by children over grass in a field.

ଦୁବ ବରକୋଳି ପତ୍ର—ଦେ. ବି. (ସ. ଦୂର୍ବା,ବଦରୀ ପତ୍ର)—
Duba barakoli patra ମଙ୍ଗଳ କର୍ମାଦିରେ ଓ ସଙ୍କଳ୍ପ କରିବା ସମୟରେ ବ୍ୟବହୃତ ଦୂର୍ବା ଓ ବଦରୀ ପତ୍ର—Doob grass and jejube leaf used in the performance of Hindu religious rites.
ଦୁବକୁଲପାତା
ଦୂବ ଅଉର ବୈରକା ପତ୍ତା

ଦୁବର୍ଣ୍ଣ—ଦେ. ବି. (ସ. ଦୁର୍ବର୍ଣ୍ଣ)—୧ । ତେଜୋହୀନ—
Dubarnna 1. Lustreless; pale.
୨ । ରୂପା—2. Silver.
ବିବର୍ଣ୍ଣ ହି ଦୁବର୍ଣ୍ଣ କରି ଦେଖ ସୁବର୍ଣ୍ଣ ପାଦ୍ୟ ମିଶି ଜଳ ଘନ ସେ ।
ଉକ୍ତ. ବୈଦେହୀଶ ବିଳାସ ।

ଦୁବହଂସା—ଦେ. ବି. (ନାମ)—ଚିଲିକା ହ୍ରଦରେ ଦେଖାଯିବା ପକ୍ଷିବିଶେଷ—
Dubahamsā A species of bird found in the Chilka lake.

ଦୁବା—ଦେ. ବି—ଦିବ୍ୟସିଂହ ନାମକ ବ୍ୟକ୍ତିର ଅନାଦରାର୍ଥକ ଡାକନାମ—
Dubā A name for calling a person called Dibyasimha in contempt.

ଡୁବାଇ—ଦେ. ବ—ଦୁବେଇ (ଦେଖ)
Dubāi Dubei (See)

ଡୁବିଧା—ଗ୍ରା. ବ. (ସ. ଦ୍ୱିଧା)—ଦୋଗଧା (ଦେଖ)
Dubidhā Dogadhā (See)
(ଡୁବୁଧା; ଦୁଦ୍ଧା—ଅନ୍ୟରୂପ)

ଡୁବୁଲା—ଦେ. ବିଣ (ସ. ଦ୍ୱୁବଲ)—୧ । ଦୁର୍ବଳ—
Dubulā 1. Weak.
(ଡୁବ୍ଲା—ଅନ୍ୟରୂପ) ୨ । କ୍ଷୀଣ; ଶୀର୍ଣ୍ଣ—2. Emaciated.
ପ୍ରାଦେ (ମେଦନୀପୁର) ବ—ଦୁବାଦଳ; ଦୁବଘାସ—
Creeping grass; doob grass.

ଡୁବେଇ—ଦେ. ବ. (ସ. ଦ୍ୱିବେଦୀ)—
Dubei ବ୍ରାହ୍ମଣମାନଙ୍କ ଉପାଧିବିଶେଷ —
(ଡୁବେ—ଅନ୍ୟରୂପ) The title of certain Brāhmaṇas.
ବଣ—ଦୋବେଇ (ଦେଖ)—Dobei (See)

ଡୁମ୍(ମୁ)କା—ଦେ. ବ—୧ । ଡୁମୁକାଣି (ଦେଖ)
Dum-(mu)kā 1. Dumukāṇi (See)
୨ । ଶବ୍ଦଯୁକ୍ତ ବିଧା—
2. A violent and loud fist-blow.

ଡୁମ୍‌ଗଜା—ଦେ. ବ—ଗୃହପାଳିତ ଶାଗୀ ଓ ବଣି ଚଢ଼େଇଙ୍କ ଲାଞ୍ଜ ଉପରେ
Dum-gajā ଉଠିବା ବ୍ରଣ ରୋଗବିଶେଷ —
ଡୁମ୍‌ଗଜା A boil coming out at the end of the
दुमगजा, backbone of some domesticated
दुम्चिकि हड्डी myna birds.
[ଦ୍ର—ଏ ବ୍ରଣ ଉପରେ ଖଣ୍ଡ ଚଇତ ଚଢ଼େଇ କର ମାଡ଼ି ଦେଲେ ଏହା ଭଲ ହୋଇଯାଏ । ନଚେତ୍ ଏହି ବ୍ରଣ ଯୋଗୁଁ ଚଢ଼େଇ ମରିଯାଏ ।]

ଡୁମ୍‌ଚି—ବୈଦେ. ବ. (ତୁର୍କୀ)—
Dum-chi ଘୋଡ଼ାର ସାଜବିଶେଷ; ଯେଉଁ ଚର୍ମବନ୍ଧ ଘୋଡ଼ାର
ଡୁମ୍‌ଚୀ ଲାଞ୍ଜୁଡ଼ି ତଳ ବେଷ୍ଟନ କରି ଜିନ୍‌ର ପଛ ଅଡ଼ିରୁ
दुमची ଟାଣି ଧରି ଜିନ୍‌ରେ ବନ୍ଧା ହୋଇ ଥାଏ—
The throng which goes round the tail of a horse and is attached to the saddle; a crupper.

ଡୁମ୍(ମୁ)ଡାମ୍—ଦେ. (ଧ୍ୱନ୍ୟନୁକରଣ) ଅ—
Dum(mu)dām ଉପର୍ଯ୍ୟୁପରି ପିଟିରେ ବିଧା ମାଡ଼ର ଶବ୍ଦ—
Repeated thumping sounds of hard fist-blows on the back.

ଡୁମ୍(ମୁ)ଡୁମ୍(ମୁ)—ଦେ. (ଧ୍ୱନ୍ୟନୁକରଣ) ଅ—
Dum(mu)dum(mu) ଜୋରରେ ଦଉଡ଼ିବାର ଶବ୍ଦବାର,
ଡୁମ୍, ଡୁମ୍‌ଡାମ୍ } ଜୋରରେ ବିଧା ମାରିବାର ଓ
ଡୁମୁଡାମ୍, ଡୁମ୍‌କନା } ଅନ୍ୟରୂପ ଜୋରରେ ବର୍ଷା ହେବାର ଶବ୍ଦ-
ଡୁମୁଡୁମ୍ }
धमाधम, ढुमदाम Sound produced by running quickly,
धमाधम by dealing heavy fist-blows and while raining cats and dogs.

ଛିପି ଛପି ମେଘ ବରଷି ଅଛିଭ ଦେଖି ଦେଖି ଡୁମ୍ ଡୁମ୍ ।
ଜଳକଗୋଉ. କର୍ଣ୍ଣରଣୀ ।

ଡୁମ୍‌ବାଲା—ବୈଦେ. ବଣ. (ଫା)—୧ । ପୁଚ୍ଛଯୁକ୍ତ—
Dum-bālā 1. Having tail.
ନେଜବାଲା ୨ । ବଡ଼ ପୁଚ୍ଛଯୁକ୍ତ—
दुमवाला 2. Having big tail.

ଡୁମ—ବୈଦେ. ବ. (ଫା. ଡୁମ୍; ଶବ୍ଦରୁ ଅନୁକୃତ)—ଲାଞ୍ଜୁଡ଼ି—
Duma Tail.
ଡୁମ, ନେଜ ପ୍ରାଦେ. (ଗଞ୍ଜାମ) ବ—ଉଚ୍ଚ ଜମି; ଢିପ—
दुम High land; mound.

ଡୁମା—ବୈଦେ. ବ—ଡୁମ୍ବା (ଦେଖ)
Dumā Dumbā (See)

ଡୁମାଲ—ଦେ. ବ—ସୋନପୁର ରାଜ୍ୟ ନିବାସୀ ଏକ ଶୂଦ୍ରଜାତୀୟ ଲୋକ—
Dumāla A caste of Śūdras inhabiting Sonepur State.
[ଦ୍ର—ଏମାନେ ଡୁଭ ଖଣ୍ଡ କଳା କାଠ ଭୂମିରେ ପୋତି ମେଣ୍ଟେଶ୍ୱରୀଠାକୁରାଣୀଙ୍କୁ କଳ୍ପନା କରି ପୂଜା କରନ୍ତି । ଠାକୁରାଣୀଙ୍କ ମୁଣ୍ଡରେ ସିନ୍ଦୂର ଲଗାନ୍ତି ନାହିଁ, କି କଳା ଲୁଗା, କଳା ଭୂଷଣ ପରିଧାନ କରନ୍ତି ନାହିଁ । ଏମାନେ ଶୁଦ୍ଧ ଓ ମାଂସ ଖାଇ—ଜଗବନ୍ଧୁ ପ୍ରାଚୀନ ଉତ୍କଳ ।]

ଡୁମୁକା—ଦେ. ବି—ଡୁମ୍‌କା (ଦେଖ)
Dumukā Dum-kā (See)
ପ୍ରାଦେ. (ସମ୍ବଲପୁର) ବ—ସମତଳ ସଡ଼କ ବା ବନ୍ଧ ଉପରେ ଥିବା ଉଚ୍ଚା ଜମି; ଢିପ—
Protuberance on a level road or embankment.

ଡୁମୁକାଣି—ଦେ. ବ (ଧ୍ୱନ୍ୟନୁକାରୀ)—୧ । ଘୋର ବରଷା—
Dumukāṇi 1. Raining cats and dogs.
ଡୁମ୍‌କାଣି } ଅନ୍ୟରୂପ ୨ । ଘୋର ବରଷାର ଅସରା—
ଡୁମୁଆଣି } 2. Torrentail shower.
दमका विष्टि ଅଠ ଡୁମ୍‌କାଣି ଘୋର ଅସରା, ବଢ଼ଣ ଲଫ ଲଫ ଡଳିଷଠୀ ଭୁଣ୍ଡାଏସ,
तेज बरसात् ଭେବେ ସାନ୍ଦ ବଛିଲ ଗ୍ରେଃ ଭୁଜ ଯୁଗ—କୃଷି ବଚନ ।
ପ୍ରାଦେ. (ଗଞ୍ଜାମ) ତ. (ତେ. ଡୁମୁକୁଚୁ)—
ଉପରକୁ ଲମ୍ଫ ଦେବା—Jumping up.

ଡୁମୁକିବା—ପ୍ରାଦେ. (ଗଞ୍ଜାମ) କ୍ରି—ଉପରକୁ ଲମ୍ଫ ଦେବା—
Dumukibā To jump up.

ଡୁମୁଣ୍ଡି—ଦେ. ବଣ (ସ. ଦ୍ୱିମୁଣ୍ଡ)—ଦୁଇ ମୁଣ୍ଡବିଶିଷ୍ଟ—
Dumuṇḍi Having two heads; two-headed.
ବ—ଡୋମୁଣ୍ଡିଆ (ଦେଖ)—Domuṇḍiā (See)

ଡୁମୁ(ମ୍)ଡୁମା—ଦେ. ବ—ଡୁମ୍ ଡୁମା; ଗୋଟା କେତେ ଉପର୍ଯ୍ୟୁପରି
Dumu(m)dumā ବିଧା—Some repeated sound
धुमधुम् घमुका fist-blows.

ଡୁମୁ(ମ୍)ଡୁମା ବସା(ସେ)ଇବା—ଦେ. କ୍ରି—ଉପର୍ଯ୍ୟୁପରି ଗୋଟା କେତେ
Dumu(m)dumā basā(se)ibā ବିଧା ମାରିବା—
धुमधुमान To deal some sound fist-blows
घमुका फिटाबा repeatedly.
[ଡୁମୁ(ମ୍)ଡୁମା ବଜା(ଜେ)ଇବା—ଅନ୍ୟରୂପ]

ଡୁମୁଡୁମିଆ(ଆଁ)—ପ୍ରାଦେ. (ଯାଜପୁର) ବଣ—ଉଦୁଉଦିଆ (ଦେଖ)
Dumudumiā(ā̃) Udu-udiā (See)
(ଯଥା—ଡୁମୁଡୁମିଆ ଖରା ।)

ଡୁମ୍ବା—ବୈଦେ. ବି. (ଫା. ଡୁମ୍‌ବାଲ=ଲାଙ୍ଗୁଳ)—ପାରସ୍ୟ, ଅଫଗାନସ୍ଥାନ, ତୁରସ୍କ ଓ କାଶ୍ମୀର ଦେଶୀୟ ଏକ ପ୍ରକାର ମେଣ୍ଢା—A thick-tailed sheep of Persia, Afganistan, Turkey and Kashmir; fat-tailed Turkish sheep.
Dumbā
ଦୁମ୍ବା
ଦୁମ୍ବା
[ଦ୍ର—ଏହାର ଲାଞ୍ଜ ମୋଟା ଓ ଲାଞ୍ଜ ପର ଶ୍ରୀଳ ଓ ଗୋଲ । ଏହାକୁ କାଟି ନେଲେ ପୁଣି କଅଁଳେ । ଏହାକୁ ଲୋକେ ତରକାରି କରି ଖାଆନ୍ତି । ଏହି ମେଣ୍ଢାର ଲୋମରେ ଉତ୍କୃଷ୍ଟ ଶାଲ ପ୍ରସ୍ତୁତ ହୁଏ ।]

ଡୁଯା—ଦେ. (ପଦ୍ୟ) ବି—ଦ୍ୱିତୀୟ ବସ୍ତୁ—
Dujā Second thing.
ଅଛ ସୃତସ ଜୀବ ମଣ୍ଡା
ନ ପଶାନ୍ତର ଦେବା ଦୂଯା । ଜଗନ୍ନାଥ- ଭାଗବତ ।

ଡୁୟା—ପ୍ରାଦେ. (ବାଲେଶ୍ୱର)—(ବଣ. ଭୁଲ ବ. ଦୁହାଁ)—
Duyā ଦୁଇ; ଦୁହେଁ—Both.

ଦୁର—ସଂ. (ଉପସର୍ଗ) (ଦୋ ଧାତୁ=ଛେଦନ କରିବା+ଉର୍)—
Dur ଅବ୍ୟୟ; ନିମ୍ନଲିଖିତ ଅର୍ଥଜ୍ଞାପକ ଉପସର୍ଗ—A prefix denoting the following senses.
୧ । ଦୁଃଖ—1. Affliction.
୨ । ନିନ୍ଦିତ—2. Blameable.
୩ । ମନ୍ଦ—3. Bad; evil.
୪ । ଦୁଷ୍ଟ—4. Wicked.
୫ । ନିଷିଦ୍ଧ—5. Forbidden.
୬ । କଷ୍ଟ—6. Difficulty; trouble.
୭ । ଅବନତି—7 Deterioration.
[ଦ୍ର—ଦୁର ଶବ୍ଦ ପୂର୍ବରେ ଥାଇ ଅନେକ ପଦ ଗଠିତ ହୁଏ ଯଥା—ଦୁରଦୃଷ୍ଟ, ଦୁଷ୍କର୍ମ, ଦୁଶ୍ଚିନ୍ତା ଇତ୍ୟାଦି ।]

ଦୁର—ଦେ. ଅ—ଦୂର (ଦେଖ)
Dur Dūr (See)

ଦୁରକର(ର)—ଦେ. ଅ—ଦୂର (ଦେଖ)
Dur-kar(ra) Dūr (See)

ଦୁରଚୁକ—ଦେ. ଅ. (ଅଶିଷ୍ଟ)—ଦୂର (ଦେଖ)
Dur-chuka Dūr (See)

ଦୁର(ରୁ)ଦୁର(ରୁ) ଜଳିବା—ଦେ. କ୍ରି.—(ନିଅଁ) ଅତି ପ୍ରଚଣ୍ଡଭାବରେ ପ୍ରଜ୍ୱଳିତ ହେବା—To burn violently (said of a burning fire).
Dur(ru)dur(ru) jaḷibā
ଧୁଧୁକାର

ଦୁରପଳା—ଦେ. ଅ. (ସଂ. ଦୂର+ପଳାୟନ)—ଏଠାରୁ ପଳାଇ ଯା—
Dur-paḷā Be off.
ମୋ କୁଳକୁ ବର ଦୁଷ୍ଟ,
କହୁଣି ମାରବ ଦୁଷ୍ଟ ଦୁଷ୍ଟ, ଦୁରପଳା ଦୁରପଳା । କାହାଣୀଗୀତ ।

ଦୁରବିଛୁ—ପ୍ରାଦେ. (ଯାଜପୁର) ବଣ—ବାଇଆ; ଅତିଅସ୍ଥିର; ଚଞ୍ଚଳ—
Dur-bichhu Very restless.

ଦୁରମୁସ୍—ଦେ. ବି—ଧୁର୍ମୁସ; ମୂଳରେ ଭାରି ଲୌହ ବା କାଷ୍ଠ ପିଣ୍ଡ ଥିବା ଲଗାକାର ଦଣ୍ଡ, ଯାହାର ଅଗକୁ ଧରି ମୂଳକୁ ଭୂମିରେ ପିଟି ଭୂମିକୁ ସମତଳ କରାଯାଏ—A rammer.
Dur-mus
ଦୁରମୁସ
ଦୁରମୁଟ; ଦୁରମୁସ

ଦୁରକୁଳି—ଦେ. ବି—ବଡ଼ ଝାମ୍ପୁଡ଼ା ବନ୍ୟ ଗୁଳ୍ମବିଶେଷ—
Durakuḷi Erycibe Paniculata.
[ଦ୍ର—ଏହାର ଅଗ ଚୂଳିଆ । ଏ ଗୁଳ୍ମ ଧଳା ଓ ବାଳଦିଆ ଫୁଲ ଧରେ ।]

ଦୁରକ୍ଷ—ସଂ. ବି. (ଦୁର+ଅକ୍ଷ=ପଶା)—୧ । କପଟ ପଶା ଖେଳ—
Duraksha 1. An unfairly played game of dice.
୨ । ଦୁଷ୍ଟ ଦ୍ୟୂତ—2. Dishonest gambling.
୩ । କୌଶଳି ଓଜନଦିଆ ପଶା କାଠି—
3. A loaded or false dice.
ସଂ. ବଣ—(ଦୁର+ଅକ୍ଷି) ଦୁଷ୍ଟ ନେତ୍ରଯୁକ୍ତ—Evil-eyed; weak-eyed.

ଦୁରକ୍ଷର—ସଂ. ବି ଓ ବଣ—ଦୁର୍ଲେଖ୍ୟ (ଦେଖ)
Durakshara Durllekhya (See)

ଦୁରତିକ୍ରମ—ସଂ. ବଣ. (ଦୁର+ଅତି+କ୍ରମ୍ ଧାତୁ+ଅ)—
Duratikrama ଦୁର୍ଲଂଘ୍ୟ; ଯାହା ସହଜରେ ଲଙ୍ଘନ କରାଯାଇ ନ ପାରେ—Insurmountable; unconquerable; hard to get over or overcome.
(ଦୁରତିକ୍ରମା—ସ୍ତ୍ରୀ)
(ଦୁରତିକ୍ରମତା—ବି)
ସଂ. ବି—ବିଷ୍ଣୁଙ୍କର ଏକ ନାମ—A name of Bishṇu.

ଦୁରତିକ୍ରମଣ—ସଂ. ବି. (ଦୁର୍=ଦୁଃଖରେ+ଅତିକ୍ରମଣ)—
Duratikramaṇa ଅତି କଷ୍ଟରେ ଉତୁରିବା ବା ପାରିହେବା—Crossing or overcoming with great difficulty.

ଦୁରତିକ୍ରମଣୀୟ—ସଂ. ବଣ. (ଦୁର+ଅତି+କ୍ରମ୍ ଧାତୁ+କର୍ମ ଅନୀୟ)—
Duratikramaṇiya ଦୁରତିକ୍ରମ (ଦେଖ)
(ଦୁରତିକ୍ରମଣୀୟା—ସ୍ତ୍ରୀ) Duratikrama (See)
(ଦୁରତିକ୍ରମଣୀୟତା—ବି)

ଦୁରତିକ୍ରମ୍ୟ—ସଂ. ବିଣ. (ଦୁର+ଅତି+କ୍ରମ୍ ଧାତୁ+କର୍ମ. ଯ)—
Duratikramya ଦୁରତିକ୍ରମ (ଦେଖ)
(ଦୁରତିକ୍ରମ୍ୟା—ସ୍ତ୍ରୀ) Duratikrama (See)
(ଦୁରତିକ୍ରମ୍ୟତା—ବି)

ଦୁରତ୍ୟୟ—ସଂ. ବିଣ. (ବହୁବ୍ରୀହି; ଦୁର=ଦୁଃଖରେ+ଅତ୍ୟୟ=
Duratyaya ଅତିକ୍ରମ କରାଯାଏ ଯାହାକୁ)—୧ । ଦୁର୍ବିନାଶ୍ୟ—
(ଦୁରତ୍ୟୟା—ସ୍ତ୍ରୀ) 1. Hard to kill.
(ଦୁରତ୍ୟୟତା—ବି) ୨ । ଦୁରତିକ୍ରମ—
2. Hard to cross over.
୩ । ଦୁସ୍ତର—3. Difficult to overcome.

ଦୁରଦୃଷ୍ଟ—ସଂ. ବି. (କର୍ମଧା; ଦୁର+ଅଦୃଷ୍ଟ)—୧ । ମନ୍ଦଭାଗ୍ୟ—
Duradrushṭa 1. Bad luck; misfortune; hard fate; evil destiny.

୨ । ପାପ—2. Sin.
(ଦୁରଦୃଷ୍ଟା—ସ୍ତ୍ରୀ) ବିଣ. (ବହୁବ୍ରୀହି) ହତଭାଗ୍ୟ—
(ଦୁରଦୃଷ୍ଟତା—ବି) Unfortunate; unlucky.

ଦୁରଧିଗମ—ସଂ. ବିଣ. (ଦୁର+ଅଧି+ଗମ୍ ଧାତୁ+କର୍ମ. ଅ)—
Duradhigama ୧ । ଦୁଷ୍ପ୍ରାପ୍ୟ; ଦୁର୍ଲଭ—
(ଦୁରଧିଗମା—ସ୍ତ୍ରୀ) 1. Difficult of attainment; rare.
(ଦୁରଧିଗମତା—ବି) ୨ । ଦୁର୍ଗମ; ଦୁଷ୍ପ୍ରବେଶ—
2. Inaccessible.
୩ । ଦୁର୍ଜ୍ଞେୟ—3. Difficult to be known; incomprehensible; hard to be studied.

ଦୁରଧିଗମ୍ୟ—ସଂ. ବିଣ. (ଦୁର+ଅଧି+ଗମ ଧାତୁ+କର୍ମ. ଯ)—
Duradhigamya ଦୁରଧିଗମ (ଦେଖ)
(ଦୁରଧିଗମ୍ୟା—ସ୍ତ୍ରୀ) Duradhigama (See)
(ଦୁରଧିଗମ୍ୟତା—ବି)

ଦୁରଧ୍ୱ—ସଂ. ବି. (କର୍ମଧା; ଦୁର୍+ଅଧ୍ୱନ୍+ଅ)—୧ । ମନ୍ଦ ପଥ—
Duradhwa 1. Bad way; wrong way.
୨ । କୁପଥ; କୁମାର୍ଗ—2. Evil ways.
ବିଣ. ପୁଂ. (ବହୁବ୍ରୀହି)—କୁମାର୍ଗଗାମୀ—
(ଦୁରଧ୍ୱା—ସ୍ତ୍ରୀ) Taking to evil ways.
(ଦୁରଧ୍ୱତା—ବି)

ଦୁରଧ୍ୟବସାୟ—ସଂ. ବି (କର୍ମଧା; ଦୁର+ଅଧ୍ୟବସାୟ)—୧ । ମନ୍ଦ ଉପକ୍ରମ—
Duradhyabasāya 1. Bad undertaking.
୨ । ମନ୍ଦ କର୍ମରେ ଅଧ୍ୟବସାୟ—
2. Perseverance in bad acts.
(ଦୁରଧ୍ୟବସାୟୀ—ସ୍ତ୍ରୀ) ସଂ. ବିଣ. ପୁଂ—ମନ୍ଦ ଉପକ୍ରମକାରୀ—
(ଦୁରଧ୍ୟବସାୟିତା—ବି) Persevering in bad acts.

ଦୁରଧ୍ୟୟ—ସଂ. ବିଣ (ଦୁର୍+ଅଧ୍ୟୟ=ଅଧ୍ୟୟନ)—
Duradhyaya ୧ । ଦୁଷ୍ପାଠ୍ୟ; ଯାହା ପାଠ କରିବାକୁ କଷ୍ଟକର—
(ଦୁରଧ୍ୟୟା—ସ୍ତ୍ରୀ) 1. Difficult to read; illegible;
(ଦୁରଧ୍ୟୟତା—ବି) difficult to be mastered.
୨ । ଯାହା ପାଇବାକୁ କଷ୍ଟକର—
2. Difficult of attainment.

ଦୁରନ୍ତ—ସଂ. ବିଣ. (ବହୁବ୍ରୀହି; ଦୁର୍+ଅନ୍ତ=ଶେଷ)—
Duranta ୧ । ଦୁର୍ଦ୍ଦାନ୍ତ; ଦୁର୍ଦ୍ଦମନୀୟ—
(ଦୁରନ୍ତା—ସ୍ତ୍ରୀ) 1. Invincible; unmanageable.
(ଦୁରନ୍ତତା—ବି)
୨ । ଦୁଷ୍ଟ; ଦୁର୍ବୃତ୍ତ—3. Wicked; naughty.
୩ । ଅବାଧ୍ୟ—3. Insubordinate; unruly.
୪ । ଦୁର୍ଗମ—4. Incomprehensible.
୫ । ଦୁର୍ଜ୍ଞେୟ—5. Knowable with difficulty.
୬ । ଦୁରତିକ୍ରମଣୀୟ; ଦୁର୍ଲଙ୍ଘ୍ୟ—6. Impassable.
୭ । ଅତି ଗମ୍ଭୀର—7. Very deep.
୮ । ଅପାର; ଅସୀମ—8. Boundless; shoreless.
୯ । ପ୍ରଚଣ୍ଡ; ଭୀଷଣ (ଦ୍ର. ଶବ୍ଦସାଗର)—
9. Frightful; violent; fierce.
୧୦ । ଅଶୁଭ; ଯାହାର ପରିଣାମ ମନ୍ଦ (ଦ୍ର. ଶବ୍ଦସାଗର)—
10. Evil; ominous.
୧୧ । କୁତ୍ସିତ (ଦ୍ର. ଶବ୍ଦସାଗର)—11. Ugly; nasty.

ଦୁରନ୍ତପଣ—ଦେ. ବି—ଦୁଷ୍ଟ ପଣ—Wickedness.
Durantapana (ଦୁରନ୍ତର ଅନ୍ୟ ଅର୍ଥମାନ ଦେଖ)
दुरन्तपना
[ଦୁରନ୍ତପଣିଆ(ଆଁ)—ଅନ୍ୟରୂପ]
ଦେ. ବି—ଦୁର୍ଦ୍ଦାନ୍ତ ବ୍ୟକ୍ତି—An invincible person.
ଥରେ ମୁହିଁ ତରୁତରୁ କସୁନ ନାହାର
ଦହୁଥିଲ ଏ ଦୁରନ୍ତେ—ସ୍ୱଭାବ. ମହାଯାତ୍ରା ।

ଦୁରନ୍ତକ—ସଂ. ବି. (ଦୁର୍+ଅନ୍ତ+କ)—ଶିବ; ମହାଦେବ (ଦ୍ର. ଶବ୍ଦସାଗର)—God Śiba.
Durantaka

ଦୁରନ୍ଧର—ଗ୍ରା. ବିଣ—୧ । (ସଂ. ଦୁରନ୍ତ) ଦୁରନ୍ତ; ଉତ୍କଟ—
Durandhara Fierce; abnormal; excessive.
୨ । (ସଂ. ଧୁରନ୍ଧର) ଧୁରନ୍ଧର; ପରାକ୍ରମୀ; ବଳବାନ୍—
2. Strong; valiant; mighty.
୩ । କୌଣସି କାର୍ଯ୍ୟ କରିବାକୁ ପ୍ରସ୍ତୁତ—
3. Ready to do a work.
୪ । ପଟୁ—4. Skilful; expert.

ଦୁରନ୍ୱୟ—ସଂ. ବି (ଦୁର୍+ଅନ୍ୱୟ; କର୍ମଧା)—୧ । ଭୁଲ ନିର୍ଦ୍ଧାରଣ—
Duranwaya 1. A wrong conclusion.
୨ । ବାକ୍ୟଦୋଷବିଶେଷ—
2. A grammatical defect.
[ଦ୍ର—ଯେଉଁ ବାକ୍ୟର ଅନ୍ୱୟ ଅର୍ଥାତ୍ କର୍ତ୍ତା କ୍ରିୟା ପ୍ରଭୃତିର ଅନ୍ୱିତିର ସଂଯୋଗ ଅର୍ଥାବଗତି କଷ୍ଟସାଧ୍ୟ ହୁଏ ସେଠାରେ ଦୁରନ୍ୱୟ ଦୋଷ ହୁଏ । ନିମ୍ନଲିଖିତ ପଦ୍ୟ ଦୁରନ୍ୱୟ ଦୋଷଯୁକ୍ତ ଅଟେ ।
ସ୍ୱପ୍ନ ସମ ଚିନ୍ତା ପାଇବାରେ
ଗଣିବେ ପୁଣିରୁ ସାର ଗବଦସ୍ତ ଅନୁମାନ
ହସ୍ତୀରର ଅଭ୍ୟନ୍ତର ବୁଦ୍ବୁଦ ଆକାରେ
ସକଳ ସ୍ତ୍ରୀଙ୍କର ବାଲ୍ମୀକି ହୃଦୟରେ—ମଧୁସୂଦନ. ଛନ୍ଦମାଳା ।
ସଂ. ବିଣ—୧ । ଦୁର୍ଗମ୍ୟ—1. Difficult to pass along.
୨ । ଦୁଷ୍ପ୍ରାପ୍ୟ—
2. Difficult to be attained or understood.
୩ । କାର୍ଯ୍ୟରେ ପରିଣତ ହେବାର କଷ୍ଟସାଧ୍ୟ—
3. Hard to be carried out or followed.

ଦୁରପନେୟ—ସଂ. ବିଣ. (ଦୁର୍+ଅପନେୟ)—୧ । ଯାହା ସହଜରେ
Durapaneya ମୋଚନ କରାଯାଇ ନ ପାରେ; ଦୁର୍ମୋଚନୀୟ—
(ଦୁରପନେୟା—ସ୍ତ୍ରୀ) 1. Difficult to relax.
(ଦୁରପନେୟତା—ବି) ୨ । ଯାହା ସହଜରେ ଲିଭାଯାଇ ନ ପାରେ—
2. Indelible.
୩ । ଯାହା ସହଜରେ ଦୂରୀକରଣ କରାଯାଇ ନ ପାରେ—
3. Difficult to remove.

ଦୁରବଗମ—ସ. ବିଣ. (ଦୁର + ଅବଗମ = ଜ୍ଞାନ)—ଦୁର୍ବୋଧ; ଦୁର୍ଜ୍ଞେୟ—
Durabagama Difficult to understand; incomprehensible; unknowable.
(ଦୁରବଗମା—ସ୍ତ୍ରୀ)
ଦୁରବଗମତା — ବି)

ଦୁରବଗମନୀୟ—ସ. ବି—ଦୁରବଗମ (ଦେଖ)
Durabagamaniya Durabagama (See)
(ଦୁରବଗମନୀୟା—ସ୍ତ୍ରୀ) (ଦୁରବଗମନୀୟତା-ବି)

ଦୁରବଗମ୍ୟ—ସ. ବିଣ—ଦୁରବଗମ (ଦେଖ)
Durabagamya Durabagama (See)
(ଦୁରବଗମ୍ୟା—ସ୍ତ୍ରୀ) (ଦୁରବଗମ୍ୟତା—ବି)

ଦୁରବଗାହ—ସ. ବିଣ. (ଦୁର୍+ଅବଗାହ)—
Durabagāha ୧ । ଦୁରଧିଗମ୍ୟ; ଦୁର୍ଜ୍ଞେୟ—
(ଦୁରବଗାହା—ସ୍ତ୍ରୀ) 1. Incomprehensible
(ଦୁରବଗାହତା—ବି) ୨ । ଦୁଷ୍ପ୍ରବେଶ୍ୟ—2. Inaccessible.
୩ (ଗଭୀରତା ବା ଜଳଜନ୍ତୁ ଭୟ ଯୋଗୁଁ) ଯେଉଁ ଜଳାଶୟରେ ଅତି କଷ୍ଟରେ ସ୍ନାନ କରାଯାଇ ପାରେ—
3. Difficult to be used for bathing purposes.

ଦୁରବଗାହ୍ୟ—ସ. ବିଣ—ଦୁରବଗାହ (ଦେଖ)
Durabagāhya Durabagāha (See)
(ଦୁରବଗାହ୍ୟା—ସ୍ତ୍ରୀ) (ଦୁରବଗାହ୍ୟତା—ବି)

ଦୁରବଗ୍ରହ—ସ. ବିଣ. (ଦୁର୍+ଅବ+ଗ୍ରହ ଧାତୁ+କର୍ମ. ଅ)—
Durabagraha ଦୁରପନେୟ (ଦେଖ) କ୍ଷୀନେନ୍ଦ୍ର—
(ଦୁରବଗ୍ରହତା—ବି) Durapaneya (See)

ଦୁରବସ୍ତ— ବୈଦେ. କ୍ରି. ବିଣ. (ଫା. ଦୋରବସ୍ତ)—ଦୋରବସ୍ତ (ଦେଖ)
Durabasta Dorabasta (See)

ଦୁରବସ୍ଥ—ସ. ବିଣ. (ବହୁବ୍ରୀହି; ଦୁର୍+ଅବସ୍ଥା)—୧ । ଦୁର୍ଦ୍ଦଶାଗ୍ରସ୍ତ—
Durabastha 1. Fallen in adversity.
(ଦୁରବସ୍ଥା—ସ୍ତ୍ରୀ) ୨ । ଅତି ଦରିଦ୍ର—
(ଦୁରବସ୍ଥତା—ବି) 2. Poverty-stricken.
୩ । ଦୁରବସ୍ଥାପନ୍ନ—3. Miserable; distressed.

ଦୁରବସ୍ଥା—ସ.ବି.—(କର୍ମଧା; ଦୁର୍+ଅବସ୍ଥା)—୧ । ଦୁର୍ଭାଗ୍ୟ—
Durabasthā 1. Misfortune.
୨ । ମନ୍ଦ ଦଶା; ଦୁର୍ଦ୍ଦଶା; ଦୈନ୍ୟ—
2. Adversity; misery.
୩ । ଗ୍ଳାନାବସ୍ଥା—3. Bad condition
୪ । ଶୋଚନୀୟ ଅବସ୍ଥା—
4. Sad or miserable plight.

ଦୁରବସ୍ଥାନ—ସ. ବି.—(କର୍ମଧା; ଦୁର+ଅବସ୍ଥାନ)—କଷ୍ଟରେ ସ୍ଥିତି;
Durabasthāna କ୍ଳେଶକର ଅବସ୍ଥାନ—Miserable or inconvenient existence.

ଦୁରବସ୍ଥାପନ୍ନ—ସ. ବିଣ. (ଦୁର+ଅବସ୍ଥା+ଆପନ୍ନ)—ଦୁର୍ଦ୍ଦଶାଗ୍ରସ୍ତ—
Durabasthāpanna Miserable; overtaken by misfortune.
(ଦୁରବସ୍ଥାପନ୍ନା—ସ୍ତ୍ରୀ)

ଦୁରବାପ—ସ. ବିଣ.—(ଦୁର୍+ଅବ+ଆପ୍ ଧାତୁ=ପାଇବା+କର୍ମ. ଅ)—ଦୁଷ୍ପ୍ରାପ୍ୟ—Rare; difficult to get.
Durabāpa
(ଦୁରବାପା—ସ୍ତ୍ରୀ) (ଦୁରବାପତା—ବି)

ଦୁରଭିଗ୍ରହ—ସ. ବି.—ଦୁରାଲଭା (ଦେଖ)
Durabhigrahā Durālabhā (See)

ଦୁରଭିପ୍ରାୟ—ସ. ବି. (କର୍ମଧା; ଦୁର୍+ଅଭିପ୍ରାୟ)—ଦୁରଭିସନ୍ଧି (ଦେଖ)
Durabhiprāya Durabhisandhi (See)

ଦୁରଭିମାନ—ସ. ବି. (ଦୁର୍+ଅଭିମାନ)—ବୃଥା ଆତ୍ମଗର୍ବ—
Durabhimāna Vain-glory.
(ଦୁରଭିମାନୀ—ସ୍ତ୍ରୀ) ସ. ବିଣ.—ଦୁରଭିମାନୀ (ଦେଖ)
(ଦୁରଭିମାନତା—ବି) Durabhimāni (See)

ଦୁରଭିମାନୀ—ସ. ବିଣ. ପୁଂ. (ଦୁର୍+ଅଭିମାନ+ଇନ୍; ୧ମା. ୧ବ.)—
Durabhimāni ଆତ୍ମଗର୍ବୀ; ଯାହାର ଆତ୍ମବଡ଼ିମା ବେଶି—
(ଦୁରଭିମାନିନୀ—ସ୍ତ୍ରୀ) (ଦୁରଭିମାନତା—ବି) Vain-glorious.

ଦୁରଭିଳାଷ—ସ. ବି. (କର୍ମଧା; ଦୁର୍+ଅଭିଳାଷ)—୧ । ମନ୍ଦ ବାଞ୍ଛା—
Durabhilāsha 1. Evil desire or propensity.
(ଦୁରଭିଳଷିତ—ଅନ୍ୟରୂପ) ୨ । ଦୁରାକାଂକ୍ଷା (ଦେଖ)
2. Durākāmkshā (See)

ଦୁରଭିଳାଷୀ—ସ. ବିଣ, ପୁଂ. (ଦୁରଭିଳାଷ+ଇନ୍; ୧ମା. ୧ବ.)—
Durabhilāshi ମନ୍ଦ ବାଞ୍ଛାଯୁକ୍ତ—Having evil desires.
(ଦୁରଭିଳାଷିଣୀ—ସ୍ତ୍ରୀ) (ଦୁରଭିଳାଷିତା—ବି)

ଦୁରଭିସନ୍ଧି—ସ. ବି. (କର୍ମଧା; ଦୁର୍+ଅଭିସନ୍ଧି)- ମନ୍ଦ ଉଦ୍ଦେଶ୍ୟ—
Durabhisandhi Evil intention; bad motive.

ଦୁରସ୍ତ(ଇତ୍ୟାଦି)—ବୈଦେ· ବିଣ. (ଫା. ଦୁରୁସ୍ତ)—ଦୋରସ୍ତ ଇତ୍ୟାଦି
Durasta(etc) (ଦେଖ) Dorasta (See)

ଦୁରାକାଙ୍କ୍ଷ—ସ. ବିଣ. ପୁଂ (ବହୁବ୍ରୀହି; ଦୁର୍+ଆକାଙ୍କ୍ଷା)—
Durākānksha ୧ । ଯାହାର ଆକାଙ୍କ୍ଷାର କେବେ ହେଲେ ପୂରଣ ହୁଏ ନାହିଁ—1. Having one's desires never fulfilled.
(ଦୁରାକାଙ୍କ୍ଷୀ—ସ୍ତ୍ରୀ)
(ଦୁରାକାଙ୍କ୍ଷିତା—ବି)
୨ । ଯେ ଅସମ୍ଭାବିତ ବିଷୟର ଅଭିଳାଷ କରେ—
2. Hankering after impossible things.
୩ । ମନ୍ଦାଭିଳାଷଯୁକ୍ତ (କ୍ଷୀନେନ୍ଦ୍ର)—
3. Having evil desires.

ଦୁରାକାଙ୍କ୍ଷା—ସ. ବି. (କର୍ମଧା; ଦୁର୍+ଆକାଙ୍କ୍ଷା)—୧ । ଜଘନ୍ୟ ବାସନା-
Durākānkshā 1. Evil desire.
୨ । ଯେଉଁ ବାସନାର ନିବୃତ୍ତି ନାହିଁ—
2. Insatiable desire.
୩ । ଦୁର୍ଲଭ ବସ୍ତୁପାଇଁ ଇଚ୍ଛା; ଦୁରାଶା—3. Desire for things which cannot be attained; inordinate desire.
୪ । ଅତିରିକ୍ତ ଉଚ୍ଚ ଆଶା—4. Ambition.
ବିଣ. ସ୍ତ୍ରୀ—ଦୁରାକାଙ୍କ୍ଷର ସ୍ତ୍ରୀଲିଙ୍ଗ—
The feminine of Durākānksha.

ଦୁରାକାଙ୍କ୍ଷୀ—ସଂ. ବି. ପୁଂ. (ଦୁରାକାଙ୍କ୍ଷା+ଇନ୍. ୧ମା. ୧ବ.)—
Durākānkshī ୧ । ଯାହାର ଅକାଙ୍କ୍ଷା ବା ବାସନାର ଅନ୍ତ
(ଦୁରାକାଙ୍କ୍ଷିଣୀ—ସ୍ତ୍ରୀ) ନାହିଁ; ଦୁରାଶାଯୁକ୍ତ (ବ୍ୟକ୍ତି)—
1 Ambitious.
୨ । ଦୁରଭିଳାଷୀ—2. Of evil desire.
୩ । ଅତି ଲୋଭୀ—3. Covetuous.

ଦୁରାକ୍ରମଣ—ସଂ. ବି. (କର୍ମଧା; ଦୁର୍+ଆକ୍ରମଣ)—୧ । ଅନ୍ୟାଯ୍ୟପୂର୍ବକ
Durākramaṇa ଆକ୍ରମଣ—1. Unjust invasion.
୨ । ମନ୍ଦ ଅଭିପ୍ରାୟରେ ଆକ୍ରମଣ—
2. Attack with a bad motive.
ବିଣ.—ଦୁରାକ୍ରମ୍ୟ (ଦେଖ)
Durākramya (See)

ଦୁରାକ୍ରମ୍ୟ—ସ. ବିଣ. (କର୍ମଧା; ଦୁର୍+ଆକ୍ରମ୍ୟ)—ଯାହା ଆକ୍ରମଣ କରିବା
Durākramya କଷ୍ଟକର—Impregnable; difficult to attack.
(ଦୁରାକ୍ରମଣୀୟ—ଅନ୍ୟରୂପ)
(ଦୁରାକ୍ରମ୍ୟା—ସ୍ତ୍ରୀ) (ଦୁରାକ୍ରମ୍ୟତା—ବି)

ଦୁରାକ୍ରାନ୍ତ—ସ. ବିଣ. (କର୍ମଧା; ଦୁର୍+ଆକ୍ରାନ୍ତ)—ଯାହାକୁ ଅତି
Durākrānta କଷ୍ଟରେ ଆକ୍ରମଣ କରି ଯାଇଅଛି—
Attacked with great difficulty.

ଦୁରାଗତ—ସ. ବିଣ. ପୁଂ. (ଦୁର୍+ଆଗତ)—ଅତି କଷ୍ଟରେ ଉପସ୍ଥିତ—
Durāgata Arrived after great difficulty or hardship.
(ଦୁରାଗତା—ସ୍ତ୍ରୀ)

ଦୁରାଗ୍ରହ—ସ. ବି (କର୍ମଧା; ଦୁର୍+ଆଗ୍ରହ)—୧ । ଦୁଶ୍ଚେଷ୍ଟା—
Durāgraha 1. Evil endeavour.
୨ । ମନ୍ଦ ବିଷୟରେ ଅଭିନିବେଶ—2. Evil desire.
ସ. ବିଣ (ବହୁବ୍ରୀହି)—ମନ୍ଦ ବିଷୟରେ ଆଗ୍ରହଯୁକ୍ତ—
(ଦୁରାଗ୍ରହା-ସ୍ତ୍ରୀ) Having evil desire.
(ଦୁରାଗ୍ରହତା-ବି)

ଦୁରାଚର—ସ. ବିଣ (ଦୁର୍+ଆ+ଚର ଧାତୁ+କର୍ମ. ଅ)—ଯାହା ଅତି
Durāchara କଷ୍ଟରେ ଅନୁଷ୍ଠିତ ହୁଏ; ଦୁଃସାଧ—Performable with great difficulty.
(ଦୁରାଚରଣୀୟ—ଅନ୍ୟରୂପ)
(ଦୁରାଚରତା—ବି)

ଦୁରାଚରଣ—ସ. ବି—ଦୁରାଚାର (ଦେଖ)
Durācharaṇa Durāchāra (See)

ଦୁରାଚରିତ—ସ. ବିଣ—ଅତି କଷ୍ଟରେ ସାଧିତ—
Durācharita Performed after a great hardship.
ସ. ବି—ଦୁରାଚାର (ଦେ.)—Durāchāra (See)

ଦୁରାଚାର—ସ.ବି (କର୍ମଧା; ଦୁର୍+ଆଚାର)—୧ । କୁତ୍ସିତ ଆଚରଣ; ମନ୍ଦ
Durāchāra ଆଚରଣ—1. Evil conduct; profligacy.
୨ । କଦାଚାର; କୁବ୍ୟବହାର—
2. Bad behaviour; depravity.
୩ । ମନ୍ଦ ଅଭ୍ୟାସ—3. Bad habit.
(ଦୁରାଚାରା—ସ୍ତ୍ରୀ) ବିଣ—ଦୁରାଚାରୀ (ଦେଖ)
(ଦୁରାଚାରତା—ବି) Durāchārī (See)

ଦୁରାଚାରୀ—ସ. ବିଣ ପୁଂ (ଦୁରାଚାର+ଇନ୍. ୧ମା.୧ବ)—୧ । କଦାଚାରୀ—
Durāchārī 1. Profligate.
(ଦୁରାଚାରିଣୀ—ସ୍ତ୍ରୀ) ୨ । ଦୁଃଶୀଳ; ଦୁର୍ବୃତ୍ତ—2. Wicked; depraved.

ଦୁରାତମା—ଦେ (ପଦ୍ୟ) ବିଣ (ସ. ଦୁରାତ୍ମା)—ଦୁରାତ୍ମା (ଦେଖ)
Durātamā Durātmā (See)
ଦୋଷ କରିବା ମୋର କ୍ଷମା
ସ୍ୱଭାବେ ମୁହିଁ ଦୁରାତମା । ଜଗନ୍ନାଥ, ଭାଗବତ ।

ଦୁରାତ୍ମା—ସ. ବିଣ (ବହୁବ୍ରୀହି; ଦୁର୍+ଆତ୍ମନ୍)—୧ । ପାପାତ୍ମା—
Durātmā 1. Sinful, profligate; depraved; evil-minded.
(ଦୁରାତ୍ମତା—ବି)
୨ । ନିଷ୍ଠୁର; ନିର୍ଦ୍ଦୟ—2. Cruel.
୩ । ନୀଚମନା—3. Mean; base.
୪ । ଦୁଷ୍ଟ; ଦୁର୍ବୃତ୍ତ—4. Wicked.
୫ । ଅତ୍ୟାଚାରୀ—5. Oppressive; tyrannical.

ଦୁରାଧନ—ସ. ବି (ନାମ)—ଧୃତରାଷ୍ଟ୍ରଙ୍କର ଏକ ପୁତ୍ର; ଦୁର୍ଯ୍ୟୋଧନଙ୍କର
Durādhana ଏକ ଭାଇ—The name of a brother of Durjyodhana.

ଦୁରାଧର—ସ. ବି (ନାମ)—ଦୁର୍ଯ୍ୟୋଧନଙ୍କର ଏକ ଭାଇ—
Durādhara The name of a brother of Durjyodhana.

ଦୁରାଧର୍ଷ—ସ. ବିଣ. ପୁଂ (ଦୁର୍+ଆ+ଧର୍ଷି. ଧାତୁ=ପ୍ରଗଲ୍ଭ ହେବା+
Durādharsha କର୍ମ.ଅ)—୧ । ଦୁର୍ଦ୍ଦମନୀୟ—1. Invincible;
(ଦୁରାଧର୍ଷା—ସ୍ତ୍ରୀ) intractable; unruly; indomitable.
(ଦୁରାଧର୍ଷତା-ବି) ୨ । ପ୍ରଚଣ୍ଡ—2. Fierce.
ବି.—୧ । ଧଳା ସୋରିଷ—1. White mustard.
୨ । ବିଷ୍ଣୁ—2. A name of Bishnu.

ଦୁରାଧାର—ସ.ବିଣ (ଦୁର୍+ଆ+ଧୃ ଧାତୁ+କର୍ମ.ଅ)—୧ । ଦୁର୍ବିଜ୍ଞେୟ—
Durādhāra 1. Difficult to comprehend.
୨ । ଯାହାର ଧାରଣ କରିବା କଷ୍ଟକର—
2 Difficult to hold.
ସ. ବି.—ମହାଦେବ—God Siba.

ଦୁରାନମ—ସ. ବିଣ (ଦୁର୍+ଆ+ନମ୍ ଧାତୁ+କର୍ମ ଅ)—ଯାହାକୁ
Durānama ସହଜରେ ନୁଆଁ ଯାଇପାରେ ନାହିଁ—That which cannot be easily bent.

ଦୁରାନ୍ତ—ଗ୍ରା. ବି—(ସ.ଦୂର ଦୁରାନ୍ତ;ଦୂରଦେଶ—1. Distant place.
Durānta ୨ । ଦୂରତା—2. Distance.
ପାଖରୁ ଗଲେ ବୋଲାଇ ଦୁରାନ୍ତରୁ ତଳ । ପ୍ରାଚୀ. ବୃନ୍ଦାବନଭୂଷଣ ଗୀତା

ଦୁରାନ୍ତର—ଦେ. ବି—(ସ. ଦୂର)—ଦୂରତା; ଦୂରତ୍ୱ—
Durāntara Distance.
କେତେ ଦୁରାନ୍ତର ତହା ଜାଣିଅଛ କହି । ପ୍ରାଚୀ. ବୃନ୍ଦାବନଭୂଷଣଗୀତା
ବିଣ—ଦୂରସ୍ଥିତ; ଦୂରରେ ଥିବା—Distant; situate at a distance.
ଏତେ ବସ୍ତୁ ଦେଖନ୍ତି, ଗଲେ ସେ ଦୁରାନ୍ତର ବନ । ପ୍ରାଚୀ.କଳତରୁ ।

ଦୁରାପ—ସଂ. ବିଣ. ପୁଂ ଓ କ୍ଲୀ—(ଦୁର୍+ଆପ୍. ଧାତୁ=ପାଇବା+ କର୍ମ. ଅ)—ଦୁଷ୍ପ୍ରାପ୍ୟ—Obtainable with great difficulty.
Durāpa
(ଦୁରାପା—ସ୍ତ୍ରୀ)
(ଦୁରାପତା—ବି)

ପିକନ୍ତି ଚକ୍ଷୁଦ୍ୱାରେ ରୂପ
ଅଞ୍ଜନ ଜନଙ୍କୁ ଦୁରାପ । ଜଗନ୍ନାଥ. ଭଗବତ ।

ଦେ. ବି—ଦୁଃଖ; କଷ୍ଟ—Trouble.

ସେ ସର୍ବେ ମୋହର କି ଭାତ
ଦର୍ଶନେ ହୋଇବେ ଦୁରାପ ! ଜଗନ୍ନାଥ. ଭଗବତ ।

ଦୁରାପସଦ—ସଂ.ବିଣ (ଦୁର୍+ଅପ+ସଦ୍ ଧାତୁ+ଅ)—ଦୁରାସଦ (ଦେଖ)
Durāpasada Durāsada (See)

ଦୁରାବସ୍ଥା (ସ୍ତା)—ଗ୍ରା. ବି—(ସଂ. ଦୁରବସ୍ଥାର ଅଶୁଦ୍ଧ ପ୍ରୟୋଗ)—ଦୁରବସ୍ଥା (ଦେଖ)
Durābastā (sthā) Durabasthā (See)

ଦୁରାବାଧ—ସଂ. ବି.—ଶିବ (ହି. ଶବ୍ଦସାଗର)
Durābadha Śiba

ଦୁରାୟ—ସଂ. ବିଣ. (ଦୁର୍+ଇ ଧାତୁ+କର୍ମ. ଅ)—ଦୁର୍ଲଭ; ଦୁଷ୍ପ୍ରାପ୍ୟ—
Durāya Attainable with great difficulty.
(ଦୁରାୟା—ସ୍ତ୍ରୀ) (ଦୁରାୟତା—ବି)

ଦୁରାରାଧ—ସଂ. ବିଣ. ପୁଂ (ଦୁର୍+ଆରାଧ)—ଯାହାଙ୍କୁ ଆରାଧନା କରି ସନ୍ତୁଷ୍ଟ କରିବା ସହଜ ନୁହେଁ—Who cannot be easily satisfied with worship.
Durārādhya
(ଦୁରାରାଧା—ସ୍ତ୍ରୀ)
(ଦୁରାରାଧତା—ବି) ସଂ. ବି. ପୁଂ.—ବିଷ୍ଣୁ—A name of Bishṇu.
[ଦ୍ର—ଶିବଙ୍କୁ ଆରାଧନା କରି ସହଜରେ ସନ୍ତୁଷ୍ଟ କରାଯାଇ ପାରେ ବୋଲି ତାଙ୍କ ନାମ ଆଶୁତୋଷ]

ଦୁରାରୁହ—ସଂ. ବିଣ (ବହୁବ୍ରୀହି; ଦୁର୍=କଷ୍ଟରେ+ଆ+ରୁହ୍ ଧାତୁ+ଅ)—ଯାହା ଉପରେ ସହଜରେ ଚଢ଼ି ହୁଏ ନାହିଁ—Which can be climbed or ridden with great difficulty.
Durāruha
(ଦୁରାରୁହା—ସ୍ତ୍ରୀ)
(ଦୁରାରୁହତା—ବି)
ସଂ. ବି—୧ । ନଡ଼ିଆଗଛ (ହି. ଶବ୍ଦସାଗର)—1. Cocoanut tree.
୨ । ବେଲ ଗଛ (ହି. ଶବ୍ଦସାଗର)—2. The Bel tree; Aegle Marmelos.

ଦୁରାରୁହା—ସଂ. ବି. ସ୍ତ୍ରୀ—ଖଜୁରୀ ଗଛ (ହି. ଶବ୍ଦସାଗର)—
Durāruhā Date palm tree.

ଦୁରାରୋଗ୍ୟ—ସଂ.ବିଣ—ଦୁଷ୍ଚିକିତ୍ସ୍ୟ; ଯାହା ଆରୋଗ୍ୟ କରିବା କଷ୍ଟକର—
Durārogya Difficult to cure; incurable.
(ଦୁରାରୋଗ୍ୟତା—ବି)

ଦୁରାରୋହ—ସଂ. ବିଣ (ବହୁବ୍ରୀହି; ଦୁର୍+ଆରୋହ)—୧ । ଯାହା ଉପରେ ଅତି କଷ୍ଟରେ ଆରୋହଣ କରାଯାଇପାରେ—
Durāroha
(ଦୁରାରୋହା-ସ୍ତ୍ରୀ) 1. Hard or difficult to climb;
(ଦୁରାରୋହତା-ବି) insurmountable; inaccessible.
୨ । ଅତି ଉଚ୍ଚ ଓ ଢାଲୁଆ—2. Very high and steep.
ସଂ. ବି—ତାଳଗଛ (ହି. ଶବ୍ଦସାଗର)—Palm tree.

ଦୁରାରୋହଣ—ସଂ. ବି (କର୍ମଧା; ଦୁର୍+ଆରୋହଣ)—ଅତି କଷ୍ଟରେ ଆରୋହଣ—Difficult or dangerous ascent.
Durārohaṇa

ଦୁରାରୋହା—ସଂ. ବି. ସ୍ତ୍ରୀ—୧ । ଶିମିଳି ଗଛ—1. The silk-cotton tree.
Durārohā
୨ । ଖଜୁରୀ ଗଛ (ହି. ଶବ୍ଦସାଗର)—The date palm tree.

ଦୁରାଲଭ—ସଂ. ବିଣ—(ଦୁର୍+ଆ+ଲଭ୍ ଧାତୁ+କର୍ମ. ଅ)—ଯାହା ଅତି କଷ୍ଟରେ ମିଳେ; ଦୁର୍ଲଭ—
Durālabha Difficult to get; rare.
(ଦୁରାଲଭା—ସ୍ତ୍ରୀ)

ଦୁରାଲଭା—ସଂ. ବି. ସ୍ତ୍ରୀ—୧ । କ୍ଷୁଦ୍ର କଣ୍ଟକୀ ଔଷଧି ଗୁଳ୍ମବିଶେଷ—
Durālabhā 1. A medicinal thorny plant.
(ଦୁରାଲମ୍ଭା—ଅନ୍ୟରୂପ)
ସଂ. ସମୁଦ୍ରାନ୍ତ; ରୋଦନୀ, ଗାନ୍ଧାରୀ, କଚ୍ଛୁରା, ଅନନ୍ତା, କଷାୟା, ଦୁରଭିଗ୍ରହା, ମରୁଭବା, ସୂକ୍ଷ୍ମଦଳା, ତୀକ୍ଷ୍ଣକଣ୍ଟକା
ହି. ଜବାସା
ବଙ୍ଗ. ଦୁରାଲଭା; ଯବାସା
ଫା. ଫରିଦ୍ନନ୍
ଅ. ହାଜ୍
ତେ. ଦୁଲଗୋଣ୍ଡି, କୋଣ୍ଡାକାସିଦନା

[ଦ୍ର—ଏହା ବାତପିତ୍ତ ଜ୍ୱର ଓ ଗୁଳ୍ମରୋଗରେ ହିତକର । ବଜାରରେ ଦୁରାଲଭା ନାମରେ ଯାହା ବିକ୍ରି ହୁଏ ତାହା ଏହି ଜାତୀୟ ଯବାସ ନାମକ ଅନ୍ୟ ଏକ ଗୁଳ୍ମର ଅଂଶ । ଦୁହିଁଙ୍କର ଏକ ଗୁଣ । ଏହା ସେବନ କଲେ ଦାହ ଓ ବିଷମଜ୍ୱର ନିବାରିତ ହୁଏ, କୋଷ୍ଠ ପରିଷ୍କାର ହୁଏ । ଏହା ତନ୍ଦ୍ରା, ଦୌର୍ବଲ୍ୟ, ଶ୍ୱାସ, ଗୁଳ୍ମ, ଅର୍ଶ, ଉଦରରୋଗ ଓ ଚର୍ମରୋଗରେ ହିତକର ।]

୨ । ଦୁର୍ଲଭା (ଦେଖ)
2. Durllabhā (See)

ଦୁରାଳାପ—ସଂ. ବି. (କର୍ମଧା; ଦୁର୍+ଆଳାପ=ବାକ୍ୟ)—
Durāḷāpa ୧ । ଦୁଷ୍ଟ ବାକ୍ୟ—1. Evil talk.
୨ । କୁବାକ୍ୟ; ଗାଳି—2. Abuse; ill names; harsh words; scurrillous language.
ବିଣ. ପୁଂ—ଦୁରାଳାପୀ (ଦେଖ)—Durāḷāpī (See)

ଦୁରାଳାପୀ—ସଂ. ବିଣ. ପୁଂ. (ଦୁର୍+ଆଳାପ+ଇନ୍; ୧ମା. ୧ବ.)—
Durāḷāpī ୧ । କଟୁଭାଷୀ—1. Speaking harsh words.
(ଦୁରାଳାପିନୀ—ସ୍ତ୍ରୀ) ୨ । ଯାହା କଷ୍ଟରେ ଆଳାପ କରାଯାଏ—
(ଦୁରାଳାପିତା—ବି) 2. Difficult to sing or to be brought to tune.

ଦୁରାଶୟ—ସଂ. ବି. (କର୍ମଧା; ଦୁର୍+ଆଶୟ)—
Durāśaya ୧ । ମନ୍ଦ ଉଦ୍ଦେଶ୍ୟ; ଦୁରଭିସନ୍ଧି—1. Evil intention.
୨ । ଦୁରାକାଙ୍କ୍ଷା—2. Ambition.
(ଦୁରାଶୟା—ସ୍ତ୍ରୀ) ବିଣ—ଯାହାର ଉଦ୍ଦେଶ୍ୟ ମନ୍ଦ; ଦୁଷ୍ଟ ଅଭିଳାଷଯୁକ୍ତ—Evil-intentioned
(ଦୁରାଶୟତା—ବି)

ଦୁରାଶୟୀ—ସଂ. ବିଣ. ପୁଂ. (ଦୁର୍+ଆଶୟ+ଇନ୍. ୧ମା. ୧ବ)—
Durāśayī ୧ । କୁ ଅଭିଳାଷୀ; ଦୁରଭିସନ୍ଧିବିଶିଷ୍ଟ—
(ଦୁରାଶୟିନୀ—ସ୍ତ୍ରୀ) 1. Evil minded; evil intentioned; malicious.
(ଦୁରାଶୟିତା—ବି)

୬ । ଦୁରାକାଙ୍କ୍ଷୀ—2. Ambitious.

ଦୁରଶା—ସ. ବି. (କର୍ମଧା; ଦୁର୍+ଆଶା)—୧ । ଦୁରାକାଙ୍କ୍ଷା—
Durāśā 1. Inordinate ambition.
୨ । ଦୁଷ୍ଟାଭିଳାଷ—2. Evil intention.
୩ । ଅପ୍ରାପ୍ୟ ବିଷୟରେ ଆଶା—
3. Hope after unattainable things; vain or futile hope.

ଦୁରାସଦ—ସ. ବିଣ. (ଦୁର୍+ଆ+ସଦ୍ ଧାତୁ=ପାଇବା, ସହିବା+
Durāsada କର୍ମ. ଅ)—୧ । ଦୁଷ୍ପ୍ରାପ୍ୟ; ଦୁର୍ଲଭ—
1. Difficult of attainment.
୨ । ଦୁଃସହ—2. Insufferable.
୩ । ଦୁର୍ଦ୍ଧର୍ଷ—3. Indomitable; unruly.
୪ । ଦୁଷ୍ଟ—4 Wicked.
୫ । ଦୁଃସାଧ—5. Performable with difficulty.

ଦୁରିତ—ସ. ବି. (ଦୁର୍=ନିନ୍ଦା+ଇ. ଧାତୁ=ଗମନ କରିବା, ପାଇବା
Durita +କର୍ତ୍ତୃ. ତ)—୧ । ଦୁଷ୍କୃତ; ପାପ—
1. Sin; evil deed.
୨ । ଦୁର୍ଗତି; ଅମଙ୍ଗଳ; ଅନିଷ୍ଟ—
2. Disaster; evil.
୩ । ଦୁର୍ଦ୍ଦଶା—3. Misfortune; ill luck.
(ଦୁରିତା—ସ୍ତ୍ରୀ) ବିଣ—୧ । ପାପିଷ୍ଠ—1. Sinful.
୨ । ଦୁଷ୍ଟ; ମନ୍ଦ—2. Evil; wicked.

ଏ ପଥେ ଅଛନ୍ତି ଦୁରିତ
ପ୍ରାଣୀ ଗୋବଧେ ପରମତ—ଦୁଷ୍ଟ. ହେମଶଶୀମୃତ ।

ଦୁରିତ କ୍ଷୟ—ସ. ବି. (୬ଷ୍ଠୀ ତତ୍; ଦୁରିତ+କ୍ଷୟ)—
Durita kshaya ୧ । ପାପର ବିନାଶ—
1. Destruction of sin.
୨ । ଦୁର୍ଦ୍ଦଶାର ଅନ୍ତ—
2. The end of misfortune.

ଦୁରିତ ଦମନ—ସ. ବିଣ. ପୁଂ—ଦୁରିତ ନାଶନ (ଦେଖ)
Durita damana Durita nāśana (See)
(ଦୁରିତ ଦମନୀ—ସ୍ତ୍ରୀ)

ଦୁରିତ ଦମନୀ—ସ. ବି. ସ୍ତ୍ରୀ—ଶମୀ ବୃକ୍ଷ (ଦେଖ)
Durita damanī Śamī (See)

ଦୁରିତ ଦଳନ—ସ. ବିଣ. ପୁଂ—ଦୁରିତ ନାଶନ (ଦେଖ)
Durita dalana Durita nāśana (See)

ଦୁରିତ ନାଶ—ସ.ବି (୬ଷ୍ଠୀ ତତ୍; ଦୁରିତ+ନାଶ)—ଦୁରିତକ୍ଷୟ (ଦେଖ)
Durita nāśa Durita kshaya (See)

ଦୁରିତ ନାଶକ—ସ. ବିଣ. ପୁଂ—ଦୁରିତ ନାଶନ (ଦେଖ)
Durita nāśaka Durita nāśana (See)

ଦୁରିତ ନାଶନ—ସ. ବିଣ. ପୁଂ (ଦୁରିତ+ନଶ୍ ଧାତୁ+କର୍ତ୍ତୃ ଅନ)—
Durita nāśana ଯେ ବା ଯାହା ପାପ ନାଶ କରେ—That
(ଦୁରିତ ନାଶନୀ—ସ୍ତ୍ରୀ) which or he who destroys sin or evil.

ଦୁରିତହାରୀ—ସ. ବିଣ. ପୁଂ (ଦୁରିତ+ହୃ ଧାତୁ+କର୍ତ୍ତୃ. ଇନ୍; ୧ମା.
Durita hārī ୧ବ)—ଦୁରିତ ନାଶନ (ଦେଖ)
(ଦୁରିତ ହାରିଣୀ—ସ୍ତ୍ରୀ) Durita nāśana (See)

ଦୁରିତାପହ—ସଂ. ବିଣ. ପୁଂ—ଦୁରିତ ନାଶନ (ଦେଖ)
Duritā paha Durita nāśana (See)
(ଦୁରିତାପହା—ସ୍ତ୍ରୀ)

ଦୁରିଷ୍ଟ—ସଂ. ବି. (ଦୁର+ଇଷ୍ଟ=ଯଜ୍ଞ)—୧ । କୁତ୍ସିତ ଯଜ୍ଞ; ଅନ୍ୟ
Durishta ଦୁଃଖାର୍ଥ ଯାଗ—1. Rituals performed for injuring others.
୨ । ଦୁରିତ; ପାପ—2. Sin.

ଦୁରିଷ୍ଟି—ସଂ. ବି (ଦୁର+ଇଷ୍ଟି=ଯାଗ)—୧ । ଅଶାସ୍ତ୍ରୀୟ ଯାଗ—
Durishti 1. Sacrifice not performed according to the Śāstras.
୨ । ଦୁରିଷ୍ଠ (ଦେଖ)—2. Durishtha (See)

ଦୁରିଷ୍ଠ—ସଂ. ବିଣ (ଦୁର+ଅତି ଅର୍ଥରେ ଇଷ୍ଠ)—ଅତି ମନ୍ଦ—
Durishtha Worst; very bad.

ଦୁରୀ—ଦେ. ବି—୧ । ଦୋକା (ଦେଖ)
Durī 1. Dokā (See)
ସ୍ତ୍ରୀ—୨ । ଦୁର୍ଗା ନାମ୍ନୀ ସ୍ତ୍ରୀର ଡାକ ନାମ—
2. A name for calling Durgā.

ଦୁରୀଷଣା—ସଂ. ବି (ଦୁର+ଈଷଣା)—୧ । ଅଭିସମ୍ପାତ; ଅଭିଶାପ;
Durīshanā ଶାପ—1. Curse; imprecation.
୨ । ଅହିତ କାମନା—2. Wish to harm others.

ଦୁରୁକ୍ତ—ସଂ. ବି (ଦୁର+ବଚ୍ ଧାତୁ+ଭାବ.ତ)—୧ । ଦୁର୍ବାକ୍ୟ—
Durukta 1. Evil words.
୨ । ଗାଳି—2 Abuse.

ଦୁରୁକ୍ତି—ସଂ. ବି (ଦୁର+ବଚ୍ ଧାତୁ+ଭାବ. ତି—ଦୁରୁକ୍ତ (ଦେଖ)
Durukti Durukta (See)

ଦୁରୁଗମ—ଗ୍ରା (ପଦ୍ୟ) ବିଣ—ଦୁର୍ଗମ (ଦେଖ)
Durugama Durgama (See)
ମହା ଦୁରୁଗମ ଅଟେ ବ୍ରହ୍ମ ନିରୂପଣ—ପ୍ରାଚୀ ବ୍ରହ୍ମନିରୂପଣଗୀତା ।

ଦୁରୁଗା—ଗ୍ରା. ବି—୧ । ଦୁର୍ଗା—
Durugā 1. Goddess Durgā.
୨ । (ସ୍ତ୍ରୀ) ଦୁର୍ଗା ନାମ୍ନୀ ସ୍ତ୍ରୀର ଡାକ ନାମ—
2. A name for calling Durgā.
୩ । ପୁଂ. ଦୁର୍ଗାଦାସ ବା ଦୁର୍ଗାପଦ ବା ଦୁର୍ଗାପ୍ରସାଦ ବ୍ୟକ୍ତିର
ଡାକ ନାମ—3. A name for calling persons whose names begin with Durgā.

ଦୁରୁଗୀ—ଗ୍ରା. ବି. ସ୍ତ୍ରୀ—ଦୁର୍ଗା ନାମ୍ନୀ ସ୍ତ୍ରୀର ଡାକ ନାମ—
Durugi A name for calling Durgā.

ଦୁରୁଚ୍ଚାର—ସ. ବିଣ. (ବହୁବ୍ରୀହି; ଦୁର=ମନ୍ଦ, ଉଚ୍ଚାର=ଉଚ୍ଚାରଣ)—
Duruchchāra ୧ । ଅଶ୍ଳୀଳ—1. Obscene; vulgar.
(ଦୁରୁଚ୍ଚାର୍ଯ୍ୟ—ଅନ୍ୟରୂପ) ୨ । ଦୁର୍ବାକ୍ୟଯୁକ୍ତ—2. Abusive.
ଦୁରୁଚ୍ଚାରତା } ବି ୩ । ଯାହା କଷ୍ଟରେ ଉଚ୍ଚାରଣ
ଦୁରୁଚ୍ଚାର୍ଯ୍ୟତା } ହୁଏ—3. Unutterable; difficult to pronounce.

ଦୁରୁଚ୍ଛେଦ—ସ. ବଣ.—(ଦୁର୍+ଉତ୍+ଛିଦ୍ ଧାତୁ+କର୍ମ. ଅ)—
Duruchchheda ଦୁରୁଚ୍ଛେଦ୍ୟ (ଦେଖ)
(ଦୁରୁଚ୍ଛେଦତା—ବ) Duruchchhedya (See)
ସ. ବ. (+ଭାବ. ଅ)—ଦୁର୍ନିବାର (ଦେଖ)
Durnibāra (See)

ଦୁରୁଚ୍ଛେଦ୍ୟ—ସ. ବଣ.—(ଦୁର୍+ଉଚ୍ଛେଦ୍ୟ)—୧ । ଯାହାର ସହଜରେ
Duruchchhedya ଉଚ୍ଛେଦ ସାଧନ କରାଯାଇ ନ ପାରେ;
(ଦୁରୁଚ୍ଛେଦ୍ୟତା—ବ) ଯାହା କଷ୍ଟରେ ଅପସାରିତ ବା ଉତ୍ପାଟିତ
କରାଯାଏ—1. Not easily eradicable; which is difficult to eradicate.
୨ । ଦୁରପନେୟ—2. Irremoveable.

ଦୁରୁଜ—ଗ୍ରା. ବ.—(ଅନାଦରାର୍ଥକ)—ଦୁର୍ଯ୍ୟୋଧନର ଡାକ ନାମ—
Duruja A name for calling Durjyodhana.
(ଦୁରୁଜା—ଅନାଦରାର୍ଥକ)

ଦୁରୁଜନ—ଗ୍ରା. (ପଦ୍ୟ) ବ.—ଦୁର୍ଜନ (ଦେଖ)
Durujana Durjana (See)

ଦୁରୁଜୟ—ଗ୍ରା. (ପଦ୍ୟ) ବଣ. –(ସ. ଦୁର୍ଜୟ)—ଦୁର୍ଜୟ (ଦେଖ)
Durujaya Durjaya (See)

ଦୁରୁତ୍ତର—ସ. ବ. (ଦୁର୍+ଉତ୍ତର)—୧ । ଅସତ୍ ଉତ୍ତର—
Duruttara 1. Bad answer.
୨ । ଅନୁପଯୁକ୍ତ ଉତ୍ତର—
2. Improper or unsuitable reply.
ବଣ.—(ଦୁର୍+ଉତ୍+ତୃ ଧାତୁ+ଅ)—୧ । ଯାହା ପାର
ହେବା କଠିନ; ଦୁସ୍ତର—1. Insurmountable; difficult to pass over.
୨ । (ଦୁର୍+ଉତ୍ତର) ଯାହାର ଉତ୍ତର ଦେବା କଠିନ—
2. Difficult to answer.

ଦୁରୁଦଣ୍ଡ—ଗ୍ରା. (ପଦ୍ୟ) ବ. (ସ. ଦୁର୍ଦଣ୍ଡ)—
Durudanda ଦୁର୍ଦଣ୍ଡ (ଦେଖ)
Durddanda (See)

ଦୁରୁଦାହର—ସ. ବଣ. (ଦୁର୍+ଉଦାହର=ଉଦାହରଣ; ବହୁବ୍ରୀହି)—
Durudāhara ୧ । ଯାହାର ଉଦାହରଣ ଦେବା କଠିନ—
1. Of which it is difficult to give instance or example.
୨ । ଦୁରୁଚ୍ଚାର (ଦେଖ)
2. Duruchchāra (See)

ଦୁରୁଦ୍ବହ—ସ. ବଣ. (ଦୁର୍+ଉତ୍+ବହ ଧାତୁ+କର୍ମ. ଅ)—
Durudbaha ୧ । ଯାହା ବହନ କରିବା କଷ୍ଟକର—
1. Difficult to carry or sustain.
୨ । ଦୁଃସହ; ଅସହ୍ୟ—2. Unbearable.

ଦୁରୁନଏ(ୟ)—ଗ୍ରା. (ପଦ୍ୟ) ବଣ (ସ. ଦୁର୍ଣ୍ଣୟ)—
Durunae(ya) ୧ । ବିଷମ; କଠିନ; ଜଟିଳ—
1. Hard; complex; complicated.

ଦୁଃଖାର ବହୁଳେ ଭେଦ ମହା ଦୁରୁନଏ । ପ୍ରାଚୀ- ଦୁହ୍ନନରୁଷଣ ଗୀତା ।

୨ । ଭୟଙ୍କର—2. Fierce.

ଦୁରୁପସଦ—ସ. ବଣ. (ଦୁର୍+ଉପ=ସମୀପ+ସଦ୍ ଧାତୁ=ଗମନ
Durupasada କରିବା+କର୍ମ. ଅ)—
୧ । ଦୁର୍ଗମ—1. Inpassable
୨ । ଦୁଷ୍ପ୍ରାପ୍ୟ—2. Available with difficulty.
୩ । ଦୁଃସହ—3. Unbearable.

ଦୁରୁଭାଗ୍ୟ—ଗ୍ରା. (ପଦ୍ୟ) ବ. (ସ. ଦୁର୍ଭାଗ୍ୟ)—ଦୁର୍ଭାଗ୍ୟ (ଦେଖ)
Durubhāgya Durbhāgya (See)

ଦୁରୁଭିକ୍ଷ—ଗ୍ର. (ପଦ୍ୟ) ବ. (ସ. ଦୁର୍ଭିକ୍ଷ)—ଦୁର୍ଭିକ୍ଷ (ଦେଖ)
Durubhiksha Durbhiksha (See)

ଦୁରୁଷ୍ଟି—ଗ୍ରା. ବ. (ସ. ଦୃଷ୍ଟି)—ଦୃଷ୍ଟି (ଦେଖ)
Durushti Drushti (See)

ଦୁରୂହ—ସ. ବଣ. (ଦୁର୍+ଊହ ଧାତୁ=ତର୍କ କରିବା+କର୍ମ. ଅ)—
Durūha ୧ । ଦୁର୍ବୋଧ—1. Difficult to understand; abstruse; hard to comprehend.
ଦୁରୂହତା } —ବ ୨ । ଦୁଃସାଧ; କଷ୍ଟସାଧ; କଠିନ—
ଦୁରୂହତ୍ୱ } 2. Difficult of accomplishment or attainment.
୩ । ଦୁର୍ବହ—3. Unbearable.
୪ । ଦୁରଧିଗମ୍ୟ—4. Inaccessible.

ଦୁରୁହରେ—ଦେ. କ୍ରି. ବଣ—ଅତି ଦୁଃଖରେ—
Durūhare With great grief or pain; sorrowfully.

ଦୁହାଇ ସାଳସ ଦେଖି ସ୍ନେହ; ଦୁରୁହରେ କହ ପସୁହଇ ।
କବିସୂର୍ଯ୍ୟ- କଶୋରଚନ୍ଦ୍ର ଚ ଗୀତ ।

ଦୁରେଇ କୋଳି—ପ୍ରାଦେ. (ଗଡ଼ଜାତ; ସମ୍ବଲପୁର ଓ ସିଂହଭୂମ) ବ—
Durei koli ଏକ ପ୍ରକାର ଗୁଳ୍ମ ଓ ତାହାର ଫଳ—
Opilia Amentacea (Haines).

ଦୁରୋଦର—ସ. ବ. (ବହୁବ୍ରୀହି; ଦୁର୍+ଅ+ଉଦର=ବିବାଦ)—
Durodara ୧ । ପଶା ଖେଳ—1. The game of dice.
୨ । ଦ୍ୟୂତକାରୀ; ଜୁଆଡ଼ି—2. Gamester; gambler.
୩ । ଜୁଆ ଖେଳ—3. Gambling.
୪ । ପଣ; ବାଜି—4. A stake.
୫ । ପଶା ଖେଳାଳି—5. Dice-player.

ଦୂର୍କର(ର)—ଦେ. ଅ—ଦୂର (ଦେଖ)
Durkar(ra) Dūr (See)

ଦୁର୍ଗ—ସ. ବି. (ଦୁର୍+ଗମ ଧାତୁ+କର୍ମ. ଅ; ଯହିଁକୁ ଅତି କଷ୍ଟରେ
Durga ଗମନ କରାଯାଇ ପାରେ)—
୧ । ଦୁର୍ଗ; ଗଡ଼—1. A fort; fortress; stronghold; citadel.
[ଦ୍ର—ମହାଭାରତ ଓ ମନୁଙ୍କ ଅନୁସାରେ ଦୁର୍ଗ ୬ ପ୍ରକାର,
ଯଥା—ଧନୁର୍ଦୁର୍ଗ, ମନୁଷ୍ୟଦୁର୍ଗ, ମୃଦ୍ଦୁର୍ଗ ବା ମହୀଦୁର୍ଗ, ଗିରିଦୁର୍ଗ,
ବୃକ୍ଷଦୁର୍ଗ ବା ବନଦୁର୍ଗ, ଜଳଦୁର୍ଗ ।]

୨ । ବିପଦ; ସଙ୍କଟ—
2. Danger; difficulty; calamity.
ଯେ ମାନ ସାଧ ଏହୁ ଯୋଗ;
ହେଲେ ଭବିବ ଘୋର ଦୁର୍ଗ । ଜଗନ୍ନାଥ. ଭାଗବତ ।

୩ । ଦୁର୍ଗାଙ୍କଦ୍ୱାରା ନିହତ ଅସୁରବିଶେଷ—
3. Name of a demon killed by Durgā.

୪ । ଭବବନ୍ଧ—
4. Worldly misery and entanglements.

୫ । ଦୁଃଖ; ଶୋକ—5. Sorrow; distress.

୬ । ନରକ—6. Hell.

୭ । କୁକର୍ମ—7. Evil action.

୮ । ବିଘ୍ନ—8. Obstacle.

୯ । ଅମଙ୍ଗଳ—9. Misery; misfortune.

୧୦ । ମହାଭୟ—10. Great fear.

୧୧ । ପରାଧୀନତା—11. Bondage.

୧୨ । ପୁନର୍ଜନ୍ମ—12. Rebirth; birth after death.

୧୩ । ଦୁର୍ଗମ ସ୍ଥାନ—13. Impassable place.

ବିଣ—୧ । ଦୁର୍ଗମ—1. Impassable; difficult to approach.
ତୋ ପ୍ରେମ୍ଭର୍ଣ୍ଣ ନଶାଅରେ ବନଦୁର୍ଗ ପଥରେ ଭୋଗଗନ୍ତୁ ଶିବ ପଦେ ପଦ୍ମ ।
ଉପେନ୍ଦ୍ରଭଞ୍ଜ, ସଙ୍ଗୀତ ।

୨ । ଅଗମ୍ୟ—2. Inaccessible.

ଦୁର୍ଗତ—ସଂ. ବିଣ. (ଦୁର୍ + ଗମ୍ ଧାତୁ କର୍ତ୍ତୃ. ତ)—
Durgata ୧ । ବିପଦଗ୍ରସ୍ତ; ଦୁରବସ୍ଥାଗ୍ରସ୍ତ—
(ଦୁର୍ଗତା—ସ୍ତ୍ରୀ) 1. Stricken with calamity; overtaken by danger.

୨ । ଅତି ଦରିଦ୍ର—
2. Very poor; poverty-stricken.

୩ । ଦୁଃଖୀ—3. Suffering; distressed.

ଦୁର୍ଗତି—ସଂ. ବି. (ଦୁର୍ + ଗତି; କର୍ମଧା;)—୧ । ଦୁର୍ଦ୍ଦଶା—
Durgati 1. Misfortune.

୨ । ଦୁରବସ୍ଥା—2. Wretched condition.

୩ । କଷ୍ଟ; କ୍ଲେଶ—3. Misery.

୪ । ଦାରିଦ୍ର୍ୟ—4. Poverty; adversity.

୫ । ନରକ—5. Hell.

୬ । ପାପ—6. Sin.

ଦୁର୍ଗତି କ୍ଷୟ—ସଂ. ବି. (୬ଷ୍ଠୀ ତତ୍; ଦୁର୍ଗତି + କ୍ଷୟ)—ଦୁର୍ଦ୍ଦଶାର ଶେଷ—
Durgati kshaya The end of one's miseries.
(ଦୁର୍ଗତିନାଶ—ଅନ୍ୟରୂପ)

ଦୁର୍ଗତିନାଶକ—ସଂ. ବିଣ—ଦୁର୍ଗତି ନାଶନ (ଦେଖ)
Durgati nāsaka Durgati nāsana (See)
(ଦୁର୍ଗତିନାଶିକା—ସ୍ତ୍ରୀ)

ଦୁର୍ଗତି ନାଶନ—ସଂ. ବିଣ. (ଦୁର୍ଗତି = ଦୁଃଖ + ନାଶନ = ନାଶକାରୀ)—
Durgati nāsana ୧ । ଯେ ଦୁର୍ଗତି ବା ପାପକୁ ନାଶକରେ—
(ଦୁର୍ଗତିନାଶନୀ—ସ୍ତ୍ରୀ) 1. Saviour; one who eradicate sin

୨ । ଯେ ଦୁର୍ଦ୍ଦଶା ଲୋପ କରେ—
2. One who destroys adversity

୩ । ଯେ ଦୁର୍ଦ୍ଦଶାକୁ ନିବାରଣ କରେ—
3. Preventing evil.

ସଂ. ବି—ଦୁର୍ଗତିର ବିନାଶ କରଣ—
Eradication of one's miseries.

ଦୁର୍ଗତି ନିବାରକ—ସଂ. ବିଣ—ଦୁର୍ଗତିନାଶକ (ଦେଖ)
Durgati nibāraka Durgatināsana (See)
(ଦୁର୍ଗତି ନିବାରିକା—ସ୍ତ୍ରୀ)

ଦୁର୍ଗତି ନିବାରଣ—ସଂ. ବିଣ ଓ ବି—ଦୁର୍ଗତିନାଶନ (ଦେଖ)
Durgati nibārana Durgati nāsana (See)
(ଦୁର୍ଗତିନିବାରଣୀ—ସ୍ତ୍ରୀ)

ଦୁର୍ଗତି ବାରଣ—ସଂ. ବିଣ. (ଦୁର୍ଗତି + ବାରଣ = ନିବାରକ)—
Durgati bārana ଦୁର୍ଗତି ନାଶନ (ଦେଖ)
Durgati nāsana (See)

ଦୁର୍ଗତି ହର—ସଂ. ବିଣ—ଦୁର୍ଗତି ନାଶକ (ଦେଖ)
Durgati hara Durgati nāsana (See)
(ଦୁର୍ଗତିହରା—ସ୍ତ୍ରୀ)

ଦୁର୍ଗତି ହରଣ—ସଂ. ବିଣ. (ଦୁର୍ଗତି + ହରଣ = ବିନାଶନ)—
Durgati harana ଦୁର୍ଗତି ନାଶନ (ଦେଖ)
Durgati nāsana (See)

ଦୁର୍ଗନ୍ଧ—ସଂ. ବି. (କର୍ମଧା; ଦୁର୍ + ଗନ୍ଧ)—
Durgandha ୧ । ବଦ୍‌ବୋଇ; ମନ୍ଦ ଗନ୍ଧ; ପୂତିଗନ୍ଧ—
2. Offensive smell; bad odour.

୨ । ସୌବର୍ଚ୍ଚ ଲବଣ (ପ୍ରକୃତିବାଦ)—
2. A kind of salt.

୩ । କଳାଲୁଣ (ହି. ଶବ୍ଦସାଗର)—3. Black salt.

୪ । ଆମ୍ବଗଛ (ହି ଶବ୍ଦସାଗର)—4. Mango tree.

୫ । ପିଆଜ (ହି. ଶବ୍ଦସାଗର)—5. Onion.

(ଦୁର୍ଗନ୍ଧତା—ବି) ବିଣ. (ବହୁବ୍ରୀହି)—ଦୁର୍ଗନ୍ଧମୟ (ଦେଖ)
Durgandhamaya (See)

ଦୁର୍ଗନ୍ଧମୟ—ସଂ. ବିଣ (ଦୁର୍ଗନ୍ଧ + ପ୍ରଚୁରାର୍ଥେ ମୟ)—୧ । ମନ୍ଦଗନ୍ଧଯୁକ୍ତ;
Durgandhamaya ଯାହା ଗନ୍ଧାଏ—1. Bad smelling; of offensive odour.
(ଦୁର୍ଗନ୍ଧଯୁକ୍ତ—ଅନ୍ୟରୂପ)

୨ । ପୂତିଗନ୍ଧଯୁକ୍ତ—2. Foetid; stinking.

ଦୁର୍ଗନ୍ଧି—ସଂ. ବିଣ. (ବହୁବ୍ରୀହି. ଦୁର୍ + ଗନ୍ଧ + ଇ)—ମନ୍ଦଗନ୍ଧଯୁକ୍ତ—
Durgandhi Of offensive smell; foetid.
ଦେ. ବି. (ସଂ. ଦୁର୍ଗନ୍ଧ)—୧ । ପୂତିଗନ୍ଧ—1. Bad odour.

୨ । ବାତକର୍ମ; ଅପାନବାୟୁ—2. Breaking of wind; passing of offensive wind through the anus.

ଦୁର୍ଗନ୍ଧିଆ—ଦେ. ବିଣ. (ସଂ. ଦୁର୍ଗନ୍ଧି)—୧ । ଦୁର୍ଗନ୍ଧମୟ (ଦେଖ)
Durgandhiā 1. Durgandhamaya (See)

୨ । ଯେ ବହୁତ ପାଦେ; ପାଦୁରା (ଲୋକ)—
2. (a person) Habituated to passing offensive wind through the anus.

ଦୁର୍ଗନ୍ଧିତ— ସଂ. ବଣ. (ଦୁର୍ଗନ୍ଧ + ସ୍ବାର୍ଥରେ ଇତ)—
Durgandhita ଦୁର୍ଗନ୍ଧମୟ (ଦେଖ)
Durgandhamaya (See)

ଦୁର୍ଗନ୍ଧୀ—ସଂ. ବଣ. (ଦୁର୍ଗନ୍ଧ + ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Durgandhi ଦୁର୍ଗନ୍ଧମୟ (ଦେଖ)—
Durgandhamaya (See)

ଦୁର୍ଗପତି—ସଂ. ବି—ଦୁର୍ଗ ରକ୍ଷକ (ଦେଖ)
Durga pati Durga rakshaka (See)
(ଦୁର୍ଗପାଳ, ଦୁର୍ଗାଧ୍ୟକ୍ଷ—ଅନ୍ୟରୂପ)

ଦୁର୍ଗମ—ସଂ. ବଣ. (ଦୁର୍ + ଗମ୍ ଧାତୁ + କର୍ମ. ଅ)—
Durgama ୧ । ଯହିଁରେ ଯିବା ଆସିବା କଷ୍ଟକର—
(ଦୁର୍ଗମତା—ବି) 1. Impassable.
୨ । ଯେଉଁଠାକୁ ଯିବା ଆସିବା ଅତି କଷ୍ଟକର—
2. Inaccessible; difficult of access.
୩ । ଦୁର୍ଭେଦ୍ୟ—3. Impenetrable.
୪ । ଦୁର୍ଲଭ—4. Difficult to get; rare.
୫ । ଦୁର୍ଜ୍ଞେୟ—5. Difficult to understand.
ସଂ. ବି—୧ । ଅସୁରବିଶେଷ (ଜ୍ଞାନେନ୍ଦ୍ର)—
1. Name of a demon.
୨ । ଦୁର୍ଗ; ଗଡ଼; କଟା (ହ୍ର. ଶବ୍ଦସାଗର)—2. Fort.
୩ । ବିଷ୍ଣୁ (ହ୍ର. ଶବ୍ଦସାଗର)—
3 A name of Bishnu.
୪ । ବନ (ହ୍ର. ଶବ୍ଦସାଗର)—4. Forest.
୫ । ସଙ୍କଟମୟ ସ୍ଥାନ (ହ୍ର. ଶବ୍ଦସାଗର)—
5. A place of danger.
ଦେ. ବିଣ—୧ । ଯେଉଁ ଅବସ୍ଥାରେ ଗମନାଗମନ କରିବା ବା ଚଳାଚଳ ହେବା କଷ୍ଟକର—1. (condition) In which it is difficult to walk or come out.
୨ । ଅତିରେକ; ଅତ୍ୟଧିକ—2. Excessive.
(ଯଥା—ଅତି ଦୁର୍ଗମ ବର୍ଷା ହେଉଅଛି ।)
ବି—ବର୍ଷା ଓ ଝଡ଼ମୟ ପାଗ—
Rainy and windy weather.

ଦୁର୍ଗମଣୀୟ—ସଂ. ବିଣ—ଦୁର୍ଗମ (ଦେଖ)
Durgamaniya Durgama (See)
(ଦୁର୍ଗମଣୀୟତା—ବି)

ଦୁର୍ଗମ୍ୟ—ସଂ. ବିଣ—ଦୁର୍ଗମ (ଦେଖ)
Durgamya Durgama (See)
(ଦୁର୍ଗମ୍ୟତା—ବି)

ଦୁର୍ଗ ରକ୍ଷକ—ସଂ. ବ (ଷଷ୍ଠୀ ତତ୍; ଦୁର୍ଗ+ରକ୍ଷକ)—ଯେଉଁ ସେନାପତି ଦୁର୍ଗ
Durga rakshaka ରକ୍ଷା କରନ୍ତି; କିଲ୍ଲାଦାର—1. The
(ଦୁର୍ଗରକ୍ଷୀ—ଅନ୍ୟରୂପ) governor or keeper of a fort.
୨ । ଦୁର୍ଗର ଜଗୁଆଳ ସେନା—
2. The troop or sentries keeping watch in a fort.
ସଂ. ବିଣ—ଦୁର୍ଗର ଜଗୁଆଳ—Watching over a fort.

ଦୁର୍ଗ ସଞ୍ଚର—ସଂ. ବି. (ବହୁବ୍ରୀହି; ଦୁର୍ଗ=ଦୁର୍ଗମ ସ୍ଥାନ+ସଞ୍ଚର=
Durga sañchara ଗମନ) ମନୁଷ୍ୟ ଯାହାଦ୍ୱାରା ଦୁର୍ଗମ ସ୍ଥାନକୁ ଯାଇ ପାରେ—
୧ । ସେତୁ; ଶଙ୍ଖ; ପୋଲ—1. A bridge.
୨ । ଗିରିସଙ୍କଟ—
2. A narrow pass between two hills.

ଦୁର୍ଗା—ସଂ. ବି. ସ୍ତ୍ରୀ. (ଦୁର୍ + ଗମ୍ ଧାତୁ—ଜାଣିବା + କର୍ମ ଅ + ସ୍ତ୍ରୀ.
Durgā ଆ; ଯାହାଙ୍କୁ ଜାଣିବା କଠିନ ବା ଯେ ଦୁର୍ଗ ବା ସଂକଟରୁ ଉଦ୍ଧାର କରନ୍ତି; କିମ୍ବା ଯେ ଦୁର୍ଗନାମକ ଅସୁରକୁ ବଧ କରିଥିଲେ)—୧ । ଭଗବତୀ; ମହାଦେବଙ୍କ ସ୍ତ୍ରୀ, ପରମା ପ୍ରକୃତି; ଆଦ୍ୟା ଶକ୍ତି—1. Goddess Durgā; the wife of Mahādeba.

[ଦ୍ର—ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଦେବୀମହାତ୍ମ୍ୟ ବା ଚଣ୍ଡୀ ପୁରାଣରେ ଦୁର୍ଗାଙ୍କର ଉତ୍ପତ୍ତି ଓ ଅସୁର ବିନାଶାର୍ଥ ଭିନ୍ନ ଭିନ୍ନ ଅବତାରର ବିଷୟ ବର୍ଣ୍ଣିତ ହୋଇଅଛି । ସେ ବିଷ୍ଣୁ, ବ୍ରହ୍ମା ଓ ଶିବ ଆଦି ଦେବତାମାନଙ୍କ ତେଜରୁ ସମ୍ଭୂତା ଏବଂ ବିଷ୍ଣୁଙ୍କର ମାୟା ଅଟନ୍ତି । ଏହି ବିଷ୍ଣୁମାୟା ସଂସାରକୁ ଚଳାଉଅଛନ୍ତି ।

ଚଣ୍ଡୀ ପୁରାଣ ଏକାଦଶ ଅଧ୍ୟାୟରେ ଦେବୀଙ୍କର ନିଜ ଉକ୍ତି ଲେଖା ଅଛି ଯେ ପୃଥିବୀରେ ଶତ ବର୍ଷ ଅନାବୃଷ୍ଟି ହେବା ସମୟରେ ଆମ୍ଭେ ଜନ୍ମ ଗ୍ରହଣ କରି ଶତାକ୍ଷୀ ନାମ ଧାରଣ କରିବୁଁ ଓ ନିଜ ଦେହସମ୍ଭୂତ ପ୍ରାଣଧାରକ ଶାକ ଉତ୍ପାଦନ କରି ସମୁଦାୟ ଲୋକଙ୍କୁ ଭରଣ କରିବୁଁ ଓ ଦୁର୍ଗ ନାମକ ମହାସୁରକୁ ବଧ କରି ଆମ୍ଭେ ଦୁର୍ଗା ଦେବୀ ନାମରେ ବିଖ୍ୟାତା ହେବୁଁ । ଚଣ୍ଡୀ ୧୧।୪୬-୫୦; ଦୁର୍ଗାଙ୍କର ଭିନ୍ନ ଭିନ୍ନ ରୂପ ଯଥା—

ଧୂମାବତୀ, ବଗଳା, ଅନ୍ନପୂର୍ଣ୍ଣା, କପାଳେଶ୍ୱରୀ,ପାର୍ବତୀ, କାଳୀ, ଚଣ୍ଡୀ, ତାରକା, ଜଗନ୍ତୀ, କମଳା, ଭଗବତୀ, ଜଗଦ୍ଧାତ୍ରୀ, ଶ୍ୟାମା ।

ଦୁର୍ଗାବତାରରେ ସେ ମହିଷାସୁର, ରକ୍ତବୀଜ, ଶୁମ୍ଭ, ନିଶୁମ୍ଭ ଆଦି ଅସୁରମାନଙ୍କୁ ବଧ କରିଥିଲେ । ପ୍ରଥମେ ସୁରଥ ରାଜା ଓ ପରେ ରାମଚନ୍ଦ୍ର ପୃଥିବୀରେ ଦୁର୍ଗାଙ୍କର ପୂଜା କରିଥିଲେ ।]

[ଦୁର୍ଗାଙ୍କର ଅନ୍ୟ ନାମ—ଆଦ୍ୟାଶକ୍ତି, ଉମା, କାତ୍ୟାୟନୀ, ଗୌରୀ, କାଳୀ, ହୈମବତୀ, ଈଶ୍ୱରୀ, ଶିବା, ଭବାନୀ, ରୁଦ୍ରାଣୀ, ଶର୍ବାଣୀ, କଲ୍ୟାଣୀ, ଅପର୍ଣ୍ଣା, ପାର୍ବତୀ, ମୃଡ଼ାନୀ, ଚଣ୍ଡିକା, ଅମ୍ବିକା, ଚଣ୍ଡୀ, ଶାରଦା, ଗିରିଜା, ମଙ୍ଗଳା, ନାରାୟଣୀ, ମହାମାୟା, ବୈଷ୍ଣବୀ, ଗିରିଜା, ଗିରିକନ୍ୟକା, ହ୍ରୀଁ, କୋଟ୍ଟବୀ, ଶମ୍ଭୁ, ମାଧବୀ, ଜୟନ୍ତୀ, ଭର୍ଗିଣୀ, ଭା, ସତୀ, ତ୍ର୍ୟମ୍ବକା, ଦକ୍ଷକନ୍ୟା, ମହିଷମର୍ଦ୍ଦିନୀ, ହେରମ୍ବଜନନୀ, ସାବିତ୍ରୀ, କୃଷ୍ଣପିଙ୍ଗଳା, ଶୂଳଧରା, ଭଗବତୀ, ଈଶାନୀ, ସନାତନୀ, ମହାକାଳୀ, ଶିବାନୀ, ଚାମୁଣ୍ଡା, ବଧାର୍ଣ୍ଣୀ,ଅନନ୍ତା, ମହାମାୟା, ଭୈରବୀ, କୃଷ୍ଣା, ସର୍ବାଙ୍ଗୀ, ବାଣୀ, ଫଲ୍ଗୁନୀ, ମାତୃକା, ତାରା, ଜାଲକା, କାମେଶ୍ୱରୀ, ଭୈରବୀ, ଭୁବନେଶ୍ୱରୀ, ଭୂରତା, ମହାଲକ୍ଷ୍ମୀ, ବାଗୀଶ୍ୱରୀ, ତ୍ରିପୁରା, ଜ୍ୱାଳାମୁଖୀ, ବଗଳାମୁଖୀ, ଅନ୍ନପୂର୍ଣ୍ଣା, ଅଭୟା, ବିଶାଳାକ୍ଷୀ, ସୁଭଗା, ଧବଳା, ଘୋରା, ପ୍ରେମା, ବଟେଶ୍ୱରୀ, କାର୍ତ୍ତିକୀ, ଭୂମଳା, କାମରୂପା, ରୁକ୍ମିଣୀ, ମୋହିନୀ, ଶାନ୍ତା,

ବେଦମାତା, ତ୍ରିପୁରସୁନ୍ଦରୀ, ତାପିନୀ, ଚଣ୍ଡୀ, ଅନନ୍ତା ଇତ୍ୟାଦି
ହି· ଶବ୍ଦସାଗର ।]

୨ । ନାଲୀ; ନୀଳ ଗୁଳ୍ମ (ହି. ଶବ୍ଦସାଗର)—
2. The Indigo plant.

୩ । ଶ୍ୟାମା ପକ୍ଷୀ (ହି. ଶବ୍ଦସାଗର) (ଦେଖ)
3. Syāmā bird (See)

୪ । ଅପରାଜିତା ହି. ଶବ୍ଦସାଗର (ଦେଖ)
4. Aparājitā (See)

୫ । ନବ ବର୍ଷ ବୟସ୍କା କନ୍ୟା (ହି. ଶବ୍ଦସାଗର)—
5. A girl in her ninth year.

୬ । ରାଗିଣୀବିଶେଷ (ହି. ଶବ୍ଦସାଗର)—
6. Name of a musical tune.

ଦେ. ବି—ସ୍ତ୍ରୀ ଲୋକଙ୍କ ଦିଆଯିବା ନାମ—
A name given to females.

[ଦ୍ର—ପୁରୁଷଙ୍କ ଦୁର୍ଗା ପ୍ରସାଦ, ଦୁର୍ଗା ପ୍ରସନ୍ନ, ଦୁର୍ଗା ଦାସ, ଦୁର୍ଗା ପଦ, ଦୁର୍ଗା ଚରଣ ଆଦି ନାମ ଦିଆଯାଏ ଓ ସ୍ତ୍ରୀମାନଙ୍କୁ ଦୁର୍ଗା, ଦୁର୍ଗାବତୀ, ଦୁର୍ଗେଶ ନନ୍ଦିନୀ ଆଦି ନାମ ଦିଆଯାଏ ।

ଏହି ନାମଧାରୀ ପୁରୁଷଙ୍କୁ, ଦୁରୁଗା, ଦୁରୁସୁ, ଦୁର୍ଗା ଓ ସ୍ତ୍ରୀଙ୍କୁ ଦୁରୁଗା, ଦୁରୁଗୀ, ଦୁର୍ଗୀ, ଦୁଗି ବୋଲି ଡକାଯାଏ ।]

ଦୁର୍ଗାଧ୍ୟକ୍ଷ—ସଂ.ବି— (ଷଷ୍ଠୀ ତତ୍; ଦୁର୍ଗ+ଅଧ୍ୟକ୍ଷ)-୧ । ଦୁର୍ଗରକ୍ଷକ (ଦେଖ)
Durgādhyaksha 1. Durga rakshaka (See)
(ଦୁର୍ଗାଧିପ, ଦୁର୍ଗାଧୀଶ—ଅନ୍ୟରୂପ) ୨ । (ଦୁର୍ଗାଙ୍କ ସ୍ୱାମୀ) ଶିବ; ମହାଦେବ—2. A name of Siba.

ଦୁର୍ଗା ନବମୀ—ସଂ. ବି—କାର୍ତ୍ତିକ ଶୁକ୍ଳ ନବମୀ; ଅଁଳା ନବମୀ—
Durgā nabamī The ninth day of the bright fortnight of the month of Kārttika.
[ଦ୍ର—ଏ ଦିନ ଜଗଦ୍ଧାତ୍ରୀ ପୂଜା ହୁଏ ।]

ଦୁର୍ଗା ପୂଜା—ସଂ. ବି—୧ । ଶାରଦୀୟ ଦୁର୍ଗୋତ୍ସବ—
Durgā pūjā 1. The Durgāpūjā festival in the month of Āswina.

[ଦ୍ର—ଏହା ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ କରାଯିବା ଉତ୍ସବ । ଏହାକୁ ଶାରଦୀୟ ଦୁର୍ଗାପୂଜା ବୋଲାଯାଏ । ଆଶ୍ୱିନ ଶୁକ୍ଳ ପ୍ରତିପଦ ଦିନ ନବଦିନ ପୂଜା ଆରମ୍ଭ ହୁଏ ଏବଂ ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଦିନ ପଶ୍ଚାତ୍ ପୂଜା ଆରମ୍ଭ ହୁଏ । ଆଶ୍ୱିନ ଶୁକ୍ଳ ସପ୍ତମୀ ଦିନ ମୃଣ୍ମୟୀ ଓ ସାଠ ପ୍ରତିମା ସ୍ଥାପିତ ହୁଏ । ଅଷ୍ଟମୀ ଦିନ ମହାଷ୍ଟମୀ ପୂଜା ଓ ବଳିଦାନ କରାଯାଏ । ନବମୀ ଦିନ ପୂଜାନ୍ତେ ବଳିଦାନ କରାଯାଏ । ଦଶମୀଦିନ (ବିଜୟା ଦଶମୀ) ପ୍ରତିମା ଓ ସାଠ ବିସର୍ଜନ କରାଯାଏ । ସାଧାରଣତଃ ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ପୂଜାର ଖୁବ୍ ଧୂମଧାମ ଲାଗେ । ଏହି ସମୟରେ ଆମ ଦେଶରେ ସ୍କୁଲ ଓ କଚେରୀ ପ୍ରଭୃତି ବନ୍ଦ ହୁଏ ।]

୨ । ବାସନ୍ତିକ ଦୁର୍ଗୋତ୍ସବ—2. The Durgāpūjā festival performed in the spring season (viz. in the month of Chaitra).

[ଦ୍ର—ଚୈତ୍ର ଶୁକ୍ଳ ପ୍ରତିପଦଠାରୁ ବାସନ୍ତିକ ଦଶମୀ ପର୍ଯ୍ୟନ୍ତ ନବ ଦିନ ପୂଜା ହୁଏ । ଏହାକୁ ବାସନ୍ତିକ ଦୁର୍ଗୋତ୍ସବ ବୋଲାଯାଏ ।]

ଦୁର୍ଗା ପୂଜା ଛୁଟି—ଦେ. ବି—ଦୁର୍ଗା ପୂଜା ଉପଲକ୍ଷରେ ସ୍କୁଲ କଚେରୀ
Durgā pūjā chhuṭi ଆଦିର କାର୍ଯ୍ୟ ବନ୍ଦ ହେବା; ପୂଜାଛୁଟି—
The Pūjā holidays; the Puja vacation (in courts and schools).

ଦୁର୍ଗାଷ୍ଟମୀ—ସଂ. ବି—ମହାଷ୍ଟମୀ; ଆଶ୍ୱିନ ଶୁକ୍ଳ ଅଷ୍ଟମୀ—
Durgāshṭamī The eighth day of the bright fortnight of Aświna.
[ଦ୍ର—ଏ ଦିନ ଦୁର୍ଗାଙ୍କ ନିକଟରେ ଛାଗ, ମହିଷ ଆଦି ବଳି ଦିଆଯାଏ ।]

ଦୁର୍ଗାହ୍ୟ—ସଂ. ବଣ. (ଦୁର୍+ଗାହ୍ ଧାତୁ+କର୍ମ ଯ)—
Durgāhya ସହିରେ ସ୍ନାନ କରିବା କଠିନ—
(ଦୁର୍ଗାହ୍ୟା—ସ୍ତ୍ରୀ) Difficult to bathe in.
(ଦୁର୍ଗାହ୍ୟତା—ବି)

ଦୁର୍ଗୁଣ—ସଂ. ବି (କର୍ମଧା; ଦୁର୍+ଗୁଣ)—ମନ୍ଦଗୁଣ—
Durguṇa Bad quality.
ଏଥିଠାରେ ଘର କରିଅଛ ଦୁର୍ଗୁଣ । କୃଷ୍ଣସିଂ. ମହାଭାରତ ଆଦି ।

ଦେ. ବି.—୧ । ସାମାନ୍ୟ କଥାରେ ଅପମାନ—
1. Taking of offence at slight things.
୨ । ଅବଗୁଣ; ଅନିଷ୍ଟ—2. Injury.

ଦୁର୍ଗୁଣ ବିଚାରିବା—ଦେ. କ୍ରି.—୧ । ଅପମାନ କରିବା—
Durguṇa bichāribā 1. To take offence.
(ଦୁର୍ଗୁଣ ବୁଝିବା, ଦୁର୍ଗୁଣନେବା—ଅନ୍ୟରୂପ) ୨ । ଭଲ କଥାକୁ ମନ୍ଦ ବୁଝିବା—2. To misunderstand.

ଦୁର୍ଗୁଣିଆ(ଆଁ)—ଦେ. ବଣ. ପୁଂ ଓ ସ୍ତ୍ରୀ—୧ । ମନ୍ଦଗୁଣଯୁକ୍ତ—
Durguniā(āṅ) 1. Having bad qualities.
[ଦୁର୍ଗୁଣେଇ (ଈ)—ସ୍ତ୍ରୀ] ୨ । ଯେଉଁ ଲୋକ ସାମାନ୍ୟ କଥାରେ ଅପମାନ କରେ; ଅବଗୁଣିଆ—2. Prone to take offence at slight things.
୩ । ଯେ ଭଲ କଥାକୁ ମନ୍ଦ ବୁଝେ—
3. Prone to misunderstand things.
୪ । ଯାହା ଅନିଷ୍ଟ ଘଟାଏ; ଅନିଷ୍ଟକର—
4. Injurious.
୫ । ଯାହାକୁ ଦୁଇଗୁଣ କରା ଯାଇଛି—5. Doubled.

ଦୁର୍ଗେଶ—ସଂ. ବି—୧ । (ଦୁର୍ଗ+ଈଶ) —ଦୁର୍ଗରକ୍ଷକ (ଦେଖ)
Durgesa 1. Durgarakshaka (See)
୨ । (ଦୁର୍ଗା+ଈଶ) ମହାଦେବ—2. Siba.

ଦୁର୍ଗେଶ ନନ୍ଦିନୀ—ଦେ. ବି—ବଙ୍କିମଚନ୍ଦ୍ରଙ୍କ କୃତ ବଙ୍ଗଳା ଉପନ୍ୟାସର
Durgesa nandinī ନାୟିକା—Name of the heroine in one of the Bankim Babu's Bengalee novels.
[ଦ୍ର—ଏହା ଇଂରାଜ କବି ସାର୍ ୱାଲ୍ଟରସ୍କଟ୍ଙ୍କ ଲେଡୀ ଅଫ୍ ଦି ଲେକ୍ (Sir Walter Scott's Lady of the Lake)ର ଛାୟାରେ ରଚିତ ।]

ଦୁର୍ଗୋଚ୍ଛବ—ଦେ. ବି. (ସଂ. ଦୁର୍ଗୋତ୍ସବ)—ଦୁର୍ଗାପୂଜା (ଦେଖ)
Durgochchhaba Durgāpūjā (See)

ଦୁର୍ଗୋତ୍ସବ—ସ. ବ—ଦୁର୍ଗାପୂଜା (ଦେଖ)
Durgotsaba Durgāpūjā (See)

ଦୁର୍ଗୋତ୍ସବ ଚନ୍ଦ୍ରିକା—ଦେ. ବ—ଉତ୍କଳର ରଜା ରାମଚନ୍ଦ୍ର ଦେବଙ୍କ କୃତ
Durgotsaba chandrikā ସ୍ମୃତି ଶାସ୍ତ୍ରବିଶେଷ (ଜଗନ୍ନାଥ ପ୍ରାଚୀନ ଉତ୍କଳ)—Name of a code of Hindu Law by Rāmchandra Deba, a king of ancient Orissa.

ଦୁର୍ଗ୍ରହ-ସ. ବ—୧ । (କର୍ମଧା; ଦୁର୍=ମନ୍ଦ+ଗ୍ରହ)—
Durgraha କୁଗ୍ରହ; ମନ୍ଦଗ୍ରହ—1. Evil stars.
୨ । (ଦୁର୍+ଗ୍ରହ୍ ଧାତୁ+କର୍ମ ଅ) ଅପାମାର୍ଗ (ଦେଖ)
2. Apāmārga (See)
ବଣ. (ଦୁର୍+ଗ୍ରହ୍ ଧାତୁ+କର୍ମ. ଅ)—
(ଦୁର୍ଗ୍ରହା—ସ୍ତ୍ରୀ) ୧ । ଯାହା ଅତି କଷ୍ଟରେ ଗ୍ରହଣ କରଯାଇ ପାରେ—
(ଦୁର୍ଗ୍ରହତା—ବ) 1. Not easy to be seized; which can be taken with difficulty.
୨ । ଦୁର୍ଜ୍ଞେୟ; ଦୁର୍ବୋଧ—2. Difficult to understand; incomprehensible.
୩ । ଦୁରଧିଗମ୍ୟ—3. Difficult of attainment.

ଦୁର୍ଗ୍ରହଣୀୟ—ସ ବଣ. (ଦୁର୍+ଗ୍ରହ୍ ଧାତୁ+କର୍ମ ଅନୀୟ)—
Durgrahaṇiya ଦୁର୍ଗ୍ରହ (ଦେଖ)
(ଦୁର୍ଗ୍ରହଣୀୟା—ସ୍ତ୍ରୀ) Durgraha (See)
(ଦୁର୍ଗ୍ରହଣୀୟତା—ବ)

ଦୁର୍ଗ୍ରାହ୍ୟ—ସ. ବଣ. (ଦୁର୍+ଗ୍ରହ୍ ଧାତୁ+କର୍ମ. ଯ)—
Durgrāhya ଦୁର୍ଗ୍ରହ (ଦେଖ)
(ଦୁର୍ଗ୍ରାହ୍ୟା—ସ୍ତ୍ରୀ) Durgraha (See)
(ଦୁର୍ଗ୍ରାହ୍ୟତା—ବ)

ଦୁର୍ଘଟ—ସ. ବଣ. (ଦୁର୍+ଘଟ୍ ଧାତୁ+କର୍ମ. ଅ)—
Durghaṭa ୧ । ଯାହା ସହଜରେ ଘଟେ ନାହିଁ—
1. Impractical; difficult to be brought about.
୨ । କଠିନ; ଦୁସାଧ; କଷ୍ଟସାଧ୍ୟ—2. Hard to accomplish; difficult to accomplish.
୩ । ଅସମ୍ଭବ—3. Impossible.
୪ । ଅସାଧ୍ୟ—4. Impracticable.
ପାପୀ ଲୋକ ପାର୍ଥିବ ଯିବାର ଦୁର୍ଘଟ । କୃଷ୍ଣସିଂ. ମହାଭାରତ ବନ ।
ଦେ. ବଣ—୧ । ଦୁଷ୍ପ୍ରାପ୍ୟ—1. Not easily available.
ଅହେ ଶ୍ରଷ୍ଟ ଦୁର୍ଗେ ତ ଅର୍ଥିଅଛି ଅଟ
ବେଲେ ପାର୍ଥ ଦୁର୍ଗକୁ ହୋଇବ ଦୁର୍ଘଟ । କୃଷ୍ଣସିଂ. ମହାଭାରତ ବନ ।
୨ । ନାଥିବା; ଅନାଟନ—3. Deficient; wanting.
ଦେ. ବ—ଅଭାବ—Want.

ଦୁର୍ଘଟଣା—ସ. ବ. (କର୍ମଧା; ଦୁର୍+ଘଟଣା)—୧ । ଅଶୁଭ ଘଟଣା—
Durghaṭanā 1. Unhappy event.
୨ । ବିପଦ—2. Calamity.
୩ । ଦୁର୍ଭାଗ୍ୟ—3. Misfortune.
୪ । ଉପଦ୍ରବ; ଅକସ୍ମାତ୍ ଘଟିବା ବିପଦ—
4. Accident; mishap.
୫ । ମହାବିଘ୍ନ—
5. Impediment; sudden obstacle.

ଦୁର୍ଘୋଷ—ସ. ବ. (କର୍ମଧା; ଦୁର୍+ଘୋଷ)—
Durghosha ୧ । କୁତ୍ସିତ ବା ଅପ୍ରିୟକର ଶବ୍ଦ; କର୍କଶ ରବ—
1. A disagreeable sound; harsh sound.
୨ । ଗର୍ଜନ—2. Roar.
୩ । (ବହୁବ୍ରୀହି) ଭାଲୁ—3. A bear.
ବିଣ. (ବହୁବ୍ରୀହି)—୧ । କର୍କଶ ରବ ବିଶିଷ୍ଟ—
1. Having a jarring or harsh sound; harsh sounding; uttering a harsh cry.
୨ । ଉଚ୍ଚ ଗର୍ଜନକାରୀ—2. Roaring; bellowing.

ଦୁର୍ଘୋଷଣା—ସ. ବି. (କର୍ମଧା; ଦୁର୍+ଘୋଷଣା)—ଦୁର୍ନାମ; ଅପବାଦ—
Durghoshaṇā Slander; infamy; evil rumour.

ଦୁର୍ଜ(ର୍ଜ୍ଜ)ନ—ସ. ବ. (କର୍ମଧା; ଦୁର୍+ଜନ)—୧ । ଦୁଷ୍ଟ ବ୍ୟକ୍ତି—
Durja(rjja)na 1. A wicked person; a vile person; a scoundrel.
୨ । ଶଠ ବ୍ୟକ୍ତି—1. A cheat.
ବିଣ—୧ । ଖଳ—1. Wicked; wanton.
୨ । ନୃଶଂସ; କ୍ରୂର—2. Cruel.
୩ । ଅତି ମନ୍ଦ—3. Vile; very bad.

ଦୁର୍ଜ(ର୍ଜ୍ଜ)ନତା—ସ. ବ. (ଦୁର୍ଜନ+ଭାବ. ତା)—୧ । ଦୁଷ୍ଟତା—
Durja (rjja)natā 1. Wickedness.
(ଦୁର୍ଜନତ୍ୱ—ଅନ୍ୟରୂପ) ୨ । ଖଳତା—2. Vileness.
୩ । ନିଷ୍ଠୁରତା—3. Cruelty.

ଦୁର୍ଜ(ର୍ଜ୍ଜ)ୟ—ସ. ବଣ. (ଦୁର୍+ଜି ଧାତୁ=ଜୟ କରିବା+କର୍ମ ଅ)—
Durja (rjja)ya ୧ । ଯାହାକୁ ଅତି କଷ୍ଟରେ ଜୟ କରଯାଇ ପାରେ—1. Hard to conquer; difficult to be vanquished or conquered.
୨ । ଦୁର୍ଲଂଘ୍ୟ—2 Insuperable.
୩ । ଅଜେୟ—3. Invincible.

ଦୁର୍ଜ(ର୍ଜ୍ଜ)ୟ ମାନ—ସ. ବ.—ଯେଉଁ ଅଭିମାନକୁ ସହଜରେ ଶାନ୍ତ କରଯାଇ ନ ପାରେ—Oversensitiveness; sullenness which it is very difficult to propitiate.
Durja(rjja)ya māna
(ଯଥା—ଶ୍ରୀକୃଷ୍ଣ ରାଧିକାଙ୍କର ଦୁର୍ଜୟ ମାନ ଭାଙ୍ଗିବାକୁ ବହୁ ଚେଷ୍ଟା କରଥିଲେ ।)

ଦୁର୍ଜା(ର୍ଜ୍ଜା)ତ—ସ. ବ. (ଦୁର୍+ଜାତ=ଜନ୍ମ ବା ଯେ ଜନ୍ମି ଅଛି)—
Durjā(rjjā)ta ୧ । ଦୁର୍ଭାଗ୍ୟ—
1. Misfortune; adversity.
୨ । ବ୍ୟସନ—2. Being addicted to vice; perverse conduct.
୩ । ବିପଦ—2. Calamity.

[ଦୁର୍ଜା(ର୍ଜ୍ଜା)ତା—ସ୍ତ୍ରୀ] ବିଣ. ପୁଂ.—୧ । ଯାହାର ଜନ୍ମ ବୃଥା— 1. Born to serve no good purpose.
୨ । ଯାହାର ନୀଚ କୁଳରେ ଜନ୍ମ; ନୀଚବଂଶସମ୍ଭୂତ— 2. Base-born.
୩ । ଅନୁଚିତ (ପ୍ରକୃତିବାଦ)—3. Improper.

ଦୁର୍ଜା(ର୍ଜ୍ଜା)ତି—ସଂ. ବି. (ଦୁର୍+ଜାତି; କର୍ମଧା.)—ନୀଚ ଜାତି—
Durjā(rjjā)ti Low caste.
ସଂ. ବିଣ.—ଦୁର୍ଜାତ (ଦେଖ)—Durjāta (See)

ଦୁର୍ଜୀ(ର୍ଜ୍ଜୀ)ବ—ସଂ. ବିଣ. (ଦୁର୍+ଜୀବ ବା ଜୀବନୋପାୟ ଯାହାର; Durjī(rjjī)ba ବହୁବ୍ରୀହି)—ପରାନ୍ନ ଭୋଜନାଦି ଦ୍ୱାରା ଯାହାର ଜୀବିକା ନିର୍ବାହିତ ହୁଏ—A person who lives on the bounty of or food given by others.
ସଂ. ବି.—୧ । ନିନ୍ଦିତ ଜୀବନ—1. Blameworthy life.
୨ । ମନ୍ଦ ଜୀବ—2. Evil animal.

ଦୁର୍ଜେ(ର୍ଜ୍ଜେ)ୟ—ସଂ. ବିଣ. (ଦୁର୍+ଜି ଧାତୁ+କର୍ମ. ଯ)—
Durje(rjje)ya ଦୁର୍ଜୟ (ଦେଖ)
(ଦୁର୍ଜେୟା—ସ୍ତ୍ରୀ) Durjaya (See)
(ଦୁର୍ଜେୟତା—ବି)

ଦୁର୍ଜ୍ଞେୟ—ସଂ. ବିଣ.—(ଦୁର୍+ଜ୍ଞେୟ)—୧ । ଯାହା ଜାଣିବା କଷ୍ଟକର
Durjñeya 1. Difficult to be known.
(ଦୁର୍ଜ୍ଞେୟା—ସ୍ତ୍ରୀ) ୨ । ଯାହା ସହଜରେ ବୁଝି ହୁଏ ନାହିଁ;
(ଦୁର୍ଜ୍ଞେୟତା—ବି) ଦୁର୍ବୋଧ—2. Abstruse.

ଦୁର୍ଣ୍ଣୟ—ସଂ. ବି. (ଦୁର୍+ନୟ=ନୀତି)—୧ । ଦୁଷ୍ଟ ନୀତି—
Durnnaya 1. Bad policy.
(ଦୁର୍ନୟ—ଅନ୍ୟରୂପ) ୨ । କୁନୀତି—2. Bad morals.
୩ । ମନ୍ଦ ଆଚରଣ— 3. Bad behaviour; evil conduct.
୪ । ଅନ୍ୟାୟ, ଗୋଳମାଳ— 4. Row; wicked acts; wicked conduct.
୫ । ଅନ୍ୟାୟ—5 Injustice.
୬ । ଦୁର୍ଦ୍ଦଶା—6. Ill luck; misfortune.
ବିଣ. (ବହୁବ୍ରୀହି)—୧ । କୁନୀତିପୂର୍ଣ୍ଣ— 1. Of evil character; immoral.
୨ । ମନ୍ଦାଚରଣବିଶିଷ୍ଟ—2. Of bad conduct.
ଦେ. ବିଣ.—୧ । ଦୁର୍ଗମ; ଘୋର—1. Fierce.
(ଯଥା—ନଈର ଏଥର ଦୁର୍ଣ୍ଣୟ ବଢ଼ି ହୋଇଅଛି ।)
୨ । ଅସାଧ୍ୟ—2. Impracticable.
୩ । ଅତିରେକ—3. Excessive.
(ଯଥା—୩ ଦିନ ହେଲା ଦୁର୍ଣ୍ଣୟ ବର୍ଷା ହେଉଅଛି ।)
୪ । ସାଂଘାତିକ; ପ୍ରାଣାନ୍ତକ—4. Fatal; mortal.
(ଯଥା—ତା ରୋଗ ଅତି ଦୁର୍ଣ୍ଣୟ ହୋଇ ଉଠିଲା ।)
୫ । ଅସହ୍ୟ—5. Unbearable.
(ଯଥା—ତାର ଦୁର୍ଣ୍ଣୟ ଗାଳି ମୁଁ ଆଉ ସହି ପାରିବି ନାହିଁ ।)
୬ । ବିଷମ; କଠିନ; ଜଟିଳ— 6. Hard; complicated.

ବି.—ଦୁର୍ଦ୍ଦିନ—Cloudy day.

ଦୁର୍ଣ୍ଣାମା—ସଂ. ବି. (ଦୁର୍+ନାମନ୍)—ଶାମୁକା (ପ୍ରକୃତିବାଦ)—
Durnnāmā Oyster.

ଦୁର୍ଦ୍ଦଣ୍ଡ—ବିଣ. (ଦୁର୍+ଦଣ୍ଡ ଧାତୁ+କର୍ମ. ଅ)—୧ । ଦୁର୍ଦ୍ଧର୍ଷ—
Durddanda 1. Unassailable; hard to subdue.
(ଦୁର୍ଦଣ୍ଡ—ଅନ୍ୟରୂପ) ୨ । ଅବାଧ୍ୟ—2. Unruly.
ଏ ଅର୍ଥରେ ଦୁର୍ଦ୍ଦଣ୍ଡ ଶବ୍ଦର ବାବହାର ଭଲ ନୁହେଁ ।
ତଥାପି ବହୁ ଗ୍ରନ୍ଥରେ ଏହା ବ୍ୟବହୃତ ହୋଇଅଛି ଅଥଚ ' ଲୋକେ—ଉନ୍ ଦେଖ ।

ଦୁର୍ଦ୍ଦଣ୍ଡ୍ୟ—ସଂ. ବିଣ. ଦୁର୍+ଦଣ୍ଡ ଧାତୁ+କର୍ମ. ଯ)—
Durddandya ଦୁର୍ଦ୍ଦଣ୍ଡ (ଦେଖ)
(ଦୁର୍ଦ୍ଦଣ୍ଡ୍ୟତା—ବି) Durddanda (See)
(ଦୁର୍ଦ୍ଦଣ୍ଡ୍ୟା—ସ୍ତ୍ରୀ) (ଦୁର୍ଦଣ୍ଡ୍ୟ—ଅନ୍ୟରୂପ)

ଦୁର୍ଦ୍ଦମ—ସଂ. ବିଣ. ପୁଂ. (ଦୁର୍+ଦମ୍ ଧାତୁ କର୍ମ+ଅ)—୧ । ଅସାଧ୍ୟ—
Durddama 1. Hard to control.
(ଦୁର୍ଦ୍ଦମା—ସ୍ତ୍ରୀ) ୨ । ଦୁରନ୍ତ—2. Irresistible.
(ଦୁର୍ଦ୍ଦମତା—ବି) ୩ । ଯାହାକୁ ସହଜରେ ଦମନ ବା ବଶୀଭୂତ
(ଦୁର୍ଦମ—ଅନ୍ୟରୂପ) କରି ଯାଇ ନ ପାରେ—3. Inplacable; indomitable; invincible.
୪ । ଅଶାସ୍ୟ; ଦୁଃଶାସନ—4. Untameable; uncontrollable; hard to control.
୫ । ଅବାଧ୍ୟ—5. Insolent.
୬ । ଅସଂଯତ—6. Unbridled.
ସଂ. ବି (+ଭାବ. ଅ)—୧ । କଷ୍ଟରେ ଦମନ କରିବା— 1. Taming with great difficulty.
୨ । ରୋହିଣୀଗର୍ଭ ଜାତ ବସୁଦେବଙ୍କର ପୁତ୍ରବିଶେଷ— 2. Name of a son of Basudeba.

ଦୁର୍ଦ୍ଦମନୀୟ—ସଂ.ବିଣ.ପୁଂ(ଦୁର୍+ଦମ୍+କର୍ମ.ଅନୀୟ)—ଦୁର୍ଦ୍ଦମ(ଦେଖ)—
Durddamaniya Durddama (See).
(ଦୁର୍ଦ୍ଦମନୀୟା—ସ୍ତ୍ରୀ) (ଦୁର୍ଦ୍ଦମନୀୟତା—ବି.) (ଦୁର୍ଦମନୀୟ—ଅନ୍ୟରୂପ)

ଦୁର୍ଦ୍ଦମ୍ୟ - ସଂ. ବିଣ. ପୁଂ(ଦୁର୍+ଦମ୍ ଧାତୁ+କର୍ମ. ଯ)—ଦୁର୍ଦ୍ଦମ (ଦେଖ)
Durddamya Durddama (See)
(ଦୁର୍ଦ୍ଦମ୍ୟା—ସ୍ତ୍ରୀ) (ଦୁର୍ଦ୍ଦମ୍ୟତା—ବି) (ଦୁର୍ଦମ୍ୟ—ଅନ୍ୟରୂପ)

ଦୁର୍ଦ୍ଦର୍ଶ—ସଂ.ବିଣ.(ଦୁର୍+ଦୃଶ୍ ଧାତୁ+କର୍ମ. ଅ)—୧ । ଯାହାକୁ ସହଜରେ
Durddarsa ଦେଖି ହୁଏ ନାହିଁ (ଯଥା. ସୂର୍ଯ୍ୟ)—
(ଦୁର୍ଦ୍ଦର୍ଶା—ସ୍ତ୍ରୀ) 1. Difficult to be looked at
(ଦୁର୍ଦ୍ଦର୍ଶତା—ବି.) ୨ । ଭୟଙ୍କର ରୂପବିଶିଷ୍ଟ—2. Frightful to look at.
ଦୁର୍ଦର୍ଶ
ଦୁର୍ଦ୍ଦର୍ଶନ } ଅନ୍ୟରୂପ

ଦୁର୍ଦ୍ଦଶା—ସଂ. ବି (କର୍ମଧା; ଦୁର୍+ଦଶା)—୧ । ଦୁରବସ୍ଥା—
Durddasā 1. Miserable plight; misery; distress.
(ସୁଦଶା—ବିପରୀତ) ୨ । ଦୁର୍ଭାଗ୍ୟ—2. Misfortune; adver-
(ଦୁର୍ଦଶା—ଅନ୍ୟରୂପ) sity; hard lot; calamity.
[ଦ୍ର—ଏଥିରୁ ଦୁର୍ଦ୍ଦଶାଗ୍ରସ୍ତ, ଦୁର୍ଦ୍ଦଶାକ୍ରାନ୍ତ, ଦୁର୍ଦ୍ଦଶାପନ୍ନ ଆଦି ଶବ୍ଦ ଗଠିତ ହୁଏ ।]

ଦୁର୍ଦ୍ଦାନ୍ତ—ସଂ.ବଣ (ଦୁର୍+ଦମ୍ ଧାତୁ+କର୍ମ. କ୍ତ)—୧। ଦୁର୍ଦ୍ଦମ (ଦେଖ)
Durddānta Durddama (See).
ଦୁର୍ଦ୍ଦାନ୍ତା—ସ୍ତ୍ରୀ ୨। ଅଶାନ୍ତ—2. Unsatiated.
ଦୁର୍ଦ୍ଦାନ୍ତକା—ବ ସଂ. ବି—୧। କଳହ—(ପ୍ରକୃତିବାଦ)—Quarrel.
(ଦୁର୍ଦ୍ଦାନ୍ତ—ଅନ୍ୟରୂପ) ୨। ଶିବ (ପ୍ରକୃତିବାଦ)—2. Siba.
୩। ଦିନରାତ୍ର (ପ୍ରକୃତିବାଦ)—3. Day and night.
୪। ଅଣ୍ଡିରା ବାଛୁରୀ—(ହି. ଶବ୍ଦସାଗର)—A male calf.

ଦୁର୍ଦ୍ଦିନ—ସଂ. ବ (କର୍ମଧା; ଦୁର୍+ଦିନ)—୧। ମେଘାଚ୍ଛନ୍ନ ଦିବସ—
Durddina I. Cloudy day; dull or rainy day.
(ସୁଦିନ—ବିପରୀତ)
(ଦୁର୍ଦିନ—ଅନ୍ୟରୂପ)
୨। ମେଘାଚ୍ଛାଦନ—2. Cloudy weather.
୩। ବର୍ଷା ସମୟ—3. Rainy weather.
୪। ଦୁଃସମୟ—4. Time of misery; evil days.
୫। ବିପଦ ସମୟ—5. Calamitous time.

ଦୁର୍ଦ୍ଦୁର୍—ଦେ. ଅ—ଦୂର ଦୂର (ଦେଖ)
Durddur (ଦୁର୍ଦୁର—ଅନ୍ୟରୂପ) Dūr dūr (See).

ଦୁର୍ଦ୍ଦୁର୍ କରିବା—ଦେ.କ୍ରି—ଘୃଣା ପ୍ରକାଶ ପୂର୍ବକ ପାଖରୁ ତଡ଼ିଦେବା—
Durddur kariba To drive away with contempt.
ଦୁର୍‌ଦୁର୍ କରନା

ଦୁର୍ଦ୍ଦୁର୍ ଛୁର୍ଛୁର୍—ଦେ. ଅ—ଦୂର ଦୂର (ଦେଖ)
Durddur chhurchhur Dūrdūr (See).

ଦୁର୍ଦ୍ଦୁର୍ ମାର୍ ମାର୍—ଦେ. ଅ—ଘୃଣା ପ୍ରଯୁକ୍ତ ତାଡ଼ନା—
Durddur mār mār . Driving away of a person with contempt.

ଦୁର୍ଦ୍ଦୁର୍ ମାର୍ ମାର୍ କରିବା—ଦେ. କ୍ରି—ଘୃଣା ପ୍ରକାଶପୂର୍ବକ ପାଖରୁ
Durddur mār mār kariba ତଡ଼ିଦେବା—To drive away with contempt.

ଦୁର୍ଦ୍ଦୁରୂଢ଼—ସଂ. ବଣ—୧। ନାସ୍ତିକ—1. Atheistic.
Durdduruṭa ୨। ଯେ ଦେବତା ଅଛନ୍ତି ମାନେ ନାହିଁ—
2. Infidel.
ଦୁର୍ଦ୍ଦୁରୂଢ଼
ଦୁର୍ଦ୍ଦୁରୂଢ଼ } ଅନ୍ୟରୂପ
ଦୁର୍ଦ୍ଦୁରୂଢ଼
(ଦୁର୍ଦୁରୂଢ଼—ଅନ୍ୟରୂପ)
ସଂ. ବ.—ଯେଉଁ ଛାତ୍ର କେବଳ ଗୁରୁଙ୍କ ଉପଦେଶରେ ଚାଳିତ ନ ହୋଇ ଉହିଁର ଗ୍ରହଣୀୟତାକୁ ନିଜର ବିବେକ ଶକ୍ତି ଦ୍ୱାରା ବିଚାର କରେ (ପ୍ରକୃତିବାଦ)—A pupil who does not obey his tutor without exercising his own judgment.

ଦୁର୍ଦ୍ଦୈବ—ସଂ. ବି—୧। ଦୁର୍ଭାଗ୍ୟ—1. Misfortune; calamity.
Durddaiba ୨। ମନ୍ଦ କପାଳ—2. Bad luck.
(ଦୁର୍ଦୈବ—ଅନ୍ୟରୂପ) ୩। ଦୁର୍ଘଟଣା—3. Mishap.
୪। ପାପ—4. Sin.

ଦୁର୍ଦ୍ଧର—ସଂ. ବିଣ—(ଦୁର୍+ଧୃ ଧାତୁ+କର୍ମ. ଅ)—୧। ଯାହା ଧରି
Durddhara ରଖିବା କଷ୍ଟକର—1. Difficult to hold.
(ଦୁର୍ଦ୍ଧର—ଅନ୍ୟରୂପ) ୨। ଦୁଃସହ; ଅସହ୍ୟ—2. Unbearable.
୩। ଦୁର୍ଗମ—3. Impassable.
୪। ଦୁର୍ଦ୍ଦାନ୍ତ—4. Wicked.
୫। ଦୁର୍ଦ୍ଦମ୍ୟ—5. Indomitable; uncontrollable; unassailable.
ସଂ. ବି—ହିନ୍ଦୁ ପୁରାଣୋକ୍ତ ୬୪ ନରକର ଏକତମ; ନରକ ବିଶେଷ—1. Name of one of the 64 hells described in the Purāṇas.
୨। ପାରଦ—2. Quick-silver.
୩। ଭଲ୍ଲାତକ; ଭଲିଅ—3. The marking nut; Semicarpus Anacardium.
୪। ମହିଷାସୁରର ସେନାପତି; ଅସୁରବିଶେଷ—
4. Name of a general under the demon Mahishāsura.

ଦୁର୍ଦ୍ଧରଷ—ଗ୍ରା. (ପଦ୍ୟ) ବଣ (ସଂ. ଦୁର୍ଦ୍ଧର୍ଷ)—ଦୁର୍ଦ୍ଧର୍ଷ (ଦେଖ)
Durddharasha Durddharsha (See)
ଭଗୀରଥ ପର ଅଟ ହେ ଦୁର୍ଦ୍ଧରଷ—କୃଷ୍ଣସିଂହ. ମହାଭାରତ ଅଳ।

ଦୁର୍ଦ୍ଧର୍ଷ—ସଂ. ବଣ (ଦୁର୍+ଧୃଷ୍ ଧାତୁ=ପରାଜୟ କରିବା+କର୍ମ. ଅ)—
Durddharsha ୧। ଅପରାଜେୟ—1. Difficult to overcome; invincible; undaunted.
୨। ପ୍ରବଳପରାକ୍ରାନ୍ତ—
2. Indomitable; mighty.
୩। ଅସହନୀୟ; ଯାହାର ତେଜୋରାଶି ଅସହ୍ୟ—
3. Unbearable.
୪। ଅସୀମ ସାହସିକ—4. Daring; foolhardy.

ଦୁର୍ଦ୍ଧୀ—ସଂ. ବ (ଦୁର୍+ଧୀ=ବୁଦ୍ଧି)—ଦୁର୍ବୁଦ୍ଧି; ମନ୍ଦ ବୁଦ୍ଧି—
Durddhi Evilmindedness; bad disposition.
(ଦୁର୍ଧୀ—ଅନ୍ୟରୂପ) ସଂ. ବଣ (ବହୁବ୍ରୀହି) ମନ୍ଦବୁଦ୍ଧିଯୁକ୍ତ—
Of bad disposition.

ଦୁର୍ନୟ—ସଂ. ଓ ଦେ ବ ଓ ବଣ (ଦୁର୍+ନୟ=ନୀତି)—ଦୁର୍ଣ୍ଣୟ (ଦେଖ)
Durnaya Durṇnaya (See)

ଦୁର୍ନାମ—ସଂ. ବ (ଦୁର୍+ନାମନ୍)—୧। ଅପଯଶ—
Durnāma 1. Bad name; obloquy.
୨। ଅପଖ୍ୟାତି—2. Evil repute; discredit.
୩। ନିନ୍ଦା—3. Blame; slander.
୪। କଳଙ୍କ; ବଦନାମ—4. Stigma; libel.
୫। ଅର୍ଶରୋଗ—5. Piles (disease).

ଦୁର୍ନାମ କରିବା—ଦେ. କ୍ରି—କୌଣସି ବ୍ୟକ୍ତିର କଳଙ୍କ ପ୍ରକାଶ
Durnāma kariba କରିବା—To vilify.
ଦୁର୍ନାମ ରଟନା କରିବା; ଦୁର୍ନାମ ରଟା(ଟେ)ଇବା
ଦୁର୍ନାମ ରଟିବା } ଅନ୍ୟରୂପ
ଦুর্নাম করা বা রটান, বদ্‌নাম করনা

ଦୁର୍ନାମ ରଟନା—ସଂ. ବି (ଦୁର୍ନାମ+ରଟନା; ୬ଷ୍ଠୀ ତତ୍)—କଳଙ୍କ
Durnāma ratanā ପ୍ରଚାର—Vilification; publication of a libel.

ଦୁର୍ନାମ ରଟିବା—ଦେ. କ୍ରି—କଳଙ୍କ ପ୍ରଚାର—
Durnāma ratibā Publication of a scandal.
ଦୁର୍ନାମ ରଟା

ଦୁର୍ନିବାର—ସଂ. ବିଣ (ଦୁର୍+ନି+ବାର ଧାତୁ+କର୍ମ. ଅ)—ଯାହା
Durnibāra ସହଜରେ ନିବାରଣ କରାଯାଇ ନ ପାରେ—
Irresistible; irremediable; not preventible; difficult to be warded off.

ଦୁର୍ନିମିତ୍ତ—ସଂ. ବି (କର୍ମଧା; ଦୁର୍+ନିମିତ୍ତ)—ଅମଙ୍ଗଳକର ଚିହ୍ନ; ଅଶୁଭ
Durnimitta ଚିହ୍ନ—An evil omen; omen.

ଦୁର୍ନିରୀକ୍ଷ୍ୟ—ସଂ. ବିଣ (ଦୁର୍+ନିରୀକ୍ଷ୍ୟ)—୧ । ଯାହାକୁ ସହଜରେ ଚାହିଁ
Durnirikshya ହୁଏ ନାହିଁ—1. Difficult to be looked at.
୨ । ପ୍ରାୟ ଅଦୃଶ୍ୟ—2. Scarcely visible.

ଦୁର୍ନୀତ—ସଂ. ବିଣ (ଦୁର୍+ନୀ ଧାତୁ+କର୍ମ. ତ)—୧ । ଯାହାର ନୀତି
Durnita ନୀତି ମନ୍ଦ; ଉଚ୍ଛୃଙ୍ଖଳ—1. Immoral.
୨ । ଅସତ୍—2. Evil.
୩ । ଅଶିଷ୍ଟ—3. Vulgar.
୪ । (+କର୍ତ୍ତୃ. ତ) ଦୁର୍ନୀତିଯୁକ୍ତ—
4. Of bad morals.
୫ । ସଂ. ବି (+ଭାବ. ତ) ଦୁଷ୍ଟ ନୀତି—
5. Bad morality.

ଦୁର୍ନୀତି—ସଂ. ବି (କର୍ମଧା; ଦୁର୍+ନୀତି)—୧ । କୁନୀତି—
Durniti 1. Evil policy; evil conduct.
୨ । ଅନ୍ୟାୟ—2. Injustice.

ଦୁର୍ପଲା—ଦେ. ଅ—ଦୁରୁପଲା (ଦେଖ)
Durpalā Dur-palā (See)

ଦୁର୍ବ(ର୍ବ)ଚନ—ସଂ. ବି—ଦୁର୍ବାକ୍ୟ (ଦେଖ)—
Durba(rbba)chana Durbākya (See)

ଦୁର୍ବ(ର୍ବ)ର୍ଣ୍ଣ—ସଂ. ବିଣ (ବହୁବ୍ରୀହି; ଦୁର୍+ବର୍ଣ୍ଣ)—ମଳିନ;
Durba(rbba)rnna ଅପରିଷ୍କୃତ—Dirty; unclean.
ସଂ. ବି—ରୌପ୍ୟ—Silver.

ଦୁର୍ବ(ର୍ବ)ଳ—ସଂ. ବିଣ (ବହୁବ୍ରୀହି; ଦୁର୍+ବଳ)—୧ । ହୀନବଳ;
Durba(rbba)la ବଳଶୂନ୍ୟ; ନିର୍ବଳ; ଶକ୍ତିହୀନ—1. Powerless.
[ଦୁର୍ବ(ର୍ବ)ଳା—ସ୍ତ୍ରୀ]
(ଦୁର୍ବଳତା, ଦୌର୍ବଲ୍ୟ—ବି) ୨ । ଅସମର୍ଥ; ଅଶକ୍ତ—
2. Weak; impotent.
୩ । କ୍ଷୀଣ; କୃଶ; ଦୋବଳା—
3. Emaciated; feeble; lean; enfeebled.
ଦେ. ବି—ଦୁର୍ବଳତା—Weakness.

ତୋ ଦୁର୍ବଳ ଦେଖି କାହିଁ ପଶିବଇଁ ମୁହିଁ—
ଅଭିମନ୍ୟୁ ସାମନ୍ତସିଂହାର।

ଦେ. ବିଣ—୧ । ପ୍ରବଳ; ଭୟ; ପ୍ରଚଣ୍ଡ—1. Terrible.
୨ । ଅତ୍ୟଧିକ—2. Excessive.
୩ । ଯାହାକୁ ବନ୍ଦ ବା ଅବରୋଧ କରିବାକୁ ମନୁଷ୍ୟର ବଳ
ଯାଏ ନାହିଁ—3. Which can not be stopped.
(ଯଥା—ଏ ବର୍ଷ ଦୁର୍ବଳ ବଢ଼ିରେ ଘରଦ୍ୱାର ଭାସି ଗଲା ।)
୪ । ନିକୃଷ୍ଟ—4. Inferior.

ବହୁ ବଳେ ଶ୍ରେଷ୍ଠ ହୋଇବ ଦୁର୍ବଳ—କୃଷ୍ଣସିଂହ. ମହାଭାରତ. ବନ।

ଦୁର୍ବଳ କର୍ମ—ଦେ. ବି—ମୃତାହ କ୍ରିୟା; ମୃତ ବ୍ୟକ୍ତିର ମୃତ୍ୟୁର ୧୦ଦିନ
Durbala karma ପର୍ଯ୍ୟନ୍ତ କରାଯିବା ପ୍ରେତକର୍ମ—Funeral rites.

ଦୁର୍ବଳ ଦଶା—ଦେ. ବି—ମନ୍ଦ ଦଶା; ଦୁର୍ଦ୍ଦଶା—
Durbala dasā Ill-luck; misfortune.

ଶତ୍ରୁମାନଙ୍କର ଦୁର୍ବଳ ଦଶା ଦୁଇ
ବାହାରବ ସୈନ୍ୟ ସଙ୍ଗରେ ଯେବେ ଯୁଦ୍ଧ ।
କୃଷ୍ଣସିଂହ. ମହାଭାରତ, ଉଦ୍ୟୋଗ ।

ଦୁର୍ବଳ ବଢ଼ି—ଦେ. ବି—ପ୍ରବଳ ଜଳବୃଦ୍ଧି—
Durbala bardhi A very high or terrible flood.

ଦୁର୍ବଳିଆ—ଦେ. ବିଣ—ଦୁର୍ବଳ (ଦେଖ)
Durbaliā Durbala (See)

ଦୁର୍ବ(ର୍ବ)ହ—ସଂ. ବିଣ. (ଦୁର୍+ବହ୍ ଧାତୁ+କର୍ମ. ଅ)—
Durba(rbba)ha ୧ । ଯାହା ସହଜରେ ବହନ କରାଯାଇ ନ
(ଦୁର୍ବହତା—ବି) ପାରେ—1. Unbearable; difficult to be borne.
୨ । ଅତ୍ୟନ୍ତ ଭାରି—2. Too heavy to bear.

ଦୁର୍ବା(ର୍ବା)କ୍ୟ—ସଂ. ବି. (କର୍ମଧା; ଦୁର୍+ବାକ୍ୟ)—୧ । କଟୁବାକ୍ୟ—
Durbā(rbbā)kya 1. Harsh words.
୨ । ଗାଳି—2. Abuse.
୩ । ଅଶ୍ଳୀଳ ବାକ୍ୟ—3. Obscene language.

ଦୁର୍ବା(ର୍ବା)ଚ୍ୟ—ସଂ. ବି. (ଦୁର୍+ବାଚ୍ୟ)—୧ । ଅପବାଦ—
Durbā(rbbā)chya 1. Slander.
୨ । ଅକୀର୍ତ୍ତି; ଅଖ୍ୟାତି; ଅପଯଶ—
2. Ill fame; disrepute.

ଦୁର୍ବା(ର୍ବା)ଦ—ସଂ. ବି. (କର୍ମଧା, ଦୁର୍+ବାଦ)—୧ । ଦୁର୍ବାକ୍ୟ (ଦେଖ)
Durbā(rbbā) 1. Durbākya (See)
୨ । ନିନ୍ଦା—2. Blame.
୩ । ଭର୍ତ୍ସନା—3. Reproach.
ସଂ. ବିଣ. (ବହୁବ୍ରୀହି)—କଟୁଭାଷୀ—
Using harsh words.

ଦୁର୍ବା(ର୍ବା)ର—ସଂ. ବିଣ. (ଦୁର୍+ବୃ ଧାତୁ ଣିଚ୍ ବାର ଧାତୁ=ବାରଣ
Durbā(rbbā)ra କରିବା+କର୍ମ. ଅ)—ଯାହାକୁ ସହଜରେ
ବାରଣ କରାଯାଇ ନ ପାରେ; ଅନିବାର୍ଯ୍ୟ; ଦୁର୍ନିବାର—
Irremediable; unpreventible; irresistible, unavoidable; hard to restrain or check.

ଦୁର୍ବାର ତୋ କେଶୀଙ୍କ ଶର
ଦେବାକୁ ଦୁଃଖ ସୁରବରର । କବିସୂର୍ଯ୍ୟ, ଉଷାଭିଳାଷ. ବ. ଗୀତ ।

ଦୁର୍ବା(ର୍ବା)ରଣ—ସଂ. ବିଣ—ଦୁର୍ବାର (ଦେଖ)
Durba(rbbā)rana Durbāra (See)

ଦୁର୍ବା(ର୍ବା)ସନା—ସ. ବି. (କର୍ମଧା; ଦୁର୍ + ବାସନା)—
Durbā(rbbā)sanā ମନ୍ଦ ଅଭିଳାଷ—Evil desire.

ଦୁର୍ବା(ର୍ବା)ସା—ସ. ବିଣ. (ବହୁବ୍ରୀହି; ଦୁର୍ + ବାସସ୍; ୧ମା. ୧ବ)—
Durbā(rbbā)sā ମଇଳା ବସ୍ତ୍ରଧାରୀ—Wearing dirty clothes; ill-clad; wearing rags or ugly clothes.
ସ. ବି—ଅନସୂୟାଙ୍କ ଗର୍ଭରେ ଶଙ୍କରଙ୍କ ଅଂଶଜାତ ଅତ୍ରିମୁନିଙ୍କ ପୁତ୍ର ମହାକ୍ରୋଧୀ ଋଷିବିଶେଷ—Name of an irascible sage; son of Atri.
[ଦ୍ର—ସ୍ୱଭାବତଃ କ୍ରୋଧୀ ବ୍ୟକ୍ତିକୁ ଦୁର୍ବାସାଙ୍କ ସଙ୍ଗେ ତୁଳନା କରାଯାଏ ।]

ଦୁର୍ବି(ର୍ବି)ଗାହ—ସ. ବିଣ—ଦୁରବଗାହ (ଦେଖ)
Durbi(rbbi)gāha Durabagāha (See)

ଦୁର୍ବି(ର୍ବି)ଦଗ୍ଧ—ସ. ବିଣ. (ଦୁର୍ + ବିଦଗ୍ଧ)—୧ । ଉଦ୍ଧତ—
Durbi(rbbi)dagdha 1. Rude; insolent.
୨ । ଅଭଦ୍ର—2. Ill-mannered; ill-bred.
୩ । ଦୁଷ୍ଟ—3. Wicked.

ଦୁର୍ବି(ର୍ବି)ଧ—ସ. ବିଣ. ପୁଂ (ବହୁବ୍ରୀହି; ଦୁର୍ = ମନ୍ଦ + ବିଧ = ଆଚରଣ; ପ୍ରକାର)—୧ । ଅସଦାଚରଣ; ଦୁଷ୍ଟ—
Durbi(rbbi)dha
[ଦୁର୍ବି(ର୍ବି)ଧା—ସ୍ତ୍ରୀ] 1. Wicked.
୨ । ଅସତ୍—2. Immoral.
୩ । ଦରିଦ୍ର—3. Poor.
୪ । ମୂର୍ଖ—4. Illiterate.

ଦୁର୍ବି(ର୍ବି)ଧି—ସ. ବି. (କର୍ମଧା; ଦୁର୍ + ବିଧି)—୧ । ମନ୍ଦବିଧି; ବା ନିୟମ—
Durbi(rbbi)dhi 1. A bad rule.
୨ । ମନ୍ଦ ଭାଗ୍ୟ—2. Misfortune; bad luck; evil destiny.

ଦୁର୍ବିନ୍(ଣ)—ଦେ. ବି. (ସ. ଦୂରବୀକ୍ଷଣ)—
Durbin(nda) ଦୂରବୀକ୍ଷଣ ଯନ୍ତ୍ର—
ਦੂਰਬੀਨ Telescope.
ਦੂਰਬੀਨ

ଦୁର୍ବି(ର୍ବି)ଣୀତ—ସ. ବିଣ. ପୁଂ (ଦୁର୍ + ବିନୀତ)—
Durbi(rbbi)nita ଦୁର୍ବିଦଗ୍ଧ (ଦେଖ)
(ଦୁର୍ବି[ର୍ବି]ଣୀତା—ସ୍ତ୍ରୀ) Durbidagdha (See)

ଦୁର୍ବି(ର୍ବି)ପାକ—ସ. ବି. (କର୍ମଧା; ଦୁର୍ + ବିପାକ)—୧ । ଦୁର୍ଘଟଣା—
Durbi(rbbi)pāka 1. Mishap.
୨ । ମନ୍ଦଫଳ—2. Bad result; evil issue.
ସ. ବିଣ. (ବହୁବ୍ରୀହି)—ପରିଣାମଦାରୁଣ—
Horrible in the end.

ଦୁର୍ବିଷ—ସଂ. ବି. (ଯାହାଙ୍କ ଉପରେ ବିଷର ବଳ ପ୍ରଭାବ ଦେଇ ନାହିଁ)—
Durbisha ମହାଦେବ (ହି. ଶବ୍ଦସାଗର)—Siba.

ଦୁର୍ବି(ର୍ବି)ଷହ—ସ. ବିଣ. (ଦୁର୍ + ବି + ସହ୍ + ଧାତୁ + କର୍ମ. ଅ)—
Durbi(rbbi)shaha ୧ । ଅସହ୍ୟ—1. Unbearble; intolerable.
୨ । ଦୁଃସହ—2. Hard to bear.
୩ । ଦୁର୍ବହ (ଦେଖ)—3. Durbaha (See)

ଦୁର୍ବୁ(ର୍ବୁ)ଦ୍ଧି—ସ. ବି. (କର୍ମଧା; ଦୁର୍ + ବୁଦ୍ଧି)—୧ । ମନ୍ଦବୁଦ୍ଧି—
Durbu(rbbu)ddhi 1. Evil intention; evil-mindedness.
୨ । ଦୁଷ୍ଟତା—2. Wickedness; wantonness.
୩ । ମନ୍ଦ ବିଷୟରେ ଏକଜିଦ—
3. Obstinacy in evil matters.
୪ । ନିର୍ବୋଧତା; ମୂର୍ଖତା—4. Stupidity; folly.
ସ. ବିଣ. (ବହୁବ୍ରୀହି)—୧ । ମନ୍ଦକର୍ମରେ ଏକଜିଦିଆ—
1. Obstinate in evil affairs.
୨ । ଖଳ; ଦୁଷ୍ଟ—2. Wicked; wanton.
୩ । ମୂର୍ଖ; ନିର୍ବୋଧ—3. Stupid; silly.
୪ । ଅସଦ୍‌ବୁଦ୍ଧିବିଶିଷ୍ଟ—4. Evil-intentioned.

ଦୁର୍ବୁଦ୍ଧିଆ—ଦେ. ବିଣ. (ସ. ଦୁର୍ବୁଦ୍ଧି)—ଦୁର୍ବୁଦ୍ଧି (ଦେଖ)
Durbuddhiā Durbuddhi (See)
(ଦୁର୍ବୁଦ୍ଧିଆ—ଅନ୍ୟରୂପ)

ଦୁର୍ବୃ(ର୍ବୃ)ତ୍ତ—ସ. ବିଣ. (ବହୁବ୍ରୀହି; ଦୁର୍ + ବୃତ୍ତ = ଚରିତ୍ର)—
Durbṛu(rbbṛu)tta ୧ । ଦୁଶ୍ଚରିତ୍ର—1. Immoral.
(ଦୁର୍ବୃତ୍ତା—ସ୍ତ୍ରୀ) ୨ । ଦୁର୍ଜନ; ଦୁରନ୍ତ—
(ଦୁର୍ବୃତ୍ତତା—ବି) 2. Wicked; roguish.
୩ । ଦୁର୍ଦାନ୍ତ—3. Ungovernable; unruly; unmanageable.
୪ । ଧୂର୍ତ୍ତ—4. Deceptive; fraudulent.
୫ । ଅବାଧ୍ୟ—5. Disobedient.
୬ । ଉଦ୍ଧତ—6. Furious; riotous.
ସ. ବି—୧ । ଠକ—1. A cheat.
୨ । ଦୁରନ୍ତଲୋକ; ପାଜି—2. A rogue.

ଦୁର୍ବୃ(ର୍ବୃ)ତ୍ତି—ସ. ବି. (କର୍ମଧା; ଦୁର୍ + ବୃତ୍ତି)—ମନ୍ଦପ୍ରବୃତ୍ତି—
Durbṛu(rbbṛu)tti Evil disposition; vile temper; vile passion.

ଦୁର୍ବେ(ର୍ବେ)ଦ—ସ. ବିଣ. (ଦୁର୍ + ବିଦ୍ ଧାତୁ + କର୍ମ. ଅ)—
Durbe(rbbe)da ୧ । ଦୁର୍ଜ୍ଞେୟ; ଦୁର୍ବୋଧ—
1. Difficult to know or understand.
୨ । ବେଦପାଠବିହୀନ—
2. Not studying the Bedas.

ଦୁର୍ବୋ(ର୍ବୋ)ଧ—ସଂ. ବିଣ. (ବହୁବ୍ରୀହି; ଦୁର୍ + ବୋଧ)—
Durbo(rbbo)dha ୧ । ଜ୍ଞାନଶୂନ୍ୟ; ଅଜ୍ଞ—1. Ignorant.
୨ । ଦୁର୍ବୋଧ୍ୟ; ଦୁର୍ଜ୍ଞେୟ—2. Difficult to know.

ଦୁର୍ବୋ(ର୍ବୋ)ଧ୍ୟ—ସ. ବିଣ. (ଦୁର୍ + ବୋଧ୍ୟ)—୧ । ଦୁର୍ଜ୍ଞେୟ—
Durbo(rbbo)dhya 1. Incomprehensible;
(ଦୁର୍ବୋଧତା—ବି) unknowable; difficult to know.
୨ । ଯାହା ସହଜରେ ବୁଝାଯାଇ ପାରେ ନାହିଁ—
2. Not easy to understand.
[ଦ୍ର—ଦୁର୍ବୋଧତା ଦୋଷ ରଚନାର ଗୋଟିଏ ଦୋଷ ।]

ଦୁର୍ବ୍ୟବସ୍ଥା—ସଂ. ବି. (କର୍ମଧା; ଦୁର୍ + ବ୍ୟବସ୍ଥା)—
Durbyabasthā ମନ୍ଦ ବନ୍ଦୋବସ୍ତ—Bad arrangement.

ଦୁର୍ବ୍ୟବହାର—ସଂ. ବି. (କର୍ମଧା; ଦୁର୍ + ବ୍ୟବହାର)—
Durbyabahāra ୧ । ମନ୍ଦ ବ୍ୟବହାର—1. Bad ment.
୨ । ଦୁଷ୍ଟ ଆଚରଣ—2. Evil conduct.
୩ । (ହିନ୍ଦୁ ସ୍ମୃତି) ଯେଉଁ ମକଦ୍ଦମାର ମୀମାଂସା ଉତ୍କୋଚଦାନ, ଅନ୍ୟାୟ ଆଦି କାରଣରୁ ଅନ୍ୟାଯ୍ୟ ହୋଇଅଛି (ହି. ଶବ୍ଦସାଗର)—3. (Hindu Law) A case or suit, the decision of which is not just on account of the use of unfair means etc.

ଦୁର୍ବ୍ୟସନ—ସଂ. ବି. (କର୍ମଧା; ଦୁର୍ + ବ୍ୟସନ)—
Durbyasana ମନ୍ଦ ଅଭ୍ୟାସ—Bad habit.
(ଦୁର୍ବ୍ୟସନୀ—ବିଣ. ପୁଂ)

ଦୁର୍ବ୍ରତ—ସଂ. ବି. (କର୍ମଧା; ଦୁର୍ + ବ୍ରତ)—
Durbrata ୧ । ମନ୍ଦ ମନୋରଥ—1. Evil wish.
୨ । ଖରାପ ଆଶୟ—2. Bad intention.
୩ । ମନ୍ଦ ବ୍ରତ—3. A bad religious vow.
ଦେ. ବିଣ. ପୁଂ—୧ । ଯେ ମନ୍ଦ ବ୍ରତ ପାଳନ କରୁଅଛି—
(ଦୁର୍ବ୍ରତା—ସ୍ତ୍ରୀ) 1. One who has taken a religious vow to secure an evil object.
୨ । ଖରାପାଶୟ—2. Evil-intentioned.

ଦୁର୍ଭକ୍ଷ—ସଂ. ବିଣ. (ଦୁର୍ + ଭକ୍ଷ୍ ଧାତୁ + କର୍ମ. ଅ)—
Durbhaksha କଷ୍ଟରେ ଭକ୍ଷଣୀୟ—
Eatable with difficulty.
ବି—ଦୁର୍ଭିକ୍ଷ—Scarcity; famine.

ଦୁର୍ଭଗ—ସଂ. ବିଣ. ପୁଂ. (ବହୁବ୍ରୀହି; ଦୁର୍ + ଭଗ = ଭାଗ୍ୟ)—
Durbhaga ୧ । ମନ୍ଦଭାଗ୍ୟ; ଭାଗ୍ୟହୀନ—
(ସୁଭଗ—ବିପରୀତ) 1. Unfortunate; unlucky;
(ଦୁର୍ଭଗତା—ବି) ill-fated.
୨ । ଅପ୍ରିୟ—2. Disagreeable.

ଦୁର୍ଭଗା—ସଂ. ବିଣ. ସ୍ତ୍ରୀ (ଦୁର୍ଭଗ + ସ୍ତ୍ରୀ. ଆ)—୧ । ପତିସ୍ନେହହୀନା
Durbhagā (ଭାର୍ଯ୍ୟା)—1. Destitute of one's husband's
(ସୁଭଗା—ବିପରୀତ) attachment; (a wife) not liked by her husband; neglected (wife).
୨ । ହତଭାଗିନୀ; ଭାଗ୍ୟହୀନା—
2. Unlucky (female); ill-fated.
୩ । ବିଧବା ହୋଇଥିବା—3. Widowed.

ଦୁର୍ଭର—ସଂ. ବିଣ. (ଦୁର୍ + ଭୃ ଧାତୁ = ବହନ କରିବା + କର୍ମ. ଅ)—
Durbhara ୧ । ଦୁଃସହ—1. Insufferable; unbearable.
(ଦୁର୍ଭରତା—ବି) ୨ । ଭାରି; ଗରୁଆ—
2. Very heavy; weighty.

ଦୁର୍ଭାଗା—ଦେ. ବିଣ. ପୁଂ. (ସଂ. ଦୁର୍ଭାଗ୍ୟ)—ଭାଗ୍ୟହୀନ, ହତଭାଗା—
Durbhāgā Unfortunate; ill-fated unlucky.
ହତଭାଗ୍ୟ अभागा
(ଦୁର୍ଭାଗୀ, ଦୁର୍ଭାଗିନୀ—ସ୍ତ୍ରୀ)

ଦୁର୍ଭାଗ୍ୟ—ସଂ. ବି. (ଦୁର୍ + ଭାଗ୍ୟ; କର୍ମଧା)—
Durbhāgya ୧ । ଦୁରଦୃଷ୍ଟ; ମନ୍ଦଭାଗ୍ୟ—1. Misfortune.
୨ । ବିପଦ—2. Calamity.
୩ । ଦୁର୍ଘଟଣା—3. Mishap.
(ଦୁର୍ଭାଗ୍ୟା—ସ୍ତ୍ରୀ) ସଂ. ବିଣ. ପୁଂ. (ଦୁର୍ + ଭାଗ୍ୟ ଯାହାର; ବହୁବ୍ରୀହି)—୧ । ହତଭାଗ୍ୟ—1. Unfortunate.
୨ । ଖରାପକପାଳିଆ—3. Unlucky.

ଦୁର୍ଭାବନା—ସଂ. ବି. (ଦୁର୍ + ଭାବନା; କର୍ମଧା)—ମନ୍ଦ ଭାବନା;
Durbhābanā ଦୁଶ୍ଚିନ୍ତା; ଉଦ୍‌ବେଗ—Anxiety; evil or bad thought.

ଦୁର୍ଭାଷା—ସଂ. ବି. (ଦୁର୍ + ଭାଷା; କର୍ମଧା)—୧ । ଦୁର୍ବାକ୍ୟ—
Durbhāshā 1. Vulgar words.
୨ । ତିରସ୍କାର ବା ଭର୍ତ୍ସନାଯୁକ୍ତ ଭାଷା—
2. Abusive language.

ଧର୍ମ ଅର୍ଥ ଦୁଇଃ କଥାରୁ ବାହାର
ହୋଇ କହୁଥାଏ ଦୁର୍ଭାଷା ନରଶ୍ରେଷ୍ଠ—କୃଷ୍ଣସିଂ. ମହାଭାରତ. ଉଦ୍ୟୋଗ ।

ଦୁର୍ଭିକ୍ଷ—ସଂ. ବି. (ଅବ୍ୟୟୀ ଭାବ; ଦୁର୍ + ଭିକ୍ଷା; ଶସ୍ୟାଭାବ ଯୋଗୁଁ ଯେଉଁ
Durbhiksha ଦେଶରେ ଭିକ୍ଷାର ଅଭାବ ଘଟେ)—ଦେଶରେ ଖାଦ୍ୟ ଦ୍ରବ୍ୟର ଅଭାବ—Scarcity of food; famine; dearth of foodstuff.

ଦୁର୍ଭିକ୍ଷ ପାଣ୍ଠି—ଦେ. ବି (ସଂ. ଦୁର୍ଭିକ୍ଷ + ଦେ. ପାଣ୍ଠି)—ଦୁର୍ଭିକ୍ଷପ୍ରପୀଡ଼ିତ ବ୍ୟକ୍ତି-
Durbhiksha pānthi ମାନଙ୍କୁ ସାହାଯ୍ୟ ଦେବା ପାଇଁ ସାଧାରଣ
हुर्भीक्ष फंड ଲୋକ ବା ସରକାରଙ୍କଦ୍ୱାରା ଖୋଲା ଯିବା
দুর্ভিক্ষ ফাণ্ড ପାଣ୍ଠି—Famine-fund; a fund
(ଦୁର୍ଭିକ୍ଷ ଫଣ୍ଡ—ଅନ୍ୟରୂପ) started for famine relief.

ଦୁର୍ଭିକ୍ଷ ପୀଡ଼ିତ—ସଂ. ବିଣ. (ଦୁର୍ଭିକ୍ଷ + ପୀଡ଼ିତ; ତୃତୀ ତତ୍)—ଦୁର୍ଭିକ୍ଷ-
Durbhiksha pirdita ଦ୍ୱାରା ଆକ୍ରାନ୍ତ—Famine-stricken.
(ଦୁର୍ଭିକ୍ଷ ପ୍ରପୀଡ଼ିତ—ଅନ୍ୟରୂପ)

ଦୁର୍ଭେଦ୍ୟ—ସଂ. ବିଣ (ଦୁର୍ + ଭିଦ୍ ଧାତୁ + କର୍ମ. ଯ)—୧ । ଅଭେଦ୍ୟ—
Durbhedya 1. Impenetrable.
(ଦୁର୍ଭେଦ୍ୟତା—ବି) ୨ । ଯାହା ଅତି କଷ୍ଟରେ ଭେଦ କରାଯାଇ ପାରେ—
2. Penetrable with difficulty.
୩ । ଅତି କଠିନ—3. Very hard or tough.
୪ । ଦୁର୍ଗମ—4. Impassable.
୫ । ଅଜ୍ଞେୟ—5. Incomprehensible.

ଦୁର୍ମତି—ସଂ. ବି. (ଦୁର୍ + ମତି; କର୍ମଧା)—
Durmati ୧ । ଦୁର୍ବୁଦ୍ଧି; ମନ୍ଦ କାର୍ଯ୍ୟରେ ମତି—
(ଦୁର୍ମ୍ମତି—ଅନ୍ୟରୂପ) 1. Evil propensity or disposition.
୨ । ମନ୍ଦ ପ୍ରକୃତି—2. Evil nature.

୩ । (ଜ୍ୟୋତିଷ) ୬୦ ମାନବ ବର୍ଷର ସମଷ୍ଟିତ ବାର୍ହସ୍ପତ୍ୟ ସମ୍ବତ୍ସରର ପଞ୍ଚପଞ୍ଚାଶତ୍ତମ ବର୍ଷ—
3. Name of the 55th year of the cycle of Bṛuhaspati which covers 60 years of the earth.

ସଂ. ବଣ—୧ । ଦୁର୍ବୁଦ୍ଧି—1. Evil-minded.
୨ । ଦୁଷ୍ଟବୁଦ୍ଧି—2. Malignant; wicked.
୩ । କୁମତିଶାଳୀ; ମନ୍ଦପ୍ରବୃତ୍ତିବିଶିଷ୍ଟ—
3. Ill-natured; ill-disposed.
୪ । ମନ୍ଦ କାର୍ଯ୍ୟରେ ଏକଜିଦିଆ—
4. Obstinate in evil.

ଦୁର୍ମଦ—ସଂ. ବିଣ. ପୁଂ. (ଦୁର୍+ମଦ୍ ଧାତୁ=ମତ୍ତ ହେବା+କର୍ତ୍ତୃ. ଅ)—
Durmada ୧ । ଉନ୍ମତ୍ତ—1. Maddened, intoxicated.
(ଦୂର୍ମ୍ମଦ—ଅନ୍ୟରୂପ)
(ଦୁର୍ମଦା—ସ୍ତ୍ରୀ) ୨ । ଦୁର୍ଦ୍ଦାନ୍ତ—2. Ungovernable; unruly.

ସଂ. ବି—୧ । ଧୃତରାଷ୍ଟ୍ରଙ୍କ ପୁତ୍ରବିଶେଷ—
1. Name of a son of Dhṛutarāshṭra.
୨ । ରାଧିକାଙ୍କ ଦେବର—2. Name of the younger brother of Rādhikā's husband.

ଦୁର୍ମନାଃ—ସଂ. ବିଣ (ଦୁର୍+ମନସ୍; ଦୁର୍ମନସ୍; ୧ମା. ୧ବ)—
Durmanāḥ ୧ । ଦୁର୍ଭାବନାଗ୍ରସ୍ତ; ଦୁଶ୍ଚିନ୍ତାଯୁକ୍ତ—
(ଦୁର୍ମ୍ମନା—ଅନ୍ୟରୂପ) 1. Dispirited, having sad thoughts; distressed; dejected.
୨ । ଚିନ୍ତିତ—2. Troubled in mind.
୩ । ଦୁଃଖିତ—3. Saddened.
୪ । ଉଦ୍ବିଗ୍ନ—4. Anxious; in a state of mental trouble; perturbed.

ଦୁର୍ମନାୟମାନ—ସଂ. ବିଣ.ପୁଂ (ଦୁର୍ମନାୟ ନାମ ଧାତୁ+କର୍ତ୍ତୃ. ମାନ)—
Durmanāyamāna ଦୁଶ୍ଚିନ୍ତାଗ୍ରସ୍ତ; ଦୁର୍ଭାବନାଗ୍ରସ୍ତ—
(ଦୁର୍ମନାୟମାନା—ସ୍ତ୍ରୀ) Dejected; distracted in mind; dispirited.
(ଦୁର୍ମ୍ମନାୟମାନ—ଅନ୍ୟରୂପ)

ଦୁର୍ମନ୍ତ୍ରଣା—ସଂ. ବି. (ଦୁର୍+ମନ୍ତ୍ରଣା, କର୍ମଧା)—କୁମନ୍ତ୍ରଣା; କୁପରାମର୍ଶ—Evil counsel; evil advice.
Durmantraṇā
(ଦୁର୍ମ୍ମନ୍ତ୍ରଣା—ଅନ୍ୟରୂପ) ତୁମ୍ଭର ଦୁର୍ମନ୍ତ୍ରଣାବଳେ ହେ କରେଣ
ଏରୂପେ ହେଲ ଅସି ଯୁଦ୍ଧବାଳ ଶେଷ—
କୃଷ୍ଣସିଂହ, ମହାଭାରତ, କର୍ଣ୍ଣ ।

ଦୁର୍ମନ୍ତ୍ରୀ—ସଂ. ବି. (ଦୁର୍+ମନ୍ତ୍ରିନ୍, ୧ମା. ୧ବ.)—କୁପରାମର୍ଶଦାତା—
Durmantri Evil counsellor.
(ଦୁର୍ମ୍ମନ୍ତ୍ରୀ—ଅନ୍ୟରୂପ) ବିଣ—ଯେଉଁ ରାଜାଙ୍କର କୁ-ମନ୍ତ୍ରୀ ଅଛନ୍ତି—
(ସୁମନ୍ତ୍ରୀ—ବିପରୀତ) (a king) Having evil counsellors.

ଦୁର୍ମର—ସଂ. ବିଣ. ପୁଂ. (ଦୁର୍+ମୃ ଧାତୁ+କର୍ତ୍ତୃ.ଅ)—ଯେ ସହଜରେ
Durmara ମରେ ନାହିଁ—One who does not die easily.
(ଦୁର୍ମରା—ସ୍ତ୍ରୀ)

ଦୁର୍ମରା—ସଂ. ବିଣ. ସ୍ତ୍ରୀ. (ଦୁର୍ମର+ଆ)—ଦୁର୍ମରର ସ୍ତ୍ରୀଲିଙ୍ଗ—
Durmarā Feminine of Durmara.
ସଂ. ବି—ଦୂବ—The Dooba grass.

ଦୁର୍ମିତ୍ର—ସଂ. ବି. (ଦୁର୍+ମିତ୍ର; କର୍ମଧା)—
Durmitra ୧ । ଦୁଷ୍ଟ ମିତ୍ର—1. Bad or evil friend.
(ଦୁର୍ମ୍ମିତ୍ର—ଅନ୍ୟରୂପ) ୨ । ଦୁଷ୍ଟ ସଙ୍ଗୀ—
2. Bad companion.
ବଣ. (ଦୁର୍+ମିତ୍ର; ବହୁବ୍ରୀହି)—
ଯାହାର ଦୁଷ୍ଟ ମିତ୍ର ଅଛନ୍ତି—
Having bad or wicked companions.

ଦୁର୍ମିଳ—ଦେ. ବଣ. (ପ୍ରାଚୀନ) (ସଂ. ଦୁର୍ମୂଲ୍ୟ)—
Durmila ଦୁର୍ଲଭ—Rare.
ବୃଚିତ ଦ୍ରବ୍ୟ ଗନ୍ଧ-ବେଶ ମୂଢ
କର୍ମକୁ ସେହି ହୋଇଛ ଦୁର୍ମିଳ । ରାଜକୃଷ୍ଣ, ରସକଲ୍ଲୋଳ ।

ଦୁର୍ମ୍ମୁଖ—ସଂ. ବଣ. (ଦୁର୍+ମୁଖ=ମୁହଁ ବା ବଚନ; ବହୁବ୍ରୀହି)—
Durmmukha ୧ । କଟୁଭାଷୀ—1. Scurrilous; foul-mouthed; abusive.
(ଦୁର୍ମୁଖ—ଅନ୍ୟରୂପ)
(ଦୁର୍ମୁଖୀ—ସ୍ତ୍ରୀ) ୨ । କର୍କଶଭାଷୀ—
2. Having harsh utterance.
୩ । ଯାହାର ମୁଖ ଦେଖିବାକୁ କୁତ୍ସିତ—
3. Ugly-faced; hideous.
ବି—୧ । ବାନରବିଶେଷ—1. A kind of monkey.
୨ । ଅଶିକ୍ଷିତ ଅଶ୍ୱ—2. An untrained horse.
୩ । ଅସୁରବିଶେଷ—3. Name of a demon.
୪ । ନାଗବିଶେଷ—4. A species of serpents.
୫ । ରାମଚନ୍ଦ୍ରଙ୍କର ଗୁପ୍ତଚର—
5. Name of a spy of Rāmchandra.

ଦୁର୍ମ୍ମୂଲ୍ୟ—ସଂ. ବି. (ଦୁର୍+ମୂଲ୍ୟ; କର୍ମଧା)—
Durmmūlya ଅଧିକ ମୂଲ୍ୟ; ଚଢ଼ା ଦାମ୍—
(ଦୁର୍ମୂଲ୍ୟ—ଅନ୍ୟରୂପ) Exorbitant price; excessive or
(ଦୁର୍ମୂଲ୍ୟତା—ବି) high price; high rate.
ସଂ. ବଣ. (ବହୁବ୍ରୀହି)—ମହାର୍ଘ; ଅକ୍ରେୟ; ମହର୍ଘ—
Dear; high-priced; of an exorbitant price.

ଦୁର୍ମ୍ମେଧା—ସଂ. ବଣ. (ଦୁର୍+ମେଧସ୍; ୧ମା. ୧ବ. ବହୁବ୍ରୀହି)—
Durmmedhā ୧ । ବୁଦ୍ଧିହୀନ; ମେଧାଶୂନ୍ୟ—
(ବିପରୀତ—ସୁମେଧାଃ) 1. Stupid; unintelligent.
(ଦୁର୍ମେଧାଃ—ଅନ୍ୟରୂପ) ୨ । ମାଠିଆ ବୁଦ୍ଧିଆ—2. Dull-headed.
୩ । ଅବୋଧ—3. Foolish.

ଦୁର୍ଯୋଗ—ସଂ. ବି. (ଦୁର୍+ଯୋଗ; କର୍ମଧା)—
Durjoga ୧ । ଦୁର୍ଦୈବ—1. Misfortune.
(ସୁଯୋଗ—ବିପରୀତ) ୨ । ଦୁଃଖର ଯୋଗ; ଦୁଃଖଜନକ ଘଟଣାବଳୀର ସମାବେଶ—2. Unfavourable conjunction of circumstances.

୩ । ଅମଙ୍ଗଳସୂଚକ ଘଟଣା — 3. Ominous circumstance.
୪ । ଦୁଃସମୟ — 4. Bad time; crisis.
୫ । ଦୁର୍ଦ୍ଦିନ — 5. Cloudy day; stormy weather; foul weather.

ଦୁର୍ଯୋଧନ — ସଂ. ବିଣ. (ଦୁର୍ + ଯୁଧ୍ ଧାତୁ + କର୍ତ୍ତୃ. ଅନ) — Durjodhana ୧ । ଯେ ଯୁଦ୍ଧରେ ପଳାୟନ କରେ — (ଦୁର୍ଯ୍ୟୋଧନ — ଅନ୍ୟରୂପ) 1. One who flies away from fight.
୨ । + କର୍ମ ଅନ ଯାହାକୁ ସହଜରେ ଜୟ କରି ଯାଇ ନ ପାରେ — 2. Difficult to fight with; invincible.
ବି — ଧୃତରାଷ୍ଟ୍ରଙ୍କ ଜ୍ୟେଷ୍ଠ ପୁତ୍ର — The eldest son of Dhrutarāshtra.
[ଦ୍ର — ମହାଭାରତ ତଳେ ନୋଟ ଦେଖ ।]
ଦେ. ବି. ପୁଂ — ଲୋକଙ୍କ ନାମ — A name given to males.

ଦୁର୍ଯୋନି — ସଂ. ବିଣ. (ଦୁର୍ + ଯୋନି; ବହୁବ୍ରୀହି) — Durjoni ନୀଚବଂଶଜ — Base-born; of low extraction. (ଦୁର୍ଯ୍ୟୋନି — ଅନ୍ୟରୂପ)
ସଂ. ବି — ନୀଚ ଜାତି — Low caste.

ଦୁର୍ଲଂଘ — ସଂ. ବିଣ. (ଦୁର୍ + ଲଂଘ୍ ଧାତୁ + କର୍ମ. ଅ) — Durlamgha ୧ । ଯାହାକୁ ସହଜରେ ଲଂଘନ କରିଯାଇ ନ ପାରେ — 1. Difficult to be crossed over.
ଦୁର୍ଲଂଘନୀୟ, ଦୁର୍ଲଂଘ୍ୟ } ଅନ୍ୟରୂପ
୨ । ଅଲଂଘ୍ୟ — 2. Inviolable.
୩ । ଯେଉଁ ଆଦେଶ ବା ନିୟମକୁ ସହଜରେ ଲଂଘନ କରିଯାଇ ନ ପାରେ — 3. (an order or rule) Which cannot be transgressed.

ଦୁର୍ଲକ୍ଷଣ — ସଂ. ବି. (ଦୁର୍ + ଲକ୍ଷଣ; କର୍ମଧା) — Durlakshana ଅଶୁଭସୂଚକ ଚିହ୍ନ — (ବିପରୀତ — ସୁଲକ୍ଷଣ) Evil omen; unlucky sign.
ସଂ. ବିଣ. ପୁଂ. (ଦୁର୍ + ଲକ୍ଷଣ ଯାହାର; ବହୁବ୍ରୀହି) — (ଦୁର୍ଲକ୍ଷଣା — ସ୍ତ୍ରୀ) ମନ୍ଦ ଲକ୍ଷଣ ଯୁକ୍ତ; ଅଲକ୍ଷଣା — Bearing inauspicious marks on the body.

ଦୁର୍ଲକ୍ଷ୍ୟ — ସଂ. ବିଣ. (ଦୁର୍ + ଲକ୍ଷ୍ ଧାତୁ = ଦେଖିବା, ଚିହ୍ନ କରିବା + କର୍ମ. ଯ; ବହୁବ୍ରୀହି) — Durlaksha ଯାହା ଅତି କଷ୍ଟରେ ଦେଖାଯାଏ — Scarcely visible; extremely difficult to be seen.
ବି — (କର୍ମଧା) ଅନିଶ୍ଚିତ ଲକ୍ଷ୍ୟ — Uncertain aim.

ଦୁର୍ଲଭ — ସଂ. ବିଣ. (ଦୁର୍ + ଲଭ୍ ଧାତୁ = ଲାଭ କରିବା + କର୍ମ. ଅ) — Durlabha ୧ । ଦୁଷ୍ପ୍ରାପ୍ୟ — 1. Not easily available; difficult to attain. (ବିପରୀତ — ସୁଲଭ)
(ଦୁର୍ଲଭା — ସ୍ତ୍ରୀ) ୨ । ବହୁମୂଲ୍ୟ — 2. Valuable.
(ଦୁର୍ଲ୍ଲଭ — ଅନ୍ୟରୂପ) ୩ । ବିରଳ — 3. Rare.
୪ । ଅସାଧାରଣ — 4. Extraordinary; uncommon.
ବନ୍ଧୁଗଣଙ୍କର ହେ ଦୁର୍ଲଭ ଅଖ୍ୟାନ । କୃଷ୍ଣସିଂ. ମହାଭାରତ. ଅନୁ ।
୫ । ଦୁର୍ମୂଲ୍ୟ — 5. Of high price; dear.
ଦେ. ବିଣ — ଶ୍ରେଷ୍ଠ — Best; excellent.
ଜଣିତ ମହାରଥୀ ମାନଙ୍କେ ଦୁର୍ଲଭ
ସମରରେ ତା ଶୁଣି ଭୟରେ କମ୍ପଇ । କୃଷ୍ଣସିଂ. ମହାଭାରତ ।
ଦେ. ବି — ଅସାଧାରଣ ବିଷୟ — An uncommon matter.
ଶ୍ରୀହରି ବୋଇଲେ ଶୁଣିଲ ଦୁର୍ଲଭ । ଗ୍ରାମୀ. ରହସ୍ୟମଞ୍ଜରୀ ।

ଦୁର୍ଲଭା — ସ୍ତ୍ରୀ. ବି — ଦୁରାଲଭା; ଶ୍ୱେତକଣ୍ଟକାରୀ — Durlabhā Alhagi Maurorum.
ছুরালভা
জবাহ
ସ୍ତ୍ରୀ. ଦୁର୍ଲଭା; ଗିରିକର୍ଣ୍ଣିକା;
ଯବାସ; ଦୁରାଲଭା (ଦୁର୍ଲ୍ଲଭା — ଅନ୍ୟରୂପ)
ଦେ. ବି. (ସଂ. ଅଳଗନ୍ଧିକା; ସଂ. ଦୁରାଲଭା ଗଛ ଭିନ୍ନ ଗଛ ଅଟେ) — ଦୁଲଭା (ଦେଖ) (ଦୁଲଭା, ଦୁର୍ଲ୍ଲଭା — ଅନ୍ୟରୂପ) Dulabhā (See)

ଦୁର୍ଲଭା ତୁଳସୀ — ପ୍ରାଦେ. (ଗଞ୍ଜାମ) ବି — ଦୁଲଭା (ଦେଖ) Durlabhā tulasi Dulabhā (See)

ଦୁର୍ଲ୍ଲଭ୍ୟ — ସଂ. ବିଣ, (ଦୁର୍ + ଲଭ୍ ଧାତୁ + କର୍ମ ଯ) — ଦୁର୍ଲଭ ୧(ଦେଖ) Durllabhya Durlabha (See).
(ଦୁର୍ଲ୍ଲଭ୍ୟା-ସ୍ତ୍ରୀ)
(ଦୁର୍ଲଭ୍ୟ-ଅନ୍ୟରୂପ)

ଦୁର୍ଲ୍ଲଳ — ସଂ. ବିଣ (ଦୁର୍ + ଲଲ୍ ଧାତୁ = ପ୍ରଶ୍ରୟ ଦେବା + କର୍ମ, ଅ) — Durllaḷa ଅତ୍ୟନ୍ତ ପ୍ରଶ୍ରୟପ୍ରାପ୍ତ; ଗେହ୍ଲା; ଦୁଲଣା — (ଦୁର୍ଲ୍ଲଳା-ସ୍ତ୍ରୀ) Too much fondled; dandled (child).
ସଂ. ବି — ଦୁଶ୍ଚେଷ୍ଟିତ — Evil endeavour.

ଦୁର୍ଲ୍ଲଳିତ — ସଂ. ବିଣ. (ଦୁର୍ + ଲଲ୍ ଧାତୁ = ପ୍ରଶ୍ରୟ ଦେବା; କର୍ମ. ତ) Durllaḷita ଦୁର୍ଲ୍ଲଳ (ଦେଖ) — Durllaḷa (See).
(ଦୁର୍ଲ୍ଲଳିତା — ସ୍ତ୍ରୀ)

ଦୁର୍ଲ୍ଲାଳନ — ସଂ ବି (କର୍ମଧା; ଦୁର୍ + ଲାଳନ) — ପିଲାମାନଙ୍କୁ ଅତ୍ୟଧିକ Durllāḷana ପ୍ରଶ୍ରୟଦେଇ ବଡ଼ କରାଇବା — Bringing up of children with excessive fondling.

ଦୁର୍ଲ୍ଲେଖ୍ୟ — ସଂ. ବି (କର୍ମଧା. ଦୁର୍ + ଲେଖ୍ୟ = ଦଲିଲ) — ୧ । ଗର୍ହିତ Durllekhya ଲେଖା — 1. Evil writing.
୨ । ମନ୍ଦ ହସ୍ତାକ୍ଷର — 2. Bad handwriting.
୩ । ଜାଲ୍ ଦଲିଲ — 3. Forged document.
୪ । ଦୁର୍ବୋଧ୍ୟ ଲେଖା — 4 Illegible writing.
ବିଣ. (ବହୁବ୍ରୀହି) — ଦୁରକ୍ଷର; ଯାହା ସ୍ପଷ୍ଟ ପଢ଼ି ହୁଏ ନାହିଁ — (ଦୁର୍ଲେଖ, ଦୁର୍ଲ୍ଲେଖ, ଦୁର୍ଲେଖ୍ୟ — ଅନ୍ୟରୂପ) Illegible,

ଦୁର୍ହୃଦ୍ — ସଂ ବି (ଦୁର୍ = ମନ୍ଦ + ହୃଦ୍ = ହୃଦୟ, ଯାହାର; ବହୁବ୍ରୀହି) — Durhrud ଶତ୍ରୁ — Enemy, (ବିପରୀତ-ସୁହୃଦ୍)
ଉଚ୍ଚାଇ ନିଜ ଶୁଣ୍ଡ ବହନ କରନ୍ତ
ଦୁର୍ହୃଦଙ୍କୁ ପୀଡ଼ା ଦେବାପାଇଁ ସନ୍ତ । କୃଷ୍ଣସିଂ. ମହାଭାରତ ସଭା ।

ସଂ. ବିଣ—ଦୁର୍ହୃଦୟ (ଦେଖ)—Durhṛudaya (See),

ଦୁର୍ହୃଦୟ—ସଂ. ବିଣ. ପୁଂ—୧ । ଦୁଷ୍ଟ ଚିତ୍ତ; ଦୁଷ୍ଟାନ୍ତଃକରଣ—
Durhṛudaya 1, Wicked.
(ଦୁର୍ହୃଦୟା—ସ୍ତ୍ରୀ) ୨ । ଶତ୍ରୁଭାବାପନ୍ନ—2. Inimical.

ଦୁଲ୍ (ଧାତୁ)—ସଂ—୧ । ଝୁଲିବା—1. To swing,
Dul (root) ୨ । ଉତ୍କ୍ଷେପ କରିବା—2. To throw up.

ଦୁଲ୍—ଦେ. ଅ—ଦୁମ୍ ଦୁମ୍ (ଦେଖ)
Dul Dum-dum(See),

ଦେ. ବି (ବଣିଅ ଶବ୍ଦ)—ତଳ କାନର ଅଳଙ୍କାରବିଶେଷ—
An ornament worn on the lower part of the ear.

ଦୁଲ୍(ଲୁ)କା(କେ)ଇବା—ଦେ. କ୍ରି—ଦୁଲୁକିବାର ଣିଜନ୍ତ ରୂପ—
Dul-(lu)kā (ke)ibā Causative form of Dul-kibā.
ଛଣର ମା ଡେହ ଦୁଲୁକେଇ ଚହୁଟ—ବୃନ୍ଦାବନ ମା ସ. ଝେଲୁଣୀ ।

ଦୁଲ୍(ଲୁ)କି—ଦେ. ବି.—ଘୋଡ଼ାର ଧମ୍ପୁଷ୍ଟବା ଗତି; ଘୋଡ଼ାର ବେଗ-
Dul-(lu)ki ଗମନ—Trotting of a horse.
ହଲକୀ (ଯଥା—ଏ ଗତିରେ ଘୋଡ଼ା ଘୋଡ଼ାକୁ ପୃଥକ୍
ଦୁଲକୀ ପୃଥକ୍ ଉଠାଇ ଦ୍ରୁତଗତି କରେ ।)

ଦୁଲ୍(ଲୁ)କିବା—ଦେ. କ୍ରି.—୧ । ବହୁଲୋକର ପଦାଘାତ ବା ବାଦ୍ୟ-
Dul-(lu)kibā ଦ୍ୱାରା ଦୁଲ୍ ଦୁଲ୍ କମ୍ପିବା—1. To resound
ଧମ ଧମ କରା or vibrate with the sound of many
ଦୁଲକନା drums or many steps.

୨ । (ମେଘ) ଦୁମ୍ଦୁକାଣି ବର୍ଷା ବର୍ଷିବା—
2. To rain in torrents; to rain cats and dogs.

ଘରବୁଡ଼ି ପାଣି ଅଣ୍ଟୁଏ ହେଲାଣି,
କଣ ବୋଲେ ମେଘ ଦୁଲୁକୁଛି—ତଉ ।

୩ । (ଛାତି) ଭୟରେ ଥରିବା—
3. (the heart) To palpitate through fear.

ଦୁଲ୍ଠା—ପ୍ରାଦେ. (ସମ୍ବଲପୁର) ବ.—ଅଳନ୍ଦ; ବାରଣ୍ଡା; ପିଣ୍ଡା—
Dul-ṭhā Veranda; portico.

ଦୁଲ୍ଦା(ଦୁ)ଲ୍—ଦେ. ଅ.—ଦୁମ୍ ଦୁମ୍ (ଦେଖ)
Dul-dā(du)l Dum dum (See)

ଦୁଲଣା—ଦେ. ବଣ. ପୁଂ (ସ. ଦୁର୍ଲ୍ଲଳିତ)—ଗେହ୍ଲା—
Dulaṇā Dandled; to much fondled or caressed;
ଆବଦେରେ spoiled with fondling.

ଲାଡ୍ଲା, ଦୁଲାଲ ଦେ. ବ. ପୁଂ ଓ ସ୍ତ୍ରୀ (ସ. ଦୁର୍ଲ୍ଲଳ)—
(ଦୁଲଣୀ—ସ୍ତ୍ରୀ) ୧ । ପୁତ୍ର ବା କନ୍ୟା—
1. Son or daughter.
ଉରଙ୍ଗ ବୋଲାରେ ବୋଲାଯିବ କବା ସିନ୍, ଦୁଲଣା । ଗୋପାଳ.ଅ. ଭଣ ।

୨ । ଗେହ୍ଲା ପୁଅ ବା ଝିଅ—
2. A spoilt boy or girl.

ଦୁଲଭ—ଗ୍ରା. ବଣ.—ଦୁର୍ଲ୍ଲଭ (ଦେଖ)
Dulabha Durllabha (See)
ଦୁଲଭ

ଦୁଲଭା—ଦେ. ବ. (ସ. ଦୁର୍ଲଭା; ଜନ୍ମ ଦୁର୍ଲଭା ବା ଦୁର୍ଲଭା ଭବ
Dulabhā ଗନ୍ଧ)—୧ । ତୁଳସୀ ଜାତୀୟ ଗନ୍ଧ ଯୁକ୍ତ ଗୁଳ୍ମ
ବାବୁଈ ତୁଳସୀ, କାଲବାବୈ ବିଶେଷ—1. Ocimum Basillicum;
କାଲୀବାବରୀ ବର୍ବ Ocimum Canum(Kirtikar).
ସ. ନାମ—ବର୍ବରୀ, କଠିଞ୍ଜର, [ଦ୍ର—ଏହାର ସାବଜା ପତ୍ର ତୁଳସୀ
କୁଠେରକ, କାଳମାଳ, କର୍ପୂର, ପତ୍ର ଅପେକ୍ଷା ବଡ଼ ଓ ମସୃଣ; ଫୁଲ
ମାଳୁକ, କୃଷ୍ଣମଲ୍ଲିକା, ତୁଳସୀର ଜଣ୍ଠା ପରି (ଫୁଲର ରଙ୍ଗ
ସୁମୁଖ, ସୁଗନ୍ଧ, ତୀବ୍ରାକ୍ତ କଳା ଓ ଫିଟିଲ୍ଲା ଫୁଲ ଧଳା) । ଏହାକୁ
ଶୋଫନାଶୀ; ଅର୍ଜକ, ମୁସଲମାନ୍ମାନେ ପାଉଥି ଆଦି ଉପଲକ୍ଷ-
ଅର୍ଜଗନ୍ଧିକା, ଗମ୍ଭୀର ରେ (ହିନ୍ଦୁମାନେ ତୁଳସୀପତ୍ର ବ୍ୟବହାର
କଲା ପରି) ବ୍ୟବହାର କରନ୍ତି । ଏହାର ପତ୍ରର ରସ ଓ ମୂଳର
କ୍ୱାଥ ସେବନ କଲେ କୃମି, କୁଷ୍ଠ, କଫ, ବାତ, ବ୍ରଣ, ଶ୍ୱାସ, କାଶ,
ଦୌର୍ଗନ୍ଧ୍ୟ, ମଳରୋଧ, ଆନାହ, ଶୂଳ, ଅଗ୍ନିମାନ୍ଦ୍ୟ ଓ ଚର୍ମରୋଗ
ଉପଶାନ୍ତ ହୁଏ । ହସ୍ତ ଓ ପାଦର ଶୋଥରେ ଏହାର ପତ୍ରର ପ୍ରଲେପ
ହିତକର । ଏହାର ବୀଜ ଦାହ ଓ ବେଦନା ଯୁକ୍ତ ମୂତ୍ରକୃଚ୍ଛ୍ରରେ
ପ୍ରୟୋଗ କରାଯାଏ ।]

୨ । ସ୍ତ୍ରୀଲୋକଙ୍କ ନାମ—2. A name given to females.

ଦୁଲା—ପ୍ରାଦେ. (ବାଲେଶ୍ୱର) ବି—ଦୋଳା—
Dulā A swing.

ଦେ. ବି. ସ୍ତ୍ରୀ—ଦୁଲାଇ (ଦେଖ)—Dulāi (See)

ଦୁଲା—ପ୍ରାଦେ. (ପୁରୀ; ବାଣପୁର) ବ.—ଚୋଠାର କଡ଼ି—
Dulā Beam of the roof of a building.

ପ୍ରାଦେ. (ସମ୍ବଲପୁର) ବଣ.—ଦୁହ୍ଲା (ଦେଖ)
Duhlā (See)

ପ୍ରାଦେ. (ଗଞ୍ଜାମ) ବି—ଅଟୁ କରିବା ପାଇଁ ଘରର କାନ୍ଥ ଉପରେ
ପକାଯିବା ଓସ୍—Cross-beams on the walls over which a clay roof is built inside a thatch.

ଦୁଲା(ଲେ)ଇ—ଦେ. ବି. (ହି. ଦୁଲାଇ; ସ. ତୁଳ=ତୁଳା)—ପତଳା
Dulā(le)i ଶେଯ; ଦୁଇ ପରସ୍ତ ଲୁଗା ମଧ୍ୟରେ ସାମାନ୍ୟ ତୁଳା ଭରି
ଦୁଲାଇ ଦୁଲାଈ ସିଲା ବସ୍ତ୍ରବିଶେଷ—A thin quilt.

ଦୁଲାଇବା—ପ୍ରାଦେ. (ସିଂହଭୂମ) କ୍ରି.(ସ. ଦୁଲ୍ ଧାତୁ)—ଝୁଲାଇବା—
Dulaibā To hang.

ଦୁଲା(ଲେ)ଈ—ଦେ. ବି. ସ୍ତ୍ରୀ—୧ । ଗ୍ରାମଦେବତାଙ୍କ ନାମ—
Dulā(le)ī 1. Name of a village goddess.
(ଦୁଲାଦେଈ—ଅନ୍ୟରୂପ) ୨ । ସ୍ତ୍ରୀଲୋକଙ୍କ ନାମ—
2. Name given to females.

ଦୁଲାମ—ପ୍ରାଦେ. (ଗଞ୍ଜାମ) ବ.—ଦୁଲା (ଦେଖ)
Dulāma Dulā (See)

ଦୁଲାଲ—ଦେ. ବି. ପୁଂ (ସ. ଦୁର୍ଲ୍ଲଳିତ ବା ସ. ଦ୍ୱି=ଦ୍ୱିତୀୟବାର ଓ
Dulāla ଲାଳିତ=ସ୍ନେହବର୍ଦ୍ଧିତ)—୧ । ପୁତ୍ର—1. Son.
ଦୁଲାଲ
ଦୁଲାର, ଦୁଲହେଟା ସାଂଖ୍ୟ ଯୋଗର ପ୍ରବର୍ତ୍ତିକ ଯେ କପିଳ,
ଅଟନ୍ତି ସେ ତାଙ୍କର ଚତୁର୍ଥ ଦୁଲାଳ । କୃଷ୍ଣସିଂହ. ମହାଭାରତ ।

୨ । ଗେହ୍ଲା ପିଲା—2. Spoilt child.
୩ । ପାଳିତପୁତ୍ର—3. Foster son.
ଜଡ ଦୁଲଳ ବ୍ୟେବେ ବାଳ, ଜମ୍ବୁ ଜଳଗୀଳ ହରେ ।
ଗୀତଗୋବିନ୍ଦ. ଟୀକା ।
ଦେ. ବଣ—୧ । ଗେହ୍ଲା—
1. Too much fondled; petted.
୨ । ସ୍ନେହପାଳିତ—2. Darling.

ଦୁଲ୍ଲଳିଆ—ଦେ. ବଣ· ପୁଂ—ଦୁଲ୍ଲଳ (ଦେଖ)
Dulālia Dulāla (See)

ଦୁଲି(ଳୀ)—ସ. ବ. ସ୍ତ୍ରୀ. (ଦୁଲ୍ ଧାତୁ=ଉପରକୁ ଫୋପାଡ଼ିବା+ଇ, ଈ; ଯେ କର୍ଦ୍ଦମ ଆଦି ଉପରକୁ ଫୋପାଡ଼େ)—
Duli(lī) କଇଁଚି; କଚ୍ଛପୀ—A female tortoise.

ଦୁଲିଚା—ଦେ. ବ—ସୂତାର ଛୋଟ ଗାଲିଚା—
Dulichā A small carpet made of cotton thread.
ছুলিচা दुलिचा

ଦୁଲି—ଦେ. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
Duli A name given to females.
(ଦୁଲ, ଦୁଲେଇ, ଦୁଲାଦେଈ—ଅନ୍ୟରୂପ)

ଦୁଲ୍ଲଲା—ଦେ. ବ. ସ୍ତ୍ରୀ. (ସ. ଦୁର୍ଲ୍ଲଭା)—୧ । ଝିଅ—
Dullalā 1. Daughter.
আবদেরে মেয়ে ୨ । ଗେହ୍ଲା ଝିଅ—
दुलारी 2. Beloved daughter.

ଦୁଲ୍‌ହା—ପ୍ରାଦେ. (ସମ୍ବଲପୁର) ବଣ—୧ । ଲୁଳିତ; ଶ୍ଲଥ—
Dul-hā 1. Wrinkled; slackened.
୨ । ଢିଲା—2. Loose.

ଦୁଶଳ—ଦେ. ବଣ—ଦୁଷ୍ପ୍ରାପ୍ୟ—Rare.
Dusala ସହିଁରେ ଛଳ ଅଦମୂଳ, ଚହିଁରେ ବ ଦ୍ରବ୍ୟ ଦୁଶଳ ।
ପ୍ରାଚୀ. ନର୍ମଦାମାହାତ୍ମ୍ୟ ।

ଦୁଶା—ଗ୍ରା. ବ—ଦୁଃଶାସନର ଡାକନାମ—
Dusā Name for calling Duhsāsana.

ଦୁଶାଲ—ବୈଦେ. ବ. (ଫା. ଦୋଶାଲ; ଭୁଲ ସ. ଦ୍ଵିଶାଟ)—
Dusāla ଦୋଶାଲ (ଦେଖ)
দুশাল दुशाला Dosālā (See)

ଦୁଶାସନ—ଗ୍ରା. ବ. (ସ. ଦୁଃଶାସନ)—ଦୁଃଶାସନ (ଦେଖ)
Dusasana Duhsāsana (See)

ଦୁଶିବା—ଦେ· କ୍ରି. (ସ. ଦୃଶ୍ ଧାତୁର କର୍ମବାଚ୍ୟ)—
Dusibā ୧ । ଦେଖାଯିବା; ଦୃଷ୍ଟ ହେବା—1. To be seen.
দেখান दिखना ୨ । ଦୃଷ୍ଟିଗୋଚର ହେବା—2. To appear.

ଦୁଶ୍ଚର—ସ. ବଣ. (ଦୁର୍+ଚର ଧାତୁ+କର୍ମ.ଅ)—୧ । ଯେଉଁସ୍ଥାନରେ
Duschara ଅତି କଷ୍ଟରେ ବିଚରଣ କରାଯାଏ; ଦୁର୍ଗମ—
1. Impassable.
୨ । କୃଚ୍ଛ୍ରସାଧ୍ୟ; ଯାହା ଆଚରଣ କରିବା କଠିନ; ଦୁଷ୍କର—
2. Performable with difficulty.
ସ. ବ—୧ । ଶାମୁକା (ପ୍ରକୃତିବାଦ)—1. Oyster-shell.
୨ । ଭାଲୁ (ପ୍ରକୃତିବାଦ)—2. Bear.

ଦୁଶ୍ଚରିତ(ତ୍ର)—ସ. ବ [କର୍ମଧା; ଦୁଃ+ଚରିତ(ତ୍ର)=ଆଚରଣ,ସ୍ୱଭାବ]—
Duścharita(tra) ୧ । କୁସ୍ୱଭାବ—1. Bad nature.
[ଦୁଶ୍ଚରିତା(ତ୍ରା)—ସ୍ତ୍ରୀ] ୨ । ମନ୍ଦ ଆଚରଣ; କୁଚରିତ୍ର—
2. Bad character.
୩ । ମନ୍ଦବ୍ୟବହାର—3. Ill-behaviour.
ସ. ବଣ (ବହୁବ୍ରୀହି)—୧ । ଗର୍ହିତପ୍ରବୃତ୍ତିବିଶିଷ୍ଟ—
1. Of bad character; bad-natured; vicious; immoral.
୨ । ମନ୍ଦବ୍ୟବହାରକାରୀ—2. Ill-behaved.

ଦୁଶ୍ଚର୍ମା—ସ. ବଣ (ବହୁବ୍ରୀହି; ଦୁର୍+ଚର୍ମନ୍; ୧ମା. ୧ବ)—
Duścharmā ୧ । ମନ୍ଦଚର୍ମବିଶିଷ୍ଟ—1. Having a rough skin or hide.
(ଦୁଶ୍ଚର୍ମ୍ମା—ଅନ୍ୟରୂପ)
୨ । ଯେଉଁ ପୁରୁଷର ଲିଙ୍ଗେନ୍ଦ୍ରିୟର ମୁହଁ ଢାଙ୍କିବା ଚମଡ଼ା ଜନ୍ମକାଳରୁ ନ ଥାଏ (ହି. ଶବ୍ଦସାଗର)—
2. (a male) Having no foreskin on his male organ since his birth.
[ଦ୍ର—ଧର୍ମଶାସ୍ତ୍ରର ମତ ଏହି କି ଗୁରୁତଳ୍ପଗ ବ୍ୟକ୍ତିମାନେ ଜନ୍ମାନ୍ତରରେ ଦୁଶ୍ଚର୍ମା ହୋଇ ଜନ୍ମନ୍ତି । ବିନା ପ୍ରାୟଶ୍ଚିତ୍ତରେ ଏପରି ଲୋକ କୌଣସି ଧର୍ମକାର୍ଯ୍ୟ କରିବାର ଅଧିକାରୀ ନୁହନ୍ତି; ଏମନ୍ତ କି ବିନା ପ୍ରାୟଶ୍ଚିତ୍ତରେ ଏମାନଙ୍କର ଦାହକର୍ମ ବା ମୃତକକର୍ମ କରାଯାଇ ନ ପାରେ—ହି. ଶବ୍ଦସାଗର ।]
ସ. ବ—ମନ୍ଦ ଚମଡ଼ା—Bad leather; bad skin.

ଦୁଶ୍ଚିକିତ୍ସା—ସ. ବ (କର୍ମଧା; ଦୁର୍+ଚିକିତ୍ସା)—୧ । ଆୟୁର୍ବେଦବିରୁଦ୍ଧ
Duschikitsā ଚିକିତ୍ସା—1. Treatment against the dictates and rules of the Āyurbeda.
୨ । ଗର୍ହିତ ବା ମନ୍ଦ ଚିକିତ୍ସା—
2. Bad or careless medical treatment.
୩ । ଅନାଡ଼ି ବୈଦ୍ୟଙ୍କ ଦ୍ୱାରା ଚିକିତ୍ସା—
3. Treatment by quacks; quackery.

ଦୁଶ୍ଚିକିତ୍ସ୍ୟ—ସ. ବଣ (ଦୁର୍+ଚିକିତ୍ସ୍ୟ)—ଯେଉଁ ରୋଗ ସହଜରେ
Duśchikitsya ଚିକିତ୍ସା କରି ଯାଇ ପାରେ ନାହିଁ; ଦୁସାରୋଗ୍ୟ—
ଦୁଶ୍ଚିକିତ୍ସ / ଦୁଶ୍ଚିକିତ୍ସନୀୟ } ଅନ୍ୟରୂପ ncurable; curable with difficulty.

ଦୁଶ୍ଚିତ୍—ସ. ବ (ଦୁର୍+ଚିତ୍)—୧ । ଚିନ୍ତା; ଆଶଙ୍କା (ହି. ଶବ୍ଦସାଗର)—
Duschit 1. Anxiety.
୨ । କିଂକର୍ତ୍ତବ୍ୟବିମୂଢ଼ତା (ହି. ଶବ୍ଦସାଗର)—
2. Perplexity.

ଦୁଶ୍ଚିନ୍ତା—ସ. ବ (କର୍ମଧା; ଦୁର୍+ଚିନ୍ତା)—ମନ୍ଦ ଚିନ୍ତା—
Duśchintā Evil thought; malevolence.

ଦୁଶ୍ଚିନ୍ତ୍ୟ—ସ. ବଣ (ଦୁର୍+ଚିନ୍ତ୍ୟ)—ଯାହା କଠିନତା ସହକାରେ ଚିନ୍ତା
Duśchintya କରାଯାଏ—That which can be
(ଦୁଶ୍ଚିନ୍ତନୀୟ—ଅନ୍ୟରୂପ) conceived with great difficulty.

ଦୁଶ୍ଚେଷ୍ଟା—ସ. ବ (କର୍ମଧା; ଦୁର୍+ଚେଷ୍ଟା;—୧ । କଦାଚରଣ—
Duscheshtā 1. Bad conduct; perversity.

୨ । ଅସୀମସାହସିକ ଚେଷ୍ଟା—
2. Fool-hardy endeavour.

ଦୁଶ୍ଚେଷ୍ଟିତ—ସ. ବି (କର୍ମଧା; ଦୁର୍+ଚେଷ୍ଟିତ=ଚେଷ୍ଟା)—
Duścheshṭita ଦୁଶ୍ଚେଷ୍ଟା (ଦେଖ)—Duścheshṭā (See).
ସ. ବିଣ—ଦୁଷ୍ଟରତ—Ill-behaved; perverse.

ଦୁଶ୍ଚ୍ୟବନ—ସ. ବି (ବହୁବ୍ରୀହି; ଦୁର୍+ଚ୍ୟବନ)—ଇନ୍ଦ୍ର; ଦେବରାଜ—
Duśchyabana Indra.
[ଦ୍ର—ଇନ୍ଦ୍ର ଚ୍ୟବନ ମୁନିଙ୍କ ପ୍ରତି ବଜ୍ର ଉତ୍ତୋଳନ କରିବାରୁ ତାଙ୍କ ଅଭିଶାପରେ ଇନ୍ଦ୍ରଙ୍କ ହସ୍ତ ସ୍ତମ୍ଭିତ ହୋଇଥିଲା ।]
ସ. ବିଣ. ପୁଂ (ଦୁର୍+ଚ୍ୟୁ ଧାତୁ+କର୍ତ୍ତୃ. ଅନ)—ଯେ ସହଜରେ ବିଚଳିତ ହୁଏ ନାହିଁ—
Which can be displaced with difficulty.

ଦୁଶ୍ଛେଦ୍ୟ—ସ. ବିଣ (ଦୁର୍+ଛିଦ୍ ଧାତୁ+କର୍ମ. ଯ)—
Duśchhedya ଯାହା ସହଜରେ ଛିଣ୍ଡା ଯାଇ ନ ପାରେ—
Difficult to cut.

ଦୁଷ୍ (ଧାତୁ)—ସ—୧ । ଦୋଷ ଦେବା—1. To blame.
Dush (root) ୨ । ଦୂଷିତ ହେବା—2. To become too.

ଦୁଷୀ—ପ୍ରାଦେ. (ସମ୍ବଲପୁର) ବି—ଜ୍ୟୋତିଷୀ—
Dushi Astrologer.

ଦୁଷ୍କର—ସ. ବିଣ. (ଦୁର୍+କୃ ଧାତୁ+କର୍ମ. ଅ)—
Dushkara ୧ । ଅତି କଷ୍ଟସାଧ୍ୟ—1. Performable
(ସୁକର—ବିପରୀତ) with difficulty; hard to do.
୨ । ଅସାଧ୍ୟ; ଦୁଃସାଧ୍ୟ—2. Impracticable.
୩ । ଦୁରନ୍ତ—3. Fierce.
ସ. ବି—ଆକାଶ (ଦ୍ର. ଶବ୍ଦସାଗର)—The sky.

ଦୁଷ୍କର୍ମ—ସ. ବି. (ଦୁର୍+କର୍ମନ୍; କର୍ମଧାରୟ)—
Dushkarma ୧ । ଅକାର୍ଯ୍ୟ; ମନ୍ଦ କାର୍ଯ୍ୟ—
1. Evil act; bad act; misdeed.
୨ । ଅପରାଧ—2. Crime; offence.
୩ । ପାପ—3. Sin.
୪ । ଦୁର୍ଭାଗ୍ୟ—4. Ill luck; misfortune.

ଦୁଷ୍କର୍ମା—ସ. ବିଣ. (ବହୁବ୍ରୀହି; ଦୁର୍+କର୍ମନ୍; ୧ମା. ୧ବ)—
Dushkarmā ୧ । କୁକର୍ମନିରତ—1. Bent on evil.
୨ । ହତଭାଗ୍ୟ—2. Unfortunate; unlucky.
୩ । ପାପୀ—3. Sinful.

ଦୁଷ୍କର୍ମାନ୍ୱିତ—ସ. ବିଣ. ପୁଂ. (୩ୟା ତତ୍; ଦୁଷ୍କର୍ମ+ଅନ୍ୱିତ)—
Dushkarmānwita ଦୁଷ୍କର୍ମା (ଦେଖ).
(ଦୁଷ୍କର୍ମାନ୍ୱିତା—ସ୍ତ୍ରୀ) Dushkarmā (See)

ଦୁଷ୍କାର୍ଯ୍ୟ—ସ. ବି—ଦୁଷ୍କ୍ରିୟା (ଦେଖ)
Dushkārjya Dushkriyā (See)

ଦୁଷ୍କାଳ—ସ. ବି. (କର୍ମଧା; ଦୁର୍+କାଳ)—
Dushkāḷa ୧ । ଅକାଳ; ଦୁଃସମୟ—1. Bad times.
୨ । ଯେଉଁ କାଳରେ ଯେଉଁ କର୍ମ କହିତ ଅଛି ତାହାର ବ୍ୟତିକ୍ରାନ୍ତ କାଳ—2. Unsuitable time.

୩ । ଶିବ—3. Śiba.

ଦୁଷ୍କୁଳ—ସ. ବି. (କର୍ମଧା; ଦୁର୍+କୁଳ)—
Dushkuḷa ଅକୁଳ; ନୀଚ ବଂଶ—
Low family; base family.
(ଦୁଷ୍କୁଳା—ସ୍ତ୍ରୀ) ସ. ବିଣ. ପୁଂ—ଦୁଷ୍କୁଳୀନ (ଦେଖ)
Dushkuḷīna (See)

ଦୁଷ୍କୁଳୀନ—ସ. ବିଣ. ପୁଂ. (ଦୁଷ୍କୁଳ+ଜାତାର୍ଥରେ ଈନ)—
Dushkuḷīna ନୀଚବଂଶୋଦ୍ଭବ; ଅସତ୍କୁଳଜାତ—
(ଦୁଷ୍କୁଳୀନା—ସ୍ତ୍ରୀ) Of low birth; sprung from a low family; base-born

ଦୁଷ୍କୃତ—ସ. ବି. (ଦୁର୍+କୃତ)—
Dushkṛuta ୧ । କୁକାର୍ଯ୍ୟ—1. Evil act; misdeed.
(ସୁକୃତ—ବିପରୀତ) ୨ । ପାପ—2. Sin; guilt; crime.
୩ । ଦୁରଦୃଷ୍ଟ—3. Misfortune.
(ଦୁଷ୍କୃତା—ସ୍ତ୍ରୀ) ସ. ବିଣ—୧ । ଅସଦୁପାୟରେ ଅନୁଷ୍ଠିତ—
1. Brought about by foul means.
୨ । ପାପିଷ୍ଠ—2. Sinning.
୩ । ପାପଜନକ—3. Sinful.
୪ । ପାପଯୁକ୍ତ—4. Addicted to sin.

ଦୁଷ୍କୃତି—ସ. ବି. (ଦୁର୍+କୃତି)—ଦୁଷ୍କୃତ (ଦେଖ)—
Dushkṛuti Dushkṛuta (See)

ଦୁଷ୍କୃତୀ—ସ. ବିଣ. ପୁଂ. (ଦୁଷ୍କୃତ+ଇନ୍; ୧ମା. ୧ବ)—
Dushkṛutī ପାପାତ୍ମା—Sinful; sinning.
(ଦୁଷ୍କୃତିନୀ—ସ୍ତ୍ରୀ)

ଦୁଷ୍କ୍ରମ—ସ. ବି. (କର୍ମଧା; ଦୁର୍+କ୍ରମ)—
Dushkrama ମନ୍ଦ କ୍ରମ—Bad sequence.
ସ. ବିଣ. (ବହୁବ୍ରୀହି)—ଯହିଁରେ କ୍ରମ ବା ଧାରାବାହିକତାର ଭଙ୍ଗ ଘଟିଅଛି—Having bad sequence.

ଦୁଷ୍କ୍ରମତା—ସ. ବି. (ଦୁଷ୍କ୍ରମ+ଭାବ. ତା)—ଅର୍ଥଦୋଷବିଶେଷ; ଯେଉଁ
Dushkramatā ଦୋଷ ଥିଲେ ଅର୍ଥକଥନରେ କ୍ରମଭଙ୍ଗ ହୁଏ—
A fault in rhetoric.
ପିଇଲେ ରୁଧିର ପଣ । ପଛରେ ପ୍ରେତ-ଅଙ୍ଗଣ ।
ମଣ୍ଡାପର ମଣ୍ଡ ସେବାଇଲେ ଯେ । ଉଦା. ଲକ୍ଷଣାବଳୀ ।
[ଦ୍ର—ଆଗେ ପିଇବା ପରେ ଖାଇବା ଏହା କ୍ରମବିପର୍ଯ୍ୟୟ ।]

ଦୁଷ୍କ୍ରିୟ—ସ. ବିଣ. ପୁଂ. (ବହୁବ୍ରୀହି; ଦୁର୍+କ୍ରିୟା)—
Dushkriya ଯେ ମନ୍ଦ କାର୍ଯ୍ୟ କରେ—Doing evil acts;
(ଦୁଷ୍କ୍ରିୟା—ସ୍ତ୍ରୀ) of bad conduct.

ଦୁଷ୍କ୍ରିୟା—ସ. ବି. (କର୍ମଧା; ଦୁର୍+କ୍ରିୟା)—ମନ୍ଦକାର୍ଯ୍ୟ; କୁକାର୍ଯ୍ୟ—
Dushkriyā Bad act.
ସ. ବିଣ. ସ୍ତ୍ରୀ. (ଦୁଷ୍କ୍ରିୟ+ସ୍ତ୍ରୀ. ଆ)—ଦୁଷ୍କ୍ରିୟର ସ୍ତ୍ରୀଲିଙ୍ଗ—
Feminine of Dushkriya.

ଦୁଷ୍କ୍ରିୟାସକ୍ତ—ସ. ବିଣ. ପୁଂ. (୭ମୀ ତତ୍; ଦୁଷ୍କ୍ରିୟା+ଆସକ୍ତ)—
Dushkriyāsakta ଦୁଷ୍କର୍ମରେ ଅନୁରକ୍ତ—
(ଦୁଷ୍କ୍ରିୟାସକ୍ତା—ସ୍ତ୍ରୀ) Addicted to evil deeds.
(ଦୁଷ୍କ୍ରିୟାରତ—ଅନ୍ୟରୂପ)

ଦୁଷ୍କ୍ରୀତ—ସଂ. ବିଣ. (ଦୁର୍+କ୍ରୀ ଧାତୁ+କର୍ମ. ତ)—
Dushkrita ମହର୍ଘରେ କଣା ଯାଇଥିବା—
Purchased dearly; dearly paid for; purchased at an exorbitant price.

ଦୁଷ୍କ୍ରେୟ—ସଂ. ବିଣ. (ଦୁର୍+କ୍ରେୟ)—ଯାହା ସହଜରେ କ୍ରୟ କରାଯାଇ
Dushkreya ନ ପାରେ; ମହର୍ଘ—Dear in price.

ଦୁଷ୍ଖଦିର—ସଂ. ବି—ଏକପ୍ରକାର ହଳଦିଆ ବା ଫିକା ଖଇର; ପାକଡ଼
Dushkhadira ଖଇର—Brown catechu
ଅନ୍ୟ ସଂ. ନାମ—କାମୋଜୀ: [ଦ୍ର—ଏହାର ଗଛ କଳା ଖଇରର
କାଲସ୍କନ୍ଦ; ଗୋରଟ; ଅମରାଜ; ଗଛ ଅପେକ୍ଷା ଶ୍ରେଷ୍ଠ; ଏହାର ଖଇର
ପତ୍ରତରୁ; ବହୁସାର; ମହାସାର; ପାଣ୍ଡୁର ବା ହଳଦିଆ ଓ ଖାଇବାକୁ
କ୍ଷୁଦ୍ରଖଦିର କଡ଼ା ଓ କଷା ଲାଗେ ।]

ଦୁଷ୍ଟ—ସଂ. ବିଣ. ପୁଂ. (ଦୁଷ୍ ଧାତୁ=ବିକୃତ ହେବା+କର୍ତ୍ତୃ. ତ)—
Dushta ୧ । ଦୋଷଯୁକ୍ତ; ଦୋଷବିଶିଷ୍ଟ—
(ଦୁଷ୍ଟା—ସ୍ତ୍ରୀ) 1. Faulty; defective.
ଦୁଷ୍ଟତା, ଦୁଷ୍ଟତ୍ୱ } ବି. ୨ । ଅପବିତ୍ର—2. Tainted; defiled.
୩ । ଦୁର୍ଜନ; ଖଳ—
3. Wicked; depraved.
୪ । ମନ୍ଦ—4. Bad.
୫ । ନୀଚ—5. Low; mean; vile.
୬ । ଅପରାଧୀ - 6. Guilty; criminal.
୭ । ମନ୍ଦପ୍ରକୃତିକ—7. Naughty; wanton.
୮ । ଅନୁଚିତ—8. Improper.
୯ । (ବୈଦ୍ୟକ) ଦୂଷିତ (ବାତ, ପିତ୍ତ, କଫ)—
9. (medical science) Become noxious.
ଦେ. ବି—୧ । ଦୁର୍ଜନ ବ୍ୟକ୍ତି—
1. Wicked person; a bad man.
୨ । କୁଷ୍ଠରୋଗ (ହି. ଶବ୍ଦସାଗର)—2. Leprosy.

ଦୁଷ୍ଟଚାରୀ—ସଂ. ବିଣ. ପୁଂ (ଦୁଷ୍ଟ+ଚର୍ ଧାତୁ+କର୍ତ୍ତୃ.ଇନ୍ ୧ମା.୧ବ)
Dushtachāri ୧ । ଦୁଷ୍କର୍ମରେ ରତ—1. Addicted to evil acts.
(ଦୁଷ୍ଟଚାରିଣୀ-ସ୍ତ୍ରୀ)
୨ । ପାପିଷ୍ଠ—2. Sinful.
୩ । ଖଳ; ଦୁର୍ଜନ—3. Wicked.

ଦୁଷ୍ଟଚେତା(ତାଃ)—ସଂ. ବିଣ. (ବହୁବ୍ରୀହି; ଦୁଷ୍ଟ+ଚେତସ୍;୧ମା.୧ବ)—
Dushtachetā(tāh) ୧ । ଦୁଷ୍ଟ ବା ମନ୍ଦ ଚିନ୍ତା କରିବା(ବ୍ୟକ୍ତି)—
1. Of evil thought.
୨ । ଅହିତାକାଂକ୍ଷୀ—2. Wishing evil to others.
୩ । କପଟୀ—Hypocritical.

ଦୁଷ୍ଟପଣ—ଦେ. ବି.—ଦୁଷ୍ଟତା—Mischievousness; wickedness; depravity; wantonness.
Dushtapana
ଦୁଷ୍ଟପଣା, ଦୁଷ୍ଟାମି, ଦୁଷ୍ଟୁମି; ଦୁଷ୍ଟପଣା
(ଦୁଷ୍ଟପଣିଆଁ—ଅନ୍ୟରୂପ)

ଦୁଷ୍ଟ ପ୍ରକୃତି—ସ.ବ (କର୍ମଧା;ଦୁଷ୍ଟ+ପ୍ରକୃତି)—ମନ୍ଦପ୍ରକୃତି; ନୀଚବୁଦ୍ଧି—
Dushta prakruti Wicked nature.
ସ. ବିଣ (ବହୁବ୍ରୀହି)—ଦୁଷ୍ଟବୁଦ୍ଧି ବିଶିଷ୍ଟ—Of wicked disposition.

ଦୁଷ୍ଟ ବୁଦ୍ଧି—ସ. ବି ଓ ବିଣ—ଦୁଷ୍ଟ ପ୍ରକୃତି (ଦେଖ)
Dushta buddhi Dushta prakruti (See).

ଦୁଷ୍ଟ ବ୍ରଣ—ସ. ବି. (କର୍ମଧା:ଦୁଷ୍ଟ+ବ୍ରଣ)—ଯେଉଁ ବ୍ରଣ ବା ଘାଆ
Dushta brana ବିଶେଷ କଷ୍ଟ ଦିଏ ଏବଂ ଶୀଘ୍ର ଭଲ ହୁଏ ନାହିଁ—
Malignant tumour, boil or sore.
[ଦ୍ର—ଏ ଘାଆରୁ ଦୁର୍ଗନ୍ଧ ବାହାରେ ଓ ଏହା ଦୁଃସାଧ୍ୟ ।
ହିନ୍ଦୁ ଧର୍ମଶାସ୍ତ୍ରରେ ଏହା ପୂର୍ବଜନ୍ମ କୃତ ମହାପାତକର ଫଳ ବୋଲି
ସ୍ୱୀକୃତ ହୋଇଅଛି । ତେଣୁ ପ୍ରାୟଶ୍ଚିତ୍ତରେ ଏ ରୋଗୀ ଅସ୍ପୃଶ୍ୟ ଓ
ଏହାର ଦାହକର୍ମ ଓ ମୃତକ ସଂସ୍କାର ନିଷିଦ୍ଧ । ହି. ଶବ୍ଦସାଗର ।]

ଦୁଷ୍ଟ ମତି—ସଂ ବି. ଓ ବିଣ—ଦୁଷ୍ଟ ପ୍ରକୃତି (ଦେଖ)
Dushta mati Dushta prakruti (See)

ଦୁଷ୍ଟସାକ୍ଷୀ—ସ. ବି (ହିନ୍ଦୁ ସ୍ମୃତି) ଯେଉଁ ସାକ୍ଷୀ ମିଥ୍ୟାସାକ୍ଷ୍ୟ ଦିଏ କିମ୍ବା
Dushta sākshī ବ୍ୟାଧିଗ୍ରସ୍ତ ବା ମହାପାତକୀ କିମ୍ବା ଯାହାର କୌଣସି
ପକ୍ଷ ସଙ୍ଗେ ଅର୍ଥସମ୍ବନ୍ଧ, ମିତ୍ରତା ବା ଶତ୍ରୁତା ଅଛି—
(Hindu law) A witness who speaks falsely or is suffering from a serious malady or is interested in a party or is inimical to a party.
[ଦ୍ର—ଏପରି ସାକ୍ଷୀଠାରୁ ପ୍ରମାଣ ଗ୍ରହଣ କରିବା ହିନ୍ଦୁ ସ୍ମୃତି
ଶାସ୍ତ୍ରରେ ନିଷିଦ୍ଧ ।]

ଦୁଷ୍ଟ ସୀମା—ଦେ. ବିଣ—ଅତିଦୁଷ୍ଟ—
Dushta simā Very wicked.
କାଳ ପ୍ରାପିଲେ ପ୍ରାଣୀ କହେ ବକୃତବାଣୀ
ସହଜେ ତ ଏ ଦୁଷ୍ଟ ସୀମା—ସାଳଦୃଷ୍ଟ- ରସକଲ୍ଲୋଳ ।

ଦୁଷ୍ଟ ସ୍ୱଭାବ—ସଂ. ବି ଓ ବିଣ. ପୁଂ—ଦୁଷ୍ଟ ପ୍ରକୃତି (ଦେଖ)
Dushta swabhāba Dushta prakruti (See)
(ଦୁଷ୍ଟ ସ୍ୱଭାବା—ସ୍ତ୍ରୀ)

ଦୁଷ୍ଟା—ସଂ. ବିଣ. ସ୍ତ୍ରୀ (ଦୁଷ୍ଟ+ସ୍ତ୍ରୀ. ଆ)—୧ । ନଷ୍ଟା; ବ୍ୟଭିଚାରିଣୀ;
Dushtā କୁଳଟା; ଭ୍ରଷ୍ଟା—1. Dissolute; adulterous (woman); unchaste.
୨ । ମନ୍ଦ ସ୍ୱଭାବଯୁକ୍ତା—2. Evil natured (woman).

ଦୁଷ୍ଟାଙ୍ଗି—ଗ୍ରା. ବି—ଦୁଷ୍ଟାମି; ଦୁଷ୍ଟପଣ—
Dushtāngi Wickedness; villainy.

ଦୁଷ୍ଟାଚାର—ସ. ବି. (କର୍ମଧା; ଦୁଷ୍ଟ+ଆଚାର) – ମନ୍ଦ ଆଚରଣ—
Dushtāchāra Bad conduct; bad character.
(ଦୁଷ୍ଟାଚରଣ—ଅନ୍ୟରୂପ)
(ଦୁଷ୍ଟାଚାରା – ସ୍ତ୍ରୀ) ସ. ବିଣ (ବହୁବ୍ରୀହି) ମନ୍ଦ ଆଚରଣବିଶିଷ୍ଟ—
Of evil conduct or character.

ଦୁଷ୍ଟାଚାରୀ—ସଂ. ବିଣ. ପୁଂ – ଦୁଷ୍ଟାଚାର (ଦେଖ)
Dushtāchāri Dushtāchāra (See)
(ଦୁଷ୍ଟାଚାରିଣୀ – ସ୍ତ୍ରୀ)

ଦୁଷ୍ଟାତ୍ମା—ସଂ. ବିଣ (ବହୁବ୍ରୀହି; ଦୁଷ୍ଟ+ଆତ୍ମନ୍; ୧ମା. ୧ବ)—
Dushtātmā ୧ । ଦୁରାଶୟ—1. Evil-intentioned.
(ଦୁଷ୍ଟାତ୍ମତା—ବି) ୨ । ଦୁଷ୍ଟ ପ୍ରକୃତିକ—2. Of evil nature.

ଦୁଷ୍ଟାନ୍ନ—ସଂ. ବି. (କର୍ମଧା; ଦୁଷ୍ଟ+ଅନ୍ନ)—୧ । ନଷ୍ଟହୋଇଥିବା ଅନ୍ନ; ସଢ଼ା ବା ବାସୀ ଭାତ, ପର୍ଯ୍ୟୁଷିତାନ୍ନ—1. Stale and spoiled boiled rice.
Dushtānna
୨ । କୁତ୍ସିତ ଖାଦ୍ୟ—2. Bad food.
୩ । ପାପଦ୍ୱାରା ଅର୍ଜିତ ପ୍ରଦତ୍ତ ଅନ୍ନ—
3. Food earned by sin.
୪ । ନୀଚ ବ୍ୟକ୍ତିର ପ୍ରଦତ୍ତ ଅନ୍ନ—
4. Food given by a low or mean person.

ଦୁଷ୍ଟା ଭାର୍ଯ୍ୟା—ସ. ବ. ସ୍ତ୍ରୀ (କର୍ମଧା; ଦୁଷ୍ଟା+ଭାର୍ଯ୍ୟା)—୧ । ନଷ୍ଟା ସ୍ତ୍ରୀ—
Dushtā bhārjyā 1. A wife committing adultery.
୨ । ଅଶିଷ୍ଟାଚାରିଣୀ ସ୍ତ୍ରୀ—
2. A vixen; a shrew; a virago.

ଦୁଷ୍ଟାମି—ଦେ. ବ (ବଙ୍ଗଳାରୁ ଅନୁକୃତ)—ଦୁଷ୍ଟପଣ; ଦୁଷ୍ଟତା—
Dushtāmi Wickedness; wantonness.
ଦুষ্টামি; দুষ্টুমি, दुष्टपना; खोटाइ

ଦୁଷ୍ଟି—ଗ୍ରା. ବ (ସ. ଦୃଷ୍ଟି)—ଦୃଷ୍ଟି (ଦେଖ)
Dushti Drushti (See)
দিষ্টি ସ. ବ—(ଦୁଷ୍ ଧାତୁ=ବିକୃତ ହେବା+ଭାବ. ତି)—
दोठ ଦୋଷ; ବିକାର—Defect; flaw.

ଦୁଷ୍ଟୀ—ପ୍ରାଦେ. (ବାଲେଶ୍ୱର) ବିଣ. ସ୍ତ୍ରୀ—ଦୁଷ୍ଟର ସ୍ତ୍ରୀଲିଙ୍ଗ—
Dushti Feminine of Dushta.
(ଯଥା—ଦୁଷ୍ଟୀ ଟୋକୀ—ବୈଷ୍ଣବଚରଣ. ମନେ ମନେ ।)

ଦୁଷ୍ଟୁ—ଗ୍ରା. ବିଣ (ସ. ଦୁଷ୍ଟ; ବଙ୍ଗଳାରୁ ଅନୁକୃତ)—ଦୁଷ୍ଟ—
Dushtu Wicked; naughty.
ମୋ କଳୁଛି ଭର ଦୁଷ୍ଟୁ; କହୁଣୀ ମାରଇ ଭିଡ଼ିଭିଡ଼ି
ତୁରପଲା ତୁରପଲା । ଜାହାଣୀ ଗୀତ ।

ଦୁଷ୍ପଚ—ସ. ବିଣ. (ଦୁର୍=କଷ୍ଟ ବା ଦୁଃଖରେ+ପଚ୍ ଧାତୁ+କର୍ମ. ଅ)—ଯାହା ସହଜରେ ବା ଶୀଘ୍ର ଜୀର୍ଣ୍ଣ ହୁଏ ନାହିଁ—
Dushpacha
Not easily or soon digested; indigestible.

ଦୁଷ୍ପଦ—ସ. ବ (ଦୁର୍+ପଦ ଧାତୁ=ପାଇବା+କର୍ମ. ଅ)—ଦୁଷ୍ପ୍ରାପ୍ୟ
Dushpada (ବୃ. ଶବ୍ଦସାଗର)—Not easily attainable.

ଦୁଷ୍ପରାଜୟ—ସ. ବିଣ (ବହୁବ୍ରୀହି; ଦୁର୍+ପରାଜୟ)—ଯାହାକୁ ସହଜରେ ପରାଜୟ କରାଯାଇ ନ ପାରେ; ଅଜେୟ; ଦୁର୍ଜୟ—
Dushparājaya
Invincible; difficult to conquer.
ସ. ବ—ଧୃତରାଷ୍ଟ୍ରଙ୍କ ଏକ ପୁତ୍ର—
Name of a son of Dhrutarāshtra.

ଦୁଷ୍ପରିହର—ସ. ବିଣ (ଦୁର୍+ପରି+ହୃ ଧାତୁ+କର୍ମ. ଅ)—
Dushparihara ଯାହାକୁ ସହଜରେ ପରିହାର ବା ତ୍ୟାଗ କରାଯାଇ ନ ପାରେ—Difficult to be given up; not easily avoidable.

ଦୁଷ୍ପରିହରଣୀୟ—ସ. ବିଣ. (ଦୁର୍+ପରି+ହୃ ଧାତୁ+କର୍ମ. ଅନୀୟ)—
Dushpariharaṇiya ଦୁଷ୍ପରିହର (ଦେଖ)
Dushparihara (See)

ଦୁଷ୍ପରିହାର୍ଯ୍ୟ—ସ. ବିଣ—ଦୁଷ୍ପରିହର (ଦେଖ)
Dushparihārjya Dushparihara (See)

ଦୁଷ୍ପର୍ଶ—ସଂ. ବିଣ. (ବହୁବ୍ରୀହି; ଦୁର୍+ସ୍ପର୍ଶ)—
Dushparśa ୧ । ଯାହାକୁ ଛୁଇଁବା କଷ୍ଟକର—
1. Touchable with difficulty.
୨ । ଦୁଷ୍ପ୍ରାପ୍ୟ (ବୃ. ଶବ୍ଦସାଗର)—
2. Not easily attainable.

ଦୁଷ୍ପର୍ଶା—ସ. ବ.—ଦୁରାଲଭା (ଦେଖ) [ଚରେକୃଷ୍ଣ. ଦ୍ରବ୍ୟଗୁଣ]
Dushparśā Durālabhā (See)

ଦୁଷ୍ପାଚ୍ୟ—ସଂ. ବିଣ. (ଦୁର୍+ପଚ୍ ଧାତୁ+କର୍ମ. ଯ)—
Dushpāchya ଦୁଷ୍ପଚ (ଦେଖ)—Dushpacha (See)

ଦୁଷ୍ପାର—ସଂ. ବିଣ. (ଦୁର୍+ପାର)—୧ । ମନୁଷ୍ୟ ଯାହାକୁ ସହଜରେ ପାର ହୋଇ ନ ପାରେ—1. That which can not be easily crossed over.
Dushpāra
୨ । ଦୁଃସାଧ୍ୟ (ବୃ. ଶବ୍ଦସାଗର)—
2. Attainable with difficulty.

ଦୁଷ୍ପୁତ୍ର—ସଂ. ବି. (କର୍ମଧା; ଦୁର୍+ପୁତ୍ର)—କୁପୁତ୍ର—
Dushputra A bad or undutiful son.

ଦୁଷ୍ପୂର—ସଂ. ବିଣ—୧ । ଯାହା ସହଜରେ ପୂର୍ଣ୍ଣ ହୋଇ ନ ପାରେ—
Dushpūra 1. Which can not be filled up easily.
୨ । ଅନିବାର୍ଯ୍ୟ (ବୃ. ଶବ୍ଦସାଗର)—2. Unpreventible.

ଦୁଷ୍ପ୍ରକୃତି—ସଂ. ବ. (କର୍ମଧା;ଦୁର୍+ପ୍ରକୃତି)—ମନ୍ଦ ପ୍ରକୃତି—
Dushprakruti Evil nature.
ସଂ. ବିଣ.—ଦୁଃଶୀଳ—Of evil nature.

ଦୁଷ୍ପ୍ରଧର୍ଷ—ସଂ. ବିଣ. (ଦୁର୍+ପ୍ର+ଧୃଷ୍ ଧାତୁ+କର୍ମ. ଅ)—
Dushpradharsha ଯାହାକୁ ସହଜରେ ଆକ୍ରମଣ କରାଯାଇ ନ ପାରେ; ଅଧର୍ଷଣୀୟ; ଦୁର୍ଦ୍ଧର୍ଷ—
(ଦୁଷ୍ପ୍ରଧର୍ଷା—ସ୍ତ୍ରୀ)
(ଦୁଷ୍ପ୍ରଧର୍ଷତା—ବି) Hard to assail; unassailable.

ଦୁଷ୍ପ୍ରବୃତ୍ତି—ସଂ. ବି. (କର୍ମଧା; ଦୁର୍ ପ୍ରବୃତ୍ତି)—କୁପ୍ରବୃତ୍ତି; ମନ୍ଦ ପ୍ରବୃତ୍ତି—
Dushprabrutti Evil disposition or inclination.

ଦୁଷ୍ପ୍ରବେଶ—ସଂ. ବିଣ. (ଦୁର୍+ପ୍ର+ବିଶ୍ ଧାତୁ+କର୍ମ. ଅ)—
Dushprabeśa ଯାହା ମଧ୍ୟରେ ସହଜରେ ପ୍ରବେଶ କରାଯାଇ ନ ପାରେ—Difficult to enter; impassable.

ଦୁଷ୍ପ୍ରମେୟ—ସ. ବିଣ (ଦୁର୍+ପ୍ରମେୟ)—ଅପରିମେୟ; ଯାହା ପରିମାଣ କରିବା କଷ୍ଟକର—Difficult to measure.
Dushprameya

ଦୁଷ୍ପ୍ରସହ—ସ. ବିଣ (ଦୁର୍+ପ୍ର+ସହ ଧାତୁ+କର୍ମ. ଅ)—ଯାହା ସହ୍ୟ କରିବା କଷ୍ଟକର—Hard to endure; difficult to be borne.
Dushprasaha

ଦୁଷ୍ପ୍ରାପ(ପ୍ୟ)—ସ. ବିଣ (ଦୁର୍+ପ୍ର+ଆପ୍ ଧାତୁ+କର୍ମ. ଅ)—
Dushprāpa(pya) ଯାହା ସହଜରେ ମିଳେ ନାହିଁ; ଦୁର୍ଲଭ—
(ସୁପ୍ରାପ୍ୟ—ବିପରୀତ) Difficult to obtain; rare; scarce.

ଦୁଷ୍ପ୍ରେକ୍ଷ(କ୍ଷ୍ୟ)—ସ. ବିଣ (ଦୁର୍+ପ୍ର+ଈକ୍ଷ ଧାତୁ+କର୍ମ. ଅ; ଯ)—
Dushpreksha(kshya) ୧ । ଯାହାକୁ ଚାହିଁବା କଷ୍ଟକର—
1. Difficult to look at.

୨ । ଦୁର୍ଦ୍ଦର୍ଶନ; ଭୀଷଣ—2. Terrific to look at.

ଦୁଷ୍ମନ୍ତ—ସଂ. ବି—(ଦୁଷ୍=ଦୋଷୀ+ମନ୍ ଧାତୁ=ବୋଧ କରିବା+ତ;
Dushmanta ଶକୁନ୍ତଳାଙ୍କୁ ପରିତ୍ୟାଗ କରିଥିବାରୁ ସେ ଆପଣାକୁ
(ଦୁଷ୍ୟନ୍ତ—ଅନ୍ୟରୂପ) ଦୋଷୀ ବୋଧ କରିଥିଲେ)—ଚନ୍ଦ୍ରବଂଶୀୟ
ଏକ ରାଜାଙ୍କ ପୁତ୍ର ଓ ଭରତ ରାଜାଙ୍କ ପିତା; ଶକୁନ୍ତଳାଙ୍କ
ସ୍ୱାମୀ; କାଳିଦାସଙ୍କ ଅଭିଜ୍ଞାନଶକୁନ୍ତଳ ନାଟକର
ନାୟକ—The father of king Bharata
(the hero of Kālidāsa's drama Śakuntala.

ଦୁସ୍ମନ୍—ବୈଦେ. ବିଣ. (ଫା.)—୧ । ଶତ୍ରୁଭାବାପନ୍ନ—
Dus-man 1. Inimical; hostile; unfriendly.
दुसमन; दुश्मन ୨ । ଦ୍ୱେଷୀ—2. Malicious.
ବି—୧ । ଶତ୍ରୁ—Enemy.
୨ । ବିପକ୍ଷ ଲୋକ—2. Adversary.

ଦୁସ୍ମନ୍ ବନିବା—ଦେ. କ୍ରି—ଶତ୍ରୁରୂପେ ପରିଣତ ହେବା—
Dus-man banibā To turn an enemy.
दुसमन हओया; दुश्मन बनना

ଦୁସ୍ମନି—ବୈଦେ. ବି. (ଫା.)—୧ । ଶତ୍ରୁତା—1. Enmity;
Dus-mani hostility.
दुसमनि; दुश्मनी ୨ । ଦ୍ୱେଷ—2. Malice.

ଦୁସ୍ରା—ପ୍ରାଦେ (ସମ୍ବଲପୁର) ବିଣ (ହି. ଦୁସରା)—୧ । ଅନ୍ୟ—
Dus-rā 1. Another;
୨ । ଦ୍ୱିତୀୟ—2. Second.
୩ । ଯୁଗ୍ମ ମଧ୍ୟରୁ ଏକତର—3. Duplicate; one of a pair.

ଦୁସ୍ରାନେ—ପ୍ରାଦେ. (ସମ୍ବଲପୁର) ଅ—ଅନ୍ୟତ୍ର—
Dusrāne Elsewhere; at any other place.

ଦୁସର୍—ପ୍ରାଦେ. (ବସ୍ତର) ବିଣ—ଦୋସରା (ଦେଖ)
Dusar Dosarā (See)

ଦୁସରା—ବୈଦେ. ବିଣ. (ଫା. ଦୋସରା)—ଦୋସରା (ଦେଖ)
Dusarā Dosarā (See)
दुसरा ଦୁସରା ବସ୍ତି ଦେଖା ଅସୁଲ କରି ନେଇ ମେଦନୀପୁର ଗଲେ ।
दोसरा ଫକୀରମୋହନ, ଛମାଣଆଠଗୁଣ୍ଠ ।

ଦୁସ୍ତର—ସ. ବିଣ. (ଦୁର୍+ତୃ ଧାତୁ+କର୍ମ. ଅ)—
Dustara ୧ । ମନୁଷ୍ୟ ଯାହାକୁ ସହଜରେ ପାର ହୋଇ ନ ପାରେ;
(ଦୁସ୍ତରା—ସ୍ତ୍ରୀ) ଦୁରତିକ୍ରମ—1. Hard to get over; uncrossable; insurmountable; almost impassable.
୨ । ଅତି କଷ୍ଟକର—2. Very difficult.
ଦେ. ବିଣ—୧ । ଅତି କଷ୍ଟସାଧ୍ୟ—1. Impracticable; difficult of accomplishment.
୨ । ଭାରି ଦୁଷ୍ଟ; ଅତି ମନ୍ଦ—
2. Very bad; very wicked.
(ଯଥା—ଏ ପିଲାଗୁଡ଼ାକ ଅତି ଦୁସ୍ତର ହେଲେଣି ।)

ଦେ. ବି—ଅତି ସଙ୍କଟାପନ୍ନ ଅବସ୍ଥା—
Very critical condition.
ସମାଚାର ଶୁଣି ଜରେ ଦୁସ୍ତର ଦସ୍ତର । ସାରଳା. ମହାଭାରତ ।

ଦୁସ୍ତରଣୀୟ—ସ. ବିଣ. (ଦୁର୍+ତୃ ଧାତୁ+କର୍ମ. ଅନୀୟ)—
Dustaraṇiya ଦୁସ୍ତର (ଦେଖ)—Dustara (See)
(ଦୁସ୍ତରଣୀୟା—ସ୍ତ୍ରୀ)

ଦୁସ୍ତର୍ଯ୍ୟ—ସ. ବିଣ. (ଦୁର୍+ତୃ ଧାତୁ+କର୍ମ. ଯ)—ଦୁସ୍ତର (ଦେଖ)
Dustarjya Dustara (See)
(ଦୁସ୍ତର୍ଯ୍ୟା—ସ୍ତ୍ରୀ)

ଦୁସ୍ତ୍ୟଜ—ସ. ବିଣ. (ଦୁର୍+ତ୍ୟଜ୍ ଧାତୁ+କର୍ମ. ଅ)—ଯାହାକୁ
Dustyaja ସହଜରେ ତ୍ୟାଗ କରିହୋଇ ନ ପାରେ; ଦୁଷ୍ପରିହାର୍ଯ୍ୟ—
(ଦୁସ୍ତ୍ୟାଜ୍ୟ—ଅନ୍ୟରୂପ) Relinquishable with difficulty.

ଦୁ(ଦୁଃ)ସ୍ଥ—ସ. ବିଣ. (ଦୁର୍+ସ୍ଥା ଧାତୁ+କର୍ତ୍ତୃ. ଅ)—
Du(duḥ)stha ୧ । କ୍ଳେଶଯୁକ୍ତ—1. Afflicted.
(ଦୁସ୍ଥା—ସ୍ତ୍ରୀ) ୨ । ଦୁର୍ଦ୍ଦଶାଗ୍ରସ୍ତ—
2. Stricken with calamity; miserable.
୩ । ଅତି ଦରିଦ୍ର—
3. Very poor; poverty-stricken.
୪ । କଷ୍ଟରେ ପଡ଼ିଥିବା—
4. Fallen in a difficulty.
୫ । ମନ୍ଦଭାବରେ ସ୍ଥିତ—5. Badly situated.
୬ । ମୂର୍ଖ—6. Illiterate.

ଦୁ(ଦୁଃ)ସ୍ଥତା—ସ. ବି (ଦୁସ୍ଥ+ଭାବ. ତା)—୧ । ଦୁଃସ୍ଥିତାବସ୍ଥା—
Du(duḥ)sthatā 1. Misery.
୨ । ଦରିଦ୍ରତା—2. Penury; want.
୩ । କ୍ଳେଶ—3. Hardship; difficulty.
୪ । ଶୋଚନୀୟ ଅବସ୍ଥା—4. Wretchedness.

ଦୁସ୍ସହ—ସ. ବିଣ—ଦୁଃସହ (ଦେଖ)
Dussaha Duḥsaha (See)

ଦୁହ୍ (ଧାତୁ)—ସ—ଦୁହିଁବା—
Duh (root) To milk.

ଦୁହଣୀ—ଦେ. ବି (ସ. ଦୋହନୀ)—ଦୁଧ ଦୋହିଁବା ଠେକ—A small
Duhaṇi earthen jug used for milking a cow.
दुहनी देहनी ବିଚ ଜାନୁଯୁଗଳେ ସଯୋଗ ଦୁହଣୀ । ଗୋକୁଳ. ରସକଲ୍ଲୋଳ ।

ଦୁହା (ଇତ୍ୟାଦି)—ଦେ. ବି—ଡୁହା ଇତ୍ୟାଦି (ଦେଖ)
Duhā (etc) Ḍuhā etc (See)
ଗାଇଲେ ବଳସ୍ୱ ଦୁହା ଖଗ-ବୈତାଳକେ । ଚନ୍ଦ୍ରାମଣି, ବଜାମାଦତ୍ୟ ।

ଦୁହାଇ—ଦେ. ବି—୧ । ଡୁହା (ଦେଖ)
Duhāi 1. Ḍuhā (See)
दोहाई ୨ । (ସ. ଦ୍ୱି+ଆହ୍ୱାନ) ଶପଥ; ରାଣ—2. Oath.
दुहा; दुहाइ ୩ । ରାଜା ବା ଦେବତାଙ୍କ ନାମରେ କୌଣସି ବିଷୟର
(ଦୋହି; ଦ୍ୱାହି—ଅନ୍ୟରୂପ) ଘୋଷଣା—3. Proclamation of any matter in the name of a Deity or the king.

ଦୁହାଇ ଦେବା—ଦେ. କ୍ରି.—କୌଣସି ଦେବତା ବା ମହାପୁରୁଷଙ୍କ ନାମରେ ଶପଥ କରିବା—1. To swear in the name of some Deity or great personage.
Duhāi debā
दोहाई देवा
दुहाई देना
[ଦୁହାଇ ପକା(କେ)ଇବା—ଅନ୍ୟରୂପ]
୨ । ଜୀବନ ରକ୍ଷା ପାଇଁ ରାଜା ବା ଦେବତାଙ୍କ ନାମ ଧରି ଆର୍ତ୍ତସ୍ୱର କରିବା—2. To invoke the name of a Deity or king for saving one's self.

ଦୁହାଁ—ଦେ. ବି. (ସଂ. ଦୁହ୍ ଧାତୁ)—୧ । ଦୋହନ; ଦୁହିଁବା—1. Milking.
Duhāñ
दोहाँ
दुहना
ପର ଗାଇ ଦୁହାଁ ମୋତେ ନ ଅଙ୍ଗେ—ଢଗ ।
୨ । ଦୁହିଁବା; ଅଙ୍ଗୁଠି ଦ୍ୱାରା ଚିପି କରି କୌଣସି ପଦାର୍ଥରୁ ରସଆଦି ବାହାରିବା—2. Pressing a thing downwards with the fingers as in the act of milking.
ଦେ. ବିଣ—ଯେ ଦୁଧ ଦେଉଥାଏ; ଦୁହାଁଳ—(a cow) Which gives milk.
ଦୁହାଁ ଗାଈ ଦୁହିଁଲ, ବୁଢ଼ା ବଳଦ ବୋହିଲ । ପ୍ରବଚନ ।
(ପଢ଼ୁଆଁ—ବିପରୀତ) ପ୍ରାଦେ. (ଗଞ୍ଜାମ) ବିଣ—ଦ୍ୱିତୀୟ ସନ୍ତାନ; ଦୁଅ—The second (son or daughter).

ଦୁହାଁ(ହେଁ)ଇବା—ଦେ. କ୍ରି. (ଦୁହିଁବାର ଣିଜନ୍ତରୂପ)—ଅନ୍ୟଦ୍ୱାରା ଦୋହନ କରାଇବା—To cause another to milk.
Duhāñ(heñ)ibā
दोहान
दुहाना
(ଦୁହାଇଁବା—ଅନ୍ୟରୂପ)
କହେ ବାଉବର ଦୁଃଖ ହର ହର ଶିରେ ସୁରଭି ଦୁହାଁଇବ ।
ଭକ୍ତ. ପ୍ରେମସୁଧାନିଧି ।

ଦୁହାଁ ଦୁହିଁ—ଦେ. ବି.—୧ । ଦୁହାଁ (ଦେଖ)—1. Duhāñ (See)
Duhāñ duhiñ
୨ । ବହୁବାର ଦୋହନ କର୍ମ—2. Several acts of milking.

ଦୁହାଁ(ହା)ଳ—ଦେ ବିଣ. ସ୍ତ୍ରୀ. (ସଂ. ଦୋହନୀୟା)—୧ । ଦୋହନୀୟା; ଯେଉଁ ଗାଈ ଦୋହନ କରାଯାଉ ଥାଏ; ଯାହାଠାରୁ ଦୁଧ ଦୁହାଁଯାଉଥାଏ—1. Milch (cow); that which is being milked.
Duhāñ(hā)la
[ଦୁହାଁ(ହା)ଳିଆ—ଅନ୍ୟରୂପ)
दोहाल
दोहिया, दुहेनु
୨ । ଦୁଗ୍ଧବତୀ; ଯେଉଁ ଗାଈ ଦୁଧ ଦିଏ ଅର୍ଥାତ୍ ବରଡ଼ି ନୁହେଁ—2. (cow) Giving milk; not yet become dry,

ଦୁହାଁ(ହା)ଳୀ—ଦେ. ବିଣ. ସ୍ତ୍ରୀ—୧ । ଦୁହାଁଳ (ଦେଖ)—1. Duhāñla (See)
Duhāñ(hā)li
दोहाल
दुहेनू
ଦୁହାଁଳୀ ଗାଈ ଯେ ବାଛୁରି ଭୁଲେ ଦାନ
ନୃପ ଦେବ ତାର ପୁଣ୍ୟ ଅଟେ ଅକଥନ ।
କୃଷ୍ଣସିଂହ. ମହାଭାରତ. ବନ ।
୩ । (ସଂ. ଦା ଧାତୁ=ଛେଦନ କରିବା) ଧାନ କଟାଳି—3. (person) Reaping paddy.

ଦୁହିଁବା—ଦେ. କ୍ରି. (ସଂ. ଦୁହ୍ ଧାତୁ)—୧ । ଦୋହନ କରିବା—1. To milk.
Duhiñbā
दुहाँ
दुहना
ନବମେ ପୃଥୁ ନୃପ ଧରି, ଦିଲେ ଦୁହିଁଲେ ବସୁନ୍ଧରା ।
ଜଗନ୍ନାଥ. ଭାଗବତ ।
୨ । (ଲକ୍ଷଣାର୍ଥ) ଦୁଧ ଦୁହିଁଲା ପରି କୌଣସି ବ୍ୟକ୍ତିଠାରୁ ଧନ ଆଦି ନିଃଶେଷ କରି ନେବା—2. (figurative) To squeeze money etc from a person; to fleece a person.
ହରି ଜନ୍ମିଲେ ରାଜା ହେବେ
ଭୂମିକି ଦୁହିଁ ଖାଇବ ବଳେ । ଜଗନ୍ନାଥ. ଭାଗବତ ।
୩ । ଦୁଧ ଦୁହିଁଲା ପରି କୌଣସି ବସ୍ତୁକୁ (ଧାନ କେଣ୍ଡାରୁ ଧାନ ଗୁଡ଼ିକ) ଦୁଇ ଅଙ୍ଗୁଠି ଦ୍ୱାରା ଚିପି ଉଣ୍ଡି ଆଣିବା—3. To press a thing with two fingers in order to squeeze something out of it.
(ଦୁହାଁଯିବା, ଦୁହାଁହେବା—କର୍ମବାଚ୍ୟରୂପ)
ବଉଳ ଅଗଣ୍ଡିଳ ଧେନୁକୁ ଗଗଳ ତମକୁ ତର ବୋଲି ଦୁହିଁଲ ଗୋ।
କବିସୂର୍ଯ୍ୟ, ସଙ୍ଗୀତ ।

ଦୁହିଁ ହେବା—ଦେ. କ୍ରି—୧ । ଟାଣି ଓଟାରି ହେବା—1. To strain; to be strained.
Duhiñ hebā
ଭୂମିର କଥାକୁ ମୋ ପେଟ ଦୁହିଁ ହୋଇ
ହସ ବାହାରୁଛି ନ ପାରେ ଘୋଡ଼ା ବାହି । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ
୨ । ଦୋହନ ଯୋଗ୍ୟ ହେବା—2. To be capable of being milked or squeezed.

ଦୁହିଙ୍କର—ଦେ. ସର୍ବ. ସଂ. ଦ୍ୱୌ)—ଉଭୟଙ୍କର—Of both.
Duhiṅkara
(ଦୁହିଙ୍କ—ଅନ୍ୟରୂପ)
दुहा कार दोनोका

ଦୁହିଙ୍କି(ଙ୍କୁ)—ଦେ. ସର୍ବନାମ—ଦୁଇ ଜଣଙ୍କ; ଉଭୟଙ୍କୁ—To both.
Duhiṅki(ṅku)
दुहाँके दोनोका

ଦୁହିଙ୍କି ଦୁହେଁ—ଦେ. ସର୍ବ—୧ । ଦୁଇ ଜଣଯାକ; ଦୁହେଁ ଯାକ—1. Both of them.
Duhiṅki duheñ
(ଦୁହିଙ୍କା(ଙ୍କୁ) ଦୁହେଁ—ଅନ୍ୟରୂପ)
୨ । ଅନ୍ୟୋନ୍ୟ—2. Each other.

ଦୁହିତ—ଦେ. ବି. ସ୍ତ୍ରୀ. (ପଦ୍ୟ) (ସଂ. ଦୁହିତୃ)—କନ୍ୟା; ଝିଅ—Daughter.
Duhita
କ୍ଷମା କର ଦୋଷ ମୁଁ ତୁମ୍ଭର ଦୁହିତ ।
କୃଷ୍ଣସିଂହ. ମହାଭାରତ ବନ ।

ଦୁହିତା—ସଂ. ବି. ସ୍ତ୍ରୀ. (ଦୁହିତୃ ଶବ୍ଦର ୧ମା. ୧ବ; ଦୁହ୍ ଧାତୁ+କର୍ତ୍ତୃ. ତୃ; ଯେ ଦୋହନ କରେ; ତୁଳ. ଇଂ. ଡଟର୍; ପା. ଦଖ୍‌ତର୍; ଗ୍ରୀକ୍. ଦାଇଗେଟର୍; ଜର୍ମାନ. ତଚ୍‌ଟର୍; ସାକ୍ସନ୍—ଡୋଃଟର)—କନ୍ୟା; ଝିଅ—Daughter.
Duhitā
[ଦ୍ର—ପୂର୍ବକାଳରେ ଆର୍ଯ୍ୟ ପରିବାରରେ ଗାଈ ଦୁହିଁବା କର୍ମ କନ୍ୟା ଉପରେ ନ୍ୟସ୍ତ ଥିବାରୁ କନ୍ୟାର ନାମ ଦୁହିତା ହୋଇଅଛି ବୋଲି ପଣ୍ଡିତମାନେ କହନ୍ତି ।]

ଦୁହିତି—ଦେ. (ପଦ୍ୟ) ବି. ସ୍ତ୍ରୀ. (ସଂ. ଦୁହିତୃ)—ଦୁହିତା; କନ୍ୟା; ଝିଅ—Daughter.
Duhiti
ମତ୍ସ୍ୟ ଦେଶର ଯେ ବିରାଟ ନୃପତି
ଉତ୍ତରା ହୋଇ ନାମ ତାଙ୍କର ଦୁହିତି । କୃଷ୍ଣସିଂହ. ମହାଭାରତ. ବନ ।

ଦୁହିତୃପତି—ସଂ. ବି. (୬ଷ୍ଠୀ ତତ୍; ଦୁହିତୃ+ପତି)—ଜାମାତା; ଜ୍ୱାଇଁ—Son-in-law.
Duhitṛu pati

ଦୁହିତୃ(ତ୍ର) ସମ୍ପତ୍ତି— ଦେ. ବି. (କଟରଥ) (ସଂ. ଦୌହିତ୍ର+ସମ୍ପତ୍ତି)—
Duhitṛu(tra) sampatti କୌଣସି ବ୍ୟକ୍ତିର ପୁଅ ବା ପୁଅର-
दुहित्र सम्पत्ति ପୁଅ ନ ଥିଲେ ତାହାର ତ୍ୟକ୍ତ ସମ୍ପତ୍ତି
দুহিতরী সম্পত্তি ଯାହାକୁ ତାହାର କନ୍ୟାର ପୁଅ
(ଦୌହିତ୍ର) ଉତ୍ତରାଧିକାରୀ ହୋଇ ପାଏ—Property inherited by the daughter's son of a person leaving no son or son's son to inherit him.

ଦୁହିତେ—ଦେ. (ପ୍ରାଚୀନ ପଦ୍ୟ) ବି—କନ୍ୟା; ଝିଅ—
Duhite Daughter.

ବସୁମତୀର ଦୁହିତେ ଯେବେ ନ୍ୟିଳଶା ସହିତେ ଅଶ୍ରୁ ନେତ୍ରେ
ସବଂ ଗୃହି କହୁ । ଉଜ୍ଜ. ବୈଦେହୀଶବିଳାସ ।

ଦୁହୁଡ଼ ମୁଣ୍ଡା—ଦେ. ବି—ଦୋଓଡ଼ ମୁଣ୍ଡା (ଦେଖ)
Duhurda munda Do-orda munda (See)

ଦୁହୁଡ଼ି—ଦେ. ବି—ଦିହୁଡ଼ି ୨ (ଦେଖ)
Duhurdi Dihurdi 2 (See)

ଦୁହୁଣୀ—ଦେ. ବି—୧ । (ସଂ. ଦୋହନୀ) ଗାଇ ଦୁହିଁ ଲୁଣା ବା ଘଡ଼ି—
Duhuni 1. A small narrow-necked pitcher
(ଦୁହୁଁଣୀ—ଅନ୍ୟରୂପ) used in milking a cow.
दोहनी ୨ । ଗାଇ ଦୁହିଁଲା ବେଳେ ଗାଈ ନାତ ନ ମାରି
দুহনী ପାରିବା ପାଇଁ ତାହାର ଦୁଇ ଜାନୁରେ ଛନା ହୋଇ ଥିବା ଦଉଡ଼ି; ଛନଣୀ—2. A string with which both the hind legs of a vicious cow are chained together when it is milked.

ଗାଣ୍ଠୋଇ କଠାଉ ମଣୁଣୀ, ଅଣ ଦୁ ଦୁଧର ଦୁହୁଣୀ ।
ଜଗନ୍ନାଥ. ଭାଗବତ ।

୩ । ଶସ୍ୟଆଦି ମାପ କରିବାରେ ବ୍ୟବହୃତ ବେତ ବା ବାଉଁଶପାତିଆରେ ତିଆରି ମାଣ; ପାହିଲି—
3. A small measuring pot of cane or bamboo-laths used for measuring grains.

ଦୁହୁରା—ପ୍ରାଦେ. (ସମ୍ବଲପୁର) ଅ—ଦୋଓଡ଼; ଦ୍ୱିତୀୟ ଥର—
Duhurā Second time.

ଦୁହୁରା ଦେବା—ପ୍ରାଦେ. (ସମ୍ବଲପୁର) କ୍ରି—ଦଲ୍ ଦେବା (ଦେଖ)
Duhurā debā Dal debā (See)

ଦୁହେଁ—ଦେ. ସବ (ସଂ. ଦ୍ୱୟ; ଦ୍ୱୌ) – ଦହେଁ; ଉଭୟ ବ୍ୟକ୍ତି; ଦୁଇଜଣ
Duheñ ଯାକ; ଦୁହିଙ୍କି ଦୁହେଁ—Both the two persons;
(ଦୁହେଁଯାକ—ଅନ୍ୟରୂପ) both; both of them.
दुहूँ **दोनों**

ଦୁହ୍ୟ—ସଂ. ବିଣ. (ଦୁହ୍ ଧାତୁ+କର୍ମ. ଯ)—ଦୋହନ ଯୋଗ୍ୟ;
Duhya ଦୋହ୍ୟ—Fit to be milked.
(ଦୁହ୍ୟା—ସ୍ତ୍ରୀ)

ଦୁହ୍ୟମାନ—ସଂ. ବିଣ. ପୁଂ (ଦୁହ୍ ଧାତୁ+କର୍ମ. ଅନ)—
Duhyamana ଯାହାକୁ ଦୁହିଁ ଯାଉଅଛି—
(ଦୁହ୍ୟମାନା—ସ୍ତ୍ରୀ) Which is being milked.

ଦୁହ୍ୟୁ—ସଂ. ବି. (ନାମ)—ଶର୍ମିଷ୍ଠାଙ୍କ ଗର୍ଭଜାତ ଯଯାତିଙ୍କ ଏକ ପୁତ୍ର—
Duhyu Name of one of the sons of king Jajāti
(ଦ୍ରୁହ୍ୟୁ—ଅନ୍ୟରୂପ) and his wife Sarmishthā.

[ଦ୍ର—ଯଯାତି ଦିଗ୍ବିଜୟ କରିବା ପରେ ପୁତ୍ରମାନଙ୍କ ମଧ୍ୟରେ ପୃଥିବୀକୁ ବାଣ୍ଟି ଦେଲେ । ପଶ୍ଚିମଦିଗର ଦେଶମାନ ଦୁହ୍ୟୁଙ୍କୁ ଦେଲେ । ଯଯାତି ଅପଣାର ବାର୍ଦ୍ଧକ୍ୟକୁ ପୁତ୍ରମାନଙ୍କ ଯୌବନ ସଙ୍ଗେ ବଦଳ କରିବାକୁ କହିବାରୁ ଏ ମନା କଲେ । ଯଯାତି କ୍ରୁଦ୍ଧ ହୋଇ ଏହାଙ୍କୁ ଶାପ ଦେଲେ 'ତୋର କୌଣସି ପ୍ରିୟ ଅଭିଳାଷ ପୂର୍ଣ୍ଣ ହେବ ନାହିଁ (ହି. ଶବ୍ଦସାଗର) ।]

ଦୂ (ଧାତୁ)—ସଂ—୧ । ଦୁଃଖ ଭୋଗ କରିବା—
Dū (root) To be afflicted; to suffer pain (Apte).
୨ । ଦୁଃଖିତ ହେବା—2 To be sorry (Apte).
୩ । ଦୁଃଖ ବା କଷ୍ଟ ଦେବା—
3. To give or cause pain (Apte).

ଦୂତ୍—ଦେ. ଅ—ଧୂତ୍ (ଦେଖ)
Dūt Dhut (See)
(ଦୂତ୍କର୍; ଦୂତ୍ରେର, ଦୂତ୍ରେରକା, ଦୂତ୍ରେରକେ—ଅନ୍ୟରୂପ)

ଦୂତ—ସଂ. ବି. (ଦୁ ଧାତୁ=ଗମନ କରିବା+କର୍ତ୍ତୃ.ତ; ଉ ସ୍ଥାନରେ ଊ)-
Dūta ୧ । ସମ୍ବାଦବାହକ; ବାର୍ତ୍ତାବହ—1. Messenger.
୨ । ରାଜନୀତିକ ଚର—2. Ambassador; envoy.
୩ । ସ୍ୱର୍ଗର ଦୂତ—3. An angel; a divine messenger.

ଦୂତଘ୍ନୀ—ସଂ. ବି ସ୍ତ୍ରୀ.—କଦମ୍ବ ଫୁଲ—
Dūtaghni The flower of Nuclea Kadamba.

ଦୂତାବାସ—ସଂ. ବି. (୬ଷ୍ଠୀ ତତ୍; ଆଧୁନିକ ପ୍ରୟୋଗ)—ମିତ୍ରରାଜାଙ୍କ
Dūtābāsa ସଭାରେ ନିଯୁକ୍ତ ଅନ୍ୟ ରାଜାଙ୍କ ଦୂତ ଯେଉଁଠାରେ ବସା କରି ରହନ୍ତି—Consulate; residency; the seat of an ambassador in a foreign court.

ଦୂତି—ସଂ. ବି. (ଦୁ ଧାତୁ+କର୍ତ୍ତୃ. ତି)—ଦୂତୀ (ଦେଖ)
Dūti Dūti (See)

ଦୂତିକା—ସଂ. ବି. ସ୍ତ୍ରୀ. (ଦୂତ+ସ୍ୱାର୍ଥେ.କ+ସ୍ତ୍ରୀ. ଆ)—ଦୂତୀ (ଦେଖ)
Dūtikā Dūti (See)

ଦୂତି ପାଦ—ଦେ. (ପ୍ରାଚୀନ ପଦ୍ୟ)—ଦୁଇ ପାଦ—
Dūti pāda The two feet or legs.

ଦୂତି ପାଦ ନ ଚଳଇ ଅଛି ଏକ ପାଦ । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

ଦୂତୀ—ସଂ. ବି. ସ୍ତ୍ରୀ. (ଦୂତ+ସ୍ତ୍ରୀ ଈ; ଦୁ ଧାତୁ=ଗମନ କରିବା+ସଂଜ୍ଞାର୍ଥେ ତୀ)—୧ । ବାର୍ତ୍ତାବାହିକା ସ୍ତ୍ରୀ—
Dūti 1. A female messenger.
୨ । କୁଟ୍ଟିଣୀ; ଯେଉଁ ସ୍ତ୍ରୀ ପରପୁରୁଷ ନିକଟରେ ପରସ୍ତ୍ରୀ ଆଣି ଜୁଟାଏ—2. A go-between; a procuress; a bawd.

[ଦ୍ର—ଦୂତୀ ୩ ବିଧ ଯଥା—୧ । ଦୂତୀ, ୨ । ସ୍ୱୟଂ ଦୂତୀ, ୩ । ଆପ୍ତ ଦୂତୀ (ଅଭିମନ୍ୟୁ ବିଦଗ୍ଧଚିନ୍ତାମଣି ୨ । ୭ ପୃ ।)]

୩ । (ନାମ) ଶ୍ରୀକୃଷ୍ଣ ଓ ରାଧିକାଙ୍କ ମଧ୍ୟରେ ସମ୍ବାଦ ନେଉଥିବା ସଖୀ—3. The name of a female companion of Rādhikā who was acting as a messenger between Srikrushna and Rādhikā.

ଦେ. ବ—ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—A name given to females.

ଦୂତ୍ୟ—ସ. ବ (ଦୂତ+ଯ୍ୟ. ଯ)—ଦୂତର କାର୍ଯ୍ୟ; ଦୌତ୍ୟ—
Dūtya The duty or act of a messenger.

ଦୂନ—ସ. ବଣ (ଦୂ ଧାତୁ=ଖେଦ କରିବା+କର୍ତ୍ତୃ. ତ)—୧ । କ୍ଲିଷ୍ଟ—
Dūna 1. Afflicted.
୨ । ଦୁଃଖପ୍ରାପ୍ତ—2. Troubled.
୩ । କ୍ଲାନ୍ତ—3. Tired; wearied.
୪ । ଅନୁତପ୍ତ—4. Repentant.
୫ । ପଥଶ୍ରାନ୍ତ—5. Exhausted on account of travelling.

ଦୂବ—ଦେ. ବ—ଦୁବ (ଦେଖ)
Dūba Duba (See)
ଚେକଲେ ଦୂବ କରେ ଦାନ୍ତ, ଚାଣ ପଣକୁ ଲାଗେ ମେଘ—
କମଳଲୋଚନ ଚଉତିଶା ।

ଦୂର—ଦେ. ଅ (ଘୃଣା, ଧମକ, ଅବମାନନା ଓ ବିରକ୍ତିସୂଚକ)—
Dūr ୧ । ଛି !; ଯାଃ !; ଧୂତ୍ !—1. (interjection) Fie ! tut tut !
ଦୂର
दूर ୨ । (କୌଣସି ସ୍ଥାନରୁ ଅନ୍ତର ହେବା ନିମନ୍ତେ କୌଣସି ବ୍ୟକ୍ତିକୁ ତର୍ଜନ କରିବା) ଏଠାରୁ ଗୁଚ୍ଛ ଯା !—
2. Be off ! get out !

ଦୂରକର(ର)—ଦେ. ଅ—୧ । ଦୂର (ଦେଖ)
Dūr kar(ra) 1. Dūr (See)
୨ । ଛାଡ଼୍, ସେ କଥା—2. Let it pass.

ଦୂରଛଡ଼ା—ଦେ. ବଣ—୧ । କେତେକ ଦୂରରେ ଅବସ୍ଥିତ—
Dūr-chhardā 1. Situated at some distance.
দূরছাড়া ୨ । ବହୁ ବ୍ୟବଧାନରେ ଅବସ୍ଥିତ—
(ଦୂର୍‌ଛଡ଼ିଆ—ଅନ୍ୟରୂପ) 2. Situated at a great interval

ଦୂର୍ ଦୂର୍—ଦେ. ଅ—ଦୂର (ଦେଖ)
Dūr dūr Dūr (See)
দূরদূর ବଣ—ଦୁଲ୍‌ଦୁଲ୍ (ବର୍ଷା)—Torrential (rain).
दुरदुर କି. ବଣ—ଦୁଲ୍‌ଦୁଲ୍ (ବରଷିବା)—(raining) In torrents; cats and dogs.

ଦୂର୍‌ଦୂର୍ କରିବା—ଦେ କି—୧ । ଘୃଣା ପ୍ରକାଶପୂର୍ବକ ବା ମାରିବାର ଭୟ ଦେଖାଇ ବା ଛି ଛି କରି ତଡ଼ିଦେବା—
Dūr-dūr karibā 1. To drive away with contempt.
ଦୂର୍‌ଦୂର୍ ଛୁରଛୁର କରିବା } ଅନ୍ୟରୂପ
ଦୂର୍‌ଦୂର୍ ଛିଛି କରିବା }
দূর দূর্ করা, দূরছাই করা ୨ । କୌଣସି ବ୍ୟକ୍ତିପ୍ରତି ଅତ୍ୟନ୍ତ
दुरदुर करना, दुरदुराना ଘୃଣା ପ୍ରକାଶ କରିବା—2. To treat a man with contempt; to despise.

ଦୂର୍‌ପଳା—ଦେ. ଅ—ଏଠାରୁ ଦୂର୍ ହୋ ! ଏଠାରୁ ପଳାୟନ କର !—
Dūr-palā (interjection) Be off !
(ଦୂର୍‌ଦୂର୍‌ପଳା—ଅନ୍ୟରୂପ) ମୋ ଜଳକୁ ଘର ଦୂର, କହୁଣି କାଉଳ ଭୂତିଭୂତି,
দূরহ ଦୂର୍‌ପଳା ଦୂର୍‌ପଳା ।
दुरदुर ଉତ୍କଳକାହାଣୀ ।

ଦୂର୍‌ପଳା(ଲେ)ଇବା—ଦେ. କି (ସ. ଦୂର+ପଳାୟନ)—
Dūr-palā(le)ibā ୧ । ଡରିବାର, ଧକ୍କାର ବା ଘୃଣିତ ବ୍ୟବହାର
দূরহওয়া ପ୍ରାପ୍ତ ହେବା ଯୋଗୁଁ ବା ଏଥିର ଭୟରେ କୌଣସି ସ୍ଥାନ
दुरभागना ତ୍ୟାଗ କରିବା—1. To flee away from a place through fear or insult.
୨ । ଭୟରେ ହଠାତ୍ କୌଣସି ସ୍ଥାନ ତ୍ୟାଗ କରିବା—
2. To suddenly leave a place through fright.
୩ । କୌଣସି ସ୍ଥାନରୁ ଦୂରରେ ରହିବା—
3. To keep one's self at a safe distance.

ଦୂରପୁ(ଫୁ)ଙ୍ଗା—ଦେ. ବଣ.—ଧୂରପୁଙ୍ଗା (ଦେଖ)
Dūr-pu(phu)ṅgā Dhur-pungā (See)

ଦୂରବାଡ଼ିଆ—ପ୍ରାଦେ. (ଯାଜପୁର) ବଣ.—ଦୂର୍ ଛଡ଼ା (ଦେଖ)
Dūr-bāṛdiā Dūr-chhardā (See)

ଦୂର୍ ଦୂର୍ ମାର୍ ମାର୍ କରିବା—ଦେ. କି.—ଦୂର୍ ଦୂର୍ କରିବା (ଦେଖ)
Dūr dūr mār mār karibā Dūr dūr karibā (See)

ଦୂର୍ ହୋ—ଦେ. ଅ.—ଦୂର୍ (ଦେଖ)
Dūr-ho Dūr (See)
দূর হ दुर हो याओ
(ଦୂର୍ ହ—ଅନ୍ୟରୂପ)

ଦୂର—ସ ବଣ. (ଦୁର୍=ଦୁଃଖ+ଇ ଧାତୁ=ଗମନ କରିବା+କର୍ତ୍ତୃ.ର; ଉପାଦାନ; ଭୂଲ. ଘା. ଏହି ଅର୍ଥରେ ଦୁର ଶବ୍ଦ)—
Dūra
(ନିକଟ—ବିପରୀତ) ୧ । ଅସମୀପ; ବ୍ୟବଧାନଯୁକ୍ତ; ଅନ୍ତରରେ
(ଦୂରତା, ଦୂରତ୍ୱ—ବ) ଅବସ୍ଥିତ—1. Remote; distant; far off.
୨ । ଦେଶ, କାଳ ବା ସମ୍ବନ୍ଧ ବିଷୟରେ ବହୁତ ଅନ୍ତରରେ ଅବସ୍ଥିତ—2. Occupying a far off position in respect of place, time or relationship.
୩ । ଛଡ଼ା; ପୃଥକ୍; ଅଲଗା—3. Separate.
୪ । ଅତ୍ୟନ୍ତ—4. Excessive.
୫ । ଗାଢ଼—5. Deep.
୬ । ଅଗୋଚର—6. Not known; not perceived.
୭ । ଦୀର୍ଘ—7. Long.
୮ । ରକ୍ତ ବା ବିବାହ ସମ୍ପର୍କରେ ବହୁତ ଅନ୍ତରରେ ଅବସ୍ଥିତ; ଯେ ନିକଟ ସମ୍ପର୍କୀୟ ନୁହେଁ—8. Distantly related; not closely related

ସ. ବ.—ବ୍ୟବଧାନ—Interval; space.

দূর ଦେ. ବଣ. (ସ. ଦୂରୀକୃତ)—୧ । ବିତାଡ଼ିତ—
दूर 1. Driven away

୨ । ଦୂରୀଭୂତ—2. Removed.

ଅଥ ବ୍ୟାଧ ମଣ୍ଡଳଙ୍କ ଠାର ଦୂର । କୃଷ୍ଣସିଂହ ମହାଭାରତ, ବନ ।

୩ । ଏତେ ଦୂରରେ ଅବସ୍ଥିତ—3. Situated at such and such a distance.

(ଯଥା—ପୁରୀ କଟକଠାରୁ କୋଡ଼ିଏ କୋଶ ଦୂର ।)

୩ । ଅପ୍ରାପ୍ୟ; ଅଗୋଚର—
3, Unattainable; unknown.

ଜ୍ଞାନର ମୋକ୍ଷପ ଗୋଚର
ଅଜ୍ଞାନ ଜନେ ମୁହିଁ ଦୂର । ଜଗନ୍ନାଥ ଭାଗବତ

ଦେ. ବି.—୧ । ଦୂରତ୍ୱ; ଅସମୀପତା—1. Distance;

୨ । ଦୂର ଦେଶ—2. Distant land.

୩ । ଦୂର ପଥ; ବହୁତ ଲମ୍ବ ବାଟ—
3. Long way; long journey.

ଦୂର କଥା—ଦେ. ବି.—୧ । କଷ୍ଟସାଧ୍ୟ କଥା; ଗହନ କଥା—
Dūra kathā 1. A difficult matter.
দূরের কথা ୨ । ଦୂର ଭବିଷ୍ୟତରେ ଘଟିବା କଥା—
दूरकी बात 2. A thing which may happen in a distant future.

ଦୂରକଥା କହିବା—ଦେ. କ୍ରି.—ଚିନ୍ତା ବା ଗଣନା କରି ଭବିଷ୍ୟତ୍‌ରେ
Dūrakathā kahibā ଘଟିବା ବିଷୟ ପ୍ରକାଶ କରିବା—
দূরের কথা বলা To predict; to prophesy.
दूरकी कहना

ଦୂର କରିବା—ଦେ. କ୍ରି.—୧ । ବର୍ଜନ କରିବା; ତ୍ୟାଗ କରିବା—
Dūra karibā 1. To give up; to relinquish.
দূর করা ୨ । ତଡ଼ି ଦେବା—
दूरकरना 2. To drive away.
୩ । ସ୍ଥାନାନ୍ତର କରିବା—3. To remove.
୪ । ପୃଥକ୍ କରିବା—4. To separate.
୫ । ଲୋପ କରିବା—5. To cause to disappear.

(ଯଥା—ମନରୁ ଚିନ୍ତା ଦୂର କରିବା; ଭକ୍ଷ୍ୟ ବା ଦୁଃଖ ଦୂର କରିବା ଇତ୍ୟାଦି ।)

ଦୂରଗ—ସଂ. ବିଣ. ପୁଂ—(ଦୂର+ଗମ୍ ଧାତୁ+କର୍ତ୍ତୃ. ଅ)—
Dūraga ଦୂରଗାମୀ (ଦେଖ)—Dūragāmi (See)
(ଦୂରଗା—ସ୍ତ୍ରୀ)

ଦୂରଗାମୀ—ସଂ. ବିଣ. ପୁଂ.—(ଦୂର+ଗମ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—୧ । ଯେ ଦୂରକୁ ଯାଇ ଅଛି—
Dūragāmi
(ଦୂରଗାମିନୀ—ସ୍ତ୍ରୀ) 1. Gone to a distance; removed to a distance.
୨ । ବହୁଦୂରକୁ ବିସ୍ତୃତ—2. Extending far.

ଦୂରଛଡ଼ା—ଦେ. ବିଣ. (ସଂ. ଦୂରସ୍ଥ; ଦୂରସ୍ଥିତ)—୧ । ଦୂରରେ
Dūrachhardā ଅବସ୍ଥିତ—1. Situated at a long distance.
দূরছাড়া
अलग ୨ । ଦୂରକୁ ତଡ଼ାହୋଇ—2. Driven away to a great distance.

(ଦୂରଛଡ଼ିଆ—ଅନ୍ୟରୂପ) ୩ । ପରସ୍ପରଠାରୁ ବହୁ ବ୍ୟବଧାନରେ ଅବସ୍ଥିତ; ଅଲଗା ଅଲଗା—3. Situated far apart from one another.

(ଯଥା—ନଡ଼ିଆ ଗଛକୁ ଦୂରଛଡ଼ା କରି ଲଗାଇଲେ ଖୁବ୍ ଭଲ ଫଳ ହୁଏ ।)

ଦୂରତର—ସଂ. ବିଣ.—(ଦୁଇ ମଧ୍ୟରେ) ଅଧିକତର ଦୂର—
Dūratara More distant.

ଦୂରତମ—ସଂ. ବିଣ.—(ବହୁ ମଧ୍ୟରେ) ଅଧିକତମ ଦୂର—
Dūratama Most distant.

ଦୂରତା—ସଂ. ବି. (ଦୂର+ଭାବ. ତା)—୧ । ବ୍ୟବଧାନ; ଅନ୍ତର—
Dūratā 1. Distance.
(ଦୂରତ୍ୱ—ଅନ୍ୟରୂପ) ୨ । ଦୂର ହେବାର ଅବସ୍ଥା—
2. The state of being distant.

ଦୂରତେ—ଦେ. (ପ୍ରାଚୀନ) ଅ.—(ସଂ. ଦୂରତଃ)—୧ । ଦୂରରୁ—
Dūrate 1. From a distance; from a long way.

ଚନ୍ଦ୍ର କୁମୁଦେ ଦୂରତେ ମଦେ ପଦର ମଦେ ମୋତେ;
ଦେଇ ହରଷ କରିବା ବସ ନାହିଁ ବରଷ ଅନ୍ତେ । ଭକ୍ତ ପ୍ରେମସୁଧାନିଧି ।

୨ । ଦୂରରେ—2. At a distance.

ଦୂରତଃ—ସଂ. ଅ.—(ଦୂର+୫ମୀ ଓ ୭ମୀ ବିଭକ୍ତିରେ ତସ୍ ପ୍ରତ୍ୟୟ)—
Dūratah ୧ । ଦୂରରୁ—1. From a distance; from afar.
୨ । ଦୂରରେ—2. At a great distance; far off, far away.
୩ । ନିକଟରେ ବା ପାଖରେ ନୁହେଁ—
3. Not at hand.

ଦୂରଦର୍ଶକ—ସଂ. ବିଣ. ପୁଂ (ଦୂର+ଦୃଶ୍ ଧାତୁ+କର୍ତ୍ତୃ. ଅକ)—
Dūradarśaka ଦୂରଦର୍ଶୀ (ଦେଖ)—Dūradarśi (See).

ଦୂରଦର୍ଶକ ଯନ୍ତ୍ର—ସଂ. ବି (ଆଧୁନିକ ବ୍ୟବହାର)—ଦୂରବୀକ୍ଷଣ ଯନ୍ତ୍ର—
Dūradarśaka jantra Telescope.

ଦୂରଦର୍ଶନ—ସଂ. ବି ଓ ବିଣ—ଦୂରଦୃଷ୍ଟି (ଦେଖ)
Dūradarśana Dūradrushti (See).

ଦୂରଦର୍ଶିତା—ସଂ. ବି (ଦୂରଦର୍ଶିନ୍+ଭାବ. ତା)—୧ । ପରିଣାମଦର୍ଶିତା—
Dūradarśitā Ability to look far into the future; foresight.
୨ । ପାଣ୍ଡିତ୍ୟ; ଜ୍ଞାନ—2. Erudition; knowledge.

ଦୂରଦର୍ଶୀ—ସଂ. ବିଣ. ପୁଂ (ଦୂର+ଦୃଶ୍ ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ).
Dūradarśi
୧ । ଯେଉଁ ଲୋକ ଅନେକ ଦୂରରୁ ଦେଖିପାରେ; ଦୂରଦୃଷ୍ଟି; ଦୀର୍ଘଦୃଷ୍ଟି—1. Far-seeing; capable of seeing from a great distance.
୨ । ଯେଉଁ ବ୍ୟକ୍ତି ନିଜର ବୁଦ୍ଧିବୃତ୍ତି ଓ ଅନୁଭବଦ୍ୱାରା ଭବିଷ୍ୟତ୍ ଘଟନା ଜାଣିପାରି ତଦନୁସାରେ ଚଳେ; ପରିଣାମଦର୍ଶୀ—2. Prudent; having foresight.
୩ । ବିଜ୍ଞ; ବୋଦ୍ଧା; ଜ୍ଞାନୀ—3. Wise.
୪ । ବୁଦ୍ଧିମାନ୍—4. Intelligent.

୫ । ପଣ୍ଡିତ—5. Learned.
(ଦୂରଦର୍ଶିନୀ—ସ୍ତ୍ରୀ) ବି—ଗୃଧ୍ର; ଶାଗୁଣା —A vulture.
ବକ୍ଷଣ ଦୂରଦର୍ଶୀ ଅଭ୍ରଙ୍କ ଖଗ ନଗରି ସଙ୍ଗରେ ପଳ ଖଣ୍ଡନ ସନ୍ତି ସେ ।
ଉଦ୍ଧ. ବୈଦେହୀ. ବିଳାସ ।

ଦୂର ଦୂରାନ୍ତ—ଦେ. ବିଣ—ବହୁଦୂର—
Dūra dūrānta Very far; very distant.
ବହୁଦୂର ନହାନ୍ତ ଦୂରଦୂରାନ୍ତ ବୋଲି ଜଣା ଅଧିକ ପରୁଣ ବର୍ଷ ହେଲା ବଢ ନେଣ ଦେଣ
बहुतदूर ବଢ—ଫକୀରମୋହନ. ଗଳ୍ପସ୍ୱଳ୍ପ ।
(ଦୂରଦୂରାନ୍ତର—ଅନ୍ୟରୂପ) ଦେ. ବି—୧ । ବହୁଦୂର ସ୍ଥାନ—
2. Very distant place.
୨ । ବହୁ ଦୂରତ୍ୱ—2. A great distance.

ଦୂରଦୃକ୍—ସଂ. ବିଣ. ପୁଂ (ଦୂର+ଦୃଶ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Dūradṛuk ଦୂରଦର୍ଶୀ (ଦେଖ)—Dūradarśi (See).
(ଦୂରଦୃଶା—ସ୍ତ୍ରୀ)

ଦୂରଦୃଷ୍ଟି—ସଂ. ବି (କର୍ମଧାରୟ; ଦୂର+ଦୃଷ୍ଟି)—୧ । ସାର୍ଘଦର୍ଶନ;
Dūradrushṭi ବହୁ ଦୂରକୁ ଦେଖିବା—1. Seeing to a great distance; far-sight.
୨ । ବହୁଦୂରସ୍ଥ ପଦାର୍ଥ ଦେଖିବାର ଶକ୍ତି—
2. Long-sightedness.
୩ । କୌଣସି ବିଷୟର ପରିଣାମପ୍ରତି ଦୃଷ୍ଟି ରଖିବା; ଦୂରଦର୍ଶିତା—3. Prudence; foresight.
୪ । (ବହୁବ୍ରୀହି) ଶାଗୁଣା; ଶକୁନ—4. Vulture.
୫ । ଦୂରବୀକ୍ଷଣ ଯନ୍ତ୍ର—5. Telescope.
ବିଣ (ବହୁବ୍ରୀହି)—୧ । ଯେ ଦୂରକୁ ଦେଖିପାରେ—
1. Far-seeing; far-sighted.
୨ । ପରିଣାମଦର୍ଶୀ—2. Prudent; provident; sagacious.
୩ । ତ୍ରିକାଳଜ୍ଞ; ଯେ ଭବିଷ୍ୟତ୍ ଜାଣେ—
3. Having insight into the future.
୪ । ବିଜ୍ଞ—4. Wise.
୫ । ପଣ୍ଡିତ—5. Learned.

ଦୂର ଦେଶ—ସଂ. ବି—ବହୁଦୂରରେ ଅବସ୍ଥିତ ଅଞ୍ଚଳ—
Dūra deśa A far away or distant country.

ଦୂର ନିରୀକ୍ଷଣ—ସଂ. ବି—ଦୂରବୀକ୍ଷଣ ଯନ୍ତ୍ର (ହି. ଶବ୍ଦସାଗର)—
Dūra nirikshaṇa Telescope.

ଦୂର ପଥ—ସଂ. ବି—ବହୁତ ବାଟ—
Dūra patha A long way or distance.

ଦୂର ପର୍ବତ—ଦେ. ବି—୧ । ଦୂରରେ ଅବସ୍ଥିତ ପର୍ବତ—
Dūra parbata 1. A distant mountain.
୨ । ଦୂରରୁ ଦେଖାଯିବା ପର୍ବତ—
2. A mountain seen from a distant place.
ଦୂର ପର୍ବତ ସୁନ୍ଦର; ଦୂର ବନ୍ଧୁ ସୁନ୍ଦର । ପ୍ରବଚନ ।

ଦୂର ପ୍ରାଚ୍ୟଦେଶ—ସଂ. ବି (ଅଧୁନାତନ ପ୍ରୟୋଗ)—ଚୀନ ଓ ଯାପାନଆଦି
Dūra prāchyadeśa ଦୂରବର୍ତ୍ତୀ ପୂର୍ବଦେଶମାନ—The far East (as distinguished from the near East and the middle East).

ଦୂର ବନ୍ଧୁ—ସଂ. ବିଣ (ଦୂର+ବନ୍ଧୁ; ବହୁବ୍ରୀହି)—ଯେଉଁ ବ୍ୟକ୍ତିର ବନ୍ଧୁ
Dūra bandhu ବହୁ ଦୂରରେ ଅଛନ୍ତି—(a person) Having a friend living at a great distance.
ଦେ. ବି—ଯେଉଁ ବନ୍ଧୁବାନ୍ଧବଙ୍କ ବାସସ୍ଥାନ ଆପଣା ବାସସ୍ଥାନ ଠାରୁ ବହୁ ଦୂରରେ ଅବସ୍ଥିତ—Relations residing at a great distance from one's residence.
(ଯଥା—ଦୂର ପର୍ବତ ସୁନ୍ଦର, ଦୂର ବନ୍ଧୁ ସୁନ୍ଦର—ଇତ୍ୟାଦି ।)

ଦୂରବର୍ତ୍ତୀ—ସଂ. ବିଣ. ପୁଂ (ଦୂର+ବୃତ୍ ଧାତୁ+କର୍ତ୍ତୃ. ଇନ୍; ୧ମା.
Dūrabartti ୧ବ)—ଯାହା ଦୂରରେ ଅଛି; ଦୂରରେ ଅବସ୍ଥିତ—
(ଦୂରବର୍ତ୍ତିନୀ—ସ୍ତ୍ରୀ) Situated at a distance.

ଦୂରବସ୍ତ—ବୈଦେ. କ୍ରି. ବିଣ.—ଦୋରବସ୍ତ (ଦେଖ)
Dūrabasta Dorabasta (See)

ଦୂର ବାଟ—ଦେ. ବି—ଦୂରପଥ; ବହୁ ଦୂରତା—
Dūra bāṭa A long distance; a long way.
(ଦୂରପନ୍ଥ—ଅନ୍ୟରୂପ)

ଦୂରବୀକ୍ଷଣ—ସଂ. ବି (ଦୂର+ବି+ଈକ୍ଷ୍ ଧାତୁ=ଦେଖିବା+କରଣ. ଅନ)
Dūrabikshaṇa ଦୂରବୀନ୍; ଯେଉଁ ବୈଜ୍ଞାନିକ ଯନ୍ତ୍ରଦ୍ୱାରା ଦୂରସ୍ଥ ପଦାର୍ଥମାନ ନିକଟବର୍ତ୍ତୀ ପରି ଦେଖାଯାଏ—
Telescope; a spying glass.

ଦୂରବୀନ୍—ଦେ. ବି (ସଂ. ଦୂରବୀକ୍ଷଣ)—ଦୂରବୀକ୍ଷଣ (ଦେଖ)
Dūrabīn Dūrabikshaṇa (See)
ଦୁର୍ବିନ୍ } ଅନ୍ୟରୂପ
ଦୂର୍ବୀନ }
दूरबीन्
दूरबीन
ଦୂରବୀନରେ ଗୁହ୍ନିଁ ଦେଲ, ପାଖ ସେକଙ୍କୁ ପଚାରିଲ, ଏ କଥା ?
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଦୂରବିନ୍ଦ କଷିବା—ଦେ. କ୍ରି—ଦୂରବୀନ୍ ଯନ୍ତ୍ରରେ ଗୁହ୍ନିବା—
Dūrabind kashibā To see through a telescope.
दूरबीन कषा ଉପରକୁ ଉଠିଯାଇ ଦୂରବୀନ କଷି ଦେଲ ।
दूरबीन कसना ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଦୂରବେଧୀ—ସଂ. ବିଣ. ପୁଂ (ଦୂର+ବ୍ୟଧ ଧାତୁ+କର୍ତ୍ତୃ. ଇନ୍; ୧ମା.
Dūrabedhi ୧ବ)—ଦୂରଭେଦୀ (ଦେଖ)
Dūrabhedi (See)

ଦୂରଭେଦୀ—ସଂ. ବିଣ. ପୁଂ (ଦୂର+ଭିଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)
Dūrabhedi ୧ । ଦୂରସ୍ଥିତ କୌଣସି ଲକ୍ଷ୍ୟ ବସ୍ତୁକୁ ଯେ ଶରଆଦି ଦ୍ୱାରା ବିଦ୍ଧ କରିପାରେ—1. Able to strike at a target from a long way off; able to pierce a thing with weapons from a long distance.
୨ । ଦୂରବର୍ତ୍ତୀ ବସ୍ତୁକୁ ଭେଦ କରିପାରୁଥିବା (ଶର)—
2. (missile) Striking at a target from far.
ବି—୧ । ଶର; ବାଣ—1. An arrow.
୨ । ବନ୍ଧୁକ—2. A gun.

ଦୂରମୂଳ—ସଂ. ବି (ବହୁବ୍ରୀହି; ଦୂର+ମୂଳ)—ମୁଞ୍ଜ (ଦେଖ)
Dūramūla Muñja (See)

ଦୂରଯାୟୀ—ସ. ବିଣ (ଦୂର+ଯା ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—
Dūrajāyī ଦୂରଗାମୀ—Gone to a great distance.

ଦୂରସ୍ଥ—ସ. ବିଣ. ତ୍ରି (ଦୂର+ସ୍ଥା ଧାତୁ+କର୍ତ୍ତୃ. ଅ)—ଦୂରରେ
Dūrastha ଅବସ୍ଥିତ—Situated or living at a
(ଦୂରସ୍ଥା—ସ୍ତ୍ରୀ) great distance; being far off.
ବୈଦେ. ବଣ (ଫା)—ଦୋରସ୍ତ (ଦେଖ)
Dorasta (See)

ଦୂର ହେବା—ଦେ. କ୍ରି (ସ. ଦୂର+ଭୂ ଧାତୁ)—୧। ବିତାଡ଼ିତ ହେବା—
Dūra hebā 1. To be driven away.
দূর হওয়া; दूर होना ୨। ସ୍ଥାନାନ୍ତରିତ ହେବା—2. To be removed to a distance.
୩। ଲୋପ ପାଇବା—3. To disappear.
ଦୂର ହୋଇଗଲେ କେତେ ସୁଖମାନ—ଉପେନ୍ଦ୍ରଭଞ୍ଜ. ଲାବଣ୍ୟବତୀ।
୪। କୌଣସି ସ୍ଥାନ ତ୍ୟାଗ କରିବା; ଗୁଳିଯିବା—
4. To be off; to go away; to retire from a place.

ଦୂରାନ୍ତ—ଦେ. ବି—୧। ଦୂରତା—1. Distance.
Dūrānta ୨। ବ୍ୟବଧାନ—2. Interval; space.
କେତେ ଦୂରାନ୍ତର ଛଡ଼ା ଲାଗୁଅଛ ତହିଁ। ପ୍ରାଚୀ. ବୃନ୍ଦାବନ ଗୀତା
ବିଣ—ଦୂରସ୍ଥିତ; ଦୂରରେ ଥିବା—Distant; remote.
ଏତେ ବସ୍ତୁ ଦେଖାକର; ଗଲେ ସେ ଦୂରାନ୍ତର ବନ।
(ଦୂରାନ୍ତର—ଅନ୍ୟରୂପ) ପ୍ରାଚୀ. ନିର୍ଗୁଣ ମାହାତ୍ମ୍ୟ।

ଦୂରାନ୍ୱୟ—ସ. ବି—(ବ୍ୟାକରଣ) ଯେଉଁ ରଚନାରେ ବାକ୍ୟରେ ଅନ୍ୱିତ
Dūrānwaya ଶବ୍ଦମାନ ଦୂରବର୍ତ୍ତୀ ଶବ୍ଦମାନଙ୍କ ସଙ୍ଗେ ଅନ୍ୱିତ ହୁଏ
—(Grammar) A composition of sentences in which words related to one another are placed far off from one another.
[ଦ୍ର—ଏହା ରଚନାରେ ଗୋଟିଏ ଦୋଷ ଅଟେ।]

ଦୂରାପାତ—ସ. ବିଣ. (ବହୁବ୍ରୀହି; ଦୂର+ଆପାତ)—ଯେଉଁ ଅସ୍ତ୍ରକୁ ଦୂରରୁ
Dūrāpāta ଫିଙ୍ଗି ମରାଯାଏ (ଦ୍ର. ଶବ୍ଦସାଗର)—(weapon)
Which can be thrown from a long distance.

ଦୂରୀକରଣ—ସ. ବି (ଦୂର+ଅଭୂତ ତଦ୍ଭାବେ ଚ୍ୱି+କରଣ)—
Dūrikaraṇa ୧। ବିତାଡ଼ନ; ବହିଷ୍କରଣ—1. Driving away.
୨। ଅପସାରଣ—2. Removal.

ଦୂରୀକୃତ—ସ. ବିଣ. ତ୍ରି (ଦୂର+ଅଭୂତ ତଦ୍ଭାବେ ଚ୍ୱି+କୃତ)—
Dūrikruta ୧। ବିତାଡ଼ିତ; ଦୂରକୁ ଅପସାରିତ—
(ଦୂରୀକୃତା—ସ୍ତ୍ରୀ) 1. Driven away; removed far away.
୨। ଅପମାନପୂର୍ବକ ଯାହାକୁ ଅପସାରିତ କରାଯାଇଅଛି—
2. Removed with insult or contempt.

ଦୂରୀକ୍ରିୟମାଣ—ସ. ବିଣ. ତ୍ରି (ଦୂର+ଅଭୂତ ତଦ୍ଭାବେ.ଚ୍ୱି+କ୍ରିୟମାଣ)—
Dūrikriyamāṇa ଯାହାକୁ ତଡ଼ା ଯାଉଅଛି; ବିତାଡ଼୍ୟମାନ—
Which or who is being driven away or removed.

ଦୂରୀଭୂତ—ସ. ବିଣ—(ଦୂର+ଅଭୂତ ତଦ୍ଭାବେ ଚ୍ୱି+ଭୂତ)—
Dūribhūta ୧। ବିତାଡ଼ିତ—1. Driven away.
(ଦୂରୀଭୂତା—ସ୍ତ୍ରୀ) ୨। ଅପସାରିତ—2. Removed.
୩। ପୃଥକ୍କୃତ—3. Separated.
୪। ଯାହା ଦୂରବର୍ତ୍ତୀ ହୋଇଅଛି—4. Become distant.
୫। ଯେ ଦୂରକୁ ଯାଇଅଛି—5. Gone away.

ଦୂରୁ—ଦେ. କ୍ରି. ବିଣ—ଦୂରରୁ—From a distance.
Dūru ଆଲୋପୁଲ ବାସି ହେଲା ପଦ ବନ୍ଦି ପଙ୍କ ଛ ଦୂରୁ ଶ୍ରୀଅଙ୍ଗ।
দূরথেকে; दूरसे ବଳଦ୍ଭୂର୍ଷ. କଳୋଶ ଚମ୍ପୂ ତ. ଗୀତ।
(ଦୂରୁଁ—ଅନ୍ୟରୂପ)

ଦୂରୁକୁ ଦେଖିବା—ଦେ. କ୍ରି—୧। ଦୂରବର୍ତ୍ତୀ ସ୍ଥାନର ବସ୍ତୁକୁ ଦେଖିବା—
Dūruku dekhibā 1. To see a distant thing.
দূরে দেখা; दूरको सूझना ୨। (ଲକ୍ଷଣ) ଗମ୍ଭୀର ଚିନ୍ତାକରି ଭବିଷ୍ୟତ୍
ବିଷୟ ଜାଣିବା—2. To think deeply for knowing the future.

ଦୂରୁଛଡ଼ା (ଇତ୍ୟାଦି)—ଦୂର ଛଡ଼ା ଇତ୍ୟାଦି (ଦେଖ)
Dūruchharḍā (etc) Dūra chharḍā etc (See)

ଦୂରୁ ଦୂରୁ (ଇତ୍ୟାଦି)—ଦୂର୍ ଦୂର୍ ଇତ୍ୟାଦି (ଦେଖ)
Dūru dūru (etc) Dūr-dūr etc (See)

ଦୂରେଇ—ଦେ. କ୍ରି. ବିଣ—(ସ. ଦୂର)—ଖଣ୍ଡିଏ ଦୂର ଛାଡ଼ିକରି; କିଛି
Dūrei ବ୍ୟବଧାନ ବା ଅନ୍ତର ଛାଡ଼ିକରି—
(ଦୂରେଇ କରି—ଅନ୍ୟରୂପ) Leaving some space between.
(ଯଥା— ଚୁଲିରେ କରଚୁଲି ପଡ଼ିଥିଲେ ତା ବେଣ୍ଟକୁ ଦୂରେଇ କରି ନ ଧରିଲେ ହାତ ପୋଡ଼ିଯିବ।)

ଦୂରେଇବା—ଦେ. କ୍ରି (ସ. ଦୂର; ସ ଦୂରାୟ ନାମ ଧାତୁ)—
Dūreibā ୧। ଦୂରକୁ ଘୁଞ୍ଚି ଯିବା—
1. To move or go off to a distance.

ଦୂରୋହ—ସ. ବି. (ଦୂର+ବହ ଧାତୁ+କର୍ତ୍ତୃ. ଅ)—
Dūroha ଆଦିତ୍ୟ ଲୋକ (ଦ୍ର. ଶବ୍ଦସାଗର)—The imaginary sphere or world of the sun.

ଦୂରୋହଣ—ସ. ବି—ସୂର୍ଯ୍ୟ (ଦ୍ର. ଶବ୍ଦସାଗର)—
Dūrohaṇa The sun.

ଦୂର୍ବ୍ (ଧାତୁ)—ସ—୧। ହିଂସା କରିବା—
Dūrbb (root) 1. To envy; to have malice.
(ଦୁର୍ବ୍—ଅନ୍ୟରୂପ) ୨। ଆଘାତ କରିବା—
2. To strike; to hurt.
୩। ହତ୍ୟା କରିବା—3. To kill.

ଦୂର୍ବା—ସ. ବି. ସ୍ତ୍ରୀ. (ଦୂର୍ବ୍ ଧାତୁ+କର୍ମ. ଅ+ଆ)—
Dūrbbā ଦୂବ ଘାସ; ଦୀର୍ଘାୟୁ ଲତାଳିଆ ଗଣ୍ଠିଯୁକ୍ତ ଘାସ—
(ଦୁର୍ବା—ଅନ୍ୟରୂପ) The Doob grass; Cynoden Dactylon.
[ଦ୍ର—ଏହାର ଡେର ଗୋଡ଼ାଳିଆ। ଏ ଗଛ ପଡ଼ିଆରେ ଖୁବ୍ ମାଡ଼ି ଯାଏ। ଏହା ଗୋରୁଗାଈଙ୍କ ଖାଦ୍ୟ। ହିନ୍ଦୁମାନଙ୍କ ମତରେ ଏହା ପବିତ୍ର। ଧର୍ମାନୁଷ୍ଠାନମାନଙ୍କରେ ବରକୋଳିପତ୍ର, ଅକ୍ଷତ ଚାଉଳ ଓ ଫୁଲ ଆଦି ସହିତ ଦୂର୍ବା ପୂଜାରେ ବ୍ୟବହୃତ ହୁଏ।]

ଦୂର୍ବାଦଳ—ସଂ. ବି. (୬ଷ୍ଠୀ ତତ୍; ଦୂର୍ବା+ଦଳ)—
Dūrbbādala ଦୂବ ଘାସର ପତ୍ର —The leaves or blades
(ଦୁର୍ବାଦଳ—ଅନ୍ୟରୂପ) of the Doob grass.

ଦୂର୍ବାଷ୍ଟମୀ—ସଂ. ଭ—ଭାଦ୍ର ମାସ ଶୁକ୍ଳାଷ୍ଟମୀ; ରାଧାଷ୍ଟମୀ—
Dūrbbāshṭami The eigth day of the bright
(ଦୁର୍ବାଷ୍ଟମୀ—ଅନ୍ୟରୂପ) fortnight of the month of Bhādra.

[ଦ୍ର—ଯେଉଁ ସ୍ତ୍ରୀ ଏ ବ୍ରତ ପାଳନ କରନ୍ତି ତାହାଙ୍କର ସାତ ପୁରୁଷ ପର୍ଯ୍ୟନ୍ତ ସନ୍ତାନ ସନ୍ତତିମାନେ ଦୂବଘାସ ଭଳି ମାଡ଼ି ଯାଆନ୍ତି, ଏ ପ୍ରବାଦ ଏ ଦେଶରେ ପ୍ରଚଳିତ ଅଛି ।]

ଦୂର୍ଯ୍ୟ—ସଂ. ଭ. (ଦୁର୍+ଯା ଧାତୁ—ଗମନ କରିବା+ଯ)—ବିଷ୍ଠା—
Dūrjya Ordure; nightsoil.

ଦୂଲୀ—ସଂ ବି—ନୀଳବୃକ୍ଷ (ହି. ଶବ୍ଦସାଗର)—
Dūlī The Indigo plant.

ଦୂଶ୍ୟ—ସଂ. ବି—ତମ୍ବୁ; ସବୂଟି (ହି. ଶବ୍ଦସାଗର)—
Dūsya Tent.

ଦୂଷ୍(ଷି) (ଧାତୁ)—ସଂ.—(ଦୁଷ୍ ଧାତୁର ଣିଜନ୍ତ ଅବସ୍ଥା)
Dūsh(shi) (root) ୧ । ଦୋଷ ଦେବା—1. To blame.
୨ । ବିକୃତ ହେବା —2. To be diseased or distorted; to turn bad; to be spoiled.

ଦୂଷକ—ସଂ. ବିଣ. ପୁଂ. (ଦୂଷ୍ ଧାତୁ+ କର୍ତ୍ତୃ. ଅକ)—୧ । ଯେ ଅପବାଦ ଦିଏ; ନିନ୍ଦକ —1. Blaspheming; blaming; defaming.
Dūshaka
(ଦୂଷିକା—ସ୍ତ୍ରୀ)
୨ । ଦୋଷଦର୍ଶକ—2. Fault-finding.
୩ । ଦୋଷଜନକ—3. Condemnable.
୪ । ଯେ ଦୂଷିତ କରେ—4. Corrupting; defiling.
୫ । ଯେଉଁ ପୁରୁଷ କୌଣସି ବାଳିକା ବା ଯୁବତୀଙ୍କୁ ଅବୈଧ ଉପାୟରେ ସଙ୍ଗମ କରେ—5. (a man) Seducing or violating a girl or woman; ravishing; deflowering.

ଦୂଷଣ—ସଂ. ବି. (ଦୂଷ୍ ଧାତୁ+ଭାବ ଅନ)—୧ । ଦୋଷ; ଅପରାଧ—
Dūshaṇa 1. Fault; blemish; guilt.
୨ । ପାପ—2. Sin.
୩ । ନିନ୍ଦା—3. Blame.
୪ । କଳଙ୍କ; ଅପବାଦ; ଦୋଷାରୋପ—
4. Accusation; charge, stigma.
ବଧି ବୋଇଲେ ମୁଁ ନ ଜାଣି ତା ଖାଇଲି
ତୁମ୍ଭ କୁଳେ ଅଣି ଦୂଷଣ ଲଗାଇଲି—କୃଷ୍ଣସିଂହ, ମହାଭାରତ ବନ ।
୫ । ନଷ୍ଟ କରିବା—5. Spoiling; ruining.
୬ । ମାସ୍ କରିବା; ଅଶୁଚି କରିବା—
6. Defilement; contaminating.
୭ । ଧର୍ଷଣ—7. Rebuke; insulting.
୮ । ସ୍ତ୍ରୀଲୁ ଅବୈଧଭାବରେ ହରଣ—8. Rape; violation; deflowering; ravishing.
୯ । (+କର୍ତ୍ତୃ. ଅନ) ଖରଙ୍କର ମାଉସୀପୁଅ ଭାଇ; ଖରର ଭାଇ; ରାକ୍ଷସବିଶେଷ—9. Name of a demon, causin of Rābana.

[ଦ୍ର—ଏ ପଞ୍ଚବଟୀରେ ସୂର୍ପଣଖାର ରକ୍ଷା ପାଇଁ ରାବଣଦ୍ୱାରା ଖର ସଙ୍ଗେ ନିଯୁକ୍ତ ହୋଇଥିଲା । ସୂର୍ପଣଖାର ନାକକାନ କଟା ହେବା ପରେ ଏ ରାମଚନ୍ଦ୍ରଙ୍କ ସହିତ ଦଣ୍ଡକାରଣ୍ୟରେ ଯୁଦ୍ଧ କରି ନିହତ ହୋଇଥିଲା ।]

ବିଣ—୧ । (+କର୍ତ୍ତୃ. ଅନ) ଦୋଷଜନକ—
1. Blameworthy.
୨ । ଦୂଷକ—2. Censorious; fault-finding.
୩ । ଯେ ମାସ୍ କରେ—3. Defiling.
୪ । ଦୋଷଯୁକ୍ତ—4. Faulty.

ଦୂଷଣ ଅରି—ଦେ. ବି. (ସଂ. ଦୂଷଣାରି)—ଦୂଷଣ ରାକ୍ଷସର ବିନାଶକର୍ତ୍ତା, ରାମଚନ୍ଦ୍ର—A name of Rāmachandra.
Dūshaṇa ari
ତକେ ଦୂଷଣଅରି ରାକ୍ଷସଗଣ ମାରି ଲକ୍ଷ୍ମଣ ସହିତରେ ଯେ ।
ଭକ୍ତ; ବୈଦେହୀଶବିଳାସ ।

ଦୂଷଣାବହ—ସଂ. ବିଣ. (ଦୂଷଣ+ଆ+ବହ୍ ଧାତୁ+କର୍ତ୍ତୃ. ଅ)—
Dūshaṇābaha ଦୋଷାବହ; ଦୂଷ୍ୟ—
Blameable; blameworthy.

ଦୂଷଣାରି – ସଂ. ବି. (୬ଷ୍ଠୀ ତତ୍; ଦୂଷଣ+ଅରି)—ରାମଚନ୍ଦ୍ର—
Dūshaṇāri A name of Rāmachandra.

ଦୂଷଣୀୟ—ସଂ. ବିଣ. ପୁଂ. (ଦୂଷ ଧାତୁ + କର୍ମ. ଅନୀୟ)—
Dūshaṇīya ୧ । ଦୋଷାବହ; ନିନ୍ଦନୀୟ—1. Culpable;
(ଦୂଷଣୀୟା—ସ୍ତ୍ରୀ) blameable; censurable; reprehensible; blameworthy.
୨ । ଯାହାକୁ ଦୋଷଯୁକ୍ତ ବା ମାସ୍ କରାଯାଇ ପାରେ—
2. Capable of being contaminated or spoilt.

ଦୂଷୟିତା—ସଂ ବିଣ. ପୁଂ. (ଦୂଷ୍ ଧାତୁ+କର୍ତ୍ତୃ. ତୃ ୧ମା. ୧ବ.)—
Dūshayitā ୧ । ଦୂଷକ (ଦେଖ)—1. Dūshaka (See)
(ଦୂଷୟିତ୍ରୀ—ସ୍ତ୍ରୀ) ୨ । ଅଶୁଚିକାରକ—2. Defiling.

ଦୂଷୟିତ୍ନୁ—ସଂ. ବିଣ (ଦୂଷ୍ ଧାତୁ+ଶୀଳାର୍ଥେ. ଇତ୍ନୁ)—
Dūshayitnu ଦୂଷୟିତା (ଦେଖ)—Dūshayitā (See)

ଦୂଷି—ସଂ. ବି. (ଦୂଷ୍ ଧାତୁ+କର୍ତ୍ତୃ. ଇ)—ନେତ୍ର ମଳ; ଆଖିର ଲେଳେଃଡ଼ା—Mucus matter coming out of the eye; rheum of the eye.
Dūshi
(ଦୂଷୀ—ଅନ୍ୟରୂପ)

ଦୂଷିକା – ସଂ. ବିଣ. (ଦୂଷକ+ସ୍ତ୍ରୀ+ଆ)—ଦୂଷଣ କାରିଣୀ—
Dūshikā A maliging (woman).
ବି. (ଦୂଷି+ସ୍ୱାର୍ଥେ. କ+ଆ)—୧ । ନେତ୍ର ମଳ—
1. Rheum of the eye.
୨ । ତୂଳିକା—2. Painter's brush.

ଦୂଷିତ—ସଂ. ବିଣ. (ଦୂଷ୍ ଧାତୁ—ଦୋଷଯୁକ୍ତ ହେବା+କର୍ମ. ତ)—
Dūshita ୧ । ଯାହାର ମହତ୍ତ୍ୱ ନଷ୍ଟ କରା ଯାଇଅଛି—
(ଦୂଷିତା—ସ୍ତ୍ରୀ) 1. Dishonoured.
୨ । ଦୋଷପ୍ରାପ୍ତ; ଦୁଷ୍ଟ—2. Corrupted.
୩ । କଳୁଷିତ; କଳଙ୍କିତ—3. Spoiled; stained.

୪ । ନିନ୍ଦିତ; ଗର୍ହିତ—4. Condemnable.

୫ । ପାପିଷ୍ଠ; ପାପପୂର୍ଣ୍ଣ—5. Sinful.

୬ । ଅପବିତ୍ରୀକୃତ—6. Defiled; polluted; contaminated; tainted.

୭ । ଅପବାଦଗ୍ରସ୍ତ—
7. Calumniated; scandalised.

୮ । ମୈଥୁନାପବାଦଯୁକ୍ତ—
8. Scandalised for sexual intercourse.

ଦୂଷିତା—ସଂ. ବିଣ. ସ୍ତ୍ରୀ—୧ । ଯେଉଁ ସ୍ତ୍ରୀ ବା ବାଳିକାର ସତୀତ୍ୱ ନଷ୍ଟ
Dūshitā କରି ଯାଇଅଛି—1. Defiled; deflowered; violated; dishonoured (girl).

୨ । ପାପିଷ୍ଠା—2. Sinful.

ଦୂଷିବା—ଦେ. କ୍ରି—୧ । ଦୋଷାରୋପ କରିବା; ନିନ୍ଦା କରିବା—
Dūshibā 1. To accuse; to blame.

ଦୂଷା ଅଦୃଷ୍ଟ ଦୁଃଖ ସୁଖ ହିଏ
ଦୂଷଣା ଅନେ ଦୂଷିବା ନ ଯୋଗାଏ—ଜଗନ୍ନାଥ. ଭାଗବତ ।

୨ । କଳଙ୍କିତ କରିବା—2. To stigmatise.

ଦୂଷୀ—ସଂ. ବିଣ. (ଦୂଷ୍ ଧାତୁ + କର୍ତ୍ତୃ. ଇ)—ଦୂଷି (ଦେଖ)
Dūshī Dūshi (See)

ଦୂଷୀ ବିଷ—ସଂ. ବି—ସୁଶ୍ରୁତ ଅନୁସାରେ ଦେହର ଅଭ୍ୟନ୍ତରରେ ବ୍ୟାପି
Dūshī bisha ରହିବା ଏକପ୍ରକାର ବିଷ (ହି. ଶବ୍ଦସାଗର)—
A kind of poison which circulates in the system.

[ଦ୍ର—କୌଣସି ପ୍ରକାର ସ୍ଥାବର, ଜଙ୍ଗମ ବା କୃତ୍ରିମ ବିଷ ଶରୀରରେ ପ୍ରବେଶ କରି ତାହା ଦେହରୁ ବାହାରି ନ ଗଲେ ବା ଔଷଧ ଓ ଉପଚାରଦ୍ୱାରା ନଷ୍ଟ ନ ହେଲେ ତାହାକୁ ଦୂଷୀ ବିଷ ବା ସ୍ଥାନ ବିଷ ବୋଲାଯାଏ । ଯାହା ଦେହରେ ଏ ବିଷ ରହେ, ତାହା ଦେହ ହଳଦିଆ ପଡ଼ିଯାଏ, ମଳର ରଙ୍ଗ ବଦଳିଯାଏ, ମୁହଁରୁ ଦୁର୍ଗନ୍ଧ ବାହାରେ, ଶୋଷ ଓ ମୂର୍ଚ୍ଛା ହୁଏ, କେଶ ଓ ଲୋମ ଉପୁଡ଼ି ଯାଏ, ଦେହରେ ଚେକା ଦାଗମାନ ବାହାରେ ଓ ହାତ ଗୋଡ଼ ଫୁଲିଯାଏ । ହି. ଶବ୍ଦସାଗର ।]

ଦୂଷ୍ୟ—ସଂ. ବିଣ (ଦୂଷ୍ ଧାତୁ + କର୍ମ. ଯ)—୧ । ନିନ୍ଦନୀୟ; ନିନ୍ଦ୍ୟ—
Dūshya 1. Blameworthy.
(ଦୂଷ୍ୟା—ସ୍ତ୍ରୀ) ୨ । ଦୂଷଣୀୟ—2. Condemnable.

୩ । ଯାହା ଦୂଷିତ ହୋଇ ପାରେ—
3. Liable to be spoiled or polluted.

୪ । ତ୍ୟାଜ୍ୟ—4. Fit to be deserted or given up.

୫ । ମନ୍ଦ—5. Vile; bad.

୬ । ତୁଚ୍ଛ; ହେୟ—6. Contemptible.

୭ । ରାଜ୍ୟର ହାନିକାରକ (ବ୍ୟକ୍ତି)—
7. (a person) Causing injury to the realm.

ବି—୧ । ପଟ୍ଟମଣ୍ଡପ; ବସ୍ତ୍ରବାସ; ତମ୍ବୁ—1. Tent.

୨ । ପୂଯ—2. Pus.

୩ । ଵୀର୍ଯ୍ୟ—3. Matter; semen.

୪ । ବସ୍ତ୍ର; ଲୁଗା (ହି. ଶବ୍ଦସାଗର)—4. Cloth.

ଦୂଷ୍ୟା—ସଂ. ବି—ହସ୍ତୀ କକ୍ଷରେ ଭିଡ଼ାଯିବା ରଜ୍ଜୁ—The rope
Dūshyā which passes through the armpit of an elephant.

ଦୂହୂ—ଦେ. (ଧ୍ୱନ୍ୟନୁକରଣ) ଅ—ଧୂ ଧୂ (ଦେଖ)
Dūhū Dhū dhū (See)
(ଦୁହୁ ଦୁହୁ—ଅନ୍ୟରୂପ) ଦୁହୁ ଜଳୁଥିଲା ଘୋର କୃଷ୍ଣଜିହ୍ୱା
କଜ୍ଜଳ ବଦନ କରି ବ୍ୟାଦନ—ନନ୍ଦକିଶୋର. କୃଷ୍ଣକୁମାର

ଦୃ (ଧାତୁ)—ସଂ—ଆଦର କରିବା—
Dṛu (root) To fondle; to esteem.

ଦୃକ୍—ସଂ. ସ. (ଦୃଶ୍ ଧାତୁ = ଦେଖିବା + କରଣ କ୍ୱିପ୍; ଦୃଶ୍ ଶବ୍ଦ; ୧ମା. ୧ବ)—୧ । ଦର୍ଶନେନ୍ଦ୍ରିୟ; ଚକ୍ଷୁ—1. Eye.
Dṛuk

୨ । (+ ଭାବ. କ୍ୱିପ୍) ଦୃଷ୍ଟି—2. Eye sight.

୩ । ଜ୍ଞାନ—3. Wisdom.

୪ । (+ କର୍ତ୍ତୃ. କ୍ୱିପ୍)—ସାକ୍ଷୀ—
4. Witness; eye-witness.

ବିଣ—୧ । ଦର୍ଶକ; ଯେ ଦେଖେ—I. Seeing.

୨ । (+ କର୍ମ. କ୍ୱିପ୍) ଯାହା (ଅମୁକ ପରି) ଦିଶେ—
2. Looking like; appearing like.

୩ । ଯେ ଜାଣେ—
3. Knowing; having an insight into.

[ଦ୍ର—ଏ ଶବ୍ଦର ମୂଳ ଆକାର ଦୃଶ୍, ଏହି ଶବ୍ଦ ଅନ୍ୟ ଶବ୍ଦ ପୂର୍ବେ ସମାସରେ ବ୍ୟବହୃତ ହେଲେ ବିଶେଷ୍ୟ ଅର୍ଥ ପ୍ରକାଶ କରେ । ଯଥା—ଦୃକ୍‌କୋଣ, ଦୃକ୍‌ପାତ ଇତ୍ୟାଦି; ଅନ୍ୟ ଶବ୍ଦ ପରେ ବ୍ୟବହୃତ ହେଲେ ବିଶେଷଣ ଅର୍ଥ ପ୍ରକାଶ କରେ । ଯଥା—ଦୋଷଦୃକ୍, ଯାଦୃକ୍, ଈଦୃକ୍, ଶାସ୍ତ୍ରଦୃକ୍ ଇତ୍ୟାଦି ।]

ଦୃକ୍‌କର୍ଣ୍ଣ—ସଂ. ବି. (ଦ୍ୱନ୍ଦ୍ୱ, ଦୃକ୍ + କର୍ଣ୍ଣ)—୧ । ଆଖି ଓ କାନ—
Dṛuk-karṇṇa 1. The eye and the ear.

୨ । ଦୃଷ୍ଟି ଓ ଶ୍ରୁତି—
2. Seeing and hearing.
(ଯଥା—ଆଜି ଆପଣଙ୍କ ନିକଟରେ ଉପସ୍ଥିତ ହୋଇ ମୋର ଦୃକ୍‌କର୍ଣ୍ଣର ବିବାଦ ମୀମାଂସା ହୋଇଗଲା ।]

୩ । (ବହୁବ୍ରୀହି) ସାପ; ଚକ୍ଷୁଃଶ୍ରବାଃ—
3. Serpent.

[ଦ୍ର—ସାପମାନେ ଆଖି ଦ୍ୱାରା ଶୁଣନ୍ତି ବୋଲି ପ୍ରବାଦ ଅଛି ।]

ବିଣ. (ବହୁବ୍ରୀହି)—ଯେ ଆଖିଦ୍ୱାରା ଶୁଣେ; ଯାହାର ଆଖି କାନର କାର୍ଯ୍ୟ କରେ; ଚକ୍ଷୁଃଶ୍ରବାଃ—
Whose eyes do the part of ears; hearing through the eyes.

ଦୃକ୍‌କାଣ—ସଂ. ବି—ଦ୍ରେକ୍କାଣ (ଦେଖ)
Dṛuk-kāṇa Drekkāṇa (See)

ଦୃକ୍‌କୋଣ—ସଂ. ବି. (୬ଷ୍ଠୀ ତତ୍; ଦୃକ୍ + କୋଣ)—
Dṛuk-koṇa ଆଖିର କଣ—The corner of the eye.

ଦୃକ୍‌କ୍ଷେପ—ସଂ. ବି. (୬ଷ୍ଠୀ ତତ୍; ଦୃକ୍+କ୍ଷେପ)—
Dṛuk-kshepa ଦୃକ୍‌ପାତ (ଦେଖ)
Dṛuk-pāta (See)

ଦୃକ୍‌ପଥ—ସଂ. ବି. (୬ଷ୍ଠୀ ତତ୍; ଦୃକ୍+ପଥ)—
Dṛuk-patha ଦୃଷ୍ଟିପଥ; ଯେତେ ଦୂର ପର୍ଯ୍ୟନ୍ତ ଦେଖାଯାଇ ପାରେ—
Field of view; ken.

ଦୃକ୍‌ପାତ—ସଂ. ବି. (୬ଷ୍ଠୀ ତତ୍; ଦୃକ୍+ପାତ)—
Dṛuk-pāta ୧ । ନେତ୍ରପାତ; ଦୃଷ୍ଟିପାତ; ଆଖି ପକାଇବା; ଦେଖିବା; ଅବଲୋକନ—
1. A look; casting of a glance; seeing.
୨ । ଦର୍ଶନ—2. Sight; view; a glance.
୩ । (ଲକ୍ଷଣାର୍ଥ) ମନୋଯୋଗ; ଖାତିର—
3. (figurative) Care; attention.
(ଯଥା—ମୁଁ ଏତେ ଦୁଃଖ ପାଉଛି, ତଥାପି ମୋ ପୁଅର ଏଥିରେ ଦୃକ୍‌ପାତ ନାହିଁ ।)

ଦୃକ୍‌ପାତ କରିବା—ଦେ. କ୍ରି—୧ । ଆଖି ପକାଇବା—
Dṛuk-pāta karibā 1. To cast an eye on.
दृकपातकरा ୨ । ଚାହିଁବା; ଦେଖିବା – 2, To look at.
दृकपात करना ୩ । ମନୋଯୋଗ ଦେବା—3. To attend.

ଦୃକ୍‌ପ୍ରିୟ—ସଂ. ବିଣ—ସୁନ୍ଦର; ସୌମ୍ୟଦର୍ଶନ—
Dṛuk-priya Beautiful; graceful.
(ଦୃକ୍‌ପ୍ରିୟା—ସ୍ତ୍ରୀ) (ଦୃକ୍‌ପ୍ରିୟତା—ବି)

ଦୃକ୍‌ଶକ୍ତି—ସଂ. ବି—୧ । ଦୃଷ୍ଟି ଶକ୍ତି—
Dṛuk-śakti 1. Eyesight; power of seeing.
୨ । ଜ୍ଞାନଶକ୍ତି; ବୋଧଶକ୍ତି—2. Power or faculty of perception; insight.
୩ । ପ୍ରକାଶ ରୂପ ଚୈତନ୍ୟ (ହି. ଶବ୍ଦସାଗର)—
3. The Divine Spirit as manifested.
୪ । ଆତ୍ମା (ହି. ଶବ୍ଦସାଗର) 4. Soul.

ଦୃକ୍‌ଶ୍ରୁତ—ସଂ. ବି ଓ ବିଣ –ଦୃକ୍‌କର୍ଣ୍ଣ (ଦେଖ)
Dṛuk-śruti Dṛuk-karṇṇa (See)

ଦୃକ୍‌ସିଦ୍ଧ—ସଂ ବିଣ. (୩ୟା ତତ୍; ଦୃକ୍ ଦ୍ୱାରା ସିଦ୍ଧ)—
Dṛuk-siddha (ଜ୍ୟୋତିଷ) ଯାହା ଦେଖିବା ଦ୍ୱାରା ସିଦ୍ଧାନ୍ତ କରା ଯାଇଅଛି—(Astronomy) Arrived at after personal observation.
(ଯଥା—ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସାମନ୍ତଙ୍କ ପଞ୍ଜିକା ଦୃକ୍‌ସିଦ୍ଧ ଗଣନାଦ୍ୱାରା ଗଣିତ ।)

ଦୃକ—ଦେ. ବି. (ସଂ. ଦୃକ୍)—ଚକ୍ଷୁ; ଆଖି—
Dṛuka Eye.

ଶୀତାଯୁକ୍ତ ତବ୍ୟାସୁଧ ଅମ୍ବୁଜର ଦୃକ
କ୍ଷମ ତୋଷ ଦାନେ ରମ ମୂର୍ତ୍ତି ବନ୍ଦେ ଲୋକ ।
ଭଞ୍ଜ- କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଦେ. ଅ—ପରି; ସଦୃଶ—Like.

ବକ ପୁଷ୍ପମାଳା ମାଳକ; ବକ୍ରପୁ ଗୁଞ୍ଜ,ତାରୁ ଟେକଇ ଦୃକ ।
ଭଞ୍ଜ- ବୈଦେହୀଶବିଳାସ ।

ଦୃକ୍କାଣ—ସଂ. ବି. (ଜ୍ୟୋତିଷ)—ଦ୍ରେକ୍କାଣ (ଦେଖ)
Dṛukkāṇa Drekkāṇa (See)

ଦୃଗ୍‌ଗୋଳ—ସଂ. ବି. (ଦୃକ୍+ଗୋଳ=ମଣ୍ଡଳ)—
Dṛug-goḻa ୧ । ଦୃଶ୍ୟମାନ ଦିଙ୍ମଣ୍ଡଳ—
(ଦୃଗ୍‌ବଳୟ—ଅନ୍ୟନାମ) 1. The sensible horizon.
୨ । (ଜ୍ୟୋତିଷ) ଊର୍ଦ୍ଧ୍ୱସ୍ୱସ୍ତିକ ଓ ଅଧଃସ୍ୱସ୍ତିକ ବିନ୍ଦୁ ଭେଦ କରି ଅଙ୍କିତ କରାଯିବା କଳ୍ପିତ ବୃତ୍ତ, ଯହିଁରେ ଗ୍ରହମାନଙ୍କର ଉଦୟ ଓ ସ୍ଥିତି କଳ୍ପନା କରାଯାଏ (ହି.ଶ)—
2 (Astronomy) The imaginary circle passing through the zenith and the nadir on which the planets are taken to rise move.

ଦୃଗ୍‌ବୃତ୍ତ—ସଂ. ବି. (ଦୃକ୍+ବୃତ୍ତ)—ଦୃଗ୍‌ଗୋଳ (ଦେଖ)
Dṛug-bṛutta Dṛug-goḻa (See)

ଦୃଗ୍‌ଭୂ—ସଂ. ବି. (ଦୃକ୍+ଭୂ ଧାତୁ+କର୍ତ୍ତୃ. କ୍ୱିପ୍)—
Dṛug-bhū ୧ । ବଜ୍ର (ହି. ଶବ୍ଦସାଗର)—1. Thunder.
୨ । ସୂର୍ଯ୍ୟ (ହି. ଶବ୍ଦସାଗର)—2. The sun.
୩ । ସର୍ପ (ହି. ଶବ୍ଦସାଗର)—3. Serpent.

ଦୃଗଞ୍ଚଳ—ସଂ. ବି. (୬ଷ୍ଠୀ ତତ୍; ଦୃକ୍+ଅଞ୍ଚଳ=ପ୍ରାନ୍ତ)—
Dṛugañchaḻa ୧ । କଟାକ୍ଷ; ଆଖିର ବାଙ୍କ ଚାହାଣି—
1. Side-glance.

ଚଞ୍ଚଳତର ତରଳ ଦୃଗଞ୍ଚଳ ବଲ୍ଲଭ ବଦନେ ପଡ଼ଇ ।
ପ୍ରାଚୀ. ଶଙ୍କରଙ୍କର- ଉଷାଭିଳାଷ ।

୨ । ପଲକ—2. Glance.

ଦୃଗଧ୍ୟକ୍ଷ—ସଂ. ବି. (୬ଷ୍ଠୀ ତତ୍; ଦୃକ୍+ଅଧ୍ୟକ୍ଷ)—
Dṛugadhyaksha ସୂର୍ଯ୍ୟ—The sun

ଦୃଙ୍ମଣ୍ଡଳ—ସଂ. ବି. (ଦୃକ୍+ମଣ୍ଡଳ)—ଦୃଗ୍‌ଗୋଳ (ଦେଖ)
Dṛuṅ-maṇḍaḻa Dṛug-goḻa (See)

ଦୃଚ୍ଛନା—ଦେ. ବି. (ସଂ. ସାଦୃଶ୍ୟ)—
Dṛuchchhanā ୧ । ତତ୍ ସ୍ୱରୂପତା; ତତ୍‌ସମତା—
(ଦୃଛନା—ଅନ୍ୟରୂପ) 1. Semblance; likeness.

ରଙ୍ଗ ପ୍ରାୟେ ଲସେ ନୋହେ ରଙ୍ଗର ଦୃଚ୍ଛନା ।
ପ୍ରାଚୀ.. ବ୍ରହ୍ମନିରୂପଣଗୀତା ।

୨ । ଉଦାହରଣ—2. Example; illustration.

ଦୃଢ଼—ସଂ. ବିଣ. (ଦୃହ୍ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ତ)—
Dṛuṛha ୧ । ଶକ୍ତ; କଠିନ; ଟାଣ—
(ଦୃଢ଼ା—ସ୍ତ୍ରୀଲିଙ୍ଗ) 1. Hard; solid; firm.
ଦୃଢ଼ତା, ଦୃଢ଼ତ୍ୱ, ଦାର୍ଢ୍ୟ } ବି.
୨ । କରଡ଼ା; ଟାଆଁସା—2. Tough.
୩ । ସବଳ; ମଜବୁତ୍; ସମର୍ଥ—
3. Strong; capable.
୪ । ଅଚଳ; ସ୍ଥିର; ନିଶ୍ଚଳ—4. Stable; fast; immoveable; fixed.
୫ । ଅତିଶୟ—5. Excessive.
୬ । ନୀରୋଗ—6. Hale; healthy.
୭ । ଅଶିଥିଳ; ଶକ୍ତ—7. Tight.
୮ । ଅବଭଞ୍ଜ୍ୟ; ଯାହା ସହଜରେ ଭାଙ୍ଗେ ନାହିଁ—

8. Inviolable; unbreakable.
୯ । ଜମାଟ—9. Frozen; coagulated.
୧୦ । ସ୍ଥିର; ନିଶ୍ଚିତ—10. Certain.
୧୧ । (ଗଣିତ) ଗୋଟିଏ ସାଧାରଣ ସଂଖ୍ୟାଦ୍ୱାରା ଭାଗ କରାଯାଇ ସର୍ବନିମ୍ନ ସଂଖ୍ୟାକୁ ଆଣାତ—11. (Arithmetic) Reduced to the least term by a common divisor.
ସ. ବି—୧ । ଲୌହ—1. Iron.
୨ । ବିଷ୍ଣୁ—2. A name of Bishṇu.
୩ । ଧୃତରାଷ୍ଟ୍ରଙ୍କର ଏକ ପୁତ୍ରର ନାମ—
3. Name of a son of Dhṛutarāshṭra.
୪ । (ଗଣିତ) ଯେଉଁ ସଂଖ୍ୟା ଅନ୍ୟ କେଉଁ ରାଶିଦ୍ୱାରା ବିଭାଜିତ ହୋଇ ନ ପାରେ (ହି. ଶବ୍ଦସାଗର)—
4. (Arithmetic) A number which is not divisible by any other number.
(ଯଥା—୧, ୩, ୫, ୭, ୧୧, ୧୩, ୧୭, ୨୩ ।)
୫ । ଦୁର୍ଗ—5. Fortress (Apte).
୬ । ତ୍ରୟୋଦଶ ମନୁ ରୁଚଙ୍କର ଏକ ପୁତ୍ର (ହି. ଶବ୍ଦସାଗର)—
6. Name of a son of the 13th Manu.
ଦେ. ବି. (ପଦ୍ୟ)—ଦୃଢ଼ତା—
Inviolableness; certainty; fixity.
ବଚନର ଦୃଢ଼ ସତ୍ୟ ନ ରହିବ ଅଂଶେ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ଦୃଢ଼ ଆୟୁଷ—ଦେ. ବି—ଆୟୁବଳ—
Dṛur̤dha āyusha Long life; longevity.
ବୃଦ୍ଧମାନେ ପଢ଼ ଘରେ ଦୃଢ଼ ଆୟୁଷ ଦେଇ । ଉତ୍ତ. ବୈଦେହୀଶବିଳାସ ।

ଦୃଢ଼ କରିବା—ଦେ. କ୍ରି—୧ । ଶକ୍ତ କରିବା—
Dṛur̤dha kariba 1. To strengthen; to consolidate;
ଦୃଢ଼କରା ଦୃଢ଼ କରନା to confirm; to make firm.
୨ । (ମନରେ) ସ୍ଥିର କରିବା—
2. To be sure and certain; to settle.

ଦୃଢ଼ କରି ଧରିବା—ଦେ. କ୍ରି—୧ । ଟାଣ କରି ଧରିବା—
Dṛur̤dha kari dhariba 1. To hold tightly.
୨ । ସମ୍ପୂର୍ଣ୍ଣ ନିର୍ଭର କରିବା—
2. To depend entirely upon (a person).

ଦୃଢ଼ କାଣ୍ଡ—ସ. ବି. (ବହୁବ୍ରୀହି; ଦୃଢ଼+କାଣ୍ଡ)—୧ । ବାଉଁଶ—
Dṛur̤dha kāṇḍa 1. The bamboo.
୨ । ରୋହିସ ତୃଣ—2. A kind of grass.
ସ. ବିଣ—ଯାହାର କାଣ୍ଡ ଦୃଢ଼—Of strong stem.

ଦୃଢ଼ କାୟ—ସ. ବି. (କର୍ମଧା; ଦୃଢ଼+କାୟ)—ସବଳ ଓ କଷ୍ଟସହିଷ୍ଣୁ
Dṛur̤dha kāya ଶରୀର—Strong and hardy body.
(ଦୃଢ଼କାୟା—ସ୍ତ୍ରୀ) ବିଣ. ପୁଂ. (ବହୁବ୍ରୀହି)—ସବଳ ଓ ସହିଷ୍ଣୁ ଶରୀର ବିଶିଷ୍ଟ—Strongly built; having a strong physique; firm-bodied; having
(ଦୃଢ଼କାୟତା—ବି) thick-set limbs.

ଦୃଢ଼ ଗ୍ରନ୍ଥି—ସ. ବି. (ବହୁବ୍ରୀହି; ଦୃଢ଼+ଗ୍ରନ୍ଥି)—ବାଉଁଶ—
Dṛur̤dha granthi The bamboo.

ଦୃଢ଼ ଜବାବ୍—ଦେ. ବି. (ସ. ଦୃଢ଼; ଫା. ଜବାବ୍)—ସ୍ଥିର ଜବାବ;
Dṛur̤dha jabāb ଅଟଳ ଜବାବ—A sure promise; inviolable promise.
ଦେ. ବିଣ.—ଯେଉଁ ବ୍ୟକ୍ତିର ବଚନ ଅଟଳ—
(ଦୃଢ଼ ଜବାବୀ, ଦୃଢ଼ ଜବାବିଆ—ବିଣ) Of sure promise.

ଦୃଢ଼ ଜ୍ଞାନ—ସ. ବି.—୧ । ନିଶ୍ଚୟାତ୍ମକ ଜ୍ଞାନ—
Dṛur̤dha jñāna 1. Certain knowledge; conviction,
୨ । ଆସ୍ଥା; ବିଶ୍ୱାସ—2. Confidence.

ଦୃଢ଼ ତରୁ—ସ. ବି.—ଧବ ବୃକ୍ଷ; ଧଅ ଗଛ—
Dṛur̤dha taru Anogeissus Latifolia (tree).

ଦୃଢ଼ତା—ସଂ. ବି. (ଦୃଢ଼+ଭାବ. ତା)—୧ । ଅଟଳତା; ସ୍ଥିରତା—
Dṛur̤dhatā 1. Certainty; sureness.
(ଦୃଢ଼ତ୍ୱ—ଅନ୍ୟରୂପ) ୨ । କାଠିନ୍ୟ; ଟାଣପଣ—
2. Tightness; firmness; hardness; toughness.

ଦୃଢ଼ ନିଶ୍ଚୟ—ସ. ବିଣ. ପୁଂ. (ବହୁବ୍ରୀହି; ଦୃଢ଼+ନିଶ୍ଚୟ)—୧ । ଯାହାର
Dṛur̤dha nischaya ସିଦ୍ଧାନ୍ତ ଅଟଳ—1. Confident;
(ଦୃଢ଼ ନିଶ୍ଚୟା—ସ୍ତ୍ରୀ) certain; firm in one's conclu-
(ଦୃଢ଼ ପାଦ—ଅନ୍ୟରୂପ) sions or convictions.
୨ । ସ୍ଥିର ପ୍ରତିଜ୍ଞ—2. Of firm resolve.

ଦୃଢ଼ନିଷ୍ଠ—ସ. ବିଣ. ପୁଂ. (ବହୁବ୍ରୀହି; ଦୃଢ଼+ନିଷ୍ଠା ଯାହାର)—
Dṛur̤dhanishṭha ଦୃଢ଼ ବ୍ରତ; କୌଣସି କାର୍ଯ୍ୟରେ ଏକନିଷ୍ଠ—
(ଦୃଢ଼ନିଷ୍ଠା—ସ୍ତ୍ରୀ) Devoted to a work.

ଦୃଢ଼ନିଷ୍ଠତା—ସ. ବି.—ଏକନିଷ୍ଠତା—
Dṛur̤dhanishṭhatā Devotedness.

ଦୃଢ଼ ନିଷ୍ଠା—ସ. ବି. (କର୍ମଧା; ଦୃଢ଼+ନିଷ୍ଠା)—କୌଣସି କାର୍ଯ୍ୟରେ
Dṛur̤dha nishṭhā ଏକାନ୍ତ ନିଷ୍ଠା ବା ଉଦ୍ୟମ ପାଳନ—
Single-hearted devotion to a work.

ଦୃଢ଼ ନୀର—ସ. ବି. (ବହୁବ୍ରୀହି; ଦୃଢ଼+ନୀର; ଯାହାର ଜଳୀୟ ଭାଗ
Dṛur̤dha nira ଯଥାକାଳରେ ଦୃଢ଼ତା ପ୍ରାପ୍ତ ହୁଏ)—ନଡ଼ିଆ—
(ଦୃଢ଼ଫଳ—ଅନ୍ୟରୂପ) Cocoanut.

ଦୃଢ଼ ପତ୍ର—ସଂ. ବି. (ବହୁବ୍ରୀହି; ଦୃଢ଼+ପତ୍ର)—ଦୃଢ଼ କାଣ୍ଡ (ଦେଖ)
Dṛur̤dha patra Dṛur̤dha kāṇḍa (See)

ଦୃଢ଼ପ୍ରତିଜ୍ଞ—ସଂ. ବିଣ. ପୁଂ. (ବହୁବ୍ରୀହି; ଦୃଢ଼+ପ୍ରତିଜ୍ଞା)—୧ । ସ୍ଥିର-
Dṛur̤dhapratijña ପ୍ରତିଜ୍ଞ; ଯାହାର ପ୍ରତିଜ୍ଞା ବା ବାକ୍ୟ
(ଦୃଢ଼ ପ୍ରତିଜ୍ଞା—ସ୍ତ୍ରୀ) ଅନ୍ୟଥା ହୁଏ ନାହିଁ—1. Faithful to one's promise; determined; resolute;
(ଦୃଢ଼ପ୍ରତିଜ୍ଞତା—ବି) true to one's promise.
୨ । ସ୍ଥିରବାକ୍ (ବ୍ୟକ୍ତି)—
2. True to one's words (person).

ଦୃଢ଼ ପ୍ରତିଜ୍ଞା—ସଂ. ବି. (କର୍ମଧା; ଦୃଢ଼+ପ୍ରତିଜ୍ଞା)—ଅଟଳ ସଂକଳ୍ପ—
Dṛur̤dha pratijñā Firm resolution; determination.

ଦୃଢ଼ ପ୍ରତ୍ୟୟ—ସଂ. ବି ଓ ବିଣ (କର୍ମଧା ଓ ବହୁବ୍ରୀହି; ଦୃଢ଼ + ପ୍ରତ୍ୟୟ)—
Dṛurdha pratyaya ଦୃଢ଼ ବିଶ୍ୱାସ (ଦେଖ)
Dṛurdha biswāsa (See)

ଦୃଢ଼ ପ୍ରରୋହ—ସଂ. ବି. (ବହୁବ୍ରୀହି; ଦୃଢ଼+ପ୍ରରୋହ)—ବରଗଛ—
Dṛurdha praroha Baniyan tree.

ଦୃଢ଼ ବଦ୍ଧ—ସଂ. ବି.—୧ । ଉତ୍ତମରୂପେ ବନ୍ଧା ହୋଇଥିବା—
Dṛurdha baddha 1. Bound tightly.
୨ । ଯାହା ଦୃଢ଼ ଭାବରେ ଧରା ହୋଇ ଥାଏ—
2. Firmly grasped.
(ଯଥା—ଦୃଢ଼ବଦ୍ଧ ମୁଷ୍ଟି ।)

ଦୃଢ଼ ବନ୍ଧନ—ସଂ. ବି. (କର୍ମଧା. ଦୃଢ଼+ବନ୍ଧନ)—ଟାଣୁଆ ବାନ୍ଧେଣୀ;
Dṛurdha bandhana ଯେଉଁ ବନ୍ଧନ ଫିଟିବ ନାହିଁ—
A tight bond.
ବିଣ.—ଯାହା ଟାଣୁଆ ହୋଇ ବନ୍ଧା ହୋଇ ଥାଏ—
Firmly bound.

ଦୃଢ଼ବନ୍ଧନା—ସଂ. ବିଣ. ସ୍ତ୍ରୀ—(ବହୁବ୍ରୀହି; ଦୃଢ଼+ବନ୍ଧନ+ସ୍ତ୍ରୀ. ଆ)—
Dṛurdhabandhanā ଯାହା ଟାଣ କରି ବାନ୍ଧି ପାରେ—
Which can bind tightly; tenacious.
ବି.—ଶ୍ୟାମା ଲତା; ଶୁଆଁ ଲଟୀ—
A kind of tenacious creeper.

ଦୃଢ଼ ବନ୍ଧନୀ—ସଂ. ବି (କର୍ମଧା; ଦୃଢ଼+ବନ୍ଧନୀ)—ଦୃଢ଼ ବନ୍ଧନ (ଦେଖ)
Dṛurdha bandhanī Dṛurdha bandhana (See)

ଦୃଢ଼ବର୍ମା—ସଂ. ବିଣ (ବହୁବ୍ରୀହି; ଦୃଢ଼+ବର୍ମ୍ମନ୍)—୧ । ଯାହାର ବର୍ମ
Dṛurdhabarmā ବା ଅଙ୍ଗାବରଣ ଶକ୍ତ୍ ଶକ୍ତ ବା ଅଭେଦ୍ୟ—
1. Having a hard armour or coating.
୨ । ଯେଉଁ ଜନ୍ତୁମାନଙ୍କ ଉପର ଆବରଣ ଟାଣୁଆ—
2. Of tough hide; crustaceous.

ଦୃଢ଼ବର୍ମ୍ମୀ—ସଂ. ବିଣ (ଦୃଢ଼ବର୍ମ୍ମା+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Dṛurdhabarmmī ଦୃଢ଼ବର୍ମ୍ମା (ଦେଖ)
Dṛurdhabarmmā (See)

ଦୃଢ଼ ବଳ୍କଳ—ସଂ. ବିଣ. (ବହୁବ୍ରୀହି; ଦୃଢ଼+ବଳ୍କଳ)—ଯେଉଁ ବୃକ୍ଷାଦିର
Dṛurdha baḷkaḷa ବକଲା ଟୁବ୍ ଦୃଢ଼—(tree) Having
(ଦୃଢ଼ବଳ୍କଳା—ସ୍ତ୍ରୀ) hard bark.
ସଂ. ବି—୧ । ଗୁଆଗଛ (ହି. ଶବ୍ଦସାଗର)—
1. Areca-nut tree.
୨ । ଲକୁଚ (ଦେଖ)—2. Lakucha (See)

ଦୃଢ଼ ବାକ୍ୟ—ସଂ.ବି (କର୍ମଧା; ଦୃଢ଼+ବାକ୍ୟ)—ଅଟଳ ବଚନ; ଅବିଚଳିତ
Dṛurdha bākya କଥା—Words or promise which
(ଦୃଢ଼ବାକ୍ୟା—ସ୍ତ୍ରୀ) will not change.
ବିଣ—ଦୃଢ଼ବାଦୀ (ଦେଖ)—Dṛurdhabādī (See)

ଦୃଢ଼ବାଦୀ—ସଂ. ବିଣ. ପୁଂ (ଦୃଢ଼+ବଦ୍ ଧାତୁ+କର୍ତ୍ତୃ. ଇନ୍ ୧ମା ୧ବ)—
Dṛurdhabādī ଯେ ଆପଣା କଥାରୁ ବିଚଳିତ ହୁଏ ନାହିଁ—
(ଦୃଢ଼ବାଦିନୀ—ସ୍ତ୍ରୀ) Who is true to his word.

ଦୃଢ଼ ବିଶ୍ୱାସ—ସଂ. ବି (କର୍ମଧା; ଦୃଢ଼ + ବିଶ୍ୱାସ)—ଅଟଳ ବିଶ୍ୱାସ—
Dṛurdha biswāsa Firm faith; conviction
implicit confidence.
ବିଣ. ପୁଂ(ବହୁବ୍ରୀହି)—ଯାହାର ବିଶ୍ୱାସ ଅଟଳ—Firm in
(ଦୃଢ଼ବିଶ୍ୱାସା—ସ୍ତ୍ରୀ) conviction.

ଦୃଢ଼ ବୀଜ—ସଂ. ବିଣ (ବହୁବ୍ରୀହି; ଦୃଢ଼+ବୀଜ)—ଯାହାର ବୀଜ ବା ମଞ୍ଜି
Dṛurdha bīja ଟାଣୁଆ; କଠିନ ବୀଜଯୁକ୍ତ—Having hard
seeds.
ବିଣ—୧ । (କର୍ମଧା) ଟାଣୁଆ ମଞ୍ଜି 1. Hard seed.
୨ । (ବହୁବ୍ରୀହି) ବରକୋଳି; ବଦର—
2 The jujube tree.
୩ । ଚକୁଣ୍ଡା ଗଛ—3. The Cassia Tora tree.
୪ । କଳା ତୁଳସୀ—
4. The black Holy Basil.
୫ । ବବୁର (ଦେଖ) (ହି. ଶବ୍ଦସାଗର)—
5. Babura (See)

ଦୃଢ଼ ବୋଧ—ସଂ. ବି—ଦୃଢ଼ବିଶ୍ୱାସ (ଦେଖ)
Dṛurdha bodha Dṛurdha biswāsa (See).

ଦୃଢ଼ବ୍ରତ—ସଂ. ବି (କର୍ମଧା; ଦୃଢ଼ + ବ୍ରତ)—୧ । ଯେଉଁ ବ୍ରତ ବା
Dṛurdha brata ପ୍ରତିଜ୍ଞା ଅଲଙ୍ଘ୍ୟ—1. Firm resolve or
vow.
୨ । ଅଧ୍ୟବସାୟ—2. Perseverance.
୩ । କଠୋର ତପଃସାଧନ—
3. Inviolable penance.
ବିଣ. ପୁଂ (ବହୁବ୍ରୀହି)—୧ । ଅଧ୍ୟବସାୟବିଶିଷ୍ଟ—
(ଦୃଢ଼ବ୍ରତା—ସ୍ତ୍ରୀ) 1. Persevering.
୨ । ବ୍ରତପାଳନରେ ଅଟଳ—
2. Strictly adhering to a vow.
୩ । ଅବଲମ୍ବିତ କାର୍ଯ୍ୟସାଧନରେ ଦୃଢ଼ଯତ୍ନବିଶିଷ୍ଟ—
3 Persistent; steady and firm in executing an undertaking or carrying out a resolve or vow.
୪ । ସ୍ଥିରସଙ୍କଳ୍ପ—4. Of fixed resolve.

ଦୃଢ଼ବ୍ରତୀ—ସଂ. ବିଣ. ପୁଂ (ଦୃଢ଼ବ୍ରତ+ଅସ୍ତି ଅର୍ଥରେ ଇନ୍ ୧ମା. ୧ବ.)—
Dṛurdhabratī ଦୃଢ଼ବ୍ରତ (ଦେଖ) Dṛurdhabrata (See).
(ଦୃଢ଼ବ୍ରତିନୀ—ସ୍ତ୍ରୀ)

ଦୃଢ଼ ଭକ୍ତି—ସଂ. ବି (କର୍ମଧା; ଦୃଢ଼+ଭକ୍ତି)—ଅଟଳଭକ୍ତି—
Dṛurdha bhakti Unflinching devotion; firm faith.
ବିଣ (ବହୁବ୍ରୀହି)—ଅଟଳଭକ୍ତିବିଶିଷ୍ଟ—Devoted.

ଦୃଢ଼ ଭାଜକ—ସଂ. ବି (ଗଣିତ ପରିଭାଷା)—ଯେଉଁ ସଂଖ୍ୟାଦ୍ୱାରା ଅନ୍ୟ
Dṛurdha bhājaka ସଂଖ୍ୟାକୁ ଭାଗ କରାଗଲେ ଫଳ କିଛି ରହେ
ନାହିଁ—(Arithmetic) A number which divides another number without leaving any remainder.

ଦୃଢ଼ଭୂମି—ସଂ. ବ (କର୍ମଧା; ଦୃଢ଼+ଭୂମି)—
Dṛurḏha bhūmi ୧ । କଠିନ ଜମି; ଟାଣ ମାଟି—
1. Hard soil.
୨ । ଯୋଗଶାସ୍ତ୍ରରେ ମନକୁ ଏକାଗ୍ର ବା ସ୍ଥିର କରିବାର ଅଭ୍ୟାସ—2. The habit of concentrating one's attention during Joga exercise.
[ଦ୍ର—ଏହା ସାଧନ କରିବା ବ୍ୟକ୍ତିର ମନ ଅବଚଳିତ ହୁଏ ଓ ଏ ଅବସ୍ଥା ପ୍ରାପ୍ତ ହେଲେ ଶୀଘ୍ର ବୈରାଗ୍ୟ ଜନ୍ମେ—ହି. ଶବ୍ଦସାଗର ।]

ଦୃଢ଼ମୁଷ୍ଟି—ସଂ. ବି (କର୍ମଧା; ଦୃଢ଼ା+ମୁଷ୍ଟି)—୧ । ବଦ୍ଧମୁଷ୍ଟି;
Dṛurḏha mushṭi ଦୃଢ଼ଭାବରେ ଅବଦ୍ଧ ବା ଘଉଡ଼ାହୋଇଥିବା ମୁଠା—1. Tight fist.
୨ । (ବହୁବ୍ରୀହି) ମୁଠାଥିବା ଅସ୍ତ୍ର—
2. Hilted weapon.
ବିଣ—୧ । ଯେ ନିଜର ମୁଠାକୁ ଟାଣ କରିଥାଏ—
1. Tight-fisted.
୨ । କୃପଣ; ବ୍ୟୟକୁଣ୍ଠ—
2. Miserly; close-fisted; niggardly.
୩ । ଯେଉଁ ଅସ୍ତ୍ରାଦିକୁ ଧରିବା ନିମନ୍ତେ ମୁଠାକୁ ଟାଣ କରିବା ଦରକାର—3. Hilted (weapon); requiring to be held tightly.

ଦୃଢ଼ମୂଳ—ସଂ. ବଣ (ବହୁବ୍ରୀହି; ଦୃଢ଼+ମୂଳ)—୧ । ଯେଉଁ ବୃକ୍ଷର
Dṛurḏha mūla ମୂଳ ଭୂମିରେ ଦୃଢ଼ରୂପେ ଅବଦ୍ଧ ଥାଏ—
1. (tree) With the root firmly rooted to the ground.
୨ । ଯେଉଁ ବୃକ୍ଷାଦିର ଚେର ଜ୍ଜବ ଶକ୍ତ—
2. (tree) With hard roots.
ସଂ. ବ—୧ । ନଡ଼ିଆ (ହି. ଶବ୍ଦସାଗର)—
1. Cocoanut.
୨ । ମନ୍ତ୍ରାନକ ନାମକ ଜଳଜ ତୃଣ (ହି. ଶବ୍ଦସାଗର)—
2. A kind of aquatic grass.
୩ । ମୁଞ୍ଜ (ହି. ଶବ୍ଦସାଗର)—
3. The Muñja grass.

ଦୃଢ଼ରଙ୍ଗା—ସଂ. ବ (ବହୁବ୍ରୀହି; ଦୃଢ଼+ରଙ୍ଗ+ଆ; ଏଥିର ପ୍ରୟୋଗରେ
Dṛurḏharaṅgā ବସ୍ତ୍ରାଦିର ରଙ୍ଗ ପକ୍କା ହୁଏ)—ଫିଟକିରି (ହି. ଶବ୍ଦସାଗର)—Alum.

ଦୃଢ଼ରୋମ—ସଂ. ବ. ଓ ବଣ—ଦୃଢ଼ଲୋମା (ଦେଖ)
Dṛurḏharoma Dṛurḏhalomā (See).
(ଦୃଢ଼ରୋମା ଓ ଦୃଢ଼ଲୋମ—ଅନ୍ୟରୂପ)

ଦୃଢ଼ରୋହ—ସଂ. ବ (ବହୁବ୍ରୀହି; ଦୃଢ଼+ରୋହ)—ପର୍କଟୀ (ହି. ଶ)—
Dṛurḏharoha Parkaṭi.

ଦୃଢ଼ଲୋମା—ସଂ. ବଣ (ବହୁବ୍ରୀହି; ଦୃଢ଼+ଲୋମନ୍)—ଖରଲୋମସ;
Dṛurḏhalomā କର୍କଶ ଲୋମଯୁକ୍ତ; ଟାଆଁସା ବାଳୁଆ—
Having tough or wiry hairs.
ବ—ଶୂକର; ବରାହ; ବାରୁହା—Hog; pig; boar.

ଦୃଢ଼ସନ୍ଧ—ସଂ.ବିଣ. ପୁଂ (ବହୁବ୍ରୀହି; ଦୃଢ଼+ସନ୍ଧ)—ଦୃଢ଼ସନ୍ଧାନ(ଦେଖ)
Dṛurḏhasandha Dṛurḏhasandhāna (See)
ସଂ. ବି—ଧୃତରାଷ୍ଟ୍ରଙ୍କର ଏକ ପୁତ୍ର—
The name of a son of Dhṛutarāshṭra.

ଦୃଢ଼ସନ୍ଧାନ—ସଂ. ବଣ. ପୁଂ (ବହୁବ୍ରୀହି; ଦୃଢ଼+ସନ୍ଧାନ)--ସ୍ଥିରପ୍ରତିଜ୍ଞ—
Dṛurḏha sandhāna Resolute.

ଦୃଢ଼ସନ୍ଧି—ସଂ. ବଣ. ପୁଂ (ବହୁବ୍ରୀହି; ଦୃଢ଼+ସନ୍ଧି)—ସଂହତ; ଦୃଢ଼ରୂପେ
Dṛurḏha sandhi ମିଳିତ; ଦୃଢ଼ରୂପେ ଗ୍ରଥିତ—
Compact; strongly knit; closely joined.

ଦୃଢ଼ସୂତ୍ରିକା—ସଂ. ବ (ଦୃଢ଼+ସୂତ୍ର+କ+ଆ)—ମୂର୍ବା (ଦେଖ)—
Dṛurḏhasūtrikā Mūrbā (See).

ଦୃଢ଼ସ୍କନ୍ଧ—ସଂ. ବଣ (ବହୁବ୍ରୀହି; ଦୃଢ଼+ସ୍କନ୍ଧ)--ଯାହାର କାନ୍ଧ ଟାଣୁଆ—
Dṛurḏha skandha Tough-shouldered.
ବି—୧ । ବଡ଼ କ୍ଷୀରକୋଳ ଗଛ—
1. Euphorbia Pilulifera (tree).
୨ । ପିଣ୍ଡଖର୍ଜ୍ଜୁର (ଦେଖ)—
2. Piṇḍakharjjūra (See)

ଦୃଢ଼ହସ୍ତ—ସଂ. ବଣ. ପୁଂ (ବହୁବ୍ରୀହି; ଦୃଢ଼+ହସ୍ତ)—ଯେଉଁ ବ୍ୟକ୍ତି
Dṛurḏha hasta ହାତିଆର ଆଦିକୁ ଦୃଢ଼ରୂପେ ଧରିପାରେ—
(ଦୃଢ଼ହସ୍ତା-ସ୍ତ୍ରୀ) (a person) Holding weapons with
ଦୃଢ଼ହସ୍ତତା-ବ) a tight grip.
ସଂ. ବ.—ଧୃତରାଷ୍ଟ୍ରଙ୍କ ଏକପୁତ୍ର—Name of a son of Dhṛutarāshṭra.

ଦୃଢ଼ାଙ୍ଗ—ସଂ. ବ (କର୍ମଧା; ଦୃଢ଼+ଅଙ୍ଗ)—୧ । ସବଳ ଓ ହୃଷ୍ଟପୁଷ୍ଟ
Dṛurḏhāṅga ଏବଂ କଷ୍ଟସହିଷ୍ଣୁ ଶରୀର—1. Strong and hardy constitution.
୨ । (ବହୁବ୍ରୀହି) ହୀରକ; ହୀରା—2. Diamond (the hardest of all substances).
୩ । ଜୀରକ (ହି. ଶବ୍ଦସାଗର); ଜୀରା—3. Cumin seed.

ଦୃଢ଼ାଙ୍ଗୀ } ସ୍ତ୍ରୀ ବଣ. (ବହୁବ୍ରୀହି)—ଦୃଢ଼କାୟ—Hardy;
ଦୃଢ଼ାଙ୍ଗା } firm-bodied; having thick-set limbs.

ଦୃଢ଼ାୟୁଧ—ସଂ. ବିଣ (ବହୁବ୍ରୀହି; ଦୃଢ଼+ଆୟୁଧ)—ଯାହାର ଆୟୁଧ
Dṛurḏhāyudha ଅଜେୟ ଦୃଢ଼—Having a strong and invincible weapon.
ବି—୧ । ଶୂଳପାଣି; ପିନାକୀ; ମହାଦେବ—1. God Siba.
୨ । ଧୃତରାଷ୍ଟ୍ରଙ୍କ ଏକପୁତ୍ର—2 Name of a son of Dhṛutarāshṭra.

ଦୃଢ଼ାସ୍ତ୍ର—(ବହୁବ୍ରୀହି; ଦୃଢ଼+ଅସ୍ତ୍ର)—ଦୃଢ଼ାୟୁଧ (ଦେଖ)
Dṛurḏhāstra Dṛurḏhāyudha (See)

ଦୃଢ଼ାସ୍ଥିକ—ସଂ. ବିଣ. ପୁଂ(ଲକ୍ଷ୍ମାନ ପରଗଣା) (ବହୁବ୍ରୀହି; ଦୃଢ଼+
Dṛurḏhāsthika ଅସ୍ଥି+କ)—ଦୃଢ଼ ଅସ୍ଥିଯୁକ୍ତ (ଜୀବ)—
(ଦୃଢ଼ାସ୍ଥିକା—ସ୍ତ୍ରୀ) Having hard bones; bony; osseous.

ଦୃଢ଼ୀକରଣ – ସଂ. ବି (ଦୃଢ଼+ଅଭୂତ ତଦ୍ଭାବେ ଚ୍ୱି+କରଣ) –
Drurdhikarana ୧ । ଅଧିକ ଟାଣୁଆ କରିବା –
Drurdhikarana 1. Making stronger; strengthening.
୨ । ଅଟଳୀ କରଣ – 2. Making firm.

ଦୃଢ଼ୀକୃତ – ସଂ. ବିଣ (ଦୃଢ଼+ଅଭୂତ ତଦ୍ଭାବେ. ଚ୍ୱି+କୃତ) – ଯାହାକୁ
Drurdhikruta ଦୃଢ଼ କରାଯାଇ ଅଛି; କଠିଣୀକୃତ –
(ଦୃଢ଼ୀକୃତା—ସ୍ତ୍ରୀ) Made firm; strengthened.

ଦୃଢ଼ୀଭୂତ—ସଂ. ବିଣ (ଦୃଢ଼+ଅଭୂତ ତଦ୍ଭାବେ ଚ୍ୱି+ଭୂତ) – ୧ । ଯାହା
Drurdhibhūta ଦୃଢ଼ ହୋଇଅଛି—1, Tightened; made
(ଦୃଢ଼ୀଭାବ—ବି) firm or fast; fastened.
୨ । ଯାହା ଟାଣୁଆ ପାଲଟି ଯାଏ—2, Hardened.

ଦୃଢ଼େଚ୍ଛା – ସଂ. ବି (କର୍ମଧା; ଦୃଢ଼+ଇଚ୍ଛା) – ବଳବତୀ ଇଚ୍ଛା –
Drurdhechchhā Strong desire; a firm resolution.

ଦୃତ – ସଂ. ବିଣ—(ଦୃ. ଧାତୁ+କର୍ମ. ତ) – ୧ । ଆଦୃତ –
Druta 1. Esteemed; loved; fondled.
(ଦୃତା—ସ୍ତ୍ରୀ) ୨ । ସମ୍ମାନିତ – 2. Honoured; respected.

ଦୃତା – ସଂ. ବି. ସ୍ତ୍ରୀ (ଦୃତ+ଆ) – ଜୀର (ହି. ଶବ୍ଦସାଗର) –
Drutā Cumin seed.

ଦୃତି – ସଂ. ବି (ଦୃ. ଧାତୁ=ବିଦାରଣ କରିବା+କର୍ମ. ତି) –
Druti ୧ । ଚମଡ଼ାର ଭାତି – 1. Bellows made of hide.
୨ । ଚର୍ମ; ଚମଡ଼ା—2. Skin; hide; leather.
୩ । ପାଣି ବୋହିବାର ଚମ ମୁଣା; ଭସ୍ତି—
3. A bag of leather to carry water.
୪ । ମତ୍ସ୍ୟବିଶେଷ—4. A kind of fish.
୫ । ମେଘ (ହି. ଶବ୍ଦସାଗର)—5. Cloud.
୬ । ଗଳକମ୍ବଳ (ହି. ଶବ୍ଦସାଗର)—6. Dewlap

ଦୃତିବାରକ—ସଂ. ବି—ଅକାନବିନ୍ଦୀ ପତ୍ର—The leaf of Stephania
Drutibāraka Hernandifolia.
(ଦୃତିଧାରକ—ଅନ୍ୟରୂପ)

ଦୃତିହରି—ସଂ. ବି (ଦୃତି=ଚର୍ମ+ହୃ. ଧାତୁ+କର୍ତ୍ତୃ. ଇ)—କୁକୁର—
Drutihari Dog.
(ଦୃତିହରି-ଅନ୍ୟରୂପ)

ଦୃତିହାର—ସ.ବି (ଦୃତି+ହୃ.ଧାତୁ+କର୍ତ୍ତୃ. ଅ)—୧ । ଦୃତିହରି (ଦେଖ)
Drutihāra 1. Drutihari (See).
୨ । ଭସ୍ତିବାଲା; ଚମ ମୁଣାରେ ପାଣି ବୋହୁଥିବା ଲୋକ—
2. A vistee; one who carries water in a leathern bag.

ଦୃନ୍ଫ୍ (ଧାତୁ)—ସ. କ୍ରି—ପୀଡ଼ନ କରିବା—
Drun-ph (root) To oppress.

ଦୃନ୍ଭୂ—ସ. (ଦୃଭ୍ ଧାତୁ=ଭୀତ ହେବା+ଅପାଦାନେ ଊ)—
Drun-bhū ୧ । ବଜ୍ର—1. Thunder.
୨ । ସୂର୍ଯ୍ୟ—2. The sun.
୩ । ରାଜା; ନୃପତି—3. King.
୪ । ସର୍ପ—4. Serpent; snake.
୫ । ଚକ୍ର—5. Wheel.

ଦୃପ୍ (ଧାତୁ)—ସ.—ଅହଙ୍କୃତ ହେବା—
Drup (root) To be proud.

ଦୃପ୍ତ—ସ. ବଣ. ପୁଂ (ଦୃପ୍ ଧାତୁ+କର୍ତ୍ତୃ. ତ)—୧ । ଦର୍ପଯୁକ୍ତ;
Drupta ଅହଙ୍କୃତ—1. Pride; arrogant.
(ଦୃପ୍ତା—ସ୍ତ୍ରୀ)
୨ । ଉଦ୍ଧତ—2. Impertent; rude.
୩ । ଉଗ୍ର; ପ୍ରଚଣ୍ଡ—3. Wrathful; violent; fierce.
୪ । ଦୁର୍ବିନୀତ; ଦୁଷ୍ଟ—4, Wicked,
୫ । ପ୍ରଜ୍ୱଳିତ—5, Blazing; fiery,
ସ. ବି.—ବିଷ୍ଣୁ—The God Bishnu,

ଦୃପ୍ର—ସ. ବଣ. ପୁଂ (ଦୃପ୍ ଧାତୁ+କର୍ତ୍ତୃ. ର)—ଦୃପ୍ତ (ଦେଖ)
Drupra Drupta (See)
(ଦୃପ୍ରା—ସ୍ତ୍ରୀ)

ଦୃବ୍ଧ—ସ. ବଣ (ଦୃଭ୍ ଧାତୁ=ଭୀତ ହେବା; ଗ୍ରନ୍ଥନ କରିବା+ତ)—
Drubdha ୧ । (କର୍ମ. ତ) ଗ୍ରଥିତ—1, Sewn; arranged in an orderly manner.
୨ । (+କର୍ତ୍ତୃ. ତ)—ଭୀତ—2, Frightened; afraid.

ଦୃଭ୍(ଧାତୁ)—ସ—୧ । ଭୀତ ହେବା—
Drubh(root) 1. To be frightened.
୨ । ଗ୍ରନ୍ଥନ କରିବା—2. To sew through; to arrange systematically or serially.

ଦୃମ୍ଫୂ—ସ. ବି (ଦୃନ୍ଫ୍ ଧାତୁ=ପୀଡ଼ନ କରିବା+କର୍ତ୍ତୃ. ଊ)—ସର୍ପ—
Drumphu A snake; serpent.

ଦୃଶ୍ (ଧାତୁ)—ସ.—ଦେଖିବା—
Drus (root) To see.

ଦୃଶ୍—ସ. ବି (ଦୃଶ ଧାତୁ+କ୍ୱିପ୍)—୧ । ଦର୍ଶନ; ଦେଖିବା (ହି. ଶ)—
Drus 1. Seeing.
୨ । ଦୃଷ୍ଟି—2. Eye sight.
ସେ କରିବର ଦୃଶେ ଅସି ଦୃଶ୍ୟ ହେଲେ—କୃଷ୍ଣସିଂହ ମହାଭାରତ ।
୩ । ନୟନ; ଆଖି—3. Eye.
୪ । ଦୁଇ ସଂଖ୍ୟା (ହି. ଶବ୍ଦସାଗର)—
4. The number two.
୫ । ଜ୍ଞାନ (ହି. ଶବ୍ଦସାଗର)—5. Knowledge.

ଦୃଶା } ସ୍ତ୍ରୀ
ଦୃଶୀ }
ସଂ. ବଣ. ପୁଂ—୧ । ପ୍ରଦର୍ଶକ; ଦେଖାଇବାବାଲା(ହି.ଶ)—
1. Showing.
୨ । ଦେଖିବାବାଲା (ହି. ଶବ୍ଦସାଗର)—2. Seeing.
୩ । (ଅନ୍ୟ ଶବ୍ଦ ପରେ ସମାସରେ ଯୁକ୍ତ ହୁଏ, ଯଥା—ଭବାଦୃଶ୍, ଈଦୃଶ୍, ତାଦୃଶ)—(ଅମୁକର) ସଦୃଶ; ଅମୁକ ପରି ଦେଖା ଯାଉଥିବା—Like; looking like; similar to.

ଦୃଶ—(ସ. ଦୃଶ ଧାତୁ) — ଦେ. ବିଣ—୧ । ଦୃଷ୍ଟ—
Druśa 1. Seen; found.

ଏହି ସୁଲକ୍ଷଣା ହୁଏ ଦୃଶ—ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । ଦୃଶ୍ୟ—2. Visible.

କୋଟେହ ସୁକନେଳ ଗୋଲ କଳ୍ପଲ
ଦୃଶ କରଏ ଶ ଡ଼ରମଃ ସ୍ଥଳ । ଜଗନ୍ନାଥ, କବିତାବଲ୍ଲୋଳ ।

ଦୃଶଦ୍— ସ. ବ (ଦୃ ଧାତୁ =ବିଦାର୍ଣ୍ଣହେବା + ଅଧିକରଣ. ଶଦ୍) —
Druśad ୧ । ପ୍ରସ୍ତର; ପଥର; ଶିଳା—1. Stone.
(ଦୃଷଦ୍—ଅନ୍ୟରୂପ) ୨ । ବିସ୍ତୃତ ଶିଳାଖଣ୍ଡ —
2. An extensive slab of stone; a rock.
୩ । ଶିଳ—3. A flat stone to grind on.
୪ । ପଥର ଚଟାଣ—
4. A pavement or surface of stone.

ଦୃଶଦ୍ବତୀ—ସଂ. ବି. ସ୍ତ୍ରୀ (ଦୃଶଦ୍ =ପଥର + ଅସ୍ତି ଅର୍ଥରେ ବତ୍ + ସ୍ତ୍ରୀ. ଈ)—୧ । ଆର୍ଯ୍ୟାବର୍ତ୍ତର ପୂର୍ବ ସୀମାରେ କଳ୍ପିତ ପ୍ରାଚୀନ ଭାରତର ନଦୀବିଶେଷ—
Druśadbati
(ଦୃଷଦ୍ବତୀ—ଅନ୍ୟରୂପ)
1. Name of an ancient river said to flow by the eastern boundary of Northern India.

[ଦ୍ର—ଦୃଶଦ୍ବତୀ ନଦୀର ନାମ ଋଗ୍ବେଦରେ ଅଛି । ସଂଭବତଃ ଏ ନଦୀର ଆଧୁନିକ ନାମ ଘଗ୍ଗର ବା ରକ୍ଷୀ; ଏହା ଥାନେଶ୍ୱରର ୧୩ ମାଇଲ ଦକ୍ଷିଣରେ ବହୁଅଛି । ମହାଭାରତରେ ଏ ନଦୀ କୁରୁକ୍ଷେତ୍ରର ଅନ୍ତର୍ଗତ ଥିବାର ବୋଲି ଯାଇଅଛି । ମନୁସ୍ମୃତିରେ ଏହା ବ୍ରହ୍ମାବର୍ତ୍ତର ସୀମା ବୋଲି ଲେଖା ଅଛି (ହି. ଶବ୍ଦସାଗର) । ପଶ୍ଚିମରେ ସରସ୍ୱତୀ ଓ ପୂର୍ବରେ ଦୃଶଦ୍ବତୀ ନଦୀ ମଧ୍ୟସ୍ଥ ଅଞ୍ଚଳକୁ ଆର୍ଯ୍ୟାବର୍ତ୍ତ ବୋଲି ଯାଉଥିଲା ।]

୨ । ଦୁର୍ଗା—2. Goddess Durgā.
୩ । ବିଶ୍ୱାମିତ୍ରଙ୍କର ଏକ ପତ୍ନୀ—
3. Name of a wife of sage Biśwāmitra.

(ଦୃଶଦ୍ବାନ୍—ପୁଂ) ବିଣ. ସ୍ତ୍ରୀ—ପ୍ରସ୍ତରମୟ—
Stony; rocky.

ଦୃଶରେ—ଦେ. କ୍ରି. ବିଣ—ଦେଖିବା ମାତ୍ରକେ—
Druśare At the first sight.
दर्शन मात्रे
देखनेसे

ବନ୍ଧ ରସ ଇରେ ଶରେ ସଦୃଶରେ ଦୃଶରେ ଲକ୍ଷ୍ମଣ ହେତେ ।
ଉପେ. ବୈଦେହୀଶବିଳାସ ।

ଦୃଶା—ସ. ବି. ସ୍ତ୍ରୀ. (ଦୃଶ୍ ଧାତୁ + କରଣେ. ଅ + ସ୍ତ୍ରୀ ଆ)—
Druśā ଚକ୍ଷୁ—The eye.
ସ. ତ. ସ୍ତ୍ରୀ. (ଦୃଶ୍ + ଅ; ଅନ୍ୟ ଶବ୍ଦ ପରେ ସମାସରେ ଯୁକ୍ତ ହୁଏ, ଯଥା—ଈଦୃଶା, ମାଦୃଶା)—
(ଅମୁକ) ପରି ଦେଖା ଯାଉଥିବା; ସଦୃଶା—
Looking like; similar to.

ଦୃଶାକାଂକ୍ଷ—ସ. ତ. (ଦୃଶ୍ + ଆକାଂକ୍ଷା)—
Druśākāmksha କମଳ; ପଦ୍ମ (ହି. ଶବ୍ଦସାଗର)—
(ଦୃଷାକାଙ୍କ୍ଷ—ଅନ୍ୟରୂପ) Lotus.

ଦୃଶାନ—ସ. ବି. (ଦୃଶ୍ ଧାତୁ + କର୍ମ. ଆନ)—
Druśāna ୧ । ପ୍ରକାଶ; ଆଭା —1. Glamour.
୨ । (କର୍ତ୍ତୃ. ଆନ) ବିରୋଚନ ଦୈତ୍ୟ (ହି. ଶବ୍ଦସାଗର)—
2. The demon Birochana.
୩ । ଆଚାର୍ଯ୍ୟ; ଗୁରୁ (ହି. ଶବ୍ଦସାଗର)—3. Preceptor.
୪ । ବ୍ରାହ୍ମଣ—4. Brāhmaṇa.
୫ । ପ୍ରଜାପାଳକ ରାଜା (ହି. ଶବ୍ଦସାଗର)—
5. A king who protects his subjects.

ଦୃଶି—ସ. ବି. (ଦୃଶ୍ ଧାତୁ + କରଣ. ଇ)—
Druśi ୧ । ଚକ୍ଷୁଃ—1. The eye.
(ଦୃଶୀ—ଅନ୍ୟରୂପ) ୨ । (କର୍ମ. ଇ) ଶାସ୍ତ୍ର—2. A book containing religious precepts; scripture.
୩ । (+ଭାବ. ଇ) ଦୃଷ୍ଟି (ହି. ଶବ୍ଦସାଗର)—
3. Eyesight.
୪ । ପ୍ରକାଶ (ହି. ଶବ୍ଦସାଗର)—4. Manifestation.
୫ । ଚେତନ ପୁରୁଷ (ହି. ଶବ୍ଦସାଗର)—
5. Sentient being.

ଦୃଶେ—ଦେ. କ୍ରି. ବିଣ—ଦୃଶରେ (ଦେଖ)
Druśe Druśare (See)

ବଣ୍ଡିବା ଜଦନ ତପ ଉଦତ ପର୍ବତ ରୂପ
ପ୍ରତାପ ଦାବାଗ୍ନି ଲେପ ସ୍ୟନ୍ଦନ ଦୃଶେ । ଉପେ. ବୈଦେହୀଶବିଳାସ ।

ଦୃଶ୍ୟ—ସ. ବିଣ. (ଦୃଶ୍ ଧାତୁ + କର୍ମ. ଯ)—
Druśya ୧ । ଦେଖିବାର ଯୋଗ୍ୟ—1. Worth seeing.
(ଅଦୃଶ୍ୟ—ବିପରୀତ) ୨ । ଦର୍ଶନୀୟ; ଯାହା ଦେଖାଯାଇ ପାରେ—
2. Visible; perceptible.
୩ । ସୁନ୍ଦର; ମନୋରମ—
3. Beautiful; pleasing to the eye.
୪ । ପ୍ରକାଶ୍ୟ—4. Manifest; apparent.
୫ । ଜ୍ଞେୟ (ହି. ଶବ୍ଦସାଗର)—5. Knowable.
ବି—୧ । ଦର୍ଶନୀୟ ବସ୍ତୁ—1. A thing worth seeing.
୨ । ଏକ ସମୟରେ ମନୁଷ୍ୟକୁ ଚାରି ଆଡ଼େ ଦେଖାଯିବା ବସ୍ତୁ ଓ ସ୍ଥାନଚୟ—2. A landscape; scenery.
୩ । ଦର୍ଶନୀୟ ସ୍ଥାନ ଓ ବିଷୟ—3. A scene.
୪ । ଦେଖାଯିବା ସ୍ଥାନ ବା ପଦାର୍ଥ—
4. A sight; a spectacle.
୫ । ଦର୍ଶନୀୟ ଘଟଣା ବା ବିଷୟ—
5. A phenomenon; a prospect.
୬ । (ଦର୍ଶନ ଶାସ୍ତ୍ର) ଭୁଚେଦ୍ରୟାତ୍ମକ ଅଚେତନ ଜଡ଼ ବର୍ଗ (ହି. ଶ)—6. (philosophy) The material world perceptible to the eye.
୭ । (ଗଣିତ) କୌଣସି ଦତ୍ତ ବା ଜ୍ଞାତ ସଂଖ୍ୟା ବା ରାଶି—
7. (mathematics) A given number; a known quantity.

୮ । ଯାହା ଅଭିନୟ ଦ୍ୱାରା ଦର୍ଶକମାନଙ୍କୁ ଦେଖାଇ ହୋଇ ପାରେ (ଯଥା ଦୃଶ୍ୟକାବ୍ୟ) - 8. (a drama) Which can be shown to spectators by acting.

୯ । ତାମସା; ଦର୍ଶକମାନଙ୍କ ମନୋରଞ୍ଜନାର୍ଥ ପ୍ରଦର୍ଶିତ ନୃତ୍ୟ ଗୀତାଭିନୟାଦି - 9. A show; matters exhibited to attract people.

୧୦ । ପ୍ରଦର୍ଶନୀ — 10. An exhibition.

ଦେ. ବି—ସମ୍ମୁଖ—Front; presence.

ଏହି ସମୟରେ ପ୍ରଲମ୍ବ ନହରଣି
ଗ୍ରାମ୍ଭକର ଦୃଶ୍ୟରେ ଦୃଶ୍ୟ ହେଲେ ଅସି । କୃଷ୍ଣସିଂହ. ମହାଭାରତ ବନ ।

ଦୃଶ୍ୟ କାବ୍ୟ—ସଂ. ବି. (କର୍ମଧା; ଦୃଶ୍ୟ+କାବ୍ୟ)—୧ । ରଙ୍ଗାଳୟରେ
Drusya kābya ନାୟକ ନାୟିକାଙ୍କଦ୍ୱାରା ଅଭିନୀତ କାବ୍ୟବିଶେଷ, ଯହିଁରେ ପାତ୍ରମାନେ ଅଙ୍ଗଭଙ୍ଗି ଆଦି ଦ୍ୱାରା ମନୋଗତ-ଭାବ ବ୍ୟକ୍ତ କରି ଅଭିନୟ କରନ୍ତି—
1. A pantomine; a drama chiefly representative in character; a drama acted by dumb show or gestures without speaking.

[ଦ୍ର—ଏହା ରୂପକ ଏବଂ ଉପରୂପକ ଭେଦରେ ବହୁବିଧ; ତହିଁ ମଧ୍ୟରୁ ନାଟକ ଏକପ୍ରକାର ଦୃଶ୍ୟ କାବ୍ୟ ଅଟେ ।]

୨ । ନାଟକ—2. Drama.

ଦୃଶ୍ୟତା—ସଂ. ବି. (ଦୃଶ୍ୟ+ଭାବ. ତା)—ଦର୍ଶନୀୟତା; ଦେଖାଯିବାର
Drusyatā ଅବସ୍ଥା—Visibleness; visibility.
(ଦୃଶ୍ୟତ୍ୱ—ଅନ୍ୟରୂପ)

ଦୃଶ୍ୟ ପଟ—ସଂ. ବି—ରଙ୍ଗମଞ୍ଚର ପରଦା; ଯେଉଁ ପଟରେ ଅଭିନୟ
Drusya paṭa ଦୃଶ୍ୟମାନ ଚିତ୍ରିତ ହୋଇଥାଏ—A scene; a canvass which depicts the scenes of a drama on the stage.

ଦୃଶ୍ୟମାନ—ସଂ. ବିଣ. (ଦୃଶ୍ ଧାତୁ+କର୍ମ ଅନ)—
Drusyamāna ୧ । ଯାହା ଦେଖା ଯାଉ ଅଛି—
1. Under view; being seen; manifest to one's view; visible.

୨ । ସୁନ୍ଦର; ମନୋରମ—2. Charming.

ଦୃଶ୍ୟ ହେବା—ଦେ. କ୍ରି—୧ । ଦେଖାଯିବା—
Drusya hebā 1. To be seen; to appear.

दृश्यहओना ମାୟା ସହିତ ହେଲେ ଦୃଶ୍ୟ
दृश्यहोना ସେ ହରି ସୃଜନ ପ୍ରକାଶ । ଜଗନ୍ନାଥ. ଭାଗବତ ।

୨ । ସମ୍ମୁଖରେ ଉପସ୍ଥିତ ହେବା—
2. To appear before a person.

୩ । କଳ୍ପନା ଶକ୍ତିଦ୍ୱାରା ଜଣା ପଡ଼ିବା—
3. To be known with the help of the imagination.

ଦେ. ବି—ଦୃଷ୍ଟି ଶକ୍ତି କାର୍ଯ୍ୟକାରୀ ବା ପ୍ରଖର ହେବା ଅବସ୍ଥା—
Ability to see; keenness of eyesight.
(ଯଥା—ଗୁଳଖାଯୋଗୁଁ ୪ ବରଷ ହେଲା ମୋତେ ଦୃଶ୍ୟ ହେଉ ନାହିଁ ।)

ଦୃଶ୍ୟାଦୃଶ୍ୟ—ସଂ. ବିଣ. (ଦ୍ୱନ୍ଦ୍ୱ; ଦୃଶ୍ୟ+ଅଦୃଶ୍ୟ)—
Drusyādrusya ଯାହା ଦେଖାଯାଏ ଓ ଯାହା ଦେଖା ନ ଯାଏ—
(things) Visible and invisible.

ଦୃଷଦ୍—ସଂ. ବି—ଦୃଶଦ୍ (ଦେଖ)
Drushad Drusad (See)

ଦୃଷଦ୍ୱତୀ—ସଂ. ବି ଓ ବିଣ. ସ୍ତ୍ରୀ—ଦୃଶଦ୍ୱତୀ (ଦେଖ)
Drushadbatī Drusadbatī (See)
(ଦୃଷଦ୍ୱାନ୍—ପୁଂ)

ଦୃଷ୍ଟ—ସଂ. ବିଣ. (ଦୃଶ୍ ଧାତୁ+କର୍ମ. ତ)—
Drushṭa ୧ । ଯାହା ଦେଖା ଯାଇଅଛି; ଅବଲୋକିତ; ଈକ୍ଷିତ—
(ଦୃଷ୍ଟା—ସ୍ତ୍ରୀ) 1. Seen; observed.

୨ । ପ୍ରତ୍ୟକ୍ଷ; ଗୋଚର—2. Perceived by the senses.

୩ । ଜ୍ଞାତ—3. Known; apparent.

୪ । ଲୌକିକ—4. Ordinary: popular.

ବି—୧ । (+ଭାବ ତ) ଦର୍ଶନ—1. Sight.

୨ । ଜ୍ଞାନ—2. Knowledge.

୩ । (ସାଂଖ୍ୟ ଦର୍ଶନ) ପ୍ରତ୍ୟକ୍ଷ ପ୍ରମାଣ—
3. (Sāmkhya plilosophy) Direct proof.

ଗ୍ରା. ବିଣ. (ସଂ. ଦୃଷ୍ଟ)—ଦୁଷ୍ଟ (ଦେଖ)
Dushṭa (See)

ଦୃଷ୍ଟକୂଟ—ସଂ. ବି.—୧ । ପ୍ରହେଳିକା (ହି. ଶବ୍ଦସାଗର)—
Drushṭakūṭa 1. Riddle.

୨ । ଛଳାର୍ଥଗର୍ଭ (ହି. ଶବ୍ଦସାଗର)
2. Double entendre.

ଦୃଷ୍ଟ ପୃଷ୍ଠ—ସଂ. ବିଣ (ବହୁବ୍ରୀହି; ଦୃଷ୍ଟ+ପୃଷ୍ଠ)—୧ । ଯୁଦ୍ଧକ୍ଷେତ୍ରରେ
Drushṭa prushṭha ଯେ ଶତ୍ରୁ ଆଡ଼କୁ ପିଠି ଦେଖାଇ ପଳାଇ ଯାଏ; ସମର କ୍ଷେତ୍ରରୁ ପଳାୟମାନ (ସୈନ୍ୟ)—
1. Fugitive; runaway; one who shows his back to the enemy in the battle field.

୨ । ଭୀତ ସ୍ୱଭାବ—2. Cowardly.

ଦୃଷ୍ଟବାଦ—ସଂ. ବି. (ମ. ପ. ଲୋ. ଦୃଷ୍ଟ+ବାଦ)—କେବଳ ପ୍ରତ୍ୟକ୍ଷ
Drushṭabāda ବିଷୟକୁ ସ୍ୱୀକାର କରିବା ଦାର୍ଶନିକ ସିଦ୍ଧାନ୍ତ—
The philosophical theory of admitting those matters only which are perceived by the senses.

ଦୃଷ୍ଟରଜାଃ—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଦୃଷ୍ଟ+ରଜସ୍)—
Drushṭarajāḥ ରଜସ୍ୱଳା; ଯେଉଁ ବାଳିକାର ଋତୁ ସ୍ରାବହେଲାଣି—
(ଅଦୃଷ୍ଟରଜାଃ—ବିପରୀତ) 1 Arrived at puberty; menstruated (girl).

୨ । ନବଯୁବତୀ—2. Just arrived at maturity (girl).

ଦୃଷ୍ଟାନ୍ତ—ସଂ. ବି. (ବହୁବ୍ରୀହି. ଦୃଷ୍ଟ+ଅନ୍ତ=ଶେଷ; ବିଷୟ; ପରିଚ୍ଛଦ;
Drushṭānta ଅନୁଭୂତ ଆଦିର ଶେଷଫଳ ଯହିଁରେ)—
୧ । ନମୁନା—1. Model; pattern.

୨ । ନିଦର୍ଶନ; ଉଦାହରଣ—2. An example; illustration; instance.

୩ । ତୁଳନା; ଉପମା—3. Comparision.

୪ । ଗଣନା; ଉଲ୍ଲେଖ—
4. Enumeration; mention.

୫ । ଉପମାନ, ତୁଳନା କରାଯିବା ବସ୍ତୁ—
5. An object of comparision.

୬ । (ଅଳଙ୍କାର ଶାସ୍ତ୍ର) ପରସ୍ପର ତୁଲ୍ୟଧର୍ମାବଲମ୍ବୀ ଦୁଇ ବସ୍ତୁର ସାଦୃଶ୍ୟ ନିର୍ଦ୍ଦେଶାର୍ଥକ ଅଳଙ୍କାର—
2. A simile (rhetorical figure).

ଚନ୍ଦ୍ରକୁ ଚକୋର ଜଳଧରକୁ ଗ୍ରୀଷ୍ମଚାତକ, ପ୍ରାୟେ ଯୋଗେ କରି ଥାଇ ମ, ଅଙ୍ଗୀ
ଅନେକ, ଧାତା ନଟବାର ପଣ; ଦେଖାଇଲ ହରି ନେଇ କନକ ଗଢ଼ଣ ।
ଭକ୍ତ. ପ୍ରେମସୁଧାନିଧି ।

[ଦ୍ର—ସାଧାରଣ ଧର୍ମବାଚକ ପଦ ଦ୍ୱୟ ଅପାତତଃ ଭିନ୍ନାର୍ଥ-ବୋଧକ ହେଲେହେଁ, ଯେଉଁଠାରେ ସାଧାରଣ ଧର୍ମର ବିମ୍ବ ପ୍ରତିବିମ୍ବ ଭାବ ଦ୍ୱାରା ବାକ୍ୟ ଦ୍ୱୟର ଉପମାନ ଓ ଉପମେୟ ଭାବ ପରିଷ୍ଫୁଟ ହୁଏ ସେଠାରେ ଦୃଷ୍ଟାନ୍ତ ଅଳଙ୍କାର ହୁଏ । କୁଳମଣି. ଅଳଙ୍କାର ତରଙ୍ଗିଣୀ ।]

୭ । ନୀତି କଥା—7. A book of moral lessons; parable.

୮ । ମୃତ୍ୟୁ—8. Death.

୯ । ଶାସ୍ତ୍ର—9 Scripture.

ଦୃଷ୍ଟାନ୍ତ ଦେବା—ଦେ. କ୍ରି.—ଉଦାହରଣଦ୍ୱାରା ବୁଝାଇବା—
Drushtānta debā To exemplify; to illustrate.
দৃষ্টান্ত দেওয়া দৃষ্টান্ত দেনা

ଦୃଷ୍ଟାନ୍ତର—ଗ୍ରା. ବି. (ସଂ. ଦୃଷ୍ଟାନ୍ତ)—ଦୃଷ୍ଟାନ୍ତ (ଦେଖ)
Drushtāntara Drushtānta (See)
ଦୃଷ୍ଟାନ୍ତରକୁ 'ଗୋ' କହିଲେ ଅମ୍ଭକୁ ବାଡ଼ । ପ୍ରାଚୀ. ଉଦ୍‌ସବଶତକ ।

ଦୃଷ୍ଟାର୍ଥ—ସଂ. ବି. (କର୍ମଧା; ଦୃଷ୍ଟ+ଅର୍ଥ)—୧ । ଦର୍ଶନୀୟ ବସ୍ତୁ—
Drushtārtha 1. An object of sight.

୨ । ଜୀବନରେ ମନୁଷ୍ୟ ଭୋଗ କରିବା ବସ୍ତୁ—
2. An object of one's enjoyment in the present life.

ବିଣ. (ବହୁବ୍ରୀହି)—୧ । ଯେଉଁ ଶବ୍ଦ ବା ବାକ୍ୟର ଅର୍ଥ ବୁଝାଯାଇ ଥାଏ—1. (a word or sentence) Of which the meaning has been comprehended.

(ଅଦୃଷ୍ଟାର୍ଥ—ବିପରୀତ) ୨ । ଏପରି ଶବ୍ଦ ଯାହା ଶ୍ରବଣ କଲେ ସଂସାରରେ ଥିବା କୌଣସି ପ୍ରତ୍ୟକ୍ଷ ବସ୍ତୁ ବା ବିଷୟର ବୋଧହୁଏ (ହି. ଶବ୍ଦସାଗର)—2. (a word) The meaning of which can be comprehended by thinking of something seen or directly perceived by the senses.

[ଦ୍ର—'ଗଙ୍ଗା' ଏ ଶବ୍ଦ କହିଲେ ଉତ୍ତରଭାରତରେ ପ୍ରତ୍ୟକ୍ଷ ଗୋଟିଏ ଏ ନଦୀର ବୋଧ ଜନ୍ମେ, କିନ୍ତୁ ସ୍ୱର୍ଗ, ନରକ, ଅପ୍ସରା ଆଦି ଶବ୍ଦ ଶୁଣିଲେ କୌଣସି ଇନ୍ଦ୍ରିୟପ୍ରତ୍ୟକ୍ଷ ବସ୍ତୁର ବୋଧ ଜନ୍ମେ ନାହିଁ —ହି. ଶବ୍ଦସାଗର । ଗଙ୍ଗା ଦୃଷ୍ଟାର୍ଥ ଶବ୍ଦ ।]

ଦୃଷ୍ଟାର୍ଥବାଦ—(ପାରିଭାଷିକ) ସଂ. ବି—ଇନ୍ଦ୍ରିୟମାନଙ୍କ ଦ୍ୱାରା ବୋଧ
Drushtārthabāda ବସ୍ତୁମାନ ପ୍ରକୃତ ଅଟେ ବୋଲି ନିର୍ଦ୍ଦେଶ କରିବା—The theory of the reality of what is cognisable by the senses.

ଦୃଷ୍ଟି—ସଂ. ବି. (ଦୃଶ୍ ଧାତୁ+କରଣ ତି)—୧ । ଚକ୍ଷୁ—
Drushti 1. Eye.

୨ । ଦେଖିବାର ଶକ୍ତି—2. Eye-sight.

୩ । (+ଭାବ. ତି) ଅବଲୋକନ; ଦର୍ଶନ—3. Seeing; observation; looking; beholding.

୪ । ଚିନ୍ତା; ମନୋଯୋଗ—4. Attention.

୫ । ଜ୍ଞାନ—5. Knowledge; notice.

୬ । ଲକ୍ଷ୍ୟ—6. Aim.

୭ । ଦୃଶ୍ୟ ବସ୍ତୁବିଷୟ—7. A scene; a prospect; a sight; a view.

୮ । ଆଖି ପକାଇବା—8. Glance.

ଦେ. ବି—୧ । ପର ନିମନ୍ତେ ଅଭିପ୍ରେତ କୌଣସି ଖାଦ୍ୟ ବା
দৃষ্টি; দিষ্টি ଅନ୍ୟ ଦ୍ରବ୍ୟରେ ଲୋଲୁପ ଦୃଷ୍ଟି; ଖାଦ୍ୟଦ୍ରବ୍ୟ ପ୍ରତି
दृष्टि ସତୃଷ୍ଣ ଦୃଷ୍ଟି—1. The casting of a longing and sinister glance on some food or other article intended for another.

୨ । କୁଦୃଷ୍ଟି; ସୁକୁମାର ଶିଶୁମାନଙ୍କ ଉପରେ ଡାହାଣୀମାନଙ୍କ ଦୃଷ୍ଟି; ଡାହାଣୀଆଁ ଦୃଷ୍ଟି—2. The casting of sinister eye by a witch on delicate infants.

ଏ ଯେନ ଦୃଷ୍ଟି ଭୟ ଭାବୁ
ତିଅର କହିଲୁ ତୁମ୍ଭଙ୍କୁ । ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

[ଦ୍ର—ଏହା ଗୋଟିଏ ଲୌକିକ ବିଶ୍ୱାସ ଯେ ଡାହାଣୀ ଓ ଡାହାଣୀମାନେ ଅନ୍ୟ ବ୍ୟକ୍ତି ପାଇଁ ଅଭିପ୍ରେତ ଯେଉଁ ଖାଦ୍ୟରେ ଲୋଲୁପ ଦୃଷ୍ଟି ପକାନ୍ତି ଓ ସେ ଖାଦ୍ୟ ଦ୍ରବ୍ୟକୁ ଯେ ଖାଏ ତାହାର ପେଟ ଠାଣେ । ଡାହାଣୀମାନେ ସୁକୁମାର ଶିଶୁମାନଙ୍କ ଉପରେ ଦୃଷ୍ଟି ପକାଇଲେ ସେମାନେ ହଗି ହୋଇ ମରି ଯାଆନ୍ତି । ଡାହାଣୀ ଶବ୍ଦ ତଳେ ନୋଟ୍ ଦେଖ ।)

ଏହି ସଂ. ଶବ୍ଦ ଅନ୍ୟ ଶବ୍ଦମାନଙ୍କ ପରେ ଲାଗେ ଯଥା—ଶୁଭଦୃଷ୍ଟି, ସୁଦୃଷ୍ଟି, କୁଦୃଷ୍ଟି, ଲୋଭଦୃଷ୍ଟି, ଶନିଦୃଷ୍ଟି, ବକ୍ରଦୃଷ୍ଟି, କୃପାଦୃଷ୍ଟି, କ୍ରୂରଦୃଷ୍ଟି, ଅନୁଗ୍ରହଦୃଷ୍ଟି ଇତ୍ୟାଦି ।]

ଦୃଷ୍ଟିଆ—ଦେ. ବିଣ—ଖାଦ୍ୟ ନିମନ୍ତେ ଅଭିପ୍ରେତ ଯେଉଁ ପଦାର୍ଥରେ
Drushtiā ଡାହାଣା ଡାହାଣୀଙ୍କ ଲୋଭଦୃଷ୍ଟି ପଡ଼ିବା ଯୋଗୁଁ ତାହା ବିସ୍ୱାଦ ହୋଇଯାଏ; ଆଖିଦୃଷ୍ଟିଆ—(food) Turned bad or unpalatable owing to having been looked on by sinister eyes.

ଦୃଷ୍ଟି କରିବା—ଦେ. କ୍ରି—୧ । ଦେଖିବା—
Drushti karibā 1. To see; to look at.
(ଦୃଷ୍ଟି ଦେବା—ଅନ୍ୟରୂପ) ୨ । କୌଣସି ବସ୍ତୁ ପ୍ରତି ମନୋଯୋଗ
দৃষ্টিকরা କରିବା; ନଜର ଦେବା—2. To
दृष्टिकरना attend to; to have an eye to.

୩ । କୌଣସି ଶିଶୁ ବା ସୁଖାଦ୍ୟ ପ୍ରତି ପାପଦୃଷ୍ଟି ପକାଇବା—
3. To cast an evil eye upon (a food or an infant).

୪ । ଚାରିଆଡ଼କୁ ଆଖି ବୁଲାଇବା—
4. To cast one's look around.

ଦୃଷ୍ଟି କାଚ—ସଂ. ବି. (ଆଧୁନିକ ବିଜ୍ଞାନ ପରିଭାଷା) —ଯେଉଁ ନ୍ୟୁବ୍ଜପୃଷ୍ଠ ବା
Drushti kācha ନ୍ୟୁବ୍ଜପୃଷ୍ଠ କାଚ ମଧ୍ୟ ଦେଇ ଦେଖିଲେ ଦୂରବସ୍ତୁ ନିକଟରେ ବା ନିକଟବର୍ତ୍ତୀ ବସ୍ତୁ ଦୂରରେ, କିମ୍ବା ସାନବସ୍ତୁ ବଡ଼ ବା ବଡ଼ ବସ୍ତୁ ସାନ ହୋଇ ଦେଖାଯାଏ—
Lens.

ଦୃଷ୍ଟି କ୍ଷେପ—ସଂ. ବି—ଦୃଷ୍ଟିପାତ (ଦେଖ)
Drushti kshepa Drushti pāta (See)
(ଦୃଷ୍ଟି କ୍ଷେପଣ – ଅନ୍ୟରୂପ)

ଦୃଷ୍ଟି ଗୋଚର—ସଂ. ବିଣ. (୬ଷ୍ଠୀ ତତ୍; ଦୃଷ୍ଟି + ଗୋଚର)—
Drushti gochara ୧ । ନୟନଗୋଚର; ଆଖିଦ୍ୱାରା ଦେଖାଯାଉଥିବା—1. Seen by the eyes; coming to view.

୨ । ଆଖିଦ୍ୱାରା ଯାହା ଦେଖା ଯାଇପାରେ—
2. Perceptible to the eye; within the range of one's vision; visible

୩ । ଜ୍ଞାତସାରରେ ଅସିଥିବା; ଜ୍ଞାନଗମ୍ୟ—
3. Which has come to one's notice.

ଦୃଷ୍ଟି ଦାନ—ସଂ. ବି. (୬ଷ୍ଠୀ ତତ୍ ପୁରୁଷ; ଦୃଷ୍ଟି+ଦାନ)—
Drushti dāna ୧ । ଦର୍ଶନ; ଦେଖିବା; ନଜର ପକାଇବା—
1. Seeing; casting one's glance.

ହେଲେ ସେ ମଦର ସୁକା ତୋ ସୁନ୍ଦର ଗଣ୍ଡରେ କରିବ ଦୃଷ୍ଟି ଦାନ ।
କବିସୂର୍ଯ୍ୟ. ସଙ୍ଗୀତ ।

ଦୃଷ୍ଟି ଦେବା—ଦେ. କ୍ରି—୧ । ଦେଖିବା—
Drushti debā 1. To see.
दृष्टि देओना ୨ । କୌଣସି ବିଷୟ ପ୍ରତି ମନୋଯୋଗ ଦେବା—
दृष्टि देना 2. To give one's attention to something.

୨ । କୌଣସି ବ୍ୟକ୍ତିର କାର୍ଯ୍ୟକଳାପ ବା ଆଚରଣକୁ ଜଗିବା-
3. To watch the movements or conduct of a person.

୪ । କୌଣସି ବ୍ୟକ୍ତି ପ୍ରତି ସର୍ବଦା ଅନୁଗ୍ରହ ରଖିବା—
4. To look upon a person with favour.

୫ । କୌଣସି ବ୍ୟକ୍ତିର ବା ବିଷୟର ଯତ୍ନ ନେବା—
5. To take care of a person or thing.

ଦୃଷ୍ଟି ନିକ୍ଷେପ—ସଂ. ବି.—ଦୃଷ୍ଟିପାତ (ଦେଖ)
Drushti nikshepa Drushti pāta (See)

ଦୃଷ୍ଟି ପକା(କେ)ଇବା—ଦେ. କ୍ରି—ଦୃଷ୍ଟି କରିବା (ଦେଖ)
Drushti pakā(ke)ibā Drushti karibā (See)
दृष्टि फेंका दृष्टि फेंकना

ଦୃଷ୍ଟି ପଥ—ସଂ. ବି. (୬ଷ୍ଠୀ ତତ୍; ଦୃଷ୍ଟି + ପଥ)—
Drushti patha ଆପଣାର ଦୃଷ୍ଟି ଯେଉଁ ପର୍ଯ୍ୟନ୍ତ ପହଞ୍ଚେ—
Ken; range of one's vision.

ଦୃଷ୍ଟି ପାତ—ସଂ. ବି. (୬ଷ୍ଠୀ ତତ୍; ଦୃଷ୍ଟି + ପାତ)—
Drushti pāta ୧ । ଦେଖିବା; ଆଖି ପକାଇବା—
(ଦୃଷ୍ଟିନିପାତ—ଅନ୍ୟରୂପ) 1. A look; looking.

୨ । ଚାହାଣୀ—2. A glance.

ଦୃଷ୍ଟି ପଡ଼ିବା—ଦେ. କ୍ରି—ଦୃଷ୍ଟି ଗୋଚର ହେବା—
Drushti pardibā Coming to one's view or notice.
दृष्टिपड़ा दृष्टि पड़ना

ଦୃଷ୍ଟି ପଥାରୂଢ଼—ସଂ. ବିଣ. (୬ଷ୍ଠୀ ତତ୍; ୭ମୀ ତତ୍; ଦୃଷ୍ଟିର ପଥରେ
Drushti pathārūrdha ଆରୂଢ଼)—ଦୃଷ୍ଟିଗୋଚର (ଦେଖ)
Drushti gochara (See)

ଦୃଷ୍ଟି ପୂତ—ସଂ. ବିଣ. (୩ୟା ତତ୍; ଦୃଷ୍ଟି + ପୂତ=ପବିତ୍ର)—
Drushti pūta ୧ । ନିଜେ ଦେଖିବା ଦ୍ୱାରା ଜ୍ଞାତ—
1. Known by personal observation.

୨ । କୌଣସି ବ୍ୟକ୍ତିଙ୍କର ଆଖି ପଡ଼ିବା ଦ୍ୱାରା ପବିତ୍ରୀକୃତ—
2. Hallowed by being looked at by some person.

୩ । ଦେଖିବାକୁ ପବିତ୍ର—
3. Pure in the eyes of a person.

୪ । ଯାହାକୁ ଦେଖିଲେ ଆଖି ପବିତ୍ର ହୁଏ—
4. Whose sight makes one pure.

ଦୃଷ୍ଟି ଫଳ—ସଂ. ବି. (୬ଷ୍ଠୀ ତତ୍; ଦୃଷ୍ଟି + ଫଳ)—
Drushti phala (ଫଳିତ ଜ୍ୟୋତିଷ) ଜାତକରେ ଏକ ରାଶିରେ ଥିବା ଗ୍ରହର ଅନ୍ୟ ରାଶିରେ ସ୍ଥିତ ଗ୍ରହ ପ୍ରତି ଦୃଷ୍ଟି ପଡ଼ିବା ହେତୁ ଗଣିତ ଫଳ—
(Astrology) The result of a zodiacal sign seeing another in a person's horoscope.

ଦୃଷ୍ଟି ବନ୍ଧ—ସଂ. ବି. (୬ଷ୍ଠୀ ତତ୍; ଦୃଷ୍ଟି + ବନ୍ଧ)—
Drushti bandha ୧ । ଯେଉଁ ଐନ୍ଦ୍ରଜାଲିକ କ୍ରିୟା ଦ୍ୱାରା କୌଣସି
(ଦୃଷ୍ଟି ବନ୍ଧନ—ଅନ୍ୟରୂପ) ବ୍ୟକ୍ତିର ବା ଜୀବର ଦୃଷ୍ଟିରେ ଭ୍ରମ ଘଟେ
1. A magical appliance which brings illusion to one's vision.

୨ । ହସ୍ତଲାଘବ—2. Sleight of hand.

ଦୃଷ୍ଟି ବନ୍ଧୁ—ସଂ. ବି (ବହୁବ୍ରୀହି; ଦୃଷ୍ଟି+ବନ୍ଧୁ)—ଖଦ୍ୟୋତ
Drushti bandhu (ହ୍ର. ଶବ୍ଦସାଗର)—Fire fly.

ଦୃଷ୍ଟି ବାଦ—ସଂ. ବି—ଦୃଷ୍ଟାର୍ଥ ବାଦ(ଦେଖ)
Drushti bāda Drushtārtha bāda(See)

ଦୃଷ୍ଟି ବିକ୍ଷେପ—ସଂ. ବି. (୬ଷ୍ଠୀ ତତ୍; ଦୃଷ୍ଟି + ବିକ୍ଷେପ)—
Drushti bikshepa ୧ । ବାଙ୍କ ଚାହାଣୀ; ନେତ୍ରଭଙ୍ଗୀ; କଟାକ୍ଷପାତ—1. A leer; a side glance.

୨ । ଏଣେ ତେଣେ ଆଖି ବୁଲାଇବା—
2. Moving the eyes about.

୩ । ଆଖି ପକାଇବା—3. Casting of one's eyes.

ଦୃଷ୍ଟି ବିଜ୍ଞାନ—ସଂ. ବି. (ପାରିଭାଷିକ ଶବ୍ଦ; ଆଧୁନିକ ପ୍ରୟୋଗ)—
Drushti bijnāna ଯେଉଁ ବିଜ୍ଞାନ ଦ୍ୱାରା 'ଦୃଷ୍ଟି' ଶକ୍ତି ଓ ଆଲୋକ ସମ୍ବନ୍ଧୀୟ ଜ୍ଞାନ ଲାଭ ହୁଏ; ଆଲୋକ ଶାସ୍ତ୍ର—
Optics; the science of light.

ଦୃଷ୍ଟି ବିଷ—ସ. ବିଣ. (ବହୁବ୍ରୀହି; ଦୃଷ୍ଟି+ବିଷ)—
Drushti bisha ବିଷଦର୍ଶନ; ଯାହାର ଦର୍ଶନରେ ବିଷ ଥାଏ—
Having a venomous glance.
ବି—ଏକ ପ୍ରକାର ସର୍ପ—A kind of serpent whose look is said to be fatal.
[ବି—ଏ ସାପର ଦୃଷ୍ଟି ବିଷମୟ ଫଳ ଉତ୍ପାଦନ କରେ ।]

ଦୃଷ୍ଟିରେ ଆସିବା—ଦେ. କ୍ରି—୧ । ଆଖି ଆଗରେ ପଡ଼ିବା—
Drushtire asiba 1. To come to sight.
দৃষ্টিতে আসা ୨ । ଦେଖାଯିବା—2. To be seen.
दृष्टिमें आना ୩ । କାହାର ତତ୍ତ୍ୱାବଧାନରେ ରହିବା—
3. To be under one's care.
୪ । ଜ୍ଞାନଗୋଚର ହେବା—
4. To come under one's notice.

ଦୃଷ୍ଟି ରଖିବା—ଦେ. କ୍ରି—୧ । ନଜର ରଖିବା—
Drushti rakhiba 1. To keep an eye upon.
দৃষ্টি রাখা ୨ । ଯତ୍ନ ବା ଯତ୍ନ ନେବା—
दृष्टि रखना 2. To take care of.
୩ । ସାବଧାନ ହେବା—
3. To be careful about.

ଦୃଷ୍ଟି ରୋଧ—ସଂ. ବି. (୬ଷ୍ଠୀ ତତ୍; ଦୃଷ୍ଟି+ରୋଧ)—
Drushti rodha ୧ । ଦୃଷ୍ଟି ଶକ୍ତିରେ ବାଧା—
1. Obstruction to one's eyesight.
୨ । କୌଣସି ଦର୍ଶନୀୟ ବସ୍ତୁର ଓ ନିଜ ଆଖିର ମଧ୍ୟସ୍ଥ ସ୍ଥାନରେ କୌଣସି ଅବରୋଧକ ବସ୍ତୁ ରହିବା ଯୋଗୁଁ ଦର୍ଶନୀୟ ବସ୍ତୁକୁ ଦେଖା ନ ଯିବା—
2. Obstruction to one's vision due to a thing intervening between the thing and one's eyes.
୩ । ବ୍ୟବଧାନ—3. Interposition; intervention.
୪ । ପରଦା—4. Screen.

ଦୃଷ୍ଟି ଶକ୍ତି—ସ. ବି.—ଦୃକ୍ ଶକ୍ତି (ଦେଖ)
Drushti sakti Druk-sakti (See)

ଦୃଷ୍ଟେ—ଦେ. କ୍ରି. ବିଣ.—(ବଙ୍ଗଳାରୁ ଆଧୁନିକ ଲେଖାରେ ଅନୁକୃତ)—
Drushte ୧ । (ଅମୁକ ଅବସ୍ଥା ପ୍ରତି) ଦୃଷ୍ଟି ଦେଇ; ଏହି ଘଟଣାରେ
1. In view of; in these circumstances.
୨ । (ଅମୁକ) ଯୋଗୁଁ; କାରଣରୁ—2. In consideration of; on account of.

ଦେ—ଦେ. ବି. (ସ. ଦେବ)—ବଙ୍ଗୀୟ ଶୂଦ୍ର (ତାମୁଲୀ ପ୍ରଭୃତି) ମାନଙ୍କ
De ଉପାଧିବିଶେଷ—Family-title of some Śūdras in
দে Bengal.
दे ଦେ. କ୍ରି.—(ଦା ଧାତୁ ୨ୟ ପୁରୁଷ, ୧ ବଚନ, ଅନାଦରାର୍ଥ;
দাও ଅନୁଜ୍ଞା) ଦିଅ—(Thou) Do give (Imperative).
दो ବ୍ୟାଜ ନ କର ସମ ଦେ ବରତ । ଭକ୍ତ; ବୈଦେହୀଶବିଳାସ ।

ଦେଅ—ଦେ. (ପ୍ରାଚୀନ) କ୍ରି—(ଦା ଧାତୁ ଅନୁଜ୍ଞା ୨ୟ ପୁରୁଷ ଏକବଚନ
Dea 'ଦିଅ'ର ଚଳନ୍ତି ରୂପ)—ଦିଅ (ଦେଖ)
Dia (See)
ମଦନ ବିଷ ଖଣ୍ଡନ ମୋହର ଶିର ମଣ୍ଡନ
ଦେଅ ପାଦ ପଲ୍ଲବ କୋମଳ । ପ୍ରାଚୀ; ରସବାରିଧି ।

ଦେଅସି—ଦେ. (ପ୍ରାଚୀନ) କ୍ରି. (ଦା. ଧାତୁ ଅନୁଜ୍ଞା ୨ୟ ପୁରୁଷ ଦିଅର
De-asi ପ୍ରାଚୀନ ରୂପ)—ଦିଅ (ଦେଖ)
(ଦିଅସି—ଅନ୍ୟରୂପ) Dia (See)
ଅମୀୟ ଅଧର ରସ ଦେଅସି ରମଣି ।
ପ୍ରାଚୀ. ରସବାରିଧି ।

ଦେଇ—ଦେ. ଅ·(ସ. ଦ୍ୱାରା)—୧ । ଦ୍ୱାରା—
Dei 1. By.
दिये ତାହା ହେଲେ ଏମାନଙ୍କ ଦେଇ ଫଳ କଣ ।
से ମଧୁସୂଦନ. ଉତ୍ତର ରାମଚରିତ ।
याहासे ୨ । (ଅମୁକସ୍ଥାନ) ବାଟେ—2. Via.
ମଶ ପାଇଁ ଚଳଲେ ମୋତେ କେଉଁବାଟ ଦେଇ ।
ଭୁଲସୀ, ବନ୍ଧମ ରାମାୟଣ ।

ଦେଇ ଆସିବା—ଦେ. କ୍ରି.—କୌଣସି ପଦାର୍ଥକୁ ସ୍ଥାନାନ୍ତରକୁ ନେଇ
Dei asiba କୌଣସି ବ୍ୟକ୍ତିକୁ ଦେଇ ସେଠାରୁ ଫେରି ଆସିବା—
দিএ আসা To return after giving a thing to a
दे आना person who is at some distance from the sender.

ଦେଇ ଦେବା—ଦେ. କ୍ରି.—କୌଣସି ପଦାର୍ଥକୁ କୌଣସି ବ୍ୟକ୍ତିକୁ
Dei deba ଚିରସ୍ଥାୟୀ ରୂପେ ଦେବା—To give a thing
দিএ দেওয়া absolutely; to give away.
दे देना

ଦେଇ ପିଣ୍ଡି—ଦେ. ବି. (ସ. ଦେବ+ପୀଠ)—ଶୂଦ୍ରମାନଙ୍କ ପାକଶାଳାର
Dei pindi ଈଶାନୀ କୋଣରେ ଗୋଟିଏ ମାଟି ଘଡ଼ାରେ ମହାପ୍ରସାଦ
(ଦେବଦେଵ୍ ପିଣ୍ଡି—ଅନ୍ୟରୂପ) ପୂରାଯାଇ ପୋତା ଯାଇ ତହିଁ ଉପରେ ନିର୍ମିତ ହୋଇ ଥିବା ମାଟିର ଗୋଟିଏ କ୍ଷୁଦ୍ର ସ୍ତୂପ—
A small earthen mound containing Mahāprasād and erected in the north-east corner of a Śūdra's kitchen.
[ବି—ଓଡ଼ିଶାରେ ଶୂଦ୍ରମାନେ ସେମାନଙ୍କ ପାକଶାଳାର ଈଶାନୀ କୋଣରେ ଗୋଟିଏ ଘଡ଼ାରେ ପୁରୀର ଜଗନ୍ନାଥଙ୍କ ମହାପ୍ରସାଦ ପୂରାଇ ସେ ଘଡ଼ାକୁ ପୋତି ତହିଁ ଉପରେ ଗୋଟିଏ ମାଟିର ସ୍ତୂପ ନିର୍ମାଣ କରନ୍ତି । ନୂଆ ହାଣ୍ଡିରେ ପାକ ହେବା ଅନ୍ନ ପ୍ରଥମେ ଏଠାରେ ସମର୍ପିତ ହୋଇ ପରେ ଖିଆଯାଏ ।]

ଦେଇ—ଦେ. ବି. ସ୍ତ୍ରୀ (ସ. ଦେବୀ)—୧ । କ୍ଷତ୍ରିୟ ଓ କରଣ ଘରର
Dei ସଧବା ସ୍ତ୍ରୀ ଓ କନ୍ୟାମାନଙ୍କର ନାମ ପରେ ଯୁକ୍ତ ଉପାଧି—
দেবী A title added to the names of wives and
देई girls in Kshatriya and Karaṇa families of Orissa.
୨ । କନ୍ୟା—2. Daughter.
୩ । ମହାଦେଇ; ରାଣୀ—3. A Ranee.

୪ । ଢେମାଦେଈ; ରାଜକନ୍ୟା—4. A Raja's daughter.

୫ । ଭଉଣୀ—5. Sister.

ବୋଲେ ଘର ଦେଈଙ୍କୁ ବେ ଦେଲ ଏ ଦଶା । ଭଞ୍ଜ, ବୈଦେହୀଶବିଳାସ ।

ଦେଉ—ଦେ. ବି (ସଂ. ଦେବ)—୧ । ରାଜପୁତ୍ର— 1. Prince.
Deu ୨ । ଯୁବରାଜ—2. Crown-prince; heir apparent.
ଦେଵ; ଦ୍ୱିଉ

ଅ—ରାଜା ଓ ରାଜପୁତ୍ରମାନଙ୍କୁ ସମ୍ବୋଧନ—Interjection used in addressing Rajas and princes.

ଦେଉଆନ୍ (ଇତ୍ୟାଦି)—ଦେୱାନ୍ ଇତ୍ୟାଦି (ଦେଖ)
Deuān (etc) Dewān etc (See)

ଦେଉଆଣୀ (ଇତ୍ୟାଦି)—ଦେୱାଣୀ ଇତ୍ୟାଦି (ଦେଖ)
Deuāni (etc) Dewāni etc (See)

ଦେଉଆଲ୍ (ଇତ୍ୟାଦି)—ଦେୱାଲ୍ ଇତ୍ୟାଦି (ଦେଖ)
Deuāl (etc) Dewāl etc (See)

ଦେଉଆଳି (ଇତ୍ୟାଦି—ଦେୱାଳି ଇତ୍ୟାଦି (ଦେଖ)
Deuāli (etc) Dewāli etc (See)

ଦେ ଉଠାଣ—ଦେ. ବି—(ଦେବ+ଉତ୍ଥାପନ)—
De uthāna ୧ । ଉତ୍ଥାନ ଏକାଦଶୀ (ଦେଖ)
1. Utthāna ekādaśi (See).
୨ । ଉତ୍ଥାପନ ଚତୁର୍ଦ୍ଦଶୀ (ଦେଖ)
2. Utthāpana chaturddaśi (See).

ଦେଉଣିଆ—ପ୍ରାଦେ (ହିନ୍ଦୁମ) ବି—ଗୁଣିଆ—An enchanter; a
Deuṇiā person who is versed in the employment of charms.

ଦେଉରୀ—ଦେ. ବି—ଦେହୁରୀ (ଦେଖ)—Dehurī (See)
Deurī ଦେଉରୀ ଭୋଗ କରେ ଓ ଠାକୁରାଣୀଙ୍କ ପୂଜା କରେ ।
ପଣ୍ଡାର ମୋହନ; ଛମାଣ. ଅଠଗୁଣ୍ଠ ।

ଦେଉଲ୍—ପ୍ରାଦେ (ବସ୍ତର) ବି—ଦେଉଳ (ଦେଖ)
Deul Deuḻa (See)

ଦେଉଳ—ଦେ. ବି (ସଂ. ଦେବାଳୟ; ଦେବକୁଳ)—ଦେବ ମନ୍ଦିର;
Deuḻa ଦେଉଳ ଦ୍ୱିଉଳ ଦେବାଳୟ—Temple.

[ଦ୍ର—ଦେଉଳମାନ ଗଠନରୀତି ଅନୁସାରେ ବିଭିନ୍ନ ଶ୍ରେଣୀରେ ବିଭକ୍ତ ଯଥା—୧ । ଏକରଥ—ଏହା ପ୍ରାଚୀନ ଶ୍ରେଷ୍ଠ ଦେଉଳ । ୨ । ତ୍ରିରଥ—ଏହା ବ୍ରାହ୍ମଣ ଜାତୀୟ । ୩ । ପଞ୍ଚରଥ—ଏହା କ୍ଷତ୍ରିୟ ଜାତୀୟ । ୪ । ସପ୍ତରଥ—ଏହା ବୈଶ୍ୟ ଜାତୀୟ । ୫ । ନବରଥ—ଏହା ଶୂଦ୍ର ଜାତୀୟ । ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।

ଦେଉଳର ବିଭିନ୍ନ ଅଂଶମାନଙ୍କର ନାମ ଯଥା—୧ । କଳସ, ୨ । କର୍ପୂରୀ, ୩ । ଅଁଳା ବା ଆମଳକ, ୪ । ବେକି, ୫ ଘାଣ୍ଟିକ, ୬ । ବିମାନ, ୭ । ବାହାପାଗ, ୮ । ଅନର୍ଥ ପାଗ, ୯ । କନକ ପାଗ, ୧୦ । ତ୍ରିଭାଗୀୟ ଜଙ୍ଘା, ୧୧ । ଦ୍ୱିଭାଗୀୟ ବରଣ୍ଡୀ, ୧୨ । ବନ୍ଧନ, ୧୩ । ପ୍ରଥମ ବରଣ୍ଡୀ, ୧୪ । ପ୍ରଥମ ଜଙ୍ଘା, ୧୫ । ପୃଷ୍ଠ ବା ପୀଠ ।

ଉତ୍ତରର ଅଂଶମାନ ଯଥା—୧ । କାନ୍ତି, ୨ । ଗମ୍ଭୀରା, ୩ । କନକ, ୪ । ଅନର୍ଥ, ୫ । ବାହାପାଗ । ଦେଉଳର ଚିତ୍ର ପାଇଁ ଏ ଚତୁର୍ଥ ଖଣ୍ଡର ଶେଷରେ ପରିଶିଷ୍ଟ ଦେଖନ୍ତୁ ।

ଦେଉଳଶବ୍ଦଯୁକ୍ତ କେତେଗୁଡ଼ିଏ ପ୍ରବଚନ ଯଥା—
୧ । ଦେଉଳକୁ ମୁଣ୍ଡିଆଳ ଗିଳନ୍ତି (ବଳନ୍ତି) ନ୍ୟାୟ ।
୨ । ଦେଉଳ ଭାଙ୍ଗିଲେ ନାଆଁ ପଡ଼େ, କଇଲେ ବାହାରେ ଦିଶିଲେ ନାଆଁ ପଡ଼େ ।
୩ । ଧଡ଼ିଆ ଗିଳ ଦେଉଳ ଗିଳିବା ନ୍ୟାୟ ।

ଦେଉଳ କରଣ—ଦେ. ବି—ଦେଉଳର କାର୍ଯ୍ୟ ଓ ହିସାବପତ୍ର ବୁଝିବା
Deuḻa karaṇa କର୍ମଚାରୀ—An officer who looks after the affairs of a temple, especially its accounts.

[ଦ୍ର—ମନ୍ଦିରର ଆୟ ବ୍ୟୟ ଲେଖିବା ଏହାଙ୍କ କାର୍ଯ୍ୟ—
ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।]

ଦେଉଳଝର—ପ୍ରାଦେ (ଗଡ଼ଜାତ) ବି (ନାମ)—ଅଠମଲ୍ଲିକ ରାଜଧାନୀର
Deuḻajhara ପଶ୍ଚିମକୁ ୨।୩ ମାଇଲ ଦୂରରେ ଥିବା ଗୋଟିଏ ଉଷ୍ଣ ପ୍ରସ୍ରବଣ—A hot spring 2 miles off to the west of the capital of the Athmallick State of Orissa.

[ଦ୍ର—ଏଠାରେ ଶିବରାତ୍ରି ଦିନ ଯାତ୍ରା ହୁଏ । ଯାତ୍ରୀର ବାସୀ ଦିନ ଏବେ ଷ୍ଟେଟ୍ ତରଫରୁ ଗୋଟିଏ କୃଷିଶିଳ୍ପାଦିର ପ୍ରଦର୍ଶନୀ ଅନୁଷ୍ଠିତ ହେଉଅଛି ।]

ଦେଉଳ ବାଛ(ସ)ନ୍ଦ—ଦେ. ବି—୧ । କୌଣସି ଗର୍ହିତ କର୍ମକାରୀ ବା
Deuḻa bāchh(sa)nda ସମାଜଚ୍ୟୁତ ବା ଅପରାଧୀ ବ୍ୟକ୍ତିଙ୍କୁ ବା
(ଦେଉଳମନା—ଅନ୍ୟରୂପ) ସେବକଙ୍କୁ କୌଣସି ମନ୍ଦିରର କର୍ତ୍ତୃପକ୍ଷମାନଙ୍କ ଆଦେଶରେ ମନ୍ଦିରକୁ ପ୍ରବେଶ କରିବାକୁ ନିଷେଧ କରିବା ଆଦେଶ; ଦେବଦର୍ଶନାର୍ଥ ମନ୍ଦିର ମଧ୍ୟକୁ ଯିବାପାଇଁ ଅଟକ—1. An order of the authorities of a temple passed on an offending or ostracised person or sebaka forbidding or restraining his entry into the temple.

[ଦ୍ର—ମନ୍ଦିରର କୌଣସି ଅପରାଧୀ ସେବାଏତଙ୍କୁ ସେବା କରିବାକୁ ନିଷେଧ କରିବାର ନାମ ସେବା ବାଛ(ସ)ନ୍ଦ ।]

ଦେଉଳ ଶୋଧ—ଦେ' ବି. (ସଂ. ଦେବକୁଳ+ଶୋଧନ)— ରାଣୀ ଆଦି
Deuḻa śodha ବିଶିଷ୍ଟ ଯାତ୍ରୀଙ୍କ ଦର୍ଶନ ଉପଲକ୍ଷରେ ବା ପ୍ରତିଦିନ ରାତ୍ରରେ ଠାକୁରଙ୍କ ନୀତିଶେଷରେ ଦେଉଳ ବନ୍ଦ କରିବା ଉପଲକ୍ଷରେ ଦେଉଳ ଓ ଦେଉଳର ବେଢ଼ାରୁ ସମସ୍ତ ଲୋକ ବାହାରିଯିବା—
Clearing a temple of all persons on the occasion of the visit of distinguished guests and females or after the close of the day's rituals.

ଦେଉଳିଆ—ଦେ. ବିଣ. (ସଂ. ଦେବାଳୟ)—୧ । ଦେଉଳ ପରି ଆକୃତି-
Deuḻiā ବିଶିଷ୍ଟ; ଉଚ୍ଚ ଓ ଗୋଜିଆ—1. Having the
ଦେଉଳିଆ shape of a temple; gradually tapering to a point like a temple.

୨ । ଦେଉଳ ସମ୍ବନ୍ଧୀୟ—
2. Pertaining to a temple.

ଭାଷାକୋଷ ଚତୁର୍ଥ ଖଣ୍ଡ ପରିଶିଷ୍ଟ

ଦେଉଳର ଚିତ୍ର

[୩୮୦୨ ପୃଷ୍ଠା ଦେଖନ୍ତୁ]



ଘର୍ତ୍ତି



୩ । ଦେଉଳରେ ଦେବପୂଜା ଅବ କରି ଜୀବିକା ନିର୍ବାହ କରୁଥିବା (ବ୍ୟକ୍ତି)—3. Earning livelihood by rendering service in a temple.

दिवाला; **दिवालिया** ୪ । ଦେଣଦାର; ଦେବାଳିଆ; ଋଣ ସୁଝିବାକୁ ଅକ୍ଷମ—4. Insolvent.

୫ । ଦେଉଳରେ ବାସ କରୁଥିବା—5. Living in temples.

(ଯଥା—ଦେଉଳିଆ ପାରା)

ବ—୧ । ଦେବାଳୟର ସେବକ—1. Servant of a temple.

୨ । (ସଂ. ଦେବଳକ) ପଣ୍ଡା; ଏକ ଜାତୀୟ ନିକୃଷ୍ଟ ବ୍ରାହ୍ମଣ; ଠାକୁର ପୂଜାହାରୀ—2. A class of inferior Brāhmaṇas serving as Paṇḍās in temples.

[ଦ୍ର—ଏମାନେ ଏକଜାତୀୟ ଅଶ୍ରୋତ୍ରୀୟ ବ୍ରାହ୍ମଣ । ଦେବସେବା ଏମାନଙ୍କର ପ୍ରଧାନ କର୍ମ । ପଣ୍ଡା, ସୁଆର, ପୂଜାରୀ ବ୍ରାହ୍ମଣମାନେ ଏମାନଙ୍କ ସଙ୍ଗେ ଏକ ଜାତୀୟ । କୃପାସିନ୍ଧୁ ଇନ୍ଦ୍ରଦାସ]

ପ୍ରାଦେ (ବାଲେଶ୍ୱର) ବ—ଛୋଟ ମାଠିଆ—Small water-jug.

ଦେଉଳିଆ ଗଦା—ପ୍ରାଦେ (ଯାଜପୁର) ବ—ଦେଉଳ ଆକାରର ଗଦା—
Deuḷiā gadā Temple-shaped heap.
(ବଢ଼େଇ ଗଦା—ରୂପଭେଦ)

ଦେଉଳିଆ ପାରା—ଦେ. ବ—ଯେଉଁ ପାରାମାନେ ଦେଉଳର ଖୋପ
Deuḷiā pārā ମାନଙ୍କରେ ବା ଘରରେ ବସା କରି ଥାଆନ୍ତି—
(ଦେଉଳ ପାରା—ଅନ୍ୟରୂପ) Pigeons having their nests in the niches of a temple.

ଦେଉଳିଆ ଶିଙ୍ଘୁ—ଦେ. ବ—ଏକପ୍ରକାର ନାଗଫେଣିଆ ଶିଙ୍ଘୁ ଗଛ—
Deuḷiā sijhu A kind of cactus, Cereus Hexagonus (Haines)
तोकाँटा मनसा; तेकाँटा सीज; **तिधारायुहर**

[ଦ୍ର—ଏହା ନାଗଫେଣିଆ ଗଛଠାରୁ ଡେଙ୍ଗା ଓ ସରୁଅ । ଏହାର ପବ ଛଅ କୋଣିଆ ବା ଚକିଶିଆ ଏବଂ ଏହାର କଣ୍ଟା ମଧ୍ୟ ଛୋଟ । ଏହାର ପତ୍ର ନାହିଁ ।]

ଦେଏଣ (ଇତ୍ୟାଦି)—ଦେଣ୍ ଇତ୍ୟାଦି (ଦେଖ)
De-eṇa (etc) Deṇ etc (See)

ଦେଏଣା (ଇତ୍ୟାଦି)—ଦେଣା ଇତ୍ୟାଦି (ଦେଖ)
De-eṇā (etc) Deṇā etc (See)

ଦେଏଣି—ଦେ. ବ ଓ ବଣ—ଦେଣି (ଦେଖ)
De-eṇi Deṇi (See)

ଦେଏଦେଉଣୀ—ଦେ. ଭଣ ଓ ବ—(ସଂ. ଦା ଧାତୁ)—ପୁଣ୍ୟପର୍ବାଦିରେ
De-edeuṇi ଯେଉଁ ଗରିବ ଲୋକମାନଙ୍କୁ କୌଣସି ଖାଦ୍ୟ ପଦାର୍ଥ
(ଦେଏଦେଉଣିଆଁ-ଅନ୍ୟରୂପ) ଅନୁଗ୍ରହ ସ୍ୱରୂପ ଦିଆଯାଏ;ଖଇରାତିଆ—
Those to whom cakes are given gratis on festive occasions.

ସାଅନ୍ତଙ୍କ ଘରୁ ଦେଏଦେଉଣୀ ଜଣେ ଯେବେ ଫେରିବ
ଅଭିକାହୁଁ ପରି ସାଅନ୍ତାଣୀ ଜୀବ ତୁଣୀ ସେ ଅସି ଡାକବ
ଉତ୍କଳ. ସାଅନ୍ତଅ ବାହା

ଦେଏଧାନ—ଦେ. ବ—ଦେ ଧାନ (ଦେଖ)
De-edhāna De-dhāna (See)

ଦେଓ—ଦେ.ବ (ସଂ.ଦେବ)—କ୍ଷତ୍ରିୟ ଓ ରାଜାମାନଙ୍କର ଉପାଧିବିଶେଷ—
Deo Title amongst Rajas and Kshatriyas.

ଦେଓଘର—ଦେ. ବ (ନାମ)—ସାନ୍ତାଳ ପ୍ରଗନା ଅନ୍ତର୍ଗତ ବାବା
Deoghara ବୈଦ୍ୟନାଥଙ୍କ ଅଧିଷ୍ଠିତ ନଗର—Deoghar, a town in Santal Pergannas, the seat of the shrine Bābā Baidyanātha.

ଦେଓଟି—ଗ୍ରା. ବ—ଦୁଇଗୋଟି—Both.
Deoṭi
दुटि; **दोनों**
ଦୁଇପଟରେ ଚାଳ ଦେଓଟି ଅଛି ଥାଇ
ଉର୍କରେ ସେ କଉଡ଼ାକୁ ଦେଖଇ । କୃଷ୍ଣସିଂହ. ମହାଭାରତ ବନ ।

ଦେଖ୍—ଦେ. ଅ (ଅନାଦରାର୍ଥକ)—୧ । ସାବଧାନ; ହୁସିଆର—
Dekh 1. (Interjection) Take care; be careful. !
देखिस; **देखो** (ଯଥା-ଦେଖ୍ ! ଖସଡ଼ାରେ ଯେପରି ତୋ ଗୋଡ଼
(ଦେଖ—ଆଦରାର୍ଥକ ରୂପ) ଖସିନ ଯାଏ]—

୨ । ହେ ସଂସାରେ ଲୋକବା ଉପସ୍ଥିତ ଲୋକେ ! ଦେଖ, ଏହା କେଡ଼େ ଅଦ୍ଭୁତ ବା ହାସ୍ୟାସ୍ପଦ—
2. (Interjection); How funny ! Lo ! Look ! Behold !

ଦେଖରେ ଭାଇ ! କହୁଛି ବେଇଛ ମାକଡ଼ ପିଲା । ଚ଼ଗ

୩ । ବିଚାର କର ! ଏକଥାକୁ ଉତ୍ତମରୂପେ ବିବେଚନାକର—
3. (Interjection) Just see; think of the matter.

ଦେ. କ୍ରି—(ଦେଖିବା କ୍ରିୟାର ଅନୁଜ୍ଞା ମଧ୍ୟମ ପୁରୁଷ
देखिस; **देखो** ଅନାଦରାର୍ଥକ ଏକବଚନରେ ତୁ କର୍ତ୍ତା ସଙ୍ଗେ ବ୍ୟବହୃତ ଆକାର) (ତୁ) ଚାହିଁ—(Thou) Do look.

ଦେଖ୍‌ତ ଦେଖି—ଦେ. ଅ—ଦେଖିବା ଦେଖି (ଦେଖ)
Dekh-ta dekhi Dekhibā dekhi (See)

ଦେଖ୍‌ବା—ପ୍ରାଦେ (ସମ୍ବଲପୁର) କ୍ରି—ଦେଖିବା—
Dekh-bā To see.

ଦେଖଣା—ଦେ. ବ (ସଂ. ଦୃଶ୍ ଧାତୁ; ପ୍ରା. ଦେଖ୍ ଧାତୁ)—ଦେଖିବା;
Dekhaṇā ଦୃଷ୍ଟିକରିବା—Seeing.
देखा **देखना**

ଦେଖଣାହାରି—ଦେ. ବ—୧ । ଦର୍ଶକ—
Dekhaṇāhāri 1. Spectator.
दर्शक ତେବେ ନେଉଥାଇ ଦେଖଣାହାରିଙ୍କ ହୃଦୟ ହରି—ରାଧାନାଥ. ଉଷା ।
देखनहारा, दिखहार ୨ । ଯାହା ଆଦି ଦେଖିବା ଲୋକ—
2. Sight-seer.

ମହନ୍ତବାବାଙ୍କ ଦର୍ଶନ କରି ସମସ୍ତ ଦେଖଣାହାରି ହରିବୋଲ ଡକାଇ ଗୋଡ଼ତଳେ ପଡ଼ିଗଲେ । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଦେଖନ୍ତ—ଦେ. ବ—୧ । ଜ୍ଞାତସାର; ଅବଗତି; ଦୃଷ୍ଟି—
Dekhanta 1. Cognisance; knowledge.
(ଯଥା—ମୋ ଦେଖନ୍ତରେ ମୁଁ ଅନ୍ୟାୟ କାର୍ଯ୍ୟ କରାଇଦେବି ନାହିଁ ।)

୨ । ଜୀବନକାଳ; ଅମଳ—2. Time; life-time.

(ଯଥା—ଅମ ବାପାଙ୍କ ଦେଖନ୍ତରୁ ଅମ ବଂଶରେ ପିଲାଝିଅ ନାହିଁ ।)

ଦେଖା—ଦେ. ବି (ସଂ. ଦୃଶ୍; ପ୍ରା. ଦେଖ୍ ଧାତୁ)—୧ । ଦର୍ଶନ—
Dekhā 1. Seeing; look.
ଦେଖା ୨ । ଦୃଷ୍ଟି—2. Sight; view.
दिखाइ ୩ । ସାକ୍ଷାତକାର; ମୁଲାକାତ୍; ଦୁଇ ଜଣଙ୍କର ମିଳନ; ଭେଟ—
2. Interview; visit; meeting of two persons.

କେତେକାଳ ହେଲା ଦେଖା ନାହିଁ ସଙ୍ଗୁ !
ଶେଯପାଙ୍କ ଚନ୍ଦ୍ରସେ ଲୁଚ ନହୁ—ପ୍ରାଚୀନ ସଙ୍ଗୀତ ।

୪ । ଭେଟି—4. Present.

ଦେଖା ନାହିଁ କ ସାକ୍ଷାତ ନାହିଁ
ଗନ୍ଧର୍ବପୁଷ୍ପ ବନ ମହିଁ ମାହିଁ—ଚଗ ।

ଦଣା—୧ । ଯେ ଦେଖେ; ଦର୍ଶକ—
1. One who sees; seeing.
୨ । ଦୃଷ୍ଟ; ଯାହା ଦେଖାଯାଏ—
2. That which is seen; seen.

ଦେଖା(ଖେ)ଇ କହିବା—ଦେ. କ୍ରି—୧ । ଉପମାଦ୍ଵାରା ବୁଝାଇବା—
Dekhā(khe)i kahibā 1. To illustrate; to support by citing similar cases

ଏଥକୁ ପ୍ରଚଳିତ ଦେବା
ଭୋକୁପ ଦେଖାଇ କହିବା—ଜଗନ୍ନାଥ ଭାଗବତ ।

୨ । ଅପ୍ରତ୍ୟକ୍ଷ ବା ପରୋକ୍ଷଭାବରେ କହିବା—
2. To speak indirectly.
୩ । ସୂଚନା ଦେବା—3. To hint.

ଦେଖା(ଖେ)ଇବା—ଦେ. କ୍ରି—୧ । (ସଂ. ଦୃଶ୍ ଧାତୁ ଣିଚ୍ ଦର୍ଶିଧାତୁ)—
Dekhā(khe)ibā ଦେଖିବା କ୍ରିୟାର ଣିଜନ୍ତରୂପ—
ଦେଖାନ 1. The causative form of 'Dekhibā.'
दिखाना, देखावना, दिखलाना ୨ । ଅନ୍ୟ ବ୍ୟକ୍ତିଙ୍କୁ ଦେଖିବାର ସୁବିଧା କରାଇବା; ଅନ୍ୟ ବ୍ୟକ୍ତି ଦେଖିପାରିବା ଭଳି କରିବା—
2. To enable another to see; to show; to cause another to see.

କାଗଜର ନେବ ଦାଏ ଦେଖାଉଛ ଭୁବନେଶ୍ଵର ଦେଉଳେ—ଚଗ ।

୩ । ସାଧାରଣରେ ପ୍ରକାଶ କରିବା; ପ୍ରଦର୍ଶିତ କରିବା—
3. To exhibit; to show in public.

ସରସ୍ଵତୀଙ୍କ ଗୁଣ ଭଲେ,
ଶଗ ମୃଣ୍ଡ ଦେଖା ମଲେ—ଶିଶୁଗୀତ ।

୪ । ଅନୁଭୂତ ହେବା—4. To be felt.
(ଯଥା—ମୋତେ ଚାଲ ସନ୍ଧ୍ୟାବେଳକୁ ଜର ଦେଖାଉଛି ।)
୫ । ପ୍ରକଟିତ କରିବା—5. To publish.
(ଯଥା—ଆପଣ ସରର ଛୁଦ୍ରପାକ ଆଣି ଅଭ ଦାଣ୍ଡରେ ଦେଖା ନାଁ)
୬ । ଇଙ୍ଗିତ କରିବା; ସ୍ପଷ୍ଟକରି ନ କହି ପରୋକ୍ଷଭାବରେ କଥା କହିବା; ଏକ ବିଷୟକୁ ଉଦ୍ଦେଶ ଦେଇ ଅନ୍ୟ ବିଷୟ କହିବା; ଦେଖାଇ ଶିଖାଇ କହିବା—
6. To say any thing indirectly or by implication; to give a hint.
୭ । ବାଟ ଦେଖାଇବା—
7. To show the way.
(ଯଥା—କୋଡ଼ ଧରି ଦେଖାଇଲେ ତଥାସାପାକ ପାଣି ମାଡ଼ି ଯିବ ।)
୮ । ନଜର ଶରୀରକୁ ଅନ୍ୟ ବ୍ୟକ୍ତି ଦେଖି ପାରିବା ଭଳି ତାହାର ସମ୍ମୁଖରେ ଉପସ୍ଥାପିତ କରିବା—
8. To exhibit one's body before another.
(ଯଥା—ମୁଁ ଅଇଁଲି ବେଳେ ବାବୁରଟ ତାହାର ଦେଲ ଦେଖାଇ ଦେଇ ଭୂନ ହୋଇ ଠିଆ ହୁଏ ।)
୯ । ବୈଦ୍ୟ ବା ଡାକ୍ତର ପରୀକ୍ଷା କରିବା ପାଇଁ ଦେହର କୌଣସି ଅଙ୍ଗକୁ ତାହାଙ୍କ ନିକଟରେ ଉପସ୍ଥାପିତ କରିବା—9. To let (one's body) to be examined by a doctor.
(ଯଥା—ମନ୍ତ୍ରୁ ବଇଦଙ୍କୁ ହାତ ବା ବହ ଦେଖାଇଲା ।)
୧୦ । ଅନ୍ୟର ସମ୍ମୁଖରେ ଉପସ୍ଥାପିତ କରିବା—
10. To place before another.
(ଯଥା—ଦୋକାନ ମୋତେ ପାଞ୍ଚ ରକମର ଅମ୍ବ ଦେଖାଇଲା ।)
୧୧ । ସାକ୍ଷାତପ୍ରମାଣ ଦ୍ଵାରା ପ୍ରମାଣିତ କରିବା—
11. To prove by visible or direct evidence

ଦେଖା(ଖେ)ଇ ଶିଖା(ଖେ)ଇ କହିବା—ଦେ. କ୍ରି—ଏକ ଉଦ୍ଦେଶ୍ୟକୁ
Dekhā(khe)i sikhā(khe)i kahibā ଲକ୍ଷ୍ୟ କରି ଅନ୍ୟର କଥା କହିବା; କୌଣସି ବ୍ୟକ୍ତିର ନାମ ନ ଧରି ଅନ୍ୟ ଛଳନାରେ ସେହି ବ୍ୟକ୍ତିକୁ ଆକ୍ରମଣ କରିବା—
To attack or rebuke a person indirectly or by implication without mentioning his name.

ଦେଖା(ଖେ)ଇ ହେବା—ଦେ. କ୍ରି—ନଜର ବାହାଦୁରି, ସୌନ୍ଦର୍ଯ୍ୟ,
Dekhā(khe)i hebā ପରାକ୍ରମ, ବିଭବ ଆଦି ଅନ୍ୟ ବ୍ୟକ୍ତି ଯେପରି ଦେଖିବେ ସେହିପରି କାର୍ଯ୍ୟ କରିବା—
To act with a view to show off one's excellence; to give one's self airs.
(ଯଥା—ତୁ ମୋ ଆଗରେ ସୁନ୍ଦର ପଣ କେତେ ଦେଖାଇ ହଉଛୁ ମ !)

ଦେଖା କରିବା—ଦେ. କ୍ରି—ସାକ୍ଷାତ୍ କରିବା—
Dekhā karibā To meet another; to pay a visit
ଦେଖାକରା to; to pay one's respects to.
दिखाइ करना (ଯଥା—ରାଜାଙ୍କୁ ଗୋଟିଏ ନଜରଆ ନେଇ ଦେଖା କଲି ।)

ଦେଖା ଶୁଣି—ଦେ. ବି. (ଏକାର୍ଥକ ସହଚର ଶବ୍ଦ)—
Dekhā chāhān ୧ । ଦେଖା ଦର୍ଶନ (ଦେଖ)
(ଦେଖଶୁଣି—ଅନ୍ୟରୂପ) 1. Dekhā darśana (See)
ଦେଖା শোনা ୨ । ତତ୍ତ୍ଵ ନେବା—2. Care-taking.
देखभाल, देखरेख (ଯଥା—ବିଦେଶରେ ଛାତ୍ରମାନଙ୍କୁ ଦେଖା ଶୁଣି କରିବାକୁ କେହି ମୁରବି ନ ରହିଲେ ପିଲାମାନେ ବିଗିଡ଼ି ଯାଆନ୍ତି ।)

୩ । ପର୍ଯ୍ୟବେକ୍ଷଣ କରିବା; ସୂକ୍ଷ୍ମରୂପେ ଦେଖିବା—
3. Observation; seeing minutely.

୪ । ପରୀକ୍ଷା କରିବା—4. Examining.

୫ । ସମ୍ପତ୍ତି ଆଦିର ତଦାରଖ କରିବା—
5. Looking after a property.

(ଯଥା—ମୁଁ ବିଦେଶରେ ଥିଲାବେଳେ ମୋ ଜମିଦାରୀକୁ ଦେଖା ଶୁଣା କରିବା ପାଇଁ ମୋ ଭାଇକୁ କହି ଆସିଛି ।)

ଦେଖା ଦର୍ଶନ—ଦେ. ବି (ଏକାର୍ଥକ ସହଚର)—୧ । ଦର୍ଶନ; ଦେଖା
Dekhā darśana ମିଳିବା—1. Sight.
ଦେଖାସାক্ষাৎ (ଯଥା—ଧନ ସମ୍ପଦର ଗର୍ଭଲକ୍ଷ୍ମୀ ଏତେବେଳେ ଯାଏଁ
दिखाव ବରଯାତ୍ରୀଙ୍କର ଦେଖାଦର୍ଶନ ନାହିଁ ।)
(ଦେଖା ସାକ୍ଷାତ୍—ଅନ୍ୟରୂପ) ୨ । ସାକ୍ଷାତ୍କାର—
2. Interview.

ଦେଖାଦେଖି—ଦେ. ବି. (ସହଚରଶବ୍ଦ)—୧ । ପରସ୍ପରସାକ୍ଷାତ; ମିଳନ—
Dekhādekhi 1. Interview; meeting each other;
দেখাদেখি seeing one another.
भेंट, देखादेखी ତୁଳସୀ ମଞ୍ଜରୀ—ସୁବର୍ଣ୍ଣରେଖା ପାର ହେଲେ
କୁମ୍ଭ ଦେଖାଦେଖି । ତଗ ।

୨ । ଅନ୍ୟୋନ୍ୟ ପରାକ୍ରମ ବୁଝାବୁଝି; ବଳ କଷାକଷି—
2. Measuring of each other's strength.

(ଯଥା—ଆଜ ଯୁଦ୍ଧ ଭୂମିରେ ତୁମ୍ଭର ଆମ୍ଭର ପଠାଏ ଦେଖାଦେଖି ହେବ ।)

୩ । ସୂକ୍ଷ୍ମରୂପେ ଦେଖିବା; ପରୀକ୍ଷା କରିବା—
3. Seeing a thing carefully; examining.

ବିଣ—୧ । ପରସ୍ପର ମିଳିତ ହୋଇ ଥିବା—
1. Meeting each other.

୨ । ଯାହାକୁ ସର୍ବଦା ଦେଖାଯାଇ ପାରେ ବା ଯାହାର ତତ୍ତ୍ୱ ନିଆ ଯାଇ ପାରେ—2. Which can be often seen or attended to.

ଦେଖାଦେଖି ଗୃହ, ଲଗାଲଗି ବାସ । ତଗ ।

କ୍ରି. ବିଣ—ଜଣକର କାର୍ଯ୍ୟକୁ ଅନୁକରଣ କରି—
Following another's action.

ତୁମ୍ଭ ଦେଖାଦେଖି ଥୋକେ ଶିଖିବେ ଯେ କର । ପ୍ରାଚୀ. ଶ୍ରୀ ସୁରଭକ୍ତି ଗୀତା ।

ଦେଖା ଦେବା—ଦେ.କ୍ରି—କୌଣସି ବ୍ୟକ୍ତିକୁ ଆପଣାର ଦର୍ଶନ ଦେବା—
Dekhā debā To grant an interview to another;
দেখাদেওয়া to enable a person to see you.
देखादेना ଭଲ ଧୂଳିଭଣ୍ଟୁକୁ ଦେଖାଦଅ ଯାଇ ।
କୃଷ୍ଣସିଂହ. ମହାଭାରତ ବନ ।

ଦେଖା ପଡ଼ିବା—ଦେ. କ୍ରି—୧ । ହଠାତ୍ ପଡ଼ିବା; ହାବୁଡ଼ି ଯିବା—
Dekhā pardibā 1. To encounter; to come across.
দেখাপড়া (ଯଥା—ଘରୁ ଅନୁକୂଳ କରି ବାହାରିଲା ବେଳକୁ ପଥିକଙ୍କ
देखनेमे आना ତେଲି ବାଘୁଡ଼ା ଦେଖା ପଡ଼ିଲା ।

୨ । ଦେଖା ଯିବା (ଦେଖ)—2. Dekhā jibā (See)

ଦେଖା ପାଇବା—ଦେ. କ୍ରି—ଦର୍ଶନଲାଭ କରିବା—
Dekhā paibā To be able to see; to have an
দেখাপাওয়া interview.
भेंट पाना

ଦେଖା ମଣା—ଦେ. ବି (ସଂ. ଦର୍ଶନ+ମନନ)—୧ । କୌଣସି ପଦାର୍ଥକୁ
Dekhāmaṇā ସୂକ୍ଷ୍ମରୂପେ ଦେଖି ଅନ୍ୟ ବ୍ୟକ୍ତିଠାରୁ ବୁଝିନେବା—
1. Taking a thing from another after minutely examining it.

୨ । ଦେଖାମଣା ସଞ୍ଜା (ଦେଖ)
2. Dekhāmaṇā sañjā (See)

ଦେଖାମଣା ସଞ୍ଜା—ଦେ. ବି.—ପ୍ରଜା ଧୂଳିଭାଗରେ ଅବାଦ କରିଥିବା
Dekhāmaṇā sañjā କୌଣସି ଜମିରେ ଫସଲ ମହଜୁଦ୍ ଥିବା-
कूत ବେଳେ ଜମିଦାର ଓ ପ୍ରଜା ଉଭୟେ ଉକ୍ତ ଜମିକୁ ଯାଇ
अँकाई ଜମିଦାରଙ୍କ ପ୍ରଜାର ଦେୟ ଅଧେ ଧାନର ପରିମାଣ ସ୍ଥିର କରିବା; ଫସଲ କୁତ କରିବା—Appraisement or valuation of the produce of a raiyati holding to fix the respective shares of the landlord and of the tenant therein; estimate of the landlord's half of the produce of a Bhāg holding while the crop is standing on a field.

୨ । ଜମିରେ ଫସଲ ଥିବା ସମୟରେ କୁତଦ୍ୱାରା ସ୍ଥିର ହୋଇ ଥିବା ପ୍ରଜାର ଦେୟ ଉତ୍ପନ୍ନ ଦ୍ରବ୍ୟ—2. Produce of a land payable by a raiyat to a landlord on appraisement.

ଦେଖାମିଳିବା—ଦେ. କ୍ରି—ଦର୍ଶନଲାଭ ହେବା; ଭେଟ ପଡ଼ିବା; ଦୃଷ୍ଟି-
Dekhāmilibā ପଥରେ ପଡ଼ିବା—To have an interview
দেখামিলা of; to be found; to be met with.
देखामिलना ଯେ ଜାତ ଗାଉଁମା ତାମ୍ରଲିପ୍ତ ଭୂମେ
ଅଦ୍ୟାପି ମିଳଇ ଦେଖା । ଉତ୍କଳ. ଗୀତଲହରୀ ।

ବି—ସାକ୍ଷାତ୍କାର—Interview.

(ଯଥା—ମୁଁ ପଛରେ ଅନୁସରଣ କରି ବସିଲି ହେଲେ ତାଙ୍କର ଦେଖା ମିଳିଲା ନାହିଁ ।)

ଦେଖା ଯିବା—ଦେ. କ୍ରି. (ଦେଖିବା କ୍ରିୟାର କର୍ମବାଚ୍ୟ ରୂପ)—
Dekhā jibā ୧ । ଦୃଷ୍ଟିଗୋଚର ହେବା—
দেখাযাওয়া 1. To come to view; to be seen.
दिखाईपाना କସ ପୁଣି ଦେଖା ନ ପାଉ ଯେବେ ଥାଉ ଜୀବରେ ।
ଭକ୍ତ. ଭବଣ୍ୟବଣ ।

୨ । ପ୍ରମାଣିତ ହେବା; ପ୍ରକାଶିତ ହେବା; ଜଣାପଡ଼ିବା—
2. To be known; to be inferred or concluded.

(ଯଥା—କାହାର କେତେ ବଳ ଅଛି ଫଳରେ ଦେଖାଯିବ ।)

ଦେଖାଳି—ଦେ. ବି—୧ । ଦେଖିବା ଲୋକ—
Dekhāli 1. An observer.
দেখারু ୨ । ବିଚାର କରିବା ଲୋକ—2. A judge; one
दिखवैया who is proficient in judging.

୩ । ଦେଖାଇବା ଲୋକ—3. A person who takes a person round a place and shows things.

ଦେଖାଶିଖା—ଦେ. ଣ. (ସହଚର ଶବ୍ଦ)—ଅନ୍ୟର ଅନୁକରଣକାରୀ; ଅନ୍ୟ ବ୍ୟକ୍ତିର କାର୍ଯ୍ୟକଳାପ ଦେଖି ଯେ ତାହା ଅନୁକରଣ କରେ—Imitating another's actions; imitative.
Dekhāsikhā
देखेशिखा
ଦେଖାଶିଖା ଓଡ଼ିଆ । ତଗ ।

ଦେଖାଶୁଣା—ଦେ. ବି. (ସହଚର ଶବ୍ଦ)—୧ । ଦେଖିବା ଓ ଶୁଣିବା—1. Seeing and hearing.
Dekāsunā
देखाशुना
देखमाल, देखरेख
(ଯଥା—ଏପରି କଥା ତ କେବେ ଦେଖାଶୁଣା ନ ଥିଲି ।)
୨ । ଦେଖିବା ବା ଖବର ରଖିବା; ତତ୍ତ୍ୱ ନେବା—2. Enquiry; looking after any thing.
ସମସ୍ତଙ୍କ ଦେଖାଶୁଣା ପ୍ରଣାମ ଆଶୀର୍ବାଦରେ ରାତ ହୋଇ ଗଲା । ସାଳକଣ୍ଠ ଦାଶ. ପିଲାଙ୍କ ରାମାୟଣ ।
୩ । ଚିହ୍ନା ପରିଚୟ; ପରସ୍ପର ଆଳାପ ପରିଚୟ—3. Acquaintance.
(ଯଥା—ମୋର ତାଙ୍କର ଦେଖା ଶୁଣା ନାହିଁ ।)
୪ । ସେବା ଶୁଶ୍ରୂଷା କରିବା—4. Tending.
जानाशुना ବଣ—ସୁପରିଚିତ—Well acquainted.
(ଯଥା—ସେ ଆମର ଜଣେ ଦେଖାଶୁଣା ଲୋକ ।)

ଦେଖାସାକ୍ଷାତ୍—ଦେ. ବି—ଦେଖାଦର୍ଶନ (ଦେଖ)
Dekhāsākshāt Dekhādarśana (See)
ଯୁଧିଷ୍ଠିର ସାଙ୍ଗ ଭୂତେର ସାଙ୍ଗ ନାମ ଶୁଣିଥିଲେ, ଦେଖା ସାକ୍ଷାତ ନ ଥିଲା । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଦେଖାସୁନ୍ଦର—ଦେ. ବଣ—ଦେଖିବାକୁ ସୁନ୍ଦର ଅଥଚ ଗୁଣ ବା ବ୍ୟବହାରରେ ଖରାପ; ବାହାରକୁ ଝକ ଝକ ଅଥଚ ଭିତର ଫମ୍ପା—That which is beautiful to outward appearance but actually worthless or unsubstantial.
Dekhāsundara
देखते सुन्दर
दिखौआ, दिखावटी
ଦେଖାସୁନ୍ଦର ପଳାସ ଫୁଲ, ବାସ ଗୁଣ ନାହିଁ ଅମୂଲମୂଲ । ତଗ ।

ଦେଖାସୁନ୍ଦର କଖାରୁବଡ଼ି—ଦେ. ବି. (ବହିଷ୍କ ପ୍ରୟୋଗ, କଖାରୁରେ ତିଆରି ବଡ଼ି ପରି ଶୂନ୍ୟଗର୍ଭ)—ବାହାରକୁ ଝକ ଝକିଆ ଅଥଚ ଭିତରେ ଫମ୍ପା ବସ୍ତୁ; ଦେଖିବାକୁ ଉଜ୍ଜ୍ୱଳ ଡାଉଳ ଅଥଚ ଅକାମିକା ଲୋକ—A thing or person of outward beauty but actually worthless.
Dekhāsundara kakhārubardi
दिखौआ

ଦେଖା ହେବା—ଦେ. କ୍ରି—୧ । ସାକ୍ଷାତ କରିବା—1. To visit.
Dekhā hebā
देखा हवा
देखा होना
ରଘୁପତି ସଙ୍ଗେ ଜନ୍ମରେ ଦେଖା ହେଲୁଁ । କୃଷ୍ଣଙ୍କ ଦ୍ୱି. ମହାଭାରତ. ବନ ।
୨ । ହଠାତ୍ ପଡ଼ିବା; ସାକ୍ଷାତ ଲାଭ ହେବା; ଦେଖାମିଳିବା—2. To encounter; to meet; to come across.

ଦେଖି—ଦେ. ଅ—ଦେଖିବା ଦେଖି (ଦେଖ)
Dekhi Dekhibā dekhi (See)
देखि **देखके**

देखिया ଦେ. ଅ. କ୍ରିୟା—ଦର୍ଶନ କରି; ଦର୍ଶନ ସାରି—Seeing; having seen.
देखके

ଦେଖି ଚାହିଁ—ଦେ. କ୍ରି. ବଣ—୧ । ଅତି ସାବଧାନତା ବା ସତର୍କତା ସହକାରେ—1. With a great care.
Dekhi chāhiṅ
देखे शुने
देखभाल करके
ଦେଖି ଚାହିଁ କହିଥିଲୁ ରାଜା ଏ ଜାମାତା । ତନ୍ତ୍ରାମଣି, ଚକ୍ରମାଧବ ।
୨ । ଭାବିଚିନ୍ତି; ସୁବିବେଚନାପୂର୍ବକ; ଅଗ୍ର ପଶ୍ଚାତ୍ ଭାବି—2. With a good deal of consideration.

ଦେଖିତା ଦେଖି—ଦେ. ଅ—ଦେଖିବା ଦେଖି (ଦେଖ)
Dekhitā dekhi Dekhibā dekhi (See)
(ଦେଖିତା—ଅନ୍ୟରୂପ) ଦେଖିତା ଦେଖି, ଲୋକ ଚଢ଼େଇର ଡେଣା ଥାଏ । ମାଁ ବଣ ।
देखब
देखें गे

ଦେଖିଦାଖି—ଦେ. କ୍ରି—ଉତ୍ତମରୂପେ ପରୀକ୍ଷା କରି; ବୁଝି ସୁଝି; ପର୍ଯ୍ୟବେକ୍ଷଣପୂର୍ବକ—After a thorough or careful examination.
Dekhidākhi
(ଦେଖିଦୁଖି—ଅନ୍ୟରୂପ)
देखे शुने
देखभाल कर
(ଯଥା—ବଜାରରୁ କୌଣସି ଜିନିଷ କିଣିବାବେଳେ ଦେଖି ଦାଖି କରି ନେବା ଉଚିତ ।)

ଦେଖି ନେବା—ଦେ. କ୍ରି—୧ । ପରୀକ୍ଷା କରିବା—1. To test.
Dekhi nebā
देखे लओया
दिख लेना
୨ । ପ୍ରତିଶୋଧ ନେବା; ଶିକ୍ଷା ଦେବା—2. To take revenge; to teach a lesson.

ଦେଖି ପାରିବା—ଦେ.କ୍ରି—୧ । (ଲକ୍ଷଣାର୍ଥ) ସ୍ନେହ ବା ଆଦର କରିବା—1. (figurative) To like to love.
Dekhi pāribā
देखते पारा
चाहना
ସେ ମୋତେ ବଡ଼ ଦେଖି ପାରେ ଅନ୍ଧାର ଘରରେ ଉକୁଣି ମାରେ—ତଗ ।
[ଦ୍ର—ଆଧୁନିକ ଓଡ଼ିଆ ଲେଖକମାନେ ବଙ୍ଗଳା 'ଭାଲ ବାସା' ଓ 'ଭାଲ ପାଓୟା' ଶବ୍ଦକୁ ଓଡ଼ିଆରେ 'ଭଲ ପାଇବା' ବୋଲି ଅନୁବାଦ କରନ୍ତି । ମାତ୍ର ଏହାର ଶୁଦ୍ଧ ଓଡ଼ିଆ ପ୍ରତିଶବ୍ଦ 'ଦେଖି ପାରିବା' ଓ 'ସୁଖ ପାଇବା' ।
ଯଥା—ସାଆନ୍ତାଣୀ ମୋତେ ଭାରି ଦେଖି ପାରନ୍ତି । ମୁଁ ସିଠେଇ ଖାଇବାକୁ ଭାରି ସୁଖ ପାଏ ।]
୨ । କୌଣସି ବ୍ୟକ୍ତିର ସୁଖ ବା ଦୁଃଖ, ଅଭ୍ୟୁଦୟ ବା କଷ୍ଟ ଆଦି ଦେଖି ସନ୍ତୁଷ୍ଟ ହେବା—2. (figurative) To be pleased with the good or bad condition of another person.
(ଯଥା—ସେ ମୋ ସୁଖ ଦେଖି ପାରୁ ନାହିଁ ।)
୩ । ଦେଖିବାକୁ ସମର୍ଥ ହେବା—3. To be able to see.
୪ । ଦୃଷ୍ଟିଶକ୍ତିକୁ ଫଳତଃ ବ୍ୟବହାର କରିବା—4. To exercise one's eye-sight.
(ଯଥା—ମତେ ଚଷମା ଧରିବାକୁ ବିନା ପ୍ରଦୀପରେ ମୁଁ ରାତିରେ ପୋଥି ଦେଖି ପାରୁ ନାହିଁ ।)

୫ । ଅନୁଭବଦ୍ୱାରା ପୂର୍ବରୁ ଉପଲବ୍ଧ କରିବା—
5. To realise beforehand by experience.
(ଯଥା—ଚୋର ପଡ଼ା ଢଙ୍ଗରୁ ମୁଁ ଦେଖି ପାରୁଛି ଯେ, ତୁ ଏ ବର୍ଷ କ୍ଲାସ୍ ଛୁଟିବୁ ନାହିଁ ।)

ଦେଖିବା—ଦେ. କ୍ରି. (ସଂ. ଦୃଶ୍ ଧାତୁ; ପ୍ରା—ଦେକ୍ଖ୍ ଧାତୁ)—
Dekhibā ୧ । ଦର୍ଶନ କରିବା—1. To see.
ଦେଖা
ଦେଖিলଙ୍କ ନାନା ସ୍ଥାନ ବୁଲୁଥିଲେ ।
ଦେଖନା
ଜଗନ୍ନାଥ; ଭାଗବତ ।
(ଦେଖାଯିବା—କର୍ମବାଚ୍ୟ ରୂପ) ୨ । ସାକ୍ଷାତ କରିବା—
(ଦେଖା(ଖେ)ଇବା—ଣିଜନ୍ତ ରୂପ) 2. To meet; to visit.
ଦେଖିଲେ କଥା ନ କହେ, ନ ଦେଖିଲେ ପାଣି ନ ପିଏ—ଢଗ ।

୩ । ବିବେଚନା କରିବା; ବିଚାର କରିବା; ଚିନ୍ତା କରିବା—
3. To think; to consider.
ଦେଖ ଏ ସଂସାର ସାଗର ଅତି ଉତ୍କଟ ଉପଦ୍ରବ । ଜଗନ୍ନାଥ, ଭାଗବତ ।

୪ । ବୋଧ କରିବା; ଇନ୍ଦ୍ରିୟ ଦ୍ୱାରା ଜାଣିବା—
4. To feel; to perceive.

୫ । ଉପଲବ୍ଧି କରିବା; ଅନୁଭବ କରିବା—
5. To experience; to realise.

୬ । ଜାଣିବା—6. To know; to come to know.
ଦେଖୁଛୁ ଚଉକ, ଯୋଡ଼ୁଛ ବାଟ—ଢଗ ।

୭ । ପରୀକ୍ଷା କରିବା; ପରିଦର୍ଶନ କରିବା—
7. To examine; to inspect; to see critically; to test.
(ଯଥା—ମାଷ୍ଟର ପିଲାଙ୍କ ଖାତା ଦେଖୁଛନ୍ତି ।)

୮ । ଅନ୍ୱେଷଣ କରିବା—
8. To search after; to seek after.
ହାଟକୁ ଗଲେ କନ୍ୟା ଦେଖିବ
ବାଇଶଣ ବଳଦ ବି କାମ କରିବ—ଢଗ ।

୯ । ମନଃ ସଂଯୋଗ କରିବା—9. To attend.

୧୦ । ସଂଶୋଧନ କରିବା (ପ୍ରୁଫ୍)—
10. To correct (proof).

୧୧ । ହୁସିଆର ହେବା; ସାବଧାନ ହେବା—
11. To be careful; to beware.

୧୨ । ଯତ୍ନ ନେବା; ତତ୍ତ୍ୱାବଧାରଣ କରିବା—
12. To take care; to manage.
(ଯଥା—ବିଦେଶୀ ଜମିଦାରଙ୍କ ଜମିଦାରୀକୁ ମେନେଜର ବାବୁ ଦେଖନ୍ତି ।)

୧୩ । ପାଳିବା; ଖୋଜଖବର ନେବା; ତତ୍ତ୍ୱନେବା—
13. To enquire.
ରଜା ଯାହାର ବଶ ହୋଇ
କ୍ଷଣେ ନ ଦେଖେ ପାଶଟାଇ । ଜଗନ୍ନାଥ, ଭାଗବତ ।

୧୪ । ପୂର୍ବରୁ ଜାଣି ପାରିବା ବା ଅନୁମାନ କରିବା—
14. To infer or realise beforehand.
(ଯଥା—ଉଭୟ ପକ୍ଷର ସାକ୍ଷୀମାନଙ୍କ ଜବାନବନ୍ଦିରୁ ମୁଁ ଦେଖୁଛି ଯେ ହାକିମ ବାଦୀର ଦାବି ଡିସ୍‌ମିସ୍ କରିବେ ।)

୧୫ । ଜବ୍ଦ କରିବା; ଶିକ୍ଷା ଦେବା—15. To reduce to submission; to bring one under control; to teach a lesson.
(ଯଥା—ଅଚ୍ଛା, ତୁ ଯାହା କରିବାର କରୁଥା, ମୁଁ ଫେରି ତତେ ଦେଖିବି ଯେ !)

୧୬ । ପ୍ରମାଣ ବା ଶେଷଫଳଦ୍ୱାରା ଜାଣି ପାରିବା—
16. To know by the result.

୧୭ । ନିକଟରେ ଉପସ୍ଥିତ ହେବା; ପହଞ୍ଚିବା—
17. To reach.
ନଈ ନ ଦେଖୁ ଲଙ୍ଗଳା । ଢଗ ।

୧୮ । ସେବା କରିବା; ଶୁଶ୍ରୂଷା କରିବା—
18. To tend.

୧୯ । ଚିକିତ୍ସା କରିବା—19. To treat.
(ଯଥା—ବାଲୁବଜାରର କବିରାଜ ୩ ଦିନ ହେଲା ମଲ୍ଲିଙ୍କୁ ଦେଖୁଅଛନ୍ତି ।)

୨୦ । କୃପା ଦୃଷ୍ଟି କରିବା—20. To cast a kind glance on; to be kind, to have a kind eye on.
(ଯଥା—ପ୍ରଭୁ ଦେଖିବେ ମୋ ଦୁଃଖ ଯିବ ।)

୨୧ । ପର୍ଯ୍ୟବେକ୍ଷଣ କରିବା—
21. To observe; to regard attentively.

୨୨ । ମନୋଯୋଗ ଦେବା—
22. To mind; to attend to.

[ଦ୍ର—ଦେଖିବା କ୍ରିୟା ସଙ୍ଗେ ସହଚର ରୂପେ ଶୁଙ୍ଘିବା, ଶୁଣିବା କ୍ରିୟାମାନ ବ୍ୟବହୃତ ହୁଏ ।
ଦେଖିବାର ଅସମାପିକା ରୂପ ସଙ୍ଗେ, ଦେବା, ନେବା, ପକାଇବା, ଯିବା, ଆସିବା, ପାରିବା, ବସିବା ଇତ୍ୟାଦି କ୍ରିୟାମାନ ବ୍ୟବହୃତ ହୁଏ ।]

ଦେଖିବାଦେଖି—ଦେ. ଅ—୧ । ଅଚ୍ଛା ! ବୁଝାଯିବ ! ଅଚ୍ଛା ! ଫଳରେ
Dekhibā dekhi ବୁଝିବା ଭଲ—1. All right ! let us see.
ଦେଖব
ଦେଖেঙ্গে
ବୁଦ୍ଧାଦ କେ ରଖିବ ଦେଖିବା ଦେଖି । ଉତ୍ତ. ବୈଦେହୀଶବିଳାସ ।
୨ । (ପ୍ରଶ୍ନାର୍ଥକ) କହିଲ ଭଲ ?—
2. (question) Will you tell me ?

ଦେଖିବାରେ ଆସିବା—ଦେ. କ୍ରି (ଦେଖିବାର କର୍ମବାଚ୍ୟ)—
Dekhibāre āsibā ୧ । ଦୃଷ୍ଟିଗୋଚର ହେବା—1. To be seen.
(ଦେଖାରେ ଆସିବା—ଅନ୍ୟରୂପ)
ଦୃষ্টিতে আসা ୨ । ଜଣାଯିବା—2. To be known.
ଦେଖনେମେଆନା ୩ । ଅନୁଭୂତ ହେବା—
3. To be experienced.

ଦେଖିଲା କାମ କରିବା—ଦେ. କ୍ରି (ବଶିଷ୍ଟ ବାକ୍ୟ; ଧମକାଇବା ଅର୍ଥରେ
Dekhilā kāma karibā ପ୍ରୟୋଗ)—୧ । କୌଣସି ବ୍ୟକ୍ତିକୁ
(ଦେଖିବା କାମ କରିବା—ଅନ୍ୟରୂପ) ପ୍ରହାର ଦେବା; ଦଣ୍ଡଦେବା—
1. To punish or beat a person.

୨ । କୌଣସି ବ୍ୟକ୍ତିକୁ ଦଣ୍ଡଆଦି ଦ୍ୱାରା ଉତ୍ତମରୂପେ ଶିକ୍ଷା ଦେବା—2. To teach one a good lesson.

୩ । ଯାହା ମନକୁ ଆସିବ ତାହା କରବା—3. To do anything one likes.

(ଯଥା—ମୁଁ ତାଙ୍କୁ ବାରମ୍ବାର ସତର୍କ କରାଇଲେ ସୁଦ୍ଧା ସେ ଶୁଣୁ ନାହାନ୍ତି, ଏଣିକି ମୁଁ ଦେଖୁନ୍ତ କାମ କରିବ ।)

ଦେଖିଲ ନାହିଁ—ଦେ. ବଣ—ଅଦୃଷ୍ଟପୂର୍ବ—
Dekhilā nāhiṅ — Not seen before.

ଦେଖୁଲାରେ ନାହିଁ / ଦେଖିବାରେ ନାହିଁ } ଅନ୍ୟରୂପ — ଭୂତ ଭବଷ୍ୟ ଶ୍ରୀମାଚ ଦେଖିଲ ନାହିଁ ନିଶ୍ଚିତ । ଜଗନ୍ନାଥ. ଭାଗବତ ।

ଦେଖିଶୁଣି—ଦେ. ଅ. କ୍ରି.(ସହଚର ଶବ୍ଦ)—ଆଖିରେ ଦେଖି ଓ କାନରେ ଶୁଣି; ଉତ୍ତମରୂପେ ଅନୁଭବ ଦ୍ୱାରା ଉପଲବ୍ଧି କରି—
Dekhisuṇi — After personal experience.
देखसुनके — **देखभालकर**
(ଯଥା—ତୁ ଏ ସଂସାର ଗତି ଦେଖିଶୁଣି ସୁଦ୍ଧା ବାଯ୍ୟା ପରି ଅବୁଝା ହେଉଛୁ ।)

ଦେଖୁଣି—ଦେ. ବଣ (ସଂ. ଦର୍ଶନ; ପ୍ରା. ଦେକ୍ଖନ)—ଦର୍ଶନ; ଦେଖିବା—
Dekhuṇi — Seeing.
देखन — **देखनि** — ବୋଲେ କେମାଙ୍କ ଅଣ ଦେଖୁଣି ଅଥ—ଉକ୍ତ. ବୈଦେହୀଶବିଳାସ ।

ଦେଖୁଣିଆ(ଆଁ)—ଦେ. ବଣ—ଦେଖିବା ବ୍ୟକ୍ତି—
Dekhuṇiā(āṅ) — One who sees.
ବ—ରାଜାଙ୍କ ଖାଦ୍ୟକୁ ଦୃଷ୍ଟି କରି ପରୀକ୍ଷା କରବା ନିମନ୍ତେ ନିଯୁକ୍ତ ଭୃତ୍ୟ—A servant whose duty is to examine the king's food by seeing it.
दिखया

ଦେଖୁଦେଖୁ—ଦେ. ଅ—୧ । ଶୀଘ୍ର ଶୀଘ୍ର; ତତ୍‌କ୍ଷଣାତ୍; ଅନତିବିଳମ୍ବରେ; ଅତି ଅଳ୍ପ ସମୟରେ—1. Within a very short time; shortly.
Dekhudekhu
देखते देखते

୨ । କୌଣସି ବ୍ୟକ୍ତିର ସାକ୍ଷାତରେ ବା ଦୃଷ୍ଟି ଉପରେ—2. Before one's own eyes.

(ଯଥା—ବାପା ଦେଖୁ ଦେଖୁ ସମସ୍ତେ ମୋତେ ଖେଳିକରି ମାଡ଼ ମାରିଲେ ।)

ଦେଗ୍ଧି ହେବା—ଦେ. କ୍ରି—ଦୋଗଧି ହେବା (ଦେଖ)
Degdhi hebā — Dogadhi hebā (See)
(ଦେଗ୍ଧନ ହେବା—ଅନ୍ୟରୂପ)

ଦେଠା—ଗ୍ରା. ବ. ପୁଂ (ଶୂଦ୍ରଙ୍କ ବ୍ୟବହୃତ ଭାଷା; ସଂ. ଜ୍ୟେଷ୍ଠ ଓ ପିତୃବ୍ୟ)
Dethā (ଦେଠପା—ଅନ୍ୟରୂପ)
ଦେଠାଇ / ଦେଠେଇ } ସ୍ତ୍ରୀ — ଜ୍ୟେଷ୍ଠ ପିତୃବ୍ୟ—One's father's elder brother.
जेठा, **चाचा**

ଦେଠାଇ ଶାଶୁ—ଦେ. ବ. ସ୍ତ୍ରୀ (ସଂ. ଜ୍ୟେଷ୍ଠ ଓ ଶ୍ୱଶ୍ରୂ)—ନିଜର ସ୍ୱାମୀ ବା ସ୍ତ୍ରୀଙ୍କର ଦେଠେଇ—The elder paternal aunt of one's husband or wife.
Dethāi sāsu
(ଦେଠେଇ ଶାଶୁ—ଅନ୍ୟରୂପ)
(ଦେଢ଼ଶ୍ୱଶୁର—ପୁଂ)

ଦେଢ଼ଶାଶୁ—ଦେ. ବ. ସ୍ତ୍ରୀ (ସଂ. ଜ୍ୟେଷ୍ଠ ଶ୍ୱଶ୍ରୂ)—ପତ୍ନୀଙ୍କ ଜ୍ୟେଷ୍ଠା ଭଗିନୀ—
Derdasāsu — One's wife's elder sister.
(ଦେଢ଼ଶାଶୁ—ଅନ୍ୟରୂପ) [ଦ୍ର—ପତ୍ନୀଙ୍କ କନିଷ୍ଠା ଭଗିନୀକୁ ଶାଳୀ କହନ୍ତି । ଶାଳୀ ଘଟଣାଇଙ୍କ ମଧ୍ୟରେ ଥଟ୍ଟା ପରିହାସ ଚଳେ; କିନ୍ତୁ ଦେଢ଼ଶାଶୁ ଓ ଭଉଣୀଜୋଇଁଙ୍କ ସମ୍ପର୍କ ସମ୍ମାନସୂଚକ ।]
जेठ
सलहजाइन
(ଭଉଣୀଜୋଇଁ—ତୁଳନାତ୍ମକ ବ୍ୟପଗତ ଲଙ୍ଗ)

ଦେଢ଼ଶୁର—ଦେ. ବ. ପୁଂ (ସଂ. ଜ୍ୟେଷ୍ଠ ଓ ଶ୍ୱଶୁର)—ସ୍ୱାମୀଙ୍କ ଜ୍ୟେଷ୍ଠ ଭ୍ରାତା—One's husband's elder brother.
Derdasura
ଦେଢ଼ଶୁର / ଦେଢ଼ଶୁର / ଦେଢ଼ଶୁର } ଅନ୍ୟରୂପ — ଦେଢ଼ଶୁର ଶ୍ରୀମ ସେ ବୋଇଲକୁ ବଳୀ ସେ ଆଜ୍ଞ ଭୁ ହୋଇଲୁ ଉଣ୍ଡିତ ବୋଇ । କୃଷ୍ଣସିଂହ. ମହାଭାରତ.
भासुर
जेठ
[ଦ୍ର—ଆମ ଦେଶରେ ଦେଢ଼ଶୁରଙ୍କ ସଙ୍ଗେ ଭାଇବୋହୂଙ୍କର ସାକ୍ଷାତ୍ ସମ୍ବନ୍ଧ ନାହିଁ । ଏମନ୍ତ କି ଦେଢ଼ଶୁରଙ୍କର ଅଙ୍ଗ ଠାରୁ ଭାଇବୋହୂ ସ୍ପର୍ଶ ସୁଦ୍ଧା କରନ୍ତି ନାହିଁ । ସ୍ୱାମୀଙ୍କ ସାନ ଭାଇକୁ ଦିଅର କହନ୍ତି ।]
(ଭାଇବୋହୂ—ତୁଳନାତ୍ମକବ୍ୟପଗତ ଲଙ୍ଗ)

ଦେଢ଼ି—ଦେ ଓ ପ୍ରାଦେ (ସମ୍ବଲପୁର) ବ—ଦେଢ଼ି (ଦେଖ)
Derdi — Derdhi (See)

ଦେଢ଼ୁତା—ଦେ. ବ. ପୁଂ (ସଂ. ଜ୍ୟେଷ୍ଠ ତାତ)—ପିତାଙ୍କ ଜ୍ୟେଷ୍ଠଭ୍ରାତା; ଜ୍ୟେଷ୍ଠ ତାତ; ବଡ଼ବାପା—Father's elder brother.
Derdutā
जेठा; **चाचा**
(ଦେଢ଼ୁତା—ଅନ୍ୟରୂପ) (ଜେଠେଇ—ସ୍ତ୍ରୀ)

ଦେଢ଼ୁତାପୁଅ ଭାଇ—ଦେ. ବ. ପୁଂ—ଜ୍ୟେଷ୍ଠ ତାତଙ୍କ ପୁତ୍ର ହେବା ଯୋଗୁଁ ସମ୍ପର୍କରେ ଆପଣାର ଭାଇ—One's cousin brother being the son of one's elder paternal uncle.
Derdutāpuabhāi
(ଦେଢ଼ୁତାପୁଅ ଭାଇ—ଅନ୍ୟରୂପ)
(ଦେଢ଼ୁତାଝିଅ ଭଉଣୀ—ସ୍ତ୍ରୀ)
[ଦ୍ର—ଖୁଡ଼ୀତାତଙ୍କ ପୁଅକୁ ଖୁଡ଼ୁତାପୁଅ ଭାଇ କହନ୍ତି]

ଦେଢ଼ୁତାଶୁର—ଦେ.ବ.ପୁଂ (ସଂ.ଜ୍ୟେଷ୍ଠ ଓ ଶ୍ୱଶୁର)—ଶ୍ୱଶୁରଙ୍କ ବଡ଼ଭାଇ—
Derdutāsura — Father-in-law's elder brother.
(ଦେଢ଼ୁତାଶୁର—ଅନ୍ୟରୂପ) [ଶ୍ୱଶୁରଙ୍କ ସାନ ଭାଇକୁ ଖୁଡ଼ୁତାଶୁର କହନ୍ତି ।]
(ଦେଠେଇ ଶାଶୁ—ସ୍ତ୍ରୀ)

ଦେଢ଼—ଦେ. ବଣ ଓ ବ [ସଂ. ଅଧ୍ୟର୍ଦ୍ଧ; ସାର୍ଦ୍ଧ, ଦୃର୍ଦ୍ଧ (Beams]—ଅର୍ଦ୍ଧ ଅଧିକ ଏକ; ଏକ ଏବଂ ଅଧେ—One and a half.
Derdha
देढ़; **डेढ़, डेओढ़ा**

ଦେଢଗୋଡ଼ିଆ—ଦେ. ବଣ—୧ । ଯାହାର ଗୋଟିଏ ଗୋଡ଼ ଛୋଟ—1. Lame.
Derdhagordiā

୨ । ଅଥରପା;ଅସ୍ଥିର ପାଦ—2. Of unstable footing.

ଦେଢ଼ଶୁରଭାଇବୋହୂ ଗଛ—ପ୍ରାଦେ (ଗଡ଼ଜାତ) ବ—ଲାଜକୁଳିଲତା—
Derdhasurabhāibohu gachha — The Mimosa creeper.

ଦେଢ଼ା—ଦେ. ବ—ଦେଢ଼ି (ଦେଖ)
Derdhā — Derdhi (See)

ଦେଢ଼ି, ଦେଢ଼ା; ବଣ—୧ । ଦେଢ଼ ଗୁଣ ପରମିତ; ସାର୍ଦ୍ଧ ପରମିତ—1. One and a half times as much.
देढ़ि, देढ़ा; **डेढ़ा, डेओढ़ा**

ଦେଢ଼ାଇ } ଅନ୍ୟରୂପ ୨ । ଦେଢ଼ଗୁଣରେ ହିସାବ କରାଯିବା—
ଦେଢ଼େଇ 2. Calculated at one and a half times.

ଦେଢ଼ି—ଦେ. ବି—୧ । ଦେଢ଼ଗୁଣ—1. One and a half times.
Derdhi ୨ । ବର୍ଷକେ ମୂଳଧନର ଅର୍ଦ୍ଧେ ପରିମିତ ସୁଧ ମିଳିବା
डेढ़ी ପ୍ରକାରେ ଦିଆଯିବା ଧାନ ବା ଟଙ୍କାର ଋଣ—
2. A loan by which the annual interest is half the amount of the principal or 50 per cent.
[ଦ୍ର—ଏ ଦେଶରେ ପୂର୍ବେ ଧାନ ଦେଢ଼ି ସୁଧରେ କରଜ ଦିଆ ଯାଉଥିଲା ଏବଂ ପ୍ରତି ବର୍ଷର ପ୍ରାପ୍ୟ ସୁଧର ପରିଶୋଧ ନ ହେଲେ ତାହା ମୂଳରେ ଭରଣା ହୋଇ ଆଗାମୀ ବର୍ଷକୁ ସୁଧ ମୂଳ ଉପରେ ପୁଣି ଚକ୍ରବୃଦ୍ଧି ହିସାବରେ କଷୋଟ କରି ଯାଉଥିଲା । କିନ୍ତୁ ଆଜି କାଲି ଦେଢ଼ି ରେଟରେ ସୁଧ ନିଆ ନ ଯାଇ ସାଇ (ସଉଆ) ରେଟରେ ଧାନ କରଜ ଲଗା ଯାଉଅଛି । କିନ୍ତୁ ଚକ୍ରବୃଦ୍ଧି ପ୍ରଥା ବନ୍ଦ ହୋଇ ନାହିଁ ।]
୨ । ମୂଳଧନର ଶତକଡ଼ା ବାର୍ଷିକ ୫୦ ରେଟରେ ଗଣା ଯିବା ସୁଧ—Interest calculated at 50 % per cent. per annum.
୩ । ଯେଢ଼ି; କର୍ଣ୍ଣାଳଙ୍କାରବିଶେଷ—3. A kind of ear-ring.
ପ୍ରାଦେ (ସମ୍ବଲପୁର) ବି—ବିଛଣାଗୁଦର; ମାଠ—Bed sheet.

ଦେଢ଼ି ଅଢ଼ାଇ—ଦେ.ବିଣ—୧ । ଅସମାନ—1. Unequal;uneven
Derdhi ardhai ୨ । ଯାହା ଏକ ପାଖକୁ ଆଉଜି ଥାଏ—
डगोढ़ा 2. Aslant; leaning.
(ଦେଢ଼ ଅଢ଼େଇ—ଅନ୍ୟରୂପ)
୩ । ଯେଉଁ ଚଉକି ଆଦିର ଗୋଡ଼ ଭୂମିରେ ସମାନଭାବରେ ବସେ ନାହିଁ—3. That whose legs do not sit evenly on the ground.
ବି.—ଅସମାନ ପାଦକ୍ଷେପବିଶିଷ୍ଟ ଏକପ୍ରକାର ନୃତ୍ୟ—
A kind of dance with unequal foot-steps.
ଅ.—(ସବାରୀ ଗରୁଡ଼ଙ୍କ ଡାକ)—ଅସମତଳ ଓ ଢାଲୁଆ ଓ ସଙ୍କୀର୍ଣ୍ଣ ସ୍ଥାନସୂଚକ—Uneven, sloping and narrow road.

ଦେଢ଼ିଆ—ଦେ. ବିଣ. ଓ ଅ—ଦେଢ଼ି ଅଢ଼ାଇ (ଦେଖ)
Derdhia Derdhi ardhai (See)
ପ୍ରାଦେ. (ଗଡ଼ଜାତ) ବି.—'ଗାଆଲ ନାମକ' ଗୋରୁଙ୍କର ଏକ ପ୍ରକାର ରୋଗ, (ଏ ରୋଗ ହେଲେ ଦେଢ଼ ଦିନରେ ଗୋରୁ ମରି ଯାଆନ୍ତି)—A kind of fatal cattle disease.

ଦେଢ଼ି ଧାନ—ଦେ. ବି.—ଦେଢ଼ି ସୁଧରେ କରଜ ଦିଆଯିବା ଧାନ—
Derdhi dhana Paddy advanced with interest at 50 per cent per annum.

ଦେଢ଼ି ଲଗା(ଗେ)ଇବା—ଦେ. କ୍ରି.—୧ । ଧାନକୁ ଶତକଡ଼ା ବାର୍ଷିକ ୫୦
Derdhi laga(ge)iba ସୁଧ ହିସାବରେ ଖାତକକୁ କରଜ ଦେବା—
To advance paddy at interest at 50 per cent per annum.
୨ । ନିର୍ଦ୍ଦିଷ୍ଟ ସୁଧରେ ଧାନ ପ୍ରଭୃତି ଋଣ ଦେବା—
2. To advance paddy loan on some fixed interest.

ଦେଢ଼ି ଲାଗିବା—ଦେ. ବି.—ନିର୍ଦ୍ଦିଷ୍ଟ ସୁଧରେ ଧାନ କରଜ ଦିଆଯିବା—
Derdhi lagiba Investment of paddy at 50 per cent interest.

ଦେଢ଼ି ସୁଧ—ଦେ. ବି.—ଶତକଡ଼ା ବାର୍ଷିକ ୫୦ ରେଟରେ ସୁଧ—
Derdhi sudha Interest at 50 per cent per annum.
দেড়া শুদ देढ़ासूद

ଦେଢ଼େଇ ଯିବା—ଦେ. କ୍ରି.—୧ । ଆଡ଼ ହୋଇ କଡ଼େ କଡ଼େ ଯିବା—
Derdhei jiba 1. To go or proceed sideways.
(ଦେଢ଼େଇବା—ଅନ୍ୟରୂପ) ୨ । ତେଲଙ୍ଗ ଯିବା; ଅସମତଳ ହେବା—2. To become warped or bent.

ଦେଣ୍—ଦେ. ବି. (କଟକୀଆ) (ସ. ଦା ଧାତୁ; ଦାନ, ଦେୟ)—
Den ୧ । ଋଣ—1. Debt.
(ଦେଏଣ—ଅନ୍ୟରୂପ) ୨ । ଦେବା—2. Giving.
দেন; দেনা ୩ । ଦେୟ ଧନଆଦି ଜମା ଦେବା—3. Debiting.
देन ୪ । ଦେୟ ଧନ—4. Amount payable.
ସେଇଠା ତ ବର ପିଠିରୁ ଦେଣ୍ । ଫକୀରମୋହନ. ଗଳ୍ପସ୍ୱଳ୍ପ ।
୫ । ପ୍ରଦତ୍ତ ବସ୍ତୁ—5. Any thing given away.
ବିଣ—ଦେୟ—Payable.

ଦେଣ୍ଦାର—ଦେ. ବିଣ. (କଟକୀଆ; ସ. ଦାନ+ଫା. ପ୍ରତ୍ୟୟ ଦାର୍)—
Dendar ଋଣଗ୍ରସ୍ତ—Indebted; involved in debts.
দেনাদার ବି.—୧ । ଖାତକ; ଅଧମର୍ଣ୍ଣ—1. Debtor.
देनदार ୨ । ଯାହା ଉପରେ ଅନ୍ୟ ବ୍ୟକ୍ତି ଡିଗ୍ରୀ ପାଇ ଥାଏ—2 Judg-ment-debtor.
ଦେଣାଦାର, ଦେଏଣଦାର } ଅନ୍ୟରୂପ
ଦେଣ୍ଦାରିଆ

ଦେଣ୍ଦାରି—ଦେ. ବି. (କଟକୀଆ; ସ. ଦାନ+ଫା. ପ୍ରତ୍ୟୟ ଦାର୍)—
Dendari ଋଣଗ୍ରସ୍ତ ଅବସ୍ଥା—Indebtedness; state of
দেনদারী देनदारी being involved in debt.
(ଦେଏଣଦାରି, ଦେଣାଦାରି—ଅନ୍ୟରୂପ)

ଦେଣ୍ଣେଣ୍—ଦେ. ବି. (କଟକୀଆ)—(ବିପରୀତାର୍ଥ. ସହଚର ଶବ୍ଦ; ସ. ଦା
Den nen ଧାତୁ ଓ ନୀ ଧାତୁ)—୧ । ଆଦାନ ପ୍ରଦାନ; ଦେବା
দেনালেন ନେବା—1. Giving and taking.
देनलेन ୨ । କାରବାର—2. Transaction.
ଦେଏଣ ନେଏଣ,
ଦେଏଣା ନେଏଣା, } ୩ । ପଣ୍ୟଦ୍ରବ୍ୟମାନଙ୍କ ବିନିମୟ—
ଦେଣ ନେଣ, 3. Exchange of commodities.
ଦେଣା ନେଣା,
ଦେଣା ନେଣା

୪ । ଦୁଇଜଣଙ୍କ ମଧ୍ୟରେ ଖାତକ ମହାଜନ ସମ୍ବନ୍ଧ—
4. The relationship of creditor and debtor between two persons.

୫ । ମହାଜନୀ କାରବାର —5. Loan transaction between two persons.

ଦେଣା (ଇତ୍ୟାଦି)—ଦେ. ବି. ଓ ବିଣ—ଦେଣ୍ ଇତ୍ୟାଦି (ଦେଖ)
Denā (etc) Den etc (See)

ଦେଣା କରିବା—ଦେ. କ୍ରି—ଋଣ କରିବା—To borrow; to enter into debt.
Denā karibā

ଦେଣା ପାଉଣା—ଦେ. ବି (ସହଚର ଶବ୍ଦ; ସଂ. ଦେୟ ଓ ପ୍ରାପ୍ୟ)—
Denā pāunā ୧ । ଦେୟ ଓ ପ୍ରାପ୍ୟ ଅର୍ଥ—
দেনা পাওনা; 1. Money payable and receivable.
देना पाना ୨ । ଦୁଇଜଣଙ୍କ ମଧ୍ୟରେ ହିସାବ ଚୁକାସି—
2. Settlement of accounts between two persons.

ଦେଣାରେ ବୁଡ଼ିବା—ଦେ. କ୍ରି—କରଜାରେ ଡୁବି ରହିବା; ପରିଶୋଧ
Denāre burdibā କରିବାର କ୍ଷମତାରୁ କରଜାର ପରିମାଣ
দেনায় ডুবা ବଳି ପଡ଼ିବା—To be over head and ears
देनमे डुबना in debt.

ଦେଣି—ଦେ. ବିଣ—(ସଂ. ଦେୟ; ଦାତବ୍ୟ)—୧ । ଦେୟ—
Deni 1. Payable.
দেনা; देना ୨ । ଅବଶ୍ୟଦେୟ—2. Unavoidably payable
(ଦେଏଣି—ଅନ୍ୟରୂପ) (ଯଥା—ଯାତ୍ରା ଦେଖିବାକୁ ଅସି ମତେ ପାଞ୍ଚଟଙ୍କା ଦେଣି ପଡ଼ିଲା)

ଦେ. ବି—ଦେୟ ଅର୍ଥ—1. Dues; money payable by a person.

ପ୍ରାଦେ (ବାଲେଶ୍ୱର) ବି (କତରଅ)—୧ । ଦେଣଦାର ଖାତକ—
1. Debtor.

୨ । ଅଦାଲତରେ ଯେଉଁ ଖାତକ ଉପରେ ମହାଜନର ଡିକ୍ରୀ ହୋଇଥାଏ—2. Judgment-debtor.

ଦେଣଦାଣୀ—ପ୍ରାଦେ (ସମ୍ବଲପୁର) ବିଣ—୧ । ଦାନଶୀଳ—
Denadāni 1. Liberal; open-handed.
୨ । (ବ୍ୟଙ୍ଗ)—ଅତି କୃପଣ—2. Very miserly.

ଦେଦାର୍—ଦେ. ବିଣ (ଫା) ଦଲଦସିଆ—(ଖ୍ଲେନେନ୍)—୧ । ବେଳାସ୍;
Dedār ଅତ୍ୟଧିକ; ଖୁବ୍—1. Excessive; too much.
দেদার ୨ । ପ୍ରଚୁର—2. Plentiful; copious; abundant.
बहुतायत; बेजा ୩ । ପର୍ଯ୍ୟାପ୍ତ; ଯଥେଷ୍ଟ—
(ଦେଧାର—ଅନ୍ୟରୂପ) 3. Enough; more than sufficient.
୪ । ଅଶେଷ; ଅସଂଖ୍ୟ—
4. Numberless; illimitable, countless.

ଦେଦୀପ୍ୟମାନ—ସଂ. ବିଣ (ଦୀପ୍ ଧାତୁ=ଦୀପ୍ତି ପାଇବା+ଅତିଶୟାର୍ଥେ
Dedipyamāna ଯଙ୍ ଦେଦୀପ୍ୟ ଧାତୁ+କର୍ତ୍ତୃ (ଶାନ) ମାନ—
(ଦେଦୀପ୍ୟମାନା—ସ୍ତ୍ରୀ) ଜାଜ୍ଜ୍ୱଲ୍ୟମାନ; ଅତ୍ୟନ୍ତ ଦୀପ୍ତିବିଶିଷ୍ଟ; ଚକ-ଚକିଆ—Dazzling; refulgent; resplendent; glittering.

ଦେଦେ—ଦେ.ଅ—(ଦେବାକ୍ରିୟାର ଅନାଦରାର୍ଥକ ଅନୁଜ୍ଞାରୂପ 'ଦେ'ର ଦ୍ୱିତ୍ୱ)
Dede ୧ । ଦିଅ ଦିଅ—1. Give give.
দাও দাও (ଯଥା—କେତେ ମୁଁ ଦେ ଦେ କହୁଥିବି ?)
दे दे ୨ । (ଦେଖ କ୍ରିୟା ସଂକ୍ଷିପ୍ତ ଆକାରର ଦ୍ୱିତ୍ୱ) ଦେଖିଛ ଶୁଣ—
2. Look you.

ଦେଧାନ—ଦେ. ବି—୧ । (ସଂ. ଦେବଧାନ୍ୟ) ଅ—ମକ୍କା ବା ଆଖୁପରି
Dedhāna ଧାନ୍ୟଜାତୀୟ ସରୁ ଗଛ ଓ ତହିଁର ଶସ୍ୟ; ଜୁଆରି—
দেধান 1. Broom corn; Sorghun Sacharatum;
दाधा Andropogen saccharatus.
୨ । ଯବନାଳ; ଜୁଆରି—2. Millet.

[ଦ୍ର—ବୈଦ୍ୟକ ମତରେ ଏହା ଶୀତଳ, ମଧୁର କଷାୟ ରସ, ଲୋହିତ ବର୍ଣ୍ଣ, ଶ୍ଳେଷ୍ମା ଓ ପିତ୍ତନାଶକ, ଅବୃଷ୍ୟ, ରୁକ୍ଷ, ଲଘୁ ଓ କ୍ଲେଦକାରକ । ଭାରତର ଉତ୍ତର ପଶ୍ଚିମ ଅଞ୍ଚଳରେ ଏହାର ନଡ଼ାକୁ ଗୋରୁ ଖାଆନ୍ତି ।]

ଦେନ୍—ପ୍ରାଦେ. (ସମ୍ବଲପୁର) ବି—ଦେଣ୍ (ଦେଖ)
Den Den (See)

ଦେନ୍ଦାର୍—ପ୍ରାଦେ (ସମ୍ବଲପୁର) ବି—ଦେଣଦାର—
Dendār Debtor.

ଦେନ୍ମେହ(ହେ)ର—ବୈଦେ. ବି. (ଫା. ଦେନ୍ମୋହର୍)—ବିବାହ
Denmeha(he)r ସମୟରେ ମୁସଲମାନ ସମାଜରେ ସ୍ୱାମୀ ସ୍ତ୍ରୀକୁ
দেন মোহর ଭବିଷ୍ୟତ୍ ଭରଣପୋଷଣ ନିମନ୍ତେ ଦେବା ଯୌତୁକ—
देनमोहर (Mahomedan Law) A present given at the time of marriage by the husband for her future maintenance in case the marriage be dissolved.

[ଦ୍ର—ବିବାହ ସମୟରେ ମୁସଲମାନ ସ୍ୱାମୀ ସ୍ତ୍ରୀକୁ ଯେଉଁ ନିରୂପିତ ଧନ ବା ସମ୍ପତ୍ତି ଉତ୍ସର୍ଗ କରନ୍ତି ଓ ଭବିଷ୍ୟତରେ ବିବାହ ବନ୍ଧନ ଛିନ୍ନ ହେଲେ ଯଦ୍ଦ୍ୱାରା ସ୍ତ୍ରୀ ଅନନ୍ୟାପେକ୍ଷିଣୀ ହୋଇ ନିଜର ଭରଣପୋଷଣର ବ୍ୟୟ ନିର୍ବାହ କରି ପାରିବେ ତାକୁ ଦେନ୍ମେହେର ବୋଲଯାଏ । ଏହା ୨ ପ୍ରକାର ଯଥା—୧. ଯାହା ବିବାହ ସମୟରେ ସ୍ତ୍ରୀକୁ ଅର୍ପଣ କରାଯାଏ ଓ ୨. ଯାହା ବିବାହବନ୍ଧନ ଛେଦନ ସମୟରେ ସ୍ତ୍ରୀକୁ ତତ୍କ୍ଷଣାତ୍ ଦେବାପାଇଁ ଉତ୍ସର୍ଗ ବା ଅଙ୍ଗୀକାର କରନ୍ତି ।]

ଦେନ୍ଲେନ୍—ପ୍ରାଦେ. (ସମ୍ବଲପୁର) ବି.—ଦେଣନେଣ (ଦେଖ)
Denlen Denanena (See)
(ଦେନାଲେନା—ଅନ୍ୟରୂପ)

ଦେନେୱାଲା—ପ୍ରାଦେ (ସମ୍ବଲପୁର) ବିଣ. ପୁଂ (ଭୁଲ. ହି. ଦେନେୱାଲା)
Denewālā ଦାତା; ଅକୃପଣ—Liberal-handed.

ଦେପଦ—ଦେ. ବି ('ଦିଅ' ଏହି ପଦ)—ଦାନ କରିବା ନିମନ୍ତେ ପରକୁ
Depada ଉପଦେଶ—Request made to another person to give charity.

ଦେବ ଦ୍ୟାଇବ ଦେ ପଦ ବୋଲିବ, ପଣ୍ଡିଅ ଭୂମିରେ ଗୋଧନ ଚରାଇବ ।
ଚକ୍ରଧରପଣ୍ଡା ଟୀକା ।

ଦେପା—ପ୍ରାଦେ (ପୁରୀ) ବି (ସଂ. ଦେବୀପାଦହରା)—ଭୁବନେଶ୍ୱରର ଦେବୀପାଦହରା ପୁଷ୍କରିଣୀର ସଂକ୍ଷିପ୍ତ ନାମ—Name by which the Debīpādaharā tank is called locally at Bhubaneśwara
Depā

ଦେପୂଜା—ପ୍ରାଦେ (ସମ୍ବଲପୁର) ବି—ଗ୍ରାମଦେବୀଙ୍କର ଯେଉଁ ବାର୍ଷିକ ମହୋତ୍ସବରେ ଲୋକେ ଯାଉଥିବା ଛେଳି ବା ବୋଦା-ମାନ ବଳି ଦିଅନ୍ତି—The annual festival held before a village Goddess in which victims are offered.
Depūjā
(ଦେମୂଲ୍‌ପୂଜା—ଅନ୍ୟରୂପ)

[ଦ୍ର—ଏହି ଉତ୍ସବକୁ ଦେମୂଲ୍ ପୂଜା ବା ପୂଜେଇ କହନ୍ତି ।]

ଦେବ—ସଂ. ବି. ପୁଂ (ଦିବ୍ ଧାତୁ=କ୍ରୀଡ଼ାକରିବା+କର୍ତ୍ତୃ. ଅ; ଯେ ସର୍ବଦା କ୍ରୀଡ଼ା ବା ବିଚରଣ କରନ୍ତି; ତୁଳ. ଏହି ଅର୍ଥରେ ଫ୍ରେଞ୍ଚ—ଡେଇଟେ; ପ୍ର ସିୟ—ଡେଇଷ୍ଟାଭି; ସ୍ପେନୀୟ—ଡେଇଡାଡ୍; ଇଟାଲୀୟ—ଡେଇଟା; ଲାଟିନ୍—ଡେଇଟାସ୍; ଜର୍ମାନ୍—ଡେଇଟେଟ୍; ଲିଥୁଆନୀୟ—ଦେବସ୍; ଇଂରାଜୀ—ଡେଇଟୀ; ଫା—ଦାବର୍=ଈଶ୍ୱର; ଗ୍ରୀକ୍—ଥିଓସ୍; ଲାଟିନ୍—ଡିଉସ୍)—
Deba
(ଦେବୀ—ସ୍ତ୍ରୀ)

୧ । ଈଶ୍ୱର—1. God.

୨ । ଦେବତା; ସ୍ୱର୍ଗବାସୀ—
2. Deity; Heavenly Being; Divinity.

[ଦ୍ର—ଦେବତା ଭଳେ ନୋଠ ଦେଖ ।]

୩ । ବ୍ରାହ୍ମଣ—3. A Brāhmaṇa.

୪ । ଦେବଶର୍ମା; ବ୍ରାହ୍ମଣଙ୍କର ଉପାଧି (ଏ ଉପାଧି ସାଧାରଣତଃ ବ୍ରାହ୍ମଣଙ୍କ ନାମ ପରେ ଯୁକ୍ତ ହୁଏ, ଯଥା—କାଳମଣି ଦେବ)—4. A title of Brāhmaṇas.

୫ । ରାଜା—5. A king.

୬ । ଦେଓ; ରାଜାଙ୍କ ଉପାଧି—
6. Title of kings.

୭ । ପ୍ରଭୁ; ସ୍ୱାମୀ—7. Lord; master.

୮ । (ଭକ୍ତି ଓ ସମ୍ମାନସୂଚକ) ଦେବତାଙ୍କ ପରି ପୂଜ୍ୟ ବ୍ୟକ୍ତି; ଗୁରୁଜନ—8. One's elder; a revered man (e. g. one's preceptor)
(ଯଥା—ଗୁରୁଦେବ; ପିତୃଦେବ ।)

୯ । ଦୀପ୍ତି—9. Brightness.

୧୦ । ପାରଦ; ପାରା—10. Mercury.

୧୧ । ଦେବର; ଦିଅର—
11. Husband's younger brother.

୧୨ । ପର୍ଜ୍ଜନ୍ୟ ଦେବ; ମେଘ—
12. The clouds deified.

ବିଣ—୧ । ପ୍ରଧାନ; ଶ୍ରେଷ୍ଠ—1. Chief; principal.

୨ । ପୂଜ୍ୟ—2. Revered.

୩ । ବିଜିଗୀଷୁ—3. Desirous of conquering.

୪ । ସ୍ୱାମୀ ବା ପ୍ରଭୁଙ୍କ ସ୍ଥାନ ଅଧିକାରକାରୀ—
4. Occupying the position of lord or master.

୧୩ । ପ୍ରଧାନ ବ୍ୟକ୍ତି; ଶ୍ରେଷ୍ଠ ବ୍ୟକ୍ତି (ଏହି ଅର୍ଥରେ ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହୁଏ । ଯଥା—ନରଦେବ)—
13. Principal; the head; chief person.

୧୪ । (+କରଣ. ଅ)—ଇନ୍ଦ୍ରିୟ (ପ୍ରକୃତିବାଦ)—
14. Organ of sense.

୧୫ । (+ଭାବ. ଅ)—କ୍ରୀଡ଼ା; ବିହାର—
15. Play; sport.

ଦେବ ଅଂଶୀ—ଦେ. ବିଣ. (ପୁଂ. ଓ ସ୍ତ୍ରୀ) (ସଂ. ଦେବ+ଅଂଶ)—
Deba-amśī
ଦେବଅଂଶୀ
देवअंशी
୧ । ଦେବତାଙ୍କ କଳା ଗ୍ରହଣ କରି ଜାତ (ବ୍ୟକ୍ତି)—
1. (a person) Born with some divine elements.

୨ । ଦେବତାଙ୍କ ଅବତାର ଗ୍ରହଣକାରୀ (ବ୍ୟକ୍ତି)—
2. (a person) Assuming the incarnation of a Deity.

ଦେବଅାଳ—ଦେ. ବି. (ସଂ. ଦେବ+ଅଳୟ)—
Deba-āla
দেউল
देवल
୧ । ଦେବାଳୟ; ଦେଉଳ—
1. The temple of a Deity.

ତୋ ପାଶେ ଖେଳେ ଦେବଅାଳ
ସର୍ବଦା ଭୁଞ୍ଜିବେ ନିର୍ମଳ । ଯଶୋବନ୍ତ. ତୁଳାଗୀତା ।

୨ । ଭଜନାଳୟ—2. Church.

ଦେବ ଉଠାଣ—ଦେ. ବି. (ସଂ. ଦେବ+ଉତ୍ଥାପନ; ଦେବୋତ୍ଥାନ)—
Deba uṭhāṇa
(ଦେ ଉଠାଣ—ଅନ୍ୟରୂପ)
देवठान
୧ । ଉତ୍ଥାପନ ଏକାଦଶୀ (ଦେଖ)
1. Uthāpana ekādaśī (See)

୨ । ଉତ୍ଥାପନ ଚତୁର୍ଦ୍ଦଶୀ (ଦେଖ)
2. Uthāpana chaturddaśī (See)

କାର୍ତ୍ତିକେ ଦେବ ଉଠାଣ । ଜ୍ୟୋତିଷ. ନାୟକଙ୍କ ପାଞ୍ଜି ।

ଦେବ ଋଣ—ସଂ. ବି—ମନୁଷ୍ୟ ସଂସାରରେ ଜନ୍ମଗ୍ରହଣ କରିବା ଯୋଗୁଁ ତାହାର ଦେବତାଙ୍କ ପ୍ରତି କର୍ତ୍ତବ୍ୟ କର୍ମମାନ—Acts which a man should perform as due to the Gods.
Deba ṛuṇa

[ଦ୍ର—ଯଜ୍ଞ ଓ ହୋମାଦି ସାଧନଦ୍ୱାରା ମନୁଷ୍ୟ ଦେବଋଣରୁ ମୁକ୍ତ ହୁଏ ।]

ଦେବକ—ସଂ. ବି. (ନାମ) (ଦିବ୍ ଧାତୁ+କର୍ତ୍ତୃ. ଅକ)—
Debaka
୧ । କୃଷ୍ଣଜନନୀ ଦେବକୀଙ୍କ ପିତା—
1. Name of the father of Debakī.

[ଦ୍ର—ଏ ଯଦୁବଂଶୀ ଥିଲେ । ଏହାଙ୍କର ସାତ କନ୍ୟାଙ୍କୁ ଏ ବସୁଦେବଙ୍କୁ ବିବାହ ଦେଇଥିଲେ । ଉଗ୍ରସେନ ଏହାଙ୍କ ବଡ଼ ଭାଇ —ହ. ଶବ୍ଦସାଗର ।]

୨ । ଦେବ (ହ. ଶବ୍ଦସାଗର)—2. Deity.

୩ । ଯୁଧିଷ୍ଠିରଙ୍କର ଏକ ପୁତ୍ର (ହ. ଶବ୍ଦସାଗର)
3. Name of a son of Judhishṭhira.

ସଂ. ବିଣ—କ୍ରୀଡ଼କ; କ୍ରୀଡ଼ାକାରୀ—Playing; sporting.

ଦେବ କନ୍ୟା—ସଂ. ବି. ସ୍ତ୍ରୀ—୧ । ଅପ୍ସରା—1. The heavenly nymphs of the Hindu mythologies.
Deba kanyā
(ଦେବ କନ୍ୟକା—ଅନ୍ୟରୂପ)
୨ । ଦେବୀ (ହ. ଶବ୍ଦସାଗର)—
2. Goddess.

ଦେବ କର୍ଦ୍ଦମ—ସଂ. ବି. (ମ. ପ. ଲୋ; ଦେବଯୋଗ୍ୟ କର୍ଦ୍ଦମ ତୁଲ୍ୟ
Deba karddama ପଦାର୍ଥ)—ଚନ୍ଦନ, ଅଗୁରୁ, କର୍ପୂର ଓ କୁଙ୍କୁମ ମିଶ୍ରିତ ସୁଗନ୍ଧ ଦ୍ରବ୍ୟ—A scent compounded of sandal, aloeswood, camphor etc.

ଦେବକାଞ୍ଚନ—ସଂ. ବି. (ମ. ପ. ଲୋ; ଦେବତାଙ୍କ ଯୋଗ୍ୟ କାଞ୍ଚନ)—
Debakāñchana ଏକପ୍ରକାର କଞ୍ଚନ ଫୁଲ—A kind of flower.

ଦେବ କାର୍ଯ୍ୟ—ସଂ. ବି. (୬ଷ୍ଠୀ ତତ୍; ଦେବ+କାର୍ଯ୍ୟ)—
Deba kārjya ୧ । ଦେବତାଙ୍କ କୃତ କର୍ମ—
(ଦେବ କର୍ମ—ଅନ୍ୟରୂପ) 1. An act of God.
୨ । (ମ. ପ. ଲୋ; ଦେବତାଙ୍କ ପ୍ରସାଦାର୍ଥ ଅନୁଷ୍ଠିତ କାର୍ଯ୍ୟ) ଜପ, ଯଜ୍ଞ, ପୂଜା, ଉପାସନା ଆଦି କର୍ମ—2. Religious rites; the worship of the Deities.
୩ । (ମ. ପ. ଲୋ) ଦେବତାଙ୍କ ପ୍ରୀତି ନିମନ୍ତେ କୃତ କର୍ମ—3. An act done to please the Gods.

ଦେବ କାଷ୍ଠ—ସଂ. ବି—ଏକପ୍ରକାର ଦେବଦାରୁ ଗଛ—
Deba kāshṭha A kind of fir tree.

ଦେବକିରୀ—ସଂ. ବି—ସଙ୍ଗୀତ ଦାମୋଦର ମତରେ ମେଘ ରାଗର ଏକ
Deba kirī ଭାର୍ଯ୍ୟା; ରାଗିଣୀବିଶେଷ—One of the secondary airs in Hindu music.

ଦେବକୀ—ସଂ. ବି. ସ୍ତ୍ରୀ. (ଦେବକ+ଅପତ୍ୟାର୍ଥେ ଅ+ସ୍ତ୍ରୀ+ଈ)—
Debakī ଶ୍ରୀକୃଷ୍ଣଙ୍କ ଜନନୀ—Mother of Śrikrushṇa.
[ଦ୍ର—ଏ ବସୁଦେବଙ୍କ ସ୍ତ୍ରୀ ଓ କଂସର ଭଗିନୀ ଥିଲେ। ଏହାଙ୍କ ଗର୍ଭଜାତ ଶିଶୁ ଦ୍ୱାରା ନିଜର ମୃତ୍ୟୁ ହେବ ବୋଲି କଂସ ନାରଦଙ୍କ ଠାରୁ ଅବଗତ ହୋଇ ଦେବକୀ ବସୁଦେବଙ୍କୁ କାରାଗାରରେ ବନ୍ଦୀ କରି ରଖି ଦେବକୀଙ୍କ ଗର୍ଭଜାତ ୭ଗୋଟି ଶିଶୁଙ୍କୁ ହତ୍ୟାକଲା। ଅଷ୍ଟମ ଗର୍ଭରେ ଶ୍ରୀକୃଷ୍ଣ ଜାତ ହେଲେ ଓ ଯୋଗମାୟା ବଳରେ ବସୁଦେବ ସେହି ରାତି ମଧ୍ୟରେ ତାଙ୍କୁ ଗୋପପୁରକୁ ନେଇ ନନ୍ଦଙ୍କ ଭାର୍ଯ୍ୟା ଯଶୋଦାଙ୍କ କୋଳରେ ରଖି ଯଶୋଦାଙ୍କ ଗର୍ଭଜାତା ବାଳିକାକୁ ଆଣି ଶ୍ରୀକୃଷ୍ଣଙ୍କ ଅରିଷ୍ଟ ଶଯ୍ୟାରେ ରଖିଲେ। ଉକ୍ତ ବାଳିକାକୁ କଂସ ଧରି କଚାଡ଼ିବା ବେଳେ ସେ (ଶିଶୁ ରୂପ ଧାରିଣୀ ଦୁର୍ଗା) କଂସ ହସ୍ତରୁ ଖସି ଯାଇ ଶୂନ୍ୟରେ ମିଶି ଗଲେ ଓ ଶ୍ରୀକୃଷ୍ଣ ଗୋପପୁରରେ ବଢ଼ିଲେ।]
ଦେ. ବି. ସ୍ତ୍ରୀ—ଲୋକମାନଙ୍କ ଦିଆଯିବା ନାମ—Name given to females.

ଦେବକୀ ନନ୍ଦନ—ସଂ. ବି. (୬ଷ୍ଠୀ ତତ୍; ଦେବକୀ+ନନ୍ଦନ)—ଶ୍ରୀକୃଷ୍ଣ—
Debakī nandana Śrikrushṇa.
(ଦେବକୀସୁତ, ଦେବକୀ ପୁତ୍ର—ଅନ୍ୟରୂପ)

ଦେବକୀୟ—ସଂ. ବିଣ.—(ଦେବ+ଈୟ; କ ଆଗମ; ଭୁଲ ସ୍ୱକୀୟ;
Debakīya ପରକୀୟ)—ଦେବ ସମ୍ବନ୍ଧୀୟ (ହି. ଶବ୍ଦସାଗର)—Relating to the Deity.

ଦେବ କୁଣ୍ଡ—ସଂ. ବି. (ମ. ପ. ଲୋ; ଦେବକୃତ କୁଣ୍ଡ)—
Deba kuṇḍa ଦେବ ଖାତ (ଦେଖ)
Deba khāta (See)

ଦେବକୁଳ—ସଂ. ବି. (ଦେବ+କୁଳ=ଆଳୟ)—ଦେଉଳ—
Debakuḷa 1. Temple.
[ଦ୍ର—ଦେବକୁଳର ଦ୍ୱାର ଅନ୍ୟ ଦେବାଳୟମାନଙ୍କ ଦ୍ୱାର ଅପେକ୍ଷା ସାନ—ହି ଶବ୍ଦସାଗର।]
୨ । ବଂଶ—2. Family.
୩ । ସମୂହ—3. Collection.
୪ । ଦେବଗଣ—4. A number of Deities.

ଦେବକୁଲ୍ୟା—ସଂ. ବି.—୧ । ଦେବ ନଦୀ; ଗଙ୍ଗା—
Debakulyā 1, The Ganges.
୨ । ମରୀଚି ଋଷି ଓ ପୂର୍ଣ୍ଣିମାଙ୍କ କନ୍ୟା—2. Name of a daughter of Sage Marichi.

ଦେବକୁସୁମ—ସଂ. ବି.—(ମ. ପ. ଲୋ; ଦେବ=ଦେବତା ଯୋଗ୍ୟ+
Deba kusuma କୁସୁମ=ଫୁଲ)—ଲବଙ୍ଗ—Cloves.

ଦେବ କୂଟ—ସଂ. ବି.—୧ । ଦେବମାୟା—1. Illusion created
Deba kūṭa by the Gods.
୨ । ମହାଭାରତୋକ୍ତ ବଶିଷ୍ଠାଶ୍ରମ ସମୀପସ୍ଥ ତୀର୍ଥବିଶେଷ—2. Name of a holy place.
୩ । କୁବେରଙ୍କ ଆଠ ପୁତ୍ର ମଧ୍ୟରୁ ଏକ—3. Name of one of the eight sons of Kubera.
[ଦ୍ର—ଏ ଶିବ ପୂଜା ପାଇଁ ନେଉଥିବା ପଦ୍ମଫୁଲକୁ ଶୁଙ୍ଘିବାରୁ ଶିବଙ୍କ ଅଭିଶାପରୁ ଏ କଂସର ଭାଇ ହୋଇ ଜନ୍ମ ଲଭିଲେ ଓ କୃଷ୍ଣଙ୍କ ଦ୍ୱାରା ନିହତ ହୋଇ ମୋକ୍ଷ ଲାଭ କଲେ।]

ଦେବ କେଶର—ସଂ. ବି. (ବହୁବ୍ରୀହି; ଦେବ=ଶ୍ରେଷ୍ଠ ଅଟେ କେଶର
Deba kesara ଯାହାର)—ସୁରପୁନ୍ନାଗ; ନାଗ କେଶର—Mesua Ferra (flower).

ଦେବ ଖାତ—ସଂ. ବି.—(ତୃତୀୟା ତତ୍; ଦେବତାଙ୍କଦ୍ୱାରା ଖାତ=
Deba khāta ଖନିତ; ଯାହାକୁ ମନୁଷ୍ୟ ଖୋଳି ନ ଥାଏ)—ଅକୃତ୍ରିମ ଜଳାଶୟ; ପ୍ରାକୃତିକ ପୁଷ୍କରଣୀ—A lake; a natural reservoir of water.
ଦେବ ଖାତ ପଦେ ସରସୀ ଉର୍ଦ୍ଧେ ହଂସେ ଖେଳନ୍ତି। ଗୋଲକ. ଉର୍ଦ୍ଧ୍ୱରେଖା।

ଦେବଗଡ଼—ଦେ. ବି. (ନାମ)—ଓଡ଼ିଶାର ଗଡ଼ଜାତ ବାମଣ୍ଡା ରାଜ୍ୟର
Debagarḍa ରାଜଧାନୀ—The capital of Bamra State
(ଦେଓଗଡ଼—ଅନ୍ୟନାମ) in Orissa.
[ଦ୍ର—କାଳିଦାସଙ୍କ ମେଘଦୂତବର୍ଣ୍ଣିତ 'ରାମଗିରି'କୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଆଧୁନିକ ଦେବଗଡ଼ ନିକଟସ୍ଥ ପର୍ବତ ବୋଲି ସ୍ଥିର କରିଅଛନ୍ତି।]

ଦେବଗଣ—ସଂ. ବି. (୬ଷ୍ଠୀ ତତ୍; ଦେବ+ଗଣ)—୧ । ଦେବ ସମୂହ—
Debagaṇa 1. The Gods.
୨ । (ଜ୍ୟୋତିଷ) ଦେବ ପ୍ରକୃତିରେ ଜନ୍ମ ହୋଇଥିବା ବ୍ୟକ୍ତି—2. (Astrology) A person born with the nature of the Gods.
୩ । ଦେବତାମାନଙ୍କ ବର୍ଗ—3. A group of Deities.
[ଦ୍ର—ଏ ଦେବତାମାନଙ୍କୁ ଗଣଦେବତା ବୋଲାଯାଏ। ଗଣଦେବତା ତଳେ ନୋଟ୍ ଦେଖ।]

୪ । (ଫଳିତ ଜ୍ୟୋତିଷ) ନକ୍ଷତ୍ରମାନଙ୍କର ସମୂହ, ଯଥା—ଅଶ୍ୱିନୀ, ରେବତୀ, ପୁଷ୍ୟା, ସ୍ୱାତୀ, ହସ୍ତା, ପୁନର୍ବସୁ ଅନୁରାଧା, ମୃଗଶିରା ଓ ଶ୍ରବଣା ଅନ୍ତର୍ଗତ ଅଟନ୍ତି (ହି. ଶ)-
4. (astrology) A group of constellations consisting of the Ist. 27th, 8th, 15th, 13th, 7th, 17th, 5th, and 22nd asterisms.

୫ । କୌଣସି ଦେବତାଙ୍କ ଅନୁଚର (ହି. ଶବ୍ଦସାଗର)
5. An attendant of a Deity.

ଦେବ ଗଣିକା—ସଂ. ବି.—ଅପ୍ସରାଃ—The heavenly nymphs
Deba ganikā of the Hindu mythology.

ଦେବ ଗତି—ସଂ. ବି.—୧ । ମୃତ୍ୟୁ ପରେ ସ୍ୱର୍ଗ ଲାଭ—
Deba gati 1. The attainment of heaven after one's death.

୨ । ମୃତ୍ୟୁ ପରେ ଦେବଯୋନି ପ୍ରାପ୍ତି (ହି. ଶବ୍ଦସାଗର)
2. Birth amongst the Gods after death.

ଦେବ ଗର୍ଜନ—ସଂ. ବି.—ଘଡ଼ଘଡ଼ି—
Deba garjjana Peal of thunder.

ଦେବ ଗର୍ଭ - ସଂ. ବିଣ.—ଯେଉଁ ମନୁଷ୍ୟ କୌଣସି ଦେବତାଙ୍କ ଔରସରୁ
Deba garbha ଉତ୍ପନ୍ନ ହୋଇଅଛନ୍ତି (ଯଥା—ସୂର୍ଯ୍ୟଙ୍କ ଔରସରୁ ଉତ୍ପନ୍ନ କର୍ଣ୍ଣ)—(a person) Said to be begotton by a Deity.

ଦେବଗାନ୍ଧାର—ସଂ. ବି—ଭୈରବ ରାଗର ପୁତ୍ର; ସମ୍ପୂର୍ଣ୍ଣ ଜାତିର ରାଗ-
Debagāndhāra ବିଶେଷ—Name of a Hindu musical air.

[ଦ୍ର—ଏଥିରେ ଋଷଭ, ଧୈବତ ଓ କୋମଳ ସ୍ୱର ଲାଗେ; ଏଥିର ସ୍ୱରଗ୍ରାମ ଗ ମ ପ ଧ ନି ସା ।]

ଦେବଗାନ୍ଧାରୀ—ସଂ. ବି—ଶିଶିର ଋତୁର ଦିନ ୧ମ ପ୍ରହରଠାରୁ ଅର୍ଦ୍ଧରାତ୍ର
Debagāndhārī ପର୍ଯ୍ୟନ୍ତ ଗେୟ ଶ୍ରୀରାଗର ଭାର୍ଯ୍ୟା ରାଗିଣୀବିଶେଷ—Name of a secondary tune in Hindu music.

ଦେବ ଗାୟକ—ସଂ. ବି—ଗନ୍ଧର୍ବ (ଦେଖ)
Deba gāyaka Gandharba (See)
(ଦେବଗାୟନ—ଅନ୍ୟରୂପ)

ଦେବ ଗିରି—ଦେ. ବି. (ଷଷ୍ଠୀ ତତ୍; ଏହି ପର୍ବତରେ ବହୁ ଦେବମୂର୍ତ୍ତିଙ୍କର
Deba giri ସମାବେଶ ହେତୁ ଏହି ନାମ)—୧ । ସାନ୍ତାଳ ପ୍ରଗନ୍ନା ଅନ୍ତର୍ଗତ ଦେଓଘର; ବାବା ବୈଦ୍ୟନାଥଙ୍କ ଅଧିଷ୍ଠିତ ପାହାଡ଼-
1. Deoghar; a town in the Santal Pergannahs; the seat of BābāBaidyanātha.

୨ । ମଧ୍ୟଭାରତବର୍ଷରେ ଅବସ୍ଥିତ ପର୍ବତ; କାଳିଦାସଙ୍କ ମେଘଦୂତ ବର୍ଣ୍ଣିତ ରାମଗଡ଼—
2. Name of a range of hills in Central India.
ହର ଶୈଳ କନ୍ୟା ଦେବଗିରି ପ୍ରାନ୍ତ ବିହାର ସ୍ଥଳ—ରାଧାନାଥ. ଋତୁ ।

[ଦ୍ର—ଏହା କାର୍ତ୍ତିକେୟଙ୍କର ପ୍ରିୟ ବାସଭୂମି ବୋଲି ସ୍କନ୍ଦ ପୁରାଣରେ ଉଲ୍ଲିଖିତ ଅଛି ।]

୩ । ଦାକ୍ଷିଣାତ୍ୟର ଏଲୋରା ନାମକ ପାହାଡ଼—
3. The Ellorā hills in South India.

୪ । ବାଲେଶ୍ୱରର ମଙ୍ଗଳପୁର ଇଲାକାସ୍ଥ ବେଣ୍ଟୀ ପାହାଡ଼—
4. Name of a hill in the district of Balasore.

୫ । ଦାକ୍ଷିଣାତ୍ୟ ଦେଶରେ ନିଜାମ ରାଜ୍ୟର ଅନ୍ତର୍ଗତ ପ୍ରାଚୀନ ନଗର ଓ ଦୁର୍ଗ (ବର୍ତ୍ତମାନ ଏହାକୁ ଦୌଲତାବାଦ କହନ୍ତି । ଏହା ଯାଦବ ରାଜାମାନଙ୍କର ବହୁକାଳ ପର୍ଯ୍ୟନ୍ତ ରାଜଧାନୀ ଥିଲା—ପ୍ରକୃତିବାଦ)—
5. Name of an ancient town and fort in Southern India; them odern Daulatābād.

୬ । ଗୁଜୁରାଟର ରୈବତକ ପର୍ବତ; ଗିର୍ଣ୍ଣାର ପାହାଡ଼—(ହି. ଶବ୍ଦସାଗର)—
6. The Girnar hills in the Gujarāta.

ଦେବଗୁଡ଼ି—ପ୍ରାଦେ. (ସମ୍ବଲପୁର) ବି—ଦେବାଳୟ; ଦେଉଳ—
Debagurdi Temple of a Deity.

ଦେବ ଗୁରୁ—ସଂ. ବି. (୬ଷ୍ଠୀ ତତ୍; ଦେବ+ଗୁରୁ)—
Deba guru ୧ । ବୃହସ୍ପତି; ସୁରାଚାର୍ଯ୍ୟ—1. Bṛuhaspati; the spiritual precepter of the Gods.

୨ । (ଦେବତାମାନଙ୍କ ପିତା) କଶ୍ୟପଋଷି (ହି. ଶବ୍ଦସାଗର) —
2 The sage Kaśyapa.

ଦେବଗୃହ—ସଂ. ବି. (୬ଷ୍ଠୀ ତତ୍; ଦେବ+ଗୃହ)—୧ । ଦେବାଳୟ—
Debagṛuha 1. Temple.

୨ । ବାବା ବୈଦ୍ୟନାଥ ଧାମ; ଦେଓଘର—
2. Bābā Baidyanātha; Deoghara.

୩ । ସୂର୍ଯ୍ୟମଣ୍ଡଳ ଓ ଚନ୍ଦ୍ରମଣ୍ଡଳ ପ୍ରଭୃତି (ପ୍ରକୃତିବାଦ)—
3. The solar and the lunar orbs.

ଦେବ ଚର୍ଯ୍ୟା—ସଂ. ବି—୧ । ଦେବ ପୂଜା (ଦେଖ)
Deba charjyā Deba pūjā (See)

୨ । ଦେବ ଚରିତ—2. The story of a God.

ଦେବ ଚିକିତ୍ସକ—ସଂ. ବି. (୬ଷ୍ଠୀ ତତ୍; ଦେବ+ଚିକିତ୍ସକ)—
Deba chikitsaka ୧ । ଅଶ୍ୱିନୀକୁମାର ଦ୍ୱୟ—
1. The twin sons of Aświni said to be the physicians of the Gods.

୨ । ଧନ୍ୱନ୍ତରି (ଦେଖ)—
2. Dhanwantarī (See)

ଦେବ ଜଗ୍ଧ—ସଂ. ବି—କାତୃଣ (ଦେଖ)
Deba jagdha Kātṛuṇa (See)

ଦେବ ଜନ—ସଂ. ବି—ଦେବତୁଲ୍ୟ ବ୍ୟକ୍ତି—
Deba jana 1. A man of saintly nature.

୨ । ରାଜା—2. King.

୩ । ଗନ୍ଧର୍ବ—3. A class of divine charisters according to Hindu mythology.

ଦେବଟ—(ଦିବ୍ ଧାତୁ. କ୍ରୀଡ଼ା କରିବା+କର୍ତ୍ତୃ. ଅଟ)—ଶିଳ୍ପୀ;
Debaṭa ଶିଳ୍ପକର—Artist.

ଦେବ ତରୁ—ସଂ. ବି—୧ । ପାରିଜାତ ବୃକ୍ଷ—
Deba taru 1. The Pārijāta tree.
୨ । ସ୍ୱର୍ଗସ୍ଥ ବୃକ୍ଷ—2. A tree of the heaven.
୩ । ଇନ୍ଦ୍ରଙ୍କ ଉଦ୍ୟାନରେ ଥିବା ୫ଗୋଟି ସ୍ୱର୍ଗୀୟ ବୃକ୍ଷ—
3. Five mythological trees said to belong to the garden of Indra in Heaven.
(ପଞ୍ଚଦେବ ତରୁ; ଯଥା—ମନ୍ଦାର, ପାରିଜାତ, ସନ୍ତାନ, କଳ୍ପବୃକ୍ଷ ଓ ହରିଚନ୍ଦନ ।)
୪ । ଅଶ୍ୱତ୍ଥଗଛ—4. The holy fig tree.

ଦେବ ତର୍ପଣ—ସଂ. ବି. (୬ଷ୍ଠୀ ତତ୍; ଦେବ+ତର୍ପଣ)—ବ୍ରହ୍ମା, ବିଷ୍ଣୁ,
Deba tarapana ମହେଶ୍ୱର ଆଦିଙ୍କ ନାମ ଗ୍ରହଣପୂର୍ବକ ସେମାନଙ୍କ ଉଦ୍ଦେଶ୍ୟରେ ଜଳାଞ୍ଜଳି ଦାନ—Oblations of water offered to the Deities

ଦେବତା—ସଂ. ବି. (ଦେବ+ସ୍ୱାର୍ଥେ ତା; ଅଥବା ଦେବ=କ୍ରୀଡ଼ା+
Debatā ତନ୍ ଧାତୁ=ବିସ୍ତାର କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ; ଯେଉଁମାନେ କ୍ରୀଡ଼ା ବିସ୍ତାର କରନ୍ତି ବା ବିହାର କରନ୍ତି; ତୁଳ. ଇଂ. ଡେଇଟୀ; ଫ୍ରେଂ. ଡେଇଟେ; ସ୍ପେ. ଡେଇ-ଡାଡ୍; ଲା. ଡେଇଟାସ୍; ଜର୍ମାନ୍. ଡେଇଟେଟ୍; ଲିଥୁଆନ୍ୟ. ଡେବସ—ସ୍କାନେନ୍ଦ୍ର)—ଠାକୁର; ଦେବ; ସୁର—Deity.

[ଦ୍ର—ଋଗ୍ବେଦରେ ଇନ୍ଦ୍ର, ଅଗ୍ନି, ବରୁଣ, ଅଦିତି, ବାୟୁ, ପ୍ରଜାପତି, ଜଳ, ବିଷ୍ଣୁ, ସବିତା ପ୍ରଭୃତି ୩୩ ଦେବତାଙ୍କର ନାମ ଅଛି । ଅନ୍ୟ ବେଦରେ ମଧ୍ୟ ସେମାନଙ୍କ ନାମ ଅଛି । ଅଥର୍ବ ବେଦରେ ଯମ, ମୃତ୍ୟୁ, କାଳ ପ୍ରଭୃତି ଅନ୍ୟ କେତେକ ଦେବତାଙ୍କର ନାମ ଅଛି । ବୈଦିକ ଦେବତାମାନେ ପ୍ରଧାନତଃ ଦୁଇ ଶ୍ରେଣୀରେ ବିଭକ୍ତ ଯଥା—୧-ସ୍ତୋତ୍ରାଙ୍ଗ ଦେବତା, ଅର୍ଥାତ୍ ଯେଉଁମାନଙ୍କ ମହିମା ବର୍ଣ୍ଣନା କରି ସ୍ତୋତ୍ର ପାଠ କରାଯାଏ; ଏବଂ ୨-ଯାଗାଙ୍ଗ ଦେବତା ଅର୍ଥାତ୍ ଯେଉଁମାନଙ୍କ ଉଦ୍ଦେଶ୍ୟରେ ଘୃତାଦି ଆହୁତି ପ୍ରଦାନ କରାଯାଏ । ପୁରାଣରେ ଦେବତାମାନଙ୍କ ସଂଖ୍ୟା ୩୩ କୋଟି ବୋଲି ପ୍ରସିଦ୍ଧ । ଏମାନେ ସ୍ୱର୍ଗରେ ଥାଆନ୍ତି । ଇନ୍ଦ୍ର ଦେବତାମାନଙ୍କ ମଧ୍ୟରେ ରାଜା]

ଦେ. ବି—ପନିଅରି ବ୍ରାହ୍ମଣମାନଙ୍କ ବଂଶୋପାଧି—
family title of vegetable-growing Brāhmaṇas.

[ଦ୍ର—ଏହି ଉପାଧିବିଶିଷ୍ଟ କେତେକ ବ୍ରାହ୍ମଣ ପରିବାର କଟକର ଦକ୍ଷିଣ ପୂର୍ବ ଝିଙ୍କିରିଆ ଗ୍ରାମରେ ଅଛନ୍ତି । ଏମାନଙ୍କୁ ଲକ୍ଷ୍ୟ କରି ସେ ଅଞ୍ଚଳରେ ଗୋଟିଏ ଢଗ ପ୍ରଚଳିତ ଅଛି—"ଘଣ୍ଟ ନାହିଁ ମାଦଳ ନାହିଁ ଝିଙ୍କିରିଆ ଦେବତା" । ଆହୁରି ମଧ୍ୟ ପ୍ରବାଦ ଅଛି ଯେ ଏମାନଙ୍କର ପୂର୍ବ ବଂଶଧରମାନେ ଆଗେ ଘର ଛପର କରୁଥିଲେ । ସେମାନେ 'ଦେ—ବତା' ବୋଲି କହୁ ଥିବାରୁ ସେମାନଙ୍କର ଉପାଧି ଦେବତା ହୋଇ ଯାଇଅଛି ।]

ଦେବତାର୍ଡ୍ଡ—ସଂ. ବି—୧ । ସବୁ ଗ୍ରହ—
Debatārda 1. The ascending node.
ଦେବତାର୍ଡ୍ଡ ଭୂକେ, ଭବତି ଦେବ ଛୁବ ବୃଷ୍ଟି ଉର୍କେ ।
ଭଦ୍ର- କୋଷ୍ଟପ୍ରଦୀପଧ୍ୱଜ ।

୨ । ବାର ବରଷିଆ ଗଛ (ହି. ଶବ୍ଦସାଗର)—
2. Agave.
୩ । ମେଘ (ପ୍ରକୃତିବାଦ)—3. Cloud.
୪ । ଦେବଦାଲୀ (ଦେଖ)—4. Debadāli (See)
୫ । ଅଗ୍ନି (ପ୍ରକୃତିବାଦ)—5. Fire.

ଦେବତା ଦୃଷ୍ଟି—ସଂ. ବି—ଅପଲକ ଦୃଷ୍ଟି—
Debatā drushti Winkless eye.
ଦେବତା ଦୃଷ୍ଟି ପରି ତାଙ୍କ ଦୃଷ୍ଟି ବଳ । କୃଷ୍ଣସିଂ- ମହାଭାରତ. ବନ ।

ଦେବତା ବୃକ୍ଷ—ଦେ. ବି. (ସ. ଦେବଦାଲୀ)—
Debatā bruksha ଦେବଦାଲୀ (ଦେଖ) (ହରେକୃଷ୍ଣ ଦ୍ରବ୍ୟଗୁଣ)
Debadāli (See)

ଦେବତାମଣି—ସଂ. ବି. (ବୈଦ୍ୟକ)—ମହାମେଦା (ଦେଖ)
Debatāmani Mahāmedā (See)

ଦେବତୀ—ସଂ. ବି. ସ୍ତ୍ରୀ. (ସ. ଦେବତା)—ଦେବୀ—
Debatī Goddess.
ଏତେ ବୋଲି ମନେ ଭୟ ହୋଇଲେ ତାହାର
ଦେବତୀ ବସିଲେ ହୃନ୍ମନ୍ତ କନ୍ଦର । ସାରଳା, ମହାଭାରତ, ପୂର୍ବ ଖଣ୍ଡ ।

ଦେବ ତୀର୍ଥ—ସ. ବି—୧ । ଦେବପୂଜାପାଇଁ ଉପଯୁକ୍ତ ସମୟ (ହି ଶ.)—
Deba tīrtha 1. Proper time for worshipping a Deity.
୨ । ବୃଦ୍ଧାଙ୍ଗୁଳିକୁ ଛାଡ଼ି ଅନ୍ୟ ଅଙ୍ଗୁଳିମାନଙ୍କ ଅଗ୍ରଭାଗ—
2. The ends of all the fingers except the thumb.
[ଦ୍ର—ଏହି ବାଟେ ସଙ୍କଳ୍ପ ବା ଦେବତର୍ପଣ ସମୟରେ ହାତରୁ ଜଳ ତଳକୁ ଛଡ଼ାଯାଏ ।

ଦେବତ୍ତ—ସ. ବି—ଦେବଦତ୍ତ (ହି. ଶବ୍ଦସାଗର) (ଦେଖ)
Debatta Debadatta (See)

ଦେବତ୍ତର (ଇତ୍ୟାଦି)—ଦେ.ବିଣ. ଦେବୋତ୍ତର ଇତ୍ୟାଦି (ଦେଖ)
Debattara (etc) Debottara etc. (See)

ଦେବତ୍ୱ—ସ. ବି. (ଦେବ+ଭାବେ. ତ୍ୱ)—
Debatwa ୧ । ଦେବଭାବ—1. Divine nature
୨ । ଦେବତାଙ୍କ ଐଶ୍ୱର୍ଯ୍ୟ—2. Divinity.

ଦେବତ୍ର—ସ. ବିଣ (ଦେବ+ତ୍ରୈ ଧାତୁ=ପାଳନ କରିବା+କର୍ତ୍ତୃ. ଅ)—
Debatra ଖଞ୍ଜା; ଦେବତାଙ୍କ ସେବା କମନ୍ତେ ପ୍ରଦତ୍ତ (ଭୂମି ପ୍ରଭୃତି)
Dedicated to the service of Gods.

ଦେବତ୍ରୟୀ—ସ. ବି (ଦେବ+ତ୍ରୟୀ)—ତିନି ଦେବତାଙ୍କ ସମାହାର
Debatrayī (ବ୍ରହ୍ମା, ବିଷ୍ଣୁ ଓ ଶିବ)—The Hindu Trinity.

ଦେବଦତ୍ତ—ସ. ବିଣ (ଦେବ+ଦତ୍ତ)—୧ । (୩ୟା ତତ୍) ଦେବତାଙ୍କ
Debadatta ଅନୁଗ୍ରହରୁ ପ୍ରାପ୍ତ—1. Given by the Gods.
୨ । (୪ର୍ଥୀ ତତ୍)—ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ—
2. Given or dedicated to the Gods.
୩ । ଅର୍ଜୁନଙ୍କ ଶଙ୍ଖ—
3. Name of Arjuna's conch.

ଦେବତାମାନେ ମୋତେ ଦେବାରୁ ଶଙ୍ଖ
ଦେବଦତ୍ତ ନାମ ଯାହାର କରଣିଙ୍କ—କୃଷ୍ଣୋକ୍ତି ମହାଭାରତ. ବନ।

୪। ଶରୀରସ୍ଥ ବାୟୁବିଶେଷ (ଏଥିଯୋଗୁଁ ମନୁଷ୍ୟ ହାଇ ମାରେ)
4. One of the vital airs of the body.

୫। ଅଷ୍ଟକୁଳ ନାଗମାନଙ୍କ ମଧ୍ୟରୁ ଏକ—
5. Name of one of the eight mythological serpents of the quarters of the globe.

୬। ବୁଦ୍ଧଦେବଙ୍କ ଖୁଡ଼ୁତାପୁଅ ଭାଇ ରାଜକୁମାର—
6. Name of a prince, cousin of the Buddha.

[ଦ୍ର—ଏ ବାଲ୍ୟକାଳରେ ବୁଦ୍ଧଙ୍କ ସଙ୍ଗେ ପ୍ରତିପାଳିତ ହୋଇଥିଲେ। କିନ୍ତୁ ପରେ ତାଙ୍କ ପ୍ରତି ବିଶେଷ ଶତ୍ରୁତା କରି ଅକୃତକାର୍ଯ୍ୟ ହୋଇଥିଲେ—ହି. ଶବ୍ଦସାଗର।]

ଦେବ ଦର୍ଶନ—ସଂ. ବି. (୬ଷ୍ଠୀ ତତ୍; ଦେବ + ଦର୍ଶନ)—
Deba darśana
୧। ଦେବ ମୂର୍ତ୍ତିକୁ ଦେଖିବା—
1. A visit to the image of a Deity.
୨। (ଦେବ + ଦୃଶ୍ ଧାତୁ + କର୍ତ୍ତୃ. ଅନ)—ଦେବ ଦର୍ଶକ—
2. One who goes to visit a Deity.

ଦେବଦଳନ—ଦେ. ବି. (ନାମ)—୧। ଇନ୍ଦ୍ରଜିତର ରଥ—
Debadaḷana
1. Name of Indrajita's car.
ବସନ୍ତି ସେ ବନମାଳ ମାନବଶେ ଦେବଦଳନ ରଥାଭ ସେ।
ଉପେନ୍ଦ୍ର. ବୈଦେହୀଶବିଳାସ।

[ଦ୍ର—ଇନ୍ଦ୍ରଜିତ ବର ପ୍ରଭାବରୁ ନିକୁମ୍ଭିଳା ବଟ ତଳେ ବସି ତପସ୍ୟା କରି ସାରିଲା ପରେ ଯଜ୍ଞକୁଣ୍ଡରୁ ଏହି ରଥ ବାହାରି ଥିଲା। ଏହି ରଥରେ ଚଢ଼ି ଯୁଦ୍ଧ କରି ସେ ସମସ୍ତଙ୍କୁ ପରାଜୟ କରି ପାରୁଥିଲା।]

୨। ଦେବୀରଥ (ଦେଖ)—2. Debiratha (See)

ଦେବଦାଲ୍ଲୀ—ସଂ. ବି—ବଡ଼ ତୋରଡ଼ା (ହି. ଶବ୍ଦସାଗର)—
Debadāni
A big variety of Luffa.

ଦେବଦାରୁ—ସଂ. ବି. (ମ. ପ. ଲୋ. କର୍ମଧା; ଦେବପ୍ରିୟ ଦାରୁ)—
Debadāru
ସ୍ୱନାମ ପ୍ରସିଦ୍ଧ ଦୀର୍ଘ ବୃକ୍ଷ—The Deodar; the Cedar; Cedrus Deodara; Pinus Deodara; Gnateria Longifolia; the Mast tree; Pinus Longifolia (Haines); Pinus Deodara or Cedrus Lebani, Polyanthea Longifolia.

ସଂ. ଦାରୁଭଦ୍ର, ଦାରୁ, ଦେବକାଷ୍ଠ, ଦାରୁକ, ସ୍ନିଗ୍ଧଦାରୁ, ସୁଗନ୍ଧ, ଇନ୍ଦ୍ରଦାରୁ, ମସ୍ତଦାରୁ, ପୀତ୍ରଦାରୁ, ଦ୍ରୁକିଲିମ, କିଲିମ, ଶକ୍ରପାଦପ, ସୁରଭୂରୁହ, ସରଳ, ସୁରଦାରୁ, ଅମରଦାରୁ, ଭୂତହାରୀ
ଶାଂଭବ; ପୂତିକାଷ୍ଠ
দেবদারু; দেবদা
देवदारु, देवदारी, देवदार, दियार
ମ. ଡେଲ୍ମା, ଦେବଦାର୍
ଗୁ. ଦେବଦାର
ତେ. ଦେବ୍ଦାରୁ ଚେକ୍କା, ଅଶୋକ, ଅଶୋକମ
(Kirtikar)
ଫା. ଦେବଦାର
ଅ. ଭୁଲ୍ଲୀନ୍

[ଦ୍ର—ଏହା ଭାରତର ସବୁଠି ଜନ୍ମେ। ଗଛ ଅତି ସୁନ୍ଦର ଓ ସିଧା, ଉଚ୍ଚରେ ୧୫୦ ହାତ ପର୍ଯ୍ୟନ୍ତ ବଢ଼େ। ପତ୍ର ସରୁ ଓ ଲମ୍ବ, ଡାଳଗୁଡ଼ିକ ମଧ୍ୟ ଲମ୍ବା। ବକଳା ଖୁବ୍ ମୋଟା। କାଠ ଈଷତ୍ ହଳଦିଆ। ପତ୍ରଗୁଡ଼ିକ ୬ ଇଞ୍ଚରୁ ୯ ଇଞ୍ଚ ପର୍ଯ୍ୟନ୍ତ ଲମ୍ବ ହୁଏ। ଫୁଲ ନେଳ ଓ ହଳଦିଆ ମିଶା ଓ ଫଳ ନେଳିଆ, ପାଚଲେ କଳା ଦେଖା ଯାଏ। ଏହା ଦୁଇ ପ୍ରକାର; ଯଥା—ସ୍ନିଗ୍ଧ ଦେବଦାରୁ ଓ କାଷ୍ଠ ଦେବଦାରୁ। ବୈଦ୍ୟଶାସ୍ତ୍ର ମତରେ ଏହା ଲଘୁ, ସ୍ନିଗ୍ଧ, ତିକ୍ତ, ଉଷ୍ଣବୀର୍ଯ୍ୟ ଓ କଟୁ ବିପାକ। ଏହା ବିବନ୍ଧ, ଆଧ୍ମାନ, ଶୋଥ, ଆମଦୋଷ, ତନ୍ଦ୍ରା, ହିକ୍କା, ଜ୍ୱର, ରକ୍ତଦୋଷ, ପ୍ରମେହ, ପୀନସ, ଶ୍ଳେଷ୍ମା, କାଶ, କଣ୍ଡୁ ଓ ବାତନାଶକ। ଏ ବୃକ୍ଷ ସାଧାରଣତଃ ଛାୟାପ୍ରଦ ହେବାରୁ ରାସ୍ତାକଡ଼ରେ ଲଗାଯାଏ। ପତ୍ରରେ ଘର ଆଦି ସଜ୍ଜିତ କରାଯାଏ। ମଞ୍ଜି ଗୋଲମରିଚ ସହିତ ଘୋର ବର୍ଷା ଛୁଟୁଥିବା ସମୟରେ ଲଗାଇଲେ ତାହା ବସିଯାଏ। ପୃଥିବୀର ଭିନ୍ନ ଭିନ୍ନ ଅଞ୍ଚଳରେ ଅନେକ ଜାତିର ଦେବଦାରୁ ଗଛ ଜନ୍ମେ। ପୁରୁଣା ଗଛର କାଠ କୋଠା ଆଦିରେ ଲାଗେ ଓ ୪୦୦, ୫୦୦ ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ହୁଏ।]

ଦେବଦାଲୀ—ସଂ. ବି—ତରଡ଼ା ବା ଜହ୍ନିଜାତୀୟ ଏକପ୍ରକାର ଲତାଫଳ—
Debadāḷi
Bristly Luffa; Luffa Echinate; Andropogen Serratus.

ସଂ. ଦେବତାଡ଼, ବେଣୀ, କଣ୍ଟଫଳା, କଦମ୍ବା, କର୍କଟୀ, ଗରାଗରୀ, ଘୋଷା, ଦୃଢ଼କୋଶ, ଜୀମୁତ, ଘୋରା, କଠଫଳା, ବିଷହା, ବିଷଘ୍ନୀ, ଆଖୁବିଷହା, ସହା
ঘোষা
बिदाली, सोनैया, घघरबेल
ଗୁ. କୁକଡ଼ବେଲୀ
ମ. ଦେବଦାଲୀ, ଦେବଡାଙ୍ଗର ଫଳ
ତେ. ଡାଡ଼ରଙ୍ଗଡ଼ି ଫା. ବନ୍ଦାଲ

[ଦ୍ର—ଏହା ତିକ୍ତରସ, ବମନକାରକ, ତୀକ୍ଷ୍ଣ ଏବଂ କଫ, ଶୋଥ, ବାତ, ଅର୍ଶ, ପାଣ୍ଡୁ, ହିକ୍କା, କୃମି, ଜ୍ୱର, ଗୁଳ୍ମ, ଶୂଳ, ଶ୍ଳେଷ୍ମାନାଶକ। ଅନ୍ୟ ପ୍ରକାର ଦେବଦାଲୀ ପୀତ ବର୍ଣ୍ଣ। ଏହାର ସଂ. ନାମ—ଖରଧ୍ୱଂସୀ, ବିଷଘ୍ନୀ, ଗରନାଶିନୀ।]

ଦେବ ଦାସୀ—ସଂ. ବି. (୬ଷ୍ଠୀ ତତ୍; ଦେବ + ଦାସୀ)—୧। ଠାକୁରଙ୍କ
Deba dāsi
ଆଗରେ ନୃତ୍ୟାଦି କରିବା ବା ସେବାକାରିଣୀ ନର୍ତ୍ତକୀ; ମାହାରୀ—2. Dancing girls performing dance and music in temples.
୨। (ଦେବ = ଇନ୍ଦ୍ରିୟ + ଦାସ୍ ଧାତୁ = ବଧ କରିବା + କର୍ତ୍ତୃ. ଅ + ସ୍ତ୍ରୀ. ଈ)—ବେଶ୍ୟା—2. Prostitute.

[ଦ୍ର—ଜଗନ୍ନାଥଙ୍କ ମନ୍ଦିର ଓ ଦାକ୍ଷିଣାତ୍ୟ ମନ୍ଦିରମାନଙ୍କରେ ବୃତ୍ତିଭୋଗକାରିଣୀ ଦେବଦାସୀମାନେ ଦେବତାଙ୍କ ଆଗରେ ନୃତ୍ୟ ଗୀତାଦି କରନ୍ତି। ବାପମାଆମାନେ କେତେକ କନ୍ୟାଙ୍କୁ ଦେବଦାସୀ ହେବା ନିମନ୍ତେ ଦେବତାମାନଙ୍କ ମନ୍ଦିରରେ ଅର୍ପଣ କରନ୍ତି ଓ ଏମାନେ ବାଲ୍ୟକାଳରୁ ନୃତ୍ୟଗୀତାଦି ଶିଖି ମନ୍ଦିରରେ ନୃତ୍ୟଗୀତାଦି କରନ୍ତି। କାଳିଦାସଙ୍କ ମେଘଦୂତରେ ମହାକାଳ ଦେବଙ୍କ ମନ୍ଦିରରେ ବେଶ୍ୟାମାନଙ୍କ ନୃତ୍ୟ କରୁଥିବା ବିଷୟ ବର୍ଣ୍ଣିତ ଅଛି। ପ୍ରାଚୀନ ମିଶର, ୟୁନାନ୍, ବାବିଲନ ଆଦି ଦେଶର ଦେବମନ୍ଦିରରେ ଦେବନର୍ତ୍ତକୀମାନେ ନୃତ୍ୟ କରୁଥିବାର ଜଣାଯାଏ। ଦେବଦାସୀଙ୍କ ତ୍ୟକ୍ତ ସମ୍ପତ୍ତିରେ ସେମାନଙ୍କ କନ୍ୟାମାନେ ଉତ୍ତରାଧିକାରିଣୀ ହୁଅନ୍ତି। (ହି. ଶବ୍ଦସାଗର)। ଅଧୁନା ଦେବଦାସୀମାନଙ୍କର ଚରିତ୍ରଦୋଷ

ସର୍ବତ୍ର ପରୁଲିଛି ଦେବାରୁ ସମାଜସଂସ୍କାରକମାନେ ଭାରତରୁ ଏ ପ୍ରଥା ଉଠାଇ ଦେବା ପାଇଁ ଚେଷ୍ଟା କରୁଅଛନ୍ତି ।]

ଦେବ ଦୀପ—ସଂ. ବି—୧ । ସ୍ୱର୍ଗ—
Deba dipa 1. The Heaven.
ସୁମତକ ଅଛ ତୋର ସଙ୍ଗେ ଥିବ ସବୁ ଯୁଗ ଦେବଦୀପ—
ଉପେ. ପ୍ରେମସୁଧାନିଧି ।
୨ । (ଦେବ=ଇନ୍ଦ୍ରିୟ+ଦୀପ) ନୟନ—2. The eye.
ଦେବଦୀପ ତୋଷଦାୟିନୀ ତୁ ମୋର ଅନ୍ତର ଶିରକଳାପ—
ଉପେ. ପ୍ରେମସୁଧାନିଧି ।
୩ । କୌଣସି ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଜ୍ୱଳିତ ପ୍ରଦୀପ—
3. A lamp lighted in honour of a Deity.

ଦେବ ଦୁନ୍ଦୁଭି—ସଂ. ବି—୧ । ସ୍ୱର୍ଗରେ ଦେବତାମାନଙ୍କଦ୍ୱାରା ବାଦିତ ବାଦ୍ୟ—
Deba dundubhi 1. The drums sounded by the Gods in Heaven.
୨ । (ବୈଦ୍ୟକ) ରକ୍ତତୁଳସୀ—2. (Ayurbeda) The red variety of the Holy Basil plant.

ଦେବଦୁର୍ଲ୍ଲଭ—ସଂ. ବିଣ—୧ । ଯାହା ଦେବତାମାନଙ୍କ ମଧ୍ୟ ମିଳିବା କଷ୍ଟକର—1. Unavailable even to the Gods.
Deba durllabha
୨ । ଅତି ଦୁଷ୍ପ୍ରାପ୍ୟ—2. Very rare.

ଦେବ ଦୂତ—ସଂ. ବି. (୬ଷ୍ଠୀ ତତ୍; ଦେବ+ଦୂତ)—
Deba dūta ୧ । ଦେବତାମାନଙ୍କ ପ୍ରେରିତ ସମ୍ବାଦବାହକ —
1. Divine messenger.
୨ । ଅଗ୍ନି—2. Fire.

ଦେବଦୂତୀ—ସଂ. ବି—୧ । ଅପ୍ସରା—The heavenly nymphs of the Hindu mythology.
Deba dūti
୨ । ଏକପ୍ରକାର ଲେମ୍ବୁ (ଦ୍ର. ଶବ୍ଦସାଗର)—
2. A kind of orange.

ଦେବ ଦେବ—ସଂ. ବି. (୬ଷ୍ଠୀ ତତ୍; ଦେବ+ଦେବ)—
Deba deba ୧ । ମହାଦେବ; ଶିବ—1. God Siba.
ଦେବଦେବଙ୍କର ବାହନ ପଛଅଡ଼୍ ପାଇଲ—ପଦ୍ମମଣି. ରହସ୍ୟ ବଚନ ।
୨ । ବିଷ୍ଣୁ—2. Bishṇu.
୩ । ବ୍ରହ୍ମା—3. Brahmā
୪ । ପ୍ରଧାନ ଦେବତା—4. The God of Gods.

ଦେବ ଦ୍ରୁମ—ସଂ. ବି—୧ । ଦେବଦାରୁ (ଦେଖ)
Deba druma 1. Debadāru (See)
୨ । ଦେବତରୁ (ଦେଖ)—2. Debataru (See)

ଦେବ ଧାନ୍ୟ—ସଂ. ବି—ଦେଧାନ (ଦେଖ)
Deba dhānya Dedhāna (See)

ଦେବଧୂପ—ସଂ. ବି—ଗୁଗ୍ଗୁଳ—Bdellium; a resinous substance used as incense; Burseraceæ.
Deba dhupa

ଦେବ ଧେନୁ—ସଂ. ବି—କାମଧେନୁ (ଦେଖ)
Deba dhenu Kāmadhenu (See)

ଦେବନ—ସଂ. ବି. (ଦିବ୍ ଧାତୁ=କ୍ରୀଡ଼ା କରିବା+ଭାବ. ଅନ)—
Debana ୧ । କ୍ରୀଡ଼ା; ଖେଳ; କୌତୁକ—
1. Play; sport; pastime.
୨ । ସ୍ତୁତି—2. Prayer.
୩ । ଦୀପ୍ତି; ଦ୍ୟୁତି; କାନ୍ତି—
3. Splendour; glamour.
୪ । ଦୁଃଖ; ଶୋକ—4. Grief; sorrow.
୫ । କ୍ଳେଶ—5. Pain.
୬ । ବ୍ୟବହାର—6. Conduct; treatment.
୭ । ଜୟ ଇଚ୍ଛା; ଜିଗୀଷା—7. A desire to win.
୮ । (+ଅଧି. ଅନ) ପ୍ରମୋଦବନ; ଖୁସ୍ ବଗିଚା—
8. A pleasure-garden.
୯ । ଜୁଆଖେଳ—9. Gambling.
୧୦ । (+କରଣ. ଅନ) ପଶା ଖେଳ—
10. The game of dice.
୧୧ । ପଦ୍ମ—11. Lotus.
୧୨ । ଗତି (ଦ୍ର. ଶବ୍ଦସାଗର)—12. Motion.

ଦେବ ନଦୀ—ସଂ. ବି—୧ । ଗଙ୍ଗା—
Deba nadī 1. The Ganges river.
୨ । ଯମୁନା—2. The Jamunā river.
୩ । ସରସ୍ୱତୀ—3. The Saraswatī river.
୪ । ଦୃଷଦ୍ୱତୀ—4. The Drushadbatī river.
୫ । ଲଙ୍କାସ୍ଥ ସୁବେଳ ପର୍ବତ ନିକଟରେ ବହି ଯାଉଥିବା ନଦୀ—
5. The river flowing near the mountain Subaḷa in Ceylon.
ବଢ଼ାଇଲେ ଦେବ ନଦୀରେ ସମସ୍ତେ ସ୍ନାନ କଲେ ଫଳାଶନ ।
ଉପେ. ବୈଦେହୀଶବିଳାସ ।

ଦେବ ନନ୍ଦୀ—ସଂ. ବି. ପୁଂ (ଦେବ=ଦେବତା+ନନ୍ଦୀ=ଆନନ୍ଦ କରେ ଯେ)—ଇନ୍ଦ୍ରଙ୍କ ଦ୍ୱାରପାଳ—
Deba nandī
A gate-keeper of Indra.

ଦେବନା—ସଂ. ବି. ସ୍ତ୍ରୀ. (ଦେବନ+ସ୍ତ୍ରୀ. ଆ)—
Debanā ୧ । କ୍ରୀଡ଼ା—1. Play; pastime.
୨ । ସେବା—2. Worship; tending.
୩ । ଆକ୍ଷେପ—3. Regret.
୪ । ବିଳାପ—4. Lamentation.

ଦେବନାଗର—ସଂ. ବି. (ଦେବ ନଗର+ଅ; +ସ୍ତ୍ରୀ. ଈ; ପ୍ରସିଦ୍ଧି ଅଛି ଯେ ଦେବତାଙ୍କ ନଗରରେ ଏ ଲିପି ପ୍ରଚଳିତ ଥିଲା)—
Debanāgara
(ଦେବନାଗରୀ—ଅନ୍ୟରୂପ) ନାଗରାକ୍ଷର; ସଂସ୍କୃତ ଅକ୍ଷର—
The Sanskrit character or alphabets.
[ଦ୍ର—ସଂସ୍କୃତ ଓ ହିନ୍ଦୀ ଲିପି ଦେବନାଗର ଅକ୍ଷରରେ ଲେଖା ହୁଏ । ମାରୁଆଡ଼ିମାନଙ୍କ ଲିପି ଏହି ଅକ୍ଷରର ରୂପାନ୍ତର । ମହାରାଷ୍ଟ୍ରୀ ମଧ୍ୟ ଦେବନାଗର ଅକ୍ଷରରେ ଲେଖା ହୁଏ; ଓଡ଼ିଆ, ବଙ୍ଗଳା, ଗୁଜରାଟୀ ଲିପି ଓ ପାଲି ଦେବନାଗରରୁ ଉଦ୍ଭୂତ । ନାଗରୀ ଲିପି ପ୍ରାଚୀନ ବ୍ରାହ୍ମୀ ଲିପିରୁ ଆସିଥିବା ପଣ୍ଡିତମାନେ ଅନୁମାନ କରନ୍ତି ।]

ଦେବ ନାୟକ—ସଂ. ବି. (୬ଷ୍ଠୀ ତତ୍; ଦେବ+ନାୟକ)—
Deba nāyaka ସୁରପତି; ଇନ୍ଦ୍ର—Indra.
(ଦେବ ପତି—ଅନ୍ୟରୂପ)

ଦେବନିକାୟ—ସଂ. ବି. (୬ଷ୍ଠୀ ତତ୍; ଦେବ+ନିକାୟ)—
Debanikāya ୧ । ଦେବତାମାନଙ୍କ ସମୂହ—
1. A gathering of Gods.
୨ । ସ୍ୱର୍ଗ—2. Heaven

ଦେବନିର୍ମିତା—ସଂ. ବି. (ବୈଦ୍ୟକ)—ଗୁଳୁଞ୍ଚ (ଦେଖ)
Debanirmitā Gulāncha (See)

ଦେବନିଷ୍ଠ—ଦେ. ବି. ପୁଂ. (ବହୁବ୍ରୀହି; ଦେବ+ନିଷ୍ଠା)—
Debanishtha ୧ । ଦେବତାଙ୍କଠାରେ ଏକାନ୍ତ ଅନୁରକ୍ତ—
(ଦେବନିଷ୍ଠା—ସ୍ତ୍ରୀ) 1. Devoted to the God or Gods.
୨ । ଧାର୍ମିକ; ଧର୍ମନିଷ୍ଠ—2. Pious; religious.

ଦେବ ପତି—ସଂ. ବି. (୬ଷ୍ଠୀ ତତ୍; ଦେବ+ପତି)—ଇନ୍ଦ୍ର—
Deba pati Indra, the king of the Gods.

ଦେବ ପଥ—ସଂ. ବି. (୬ଷ୍ଠୀ ତତ୍, ଦେବ+ପଥ)—
Deba patha ୧ । ଆକାଶ ପଥ—1. The sky.
୨ । ସ୍ୱର୍ଗ ପଥ—2. The way to Heaven.
୩ । ଛାୟା ପଥ—3. The milky way.

ଦେବ ପଶୁ—ସଂ. ବି. (ମ. ପ. ଲୋ; ଦେବ+ପଶୁ)—
Deba paśu ୧ । ଦେବତାଙ୍କ ନିକଟରେ ବଳି ଦଆଯିବା ନିମନ୍ତେ ଉତ୍ସର୍ଗୀକୃତ ପଶୁ—1. A beast dedicated for being sacrificed to a Deity.
୨ । ଦେବତାଙ୍କ ଉପାସକ (ହି. ଶବ୍ଦସାଗର)—
2. The worshipper of a Deity.

ଦେବପାଳ—ସଂ. ବି. (ବହୁବ୍ରୀହି; ଦେବ+ପାଳ)—୧ । ଇନ୍ଦ୍ର—
Debapāḷa 1. Indra, the protector of the Gods.

ଗ୍ରୀଷ୍ମ କାଳେ ଯାହାର ପୋଖରୀରେ ଜଳ
ଥାଏ ତାହାକୁ ପୂଜୁଥାନ୍ତି ଦେବପାଳ । କୃଷ୍ଣସିଂହ. ମହାଭାରତ ଅନୁଶାସନ ।

୨ । ଶାକ ଦ୍ୱୀପସ୍ଥ ପର୍ବତବିଶେଷ—
2. Name of a mountain of the mythological Śāka island.

ଦେବ ପାଳିତ—ସଂ. ବିଣ—ଯେଉଁ ଦେଶରେ ବୃଷ୍ଟିର ଜଳ ଦ୍ୱାରା କ୍ଷେତ
Deba pāḷita ଅଦର କାମ ଚଳେ (ହି. ଶବ୍ଦସାଗର)—
(a country) Depending upon rain water for the raising of the crops.

ଦେବ ପୁରୀ—ସଂ. ବି. (୬ଷ୍ଠୀ ତତ୍; ଦେବ+ପୁରୀ)—
Deba purī ଦେବତାମାନଙ୍କ ନଗର; ଇନ୍ଦ୍ରପୁରୀ; ଅମରାବତୀ—
(ଦେବପୁର—ଅନ୍ୟରୂପ) Amarābatī, the capital where the Deities hold their court; Indra's court.

ଦେବ ପୂଜକ—ସଂ. ବି.—ଯେ ଦେବତାମାନଙ୍କୁ ପୂଜା କରେ—
Deba pūjaka Worshipping a Deity.
ବି—ପୂଜାକାରୀ—Worshipper of a Deity

ଦେବ ପୂଜା—ଦେ. ବି (୬ଷ୍ଠୀ ତତ୍; ଦେବ+ପୂଜା)—ଦେବତାଙ୍କ
Deba pūjā ସତ୍କାର; ଦେବାର୍ଚ୍ଚନା—Divine service;
(ଦେବପୂଜନ—ଅନ୍ୟରୂପ) worship of a Deity.

ଦେବ ପ୍ରୟାଗ—ଦେ. ବି (ନାମ)—ଏକ କ୍ଷୁଦ୍ର ସହର—
Deba prayāga Name of a small town.

[ଦ୍ର—ଏହା ଶ୍ରୀ ବଦରୀନାଥଙ୍କ ନିକଟରେ ବହୁଥିବା ଅଳକାନନ୍ଦା ଓ ଗଙ୍ଗୋତ୍ରୀରୁ ପ୍ରବାହିତା ଭାଗୀରଥୀଙ୍କର ସଙ୍ଗମ ସ୍ଥଳରେ ଅବସ୍ଥିତ । ଏହା ହିନ୍ଦୁଙ୍କର ତୀର୍ଥ ସ୍ଥାନ ।
ମଦନମୋହନ. ତୀର୍ଥଦର୍ଶନ ୪ର୍ଥ ।]

ଦେବ ପ୍ରଶ୍ନ—ସଂ. ବି—ଦୈବପ୍ରଶ୍ନ; ଗ୍ରହ ନକ୍ଷତ୍ରାଦିଙ୍କ ଗତି ଓ ସଞ୍ଚାରାଦି
Deba praśna ଗଣନାପୂର୍ବକ ଭବିଷ୍ୟତ୍ ଶୁଭାଶୁଭ ଗଣନା କରିବା ନିମନ୍ତେ ପ୍ରଶ୍ନ—An oracle; divination.

ଦେବ ପ୍ରିୟ—ସଂ. ବି—୧ । ପୀତ ଭୃଙ୍ଗରାଜ—
Deba priya 1. A kind of plant.
୨ । ବକବୃକ୍ଷ; ଅଗସ୍ତିଗଛ—
2. Sesbania Grandifloria (tree).
ବିଣ—ଦେବତାମାନେ ଯାହାକୁ ସ୍ନେହ କରନ୍ତି—Beloved of the Gods.

ଦେବ ବକ୍ତ୍ର—ସଂ. ବି (୬ଷ୍ଠୀ ତତ୍, ଦେବ+ବକ୍ତ୍ର; ଦେବତାମାନେ ଅଗ୍ନିରେ
Deba baktra ପ୍ରଦତ୍ତ ଆହୁତି ଭୋଜନ କରନ୍ତି)—ଅଗ୍ନି—
(ଦେବବାହନ—ଅନ୍ୟରୂପ) Fire.

ଦେବ ବର୍ଦ୍ଧକି—(୬ଷ୍ଠୀ ତତ୍)—ବିଶ୍ୱକର୍ମା—
Deba barddhaki A name of the divine architect of the Hindus.

ଦେବ ବର୍ତ୍ମ—ସଂ. ବି (୬ଷ୍ଠୀ ତତ୍;ଦେବ+ବର୍ତ୍ମନ୍)—ଦେବପଥ (ଦେଖ)
Deba bartma Debapatha (See)

ଦେବବର୍ମ୍ମା—ଦେ. ବି (ସଂ. ଦେବ ବର୍ମନ)—କ୍ଷତ୍ରିୟମାନଙ୍କ ଉପାଧି—
Debabarmmā A title of the Kshatriyas.

ଦେବବଳା—ସଂ. ବି—ତ୍ରାୟମାଣା (ଦେଖ) (ହରେକୃଷ୍ଣ ଦ୍ରବ୍ୟଗୁଣ)
Debabaḷā Trāyamāṇā.

ଦେବ ବଲ୍ଲଭ—ସଂ. ବି (୬ଷ୍ଠୀ ତତ୍; ଦେବ+ବଲ୍ଲଭ)—୧ । ଇନ୍ଦ୍ର—
Deba ballabha 1. God Indra.
୨ । ପୁନ୍ନାଗ; ନାଗକେଶର; ନାଗେଶ୍ୱର (ଗଛ ଓ ଫୁଲ)—
2. Alexandrian Laurel; Mesua Ferā.

ଦେବ ବାଣୀ—ସଂ. ବି—୧ । ସଂସ୍କୃତ ଭାଷା—
Deba bāṇī 1. The Sanskrit language.
୨ । ଭବିଷ୍ୟତ ବାକ୍ୟ—2. An oracle.
୩ । ଦେବତାଙ୍କର ଆଦେଶ—
3. A divine order.
୪ । ଦୈବବାଣୀ; ଆକାଶବାଣୀ; ଶୂନ୍ୟାଦେଶ—
4. A voice from the heavens.

ଦେବ ବୃକ୍ଷ—ସଂ. ବି—ଦେବତରୁ (ଦେଖ)
Deba bṛuksha Debataru (See)

ଦେବବ୍ରତ—ସଂ. ବି—ଭୀଷ୍ମ; ଗଙ୍ଗାଙ୍କ ପୁତ୍ର—
Debabrata Bhīshma.

ମନଃ ପରଶୁରାମ ଭକ୍ତି ଦେବବ୍ରତ
ବୋଇଲେ କହୁଛନ୍ତି ସକଳ ପଣ୍ଡିତ । କୃଷ୍ଣସିଂହ. ମହାଭାରତ. ବନ ।

ଦେବ ବ୍ରାହ୍ମଣ—ସଂ. ବି (ଦ୍ୱନ୍ଦ୍ୱ; ଦେବ+ବ୍ରାହ୍ମଣ)—୧ । ଦେବତା ଓ
Deba brāhmaṇa ବ୍ରାହ୍ମଣ; ଦେବତାବ୍ରାହ୍ମଣ—1. The Deities and the Brāhmaṇas.

୨ । (ମ. ପ. ଲୋ. କର୍ମଧା.) ଦେବପୂଜକ ବ୍ରାହ୍ମଣ—
2. A Brāhmaṇa who worships idols.

ଦେବ ଭବନ—ସଂ. ବି (୬ଷ୍ଠୀ ତତ୍; ଦେବ+ଭବନ)—ଦେଉଳ—
Deba bhabana — Temple

ଦେବଭାଗ—ସଂ. ବି—୧ । (ଜ୍ୟୋତିଷପରିଭାଷା) ଉତ୍ତର ଖଗୋଳାର୍ଦ୍ଧ—
Deba bhāga — 1. (Astrology) Northern celestial hemisphere.
୨ । କୌଣସି ବସ୍ତୁର ଯେଉଁ ଅଂଶ ଦେବତାଙ୍କ ଉଦ୍ଦେଶ୍ୟରେ କାଢ଼ି ରଖାଯାଏ (ହି. ଶ.)—2. A specific part of a thing kept apart for a Deity.

ଦେବ ଭାଷିତ—ସଂ. ବି—ଦେବବାଣୀ (ଦେଖ)
Deba bhāshita — Debabāṇī (See)

ଦେବ ଭାଷା—ସଂ. ବି. (୬ଷ୍ଠୀ ତତ୍; ଦେବ+ଭାଷା)—ସଂସ୍କୃତ ଭାଷା—
Deba bhāshā — The Sanskrit language.

ଦେବଭୂ—ସଂ. ବି—୧ । ଦେବତା—
Debabhū — 1. A Deity.
୨ । ସ୍ୱର୍ଗ—2. Heaven.

ଦେବ ଭୂତି—ସଂ. ବି—୧ । ମନ୍ଦାକିନୀ ବା ସ୍ୱର୍ଗଗଙ୍ଗା—
Deba bhūti — 1. The celestial Ganges.
୨ । ଦେବତାମାନଙ୍କ ଐଶ୍ୱର୍ଯ୍ୟ—
2. The divine qualities of the Gods.

ବଳେ ହରି-ଶିଷ ଦେଇ ସେ ଯୋଷାଙ୍କୁ ପ୍ରସାଦ
ପ୍ରସାଦ ଗତରେ । ମୁଁ ସେ ମାଗଥାଇ ଦେବ ଭୂତରେ ।
ଭକ୍ତ. ପ୍ରେମସୁଧାନିଧି ।

ଦେ. ବି—ଅପଲକତ୍ୱ—
The state of having winkless eyes.

ଦେବ ଭୂମି—ସଂ. ବି. (ମ. ପ. ଲୋ; କର୍ମଧା; ଦେବପ୍ରିୟ ଭୂମି)—
Deba bhūmi — ୧ । ସ୍ୱର୍ଗ—1. The Heaven.
୨ । ହିମାଳୟ—2. The Himalayas.

ଦେବଭୂୟ—ସଂ. ବି. (ଦେବ+ଭୂ ଧାତୁ+ଯ)—ଦେବତ୍ୱ—
Debabhūya — Divinity.

ଦେବ ମଣି—ସଂ. ବି—୧ । ଦେବତାଙ୍କ ବ୍ୟବହୃତ ମଣି—
Deba maṇi — 1. Jewel used by a Deity.
୨ । ବିଷ୍ଣୁଙ୍କ ବ୍ୟବହୃତ କୌସ୍ତୁଭ ମଣି—
2. The jewel worn by Bishṇu.
୩ । ଶିବ (ପ୍ରକୃତିବାଦ)—3. Śiba.
୪ । ଅଶ୍ୱର ଗଳଦେଶରେ ରୋମାବଳୀକୃତ ଆବର୍ତ୍ତ—
4. A whorl of furs on the neck of a horse.
୫ । ସୂର୍ଯ୍ୟ (ହି. ଶବ୍ଦସାଗର)—5. The sun.
୬ । ମହାମେଦା (ହି. ଶବ୍ଦସାଗର) (ଦେଖ)
6, Mahāmedā (See)

ଦେବ ମନ୍ଦିର—ସଂ. ବି. (୬ଷ୍ଠୀ ତତ୍; ଦେବ+ମନ୍ଦିର)—
Deba mandira — ଦେବାଳୟ; ଦେଉଳ—Temple.

ଦେବ ମାତା—ସଂ. ବି—କଶ୍ୟପ ପତ୍ନୀ; ଅଦିତି—
Deba mātā — Aditi, the mother of the Deities; wife of Kaśyapa.

ଦେବମାତୃକ—ସଂ. ବିଣ. (ବହୁବ୍ରୀହି; ଦେବ=ମେଘ ମାତା ଯାହାର; ଦେବ+ମାତୃ+କ)—ବୃଷ୍ଟି ଜଳରେ ଉତ୍ପନ୍ନ (ଦେବମାତୃକା—ସ୍ତ୍ରୀ) ଶସ୍ୟାଦିଦ୍ୱାରା ପାଳିତ (ଦେଶ)—(a country)
Debamātṛuka — Fertilised by showers of rain (and not artificially irrigated).

ଦେବ ମାୟା—ସଂ. ବି. (୬ଷ୍ଠୀ ତତ୍; ଦେବ+ମାୟା)—
Deba māyā — ୧ । ଦେବତାଙ୍କ ରଚିତ କୁହୁ ବା କୁହୁକ—
1 Illusion created by the Gods.
୨ । ସଂସାର ବନ୍ଧନର ହେତୁଭୂତ ଅଜ୍ଞାନ; ଅବିଦ୍ୟା—
2. Human illusion which is of God's creation.

ଦେବ ମାସ—ସଂ. ବି. (ଦେବ=ସ୍ୱର୍ଗୀୟ+ମାସ)—
Deba māsa — ୧ । ଭ୍ରୂଣର ମାତୃଗର୍ଭରେ ରହିବାର ଅଷ୍ଟମ ମାସ—
1. The eighth month of the foetus in the womb.
୨ । ସୌର ୩୦ ବର୍ଷ—2. A month of the Gods equal to 30 years in human calculation.
[ଦ୍ର—ଦେବତାଙ୍କ ଗଣନାରେ ଏକ ଦିନ=ମନୁଷ୍ୟ ଗଣନାରେ ଏକ ବର୍ଷ; ଦେବତାଙ୍କ ଗଣନାରେ ୧ ମାସ=ମନୁଷ୍ୟ ଗଣନାରେ ୩୦ ବର୍ଷ ।]

ଦେବ ମୁନି—ସଂ. ବି—ନାରଦ ମୁନି—
Deba muni — Sage Nārada.

ତେବେଣେ କାହିଲେ ରୁଦ୍ର ସେନ
ତା ଦେଖି ବେଗେ ଦେବମୁନି । ଜଗନ୍ନାଥ. ଭାଗବତ ।

ଦେବ ଯଜନ—ସଂ. ବି. (ଦେବ+ଯଜନ=ପୂଜା; ୬ଷ୍ଠୀ ତତ୍)—
Deba jajana — ଦେବାର୍ଚ୍ଚନା; ଦେବପୂଜା—
Worship of the Gods.

ଦେବଯଜି—ସଂ. ବିଣ. ପୁଂ. (ଦେବ+ଯଜ୍ ଧାତୁ=ପୂଜା କରିବା+କର୍ତ୍ତୃ. ଇ)—ଦେବପୂଜକ—
Debajaji — Worshiper of a Deity.

ଦେବ ଯଜ୍ଞ—ସଂ. ବି—ହିନ୍ଦୁ ଗୃହସ୍ଥର ପ୍ରତିଦିନ କର୍ତ୍ତବ୍ୟ ହୋମାଦି—
Deba jajña — Oblations to fire which a Hindu householder should perform daily.

ଦେବ ଯାତ୍ରା—ସଂ. ବି. (ମ. ପ. ଲୋ; ଦେବ+ଯାତ୍ରା; ଦେବତାଙ୍କ ଦର୍ଶନାଦି ଉଦ୍ଦେଶ୍ୟରେ ଯାତ୍ରା)—ଦେବତାଙ୍କ ନିକଟକୁ ଗମନ; ତୀର୍ଥ ଯାତ୍ରା—Pilgrimage to holy shrines.
Deba jātrā

ଦେବ ଯାନ—ସଂ. ବି. (୬ଷ୍ଠୀ ତତ୍; ଦେବ+ଯାନ)—
Deba jāna — ୧ । ଯେଉଁ ରଥ ସାହାଯ୍ୟରେ ଦେବତାମାନେ ଆକାଶରେ ବିଚରଣ କରନ୍ତି; ବ୍ୟୋମଯାନ—
1. The celestial cars used by the Gods.
୨ । (ଜ୍ୟୋତିଷ) ଉତ୍ତରାୟଣ (ମାଘ ସଂକ୍ରାନ୍ତିଠାରୁ ୬ ମାସ ସୂର୍ଯ୍ୟଙ୍କର ଉତ୍ତର ଦିଗକୁ ଗତି ବା ସୌମ୍ୟାୟନ)—
2. (Astrology) The period of the year in which the sun is in the region between the equator and the tropic of Cancer.

[ଦ୍ର—ଏହି ଉତ୍ତରାୟଣରେ ମୃତ ହେବା ବ୍ୟକ୍ତିର ଆତ୍ମା ବ୍ରହ୍ମଲୋକକୁ ଯାଏ ଓ ତାକୁ ବ୍ୟକ୍ତି ପୁଣି ସଂସାରରେ ଜନ୍ମ ଲଭେ ନାହିଁ ।]

ଦେବଯାନୀ—ସଂ. ବି. ସ୍ତ୍ରୀ. (ନାମ)—ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଓ
Debajāni ଯଯାତିଙ୍କ ବିବାହିତା ଭାର୍ଯ୍ୟା—
The daughter of Sukrāchārjya and the married wife of king Jajāti.

ପ୍ରଭାତରପୁର ସମ ରାଜପୁରେ ସୁମଧ୍ୟମା ଦେବଯାନୀ;
ଇତ୍ତିଲେ ସହସ୍ର ଦାସୀପରିବୃତା ହସ୍ତିନାର ପାଟରାଣୀ ।
ନନ୍ଦକିଶୋର. ଶର୍ମିଷ୍ଠା ।

[ଦ୍ର—ଦୈତ୍ୟମାନଙ୍କ ରାଜା ବୃଷପର୍ବାଙ୍କ ନିକଟରେ ଶୁକ୍ରାଚାର୍ଯ୍ୟ ବାସ କରୁଥିବା ସମୟରେ ବୃଷପର୍ବାଙ୍କ କନ୍ୟା ଶର୍ମିଷ୍ଠାଙ୍କର ଦେବଯାନୀ ସଖୀ ଥିଲେ । ଏକଦା ଜଳବିହାର ପରେ ଦେବଯାନୀ ଶର୍ମିଷ୍ଠାଙ୍କ ଲୁଗା ଭ୍ରମରେ ପିନ୍ଧି ପକାଇବାରୁ ଶର୍ମିଷ୍ଠା ଦେବଯାନୀଙ୍କୁ ଗୋଟିଏ କୂଅରେ ପକାଇ ଦେଇ ସେଠାରୁ ଚାଲି ଆସିଲେ । ଏହି ସମୟରେ ମୃଗୟା ଉଦ୍ଦେଶ୍ୟରେ ସେଠାକୁ ନହୁଷ ରାଜାଙ୍କ ପୁତ୍ର ଯଯାତି ଆସି ଦେବଯାନୀଙ୍କୁ କୂପରୁ ଉଦ୍ଧାର କଲେ । ଦେବଯାନୀ ଶୁକ୍ରାଚାର୍ଯ୍ୟଙ୍କ ନିକଟରେ ଏ ସମ୍ବାଦ ଦେବାରୁ ଶୁକ୍ରାଚାର୍ଯ୍ୟ ବୃଷପର୍ବାଙ୍କ ନଗର ଛାଡ଼ି ଚାଲିଯିବାକୁ ବସିଲେ । ବୃଷପର୍ବା ବହୁ ଅନୁନୟ କରିବାରୁ ଦେବଯାନୀଙ୍କୁ ପ୍ରସନ୍ନା କରାଇବାକୁ ଶୁକ୍ରାଚାର୍ଯ୍ୟ ବୃଷପର୍ବାଙ୍କୁ କହିଲେ । ବୃଷପର୍ବା ଦେବଯାନୀଙ୍କୁ ପ୍ରସନ୍ନା କରାଇବାକୁ ପ୍ରାର୍ଥନା କରିବାରୁ ଦେବଯାନୀ କହିଲେ ଯେ ଶର୍ମିଷ୍ଠା ମୋର ଦାସୀ ହେଲେ ମୁଁ ପ୍ରସନ୍ନା ହେବି । ଏଥିରେ ବୃଷପର୍ବା ଓ ଶର୍ମିଷ୍ଠା ଅଙ୍ଗୀକୃତ ହେଲେ । ଦେବଯାନୀ ଯଯାତିଙ୍କୁ ବିବାହ କଲେ ଓ ତାଙ୍କ ସଙ୍ଗେ ଶର୍ମିଷ୍ଠା ଦାସୀ ରୂପେ ଗଲେ । ରାଜା ଶର୍ମିଷ୍ଠାଙ୍କଠାରେ ଅନୁରକ୍ତ ହୋଇ ତାଙ୍କ ଗର୍ଭରୁ ଦ୍ରୁହ୍ୟୁ, ଅନୁ ଓ ପୁରୁ ନାମକ ତିନି ପୁତ୍ର ଜାତ କରାଇଲେ । ଦେବଯାନୀ ଏହା ଜାଣି ପାରି କ୍ରୁଦ୍ଧା ହୋଇ ଶୁକ୍ରାଚାର୍ଯ୍ୟଙ୍କ ଠାରୁ ସମ୍ବାଦ ଦେଲେ । ଶୁକ୍ରାଚାର୍ଯ୍ୟଙ୍କ ଶାପରେ ଯଯାତି ବାର୍ଦ୍ଧକ୍ୟ ପ୍ରାପ୍ତ ହେଲେ । ଦେବଯାନୀଙ୍କ ଗର୍ଭରୁ ଯଦୁ ଓ ତୁର୍ବସୁ ନାମକ ଦୁଇ ପୁତ୍ର ହେଲେ ।]

ଦେବଯୁଗ—ସଂ. ବି.—ସତ୍ୟ ଯୁଗ—
Deba juga The Satya age.

ଦେବଯୋନି—ସଂ. ବି. (ବହୁବ୍ରୀହି. ଦେବ+ଯୋନି=ଉତ୍ପତ୍ତି ସ୍ଥାନ)
Deba joni ୧ । ଉପଦେବତା; ଭୂତାଦି (ଦେବତା ଓ ମନୁଷ୍ୟଙ୍କ ମଧ୍ୟବର୍ତ୍ତୀ ପ୍ରାଣୀ)—1. Demi-god; ghost.
(ଯଥା—ଏମାନେ ସ୍ୱର୍ଗ ଓ ଅନ୍ତରୀକ୍ଷରେ ରହନ୍ତି ।)
୨ । ଦେବତାଙ୍କ ଠାରୁ ଉତ୍ପନ୍ନ ପ୍ରାଣୀ—
2. Beings of divine origin.
[ଦ୍ର—ବିଦ୍ୟାଧର, ଅପ୍ସରା, ଯକ୍ଷ, ଗନ୍ଧର୍ବ, ରାକ୍ଷସ, କିନ୍ନର, ପିଶାଚ, ଗୁହ୍ୟକ, ସିଦ୍ଧ, ଭୂତ ଏମାନେ ଦେବଯୋନି ।]

ଦେବର—ସଂ. ବି. ପୁଂ. (ଦିବ୍ ଧାତୁ=କ୍ରୀଡ଼ା କରିବା+କର୍ତ୍ତୃ. ଅର;
Debara ତୁଳ. ଲା-ଲେବର; ଗ୍ରୀକ୍-ଡେଭର)—ଦିଅର; ସ୍ୱାମୀଙ୍କ କନିଷ୍ଠ ଭ୍ରାତା—
Husband's younger brother.

[ଦ୍ର—ମନୁସ୍ମୃତିରେ ବିଧି ଅଛି ଯେ ସନ୍ତାନହୀନା ବିଧବା ଦେବରଙ୍କ ଔରସରେ ଗୋଟିଏ ପୁତ୍ର ଉତ୍ପାଦନ କରି କୁଳରକ୍ଷା କରିବେ, କିନ୍ତୁ ପରାଶର କଳିଯୁଗରେ ଏହା ନିଷିଦ୍ଧ ବୋଲି ଲେଖି ଅଛନ୍ତି ।]

ଦେବରଙ୍ଗି—ପ୍ରାଦେ. (ସିଂହଭୂମ) ବି.—ଏକ ପ୍ରକାର ଧାନ—
Debarangi A species of paddy.

ଦେବ ରଥ—ସଂ. ବି.—୧ । ଦେବଯାନ ୧ (ଦେଖ)
Deba ratha 1. Debajāna 1 (See)
୨ । ସୂର୍ଯ୍ୟଙ୍କ ରଥ—2. The chariot of the Sun-god.

ଦେବରାଜ(ଜ୍)—ସଂ. ବି. ପୁଂ—(୬ଷ୍ଠୀ ତତ୍; ଦେବ+ରାଜା; ଦେବ+
Debarāja(j) ରାଜ ଧାତୁ+କର୍ତ୍ତୃ. କ୍ୱିପ୍)—ଇନ୍ଦ୍ର—
Indra; the king of the Gods.

ଦେବରାଜା—ଦେ. ବି. (ସଂ. ଦେବରାଜ)—ଦେବରାଜ (ଦେଖ)
Debarājā Debarāja (See)

ଗୁଣୀଙ୍କୁ କରୁଥାଏ ପୂଜା;
କରୁ ଘୋଷିଲେ ଦେବରାଜା । ଜଗନ୍ନାଥ. ଭାଗବତ ।

ଦେବ ରାତ—ସଂ. ବି. (ଦେବ+ରା ଧାତୁ=ଦାନ କରିବା+କର୍ମ. ତ)
Debarāta ୧ । ପରୀକ୍ଷିତ; ଅର୍ଜୁନଙ୍କ ପୌତ୍ର—
1. Parikshita, the grandson of Arjuna.
୨ । ବିଶ୍ୱାମିତ୍ରଙ୍କ ପୁତ୍ର—
2. Name of a son of Biswāmitra.

ଥୋଇଲେ ମୋ ପୁତ୍ରଙ୍କ ମେଳେ,
ଦେବରାତ ନାମ ଦେଲେ । ଜଗନ୍ନାଥ. ଭାଗବତ ।

୩ । ଏକପ୍ରକାର ସାରସ ପକ୍ଷୀ—3. A kind of crane.
ବିଣ.—୧ । ଦେବଦତ୍ତ—1. Given by the Gods.
୨ । ଦେବରକ୍ଷିତ; ଦେବତାମାନଙ୍କ ଦ୍ୱାରା ରକ୍ଷିତ—
2. Protected by the gods.

ଦେବରାଣୀ—ପ୍ରାଦେ. (ବସ୍ତର) ବି.—ସ୍ତ୍ରୀ.—(ତୁଳ. ଏହି ଅର୍ଥରେ ହି. ଏହି
Debarāni ଶବ୍ଦ)—ସାନ ଜାଆ—The wife of one's (a woman's) husband's younger brother.

ଦେବର୍ଷି—ସଂ. ବି. (ଦେବ+ଋଷି)—୧ । (ମ. ପ. ଲୋ.) ଦେବତା
Debarshi ପ୍ରକୃତିବିଶିଷ୍ଟ ମୁନି—1. A divine sage.
୨ । (ଦେବତାଙ୍କ ପ୍ରିୟ ଋଷି) ନାରଦ—
2. The sage Nārda.

ଦେବଳ—ସଂ. ବିଣ. (ଦେବ+ ଲା. ଧାତୁ=ଗ୍ରହଣ କରିବା+କର୍ତ୍ତୃ.
Debala ଅ; ଯେ ଦେବତାଙ୍କ ପୂଜା କରି ଜୀବିକା ନିର୍ବାହ କରେ)—୧ । ଦେଉଳିଆ; ପୂଜାହାରୀ—
1. One whose occupation is the worship of Deities.
୨ । ନୀଚ ଶ୍ରେଣୀସ୍ଥ ବ୍ରାହ୍ମଣ; ପଣ୍ଡା—
2. An inferior class of Brāhmaṇas.
ବି.—୧ । ମନ୍ଦିର; ଦେବାଳୟ—1. Temple.
୨ । ଅଷ୍ଟାବକ୍ର ମୁନି; ଅସିତ ମୁନିଙ୍କ ପୁତ୍ର—
2. The sage Ashṭābakra.

ଦେବଳ ଶାପୁଁ ପାଇ ଗଜ; ସେ ବିଷ୍ଣୁଠେ ପ୍ରାଣ ଦେଲ । ଜଗନ୍ନାଥ. ଭାଗବତ ।

[ଦ୍ର—ଦେବଳ ମୁନିଙ୍କ ଅଭିଶାପରୁ ହୁ ହୁ ଗନ୍ଧର୍ବ କୁମ୍ଭୀର ହୋଇଥିଲେ ।]

ଦେବ ଲତା—ସଂ. ବି.—ନବମଲ୍ଲିକା; ଛଅଲି—
Deba latā Nabamallikā (See)

ଦେବ ଲୋକ—ସଂ. ବି.—(୬ଷ୍ଠୀ ତତ୍; ଦେବ+ଲୋକ)—୧ । ଅମର
Deba loka ଧାମ; ସ୍ୱର୍ଗ; ସ୍ୱର୍ଗ ଲୋକ—1. Paradise; Heaven; the abode of the Gods.

୨ । ଭୂବାଦ ସପ୍ତଲୋକ—
2. The seven upper worlds of the Hindus.

ଦେ. ବି.—ଦେବତାମାନେ—The Gods.

ଦେବ ଲୋକଙ୍କର ଭାଷା, ଅମେ ଯାଙ୍କୁ ବୋଲୁ ଗାଇ ବଳଦ,
ତୁମେ ତାଙ୍କୁ ବୋଲ କଂସା । ଭଗ

ଦେବ ଶର୍ମା—ସଂ. ବି. (ଦେବ+ଶର୍ମନ୍; ୧ମା. ୧ବ.)—
Deba sarmā ୧ । ବ୍ରାହ୍ମଣମାନଙ୍କ ଉପାଧି—
1. A title of the Brāhmaṇas.

୨ । ଜଣେକ ଋଷି—2. Name of a sage.

୩ । ଜଣେ ବେଦଜ୍ଞ ବ୍ରାହ୍ମଣ—
3. Name of a Brāhmaṇa versed in the Bedas.

ଦେବଶ୍ରୁତ—ସଂ. ବି. (ଦେବ=ସ୍ୱର୍ଗୀୟ+ଶ୍ରୁତ)—୧ । ଈଶ୍ୱର—
Deba śruta 1. God.

୨ । ଶାସ୍ତ୍ର—2. Scripture.

୩ । ନାରଦମୁନି—3. Sage Nārada.

୪ । ଜୈନବିଶେଷ—4. A class of Jaina saints.

୫ । ଶୁକ୍ରାଚାର୍ଯ୍ୟଙ୍କ ଏକ ପୁତ୍ର (ଦ୍ର. ଶବ୍ଦସାଗର)—
5. Name of a son of Sukrāchārjya.

ଦେବ ସଭା—ସଂ. ବି—୧ । ଦେବତାମାନଙ୍କ ବଇଠକ; ସୁଧର୍ମା ସଭା—
Deba sabhā 1. The assembly of the Gods.

୨ । ରାଜସଭା—2. The court of a king.

ଦେବ ସଭ୍ୟ—ସଂ. ବି(ଦେବ=କ୍ରୀଡ଼ା+ସଭ୍ୟ)—୧ । ସଭିକ, ଦ୍ୟୂତ-
Deba sabhya ସଭାର ଅଧ୍ୟକ୍ଷ—1. The master of gambling.

୨ । ଦେବସଭାର ସଦସ୍ୟ—
2. A member of a Debasabhā.

ଦେବସାତ୍—ସଂ. ଅ (ଦେବ+ଦେୟାର୍ଥେ. ସାତ୍; ତୁଳ. ଜଳସାତ୍;
Debasāt ଅଗ୍ନିସାତ୍)—୧ । ଦେବତାଙ୍କୁ ଦେୟ—
1. Due to the Gods.

୨ । ଦେବାଧୀନ; ଦେବାୟତ୍ତ—
2. Under the disposal of the Gods.

୩ । ଦେବସାତ୍କୃତ (ଦେଖ)
3. Debasāt-kṛuta (See).

ଦେବସାତ୍କୃତ—ସଂ. ବିଣ—୧ । ଦେବତାଙ୍କ ଉଦ୍ଦେଶ୍ୟରେ ଦତ୍ତ—
Debasāt-kṛuta Dedicated to a Deity.

୨ । ଦେବସେବାରେ ଉତ୍ସୃଷ୍ଟ—
2. Endowed for the service of a Deity.

ଦେବ ସାବର୍ଣ୍ଣି—ସଂ. ବି—ତ୍ରୟୋଦଶ ମନୁ—
Deba sābarṇṇi The thirteenth Manu.

ଦେବସାବର୍ଣ୍ଣି ତ୍ରୟୋଦଶ
ମନୁ ସେ ହୋଇବ ପ୍ରକାଶ—ଜଗନ୍ନାଥ. ଭଗବତ ।

ଦେବ ସାଯୁଜ୍ୟ—ସଂ. ବିଣ (୬ଷ୍ଠୀ ତତ୍; ଦେବ+ସାଯୁଜ୍ୟ)—
Deba sājujya ୧ । ଦେବତାଙ୍କ ସାହଚର୍ଯ୍ୟ—
1. Vicinity of or interview with the Deity.

୨ । ଦେବତ୍ୱ—2. Divinity.

୩ । ଦେବ ସାଦୃଶ୍ୟ—3. Similarity to the Gods.

ଦେବ ସୃଷ୍ଟା—ସଂ. ବି (ବୈଦ୍ୟକ) (୩ୟା ତତ୍; ଦେବ+ସୃଷ୍ଟା)—
Deba sṛushtā ମଦିରା; ସୁରା—Wine.

ଦେବ ସେନା—ସଂ. ବି. (୬ଷ୍ଠୀ ତତ୍; ଦେବ+ସେନା)—
Deba senā ୧ । ଦେବତାମାନଙ୍କର ସୈନ୍ୟ—1. Army of the Gods.

୨ । କାର୍ତ୍ତିକେୟଙ୍କ ସ୍ତ୍ରୀ; ବ୍ରହ୍ମାଙ୍କ କନ୍ୟା—
2. The wife of Kārttikeya and the daughter of Brahmā.

ସେକାଳେ ଇନ୍ଦ୍ର ଦେବସେନା ସମନ୍ୱିତେ
ସେ ନାରୀ ସେହିକ୍ଷଣି ଇନ୍ଦ୍ର ପାଶେ ଗଲେ—କୃଷ୍ଣସିଂହ. ମହାଭାରତ ବନ ।

[ଦ୍ର—ଏ ସାବିତ୍ରୀଙ୍କ ଗର୍ଭରୁ ଜାତ ହୋଇଥିଲେ । ଏହାଙ୍କର ନାମାନ୍ତର ଷଷ୍ଠୀ ବା ମହାଷଷ୍ଠୀ; ଏ ସପ୍ତ ମାତୃକା ମଧ୍ୟରୁ ଜଣେ ଓ ଶିଶୁମାନଙ୍କ ରକ୍ଷିକା; ଏହାଙ୍କୁ ଥରେ କେଶୀ ଦାନବ ହରଣ କରି ନେଇଥିଲା । ଇନ୍ଦ୍ର ଏହାଙ୍କୁ ରକ୍ଷା କରି କାର୍ତ୍ତିକେୟଙ୍କ ସଙ୍ଗେ ଏହାଙ୍କୁ ବିବାହ ଦେଇଥିଲେ—ହି. ଶବ୍ଦସାଗର ।]

ଦେବ ସେନାପତି—ସଂ. ବି (୬ଷ୍ଠୀ ତତ୍; ଦେବ+ସେନାପତି)—
Deba senāpati କାର୍ତ୍ତିକେୟ—Kārttikeya, the commander of the hosts of the Gods.

[ଦ୍ର—ଏ ଦେବତାମାନଙ୍କର ସେନାପତିରୂପେ ତାରକାସୁରକୁ ବଧ କରିଥିଲେ ।]

ଦେବ ସେବା—ସଂ. ବି—ଦେବ ପୂଜା (ଦେଖ)
Deba sebā Deba pūjā (See)

ଦେବ ସ୍ଥାନ—ସଂ. ବି—୧ । ଦେବାଳୟ—
Deba sthāna 1. Temple.

୨ । (ନାମ)—ବନବାସକାଳରେ ପାଣ୍ଡବମାନଙ୍କୁ ଉପଦେଶ ଦେଇଥିବା ଜଣେ ଋଷି—2. Name of a sage.

ପ୍ରାଦେ (ଗଞ୍ଜାମ) ବି—ଦେବୋତ୍ତର ଇଲାକା—
A religious endowment.

ଦେବସ୍ଥାନ କମିଟି—ପ୍ରାଦେ (ଗଞ୍ଜାମ) ବି—ସାଧାରଣ ଦେବୋତ୍ତର
Debasthāna kamiṭi ସମ୍ପତ୍ତିର ତତ୍ତ୍ୱ ନେବାପାଇଁ ସରକାରଙ୍କ
(ଦେବସ୍ଥାନମ୍ କମିଟି—ଅନ୍ୟରୂପ) ତରଫରୁ ଜିଲ୍ଲା ଜଜଙ୍କଦ୍ୱାରା ନିଯୁକ୍ତ କମିଟି—An endowment-committee; a committee appointed by the District Judge to look after a public religious endowment.

ଦେବସ୍ୱ—ସଂ. ବି (୬ଷ୍ଠୀ ତତ୍; ଦେବ+ସ୍ୱ=ଧନ)—୧ । ଦେବତାଙ୍କ
Debaswa ଧନ—1. Property of an Idol.

୨ । ଦେବସେବାର୍ଥ ଉତ୍ସର୍ଗୀକୃତ ଧନ—2. Property dedicated to or endowed for the service of a Deity.

୩ । ଯଜ୍ଞଶୀଳ ବ୍ୟକ୍ତିର ଧନ (ଦ୍ର. ଶବ୍ଦସାଗର)—
3. The property of a person engaged in performing vedic rites.

ଦେବହୂତି—ସଂ. ବି. ସ୍ତ୍ରୀ—ସ୍ୱାୟମ୍ଭୁବ ମନୁଙ୍କ କନ୍ୟା—
Debahūti Name of a daughter of Swāyambhuba Manu.

[ଦ୍ର—ଏ କର୍ଦ୍ଦମ ମୁନିଙ୍କ ପତ୍ନୀ ଓ କପିଳ ମୁନିଙ୍କ ମାତା ଥିଲେ ।]

ଦେବ ହେଳନ—ସଂ. ବି (ଦେବ+ହେଳନ=ଅପରାଧ)—ଦେବତାଙ୍କ
Deba heḻana ନିକଟରେ ଅପରାଧ—Guilt committed in the eyes of a Deity.

ଦେବହେଳନ କର୍ମ ମୋର
ନଷ୍ଟେ ଲଭିଲି ଦାମୋଦର—ଜଗନ୍ନାଥ, ଭାଗବତ ।

ଦେବା—ସଂ. ବି (ସଂ. ଦେବୃ ଶବ୍ଦ; ଦିବ୍ ଧାତୁ କ୍ରୀଡ଼ା କରିବା+ଋ
Debā ସ୍ୱାର୍ଥେ)—୧ । ଦେବର; ଦିଅର—
1. Husband's younger brother.

୨ । ରଣ୍ଡାପତି; ରଣ୍ଡୀ ସ୍ତ୍ରୀର ସ୍ୱାମୀ; ଠାଇଁ—
2. The husband of a remarried widow.

ସଂ. ବି. ସ୍ତ୍ରୀ—୧ । ପଥଶ୍ଚରଣୀ (ପ୍ରକୃତିବାଦ)—
1. Name of a plant.

୨ । ଅଶନପର୍ଣ୍ଣୀ (ପ୍ରକୃତିବାଦ)—
2. Name of a plant.

ଦେ. ବି (ସଂ. ଦେବ)—୧ । ଦେବତା—1. Deity.

୨ । (ସଂ. ଦେବ ଶବ୍ଦର ୧ମା ବହୁବଚନ ଦେବାଃ)—
ଦେବତାମାନେ—2. The Gods.

ଭମରୁଥିଲ ଯାକୁ ସେବା, ତରେ ଗଣ୍ଡି ସବଦେବା ।
କମଳଲୋଚନଚଉତିଶା ।

ଦେ. କ୍ରି—(ସଂ. ଦା ଧାତୁ; ଓ. ଦେ ଧାତୁ)—୧ । ଉପହାର
ଦେଓଣା; ଦେନା ଦେବା—1. To present.
(ନେବା—ବିପରୀତ) ୨ । ପ୍ରଦାନ କରିବା; ଦାନ କରିବା—
(ଦିଆଇବା—ଣିଜନ୍ତ) 2. To give; to donate.

ଦେବ ଦ୍ୟାଇବ ଦେପଦ ବୋଲିବ । ଚକୁଳିଆ ପଣ୍ଡାଙ୍କ ଗୀତ ।

୩ । (ସମୟ ବା ଅବସର ବା ଛୁଟି ବା ଅନୁମତି)ମଞ୍ଜୁର କରିବା—
3, To grant (time or opportunity or leave or permission.)

୪ । ଅନ୍ୟର ହସ୍ତରେ ଅର୍ପଣ କରିବା—
4. To hand over; to make over.

ଖଣ୍ଡାକରେ ଧନ ଦେଇ ପଦେ ନ କହିଲୁରେ ।
କବିସୂର୍ଯ୍ୟ. ବଳରାମ. ଚମ୍ପୁ. ଖ, ଗୀତ ।

୫ । ଯୋଗାଇବା—5. To supply.

୬ । ଅନ୍ୟଠାରେ ଭାର ନ୍ୟସ୍ତ କରିବା—6. To entrust something to somebody.

ଘର ଦେଇ ପରହାତେ ପଳାଇଲେ ନିଜ ପ୍ରାଣ ନେଇ ।
ଉପାଧ୍ୟ, ବୈଦେହୀଶ ।

୭ । କୌଣସି କାର୍ଯ୍ୟ କରିବାକୁ ଅନ୍ୟକୁ ସମର୍ଥ କରିବା—
7. To make or allow a person to do something.

(ଯଥା—ସେ ମୋତେ ପଦେ କଥା କହିବାକୁ ଦେଲା ନାହିଁ । ପିଲାମାନେ ଗୋଳମାଳ କରି ମୋତେ ଶୁଆଇ ଦେଲେ ନାହିଁ ।)

୮ । (ପୁସ୍ତକାଦିରେ ବା ଅଙ୍ଗରେ ବା ବସ୍ତୁରେ) ସନ୍ନିବେଶିତ କରିବା; ସ୍ଥାପନ କରିବା—8, To place; to put.

[ଯଥା—ଶୀତଦିନେ ଦେହରେ ଲୁଗା ଦିଅ]

୯ । (ନିମନ୍ତ୍ରଣାଦି) ପଠାଇବା; ପ୍ରେରଣ କରିବା—
9. To send (invitation, letters, news).

ସମସ୍ତ ରାଜାମାନଙ୍କୁ ଦିଅ ନିମନ୍ତ୍ରଣ—ବିଶ୍ୱନାଥ, ବିଚିତ୍ରରାମାୟଣ

୧୦ । ଘଟାଇବା; ଅନୁଭୂତ କରାଇବା; ଭୋଗ କରାଇବା—
10. To cause; to cause to experience; to cause to undergo.

ମନେ ଦିଏ ଘୋର ଖେଦ—ନନ୍ଦକିଶୋର, ନର୍ଝରିଣୀ

୧୧ । ଉତ୍ପାଦନ କରିବା—11. To produce.

ତାହାର ପ୍ରଜା ସୁଖପାଇଁ । ବହୁତ ଶସ୍ୟ ଦେଲା ମହୀ । ଜଗନ୍ନାଥ. ଭାଗବତ ।

୧୨ । (ଅନ୍ୟ କ୍ରିୟାର ଅସମାପିକା ରୂପ ସଙ୍ଗେ ଯୁକ୍ତ ହେଲେ) ଅମୁକ କ୍ରିୟା କରିବା—12 To do a certain act (indicated by the verb used before it).

(ଯଥା—ଲେଖି ଦେବା; କହିଦେବା; ଘଷିଦେବା)

୧୩ । (କବାଟ; ଦ୍ୱାର) ବନ୍ଦ କରିବା—13. To shut (the door)

(ଯଥା—ଦୁଆର ଦେବା; ବୋତଲରେ ଠିପି ଦେବା)

୧୪ । (ପାଣି)ଛାଡ଼ିଦେବା—14. To discharge(water).

(ଯଥା—ଆମ କୋଠାର ଛାତ ପାଣି ଦେଉଛି)

୧୫ । (ଅନ୍ୟର ଦେହରେ ହଳଦୀ ଆଦି)ଲଗାଇବା; ବୋଳିବା—
15. To apply; to besmear; to anoint.

(ଯଥା—ଆଈ ପିଲାକୁ ହଳଦୀ ଦଉଛି)

୧୬ । (ମାତା ପିଲାକୁ ସ୍ତନ୍ୟ) ପାନ କରାଇବା—
16. To give a suckling (to a child).

(ଯଥା—ମାଆ ପିଲାକୁ ଦୁଧ ଦଉଛନ୍ତି)

୧୭ । (ଅନ୍ୟକୁ ପ୍ରହାରାଦି) କରିବା—
17. To administer (blows, rebuke),to deal.

(ଯଥା—ମାଡ଼ ଦେବା, ଗାଳି ଦେବା)

[ଦ୍ର—୧ । 'ଦେବା' ଅନ୍ୟ କେତେକ କ୍ରିୟାର ଅସମାପିକା ରୂପ ସହିତ ଲାଗିଲେ ଉକ୍ତ କ୍ରିୟାଉପରେ ଜୋର (emphasis), କ୍ରିୟାର ସମାପ୍ତି ବା କ୍ରିୟାର ଶୀଘ୍ରତା ବୁଝାଏ । ଯଥା—ଖାଇ ଦେବା=ଖାଇ ସାରିବା; ପିଇ ଦେବା=ପାନ କାର୍ଯ୍ୟ ଶେଷ କରିବା; ଦେଇ ଦେବା=ଦେବା କାର୍ଯ୍ୟ ସମାପ୍ତ କରିବା; ବୁଣି ଦେବା

ହାଣି ଦେବା, ଶୁଣି ଦେବା, ଲେଖି ଦେବା, ଶୁଙ୍ଘି ଦେବା, ଖୋଜି ଦେବା, ମାରି ଦେବା, କରି ଦେବା ଇତ୍ୟାଦିରେ ଉକ୍ତ କ୍ରିୟା ଉପରେ ଜୋର୍ ଦିଆଯାଏ; କହିଦେବା ଅର୍ଥରେ କ୍ରିୟାର ଶୀଘ୍ରତା ବୁଝାଏ; ଉଦାହରଣ ଯଥା—

ଖାଇ ଦେଇ କି ଅମଳ ଅଚେତା ହୋଇଲୁ ରେ—କବିସୂର୍ଯ୍ୟ, ଚମ୍ପୁ, ଶ. ଗୀତ ।

୨ । ଣିଜନ୍ତ ବା ପ୍ରଯୋଜକ କ୍ରିୟାରେ ମଧ୍ୟ ଦେବା କ୍ରିୟା ଯୋଗ ହୁଏ, ଯଥା—ଖୁଆଇ ଦେବା; ଶୁଆଇ ଦେବା ପକାଇ ଦେବା ଇତ୍ୟାଦି ।

୩ । ଅନ୍ୟ ବ୍ୟକ୍ତିକୁ ପ୍ରହାର କରିବା ଓ ଗାଳିଦେବା ଅର୍ଥରେ ଅସାଧାରଣ ପ୍ରକାର ସଙ୍ଗେ ଦେବା କ୍ରିୟା ବ୍ୟବହୃତ ହୁଏ । ଯଥା— ମାଡ଼ ଦେବା; ବେତ ଦେବା, ଅଭିଶାପ ଦେବା ଇତ୍ୟାଦି ।

୪ । ଏହି କ୍ରିୟା କଥା ଭାଷାରେ 'ଦବା' ଆକାର ଧାରଣ କରେ ।

୫ । ଦେବା କ୍ରିୟାର ଅନୁଜ୍ଞାରୂପ 'ଦେ' 'ଦିଅ' 'ଦିଅନ୍ତୁ' । କୌଣସି ବ୍ୟକ୍ତିକୁ କୌଣସି କର୍ମ ଶୀଘ୍ର କରିବାକୁ ଅନୁରୋଧ ସ୍ଥଳରେ ଏରୂପମାନ ବ୍ୟବହୃତ ହୁଏ । ଯଥା—ଦିଅ, ଦିଅ, ଚଞ୍ଚଳ ଖାଅ କଚେରୀକୁ ଯିବା ।]

୬ । ଏହି କ୍ରିୟାର ଅସମାପିକାରୂପ ସଙ୍ଗେ ପକାଇବା, ଦେବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।

ଦେବାଜୀବ—ସଂ. ବି. (ବହୁବ୍ରୀହି; ଦେବ + ଆଜୀବ = ଜୀବିକା)—
Debājiba ଦେବପୂଜକ; ପୂଜାହାରୀ ବ୍ରାହ୍ମଣ—A professional worshipper or priest of Deities.
(ଦେବାଜୀବୀ—ଅନ୍ୟରୂପ)

ଦେବାତ୍ମା—ସଂ. ବିଣ. (ବହୁବ୍ରୀହି; ଦେବ + ଆତ୍ମନ୍)—
Debātmā ୧ । ଦେବତାସ୍ୱରୂପ—1. Like a God; God-like.
୨ । ଦେବ ପ୍ରକୃତିବିଶିଷ୍ଟ—
2. Of divine or godly nature.
ବି—ଅଶ୍ୱତ୍ଥବୃକ୍ଷ—The Ficus Religiosa (tree).

ଦେବାଦେବୀ—ଦେ. ବି. (ବହୁବ୍ରୀହି; ସଂ. ଦେବ + ଦେବୀ)—ଅମର
Debādebi ଓ ଅମରୀ; ଦେବଗଣ ଓ ଦେବୀଗଣ—
The Gods and Goddesses.

ବ୍ରହ୍ମା ଶଙ୍କର ଦେବାଦେବୀ; ଅର୍କ ପବନ ଚନ୍ଦ୍ର ରବି ।
ପ୍ରାଚୀ. ନରୁସିଂହମାହାତ୍ମ୍ୟ ।

ଦେବାଧି—ଦେ. ବି—(ସଂ. ଦେବାଧିଦେବ)—୧ । ପ୍ରଧାନ ଦେବତା—
Debādhi 1. The chief of the Deities.
୨ । ଲୋକଙ୍କ ନାମ—
2. A name given to males.

ଦେବାଧିଦେବ—ସଂ. ବି. (୬ଷ୍ଠୀ ତତ୍; ଦେବ + ଅଧିଦେବ)—
Debādhideba ୧ । ମହାଦେବ—
(ଦେବାଧିପ—ଅନ୍ୟରୂପ) 1. Siba.
୨ । ଇନ୍ଦ୍ର—2. Indra.
୩ । ପ୍ରଧାନ ଦେବତା—
3. The chief of all the Deities.

ଦେବାନ୍ (ଇତ୍ୟାଦି)—ଦେୱାନ୍ ଇତ୍ୟାଦି (ଦେଖ)—
Debān (etc) Dewān etc (See)

ଦେବାନ୍ ହରିବଂଶ ରାୟ—ଦେ. ବି. (ନାମ)—ମରହଟ୍ଟାମାନଙ୍କର
Debān haribamśa rāya ଜଣେକ ଖ୍ୟାତନାମା ଦେବାନ୍—
Name of a minister of the Marhattās.
[ଦ୍ର—ଏ ମରହଟ୍ଟା ରଘୁଜୀ ଭୋଁସଲାଙ୍କ ଅମଳରେ ଓଡ଼ିଶାର ଦେବାନୀ ପଦ ପାଇଥିଲେ । ଶୁଣାଅଛି ଯେ ଯେଉଁ ପ୍ରାର୍ଥୀ ଭୋଁସଲାଙ୍କୁ ବେଶି ଟଙ୍କା ଭେଟି ଦେଉଥିଲା, ସେ ତାକୁ ଦେବାନ୍ ପଦରେ ମୁକରର କରୁଥିଲେ; ସେ ଆସି ଓଡ଼ିଶାରେ ପହଞ୍ଚିବାର ମାସେ ଦୁଇ ମାସ ପରେ ଆଉ ଜଣେ ପ୍ରାର୍ଥୀ ଭେଟି ନେଇ ପହଞ୍ଚିଲେ ନୂତନ ଲୋକଙ୍କୁ ଦେବାନୀ ସନନ୍ଦ ମିଳୁଥିଲା । ହରିବଂଶ ରାୟ ନାଗପୁରକୁ ଯାଇ ଭେଟି ଦେଇ ଦେବାନୀ ପଦ ପାଇ ବିଦାୟ ହୋଇ ଆସିଲା ବେଳେ ଭୋଁସଲା ତାଙ୍କୁ ଗୋଟିଏ ଭଲ ଘୋଡ଼ା ଉପହାର ଦେଲେ । ହରିବଂଶ ରାୟ ସେ ଘୋଡ଼ାରେ ଲାଙ୍ଗୁଡ଼ଆଡ଼କୁ ମୁହଁ କରି ଚଢ଼ିଲେ । ରାଜକର୍ମଚାରୀମାନେ ଏହା ଦେଖି ଭୋଁସଲାଙ୍କୁ ଜଣାଇଲେ । ଭୋଁସଲା ଆସି ହରିବଂଶଙ୍କୁ ପଚାରିବାରୁ ସେ କହିଲେ ଘୋଡ଼ାର ପଛଆଡ଼କୁ ମୁହଁ କରି ବସିବାର ଅର୍ଥ ଏହି ଯେ, ମୋ ପଛେ ପଛେ ଆପଣ ଆଉ ଯେଉଁ ବ୍ୟକ୍ତିଙ୍କୁ ଦେବାନ୍ କରି ପଠାଇବେ ମୁଁ ତାହାଙ୍କୁ ଦେଖି ପାରିବି । ଭୋଁସଲା ଏଥିରେ ମୁଗ୍ଧ ହୋଇ ତାଙ୍କୁ କେତେକ ବର୍ଷ ନିମନ୍ତେ ସ୍ଥାୟୀ ସନନ୍ଦ ଦେଲେ ।
ଧର୍ମସମାଗ୍ରହ ୭।୩୩ ତା ୧୩।୧୨।୧୯ ।]

ଦେବାନାମ୍ପ୍ରିୟ—ସଂ. ବିଣ—୧ । ଦେବତାମାନଙ୍କର ପ୍ରିୟ—
Debānāmpriya 1. Beloved of the Gods.
(ଦେବାନାଂପ୍ରିୟ—ଅନ୍ୟରୂପ) ୨ । ଅଶୋକଙ୍କର ନାମ ପୂର୍ବରେ ଅଶୋକ ଲଗାଇଥିବା ବିଶେଷଣ—2. An epithet which king Aśoka prefixed to his name.
[ଦ୍ର—ଏଥିର ପାଲି ଭାଷାର ଆକାର 'ଦେବାନାଂପିଅ' । ଅଶୋକଙ୍କ ଶିଳାଲିପିମାନଙ୍କରେ ଅଶୋକଙ୍କ ନାମ ପୂର୍ବରେ ଦେବାନାଂପିଅ ପିଅଦସି (ସଂ. ପ୍ରିୟଦର୍ଶୀ) ବିଶେଷଣ ଦିଆ ଯାଇଅଛି ।]
ସଂ. ବି—୧ । ବକରା; ଛେଳି (ହି. ଶବ୍ଦସାଗର)—1. Goat.
୨ । ମୂର୍ଖ ବ୍ୟକ୍ତି (ହି. ଶବ୍ଦସାଗର)—
2. An illiterate person.
ଦେ. ବି—ରାଜା ଅଶୋକ—King Aśoka.

ଦେବାନୀ (ଇତ୍ୟାଦି)—ଦେୱାନୀ ଇତ୍ୟାଦି (ଦେଖ)
Debāni (etc) Dewāni etc (See)

ଦେବାନୁଚର—ସଂ. ବି (୬ଷ୍ଠୀ ତତ୍; ଦେବ + ଅନୁଚର)—
Debānuchara ୧ । ଦେବତାଙ୍କ ଭୃତ୍ୟ—1. An attendant of a Deity.
[ଦ୍ର—ନନ୍ଦୀ ଓ ଭୃଙ୍ଗୀ ଶିବଙ୍କର ଏବଂ ଗରୁଡ଼ ବିଷ୍ଣୁଙ୍କର ଅନୁଚର ଅଟନ୍ତି ।]
୨ । ଉପଦେବତା; ବିଦ୍ୟାଧର, ଯକ୍ଷ, ଗନ୍ଧର୍ବ ଓ କିନ୍ନରାଦି—
2. Demi-gods.

ଦେବାନ୍ତକ—ସଂ. ବି—ରାମାୟଣବର୍ଣ୍ଣିତ ରାକ୍ଷସ ବୀରବିଶେଷ—
Debāntaka Name of a demon described in the Rāmāyana.

ବରଗି ଦେବାନ୍ତକ ତ୍ରିଶିର ନରାନ୍ତକ ମହୋଦର ଅତିକାୟକ—
ଭକ୍ତ. ବୈଦେହୀଶବିଳାସ ।

ଦେବା ପଦ—ଦେ. ବି—୧ । 'ଦେବା' ଏହି ଶବ୍ଦ—
Debā pada 1. The word 'Give'.
୨ । ଦାତୃତ୍ୱ—2. Liberality.
ଦେବାପଦ ସମସ୍ତ ଘରେ ଦେବ ଶୂନ୍ୟ—କୃଷ୍ଣସିଂହ. ମହାଭାରତ. ବନ ।

ଦେବାପି—ସଂ. ବି. (ନାମ)—ମହାଭାରତ ଅନୁସାରେ ରାଜା ଶାନ୍ତନୁଙ୍କ
Debāpi ଭାଇ—Name of a brother of king Śāntanu.
[ଦ୍ର—ଏ ଧର୍ମାତ୍ମା ଥିଲେ ଓ ତପୋବଳରେ ବ୍ରାହ୍ମଣତ୍ୱ ଲାଭ କରିଥିଲେ ।]

ଦେବାବାସ—ସଂ. ବି. (୬ଷ୍ଠୀ ତତ୍; ଦେବ+ଆବାସ)—
Debābāsa ୧ । ଦେବାଳୟ—1. Temple.
୨ । ଅଶ୍ୱତ୍ଥବୃକ୍ଷ—2. The peepal tree.
୩ । ସ୍ୱର୍ଗ—3. Heaven.
୪ । ସୁମେରୁପର୍ବତ—4. The Sumeru mountain.

ଦେବାବେଶ—ସଂ. ବି. (୬ଷ୍ଠୀ ତତ୍; ଦେବ+ଆବେଶ)—ମନୁଷ୍ୟଙ୍କ
Debābeśa ଠାରେ ଦେବତାଙ୍କ ଆତ୍ମାର ଆବିର୍ଭାବ; ଠାକୁରାଣୀ ଲାଗିବା; ଠାକୁରାଣୀ ଭରି ହେବା—The possession of a human being by a Deity.

ଦେବାୟତନ—ସଂ. ବି. (୬ଷ୍ଠୀ ତତ୍; ଦେବ+ଆୟତନ)—ଦେବାଳୟ—
Debāyatana Temple.

ଦେବାୟୁଧ—ସଂ. ବି. (୬ଷ୍ଠୀ ତତ୍; ଦେବ+ଆୟୁଧ)—
Debāyudha ୧ । ଦେବତାଙ୍କର ଅସ୍ତ୍ର ଶସ୍ତ୍ର—
1. The weapons of the Gods.
[ଦ୍ର—ହିନ୍ଦୁଶାସ୍ତ୍ର ଅନୁସାରେ ଭିନ୍ନ ଭିନ୍ନ ଦେବତାଙ୍କର ଭିନ୍ନ ଭିନ୍ନ ଅସ୍ତ୍ର ଅଛି । ଯଥା—୧. ବିଷ୍ଣୁଙ୍କର ସୁଦର୍ଶନ ଚକ୍ର ଓ ଗଦା, ୨. ଶିବଙ୍କର ପରଶୁ ଓ ଖଟ୍ୱାଙ୍ଗ, ୩. ବରୁଣଙ୍କର ପାଶ, ୪. ଗଣେଶଙ୍କର ପାଶ ଓ ଅଙ୍କୁଶ, ୫. ଇନ୍ଦ୍ରଙ୍କର ବଜ୍ର, ୬. ଯମଙ୍କର ଦଣ୍ଡ ଓ ପାଶ ।]
୨ । ଶକ୍ରଧନୁ; ଇନ୍ଦ୍ରଧନୁ—2. Rainbow.

ଦେବାରାଧନ—ସଂ. ବି. (ଦେବ+ଆରାଧନ; ୬ଷ୍ଠୀ ତତ୍)—ଦେବତାଙ୍କ
Debārādhana ଉପାସନା ବା ପୂଜା—Worship of a Deity.
(ଦେବାରାଧନା—ଅନ୍ୟରୂପ)

ଦେବାର୍ଚ୍ଚନ—ସଂ. ବି. (୬ଷ୍ଠୀ ତତ୍; ଦେବ+ଅର୍ଚ୍ଚନ)—ଦେବୋ-
Debārchchana ପାସନା—Worship of a Deity.
ଦେ. ବି—ରାଜାମାନଙ୍କର ସ୍ନାନାନ୍ତେ ଦୈନିକ ସନ୍ଧ୍ୟାବନ୍ଦନାଦି କାର୍ଯ୍ୟ—
The daily rite of worship performed by a Rājā after bath.
ଯୁବରାଜଙ୍କର ଦେବାର୍ଚ୍ଚନ ସମୟରେ
ଦେଖିଲେ ନଳତନୁଜା ସୁନନ୍ଦା ସଙ୍ଗରେ—କୃଷ୍ଣସିଂହ. ମହାଭାରତ. ବନ ।

ଦେବାଲ୍ (ଇତ୍ୟାଦି)—ଦେୱାଲ୍ ଇତ୍ୟାଦି (ଦେଖ)
Debāl (etc) Dewāl etc (See)

ଦେବାଳ—ଦେ. ବି. (ସଂ. ଦେବାଳୟ)—୧ । ଦେବାଳୟ—
Debāḷa 1. Temple.
ଦେଉଳ ୨ । ଦେବମାୟା—
ଦ୍ୱୈଖଳ 2. Illusion created by the Gods.

ଦେବାଳୟ—ସଂ. ବି. (୬ଷ୍ଠୀ ତତ୍; ଦେବ+ଆଳୟ)—
Debāḷaya ୧ । ଦେଉଳ; ଦେବମନ୍ଦିର—1. Temple.
୨ । ସ୍ୱର୍ଗ—2. Heaven.

ଦେବାଶ୍ୱ ସଂ. ବି. (୬ଷ୍ଠୀ ତତ୍; ଦେବ+ଅଶ୍ୱ)—ଇନ୍ଦ୍ରଙ୍କ ଅଶ୍ୱ;
Debāśwa ଉଚ୍ଚୈଃଶ୍ରବା—Uchchaiḥśrabā, the horse of Indra.

ଦେବାଲି (ଇତ୍ୟାଦି)—ଦେୱାଲି ଇତ୍ୟାଦି (ଦେଖ)
Debāli (etc) Dewāli etc (See)

ଦେବାହାର—ସଂ. ବି. (୬ଷ୍ଠୀ ତତ୍; ଦେବ+ଆହାର)—ଅମୃତ—
Debāhāra Ambrosia; nectar.

ଦେବିକା—ସଂ. ବି—୧ । (ବୈଦ୍ୟକ) ଧାତୁରି (ଦେଖ)
Debikā Dhāturā (See)
୨ । ଘାଘର୍ ନଦୀ (ହି· ଶବ୍ଦସାଗର)—
2. The river Ghāgarā.

ଦେବିକା ତୀର୍ଥ—ଦେବି—୧ । ହିନ୍ଦୁମାନଙ୍କର ତୀର୍ଥବିଶେଷ—
Debikā tīrtha 1. A sacred place of Hindus; a place of Hindu pilgrimage.
ଦେବିକା ତୀର୍ଥକୁ ତ୍ରିକୂଳ ନାଦ—କୃଷ୍ଣସିଂହ, ମହାଭାରତ. ବନ ।
୨ । ସରଯୂ ନଦୀ (ପ୍ରକୃତିବାଦ)—
2. The river Sarajū.

ଦେବିଳ—ସଂ. ବିଣ. ପୁଂ· (ଦେବ+ଇଳ)—୧ । ଦେବପରାୟଣ—
Debiḷa 1. God-fearing; saintly.
(ଦେବିଳା—ସ୍ତ୍ରୀ) ୨ । ପରମଧାର୍ମିକ—2. Pious.

ଦେବୀ—ସଂ. ବି. ସ୍ତ୍ରୀ. (ଦେବ+ସ୍ତ୍ରୀ. ଈ)—୧ । ସ୍ତ୍ରୀ ଦେବତା—
Debī 1. Goddess.
୨ । ମହାଶକ୍ତି; ଦୁର୍ଗା—2. The Goddess Durgā.
୩ । ପାଟରାଣୀ; ରାଜମହିଷୀ—3. The chief queen.
୪ । ବ୍ରାହ୍ମଣୀ—4. A Brāhmaṇī woman.
୫ । ପୂଜ୍ୟା ବା ମାନ୍ୟା ସ୍ତ୍ରୀ—5. A respected female.
[ଦ୍ର—ସଧବା ବ୍ରାହ୍ମଣୀମାନଙ୍କୁ 'ଦେବୀ' ଓ ବିଧବାମାନଙ୍କୁ 'ଦେବ୍ୟା' ଉପାଧି ଦିଆଯାଇ ଲେଖାଯାଏ । କ୍ଷତ୍ରୀୟ ଓ କରଣ ସ୍ତ୍ରୀମାନଙ୍କ ନାମ ପରେ ବ୍ୟବହୃତ 'ଦେଈ' ମଧ୍ୟ 'ଦେବୀ'ର ଅପଭ୍ରଂଶ । ଶୂଦ୍ରାସ୍ତ୍ରୀମାନଙ୍କ ନାମ ପରେ 'ଦାସୀ' ବ୍ୟବହୃତ ହୁଏ । ଆଜିକାଲି ତ ବ୍ରାହ୍ମଣୀ, କ କ୍ଷତ୍ରିୟା, କ ଶୂଦ୍ରା ସମସ୍ତେ ଦେବୀ ଉପାଧି ବ୍ୟବହାର କରୁଥିବାର ଦେଖାଯାଏ ।]
୬ । (ବୈଦ୍ୟକ) ଶାଳପର୍ଣ୍ଣୀ (ଦେଖ)
6. Śālaparṇṇī (See)
୭ । (ବୈଦ୍ୟକ) ପିଡ଼ଙ୍ଗ (ଦେଖ)
7. Pirḍanga (See)
୮ । (ବୈଦ୍ୟକ) ମୁର୍ବା (ଦେଖ)—8. Mūrbbā (See)
୯ । (ବୈଦ୍ୟକ) ଅଷାଢ଼ୁଆ (ଦେଖ)
9. Ashārḍhuā (See)
୧୦ । (ବୈଦ୍ୟକ) ଅଣଗୋରସିଆ; ଆଦିତ୍ୟଭକ୍ତା (ଦେଖ)
10. Ādityabhaktā (See)

୧୧ । ସୁଶୀଳା ଓ ସଦାଚାରିଣୀ ସ୍ତ୍ରୀ (ହି. ଶବ୍ଦସାଗର)—
11. A virtuous woman.

୧୨ । ନାଗରମୁଥା (ହି. ଶବ୍ଦସାଗର)—
12. The big variety of grass-root

୧୩ । ହରଡ଼ା (ହି. ଶବ୍ଦସାଗର)—13. Myrobalan.

୧୪ । ଅଳସି (ହି. ଶବ୍ଦସାଗର)—14. Linseed.

୧୫ । ଶ୍ୟାମା ପକ୍ଷୀ (ହି. ଶବ୍ଦସାଗର)—
15. A kind of myna bird.

ଦେ. ବି. ସ୍ତ୍ରୀ—ରାଜାମାନଙ୍କର ପାଟରାଣୀଙ୍କ ଛଡ଼ା ଅନ୍ୟ ରାଣୀମାନଙ୍କ ଉପାଧି – The title of the Ranees other than the principal Ranee.

ଦେବୀଦ୍ୱାର—ଦେ. ବି—୧ । କଟକ ଜିଲ୍ଲାର ଡମପଡ଼ା ରାଜ୍ୟର ଅନ୍ତର୍ଗତ ମହାନଦୀ ତୀରବର୍ତ୍ତୀ ସ୍ଥାନବିଶେଷ—
Debidwāra
1. Name of a place on the shore of the Mahānadi in the Dompara estate.

ଛନ୍ତି ଦେବୀ ଦ୍ୱାର ଚଣ୍ଡିକା ବନେ ସିଂହ ରୂପରେ ।
ରାଧାନାଥ. ଚନ୍ଦ୍ରଭାଗା ।

୨ । ଡମପଡ଼ାର ସ୍ୱନାମପ୍ରସିଦ୍ଧ ପର୍ବତମାଳା—
2. Name of a range of hills in the Dompara estate.

ଧୀରେ ଦେବୀ ଦ୍ୱାର ଗିରି ଶୃଙ୍ଗେ ରହି । ରାଧାନାଥ. ନନ୍ଦିକେଶ୍ୱରୀ ।

ଦେବୀ ନଦୀ—ଦେ. ବି. (ନାମ)—ମହାନଦୀର ଶାଖାନଦୀବିଶେଷ—
Debi nadi
Name of a branch of the Mahānadi river.

ଦେବୀ ନଦୀ ଗର୍ଭେ ମୃତ୍ୟୁ ହେବ ସେ ଖାଳରେ ।
ପ୍ରାଚୀ ଗ୍ରାମ୍ୟଭକ୍ତି ଗୀତା ।

[ଦ୍ର—କାଠଯୋଡ଼ି ନଗ୍ରଜଠାରୁ ମହାନଦୀରୁ ବାହାରି ୨୦ ମାଇଲ ଯିବା ପରେ ଦେବୀ ନଦୀ ଆଖ୍ୟା ଧାରଣ କରିଅଛି ।]

ଦେବୀପାଦହରା—ଦେ. ବି. (ନାମ)—ଭୁବନେଶ୍ୱରର ପବିତ୍ର ସରୋବରବିଶେଷ—
Debipādaharā
Name of a sacred tank in Bhubaneśwara.

ଦେବୀ ପୁରାଣ—ସଂ. ବି—ଦେବୀ ମାହାତ୍ମ୍ୟ (ଦେଖ)
Debi purāṇa
Debi māhātmya (See)

ଦେବୀ ଭାଗବତ—ସଂ. ବି. (ଭଗବତୀ ଦେବୀଙ୍କୁ ଅବଲମ୍ବନ କରି ଯେଉଁ ଗ୍ରନ୍ଥ ଲିଖିତ ହୋଇଅଛି; ମ. ପ. ଙ୍କେ)—
Debi bhāgabata
ଦୁର୍ଗାଙ୍କ ମାହାତ୍ମ୍ୟ ବର୍ଣ୍ଣନାତ୍ମକ ପୁରାଣବିଶେଷ—
A mythological work on Durgā.

[ଦ୍ର—କେହି କେହି ଏହାକୁ ପୁରାଣ ଓ କେହି କେହି ଉପପୁରାଣ କହନ୍ତି । ଏଥିରେ ଭାଗବତ ପରି ୧୨ ସ୍କନ୍ଧ ଓ ୧୮ ହଜାର ଶ୍ଳୋକ ଅଛି । ଦେବୀ ଭାଗବତରେ ତାନ୍ତ୍ରିକ ଭାବର ପ୍ରବଳତା ଲକ୍ଷିତ ହୁଏ । ଏଥିରେ ଭଗବତୀଙ୍କ ଉପାସନା ଓ ପୀଠମାନଙ୍କ ବର୍ଣ୍ଣନା ଅଛି ।]

ଦେବୀ ମାହାତ୍ମ୍ୟ—ସଂ. ବି—ମାର୍କଣ୍ଡେୟ ପୁରାଣାନ୍ତର୍ଗତ ପ୍ରସିଦ୍ଧ ଗ୍ରନ୍ଥ; ଦୁର୍ଗାଙ୍କ ବିଜୟ ବର୍ଣ୍ଣନାତ୍ମକ ଗ୍ରନ୍ଥ; ଚଣ୍ଡୀ ଗ୍ରନ୍ଥ—
Debi māhātmya
A mythological work on the acts done by Durgā.

ଦେବୀ ରଥ—ଦେ. ବି. (ନାମ)—ସୁଭଦ୍ରାଙ୍କ ରଥର ନାମ—
Debi ratha
The name of the car in which the Goddess Subhadrā is drawn during the car festival of Puri.

[ଦ୍ର—ଏହାର ଅନ୍ୟ ନାମ ଦେବ ଦଳନ ।]

ଦେବୀ ଲତା—ସଂ. ବି. (ସଂ. ଚଣ୍ଡୀ)—
Debi latā
ଔଷଧରେ ବ୍ୟବହୃତ ଲତାବିଶେଷ (ହରେକୃଷ୍ଣ ଦ୍ରବ୍ୟଗୁଣ)—Name of a medicinal creeper.

ଦେବୀ ସୂକ୍ତ—ସଂ. ବି. (ମ. ପ. ଙ୍କେ; ଦେବୀଙ୍କ ଉପାସନାରେ ବ୍ୟବହୃତ ସୂକ୍ତ)—ଋଗ୍‌ବେଦ ଶାକଲ ସଂହିତାର ଅନ୍ତର୍ଗତ ଭଗବତୀଙ୍କ ସୂକ୍ତ—
Debi sūkta
Title of a vedic hymn.

ଦେବେଜ୍ୟ—ସଂ. ବି. (ଦେବ + ଇଜ୍ୟ=ପୂଜ୍ୟ; ଅର୍ଗ୍ଯ୍ୟ)—
Debejya
ସୁରଗୁରୁ; ବୃହସ୍ପତି—Bṛuhaspati, the preceptor of the Gods.

ଦେବେଶ—ସଂ. ବି. ପୁଂ. (୬ଷ୍ଠୀ; ଦେବ + ଈଶ)—
Debesa
୧ । ମହାଦେବ—1. God Siba.
(ଦେବେଶୀ—ଅନ୍ୟରୂପ) ୨ । ବିଷ୍ଣୁ—2. God Bishṇu.
୩ । ପରମେଶ୍ୱର—3. God.
୪ । ଇନ୍ଦ୍ର—4. Indra.

ଦେବେଷ୍ଟ—ସଂ. ବି. (୩ୟା ତତ୍; ଦେବ+ଇଷ୍ଟ)—
Debeshṭa
୧ । ଦେବବାଞ୍ଛିତ—1. Desired by the Gods.
୨ । ଦେବତାଙ୍କ ପ୍ରିୟ—
2. Beloved of the Gods.
ବି—୧ । ଗୁଗ୍ଗୁଳ—1. Bdellium.
୨ । ମହାମୋଦା—2. A medicinal plant.

ଦେବୋତ୍ତର—ସଂ. ବିଣ. (ଦେବ+ଉତ୍ତର=ଯୋଗ)—
Debottara
୧ । ଦେବ ସେବା ପାଇଁ ଉତ୍ସୃଷ୍ଟ ସମ୍ପତ୍ତି—
1. (property) Dedicated to the worship of an idol.
୨ । ଦେବ ସେବାରେ ନିୟୋଜିତ (ସମ୍ପତ୍ତି)—
2. (property) Applied to the worship of an idol.
ଦେ. ବି—ଦେବ ସେବା ପାଇଁ ଉତ୍ସୃଷ୍ଟ ସମ୍ପତ୍ତି—
Endowment; endowed property.

[ଦ୍ର—ଏହି ପରି ବ୍ରହ୍ମୋତ୍ତର, ଶିବୋତ୍ତର ଶବ୍ଦମାନ ବ୍ୟବହୃତ ହୁଏ ।]

ଦେବୋତ୍ତର ଆଇନ୍—ଦେ. ବି—ମଠ ଓ ଦେବ ସେବା ପରିଚାଳନ ପାଇଁ ରକ୍ଷିତ ସମ୍ପତ୍ତିର ତତ୍ତ୍ୱାବଧାରଣ ସମ୍ବନ୍ଧେ ସରକାର କରିଥିବା ଆଇନ୍—The Endowment Act.
Debottara āin

[ଦ୍ର—ଏହା ଇଣ୍ଡିଆ କାଉନ୍ସିଲ୍‌ର ୧୮୬୩ ସାଲର ୨୦ ଆଇନ୍ ଅଟେ ।]

ଦେବୋତ୍ତର କମିଟୀ—ଦେ. ବ—ଦେବୋତ୍ତର ସମ୍ପତ୍ତିର ପରିଚାଳନାର୍ଥ
Debottara kamiṭi ଜଜ୍ ସାହେବଙ୍କ ଦ୍ୱାରା ନିଯୁକ୍ତ ସମିତି—
Endowment-committee appointed by the District Judge.

ଦେବୋତ୍ତର ଘେନାଣ ମଧ୍ୟସ୍ୱତ୍ୱାଧିକାରୀ ସତ୍ୱ—ଦେ. ବ—
Debottara ghenāṇa madhyaswatwādhikārī satwa
କଟକଜିଲ୍ଲାର କେନ୍ଦ୍ରାପଡ଼ା ଅଞ୍ଚଳରେ ଥିବା ଏକପ୍ରକାର ଦେବୋତ୍ତର ମଧ୍ୟସ୍ୱତ୍ୱ—A kind of religious endowment undertenure in the district of Cuttack.

ଦେବୋତ୍ତର ନିଷ୍କର—ଦେ. ବ—ଦେବ ସେବା ପାଇଁ ଉତ୍ସୃଷ୍ଟ ଯେଉଁ
Debottara nishkara ଜମିରୁ ଜମିଦାର ଖଜଣା ନିଅନ୍ତି ନାହିଁ—
Rent-free Debottar land.

ଦେବୋତ୍ତର ବାଜ୍ୟାପ୍ତି—ଦେ. ବ—ଦେବ ସେବା ପାଇଁ ଉତ୍ସୃଷ୍ଟ
Debottara bājyāpti ଯେଉଁ ଜମିର ସନନ୍ଦ ସମ୍ବନ୍ଧେ ଇଂରାଜ ସରକାର ସନ୍ତୋଷଜନକ ପ୍ରମାଣ ନ ପାଇବାରୁ ତହିଁରେ କର ଧାର୍ଯ୍ୟ କରି ଅଛନ୍ତି—Resumed revenue-free endowed land.

ଦେବୋତ୍ତର ବାହେଲ୍—ଦେ. ବ—ଦେବ ସେବା ପାଇଁ ଉତ୍ସୃଷ୍ଟ ଯେଉଁ
Debottara bāhel ଜମିର ରାଜସ୍ୱ ଇଂରାଜ ସରକାର ମାଫ୍ ଦେଇ ଅଛନ୍ତି—Confirmed Lakharāj dedicated to an idol.

ଦେବୋତ୍ତର ଲଖରାଜ୍—ଦେ. ବ—ଚିରକାଳ ରାଜସ୍ୱ ମାଫ୍ ପାଇଥିବା
Debottara lākharāj ଦେବୋତ୍ତର ଜମି—Revenue-free land dedicated to an idol.

ଦେବୋତ୍ଥାନ—ସ. ବି. (୬ଷ୍ଠୀ ତତ୍; ଦେବ+ଉତ୍ଥାନ)—
Debotthāna ୧ । ଉତ୍ଥାନ ଏକାଦଶୀ (ଦେଖ)
(ଦେବୋତ୍ଥାପନ—ଅନ୍ୟରୂପ) 1. Utthāna ekādasī (See)
୨ । ଉତ୍ଥାପନ ଚତୁର୍ଦ୍ଦଶୀ (ଦେଖ)—
2. Utthāpana chaturddasī (See)

ଦେବୋନ୍ମାଦ—ସ. ବି—ଏକପ୍ରକାର ଉନ୍ମାଦ ରୋଗ—
Debonmāda Religious mania.
(ଯଥା—ଏଥିରେ ରୋଗୀ ସର୍ବଦା ଶୁଚି ରହେ, ସୁଗନ୍ଧ ଫୁଲର ମାଳା ପିନ୍ଧେ, ଆଖି ପିଛୁଡ଼େ ନାହିଁ ଓ ସଂସ୍କୃତରେ କଥା କହେ—ହି. ଶବ୍ଦସାଗର ।)

ଦେବୌକା—ସ. ବ. (ଦେବ+ଓକସ୍=ବାସସ୍ଥାନ; ୧ମା. ୧ବ)—
Debaukā ସୁମେରୁ ପର୍ବତ—The mythological Sumeru mountain.

ଦେମାକ୍ (ଇତ୍ୟାଦି)—ଦିମାକ୍ ଇତ୍ୟାଦି (ଦେଖ)
Demāk (etc). Dimāk etc (See)

ଦେମାକି—ଦେ. ବି—ଦିମାକି (ଦେଖ)
Demāki Dimāki (See)

ଦେମୁଲ୍ ପୂଜା—ପ୍ରାଦେ. (ସମ୍ବଲପୁର) ବି—୧ । ଦେପୂଜା (ଦେଖ)
Demulpūjā 1. Depūjā (See)
୨ । ଗ୍ରାମଦେବତାଙ୍କ ଅସ୍ଥାନ—
2. The seat of a village-Deity.

ଦେୟ—ସ. ବିଣ. (ଦା ଧାତୁ+କର୍ମ ଯ)—
Deya ୧ । ଦାନ କରିବାର ଉପଯୁକ୍ତ—
(ଦେୟା—ସ୍ତ୍ରୀ) 1. Fit to be given away.
୨ । ଯାହା ଦେବାକୁ ହେବ; ଯାହା ଦେବା ଉଚିତ—
2. Which must be given; payable.
ବି—ଦେୟ ଅର୍ଥ ବା ବସ୍ତୁ—
A thing or money payable.

ଦେରାଦୁନ୍—ଦେ. ବ (ନାମ)—(ସ. ଦ୍ରୋଣଦୁର୍ଗର ଅପଭ୍ରଂଶ;
Derādun ସ୍ୱାମୀ ରାମାନନ୍ଦ ପୃ ୧୬୭ ଦେଖ)—
(ଡେରାଡ଼ୁନ୍—ଅନ୍ୟରୂପ) ଉତ୍ତର ପଶ୍ଚିମ ପ୍ରଦେଶ ଅନ୍ତର୍ଗତ ଗୋଟିଏ ଜିଲ୍ଲା ଓ ତାହାର ରାଜଧାନୀ ।—Name of a district and town in the North-western Provinces of India.

ଦେରି—ବୈଦେ. ବ (ଫା. ଦେର୍)—ଡେରି; କାଳ ବିଲମ୍ବ—Delay.
Deri ଗ୍ରା. ଅ—ଦେରେ (ଦେଖ)
ଦେରୀ; ଡେରି Dere (See)

ଦେରେ—ଗ୍ରା. ଅ (ଇତର ବ୍ୟବହୃତ) (ସ. ସଦୃଶ)—ପରି—
Dere Like.

ଦେରୁ
ଦେରୁ
ଦେରକା
ଦେରେକା } ଅନ୍ୟରୂପ

ଦ୍ୱିଜ କହ ରହ ବାଣୀ, ଶୁଣି ସେ ରମଣୀମଣି ।
ସ୍ନେହେ ପ୍ରିୟ ବହୁଗଣ ବାର ଦେରେ । କନ୍ଦର୍ପ୍ପ ସଙ୍ଗୀତ ।

ଦେୱାନ୍—ବୈଦେ. ବ (ଫା. ଦେୱାନ୍)—ରାଜ୍ୟର ପ୍ରଧାନ ସଚିବ—
Dewān Minister; the chief executive officer of a state; Dewan.
[ଦ୍ର—ଏ ଫାରସୀ ଶବ୍ଦ ଓଡ଼ିଆ ଓ ଇଂରାଜୀରେ ଚଳନ୍ତି]

ଦେୱାନ୍ ବାହାଦୁର—ବୈଦେ. ବ (ଫା)—ଭାରତ ସରକାରଙ୍କ ପ୍ରଦତ୍ତ ସମ୍ମାନ-
Dewān bāhādur ସୂଚକ ଉପାଧିବିଶେଷ—An honorary title given by the India Government.

ଦେୱାନୀ—ବୈଦେ. ବ (ଫା)—ଦେୱାନଙ୍କ ପଦ—The post of
Dewānī a Dewan.
ବିଣ—ସ୍ୱତ୍ୱାସ୍ୱତ୍ୱ ବିଷୟକ ବିଚାର ଅଦାଲତ ସମ୍ବନ୍ଧୀୟ—
Pertaining to the civil court; civil.

ଦେୱାନୀ ଅଦାଲତ୍—ବୈଦେ. ବ (ଫା)—ଯେଉଁ ବିଚାରାଳୟରେ
Dewānī adālat ସ୍ୱତ୍ୱାସ୍ୱତ୍ୱ ଓ ବିଷୟାଧିକାର ସମ୍ବନ୍ଧେ ବିଚାର କରାଯାଏ—Civil court.

ଦେୱାନୀ ଆମ୍—ବୈଦେ. ବ (ଫା. ଦେୱାନୀ ଆମ୍)—ପ୍ରକାଶ୍ୟ ରାଜସଭା;
Dewānī ām ଯେଉଁ ରାଜସଭାରେ ରାଜାଙ୍କ ସମ୍ମୁଖରେ ବିଚାର-ପ୍ରାର୍ଥୀ ହୋଇ ସାଧାରଣ ଲୋକେ ଉପସ୍ଥିତ ହୋଇ ପାରନ୍ତି—A king's court where the king is accessible to every suitor.

ଦେୱାନୀ ଖାସ୍—ବୈଦେ. ବ (ଫା. ଦେୱାନୀ ଖାସ୍)—ମନ୍ତ୍ରୀମାନଙ୍କ ସହିତ
Dewānī khās ରାଜାଙ୍କର ଗୁପ୍ତ ପରାମର୍ଶ ସଭା—
Privy council.

ଦେୱାନୀ ଫାଟକ—ବୈଦେ. ବି (ଫା. ଦେବାନୀ ଫାଟକ୍)—ଯେଉଁ
Dewāni phātaka ଜେଲ୍‌ଖାନାରେ ଡିଗ୍ରୀଦାରଙ୍କ ଟଙ୍କା ପରିଶୋଧ
देवानीफाटक; देवानीफाटक ନ କରିବା ଖାତକମାନଙ୍କୁ ବନ୍ଦୀ
(ଦେୱାନ ଫାଟକ—ଅନ୍ୟରୂପ) କରି ରଖାଯାଏ—Debtors' prison; civil prison.

[ଦ୍ର—ଯେଉଁ ଦେଣଦାରର ଋଣ ପରିଶୋଧ କରିବା କ୍ଷମତା ସତ୍ତ୍ୱେ ଡିଗ୍ରୀଦାରଙ୍କୁ ସେ ପରିଶୋଧ ନ କରେ, ଡିଗ୍ରୀଦାରଙ୍କ ପ୍ରାର୍ଥନା ଓ ଖରଚରେ ତାକୁ ବିନା ପରିଶ୍ରମରେ ଦେୱାନୀ ଫାଟକରେ ବନ୍ଦୀ କରି ରଖାଯାଏ]

ଦେୱାଲ୍—ବୈଦେ. ବି (ଫା.)—୧। କାନ୍ଥ—1. Wall.
Dewāl ୨। ପ୍ରାଚୀର; ପାଚେରି—Compound wall.
देओयाल; दीवाल

ଦେୱାଲ୍‌ଗିରି—ବୈଦେ. ବି (ଫା.)—କାନ୍ଥରେ ମରାଯିବା ପ୍ରଦୀପବିଶେଷ—
Dewālgiri Wall lamp.
देओयाल गिरि; दीवालगिरी
(ଦେଓ୍ୱାଲଗିରି—ଅନ୍ୟରୂପ)

ଦେୱାଲି—ଦେ. ବି (ସ. ଦୀପାବଳୀ)—କାର୍ତ୍ତିକ ମାସର ଦୀପାବଳୀ
Dewāli ଅମାବାସ୍ୟା—The new moon of the month
देवाली; दीवाली of Kārttika.

ଦେୱାଳିଆ—ଦେ. ବି—ଋଣ ପରିଶୋଧ କରିବାକୁ ଅକ୍ଷମ—
Dewāliā Insolvent; head over ears in debt;
देवालिया दिवालिया; दिवाला indebted.

ଦେଶ—ସ. ବି (ଦିଶ୍ ଧାତୁ=ଦେଖିବା+କର୍ମ. ଅ)—୧। ପୃଥିବୀର
Desa ଅଂଶବିଶେଷ; ଅଞ୍ଚଳ; ସ୍ଥାନ—1. A part of the earth; a tract of country; place; region.
୨। ଏକ ଜାତୀୟ ବା ଏକଭାଷା ବ୍ୟବହାରୀ ବ୍ୟକ୍ତିମାନଙ୍କର ଅଧିଷ୍ଠିତ ବାସସ୍ଥାନ—2. A country belonging to one nation.
୩। ମହାଦେଶର ଅଂଶ—3. Country; one of the component parts of a continent.
୪। ଜନ୍ମସ୍ଥାନ; ମାତୃଭୂମି—
4. A country of one's birth; mother country.
୫। ଦିଗ—5. Quarter of the globe; point of the compass.
୬। ଦେହର ଅଙ୍ଗ ପ୍ରତ୍ୟଙ୍ଗ ବା ଅଂଶ ବା ଭାଗ; ଅବୟବ—
6. A part or limb of the body.
(ଯଥା—ପୃଷ୍ଠଦେଶ, ଗଣ୍ଡଦେଶ ଇତ୍ୟାଦି।)
୭। କୌଣସି ପଦାର୍ଥର ଅଂଶ—
7. Part of a thing.
ମସ୍ତକଦେଶେ ଜଟା ଗୋଟାଏ ବାନ୍ଧିଛ—କୃଷ୍ଣସିଂ ହ. ମହାଭାରତ. ଅଦି।
୮। ରାଷ୍ଟ୍ର; ରାଜ୍ୟ; ଏକ ଶାସନାଧୀନ ଅଞ୍ଚଳ—
8. Kingdom; state.
ଦେ. ବି—୧। ବିଶିଷ୍ଟ ଅଞ୍ଚଳ—1. A particular tract of a country; locality.
ଦେଶକେ ପାଣି, କଲକେ ବାଣୀ—ଢଗ।
୨। ଗ୍ରାମ; ଜନପଦ; ମଫସଲ—
2. Mofassal; the country side.
୩। ଜାତିଆମାନଙ୍କର ଭିନ୍ନ ଅଞ୍ଚଳ ନିବାସୀ ଜାତିଭାଇମାନେ—
3. All the castemen of a caste-guild inhabiting different places.
୪। ଜାତିଆମାନଙ୍କର ଜାତିଆଣ ସଭା—4. An assemblage or meeting of a caste-guild representing a large number of villages.
(ଯଥା—ଏ କଥାପାଇଁ ଦେଶ ବସାଇ ବୁଝି ନବା।)
୫। ଗ୍ରାମବାସୀ ବା ସର୍ବସାଧାରଣ—
5. The public or village community.
୬। ରାଜ୍ୟର ପ୍ରଜା ସମୂହ—6. The whole body of the subjects of a State.
(ଯଥା—ଦେଶ ମାରିଲେ ରାଜାର ଉପାୟ କଣ ?)
[ଦ୍ର—ଅନେକଗୁଡ଼ିଏ ଦେଶରେ ଗୋଟିଏ ମହାଦେଶ ହୁଏ। ଦେଶର କ୍ଷୁଦ୍ର ଅଂଶମାନଙ୍କ ନାମ ପ୍ରଦେଶ; ପ୍ରଦେଶର ଅଂଶ ବିଭାଗ; ବିଭାଗର ଅଂଶ ଜିଲ୍ଲା; ଜିଲ୍ଲାର ଅଂଶ ସବ୍‌ଡିଭିଜନ୍।]

ଦେଶକ—ସ. ବି. ପୁଂ (ଦିଶ୍ ଧାତୁ=ଆଜ୍ଞା କରିବା+କର୍ତ୍ତୃ. ଅକ)—
Desaka ୧। ଉପଦେଶକ; ଶିକ୍ଷକ—1. A preceptor;
(ଦେଶିକା—ସ୍ତ୍ରୀ) teacher.
୨। ଶାସନକର୍ତ୍ତା—2. A governor.

ଦେଶକାରୀ—ସ. ବି—ଦେଶାକ୍ଷ (ଦେଖ)
Desakāri Desāksha (See)
(ଦେଶପାଳୀ—ଅନ୍ୟନାମ) [ଦ୍ର—ଦେଶକଲୀ, ଦେଶକାର, ଦେଶଗାନ୍ଧାର, ଦେଶାଖୀ, ଦେଶମଲ୍ଲାର, ଦେଶାଂକା, ଦେଶାକା, ଦେଶଗାନ୍ଧାର ନାମରେ ଅନ୍ୟ କେତେଗୁଡ଼ିଏ ରାଗିଣୀ ଅଛି। ଏ ସବୁ ଭିନ୍ନ ଭିନ୍ନ ଜାତିର ଓ ଭିନ୍ନ ଭିନ୍ନ ଋତୁରେ ଭିନ୍ନ ଭିନ୍ନ ସମୟରେ ଗେୟ।]

ଦେଶକାଳଜ୍ଞ—ସ. ବଣ. ପୁଂ (ଦେଶ+କାଳ+ଜ୍ଞା. ଧାତୁ. କର୍ତ୍ତୃ. ଅ)—
Desakālajña ୧। ଯେଉଁ ଲୋକ ଦେଶାଚାର ଓ ଉଚିତ ସମୟ
(ଦେଶକାଳଜ୍ଞା—ସ୍ତ୍ରୀ) ପ୍ରତି ଲକ୍ଷ୍ୟ ରଖି କାର୍ଯ୍ୟ କରେ—1. One
(ଦେଶକାଳଜ୍ଞତା—ବି) who acts properly, keeping in
(ଦେଶକାଳବିତ୍—ଅନ୍ୟରୂପ) view the manners and customs prevalent in a country and the proper time for action.
୨। କେଉଁ କାର୍ଯ୍ୟ କେଉଁ ଦେଶରେ ଓ କେଉଁ କାଳରେ କଲେ ଶୋଭନୀୟ ହେବ, ଏଥି ପ୍ରତି ଦୃଷ୍ଟି ରଖି ଯେ କାର୍ଯ୍ୟ କରେ—2. One who adopts himself to his present surroundings or circumstances.

ଦେଶ କାଳ ପାତ୍ର—ସ. ବି (ଦ୍ୱନ୍ଦ୍ୱ; ଦେଶ+କାଳ+ପାତ୍ର)—କୌଣସି
Desa kāla pātra କାର୍ଯ୍ୟ କରିବାର ଉପଯୁକ୍ତ ସ୍ଥାନ, ଉପଯୁକ୍ତ ସମୟ ଓ ତହିଁପାଇଁ ଉପଯୁକ୍ତ ବ୍ୟକ୍ତି—The proper place, time and person with reference

to an act; the proper place, time and object of an act; the surroundings; all the circumstances connected with an action.

ଦେଶକାଳବିତ୍—ସଂ. ବିଣ. ପୁଂ(ଦେଶ + କାଳ + ବିଦ୍ ଧାତୁ + କର୍ତ୍ତୃ. କ୍ୱିପ୍)
Deśakālabit ଦେଶକାଳଜ୍ଞ (ଦେଖ)—
Deśakālajña (See)

ଦେଶ କାଳି—ପ୍ରାଦେ. (ପୁରୀ) ବି.—ସ୍ୱଦେଶକୁ ଗଲେ ପଣ୍ଡାଙ୍କୁ ଟଙ୍କା ସୁଝିବା
Deśa kāli ପାଇଁ ଯାତ୍ରୀ ତୀର୍ଥ ରେ ଲେଖି ଦେଇ ଯାଇଥିବା ଟଙ୍କାର ପରିମାଣ—The sum of money for which a pilgrim executes a bond in favour of his Paṇḍā at a holy place, when he has not sufficient money to clear the Paṇḍā's dues.

ଦେଶକେ—ଦେ. ଅ.—୧ । ଗୋଟିଏ ଦେଶରେ—
Deśake 1. In one country.
୨ । ପ୍ରତ୍ୟେକ ଦେଶରେ— 2. In every country.
ଦେଶକେ ପାଙ୍କ୍ ନଇକେ ଚାଙ୍କ୍ । ଭଗ ।
୩ । ଭିନ୍ନ ଭିନ୍ନ ଅଞ୍ଚଳରେ—
3. In different localities.

ଦେଶଜ—ସଂ. ବିଣ. (ଦେଶ + ଜନ ଧାତୁ + ଡ)—ଦେଶରେ ଜାତ—
Deśaja Produced in a country.
ଦେ. ବିଣ. (ଆଧୁନିକ ଅଭିଧାନକାରମାନଙ୍କ ବ୍ୟବହୃତ ଭାଷା)—ଯେଉଁ ଶବ୍ଦମାନ ସଂସ୍କୃତ ଛଡ଼ା ଅନ୍ୟ ଭାରତୀୟ ଭାଷାରୁ ଆସି ଦେଶର ଅଧିବାସୀଙ୍କ ବ୍ୟବହାରରୁ ଭାଷାରେ ବ୍ୟବହୃତ ହୋଇଅଛି—Words current in a language which have been borrowed from any Indian language other than Sanscrit.
[ଦ୍ର—ଯେଉଁ ସବୁ ଶବ୍ଦ ସଂସ୍କୃତ ଶବ୍ଦମାନଙ୍କର ମୌଳିକ ରୂପ ରଖିଅଛି ତାକୁ ତତ୍ସମ, ଯେଉଁସବୁ ଶବ୍ଦ କିଞ୍ଚିତ୍ ବିକୃତ ହୋଇଅଛି ତାକୁ ତଦ୍ଭବ ଓ ଯେଉଁ ଶବ୍ଦମାନ ସଂସ୍କୃତ ଛଡ଼ା ଅନ୍ୟ ଭାରତୀୟ ଭାଷାମାନଙ୍କରୁ ଅଣା ଯାଇଅଛି, ଯାହାର ମୂଳଶବ୍ଦ ଅବଧି ନିରୂପିତ ହୋଇ ନାହିଁ, ଅଭିଧାନକାରମାନେ ସେ ଶବ୍ଦମାନଙ୍କୁ ଦେଶଜ ଶବ୍ଦ ରୂପେ ଗଣନା କରୁଅଛନ୍ତି ।
ଏହି ଭାଷାକୋଷରେ ତଦ୍ଭବ ଓ ସଂସ୍କୃତ ଛଡ଼ା ଅନ୍ୟ ଭାରତୀୟ ଭାଷାମାନଙ୍କରୁ ଆନୀତ ଶବ୍ଦମାନ ଓ ଯେଉଁ ଶବ୍ଦମାନଙ୍କର ମୂଳ ନିର୍ଣ୍ଣିତ ହୋଇ ପାରି ନାହିଁ ସେମାନଙ୍କୁ 'ଦେଶଜ' ଆଖ୍ୟା ଦିଆ ଯାଇଅଛି ।]

ଦେଶ ଦେଶକେ—ଦେ. ଅ.—ନାନା ଦେଶରେ; ବହୁତ ଦେଶରେ;
Deśa deśake ଦେଶଦେଶାନ୍ତରରେ—In different countries.
ଶୁଣ ସୁବୁଦ୍ଧି କଲେ ପ୍ରଚୁର, ଦେଶଦେଶକେ ସନ୍ଦେଶ ଗୁର ।
ଭକ୍ତ. କୋଷ୍ଠବୃନ୍ଦାବନବାସ ।

ଦେଶଦେଶୀ—ଦେ. ବି.—ଦେଶବିଦେଶରେ ବା ଭିନ୍ନ ଭିନ୍ନ ଦେଶରେ
Deśadeśī କଥିତ ଭାଷାମାନ—Various languages spoken in different countries.
ଯେ ସୁର ଜର ନାଗ ଭାଷା; ତଦଥ ବାକ୍ୟ ଦେଶଦେଶୀ ।
ଭୂପତି; ପ୍ରେମପଞ୍ଚାମୃତ ।

ଦେଶ ଧର୍ମ—ସଂ. ବି. (ଷଷ୍ଠୀ ତତ୍; ଦେଶ + ଧର୍ମ)—
Deśa dharma ଦେଶ ପ୍ରଚଳିତ ଆଚାର ବ୍ୟବହାର ବା ରୀତି ନୀତି—The usages of a country; customs and manners of a country.

ଦେଶ ଫେରିବା—ଦେ. କ୍ରି.—ଦେଶବିଦେଶରେ ପର୍ଯ୍ୟଟନ କରିବା—
Deśa pheribā To travel in different countries.
দেশদেশ ঘুরা देशफीरना

ଦେଶବାସୀ—ସଂ. ବିଣ. ପୁଂ. (ଦେଶ + ବସ୍ ଧାତୁ + କର୍ତ୍ତୃ. ଇନ୍; ୧ମା.
Deśabāsī ୧ବ)—ଦେଶରେ ବାସ କରୁଥିବା (ବ୍ୟକ୍ତି)—
(ଦେଶବାସିନୀ—ସ୍ତ୍ରୀ) (a person) Resident in a country.

ଦେଶ ବାହାର—ଦେ. ବି. (ସଂ. ଦେଶ + ବହିଷ୍କାର)—ଅପରାଧୀ ବ୍ୟକ୍ତିକୁ
Deśa bāhāra ଦେଶାନ୍ତରକୁ ତଡ଼ି ଦେବା ରୂପ ରାଜଦଣ୍ଡ;
দেশান্তর নির্বাসন—Transportation; driving away
देश निकाला of an offend or from a country; banishment.
ଦେ. ବିଣ.—ଦେଶାନ୍ତରିତ; ନିର୍ବାସିତ—
Banished; exiled.

ଦେଶ ବିଧାନ—ସଂ. ବି. (ଷଷ୍ଠୀ ତତ୍; ଦେଶ + ବିଧାନ)—
Deśa bidhāna ଦେଶ ଧର୍ମ (ଦେଖ)
(ଦେଶବିଧି—ଅନ୍ୟରୂପ) Deśa dharma (See)

ଦେଶ ବିଦେଶ—ସଂ. ବି.—ଆପଣା ଦେଶ ଓ ପର ଦେଶ—
Deśa bidesa One's own country and abroad.

ଦେଶ ଭାଷା—ସଂ. ବି.—କୌଣସି ଦେଶରେ ଚଳୁଥିବା ବା ଲୁହାଯାଉ-
Deśa bhāshā ଥିବା ଭାଷା—The spoken language of a country; the vernacular of a country.

ଦେଶ ମୁଖ—ଦେ. ବି.—ପ୍ରାଚୀନ ଉତ୍କଳର ଦକ୍ଷିଣାଂଶର ପ୍ରଗଣାଧିପତି
Deśa mukha ବା ପ୍ରଗଣାର ଜମିଦାର—The landlord of a Pergannah in ancient Orissa.

ଦେଶ ରୂପ—ସଂ. ବି.—୧ । ନ୍ୟାୟ—
Deśa rūpa 1. Justice.
୨ । ଔଚିତ୍ୟ—2. Propriety.
୩ । ପ୍ରଶଂସିତ ଦେଶ—3. A good country.

ଦେଶାଉର—ଦେ. ବି. (ସଂ. ସନ୍ଦେଶହର)—ଚର; ଭଗର—
Deśāura A messenger.
ଦେଶାଉର ଦେଖି ସନ୍ଦେଶ ପଚାରି କହଇ ନୃପ ସନ୍ଧାନ—ପ୍ରାଚୀ. ପ୍ରଭାତ ଶଶିସେଣା ।

ଦେଶାକ୍ଷ—ସଂ. ବି—ରାଗିଣୀବିଶେଷ—
Deśāksha Name of a secondary musical air
(ଦେଶାକ୍ଷୀ—ଅନ୍ୟରୂପ) [ଦ୍ର—ଏହା ମେଘ ରାଗର ଓ ମତା-ନ୍ତରରେ ହିନ୍ଦୋଳ ରାଗର ପତ୍ନୀ । ଏହା ସମ୍ପୂର୍ଣ୍ଣ ଜାତିର ରାଗିଣୀ; ଏହା ବର୍ଷା ଋତୁରେ ଷୋହଳଠାରୁ ପାଞ୍ଚ ଦଣ୍ଡ ପର୍ଯ୍ୟନ୍ତ ଗେୟ—ଦ୍ର. ଶବ୍ଦସାଗର ।]

ଦେଶାଚାର—ସଂ. ବି (୬ଷ୍ଠୀ ତତ୍; ଦେଶ+ଆଚାର)—
Desāchāra ଦେଶ ଧର୍ମ (ଦେଖ)—Desa dharma (See)

ଦେଶାଟନ—ସଂ. ବି (୬ଷ୍ଠୀ ତତ୍; ଦେଶ+ଅଟନ)—ଦେଶଭ୍ରମଣ;
Desātana ଭିନ୍ନ ଭିନ୍ନ ଦେଶ ବୁଲିବା—
ଦେଶପର୍ଯ୍ୟଟନ } ଅନ୍ୟରୂପ Travelling in different lands.
ଦେଶଭ୍ରମଣ

ଦେଶାଧିପ—ସଂ. ବି (୬ଷ୍ଠୀ ତତ୍; ଦେଶ+ଅଧିପ)—୧ । ରଜା—
Desādhipa 1. King.
(ଦେଶାଧିପତି—ଅନ୍ୟରୂପ) ୨ । ଦେଶର ଶାସନକର୍ତ୍ତା—
2. Ruler of a country.

ଦେଶାନ୍ତର—ସଂ. ବି (ଅନ୍ୟ+ଦେଶ; କର୍ମଧା; ଅନ୍ୟ=ଅନ୍ତର,
Desāntara ପରନିପାତ)—୧ । ଅନ୍ୟ ଦେଶ—
1. Another place.
୨ । ବିଦେଶ; ଦୂର ଦେଶ—
2. A foreign country.
୩ । (ସଂ. ଦେଶ+ଅନ୍ତର) ନିର୍ବାସନ ଦଣ୍ଡ—
3. Banishment; deportation.
୪ । (ଭୂଗୋଳ ପରିଭାଷା)—ଉତ୍ତରମେରୁଠାରୁ ଦକ୍ଷିଣମେରୁ ପର୍ଯ୍ୟନ୍ତ କଳ୍ପିତ ରେଖାର ସର୍ବମାନ୍ୟ ମଧ୍ୟରେଖାର ପୂର୍ବ ବା ପଶ୍ଚିମର ଦୂରତ୍ୱ; ଲମ୍ବାଂଶ (ହି. ଶବ୍ଦସାଗର)—
(geography) Longitude.
[ଦ୍ର—ପୂର୍ବେ ଭୌଗୋଳିକ ବା ଜ୍ୟୋତିଷିକ ଗଣନା ପାଇଁ ଏହି ମଧ୍ୟରେଖା ଲଙ୍କା ବା ଉଜ୍ଜୟିନୀଠାରୁ ସୁମେରୁ ପର୍ଯ୍ୟନ୍ତ କଳ୍ପିତ ହେଉଥିଲା । ଆଜକାଲି ଇଙ୍ଗ୍ଲଣ୍ଡର ଓ ଆମେରିକାର ଭିନ୍ନ ଭିନ୍ନ ସ୍ଥାନ ଦେଇ ଏ ରେଖା ଯାଉଥିବାର କଳ୍ପିତ ହେଉଅଛି । ଏହି ମଧ୍ୟରେଖାରୁ କୌଣସି ସ୍ଥାନର ଦୂରତ୍ୱ ସେହି କୋଣର ଅଂଶର ହିସାବରେ ଗଣନା କରି ଯାଉଅଛି—ହି. ଶବ୍ଦସାଗର ।]

ଦେଶାନ୍ତର କରିବା—ଦେ. କ୍ରି—ନିର୍ବାସନ କରିବା—
Desāntara kariba To send a person to exile; to deport.

ଦେଶାନ୍ତରିତ—ସଂ. ବି. (ଦେଶାନ୍ତର+ଇତ)—ରାଜଦଣ୍ଡରେ ନିର୍ବାସିତ—
Desāntarita Banished.

ଦେଶାନ୍ତରୀ—ଦେ. ବିଣ (ସଂ. ଦେଶାନ୍ତରିତ)—ନିର୍ବାସିତ; ରାଜାଜ୍ଞାରେ
Desāntarī ଅନ୍ୟ ଦେଶକୁ ପ୍ରେରିତ (ଅପରାଧୀ)—
Deported; banished.
ମନ୍ତ୍ରୀ ବାସୁଦେବ ହେଲେ ଦେଶାନ୍ତରୀ—ପ୍ରାଣନାଥ. ଜନକେଶ୍ୱର ।

ଦେଶାନ୍ତରୀୟ—ସଂ. ବିଣ (ଦେଶାନ୍ତର+ଭବାର୍ଥରେ ଈୟ)—
Desāntarīya ୧ । ବିଦେଶୀୟ; ବିଦେଶରେ ଜାତ ବା ଉତ୍ପନ୍ନ—
1. Foreign; produced in a foreign country.
୨ । ଅନ୍ୟ ଦେଶବାସୀ—
2. Residing in a foreign country.
୩ । ଅନ୍ୟ ଦେଶସମ୍ବନ୍ଧୀ—
3. Relating to another country.

ଦେଶିଆ—ଦେ. ବିଣ (ସଂ. ଦେଶୀୟ; ଅନ୍ୟ ଦେଶବାଚକ ଶବ୍ଦ ପରେ
Desiā ଲଗେ; ଯଥା—ବଙ୍ଗଦେଶିଆ, ଚୀନଦେଶିଆ)—
୧ । ଦେଶୀୟ—1. Pertaining to a country.
୨ । ମଫସଲିଆ; ଗ୍ରାମୀଣ—
2. Resident of a village; rural.
ପ୍ରାଦେ (ଜୟପୁର) ବି—ନୀଚ ଶୂଦ୍ରଜାତିବିଶେଷ—
A low caste of Sūdras living in Jayapura.

ଦେଶିକ—ସଂ. ବି—୧ । (ଦେଶ+ଗତ୍ୟର୍ଥେ. ଇକ)—
Desika ପଥିକ; ବାଟୋଇ—Traveller.
୨ । (ଦିଶ୍ ଧାତୁ+ଇକ) ଗୁରୁ—
2. Preceptor; teacher.

ଦେଶିନୀ—ସଂ. ବି. ସ୍ତ୍ରୀ (ଦିଶ୍ ଧାତୁ=ଦେଖାଇଦେବା, କହିବା+ଇନ୍,
Desinī ସ୍ତ୍ରୀ. ଈ.)—୧ । ତର୍ଜ୍ଜନୀ; ବଢ଼ିଆଙ୍ଗୁଠି—
1. Index finger; forefinger.
୨ । ସୂଚୀ (ହି. ଶବ୍ଦସାଗର); ଛୁଞ୍ଚି—2. Needle

ଦେଶୀ—ସଂ. ବିଣ (ଦେଶ+ସମ୍ବନ୍ଧାର୍ଥେ. ଈନ୍; ୧ମା. ୧ବ)—
Desī ୧ । ଦେଶୀୟ—1. Pertaining to a country.
୨ । ସ୍ୱଦେଶୀୟ; ସ୍ୱଦେଶ ଜାତ; ସ୍ୱଦେଶ ପ୍ରସ୍ତୁତ—
2 Country-made; pertaining to, made in or born in one's native country.
(ଯଥା—ଦେଶୀ ଲୁଗା, ଦେଶୀ ଚିନି, ଦେଶୀ ବାଜାମ, ଦେଶୀ ଘୋଡ଼ା ଇତ୍ୟାଦି ।)
୩ । (ହନୁମାନଙ୍କ ମତରେ) ସାପଦ ସ୍ୱରର ରାଗିଣୀ, ରାଗିଣୀ-ବିଶେଷ—3. Name of a secondary musical air.
[ଦ୍ର—ଏଥିରେ ପଞ୍ଚମ ସ୍ୱର ନାହିଁ । ଗ୍ରୀଷ୍ମକାଳର ମଧ୍ୟାହ୍ନରେ ଏହା ଗେୟ—ହି. ଶବ୍ଦସାଗର ।]
୪ । ସଙ୍ଗୀତର ଦୁଇ ପ୍ରକାରରୁ ଏକତର—
4. One of the 2 varieties of music.
[ଦ୍ର—ସଙ୍ଗୀତ ଦାମୋଦର ମତରେ ନୃତ୍ୟ, ଗୀତ ଓ ବାଦ୍ୟକୁ ସଙ୍ଗୀତ ବୋଲଯାଏ; ଏହା ୨ ପ୍ରକାର, ଦେଶୀ ଓ ମାର୍ଗ—ହି. ଶବ୍ଦସାଗର ।]
୫ । ତାଣ୍ଡବନୃତ୍ୟର ଏକ ଭେଦ—
5. A kind of male dance.
[ଦ୍ର—ଏଥିରେ ଅଙ୍ଗବିକ୍ଷେପ ଅଧିକ ଓ ଅଭିନୟ କମ ହୁଏ—ହି. ଶବ୍ଦସାଗର ।]

ଦେଶୀ ଝାଉଁ—ଦେ. ବି—ଏକପ୍ରକାର ଝାଉଁ ଗଛ—
Desī jhāuṅ Casurina Muricata.

ଦେଶୀ ବବୁର—ଦେ. ବି. (ସଂ. ବବ୍ବୁଲ;ବର୍ବର)—ଏ ଦେଶରେ ଜାତ
Desī babur ବବୁର ଜାତୀୟ ଗଛ—Acacia Arabica (Kirtikar).
बाबुर
बाबुर, किकार

ଦେଶୀ ବାଦାମ—ଦେ. ବି.— ବାଦାମଜାତୀୟ ବୃକ୍ଷବିଶେଷ—
Desi bādāma   Indian Almond tree.

ଦେଶୀୟ—ସଂ. ବିଣ. (ଦେଶ+ସମ୍ବନ୍ଧାର୍ଥେ. ଈୟ)—୧ । ଦେଶ
Desiya ସମ୍ବନ୍ଧୀୟ—1. Pertaining to a country.
(ଦେଶୀୟା—ସ୍ତ୍ରୀ)   ୨ । ସ୍ୱଦେଶଜନିତ—
2. Swadeshi; country-made.
୩ । ସ୍ୱଦେଶୀୟ—3. Local; indigenous.
୪ । ଦେଶ ପ୍ରଚଳିତ—4. Prevalent in a country.
୫ । ମଫସଲୀ; ଗ୍ରାମ୍ୟ—5. Provincial; rural.
ସଂ. ଶ. ପ୍ରତ୍ୟୟ (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ) ସ୍ଥାନୀୟ—
Standing in or occupying the position of.
(ଯଥା—ସେ ମୋର ପିତୃ ଦେଶୀୟ ଅଟନ୍ତି ।)
ଦେ. ବିଣ.— ଦେଶଜ (ଦେଖ)—Desaja (See)

ଦେଶୁଆ—ଦେ. ବିଣ. (ସଂ. ଦେଶୀୟ)—ମଫସଲିଆ; ଗାଉଁଲି (ଲୋକ)—
Desuā   Rustic (person).
(ସମ୍ବଲପୁରିଆ—ବ୍ୟବହାର) ମଫସଲୀ देसवाला

ଦେଶ୍ୟ—ସଂ. ବି. (ଦିଶ୍ ଧାତୁ=କହିବା+କର୍ମ. ଯ)—ନ୍ୟାୟର ପୂର୍ବପକ୍ଷ—
Desya   A thesis; the major proposition in a syllogism.
(ଦେଶ୍ୟା—ସ୍ତ୍ରୀ)
ବିଣ.—(ଦେଶ+ସମ୍ବନ୍ଧାର୍ଥେ. ଯ)—ଦେଶୀୟ (ଦେଖ)
Desiya (See)

ଦେଷ୍ଠ—ସଂ. ବିଣ. ପୁଂ (ଦାତୃ+ଅତିଶୟାର୍ଥେ. ଇଷ୍ଠ)—ଅତିଶୟ ଦାତା;
Deshtha ଅତ୍ୟନ୍ତ ଦାନଶୀଳ—Very liberal; bountiful.
(ଦେଷ୍ଠା—ସ୍ତ୍ରୀ)

ଦେଷ୍ଣୁ—ସଂ. ବିଣ. (ଦା ଧାତୁ+ଶୀଳାର୍ଥେ. କର୍ତ୍ତୃ. ଇଷ୍ଣୁ)—
Deshnu ୧ । ଦାନଶୀଳ—1. Bountiful; liberal.
୨ । ଦୁର୍ଦ୍ଦମ—2. Unruly.
ବି.—୧ । ଧୋବା—1. Washerman.
୨ । ଚନ୍ଦ୍ର—2. The moon.

ଦେହ—ସଂ. ବି. (ଦିହ୍ ଧାତୁ=ଲେପନ କରିବା; ଏକତ୍ର କରିବା+କର୍ମ
Deha ଅ)—୧ । ଶରୀର; ତନୁ—1. Body.
୨ । (+ଭାବ. ଅ)—ଲେପନ—
2. Anointing; plastering; smearing.
୩ । ଅଙ୍ଗ ପ୍ରତ୍ୟଙ୍ଗ—3. Limbs.
୪ । ଜୀବନ—4. Life.
୫ । ମୂର୍ତ୍ତି; ରୂପ—5. Image; form.
[ଦ୍ର—ଦେହ ଦୁଇ ପ୍ରକାର; ଯୋନିଜ ଓ ଅଯୋନିଜ; ଯୋନିଜ ଦେହ ଦ୍ୱିବିଧ—ଜରାୟୁଜ ଓ ଅଣ୍ଡଜ । ଅଯୋନିଜ ଦେହ—ସ୍ୱେଦଜ, ଉଦ୍ଭିଜ୍ଜ, ଜଳଜ ଓ ଦୈବସ ଭେଦରେ ଚତୁର୍ବିଧ ।
ଏହା ଛଡ଼ା ଅଙ୍ଗୁଷ୍ଠ ପରିମିତ ସୂକ୍ଷ୍ମ ଦେହ ମଧ୍ୟ ଅଛି । ଦେହ କର୍ମଫଳାଫଳ ଭୋଗ କରେ । ଦ୍ର. ଶବ୍ଦସାଗର]
ଦେ. ବି—୧ । ଜୀବନ କାଳ—1. Lifetime.
(ଯଥା—ଆମ୍ଭ ବାପାଙ୍କ ଦେହକରେ ଏପରି ଘଟଣା ଘଟି ନ ଥିଲା ।]
୨ । ସ୍ୱାସ୍ଥ୍ୟ—2. Health.
(ଯଥା—ତାଙ୍କ ଦେହ ଖରାପ ହୋଇଅଛି ।)

ଦେହ (ଇତ୍ୟାଦି)—ଦିହ ଇତ୍ୟାଦି (ଦେଖ)
Deha (etc)   Diha etc (See)

ଦେହ କର୍ତ୍ତା—ସଂ. ବି. (ରୂପପଦ; ଦେହ+କର୍ତ୍ତୃ. ୬ଷ୍ଠୀ ତତ୍)—
Deha karttā ୧ । ପୃଥିବ୍ୟାଦି ପଞ୍ଚଭୂତ—1. The 5 prime elements of Nature.
୨ । ଈଶ୍ୱର—God. ୩ । ସୂର୍ଯ୍ୟ—The sun.

ଦେହକେ—ଦେ. କ୍ରି. ବିଣ—ଜୀବତ କାଳ ମଧ୍ୟରେ—
Dehake   During the lifetime of.
ମୋ ଦେହକେ ଏରୂପେ ଯୁବ ଶୁକବାର
କହ ମୁଁ କାହିଁ ଅଛେ ଅବକୁ କାର । କୃଷ୍ଣସିଂହ. ମହାଭାରତ ବନ ।

ଦେହ କୋଷ—ସଂ. ବି. (୬ଷ୍ଠୀ ତତ୍; ଦେହ+କୋଷ=ଆଚ୍ଛାଦନ)—
Deha kosha ୧ । ଚର୍ମ; ଚମଡ଼ା—1. The skin covering the body.
୨ । ପକ୍ଷ—2. The wings.

ଦେହ କ୍ଷୟ—ସଂ. ବି. (୬ଷ୍ଠୀ ତତ୍; ଦେହ+କ୍ଷୟ)—
Deha kshaya ୧ । ପ୍ରାଣତ୍ୟାଗ; ମୃତ୍ୟୁ—1. Death.
୨ । ଶରୀରର ବିନାଶ—2. Decay of the body.
୩ । ରୋଗ—3. Sickness; disease.

ଦେହ ଛାଡ଼ିବା—ଦେ. କ୍ରି—ମୃତ୍ୟୁ ଲଭିବା; ମରିବା—
Deha chhārdibā   To die.
देहछाड़ा   କେତେ ଦିନ ପରେ କୌଶଲ୍ୟା, କୈକେୟୀ, ସୁମିତ୍ରା ଦେହ ଛାଡ଼ିଲେ ।
देहछोड़ना   ଗୋପୀନାଥ. ଦିବ୍ୟ ସମାପ୍ତ ।
(ଦେହ ତେଜିବା—ଅନ୍ୟରୂପ)

ଦେହଜ—ସଂ. ବିଣ. (ଦେହ+ଜନ୍ ଧାତୁ+କର୍ତ୍ତୃ. ଅ)—
Dehaja ଦେହରୁ ଉତ୍ପନ୍ନ—Born of the body.
(ଦେହଜା—ସ୍ତ୍ରୀ)   ବି. ପୁଂ—ପୁତ୍ର—Son.

ଦେହ ଜଳିବା—ଦେ. ବି—୧ । ଅତିଶୟ କ୍ରୋଧର ଉଦୟ ହେବା—
Deha jalibā   1. Becoming angry or enraged.
गा जला   ପଡ଼ିଲେ ମନେ କ୍ରୋଧେ ଯାଏ ଦେହ ଜଳ ।
बदन जलना   କୃଷ୍ଣସିଂହ. ମହାଭାରତ. ବନ ।
୨ । କଷ୍ଟ ଅନୁଭବ ହେବା—2. Suffering of pain.
୩ । ପୋଡ଼ିବା—3. Burning.
୪ । ଶରୀରରେ ଜ୍ୱାଳା ଉତ୍ପନ୍ନ ହେବା—
4. Burning sensation in the body.

ଦେହ ଟାଣ—ଦେ. ବି—ଶାରୀରିକ ବଳ; କ୍ଷମତା—
Deha tāna   Bodily strength; physical power.
ବରୁଣ ଅର୍ଚ୍ଚ ଭୁଲେ କରଣ କୃଷ୍ଣ ରଣ;
ତାହାଙ୍କର ଭାଙ୍ଗି ଦେଲେଃ ଦେହ ଟାଣ । କୃଷ୍ଣସିଂହ ମହାଭାରତ. ଉଦ୍‌ଯୋଗ ।

ଦେହ ଧର୍ମ—ସଂ. ବି. (୬ଷ୍ଠୀ ତତ୍; ଦେହ+ଧର୍ମ)—
Deha dharma ଶରୀରର ପ୍ରକୃତି ବା ଗୁଣ—
The attribute of the body.
ମୋର ଛିଅ ରୂପ ଦେଖିବ ଯେବେ କାମ
ଉଠି ନ ପାରିବ ସେ ତାହା ଦେହ ଧର୍ମ ।
କୃଷ୍ଣସିଂହ. ମହାଭାରତ. ଉଦ୍‌ଯୋଗ ।

ଦେହ ଧାରକ—ସଂ. ବ. (ଦେହ + ଧୃ = ଧରିବା + କର୍ତ୍ତୃ. ଅକ)—
Deha dhāraka ଅସ୍ଥି ; ହାଡ଼—Bone.
ସଂ. ବଣ—ଶରୀରଧାରୀ—Corporeal.

ଦେହ ଧାରଣ – ସଂ. ବ. (୬ଷ୍ଠୀ ତତ୍; ଦେହ+ଧାରଣ)—
Deha dhārana ୧ । ଶରୀରର ରକ୍ଷା; ଜୀବନ ରକ୍ଷା; ବଞ୍ଚି ରହିବା-
1. Living; subsistence.
୨ । ଜନ୍ମ—2. Birth.
୩ । ଶରୀରଯୁକ୍ତ ରୂପ ଗ୍ରହଣ କରିବା—2. Assumption of a corporeal body or form.

ଦେହଧାରୀ – ସଂ. ବଣ. ପୁଂ. (ଦେହ + ଧୃ ଧାତୁ ଧରିବା + କର୍ତ୍ତୃ. ଣିନ୍;
Dehadhārī ୧ମା. ୧ବ)—୧ । ଯାହାର ଶରୀର ଅଛି; ଶରୀରୀ—
(ଦେହଧାରିଣୀ—ସ୍ତ୍ରୀ) 1. Corporeal; in flesh and blood; having a body.
୨ । ଜୀବନଧାରୀ; ଜୀବନ୍ତ—2. Living.

ଦେହ ନ ସହିବା—ଦେ. କ୍ରି—ଦିହ ନ ସହିବା (ଦେଖ)
Deha na sahibā Diha na sahibā (See)
गा ना सहा ସେ ମୃଗ ଲମନର ସ୍ୱରରେ ଭାବନ
ଭାବ ଶୁଣି ମୋହର ଦେହ ନ ସହିଲା । କୃଷ୍ଣସିଂହ. ମହାଭାରତ । ନ ।

ଦେହ ନାଶ—ସଂ.ବ(୬ଷ୍ଠୀ ତତ୍; ଦେହ + ନାଶ) —ଦେହତ୍ୟାଗ (ଦେଖ)
Deha nāsa Deha tyāga (See)

ଦେହ ପାତ—ସଂ. ବ—ଦେହତ୍ୟାଗ (ଦେଖ)
Deha pāta Deha tyāga (See)

ଦେହ ପୁଷ୍ଟିକର—ସଂ. ବଣ. (୬ଷ୍ଠୀ ତତ୍; ଦେହ + ପୁଷ୍ଟିକର)—ଯାହା
Deha pushtikara ଦେହକୁ ପୁଷ୍ଟ ବା ସବଳ କରାଏ—
Nourishing.

ଦେହ ତତ୍ତ୍ୱ – ସଂ. ବ. (ଆଧୁନିକ ପାରିଭାଷିକ ଶବ୍ଦ)—
Deha tattwa ୧ । ଶରୀର ବିଜ୍ଞାନ—1. Physiology.
୨ । ଶରୀରର ବିଭିନ୍ନ ଅଂଶ ନିର୍ଣ୍ଣୟ ଶାସ୍ତ୍ର—2. Anatomy.

ଦେହ ତ୍ୟାଗ—ସଂ. ବ. (୬ଷ୍ଠୀ ତତ୍; ଦେହ+ତ୍ୟାଗ)—
Deha tyāga ମୃତ୍ୟୁ; ପ୍ରାଣ ତ୍ୟାଗ—Death.

ଦେହଦ—ସଂ. ବ. (ଦେହ + ଦା ଧାତୁ+କର୍ତ୍ତୃ. ଅ)—
Dehada ପାରଦ; ପାରା—Quick-silver; mercury.

ଦେହ ଦାନ—ଦେ. ବ. (ସ୍ତ୍ରୀ ପକ୍ଷରେ ପୁରୁଷକୁ)—ସୁରତ ଦାନ—
Deha dāna (a woman's) Letting one's self to be copulated by a man.
ତେବେ ହେଲେ ସେ ଦ୍ୱିଜ ଜୋହୁସ ଦ୍ରୁପଦ
ବୋଇଲ ଦେହୁ ଦାନ ଦିଅ ଗୋ ସୁବଦ । କୃଷ୍ଣସିଂହ; ମହାଭାରତ ଶାନ୍ତି ।
ସଂ. ବ—କୌଣସି କାର୍ଯ୍ୟ ନିମନ୍ତେ ନିଜର ଶରୀର ଉତ୍ସର୍ଗ—
Sacrificing or offering of one's body for a certain purpose.

ଦେହ ଦୁଖ ହେବା —ଦେ. ବ—ଦିହ ଖରାପ ହେବା (ଦେଖ)
Deha dukha hebā .. Diha kharāpa hebā (See)

ଦେହ ଦେବା—ଦେ. କ୍ରି —(ସ୍ତ୍ରୀ ପକ୍ଷରେ) ପୁରୁଷର ରମଣ ସ୍ୱୀକାର
Deha debā କରିବା—(a female) To allow one's self to be copulated by a male.

ଏକାକୀ ଦ୍ରୌପଦୀ ପାଞ୍ଚୋଟି ଗୃହସ୍ଥଙ୍କୁ
କ ରୂପେ ଦେହ ଦେଲେ କହ ତା ଅମଙ୍କୁ । କୃଷ୍ଣସିଂହ, ମହାଭାରତ. ଆଦି ।

ଦେହ ଧରିବା—ଦେ. କ୍ରି. (ସଂ. ଦେହ ଧାରଣ)—
Deha dharibā ୧ । ଧୈର୍ଯ୍ୟ ଧରିବା; ମନକୁ ସମ୍ଭାଳିବା—
দেহধরা 1. To have patience.
शरीरधारणकरना କାମିନୀମାନଙ୍କର ମହାମୋହ; ପୁରୁଷ କେ ଧରିବ ଦେହ ।
ଜଗନ୍ନାଥ. ଭାଗବତ ।
୨ । ବଞ୍ଚିବା—2. To live
ତାହାରେ ଅପରାଧ କରି
କେ ଅବା ଥିବ ଦେହ ଧରି । ଜଗନ୍ନାଥ. ଭାଗବତ ।

ଦେହବନ୍ତ(ନ୍ତା)—ଦେ. ବଣ (ସଂ. ଦେହବତ୍)—ଶରୀରଧାରୀ;
Dehabanta(ntā) ଦେହଧାରୀ—
দেহবন্ত Having a body; corporeal.
देहवन्त ତୁମ୍ଭେ ସକଳ ପିତାମାନଙ୍କ; ସଂସାରେ ଯେତେ ଦେହବନ୍ତା—
ପ୍ରାଚୀ ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

ଦେହବାନ୍—ସଂ. ବଣ. ପୁଂ—ଦେହଧାରୀ; ଶରୀରୀ—
Dehabān Corporeal.
(ଦେହବତୀ—ସ୍ତ୍ରୀ) ସଂ. ବ. ପୁଂ—ଜୀବ—
Animal; living being.

ଦେହବାସ—ଦେ. ବ(ସଂ ଦେହ+ବାସସ୍)—ପିନ୍ଧିବା ଲୁଗା—
Dehabāsa The cloth which a man puts on.
ମୁଁ ତ କାନ୍ଧ କେଉଁଛି ଅଧେ ଦେହବାସ—କୃଷ୍ଣସିଂହ, ମହାଭାରତ. ବନ ।

ଦେହ ଭରୁଁ—ପ୍ରାଦେ. (ସମ୍ବଲପୁର) ବଣ—ଦେହେ ଭରୁଁ (ଦେଖ)
Deha bharun̐ Dehe bharun̐ (See)

ଦେହଭୃତ୍—ସଂ. ବ. (ଦେହ+ଭୃ ଧାତୁ + କର୍ତ୍ତୃ. କ୍ୱିପ୍)—୧ । ଜୀବ—
Dehabhrut 1. Aminal.
୨ । ଆତ୍ମା—2. Soul.
ସଂ. ବଣ—ଦେହଧାରୀ (ଦେଖ)—Dehadhārī (See)

ଦେହ ଯାତ୍ରା—ସଂ. ବ. (୬ଷ୍ଠୀ ତତ୍; ଦେହ + ଯାତ୍ରା)—
Deha jātrā ୧ । ଶରୀରଯାତ୍ରା; ଜୀବିକା ନିର୍ବାହ; ଭରଣପୋଷଣ—
1. Subsistence; living; support of life; livelihood.
୨ । ମୃତ୍ୟୁ; ମରଣ—Death.

ଦେହ ରକ୍ଷା –ଦେ ବ. (୬ଷ୍ଠୀ ତତ୍; ଦେହ+ରକ୍ଷା)—
Deha rakshā ଦେହଯାତ୍ରା (ଦେଖ)—Dehajātrā (See)

ଦେହ ରଖିବା—ଦେ. କ୍ରି—(ବୈଷ୍ଣବ, ସାଧୁ ଆଦି) ମରିବା —
Deha rakhibā To die (said of anchorites).
দেহ রক্ষাকরা ଦେହକୁ ରଖିବ ତହିଁ ଆସ ବଂ ପାଶ—ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।
देह रक्षा करना

ଦେହରୁ ଛଡ଼ା(ଡ଼େ)ଇ ଦେବା—ଦେ.କ୍ରି—୧ । ଆପଣା ଉପରୁ କୌଣସି
Deharu chhardā(rde)i debā କାର୍ଯ୍ୟ ବା ଦୋଷ ବା ଦାୟିତ୍ୱ
(ଦେହରୁ ଛଡ଼ାଇବା—ଅନ୍ୟରୂପ) ଖସାଇଦେବା—1. To disown any responsibility or guilt.
୨ । ନିଜଠାରୁ ସମସ୍ତ ସମ୍ପର୍କ ଛୁଟାଇଦେବା—
2. To cut off all connection.
ତ ଜଠେ କ ରଖିଲ ସେ ଦେହରୁ
ଦେଲେ ଛଡ଼ାଇ ତେଇ ଦେହରୁ । କବିସୂର୍ଯ୍ୟ. କଳାଇଁକୋଳି ।

ଦେହ ଲଗା—ଦେ. ବଣ (ସଂ. ଦେହ+ଲଗ୍ନ)—ଦିହ ଲଗା (ଦେଖ)
Deha lagā — Diha lagā (See)

ଯେ କନ୍ୟାଗଣ ମୂଳଅଂଶୀ, କୃଷ୍ଣର ଦେହଲଗା ଦାସୀ—ଭୂପତି, ପ୍ରେମପଞ୍ଚାମୃତ ।

୨ । ଦେହରେ ଲୀନ—
2. Absorbed in the body of.

ଏ କନକର ଏଣ୍ଟ ବନ୍ଧୁଙ୍କ ଗଙ୍ଗା
ହୋଇବାକୁ ଯାଇ ସମୁଦ୍ର ଦେହଲଗା । କୃଷ୍ଣସିଂହ, ମହାଭାରତ, ବନ ।

ଦେହଳା—ସଂ. ବି (ଦେହ+ଲା ଧାତୁ=ଅକ୍ରମଣ କରିବା, ପୋଷଣ କରିବା+କର୍ତ୍ତୃ. ଅ+ଆ)—ମଦ୍ୟ; ମଦିରା—Wine.
Dehaḷā

ଦେହଳୀ—ସଂ. ବି (ଦେହ+ଲା ଧାତୁ ଗ୍ରହଣ କରିବା+କର୍ତ୍ତୃ. ଅ+ସ୍ତ୍ରୀ ଈ)—୧ । ଚଉକାଠର ତଳର କାଷ୍ଠ ଖଣ୍ଡ—
Dehaḷī
(ଦେହଳ—ଅନ୍ୟରୂପ) 1. Threshold; the lower log in a door-frame.

ଏତେ ବୋଲି ସଜଳ ଦେହଳୀ ବଳାଇଲେ—ଭକ୍ତ, ପ୍ରେମସୁଧାନିଧି ।

୨ । ଦ୍ୱାରର ସମ୍ମୁଖସ୍ଥ ପିଣ୍ଡା—
2. The raised terrace in front of a door.

ଦେହ ଶଙ୍କୁ—ସଂ. ବି—ପଥର ଖୁଣ୍ଟ (ହି. ଶବ୍ଦସାଗର)—
Deha śanku — Stone pillar.
(ଦେହଶଂକୁ—ଅନ୍ୟରୂପ)

ଦେହ ଶୂଳା—ଦେ. ବଣ—ଦିହ ଶୂଳା (ଦେଖ)
Deha śūḷā — Diha śūḷā (See)

ଦେହ ସଞ୍ଚାରିଣୀ—ସଂ. ବି. ସ୍ତ୍ରୀ—କନ୍ୟା; ଝିଅ—(ହି. ଶବ୍ଦସାଗର)—
Deha samchāriṇī — Daughter.

ଦେହ ସାର—ସଂ. ବି (୬ଷ୍ଠୀ ତତ୍; ଦେହ+ସାର)—ଦେହର ସାର ପଦାର୍ଥ; ମଜ୍ଜା; ଅସ୍ଥି ଓ ମାଂସର ମଧ୍ୟସ୍ଥ ସ୍ନେହଦ୍ରବ୍ୟ-ବିଶେଷ—Marrow; the essence of the body.
Deha sāra

ବଣ (ବହୁବ୍ରୀହି)—ଯାହାର ଦେହ ମାତ୍ର ଅବଶିଷ୍ଟ ଅଛି—
Having the body only in existence.

ଦେହ ସୁହାଯିବା—ଦେ. କ୍ରି (ସଂ.ଦେହ+ସହ୍ ଧାତୁ)—କୌଣସି ବିଷୟ କୌଣସି ବ୍ୟକ୍ତିର ସହ୍ୟହେବା—To be bearable.
Deha suhājibā
ଦେହରେ ସୁହାଯିବା } ଅନ୍ୟରୂପ
ଦେହରେ ସହିବା }

ଭୁମ୍ଭ ସକାଶରୁ ତ ଦେହ ସୁହା ଗଲ
କୃଷ୍ଣସିଂହ ମହାଭାରତ, ବନ

ଦେହାତ୍—ବୈଦେ. ପ୍ରାଦେ (ସମ୍ବଲପୁର ଓ ସିଂହଭୂମ) ବି. (ଫା.ଦେହାତ୍ =ଗ୍ରାମ; ଭୁଲ. ଏହି ଅର୍ଥରେ ହି. ଏହି ଶବ୍ଦ)-ମଫସଲ—
Dehāt — Moffassal; the country-side.

ଦେହାତି—ଦେ. ବି (ସଂ. ଦେହାନ୍ତ)—ଜୀବନ କାଳ—
Dehāti — Lifetime.

ବୈଦେ. ପ୍ରାଦେ (ସିଂହଭୂମ) ବଣ—ମଫସଲିଆ; ଗ୍ରାମ୍ୟ—Rural.

ଦେ. ଅ—ଦେହି (ଦେଖ)—Dehi (See)

ଦେହାତ୍ମବାଦ—ଦେ. ବି (ଅଧୁନାତନ ପ୍ରୟୋଗ)—ଦେହହିଁ ଆତ୍ମା ଅଟେ ଏବମ୍ଭୂତ ମତ—Materialism; the doctrine that the soul is identical with the body.
Dehātmabāda

ଦେହାଧି—ଦେ. ବଣ—ଦେହଧାରୀ; ଦେହାଧିକାରୀ—
Dehādhi — One having the body; corporeal.

ଶେଷେ ବୋଲନ୍ତି ରାମନାମ
ଦେହାଧି ଜୀବ ସେ ପରମ—ଯଶୋବନ୍ତ, ପ୍ରେମଭକ୍ତି ବ୍ରହ୍ମଗୀତା ।

ଦେହାନ୍ତ—ସଂ. ବି. (୬ଷ୍ଠୀ ତତ୍; ଦେହ+ଅନ୍ତ)—ପ୍ରାଣତ୍ୟାଗ; ମୃତ୍ୟୁ—
Dehānta — Death.

ଦେହାନ୍ତର—ସଂ. ବି. (ଅନ୍ୟ+ଦେହ; କର୍ମଧା. ଅନ୍ୟ=ଅନ୍ତର; ପରନିପାତ)—୧ । ଅନ୍ୟ ଶରୀର—
Dehāntara — 1. Another body.

୨ । ଅନ୍ୟ ଜନ୍ମରେ ଜୀବର ପ୍ରାପ୍ତ ଅନ୍ୟ ଗୋଟିଏ ଶରୀର—
2. Another embodied state according to the doctrine of transmigration.

୩ । (ଦେହ+ଅନ୍ତର) ମୃତ୍ୟୁ—3. Death.

ଦେହି—ଦେ. ବି. (ପଦ୍ୟ) (ସଂ. ଦେହ)—ଦେହ; ଶରୀର—
Dehi — Body.

ଅନଳରେ ଫୁଙ୍କାଇ ଦେଲେ ନିଜ ଦେହି—କୃଷ୍ଣସିଂହ, ମହାଭାରତ ସଭା ।

ଦେ. ଅ—ଦ୍ୱାରା—By.

ଏ ସାମାନ୍ୟ ବିଷୟ ଏହାଙ୍କ ଦେହି ହେଉ ନାହିଁ—ରାଧାନାଥ, ବିବେକୀ ।

ଦେହିତି—ଦେ. ଅ—ଦେହି (ଦେଖ)
Dehiti — Dehi (See)

ଯେବେ ଛେଳିଙ୍କ ଦେହିତି ଧାନ ନକଟ ହୁଅନ୍ତା ତେବେ ବଳଦ
କଅଁ ଘେଡ଼ା ହୁଅନ୍ତେ ?—ପ୍ରବଚନ ।

ଦେହୀ—ସଂ. ବଣ. ପୁଂ. (ଦେହ+ଅଛି ଅର୍ଥରେ ଇନ୍; ୧ମା ୧ବ)—ଶରୀରୀ; ଯାହାର ଦେହ ଅଛି—Corporeal; living.
Dehī
(ଦେହିନୀ—ସ୍ତ୍ରୀ) ବି—୧ । ପ୍ରାଣୀ—1. Animal; living being.

୨ । ଆତ୍ମା—2. The soul.

ଦେ. ବି. (ପଦ୍ୟ)—ଦେହ; ଶରୀର—Body.

ଫଳ ମୂଳ ଖାଇଣ ଝରପାଣି ପିଇ
ବେଶ ବେଶ ଭାଇ ରଖିଅଛନ୍ତି ଦେହୀ—କୃଷ୍ଣସିଂହ, ମହାଭାରତ, ବନ ।

ଦେହୁଡ଼ି—ଦେ. ବି. (ସଂ. ଦେହଳ)—୧ । ସିଂହଦ୍ୱାର—
Dehuṛdi — 1. Lion's gate.
দেউড়ী; দেহুড়ী — ୨ । ସଦର ଦରଜା; ଦାଣ୍ଡଦୁଆର—
डेवढ़ी, डेयाढ़ी — 2. The sudder door of a house.

୩ । ଘରକୁ ଯିବାର ଦାଣ୍ଡ ଫାଟକ—
3. Gate; portico; vestibule.

୪ । ଗୃହର ପ୍ରଧାନ ପ୍ରବେଶ ମାର୍ଗ—
4. The main gate of a house.

ଦେହୁଡ଼ି ମନା—ଦେ. ବି—ରାଜାଙ୍କ ବିରକ୍ତିଭାଜନ ବ୍ୟକ୍ତିକୁ ରାଜାଦେଶକ୍ରମେ ରାଜଦ୍ୱାରକୁ ଆସିବାକୁ କରାଯିବା ନିଷେଧ—Refusal of admission to a Rājā's palace issued to an offending person.
Dehuṛdi manā
দেউড়ী বন্দ
डेयाढ़ी बन्द
(ଦେହୁଡ଼ି ଅଟକ—ଅନ୍ୟରୂପ)

ଦେହୁରି—ଦେ. ବି—ଶବର ବା ଶଅର ଜାତିଙ୍କ ବଂଶୋପାଧିବିଶେଷ—
Dehuri — Family title of Śabara people.

ପ୍ରାଦେ· (ଗଡ଼ଜାତ) ବି. (ସଂ. ଦେବ)—
୧ । ବନ ଦେବତା ବା ଅପୂଜା ଦେବତାଙ୍କ ପୂଜକ ଶବର—
1. A priest of a forest Deity.
ଅପୂଜା ଦେବତାଙ୍କ ଦେହୁରି ଦୁହାଇବା ନାହିଁ – ଢଗ ।
୨ । ଗ୍ରାମଦେବତାଙ୍କ ପୂଜକ ବା ସେବକ—
2. The servant of a village Deity.
ଦେହୁରିଏ ଢର୍ଣ୍ଣ ପକାଇବେ ଚୁରି କରିଁ ଜା ଶେଳ-ସୋପାକେ –
ସ୍ଵାଳାଥ, ଗାବଙ୍ଗ ।
ପ୍ରାଦେ. (ସିଂହଭୂମ) ବି—ପାହାଡ଼ୀ ଠାକୁରାଣୀଙ୍କ ଭୂୟାଁ ଅନାର୍ଯ୍ୟ ସେବକ—The non-aryan sebakas of the Pāhārdi Goddess of Singhbhum.

ଦେହେ ଥିବା—ପ୍ରାଦେ. (ସମ୍ବଲପୁର) କ୍ରି—ଗର୍ଭବତୀ ହେବା—
Dehe thibā To be pregnant; to conceive.
(ଦେହେ ରହିବା—ଅନ୍ୟରୂପ)

ଦେହେ ଭରୁଁ—ପ୍ରାଦେ. (ସମ୍ବଲପୁର) ବିଣ—ଗର୍ଭବତୀ—
Dehe bhārun̄ Pregnant.

ଦେହେରା—ପ୍ରାଦେ. (ଗଡ଼ଜାତ) ବି—ଶୂଦ୍ର ଜାତିବିଶେଷ—
Deherā A class of Śūdras.
[ଦ୍ର—ଏମାନଙ୍କ ଘରେ ଈଶାନୀ କୋଣରେ ଗୋଟିଏ ଗଣ୍ଡ (ଈଶାଣ) ଥାଏ । ତାହାକୁ ସେମାନେ ପୂଜା କରନ୍ତି ।]

ଦେହେରି—ପ୍ରାଦେ. (ସମ୍ବଲପୁର) ବି—ଦେବପୂଜକ ବ୍ୟକ୍ତି; ସେବକ;
Deheri ଦେହୁରି—A servant of a Deity.
ବାବୁ ଦେହେରି, ପୁଅ ପୂଜାରି, ଗର୍ଭ ମଣ୍ଡ ସବୁ କୁମ୍ଭାରି – ଢଗ ।
(ଅର୍ଥାତ୍ ତୁମ୍ଭେ ଏଥାରେ ସନ୍ଦେହକୁ ଚୋଇବ ।)

ଦୈ—ଦେ. ବି. (ସଂ. ଦଧି)—ଦହି—
Dai Curd.

ଦୈତା (ଇତ୍ୟାଦି)—ଦଇତା ଇତ୍ୟାଦି (ଦେଖ)
Daitā (etc) Daitā etc (See)

ଦୈତାରି—ଦେ. ବି—ଦୈତ୍ୟାରି (ଦେଖ)
Daitāri Daityāri (See)

ଦୈତେୟ—ସଂ. ବି. (ଦିତି+ଅପତ୍ୟାର୍ଥେ ଏୟ)—୧ । ଅସୁର; ରାକ୍ଷସ—
Daiteya Demon.
୨ । ରାହୁ—2. The Ascending Node.

ଦୈତ୍ୟ—ସଂ. ବି. ପୁଂ. (ଦିତି+ଅପତ୍ୟାର୍ଥେ ଯ)—
Daitya ୧ । ଦୈତେୟ; ରାକ୍ଷସ—1. Demon.
୨ । କଣ୍ଟାଗଛ—2. Thorny plant.
ବନରେ ଦୈତ୍ୟଗଣ ରୂପ ଅଛି ଧରି – ଲକ୍ଷ୍ମ, ବୈଦେହୀଶବିଳାସ ।

ଦୈତ୍ୟ ଗୁରୁ—ସଂ. ବି. (୬ଷ୍ଠୀ ତତ୍; ଦୈତ୍ୟ+ଗୁରୁ)—ଅସୁରମାନଙ୍କ
Daitya guru ଆଚାର୍ଯ୍ୟ; ଶୁକ୍ରାଚାର୍ଯ୍ୟ—Sukrāchārjya; the
(ଦୈତ୍ୟାଚାର୍ଯ୍ୟ—ଅନ୍ୟରୂପ) preceptor of the Demons.

ଦୈତ୍ୟ ନିସୂଦନ—ସଂ. ବି. (୬ଷ୍ଠୀ ତତ୍; ଦୈତ୍ୟ+ନି+ସୁଦ୍ ଧାତୁ=
Daitya nisūdana ବଧ କରିବା+କର୍ତ୍ତୃ. ଅନ)—ବିଷ୍ଣୁ—
A name of Bishnu

ଦୈତ୍ୟ ପୁରୋଧାଃ—ସଂ. ବି. (୬ଷ୍ଠୀ ତତ୍; ଦୈତ୍ୟ+ପୁରୋଧସ୍)—
Daitya purodhāḥ. ଦୈତ୍ୟ ଗୁରୁ (ଦେଖ)
Daitya guru (See)

ଦୈତ୍ୟ ଯୁଗ—ସଂ. ବି. (୬ଷ୍ଠୀ ତତ୍; ଦୈତ୍ୟ+ଯୁଗ)—
Daitya juga ଦୈତ୍ୟମାନଙ୍କ ଗଣନା ଅନୁସାରେ ଏକ ଯୁଗ; ଦେବତାମାନଙ୍କ ଗଣନାରେ ବାର ହଜାର ବରଷ ମନୁଷ୍ୟଙ୍କ ଗଣନାରେ ଚାରି ଯୁଗ—
An aeon or age according to the calculation of the Demons which is equal to the 4 aeons in human calculation.

ଦୈତ୍ୟ ସେନା—ସଂ. ବି—୧ । ଦୈତ୍ୟମାନଙ୍କ ସୈନ୍ୟ—
Daitya senā 1. An army of the demons.
୨ । (ନାମ) ପ୍ରଜାପତିଙ୍କ କନ୍ୟା; ଦେବସେନାଙ୍କ ଭଉଣୀ ଓ କେଶୀ ଦୈତ୍ୟର ସ୍ତ୍ରୀ—Wife of the demon Kesi.

ଦୈତ୍ୟା—ସଂ. ବି. ସ୍ତ୍ରୀ. (ଦୈତ୍ୟ+ସ୍ତ୍ରୀ. ଆ)—
Daityā ୧ । ଅସୁରୁଣୀ 1. Demoness.
୨ । ମଦ୍ୟ—2. Wine.
୩ । ମୁରା ନାମକ ଗନ୍ଧ ଦ୍ରବ୍ୟ—
3. Name of a scented herb.

ଦୈତ୍ୟାରି—ସଂ. ବି. (୬ଷ୍ଠୀ ତତ୍; ଦୈତ୍ୟ+ଅରି)—ବିଷ୍ଣୁ—
Daityāri A name of Bishnu.
ଦେ. ବି. ପୁଂ—ଲୋକମାନଙ୍କୁ ଦିଆଯିବା ନାମ—
A name given to males.

ଦୈଧିଷବ୍ୟ—ସଂ. ବି. ପୁଂ. (ଦିଧିଷୁ+ଅପତ୍ୟାର୍ଥେ. ଯ)—
Daidhishabya ସ୍ତ୍ରୀର ଦ୍ଵିତୀୟ ସ୍ଵାମୀଙ୍କ ଔରସ ସନ୍ତାନ (ହ୍ଵ.ଶ)—
(ଦୈଧିଷବ୍ୟା—ସ୍ତ୍ରୀ) A son born of a remarried widow.

ଦୈନ—ସଂ. ବି. (ଦୀନ+ଭାବ. ଅ)—ଦୀନତା; ଦାରିଦ୍ର୍ୟ—
Daina Poverty; wretchedness.
ବିଣ (ଦିନ+ଭାବାର୍ଥେ ଅ)—ଦୈନିକ—
Daily; diurnal.

ଦୈନନ୍ଦିନ—ସଂ. ବିଣ. (ଦିନ+ଦିନ+ଭାବ. ଅ)—
Dainandina ୧ । ପ୍ରତିଦିନ କରାଯିବା; ପ୍ରତିଦିବସୀୟ; ପ୍ରାତ୍ୟହିକ-
(ଦୈନଂଦିନ—ଅନ୍ୟରୂପ) 1. Daily; diurnal.
୨ । ପ୍ରତିଦିନ ଘଟିବା—2. Occuring daily.
ସଂ. କ୍ରି ବିଣ—୧ । ପ୍ରତିଦିନ (ହ୍ଵ. ଶବ୍ଦସାଗର)—
1. Every day; daily.
୨ । ଦିନକୁ ଦିନ—2. From day to day.

ଦୈନି—ସଂ. ବି. (ସଂ. ଦୈନ୍ୟ)—ଦଇନି (ଦେଖ)
Daini Daini (See)

ଦୈନିକ—ସଂ. ବିଣ. (ଦିନ+ଭବାର୍ଥେ. ଇକ)—
Dainika ୧ । ପ୍ରାତ୍ୟହିକ—1. Daily.
୨ । ଯାହା ଦିବା ଭାଗରେ ଘଟେ—
2. Happening in the day time.
୩ । ଦିବସ ସମ୍ବନ୍ଧୀୟ—2. Pertaining to the day.
୪ । ଯାହା ଏକ ଦିବସରେ ସମ୍ପନ୍ନ ହୋଇ ପାରେ—
4. Which can be done in a day.

୫ । ଯାହା ପ୍ରତିଦିନ ପ୍ରକାଶିତ ହୁଏ (ପତ୍ରିକା)—
5. (newspaper) Published every day.

ଦୈନିକା—ସଂ. ବି. (ଦିନ+ଇକ+ଆ)—ଦିନ ମଜୁରି; ମୂଲ—
Dainikā — Daily wages.

ଦୈନ୍ୟ—ସଂ. ବି. (ଦୀନ+ଭାବ. ଯ)—
Dainya — ୧ । ଦୀନତା; ଦାରିଦ୍ର୍ୟ—1. Poverty; wretchedness.
୨ । କାତରତା—2. Distress.
୩ । ଅତିଶୟ ଦୁଃଖାବସ୍ଥା—
3. Pitiable condition; misery.
୪ । ସନ୍ତାପ—4. Affliction; distress.
୫ । ମନୋଦୁଃଖ—5. Dejection.
୬ । କାବ୍ୟର ସଞ୍ଚାରୀ ଭାବବିଶେଷ, ଯାହା ପାଠ, ଶ୍ରବଣ ବା ଦର୍ଶନ କଲେ ମନ ଦୁଃଖାଦି ଦ୍ୱାରା କାତର ହୁଏ—
1. Pathos (in literature); pathetic feeling.

ଦେ. ବି—ଦଇନ୍ଦ; କାତର ପ୍ରାର୍ଥନା—Doleful prayer.
ବୋଲି ଯେ ଦୈନ୍ୟ ସତତେ ଭଣେ । ଉକ୍ତ. ପ୍ରେମସୁଧାନିଧି ।

ଦୈବ—ସଂ. ବିଣ. (ଦେବ+ସମ୍ବନ୍ଧାର୍ଥେ. ଅ)—
Daiba — ୧ । ଦେବତା ସମ୍ବନ୍ଧୀୟ; ଈଶ୍ୱରୀୟ—
(ଦୈବୀ—ସ୍ତ୍ରୀ) 1. Divine; relating to God.
୨ । ବିଧାତାଙ୍କ ବିହିତ; ଭାଗ୍ୟ ସମ୍ବନ୍ଧୀୟ—
2. Providential.
୩ । ଦେବତାଙ୍କ ପ୍ରୀତିସାଧକ—
3, Pleasing to God.
୫ । ପ୍ରାକୃତିକ; ଯାହା କୃତ୍ରିମ ନୁହେଁ—
5. Natural; not artificial.

ବି—୧ । ହିନ୍ଦୁ ଶାସ୍ତ୍ରୋକ୍ତ ଏକ ପ୍ରକାର ବିବାହ—
1. A form of marriage according to the Hindu Śāstras.
[ଦ୍ର—ଏ ବିବାହରେ କନ୍ୟାକର୍ତ୍ତା ବରକୁ ନିମନ୍ତ୍ରଣ କରି କନ୍ୟା ଦାନ କରନ୍ତି ।]
୨ । ଅଦୃଷ୍ଟ; ଭାଗ୍ୟ; କର୍ମ—2. Destiny; fate.
୩ । (+ସ୍ୱାର୍ଥେ. ଅ) ବିଧାତା; ଈଶ୍ୱର—
3. Providence; the Creator; God.
୪ । ଦେବତା—4. Deity.
୫ । ବିଧାତାଙ୍କ ବିହିତ; ବିଧି ବିଧାନ—
5. Divine dispensation.
୬ । ପୂର୍ବଜନ୍ମାର୍ଜିତ କର୍ମ—6. The result enjoyed by a person due to his acts in a previous existence.
୭ । ଅଙ୍ଗୁଳି ଅଗ୍ର; ଦେବ ତୀର୍ଥ—
7. The tips of the fingers.

ଦୈବକ—ସଂ. ବି. (ଦୈବ+ସ୍ୱାର୍ଥେ. କ)—
Daibaka — ଦେବତା—Deity.

ଦୈବ କର୍ମ—ସଂ. ବି. (କର୍ମଧା; ଦୈବ+କର୍ମ)—
Daiba karma — ଦେବତାମାନଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ
(ଦୈବ କାର୍ଯ୍ୟ—ଅନ୍ୟରୂପ) ଅନୁଷ୍ଠିତ ଯଜ୍ଞାଦି କର୍ମ—
Religious rite; an act performed to propitiate the Gods.
[ଦ୍ର—ଯଜ୍ଞ, ଦେବତର୍ପଣ, ଜପ, ହୋମ, ପୂଜା, ଆରାଧନା ଆଦିକୁ ଦୈବ କର୍ମ କୁହାଯାଏ ।]

ଦୈବକୀ—ସଂ. ବି.ସ୍ତ୍ରୀ (ଦେବକ+ଅପତ୍ୟାର୍ଥେ.ସ୍ତ୍ରୀ. ଈ)—ଦେବକୀ (ଦେଖ)
Daibaki — Debākī (See)

ଦୈବ କ୍ରମେ—ଦେ. କ୍ରି. ବିଣ—ଦୈବ ଯୋଗେ (ଦେଖ)
Daiba krame — Daiba joge (See)
दैवक्रमे; दैवात्

ଦୈବ ଗତି—ସଂ.ବି.(୬ଷ୍ଠୀ ତତ୍;ଦୈବ+ଗତି)—୧ । ଦୈବର ବିହିତ
Daiba gati — ଅନୁସାରେ ଘଟିବା ଘଟଣା; ଈଶ୍ୱରବିଧାନ—
1. Providence.
୨ । ଆକସ୍ମିକ ଘଟଣା—2. Accidental happening.

ଦୈବଗତ୍ୟା—ସଂ. ଅ; (ଦୈବଗତି ଶବ୍ଦର ତୃତୀୟା ବିଭକ୍ତି ଏକବଚନ)—
Daibagatyā — ୧ । ଦୈବଗତିକ୍ରମେ—1. Accidentally.
୨ । ଅକସ୍ମାତ୍; ଦୈବାତ୍—2. Unexpectedly.
୩ । ବିଧି ନିର୍ବନ୍ଧ ଅନୁକ୍ରମେ—3. Providentially.

ଦୈବ ଘଟଣା—ସଂ. ବି (କର୍ମଧା; ଦୈବୀ+ଘଟଣା; ସମାସ ଯୋଗୁଁ
Daiba ghaṭanā — ଦୈବୀର ଦୈବ ରୂପ)—୧ । ଅସମ୍ଭାବିତ ବ୍ୟାପାର; ଅତର୍କିତ ଘଟଣା—1. Accident; unexpected occurrence.
୨ । ଭାଗ୍ୟର ଗତି—2. The course of fate; providence.

ଦୈବ ଘରିଆ—ପ୍ରାଦେ (ସିଂହଭୂମ) ବି—ଦେବପୂଜକ—
Daiba ghariā — The worshipper of a Deity.

ଦୈବଜ୍ଞ—ସଂ. ବି. ପୁଂ (ଦୈବ=ପୂର୍ବଜନ୍ମ କୃତ ଶୁଭାଶୁଭ କର୍ମ+ଜ୍ଞା
Daibajña — ଧାତୁ+କର୍ତ୍ତୃ. ଅ)—୧ । ଗଣକ—1. Fortune-teller.
(ଦୈବଜ୍ଞା—ସ୍ତ୍ରୀ)
୨ । ଫଳିତ ଜ୍ୟୋତିଷ ଶାସ୍ତ୍ରଜ୍ଞ; ଭବିଷ୍ୟଦ୍‌ବକ୍ତା—
2. Astrologer.
୩ । ଜ୍ୟୋତିଷ ବିଦ୍ୟା ଦ୍ୱାରା ଜୀବିକା ନିର୍ବାହକାରୀ ଜାତିବିଶେଷ—3. A caste of professional astrologers.

ଦୈବତ—ସଂ. ବି (ଦେବତା+ସ୍ୱାର୍ଥେ; ସମୂହାର୍ଥେ. ଅ)—୧ । ଦେବତା—
Daibata — 1. Deity.
୨ । ଦେବ ସମୂହ—2. The Gods.
ବିଣ (ଦେବତା+ସମ୍ବନ୍ଧାର୍ଥେ. ଅ)—ଦେବ ସମ୍ବନ୍ଧୀୟ—
Pertaining to the Gods

ଦୈବ ତୀର୍ଥ—ସଂ. ବି (କର୍ମଧା; ଦୈବ+ତୀର୍ଥ)—ହାତର ଅଙ୍ଗୁଳିମାନଙ୍କ
Daiba tirtha — ଅଗ୍ରଭାଗ—The tips of the fingers of the hand.

[ଦ୍ର—ଏହି ବାଟେ ଦେବତାମାନଙ୍କ ତର୍ପଣ କରିବା ସମୟରେ ଜଳ ଢଳାଯାଏ ।]

ଦୈବ ଦଣ୍ଡ—ସଂ. ବି (କର୍ମଧା. ଦୈବ+ଦଣ୍ଡ)—
Daiba daṇḍa ହଠାତ୍ ଘଟିବା ଦୁର୍ଘଟନା—Divine visitation; providential calamity; divine judgment.

ଦୈବ ଦୀପ—ସଂ. ବି (କର୍ମଧା; ଦୈବ+ଦୀପ)—ଅକ୍ଷି; ଚକ୍ଷୁଃ—
Daiba dipa The eye.

ଦୈବ ଦୁର୍ଘଟଣା—ଦେ. ବି(ସଂ.ଦୈବ+ଦୁର୍ଘଟନା)-ଦୈବ ଦୁର୍ବିପାକ(ଦେଖ)
Daiba durghaṭanā Daiba durbipāka (See)
(ଦୈବୀ ଦୁର୍ଘଟଣ—ଅନ୍ୟରୂପ)

ଦୈବ ଦୁର୍ବିପାକ—ସଂ. ବି (କର୍ମଧା; ଦୈବ+ଦୁର୍ବିପାକ)—ଦୁର୍ଘଟନା—
Daiba durbipāka 1. Mishap.
୨ । ଦୁର୍ଭାଗ୍ୟ—2. Misfortune; an evil turn of fate; adverse circumstances.
୩ । ବିଧିଙ୍କ ବିଧାନ ଅନୁସାରେ ଘଟିବା ବିପଦ—
3. Pre-ordained misfortune; affliction proceeding from God; divine visitation.
୪ । ବିଧାତାଙ୍କ ବେଅନୁଗ୍ରହ—
4. Cruelty of Fate.

ଦୈବ ଦୁର୍ଯୋଗ—ସଂ. ବି. (କର୍ମଧା; ଦୈବ+ଦୁଃ+ଯୋଗ)—ଦୈବ-
Daiba durjoga ଦୁର୍ବିପାକ (ଦେଖ)
(ଦୈବ ଦୋଷ—ଅନ୍ୟରୂପ) Daiba durbipāka (See)

ଦୈବ ନିଷ୍ଠ—ସଂ. ବିଣ.ପୁଂ(ବହୁବ୍ରୀହି,ଦୈବ+ନିଷ୍ଠା+ଅ)—ଯେଉଁ ବ୍ୟକ୍ତି
Daiba nishṭha ଭବିଷ୍ୟତ ପାଇଁ ଦୈବଉପରେ ନିର୍ଭର କରେ;
ଦୈବପର / ଦୈବପରାୟଣ } ଅନ୍ୟରୂପ ସଦ୍‌ଭବିଷ୍ୟ—Absolutely depending upon fate; fatalist.
(ଦୈବନିଷ୍ଠା—ସ୍ତ୍ରୀ)
(ଦୈବନିଷ୍ଠତା—ଅନ୍ୟରୂପ)

ଦୈବ ପ୍ରଶ୍ନ—ସଂ. ବି. (କର୍ମଧା; ଦୈବ+ପ୍ରଶ୍ନ)—ଭବିଷ୍ୟତ ଶୁଭାଶୁଭ
Daiba prasna ସମ୍ବନ୍ଧେ ଜିଜ୍ଞାସା—A question about the future.

ଦୈବ ବଶ—ସଂ. ବିଣ.—ଦୈବାଧୀନ (ଦେଖ)
Daiba basa Daibādhina (See)

ଦୈବ ବଶତଃ—ସଂ. କ୍ରି. ବିଣ—ଦୈବଗତ୍ୟା (ଦେଖ)
Daiba basataḥ Daibagatyā (See)
(ଦୈବ ବଶାତ୍—ଅନ୍ୟରୂପ)

ଦୈବ ବଶରୁ—ଦେ. କ୍ରି. ବିଣ.—(ସଂ. ଦୈବ ବଶାତ୍)
Daiba basaru ଦୈବ ଯୋଗେ (ଦେଖ)
দৈববশে Daiba joge (See)
দৈবক্রমে
(ଦୈବ ବଶରେ, ଦୈବ ବଶେ, ଦୈବ ବଶୁଁ—ଅନ୍ୟରୂପ)

ଦୈବ ବାଣୀ—ସଂ. ବି. (କର୍ମଧା; ଦୈବୀ+ବାଣୀ)—୧ । ଆକାଶବାଣୀ—
Daiba bāṇi 1. A voice from Heaven; a revelation.
୨ । ଈଶ୍ୱରାଦେଶ—2. Divine command.
୩ । ମନୁଷ୍ୟ ମୁଖରେ ପ୍ରକାଶିତ ଦେବତାଙ୍କ ହୁକୁମ—
3. Oracle.
୪ । ସଂସ୍କୃତ ଭାଷା; ଦେବଭାଷା—
4. The Sanscrit language.
[ଦ୍ର—ଏହା ଦେବତାମାନଙ୍କ ବ୍ୟବହୃତ ଭାଷା ଥିବା ହିନ୍ଦୁମାନେ ବିଶ୍ୱାସ କରନ୍ତି ।]

ଦୈବ ବିଡ଼ମ୍ବନା—ସଂ. ବି. (କର୍ମଧା; ଦୈବ+ବିଡ଼ମ୍ବନା)—
Daiba birdambanā ଦୈବଦୁର୍ବିପାକ (ଦେଖ)
[ଦୈବ ବିଡ଼ମ୍ବଣ(ଣା)—ଦେଶଜ ରୂପ]
Daiba durbipāka (See)

ଦୈବ ଯୋଗ—ସଂ. ବି.—୧ । ଦୈବ ଘଟଣା—
Daiba joga 1. Accident.
୨ । ଆକସ୍ମିକ ଘଟନାମାନଙ୍କ ସମାବେଶ—
2. A concatenation of accidents.

ଦୈବ ଯୋଗେ—ଦେ. କ୍ରି. ବିଣ.—ଦଇବ; ଦୈବାତ୍; ହଠାତ୍—
Daiba joge Accidentally; by chance; providentially.
দৈবযোগে
দৈবাত (ଦୈବଯୋଗରୁ—ଅନ୍ୟରୂପ)

ଦୈବ ଲେଖକ—ସଂ. ବି.—ଗଣକ (ହି. ଶ)—
Daiba lekhaka A fortune-teller.

ଦୈବଲେ(ଲି)ଖନ—ସଂ. ବି.—କପାଳ ଲେଖନ (ଦେଖ)
Kapālalekhana (See)

ଦୈବାତ୍—ସଂ. ଅ. (ଦୈବ ଶବ୍ଦର ୫ମୀ. ୧ବ.)—୧ । ସହସା; ହଠାତ୍
Daibāt 1. Unexpectedly; accidentally.
୨ । ଅତର୍କିତ ଭାବରେ—2. By chance.
୩ । ଈଶ୍ୱରଙ୍କ ଇଚ୍ଛାକ୍ରମେ—3. Providentially.

ଦୈବାଦେଶ—ସଂ. ବି. (କର୍ମଧା; ଦୈବ+ଆଦେଶ)—ଦୈବବାଣୀ;
Daibādesa ଈଶ୍ୱରାଜ୍ଞା—Revelation; divine commandment.

ଦୈବାଧୀନ—ସଂ. ବିଣ. (୬ଷ୍ଠୀ ତତ୍; ଦୈବ+ଅଧୀନ)—
Daibādhina ୧ । ଅଲୌକିକ—1. Supernatural.
୨ । ଐଶ୍ୱରିକ; ଈଶ୍ୱରସୃଷ୍ଟ—2. Divine; in the hands of Providence.
୩ । ବିଧାତାଙ୍କ ବିଧାନ ମୁତାବକ ଘଟିବା—
3. Subject to Divine Dispensation.

ଦୈବାୟତ୍ତ—ସଂ. ବିଣ. (୬ଷ୍ଠୀ ତତ୍; ଦୈବ+ଆୟତ୍ତ)—
Daibāyatta ଦୈବାଧୀନ (ଦେଖ)
Daibādhina (See)

ଦୈବାସିଦ୍ଧ—ପ୍ରାଦେ. (ସମ୍ବଲପୁର) ବି. (କଚେରୀ ଭାଷା)—ମକଦମାରେ
Daibāsiddha ଡିକ୍ରି—A decree in a case.

ଦୈବିକ—ସଂ. ବିଣ. (ଦେବ+ସମ୍ବନ୍ଧାର୍ଥେ ଇକ)—
Daibika ୧ । ଦେବ ସମ୍ବନ୍ଧୀୟ; ଐଶ୍ୱରିକ—
1. Divine; peculiar to the Gods.
୨ । (+ଇତ୍ୟର୍ଥେ. ଇକ) ଦୈବଘଟିତ—
2. Providential.

ଦୈବୀ—ସ. ବଣ. ସ୍ତ୍ରୀ—(ଦେବ+ସମ୍ବନ୍ଧାର୍ଥେ. ଅ+ସ୍ତ୍ରୀ. ଈ)—
Daibi ୧ । ଦେବତା ସମ୍ବନ୍ଧୀୟ—
1. Divine; providential.
୨ । ଭାଗ୍ୟ ସମ୍ବନ୍ଧୀୟ—2. Relating to fate.
ସ. ବି.—୩ । ଚିକିତ୍ସାବିଶେଷ ଯେଉଁ ଚିକିତ୍ସାରେ ଭଗବାନଙ୍କ ଉପରେ ନିର୍ଭର କରାଯାଏ; ଦେବାରାଧନପୂର୍ବକ ଯେଉଁ ଚିକିତ୍ସା କରାଯାଏ—
3. A kind of treatment; faith cure.
ଦେ. ବି.—୧ । ଦୈବ ଘଟଣା—1. Accident.
୨ । ଦୁର୍ଘଟଣା—2. Mishap.
୩ । ଦୈବକାର୍ଯ୍ୟ—3. Religious rites; acts performed to propitiate the Gods.
ଦେ. କ୍ରି. ବଣ (ସ. ଦୈବାତ୍)—୧ । ଦୈବାତ୍; ଦୈବଘଟଣା
ଦୈବେ କ୍ରମେ—1. Providentially.
दैवात् ୨ । ଅକସ୍ମାତ୍—2. By chance.

ଦୈବୀ ଘଟଣା—ସ. ବି (କର୍ମଧା; ଦୈବୀ+ଘଟଣା,—ଦୈବ ଘଟଣା (ଦେଖ)
Daibi ghatanā Daiba ghatanā (See)

ଦୈବୀ ଦଣ୍ଡ—ଦେ. ବି (ସ. ଦୈବଦଣ୍ଡ)—ଦୈବଦଣ୍ଡ (ଦେଖ)
Daibi danda Daibadanda (See)

ଦୈବୋତ୍ପାତ—ସ. ବି. (କର୍ମଧା; ଦୈବ+ଉତ୍ପାତ)—
Daibotpāta ଦୈବଦଣ୍ଡ (ଦେଖ)—Daibadanda (See)

ଦୈବୋପହତ—ସ. ବଣ (ତତ୍ପୁ ତତ୍; ଦୈବ+ଉପହତ=ଆହତ)—
Daibopahata ୧ । ବିଧିବିଧାନରେ ଦଣ୍ଡପ୍ରାପ୍ତ—1. Struck by fate; undergoing divine punishment.
୨ । ହତଭାଗ୍ୟ—2. Ill-fated; unfortunate.

ଦୈର୍ଘ୍ୟ—ସ. ବି (ଦୀର୍ଘ+ଭାବେ. ଯ)—ଦୀର୍ଘତା—
Dairghya Length; longitude.

ଦୈଶିକ—ସ. ବଣ (ଦେଶ+ସମ୍ବନ୍ଧାର୍ଥେ. ଇକ)—୧ । ଦେଶୀ—
Daisika 1. Native; belonging to the country.
୨ । ଏକ ଅଂଶ ବା ଏକ ଦେଶ ସମ୍ବନ୍ଧୀୟ—
2. Relating to a part of or to one country.
୩ । ଦେଶଜ (ଦେଖ)—3. Desaja (See)

ଦୈହିକ—ସ. ବଣ (ଦେହ+ସମ୍ବନ୍ଧାର୍ଥେ. ଇକ)—ଶାରୀରିକ; ଦେହସମ୍ବନ୍ଧୀୟ—Bodily; corporal.
Daihika

ଦୈହିକ ଉପାଦାନ—ସ. ବି—୧ । (ଜୀବବିଜ୍ଞାନ ପରିଭାଷା)—
Daihika upādāna ଜୀବର ଦେହ ଯେଉଁ ରକ୍ତମାଂସାଦିମୟ ଉପାଦାନରେ ଗଠିତ—1. Body-tissue.
୨ । ଶରୀରର ଉପାଦାନ—
2. The ingredients of the body.
(ଯଥା—ରକ୍ତ, ମାଂସ, ମେଦ, ମଜ୍ଜା, ଅସ୍ଥି, ଚର୍ମ ।)

ଦୋ—ବୈଦେ. ବି (ଫା; ତୁଳ. ସ. ଦ୍ୱି; ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ;
Do ଯଥା—ଦୋରସା, ଦୋନ୍‌ସଲ୍ଲା, ଦୋକନ୍ଦ, ଦୋଅଣୀ)—ଦୁଇ—
दो Two.
ଦୌ ପ୍ରାଦେ (ଗଡ଼ଜାତ) ବି—ଦୋଉ (ଦେଖ)
Dou (See)

ଦୋଅଂଶଲ୍ଲା—ଦେ. ବଣ (ସ. ଦ୍ୱି ଓ ଅଂଶ)—୧ । ଜାରଜ—
D-oamsala 1. Bastard.
दोआ सला ୨ । ଦୁଇ ଭିନ୍ନ ଜାତୀୟ ଜୀବଙ୍କ ସଙ୍ଗମରୁ ଉତ୍ପନ୍ନ—
दोगला, दुनसला 2. Mongrel; hybrid; half-bred.
ଦୋକୋଶଲ୍ଲା } ଅନ୍ୟରୂପ ୩ । ବର୍ଣ୍ଣସଙ୍କର—
ଦୋନଶଲ୍ଲା } 3. Of mixed descent.

ଦୋଅଂଶା—ଦେ. ବଣ (ସ. ଦ୍ୱି ଓ ଅଂଶ)—୧ । ଦୋରସା (ମାଟି);
Do-amsā ଯେଉଁ ମୃତ୍ତିକାରେ କାଦୁଅ ଓ ବାଲି ମିଶିଥାଏ—
ଦୋଅଂଶିଆ } ଅନ୍ୟରୂପ 1. Of mixed grain; (soil)
ଦୋଅଂଶିଆ } mixed with clay and sand.
दोअँश ୨ । ଯେଉଁ କବାଟରେ ୨ଟି ଅଂଶ ବା ଧାର ଥାଏ—
दुआंशा 2. (a hinge) Having two edges; double-sided.

ଦୋଅକ୍ଷରି ଗାଳି—ଦେ. ବି (ସ. ଦ୍ୱିଅକ୍ଷର+ଗାଳି)—ଲିଙ୍ଗ, ଯୋନି
Doakshari gāli ଆଦି ବାଚକ ଅଶ୍ଳୀଳ ଶବ୍ଦମାନଙ୍କ ବ୍ୟବହାର-ଯୁକ୍ତ ଗାଳି—Abuse with the uses of obscene and filthy words.
ଦୋଅକ୍ଷରି
ଦୋଅକ୍ଷରିଆ ଗାଳି } ଅନ୍ୟରୂପ
ଦ୍ୱିଅକ୍ଷରିଆ ଗାଳି }

ଦୋଅଣୀ—ଦେ. ବି (ସ. ଦ୍ୱି ଓ ଆନକ)—ଦୁଇ ଅଣା ମୂଲ୍ୟର ମୁଦ୍ରା—
Do-ani A two-anna-bit; a coin worth two annas.
(ଦୋଓଣୀ—ଅନ୍ୟ ରୂପ)
दोयानी, दुयानी ପ୍ରାଦେ (ଯାଜପୁର) ବି (ସ. ଦୋହନୀ)—ଗାଇଦୁହାଁ
दुअनी ଠେକି—A narrow-mouthed small pitcher used during milking.

ଦୋଆତ—ଦେ. ବି—ଦୁଆତ (ଦେଖ)
Do-āta Duāta (See)

ଦୋଆବ୍—ଦେ. ବି (ସ. ଦ୍ୱି+ଅପ୍)—ଦୁଇ ନଦୀ ମଧ୍ୟସ୍ଥ ଭୂଖଣ୍ଡ; ଦ୍ୱିଗଙ୍ଗ
Do-āb ପ୍ରଦେଶ—A doab; country between two rivers.
दोयाब्
दुआब, दुआबा, अन्तर्वेद्

ଦୋଇ ରାଣୀ—ଦେ. ବି—କାହାଣୀରେ ରାଜାଙ୍କର ଦୁଇ ରାଣୀ ମଧ୍ୟରୁ
Doi rāni ପ୍ରଥମ ବିବାହିତା ରାଣୀ, ଯେଉଁ ରାଣୀଙ୍କୁ ରାଜା ଦେଖି
(ଦୋଇ—ଅନ୍ୟରୂପ) ପାରନ୍ତି ନାହିଁ ଓ ଏଥିଲାଗି ଯେ ବହୁତ ଦୁଃଖ
दोरानी ଭୋଗ କରନ୍ତି—The title or name of the neglected or disliked first married Ranee of a Raja having two Ranees, in the folktales.
[ଦ୍ର—ପରେ ଯେଉଁ ବିବାହିତା ରାଣୀଙ୍କୁ ରାଜା ଭଲ ଦେଖି ପାରନ୍ତି ଓ ସୁଖ ଦିଅନ୍ତି ତାଙ୍କ ନାମ ସୋଇ ରାଣୀ ।]

ଦୋଉ—ପ୍ରାଦେ (ଗଡ଼ଜାତ) ବି (ସ. ଦେବ)—ରାଜା ଓ ରାଜପୁତ୍ରଙ୍କ
Do-u ସମ୍ବୋଧନ; ଦେଉ—A word used in addressing Rajas and princes.

ଦୋଏମ୍—ଦେ. ବଣ—ଦୋୟମ୍ (ଦେଖ)
Do-em Doyam (See).

ଦୋଓଡ଼—ଦେ. ବଣ (ସ. ଦ୍ୱିବାର)—୧ । ଦୁଇଥର ହଳ ଲଗା
Do-orda ଯାଇଥିବା—1. Twice ploughed up (land).

୨ । ଦ୍ୱିତୀୟଥର ଚଷ କରାଯିବା—
2. Ploughed for the second time.
ଦୋକର ୩ । ଦୁଇପରସ୍ତ ଭଙ୍ଗାଯାଇଥିବା—
दोहरी, दोर 3. Double folded.
୪ । ଦୁଇଥର ବା ଦ୍ୱିତୀୟଥର କରାଯିବା—
4. Done twice or for the second time.
କ୍ରି. ବଣ—୧ । ଦୁଇଥର—1. Twice.
୨ । ଦ୍ୱିତୀୟଥର—2. Second time.
ବ—୧ । ଦ୍ୱିତୀୟଥର—1. A second time.
୨ । ଦୁଇଥର—2. Two times.

ଦୋଓଡ଼ପକ୍ଷ ବର—ଦେ. ବ ଓ ବଣ—ଦୋବେଇ ବର (ଦେଖ)
Do-orḏapaksha bara Dobei bara (See).
(ଦୋଓଡ଼ବେଇ—ଅନ୍ୟରୂପ) ଦୋଜବର दोजा

ଦୋଓଡ଼ ପାଲି—ପ୍ରାଦେ (ଗଡ଼ଜାତ) ବ—ଦୁଆର ପାଲି (ଦେଖ)
Do-orḏa pāḻi Duāra pāḻi (See)
दोसरता

ଦୋଓଡ଼ ବେଉଷା—ଦେ. ବ—୧ । ଶାରଦ ଧାନକୁ ଦ୍ୱିତୀୟଥର
Do-orḏa beushā ବେଉଷଣ କରାଯିବା—1. Second
(ଦୋଓଡ଼ ବେଉଷଣ—ଅନ୍ୟରୂପ) puddling of winter-paddy.
[ଦ୍ର—ଥରେ ବେଉଷଣ ହୋଇ ସାରିବା ପରେ ଧାନଗଛମାନ ଭୁଇଁ ମାଡ଼ିବା ପୂର୍ବରୁ ବିଲରୁ ପାଣି ଶୁଖିଗଲେ ଆଉ ଥରେ ବିଲରେ ପାଣି ମଡ଼ାଇ ବେଉଷଣ କରାଯାଏ; ଏହାକୁ ଦୋଓଡ଼ବେଉଷା ବୋଲାଯାଏ ।]

ଦୋଓଡ଼ ମଇ—ଦେ. ବ—ଦୋଓଡ଼ବେଉଷା ପରେ ଧାନ ବିଲରେ
Do-orḏa mai ଟଣାଯିବା ମଇ—A ladder drawn over the paddy plants after the second puddling.

ଦୋଓଡ଼ ମୁଣ୍ଡା—ଦେ. ବ—ଏକପ୍ରକାର ଚଉଡ଼ା ଲଙ୍ଗଳର ଫଳଭାଗ;
Do-orḏa muṇḏā ଯେଉଁ ଲଙ୍ଗଳମୁଣ୍ଡା ଦ୍ୱାରା ଏକ ଓଡ଼ ଚଷ ହୋଇଥିବା ଜମିକୁ ଦ୍ୱିତୀୟଥର (ଦୋଓଡ଼) ଚଷ କରାଯାଏ—A kind of plough whose blade is wide and which is used in tilling a field (already once tilled) for the second time.
[ଦ୍ର—ପଡ଼ିଆ ଜମିକୁ ପ୍ରଥମେ ଚଷ କରିବା ପାଇଁ ଯେଉଁ ଲଙ୍ଗଳ (ଗୋଡ଼ଙ୍ଗ) ବ୍ୟବହୃତ ହୁଏ, ତାହାର ମୁଣ୍ଡା ସରୁଆ, କିନ୍ତୁ ତତ୍ପରେ ଥରେ କର୍ଷିତ ହୋଇଥିବା ଭୂମିକୁ ଚଷିବାପାଇଁ ଯେଉଁ ଲଙ୍ଗଳମୁଣ୍ଡା ବ୍ୟବହୃତ ହୁଏ ତାହାର ଫଳଭାଗ ବା ପକ୍ଷି ଚଉଡ଼ା; ଏହାକୁ ଅଧାପାଲ ମଧ୍ୟ କୁହାଯାଏ ।]

ଦୋଓଡ଼ା—ଦେ. ବ—ଅପରାହ୍ନରେ କରାଯିବା ଭୋଜନ; ଦିବସର
Do-orḏā ଦ୍ୱିତୀୟ ଭୋଜନ—Afternoon meal; lunch; the second meal of the day.
ବଣ—ଦୁଇଥର ଭାଙ୍ଗ କରାଯାଇଥିବା (ଲୁଗା, କାଗଜ)—
Folded double.

ଦୋଓଡ଼ା(ଡ଼େ)ଇବା—ଦେ. କ୍ରି—୧ । କୌଣସି ପଦାର୍ଥକୁ (ଲୁଗା
Do-orḏā(rḏe)ibā ଆଦିକୁ) ଦୁଇ ଭାଙ୍ଗଣିଆ କରିବା—
दोहराना 1. To fold a thing double.
୨ । ଦୁଇଥର ଚଷ କରିବା—
2. To plough twice.
୩ । ଏକ କାର୍ଯ୍ୟକୁ ଦୁଇଥର କରିବା—
3. To do a thing twice; to go over twice.
୩ । କୌଣସି କର୍ମକୁ ଦ୍ୱିତୀୟଥର କରିବା; ପୁନର୍ବାର କରିବା—
3. To do a thing for the second time.
୪ । ଦ୍ୱିରୁକ୍ତି କରିବା; ପୁନର୍ବାର କହିବା—
4. To repeat a matter.

ଦୋଓର—ଗ୍ରା (ଇତର) ବ. ବଣ. ଓ କ୍ରି. ବଣ—ଦୋଓଡ଼ (ଦେଖ)
Do-ora Do-orḏa (See).
ଦୋହଳ ପାଇଲେ ଦୋଓର ଚଷନ୍ତୁ—ଢଗ ।

ଦୋଃ—ସଂ. ବ—ଦୋସ୍ (ଦେଖ)
Doh Dos (See).

ଦୋକଚ୍ଛା—ଦେ. ବ (ସଂ. ଦ୍ୱିକଚ୍ଛ)—ଯାଇକଚ୍ଛା; ପେଟରୁ ପୁଡ଼ା ତଳେ
Dokachhā ଲେଉଟାଇ ପଛଆଡ଼େ ଅଣ୍ଟାରେ କଚ୍ଛା ଉପରେ
ଦୋକଚ୍ଛା
ଦୋକଚ୍ଛ(ଚ୍ଛି) } ଅନ୍ୟରୂପ ଖୋସିବା; ଏକପ୍ରକାର ଲୁଗା ପିନ୍ଧା—
दोकच्छि A mode of tucking down the front portion of the cloth and doubling it back to the waist.

ଦୋକଟା—ପ୍ରାଦେ. ବ (ବାଲେଶ୍ୱର)—ଶୁଖିଲା ତମାଖୁ ପତ୍ର—
Dokatā Dried tobacco leaves; dry tobacco leaves.
(ଦୋକ୍ତା—ଅନ୍ୟରୂପ) ମହାଜନେ ବୋଲନ୍ତି ଦୋକ୍ତା କାରବାର ଅଛି
तमाखु; दाक्ता ଗୋଟାଏ ସାପ ଖେଳାଇବା ଏକ କଥା ।
ଫକୀରମୋହନ ଗଳ୍ପସ୍ୱଳ୍ପ ।

ଦୋକନା—ଦେ. ବ (ସଂ. ଦ୍ୱି+କର୍ଣ୍ଣ)—୧ । ଏକପ୍ରକାର ଅସ୍ତ୍ର—
Dokanā 1. A kind of forked weapon.
(ଦୋକେନା—ଅନ୍ୟରୂପ) ୨ । ଅଗ୍ର ଭାଗରେ ଦୁଇ ଶାଖା ଥିବା ଯଷ୍ଟି—
दोफेकड़ा 2. A forked stick.
[ଦ୍ର—କଣ୍ଡା ଗୋଛାକୁ ଅଯତ୍ନ କରି ବାନ୍ଧିବା ପାଇଁ ଓ କଣ୍ଟା ଗଛର ଡାଳ ଆଦିକୁ ବାଡ଼ରେ ପୋଡ଼ି ଲଗାଇବା ପାଇଁ ଏହା ବ୍ୟବହୃତ ହୁଏ ।]
୩ । ଦୁଇ ଶାଖାବଶିଷ୍ଟ ମଶାଲ—
3. A forked torch.
ବଣ—ଦୁଇ ଶାଖାବଶିଷ୍ଟ—Forked; biforked.

ଦୋକନା ସିଝୁ—ଦେ. ବ—ଏକ ପ୍ରକାର ସିଝୁ; ଦୁଇଟି ଶାଖା ବା
Dokanā sijhu ଭୁଜ ଥିବା ଏକପ୍ରକାର ସିଝୁ ଗଛ—
Euphorbia Antiquorum.
ସଂ. ସିହୁଣ୍ଡ, ବଜ୍ର
ବଜ୍ର କଣ୍ଟକ (Kirtikar)
ବାଜଭରଣ, ତେକଣ୍ଟାସିଜ୍, ବାଜବାରନ୍
तिधारा सेहुंड, तिनधारा सेहुंड
ଲ୍ୟଥ. ଦାର୍ଡନା

ଦୋକନ୍ଧ—ଦେ. ବି—ଦୁଇଟି ପୃଥକ୍ ଘରର ଖୁଲର ତଳେ ମଧ୍ୟବର୍ତ୍ତୀ ଭୂମି;ଗଳା ଗୋହ୍ରି—A narrow space between two adjoining houses,built separate from each other.
Dokandi
অলিগলি
(ଦୋକନ୍ଧି, ଦୋକର—ଅନ୍ୟରୂପ)

ଦୋକର—ଦେ. ଅ—୧ । ଦୁଇ ଥର—1. Double; twice.
Dokara
দোকর
୨ । ଦ୍ୱିତୀୟଥର—2. For the second time.

ଦୋକଲା—ଦେ. ବିଣ. (ସ. ଦ୍ୱିକଲ; ଭୁଲ. ସ. ଏକଲ; ଓ. ଏକଲା= ଏକାକୀ)—ଯାହା ସଙ୍ଗେ ଦ୍ୱିତୀୟ ବ୍ୟକ୍ତି ଥାଏ—Having a second person in company; accompanied by another person.
Dokalā
দুকলা
दुकेला

ଦୋକା—ଦେ. ବି. (ସ. ଦ୍ୱି)—ତାସ୍ ଖେଳରେ ଦୁଇ ବିନ୍ଦୁ ଯୁକ୍ତ ତାସ୍—A card having two points or tips.
Dokā
(ଦୋକ୍କା—ଅନ୍ୟରୂପ)
দুরা दुक्का

ଦୋକାଟ—ଦେ. ବିଣ—୧ । (ଧାନ, ତମାଖୁ, ଆଖୁ ଆଦି ଗଛ) ଥରେ କଟା ହେବା ପରେ ପୁଣି ଗୁଣ୍ଡି ବାହାରିଲେ ଆଉ ଥରେ କଟା ଯିବା (ଗଛ)—1. Cut for the second time.
Dokāta
দুকাট, দোকাট
दुकाटा
୨ । ଦୁଇ ଥର କଟା ଯିବା (ଧାନ ଗଛ)—2. Cut twice.

ଦେ. ବି—୧ । ଧାନ, ତମାଖୁ ଆଖୁ ଗଛ ଆଦିର କାଣ୍ଡ ଦୁଇଥର କଟାଯିବା—1. Cutting of a plant (e. g. paddy) twice.

୨ । କଦଳୀ ବାଡ଼ିରେ ପ୍ରଥମ ଥର କେତେକ ଗଛରେ ପେଣ୍ଡା ପଡ଼ି ସାରିବା ପରେ ଅନ୍ୟ ଗଛମାନଙ୍କରେ ଦ୍ୱିତୀୟ ଥର ପେଣ୍ଡା ପଡ଼ିବା—The coming out of bunches of plantain from the trunks of some other plantain trees after some trees have borne fruits.

ଦୋକାଠିଆ—ଦେ. ବି—ଦିକାଠିଆ (ଦେଖ)
Dokāthiā Dikāthiā (See)

ଦୋକାନ—ବୈଦେ. ବି. (ଫା. ଦୁକାନ୍)—୧ । ପଣ୍ୟଶାଳା—1. Shop; stall.
Dokāna
দোকান; দুকান
दुकान
୨ । କାରଖାନା—2. Workshop.
୩ । ଯେଉଁଠାରେ ପଣ୍ୟଦ୍ରବ୍ୟମାନ ଖୁଚୁରା ବିକ୍ରି ହୁଏ—3. Retail-shop.
[ଦ୍ର—ଯେଉଁଠାରେ ପଣ୍ୟଦ୍ରବ୍ୟମାନ ବହୁ ପରିମାଣରେ (ଥୋକ୍‌ରେ) ବିକ୍ରି ହୁଏ ତାକୁ ଗୋଦାମ କହନ୍ତି ।]

ଦୋକାନ ଉଠା(ଠେ)ଇବା—ଦେ. କ୍ରି—୧ । ଦୋକାନର ଦୈନିକ କାରବାର ଶେଷ ହେବା ପରେ ଦୋକାନ ବନ୍ଦ କରିବା—1. To close a shop after the day's business.
Dokāna uthā(the)ibā
দুকান উঠান
दुकान उठान
୨ । ବ୍ୟବସାୟ ବନ୍ଦ କରିବା ଯୋଗୁଁ ଦୋକାନର କର୍ମ ସ୍ଥଗିତ କରିବା—2. To close down a shop; to discontinue business.

ଦୋକାନ ଖୋଲିବା—ଦେ. କ୍ରି—୧ । ଦୋକାନ ମେଲାଇବା (ଦେଖ)
Dokāna kholibā 1. Dokāna melaibā (See)
[ଦୋକାନ ଫିଟା(ଟେ)ଇବା—ଅନ୍ୟରୂପ] ୨ । ଦୈନିକ କାରବାର ଆରମ୍ଭ କରିବାକୁ ଦୋକାନର ଦ୍ୱାରକୁ ଉନ୍ମୁକ୍ତ କରିବା—2. To open the doors of a shop for the day's sale.
দুকান খোলা
दुकान खोलना
ଦୋକାନ ଉଠା(ଠେ)ଇବା, ଦୋକାନ ବନ୍ଦ କରିବା, ଦୋକାନ ପକା(କେ)ଇବା } ବିପରୀତ
୩ । ଗୋଟିଏ ନୂତନ ଦୋକାନ ପ୍ରତିଷ୍ଠା ବା ଆରମ୍ଭ କରିବା—3. To start or open a new shop.

ଦୋକାନଦାର—ବୈଦେ ବି. (ଫା. ଦୁକାନ୍‌ଦାର୍)—୧ । ଦୋକାନର ସ୍ୱାମୀ; ଦୋକାନୀ—1. The owner of a shop.
Dokānadār
দোকানদার, দুকানি
दुकानदार
୨ । ଯେଉଁ ବ୍ୟକ୍ତି ଦୋକାନରେ ବସି ବିକାକିଣା କରେ—2. Shopkeeper.

ଦୋକାନଦାରି—ବୈଦେ. ବି. (ଫା. ଦୁକାନ୍‌ଦାରୀ)—୧ । ଦୋକାନର ବ୍ୟବସାୟ—1. The profession of shopkeeping; trading.
Dokānadāri
দোকানদারি
दुकानदारि
୨ । ଦୋକାନଦାର ପରି ଦରଦାମରେ ଝିକମିକ କରିବା—2. Higgling and haggling.
୩ । ସବୁ ବିଷୟରେ (ଦୋକାନଦାର ପରି) ଲାଭ ପ୍ରତି ଦୃଷ୍ଟି ରଖିବା—3. An eye to getting a profit in every matter (like a shopkeeper.)
୪ । ଦ୍ରବ୍ୟସମ୍ଭାର ଲୋକଙ୍କୁ ଦେଖାଇବା ପାଇଁ ମେଲାଇ ରଖିବା—4. A show; exhibition.
ବିଣ—୧ । ଦୋକାନଦାର ସମ୍ବନ୍ଧୀୟ—1. Relating to a shopkeeper.
୨ । ଦୋକାନଦାରର ଯୋଗ୍ୟ ବା ଉଚିତ (କର୍ମ)—2. (act) Befitting a shopkeeper.

ଦୋକାନଦାରିଆ—ଦେ. ବିଣ—୧ । ଦୋକାନଦାରି ସମ୍ବନ୍ଧୀୟ—1. Relating to a shop-keeping.
Dokāndāriā
দোকানদারী
दुकानदारी
୨ । ଦୋକାନଦାରର ଯୋଗ୍ୟ (କର୍ମ)—2. (act) Befitting a shopkeeper.

ଦୋକାନଦାରି କଥା—ଦେ. ବି—ଦୋକାନୀମାନଙ୍କର କଥାବାର୍ତ୍ତା—A shopkeeper's talk.
Dokānadāri kathā
দোকানদারী কথা दुकानदारिकी बातें

ଦୋକାନ ପତ୍ର—ଦେ. ବି. (ନିରର୍ଥକ ସହଚର ଦ୍ୱିତୀୟ ଶବ୍ଦ)—୧ । ଦୋକାନ—1. Shop.
Dokāna patra
দোকানপাট
दोकानपत्तर
(ଦୋକାନ ପାଟ—ଅନ୍ୟରୂପ)
୨ । ଦୋକାନର ପଣ୍ୟଦ୍ରବ୍ୟ—2. Commodities of a shop.
୩ । କ୍ରୟ ବିକ୍ରୟ—3. Transactions made in a shop.

ଦୋକାନ ମେଲ୍ଲା(ଲେ)ଇବା—ଦେ. କ୍ରି—୧ । ପଣ୍ୟ ଦ୍ରବ୍ୟମାନଙ୍କୁ ବିକ୍ରୟାର୍ଥ ସୁସଜ୍ଜିତ କରି ରଖିବା—
Dokāna melā(le)ibā

ଦୋକାନ ମେଲିବା
ଦୋକାନ ଖୋଲିବା
ଦୋକାନ ଜମା(ମେ)ଇବା
ଦୋକାନ ଲଗା(ଗେ)ଇବା } ଅନ୍ୟରୂପ — 1. To set up or exhibit the contents of a shop; to hold a shop;
ছুকান লাগান — to exhibit the articles in a shop.
दुकान लगाना — ୨ । ଦୋକାନମାନଙ୍କ ପରି ଜିନିଷ ଇତସ୍ତତଃ ବିଛାଇ ରଖିବା—2. To scatter about things as in a shop.
(ଯଥା—ଏ ବାଳକଟି ପଢ଼ିବା ବହିଗୁଡ଼ାକ ଦୋକାନ ମେଲେଇଛି ।)

ଦୋକାନି—ବୈଦେ. ବି. (ଫା)—୧ । ଦୋକାନଦାର (ଦେଖ)
Dokāni — 1. Dokānadār (See)
(ଦୋକାନିଆ—ଅନ୍ୟରୂପ) ୨ । ଯେଉଁ ବ୍ୟକ୍ତି ଦୋକାନରେ ଖୁଚୁରା ବିକ୍ରି କରେ—2. The keeper of a retail-shop.

ଦୋଖୁଣ୍ଟିଆ—ଦେ. ବିଣ—ଯେଉଁ ଧାନ ଗଛର ଅଗରୁ ଧାନକେଣ୍ଡାଯାକ କଟା ହୋଇଯିବା ପରେ ମୂଳରୁ ଗୁଣ୍ଡା ଯାଇଥିବା
Dokhuṇṭiā
(ଦୋଖୁଣ୍ଟା—ଅନ୍ୟରୂପ) ଭଣ୍ଡା କଟା ହୁଏ—(paddy plants) From which the stems are cut separately (for the purpose of straw) after the sheaves of corn are cut away.

ଦୋଗଛିଆ—ଦେ. ବିଣ—ଯେଉଁ ବାଟରେ ବା ଛକରେ ଦୁଇଟି ଗଛ ପରସ୍ପର ସଂଲଗ୍ନ ହୋଇଥାଏ—(a crossroad or road)
Dogachhiā — Having two trees standing together.
[ଦ୍ର—ଏ ବାଟରେ ରାତିରେ ଏକାକୀ ଯିବା ଉଚିତ । କାରଣ ଏପରି ଛକରେ ଥିବା ଗଛଗୁଡ଼ିକରେ ଭୂତ ଥାଏ ବୋଲି ଲୋକମାନଙ୍କର ବିଶ୍ୱାସ ।]

ଦୋଗଧନ—ଗ୍ରା. ବିଣ. (ସଂ. ସନ୍ଦିହାନ; ଦ୍ୱିଧା)—୧ । ସନ୍ଦିହାନ—
Dogadhani — 1. Swayed by doubts; doubtful.
দুবিধা ୨ । କିଂକର୍ତ୍ତବ୍ୟବିମୂଢ଼; ଏକଥା କରିବ, କି ସେକଥା କରିବ,
दुविधा ଏହା ଯେ ସ୍ଥିର କରି ପାରେ ନାହିଁ—;
ଦୋଗୁଧିଆ
ଦୋଗଧିଆ
ଦୋଗୁଧିଆ } ଅନ୍ୟରୂପ — 2. Puzzled; vacillating.
୩ । ବିଷମ ସମସ୍ୟାରେ ପଡ଼ିଛି—
3. Between the two horns of a dilemma; between Scylla and Charybdis.
ବି—୧ । ସନ୍ଦେହ—1. Doubt.
୨ । ବିଷମ ସମସ୍ୟା—2. Dilemma.
୩ । ଦୋଦୋପାଞ୍ଚ—3. Hesitancy.

ଦୋଗଧା—ଗ୍ରା. ବି (ସଂ. ଦ୍ୱିଧା)—୧ । ସନ୍ଦେହ—
Dogadhā — 1. Doubt.
(ଦୋଗୁଧା—ଅନ୍ୟରୂପ) ୨ । ଧନ୍ଦା; ବିଷମ ସମସ୍ୟା—2. Dilemma.
୩ । ଦୁଇ ବସ୍ତୁ ବା ବିଷୟ ମଧ୍ୟରୁ କାହାକୁ ନେବାକୁ ବା ଅବଲମ୍ବନ କରିବାକୁ ହେବ ଏ ସମ୍ବନ୍ଧେ ଅନିଶ୍ଚୟ; ମନର ଅସ୍ଥିରତା; ସାଇପାଞ୍ଚ କରିବା; ଦୋଦୋପାଞ୍ଚ—
3. Unsettled condition of the mind as to accept which one of the two things present before a person; wavering state of mind; vacillation; hesitancy.
୪ । ଆଶଙ୍କା—4. Apprehension.
দোধ্বা ବିଣ—୧ । ସନ୍ଦେହଯୁକ୍ତ—1. Doubtful.
दुगधा, दुबधा ୨ । ଦୋଦୋପାଞ୍ଚ—2. Hesitating.

ଦୋଗଧି ହେବା—ଦେ. କି—ଧନ୍ଦିକି ହେବା; ଦୁଇଟି ବିପରୀତ କଥା ବା
Dogadhi hebā — କାର୍ଯ୍ୟ ମଧ୍ୟରୁ କେଉଁ କଥା ବା କର୍ମ କରିବାକୁ
দোধ্বায়পড়া — ହେବ ତାହା ସ୍ଥିର କରି ନ ପାରି ସନ୍ଦେହରେ
दुग्धाकरना — ପାଣ୍ଡି ହେବା—To hover between the
(ଦୋଗଧାରେ ପଡ଼ିବା—ଅନ୍ୟରୂପ) two horns of a dilemma; to vacillate; to waver.

ଦୋଗଲା—ବୈଦେ. ବିଣ (ଫା. ଦୋଗଲହ୍—ହି. ଶବ୍ଦସାଗର)—
Doglā — ୧ । ବର୍ଣ୍ଣସଙ୍କର—1. Of mixed descent.
(ଦୋଗ୍ଲା—ଅନ୍ୟରୂପ) ୨ । ଜାରଜ—2. Bastard.
দোআঁসলা ୩ । ଦୁଇ ଭିନ୍ନ ଜାତୀୟ ଜୀବଙ୍କ ସଙ୍ଗମରୁ ଉତ୍ପନ୍ନ—
दोगला 3. Mongrel; hybrid
୪ । ଯେଉଁ ବ୍ୟକ୍ତିର ମନ ଗୋଟିଏ କାର୍ଯ୍ୟରେ ଏକାଗ୍ର ହୋଇ ଲାଗେ ନାହିଁ—4. Absent-minded; unable to concentrate attention to one matter only at a time.

ଦୋଗ୍ଧା—ସଂ. ବି. ପୁଂ (ଦୁହ୍ ଧାତୁ+କର୍ତ୍ତୃ. ତୃ; ଦୋଗ୍ଧୃ ଶବ୍ଦ ୧ମା. ୧ବ)
Dogdhā ୧ । ଯେ ଦୁହେଁ—1. One who milks; a milker.
(ଦୋଗ୍ଧ୍ରୀ—ସ୍ତ୍ରୀ)
୨ । ବତ୍ସ; ବାଛୁରି—2. Calf.
୩ । ଗୋପାଳ; ଗଉଡ଼—3. Milkman.
୪ । କବି—4. Poet.
ବିଣ—ଦୁହିଁବା ବ୍ୟକ୍ତି; ଦୁହାଳି—Milking.
ବି. ଓ ବିଣ—ଦୋଗଧା (ଦେଖ)—Dogadhā (See)

ଦୋଗ୍ଧ୍ରୀ—ସଂ. ବିଣ. ସ୍ତ୍ରୀ. (ଦୁହ୍+କର୍ତ୍ତୃ. ତୃ+ସ୍ତ୍ରୀ. ଈ)—ଦୋହନଶୀଳା—
Dogdhri — Given to milking (female).
ବି. ସ୍ତ୍ରୀ—୧ । ଦୁଗ୍ଧବତୀ ଗାଈ—1. A milch-cow.
୨ । ଗାଈ ଦୁହାଁଳି ସ୍ତ୍ରୀ—2. A woman who milks.
୩ । ଗଉଡ଼ୁଣୀ—3. A milkmaid.

ଦୋଘର—ଦେ. ବି. (ସଂ. ଦ୍ୱି ଓ ଗୃହ)—୧ । ଏକସ୍ଥାନରେ ବାସଗୃହ ଥାଇ ଥିବା ଅନ୍ୟସ୍ଥାନରେ କରାଯିବା ଦ୍ୱିତୀୟ ବାସଗୃହ—1. Additional residential quarters raised at a second site.
Dogharā
୨ । ଦୁଇ ସ୍ଥାନରେ କରାଯିବା ବାସଗୃହ—
2. Double residential quarters.
ଧନ ନ ଥିଲେ ବି ମାଇପ କର
ଘର ନ ସହଲେ ଦୋଘର କର—ଢଗ ।

ଦୋଘା(ଘେ)ଇ—ଦେ. ବି—୧ । ବିଷମ ସମସ୍ୟା; ଦୋଗଧା; ଧନ୍ଦା—
Doghā(ghe)i — 1. Dilemma.
दोटाना ୨ । ଦୁଇଟି ନଈଧାର ପରସ୍ପରକୁ କାଟିବା—

ଦୋଚ 3. The crossing of two streams (Howells).

୩ । ଦୁଇ ପକ୍ଷ ମଧ୍ୟରେ ବିବାଦ—3. Contention or disputation between two parties (Howells).

ଦୋଜବର ବିଣ. (ସଂ. ଦ୍ୱି ଓ ବିବାହିତ)—ଦ୍ୱିତୀୟଥର ବିବାହିତ ପୁରୁଷ; ଦୋବେଇ—Remarried (widower).

ଦୋଘାଇରେ ପଡ଼ିବା—ଦେ. କ୍ରି—ଦୋଗଧି ହେବା (ଦେଖ)
Doghāire pardibā Dogadhi hebā (See)

ଦୋଚାରି—ଦେ. ବି. ପୁଂ. (ସଂ. ଦ୍ୱିଚର; ଦ୍ୱିଚାରୀ)—ବିଟପ; ଜାରପୁରୁଷ—
Dochāri An adulterer.

[ଦ୍ର—ଏହି ଶବ୍ଦ ମଧ୍ୟ ସ୍ତ୍ରୀଲିଙ୍ଗରେ ବ୍ୟବହୃତ ହୋଇଥାଏ ।]

ଦୋଚାରି(ରୁ)ଣୀ—ଦେ. ବି. ସ୍ତ୍ରୀ. (ସଂ. ଦ୍ୱିଚାରିଣୀ)—କୁଳଟା; ବିଟପୀ—
Dochāri(ru)ṇi Adulteress.

କୁଳଟା ହୋଇ ଦୋଚାରିଣୀ
ଅସତ୍ପଥଣେ ସାହସିକା—ଜଗନ୍ନାଥ. ଭାଗବତ ।

ଦୋଚାଳ(ଳି)—ଦେ. ବି—ଦୁଇ ଚାଳବିଶିଷ୍ଟ ଘର—
Dochāḷa(ḷi) A house having the thatch sloping on both sides.
दोचाला **दोचला**
(ଦୋଚାଳିଆ—ଅନ୍ୟରୂପ)

ଦୋଚିହ୍ନା—ଦେ. ବି—ଚିହ୍ନି ନ ପାରିବା; ଚିହ୍ନିଥିବା ବ୍ୟକ୍ତିକୁ ପରେ ଚିହ୍ନି ନ ପାରିବା—Failure to identify a person who was once known to you.
Dochihnā
(ଦୋ ଦୋ ଚିହ୍ନା—ଅନ୍ୟରୂପ)

ସୁଦେବ ଦୋଚିହ୍ନା କରି ପୁଣ ପୁଣ ଅନୁସର
ପଚାରିଲେ ମାସ୍ୱେ କିସ ନାମ ଭୂମ୍ଭର—ପ୍ରାଚୀ. ନଳଚରିତ ।

ଦୋଚୁଙ୍ଗା(ଙ୍ଗି)—ଦେ. ବିଣ. (ସଂ. ଦ୍ୱି+ଫା. ଚୁଙ୍ଗା)—ଦୁନଳିଆ
Dochungā(ṅgi) (ବନ୍ଧୁକ)—Double-barrelled (gun).
दुनली **दोजर्बी, दौनली**

ଦୋଛକି(କ୍କି)—ଦେ. ବି—ଯେଉଁ ସ୍ଥାନରେ ଦୁଇଟି ବାଟ ପରସ୍ପରକୁ କାଟିଥାଏ—A crossing place of two roads.
Dochhaki(kki)
दोरस्ता

ଦୋଜଖ୍—ବୈଦେ. ବି. (ଫା)—ମୁସଲମାନଙ୍କ ମତରେ ମୃତ୍ୟୁ ପରେ ପାପୀ ବ୍ୟକ୍ତିଙ୍କୁ ଯେଉଁଠାରେ ଦଣ୍ଡ ଦିଆଯାଏ; ମୁସଲମାନଙ୍କ ନରକ—The hell of the Mahomedans.
Dojakh
दोजख
दोजख

ଦୋଜ ବର—ପ୍ରାଦେ. ବି. (ବାଲେଶ୍ୱର)—ଦୋବେଇ (ଦେଖ)
Doja bara Dobei (See)

ଝିଅଟା ଠିକ ହେଉଁ ହେଉଁ ବରର ବୟସ ହୋଇ ଗଲାଣି ପଚାଶ,
କିମ୍ବା ଧନବନ୍ତ ଲୋକ ଦୋଜବର ଓ ତେଜବର ବୟସ ଖଟିଏ—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଦୋଟି—ଗ୍ରା. (ଇତର) ବି. ଓ ବିଣ. (ଅନାଦରାର୍ଥକ)—ଦୁଇଟି (ଦେଖ)
Doṭi Duiṭi (See)
(ଦୋଓଟି—ଅନ୍ୟରୂପ)
(ଦଇଟା, ଦଉଟା—ଅନାଦରାର୍ଥକ)

ଦୋଡ଼ ରେଜିଷ୍ଟର—ପ୍ରାଦେ. (ଖଡ଼ୁଇକଲା) ବି. (କଚେରିଆ)—
Dorḍa rejishṭara ଯେଉଁ ରେଜିଷ୍ଟରରେ ସମନ ଓ ନୋଟିସ୍ ଜାରି କରିବା ପିଆଦାମାନଙ୍କ ବିବରଣ ଲେଖା ଥାଏ—Register of process-serving peons.

ଦୋତରଫା—ବୈଦେ. ବିଣ (କଚେରିଆ) (ଫା)—ବାଦୀ ଓ ପ୍ରତିବାଦୀ ଉଭୟଙ୍କ ଉପସ୍ଥିତିରେ ବିଚାର କରାଯାଇଥିବା (ମୋକଦ୍ଦମା)—(case) Decided after hearing both sides; two-sided; disposed of after contest.
Dotaraphā
दोतरफा
दोतरफा
(ଏକତରଫା—ବିପରୀତ)

ଦୋତାର୍ ବନ୍ଦ୍—ଦେ. ବିଣ—ଚୂଲାରେ ପାଣି ଦେଇ ଗୁଡ଼କୁ ଫୁଟାଇବା ବେଳେ ଚଟୁରେ ଉକ୍ତ ପାଣିକୁ ଉଠାଇଲେ ସରୁ ତାର ପରି ଦୁଇଟି ମାତ୍ର ଧାର ବୋହି ପଡ଼ିବା ଅବସ୍ଥା ବା ପାଗ—Having a thickened condition (said of boiled syrup while it descends from the ladle in two lines).
Dotār band
दूतार बन्द
दूतार बन्द

ଦୋତାରା—ଦେ. ବି—ଦୁଇଗୋଟି ତାରବିଶିଷ୍ଟ ବାଦ୍ୟଯନ୍ତ୍ର—A two stringed musical instrument.
Dotārā
दुतारा **दोतारा** ବିଣ.—ଦୁଇତାରଯୁକ୍ତ—To-stringed.

ଦୋତାରି—ଦେ. ବିଣ—୧ । ଯେଉଁ ସପ ମଟିଣାର ଦୁଇଟି ଲେଖାଏଁ କାଠି ଏକତ୍ର ବୁଣା ଯାଇଥାଏ—1. (a mat) Having two reeds woven together.
Dotāri
दुतारी
दूतारी

୨ । ଯେଉଁ ଲୁଗାରେ ଦୁଇଟି ଲେଖାଏଁ ସୂତା ଏକତ୍ର ବୁଣା ଯାଇଥାଏ—2. Double-threaded or woven (cloth).

୩ । ଦୋତାର୍ ବନ୍ଦ୍ (ଦେଖ)
3. Dotār band (See)

ଦୋତାଲା—ଦେ. ବିଣ. (ସଂ. ଦ୍ୱିତଳ)—
Dotālā ୧ । ଦ୍ୱିତଳବିଶିଷ୍ଟ—1. Double storied; two-storied.
दोतला, दोताला
दोतल्ला

୨ । (ସଂ. ଦ୍ୱି+ତାଳକ) ଯେଉଁ କୋଲପର କଳ ଏପରି ଥାଏ ଯେ ତାହା ଦୁଇ ଥର ଘୁରାଯାଇ ଖୋଲ ପଡ଼େ—2. (a lock) Locking double; double-levered (lock).

୩ । ଯେଉଁ ଘର ବା ସିନ୍ଦୁକରେ ଦୁଇଟି କୋଲପ ପଡ଼ିଥାଏ—3 (a house or box) Under double lock; double-locked.

ବି—କୋଠାର ଦ୍ୱିତୀୟ ତଳ; ଉପର ମହଲା—Upper storey.

ଦୋଥଣ୍ଟି—ଦେ. ବି—ଚିଲିକା ହ୍ରଦରେ ଥିବା ଏକ ପ୍ରକାର ମାଛ—
Dothaṇṭi A kind of fish found in the Chilka lake.

ଦୋଦଲି(ଲ୍ଲି)—ଦେ. ବିଣ (ସଂ. ଦ୍ୱି+ଅ. ଖାଲ୍)—
Dodili(lli) ଯେଉଁ ବ୍ୟକ୍ତିର ମନ ଗୋଟିଏ କାର୍ଯ୍ୟରେ ଏକାନ୍ତ ନ ଥାଇ କାର୍ଯ୍ୟାନ୍ତର ପ୍ରତି ଆକୃଷ୍ଟ ରହେ—(a person) Who cannot concentrate his attention to one matter; with divided attention.
दोदिला
(ଦୋଦଲିଆ—ଅନ୍ୟରୂପ)

ଦୋଦୁଲ୍ୟମାନ—ସଂ. ବିଣ. ପୁଂ. (ଦୁଲ ଧାତୁ = ଦୋହଲିବା, ପୁନଃପୁନଃ ଅର୍ଥରେ ଯଙ୍ଲୁଗନ୍ତ ଦୋଦୁଲ୍ୟ ଧାତୁ = କର୍ତ୍ତୃ. ଅନ)—
Dodulyamāna
(ଦୋଦୁଲ୍ୟମାନା—ସ୍ତ୍ରୀ)
ଅନବରତ ଦୋହଲୁଥିବା; କ୍ରମାଗତ ଦୋଳାୟମାନ—Oscillating; swinging.

ଦୋଦୋଚିହ୍ନା - ଦେ. ବି—ଦୋଚିହ୍ନା (ଦେଖ)
Dodochihnā — Dochihnā (See)

ଦୋଦୋପାଞ୍ଚ—ଦେ. ବିଣ—କୌଣସି କାର୍ଯ୍ୟ କରିବା ବା ନ କରିବା ସମ୍ବନ୍ଧରେ ଦ୍ୱନ୍ଦ ହେବା—
Dodopāncha
(ଦୋଦୋପାଞ୍ଚା—ଅନ୍ୟରୂପ) Wavering; undecided; vacillating.
ବି—କୌଣସି କାର୍ଯ୍ୟ କରିବା ନ କରିବା ସମ୍ପର୍କେ ସନ୍ଦେହ ବା ଅସ୍ଥିରତା--Uncertainty; wavering; want of decision; vacillation.

ଦୋଧୂୟମାନ—ସଂ. ବିଣ. ପୁଂ (ଧୂ ଧାତୁ=କମ୍ପିବା, ପୁନଃ ପୁନଃ ଅର୍ଥରେ ଯଙ୍ ଲୁଗନ୍ତ ଦୋଧୂୟ ଧାତୁ+ କର୍ତ୍ତୃ. ଅନ)—ପୁନଃ ପୁନଃ କମ୍ପମାନ—
Dodhūyamāna
(ଦୋଧୂୟମାନା—ସ୍ତ୍ରୀ)
Quaking or shivering; vibrating

ଦୋନ୍‌ଜମି—ପ୍ରାଦେ. (ସିଂହଭୂମ) ବି—ସିଂହଭୂମର ସରକାରୀ ସର୍ଭେ ବନ୍ଦୋବସ୍ତରେ ଜମିର ବର୍ଗ ବିଶେଷ; ଧୋଉଣି ଜମି—
Don-jami
Land into which the rain-water of a village flows down.

ଦୋନରି—ଦେ. ବିଣ. (ସଂ. ଦ୍ୱି + ଲହରୀ)—
Donari
ଦୁଇ ସରିଆ (ହାର)—
দুনরী
Two-stringed (necklace).
दोलड़ा
(ଦୋନରିଆ, ଦୋସରିଆ, ଦୋସରି, ଦୋଲରିଆ—ଅନ୍ୟରୂପ)

ଦୋନଳି—ଦେ. ବିଣ. (ସଂ. ଦ୍ୱି + ନଳ) —
Donali
ଯେଉଁ ବନ୍ଧୁକର ଦୁଇଟି ନଳ ଥାଏ—
দুনলা
Double–barrelled (gun).
दोनली
(ଦୋନଳିଆ—ଅନ୍ୟରୂପ)

ଦୋନଶଲ—ଦେ. ବି—ଦୋଅଂଶଲା (ଦେଖ)
Donaśalā — Do-aṁśalā (See)
(ଦୋନୋଶଲା—ଅନ୍ୟରୂପ)

ଦୋନାବୁଡ଼ା— ଦେ. ବିଣ. (ସଂ. ଦ୍ୱି ଓ ନାବ)—
Donāburdā
ଦୋନାବଡ଼ା, ଦୋନାବଡ଼ିଆ, ଦୋନାବୁଡ଼ିଆ — ଅନ୍ୟରୂପ
दुमोसया
୧ । ବିପରୀତଗାମୀ ଦୁଇ ଡଙ୍ଗାରେ ଗୋଡ଼ ଦେଇ ଠିଆ ହୋଇଥିବା (ବ୍ୟକ୍ତି)—1. (a person) Who has his two feet on two boats proceeding in opposite directions.
୨ । (ଲକ୍ଷଣାର୍ଥ) ସନ୍ଦିଗ୍ଧ--2. (figurative) Vacillating; sitting on the fence.
୩ । (ଲକ୍ଷଣାର୍ଥ) ପରସ୍ପରବିପକ୍ଷ ଉଭୟ ପକ୍ଷକୁ ସମର୍ଥନ କରୁଥିବା (ବ୍ୟକ୍ତି)—3. (figurative) Siding with two opposite factions.

ଦୋନାବୁଡ଼ା ରୀତି—ଦେ. ବି. (ସଂ. ଦ୍ୱି ଓ ନାବ + ରୀତି)—
Donāburdā riti
ଉଭୟ ପକ୍ଷକୁ ସମର୍ଥନ କରିବା ରୀତି; ମୃଦଙ୍ଗ ଦୁଇ ପିଠିରେ ହାତ ପକାଇବା ଢଙ୍ଗ—
दुमेसियाढंग
Double dealing; two-faced dealing.

ଦୋପଇସା(ସି)—ଦେ. ବି—ଅଧ ଅଣା ବା ଦୁଇ ପଇସା ମୂଲ୍ୟର ତାମ୍ର ମୁଦ୍ରା—Double pice; a copper coin worth half anna.
Dopaisā(si)
দুপয়সা डबल पैसा

ଦୋପଖା—ଦେ. ବିଣ. (ସଂ. ଦ୍ୱି ଓ ପାର୍ଶ୍ୱ)—ଦୁଇ ପାର୍ଶ୍ୱବିଶିଷ୍ଟ—
Dopakhā
Two-sided.
দোপাকা दोहरा

ଦୋପଖା ଚୁଲ୍ଲୀ—ଦେ· ବି—ଯେଉଁ ଚୁଲି ଉପରେ ଏକ ସମୟରେ ଦୁଇଟି ହାଣ୍ଡି ବସି ପାରେ—
Dopakhā chullī
দুপাখাচুলা
दोहराचुलहा
An oven having two holes for putting two pots on them, simultaneously.

ଦୋପଟ—ଦେ. ବିଣ—୧ । ଡବଲ; ଦ୍ୱିଗୁଣିତ—
Dopaṭa
1. Folded double; double.
দুপট
୨ । ଦୁଇଗୁଣ ପରିମିତ—2. Twice as much.
दूना
ବି—ଡଙ୍ଗାର ମୂଳ ଦଣ୍ଡାକୁ ଲାଗି କରି କଣ୍ଟା ଦ୍ୱାରା ସଂଯୁକ୍ତ ହେବା ଦୁଇ ପାଖର ଲମ୍ବ ପଟା—Two long planks joined to the main plank of a boat.

ଦୋପଟା—ଦେ. ବି. (ସଂ. ଦ୍ୱି ଓ ପଟ୍ଟ)—
Dopaṭā
ଦୁଇ ଖଣ୍ଡି ଲମ୍ବ କନ୍ଦଭଡ଼ା ଯୋଡ଼ା ହୋଇଥିବା ଉତ୍ତରୀୟ; ଦୋସଡ଼ା—
দোপাটা; दुपटी, दुपट्टा
ଦୋପଟ୍ଟା, ଦୋପଟ୍ଟ, ଦୋପଟ୍ଟି — ଅନ୍ୟରୂପ
Double cloth; a wrapper or sheet having two breadths; a wrapper sewn twice, lengthwise; two breadths of cloth.

ଦୋପତି (ଇତ୍ୟାଦ)—ଗ୍ରା. (ବୈଦେ) ବି—ଡେପୁଟି ଇତ୍ୟାଦ (ଦେଖ)
Dopaṭi (etc) — Deputi etc (See).

ଦୋପରତ—ଗ୍ରା. ବି ଓ ବିଣ—ଦୋପରସ୍ତ (ଦେଖ)
Doparata — Doparasta (See)
(ଦୋପରତା—ଅନ୍ୟରୂପ)

ଦୋପରସ୍ତ—ଦେ. ବି. (ସଂ. ଦ୍ୱି ଓ ପ୍ରସ୍ତ)—ଦୁଇ ଥର କରାଯାଇ ଥିବା ଭାଙ୍ଗ—Two folds.
Doparasta
ଦୋପରସ୍ତା, ଦୋପରସ୍ତ, ଦୋପରସ୍ତିଆ — ଅନ୍ୟରୂପ
ବିଣ—ଦୁଇ ଭାଙ୍ଗ କରା ଯାଇଥିବା; ଦୁଇ ଭାଙ୍ଗଣିଆ—Folded double; doubled; with two thicknesses.
দোভাঁজ दोपर्ता

ଦୋପରି—ଦେ. ବି ଓ ବିଣ—ଦୋପୁରି (ଦେଖ)
Dopari — Dopuri (See)

ଏମନ୍ତ ଶୁଣି ସେ ନୃପମଣି
ଦୋପରି ପରେ ଗୃହଁ ଭକ୍ଷଣି
ନ ଲଭେ ଗଜ ଭୁଭଙ୍ଗ ଶୁଣି କେ ପାରେ କ୍ଷଣି, ଯେ ।
ବ୍ରଜନାଥ. ସମରତରଙ୍ଗ ।

ଦୋପାଗି—ଦେ. ବିଣ—ଗୁଡ଼ ବା ଚିନିରେ ଦୁଇଥର ପାଗ ହୋଇଥିବା
Dopāgi (ଭୁଣ୍ଡା)—(fried corn) Seasoned twice
দোবরা with sugar or molasses.

ଦୋପାଟ—ଦେ. ବିଣ. (ପୁଂ ଓ ସ୍ତ୍ରୀ)—ଦୋହରା ଓ ଡେଙ୍ଗା; ହୃଷ୍ଟ-
Dopāta ପୁଷ୍ଟ ଓ ଡେଙ୍ଗା (ବ୍ୟକ୍ତି)—
Robust and tall (person).

ଦୋପାଟିଆ—ଦେ. ବି—ଏକପ୍ରକାର ଅନଦ୍ଧ ବାଦ୍ୟ; ଦୋଙ୍କପାଟିଆ
Dopāṭiā ବାଜା— A kind of two-faced drum.

ଦୋପୁଟୀ (ଇତ୍ୟାଦି)—ଡେପୁଟୀ ଇତ୍ୟାଦି (ଦେଖ)
Doputi (etc) Deputi etc (See)

ଦୋପୁର—ଦେ. ବିଣ—ଦୁଇ ଥର ବଟା ହୋଇଥିବା (ହଳଦି)—
Dopura (Turmeric) Pestled twice.
(ଦୋପୁରବଟା—ଅନ୍ୟରୂପ) দুবারবাটা

ଦୋପୁରି—ଦେ. ବିଣ—୧ । ଯେଉଁ ମନୁଷ୍ୟର ଶରୀରର ଗଠନ (ଅସ୍ଥି ଓ
Dopuri ମାଂସ) ମୋଟମାଟ; ହୃଷ୍ଟପୁଷ୍ଟ— Of a firm build; strong and robust.
୨ । ଦୋପରସ୍ତ—2. Folded double
ବି—ଅଟୁ ଘର (ଏଥିରେ ଦୁଇପ୍ରସ୍ଥ ଚାଳ ଥିବାରୁ)—
A double-roofed house.

ଦୋପୁରି ଉଖୁଡ଼ା—ଦେ. ବି—ଦୋପାଗି ଉଖୁଡ଼ା—Fried corn
Dopuri ukhurdā seasoned twice with sugar.

ଦୋଫଳା—ଦେ. ବି—୧ । ଦୋଫସଲି (ଦେଖ)
Dophaḷā 1. Dophasali (See)
দোফলা ୨ । ଯେଉଁ ଗଛରେ ବର୍ଷକେ ଦୁଇଥର ଫଳ ଧରେ—
दोफला 2. (tree) Bearing fruit twice a year.

ଦୋଫଳା—ଦେ. ବିଣ—ଯେଉଁ ଛୁରୀର ଦୁଇଟି ଫଳକ ଥାଏ—
Dophaḷā Two-bladed (knife).
দুপাতা दोफला

ଦୋଫଳୀ—ଦେ. ବିଣ—୧ । ଯେଉଁ ସ୍ତ୍ରୀ ଦୁଇଥର ମାତ୍ର ସନ୍ତାନ ପ୍ରସବ
Dophaḷi କରିଅଛି—1. (a woman) Who has borne
দোফলা two children only.
୨ । ଯେଉଁ ଗଛ ବର୍ଷକେ ମଧ୍ୟରେ ଦୁଇଥର ଫଳ ଧାରଣ କରେ—2. (tree) Growing fruits twice in the year.
(ଯଥା—ଦୋଫଳୀ ଆମ୍ବ ଗଛ ।)

ଦୋଫସଲି—ଦେ. ବିଣ. (ସଂ. ଦ୍ୱି + ଆ. ଫସଲ୍)—୧ । ଯେଉଁ ଜମିରେ
Dophasali ବର୍ଷକ ମଧ୍ୟରେ ଦୁଇଗୋଟି ଫସଲ ଉତ୍ପାଦିତ ହୁଏ—
দুফসলী 1. (land) Growing two crops in the year
दोफाही, दोफसला

ଦୋଫାଙ୍କ—ଦେ. ବିଣ. (ସଂ. ଦ୍ୱି ଓ ଫା. ଫାଙ୍କ)—
Dophāṅka ୧ । ଫାଟି କରି ଦୁଇ ଭାଗ ହୋଇଥିବା—
(ଦୋଫାଙ୍କିଆ—ଅନ୍ୟରୂପ) 1. Split into two.
দোফাঙ্ক; দুফাঙ্ক ୨ । ଏକ ଗୋଷ୍ଠୀ ମଧ୍ୟରେ ଦୁଇଦଳ ହୋଇଥିବା—
2. Divided into two fractions.
୩ । ପରସ୍ପର ଅମେଳ ହୋଇଥିବା—3. Dissentient.
ବି—ଦୁଇ ଜଣଙ୍କ କଥା ବା ଆଖ୍ୟାନ ମଧ୍ୟରେ ପାର୍ଥକ୍ୟ—
Difference between the two versions of two persons.

ଦୋବନ୍ଧା—ଦେ. ବି—ଦୁଇଟି ବନ୍ଧ ମିଳିଥିବା ସ୍ଥାନ—
Dobandhā A meeting place of two embankments.
(ଦୋବନ୍ଧ—ଅନ୍ୟରୂପ)

ଦୋବାର —ଦେ. ବିଣ. (ସଂ. ଦ୍ୱି + ବାର)—ଦୁଇ ଥର କରାଯିବା—
Dobārā Done twice.
দুবার ଦେ. ଅ—ଦୁଇ ଥର—Two times.
दोबारा, दुबारह

ଦୋବିଆଣୀ—ଦେ. ବିଣ—ଦୋଫଳୀ ୧ (ଦେଖ)
Dobiāṇi Dophaḷi 1 (See)

ଦୋବିଜା—ଦେ. ବିଣ. (ଗାଳିରେ ବ୍ୟବହୃତ)—୧ । ଦୋଅଂଶଳା—
Dobijā 1. Mongrel.
୨ । ଜାରଜ—2. Bastard.

ଦୋବିଧା—ଦେ. ବି—ଦୋଗଧା (ଦେଖ)
Dobidhā Dogadhā (See)

ଦୋବିନ୍ଧା—ଦେ. ବି—ବିଷମ ସମସ୍ୟା—
Dobindhā A dilemma.

ଦୋବୁଲା—ଦେ. ବିଣ. (ସଂ.ଦୁର୍ବଳ)—୧ । ଦୁର୍ବଳ—
Dobulā 1. Weak.
(ଦୋବଲା—ଅନ୍ୟରୂପ) ୨ । ଶୀର୍ଣ୍ଣକାୟ—2. Emaciated.
দুবলা दुबला

ଦୋବୁହା—ଦେ. ବିଣ—ଯେ ଏକ କାମକୁ ଦୁଇଥର କରେ; ନିର୍ବୁଦ୍ଧିଆ—
Dobuhā Stupid; foolish.

ଦୋବେ—ଦେ. ବି—ଦୁବେଇ (ଦେଖ)
Dobe Dubei (See)

ଦୋବେଇ—ଦେ. ବିଣ. ପୁଂ. (ସଂ. ଦ୍ୱି ଓ ବିବାହିତ)—ବିପତ୍ନୀକ (ବର-
Dobei ପାତ୍ର); ଦ୍ୱିତୀୟ ପକ୍ଷ ବର—Widower (bride-
দোজ groom); married for the 2nd time (said of
दोजा a remarried widower).
(ଦୋବେହି—ଅନ୍ୟରୂପ) ବି.—୧ । ଦ୍ୱିତୀୟ ଥର ବିବାହିତ ମୃତଦାର ପୁରୁଷ—1. A remarried widower.
୨ । ଦୁବେଇ (ଦେଖ)—Dubei (See)

ଦୋବେଇ ବର—ଦେ. ବି.—ଦ୍ୱିତୀୟ ଥର ବିବାହିତ ମୃତଦାର—
Dobei bara A remarried widower.
দোজবর दुजबर; दोझा

ଦୋଭଜା—ଦେ. ବିଣ.—(ସଂ. ଦ୍ୱି + ଭର୍ଜିତ)—ଦୁଇ ଥର ଭଜା ହୋଇ
Dobhajā ଥିବା—Baked or fried twice.
দুভাজা (ଯଥା—ଦୋଭଜା ଖଇ ।)

ଦୋଭାକୀ—ଦେ. ବିଣ. ଓ ବି.—ଦୋଭାଷୀ (ଦେଖ)
Dobhāki Dobhāshi (See)

ମହାପାତ୍ର ବାବୁ କୋଠିର ବଡ଼ ବଡ଼ ସାହେବଙ୍କ ପାଖକୁ ଗଲେ ଗୋଟାଏ ଦୋଭାକୀ ରହୁଥିଲେ କଥା ଚଳେ । ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଦୋଭଙ୍ଗୁଣିଆ(ଆଁ)—ଦେ. ବିଣ.—ଦୁଇ ଥର ଭାଙ୍ଗିଆ ହୋଇଥିବା—
Dobhāṅguṇiā(āṅ) Folded double; doubled up.
दोभाँज

ଦୋଭାଷୀ—ଦେ. ବିଣ. (ସଂ. ଦ୍ୱିଭାଷୀ)—୧ । ଯେ ଦୁଇଟି ଭାଷାରେ କଥା କହିପାରେ—1. Speaking two languages; able to talk in two languages.
Dobhāshī
दोभाषी
दोभाषीया ୨ । ମିଥ୍ୟାବାଦୀ; ଯେ ଗୋଟିଏ କଥା କହି ପରେ ତାହା ବଦଳାଏ; ଦୋହଲପାଁ—
2. Untruthful; perjuring.
ଦରବାରେ ହେଲୁ କ ଦୋଭାଷୀ ହେ ।
କବିସୂର୍ଯ୍ୟ ବଳଦେବ ରଥ୍ . ବ ଗୀତ ।
୩ । ଦୁଇଟି ଭାଷା ସମ୍ବନ୍ଧୀୟ—3. Bilingual.
୪ । ଯେଉଁ ଗ୍ରନ୍ଥରେ ଦୁଇଟି ଭାଷା ବ୍ୟବହୃତ ହୋଇଥାଏ—
4. (a book) Written in two languages.
ବି.—ଯେଉଁ ଲୋକ ଏକ ଭାଷାରେ କଥିତ ବିଷୟକୁ ଅନ୍ୟ ଭାଷାରେ ଅନୁବାଦ କରି କହେ—
An interpreter.

ଦୋମହଲା—ଦେ. ବିଣ. ଓ ବି.—(ସଂ. ଦ୍ୱି ଓ ପା. ମହଲ୍)—
Domahalā ଦ୍ୱିତଳ (ଦେଖ)
दोमंजिला दोताला Dwitala (See)
(ଦୋମାହାଲା—ଅନ୍ୟରୂପ)

ଦୋମାସି—ଦେ. ବି. (ସଂ. ଦ୍ୱିମାସ)—ମଳ ମାସ; ଚାନ୍ଦ୍ରମାନ ବର୍ଷ ଓ ସୌରମାନ ବର୍ଷ ମଧ୍ୟରେ ପ୍ରାୟ ୨ ଦିନ ପ୍ରଭେଦ ଥିବାରୁ ପ୍ରାୟ ପ୍ରତି ୩ ବର୍ଷ ପରେ ଯେଉଁ ଗୋଟିଏ ଅଧିକା ଚାନ୍ଦ୍ରମାନ ମାସ ଯୋଗ କରାଯାଇ ଉଭୟର ଋତୁଗତ ସାମ୍ୟ ରକ୍ଷା କରାଯାଏ; ଅଧିମାସ—An intercalary month.
Domāsi
दुमासी
ବିଣ —ଦୋମାସିଆ (ଦେଖ)—Domāsiā (See)

ଦୋମାସିଆ—ଦେ. ବିଣ.—୧ । ଦୁଇ ମାସ ବୟସ୍କ—
Domāsiā 1. Aged two months.
दुमासिआ ୨ । ଯେଉଁ ବର୍ଷରେ ମଳମାସ ଥାଏ—
2. (a year) In which an intercalary month occurs.

ଦୋମିଶା—ଦେ. ବିଣ. (ସଂ. ଦ୍ୱି+ମିଶ୍ରିତ)—୧ । ଯହିଁରେ ଦୁଇଟି ବସ୍ତୁ ବା ଉପାଦାନ ମିଶ୍ରିତ ହୋଇଥାଏ—
Domiśā
1. Consisting of or a mixture of two things or ingredients.
୨ । ଦୋବିଜା (ଦେଖ)—2. Dobijā (See)

ଦୋମୁଣ୍ଡିଆ—ଦେ. ବି. (ସଂ. ଦ୍ୱି ଓ ମୁଣ୍ଡ)—ଏକ ପ୍ରକାର ସରୁ ସାପ—
Domuṇḍiā A kind of small serpent;
दोमुख साप Amphisbaena.
दोमुहाँ साँप [ଦ୍ର—ଏହାର ମୁହଁ ପାଖ ଓ ଲାଙ୍ଗୁଡ଼ ପାଖ ଏକାପରି ଦେଖା ଯିବାରୁ ଲୋକେ ଏହାର ଦୁଇଟି ମୁଣ୍ଡ ଅଛି ବୋଲି ଭ୍ରମରେ କହି ଥାଆନ୍ତି । ଏହାର ବର୍ଣ୍ଣ ପାଟଳ ଓ ଦେହରେ କାଛ ନ ଥାଏ ।]

ବିଣ.—(ଲକ୍ଷଣାର୍ଥ) ଯେଉଁ ଲୋକ ପରସ୍ପରବିପକ୍ଷ ଉଭୟଙ୍କ ସଙ୍ଗରେ ମିଳି ଥାଏ—Espousing the cause of two opposite sides.

ଦୋମୁହାଁ—ଦେ. ବିଣ. ପୁଂ (ସଂ. ଦ୍ୱି ଓ ମୁଖ)—୧ । ଯାହାର ଦୁଇଟି ମୁହଁ—1. Two-faced.
Domuhāṅ
दोमुख ୨ । (ଗାଳିରେ ବ୍ୟବହୃତ)—ଯାହାର କଥା ଠିକ ରହେ ନାହିଁ—2. Fickle.
दोमुहाँ
(ଦୋମୁହିଁ—ସ୍ତ୍ରୀ) ୩ । ଯେ ଆପଣାର ସତ୍ୟପାଳନ କରେ ନାହିଁ—
3. One who is not true to his promise; one who is not a man of his words.
୪ । ପ୍ରତାରକ; ଦଗାବାଜ୍—4. Deceitful.
୫ । ଯେ ଉଭୟ ପକ୍ଷକୁ ସମର୍ଥନ କରେ—
5. Espousing both the opposite sides.
୬ । କପଟୀ—6. Hypocritical.

ଦୋମୁହିଁ—ଦେ. ବି.—(ସଂ. ଦ୍ୱି ଓ ମୁଖୀ)—ଏକପ୍ରକାର ଘର; ବାଘ-ମୁହିଁ (ଯେଉଁ ଘରର ଦୁଇଟି ଦୁଆର ଏପରି କୌଶଳକ୍ରମେ ବସାଯାଇଥାଏ ଯେ ଜଣେ ଆଗନ୍ତୁକ ହଠାତ୍ ସେ ଘରେ ପଶି ପାରେନାହିଁ)—A house with a two intricate doors which puzzle strangers.
Domuhiṅ

ଦୋୟମ୍—ବୈଦେ.ବିଣ(ଫା) —୧ । ଉର୍ବରତା ସମ୍ବନ୍ଧେ ଦ୍ୱିତୀୟ ଶ୍ରେଣୀର (ଜମି)—1. (land) Of the second class as regards productiveness.
Doyam
दोयम
दोयम [ଦ୍ର—୧୮୪୧ ସାଲର ଓଡ଼ିଶା ରାଜସ୍ୱ ବନ୍ଦୋବସ୍ତ ସମୟରେ ଉର୍ବରତା ଅନୁସାରେ ଜମିମାନଙ୍କ ଶ୍ରେଣୀ ବିଭାଗ କରାଯାଇ ତଦନୁସାରେ ଖଜଣା ଧାର୍ଯ୍ୟ ହୋଇଥିଲା । ୧ମ ଶ୍ରେଣୀ ବା ଅତ୍ୟୁତ୍କୃଷ୍ଟ—ଅଉଲ୍, ୨ୟ ଶ୍ରେଣୀ—ଦୋୟମ୍, ୩ୟ ଶ୍ରେଣୀ—ସୋୟମ୍, ୪ର୍ଥ ଶ୍ରେଣୀ—ଚହାରମ୍ ଇତ୍ୟାଦି ।]
୨ । ଦ୍ୱିତୀୟ—2. Second (in position).

ଦୋର—ଗ୍ରା. ବି—ଦୋରୁଅ (ଦେଖ)
Dora Dorua (See)

ଦୋରକା(ଖା)—ବୈଦେ. ବିଣ (ଫା. ଦୋରୁଖା)—ଦୁଇ ପିଠିରେ ଏକ ରକମ ଫୁଲ କାମ ବୁଣା ହୋଇଥିବା (ବସ୍ତ୍ର); ଯେଉଁ ଲୁଗାର ସଦର ମଫସଲ ନ ଥାଏ—
Dorakā(khā)
ଦୋରକ୍କା } ଅନ୍ୟରୂପ
ଦୋରକ୍ଖା }
(a cloth) Having the same de sign on both sides.
दोरोखा
दोरुखा (ଯଥା—ଦୋରକା ଶାଲ ।)

ଦୋରଙ୍ଗ(ଙ୍ଗା)—ଦେ. ବିଣ (ସଂ. ଦ୍ୱି ଓ ରଙ୍ଗ)—୧ । ଦ୍ୱିବର୍ଣ୍ଣବିଶିଷ୍ଟ—
Doraṅga(ṅgā) 1. Two coloured; piebald.
ଦୋରଙ୍ଗୀ } ଅନ୍ୟରୂପ
ଦୋରଙ୍ଗିଆ }
୨ । ଦୁଇଟି ବିପରୀତ ବର୍ଣ୍ଣବିଶିଷ୍ଟ—
2. Having two opposite colours or pictures; presenting two different pictures.
दोरंगा
दुरंगी, दोरंगा

ଦୋରନ୍ଧା —ଦେ. ବଣ(ସ. ଦ୍ୱି+ରନ୍ଧନ)—ଦୁଇ ଥର ସିଦ୍ଧ ହୋଇଥିବା— Dorandhā Twice boiled.
ଦୁରାଁଧା (ଯଥା—ଦୋରନ୍ଧା ଭାତ ।)
ଦ୍ୱିଆରନ୍ଧା

ଦୋରବସ୍ତ— ବୈଦେ. କ୍ରି. ବଣ (ଫା. ଦୋରୋବସ୍ତ)—୧ । ଗୋଟା ସୁଦ୍ଧା—1. Entirely; wholly.
Dorabasta
(ଦୋରୋବସ୍ତ—ଅନ୍ୟରୂପ) ୨ । ସମ୍ପୂର୍ଣ୍ଣରୂପେ—2. Totally.
বেবাক ୩ । ବିଲକୁଲ୍—3. Completely; wholly.
दोरबस्त ୪ । ଆଦୌ; ଜମାରୁ—4. At all.
ବଣ—୧ । ଗୋଟାକଯାକ—1. Entire; whole.
୨ । ସମୁଦାୟ—2. All.

ଦୋରସା—ଦେ. ବଣ (ସ. ଦ୍ୱି ଓ ରସ)—୧ । ଦୋଅଂଶା (ମାଟି), ଯେଉଁ ମାଟିରେ ବାଲି ଓ କାଦୁଅ ସମାନ ଥାଏ—
Dorasā
দোআঁশ, দোরসা 1. (soil) Having sand and clay
दोरस, दोमट in equal proportions; loamy (soil); of mixed grain.
୨ । ଅଧେ ସଢ଼ି ଯାଇଥିବା—
2. Half putrid (Howells).

ଦୋରସ୍ତ —ବୈଦେ. ବଣ. (ଫା. ଦୁରୁସ୍ତ)—୧ । ଠିକ୍; ଠିକ୍‌ଠାକ୍—
Dorasta 1. Set right; set in order.
দুরুস্ত ୨ । ସଜଡ଼ା ହୋଇଥିବା—
दुरुस्त 2. Fully repaired.
୩ । ଦୃଢ଼ିଷ୍ଠ—3. Strong.
୪ । ସୁଶାସିତ—4. Brought under control; regulated; controlled.
୫ । ସମତଳ; ସମତଳୀକୃତ—5. Levelled up.
୬ । ସୁମାର୍ଜିତ—6. Well refined; well repaired.
୭ । ଉପସ୍ଥିତ ଉଦ୍ଦେଶ୍ୟ ନିମନ୍ତେ ଯଥେଷ୍ଟ—
7. Sufficient for the present purpose.
୮ । ପରାଜିତ—8. Subdued.
୯ । ନିର୍ଦ୍ଦୋଷ; ଦୋଷଶୂନ—
9. Flawless; faultless.
୧୦ । ଯାହା ଉତ୍ତମ ଅବସ୍ଥାରେ ଅଛି—
10. Which is in good order.
୧୧ । ଯଥାର୍ଥ; ପ୍ରକୃତ—11. Right; correct.
୧୨ । ଉଚିତ; ସମୁଚିତ—12. Proper.

ଦୋରସ୍ତ କରିବା—ଦେ. କ୍ରି—୧ । ସଜାଡ଼ିଦେବା; ମରାମତି କରିବା—
Dorasta kariba 1. To repair; to set right; to renovate.
দুরস্তকরা; दुरुस्तकरना
[ଦୋରସ୍ତକରା(ନେ)ଇବା—ଅନ୍ୟରୂପ]
(ଯଥା—କଳଟିକୁ ଦୋରସ୍ତ କରିଦିଅ)
୨ । ସୁଶାସିତ କରିବା; ଜବତ କରିବା; ସାଧ କରିବା—
2. To bring under control.
(ଯଥା—ବଡ଼େ ମାଡ଼ରେ ଦୋରସ୍ତ କରି ଦେବି ।)

୩ । ଦୋଷଶୂନ୍ୟ କରିବା—3. To make a thing free from defects.
୪ । ଦଣ୍ଡ ଦେବା—4. To punish.

ଦୋରସ୍ତି—ବୈଦେ. ବି. (ଫା. ଦୁରୁସ୍ତି) (କଟକଆ)—୧ । ସୁଧାର; ସଂଶୋଧନ—1. Correction.
Dorasti
দুরুস্তি ୨ । ଯୋଗ୍ୟତା—2. Fitness.
दुरुस्ति ୩ । ଉତ୍ତମତା—3. Goodness.

ଦୋରା—ବୈଦେ (ତେଲିଙ୍ଗ) ପ୍ରାଦେ (ଗଞ୍ଜାମ) ବି—୧ । ଶୂଦ୍ର ଜାତି-ବିଶେଷର ଉପାଧି—1. Family-title of certain Śūdras in Ganjam.
Dorā
[ଦ୍ରୁ—ଏମାନେ ଜାଣ୍ଡ କାଠିରେ ପାଛୁଆ, ପଟି ଆଦି ବୁଣନ୍ତି ।]
୨ । ରାଜକୀୟ ଗ୍ରାମ୍ୟ କର୍ମଚାରୀବିଶେଷ—
2. Name of a village revenue-officer.
ବୈଦେ· ବି—(ଅ) ଡଉରା (ଦେଖ)
Daurā (See)
ପ୍ରାଦେ (ଗଡ଼ଜାତ, ଜୟପୁର, ଗଞ୍ଜାମ) ବି—କଣ୍ଡାଦୋରା (ଦେଖ)
Kaṇḍēdorā (See)

ଦୋରିହା—ଦେ. (ପଦ୍ୟ) ବଣ ଓ ବି—ଦୋରେହା (ଦେଖ)
Dorihā Dorehā (See)
ପାଣ୍ଡବେ ଦ୍ରୁମ୍ଭର ଦୋରିହା ହୋଇ କରି
ନଷ୍ଟେ ମଲେ ସୁମର ଇନ୍ଦ୍ରପ୍ରସ୍ଥ ଟିଏ । କୃଷ୍ଣସିଂ. ମହାଭାରତ. ବନ୍ତ ।

ଦୋରୁଅ—ଦେ. ବି (ସ. ଦ୍ରବ)—୧ । ଆଖୁର ରସ—
Dorua 1. Juice of sugarcane.
রস; राब ୨ । ଗଛର ଡାଳପତ୍ର ଆଦିରୁ ଚିପୁଡ଼ା ହୋଇଥିବା ରସ—
2. Juice impressed from plants, leaves etc.

ଦୋରୁଖା—ବୈଦେ. ବଣ—ଦୋରଖା (ଦେଖ)—Dorakhā (See)
Dorukhā (ଦୋରୁଖି—ଅନ୍ୟରୂପ)

ଦୋରେହା—ଦେ (ପଦ୍ୟ) ବଣ (ସ. ଦ୍ରୋହୀ)—୧ । ବିଦ୍ରୋହୀ—
Dorehā 1. Rebellious; contumacious.
ଦୋରେହି
ଦୋରୋହା
ଦୋରୋହି } ଅନ୍ୟରୂପ
ଯାହା ବୁଝାରେ କଳ ଅବ ଇହୁ ।
ମୋହି ଦୋରେହା ଇହୁଁ ଅନ କାହୁଁ ।
ପ୍ରାଚୀ ଜଳବ୍ରତ ।
୨ । କୃତଘ୍ନ—2. Ungrateful.
୩ । ଦୋଷୀ; ଅପରାଧୀ—Guilty; offending.
ବି—ଦ୍ରୋହ—Rebellion.
ତାରେ ଦୋରେହା କରି କେହି
ବଧାତା ହେଲେ ରକ୍ଷା ନାହିଁ । ଜଗନ୍ନାଥ ଭାଗବତ ।

ଦୋର୍ଦ୍ଦଣ୍ଡ—ସ. ବି. (ରୂପକ କର୍ମଧାରୟ; ଦୋଃ=ବାହୁ+ଦଣ୍ଡ=ଯଷ୍ଟି)—
Dorddanda ୧ । ଭୁଜଦଣ୍ଡ; ଦଣ୍ଡ ପରି ପରାକ୍ରମଯୁକ୍ତ ବାହୁ—
1. Powerful or strong arm (strong and long as a staff); a high hand; a strong hand.
୨ । ବାହୁର ପରାକ୍ରମ—
2. The prowess of a strong arm.

ଦୋର୍ଦ୍ଦଣ୍ଡ ପରାକ୍ରମ—ସଂ. ବି (୬ଷ୍ଠୀ ତତ୍; ଦୋର୍ଦ୍ଦଣ୍ଡ+ପରାକ୍ରମ)—
Dorddaṇḍa parākrama ଦୋର୍ଦ୍ଦଣ୍ଡ ପ୍ରତାପ (ଦେଖ)·
Dorddaṇḍa pratāpa (See)

ଦୋର୍ଦ୍ଦଣ୍ଡ-ପରାକ୍ରମୀ—ସଂ. ବିଣ (ଦୋର୍ଦ୍ଦଣ୍ଡ+ପରାକ୍ରମ+ଇନ୍; ୧ମା. ୧ବ)
Dorddaṇḍa parākramī ଦୋର୍ଦ୍ଦଣ୍ଡ ପ୍ରତାପୀ (ଦେଖ)
Dordaṇḍa pratāpī (See).

ଦୋର୍ଦ୍ଦଣ୍ଡ ପ୍ରତାପ—ସଂ. ବି (୬ଷ୍ଠୀ ତତ୍; ଦୋର୍ଦ୍ଦଣ୍ଡ+ପ୍ରତାପ)—
Dorddaṇḍa pratāpa ବାହୁପରାକ୍ରମ; ଦେହର ଜୋର—
High-handedness; strength of arm.

ଦୋର୍ଦ୍ଦଣ୍ଡ ପ୍ରତାପୀ—ସଂ. ବିଣ (ଦୋର୍ଦ୍ଦଣ୍ଡ+ପ୍ରତାପ+ଇନ୍ ୧ମା. ୧ବ)—
Dorddaṇḍa pratāpī ବିଶେଷ ବାହୁପରାକ୍ରମଶାଳୀ—
Very powerful.

ଦୋର୍ମୂଳ—ସଂ. ବି (୬ଷ୍ଠୀ ତତ୍; ଦୋଃ+ମୂଳ)—ବାହୁମୂଳ; କାଖ—
Dormūḷa Arm-pit.

ଦୋର୍ଯୁଦ୍ଧ—ସଂ. ବି (୬ଷ୍ଠୀ ତତ୍; ଦୋଃ+ଯୁଦ୍ଧ)—୧ । ବାହୁଯୁଦ୍ଧ;
Dorjuddha କୁସ୍ତାକୁସ୍ତି—1. Duel.
୨ । ଧରାପରା; ହସ୍ତାହସ୍ତି—
2 Hand to hand fight.

ଦୋଳ—ସଂ. ବି (ଦୋଳ ଧାତୁ+କର୍ତ୍ତୃ. ଅ)—୧ । ଝୁଲା—
Doḷa 1. A cradle; a rocking chair; a swing.
ଦୋଳା } ଅନ୍ୟରୂପ
ଦୋଳି }
୨ । ବାଦୋଳା; ସଟୁଆ—
2. A sedan chair
୩ । ଜାଲମୁଣା; ଝୁଣ୍ଟୁଣୀ; ଉଚ୍ଚ ଗଛରୁ ଅମ୍ବ ତୋଳିବାବେଳେ ତାହା ତଳେ ପଡ଼ି ନ ଯିବ ବୋଲି ଲଗି ଅଗରେ ବନ୍ଧାଯିବା ଜାଲି—3. A basket of network which is attached to a pole used while plucking mangoes from high trees, so that the fruits do not fall down on the ground, but are deposited in the pocket or pouch of the basket.
୪ । ଡୋଲି; ଧାନ ରଖିବାର ବୋଡ଼ମେଇ—
4. A large basket for storing paddy.
୫ । (+ଭାବ. ଅ) ଦୋହୋଲାଇବା—
5. Causing another to swing; rocking.
୬ । ଦୋହୋଲିବା—6. Oscillation; swinging.
୭ । ଦୋଳ ଉତ୍ସବ—
7. The Doḷa jātrā festival

ଦୋଳଯାଏ ଭଲ; ବଉଯାଏ ପାଠ—ପ୍ରବଚନ ।

୮ । (ଯହିଁରେ ବସି ବା ଯାହାକୁ ଅବଲମ୍ବନ କରି ଝୁଲନ୍ତି) ଠାକୁରଙ୍କ ବିମାନ—8. A covered chair for carrying idols.
(ଯଥା—ଆମ ଗାଁଅ ମେଳନକୁ ୮ଟି ଦୋଳ ଏ ବର୍ଷ ଆସିଥିଲେ ।)
ଦେ. ବି—ଦୋଳଗୋବିନ୍ଦର ଆଦରାର୍ଥକ ଡାକନାମ—
A name for calling Doḷagobinda.

ଦୋଳ ଉତ୍ସ(ଚ୍ଛ)ବ—ଦେ. ବି—ଦୋଳ ଯାତ୍ରା (ଦେଖ)
Doḷa utsa(chha)ba Doḷa jātrā (See).

ଦୋଳକ—ସଂ. ବି (ଦୋଳ ଧାତୁ+କର୍ତ୍ତୃ. ଅକ; ଯାହା ଝୁଲୁଥାଏ)—
Doḷaka ଦୋଳଦଣ୍ଡ (ଦେଖ)—Doḷadaṇḍa (See).

ଦୋଳଗୋବିନ୍ଦ—ଦେ. ବି—୧ । ଦୋଳଯାତ୍ରା ସମୟରେ ଦୋଳି
Doḷagobinda ଖେଳିବା ପ୍ରକାରେ ସଜ୍ଜିତ ଶ୍ରୀକୃଷ୍ଣଙ୍କ ବିଗ୍ରହ—
1. An idol of Śrīkṛushṇa arryed for swinging during the Doḷajātrā.

ଫଗୁଣ ମାସରେ ଦୋଳଗୋବିନ୍ଦେ
ଦୋଳି ଖେଳୁଥାନ୍ତି ପରମାନନ୍ଦେ—ମୋ କାନ୍ତ ହେ—ଗଉଡ଼ଙ୍କ ବାରମାସୀଗୀତ ।

୨ । ଲୋକମାନଙ୍କୁ ଦିଆଯିବା ନାମ—
2. A name given to males.

ଦୋଳ ଘଡ଼ି—ଦେ. ବି (ସଂ. ଦୋଳ ଓ ଘଟି)—ଦୋଳଉତ୍ସବର ସମୟ—
Doḷa ghaṛi The season of Doḷa festival.

ଦୋଳଘଣ୍ଟ ବାଜିବା—ଦେ. ବି (ବଶିଷ୍ଟ ପ୍ରୟୋଗ; ଦୋଳଯାତ୍ରାରେ ଘଣ୍ଟ
Doḷaghaṇta bājibā ଆଦି ବାଜିବାରୁ)—ଦୋଳ ଉତ୍ସବର ସମୟ ଉପସ୍ଥିତ ହେବା—The arrival of the time of Doḷa festival.

ଦୋଳଣି—ଦେ. ବି (ସଂ. ଦୋଳନ)—ଦୋଳନ (ଦେଖ)
Doḷaṇi Doḷana (See).

ଉରୁର ଅଙ୍ଘ୍ରି ଯୁଗଳ ସବାପୁଷ୍ପଶ୍ରେଣୀଘନ ମଞ୍ଜିର ମଣି ମଞ୍ଜୁଳ ପରେ ଦୋଳଣି ।
ପ୍ରାଚୀ ଉଦ୍ଧବଚମ୍ପୂ ।

ଦୋଳ ଦଣ୍ଡ—ସଂ. ବି (ଦୋଳ+ଦଣ୍ଡ)—ଘଣ୍ଟାରେ ଝୁଲିବା ପେଣ୍ଡୁଲମ୍
Doḷa daṇḍa ବା ସୂକ୍ଷ୍ମ ସୂତାଦ୍ୱରେ ବଦ୍ଧ ଦୋଳାୟମାନ ଭାରି ବସ୍ତୁ—
Pendulum of a clock or some heavy thing suspended by a slender thread.

ଦୋଳ ଦଣ୍ଡି—ଦେ. ବି (ବଣିଆ ଶବ୍ଦ)—ନାକରେ ପିନ୍ଧିବା ସୁନାର
Doḷa daṇḍi ଅଳଙ୍କାରବିଶେଷ—A gold ring for the nose.

ଦୋଳ ଦଶହରା—ଦେ. ବି (ସହରର ଶବ୍ଦ)—ବର୍ଷକ ମଧ୍ୟରେ ହିନ୍ଦୁର
Doḷa daśaharā ଦୁଇଗୋଟି ପ୍ରଧାନ ପର୍ବ (ଯଥା—ଫାଲ୍‌ଗୁନରେ ଦୋଳଯାତ୍ରା ଓ ଆଶ୍ୱିନରେ ଦୁର୍ଗା ପୂଜା)—
ଦୋଳ ଦଶରା } ଅନ୍ୟରୂପ
ଦୋଳ ଦୁର୍ଗାପୂଜା }
दोल दसहरा The two chief festivals of the Hindus in a year, viz. Doḷajātrā and Durgāpūjā.
[ଦ୍ର—ଆମ ଦେଶରେ ବର୍ଷକରେ ଏହି ଦୁଇ ଉତ୍ସବରେ ପରୁଣା ବାରସ୍ଥ ବ୍ୟକ୍ତିଗଣଙ୍କୁ ଓ ଭୃତ୍ୟାଦିଙ୍କୁ ଗୃହସ୍ୱାମୀ ନୂଆ ଲୁଗା ଦିଅନ୍ତି ।]

ଦୋଳନ—ସଂ. ବି (ଦୋଳ ଧାତୁ+ଭାବ. ଅନ)—୧ । କମ୍ପନ;
Doḷana ଝୁଲିବା—1. Oscillating.
୨ । ଝୁଲାଇବା—2. Swinging; suspending.
ଦେ. ବି—ଦୋଳା—A swing.

ଅଶୋକ ମାଧବୀ ନାଗକେଶର ବକୁଳ
ଦୋଳକେ ଦୋଳନ୍ତି ଏଥି ନବଲେ ଅତୁଳ । ରଘୁନାଥ, ମହାଭାରା ।

ଦୋଳ ପୂନିଅଁ—ଗ୍ରା. ବ—ଦୋଳପୂର୍ଣ୍ଣିମା (ଦେଖ)
Dola pūniañ Dolapūrnnimā (See)
(ଦୋଳପୂନେଇଁ, ଦୋଳପୂନମୀ, ଦୋଳପୂର୍ଣ୍ଣମୀ—ଅନ୍ୟରୂପ)

ଦୋଳ ପୂର୍ଣ୍ଣିମା—ସ. ବ— ଫାଲ୍ଗୁନ ପୂର୍ଣ୍ଣମୀ—
Dola pūrnnimā The full moon of the month of Fālguna.
[ଦ୍ର—ଏ ସମୟରେ ରାଧାକୃଷ୍ଣ ବିଗ୍ରହଙ୍କୁ ଦୋଳମଣ୍ଡପରେ ବିମାନରେ ଝୁଲାଯାଏ ।]

ଦୋଳ ମଣ୍ଡପ—ସ. ବ (ମଧ୍ୟପଦଲୋପୀ; ଦୋଳ + ମଣ୍ଡପ)—
Dola mandapa ଦୋଳ ମୁଣ୍ଡେଇ (ଦେଖ)
Dola mundei (See)

ଦୋଳମୁଣ୍ଡେଇ— ଦେ.ବ (ସ. ଦୋଳମଣ୍ଡପ)—ଯେଉଁ ମଣ୍ଡପରେ ରାଧାକୃଷ୍ଣଙ୍କ
Dola mundei ବିଗ୍ରହ ଦୋଳଯାତ୍ରା ସମୟରେ ଦୋଳ ଖେଳନ୍ତି—
(ଦୋଳମଣ୍ଡେଇ—ଅନ୍ୟରୂପ) A raised platform on which the idols of Rādhā and Krushna are rocked during the Dolajātrā festival.

ଦୋଳ ଯାତ୍ରା—ସ. ବ (+ଦୋଳ ଓ ଯାତ୍ରା)—ଦୋଳଉତ୍ସବ; ଫାଲ୍ଗୁନ
Dola jātrā ମାସ ଶୁକ୍ଳପକ୍ଷ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ
ଦୋଲଯାତ, ଦୋଲଯାତର } ଦେଶଜରୂପ ଶ୍ରୀକୃଷ୍ଣଙ୍କ ଦୋଳଖେଳ ଉତ୍ସବ; ହୋଲି ଯାତ୍ରା—The Dolajātrā festival in the bright fortnight of Fālguna.
ଦୋଲଉଂସବ, ହୋରୀ
ହୋଁରୀ

[ଦ୍ର—ବଙ୍ଗଦେଶରେ ଦୁର୍ଗାପୂଜାପରି ଓଡ଼ିଶାରେ ଦୋଳଯାତ୍ରା ସମସ୍ତେ ପାଳନ୍ତି । ଦୋଳଯାତ୍ରା ଦୁଇ ପ୍ରକାର ଯଥା—୧ । ରାଜ ଦୋଳ; ଏହା ଫଗୁଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ହୁଏ । ୨ । ପଞ୍ଚୁଦୋଳ ଫଗୁଣ ପୂର୍ଣ୍ଣିମାଠାରୁ ଚୈତ୍ର କୃଷ୍ଣପଞ୍ଚମୀ ପର୍ଯ୍ୟନ୍ତ ହୁଏ । ଶ୍ରୀକୃଷ୍ଣଙ୍କ ବିଗ୍ରହଙ୍କୁ ନେଇ ଦୋଳମଣ୍ଡପରେ ଲୋକେ ଦୋଳ ଖେଳାନ୍ତି ଓ ଆପଣାମାନଙ୍କରେ ଅବିର ବୋଳାବୋଳି ଓ ପିଚକାରି ମାରାମାରି ହୁଅନ୍ତି ଓ ନୃତ୍ୟଗୀତାଦିରେ ଲାଗନ୍ତି । ଓଡ଼ିଶାରେ କୋଠିଆ ଓ ଗାଈରଖିଆଳ ଗୃହକରମାନେ ଦୋଳଠାରୁ ଗୃହକାରିଙ୍କ ବର୍ଷ ଗଣନା କରନ୍ତି । ଏହା ମଧ୍ୟ ଗଉଡ଼ମାନଙ୍କର ପ୍ରଧାନ ଉତ୍ସବ । ଗଉଡ଼ମାନେ ଗାଈମାନଙ୍କୁ ଗାଧୋଇ ଦୁଧ ବଢାନ୍ତି ଓ ବେଶ ହୋଇ ଲଉଡ଼ି ଖେଳନ୍ତି ଓ ଗୀତ ବୋଲନ୍ତି ।]

ଦୋଳା— ସ. ବ (ଦୋଳ+ସ୍ତ୍ରୀ. ଅ)—୧ । ଖଟୁଲି; ଦାନ୍ଦୋଳା; ଶିବିକା-
Dolā ବିଶେଷ—1. Sedan chair.
୨ । ଖଟୁଲି; ଚଉଦୋଳ; ବିମାନ—
2. A carrying chair.
୩ । ଝୁଲିବା ଯନ୍ତ୍ର—3. A swinging device; a swing.
୪ । ନୀଳଗଛ (ଶୂ. ଶବ୍ଦସାଗର)—4. Indigo plant.
ଦେ. ବ (ଅନାଦରାର୍ଥ) ଦୋଳଗୋବିନ୍ଦର ଡାକ ନାମ—
Name for calling Dolagobinda.

ଦୋଳା(ଲେ)ଇବା—ଦେ. କ୍ରି (ସ. ଦୋଳ ଧାତୁ)—ଦୋଳ ପହଞ୍ଚାଇବା;
Dolā(le)ibā ଝୁଲାଇବା; ସଞ୍ଚାଳିତ କରାଇବା—To cause to swing; to rock to and fro.
ଦୋଲାନ

ଝୁଲାଳା ପଚାରି । ଦୋଳାଇ ରଙ୍ଗେ ପ୍ରସରଣ ସିନ୍ଧୁ-ମାରୁତ—
ରାଧାନାଥ. ଋଷି ।

ଦୋଳାୟମାନ—ସ. ବଣ. ପୁଂ (ଦୋଳାୟ ନାମ ଧାତୁ କର୍ତ୍ତୃ. ଅନ)—
Dolāyamāna ୧ । ଝୁଲୁଥିବା—1. Rocking to and fro; oscillating.
(ଦୋଳାୟମାନା—ସ୍ତ୍ରୀ)
୨ । ଇତସ୍ତତଃ ସଞ୍ଚାଳିତ—2. Rocked to and fro.
୩ । (ଲକ୍ଷଣାର୍ଥ) ସନ୍ଦିହାନ; ସଂଶୟାପନ୍ନ—
3. (figurative) Vacillating; wavering.

ଦୋଳାୟିତ—ସ. ବଣ. ପୁଂ (ଦୋଳାୟ ନାମ ଧାତୁ + କର୍ତ୍ତୃ. ତ)—
Dolāyita ଦୋଳାୟମାନ (ଦେଖ)
(ଦୋଳାୟିତା—ସ୍ତ୍ରୀ) Dolāyamāna (See)
ସ. ବ. (+ଭାବ. ତ)—ଦୋଳନ—Swinging.

ଦୋଳାଯୁଦ୍ଧ—ସ. ବ—ଯେଉଁ ଯୁଦ୍ଧରେ ଦୁଇ ପକ୍ଷଙ୍କର କ୍ରମାନ୍ୱୟରେ
Dolājuddha ହାରି ଜିଣି ଲାଗିଥାଏ—
A battle in which the parties win and are defeated by turns.

ଦୋଳାଶ୍ୱ—ସ. ବ—ଚଳଣା (ହରେକୃଷ୍ଣ ଦ୍ରବ୍ୟଗୁଣ) (ଦେଖ)
Dolāswa Chalanā (See)

ଦୋଳି (ଧାତୁ)—(ଦୁଲ ଧାତୁ = ଝୁଲିବା + ଣିଚ୍)—
Doli (root) ଝୁଲାଇବା—To suspend; to cause to swing.

ଦୋଳି—ଦେ. ବ. (ସଂ. ଦୋଳା)—୧ । ଦୋଳା—
Doli 1. Swinging chair; a swing.
ଏଣୁ ଦୋଳିରେ ବସିବା ପରି ହେଲେ । କୃଷ୍ଣସିଂହ. ମହାଭାରତ. ବନ ।
୨ । (ଅନାଦରାର୍ଥ) ଦୋଳଗୋବିନ୍ଦର ଡାକ ନାମ—
2. A name for calling Dolagobinda.

ଦୋଳିଆ—ଦେ. ବ. (ଅନାଦରାର୍ଥକ)—ଦୋଳି ୨ (ଦେଖ)
Doliā Doli 2 (See)
ପ୍ରାଦେ. (ଯାଜପୁର) ବ—ମଦ ଓର—
A jar in which toddy is collected.

ଦୋଳିକା—ସଂ. ବ. ସ୍ତ୍ରୀ (ଦୋଳ+କ+ସ୍ତ୍ରୀ. ଅ)—
Dolikā ୧ । ଛୋଟ ଦୋଳା—1. A small swing.
୨ । ଦାନ୍ଦୋଳା—2. A sedan chair.

ଦୋଳି ଖେଳ—ଦେ. ବ—ଝୁଲିବା ପ୍ରଣାଳୀରେ ଖେଳିବା ଏକ ପ୍ରକାର
Dolikhela ଖେଳ—Sporting by swinging in a swing.
ଗମ୍ଭୀର ନଦୀରେ ବନଲତା ଝୁଲନ୍ତି,
ଦୋଳି ଖେଳେ ରତ ବନ ଅଙ୍ଗନା । ନନ୍ଦକିଶୋର । କୃଷ୍ଣକୁମାର ।

ଦୋଳି ଖେଳିବା—ଦେ. କ୍ରି.—ଅପେ ଦୋଳାରେ ଝୁଲିବା—
Doli khelibā To swing in a swing.
ଆମ୍ବ ବଗିଚାରେ ଶିଆଳ ଲତାରେ;
ଯେବେ ଦୋଳି ଖେଳୁ ଥାଇ । ନନ୍ଦକିଶୋର. ନିର୍ଝରିଣୀ ।

ଦୋଳି ପହଞ୍ଚା—ଦେ. ବ.—ଦୋଳାରେ ଝୁଲିବା କ୍ରିୟା—
Doli pahañchā Act of swinging.
(ଦୋଳି ପଞ୍ଚା, ଦୋଳି ପହୁଞ୍ଚା, ଦୋଳି ପହଞ୍ଚ—ଅନ୍ୟରୂପ)
ଦୋଁଳି

ଦୋଳି ପହଞ୍ଚା(ଞ୍ଚେ)ଇବା—ଦେ. କ୍ରି.—ଅନ୍ୟ ବ୍ୟକ୍ତିକୁ ଦୋଳାରେ
Doli pahañchā(ñche)ibā ଝୁଲାଇବା—To rock another person in a swing.
দোলান
झुलाना

ଦୋଳି ପହଞ୍ଚି ହେବା—ଦେ. କ୍ରି.—ଦୋଳି ଖେଳିବା (ଦେଖ)
Doli pahañchi hebā Doli khelibā (See)
ঝুলা झुलाना
(ଦୋଳି ପହଞ୍ଚିବା, ଦୋଳି ପହଞ୍ଚାଇହେବା—ଅନ୍ୟରୂପ)

ଦୋଳିବା—ଦେ. କ୍ରି.—୧ । ଦୋଳରେ ଝୁଲିବା, ଦୋହଲିବା—
Dolibā 1. To swing to and fro; to oscillate.
ঝুলা; দোলা ଦୋଳନ୍ତି ସରୋବର ଶ୍ୱେତ ଶତଦଳେ
झुलना ରାଧାନାଥ ମେଘଦୂତ ।
୨ । ହଲିବା—2. To rock; to shake.
ବୁଢ଼ୀ କଥା ବଳେ ଯେବେ ମଥା ଦୋଳୁ
ନ ଫିଟେ ରଚନ ଅକର । ଭକ୍ତକବି. ଗୀତଲହରୀ ।

ଦୋଶାଖା—ଦେ. ବିଶ. (ସଂ. ଦ୍ୱିଶାଖା)—ଦୁଇଟି ମାତ୍ର ଶାଖାବିଶିଷ୍ଟ—
Dośākhā Having two branches only; bi-forked.
দোশাখা दुशाखा

ଦୋଶାଲ—ବୈଦେ. ବି. (ପା. ଦୁଶାଲ; ମୂଳ. ସଂ. ଦ୍ୱି+ଶାଟୀ)—
Dośāla ଏକତ୍ର ଯୋଡ଼ା ହୋଇଥିବା ଦୁଇ ଖଣ୍ଡ ଶାଲ—
(ଦୋଶାଲ୍ଲ—ଅନ୍ୟରୂପ) A pair of shawls put together
দোশালা [ଦ୍ର—ଶାଲ ଶବ୍ଦ ସଙ୍ଗେ ଏହି ଶବ୍ଦ ସହଚରରୂପେ
दुशाला ବ୍ୟବହୃତ ହୁଏ, ଯଥା—ଶାଲ ଦୋଶାଲ—ବହୁମୂଲ୍ୟର
ଶୀତ ବସ୍ତ୍ରମାନ ।]

ଦୋଶାଳୀ—ଦେ. ବି.—ଖୁବ୍ ଖାଲ ଯାଗାରୁ ପାଣି ଉପରକୁ ଉଠାଇବା
Dośāli ପାଇଁ ବ୍ୟବହୃତ ଦୁଇଟି ସେଣା ବା ଶାଳ—
Two separate baling arrangements done in the case of lifting water from a deep place.
(ଦୋଶାଳିଆ—ଅନ୍ୟରୂପ)
[ଦ୍ର—ପ୍ରଥମେ ଯୋଗଣିରୁ ଉପରର ସେଣାରେ ପାଣି ଉଠାଯାଇ ଗୋଟିଏ ଖାଲରେ ଜମା କରାଯାଏ ଓ ପୁଣି ସେ ଖାଲରୁ ଦ୍ୱିତୀୟ ଉଚ୍ଚତର ସେଣାଦ୍ୱାରା ପାଣି ଉଠାଯାଇ କିଆରିକୁ ମଡ଼ାଯାଏ ।]

ଦୋଷ୍ ସଂ. ବି—ଦୋସ୍ (ଦେଖ)
Dosh Dos (See)

ଦୋଷ—ସଂ. ବି. (ଦୁଷ ଧାତୁ=ଦୋଷଯୁକ୍ତ ହେବା+ଭାବ. ଅ)—
Dosha ୧ । ପାପ—1. Sin.
(ଗୁଣ—ବିପରୀତ) ୨ । ଅପରାଧ—2. Crime; guilt.
୩ । ଦୁର୍ଗୁଣ—3. Vice.
୪ । ଅନ୍ୟାୟ—4. Injustice.
୫ । ଅନିଷ୍ଟ; ଅପକାର—5. Mischief; injury.
୬ । କୁକର୍ମ—6. Evil act.
୭ । ଅପବାଦ—7. Blame; bad name.
୮ । ନିନ୍ଦା—8. Scandal.
୯ । କଳଙ୍କ—9. Blemish; taint.
୧୦ । ତ୍ରୁଟି—10. Fault; defect.
୧୧ । ନ୍ୟୂନତା—11. Deficiency.
୧୨ । ଅତ୍ୟାଚାର—12. Oppression.
୧୩ । କ୍ଷତି—13. Loss.
୧୪ । ରୁଗ୍ଣ ଅବସ୍ଥା—14. Diseased condition.
୧୫ । ଶରୀରସ୍ଥ ବାତ, ପିତ୍ତ, କଫର ପ୍ରକୋପ ବା କୁପିତ ଅବସ୍ଥା—15. Disorder or morbidity of the three humours of the body (viz phlegm, bile and wind.)
୧୬ । ବାକ୍ୟ ବା ଲେଖାର ରଚନା ଦୋଷ—
16. Fault in a composition or speech.
[ଦ୍ର—ଯାହା ରସର ଅପକର୍ଷକ, ଅର୍ଥାତ୍ ଯଦ୍ଦ୍ୱାରା ରସ ପ୍ରତିଭାଶୂନ୍ୟ ହୁଏ ତାହାକୁ ଦୋଷ କହନ୍ତି । ସାହିତ୍ୟରେ ଏହି ଦୋଷମାନ ପାଞ୍ଚ ଶ୍ରେଣୀରେ ବିଭକ୍ତ ଯଥା—୧ । ଶବ୍ଦ ବା ପଦଦୋଷ, ୨ । ପଦାଂଶ ଦୋଷ, ୩ । ବାକ୍ୟ ଦୋଷ, ୪ । ଅର୍ଥ ଦୋଷ, ୫ । ରସ ଦୋଷ ।]
୧୭ । ରାଗ, ଦ୍ୱେଷ, ମୋହ ଆଦି—
17. Evil passions.
[ଦ୍ର—ଦୋଷ ଶବ୍ଦ ଅନ୍ୟ କେତେକ ଶବ୍ଦ ପରେ ବ୍ୟବହୃତ ହୁଏ ଯଥା—କର୍ମଦୋଷ, ଭାଗ୍ୟଦୋଷ, ଗ୍ରହଦୋଷ, ସଙ୍ଗଦୋଷ, ଉଚ୍ଚାରଣ ଦୋଷ, ଜଳବାୟୁ ଦୋଷ, ବଂଶଦୋଷ ଇତ୍ୟାଦି ।]
୧୮ । ଭାଗବତ ଅନୁସାରେ ଅଷ୍ଟବସୁଙ୍କ ମଧ୍ୟରୁ ଏକତମ (ହି. ଶବ୍ଦସାଗର)—18. The name of one of the Basu Deities.
୧୯ । ପ୍ରଦୋଷ (ହି. ଶବ୍ଦସାଗର)—19. Night.

ଦୋଷକ—ସଂ. ବି—ବାଛୁରି (ହି. ଶବ୍ଦସାଗର)—
Doshaka Calf.

ଦୋଷ କଟା(ଟେ)ଇବା—ଦେ. କ୍ରି—ଦୋଷ ଖଣ୍ଡାଇବା (ଦେଖ)
Dosha katā(te)ibā Dosha khandāibā (See)

ଦୋଷ କଟିବା—ଦେ. କ୍ରି—ଦୋଷ ଖଣ୍ଡନ (ଦେଖ)
Dosha katibā Dosha khandana (See)
(ଦୋଷ କଟିଯିବା—ଅନ୍ୟରୂପ)
দোষ কেটে যাওআ दोष कट जाना

ଦୋଷକର—ସଂ. ବିଣ. ପୁଂ (ଦୋଷ+କୃ ଧାତୁ+କର୍ତ୍ତୃ. ଅ)—
Doshakara ୧ । ଯେ ଅପରାଧ କରେ—1. Offending.
(ଦୋଷକୃତ, ଦୋଷକାରୀ—ଅନ୍ୟରୂପ) ୨ । ଅନିଷ୍ଟଜନକ—
(ଦୋଷକାରୀ, ଦୋଷକାରିଣୀ—ସ୍ତ୍ରୀ) 2. Injurious; hurtful.

ଦୋଷ କରିବା—ଦେ. କ୍ରି—୧ । ଅପରାଧଜନକ କାର୍ଯ୍ୟ କରିବା—
Dosha karibā 1. To commit an offence.
দোষকরা ୨ । ପରର ମନରେ କଷ୍ଟ ଦେବା—
दोष करना 2. To offend a person.

ଦୋଷ କାଢ଼ିବା—ଦେ. କ୍ରି—୧ । କୌଣସି ବସ୍ତୁ ବା ବିଷୟରେ ଥିବା
Dosha kārdhibā ଦୋଷକୁ ବାହାର କରିବା—
দোষ বাহির করা 1. To find out the fault in a matter or thing.
दोष निकालना

୧	ଇ	ଉ	ଋ,ଌ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଘ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ୠ	ନ୍

(ଦୋଷ ବାହାର କରିବା—ଅନ୍ୟରୂପ) ୨ । ଦୋଷ ବା ଅପରାଧର ପତ୍ତା ଲଗାଇବା—2. To trace out a fault or defect.

୨ । ଅନ୍ୟର ଦୋଷକୁ ସାଧାରଣରେ ପ୍ରକାଶ କରିବା—
3. To publish the guilt or defect of a person.

ଦୋଷ ଖଣ୍ଡନ—ସ. ବି. (୬ଷ୍ଠୀ ତତ୍; ଦୋଷ+ଖଣ୍ଡନ)—
Dosha khaṇḍana ୧ । କୃତ ଅପରାଧର ମାର୍ଜନା; ଦୋଷକୁ କ୍ଷମା
(ଦୋଷ କ୍ଷାଳନ—ଅନ୍ୟରୂପ) କରିବା; ଦୋଷରୁ ମୁକ୍ତି ଦେବା—
1. Forgiving of a guilt.
୨ । କୃତ ଅପରାଧର ପ୍ରାୟଶ୍ଚିତ୍ତ—
2. Expiation for one's sins.
୩ । ନିଜ ଉପରେ ଆରୋପିତ ଦୋଷ ଅପେ ନ କରିଥିବା ବିଷୟ ପ୍ରମାଣିତ କରିବା—3. Proving of one's innocence; defence of oneself.

ଦୋଷ ଖଣ୍ଡା(ଣ୍ଡେ)ଇବା—ଦେ. କ୍ରି—୧ । ଆପଣା ଉପରେ ଆରୋପିତ
Dosha khaṇḍā(ṇḍe)ibā ଦୋଷରୁ ଆପେ ମୁକ୍ତ ହେବାର
[ଦୋଷ ଘୁଞ୍ଚା(ଞ୍ଚେ)ଇବା—ଅନ୍ୟରୂପ) ଉପାୟ କରିବା—
দোষ খণ্ডন 1. To wipe out a blot from one's self;
दोष खंडाना to repel an accusation.
୨ । ଅନ୍ୟର ଅପରାଧ ବା ଦୋଷ କ୍ଷମା କରିବା—
2. To forgive another's fault.

ଦୋଷ ଗିରା(ରେ)ଇବା—ଦେ. କ୍ରି—ଦୋଷ ଦେବା (ଦେଖ)
Dosha girā(re)ibā Dosha debā (See)
দোষঢালা **दोष गिराना**

ଦୋଷ ଗୁଣ—ସ. ବି. (ବିପରୀତାର୍ଥକ; ଦ୍ୱନ୍ଦ୍ୱ; ଦୋଷ+ଗୁଣ)—
Dosha guṇa ଦୋଷ ଓ ଗୁଣ—Faults and merits; bad and good qualities.

ଦୋଷଗ୍ରାହୀ—ସ.ବଣ. (ଦୋଷ+ଗ୍ରହ୍ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)-
Doshagrāhi ୧ । ଯେଉଁ ଲୋକ ପରର ଗୁଣ ନ ଦେଖି କେବଳ
(ଗୁଣଗ୍ରାହୀ—ବିପରୀତ) ଦୋଷ ଦେଖେ; ଦୋଷଦର୍ଶୀ—
(ଦୋଷଗ୍ରାହିଣୀ—ସ୍ତ୍ରୀ) 1. Fault-finding; censorious (Apte).
(ଦୋଷଗ୍ରାହିତା—ବି) ୨ । ଦୁଷ୍ଟ—2. Wicked.
୩ । ଈର୍ଷୀ—3. Malicious; malignant (Apte).

ଦୋଷ ଘୋଡ଼ା(ଡ଼େ)ଇବା—ଦେ. କ୍ରି—୧ । ଅନ୍ୟ ଆଗରେ ନିଜର
Dosha ghoṛā(ṛe)ibā ତ୍ରୁଟୀ ବା ଦୋଷକୁ ଲୁଚାଇବା—
দোষ লুকান 1. To try to conceal one's faults or
दोष छिपाना blemishes from the eyes of another.
୨ । ଅନ୍ୟକୃତ ଦୋଷକୁ ସାଧାରଣଙ୍କ ଦୃଷ୍ଟିରୁ ଗୋପନ ରଖିବା—2. To conceal the fault of another from the eyes of the public.

ଦୋଷଘ୍ନ—ସ. ବଣ. (ଦୋଷ+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍)—ଯେଉଁ
Doshaghna ଔଷଧ ବା ଚିକିତ୍ସାଦ୍ୱାରା ଶରୀରସ୍ଥ କୁପିତ ବାତ,
(ଦୋଷଘ୍ନୀ—ସ୍ତ୍ରୀ) ପିତ୍ତ ଓ କଫର ଦୋଷ ଶାନ୍ତ ହୁଏ—(medicinal treatment) Which counteracts the morbidity of the humours of the system.

ଦୋଷ ଜନକ—ସ. ବଣ. (ଦୋଷ+ଜନ ଧାତୁ+କର୍ତ୍ତୃ. ଅକ)—
Dosha janaka ୧ । ଦୋଷଯୁକ୍ତ; ପାପମୟ—1. Faulty; defective; sinful.
୨ । ଯାହା ଅପକାର କରେ—
2. Injurious; mischievous.

ଦୋଷଜ୍ଞ—ସ. ବି. (ଦୋଷ+ଜ୍ଞା ଧାତୁ+କର୍ତ୍ତୃ. ଅ)—୧ । ଦୋଷ
Doshajña ସମ୍ବନ୍ଧେ ଅଭିଜ୍ଞ—1. Experienced in finding
(ଦୋଷଜ୍ଞା—ସ୍ତ୍ରୀ) out faults.
(ଦୋଷଜ୍ଞତା—ବି) ୨ । ଜ୍ଞାନୀ—2. Learned; sagacious
ସ. ବି—୧ । ରୋଗଜ୍ଞ ଚିକିତ୍ସକ—
1. An expert physician.
୨ । ପଣ୍ଡିତ ବ୍ୟକ୍ତି—2. A learned person.
୩ । ଜ୍ଞାନୀ ବ୍ୟକ୍ତି—3. A wise man.
୪ । ବୈଦ୍ୟ; ଚିକିତ୍ସକ—4. A physician (Apte).

ଦୋଷଣ—ସ. ବି. (ଦୁଷ୍ ଧାତୁ+ଭାବ. ଅନ)—
Doshaṇa ୧ । ଅନ୍ୟଠାରେ ଦୋଷାର୍ପଣ—1. Laying the blame on another; blaming another.
୨ । ଅଭିଯୋଗ—2. Charge; accusation (Apte).

ଦୋଷ ତକସିର୍—ବୈଦେ. ବି. (ସହଚର ଶବ୍ଦ; ସ. ଦୋଷ; ଓ ଫା.
Dosha takasir ତକ୍‌ସିର୍)—ସମସ୍ତ ଅପରାଧ ବା ତ୍ରୁଟୀ—
দোষ কসুর **ष तकसीर** All the faults or blemishes.
(ଦୋଷ କସୁର୍; ଦୋଷ କସୋର୍—ଅନ୍ୟରୂପ)

ଦୋଷତ୍ରୟ—ସ.ବି—ଶରୀରସ୍ଥ ବାୟୁ,ପିତ୍ତ ଓ କଫ,ଏହି ତିନି ଗୋଟି ଧାତୁର
Doshatraya ବିକୃତି—The morbidity or vitiation of the three humours of the body (e.g. wind, bile and phlegm).

ଦୋଷଦର୍ଶୀ—ସ.ବଣ.ପୁଂ.(ଦୋଷ+ଦୃଶ୍ ଧାତୁ+କର୍ତ୍ତୃ.ଇନ୍,୧ମା.୧ବ)-
Doshadarśi ଯେ ପରର ଦୋଷ ଖୋଜି ବୁଲେ; ଦୋଷଗ୍ରାହୀ—
(ଦୋଷଦର୍ଶିନୀ—ସ୍ତ୍ରୀ) One who is on the look out for
ଦୋଷଦର୍ଶିତା } ବି. the faults of others; fault-finding;
ଦୋଷଦର୍ଶନ } censorious.
(ଦୋଷଦ୍ରଷ୍ଟା—ଅନ୍ୟରୂପ)

ଦୋଷଦୁଷ୍ଟ—ସ. ବଣ.-(୩ୟା ତତ୍; ଦୋଷ+ଦୁଷ୍ଟ)—
Dosha dushṭa ଦୋଷାକ୍ରାନ୍ତ (ଦେଖ)
Doshākrānta (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଳିତ ଅକ୍ଷର ଓ ମାତ୍ରା ଏବଂ ୨ ଚଳିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଳିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ କଥାକ୍ରମେ ଉଚ୍ଚାରିତ ୨ ବା ୧ ଚଳିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅଙ୍ଗା ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦୋଷଦୃଷ୍ଟି—ସଂ. ବିଣ. (ବହୁବ୍ରୀହି; ଦୋଷ+ଦୃଷ୍ଟି)—
Dosha drushṭi ଦୋଷଦର୍ଶୀ (ଦେଖ)—Doshadarśī (See)

ଦୋଷ ଦେଖା(ଖେ)ଇବା—ଦେ. କ୍ରି.—ପରର ଦୋଷକୁ ପ୍ରକାଶ କରିବା—To point out another's fault.
Dosha dekhā(khe)ibā
দোষ দেখান **दोष दिखाना**

ଦୋଷ ଦେବା—ଦେ. କ୍ରି.—୧ । ପରଠାରେ କଳଙ୍କ ବା ନିନ୍ଦା ଅର୍ପଣ କରିବା—1. To lay the blame on another; to blame.
Dosha debā
দোষ দেওয়া
दोषदेना, दोषना ୨ । କୌଣସି ବ୍ୟକ୍ତିକୁ ଦୋଷୀ ସାବ୍ୟସ୍ତ କରିବା—2. To adjudicate a person guilty.
୩ । କୌଣସି ବ୍ୟକ୍ତି ବିରୁଦ୍ଧରେ ଅଭିଯୋଗ କରିବା—3. To accuse a person; to charge a person.

ଦୋଷ ଧରିବା—ଦେ. କ୍ରି.— ଅନ୍ୟର ତ୍ରୁଟିକୁ ଗ୍ରହଣ କରିବା—To find out the fault of another.
Dosha dharibā
দোষ ধরা
दोष पकड़ना (ଦୋଷ ବାଛିବା—ଅନ୍ୟରୂପ)

ଦୋଷନ—ଦେ. ବି. (ସଂ. ଦୋଷଣ)—ଦୋଷଣ (ଦେଖ)
Doshana দোষন **दोषन** Doshaṇa (See)

ଦୋଷଣୀୟ—ଦେ. ବିଣ. (ସଂ. ଦୂଷଣୀୟର ଅଶୁଦ୍ଧ ବ୍ୟବହାର)—
Doshaṇiya ଦୂଷଣୀୟ; ଦୋଷାରୋପଯୋଗ୍ୟ—
To be found fault with; faulty; blameable.

ଦୋଷ ନେବା—ଦେ.କ୍ରି—ଦୋଷ ମୁଣ୍ଡାଇବା (ଦେଖ)
Dosha nebā Dosha muṇḍāibā (See)

ଦୋଷପତ୍ର—ସଂ. ବି. (ମ. ପ. ଲୋ; ଦୋଷ ଉଲ୍ଲେଖକାରୀ ପତ୍ର)—
Dosha patra ଅପରାଧୀର ଅପରାଧର ବିବରଣ ଯେଉଁ କାଗଜରେ ଲେଖାଥାଏ—A writing describing the details of an offence or defect; a written declaration of an offence; a charge sheet.
ଦୋଷପତ୍ରିକା }
ଦୋଷଲେଖ } ଅନ୍ୟରୂପ

ଦୋଷଭାକ୍—ସଂ. ବିଣ. (ଦୋଷ+ଭଜ୍ ଧାତୁ+କର୍ତ୍ତୃ. ଣ୍ୱି; ଦୋଷଭାଜ୍; ୧ମା. ୧ବ)—୧ । ଅପରାଧୀ—
Doshabhāk
2. Guilty; offending.

ଦୋଷ ମାଗି ନେବା—ଦେ. କ୍ରି—ପ୍ରାର୍ଥନାଦ୍ୱାରା ଦୋଷର କ୍ଷମା ମାଗିବା—
Dosha māgi nebā To beg excuse for a fault committed, by praying sincerely.

ଦୋଷମୁଣ୍ଡା(ଣ୍ଡେ)ଇବା—ଦେ. କ୍ରି—୧ । କୌଣସି ଦୋଷ ନିମନ୍ତେ
Dosha muṇḍā(ṇḍe)ibā ଆପଣା ଉପରେ ନିନ୍ଦା ବା ଦାୟିତ୍ୱ ନେବା—1. To take the blame for some fault on one's own shoulders.
୨ । ଅନ୍ୟକୃତ ଅପରାଧ ପାଇଁ ଦାୟିତ୍ୱ ଗ୍ରହଣ କରିବା—
2. To take the responsibility of another's guilt on oneself.

ଦୋଷ ମେଣ୍ଟଣ(ନ)—ଦେ. ବି—ଦୋଷ ଖଣ୍ଡନ (ଦେଖ)
Dosha menṭaṇa(na) Dosha khaṇḍana (See)
দোষমেটান **दोषमिटाना**

ଦୋଷଳ—ସଂ. ବିଣ. ପୁଂ. (ଦୋଷ+ଅସ୍ତି ଅର୍ଥରେ ଲ)—
Doshaḷa ୧ । ଦୋଷଯୁକ୍ତ—1. Faulty; defective.
(ଦୋଷଳା—ସ୍ତ୍ରୀ) ୨ । ପାପୀ—2. Sinful (Apte).

ଦୋଷ ଲଗା(ଗେ)ଇବା—ଦେ. କ୍ରି—କୌଣସି ଦୋଷର ଦାୟିତ୍ୱ କୌଣସି ବ୍ୟକ୍ତିଠାରେ ଆରୋପଣ କରିବା—
Dosha lagā(ge)ibā
দোষলাগান To lay the blame on some one;
दोषलगाना to attribute a fault to some one.

ଦୋଷ ଲଦିବା—ଦେ. କ୍ରି (ବ୍ୟଙ୍ଗ)—ଦୋଷ ଦେବା (ଦେଖ)
Dosha ladibā Dosha debā (See)
(ଦୋଷ ଲଦି ଦେବା—ଅନ୍ୟରୂପ)

ଦୋଷ ଲାଗିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ଅଶୁଭ ସମୟ (ତିଥି, ବାରଆଦି)ରେ ମୃତ୍ୟୁ ଘଟିଲେ ଧର୍ମଶାସ୍ତ୍ରର ବଚନ ଅନୁସାରେ ଉକ୍ତକାଳ ଦୋଷର ପ୍ରଭାବ ତାହାର ଆତ୍ମାକୁ ବା ପ୍ରେତକୁ ବା ବଂଶଧରଙ୍କୁ ଆକ୍ରମଣ କରିବା—1. The influence of a person's dying in an inauspicious time affecting his passing soul or ghost or his relatives.
Dosha lāgiba
দোষলাগা
दोषलगना
୨ । ବାଳିକାର ଅଶୁଭ କାଳରେ ପ୍ରଥମ ରଜୋଦର୍ଶନ ହେଲେ ଧର୍ମଶାସ୍ତ୍ରର ବଚନ ଅନୁସାରେ ତହିଁର ମନ୍ଦ ପ୍ରଭାବ ତାହାର ଭବିଷ୍ୟତ ଜୀବନକୁ ଆକ୍ରମଣ କରିବା ବିଷୟ ଅନୁମିତ ହେବା—2. The ascertainment of the bad effects of a girl having her first menses on an astrologically inauspicious day.
୩ । ଗୋସ୍ୱାମୀ ବା ଗୋରକ୍ଷକର ତ୍ରୁଟିରୁ ଗୋରୁର ଅପମୃତ୍ୟୁ ହେଲେ ଧର୍ମଶାସ୍ତ୍ର ମତରେ ଉକ୍ତକାଳ ଦୋଷ ଉକ୍ତଯୁକ୍ତଠାରେ ବା ଜଣକଠାରେ ଆରୋପିତ ହେବା—
3. The attribution of the guilt for the unnatural death of a cow to the owner or to the cowherd, according to the dictates of Hindu scriptures.
୪ । କୌଣସି ମନ୍ଦ କାର୍ଯ୍ୟଜନିତ ଅପରାଧ ବା ପାପ କୌଣସି ବ୍ୟକ୍ତିଠାରେ ଆରୋପିତ ହେବା—4. The assignment of the guilt or sin for a bad act on some person.

ଦୋଷା—ସଂ. ବି. ସ୍ତ୍ରୀ—୧ । (ଦୁଷ୍ ଧାତୁ=ବିକୃତ ହେବା+ଅଧିକରଣ ଅ+ସ୍ତ୍ରୀ. ଆ)—ରାତ୍ରି—1. Night.
Doshā
୨ । (+କରଣ ଅ+ଆ) ବାହୁ—2. Arm; hand.

୩ । ଅନ୍ଧକାର—3. Darkness (Apte).

୪ । ସନ୍ଧ୍ୟା (ହ୍ରୁ. ଶବ୍ଦସାଗର)—4. Evening.

ଦୋଷାକର—ସ. ବି. (୬ଷ୍ଠୀ ତତ୍; ଦୋଷ+ଆକର)—
Doshākara ୧ । ମହାପାପୀ—1. Very sinful.

୨ । ଅପରାଧୀ—2. Guilty.

୩ । ଯେଉଁ ଲୋକଠାରେ ଦୋଷର ମାତ୍ରା ଅତି ଅଧିକ—
3. Full of faults.

୪ । (ଦୋଷା=ରାତ୍ରି+କୃ ଧାତୁ+କର୍ତ୍ତୃ.ଅ; ଯମ୍ଭା ଦୋଷାରେ କର ଦିଅନ୍ତି ଯେ=ନିଶାକର) ଚନ୍ଦ୍ର—
4. The moon (lit. the night-maker or emitting rays in the night).

ଦୋଷାକ୍ରାନ୍ତ—ସ. ବିଣ. (ତୃତୀୟା ତତ୍; ଦୋଷ+ଆକ୍ରାନ୍ତ)—
Doshākrānta ଦୋଷଯୁକ୍ତ—Faulty; labouring under a defect

ଦୋଷାକ୍ଷର—ସ. ବି—ଆରୋପିତ ଅପରାଧ; ଅଭିଯୋଗ (ହ୍ରୁ.ଶବ୍ଦସାଗର)—
Doshākshara Charge; accusation.

ଦୋଷାତନ—ସ. ବି. (ଦୋଷା=ରାତ୍ରି+ସମ୍ବନ୍ଧ ଅର୍ଥେ ତନ; ଭୁଲ ଅଦ୍ୟତନ, ଅଧୁନାତନ)—ରାତ୍ରିକାଳୀନ—
Doshātana Nightly; nocturnal.

ଦୋଷା ତିଲକ—ସ. ବି· (ଦୋଷା+ତିଲକ; ଦୋଷାର ତିଲକ ସ୍ୱରୂପ)—
Doshā tilaka ପ୍ରଦୀପ—Lamp.

ଦୋଷାଦୋଷ—ସ. ବି. (ବିପରୀତାର୍ଥକ ସହଚର ଶବ୍ଦ; ଦ୍ୱନ୍ଦ୍ୱ; ଦୋଷ+
Doshādosha ଅଦୋଷ)—୧ । ଦୋଷ ଓ ଗୁଣ—
1. Faults and good parts (of a man).

୨ । କୌଣସି ବିଷୟର ଭଲ ଓ ମନ୍ଦ କଥା—
2. The good and the bad of a matter.

ଦୋଷାବହ—ସ. ବିଣ. (ଉପପଦ ତତ୍; ଦୋଷ+ଆବହ=ଯେ ବହନ
Doshābaha କରେ)—୧ । ଦୋଷଜନକ—1. Faulty.

୨ । ପାପଜନକ—2. Sinful.

୩ । ଦୋଷପୂର୍ଣ୍ଣ—3. Full of blemishes or defects.

ଦୋଷାରୋପ—ସ. ବି. (୭ମୀ ତତ୍; ଦୋଷ+ଆରୋପ)—
Doshāropa ଅନ୍ୟ ବ୍ୟକ୍ତି ଉପରେ କୌଣସି ଦୋଷର ଅଭିଯୋଗ—
(ଦୋଷାରୋପଣ—ଅନ୍ୟରୂପ) Accusation; charge; laying the blame on another.

ଦୋଷାସ୍ୟ—ସ. ବି. (ଦୋଷା=ରାତ୍ରି+ଆସ୍ୟ=ମୁଖ; ରାତ୍ରିର ମୁଖ
Doshāsya ସ୍ୱରୂପ)—ଦୋଷା ତିଲକ (ଦେଖ)
Doshā tilaka (See)

ଦୋଷିକ—ସ. ବି. (ଦୋଷ+ଇକ)—ରୋଗ; ପୀଡ଼ା—
Doshika Disease; illness.

ସ. ବିଣ—ଦୋଷ ବା ତ୍ରୁଟି ଯୁକ୍ତ—
Faulty; defective (Apte).

ଦୋଷିଣୀ—ସ· ବିଣ. ସ୍ତ୍ରୀ. (ଦୋଷିନ୍+ସ୍ତ୍ରୀ. ଈ)—ଦୋଷୀର ସ୍ତ୍ରୀଲିଙ୍ଗ—
Doshini The feminine of Doshi.

ଦୋଷିବା—ଦେ. (ପଦ୍ୟ) କ୍ରି. (ସ. ଦୁଷ୍ ଧାତୁ)—
Doshibā ଦୋଷାରୋପ କରିବା; ନିନ୍ଦା କରିବା—
ହିନ୍ଦୀ To blame; to attribute blame to
दोषना; दूषना; दोखना some one.

ମୃତ୍ୟୁମୁଖରୁ ମୁକ୍ତେ କର ହାଣି
କାହିଁକି କରୁଛେ ତୋଷି ଦାରୁଣ ବହନ । ରାଧାନାଥ. ମହାଯାତ୍ରା ।

ଦୋଷୀ—ସ. ବିଣ. ପୁଂ (ଦୋଷ+ଅସ୍ତି ଅର୍ଥରେ ଇନ୍, ୧ମା.୧ବ)—
Doshi ୧ । ଅପରାଧୀ—1. Guilty; criminal.
(ଦୋଷିଣୀ—ସ୍ତ୍ରୀ) ୨ । ପାପୀ—2. Sinful.

୩ । କୃତଘ୍ନ—3. Ungrateful.

୪ । ଦୋଷଯୁକ୍ତ (ହ୍ରୁ. ଶବ୍ଦସାଗର)—4. Faulty defective.

ଦୋଷୈକଦର୍ଶୀ—ସ. ବିଣ. ପୁଂ (ଦୋଷ+ଏକ+ଦୃଶ୍ ଧାତୁ+କର୍ତ୍ତୃ.
Doshaikadarsi ଇନ୍; ୧ମା. ୧ବ)—ଗୁଣ ନ ଦେଖି ଯେ
ଦୋଷୈକଦର୍ଶିନୀ } ସ୍ତ୍ରୀ କେବଳ ମାତ୍ର ଦୋଷ ଦେଖେ—
ଦୋଷୈକଦୃଶା } Fault-finding; censorious.
(ଦୋଷୈକ ଦୃକ୍—ଅନ୍ୟରୂପ)

ଦୋସ୍—ସ. ବି (ଦମ୍ ଧାତୁ=ଶାସନ କରିବା+କରଣେ. ଓସ୍)—
Dos ୧ । ତ୍ରିଭୁଜ ବା ଚତୁର୍ଭୁଜ କ୍ଷେତ୍ରର ବାହୁ—
(ଦୋଷ୍—ଅନ୍ୟରୂପ) 1. The sides or arms of a triangle or quadrangle.

୨ । ବାହୁ—2. The arm.

୩ । ହସ୍ତ; କର—3. The hand.

ଦୋସ୍ମନ୍—ବୈଦେ. ବିଣ (ଫା)—ଦୁଷ୍ମନ୍ (ଦେଖ)
Dos-man Duś-man (See)

ଦୋସ୍ମନି—ବୈଦେ· ବି (ଫା)—ଦୁଷ୍ମନି (ଦେଖ)
Dos-mani Duś-mani (See)

ଦୋ ସଡ଼୍କି—ଦେ. ବି—ଦୁଇଟି ରାଜପଥର ମିଳନ ସ୍ଥଳ—
Do sardaki Meeting place of two roads;
(ଦୋସଡ଼କ—ଅନ୍ୟରୂପ) bifurcation of a road.

ଦୋସଡ଼ା—ଦେ. ବି—ଦୋସୋଡ଼ା (ଦେଖ)
Dosarda Dosordā (See)

ଦୋସନ୍ଧି—ପ୍ରାଦେ (ଯାଜପୁର)ବି—ଘରର ଦୋକନ୍ଧି—The narrow
Dosandi open space between two separte houses.
ଦେ. ବି—ଦୋସନ୍ଧି (ଦେଖ)—Dosandhi (See)

ଦୋସନ୍ଧି—ଦେ. ବି (ସ. ଦ୍ୱି ଓ ସନ୍ଧି)—୧ । ଦୁଇ ବସ୍ତୁ ମଧ୍ୟରେ ଥିବା
Dosandhi ସନ୍ଧି—1. Interstice; crevice.
ହିନ୍ଦୀ ୨ । ଦୁଇ ସୀମା ମଧ୍ୟରେ ଥିବା ଫାଙ୍କ—2. The space
दोफांक between two boundaries.

୩ । (ଲକ୍ଷଣାର୍ଥ) ବିଷମ ସମସ୍ୟା—
3. (figurative) Dilemma.

ଏହୁପରି ଦୋସନ୍ଧିରେ ପଡ଼ି ଛଟପଟ ହୋଇ ଦଶରଥ
କେତେବେଳ ଜଗତ୍ତୁ ହିଂସ ଦମ୍ଭ ହେଲେ । ଗଙ୍ଗାଧରଦାସ· ପିଙ୍ଗଳ ରାମାୟଣ ।

ଦୋସମାଳି—ଦେ. ବି (ସ. ଦ୍ୱି ଓ ସୀମା)—୧ । ଦୁଇ ମୌଜାର ବା
Dosamāli ଦୁଇଖଣ୍ଡ କ୍ଷେତ୍ରର ଅଥବା ଦୁଇ ରାଜ୍ୟର ମଧ୍ୟବର୍ତ୍ତୀ
(ଦୋସିମାଳ—ଅନ୍ୟରୂପ) ସୀମା—1. The boundary be-
दोसीमाना tween two lands or villages or
दोसावाना estates or States.

ଖଲଡିର ରସ୍କା ଓ ମୟୂରଭଞ୍ଜ ବୋସମାଢ ଢଲୁବପୋଷି ଗାଁ।--
ଫକୀରମୋହନ. ଆତ୍ମଚରିତ୍ର।

୨। ସୀମାରେଖା—2. Boundary line.

ବିଣ—ଦୁଇ ଜମିର ବା ଗ୍ରାମର ସୀମାରେ ଅବସ୍ଥିତ—
Situate on the boundary line of two lands or villages.

ଦୋସମାଲ ପଥର—ଦେ. ବି—ଯେଉଁ ପଥର ଦୁଇ ମଉଜାର ସୀମା-
Dosamāḷi pathara ନିର୍ଦ୍ଦେଶାର୍ଥ ପୋତା ହୋଇଥାଏ—
ଦୋସীমানা পাথর Boundary stone set up on the
दोसीवाना पथर boundary line of two villages.
(ଯଥା—ଏହିପରି ଦୋସମାଲ ଖୁଣ୍ଟ, ଦୋସମାଲ ଖୁଣ୍ଟି, ଦୋସମାଲ ପାଢ଼ୀ, ଦୋସମାଲ ପିଲ, ଦୋସମାଲ ବମ୍ଭା, ଦୋସମାଲ ପିଲ-ପାଢ଼ୀ ଆଦି ଶବ୍ଦ ହୁଏ।)

ଦୋସର—ଦେ. ବି (ସଂ. ଦ୍ୱି + ସୃ ଧାତୁ; ହି. ଦୁସର)—ସଙ୍ଗୀ—
Dosara A companion.
দোসর ଧନ୍ୟ କର୍ଣ୍ଣ ପ୍ରାଣସଖା ଜୀବନ ଦୋସର,
दुसरा, दूसर କ ଅମୃତ ରସାଗ୍ନକ ଡାକଲ କର୍ଣ୍ଣର। ମଧୁସୂଦନ. କର୍ଣ୍ଣବଧ।

ଅ—ପୁଣି; ଦ୍ୱିତୀୟଥର—Again; for the second time.
ତାହା ପ୍ରାଣ ନ ହେଲେ ମୋହର ବଳିଶ
ନ ଦେଖିବ ମୁହିଁ ଦୋସର ତୁମ୍ଭ ମୁଖ।
କୃଷ୍ଣସିଂହ. ମହାଭାରତ. ବନ।

ଦେ. ସର୍ବ—୧। ଦ୍ୱିତୀୟ—1. Second.
ମୋହ ବନ୍ଧୁ କାହିଁ ଅଛି ଦୋସର ସୁରୁଷ। ପ୍ରାଚୀ. ରହସ୍ୟମଞ୍ଜରୀ।

୨। ଅନ୍ୟ—2. Another.
ଦୋସର ନ ପାରଇ କହି। ଯଶୋବନ୍ତ. ପ୍ରେମଭକ୍ତି ଗୀତା।

ଦୋସରା—ଦେ. ବିଣ—(ସଂ.ଦ୍ୱି + ସୃ ଧାତୁ; ହି.ଦୁସ୍‌ରା)—୧। ଦ୍ୱିତୀୟ—
Dosarā 1. Second.
দোসরা; **दुसरा** ୨। ଅନ୍ୟ—2. Another.
(ଦୋସ୍ରା—ଅନ୍ୟରୂପ) ୩। ସ୍ୱତନ୍ତ୍ର; ପୃଥକ୍; ଭିନ୍ନ—3. Separate.
୪। ଯୋଡ଼ା; ଯୁଗ୍ମ—4. In pairs.
୫। ଦୋସରିଆ (ଦେଖ)
5. Dosariā (See)

ବି—୧। ମାସର ଦୁଇ ତାରିଖ—1. The second day of the month.
୨। ସହାୟକ ବ୍ୟକ୍ତି—2. Assistant; colleague.

ଦୋସରିଆ—ଦେ. ବିଣ—ଦୁଇ ସୋଗ ବା ସର ଥିବା (ହାର)—
Dosariā Two-stringed (necklace).
দুনরী; **दोलड़ा**

ଦୋସର ଅଙ୍ଗୁଠି—ଦେ. ବି—ବାହାଡ଼ା ଅଙ୍ଗୁଠି (ଦେଖ)
Dosari aṅguṭhi Bāhārḍā aṅguṭhi (See)

ଦୋସରୀ—ଦେ. ବି—ବାଦ୍ୟବିଶେଷ; ଦୁଇଟି ସ୍ୱରବିଶିଷ୍ଟ ଯୋଡ଼ାମୁରଲୀ—
Dosarī A musical instrument; a flute which produces two tunes simultaneously.
ବେଣୁ ମହୁରୀ ଅର୍ଦ୍ଧ ତୁରୀ, କାହାଳୀ ସଙ୍ଗେ ସେ ଦୋସରୀ।
ପ୍ରାଚୀ. ଯଶୋବନ୍ତ. ପ୍ରେମଭକ୍ତି ଗୀତା।

ବିଣ—ଦୋସରିଆ (ଦେଖ)—Dosariā (See)

ଦୋସରୀ ଶଙ୍ଖ—ଦେ. ବି—ଏକକାଳେ ଜଣେ ବଜାଇ ପାରୁଥିବା ଦୁଇଟି ଶଙ୍ଖ—
Dosarī saṅkha Two conches blown simultaneously by one person.
জোড়াশাঁখ

ଦୋସାଦ(ଧ)(ଧୁ)—ଦେ.ବି (ସଂ.ଦୁଃସାଧୀ=ଦ୍ୱାରପାଳ)—୧। କଟୁଆଳ;
Dosāda(dha)(dhu) ନଗରରକ୍ଷୀ ପ୍ରଧାନ କର୍ମଚାରୀ—
দোসাদ; **दुसाद्** 1. Head of the Police; Police Superintendent.

ଧନ ରତ୍ନ ଭୃଙ୍ଗାର୍ଡ଼ା ଦୋସାଧୁ ହସ୍ତେ ଦେବା
ହୁଡ଼ୁଭୂ ବଜାଇ ନଗ୍ର ଯାକ ବୁଲାଇବା। ବଣ୍ଡନାଥ. ବଡଜଗନ୍ନାଥ।

୨। ଦ୍ୱାରୀ; ଦ୍ୱାରପାଳ—2. Porter; door-keeper.

ଦୋସାଲା—ବୈଦେ. ବିଣ (ଫା; ଭୁଲ-ଏକସାଲା, ତିଶାଲା, ଦଶସାଲା)—
Dosālā ୧। ଦୁଇ ବର୍ଷ ପାଇଁ ନିର୍ଦ୍ଦିଷ୍ଟ—1. Limited for two years.
দোসালা; **दु साला**
(ଯଥା—ଦୋସାଲା ପଟା)
୨। ଦୁଇ ବର୍ଷବୟସ୍କ—2. Aged two years.
୩। ଦୁଇ ବର୍ଷ ଅନ୍ତରେ ଘଟୁଥିବା—3. Happening at intervals of two years.
(ଯଥା—ଦୋସାଲା ବନ୍ଦୋବସ୍ତ)
୪। ଦୁଇ ଥର ପାଗ ହୋଇଥିବା (ଉଖୁଡ଼ା)—
4. Twice seasoned with sugar (fried corn).
ବୈଦେ. ବି—ଦୋଶାଲ (ଦେଖ)—Dośāla (See)

ଦୋସାଲା ବନ୍ଦୋବସ୍ତ—ଦେ. ବି—ଯେଉଁ ବନ୍ଦୋବସ୍ତରେ ଧାର୍ଯ୍ୟହେବା
Dosālā bandobasta ଜମା ଦୁଇ ବର୍ଷ ପାଇଁ ବଳବତ୍ ରହେ—
দুসালা বন্দোবস্ত; Biennial settlement of rent.
बन्दोबस्त दु साला

ଦୋସାଲିଆ—ବୈଦେ. ବିଣ (ଫା)—ଦୋସାଲା (ଦେଖ)
Dosāliā Dosālā (See)
[ଯଥା—ଦୋସାଲିଆ ବାଛୁରୀ]

ଦୋସିଆଁ—ଦେ. ବିଣ—(ସଂ.ଦ୍ୱି+ସ୍ୟୂତ)—ଏକାଠି ସିଲାଇ ହୋଇଥିବା
Dosiāṅ (ଦୁଇ ଖଣ୍ଡ ବସ୍ତ୍ର)—(Two pieces of cloth) Sewn together.

ଦୋସୂତି—ଦେ. ବିଣ. (ସଂ. ଦ୍ୱି ଓ ସୂତ୍ର)—ଡବଲ ସୂତାରେ ବୁଣା
Dosūti ହୋଇଥିବା; ମୋଟା (ଲୁଗା)—Woven with
দুসুতী double thread; thick-woven (cloth).
दुसुती, दोतही ବି—ଡବଲ ବୁଣା ଚାଦର; ଯେଉଁ ଚାଦରରେ ଟାଣି ଓ ଭରଣିରେ ଦ୍ୱିଗୁଣିତ ସୂତା ଲାଗିଥାଏ—
A double-woven cloth.

ଦୋସୋଡ଼ା—ଦେ. ବି—୧। ଉତ୍ତରୀୟ; ପାଛୁଡ଼ା—1. A scarf or
Dosarḍā sheet for covering the upper part of the body.
দুপাটা
दुपाटा ୨। ଦୋପଟା ଚାଦର—2. A sheet consisting of two breadths sewn together.

ବଡଟି ଖଣ୍ଡିଏ ଦୋସୋଡ଼ା—ଗୋପକୃଷ୍ଣ. ଜଗମୋହନ।

ଦୋସ୍ତ୍—ବୈଦେ. ବି. (ଫା. ଦୋସ୍ତ୍)—୧ । ମିତ୍ର; ବନ୍ଧୁ—
Dost 1. Friend.
दोस्त ତୁମ୍ଭେ ଦୋସ୍ତ ଓ ସେବକ ମନୁଷ୍ୟ ବୋଲି ବେବସ୍ଥା କାମ ଦେଇ—
दोस्त ଫକୀରମୋହନ. ଛମାଣ ଅଠଗୁଣ୍ଠ ।
୨ । ସୁହୃଦ୍; ଅନ୍ତରଙ୍ଗ ବନ୍ଧୁ—2. Bosom friend.
୩ । ସାଙ୍ଗସୁଖ—3. Companion.

ଦୋସ୍ତ୍ଦାର୍—ବୈଦେ. (ଫା.)—ସାଙ୍ଗସୁଖ—
Dost-dār Companion.
दोस्तदार ପୁଣି ଦୋସ୍ତଦାରମାନେ ଅସି ବଢ଼ି ରହୁଅଛନ୍ତି—
दोस्तदार ଫକୀରମୋହନ. ଛମାଣ ଅଠଗୁଣ୍ଠ ।

ଦୋସ୍ତ୍ଦାରି—ବୈଦେ. ବି. (ଫା)—ବନ୍ଧୁତା—
Dost-dāri Friendship.
दोस्तदारी दोस्तदारी

ଦୋସ୍ତ୍ ମହମ୍ମ(ମ୍ମ)ଦ୍—ବୈଦେ. ବି. (ନାମ)—କାବୁଲର ଜଣେ ଅମୀର—
Dost mahama(mma)d Name of an Amir of Kabul.
[ଦ୍ର—ଲର୍ଡ୍ ଅକ୍‌ଲାଣ୍ଡ୍ ଭାରତବର୍ଷର ଗଭର୍ଣ୍ଣର ଜେନେରଲ୍ ଥିବା ସମୟରେ (ଖ୍ରୀ. ୧୮୩୬-୧୮୪୨) ରୁଷିଆ କାବୁଲ ବାଟେ ଭାରତକୁ ଆକ୍ରମଣ କରିବାର ଆଶଙ୍କା ବଳବତୀ ହେବାରୁ ଲର୍ଡ୍ ଅକ୍‌ଲାଣ୍ଡ୍ ଦୋସ୍ତ୍ ମହମ୍ମଦଙ୍କ ସଙ୍ଗେ ମିତ୍ରତା ବନ୍ଧନ କରିବାକୁ ପ୍ରସ୍ତାବ କଲେ । କିନ୍ତୁ ଦୋସ୍ତ୍ ମହମ୍ମଦ୍ ଉତ୍ତର କଲେ ଯେ ଶିଖମାନଙ୍କଠାରୁ ପେଶାବର ଜିଲ୍ଲା ଛଡ଼ାଇ ଆଣି ତାଙ୍କୁ ଦେଲେ ସେ ଭାରତ ସରକାରଙ୍କ ମିତ୍ର ହେବେ । ଏଥିରେ ଲର୍ଡ୍ ଅକ୍‌ଲାଣ୍ଡ୍ ଅସମ୍ମତ ହୋଇ ଦୋସ୍ତ୍ ମହମ୍ମଦଙ୍କ ଭାଇ ସାହା ସୁଜାଙ୍କୁ କାବୁଲର ଅମୀର କରିବାକୁ ବସିଲେ, କିନ୍ତୁ ଦୋସ୍ତ୍ ମହମ୍ମଦ୍ ସାହା ସୁଜାଙ୍କୁ ପରାସ୍ତ କରି ନିଜେ ଅମୀର ହେଲେ । ପରେ ଲର୍ଡ୍ ଅକ୍‌ଲାଣ୍ଡ୍ ଭାରତରୁ ସେନା ପଠାଇ ଦୋସ୍ତ୍ ମହମ୍ମଦଙ୍କୁ ପରାସ୍ତ କରି ସାହା ସୁଜାଙ୍କୁ କାବୁଲରେ ଅମୀର କଲେ ଓ ଦୋସ୍ତ୍ ମହମଦଙ୍କୁ ବନ୍ଦୀ କରି ଆଣି କଲିକତାରେ ରଖିଲେ । ଏହା ପ୍ରଥମ ଅଫଗାନ ଯୁଦ୍ଧ (୧୮୩୮ ।) ପରେ ସାହା ସୁଜା ଇଂରାଜମାନଙ୍କର ବିରୁଦ୍ଧାଚରଣ କରିବାରୁ ପରବର୍ତ୍ତୀ ଗଭର୍ଣ୍ଣର ଜେନରଲ ଲର୍ଡ୍ ଏଲେନ୍‌ବରା କାବୁଲ ଅଧିକାର କରି ଦୋସ୍ତ୍ ମହମ୍ମଦଙ୍କୁ ପୁଣି କାବୁଲର ଅମୀର କଲେ ।]

ଦୋସ୍ତି—ବୈଦେ. ବି. (ଫା)—୧ । ବନ୍ଧୁତା—
Dosti 1. Friendship.
दोस्ती ୨ । ପ୍ରଣୟ—2. Love.
दोस्ती ୩ । ଘନିଷ୍ଠତା—3. Attachment.
(ଦୋସ୍ତାନା—ଅନ୍ୟରୂପ) ୪ । ପାପଦାୟୀ; ଅବୈଧ ପ୍ରଣୟ—
4 Illicit; love.

ଦୋହ—ସଂ. ବି. (ଦୁହ ଧାତୁ + ଭାବ. ଅ)—୧ । ଦୋହିବା—
Doha 1. Milking.
୨ । (+ ଅଧିକରଣ. ଅ) ଦୋହନ ପାତ୍ର—
2. Milking pot.
୩ । ସନ୍ତୋଷ—3. Contentment.
୪ । (+ କର୍ମ. ଅ) ଦୁଗ୍ଧ—4. Milk.

ଦୋହକ—ସଂ. ବିଣ. ପୁଂ. (ଦୁହ୍ ଧାତୁ + କର୍ତ୍ତୃ. ଅକ)—ଦୋହନକାରୀ;
Dohaka ଯେ ଦୁହେଁ—Milking.
(ଦୋହିକା—ସ୍ତ୍ରୀ)

ଦୋହଜ—ସଂ. ବି. (ଦୋହ + ଜନ୍ ଧାତୁ + କର୍ତ୍ତୃ. ଅ)—ଦୁଗ୍ଧ—
Dohaja Milk.
ସଂ. ବିଣ—ଦୋହନଜାତ—Got by milking.

ଦୋହ(ହୋ)ଡ଼—ଦେ. କ୍ରି—୧ । ଦ୍ୱିତୀୟ ଥର ହଳ କରିବା; ଦୋଅଡ଼—
Doha(ho)rda 1. Tilling for the second time.
୨ । ଦୋରୁଅ (ଦେଖ)—Dorua (See)
ବିଣ—ଦୋଅଡ଼; ଦୁଇ ଥର ଚାଷ କରାଯାଇଥିବା (ଜମି)—
(a plot of land) Tilled twice.

ଦୋହ(ହୋ)ଡ଼ବେଇ—ଦେ. ବିଣ. ପୁଂ—ଦୋବେଇ (ଦେଖ)
Doha(ho)rdabei Dobei (See)

ଦୋହ(ହୋ)ଡ଼ା (ଇତ୍ୟାଦ)—ଦୋଅଡ଼ା ଇତ୍ୟାଦ (ଦେଖ)
Doha(ho)rdā (etc) Do-ordā etc (See)

ଦୋହଣି—ଦେ. ବି—ଦୋହୁଣି (ଦେଖ)
Dohani Dohuni (See)

ଦୋହଦ—ସଂ. ବି. (ଦୋହ = ସନ୍ତୋଷ + ଦା ଧାତୁ + କର୍ତ୍ତୃ. ଅ)—
Dohada ୧ । ସ୍ପୃହା; ଇଚ୍ଛା—1. Desire; wish.
୨ । ଲାଳସା—2. Violent desire; hankering.
୩ । ଗର୍ଭିଣୀର ବସ୍ତୁବିଶେଷ ପ୍ରତି ଭୋଜନ ଲାଳସା—
3. The longing of a pregnant woman.
୪ । ଚିହ୍ନ—4. Sign.
୫ । ଔଷଧ—5. Medicine.
୬ । (ଦ୍ୱି + ହୃଦୟ = ଦ୍ୱିହୃଦୟ) ଗର୍ଭଲକ୍ଷଣ—
6. Signs of pregnancy.
୭ । ଗର୍ଭାବସ୍ଥା । -7. Pregnancy; pregnant state.
୮ । ଗର୍ଭ—8. Womb.
୯ । ବୃକ୍ଷାଦିର ପୋଷକ ଔଷଧ ବା ପ୍ରୟୋଗ—
9. Applications for nourishing trees.

ଦୋହଦ ଦାନ—ସଂ. ବି.—(୬ଷ୍ଠୀ ତତ୍; ଦୋହଦ + ଦାନ)—
Dohada dāna ଗର୍ଭିଣୀକୁ ସ୍ପୃହଣୀୟ ବସ୍ତୁ ଖାଇବାକୁ ଦେବା; ସାଧ ଖୁଆଇବା—Offering of desired things to a longing pregnant woman.

ଦୋହଦବତୀ—ସଂ. ବି. ସ୍ତ୍ରୀ. (ଦୋହଦ + ବତ୍ + ସ୍ତ୍ରୀ. ଈ)—ଖାଦ୍ୟ-
Dohada bati ବିଶେଷ ପ୍ରତି ସ୍ପୃହାବତୀ ଗର୍ଭିଣୀ—A longing pregnant woman.

ଦୋହଦ ଲକ୍ଷଣ—ସଂ. ବି. (୬ଷ୍ଠୀ ତତ୍; ଦୋହଦ + ଲକ୍ଷଣ)—୧ । ଗର୍ଭ-
Dohada lakshana ଲକ୍ଷଣ—1. Signs of pregnancy.
୨ । ଭ୍ରୂଣ; ଗର୍ଭସ୍ଥ ଶିଶୁ—2 Foetus.
୩ । ବୟଃସନ୍ଧି (ପ୍ରକୃତିବାଦ)—3. Transition from childhood to youth; the prime of life.

ଦୋହଦାନ୍ୱିତା—ସଂ. ବିଣ. ସ୍ତ୍ରୀ (୩ୟା ତତ୍; ଦୋହଦ + ଅନ୍ୱିତ + ସ୍ତ୍ରୀ.
Dohadānwitā ଆ)—ଗର୍ଭବତୀ—Pregnant.

ଦୋହଦିନୀ—ସ. ବି. ସ୍ତ୍ରୀ (ଦୋହଦ=ଗର୍ଭିଣୀର ଇଚ୍ଛା+ଇନ୍+ଈ)—
Dohadini ଦୋହଦବତୀ (ଦେଖ)—Dohadabati (See)

ଦୋହଦୀ—ସ. ବିଣ. ପୁଂ (ଦୋହଦ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Dohadi କାମୀ (ପ୍ରକୃତିବାଦ)—Lustful; amorous.

ଦୋହନ—ସ. ବି. (ଦୁହ୍ ଧାତୁ+ଭାବ. ଅନ)—୧ । ଦୁହିଁବା; ଦୁଗ୍ଧାକର୍ଷଣ—1. Act of milking
Dohana

୨ । ଦୁହିଁ ହେଲେ ଦୁଧ ଦେଉଥିବା—2. Yielding milk.
କାମୀ କାମ ଦୋହନ, କରନ୍ତୁ ଗୋ ଦୋହନ; କଲଶେ ଭରି ପୁଣି ପୁଣି ।
ରାଜକୃଷ୍ଣ- ରସକଲ୍ଲୋଳ ।

୩ । ସଂଗ୍ରହ କରିବା—3. Collecting; compiling.

୪ । (+ଅଧି. ଅନ) ଦୋହନ ପାତ୍ର—4. A pail or pot into which milk is milked.

ଦୋହନୀ—ସ. ବି.—(ଦୋହନ+ସ୍ତ୍ରୀ. ଈ)—୧ । ଦୋହନ ପାତ୍ର—
Dohani 1. Milking pot.

୨ । ଦୋହନ କର୍ମ (ହି. ଶବ୍ଦସାଗର)—
2. The act of milking.

ଦୋହର—ଦେ. ବିଣ.—ଦୋଅଡ଼ା ୨ (ଦେଖ)
Dohara Do-arda (See)
ଡବଲ ମୋଟା ଦଶିଆ ଲୁଗାର ଦୋହର କନ୍ଥଣ,
ଦୋହର ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ଦୋ ହରପୀ—ଦେ. ବିଣ. (ସ. ଦ୍ୱି+ହର୍ଫ)—୧ । ଦୁଇ ପ୍ରକାର
Doharapi ହସ୍ତାକ୍ଷରରେ ଲେଖା ହୋଇଥିବା (ଲେଖା)
ଦୁ ଅକ୍ଷରୀ 1. (a writing) Written in two kinds of; handwriting.
ଦୁ ହରଫୀ

୨ । ଦୁଇ ପ୍ରକାର ହସ୍ତାକ୍ଷର ଲେଖି ଜାଣି ଥିବା (ବ୍ୟକ୍ତି)—
2. (a person) Knowing to write two kinds of handwriting.

ଦୋହର ମୁଣ୍ଡା—ଦେ. ବି.—ଦୋଅଡ଼ା ମୁଣ୍ଡା (ଦେଖ)
Dohara munda Do-orda munda (See)

ଦୋହରା (ଇତ୍ୟାଦି)—ଦୋହୋରା ଇତ୍ୟାଦି (ଦେଖ)
Dohara (etc) Dohora etc (See)

ଦୋହରି (ଇତ୍ୟାଦି)—ଦୋହୋରି ଇତ୍ୟାଦି (ଦେଖ)
Dohari etc Dohori etc (See)

ଦୋହଳ—ସ. ବି. (ଦୋହ=ସନ୍ତୋଷ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ)—ଇଚ୍ଛା; ଅଭିଳାଷ—Desire.
Dohala

ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) ବି. (ସ. ଦେହଳ)—ବାରଣ୍ଡା; ଅଗଣା—Varanda; portico.

ଦୋହଳ(ଳ)—ଦେ. ବି. (ସ. ଦୁଲ ଧାତୁ)—୧ । କମ୍ପନ—
Dohala(la) 1. Oscillation.
ଝୂଲନ ୨ । ମନର ଅସ୍ଥିରତା ଅବସ୍ଥା—
ତୁଳନା ଡୋଲନା 2. Vasillating.
[ଦୋହୋଲ(ଳ)—ଅନ୍ୟରୂପ] ୩ । ଟଣା ଓଟରା—
3. Dragging to and fro.

୪ । ଆନ୍ଦୋଳନ—4. Agitation.

୫ । ବାଦ ବିବାଦ—
5. Mutual recrimination; wordy fight.

ଦୋ ହଲପୀ—ଦେ. ବିଣ. (ସ. ଦ୍ୱି+ଅ. ହଲଫ)—ଯେ ଥରେ ହଲପ
Do halapi କରି କହିଥିବା କଥାକୁ ଦ୍ୱିତୀୟ ଥର ହଲପ କରି
ଦୋ ହଲପୀ ଜବାନବନ୍ଦୀ ଦେଲା ବେଳେ ଅନ୍ୟ ପ୍ରକାର କରି
ଦୁ ହଲପୀ କହେ—Speaking two different versions on oath; making contradictory statements on oath.

ଦୋହଳବତୀ—ସ. ବିଣ. ସ୍ତ୍ରୀ—ଦୋହଦବତୀ (ହି. ଶ.) (ଦେଖ)
Dohalabati Dohadabati (See)

ଦୋହଲା—ଦେ. ବି.—(ସ. ଦୁଲ ଧାତୁ)—୧ । ଦୋହଲିବା; ଇତସ୍ତତଃ
Dohala ଚଳନ—1. Oscillation.
(ଦୋହୋଲା—ଅନ୍ୟରୂପ) ୨ । ଦୋହଲାଇବା—2. Rocking.
ଦୋଲା ତୁଳନା ଦୋଲାନ ଡୋଲାନା

ଦୋହଲା(ଲେ)ଇବା—ଦେ. କି. (ସ. ଦୁଲ୍ ଧାତୁ ଣିଜନ୍ତ)—
Dohala(le)iba ୧ । ଦୋହଲିବା କ୍ରିୟାର ଣିଜନ୍ତ ରୂପ—
[ଦୋହୋଲା (ଲେ)ଇବା—ଅନ୍ୟରୂପ]
1. The causative form of Dohaliba.
ଦୋଲାନ ୨ । ଝୁଲାଇବା—2. To rock up.
ଡୋଲାନା ୩ । ଢିଲାଇବା—3. To slacken; to loosen.
ବୃକ୍ଷୀ ଭସ୍ମ ପାଇଣ ପଦ୍ମନାଭ ଧରି
ଦୋହଲାନ୍ତେ ଉଠିଲେ ସେ ଯେଉଁ ମୁଖରୁ—କୃଷ୍ଣସିଂହ. ମହାଭାରତ. ବନ ।

୪ । ଇତସ୍ତତଃ ସଞ୍ଚାଳିତ କରିବା—
4. To wave; to move to and fro.
ଯେବେ ସେ ମୁଣ୍ଡ ମଣ୍ଡଳକୁ ଦୋହଲାଇ—କୃଷ୍ଣସିଂହ. ମହାଭାରତ ସଭା ।

ଦୋହଲି ଦୋହଲି—ଦେ. କ୍ରି—୧ । ବହୁବାର ଦୋହଲିବା—
Dohala dohali 1. Repeated oscillation.
(ଦୋହୋଲି ଦୋହୋଲି—ଅନ୍ୟରୂପ) ୨ । ବହୁବାର ଦୋହଲାଇବା—
2. Rocking a thing repeatedly.

ଦୋହଲିବା—ଦେ. କି (ସ. ଦୁଲ୍ ଧାତୁ)—୧ । ହଲିବା—
Dohaliba 1. To oscillate.
(ଦୋହୋଲିବା—ଅନ୍ୟରୂପ) ୨ । ଝୁଲିବା—2. To swing.
ଦୋଲା ୩ । ଇତସ୍ତତଃ ଚାଳିତ ହେବା—
ଡୋଲନା 3. To move to and fro.
କେଉଁ କାଳେ ପଥା ଦୋହଲି ଦୋହଲି—ରାଧାନାଥ. ଦରବାର ।

ଦୋହଳୀ—ସ. ବି. ସ୍ତ୍ରୀ (ଦୋହଳ+ସ୍ତ୍ରୀ. ଈ)—ଅଶୋକ ଗଛ—
Dohali Janesia Asoca (tree).
(ଦୋହଲୀ—ଅନ୍ୟରୂପ)

ଦୋହା—ବୈଦେ. ବି (ସ. ଦ୍ୱି)—୧ । ଦୁହା; ହିନ୍ଦୀଭାଷାର ପଦ୍ୟବିଶେଷ—1. Hindustanee doggerel.
Doha
ଦୋହା ୨ । ହିନ୍ଦୀ ମାତ୍ରାଛନ୍ଦୋବିଶେଷ—
ଦୋହା 2. A sort of Hindi metre.

[ଦ୍ର—ଏଥିରେ ଚାରି ଚରଣ ଥାଏ । ଏହାର ପ୍ରଥମ ଦ୍ୱିତୀୟ ଚରଣ ଏକ ଧାଡ଼ିରେ ଓ ତୃତୀୟ ଚତୁର୍ଥ ଚରଣ ଏକ ଧାଡ଼ିରେ ଲେଖାଯାଏ । ଏହାର ପ୍ରଥମ ଓ ତୃତୀୟ ଚରଣରେ ୧୩ ଲେଖାଏଁ

ମାତ୍ରା ଏବଂ ଦ୍ୱିତୀୟ ଓ ଚତୁର୍ଥ ଚରଣରେ ୧୧ ଲେଖାଏଁ ମାତ୍ରା ଥାଏ । ଦ୍ୱିତୀୟ ଓ ଚତୁର୍ଥ ଚରଣର ଶେଷ ଅକ୍ଷର ମିତ୍ରାକ୍ଷର ହୁଏ ।]

ଦୋହାଇ—ଦେ. ବି (ଦ୍ୱି+ଆହ୍ୱାନ)—୧ । ଶପଥ; ରାଣ—
Dohāi 1. Oath.
দোহাই ୨ । ରାଜ୍ୟର କୌଣସି ଦେବତା ବା ରାଜାଙ୍କ ନାମ ଧରି
दोहाई ସ୍ୱତ୍ୱ ର ପ୍ରାର୍ଥନା କରିବା—2. A call for justice in the name of a king or Deity; repeatedly invoking the name of God or king for justice.

ଦେଉଥିଲୁ ମୁହିଁ ଦୋହାଇ ତାଙ୍କ ଚନ୍ଦ୍ର ନାମେ—ମଧୁସୂଦନ. କବିତା ।

ଦୋହାପନୟ—ସଂ. ବି (ଦୋହ+ଅପ+ନୀ ଧାତୁ+କର୍ମ. ଅ)—
Dohāpanaya ଦୁଗ୍ଧ (ହ୍ର. ଶ.)—Milk.

ଦୋହି—ଦେ. ବି—ଦୋହାଇ (ଦେଖ)
Dohi Dohāi (See).

ଇନ୍ଦ୍ରଦ୍ୟୁମ୍ନ ଗରେ ହାଜେ ଇଆ ଧରି ଡାକଇ କୌତୁକୀ ହୋଇ
କମଠକୁ ଯାଅ, ନ ଅଇଲେ ତତେଁ ଦେବ ଗଙ୍ଗେଶ୍ୱର ଦୋହି ।
ରାଧାନାଥ. ପାର୍ବତୀ ।

ଦୋହିଁବା—ଦେ. କ୍ରି—ଦୁହିଁବା (ଦେଖ)
Dohiñbā Duhiñbā (See).

ଦୋହିତା—ଗ୍ରା. ବି. ସ୍ତ୍ରୀ (ସଂ. ଦୁହିତା)—ଦୁହିତା (ଦେଖ)
Dohitā Duhitā (See).

ଦୋହିତୀ—ଗ୍ରା (ପଦ୍ୟ) ବି. ସ୍ତ୍ରୀ (ସଂ. ଦୁହିତା)—ଦୁହିତା (ଦେଖ)
Dohiti Duhitā (See).

ଭୁଜଙ୍ଗ ପକ୍ଷୀ ପରି ଦ୍ରୁପଦ ଦୋହିତୀ
ଟାଣିଲେ ଛଳେ ତକା ଚନ୍ଦ୍ରାଧର ମତ—କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଦୋହିତ୍ର(ତ୍ରୀ)—ଦେ. ବିଣ (ସଂ. ଦୌହିତ୍ରିକ)—ଦୌହିତ୍ରିକ—
Dohitra(tri) Inherited by a daughter's son.
দোহিত্র दोहित

ଦୋହି ରାଣୀ—ଦେ. ବି—ଦୋଇ ରାଣୀ (ଦେଖ)
Dohi rāṇi Doi rāṇi (See).
[ଦ୍ର—ପରେ ବିବାହିତା ଯେଉଁ ରାଣୀଙ୍କୁ ରାଜା ଖୁବ୍ ଭଲପାଉଥିଲେ ଓ ପୁଣ ଦୋହିଲ୍ଲୁ ତାଙ୍କ ନାମ ଦୋହି ରାଣୀ ।]

ଦୋହୁଣୀ—ଦେ. ବି (ସଂ. ଦୋହନ)—ଛନ; ଦୁଷ୍ଟ ନାଚୋଇ ଗାଈକୁ
Dohuṇi ଦୁହିଁବାବେଳେ ତା ପଛ ଗୋଡ଼କୁ ଯେଉଁ ଦଉଡ଼ିରେ ଛନନ୍ତି
A cord to the hind legs of a vicious cow while she is being milked.

ଦୋହେଁ—ଦେ. ସର୍ବ—ଦୁହେଁ (ଦେଖ)
Doheñ Duheñ (See).

କାକ ପିକ ଦୋହେଁ ବିନା ବୁଝନ୍ତି ଭେଦ—ଉପେନ୍ଦ୍ର. ଲାବଣ୍ୟବତୀ ।

ଦୋହୋଡ଼ (ଇତ୍ୟାଦି)—ଦୋହଡ଼ ଇତ୍ୟାଦି (ଦେଖ)
Dohorda (etc) Duharda etc (See).

ଦୋହୋଡ଼ା—ପ୍ରାଦେ (ଯାଜପୁର) ବି—ଦୋଓଡ଼ା । (ଦେଖ)
Dohordā Do-ordā (See).

ଦୋହୋରା—ଦେ. ବି—୧ । ଏକପ୍ରକାର ଆନଦ୍ଧ ବାଦ୍ୟ—
Dohorā 1. A kind of drum.
୨ । (ସଂ. ଦାବ; ଦବ) ଅଗ୍ନି—2. Fire.

ଦୋହୋରା ମହଲ୍ଲ ଅନଳ ଅଣାଇଁ କଲେକ ଛାପନ ।
କଣ୍ଟାଥ. ଚଡ଼ନ୍ଦ୍ରସମ୍ଭାସଣ ।

୩ । ଯେଉଁ ଜମିରେ ଗ୍ରାମର ଧୁଆଧୋଇ ପାଣି ପଶେ; ଧୋଓରା—
3. A land where the rain water from a village accummulates.

ଗାଁଅର ଦୋହୋରା ପୋଖରୀ ଭଳ ।
ଗ୍ରାମ୍ୟ ଢେଉଥବ ଅଗତ ଭଲ—କୃଷିବଚନ ।

[ଦ୍ର—ଏ ଜମି ଖୁବ ଉର୍ବରା ହୁଏ ।]
୪ । ଜଳସ୍ରୋତରେ ଯେଉଁ ମାଟିମିଶା ସଢ଼ା, ପତ୍ର, ପଙ୍କଆଦି ଭାସିଯାଏ ଓ ଅନ୍ୟତ୍ର ଜମା ହୁଏ—4. The refuse matters that are carried away by rain water and deposited elsewhere.
୪ । (ସଂ. ଦ୍ୱି) ଦ୍ୱିତୀୟବାର—4. Second time.
୫ । ଦୋଓଡ଼ା (ଦେଖ) —Do-ordā (See)
ବିଣ (ସଂ. ଦ୍ୱି)—୧ । ଦ୍ୱିତୀୟ—
1. Second.
দোহারা ୨ । ଅତିରିକ୍ତ—2. Additional.
दोहरा (ଯଥା—ଦୋହୋରା ଘର)
୩ । ଦୁଇ ଥର କରାଯିବା—3 Done twice.
୪ । ଦ୍ୱିଗୁଣିତ—4. Double.
୫ । ଦ୍ୱିତୀୟ ଥର କରାଯିବା—
5. Done for the second time.
୬ । ସ୍ଥୂଳକାୟ—6. Fat; corpulent.
୭ । ଦୁଇ ଭାଙ୍ଗ କରାଯାଇ ଥିବା—7. Folded double.
ଅ—ଆଉଥରେ; ପୁନର୍ବାର—Once over again.

ବହୁତ ଥକଃ ଅଛା ପଢ଼ନ୍ତୁ ଦୋହୋରା । ଗ୍ରାଗୀ. ବ୍ରହ୍ମକରୁପଣ ଗୀତା ।

দাঘরা ବୈଦେ. ବି—ଦୌରା (ଦେଖ)
दौरा Daurā (See)

ଦୋହୋରା(ରେ)ଇବା—ଦେ. କ୍ରି—ଦୋଓଡ଼ାଇବା (ଦେଖ)
Dohorā(re)ibā Do-ordaibā (See)

ଦୋହୋରା ଘର—ଦେ. ବି—ଦୋଘର (ଦେଖ)—
Dohorā ghara Dogharā (See)

ଦୋହୋରା ସମ୍ପ୍ରୋଦ—ବୈଦେ. ବି. (ଅ. ଦୌରସୁପର୍ଦ)—
Dohorā samproda ଦଉରା ସୁପର୍ଦ (ଦେଖ)
দায়ারা সুপর্দ Daurā supardda (See)
दौरा सुपुर्द ମେଜେଷ୍ଟର ସାହେବ ଦୋହୋରା ସମ୍ପ୍ରୋଦ କରିଥଲେ—
ଦୋହୋରା ସୁପର୍ଦ, ଦୋହୋରା ସମ୍ପର୍ଦ, ଦୋହୋରା ସମ୍ପ୍ର(ମ୍ପ୍ରୋ)ଦ } ଅନ୍ୟରୂପ
ଫକୀରମୋହନ; ଛମାଣ ଅଠଗୁଣ୍ଠ ।

ଦୋହୋରି—ଦେ. ବିଣ. (ସଂ. ଦ୍ୱିବାର)—ଦ୍ୱିଗୁଣିତ—
Dohori Doubled; twofold.
दुचान्द, दोहरि ଅ—୧ । ଦୁଇ ଥର—1. Twice.
୨ । ଆଉଥରେ—2. Once over again.
୩ । ଦ୍ୱିତୀୟ ଥର—3. Second time.

ଦୋହୋରି ନଳିଆ—ଦେ. ବିଣ—ଦୁଇଟି ନଳଥିବା (ବନ୍ଧୁକ)—
Dohori naliā A double-barelled (gun).
দুনলা दुनाला

ଦୋହୋରି ପଇସା—ଦେ. ବ—ଦୋପଇସି (ଦେଖ)
Dohori paisā Dopaisi (See)

ଖାଇ ମନ୍ଦିନା ଫେର୍ ଫାର୍, ଦୋହରି ପଇସା ଅଣ୍ଟାରେ ମାର—ଡଗ ।

ଦୋହୋଲବେଇ—ଦେ. ବି. ଓ ବଣ—ଦୋବେଇ (ଦେଖ)
Doholabei Dobei (See)

ଦୋହୋଲା (ଇତ୍ୟାଦି) - ଦୋହଲା ଇତ୍ୟାଦି (ଦେଖ)
Dohola (etc) Dohalā etc (See)

ଦୋହ୍ୟ—ସଂ. ବଣ. (ଦୁହ୍ ଧାତୁ + କର୍ମ. ଯ)—୧ । ଦୋହନଯୋଗ୍ୟ
Dohya 1. Fit to be milked.
୨ । ଯେଉଁ ଜୀବଙ୍କଠାରୁ ଦୁଧ ଦୁହିଁ ଯାଏ (ଯଥା—ଗାଈ; ମଇଷି, ଛେଳି)—2. Milked; giving milk.
୩ । ଯେଉଁ ବ୍ୟକ୍ତିଠାରୁ ଧନ ଆଦି ଜବରଦସ୍ତି ଗ୍ରହଣ କରାଯାଏ—3. (a person) From whom money is extorted.
(ଦୋହ୍ୟା—ସ୍ତ୍ରୀ) ସଂ. ବ—୧ । ଦୁଗ୍ଧ (ହି. ଶବ୍ଦସାଗର)—
1. Milk.

ଦୌକୂଳ—ସଂ. ବଣ. (ଦୁକୂଳ + ସମ୍ବନ୍ଧାର୍ଥେ. ଅ)—ରେଶମୀ ବସ୍ତ୍ର ଦ୍ୱାରା ଆବୃତ (ରଥାଦି)—Covered with silk cloth.
Daukūla

ଦୌଖେବାର୍—ବୈଦେ. (ରୁଷ୍ ଭାଷା)—ରୁଷିଆର ଅଧିବାସୀ ଜାତି-ବିଶେଷ—The Daukhebars, a class of people of Russia.
Daukhebār

[ଦ୍ର—ଏମାନେ ଅଷ୍ଟାଦଶ ଶତାବ୍ଦୀରେ ଯୁଦ୍ଧ କରିବାକୁ ଅସ୍ୱୀକାର କରିବାରୁ ରୁଷିଆ ଗଭର୍ଣ୍ଣମେଣ୍ଟ ରାଜ୍ୟରୁ ସାତ ହଜାର ଲୋକଙ୍କୁ ତଡ଼ି ଦେଇଥିଲେ । ସେଠାରୁ ଯାଇ ଏମାନେ ଉତ୍ତର ଆମେରିକା କାନେଡ଼ା ରାଜ୍ୟର ନେଲ୍ସନ୍ ସହରର ୬୦ ମାଇଲ ପୂର୍ବରେ ଉପନିବେଶ ସ୍ଥାପନ କଲେ । ଏମାନଙ୍କ ବଂଶଧରମାନେ ସେଠାରେ ଅଛନ୍ତି । ଏମାନେ ଲଙ୍ଗଳା ରହନ୍ତି; ଆମିଷ ଭକ୍ଷଣ କରନ୍ତି ନାହିଁ ଓ ଲୋମବସ୍ତ୍ର ପିନ୍ଧନ୍ତି ନାହିଁ । ଏମାନେ ରୁଷିୟ ସଂସ୍କାରକ ଓ ଲେଖକ କାଉଣ୍ଟ୍ ଟଲ୍‌ଷ୍ଟୟ (Count Tolstoy) ଙ୍କ ମତାବଲମ୍ବୀ ଓ ଏକେଶ୍ୱରବାଦୀ; ଏମାନେ ଶାସନତନ୍ତ୍ରକୁ ମାନନ୍ତି ନାହିଁ ଓ ସରକାରଙ୍କୁ ଖଜଣା ଦିଅନ୍ତି ନାହିଁ । ଏମାନେ ଅଳ୍ପାହାରୀ ଓ ଭୂମିଶାୟୀ । ଏମାନେ ରୁଷ୍‌ଭାଷା ବ୍ୟବହାର କରନ୍ତି ।]

ଦୌଡ଼(ଇତ୍ୟାଦି)—ଦଉଡ଼ ଇତ୍ୟାଦି (ଦେଖ)
Daurda (etc) Daurda etc (See)

ଦୌଡ଼ା (ଇତ୍ୟାଦି)—ଦଉଡ଼ା ଇତ୍ୟାଦି (ଦେଖ)
Daurdā (etc) Daurdā etc (See)

ଦୌଡ଼ି (ଇତ୍ୟାଦି)—ଦଉଡ଼ି (ଇତ୍ୟାଦି) (ଦେଖ)
Daurdi (etc) Daurdi etc (See)

ଦୌତ୍ୟ—ସ. ବ (ଦୂତ+ଭାବେ. ଯ)—୧ । ଦୂତର କର୍ମ ବା ପଦବୀ —
Dautya 1 The service or post of an ambassador or messenger.
୨ । ମଧ୍ୟସ୍ଥତା—2.Umpireship; intermediation.

ଦୌବାରିକ—ସ. ବି. ପୁଂ (ଦ୍ୱାର+ନିଯୁକ୍ତାର୍ଥେ. ଇକ, ନିପାତନ) -
Daubārika ୧ । ଦ୍ୱାରୀ—1. A door keeper; porter.
(ଦୌବାରିକା—ସ୍ତ୍ରୀ) ୨ । ଦ୍ୱାରପାଳ—2. A guard at the gate.

ଦୌରା (ଇତ୍ୟାଦି)—ଦଉରା (ଇତ୍ୟାଦି) (ଦେଖ)
Daurā (etc) Daurā etc (See)

ଦୌରାତ୍ମ୍ୟ—ସ. ବ (ଦୁରାତ୍ମନ୍+ଭାବେ. ଯ)—୧ । ଅତ୍ୟାଚାର—
Daurātmya 1. Oppression.
୨ । ଉପଦ୍ରବ—2. Outrage.
୩ । ଜୁଲମ୍; ଅନ୍ୟାୟ ବଳପ୍ରୟୋଗ—
3. Violence; illegal use of force.
୪ । ନିଷ୍ଠୁରତା—4. Cruelty.

ଦୌରିତ—ସ. ବ (ଦୁରିତ+ଅ)—କ୍ଷତି; ହାନି (ହି. ଶବ୍ଦସାଗର)—
Daurita Injury; loss.

ଦୌର୍ଗ—ସ. ବଣ—୧ । (ଦୁର୍ଗ+ଅ) ଦୁର୍ଗ ସମ୍ବନ୍ଧୀୟ—
Daurga 1. Relating to a fort.
୨ । (ଦୁର୍ଗା+ଅ) ଦୁର୍ଗା ସମ୍ବନ୍ଧୀୟ—
2. Relating to Durgā.

ଦୌର୍ଗତ୍ୟ—ସ. ବ (ଦୁର୍ଗତି+ଭାବ. ଯ)—୧ । ଦାରିଦ୍ର୍ୟ—
Daurgatya 1. Poverty; wretchedness.
୨ । ଦୁରବସ୍ଥା—2. Misery.
୩ । ମଳିନତା—3. Dirtiness.

ଦୌର୍ଗନ୍ଧ୍ୟ—ସ. ବ (ଦୁର୍ଗନ୍ଧ+ଭାବ. ଯ)—ଦୁର୍ଗନ୍ଧ ଯୁକ୍ତତା—
Daurgandhya Foetidness.

ଦୌର୍ଜ୍ଜନ୍ୟ—ସ. ବ (ଦୁର୍ଜ୍ଜନ+ଭାବେ. ଯ)—୧ । ଦୁର୍ଜ୍ଜନତା; କ୍ରୂରତା—
Daurjjanya 1. Wickedness.
(ଦୌର୍ଜନ୍ୟ—ଅନ୍ୟରୂପ) ୨ । ଦୁର୍ବ୍ୟବହାର—
2. Vile treatment.

ଦୌର୍ବ୍ବଲ୍ୟ—ସ. ବ (ଦୁର୍ବଳ+ଭାବେ. ଯ)—୧ । ଦୁର୍ବଳତା—
Daurbbalya 1. Weakness.
(ଦୌର୍ବଲ୍ୟ—ଅନ୍ୟରୂପ) ୨ । କ୍ଷୀଣତା—2. Slenderness; emaciation.
(ଯଥା—ଧାତୁ ଦୌର୍ବ୍ବଲ୍ୟ ।)

ଦୌର୍ଭାଗିନେୟ—ସ. ବି. ପୁଂ (ଦୁର୍ଭଗା+ଅପତ୍ୟାର୍ଥେ ଏୟ; ନିପାତନ)—
Daurbhāgineya ଭାଗ୍ୟହୀନା ବା ସ୍ୱାମିପରିତ୍ୟକ୍ତା ସ୍ତ୍ରୀର ସନ୍ତାନ—
(ଦୌର୍ଭାଗିନେୟୀ—ସ୍ତ୍ରୀ) The son of an unfortunate
(ସୌଭାଗିନେୟ—ବିପରୀତ) or deserted woman.

ଦୌର୍ଭାଗ୍ୟ—ସ. ବ (ଦୁର୍ଭାଗା+ଭାବେ. ଯ)—ଦୁର୍ଭାଗ୍ୟ; ମନ୍ଦଭାଗ୍ୟ —
Daurbhāgya Misfortune; bad luck.

ଦୌର୍ମନସ୍ୟ—ସ. ବ. (ଦୁର୍ମନସ୍+ଭାବେ. ଯ)—
Daurmanasya ୧ । ଉଦ୍‌ବେଗ—1. Anxiety;
(ସୌମନସ୍ୟ—ବିପରୀତ) ୨ । ଦୁଶ୍ଚିନ୍ତା; ଦୁର୍ଭାବନା —2. Evil thought.
୩ । ଦୁଃଖ ଜନିତ ଚିତ୍ତର ଅବସାଦ—
3. Dejected spirit.

୪ । ଦୁଃଖ—4. Grief.

ଦୌର୍ଯ୍ୟ—ସ. ବ. (ଦୂର+ଭାବ. ଯ)—
Daurjya ଦୂରତ୍ୱ (ହ. ଶବ୍ଦସାଗର)—Distance.

ଦୌର୍ଯ୍ୟୋଧନି—ସ. ତ. (ଦୁର୍ଯ୍ୟୋଧନ+ଗୋତ୍ରସଂଭୂତାର୍ଥେ. ଇ)—
Daurjyodhani ଦୁର୍ଯ୍ୟୋଧନଙ୍କ ଗୋତ୍ରରେ ଉତ୍ପନ୍ନ ବ୍ୟକ୍ତି—
A person born in the family of Durjyodhana.

ଦୌର୍ହାର୍ଦ—ସଂ. ବ. (ଦୁର୍ହୃଦ+ଭାବ. ଅ)—
Daurharda ୧ । ବୈର—1. Enmity.
(ଦୌର୍ହୃଦ୍ୟ—ଅନ୍ୟରୂପ) ୨ । ଦୁଷ୍ଟ ସ୍ୱଭାବ—
2. Wicked disposition.

ଦୌର୍ହୃଦ—ସଂ. ବ. (ଦ୍ୱି+ହୃଦ୍=ଅନ୍ତଃକରଣ+ଅ; ନିପାତନ)—
Daurhruda ଦୋହଦ; ଗର୍ଭିଣୀର ବିଶିଷ୍ଟ ବସ୍ତୁରେ ସ୍ପୃହା—
(ଦୌହୃଦ—ଅନ୍ୟରୂପ) 1. The longing of a pregnant woman.
୨ । ଗର୍ଭଧାରଣ—2. Pregnancy (Apte).
୩ । ଗର୍ଭ—3. Womb (Apte).
୪ । ଭ୍ରୂଣ—4. Embryo.
୫ । (ଦୁର୍ହୃଦ+ଅ) ଦୁଷ୍ଟ ସ୍ୱଭାବ—
5. Evil disposition of mind (Apte).

ଦୌଲତ—ବୈଦେ. ବି. (ଆ)— ୧ । ଐଶ୍ୱର୍ଯ୍ୟ; ଧନ ସମ୍ପତ୍ତି—
Daulata 1. Riches.
दौलत ୨ । ଅତଳାତଳ ସମ୍ପତ୍ତି—
दौलत 2. Affluence; prosperity.

ମୁଁ କେବଳ ମୋ ନାମ ଲେଖି ଜାଣେ, ଏତେ ଦୌଲତ କମାଇଲି ।
ଫକୀରମୋହନ. ଛମାଣ, ଅଠଗୁଣ୍ଠ ।

୩ । ଆଡ଼ମ୍ବର; ଜାଁକଜମକ—3. Grandeur.

[ଦ୍ର—ଏହା ଧନ ଶବ୍ଦ ସଙ୍ଗେ ସହଚର ରୂପେ ବ୍ୟବହୃତ ହୁଏ, ଯଥା—ଧନ ଦୌଲତ = ଟଙ୍କା ଠୋକର; ବିଷୟ ସମ୍ପତ୍ତି ।]

ଦୌଲତ ଖାନା—ବୈଦେ. ବି. (ଫା)—୧ । ଧନୀର ଅଟ୍ଟାଳିକା—
Daulata khana 1. A rich man's palace.
दौलतखाना ୨ । ଧନୀର ଧନାଗାର—
दौलतखाना 2. The treasury of a rich man.
୩ । ବାସଗୃହ—3. Residence.

ଦୌଲତଦାର୍—ବୈଦେ. ବଣ. (ଫା. ଦୌଲତମନ୍ଦ୍)—ଐଶ୍ୱର୍ଯ୍ୟଶାଳୀ—
Daulatadar Very rich; wealthy; prosperous.
(ଦୌଲତବନ୍ତ, ଦୌଲତମନ୍ତ—ଅନ୍ୟରୂପ)
(ଦୌଲତଦାରୀ, ଦୌଲତବନ୍ତ—ବ)
दौलतवंत **दौलतमंद**

ଦୌଲତି—ବୈଦେ. ବଣ. (ଫା)—ଦୌଲତଦାର୍ (ଦେଖ)
Daulati Daulatadar (See)
(ଦୌଲତିଆ—ଅନ୍ୟରୂପ)

ଦୌଲେୟ—ସ. ବ. (ଦୁଳୀ=କଚ୍ଛପୀ+ଅପତ୍ୟାର୍ଥେ ଏୟ)—
Dauleya କଚ୍ଛପ; କଇଁଛ—Tortoise.

ଦୌଷ୍କୁଳେୟ—ସ. ବଣ. ପୁଂ. (ଦୁଷ୍କୁଳ+ଅପତ୍ୟାର୍ଥେ ଏୟ)—
Daushkuleya ନୀଚକୁଳ ଜାତ—Base-born; born of a low family.
(ଦୌଷ୍କୁଳେୟା—ସ୍ତ୍ରୀ)

ଦୌଶ୍ଚର୍ମ୍ୟ—ସ. ବ. (ଦୁଶ୍ଚର୍ମନ୍+ଭାବାର୍ଥେ ଯ)—
Dauscharmya ଦୁଶ୍ଚର୍ମା ହେବାର ଅବସ୍ଥା (ହ. ଶବ୍ଦସାଗର)
ପୁରୁଷର ଲିଙ୍ଗାବରକ ଚର୍ମ ନ ଥିବା ଅବସ୍ଥା—
The state of a male being devoid of the foreskin.

ଦୌଷ୍ମନ୍ତ(ନ୍ତି)—ସ. ବ. (ଦୁଷ୍ମନ୍ତ+ଅପତ୍ୟାର୍ଥେ ଅ; ଇ)—
Daushmanta(nti) ୧ । ରାଜା ଦୁଷ୍ମନ୍ତଙ୍କ ପୁତ୍ର—
1. Son of king Dushmanta.
୨ । ଦୁଷ୍ମନ୍ତଙ୍କ କୁଳଜାତ—
2. Born in the family of Dushmanta.

ଦୌହିତ୍ର—ସ. ବ. ପୁଂ (ଦୁହିତୃ+ଅପତ୍ୟାର୍ଥେ. ଅ)—
Dauhitra ୧ । ଝିଅର ପୁଅ; ନାତି—
(ଦୌହିତ୍ରୀ—ସ୍ତ୍ରୀ) 1. Daughter's son.
୨ । ଖଡ୍ଗ (ହ. ଶବ୍ଦସାଗର)—2. Sword.
୩ । ତିଳ (ହ. ଶବ୍ଦସାଗର)—3. Sessamum.
୪ । ଗୁଆଘିଅ; ଗବ୍ୟଘୃତ (ହ. ଶବ୍ଦସାଗର)—
4. Ghee from cow's milk.

ଦୌହିତ୍ରିକ—ସ. ବଣ. (ଦୌହିତ୍ର+ଇକ)—୧ । ଯେଉଁ ସମ୍ପତ୍ତିକୁ ମୃତ
Dauhitrika ବ୍ୟକ୍ତିର ଦୌହିତ୍ର ଭୋଗ କରେ—
1. (property) Inherited by a daughter's son.
୨ । (ଦୁହିତୃ+ଇକ) ଯେଉଁ ସମ୍ପତ୍ତିକୁ ଅପୁତ୍ରକ ବ୍ୟକ୍ତିର କନ୍ୟା ଉତ୍ତରାଧିକାରିଣୀ ରୂପେ ପାଏ—
2. (property) Inherited by the daughter of a sonless deceased.
୩ । ଦୌହିତ୍ର ସମ୍ବନ୍ଧୀୟ—
3. Relating to the daughter's son.

ଦୌହିତ୍ରୀ—ଦେ ବଣ. (ସ. ଦୌହିତ୍ରକ)—
Dauhitri ୧ । ଦୌହିତ୍ରୀକ ୧ (ଦେଖ)
दोहत्री 1. Dauhitrika 1 (See)
दोहिता ସ. ବ. ସ୍ତ୍ରୀ—୨ । ଝିଅର ଝିଅ; ନାତୁଣୀ—
2. Daughter's daughter.

[ଦ୍ର—ହିନ୍ଦୁ ଶାସ୍ତ୍ର ଅନୁସାରେ ଅପୁତ୍ରକ ବ୍ୟକ୍ତିର ତ୍ୟକ୍ତ ସମ୍ପତ୍ତି ତାହାର କନ୍ୟା ଓ କନ୍ୟାର ପୁତ୍ରମାନେ ଉତ୍ତରାଧିକାରୀରୂପେ ପ୍ରାପ୍ତ ହୁଅନ୍ତି ।]

ଦୌହୃଦିନୀ—ସ. ବ. ସ୍ତ୍ରୀ. (ଦ୍ୱି+ହୃଦ+ଇନ୍+ଈ)—
Dauhrudini ଗର୍ଭବତୀ ସ୍ତ୍ରୀ (ହ. ଶବ୍ଦସାଗର)—
A pregnant woman.

ଦ୍ୱଇତ—ଗ୍ରା. (ପଦ୍ୟ) ବଣ—ଦ୍ୱୈତ (ଦେଖ)
Dwaita Dwaita (See)

ତେବେ ଦ୍ୱଇତ ଭାବ ଯାଉ
ଶୋକ ବିଭ୍ରମ ଅବ ନାହିଁ । ଜଗନ୍ନାଥ. ଭାଗବତ ।

ଦ୍ୱଇତ ବନ—ଗ୍ରା. (ପଦ୍ୟ) ବି—ଦ୍ୱୈତ ବନ (ଦେଖ)
Dwaita bana Dwaita bana (See)
ସେଠାରେ ଏକାଦଶ ବର୍ଷ କରୁ ଶେଷ
ଦ୍ୱଇତ ବନେ ଅଛି ହେଲେ ପ୍ରବେଶ । କୃଷ୍ଣସିଂହ. ମହାଭାରତ. ବନ ।

ଦ୍ୱଇଧ—ଗ୍ରା. (ପଦ୍ୟ) ବି—ଦ୍ୱୈଧ (ଦେଖ)
Dwaidha Dwaidha (See)
ବଡ଼ହ ସନ୍ଧ ଯାନ ଆସନ ଦ୍ୱଇଧ ।
କୃଷ୍ଣସିଂହ. ମହାଭାରତ ବନ ।

ଦ୍ୱଇମାତୁର—ଗ୍ରା. (ପଦ୍ୟ) ବି ଓ ବିଣ—ଦ୍ୱୈମାତୁର (ଦେଖ)
Dwaimātura Dwaimātura (See)
ସିଦ୍ଧବ ଦ୍ୱଇମାତୁରେ କରିବ ମୁଖ ଚତୁରେ
ବଧି ବଚ୍ଛେଦ ଚତୁରେ ସବୁ ଅତୁରେ । ଉପେନ୍ଦ୍ର. ପ୍ରେମସୁଧାନିଧି ।

ଦ୍ୱଇରଥ ଯୁଦ୍ଧ—ଗ୍ରା. (ପଦ୍ୟ) ବି—ଦ୍ୱୈରଥ ଯୁଦ୍ଧ (ଦେଖ)
Dwairatha juddha Dwairatha juddha (See)
ଲୋକଙ୍କୁ ମରାଇଲେ କିଛୁ କାର୍ଯ୍ୟ ନାହିଁ
କରିବା ଦ୍ୱଇରଥ ଯୁଦ୍ଧ ରାଜା ପାଇଁ । କୃଷ୍ଣସିଂହ. ମହାଭାରତ ବନ ।

ଦ୍ୱନ୍ଦ—ସଂ. ବି. (ଦ୍ୱି+ଦ୍ୱି, ସହାୟବ୍ୟକ୍ତି; ନିପାତନ)—
Dwanda ୧। ଦ୍ୱନ୍ଦ୍ୱ (ଦେଖ)—1. Dwandwa (See)
କୋଷ ଦ୍ୱନ୍ଦ ସେକ୍ଷଣି ଦେଲେ ସେ ଛଡ଼ାଇ ।
କୃଷ୍ଣସିଂହ. ମହାଭାରତ. ବନ ।

୨। ସମୟ ଜାଣିବା ପାଇଁ ବାଡ଼ଉଥିବା ଘଣ୍ଟା—
2. A gong on which hours are struck.
[ଦ୍ରୁ—ଅପ୍ରେ ଓ ହି. ଶବ୍ଦସାଗର ମତରେ ଏହା ସଂସ୍କୃତ ଶବ୍ଦ ।]

ଦ୍ୱନ୍ଦବାଦ—ଦେ. ବି—କଳହ; ଶତ୍ରୁତା—Quarrel; enmity.
Dwandabāda
ଦ୍ୱନ୍ଦ୍ୱବାଦ କରିଣ ଅତ୍ୟନ୍ତ ଗଣଠାରେ । ଗ୍ରାଡୀ. ଷଡ଼ଗୁରୁଭକ୍ତି. ଗୀତ ।

ଦ୍ୱନ୍ଦିବା—ଦେ. କ୍ରି. (ସଂ. ଦ୍ୱନ୍ଦ)—ବିବାଦ କରିବା—
Dwandibā To dispute.
ଦ୍ୱନ୍ଦ୍ୱକରା ମହାବାହୀ ଯଥା—ଅମା-ସୌମ-ସ୍ୱାତ ଯୋଗେ ସିନ୍ଧୁଜିତ ଦ୍ୱନ୍ଦ
দ্বন্দ্ব করনা ଧାଏଁ କରି ଧୁଂସିବାକୁ । ରଘୁନାଥ. ମହାଯାତ୍ରା ।

ଦ୍ୱନ୍ଦୀୟ—ସଂ. ବିଣ—ବିବାଦୀୟ—
Dwandiya Disputed.
(ଦ୍ୱନ୍ଦ୍ୱୀୟ—ଅନ୍ୟରୂପ)

ଦ୍ୱନ୍ଦ୍ୱ—ସଂ. ବି. (ଦ୍ୱି+ଦ୍ୱି; ସହାୟବ୍ୟକ୍ତି; ଦ୍ୱୌ+ଦ୍ୱୌ (Apte
Dwandwa ନିପାତନ)—
୧। ସ୍ତ୍ରୀ ପୁରୁଷ; ମିଥୁନ; ଯୁଗଳ; ମାଈ ଅଣ୍ଡିରା; ଯୋଡ଼ା—
1. Husband and wife; a couple; a brace; a male and female together.
୨। ଯୁଗ୍ମ; ଦ୍ୱୟ—2. Any two things taken together; a pair.
୩। ସୁଖ ଦୁଃଖ, ରାଗ ଦ୍ୱେଷ ଆଦି ପରସ୍ପରବିରୁଦ୍ଧ ଭାବ-ଦ୍ୱୟ—3. Two opposite feelings or sensations.
୪। ପରସ୍ପରବିରୁଦ୍ଧ ବସ୍ତୁ ବା ଗୁଣ ବା ଶବ୍ଦଦ୍ୱୟ—
4. Relative or contradictory terms, things or qualities.
(ଯଥା—ପାପପୁଣ୍ୟ, ରାଜାପ୍ରଜା, ବାଲବୃଦ୍ଧ, ଶତ୍ରୁମିତ୍ର, କଠିନତା କୋମଳତା, ସୁଖ ଦୁଃଖ, ସ୍ତ୍ରୀ ପୁରୁଷ ଇତ୍ୟାଦି ।]
୫। ବିବାଦ—5. Strife; dispute.
୬। ଯୁଦ୍ଧ—6. Fight.
ବନିତା ଜନିତଦ୍ୱନ୍ଦ୍ୱ ଦ୍ୱନ୍ଦ୍ୱ କରୁ ପ୍ରାସେ । ଉପେନ୍ଦ୍ର. ବୈଦେହୀଶବିଳାସ ।
୭। ଦ୍ୱନ୍ଦ୍ୱ ଯୁଦ୍ଧ; ଦୁଇ ଜଣଙ୍କ ମଧ୍ୟରେ ହେବା ଯୁଦ୍ଧ—
7. Duel.
୮। କଳହ—8. Quarrel.
୯। ରହସ୍ୟ—9. Mystery; secret.
୧୦। ଦୁଇଟି ବିଶେଷ୍ୟ ପଦର ଏକତ୍ର ମିଳନରୂପ ସମାସ (ଏ ସମାସରେ ଉଭୟ ପଦର ଅର୍ଥର ପ୍ରାଧାନ୍ୟ ରହେ)—
10. A grammatical compound word consisting of two gramatically similar nouns joined together by the copulative conjunction 'and'
୧୧। ରୋଗବିଶେଷ—11. A kind of disease.
୧୨। ସନ୍ଦେହ—12. Doubt.
୧୩। ଦୁର୍ଗ—13. Fortress; stronghold.
୧୪। ମିଥୁନ ରାଶି—
14. The sign Gemini of the zodiac.

ଦ୍ୱନ୍ଦ୍ୱଚର—ସଂ. ବି. (ଦ୍ୱନ୍ଦ୍ୱ=ସ୍ତ୍ରୀ ପୁରୁଷ ଯୋଡ଼ା+ଚର୍ ଧାତୁ+ଅ;
Dwandwachara ଯେ ଯୋଡ଼ା ଯୋଡ଼ା ହୋଇ ବିଚରଣ କରନ୍ତି)—
ଚକ୍ରବାକ ମିଥୁନ; ଚକୁଆ ଚକେଇ—The Ruddy Goose (which always live and move about in couples); Anas Casarea.
ବିଣ—ଯେ ଯୋଡ଼ା ଯୋଡ଼ା ହୋଇ ବୁଲନ୍ତି—
Living and moving about in couples or pairs.

ଦ୍ୱନ୍ଦ୍ୱଚାରୀ—ସଂ. ବି ଓ ବିଣ—ଦ୍ୱନ୍ଦ୍ୱଚର (ଦେଖ)
Dwandwachāri Dwandwachara (See)

ଦ୍ୱନ୍ଦ୍ୱଜ—ସଂ. ବିଣ (ଦ୍ୱନ୍ଦ୍ୱ+ଜନ୍ ଧାତୁ+କର୍ତ୍ତୃ. ଅ)—୧। ସ୍ତ୍ରୀ ପୁରୁଷ
Dwandwaja ଉଭୟଙ୍କଠାରୁ ଜାତ—1. Born of a couple.
୨। ବିବାଦରୁ ଉତ୍ପନ୍ନ—2. Produced from a quarrel; resulting from a dispute.
(ଦ୍ୱନ୍ଦ୍ୱଜାତ—ଅନ୍ୟରୂପ) ୩। ସ୍ତ୍ରୀ ପୁରୁଷ ଉଭୟଙ୍କ ଦୋଷରୁ ଜାତ (ବ୍ୟାଧି)—3. (disease) Resulting from the faults of both the husband and the wife.
୪। ବାତ, ପିତ୍ତ ଓ କଫ ମଧ୍ୟରୁ ଦୁଇଟି ଧାତୁର ପ୍ରକୋପରୁ ଉତ୍ପନ୍ନ (ବ୍ୟାଧି)—4. (disease) Due to the morbidity or derangement of two of the bodily humours.

ଦ୍ୱନ୍ଦ୍ୱଭାବ—ସଂ. ବି—ଶତ୍ରୁତା; ବିରୋଧ—
Dwandwa bhāba Antagonism; discord.

ଦ୍ୱନ୍ଦ୍ୱଭିନ୍ନ—ସଂ. ବି—ସ୍ତ୍ରୀ ପୁରୁଷ ଅଲଗା ଅଲଗା ହେବା—
Dwanda vinna Separation of the sexes (Apte).

ଦ୍ୱନ୍ଦ୍ୱଭୂତ—ସଂ. ବିଣ—୧। ସ୍ତ୍ରୀ ପୁରୁଷ ଯୋଡ଼ା ହୋଇଥିବା—
Dwandwa bhūta 1. Forming a couple.

୨ । ସନ୍ଦେହଜନକ—
2. Doubtful; uncertain (Apte).

ଦ୍ୱନ୍ଦ୍ୱ ମୋହ—ସଂ. ବି (ମଧ୍ୟପଦଲୋପୀ; ଦ୍ୱନ୍ଦ୍ୱଜନିତ ମୋହ) —ସନ୍ଦେହରୁ
Dwandwa moha ଜାତ କଷ୍ଟ—Trouble caused by doubt (Apte).

ଦ୍ୱନ୍ଦ୍ୱ ଯୁଦ୍ଧ—ସଂ. ବି—ଦୁଇଜଣଙ୍କ ମଧ୍ୟରେ ଯୁଦ୍ଧ—
Dwandwa juddha Duel; single combat.
ଏରୂପେ ଶତ ସଂଖ୍ୟ ମହାରଥିଗଣ
ଦ୍ୱନ୍ଦ୍ୱଯୁଦ୍ଧ ଅରମ୍ଭ କଲେ ନରଗଣ । କୃଷ୍ଣସିଂହ. ମହାଭାରତ. ଗ୍ରାଷ୍ଟ ।

ଦ୍ୱନ୍ଦ୍ୱଶଃ—ସଂ. ଅ (ଦ୍ୱନ୍ଦ୍ୱ+ଶସ୍)—ଯୋଡ଼ା ଯୋଡ଼ା ହୋଇ—
Dwandwaśaḥ Two by two; in pairs or couples.

ଦ୍ୱନ୍ଦ୍ୱୀ—ସଂ. ବିଣ.ପୁଂ(ସଂ. ଦ୍ୱନ୍ଦ୍ୱ+ଇନ୍; ୧ମା.୧ବ)—୧। ପରସ୍ପର ବିରୁଦ୍ଧ—
Dwandwi 1. Opposed to one another; contradictory.
୨ । କଳହପ୍ରିୟ—2 Quarrelsome; contentions.
(ଦ୍ୱନ୍ଦ୍ୱିନୀ—ସ୍ତ୍ରୀ) ୩ । ବିବାଦୀ—3. Disputant.
ଦ୍ୱନ୍ଦ୍ୱୀ ଅଟଇ ମୋର ଚକ୍ଷୁ ଯୁଗଳ—ସ୍ୱାମୀନାଥ, ମେଘଦୂତ ।
୪ । ମାମଲ୍ତବାଜ୍—4. Litigious.

ଦ୍ୱନ୍ଦ୍ୱୀଭୂତ—ସଂ. ବିଣ (ଦ୍ୱନ୍ଦ୍ୱ+ଅଭୂତ ତଦ୍ଭାବେ ଚ୍ୱି+ଭୂତ)—
Dwandibhūta ୧ । ଯେ ଦ୍ୱନ୍ଦ୍ୱ ଯୁଦ୍ଧରେ ଲାଗିଥାଏ—Engaged in a single combat or duel (Apte).
(ଦ୍ୱନ୍ଦ୍ୱିଭୂତ—ଅନ୍ୟରୂପ)

ଦ୍ୱୟ—ସଂ. ବି (ଦ୍ୱି+ଅବୟବାର୍ଥେ ଅୟ)—୧ । ଦୁଇ ସଂଖ୍ୟା
Dwaya 1. Two.
୨ । ଯୋଡ଼ା; ଯୁଗ୍ମ—2. Pair; couple; brace.
୩ । ଉଭୟ—3. Both.
୪ । ଦୋନାମୁହାଁ ସ୍ୱଭାବ—4. Duplicity (Apte).
୫ । ଅସତ୍ୟତା—5. Untruthfulness (Apte).
୬ । (ବ୍ୟାକରଣ) ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ—
6. The masculine and the feminine gender in grammar.
[ଦ୍ୱୟ—ଏହା ଅନ୍ୟ ଶବ୍ଦ ପରେ ଉଭୟ ବା ଦୁଇ ଅର୍ଥରେ ବ୍ୟବହୃତ ହୁଏ ଯଥା—ଶବ୍ଦଦ୍ୱୟ; ପଦଦ୍ୱୟ; ଚକ୍ଷୁଦ୍ୱୟ ଇତ୍ୟାଦି ।]
(ଦ୍ୱୟୀ—ସ୍ତ୍ରୀ) ବିଣ—୧ । ଦ୍ୱିତୀୟ—1. Second.
୨ । ଦୁଇ ସଂଖ୍ୟକ—2. Numbering two.

ଦ୍ୱୟବାଦୀ—ସଂ. ବିଣ. ପୁଂ (ଦ୍ୱୟ+ବାଦନ୍; ୧ମା. ୧ବ.)—ଅସରଳ;
Dwayabādi ୧ । ଦୋମୁହାଁ—1. Double-tongued; insincere.
(ଦ୍ୱୟବାଦନୀ—ସ୍ତ୍ରୀ)
(ଦ୍ୱୟବାଦତା—ବି) ୨ । ଦୋହଲପୀ (ଦେଖ)
2. Dohalapi (See)

ଦ୍ୱୟାତିଗ—ସଂ. ବିଣ. ପୁଂ. (ଦ୍ୱୟ+ଅତି+ଗମ୍ ଧାତୁ+କର୍ତ୍ତୃ. ଅ)—
Dwayātiga ୧ । ରଜଃ ଓ ତମଃ ଗୁଣଙ୍କୁ ଯେ ଅତିକ୍ରମ କରି ଅଛି—
(ଦ୍ୱୟାତିଗା—ସ୍ତ୍ରୀ) 1. One whose mind is freed from the influence of the two gross worldly attributes, Rajas and Tamas.
୨ । ସାଧୁ—2. Saintly; virtuous.

ଦ୍ୱୟାତ୍ମକ—ସଂ. ବିଣ. (ଦ୍ୱୟ+ଅତ୍ମନ୍+କ)—ଦୁଇ ବିରୁଦ୍ଧ ଗୁଣଯୁକ୍ତ—
Dwayātmaka Of a twofold nature; comprising two opposite attributes.
(ଦ୍ୱୟାତ୍ମିକା—ସ୍ତ୍ରୀ)

ଦ୍ୱୟହୀନ—ସଂ. ବି.—(ବ୍ୟାକରଣ) କ୍ଲୀବଲିଙ୍ଗ—
Dwaya hīna (grammar) The neuter gender.

ଦ୍ୱୟୀ—ସଂ. ବି. ଓ ବିଣ—ଦ୍ୱୟ (ଦେଖ)
Dwayi - Dwaya (See)

ଦ୍ୱାଃ—ସଂ. ବି.ସ୍ତ୍ରୀ [ଦ୍ୱୃ ଧାତୁ+ଣିଚ+ଅଚ୍—(Apte) = ଦ୍ୱାର୍ ଶବ୍ଦ; ୧ମା. ୧ବ.)—୧ । ଦ୍ୱାର—1. Door; gateway.
Dwāḥ
୨ । ପଥ; ପ୍ରବେଶ ପଥ—2. Entrance; ingress.
୩ । ଉପାୟ—3. Means; expedient.

ଦ୍ୱାଃସ୍ଥ—ସଂ. ବିଣ. ପୁଂ. (ଦ୍ୱାଃ=ଦ୍ୱାର+ସ୍ଥା ଧାତୁ+ ଅ)—ଦ୍ୱାରସ୍ଥ—
Dwāḥstha Situated at the door; posted at the door.
(ଦ୍ୱାଃସ୍ଥିତ—ଅନ୍ୟରୂପ)
(ଦ୍ୱାଃସ୍ଥା; ଦ୍ୱାଃସ୍ଥିତା—ସ୍ତ୍ରୀ) ବି.—ଦ୍ୱାରପାଳ; ଦ୍ୱାରୀ—
Porter; door-keeper; gate-keeper.

ଦ୍ୱାଚତ୍ୱାରିଂଶ—ସଂ. ବିଣ. (ଦ୍ୱିଚତ୍ୱାରିଂଶତ୍+ଅ)—ବୟାଳିଶ ସଂଖ୍ୟାର
Dwāchatwārimśa ପୂରକ—Forty second.
(ଦ୍ୱିଚତ୍ୱାରିଂଶ, ଦ୍ୱାଚତ୍ୱାରିଂଶତ୍ତମ—ଅନ୍ୟରୂପ)

ଦ୍ୱାଚତ୍ୱାରିଂଶତ୍—ସଂ. ବି.—(ଦ୍ୱି+ଚତ୍ୱାରିଂଶତ୍)—ଚାଳିଶରୁ ଅଧିକ
Dwāchatwārimśat ଦୁଇ ସଂଖ୍ୟା; ୪୨; ବୟାଳିଶ—
(ଦ୍ୱିଚତ୍ୱାରିଂଶତ୍—ଅନ୍ୟରୂପ) 42; fortytwo
ବିଣ.—ବୟାଳିଶି ସଂଖ୍ୟକ—Numbering fortytwo.

ଦ୍ୱାତ୍ରିଂଶ—ସଂ. ବିଣ.—୧ । ବତିଶ ସ୍ଥାନୀୟ—
Dwātrimśa 1. Thirtysecond.
ଦ୍ୱିତ୍ରିଂଶ
ଦ୍ୱାତ୍ରିଂଶତ୍ତମ } —ଅନ୍ୟରୂପ ୨ । ବତିଶ ସଂଖ୍ୟକ—
2. Consisting of or numbering 32.

ଦ୍ୱାତ୍ରିଂଶତ୍—ସଂ. ବି.-(ଦ୍ୱି+ତ୍ରିଂଶତ୍)—୩୨; ବତିଶ—
Dwātrimśat 32; Thirty two.
(ଦ୍ୱିତ୍ରିଂଶତ୍—ଅନ୍ୟରୂପ) ବିଣ.—ବତିଶ ସଂଖ୍ୟକ—
Numbering thirtytwo.

ଦ୍ୱାତ୍ରିଂଶତି—ସଂ. ବି.—ବତିଶର ସମାହାର—An aggregate or
Dwātrimśati collection of thirty two.
(ଦ୍ୱାତ୍ରିଂଶତକା, ଦ୍ୱାତ୍ରିଂଶତ୍କା, ଦ୍ୱାତ୍ରିଂଶତ୍ପିକା—ଅନ୍ୟରୂପ)

ଦ୍ୱାତ୍ରିଂଶଲ୍ଲକ୍ଷଣ—ସଂ. ବି.—(ଦ୍ୱିଗୁ; ଦ୍ୱାତ୍ରିଂଶତ୍+ଲକ୍ଷଣ)—
Dwātrimśallakshaṇa ମହାପୁରୁଷମାନଙ୍କ ଦେହରେ ଥିବା
(ଦ୍ୱିତ୍ରିଂଶଲ୍ଲକ୍ଷଣ—ଅନ୍ୟରୂପ) ୩୨ ଗୋଟି ଲକ୍ଷଣ ବା ଶୁଭ ଚିହ୍ନ—
Thirtytwo specially auspicious marks found on the body of great men.
(ଦ୍ୱାତ୍ରିଂଶଲ୍ଲକ୍ଷଣା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—ଯେଉଁ ମହାପୁରୁଷଙ୍କ ଦେହରେ ୩୨ ଟି ଶୁଭ ଚିହ୍ନ ଥାଏ—(a person)
Having thirtytwo auspicious marks on the body.

ଦ୍ୱାତ୍ରିଂଶଲ୍ଲକ୍ଷଣିକ — ସଂ. ବିଣ. ପୁଂ. — ମହାପୁରୁଷଲକ୍ଷଣାକ୍ରାନ୍ତ (ପୁରୁଷ)—
Dwātrimśallakshaṇika (a person) Bearing 32
(ଦ୍ୱାତ୍ରିଂଶଲ୍ଲକ୍ଷଣିକା—ସ୍ତ୍ରୀ) conspicuous and auspicious
(ଦ୍ୱିତ୍ରିଂଶଲ୍ଲକ୍ଷଣିକ—ଅନ୍ୟରୂପ) marks on the body; bearing the signs of a great man on the body.

ଦ୍ୱାଦଶ — ସଂ. ବି. (ଦ୍ୱି + ଦଶନ୍) — ଦଶରୁ ଦୁଇ ଅଧିକ ସଂଖ୍ୟା; ବାର—
Dwādaśa 12; twelve.
(ଦ୍ୱିଦଶ — ଅନ୍ୟରୂପ) ବିଣ.—ବାର ସଂଖ୍ୟକ —
(ଦ୍ୱାଦଶୀ — ସ୍ତ୍ରୀ) 1. Numbering twelve.
୨ । ବାର ସ୍ଥାନୀୟ — 2. Twelfth.

ଦ୍ୱାଦଶ ଅକ୍ଷର—ଦେ. ବି. (ସଂ. ଦ୍ୱାଦଶାକ୍ଷର) — ଓଁ ନମୋ ଭଗବତେ
Dwādaśa akshara ବାସୁଦେବାୟ ଏହି ମନ୍ତ୍ର—A formula for worshipping Bishṇu.

ଏମନ୍ତ ଦ୍ୱାଦଶ ଅକ୍ଷର
ଜପିବ ଶତ ଅଠବାର । ଜଗନ୍ନାଥ. ଭାଗବତ ।

ଦ୍ୱାଦଶ କର—ସଂ. ବି. (ବହୁବ୍ରୀହି; ଦ୍ୱାଦଶ = ବାର + କର = ଅଂଶୁ)—
Dwādaśa kara ୧ । ଦ୍ୱାଦଶାଂଶୁ (ଦେଖ)—
1. Dwādaśāmśu (See)
୨ । କାର୍ତ୍ତିକେୟ— 2. A name of Kārttikeya (Apte).

ଦ୍ୱାଦଶ ଗୋପାଳ—ସଂ. ବି —ବାର ସୁତ (ଦେଖ)
Dwādaśa gopāḷa Bāra suta (See)

ଦ୍ୱାଦଶ ବନ—ସଂ. ବି—ଶ୍ରୀକୃଷ୍ଣଙ୍କ ୧୨ଗୋଟି ପ୍ରଧାନ ଲୀଳାସ୍ଥାନ—
Dwādaśa bana The twelve woods where Śrikṛushṇa disported.
[ଦ୍ର—ମଧୁ, ତାଳ, କୁମୁଦ, ବହୁଳା, କାମ୍ୟ, ଖଦିର, ବୃନ୍ଦା, ଭଦ୍ର, ବିଲ୍ୱ, ଲୌହ, ଭାଣ୍ଡୀର ଓ ମହାବନ ଦ୍ୱାଦଶ ବନ ଅଟେ ।]

ଦ୍ୱାଦଶ ବାର୍ଷିକ—ସଂ. ବିଣ. (ଦ୍ୱାଦଶ + ବର୍ଷ + ଇକ)—
Dwādaśa bārshika ୧ । ବାରବର୍ଷବୟସ୍କ—
1. Twelve years old.
୨ । ବାରବର୍ଷ କାଳ ବ୍ୟାପୀ—
2. Lasting for 12 years (Apte).

ଦ୍ୱାଦଶ ମଦ୍ୟ—ସଂ. ବି—୧୨ ପ୍ରକାରର ମଦ୍ୟ—
Dwādaśa madya Twelve kinds of wine.
[ଦ୍ର—ପାନସ, ଦ୍ରାକ୍ଷ, ମାଧୂକ, ଖାର୍ଜୁର, ତାଳ, ଐକ୍ଷବ, ମାଧ୍ୱିକ, ଗୁଡ଼ଜ, ଟଙ୍କମାଧ୍ୱିକ, ମୈରେୟ, ନାରକେଳଜ ଓ ସୁରା ଏମାନଙ୍କୁ ଦ୍ୱାଦଶମଦ୍ୟ କୁହାଯାଏ ।]

ଦ୍ୱାଦଶ ମଳ—ସଂ. ବି — ଦେହର ୧୨ ପ୍ରକାରର ମଇଳା—
Dwādaśa maḷa The twelve kinds of execrations of human body.
[ଦ୍ର—ବସା, ଶୁକ୍ର, ଅସୃକ୍, ମଜ୍ଜା, ମୂତ୍ର, ବିଷ୍ଠା, ନଖ, କର୍ଣ୍ଣମଳ, ଶ୍ଳେଷ୍ମା, ଅଶ୍ରୁ, ନେତ୍ରମଳ ଓ ସ୍ୱେଦ ଏମାନଙ୍କୁ ଦ୍ୱାଦଶମଳ କୁହାଯାଏ ।]

ଦ୍ୱାଦଶ ଯାତ୍ରା—ସଂ. ବି—ପୁରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବାରଗୋଟି
Dwādaśa jātrā ପ୍ରଧାନ ପର୍ବ—The twelve chief festivals of the Deity Jagannātha at Puri.
[ଦ୍ର—ନିମ୍ନଲିଖିତ ଯାତ୍ରାମାନଙ୍କୁ ଦ୍ୱାଦଶ ଯାତ୍ରା କୁହାଯାଏ; ଯଥା—୧. ବୈଶାଖ ଶୁକ୍ଳ ତୃତୀୟା—ଅକ୍ଷୟ ତୃତୀୟା । ୨. ଜ୍ୟେଷ୍ଠ ପୂର୍ଣ୍ଣିମା—ଦେବସ୍ନାନ । ଆଷାଢ଼ ଶୁକ୍ଳଦ୍ୱିତୀୟା—ଶ୍ରୀଗୁଣ୍ଡିଚା, ରଥଯାତ୍ରା । ୪. ଆଷାଢ଼ ଶୁକ୍ଳ ଏକାଦଶୀ—ହରିଶୟନ । ୫. ଶ୍ରାବଣ ସଂକ୍ରାନ୍ତି—ଦକ୍ଷିଣାୟନ ସଂକ୍ରାନ୍ତି । ୬. ଭାଦ୍ର ଶୁକ୍ଳ ଏକାଦଶୀ—ପାର୍ଶ୍ୱ ପରିବର୍ତ୍ତନ । ୭. କାର୍ତ୍ତିକ ଶୁକ୍ଳ ଏକାଦଶୀ—ଦେବୋତ୍ଥାପନ । ୮. ମାର୍ଗଶୀର ଶୁକ୍ଳ ଷଷ୍ଠୀ—ପ୍ରାବରଣ ଷଷ୍ଠୀ । ୯. ପୌଷ ପୂର୍ଣ୍ଣିମା—ପୁଷ୍ୟାଭିଷେକ । ୧୦ । ମାଘ ସଂକ୍ରାନ୍ତି—ମକର ସଂକ୍ରାନ୍ତି । ୧୧. ଫାଲ୍ଗୁନ ପୂର୍ଣ୍ଣିମା—ଦୋଳଯାତ୍ରା । ୧୨. ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ—ଦମନକ ଚତୁର୍ଦ୍ଦଶୀ ବା ଦଅଣାଭୋଗ ।]

ଦ୍ୱାଦଶ ଲୋଚନ—ସଂ. ବି. ପୁଂ. (ବହୁବ୍ରୀହି; ଦ୍ୱାଦଶ + ଲୋଚନ)—
Dwādaśa lochana ଷଡ଼ାନନ; କାର୍ତ୍ତିକେୟ—
(ଦ୍ୱାଦଶାକ୍ଷ—ଅନ୍ୟରୂପ) A name of Kārttikeya.

ଦ୍ୱାଦଶାଂଶୁ—ସଂ. ବି. (ବହୁବ୍ରୀହି; ଦ୍ୱାଦଶ + ଅଂଶୁ)—ବୃହସ୍ପତି ଗ୍ରହ—
Dwādaśāmśu Bṛuhaspati; Jupitor.

ଦ୍ୱାଦଶାକ୍ଷ—ସଂ ବି. (ବହୁବ୍ରୀହି)—୧ । (ଦ୍ୱାଦଶ + ଅକ୍ଷି) କାର୍ତ୍ତିକେୟ—
Dwādaśāksha 1. A name of Kārttikeya.
୨ । (ଦ୍ୱାଦଶ + ଅକ୍ଷ) ବୁଦ୍ଧ—
2. The Buddha (Apte).

ଦ୍ୱାଦଶାଙ୍ଗୁଳ—ସଂ. ବି—ଏକ ବିଅଣ୍ଣ—
Dwādaśāṅguḷa A span; a measure of 12 fingers.

ଦ୍ୱାଦଶାଦିତ୍ୟ—ସଂ. ବି—ସୂର୍ଯ୍ୟଙ୍କର ଶାସ୍ତ୍ରବର୍ଣ୍ଣିତ ଦ୍ୱାଦଶବିଧ ରୂପ ବା
Dwādaśāditya ନାମ —The 12 names of the Sun-
(ଦ୍ୱାଦଶାତ୍ମା—ଅନ୍ୟରୂପ) god.
[ଦ୍ର ବାର, ଆର୍ଯ୍ୟମନ୍, ବିବସ୍ୱାନ୍, ଅର୍ଯ୍ୟମା, ପୂଷା, ତ୍ୱଷ୍ଟା, ସବିତା, ଭଗ, ଧାତା, ବିଧାତା, ବରୁଣମିତ୍ର ଓ ଉରୁକ୍ରମ ଏହି ୧୨ ଗୋଟି ସୂର୍ଯ୍ୟଙ୍କର ନାମ ଅଟେ ।]

ଦ୍ୱାଦଶାଧ୍ୟାୟୀ—ସଂ. ବି. (ଦ୍ୱାଦଶ + ଅଧ୍ୟାୟ + ଇନ୍; ୧ମା. ୧ବ; ଏଥିରେ
Dwādaśādhyāyi ୧୨ ଗୋଟି ଅଧ୍ୟାୟ ଥିବାରୁ)— ଜୈମିନିଙ୍କର ମୀମାଂସା —The name of Jaimini's Mimāmsā in 12 chapters.

ଦ୍ୱାଦଶାୟୁଃ—ସଂ. ବି. (ବହୁବ୍ରୀହି; ଦ୍ୱାଦଶ = ୧୨ ବର୍ଷ + ପରମାୟୁ
Dwādaśāyuḥ ଯାହାର)—କୁକୁର—Dog.

ଦ୍ୱାଦଶାର୍ଚ୍ଚିଃ—ସଂ. ବି. (ବହୁବ୍ରୀହି; ଦ୍ୱାଦଶ + ଅର୍ଚ୍ଚିସ୍; ୧ମା. ୧ବ)—
Dwādaśārcchi ଦ୍ୱାଦଶାଂଶୁ (ଦେଖ)
Dwādaśāmśu (See)

ଦ୍ୱାଦଶାସ୍ର— ସଂ. ବି. (ବହୁବ୍ରୀହି; ଦ୍ୱାଦଶ + ଅସ୍ର)—ବାରଗୋଟି ଭୁଜ
Dwādaśasra ଥିବା କ୍ଷେତ୍ର—A dodecagon.

ଦ୍ୱାଦଶାହ—ସଂ. ବି. (ଦ୍ୱାଦଶ + ଅହନ୍)—୧ । ବାର ଦିନବ୍ୟାପୀ ସମୟ—
Dwādaśāha 1. A period of 12 days.

୨ । ବାରଦିନେ ସମାପନୀୟ ଯଜ୍ଞବିଶେଷ—
2. A sacrifice completed in 12 days (Apte).

ଦ୍ୱାଦଶୀ—ସଂ. ବି. ସ୍ତ୍ରୀ. (ଦ୍ୱାଦଶ + ସ୍ତ୍ରୀ. ଈ)—ପକ୍ଷର ଦ୍ୱାଦଶ ତିଥି—
Dwādaśi The twelfth day of the lunar fortnight.
(ଦ୍ୱିଦଶୀ—ଅନ୍ୟରୂପ)
[ଦ୍ର—ନିମ୍ନଲିଖିତ ଦ୍ୱାଦଶୀମାନ ହିନ୍ଦୁମାନଙ୍କର ପ୍ରଧାନ ପର୍ବ ଅଟେ; ଯଥା—୧. ଚମ୍ପକ ଦ୍ୱାଦଶୀ—ଜ୍ୟେଷ୍ଠ ଶୁକ୍ଳଦ୍ୱାଦଶୀ—ଚମ୍ପାଫୁଲଦ୍ୱାରା ବିଷ୍ଣୁପୂଜା (ଶ୍ରୀକୃଷ୍ଣଙ୍କ ଚନ୍ଦନୋତ୍ସବ), ୨. ବାମନ ଜନ୍ମ—ଭାଦ୍ର ଶୁକ୍ଳଦ୍ୱାଦଶୀ—ବିଷ୍ଣୁଙ୍କର ବାମନ ଅବତାର ଦିବସ, ୩. ଗରୁଡ଼ ଦ୍ୱାଦଶୀ—କାର୍ତ୍ତିକ ଶୁକ୍ଳଦ୍ୱାଦଶୀ, ୪. ବରାହ ଦ୍ୱାଦଶୀ—ମାଘ ଶୁକ୍ଳଦ୍ୱାଦଶୀ—ବିଷ୍ଣୁଙ୍କର ବରାହ ଅବତାର ଦିବସ, ୫. ଗୋବିନ୍ଦ ଦ୍ୱାଦଶୀ—ପୁଷ୍ୟାନକ୍ଷତ୍ରଯୁକ୍ତ ଫାଲ୍ଗୁନ ଶୁକ୍ଳଦ୍ୱାଦଶୀ ।]

ଦ୍ୱାଦଶୀ ପାରଣା—ସଂ. ବି. (ମ. ପ. ଲୋ; ଦ୍ୱାଦଶୀ+ପାରଣା)—
Dwādaśi pāraṇā ଏକାଦଶୀ ଦିନ ଉପବାସ ବ୍ରତ କରିଥିବା ବ୍ୟକ୍ତିମାନଙ୍କର ଦ୍ୱାଦଶୀ ଦିନ ପ୍ରଥମ ଭୋଜନ ବିଧି—
The breaking of fast after the Ekādaśi on the morning of Dwādaśi.

ଦ୍ୱାନବତ—ସଂ. ବିଣ. (ଦ୍ୱି + ନବତି + ଅ)—ଦ୍ୱିନବତ (ଦେଖ)
Dwānabata Dwinabata (See)
(ଦ୍ୱିନବତ, ଦ୍ୱାନବତିତମ—ଅନ୍ୟରୂପ)

ଦ୍ୱାନବତି—ସଂ. ବି ଓ ବିଣ. (ଦ୍ୱି+ନବତି)—ବୟାନବେ; ନବେରୁ ଦୁଇ
Dwānabati ଅଧିକ ସଂଖ୍ୟା—Ninetytwo
(ଦ୍ୱିନବତି—ଅନ୍ୟରୂପ)

ଦ୍ୱାପଞ୍ଚାଶ—ସଂ. ବିଣ. (ଦ୍ୱି + ପଞ୍ଚାଶତ୍ + ପୂରଣାର୍ଥେ ଅ)—
Dwāpañchāśa ୫୨ ସ୍ଥାନୀୟ—Fifty second.
(ଦ୍ୱିପଞ୍ଚାଶ—ଅନ୍ୟରୂପ)

ଦ୍ୱାପଞ୍ଚାଶତ୍—ସଂ. ବି ଓ ବିଣ. (ଦ୍ୱି + ପଞ୍ଚାଶତ୍)—ପଚାଶଅପେକ୍ଷା
Dwāpañchāśat ଦୁଇ ଅଧିକ ସଂଖ୍ୟା—Fifty two.
(ଦ୍ୱିପଞ୍ଚାଶତ୍—ଅନ୍ୟରୂପ)

ଦ୍ୱାପର—ସଂ. ବି. (ଦ୍ୱି+ପର; ଯେଉଁ ଯୁଗ ଦୁଇ ଯୁଗର ପରେ ଅର୍ଥାତ୍
Dwāpara ସତ୍ୟ ଓ ତ୍ରେତା ଯୁଗ ପରେ ପଡ଼େ)—
୧ । ହିନ୍ଦୁପୁରାଣ ମତରେ ସୃଷ୍ଟିର ତୃତୀୟ ଯୁଗ—
1. The third Puranic age or aeon of the world according to the Hindus.
[ଦ୍ର—ଏହାର କାଳ ୮ ଲକ୍ଷ ୬୪ ହଜାର ବର୍ଷ । ଏହି ଯୁଗରେ ଶ୍ରୀକୃଷ୍ଣ ଓ ବୌଦ୍ଧ ଅବତାରଦ୍ୱୟ ପୃଥିବୀରେ ଅବତୀର୍ଣ୍ଣ ହୋଇଥିଲେ; ପୁଣ୍ୟ ଓ ପାପ ସମାନ ଥିଲା, ମନୁଷ୍ୟର ଦେହର ପରିମାଣ ୭ ହାତ ଓ ପରମାୟୁ ଏକ ହଜାର ବର୍ଷ ଥିଲା । ଯୁଧିଷ୍ଠିର ଦ୍ୱାପର ଯୁଗର ଶେଷ ରାଜା ଥିଲେ ।]
୨ । ସନ୍ଦେହ—2. Doubt; suspicion.
ଦେବ ତଥିବ ତୋ ଅନ୍ତରେ; ଦୂର କର ଦ୍ୱାପରକୁ ଚିତ୍ତ—
କବିସୂର୍ଯ୍ୟ, ଯଶୋଦାଚମ୍ପୂ, ୯-ଗୀତ ।
୩ । ପଶାକାଠିର ଯେଉଁ ପାଖରେ ଦୁଇଟି ବିନ୍ଦୁ ଚିହ୍ନିତ ହୋଇଥାଏ—3. The side of a die marked with two points (Apte).

୪ । ଅନିଶ୍ଚୟ—4. Uncertainty (Apte).

ଦ୍ୱାବିଂଶ—ସଂ. ବିଣ—ବାଇଶି ସ୍ଥାନୀୟ—
Dwābimśa Twenty second.
(ଦ୍ୱାବିଂଶତିତମ—ଅନ୍ୟରୂପ)

ଦ୍ୱାବିଂଶତି—ସଂ. ବି. (ଦ୍ୱି+ବିଂଶତି; ଦ୍ୱି ଅଧିକ ବିଂଶତି)—କୋଡ଼ିଏ
Dwābimśati ଅପେକ୍ଷା ଦୁଇ ଅଧିକ ସଂଖ୍ୟା; ୨୨; ବାଇଶି—22; Twenty two.
ବିଣ—ବାଇଶି ସଂଖ୍ୟକ—Numbering 22.

ଦ୍ୱାର—ସଂ. ବି. (ଦ୍ୱୃ ଧାତୁ+ଣିଚ୍=ଦ୍ୱାରି ଧାତୁ=ଆଚ୍ଛାଦନ ବା
Dwāra ରୋଧ କରିବା+କରଣ. ଅ)—
୧ । ଦୁଆର; ଦରଜା; କବାଟ—
1. Door; entrance; door-way; ingress.
[ଦ୍ର—ଦ୍ୱାରମାନଙ୍କର ଭିନ୍ନ ଭିନ୍ନ ଅଂଶର ନାମ; ଯଥା—ଚଉକାଠ, ଏରୁଣ୍ଡିବନ୍ଧ, ସରଦଲ ପଟା, କବାଟ, ଜାଇଁଲ କବାଟ, ନାଗବନ୍ଧ, ବଳଣୀ, କୁଳୁପ, ଡମଣୀ, କଡ଼ଜା, ଶିକୁଳି, ଅର୍ଗମୁଣ୍ଡ (ଘୁଙ୍ଗୁଡ଼ି), କୁନ୍ତୁଣ୍ଡା ଓ ବର୍ତ୍ତି ।]
୨ । ଗମନାଗମନର ବାଟ—2. Passage; way.
୩ । ଉପାୟ—3. Means. ୪ । ସମ୍ମୁଖ—4. Front.
୫ । କୌଣସି ସ୍ଥାନରେ ମେଲା ଥିବା ଅଂଶ; ଛେଦ; ଛିଦ୍ର—
5 Opening (Apte); hole.
୬ । ଯାହାଦ୍ୱାରା କୌଣସି କର୍ମ ସମ୍ପାଦିତ ହୁଏ; କର୍ମସାଧନୋପାୟ—
6. Medium; expedient (Apte).
୭ । ଶରୀରର ନଅଗୋଟି ଛିଦ୍ର—7. The nine apertures of the human body (Apte).
ଦେ. ବି—ମୂଳକାରଣ—Root cause.
ଏ ଦୋଷ ମୋର ଭାଗ ଦ୍ୱାର, ଏ କୋହେ ଉତ୍ତମ ବେଭାର—
ଜଗନ୍ନାଥ, ଭାଗବତ ।

ଦ୍ୱାର କଣ୍ଟକ—ସଂ. ବି.—୧ । କବାଟ—
Dwāra kaṇṭaka 1. Door.
୨ । ବଳଣୀ—2. The bolt of a door.

ଦ୍ୱାର କପାଟ—ସଂ. ବି. (୬ଷ୍ଠୀ ତତ୍; ଦ୍ୱାର + କପାଟ)—କବାଟ—
Dwāra kapāṭa The leaf or panel of a door.

ଦ୍ୱାରକା—ସଂ. ବି. (ଦ୍ୱାର=ମୁକ୍ତିଦ୍ୱାର+କ+ସ୍ତ୍ରୀ. ଆ)—ଶ୍ରୀକୃଷ୍ଣଙ୍କ
Dwārakā ରାଜଧାନୀ—The capital where Śrikrushna was holding his court.
(ଦ୍ୱାରିକା—ଅନ୍ୟରୂପ)
[ଦ୍ର—ଏହା ବର୍ତ୍ତମାନ ଗୁଜରାଟର ପଶ୍ଚିମରେ ଅବସ୍ଥିତ; କିନ୍ତୁ ଶ୍ରୀକୃଷ୍ଣଙ୍କ ରାଜଧାନୀ ସମୁଦ୍ର ଗର୍ଭରେ ଲୀନ ହୋଇଅଛି ବୋଲି କଥିତ । ଏଠାରେ ବର୍ତ୍ତମାନ ଡାକୋରଜୀ ଠାକୁର ଅଛନ୍ତି । ଏହା ହିନ୍ଦୁଙ୍କର ଗୋଟିଏ ତୀର୍ଥ ସ୍ଥାନ । ଏହା ବର୍ତ୍ତମାନ ବରୋଦା ମହାରାଜା ଗାଇକବାଡ଼ଙ୍କ ଖାସ୍ ଦଖଲରେ ଅଛି ଓ ଓଖାମଣ୍ଡଳ ପ୍ରଗନା ଅନ୍ତର୍ଗତ । ମଦନମୋହନ, ତୀର୍ଥଦର୍ଶନ ।]
ଦେ. ବି. ପୁଂ—ଲୋକଙ୍କୁ ଦିଆ ଯିବା ନାମ—
A name given to males.

ଦ୍ୱାରକା ଦାସ—ଦେ. ବି. (ନାମ)—ଓଡ଼ିଆ ପ୍ରାଚୀନ କବିବିଶେଷ—
Dwārakā dāsa Name of a classical Ordia poet.
[ଦ୍ର—ଏ ଓଡ଼ିଶାର ରାଜା ତେଲଙ୍ଗା ମୁକୁନ୍ଦ ଦେବଙ୍କ ରାଜତ୍ୱ କାଳରେ (୧୫୫୯—୧୫୬୯ ଖ୍ରୀଷ୍ଟାବ୍ଦ) ଜୀବିତ ଥିଲେ । ଏ ସନ୍ନ୍ୟାସୀ ଥିବାର ଅନୁମାନ କରାଯାଏ । 'ପ୍ରେମରସ ଚନ୍ଦ୍ରିକା' ଓ 'ସପ୍ତପୋଇ' ନାମକ ଗ୍ରନ୍ଥ ଏହାଙ୍କ ଦ୍ୱାରା ରଚିତ ।
ଭାରଣୀ. ଉତ୍କଳସାହିତ୍ୟର ଇତିହାସ ।]

ଦ୍ୱାରକା ନାଥ—ସଂ. ବି. (୬ଷ୍ଠୀ ତତ୍; ଦ୍ୱାରକା+ନାଥ)—ଶ୍ରୀକୃଷ୍ଣ—
Dwārakā nātha Srikrushṇa.
ଦ୍ୱାରକାପତି, ଦ୍ୱାରକେଶ, ଦ୍ୱାରପ } [ଦ୍ର—ଦ୍ୱାରକାନାଥ ନାମକ କୃଷ୍ଣ ବିଗ୍ରହଙ୍କ ମନ୍ଦିର ଗୋମଣ୍ଡି ନରାକୂଳରେ ଅବସ୍ଥିତ—ମଦନମୋହନ. ତୀର୍ଥଦର୍ଶନ ।]
ଦେ. ବି. ପୁଂ—ଲୋକଙ୍କ ନାମ—
A name given to males.

ଦ୍ୱାରଗୋପ—ସଂ.ବି (ଦ୍ୱାର+ଗୁପ୍ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ)—
Dwāragopa ଦ୍ୱାରପାଳ (ଦେଖ)—Dwārapāla (See)
(ଦ୍ୱାରନାୟକ, ଦ୍ୱାରଦର୍ଶୀ—ଅନ୍ୟରୂପ)

ଦ୍ୱାରଦାରୁ—ସଂ. ବି (ବୈଦ୍ୟକ)—୧ । ଭୂମିସହ ନାମକ ଔଷଧଦ୍ରବ୍ୟ-ବିଶେଷ—1. A kind of medicinal herb.
Dwāradāru
ସଂ. ଭୂମିସହ, ବରଦାରୁ, ଖରଚ୍ଛଦ — [ଦ୍ର—ଏହା ଶୀତବୀର୍ଯ୍ୟ ଓ ରକ୍ତପିତ୍ତ-ପ୍ରସାଦକ ଅଟେ ।]
ପୁରସଇ — ୨ । ସାଗୁଆନ କାଠ—
2. Teak wood (Apte).

ଦ୍ୱାର ଦେଶ—ସଂ. ବି—ଘରର ଦ୍ୱାରରେ ଥିବା ପ୍ରବେଶ ମାର୍ଗ—
Dwāra deśa Door; entrance; passage to a house.

ଦ୍ୱାର ନିରୂପଣ—ଦେ. ବି—ଦ୍ୱାରରକ୍ଷକର କର୍ମ—
Dwāra nirūpaṇa The post of a door-keer.
ଦ୍ୱାରନିରୂପଣ ତାହାରେ କହିଲେ କରିବ ସେତ୍ତ ପହାସ ।
ବ୍ରାଚୀ. ଶିଶୁଶଙ୍କର ଉଷା ଅଭିଳାଷ ।

ଦ୍ୱାର ପଟ୍ଟ—ସଂ. ବି (୬ଷ୍ଠୀ ତତ୍; ଦ୍ୱାର+ପଟ୍ଟ)—୧ । କବାଟର ପଟା ବା ଫାଳ—1. The panel of a door (Apte).
Dwāra paṭṭa
୨ । ଦ୍ୱାରରେ ବଢ଼ାଯିବା ପରଦା—
2. The curtain of a door (Apte).

ଦ୍ୱାରପାଳ—ସଂ. ବି (ଦ୍ୱାର+ପାଳ ଧାତୁ+କର୍ତ୍ତୃ. ଅ)—୧ । ଯେ ଦ୍ୱାର ଜଗେ; ଦରୁଆନ; ଦୌବାରିକ—
Dwārapāla
ଦ୍ୱାରପ, ଦ୍ୱାରପାଳକ } ଅନ୍ୟରୂପ — 1. Porter; gatekeeper; doorkeeper.
ଯେ ସ୍ଥାନରେ ଯେତେକ ଦ୍ୱାରପାଳେ ଛନ୍ତି—କୃଷ୍ଣସିଂହ. ମହାଭାରତ ସର୍ଗ ।
୨ । ଦେବାଳୟମାନଙ୍କ ଦ୍ୱାରଦେଶରେ ସ୍ଥାପିତ ଚତୁର ଦେବତାଙ୍କ ଦ୍ୱାରୀମାନଙ୍କ ମୂର୍ତ୍ତି—2. The images of the Deity's doorkeepers placed at the entrance of a temple.

ଦ୍ୱାର ପାଳପୂଜା—ସଂ. ବି—ଦେବତାମାନଙ୍କ ପୂଜା ପୂର୍ବରୁ ମନ୍ଦିରର ଦ୍ୱାରଦେଶରେ ଅବସ୍ଥିତ ଦ୍ୱାରପାଳ ବିଗ୍ରହମାନଙ୍କର ପୂଜା—The worship of the gatekeeper-deities before the worship of the main Deity.
Dwāra pālapūjā

ଦ୍ୱାର ପିଣ୍ଡୀ—ସଂ. ବି (୬ଷ୍ଠୀ ତତ୍; ଦ୍ୱାର+ପିଣ୍ଡୀ)—୧ । ଚଉକାଠର ଊର୍ଦ୍ଧ୍ୱସ୍ଥ ଫଳକ—1. Lintel of a door-frame.
Dwāra piṇḍī
୨ । ଏରୁଣ୍ଡିବନ୍ଧ—2. Threshold.

ଦ୍ୱାର ପିଧାନ—ସଂ. ବି (୬ଷ୍ଠୀ ତତ୍; ଦ୍ୱାର+ପିଧାନ)—କବାଟର କିଳଣୀ; ଅର୍ଗଳ—The bolt of a door (Apte).
Dwāra pidhāna

ଦ୍ୱାରବତୀ—ସଂ. ବି (ଦ୍ୱାର=ମୁକ୍ତିପଥ+ବତ୍+ସ୍ତ୍ରୀ. ଈ)—ଦ୍ୱାରକା (ଦେଖ)
Dwārabatī Dwārakā (See).
(ଦ୍ୱାରାବତୀ—ଅନ୍ୟରୂପ)

ଦ୍ୱାର ବନ୍ଧ—ଦେ. ବି—୧ । ଚଉକାଠ—
Dwāra bandha 1. Door-frame.
ଚଉକାଠ — ୨ । ଏରୁଣ୍ଡୀବନ୍ଧ—2. The bottom-piece of the door frame; threshold.
चौखट

ଦ୍ୱାର ବଳିଭୁକ୍—ସଂ. ବି (ଦ୍ୱାର+ବଳି+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍ ଦ୍ୱାରବଳିଭୁଜ୍; ୧ମା. ୧ବ)—
Dwāra baḷibhuk
୧ । କୁଆ; କାକ—1. Crow (Apte).
୨ । ଘରଚଟିଆ ଚଢ଼େଇ, ଚଟକ—
2 Sparrow (Apte).

ଦ୍ୱାରବାନ୍—ସଂ. ବି. ପୁଂ (ଦ୍ୱାର+ବତ୍; ୧ମା. ୧ବ)—
Dwārabān ଦ୍ୱାରପାଳ (ଦେଖ)—Dwārapāla (See).

ଦ୍ୱାର ବାହୁ—ସଂ. ବି (୬ଷ୍ଠୀ ତତ୍; ଦ୍ୱାର+ବାହୁ)—ଚଉକାଠ—
Dwāra bāhu Door post; jamb.

ଦ୍ୱାରବୃତ୍ତ—ସଂ. ବି—ଗୋଲମରିଚ—
Dwārabrutta Black pepper (Apte).

ଦ୍ୱାର ମୋଚନ—ସଂ. ବି (୬ଷ୍ଠୀ ତତ୍; ଦ୍ୱାର+ମୋଚନ)—
Dwāra mochana ଦ୍ୱାରୋଦ୍ଘାଟନ (ଦେଖ) Dwārodghāṭana (See).

ଦ୍ୱାର ଯନ୍ତ୍ର—ସଂ. ବି (ମ. ପ. ଲୋ; ଦ୍ୱାରବନ୍ଧନାର୍ଥ ବ୍ୟବହୃତ ଯନ୍ତ୍ର)—
Dwāra jantra ୧ । କୋଲପ—1. Lock; padlock.
୨ । କିଳଣୀ—2. Bolt.

ଦ୍ୱାର ରକ୍ଷକ—ସଂ. ବି (୬ଷ୍ଠୀ ତତ୍; ଦ୍ୱାର+ରକ୍ଷକ)—ଦ୍ୱାରପାଳ (ଦେଖ)
Dwāra rakshaka Dwārapāla (See)
(ଦ୍ୱାରରକ୍ଷୀ—ଅନ୍ୟରୂପ)

ଦ୍ୱାର ଶାଖା—ସଂ. ବି (୬ଷ୍ଠୀ ତତ୍; ଦ୍ୱାର+ଶାଖା)—କବାଟର ପଟା—
Dwāra śākhā The leaf of a door.

ଦ୍ୱାରସ୍ଥ—ସଂ. ବଣ. ପୁଂ (ଦ୍ୱାର+ସ୍ଥା ଧାତୁ+ଅ)—
Dwārastha ୧ । ଯେ ଦ୍ୱାରଦେଶରେ ଅବସ୍ଥାନ କରେ—1. Standing at the door.
(ଦ୍ୱାରସ୍ଥା—ସ୍ତ୍ରୀ)

୨ । ଭିକ୍ଷା ନିମନ୍ତେ ଦ୍ୱାରରେ ଉପସ୍ଥିତ — 2. Arrived at the door of a person for begging.

୩ । (ଲକ୍ଷଣାର୍ଥ) ଶରଣାଗତ — 3 (figurative) Coming to one's door for shelter; soliciting shelter.

ସ. ବ — ଦ୍ୱାରୀ; ଦ୍ୱାରପାଳ — Doorkeeper (Apte).

ଦ୍ୱାରା - ସ. ଅ.—[ସଂ. ଦ୍ୱାଃ (=ଦ୍ୱାର) ଶବ୍ଦର ତୃତୀୟା ବହୁବଚନ=ଦ୍ୱାରା
Dwārā ହୋଇ) — ୧ । କର୍ତ୍ତୃକ; ସାହାଯ୍ୟରେ—1. By; with;
(ଦ୍ୱାରାଏ—ଦେଶଜ ରୂପ) by means of (Apte).

୨ । ଜରିଆରେ—2. Through; per (Apte).

୩ । ହେତୁରୁ—3. By reason of.

୪ । କାରଣରୁ—4. On account of; owing to.

ଦ୍ୱାରାଧ୍ୟକ୍ଷ—ସଂ. ବ.—(୬ଷ୍ଠୀ ତତ୍; ଦ୍ୱାର+ଅଧ୍ୟକ୍ଷ)—ଦ୍ୱାରପାଳ (ଦେଖ)
Dwārādhyaksha Dwārapāla (See)
(ଦ୍ୱାରାଧିପ—ଅନ୍ୟରୂପ)

ଦ୍ୱାରାପୁରୀ—ଦେ. ବ. - ଦ୍ୱାରକା (ଦେଖ)
Dwārāpuri Dwārakā (See)

'ଦୃଷ୍ଟାନ୍ତେ ବସନ୍ତି ଏ ଦ୍ୱାରାପୁରୀ । ପ୍ରାଚୀ, ରହସ୍ୟମଞ୍ଜରୀ ।

ଦ୍ୱାରାବତୀ—ସଂ. ବ.— ଦ୍ୱାରକା (ଦେଖ)
Dwārābati Dwārakā (See)

ଦ୍ୱାରି (ଧାତୁ)—ସଂ. (ଦ୍ୱୃ ଧାତୁ ଣିଚ) — ଆଚ୍ଛାଦନ କରିବା—
Dwāri (root) To cover.

ଦ୍ୱାରିକ—ସଂ. ବ. (ଦ୍ୱାର+ଇକ) – ଦ୍ୱାରପାଳ (ଦେଖ)
Dwārika Dwārapāla (See)

ଦ୍ୱାରିକା (ଇତ୍ୟାଦି)—ସଂ. ବ. (ଦ୍ୱାରକ+ଆ)—ଦ୍ୱାରକା ଇତ୍ୟାଦି—
Dwārikā (etc) Dwārakā etc (See)

ଦ୍ୱାରିକା ଛପା—ଦେ. ବ.—ଶ୍ରୀକୃଷ୍ଣଙ୍କ ନାମାଙ୍କିତ ପିତଳ ବା ତମ୍ବାର
Dwārikā chhapā ମୋହର—A brass or copper seal
(ଦ୍ୱାରକା ଛପା—ଅନ୍ୟରୂପ) containing the letters of the name of Srikrushna.

[ଦ୍ର— ଦ୍ୱାରକାରେ ବୈଷ୍ଣବମାନଙ୍କ ଦେହରେ ଏ ମୋହରକୁ ତତାଇ କରି ଛପା ମରା ଯାଏ ଓ ତନ୍ନିମିତ୍ତ ତାଙ୍କଦେହରେ ନାମାଙ୍କିତ ଚିହ୍ନ ରହିଯାଏ ।]

ଦ୍ୱାରୀ—ସଂ. ବ. (ଦ୍ୱାର+ଇନ୍; ୧ମା. ୧ବ.)—୧ । ଦୁଆର ଜଗୁଆଳ;
Dwāri ଦ୍ୱାରପାଳ—1. Door-keeper; porter.

୨ । ରାଜାଆଦିଙ୍କ ଦରବାରର ଜଗୁଆଳ—2. Gate-keeper of Rajas etc.

ଦେ. ବ.—ଆଧୁନିକ ଯାତ୍ରାମାନଙ୍କରେ ବିଦୂଷକ— The jester or buffoon in the country pantomines.

ଦ୍ୱାରୀ ପୂଜା — ଦେ. ବ. – ଦୁଆରୀ ପୂଜା (ଦେଖ)
Dwāri pūjā Duāri pūjā (See)

ଦ୍ୱାରେ —ଦେ. ଅ. —(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ସଂ. ଦ୍ୱାରା) –
Dware ୧ । ଦ୍ୱାର ବାଟେ—1. By the door of.

୨ । ଦ୍ୱାରା—2. By; by means of; with.

ସୁଜନେ ଶୁଣ ଶ୍ରବଣ ଦ୍ୱାରେ
' ନବୁଡ଼ ସଂସାର ସାଗରେ । ଜଗନ୍ନାଥ. ଭାଗବତ ।

୩ । (ସଂ. ଦ୍ୱାର୍ ଶବ୍ଦର ୭ମୀ ୧ବ. ଦ୍ୱାର)—
ଦ୍ୱାରଦେଶରେ; ଦ୍ୱାର ନିକଟରେ—3. At the door.

ଦ୍ୱାରେ ଦ୍ୱାରେ—ଦେ. କ୍ରି. ବଣ. (ସଂ. ଦ୍ୱାର+ଦ୍ୱାର)—
Dwāre dwāre ୧ । ଅସରି ଦ୍ୱାର; ପ୍ରତି ଦ୍ୱାରରେ—
(ଦ୍ୱାରଦ୍ୱାର—ଅନ୍ୟରୂପ) 1. At every door.
ଦୂାରେ ଦୂାରେ ୨ । ଏକ ଦ୍ୱାରରୁ ଅନ୍ୟ ଦ୍ୱାରକୁ—
ଘର ଘର 2. From door to door.

ଦ୍ୱାରୋଦ୍ଘାଟନ—ସଂ. ବ. (୬ଷ୍ଠୀ ତତ୍; ଦ୍ୱାର+ଉଦ୍ଘାଟନ)—
Dwārodghātana କବାଟ ଫିଟାଇବା—
(ଦ୍ୱାରରୋଧନ—ବିପରୀତ) Opening of the door.

ଦ୍ୱାର୍ଥବୋଧକ—ଦେ. ବଣ. (ସଂ. ଦ୍ୱ୍ୟର୍ଥ ବୋଧକ)—ଦୁଇଟି ଭିନ୍ନ ଅର୍ଥ-
Dwārthabodhaka ବୋଧକ—Equivocal.

ଦ୍ୱାଷଷ୍ଟ - ସଂ. ବଣ. (ଦ୍ୱି +ଷଷ୍ଟି +ପୂରଣାର୍ଥ ଅ)—
Dwāshashta ବାଅଷଠିର ପୂରକ; ବାଅଷଠି ସ୍ଥାନୀୟ—
(ଦ୍ୱିଷଷ୍ଟ, ଦ୍ୱାଷଷ୍ଟିତମ—ଅନ୍ୟରୂପ) Sixty second.

ଦ୍ୱାଷଷ୍ଟି—ସଂ. ବ ଓ ବଣ. (ଦ୍ୱି ଅଧିକ=ଷଷ୍ଟି; ମ. ପ. ଲୋ)—
Dwāshashti ଷାଠିଏରୁ ଦୁଇ ଅଧିକ ସଂଖ୍ୟା; ୬୨;ବାଷଠି –
(ଦ୍ୱିଷଷ୍ଟି—ଅନ୍ୟରୂପ) 62; Sixty two.

ଦ୍ୱାସପ୍ତତ—ସଂ. ବଣ. (ଦ୍ୱାସପ୍ତତି+ପୂରଣାର୍ଥେ. ଅ) —
Dwāsaptata ବାଅସ୍ତରିର ପୂରକ—Seventy second.
(ଦ୍ୱିସପ୍ତତ, ଦ୍ୱାସପ୍ତତିତମ—ଅନ୍ୟରୂପ)

ଦ୍ୱାସପ୍ତତି—ସଂ. ବ ଓ ବଣ.(ଦ୍ୱି+ସପ୍ତତି; ମ. ପ. ଲୋ)—୭୨; ବାସ୍ତରି—
Dwāsaptati 72; Seventytwo.
(ଦ୍ୱିସପ୍ତତି—ଅନ୍ୟରୂପ)

ଦ୍ୱାସ୍ଥ—ସଂ. ବ ଓ ବଣ — ଦ୍ୱାଃସ୍ଥ (ଦେଖ)
Dwāstha Dwāhstha (See)
(ଦ୍ୱାସ୍ଥିତ—ଅନ୍ୟରୂପ)

ଦ୍ୱାହି —ଦେ. ବ— ଦୋହାଇ (ଦେଖ)
Dwāhi Dohāi (See)

ଦ୍ୱି ସଂ. ବଣ. (ତୁଳ ଫା. ଦୋ; ଲାଟିନ୍ ଡୁଓ)—
Dwi ୧ । ଦୁଇ; ଦୁଇ ସଂଖ୍ୟକ—Two in number; numbering two.

୨ । ଉଭୟ; ଦୁହେଁ—2. Both.

୩ । ଦୁଇ ଥର - 3. Twice.

୪ । ଦୁଇ ପ୍ରକାରର—4. Of two kinds.

[ଦ୍ର—ଏହି ଶବ୍ଦ ଅନ୍ୟ ସ୍ୱରାନ୍ତ ଶବ୍ଦ ପୂର୍ବେ ଯୁକ୍ତ ହେଲେ ଦ୍ୱିଃ ହୁଏ ଯଥା—ଦ୍ୱି+ଆଗମନ=ଦ୍ୱିରାଗମନ; ଦ୍ୱି ଅଶନ= =ଦ୍ୱିରଶନ । ଏହି ଶବ୍ଦ ଅନ୍ୟ ଶବ୍ଦ ପୂର୍ବେ ସମାସରେ ଯୁକ୍ତ ହୁଏ ଯଥା—ଦ୍ୱିବାହୁ,ଦ୍ୱିବିଧ, ଦ୍ୱିକର୍ମକ ଇତ୍ୟାଦି ।]

ଦ୍ୱିକ—ସ. ବ (ଦ୍ୱି+କ; ଯେଉଁ ଶବ୍ଦରେ ଦୁଇଟି କ ଅକ୍ଷର ଅଛି)—
Dwika ୧ । କାକ; କୁଆ—1. Crow (Apte)
(ଦ୍ୱିକକାର—ଅନ୍ୟରୂପ) ୨ । କୋକ; ଚକ୍ରବାକ —
2. The Ruddy Goose (Apte).

ସଂ. ବିଣ—୧ । ଦୁଇ ପରସ୍ତିଆ—1. Two fold (Apte).
୨ । ଦୁଇ ସଂଖ୍ୟକ—2. Consisting of two (Apte).
୩ । ଦ୍ୱିତୀୟ—3. Second (Apte).
୪ । ଦ୍ୱିତୀୟବାର ଘଟିବା—
4. Happening for the second time (Apte).
୫ । ଶତକରା ଦୁଇ ହିସାବରେ—
5. Two per cent (Apte).
୬ । ଦୁଇ ସଂଖ୍ୟା ଦ୍ୱାରା ବର୍ଦ୍ଧିତ—
6. Increased by two (Apte).

ଦ୍ୱିକକୁଦ୍—ସଂ. ବି (ବହୁବ୍ରୀହି; ଦ୍ୱି + କକୁଦ୍)—(ଦୁଇଟି ଡଲଯୁକ୍ତ) ଓଷ୍ଟ୍ର—Camel
Dwikakud

ଦ୍ୱିକର—ସଂ.ବି (ଦ୍ୱିଗୁ; ଦ୍ୱି + କର)—ଦୁଇ ହାତ—
Dwikara Two hands.
(ଦ୍ୱିକରା—ସ୍ତ୍ରୀ) ବିଣ. ପୁଂ (ବହୁବ୍ରୀହି)—ଦୁଇ ହସ୍ତବିଶିଷ୍ଟ—
Having two hands; bimanous
ଦେ. ବି—ମନୁଷ୍ୟ—Man.
ଏକାକରେ ଦ୍ୱିକରେ ଖୀକର ଧରି ଚତୁଷ୍କର ଦର୍ଶନକୁ ପଞ୍ଚକରେ
ସତ୍ୱକରେ ଯାଉଅଛନ୍ତି । ଯଦୁମଣି. ରହସ୍ୟ ।

ଦ୍ୱିକରୀ—ସଂ. ବିଣ (ଦ୍ୱି + କର+ଇନ୍; ୧ମା. ୧ବ)—ଦ୍ୱି ହସ୍ତବିଶିଷ୍ଟ
Dwikari (ଜୀବ)—(animal) Having two hands; bimanous.

ଦ୍ୱିକର୍ମକ—ସଂ. ବିଣ—(ଯେଉଁ କ୍ରିୟାର) ଦୁଇଟି କର୍ମ ଥାଏ—
Dwi karmaka (a verb) Governing two objects
(ଉଦାହରଣ—ଶିଷ୍ୟ ଗୁରୁଙ୍କୁ ପ୍ରଶ୍ନ ପଚାରିଲେ; ରାମ ଗୋବିନ୍ଦଙ୍କୁ ପଇସା ମାଗିଲା ।)

ଦ୍ୱିଗର୍ଭ—ସଂ. ବିଣ—ଯେଉଁ ଜନ୍ତୁର ଦୁଇଟି ଗର୍ଭ ଥାଏ—
Dwigarbha Marsupial; having a pouch under the belly.
(ଦ୍ୱିଗର୍ଭକ—ଅନ୍ୟରୂପ)
(ଦ୍ୱିଗର୍ଭା—ସ୍ତ୍ରୀ) [ଦ୍ର—ଅଷ୍ଟ୍ରେଲିଆ ମହାଦେଶରେ ଅପୋସମ୍, କଙ୍ଗାରୁ ଆଦି କେତେକ ପଶୁଙ୍କର ଛୁଆମାନଙ୍କୁ ବହନ କରିବା ନିମନ୍ତେ ପେଟତଳେ ଚମର ଗୋଟିଏ ମୁଣି ଥାଏ ।]

ଦ୍ୱିଗୁ—ସଂ. ବିଣ (ବହୁବ୍ରୀହି; ଦ୍ୱି+ଗୋ)—୧ । ଯେଉଁ ବ୍ୟକ୍ତିର ଦୁଇଟି ଗୋରୁ ଅଛି—1. (a person) Owing two cows.
Dwigu
୨ । ଦୁଇଟି ଗୋରୁ ବଦଳରେ ଯାହା ବଦଳା ଯାଇଅଛି—
2. Bartered or exchanged for two cows.
ବି—ସମାହାରାଦି ଅର୍ଥରେ ସଂଖ୍ୟାପୂର୍ବକ କର୍ମଧାରୟ ସମାସ—
A class of compounds indicating a collection or number in which the first member is a numeral.
(ଯଥା—ତ୍ରିଭୁବନ, ତ୍ରିଲୋକୀ, ଚତୁଷ୍ପଥ ଇତ୍ୟାଦି ।)
[ଦ୍ର—ସଂସ୍କୃତରେ ଦ୍ୱିଗୁସମାସ ତ୍ରିବିଧ ଯଥା—୧ । ଉତ୍ତରପଦ ଯଥା—ସପ୍ତମାସୋପଗାତ; ୨ । ସମାହାର ଯଥା — ତ୍ରିଭୁବନ, ସପ୍ତସତୀ, ତ୍ରିଲୋକୀ । ୩ । ତଦ୍ଧିତାର୍ଥେ ଯଥା—ଦ୍ୱ୍ୟଞ୍ଜଳ, ଅଷ୍ଟବର୍ଷ ଇତ୍ୟାଦି ।

ଦ୍ୱିଗୁଣ—ସଂ. ବିଣ—ଦ୍ୱିଗୁଣିତ (ଦେଖ)
Dwiguna Dwigunita (See)

ଦ୍ୱିଗୁଣିତ—ସଂ. ବିଣ (ଦ୍ୱି + ଗୁଣିତ)—୧ । ଦୁଇଦ୍ୱାରା ଗୁଣିତ—
Dwigunita 1. Multiplied by two.
୨ । ଯେତିକି ଥିଲା ଆଉ ସେତିକି; ଡବଲ—
2. Rouble.
୩ । ଦି ଭାଙ୍ଗ—3. Twofold; folded double.
୪ । ଅତିଶୟ ବୃଦ୍ଧିପ୍ରାପ୍ତ—
4. Intensified; redoubled.
୫ । ଘୁରାଅଡ଼େ ଆବୃତ—5. Enveloped.
୬ । ଯେତିକି ଥିଲା ଆଉ ସେତିକି ବର୍ଦ୍ଧିତ—
6. Doubled; doubly increased.

ଦ୍ୱିଗୁଣୀକୃତ—ସଂ. ବିଣ. (ଦ୍ୱିଗୁଣ + ଅଭୂତ ତଦ୍ଭାବେ. ଚ୍ୱି+କୃତ)—
Dwigunikruta ୧ । ଦୋଓଡ଼ା ହୋଇଥିବା—
1. Folded double.
୨ । ଅତିଶୟ ବୃଦ୍ଧିପ୍ରାପ୍ତ—2. Redoubled; intensified.
୩ । ଦୁଇଗୁଣ କରାଯାଇଥିବା—
3. Doubled; augmented.

ଦ୍ୱିଚତ୍ୱାରିଂଶ—ସଂ. ବିଣ (ଦ୍ୱିଚତ୍ୱାରିଂଶତ୍+ପୂରଣାର୍ଥ. ଅ)—ବୟାଳିଶି
Dwichatwārimsa ସ୍ଥାନୀୟ—Forty second.
(ଦ୍ୱିଚତ୍ୱାରିଂଶତ୍ତମ—ଅନ୍ୟରୂପ)

ଦ୍ୱିଚତ୍ୱାରିଂଶତ୍—ସଂ. ବି ଓ ବିଣ (ମ. ପ. ଲୋ; ଦ୍ୱି ଅଧିକ ଚତ୍ୱାରିଂଶତ୍)-
Dwichatwārimsat ଚାଳିଶି ଅପେକ୍ଷା ୨ ଅଧିକ ସଂଖ୍ୟା; ୪୨; ବୟାଳିଶି - 42; Forty two.

ଦ୍ୱିଚାରିଣୀ—ସଂ. ବିଣ. ସ୍ତ୍ରୀ. (ଦ୍ୱି+ଚର୍ ଧାତୁ+କର୍ତ୍ତୃ. ଇନ୍+ସ୍ତ୍ରୀ. ଈ)—
Dwichārini ଯେଉଁ କପଟୀ ସ୍ତ୍ରୀର ଦୁଇ ଜଣ ପ୍ରଣୟୀ ଥାନ୍ତି—
(a woman) Having two lovers.

ଦ୍ୱିଜ—ସଂ. ବି. ପୁଂ. (ଦ୍ୱି + ଜନ ଧାତୁ+କର୍ତ୍ତୃ. ଅ)—
Dwija ୧ । ଦ୍ୱିଜାତି; ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ; ହିନ୍ଦୁମାନଙ୍କର
(ଦ୍ୱିଜା—ସ୍ତ୍ରୀ) ପ୍ରଥମ ତିନି ଉଚ୍ଚ ବର୍ଣ୍ଣ—1. The twice-born castes (Brāhmana, Kshatriya and Baisya) amongst the Hindus.
[ଦ୍ର—ଏମାନେ ଥରେ ମାତ୍ର ଗର୍ଭରୁ ଜନ୍ମ ହୁଅନ୍ତି ଓ ଉପନୟନରୂପ ସଂସ୍କାର ଦ୍ୱାରା ଆଉ ଥରେ ଜନ୍ମିବାର କଳ୍ପିତ ହୁଅନ୍ତି ।]
୨ । ବ୍ରାହ୍ମଣ—2. A Brāhmana.
୩ । ଅଣ୍ଡଜ ଜୀବ (ପକ୍ଷୀ, ସରୀସୃପ ଆଦି)—
3. Oviparous animals (birds, snakes, reptiles and fishes).
[ଦ୍ର—ଏମାନେ ଡିମ୍ବରୂପରେ ମାତୃଗର୍ଭରୁ ପ୍ରଥମେ ଜନ୍ମ ହୁଅନ୍ତି ଓ ପରେ ଡିମ୍ବ ଫୁଟି ତନ୍ମଧ୍ୟରୁ ଜୀବ ଆକାର ଧାରଣ କରି ଜନ୍ମନ୍ତି ।]
୪ । ଦନ୍ତ—4. Tooth.
[ଦ୍ର—ଜନ୍ମପରେ ଶିଶୁର ଦାନ୍ତ ଉଠେ ଓ କଚ୍ଛଦିନ ପରେ ତାହା ପଡ଼ିଯାଇ ଆଉ ଥରେ ଦାନ୍ତ ଉଠେ ।]

ବଣ—ଯେ ଦୁଇଥର ଜନ୍ମଗ୍ରହଣ କରେ—Twice-born.

ଦ୍ୱିଜଦାସ—ସଂ. ବ. (୬ଷ୍ଠୀ ତତ୍; ଦ୍ୱିଜ+ଦାସ)—ଶୂଦ୍ର—
Dwijadāsa A Śūdra.
(ଦ୍ୱିଜସେବକ – ଅନ୍ୟରୂପ)

ଦ୍ୱିଜନ୍ମା—ସଂ. ବ. (ବହୁବ୍ରୀହି; ଦ୍ୱି+ଜନ୍ମନ୍; ୧ମା. ୧ବ)—
Dwijanmā ଦ୍ୱିଜ (ଦେଖ)—Dwija (See)
ସଂ. ବଣ—୧ । ଦୁଇଟି ଭିନ୍ନ ପ୍ରକୃତିବିଶିଷ୍ଟ—
1. Having two different natures (Apte).
୨ । ଦୁଇ ଥର ଜନ୍ମଗ୍ରହଣ କରିଥିବା—
2. Regenerated (Apte).

ଦ୍ୱିଜ ପତି—ସଂ. ବ. (ଦ୍ୱିଜ+ପତି=ଶ୍ରେଷ୍ଠ)—ଶ୍ରେଷ୍ଠ ବ୍ରାହ୍ମଣ—
Dwija pati 1. A Brāhmaṇa of superior order.
(ଦ୍ୱିଜରାଜ—ଅନ୍ୟରୂପ)
୨ । ପକ୍ଷୀରାଜ; ଗରୁଡ଼—2. Garurda.
୩ । ସର୍ପରାଜ; ଅନନ୍ତ; ବାସୁକୀ—
3. The mythological king of serpents.
୪ । ଚନ୍ଦ୍ର—4. The moon.
[ଦ୍ର—ଗ୍ରହ, ନକ୍ଷତ୍ର, ବିପ୍ର ଓ ଲତାଦି ରାଜ୍ୟରେ ବ୍ରହ୍ମା ଚନ୍ଦ୍ରଙ୍କୁ ରାଜାରୂପେ ଅଭିଷିକ୍ତ କରିଥିଲେ ।]
୫ । କର୍ପୂର—5. Camphor (Apte).

ଦ୍ୱିଜ ପ୍ରପା—ସଂ. ବ. (ଦ୍ୱିଜ+ପ୍ର+ପା ଧାତୁ+କର୍ତ୍ତି. ବ୍ୟୁତ୍; ପକ୍ଷୀମାନେ
Dwija prapā ଏଥିରୁ ଜଳପାନ କରିବାରୁ)—୧ । ଗଛମୂଳର ଚାରିପାଖେ ପାଣି ପାଇଁ କରାଯିବା ମଳା; ଆଲବାଳ—
1. A trench or basin round the root of a tree for holding water (Apte).
୨ । କୂପ ନିକଟରେ ପଶୁପକ୍ଷୀ ଆଦିଙ୍କ ଜଳ ପିଇବା ପାଇଁ ନିର୍ମିତ କୁଣ୍ଡ—2. A trough near a well for watering birds, cattle etc (Apte).

ଦ୍ୱିଜପ୍ରିୟା—ସଂ. ବ. (ବୈଦ୍ୟକ)—ସୋମଲତା—
Dwijapriyā The Moon-plant.

ଦ୍ୱିଜ ବନ୍ଧୁ—ସଂ. ବ—୧ । ନିକୃଷ୍ଟ ଶ୍ରେଣୀର ବ୍ରାହ୍ମଣ—
Dwija bandhu 1. A Brāhmaṇa of a lower order.
୨ । ଦୈବଜ୍ଞ; ଭାଟଆଦି—2. Astrologers etc.
୩ । ଦ୍ୱିଜଲିଙ୍ଗୀ (ଦେଖ)—3. Dwijalingi (See)
୪ । ଯେ ନାମରେ ଓ ଜନ୍ମତଃ ବ୍ରାହ୍ମଣ, କିନ୍ତୁ ବ୍ରାହ୍ମଣୋଚିତ କର୍ମ କରେ ନାହିଁ—4. A person who is Brāhmaṇa by name and birth only but not by acts.

ଦ୍ୱିଜ ବର—ସଂ. ବ—ଦ୍ୱିଜ ସତ୍ତମ (ଦେଖ)
Dwija bara Dwija sattama (See)
(ଦ୍ୱିଜମୁଖ୍ୟ—ଅନ୍ୟରୂପ)

ଦ୍ୱିଜ ବାହନ—ସଂ. ବ. (ବହୁବ୍ରୀହି; ଦ୍ୱିଜ=ଗରୁଡ଼ ପକ୍ଷୀ ଅଟେ ବାହନ
Dwija bāhana ଯାହାଙ୍କର)—ବିଷ୍ଣୁ—
An epithet of Bishṇu.

ଦ୍ୱିଜରାଜ—ସଂ. ବ (ଦ୍ୱିଜ+ରାଜନ୍)—ଦ୍ୱିଜପତି (ଦେଖ)
Dwijarāja Dwijapati (See)

ଦ୍ୱିଜଲିଙ୍ଗୀ – ସଂ. ବ. (ଦ୍ୱିଜ+ଲିଙ୍ଗ୍+ଇନ୍; ୧ମା. ୧ବ)—
Dwijalingi ୧ । ଛଳ ବ୍ରାହ୍ମଣ; ବ୍ରାହ୍ମଣ ବେଶଧାରୀ ଅବ୍ରାହ୍ମଣ—
(ଦ୍ୱିଜବ୍ରୁବ – ଅନ୍ୟରୂପ) 1. One disguised as a Brāhmaṇa; one who pretends to be a Brāhmaṇa; a pseudo Brāhmaṇa.
୨ । କ୍ଷତ୍ରିୟ—2. A Kshatriya (Apte).

ଦ୍ୱିଜ ସତ୍ତମ—ସଂ. ବ. (ଦ୍ୱିଜ+ସତ୍ତମ)—ଉତ୍କୃଷ୍ଟଶ୍ରେଣୀର ବ୍ରାହ୍ମଣ—
Dwija sattama A Brāhmaṇa of superior order.

ଦ୍ୱିଜା – ସଂ. ବି—୧ । ୨୭ ନକ୍ଷତ୍ର ମଧ୍ୟରୁ ୨ୟ ନକ୍ଷତ୍ର; ଭରଣୀ ନକ୍ଷତ୍ର—
Dwijā 1. The second asterism.
୨ । (ବୈଦ୍ୟକ) ରେଣୁକା ନାମକ ସୁଗନ୍ଧ ଦ୍ରବ୍ୟ—
2. Piper Aurantiacum.

ଦ୍ୱିଜାତି – ସଂ. ବ. (ବହୁବ୍ରୀହି; ଦ୍ୱି+ଜାତି) – ଦ୍ୱିଜ (ଦେଖ)
Dwijāti Dwija (See)

ଦ୍ୱିଜାତୀୟ—ସଂ. ବଣ. (ଦ୍ୱି+ଜାତି+ଈୟ)—୧ । ଦୁଇ ପ୍ରକାରର—
Dwijātiya 1. Of two kinds.
୨ । ଦ୍ୱିଜ ସମ୍ବନ୍ଧୀୟ—2. Relating to the twice-born castes.
୩ । ଦୋଗଲା—3. Mongrel; hybrid.
ବି—ଖଚର; ଅଶ୍ୱତର—Mule.

ଦ୍ୱିଜିହ୍ୱ—ସଂ. ବଣ. (ଦ୍ୱି+ଜିହ୍ୱା+ଅ)—୧ । ଦୁଇଗୋଟି ଜିହ୍ୱାବିଶିଷ୍ଟ—
Dwijihwa 1. Two-tongued; having a forked tongue.
୨ । ଯାହାର କଥାର ଠିକ ନ ଥାଏ—
2. Double-tongued; insincere.
୩ । ଖଳ—3. Wicked.
୪ । ଦୁର୍ନାମକାରୀ; ଖଚୁଆ—
4. Slanderous; gossiping.
ବି—୧ । ସର୍ପ—1. Serpent (having forked tongue).
[ଦ୍ର—ସର୍ପମାନଙ୍କର ଜିଭର ଅଗ୍ରଭାଗ ଦ୍ୱିଶାଖ । ମହାଭାରତରେ ବର୍ଣ୍ଣିତ ହୋଇଅଛି ଯେ ଗରୁଡ଼ କୁଶାସନରେ ଅମୃତ ଲୁଚାଇ ରଖିଥିବାର ମନେ କରି ସର୍ପମାନେ ସେହି କୁଶାସନ ଚାଟିବା ବେଳେ କୁଶର ଧାରରେ ସେମାନଙ୍କର ଜିଭ ଚିରି ହୋଇଗଲା ।]
୨ । ଚୁଗୁଲିଆ; ଖଚୁଆ ବ୍ୟକ୍ତି—2. An informer; a tale bearer; a slanderer; a gossip.
୩ । ଚୋର—3. A thief.
୪ । ଖଳ ବ୍ୟକ୍ତି—4 A wicked person.

ଦ୍ୱିଜେ—ଦେ. ଅ—୧ । ଦୁଜେ (ଦେଖ)
Dwije 1. Duje (See)

୨ । ବି. (ଦ୍ୱିଜ ଶବ୍ଦର ଓଡ଼ିଆ ବହୁବଚନ)—
ଦ୍ୱିଜମାନେ; ବ୍ରାହ୍ମଣମାନେ—
2. (plural) Brāhmaṇas.

ଦ୍ୱିଜେନ୍ଦ୍ର—ସଂ. ବି (୬ମୀ ତତ୍; ଦ୍ୱିଜ+ଇନ୍ଦ୍ର)—
Dwijendra ଦ୍ୱିଜରାଜ (ଦେଖ)
(ଦ୍ୱିଜେଶ—ଅନ୍ୟରୂପ) Dwijarāja (See)

ଦ୍ୱିଜୋତ୍ତମ—ସଂ. ବି (୭ମୀତତ୍; ଦ୍ୱିଜ+ଉତ୍ତମ)— ଦ୍ୱିଜବର (ଦେଖ)
Dwijottama Dwijabara (See)

ଦ୍ୱିଟ୍—ସଂ. ବି. (ଦ୍ୱିଷ୍ ଧାତୁ+କ୍ୱିପ୍; ଦ୍ୱିଷ୍ ଶବ୍ଦର ୧ମା. ୧ବ)—
Dwiṭ ଶତ୍ରୁ—Enemy.
ବିଣ—ବିରୋଧୀ; ଶତ୍ରୁଭାବାପନ୍ନ; ଦ୍ୱେଷକାରୀ—
Inimical; spiteful; malicious; hostile.

ଦ୍ୱିଠ—ସଂ. ବି. (ବହୁବ୍ରୀହି; ଦ୍ୱି+ଠ; ସହିତରେ ଦୁଇଟି ଠ ଅକ୍ଷର ଅଛି;
Dwiṭha ଯଥା, ଃ)—ବିସର୍ଗ—
The sign Bisarga in the Sanscrit and other Aryan vernaculars (Apte).

ଦ୍ୱିତୟ—ସଂ. ବି. (ଦ୍ୱି+ତୟ)—
Dwitaya ୧ । ଯୁଗ୍ମ—1. Pair; couple.
୨ । ଦୁଇ ସଂଖ୍ୟା—2. Two.
୩ । ଦୁଇ ପ୍ରକାର—3. Two kinds.
ବିଣ—୧ । ଦ୍ୱିଗୁଣ—1. Double.
୨ । ଦୁଇ ପ୍ରକାରର—2. Of two kinds.
୩ । ଦୁଇ ସଂଖ୍ୟକ—3. Numbering two.
୪ । ଦ୍ୱିଗୁଣିତ; ଦୋହରା—4. Twofold (Apte).
୫ । ଦୁଇ ଭାଗରେ ବିଭକ୍ତ—
5. Divided into two (Apte).

ଦ୍ୱିତଳ—ସଂ. ବି. (ବହୁବ୍ରୀହି; ଦ୍ୱି+ତଳ)—ଦୋମହଲା—
Dwitaḷa Two-storied.
ବି—କୋଠାର ଉପର ମାହାଲା; ଏକ ମାହାଲା ଉପରେ ନିର୍ମିତ
ଗୃହ—Second storey.

ଦ୍ୱିତୀୟ—ସଂ. ବିଣ. ପୁଂ (ଦ୍ୱି+ପୂରଣାର୍ଥେ. ତୀୟ)—
Dwitīya ୧ । ଦୁଇର ପୂରକ; ଦୁଇ ସ୍ଥାନୀୟ—
(ଦ୍ୱିତୀୟା—ସ୍ତ୍ରୀ) 1. Second.
(୨ୟ—ସାଙ୍କେତିକ ରୂପ) ୨ । ଅନ୍ୟ—2. Another.
ବି. ପୁଂ—୧ । ପୁତ୍ର—1. Son.
୨ । ସଙ୍ଗୀ—2. Companion (Apte).
୩ । ବନ୍ଧୁ—3. Friend (Apte).
[ଦ୍ରୁ—ଏ ଶବ୍ଦ ଅନ୍ୟ ବ୍ୟକ୍ତିବାଚକ ଶବ୍ଦସଙ୍ଗେ ଯୁକ୍ତ ହୋଇ ସମାସରେ ଉପରୋକ୍ତ ୨ୟ ଓ ୩ୟ ଅର୍ଥ ପ୍ରତିପାଦନ କରେ । ଯଥା—ପତ୍ନୀ ଦ୍ୱିତୀୟ=ଯାହାଙ୍କ ସଙ୍ଗେ ପତ୍ନୀ ଅଛନ୍ତି ।]
୪ । ଦ୍ୱିତୀୟ ପୁରୁଷ (ଦେଖ)
4. Dwitīya purusha (See)
୫ । ଅର୍ଦ୍ଧାଂଶ—5. The half (Apte).

ଦ୍ୱିତୀୟକ—ସଂ. ବିଣ. (ଦ୍ୱିତୀୟ+କ)—
Dwitīyaka ୧ । ଦ୍ୱିତୀୟ (ଦେଖ)
(ଦ୍ୱିତୀୟିକ—ଅନ୍ୟରୂପ) 1. Dwitīya (See)
୨ । ଦ୍ୱିତୀୟ ଥର ଘଟିଥିବା—
2. Happening a second time (Apte).
୩ । ଯେଉଁ ଜ୍ୱର ପ୍ରତ୍ୟେକ ଦ୍ୱିତୀୟ ଦିନ ଆକ୍ରମଣ କରେ; ଏକୋଇ (ଜର)—3 (fever) Returning every second day (Apte).

ଦ୍ୱିତୀୟ ଜଂଘା—ଦେ. ବି—ଦେଉଳର ଅଂଶବିଶେଷ—
Dwitīya jaṁghā Name of a particular part of a temple.
(ଦେଉଳ ତଳେ କୋଠି ଦେଖ ।)

ଦ୍ୱିତୀୟତଃ—ସଂ. କ୍ରି. ବିଣ. (ଦ୍ୱିତୀୟ+ତସ୍)—
Dwitīyataḥ ପ୍ରଥମ ବିଷୟ ପରେ କଥିତ ହେବା ପ୍ରକାରେ—
secondly; in the second place.

ଦ୍ୱିତୀୟ ପୁରୁଷ—ସଂ. ବି. (ବ୍ୟାକରଣ)—ମଧ୍ୟମ ପୁରୁଷ (ତୁ, ତୁମ୍ଭେ,
Dwitīya purusha ଆପଣ ପଦମାନ)—
(grammar) The second person.

ଦ୍ୱିତୀୟ ବରଣ୍ଡୀ—ଦେ. ବି—ଦେଉଳର ଅଂଶବିଶେଷ—
Dwitīya baranḍī Name of a particular part of a temple.

ଦ୍ୱିତୀୟ ବୟଃ—ସଂ. ବିଣ. (ବହୁବ୍ରୀହି; ଦ୍ୱିତୀୟ+ବୟସ୍)—
Dwitīya bayaḥ ୧ । ଦ୍ୱିତୀୟାଶ୍ରମୀ ବ୍ୟକ୍ତି—
1. Having arrived at the second stage of life (Apte).

ଦ୍ୱିତୀୟ ବର୍ଣ୍ଣ—ସଂ. ବି. (କର୍ମଧା; ଦ୍ୱିତୀୟ+ବର୍ଣ୍ଣ)—
Dwitīya barnṇa ୧ । ହିନ୍ଦୁମାନଙ୍କ ମଧ୍ୟରେ କ୍ଷତ୍ରିୟ ଜାତି—
1. The Kshatriya caste amongst the Hindus.
୨ । (ବ୍ୟାକରଣ) ବର୍ଗର ପ୍ରଥମ ବର୍ଣ୍ଣ ପରେ ଥିବା ବର୍ଣ୍ଣ—
2. (grammar) The second of a class of consonant letters.

ଦ୍ୱିତୀୟବାନ୍—ସଂ. ବି. (ଦ୍ୱିତୀୟ+ବତ୍; ୧ମା. ୧ବ.)—
Dwitīyabān ସହାୟ ବା ସଙ୍ଗୀ ଯୁକ୍ତ—
Having a companion or helper.
ଦ୍ୱିତୀୟବାନ ଭୃତ୍ୟମାନ କେଉଁ ମତେ
ତୁଅନ୍ତି ଲୋକେ ଏହା ମଧ କହ ମୋତେ । କୃଷ୍ଣସିଂ. ମହାଭାରତ. ବନ ।

ଦ୍ୱିତୀୟା—ସଂ. ବିଣ. ସ୍ତ୍ରୀ. (ଦ୍ୱିତୀୟ+ସ୍ତ୍ରୀ. ଆ)—ଦ୍ୱିତୀୟର ସ୍ତ୍ରୀଲିଙ୍ଗ—
Dwitīyā Feminine of Dwitīya.
ସଂ. ବି. ସ୍ତ୍ରୀ (ଦ୍ୱିତୀୟ+ସ୍ତ୍ରୀ. ଆ)—
୧ । ପତ୍ନୀ; ଭାର୍ଯ୍ୟା—1. Wife.
୨ । ସହଚରୀ; ସଖୀ—2. Female companion.
୩ । ପକ୍ଷର ଦ୍ୱିତୀୟ ତିଥି; ପ୍ରତିପଦ ବା ଅମାବସ୍ୟାର ପରବର୍ତ୍ତୀ ତିଥି—3. The second day of a lunar fortnight.

[ଦ୍ର—ନିମ୍ନଲିଖିତ ଦ୍ୱିତୀୟା ମାନ ପର୍ବଦିନ ଅଟେ—ଯଥା ୧ । ଆଷାଢ଼ ଶୁକ୍ଳ ଦ୍ୱିତୀୟା—ଶ୍ରୀଗୁଣ୍ଡିଚା ବା ଜଗନ୍ନାଥଙ୍କର ରଥଯାତ୍ରା । ୨ । କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା—ଅଧ୍ୟୟନ ଦ୍ୱିତୀୟା—ପାଠ ପଠନ ନିଷେଧ । ୩ । କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ବା ଭ୍ରାତୃ ଦ୍ୱିତୀୟା ଶ୍ରୀ ଲିଙ୍ଗରାଜ ଦେବଙ୍କର ଯାତ୍ରା ।

ଦ୍ୱିତୀୟାକୃତ—ସଂ. ବିଣ (ଦ୍ୱିତୀୟ+ଅକୃତ)—ଦୋଓଡ଼ ଚଷ ହୋଇ
Dwitīyākṛuta ଥିବା—Twice tilled (field).

ଦ୍ୱିତୀୟାଶ୍ରମ—ସଂ. ବି (କର୍ମଧା; ଦ୍ୱିତୀୟ+ଆଶ୍ରମ)—ହିନ୍ଦୁର ୪ ଗୋଟି
Dwitīyāśrama ଆଶ୍ରମ ମଧ୍ୟରୁ ଦ୍ୱିତୀୟ ଆଶ୍ରମ; ଗୃହସ୍ଥାଶ୍ରମ;
(ଦ୍ୱିତୀୟାଶ୍ରମୀ—ବିଣ. ପୁଂ) ଗାର୍ହସ୍ଥ୍ୟ—The second stage of a Hindu's life viz. that of a married householder; family life.

ଦ୍ୱିତ୍ୱ—ସଂ. ବି (ଦ୍ୱି+ଭାବ. ତ୍ୱ)—୧ । ଦ୍ୱିଗୁଣ ହେବାର ଅବସ୍ଥା;
Dwitwa ଦ୍ୱିଗୁଣତ୍ୱ—1. Reduplication; duality.
୨ । ପୁନରୁକ୍ତି; ଗୋଟିଏ ବିଷୟକୁ ଦୁଇ ଥର କହିବା—
2. Repetition.
୩ । ଯୁଗ୍ମ; ଯୁଗଳ; ଯୋଡ଼ା—
3. A pair; couple (Apte).
୪ । ଦୁଇ ସଂଖ୍ୟା—4. The number two (Apte).

ଦ୍ୱିତ୍ର—ସଂ. ବି ଓ ବିଣ (ଦ୍ୱି+ତ୍ରି)—ଦୁଇ ବା ତିନି—
Dwitra Two or three (Apte).

ଦ୍ୱିତ୍ରିଂଶ—ସଂ. ବିଣ—ଦ୍ୱାତ୍ରିଂଶ (ଦେଖ)
Dwitriṁśa Dwātriṁśa (See)
(ଦ୍ୱିତ୍ରିଂଶତ୍ତମ—ଅନ୍ୟରୂପ)

ଦ୍ୱିତ୍ରିଂଶତ୍—ସଂ. ବି. ଓ ବିଣ—ଦ୍ୱାତ୍ରିଂଶତ୍ (ଦେଖ)
Dwitriṁśat Dwātriṁśat (See)
(ଦ୍ୱାତ୍ରିଂଶତ୍—ଅନ୍ୟରୂପ)

ଦ୍ୱିଦତ୍—ସଂ. ବିଣ. ପୁଂ (ବହୁବ୍ରୀହି; ଦ୍ୱି+ଦନ୍ତ; ଦନ୍ତ ସ୍ଥାନରେ ସମା-
Dwidat ସରେ ଦତ୍)—ଦ୍ୱିରଦ; ଦୁଇ ଦାନ୍ତ ବିଶିଷ୍ଟ; ଦୁଇ-
(ଦ୍ୱିଦତୀ—ସ୍ତ୍ରୀ) ଦାନ୍ତିଆ—Having two teeth or tusks.

ଦ୍ୱିଦଳ—ସଂ. ବିଣ (ବହୁବ୍ରୀହି; ଦ୍ୱି+ଦଳ)—୧ । ଦୁଇ ପାଖୁଡ଼ା—
Dwi daḻa ବିଶିଷ୍ଟ—1. Two-petalled; bipetalous.
୨ । ଦୁଇ ଫାଳବିଶିଷ୍ଟ (ପତ୍ର); ଦୁଇ ପତ୍ରବିଶିଷ୍ଟ—
2. Two leafed; bilobate; two-bladed (leaf).
[ଦ୍ର—କାଞ୍ଚନ ଓ କଂସାର ଲତା ପ୍ରଭୃତିର ପତ୍ର ଦୁଇଦଳ-ବିଶିଷ୍ଟ ଅଟେ ।]
ବି—ଡାଲି—Pulse.

ଦ୍ୱିଦଶ—ସଂ. ବି ଓ ବିଣ (ମ. ପ. ଲୋ; ଦ୍ୱି ଅଧିକ ଦଶ)—ଦ୍ୱାଦଶ; ବାର;
Dwidaśa ୧୨—Twelve.

ଦ୍ୱିଦ୍ୱାଦଶ—ସଂ. ବି (ଦ୍ୱନ୍ଦ୍ୱ; ଦ୍ୱି=ଦ୍ୱିତୀୟ+ଦ୍ୱାଦଶ)—(ଫଳିତ
Dwidwādaśa ଜ୍ୟୋତିଷ) ବିବାହରେ ନିଷିଦ୍ଧ ବରକନ୍ୟାଙ୍କର ରାଶି ଦ୍ୱୟର ଆପେକ୍ଷିକ ଅବସ୍ଥିତି ବିଶେଷ—
(astrology) A particular comparative position of the zodicical signs in the horoscopes of the bride and bridegroom, which is deemed very inauspicious.
[ଦ୍ର—ଯେବେ କନ୍ୟାର ଜନ୍ମଲଗ୍ନ ବରର ଜନ୍ମଲଗ୍ନର ଦ୍ୱିତୀୟ ହୁଏ, ଅର୍ଥାତ୍ କ୍ରମିକ ସଂଖ୍ୟା ଗଣନାରେ ବରର ଜନ୍ମଲଗ୍ନ କନ୍ୟାର ଲଗ୍ନର ଦ୍ୱାଦଶ ହୁଏ ତେବେ ଏହି ଯୋଗ ଘଟେ । ବରକନ୍ୟାଙ୍କ ଜାତକରେ ଏ ଯୋଗ ଘଟି ଥିବାର ଦେଖାଗଲେ ଏହା ଅତିଶୟ ଅଶୁଭ ଓ ଏ ଯୋଗଦୁଷ୍ଟ ଦମ୍ପତିଙ୍କର ଜୀବନ ଫଳିତ ଜ୍ୟୋତିଷ ମତରେ ଅତି ଅଶୁଭମୟ । ହି. ଶବ୍ଦସାଗର ।]

ଦ୍ୱିଦେହ—ସଂ. ବି (ବହୁବ୍ରୀହି; ଦ୍ୱି+ଦେହ, ଏହାଙ୍କ ମୁଣ୍ଡ ହାତୀ ମୁଣ୍ଡପରି
Dwideha ଓ ଦେହ ନର ଦେହପରି ଥିବାରୁ)—ଗଣେଶ—
God Gaṇeśa.

ଦ୍ୱିଧ—ସଂ. ବିଣ (ଦ୍ୱି+ଧା ଧାତୁ+କର୍ମ. ଅ)—୧ । ଦୁଇଖଣ୍ଡ ବା
Dwidha ଭାଗରେ ବିଭକ୍ତ—1. Divided into two parts.
୨ । ଦୁଇଫାଳ ହୋଇ ଚିରି ଯାଇଥିବା—
2. Split asunder.

ଦ୍ୱିଧା—ସଂ. କ୍ରି. ବିଣ (ଦ୍ୱି+ପ୍ରକାରାର୍ଥେ. ଧା)—୧ । ଦୁଇ ଥର—
Dwidha 1. Twice.
୨ । ଦୁଇ ଗୁଣ—2. Doubly.
୩ । ଦୁଇ ଖଣ୍ଡରେ—3. In two; into two.
୪ । ଦୁଇ ପ୍ରକାରରେ—4. In two ways.
୫ । ଦୁଇ ଦିଗରେ—5. In two directions.
୬ । ଦୁଇ ଭାଗରେ—6. In two parts.
ବିଣ. ସ୍ତ୍ରୀ (ଦ୍ୱିଧ+ଆ)—୧ । ଦୁଇ ପ୍ରକାରର—1. Of two kinds; of two sorts.
୨ । ଡବଲ; ଦ୍ୱିଗୁଣିତ—2. Twofold; double.
द्विधा ଦେ. ବି (ଦ୍ୱିଧା ଭାବ) ଧୋକା; ସନ୍ଦେହ—Hesitation;
दुबधा doubt; vacillation; misgiving.

ଦ୍ୱିଧାକରଣ—ସଂ. ବି—ଦୁଇ ବିଭାଗରେ ବିଭାଗ କରଣ—
Dwidhā karaṇa Dividing into two; splitting up.

ଦ୍ୱିଧା କରିବା—ଦେ. କ୍ରି.—୧ । ସନ୍ଦିହାନ ହେବା; ଦୋଦୋପାଞ୍ଚ ହେବା
Dwidhā karibā 1. To hesitate.
द्विधाकरा ୨ । ଦୁଇଖଣ୍ଡ କରିବା—
2. To split up; to divide into two.

ଦ୍ୱିଧାକୃତ—ସଂ. ବିଣ.—ଦୁଇ ଅଂଶରେ ବିଭକ୍ତ—Divided into
Dwidhā kṛuta two; split into two parts.

ଦ୍ୱିଧାଗତି—ସଂ. ବିଣ. (ବହୁବ୍ରୀହି; ଦ୍ୱିଧା+ଗତି)—୧ । ଉଭୟଚର—
Dwidhā gati 1. Amphibious.
୨ । ଦୁଇ ପ୍ରକାର ଗତିବିଶିଷ୍ଟ—
2. Having two kinds of motion.
ବି.—୧ । କୁମ୍ଭୀର—1. A crocodile.
୨ । ଉଭୟଚର ଜନ୍ତୁ—
2. An amphibious animal.
୩ । କଙ୍କଡ଼ା—3. A crab (Apte).

ଦ୍ବିଧା ଲେଖ୍ୟ—ସଂ. ବ. (ବୈଦ୍ୟକ)—ହିନ୍ତାଳ (ଦେଖ)
Dwidhā lekhya Hintāla (See)

ଦ୍ବିନଗ୍ନକ—ସଂ. ବ. ପୁଂ—(ଦ୍ବି+ନଗ୍ନ+କ)—ଯେଉଁ ବ୍ୟକ୍ତିର ସୁନ୍ନତ୍
Dwinagnaka ହୋଇଅଛି—A circumcised person.

ଦ୍ବିନବତ—ସଂ. ବଣ.—(ଦ୍ବିନବତ+ପୂରଣାର୍ଥେ. ଅ)—ବୟାନବେ
Dwinabata ସ୍ଥାନୀୟ; ୯୨ ର ପୂରକ—
(ଦ୍ବିନବତିତମ—ଅନ୍ୟରୂପ) Ninetysecond.

ଦ୍ବିନବତି—ସଂ. ବ ଓ ବଣ—ବୟାନବେ; ୯୨—
Dwinabati 92, ninetytwo.

ଦ୍ବିପ—ସଂ. ବ. (ଦ୍ବି+ପା. ଧାତୁ+କର୍ତ୍ତୃ. ଅ)—୧ । ହସ୍ତୀ; ଗଜ—
Dwipa 1. Elephant.
[ଦ୍ର—ହସ୍ତୀ ଥରେ ଶୁଣ୍ଢରେ ଓ ଥରେ ମୁହଁରେ, ଏପରି ଦୁଇ ଥରରେ ଜଳ ପାନ କରେ ।]
୨ । ନାଗ; ସର୍ପ—2. Serpent.
୩ । ନାଗେଶ୍ବର ଗଛ—3. Mesua Ferra (tree).

ଦ୍ବିପଞ୍ଚାଶ—ସଂ. ବଣ. (ଦ୍ବିପଞ୍ଚାଶତ୍+ପୂରଣାର୍ଥ. ଅ)—ବାଅନ ସଂଖ୍ୟାର
Dwipanchāsa ପୂରକ; ୫୨ ସ୍ଥାନୀୟ—Fiftysecond.
(ଦ୍ବିପଞ୍ଚାଶତ୍ତମ—ଅନ୍ୟରୂପ)

ଦ୍ବିପଞ୍ଚାଶତ୍—ସଂ. ବ. ଓ ବଣ—(ଦ୍ବି ଅଧିକ ପଞ୍ଚାଶତ୍; ମ. ପ ଲୋ;)—
Dwipanchāsat ବାଅନ; ୫୨—52; fiftytwo.

ଦ୍ବିପଥ—ସଂ. ବ. (ବହୁବ୍ରୀହି; ଦ୍ବି+ପଥିନ୍)—ଯେଉଁଠାରେ ଦୁଇଟି
Dwipatha ରାସ୍ତା ମିଳିତ ହୋଇଥାଏ; ଛକ—A meeting place of two roads; a cross-way.

ଦ୍ବିପଦ—ସଂ. ବଣ (ବହୁବ୍ରୀହି; ଦ୍ବି+ପଦ)—୧ । ଯାହାର ଦୁଇଟି ପାଦ
Dwipada ଅଛି; ଦୁଇପାଦ ଯୁକ୍ତ—1. Biped; two-legged.
(ଦ୍ବିପଦୀ, ଦ୍ବିପଦିକା—ସ୍ତ୍ରୀ) ୨ । ଦୁଇ ଚରଣଯୁକ୍ତ (ପଦ୍ୟ)—
2. (stanza) Having two feet.
୩ । ଦୁଇ ଶବ୍ଦ (ପଦ) ଯୁକ୍ତ (ବାକ୍ୟ)—
3. (a sentence) Having two words.
ବି.—୧ । ଦୁଇ ଚରଣଯୁକ୍ତ ଛନ୍ଦଃ—1. A couplet.
୨ । ମନୁଷ୍ୟ—2. Man.
୩ । ପକ୍ଷୀ—3. Bird.
୪ । (ବ୍ୟାକରଣ) ସମାସ ବା ସନ୍ଧି ଯୋଗେ ଦୁଇ ଶବ୍ଦର ସମାହାର—4. (grammar) A combination of two words.
୫ । ରାକ୍ଷସ—5. Demon.
୬ । ଦେବତା—6. Deity.
୭ । (ଜ୍ୟୋତିଷ) ମିଥୁନ, ତୁଳା, କୁମ୍ଭ ଓ କନ୍ୟା ରାଶି—
7. The astrological signs of the twins (Gemini), the scales (Libra), the pitcher (Aquarius), and the virgin (Virgo)
୮ । (ଜ୍ୟୋତିଷ) ଧନୁ ରାଶିର ପୂର୍ବାର୍ଦ୍ଧ—8. The prior half of the astrological sign the archer or Sagittarius.
୯ । ଦୁଇଗୋଡ଼ଥିବା ଜୀବ—9. A biped.

ଦ୍ବିପଦିକା—ସଂ. ସ୍ତ୍ରୀ.—୧ । ପ୍ରାକୃତ ଛନ୍ଦୋବିଶେଷ—
Dwipadikā 1. A kind of Prākruta metre.
୨ । ଦ୍ବିଗୁଣ ମୂଲ୍ୟ ବା ଧନ—
2. Double amount (M. W)

ଦ୍ବିପଦୀ—ସଂ. ବି.—ଦ୍ବିପଦିକା (ଦେଖ)
Dwipadi Dwipadikā (See)
ବଣ. ଓ ବି.—ଦ୍ବିପଦ (ଦେଖ)—Dwipada (See)

ଦ୍ବିପାଦ—ସଂ. ବଣ. ଓ ବି—ଦ୍ବିପଦ (ଦେଖ)
Dwipāda Dwipada (See)
(ଦ୍ବିପାଦ୍; ଦ୍ବିପଦ—ଅନ୍ୟରୂପ)

ଦ୍ବିପାଦ୍ୟ—ସଂ. ବି—ଦୁଇଥର ଦଣ୍ଡ; ଦ୍ବିଗୁଣ ଦଣ୍ଡ—
Dwipādya Double penalty.

ଦ୍ବିପାୟୀ—ସଂ. ବି. (ଦ୍ବି+ପା. ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—
Dwipāyi ହସ୍ତୀ—Elephant.

ଦ୍ବିପୁଟ କପାଟ—ସଂ. ବି—ଯାଉଁଳି କବାଟ—A door-frame
Dwiputa kapāta having two door-leaves.

ଦ୍ବିପୁରୋଦନ୍ତୀ—ସଂ. ବଣ. (ଜୀବ ବିଜ୍ଞାନ ପାରିଭାଷିକ ଶବ୍ଦ) (ଦ୍ବି+
Dwipurodanti ପୁରୋଦନ୍ତ+ଇନ୍; ୧ମା. ୧ବ)—ଯେଉଁ ଜୀବମାନଙ୍କର ମୁଖର ପୁରୋଭାଗରେ ପ୍ରତ୍ୟେକ ପାଟିରେ ୨ଟି ଲେଖାଏଁ କାଟିବା ଦାନ୍ତ ଥାଏ (ମୂଷା, ଗୁଣ୍ଡିଚି ମୂଷା ଇତ୍ୟାଦି)—Rodent; (animals) having two large incisor teeth in each jaw, distant from the molar teeth (e. g. mouse; squirrel).

ଦ୍ବିବଚନ—ସଂ. ବି—ବ୍ୟାକରଣରେ ଦୁଇ ସଂଖ୍ୟାବୋଧକ ବିଭକ୍ତି—
Dwibachana (grammar) The dual number.
[ଦ୍ର—ସଂସ୍କୃତରେ ଏକବଚନ, ଦ୍ବିବଚନ ଓ ବହୁବଚନ ଅଛି; କିନ୍ତୁ ଭାଷାରେ ନାହିଁ । ଦ୍ବିବଚନ ବୁଝାଇବାକୁ ହେଲେ ଶବ୍ଦ ପରେ ଦ୍ବୟ, ଦୁହେଁ, ଦୁଇ ଆଦି ଯୋଗ କରାଯାଏ ।]

ଦ୍ବିବର୍ଷିକା—ସଂ. ବି. ସ୍ତ୍ରୀ. (ଦ୍ବିବର୍ଷ+ଇକ+ଆ)—ଦୁଇ ବର୍ଷ-
Dwibarshikā ବୟସ୍କା ମାଈ ବାଛୁରୀ—A female calf 2 years old.
(ଦ୍ବିବର୍ଷା—ଅନ୍ୟରୂପ)

ଦ୍ବିବାର୍ଷିକ—ସଂ. ବଣ. (ଦ୍ବି+ବର୍ଷ+ଇକ)—୧ । ଦୁଇ ବର୍ଷ ବୟସ୍କ—
Dwibārshika 1. Aged two years.
(ଦ୍ବିବାର୍ଷିଣ—ଅନ୍ୟରୂପ) ୨ । ଦୁଇ ବର୍ଷରେ ଫଳିବା—
(ଦ୍ବିବାର୍ଷିକା—ସ୍ତ୍ରୀ) 2. Ripening in two years.
୩ । ଦୁଇ ବର୍ଷରେ ଘଟିବା—
3 Happening at the end of two years.

ଦ୍ବିବାହିକା—ସଂ. ବି. (ଦ୍ବି+ବହ ଧାତୁ+ଇକ+ଆ, ଯାହାକୁ
Dwibāhikā ଦୁଇଅଡ଼େ ବହନ କରାଯାଏ)—
୧ । ଦୋଳା—1. A swing.
୨ । ଡାଣ୍ଡୋଳା; ଖଟିଆ—2. Sedan chair.

ଦ୍ୱିବାହୁ—ସଂ. ବି. ଓ ବିଣ—ଦ୍ୱିଭୁଜ (ଦେଖ)
Dwibāhu Dwibhuja (See)

ଦ୍ୱିବିଂଶ—ସଂ. ବିଣ—ଦ୍ୱାବିଂଶ (ଦେଖ)
Dwibiṁśa Dwābiṁśa (See)

ଦ୍ୱିବିଂଶତି—ସଂ. ବି. ଓ ବିଣ—ଦ୍ୱାବିଂଶତି (ଦେଖ)
Dwibiṁśati Dwābiṁśati (See)

ଦ୍ୱିବିଦ—ସଂ. ବି—ସୁଗ୍ରୀବଙ୍କ ଦ୍ୱାରପାଳ ମର୍କଟବିଶେଷ (ଏ ରାମଚନ୍ଦ୍ରଙ୍କ
Dwibida କପିସେନାର ଏକ ସେନାପତି ଥିଲେ)—Name of monkey, doorkeeper of Sugrība.

ଦ୍ୱିବିଧ—ସଂ. ବିଣ. (ଦ୍ୱିଗୁ; ଦ୍ୱି+ବିଧ)—ଦୁଇ ପ୍ରକାରର; ଦୁଇ
Dwibidha ରକମର—Of two kinds.
(ଦ୍ୱିବିଧା—ସ୍ତ୍ରୀ)

ଦ୍ୱିବିନ୍ଦୁ—ସଂ. ବି—ଦୁଇଟି ବିନ୍ଦୁବିଶିଷ୍ଟ ବର୍ଣ୍ଣ; ବିସର୍ଗ—
Dwibindu The aspirate Bisarga.

ଦ୍ୱିବୃନ୍ତ—ସଂ. ବି—ମଞ୍ଜୁଆତି (ଦେଖ) (ହରେକୃଷ୍ଣ ଦ୍ରବ୍ୟଗୁଣ)
Dwibṛunta Mañjuāti (See)

ଦ୍ୱିବେଦ—ସଂ. ବିଣ. ପୁଂ. (ବହୁବ୍ରୀହି; ଦ୍ୱି+ବେଦ)—ଦୁଇଟି ବେଦ
Dwibeda ଅଧ୍ୟୟନ କରିଥିବା (ବ୍ୟକ୍ତି)—(a person) Versed in two Bedas.

ଦ୍ୱିବେଦୀ—ସଂ. ବିଣ. ପୁଂ (ଦ୍ୱି+ବେଦ+ଇନ୍; ୧ମା. ୧ବ.)—
Dwibedī ଦ୍ୱିବେଦ (ଦେଖ)—Dwibeda (See)
ସଂ. ବି—ବ୍ରାହ୍ମଣମାନଙ୍କ ଉପାଧିବିଶେଷ—
A family-title of certain Brāhmaṇas.

ଦ୍ୱିଭୁଜ—ସଂ.ବି—୧ । (ଦ୍ୱିଗୁ) ଦୁଇ ହାତ—
Dwibhuja 1. Two hands.
୨ । (ବହୁବ୍ରୀହି) କୋଣ—2. An angle.
ବିଣ—ଦୁଇ ହାତବିଶିଷ୍ଟ—Having two hands; bimanous; two-armed.
(ଦ୍ୱିଭୁଜା—ସ୍ତ୍ରୀ)

ଦ୍ୱିମାତୃକ—ସଂ. ବି. (ବହୁବ୍ରୀହି; ଦ୍ୱି+ମାତୃ+କ)—
Dwimātṛuka ଦ୍ୱୈମାତୁର (ଦେଖ)—Dwaimātura (See)
(ଦ୍ୱିମାତୃ; ଦ୍ୱିମାତୃଜ—ଅନ୍ୟରୂପ)

ଦ୍ୱିମୁଖ—ସଂ. ବିଣ. ପୁଂ. (ବହୁବ୍ରୀହି; ଦ୍ୱି+ମୁଖ)—
Dwimukha ୧ । ଦୁଇଗୋଟି ମୁଖବିଶିଷ୍ଟ—1. Two-faced.
ଦ୍ୱିମୁଖା } ସ୍ତ୍ରୀ ୨ । ଯାହାର ଦୁଇଟି ଦର୍ଶନୀୟ ପାଖ ଥାଏ—
ଦ୍ୱିମୁଖୀ } 2. Having two phases.
୩ । (ଲକ୍ଷଣାର୍ଥ) ଦୋମୁହାଁ; ଯାହାର କଥା ବଦଳେ—
3. (figurative) Fickle of promise.
ବି—ଦୋମୁଣ୍ଡିଆ ସାପ—A kind of snake having its tail resembling the head.

ଦ୍ୱିମୁଖା—ସଂ. ବି. (ଦ୍ୱିମୁଖ+ଆ)—ଜୋକ—
Dwimukhā A leech.

ଦ୍ୱିମୁଖୀ—ସଂ. ବିଣ. ସ୍ତ୍ରୀ. (ଦ୍ୱିମୁଖ+ଈ)—ଦ୍ୱିମୁଖର ସ୍ତ୍ରୀଲିଙ୍ଗ—
Dwimukhī Feminine of Dwimukha.

ସଂ. ବି—ପ୍ରସବ କରୁଥିବା ଗାଈ—A cow while it is giving birth to a calf.
[ଦ୍ର—ଏପରି ଗାଈକୁ ଦାନ କରିବା ବିଶେଷ ପୁଣ୍ୟଜନକ ବୋଲି ହିନ୍ଦୁଶାସ୍ତ୍ରମାନଙ୍କରେ ଉପଦିଷ୍ଟ ହୋଇଅଛି ।]

ଦ୍ୱିରଦ—ସଂ. ବି. (ବହୁବ୍ରୀହି; ଦ୍ୱି+ରଦ=ଦନ୍ତ)—୧ । ହସ୍ତୀ—
Dwirada 1. Elephant.
୨ । ଦୁର୍ଯ୍ୟୋଧନଙ୍କର ଏକ ଭାଇ—
2. Name of a brother of Durjyodhana.

ଦ୍ୱିରଦ ରଦ—ସଂ. ବି. (୬ଷ୍ଠୀ ତତ; ଦ୍ୱିରଦ+ରଦ)—ହାତୀ ଦାନ୍ତ—
Dwirada rada Ivory.

ଦ୍ୱିରଦାନ୍ତକ—ସଂ. ବି. (୬ଷ୍ଠୀ ତତ୍; ଦ୍ୱିରଦ+ଅନ୍ତକ)—ସିଂହ—
Dwiradāntaka Lion.

ଦ୍ୱିରଶନ—ସଂ. ବି. (ଦ୍ୱି+ଅଶନ)—(ଦ୍ୱିଗୁ) ଦିନରେ ଦୁଇଥର
Dwiraśana ଭୋଜନ—Two meals during a day.
ବିଣ—(ବହୁବ୍ରୀହି) ଯେ ଦିନରେ ଦୁଇଥର ଭୋଜନ କରେ—
Taking two meals a day.

ଦ୍ୱିରସନ—ସଂ. ବି (ବହୁବ୍ରୀହି; ଦ୍ୱି+ରସନା+ଅ)—ଦ୍ୱିଜିହ୍ୱ; ସର୍ପ—
Dwirasana Serpent.

ଦ୍ୱିରାଗମନ—ସଂ. ବି (ଦ୍ୱି+ଆଗମନ)—୧ । ବିବାହ ପରେ ବୟୋପ୍ରାପ୍ତା
Dwirāgamana କନ୍ୟାର ପତି ଗୃହକୁ ଆଗମନ; ପୁଅଣିଘର; ପହିଲିପାଳି—The advent of a bride to her husband's house after attaining puberty.
୨ । ଦୁଆରପାଳି (ଦେଖ)
2. Duārapāḻi (See).

ଦ୍ୱିରାପ—ସଂ. ବି (ଦ୍ୱି+ଅ+ପା ଧାତୁ+ଅ)—ଦ୍ୱିପ; ହସ୍ତୀ—
Dwirāpa Elephant.

ଦ୍ୱିରାବୃତ୍ତି—ସଂ. ବି (ଦ୍ୱି+ଆବୃତ୍ତି)—୧ । କୌଣସି ବିଷୟକୁ ଦୁଇଥର
Dwirābṛutti ପଢ଼ିବା—1. Reading a thing twice.
୨ । ଲିଖିତ ବା ପଠିତ ବିଷୟର ଦ୍ୱିତୀୟଥର ଆବୃତ୍ତି—
2. Revision.

ଦ୍ୱିରାଶୀ—ସଂ. ବିଣ. ପୁଂ (ଦ୍ୱି+ଅଶ୍ ଧାତୁ=ଭୋଜନ କରିବା+ଇନ୍;
Dwirāśī ୧ମା.୧ବ.)—ଯେ ଦିନରେ ଦୁଇ ଥର ଖାଏ—
(ଦ୍ୱିରାଶିନୀ—ସ୍ତ୍ରୀ) Taking 2 meals a day.

ଦ୍ୱିରୁକ୍ତ—ସଂ. ବିଣ (ଦ୍ୱି+ଉକ୍ତ)—ପୁନରୁକ୍ତ; ଦ୍ୱିତୀୟ ବାର କଥିତ—
Dwirukta Twice told; uttered twice; repeated.

ଦ୍ୱିରୁକ୍ତି—ସଂ. ବି (ଦ୍ୱି+ଉକ୍ତି)—୧ । ଦୁଇ ଥର କଥନ; ପୁନରୁକ୍ତି—
Dwirukti 1. Saying a thing twice; repetition.
୨ । ରଚନାର ଭଙ୍ଗୀ ବା ଦୋଷବିଶେଷ; ଗୋଟିଏ କଥାକୁ ଦୁଇ ଥର ଉଲ୍ଲେଖକରଣ—2. A defect in composition; tautology.

ଦ୍ୱିରୁକ୍ତି ଯମକ—ଦେ. ବି (ଅଳଙ୍କାର) ଯମକବିଶେଷ—
Dwirukti jamaka A kind of alliteration.

[ଦ୍ରୁ—ଅଗ୍ରମଦ୍ଧ୍ୟଙ୍କ ଜଦସ୍ଥଚନ୍ଦ୍ରୀମଣିର କମ୍ପଲସ୍ଥତ ପଦ୍ୟଟ ଦ୍ୱିରୁକ୍ତିସମକ ଅଟେ । ଯଥା—ସ୍ୱେଦର ଗମଗମ ବଦନ ଛମଛମ ବଣଇ ସ୍ରିଦ୍ଧ ଅଳଆଳ ।]

ଦ୍ୱିରୂଢ଼ା ସ. ବଣ. ସ୍ତ୍ରୀ (ଦ୍ୱି+ଊଢ଼ା=ବିବାହିତ)—ଦୁଇଥର ବିବାହ କରିଥିବା (ବିଧବା); ପୁନର୍ଭୂ—
Dwirūṛha Remarried (widow).

ଦ୍ୱିରୂପ—ସ. ତ (ଦ୍ୱିଗୁ; ଦ୍ୱି+ରୂପ)—ଦୁଇଟି ରୂପ—
Dwirūpa Two forms.
ବଣ (ବହୁବ୍ରୀହି)—୧ । ଦୁଇଟି ସ୍ୱତନ୍ତ୍ର ଆକାରବିଶିଷ୍ଟ—
1. Of two different forms; biform.
୨ । ଯୁଗଳରୂପବିଶିଷ୍ଟ—
2. Having a double form.
୩ । ଯାହା ଦୁଇ ଆକାରରେ ଲେଖା ଯାଇ ପାରେ—
3. Written in two ways.

ଦ୍ୱିରେତଃ—ସ. ବଣ (ବହୁବ୍ରୀହି; ଦ୍ୱି+ରେତସ୍)—ଦୋଗଲା (ଦେଖ)
Dwiretah Dogalā (See).

ଦ୍ୱିରେଫ—ସ. ବ (ବହୁବ୍ରୀହି; ଯାହା ମୁଦ୍ଧିରେ ଦୁଇଟି ରେଫ ପରି ଥାଏ; କିମ୍ବା ଯେଉଁ ଶବ୍ଦରେ ଦୁଇଟି 'ର' ଅକ୍ଷର ବ୍ୟବହୃତ 'ଭ୍ର' ଓ 'ର')—
Dwirepha
୧ । ଭ୍ରମର—1. A bee; black bee.
୨ । ବର୍ବର (ହି. ଶବ୍ଦସାଗର) (ଦେଖ)
2. Barbara (See).

ଦ୍ୱିଶଃ—ସ. ଅ (ଦ୍ୱି+ଶସ୍)—୧ । ଦୁଇ ଥର—
Dwiśah 1. Twice.
୨ । ଯୋଡ଼ ଯୋଡ଼ ହୋଇ; ଦୁଇ ଦୁଇ ହୋଇ—
2. Two by two; in pairs.

ଦ୍ୱିଶତ—ସ. ବ. ଓ ବଣ—ଦୁଇଶହ; ୨୦୦—
Dwiśata 200; two hundred.

ଦ୍ୱିଶଫ—ସ. ବଣ (ବହୁବ୍ରୀହି; ଦ୍ୱି+ଶଫ=ଖୁରା)—
Dwiśapha ଯାହାର ଖୁରା ଦୁଇ ଭାଗରେ ବିଭକ୍ତ—
Two-hoofed; cloven-footed; having cloven hoofs.
(ଯଥା—ଷାଣ୍ଢ, ଛେଳି, ମେଣ୍ଢା, ମୃଗ ।)

ଦ୍ୱିଶୀର୍ଷ—ସ. ବ (ବହୁବ୍ରୀହି; ଦ୍ୱି+ଶୀର୍ଷ)—ଅଗ୍ନି—
Dwiśirsha An epithet of the Fire-god.
(ଦ୍ୱିଶିରାଃ—ଅନ୍ୟରୂପ) ସ. ବଣ—ଯାହାର ଦୁଇ ମୁଣ୍ଡ ଅଛି—
Two-headed.

ଦ୍ୱିଷ୍ (ଧାତୁ)—ସ.—୧ । ଦ୍ୱେଷ କରିବା—
Dwish (root) 1. To envy.
୨ । ଶତ୍ରୁଭାଚରଣ କରିବା—
2. To act inimically.

ଦ୍ୱିଷ୍—ସ. ବ (ଦ୍ୱିଷ୍ ଧାତୁ+କର୍ତ୍ତୃ. କ୍ୱିପ୍)—ଶତ୍ରୁ—
Dwish Enemy.
(ଦ୍ୱିଟ—ଅନ୍ୟରୂପ)

ଦ୍ୱିଷତ୍—ସଂ. ବ —(ଦ୍ୱିଷ ଧାତୁ+କର୍ତ୍ତୃ. ଅତ୍)—ବୈରୀ; ଶତ୍ରୁ—
Dwishat Enemy; foe.
(ଦ୍ୱିଷତୀ—ସ୍ତ୍ରୀ) ବଣ. ପୁଂ—ଦ୍ୱେଷକାରୀ—
Spiteful; envious

ଦ୍ୱିଷନ୍ତପ—ସଂ. ବଣ (ଦ୍ୱିଷଂ=ଶତ୍ରୁକୁ+ତପ ଧାତୁ=ପୀଡ଼ା ଦେବା +କର୍ତ୍ତୃ. ଅ)—ଯେ ଶତ୍ରୁକୁ ପୀଡ଼ା ଦିଏ—
Dwishantapa Distressing an enemy; oppressor of a foe.
ବ—ତମ୍ବା—Copper.

ଦ୍ୱିଷଷ୍ଟ—ସଂ. ବଣ (ଦ୍ୱିଷଷ୍ଟି +ପୂରଣାର୍ଥେ. ଅ)—ଦ୍ୱାଷଷ୍ଟ (ଦେଖ)
Dwishashṭa Dwāshashṭa (See).
(ଦ୍ୱିଷଷ୍ଟିତମ—ଅନ୍ୟରୂପ)

ଦ୍ୱିଷଷ୍ଟି—ସଂ. ବ. ଓ ବଣ—ଦ୍ୱାଷଷ୍ଟି (ଦେଖ)
Dwishashṭi Dwāshashṭi (See).

ଦ୍ୱିଷ୍ଟ—ସ. ବଣ. (ଦ୍ୱିଷ୍ ଧାତୁ+କର୍ମ. ତ)—୧ । ଯାହା ପ୍ରତି ଶତ୍ରୁଭାଚରଣ କରା ଯାଇ ଥାଏ—1. Envied.
Dwishṭa
(ଦ୍ୱିଷ୍ଟା—ସ୍ତ୍ରୀ) ୨ । ଘୃଣିତ—2. Hated; disliked.

ଦ୍ୱିଷ୍ଠ—ସ. ବଣ.—(ଦ୍ୱି+ସ୍ଥା ଧାତୁ+କର୍ତ୍ତୃ. ଅ)—୧ । ଯେ ଦୁଇଅଡ଼େ ଥାଏ; ଉଭୟପକ୍ଷ ଅବସ୍ଥିତ—1. Siding with opposite sides.
Dwishṭha
୨ । ଦୁଇ ସ୍ଥାନରେ ସ୍ଥିତ—2. Placed or put on both sides or at both places.

ଦ୍ୱିସପ୍ତ—ସ. ବ. ଓ ବଣ—ଚଉଦ—
Dwisapta Fourteen.

ଦ୍ୱିସପ୍ତତ—ସ. ବଣ.—ଦ୍ୱାସପ୍ତତ (ଦେଖ)
Dwisaptata Dwāsaptata (See)
(ଦ୍ୱିସପ୍ତତିତମ—ଅନ୍ୟରୂପ)

ଦ୍ୱିସପ୍ତତି—ସ. ବଣ.—ଦ୍ୱାସପ୍ତତି (ଦେଖ)
Dwisaptati Dwāsaptati (See)

ଦ୍ୱିସପ୍ତାହ—ସ. ବ.—ଏକ ପକ୍ଷ; ପନ୍ଦର ଦିନ କାଳ—
Dwisaptāha Fortnight.

ଦ୍ୱିସମ—ସ. ବଣ. (ବହୁବ୍ରୀହି; ଦ୍ୱି+ସମ)—ଦୁଇ ସମାନ ଭାଗ ବିଶିଷ୍ଟ—
Dwisama Having two equal parts.

ଦ୍ୱିସମ ତ୍ରିଭୁଜ—ସ. ବ.—ସମଦ୍ୱିବାହୁ ତ୍ରିଭୁଜ—
Dwisama tribhuja An isosceles triangle.

ଦ୍ୱି ସହସ୍ର—ସଂ. ବ. ଓ ବଣ—୨୦୦୦; ଦୁଇ ହଜାର—
Dwisahasra 2000; two thousand.
(ଦ୍ୱିସାହସ୍ର—ଅନ୍ୟରୂପ)

ଦ୍ୱିସୀତ୍ୟ—ସଂ. ବଣ.—ଦ୍ୱିହଲ୍ୟ (ଦେଖ)
Dwisitya Dwihalya (See)
(ଦ୍ୱିସୀତ୍ୟା—ସ୍ତ୍ରୀ)

ଦ୍ୱିସ୍ୱିନ୍ନାନ୍ନ—ସଂ. ବ. (ଦ୍ୱି+ସ୍ୱିନ୍ନ+ଅନ୍ନ)—ଉଷୁନା ଚାଉଳ (ହ୍ର. ଷ.)
Dwis-swinnānna Rice from paddy which has been vapoured.

[ଦ୍ର—ବ୍ରହ୍ମବୈବର୍ତ୍ତ ପୁରାଣମତରେ ସଦ୍ଧ, ଅଥବା ଓ ବ୍ରହ୍ମସୁଶାଙ୍କର ଏ ସୁଦ୍ଧଳର ଅନ୍ନ ଖାଇବା ଉଚିତ; ଦେବପୂଜାରେ ମଧ୍ୟ ଏ ସୁଦ୍ଧଳର ବ୍ୟବହାର ଉଚିତ ।]

ଦ୍ୱିହଲ୍ୟ—ସଂ. ବିଣ. (ଦ୍ୱି+ହଲ ଧାତୁ=ଚଷିବା+କର୍ମ. ଯ)—ଦୁଇ ଥର Dwihalya କର୍ଷିତ; ଦୋଓଡ଼ ଚଷ ହୋଇ ଥିବା—Twice (ଦ୍ୱିହଲ୍ୟା—ସ୍ତ୍ରୀ) tilled; twice ploughed.

ଦ୍ୱିହାୟନ—ସ. ବିଣ. (ଦ୍ୱି+ହାୟନ=ବର୍ଷ+ଅ)—ଯାହାର ବୟସ ଦୁଇ Dwihāyana ବର୍ଷ; ଦୁଇ ବର୍ଷିଆ; ଦୋସାଲିଆ— (ଦ୍ୱିହାୟନା—ସ୍ତ୍ରୀ) Aged two years.

ଦ୍ୱିହାୟନୀ—ସ. ବ. ସ୍ତ୍ରୀ. (ଦ୍ୱିହାୟନ+ସ୍ତ୍ରୀ. ଈ)—ଦ୍ୱିବର୍ଷବୟସ୍କା ମାଈ Dwihāyani ବାଛୁରୀ—A female calf two years old.

ବିଣ.—ଦ୍ୱିହାୟନର ସ୍ତ୍ରୀଲିଙ୍ଗ— The feminine of Dwihāyana.

ଦ୍ୱିହୀନ—ସ. ବ. (ଦ୍ୱି=ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ+ହୀନ; ଯାହା ପୁଂଲିଙ୍ଗ ବା Dwihina ସ୍ତ୍ରୀଲିଙ୍ଗ ନୁହେଁ)—ନପୁଂସକ ଲିଙ୍ଗ— Neuter gender.

ବିଣ.—ନପୁଂସକ—Eunoch; hermaphrodite.

ଦ୍ୱିହୃଦୟା—ସ. ବିଣ. ସ୍ତ୍ରୀ (ବହୁବ୍ରୀହି; ଦୁଇଟି ହୃଦୟ ଅଛି ଯାହାର; Dwihrudayā ଆପଣାର ଗୋଟିଏ ଓ ଭ୍ରୂଣର ଗୋଟିଏ)— ଗର୍ଭିଣୀ—Pregnant (woman).

ଦ୍ୱୀପ—ସ. ବ (ଦ୍ୱି+ପା ଧାତୁ+ଅ)—୧ । ଟାପୁ; ଚତୁର୍ଦ୍ଦିଗରେ ଜଳ-Dwipa ବେଷ୍ଟିତ ଭୂଖଣ୍ଡ—1. Island (surrounded by water on all sides).

[ଦ୍ର—ହିନ୍ଦୁମାନଙ୍କ ପୁରାଣ ମତରେ ପୃଥିବୀ ମେରୁ ପର୍ବତକୁ ଘେରିଥିବା ସାତ ପରସ୍ତ ସମୁଦ୍ର ବେଷ୍ଟିତ ସାତଗୋଟି ଦ୍ୱୀପରେ ବିଭକ୍ତ ଥିଲା; ତହିଁ ମଧ୍ୟରୁ ଜମ୍ବୁ ଦ୍ୱୀପର ଏକାଂଶ ଭାରତବର୍ଷ । ସପ୍ତଦ୍ୱୀପର ନାମ ଯଥା—ଜମ୍ବୁ, କୁଶ, ପ୍ଲକ୍ଷ, ଶାଲ୍ମଳୀ, କ୍ରୌଞ୍ଚ, ଶାକ ଓ ପୁଷ୍କର ।]

୨ । ବ୍ୟାଘ୍ର ଚର୍ମ—2. Tiger skin.

ଦେ. ବ (ସ. ଦ୍ୱିପ)—ହସ୍ତୀ—Elephant.

ଅବ୍ୟସିତ, ପରିକର ଲବଣ ଯେ ଇକ୍ଷୁ, ସୁରା ଘୃତ
ଦଧି ଦୁଗ୍ଧ ପସ୍ତ ସାତ ବଳୟ ଆକାରେ ଉଦେ ଅଧିକ
ଉକ୍ତ ସମୁଦ୍ରେ ତହିଁ ଏଣ ମଧ୍ୟେ ଦ୍ୱୀପ ଛ ଜ ଯେ । ଉକ୍ତ. ବୈଦେହୀଶବିଳାସ ।

ଦ୍ୱୀପକର୍ପୂରଜ—ସ. ବ (ବୈଦ୍ୟକ)—ଚୀନକର୍ପୂର; ଚନାକର୍ପୂର— Dwipakarpūraja Chinese camphor.

ଦ୍ୱୀପ ନାଥ—ଦେ. ବ (୬ଷ୍ଠୀ ତତ୍; ଦ୍ୱୀପ+ନାଥ)—୧ । ରାଜା — Dwipa nātha 1. King.

ବଳୀୟସ୍ ଦ୍ୱୀପନାଥେ ପାଶେ ଅନୁସର—ଉକ୍ତ. ବୈଦେହୀଶବିଳାସ ।

୨ । ହସ୍ତିଶ୍ରେଷ୍ଠ— 2. A lordly or stately elephant.

ବଳୀୟସ୍ ଦ୍ୱୀପନାଥେ ପାଶେ ଅନୁସର—ଉକ୍ତ. ବୈଦେହୀଶବିଳାସ ।

ଦ୍ୱୀପବାନ୍—ସଂ. ବିଣ (ଦ୍ୱୀପ+ବତ୍; ୧ମା. ୧ବ)—୧ । ଦ୍ୱୀପବହିଷ୍ଟ— Dwipabān 1. Studded with isles; abounding in islands.

୨ । ଯହିଁରେ ଅନେକ ଦ୍ୱୀପ ଅଛି— 2. Having many islands.

ବି—୧ । ସମୁଦ୍ର—1. The sea.

୨ । ନଦ—2. A big and shallow river.

ଦ୍ୱୀପବତୀ—ସଂ. ବ. ସ୍ତ୍ରୀ (ଦ୍ୱୀପ+ବତ୍+ସ୍ତ୍ରୀ ଈ)—୧ । ନଦୀ— Dwipabati 1. River.

୨ । ଭୂମି—2 The earth.

ଦ୍ୱୀପ ସ୍ତମ୍ଭ—ଦେ. ବି—ଆଲୋକସ୍ତମ୍ଭ— Dwipa stambha Light house.

ଗୋରବ ସଂସାରାର୍ଣ୍ଣବ-ଦ୍ୱୀପସ୍ତମ୍ଭ ଦ୍ୱାରେ
ଇଉଗୁ ବଳାର୍ଣ୍ଣ ହୋଇ ଏହୁ ଧର୍ମକେତୁ । ରାଧାନାଥ. ମହାଯାତ୍ରା ।

ଦ୍ୱୀପାନ୍ତର—ସଂ. ବ (ଅନ୍ୟ+ଦ୍ୱୀପ)—ଆଉ ଗୋଟିଏ ଦ୍ୱୀପ— Dwipāntara Another island.

ଦେ. ବି(ବହୁବ୍ରୀହି)—ଅପରାଧୀ ବ୍ୟକ୍ତିକୁ ରାଜ୍ୟରୁ ବହିଷ୍କୃତ କରି ଗୋଟିଏ ଦ୍ୱୀପକୁ ପଠାଇବାରୂପ ଦଣ୍ଡ—Transportation of an offender.

ଦ୍ୱୀପାନ୍ତର ବଚା—ସଂ. ବ (ବୈଦ୍ୟକ) (ଦ୍ୱୀପାନ୍ତରରୁ ଭାରତକୁ ଆମଦାନୀ Dwipāntara bachā ହୋଇଥିବାରୁ)—ତୋପଚିନି (ଦେଖ) Topachini (See)

ଦ୍ୱୀପିକା—ସଂ. ବ (ଦ୍ୱୀପ+କ+ଆ)—ଶତାବରୀ (ହି. ଶବ୍ଦସାଗର)— Dwipikā Asparagus.

ଦ୍ୱୀପୀ—ସ. ବ. (ଦ୍ୱୀପ+ଇନ୍; ୧ମା. ୧ବ; ଏହା ଦେହରେ ଦ୍ୱୀପ ପରି Dwipi ଗୋଲ ଗୋଲ ଚିହ୍ନ ଥିବାରୁ)—

୧ । ଚିତାବାଘ —1. Leopard.

୨ । ଚିତ୍ରକ ଗୁଳ୍ମ—2. Leadwort.

ଦ୍ୱୀଶ—ସ. ବିଣ. (ବହୁବ୍ରୀହି; ଦ୍ୱି+ଈଶ)— Dwisa ୧ । ଦ୍ୱିସ୍ୱାମିକ; ଯାହାର ଦୁଇ ଜଣ ପ୍ରଭୁ ବା ମାଲିକ— (ଦ୍ୱୀଶା—ସ୍ତ୍ରୀ) 1. Having two masters.

୨ । ଯେ ଦୁଇ ଜଣଙ୍କର ବା ଦୁଇ ବସ୍ତୁର ମାଲିକ ଅଟେ— 2. Having ownership in two.

୩ । ଦୁଇ ଦେବତାଙ୍କ ପାଇଁ ଉଦ୍ଦିଷ୍ଟ (ଚରୁ)— 3. (oblation) Intended for two Deities.

ସ. ବି. ପୁଂ—୧ । ଦୁଇ ସ୍ତ୍ରୀର ସ୍ୱାମୀ— 1. Husband of two wives.

୨ । ବିଶାଖା ନକ୍ଷତ୍ର—2. The 16th asterism.

ଦ୍ୱେଷ—ସ. ବ. (ଦ୍ୱିଷ୍ ଧାତୁ+ଭାବ. ଅ)— Dwesha ୧ । ବୈର; ଶତ୍ରୁତା—1. Enmity

୨ । ଦ୍ରୋହ—2. Aversion; hatred

୩ । ହିଂସା; ଈର୍ଷା—3. Malice; spite; malignity.

୪ । କ୍ରୋଧ—4. Anger.

୫ । ପ୍ରତିହିଂସା—5. Revenge.

୬ । ବିରକ୍ତି; ଚିଢ଼—6. Displeasure.

ଦ୍ୱେଷଣ—ସଂ. ବ. (ଦ୍ୱିଷ୍ ଧାତୁ+ଭାବେ. ଅନ)— Dweshana ୧ । ବୈରଭାବ; ଶତ୍ରୁଭାଚରଣ—1. Enmity.

୨ । ପ୍ରତିହିଂସା ନେବା — 2. Taking revenge.
୩ । ଶତ୍ରୁ — 3. Enemy.

ଦ୍ୱେଷୀ—ସଂ. ବିଣ. ପୁଂ (ଦ୍ୱେଷ + ଇନ୍; ୧ମା. ୧ବ)—
Dweshi ୧ । ପ୍ରତିହିଂସା ପରାୟଣ—1. Revengeful.
(ଦ୍ୱେଷିଣୀ—ସ୍ତ୍ରୀ) ୨ । ହିଂସକ; ଈର୍ଷାଯୁକ୍ତ—
2. Spiteful; malignant.
୩ । ଶତ୍ରୁଭାବାପନ୍ନ—3. Inimical.
ବି—ଶତ୍ରୁ—Enemy; foe.

ଦ୍ୱେଷ୍ଟା—ସଂ. ବିଣ. ପୁଂ. (ଦ୍ୱିଷ୍ ଧାତୁ + ତୃ; ୧ମା. ୧ବ)—
Dweshtā ୧ । ଶତ୍ରୁ ଆଚରଣକାରୀ—1. Inimical.
(ଦ୍ୱେଷ୍ଟ୍ରୀ—ସ୍ତ୍ରୀ) ୨ । ଯେ ହିଂସା କରେ; ହିଂସ୍ର—
2. Revengeful; malicious.
୩ । ଘୃଣାକାରୀ—Hating.
ବି— ୧ । ଶତ୍ରୁ—1. Enemy.
୨ । ବିରୋଧୀ—2. Adversary; rival.

ଦ୍ୱେଷ୍ୟ—ସଂ. ବିଣ. ପୁଂ. (ଦ୍ୱିଷ୍ ଧାତୁ + କର୍ମ. ଯ)—ଦ୍ୱେଷାର୍ହ; ଘୃଣ୍ୟ—
Dweshya Hateful; detestable; odious.
(ଦ୍ୱେଷ୍ୟା—ସ୍ତ୍ରୀ) ବି— ୧ । ଦ୍ୱେଷର ପାତ୍ର—
1. An object of hatred.
୨ । ବୈରୀ; ଶତ୍ରୁ — 2. Enemy; foe.

ଦ୍ୱୈଗୁଣିକ—ସଂ. ବିଣ. (ଦ୍ୱିଗୁଣ + ଇକ)—ସୁଦଖୋର; ଯେ ଋଣ ଦେଇ
Dwaiguṇika ଅଧିକ ସୁଧ ନିଏ—Usurious.

ଦ୍ୱୈଗୁଣ୍ୟ—ସଂ. ବି. (ଦ୍ୱିଗୁଣ + ଭାବେ. ଯ)—ଦ୍ୱିଗୁଣ ପରିମାଣ—
Dwaiguṇya Double amount.

ଦ୍ୱୈତ—ସଂ. ବି. (ଦ୍ୱି + ଇତ = ଦ୍ୱୀତ + ଅ)—
Dwaita ୧ । ଦୁଇ ପଦାର୍ଥର ଅସ୍ତିତ୍ୱ—
1. Existence of two things.
୨ । ଦ୍ୱିବିଧତ୍ୱ; ଦ୍ୱିତ୍ୱ—2. Duality of things.
୩ । ଦ୍ୱିଗୁଣ କରଣ; ଦ୍ୱିତ୍ୱକରଣ — 3. Duplication.
୪ । ଈଶ୍ୱର ଓ ସୃଷ୍ଟି ମଧ୍ୟରେ ସମ୍ପର୍କ; ଆତ୍ମା ସଙ୍ଗେ ଶରୀରର ସମ୍ବନ୍ଧ ସ୍ଥାପନ—4. Association of spirit and matter.
୫ । ଦ୍ୱୈତବନ; ମହାଭାରତୋକ୍ତ ସରସ୍ୱତୀ ନଦୀ ତୀରସ୍ଥ ବନବିଶେଷ—5. Name of a forest in ancient India.
୬ । ବନ—6. Forest.
୭ । ଯୁଗ୍ମ; ଯୁଗଳ (ହି. ଶବ୍ଦସାଗର)—7. Couple.
୮ । ଭେଦ ଭାବ; ଅପଣାର ଓ ପରର ମଧ୍ୟରେ ପ୍ରଭେଦ ଭାବ— (ହି. ଶବ୍ଦସାଗର)—Distinction between what is one's own and what is not.
୯ । ଅଜ୍ଞାନ (ହି. ଶ)—9. Ignorance.
୧୦ । ଦ୍ୱୈତବାଦ (ହି. ଶ) (ଦେଖ)
10. Dwaitabāda (See)
ବିଣ—୧ । ଦ୍ୱୈତବାଦୀ—1. Dualistic (philosophy).
୨ । (ଦ୍ୱି + ତ) ଦୁଇ ସମ୍ବନ୍ଧୀୟ; ଯୁଗ୍ମ—2. Dual.

ଦ୍ୱୈତ ଜ୍ଞାନ—ସଂ. ବି—ଦ୍ୱୈତବାଦ (ଦେଖ)
Dwaita jñāna Dwaitabāda (See)

ଦ୍ୱୈତ ବନ—ସଂ. ବି (ନାମ)—ପାଣ୍ଡବମାନେ ପଶାଖେଳରେ ହାରି
Dwaita bana ଦ୍ରୌପଦୀଙ୍କ ସହିତ ସରସ୍ୱତୀ ନଦୀ ତୀରସ୍ଥ ଯେଉଁ ବନରେ ଯାଇ ବାସ କରିଥିଲେ—Name of a forest where the Pāṇḍabas lived during their exile.

ଦ୍ୱୈତ ବାଦ—ସଂ. ବି—ହିନ୍ଦୁ ଦର୍ଶନ ଶାସ୍ତ୍ରର ମତବିଶେଷ; ଆତ୍ମା ଓ ଭୂତ
Dwaita bāda ପୃଥକ୍ ଅଟେ ବୋଲି ଯେଉଁ ମତ—
(ଅଦ୍ୱୈତବାଦ—ବିପରୀତ) Belief in Dualism; the duatistic doctrine of Hindu philosophy; the doctrine of the existence of spirit and matter as distinct from each other.
[ଦ୍ର—ଏ ମତ ଦ୍ୱାରା ଈଶ୍ୱରଙ୍କଠାରୁ ସୃଷ୍ଟ ବସ୍ତୁ ପୃଥକ୍ ଥିବାର ପ୍ରତିପନ୍ନ । ପୃଥିବୀର ଯାବତୀୟ ପଦାର୍ଥର ଦୁଇଗୋଟି ଅବସ୍ଥିତି ଅର୍ଥାତ୍ ଈଶ୍ୱର (ପରମାତ୍ମା) ଓ ମନୁଷ୍ୟ (ଜୀବାତ୍ମା) ପରସ୍ପରଠାରୁ ପୃଥକ୍, ଏହିପରି ମତକୁ ଦ୍ୱୈତବାଦ ବୋଲାଯାଏ । ଦ୍ୱୈତବାଦ ମତରେ ଶରୀରଠାରୁ ଆତ୍ମା ପୃଥକ୍ ।]

ଦ୍ୱୈତବାଦୀ—ସଂ. ବିଣ. ପୁଂ (ଦ୍ୱୈତବାଦ + ଇନ୍; ୧ମା. ୧ବ.)—ଯେଉଁ
Dwaitabādī ବ୍ୟକ୍ତି ଦ୍ୱୈତବାଦରେ ବିଶ୍ୱାସ କରନ୍ତି—
(ଦ୍ୱୈତବାଦିନୀ—ସ୍ତ୍ରୀ) A Dualistic philosopher; a Dualist
(ଦ୍ୱୈତୀ—ଅନ୍ୟରୂପ) in Philosophy; a believer in the Dualistic system of Hindu philosophy.

ଦ୍ୱୈତ ମତ—ସଂ. ବି—ଦ୍ୱୈତ ବାଦ (ଦେଖ)
Dwaita mata Dwaita bāda (See)

ଦ୍ୱୈତ ଶାସନ—ଦେ. ବି. (ଆଧୁନିକ ରାଜନୀତିକ ପରିଭାଷା)—
Dwaita śāsana ରାଜକୀୟ ମତ ଓ ଲୋକମତ ଉଭୟ ମତ ଅନୁସାରେ ପରିଚାଳିତ ଶାସନପ୍ରଣାଳୀ—
A dual system of Government.
[ଦ୍ର—ଏହି ଶାସନ ପ୍ରଣାଳୀରେ କେତେକ ବିଷୟ ରାଜା ବା ରାଜକର୍ମଚାରୀଙ୍କ ମତ ଅନୁସାରେ ଓ କେତେକ ବିଷୟ ଲୋକ-ପ୍ରତିନିଧିମାନଙ୍କ ମତରେ ପରିଚାଳିତ ହୁଏ ।]

ଦ୍ୱୈତ ହଂସ—ପ୍ରାଦେ. (ସିଂହଭୂମ) ବି—ସରାଇକେଲା ରାଜଦରବାରର
Daita hamsa ଚିଠିପତ୍ର ଓ ଷ୍ଟାମ୍ପମାନଙ୍କରେ ଅଙ୍କିତ ଦୁଇଟି ହଂସର ସଙ୍କେତ ବା (ଚିହ୍ନ)—The device of a pair of swans drawn on official papers of the Seraikella State of Orissa.
[ଦ୍ର—ରାଜଦରବାର ଛଡ଼ା ରାଜ୍ୟର ଅନ୍ୟାନ୍ୟ ପୀଠପତିମାନେ କାଗଜପତ୍ରରେ ଗୋଟିଏ ମାତ୍ର ହଂସର ଚିହ୍ନ ବ୍ୟବହାର କରନ୍ତି ।]

ଦ୍ୱୈଧ—ସଂ. ବି. (ଦ୍ୱିଧା + ଅ)—
Dwaidha ୧ । ଦୁଇ ପ୍ରକାର—1. Two kinds.
୨ । ଦ୍ୱିଧା ହେବା ଅବସ୍ଥା—2. Duality.
୩ । ଅମେଳ—3. Conflict; contradiction.

୪ । ସଂଶୟ; ସନ୍ଦେହ—4. Doubt; hesitation.
୫ । ପ୍ରଭେଦ; ପାର୍ଥକ୍ୟ—5. Difference
୬ । ମତ ଭେଦ; ମତ ପାର୍ଥକ୍ୟ—
6. Difference of opinion.
୭ । ପରସ୍ପର ବିରୋଧ—7. Mutual opposition.
୮ । ରାଜନୀତିରେ ଷଡ଼୍‌ଗୁଣ ମଧ୍ୟରୁ ଏକ ଗୁଣ; ମୁଖ୍ୟଉଦ୍ଦେଶ୍ୟକୁ ଗୁପ୍ତ ରଖି ଅନ୍ୟ ଉଦ୍ଦେଶ୍ୟ ପ୍ରକାଶ କରିବାର କର୍ମ—
8. Policy; duplicity (in politics).
ବିଣ—୧ । ଦୁଇ ଭାଗରେ ବିଭକ୍ତ—1. Divided.
୨ । ଦ୍ୱିଗୁଣ—2. Double; two fold.

ଦ୍ୱୈଧୀକରଣ—ସଂ. ବି. (ଦ୍ୱୈଧ+ଅଭୂତତଦ୍ଭାବେ ଚ୍ୱି+କରଣ)—
Dw**ai**dhīkaraṇa ଦୁଇ ଖଣ୍ଡ ବା ଭାଗରେ ବିଭକ୍ତ କରଣ—
(ଦ୍ୱୈଧୀକୃତ—ବିଣ) Dividing into two.

ଦ୍ୱୈଧୀଭାବ—ସଂ. ବି. (ଦ୍ୱୈଧ+ଅଭୂତତଦ୍ଭାବେ ଚ୍ୱି+ଭାବ)—
Dw**ai**dhībhāba ୧ । ଅନ୍ତରର ଭାବ ଗୋପନ କରି ମୁଖରେ ଅନ୍ୟ ଭାବ ପ୍ରକାଶ କରିବା—1. Hypocricy.
୨ । ସନ୍ଦେହ—2. Hesitation
୩ । କର୍ତ୍ତବ୍ୟ ବା ମତର ଅସ୍ଥିରତା—3. Vacillation.
୪ । କପଟାଚାର—4. Duplicity.
୫ । ଦୋନାଉଡ଼ିଆ ରୀତି—5. Double dealing.

ଦ୍ୱୈପ—ସଂ. ବିଣ. (ଦ୍ୱୀପ+ଅ)—
Dw**ai**pa ୧ । ଦ୍ୱୀପ ସମ୍ବନ୍ଧୀୟ—1. Pertaining to an island; insular.
୨ । ବ୍ୟାଘ୍ର ଚର୍ମନିର୍ମିତ—2. Made of tiger skin.

ଦ୍ୱୈପ ସାଗର—ସଂ. ବି—ଯେଉଁ ସମୁଦ୍ରରେ ବହୁ ଦ୍ୱୀପପୁଞ୍ଜ ଏକତ୍ରିତ
Dw**ai**pa sāgara ହୋଇ ଥାଏ—An archipelago.

ଦ୍ୱୈପାୟନ—ସଂ. ବି. ପୁଂ. (ଦ୍ୱୀପ+ଅୟନ=ଜନ୍ମ)—
Dw**ai**pāyana ୧ । ମହାଭାରତ ପ୍ରଣେତା ବ୍ୟାସ ଦେବ—
1. Byāsa, the author of Mahābhārata.
[ଦ୍ର—ଏହାଙ୍କର ଜନ୍ମ ଯମୁନା ନଦୀ ଗର୍ଭସ୍ଥ ଦ୍ୱୀପରେ ହୋଇଥିବାର ମହାଭାରତରେ ଉକ୍ତ ଅଛି ।]
୨ । ଦ୍ୱୀପବାସୀ ବ୍ୟକ୍ତି—2. An islander.
ସଂ. ବିଣ. ପୁଂ—୧ । ଦ୍ୱୀପବାସୀ—2. Inhabitant of an island.
୨ । ଦ୍ୱୀପରେ ଜାତ—2. Born in an island.

ଦ୍ୱୈପେୟ—ସଂ. ବିଣ. (ଦ୍ୱୀପ+ଏୟ)—
Dw**ai**peya ୧ । ଦ୍ୱୀପ ଜାତ—1, Born or produced in an island.
ବି. (ବୈଦ୍ୟକ) କାଜୁପଟି ତେଲ—
Oil of Kajupati; Eucalyptus oil.

ଦ୍ୱୈବାର୍ଷିକ—ଦେ. ବିଣ. (ସଂ. ଦ୍ୱିବାର୍ଷିକର ଅଶୁଦ୍ଧ ପ୍ରୟୋଗ)—
Dw**ai**bārshika . ଦ୍ୱିବାର୍ଷିକ (ଦେଖ)
Dwibārshika (See)

ଦ୍ୱୈବିଧ୍ୟ—ସଂ. ବି. (ଦ୍ୱିବିଧ+ଭାବେ. ଯ)—
Dw**ai**bidhya ୧ । ଦ୍ୱିରୂପତ୍ୱ; ଦ୍ୱିବିଧତ୍ୱ—1. Duality.
୨ । ଦୋଦୋପାଞ୍ଚ—2. Hesitation.

ଦ୍ୱୈମାତୁର—ସଂ. ବିଣ. ପୁଂ. (ଦ୍ୱି+ମାତୃ+ଅପତ୍ୟାର୍ଥେ. ଅ)—
Dw**ai**mātura ୧ । ଯେଉଁ ସନ୍ତାନର ଦୁଇଟି ମାତା—
(ଦ୍ୱୈମାତୁରା—ସ୍ତ୍ରୀ) 1. Having two mothers (one giving birth and other bringing him up)
୨ । ଯେଉଁ ସନ୍ତାନ ଦୁଇଟିଙ୍କର ପିତା ଏକ, କିନ୍ତୁ ମାତା ପୃଥକ୍—
2. (brothers) Of the same father but of different mothers; half brothers.
ବି—୧ । ଗଣେଶ—1. God Gaṇeśa
[ଦ୍ର—ସ୍କନ୍ଦ ପୁରାଣର ଗଣେଶଖଣ୍ଡରେ ଲେଖା ଅଛି ଯେ ବରେଣ୍ୟ ନାମକ ରାଜାଙ୍କର ପୁଷ୍ପକା ନାମ୍ନୀ ରାଣୀଙ୍କ ଗର୍ଭରୁ ଗଣେଶ ଜନ୍ମି ଥିଲେ । କିନ୍ତୁ ଏହାଙ୍କ ତେଜ ଓ ଅଦ୍ଭୁତରେ ଭୀତ ହୋଇ ରାଜା ଏ ଶିଶୁକୁ ପାର୍ଶ୍ୱ ମୁନିଙ୍କ ଆଶ୍ରମ ନିକଟସ୍ଥ ଏକ ଜଳାଶୟରେ ପକାଇ ଦେଲେ । ସେଠାରୁ ପାର୍ଶ୍ୱ ମୁନିଙ୍କ ସ୍ତ୍ରୀ ଦୀପବତ୍ସଳା ଆଣି ଏହାଙ୍କୁ ପାଳିଲେ । ଏହି କାରଣରୁ ଏହାଙ୍କର ଦ୍ୱୈମାତୁର ନାମ ହେଲା । ଦ୍ର. ଶବ୍ଦସାଗର ।]
୨ । ଜରାସନ୍ଧ—2 Jarāsandha.
[ଦ୍ର—ଏ ପ୍ରଥମେ ଦୁଇଟି ମାତାଙ୍କ ଗର୍ଭରୁ ଦୁଇ ଫାଳ ହୋଇ ଜନ୍ମ ହୋଇଥିଲା । ଜରାନାମ୍ନୀ ରାକ୍ଷସୀ ପରେ ଦୁଇଫାଳକୁ ଯୋଡ଼ି ଦେବାରୁ ଏହା ଗୋଟିଏ ରୂପ ହେଲା ।]

ଦ୍ୱୈମାତୃକ—ସଂ. ବିଣ. (ଦ୍ୱି+ମାତୃ+କ)—
Dw**ai**mātṛuka ବର୍ଷା ଜଳ ଓ ନଦୀ ଜଳ ଦ୍ୱାରା ଯେଉଁ ଦେଶରେ ଶସ୍ୟାଦି ଉତ୍ପାଦିତ ହୁଏ; ବୃଷ୍ଟି ଜଳ ଓ ସିକ୍ତ ଜଳ ଦ୍ୱାରା ଯେଉଁ ଦେଶରେ ଶସ୍ୟ ବଢ଼େ—(a country) Growing crops with the help of rain water and artificial irrigation.

ଦ୍ୱୈମୁଷ୍ୟାୟଣ—ସଂ. ବି. ପୁଂ—ଜନ୍ମଦାତା ପିତା ଓ ପାଳକ ପିତାଙ୍କର
Dw**ai**mushyāyaṇa ଏକମାତ୍ର ଉତ୍ତରାଧିକାରୀ—A kind of adopted son who inherits the properties of his natural and adoptive fathers.

ଦ୍ୱୈୟହ୍ନିକ—ସଂ. ବି. (ଦ୍ୱି+ଅହନ୍+ଇକ)—
Dw**ai**yahṇika ୧ । ଦୁଇ ଦିନରେ କରଣୀୟ—
1. Performable in 2 days.
୨ । ଯାହାର ବୟସ ଦୁଇ ଦିନ ମାତ୍ର—2. Aged 2 days only.

ଦ୍ୱୈରଥ ଯୁଦ୍ଧ—ସଂ. ବି. (ଦ୍ୱି+ରଥ+ଯୁଦ୍ଧ)—
Dw**ai**ratha juddha ଦୁଇଟି ରଥୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୁଦ୍ଧ—
A duel between two charioteers.

ଦ୍ୱୈରାତ୍ରିକ—ସଂ. ବିଣ. (ଦ୍ୱି+ରାତ୍ରି+କ)—
Dw**ai**rātrika ଦ୍ୱିରାତ୍ରି ସମ୍ବନ୍ଧୀୟ; ଦୁଇ ରାତ୍ରିରେ କୃତ—
Pertaining to two nights; performed in the course of two nights.

ଦ୍ୱୈହିକ—ଦେ. ବିଣ. (ସ. ଦ୍ୱ୍ୟାହିକ)—ଦ୍ୱ୍ୟାହିକ (ଦେଖ)
Dwaihika Dwyāhika (See)

ଦ୍ୱ୍ୟକ୍ଷର—ସ. ବି. (ଦ୍ୱି+ଅକ୍ଷର; ବହୁବ୍ରୀହି)—
Dwyakshara ୧ । ଦୁଇ ଅକ୍ଷର ଯୁକ୍ତ ଚିହ୍ନ ବା ବର୍ଣ୍ଣ—
1. Diphthong; compound letter.
୨ । ଦୁଇ ଅକ୍ଷରବିଶିଷ୍ଟ ପଦ ବା ଶବ୍ଦ—
2. Word consisting of 2 letters; dissyllable.

ଦ୍ୱ୍ୟକ୍ଷରୀ—ଦେ. ବି - ବାକ୍ୟାଲଙ୍କାରବିଶେଷ—
Dwyakshari An artistic composition in which two letters are repeated in a line.
[ଦ୍ର—ପ୍ରେମମଞ୍ଜରୀର ନିମ୍ନଲିଖିତ ପଦ୍ୟାଂଶ ଦ୍ୱ୍ୟକ୍ଷରୀ ଅଟେ, ଯଥା—
ଧୁରୀର ଧୁରିର ଧୀର ଧର ଧୀର ଧର
ଧର ଧର ଧୀର ଧୀର ଧର ଧର ଧୀର ।]

ଦ୍ୱ୍ୟଙ୍ଗୁଳ—ସ. ବିଣ. (ଦ୍ୱି+ଅଙ୍ଗୁଳ)—ଦୁଇ ଅଙ୍ଗୁଳ ପରିମିତ—
Dwyangula Measured by two fingers.
ବି—ଦୁଇ ଅଙ୍ଗୁଳ ଦୈର୍ଘ୍ୟ—
A length of two fingers.

ଦ୍ୱ୍ୟଞ୍ଜଳ—ସ. ବିଣ. (ବହୁବ୍ରୀହି; ଦ୍ୱି+ଅଞ୍ଜଳ)—ଦୁଇ ଅଞ୍ଜୁଳ ପରିମିତ—
Dwyañjala Measured by the two palms of the hand, made into a cup; two handfuls of.

ଦ୍ୱ୍ୟଣୁକ—ସ. ବିଣ. (ଦ୍ୱି+ଅଣୁ+କ)—ଦୁଇ ପରମାଣୁର ସମଷ୍ଟିରେ
Dwyanuka ଗଠିତ—Consisting of two atoms.
ବି—ଦୁଇ ଅଣୁର ସମାହାର—An aggregate of two atoms; diad (molecule).

ଦ୍ୱ୍ୟର୍ଥ—ସ. ବି. (ଦ୍ୱି+ଅର୍ଥ)—୧ । ଏକ ବସ୍ତୁ ବା ଶବ୍ଦର ଦୁଇ ଅର୍ଥ—
Dwyartha 1. Two meanings of one word; ambiguity of meaning.
୨ । ଏକ କାର୍ଯ୍ୟର ଦୁଇଟି ଉଦ୍ଦେଶ୍ୟ—
2. Two aims or motives of the same act.
ବି—ଦ୍ୱ୍ୟର୍ଥ ବୋଧକ (ଦେଖ)—
Dwyartha bodhaka (See)

ଦ୍ୱ୍ୟର୍ଥ ବୋଧକ—ସ. ବିଣ—ଯହିଁରୁ ଦୁଇଟି ଅର୍ଥ ବୁଝାଯାଏ; ଦୁଇଟି ଅର୍ଥ
Dwyartha bodhaka ବିଶିଷ୍ଟ—Ambiguous; equivocal;
(ଦ୍ୱ୍ୟର୍ଥକ—ଅନ୍ୟରୂପ) having two different meanings

ଦ୍ୱ୍ୟଶୀତ—ସ. ବିଣ—ଦ୍ୱ୍ୟଶୀତିତମ (ଦେଖ)
Dwyasita Dwyasititama (See)

ଦ୍ୟଶୀତି—ସ. ବି ଓ ବିଣ. (ମ ପ. ଲୋ; ଦ୍ୱି ଅଧିକ ଅଶୀତି)—
Dwyasiti ବୟାଅଶୀ—82; Eightytwo.

ଦ୍ୱ୍ୟଶୀତିତମ—ସ. ବିଣ—୮୨ ସ୍ଥାନୀୟ—
Dwyasititama Eightysecond.

ଦ୍ୱ୍ୟଷ୍ଟ—ସ. ବି—ତାମ୍ର; ତମ୍ବା (ହି. ଶବ୍ଦସାଗର)—
Dwyashta Copper.

ଦ୍ୱ୍ୟହ—ସ. ବି. (ଦ୍ୱି+ଅହନ୍)—ଦୁଇ ଦିନ କାଳ—
Dwyaha A period of two days.

ଦ୍ୱ୍ୟହିକ—ସ. ବିଣ. (ଦ୍ୱ୍ୟହ+ଇକ)—୧ । ଦିନଦ୍ୱୟସୂଚକ—
Dwyahika 1. Taking two days to finish; produced in 2 days.
୨ । ଦୁଇ ଦିନ ଛଡ଼ା ସନ୍ଥୁଥିବା (ଜ୍ୱର)—
2. Tertian (fever); (fever) occurring at intervals of two days.

ଦ୍ୱ୍ୟାତ୍ମକ—ସ. ବିଣ. ପୁଂ. (ଦ୍ୱି+ଆତ୍ମନ୍+ଅକ)—
Dwyātmaka ଦୁଇ ଆତ୍ମା ବା ସ୍ୱରୂପବିଶିଷ୍ଟ—
(ଦ୍ୱ୍ୟାତ୍ମିକା—ସ୍ତ୍ରୀ) Having a double nature.
ସଂ. ବି.—(ଜ୍ୟୋତିଷ) ମିଥୁନ, କନ୍ୟା, ଧନୁ ଓ ମୀନ ରାଶି (ହି. ଶବ୍ଦସାଗର)—(Astrology) The zodiacal signs of Gemini, Virgo, Sagittarius and Piscus.

ଦ୍ୱ୍ୟାତ୍ମବାଦ—ସଂ. ବି .(ଦ୍ୱି+ଆତ୍ମନ୍+ବାଦ)—ଦ୍ୱୈତବାଦ (ଦେଖ)
Dwyātmabāda Dwaitabāda (See)

ଦ୍ୱ୍ୟାତ୍ମବାଦୀ—ସଂ. ବିଣ—ଦ୍ୱୈତବାଦୀ (ଦେଖ)
Dwyātmabadi Dwaitabādi (See)

ଦ୍ୱ୍ୟାମୁଷ୍ୟାୟଣ—ସଂ. ବିଣ. ପୁଂ—ଦ୍ୱୈମୁଷ୍ୟାୟଣ (ଦେଖ)
Dwyāmushyāyana Dwaimushyāyana (See)

ଦ୍ୟାହିକ—ସଂ. ବିଣ. (ଦ୍ୱ୍ୟହ+ଇକ)—ଦ୍ୱ୍ୟହିକ (ଦେଖ)
Dwyāhika Dwyahika (See)

ଦ୍ୟନ୍ତି ଦେ. (ପ୍ରାଚୀନ ପଦ୍ୟ) କ୍ରିୟା—(ଦେବା କ୍ରିୟାର ବର୍ତ୍ତମାନ କାଳ
Dyanti ଅନ୍ୟ ପୁରୁଷ ବହୁବଚନ ବା ମାନ୍ୟାର୍ଥ ଏକବଚନ; ଦିଅନ୍ତିର ରୂପାନ୍ତର)—ପ୍ରଦାନ କରନ୍ତି—(he or they) Give.
ତୁମ୍ଭଙ୍କୁ ସନ୍ତୁଷ୍ଟ ହେଲେ ଦ୍ୟନ୍ତି ହିଁ ତାହା । କୃଷ୍ଣସିଂହ. ମହାଭାରତ. ସଭା ।

ଦ୍ୟନ୍ତୁ—ଦେ. (ପ୍ରାଚୀନ ପଦ୍ୟ) କ୍ରି—(ସେ ବା ସେମାନେ) ଦିଅନ୍ତୁ—
Dyantu Let (them or him) give (imperative mood).
ପ୍ରାଣନାଥ ଦାନ ଦ୍ୟନ୍ତୁ ଅଭୀଷ୍ଟ ବାସ । ପ୍ରାଚୀ. ଶିଶୁଶଙ୍କର. ଉଷାଅଭିଳାଷ ।

ଦ୍ୟାଇବା—ଦେ. (ପଦ୍ୟ) କ୍ରି—(ସ. ଦା ଧାତୁର ଣିଜନ୍ତ; ଦେବା କ୍ରିୟାର
Dyāibā ପ୍ରଯୋଜକ ରୂପ)—୧ । ଦିଆଇବା—1. To cause
ଦାଓଣ୍ଡା to give.
ଦ୍ୱୈଦାନ ୨ । କୌଣସି ବ୍ୟକ୍ତିଙ୍କୁ ଦାନ କରିବାକୁ ପ୍ରବର୍ତ୍ତାଇବା—
2. To induce a person to give.
ଦେବ ଦ୍ୟାଇବ ଦେପଦ ବୋଲିବ
ପଢ଼ୁଅ ଭୂମିରେ ଗୋଧନ ଚରାଇବ । ଚଉତିଶପଣ୍ଡା ଗୀତ ।

ଦ୍ୟାନ୍ (ଇତ୍ୟାଦି)—ଦେୱାନ୍ ଇତ୍ୟାଦି (ଦେଖ)
Dyān (etc) Dewān etc (See)

ଦ୍ୟାବାକ୍ଷମା—ସ. ବି—ଦ୍ୟାବାପୃଥିବୀ (ଦେଖ)
Dyābākshamā Dyābāpruthibi (See)

ଦ୍ୟାବାପୃଥିବୀ—ସ. ବି (ଦ୍ୟୁ=ଆକାଶ+ପୃଥିବୀ)—୧ । ପୃଥିବୀ ଓ
Dyābāpruthibi ଆକାଶର ମଧ୍ୟବର୍ତ୍ତୀ ସ୍ଥାନ; ଶୂନ୍ୟ; ଅନ୍ତରୀକ୍ଷ—
(ଦ୍ୟାବାଭୂମି—ଅନ୍ୟରୂପ) 1. The space between the earth and the sky.
୨ । ସ୍ୱର୍ଗ ଓ ମର୍ତ୍ତ୍ୟ—2. Heaven and earth.

ଦ୍ୟୁ (ଧାତୁ)—ସଂ—ସମ୍ମୁଖରୁ ଯିବା—
Dyu (root)   To go before.

ଦ୍ୟୁ—ସଂ. ବି (ଦ୍ୟୁ ଧାତୁ+ଅ)—୧ । ସ୍ୱର୍ଗ—
Dyu   1. Heaven.
୨ । ଆକାଶ—2. Sky.
୩ । ଅଗ୍ନି—3. Fire.
୪ । ସୂର୍ଯ୍ୟ—4. The sun.
୫ । ଦିବସ; ଦିନ—5. Day.
୬ । ଆଭା—6. Glow.
୭ । ସୂର୍ଯ୍ୟଲୋକ—
7. The imaginary world of the Sun-god.

ଦ୍ୟୁଗ—ସଂ. ବିଣ. ପୁଂ (ଦ୍ୟୁ+ଗମ ଧାତୁ+କର୍ତ୍ତୃ. ଅ)—ଆକାଶରେ
Dyuga   ବିଚରଣକାରୀ—Moving in the sky.
(ଦ୍ୟୁଗା—ସ୍ତ୍ରୀ)   ସଂ. ବି—ପକ୍ଷୀ—Bird.

ଦ୍ୟୁଚର—ସଂ. ବିଣ. ପୁଂ—ଆକାଶଚର; ଖେଚର—
Dyuchara   Moving in the sky.
(ଦ୍ୟୁଚରୀ—ସ୍ତ୍ରୀ)   ସଂ. ବି—୧ । ପକ୍ଷୀ—1. Bird.
୨ । ଗ୍ରହ—2. Planet.

ଦ୍ୟୁତ୍ (ଧାତୁ)—ସଂ—ଦୀପ୍ତି ପାଇବା—
Dyut (root)   To shine; to glitter.

ଦ୍ୟୁତ୍—ସଂ. ବି (ଦ୍ୟୁ ଧାତୁ+କର୍ତ୍ତୃ. କ୍ୱିପ୍)—କିରଣ—
Dyut   Ray.

ଦ୍ୟୁତ—ସଂ. ବିଣ (ଦ୍ୟୁ ଧାତୁ+କର୍ତ୍ତୃ. ତ)—ପ୍ରକାଶବାନ୍—
Dyuta   Shining.
(ଦ୍ୟୁତା—ସ୍ତ୍ରୀ)

ଦ୍ୟୁତି—ସଂ. ବି (ଦ୍ୟୁ ଧାତୁ+ଭାବ. ଇ; ଦ୍ୟୁତ୍ ଧାତୁ=ଦୀପ୍ତି ପାଇବା+
Dyuti   ଭାବ. ଇ)—ଦୀପ୍ତି—1. Lustre; brilliance; radiance.
୨ । ତେଜଃ—2. Splendour; glamour; dignity.
୩ । ଆଲୋକ—3. Light.
୪ । କାନ୍ତି; ଶୋଭା; ସୌନ୍ଦର୍ଯ୍ୟ—4. Beauty; grace.
ଶ୍ରୀଅଙ୍ଗ ସଙ୍ଗ ମତ୍ତ, ଚନ୍ଦ୍ର ଅନାଥ ଦ୍ୟୁତି—ବିଦଗ୍ଧ. ଚଉପଦୀ. ଉ. ଗୀତ ।
୫ । କିରଣ—5. Ray.

ଦ୍ୟୁତିକର—ସଂ. ବି (ଦ୍ୟୁତି+କୃ ଧାତୁ+ଅ)—୧ । ଶୋଭାଜନକ—
Dyutikara   1. Producing grace.
୨ । ଦୀପ୍ତିକାରକ—
2. Brilliant; shining illuminating.
୩ । ଉଜ୍ଜ୍ୱଳ—3. Bright; resplendent.
ବି—୧ । ଧ୍ରୁବ ତାରା—1. The polar star.
୨ । ଶୁକ୍ରତାରା—2. The morning star.

ଦ୍ୟୁତିତ—ସଂ. ବିଣ (ଦ୍ୟୁତ୍ ଧାତୁ+କର୍ମ. ତ)—ଦୀପ୍ତିବିଶିଷ୍ଟ—
Dyutita   Shining.

ଦ୍ୟୁତିଧର—ସଂ.ବିଣ (ଦ୍ୟୁତି+ଧୃ ଧାତୁ+କର୍ତ୍ତୃ. ଅ)—ଉଜ୍ଜ୍ୱଳ—
Dyutidhara   Shining; bright.
ସଂ. ବି—ବିଷ୍ଣୁ—A name of Bishnu.

ଦ୍ୟୁତିମାନ୍—ସଂ. ବିଣ. ପୁଂ (ସଂ. ଦ୍ୟୁତିମତ୍ ଶବ୍ଦ; ଦ୍ୟୁତି+ଅସ୍ତ୍ୟର୍ଥରେ
Dyutimān   ମତ୍; ୧ମା. ୧ବ)—ଦୀପ୍ତିଶୀଳ—Dazzling;
(ଦ୍ୟୁତିମତୀ—ସ୍ତ୍ରୀ)   brilliant; resplendent.
ସଂ. ବି—୧ । ସ୍ୱାୟଂଭୁବ ମନୁଙ୍କର ଏକ ପୁତ୍ର—
1. Name of a son of Swāyambhuba Manu.
୨ । ମହାଭାରତୋକ୍ତ ଶାଲ୍ୱଦେଶର ରାଜା—2. Name of a king of Sālwa country.
୩ । ବିଷ୍ଣୁପୁରାଣୋକ୍ତ ପ୍ରିୟବ୍ରତରାଜାଙ୍କ ପୁତ୍ର—3. A son of King Priyabrata.

ଦ୍ୟୁନ—ସଂ. ବି (ଜ୍ୟୋତିଷ)—ଲଗ୍ନର ସପ୍ତମ ସ୍ଥାନ—(Astrology)
Dyuna   The seventh place counted from one's
(ଦ୍ୟୂନ—ଅନ୍ୟରୂପ)   natal sign.

ଦ୍ୟୁନିଶ—ସଂ. ବି (ଦ୍ୟୁ+ନିଶା)—ଅହୋରାତ୍ର—
Dyuniśa   Day and night.

ଦ୍ୟୁପତି—ସଂ. ବି—(୬ଷ୍ଠୀ ତତ୍; ଦ୍ୟୁ=ସ୍ୱର୍ଗ+ପତି=ରାଜା)—
Dyupati   ୧ । ଦେବରାଜ; ଇନ୍ଦ୍ର—1. Indra.
୨ । ସୂର୍ଯ୍ୟ—2. The sun.

ଦ୍ୟୁପଥ—ସଂ. ବି (ଦ୍ୟୁ+ପଥିନ୍)—ଆକାଶ ପଥ—
Dyupatha   The aerial way.

ଦ୍ୟୁମଣି—ସଂ. ବି—(୬ଷ୍ଠୀ ତତ୍; ଦିବସ+ମଣି)—୧ । ଦିନମଣି; ସୂର୍ଯ୍ୟ—
Dyumaṇi   1. The sun.
୨ । ମନ୍ଦାର (ହି. ଶବ୍ଦସାଗର); ଅର୍କ—2. Calotropis Gigantea.
୩ । ଶୋଧିତ ତାମ୍ର—(ହି. ଶ)—3. Refined copper.

ଦ୍ୟୁମତ୍ସେନ—ସଂ. ବି. (ନାମ)—ଶାଲ୍ୱଦେଶର ରାଜା; ସାବିତ୍ରୀଙ୍କ
Dyumat-sena   ଶ୍ୱଶୁର; ସତ୍ୟବାନ୍‌ଙ୍କ ପିତା—The father of Satyabān.
[ଦ୍ର—ଏ ଦୁର୍ଭାଗ୍ୟବଶତଃ ଅନ୍ଧ ହୋଇ ରାଜ୍ୟବାସୀଙ୍କ ଦ୍ୱାରା ବିତାଡ଼ିତ ହୋଇ ନିଜର ପତ୍ନୀ ଓ ଶିଶୁ ସତ୍ୟବାନ୍‌ଙ୍କ ସହ ବନବାସୀ ହୋଇଥିଲେ । ସାବିତ୍ରୀ ଚଳେ ଦେଖ]

ଦ୍ୟୁମାନ୍—ସଂ. ବିଣ—(ଦ୍ୟୁ+ମତ୍; ୧ମା. ୧ବ.) ଆଭାଯୁକ୍ତ—
Dyumān   Shining; lustrous.
(ଦ୍ୟୁମତୀ—ସ୍ତ୍ରୀ)

ଦ୍ୟୁମ୍ନ—ସଂ.ବି(ଦ୍ୟୁ=ଦିନ+ମ୍ନା ଧାତୁ=ଅଭ୍ୟାସ କରିବା+କର୍ମ. ଅ)—
Dyumna   ୧ । ଧନ—1. Riches; wealth.
୩ । ସାମର୍ଥ୍ୟ; ବଳ—3. Power; strength.
୪ । ଅନ୍ନ (ହି. ଶବ୍ଦସାଗର)—4. Food.
୫ । ଧାନ (ହି. ଶବ୍ଦସାଗର)—5. Paddy.

ଦ୍ୟୁଲୋକ—ସଂ. ବି. (ଦ୍ୟୁ+ଲୋକ)—ସ୍ୱର୍ଗଲୋକ—
Dyuloka   The heaven; celestial world.

ଦ୍ୟୁଷଦ୍—ସଂ. ବି. (ଦ୍ୟୁ+ସଦ୍ ଧାତୁ+କର୍ତ୍ତୃ. ଅ)—୧ । ଦେବତା—
Dyushat   1. Deity.
(ଦ୍ୟୋଷଦ୍—ଅନ୍ୟରୂପ)   ୨ । ନକ୍ଷତ୍ର—1. Star.
୩ । ଗ୍ରହ—3. Planet.

ଦ୍ୟୂ—ସଂ. ବି. (ଦିବ୍ ଧାତୁ=କ୍ରୀଡ଼ା କରିବା+କର୍ତ୍ତୃ. କ୍ୱିପ୍)—
Dyū   ଜୁଆଡ଼ୀ—Gambler; a gamester.

ଦ୍ୟୂତ—ସଂ. ବି. (ଦିବ୍ ଧାତୁ=କ୍ରୀଡ଼ା କରିବା+ତ)—
Dyūta ୧ । ଜୁଆ ଖେଳ—1. Gambling; hazard.
୨ । ପଶା ଖେଳ—2. The game at dice.

ଦ୍ୟୂତକର—ସଂ. ବି (ଦ୍ୟୂତ+କୃ ଧାତୁ+ଅ)—ଜୁଆଡ଼ି; ଅକ୍ଷକ୍ରୀଡ଼କ—
Dyūtakara Gambler; a gamester.
(ଦ୍ୟୂତକାର—ଅନ୍ୟରୂପ)

ଦ୍ୟୂତ କ୍ରୀଡ଼ା—ସଂ. ବି—ଦ୍ୟୂତ (ଦେଖ)
Dyūta krirdā Dyūta (See)

ଦ୍ୟୂତଦାସ—ସଂ. ବି. (ମ· ପ. ଲୋ; ଦ୍ୟୂତ+ଦାସ)—ଜୁଆ ଖେଳରେ
Dyūtadāsa ଜିତିବା ପଣରୁ ମିଳିଥିବା ଦାସ—
A slave won by gambling.

ଦ୍ୟୂତ ପୂର୍ଣ୍ଣିମା—ସଂ. ବି—୧ । କାର୍ତ୍ତିକ ପୂର୍ଣ୍ଣିମା; କୋଜାଗରୀ ପୂର୍ଣ୍ଣିମା—
Dyūta pūrnnimā 1. The full-moon of the month of Kārttika.
[ଦ୍ର—ଏ ଦିନ ରାତିରେ ଜୁଆ ଖେଳିବାର ବିଧି ଅଛି ।]
୨ । ଆଶ୍ୱିନ ପୂର୍ଣ୍ଣିମା; କୁମାର ପୂର୍ଣ୍ଣିମା —
2. The fullmoon of the month of Āswina.

ଦ୍ୟୂତ ପ୍ରତିପଦ୍(ଦା)—ସଂ. ବି—କାର୍ତ୍ତିକ ଶୁକ୍ଳ ପ୍ରତିପଦା—The first
Dyūta pratipad(dā) day of the moon's increase in the month of Kārttika.

ଦ୍ୟୂତ ଫଳକ—ସଂ. ବି— ଯେଉଁ ପଟା ଉପରେ ଜୁଆ ଖେଳାଯାଏ—
Dyūta phalaka Gambling board.

ଦ୍ୟୂତ ବୀଜ—ସଂ. ବି—(ଯାହା ସାହାଯ୍ୟରେ ଜୁଆ ଖେଳାଯାଏ) କଉଡ଼ି—
Dyūta bija Small shells.

ଦ୍ୟୂତ ବୃତ୍ତି—ସଂ. ବିଣ. (ବହୁବ୍ରୀହି; ଦ୍ୟୂତ+ବୃତ୍ତି)—ଜୁଆଡ଼ି; ଯେ
Dyūta brutti ଜୁଆ ଖେଳି ପେଟ ପୋଷେ—
Given to gambling as a profession.
ବି.—(ରୂପକ) ଜୁଆ ଖେଳିବା ଜୀବିକା—The profession of a gamester.

ଦ୍ୟୋ—ସଂ. ବି. (ଦିବ୍ ଧାତୁ+ଅଧିକରଣ. ଓ)—୧ । ସ୍ୱର୍ଗ—
Dyo 1. Heaven.
୨ । ଆକାଶ—2. Sky.
୩ । (ଦେବୀ ଭାଗବତ ମତରେ) ଅଷ୍ଟାବସୁ ମଧ୍ୟରୁ ଏକତମ
(ହି. ଶବ୍ଦସାଗର)—
3. One of the eight Basu Deities.

ଦ୍ୟୋକାର—ସଂ. ବି—ରାଜମିସ୍ତ୍ରୀ (ହି. ଶବ୍ଦସାଗର)—
Dyokāra Mason.

ଦ୍ୟୋତ—ସଂ. ବି (ଦ୍ୟୁତ୍ ଧାତୁ+ଅ)—୧ । ଆଲୋକ—
Dyota 1. Light.
୨ । ଦ୍ୟୁତି; ଦୀପ୍ତି—2. Lustre; brilliance.
ବର୍ଣ୍ଣିତ କରଇ ଦ୍ୟୋତ ଜଳ୍ପାକୁ ଉଦ୍ୟୋତ ପର ଦିବସ ଛବି ଅପର
ଭଞ୍ଜ. ବୈଦେହୀଶବିଳାସ ।
୩ । ସୂର୍ଯ୍ୟ କିରଣ; ଖରା—3. Sunshine.

ଦ୍ୟୋତକ—ସଂ. ବିଣ. ପୁଂ. (ଦ୍ୟୁତ୍ ଧାତୁ+କର୍ତ୍ତୃ. ଅକ)—୧ । ବ୍ୟଞ୍ଜକ—
Dyotaka 1. Indicating.
(ଦ୍ୟୋତିକା—ସ୍ତ୍ରୀ) ୨ । ସୂଚକ—2. Signifying.
୩ । ପ୍ରକାଶକ—3. Expressive.
୪ । ଉଦ୍‌ବୋଧକ—4. Arousing; exciting.
୫ । ଉଜ୍ଜ୍ୱଳ—5. Shining; illuminating.

ଦ୍ୟୋତନ—ସଂ. ବି. (ଦ୍ୟୁତ୍ ଧାତୁ+ଭାବ. ଅନ)—୧ । ପ୍ରକାଶ—
Dyotana 1. Exhibiting; revealing.
୨ । ଦୀପନ—2. Illuminating.
୩ । ଉଦ୍‌ବୋଧନ—3. Exciting; divulging.
୪ । ଭାବର ପ୍ରକାଶ—
4. Expression of a sentiment or idea.
୫ । ଦୀପ—5. A lamp.
୬ । ଦିଗ୍‌ଦର୍ଶନ—6. Indication.
ସଂ. ବିଣ—ପ୍ରକାଶମାନ; ଉଜ୍ଜ୍ୱଳ (ହି. ଶବ୍ଦସାଗର)—
Shining; brilliant.

ଦ୍ୟୋତମାନ—ସଂ. ବି. ପୁଂ. (ଦ୍ୟୁତ୍ ଧାତୁ+କର୍ତ୍ତୃ. ଆନ)—
Dyotamāna ୧ । ଦୀପ୍ୟମାନ—1. Refulgent.
(ଦ୍ୟୋତମାନା—ସ୍ତ୍ରୀ) ୨ । ଶୋଭମାନ—2. Radiant.

ଦ୍ୟୋତି—ସଂ ବି. (ଦ୍ୟୁତ୍ ଧାତୁ+ଭାବ. ଇ)—୧ । ଦୀପ୍ତି; ଜ୍ୟୋତି—
Dyoti 1. Splendour.
୨ । କାନ୍ତି; ସୌନ୍ଦର୍ଯ୍ୟ—2. Beauty; grace.
୩ । ପ୍ରକାଶ—3. Exhibition; manifestation.

ଦ୍ୟୋତିତ—ସଂ. ବିଣ.—(ଦ୍ୟୋତ+ଇତ)—ପ୍ରକାଶିତ—
Dyotita Expressed; revealed; divulged.

ଦ୍ୟୋତିରିଙ୍ଗଣ—ସଂ. ବି.—ଜ୍ୟୋତିରିଙ୍ଗଣ; ଜୁଳୁଜୁଳିଆ ପୋକ (ହି.ଶ.)-
Dyotiringana Firefly.

ଦ୍ୟୌ—ସଂ. ବି.—ଦ୍ୟୋ (ଦେଖ)
Dyau Dyo (See)

ଦ୍ରଉପଦୀ—ଗ୍ରା. (ପଦ୍ୟ) ବି. (ସଂ. ଦ୍ରୌପଦୀ)—ଦ୍ରୌପଦୀ (ଦେଖ)
Draupadi Draupadi (See)
(ଦ୍ରଉପତୀ—ଅନ୍ୟରୂପ)

ଦ୍ରକ୍ଷଣ—ସଂ. ବି.—ତୌଲିବାର ପରିମାଣବିଶେଷ (ହି. ଶ)
Drakshana A standard of weight.
[ଦ୍ର—ଏଥିର ଅନ୍ୟ ସଂ. ନାମ—କୋଲ, ବଟକ, କର୍ଷାର୍ଦ୍ଧ ।]

ଦ୍ରଗଣ—ସଂ. ବି.—ଏକ ପ୍ରକାର ବାଜା (ହି. ଶ)—
Dragana A kind of drum.

ଦ୍ରଢ଼ିମା—ସଂ. ବି. (ଦୃଢ଼+ଭାବ. ଇମନ୍; ୧ମା. ୧ବ.)—୧ । ଦୃଢ଼ତା;
Drardhimā କାଠିନ୍ୟ—1. Hardness; firmness.
୨ । ସ୍ଥିରତା—2. Steadiness; fixity.

ଦ୍ରଢ଼ିଷ୍ଠ—ସଂ. ବିଣ.—(ଦୃଢ଼+ଅତିଶୟାର୍ଥେ. ଇଷ୍ଠ)—ଅତି ଦୃଢ଼—
Drardhishtha Very hard; very firm.
(ଦ୍ରଢ଼ିଷ୍ଠା—ସ୍ତ୍ରୀ)

ଦ୍ରଢ଼ୀୟାନ୍—ସଂ. ବିଣ (ଦୃଢ଼+ଇୟସ୍; ୧ମା. ୧ବ.)—ଦ୍ରଢ଼ିଷ୍ଠ (ଦେଖ)-
Drardhiyān Drardhishtha (See)
(ଦ୍ରଢ଼ୀୟସୀ—ସ୍ତ୍ରୀ)

ଦ୍ରପିଷ୍ଟ—ବେ. ବଣ. (ସଂ. ଦର୍ପିଷ୍ଠ)—ଦୃପ୍ତ; ଦର୍ପଶାଳୀ—
Drapishta Arrogant; puffed up with pride.

ଦ୍ରପ୍ସ—ସଂ. ବଣ.—୧ । ଦ୍ରୁତଗତିବିଶିଷ୍ଟ (ବୃ. ଶ)—
Drapsa 1. Swift.
୨ । ତରଳ (ବୃ. ଶ.)—2. Liquid.
(ଦ୍ରପ୍ସ୍ୟ—ଅନ୍ୟରୂପ) ସଂ. ଋ.—୧ । ଘୋଳ ଦହି (ବୃ. ଶ.)—1. Churned curd.
୨ । ଶୁକ୍ର (ବୃ. ଶ.)—2. Semen.
୩ । ରସ (ବୃ. ଶ.)—3. Juice.

ଦ୍ରବ—ସଂ. ବି. (ଦ୍ରୁ ଧାତୁ=ଗମନ କରିବା; ତରଳିବା+ଭାବ. ଅ)—
Draba ୧ । ଗତି—1. Motion.
୨ । ଦ୍ରୁତ ଗତି—2. Swift motion.
୩ । ତରଳିବା—3. Melting; fusion.
୪ । ବେଗ—4. Velocity; speed
୫ । ପଳାୟନ—5. Act of fleeing.
୬ । (+କର୍ତ୍ତୃ. ଅ) ରସ—6. Juice.
୭ । ପରିହାସ—7. Jest; sport.
୮ । ତରଳ ପଦାର୍ଥ—8. A liquid; fluid.
୯ । ଯେଉଁ ତରଳ ପଦାର୍ଥରେ ଅନ୍ୟ ପଦାର୍ଥ ମିଶି ଥାଏ—9. Solution.
୧୦ । ଗଳିତ ପଦାର୍ଥ—10. A molten thing.
୧୧ । ତାରଲ୍ୟ; ତରଳତା—11. Fluidity.
୧୨ । ଆସବ (ବୃ. ଶ.)—12. Wine.
ବଣ.—୧ । ତରଳିତ; ଗଳିତ—1. Liquefied; molten
୨ । ସରସ—2. Juicy.
୩ । ଜଳୀୟ; ଜଳପରି ତରଳ—3. Liquid; fluid.
୪ । ପାଣିରେ ମିଳାଇ ଯାଇଥିବା—4. Dissolved.
୫ । ଆର୍ଦ୍ର; ଓଦା—5 Wet; moist.

ଦ୍ରବଜ—ସଂ. ବି. (ଦ୍ରବ+ଜନ୍ ଧାତୁ+ଅ)—ଗୁଡ଼—
Drabaja Raw sugar; molasses.

ଦ୍ରବଣ—ସଂ. ବି. (ଦ୍ରୁ ଧାତୁ+ଅନ)—୧ । ଗମନ—
Drabana 1. Act of going.
୨ । ଅନୁତାପ—2. Repentance.
୩ । ଗତି—3. Motion.
୪ । ତରଳ ଯିବା—4. Melting; fusion.
୫ । ହୃଦୟ କରୁଣାରେ ଆର୍ଦ୍ର ହେବା—5. Melting of the heart.
୬ । ପଳାଇ ଯିବା—6 Fleeing away; flight.

ଦ୍ରବତ୍ୱ—ସଂ. ବି. (ଦ୍ରବ+ତ୍ୱ)—୧ । ତାରଲ୍ୟ; ତରଳତା—
Drabatwa 1. Dissolution; fluidity.
(ଦ୍ରବତା—ଅନ୍ୟରୂପ) ୨ । ତରଳିବା—2. Act of melting.
୩ । କୋମଳତା—3. Softening.
୪ ଜଳରେ ମିଳାଇ ଯିବା ଅବସ୍ଥା—4. Solubility; solution.

ଦ୍ରବନ୍ତୀ—ସଂ. ବି. ସ୍ତ୍ରୀ.—(ଦ୍ରୁ ଧାତୁ+ଅତ୍+ସ୍ତ୍ରୀ. ଈ)—୧ । ନଦୀ—
Drabanti 1. A river.
୨ । ମୂଷାକାଣୀ (ଦେଖ) (ଭାବପ୍ରକାଶ.. ଦ୍ରବ୍ୟଗୁଣ)
2. Mūshākāni (See)

ଦ୍ରବ ଭାବ—ସଂ. ବି.—ଦ୍ରବତ୍ୱ (ଦେଖ)
Draba bhāba Drabatwa (See)

ଦ୍ରବା(ବେ)ଇବା—ବେ. କ୍ରି. (ସଂ. ଦ୍ରୁ ଧାତୁ ଣିଜନ୍ତ ଦ୍ରବ ଧାତୁ)—
Drabā(be)ibā ୧ । ଦ୍ରବିବା କ୍ରିୟାର ଣିଜନ୍ତ ରୂପ—
दवाना 1. The causative form of Drabibā.
द्रवाना ୨ । ତରଳାଇବା—2. To melt.
୩ । ନରମ କରିବା—3. To soften.

ଦ୍ରବାଧାର—ସଂ. ବି. (୬ଷ୍ଠୀ ତତ୍; ଦ୍ରବ+ଆଧାର)—କୋଇ; ଯେଉଁ
Drabādhāra ପାତ୍ରରେ ଧାତୁ ଆଉଟାନ୍ତି—
A vessel for melting metals; crucible.

ଦ୍ରବାର୍ହ—ସଂ. ବଣ. (ଦ୍ରବ+ଅର୍ହ ଧାତୁ+କର୍ତ୍ତୃ. ଅ)—ତରଳାଇବାର
Drabārha ଯୋଗ୍ୟ—Soluble; fusible.

ଦ୍ରବିଡ଼—ସଂ. ବି.—ଦ୍ରାବିଡ଼ ଓ ନୋଟ୍ (ଦେଖ)
Drabirda Drābirda and notes (See)
ଦ୍ରବିଡ଼ ଦେଶ ପାଣ୍ଡ୍ୟ ନାମ;
ଶୁଭ ସୁନ୍ଦର ଗୁଣ ଧାମ । ଜଗନ୍ନାଥ. ଭାଗବତ ।

ଦ୍ରବିଣ—ସଂ. ବି (ଦ୍ରୁ ଧାତୁ+ଇନ)—୧ । ବିତ୍ତ; ଧନ—1. Wealth; riches.
Drabina
୨ । ସମ୍ପତ୍ତି—2 Property.
୩ । କାଞ୍ଚନ; ସୁନା—3 Gold.
୪ । ପରାକ୍ରମ—4. Strength; power; might.
୫ । ତରଳିବା—5. Melting.
୬ । ପୃଥୁ ରାଜାଙ୍କର ଏକ ପୁତ୍ର—6. A son of king Pṛuthu.
୭ । କୁଶ ଦ୍ୱୀପର ଏକ ସୀମାପର୍ବତ—7. Name of a mythological mountain.

ଦ୍ରବିବା—ବେ. କ୍ରି (ସଂ. ଦ୍ରୁ ଧାତୁ)—୧ । ଗଳିତ ହେବା; ତରଳିଯିବା—
Drabibā 1. To melt.
द्रवना; द्रवना ସ୍ନେହେ ଦ୍ରବ ବହୁଗଲ ବାରବେରେ । କବିସୂର୍ଯ୍ୟ. ସଙ୍ଗୀତ ।
୨ । ମିଳାଇ ଯିବା—2. To be dissolved.
୩ । ନରମ ହେବା—3. To be softened.
୪ । (ଲକ୍ଷଣାର୍ଥ) ଦୟାର୍ଦ୍ର ହେବା—4 To melt with pity.
କରୁଣା ଉଦ୍ରେକେ ଦ୍ରବଇ ମନ । ରାଧାନାଥ. ମେଘଦୂତ ।

ଦ୍ରବୀକରଣ—ସ. ବି (ଦ୍ରବ+ଅଭୂତ ତଦ୍ଭାବେ. ଚ୍ୱି+କରଣ)—କଠିନ
Drabikarana ବସ୍ତୁକୁ ତରଳାଇବା—Melting of a hard thing.

ଦ୍ରବୀକୃତ—ସ. ବଣ (ଦ୍ରବ+ଅଭୂତ ତଦ୍ଭାବେ ଚ୍ୱି+କୃତ)—
Drabikṛuta ୧ । ତରଳି ଯାଇଥିବା—1. Liquefied; melted.
୨ । ସମ୍ପୂର୍ଣ୍ଣରୂପେ ମିଳାଇ ଯାଇଥିବା—2. Dissolved.

ଦ୍ରବୀଭାବ — ସଂ. ବ (ଦ୍ରବ + ଅଭୂତ ତଦ୍ଭାବେ ଚ୍ୱି + ଭାବ) — ଦ୍ରବତ୍ୱ —
Drabibhāba Fluidity; molten condition.

ଦ୍ରବୀଭୂତ — ସଂ. ବଣ. (ଦ୍ରବ + ଅଭୂତ ତଦ୍ଭାବେ ଚ୍ୱି + ଭୂତ) —
Drabibhūta ୧ । ତରଳିତ — 1. Melted; molten.
(ଦ୍ରବୀଭୂତା — ସ୍ତ୍ରୀ) ୨ । ନରମ କରାଯାଇଥିବା — 2. Softened.
୩ । ଅନୁତପ୍ତ — 3. Grieved; repenting.
୪ । ମିଳାଇ ଯାଇଥିବା — 4. Dissolved.
୫ । ପାଣିରେ ପରିଣତ ହୋଇଥିବା — 5. Liquefied.

ଦ୍ରବ୍ୟ — ସଂ. ବଣ. (ଦ୍ରୁ = ବୃକ୍ଷ + ଯ) — ବୃକ୍ଷସମ୍ବନ୍ଧୀୟ —
Drabya Pertaining to a tree or plant.
ବି. (ଦ୍ରୁ ଧାତୁ = ବୃଦ୍ଧି ପାଇବା + କର୍ତ୍ତୃ. ଯ) —
୧ । ବସ୍ତୁ; ପଦାର୍ଥ — 1. Thing; article; object; substance.
୨ । ଧନ — 2. Riches; wealth; property.
ଯେଉଁ ଲୋକେ ଦ୍ରବ୍ୟକୁ ନ କରନ୍ତି ଇଚ୍ଛା — କୃଷ୍ଣସିଂହ, ମହାଭାରତ. ବନ
୩ । ଔଷଧ — 3. Medicine; drug.
୪ । ଚିତ୍ତ — 4. Heart; inclination.
୫ । ମଦ୍ୟ — 5. Wine.
୬ । ସାମଗ୍ରୀ; ଉପକରଣ — 6. Materials.
୭ । ପିତ୍ତଳ — 7. Brass.
୮ । (ନ୍ୟାୟ ଶାସ୍ତ୍ର) କ୍ଷିତି, ଅପ୍, ତେଜଃ, ମରୁତ୍, ବ୍ୟୋମ, କାଳ, ଦିଗ, ଆତ୍ମା ଓ ମନ —
8. The 5 ingredients of the material world, time, directon, soul and mind.
୯ । ଲେପ (ହି. ଶବ୍ଦସାଗର) — 9. Ointment.
୧୦ । ଗୋନ୍ଦ (ହି. ଶବ୍ଦସାଗର) — 10. Gum.
ଦେ. ବି. (ଆଧୁନିକ ବିଜ୍ଞାନପରିଭାଷା) — ଯାହା ପାଣିରେ ମିଳାଇ ଯାଏ — Soluble.

ଦ୍ରବ୍ୟଗୁଣ — ସଂ. ବି. (ଷଷ୍ଠୀ ତତ୍; ଦ୍ରବ୍ୟ + ଗୁଣ) — ୧ । ବସ୍ତୁର ରୂପ,
Drabya guṇa ରସ, ଗନ୍ଧ, ସ୍ପର୍ଶ ପ୍ରଭୃତି ୨୪ଟି ଧର୍ମ ବା ଗୁଣ —
1. The essential qualities of matter.
୨ । କୌଣସି ପଦାର୍ଥର ମନୁଷ୍ୟଶରୀର ଉପରେ ପ୍ରକ୍ରିୟା —
2. The action of a certain article on the human system.
୩ । ଭିନ୍ନ ଭିନ୍ନ ଔଷଧର ବ୍ୟବହାରର ଭିନ୍ନ ଭିନ୍ନ ଫଳ —
3. The different results of the use of different drugs.

ଦ୍ରବ୍ୟବନ୍ତ — ଦେ. ବଣ. (ଦ୍ରବ୍ୟ + ବତ୍) — ଧନବାନ୍; ଧନୀ —
Drabyabanta Rich; possessed of riches.
ଦ୍ରବ୍ୟମନ୍ତ ଦ୍ରବ୍ୟବଂତ

ଦ୍ରବ୍ୟମୟ — ସଂ. ବଣ (ଦ୍ରବ୍ୟ + ମୟ) — ପ୍ରଚୁର ସାମଗ୍ରୀବିଶିଷ୍ଟ; ପଦାର୍ଥ-
Drabyamaya ବହୁଳ — Abounding in materials.

ଦ୍ରବ୍ୟ ସ୍ୱେଦ — ସଂ. ବି. (ସପ୍ତମୀ ତତ୍; ଦ୍ରବ୍ୟ + ସ୍ୱେଦ) (ବୈଦ୍ୟକ) — ଦେହରେ
Drabya sweda ବାମ୍ଫ ଆଣି ସେକିବା — Vapour-bath.
[ଦ୍ର — ସ୍ୱେଦ ତଳେ ନୋଟ୍ ଦେଖ ।]

ଦ୍ରବ୍ୟାନ୍ତର — ସଂ. ବି. (ଅନ୍ୟ + ଦ୍ରବ୍ୟ) — ଅନ୍ୟ ଦ୍ରବ୍ୟ —
Drabyāntara A different thing; another article.

ଦ୍ରଶନ — ଗ୍ରା. ବି (ସଂ. ଦର୍ଶନର ଅଶୁଦ୍ଧ ଉଚ୍ଚାରଣ; ଭୁଲ. ଏହି ଶ୍ରେଣୀର
Draśana ବ୍ୟବହାର ବିରଳ) —
୧ । ଦର୍ଶନ; ସାକ୍ଷାତ୍କାର —
1. Seeing; visit; interview.
୨ । ଦର୍ଶନଶାସ୍ତ୍ର — 2. Philosophy.
ଅସାଧନା ଦ୍ରଶନ ମତରେ କହି ନୋହେ
କଅଣ୍ଠା ପଦ ସେ ମାତ୍ରର ବଡ଼ ଭସ୍ୱେ — ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

ଦ୍ରଷ୍ଟବ୍ୟ — ସଂ. ବଣ (ଦୃଶ ଧାତୁ = ଦେଖିବା + କର୍ମ. ତବ୍ୟ) —
Drashṭabya ୧ । ଦେଖିବାର ଯୋଗ୍ୟ —
(ଦ୍ରଷ୍ଟବ୍ୟା — ସ୍ତ୍ରୀ) 1. Fit to be seen; worth looking at.
୨ । ଯାହା ଅନ୍ୟମାନଙ୍କୁ ଦେଖାଇବା ଯୋଗ୍ୟ —
2. Worthy of being shown to others.
୩ । ଯାହା ଅବଶ୍ୟ ଦେଖିବାକୁ ହେବ —
3. Which must be seen or visited.
୪ । ଯହିଁପ୍ରତି ମନୋଯୋଗ ଦିଆଯିବା ଉଚିତ —
4. Worth noticing; notable

ଦ୍ରଷ୍ଟା — ସଂ. ବଣ. ପୁଂ (ଦୃଶ ଧାତୁ + ତୃ; ଦ୍ରଷ୍ଟୃ ଶବ୍ଦ; ୧ମା. ୧ବ) —
Drashṭā ୧ । ଦର୍ଶନକାରୀ — 1. Looking at; seeing.
୨ । ଯେ ଦେଖିଅଛି — 2. One who has seen.
ସଂ. ବି. ପୁଂ. ୧ । ଦର୍ଶକ; ଯେ ଦେଖେ —
(ଦ୍ରଷ୍ଟ୍ରୀ — ସ୍ତ୍ରୀ) 1. Spectator; observer.
୨ । ଦିବ୍ୟ ଚକ୍ଷୁଦ୍ୱାରା ଯେ ଦେଖେ — 2. Seer.
୩ । ବିଚାରକ — 3. A Judge.
୪ । ସାକ୍ଷୀ — 4. A witness.
୫ । ଦେଖଣାହାରୀ — 5. Visitor.
୬ । ବୈଦିକ ମନ୍ତ୍ରାଦିର ପ୍ରକାଶକ —
6. The divulger of a vedic incantation or hymn.
[ଦ୍ର — ଯେଉଁ ବୈଦିକ ମନ୍ତ୍ର ପ୍ରଥମେ ଯେଉଁ ଋଷିଙ୍କ ମୁହଁରୁ ପ୍ରକାଶିତ ହୋଇଥିଲା ସେହି ଋଷିଙ୍କୁ ସେହି ମନ୍ତ୍ରର ଦ୍ରଷ୍ଟା ବୋଲାଯାଏ, କାରଣ ଅନାଦିକାଳରୁ ବେଦ ବ୍ରହ୍ମାଙ୍କ ମୁଖରୁ ନିର୍ଗତ ହୋଇଥିଲା; ତାକୁ ପ୍ରଥମେ ଋଷିମାନେ ଦିବ୍ୟ ଚକ୍ଷୁଦ୍ୱାରା ଦେଖି ବା ଜାଣିପାରି ସାଧାରଣଙ୍କ ଅବଗତିପାଇଁ ପ୍ରକାଶ କଲେ ।]
୭ । (ସାଂଖ୍ୟଦର୍ଶନ) ପୁରୁଷ —
7. (Sāṁkhya philosophy) The Individual.
୮ । (ଯୋଗଦର୍ଶନ) ଆତ୍ମା —
8. (Joga philosophy) The Soul.

ଦ୍ରହ — ସଂ. ବି — ୧ । ହ୍ରଦ (ହି. ଶବ୍ଦସାଗର) —
Draha 1. Lake.
୨ । ଗମ୍ଭୀର ଜଳାଶୟ (ହି. ଶବ୍ଦସାଗର) —
2. A deep lake (Apte).
[ଦ୍ର — ଏଥିରୁ ଦେଶଜ ଦହ ଶବ୍ଦ ହୋଇଅଛି ।]

ଦ୍ରହସିତ—ଗ୍ରା. ବଣ (ସ. ଦରହସିତର ଅଶୁଦ୍ଧ ବ୍ୟବହାର)—
Drahasita ଈଷତ୍ ହାସ୍ୟଯୁକ୍ତ—Smiling.

ଦ୍ରହାସ—ଗ୍ରା. ବ (ସ. ଦରହାସର ଅଶୁଦ୍ଧ ବ୍ୟବହାର)—ଦରହାସ;
Drahāsa ଈଷତ୍ ହାସ୍ୟ—Smile.

ଭ୍ରମ ସନ୍ଧ୍ୟରେ ଦ୍ରହାସେ ମୋତେ ପ୍ରେମାଲିଙ୍ଗନ କର ।
ପ୍ରାଚୀ. ଭକ୍ତଚରଣ ମଥୁରାମଙ୍ଗଳ ।

ଦ୍ରହାସୀ—ଗ୍ରା. ବଣ. ସ୍ତ୍ରୀ—ଦରହାସୀ (ସ୍ତ୍ରୀ)—
Drahāsi Smiling (woman).

ଦ୍ରହାସୀ ସୁମରନ୍ତି ମାନ—ଭୂପତି. ପ୍ରେମପଞ୍ଚାମୃତ ।

ଦ୍ରହାସ୍ୟ—ଗ୍ରା. ବ (ସ. ଦରହାସର ଅଶୁଦ୍ଧ ବ୍ୟବହାର)—
Drahāsya ଦ୍ରହାସ (ଦେଖ)
Drahāsa (See).

ବୋଲ ରୁ କଣ୍ଠ ବାଣୀ ଦ୍ରହାସ୍ୟଭବେ ମିଳଣୀ
ଦନ୍ତରୁଚି ଚନ୍ଦ୍ରମା ପ୍ରକାଶୁ—ପ୍ରାଚୀ· ଇସବାରଧୀ ।

ଦ୍ରା (ଧାତୁ)—ସଂ.—୧ । ପଳାୟନ କରିବା—
Drā (root) 1. To fly away.
୨ । ନିଦ୍ରିତ ହେବା—2. To be asleep.
୩ । ଦଉଡ଼ିବା—3. To run (Apte).
୪ । ଲଜ୍ଜିତ ହେବା—4. To be ashamed (Apte).

ଦ୍ରାକ୍—ସଂ. କ୍ରି. ବ.—୧ । ଶୀଘ୍ର—1. Soon.
Drāk ୨ । ତତ୍କ୍ଷଣାତ୍—
2. Immediately; instantly.
୩ । ହଠାତ୍—3. At once; all on a sudden.

ଦ୍ରାଘିମା—ସ. ବ. (ଦୀର୍ଘ+ଭାବ. ଇମନ୍; ଦ୍ରାଘିମନ୍; ୧ମା. ୧ବ)—
Drāghimā ୧ । ଦୀର୍ଘତା; ଦୈର୍ଘ୍ୟ—1. Length.
୨ । (ଭୂଗୋଳପରିଭାଷା) ଯେଉଁ କଳ୍ପିତ ରେଖା ଭୂଗୋଳକର କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ବାଟେ ଉତ୍ତର ଓ ଦକ୍ଷିଣ ଆଡ଼କୁ ଉଭୟ ମେରୁକେନ୍ଦ୍ରକୁ ଭେଦ କରି ଅଙ୍କିତ ହୁଏ ଓ ଯାହା ବିଷୁବ ରେଖା ସଙ୍ଗେ ସମକୋଣ ଉତ୍ପନ୍ନ କରି କାଟେ; ଯାମ୍ୟୋତ୍ତର ବୃତ୍ତ—2. (geography) Meridian of the globe.
୩ । (ଭୂଗୋଳପରିଭାଷା) ପ୍ରାଚୀନ ବା ଅଧୁନିକ ଗଣନା ଅନୁସାରେ ଯେଉଁ ସ୍ଥାନ (ଯଥା—ଗ୍ରୀନଚ୍ଚିଚ୍)ରେ ଶୂନ୍ୟ ସଂଖ୍ୟା କଳ୍ପିତ ହୋଇ ଅଛି ସେହି ସ୍ଥାନ ବାଟେ ଯେଉଁରେଖା ଉତ୍ତର ଦକ୍ଷିଣ ମେରୁବିନ୍ଦୁଦ୍ୱୟ (north and south poles) ଆଡ଼କୁ ଟଣା ହୋଇ ଅଛି, ସେହି ରେଖାଠାରୁ କୌଣସି ସ୍ଥାନର ପୂର୍ବ ବା ପଶ୍ଚିମ ଆଡ଼କୁ ଦୂରତ୍ୱଜ୍ଞାପକ କୌଣିକ ପରିମାଣ—3. (geography) The longitude of a place; the angular distance of a place, east or west of the first meridian (which is measured by the number of degrees in the arc intercepted on the equator between the meridian; (e. g. from Greenwich in the British Empire, from Lankā or Ujjayini in Hindu astronomical works) Parker-Elements of Astronomy).

[ଦ୍ର—ଭୂପୃଷ୍ଠର ପ୍ରତ୍ୟେକ ସ୍ଥାନର ଗୋଟିଏ ଦ୍ରାଘିମା ଥିବାର କଳ୍ପିତ ହୋଇଅଛି । ବ୍ରିଟିଶ୍ ସାମ୍ରାଜ୍ୟର ଗଣକମାନଙ୍କ ମତରେ ଇଂଲଣ୍ଡର ଗ୍ରୀନଚ୍ଚିଚ୍‌କୁ ୧ମ ଦ୍ରାଘିମାରୂପେ ଗଣନା କରାଯାଏ । ବିଷୁବରେଖାର ଏକ ସମାନ୍ତରରେ ଅବସ୍ଥିତ ସମସ୍ତ ସ୍ଥାନର ଅକ୍ଷାଂଶ (latitude) ଏକ ଅଟେ । ଏବଂ ଏକ ଯାମ୍ୟୋତ୍ତର ବୃତ୍ତ (meridian) ରେ ଅବସ୍ଥିତ ସମସ୍ତ ସ୍ଥାନର ଦ୍ରାଘିମା (longitude) ଏକ ଅଟେ । ଅକ୍ଷାଂଶ ଉତ୍ତର ଦିଗରେ ବା ଦକ୍ଷିଣ ଦିଗରେ ଶୂନ୍ୟ ଡିଗ୍ରୀଠାରୁ ୯° ଡିଗ୍ରୀ ପର୍ଯ୍ୟନ୍ତ ଗଣନା କରାଯାଏ ଓ ଦ୍ରାଘିମା ପୂର୍ବଦିଗରେ ବା ପଶ୍ଚିମଦିଗରେ ଶୂନ୍ୟ ଡିଗ୍ରୀଠାରୁ ୧୮° ଡିଗ୍ରୀ ପର୍ଯ୍ୟନ୍ତ ଗଣନା କରାଯାଏ । ପାର୍କର୍-ଗଣିତ ଜ୍ୟୋତିଷର ମୌଳିକତତ୍ତ୍ୱ; Parker—Elements of Astronomy ।]

[ବିଶେଷ ଦ୍ରଷ୍ଟବ୍ୟ—ଏହି ଭାଷାକୋଷର ୧ମ ଖଣ୍ଡ ୫୭ ପୃଷ୍ଠାରେ **ଅକ୍ଷାଂଶ**ର ଯେଉଁ ଅର୍ଥ ଓ ଯେଉଁ ନୋଟ୍ ଦିଆ ଯାଇଅଛି ତାହା ଠିକ୍ ନୁହେଁ; ତହିଁ ପରିବର୍ତ୍ତେ ତହିଁର ନିମ୍ନଲିଖିତ ଅର୍ଥ ଓ ନୋଟ୍ କଟକ ରେଭେନ୍ସା କଲେଜର ପ୍ରୋଫେସର ଶ୍ରୀଯୁକ୍ତ ହରେକୃଷ୍ଣ ଦାସ ଯୋଗାଇ ଉପକୃତ କରିଅଛନ୍ତି—

ଅକ୍ଷାଂଶ—ସ. ବ. (୬ଷ୍ଠୀ ତତ୍; ଅକ୍ଷ+ଅଂଶ)—(ଭୂଗୋଳ)
Akshāmśa ନିରକ୍ଷବୃତ୍ତଠାରୁ ଉତ୍ତର ବା ଦକ୍ଷିଣ ଦିଗରେ କୌଣସି ସ୍ଥାନର ଦୂରତ୍ୱର କୌଣିକ ପରିମାଣ—The latitude of a place; the angular distance of a place, north or south of the equator, measured on the meridian through the place.

ଦ୍ର—ଏହା ଯାମ୍ୟୋତ୍ତର ବୃତ୍ତ ବରାବର (along, ଅନୁରୂପ) ମାପ କରାଯାଏ । ସଂସ୍କୃତ ଭାଷାରେ ଏକବଚନାନ୍ତ 'ଅକ୍ଷାଂଶ' ଶବ୍ଦ ଦ୍ୱାରା ଭୂଗୋଳକର କୌଣସି ସ୍ଥାନର ଯାମ୍ୟୋତ୍ତର ବୃତ୍ତ (meridian)ର ୩୬୦ ଅଂଶରୁ ଏକ ଅଂଶ (a degree of latitude) ବୁଝାଯାଏ । କୌଣସି ସ୍ଥାନର ଅକ୍ଷାଂଶ ବୁଝାଇବାକୁ ହେଲେ ବହୁବଚନାନ୍ତ 'ଅକ୍ଷାଂଶାଃ' ଶବ୍ଦ ସଂସ୍କୃତ ଭାଷାରେ ବ୍ୟବହୃତ ହୁଏ; ମାତ୍ର ଓଡ଼ିଆରେ ବହୁବଚନାନ୍ତ ଶବ୍ଦ ବ୍ୟବହୃତ ହୁଏ ନାହିଁ । ଏହି ହେତୁରୁ ଅକ୍ଷାଂଶ କହିଲେ ଓଡ଼ିଆରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନର ଅକ୍ଷାଂଶ ବୁଝାଯାଏ । ଅକ୍ଷାଂଶ (latitude of a place) ଏବଂ ଦ୍ରାଘିମା (longitude of a place) ଏହି ଦୁଇ ଗୋଟିକୁ ଗଣିତ ଶାସ୍ତ୍ରରେ ଇଂରାଜୀ ଭାଷାରେ Co-ordinates (ଭୁଜକୋଟି) କହନ୍ତି । ଭୂଗୋଳକର କୌଣସି ସ୍ଥାନର ଅବସ୍ଥିତି ଜାଣିବା ସକାଶେ ଏହି ଦୁହେଁ ଦରକାର । ଏହି ଦୁହିଙ୍କ ମଧ୍ୟରେ ସମ୍ବନ୍ଧ ଏହି ଯେ ଗୋଟିକର ବିନା ଅନ୍ୟଟି ଦ୍ୱାରା ଉକ୍ତ ସ୍ଥାନର ଅବସ୍ଥିତି ସମ୍ବନ୍ଧେ କୌଣସି ନିର୍ଦ୍ଦିଷ୍ଟ ଧାରଣା ମନ ମଧ୍ୟରେ ହୋଇପାରେ ନାହିଁ—

ପ୍ରୋଫେସର୍ ହରେକୃଷ୍ଣ ଦାସ]

ଦ୍ରାଘିମାନ୍ତର—ସଂ. ବି. (ଭୂଗୋଳଶାସ୍ତ୍ରରେ)—ପ୍ରାଥମିକ ଦ୍ରାଘିମା
Drāghimāntara ରେଖାଠାରୁ କୌଣସି ସ୍ଥାନର ପୂର୍ବ ବା ପଶ୍ଚିମ ଦିଗକୁ ଦୂରତ୍ୱ—(geography) Longitude; distance of a certain place from the prime meridian (to the east or the west).

ଦ୍ରାଘିଷ୍ଠ—ସଂ. ବିଣ. (ଦୀର୍ଘ+ଅତ୍ୟର୍ଥେ. ଇଷ୍ଠ)—ଅତି ଦୀର୍ଘ—
Drāghishṭa Very long; longest.
(ଦ୍ରାଘିଷ୍ଠା—ସ୍ତ୍ରୀ) [ଦ୍ର—ଦ୍ରାଘିଷ୍ଠର ଅର୍ଥ ଦୀର୍ଘତମ ।]

ଦ୍ରାଘିୟାନ୍—ସଂ. ବିଣ. (ଦୀର୍ଘ+ଅତ୍ୟର୍ଥେ. ଈୟସ୍)—
Drāghiyān ଦ୍ରାଘିଷ୍ଠ (ଦେଖ)
(ଦ୍ରାଘିୟସୀ—ସ୍ତ୍ରୀ) Drāghishṭha (See)
[ଦ୍ର—ଦ୍ରାଘିୟାନ୍‌ର ଅର୍ଥ ଦୀର୍ଘତର ।]

ଦ୍ରାଢ଼୍ୟ—ସଂ. ବି. (ଦୃଢ଼+ଭାବ. ଯ)—
Drārḍhya Firmness; solidity.

ଦ୍ରାଣ—ସଂ. ବିଣ. ପୁଂ. (ଦ୍ରା ଧାତୁ+କର୍ତ୍ତୃ. ଅନ)—
Drāṇa ୧ । ସୁପ୍ତ; ନିଦ୍ରିତ (ହ୍ର. ଶବ୍ଦସାଗର)—1. Asleep.
୨ । ପଳାୟିତ (ହ୍ର. ଶବ୍ଦସାଗର)—
2. Run away; fleeing; fugitive.
୩ । ପଳାୟମାନ; ପଳାଉଥିବା—
3. Fleeing; running away.
ସଂ. ବି. (+ଭାବ. ଅନ)—୧ । ସ୍ୱପ୍ନ (ହ୍ର. ଶବ୍ଦସାଗର)—
1. Dream.
୨ । ପଳାୟନ—2. Running away; fleeing; flight.

ଦ୍ରାପ—ସଂ. ବି—୧ । ଆକାଶ (ହ୍ର. ଶବ୍ଦସାଗର)—
Drāpa 1. The sky.
୨ । କୌଡ଼ି (ହ୍ର. ଶବ୍ଦସାଗର)—2. Sea-shell.
ସଂ. ବିଣ—୧ । ସୁପ୍ତ (ହ୍ର· ଶବ୍ଦସାଗର)—1. Asleep.
୨ । ମୂର୍ଖ—2. Ignorant; illiterate.

ଦ୍ରାବ—ସଂ. ବି. (ଦ୍ରୁ ଧାତୁ+ଭାବ. ଅନ)—
Drāba ୧ । ପଳାୟନ—1. Flight; fleeing away.
୨ । ଗମନ; ଗତି—2. Motion; movement.
୩ । ତରଳିବା—3. Melting; fusion.
୪ । ପାଣିରେ ମିଳାଇ ଯିବା – 4. Dissolution, solution.
୫ । ଅନୁତାପ—5. Repentance.
୬ । କ୍ଷରଣ—6. Percolation; leakage.
୭ । ତରଳ ପଦାର୍ଥ—7. A liquid.

ଦ୍ରାବକ—ସଂ. ବିଣ (ଦ୍ରୁ ଧାତୁ ଣିଚ୍ ଦ୍ରାବି. ଧାତୁ+ଅକ)—
Drābaka ୧ । ଯାହା ତରଳାଏ—1. Melting; liquefying.
(ଦ୍ରାବିକା—ସ୍ତ୍ରୀ) ୨ । ଯହିଁରେ ଅନ୍ୟ ବସ୍ତୁ ମିଳାଇଯାଏ; ଦ୍ରବକାରକ-
2. Solvent.
୩ । ଯାହା ମିଶାଗଲେ ଧାତୁ ସହଜରେ ତରଳଯାଏ—
4. Assisting the fusion of metals.
୫ । ପଳାୟମାନ—5. Fugitive; fleeing away.
୬ । ଚତୁର; ଚଳାକ (ହ୍ର. ଶ)—6. Clever.
୭ । ହୃଦୟଗ୍ରାହୀ (ହ୍ର. ଶ)—7. Interesting.
୮ । (ବୈଦ୍ୟକ) ଯେଉଁ ଔଷଧ ସେବନ କଲେ ଖୁବ୍ ପ୍ରସ୍ରାବ ହୁଏ—8. (medicine) Diuretic.
ବି—୧ । ଧାତୁମାନ ଶୀଘ୍ର ତରଳ ଯିବା ବିଷୟରେ ଯାହା ସାହାଯ୍ୟ କରେ—1. A flux which accelerates the fusion of metals.
୨ । ଯେଉଁ ତରଳ ପଦାର୍ଥରେ ଅନ୍ୟବସ୍ତୁ ମିଳାଇ ଯାଇଥାଏ; ରାସାୟନିକ ପ୍ରକ୍ରିୟାଦ୍ୱାରା ଧାତୁ ଆଦି ମିଶ୍ରିତ ତରଳ ପଦାର୍ଥ—2. A chemical solution.
୩ । ଯେଉଁ ଦ୍ରବ ପଦାର୍ଥରେ ଧାତୁ ଆଦି ମିଳାଇ ଯାଏ; ଅମ୍ଳରସ ବିଶେଷ; ଏସିଡ୍—3. Acid; a kind of sour juice.
(ଯଥା—ଗନ୍ଧକ ଦ୍ରାବକ, ଯବକ୍ଷାର ଦ୍ରାବକ, ଅଙ୍ଗାରକ ଦ୍ରାବକ ।)
୪ । ଲମ୍ପଟ ବ୍ୟକ୍ତି—4. A licentious man; an adulteror.
୫ । ଚୋର—5. A thief.
୬ । ଚନ୍ଦ୍ରକାନ୍ତ ମଣି—
6. Moon-stone; a kind of gem.
୭ । ମହମ; ମହଣ—7. Beeswax.
୮ । (ସାହିତ୍ୟରେ) ରସ—
8. Sentiment (in literature).
୯ । ସୁହାଗା—9 Borax.

ଦ୍ରାବକର—ସଂ. ବି. (ଦ୍ରାବ+କୃ ଧାତୁ+କର୍ତ୍ତୃ. ଅ)—ସୋହାଗା—
Drābakara Borax.

ଦ୍ରାବଣ—ସଂ. ବି. (ଦ୍ରୁ ଧାତୁ ଣିଚ୍ ଦ୍ରାବି ଧାତୁ+ଅନ)—
Drābaṇa ୧ । ତରଳାଇବା; ଦ୍ରବୀକରଣ—
1. Act of melting a thing.
୨ । ତଡ଼ିଦେବା—2. Driving away.
୩ । ପାଣିରେ ଲୁଣଆଦି ଗୋଳି ମିଳାଇ ଦେବା—
3. Act of dissolving.

ଦ୍ରାବି (ଧାତୁ)—ସଂ. (ଦ୍ରୁ ଧାତୁର ଣିଜନ୍ତ)—୧ । ତରଳାଇବା—
Drābi (root) 1. To cause to melt.
୨ । ପାଣିରେ ଗୋଳି ମିଳାଇ ଦେବା—
2. To cause to dissolve.

ଦ୍ରାବିକା—ସଂ. ବି· ସ୍ତ୍ରୀ. (ଦ୍ରାବକ+ସ୍ତ୍ରୀ. ଆ)—୧ । ପାଟିର ନାଳ—
Drābikā 1. Saliva.
୨ । ମହଣ; ମହମ—2. Beeswax.
ବିଣ. ସ୍ତ୍ରୀ—ଦ୍ରାବକର ସ୍ତ୍ରୀଲିଙ୍ଗ—
The feminine of Drābaka.

ଦ୍ରାବିଡ଼—ସଂ.ବି.(ଦ୍ରବିଡ଼+ସ୍ୱାର୍ଥେ.ଅ)—ଦକ୍ଷିଣ ଭାରତର ଦ୍ରବିଡ଼ ଦେଶ—
Drābirḍa A province of South India. (from the south of Madras to Cape Comorin); the county of the Dravidians.
[ଦ୍ର—ମନୁରେ ସବର୍ଣ୍ଣ କ୍ଷତ୍ରିୟମାନଙ୍କଠାରୁ ଉତ୍ପନ୍ନ ବ୍ରାତ୍ୟ ଜାତିଙ୍କୁ ଦ୍ରବିଡ଼ ବୋଲି ଯାଇଅଛି । ମହାଭାରତରେ ଲେଖା ଯାଇଅଛି ଯେ

ପରଶୁରାମଙ୍କ ଭୟରେ କତିପୟ କ୍ଷତ୍ରିୟ ଦୂରବର୍ତ୍ତୀ ପାହାଡ଼ ଓ ଜଙ୍ଗଲକୁ ପଳାଇ ଯାଇ ସେଠାରେ ବାସ କଲେ; ସେଠାରେ ବ୍ରାହ୍ମଣଙ୍କ ଅଭାବରେ ସେମାନେ କ୍ରମକ୍ରମେ ଧର୍ମ କର୍ମ ଭୁଲିଯାଇ ବୃଷଳତ୍ୱ ପ୍ରାପ୍ତ ହେଲେ । ଏହିମାନେହିଁ ଦ୍ରବିଡ଼, ଶବର, ପୁଣ୍ଡ୍ର ଆଦି ହେଲେ । ଦ୍ରବିଡ଼ ଦେଶ ଓଡ଼ିଶାର ଦକ୍ଷିଣରେ ବଙ୍ଗୋପସାଗର ଉପକୂଳରେ ବିସ୍ତୃତ ଥିଲା—ହି. ଶବ୍ଦସାଗର ।]

(ଦ୍ରାବିଡ଼ୀ—ଅନ୍ୟରୂପ) ବି—ଦ୍ରାବିଡ଼ ଦେଶୀୟ (ବ୍ୟକ୍ତି ଆଦି)—
Dravidian; pertaining to South India.

[ଦ୍ର—ଭାରତୀୟ ଭାଷା ସାଧାରଣତଃ ଦୁଇ ଶାଖାରେ ବିଭକ୍ତ ଯଥା—ଆର୍ଯ୍ୟ (ଏରିଆନ୍)—ସଂସ୍କୃତ ଆଦି । ଓ ଅନାର୍ଯ୍ୟ ବା ଦ୍ରାବିଡ଼ (ଡ୍ରାଭିଡିଆନ୍);—ତେଲଗୁ, ତାମିଲ ଆଦି ।]

ଦ୍ରାବିଡ଼ୀୟ—ସଂ. ବିଣ. (ଦ୍ରାବିଡ଼+ଈୟ)—
Drābirdiya ଦ୍ରାବିଡ଼ ଦେଶୀୟ; ଦ୍ରବିଡ଼ ଜାତୀୟ—
(ଦ୍ରାବିଡ଼ୀ—ଅନ୍ୟରୂପ) Dravidian.
ବି—ଛୋଟ ଅଳେଇଚ—Small cardamom.

ଦ୍ରାବିତ—ସଂ. ବିଣ. (ଦ୍ରୁ ଧାତୁ ଣିଚ ଦ୍ରାବ ଧାତୁ+କର୍ମ. ତ)—
Drābita ୧ । ଦ୍ରବୀଭୂତ—1. Melted; liquefied; molten.
(ଦ୍ରାବିତା—ସ୍ତ୍ରୀ)
୨ । ପାଣିରେ ଗୋଳିଆ ଯାଇଥିବା—2. Dissolved.
୩ । ତଡ଼ାଡ଼ିତ—3. Expelled; driven away.

ଦ୍ରାବ୍ୟ—ସଂ. ବିଣ. (ଦ୍ରାବ ଧାତୁ+କର୍ମ. ଯ)—
Drābya ୧ । ଯାହା ତରଳା ଯାଇ ପାରେ—1. Capable of being melted; fusible.
୨ । ଯାହା କୌଣସି ତରଳ ପଦାର୍ଥରେ ଗୋଳାଯାଇ ମିଶ୍ରିତ ହୋଇ ପାରେ—2. Soluble; dissolvable.

ଦ୍ରୁ (ଧାତୁ)—ସଂ—୧ । ଗମନ କରିବା—
Dru (root) 1. To go.
୨ । ବୃଦ୍ଧି ପାଇବା—2. To increase.

ଦ୍ରୁ—ସଂ. ବି. (ଦ୍ରୁ ଧାତୁ+କର୍ତ୍ତୃ. ଉ)—
Dru ୧ । ବୃକ୍ଷ; ଗଛ—1. Tree; plant.
୨ । ଶାଖା—2. Branch.

ଦ୍ରୁକିଲିମ—ସଂ. ବି—ଦେବଦାରୁ (ହି. ଶବ୍ଦସାଗର)—
Dru kilima Pine (tree).

ଦ୍ରୁଘଣ—ସଂ. ବି. (ଦ୍ରୁ=ବୃକ୍ଷ+ହନ୍ ଧାତୁ=ବଧ କରିବା+ଅ)—
Drughana ୧ । ଲୌହ ମୁଦ୍ଗର—1. Iron mallet; iron club.
୨ । କୁରାଢ଼ୀ—2 An axe; hatchet.
୩ । ବ୍ରହ୍ମା—3. Brahmā.
୪ । (ଗଛ ମରିଯିବା ପରେ ଏ ଫୁଲ ଭୂମିରୁ ବାହାରେ) ଭୁଇଁଚମ୍ପା—4. Kœmhferia Rotunda (a flowering plant)

ଦ୍ରୁଛନା—ଗ୍ରା. ବି. (ପ୍ରାଚୀନ ପ୍ରୟୋଗ) ବି.—(ସଂ. ଦଶନ)—
Druchhanā Tooth.

କରତ ଦ୍ରୁଛନା ପ୍ରାୟେ ଦଶେ ଧାଡ଼ି ଧାଡ଼ି ।
ପ୍ରାଚୀ. ବ୍ରହ୍ମାଣ୍ଡଭୂଗୋଳ ଗୀତା ।

ଦ୍ରୁଣ୍ (ଧାତୁ)—ସଂ—୧ । ବଧ କରିବା—
Druṇ (root) 1. To kill.
୨ । ଗମନ କରିବା—2. To go.

ଦ୍ରୁଣ—ସଂ. ବି. (ଦ୍ରୁଣ୍ ଧାତୁ+ସଂଜ୍ଞା. ଅ)—
Druṇa ୧ । ଧନୁ—1. A bow.
୨ । ଖଡ୍ଗ—2. A sword.
୩ । ବିଛା (ହି. ଶବ୍ଦସାଗର)—3. Scorpion.

ଦ୍ରୁଣସ—ସଂ. ବିଣ. ପୁଂ. (ବହୁବ୍ରୀହି; ଦ୍ରୁ=ଗଛ+ନସ=ନାସିକା; ଗଛ ପରି ଲମ୍ବ ନାକ ଯାହାର)—
Druṇasa
(ଦ୍ରୁଣସା—ସ୍ତ୍ରୀ) ଲମ୍ବନାକୀ; ନାକୁଆ—Long-nosed.

ଦ୍ରୁଣା—ସଂ. ବି. (ଦ୍ରୁଣ୍ ଧାତୁ+ଆ)—
Druṇā ଧନୁର ଗୁଣ—Bow-string.

ଦ୍ରୁଣି—ସଂ. ବି. ସ୍ତ୍ରୀ. (ଦ୍ରୁଣ ଧାତୁ+ଇ)—
Druṇi ୧ । କଚ୍ଛପୀ—1. A female tortoise.
(ଦ୍ରୁଣୀ—ଅନ୍ୟରୂପ) ୨ । କାନ ବିଛା (ହି. ଶବ୍ଦସାଗର)—
2. A small and slender species of centipedes.

ଦ୍ରୁତ—ସଂ. ବି. (ଦ୍ରୁ ଧାତୁ+କର୍ତ୍ତୃ. ତ)—
Druta ୧ । ଧାବିତ; ପଳାୟିତ—1. Fleeing away; fled running; run away.
୨ । ଗଳିତ; ଦ୍ରବୀଭୂତ—2. Melted; liquefied.
୩ । ଆର୍ଦ୍ର—3. Moistened; wet.
୪ । ତରଳ; ଜଳୀୟ—4. Liquid; fluid.
୫ । ତ୍ୱରାନ୍ୱିତ; ଶୀଘ୍ରଗାମୀ—5. Quick; swift.
୬ । ପାଣିରେ ଗୋଳ ହୋଇ ମିଶି ଯାଇଥିବା—Dissolved.
ବି—୧ । ଶୀଘ୍ରତା—1. Quickness; swiftness.
୨ । ଦ୍ରବୀଭୂତ ଘୃତ—2. Melted ghee.
୩ । ଶୀଘ୍ର ଗମନ—3. Quick motion.
୪ । (ସଙ୍ଗୀତ) ତାଳର ଏକ ମାତ୍ରାର ଅର୍ଦ୍ଧେ—
4. (Music) Half a measure.
୫ । ବୃକ୍ଷ (ହି. ଶବ୍ଦସାଗର)—5. Tree.
୬ । ବିଛା (ହି. ଶବ୍ଦସାଗର)—6 Scorpion.
୭ । ବିରାଡ଼ି (ହି. ଶବ୍ଦସାଗର)—7. Cat.
ହେ. ଵଣ—ଦୀର୍ଘ (ଉଚ୍ଚାରଣ)—
Long (sound of a letter).

ତ୍ରିମାତ୍ରା ଦ୍ରୁତରେ ବସନ୍ତ ଅଛ ସେ । ଉତ୍ତ. ବୋଷ୍ଟବ୍ରହ୍ମାଣ୍ଡୋଦୟ ।

ଦ୍ରୁତ ଗତି—ସଂ. ବି. (କର୍ମଧା; ଦ୍ରୁତ+ଗତି)—
Druta gati ଦ୍ରୁତ ପଦ (ଦେଖ)
Druta pada (See)
ସଂ. ବିଣ. (ବହୁବ୍ରୀହି)—ଦ୍ରୁତଗାମୀ—Swift.

ଦ୍ରୁତଗାମୀ—ସଂ. ବିଣ. ପୁଂ. (ଦ୍ରୁତ+ଗମ୍ ଧାତୁ କର୍ତ୍ତୃ.ଇନ୍; ୧ମା.୧ବ)—
Drutagāmi ବେଗଗାମୀ; ଶୀଘ୍ରଗାମୀ—
(ଦ୍ରୁତଗାମିନୀ—ସ୍ତ୍ରୀ) Moving swiftly; fleet; nimble.

ଦ୍ରୁତଚାରୀ—ସ. ବଣ. ପୁଂ (ଦ୍ରୁତ+ଚର ଧାତୁ+କର୍ତ୍ତୃ. ଇନ୍; ୧ମା ୧ବ)—ଦ୍ରୁତଗାମୀ (ଦେଖ)
Drutachārī Drutagāmī (See)
(ଦ୍ରୁତଚାରିଣୀ—ସ୍ତ୍ରୀ)

ଦ୍ରୁତ ପଦ—ସ. ବି. (କର୍ମଧା; ଦ୍ରୁତ+ପଦ)—ଶୀଘ୍ର ଗତି; ବେଗଗମନ—
Druta pada Quick steps; speedy motion; swift pace; speed.
ବଣ. (ବହୁବ୍ରୀହି) ଶୀଘ୍ରଗାମୀ—
Swift-footed; speedy; fleet of foot.

ଦ୍ରୁତ ବିଲମ୍ବ—ସ. ବି. (ଦ୍ରୁତ+ବିଲମ୍ବ)—୪ର୍ଥ, ୭ମ, ୧୦ମ ଓ ୧୨ଶ ବର୍ଣ୍ଣ ଗୁରୁ ଥିବା ଦ୍ୱାଦଶାକ୍ଷରବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ—The name of a Sanskrit metre of 12 syllables.
Druta bilamba
(ଦ୍ରୁତବିଲମ୍ବିତ—ଅନ୍ୟରୂପ)
(ଦ୍ର—ଏହାର ଛନ୍ଦର ଅନ୍ୟ ନାମ ସୁନ୍ଦରୀ ।)

ଦ୍ରୁତମଧ୍ୟା—ସ. ବି. (ବହୁବ୍ରୀହି; ଦ୍ରୁତ+ମଧ୍ୟ+ଆ)—
Drutamadhyā ସଂସ୍କୃତ ଛନ୍ଦୋବିଶେଷ—
The name of a Sanskrit metre.

ଦ୍ରୁତି—ସ. ବି. (ଦ୍ରୁ ଧାତୁ+ଭାବ. ତି)—୧ । ପଳାୟନ—
Druti 1. Fleeing away; flight.
୨ । ଗତି—2. Motion.
୩ । ଦ୍ରବ (ହି. ଶବ୍ଦସାଗର)—3. Fluid.

ଦ୍ରୁନଖ—ସ. ବି. (୬ଷ୍ଠୀ ତତ୍; ଦ୍ରୁ=ଗଛ+ନଖ=କଣ୍ଟା)—
Dru nakha ଗଛର କଣ୍ଟା—Thorn.

ଦ୍ରୁପଦ—ସ. ବି—୧ । ପାଞ୍ଚାଳ ଦେଶର ରାଜା; ଦ୍ରୌପଦୀଙ୍କ ପିତା—
Drupada 1. Father of Draupadī, a king of the Pañchāla country.
[ଦ୍ର—ଏ ଚନ୍ଦ୍ରବଂଶୀ ପୃଷତ ରାଜାଙ୍କ ପୁତ୍ର । ଦ୍ରୌପଦୀ ଏହାଙ୍କ କନ୍ୟା, ଧୃଷ୍ଟଦ୍ୟୁମ୍ନ ଓ ଶିଖଣ୍ଡୀ ଏହାଙ୍କ ପୁତ୍ର; ଦ୍ରୁପଦ ମହାଭାରତ ଯୁଦ୍ଧରେ ହତ ହୋଇଥିଲେ ।]
୨ । ପାଞ୍ଚାଳ ଦେଶ—2. A tract of country lying along the Ganges and the Jamunā.
୩ । ଖୁଣ୍ଟର ଗୋଡ଼ା ବା ବଇଠି (ହି. ଶବ୍ଦସାଗର)—
3. The base or capital of a pillar.
୪ । ଖଡ଼ମ; କଠଉ (ହି. ଶବ୍ଦସାଗର)—
4. Wooden sandals; clogs

ଦ୍ରୁପଦ ରାଜକନ୍ୟା—ସ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଦ୍ରୁପଦରାଜ+କନ୍ୟା)—
Drupada rājakanyā ଦ୍ରୌପଦୀ (ଦେଖ)
Draupadī (See)
(ଦ୍ରୁପଦ ରାଜପୁତ୍ରୀ, ଦ୍ରୁପଦାତ୍ମଜା, ଦ୍ରୁପଦପୁତ୍ରୀ—ଅନ୍ୟରୂପ)

ଦ୍ରୁପଦ ରାଜପୁତ୍ର—ସ. ବି. (୬ଷ୍ଠୀ ତତ୍; ଦ୍ରୁପଦରାଜ+ପୁତ୍ର)—
Drupada rājaputra ଧୃଷ୍ଟଦ୍ୟୁମ୍ନ ଓ ଶିଖଣ୍ଡୀ—
(ଦ୍ରୁପଦାତ୍ମଜ—ଅନ୍ୟରୂପ) Two famous warriors of of the Mahābhārata war.
[ଦ୍ର—ଏମାନେ କୁରୁକ୍ଷେତ୍ରରେ ପାଣ୍ଡବଙ୍କ ପକ୍ଷରେ ଯୁଦ୍ଧ କରିଥିଲେ ।]

ଦ୍ରୁପଦୀ—ଗ୍ରା. ବି. (ସ. ଦ୍ରୌପଦୀ)—୧ । ଦ୍ରୌପଦୀ (ଦେଖ)
Drupadī 1. Draupadī (See)
(ଦ୍ରୁପତୀ—ଅନ୍ୟରୂପ) ୨ । ଦ୍ରୌପଦୀ ନାମ୍ନୀ ସ୍ତ୍ରୀର ଡାକ ନାମ—
2. Name for calling a woman named Draupadī.

ଦ୍ରୁବୟ—ସ. ବି—୧ । କାଠର ମାପ (ହି. ଶବ୍ଦସାଗର)—
Drubaya 1. Measurement of timber.
୨ । ପରିମାଣ (ହି. ଶବ୍ଦସାଗର)—2. Measurement.

ଦ୍ରୁବିଦ—ଦେ. ବି. (ସ. ଦୁର୍ବୁଦ୍ଧି)—୧ । ବୁଦ୍ଧିହୀନ—
Drubida 1. Foolish.
(ଦ୍ରୁବିନ—ଅନ୍ୟରୂପ) ୨ । ମୂର୍ଖ—2. Illiterate.

ଦ୍ରୁବିନ୍—ଦେ. ବି. (ସ. ଦୂର ଦର୍ଶନ)—ଦୂରଦର୍ଶନ ଯନ୍ତ୍ର; ଦୂରବୀନ୍—
Drubin Telescope.
[ଦ୍ରୁବିନ୍(ନ), ଦ୍ରୁବିନ୍(ବ)—ଅନ୍ୟରୂପ]
दूर्बीन दूरबीन

ଦ୍ରୁମ—ସ. ବି. (ଦ୍ରୁ ଧାତୁ+କର୍ତ୍ତୃ. ମ)—୧ । ବୃକ୍ଷ—
Druma 1. A tree.
୨ । ବଡ଼ଗଛ—2. Big tree.
୩ । କୁବେର—3. Kubera, the Hindus' God of wealth.
୪ । ପାରିଜାତ (ହି. ଶ.)—4. Name of a tree and its flower said to thrive in Heaven.
୫ । ହରିବଂଶ ଅନୁସାରେ ରୁକ୍ମିଣୀ ଗର୍ଭଜାତ ଶ୍ରୀକୃଷ୍ଣଙ୍କ ଏକ ପୁତ୍ର—5. Name of a son of Śrikrushṇa.

ଦ୍ରୁମକଣ୍ଟିକା—ସ. ବି. (ଦ୍ରୁମ+କଣ୍ଟ+କ+ଆ)—ଶିମିଳି ଗଛ (ହି.ଶ.)
Druma kanṭikā The silk-cotton tree.

ଦ୍ରୁମ ନଖ—ସ. ବି.—ଦ୍ରୁନଖ; ଗଛର କଣ୍ଟା—
Druma nakha Thorn.
(ଦ୍ରୁମରୁହ—ଅନ୍ୟରୂପ)

ଦ୍ରୁମ ବ୍ୟାଧି—ସ. ବି. (୬ଷ୍ଠୀ ତତ୍; ଦ୍ରୁମ+ବ୍ୟାଧି)—୧ । ଲାକ୍ଷା; ଲାକ୍ଷ—1. Shell-lac.
Druma byādhi
(ଦ୍ରୁମାମୟ—ଅନ୍ୟରୂପ) ୨ । ଗଛର ରୋଗ—
2. A disease attacking a tree.

ଦ୍ରୁମର—ସ. ବି. (ଦ୍ରୁମ+ସଂଜ୍ଞାର୍ଥେ. ର)—ଗଛର କଣ୍ଟା—
Drumara Thorn.

ଦ୍ରୁମରାଜ—ସ. ବି. (୬ଷ୍ଠୀ ତତ୍; ଦ୍ରୁମ+ରାଜନ୍)—୧ । ଖୁବ୍ ବଡ଼ ଗଛ—
Drumarāja 1. A very big tree.
ଦ୍ରୁମ ଶ୍ରେଷ୍ଠ, ଦ୍ରୁମେଶ୍ୱର } ଅନ୍ୟରୂପ ୨ । ତାଳଗଛ—2. Palm tree.

ଦ୍ରୁମ ସାର—ସ ବି. (୭ମୀ ତତ୍; ଦ୍ରୁମ+ସାର)—ଡାଳିମ୍ବ (ହି. ଶ.)—
Druma sāra Pomegranate.

ଦ୍ରୁମସେନ—ସ. ବି.—(ନାମ) ଧୃଷ୍ଟଦ୍ୟୁମ୍ନଙ୍କଦ୍ୱାରା ହତ କୌରବ ପକ୍ଷୀୟ ଯୋଦ୍ଧା—Name of a warrior who fought for the Kaurabas.
Drumasena

ଦ୍ରୁମାରି—ସଂ. ବି.—(୬ଷ୍ଠୀ ତତ୍; ଏ ଗଛମାନ ଭାଙ୍ଗିବାରୁ)—ହାତୀ—
Drumāri Elephant.

ଦ୍ରୁମାଳୟ—ସଂ. ବି. (୬ଷ୍ଠୀ ତତ୍; ଦ୍ରୁମ+ଆଳୟ)—ବଣ; ଜଙ୍ଗଲ
Drumālaya (ହି. ଶ.)—Forest.
(ଦ୍ରୁମିଣୀ—ଅନୁରୂପ)

ଦ୍ରୁମାଶ୍ରୟ—ସଂ. ବି. (ବହୁବ୍ରୀହି; ଦ୍ରୁମ+ଆଶ୍ରୟ)—କୃକଳାସ; ଏଣ୍ଡୁଅ—
Drumāśraya Lizard; chameleon.

ଦ୍ରୁମିଳ—ସଂ. ବି. (ନାମ)—ସୌଭ ଦେଶର ରାଜା, ଦାନବବିଶେଷ—
Drumila Name of a demon, king of the Saubha kingdom.

ଦ୍ରୁମେଶ୍ୱର—ସଂ.ବି. (ଦ୍ରୁମ+ଈଶ୍ୱର)—୧ । ଚନ୍ଦ୍ର (ହି. ଶ.); ଔଷଧୀଶ-
Drumeśwara 1. The moon.
୨ । ତାଳଗଛ—2. Palm tree.
୩ । ପାରିଜାତ (ଦେଖ)—3. Pārijāta (See)
୪ । ଖୁବ୍ ବଡ଼ ଗଛ—4. A very big tree.

ଦ୍ରୁମୋତ୍ପଳ—ସଂ. ବି.—କର୍ଣ୍ଣିକାର ବୃକ୍ଷ; କନିଅର ଗଛ—
Drumotpala Theveta Nerifloria tree).

ଦ୍ରୁହ୍ (ଧାତୁ)—ସଂ.—୧ । ବଧ କରିବା—
Druh (root) 1. To kill.
୨ । ଅନିଷ୍ଟ କରିବା—2. To injure.
୩ । ହିଂସା କରିବା—3. To take vengeance.

ଦ୍ରୁହ—ସଂ. ବିଣ. (ଦ୍ରୁହ୍ ଧାତୁ+କ୍ୱିପ)—ବିଦ୍ରୋହୀ—
Druha Rebellious.
(ଦ୍ରୁହୀ—ସ୍ତ୍ରୀ) ସଂ. ବି. ପୁଂ.—୧ । ପୁତ୍ର—1. Son.
୨ । ବୃକ୍ଷ—2. Tree.

ଦ୍ରୁହଣ—ସଂ. ବି.—(ଦ୍ରୁହ୍ ଧାତୁ+କର୍ତ୍ତୃ ଅନ; ଯେ ଦୁଷ୍ଟଙ୍କୁ ବଧ
Druhaṇa କରନ୍ତି)—୧ । ବ୍ରହ୍ମା—1.Brahmā.
୨ । ବିଷ୍ଣୁ—2.Bishnu,

ଦ୍ରୁହୀ—ସଂ. ବି. ସ୍ତ୍ରୀ (ଦ୍ରୁହ୍ ଧାତୁ+ଅ+ଈ)—କନ୍ୟା—
Druhi Daughter.

ଦ୍ରୁହ୍ୟ—ସଂ. ବିଣ. (ଦ୍ରୁହ ଧାତୁ+କର୍ତ୍ତୃ. ଯ)—ଦ୍ରୋହକାରୀ—
Druhya Rebellious.

ଦ୍ରୁହ୍ୟୁ—ସଂ. ବି. (ନାମ)—୧ । ଶର୍ମିଷ୍ଠାଙ୍କ ଗର୍ଭଜାତ ଯଯାତିଙ୍କର ଏକ
Druhyu ପୁତ୍ର—1. Name of a son of King Jajāti.
୨ । ତ୍ରିପୁରା ରାଜବଂଶର ବଂଶାବଳୀ (ରାଜମାଳା) ମତରେ
ତ୍ରିପୁରା ରାଜବଂଶର ପ୍ରଥମ ପ୍ରତିଷ୍ଠାତା ଚନ୍ଦ୍ରବଂଶୀୟ ରାଜା—
2. Name of the founder of the Raj-family of the Hill Tippera State.

ଦ୍ରୂ (ଧାତୁ)—ସଂ—୧ । ଗମନ କରିବା—
Drū (root) 1. To go.
୨ । ତରଳିବା—2. To melt.

ଦ୍ରୂ—ସଂ. ବି. (ଦ୍ରୂ ଧାତୁ+ଉ)—ସୁନା—
Drū Gold.

ଦ୍ରୂଣ—ସଂ. ବି. (ଦ୍ରୂ ଧାତୁ+କର୍ତ୍ତୃ. ନ)—ବିଛା—
Drūṇa Scorpion.

ଦ୍ରେକ୍କାଣ—ସଂ. ବି. (ଜ୍ୟୋତିଷ; ମୂଳ. ଗ୍ରୀକ୍ ଡ୍ରେକାନସ୍)—
Drekkāṇa ୧ । ରାଶିର ୩ୟ ଅଂଶର ଅଧିପତି ଗ୍ରହ—
ଦ୍ରୁକ୍କାଣ, ଦ୍ରେକ୍କ } ଅନୁରୂପ
1. The planetary regent of one-third of a zodiacal sign; the Drecanus of European astrology.
୨ । ଫଳିତ ଜ୍ୟୋତିଷରେ ଏକ ରାଶିର ତୃତୀୟ ଭାଗ ବା ଦଶ ଡିଗ୍ରୀ ପରିମିତ ଅଂଶ—
2. (astrology) One third of a sign of the zodiac.
[ଦ୍ର—ରାଶିଚକ୍ର ୩୬୦ ଡିଗ୍ରୀ; ପ୍ରତ୍ୟେକ ରାଶି ୩୦ ଡିଗ୍ରୀ ଓ ପ୍ରତ୍ୟେକ ଦ୍ରେକ୍କାଣ ୧୦ ଡିଗ୍ରୀ । ପ୍ରତ୍ୟେକ ଦ୍ରେକ୍କାଣର ଅଧିପତି ଗୋଟିଏ ଲେଖାଏଁ ଗ୍ରହ ଅଛନ୍ତି । ଏକ ରାଶିର ଅଧିପତି ଗ୍ରହ ଉକ୍ତ ରାଶିର ପ୍ରଥମ ଦ୍ରେକ୍କାଣର ଅଧିପତି ଅଛନ୍ତି । ଉକ୍ତ ରାଶିଠାରୁ ୫ମ ରାଶିର ଅଧିପତି ଗ୍ରହ ଦ୍ୱିତୀୟ ଦ୍ରେକ୍କାଣର ଅଧିପତି ଓ ୯ମ ରାଶିର ଅଧିପତି ତୃତୀୟ ଦ୍ରେକ୍କାଣର ଅଧିପତି ଅଛନ୍ତି । ଶୁଭ ଗ୍ରହର ଦ୍ରେକ୍କାଣର ନାମ ଜଳ ଓ ଅଶୁଭ ଗ୍ରହର ଦ୍ରେକ୍କାଣର ନାମ ଦହନ । ଜଳ ଦ୍ରେକ୍କାଣରେ ଯେଉଁ ବ୍ୟକ୍ତିର ଜନ୍ମ ହୋଇଥାଏ ଜଳରେ ତାହାର ମୃତ୍ୟୁ ହୁଏ; ଦହନ ଦ୍ରେକ୍କାଣରେ ଯାହାର ଜନ୍ମ, ଅଗ୍ନିରେ ତାହାର ମୃତ୍ୟୁ ଘଟେ । ହି. ଶବ୍ଦସାଗର ।]

ଦ୍ରୋଛନା—ଦେ. ବି. (ସଂ. ଜ୍ୟୋତ୍ସ୍ନା)—୧ । କିରଣ—
Drochhanā 1. Rays.
୨ । ଚନ୍ଦ୍ର କିରଣ—2. Moonlight.
ମଧ୍ୟ ଅକ୍ଷରକୁ ଦ୍ରୋଛନା ଘଟେ କଳାପ୍ରାଏ—ପ୍ରାଚୀ. ବ୍ରହ୍ମଚର୍ଯ୍ୟପଣଗୀତା ।

ଦ୍ରୋଣ—ସଂ. ବି ପୁଂ. (ଦ୍ରୁ ଧାତୁ+ଣ)—୧ । ଦ୍ରୋଣାଚାର୍ଯ୍ୟ; କୌରବ
Droṇa ଓ ପାଣ୍ଡବ ରାଜକୁମାରମାନଙ୍କର ଅସ୍ତ୍ରବିଦ୍ୟାଗୁରୁ—
1. Droṇa, the preceptor of the Kauraba and Pāṇḍaba princes.
[ଦ୍ର—ଘୃତାଚୀ ନାମ୍ନୀ ଅପ୍ସରାକୁ ଦେଖି ଭରଦ୍ୱାଜ ମୁନିଙ୍କର ରେତଃପାତ ହେଲା । ସେହି ରେତଃକୁ ମୁନି ଗୋଟିଏ ଦ୍ରୋଣୀ (ପାତ୍ର) ମଧ୍ୟରେ ରଖିଥିଲେ । ସେହି ଦ୍ରୋଣୀରେ ଏହାଙ୍କର ଜନ୍ମ ହୋଇଥିବାରୁ ଏହାଙ୍କର ଦ୍ରୋଣ ନାମ ହୋଇଥିଲା । ଦ୍ରୋଣ ପରଶୁରାମଙ୍କଠାରୁ ଅସ୍ତ୍ର ବିଦ୍ୟା ଶିକ୍ଷା କରିଥିଲେ । ଏ କୃପାଚାର୍ଯ୍ୟଙ୍କ ଭଗ୍ନୀ କୃପୀଙ୍କୁ ବିବାହ କରିଥିଲେ ଓ ଏହାଙ୍କଠାରୁ ଅଶ୍ୱତ୍ଥାମା ଜନ୍ମିଥିଲେ । ଏ କୌରବ ଓ ପାଣ୍ଡବମାନଙ୍କର ଅସ୍ତ୍ରଗୁରୁ ଥିଲେ । ମହାଭାରତ ଯୁଦ୍ଧରେ ଏ କୌରବମାନଙ୍କ ପକ୍ଷରେ ଯୁଦ୍ଧ କରିଥିଲେ । ୫ ଦିନ ଯୁଦ୍ଧ କରିବା ପରେ ଯୁଧିଷ୍ଠିରଙ୍କର ମୁହଁରୁ 'ଅଶ୍ୱତ୍ଥାମା (ହାତୀ) ହତ ହେଲା' ବାକ୍ୟ ଶୁଣି ନିଜର ପୁତ୍ର ଅଶ୍ୱତ୍ଥାମା ହତ ହେଲା ବୋଲି ଭାବନା କରି ଏ ଶୋକରେ ଧ୍ୟାନମଗ୍ନ ହେଲେ, ଓ ଏହି ଅବସରରେ ଦ୍ରୁପଦଙ୍କ ପୁତ୍ର ଧୃଷ୍ଟଦ୍ୟୁମ୍ନ ଏହାଙ୍କ ମୁଣ୍ଡ କାଟି ଦେଲେ ।]
୨ । ଡାମରା କୁଆ—
2. Jackdaw; raven; carrion crow.
୩ । ବିଛା—3. Scorpion.
୪ । ବୃହତ୍ ଜଳାଶୟ—4. A big tank.
[ଦ୍ର—ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ୪୦୦ ଧନୁ ଲେଖାଏଁ ଏହା ପୁଷ୍କରିଣୀ ଓ ବାପିକାଠାରୁ ବଡ଼—ହି. ଶବ୍ଦସାଗର ।]

୫ । ଡଙ୍ଗା ଅକୃତିର ଜଳାଧାର—
5. A long boat-shaped trough of water.
[ଦ୍ର—ବୈଦିକ ଯୁଗରେ ଏଥିରେ ସୋମରସ ରକ୍ଷିତ ହେଉଥିଲା—ହି. ଶବ୍ଦସାଗର ।]
୬ । ଗୟସ ଗୁଳ୍ମ—6. Leucas plant.
[ଦ୍ର—ଏହାର ଫୁଲର ଅକୃତି ଡଙ୍ଗା ପରି ।]
୭ । ପାତ୍ରୀ; ଡଙ୍ଗା ଅକୃତିର ପାତ୍ର—
7. A cup shaped like a boat.
୮ । ୩୨ ସେର ଶସ୍ୟାଦିର ପରିମାଣ ପାତ୍ର—
9. A measure of 32 seers of corn and other things.
୯ । ପସୁରୀ; ପାଞ୍ଚସେର; ପାଞ୍ଚସେରିଆ ଗୌଣୀ —
9. A standard weight or measure of 5 seers.
୧୦ । ମେଘବିଶେଷ; ବାଇଗଣକୋଡ଼ା ମେଘ; ଚାରି ପ୍ରକାର ମେଘ ମଧ୍ୟରୁ ଏକ ପ୍ରକାର ମେଘ—
10. Name of a cloud; the cirrus cloud; the mackerel cloud.
[ଦ୍ର—ଜ୍ୟୋତିଷ ମତରେ ଏହା ମେଘମାନଙ୍କର ଏକ ଅଧିପତିର ନାମ, ଯେଉଁ ବର୍ଷ ଏ ମେଘନାୟକ ହୁଏ ସେ ବର୍ଷ ପୃଥିବୀରେ ଖୁବ୍ ବର୍ଷା ହୁଏ— ହି. ଶବ୍ଦସାଗର ।]
୧୧ । ଡଙ୍ଗା (ହି. ଶବ୍ଦସାଗର)—11. Boat.
୧୨ । ଡଙ୍ଗା ଅକୃତିର ପତ୍ରନିର୍ମିତ ଦନା (ହି. ଶବ୍ଦସାଗର)—
12. A boat-shaped cup of leaves.
୧୩ । ବୃକ୍ଷ; ଗଛ (ହି. ଶବ୍ଦସାଗର)—13. Tree; plant.
୧୪ । ନୀଳଗୁଳ୍ମ (ହି. ଶବ୍ଦସାଗର)—14. Indigo plant.
୧୫ । କଦଳୀ (ହି. ଶବ୍ଦସାଗର)—15. Plantain.

ଦ୍ରୋଣ କାକ—ସଂ. ବି—ଡାମରା କୁଆ—
Drona kāka Raven; carrion crow.

ଦ୍ରୋଣ ଗୁରୁ—ସଂ. ବି—ଦ୍ରୋଣ ୧ (ଦେଖ)
Drona guru Drona 1 (See)
(ଦ୍ରୋଣାଚାର୍ଯ୍ୟ—ଅନ୍ୟରୂପ)

ଦ୍ରୋଣଦୁଘା—ସଂ.ବିଣ. ସ୍ତ୍ରୀ (ଦ୍ରୋଣ+ଦୁହ୍ ଧାତୁ+କର୍ମ. କ୍ୱିପ୍+ସ୍ତ୍ରୀ.)ଆ-
Dronadughā ଯେଉଁ ଗାଈ ଦିନକେ ୩୨ ସେର ପରିମିତ ଦୁଧ ଦିଏ—
(ଦ୍ରୋଣମାନା—ଅନ୍ୟରୂପ) A cow which gevis 32 seers of milk a day.

ଦ୍ରୋଣପୁଷ୍ପୀ—ସଂ.ବି—(ଦ୍ରୋଣ+ପୁଷ୍ପ+ସ୍ତ୍ରୀ. ଈ;ଏହାର ଫୁଲ ଡଙ୍ଗାପରି)
Dronapuspi ଗୟସ ଗଛ—Leucas plant.
(ଦ୍ରୋଣପୁଷ୍ପା—ସ୍ତ୍ରୀ)

ଦ୍ରୋଣମ୍ପଚ—ସଂ. ବିଣ. (ଦ୍ରୋଣଂ+ପଚ୍ ଧାତୁ+ଅ) - ଯେଉଁ ପାଚକ
Dronampaka ବହୁପରିମିତ ପଦାର୍ଥ ଏକକା ରାନ୍ଧି ପାରେ—
A cook who can cook large quantities of food at a time.

ଦ୍ରୋଣା - ସଂ. ବି. ସ୍ତ୍ରୀ—(ଦ୍ରୋଣ+ଆ)—ଗୟସ ଫୁଲ—
Dronā Leucas flower.

ଦ୍ରୋଣାଚାର୍ଯ୍ୟ—ସଂ. ବି—ଦ୍ରୋଣ ୧ (ଦେଖ)
Dronāchārjya Drona 1 (See)

ଦ୍ରୋଣାୟନ—ସଂ. ବି. ପୁଂ. (ଦ୍ରୋଣ+ଅପତ୍ୟାର୍ଥେ. ଅୟନ)—ଦ୍ରୋଣଙ୍କ
Dronāyana ପୁତ୍ର ଅଶ୍ୱତ୍ଥାମା—Aśwatthāmā, the son of
(ଦ୍ରୋଣାୟନୀ—ଅନ୍ୟରୂପ) Drona.

ଦ୍ରୋଣି—ସଂ. ବି. ସ୍ତ୍ରୀ. (ଦ୍ରୁ ଧାତୁ+ନି)—୧ । ଡଙ୍ଗି; ଛୋଟ ଡଙ୍ଗା—
Droni 1. A canoe; small boat.
(ଦ୍ରୋଣୀ—ଅନ୍ୟରୂପ) ୨ । ଗୋରୁକୁଣ୍ଡ—2. A vat or bucket used in feeding cattle; a trough.
୩ । ଜଳସେଚନୀ; ସେନୁଆ —
3. A baling vessel; a kind of pot used in sprinkling water on fields.
୪ । ଗିରିସଙ୍କଟ—4. A mountain pass.
୫ । ଡଙ୍ଗା ଅକାରର ପାତ୍ର—
5. A boat-shaped cup.
୬ । ଲମ୍ବଡ଼ା କୁଣ୍ଡ—6. A long tub.
୭ । କାଠର ପାତ୍ର; କାଠୁଆ (ହି. ଶବ୍ଦସାଗର)—
7. Wooden pot.
୮ । ପତ୍ରର ଦନା (ହି. ଶବ୍ଦସାଗର)—
8. A cup made of leaves.
୯ । କଦଳୀ (ହି. ଶବ୍ଦସାଗର)—9. Plantain.
୧୦ । ନୀଳଗୁଳ୍ମ (ହି. ଶବ୍ଦସାଗର)—10. Indigo plant.
୧୧ । ୧୨୮ ବା ମତାନ୍ତରରେ ୩୮ସେର ପରିମାଣବିଶେଷ—
11. A unit of measure.
୧୨ । ଏକପ୍ରକାର ଲୁଣ—12. A kind of salt.
୧୩ । ଶୀଘ୍ରତା (ହି. ଶବ୍ଦସାଗର)—13. Swiftness.
୧୪ । (ଦ୍ରୋଣ+ଅପତ୍ୟାର୍ଥେ. ଇ) ଅଶ୍ୱତ୍ଥାମା—
14. Aśwatthāmā.
୧୫ । (ଦ୍ରୋଣ+ଈ)—ଦ୍ରୋଣାଚାର୍ଯ୍ୟଙ୍କ ସ୍ତ୍ରୀ; କୃପୀ—
15. The wife of Drona.

ଦ୍ରୋଣିକ—ସଂ. ବି. ସ୍ତ୍ରୀ (ଦ୍ରୋଣ+କ+ସ୍ତ୍ରୀ. ଆ)—ନୀଳୀ ଗୁଳ୍ମ—
Dronika Indigo plant.
(ଦ୍ରୋଣିକା—ସ୍ତ୍ରୀ)

ଦ୍ରୋଣୀ ଦଳ—ସଂ. ବି. (ବହୁବ୍ରୀହି; ଦ୍ରୋଣୀ+ଦଳ; ଏହାର ପତ୍ର ଓ
Droni dala ପାଟୁଆ ଡଙ୍ଗା ପରି)—କେତକୀ ଗଛ ଓ ଫୁଲ—
Pandanus Odoratissimus (tree and flowers.)

ଦ୍ରୋଣୀ ଲବଣ—ସଂ. ବି.—କର୍ଣ୍ଣାଟଦେଶ ତଟରେ ମିଳିବା ଏକପ୍ରକାର
Droni labana ଲୁଣ—A kind of salt found in the Karnatak coast of India.
[ଦ୍ର—ଏହା ଅତି ଭେଦକ, ସ୍ନିଗ୍ଧ,ଶୂଳନାଶକ; ଅନ୍ୟ ସଂ. ନାମ ଦ୍ରୋଣେୟା, ଦ୍ରୋଣୀଜ, ବାରିଜ, ବାର୍ଦ୍ଧିଜ, ଦ୍ରୋଣୀ, ତଟକୂଟ ଲବଣ, ବର୍କେୟ, ବାର୍ଦ୍ଧିଭବ]

ଦ୍ରୋପଦୀ—ଗ୍ରା. ବ. (ଦ୍ରୌପଦୀର ଅଶୁଦ୍ଧ ଉଚ୍ଚାରଣ)--ଦ୍ରୌପଦୀ (ଦେଖ)--
Dropadī Draupadī (See)

ଦ୍ରୋହ—ସଂ. ବି (ଦ୍ରୁହ୍. ଧାତୁ + ଭାବ. ଅ)—୧ । ଅନିଷ୍ଟାଚରଣ—
Droha 1. Mischief; violence.
୨ । ଅପକାର — 2. Injury.
୩ । ପରର ଅନିଷ୍ଟ ଚିନ୍ତା — 3. Thoughts to injure another; malice.
୪ । ପରାଭବ—4. Defeat,
୫ । ବିଶ୍ୱାସଘାତକତା — 5. Treachery; perfidy.
୬ । ବିଦ୍ରୋହାଚରଣ — 6. Rebellion; treason.

ପାତକୀର ଦ୍ରୌଣିର ଦ୍ରୋହ ସୁଦ୍ଧ ଦେଖି
ଶାପ ଦେଲେ ବ୍ୟାସ କୋହଣ କରି ଋଷି । କୃଷ୍ଣସିଂ. ମହାଭାରତ.ଅଦ ।

୭ । ଘୃଣା — 7. Hatred.
୮ । ପ୍ରତିହିଂସାବୃତ୍ତି — 8 Spirit of revenge,

ଦ୍ରୋହାଟ—ସଂ. ବି (ଦ୍ରୋହ+ଅଟ୍ ଧାତୁ +କର୍ତ୍ତୃ. ଅ) —
Drohāṭa ୧ । ବୈଡାଲବ୍ରତିକ ବ୍ୟକ୍ତି; ବିଡ଼ାଳତପସ୍ୱୀ- (ହି. ଶବ୍ଦସାଗର)—1. A person who bears a mask of piety
୨ । ମୃଗଲୁବ୍ଧକ (ହି. ଶବ୍ଦସାଗର)—
2 A hunter.
୩ । ବେଦର ଶାଖାବିଶେଷ—
3 Name of a branch of the Bedas.

ଦ୍ରୋହୀ --ସଂ. ବିଣ. ପୁଂ (ଦ୍ରୁହ୍ ଧାତୁ + କର୍ତ୍ତୃ. ଇନ୍. ୧ମା. ୧ବ)—
Drohī ୧ । ପରର ଅନିଷ୍ଟଚିନ୍ତକ—1. Bent upon injuring others.
(ଦ୍ରୋହିଣୀ—ସ୍ତ୍ରୀ) ୨ । ଈର୍ଷାନ୍ୱିତ—2. Malicious; malevolent; spiteful.
୩ । ପରାଭବକାରୀ —3. Defeating.
୪ । ବିଦ୍ରୋହୀ—4. Rebellious; recalcitrant.
୫ । ଶତ୍ରୁ — 5. Inimical.
୬ । ପାପୀ—6. Sinful.
୭ । ବିଶ୍ୱାସଘାତକ—
7. Treacherous; perfidious.
୮ । କୃତଘ୍ନ—8 Ungrateful.
[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ । ଯଥା—ଗୁରୁଦ୍ରୋହୀ, ପିତୃଦ୍ରୋହୀ, ରାଜଦ୍ରୋହୀ, ଦେଶଦ୍ରୋହୀ ଇତ୍ୟାଦି ।]
ସଂ ବି—ଶତ୍ରୁ—Enemy.

ଦ୍ରୌଣ—ସଂ. ବି. ପୁଂ—ଦ୍ରୋଣାୟନ (ଦେଖ)
Drauṇa Droṇāyana (See)
(ଦ୍ରୌଣି, ଦ୍ରୌଣେୟ, ଦ୍ରୌଣାୟନ, ଦ୍ରୋଣାୟନି—ଅନ୍ୟରୂପ)

ଦ୍ରୌଣିକ—ସଂ. ବି (ଦ୍ରୋଣ + ଇକ) —ଯେଉଁ କ୍ଷେତ୍ରରେ
Drauṇika ଦ୍ରୋଣପରିମିତ ବୀଜ ବୁଣା ଯାଇ ପାରେ—
A corn-field in which 32 seers of seeds can be sown.

ଦ୍ରୌପଦ—ସଂ. ବି. ପୁଂ (ଦ୍ରୁପଦ + ଅପତ୍ୟାର୍ଥେ. ଅ)—
Draupada ଧୃଷ୍ଟଦ୍ୟୁମ୍ନ—Dhṛushṭadyumna, son of king Drupada.

ଦ୍ରୌପଦୀ—ସଂ. ବି. ସ୍ତ୍ରୀ (ଦ୍ରୁପଦ+ଅପତ୍ୟାର୍ଥେ ସ୍ତ୍ରୀ. ଈ)—
Draupadī ପଞ୍ଚପାଣ୍ଡବଙ୍କ ପତ୍ନୀ—The common wife of the five Pāṇḍaba brothers.
[ଦ୍ର—ଏ ପାଞ୍ଚାଳରାଜ ଦ୍ରୁପଦଙ୍କର କନ୍ୟା ଥିଲେ । ପଞ୍ଚପାଣ୍ଡବଙ୍କ ଅଜ୍ଞାତବାସକାଳରେ ବ୍ରାହ୍ମଣବେଶଧାରୀ ଅର୍ଜୁନ ସ୍ୱୟଂବର ସଭାରେ ଲକ୍ଷ୍ୟଭେଦ କରି ଏହାଙ୍କୁ ପାଇଥିଲେ । କିନ୍ତୁ ବିଦେଶରୁ ଯାଇ ପାଞ୍ଚ ଭାଇ ମଧ୍ୟରୁ ଜଣେ ଭାଇ ଯାହା ଅର୍ଜନ କରିଛି ତାକୁ କିଏ ଭୋଗ କରିବ ବୋଲି ମାତାଙ୍କୁ ପଚାରିବାରୁ ମାତା ଏ ପ୍ରଶ୍ନର ଅନ୍ତର୍ନିହିତ ଉଦ୍ଦେଶ୍ୟ ଜାଣି ନ ଥିବାରୁ ତାହା ପାଞ୍ଚ ଭାଇଯାକ ବାଣ୍ଟି କରି ଭୋଗ କରିବେ ବୋଲି କହିବାରୁ ମାତୃବାକ୍ୟ ପାଳି ଏହାଙ୍କୁ ପଞ୍ଚପାଣ୍ଡବ ବିବାହ କଲେ । ଯୁଧିଷ୍ଠିର କପଟପଶାଖେଳରେ ଦୁର୍ଯ୍ୟୋଧନଙ୍କଦ୍ୱାରା ପରାସ୍ତ ହୋଇ ରାଜ୍ୟ ସହିତ ଦ୍ରୌପଦୀଙ୍କୁ ହାରିବାରୁ ଦୁର୍ଯ୍ୟୋଧନ ଦୁଃଶାସନଦ୍ୱାରା ଦ୍ରୌପଦୀଙ୍କୁ ଅନ୍ତଃପୁରରୁ ବଳପୂର୍ବକ ଚୁଟିଧରି ଟାଣିଆଣି ରାଜସଭାରେ ବିବସ୍ତ୍ରା କଲେ ଓ ଭଗବାନ୍ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ କାତର ପ୍ରାର୍ଥନା ଶୁଣି ଅପ୍ରମେୟ ବସ୍ତ୍ର ଦାନପୂର୍ବକ ତାଙ୍କ ଲଜ୍ଜା ନିବାରଣ କଲେ । ଅବଶେଷରେ ଭୀମ ଏ ଅପମାନର ପ୍ରତିଶୋଧରେ ଦୁର୍ଯ୍ୟୋଧନଙ୍କୁ ମାରିଲେ ଓ ଦୁଃଶାସନଙ୍କୁ ମାରି ତାହାଙ୍କ ରକ୍ତ ଦ୍ରୌପଦୀଙ୍କୁ ଦେବାରୁ ଦ୍ରୌପଦୀ ସେହି ରକ୍ତ ବୋଳି କରି କୁରୁସଭାରେ ଘଟିଥିବା ଅପମାନ ସମୟରୁ ମୁକୁଳା ହୋଇଥିବା କେଶକୁ ବାନ୍ଧିଲେ ।]

ଦ୍ରୌପଦେୟ—ସଂ. ବି. ପୁଂ—(ଦ୍ରୌପଦୀ + ଅପତ୍ୟାର୍ଥେ. ଏୟ)—
Draupadeya ଦ୍ରୌପଦୀଙ୍କ ଗର୍ଭରୁ ପଞ୍ଚପାଣ୍ଡବଙ୍କ ଔରସ ପାଞ୍ଚ ପୁତ୍ର—The 5 sons born of Draupadī to the 5 husbands respectively.
[ଦ୍ରୌପଦୀଙ୍କ ଗର୍ଭରୁ ଯୁଧିଷ୍ଠିରଙ୍କ ଔରସ ପ୍ରତିବିନ୍ଧ୍ୟ, ଭୀମଙ୍କର ଶ୍ରୁତସୋମ, ଅର୍ଜୁନଙ୍କର ଶ୍ରୁତକର୍ମା, ନକୁଳଙ୍କର ଶତାନୀକ ଓ ସହଦେବଙ୍କର ଶ୍ରୁତସେନ ନାମକ ୫ ପୁତ୍ର ଯଥାକ୍ରମେ ଜନ୍ମଲାଭ କରିଥିଲେ ।]

୧	ଇ	ଉ	ଋ,ୠ			ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	ଙ୍କ	ଇଷ୍ଟ	ଉତ୍ଥ	ଞ୍ଚ
୨	ଈ	ଊ	ରୁ	ନ୍	ପ୍ତେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଯ	ଇଥ	ଈ	ନ୍

ଧ

ଧ—ଊନବିଂଶ ବ୍ୟଞ୍ଜନବର୍ଣ୍ଣ । ତ ବର୍ଗର ୪ର୍ଥ ବର୍ଣ୍ଣ । (ଏହାର ଉଚ୍ଚାରଣ ସ୍ଥାନ ଦନ୍ତ)—The 19th consonant (dental) corresponding to 'dh'.
Dha

ସଂ. ବି (ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଡ୍ ପ୍ର.)—

୧ । ବ୍ରହ୍ମା—1. Brahmā, the Creator of the universe.

୨ । (+କର୍ତ୍ତୃ. ଅ) କୁବେର—
2. Kubera, the God of riches.

୩ । ଧର୍ମ —3. Virtue; religion.

୪ । (+କର୍ମ. ଅ) ଧନ—4. Riches.

୫ । ସଙ୍ଗୀତର ସପ୍ତ ସ୍ୱର (ସା ରେ ଗା ମା ପା ଧା ନି) ମଧ୍ୟରୁ ଷଷ୍ଠ ସ୍ୱର—5. The 6th tune of the Hindu gamut.

ଦେ. କ୍ରି—୧ । (ଧରିବା କ୍ରିୟାର ଅନୁଜ୍ଞା ଅନାଦରାର୍ଥ ଏକବଚନ ତୁ କର୍ତ୍ତା ସଙ୍ଗେ ଯୁକ୍ତ) ତୁ ଧର—1. (you) Hold; catch,

୨ । (ଅବ୍ୟୟ) କୌଣସି ଶିକାରକୁ ଧରିବା ନିମନ୍ତେ କୁକୁର ପ୍ରତି ପ୍ରଯୁକ୍ତ ସଙ୍କେତ ଶବ୍ଦ (ଏହାର ଅର୍ଥ=ଧର !)—
n interjection used in setting a dog to a prey meaning 'catch it'.

ଧର
ପକଡ଼ୋ

ଧଅ
ଧଅଧଅ
ଧଅଧଅତୁ } ଅନ୍ୟରୂପ
ଧଧ
ଧଧତୁ

୩ । ଦେ. ବି—ଧଅ (ଦେଖ)--3 Dha-a (See)

ଧଅ— ଦେ.ବି (ସଂ. ଧବ)—ଧବ ବୃକ୍ଷ; ଏକପ୍ରକାର ଜଙ୍ଗଲୀ କାଠ ଗଛ—
Dha-a Anogeissus Latifolia; Anogeissus Tomentosa.

ସଂ. ନାମ—ଧବ, ଧବଳ, ପିଶାଚ-ବୃକ୍ଷ, ଶକଟାକ୍ଷୀ, ଦୃଢ଼ତରୁ, ଗୌର, କଷାୟ, ଧୁରନ୍ଧର, ମଧୁରତ୍ୱକ୍, ଶୁକ୍ଳାଙ୍ଗ, ପାଣ୍ଡୁତରୁ, ପାଣ୍ଡୁର, ଘଟ, ନନ୍ଦିତରୁ, ସ୍ଥିର, ପୀତଫଳ, ଶୁକ୍ଲପକ୍ଷ,
ହି, ଧାଓୟା
ଧାବା, ଧୌର, ଧୌଲା
ମ. ଧାବଡ଼ା
ତେ. ନାରଂଜରେଟ୍ଟୁ
ଗୁ. ଧାବଡ଼ୋ

[ବି—ଏହା ହରୀତକ୍ୟାଦି ବର୍ଗର ଆରଣ୍ୟ ବୃହତ୍ ତରୁ । ଏହାର ପତ୍ର ଆତ ଗଛର ପତ୍ର ପରି । ଏହାର ବକଳ ଧଳା ଓ ଚିକ୍କଣ ଏବଂ ମଞ୍ଜକାଠ ଧଳା, ଚକଚକିଆ ଓ ଦୃଢ଼ । ଏ କାଠ ଘର, ସଗଡ଼ ଓ ଲଙ୍ଗଳ ଆଦିରେ ବ୍ୟବହୃତ ହୁଏ । କଞ୍ଚା ପାଣି ଖାଇଲେ ଏହା ଶୀଘ୍ର ସଡ଼ିଯାଏ । ଏ ଗଛରୁ ଏକ ପ୍ରକାର ଅଠା ବାହାରେ । ଏ ଅଠା ଲୁଗାକୁ ରଙ୍ଗାଇବା କାମରେ ଲାଗେ; ଏ ଗଛର ପତ୍ର, ଫଳ ଓ ଚେର ଔଷଧରେ ଲାଗେ । ବୈଦ୍ୟଶାସ୍ତ୍ର ମତରେ ଏହା କଷାୟରସ, କଫବାତନାଶକ, ପିତ୍ତକାରକ, ପାଚକ, ରୁଚିବର୍ଦ୍ଧକ ଓ ପାଣ୍ଡୁ ରୋଗରେ ଉପକାରୀ । ଏହା ପ୍ରମେହ, ଅର୍ଶଃ ଓ କଫନାଶକ ।]

ଧଅକ—ଗ୍ରା. ବି (ସଂ. ଦହ୍ ଧାତୁ)—ଦହନ—
Dha-aka Blazing of fire.

ଧକଧକ ବିଣ—ଦହଉଥିବା—Blazing.
ଧଧକ

ଧଅକ ସକ—ଦେ. ଅ—ଧକସକ (ଦେଖ)
Dha-aka saka Dhakasaka (See)

ଧଅ ଧଅତୁ—ଦେ. (ବାକ୍ୟ)—ଶିଶୁଉଚ୍ଛନଗୀତର ଅଂଶବିଶେଷ—
Dha-a dha-atu A part of a lullaby.
ଧଧତୁ—ଅନ୍ୟରୂପ ଧଅ ଧଅତୁ, ଜନ୍ହମାମୁଁର ପୁଅ ବହୁତୁ—ଶିଶୁଗୀତ ।

ଧଅପ ଚିକଣ—ପ୍ରାଦେ. (ଯାଜପୁର) ବିଣ.—ଯେ ଭିତରେ ଅସାର କିନ୍ତୁ ବାହାରେ ଚକଚକିଆ ଦେଖାଯାଏ ।
Dhaa-pa chikaṇa

ଧଅପ ଚିକଣା
ଧଅପ ଚିକଣିଆ } ଅନ୍ୟରୂପ
ଧଅପ ଚିକଣିଆ

That which has an outward show while possessing no inner worth; gaudy.

ଧଅ ବୋଇଲେ କାମୁଡ଼ି ପକା(କ)ଉଛି—ଦେ (ବ୍ୟଙ୍ଗ୍ୟ; ବାକ୍ୟ)
Dha-a boile kāmurdi pakā(ka)uchhi ଦନ୍ତୁରି ହତିଆର ବା ଅକର୍ମଣ୍ୟ କୁକୁରର କାର୍ଯ୍ୟକାରିତାର ଅଭାବ ଦେଖିଲେ ବ୍ୟଙ୍ଗ୍ୟଭାବରେ ସାଧାରଣତଃ ଏହି ବାକ୍ୟ ପ୍ରଯୁକ୍ତ ହୁଏ—An ironical expression used in respect of a blunt weapon or a worthless dog.

ଧଅଳା(ଳେ)ଇବା—ଦେ. କ୍ରି. (ସଂ. ଧବଳରୁ ଓଡ଼ିଆ ନାମ ଧାତୁ; ତୁଳ. ସଂ. ଧବଳାୟତେ=ଧଳା ପାଲଟୁଛି)—
Dha-aḻā(le ibā

ଧବଳନା ୧ । ଧବଳିତ କରିବା—1. To whiten.

୨ । ଘରର କାନ୍ଥ ଆଦିକୁ ପାଣିଅଁ ଚୂନରେ ସଫେଦ କରିବା—2. To whitewash.

ଧଅଳିବା—ଦେ. କ୍ରି. (ସଂ. ଧବଳ ଶବ୍ଦରୁ)—ଧଉଳାଇବା (ଦେଖ)—
Dha-aḻibā Dhauḻāibā (See)

ଧଅସ—ଦେ. କ୍ରି. ବିଣ.—(ସଂ. ଝଟିତି)—ଝଟ୍; ଅତିଶୀଘ୍ର—
Dha-asa Quickly; very soon.

(ଧଅସି—ଅନ୍ୟରୂପ) ଦେ ବି.—୧ ଜୋର; ବଳ—1. Force.

୨ । ଦ୍ରୁତଗତି—2. Great speed.

ଧଇଁ—ଦେ. ବି.—(ଫା. ଦମା)—୧ । ଶ୍ୱାସ ରୋଗ—
Dhaiñ 1. Asthma.

ହାଁପାନି ୨ । ଘନ ଶ୍ୱାସ—
दमा 2. Gasping; panting.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗଡ' ନ ମିଳିଲେ 'ଗାଡ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଧଇଁଆଁ—ଦେ. ବିଣ.—ଧଇଁ ରୋଗଗ୍ରସ୍ତ—
Dhaiñañ Asthmatic.
(ଧୟାଁ—ଅନ୍ୟରୂପ)

ଧଇଁ ଉଠିବା—ଦେ. ବି—୧ । ଶ୍ୱାସରୋଗର ବେଗ ଉଠିବା—
Dhaiñ uṭhibā 1. Attack of an asthmatic fit.
(ଧଇଁ ପେଲିବା—ଅନ୍ୟରୂପ) ୨ । ଖରଶ୍ୱାସ ବହିବା—
हाँपानि उठा दमा उठना 2. Gasping; panting.

ଧଇଁଚା—ଦେ. ବି—ଧଣିଚା (ଦେଖ)
Dhaiñchā Dhaṇichā (See)

ଧଇଁ ସଇଁ—ଦେ. ବିଣ—ଅତି ପରିଶ୍ରମ ହେତୁରୁ ଯାହାର ଖରଶ୍ୱାସ
Dhaiñ saiñ ବହୁଥାଏ—Panting; gasping.
ଧଇଁସଇଁ ହୋଇ ଧାଇଁଛନ୍ତି। ଫକୀରମୋହନ. ଗଳ୍ପସ୍ୱଳ୍ପ।

ଧଇଁ ସଇଁ ହେବା—ଦେ. କ୍ରି. (ଧ୍ୱନ୍ୟନୁକରଣ)—ଅତ୍ୟନ୍ତ କ୍ଲାନ୍ତି ହେତୁ
Dhaiñ saiñ hebā ବେଗରେ ନିଶ୍ୱାସ ପ୍ରଶ୍ୱାସ ନେବା ଓ ଛାଡ଼ିବା—
(ଧେଁସେଁ ହେବା—ଅନ୍ୟରୂପ) To gasp; to pant on
हाँपना हाँफना account of exhaustion.

ଧଇରି—ଦେ. ବି—କାଠି ଲଗା ଫେଣ୍ଟସ୍ତ ପରି ନିର୍ମିତ ମାଛ ଧରିବାର ଯନ୍ତ୍ର-
Dhairi ବିଶେଷ—A fishing contrivance of reed
(ଧଉରି, ଧଉଳି—ଅନ୍ୟରୂପ) work.

ଧଇର୍ଯ୍ୟ—ଗ୍ରା (ପଦ୍ୟ) ବି. (ସଂ. ଧୈର୍ଯ୍ୟ)—୧ । ଦମ୍ଭ; ଧୈର୍ଯ୍ୟ—
Dhairjya 1. Patience; fortitude.
ଧଇର୍ଯ, ଧଇରଜ, ଧୌର୍ଯ୍ୟ / ଧଉର୍ଯ୍ୟ, ଧଉର୍ଯ, ଧଉରଜ } ଅନ୍ୟରୂପ
ମୋ ଧଇର୍ଯ୍ୟ ମୁଗଲୁ ପାଶ / ନ ପୂରାଇ ବରଛ ଅଶ। / କବିସୂର୍ଯ୍ୟ. ସଙ୍ଗୀତ।
धीरज ୨ । ଦୃଢ଼ତା—2. Firmness.
धीरज ୩ । ଶାନ୍ତଭାବ—3. Calmness; composure.

ଧଇର୍ଯ୍ୟ ବୁଡ଼ା—ଦେ. ବିଣ—ଧୈର୍ଯ୍ୟ ବା ଧୃତି ନାଶକାରୀ—
Dhairjya burḍā Causing loss of patience or fortitude.
କବଳରୁ ବତର ସେ ଧଇର୍ଯ୍ୟ ବୁଡ଼ା—ଗୋପାଳକୃଷ୍ଣ. କଳମେ ହଳ।

ଧଉଡ଼ି(ରି)—ପ୍ରାଦେ. (ପାରଳୁନ୍ଦ) ବି—ଧଇରି (ଦେଖ)
Dhaurḍi(ri) Dhairi (See)
[ଦ୍ର—ଚିଲକାରେ ଏଥିଦ୍ୱାରା ଚିଙ୍ଗୁଡ଼ିମାଛ ଧରାଯାଏ।]

ଧଉତ—ଗ୍ରା. ପଦ୍ୟ. ବିଣ (ସଂ. ଧୌତ)—ଧୌତ—
Dhauta Washed; cleaned.
ସେ ଅମୃତେ କଲି ଯୌବନ ବାଳା-ତନୁ ଧଉତ—ରାଧାନାଥ. ଚନ୍ଦ୍ରଭାଗା।

ଧଉରା—ବି (ସଂ. ଧବ)—ଧଅ (ଦେଖ)
Dhaurā Dha-a (See)

ଧଉଳ(ଳା)—ଗ୍ରା. ବିଣ. (ସଂ. ଧବଳ)—ଧଳା; ଶ୍ୱେତ—
Dhauḷa(ḷā) White.
सफेद, धौला

ଧଉଳା(ଳେ)ଇବା—ଦେ. କ୍ରି (ସଂ. ଧବଳରୁ ଓଡ଼ିଆ ନାମ ଧାତୁ)—
Dhauḷā(ḷe)ibā ୧ । ଧୋବ କରିବା—1. To whiten.
धोलाईकरना ୨ । କାନ୍ଥକୁ ଚୂନଅଦି ଲେପି ଧଳା କରିବା—
सफेदीकरना 2. To whitewash.
(ଧଉଳିବା—ଅନ୍ୟରୂପ)

ଧଉଳି—ଦେ. ବି (ସଂ. ଧବଳ)—୧ । ଧାନଗଛରେ ଲାଗିବା ଏକପ୍ରକାର
Dhauḷi ଛୋଟ ଛୋଟ ଧଳା ପୋକ—1. A kind of white
शाँखी plant-lice infesting paddy plants.
[ଦ୍ର—ଏହି ପୋକ ଶ୍ରାବଣ ଓ ଭାଦ୍ର ମାସରେ ଧାନ ଗଛରେ ଲାଗନ୍ତି; ଗଛ ହଳଦିଆ ପଡ଼ିଯାଏ ଓ ଭଲ କେଣ୍ଡା ବାହାରେ ନାହିଁ। ଏ ପୋକ ଗଛର ରସ ଖାଇଯିବାରୁ ଗଛ ମଧ୍ୟ ମରିଯାଏ।]
୨ । ବାଉଁଶ କାଟିରେ ବୁଣା ହୋଇଥିବା ମାଛ ଧରିବା ଯନ୍ତ୍ର ବିଶେଷ; ଧଇରି—2. A contrivance for fishing made of bamboo-laths.
୩ । ସ୍ତ୍ରୀ (ସଂ. ଧବଳା, ଧବଳୀ)—ଧଳା ଗାଈ—
3 White cow.
୪ । ଧଉଳିଗିରି (ଦେଖ)—4. Dhauligiri (See)
ଦେ. ବିଣ. ସ୍ତ୍ରୀ—ଧବଳବର୍ଣ୍ଣ ବିଶିଷ୍ଟା; ଧଳା—White.

ଧଉଳି ଗିରି ଦେ. ବି (ସଂ. ଧବଳଗିରି)—ଉତ୍କଳର ପୁରୀ ଜିଲ୍ଲାର ଗୁଦ୍ର ପର୍ବତବିଶେଷ—Name of a hill in the
Dhauḷi giri Puri district.
ଧଉଳିପର୍ବତ / ଧଉଳିପାହାଡ଼ } ଅନ୍ୟରୂପ
[ଦ୍ର—ଏହା ଭୁବନେଶ୍ୱରର ୭ମାଇଲ ଉତ୍ତରପୂର୍ବରେ ଦୟାନଦୀର ଦକ୍ଷିଣ ତୀରରେ ଅବସ୍ଥିତ। ଏହି ପର୍ବତର ସର୍ବୋଚ୍ଚ ଚୂଡ଼ା ୧୬୦ ହାତ ଉଚ୍ଚ। ଏଥିରେ ବୌଦ୍ଧମାନଙ୍କ ଦ୍ୱାରା ଗୁହା ଓ ଗୁମ୍ଫା ଖୋଦିତ ହୋଇଅଛି। ଏହି ଗୁମ୍ଫାମାନ ଖାରବେଳ ରାଜାଙ୍କ ସମୟରେ ଖ୍ରୀ. ପୂ ୪ର୍ଥ ଶତାବ୍ଦୀରେ ନିର୍ମିତ ହୋଇଥିବାର ଅନୁମାନ କରାଯାଏ। ଏହି ପାହାଡ଼ର ସମୀପବର୍ତ୍ତୀ ଅଶ୍ୱତ୍ଥାମା ପାହାଡ଼ ଗାତ୍ରରେ ଅଶୋକଙ୍କର ୧୧ଟି ଆଦେଶ ପାଲି ଭାଷାରେ ଖୋଦିତ ହୋଇଅଛି। ଏହା ଉପରେ ବର୍ତ୍ତମାନ ଗୋଟିଏ ଶିବମନ୍ଦିର ଓ ନିମ୍ନଦେଶରେ ଗଣେଶଙ୍କ ମନ୍ଦିର ଅଛି। ଏହି ପର୍ବତ ନିକଟରେ ପ୍ରାଚୀନ କଳିଙ୍ଗର ବୌଦ୍ଧ ରାଜଧାନୀ 'ତୋଷାଲି' ନାମକ ଗୋଟିଏ ନଗର ଥିଲା ବୋଲି ଅନୁମାନ କରାଯାଏ। ଏଥିରେ ଥିବା ଅଶୋକଙ୍କ ୧୧ଟି ଆଜ୍ଞା ସଙ୍ଗେ ତଦାନୀନ୍ତନ ସ୍ଥାନୀୟ ନଗରପତିଙ୍କର ୨ଟି ଆଜ୍ଞା ମଧ୍ୟ ଲେଖା ଅଛି। ଗୋଟିଏ ସ୍ଥାନରେ ୫ଟି ଗୁମ୍ଫା (ପଞ୍ଚ ପାଣ୍ଡବ ବା ପଞ୍ଚ ଗେ ସେଇ ଗୁମ୍ଫା) ଅଛି; ସେ ଗୁମ୍ଫାରେ ବୈଦ୍ୟମାନଙ୍କର ଔଷଧ ବାଟିବା କୁଣ୍ଡୀ (ଖଲ) ପରି କୁଣ୍ଡୀମାନ ଅଛି। ଏହି ପାହାଡ଼ ଦେହରୁ କୋଣାର୍କ ଓ ପୁରୀ ଦେଉଳର ପଥରମାନ କଟା ହୋଇ ନିଆ ଯାଇଥିବାର ଅନୁମାନ କରାଯାଏ। କିମ୍ବଦନ୍ତୀ ଅଛି ଯେ ବୁଦ୍ଧଦେବଙ୍କ ଦନ୍ତ ସିଂହଳ ଦ୍ୱୀପକୁ ନୀତ ହେବା ପୂର୍ବରୁ ଏହିଠାରେ ରକ୍ଷିତ ହୋଇଥିଲା। କବିବର ରାଧାନାଥଙ୍କ

ପାର୍ବତୀ କାବ୍ୟ ବର୍ଣ୍ଣିତ କୌଶଲ୍ୟାଗାଙ୍ଗ ପ୍ରସ୍ରବଣୀ ଏହି ପାହାଡ଼ର କନ୍ଦରଦେଶରେ ବସ୍ତୁତ ।]

ଧଉଳିବା—ଦେ. କ୍ରି—(ସଂ. ଧବଳରୁ)—ଧଅଳାଇବା (ଦେଖ)
Dhaulibā Dha-alāibā (See).
धवलना

ଧଉଳି ମାରିବା—ଦେ. ବି.—ଗଛର ଡାଳରେ ବା ଧାନଗଛରେ ଧଉଳି
Dhauli-māribā ପୋକ ଲାଗିବା—The plants being
शखीमारा infested with white plant-lice.
(ଧଉଳି ମାରିଯିବା—ଅନ୍ୟରୂପ)

ଧଏନ୍—ପ୍ରାଦେ (ସମ୍ବଲପୁର) ବଣ—ଧନ୍ୟ (ଦେଖ)
Dhaen Dhanya (See)

ଧଏନ୍ ଧଏନ୍ କରିବା—ପ୍ରାଦେ(ସମ୍ବଲପୁର) କ୍ରି—ଧନ୍ୟ ଧନ୍ୟ କରିବା(ଦେଖ)-
Dhaen dhaen karibā Dhanya dhanya karibā(See)

ଧଏରି—ପ୍ରାଦେ (ସମ୍ବଲପୁର) ବି—ଧଇରି (ଦେଖ)
Dhaer Dhairi (See)

ଧଂକିଆ—ପ୍ରାଦେ (ଗଞ୍ଜାମ) ବି—୧ । ଧକ୍କା—1. A push.
Dhaṁkiā ୨ । ଧକ୍କା ଦ୍ୱାରା ଆଘାତ—2 A pushing blow.
(ଢିଂକିଆ—ଅନ୍ୟରୂପ)

ଧଂଶା—ଦେ. ବି.—୧ । (ସଂ. ଧ୍ୱଜ) ବଡ଼ ପତାକା—1 A big flag;
Dhaṁśā standard; pennant; ensign.
ध्वजा; ୨ । (ସଂ. ଦର୍ମିମ) ଶୋଭାଯାତ୍ରାରେ ରାଜାଙ୍କ ଆଗରେ ହାତୀ
झंडा ଓ ଓଟ ଉପରେ ବଜାଯିବା ବଡ଼ ନାଗରା—
दामामा 2. Big kettledrum carried and struck
धमसा, धौंसा on the back of an elephant or camel in a Rājā's procession.

ଧଂଶିବା—ଦେ. କ୍ରି—୧ । (ସଂ.ଦଂଶ୍ ଧାତୁ)ଦଂଶନ କରିବା; କାମୁଡ଼ିବା—
Dhaṁśibā 1. To bite.
दंशना; डसना ୨ । (ସଂ. ଧ୍ୱଂସ) ଧ୍ୱଂସ କରିବା—
ध्वंसना धंसना 2. To destroy; to ruin.
धरसना ୩ । (ସଂ.ଧର୍ଷଣ) ବଳାତ୍କାର କରିବା; ଧର୍ଷଣ କରିବା;—
धसना 3. To use force; to assault; to outrage.
धसना; धँसना ୪ । ଲହସିଯିବା; ଡସିଯିବା; ଦବିଯିବା—
4. To sink down; to yield.

ଧଁଣ୍ଡା—ଦେ. ବି—ଧଣ୍ଡା (ଦେଖ)
Dhaṅṇḍā Dhaṇḍā (See)

ଧକ୍ ଧକ୍—ସଂ. ଅ—ଅଗ୍ନି ଶିଖାର ଜ୍ୟୋତି; ଅନଳର ଉଜ୍ଜ୍ୱଳ ଜ୍ୟୋତି—
Dhak dhak Blazing of a flame; glow of fire;
धक्धक् glitter of fire.
धकधक ୨ । ବଥ ଆଦି ବଢ଼ିବା ବା ଯନ୍ତ୍ରଣା ଦେବା; ବେଦନା—
(ଧକ୍—ଅନ୍ୟରୂପ) 1. Feeling of acute pain in boils and wounds; aching pain.
୨ । ଛାତି ଥରିବା; ଦକ ଦକ—
3. Throbbing; palpitation.
ଦେ. ବିଣ—ଧୁ ଧୁ ହୋଇ ଜଳୁଥିବା—
Blazing; burning with a flame.
ସହସ୍ର ଅନଳେ ଧକ ଧକ ହୋଇ ଜଳନ୍ତ ତଥା । ରାଧାନାଥ. ଉଷା ।

ଦେ. କ୍ରି ବିଣ—ଧୁ ଧୁ ହୋଇ—
In a blazing manner.
ଭୃଙ୍ଗାରକ ଜଳେ ଧକ ଧକ
ତଥା ଛତ୍ରସ୍ ହୋଇଛ ଚକ ଚକ । ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।

ଧକ୍‌ସକ୍—ଦେ. ବି—କଇଁ କଇଁ କାନ୍ଦିବା—
Dhak-sak Weeping bitterly with gasping;
ଧକଲସକଲ } ଅନ୍ୟରୂପ sobbing; moaning.
ଧକେଇସକେଇ } ଦେ. ବିଣ—କଇଁ କଇଁ ହୋଇ
धोंका, धुँका କାନ୍ଦୁଥିବା—Weeping with gasping;
धड़क sobbing.
କ୍ରି ବିଣ—କଇଁ କଇଁ ହୋଇ—Sobbingly.
ଧକସକ କାନ୍ଦୁ ନାଁ । ମୁଁ ଅଛଇଣି, ଆପ ଲଟେଇ ଦେଇ ପିଠେ ମୁଁ ଘର-ରେଇ ଭବ ପାଇଛଣି—ଭଗ ।

ଧକ—ଦେ. ବି—୧ । ଶ୍ରମଜନିତ ଖର ନିଶ୍ୱାସ—
Dhaka 1. Gasping or panting due to over-exertion.
୨ । ଛାତି ଦମ୍ ଦମ୍ ହେବା—
2. Palpitation of the heart (Howells).
୩ । କ୍ଲାନ୍ତି—3. Fatigue (Howells).
୪ । ଜଳୁଥିବା ନିଆଁର ତେଜ—4. Blaze of fire.
(କାବର=ନାଲି ଚାଉଳ—ବିପରୀତ) ପ୍ରାଦେ (ବାଲେଶ୍ୱର) ବି—
ସଫା ଚାଉଳ—White rice; fine rice.
ଦେ. ବିଣ—ଉତ୍ତମ—Good

ଧକଉଁ ଧକା—ଦେ. ବି—୧ । ପରସ୍ପର ଧକା ମଗ୍ରମରି; ଧକାଧକ—
Dhakauṅ dhakā 1. Pushing each other;
(ଧକାଧକା, ଧକଂଧକା—ଅନ୍ୟରୂପ) mutual shoving.
धाकाधाकी ୨ । ଅଧିକସଂଖ୍ୟ ଜନତା ମଧ୍ୟରେ ଠେଲା ଠେଲି—
धक्कमधक्का, धक्कपेल 2. Pushing each other in a large crowd; justling in a dense crowd.

ଧକ ଚକ—ଦେ. ବି ଓ ବିଣ. (ଧ୍ୱନ୍ୟନୁକାରୀ)—୧ । ବକ୍‌ବକାଣି;
Dhaka chaka ବକର ବକର; ବହୁତ ଗୁଡ଼ାଏ ବୃଥାରେ ଗପିବା—
ଧକଡ଼ ଚକଡ଼ } ଅନ୍ୟରୂପ 1. Wrangling; tattling.
ଧକର ଚକର } ୨ । ଦ୍ରବ୍ୟର ମୂଲ୍ୟ ସ୍ଥିର କଲାବେଳେ
बकबक କେତା ଓ ବିକେତା ମଧ୍ୟରେ ଯିବ୍ ଧରାଧରି ହୋଇ ଦାମ
बकवादी କରିବା—2. Higgling and haggling.
(ଯଥା—ବିଶାଏ ବାଇଗଣ ମୂଲେଇବା ପାଇଁ କେତା ଓ ବିକେତା ମଧ୍ୟରେ ଦୁଇଘଣ୍ଟା କାଳ ବହୁତ ଧକଚକ ଲାଗିଲା ।)
नड़ाचड़ा ୩ । ଢଲଢଲ; ଦୋହୋଲା ଦୋଦୋହାଲି—
रेलापेल 3. Jolting
(ଯଥା—ଟେକା ବାଟରେ ଶଗଡ଼ ଗାଡ଼ିରେ ଚଢ଼ିଥିବା ଲୋକ ଧକଚକ ହୁଏ ।)

ଧକଚକ ଲଗା(ଗେ)ଇବା—ଦେ· କ୍ରି—କୌଣସି ବ୍ୟକ୍ତି ସଙ୍ଗେ ବୃଥା
Dhakachaka lagā(ge)ibā ବାକ୍ ବିତଣ୍ଡା କରିବା—
ଧକଡ଼ଚକଡ଼ ଲଗାଇବା } ଅନ୍ୟରୂପ To have a wordy fight
ଧକଚକେଇବା } with another; to wrangle; to prattle.
बकाबका लागान बकना झकना

ଧକଚକ ହେବା—ଦେ. କ୍ରି—୧ । ବୃଥା ବିଶେଷ ବାକ୍ୟ ବ୍ୟୟ କରିବା—
Dhakachaka hebā 1. To talk long for nothing; to babble.
(ଧକେଇଚକେଇ ହେବା—ଅନ୍ୟରୂପ)
ବକାଝକା

୨ । ସଗଡ଼ ଖଣ୍ଡରେ ବସି ଅସମତଳ ଭୂମିରେ ଦ୍ରୁତ ଗତିରେ ଶଗଡ଼ ଚଳିବା ଯୋଗୁ ହଲଚଲ ହେବା—
ବକନା ଝକନା
2. To be awfully shaken (said of a person sitting on a cart driven on a very rough road).

ଧକଚକିଆ—ଦେ.ବିଣ. ପୁଂ—ଯେ ବୃଥାରେ ସ୍ବଭାବ ବାକ୍ୟବ୍ୟୟ କରେ; ଗପଡ଼ୁ—Wrangling; babbling; talkative.
Dhakachakiā
(ଧକଚକେଇ—ସ୍ତ୍ରୀ)
ଗପ୍ପିୟା ବକବାଦୀ

ଧକଣ—ଦେ. ବି. (ସଂ. ଢକ୍କା)—ପ୍ରାଚୀନକାଳରେ ବ୍ୟବହୃତ ଯୁଦ୍ଧାସ୍ତ୍ର ବିଶେଷ (ମାଦଳା ପାଞ୍ଜି)—A weapon used in ancient days in battle.
Dhakaṇa

ଧକଧକ ହେବା - ଦେ. କ୍ରି. (ସଂ. ଧଗଦ୍ଧଗତ୍)—
Dhakadhaka hebā ୧ । ଅଳ୍ପ ଅଳ୍ପ ଉଜ୍ଜ୍ୱଳରୂପେ ଜଳିବା—
ଧକଧକ ହଓୟା 1. To burn briskly or with a blaze.
ଧগধগানা
୨ । ଶିବ୍ରଭାବରେ ବାଜିବା; ବେଦନା କରିବା—2. To ache with a throbbing or shooting pain.

ଧକଧକି—ଦେ. ବି. (ଧ୍ୱନ୍ୟନୁକରଣ)—୧ । ଛାତି ଥରିବା—
Dhakadhaki 1. Palpitation of the heart.
ହୃକହୃକୀ ୨ । ହୃତ୍ପିଣ୍ଡ; ଧୁକ୍‌ଧୁକି—2. The heart.
ধুকধুকী

ଧକ ନିକିଡ଼ିଯିବା—ପ୍ରାଦେ. (ଯାଜପୁର) ବି—ପରିଶ୍ରମଆଦି ଜନିତ ଅତ୍ୟନ୍ତ କ୍ଳାନ୍ତ—Being much tired or fatigued.
Dhaka nikiṛdijibā
(ଧକ ନିକଳିଯିବା—ଅନ୍ୟରୂପ)
(ଯଥା—୪ ମାଇଲ ବାଟ ଗଲି ମୋର ଧକ ନିକିଡ଼ିଗଲାଣି ।)

ଧକପକ—ଦେ. ଅ. (ଧ୍ୱନ୍ୟନୁକରଣ) —୧ । ଛଟପଟ—
Dhakapaka 1. Restless.
ଧକଧକ ୨ । ଛାତି ଧଡ଼ିବା—
ধকপক 2. Palpitation of the heart.
୩ । ଭୟରେ ଚିତ୍ତର ଅସ୍ଥିରତା—
3. Restlessness of mind due to fear.

ଧକମ ଧକା—ଦେ. ବି—ଧକଉଁ ଧକା (ଦେଖ)—
Dhakama dhakā Dhakauṅ dhakā (See)

ଧକ ମାରିବା—ପ୍ରାଦେ. (ଗଡ଼ଜାତ) କ୍ରି—୧ । ଧକେଇବା—
Dhaka māribā 1. To pant
୨ । (ଦଉଡ଼ି ଦଉଡ଼ି ଯାଉଥିବା ଲୋକ) କିଛିକ୍ଷଣ ପାଇଁ ବିଶ୍ରାମ ନେବା; ଦମ୍ ମାରିବା—2. To take rest after running for some time.

ଧକଲା—ଦେ. ବି. (ସଂ. ଧକ୍କ ଧାତୁ=ପ୍ରହାର କରିବା)—୧ । ଧକ୍କା—
Dhakalā 1. A push with the arms.
ଧକଲ ୨ । ଅତ୍ୟାଚାର—2. Oppression.
धकेल; ढकेला ୩ । ଧକ୍କା ମାରି ତଡ଼ିବା—
3. Driving away with a push.

ଧକଲ(ଲେ)ଇବା—ଦେ.କ୍ରି—୧ । ଧକ୍କାମାରି ଏଣେ ସେଣେ ନେବା—
Dhakalā(le)ibā 1. To push a man to and fro.
ଧକଲାଧକଲ କରିବା
ଧକଲିବା
ଧକାଲିବା
ଧାକାଦେଓୟା
} ଅନ୍ୟରୂପ
୨ । ସଙ୍କୀର୍ଣ୍ଣ ସ୍ଥାନରେ ବହୁଲୋକଙ୍କୁ ପୂରାଇବା—
2. To over crowd a place; to push many persons into a small place.
धचक उठाना; धक्कामारना
धचकना; धकेलना; ୩ । ଜୁଲମ୍ କରିବା; ଅତ୍ୟାଚାର କରିବା—
ढकेलना 3. To oppress.

ଧକଲା ଧକଲି—ଦେ. ବି ଓ ବିଣ—ପରସ୍ପର ଧକ୍କା ମରାମରି; ଧକ୍କାଧକ୍କି—
Dhakalā dhakali Mutual shoving or pushing.
ধাকাধাকী धकाधकी

ଧକା—ଦେ. ବି. (ସଂ. ଧକ୍କ୍ ଧାତୁ=ପ୍ରହାର କରିବା)—
Dhakā ୧ । ବାହୁଦ୍ୱାରା ଠେଲା; ବାହାଠେଲା—
(ଧକ୍କା—ଅନ୍ୟରୂପ) 1. A push or shove with the arms.
ধাকা ୨ । ଶ୍ୱାସଶ୍ୱାସ—2. Gasping; panting.
धचका; धक्का ୩ । ଦୁଇ ପଦାର୍ଥ ପରସ୍ପର ସହିତ ଜୋରରେ ବାଜିବା—
3. Collision of two things.
୪ । (ଲକ୍ଷଣାର୍ଥ) ପ୍ରତିରୋଧ—
4. (figurative) Obstruction; check.
୫ । (ଲକ୍ଷଣାର୍ଥ) କୌଣସି ବସ୍ତୁ ବା ଘଟଣା ଉପରେ ଅନ୍ୟ ବସ୍ତୁ ବା ଘଟଣାର ପ୍ରଭାବ—
5. (figurative) The influence of a thing or act on another.

[ଦ୍ର—ଧକା, ନେ(ଲେ)ଡ଼ା, ହାବୁକା, ଗଣ୍ଡିଆ, ଗଳଥା, ଠେଲା, କହୁଣିଆଁ ମଧ୍ୟରେ ନିମ୍ନଲିଖିତ ପ୍ରଭେଦ ଅଛି । ଧକା—ବାହୁ ଦ୍ୱାରା ଠେଲା । ନେ(ଲେ)ଡ଼ା—କରତଳ ଦ୍ୱାରା ଆଘାତ । ହାବୁକା—ପ୍ରସାରିତ ତର୍ଜନୀ ଓ ଅଙ୍ଗୁଷ୍ଠ ଦ୍ୱାରା ଠେଲା । ଗଣ୍ଡିଆ—ପ୍ରସାରିତ ତର୍ଜନୀ ଓ ଅଙ୍ଗୁଷ୍ଠ ଦ୍ୱାରା ମନୁଷ୍ୟର ଗଣ୍ଡିରେ ସମ୍ମୁଖ ଆଡ଼ୁ ଠେଲା । ଗଳଥା—ପ୍ରସାରିତ ତର୍ଜନୀ ଓ ଅଙ୍ଗୁଷ୍ଠ ଦ୍ୱାରା ମନୁଷ୍ୟର ବେକରେ ପଛଆଡ଼ୁ ଠେଲା । ଠେଲା—ଦେହର ସମସ୍ତ ବଳ ପ୍ରୟୋଗ ପୂର୍ବକ ବାହା ଦ୍ୱାରା ପେଲା । କହୁଣିଆଁ—କହୁଣି ଦ୍ୱାରା କୌଣସି ବ୍ୟକ୍ତିକୁ କଡ଼ରୁ ବା ପଛରୁ ଠେଲା ।]

ଧକା(କେ)ଇବା—ଦେ. କ୍ରି. (ସଂ. ଧକ୍କ୍ ଧାତୁ=ପ୍ରହାର କରିବା; ଧୁକ୍ଷ୍ ଧାତୁ=କ୍ଲେଶ ଦେବା)—
Dhakā(ke)ibā
ধাকামারা ୧ । ଧକ୍କା ମାରିବା—
धकेलना 1. To push violently with the arms.
ধোঁকা ୨ । ପରିଶ୍ରମ ପରେ ଶ୍ୱାସଶ୍ୱାସ ମାରିବା—
हाँफना 2. To gasp; to pant.
ଧକିବା
ଧକେଇ ହେବା } ଅନ୍ୟରୂପ
ତେବେ ହେଲେ ତବକୁ ନ ପାରିଲେ ଟେକି
ଉଠିଲେ ଅଧିରଥଙ୍କର ସୁତ ଧକି ।
କୃଷ୍ଣସିଂ. ମହାଭାରତ. କର୍ଣ୍ଣ ।

୩ । ଅସହ୍ୟ ଗ୍ରୀଷ୍ମ ଯୋଗୁଁ ଖର ଶ୍ୱାସ ମାରିବା—
3. To pant on account of extreme heat.

ଲଣ୍ଡା ଉରୁ ସନ୍ଧି-ବନ୍ଧରେ ଧକେଇ ହେଉଣ ଥାନ୍ତି ବହୁଙ୍ଗେ ।
ରାଧାନାଥ- ଯଯାତି ।

କୁକୁର × × × ତେଙ୍ଗେ ଜିଭଖା କାଢ଼ି ପକାଇ ଧକାଉଅଛି ।
ଫକୀରମୋହନ, ଛମାଣ ଅଠଗୁଣ୍ଠ ।

ধকধকান ୪ । ଧକ ଧକ ହେବା; ସ୍ପନ୍ଦିତ ହେବା—
धकधकाना 4. To palpitate; to throb.

ଧକା ଖାଇବା—ଦେ. କ୍ରି—୧ । ଅନ୍ୟଠାରୁ ଧକା ମାଡ଼ ସହିବା—
Dhakā khāibā 1. To get a push or shove from another; to be shoved by another.
ধাক্কাখাওয়া
धक्काखाना

ପେଲ ପେଲ ଠେଲ ଯିବା ଧକା ଖାଇଲେ ସହିବା । ଲୌକିକ ଉକ୍ତି

୨ । (ଲକ୍ଷଣାର୍ଥ) ପ୍ରତିରୋଧ ପାଇବା—
2. (figurative) To meet with opposition or check.

ଧକା ଦେବା—ଦେ. କ୍ରି—ଅନ୍ୟକୁ ଧକ୍କା ଦ୍ୱାରା ଆଘାତ କରିବା—
Dhakā debā To give a push or shove.
(ଧକା ମାରିବା—ଅନ୍ୟରୂପ)
ধাক্কাদেওয়া, ধাক্কামারা
धक्का मारना, धक्का देना

ଧକା ବାଜିବା—ଦେ. ବି—ଏକ ବସ୍ତୁ ସଙ୍ଗେ ଅନ୍ୟ ବସ୍ତୁର ଖୁବ ଜୋରରେ ଆଘାତ—
Dhakā bājibā Collision; two things colliding with each other.
ধাক্কালাগা
धक्का लगना
(ଧକା ଲାଗିବା—ଅନ୍ୟରୂପ)

ଧକା ସହିବା—ଦେ. କ୍ରି—କୌଣସି ଆଘାତ ବା ବିପଦାଦିର ବେଗକୁ ସମ୍ଭାଳିବା—
Dhakā sahibā To bear the brunt of a blow or misfortune; to weather a blow; to hold out stoutly against a danger or blow.
ধাক্কাসামলান
धक्का संभालना
ଧକା ସମ୍ଭାଳିବା } ଅନ୍ୟରୂପ
ଧକା ସମାଳିବା }

ଧକେଇ ସକେଇ ହେବା—ଦେ. କ୍ରି—୧ । କହିଁକହିଁ ହୋଇ କାନ୍ଦିବା-
Dhakei sakei hebā 1. To cry bitterly with sobs to sobs; to bewail; to bemoan.

୨ । କାନ୍ଦି କାନ୍ଦି ଫେରାଦ ହେବା—
2. To complain with wails and sobs.

ଧକ୍କ୍ (ଧାତୁ)—୧ । ପ୍ରହାର କରିବା—
Dhakk (root) 1. To strike.
୨ । ନଷ୍ଟ କରିବା—2. To destroy; to spoil.
୩ । ବିନାଶ ଘଟାଇବା—3. To annihilate.

ଧକ୍କା (ଇତ୍ୟାଦି)—ଧକା ଇତ୍ୟାଦି (ଦେଖ)
Dhakkā (etc) Dhakā etc. (See)

ଧଙ୍କ—ଦେ. ବି—ରାମାୟଣବର୍ଣ୍ଣିତ ରାକ୍ଷସବିଶେଷ—
Dhaṅka A demon described in the Rāmāyaṇa.

ବଧିବ ଯେ ଧଙ୍କରେ କ ଶିବ ଅଙ୍କରେ ସିଂହକୁ ଶର ଭରେ ବାଣେ ସେ ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ଧଙ୍କସ ଗଡ଼—ଦେ. ବି—ପ୍ରାଚୀନ ଉତ୍କଳର ଅନାର୍ଯ୍ୟ ରାଜାଙ୍କର ଗୋଟିଏ ଦୁର୍ଗ—
Dhaṅkasa garḍa Name of a stronghold of a non-aryan Raja of ancient Orissa.
[ଦ୍ର—କେହି କେହି ଏହାକୁ ଢେଙ୍କା ବା ଆଧୁନିକ ଢେଙ୍କାନାଳ ବୋଲି ଅନୁମାନ କରନ୍ତି ।]

ଧଙ୍କିଆ—ପ୍ରାଦେ. (ଗଞ୍ଜାମ) ବି—ଧକ୍କା—
Dhaṅkiā Push.

ଧଙ୍ଗଡ଼—ପ୍ରାଦେ. (ସମ୍ବଲପୁର) ବି. ପୁଂ—ଅବିବାହିତ ଯୁବକ—
Dhaṅgarḍa Unmarried young man; a bachelor.
(ଧାଙ୍ଗର, ଧଙ୍ଗଡ଼ା, ଧଙ୍ଗରାଧାଙ୍ଗଡ଼, ଧାଙ୍ଗଡ଼ା—ଅନ୍ୟରୂପ)
(ଧଙ୍ଗରୀ, ଧାଙ୍ଗଡ଼ୀ, ଧାଙ୍ଗରୀ, ଧଙ୍ଗଡ଼ୀ—ସ୍ତ୍ରୀ)

ଧଜା—ଦେ. ବି. (ସଂ. ଧ୍ୱଜ; ତୁଳ. ପାଲି—ଧଜୋ)—
Dhajā ପତାକା—A flag.
ধ্বজা **धजा**

ଧଟ—ସଂ. ବି. (ଧଟ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ; ନ ସ୍ଥାନରେ ଟ ଆଦେଶ)—୧ । ଧଡ଼ା; ତୁଳା ଯନ୍ତ୍ର; ନିକିତି—
Dhaṭa
1. Scales; balance.
୨ । ତୁଳା ପରୀକ୍ଷା; ନିକିତି ଦ୍ୱାରା ଅପରାଧୀର ପରୀକ୍ଷା—
2. Ordeal by the balance.
୩ । ତୁଳା ରାଶି—
3. The sign Libra of the zodiac.
୪ । ୪୨ ରତି ଓଜନ—
4. A standard weight of 42 ratis.
୫ । ଧର୍ମ (ହ୍ର. ଶବ୍ଦସାଗର)—5. Religion.
୬ । ଧବ ଗଛ (କ୍ଲାନେକ୍)—
6. Anogeissus Latifolia (tree).

ଧଟକ—ସଂ. ବି. (ଧଟ+ସ୍ୱାର୍ଥେ. କ)—୪୨ ରତି ଓଜନ—
Dhaṭaka A standard weight of 42 ratis.

ଧଟିକା—ସଂ. ବି. ସ୍ତ୍ରୀ (ଧଟ+କ+ଆ)—୧ । ପୁରାତନ ବସ୍ତ୍ର—
Dhaṭikā 1. Old cloth.
(ଧଟୀ—ଅନ୍ୟରୂପ) ୨ । ଅଣ୍ଟାରେ ଘେରି ପିନ୍ଧିବା ଲମ୍ବ ବସ୍ତ୍ର—
2. Loin cloth.
୩ । ଚୀର; ଚୀରା ଲୁଗା—3. Rags.
୪ । କୌପୀନ—4. A strip of cloth worn over the private parts.
୫ । ଲୁଗା ଧଡ଼ି—5. Hem of cloth; border of a cloth.

ବନ୍ଧାଇ ଖାଣି ଧଟୀକୁ ସିହିକୁ ମଧ୍ୟରେ ।
ଉପେ. ଭଞ୍ଜ. ବୈଦେହୀଶବିଳାସ ।

୬ । ପସୁରି; ପାଞ୍ଚ ସେର ଓଜନ (ହ୍ର. ଶ.)—
A standard weight of 5 seers.

ଧଟୀ—ସଂ. ବି. ପୁଂ—୧ । (ଧଟ+ଇନ୍; ୧ମା ୧ବ.)—(ଜ୍ୟୋତିଷ)
Dhaṭī ତୁଳା ରାଶି (ହ୍ର. ଶ.)—1. The astrological sign Libra in the zodiac.
(ଧଟ—ଅନ୍ୟରୂପ)

୨ । ଶିବ; ମହାଦେବ — 2. Siba.
୩ । ବଣିକ୍ (ପ୍ରକୃତିବାଦ) — 3. Merchant.
୪ । ଦଣ୍ଡୀଦାର; ଯେ ପଣ୍ୟ ଦ୍ରବ୍ୟାଦି ଓଜନ କରେ(ହ୍ଵ. ଶ.) — 4. A weighman
୫ । ସ୍ତ୍ରୀ.—(ଧଟ + ଈ) ଚୀର; ଚିରକନା — 5. Rag.
୬ । ପୁରୁଣା ଲୁଗା — 6. Old cloth.
୭ । କୌପୀନ (ହ୍ଵ. ଶ.) — 7. A long and narrow strip of cloth put on over the privities.
୮ । କଚ୍ଛ ବନ୍ଧ (ଲଙ୍ଗୋଟି) — 7. Loin-cloth.
୯ । ଗର୍ଭାଧାନ ପରେ ସ୍ତ୍ରୀମାନେ ପିନ୍ଧିବା ବସ୍ତ୍ର ଖଣ୍ଡ (ହ୍ଵ. ଶ.) — 9. A piece of cloth worn by a woman, after conception.

[ଦ୍ର— ପଳିତ ଜ୍ୟୋତିଷ ଅନୁସାରେ ଗର୍ଭାଧାନ ପରେ ମୂଳା, ଶ୍ରବଣା ହସ୍ତା, ପୁଷ୍ୟା, ଉତ୍ତରଷାଢ଼ା, ଉତ୍ତରଭାଦ୍ର ଓ ମୃଗଶିରା ନକ୍ଷତ୍ରରେ କୌଣସି ଶୁଭଦିନରେ ସ୍ତ୍ରୀକୁ ଧଟୀ ପିନ୍ଧିବାକୁ ଦିଆଯାଏ (ହ୍ଵ. ଶ)]

ଧଡ଼୍ — ଦେ. ଅ.— (ଧ୍ଵନ୍ୟନୁକାରୀ; ଭୁଲ. ସଂ. ଝଟିତି) — ୧ । ଅତିଶୀଘ୍ର; ହଠାତ୍ — 1. At once; immediately.
Dhard
ଧଡ଼ାମ (ଯଥା— ସଭା ମଧ୍ୟରୁ ଜଣେ ଧଡ଼୍ କରି ଉଠି ଗୁଲି ଗଲା ।)
ଧଡ଼ସେ ୨ । ଧଡ଼୍ ଶବ୍ଦ ଉତ୍ପାଦନ ପୂର୍ବକ; ଦୁଇ କଠିଣ ବସ୍ତୁ ପରସ୍ପର ସହିତ ଜୋରରେ ବାଜି ଯିବା — 2. Cracking or crashing sound of two hard things striking with force.
ଧଡ଼୍ କରି, ଧଡ଼୍ କିନା, ଧଡ଼୍ କିନି, ଧଡ଼୍ କରି } ଅନ୍ୟରୂପ

ତମ୍ପା ଧଡ଼୍ କରି କବାଟଟା ଆଉଜାଇ ଦେଇ ଆପଣା ସ୍ଥାନରେ ବସି ରହିଲା ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

ଧଡ଼୍ କା(କେ)ଇବା — ଦେ. କ୍ରି. (ସଂ. ଧକ୍କ ଧାତୁ; ଧଡ଼କିବାର ଣିଜନ୍ତରୂପ) — ୧ । ଡରାଇବା; ଧମକାଇବା — 1. To threaten; to terrify.
Dhard-kā(ke)ibā
ଧମକାନ
ଧମକାନା ୨ । ଗାଳି ଆଦି ଦ୍ଵାରା ହୃତ୍କମ୍ପ ଉପସ୍ଥିତ କରାଇବା — 2. To cause palpitation of the heart with abuse or threatening.

ଧଡ଼୍ କା ଧଡ଼୍ କି — ଦେ.ବି.— ଡରାଣ; ଧମକାଣ — Terryfying; threats.
Dhard-kā dhard-ki

ଧଡ଼୍ ଧଡ଼୍ — ଦେ. ଅ.— (ଧ୍ଵନ୍ୟନୁକରଣ) — ୧ । ଛାତି ଥରିବାର ଶବ୍ଦ — 1. Sound of palpitation of the heart.
Dhard dhard
ଧଡ଼୍ ଧଡ଼୍ ୨ । ଶୁଖିଲା ଚମଡ଼ାକୁ କାଠିରେ ପିଟିବାର ଶବ୍ଦ ବା
ଧକ, ଧଡ଼, ଟାଆଁସା ଲୁଗା କଠିଣ ବସ୍ତୁରେ ବାଜିବାର ଶବ୍ଦ —
ଧଡ଼ଧଡ଼, ଧୁକୁଡ଼ ଧୁକୁଡ଼ 2. Sound produced by striking a dry skin with a stick or by a stiff cloth striking against a hard thing.
୩ । ଦୁଇଟା କଠିନ ବସ୍ତୁର ପରସ୍ପର ଅଘାତଜନିତ ଶବ୍ଦ — 3. Sound produced by two hollow things clashing against each other; rumbling sound.

କାଳିଆ ବଳଦ ଗଳାରେ ଘାଣ୍ଟି ବୃନ୍ଦେ ସମ୍ଭାଳ ଥିଲୁ
ଘାଣ୍ଟି ଧଡ଼ଧଡ଼ କଲ ରେ— ବିଶ୍ଵଗୀତ ।

୪ । ବୃଦ୍ଧାବସ୍ଥା ବା ରୋଗରୁ ଶରୀରର ଚମଡ଼ା ଶିଥିଳ ହେବା — 4. Wrinkling or slackening of the skin of the body due to old age or sickness.
[ଦ୍ର— ଧଡ଼ଧଡ଼ଠାରୁ ଅନୁଚ୍ଚଶବ୍ଦକୁ ଧୁଡ଼୍ଧୁଡ଼୍ ବୋଲାଯାଏ ।]

ଧଡ଼ — ଦେ. ବି. (ସଂ. ଧୃ ଧାତୁରୁ ଧର; ଧାରଣ କରିବା; ଯାହା ମସ୍ତକକୁ ଧାରଣ କରେ) — ୧ । କବନ୍ଧ; ମସ୍ତକହୀନ ଓ ହସ୍ତପଦ ହୀନ ଦେହ; ସ୍କନ୍ଧଠାରୁ କଟିଦେଶ ପର୍ଯ୍ୟନ୍ତ ଦେହ; ଶରୀରର ସ୍ଥୂଳ ମଧ୍ୟଭାଗ — 1. Headless trunk.
Dharda

ପୁରୁଷଙ୍କ ଘୋର ସ୍ଥାନ ହିଁକରି କାମୋଡ଼ି କଞ୍ଚାଇ ସମଗ୍ର ଧଡ଼ —
ରାଧାନାଥ, ଶୂଶାନଦୃଶ୍ୟ ।

ଧଡ଼ ୨ । ସାରଶୂନ୍ୟ ବହିଃସ୍ଵରୂପ — 2. Frame; outward cover without the inner contents.
ଧଡ଼
(ଯଥା— ତହସିଲଦାର ଜମିଦାରରୁ ସବୁ ରସଯାକ ଟାଣି ନେଇ ଜମିଦାରଙ୍କ ପାଇଁ ଖାଲି ଧଡ଼ଟି ରଖି ଯାଇଛନ୍ତି ।)
୩ । ଶରୀର; ଦେହ — 3. Body.
(ଯଥା— ବୃଦ୍ଧା ବୟସରେ ଆଉ ମୋ ଧଡ଼ ଚଳିବାକୁ ନାହିଁ ।)
୪ । ଅସ୍ଥିକଙ୍କାଳମାତ୍ରାବଶିଷ୍ଟ ଶରୀର — 4. Skeleton only.
(ଯଥା— ନ ଖାଇ ନ ପିଇ ତା ଧଡ଼ ରହିଲାଣି ।)
୫ । ଗଛର ଗଣ୍ଡି; ଗଛର ମୂଳ ଓ ଡାଳ ଅଂଶ ବାଦ୍ ବାକି ଲମ୍ବ ଓ ସ୍ଥୂଳ ଅଂଶ — 5. The trunk of a tree.

ଧଡ଼କ — ଦେ. ବି. (ଧ୍ଵନ୍ୟନୁକରଣ) — ୧ । ଭୟ — 1. Fear.
Dhardaka
ଧଡ଼ଧଡ଼ାନି ୨ । ଛାତି ଧଡ଼୍ଧଡ଼୍; ହୃତ୍କମ୍ପ —
ଧଡ଼କନ 2. Palpitation of the heart.
ଡିଲା; ଧଡ଼ଧଡ଼େ ଦେ. ବିଣ — ୧ । ଅଦୃଢ଼ — 1. Infirm; unsteady.
ଢାକ
୨ । ଶିଥିଳ — 2. Slack; loose.

ଧଡ଼କ ଧଡ଼କ — ଦେ. ଅ — ଠକର ଠକର; ଦୁଇଟି କଠିନ ବସ୍ତୁ ଏକାଧିକ ଥର ପରସ୍ପର ସଙ୍ଗେ ବାଜିଲେ ଯେଉଁ ଶବ୍ଦ ହୁଏ — Harsh grating sound of two hard things repeatedly striking against each other.
Dhardaka dhardaka
ଧଡ଼ଧଡ଼
ଧଡ଼ଧଡ଼
(ଧଡ଼କଠ— ଅନ୍ୟରୂପ)

ଧଡ଼କା — ଦେ. ବି— ୧ । ରାଗି କରି ଧମକାଇବା — 1. Angry threatening.
Dhardakā
ଧମକାନି ୨ । ହୃତ୍କମ୍ପ —
ଧଡ଼କା, ଫିଡ଼କା 2. Palpitation of the heart.
ଧଡ଼ଫଡ଼େ ଦେ. ବିଣ— ଯାହା ହୃତ୍କମ୍ପ ଉତ୍ପାଦନ କରେ —
ଧଡ଼କା, ଛିଡ଼କା Producing palpitation of the heart.
(ଯଥା— ପାଣ୍ଡୁଙ୍କ ବଚନ ଶୁଣି ଧଡ଼କା, କର୍ମକୁ ଆଦର ଥିଲୁ — ଭଗ ।)

ଧଡ଼କିବା — ଦେ. କ୍ରି. (ଧ୍ୱନ୍ୟନୁକରଣ) —
Dhardakibā ୧ । ଚମକି ପଡ଼ିବା; ଡରିବା; ଭୀତତ୍ରସ୍ତ ହେବା—
धड़धड़ करा 1. To be affrighted; to be afraid.
धड़कना, धड़कना ୨ । (ହୃଦ) ଧଡ଼ ଧଡ଼ ହେବା—
2. (the heart) To palpitate; to throb.

ଧଡ଼ଧଡ଼ିଆ — ଦେ. ବିଣ — ୧ । ଶିଥିଳ; ଶିଥିଳୀକୃତ—
Dhardadhardiā 1. Slackened; loosened.
ধড়ধড়িয়া; ধড়ধড়ে ୨ । ଲୁଳିତ—2. Wrinkled.
ढीला ୩ । ଧଡ଼ଧଡ଼ ଶବ୍ଦ କରୁଥିବା—
3. Producing a Dharda-dharda sound.

ଧଡ଼ ପ(ଫ)ଡ଼ — ଦେ. କ୍ରି. ବିଣ. (ଧ୍ୱନ୍ୟନୁକରଣ) — ୧ । ଅତିଶୀଘ୍ର—
Dharda pa(pha)rda 1. Quickly, speedily.
ধড়ফড়; ধড়পড় ଧଡ଼ପଡ଼ ହୋଇ ଚଳିଲେ ଯାଇ ଯାସ—
धड़धड़, फड़फड़ କୃଷ୍ଣସିଂହ. ମହାଭାରତ. ବନ ।
୨ । ସ୍ପନ୍ଦନ ସହକାରେ—2. Palpitating; throbbing.
(ଯଥା—ମୋ ବୁକୁ ଧଡ଼ପଡ଼ ହେଉଛି ।)
୩ । ଛଟପଟ; ଉଚ୍ଛନ୍ନ; ଅସ୍ଥିର—
3. Restless; writhing in agony.
(ଯଥା—ମୋ ମନଟା ସେ ଖବର ଶୁଣିଲାବେଳୁ ଧଡ଼ପଡ଼ ହେଉଛି ।)
୪ । ଫଡ଼ଫଡ଼ ଶବ୍ଦ—4. Fluttering sound.
୫ । ପକ୍ଷୀ ଡେଣାକୁ ଭୂଇଁରେ ବାଡ଼େଇବାର ଶବ୍ଦ—
5. Sound produced by a bird striking its pinions on the ground.
ବନ୍ଧନେ ଥାଇ ଜାଲ-ମଧ୍ୟେ
ବେନି ବାଳକ ଧଡ଼ପଡ଼େ—ପ୍ରାଚୀ. କଳ୍ପ ଶମାହାତ୍ମ୍ୟ ।

ଧଡ଼ ପଡ଼ିବା — ଦେ. କ୍ରି—ରୋଗ ବା ଅନାହାର ଯୋଗୁଁ ଅସ୍ଥିଚର୍ମସାର
Dharda pardibā ହେବା—Becoming much
धड़ रहा emaciated on account of
धड़ रहजाना disease or starvation.
(ଧଡ଼ ରହିବା—ଅନ୍ୟରୂପ)

ଧଡ଼ମଡ଼ି — ଦେ. ବି—ଭିଡ଼ାଭିଡ଼ି; ଅତ୍ୟାଚାର—
Dhardamardi Oppression.
धाक्का धक्काक्का

ଧଡ଼ର — ପ୍ରାଦେ. (ସିଂହଭୂମ) ବି—ବୃକ୍ଷ କୋଟର; କୋରଡ଼—
Dhardara The hollow of a tree.

ଧଡ଼ର ଧଡ଼ର — ଦେ. ଅ. (ଧ୍ୱନ୍ୟନୁକରଣ)—ଧଡ଼ଧଡ଼ (ଦେଖ)
Dhardara dhardara Dharda dharda (See)
ଲୁଗା ଛଡ଼ୁଥିବାକୁ ବେଳ ନାହିଁ, ଲୁଗା ଧଡ଼ର ଧଡ଼ର ବାଜି
ଗୋଡ଼ଠଲେ ଝର ଝର ହୋଇ ପାଣି ବୋହି ପଡ଼ୁଅଛି—
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ଧଡ଼ରା — ଦେ. ବିଣ — ୧ । ଶ୍ଳଥ—
Dhardarā 1. Slack; loose.
ধড়ধড়ে ୨ । ଚେମଟା—2. Wrinkled.
ढीला (ଯଥା—ପାକଲ ହୋଇନଥିବା ଆମ୍ବକୁ ଅଣି ଘରେ ପଘାଇଲେ ତାହା ପାଚି ନ ପାରି ଧଡ଼ରା ହୋଇଯାଏ ।)
୩ । ଦୁର୍ବଳ—3. Very weak; weakened.

(ଧଡ଼ରୀ—ସ୍ତ୍ରୀ) ଦେ. ବିଣ. ପୁଂ—ଶ୍ଳଥଚର୍ମା—
With the skin wrinkled.
(ଯଥା—୮୦ ବରଷର ଧଡ଼ରୀ ବୁଢ଼ୀଟିଏ ପେର ଏତିକ ବେଳି ଅଛି !)

ଧଡ଼ସ୍ — ଦେ. ବି—ବଡ଼ କେନାଲ୍‌ରେ ସ୍ଥାନେ ସ୍ଥାନେ ଶଗଡ଼ ଆଦି
Dhardas ଗଡ଼ିକରି ଯିବାପାଇଁ କରା ଯାଇଥିବା ଗଡ଼ାଣି; ଗଡ଼ା—
Sloping or inclined passages made across canals or ditches for the passage of carts.

ଧଡ଼ସ — ଦେ. ବି—ଦେ. ବି (ସଂ. ଧୃଷ୍ ଧାତୁ=ହିଂସା କରିବା, କ୍ରୋଧ
Dhardasa କରିବା, ପ୍ରଗଲ୍‌ଭ ହେବା)— ୧ । ଧମସ; ଶୀଘ୍ର
मड़क ଚାଲିବାର ବେଗ—1. Great velocity or force of movement.
(ଯଥା—ସେ ଭାରି ଧଡ଼ସରେ ଚାଲିଯାଉଛି ।)
୨ । ସାହସ; ହେମତ୍—2. Courage.
(ଯଥା—ତାର ଭାରି ଧଡ଼ସ ।)
୩ । ଚାଲିବାର ହପ୍ତା ବା ଥର—
3. One stretch of walking (e. g. to walk 10 miles at one stretch.)
(ଯଥା—ମୁଁ ଏକାଧଡ଼ସକେ ୫ କୋଶ ବାଟ ଚାଲି ଅଇଲି ।)
୪ । ଧମକ—4. Threat.
(ଯଥା—ସେ ମତେ ଭାରି ଧଡ଼ସ ଦେଖାଉଛି ।)
তাড়াতাড়ি ଦେ. କ୍ରି. ବିଣ (ସଂ. ଧୃଷ୍ଟତ)—ଅତିଶୀଘ୍ର—
धड़से Very quickly.
ଧଡ଼ସ ହୋଇ ଉଠିଲା ମୂର୍ଚ୍ଛା ସେ ଯାଇଁ ପଳାଇ
ଅତି ଶୋକଭର ହୋଇ ବାଳୀ ଶୋକଇ—ପ୍ରାଚୀ ଜଳଚରିତ ।

ଧଡ଼ସା — ଦେ. ବିଣ—ଅତି ବେଗଯୁକ୍ତ—
Dhardasā Having a great velocity or force.

ଧଡ଼ସା(ସେ)ଇବା — ଦେ. କ୍ରି (ଧୃଷ୍ ଧାତୁ) — ୧ । ଧମକାଇବା—
Dhardasā(se)ibā 1. To terrify; to threaten.
ধমকান ୨ । ତ୍ୱରାନ୍ୱିତ କରାଇବା—2. To hasten.

ଧଡ଼ସାଧଡ଼ସି — ଦେ. ବି—ଧମକାଧମକି—
Dhardasādhardasi Threats; show of threat.
ধমকচমক घुड़की

ଧଡ଼ସି — ଦେ. କ୍ରି. ବିଣ (ସଂ. ଧୃଷ୍ଟତ)—ଝଟ; ଧଅସି; ଶୀଘ୍ର—
Dhardasi Very soon, precipitously.
তাড়াতাড়ি दबके

ଧଡ଼ସିବା — ଦେ. କ୍ରି (ଧୃଷ୍ ଧାତୁ)—୧ । ଶଙ୍କି ଯିବା; ଭୀତ ହେବା—
Dhardasibā To be frightened or terrified.
দমেযাওয়া ୨ । ଶଙ୍କିତ ହୋଇ କୌଣସି କାର୍ଯ୍ୟରୁ ପଶ୍ଚାତ୍‌ପଦ ହେବା—
सिकुड़ना, झझकना 2. To shrink from doing something through fear.
(ଧଡ଼ସି ଯିବା—ଅନ୍ୟରୂପ)

ଧଡ଼ା—ଦେ. ବି (ସ. ଧଟ)—୧ । ତୁଳାଦଣ୍ଡ—
Dhar̤dā 1. Scale-beam.
୨ । ତୁଳାଯନ୍ତ୍ର—2. Scales; balance.
୩ । ବଟକରା—3. Standard weights for weighing; standard pieces of stone or metal used in weighing.
୪ । ଧଡ଼ା ଧରିବାପାଇଁ ତରାଜୁର ଏକ ପଲ୍ଲାରେ ଯେଉଁ ମାଟି, ଗୋଡ଼ି ବା ଇଟାଖଣ୍ଡମାନ ରଖାଯାଏ; ପାସଙ୍ଗ—
4. Bits of earth, stone or brick or any other substance put on one of the scales of a balance to adjust the scale-beam; counterpoise.
୫ । ଅର୍ଗଳ; କାଷ୍ଠଦଣ୍ଡ—
5. A wooden bar.
ଧାରା; ଧାଡ଼ା ୬ । ଠେଙ୍ଗା; ଦଣ୍ଡ—6. A big and
ধড়া, ডাণ্ডা thick staff; bludgeon.
୭ । କବାଟରୂପେ ବ୍ୟବହୃତ ତାଟିକୁ ଦଉଡ଼ିଦ୍ୱାରା ଅଟକାଇ ବନ୍ଦ କରିବାପାଇଁ ବ୍ୟବହୃତ ବାଉଁଶ—
7. A bamboo bar used to fasten a Tāṭi-door with.
୮ । (ସ ଧଟୀ, ଧଟକା)—ପିନ୍ଧା ଲୁଗା ଉପରେ
ଧଡ଼ା ଅଣ୍ଟାରେ ଗୁଡ଼ାଇବା ଖଦର—
8. A cloth tied round the waist over the loin cloth.
୯ । କୌପୁନୀ—9. A strip of cloth covering the privities.
୧୦ । ଚିରା କନା—10. Rags.
୧୧ । ପୃଷ୍ଠବସ୍ତ୍ର—11. A covering for the back.
ଦେ. ବିଣ—ଧଡ଼ିଆ; ଅତି କୃଶ—
রোগা Very thin; emaciated.
(ଯଥା—ଭଲ ଦାନା ଦେଲ ନ ଖାଇବାରୁ ଲୋକଟି ଧଡ଼ା ହୋଇଗଲାଣି ।)

ଧଡ଼ା ଉଠା(ଠେ)ଇବା—ଦେ. କ୍ରି.—ତୁଳିବା; ଓଜନ କରିବା—
Dhar̤dā uṭhā(ṭhe)ibā To weigh.
ধড়া ওঠানা

ଧଡ଼ାଏ ପକା(କେ)ଇବା—ଦେ.କ୍ରି—ଠେଙ୍ଗାଦ୍ୱାରା ଏକ ପ୍ରହାର ଦେବା—
Dhar̤dāe pakā(ke)ibā To give one a blow with a
একবা মারা bludgeon.

ଧଡ଼ାଙ୍ଗ୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଢେଙ୍ଗା ଓ ସ୍ଥୂଳ ପଦାର୍ଥର
Dhar̤dāng ହଠାତ୍ ଶବ୍ଦପୂର୍ବକ ଭୂମିରେ ପଡ଼ିବା; ସଟାଙ୍ଗ୍—
ধড়াঙ্গ 1. Crashing sound (produced by a
ধড়াম big and heavy thing falling on the ground with force.
ଧଡ଼ାଙ୍ଗ୍ କରି, ଧଡ଼ାମ୍, ଧଡ଼ାସ୍, ଧଡ଼ାଂ } ଅନ୍ୟରୂପ ୨ । ହଠାତ୍—2 Quickly; at once.

ଧଡ଼ା ଚୂଡ଼ା—ଦେ. ବି (ସହଚର)—୧ । ସାଜସଜ୍ଜା—
Dhar̤dā chūr̤dā 1. Equipments.
ধড়াচূড়া ୨ । ପୋଷାକ—2. Dress; costume.
୩ । ସାଜସଜ୍ଜାର ଉପକରଣ; ଅଣ୍ଟାବନ୍ଧା ଓ ମୁଣ୍ଡବନ୍ଧା ଲୁଗା; ପାଗପଟୁକା—3. Cloths for the waist and for the head while dressing.

ଧଡ଼ାଧଡ଼—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଉପର୍ଯ୍ୟୁପରି ବନ୍ଧୁକ ଫୁଟିବାର
Dhar̤dādhar̤d ଶବ୍ଦ—1. Repeated reports of a gun.
ধড়াধড় ୨ । କଠିନ ବସ୍ତୁମାନଙ୍କର ପରସ୍ପର ଆଘାତଜନିତ ଶବ୍ଦ—
ধড়াধড় 2. The sound produced by the collision of hard substances.
ଦେ. ଅ—ଅତି ଶୀଘ୍ର—Very quickly.

ଧଡ଼ା ଧରିବା—ଦେ. କ୍ରି—କୌଣସି ବସ୍ତୁକୁ ତରାଜୁରେ ଓଜନ କରିବା
Dhar̤dā dharibā ପୂର୍ବରୁ ତରାଜୁର ଦଣ୍ଡକୁ ଭୂପୃଷ୍ଠ ସଙ୍ଗେ
ধাড়াবান্ধা ସମତଳ କରିବା; ପାସଙ୍ଗ ଧରିବା—To make
ধড়া বাঁধানা, ধড়া করনা the scale-beam perfectly
(ଧଡ଼ା ବାନ୍ଧିବା—ଅନ୍ୟରୂପ) horizontal and the two pans equally balanced before weighing any article in it; to adjust a scale by counterpoise; before weighing.
[ଦ୍ର—ତରାଜୁର ଦଣ୍ଡର ଦୁଇ ମୁଣ୍ଡରେ ଓହୋଳଥିବା ପଲ୍ଲା ଦୁହେଁ ଓଜନରେ କମ ବେଶି ଥିଲେ ତୁଳାଦଣ୍ଡ ଭୂପୃଷ୍ଠର ସମତଳ ହୋଇ ରହେ ନାହିଁ । ଏପରି ଅବସ୍ଥାରେ ତଦ୍ୱାରା କୌଣସି ଦ୍ରବ୍ୟ ଓଜନ କଲେ ତାହା ଠିକ୍ ହୁଏ ନାହିଁ । ଏଥିପାଇଁ କୌଣସି ଦ୍ରବ୍ୟ ତଉଲିବା ପୂର୍ବରୁ ଆଗେ ତରାଜୁର ଦୁଇ ପଲ୍ଲା ସମାନ ଅଛି କି ନାହିଁ ଏହା ପରୀକ୍ଷା କରାଯାଏ ଓ ତୁଳାଦଣ୍ଡର ଯେଉଁ ମୁଣ୍ଡ ଅନ୍ୟ ମୁଣ୍ଡଠାରୁ ଉପରକୁ ଉଠିବାର ଦେଖାଯାଏ, ସେ ପାଖର ପଲ୍ଲାରେ ଗୋଡ଼ି ମାଟି ଆଦି ପକାଇ ତରାଜୁର ଦଣ୍ଡକୁ ଭୂପୃଷ୍ଠର ସମାନ୍ତର (horizontal) କରାଯାଏ । ଏହି ସମାନ୍ତରକରଣ କର୍ମକୁ ଧଡ଼ା ଧରିବା କହନ୍ତି । ମଧ କୌଣସି ପାତ୍ରରେ ଘିଅ ଆଦି ଓଜନ କରିବାକୁ ହେଲେ ପ୍ରଥମେ ଏକ ପଲ୍ଲାରେ ଖାଲି ପାତ୍ରକୁ ରଖି ଅପର ପଲ୍ଲାରେ ଖାଲି ପାତ୍ରର ଓଜନକୁ ଗୋଟିଏ ମାଟି ଗୋଡ଼ି ଦେଇ ତୁଳାଦଣ୍ଡକୁ ଭୂମିର ସମତଳ କରାଯାଏ । ପରେ ପାତ୍ରରେ ଘିଅ ଅଦି ଢାଳି ଅପର ପଲ୍ଲାରେ ବଟକରା ରଖି ଓଜନ କରାଯାଏ । ଏଣୁ ଜାଠିରେ ଧଡ଼ା ଧରିବାର ସୀତି ପୃଥକ୍ ।]

ଧଡ଼ା ପଡ଼ା(ରା)—ଦେ. ବି (ସ. ଧୃ ଓ ପତ୍ ଧାତୁ)—ଧରାପରା (ଦେଖ)
Dhar̤dā par̤dā(rā) Dharāparā (See)

ଧଡ଼ି—ଦେ. ବି (ସ. ଧାର=ରେଖା)—୧ । ଲୁଗାର ଧାର; ଲୁଗାର
Dhar̤di ଲମ୍ବ ପାଖର ଧାରରେ ଯେଉଁ ରଙ୍ଗିନ୍ ସୂତା ବୁଣା ଯାଇ-
পাড়, ধারী ଥାଏ—1. Border or hem of a cloth.
दार, किनारा [ଦ୍ର—ଲୁଗାର ଲମ୍ବପାଖର ଦୁଇ ଧାରକୁ ଧଡ଼ି ଓ ଚଉଡ଼ାବାଗର ଦୁଇ ଧାରକୁ ମୁହଁ, ମୁହୁଣ୍ଡା ବା ଅଞ୍ଚଳା ବୋଲାଯାଏ ।]
୨ । (ସ. ଧଟୀ) ଛିଣ୍ଡାକନା—2. Rag.
ନଇଁ ବାହାରିଲେ କଇଁକୁ ପାଏ
ଅଣ୍ଟାରେ ଧଡ଼ି ବାନ୍ଧି ନତ ହୁଏ । କୃଷ୍ଣସିଂ. ମହାଭାରତ. ଅନୁଶାସନ ।

୪ । ଅପରିଁଅଣି ବାଳକବାଳକାଙ୍କ ନାମ—4. A name given to a boy or girl who was born after the death of his or her elder, while an infant.

ଧଡ଼ଅ—ଦେ. ବି (ସଂ. ଧଟୀ; ଢୋରକ)—ମସ୍ତକର କେଶରେ ବାନ୍ଧିବା ଡୋର ବା ପାଟଫୁଲ—A tape or string to tie the hair with.
Dhar̤ḍiā
ফিতা
डोरा

ଦେ. ବିଣ—(ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା-ନାଲି ଧଡ଼ିଅ, ଫୁଲଧଡ଼ିଅ)—୧ । ଧଡ଼ିବିଶିଷ୍ଟ—1. Having a hem; bordered (cloth).
কিনারী
किनारी

ଦୁବଳା ୨ । (ସଂ. ଦୁର୍ବଳ) କୃଶ; ଦୁର୍ବଳ—2. Emaciated; lean; feeble.
दुबला

ମଉ ! ଏ କଡେଇରେ ସେ ପୋଡ଼ି ଚଡ଼ଅ ହୋଇ
ମନୁଷ୍ୟଅ ଦୁହାଁ ଅଛ, ଘାଁ ଜାଇନ୍ ପେର୍ କ ଦେଖିବ !
ଉକାସ. କଟକବନ୍ଦମ୍ ।

୩ । ପତଳା—3. Thin.

୪ । ଜୀର୍ଣ୍ଣ (ବସ୍ତ୍ର)—
4. Worn out; reduced to rags.

ଧଡ଼ି ଛାଡ଼ିଯିବା—ଦେ. କ୍ରି—୧ । ବସ୍ତ୍ରର ଧଡ଼ିର ରଙ୍ଗ ଫିକା ପଡ଼ିଯିବା—
Dhar̤ḍi chhār̤ḍi jibā 1. To fade (said of the colour of the border of a cloth after washing.

୨ । (ଲକ୍ଷଣାର୍ଥ) ଅଭିଭୂତ ହୋଇ ପଡ଼ିବା; କ୍ଲାନ୍ତ ହୋଇ ଗଲା—2. To feel overpowered or tired.

ଧଡ଼ି ଛିଣ୍ଡା(ଣ୍ଡେ)ଇବା—ଦେ. କ୍ରି (ଇତର ଲୋକ ବ୍ୟବହୃତ)—କୌଣସି
Dhar̤ḍi chhiṇḍā (ṇḍe)ibā ବ୍ୟକ୍ତିଙ୍କୁ ପରିଶ୍ରମ କରାଇ ଏକାନ୍ତ ଅବସନ୍ନ କରି ପକାଇବା; କାବାନ୍ତ କରିବା—
To tire out a person by causing him to labour very hard

ଧଡ଼ି ଛିଣ୍ଡି(ଡ଼ି)ବା—ଦେ. କ୍ରି—୧ । ଜୀର୍ଣ୍ଣ ହେବା—1. To become worn or ragged.
Dhar̤ḍi chhiṇḍi(r̤ḍi)bā
[ଧଡ଼ି ଛିଣ୍ଡି(ଣ୍ଡି)ଯିବା—ଅନ୍ୟରୂପ] ୨ । (ଲକ୍ଷଣାର୍ଥ) କ୍ଲାନ୍ତହେବା—
2. (figurative) To be overtired

ଧଡ଼ିଦାର୍—ଦେ. ବିଣ—ଧଡ଼ିଥିବା (ବସ୍ତ୍ର)—
Dhar̤ḍidār (a cloth) Having a coloured border; bordered; having a good and fashionable border
পেড়ে
किनारेदार

ଧଡ଼ିବାଜ୍—ଦେ. ବିଣ. ସ୍ତ୍ରୀ ଓ ପୁଂ (ସଂ. ଧୂର୍ତ୍ତ)—୧ । ମାମଲାବାଜ୍—
Dhar̤ḍibāj 1. Litigious.
ধড়ীবাজ, **धोखेबाज, दगाबाज**

୨ । ବଦମାଇଥ; ଦୁଷ୍ଟ—2. Wicked.

୩ । ଖେଳେଡ଼ା—3. Wanton.

୪ । ଶଠ; ପ୍ରତାରକ; ଧୂର୍ତ୍ତ—4. Crafty; deceitful.

୫ । (ମନ୍ଦାର୍ଥ) ଚାଲାକ—5. Cunning.

୬ । ଯେ ଅନ୍ୟଙ୍କୁ ବିପଦରେ ପକାଏ—
6. Causing trouble to others.

୭ । ବ୍ୟଭିଚାରୀ—7. Adulterous.

ଧଡ଼ିବାଜି—ଦେ. ବି.—୧ । ଖେଳେଡ଼ାମି; ଦୁଷ୍ଟାମି; ବଦମାଇସପଣ—
Dhar̤ḍibāji 1. Wickedness; roguery; wantonness.
ধড়িবাজি ୨ । ଧୂର୍ତ୍ତତା; ଚାଲାକି—
धोखेबाज, दगाबाजी 2. Craftiness; deceitfulness.

ଧଡ଼ୀ—ଦେ. ବିଣ. ସ୍ତ୍ରୀ—୧ । ଅତି ଶୀର୍ଣ୍ଣା—
Dhar̤ḍi 1. Emaciated (woman).
ধাড়ী ୨ । ଅତି ବୃଦ୍ଧା; ଅନେକ ସନ୍ତାନ ପ୍ରସବ କରିଥିବା ଯୋଗୁଁ
ओड़ढी, डोकरा ଶୀର୍ଣ୍ଣକାୟା; ଧଡ଼ଡ଼ୀ; ଅସ୍ଥିକଙ୍କାଳମାତ୍ରାବଶିଷ୍ଟା
(ଧଡ଼ୀ;ଧଡ଼ ଧୋକଡ଼ୀ—ଅନ୍ୟରୂପ) (ବୃଦ୍ଧା)—2. Old and decrepit (woman); wasted (by giving birth to many children); worn out.

ଧଣ୍ (ଧାତୁ)—ସଂ.—ଶବ୍ଦ କରିବା—
Dhaṇ (root) To make a sound.

ଧଣଚା—ଦେ. ବିଣ.—ପାଣିଚିଆ (ଖାଦ୍ୟ ; ପାଣି ମିଶିବାରୁ ବିସ୍ୱାଦ(ଖାଦ୍ୟ)-
Dhaṇatā (food) Having its taste spoiled on account of the presence of too much disproportionate water.
(ଧଣଲା—ଅନ୍ୟରୂପ)
জোলো

[ଦ୍ର—ସଜ ପଖାଳରେ ଅମ୍ଳିଲା ତୋରାଣି ନ ମିଶିଲେ କମ୍ପା ଭାତ ଗରମ ଥାଉଁ ଥାଉଁ ତହିଁରେ ପାଣି ମିଶାଇ ସଙ୍ଗେ ସଙ୍ଗେ ଖାଇଲେ ଖାଇଲେ ତାହା ବିସ୍ୱାଦ ଲାଗେ, ଏପରି ଭାତକୁ ଧଣଚା ବା ଧଣଲା ଭାତ ବୋଲିଯାଏ ।]

ଧଣିଆଁ (ଆ)—ଦେ. ବି· (ସଂ. ଧନ୍ୟା, ଧନ୍ୟାକ)—ଧନିଅ; କୋଥମେର—
Dhaṇiāṅ(ā) Coriander; Coriandrum Sativum.
ধনে **धनीया**

ସଂ. ପର୍ଯ୍ୟାୟ—ଧନକ, ଧନ୍ୟାକ, ଧାନକ, ଧାନେୟକ, ଧନକା, ଛତ୍ରା, ଧାନ୍ୟ, କୁସ୍ତୁମ୍ବୁରୁ, ବିତୁନ୍ନକ, କୁନଟୀ, ଧେନୁକା, ସୁଗନ୍ଧ, ସୂକ୍ଷ୍ମପତ୍ର, ଜନପ୍ରିୟ, ବେଧକ, ଧାନା, ବନ୍ଧୁଧାନ୍ୟ
ବ. ଧନେ, ଧନିୟା, ଧନ୍ୟା
ହି. **धनिया, कोथमिरि**
ତେ. କୋଥମିଲ୍ଲି, କୋତିମିର, ଧନିଯାଲୁ
ମ. ଧନେ, କୋଥିଂବିର
ଗୁ. ଧାଣା, କୋଥମୀର
ତା. କୋତମଲ୍ଲି
ପା. କୁଜ୍ନେ କସ୍ତୀର୍
ଅ. କଜବୁର

[ଦ୍ର—ଏହା ବର୍ଷାୟୁଃ ବନ୍ଧୁଶାଖ ଗୁଳ୍ମ । ଭାରତର ନାନା ସ୍ଥାନରେ ବିରଳ ସମୟରେ ଏହାର କୃଷି ହୁଏ । ଏଥିର ଫୁଲ ଛତ୍ରାକାର ଓ ପେନ୍ଥା ପେନ୍ଥା, ଫୁଲ ଧଳା ବା ଈଷତ୍ ଲୋହିତ । ଏଥିର ବୀଜ ଗୋଲ ଓ ଦୁଇ ଫାଳିଆ; ଦୁଇ ଫାଳର ଗର୍ଭ ଚେପଟା; ଏ ଗଛ ହାତେ ଦେଢ଼ ହାତ ବଢ଼େ । ଏହାର ପତ୍ର ନରମ ଓ ପତ୍ରର ଧାର ଦନ୍ତୁର । ଏହାର ପତ୍ର, ଫୁଲ ଓ ଫଳ ସୁବାସିତ । ପତ୍ର ଓ ଫୁଲକୁ ଲୋକେ ଛଅଣରେ ମିଶାଇ ଓ ବଟାଇ କରି ଓ ଶାଗ ଓ ଚଟଣୀ କରି ଖାଆନ୍ତି । ଡାଳରୁ ଗୋଟିଏ ଲେଖାଏଁ ଡେମ୍ଫ ବାହାରି ଡେମ୍ଫ ଅଗରେ ଛତା ପରି ଫୁଲ ଧରେ । ଫୁଲ ଝଡ଼ି ଗଲେ ଫଳ ଧରେ । ଧନିଆ ମଞ୍ଜିକୁ ରଗଡ଼ି ତହିଁରୁ ଖୋସା ବାହାର କରି ଦେଲେ ଭିତରୁ ଯେଉଁ ଦୁଇ ଫାଳ ଟାଣ ଶସ ବାହାରେ ତାହା

ଭୋଜନରେ ମସଲାରୂପେ, ପାକର ଓ ଗୁଣ୍ଡିର ମସଲାରୂପେ ଓ ଔଷଧରେ ବ୍ୟବହୃତ ହୁଏ । ଏ ମଞ୍ଜିରୁ ଅରଖ ମଧ କଢ଼ା ଯାଏ । ବୈଦ୍ୟକ ମତରେ ଏହା ସ୍ନିଗ୍ଧ, ଶୀତଳ, ଦୀପନ, ପାଚନ, ଗ୍ରାହୀକାରକ, କୃମିନାଶକ ଓ ପିତ୍ତଜ୍ୱର, କାଶ, ଶୋଷ ଓ ଦାହରେ ଉପକାରୀ । ଡାକ୍ତରମାନେ ଏହାକୁ ଉଦରସ୍ଥ ବାୟୁ ଦୂର କରିବାକୁ ପ୍ରୟୋଗ କରନ୍ତି । ଉଗଣ୍ଡା ଧନଆରୁ ଗ୍ଲେପାକୁ ପାଚୁଡ଼ ଦେଲେ ଯେଉଁ ଝାଣୁଆ ଈଷତ୍ ସୁବାସିତ ଗସ ବାହାରେ ତାକୁ ଧନଆଁ ଗୁଣ୍ଡଲ କହନ୍ତି ।]

ଧଣିଆ ଗୁଣ୍ଡଲ—ଦେ. ବି. (ସଂ. ଧନ୍ୟାକ+ତଣ୍ଡୁଲ)—ଧନଆ ମଞ୍ଜିକୁ
Dhania chāula ଉଗଣ୍ଡ ତହିଁରୁ ତୁଷ ପାଚୁଡ଼ିବା ପରେ ରହିବା
ଧନେଚାଲ ମଞ୍ଜି ଫାଳ—Split coriander seed.

ଧଣିଚ୍ଚା—ଦେ. ବି. (ସଂ. ଜୟନ୍ତୀ-ଯୋଗେଶଚନ୍ଦ୍ର)—ଶିମ୍ବାଜ ବର୍ଗର ସ୍ୱର୍ଗ,
Dhanichā ଶୀର୍ଣ୍ଣ ବର୍ଷାୟୁଃ କ୍ଷୁପବିଶେଷ—Sesbania
ଧନିଚା; ଧନଚେ Cannabina; Sesbania Aculeata.
ଜୟନ୍ତୀ, ଜୈଂତ [ଦ୍ର—ଏହାର ଗଛ ଅଗସ୍ତି ଗଛ ପରି, କିନ୍ତୁ ଆକାରରେ କ୍ଷୁଦ୍ରତର । ଏହାର କାଣ୍ଡ ସିଧା, ପତ୍ର ଅଗସ୍ତି ପତ୍ର ପରି; ଛୁଇଁ ୧ ଫୁଟ ପର୍ଯ୍ୟନ୍ତ ଲମ୍ବ ହୁଏ; ମଞ୍ଜି ମୁଗ ପରି; ଫୁଲ ହରଡ଼ ଫୁଲ ପରି ହଳଦିଆ । ଲୋକେ ଏ ଗଛକୁ ଲଗାଇ ଗଛ ବଢ଼ିଗଲେ ତାକୁ କାଟି ନେଇ କ୍ଷେତରେ ପୋତି ପକାନ୍ତି ଓ ମାଟିତଳେ ଏହା ସଢ଼ିଗଲେ ଜମିରେ ସାରର କାର୍ଯ୍ୟ କରେ । ବଙ୍ଗଦେଶରେ ଲୋକେ ଏ ଗଛର ଡାଙ୍ଗରେ ପାନ ଲତାକୁ ମଡ଼ାନ୍ତି । ଓଡ଼ିଶାରେ ଲୋକେ ଏହାର ପତ୍ରକୁ ଶାଗ ରୂପେ ଖାଆନ୍ତି । ହି. ଶବ୍ଦସାଗର ମତରେ ଏହାର ଗାଜ ସଙ୍କୋଚକ ଓ ଉତ୍ତେଜକ ଏବଂ ଝାଡ଼ା ରୋଗରେ ଓ କାଛୁ କୁଣ୍ଡିଆରେ ଔଷଧରୂପେ ବ୍ୟବହୃତ ହୁଏ । ବଥ, ଫୁଲା ଓ ଚିଲିଚ ଅଦରେ ଏହାର ପତ୍ର ବନ୍ଧାଯାଏ ଓ ଏଥିରେ ବଥ ଓ ଗିଲିଚ ପାଚ ଫାଟିଯାଏ । ପତ୍ରକୁ ବାଟି ବଥକାମୁଡ଼ାରେ ବୋଳାଯାଏ । ଏ ଗଛର କାଣ୍ଡକୁ ପାଣିରେ ସଢ଼ାଇ ଲୋକେ ଏଥିରୁ ଝୋଟ ପରି ଅଂଶୁମୟ ସୂତ୍ର ବାହାର କରନ୍ତି ।]

ଧଣୁଆ(ଆଁ)—ଦେ. ବିଣ. (ସଂ. ଦୋହନୀୟା)—ଯେଉଁ ଗାଈ ଦୁଧ
Dhanuā(ā̃) ଦେଉଥାଏ; ଯେଉଁ ଗାଈଠାରୁ ଦୁଧ ଦୁହାଁ ହେଉ-
(ବରଡ଼ା – କ୍ଷପସ୍ଥାତ) ଥାଏ—Milch (cow); giving milk.
ଦୁଧାଲ ଦୁଧାରୁ ଦେ. ବି—ଦୁହାଁଳୀ ଗାଈ – Milch cow.

ଧଣ୍ଡ—ଦେ. ବି. (ସଂ. ଡୁଣ୍ଡୁଭ)—ଏକପ୍ରକାର ନିର୍ବିଷ ଜଳଚର ସର୍ପ;
Dhanda ପାଣିଧଣ୍ଡ—A non-poisonous water-snake;
ଟୋଁଡ଼ୋ; ଟୋଁଡ଼ା Homalopsidæ.
ଡେଡହା [ଦ୍ର—ଏମାନେ ଛୋଟ ମାଛ ଓ ଗେଣ୍ଡା ଖାଇ ପାଣିରେ ଥାଆନ୍ତି ।]

ଧଣ୍ଡଛୁଆଁ—ଦେ.ବିଣ.(ସଂ.ଡୁଣ୍ଡୁଭ)—୧ । ଯାହାକୁ ଧଣ୍ଡସାପ କାମୁଡ଼ିଥାଏ-
Dhanda chhuā̃ 1. Bitten by a water-snake.
[ଦ୍ର—ଯେଉଁ ବ୍ୟକ୍ତିକୁ ଥରେ ଧଣ୍ଡସାପ କାମୁଡ଼ି ଥାଏ, ତାକୁ ଅନ୍ୟ ବିଷଧର ସାପ କାମୁଡ଼ନ୍ତି ନାହିଁ ବୋଲି ଲୋକେ ବିଶ୍ୱାସ କରନ୍ତି ।]
୨ । (ଲକ୍ଷଣାର୍ଥ) ଯାହାକୁ ଜଣେ ଆକ୍ରମଣ କରିବା ପରେ ଅନ୍ୟ ବ୍ୟକ୍ତି ଆକ୍ରମଣ କରି ପାରିବ ନାହିଁ—2. One who has no fear of being attacked by any other person after the attack of the first assailant.

ଧଣ୍ଡଷଣ୍ଡ(ଣ୍ଢ)—ଦେ. ବି.—ଅକଥ୍ୟ ବା ଅଶ୍ଳୀଳ ଭାଷା—
Dhanda shanda (ṇḍha) Obscene words.
(ଧଣ୍ଡ ଷଣ୍ଢିଆ, ଧଣ୍ଡଷଣ୍ଡିଆ—ଅନ୍ୟରୂପ)

ଧଣ୍ଡ ଶିକଳୀ—ଦେ. ବି. (ସଂ. ଡୁଣ୍ଡୁଭ+ଶୃଙ୍ଖଳ)—ଗୋଡ଼ରେ ଅଳଙ୍କାର
Dhanda sikaḷi ରୂପେ ବ୍ୟବହୃତ ଏକପ୍ରକାର ଶିକୁଳି—
ଧଣ୍ଡ ଶିକୁଳା, ଧଣ୍ଡ ଶିକୁଳି } ଅନ୍ୟରୂପ A chain worn round the ankle as an ornament.

ଧଣ୍ଡା—ଦେ. ବି. (ସଂ. ଦଣ୍ଡ; ଦଣ୍ଡ ପରି ମୋଟ ଓ ଲମ୍ବ ଦେଖା ଯିବାରୁ)—
Dhandā ୧ । ବେକରୁ ପାଦ ପର୍ଯ୍ୟନ୍ତ ଲମ୍ବି ଥିବା ଫୁଲର ବଡ଼
ଗଢ଼େ ମାଳା ମାଳ—1. A big wreath of
ଗଜରା flowers.
ଗଳେ ବନ୍ଧା ଧଣ୍ଡା; ଶିରସି ଶିଳେଶୁ ଶ୍ରୀ । କବିସୂର୍ଯ୍ୟ. ସଙ୍ଗୀତ ।
୨ । ଆଖୁର ଗୋଟିଏ ଗଣ୍ଠି ବା ଦଣ୍ଡ—
2. One stick of sugarcane.
୩ । ପ୍ରସାଦୀ ମାଳା; ଦେବତାଙ୍କ ବେକରେ ଲମ୍ବିଥିବା ପୁଷ୍ପମାଳ; ଯାହା ଦେବତାଙ୍କଠାରୁ କଢ଼ା ଯାଇ ଭକ୍ତକୁ ଦିଆଯାଏ; ଦେବତାଙ୍କ ଛଡ଼ା ମାଳ—3. A wreath of flowers put on an idol and afterwards brought down from it.
ସୁଗନ୍ଧ ବାସ ରସ ପୁଷ୍ପ ଧଣ୍ଡା; ଯହିଁକୁ ବଢ଼ଇ ବାସନା ପଣ୍ଡା ।
ଗ୍ରାଗୀ. ପରଭେଗୀଳା ।
ଝାଣ୍ଡା; ଝଣ୍ଡା ୪ । (ସଂ. ଜୟନ୍ତ) ପତାକା; ଝଣ୍ଡା; ବଡ଼ ପତାକା—
4. An ensign; a big flag; a standard.
ମାତଙ୍ଗ ଧଣ୍ଡା ଝମକ ନିଶାଣ; ଢାଲ ତରବାର କଷାସ ପୁଣ ।
ବ୍ରଜନାଥ.ସମରତରଙ୍ଗ ।
୫ । (ସଂ. ଡୁଣ୍ଡୁଭ) ଧଣ୍ଡ—(ଦେଖ)
5. Dhanda (See)
ପାଣିଡୁଳା ଧଣ୍ଡା ତଚ ଆଦ ଏ ସାପେ
ରହିଲେ ପାଂ ଧର କର୍ଣ୍ଣଙ୍କ ସର୍ପୁପେ । କୃଷ୍ଣସିଂହ. ମହାଭାରତ; କର୍ଣ୍ଣ ।

ଧଣ୍ଡାଲିବା—ଦେ. କ୍ରି—ଧଦାଳିବା (ଦେଖ)
Dhandāḷibā Dhandāḷibā (See)

ଧଣ୍ଡାଳ ହେବା—ଦେ. କ୍ରି.—ଧଦାଳ ହେବା (ଦେଖ)
Dhandāḷi hebā Dhandāḷi hebā (See)

ଧଣ୍ଡି—ଦେ. ବ—(ସଂ. ଦଣ୍ଡ)—୧ । ଝଣ୍ଡା; ଲମ୍ବ ବାଉଁଶ ଉପରେ
Dhandi ଲଗା ଯିବା ପତାକା—1. Flag attached to a
ଝଣ୍ଡୀ; ଝାଣ୍ଡୀ big pole.
୨ । କ୍ଷେତ୍ରାଦି ମାପିବା ସମୟରେ ଚେନ୍ ଯେଉଁ ବାଟେ ନିଆଯାଏ ତହିଁର ନିଦର୍ଶନରୂପେ ଭୂମିରେ ଅଙ୍କିତ ଗାର—
2. A chain-line in a surveying.
୩ । ଦୁଇ ସ୍ଥାନ ବା ମଉଜା ବା କ୍ଷେତ୍ର ମଧ୍ୟରେ ଥିବା ସୀମା ଚିହ୍ନିତ କରିବା ରେଖା—3. Boundary-line drawn between two plots of land or between 2 villages.

ପ୍ରାଦେ (ଗଡ଼ଜାତ) ବ—ଭଣ୍ଡି—(ଦେଖ)
Bhandi (See)

ଧଣ୍ଡିଚ୍ଚ—ଦେ. ବ—ଧଣିଚ୍ଚ (ଦେଖ)
Dhandichā Dhanichā (See)

ଧତ୍—ଦେ. ଅ. (ସ. ଦୂର)—୧ । ଦୂର୍; ଦୁର୍‌ହର—
Dhat 1. (Interjection) Fie !; Be off !; Shame !
दूर धत,

ଧତ୍ତ୍, ଧତ୍ତେର
ଧତ୍ତେରକା, ଧତ୍ତେରକ } ଅନ୍ୟରୂପ
ଧତ୍ତେରକେ, ଟୁତ୍

୨ । ହାତୀକୁ ଠିଆ କରିବା ନିମନ୍ତେ ମାହୁନ୍ତର ଉଚ୍ଚାରିତ ଆଦେଶ-
1. Interjection used by the driver directing an elephant to stop.

ଧତ୍‌କାର—ଦେ. ବ. (ସ. ଧିକ୍କାର)—ଧିକ୍କାର—
Dhat-kāra Crying shame.
धिक्कार धतकारा

ଧତ୍‌କାରିବା—ଦେ· କ୍ରି. (ସ. ଧିକ୍କାର)—
Dhat-kāribā ୧ । ଧିକ୍କାର କରିବା—1. To cry shame;
धिक्कारा to cry down a person.
धतकारना ୨ । ଧତ୍ ଧତ୍ ଶବ୍ଦ ଉଚ୍ଚାରଣ କରି କୌଣସି ବ୍ୟକ୍ତିକୁ ଘଉଡ଼ ଦେବା; ଟୁତ୍‌କାରିବା—
2. To drive away a person by crying him down.

ଧତଡ଼ା(ରା)—ଦେ. ବଣ. ପୁଂ. (ସ. ଧ୍ୱସ୍ତ)—
Dhatardā(rā) ୧ । ଅତି ଜୀର୍ଣ୍ଣ—1. Worn out.
धाड़ि (ଯଥା—ଧତଡ଼ା ଖାଟ ।)
डोकरा ୨ । ଜରାଜୀର୍ଣ୍ଣ—2. Decrepit.
(ଯଥା—ଧତଡ଼ା ଘୋଡ଼ା ।)
୩ । ଛିଣ୍ଡା; ଚିରାଯୁକ୍ତ—3. Ragged; torn.
(ଯଥା—ଧତଡ଼ା ଲୁଗା ।)

ଧତଡ଼ୀ(ରୀ)—ଦେ. ବଣ. ସ୍ତ୍ରୀ—୧ । ଅତିବୃଦ୍ଧା ଦୁର୍ବଳା ଓ (ସ୍ତ୍ରୀ)—
Dhatardi(ri) 1. Decrepit (woman); infirm.
धाड़ी ୨ । ଜରାଜୀର୍ଣ୍ଣା; ବହୁ ସନ୍ତାନ ପ୍ରସବ କରିଥିବା ଯୋଗୁଁ
डोकरी ବୁଢ଼ୀ ଓ ଶୀର୍ଣ୍ଣା; ଝଡ଼ୀ—2. Worn out on account of having given brith to many children and of oldage.
୩ । ଶିଥିଳ ଚର୍ମବିଶିଷ୍ଟା (ସ୍ତ୍ରୀ)—3. (a woman) With the skin wrinkled.
୪ । ରୋଗ ବା ବୃଦ୍ଧାବସ୍ଥା ଯୋଗୁଁ ଯାହା ଦେହର ଚର୍ମ ଶିଥିଳ ହୋଇଅଛି—4. Wrinkled and wasted on account of old age or disease.

ଧତୁ—ଦେ. ବ. (ସ. ଧାତୁ)—
Dhatu ୧ । ମନୁଷ୍ୟର ମାନସିକ ପ୍ରକୃତି—
धात् 1. Mental propensities.
धात, धत ୨ । ଦୈହିକ ପ୍ରକୃତି; ଶରୀରସ୍ଥ ବାତ ପିତ୍ତ କଫ ଆଦି—
2. Humours of the body; physical system.
୩ । ଶୁକ୍ର; ବୀର୍ଯ୍ୟ; ରେତଃ—3. Semen virile.
୪ । ପ୍ରକୃତି—4. Nature.
୫ । ମନ୍ଦ ଅଭ୍ୟାସ; ଖୋଡ଼—5. Bad habit.
୬ । ଧାତୁ (ଦେଖ)—6. Dhātu (See)

ଧତୁ ପଡ଼ିବା—ଦେ. କ୍ରି—ଧାତୁ ପଡ଼ିବା; ମେହ ରୋଗ—
Dhatu pardibā Gonorrhœa.
धात्पडा धात गीरना

ଧତୁରା—ଦେ ବ. (ସ. ଧତ୍ତୂର)—ଧୂତୁରା (ଗୁଳ୍ମ ଓ ଫଳ)—
Dhaturā Thorn apple (tree and fruit); Stramonium; Dhatura Fastuosa.

ସ. ଧୁସ୍ତୁର, ଧୂସ୍ତୂର, ଟୁଣ୍ଡି, ଧତ୍ତୂର, ଉନ୍ମତ୍ତ, ଦେବିକା, କିତବ, ଶଠ, ତୁରି, ମହାମୋହୀ, ଶିବପ୍ରିୟ, ମାତୁଳ, ମଦନ, କନକ, ମୋହନ, ଶ୍ୟାମ, ଶିବଶେଖର, କାହଳାପୁଷ୍ପ
धुतूरा
धतुरा
ମ. ଧୋତରା, ଧୋତ୍ରା
ତେ. ଉମ୍ମେତ୍ତଚେଟ୍ଟୁ, ଉମ୍ମେତା, ଜାନ୍ନାଉମ୍ମିଚେ, ନଲ୍ଲଉମ୍ମେତା
ତା. ଗାରୁଉମତେ, ଉମତଡାଇ
ସ୍ପ. ଅ°ଦୁରେ
ଆ. ଜୋଜ୍ମାସିଲ୍, ଡାତୁରା

[ବ୍ରି—ଏହା ବଙ୍ଗଳାବ ବର୍ଗରେ ବନ୍ୟ ଗୁଳ୍ମବିଶେଷ; ଧଳା କଳା ଭେଦରେ ଏହାର ଗଛ, ଡେମ୍ଫ, ଫୁଲ ଓ ଫଳ ଦୁଇ ପ୍ରକାର । ଏହାର ଫଳ ମାଦକ ଓ ବିଷାକ୍ତ । କଳା ଧତୁରା ଫୁଲ ଓ ଡେମ୍ଫ ବାଇଗଣୀ ରଙ୍ଗ । ଏହା ମତ୍ତତାଜନକ, ବର୍ଣ୍ଣ ପ୍ରସାଦକ, ଅଗ୍ନି ବର୍ଦ୍ଧକ, ବାୟୁଜନକ, ତନ୍ଦ୍ରା ଓ ମୂର୍ଚ୍ଛା କାରକ । ଏହା ଉକୁଣୀ, ଜ୍ୱର, କୁଷ୍ଠ, ବ୍ରଣ, କଣ୍ଡୁ, କଫ, ବିଷ ଓ ବେଦନା ନାଶକ । ଏହାର ଧୂମ ପାନ କଲେ ଶ୍ୱାସ ସତ୍ୱର ପ୍ରଶମିତ ହୁଏ । ନିଶାଖୋରମାନେ ପତ୍ର ବା ଗଞ୍ଜେଇ ସଙ୍ଗେ ଧତୁରା ମଞ୍ଜି ବାଟି କରି ଖାଆନ୍ତି । ଏହାର ଫଳ, ଫୁଲ ଓ ପତ୍ରରେ Daturine ବା Atropine ନାମକ ଉଗ୍ର ବିଷ ଅଛି । ଏହା ଆତ୍ମହତ୍ୟା ଓ ନରହତ୍ୟାରେ ପ୍ରୟୋଗ କରାଯାଏ । ଏହି ଗଛ ଭାରତରେ ଏବଂ ଇଂଲଣ୍ଡରେ ହୁଏ ।]

ଧତୁରିଆ—ଦେ. ବ. (ସ. ଧୁସ୍ତୁର)—
Dhaturiā ପୂର୍ବେ ଭାରତରେ ପଥିକମାନଙ୍କ ଉପରେ ଅତ୍ୟାଚାର
धुतरिआ କରୁଥିବା ସେହି ଠଗମାନେ ପଥିକଙ୍କୁ ଧତୁରା ମଞ୍ଜି
धतुरिआ ଖୁଆଇ ବେହୋଷ୍ କରି ସେମାନଙ୍କ ସମ୍ପତ୍ତି ଲୁଣ୍ଠନ କରୁଥିଲେ—The Thugs fo India who used to make travellers unconscious by administering Dhaturā poison and rob them of their belongings.
ଦେ. ବଣ—ଧତଡ଼ା (ଦେଖ)—Dhatardā (See)

ଧତ୍ତୂର—ସ. ବ. (ଧେ ଧାତୁ=ପାନ କରିବା+ଉର, ନିପାତନ)—
Dhattūra ଧତୁରା ଗଛ ଓ ଫଳ—
The Dhaturā (plant and berry).

ଧଥ୍—ଦେ. ଅ—ଧତ୍ (ଦେଖ)
Dhath Dhat (See)
(ଧଥ୍‌ତେର, ଧଥ୍‌ତେରକା, ଧଥ୍‌ତେରକ, ଧଥ୍‌ତେରକେ—ଅନ୍ୟରୂପ)

ଧନ୍ (ଧାତୁ)—ସ—୧ । ଶବ୍ଦ କରିବା—
Dhan (root) 1. To make a sound.

୨ । (ଶସ୍ୟାଦି) ଉତ୍ପନ୍ନ ହେବା—2. To come out; to be produced; to be brought forth.

୩ । ନିକ୍ଷେପ କରିବା—3. To throw.

ଧନ୍—ପ୍ରାଦେ. (ସମ୍ବଲପୁର) ବି—ଧନ (ଦେଖ)
Dhan — Dhana (See)

ଧନ୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଧୂନନ)—କମ୍ପାଇବା—
Dhan-kibā — To shake.

ଧନ୍ତିରି—ଦେ. ବିଣ. (ସଂ. ଧନ୍ୱନ୍ତରି)—
Dhan-tiri — ଧୁରନ୍ଧର; ପ୍ରବୀଣ—Expert.
(ଧନ୍ତିରି—ଅନ୍ୟରୂପ) (ଯଥା—ସେ ଖାଇବା ବିଷୟରେ ଧନ୍ତିରି ।)
ବି—ଧନୁତରି (ଦେଖ)—Dhanutari (See)

ଧନ୍‌ଦୁଗାନି—ପ୍ରାଦେ. (ସମ୍ବଲପୁର) ବି. (ସହଚର)—ଧନ ଦଉଲତ—
Dhan-dugāni — Riches.

ଧନ—ସଂ. ବି. [ଧନ୍ ଧାତୁ =(ଶସ୍ୟ) ଉତ୍ପନ୍ନ ହେବା+କର୍ତ୍ତୃ. ଅ]—
Dhana — ୧ । ସମ୍ପତ୍ତି; ବିତ୍ତ—1. Wealth; property; riches.

ଚଣ୍ଡୀ କରେ ଧନ ଦେଇ ପଢେ ନ କହିଲୁ ରେ ।
କବିସୂର୍ଯ୍ୟ. କଳୋଲ୍ଲିକଶ୍ଚ୍ ୫ ଗୀତ ।

୨ । ଗୋଧାନ୍ୟାଦି ସ୍ଥାବର ଅସ୍ଥାବର ସମ୍ପତ୍ତି—
2. Property, movable and immovable.

୩ । ନଗଦ ଟଙ୍କା ପଇସା; ମୁଦ୍ରା; ପାଣ୍ଠି—
3. Money; hard cash.

ହାତରେ ନ ଥିଏ ଧନ; ପୁଅ ବାହା କରି ମନ—ଢଗ ।

୪ । ସୁବର୍ଣ୍ଣ—4. Gold.

୫ । ମୂଲ୍ୟବାନ୍ ପଦାର୍ଥ—5. Valuables.

ବାଣାର୍ଜ୍ଜୁନ ଭୂତକ ମତ ଥାଇ, ଧନ ଅଲଙ୍କେ ମନ ବଳଇ ।
ଗୋପ୍ଳେକ, ଉଦ୍‌ରେଖା ।

୬ । ଧନ ପରି ପ୍ରିୟତମ ବ୍ୟକ୍ତି; ସ୍ନେହପାତ୍ର—
6. Object of love or attachment; the beloved one.

ତରୁଣୀ ଭୋଳେ ମୋ ଧନ କଲେ ଯତ୍ନ କରୁଣାନିଧି ଶଙ୍କରରେ ।
କବିସୂର୍ଯ୍ୟ. ସଙ୍ଗୀତ ।

୭ । (ଜ୍ୟୋତିଷ) ଧନିଷ୍ଠା ନକ୍ଷତ୍ର—7. The 23rd lunar mansion or asterism in Hindu astronomy.

୮ । (ଜ୍ୟୋତିଷ) ଧନସ୍ଥାନ—8. The apartment of riches on one's horoscope.

୯ । (ଗଣିତ) ଯୋଗ ଚିହ୍ନ—
9. (mathematics) The plus sign,
(ଋଣ ଚିହ୍ନ—ବିପରୀତ)

୧୦ । କମନୀୟ ବସ୍ତୁ—10. Desirable thing; the object of one's cherished desire.

୧୧ । ଖଣିରୁ ବାହାରିବା ଅଶୁଦ୍ଧ ଧାତୁ ଖଣ୍ଡ (ହି. ଶ.)—
11. Crude pieces of metal brought out from the mine; ore.

ଦେ. ଅ—୧ । (ଶିଶୁ, ସ୍ୱାମୀ, ସ୍ତ୍ରୀ, ସହଚରୀ ଆଦିଙ୍କ ପ୍ରତି) ଆଦର ଓ ସ୍ନେହସୂଚକ ସମ୍ବୋଧନ)—ହେ ପ୍ରିୟ—
1. (Interjection used to one's beloved person My dear.)

ଶିଅଳ ପରି କ ଧନ ମନରେ ଭାଳିଲୁରେ ।
କବିସୂର୍ଯ୍ୟ. କଳୋଲ୍ଲିକଶ୍ଚ୍ ୫. ଗୀତ ।

ଦେ. ବି—୧ । (ଆଦରାର୍ଥେ) ଶିଶୁମାନଙ୍କ ଶିଶ୍ନ; ଗୁଡ଼ି—
1. The pretty penis of a child (used in endearment).

୨ । ମୂଳଧନ—2. Capital.

ଧନକ—ସଂ. ତ. (ଧନ+କ)—୧ । ଧନ ପ୍ରାପ୍ତିର ଇଚ୍ଛା (ହି ଶ.)—
Dhanaka — 1. A desire to acquire riches.
୨ । (ନାମ) ରାଜା କୃତବୀର୍ଯ୍ୟଙ୍କ ପିତା (ଭାଗବତ)—
2. Name of the father of king Kṛutabirjya.

ଧନ କଷ୍ଟ—ସଂ. ବି. (ଧନ ନିମିତ୍ତ କଷ୍ଟ; ୪ର୍ଥୀ ତତ୍)—
Dhana kashṭa — ୧ । ଦାରିଦ୍ର୍ୟ—1. Penury.
୨ । ଦାରିଦ୍ର୍ୟ ଦୁଃଖ—2. Affliction of poverty.
୩ । ଧନାଭାବ—3. Want.

ଧନ କୁବେର—ସଂ. ବି. (ଧନରେ କୁବେର ତୁଲ୍ୟ; ୭ମୀ ତତ୍)—
Dhana kubera — ୧ । କୁବେର ପରି ଅତ୍ୟନ୍ତ ଧନୀ ବ୍ୟକ୍ତି—
1. A very rich or wealthy man.
୨ । ଲକ୍ଷପତି; କୋଟିପତି—2. A millionaire.

ଧନ କେଳି—ସଂ. ବି. (ବହୁବ୍ରୀହି; ଧନରେ କେଳ ବା କ୍ରୀଡ଼ା କରେ
Dhana keḻi — ଯେ)—କୁବେର—Kubera, the Hindu God of riches.

ଧନ କୋଷ—ସଂ. ବି. (୬ଷ୍ଠୀ ତତ୍; ଧନ+କୋଷ)—ଧନାଗାର—
Dhana kosha — Treasury.

ଧନ କ୍ଷୟ—ସଂ. ବି. (୬ଷ୍ଠୀ ତତ୍; ଧନ+କ୍ଷୟ)—
Dhana kshaya — ୧ । ବିତ୍ତନାଶ; ଲକ୍ଷ୍ମୀ ଛାଡ଼ିବା—
1. The state of being reduced to poverty; destitution.
୨ । ଅପବ୍ୟୟ—2. Waste of money.
୩ । ଧନର କ୍ଷତି—3. Loss of money
୪ । ଧନ ସରିଯିବା—4. Exhaustion of wealth.

ଧନ କ୍ଷୟକର—ସଂ. ବିଣ. ପୁଂ. (ଧନକ୍ଷୟ+କୃ ଧାତୁ+କର୍ତ୍ତୃ. ଅ; ଉପପଦ ତତ୍)—୧ । ଅପବ୍ୟୟୀ—
Dhana kshayakara — 1. Prodigal.
(ଧନକ୍ଷୟକରୀ—ସ୍ତ୍ରୀ)
(ଧନକ୍ଷୟକାରୀ. ପୁଂ—ଅନ୍ୟରୂପ) ୨ । ଯେଉଁ କାର୍ଯ୍ୟଦ୍ୱାରା ଧନକ୍ଷୟ
(ଧନକ୍ଷୟକାରିଣୀ—ସ୍ତ୍ରୀ) ହୁଏ—2. Leading to waste or loss of money.

ଧନ ଗରବ—ଗ୍ରା. ବି. (ସଂ. ଧନଗର୍ବ)—ଧନାହଙ୍କାର—
Dhana garaba — Pride of wealth.

ଧନ ଗର୍ବ—ସଂ. ବି. (ମ. ପ. ଲୋ; ଧନ ଜନିତ ଗର୍ବ) —
Dhana garba ଅଧିକ ଧନ ଥିବା ହେତୁରୁ ଅହଙ୍କାର—
(ଧନଦର୍ପ —ଅନ୍ୟରୂପ) Pride born of riches.

ଧନଗର୍ବିତ—ସଂ. ବିଣ. ପୁଂ—ଧନ ଥିବା ଯୋଗୁଁ ଅହଙ୍କାରୀ—
Dhanagarbita Purse-proud.
(ଧନଦର୍ପୀ, ଧନଦୃପ୍ତ, ଧନଗର୍ବୀ—ପୁଂ. ଅନ୍ୟରୂପ)
(ଧନଗର୍ବିଣୀ, ଧନଦର୍ପିଣୀ, ଧନଦୃପ୍ତା—ସ୍ତ୍ରୀ)

ଧନ ଗୌରବ—ସଂ. ବି. (୬ଷ୍ଠୀ ତତ୍ ବା ମ. ପ. ଲୋ; ଧନ+ଗୌରବ)—
Dhana g<u>au</u>raba ୧ । ଧନଯୋଗୁଁ ଧନୀ ବ୍ୟକ୍ତିର ସମାଜରେ ସମ୍ମାନ—1. Respect shown to a person in society for his riches
୨ । ଧନଗର୍ବ—2. Pride of wealth.
୩ । ଧନର ମାହାତ୍ମ୍ୟ—3. The glory or greatness of wealth.

ଧନ ଜଗିଆ— ଦେ. ବିଣ—ଯେ ଧନକୁ ଜଗିଥାଏ ମାତ୍ର, ଅର୍ଥାତ୍ ବ୍ୟୟ
Dhana jagiā କରେ ନାହିଁ—Mere custodian of wealth.
[ଧନଜଗୁଆଳ(ଳି)—ଅନ୍ୟରୂପ]

ଧନ ଜନ—ଦେ. ବି. (ଦ୍ୱନ୍ଦ୍ୱ; ଧନ+ଜନ)—ସମ୍ପତ୍ତି ଓ ପରିବାର
Dhana jana (ଆଶୀର୍ବାଦରେ ବ୍ୟବହୃତ)—
Riches and family
ଧନଜନ ଗୋପ ଲକ୍ଷ୍ମୀ ବର୍ଦ୍ଧିତ ହୁଅନ୍ତୁ । ଯୋଗୀଙ୍କ. କେଳସୀ ଗୀତ ।

ଧନ, ଜନ, ମରଣ—ଦେ. ଅ—ଭବିଷ୍ୟତ ଶୁଭାଶୁଭ ପ୍ରଶ୍ନ ଉପଲକ୍ଷରେ
Dhana, jana, maraṇa କୌଣସି ପଦାର୍ଥକୁ ଗଣିବାର କ୍ରମ—
A mode of counting in an oracular calculation.
[ଦ୍ର—୧—ଧନ=ଧନଲାଭ, ୨—ଜନ=ଜନଲାଭ, ମିତ୍ରଲାଭ, ୩—ମରଣ=ଅମଙ୍ଗଳ ବା ମୃତ୍ୟୁ, ସର୍ବନାଶ । ଗୋରୁଜଗୁଆଳ ପିଲାଏ ଖଣ୍ଡିଏ ପାଞ୍ଚଣ କରିବାପାଇଁ ନୂଆ ବାଉଁଶ ବାଡ଼ିକୁ କାଟି ତାହାର ଗଣ୍ଠିକୁ ଗଣନା କରି ସେ ବାଡ଼ିଦ୍ୱାରା ଯଷ୍ଟିର ଅଧିକାରୀର ଶୁଭାଶୁଭ ନିର୍ଣ୍ଣୟ କରିବା ସମୟରେ ୧ମ ଗଣ୍ଠି ଧନ, ୨ୟ ଗଣ୍ଠି ଜନ, ୩ୟ ଗଣ୍ଠି ମରଣ, ୪ର୍ଥ ଗଣ୍ଠି ଧନ, ୫ମ ଗଣ୍ଠି ଜନ, ୬ଷ୍ଠ ଗଣ୍ଠି ମରଣ, ଏହିପରି ଗଣନା କରି, ବାଡ଼ିର ୪, ୫, ୭, ୮ ଗଣ୍ଠି ଥିଲେ ଶୁଭ ଓ ୩, ୬, ୯ ଗଣ୍ଠି ଥିଲେ ଅଶୁଭ ବୋଲି ସ୍ଥିର କରନ୍ତି । ଭୂମିରେ ଗୁଡ଼ିଏ ଗାର ପକାଇ କୌଣସି ଶୁଭାଶୁଭ ପ୍ରଶ୍ନ ସମାଧାନାର୍ଥ ଏହି ବିଧିରେ ଗଣନା କଲେ ୪, ୫, ୭, ୮ ସଂଖ୍ୟକ ଗାର ଶୁଭ ଓ ୩, ୬, ୯ ଗାର ଅଶୁଭ ବୋଲି ସ୍ଥିର କରାଯାଏ ।]

ଧନଞ୍ଜଏ—ଗ୍ରା. ବି. (ସଂ. ଧନଞ୍ଜୟ)—ଧନଞ୍ଜୟ (ଦେଖ)
Dhanañjae Dhanañjaya (See)
(ଧନଞ୍ଜେୟ—ଅନ୍ୟରୂପ) ତାହା କହଇ ଶୁଣ ଧନଞ୍ଜଏ ।
ସ୍ୱାତୀ. ପରବେ ଗୀତା ।

ଧନଞ୍ଜୟ—ସଂ. ବି (ଧନଂ=ଧନକୁ ଅର୍ଥାତ୍ ଧନାଧିପତି କୁବେରଙ୍କୁ+
Dhanañjaya ଜି ଧାତୁ=ଜୟ କରିବା+କର୍ତ୍ତୃ. ଅ; ଅର୍ଜୁନ
(ଧନଂଜୟ—ଅନ୍ୟରୂପ) କୁବେରଙ୍କୁ ଜୟ କରି ନିଜ ମାତା କୁନ୍ତୀଙ୍କ ପାଇଁ କୁବେରଙ୍କ ଭଣ୍ଡାରରୁ ସହସ୍ର ସ୍ୱର୍ଣ୍ଣ ଚମ୍ପକ ଆହରଣ କରିଥିଲେ)—୧ । ଅର୍ଜୁନ—1. Arjuna.
୨ । (ଅଗ୍ନିକୁ ପୂଜା କଲେ ଧନପ୍ରାପ୍ତି ହୁଏ; ଦ୍ର. ଶବ୍ଦସାଗର) ଅଗ୍ନି—2. Fire.
୩ । ସର୍ପବିଶେଷ—3. Name of a mythological serpent.
[ଦ୍ର—ଏ ଜଳାଶୟମାନଙ୍କର ଅଧିପତି ଥିବା ବିଷୟ ପୁରାଣରେ ଲିଖିତ; ଦ୍ର. ଶବ୍ଦସାଗର ।]
୪ । ଶରୀରସ୍ଥ ପ୍ରାଣବାୟୁ ମଧ୍ୟରୁ ଏକତମ (ଏହି ବାୟୁଦ୍ୱାରା ଶରୀର ପୁଷ୍ଟ ହୁଏ)—4. One of the essential winds in the human body (which is said to fatten the body).
୫ । ଧଳାଚିତା ଗଛ—5. The Leadwort plant.
୬ । କକୁଭ ବୃକ୍ଷ; ଅର୍ଜୁନ ଗଛ—
6. Terminalia Arjuna (tree).
[ଦ୍ର—ଏହା ଅସନ ଗଛ ପରି ଗଛ; କିନ୍ତୁ ଏଥିର ମଞ୍ଜି କାଠ ଖଇର ପରି ରଙ୍ଗ ନ ହୋଇ ଶ୍ୱେତବର୍ଣ୍ଣ ।]
ଦେ ବି. (ବ୍ୟଙ୍ଗ୍ୟ) ଜସ୍ତିକ ପ୍ରହାର; ତଇତନ; ଜ୍ଞାନ ଦାସ—
A sound thrashing or beating.
[ଦ୍ର—ଜଣେ ବ୍ରାହ୍ମଣ ତାହାର ଘରେ ବହୁକାଳ ଅଯାଚିତରୂପେ ରହିଥିବା ତିନି ଜାମାତାଙ୍କୁ ଘରୁ ତଡ଼ି ଦେବା ଉଦ୍ଦେଶ୍ୟରେ ସେମାନଙ୍କ ପ୍ରତି ପ୍ରଥମେ ଅପମାନସୂଚକ ବ୍ୟବହାର କଲା । ସେହି ବ୍ୟବହାରରେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ଶ୍ୱଶୁର ଘରୁ ବାହାରି ଚାଲି ଗଲେ, କିନ୍ତୁ ଧନଞ୍ଜୟ ନାମକ କନିଷ୍ଠ ଜାମାତା ନ ଯିବାରୁ ବ୍ରାହ୍ମଣ ତାକୁ ଶେଷରେ ଗୁଡ଼ିଏ ପ୍ରହାର ଦେଇ ଘରୁ ବିତାଡ଼ିତ କଲା । ଏହି ଗଳ୍ପରୁ "ପ୍ରହାରେଣ ଧନଞ୍ଜୟ" ପ୍ରବଚନ ଅଛି । ଏହି 'ପ୍ରବଚନରେ ଥିବା 'ଧନଞ୍ଜୟ' ଶବ୍ଦକୁ ଲକ୍ଷ୍ୟ କରି 'ଧନଞ୍ଜୟ'ର ଏହି ଅର୍ଥ ଚଳି ଆସୁଅଛି ।]

ଧନଞ୍ଜୟ ଭଞ୍ଜ—ଦେ. ବି. (ନାମ)—ଉପେନ୍ଦ୍ରଭଞ୍ଜଙ୍କ ପିତାମହ—
Dhanañjaya bhañja Name of the grandfather of the Oria classical poet Upendrabhañja.
[ଦ୍ର—ଏ ସପ୍ତଦଶ ଶତାବ୍ଦିର ମଧ୍ୟଭାଗରେ ଜୀବିତ ଥିଲେ । ଏ ରତ୍ନମଞ୍ଜରୀ କାବ୍ୟ ପ୍ରଣୟନ କରିଥିଲେ । ଏହାଙ୍କ ରଚିତ କାବ୍ୟମାନଙ୍କ ମଧ୍ୟରେ "ତ୍ରିପୁରସୁନ୍ଦରୀ" 'ମଦନମଞ୍ଜରୀ', 'ଅନଙ୍ଗରେଖା' ଓ 'ଇଚ୍ଛାବତୀ' ପ୍ରଧାନ । ତାରିଣୀ—ଉତ୍କଳ ସାହିତ୍ୟ ଇତିହାସ ।]

ଧନତୃଷା—ସଂ. ବି. (୪ର୍ଥୀ ତତ୍; କିମ୍ବା ମ. ପ. ଲୋ; ଧନ ପାଇଁ ବା ଧନ
Dhanatṛushā ନିମିତ୍ତ ତୃଷା)—ଧନ ପାଇବା କାମନା; ଲୋଭ—
(ଧନତୃଷ୍ଣା—ଅନ୍ୟରୂପ) Avarice; thirst for wealth.

ଧନ ତୃଷ୍ଣ—ସଂ. ବିଣ. ପୁଂ—(ବହୁବ୍ରୀହି; ଧନ+ତୃଷ୍ଣା)—ଧନଲୋଭୀ—
Dhana tṛushṇa Avaricious; hankering after riches.
(ଧନତୃଷ୍ଣା—ସ୍ତ୍ରୀ)

ଧନଦ—ସଂ. ବିଣ. ପୁଂ (ଧନ+ଦା ଧାତୁ=ଦାନ କରିବା+କର୍ତ୍ତୃ. ଅ)—
Dhanada ୧ । ଧନ ଦାନକାରୀ; ମୁକ୍ତହସ୍ତ; ଦାତା—
(ଧନଦା—ସ୍ତ୍ରୀ) 1. Bestowing wealth; munificent; liberal.

୨ । ଯଦ୍ୱାରା ଧନ ଲାଭ ହୁଏ—2. Wealth-giving.
ସଂ. ବି. (ଧନ+ଧେ ଧାତୁ=ପାଳନ କରିବା+କର୍ତ୍ତ୍ତୃ. ଅ) —
୧ । କୁବେର—1. Kubera.
୨ । ହିଞ୍ଜଳ ବୃକ୍ଷ (ଦେଖ)—2. Hiñjala tree (See)

ଧନ ଦଉଲତ—ଦେ. ବି. (ସଂ. ଧନ+ଆ. ଦୌଲତ୍; ସହଚର)—
Dhana-daulata ଧନ ସମ୍ପତ୍ତି; ବିଭବ—
धनदौलत Riches; affluence.
धन दौलत ଗୋଜାତ କୃପାରେ ସୁଖ, ଗୋଜାତ କଲ୍ୟାଣେ ବାସ,
ସବୁ ଧନ ଦଉଲତ ତାଙ୍କ ବଳରେ । ଭିକାରୀ. ଗୀତଲହରୀ ।

ଧନ ଦଣ୍ଡ—ସଂ. ବି. (୩ୟା ତତ୍; ଧନଦ୍ୱାରା ଦଣ୍ଡ)—ଅର୍ଥଦଣ୍ଡ;
Dhana daṇḍa ଜୋରିମାନା—Fine.

ଧନ ଦାତା—ସଂ. ବିଣ. ପୁଂ. (ଧନ+ଦାତୃ; ୧ମା. ୧ବ.)—ଧନଦ; ଯେ
Dhana dātā ଧନ ଦିଏ—Bestowing wealth.
(ଧନଦାତ୍ରୀ—ସ୍ତ୍ରୀ)
(ଧନଦାୟକ, ଧନଦାୟୀ—ଅନ୍ୟରୂପ) (ଧନଦାୟିକା, ଧନଦାୟିନୀ—ସ୍ତ୍ରୀ)

ଧନଦାୟୀ—ସଂ. ବି. (ଧନଦାୟିନ୍; ଧନ+ଦା ଧାତୁ=ଦାନ କରିବା+
Dhanadāyī କର୍ତ୍ତୃ. ଇନ୍, ୧ମା. ୧ବ.)—ଅଗ୍ନି—
The God of fire.
ସଂ. ବିଣ.—୨ । ଧନଦାତା (ଦେଖ)
Dhanadāta (See)

ଧନ ଦାସ—ସଂ. ବି. ପୁଂ. (୬ଷ୍ଠୀ ତତ୍; ଧନ+ଦାସ)—ଯେ ଧନ ପ୍ରାପ୍ତି
Dhana dāsa ନିମନ୍ତେ ଦାସତ୍ୱ ସ୍ୱୀକାର କରେ—One who
(ଧନଦାସୀ—ସ୍ତ୍ରୀ) accepts bondage or slavery for money.
ସଂ. ବିଣ—ଅତି ଲୋଭୀ—Very avariciuos.

ଧନ ଦେବ—ସଂ. ବି. (୬ଷ୍ଠୀ ତତ୍; ଧନ+ଦେବ)—୧ । କୁବେର—
Dhana deba 1. Kubera.
ଧନଦେବତା, ଧନନାଥ } ଅନ୍ୟରୂପ — ୨ । ଧନରୂପ ଉପାସ୍ୟ ଦେବତା—
2. Mammon; riches (personified)

ଧନ ଧାନ୍ୟ—ସଂ. ବି. (ସମାନାର୍ଥବୋଧକ ସହଚର; ଧନ+ଧାନ୍ୟ)—
Dhana dhānya ଧନ ଓ ଅନ୍ନ; ଧନସମ୍ପତ୍ତି—
Riches; money and paddy.

ଧନ ଧାମ—ସଂ. ବି. (ଧନ+ଧାମନ୍; ସମାନାର୍ଥକ ସହଚର)—ଧନ ଓ
Dhana dhāma ଗୃହ; ଧନ ସମ୍ପତ୍ତି—
Riches; money and house-property.

ଧନ ନାଶ—ସଂ. ବି. (୬ଷ୍ଠୀ ତତ୍; ଧନ+ନାଶ)—୧ । ଧନକ୍ଷୟ—
Dhana nāsa 1. Exhaustion of wealth.
୨ । ଅପବ୍ୟୟ—2. Waste of money.

ଧନ ନିୟୋଗ—ସଂ. ବି. (୬ଷ୍ଠୀ ତତ୍; ଧନ+ନିୟୋଗ)—୧ । ଲାଭ
Dhana niyoga ନିମନ୍ତେ ବ୍ୟବସାୟ; ଋଣ ଆଦିରେ ଟଙ୍କା
ଧନ ପ୍ରୟୋଗ, ଧନ ବ୍ୟବହାର } ଅନ୍ୟରୂପ — ଲଗାଇବା—1. Investment of money in business; money-lending etc.
୨ । ଋଣ ଦେବା—2 Advancing money on loan.

ଧନନ୍ତିରି—ଗ୍ରା. ବି—ଧନୁତିରି (ଦେଖ)
Dhanantiri Dhanutiri (See)
(ଧନନ୍ତରି, ଧନନ୍ତ୍ରି—ଅନ୍ୟରୂପ)

ଧନ ପତି—ସଂ. ବି. (୬ଷ୍ଠୀ ତତ୍; ଧନ+ପତି)—୧ । କୁବେର—
Dhana pati 1. Kubera.
(ଧନପାଳ—ଅନ୍ୟରୂପ) ୨ । ବାୟୁ—2. Air.
ସଂ. ବିଣ—ଧନୀ—Rich (man).
ଦେ.ବି.ପୁଂ —ଲୋକଙ୍କ ନାମ—A name given to males.

ଧନ ପତ୍ର—ସଂ. ବି. (ମ. ପ. ଲୋ; ଧନ ସମ୍ବନ୍ଧୀୟ ପତ୍ର)—ଧନର ହିସାବ
Dhana patra ଲେଖାଥିବା ଖାତା—
Money-account book.

ଧନ ପାତ୍ର—ସଂ. ବି—ଧନୀ ବ୍ୟକ୍ତି (ହି. ଶବ୍ଦସାଗର)—
Dhana pātra A rich man.

ଧନ ପିପାସା—ସଂ. ବି. (୪ର୍ଥୀ ତତ୍; ଧନ ପାଇଁ ପିପାସା)—
Dhana pipāsā ଧନ ତୃଷା (ଦେଖ)—Dhana trushā (See)
(ଧନପିପାସୁ—ବିଣ)

ଧନ ପିଶାଚ—ସଂ. ବି. ପୁଂ. (ରୂପକ)—ଲାଭ ବାସନା; ଧନରୂପ ରାକ୍ଷସ;
Dhana pisācha ଲୋଭ; ଧନତୃଷ୍ଣା—The demon of wealth;
(ଧନପିଶାଚୀ; ଧନପିଶାଚିକା—ସ୍ତ୍ରୀ) mammon.
ସଂ. ବିଣ—୧ । ଧନଲୋଭୀ—1. Avaricious.
୨ । କୃପଣ—2. Miserly.

ଧନ ପ୍ରିୟ—ସଂ. ବିଣ. ପୁଂ. (ବହୁବ୍ରୀହି; ଧନ ଅଟେ ପ୍ରିୟ ଯାହାର)—
Dhana priya ୧ । ଯେ ଧନକୁ ଅତି ପ୍ରିୟବସ୍ତୁ ବୋଲି ମନେ
କରେ—1. Loving wealth; very fond of wealth.
(ଧନପ୍ରିୟା—ସ୍ତ୍ରୀ) ୨ । ଲୋଭୀ—2. Avaricious.

ଧନବତୀ—ସଂ. ବି. ସ୍ତ୍ରୀ. (ଧନବତ୍+ସ୍ତ୍ରୀ. ଈ)—ଧନିଷ୍ଠା ନକ୍ଷତ୍ର—
Dhanabatī The 23rd asterism.
(ଧନବାନ୍—ପୁଂ) ସଂ. ବିଣ. ସ୍ତ୍ରୀ—ସୌଭାଗ୍ୟଶାଳିନୀ; ଧନଶାଳିନୀ—
Rich (woman).

ଧନବତ୍ତା—ସଂ. ବି. (ଧନବତ୍+ଭାବେ. ତା)—ଧନଶାଳିତା—
Dhanabattā Affluence.

ଧନବନ୍ତ—ଦେ ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଧନବତ୍)—ବିଭବଶାଳୀ;
Dhanabanta ଧନୀ—Rich.
धनवन्त ଧନବନ୍ତ ଜନେ ଅଙ୍ଗରେ ଶୀତବସ୍ତ୍ର ବହିଲେ ।
धनवंत ମଧୁସୂଦନ. ଛନ୍ଦମାଳା ।

ଧନବାନ୍—ସଂ. ବିଣ. ପୁଂ. (ଧନ+ବତ୍=ଧନବତ୍ ଶବ୍ଦ; ୧ମା. ୧ବ.)—
Dhanabān ୧ । ଐଶ୍ୱର୍ଯ୍ୟଶାଳୀ; ଧନୀ—1. Rich; affluent.
(ଧନବତୀ—ସ୍ତ୍ରୀ) ୨ । ମହାଜନ; କୃଷି ଓ ବାଣିଜ୍ୟାଦିରେ ଯେ ଧନ
ପ୍ରୟୋଗ କରେ—1. Investing money in busines, agriculture etc.

ଧନ ବିଜ୍ଞାନ—ଦେ. ବି. (ଆଧୁନିକ ପାରିଭାଷିକ ଶବ୍ଦ)—ଅର୍ଥବିଜ୍ଞାନ;
Dhana bijñāna ଅର୍ଥଶାସ୍ତ୍ର; ରାଜ୍ୟରେ ସମାଜରେ କି କି ଉପାୟଦ୍ୱାରା
ଧନବୃଦ୍ଧି ହୁଏ ଏ ବିଷୟ ଯେଉଁ ଶାସ୍ତ୍ରରେ ଆଲୋଚିତ
ହୋଇଥାଏ—Political economy; economics.

ଧନ ବିଦ୍ୟୁତ୍—ଦେ. ବି. (ଅଧୁନାର ପାରିଭାଷିକ ଶବ୍ଦ)—ଯୁକ୍ତ ତଡ଼ିତ୍—
Dhana bidyut Positive electricity.
(ଋଣବିଦ୍ୟୁତ୍—ବିପରୀତ)

ଧନ ବିଭାଗ—ସଂ. ବି. (୬ଷ୍ଠୀ ତତ୍; ଧନ + ବିଭାଗ)—
Dhana bibhāga ୧ । ଅଂଶିଦାରମାନଙ୍କ ମଧ୍ୟରେ ସମ୍ପତ୍ତିର ବଣ୍ଟନ; ବଣ୍ଟା—1. Partition of property amongst the cosharers.
୨ । ଉତ୍ତରାଧିକାରୀମାନଙ୍କ ମଧ୍ୟରେ ମୃତ ବ୍ୟକ୍ତିର ତ୍ୟକ୍ତ ସମ୍ପତ୍ତିର ବଣ୍ଟନ—
2. Partition of heritage amongst the heirs.

ଧନ ବୃଦ୍ଧି—ସଂ. ବି. (୬ଷ୍ଠୀ ତତ୍, ଧନ + ବୃଦ୍ଧି)—ସମ୍ପତ୍ତି ବଢ଼ିବା;
Dhana bṛuddhi ଧନୋନ୍ନତି—Increase of wealth.

ଧନ ଭଣ୍ଡାର—ଦେ. ବି. (ସଂ.ଧନ+ଭାଣ୍ଡାଗାର)—ଧନାଗାର (ଦେଖ)
Dhana bhandāra Dhanāgāra (See)
ধনভাণ্ডার ধনমযাডার
(ଧନଶାଳା—ଅନ୍ୟରୂପ)

ଧନର୍ଜଇ—ଗ୍ରା. (ପ୍ରାଚୀନ ପ୍ରୟୋଗ) ବି. (ସଂ. ଧନଞ୍ଜୟ)—ଧନଞ୍ଜୟ;
Dhanarjai ଅର୍ଜୁନ—Arjuna.
ସେ ଅର୍ଜୁ ଧର୍ ଯୋଗେ ଷଣ୍ଢ ହୋଇ
ଅହାର ବୃହ କଲେ ଧନଜଇ—ଯାତ୍ରୀ. ପରବେଶୀଗୀତା ।

ଧନ ଲାଭ—ସଂ. ବି. (୬ଷ୍ଠୀ ତତ୍; ଧନ + ଲାଭ)—
Dhana lābha ୧ । ସମ୍ପତ୍ତି ପ୍ରାପ୍ତି; ଅର୍ଥଲାଭ—
1. Acquisition of wealth.
୨ । ଆୟ—2. Income.

ଧନ ଲୋଭ—ସଂ. ବି (୭ମୀ ତତ୍ ବା ୪ର୍ଥୀ ତତ୍)—ଧନତୃଷ୍ଣା—
Dhana lobha Avarice; hankering after riches.
(ଧନଲୁବ୍ଧ; ଧନଲୋଭୀ—ବିଣ. ପୁଂ)
(ଧନଲୁବ୍ଧା; ଧନଲୋଭିନୀ—ବିଣ. ସ୍ତ୍ରୀ)

ଧନଶାଳୀ—ସଂ. ବିଣ. ପୁଂ. (ସଂ. ଧନଶାଳିନ୍; ୧ମା. ୧ବ.)—ଧନୀ—
Dhanaśāli Rich.
(ଧନଶାଳିନୀ—ସ୍ତ୍ରୀ)

ଧନ ସମ୍ପଦ—ସଂ. ବି. (ଦ୍ଵନ୍ଦ୍ଵ; ଧନ + ସମ୍ପଦ)—ଅତୁଳ ଐଶ୍ୱର୍ଯ୍ୟ; ବିଭବ—
Dhana sampada Affluence; accumulation of wealth.
(ଧନ ସମ୍ପତ୍ତି—ଅନ୍ୟରୂପ)

ଧନସୂ—ସଂ. ବି.—କୋଚିଲଖାଇ ପକ୍ଷୀ (ହି. ଧନେସ) (ହି. ଶ.)—
Dhanasū Hornbill (bird).

ଧନ ସ୍ଥାନ—ସଂ. ବି. (ଧନ + ସ୍ଥାନ; ୬ଷ୍ଠୀ ତତ୍)—(ଜ୍ୟୋତିଷ)
Dhana sthāna ଜାତକରେ ଲଗ୍ନର ୨ୟ ସ୍ଥାନ—
(astrology) The 2nd place from one's natal sign in the horoscope.
[ଦ୍ର—ଜାତକର ଏହି ସ୍ଥାନରେ ଥିବା ରାଶି ବା ଗ୍ରହଦ୍ଵାରା ଉକ୍ତ ମନୁଷ୍ୟର ଜୀବନର ଧନ ସମ୍ବନ୍ଧୀୟ ଶୁଭାଶୁଭ ଅନୁମିତ ହୁଏ ।]

ଧନ ସ୍ୱାମୀ—ସଂ. ବିଣ. (ସଂ. ଧନ + ସ୍ୱାମିନ୍; ୧ମା. ୧ବ.)—
Dhana swāmi ୧ । ଧନପତି; ଧନର ମାଲିକ—
(ଧନସ୍ୱାମିନୀ—ସ୍ତ୍ରୀ) 1. Owner of riches.
୨ । କୁବେର—2. The Hindu God of riches.
୩ । ଯେଉଁ ବ୍ୟକ୍ତିଙ୍କ ମୂଳଧନରେ କୌଣସି ବ୍ୟବସାୟ ଆଦି ଚଳେ—3. A capitalist.

ଧନସ୍ୟକ—ସଂ. ବିଣ.—ଧନ ପ୍ରାପ୍ତି ପାଇଁ ଲାଳାୟିତ; ଲୋଭୀ (ହି. ଶ)—
Dhanasyaka Avaricious; hankering after riches.
ସଂ. ବି.—ଗୋଖରୁ (ଦେଖ) (ହି. ଶ)—Gokharū (See)

ଧନହର—ସଂ. ବିଣ. ପୁଂ.—(ଧନ+ହୃ ଧାତୁ=ହରଣ କରିବା + କର୍ତ୍ତୃ. ଅ)—ଯେ ପରର ଧନ ହରଣ କରେ—
Dhanahara Stealing the wealth of another.
ଧନହାରକ } ଅନ୍ୟରୂପ
ଧନହାରୀ }
ଧନହରୀ; ଧନହାରିକା } ସ୍ତ୍ରୀ
ଧନହାରିଣୀ }
ସଂ. ବି.—୧ । ଡକାଇତ; ଲୁଣ୍ଠନକାରୀ—
1. Robber; dacoit.
୨ । ଚୋର ନାମକ ଗନ୍ଧ ଦ୍ରବ୍ୟ—
3. A kind of medicinal scent.

ଧନହରୀ—ସଂ. ବି. ସ୍ତ୍ରୀ—(ଧନହର + ସ୍ତ୍ରୀ. ଈ)—ଚୋରନାମକ ଗନ୍ଧଦ୍ରବ୍ୟ
Dhanaharī Name of a sweet-scented herb.

ଧନହୀନ—ସଂ. ବିଣ. ପୁଂ (୩ୟା ତତ୍; ଧନ+ହୀନ)—ନିର୍ଦ୍ଧନ; ଦରିଦ୍ର; ଗରିବ—Poor; indigent.
Dhanahīna
(ଧନହୀନା—ସ୍ତ୍ରୀ) (ଧନହୀନତା—ବି)

ଧନା—ଦେ. ବିଣ (ସଂ. ଧନାଢ୍ୟ) ମହାଧନୀ—
Dhanā ଧନୀ ধনী Very rich.
(ଯଥା—ଧନା ଶେଠ ।)
ଗ୍ରା. ବି—୧ । (ବ୍ୟଙ୍ଗ୍ୟ) ଶିଶ୍ନ—
1. Penis; male organ.
୨ । ଧନେଶ୍ୱରର ଡାକ ନାମ—
2. Name for calling Dhaneśwara.

ଧନାକାଂକ୍ଷା—ସଂ. ବି (ଧନ+ଆକାଂକ୍ଷା; ୪ର୍ଥୀ ବା ୬ଷ୍ଠୀ ତତ୍)—
Dhanākānkshā ଧନ ପାଇବାର ଇଚ୍ଛା; ଧନ କାମନା—
(ଧନାକାଂକ୍ଷୀ—ବିଣ) Wish to get wealth or riches.
(ଧନାକାଂକ୍ଷିଣୀ—ସ୍ତ୍ରୀ)

ଧନାଗମ—ସଂ. ବି (୬ଷ୍ଠୀ ତତ୍; ଧନ+ଆଗମ—୧ । ଧନ ଉପାର୍ଜ୍ଜନ;
Dhanāgama ଧନାର୍ଜ୍ଜନ—1. Acquisition of wealth.
୨ । ଆୟ—2. Income.

ଧନାଗମ ତୃଷା—ସଂ. ବି (୬ଷ୍ଠୀ ତତ୍; ଧନ + ଆଗମ + ତୃଷା)—
Dhanāgama tṛushā ଉପାର୍ଜ୍ଜନ କରିବାର ବଳବତୀ ଇଚ୍ଛା—
(ଧନାଗମ ତୃଷ୍ଣା—ଅନ୍ୟରୂପ) Thirst for acquisition of wealth.

ଧନାଗାର—ସଂ. ବି (୬ଷ୍ଠୀ ତତ୍; ଧନ+ଆଗାର)—
Dhanāgāra ଖଜଣାଖାନା; ଭଣ୍ଡାର; ମାଲଖାନା—
Treasury; treasure-house.

ଧନାଢ୍ୟ—ସଂ. ବିଣ. ପୁଂ (୩ୟା ତତ୍; ଧନ+ଆଢ୍ୟ)—
Dhanāḍhya ମହାଧନୀ; ବିଭବଶାଳୀ; ବଡ଼ଲୋକ—
(ଧନାଢ୍ୟା—ସ୍ତ୍ରୀ) Affluent; wealthy; opulent.
(ଧନାଢ୍ୟତା ବି) ଧନାଢ୍ୟ ବୋଲାଏ ସେହିଲେ
ସେ ନାଢ୍ୟ ଇଷ୍ଟଧର୍ମ ପାଳେ—ଜଗନ୍ନାଥ, ଭାଗବତ ।

ଧନାତ୍ମକ - ଦେ. ବଣ (ଗଣିତ ଓ ବିଜ୍ଞାନପରିଭାଷା)—
Dhanātmaka ୧ । (ଗଣିତ) ଯୋଗଚିହ୍ନସୂଚକ —
1. (mathematics) Indicating a positive number.
(ଋଣାତ୍ମକ—ବିପରୀତ)
[ଦ୍ର—ଧନାତ୍ମକ ଚିହ୍ନ + ; ଋଣାତ୍ମକଚିହ୍ନ —]
୨ । (ବିଜ୍ଞାନ) ସତ୍ତ୍ୱାତ୍ମକ (ବିଦ୍ୟୁତ୍)—
2. (physics) Positive (electricity).

ଧନାଧାର—ସଂ. ବି (୬ଷ୍ଠୀ ତତ୍; ଧନ + ଆଧାର)—ଧନ ରଖିବାର
Dhanādhāra ସିନ୍ଦୁକ ବା ବାକସ—Coffers; chest; cash-box.

ଧନାଧିକାର—ସଂ. ବି (୭ମୀ ତତ୍; ଧନ + ଅଧିକାର)—
Dhanādhikāra ୧ । ଧନରେ ସ୍ୱତ୍ୱ ବା କ୍ଷମତା—
1. Right and title to riches or wealth.
୨ । ଉତ୍ତରାଧିକାରୀ ରୂପେ ଧନପ୍ରାପ୍ତି—
2. Devolution of property by inheritance.
୩ । ଧନପ୍ରାପ୍ତି—3. Acquisition of wealth.
(ଧନାଧିକାରୀ—ବଣ) ୪ । ଧନଭୋଗ—4. Enjoyment
(ଧନାଧିକାରିଣୀ—ବଣ. ସ୍ତ୍ରୀ) of property; possession of wealth.

ଧନାଧିକୃତ—ସଂ. ବଣ (ଧନ + ଅଧିକୃତ)—ଧନରକ୍ଷାର ଭାରପ୍ରାପ୍ତ—
Dhanādhikṛuta (କ୍ଷାନେନ୍)—Charged with the custody of wealth.
ସଂ. ବି.—ଧନାଧ୍ୟକ୍ଷ; ଖଜାଞ୍ଚି—(କ୍ଷାନେନ୍)—
Treasurer.

ଧନାଧିପ—ସଂ. ବଣ. ପୁଂ (୬ଷ୍ଠୀ ତତ୍; ଧନ + ଅଧିପ)—ମହାଧନୀ—
Dhanādhipa Opulent; very rich.
(ଧନାଧିପତି, ଧନାଧୀଶ—ଅନ୍ୟରୂପ) ସଂ. ବି—୧ । କୁବେର—
(ଧନାଧିପା—ସ୍ତ୍ରୀ) 1. Kubera.
୨ । (ଜ୍ୟୋତିଷ) ଲଗ୍ନର ୨ୟ ସ୍ଥାନରେ ଥିବା ଗ୍ରହ—
2. (astrology) The planet presiding over the second mansion (counted from the Lagna) in a person's horoscope.

ଧନାଧ୍ୟକ୍ଷ—ସଂ. ବି (୬ଷ୍ଠୀ ତତ୍; ଧନ + ଅଧ୍ୟକ୍ଷ)—୧ । କୁବେର—
Dhanādhyaksha 1. Kubera; the Hindu God of riches.
୨ । ଖଜାଞ୍ଚି; କୋଷାଧ୍ୟକ୍ଷ; ଧନାଗାରର ଭାରପ୍ରାପ୍ତ ବ୍ୟକ୍ତି —
2. Treasurer; cashier.

ଧନାପହରଣ—ସଂ. ବି (୬ଷ୍ଠୀ ତତ୍; ଧନ + ଅପହରଣ)—ଚୋର—
Dhanāpaharaṇa Stealing.

ଧନାପହାରକ—ସଂ. ବଣ ଓ ବି. ପୁଂ (ଧନ + ଅପହାରକ)—
Dhanāpahāraka ଧନହର (ଦେଖ)
Dhanahara (See)
(ଧନାପହାରୀ—ଅନ୍ୟରୂପ)
(ଧନାପହାରିକା, ଧନାପହାରିଣୀ—ସ୍ତ୍ରୀ.)

ଧନାଭିଳାଷ—ସଂ. ବି (ଧନ + ଅଭିଳାଷ)—ଧନାକାଙ୍କ୍ଷା (ଦେଖ)
Dhanābhilāsha Dhanākāṅkshā (See)
(ଧନାଭିଳାଷୀ—ପୁ. ବଣ) (ଧନାଭିଳାଷିଣୀ—ସ୍ତ୍ରୀ)

ଧନାର୍ଜକ - ସଂ. ବଣ ପୁଂ (ଧନ + ଅର୍ଜକ; ୬ଷ୍ଠୀ ତତ୍)—ଯେ ଧନ ଅର୍ଜନ
Dhanārjaka କରେ—Earning or acquiring
(ଧନାର୍ଜିକା—ସ୍ତ୍ରୀ) wealth; acquirer of wealth.

ଧନାର୍ଜନ—ସଂ. ବି (୬ଷ୍ଠୀ ତତ୍; ଧନ + ଅର୍ଜନ)—ଧନଲାଭ କରିବା—
Dhanārjana Earning or acquiring wealth; acquisition of wealth.

ଧନାର୍ଥୀ—ସଂ. ବଣ ପୁଂ (ଧନ + ଅର୍ଥିନ୍; ୧ମା. ୧ବ)—
Dhanārthī ୧ । ଯେ ଧନପ୍ରାର୍ଥନା କରେ—
(ଧନାର୍ଥିନୀ—ସ୍ତ୍ରୀ) Praying for getting wealth.
୨ । ଧନାଭିଳାଷୀ—2. Desirous of getting riches.

ଧନାଶା—ସଂ. ବି. (୬ଷ୍ଠୀ ତତ୍; ଧନ + ଆଶା)—
Dhanāśā ୧। ଧନଲୋଭ—1. Avarice.
୨ । ଧନତୃଷ୍ଣା—2. Thirst for wealth.
୩ । ଧନ ମିଳିବାର ଆଶା—
3. Prospect of acquisition of wealth.

ଧନାଶେଠ—ଦେ. ବି.—(ସଂ. ଧନାଢ୍ୟ + ଶ୍ରେଷ୍ଠୀ)—୧ । ମହାଧନୀ
Dhanāśeṭha ବଣିକ୍—1. A very rich merchant.
ଧନାଶେଠ ୨ । ବ୍ୟଙ୍ଗ୍ୟ) ଅସମ୍ଭବରୂପେ ଧନୀ ବ୍ୟକ୍ତି—
ଧନୀଶେଠ 2. (ironical) Fabulously rich person.

ଧନାଶେଠଙ୍କ ନାତି—ଦେ.ବି.—(ବ୍ୟଙ୍ଗ୍ୟ) ବହୁତ ଧନାଢ୍ୟ ଓ କ୍ଷମତା-
Dhanāśeṭhaṅka nāti ଶାଳୀ ବ୍ୟକ୍ତିର ବଂଶଧର—
(ironical) The descendant of a very rich man.

ଧନାଶ୍ରୀ—ସଂ. ବି. ସ୍ତ୍ରୀ—ସଙ୍ଗୀତର ରାଗିଣୀବିଶେଷ —
Dhanāśrī Name of a Sanskrit musical air.
[ଦ୍ର—ଏହି ରାଗିଣୀ ବୀର ରସରେ ପ୍ରଯୁଜ୍ୟ । ହନୁମାନଙ୍କ ମତରେ ଏହା ଶ୍ରୀରାଗର ଭାର୍ଯ୍ୟା; ଦିବସର ଦ୍ୱିତୀୟ (ବା ମତାନ୍ତରରେ ତୃତୀୟ) ପ୍ରହରରେ ଏହା ବୋଲାଯିବା ଉଚିତ । ଭରତଙ୍କ ମତରେ ଏହା ମାଳବ ରାଗର ଓ ମଲ୍ଲିନାଥଙ୍କ ମତରେ ମେଘ ରାଗର ଭାର୍ଯ୍ୟା—ଦ୍ର. ଶବ୍ଦସାଗର ।]

ଧନି—ଗ୍ରା. ବଣ. (ସଂ. ଧନ୍ୟ)—ଧନ୍ୟ—
Dhani Praiseworthy.
(ଧନିଆ; ଧନିଆଁ—ଅନ୍ୟରୂପ) ଦେ. ବି.—(ସଂ. ଧନୀ)—
ଧନୀ ୧ । (ପୁଂ.) ରସିକ ପୁରୁଷ—1. A gallant; a beau.
ଧନି ୨ । (ସଂ. ଧନିକା = ଯୁବତୀ)—ନାଗରୀ; ରସିକା ସ୍ତ୍ରୀ—
2. A jilt; a flirt.
୩ । ଚତୁର ସ୍ତ୍ରୀ—3. A clever woman.
୪ । ଯୁବତୀ—4. A young woman.
୫ । ସୁନ୍ଦରୀ—5. A graceful lady.

୬ । (ପୁଂ. ଓ ସ୍ତ୍ରୀ) ଧନେଶ୍ୱର ଓ ଧନେଶ୍ୱରୀର ଡାକନାମ—
6. A name by which persons named Dhaneśwara and Dhaneśwarī are called.

ଦେ. ଅ. ପୁଂ. ଓ ସ୍ତ୍ରୀ—[ସ୍ନେହ ପାତ୍ର (ପୁରୁଷ ଓ ସ୍ତ୍ରୀ) ପ୍ରତି ସମ୍ବୋଧନ]—ହେ ଧନ ! ହେ ପ୍ରିୟତମ !—Oh Dear !

ଧନିଅ(ଅଁ)—ଚା. ବିଣ. ଓ ଅବ୍ୟୟ (ସଂ. ଧନ୍ୟର ଅଶୁଦ୍ଧ ଉଚ୍ଚାରଣ)—
Dhania(aṅ) ଧନ୍ୟ (ଦେଖ)—Dhanya (See).

ଧନିଆ(ଆଁ)—ଦେ. ବି—୧ । (ସଂ. ଧନିକା) ଧଣିଆ (ଦେଖ)
Dhaniā(āṅ) 1. Dhaṇiā (See)
(ଧନିୟାଁ—ଅନ୍ୟରୂପ) ୨ । (ସଂ. ଧନିକା=ଯୁବତୀ) ଧନୀ (ଦେଖ)
2. Dhani (See)

ଧନିଆ ଧମକଧମେଇଲା.
ସାଇଁକି ନାକରେ କାଇଁକି ଗୁଣା, ମାରି ଭିପକେଇଲା । ଛଗ ।

ଧନିଆଁ ଚାଉଳ—ଦେ. ବି—ଧଣିଆ ଚାଉଳ (ଦେଖ)
Dhaniāṅ chāuḷa Dhaṇiā chāuḷa (See)

ଧନିଆଁ ଫାଙ୍କ—ଦେ. ବି. (ମୁସଲମାନୀ ଭାଷା)—ଧନିଆଁ ଫାଳ (ଦେଖ)
Dhaniāṅ phāṅka Dhaniā phāḷa (See)

ଧନିଆଁ ଫାଳ—ଦେ. ବି. (ବର୍ଣ୍ଣିଅଶବ୍ଦ)—ଫାଳେ ଧନିଆଁରୁ ଚାଉଳ ବାହାର କରି ନେଲେ ଯେଉଁ ଫମ୍ପା ଗୋପା-
Dhaniāṅ phāḷa
(ଧନିଆମାଳ—ଅନ୍ୟରୂପ) ରହେ, ସେହି ଆକାରରେ ସୁନାପତ୍ରରେ
ଧନେହାର ତିଆରି ହୋଇଥିବା ବେକର ଅଳଙ୍କାରବିଶେଷ—
ধনিয়ামাল A kind of necklace of which the beads are like split coriander seeds.

[ଦ୍ର—ଫାଳ ଧନିଆର ଗୋପା ଆକୃତିର ଅନେକଗୁଡ଼ିଏ ସୁନାର ଦାନାରେ ଛିଦ୍ରଯୁକ୍ତ ଭୁଣ୍ଡି ଲଗାଇ ଅନେକଗୁଡ଼ିଏ ଦାନା ଗୁନ୍ଥି ଗୋଟିଏ ହାର କରାଯାଏ; ଧନିଆଫାଳ ଅପେକ୍ଷା ବଡ଼ ଦାନାର ମାଳକୁ ହରଡ଼ଫାଳିଆ ମାଳ କହନ୍ତି ।]

ଧନିକ—ସଂ. ବି. ପୁଂ. (ଧନିନ୍+କୈ ଧାତୁ=ବିସ୍ତାର କରିବା+କର୍ତ୍ତୃ. ଅ)—୧ । ଧନୀ ବ୍ୟକ୍ତି—1. A rich man.
Dhanika
(ଧନିକା—ସ୍ତ୍ରୀ) ୨ । ଧନିଆ ଶସ୍ୟ—2. Coriander.
୩ । ସ୍ୱାମୀ—3. Lord; husband.
୪ । ସାଧୁ; ବଣିକ; ମହାଜନ; ଶେଠ—4. Merchant.
୫ । ମହାଜନ; ଋଣଦାତା—5. Creditor.

ସଂ. ବିଣ. ପୁଂ. (ଧନ+ଇକ)—୧ । ଧନୀ—
1. Rich; wealthy.
୨ । ସାଧୁ; ଧାର୍ମିକ—2. Virtuous; religious.

ଧନିକା—ସଂ. ବି. ସ୍ତ୍ରୀ. (ଧନିକ+ସ୍ତ୍ରୀ. ଆ)—
Dhanikā ୧ । ଧନିକ ବଧୂ; ବଣିକର ସ୍ତ୍ରୀ—
1. A merchant's wife.
୩ । ସାଧ୍ୱୀ ସ୍ତ୍ରୀ—3. A chaste woman.
୨ । ମାନନୀୟା ସ୍ତ୍ରୀ—
2. A respectable lady.
୪ । ସୁନ୍ଦରୀ ସ୍ତ୍ରୀ—4. A beautiful woman; a graceful woman.
୫ । ରସିକା ସ୍ତ୍ରୀ—5. A flirt; a gay lady.
୬ । (ଯୌବନରେ ଧନୀ) ଯୁବତୀ—
6. A young woman.
୭ । ବଧୂ; ଭାର୍ଯ୍ୟା—7. Wife.
୮ । ଧନବତୀ ସ୍ତ୍ରୀ—8. A rich woman.
୯ । ପ୍ରିୟଙ୍ଗୁ (ବୃ. ଶ)—9. Priyaṅgu (See)

ସଂ. ବିଣ—୧ । ଧାର୍ମିକା—1. Virtuous.
୨ । ସାଧ୍ୱୀ—2. Chaste.
୩ । ଧନବତୀ (ସ୍ତ୍ରୀ)—3. Rich (woman).

ଧନିଚା—ଦେ. ବି—ଧଣିଚା (ଦେଖ)
Dhanichā Dhaṇichā (See)

ଧନିତା—ସଂ. ବି. (ଧନିନ୍+ଭାବାର୍ଥେ. ତା)—ଧନୀପଣ
Dhanitā The state of having wealth; affluence.
(ଧନିତ୍ୱ—ଅନ୍ୟରୂପ)

ଧନିତିରି—ଗ୍ରା. ବି—କତ୍ତୃଣ (ଦେଖ)
Dhanitiri Kattṛuṇa (See)
(ଧନିତ୍ରି—ଅନ୍ୟରୂପ)

ଧନିଷ୍ଠ—ସଂ. ବିଣ. ପୁଂ (ଧନିନ୍+ଅତିଶୟ ଅଛି ଯାହାର, ଅର୍ଥରେ ଇଷ୍ଠ)—
Dhaniṣṭha ଖୁବ୍ ଧନୀ; ଧନାଢ୍ୟ—Very rich.
(ଧନିଷ୍ଠା—ସ୍ତ୍ରୀ)

ଧନିଷ୍ଠା—ସଂ. ବି. ସ୍ତ୍ରୀ—ତ୍ରୟୋବିଂଶ ନକ୍ଷତ୍ର—
Dhanishṭhā The twenty third asterism.
(ଅନ୍ୟ ସଂ. ନାମ—ଶ୍ରବିଷ୍ଠା, ବସୁଦେବତା, ଭୂତି, ନିଧାନ, ଧନବତୀ)
[ଦ୍ର—ଏ ନକ୍ଷତ୍ରରେ ଜନ୍ମିବା ଲୋକ ସଦାଶୂର ଓ ଭାଗ୍ୟବାନ୍, ଦୀର୍ଘକାୟ, କାମାତୁର, କଫଯୁକ୍ତ, ଶାସ୍ତ୍ରବେତ୍ତା ଓ କୀର୍ତ୍ତିମାନ୍ ହୁଏ ।]
ନକ୍ଷତ୍ର ତଳେ ନୋଟ୍ (ଦେଖ)—
(See notes under Nakshatra)

ଦେ. ବିଣ—ଭାଗ୍ୟବନ୍ତ—Fortunate; lucky.

କପୋତିଲେ ତଡ଼ ପାପ୍ୟମାନ ବୃସ୍ତବଣି
ବନ୍ଧୁରତାରେ ଧନିଷ୍ଠା ହୋଇ ପରଶଂସୀ । ଉକ୍ତ. ବୈଦେହୀଶବିଳାସ ।

ଧନୀ—ସଂ. ବିଣ. ପୁଂ (ଧନ+ଅଛି ଅର୍ଥରେ ଇନ୍; ୧ମା. ୧ବ)—
Dhanī ୧ । ଧନାଢ୍ୟ; ଧନବାନ୍; ଧନବନ୍ତ—
(ଧନିନୀ—ସ୍ତ୍ରୀ) 1. Rich; opulent; wealthy.

ସଂ. ବିଣ. ସ୍ତ୍ରୀ (ସଂ. ଧନ+ଈ)—୧ । ଧନବତୀ (ସ୍ତ୍ରୀ)—
1. Wealthy (lady).
୨ । (ଯୌବନ ଧନରେ ଧନୀ) ଯୁବତୀ—
2. Young (girl); youthful.

ମୋ ଧନୀ କି ଜାଇବ ମୋ ବନାଶରେ—ଉକ୍ତ. ପ୍ରେମସୁଧାନିଧି ।

୩ । (ସୌନ୍ଦର୍ଯ୍ୟ ଧନରେ ଧନୀ) ସୁନ୍ଦରୀ—
3. Graceful (girl).

ହସେ ପ୍ରାଚୀ ଶିରେ ଧନୀ ଉଷାକୁ ଅନାଇ—ସାଧନାଥ. ବେଣୀହାର ।

ଦେ. ବି. ପୁଂ—୧ । ଶେଠ; ସାଧୁତ—1. Merchant.
୨ । କୌଣସି ବ୍ୟବସାୟ ବା ବେପାରର ମୂଳ ଧନାଧକ୍ଷ—
2. A capitalist of any business.

ଦେ. ବି. ସ୍ତ୍ରୀ—୧ । ପ୍ରିୟତମା ସ୍ତ୍ରୀ; ପ୍ରଣୟିନୀ—
1. One's beloved lady.
୨ । ସ୍ତ୍ରୀଲୋକଙ୍କୁ ଡାକିବା ନାମ—
2. A name given to females.

ଧଣିକା—ସଂ. ବି. ସ୍ତ୍ରୀ (ଧନ+ଇକ; ଇ ସ୍ଥାନରେ ଈ)—ଯୁବତୀ—
Dhanikā A young or youthful woman.

ଧଣୀୟକ—ସଂ. ବି (ଧନ୍ ଧାତୁ=ଶବ୍ଦ ଉତ୍ପନ୍ନ ହେବା+ଈୟ+କ)—
Dhanīyaka ଧଣିଆ (ଦେଖ)
Dhaniā (See)

ଧନୁ (ନୁଃ)—ସଂ. ବି (ଧନ୍ ଧାତୁ=ନିକ୍ଷେପ କରିବା+କର୍ତ୍ତ୍ରି. ଉ, ଉସ୍)—
Dhanu(nuḥ) ୧ । କୋଦଣ୍ଡ; କାର୍ମୁକ; ଶରାସନ—1. A bow.
(ଧନୁସ୍, ଧନୁଃ—ଅନ୍ୟରୂପ) ୨ । ବାଟୁଳଶରା—2. A bow used for throwing small balls of earth to a distance.
୩ । (ଜ୍ୟୋତିଷ) ନବମ ରାଶି—
3. The 9th sign of the zodiac; Sagittarius.
୪ । ଗୃହସ୍ତ ପରିମାଣ; ଦୁଇ ଗଜ—
4. A lineal measure of 4 cubits or 2 yards.
୫ । ତୁଳା ଧୁଣିବାର କୋଦଣ୍ଡାକାର ଯନ୍ତ୍ର ବା କାଠି—
5. A cotton-carding bow.
୬ । ସୌରମାନ ପୌଷ ମାସ—
6. The solar month of Pausha.
[ଦ୍ର—ପୌଷମାସରେ ସୂର୍ଯ୍ୟୋଦୟ ଧନୁଲଗ୍ନରେ ହୁଏ ।]
୭ । ପିଯ୍ୟାଳ ଗଛ—7. Buchanonia Latifolia (tree).
୮ । ଗୋଲ କ୍ଷେତ୍ରର ଅର୍ଦ୍ଧ ଅପେକ୍ଷା କମ କ୍ଷେତ୍ର (ହି. ଶ)—
8. A plot of land which is smaller than a semicircle.
୯ । (ଜ୍ୟାମିତି) ବୃତ୍ତାର୍ଦ୍ଧ ଅପେକ୍ଷା କମ ବୃତ୍ତାଂଶର ପରିଧି—
9, Arc of a circle.
୧୦ । ହଠଯୋଗର ଆସନବିଶେଷ (ହି. ଶ)—
10. A kind of posture in Joga-exercise.
[ଦ୍ର—ଧନୁର ଭିନ୍ନ ଭିନ୍ନ ଅଂଶ:—ଦଣ୍ଡ, କାଣ୍ଡ=Bow; ଗୁଣ, ତନ୍ତ୍ର=Bow string; ଧନୁର ଅଗ୍ରଭାଗ, କୋଟି=the horns of a bow.
ଧନୁ ମାରିବାର ଶବ୍ଦ ବା ଟଙ୍କାର—Twang of a bow].
ଦେ. ବି—ଗ୍ରହକୋଶ ଦୂରତ୍ୱ—A distance of 8 miles.
ଅତ୍ୟନ୍ତ ହୋଇଣ ଅରତ; ବାହୁଡ଼ିଗଲା ଧନୁ ସାତ ।
ଜଗନ୍ନାଥ. ଭାଗବତ ।

ଧନୁଆ(ଆଁ)—ଦେ. ବିଣ (ସଂ. ଧନୁ)—ଧନୁକାକାର—
Dhanuā(ān) Bow-shaped.
ଧନୁଖରା; ধুনকী; ধনুআ
ଦେ. ବି.—ତୁଳା ଧୁଣିବାର ଧନୁ—Cotton-carding bow.

ଧନୁଃପଟ—ସଂ. ବି—ପିଯ୍ୟାଳ ବୃକ୍ଷ—Buchanonia Latifolia (tree).
Dhanuḥpaṭa
(ଧନୁଃ ଶାଖା—ଅନ୍ୟରୂପ)

ଧନୁଃଶ୍ରେଣୀ—ସଂ. ବି—୧ । (ଏହାର ପତ୍ରର ଅଗ୍ରରୁ ଧନୁର ଗୁଣ ପାଇଁ ଦଉଡ଼ି ବଳାଯାଏ)—ମୂର୍ବା—
Dhanuḥśreṇī
1. Tanseveiria Roxburghiana (plant).
୨ । ମହେନ୍ଦ୍ରବାରୁଣୀ (ଦେଖ)—2. Mahendra-bāruṇī (See).

ଧନୁଃଶର—ସଂ. ବି—୧ । (ଷ. ତ. ଲୋ) ଧନୁରୁ କ୍ଷିପ୍ତ ବାଣ—
Dhanuḥśara 1. The arrow ejected from a bow.
୨ । (ଦ୍ୱନ୍ଦ୍ୱ) ଧନୁ ଓ ଶର—2. Bow and arrow.

ଧନୁକ—ସଂ. ବି—(ଧନୁ+ସ୍ୱାର୍ଥେ. କ)—ଧନୁ—Bow.
Dhanuka
ସଂ. ବି (ଧନୁ+କ)—ଧନୁର୍ଦ୍ଧର ବ୍ୟକ୍ତି—An archer; bowman.
୨ । ଗ୍ରହକୋଶ ଦୂରତ୍ୱ—2. A distance of 8 miles.
୩ । ବେହେଲାର ଛଡ଼—3. The bow of a violin.

ଧନୁକଧାରୀ—ଦେ. ବିଣ (ସଂ. ଧନୁର୍ଦ୍ଧର)—୧ । ଧନୁର୍ଦ୍ଧର—
Dhanukadhārī 1. Armed with bow; carrying a bow.
धनुकधारी; ধনুকধারী
୨ । ଧୁରନ୍ଧର (ଦେଖ)—2. Dhurandhara (See).
ଦେ. ବି (ଶ୍ରୀରାମଚନ୍ଦ୍ର ଧନୁର୍ଦ୍ଧର ଥିବାରୁ)—ଶ୍ରୀରାମଚନ୍ଦ୍ର—
3. The incarnation of Bishṇu in Rāmachandra.
ପ୍ରାଦେ (ଯାଜପୁର) ବି—ହନୁସ୍ୱାମୀ ବାବାଜୀ—
Name of a class of itinerant ascetics who come from North India.
[ଦ୍ର—ଏମାନେ ଭାର ସେକ ନାଲି ଗେରୁଆ ଲଗାଇ ଗ୍ରାମ ଗ୍ରାମ ବୁଲି "ସୀତାରାମ୍ ଧନୁକଧାରୀ" ବୋଲି ବୋଲି ଭିକ୍ଷା ମାଗନ୍ତି]

ଧନୁକ ବାତ—ଦେ. ବି (ସଂ.ଧନୁକ+ବାତ)—ଧନୁଷ୍ଟଙ୍କାର ବାତରୋଗ—
Dhanuka bāta Tetanus.
धनुकवात; ধনুকবাই

ଧନୁକାକାର—ସଂ. ବିଣ—(ବହୁବ୍ରୀହି; ଧନୁକ+ଆକାର)—ଧନୁପରି
Dhanukākāra ଅକୁଞ୍ଚିତଶିଷ୍ଟ—Bow-shaped.
(ଧନୁକାକୃତି—ଅନ୍ୟରୂପ)
ସ. ବି (ଷଷ୍ଠୀ ତତ୍) ଧନୁର ଆକୃତି—Shape of a bow.

ଧନୁକି—ଦେ. ବି—(ସଂ. ଧାନୁଷ୍କ)—ଧନୁର୍ଦ୍ଧର ବ୍ୟକ୍ତି—
Dhanuki Archer.
धानुकी धानुक, धानकी ଅର୍ଜ୍ଜୁନ ତ ଯୁବା ଧନୁକି ଭୂଲ ନୋହ—
କୃଷ୍ଣସିଂହ-ମହାଭାରତ, ସ୍ୱର୍ଗ ।

ଧନୁଗୁଣ—ସ.ବି. (ଧନୁ+ଗୁଣ; ଷଷ୍ଠୀ ତତ୍)—ଧନୁର ଜ୍ୟା ବା ଦଉଡ଼ି—
Dhanu guṇa (ଧନୁର୍ଗୁଣ—ଅନ୍ୟରୂପ) Bow-string.

ଧନୁତିରି—ଗ୍ରା. ବି. (ସଂ. ଧନ୍ୱନ୍ତରି)—୧ । ସ୍ୱର୍ଗ ବୈଦ୍ୟ—
Dhanutiri 1. The physician of the Gods.
ଧନ୍ୱନ୍ତର, ଧନ୍ୱନ୍ତ୍ରି } ଅନ୍ୟରୂପ
୨ । କତୃଣ (ଦେଖ)
2. Kattruṇa (See)
[ଦ୍ର—ଏହା ଏକପ୍ରକାର ଘାସ; ଏଥିର ପତ୍ରରେ ଲେମ୍ବୁର ଗନ୍ଧ ଅଛି । ଗୋରୁମାନଙ୍କ ଅଜୀର୍ଣ୍ଣ ହେଲେ ଏହା ଔଷଧରୂପରେ

ବ୍ୟବହୃତ ହୁଏ । ଏ ଘାସରୁ ଏକପ୍ରକାର ଲେମ୍ବୁ ଘେପାର ଗନ୍ଧଯୁକ୍ତ ତୈଳ ବାହାରେ]

ଧନୁ ଧର୍‌(ରେ)ଇବା—ଦେ. କ୍ରି—କୌଣସି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ଅନ୍ୟ
Dhanu dharā(re)ibā ବ୍ୟକ୍ତିଙ୍କୁ ପ୍ରବୃତ୍ତ କରାଇ ଦେବା—
To throw the brunt of some hard work on another man's shoulders

ଧନୁ ଧରିବା—ଦେ. କ୍ରି—କୌଣସି ସାହସିକ ବା ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ
Dhanu dharibā କରିବା ନିମନ୍ତେ ପ୍ରସ୍ତୁତ ହେବା—To be prepared to do any hard or responsible task.

ଧନୁଫଳା—ଦେ. ବି(ସଂ. ଧନୁ+ଫଳକ)—ଯୁଦ୍ଧାସ୍ତ୍ରବିଶେଷ—
Dhanuphalā Name of a weapon of war.

ଧନୁ ବୁଲା ଉତ୍ସବ—ଦେ. ବି—ଆଶ୍ୱିନ ଶୁକ୍ଳପକ୍ଷ ଦୁର୍ଗାପୂଜାରେ ହେବା
Dhanu bulā utsaba ଉତ୍ସବବିଶେଷ—Name of a festival during the Durgāpūjā in Āświna.

ଧନୁ ଭଗ୍ନ କରିବା—ଦେ. କ୍ରି—କୌଣସି ଅସାଧ୍ୟ କାର୍ଯ୍ୟ ସମ୍ପନ୍ନ କରିବା—
Dhanu bhagna karibā To accomplish an extraordinary and hard task.
ধনুক ভাঁগা
ধনুক তোড়না [ଦ୍ର—ଶିବଧନୁ ଭାଙ୍ଗି ରାମଚନ୍ଦ୍ର ସୀତାଙ୍କୁ ବିବାହ
(ଧନୁ ଭାଙ୍ଗିବା—ଅନ୍ୟରୂପ) କରିବା ଘଟଣା ପ୍ରତି ଲକ୍ଷ୍ୟ ।]

ଧନୁ ମାରିବା—ଦେ. କ୍ରି—କାଣ୍ଡ ମାରିବା; ଧନୁଦ୍ୱାରା ଶର ପ୍ରୟୋଗ
Dhanu māribā କରିବା—To shoot with the bow.
ধনুকমারা ধনুষমারনা

ଧନୁ ମୁଆଁ(ହାଁ)—ଦେ. ବି—ଧନୁ ସଂକ୍ରାନ୍ତିରେ ଠାକୁରଙ୍କୁ ଭୋଗ କରାଯିବା
Dhanu muān(hān) ମୁଆଁ—Fried paddy seasoned with sugar and rolled into cakes and offered to Deities on the Dhanu saṁkrānti day.

ଧନୁର୍ଗୁଣ—ସଂ. ବି. (୬ଷ୍ଠୀ ତତ୍; ଧନୁସ୍+ଗୁଣ)—
Dhanurguṇa ୧ । ଧନୁର ଦଉଡ଼ି; ଜ୍ୟା—
1. Bow-string.
୨ । (ଜ୍ୟାମିତି) ବୃତ୍ତଖଣ୍ଡର ଅଗ୍ରଭାଗ ସଂଯୋଜକରେଖା; ଜ୍ୟା—
2. (geometry) Chord of an arc.

ଧନୁର୍ଗୁଣା—ସଂ. ବି. ସ୍ତ୍ରୀ. (ଧନୁସ୍+ଗୁଣ+ଆ)—ମୂର୍ବା—
Dhanurguṇā A kind of fibrous grass.

ଧନୁର୍ଦ୍ରୁମ—ସଂ. ବି. (ମ. ପ. ଲୋ; ଧନୁସ୍+ଦ୍ରୁମ; ଯେଉଁ ଦ୍ରୁମରୁ ଧନୁ
Dhanurdruma ତିଆରି ହୁଏ)—ବାଉଁଶ (ଗଛ)—
Bamboo (tree).

ଧନୁର୍ଦ୍ଧର—ସଂ. ବିଣ. ପୁଂ. (ଧନୁସ୍+ଧୃ ଧାତୁ=ଧାରଣ କରିବା+କର୍ତ୍ତୃ.
Dhanurdhara ଅ)—୧ । ଧନୁର୍ଦ୍ଧାରୀ; ଯେ ଧନୁ ଓ ଶର ଧରି
(ଧନୁର୍ଦ୍ଧର, ଧନୁର୍ଦ୍ଧାରୀ—ଅନ୍ୟରୂପ) ଯୁଦ୍ଧ କରେ; ତୀରନ୍ଦାଜ—
1. Carrying a bow; armed with a bow;
(ଧନୁର୍ଦ୍ଧରା, ଧନୁର୍ଦ୍ଧାରିଣୀ—ସ୍ତ୍ରୀ) bearing a bow.
୨ । କୌଣସି କାର୍ଯ୍ୟରେ ଦକ୍ଷ ବା ନିପୁଣ; ଧୁରନ୍ଧର; ବିଚକ୍ଷଣ—
2. Expert in a work; skilful.

ଦେ. ବି—ତୀରନ୍ଦାଜ ସେନା—An archer; bowman.

ଧନୁର୍ବାତ—ସଂ. ବି. (ଧନୁସ୍+ବାତ)—ଧନୁଷ୍ଟଙ୍କାର ରୋଗ—
Dhanurbāta Tetanus.

ଧନୁର୍ବାହା—ଦେ. ବିଣ. (ସଂ. ଧନୁର୍ବାହୁ)—ଧନୁର୍ବାହୁ—
Dhanurbāhā Armed with a bow.
ସେ ହଂସ ବହି ଥିବା ବଡ଼ଙ୍କୁ ସାହା
ପାଇ ରଥ ବାହା ହୋଇଣ ଧନୁର୍ବାହା । କୃଷ୍ଣସିଂହ. ମହାଭାରତ. ବନ ।

ଧନୁର୍ବାହୁ—ସଂ. ବିଣ. (ବହୁବ୍ରୀହି; ଧନୁସ୍+ବାହୁ)—ଧନୁର୍ଦ୍ଧର (ଦେଖ)
Dhanurbāhu Dhanurdhara (See)

ଧନୁର୍ବିଦ୍ୟା—ସଂ. ବି. (ଧନୁସ୍+ବିଦ୍ୟା)—ଧନୁ ମାରିବା କୌଶଳ—
Dhanurbidyā Archery; the science of archery.

ଧନୁର୍ବୃକ୍ଷ—ସଂ. ବି. (ମ. ପ. ଲୋ; ଧନୁସ୍+ବୃକ୍ଷ)—
Dhanurbrukṣha ୧ । ଧାମଣ (ଗଛ) (ହି. ଶବ୍ଦସାଗର)(ଦେଖ)—
1. Dhāmaṇa (tree) (See).
୨ । ବାଉଁଶ (ହି. ଶବ୍ଦସାଗର)—2. Bamboo.
୩ । ଅଶ୍ୱତ୍ଥ ଗଛ (ହି. ଶବ୍ଦସାଗର)—
3. The religious fig tree.
୪ । ଭଲିଆ (ହି. ଶବ୍ଦସାଗର)—4. Marking nut.

ଧନୁର୍ବେଦ—ସଂ. ବି. ପୁଂ. (ଧନୁସ୍+ବେଦ)—୧ । ଧନୁର୍ବିଦ୍ୟା—
Dhanurbeda 1. The science of archery.
୨ । ବିଶ୍ୱାମିତ୍ରପ୍ରଣୀତ ଯଜୁର୍ବେଦର ଉପବେଦବିଶେଷ; ଧନୁର୍ବିଦ୍ୟା ବିଷୟକ ଉପଦେଶପୂର୍ଣ୍ଣ ଶାସ୍ତ୍ର—
2. One of the secondary Bedas which treats of archery; a treatise on archery by Biśwāmitra.

[ଦ୍ର—ପ୍ରାଚୀନକାଳରେ ଭାରତବର୍ଷରେ ଓ ଇଉରୋପ, ଅମେରିକା, ଆଫ୍ରିକା ଆଦି ସର୍ବତ୍ର ଧନୁର ବ୍ୟବହାର ଥିଲା । ଭାରତରେ ଧନୁର୍ବେଦ ଯଜୁର୍ବେଦର ଉପବେଦ ରୂପେ ଗଣ୍ୟ ହେଉଥିଲା । ଧନୁର୍ବେଦର ବର୍ଣ୍ଣନା ଶୁକ୍ରନୀତି, କାମନ୍ଦକୀନୀତି, ଅଗ୍ନିପୁରାଣ, ଭାରତଚନ୍ଦ୍ରାମଣି, ବୃଦ୍ଧଶାର୍ଙ୍ଗଧର, ଯୁକ୍ତିକଳ୍ପତରୁ, ନୀତିମୟୂଖ ଆଦି ଗ୍ରନ୍ଥରେ ମିଳେ । ଧନୁର୍ବେଦର ୪ପାଦ (ଭାଗ)ଥିଲା ଯଥା—ଦୀକ୍ଷାପାଦ, ସଂଗ୍ରହପାଦ, ସିଦ୍ଧିପାଦ ଓ ପ୍ରୟୋଗପାଦ । ପ୍ରାଚୀନ କାଳରେ ଦୁଇଟି ଜ୍ୟା ଥିବା ବାତୁଳିଖଡ଼ା (ଉପଳକ୍ଷେପକ)ର ବ୍ୟବହାର ମଧ୍ୟ ଥିଲା । ଧନୁ ଓ ଗୁଣ ଓ ଶରର ପରିମାଣ ଓ ନିର୍ମାଣ-ପ୍ରଣାଳୀ ଓ ଏଥିର ପ୍ରୟୋଗପ୍ରଣାଳୀ ପୂର୍ବେ ଭାରତରେ ବିଶଦରୂପେ ଶିକ୍ଷା ଦିଆଯାଉ ଥିଲା । ଶର ବା ବାଣମାନ ଫଳା ଅନୁସାରେ ନାନା ପ୍ରକାର ଥିଲା; ଶରର ଗତିକୁ ସିଧା ରଖିବା ପାଇଁ ଶର ପଛରେ ପକ୍ଷ ଲଗାଯାଉଥିଲା । ରାମାୟଣ ଓ ମହାଭାରତଆଦିରେ ଶବ୍ଦଭେଦୀ ବାଣ ମରାଯିବା ବିଷୟ ଲେଖାଅଛି—ହି. ଶବ୍ଦସାଗର ।]

ଧନୁର୍ଭଙ୍ଗ—ସଂ. ବି. (୬ଷ୍ଠୀ ତତ୍; ଧନୁସ୍+ଭଙ୍ଗ)-ଧନୁକୁ ଭାଙ୍ଗି ଦେବା—
Dhanurbhaṅga Breaking of a bow.
[ଦ୍ର—'ଯେଉଁ ରାଜପୁତ୍ର ଗୋଟିଏ ନିର୍ଦ୍ଦିଷ୍ଟ ଧନୁକୁ ଭାଙ୍ଗିବେ ତାଙ୍କୁ ମୁଁ ମୋ କନ୍ୟାକୁ ବିବାହ ଦେବି' ପୂର୍ବେ ରାଜାମାନେ ଏହିପରି ପଣ ରଖୁଥିଲେ ଓ ଧନୁର୍ଭଙ୍ଗଦ୍ୱାରା ରାଜକୁମାରମାନଙ୍କର ବାହୁବଳ ପରୀକ୍ଷା

କରୁଥିଲେ । ରାମଚନ୍ଦ୍ର ଶିବଧନୁ ଭାଙ୍ଗିବା ରୂପ ପଣରୁ ରକ୍ଷା କରି ଜନକକନ୍ୟା ସୀତାଙ୍କୁ ବିବାହ କରିଥିଲେ ।]

ଧନୁର୍ଭୃତ୍—ସଂ. ବିଣ. (ଧନୁସ୍ + ଭୃ ଧାତୁ = ଧାରଣ କରିବା + କର୍ତ୍ତୃ. କ୍ୱିପ୍)—ଧନୁର୍ଦ୍ଧର—
Dhanurbhṛut — Armed with a bow.

ଧନୁଷ୍କର—ସଂ. ବିଣ. ପୁଂ. (ଧନୁସ୍ + କର; ବହୁବ୍ରୀହି)—ଧନୁର୍ଦ୍ଧର—
Dhanushkara — Armed with a bow.

ଧନୁଷ୍କୋଟି—ସଂ. ବି. (୬ଷ୍ଠୀ ତତ୍; ଧନୁସ୍ + କୋଟି)—
Dhanushkoṭi ୧ । ଧନୁର ଅଗ୍ରଭାଗ— 1. The horns or ends of a bow.
୨ । (ନାମ) ରାମେଶ୍ୱରର ଦକ୍ଷିଣପୂର୍ବରେ ଥିବା ସମୁଦ୍ରସ୍ଥ ତୀର୍ଥବିଶେଷ—2. Name of a holy bathing place near Rāmeśwara (S India).

ଧନୁଷ୍ଟଙ୍କାର—ସଂ. ବି. (୬ଷ୍ଠୀ ତତ୍; ଧନୁସ୍ + ଟଙ୍କାର)—
Dhanushṭankāra ୧ । ଧନୁର ଜ୍ୟା ଆକର୍ଷଣର ଶବ୍ଦ— 1. The twang of a bow.
୨ । ବାତରୋଗବିଶେଷ—2. Tetanus; spasms.
[ଦ୍ର—ଏହି ରୋଗଗ୍ରସ୍ତ ବ୍ୟକ୍ତିର ଶରୀର ଦୃଢ଼ାକ୍ଷେପଦ୍ୱାରା ଧନୁପରି ବଙ୍କା ହୋଇଯାଏ ।]

ଧନୁଷ୍ପାଣି—ସଂ. ବିଣ. (ଧନୁସ୍ + ପାଣି) — ଧନୁଷ୍କର (ଦେଖ)
Dhanushpāṇi — Dhanushkara (See)

ଧନୁଷ୍ମାନ୍—ସଂ. ବିଣ.—ଧନୁସ୍ + ଅସ୍ତ୍ୟର୍ଥରେ ମତୁ, ୧ମା. ୧ବ.)—
Dhanushmān ଧନୁର୍ଦ୍ଧର— Armed with a bow.
(ଧନୁଷ୍ମତୀ—ସ୍ତ୍ରୀ)

ଧନୁସ୍—ସଂ. ବି.—(ଧନ ଧାତୁ = ନିକ୍ଷେପ କରିବା + କର୍ତ୍ତୃ. ଉସ୍)—
Dhanus ଧନୁସ୍ ଶବ୍ଦ; ଏଥିର ୧ମା. ୧ବ. ଧନୁଃ)—ଧନୁ (ଦେଖ)— Dhanu (See).

ଧନୁ ହୁଲ—ଦେ. ବି—ଧନୁଷ୍କୋଟି; ଧନୁର ଅଗ୍ରଭାଗ—
Dhanu huḷa A horn or end of a bow.

ଧନୁହୁଲେ ଟେକିଣ ତାହାକୁ ଆଣିଲେ ।
କୃଷ୍ଣସିଂ. ମହାଭାରତ. ଆଦି ।

ଧନେଶ—ସଂ. ବି. (୬ଷ୍ଠୀ ତତ୍, ଧନ + ଈଶ)—
Dhaneśa ୧ । କୁବେର—1 Kubera.
ଧନେଶପାଖୀ ୨ । ମହାଧନୀ ବ୍ୟକ୍ତି—2. Rich person.
ଧନେଶ ଦେ. ବି—କୋଚିଲାଖାଇ (ଦେଖ)
The Indian Horn bill; Anthracoceros Coronatus; Buceros Cavatus.
[ଦ୍ର—ଏହା ଏକ ହାତଠାରୁ ଦୁଇ ହାତପର୍ଯ୍ୟନ୍ତ ଶାଖାଶୟୀ ବର୍ଗର ପକ୍ଷୀ; କଳା ଓ ସବୁଜ ରଙ୍ଗ ମିଶ୍ରିତ; କଳା ଓ ଧଳା ମିଶ୍ରିତ ପକ୍ଷ । ଏମାନଙ୍କର ଥଣ୍ଟ ଶୁଣ୍ଢଶ୍ରେଣୀ ଲମ୍ବ ଓ ଥଣ୍ଟର ଉପର ଫାଳ ତଳଫାଳର ପ୍ରାୟ ଦ୍ୱିଗୁଣ । ଏମାନେ ଫଳ ଓ ବିଶେଷତଃ କୋଚିଲା ଫଳ ଖାଆନ୍ତି । ଉପର ଫାଳ ଥଣ୍ଟ ଉପରେ ଗୋଟିଏ ଶିଙ୍ଗ ପରି ଫମ୍ପା ଉଚ୍ଚ ଖଣ୍ଡ ଲାଗି ଥାଏ । ଟୁବ୍ ବଡ଼ ପକ୍ଷୀକୁ ଭାଲୁଆଖାଇ, ଚନ୍ଦ୍ର ସାନଙ୍କୁ କୋଚିଲାଖାଇ, ତହିଁରୁ ସାନଙ୍କୁ କଣ୍ଟାଖାଇ ଓ ତହିଁରୁ ସାନଙ୍କୁ ଧନେଶ ବୋଲାଯାଏ ।]

ଧନେଶ୍ୱର—ସଂ. ବି. (୬ଷ୍ଠୀ ତତ୍; ଧନ + ଈଶ୍ୱର)—ଧନେଶ (ଦେଖ)
Dhaneśwara — Dhaneśa (See)

ଧନ୍ଦପଟ୍ କରିବା—ପ୍ରାଦେ. (ସମ୍ବଲପୁର) କ୍ରି—(କୌଣସି କାର୍ଯ୍ୟରେ)
Dhand-paṭ karibā ପ୍ରଗାଢ଼ ପରିଶ୍ରମ ବା ଯତ୍ନ କରିବା— To toil hard (in accomplishing some work).

ଧନ୍ଦ—ଦେ. ବି—ଧନ୍ଦା (ଦେଖ)
Dhanda — Dhandā (See)

ବାତୁଳ ଗଲେ ଅବଧନ୍ଦ, ଏକଥା ଅଟୁ ମନେ ଧନ୍ଦ ।
ଗୋପୀ. ଲବଣ୍ୟମ ହାସ୍ୟ ।

ଧନ୍ଦକା—ଦେ. ବି. (ସଂ. ଦ୍ୱନ୍ଦ୍ୱ)—
Dhandakā ୧ । ଛନ୍ଦଅ; ବିଷମ ସମସ୍ୟାରେ ପଡ଼ିବା ଲୋକର
(ଧନ୍ଦକ—ଅନ୍ୟରୂପ) ଘଟିବା କିଂକର୍ତ୍ତବ୍ୟବିମୂଢ଼ତା—
धाँधा, धन्द, धाधस 1. Bewilderment
धंधक, धंदा ୨ । କାର୍ଯ୍ୟବ୍ୟସ୍ତତା; ଜଞ୍ଜାଳ— 2. Press of work.
୩ । ଗୋଲକଧନ୍ଦା—3. Puzzle; labyrinth.
୪ । ଦୃଷ୍ଟିଭ୍ରମ—4. Mistiness of eyesight.
୫ । ସନ୍ଦେହ—5. Doubt; hesitation.

ଧନ୍ଦକା ଲାଗିବା—ଦେ. କ୍ରି—୧ । ଧନ୍ଦାଳ ହେବା; କିଂକର୍ତ୍ତବ୍ୟବିମୂଢ଼ତା—
Dhandakā lāgibā 1. Being at a loss to decide what to do; being puzzled;
धाँदालागा
खटक लगना bewilderment.
୨ । ସନ୍ଦେହାନ୍ୱିତ ଅବସ୍ଥା—2. Being in doubt.

ଧନ୍ଦକି ହେବା—ଦେ. କ୍ରି—୧ । କିଂକର୍ତ୍ତବ୍ୟବିମୂଢ଼ ହେବା—
Dhandhaki hebā 1. To be bewildered.
धाँदायपड़ा ୨ । ସନ୍ଦେହାନ ହେବା—2. To be in doubt.
୩ । ଦୋଦୋପାଞ୍ଚ ହେବା—3. To vacillate.
୪ । କାର୍ଯ୍ୟରେ ଅତି ବ୍ୟସ୍ତ ହେବା— 4. To be very busy.

ଧନ୍ଦପୁଆ—ଦେ. ବି—ଡାବଲପୁଆ (ଦେଖ)
Dhandapuā — Ḍābalapuā (See)

ଧନ୍ଦରା—ଦେ. ବିଣ. (ସଂ. ଜୀର୍ଣ୍ଣ; ଜର୍ଜରିତ)—
Dhandarā ୧ । ଛିନ୍ନ; ଚିରା—1. Ragged; torn.
बाँबरा ୨ । ଜୀର୍ଣ୍ଣ—2. Worn.

ଧନ୍ଦଳା—ଦେ. ବିଣ—ଧନ୍ଦାଳି (ଦେଖ)
Dhandaḷā — Dhandāḷi (See)
(ଧନ୍ଦଲା—ଅନ୍ୟରୂପ)

ଧନ୍ଦା—ଦେ. ବି. (ସଂ. ଧନଦା, ଯେଉଁଥିରୁ ଧନ ମିଳେ; ହିନ୍ଦୀ. ଧନ୍ଧା)—
Dhandā ୧ । ଧନୋପାର୍ଜ୍ଜନୋପାୟ—
धन्द, धन्धा 1. Profession; occupation.
धंधा ୨ । ବ୍ୟବସାୟ; କାମ ଧନ୍ଦା; ଜୀବିକା—
(ଧନ୍ଧା—ଅନ୍ୟରୂପ) 2 Livelihood; business.

ଖାଅନ୍ତେ ତ ଧନ୍ଦାରେ ଲାଗିଛି । ଫକୀରମୋହନ ଛମାଣ ଅଠଗୁଣ୍ଠ ।

୩ । ଆକୁଳ; କାର୍ଯ୍ୟବ୍ୟସ୍ତତା—3. The state of being busy; bustle; stir.

ଲକ୍ଷଣ ଶୁଣି ସେ ହୋଇଅଛନ୍ତି ବନ୍ଧା
ଦେଖିଲେ ତାହା ଲୋକ ମନେ ଲାଗେ ଧନ୍ଦା ।
କୃଷ୍ଣସିଂହ, ମହାଭାରତ, ଆଦି ।

୪ । ମାନସିକ ଆନ୍ଦୋଳନ ବା ବ୍ୟସ୍ତତା—
4. Mental agitation; confusion.

୫ । ବିଷମ ସମସ୍ୟା—5. Dilemma.

୬ । ସଂସାର ସଂଗ୍ରାମ—
6. The battle of life; worry of life.

୭ । ସାଂସାରିକ ଚିନ୍ତା; ପେଟ ଚିନ୍ତା—
7. Worldy anxiety.

୮ । ସନ୍ଦେହ—8. Doubt.

କାହିଁପାଇଁ ଜଳୁଲ କଲ ତାହା ନନ୍ଦା
ଏ ସବାକୁ ମୋ ମନେ ହେଉଅଛି ଧନ୍ଦା । କୃଷ୍ଣସିଂହ,ମହାଭାରତ,ଅଶ୍ୱମେଧ ।

୯ । ପ୍ରହେଳିକା—9. Riddle.

୧୦ । ଗୋଲକଧନ୍ଦା—10. Maze; labyrinth.

ବି. ବିଣ—୧ । କାର୍ଯ୍ୟବ୍ୟସ୍ତ—
1. Very busy; pre-occupied.

୨ । କିଂକର୍ତ୍ତବ୍ୟବିମୂଢ଼—
2 Bewildered; confused.

୩ । ଆନ୍ଦୋଳିତ—3. Agitated.

ଶୁଣି ଇନ୍ଦ୍ର ଶ୍ରାପେତ ଭାଳ ପାରେ ବନ୍ଧା
ହୋଇ ଜଳୁଥିଲ ସେ ମାନସକୁ ଧନ୍ଦା । କୃଷ୍ଣସିଂହ, ମହାଭାରତ, ବନ ।

୪ । ମୁଗ୍ଧ—4. Charmed.

ସେ ସଙ୍ଗରେ ଚନ୍ଦନ ଚନ୍ଦ୍ରାତପ ବନ୍ଧା
ହୋଇଥିବାରୁ ଦିଶଇ ମନ ଦେଖି ଧନ୍ଦା । କୃଷ୍ଣସିଂହ,ମହାଭାରତ,ଉଦ୍ୟୋଗ ।

ଧନ୍ଦାଳି—ବି. ବିଣ. (ସଂ. ଦ୍ୱନ୍ଦ୍ୱ)—
Dhandāli ୧ । ଦୃଷ୍ଟିଭ୍ରମ ଯୁକ୍ତ—1. Dazzled.
ধাংধা ୨ । ଅସ୍ପଷ୍ଟ ଦୃଷ୍ଟି ଯୁକ୍ତ; ଜାଲଜାଲୁଆ ଦେଖି ପାରୁଥିବା—
ধাঁধা 2. Dim-sighted; blurred (in eye sight); (ଧନ୍ଦାଳିଆ—ଅନ୍ୟରୂପ) not able to see distinctly.

୩ । ସନ୍ଦିହାନ—3. Puzzled; confused; in doubt.

ଧନ୍ଦାଳିବା—ବି. କ୍ରି—୧ । ବ୍ୟସ୍ତ ହୋଇ ଏଣେ ତେଣେ କୌଣସି ବସ୍ତୁକୁ
Dhandāliba ଖୋଜିବା—1. To anxiously search for a thing here and there.
ଧନ୍ଦଳେଇବା } ଅନ୍ୟରୂପ
ଧନ୍ଦିବା }
୨ । ଖୁଣ୍ଟାଳିବା—2. To grope for a thing.
হাতড়ন
टटोलना

ଧନ୍ଦାଳି ହେବା—ବି. କ୍ରି (ସଂ. ଦ୍ୱନ୍ଦ୍ୱ)—୧ । ଉନ୍ମାଳ ହେବା; ଏଣେ
Dhandāli hebā ତେଣେ ଖୋଜି ବୁଲି ବୁଲି ବ୍ୟସ୍ତ ହେବା—
(ଧନ୍ଦହେବା—ଅନ୍ୟରୂପ) 1. To anxiously search for a thing here and more.
ধান্দায়পড়া
घंघामेगोलो ୨ । କିଂକର୍ତ୍ତବ୍ୟବିମୂଢ଼ ବା ବ୍ୟସ୍ତ ହେବା—
2. To be agitated; to be bewildered.

୩ । କାର୍ଯ୍ୟରେ ବ୍ୟସ୍ତ ହେବା; ଆକୁଳ ହେବା—
3. To be very busy; to be in a bustle; to be pre-occupied.

ସ୍ଥାନଭାଗ୍ୟ ଲୋକ ବହୁ କ ମିଳେ ନନ୍ଦ
ଏ ସଂସାର ମାୟାରେ ହୋଇଥାଏ ଧନ୍ଦ । କୃଷ୍ଣସିଂହ, ମହାଭାରତ, ଶାନ୍ତି ।

୪ । ଜାଲୁଜାଲୁଆ ଦେଖାଯିବାରୁ ବା ଅନ୍ଧାର ଯୋଗୁଁ ଦସ୍ତଣ୍ଡ ହେବା—4. To grope on account of one's dim sight or in the dark.

୫ । ସନ୍ଦିହାନ ହେବା—5. To be in doubt.

ଜଗତସାକ୍ଷ ଧର୍ମର କୁଳେ ବାନ୍ଧ
ହୋଇଅଛି ସେ ନୃପ ନୁହ ଛନ୍ଦି ଧନ୍ଦ । କୃଷ୍ଣସିଂହ, ମହାଭାରତ, ବନ ।

୬ । ଗୋଲକଧନ୍ଦାରେ ପଡ଼ିବା—
6. To be between the horns of a dilemma.

ଧନ୍ଦି ମରିବା—ବି. କ୍ରି—ବ୍ୟତିବ୍ୟସ୍ତ ହେବା—
Dhandi maribā To be in a bustle.
(ଧନ୍ଦିହୋଇ ମରିବା—ଅନ୍ୟରୂପ) ଧନ୍ଦି ମରନ୍ତି ଗୃହଧର୍ମେ
ନାନାପ୍ରକାରେ ମନ ଭ୍ରମେ ।
ପ୍ରାଚୀ, ନର୍ମଦାମାହାତ୍ମ୍ୟ ।

ଧନ୍ଦୋଳ—ସଂ. ବି (ସଂ. ଦ୍ୱନ୍ଦ୍ୱ)—୧ । କଳହ—
Dhandola 1. Quarrel.
ধংন্দা ୨ । ଗୋଲମାଲ—2. Confusion.
घंघा ବି. ବିଣ—୧ । ଆକୁଳ; ବ୍ୟସ୍ତ—1. Confused.
୨ । କିଂକର୍ତ୍ତବ୍ୟବିମୂଢ଼; ସନ୍ଦିହାନ—2. Puzzled.

ଧନ୍ୱ୍(ଧାତୁ)—ସଂ—ଗତି କରିବା—
Dhanw(root) To go; to move.

ଧନ୍ୱ—ସଂ ବି (ଧନ୍ୱ୍ ଧାତୁ=ଗମନ କରିବା+କରଣ. ଅ)—୧ । ଧନୁ—
Dhanwa 1. Bow.

୨ । (+ଅଧିକରଣେ. ଅ) ମରୁଭୂମି—2. A desert.

୩ । ନିର୍ଜଳ ପ୍ରଦେଶ—3. A waterless tract.

୪ । କାଶୀର ଜଣେ ରାଜା; ଧନ୍ୱନ୍ତରିଙ୍କ ପିତା—
4. Name of a king of ancient Kāsi.

ଧନ୍ୱ ଦୁର୍ଗ—ସଂ. ବି. କ୍ଳୀ—୧ । ମରୁଭୂମି—
Dhanwa durga 1. A desert.

୨ । ନିର୍ଜଳ ପ୍ରଦେଶ—
2. A waterless tract or country.

୩ । ଆକ୍ରମଣୋଦ୍ୟତ ଶତ୍ରୁଙ୍କୁ ବାଧା ଦେବା ପାଇଁ ଆକ୍ରାନ୍ତ ସ୍ଥାନର ଓ ଆକ୍ରମଣାର୍ଥ ଅଗ୍ରସର ଶତ୍ରୁପକ୍ଷର ମଧ୍ୟସ୍ଥ ଅଞ୍ଚଳକୁ ମରୁଭୂମି ଓ ନିର୍ଜଳ ପ୍ରଦେଶ କରିବା ରୂପ ଉପାୟ—3. The expedient of turning a tract of country (through which an advancing enemy is to pass) into a waterless desert.

[ଦ୍ର—ଏପରି କରିବାଦ୍ୱାରା ଶତ୍ରୁପକ୍ଷ ସେହି ଅଞ୍ଚଳ ବାଟେ ଅଗ୍ରସର ହେବାବେଳେ ଖାଦ୍ୟ ଓ ଜଳ ଅଭାବରେ ଅଧିକ ଅଗ୍ରସର ହୋଇ ପାରିବ ନାହିଁ ।]

୪ । ଯେଉଁ ଦୁର୍ଗ ଚାରିପାଖେ [୫ ଯୋଜନ ପର୍ଯ୍ୟନ୍ତ ନିର୍ଜଳ ମରୁଭୂମି ଦ୍ୱାରା ବେଷ୍ଟିତ (ଦ୍ର. ଗ)—4. A fort

surrounded on all sides by waterless desert to the extent of 40 miles.

ଧନ୍ୱନ୍ତର—ସଂ. ବ (ଧନୁ+ଅନ୍ତର)—ଚାରି ହାତ ଦୈର୍ଘ୍ୟର ଏକ ମାପ
Dhanwantara (ହି. ଶବ୍ଦସାଗର)—A standard lineal measure of 4 cubits or 2 yards.

ଧନ୍ୱନ୍ତରି—ସ. ବି. (ଧନ୍ୱ+ଅନ୍ତ+ର୍ ଧାତୁ ଗମନ କରିବା+କର୍ତ୍ତୃ. ଇ;
Dhanwantari ଏ କାଶୀରାଜ ଧନ୍ୱଙ୍କ ଔରସ ଥିବାରୁ)—
୧ । ଦେବଚିକିତ୍ସକ—1. Name of the divine physician according to the Hindu mythology.
[ବ୍ର—ହରିବଂଶରେ ଲେଖା ଅଛି ଯେ ଏ ସମୁଦ୍ରମନ୍ଥନ ବେଳେ ଲକ୍ଷ୍ମୀ ଓ ଚନ୍ଦ୍ର ଆଦିଙ୍କ ସଙ୍ଗେ ସମୁଦ୍ରରୁ ବାହାରିଥିଲେ ଓ ସମୁଦ୍ରରୁ ବାହାରିବା ମାତ୍ରେ ଦେବତାମାନଙ୍କ ସଙ୍ଗେ ଗୋଟିଏ ଭାଗ ଓ ଆସନ ପାଇବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କଲେ । ତନ୍ତ୍ର ଭଗବାନ୍ କହିଲେ ଯେ ଏଥି ପୂର୍ବରୁ ଦେବତାମାନଙ୍କ ଭାଗ ଓ ସ୍ଥାନ ସ୍ଥିର ହୋଇ ସାରିଅଛି, ତୁମ୍ଭେ ଆଗାମୀ ଜନ୍ମରେ ବିଶେଷ ସିଦ୍ଧି ଲାଭ କରିବ ଓ ସଶରୀର ଦେବତ୍ୱ ଲାଭ କରିବ ଓ ଆୟୁର୍ବେଦକୁ ଆଠ ଭାଗରେ ବିଭକ୍ତ କରି ଦେବଚିକିତ୍ସକ ହେବ । ତଦନୁସାରେ ପୁତ୍ରଲାଭାର୍ଥ ବହୁକାଳ ତପସ୍ୟା କରୁଥିବା କାଶୀରାଜ ଧନ୍ୱଙ୍କ ଘରେ ଏ ଅବତାର ଗ୍ରହଣ କଲେ । ଏ ଭରଦ୍ୱାଜ ମୁନିଙ୍କଠାରୁ (ଭାବ-ପ୍ରକାଶ ମତରେ ଇନ୍ଦ୍ରଙ୍କଠାରୁ) ଆୟୁର୍ବେଦ ଶିକ୍ଷା କରି ଲୋକ-ମାନଙ୍କୁ ଚିକିତ୍ସା କଲେ ଓ କାଶୀର ରାଜା ହେଲେ—ହି. ଶବ୍ଦସାଗର]
୨ । ବିକ୍ରମାଦିତ୍ୟଙ୍କ ରାଜସଭାସ୍ଥ ନବରତ୍ନଙ୍କ ମଧ୍ୟରୁ ଜଣେକ ପଣ୍ଡିତ (କାଳିଦାସଙ୍କ ସମସାମୟିକ)—2. One of the 9 Pandits (gems) of the court of Bikramāditya.
୩ । କାଶୀର ରାଜା ଦିବୋଦାସଙ୍କ ନାମାନ୍ତର—3. A name of Dibodāsa, an ancient king of Kāsi.
୪ । ଧନିତିରି (ଦେଖ)—4. Dhanitiri (See)

ଧନ୍ୱନ—ସ. ବି. (ଧନ୍ୱ+ଅନ; ଏ ଗଛରୁ ପୂର୍ବେ ଧନୁ ତିଆରି ହେଉ-
Dhanwana ଥିବାରୁ)—ଧାମଣ (ଗଛ) (ଦେଖ
Dhāmana (tree) (See)

ଧନ୍ୱୟ(ଯ)ବାସ—ସ. ବି—ଦୁରାଲଭା (ହି. ଶବ୍ଦସାଗର) (ଦେଖ)—
Dhanwaya(ja)bāsa Durālabhā (See)

ଧନ୍ୱା—ସ. ବି. (ଧନ୍ ଧାତୁ=କ୍ଷେପଣ କରିବା+କରଣ ବନ୍=ଧନ୍ୱନ୍
Dhanwā ଶବ୍ଦ; ୧ମା. ୧ବ)—୧ । ଧନ୍ୱ ୧।୨ (ଦେଖ)
Dhanwa 1 & 2 (See)
୨ । ଆକାଶ; ଅନ୍ତରୀକ୍ଷ (ହି. ଶବ୍ଦସାଗର)—2. The sky.
୩ । ସ୍ଥଳ; ଶୁଖିଲା ଭୂମି (ହି. ଶବ୍ଦସାଗର)—
3. Dry land.
ସ. ବିଣ. (ଧନୁ+ବତ୍; ଧନ୍ୱତ୍ ଶବ୍ଦ, ୧ମା. ୧ବ; ଅନ୍ୟ ଶବ୍ଦ ପରେ ସମାସରେ ଯୁକ୍ତ ହୁଏ, ଯଥା—ଶାର୍ଙ୍ଗଧନ୍ୱା)—
ଅମୁକ ଧନୁ ଧାରଣକାରୀ—Holding a bow.

ଧନ୍ୱାୟୀ—ସ. ବିଣ. ପୁଂ. (ଧନ୍ୱ+ଅ+ ଯା ଧାତୁ+ଇନ୍, ଧନ୍ୱାୟିନ୍;
Dhanwāyi ୧ମା.୧ବ)—ଧନୁର୍ଦ୍ଧର—Armed with a bow.
(ଧନ୍ୱାୟିନୀ—ସ୍ତ୍ରୀ)

ଧନ୍ୱିନ—ସ. ବି. (ଧନ୍ୱ=ନିର୍ଜଳ ପ୍ରଦେଶ, ମରୁଭୂମି+ବିଚରଣକାରୀ
Dhanwina ଅର୍ଥରେ ଇନ୍)—ଘୁଷୁରି; ଘୁଷୁରୁ (ହି. ଶବ୍ଦସାଗର)—
Hog; pig.

ଧନ୍ୱୀ—ସ. ବିଣ. ପୁଂ. (ଧନ୍ୱନ୍; ଧନ୍ୱ+ଅସ୍ତ୍ୟର୍ଥେ ଇନ୍; ୧ମା. ୧ବ)—
Dhanwi ୧ । ଧନୁର୍ଦ୍ଧାରୀ—1. Armed with a bow.
(ଧନ୍ୱିନୀ—ସ୍ତ୍ରୀ) ୨ । ବିଦଗ୍ଧ; ଚତୁର; ନିପୁଣ—
2. Clever; skilful.
୩ । ବିଶାରଦ; ପଣ୍ଡିତ—3 Learned; accomplished.
ବି—୧ । ଅର୍ଜୁନ—
1 Arjuna; the 3rd Pāndaba brother.
୨ । ଧନୁର୍ଦ୍ଧାରୀ ଯୋଦ୍ଧା—2. Archer; bowman.
୩ । ଅର୍ଜୁନ (ଗଛ)(ଦେଖ)—3. Arjuna (tree)(See)
୪ । ବକୁଳ (ଦେଖ)—4. Bakula (See)
୫ । ଦୁରାଲଭା (ଦେଖ)—5. Durālabhā (See)
୬ । ବିଷ୍ଣୁ (ହି. ଶବ୍ଦସାଗର) (ରାମାବତାରରେ ଧନୁର୍ଦ୍ଧର ଥିବାରୁ ଓ ଶାର୍ଙ୍ଗ ଧନୁର ଅଧିକାରୀ ଥିବାରୁ)—
6. Bishnu.
୭ । ଶିବ (ହି. ଶବ୍ଦସାଗର) (ପିନାକ ଧନୁର ଅଧିକାରୀ ଥିବାରୁ)—7. God Siba.
୮ । (ନାମ) ତାମସ ମନୁଙ୍କର ଏକ ପୁତ୍ର—
8. The name of a son of Tāmasa Manu.

ଧନ୍ୟ—ସ. ବିଣ. ପୁଂ. (ଧନ+ଯୋଗ୍ୟାର୍ଥେ ଯ)—
Dhanya ୧ । ମଙ୍ଗଳମୟ; ଶୁଭସୂଚକ—1. Auspicious.
(ଧନ୍ୟା—ସ୍ତ୍ରୀ) ୨ । ଭାଗ୍ୟବାନ୍—2. Fortunate.
୩ । ସୌଭାଗ୍ୟଶାଳୀ—3. Blessed; affluent.
୪ । ସୁଖୀ—4. Happy.
୫ । କୃତାର୍ଥ—5. Successful.
୬ । ପ୍ରଶଂସନୀୟ; ଶ୍ଳାଘ୍ୟ—
6. Praiseworthy; esteemable.
୭ । ଧାର୍ମିକ; ସାଧୁ; ପୁଣ୍ୟବାନ୍; ସୁକୃତୀ—
7. Virtuous; pious.
୮ । ଧନ ଦେବାବାଲା; ଯାହାଙ୍କଠାରୁ ଧନ ମିଳେ—
8. Bestowing wealth.
ସ. ବି—୧ । ଅଶ୍ୱକର୍ଣ୍ଣ ବୃକ୍ଷ (ହି. ଶବ୍ଦସାଗର)—
1. Shorea Robusta (tree)
୨ । ବିଷ୍ଣୁ (ହି. ଶବ୍ଦସାଗର)—
2. A name of Bishnu.
୩ । ଧନିଆଁ (ହି. ଶବ୍ଦସାଗର)—3. Coriander.
୪ । ନାସ୍ତିକ (ହି. ଶବ୍ଦସାଗର)—4. An atheist.

[ଦ୍ର—ଏ ବିଶେଷଣ ଶବ୍ଦ କୌଣସି ବ୍ୟକ୍ତିକୁ ସାଧୁବାଦ କରିବା ସମ୍ପର୍କରେ ବ୍ୟବହୃତ ହୁଏ; ଯଥା—ତୁମ୍ଭେ ଧନ୍ୟ, ତୁମ୍ଭର ସାହସ ଧନ୍ୟ ।]

ଦେ. ଅ.—୧ । ସାଧୁ ! ସାଧୁ ! ବାହାବା !—1. Bravo !
(ଧନ୍ୟ ଧନ୍ୟ— ଅନ୍ୟରୂପ) ୨ । ସାବାସ୍—
ধন্য 2. Well done !
धन्य; धन्यधन्य ୩ । (ବ୍ୟଙ୍ଗାର୍ଥ) ଧିକ୍ ! ଛି !—
3. (ironical) Fie !

ଦେ. ବି.– (ସଂ. ଧନ୍ୟବାଦ)—୧ । ସାଧୁବାଦ; ପ୍ରଶଂସାବାଦ—
1. Eulogy.
୨ । କୃତଜ୍ଞତାଜ୍ଞାପନ—2. Thanksgiving.

ଧନ୍ୟ କରିବା—ଦେ. କ୍ରି.—୧ । କୃତଜ୍ଞତା ଜ୍ଞାପନ କରିବା; ଧନ୍ୟବାଦ
Dhanya karibā ଦେବା—1.To give thanks; to thank.
ধন্যবাদ দেওয়া ୨ । ପ୍ରଶଂସା କରିବା—
धन्यवाद करना 2. To praise; to eulogise.

ଶୁଣି ଶ୍ରୀହରି ବଚନ, ତେବେ ଧନ୍ୟ କଲେ ଧ୍ୟାନ ।
ଜଗନ୍ନାଥ. ଭାଗବତ ।

ଧନ୍ୟଧନ୍ୟ କରିବା—ଦେ. କ୍ରି.—ଅତିଶୟ ପ୍ରଶଂସା କରିବା—
Dhanyadhanya karibā To speak very highly of;
ধন্যবাদ দেওয়া to give thanks.
धन्यवाद देना ସମସ୍ତେ ଗାଇ ସଭାକୁ ଧନ୍ୟ ଧନ୍ୟ କଲେ ।
ନୀଳକଣ୍ଠ ଦାସ. ତିଳକ ସମାସ୍ୟ ।

ଧନ୍ୟ ପଦ—ଦେ. ବି. (ସଂ. ଧନ୍ୟବାଦ)—ଧନ୍ୟବାଦ (ଦେଖ)
Dhanya pada Dhanyabāda (See)
(ଧନ୍ୟ ଧନ୍ୟପଦ, ଧନ୍ୟ ଧନ୍ୟ ବଚନ—ଅନ୍ୟରୂପ)

ଧନ୍ୟବାଦ—ସଂ. ବି.—(ଧନ୍ୟ + ବଦ୍ ଧାତୁ—କହିବା + ଭାବ. ଅ)—
Dhanyabāda ୧ । ସାଧୁବାଦ; ପ୍ରଶଂସାବାଦ; ସାବାସୀ—
1. Eulogy; applause
୨ । କୃତଜ୍ଞତାଜ୍ଞାପନ—
2. Thanksgiving; expression of gratefulness.

ଦେ. ଅ. (ଇଂରାଜ ସମାଜର ବ୍ୟବହାର ଅନୁକରଣରେ ଅଧୁନା ଭଦ୍ର ସମାଜରେ ବ୍ୟବହୃତ) ମୁଁ ଆପଣଙ୍କୁ ଧନ୍ୟବାଦ ଦେଉଛି—(Interj) Thanks ! Thank you !

ଧନ୍ୟବାଦ କରିବା—ଦେ. କ୍ରି.—ସାଧୁବାଦ କରିବା—
Dhanyabāda karibā To thank; to express
ধন্যবাদ করা (দেওয়া) gratitude; to applaud.
धन्यवाद करना (देना)
(ଧନ୍ୟବାଦ ଦେବା—ଅନ୍ୟରୂପ)

ଧନ୍ୟବାଦାର୍ହ—ସଂ. ବିଣ. ପୁଂ—(ଧନ୍ୟବାଦ + ଅର୍ହ ଧାତୁ + କର୍ତ୍ତୃ. ଅ)—
Dhanyabādārha ଧନ୍ୟବାଦ ପାଇବାର ଯୋଗ୍ୟ—
(ଧନ୍ୟବାଦାର୍ହା—ସ୍ତ୍ରୀ) Deserving thanks.

ଧନ୍ୟା—ସଂ. ବି. ସ୍ତ୍ରୀ—(ଧନ୍ ଧାତୁ=ଜନ୍ମକୁ ଦେବା + କର୍ତ୍ତୃ. ଯ + ଆ)—
Dhanyā ଧନିଆ (ଦେଖ)—Dhaniā (See)

ସଂ. ବିଣ. ସ୍ତ୍ରୀ.—(ଧନ୍ୟ + ସ୍ତ୍ରୀ. ଆ)—ଧନ୍ୟର ସ୍ତ୍ରୀଲିଙ୍ଗ—
Feminine of Dhanya.

ଧନ୍ୟାକ—ସଂ. ବି. କ୍ଲୀ—(ଧନ୍ ଧାତୁ=ଜନ୍ମକୁ ଦେବା + କର୍ତ୍ତୃ. ଆକ)—
Dhanyāka ଧନିଆ (ଦେଖ)—Dhaniā (See)

ଧପ୍— ଦେ. ଅ.—୧ । ଅଳୁଅ ହଠାତ୍ ଲିଭିଯିବା ପ୍ରକାରେ—
Dhap 1, (extinction of a light) Suddenly.
ধপ ୨ । ଅଳୁଅ ହଠାତ୍ ଜଳି ଉଠିବା ପ୍ରକାରେ—
धप 2. Suddenly (flaring up of a light)
ଧପ୍‌କିନା, ଧପ୍‌କିନ, ଧପ୍‌କିରି, ଧପ୍‌କର, ଧପ୍‌ଧପ୍, ଧପଧସ୍ } ଅନ୍ୟରୂପ ୩ । (ଧ୍ୱନ୍ୟନୁକରଣ) କୌଣସି କଠିନ ବସ୍ତୁ (ଯଥା ବଡ଼ ବାଡ଼ି) କୌଣସି କୋମଳ ବସ୍ତୁ (ଯଥା ଗଦି) ଉପରେ ଜୋର ପୂର୍ବକ ପଡ଼ିବାର ଶବ୍ଦ—3. Thumping sound produced by a hard substance falling on a soft surface.

ଧପ୍(ପ) ଧପ୍(ପ)—ଦେ. ଅ.—୧ । ଅଳୁଅ ଅସ୍ଥିର ଭାବରେ ଜଳିବା ଓ
Dhap (pa) dhap(pa) ଲିଭିବା ପ୍ରକାରେ—
দপদপ 1. In a flickering manner; in a twinkling manner.

ଧପ ଧ ପ ହୋଇ ପ୍ରାଚୀ ମୂଳେ, ଧପ ଧପ ଜଳେ ଜହର ଅନଳ
ଜ୍ୱଳନ ବଦନ କରି ବ୍ୟାକୁଳ । ନନ୍ଦକିଶୋର । କୃଷ୍ଣକୁମାରୀ ।

ধুপধাপ ୨ । ଧପ୍‌ଧାପ୍ (ଦେଖ)—
धपधप 2 Dhap-dhāp (See)

ଓଡ଼ାଲମାନେ ଧପଧପ ଯିବା ଶବ୍ଦେ,
ଛାଟ ଲଗୁଣ ମଞ୍ଚ କମ୍ପିଲ ନରଦେ । କୃଷ୍ଣସିଂ. ମହାଭାରତ, ଶାନ୍ତି ।

ধপধপ ୪ । ଚକ୍ ଚକ୍—4. Glitteringly.
जगमग ଧପ ଧପ ହୋଇ ପ୍ରାଚୀ ମୂଳେ ଉଇଁଲାଣି ରତ୍ନାକର
ରାଧାନାଥ. ଯାଜନୀ ।

୫ । କଠିନ ଭୂମିରେ ଜୋରରେ ଚାଲିବା ସମୟରେ ପାଦର ଶବ୍ଦ—5. The thud of foot steps on firm ground.

ଧପ ଧାପ୍—ଦେ. ଅ—୧ । ଶୀଘ୍ର ଶୀଘ୍ର—
Dhap dhāp 1. Quickly.
ধপাধাপ, ধপাস ୨ । ଗୋଟିଏ କଠିନ ବସ୍ତୁ ଅନ୍ୟ ଗୋଟିଏ କୋମଳ
धबधब ବସ୍ତୁରେ ଉପର୍ଯ୍ୟୁପରି ଆଘାତ କରିବାର ଶବ୍ଦ—
(ଧପାଧପ୍— ଅନ୍ୟରୂପ) 2. Thumping sound; the sound of a heavy and hard thing falling on a soft surface.

[ଦ୍ର—ଚଉଅରେ ବାଧା ମାରିବା, ପାଦ ଭୂଇଁରେ ବାଡ଼େଇବା ।]

୩ । ଦ୍ରୁତବେଗରେ ଭୂମିରେ ଚାଲିବାର ଶବ୍ଦ—
3. Thumping sound of foot steps.

ଧପ ଚିକଣ(ଣା)—ଦେ. ବିଣ— ଧପ ଚିକଣ (ଦେଖ)
Dhapa chikaṇa(ṇā) Dhapa chikaṇa (See)

ଧପ ଚିକଣିଆ(ଆଁ)—ଦେ. ବିଣ—ବାହାରେ ଭଲ ଦେଖାଇବା
Dhapa chikaṇiā(āñ) (ଲୋକ) — ବାହ୍ୟ ଚାକଚକ୍ୟବିଶିଷ୍ଟ—
চটকদার **भड़कीला** Showy; gaudy; tawdry.

ଧପଟ—ଦେ. ବି. (ସ. ଧାବ୍ ଧାତୁ)—୧ । ଦଉଡ଼ିବା—1. Running.
Dhapaṭa (ଧପଡ଼, ଧପଡ଼ା—ଅନ୍ୟରୂପ)
ধাবাড় **धप्पाड़** ୨ । ଦୌଡ଼—2. Race; swift motion.
ବାଲୀ ଯେ ପର ଭୂଭଙ୍ଗ ଧପଟ ଲମ୍ଫଟ ବଳେ ଅଦଭୁ ।
ଭକ୍ତ. କୋଷ୍ଟବୃହ୍ମାଣ୍ଡସ୍ତବସ ।

ଧପଟିବା—ପ୍ରାଦେ. (ସିଂହଭୂମ) କ୍ରି.—ଧମକାଇବା (ଦେଖ)
Dhapaṭibā Dhamakāibā (See)

ଧପଡ଼ ଧପଡ଼—ଦେ. ଅ.—(ଧ୍ୱନ୍ୟନୁକରଣ)—ଦଉଡ଼ିବାର ଶବ୍ଦ—
Dhapar̤da dhapar̤da Thumping sound of foot-steps.
(ଧାପଡ଼ ଧାପଡ଼, ଧାପୁଡ଼ୁ ଧାପୁଡ଼ୁ—ଅନ୍ୟରୂପ)

ଧପଡ଼ା (ଡ଼େ)ଇବା—ଦେ. କ୍ରି.—ଧପଡ଼ିବାର ଣିଜନ୍ତରୂପ—
Dhapar̤dā (r̤de)ibā Causative of Dhapar̤dibā.
দৌড়ান **दौड़ाना**
(ଧପୁଡ଼ାଇବା, ଧପୁଡ଼େଇବା—ଅନ୍ୟରୂପ)

ଧପଡ଼ା ଧପଡ଼ି—ଦେ. ବି.—ଦଉଡ଼ା ଦଉଡ଼ି; ଧାଁଆଁ ଧପଡ଼—
Dhapar̤dā dhapar̤di Race; running to and fro.
দৌড়ধাব; দৌড় ধপাড় **दौड़धापड़**

ଧପଡ଼ି—ଦେ. ବିଣ.—(ସ. ଧବ୍)—ଧପାବାଜି—
Dhapar̤di Deceitful; swindling.
ধপাবাজ **धोखाबाज** (ଧପଡ଼ି—ଅନ୍ୟରୂପ)

ଧପଡ଼ିବା—ଦେ. କ୍ରି.—(ସ. ଧାବ୍ ଧାତୁ)—ଦଉଡ଼ିବା—
Dhapar̤dibā To run with a thumping sound.
দৌড়া **धपना** (ଧପୁଡ଼ିବା—ଅନ୍ୟରୂପ)

ଧପ ଧାପ(ପେ)—ଦେ. କ୍ରି. ବିଣ.—ଅତିଶୀଘ୍ର—Quickly.
Dhapa dhāpa(pe)
ঝুপদাপ ଧପ ଧାପେ ଯୋଦ୍ଧାମାନଙ୍କୁ ଧୂଅଁ ଇଲେ,
झटपट କୋପ କରନ୍ତି ବେପ ଅମାପ ବଢ଼ିଲେ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଧପା (ପ୍ପା)—ଦେ. ବି. (ସଂ. ଧବ୍—ଧୂର୍ତ୍ତ ବ୍ୟକ୍ତି)—୧ । ଠକାମି—
Dhapā(ppā) 1. Swindling.
ধাপা **धप्पा** ୨ । ପ୍ରତାରଣା—2. Deceit.
(ଧପାଙ୍ଗି, ଧପ୍ପାଙ୍ଗି—ଅନ୍ୟରୂପ)

ଧପା(ପେ)ଇବା—ଦେ. କ୍ରି.—୧ । ଠକାଇବା—
Dhapā(pe)ibā 1. To swindle; to deceive.
ধাপা দেওয়া ୨ । ଭଣ୍ଡିବା—2. To put off.
धप्पा मारना ୩ । ଆଖିରେ ଧୂଳି ପକାଇବା—
3. To throw dust over one's eyes.
(ଧପା ଦେବା, ଧପ୍ପା ଦେବା, ଧପା ମାରିବା, ଧପ୍ପା ମାରିବା, ଧପାଙ୍ଗିମାରିବା, ଧପ୍ପାଙ୍ଗି ମାରିବା, ଧପାଙ୍ଗି ବତା(ତେ)ଇବା, ଧପ୍ପାଙ୍ଗି ବତା(ତେ)ଇବା—ଅନ୍ୟରୂପ)

ଧପାଡ଼ି—ଦେ. ବିଣ.—୧ । ଭଣ୍ଡ; ପ୍ରତାରକ—
Dhapār̤di 1. Swindling; deceitful.
ধাপাবাজ ୨ । ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟ କରିବ କରିବ ବୋଲି
धप्पाबाज କହି ଦନ୍ଦହଲିଆ ହଏ—2. Putting off a matter on various excuses.
ଧପ୍ପାଡ଼ି, ଧପାଡ଼ିଆ; ଧପ୍ପାଡ଼ିଆ, ଧପାଦିଆ; ଧପ୍ପାଦିଆ, ଧପାମରା, ଧପ୍ପାମରା, ଧପାବାଜ୍ } ଅନ୍ୟରୂପ

ଧପାବାଜ୍—ଦେ. ବିଣ—୧ । ପ୍ରତାରକ—
Dhapābāj 1. Fraudulent; deceitful.
(ଧପ୍ପାବାଜ୍, ଧପାଙ୍ଗି, ଧପ୍ପାଙ୍ଗି—ଅନ୍ୟରୂପ)
ধাপাবাজ, **धपाबाज**

ଧପାବାଜି—ଦେ ବି—ପ୍ରତାରଣା; ଠକାମି—
Dhapābāji Deceitfulness.
(ଧପ୍ପାବାଜି—ଅନ୍ୟରୂପ) କି ହୋ ପଚନାହିଁକେ ଏ କି ଧପାବାଜି କଥା ?—
ধাপাবাজী **दान्दलबाजी, धपाबाजी** ଭିକାରିଚରଣ. ଯୌତୁକ ।

ଧପାଲିବା—ଦେ. କ୍ରି (ସ. ଧାବ୍ ଧାତୁ)—ଦଉଡ଼ିବା—
Dhapālibā To run.
ধাওয়া, **धपाड़ना; दौड़ना**

ଧବ—ସ. ବି. ପୁଂ (ଧୂ ଧାତୁ=କମ୍ପାଇବା+କର୍ତ୍ତୃ. ଅ)—୧ । ପତି; ସ୍ୱାମୀ—1. Husband.
Dhaba
୨ । ପ୍ରଭୁ—2. Lord; master.
୩ । ମନୁଷ୍ୟ—3. A man.
୪ । ଧୂର୍ତ୍ତ ବ୍ୟକ୍ତି—4. A knave; a cheat.
୫ । ଧଅ (ଗଛ) (ଦେଖ)—5. Dha-a (tree) (See)
(୧+୪)=ବଂଶପାଣି ଭଣି ଉଶାନ କଲେଣି ଏ ବନେ କି ବସା
ବୈଦେହୀ କହୁ କି ବୃକ୍ଷ କି ସେ କୋହୁ ଧବରେ ଏ ଭଷା
ବୋଲେ ଲକ୍ଷ୍ମଣ ଏଥି ଗତାଗତ କରନ୍ତି ବୃଷ କି
ଏଣ୍ଟରେ କହଇ ଦ୍ୱାରବନ୍ତ ସେହୁ ଭଣିତ ଜାନକୀ ।
ଭଞ୍ଜ. ବୈଦେହୀଶବିଳାସ ।
୬ । (+ଭାବ. ଅ) କମ୍ପ—6. Quaking; trembling.

ଧବଳ—ସ. ବିଣ (ଧବ=କମ୍ପ+ଲା ଧାତୁ+କର୍ତ୍ତୃ. ଅ)—
Dhabaḷa ୧ । ଧଳା; ଶୁଭ୍ର; ଶ୍ୱେତ; ଶୁକ୍ଳ—1. White.
(ଧବଳା, ଧବଳୀ—ସ୍ତ୍ରୀ) ୨ । ଗୋରା—2. Fair-skinned; white skinned.
(ଧବଳତା, ଧବଳତ୍ୱ—ବି)
୩ । ଚକଚକିଆ ଧଳା—3. Dazzling white.
ସଂ. ବି—୧ । ଶ୍ୱେତବର୍ଣ୍ଣ; ଧଳାରଙ୍ଗ—1. White-colour.
୨ । ଶ୍ୱିତ୍ର; ଶ୍ୱେତକୁଷ୍ଠ—
2. White leprosy; leucoderma.
ଗୁରୁ କାମିନୀ ଯେବେ ରତେ,
ଧବଳ ହୋଇ ମୃତ ହୁଏ । ଜଗନ୍ନାଥ. ଭାଗବତ ।
୩ । ଏକପ୍ରକାର କର୍ପୂର; ଚିନା କର୍ପୂର—
3. A kind of camphor.
୪ । ଶ୍ୱେତ ମରିଚ—4. White pepper.
୫ । ଧଳା ଷଣ୍ଢ—5. White bull.
୬ । ଶ୍ରେଷ୍ଠ ବୃଷ—6. An excellent bull.
୭ । ଧଅ (ଗଛ) (ଦେଖ)—7. Dha-a (tree) (See)
୮ । ଧଳା ପାରା (ହି. ଶବ୍ଦସାଗର)—
8. White pigeon.

୯ । ଅର୍ଜୁନ (ଗଛ) (ଦ୍ର. ଶବ୍ଦସାଗର)—
9. Arjuna (tree) (See)

୧୦ । ରାଗିଣୀବିଶେଷ (ଦ୍ର. ଶବ୍ଦସାଗର)—
10. Name of a secondary musical air in Hindu music.

[ଦ୍ର—ଭରତଙ୍କ ମତରେ ଏହା ହିନ୍ଦୋଳ ରାଗର ଅଷ୍ଟମ ପୁତ୍ର— (ଦ୍ର. ଶବ୍ଦସାଗର) ।]

ଦେ. ବି—ପ୍ରାଚୀନ ଉତ୍କଳର ଏକ ଜାତି ଲୋକଙ୍କର ସଂଜ୍ଞା—
A title of a caste of people in ancient Utkal.

ଧବଳ କର—ସଂ. ବି (ବହୁବ୍ରୀହି; ଧବଳ+କର=କିରଣ)—ଚନ୍ଦ୍ର;
Dhabaḻa kara ଚନ୍ଦ୍ର; ଶୀତାଂଶୁ—The moon.

ବଳ ପ୍ରବଳ ମୋର ଧବଳକର ପ୍ରାୟେ ଛମ ପ୍ରାପ୍ତ କବଳ କର ସେ—
ଭଞ୍ଜ. ବୈଦେହୀଶବିଳାସ ।

ଧବଳ କୁଷ୍ଠ—ସଂ. ବି (ଧବଳ+କୁଷ୍ଠ)—ଶ୍ୱେତକୁଷ୍ଠ; ଧଳା ଛଉ—
Dhabaḻa kushṭha Leucoderma; white leprosy; albinism.

ଧବଳ ଗିରି—ସଂ. ବି (ଧବଳ+ଗିରି)—୧ । ହିମାଳୟ ପର୍ବତର ସର୍ବୋଚ୍ଚ
Dhabaḻa giri ଶୃଙ୍ଗ—1. Name of the highest peak of the Himalayas (Apte.).

[ଦ୍ର—ଏହି ଶୃଙ୍ଗ ନେପାଳ ରାଜ୍ୟରେ ଅବସ୍ଥିତ । ଏଥିର ଉଚ୍ଚତା ପ୍ରାୟ ୨୭ ହଜାର ଫୁଟ ।]

୨ । ଶ୍ୱେତ ପର୍ବତ—2. A white mountain.

ଦେ. ବି—ଧଉଳି ଗିରି (ଦେଖ)—Dhauḻi giri (See)

ଧବଳ ପକ୍ଷ—ସଂ. ବି (କର୍ମଧା; ଧବଳ+ପକ୍ଷ)—୧ । ଚାନ୍ଦ୍ରମାସର ଶୁକ୍ଳପକ୍ଷ--
Dhabaḻa paksha 1. The bright fortnight of a lunar month.

୨ । ଧଳା ପର—2. White feather.

୩ । (ବହୁବ୍ରୀହି; ଧବଳ ପକ୍ଷ ଯାହାର) ଧଳା ହଂସ
3. Swan; white-winged gander.

ଧବଳମୟ(ୟେ)—ପ୍ରା. (ପ୍ରାଚୀନ) ବିଣ—ଧବଳ (ଦେଖ)
Dhabaḻamaya (ye) Dhabaḻa (See)

ଧବଳମୟେ ବସୁଛି ମହାନନ୍ଦ କ୍ଷିତ—ପ୍ରାଚୀ. ବ୍ରହ୍ମବୃପଶଗୀତା ।

ଧବଳମୟ ପୁର(ରୀ)—ଦେ. ବି (ସଂ. ଧବଳ+ପୁର; +ପୁରୀ)—
Dhabaḻamaya pura(rī) ଅଟ୍ଟାଳିକାମୟ ସ୍ଥାନ—(କୋଠା-
धौराहर ମାନ ଚୂନ ବୋଲାହୋଇ ଧବଳିତ ହୋଇଥିବାରୁ)—
A place full of (white) buildings or palaces.

(ଯଥା—ମୋ ହାତରେ ହନାକେତେ ରାଜ୍ୟର ଭାର ପଡ଼ିଲେ ମୁଁ ଏ ସ୍ଥାନକୁ ଧବଳମୟ ପୁରୀ କରେଇ ଦଅନ୍ତି ।)

ଧବଳ ମୃତ୍ତିକା—ସଂ. ବି. ସ୍ତ୍ରୀ (ଧବଳା+ମୃତ୍ତିକା)—୧ । ଚକ୍ ଖଡ଼ି—
Dhabaḻa mṛuttikā 1. Chalk.

୨ । ଖଡ଼ିଆ ମାଟି—2. Chalky soil.

ଧବଳା—ସଂ. ବି. ସ୍ତ୍ରୀ (ଧବଳ+ଆ)—ଧଳା ଗାଈ—
Dhabaḻā A white cow.

ସଂ. ବିଣ. ସ୍ତ୍ରୀ—ଧବଳର ସ୍ତ୍ରୀଲିଙ୍ଗ—
Feminine of Dhabaḻa..

ଦେ. ବିଣ (ସଂ. ଧବଳ)—ଧବଳ; ଧଳା—White.

ଦେଖ ଦେଖ ଗୋ ସୁନ୍ଦର ଗଳା,
ସେ ତ କମ୍ବୁର ପ୍ରାୟେ ଧବଳା—ପ୍ରାଚୀ. ରହସ୍ୟମଞ୍ଜରୀ ।

ଧବଳାଙ୍ଗ—ସଂ. ବିଣ. ପୁଂ (ବହୁବ୍ରୀହି; ଧବଳ+ଅଙ୍ଗ)—ଯାହାର ଶରୀର
Dhabaḻāṅga ଧଳା—Having a white body.
(ଧବଳାଙ୍ଗୀ—ସ୍ତ୍ରୀ) ସଂ. ବି—ହଂସ—Swan.

ଧବଳିତ—ସଂ. ବିଣ (ଧବଳ+ଯୁକ୍ତାର୍ଥେ. ଇତ)—୧ । ଶୁକ୍ଳୀକୃତ—
Dhabaḻita 1. Whitened.
(ଧବଳିତା—ସ୍ତ୍ରୀ) ୨ । ଶୁଭ୍ରୀଭୂତ—2. Brightened.

ଧବଳିବା—ଦେ. କ୍ରି—ଧଉଳିବା (ଦେଖ)
Dhabaḻibā Dhauḻibā (See)
ଧଵଳାନା

ଧବଳିମା—ସଂ. ବି (ଧବଳ+ଭାବାର୍ଥେ. ଇମନ୍; ଂମା. ୧ବ)—
Dhabaḻimā ୧ । ଶୁକ୍ଳତା—1 Whiteness.

୨ । ରକ୍ତହୀନତା ଯୋଗୁଁ ଶରୀରର ପାଣ୍ଡୁରତା—
2. Paleness of the skin due to bloodlessness.

ଧବଳୀ—ସଂ. ବି. ସ୍ତ୍ରୀ (ଧବଳ+ସ୍ତ୍ରୀ. ଈ)—୧ । ଧଳା ଗାଈ—
Dhabaḻī 1. White cow.

୨ । ଏକ ରୋଗ, ଯହିଁରେ ବାଳ ଧଳା ହୋଇଯାଏ (ହି.ଶ.)--
2. A disease turning the hair grey.

୩ । ଧଳା ମରିଚ—3. White pepper.

ଧବଳୀକୃତ—ସଂ. ବିଣ (ଧବଳ+ଅଭୂତ ତଦ୍ଭାବେ ଚ୍ୱି+କୃତ)—
Dhabaḻīkṛuta ଯାହା ପୂର୍ବେ ଧଳା ହୋଇ ନ ଥିଲା ପରେ
(ଧବଳୀକୃତା—ସ୍ତ୍ରୀ) ଧଳା କରା ଯାଇଅଛି—Made white;
(ଧବଳୀକରଣ—ବି) whitened.

ଧବଳୀଭୂତ—ସଂ. ବିଣ (ଧବଳ+ଅଭୂତ ତଦ୍ଭାବେ ଚ୍ୱି+ଭୂତ)—
Dhabaḻībhūta ଯାହା ପୂର୍ବେ ଧଳା ହୋଇ ନ ଥିଲା ପରେ ଧଳା
(ଧବଳୀଭୂତା—ସ୍ତ୍ରୀ) ହୋଇଅଛି—Turned white.
(ଧବଳୀଭାବ—ବି)

ଧବଳୀ ଶ୍ୟାମଳୀ—ସଂ. ବି. ସ୍ତ୍ରୀ (ଦ୍ୱନ୍ଦ୍ୱ; ଧବଳୀ+ଶ୍ୟାମଳୀ)—ଶ୍ରୀକୃଷ୍ଣଙ୍କ
Dhabaḻī syāmaḻī ଚରାଉଥିବା ଧଳା ଗାଈ ଓ କଳା ଗାଈ—
The white and black cows tended by Śrīkṛushṇa.

ଧବଳେଶ୍ୱର—ଦେ. ବି. (ସଂ. ଧବଳ+ଈଶ୍ୱର)—କଟକ ନିକଟସ୍ଥ
Dhabaḻeśwara ମହାନଦୀ ଗର୍ଭସ୍ଥ ଅଠଗଡ଼ ରାଜ୍ୟର ଗୋଟିଏ
ପାହାଡ଼ର ଉପରେ ଥିବା ଶିବଲିଙ୍ଗ—
ଧବଳେଶର, ଧବଳେଶ୍ୱର, ଧବଳେଶ୍ୱର } ଅନ୍ୟରୂପ
Name of an idol (Śiba) situated on a hillock on the bed of the Mahānadī river to the north-west of the town of Cuttack.

[ଦ୍ର—ଏହା ଆଠଗଡ଼ ରାଜ୍ୟର ଅନ୍ତର୍ଗତ । ଏ ସ୍ଥାନଟି ଅତି ମନୋହର । ପ୍ରବାଦ ଅଛି ଯେ କୌଣସି ଭକ୍ତର ଆର୍ତ୍ତ ଡାକ ଶୁଣି ଏହି ଠାକୁର କଳା ବଳଦକୁ ଧଳା କରିଦେଇ, ତାହାକୁ ଅସନ୍ନ ବିପଦରୁ ରକ୍ଷା କରିଥିଲେ । କାର୍ତ୍ତିକପୂର୍ଣ୍ଣିମା ସମୟରେ ଏଠାରେ ବହୁସଂଖ୍ୟ ଉତ୍କଳୀୟ, ବିଶେଷତଃ କଟକ ଜିଲ୍ଲା ଓ ଗଡ଼ଜାତର, ଯାତ୍ରୀ ଏକତ୍ର ହୋଇ ବଡ଼ଓଷା ବ୍ରତ କରନ୍ତି । ଏହାଙ୍କ ଉଦ୍ଦେଶ୍ୟରେ କଟକ ଜିଲ୍ଲାର ମଫସଲରେ ମଧ୍ୟ 'ବଡ଼ଓଷା' ବ୍ରତ କରାଯାଏ । 'ବଡ଼ଓଷା'ର ପ୍ରସାଦ ମଣ୍ଡା ଓ ଖିରସା । ଏଠାରେ କବିବର ରାଧାନାଥଙ୍କ ପୁତ୍ର ଶଶିଭୂଷଣଙ୍କର ଖଣ୍ଡିଏ ଜମିଦାରୀ କୁଠୀର ଅଛି ।]

ଧବଳୋତ୍ପଳ—ସଂ. ବି. (ଧବଳ+ଉତ୍ପଳ)—ଧଳା କଇଁ—
Dhabalotpala — White water-lily.

ଧବାଣକ—ସଂ. ବି (ଧୂ ଧାତୁ=କମ୍ପିତ ହେବା+କରଣ. ଅନ+କ)—
Dhabāṇaka — ପବନ—Wind (Apte).

ଧବିତ୍ର—ସଂ. ବି. (ଧୂ ଧାତୁ=କମ୍ପିବା+କରଣ. ଇତ୍ର)—
Dhabitra — ୧ । ମୃଗଚର୍ମର ପଙ୍ଖା—
1. A fan made of deer-skin.
୨ । ତାଳପତ୍ରର ପଙ୍ଖା—2. A palm-leaf fan.
ସଂ. ବିଣ. (ଧୂ ଧାତୁ+କର୍ତ୍ତୃ. ଇତ୍ର)—ଅପନୟନକାରକ—
Removing.

ଧବୁଡ଼ା—ଦେ. ବି. (ସଂ. ଧାବ୍ ଧାତୁ)—ଧଉଡ଼; ଦଉଡ଼—
Dhaburḍā — Running.

ଧବୁଡ଼ା(ଡ଼େ)ଇବା—ଦେ. କ୍ରି. (ସଂ. ଧାବ୍ ଧାତୁ)—ଧବୁଡ଼ିବାର
Dhaburḍā(ḍe)ibā — ଣିଜନ୍ତରୂପ—Causative of
(ଧବୁଡ଼େଇବା—ଅନ୍ୟରୂପ) — Dhaburḍibā.

ଧବୁଡ଼ିବା—ଦେ. କ୍ରି. (ସଂ. ଧାବ୍ ଧାତୁ)—ଦଉଡ଼ିବା—
Dhaburḍibā — To run.
ଦୌଡ଼ା ଧପନା

ଧ ବୋଇଲେ ମାଢ଼ି ବସୁଛି—ଦେ. (ବ୍ୟଙ୍ଗ୍ୟ ବାକ୍ୟ)—ଧଅ ବୋଇଲେ
Dha boile māṛdi basuchhi — କାମୁଡ଼ି ପକାଉଛି (ଦେଖ)
(ଧଅ ବୋଇଲେ ମାଢ଼ି ବସୁଛି—ଅନ୍ୟରୂପ) Dha-a boile
Kāmurḍi pakāuchhi (See)

ଧମ୍‌ନା—ପ୍ରାଦେ. (ସମ୍ବଲପୁର)—ଧମଣା (ଦେଖ)
Dham-nā — Dhamaṇā (See)

ଧମ—ସଂ. ବି. (ଧ୍ମା ଧାତୁ=ଶବ୍ଦ କରିବା, ଅଗ୍ନି ସଂଯୋଗ କରିବା+କର୍ତ୍ତୃ. ଅ)—
Dhama
୧ । କମାରଶାଳରେ ଯେ ଭାତି ଡାଏ—
1. One who blows the bellows.
୨ । ଯେ ଅଗ୍ନି ସଂଯୋଗ କରେ; ଯେ ନିଆଁ ଲଗାଏ—
2. One who kindles a fire.
୩ । ଶବ୍ଦ ଉତ୍ପାଦନକାରୀ ବ୍ୟକ୍ତି—
3. One who produces or makes a sound.
ଦେ. ବିଣ. (ସଂ. ଅଧମର ବିପରୀତ)—ଉତ୍ତମ ବ୍ୟକ୍ତି—
A good person.
ଜାଣି ପରରେ ଧମ; ନ ଜାଣି ନ ପରରେ ଅଧମ—ପ୍ରବଚନ ।

ଧମକ୍—ଦେ. ବି—ଧମକ (ଦେଖ)
Dhamak — Dhamaka (See)
ପ୍ରାଦେ. (ସମ୍ବଲପୁର) ବି—ଗାଳି—Abuse.

ଧମକ୍ ଦେବା—ପ୍ରାଦେ. (ସମ୍ବଲପୁର) କ୍ରି—ଧମକାଇବା (ଦେଖ)
Dhamak debā — Dhamakāibā (See)

ଧମକ—ସଂ. ବି. (ଧ୍ମା ଧାତୁ+କର୍ତ୍ତୃ. ଅକ)—କମାର—
Dhamaka — Black-smith.

ଧମକ — ଦେ. ବି. (ସଂ. ଧ୍ମା ଧାତୁ=ଶବ୍ଦ କରିବା)—
धमकी, धमक — ୧ । ତର୍ଜନ; ଭୟ ପ୍ରଦର୍ଶନ—1. Threat
ଧମକ ଶୁଣି ଉର ଦୂଅନ୍ତେ ତରୁଣୀ
ଚରଣ ଅନ୍ତ୍ୟକୁ ନ ଲଭ ଶରଣ ଗୋ—କବିସୂର୍ଯ୍ୟ, ସଙ୍ଗୀତ ।
୨ । ଦମଦମ ହେବା; ଧକଧକ ହେବା—2. Throbbing.
୩ । ଛାତି ଦମଦମ; ହୃତକମ୍ପ—
3. Palpitation of the heart.
୪ । ଅଧିକାରପତ୍ର; ହୁକୁମନାମା—
4. Order; order-slip.
୫ । ଖୁବ୍ ଜୋର୍—5. Great force.
ଦେ. ଅ. (ସବାରି ବେହେରାମାନଙ୍କ ଡାକ)—ବାଟରେ ଆଗରେ ଗର୍ତ୍ତ ଅଛି—(a halloo of palki-bearers)
There is a pit on the road.

ଧମକ ଚମକ—ଦେ. ବି—୧ । ତର୍ଜନ ଗର୍ଜନ—
Dhamaka chamaka — 1. Loud threats.
(ଧମକା ଚମକା—ଅନ୍ୟରୂପ) ୨ । ବହୁ ଭର୍ତ୍ସନା—
धमकचमक — 2. Scolding; a shower of rebuke.
धमगजर

ଧମକଧମା—ଦେ. ବି—୧ । ଧମକାଣ—
Dhamakadhamā — 1. Threatening.
धमक्की — ୨ । ଆଡ଼ମ୍ବର ଦେଖାଇବା—2. Making ado.
୩ । (ସବାରି ଗଉଡ଼ଙ୍କ ଡାକ) ଅସମତଳ ବା ଗର୍ତ୍ତମୟ କଷ୍ଟପ୍ରଦ ମାର୍ଗ ପ୍ରତି ଲକ୍ଷ୍ୟ କରି ବେହେରାମାନଙ୍କ ଡାକ—
3. A halloo of palki-bearers indicating that the road is very uneven or full of pits.

ଧମକ ଧମା(ମେ)ଇବା—ଦେ. କ୍ରି. (ତୁଳନାକର; ହି. ଦମକ=
Dhamaka dhamā(me)ibā — ଝିକ୍ମିକ୍)—୧ । ଚମକାଇବା—
चमकान; धपधपकरा — 1. To cause to wince.
धमकना — ୨ । ଚମକ ବା ଚକଚକ୍ୟ ଦେଖାଇବା—
2. To glitter.
୩ । ଅଙ୍ଗ ପ୍ରତ୍ୟଙ୍ଗ ସଞ୍ଚାଳନ କରିବା—3. To show one's self off to advantage by moving the limbs
୪ । ଆଡ଼ମ୍ବର ଦେଖାଇବା—4. To make ado.
୫ । (ଧ୍ୱନ୍ୟନୁକରଣ) ଅଳଙ୍କାରର ଝମ ଝମ ଶବ୍ଦ କରିବା; ଚକଚକ୍ୟ ଦେଖାଇ ଚାଲିବା—5 To walk by producing tinkling sound of the ornaments or by showing off one's graces.

ଧନଅ ଧମକ ଟମେଉଉ
ସାହିଁ ନାକରେ ନାହିଁ ଗୁଣା ମାଉ ତ ପକେଇଲେ । ଭଗ ।

ଧମକରେ ରହିବା—ଦେ. କ୍ରି—୧ । ଭୟଗ୍ରସ୍ତ ହେବା—
Dhamakare rahibā 1. To be frightened.
धमकी में आना ୨ । ଭୀତ ହୋଇ ଅଧୀନତା ସ୍ୱୀକାର କରିବା—
2. To be coerced by one's threats.

ଧମକା—ଦେ. ବି. (ସ. ଧ୍ମା ଧାତୁ=ଶବ୍ଦ କରିବା)—ଧମକ (ଦେଖ)
Dhamakā Dhamaka (See)

ଧମକା(କେ)ଇବା—ଦେ. କ୍ରି, (ସ. ଧ୍ମା ଧାତୁ=ଶବ୍ଦ କରିବା)—
Dhamakā(ke)ibā ୧ । ପ୍ରହାରାଦିର ଭୟ ଦେଖାଇବା—
ଧମକଦେବା } ଅନ୍ୟରୂପ 1. To threaten.
ଧମକବାଢ଼ିବା ୨ । ଗାଳି ଦେବା—
शासान; धमकान 2. To rebuke; to scold.
धमकाना ୩ । ଭୟାଇବା—3. To frighten.
ଧୂଳିଜାଲ ରୁଷ ଉର୍ଦ୍ଧେ, ଧରଷିଲୁ କେହି ସଭେ;
ଧମକାଇଲା କାହିଁ କ କହି ଲାଜ । କବିସୂର୍ଯ୍ୟ. ଦଶୋହରଷ୍ଟ ଧୂ. ଗୀତ ।
୪ । (ଲକ୍ଷଣାର୍ଥ) ଲୋପ କରାଇବା—
4. (fig) To cause to disappear.
ଧୂଳକୁ ଭୁଲିକା ଧମକାଇ ଜାଣୁ । କବିସୂର୍ଯ୍ୟ. ସଙ୍ଗୀତ ।

ଧମକାଣ—ଦେ. ବି. (ସ. ଧ୍ମା ଧାତୁ=ଶବ୍ଦ କରିବା)—
Dhamakāṇa ୧ । ତର୍ଜନ; ଭର୍ତ୍ସନ—1. Threatening,
धमकान ୨ । ତିରସ୍କାର—2. Abuse; snubbing.
धमकी

ଧମକା ଧମକି—ଦେ. ବି—୧ । ଧମକ ଚମକ (ଦେଖ)
Dhamakā dhamaki 1. Dhamaka chamaka (See)
धमकचमक ୨ । ପରସ୍ପର ପ୍ରତି ଧମକାଣ—
धमकाधमकी 2. Mutual threatening,

ଧମକିବା—ଦେ. କ୍ରି (ଧ୍ୱନ୍ୟନୁକରଣ)—୧ । ଧଡ଼କିବା; ଦମଦମ ହେବା—
Dhamkibā 1. To throb; to palpitate.
धड़धड़करा; दपादपकरा (ଯଥା—ମୋ ଛାତି ଧମକୁଛି ।)
धमकना ୨ । ବ୍ୟଥା କରିବା; ବଥାଇବା; ବ୍ୟଥାସହ ଶିରା ପ୍ରଭୃତିର ପଡ଼ିବା ଉଠିବା—2. To throb with aching.
(ଯଥା—ମୋ ମୁଣ୍ଡ ଧମକୁଛି ।)
୩ । ଭୟତ୍ରସ୍ତ ହେବା—3. To be alarmed or frightened; to be panic-struck (Howells).

ଧମଧମ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଧମ୍‌ଧମ୍ ଶବ୍ଦ କରି; ଦମଦମ—
Dhamadham With thumping sounds.
धपधप ଡିଲି ପଡେ ଧମଧମ, ସାହାବ ଗୃହର ଦ୍ୱାର କଠିଣ;
धमधम ଝାଳ ବୁହେ ଗମଗମ । ଭଗ ।

ଧମଧମ—ସ. ବି—ପାର୍ବତୀଙ୍କ କୋପରୁ ଜନ୍ମିଥିବା କାର୍ତ୍ତିକଙ୍କ ଗଣ-
Dhamadhama ବିଶେଷ—A class of attendants of Kārttikeya.

ଧମନ—ସ. ବି. (ଧ୍ମା ଧାତୁ=ଶବ୍ଦ କରିବା; ଫୁଙ୍କିବା+କରଣ. ଅନ)—
Dhamana ୧ । ନଳ—1. A pipe; a tube.
୨ । ଭାତି—2. Bellows.
୩ । (+ଭାବ. ଅନ) ପବନ ଫୁଙ୍କିବା କର୍ମ—
3. Act of blowing wind.
୪ । (+କର୍ତ୍ତୃ. ଅନ) ନଳ; କାଣ୍ଡଶର—
4. A kind of reed.
୫ । ଯେ କମାରଶାଳରେ ଭାତି ଟାଏ—
5. One who blows the bellows in a blacksmith's forge.
ସ. ବିଣ—କ୍ରୂର—Cruel.

ଧମନି(ନୀ)—ସ.ବି.ସ୍ତ୍ରୀ.(ଧ୍ମା ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅନ+ଇ)—
Dhamani(nī) ୧ । ନଳ—1. A pipe; a tube.
୨ । ଶିରା; ନାଡ଼ୀ—2. Artery; vein.
୩ । ଗଳା—3, Throat.
୪ । ନେମଣୀ; ବେଶ୍ୟା—4, Prostitute.
୫ । ହରିଦ୍ରା; ହଳଦୀ—5, Turmeric.

ଧମାଧମ୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଧମ୍ ଧମ୍ ଶବ୍ଦ କରି—
Dhamādham 1, With thumping sounds.
दमादम ୨ । ଉପର୍ଯ୍ୟୁପରି ଧମ ଧମ ଶବ୍ଦ ପୂର୍ବକ—
धमाधम 2, Producing repeated thumping sounds.
୩ । ଅତି ଶୀଘ୍ର; ଖୁବ୍ କାର୍ଯ୍ୟବ୍ୟସ୍ତତା ସହକାରେ; ତ୍ୱରିତ—
3. In a hurry; in haste.
(ଯଥା—କାରଖାନାରେ ଦିନ ରାତି କାମ ଧମାଧମ୍ ଚାଲିଛି ।)
୪ । ଖୁବ୍ ଗୋଳମାଳ ସହିତ—
4. With bustle; with a great noise; with much ado.

ଧମ୍ମିଲ୍ଲ—ସ. ବି. (ଧମ୍=ଊର୍ଦ୍ଧ୍ୱ ବା ମୂର୍ଦ୍ଧା+ମିଲ୍ ଧାତୁ=ମିଳିତ
Dhammilla ହେବା+ସଂଜ୍ଞାର୍ଥେ ଲ; ଯାହା ମୁଣ୍ଡ ଉପରେ ଏକତ୍ର ମିଳିତ ହୁଏ)—ମନୋହରରୂପେ ମୁକ୍ତା ଓ ପୁଷ୍ପାଦି ଦ୍ୱାରା ଅଲଙ୍କୃତ ଆବଦ୍ଧ କେଶପାଶ; ଜୁଡ଼ା; ଖୋପା; ଖୋସା; ସଂଯତ କେଶକଳାପ; ଫାଶଗଣ୍ଠି—
Chignon; the hair of the head tied into a very beautiful knot; coiffure of hair.

ଧମ୍ମିଲ୍ଲବନ୍ତ—ଦେ. ବିଣ. (ଧମ୍ମିଲ୍ଲ+ବତ୍)—
Dhammillabanta ପୁଷ୍ପାଦି ମଣ୍ଡିତ କେଶପାଶ ଥିବା (ବ୍ୟକ୍ତି)—
(man) With a coiffure of hair.
କେହି କାହିଁ ବେଷ୍ଟିତ ଧମ୍ମିଲ୍ଲବନ୍ତ ହେ, କରିବାକୁ ଏମାନ କଣ୍ଠେ ଲମ୍ବିତ ।
ଗୋପକୃଷ୍ଣ. ରସକଲ୍ଲୋଳ ।

ଧର୍‌ବା—ପ୍ରାଦେ. (ଗଡ଼ଜାତ; ସମ୍ବଲପୁର) କ୍ରି—ଆଣିବା—
Dhar-bā To bring.

ଧର୍‌ମାର୍—ଦେ. ବି—ମାର୍‌ଧର୍; ପ୍ରହାର—
Dhar-mār Beating.
मारधर

ଧର୍‌ଷା—ପ୍ରାଦେ. (ସମ୍ବଲପୁର) ବି—୧ । ରାସ୍ତା; ପଥ—
Dhar-ṡā 1. Road.
୨ । ଗ୍ରାମର ସର୍ବସାଧାରଣ ରାସ୍ତା—
2. The public road of a village.

ଧରୁଣା ଡୁଲି—ପ୍ରାଦେ. (ସମ୍ବଲପୁର) ବି—
Dharṣā duli ରାସ୍ତାକୁ ଲାଗିଥିବା କ୍ଷେତ—
A corn-field or plot of land adjoining a road.

ଧରଶ(ଶା)ରଣା—ଦେ.ବି—ଅପରିବର୍ତ୍ତନୀୟ ବା କଠୋର ନିୟମ; ଧରାବନ୍ଧା
Dhar-śa(śā)raṇā ନିୟମ—Hard and fast rule.
ধরাবাঁধা নিয়ম (ଯଥା—ତହସିଲଦାରମାନଙ୍କଠାରୁ କାଗଜପତ୍ର
ঠিকানা, ঠহরাব ବୁଝିବାରେ ତାଙ୍କର କିଛି ଧରଶରଣା ନାହିଁ ।)

ଧର—ସଂ. ବି. (ଧୃ ଧାତୁ=ଧାରଣ କରିବା+କର୍ତ୍ତୃ. ଅ)—
Dhara ୧ । ପର୍ବତ—1. Mountain
ବନ୍ଧ୍ୟ ଧରେ । ବସୁ ଘାର ଉପମା ଧରେ ।
ଉପେ. ବୈଦେହୀଶବିଳାସ ।
୨ । କପା—2. Cotton.
୩ । ଗର୍ଭ; ଜରାୟୁ—3. Uterus.
୪ । ଧଡ଼; ଶରୀର—4. Body.
୫ । କବନ୍ଧ—5. Headless trunk.
୬ । ବେକ ତଳୁ ଅଣ୍ଟା ପର୍ଯ୍ୟନ୍ତ ବାହୁସ୍ଥାନ ଛଡ଼ା ଶରୀରାଂଶ—
6. Part of the body from the neck to the waist without the arms
୭ । କୂର୍ମରାଜ; ବିଷ୍ଣୁଙ୍କର କଚ୍ଛପାବତାର—
7. The second incarnation of Bishṇu in the shape of a tortoise.
୮ । ଅଷ୍ଟାବସୁ (ଦେବତା)ମାନଙ୍କ ମଧ୍ୟରୁ ଏକତମ—
8. Name of one of the Basu class of Deities.
୯ । ବ୍ରାହ୍ମଣମାନଙ୍କ ଗୋତ୍ରୋପାଧିବିଶେଷ—
9. Family-title of some Brāhmaṇas.
(ଯଥା—ଧରଶର୍ମା, ଧର ଗୌତମ ।)
୧୦ । ବ୍ୟଭିଚାରୀ ପୁରୁଷ; ବିଟ (ହି. ଶବ୍ଦସାଗର)—
10. An adulterer.
ସଂ. ବିଣ. ତ୍ରିଂ—ଧାରଣ କର୍ତ୍ତା; ଯେ ଧାରଣ କରେ—
Holding; bearing; that which holds or sustains.
[ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ । ଯଥା—ଭୂଧର, ଜଳଧର, ଧନୁର୍ଦ୍ଧର ।]
ଦେ. ବି—୧ । (ପ୍ରାଚୀନ) (ସଂ. ଅଧର)ଅଧର—Lip.
ବେନି ଅବଲେକ ଧର ସୁଧା ପାନ କରି । ପ୍ରାଚୀ. ରସବାରିଧି ।
୨ । ଯେ ଗିରଫ କରେ; ଧରିବା ବ୍ୟକ୍ତି—
2 One who catches or arrests..
ଅପେ, ଚୋର ଅପେ ଧର ଅପେ ଡାକୁଥାଇ ।
ପ୍ରାଚୀ. ବୃନ୍ଦାବନଭୂପଣଗୀତା ।

ଧରଣ—ସଂ. ବି. (ଧୃ ଧାତୁ=ଧାରଣ କରିବା+ଭାବ. ଅନ)—
Dharaṇa ୧ । ଧାରଣ—1. Holding.
ରତ୍ନାଧର ଶୁଷ୍କ ଧରଣ, ଧରଶେ ନାହିଁ ଏହି ଉପଲକ୍ଷ ମିଳେ ।
ଉପେ. ବୈଦେହୀଶବିଳାସ ।
୨ । ଢଙ୍ଗ; ରୀତି; ପଦ୍ଧତି—
2. Manner; style; fashion.
୩ । ପ୍ରଥା—3. Custom.
୪ । ଆକାର; ପ୍ରକୃତି—4 Shape.
୫ । ଓଜନ ପରିମାଣବିଶେଷ—
5. Name of a standard weight.
[ଦ୍ର—ଏହାକୁ କେହି ୨୪ ରତି, କେହି ୧୦ ପଲ, କେହି ୧୬ ମାସା, କେହି ୨ କର୍ଷ, କେହି ୧୬ କଷାବ କହନ୍ତି । ହି. ଶବ୍ଦସାଗର ।]
୬ । ସୂର୍ଯ୍ୟ—6. The sun.
୭ । ହିମାଳୟ ପର୍ବତ—7. The Himalayas.
୮ । ସ୍ତନ—8. Female breast; mamma.
୯ । ଅବଲମ୍ବନ—9. A support; a prop.
୧୦ । ସେତୁ; ପୋଲ—10 Bridge; dam.
୧୧ । ଧାନ୍ୟ—11. Paddy.
୧୨ । ଲୋକ; ସଂସାର—12. The world.
୧୩ । ନାଗବିଶେଷ—
13. Name of a mythological serpent.
୧୪ । ପ୍ରକୃତି—14. Nature.
।—ଦେ. ବି. (ସଂ. ଧାରଣ)—
Dharaṇā ୧ । ଧାରଣା; ଠିଆ; ଠେକ—
ঠেক 1. A support; a prop.
ধরন ୨ । କୌଣସି ବ୍ୟକ୍ତିର ଦୁଆରେ କୌଣସି ବିଷୟପାଇଁ ଜିଦ ଧରି ବସି ରହିବା—2. Dunning; picketing.
ধন্না ধরনা ୩ । ଠାକୁରଙ୍କ ପାଖେ ଅଧିଆ ପଡ଼ିବା; ଉପବାସ ରହି
धरना ଅନୁସରଣ କରିବା—3. Lying prostrate before a Deity till one's prayer is granted.

ଧରଣା ପଡ଼ିବା—ଦେ. କ୍ରି.—୧ । ଧାରଣା ଦେବା; ଅଧିଆ ପଡ଼ିବା—
Dharaṇā paḍibā 1. To lie prostrate before a
ধরনা দেওয়া Deity without taking food so
धरनादेना long as one's prayer is not granted.
(ଧରଣା ଦେବା—ଅନ୍ୟରୂପ)
୨ । କୌଣସି ବ୍ୟକ୍ତିଙ୍କ ନିକଟରେ ଏକାଗ୍ରଭାବରେ ଅନୁସରଣ କରି ପଡ଼ି ରହିବା—2. To attend upon a person till one's prayer is granted; to picket.

ଧରଣି(ଣୀ)—ସଂ. ବି. ସ୍ତ୍ରୀ. (ଧୃ ଧାତୁ=ଧରିବା+କର୍ତ୍ତୃ. ଅନି; +ଈ);
Dharaṇi(ṇi) ଯେ ପ୍ରାଣୀମାନଙ୍କୁ ଧାରଣ କରିଅଛି)—୧ । ପୃଥିବୀ—
1. The earth.
୨ । ଭୂମି—2. Ground.
୩ । ଶିମିଳି ଗଛ—3. The silk-cotton tree.
୪ । ନାଡ଼ୀ; ଶିରା—4. Artery.
୫ । କନ୍ଦଅଳୁ—5. A bulbuous sweet edible root.
୬ । ପ୍ରାଚୀନ ଭାରତର ଅର୍ଣ୍ଣବପୋତବିଶେଷ—
6. Name of a kind of ship used in ancient India.

[ଦ୍ର— ଭୋଜରାଜ ପ୍ରଣୀତ "ଯୁକ୍ତିକଳ୍ପତରୁ" ପୁସ୍ତକ ଅନୁସନ୍ଧେୟ ।
ଜଗବନ୍ଧୁ. ପ୍ରାଚୀନଉତ୍କଳ. ।]

ଧରଣି ତଳ—ସଂ. ବି.—(୬ଷ୍ଠୀ ତତ୍; ଧରଣି+ତଳ)—୧ । ଭୂତଳ;
Dharaṇi taḷa ଧରାତଳ; ଭୁଇଁ ତଳ—
(ଧରଣୀତଳ—ଅନ୍ୟରୂପ) 1. The surface of the earth.
୨ । ଅନାବୃତ ଭୂମି—2. Bare ground.

ଧରଣି ଦେବ—ସଂ. ବି. (୬ଷ୍ଠୀ ତତ୍; ଧରଣି+ଦେବ)—ବ୍ରାହ୍ମଣ—
Dharaṇi deba A Brāhmaṇa.
(ଧରଣୀଦେବ—ଅନ୍ୟରୂପ) ଧରଣୀଦେବଙ୍କ ଚରଣ ରଜ;
ଶିରେ ଘେନବା ସେବେ ହେବ ଭଜ ।
କବିସୂର୍ଯ୍ୟ, ସଙ୍ଗୀତ ।

ଧରଣିଧର—ସଂ. ବି. (ଧରଣି+ଧୃ ଧାତୁ=ଧରିବା+କର୍ତ୍ତୃ. ଅ)—
Dharaṇidhara ୧ । ପର୍ବତ—1. Mountain
(ଧରଣୀଧର—ଅନ୍ୟରୂପ) ୨ । ଅନନ୍ତ; ବାସୁକି—
2. Bāsukī; the great serpent said to bear the earth on its head.
୩ । କୂର୍ମରାଜ; ବିଷ୍ଣୁଙ୍କ ଦ୍ୱିତୀୟ ଅବତାର—
3. The second (tortoise) incarnation of Bishṇu
୪ । ମହାବରାହ; ବିଷ୍ଣୁଙ୍କ ତୃତୀୟ ଅବତାର—
4 The third (boar) incarnation of Bishṇu.
୫ । ଶିବ; ମହାଦେବ—5. Śiba.
୬ । (ପୃଥିବୀକୁ ଧାରଣ କରିଥିବାରୁ) ବିଷ୍ଣୁ—6 Bishṇu.
୭ । ରାଜା; ଭୂପତି—7. King.
ଦେ. ବି. ପୁଂ.—ଲୋକଙ୍କ ନାମ—
A name given to males.

ଧରଣୀ କୀଳକ—ସଂ. ବି. ପୁଂ. (ଧରଣୀ+କୀଳକ=ଶଙ୍କୁ)—ପର୍ବତ—
Dharaṇi kiḷaka Mountain.
(ଧରଣିକୀଳକ—ଅନ୍ୟରୂପ)

ଧରଣୀଧର ମିଶ୍ର—ଦେ. ବି. (ନାମ)—ଉତ୍କଳର ଜଣେ କ ପ୍ରାଚୀନ କବି-
Dharaṇidhara miśra An ancient poet of Utkaḷa.
[ଦ୍ର— ଏ ଜୟଦେବ ଗୋସ୍ୱାମୀଙ୍କ କୃତ ସଂସ୍କୃତ 'ଗୀତଗୋବିନ୍ଦ' ଓଡ଼ିଆରେ ପଦ୍ୟାନୁବାଦ କରିଥିଲେ । ତାରିଣୀ—ଉତ୍କଳସାହିତ୍ୟର ଇତିହାସ । ଏ ୩୪୦ ବର୍ଷ ପୂର୍ବେ ଜୀବିତ ଥିଲେ ।
ଜଗବନ୍ଧୁ—ପ୍ରାଚୀନ ଉତ୍କଳ ।]

ଧରଣୀ ନିର୍ଜର—ସଂ. ବି.—(ଧରଣୀ+ନିର୍ଜର=ଦେବ)—ବ୍ରାହ୍ମଣ—
Dharaṇī nirjāra Brāhmaṇa.
(ଧରଣିନିର୍ଜର—ଅନ୍ୟରୂପ)

ଧରଣୀପତି—ସଂ. ବି. (୬ଷ୍ଠୀ ତତ୍; ଧରଣୀ+ପତି)—୧ । ମହାଦେବ—
Dharaṇī pati 1. Śiba.
ଧରଣିପତି } ଅନ୍ୟରୂପ ୨ । ବିଷ୍ଣୁ—2. Bishṇu
ଧରଣୀଶ୍ୱର } ୩ । ରାଜା; ସମ୍ରାଟ—
3. Emperor; king.

ଧରଣୀପୂର—ସଂ. ବି (ଧରଣୀ+ପୂର ଧାତୁ=ସମ୍ପୂର୍ଣ୍ଣରୂପେ ବେଷ୍ଟନ
Dharaṇipūra କରିବା+ଅ; ପୃଥିବୀ ଯାହା ଉପରେ ଭାସେ)—
(ଧରଣୀପ୍ଲବ—ଅନ୍ୟରୂପ) ସମୁଦ୍ର—The sea; ocean.

ଧରଣୀଭୃତ୍—ସଂ. ବି (ଧରଣୀ+ଭୃ ଧାତୁ=ଧାରଣ କରିବା+କର୍ତ୍ତୃ. କ୍ୱିପ୍)—ଧରଣିଧର (ଦେଖ)
Dharaṇībhṛut
(ଧରଣିଭୃତ୍—ଅନ୍ୟରୂପ) Dharaṇidhara (See)

ଧରଣୀମଣ୍ଡନ—ସଂ. ବି (ଧରଣୀ+ମଣ୍ଡନ)—ପୃଥିବୀର ଅଳଙ୍କାର ସ୍ୱରୂପ
Dharaṇīmaṇḍana ସୁନ୍ଦର ବ୍ୟକ୍ତି—A very graceful
(ଧରଣୀମଣ୍ଡନା—ସ୍ତ୍ରୀ) person (who adorns the earth).
ଧରଣୀ-ମଣ୍ଡନା ଭଜେ ଏ ଜୀବନ ଭିନ୍ନ ଥିବାରେ କୋହେ ବୃଥା—
ଭଞ୍ଜ. ପ୍ରେମସୁଧାନିଧି ।

ଧରଣୀ ସୁତ—ସଂ. ବି. ପୁଂ (୬ଷ୍ଠୀ ତତ୍; ଧରଣୀ+ସୁତ)—
Dharaṇī suta ୧ । ମଙ୍ଗଳଗ୍ରହ—1. The planet Mars
[ଦ୍ର— ଜ୍ୟୋତିର୍ବିଦ୍‌ମାନଙ୍କ ମତରେ ବର୍ତ୍ତମାନ ପୃଥିବୀର କିୟଦଂଶ ଛିଣ୍ଡିକି ଯାଇ ମଙ୍ଗଳଗ୍ରହ ହୋଇଅଛି ।]
୨ । ନରକାସୁର—2. The name of a demon.

ଧରଣୀ ସୁତା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍ ଧରଣୀ+ସୁତା)—ସୀତା—
Dharaṇīsutā A name of Sītā.
[ଦ୍ର— ଯଜ୍ଞସ୍ଥାନ ପାଇଁ ଭୂମି କର୍ଷଣ କରୁଥିବା ଜନକରାଜାଙ୍କ ଲଙ୍ଗଳ ସିଅରରୁ ସୀତା ଉତ୍ଥିତା ହୋଇଥିଲେ ।]

ଧରତି—ଦେ. ବି (ପଦ୍ୟ)—୧ । (ସଂ. ଧୃତି) ଧରଣା; ଠେକା—
Dharati 1. Prop.
ଧ ଅକ୍ଷରଟି ତହିଁ ଧାରଣା ଧରତି—ବ୍ରହ୍ମନିରୂପଣଗୀତା ।
(ଧରତୀ—ଅନ୍ୟରୂପ) ୨ । (ସଂ. ଧରିତ୍ରୀ) ପୃଥିବୀ—
धरा 2 The earth.
धरती, ହୋଇଲେ ଅଣରୂପ ମୂର୍ତ୍ତି ପବନ ବହିଲେ ଧରତି—
ଯଶୋବନ୍ତ, ପ୍ରେମଭକ୍ତିଗୀତା ।

ଧର ପକଡ଼—ଦେ. ବି (ସଂ. ଧୃ ଧାତୁ+ଫା. ପକଡ଼ନା)—୧ । ମାରଧର;
Dhara pakaṛda ଧୁନ୍ଧଡ଼ିକା; ଅତ୍ୟାଚାର—1. Oppression.
ଧରପଗଡ଼ } ୨ । ଖୋଜତଲ୍ଲାସ; ଅପରାଧୀକୁ ଧରିବା
ଧରାପଗଡ଼ା } ଅନ୍ୟରୂପ ନିମନ୍ତେ ବିଶେଷ ଅନୁସନ୍ଧାନ—
ଧରବାନ୍ଧ } 2. A thorough searching to find
ଧରାବନ୍ଧା } out a culprit.
धरपाकड़ ମଙ୍ଗରାଜଙ୍କ ଠାରେ ଗୁହାରି କଲା, ଖୁବ୍ ଧରପକଡ଼ ହେଲା—
धरपकड़, धरहर ଫକୀରମୋହନ, ଛମାଣ ଆଠଗୁଣ୍ଠ ।
୩ । ବହୁ ଲୋକଙ୍କୁ ଗିରଫ୍‌ଦାର୍ କରିବା—
3. Arresting of many persons.

ଧରମ—ଗ୍ରା (ପଦ୍ୟ) ବି (ସଂ. ଧର୍ମ)—ଧର୍ମ (ଦେଖ)
Dharama Dharma (See)
धरम ଅତଏବେ ସାଧୁ ଧରମ ସେ ଭରତ—କୃଷ୍ଣସିଂହ, ମହାଭାରତ, ଅବ ।
धरम

ଧରମକଣ୍ଟା—ପ୍ରାଦେ. (ଗଡ଼ଜାତ) ବି—୧ । ଜୁଆଳ ମଝିରେ ମରାଯିବା
Dharamakaṇṭā ଖିଲ—1. A pin put on the middle
(ଧରମମେଖ—ଅନ୍ୟରୂପ) of a yoke.

[ଦ୍ର—ଏହି ଷିଲରେ ଝୁରି ଓ ଜୁଆଳକୁ ସଲଗ୍ନ କରିବା ଦଉଡ଼ି ଅଟକାଯାଏ ।]

୨ । ଧର୍ମ ବା ନ୍ୟାୟବିଚାରସୂଚକ ତୁଲା ଯନ୍ତ୍ର—
2. The scales or balance (representing justice).

ଧରମ କରମ—ଗ୍ରା. ବ (ସ. ଧର୍ମ ଓ କର୍ମ)—ଧର୍ମକର୍ମ (ଦେଖ)
Dharama karama Dharma-karma (See)
धरमकरम घरमकरम

ଧରମ କରିବା—ଗ୍ରା. କ୍ରି—ଧର୍ମ କରିବା (ଦେଖ)
Dharama kariba̅ Dharma kariba̅ (See)

ଧରମ କୋଢ଼ି—ପ୍ରାଦେ (ଯାଜପୁର) ବିଣ—କର୍ମ କୋଢ଼ି (ଦେଖ)
Dharama kordhi Karma kordhi (See)

ଧରମ ଡଙ୍ଗା—ଗ୍ରା. ବି—ଧର୍ମ ଡଙ୍ଗା (ଦେଖ)
Dharama daṅga̅ Dharma daṅga̅ (See)
[ଧରମନାଆ(ବା); ଧରମନାବ—ଅନ୍ୟରୂପ]

ଧରମ ଡାକ—ଗ୍ରା ବି—ଧର୍ମ ଡାକ (ଦେଖ)
Dharama da̅ka Dharma da̅ka (See)

ଧରମ ଦାଣ୍ଡ—ଗ୍ରା. ବି—ଧର୍ମ ମାର୍ଗ (ଦେଖ)
Dharama da̅ṇda Dharma ma̅rga (See)
ଧରମ-ଦାଣ୍ଡ କ ସେ ପାପ କର୍ଦମେ—ରାଧାନାଥ ତୁଳସୀସ୍ତବକ ।

ଧରମ ଦେବତା—ଗ୍ରା. ବି—ଧର୍ମ ଦେବତା (ଦେଖ)
Dharama debata̅ Dharma debata̅ (See)

ଧରମ ଧାଡ଼ି—ଗ୍ରା. ବି—୧ । ଧର୍ମାନୁମୋଦିତମାର୍ଗ—
Dharama dha̅rdi 1. The way of religion; the path of virtue.
୨ । ଧର୍ମାନୁମୋଦିତ କର୍ମମାନ—
2. Acts sanctioned by equity or religion.
ଏହିସବୁଙ୍କର ଭୁମ୍ଭର ପଃ ଖଣ୍ଡ
କହୁଲେ ଦ୍ରୋଣ ଗୁରୁ ଯେ ଧରମ ଧାଡ଼ି ।
କୃଷ୍ଣସିଂହ ମହାଭାରତ, ବଣ ।

ଧରମ ପୁଅ—ଗ୍ରା. ବି.—(ସ. ଧର୍ମପୁତ୍ର)—ମହାପ୍ରସାଦଦ୍ୱାରା ଯେଉଁ ବ୍ୟକ୍ତି ଠାରେ ପୁତ୍ରତ୍ୱ ଆରୋପ କରାଯାଇ ଅଛି—
Dharama pua
धरम बेटा Godson; a person with whom the rela-
घरमका बेटा tionship of son has been established through Maha̅prasa̅da.
[ଦ୍ର—ଏହିପରି ଧରମ ବାପ, ଧରମ ମାଆ, ଧରମ ଝିଅ ଶବ୍ଦମାନ ହୁଏ ।]

ଧରମବନ୍ତ—ଗ୍ରା. ବିଣ.—(ସ. ଧର୍ମ+ବତ୍)—ଧାର୍ମିକ—
Dharamabanta Virtuous; religious.
धरमवन्त ବୋଇଲେ ଧରମବନ୍ତ ମଣ୍ଡାସାଇଁ ।
घरमबन्त କୃଷ୍ଣସିଂହ, ମହାଭାରତ; ବନ ।

ଧରମ ବଳ—ଗ୍ରା. ବି. (ସଂ. ଧର୍ମବଳ)—ଭାଗ୍ୟ ବଳ; ଭାଗ୍ୟର ଜୋର—
Dharama baḷa The force or fruit of one's good luck.
ଧରମ ବଳୁଁ କ ମୋର, ଧରି ଦେଇ ନଳ କର
ବୋଲକୁ ଅଣିଲୁ କଳା ହିଂସକ ।
କବିସୂର୍ଯ୍ୟ, ରସୋଲ୍ଲାସଚମ୍ପୂ ୪ ଗୀତ ।

ଧରମ ବୁଦ୍ଧି—ଗ୍ରା. ବି.—(ସଂ. ଧର୍ମବୁଦ୍ଧି)—ଧର୍ମ ବୁଦ୍ଧି (ଦେଖ)
Dharama buddhi Dharma buddhi (See)
ଶ୍ରୀବତ୍ସ ହୋଇ ଉଦଯୋଗୀ ହେବ ।
ଷଣ୍ଢରେ ଯେ ଧରମବୁଦ୍ଧି ହୋଇଅଛ ।
କୃଷ୍ଣସିଂହ,ମହାଭାରତ, ଅଦ ।

ଧରମ ସହିବା—ଦେ. ବି—ଧର୍ମ ସହିବା (ଦେଖ)
Dharama sahiba̅ Dharma sahiba̅ (See)
ଏଗୁଡ଼ାଙ୍କୁ କେମନ୍ତ ଧରମ ସହିତ—ଉପିନ୍ଦ୍ର. କଟକଜନ୍ମ ।

ଧରମା—ଦେ. ବି (ନାମ) (ଅନାଦରାର୍ଥ)—ଧର୍ମାନନ୍ଦ ବା ଧର୍ମଧର
Dharama̅ ନାମକ ବ୍ୟକ୍ତିକୁ ଡାକିବା ନାମ—
(ଧରମୁ—ଆଦରାର୍ଥକରୂପ) Name by which a person named 'Dharma̅nanda' or 'Dharmadhara' is called.

ଧରଶଣା—ପ୍ରାଦେ (କଟକ) ବି—୧ । ଭେଦବିଚାର—
Dharaśaṇa̅ 1. Discrimnation.
(ଯଥା—ତାଙ୍କର ନିଜ ଓ ପର ମଧ୍ୟରେ ଧରଶଣା ନ ଥିଲା ।)
୨ । ଦୃଢ଼ ନିୟମ ପାଳନ—2. Abiding by the rules strictly; strict discipline.
୩ । ଭେଦ ବିଚାର ପୂର୍ବକ ବ୍ୟବହାର—
3. Discriminatory treatment.

ଧରଶର—ଦେ. ବି—୧ । (ସ. ଧରାଧର+ଶର)—ପର୍ବତାସ୍ତ୍ର—
Dharaśara 1. A weapon resembling a hill.
ବଡ଼ ଜୋ ଧରେ ଧରଶର ଡ଼ିହାରେ ହରେ ତା ତେଁ ଅସୁରଙ୍କେ
ଭକ୍ତ. ବୈଦେହୀଶବିଳାସ
୨ । ବିଲୁଣ୍ଠିତ—
2. Oppressed; troubled; harassed.
୩ । ଅସ୍ଥିର—3. Restless.
(ଯଥା—ସେ ପିଲାଟି ଅନ୍ୟର ଖେଳନା ଦେଖି ଭାରି ଧରଶର ହେଉଚି ।)

ଧରଶ(ଶା)ରଣା—ଦେ. ବି—ଧରଶରଣା (ଦେଖ)
Dharaśa(śa̅)raṇa̅ Dhar-śaraṇa̅ (See)

ଧରଶା—ପ୍ରାଦେ (ସମ୍ବଲପୁର) ବି—୧ । ଶଗଡ଼ଗୁଳା; ଶଗଡ଼ଚକଦ୍ୱାରା
Dharaśa̅ ମଡ଼ା ହୋଇଥିବା ମାର୍ଗଚିହ୍ନ—
1. Cart-track; the track worn out by cart-wheels.
୨ । ରାସ୍ତା—2. Road.

ଧରଷକ—ଗ୍ରା. (ପଦ୍ୟ) ବିଣ—(ସ. ଧର୍ଷକ)—ଧର୍ଷକ (ଦେଖ)
Dharashaka Dharshaka (See)
ଦମ୍ଭ ଧରଷକ, ତମ୍ଭସ୍ଥ ତନ ପ୍ରଭସ୍ୱ ସର୍ବକ—ଭକ୍ତ. ପ୍ରେମସୁଧାନିଧି ।

ଧରଷଣ—ଗ୍ରା (ପଦ୍ୟ) ବି-(ସ. ଧର୍ଷଣ)—ଉପଦ୍ରବ; ଅତ୍ୟାଚାର—
Dharashaṇa Oppression.
(ଧରଷଣ—ଅନ୍ୟରୂପ) ନାମା ବନ୍ଧିତ ପର ଧରଷଣେ,
କଷ୍ଟ ନନ ପ୍ରଲମ୍ବ ଭଷଣେ ।
ଭକ୍ତ. ବୈଦେହୀଶବିଳାସ

ଧରଷିବା—ଗ୍ରା (ପଦ୍ୟ) କ୍ରି (ସଂ. ଧୃଷ୍ ଧାତୁ=ହିଂସା, କ୍ରୋଧ, ପ୍ରଗଲ୍ଭତା କରିବା)—୧ । ଧର୍ଷିବା (ଦେଖ)
Dharashibā 1. Dharshibā (See)
धरषा
धर्षणा
ବୋଇଲେ ଶଶକ ମହାଶଏ ଏବେ ଧରଷିବାକୁ ହର୍ଯ୍ୟକ୍ଷ ।
ରଘୁନାଥ. ପାଞ୍ଚଶା ।

୨ । ଅପମାନ ଦେବା—2. To insult.
ତାହା ଘର ମାନୁଷୀ ଦେବଙ୍କୁ ଧରଷି ।
କୃଷ୍ଣସିଂହ. ମହାଭାରତ.ବନ ।

୩ । ଅବଜ୍ଞା କରିବା—3. To slight; to disregard.
ସର୍ପି କାଳୁକ ଧାମ କହୁ ।
ଗୁରୁକ ନ ଧରଷେ କେହୁ—ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

୪ । ସାହସ କରିବା—4. To venture .
ଧୂରନ୍ଧର ସେ ଇର୍ଙ୍ଗିତେ ଧ ଇଷିଲୁ କେହୁ ସଙ୍ଗେ ଧମକାଇଲା ନାହିଁ କ କଛ ଘଡ ।
କବିସୂର୍ଯ୍ୟ. ଚଶୋଘଡମ୍ଭ ଧ ଗୀତ

ଧର ସୁଧା—ଗ୍ରା. (ପ୍ରାଚୀନ ପଦ୍ୟ) ବି—(ସଂ. ଅଧରସୁଧା)—
Dhara sudhā ଅଧରାମୃତ (ଦେଖ)
Adharāmṛuta (See)
ବେଳ ଅବଲେକ ଧରସୁଧା ପାନ କରୁ—ପ୍ରାଚୀ. ରସବାରିଧି ।

ଧରା—ସଂ. ବି. ସ୍ତ୍ରୀ (ଧୃ ଧାତୁ=ଧାରଣ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Dharā ୧ । ପୃଥିବୀ; ସଂସାର—1. Earth; the world.
୨ । ଗର୍ଭ; ଜରାୟୁ—2. Uterus.
୩ । ଗର୍ଭସ୍ଥ ଫୁଲ—3. Placenta.
୪ । ନାଡ଼ୀ—4. Artery.
୫ । ଚର୍ବି; ମେଦ—5. Marraw; fat.
୬ । ଧଡ଼ା ୩ । ୪ । (ଦେଖ) (ଦ୍ର. ଶବ୍ଦସାଗର)—
6. Dharḍā 3 and 4 (See).

ଧରା ଦେ. ବି—୧ । ଧୃତ ହେବା କର୍ମ—1. The act of being caught.
धरा
धरनो
୨ । ବହନ କରିବା କର୍ମ—
2 Act of holding or bearing.
(ଯଥା— ରଜାଙ୍କ ପାଖରେ ଛତିଧରା ପାଇଁ ସେ ଗୁହାରି କରୁଛି ।)
୩ । ଧୃତକରଣ; ଧରିବା କର୍ମ— 3. Catching; seizing.
(ଯଥା—ହାତୀଧରା ।)
୪ । ଅଣ୍ଡିରା ବାଛୁରୀର ପୁଂସ୍ତ୍ୱ ଲୋପ କରିବା; ବାଛୁରୀଧରା କର୍ମ—4. Castrating of a he-calf.
୫ । ଗାଈଧରା; ବାଛୁରୀ ଜନ୍ମ କରିଥିବା ଗାଈକୁ ସାଧ କରିବା ପାଇଁ ତାର ଜନନେନ୍ଦ୍ରିୟ ବାଟେ ପାଟିରେ ପବନ ଫୁଙ୍କିବା କର୍ମ—5. The process of blowing wind with the mouth through the female organ of a newly delivered cow.

ଧରା ଦେ. ବିଣ—୧ । ଧୃତ—1. Caught.
धरा
୨ । ନିର୍ଦ୍ଧାରିତ; ଧରାବନ୍ଧା—2. Settled.
ମଙ୍ଗଳକୁ ଲାଭ କରିବାରେ ନଷ୍ଟେ ଧରା—ଭକ୍ତ. କୋଷ୍ଠୀଜ୍ଞାନପ୍ରଦୀପ ।

୩ । ପୁଂସ୍ତ୍ୱହୀନ କରାଯାଇଥିବା; ମୁଷ୍କ ଛେଦନ କରାଯାଇଥିବା (ବାଛୁରୀ)—3. Castrated (he-calf).
(ଅଧରା—ବିପରୀତ)
୪ । ଉପସ୍ଥାପିତ—4. Placed.
(ଯଥା—ତାଙ୍କ କାଗଜପତ୍ର ମୋ ଆଗରେ ଧରା ।)
୫ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ) ଯେ ଧରେ; ଧାରଣକାରୀ—
5. Holding.
ଚ ପତ୍ର ଧରାରେ ମୁକୁଳାଟରେ ଇହିରହି କଲ ଖେଳା ରେ—
କବିସୂର୍ଯ୍ୟ. ସଙ୍ଗୀତ ।
୬ । ଯେଉଁ ନବପ୍ରସୂତା ଗାଈର ଜନନେନ୍ଦ୍ରିୟ ବାଟେ ମନୁଷ୍ୟ ପବନ ଫୁଙ୍କିଅଛି—6. (a cow) Which has undergone the operation of being blown through her generative organ.

ଧରା(ରେ)ଇ ଦେବା—ଦେ. କ୍ରି—୧ । ଆସାମୀ ବା ଅପରାଧୀ ଅନ୍ୟ ବ୍ୟକ୍ତି
Dharā(re)i debā ଦ୍ୱାରା ଧୃତ ହେବା ବିଷୟରେ ଅନ୍ୟ ବ୍ୟକ୍ତିକୁ ସାହାଯ୍ୟ କରିବା—
(ଧରେଇଦେବା, ଧରାପକାଇବା, ଧରାପକେଇବା—ଅନ୍ୟରୂପ)
धरिये देओया 1. To cause an accused or offender to be arrested.
धरा देना
୨ । କୌଣସି କାର୍ଯ୍ୟ କରିଥିବା ବ୍ୟକ୍ତିକୁ ଚିହ୍ନା ପକାଇଦେବା—
2. To cause the doer of an act to be detected.

ଧରା(ରେ)ଇ ନେବା—ଦେ. କ୍ରି.—କୌଣସି ବ୍ୟକ୍ତିକୁ ଅନ୍ୟ ବ୍ୟକ୍ତିଦ୍ୱାରା
Dharā(re)i nebā ଧୃତ କରାଇ ନିଜ ନିକଟକୁ ନେବା—
धरिये लओया To cause a person to be arrested
धरा लेना and brought before one.

ଧରା(ରେ)ଇବା—ଦେ. କ୍ରି.—୧ । ଧରିବା କ୍ରିୟାର ଣିଜନ୍ତ ରୂପ—
Dharā(re iba 1. Causative of Dharibā.
धरान କରେ ଜଳ ଅଭିଷେକ; କଲେ ବ୍ରାହ୍ମଣ ଅନେକ·
धरवाना ଶ୍ୱେତ ଛତ୍ର ଧରାଇ ଦିଲେ । ରଘୁନାଥ. ଚତୁର୍ଥୀମାନ୍ଦୁଣ ।
୨ । (ଅଗ୍ନି) ସନ୍ଦୀପନ କରିବା—2. To enkindle.
(ଯଥା—ବନ୍ଧୁତ ଫୁଙ୍କି ଫୁଙ୍କି ମୁଁ ଓଦା କାଠରେ ନିଆଁ ଧରାଇଲି ।)
୩ । କୌଣସି ବ୍ୟକ୍ତିକୁ କୌଣସି ବସ୍ତୁ ବ୍ୟବହାର କରିବାକୁ ଅଭ୍ୟସ୍ତ କରିବା—3. To cause a person to be habituated to the use of something.
(ଯଥା—୩ ବର୍ଷର ପିଲାକୁ ମାଆ ଦୁଧ ଛଡ଼ାଇ ଭାତ ଧରାଇବାକୁ ହେବ ।)
୪ । ଗଣକଦ୍ୱାରା ଗଣନା କରାଇ ବିବାହାଦି ପାଇଁ ଗୋଟିଏ ଶୁଭ ଦିନ ନିର୍ଣ୍ଣୀତ କରିବା—4 To find out a suitable or auspicious date by having it calculated by a fortune-teller.

ଧରାକ—ଦେ. ବି.—୧ । ପରୀକ୍ଷକ (ନକେ)—
Dharāka 1. Examiner.
୨ । ତତ୍ତ୍ୱାବଧାରକ (ନକେ)—2. Superintendent.

ଧର୍ସ କଦମ୍ବ—ସ. ବ.—ଧାର୍ସ କଦମ୍ବ (ଦେଖ)
Dharā kadamba — Dhārā kadamba (See)

ଧର୍ସକୁ ଶର୍ସ ଜ୍ଞାନ କରବା—ଦେ. କ୍ରି.—ଗର୍ବରେ କାହାକୁ ଖାତର ନ କରବା—To be puffed up with pride; to look down upon the world as if it were a mere nutshell.
Dharāku śara jñāna kariba
ধরাকে শরা জ্ঞান করা

ଧର୍ସକୋଟ—ଦେ. ବ.—ଗଞ୍ଜାମ ଜଲ୍ଲା ଅନ୍ତର୍ଗତ ଏକ ରାଜ୍ୟ ବା ଜମିଦାରୀ—Name of an estate in Ganjam.
Dharākoṭa

କହଇ କୃଷ୍ଣସିଂହ ଧର୍ସକୋଟ ଘର ।
କୃଷ୍ଣସିଂହ. ମହାଭାରତ. ସଭା ।

[ଦ୍ର—ଓଡ଼ିଆ ମହାଭାରତର ରଚୟିତା କୃଷ୍ଣସିଂହ ଏଠାର ରାଜା ଥିଲେ ।]

ଧର୍ସ ଛୁଆଁ—ଦେ. ବ. (ସଂ. ଧୃ ଧାତୁ ଓ ସ୍ପୃଶ୍ ଧାତୁ)—୧ । ଦେଖାଦର୍ଶନ; ଦେଖା ସାକ୍ଷାତ—1. The sight of a person.
Dharā chhuāñ
ধরাছোঁআঁ

୨ । କୌଣସି କାର୍ଯ୍ୟରେ ନଜର ସମ୍ପର୍କ ଥିବା ବିଷୟର ପ୍ରକାଶ ବା ସୂଚନା—2. Indication about one's own interest or complicity in a matter.
नामनिशान

୩ । ଇସାରା; ସୂଚନା—3. Hint; indication.

ଧର୍ସଛୁଆଁ ନ ଦେବା—ଦେ. କ୍ରି.—୧ । କୌଣସି ବ୍ୟକ୍ତି ନକଟରେ ଆଦୌ ଉପସ୍ଥିତ ନ ହେବା—1. Not to appear before a person.
Dharāchhuāñ na debā
ধরাছোঁআঁ না দেওয়া
नाम निशान न बताना

୨ । କୌଣସି ବିଷୟରେ ଆପଣାକୁ ଧରା ନ ପକାଇବା; ଇସାର୍ସ ମାତ୍ର ନ ବତାଇବା—2. Not to give any clue about one's complicity in a matter.

ଧର୍ସ ତନୟୀ—ଦେ.ବ.ସ୍ତ୍ରୀ—(ସଂ. ଧର୍ସ+ତନୟା)-(ଧରଣୀ ସମ୍ଭୂତା) ସୀତା
Dharā tanayī — Sītā; wife of Rama.

ବତ୍ସା ଭଗବତୀ ଶାରଳା ତନୟୀ ଧର୍ସତନୟୀ ! ହେଲେ ତୋତେ ।
ଉଛ. ବୈଦେହୀଶବିଳାସ ।

ଧର୍ସ ତଳ—ସ. ବ.—(୬ଷ୍ଠୀ ତତ୍; ଧର୍ସ+ତଳ)=୧ । ଭୂପୃଷ୍ଠ—1. Surface of the earth.
Dharā tala

୨ । ଧର୍ସଧାମ; ସମଗ୍ର ପୃଥିବୀ—2. The whole world.

୩ । ଭୂମିତଳ—3. Bare ground.

୪ । (ଜ୍ୟାମିତି) କେବଳ ଦୈର୍ଘ୍ୟ ଓ ପ୍ରସ୍ଥ ଥିବା କ୍ଷେତ୍ର—4. (geometry) A surface.

୫ । ରକବା; କ୍ଷେତ୍ରଫଳ (ହ୍ର. ଗ୍ର.)—5. Area of a plot of land.

ଧର୍ସତଳୀ—ଦେ. ବ. ସ୍ତ୍ରୀ. (ସ. ଧର୍ସତଳ)—ପୃଥିବୀ; ଭୂପୃଷ୍ଠ—The earth.
Dharātali

ରେଖ ଭୁଜ ବାଣୀ ଯେ ମୃଦଙ୍ଗ କାହାଳୀ,
ଶବଦରେ ପାଶୁ କମ୍ପାଇ ଧର୍ସତଳୀ । କୃଷ୍ଣସିଂହ. ମହାଭାରତ ଅଦ ।

ଧର୍ସତ୍ମଜ—ସ. ବ. ପୁଂ (୬ଷ୍ଠୀ ତତ୍; ଧର୍ସ+ଆତ୍ମଜ)-ଧରଣୀ ସୁତ (ଦେଖ)
Dharātmaja — Dharaṇi suta (See)
(ଧର୍ସସୁତ, ଧର୍ସତନୟ—ଅନ୍ୟରୂପ)
(ଧର୍ସତ୍ମଜା, ଧର୍ସସୁତା, ଧର୍ସତନୟା—ସ୍ତ୍ରୀ)

ଧର୍ସ ଦେବା—ଦେ. କ୍ରି.—୧ । ଅନ୍ୟଦ୍ୱାର୍ସ ଜଣେ ଧର୍ସ ହେବା ପାଇଁ ସୁବିଧା କର୍ସ ଦେବା—1. To permit one's self to be caught or apprehended.
Dharā debā
ধরা দেওয়া

୨ । ଧରବା ବ୍ୟକ୍ତି ନକଟରେ ସ୍ୱୟଂ ଆସି ଉପସ୍ଥିତ ହେବା; ଆତ୍ମ ସମର୍ପଣ କରବା—2. To surrender one's self to a person.

ଧର୍ସଧର—ଦେ. ବ.—ବଳାବଳ; ଖୋଲାବସ୍ଥା; ଅତି ଆପନ୍ନ ଅବସ୍ଥା; ଅସମ୍ଭାଳ; ଅସହ୍ୟ ଅବସ୍ଥା—Very critical position; crisis.
Dharādhar
বেঠিকানা
बेठिकाना

(ଯଥା—ମୋ କଳ କଥା ତ ଧର୍ସଧର, ମୁଁ ତତେ ରଖିବି କାହୁଁ ?)

ଦେ. ବିଶ.—୧ । ଅତ୍ୟନ୍ତ ଆପନ୍ନ (ଅବସ୍ଥା)—1. Very critical (condition).

୨ । ଅସମ୍ଭାଳ—2. Unbearable.

ଧର୍ସଧର—ସ. ବ.—(ଧର୍ସ+ଧୃ ଧାତୁ=ଧାରଣ କରବା+କର୍ତ୍ତୃ. ଅ)—
Dharādhara

୧ । ପର୍ବତ—1. Mountain.

୨ । ବିଷ୍ଣୁ—2. Bishṇu.

୩ । କୂର୍ମରାଜ; ବିଷ୍ଣୁଙ୍କ ଦ୍ୱିତୀୟ ଅବତାର—3. The 2nd or tortoise incarnation of Bishṇu.

୪ । ଶେଷ ନାଗ; ବାସୁକୀ—4. The king of serpents said to hold up the universe on its thoods.

ଧର୍ସଧର୍—ଦେ. ବ.—୧ । ଭୁଣ୍ଡିଆ ଭୁଣ୍ଡେର—1. Embracing each other,
Dharādhari

ତଳସୀ କବାଡ଼ରେ ତୋଷେ ଧର୍ସଧର । ଗୋପେଶ—ଉତ୍କଳେଶ ।

୨ । ଅନ୍ୟୋନ୍ୟରେ ଧରବା; ଧର୍ସପର୍ସ—2. Holding or seizing each other.

ସମରର ହୋଇଣ ହେଲେ ଧର୍ସଧର ।
କୃଷ୍ଣସିଂହ ମହାଭାରତ ସଭା

୩ । ଭୂମିରୁ ଟେକାଟେକ କରବା—3. Lifting up from the ground.

୪ । ସନ୍ଧବନ୍ଧ ଅନୁରୋଧ କରବା—4. Making of pressing request.

୫ । ଘାଆ ବ୍ରଣ ଆଦ ମନ୍ତ୍ର ପ୍ରୟୋଗଦ୍ୱାର୍ସ ଦୁର୍ଭୋଗ୍ୟ କରବା- 5. Making a wound fester by means of charms.

୬ । କୌଣସି ବସ୍ତୁକୁ ବହୁବାର ଧରବା—6. Repeated holding or handling (of any thing).

ଅରେ ଧୀର୍ସବର, ଧର୍ସଧର୍ କଲେ ରମ୍ୟ ପର୍ସୋଧର ।
କବିସ ସିଂ. ସଙ୍ଗୀତ ।

ସଂ. ବି —ଦୁଇ ଜଣ ପରସ୍ପର ବଳ କଷାକଷି ହେଉଥିବା (ଦୁଇଜଣ)—(two persons) Duelling with each other.

ଦେ. କ୍ରି. ବିଣ—କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛା ବା ଅଶକ୍ତି ସତ୍ତ୍ୱେ କୌଣସି ବ୍ୟକ୍ତି ପ୍ରତି ଜବରଦସ୍ତି ବା ବଳପ୍ରୟୋଗ ପୂର୍ବକ ବା ଭୂମିରୁ ଉଠାଇ (କୌଣସି କାର୍ଯ୍ୟ କରାଇବା)—(to make a person do a thing) Against one's wish or inspite of one's inabilitys' by the use of force or coercion.

ধরেঙ্গে
ধরপকড়কর

ଠ ଅଛୁ ନ ଛଟେ ବର, ଧରାଧରି ବାହା କର । ଭଗ ।

ଧରା ଧାମ— ସଂ. ବି. (ଧରା + ଧାମନ୍)—ପୃଥିବୀ—
Dharā dhāma The earth.

ସେ ସ୍ୱର୍ଗସ୍ଥାନର କେମନ୍ତ ସାହସ
ଥିଲା ଅଦ୍ଭୁତ ଏ ଧରାଧାମେ । ନନ୍ଦକିଶୋର. କୃଷ୍ଣକୁମାରୀ ।

ଧରାଧିପ—ସଂ. ବି. (୬ଷ୍ଠୀ ତତ୍; ଧରା + ଅଧିପ)—ରାଜା—
Dharādhipa King.
(ଧରାଧିପତି, ଧରାଧୀଶ, ଧରାଧୀଶ୍ୱର—ଅନ୍ୟରୂପ)

ଧରା ପଗଡ଼ା— ଦେ. ବି. (ସଂ. ଧୃ ଧାତୁ ଓ ଫା. ପକଡ଼)—
Dharā pagarḍā ଧର ପଗଡ଼ (ଦେଖ)
ধরপাকড়া ধরপকড় Dhara pagarḍa (See)

ଧରା ପଡ଼ା(ରା)—ଦେ. ବି—୧ ଅନ୍ୟୋନ୍ୟରେ ଧରାଧରି ହୋଇ କଳି
Dharā parḍā(rā) କରିବା ବା ବଳ କଷାକଷି ହେବା—
1. Quarrelling by catching hold of each other.
୨ । କୁସ୍ତାକୁସ୍ତି—2. Duelling.
ଦେ. ବିଣ—ଅନ୍ୟୋନ୍ୟରେ କୁସ୍ତାକୁସ୍ତି ହେଉଥିବା (ଦୁଇ ବ୍ୟକ୍ତି)—Duelling with each other.

ଧରା ପଡ଼ିବା—ଦେ. କ୍ରି—୧ । ଗ୍ରେପ୍ତାର ହେବା; ଗିରଫଦାର ହେବା—
Dharā parḍibā 1. To be apprehended or arrested.
ধরাপড়া ୨ । ଅପରାଧ କରିବା ସମୟରେ ଧୃତ ହେବା—
পকড়া জানা 2. To be caught red-handed.

ସଖୀ ଆଗେ ଧରା ନ ପଡ଼ ମୋତେ ରଖିବଟି ହେ । କବିସୂର୍ଯ୍ୟ. ସଙ୍ଗୀତ ।

୩ । ପ୍ରକାଶିତ ହେବା; ଜଣାଯିବା; ସ୍ଥିରୀକୃତ ହେବା—
3. To be ascertained; to be clearly known; to be detected.
(ଯଥା—ହିସାବ କଲେ କେତେ ଖରଚ ହୋଇଛି ଧରାପଡ଼ିବ ।)
୪ । ଅନ୍ୟର ଆୟତ୍ତାଧୀନ ହେବା—
4. To come under another's clutches.
୫ । ହାବୁଡ଼େ ପଡ଼ିବା—
5. To encounter; to meet with.

ଧରାବନ୍ଧା—ଦେ. ବିଣ—୧ । ସୁନିର୍ଦ୍ଦିଷ୍ଟ—
Dharābandhā 1. Certain; well-defined.
ধরাবাঁধা ୨ । ନିର୍ଦ୍ଧାରିତ—2. Specified.
ধরাবদ্ধ

ଯେଉଁଠାରେ ପାଣି, ସେହିଠାରେ ମାଛ,
ଯେପରି ଗ୍ରାମରେ ଗ୍ରାମ୍ୟପଶୁ; ଏହା ଧରାବନ୍ଧା କଥା ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

୩ । ଅଲଙ୍ଘ୍ୟ; କଡ଼ା (ନିୟମ)—
3. Strict (rule); inviolable.
ଦେ. ବି—୧ । ଅଲଙ୍ଘ୍ୟ ନିୟମ—
1. Hard and fast rule.

ଧରାମତ—ପ୍ରାଦେ. (ଗଞ୍ଜାମ) ବି (ତେଲୁଗୁ)—ବଇନା—
Dharāmata Advance made after a contract of sale.

ଧରା ଯିବା—ଦେ.କ୍ରି. (ଧରିବାର କର୍ମବାଚ୍ୟରୂପ)—୧ । ଧୃତ ହେବା—
Dharā jibā 1. To be caught hold of.
ধরা যাওয়া ବସ୍ତ୍ରଧର୍ମର ଭଳି ସେ ସମୟ ଗଲା ଧରା ଧରାପଡ଼ ।
ধরা জানা ଭକ୍ତ, ବୈଦେହୀଶବିଳାସ ।
(ଧରା ହେବା—ଅନ୍ୟରୂପ) ୨ । ଗିରଫଦାର ହେବା—
2. To be arrested or apprehended.
୩ । (ହିନ୍ଦୀରୁ ଅନୁକୃତ)—ସମ୍ମୁଖରେ ରକ୍ଷିତ ହେବା—
3. To be placed before a person.
୪ । ନିଶ୍ଚିତ ହେବା; ନିର୍ଦ୍ଧାରିତ ହେବା; ସ୍ଥିରୀକୃତ ହେବା—
4. To be ascertained or settled.
[ଦ୍ର—ଧରିବା କ୍ରିୟାର ଅର୍ଥମାନଙ୍କୁ କର୍ମ ବାଚ୍ୟରେ ପ୍ରୟୋଗ କଲେ ଏହି ଶବ୍ଦର ଅନ୍ୟ ଅର୍ଥମାନ ଜଣାଯିବ]

ଧରି—ଦେ. (ଧରିବା କ୍ରିୟାର ଅସମାପିକା ଆକାର ଅନ୍ୟ ଶବ୍ଦ ସଙ୍ଗେ କ୍ରିୟା
Dhari ବିଶେଷଣ ବା ଅବ୍ୟୟରୂପେ ବ୍ୟବହୃତ)—୧ । (ଦେଶର
ধরে ବ୍ୟାପ୍ତି ଅର୍ଥରେ) (ଏତେ ଅଞ୍ଚଳ ବା ପରିସର) ବ୍ୟାପି—
ধরকে 1. Extending or spreading over an area
(ଧରିକରି—ଅନ୍ୟରୂପ) of; to the extent of.
(ଯଥା—ଚାରି କୋଶ ଧରି ବର୍ଷା ହେଉଛି; ମେଘ ଚଉଦିଗ ଧରି ବରଷୁଛି ।)
୨ । (ସମୟର ବ୍ୟାପ୍ତି ଅର୍ଥରେ) (ଏତେ ସମୟ) ବ୍ୟାପି; ବିସ୍ତୃତ ହୋଇ—2. Extending over a period of; continuously for
(ଯଥା—କାଲି ରାତିରେ ଚାରିଘଣ୍ଟା ଧରି ମେଘ ବରଷିଲା ।)
୩ । (ଅମୁକଙ୍କୁ ବା ଏତେ ଲୋକଙ୍କୁ) ସଙ୍ଗରେ ନେଇ; ସମଭିବ୍ୟାହାରରେ—3. With; having; accompanied by; in the company of.
(ଯଥା—ରାଜା ୨୦ ଜଣ ଅନୁଚର ଧରି ବାହାରି ଗଲେ ।)
୪ । (ଏତେ ଲୋକଙ୍କ ସହିତ) ଏକ ଦଳ ବାନ୍ଧି—
4. Forming into a body or company (with so many persons).
(ଯଥା—ଆମେ ଗାଁଅଯାକ ଧରି ହାକିମଙ୍କ ପାଖେ ଗୁହାରି କରିବାକୁ ଯାଇଥିଲୁଁ ।)

ଧରିତ୍ରୀ—ସଂ. ବି.ସ୍ତ୍ରୀ (ଧୃ ଧାତୁ = ଧାରଣ କରିବା + କର୍ତ୍ତୃ. ଇତ୍ର + ସ୍ତ୍ରୀ ଈ)
Dharitrī ପୃଥିବୀ; ଧରଣୀ—The earth.

ଧରିତ୍ରୀ ମୋହିଲା ହବି ବଣ୍ଣାଧିକ ଧଣି—ଗୋପୀନାଥ. ଭାଷାରେଖା ।

ଧରିତ୍ରୀ ଶୋଭି—ଦେ. ବଣ. ସ୍ତ୍ରୀ (ପ୍ରାଚୀନ) (ସ. ଧରିତ୍ରୀ+ଶୋଭନା)—
Dharitri sobhi ଧରଣୀମଣ୍ଡନା; ଖୁବ୍ ସୁନ୍ଦରୀ—(a woman) Who is an ornament to the earth; very beautiful or charming.

ତରୁକ ଧର ଧରିତ୍ରୀ ଶୋଭିର ଅଧରୁ ଅମୃତ ପିଇବେ—ଇନ୍ଦ୍ର. ପ୍ରେମସୁଧାନିଧି

ଧରି ଦେବା—ଦେ. କ୍ରି—୧ । କୌଣସି ପଦାର୍ଥକୁ ଧରି ଅନ୍ୟକୁ ଦେବା—
Dhari deba 1. To catch a thing and give
ଧରେଦେଓୟା it to another person.
धरदेना (ଯଥା—ମତେ କେଳା ଗୋଟିଏ ଶୁଆ ଧରି ଦେଇଛି ।)

୨ । (ସ. ଧାର) ପଜାଇବା; ଶାଣଦେବା—
2. To whet (an instrument).

୩ । ସମ୍ମୁଖରେ ଉପସ୍ଥାପିତ କରିବା; ଜମା କରିବା—
3. To place before; to make over.
(ଯଥା—ମତେ ହାଣ୍ଡି, କାଠ, ଚାଉଳ, ଡାଲି ଧରି ଦିଅ । ମୁଁ ଘଣ୍ଟାକ ପରେ ଦଶ ଜଣଙ୍କ ପାଇଁ ରୋଷେଇ କରିଦେବି ।)

ଧରି ଧରମ କରା(ରେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ (ତାର
Dhari dharama karā(re)iba ଇଚ୍ଛା ନ ଥିଲେ ମଧ୍ୟ) ବାଧ୍ୟ
ଧରି ଧର୍ମ କରା(ରେ)ଇବା } ଅନ୍ୟରୂପ କରି ଧର୍ମକାର୍ଯ୍ୟରେ
ଧରି ବାନ୍ଧି ଧର୍ମ କରା(ରେ)ଇବା } ପ୍ରବୃତ୍ତ କରାଇବା—
ধরে ধর্ম করান To oblige a person to become
धरपकड़कर धरम कराना pious against his wish.

ଧରି ନେବା—ଦେ. କ୍ରି—୧ । ବିବେଚନା କରିବା; ସ୍ଥିର କରିବା—
Dhari neba 1. To decide.
ধরেনেওয়া ୨ । କଳ୍ପନା କରିବା; ଅନୁମାନରେ ସ୍ଥିର କରିବା—
धरलेना 2. To assume; to suppose; to hypothecise; to take for granted.

୩ । କୌଣସି ଜୀବ ବା ମନୁଷ୍ୟକୁ ଅସୁବିଧ ବା ଗିରଫ କରି କୌଣସି ସ୍ଥାନକୁ ଜବରଦସ୍ତି ନେବା—3. To take a person or animal to any place forcibly.

୪ । ଅନୁକରଣ କରିବା; ଅନୁକରଣ କରିବାରେ କୃତକାର୍ଯ୍ୟ ହେବା—4. To imitate; to succeed in imitating.
(ଯଥା—ସେ ଥରେ ମାତ୍ର ଶୁଣିକରି ଗୀତ ପଦକ ଧରି ନେଲା ।)

ଧରି ପକା(କେ)ଇବା—ଦେ. କ୍ରି—ହଠାତ୍ ଧରିବା—
Dhari pakā(ke)iba 1. To catch suddenly;
ধরেফেলা **पकड़लेना** to catch up.
୨ । ଛୁଇଁବା; ସ୍ପର୍ଶ କରିବା—2. To touch.

ଧରି ବସିବା—ଦେ. କ୍ରି—୧ । କୌଣସି ବିଷୟ ପାଇଁ ଏକ ଜିଗର
Dhari basiba କରିବା—1. To harp upon; to insist
ধরেবসা on; to importune; to persist.
पकड़बैठना ଦଶହର ବଳ ସମୟରେ ଗୃହିଣୀ ଏକାନ୍ତ ଧରି ବସିଲେ ଗୃହକୁ ଯିବେ ।
କ ଚନ୍ଦ୍ରାଚରଣ. ସାବଜୀର ଦୁଃଖ ।

୨ । କୌଣସି ଗୋଟିଏ ମାତ୍ର ବିଷୟରେ ବ୍ୟାପୃତ ହେବା ଓ ବିଷୟାନ୍ତର ପ୍ରତି ଦୃଷ୍ଟି ନ ଦେବା—
2. To stick to one matter with pertinacity and neglect other matters.

୩ । କୌଣସି ବସ୍ତୁକୁ ବହୁକାଳ ପାଇଁ ଧାରଣ କରିବା—
3. To hold a thing for a long time.
(ଯଥା—ମୁଁ ପିଲାକୁ ବାଢ଼ଯାକ ଧରି ବସିଛି, କେହି ଘଡ଼ିଏ ଗଣ୍ଡେ ମୋଠାରୁ ପିଲାକୁ ନେଲେ ନାହିଁ ।)

ଧରିବା—ଦେ. କ୍ରି. (ସ. ଧୃ ଧାତୁ)—
Dhariba ୧ । (ସକର୍ମକ) କୌଣସି ବସ୍ତୁକୁ ହସ୍ତରେ ଧାରଣ
ধরা କରିବା ବା ଗ୍ରହଣ କରିବା—
धरना 1. To take hold of a thing; to take with
[ଧରା(ରେ)ଇବା—ଣିଜନ୍ତରୂପ] the hand.

ଚଣ୍ଡ ମୂରତ ଧରଇ ବା ବୋଲେ ଚରଣ ପଙ୍କଜ ଧରଲେ ହେଲେ ।
କବିସୂର୍ଯ୍ୟ ସଙ୍ଗୀତ ।

୨ । (ସକର୍ମକ) ଉପରକୁ ଟେକିବା; ଟେକି ରଖିବା—
2. To lift up; to support.
(ଯଥା—ଛତା ଧରିବା ।)

୩ । (ସକର୍ମକ) ବହନ କରିବା—3. To carry.
ସାର ହାର ମଣାର ମଣି ବର ପଦ ଧରି ବକ୍ଷସ୍ଥଳେ ଚଳନ୍ତରେ ।
କବିସୂର୍ଯ୍ୟ ସଙ୍ଗୀତ ।

୪ । (ସକର୍ମକ) ଅଣ୍ଡିରା ବାଛୁରିର ମୁଷ୍କ ଛେଦନ କରିବା; ଖାସି କରିବା—4. To castrate a calf; to geld.

୫ । (ସକର୍ମକ) ଚାଷ କରିବା; ହଳ କରିବା—
5. To plough; to till.
(ଯଥା—ଧାନ ବୁଣା ହେବା ପୂର୍ବରୁ ବିଲକୁ ମୁଁ ଛଅଓଡ଼ ଧରି ସାରିଲିଣି ।)

୬ । (ଅକର୍ମକ) ପୀଡ଼ାଯୁକ୍ତ ହେବା; ବଥାଇବା; ବେଦନାଯୁକ୍ତ ହେବା—6. To ache.
(ଯଥା—ଅଣ୍ଟା ଧରିବା; ଆଖି ଧରିବା; ଗାଲପାଟି ଧରିବା ।)

୭ । (ସକର୍ମକ)ମନ୍ତ୍ରାଦି ପ୍ରୟୋଗଦ୍ୱାରା ଘାଆ ପ୍ରଭୃତିକୁ ପ୍ରକୁପିତ କରାଇବା—7. To cause a wound to fester by evil incantations or spells.

୮ । (ସକର୍ମକ) ନବପ୍ରସୂତା ଗାଭୀର ଜନନେନ୍ଦ୍ରିୟ ଫୁଙ୍କିବା—
8. To blow wind into the abdomen of a recently delivered cow with one's mouth (so that the cow will not give any trouble while being milked).

୯ । (ସକର୍ମକ) ଉଚ୍ଚାରଣ କରିବା—9. To utter.
ହରି ତୁ କାହିଁ ଅଇଲୁ
ଶ୍ରୀରାମ ନାମ ଧଇଲୁ—ଦୀନନାଥ. ବଡ଼ଦେଉଳସ୍ତବ ।

୧୦ । (ଅକର୍ମକ ଓ ସକର୍ମକ), ଫଳବନ୍ତ ହେବା; କାଟିବା; କାମ କରିବା—10. To be effective; to take effect; to affect.
(ଯଥା—ଔଷଧ ଭଙ୍ଗ ପାଇଁଯାଏ ଧରିଲା ନାହିଁ; ମନ୍ତ୍ରକୁ ଔଷଧ ଧରିବ ନାହିଁ ।)

୧୧ । (ସକର୍ମକ) ଅବଲମ୍ବନ କରିବା; ଆଶ୍ରା ନେବା; ଆଶ୍ରୟ କରିବା—11. To have recourse to; to take shelter under.

ଫଳ ଯା ଫଳିବ କର୍ମେ, ଭବ ଧର୍ମ ଧର—ଯଥାନାଥ, ମହାଯାତ୍ରା ।

୧୨ । (ସକର୍ମକ) ଆୟତ୍ତ କରିବା; ଧୃତ କରିବା—
12. To catch; to bring under one's control.

ନାଗ ଚନ୍ଦ୍ରଙ୍କୁ ଧରିବା ନ୍ୟାୟ—ଢଗ ।

୧୩ । (ସକର୍ମକ) ଅନୁସରଣ କରିବା; ସାହାଯ୍ୟ ପ୍ରାର୍ଥନା କରିବା—
13. To cling for help; to approach for help.

(ଯଥା—ଜଣେ ବଡ଼ମୁଣ୍ଡିଆ ମୁରବୀଙ୍କୁ ନ ଧରିଲେ ମୋ କାମ ହାସଲ ହେବ ନାହିଁ ।)

୧୪ । (ସକର୍ମକ) ନିକଟରେ ପହଞ୍ଚିବା—
14. To approach; to reach near.

(ଯଥା—ନଈବଢ଼ି ପାଣି ୧୭ ଫୁଟକୁ ଟପି ୧୮ ଫୁଟ ଧରିଲାଣି ।)

୧୫ । (ସକର୍ମକ) ଛୁଇଁବା—15. To touch.

(ଯଥା—ବୁଢ଼ିଅଣୀକି ଯେ ଆଗକରି ଧରିବ, ସେ ଖେଳରେ ଜିଣିବ ।)

୧୬ । (ସକର୍ମକ) କୌଣସି ବିଷୟରେ ଜିଦ କରିବା—
16. To insist on something.

(ଯଥା—ପିଲାଟା ସକାଳୁଁ ଏକଜିଦା ଧରିଛି, ଯେତେ ବୁଝାଇଲେ ବୁଝୁ ନାହିଁ ।)

୧୭ । (ସକର୍ମକ) (ଶୁଆ, ଶାରୀ, ବଣି ଇତ୍ୟାଦି) ଶିଖା ଯାଇଥିବା ପଦକୁ ବୋଲି ପାରିବା ବା ଉଚ୍ଚାରଣ କରିବା—
17. To be able to utter (said of a parrot etc) the words taught; to learn by rote.

(ଯଥା—ମୋ ଶୁଆଟି ଗୀତଗୋବିନ୍ଦର ପ୍ରଥମ ଛନ୍ଦଟି ଧରିଲାଣି ।)

୧୮ । (ଅକର୍ମକ) ଫଳିବା; ଜନ୍ମିବା—
18. To grow (said of fruits, flowers, buds).

(ଯଥା—ଗଛରେ ଫୁଲ ଫୁଟିଲାଣି, ଚଞ୍ଚଳ ଫଳ ଧରିବ ।)

୧୯ । (ସକର୍ମକ) ବିବେଚନା କରିବା; ଗଣନା କରିବା; ହିସାବ କରିବା—19. To consider; to calculate; to count

(ଯଥା—ଗୋଟିଏ ଫଳକୁ ଚାରି ପଇସା ଧରିଲେ କୋଡ଼ିଏଟି ଫଳର କେତେ ଦାମ ହେବ ?)

୨୦ । (ଅକର୍ମକ) ଅବଶ ହେବା—
20. To be benumbed.

(ଯଥା—ବସି ବସି ମୋ ଗୋଡ଼ ଧରିଲାଣି; ଅଣ୍ଟାପିଠି ଧରିଲାଣି ।)

୨୧ । (ସକର୍ମକ) ଗିରଫଦାରି କରିବା—
21. To arrest; to seize; to capture.

(ଯଥା—ପୁଲିସ୍ ସାହେବ ନିଜେ ଯାଇ ଫେରାରି ଆସାମୀକୁ ଧରିଲେ ।)

୨୨ । (ସକର୍ମକ) ତଥ୍ୟ ପାଇବା; ଠଉରାଇବା; ଦୋଷ ଆଦି ଜାଣିବାକୁ କ୍ଷମ ହେବା—
22. To detect; to succeed in ascertaining.

(ଯଥା—ତୋ ବିଦ୍ୟା କେତେ ଯେ, ତୁ ମୋ ଭୁଲ ଧରିବୁ ?

ଚୋର ଧରିବ ଗଣ୍ଠିରେ, ନାଗ ଧରିବ ଖଟରେ—ଢଗ ।

୨୩ । (ଅକର୍ମକ) ଯଥେଷ୍ଟ ହେବା; ସମ୍ଭୁଳିବା—
23. To be held by; to contain; to suffice; to be enough for.

(ଯଥା—ଏ ଗିଲାସରେ ସେରେ ଦୁଧ ଧରିବ ନାହିଁ ।)

୨୪ । (ସକର୍ମକ) ରଖିଦେବା; ଉପସ୍ଥାପିତ କରିବା—
24. To place; to produce before.

(ଯଥା—ମୋ ଆଗରେ ଭାତ ଥାଳିକି ଧରିଲେ ମୁଁ ସେତକର ଶୀଘ୍ର ସଦ୍‌ବ୍ୟବହାର କରିଦେବି ।)

୨୫ । (ସକର୍ମକ) ପହଞ୍ଚିବା—25. To reach.

(ଯଥା—ନିଆଁ ଆମ ପଡ଼ିଶା ଘରକୁ ଧରିଲାଣି ।)

୨୬ । (ସକର୍ମକ) ସମାଲୋଚନା କରିବା—
26. To criticise.

(ଯଥା—ମୋ କଥାକୁ ଏପରି ଧରିଲେ ମୁଁ ଆଉ ପାଟି ଫିଟାଇବି ନାହିଁ ।)

୨୭ । (ସକର୍ମକ) (ପଥ) ଅବଲମ୍ବନ କରିବା—
27. To take (a route),

(ଯଥା—ସଡ଼କ ବାଟ ଧରିଲେ ମୁଁ ଆଖି ବୁଜା ପୁରୀରେ ପହଞ୍ଚିଯିବି ।)

୨୮ । (ସକର୍ମକ) କୌଣସି କାର୍ଯ୍ୟ କରିବାକୁ ବାଧ୍ୟ କରିବା—
28. To oblige or force a person to do something.

(ଯଥା—ସେ ମୋତେ ଧରି ଧର୍ମ କରଉଛି)

୨୯ । (ସକର୍ମକ) (ଅମୁକର) ସାହାଯ୍ୟ ନେବା—
29. To take the help of.

କାନ୍ଥ ଧରିଲ କି ବାଡ଼ ଧରିଲ, କହାଲେ ଧରିଲ ପୁଅ ବୋଇଲ—ଢଗ ।

୨୯ । (ସକର୍ମକ) ବ୍ୟାପିବା; ବିସ୍ତୃତ ହେବା—
29. To extend over; to pervade.

ସେ ଆତ୍ମା ସର୍ବ ଘଟେ ଧରି
ଦୃଶ୍ୟେ ଅଦୃଶ୍ୟେ ରହି ପୂରି । ଜଗନ୍ନାଥ, ଭାଗବତ ।
ବେଢ଼ାର ବାହାରେ ବସ୍ତୁ ଦୂର ଧରି ଥିବ ଯେ ସବୁ ମନ୍ଦିର ଅଛି ।
କୃପାସିନ୍ଧୁ, ଇତିହାସ ।

୩୦ । (ସକର୍ମକ) ଘୋଟିବା; ଆକ୍ରାନ୍ତ କରିବା—
30. To pervade; to overpower.

(ଯଥା—ତାକୁ ନିଶା ଧରିଲାଣି ।)

୩୧ । (ସକର୍ମକ) ଆକ୍ରମଣ କରିବା—
31. To attack; to set upon.

(ଯଥା—ତାହାର କୁକୁର ବିଲୁଆକୁ ଧରିବାକୁ ଗୋଡ଼ାଉଛି ।)

୩୨ । (ସକର୍ମକ) ନିମନ୍ତ୍ରିତ ଲୋକ ସଙ୍ଗରେ ନେବା—
32. To take the invited person with one's self.
(ଯଥା—ବର ଧରିବାକୁ କାଲି ସନ୍ଧ୍ୟାବେଳଠାରୁ ଲୋକ ଗଲେଣି, ଏତେ ବେଳଯାଏ ଫେରି ନାହିଁ ।)

୩୩ । (ଅକର୍ମକ) (ନିଆଁ) ଲାଗିବା—
33. To be ignited; to catch (fire).
(ଯଥା—ଓଦା ଶୋଲରେ ନିଆଁ ଧରୁ ନାହିଁ ।)

୩୪ । (ସକର୍ମକ) ବନ୍ଦ କରି ରଖିବା; ଅଟକାଇବା—
34. To restrain.
(ଯଥା—୨୪ ବର୍ଷର ପୁଅକୁ କିଏ ସବୁବେଳେ ଘରେ ଧରି ରଖି ପାରିବ ?)

୩୫ । (ସକର୍ମକ) ସମ୍ଭାଳିବା—
35. To keep intact; to maintain.
(ଯଥା—ମୁଁ ଆଉ ଧୈର୍ଯ୍ୟ ଧରି ପାରିବି ନାହିଁ ।)

୩୬ । (ସକର୍ମକ) ଆକାର ଧାରଣ କରିବା—
36. To assume the form of.
ଚଣ୍ଡ ମୂରତି ଧରନ୍ତି କା ବୋଲେ । କବିସୂର୍ଯ୍ୟ. ସଙ୍ଗୀତ ।

୩୭ । (ସକର୍ମକ) ସଂଗ୍ରହ କରିବା; ସଞ୍ଚୟ କରିବା—
37. To collect; to gather up; to store up.
କାକର ଧରିଲେ କି ଘଡ଼ା ଭର୍ତ୍ତି ହୁଏ ? ଲୋ ।
(ଯଥା—ଆମ ମାଳ ମଞ୍ଜିଯାକ ଧରି ରଖି ସାରିଲେଣି ।)

୩୮ । (ସକର୍ମକ) ବିବେଚନା କରିବା; ବୁଝିବା—
38. To consider; to notice.
ନ ଧରି ଦୋଷ ଥିଲେ ସାଧୁ ଜନ । କୃଷ୍ଣସିଂହ, ମହାଭାରତ, ଆଦି ।

୩୯ । (ସକର୍ମକ) ଗ୍ରହଣ କରିବା; ଧାରଣ କରିବା—
39. To hold.
ଭଲେ ବସନ ପ୍ରସାଦ ତୃଣ ଦଶନାଗ୍ରେ ଧରି ।
କବିସୂର୍ଯ୍ୟ. କଣୋସିଚମ୍ପୂ. ତ ଗୀତ ।

୪୦ । (ସକର୍ମକ) ଆଲିଙ୍ଗନ କରିବା—
40. To embrace.
[ଦ୍ର—ମାତା ପୁଅକୁ କୋଳରେ ଧରିଛନ୍ତି ।]

୪୧ । (ଅକର୍ମକ) ପରିଣତ ହେବା—
41. To turn into.
(ଯଥା—ପଇଡ଼ଯାକ ନାଳ ଧରିଲେଣି; ଆମ୍ବ କୁଷି ଧରିଲେଣି ।)

୪୨ । (ସକର୍ମକ) (ତାରିଖ) ସ୍ଥିର କରିବା—
42. To fix; to settle (a date).
(ଯଥା—ମାଘ ଶୁକ୍ଳପଞ୍ଚମୀ ଦିନ ୫ ଦଣ୍ଡରୁ ପଣ୍ଡିତେ ବିବାହର ଲଗ୍ନ ଧରିଛନ୍ତି ।)

୪୩ । (ସକର୍ମକ) ହୃଦୟରେ ବହିବା; ଅନୁଭବ କରିବା—
43. To feel; to experience.
କାହିଁଲେ ବେଳକୁ ହିକ ବିକଳ ନ ଧରି । କୃଷ୍ଣସିଂହ. ମହାଭାରତ. ବିରାଟ ।

୪୪ । (ସକର୍ମକ) (ଆଜ୍ଞା ପାଳନ କରିବା—
44. To obey (an order).
କେବଳ ତୁମ୍ଭ ଆଜ୍ଞା ଧରି ମୁଁ ଯାଉଛି
ନକରି ମାନସରେ କୃପ ଦୁଃଖ କିଛି । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

୪୫ । (ସକର୍ମକ) (ମନକୁ) ଏକାଗ୍ର କରିବା—
45. To concentrate (one's mind).
ଯୋଗେ ନ ପାରି ଚିତ୍ତ ଧରି
ଚଞ୍ଚଳେ ଏମନ୍ତ କରିବ । ଜଗନ୍ନାଥ. ଭାଗବତ ।

୪୬ । (ମନକୁ) ସଂଲଗ୍ନ କରିବା; ମଜ୍ଜାଇବା; ଲଗାଇବା; ସଂଯୋଗ କରିବା—46. To fix (one's mind) on.
ଏବେ ହୋ ଶୁଣ ମୁନିବର
ହରି ଚରଣେ ମନ ଧର । ଜଗନ୍ନାଥ. ଭାଗବତ ।

୪୭ । (ସକର୍ମକ) (ଗଛ ଫୁଲ ଫଳ ଆଦି) ଉତ୍ପାଦନ କରିବା—
47. To bear (fruits, flowers etc).
କଣ୍ଟା କାନନରୁ କୁସୁମ ନଧରୁ ନିର୍ଗୁଣ କୁଠାରେ କାଟିଲି ।
ଗୋପୀକୃଷ୍ଣ. ରସକଲ୍ଲୋଳ ।

୪୮ । (ସକର୍ମକ)କୌଣସି ନୂତନ ଖାଦ୍ୟାଦିରେ ଅଭ୍ୟସ୍ତ ହେବା
48. To be habituated to (any kind of new thing).
(ଯଥା—ଏ ବାଛୁରି ଘାସ ଧରିଲାଣି; ଏବକୁ ଇସ୍କୁଲର ପିଲାମାନେ ଚୁରୁଟ ଧଇଲେଣି ।)

୪୯ । (ସକର୍ମକ) ଅସ୍ତ୍ର ଶସ୍ତ୍ରାଦିକୁ ପଜାଇବା—
49. To sharpen; to whet.
(ଯଥା—କ୍ଷୁର ଧରିବା ।)

୫୦ । (ସକର୍ମକ) ନିଲାମରେ ଡାକ ସମ୍ପତ୍ତି କିଣିବା—
50. To purchase a property by bidding at an auction-sale.

୫୧ । (କର୍ମକର୍ତ୍ତୃବାଚ୍ୟ ପ୍ରୟୋଗ) (ରୋଗ ଆଦି) ଆକ୍ରମଣ କରିବା—51. To attack (said of a disease).
(ଯଥା—ତାକୁ ବାଇ ଧରିଛି; ତାକୁ ଗୁଳଣା ଧରିଲାଣି; ହଇଜା ଧରିବା ।)

୫୨ । (ସକର୍ମକ) (କଥାର ବା ଲେଖାର) ଦୋଷ ବାଛିବା—
52. To find fault with (another's speech or writing).
(ଯଥା—ମୁଁ ତ ବ୍ୟାକରଣ ପଢ଼ି ନାହିଁ, ଆପଣ ବ୍ୟାକରଣର ନିୟମଅନୁସାରେ ମୋ ଲେଖାକୁ ଧରିଲେ ମୁଁ ଧାଡ଼ିଏ ସୁଦ୍ଧା ଶୁଦ୍ଧ ଭାଷା ଲେଖି ପାରିବି ନାହିଁ ।)

୫୩ । ସଙ୍ଗରେ ନେବା—53. To take with.
କେଣିକି ତାହା ଶୁଣି ଧରି ସେ ଚିଲିକୁ;
ଦିଗନ୍ତ ସେ ବାହୁକ ଏକାର ସ୍ଥାନକୁ ।
କୃଷ୍ଣସିଂହ. ମହାଭାରତ. ବନ ।

୫୪ । ଯଥାକାଳରେ ଷ୍ଟେସନ ଆଦିରେ ରେଲ ବା ଜାହାଜରେ ଆରୋହଣ କରିବା—54. To catch a train or ship.
(ଯଥା—ବାଟରେ ଡେରି ହେବାରୁ ମୁଁ ଡାକଗାଡ଼ି ଧରି ପାରିଲି ନାହିଁ ।).

୫୫ । (ସକର୍ମକ) କୌଣସି ବିଷୟକୁ ନ ଛାଡ଼ିବା—
55. To stick to; never to give up.
ହରିନାମଟି ଧରି ଥିବୁଟି—ଲୋ ।

୫୬ । ଆରମ୍ଭ କରିବା—56. To begin.
(ଯଥା—ବ୍ୟାକରଣ ପଢ଼ା ଶେଷ କରି ମୁଁ ଏବେ କାବ୍ୟ ଧରିଛି ।)

୫୭ । (ସକର୍ମକ ଓ ଅକର୍ମକ) (କଳଙ୍କି ଆଦି) ଲାଗିବା; (ମୁରୁଚ୍ଚ) ମାରିବା—57. To be spread over with (rust); to rust.
[ଯଥା—ବହୁଦିନ ବ୍ୟବହୃତ ନ ହେବାରୁ ଏ ଖଣ୍ଡାରେ କଳଙ୍କି (ମୁରୁଚ୍ଚ) ଧରିଲାଣି ବା ଖଣ୍ଡା କଳଙ୍କି ଧରିଲାଣି ।]

୫୮ । (ସକର୍ମକ ଓ ଅକର୍ମକ) ନଷ୍ଟ କରିବାକୁ ଆରମ୍ଭ କରିବା- 58. To begin to spoil.
(ଯଥା—କାଠରେ ଘୁଣ ଧରିଲେଣି; ପୁରୁଣା ବହି ଯାକ ପୋକ ଧରିଲେଣି ।)

୫୯ । ଅନୁସରଣ କରିବା; ଅନୁସାରେ ଚଳିବା—
59. To follow; to act according to.
(ଯଥା—କଚଟାରେ ଘଣ୍ଟା ଧରି ଲୋକେ କାମ କରନ୍ତି ।)

[ଦ୍ର—'ଧରିବା କ୍ରିୟାର ଅତୀତ କାଳରେ 'ଧରିଲି, ଧରିଲୁ, ଧରିଲା, ଧରିଲେ ଇତ୍ୟାଦି ରୂପ ମଧ୍ୟ ହୁଏ ।
ଧରିବା କ୍ରିୟାର ଅସମାପିକା ରୂପ ପରେ ଆଣିବା, ନେବା, ପକା(କେ)ଇବା, ଦେବା, ବାନ୍ଧିବା, ମାରିବା, ରଖିବା, ଆଦି କ୍ରିୟାର ସମାପିକା ରୂପ ବ୍ୟବହୃତ ହୋଇ ମିଶ୍ରିତ କ୍ରିୟାମାନ ସୃଷ୍ଟି ହୁଏ ।
ଧରିବା କ୍ରିୟାର ସମାପିକା ରୂପ ସଙ୍ଗେ ବାନ୍ଧିବା ଓ ମାରିବା, କ୍ରିୟା ସମାର୍ଥସୂଚକ ସହଚରରୂପେ ବ୍ୟବହୃତ ହୁଏ ।
କାମୁଡ଼ିବା, ଚପିବା, ଟେକିବା, ଟାଣିବା, ଓଟାରିବା, ଉଠା(ଠେ)ଇବା, ମାଡ଼ିବା,ଉଡ଼ିବା ଆଦି କ୍ରିୟାର ଅସମାପିକା ରୂପ ପରେ ଧରିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଧରି ବାନ୍ଧି—ଦେ.କ୍ରି. ବିଣ.—(ଧରିବା ଓ ବାନ୍ଧିବା, ଏ ଦୁଇ କ୍ରିୟା ଯୋଗରେ ଉତ୍ପନ୍ନ ମିଶ୍ର କ୍ରିୟାର ଅସମାପିକା ରୂପ କ୍ରି. ବିଣ. ରୂପେ ବ୍ୟବହୃତ)—ବାଧ୍ୟ କରି; ଜବରଦସ୍ତି କରି ବା ବଳାଇ କରି—Forcibly.
Dhari bāndhi
ଧରେବେନ୍ଧେ
ଜବରଦସ୍ତି କର

ଧରିମା—ସଂ. ବି.— (ଧୃ ଧାତୁ+କର୍ମ ଇମନ୍=ଧରିମନ୍ ଶବ୍ଦ ୧ମା. ୧ବ.)—୧ । ତରାଜୁ ; ତୁଳା ଯନ୍ତ୍ର—
Dharimā
1. A pair o scales; a balance (Apte).
୨ । ରୂପ; ଆକାର—2. Form; shape.

ଧରି ମାରିବା—ଦେ.କ୍ରି.—(ସଂ. ଧୃ ଧାତୁ ଓ ମୃ ଧାତୁ ଣିଚ୍ ମାରି ଧାତୁ)— କୌଣସି ବ୍ୟକ୍ତି ମାଡ଼ ଖାଇଲା ବେଳେ ପଳାଇ ଯାଇ ନ ପାରିବ ବୋଲି ତାକୁ ଆଗେ ଧରିବା ଓ ପରେ ମାଡ଼ ଦେବା—To beat a person after catching hold of him so that he may not escape.
Dhari māribā
ଧରି ମାରିଲେ ସିନ୍ଧେ ମରନ୍ତି—ଢଗ ।

ଧରି ରଖିବା—ଦେ. କ୍ରି.—୧ । ନିଜର ଅଧୀନରେ ରଖିବା; ଅଧୀନ କରିବା—To keep under one's control.
Dhari rakhibā
ଧରେରାଖା ଧର ରାଖା

ଧରୁଆ—ଦେ. ବି.—୧ । (ସଂ. ଧୃ ଧାତୁ) ମଝି ସେଣୀ—1. The central long beam of a thatched roof.
Dharuā
ଘର ନାମ ସେଣୀ ତହିଁ ସଜିଛି ଧରୁଆ ।
ବ୍ରହ୍ମଦରୂପଣଗୀତା ।
୨ । ଧାରଣା; ଟେକ—2. Prop; support.

ଧରୋଟ—ଦେ. ବିଣ.—(ସଂ. ଧର୍ତ୍ତବ୍ୟ)—ବିବେଚିତ ହେବାର ଯୋଗ୍ୟ— Worthy of being noticed; noticeable.
Dharoṭa
ମକର ମାସ ଗଲ୍ପ ଦେଲୁ; କକଡ଼ା ମାସ ଚଳୁଛୁ,
ଏଥିଣ ବ ଧରୋଟ ରୂପରେ ନୁହେ । ଫକୀରମୋହନ, ଗଳ୍ପସ୍ବଳ୍ପ ।
ବି.—ବିବେଚିତ ହେବାର ଯୋଗ୍ୟତା—
The state of being noticeable.

ଧର୍ତ୍ତବ୍ୟ—ସଂ. ବିଣ. (ଧୃ ଧାତୁ=ଧରିବା+କର୍ମ ତବ୍ୟ)—
Dharttabya
୧ । ଧାରଣୀୟ; ଧରିବାର ଯୋଗ୍ୟ—
(ଧର୍ତ୍ତବ୍ୟ—ଅନ୍ୟରୂପ) 1. Worthy of being held.
(ଧର୍ତ୍ତବ୍ୟା—ସ୍ତ୍ରୀ) ୨ । ଗଣନୀୟ—
2. Calculable; noticeable.
୩ । ରଖିବାର ଯୋଗ୍ୟ—3. Fit to be kept.
୪ । ଗିରଫ କରାଯିବାର ଯୋଗ୍ୟ—
4. Deserving to be apprehended.
୫ । ବିବେଚନାର ଯୋଗ୍ୟ—
5. Worthy of consideration.
୬ । ଗ୍ରାହ୍ୟ—6. Acceptable.

ଧର୍ତ୍ତା—ସଂ. ବିଣ. ପୁଂ. (ଧୃ ଧାତୁ=ଧରିବା+କର୍ତ୍ତୃ. ତୃ; ୧ମା. ୧ବ)—
Dharttā
୧ । ଧାରଣ କର୍ତ୍ତା—1. Holding; supporting.
(ଧର୍ତ୍ତ୍ରୀ—ସ୍ତ୍ରୀ) ୨ । ରକ୍ଷଣକାରୀ—2. Preserving.
୩ । ବହନକର୍ତ୍ତା—3. Bearing; carrying.
୪ । ଯେ କୌଣସି କାର୍ଯ୍ୟର ଭାର ନିଜର ଉପରେ ଗ୍ରହଣ କରେ—4. Taking upon one's self the responsibility for any work.

ଧର୍ତ୍ତି—ଦେ. ବି—୧ । (ସଂ. ଧରିତ୍ରୀ)—ଧରିତ୍ରୀ (ଦେଖ)
Dhartti
1. Dharitrī (See)
(ଧର୍ଟି—ଅନ୍ୟରୂପ) ୨ । (ସଂ. ଧୃତି) ଧୈର୍ଯ୍ୟ—2. Patience.
ଧରତୀ ଧର୍ତୀ

ଧର୍ତ୍ର—ସଂ. ବି (ଧୃ ଧାତୁ=ଧରିବା+ଅଧିକରଣାର୍ଥେ ତ୍ର)—୧ । ଗୃହ—
Dharttra
1. House.
୨ । ଯଜ୍ଞ—2. Vedic sacrifice.
୩ । ଧର୍ମ—3. Virtue; piety; religion.
୪ । ସହଜ ଗୁଣ—4. Attribute.

ଧର୍ମ—ସଂ. ବି. (ଧୃ ଧାତୁ=ପୋଷଣ କରିବା+କର୍ତ୍ତୃ. ମ; ଯାହା ସଂସାରକୁ ବା ଲୋକମାନଙ୍କୁ ଧାରଣ କରେ ବା ପୋଷଣ କରେ)—
Dharma
(ଧର୍ମ୍ମ—ଅନ୍ୟ ରୂପ) ୧ । କର୍ତ୍ତବ୍ୟ କର୍ମ—1. Duty.
୨ । ସଦନୁଷ୍ଠାନ; ସତ୍କର୍ମ—
2. A good act; meritorious deed.
୩ । ଭାଗ୍ୟ—3. Fortune; luck.

୪ । ଶୁଭାଦୃଷ୍ଟ—Good fortune.
୫ । ପୁଣ୍ୟ—5. Virtue; piety.
୬ । ଶ୍ରେୟଃ; ମଙ୍ଗଳ—6. Welfare.
୭ । ସୁକୃତ—7. Virtue acquired by good actions.
୮ । ମହାଦେବଙ୍କ ବୃଷ—8. Sibas' bull.
୯ । ନ୍ୟାୟ—9. Justice; right; righteousness.
୧୦ । ସ୍ୱାଭାବିକ ଅବସ୍ଥା—10. Natural condition.
୧୧ । ସ୍ୱଭାବ; ପ୍ରକୃତି—11. Nature; property of a thing; natural disposition; characteristic.
୧୨ । ଗୁଣ—12. Quality; attribute.
୧୩ । ଆଚରଣ; ଆଚାର; ବ୍ୟବହାର—
13. Conduct; practice.

ଅପତେ ଧର୍ମ ପ୍ରାଣୀଙ୍କର
ଏ ସବୁ କହ ମୁନିବର । ଜଗନ୍ନାଥ, ଭାଗବତ ।

୧୪ । ଶାସ୍ତ୍ରବିହିତ ଆଚାର—14. Act or conduct approved by the scriptures.
[ଦ୍ର—ହିନ୍ଦୁ ଧର୍ମଶାସ୍ତ୍ରମାନଙ୍କର ପ୍ରତ୍ୟେକ ମନୁଷ୍ୟର ଓ ଭିନ୍ନ ବର୍ଣ୍ଣାଶ୍ରମୀମାନଙ୍କର ସାଧାରଣ କର୍ତ୍ତବ୍ୟ ଓ ବର୍ଣ୍ଣାଶ୍ରମ ଧର୍ମ ବର୍ଣ୍ଣିତ ହୋଇଅଛି ।]
୧୫ । ଯଥାଯୋଗ୍ୟ ବ୍ୟବହାର—15. Proper or seasonable conduct; suitable conduct.
୧୬ । ଯଜ୍ଞ; ବେଦବିହିତ କର୍ମ—
16. Sacrifice; vedic rites.
୧୭ । ସାମ୍ପ୍ରଦାୟିକ ଈଶ୍ୱରବିଶ୍ୱାସ; ଉପାସନାପଦ୍ଧତି—
17. Faith; tenet of a religion.
୧୮ । ଦେଶରୀତି; ଆଇନ୍—
18. Law; usage; custom.
୧୯ । ଧନୁ—19. Bow.
୨୦ । (ମନୁଷ୍ୟଙ୍କୁ ଦଣ୍ଡ ଓ ପୁରସ୍କାର ଦେବାର କର୍ତ୍ତା) ଯମ—
20. Jama; the Hindu God of death.
୨୧ । ସୋମପାୟୀ ଯାଜ୍ଞିକ—21. One who drinks the juice of the Soma creeper in the course of performing a vedic sacrifice.
୨୨ । ନ୍ୟାୟାନୁଗତ ବିଚାର—22. Just consideration.
୨୩ । ସତ୍‌ସଙ୍ଗ—23. Good company.
୨୪ । ସ୍ତ୍ରୀର ସତୀତ୍ୱ—24. Chastity of a woman.
୨୫ । ଯୋଗ୍ୟତା—25. Merit; desert.
୨୬ । (ଫଳିତ ଜ୍ୟୋତିଷ) ଲଗ୍ନର ନବମ ସ୍ଥାନ—
26. (astrology) The 9th place counted from one's Lagna or natal planet.
୨୭ । ବିଷ୍ଣୁଙ୍କ ନାମ—
27. One of the names of Bishnu.
୨୮ । ସାଦୃଶ୍ୟ (ପ୍ରକୃତିବାଦ)—28. Similarity.
୨୯ । ଆତ୍ମା ବା ଜୀବ—29. The Living Soul.
୩୦ । ଭାବ—30. Idea.
୩୧ । ଯୁଧିଷ୍ଠିର—31. A name of Judhishthira.
୩୨ । ସୂର୍ଯ୍ୟ—32. The sun.
୩୩ । ଉପନିଷଦ୍—33. The Upanishads.
୩୪ । ପାପ ପୁଣ୍ୟର ବିଚାରକ ଈଶ୍ୱର—
34. God, who judges of the piety and sin of the created beings.
୩୫ । ଅହିଂସା—35. Inoffensiveness; aversion to slaughter.
୩୬ । (ଅଳଙ୍କାର ଶାସ୍ତ୍ର) ଉପମାନ ଓ ଉପମେୟରେ ଥିବା ସାଧାରଣ ଗୁଣ (ହି. ଶବ୍ଦସାଗର)—36. (Rhetoric) The attribute which is common to an object and the thing to which it is compared in a metaphor or Simile.
୩୭ । ସମାଜର ସ୍ଥିତି ଓ ମଙ୍ଗଳପାଇଁ ଅନୁଷ୍ଠିତ କର୍ମମାନ—
37. Acts conducing to the welfare and preservation of the society; acts conducing to the greatest good of the greatest number in society.
୩୮ । ନ୍ୟାୟବୁଦ୍ଧି; ବିବେକ; ଉଚିତ ଓ ଅନୁଚିତ ବିଷୟର ବିଚାରକ ଚିତ୍ତବୃତ୍ତି (ହି. ଶବ୍ଦସାଗର)—
38. Conscience.
୩୯ । ବୌଦ୍ଧମାନଙ୍କର ତିନି ଉପାସ୍ୟ ଦ୍ରବ୍ୟ ମଧ୍ୟରୁ ଏକ—
39. One of the Buddhistic Trinity.
[ଦ୍ର—୧ । ବୌଦ୍ଧମାନଙ୍କର ଉପାସ୍ୟ ବସ୍ତୁ ତିନୋଟି । ୧, ବୁଦ୍ଧ, ୨, ସଂଘ ଓ ୩, ଧର୍ମ ।

୨ । ପ୍ରାୟ ସବୁ ଧର୍ମରେ ଈଶ୍ୱରବିଶ୍ୱାସ, ଈଶ୍ୱରାଜ୍ଞାପାଳନ, ଲୋକୋପକାର, ଅହିଂସା, ଇନ୍ଦ୍ରିୟ ସଂଯମ, ସତ୍ୟବାଦିତା, ପରଲୋକରେ ବିଶ୍ୱାସ ଶିକ୍ଷିତ ହୋଇଅଛି । ସବୁ ଧର୍ମର ମୂଳରେ ଈଶ୍ୱରଭକ୍ତି ରହିଅଛି । ବୌଦ୍ଧମାନେ 'ଈଶ୍ୱର'ଙ୍କୁ ସାକ୍ଷାତ୍ ସମ୍ବନ୍ଧରେ ସ୍ୱୀକାର ନ କଲେ ମଧ୍ୟ ସେମାନଙ୍କ 'ନିର୍ବାଣ ବା ମୋକ୍ଷ' ହିନ୍ଦୁମାନଙ୍କର 'ମୁକ୍ତି' ସଙ୍ଗେ ସମାନ । ନାସ୍ତିକମାନେ ଈଶ୍ୱରଙ୍କୁ ମାନନ୍ତି ନାହିଁ; କିନ୍ତୁ ସେମାନଙ୍କ ସଂଖ୍ୟା ସବୁ ଯୁଗରେ ଏତେ କମ୍ ଯେ ତାହା କେବେହେଁ ଗୋଟିଏ ସ୍ୱତନ୍ତ୍ର ଧର୍ମ ରୂପେ ପ୍ରତିଷ୍ଠିତ ହୋଇ ପାରି ନାହିଁ । ଶ୍ରୁତି (ବେଦ); ସ୍ମୃତି (ମନୁଆଦିଙ୍କର ରଚିତ ଶାସ୍ତ୍ର) ଓ ପୁରାଣ (ବୈଦିକଯୁଗ ପରେ ରଚିତ ଶାସ୍ତ୍ର) ମାନଙ୍କରେ ନିର୍ଦ୍ଦିଷ୍ଟ ଉପଦେଶମାନ ସାଧାରଣତଃ 'ଧର୍ମ' ନାମରେ ଅଭିହିତ ହୁଏ । ଏଥିରେ ଈଶ୍ୱରୋପାସନା, ପରଲୋକ ଓ ଇହଲୋକର ମଙ୍ଗଳକର କର୍ମ, ସାମାଜିକ ଓ ବୈଜ୍ଞାନିକ ନିୟମମାନ, ଧନବିଭାଗ ଓ ଉତ୍ତରାଧିକାରିତ୍ୱ ଆଦି ନାନା ବିଷୟ ଅଛି । ଅନେକ ସମୟରେ ଏହି ଭିନ୍ନ ଭିନ୍ନ ଉପଦେଶମାନଙ୍କ ମଧ୍ୟରେ ବୈପରୀତ୍ୟ ବା ବୈଷମ୍ୟ ଦୃଷ୍ଟ ହୁଏ । ଏଥିପାଇଁ ଋଷିମାନେ କହି ଯାଇଅଛନ୍ତି ଯେ ଶ୍ରୁତି, ସ୍ମୃତି, ପୁରାଣ ମଧ୍ୟରେ ଅସାମଞ୍ଜସ୍ୟ ଦେଖାଗଲେ ଆଦୌ ଶ୍ରୁତିବାକ୍ୟ ପାଳନୀୟ ।

କେହି କେହି କହୁଅଛନ୍ତି 'ମହାଜନ' ବା ମହାପୁରୁଷ ମାନେ ଯେଉଁ ବାଟରେ ଯାଇଅଛନ୍ତି ଓ ଯାହା ବହୁକାଳରୁ ଦେଶାଚାର ବା ଲୌକିକାଚାରରୂପେ ଚଳି ଆସୁଅଛି ତାହାହିଁ ପାଳନୀୟ । ଧର୍ମ ଶବ୍ଦର ଅର୍ଥ ବିଷୟ ମଧ୍ୟରେ ନାନା ମୁନିଙ୍କ ନାନା ମତ । ଅଭିଧାନ ମତରେ ସତ୍‌ସଙ୍ଗହିଁ ଧର୍ମ; ମହାଭାରତ ମତରେ ଧର୍ମର ଲକ୍ଷଣ 'ଅହିଂସା' । ପୁରାଣରେ ଲେଖାଅଛି ଯେ ଯଦ୍ୱାରା ଲୋକ ସ୍ଥିତ ବହିତ ହୁଏ ତାହାକୁ ଧର୍ମ କୁହାଯାଏ । ମୀମାଂସା ମତରେ ପୁରୁଷର ବିହିତ କ୍ରିୟା ସାଧ୍ୟ ଗୁଣକୁ ଧର୍ମ ବୋଲାଯାଏ । ଯୁକ୍ତିବାଦୀମାନେ କହନ୍ତି—ମନୁଷ୍ୟର ଯାହା କର୍ତ୍ତବ୍ୟ ତାହା ସମ୍ପାଦନ କରିବାକୁ ଧର୍ମ ବୋଲାଯାଏ; ମନର ଯେଉଁ ପ୍ରବୃତ୍ତିଦ୍ୱାରା ବିଶ୍ୱବିଧାତା ପରମାତ୍ମାଙ୍କ ପ୍ରତି ଭକ୍ତି ଜନ୍ମେ ଜ୍ଞାନବାଦୀମାନଙ୍କ ମତରେ ତାହାର ନାମ ଧର୍ମ ।]

ଦେ. ବି (ସଂ. ଧର୍ମ)—୧ । ଧର୍ମଦେବତା; ନିରଞ୍ଜନ; ପରଂବ୍ରହ୍ମ; ଈଶ୍ୱର; ଅଣାକାର—1. God; the Universal God; the formless God contemplated by the popular mystics of Orissa.

୨ । ସୂର୍ଯ୍ୟଦେବତା—2. The Sun-god.

[ଦ୍ର—ହିନ୍ଦୁମାନଙ୍କ ମଧ୍ୟରେ ସାଧାରଣ ଲୋକେ ବୌଦ୍ଧଧର୍ମ ଓ ହିନ୍ଦୁଧର୍ମ ବିଶ୍ୱାସ ସମନ୍ୱିତ ଅଣାକାରଦେବତା ବା ସୂର୍ଯ୍ୟଦେବତାଙ୍କୁ ଧର୍ମଦେବତା ବୋଲି ବିଶ୍ୱାସ କରନ୍ତି । ଲୋକେ ବିଶ୍ୱାସ କରନ୍ତି ଯେ ଏହି ଦେବତା ପାପୀକୁ ଦଣ୍ଡ ଦିଅନ୍ତି । ଏଥିପାଇଁ ଅତ୍ୟାଚରିତ ବ୍ୟକ୍ତି ଧର୍ମକୁ ଡାକେ ଓ ଧର୍ମନାମଧରି ପାଣି ଅଞ୍ଜୁଳା ଦିଏ ।]

୩ । ନ୍ୟାୟ; ଆଇନ୍‌ର ସୂକ୍ଷ୍ମବିଚାରବହିର୍ଭୂତ ନ୍ୟାୟ; ଆଇନ୍ କାନୁନ୍‌ର ଦଫା ଅନୁସାରେ ନ ଘଟିଲେ ମଧ୍ୟ ଈଶ୍ୱରଙ୍କ ଦୃଷ୍ଟିରେ ଯାହା ଉଚିତ—
3. Equity.

୪ । କୌଣସି ଆଚାର୍ଯ୍ୟ ବା ମହାତ୍ମାଙ୍କ ଦ୍ୱାରା ପ୍ରବର୍ତ୍ତିତ ଈଶ୍ୱର, ପରଲୋକ ଓ କର୍ତ୍ତବ୍ୟ ଆଦି ସମ୍ବନ୍ଧେ ବିଶ୍ୱାସ ଓ ବିଶିଷ୍ଟ ଉପାସନା ପ୍ରଣାଳୀ—4. Religion; religious faith or persuation; creed.

ଦେ. ବି. ଓ ବିଣ—ଧର୍ମ ବା ଈଶ୍ୱର ବା ଦେବତା ବା ମହାପ୍ରସାଦକୁ ସାକ୍ଷ୍ୟ ରଖି ଦୁଇ ଜଣଙ୍କ ମଧ୍ୟରେ ଯେଉଁ ପିତା, ମାତା, ପୁତ୍ର, କନ୍ୟା, ଭ୍ରାତା, ଭଗ୍ନୀ ଆଦି ସମ୍ବନ୍ଧ ସ୍ଥାପନ କରାଯାଏ—God-relationship; relationship set up between 2 persons not related to each other by blood or marriage but by calling upon God to witness the establishment of the relationship.

(ଯଥା—ଧର୍ମପୁଅ; ଧର୍ମଭାଇ, ଧର୍ମ ବାପ, ଧର୍ମ ମାଆ ।)

[ଦ୍ର—କୌଣସି ଦେବତା ବା ମହାପ୍ରସାଦ ବା କୌଣସି ଦେବତାଙ୍କ ଭୋଗ ବା ଗଙ୍ଗା-ଜଳାଦି ପବିତ୍ର ବସ୍ତୁକୁ ସାକ୍ଷୀ ରଖି ଦୁଇ ଜଣ ବ୍ୟକ୍ତି ପରସ୍ପର ସଙ୍ଗେ ଧର୍ମ ବାପ, ଧର୍ମ ପୁଅ, ଧର୍ମ ଭାଇ, ଧର୍ମ ଭଉଣୀ, ଧର୍ମ ମାଆ, ଧର୍ମ ଝିଅ, ସଙ୍ଗାତ, ମୈତ୍ର, ଓଶକା, ସଖୀ, ଫୁଲ, ଅବଢ଼ା, ଗୁଣ୍ଡିଚ, ବକୁଳ, ଗଙ୍ଗାଜଳ, ତୁଳସୀ, ଭୋଦାଳସା, ପହିଲି ଭୋଗ, ଏହିପରି ନାନାପ୍ରକାର ଧର୍ମ-ବନ୍ଧୁତା ସ୍ଥାପନ କରନ୍ତି । ଏମାନଙ୍କୁ ପ୍ରୀତି ବନ୍ଧୁ ବା ଧର୍ମ ବନ୍ଧୁ ବୋଲାଯାଏ । ସମୟ ସମୟରେ ଦେଖା ଯାଏ ଯେ ଏ ବନ୍ଧୁତା ରକ୍ତ ସମ୍ପର୍କ ବା ବିବାହ ସମ୍ପର୍କଠାରୁ ଦୃଢ଼ତର ଓ ପବିତ୍ରତର ହୁଏ । ସମୟ ସମୟରେ ଏହି ଧର୍ମ ସମ୍ପର୍କ ସ୍ଥାପନ କରିବା ଛଳରେ ମଧ୍ୟ ଲୋକେ ସ୍ୱାର୍ଥସାଧନ ଓ ଇନ୍ଦ୍ରିୟବୃତ୍ତିସାଧନାଦି ଜଘନ୍ୟ କର୍ମମାନ କରି ଥାଆନ୍ତି ।]

ଧର୍ମ ଅବତାର—ଦେ. ବି. ଓ ଅ. (ସଂ. ଧର୍ମାବତାର)—
Dharma abatāra ଧର୍ମାବତାର (ଦେଖ) Dharmābatāra (See)
ধর্ম অবতার
धर्मावतार

ଧର୍ମ ଅର୍ଜିବା—ଦେ. କ୍ରି.—(ସଂ. ଧର୍ମ + ଅର୍ଜନ)—ପୁଣ୍ୟକାର୍ଯ୍ୟଦ୍ୱାରା ପୁଣ୍ୟ ସଞ୍ଚୟ କରିବା—To earn merit by performing pious acts.
Dharma arjibā
धरम कामान
धरम कमाना
[ଧର୍ମ ଅରଜିବା; ଧର୍ମ କାମା(ମେ)ଇବା—ଅନ୍ୟରୂପ]

ଧର୍ମ କରିବା—ଦେ. କ୍ରି—ପୁଣ୍ୟ କାର୍ଯ୍ୟ କରିବା—
Dharma karibā To perform pious acts.
ধর্ম্মকরা ଧର୍ମଥିଲେ ପ୍ରାଣୀମାନେ ସଂସାରୁ ତରିଯିବ,
धरम करना ଦାଣ୍ଡେ ଡାକିହାକି ଧର୍ମଟି କରିବ ହେ ! ବଳଭଦ୍ର ପଣ୍ଡା ଗୀତ ।

ଧର୍ମ କର୍ମ—ସଂ. ବି (ମ. ପ. ଲୋ; ଧର୍ମ + କର୍ମ)—୧ । ଧର୍ମାନୁଷ୍ଠାନ, ଧର୍ମାନୁମୋଦିତ କ୍ରିୟାକର୍ମ—1. Religious observances; religious rites and ceremonies; performances of a religious ritual.
Dharma karma
(ଧର୍ମକାର୍ଯ୍ୟ, ଧର୍ମକ୍ରିୟା, ଧର୍ମକର୍ମ—ଅନ୍ୟରୂପ)

୨ । ସଦନୁଷ୍ଠାନ; ଲୋକହିତକର କର୍ମ—
2. Meritorious act; virtuous act; act conducting to public good.

ଧର୍ମ କାମ—ସଂ. ବିଣ. ପୁଂ (ଧର୍ମ + କାମ; ବହୁବ୍ରୀହି)—୧ । ଫଳପ୍ରାପ୍ତି କାମନାରେ ଯେ ଧର୍ମ କରେ—1. Doing pious or meritorious acts with an eye to the ultimate result.
Dharma kāma

୨ । ଧାର୍ମିକ—2. Devoted to virtue; pious.

ଧର୍ମ କାୟ—ସଂ. ବି (ଧର୍ମ + କାୟ)—ବୁଦ୍ଧଦେବ—
Dharma kāya The Buddha.
(ଧର୍ମକେତୁ, ଧର୍ମଚକ୍ରଭୃତ୍, ଧର୍ମଧାତୁ—ଅନ୍ୟରୂପ)

[ଦ୍ର—ବୌଦ୍ଧମାନଙ୍କ ଧର୍ମଶାସ୍ତ୍ର ତ୍ରିପିଟକରେ ତିନିଗୋଟି ବିଷୟ ପ୍ରତିପାଦ୍ୟ ଓ ଉପାସନୀୟ ଯଥା—୧, ବୁଦ୍ଧ, ୨, ସଙ୍ଘ ଓ ୩, ଧର୍ମ ।]

ଧର୍ମକୀଲ—ସଂ. ବି—ରାଜ୍ୟଶାସନ—
Dharmakīla The act of governing a king-dom; administration.

ଧର୍ମକୁ ଆଖିଠାର ମାରିବା—ଦେ. କ୍ରି—୧ । ଧର୍ମଦେବତା ନ ଜାଣିବେ ବୋଲି ବିଶ୍ୱାସକରି ଲୋକ ଦେଖାଇବା ପାଇଁ ଧର୍ମକାର୍ଯ୍ୟ କରିବା କିନ୍ତୁ ଭିତରେ ଭିତରେ ପାପ କରିବା—
Dharmaku ākhiṭhāra māribā
(ଧର୍ମକୁ ଆଖି ଠାରିବା—ଅନ୍ୟରୂପ)
1. To try to hood wink God by showing one's self externally pious, but to

be privately and secretely doing wrong and sinful acts.

୨ । ଧର୍ମଶାସ୍ତ୍ରର ଦ୍ୱାହି ଦେଇ ଆପଣାର ଇଚ୍ଛାନୁରୂପ କାର୍ଯ୍ୟ କରିବା—2. To quote scriptures to justify one's selfish conduct.

ଧର୍ମକୁ ଅସିବା—ଦେ. କ୍ରି—(କୌଣସି କାର୍ଯ୍ୟ) ଉଚିତ ବା କର୍ତ୍ତବ୍ୟ ବୋଲି ଅନ୍ତଃକରଣରେ ବିବେଚିତ ହେବା—(any act) To be thought proper by one's self.
Dharmaku āsibā
ধর্মেআসা
धरममें आना

(ଯଥା—ମୁଁ ଆପଣଙ୍କଠାରେ ଶରଣ ପଶିଲି, ଆପଣଙ୍କର ଯାହା ଧର୍ମକୁ ଅସିବ ତାହା କରନ୍ତୁ ।)

ଧର୍ମକୁ ଡାକିବା—ଦେ. କ୍ରି—ଅନ୍ୟଦ୍ୱାରା ପ୍ରପୀଡ଼ିତ ଓ ନିଃସହାୟ ବ୍ୟକ୍ତି ଉପରେ ବଳଶାଳୀ ବ୍ୟକ୍ତି ଅତ୍ୟାଚାର କରୁଥିଲେ, ନିଃସହାୟ ବ୍ୟକ୍ତି ଅତ୍ୟାଚାରର ପ୍ରତିଶୋଧ ନେବାକୁ ଅସମର୍ଥ ହୋଇ ଉକ୍ତ ଅତ୍ୟାଚାରୀକୁ ଦଣ୍ଡ ଦେବା ନିମନ୍ତେ 'ଧର୍ମ ! ତୁ ଏକଥା ବୁଝିବୁ' ବୋଲି ପ୍ରଭୁଙ୍କୁ ଡାକିବା ବା ଧର୍ମଙ୍କ ନାମ ଉଚ୍ଚାରଣ କରି ଅତ୍ୟାଚାରୀର ଅମଙ୍ଗଳ କାମନାରେ ଅଞ୍ଜୁଳାଏ ପାଣି ଟେକିବା—To invoke the wrath of God on the head of a powerful oppressor.
Dharmaku ḍākibā
ধর্মকে ডাক দেওয়া
धरमको पुकारना
ଧର୍ମକୁ ପାଣି ଟେକିବା
ଧର୍ମକୁ ପାଣି ଦେବା } ଅନ୍ୟରୂପ
ଧର୍ମକୁ ସାକ୍ଷୀ ଦେବା

କଥା କହୁଥାଏ ସରମକୁ, ଗୃହ ଯାଉଥାଏ ଭରମକୁ
ଭିତରେ ଭିତରେ ଯାହା ହେଉଥାଏ ସାକ୍ଷୀ ଦେଉଥାଏ ଧରମକୁ—ଚଗ ।

ଧର୍ମକୃତ୍—ସଂ. ବଣ. (ଧର୍ମ+କୃ ଧାତୁ=କରିବା+କର୍ତ୍ତୃ. କ୍ୱିପ୍)—
Dharmakṛut ଧର୍ମାନୁଷ୍ଠାତା—Performing religious acts.

ସଂ. ବି—ବିଷ୍ଣୁଙ୍କର ଏକ ନାମ—
A name of Bishṇu.

ଧର୍ମ କ୍ଷେତ୍ର—ସଂ. ବି. (ଧର୍ମ+କ୍ଷେତ୍ର; ୬ଷ୍ଠୀ ତତ୍)—
Dharma kshetra ୧ । ପୁଣ୍ୟକ୍ଷେତ୍ର; ତୀର୍ଥ—
1. A holy place; a place of pilgrimage.
୨ । କୁରୁକ୍ଷେତ୍ର; ମହାଭାରତ ଯୁଦ୍ଧର ସ୍ଥାନ—
2. Kurukshetra, the battle-field of the Mahābhārata war.

ଧର୍ମ ଗୋଲା—ଦେ. ବି. (ଆଧୁନିକ ବ୍ୟବହାର)—ଗ୍ରାମବାସୀମାନଙ୍କଦ୍ୱାରା ସମବାୟ ସମିତିର ନିୟମାନୁସାରେ ପ୍ରତିଷ୍ଠିତ ଧାନ୍ୟ-ଭଣ୍ଡାର—Co-operative paddy store-house of a village or group of villages.
Dharma golā
ধর্মগোলা
धरमगोला

ଧର୍ମ ଗ୍ରନ୍ଥ—ସଂ. ବି. (ଧର୍ମ+ଗ୍ରନ୍ଥ; ୬ଷ୍ଠୀ ତତ୍)—
Dharma grantha ୧ । ସାମ୍ପ୍ରଦାୟିକ ଧର୍ମମତ ପ୍ରତିପାଦକ ଶାସ୍ତ୍ର—
1. Sacred scripture.

[ଦ୍ର—ଭିନ୍ନ ଭିନ୍ନ ଧର୍ମସମ୍ପ୍ରଦାୟର ଭିନ୍ନ ଭିନ୍ନ ଧର୍ମପୁସ୍ତକ ଅଛି; ଯଥା—ହିନ୍ଦୁମାନଙ୍କର ବେଦ, ସ୍ମୃତି, ପୁରାଣ; ମୁସଲମାନଙ୍କର କୋରାନ୍ ସରୀଫ୍; ବୌଦ୍ଧମାନଙ୍କର ତ୍ରିପିଟକ; ଶିଖମାନଙ୍କର ଗ୍ରନ୍ଥ ସାହେବ; ପାରସୀମାନଙ୍କର ଜେନ୍ଦାବେସ୍ତା; ଜୈନମାନଙ୍କର କଳ୍ପସୂତ୍ର; ଖ୍ରୀଷ୍ଟିୟାନ୍‌ମାନଙ୍କର ବାଇବଲ୍ ଇତ୍ୟାଦି ।]

୨ । ସ୍ମୃତିଶାସ୍ତ୍ର; ଆଚାର ବ୍ୟବହାର, ବିଷୟବିଭାଗ ଆଦି ସମ୍ବନ୍ଧୀୟ ମନ୍ୱାଦି ଋଷିପ୍ରଣୀତ ଶାସ୍ତ୍ର (ଏଗୁଡ଼ିକ ବେଦ ପରେ ରଚିତ)—2. The later books of the Hindus laying down codes of law and conduct; code of Hindu law.
[ଦ୍ର—ମନୁ, ପରାଶର, ବୃହସ୍ପତି, କପିଳ, ଯାଜ୍ଞବଲ୍କ୍ୟ, ଜୈମିନି, କଣାଦ ପ୍ରଭୃତି ହିନ୍ଦୁ ଧର୍ମ ଶାସ୍ତ୍ର ପ୍ରଣେତା ଅଟନ୍ତି ।]
୩ । ଆଇନ୍ ବହି—3. Law book.

ଧର୍ମ ଘଟ—ସଂ. ବି. (ମ. ପ. ଲୋ; ଧର୍ମ+ଘଟ)—
Dharma ghaṭa ୧ । ପଣାସଂକ୍ରାନ୍ତିଠାରୁ ଆରମ୍ଭ କରି ବୈଶାଖ ମାସରେ ତୃଷାର୍ତ୍ତମାନଙ୍କୁ ଜଳ ଦିଆଯିବା ନିମନ୍ତେ କିମ୍ବା ବ୍ରାହ୍ମଣଙ୍କୁ ଦାନ ଦିଆଯିବା ପାଇଁ ଉତ୍ସୃଷ୍ଟ ସୁବାସିତ ଜଳପୂର୍ଣ୍ଣ କଳସ—
1. A jar full of scented water, kept for distributing water to the thirsty during every day of the month of Baisākha or for bestowing it on a Brāhmaṇa.
୨ । ପଣାସଂକ୍ରାନ୍ତିଠାରୁ ୧ ମାସ ପର୍ଯ୍ୟନ୍ତ ତୁଳସୀ ଗଛ ଉପରେ ସବୁବେଳେ ଜଳଧାର ଦେବା ନିମନ୍ତେ ଯେଉଁ ସଚ୍ଛିଦ୍ର କଳସ (ବସୁନ୍ଧରା ସଢ଼ି) ଟଙ୍ଗାଯାଏ—
2. A jar with a small hole at the bottom suspended over Tulasi plants to water them constantly during the month of Baisākha.

ধর্মঘট ଦେ. ବି—୧ । ଏକ ସମ୍ପ୍ରଦାୟଭୁକ୍ତ ସମସ୍ତ ବ୍ୟକ୍ତି ସମବେତ ହୋଇ କୌଣସି କାର୍ଯ୍ୟ କରିବା ସମ୍ବନ୍ଧେ ଯେଉଁ ପ୍ରତିଜ୍ଞା କରନ୍ତି—1 A resolution passed by all the members of a sect or society laying down certain rules of conduct.
हरताल
୨ । (ଆଧୁନିକ ପ୍ରୟୋଗ) ଶ୍ରମଜୀବୀମାନେ ମହାଜନ ବା ଶେଠମାନଙ୍କ ଅଧୀନରେ କାର୍ଯ୍ୟ କରିବା ସମ୍ବନ୍ଧେ ପ୍ରତିଜ୍ଞାମାନ ନିର୍ଦ୍ଧାରଣ କରି ଯେଉଁ ମେଳ ବାନ୍ଧନ୍ତି; ହରତାଲ—2. A business strike; a strike of labourers or workmen.

ଧର୍ମଘଟ କରିବା—ଦେ. କ୍ରି—(ଶ୍ରମିକମାନେ) କାର୍ଯ୍ୟ ସମ୍ବନ୍ଧେ ଏକମେଳ ବାନ୍ଧିବା—To strike (said of workmen).
Dharmaghaṭa karibā
ধর্মঘট করা **हरताल करना**

ଧର୍ମଘଟ ବ୍ରତ—ସଂ. ବି—ବୈଶାଖ ମାସରେ ଗ୍ରୀଷ୍ମ ବର୍ଷକାଳ ଗୋଟିଏ ସୁବାସିତ ଜଳପୂର୍ଣ୍ଣ ଘଟ ପ୍ରତିଦିନ ବ୍ରାହ୍ମଣଙ୍କୁ ଦାନ କରିବା ନିମନ୍ତେ ଯେଉଁ ବ୍ରତ ବା ସଙ୍କଳ୍ପ କରାଯାଏ—
Dharmaghaṭa brata

A vow to present a jar full of scented water daily to a Brahmana during the month of Baisakha for a period of 4 years (as prescribed by the Hindu Sastras)

ଧର୍ମଘଟୀ—ଦେ. ବି—ଯେଉଁମାନେ ମେଳ ବାନ୍ଧି ଧର୍ମଘଟ କରନ୍ତି—
Dharmaghati ধর্মঘটী Strikers.

ଧର୍ମ ଘଡ଼ି—ଦେ.ବି. (ଧର୍ମ+ଘଟିକା)—୧ । ସର୍ବସାଧାରଣଙ୍କଦ୍ୱାରା ଦେଖା
Dharma ghardi ଯାଇପାରିବା ଭଳି ଖୁବ୍ ଉଚ୍ଚ ଓ ପ୍ରକାଶ୍ୟ ସ୍ଥାନରେ
ধর্মঘড়ি ସ୍ଥାପିତ ଘଣ୍ଟିକା ଯନ୍ତ୍ର—1. A clock kept at a
धर्मघड़ि very conspicuous place so as to be seen
(ଧର୍ମଘଣ୍ଟା—ଅନ୍ୟରୂପ) by the public.

୨ । ଯେଉଁ ଘଡ଼ି ମନକୁ ବାଜେ ବା ଘଣ୍ଟାର ସଂଖ୍ୟା ଅନୁସାରେ ଯେଉଁ ଘଣ୍ଟାକୁ ବଜାଯାଏ—
2. A clock or bell striking hours.

[ଦ୍ର—ଲୋକେ କୌଣସି ଅଭିପ୍ସିତ ବିଷୟର ଚର୍ଚ୍ଚା କରିବା ବେଳେ ଯେବେ କଳ ଘଣ୍ଟା ବାଜିବାର ଶୁଣାଯାଏ ତେବେ ଅଭିପ୍ସିତ ବିଷୟ ସିଦ୍ଧ ହେବାର ଏହା ଶୁଭ ଶକୁନ ବୋଲି ସ୍ଥିର କରି କହନ୍ତି ଏ କାମ ନିଶ୍ଚେ ସିଦ୍ଧ ହେବ, କାରଣ ଏହି କଥା ପଡ଼ିବାବେଳେ ଧର୍ମ ଘଡ଼ି ବାଜିଲା ।]

ଧର୍ମ ଚକ୍ର—ସ. ବି—୧ । ବୁଦ୍ଧଦେବଙ୍କର ଚାରି ଗୋଟି ଉପଦେଶ
Dharma chakra (ଯାହା କି ପ୍ରତ୍ୟେକ ବୌଦ୍ଧଙ୍କର ପାଳନୀୟ)—
1. The four tenets of Buddhism laid down by the Buddha.

[ଦ୍ର—ବୁଦ୍ଧଙ୍କ ପ୍ରବର୍ତ୍ତିତ ସତ୍ୟ ଚତୁଷ୍ଟୟ ଯଥା—୧. ସଂସାର ଭରକଟିକି ଦୁଃଖମୟ; ୨. ବିଷୟତୃଷ୍ଣାହିଁ ଦୁଃଖର ମୂଳ କାରଣ; ୩. ବିଷୟତୃଷ୍ଣାକୁ ସମୂଳେ ଉତ୍ପାଟନ କରିବାହିଁ ଦୁଃଖ ନିବୃତ୍ତି; ୪. ବିଷୟ ନିବୃତ୍ତିର ଅଷ୍ଟାଙ୍ଗିକ ପଥ; ଯଥା—(୵) ସମ୍ୟକ୍ ଦୃଷ୍ଟି; (୶) ସମ୍ୟକ୍ ସଙ୍କଳ୍ପ; (୷) ସମ୍ୟକ୍ ବାକ୍ୟ=ସତ୍ୟ, ସରଳ ଓ ପ୍ରିୟ ବାକ୍ୟ; (।) ସମ୍ୟକ୍ କର୍ମ=ସଦାଚରଣ; (।୵) ସମ୍ୟକ୍ ଆଜୀବ=ସର୍ବଭୂତରେ ଅହିଂସାପୂର୍ଣ୍ଣ ସାଧୁ ଜୀବିକା ନିର୍ବାହ; (।୶) ସମ୍ୟକ୍ ବ୍ୟାୟାମ=ଆତ୍ମସଂଯମ ପ୍ରଭୃତି ଉପାୟରେ ଆତ୍ମାର ଉନ୍ନତି ସାଧନ; (।୷) ସମ୍ୟକ୍ ସ୍ମୃତି; (୳) ସମ୍ୟକ୍ ସମାଧି=ଜୀବନର ଗୂଢ଼ତତ୍ତ୍ୱମାନଙ୍କର ଧ୍ୟାନ, ମନନ ଓ ନିଦିଧ୍ୟାସନ ।]

୨ । ଚକ୍ର ରୂପେ କଳ୍ପିତ ଆଇନ୍—
2. The wheel of law.

୩ । ଚକ୍ର ରୂପେ କଳ୍ପିତ ଧର୍ମ—3. The wheel or vast range of religion or piety.

୪ । ବୁଦ୍ଧଦେବ (ହ୍ରୁ. ଷ.)—4. The Buddha.

୫ । ଧର୍ମ ସମୂହ—
5. A collection of religions.

ଧର୍ମ ଚର୍ଯ୍ୟା—ସ. ବି. (ଧର୍ମ+ଚର୍ଯ୍ୟା; ୬ଷ୍ଠୀ ତତ୍)—
Dharma charjya ଧର୍ମାଚରଣ; ଧର୍ମ କାର୍ଯ୍ୟ କରଣ—
Observance of the law and performance of religious duty.

ଧର୍ମଚାରିଣୀ—ସ. ବି. ସ୍ତ୍ରୀ. (ଧର୍ମ+ଚର ଧାତୁ=ଗମନ କରିବା+
Dharmacharini କର୍ତ୍ତୃ. ଇନ୍; ସ୍ତ୍ରୀ. ଈ)—
(ଧର୍ମଚାରିଣୀ—ଅନ୍ୟରୂପ) ଧର୍ମ ପତ୍ନୀ; ସହଧର୍ମିଣୀ—
One's wedded wife.

[ଦ୍ର—ହିନ୍ଦୁ ଶାସ୍ତ୍ର ଅନୁସାରେ ସ୍ୱାମୀ ସ୍ତ୍ରୀ ଏକତ୍ର ଧର୍ମାଚରଣ କରିବେ ।]

ସ. ବିଣ ସ୍ତ୍ରୀ. (ଧର୍ମଚାରିନ୍+ସ୍ତ୍ରୀ. ଈ)—
୧ । ସଚ୍ଚରିତ୍ରା; ପୁଣ୍ୟଶୀଳା—
1. Pious (woman); virtuous.
୨ । ସାଧ୍ୱୀ—2. Chaste; devoted to her husband.

ଧର୍ମଚାରୀ—ସ. ବି. ପୁଂ.(ଧର୍ମ+ଚର ଧାତୁ=ଗମନ କରିବା+କର୍ତ୍ତୃ. ଇନ୍
Dharmachari ୧ମା.୧ବ)—୧ । ଯେ ଧର୍ମ ପଥରେ ଚଳେ—
(ଧର୍ମଚାରିଣୀ—ସ୍ତ୍ରୀ) 1. Fulfilling one's religious duties, following the duties enjoined by the scriptures.
୨ । ଧାର୍ମିକ—2. Pious; religious.
୩ । ପୁଣ୍ୟକ୍ରିୟାରତ—3. Virtuous.

ଧର୍ମ ଚିନ୍ତା—ସ. ବି. (ଧର୍ମ+ଚିନ୍ତା; ୬ଷ୍ଠୀ ତତ୍)—
Dharma chinta ୧ । ଧର୍ମ ବିଷୟକ ଭାବନା; ଅଧ୍ୟାତ୍ମଚିନ୍ତା—
(ଧର୍ମଚିନ୍ତନ—ଅନ୍ୟରୂପ) 1 Religious thoughts; spiritual thoughts.
୨ । ସାଧୁ ଚିନ୍ତା—2. Virtuous thoughts; pious thoughts.

ଧର୍ମ ଚୋର—ଦେ. ବି—ମିଥ୍ୟାଚାରୀ ଲୋକ—
Dharma chora A liar; a hypocrite.

ମିଥ୍ୟାକୁ ଆଚରଣ କରନ୍ତି ଯେଉଁ ନର;
ସେହିଟି ହେ ନୃପତି ଅଟଇ ଧର୍ମ ଚୋର । କୃଷ୍ଣସିଂ. ମହାଭାରତ, ଅଦ ।

ଧର୍ମଚ୍ୟୁତ—ସ. ବିଣ. (ଧର୍ମ+ଚ୍ୟୁତ; ୫ମୀ ତତ୍)—
Dharma chyuta ୧ । ଯାହାର ଧର୍ମ ଲୋପ ହୋଇଥାଏ—
1. One who has strayed from the path of virtue.

୨ । ଧର୍ମ ସମ୍ପ୍ରଦାୟରୁ ବହିଷ୍କୃତ—
(ଧର୍ମବିଚ୍ୟୁତ—ଅନ୍ୟରୂପ) 2. Driven out of the pale of a religious society.

ଧର୍ମଚ୍ୟୁତା, ଧର୍ମବିଚ୍ୟୁତା } ସ୍ତ୍ରୀ. ୩ । ଆପଣାର ଅଢ଼ ଅନ୍ୟାୟ କାର୍ଯ୍ୟ ଯୋଗୁଁ ଈଶ୍ୱରଙ୍କ ଦୟା ବା ଅନୁଗ୍ରହରୁ ବଞ୍ଚିତ—
ଧର୍ମଚ୍ୟୁତି, ଧର୍ମବିଚ୍ୟୁତି } ବି. 3. Deprived of God's blessing on account of one's evil deeds; damned.

୪ । ଧର୍ମତ୍ୟାଗୀ—4. Apostate.

ଧର୍ମଛଡ଼ା—ଦେ. ବିଣ—୧ । ଧର୍ମବିରୁଦ୍ଧ; ସୃଷ୍ଟିଛଡ଼ା—
Dharmachharda 1. Contrary to the precepts of
धर्म छाड़ा religion.
(ଧର୍ମଛଡ଼ୀ—ସ୍ତ୍ରୀ) ୨ । ଅଧାର୍ମିକ—2. Irreligious; impious.

୩ । ଯେ ଧର୍ମକୁ ମାନେ ନାହିଁ ବା ଧର୍ମ ବିଗର୍ହିତ କାର୍ଯ୍ୟ କରେ-
3. Unrighteous.

ଧର୍ମ ଛାଡ଼ିବା—ଦେ. କ୍ରି—୧ । ପାପ କାର୍ଯ୍ୟ ଯୋଗୁଁ ଧର୍ମ ବା ଈଶ୍ୱରଙ୍କ
Dharma chhāṛdibā ଅନୁଗ୍ରହରୁ ବଞ୍ଚିତ ହେବା—
ଧର୍ମ ଛାଡ଼ା 1. (a person) Deprived of God's
ଧର୍ମଛାଡ଼ନା blessing or protection on account of one's sins.
(ଯଥା—ଧନକୁ ଧନ ତାର ଅଭାଗ୍ୟର ବଢ଼ୁଛି, ବୋଧ ହେଉଛି ତାକୁ ଧର୍ମ ଛାଡ଼ିଲାଣି ।)
୨ । ଈଶ୍ୱରଙ୍କ ଦୃଷ୍ଟିରେ ଦୋଷୀ ହେବା—
2. (a person) Being considered guilty in the eyes of God.
(ଯଥା—ମୁଁ ତାକୁ ଥର ଥର ସାବଧାନ କରିଥିଲି, ତଥାପି ବୁ ଝୁଥିଲା ନାହିଁ, ଏଥିକି ତାକୁ ଧର୍ମ ଛାଡ଼ିଲା ।
ଧର୍ମ ବିଗାଡ଼ନା ଦେ. କ୍ରି—ଧର୍ମ ପଥ ତ୍ୟାଗ କରି ଅଧର୍ମାଚରଣ କରିବା;
ଧର୍ମଛାଡ଼ାନ ଧର୍ମବିରୁଦ୍ଧ ଆଚରଣ କରିବା—
To tread the path of impiety.

ଧର୍ମଜ—ସଂ. ବିଣ (ଧର୍ମ+ଜନ ଧାତୁ=ଜନ୍ମ କରିବା+କର୍ତ୍ତୃ. ଅ)—
Dharmaja ଧର୍ମାନୁଷ୍ଠାନରୁ ଉତ୍ପନ୍ନ—Resulting from pious acts.
(ଧର୍ମଜା- ସ୍ତ୍ରୀ) ସଂ. ବି. ପୁଂ—୧ । ଧର୍ମ ପତ୍ନୀର ଗର୍ଭଜାତ ସନ୍ତାନ—
1. One's legitimate son.
୨ । ନର ନାରାୟଣ (ଦେଖ) (ହ୍ର. ଶବ୍ଦସାଗର)—
2. Nara nārāyaṇa (See)

ଧର୍ମଜନ୍ମା—ସଂ. ବି. ପୁଂ. (ଧର୍ମ+ଜନ୍ମନ୍; ବହୁବ୍ରୀହି)—
Dharmajanmā ଧର୍ମପୁତ୍ର ଯୁଧିଷ୍ଠିର—
Judhishṭhira, the son of Dharma.

ଧର୍ମ ଜାୟା—ସଂ. ବି. ସ୍ତ୍ରୀ. (ଧର୍ମ+ଜାୟା; ଷଷ୍ଠୀ ତତ୍)—
Dharma jāyā ସହଧର୍ମିଣୀ; ବିବାହିତା ସ୍ତ୍ରୀ—
(ଧର୍ମପତ୍ନୀ—ଅନ୍ୟରୂପ) One's wedded wife.

ଧର୍ମ ଜିଜ୍ଞାସା—ସଂ. ବି—ଧର୍ମ ସମ୍ବନ୍ଧେ ଅନୁସନ୍ଧାନ ବା ପ୍ରଶ୍ନ—
Dharma jijñāsā Inquiry into religion or proper
(ଧର୍ମଜିଜ୍ଞାସୁ—ବିଣ) course of conduct.

ଧର୍ମ ଜୀବନ—ସଂ. ବି. (ଧର୍ମ+ଜୀବନ; ମ. ପ.ଲୋ)—
Dharma jibana ୧ । ଧର୍ମାନୁଷ୍ଠାନରତ ଜୀବନ—
1. A life devoted to piety.
୨ । ଆଧ୍ୟାତ୍ମିକ ଚିନ୍ତାରେ ବ୍ୟାପୃତ ଜୀବନ—
2. Spiritual life; a life spent in spiritual contemplation.

ଧର୍ମଜ୍ଞ—ସଂ. ବିଣ. ପୁଂ. (ଧର୍ମ+ଜ୍ଞା ଧାତୁ=ଜାଣିବା+କର୍ତ୍ତୃ. ଅ)—
Dharmajña ୧ । ଯେ ଧର୍ମର ତତ୍ତ୍ୱ ଉତ୍ତମରୂପେ ଜାଣନ୍ତି—
(ଧର୍ମଜ୍ଞା—ସ୍ତ୍ରୀ) 1. Conversant with spiritual or
(ଧର୍ମଜ୍ଞତା—ବି) religious truths.
୨ । ଧର୍ମୋପଦେଶକ—2. Missionary; teaching the tenets of religion.
୩ । ଧାର୍ମିକ—3. Pious; religious.
୪ । ନ୍ୟାୟପର—4. Righteous.
୫ । ଯେ ଆଇନ୍ ଜାଣେ— 5. Versed in law.

ଧର୍ମ ଜ୍ଞାନ—ସଂ.ବି. (ଧର୍ମ+ଜ୍ଞାନ)—୧ । ଧର୍ମତତ୍ତ୍ୱ ବିଷୟକ ବୋଧ—
Dharma jñāna 1. Conception of the principles of religion
୨ । ଧର୍ମ ଓ ଅଧର୍ମ ସମ୍ବନ୍ଧୀୟ ଜ୍ଞାନ; ନ୍ୟାୟାନ୍ୟାୟ ବିବେକ—
2. Conception of what is for and what is against the tenets of one's religion; ability to distinguish between what is right and what is wrong.

ଧର୍ମ ଡଙ୍ଗା—ଦେ. ବି—୧ । ଧର୍ମପାଳନରୂପ କାର୍ଯ୍ୟ; ଧର୍ମ ପନ୍ଥାନୁସରଣ—
Dharma ḍangā 1. The path of religion.
ଧର୍ମ ଡଙ୍ଗା ସ୍ୱର୍ଗରେ ଯାଏ । ଢଗ ।
୨ । ନୌକା—2. A boat
[ଦ୍ର—ଲୋକେ ନୌକାକୁ ଧର୍ମରେ ପରଗୃହଗତ ହେବାର କହନ୍ତି । ସଂସାରରେ ଧର୍ମ ଥିବାରୁ ଡଙ୍ଗା ଭାସୁଛି ନଚେତ୍ ବୁଡ଼ି ଯାଆନ୍ତା ବୋଲି ସାଧାରଣ ଲୋକେ ବିଶ୍ୱାସ କରନ୍ତି ।]

ଧର୍ମ ଡାକ—ଦେ. ବି—ଧର୍ମକୁ ସାକ୍ଷୀ ରଖି ଆହ୍ୱାନ କରିବା; ଧର୍ମବିଦ୍ରୋହ
Dharma ḍāka ଦେଇ କୌଣସି ବ୍ୟକ୍ତିକୁ କୌଣସି କାର୍ଯ୍ୟରେ
(ଧର୍ମରକ୍ଷା,ଧର୍ମଡକା—ଅନ୍ୟରୂପ)ଯୋଗ ଦେବାପାଇଁ ଆହ୍ୱାନ କରିବା—
ଧର୍ମ ଡାକ To call on other people to join by invoking the name of God.

ଧର୍ମଣ—ସଂ. ବି. (ଧୃ ଧାତୁ+ମନ)—୧ । ଢେମଣାସାପ—
Dharmaṇa 1. A non-poisionous snake; Zamenis Mucosus.
୨ । ଧାମଣ ଗଛ (ଦେଖ)—
2. Dhāmaṇa tree (See)

ଧର୍ମତଃ—ସଂ. ଅ. (ଧର୍ମ+ତସ୍)—୧ । ଧର୍ମାନୁସାରେ; ଧର୍ମପ୍ରମାଣେ—
Dharmataḥ 1. Religiously; from a religious point of view.
୨ । ନ୍ୟାୟତଃ; ନ୍ୟାୟାନୁସାରେ—2. Justly; rightly.
୩ । ଆଇନ୍‌ଅନୁସାରେ—3. Legally.
୪ । ସାମାଜିକ ଦୃଷ୍ଟିରେ ଦେଖିବାକୁ ଗଲେ—
4. From a social point of view
୫ । ଧର୍ମଦ୍ୱାରରେ; ଈଶ୍ୱରଙ୍କ ଦୃଷ୍ଟିରେ—
5 In the eyes of God.
୬ । ଈଶ୍ୱରଙ୍କ ନାମ ଗ୍ରହଣ କରି (ଶପଥ କରିବା)—
6. In the name of God; solemnly.

ଧର୍ମ ତଣ୍ଡ—ଦେ. ବି—୧ । ଧର୍ମ ଦଣ୍ଡ (ଦେଖ)
Dharma taṇḍa 1. Dharma daṇḍa (See)
ଧର୍ମଡଣ୍ଡ ୨ । ବୃଥା ଅର୍ଥଦଣ୍ଡ—2. Undeserved fine.
୩ । ଅନ୍ୟର ଦୋଷ ପାଇଁ ଦିଆଯିବା ଜୋରିମାନା—
3. Fine paid for another's fault.

ଧର୍ମ ତତ୍ତ୍ୱ—ସ.ବି. (ଧର୍ମ+ତତ୍ତ୍ୱ; ୬ଷ୍ଠୀ ତତ୍)—୧ । ଧର୍ମର ଗୂଢ଼ ମର୍ମ—
Dharma tattwa 1, The fundamental principles or truths of religion; essential or inner religious truths,
୨ । ଧର୍ମବିଜ୍ଞାନ—2. The Science of Religion.

ଧର୍ମ ତ୍ୟାଗ—ସ. ବି (ଧର୍ମ+ତ୍ୟାଗ; ୬ଷ୍ଠୀ ତତ୍)—୧ । ଆପଣାର ଧର୍ମ ସମ୍ପ୍ରଦାୟର ପରିତ୍ୟାଗ—
Dharma tyāga
1. Apostasy; abandonment of one's religious profession.
୨ । ଆପଣାର କର୍ତ୍ତବ୍ୟକୁ ଛାଡ଼ିବା—2. Abandonment of one's religious duties or virtue.

ଧର୍ମ ତ୍ୟାଗୀ—ସ. ବଣ. ପୁଂ (ଧର୍ମ+ତ୍ୟାଗୀ)—ଯେ ସ୍ୱଧର୍ମକୁ ଛାଡ଼ିଥାଏ—
Dharma tyāgi Apostate.
(ଧର୍ମତ୍ୟାଗିନୀ—ସ୍ତ୍ରୀ)

ଧର୍ମ ଦଣ୍ଡ—ସ. ବି—୧ । ନିଜର ଧର୍ମରକ୍ଷାପାଇଁ ସହିବା କଷ୍ଟ—
Dharma danda 1. Trouble undergone by a person for preserving his religion.
ଧର୍ମ ଦଣ୍ଡ; ଧର୍ମ ଧକ୍କା
ଘର୍ମଦକ୍କା ୨ । ବୃଥା କଷ୍ଟ; ବୃଥା ଦଣ୍ଡ; ବ୍ୟର୍ଥ ଦଣ୍ଡ—
2 Undeserved punishment
୩ । ଅନ୍ୟର ଅପରାଧ ପାଇଁ ଭୋଗିବା ଦଣ୍ଡ—
3. Punishment for the sin or offence of another.

ଧର୍ମ ଦାନ—ସ. ବି. (ମ. ପ. ଲୋ; ଧର୍ମ+ଦାନ)—୧ । କେବଳ ଧର୍ମ ଉଦ୍ଦେଶ୍ୟରେ ଦାନ; ସାତ୍ତ୍ୱିକ ଦାନ—
Dharma dāna
1. A gift from a purely religious or disinterested motive.
୨ । ଧର୍ମ କର୍ମ ପାଇଁ ଦାନ—
2. Gift for a religious purpose.

ଧର୍ମ ଦାର(ରା)—ସ. ବି.—ଧର୍ମ ପତ୍ନୀ (ଦେଖ)
Dharma dāra(rā) Dharma patni (See)

ଧର୍ମ ଦୀପିକା—ସ. ବି. ସ୍ତ୍ରୀ—ଗୌଡ଼-ପ୍ରସିଦ୍ଧ ମୀମାଂସା ଗ୍ରନ୍ଥବିଶେଷ—
Dharma dipikā Name of a philosophical treatise on Baishnabism.

ଧର୍ମ ଦେବତା—ସ. ବି. (ଧର୍ମ+ଦେବତା)—୧ । ପାପୀର ଦଣ୍ଡ ଓ ପୁଣ୍ୟବାନର ପୁରସ୍କାରଦାତା ଈଶ୍ୱର; ପୃଥିବୀର ସୃଷ୍ଟିକର୍ତ୍ତା; ଈଶ୍ୱର—1. God; the Righteous and just God.
Dharma debatā
୨ । ଯମ—2. Jama.
୩ । ସୂର୍ଯ୍ୟଦେବ—3. The Sun-god.
୪ । ଠୁଲ ଶୂନ୍ୟ ଅଣାକାର ପୁରୁଷ—
4. The Invisible God.

[ଦ୍ର—ପାପର ଦଣ୍ଡଦାତା ଓ ପୁଣ୍ୟର ପୁରସ୍କାରଦାତା ଭଗବାନଙ୍କ ସମ୍ବନ୍ଧେ ହିନ୍ଦୁ ଶାସ୍ତ୍ର ଓ ବୌଦ୍ଧ ଶାସ୍ତ୍ରମାନ ସାଧାରଣ ଲୋକଙ୍କ ମନରେ ନାନା ପ୍ରକାରର ଗୋଳମାଳଥିବା ଭାବ ଉପସ୍ଥିତ କରାଇଥିବାର ଦେଖାଯାଏ । ଅତ୍ୟାଚାରୀକୁ ଦଣ୍ଡ ଦେବା ନିମନ୍ତେ ଉତ୍ପୀଡ଼ିତ ଅତ୍ୟାଚାରିତ ବ୍ୟକ୍ତି ସେହି ଧର୍ମଦେବତାଙ୍କୁ ଡାକ ପକାଏ ଓ ପାଣି ଅଞ୍ଜୁଳା ଟେକେ, ସେ ଉଚିତକାଳରେ ପାପୀକୁ ଦଣ୍ଡ ଦେବେ ବୋଲି ତାହାର ବିଶ୍ୱାସ ଥାଏ । ଭୂମୀପାଟୁଆ ମାନେ ସେହି ଧର୍ମ ଦେବତାଙ୍କୁ ସୂର୍ଯ୍ୟରୂପେ କଳ୍ପନା କରନ୍ତି । ତଥାଗତ, ଯମ, ଅଣାକାର, ବିଷ୍ଣୁ ଆଦି ସେହି ଧର୍ମ ଦେବତାଙ୍କର ଆକାର ।]

ଧର୍ମ ଦେଶ—ସ. ବି. ପୁଂ. (ଧର୍ମ+ଦେଶ)—ଧର୍ମସାଧନର ସ୍ଥାନ—
Dharma desa The place or country which is the field of the performance of many pious acts.

ଧର୍ମଦ୍ରବୀ—ସ. ବି. ସ୍ତ୍ରୀ—(ଧର୍ମ+ଦ୍ରୁ ଧାତୁ=ଦ୍ରବ ହେବା+କର୍ତ୍ତୃ. ଅ; ସ୍ତ୍ରୀ.ଈ)—ଗଙ୍ଗା—The Ganges.
Dharmadrabi
[ଦ୍ର—ବିଷ୍ଣୁପାଦାଗ୍ରସମ୍ଭୂତା ଏବଂ ତ୍ରିପଥଗାମିନୀ ହେତୁ ଗଙ୍ଗାର ନାମ ଧର୍ମଦ୍ରବୀ ।]

ଧର୍ମ ଦ୍ରୋହ—ସ.ବି.—(୬ଷ୍ଠୀ ତତ୍; ଧର୍ମ+ଦ୍ରୋହ)—୧ । ଅଧର୍ମାଚରଣ
Dharma droha 1. Impious conduct.
ଧର୍ମଦ୍ୱେଷ
ଧର୍ମବିରୋଧ } ଅନ୍ୟରୂପ
୨ । ଧର୍ମବିଦ୍ୱେଷ—2. Hatred of the tenets of religion.

ଧର୍ମଦ୍ରୋହୀ—ସ. ବଣ. ପୁଂ (ଧର୍ମ+ଦ୍ରୁହ୍ ଧାତୁ=ନଷ୍ଟ କରିବା+କର୍ତ୍ତୃ. ଇନ)—୧ । ଦୁଷ୍ଟାଗ୍ରସ୍ତ—
Dharma drohi
(ଧର୍ମଦ୍ରୋହିଣୀ—ସ୍ତ୍ରୀ) 1. Wicked; wanton.
(ଧର୍ମଦ୍ୱେଷୀ; ଧର୍ମବିରୋଧୀ—ଅନ୍ୟରୂପ) ୨ । ଅଧର୍ମିଷ୍ଠ—
2. Impious; irreligious.
୩ । ଯେ ଧର୍ମକର୍ମକୁ ଘୃଣା କରେ—
3. Hating the practice of religion.
୪ । ପାପୀ—4. Sinful.
ସ. ବି.—୧ । ରାକ୍ଷସ—1. A demon.
୨ । ପାପୀ ବ୍ୟକ୍ତି—2. Sinner.

ଧର୍ମ ଧାଉଡ଼ିଆ—ଦେ. ବି.—ଦୂତ—
Dharma dhārdiyā Messenger.
(ଧର୍ମଧାଉଡ଼ିଆ—ଅନ୍ୟରୂପ)

ଧର୍ମଧାଉଡ଼ିଆଙ୍କ, ପ୍ରଜାଙ୍କ ଜନ୍ମକୁ ଫେରିଲେ ଏହୂପର କହି ।
ବ୍ରଜନାଥ, ସମରତରଙ୍ଗ ।

ଧର୍ମ ଧ୍ୱଜ—ସ. ବଣ.—(ବହୁବ୍ରୀହି; ଧର୍ମ+ଧ୍ୱଜ)—
Dharma dhwaja ୧ । କପଟ ଧାର୍ମିକ; ଧାର୍ମିକ ବେଶଧାରୀ—
1. Hypocritical; one who is irreligious under the garb of religion.
(ଧର୍ମଧ୍ୱଜୀ—ଅନ୍ୟରୂପ) ୨ । ଯେ ଧର୍ମର ଦ୍ୱାହି ଦେଇ ନିଜ ସ୍ୱାର୍ଥ ସାଧନ କରେ—2. Pursuing one's self interest in the name of religion.
ସ. ବି.—୧ । ଯେଉଁ ଲୋକ ଧର୍ମର ଲକ୍ଷଣମାନ ଦେଖାଏ—କିନ୍ତୁ କାର୍ଯ୍ୟତଃ ଅଧର୍ମାଚରଣ କରେ;—
1. An imposter.

ନ କହନ୍ତୁ ଦୁର୍ଜନ ଅଟନ୍ତେ,
ଅଟନ୍ତେ ଧର୍ମଧ୍ୱଜ ଯେତେ । ଜଗନ୍ନାଥ ଭାଗବତ ।

୨ । ଜନକବଂଶୀ ମିଥିଳାର ନୃପବିଶେଷ—
2. The name of a king of ancient Mithilā

ଧର୍ମ ନନ୍ଦନ—ସଂ. ବି.—(ଧର୍ମ+ନନ୍ଦନ; ୬ଷ୍ଠୀ ତତ୍)—ଯୁଧିଷ୍ଠିର—
Dharma nandana Judhishṭhira

ଧର୍ମନାଭ—ସଂ. ବି. ପୁଂ (ଧର୍ମ+ନାଭ; ବହୁବ୍ରୀହି)—ବିଷ୍ଣୁ—
Dharmanābha Bishṇu.

ଧର୍ମ ନାଶ—ସଂ. ବି. (ଧର୍ମ+ନାଶ; ୬ଷ୍ଠୀ ତତ୍)—୧ । ଧର୍ମର ଲୋପ;
Dharma nāśa ଧର୍ମହାନି—1. Ruin of religion; compromise of virtue.
୨ । ସ୍ତ୍ରୀର ସତୀତ୍ୱ ନାଶ; ସ୍ତ୍ରୀର ଇଜ୍ଜତ୍ ନେବା—
2. Outraging of a woman's chastity or modesty.

ଧର୍ମ ନିନ୍ଦା—ସଂ. ବି. (ଧର୍ମ+ନିନ୍ଦା; ୬ଷ୍ଠୀ ତତ୍;)—୧ । ଧର୍ମ ପ୍ରତି
Dharma nindā ବିଦ୍ୱେଷାଚରଣ ବା ଧର୍ମକୁ ପରିହାସ କରିବା—
1. Mocking at a religion; blasphemy.
୨ । କୌଣସି ଧର୍ମ ପ୍ରତି କଳଙ୍କାରୋପଣ—
2. Speaking evil of a religion.

ଧର୍ମ ନିନ୍ଦକ—ସଂ. ବିଣ. ପୁଂ—(ଧର୍ମ+ନିନ୍ଦକ; ଉପପଦ ତତ୍)-ଯେ ଧର୍ମକୁ
Dharma nindaka ନିନ୍ଦା କରେ—Speaking ill of a
(ଧର୍ମନିନ୍ଦୁକ—ଅନ୍ୟରୂପ) religion; blasphemous.

ଧର୍ମ ନିରତ—ସଂ. ବିଣ. ପୁଂ (ଧର୍ମ+ନିରତ; ୭ମୀ ତତ୍)—ଧର୍ମକାର୍ଯ୍ୟରେ
Dharma nirata ସର୍ବଦା ବ୍ୟାପୃତ—Devoted to the
(ଧର୍ମରତ—ଅନ୍ୟରୂପ) practice of piety.
(ଧର୍ମନିରତା, ଧର୍ମରତା—ସ୍ତ୍ରୀ)

ଧର୍ମନିଷ୍ଠ—ସଂ. ବିଣ. ପୁଂ (ଧର୍ମ+ନିଷ୍ଠା; ବହୁବ୍ରୀହି)—ଧର୍ମପରାୟଣ;
Dharmanishṭha ଧାର୍ମିକ—Virtuous; religious; pious;
(ଧର୍ମନୈଷ୍ଠିକ—ଅନ୍ୟରୂପ) devoted to piety.
(ଧର୍ମନିଷ୍ଠା—ସ୍ତ୍ରୀ)

ଧର୍ମ ନିଷ୍ଠା—ସଂ. ବି (ଧର୍ମ+ନିଷ୍ଠା; ୭ମୀ ତତ୍)—୧ । ଧର୍ମରେ ଆସ୍ଥା ବା
Dharma nishṭhā ଏକାଗ୍ରତା—1. Firm belief in religion.
୨ । ଧର୍ମ ବିଷୟରେ ଆନ୍ତରିକ ଶ୍ରଦ୍ଧା—2. Sincere piety.
୩ । ଧର୍ମପରାୟଣତା—3. Devotion to religion.
ସଂ. ବିଣ. ସ୍ତ୍ରୀ (ଧର୍ମନିଷ୍ଠ+ଆ)—ଧର୍ମନିଷ୍ଠର ସ୍ତ୍ରୀଲିଙ୍ଗ—
Feminine of Dharmanishṭha.

ଧର୍ମ ନୀତି—ସଂ. ବି (ଧର୍ମ+ନୀତି; ୬ଷ୍ଠୀ ତତ୍)—୧ । ଧର୍ମ ସମ୍ବନ୍ଧୀୟ
Dharma niti ବିଧାନ—1. The principles of religion.
୨ । ଧର୍ମବିଜ୍ଞାନ—2. The science of religion; the philosophy of religion.
୩ । ଆଇନର ବିଧାନ; ଆଇନଶାସ୍ତ୍ର—
3. Jurisprudence; the science of law.

ଧର୍ମ ପଟ୍ଟ—ସଂ. ବି (ମ. ପ. ଲୋ; ଧର୍ମ+ପଟ୍ଟ)—୧ । ରାଜା ବା ଧର୍ମାଧି-
Dharma patta କାରୀଙ୍କ ଠାରୁ ପ୍ରାପ୍ତ ଆଇନ୍ ସମ୍ବନ୍ଧୀୟ ବ୍ୟବସ୍ଥାପତ୍ର-
1. A statement or prescription about any point of law issued by a king or judge.

ଧର୍ମ ପତି—ସଂ. ବି. ପୁଂ (ଧର୍ମ+ପତି)—୧ । ଯମ—
Dharma pati 1. Jama, the God of death
୨ । ବରୁଣ—2. Baruṇa, the God of the ocean.

ଧର୍ମ ପତ୍ନୀ—ସଂ. ବି. ସ୍ତ୍ରୀ (ଧର୍ମ+ପତ୍ନୀ; ୪ର୍ଥୀ ତତ୍)—୧ । ପ୍ରଥମ ବିବାହିତା
Dharma patnī ଭାର୍ଯ୍ୟା—1. One's first wedded wife.
୨ । ସହଧର୍ମିଣୀ—2. One's better-half.
(ଯଥା—ଶାସ୍ତ୍ରରେ ଅଛି ପ୍ରଥମା ଧର୍ମପତ୍ନୀଚ ଦ୍ୱିତୀୟା ରତି-ବର୍ଦ୍ଧିନୀ; ଅର୍ଥାତ୍, ପ୍ରଥମବିବାହିତା ସ୍ତ୍ରୀ ଧର୍ମପତ୍ନୀ ଓ ଦ୍ୱିତୀୟ-ବିବାହିତା ସ୍ତ୍ରୀ କାମପତ୍ନୀ ।)

ଧର୍ମ ପତ୍ତନ—ସଂ. ବି—୧ । ବୃହତ୍‌ସଂହିତା ମତରେ କୂର୍ମବିଭାଗର ଦକ୍ଷିଣସ୍ଥ
Dharma pattana ଜନସ୍ଥାନବିଶେଷ (ଅଧୁନିକ ମାଲବାର ଜିଲ୍ଲାସ୍ଥ ଧର୍ମପଟ୍ଟମ) (ହି. ଶବ୍ଦସାଗର)—1. Name of an ancient village in S. India.
୨ । ଶ୍ରାବସ୍ତୀ ନଗରୀ (ହି. ଶବ୍ଦସାଗର)—
2. The town of Śrābastī.
୩ । ଗୋଲମରିଚ (ହି. ଶବ୍ଦସାଗର)—
3. Black pepper.

ଧର୍ମ ପତ୍ର—ସଂ. ବି (ଧର୍ମ+ପତ୍ର; ବହୁବ୍ରୀହି; ଯାହାର ପତ୍ର ଯଜ୍ଞାଦି ଧର୍ମ-
Dharma patra କାର୍ଯ୍ୟରେ ଆବଶ୍ୟକ ହୁଏ)—ଡିମ୍ବିରିଗଛ—
Fig tree.

ଧର୍ମ ପଥ—ସଂ.ବି (ଧର୍ମ+ପଥିନ୍, ରୂପକ କର୍ମଧା)—ଧର୍ମାନୁମୋଦିତ ପଥ—
Dharma patha Righteous conduct; the path of
(ଧର୍ମପନ୍ଥା—ଅନ୍ୟରୂପ) virtue; a virtuous course of conduct.

ଧର୍ମପଦ—ଦେ. ବି—କୋଣାର୍କ ମନ୍ଦିର ନିର୍ମାଣ ସମୟରେ ୧୨ଶହ ବଢ଼େଇଙ୍କ
Dharmapada ବୁଦ୍ଧିର ଅଗମ୍ୟ ମନ୍ଦିରର ମୁଦଶିଳା (ମୁଣ୍ଡିମାରିବା) କାର୍ଯ୍ୟ ସମାଧାନ କରିଥିବା ଜଣେ ବୁଦ୍ଧିମାନ୍ ବଢ଼େଇ ବାଳକର ନାମ—Name of a very intelligent carpenter boy who was able to complete the temple at Koṇārka by setting the coping stone at the proper place.
[ବ୍ର—ଚୁମ୍ବକ ପଥରକୁ ଦେଉଳରେ ବସାଇ ଦେଉଳର ମୁଣ୍ଡି ମାରିବାପାଇଁ କୋଣାର୍କ ମନ୍ଦିର ନିର୍ମାଣର ଭାରପ୍ରାପ୍ତ ଲାଙ୍ଗୁଳ ନରସିଂହଦେବଙ୍କ କର୍ମଚାରୀ ଶିବେଇ ସାଆନ୍ତରା କଳ୍ପନା କରିଥିଲେ; କିନ୍ତୁ ବଢ଼େଇମାନେ ଯଥାସ୍ଥାନରେ ଉକ୍ତ ପଥରକୁ ବସାଇ ପାରୁ ନ ଥିବାରୁ ଦେଉଳ ମୁଣ୍ଡି ମାରି ପାରୁ ନ ଥିଲେ । ତାକୁ ଉକ୍ତ ବାଳକ ବସାଇ ଦେଇଥିଲେ । ସ୍ୱର୍ଗୀୟ ଗୋପବନ୍ଧୁ ଦାଶ ଏହି କାହାଣୀକୁ ଅବଲମ୍ବନ କରି 'ଧର୍ମପଦ' ନାମରେ ଗୋଟିଏ କ୍ଷୁଦ୍ର କାବ୍ୟ ଲେଖି-ଅଛନ୍ତି ।]

ଧର୍ମ ପର—ସଂ. ବିଣ. ପୁଂ (ଧର୍ମ+ପର; ବହୁବ୍ରୀହି)—ଧାର୍ମିକ; ଧର୍ମଶୀଳ;
Dharma para ଧର୍ମନିଷ୍ଠ; ଧର୍ମାତ୍ମା—Devoted to religion;
(ଧର୍ମପରାୟଣ—ଅନ୍ୟରୂପ) virtuous; pious; righteous.
(ଧର୍ମପରା, ଧର୍ମପରାୟଣା—ସ୍ତ୍ରୀ)

ଧର୍ମ ପାଠକ—ସଂ. ବି. ପୁଂ (ଧର୍ମ=ଧର୍ମଶାସ୍ତ୍ର+ପାଠକ; ଉପପଦ ତତ୍)—
Dharma pāṭhaka 1. Devoted to the study of the scriptures or sacred books.
(ଧର୍ମପାଠିକା—ସ୍ତ୍ରୀ) ୨ । ଧର୍ମଶାସ୍ତ୍ର ବା ଆଇନର ଅଧ୍ୟାପକ—
2. A teacher of civil or religious law; law-professor (Apte).

ଧର୍ମପାଳ—ସଂ. ବି. ପୁଂ (ଧର୍ମ+ପାଳ; ୬ଷ୍ଠୀ ତତ୍)—
Dharma pāla ୧ । ଯେ ଧର୍ମ ରକ୍ଷା କରନ୍ତି—1. The defender of faith; the protector of law.
(ଧର୍ମପାଳିକା—ସ୍ତ୍ରୀ) ୨ । ବୌଦ୍ଧ ସନ୍ନ୍ୟାସୀଙ୍କ ଉପାଧିବିଶେଷ—
2. A title of Buddhist saints.
ଧର୍ମପାଳକ, ଧର୍ମରକ୍ଷକ, ଧର୍ମଭୃତ୍ } ଅନ୍ୟରୂପ ୩ । (ଲକ୍ଷଣାରେ) (ଯାହାର ଭୟରେ ଲୋକେ ଧର୍ମ ପାଳନ କରନ୍ତି)—ଦଣ୍ଡ—
3. Punishment.
୪ । (ନାମ) ରାଜା ଦଶରଥଙ୍କର ଏକ ମନ୍ତ୍ରୀ—
4. Name of a minister of king Daśaratha.

ଧର୍ମ ପାଳନ—ସଂ. ବି (୬ଷ୍ଠୀ ତତ୍; ଧର୍ମ+ପାଳନ)—
Dharma pālana ୧ । ଧର୍ମସମ୍ବନ୍ଧୀୟ କର୍ତ୍ତବ୍ୟମାନ ପାଳିବା—
1. Observance of religious duties.
୨ । ଧର୍ମକର୍ମ—2. Practice of piety.

ଧର୍ମ ପିଅର—ଦେ. ବି (ସଂ. ଧର୍ମ+ପିତ)—ଧର୍ମପିତା (ଦେଖ)
Dharma piara Dharma pitā (See)
ଅନାଥ ବାଳକଙ୍କୁ ଅଣି ଧର୍ମେ ପୋଷନ୍ତି ଯେଉଁ ପ୍ରାଣୀ,
ସେ ଧର୍ମ ପିଅର ଜନକ,ବୋଲନ୍ତି ବେଦମତେ ମୂନି—ଜଗନ୍ନାଥ- ଭାଗବତ ।

ଧର୍ମ ପିତା—ସଂ. ବି (ଧର୍ମ+ପିତୃ; ୧ମା. ୯ବ)—୧ । ଧର୍ମଶାସ୍ତ୍ର
Dharma pitā ଅନୁସାରେ ଆପଣାର ପିତୃସ୍ଥାନୀୟ ବ୍ୟକ୍ତି—
1. A person standing in the relation of a father to a person according to the Śāstras.
୨ । ଯାହାଙ୍କ ସଙ୍ଗେ ମହାପ୍ରସାଦ ଆଦିଦ୍ୱାରା ପିତୃ ସମ୍ପର୍କ ସ୍ଥାପିତ ହୋଇଥାଏ—2. God-father; a person with whom the relationship of father is set up by the exchange of Mahāprasāda etc.
[ଦ୍ର—ଏହିପରି ଧର୍ମ ଭ୍ରାତା, ଧର୍ମ ଭଗିନୀ, ଧର୍ମ ମାତା ଆଦି ପଦ ହୁଏ । ଶାସ୍ତ୍ର ଅନୁସାରେ ଜନ୍ମଦାତା, କନ୍ୟାଦାତା, ଭୟତ୍ରାତା, ବିଦ୍ୟା-ଗୁରୁ, ଜ୍ୟେଷ୍ଠଭ୍ରାତା, ଅନ୍ନଦାତା, ଦୀକ୍ଷାଗୁରୁ ଓ ରାଜା ଏମାନେ ପିତାଙ୍କ ପରି ପୂଜ୍ୟ । ଗୁରୁପୁତ୍ର ଭ୍ରାତୃସ୍ୱସା ଗୁରୁପତ୍ନୀ, ଶାଶୁ, ରାଣୀ, ଜ୍ୟେଷ୍ଠ ଭ୍ରାତୃ ପତ୍ନୀ, ବ୍ରାହ୍ମଣୀ, ପର ସ୍ତ୍ରୀ, ବିଧବା, ମାଈଁ, ମାଉସୀ ଓ ପିଉସୀ—ଏମାନେ ମାତୃସ୍ଥାନୀୟ । ଗୁରୁକନ୍ୟା ଓ ସହାଧ୍ୟାୟୀର ଭଗିନୀ—ଏମାନେ ଭଗିନୀସ୍ଥାନୀୟ । ଶିଷ୍ୟପତ୍ନୀ, ଭ୍ରାତୁଷ୍ପୁତ୍ରୀ, ଭାଣିଜୀ, ପୁତ୍ରବଧୂ—ଏମାନେ କନ୍ୟାସ୍ଥାନୀୟ ।]

ଧର୍ମ ପୀଠ—ସଂ. ବି (୬ଷ୍ଠୀ ତତ୍; ଧର୍ମ+ପୀଠ)—
Dharma pīṭha ୧ । ଧର୍ମ ସାଧନର ପ୍ରଧାନ ସ୍ଥାନ; ତୀର୍ଥ—
1. A holy place
୨ । ଯେଉଁ ସ୍ଥାନରେ ଧର୍ମ ସମ୍ବନ୍ଧେ ବ୍ୟବସ୍ଥା ମିଳେ—
2. A place where prescriptions about religious points may be had.
୩ । କାଶୀ (ହି. ଶବ୍ଦସାଗର)—
3. A name of Benares.

ଧର୍ମ ପୀଡ଼ା—ସଂ. ବି (୬ଷ୍ଠୀ ତତ୍; ଧର୍ମ+ପୀଡ଼ା)—
Dharma pīḍā ୧ । ଧର୍ମର ବା ନ୍ୟାୟର ବିରୁଦ୍ଧ ଆଚରଣ—
1. An offence against religion or justice.
୨ । ବେଆଇନୀ ଆଚରଣ; ଅପରାଧ—
2. An offence against law; transgression of law.

ଧର୍ମ ପୁଅ—ଦେ. ବି (ସଂ. ଧର୍ମ+ପୁତ୍ର)—ଧର୍ମ ସମ୍ବନ୍ଧ ଦ୍ୱାରା ପ୍ରତିଷ୍ଠିତ
Dharma pua ପୁତ୍ର—God-son.
ଭିକ୍ଷାପୁତ୍ର ଧରମବେଟା

ଧର୍ମ ପୁତ୍ର—ସଂ. ବି. (ଧର୍ମ+ପୁତ୍ର)—୧ । ଯୁଧିଷ୍ଠିର—
Dharma putra 1. Judhishṭhira.
[କୁନ୍ତୀଙ୍କ ଗର୍ଭରେ ଧର୍ମରାଜ ବା ଯମଙ୍କ ଔରସରେ ଏ ଜନ୍ମ ହୋଇଥିଲେ ।]
୨ । ଔରସ ପୁତ୍ର; ବିବାହିତା ସ୍ତ୍ରୀ ଗର୍ଭରୁ ସ୍ୱାମୀର ଔରସ ସନ୍ତାନ—2. Legitimate son; a son begotton by the husband on his married wife.
୩ । ଧାର୍ମିକ ପୁତ୍ର (ଗ୍ଲାଡେନ୍)—
3. A son practising piety.
୪ । ପୋଷ୍ୟ ପୁତ୍ର—4. Adopted son.
ଦେ. ବି—ଧରମପୁଅ; ମହାପ୍ରସାଦ ସମ୍ବନ୍ଧ ସ୍ଥାପନଦ୍ୱାରା ସ୍ୱୀକୃତ ପୁତ୍ର—A god-son.
[ଦ୍ର—ଆମ୍ଭମାନଙ୍କ ଦେଶରେ ଭିନ୍ନ ଜାତୀୟ ଓ ଅସମ୍ପର୍କ ବ୍ୟକ୍ତିମାନଙ୍କ ମଧ୍ୟରେ ଧର୍ମ ବା ମହାପ୍ରସାଦ ସମ୍ବନ୍ଧଦ୍ୱାରା ପିତା, ମାତା, ପୁତ୍ର, କନ୍ୟା, ଭ୍ରାତା, ଭଗିନୀ, ସଙ୍ଗାତ, ମଇତ୍ର ଆଦି ଧର୍ମ-ସମ୍ବନ୍ଧ ସ୍ଥାପିତ ହୋଇଥାଏ । ଏଥିରେ ଧର୍ମସନ୍ତାନ (ଧରମପୁଅ), ଧର୍ମକନ୍ୟା, ଧର୍ମଦୁହିତା (ଧରମଝିଅ), ଧର୍ମପିତା (ଧରମବାପ) ଧର୍ମମାତା (ଧରମମାଆ), ଧରମଭ୍ରାତା (ଧରମଭାଇ), ଧର୍ମଭଗିନୀ (ଧରମ ଭଉଣୀ) ଆଦି ପଦ ଗଠିତ ହୁଏ ।]

ଧର୍ମ ପୁରୀ—ସଂ. ବି—୧ । (ଯେଉଁଠାରେ ମୃତ୍ୟୁ ପରେ ପ୍ରାଣୀର ଧର୍ମାଧର୍ମ
Dharma purī ବିଚାର କରାଯାଏ) ଯମପୁରୀ—
1. The abode or court of Jama, the God of death.
୨ । ଧର୍ମାଧିକରଣ; କଚେରି (ହି. ଶବ୍ଦସାଗର)—
2. A court of law.

ଧର୍ମ ପୁସ୍ତକ—ସଂ. ବି—ଧର୍ମଗ୍ରନ୍ଥ (ଦେଖ)
Dharma pustaka Dharma grantha (See)

ଧର୍ମ ପ୍ରଚାର—ସଂ. ବି (ଧର୍ମ+ପ୍ରଚାର, ୬ଷ୍ଠୀ ତତ୍)—କୌଣସି ଦେଶରେ
Dharma prachāra ସର୍ବସାଧାରଣ ଲୋକଙ୍କ ସମ୍ମୁଖରେ ଧର୍ମର ବ୍ୟାଖ୍ୟା କରିବା—A religious mission; preaching of religion.

ଧର୍ମ ପ୍ରଚାରକ—ସ. ବିଣ. ପୁଂ—ଧର୍ମ ପ୍ରଚାର କରିବା ବ୍ୟକ୍ତି—
Dharma prachāraka — Missionary; a preacher of religion.
(ଧର୍ମପ୍ରଚାରିକା—ସ୍ତ୍ରୀ)

ଧର୍ମ ପ୍ରବକ୍ତା—ସ. ବି (ଧର୍ମ+ପ୍ରବକ୍ତୃ; ୧ମା. ୧ବ)—୧ । ଆଇନ ବିଷୟରେ ଉପଦେଶକ—
Dharma prabaktā — 1 An expounder of law; a legal adviser.
୨ । ଧର୍ମପ୍ରଚାରକ—2 A religious preacher.

ଧର୍ମ ପ୍ରବର୍ତ୍ତନ—ସ. ବି (ଧର୍ମ+ପ୍ରବର୍ତ୍ତନ; ୬ଷ୍ଠୀ ତତ୍)—କୌଣସି ଦେଶରେ ଗୋଟିଏ ନୂତନ ଧର୍ମ ଚଳାଇବା—
Dharma prabarttana — Introduction of a religion into a country.
(ଧର୍ମ ପ୍ରବର୍ତ୍ତକ—ବିଣ. ପୁଂ)

ଧର୍ମ ପ୍ରମାଣ—ସ. ବିଣ (ଧର୍ମ+ପ୍ରମାଣ; ବହୁବ୍ରୀହି)—ଧର୍ମକୁ ସାକ୍ଷୀ ରଖି ଅନୁଷ୍ଠିତ ବା ଉକ୍ତ (କର୍ମ ବା ବଚନ)—
Dharma pramāṇa — (act) Done or (word) said by invoking God to witness it.
ଧର୍ମପ୍ରମାଣ
धरमलगती
ଦେ. କ୍ରି. ବିଣ—୧ । ଧର୍ମ ଅନୁସାରେ; ଧର୍ମତଃ—1. In the name of God; by God; upon One's faith.
ଦେ. ବି—ଶପଥ ଡାଳପ; ସ୍ୱୀକୃତ କରିବା—The taking of special oath; solemn affirmation.

ଧର୍ମ ପ୍ରମାଣେ—ଦେ. କ୍ରି. ବିଣ—ଧର୍ମପ୍ରମାଣ (ଦେଖ)
Dharma pramāṇe — Dharma pramāṇa (See)

ଧର୍ମ ପ୍ରାଣ—ସ. ବିଣ. ପୁଂ (ଧର୍ମ+ପ୍ରାଣ; ବହୁବ୍ରୀହି)—ଅତ୍ୟନ୍ତ ଧାର୍ମିକ; ପୁଣ୍ୟଶୀଳ—
Dharma prāṇa — Pious; virtuous; religious; one whose whole life is pervaded by religion.
(ଧର୍ମପ୍ରାଣା—ସ୍ତ୍ରୀ)
(ଧର୍ମପ୍ରାଣତା—ବି)

ଧର୍ମ ବକ—ସ. ବି (ଧର୍ମ+ବକ)—୧ । ବକରୂପଧାରୀ ଧର୍ମ ବା ଈଶ୍ୱର—
Dharma baka — 1. God appearing in the form of an ardea or heron.

[ଦ୍ର—ଯୁଧିଷ୍ଠିରଙ୍କୁ ପରୀକ୍ଷା କରିବା ସକାଶେ ଧର୍ମବକ ତାଙ୍କୁ ଗୂଢ଼ୋଦ୍ଦିଷ୍ଟ ପ୍ରଶ୍ନ କରିଥିଲେ ଓ ଯୁଧିଷ୍ଠିର ଉକ୍ତ ଗୂଢ଼ୋଦ୍ଦିଷ୍ଟ ପ୍ରଶ୍ନର ଯଥାଯଥ ଉତ୍ତର ଦେଇଥିଲେ । (କ) ପ୍ରଶ୍ନ—ପୃଥିବୀରେ ଠିକ୍ ବାଟ କଅଣ ? (କଃ ପନ୍ଥା) । ଉତ୍ତର—ବେଦ, ସ୍ମୃତି ଓ ପୁରାଣରେ ନାନା ପ୍ରକାର ବିଭିନ୍ନ ପନ୍ଥାର ଉଲ୍ଲେଖ ଅଛି । କିନ୍ତୁ ମହାଜନମାନେ ଯେଉଁ ପନ୍ଥା ବାଟେ ଯାଇଅଛନ୍ତି ତାହାହିଁ ପ୍ରକୃତ ପନ୍ଥା । (ଖ) ପ୍ରଶ୍ନ—ପୃଥିବୀରେ ଆଶ୍ଚର୍ଯ୍ୟ ବିଷୟ କଅଣ ? (କମାଶ୍ଚର୍ଯ୍ୟଂ ?) । ଉତ୍ତର—ପ୍ରତିଦିନ ମନୁଷ୍ୟ ତା ଆଖି ଆଗରେ ସହସ୍ର ସହସ୍ର ଲୋକ ମରିବାର ଦେଖି ସୁଦ୍ଧା ବଞ୍ଚି ରହିଥିବା ଲୋକେ ଭାବୁଛନ୍ତି ଯେ ଆମେ ଚିରଞ୍ଜୀବୀ ହେବା, ଏହାହିଁ ଅତି ଆଶ୍ଚର୍ଯ୍ୟର ବିଷୟ । (ଗ) ପ୍ରଶ୍ନ—ପୃଥିବୀରେ କିଏ ସୁଖୀ ? (କଃ ମୋଦତେ ?) । ଉତ୍ତର—ଯେଉଁ ଲୋକ ଋଣ ନ କରି, ପ୍ରବାସକୁ ନ ଯାଇ, ଘରେ ବସି ମୁଠିଏ ଶାକାନ୍ନ ଦିନାନ୍ତେ ଖାଇବାକୁ ପାଏ ସେ ଏକା ସୁଖୀ । (ଘ) ପ୍ରଶ୍ନ—ସଂସାରର ଖବର କଅଣ ? (କା ଚ ବାର୍ତ୍ତା ?) । ଉତ୍ତର—ଏ ସଂସାରରେ 'କାଳ' ବା 'ମୃତ୍ୟୁ' ସମସ୍ତଙ୍କୁ ଶାସନ କରୁଅଛି, ଏହାହିଁ ବାର୍ତ୍ତା ଅଟେ ।]

୨ । ବକ ପରି ଧର୍ମର ବାହାନା କରୁଥିବା ଅସଦାଚାରୀ ବ୍ୟକ୍ତି, କପଟ ଧାର୍ମିକ—2. A religious hypocrite.
[ଦ୍ର—ବକ ମାଛ ଧରିବା ପାଇଁ ପାଣି ପାଖେ ଜଗି ବସିଥିବେଳେ, ସେ ଧ୍ୟାନରେ ବସିଥିବାପରି ଦେଖାଯାଏ ।]

ଧର୍ମବକା—ଦେ. ବି (ସ. ଧର୍ମବକ)—୧ । ଧର୍ମବକ ୨ (ଦେଖ)
Dharmabakā — Dharmabaka 2 (See)
୨ । ଧର୍ମବୋକା (ଦେଖ)—
2. Dharmabokā (See)

ଧର୍ମବନ୍ତ—ଦେ. ବିଣ (ସ. ଧର୍ମ+ବତ୍)—୧ । ଧାର୍ମିକ—
Dharmabanta — 1. Pious; virtuous; religious.
ଧର୍ମବନ୍ତ
धरमबन्त
୨ । ନ୍ୟାୟବାନ୍—
2 Just; righteous.

ଧର୍ମବନ୍ତ ଲୋକେ ଯେ ଅଳ୍ପ ଲୋକଠାରେ
ଦୟା ଯେସନ ଥାନ୍ତି ହୃଦରେ ନିରନ୍ତରେ । କୃଷ୍ଣସିଂହ. ମହାଭାରତ. ବନ ।

ଧର୍ମ ବଳ—ସ. ବି. (ସ. ଧର୍ମ+ବଳ)—ଧରମ ବଳ (ଦେଖ)
Dharma baḷa — Dharama baḷa (See)

ଧର୍ମ ବଳା—ଦେ. ବି. (ସ. ଧର୍ମ+ବାଳ)—ଧର୍ମପୁତ୍ର; ଯୁଧିଷ୍ଠିର—
Dharma baḷā — A name of Judhishṭhira.

ଶୁଣ ଭାଇଙ୍କ ତାହା କହୁ ଧର୍ମବଳା
ଦ୍ରୌପଦୀଙ୍କୁ ସେହିକ୍ଷଣ ଘେନି ପାଇଲା । କୃଷ୍ଣସିଂହ. ମହାଭାରତ. ବନ ।

ଧର୍ମ ବହିର୍ଭୂତ—ସ. ବିଣ (୫ମୀ ତତ୍; ଧର୍ମ+ବହିର୍ଭୂତ)—
Dharma bahirbhūta — ୧ । ପାପଜନକ (କାର୍ଯ୍ୟ)-1. Sinful.
ଧର୍ମବିଗର୍ହିତ, ଧର୍ମବିରୁଦ୍ଧ } ଅନ୍ୟରୂପ
୨ । ଯେଉଁ କାର୍ଯ୍ୟ ଧର୍ମର ବିପରୀତ ଅଟେ—2. (acts) Contrary or opposed to religious precepts.

ଧର୍ମ ବାଟ—ଦେ. ବି—ଧର୍ମ ପଥ—
Dharma bāṭa — The ways of the righteous.

ଧର୍ମ ବାଣିଜକ—ସ. ବି. (ଧର୍ମ+ବାଣିଜ୍ୟ+ଇକ)—
Dharma bāṇijika — ୧ । (ବଣିକ ଯେଉଁ ପରି ପଣ୍ୟ ଦ୍ରବ୍ୟର ବ୍ୟବସାୟ ଦ୍ୱାରା ଲାଭ କରେ ସେହିପରି) ଯେଉଁ ବ୍ୟକ୍ତି ଆପଣାର ଧର୍ମସାଧନକୁ ଲାଭର ଉପାୟରୂପେ ପରିଣତ କରେ—1. One who tries to make profit out of his virtue (Apte).
୨ । ପୁରସ୍କାର ଆଶାରେ ଯେଉଁ ବ୍ୟକ୍ତି ଧର୍ମ କାର୍ଯ୍ୟ କରେ—2. One who performs religious rites with a view to reward (Apte).

ଧର୍ମବାନ୍—ସ. ବିଣ. ପୁଂ. (ଧର୍ମ+ବତ୍, ୧ମା. ୧ବ)—
Dharmabān — ଧାର୍ମିକ—Pious.
(ଧର୍ମବତୀ—ସ୍ତ୍ରୀ)

ଧର୍ମ ବାସର—ସ. ବି. (ବହୁବ୍ରୀହି; ଧର୍ମ+ବାସର)—
Dharma bāsara — ୧ । ଯେଉଁ ଦିନ ଧର୍ମକାର୍ଯ୍ୟ ଓ ଧର୍ମ ଚିନ୍ତା ପାଇଁ ନିର୍ଦ୍ଦିଷ୍ଟ—1.A day set a part for religious performances and religious contemplation.
୨ । ପୂର୍ଣ୍ଣିମା ତିଥି—2. The full moon day.

ଧର୍ମ ବାହନ—ସଂ. ବି.—୧ । (ଧର୍ମ=ବୃଷଭ, ଅଟେ ବାହନ ଯାହାର,
Dharma bāhana ବହୁବ୍ରୀହି)—୧ । ଶିବ; ମହାଦେବ—
1. Śiba.

୨ । (୬ଷ୍ଠୀ ତତ୍; ଧର୍ମ=ଯମର ବାହନ)—ମହିଷ; ମଇଁଷି—
2. Buffalo (Apte).

୩ । (ଧର୍ମ+ବାହ ଧାତୁ ଣିଜନ୍ତ ବାହି ଧାତୁ+ଭାବ ଅନ)
ଧର୍ମ ପ୍ରାପଣ; ଧର୍ମ ପ୍ରାପ୍ତି; ଧର୍ମ ଲାଭ—
3. Attainment of piety.

ଧର୍ମ ବିଚାର—ସଂ. ବି. (ଧର୍ମ+ବିଚାର)—୧ । ନ୍ୟାଯ୍ୟ ବିଚାର—
Dharma bichāra 1. Just consideration.

୨ । ନ୍ୟାୟ—2. Justice.

୩ । ଧର୍ମ ସମ୍ବନ୍ଧେ ଚିନ୍ତନ—
3. Thoughts about religion.

୪ । ଅଭିଯୁକ୍ତ ବ୍ୟକ୍ତିର ଦୋଷିତା ବା ନିର୍ଦ୍ଦୋଷତା ବିଷୟରେ ବିଚାର—4. Adjudication of the guilt or innocence of an accused.

(ଧର୍ମବିବେଚନ; ଧର୍ମବିଚାରଣା—ଅନ୍ୟରୂପ)

ଧର୍ମ ବିଜ୍ଞାନ—ସଂ. ବି. (ଧର୍ମ+ବିଜ୍ଞାନ)—୧ । ଅଧ୍ୟାତ୍ମ ବିଦ୍ୟା—
Dharma bijñāna 1. The Philosophy of religion.

ଧର୍ମ ବିଦ୍ୟା } ଅନ୍ୟରୂପ
ଧର୍ମ ଶାସ୍ତ୍ର }

୨ । ନୀତିଜ୍ଞାନ ଉପଦେଶକ ଶାସ୍ତ୍ର—
2, Ethics; moral science; moral philosophy.

୩ । ସ୍ମୃତି ଶାସ୍ତ୍ର—3. The code of law.

୪ । ଆଇନ୍—4. Jurisprudence.

ଧର୍ମବିତ୍—ସଂ. ବିଣ. ପୁଂ (ଧର୍ମ+ବିଦ୍ ଧାତୁ+କର୍ତ୍ତୃ. କ୍ୱିପ୍; ଧର୍ମବିଦ୍ ଶବ୍ଦ
Dharmabit ୧ମା. ୧ବ.)—ଧର୍ମଜ୍ଞ—Versed in religious doctrines.
(ଧର୍ମବିଦ୍—ଅନ୍ୟରୂପ)

ଧର୍ମ ବିଧି—ସଂ. ବି. (ଧର୍ମ+ବିଧି)—ଧର୍ମ ବା ଆଇନ୍ ସମ୍ବନ୍ଧୀୟ ନିୟମ ବା
Dharma bidhi ବିଧାନ—Precepts of law or religion.

ଧର୍ମ ବିପ୍ଳବ—ସଂ. ବି. (ଧର୍ମ+ବିପ୍ଳବ; ୬ଷ୍ଠୀ ତତ୍)—୧ । ଧର୍ମ ଲୋପ—
Dharma biplaba 1. Convulsion or destruction of religion.

୨ । ଅନୀତି—2. Immorality, violation of duty.

୩ । ଧର୍ମ ସମ୍ବନ୍ଧେ ଲୋକ ସମାଜରେ ଘୋର ଆନ୍ଦୋଳନ—
3. A great agitation in the popular mind about religion.

ଧର୍ମ ବୀର—ସଂ. ବି. (୭ମୀ ତତ୍; ଧର୍ମ+ବୀର)—ଧର୍ମକର୍ମ ସାଧନ
Dharma bīra ବିଷୟରେ ଯେ ବୀରତ୍ୱ ଦେଖାଏ; ଧର୍ମକର୍ମ କରିବା ବିଷୟରେ ସାହସୀ; ଧର୍ମରକ୍ଷାର୍ଥେ ସାହସୀ—Full of heroism in defending one's religion; having chivalrous piety.

[ଦ୍ର—ଅଳଙ୍କାରଶାସ୍ତ୍ରରେ ବୀର ରସର ଅନ୍ତର୍ଗତ ୪ ପ୍ରକାର ବୀରଙ୍କର ଉଲ୍ଲେଖ ହୋଇଅଛି ଯଥା—ବୀର, ଧର୍ମବୀର, ଦାନବୀର ଓ ଦୟାବୀର—ହି. ଶବ୍ଦସାଗର ।]

ଧର୍ମ ବୁଦ୍ଧି—ସଂ. ବି. (ଧର୍ମ+ବୁଦ୍ଧି)—୧ । ଧର୍ମଜ୍ଞାନ; ଯେଉଁ ଈଶ୍ୱରଦତ୍ତ
Dharma buddhi ଶକ୍ତିଦ୍ୱାରା ମନୁଷ୍ୟର ମନ ଧର୍ମଆଡ଼କୁ ଆକୃଷ୍ଟ ହୁଏ—1. Religious propensity; the promptings of piety.

ଧର୍ମପ୍ରବୃତ୍ତି } ଅନ୍ୟରୂପ
ଧର୍ମବିବେକ }

୨ । ହିତାହିତ ଜ୍ଞାନ—2. Conscience; regard for justice; discrimination betweeu right and wrong.

ଧର୍ମ ବୃଦ୍ଧ—ସଂ. ବିଣ. ପୁଂ. (୭ମୀ ତତ୍; ଧର୍ମ+ବୃଦ୍ଧ)—
Dharma bṛuddha ୧ । ଧର୍ମାନୁଷ୍ଠାନରେ ପ୍ରବୀଣ—
(ଧର୍ମବୃଦ୍ଧା—ସ୍ତ୍ରୀ) 1. Advanced in piety.

୨ । ଅନ୍ୟମାନଙ୍କଠାରୁ ବେଶି ଧାର୍ମିକ—
2. More pious than others.

୩ । ଧାର୍ମିକପ୍ରବର—3. Very pious.

ଧର୍ମ ବୈଡ଼ାଂସିକ—ସଂ. ବିଣ. ପୁଂ (ଧର୍ମ+ବୈଡ଼ାଂସିକ)—
Dharma baitamsika ପାପକାର୍ଯ୍ୟଦ୍ୱାରା ଧନ ଉପାର୍ଜନ କରି
(ଧର୍ମବୈଡ଼ାଂସିକା—ସ୍ତ୍ରୀ) ଆପଣାକୁ ଧାର୍ମିକ ବୋଲି ସଂସାରରେ ଜଣାଇବା ପାଇଁ ଯେଉଁ ବ୍ୟକ୍ତି ଦାନ ଆଦି କରେ—
Earning money in evil ways but giving it away in charity to show to the public that he is a pious person.

[ଦ୍ର—ଆଧୁନିକ ସମାଜରେ ଏ ଶ୍ରେଣୀର ଦାତା ଅନେକ ଦେଖା ଯାଆନ୍ତି । ଏମାନେ ଖାଦ୍ୟ ଓ ଦେବତାଙ୍କ ଭୋଗ ପାଇଁ ଉଦ୍ଦିଷ୍ଟ ଘିଅରେ ଚର୍ବି ମିଶାଇ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରନ୍ତି, ଅଥଚ ଧର୍ମଶାଳା ଏବଂ ଅନ୍ନ ସତ୍ରାଦିରେ ଅଜସ୍ର ଅର୍ଥବ୍ୟୟ କରି ଲୋକସମାଜରେ ଧାର୍ମିକପ୍ରବରରୂପେ ଖ୍ୟାତହେବାର ଆଶା ପୋଷଣ କରନ୍ତି ।]

ଧର୍ମ ବୋକା—ଦେ. ବି.—ଧର୍ମର ଗୂଢ଼ ମର୍ମ ନ ବୁଝି ଯେ ଅନ୍ଧ ବିଶ୍ୱାସରେ
Dharma bokā ଧର୍ମ କର୍ମ କରେ—A person who blindly practises religion without an intellgent understanding of its inner meaning; a blind follower of any faith.

ଧର୍ମ ବ୍ୟାଧ—ସଂ. ବି. (ନାମ) ପରଦ୍ୱାରା ହତ ପଶୁର ମାଂସ ବିକ୍ରେତା,
Dharma byādha ବ୍ୟାଧ କୁଳରେ ଜାତ, ମାତା, ପିତା ଓ ଅତିଥିଙ୍କ ସେବାକାରୀ ମିଥିଳାପୁରବାସୀ ମହାଭକ୍ତରୋକ୍ତ ଜଣେ ବ୍ୟାଧ ବା ମାଂସବିକ୍ରେତା—
(name)—Name of a seller of meat who was very pioas and hospitable and was following his family profession.

[ଦ୍ର—କୌଶିକ ନାମରେ ଜଣେ ଋଷି ଦିନେ ଗୋଟିଏ ଗଛ ମୂଳେ ନିଦ୍ରା ଯାଇଥିଲେ, ଏପରି ଅବସ୍ଥାରେ ତାଙ୍କ ଉପରେ ଗୋଟିଏ ବଗ ମଳୋତ୍ସର୍ଗ କରିଦେଲା । ଋଷି କ୍ରୁଦ୍ଧ ହୋଇ ବଗ ଆଡ଼କୁ ଦୃଷ୍ଟି କରିବାରୁ ବଗ ତତ୍କ୍ଷଣାତ୍ ମରିଗଲା । ଋଷି ବଗର ମୃତ୍ୟୁରେ ଦୁଃଖିତ ହୋଇ ସେଠାରୁ ଗଲେ ଓ ଭିକ୍ଷା କରିବା ଉଦ୍ଦେଶ୍ୟରେ ଜଣେ ଗୃହସ୍ଥର ଘରେ ଯାଇ ପହଞ୍ଚିଲେ । ଏହି ସମୟରେ ଗୃହସ୍ଥ

କୈଉଁ ଆଡ଼େ ବାହାରକୁ ଯାଇଥିଲେ, ତେଣୁ ଅତି ତୃଷାର୍ତ୍ତ ହୋଇ ଫେରି ଘରେ ପହଞ୍ଚିବାରୁ ଗୃହିଣୀ ପତିଙ୍କ ସେବାରେ ଲାଗିଗଲେ ଓ ଋଷିଙ୍କୁ ଭିକ୍ଷା ଦେବାରେ ବିଳମ୍ବ ଘଟିଲା । ସ୍ୱାମୀଙ୍କ ସେବା ସାରି ଗୃହିଣୀ ଋଷିଙ୍କୁ ଭିକ୍ଷା ଦେବା ପାଇଁ ଦାଣ୍ଡଦୁଆରକୁ ଆସି ବିଳମ୍ବ ନିମନ୍ତେ ଋଷିଙ୍କଠାରେ କ୍ଷମା ପ୍ରାର୍ଥନା କଲେ । ଋଷି ଗୃହିଣୀଙ୍କ ଉପରେ ବିଳମ୍ବ ଯୋଗୁଁ କ୍ରୁଦ୍ଧ ହୋଇ ବ୍ରାହ୍ମଣର କ୍ରୋଧର ଭୟଙ୍କର ଫଳ ବିଷୟ କହି ଗୃହିଣୀଙ୍କୁ ଡରାଇବାକୁ ଲାଗିଲେ । ଗୃହିଣୀ ଏହା ଶୁଣି ଋଷିଙ୍କୁ କହିଲେ 'ମୁଁ ବଗ ନୁହେଁ ଯେ ଆପଣଙ୍କ କ୍ରୋଧରେ ମରିଯିବି । ମୁଁ ମୋ ପତିଦେବତାଙ୍କ ସେବାରେ ଲାଗିଥିଲି । ଆପଣ କ୍ରୋଧ ସମ୍ବରଣ କରନ୍ତୁ । କ୍ରୋଧ ବଡ଼ ମନ୍ଦ । ଯେବେ ଆପଣଙ୍କର ଧର୍ମର ଯଥାର୍ଥ ତତ୍ତ୍ୱ ଜାଣିବାକୁ ଇଚ୍ଛା ଥାଏ ତେବେ ମିଥିଳାର ଧର୍ମବ୍ୟାଧ ନିକଟକୁ ଯାଆନ୍ତୁ' । ଋଷି ଗୃହିଣୀଙ୍କ କଥା ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହୋଇ ମିଥିଳାକୁ ଗଲେ ଓ ସେଠାରେ ଧର୍ମବ୍ୟାଧଙ୍କୁ ଭେଟିଲେ । ଧର୍ମବ୍ୟାଧ ପଶୁମାଂସ ବିକ୍ରି କରୁଥିଲେ; ଋଷିଙ୍କୁ ଦେଖି ଧର୍ମବ୍ୟାଧ କହିଲେ "ଆପଣଙ୍କୁ ଜଣେ ବ୍ରାହ୍ମଣୀ ମୋଠାକୁ ପଠାଇଅଛନ୍ତି ।" ଋଷି ଧର୍ମବ୍ୟାଧଙ୍କୁ ପଚାରିଲେ 'ଆପଣ ଏପରି ଜ୍ଞାନସମ୍ପନ୍ନ ହୋଇ ଏପରି ନିକୃଷ୍ଟ କର୍ମ କିଆଁ କରୁଅଛନ୍ତି ?' । ଧର୍ମବ୍ୟାଧ ଉତ୍ତର କଲେ—'ମୋର ପିତୃପରମ୍ପରାରୁ ଏହି କୁଳବୃତ୍ତି ଚଳି ଆସୁଥିବାରୁ ମୁଁ ମୋ କୁଳଧର୍ମ ଅନୁଧାବନ କରୁଅଛି । ମୁଁ ମାତା, ପିତା, ଅତିଥି ଓ ଦେବତାଙ୍କ ସେବା କରେଁ, ଯଥାଶକ୍ତି ଦାନ କରେଁ, ମିଥ୍ୟା କହେଁ ନାହିଁ କି ବିଶ୍ୱାସଘାତକତା କରେ ନାହିଁ, ଅନ୍ୟ ବ୍ୟକ୍ତିଦ୍ୱାରା ହତ ପଶୁର ମାଂସ ମୁଁ ବିକ୍ରୟ କରେଁ । ନିଜର କୁଳଧର୍ମ ତ୍ୟାଗ କରିବା ଉଚିତ ନୁହେ । ତାହା ସଙ୍ଗେ ସଙ୍ଗେ ମୁଁ ସଦାଚାର ରତ ହୋଇଥିବାରୁ ଧର୍ମଦୃଷ୍ଟିରେ ଏଥିରେ କିଛି ବାଧା ନାହିଁ । ପୂର୍ବ ଜନ୍ମରେ ମୁଁ ବେଦାଧ୍ୟାୟୀ ବ୍ରାହ୍ମଣ ଥିଲି; ଜଣେ ମିତ୍ର ରାଜାଙ୍କ ସଙ୍ଗେ ମୃଗୟା କରିବାକୁ ଯାଇ ଗୋଟିଏ ମୃଗୀ ଉପରେ ଶର ନିକ୍ଷେପ କଲି । ସେ ପ୍ରକୃତରେ ମୃଗୀରୂପଧାରୀ ଜଣେ ଋଷି ଥିଲେ । ତାଙ୍କର ଶାପରେ ମୁଁ ଶୂଦ୍ର ଯୋନି ପ୍ରାପ୍ତ ହୋଇ ବ୍ୟାଧକୁଳରେ ଜନ୍ମିଅଛି ।' କୌଶିକ ଧର୍ମବ୍ୟାଧଠାରୁ ଧର୍ମତତ୍ତ୍ୱ ଶୁଣି ଆଶ୍ରମକୁ ଫେରିଗଲେ—ହି. ଶବ୍ଦସାଗର ।]

ଧର୍ମ ବ୍ରତ—ସଂ. ବି. (ଧର୍ମ+ବ୍ରତ; ୬ଷ୍ଠୀ ତତ୍) - ଧର୍ମର ଅନୁଷ୍ଠାନ; ଧର୍ମାଚରଣ—Religious practice or observance.
Dharma brata
(ଧର୍ମବ୍ରତା—ସ୍ତ୍ରୀ)

ସଂ. ବିଣ. ପୁଂ. (ବହୁବ୍ରୀହି) – ଧର୍ମାନୁଷ୍ଠାନରେ ରତ; ଧାର୍ମିକ—Religious; devoted to religious or pious acts.

ଧର୍ମବ୍ରତା—ସଂ. ବିଣ. ସ୍ତ୍ରୀ.(ଧର୍ମବ୍ରତ + ସ୍ତ୍ରୀ. ଆ)—ଧର୍ମବ୍ରତର ସ୍ତ୍ରୀଲିଙ୍ଗ—Feminine of Dharmabrata.
Dharmabratā

ସଂ. ବି. ସ୍ତ୍ରୀ. (ନାମ)—ଧର୍ମ ନାମକ ଏକ ରାଜାଙ୍କ ଔରସରେ ତାଙ୍କ ପତ୍ନୀ ବିଶ୍ୱରୂପାଙ୍କ ଗର୍ଭରୁ ଜନ୍ମିତା ମରୀଚି ଋଷିଙ୍କ ପତ୍ନୀ—Name of the wife of sage Marichi.

[ଦ୍ର—ଏ ପାତିବ୍ରତ୍ୟ ପ୍ରାପ୍ତି ପାଇଁ ତପସ୍ୟା କରିଥିଲେ । ମରୀଚି ଏହାଙ୍କୁ ପୃଥିବୀରେ ସମସ୍ତଙ୍କଠାରୁ ଶ୍ରେଷ୍ଠା ପତିବ୍ରତା ଦେଖି ବିବାହ କଲେ—ହି. ଶବ୍ଦସାଗର ।]

ଧର୍ମ ଭଉଣୀ—ଦେ. ବି. ସ୍ତ୍ରୀ. (ସଂ. ଧର୍ମ+ଭଗିନୀ)—ମହାପ୍ରସାଦ ସମ୍ପର୍କରେ ଭଉଣୀ—God-sister.
Dharma bhauṇī

ଧର୍ମ ଭଗିନୀ—ସଂ. ବି. ସ୍ତ୍ରୀ. (ଧର୍ମ+ଭଗିନୀ)—ଗୁରୁକନ୍ୟା—The daughter of one's spiritual preceptor.
Dharma bhaginī
(ଧର୍ମଭଗ୍ନୀ—ଅନ୍ୟରୂପ)

ଦେ. ବି—ଧର୍ମ ଭଉଣୀ (ଦେଖ)
Dharma bhauṇī (See)

ଧର୍ମ ଭଙ୍ଗ—ସଂ. ବି. (୬ଷ୍ଠୀ ତତ୍; ଧର୍ମ+ଭଙ୍ଗ)—ଧର୍ମ କାର୍ଯ୍ୟ ବନ୍ଦ ହେବା; ଧର୍ମ କାର୍ଯ୍ୟରେ ଧାରାବାହିକତା ଲୋପ; ଧର୍ମଲୋପ—Infraction of a series of religious actss.
Dharma bhaṅga

ଧର୍ମ ଭୟ—ସଂ. ବି. (ଧର୍ମ+ଭୟ)—୧ । ଈଶ୍ୱର ଭୟ—1. The fear of God.
Dharma bhaya
(ଧର୍ମଭୀରୁତା—ଅନ୍ୟରୂପ)
୨ । ମନ୍ଦ କାର୍ଯ୍ୟ କଲେ ଧର୍ମନାଶ ହେବ ଏବମ୍ଭୂତ ଭୟ—2. Fear of losing one's virtue by doing evil acts.

ଧର୍ମ ଭାଣକ—ସଂ. ବି. ପୁଂ. (ଧର୍ମ+ଭଣ୍ ଧାତୁ=କହିବା+କର୍ତ୍ତୃ. ଅକ)—୧ । ଧର୍ମଧ୍ୱଜୀ ବ୍ୟକ୍ତି; ପାଷଣ୍ଡ—1. Hypocrite; imposter.
Dharma bhāṇaka

୨ । ପୁରାଣାଦି ଧର୍ମଗ୍ରନ୍ଥ ପାଠ କରି ଯେ ଅର୍ଥ ଉପାର୍ଜନ କରେ—2. A person who earns money as a public reader or reciter of scriptures.

ଧର୍ମ ଭିକ୍ଷୁକ—ସଂ. ବି. ପୁଂ. (ଧର୍ମ+ଭିକ୍ଷୁକ; ୪ର୍ଥୀ ତତ୍)—
Dharma bhikshuka
୧ । ଯେଉଁ ବ୍ୟକ୍ତି କୌଣସି ଧର୍ମକାର୍ଯ୍ୟ ବା ଧର୍ମରକ୍ଷା ପାଇଁ ସାଧାରଣରେ ସାହାଯ୍ୟ ପ୍ରାର୍ଥନା କରେ—1. A person soliciting help for performing some pious duty.

୨ । ଯେଉଁ ବ୍ୟକ୍ତି ଧର୍ମାର୍ଥ ଭିକ୍ଷାବୃତ୍ତି ଅବଲମ୍ବନ କରିଅଛି—2. A person who has assumed the garb of a beggar from a sense of religious duty.

[ଦ୍ର—ମନୁ ୯ ଶ୍ରେଣୀର ଧର୍ମଭିକ୍ଷୁକ ଗଣନା କରିଅଛନ୍ତି—୧. ପୁତ୍ର କାମନାରେ ବିବାହ କରିବାକୁ ଇଚ୍ଛୁକ ବ୍ୟକ୍ତି, ୨. ଯଜ୍ଞ କରିବାକୁ ଇଚ୍ଛୁକ, ୩. ପଥିକ, ୪. ଯେ ଯଜ୍ଞରେ ସର୍ବସ୍ୱ ତ୍ୟାଗ କରି ନିର୍ଦ୍ଧନ ହୋଇଅଛି, ୫. ୬. ୭. ଗୁରୁ, ମାତା ଓ ପିତାଙ୍କ ଭରଣ ପୋଷଣାର୍ଥ ସାହାଯ୍ୟପ୍ରାର୍ଥୀ, ୮. ଅଧ୍ୟୟନେଚ୍ଛୁ ବିଦ୍ୟାର୍ଥୀ ଓ ୯ ରୋଗୀ । ଏପରି ଧର୍ମଭିକ୍ଷୁକ ଶ୍ରେଷ୍ଠ ସ୍ନାତକରୂପେ ପରିଗଣିତ । ଏପରି ବ୍ୟକ୍ତିଙ୍କୁ ଯଜ୍ଞବେଦି ଭିତରେ ବସାଇ ଦକ୍ଷିଣା ସହିତ ଅନ୍ନ ଦାନ ଦେବା ବହୁ ପୁଣ୍ୟଜନକ ଅଟେ । ଧର୍ମଭିକ୍ଷୁକ ଛଡ଼ା ଅନ୍ୟ ବ୍ରାହ୍ମଣଙ୍କୁ ଯଜ୍ଞବେଦୀର ବାହାରେ ବସାଇବା ଉଚିତ—ହି. ଶବ୍ଦସାଗର ।]

ଧର୍ମ ଭୀତ—ସଂ. ବିଣ. ପୁଂ. (ଧର୍ମ+ଭୀତ)—୧ । ବିବେକବାନ୍—1. Conscientious; scrupulous.
Dharma bhīta

(ଧର୍ମଭୀତା—ସ୍ତ୍ରୀ) ୨ । ସବୁ କାର୍ଯ୍ୟ ଈଶ୍ୱର ଦେଖୁଅଛନ୍ତି ବୋଲି
(ଧର୍ମଭୀରୁ—ଅନ୍ୟରୂପ) ଜାଣି ଯେ ଅଧର୍ମକୁ ଡରି ସବୁ କାର୍ଯ୍ୟ କରେ—2. God-fearing.

୩ । ପରମଧାର୍ମିକ—3. Very pious.

ଧର୍ମଭୃତ୍—ସଂ. ବିଣ. (ଧର୍ମ+ଭୃ ଧାତୁ+କର୍ତ୍ତୃ. କ୍ୱିପ୍)—ଧର୍ମଶୀଳ; ଧାର୍ମିକ—Pious.
Dharmabhṛut

ଧର୍ମମୟ—ସଂ. ବିଣ. (ଧର୍ମ+ପ୍ରାଚୁର୍ଯ୍ୟାର୍ଥେ ମୟ) —୧ । ଧାର୍ମିକ—
Dharmamaya 1. Virtuous; religious.
(ଧର୍ମମୟୀ—ସ୍ତ୍ରୀ) ୨ । ନୈତିକ—2. Moral.
୩ । ଧର୍ମ ସମ୍ମତ କର୍ମରେ ପୂର୍ଣ୍ଣ (ଜୀବନ)—
3. (a life) Devoted to pious acts.

ଧର୍ମ ମାଆ—ଦେ. ବି. (ସଂ. ଧର୍ମମାତା)—୧ । ଧର୍ମମାତା (ଦେଖ)
Dharma mā-ā 1. Dharma mātā (See)
धर्म मा ୨ । ମହାପ୍ରସାଦ ଆଦି ସମ୍ପର୍କରେ ଆପଣାର ମାତୃସ୍ଥାନୀୟା
धर्ममाता ବ୍ୟକ୍ତି—2. God-mother.
(ଧର୍ମ ମା—ଅନ୍ୟରୂପ) ୩ । ପୋଷିଆ ମା—
3. Adoptive mother.

ଧର୍ମ ମାଣ୍ଡୁ—ଦେ. ବି. (ଧର୍ମ ପରୀକ୍ଷାର୍ଥ ମଣ୍ଡୁ)—
Dharma mānḍu ୧ । ବିନା ପ୍ରମାଣରେ ବିଲପଦ୍ୱାରା କୌଣସି ବ୍ୟକ୍ତିର ବିଚାର ପଦ୍ଧତି—1. System of trial by means of special oath.
୨ । ସାକ୍ଷ୍ୟ ପ୍ରମାଣ ଗ୍ରହଣ ନ କରି (ଫୁଟନ୍ତା ତେଲ, ସାପ ଥିବା ମାଠିଆ ଆଦିରେ ହାତ ପୂରାଇବା ଦ୍ୱାରା) ସନ୍ଦେହୀ ବ୍ୟକ୍ତିର ପରୀକ୍ଷା—Trial of an accused by his being made to undergo some severe tests; ordeal by fire etc.

[ଦ୍ର—ପୂର୍ବେ ଅଭିଯୁକ୍ତ ବ୍ୟକ୍ତିର ନିର୍ଦ୍ଦୋଷତା ପ୍ରମାଣ କରିବା ପାଇଁ ଉକ୍ତ ବ୍ୟକ୍ତି ତାତି ନାଲି ପଡିଥିବା ଲୌହାଦି ଧାତୁ, ଫୁଟନ୍ତା ତେଲ, ଅଗ୍ନି ଆଦିକୁ ସ୍ପର୍ଶ କରୁଥିଲା, କିମ୍ବା ସାପ ଥିବା ମାଠିଆରେ ହାତ ପୂରାଉ ଥିଲା । ଏହିପରି ନାନା କଠୋର ପରୀକ୍ଷା ଦ୍ୱାରା ଯେବେ ତାହାର କିଛି ଅନିଷ୍ଟ ନ ହେବାର ଦେଖା ଯାଉଥିଲା ତେବେ ସେ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ ହେଉଥିଲା ।]

ଧର୍ମ ମାତା—ସଂ. ବି. ସ୍ତ୍ରୀ. (ଧର୍ମ+ମାତୃ; ୧ମା. ୧ବ)—
Dharma mātā ଧର୍ମତଃ ଆପଣା ମାତୃସ୍ଥାନୀୟା ସ୍ତ୍ରୀ—
A woman who stands in the relation of a mother to a person.

[ଦ୍ର—ଶାଶୁ, ଗୁରୁପତ୍ନୀ, ବ୍ରାହ୍ମଣୀ, ରାଜପତ୍ନୀ, ଗାଈ, ଧାତ୍ରୀ ଓ ବସୁମତୀ ଏମାନେ ଧର୍ମତଃ ମାତୃସ୍ଥାନୀୟା ଅଟନ୍ତି ।]

ଧର୍ମ ମାର୍ଗ—ସଂ. ବି. (୬ଷ୍ଠୀ ତତ୍; ଧର୍ମ+ମାର୍ଗ)—
Dharma mārga ସନ୍ମାର୍ଗ; ଧର୍ମ ପଥ—
The path of virtue.

ଧର୍ମ ମୂଳ—ସଂ. ବି. (ଧର୍ମ+ମୂଳ; ୬ଷ୍ଠୀ ତତ୍)—
Dharma mūḷa ଧର୍ମର ହେତୁ—The essence of religion; the basis of religion.

ସଂ. ବିଣ. (ଧର୍ମ+ମୂଳ; ବହୁବ୍ରୀହି)—
ଯେଉଁ କାର୍ଯ୍ୟର ମୂଳରେ ଧର୍ମ ନିହିତ ଅଛି—
(ଧର୍ମମୂଳକ—ଅନ୍ୟରୂପ) Based on religion or righteousness.

ଧର୍ମ ମେଘ—ସଂ. ବି—ଯୋଗରେ ଅସମ୍ପ୍ରଜ୍ଞାତ ସମାଧିର ଅନ୍ତର୍ଗତ ଏକ
Dharma medha ସମାଧି, ଯହିଁରେ ବୈରାଗ୍ୟର ଅଭ୍ୟାସଯୋଗୁଁ ସାଧକର ଚିତ୍ତ ସବୁ ବୃତ୍ତିରୁ ରହିତ ହୋଇଯାଏ—
Complete withdrawal of the mind from all outside matters during Joga exercise.

ଧର୍ମ ଯାଜକ—ସଂ. ବି. (ଧର୍ମ+ଯାଜକ)—
Dharma jājaka ୧ । ପୁରୋହିତ—1. Priest.
୨ । ପାଦ୍ରୀ—2. Parson.

ଧର୍ମ ଯୁଗ—ସଂ. ବି. (ଧର୍ମ+ଯୁଗ; ମ. ପ. ଲୋ; ଧର୍ମପ୍ରଧାନ ଯୁଗ)—
Dharma juga ୧ । ସତ୍ୟଯୁଗ—1. The Golden age of the earth according to the Hindus.
୨ । ଧର୍ମପ୍ରଧାନ ଯୁଗ; ଯେଉଁ ଯୁଗରେ ଦେଶରେ ଧର୍ମାଲୋଚନା ବିଶେଷ ଭାବରେ ହୁଏ ଓ ବହୁ ଧାର୍ମିକ ଓ ଧର୍ମସଂସ୍କାରକ ବ୍ୟକ୍ତି ଜନ୍ମ ହୁଅନ୍ତି—
2. An era when religion preponderates in the country and religiously minded persons and religious reformers are born.

ଧର୍ମ ଯୁଦ୍ଧ—ସଂ. ବି. (ମ. ପ. ଲୋ; ଧର୍ମ+ଯୁଦ୍ଧ)—
Dharma juddha ୧ । ଯେଉଁ ଯୁଦ୍ଧରେ ଯୋଦ୍ଧାମାନେ ବିପକ୍ଷ ପ୍ରତି ଅଧର୍ମ ବା ଅନ୍ୟାୟ ଆଚରଣ କରନ୍ତି ନାହିଁ ଓ ଧର୍ମାନୁମୋଦିତ ନିୟମମାନ ପାଳନ କରନ୍ତି—
1. A war carried on with strict principles of morality.
୨ । ଧର୍ମ ରକ୍ଷା ପାଇଁ କରାଯିବା ଯୁଦ୍ଧ—
2. Crusade; war carried on for preservation of one's religion.

ଧର୍ମ ରକ୍ଷକ—ସଂ. ବି. (୬ଷ୍ଠୀ ତତ୍; ଧର୍ମ+ରକ୍ଷକ)—
Dharma rakshaka ୧ । ଯେ ସ୍ୱଧର୍ମକୁ ରକ୍ଷା କରେ—
1. The preserver of one's religion.
୨ । ରାଜା—2. The King, the defender of the faith.
୩ । ଜିନ; ଜୈନ ସାଧୁ (ହି. ଶବ୍ଦସାଗର)—
3. A Jaina saint.

ଧର୍ମ ରକ୍ଷା—ସଂ. ବି. (ଧର୍ମ+ରକ୍ଷା; ୬ଷ୍ଠୀ ତତ୍)—
Dharma rakshā ୧ । ଧର୍ମ ପାଳନ—1. Observance of religion; following the path of religion.
୨ । ସ୍ତ୍ରୀର ସତୀତ୍ୱ ରକ୍ଷା—
2. Protection of the chastity of a woman.
୩ । ସ୍ୱଧର୍ମର ପ୍ରତିଷ୍ଠାକୁ ରକ୍ଷା କରିବା—
3. Defence of one's religion.

ଧର୍ମରକ୍ଷିତ—ସଂ. ବି. (ନାମ)—ଯୋନ (ଯବନ) ଦେଶୀୟ ଏକ ବୌଦ୍ଧ
Dharmarakshita ଧର୍ମୋପଦେଶକ, ଯାହାଙ୍କୁ ମହାରାଜ ଅଶୋକ ଅପରାନ୍ତକ (ବେଲୁଚ ସ୍ଥାନ) ଅଞ୍ଚଳକୁ ବୌଦ୍ଧ ଧର୍ମ ପ୍ରଚାରାର୍ଥ ପଠାଇଥିଲେ (ହି. ଶବ୍ଦସାଗର)—
Name of a Buddhist preacher who was sent by King Aśoka to preach the tenets of Buddhism in Beluchistan area.

ଧର୍ମରାଜ—ସଂ. ବି. (ଧର୍ମ + ରାଜନ୍ ; ୬ଷ୍ଠୀ ତତ୍)—
Dharmarāja ୧ । ଯମ—1. Jama, the God of death
୨ । ସମ୍ରାଟ; ରାଜା—
2. King (the defender of the faith).
[ଦ୍ର— ହିନ୍ଦୁମାନଙ୍କ ମତରେ ଦେଶର ରାଜା ଧର୍ମର ବା ଈଶ୍ୱରଙ୍କର ଅବତାର ଅଟନ୍ତି; ଅତଏବ ରାଜା ଈଶ୍ୱରଙ୍କ ପରି ପୂଜ୍ୟ । ଇଂଲଣ୍ଡରେ ମଧ୍ୟ ରାଜା ଧର୍ମରକ୍ଷକ (Defender of the faith) ଅଟନ୍ତି ।].
୩ । (ଧର୍ମପାଳନକାରୀ) ଯୁଧିଷ୍ଠିର—
3. Judhishṭhira.
୪ । ବୁଦ୍ଧ—4. The Buddha.

ଧର୍ମରାଜନ—ଦେ. ବି. (ସଂ. ଧର୍ମରାଜ)—ଧର୍ମରାଜ (ଦେଖ)
Dharmarājana Dharmarāja (See)
धर्मराय ଭରତଖଣ୍ଡେ ଜଣେ ଜନ୍ମେ ରାଜନ
ସେ ଅଣି ଦେଲେ ଘୋଡ଼ା ଧର୍ମରାଜନଙ୍କ ।
କୃଷ୍ଣସିଂହ- ମହାଭାରତ ବନ ।

ଧର୍ମରାଜା—ଦେ. ବି. (ସଂ. ଧର୍ମରାଜ)—ଧର୍ମରାଜ (ଦେଖ)
Dharmarājā Dharmarāja (See)
ଧର୍ମରାଜାର ଅଙ୍ଗମାନ
କପାଳ କରୁଛ ଲଙ୍ଘନ । ଜଗନ୍ନାଥ, ଭାଗବତ ।

ଧର୍ମଲକ୍ଷଣ—ସଂ. ବି. (ଧର୍ମ + ଲକ୍ଷଣ; ୬ଷ୍ଠୀ ତତ୍)—
Dharm lakshaṇa ହିନ୍ଦୁଶାସ୍ତ୍ର ବର୍ଣ୍ଣିତ ଧର୍ମର ଦଶ ବିଧ ଚିହ୍ନ—
Ten moral qualities; the 10 signs of a religious or pious man (as enumerated in the Hindu scriptures.
[ଦ୍ର—ଧୃତି, କ୍ଷମା, ଦମ, ଶୌଚ, ଅସ୍ତେୟ, ଇନ୍ଦ୍ରିୟ ନିଗ୍ରହ, ଧୀ, ବିଦ୍ୟା, ସତ୍ୟ, ଅକ୍ରୋଧ ଏମାନ ଧର୍ମଲକ୍ଷଣ ଅଟେ-ଗ୍ଲାଡେନ୍ସ୍ର ।]

ଧର୍ମଲୋପ—ସଂ. ବି. (ଧର୍ମ + ଲୋପ; ୬ଷ୍ଠୀ ତତ୍)—
Dharma'lopa ୧ । ଧର୍ମର ଅସ୍ତିତ୍ୱ ବିନାଶ; ଧର୍ମ ବୁଡ଼ିଯିବା—
1. Irreligion; disappearance of religion from the country.
୨ । ଧର୍ମନାଶ; ଧର୍ମାନୁମୋଦିତ କର୍ତ୍ତବ୍ୟ କର୍ମର ଲଙ୍ଘନ—
2. Violation of a moral or religious duty

ଧର୍ମଶଙ୍କା—ଦେ. ବିଣ. (ସଂ. ଧର୍ମ + ଶଙ୍କା)—ଧର୍ମବିଷୟରେ ସଂଶୟାତ୍ମା;
Dharma śaṅkā ଯେ ଧର୍ମବିଷୟରେ ସନ୍ଦେହ କରେ—
Doubtful about the questions affecting religion.
ଧର୍ମଶଙ୍କା ଲୋକ ଚାର୍ବାକ ଯୋନ ଜନ୍ମ
କୁଅଇ ଗୋ ଦ୍ରୌପଦୀ ଜାଣଇ ଉତ୍ତମ । କୃଷ୍ଣସିଂହ- ମହାଭାରତ ବନ ।

ଧର୍ମଶାଳା—ସଂ. ବି. (ଧର୍ମ + ଶାଳା; ୬ଷ୍ଠୀ ତତ୍)—
Dharma śālā ୧ । ଅତିଥିଶାଳା; ପାନ୍ଥଶାଳା—
(ଧର୍ମଶାଳ—ଅନ୍ୟରୂପ) 1. A place for accomodating pilgrims and wayfarers.
୨ । ଧର୍ମାଧିକରଣ; ବିଚାରାଳୟ—
2. Court of justice; tribunal.
୩ । ଦାତବ୍ୟ ଚିକିତ୍ସାଳୟ ବା ଔଷଧାଳୟ—
3. A charitable hospital or dispensary.
୪ । ଛତ୍ର; ଛତର —4. Alms-house.
୫ । ଯେଉଁଠାରେ କ୍ଷୁଧାର୍ତ୍ତଙ୍କୁ ଅନ୍ନ ଓ ନିରାଶ୍ରୟଙ୍କୁ ଆଶ୍ରୟ ଦିଆଯାଏ—5. A place of free distribution of food and help to the needy.
[ଦ୍ର—ବର୍ତ୍ତମାନ ଭାରତର ତୀର୍ଥମାନଙ୍କରେ ଶେଠମାନେ ଯାତ୍ରୀମାନଙ୍କ ବିନା ଭଡ଼ାରେ ଆଶ୍ରୟ ଦେବା ନିମନ୍ତେ ନିର୍ମାଣ କରିଥିବା ଗୃହମାନଙ୍କୁ ଧର୍ମଶାଳା ବୋଲାଯାଏ ।]

ଧର୍ମଶାସନ—ସଂ. (ଧର୍ମ + ଶାସନ; ୬ଷ୍ଠୀ ତତ୍)—
Dharma śāsana ୧ । ଧର୍ମର ଅନୁଶାସନ ବା ଆଦେଶ—
1. Religious commandment or precept.
୨ । ଧର୍ମାନୁସାରେ ଚାଳିତ ରାଜ୍ୟଶାସନ—2. An administration conducted on principles of equity and justice.
୩ । ଧର୍ମଶାସ୍ତ୍ର—3. Religious books; scripture.

ଧର୍ମଶାସ୍ତ୍ର—ସଂ. ବି. (ଧର୍ମ + ଶାସ୍ତ୍ର; ମ·ପ. ଲୋ)—୧ । ଧର୍ମ ବିଷୟକ
Dharma śāstra ଶାସ୍ତ୍ର (ଯଥା—ହିନ୍ଦୁମାନଙ୍କ ବେଦ, ଖ୍ରୀଷ୍ଟାନମାନଙ୍କ ବାଇବଲ, ମୁସଲମାନଙ୍କ କୋରାନ୍)—
1. The scriptures.
୨ । ସ୍ମୃତିଶାସ୍ତ୍ର; ଯହିଁରେ କୌଣସି ଧର୍ମାବଲମ୍ବୀ ବ୍ୟକ୍ତିମାନଙ୍କ ଆଚାର ବ୍ୟବହାର ଓ କର୍ତ୍ତବ୍ୟାଦି ଲିପିବଦ୍ଧ ହୋଇଥାଏ-
2. The jurisprudence or code of law.
[ଦ୍ର —ମନୁ, ଅତ୍ରି, ବିଷ୍ଣୁ, ହାରୀତ, ଯାଜ୍ଞବଲ୍କ୍ୟ, ଉଶନା, ଅଙ୍ଗିରା, ଯମ, ଆପସ୍ତମ୍ବ, ସମ୍ବର୍ତ୍ତ, କାତ୍ୟାୟନ, ବୃହସ୍ପତି, ପରାଶର, ବ୍ୟାସ, ଶଙ୍ଖ, ଲିଖିତ, ଦକ୍ଷ, ଗୌତମ, ବଶିଷ୍ଠ, ଶାତାତପ ଓ ନାରଦ, ଏହି ମୁନିମାନଙ୍କ ପ୍ରଣୀତ ସାମାଜିକ ଓ ଅନୁଶାସନମୂଳକ ଗ୍ରନ୍ଥମାନଙ୍କୁ ଧର୍ମଶାସ୍ତ୍ର ବୋଲାଯାଏ ।]
୩ । ପୁରାଣାଦି ଶାସ୍ତ୍ର—3. Mythology.
୪ । ବେଦାନ୍ତ ଦର୍ଶନାଦି—
4. The philosophy of religion.

ଧର୍ମଶାସ୍ତ୍ରୀ—ସଂ. ବିଣ. ପୁଂ. (ଧର୍ମଶାସ୍ତ୍ର + ଇନ୍; ୧ମା. ୧ବ)—
Dharmaśāstri ୧ । ଧର୍ମଶାସ୍ତ୍ର ବିଷୟରେ ବିଜ୍ଞ—
1. Versed in the scriptures.
୨ । ଧର୍ମଶାସ୍ତ୍ର ସମ୍ବନ୍ଧେ ବ୍ୟବସ୍ଥା ଦାତା—
2. Issuing prescriptions or mandates according to the dictates of the scriptures.

ଧର୍ମଶିକ୍ଷା—ସଂ. ବି. (ଧର୍ମ+ଶିକ୍ଷା)—ଧର୍ମବିଷୟକ ଶିକ୍ଷା—
Dharma śikshā Teaching of the doctrines of religion; religious instruction.

ଧର୍ମଶୀଳ—ସ. ବଣ. ପୁଂ (ଧର୍ମ+ଶୀଳ; ବହୁବ୍ରୀହି)—୧ । ଧାର୍ମିକ—
Dharmaśīla 1. Religious; pious.
(ଧର୍ମଶୀଳା—ସ୍ତ୍ରୀ) ୨ । ନ୍ୟାୟପର—2. Righteous; just.
(ଧର୍ମଶୀଳତା—ବି)

ଧର୍ମ ସଂହିତା—ସଂ. ବି. ସ୍ତ୍ରୀ (ଧର୍ମ+ସଂହିତା; ମ. ପ. ଲୋ)—
Dharma samhitā ୧ । ଯେଉଁ ଶାସ୍ତ୍ରରେ ସାଂସାରିକ ଓ ପାରଲୌକିକ ସମସ୍ତ ବିଷୟର ମୀମାଂସା ଥାଏ; ଧର୍ମଶାସ୍ତ୍ର; ସ୍ମୃତିଶାସ୍ତ୍ର—1. A religious code or collection of duties enjoined by religion.
[ଦ୍ର—ମନୁସଂହିତା, ଅତ୍ରିସଂହିତା, ପରାଶରସଂହିତା ପ୍ରଭୃତି ଗ୍ରନ୍ଥକୁ 'ଧର୍ମସଂହିତା' ବୋଲାଯାଏ ।]
୨ । ଧର୍ମ ସମ୍ବନ୍ଧୀୟ ଗ୍ରନ୍ଥ—
2. A book dealing with spiritual subjects.

ଧର୍ମ ସଙ୍କର—ସଂ.ବି (୬ଷ୍ଠୀ ତତ୍; ଧର୍ମ+ସଙ୍କର)—୧ । ପରସ୍ପର ବିରୁଦ୍ଧ
Dharma saṅkara ଧର୍ମମାନଙ୍କର ସମ୍ମିଶ୍ରଣ—1. Confusion or mixture of different laws.
୨ । ବିଭିନ୍ନ ଧର୍ମମତ ବା ଅଲଗ କାନୁନ୍‌ମାନଙ୍କ ମଧ୍ୟରେ ବିରୋଧ—
2. Conflict of laws.

ଧର୍ମ ସଙ୍ଗତ—ସଂ. ବି (ଧର୍ମ+ସଙ୍ଗତ)—୧ । ଧର୍ମାନୁମୋଦିତ—
Dharma saṅgata 1. Approved by the dictates of religion; pious.
(ଧର୍ମସମ୍ମତ—ଅନ୍ୟରୂପ)
୨ । ନ୍ୟାୟାନୁମୋଦିତ; ଆଇନ୍ ସଙ୍ଗତ—
2. According to justice; lawful; legal.

ଧର୍ମ ସଭା—ସଂ. ବି (ଧର୍ମ+ସଭା; ମ. ପ ଲୋ;)—୧ । ଧର୍ମାଲୋଚନା
Dharma sabhā ନିମନ୍ତେ ପ୍ରତିଷ୍ଠିତ ସଭା—1. Religious meeting or conference; a congress of religion.
୨ । ଧର୍ମାଧିକରଣ; ବିଚାରାଳୟ—
2. Court of justice; legal tribunal.
୩ । ଧର୍ମରକ୍ଷା ନିମନ୍ତେ ଆହୂତ ସଭା—3. A congregation convened for the protection of religion.

ଧର୍ମ ସହିବା—ଦେ. ବି—କୌଣସି ବ୍ୟକ୍ତିର କ୍ରିୟାକଳାପର ଧର୍ମଦେବତା
Dharma sahibā ବା ଈଶ୍ୱରଙ୍କଦ୍ୱାରା ଅନୁମୋଦନ—The
ଧର୍ମସହା approval of one's actions by God.
ଧରମ ସହନା ସ୍ୱର୍ଗୀ ହୋଇଲେ କ ହେବ,
ଏ କଥା ଧର୍ମ କ ସହିବ ? ଭୂପତି. ପ୍ରେମପଞ୍ଚାମୃତ ।

[ଦ୍ର—ଲୋକେ ବିଶ୍ୱାସ କରନ୍ତି ଯେ ଅତି ଅନ୍ୟାୟ ହେଲେ ଧର୍ମ ସହେ ନାହିଁ; ଅର୍ଥାତ୍ ଧର୍ମଦେବତା ଅନ୍ୟାୟକାରୀ ବ୍ୟକ୍ତିକୁ ଇହକାଳରେ ଦାରିଦ୍ର୍ୟ, ମୃତ୍ୟୁ, ପୁତ୍ରନାଶ ଓ ରୋଗଆଦି ଦଣ୍ଡ ଦିଅନ୍ତି ।]

ଧର୍ମ ସାଧନ—ସଂ. ବି (୬ଷ୍ଠୀ ତତ୍; ଧର୍ମ+ସାଧନ)—ଧର୍ମାଚରଣ—
Dharma sādhana Practising of piety; practice of virtue.

ଧର୍ମ ସାବର୍ଣ୍ଣି—ସଂ. ବି. ପୁଂ —ଏକାଦଶ ମନୁ—
Dharma sābarṇṇi The 11th descendant of Manu.
ଧର୍ମ ସାବର୍ଣ୍ଣି ମନୁ ହୋଇ, ପାଳିବେ ଏକାଦଶେ ମହୀ—ଜଗନ୍ନାଥ. ଭାଗବତ ।

ଧର୍ମ ସୁତ—ସଂ. ବି (୬ଷ୍ଠୀ ତତ୍; ଧର୍ମ+ସୁତ)—ଧର୍ମପୁତ୍ର (ଦେଖ)
Dharma suta Dharma putra (See)

ଧର୍ମ ସୂତ୍ର—ସଂ. ବି—ଜୈମିନି ପ୍ରଣୀତ ଧର୍ମଜିଜ୍ଞାସୂକ ଗ୍ରନ୍ଥବିଶେଷ—
Dharma sūtra A code or instute of law compilled by Jaimini.

ଧର୍ମହଟ—ଦେ. ବି—ଧର୍ମଘଟ (ଦେଖ)
Dharmahaṭa Dharmaghaṭa (See)

ଧର୍ମ ହାନି—ସଂ. ବି (୬ଷ୍ଠୀ ତତ୍; ଧର୍ମ+ହାନି)—ଧର୍ମଲୋପ—
Dharma hāni Prejudice to religion; violation of religious duty.

ଧର୍ମ ହୀନ—ସଂ. ବଣ. ପୁଂ (୩ୟା ତତ୍; ଧର୍ମ+ହୀନ)—୧ । ଅଧାର୍ମିକ—
Dharma hīna 1. Irreligious; god-less.
(ଧର୍ମହୀନା ସ୍ତ୍ରୀ) ୨ । ପୁଣ୍ୟରହିତ—
(ଧର୍ମହୀନତା—ବି) 2. Devoid of virtue.

ଧର୍ମାଙ୍ଗ—ସ. ବି. (ବହୁବ୍ରୀହି; ଧର୍ମ+ଅଙ୍ଗ; ଯାହାର ଅଙ୍ଗ ଧର୍ମ ପରି ଶୁକ୍ଳ)
Dharmāṅga ବଗ; ବକ ପକ୍ଷୀ (ହି. ଶ)—
Ardea Nivea (bird).

ଧର୍ମାଚରଣ—ସ. ବି. (୬ଷ୍ଠୀ ତତ୍; ଧର୍ମ+ଆଚରଣ)—ଧର୍ମଚର୍ଯ୍ୟା;
Dharmācharaṇa ଧର୍ମାନୁଷ୍ଠାନ—The practice of piety.

ଧର୍ମାଚାର୍ଯ୍ୟ—ସ. ବି. (ଧର୍ମ+ଆଚାର୍ଯ୍ୟ)— ୧ । ଧର୍ମୋପଦେଶକ; ଧର୍ମଗୁରୁ
Dharmācharjya 1. Religious preceptor.
୨ । ଋଗ୍‌ବେଦୀୟମାନଙ୍କର ତର୍ପଣୀୟ ପୁରୁଷ (ଋଷି) ବିଶେଷ—
2. A sage to whom oblations of water is offered by the followers of the Rug-beda.
୩ । କୌଣସି ଧର୍ମମତର ପ୍ରବର୍ତ୍ତକ—3. The founder of a certain religious tenet.
୪ । କୌଣସି ଧର୍ମମତର ପ୍ରଚାରକ—
4. A religious missionary.

ଧର୍ମାତ୍ମା—ସ. ବଣ. (ବହୁବ୍ରୀହି ଧର୍ମ+ଆତ୍ମନ୍; ୧ମା. ୧ବ.)—ଧାର୍ମିକ;
Dharmātmā ପୁଣ୍ୟାତ୍ମା; ଧର୍ମ ପ୍ରାଣ—Religious; virtuous; pious.

ଧର୍ମାଧର୍ମ—ସଂ. ବି. (ଧର୍ମ+ଅଧର୍ମ; ଦ୍ୱନ୍ଦ୍ୱ)—୧ । ଧର୍ମ ଓ ଅଧର୍ମ—
Dharmādharma 1. Virtue and vice.
୨ । ନ୍ୟାୟ ଓ ଅନ୍ୟାୟ—2. Justice and injustice.
୩ । ପୁଣ୍ୟ ଓ ପାପ—3. Peity and sin.
୪ । ସତ୍‌କର୍ମ ଓ ଅସତ୍ କର୍ମ—4. Good and evil acts.

ଧର୍ମାଧିକରଣ—ସଂ. ବି (ଧର୍ମ+ଅଧିକରଣ=ଆଧାର; ୬ଷ୍ଠୀ ତତ୍)—
Dharmādhikaraṇa ୧ । ଅଦାଲତ; ବିଚାରାଳୟ—
1. Court of justice.
୨ । (ଧର୍ମ+ଅଧି+କୃ ଧାତୁ+କର୍ତ୍ତୃ. ଅନ) ବିଚାରକ; ଜଜ୍—
2. Judge.
ବିଣ.—(ବହୁବ୍ରୀହି) ଧର୍ମଶାସ୍ତ୍ରଜ୍ଞ—Versed in the scriptures.

ଧର୍ମାଧିକରଣିକ—ସଂ. ବି. ପୁଂ.—(ଧର୍ମ+ଅଧିକରଣିକ)—ବିଚାରକ—
Dharmādhikaraṇika A judge.

ଧର୍ମାଧିକାର—ସଂ.ବି.(୬ଷ୍ଠୀ ତତ୍; ଧର୍ମ+ଅଧିକାର)—୧ । ଧର୍ମାଧର୍ମ ବିଚାର
Dharmādhikāra କରିବାର କ୍ଷମତା—1. The power of discriminating between right and wrong.
୨ । ଆଇନ ସମ୍ବନ୍ଧେ ବିଚାରଣା—
2. Administration of justice.
୩ । ବିଚାରକଙ୍କ ପଦ—3. The office of a judge.

ଧର୍ମାଧିକାରୀ—ସଂ. ବି. (ଧର୍ମାଧିକାରନ୍; ଧର୍ମାଧିକାର+ଅସ୍ତ୍ୟର୍ଥେ ଇନ୍ ୧ମା
Dharmādhikārī ୧ବ; କିମ୍ବା ଧର୍ମ+ଅଧିକାରୀ; ୬ଷ୍ଠୀ ତତ୍)—
(ଧର୍ମାଧିକାରିଣୀ—ସ୍ତ୍ରୀ) ୧ । ବିଚାରପତି—1. Judge.
୨ । ଦାନାଧ୍ୟକ୍ଷ; ରାଜା ବା ଦାତାଙ୍କର ଦାନାର୍ଥ ଉତ୍ସର୍ଗୀକୃତ ଧନକୁ ବା ବସ୍ତୁକୁ ପାତ୍ରାପାତ୍ର ବିଚାରପୂର୍ବକ ବାଣ୍ଟିବା ପାଇଁ ଯେଉଁ ବ୍ୟକ୍ତିଙ୍କ ଉପରେ ଭାର ଦିଆଯାଇ ଥାଏ—
2. A person entrusted with the duty of distributing gifts amongst deserving persons.

ଧର୍ମାଧ୍ୟକ୍ଷ—ସଂ. ବି. ପୁଂ. (ଧର୍ମ+ଅଧ୍ୟକ୍ଷ; ୬ଷ୍ଠୀ ତତ୍)—
Dharmādhyaksha ୧ । ବିଚାରପତି—1. Judge.
୨ । ଦୀକ୍ଷା ଗୁରୁ—2. Spiritual guide.
୩ । ପ୍ରଧାନ ବିଚାରପତି; ପ୍ରାଡ୍ ବିବେକ—
3. Chief Justice.
୪ । ବିଷ୍ଣୁ—4. Bishṇu.
୫ । ଶିବ (ହି. ଷ)—5. Śiba.

ଧର୍ମାନୁଗତ—ସଂ. ବିଣ. (୭ମୀ ତତ୍; ଧର୍ମ+ଅନୁଗତ)—
Dharmānugata ୧ । ଧର୍ମ ସଙ୍ଗତ—
(ଧର୍ମାନୁଗତା—ସ୍ତ୍ରୀ) 1. Just; righteous.
ଧର୍ମାନୁଯାୟୀ } ଅନ୍ୟରୂପ
ଧର୍ମାନୁମତ
୨ । ପୁଂ. ଧର୍ମାବଲମ୍ବୀ—
2. Following piety.

ଧର୍ମାନୁଷ୍ଠାନ—ସଂ. ବି. (୬ଷ୍ଠୀ ତତ୍; ଧର୍ମ+ଅନୁଷ୍ଠାନ)—୧ । ଧର୍ମକାର୍ଯ୍ୟ
Dharmānushṭhāna 1. Religious practice.
୨ । ଧର୍ମାଚରଣ—2. Practising of peity.
୩ । ଯେଉଁ ସ୍ଥାନରେ ଧର୍ମକାର୍ଯ୍ୟ କରାଯାଏ—
3. A religious institution or establishment.

ଧର୍ମାନ୍ତର—ସଂ. ବି. (ଅନ୍ୟ+ଧର୍ମ; ଅନ୍ୟ ସ୍ଥାନରେ ଅନ୍ତର; କର୍ମଧା.)
Dharmāntara ଅନ୍ୟ ଧର୍ମ—Another faith or religion.

ଧର୍ମାବତାର—ସଂ. ବି. (ଧର୍ମ+ଅବତାର; ୬ଷ୍ଠୀ ତତ୍)—୧ । ମୂର୍ତ୍ତିମାନ୍
Dharmābatāra ଧର୍ମ ଦେବତା; ସାକ୍ଷାତ୍ ଈଶ୍ୱର—
2. God Himself.
୨ । ମୂର୍ତ୍ତିଧାରୀ ନ୍ୟାୟ—
2. Justice personified.
୩ । ନ୍ୟାୟ ବିଚାରକ; ନ୍ୟାୟାଧୀଶ; ଧର୍ମାଧିକାରୀ—
3. Judge; court of justice.
୪ । ଯୁଧିଷ୍ଠିର—4. A name of Judhishṭhira.

ধর্মাবতার ଦେ. ଅ. (ସ. ଭୋ ! ଧର୍ମାବତାର)—(ରାଜା,
धर्मावतार ବିଚାରପତି ଓ ପ୍ରଭୁ ଆଦିଙ୍କ ସମ୍ବୋଧନ) ହେ ମୂର୍ତ୍ତିମାନ୍ ଧର୍ମ ! ହଜୁର—(interjection used in addressing a court or king or one's master) Your Honour ! Your Worship ! Your Lordship ! My Lord ! Your Highness !

ଧର୍ମାଭାସ—ସ. ବି. (୬ଷ୍ଠୀ ତତ୍; ଧର୍ମ+ଆଭାସ)—
Dharmābhāsa ୧ । ଅପ୍ରକୃତ ଧର୍ମ; ଅପ୍ରକୃତ ଧର୍ମ; ଯାହା ପ୍ରକୃତ ଧର୍ମ ନୁହେଁ, କିନ୍ତୁ ଧର୍ମର ଛାୟାମାତ୍ର—
1. Semblance of justice or religion; false faith.
୨ । ଶ୍ରୁତି ସ୍ମୃତି ଭିନ୍ନ ଧର୍ମଶାସ୍ତ୍ର—
2 Miscellaneous religious books except the Bedas and the Śmṛutis.

ଧର୍ମାରଣ୍ୟ—ସ. ବି. (ଧର୍ମ+ଅରଣ୍ୟ)—୧ । ତୀର୍ଥରୂପେ ଗଣିତ
Dharmāraṇya ଅରଣ୍ୟ—1. A forest considered as a place of pilgrimage.
ଯେ ଧର୍ମାରଣ୍ୟେ ଧର୍ମ କରେ ସେ ପାପକ୍ଷୀଣ
ତାହା ଦେହରେ ଲୋଡ଼ି ନ ପାରଇ ଅଧି—କୃଷ୍ଣସିଂହ. ମହାଭାରତ. ବନ ।
୨ । ପଞ୍ଚାଳ ଓ ଉତ୍ତର କୋଶଳ ମଧ୍ୟବର୍ତ୍ତୀ ହିମାଳୟ ପାଦ-ମୂଳସ୍ଥ ଅରଣ୍ୟ ଓ ଅମୂର୍ତ୍ତି ରଜା କର୍ତ୍ତୃକ ସ୍ଥାପିତ ନଗର (ପ୍ରାଚୀନ ଭୂଗୋଳମତେ ପ୍ରାଗ୍‌ଜ୍ୟୋତିଷପୁର) (କ୍ଷାକେଲ୍—ପଶ୍ଚିମ)—2. Name of a forest and town of ancient India.

[କୁ—ଚନ୍ଦ୍ର ଗୁରୁପତ୍ନୀ ତାରାଙ୍କୁ ହରଣ କରିବାରୁ ଧର୍ମ ପ୍ରପୀଡ଼ିତ ହୋଇ ଗହନବନରେ ପ୍ରବେଶ କଲେ । ସେହି ସମୟରେ ବ୍ରହ୍ମା କହିଲେ—ଧର୍ମ ! ତୁମ୍ଭେ ଏହି ବନରେ ପ୍ରବେଶ କରିବାରୁ ଏହା ଧର୍ମାରଣ୍ୟ ନାମରେ ବିଖ୍ୟାତ ହେବ—ବରାହପୁରାଣ ।]
୩ । ଗୟାସ୍ଥ ତୀର୍ଥବିଶେଷ—
3. A sacred place at Gayā.
୪ । (ଆସାମର) କାମରୂପସ୍ଥ ନଗରବିଶେଷ—
4. A city at Kāmarūpa in Assam.

ଧର୍ମାର୍ଥ—ସଂ. ବି (ଧର୍ମ+ଅର୍ଥ; ଦ୍ୱନ୍ଦ୍ୱ)—ଧର୍ମ ଓ ଅର୍ଥ; ଚତୁର୍ବର୍ଗ ମଧ୍ୟରୁ
Dharmārtha ଦୁଇଟି—Religion and wealth (two of the four most desirable objects of human life).

ସଂ. ବଣ (ଧର୍ମ+ଅର୍ଥ; ବହୁବ୍ରୀହି)—୧ । ଧର୍ମଆର୍ଥେ ପ୍ରୟୋଜନୀୟ—1. Necessary for religion.
୨ । ଧର୍ମମୟ—2. Righteous.
୩ । ଧର୍ମସାଧନ ଯାହାର ଉଦ୍ଦେଶ୍ୟ ଅଟେ—
3. Pious; having religion as its aim.
୪ । ପରୋପକାରାର୍ଥ କୃତ (ଦାନାଦି)—
4. (gift) Done with the sole view of benefitting others.

ଧର୍ମାର୍ଥ ଦେ. କ୍ରି. ବଣ—ଧର୍ମ ନିମନ୍ତେ; ପୁଣ୍ୟ ଉଦ୍ଦେଶ୍ୟରେ—
ଧର୍ମାର୍ଥ For the sake of religion.
ଦେ. ବି—୧ । ଧର୍ମକାର୍ଯ୍ୟ—
1. Religious act; act of piety.
୨ । ଖଇରାତ୍; ଦୟାଯୁକ୍ତ କର୍ମ—
2. Charity; charitable act.

ଧର୍ମାର୍ଥକାମମୋକ୍ଷ—ସଂ. ବି (ଧର୍ମ+ଅର୍ଥ+କାମ+ମୋକ୍ଷ; ଦ୍ୱନ୍ଦ୍ୱ)—
Dharmārthakāmamoksha ମନୁଷ୍ୟ ଜୀବନର ଚତୁର୍ବର୍ଗ ବା ସାଧନ ଚତୁଷ୍ଟୟ—The four desirable worldly objects, viz religion, wealth, desire and salvation.

ଧର୍ମାସନ—ସଂ. ବି (ଧର୍ମ+ଆସନ; ୬ଷ୍ଠୀ ତତ୍)—
Dharmāsana ୧ । ବିଚାରାସନ; ଇଜଲାସ୍—
1. Judgment seat; the Bench.
୨ । ବିଚାରକଙ୍କ ପଦ—
2. The position of a judge.

ଧର୍ମିଣୀ—ସଂ. ବଣ. ସ୍ତ୍ରୀ (ଧର୍ମିନ+ସ୍ତ୍ରୀ. ଈ)—ଧର୍ମୀର ସ୍ତ୍ରୀଲିଙ୍ଗ—
Dharmiṇī Feminine of Dharmī.
ସଂ. ବି. ସ୍ତ୍ରୀ—୧ । ପତ୍ନୀ; ବିବାହିତା ଭାର୍ଯ୍ୟା—
1. One's married wife.
୨ । ରେଣୁକା; ଗନ୍ଧଦ୍ରବ୍ୟବିଶେଷ—
2. A kind of medicinal scent.

ଧର୍ମିଷ୍ଟ—ଗ୍ରା. ବଣ. ପୁଂ. ଓ ସ୍ତ୍ରୀ (ସଂ. ଧର୍ମିଷ୍ଠ)—ଧର୍ମିଷ୍ଠ (ଦେଖ)
Dharmishṭa Dharmishṭha (See)
(ଧର୍ମିଷ୍ଟା—ସ୍ତ୍ରୀ)

ଧର୍ମିଷ୍ଠ—ସଂ. ବଣ. ପୁଂ (ଧର୍ମ+ଇଷ୍ଠ; ଅତି ଅର୍ଥରେ)—
Dharmishṭha ଅତି ଧାର୍ମିକ; ଧର୍ମରତ—
(ଧର୍ମୀୟାନ୍—ଅନ୍ୟରୂପ) Very pious; devoted to virtue
(ଧର୍ମିଷ୍ଠତା, ଧର୍ମୀୟସ୍ତ୍ୱ, ଧର୍ମୀୟସ୍ତ୍ୱା—ବି) or piety.
ସଂ. ବି—ବିଷ୍ଣୁଙ୍କର ନାମ—A name of Bishṇu.
(ଧର୍ମିଷ୍ଠା, ଧର୍ମୀୟସୀ—ସ୍ତ୍ରୀ)

ଧର୍ମୀ—ସଂ. ବଣ (ଧର୍ମ+ଅସ୍ତ୍ୟର୍ଥେ. ଇନ୍; ଧର୍ମିନ୍; ୧ମା. ୧ବ)—
Dharmī ୧ । ଧାର୍ମିକ; ପୁଣ୍ୟାତ୍ମା—
1. Religious; pious.
୨ । ଧର୍ମଯୁକ୍ତ—2. Connected with religion.
୩ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ଯଥା—ପ୍ରସବ ଧର୍ମୀ)—
ଅମୁକଗୁଣବିଶିଷ୍ଟ—3. Having such or such a quality or attribute.
୪ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ, ଯଥା—ଭିନ୍ନ ଧର୍ମୀ)—
ଅମୁକ ଧର୍ମମତକୁ ମାନିବାବାଲା—
4. Professing such or such a faith
ସଂ. ବି—୧ । ବିଷ୍ଣୁଙ୍କ ନାମ—
1. A name of Bishṇu.
୨ । ଧାର୍ମିକ ବ୍ୟକ୍ତି—2. A pious person.

ଧର୍ମୀପୁତ୍ର—ସଂ. ବି—ନଟ; ନାଟକର ଅଭିନୟକର୍ତ୍ତା (ଦ୍ର. ଶବ୍ଦସାଗର)—
Dharmiputra An actor.

ଧର୍ମେନ୍ଦ୍ର—ସଂ. ବଣ (ଧର୍ମ+ଇନ୍ଦ୍ର; ୭ମୀ ତତ୍)—ଧାର୍ମିକଶ୍ରେଷ୍ଠ—
Dharmendra Very pious
ସଂ. ବି—ଯମ—Jama, the God of death.

ଧର୍ମୋତ୍ତର—ସଂ. ବଣ (ଧର୍ମ+ଉତ୍ତର; ବହୁବ୍ରୀହି)—ଧାର୍ମିକପ୍ରବର—
Dharmottara Very pious

ଧର୍ମୋପଦେଶ—ସଂ. ବି (ଧର୍ମ+ଉପଦେଶ; ସ. ଘ. ଲୋ.)—
Dharmopadesa ଧର୍ମସମ୍ବନ୍ଧୀୟ ଶିକ୍ଷା—Religious precepts; religious instruction.

ଧର୍ମୋପଦେଶକ—ସଂ. ବି. ପୁଂ (ଧର୍ମ+ଉପଦେଶକ; ୬ଷ୍ଠୀ ତତ୍)—
Dharmopadeśaka ୧ । ଧର୍ମ ସମ୍ବନ୍ଧେ ଉପଦେଶଦାତା; ଗୁରୁ--
(ଧର୍ମୋପଦେଷ୍ଟା—ଅନ୍ୟରୂପ) 1. Spiritual teacher.
(ଧର୍ମୋପଦେଶିକା, ଧର୍ମୋପଦେଷ୍ଟ୍ରୀ—ସ୍ତ୍ରୀ) ୨ । ଆଇନ୍ ଶିକ୍ଷକ—
2. A teacher of law; law lecturer.

ଧର୍ମୋପେତ ସଂ. ବଣ (ଧର୍ମ+ଉପେତ; ୭ମୀ ତତ୍)—୧ । ଧର୍ମସଙ୍ଗତ—
Dharmopeta 1. Consonant with religion.
୨ । ନ୍ୟାୟସଙ୍ଗତ—2. Rightful; righteous.

ଧର୍ମ୍ୟ—ସଂ. ବଣ (ଧର୍ମ+ଅନପେତାର୍ଥେ. ଯ)—୧ । ନ୍ୟାଯ୍ୟ—
Dharmya 1. Rightful; just; fair.
୨ । ଆଇନ୍‌ସଙ୍ଗତ—2. Lawful; legal.
୩ । ଧର୍ମଲବ୍ଧ—3. Obtained as a result of religious observances.
୪ । ସାଧାରଣ—4. Usual (Apte).
୫ । ଧର୍ମସମ୍ବନ୍ଧୀୟ—5. Religious (Apte).

ଧର୍ମ୍ୟ ବିବାହ—ସଂ. ବି (କର୍ମଧା; ଧର୍ମ୍ୟ+ବିବାହ)—୧ । ଆଇନ୍‌ସଙ୍ଗତ
Dharmya'bibāha 1. Legal marriage.
୨ । ଧର୍ମାନୁମୋଦିତ ବିବାହ—
2. Marriage approved by the dictates of religion.
[ଦ୍ର—ହିନ୍ଦୁଶାସ୍ତ୍ରରେ ଯେଉଁ ବିବାହମାନଙ୍କ ବିଷୟ ଲେଖା ଅଛି ତହିଁ ମଧ୍ୟରୁ ବ୍ରାହ୍ମ, ଦୈବ, ଆର୍ଷ, ଗାନ୍ଧର୍ବ ଓ ପ୍ରାଜାପତ୍ୟ, ଏହି ୫ ବିବାହକୁ ଧର୍ମ୍ୟ ବିବାହ ବୋଲାଯାଏ—
ଦ୍ର. ଶବ୍ଦସାଗର ।]

ଧର୍ଷ—ସଂ. ବି. (ଧୃଷ୍ ଧାତୁ=ହିଂସା କରିବା; କ୍ରୋଧ କରିବା+ଭାବେ
Dharsha ଅ)—୧ । ମାଡ଼ପିଟ—1. Assault.
(ଧର୍ଷଣ—ଅନ୍ୟରୂପ) ୨ । ଦଳନ; ପୀଡ଼ନ—
2. Crushing; oppressing.

୩ । ଅତ୍ୟାଚାର; ଜୁଲମ୍—
3. Ill treatment; outrage.
୪ । ପରାଭବକରଣ—4. Defeating.
୫ । ଚଢ଼ାଉ; ଆକ୍ରମଣ—5. Attack; assailing.
୬ । ବଳପୂର୍ବକ ଗ୍ରହଣ—
6. Taking forcible possession; kidnapping.
୭ । ଅବଜ୍ଞାକରଣ; ଅପମାନ—
7. Contempt; insulting; insolence; affront.
୮ । ପ୍ରଗଲ୍‌ଭତା; ଔଦ୍ଧତ୍ୟ—
8. Arrogance; audacity; impudence.
୯ । ବଳାତ୍କାର; ବଳପୂର୍ବକ ରତି—9. Rape; forcible intercourse with a woman; violation; outraging the modesty of a woman.
୧୦ । ଗର୍ବ—10. Pride; arrogance (Apte).
୧୧ । ଅଧୈର୍ଯ୍ୟ—11. Impatience (Apte).
୧୨ । ଅଟକ—12 Restraint (Apte).
୧୩ । ନପୁଂସକ ବ୍ୟକ୍ତି—13. An eunoch (Apte).

ଧର୍ଷକ—ସଂ. ବଣ. ପୁଂ. (ଧୃଷ୍ ଧାତୁ=ହିଂସା କରିବା+କର୍ତ୍ତୃ. ଅକ)—
Dharshaka ୧ । ଉତ୍ପୀଡ଼କ—1. Oppressive; assaulting.
୨ । ଉଦ୍ଧତ—2. Arrogant.
୩ । ପରାଭବକାରୀ—3. Defeating.
୪ । ଆକ୍ରମଣକାରୀ—4. Assailing; assaulting.
୫ । ଅଧୀର—5. Impatient (Apte).
୬ । ସ୍ତ୍ରୀ ପ୍ରତି ଅତ୍ୟାଚାର ବା ବଳପ୍ରୟୋଗକାରୀ—
6. Violating; seducing (Apte).
ସଂ. ବି—୧ ନର୍ତ୍ତକ—1. A dancer.
୨ । ନଟ—2. An actor.
୩ । ଯାତ୍ରାରେ ସ୍ତ୍ରୀଅଭିନୟକାରୀ—3. Mime.
୪ । ସ୍ତ୍ରୀର ସତୀତ୍ୱ ନାଶକାରୀ ବ୍ୟକ୍ତି; ସ୍ତ୍ରୀ ପ୍ରତି ପାଶବ ବଳପ୍ରୟୋଗକାରୀ ବ୍ୟକ୍ତି—4. A violator; seducer.

ଧର୍ଷକାରିଣୀ—ସଂ. ବି. ସ୍ତ୍ରୀ. (ଧର୍ଷ+କୃ ଧାତୁ=କରିବା+କର୍ତ୍ତୃ. ଇନ୍; ସ୍ତ୍ରୀ. ଈ)—୧ । ଦୂଷିତା କନ୍ୟା—
Dharshakārinī
1. A deflowered girl; a violated virgin.
୨ । ପୁଂଶ୍ଚଳୀ—2. An adulteress.
୩ । ବଳାତ୍କାରରେ ଯେଉଁ ସ୍ତ୍ରୀକୁ ରମଣ କରାଯାଇ ଥାଏ—
3. A raped woman.

ଧର୍ଷଣ(ଣା)—ସଂ. ବି. ସ୍ତ୍ରୀ. (ଧୃଷ୍ ଧାତୁ+ଭାବ. ଅନ; +ସ୍ତ୍ରୀ. ଆ)—
Dharshana(nā) ୧ । ଧର୍ଷ (ଦେଖ)
1. Dharsha (See)
ଧର୍ଷଣୀୟ, ଧର୍ଷିତ } ବିଣ
୨ । ଗାଳିମନ୍ଦ; ତିରସ୍କାର—2. Abuse (Apte).
୩ । ଅପରାଧ—3. An offence (Apte).
୪ । ସ୍ତ୍ରୀସଙ୍ଗମ—4. Copulation (Apte).

ଧର୍ଷଣକାରିଣୀ—ସଂ.ବି.ସ୍ତ୍ରୀ. (ଧର୍ଷଣ+କୃ ଧାତୁ+କର୍ତ୍ତୃ. ଇନ୍; ସ୍ତ୍ରୀ ଈ)—
Dharshanakārinī ଧର୍ଷକାରିଣୀ (ଦେଖ)
Dharshakārinī (See)

ଧର୍ଷଣୀ(ଣି)—ସଂ. ବି. ସ୍ତ୍ରୀ—(ଧୃଷ୍ ଧାତୁ+ଅନ, ସ୍ତ୍ରୀ. ଈ (ଇ)—
Dharshanī(ni) ୧ । ଅସତୀ ସ୍ତ୍ରୀ—1. An unchaste woman; a wanton woman.
୨ । ବେଶ୍ୟା—2. A harlot (Apte).

ଧର୍ଷିଣୀ—ସଂ. ବି. ସ୍ତ୍ରୀ (ଧର୍ଷିନ୍+ସ୍ତ୍ରୀ. ଈ)—ଧର୍ଷିତା (ଦେଖ)
Dharshinī Dharshitā (See)

ଧର୍ଷିତ—ସଂ. ବଣ. ପୁଂ. (ଧୃଷ୍ ଧାତୁ, ଣିଚ+କର୍ମ. ତ)—୧ । ପରାଭୂତ;
Dharshita ପରାଜିତ—1. Defeated; overpowered.
(ଧର୍ଷିତା—ସ୍ତ୍ରୀ) ୨ । ଉତ୍ପୀଡ଼ିତ—
2. Outraged; oppressed; ill-treated.
୩ । ଅପମାନିତ—3. Insulted.
୪ । ଆକ୍ରାନ୍ତ—4. Assaulted; smitten.
୫ । ତିରସ୍କୃତ—5. Abused.
ସଂ. ବି. (+ଭାବ. ତ)—୧ । ବଳାତ୍କାର ରତି—1 Rape.
୨ । ମୈଥୁନ—2. Sexual intercourse; coition; copulation.
୩ । ଗର୍ବ; ଔଦ୍ଧତ୍ୟ—3. Pride; arrogance.
୪ । ଅସହନ; ଅଧୈର୍ଯ୍ୟ—
4. Impatience; intolerance.

ଧର୍ଷିତା—ସଂ.ବଣ.ସ୍ତ୍ରୀ. (ଧର୍ଷିତ+ସ୍ତ୍ରୀ.ଆ)—୧ । ଯେଉଁ ସ୍ତ୍ରୀ ସଙ୍ଗେ ବଳାତ୍କାର
Dharshitā ପୂର୍ବକ ମୈଥୁନ କରାଯାଏ; ବଳାତ୍କୃତା—
1. Raped; deflowered; violated (woman).
୨ । କୁଳଟା; ବ୍ୟଭିଚାରିଣୀ—2. Unchaste; adulterous.
ସଂ. ବି. ସ୍ତ୍ରୀ.—୧ । ଅସତୀ ସ୍ତ୍ରୀ—1. Unchaste woman.
୨ । ବ୍ୟଭିଚାରିଣୀ ସ୍ତ୍ରୀ; ବେଶ୍ୟା—2. A harlot.

ଧର୍ଷିବା—ଦେ. କ୍ରି.—(ସଂ. ଧୃଷ୍ ଧାତୁରୁ ଧର୍ଷ)—୧ । ଧର୍ଷଣ କରିବା—
ଧର୍ଷା, ଧରଷା 1. To oppress.
ଧରଷନା ୨ । ସ୍ତ୍ରୀକୁ ବଳାତ୍କାର କରିବା—
2 To commit rape; to outrage the modesty of (a woman)
ବଳ୍ପି ଯାହାକୁ ଗର୍ଭ କର ନ ପାରେ ଅନକେ ଧର୍ଷିବ ତାରେ ।
ଉତ୍ତ. ବୈଦେହୀଶବିଳାସ ।
୩ । ଆକ୍ରମଣ କରିବା—3. To attack.

ଧର୍ଷୀ—ସଂ. ବଣ. ପୁଂ (ଧୃଷ୍ ଧାତୁ+ଇନ୍; ୧ମା. ୧ବ)—୧ । ଗର୍ବୀ—
Dharshī 1. Arrogant; overbearing.
(ଧର୍ଷିଣୀ—ସ୍ତ୍ରୀ) ୨ । ଆକ୍ରମଣକାରୀ—2. Assaulting; oppressing.
୩ । ଅତ୍ୟାଚାରକାରୀ—3. Outraging.
୪ । ଅପମାନକାରୀ—4. Insulting.
୫ । ଉଦ୍ଧତ—5. Impudent.
୬ । ବଳାତ୍କାରରେ ସ୍ତ୍ରୀ ସଙ୍ଗମକାରୀ—6. Committing rape on a woman; violating the chastity of a woman.

୬ । ରମଣକାରୀ—6. Copulating.

ଧଳ—ଦେ. ବି—କ୍ଷତ୍ରିୟ, ଶୂଦ୍ର ଓ ଖଣ୍ଡାଏତ ଜାତିର ଉପାଧିବିଶେଷ—
Dhaḷa A family-title of some Kshatriyas, Sūdras and Khaṇḍāetas.

ଧଳଭୂମ(ମି)—ଦେ.ବି—ଓଡ଼ିଶା ଗଡ଼ଜାତର ଉତ୍ତର ସୀମାରେ ଅବସ୍ଥିତ
Dhaḷabhūma(mi) ଓଡ଼ିଆଭାଷୀ ଅଞ୍ଚଳବିଶେଷ—A tract of
ধলভূম country on the northen boundary
धलभूम of Orissa States.
[ଦ୍ର—ଏ ଅଞ୍ଚଳରେ ବହୁ ସଂଖ୍ୟକ ଧଳ ଉପାଧିଧାରୀ କ୍ଷତ୍ରିୟ ବାସ କରନ୍ତି ।]

ଧଳମର୍ଦ୍ଦି(ଲି)—ଦେ. ବି—ଧଡ଼ମର୍ଦ୍ଦି (ଦେଖ)
Dhaḷamardi(li) Dhardamardi (See)

ଧଳା—ଦେ. ବିଣ (ସଂ. ଧବଳ)— ୧ । ଶ୍ୱେତ; ଶୁକ୍ଳ—
Dhaḷā 1. White.
ধল, ধলা ୨ । ଗୋରା—2. White, or fair-complexioned
धवर, धवरा
(କଳା—ବିପରୀତ) ଦେ. ବି—ଧବଳ ବସ୍ତୁ—A white object.
ଦେଖିଲି ଗୋ ଧଳା କଳା ଏଥର,
ମଧ୍ୟରେ ତୁଳସୀମୂର୍ତ୍ତୀ କି ଚମତ୍କାର । ଭକ୍ତ ।

ଧଲା—ପ୍ରାଦେ (ସମ୍ବଲପୁର) ବିଣ (ଳ ସ୍ଥାନରେ ଲ ଉଚ୍ଚାରଣ)—ଧଳା—
Dhalā White.

ଧଳା ଅଙ୍କୁ—ଦେ. ବି (ସଂ. ଅଙ୍କୋଠ, ଅଙ୍କୋଲ)—ଅଙ୍କୋଠ (ଦେଖ)
Dhaḷā aṅku Aṅkoṭa (See)
(ଧଳାଅଙ୍କୁ, ଧଳାଅଙ୍କୁଡ଼ା, ଧଳାଅଙ୍କୁଲ, ଧଳାଙ୍କୁ, ଧଳାଙ୍କୁଲ—ଅନ୍ୟରୂପ)
ধলআঙ্কড়া,বাঘঅংক্রা,অকরকন্টা,ধলগু, আঁকোড়, ধলাকুর, अकाल
[ଦ୍ର—ଏହାର ଗଛର ଛାଲ ଧଳା; ପତ୍ର ଏକୋଇର; ସବୁଡାଳ ଉପରେ କଣ୍ଟା ଥାଏ; ଫୁଲ ଧଳା, ଫଳ ଜାମୁକୋଳପରି, କାଠ ଶକ୍ତ ଓ ଧଳା । ଏଥିରେ ବାଡ଼ି ତିଆରି ହୁଏ । ବାଡ଼ି ଖୁବ୍ ପାଲିସ୍ ହୁଏ ।]

ଧଳା ଅଁଶିଆ—ଦେ. ବିଣ (ସଂ. ଧବଳ ଓ ଅଂଶିକ)—ଅଂଶିକ ଧଳା—
Dhaḷā āsiā Slightly white; whitish.
ধলাটে, धवरसा (ଧଳାଅଁଶିଆ—ଅନ୍ୟରୂପ)

ଧଳା କଇଁ—ଦେ. ବି (ସଂ. କୁମୁଦ)—ଶୁକ୍ଳବର୍ଣ୍ଣବିଶିଷ୍ଟ କଇଁ ଫୁଲ—
Dhaḷā kaiṅ White Indian water-lily; Nymphia
(ଘୋଡ଼ା କଇଁ—ଅନ୍ୟରୂପ) Alba (Kirtikar)
সালুক, सफेदकुइँ

ଧଳାକୁ କଳା କରିବା—ଦେ. (ବିଶିଷ୍ଟ ବାକ୍ୟ)—(ଲକ୍ଷଣାର୍ଥ) ୧ । ସତ
Dhaḷāku kaḷā karibā କଥାକୁ ମିଛ ଓ ମିଛ କଥାକୁ ସତ ପରି କହିବା—1. (figurative) To tell a black lie.
୨ । ସତକୁ ମିଛ ଓ ମିଛକୁ ସତ ବୋଲି ପ୍ରମାଣିତ କରିବା—
2. To prove something which is not the actual fact.

ଧଳା ଖୁରଣ୍ଟି- ଦେ. ବି—ଚିଲିକା ହ୍ରଦରେ ମିଳିବା ଏକପ୍ରକାର ମାଛ—
Dhaḷā khurāṇṭi A kind of fish found in the Chilka lake.

ଧଳା ଚମ୍ପା—ଦେ. ବି (ସଂ. ଧବଳ+ଚମ୍ପକ)—ଚମ୍ପକ ବୃକ୍ଷବିଶେଷ;
Dhaḷā champā ଶୁକ୍ଳ ପୁଷ୍ପଯୁକ୍ତ ଚମ୍ପକ—The white-
সাদাচাঁপা flowered variety of Michelia Champaka.
सादा चंपा [ଦ୍ର—ଏହାର ଫୁଲ ସୁଗନ୍ଧଯୁକ୍ତ ଓ ଶୁକ୍ଳ ।]

ଧଳା ଚୁଡ଼ୁଲିଆ—ଦେ. ବି—ଶୁକ୍ଳ ବର୍ଣ୍ଣ ବିଶିଷ୍ଟ ପିଜୁଳି—
Dhaḷā chauḷiā White guava; Psydium
সাদাপিজুড়. सफेद अमरुत Pyriferum.

ଧଳା ଚିତା—ଦେ. ବି. (ସଂ. ଧବଳ+ଚିତ୍ରକ)—
Dhaḷā chitā ଧୋବଚିତା; ଏକପ୍ରକାର ଚିତ୍ରକ ଗୁଳ୍ମ—
ସଂ. ପର୍ଯ୍ୟାୟ—ଚିତ୍ରକ,ଅନଳନାମା Plumbago Zeylanica.
ଅଗ୍ନି, ବହ୍ନି, କୃଶାନୁକ୍, ପାଠ [ଦ୍ର—ଏହାର ଚେର୍ମ୍ପ; ଓ ଡାଙ୍ଗ ଧଳା,
ବ୍ୟାଳ, ଉଷଣ ଏହା ଗ୍ରହଣୀ କୁଷ୍ଠ, ଶୋଥ, ବାତ,
শ্বেত চিতা. ଶ୍ଲେଷ୍ମା ଓ ପିତ୍ତର ପ୍ରଶମକ । ଏହାକୁ
चिता,चित, चित्रक ସିଝାଇ କରି ବ୍ୟବହାର କଲେ ଏହା
ମ. ଚିତ୍ରକ ଅଗ୍ନିକାରକ, ପାଚକ, ଲଘୁ, ଉଷ୍ଣ-
ତେ. ଚିତ୍ରମୁ ବୀର୍ଯ୍ୟ ଓ ମଳ ସଂଗ୍ରାହକ ହୁଏ । ଏହି
ତା. ଶିବପ୍ପୁଚିତ୍ତିର ଜାତୀୟ ନାଲି ଗୁଳ୍ମକୁ ନାଲି ଚିତା
ଗୁ. ଚିତ୍ରୋ କହନ୍ତି ।]
ଫା. ବେଙ୍ଗବରଦା, ଶିତ୍ରକ୍
ଅ. ଶିତ୍ରକ୍

ଧଳା ଚିତି—ଦେ. ବି. (ସଂ. ଧବଳ+ଚିତ୍ର)—
Dhaḷā chiti ୧ । ଏକ ପ୍ରକାର ଚିତି ସାପ (ସାପ ତଳେ ନୋଟ
সাদাচিতি ଦେଖ)—1. (See notes under Sāpa)
सफेद चितल A kind of serpent.
୨ । ପାଚଲା ଗାମୁଛା ଦେହରେ ଛପା ଛପା ଧଳା ଚିତି—
सफेदचित्ति 2. White spots appearing on a cloth which is intended for use as a seasoned napkin.

ଧଳା ଛଉ—ଦେ.ବି. (ସଂ. ଧବଳ ଶ୍ୱିତ୍ର)—
Dhaḷā chhau ଧବଳକୁଷ୍ଠ; ଶ୍ୱେତ କୁଷ୍ଠ—
ধবলকুষ্ঠ सफेद कोढ़ Alibino; Leucoderma.

ଧଳା ଜାମୁ—ଦେ. ବି. (ସଂ. ଧବଳ+ଜମ୍ବୁ)—
Dhaḷā jāmu ଜାମୁ ଜାତୀୟ ଶୁକ୍ଳାଭ ଫଳବିଶିଷ୍ଟ ବୃକ୍ଷ—
সাদাজাম A kind of tree with whitish berries
उजला जामुन resembling blackberry.

ଧଳା ଜୀବକଣା—ଦେ. ବି. (ବିଜ୍ଞାନ ପରିଭାଷା)—ରକ୍ତରେ ଥିବା
Dhaḷā jibakaṇā ଧଳା କୀଟାଣୁ—White corpuscles in blood.

ଧଳା ତୁଳସୀ—ଦେ. ବି —(ସଂ.ଧବଳ+ତୁଳସୀ)— ଏକ ଜାତୀୟ ତୁଳସୀ
Dhaḷā tuḷasi ଗଛ ଓ ତହିଁର ଦଳ--Ocymum Basilicum;
শ্বেততুলসী; श्वेततुलसी sweet Basil.
[ଦ୍ର—ଏଥିର ପତ୍ର, ଚେର୍ମ୍ପ ଓ ମଞ୍ଜରୀ ଶ୍ୱେତାଭ ହୁଅନ୍ତି; ତୁଳସୀ ତଳେ ନୋଟ୍ ଦେଖ ।] (ଧଳା ତୁଳୁସୀ—ଗ୍ରାମ୍ୟରୂପ)

ଧଳା ଧାତୁରି—ଦେ. ବି. (ସଂ. ଧବଳ + ଧୁସ୍ତୂର)—ଫିକା ସବୁଜବର୍ଣ୍ଣର ଧାତୁରି ଗୁଳ୍ମ; ଧଳା ଦୁଦୁରି—
Dhaḻā dhātura
সাদাধুতুরা; **सफेद्धतूरा**
Datura Alba; Dhatura Stremonium.
(ଧଳା ଧଦୁରି—ଅନ୍ୟରୂପ)
[ଦ୍ର—ଏହାର ଫୁଲ ଧଳା; ଫଳ ଏବଂ ପତ୍ର ଫିକା ସବୁଜବର୍ଣ୍ଣ]

ଧଳାପୋଇ—ଦେ. ବି. (ସଂ. ଧବଳ+ପୋତକୀ, ଉପୋଦକୀ)—ପୂତିକା; ପୋଇ ଶାଗ—
Dhaḻā poi
সাদাপুই
पोइ, मयलकाभाजी, सफेद्बचलो
Bassella Alba; Indian spinach
[ଦ୍ର—ଧଳା ପୋଇର ନାଡ଼ ଓ ଫଳ ଫିକା ସବୁଜ; ପୋଇ ଶବ୍ଦେ ନୋଟ୍ ଦେଖ ।]

ଧଳା ମୁଗୁନି—ଦେ. ବି—ଧଳା ବା ପାଣ୍ଡୁର ବର୍ଣ୍ଣର ମୁଗୁନି ପଥର—
Dhaḻā muguni
গন্ধেশ্বরী পাথর
संगखरा
The whitish or brown variety of chlorite stone.

ଧଳା ଶିମିଳୀ—ଦେ. ବି. (ସଂ. ଶ୍ୱେତ ଶାଳ୍ମଳୀ)—ବୃକ୍ଷବିଶେଷ—
Dhaḻā simiḻi
A kind of white-flowered variety of silk-cotton tree;
শ্বেতশিমুল
सफेद् शिमुल, शेम्बल, हातिआन
Eriodendron Anfractiosum.
ତେ—ବୁରුଗା, ପූର, ବୁରଗାସବା,
ତା—ହାଲିନ୍
ମ—ଶାମିଲୁଙ୍ଗ, ସଫେଦ୍ ସାଉରି, ଶାଳ୍ମଳୀ (Kirtikar)
[ଦ୍ର—ଏହା ଛବାଦ ବର୍ଗର ଶିମିଳୀ ଜାତୀୟ ବଡ଼ ଗଛ । ଫୁଲ ଧଳା ଓ ପଞ୍ଚ କେଶର । ଏହାର ମଞ୍ଜିରେ ମଧୁ ତୁଳା ଥାଏ । ଏହା ଭାରତର ସବୁ ଜଙ୍ଗଲରେ ଜନ୍ମେ । ଏଥିରୁ ଗୁନ ଅଠା ଦ୍ରବ; ପତ୍ର, ଚେର ଓ କଞ୍ଚା ଫଳ କେତେକ ଔଷଧରେ ଲାଗେ । ନାଲି ଫୁଲବାଲା ଶିମିଳି ପରି ଏ ଗଛ ବେଶି ଦେଖାଯାଏ ନାହିଁ ।]

ଧଳମଳ—ଦେ. ବି—୧ । ଧଡ଼ମଡ଼; ଅତ୍ୟାଚାର—
Dhaḻimaḻi
1. Oppression.

ସହଇ ପୃଥ୍ୱୀ ପରି ଯେତେ ଧଳ ମଳ—ଭୀମଶଙ୍କର. ଚୈତନ୍ୟଲୀଳା ।

୨ । କଠୋର ବ୍ୟବହାର—2. Rough usage.

ଧଳୀ—ଦେ. ବିଣ. (ସ୍ତ୍ରୀ) (ସଂ. ଧବଳୀ)—
Dhaḻi
ଧବଳବର୍ଣ୍ଣବିଶିଷ୍ଟା—White.

କାଳୀ କବୁରୀ ଧଳୀ ରଙ୍ଗୀ । ଭୂପତି. ପ୍ରେମପଞ୍ଚାମୃତ ।

ଦେ. ବି. ସ୍ତ୍ରୀ—ଧଳା ଗାଈ—White cow.

ଧସ୍—ଦେ. କ୍ରି. ବିଣ. (ସଂ. ଝଟିତି)—
Dhas
ଝଟ୍; ଅତି ଶୀଘ୍ର—Very soon; quickly.
চট
झट
করে
झटके
ଦେ. ଅ. (ଧ୍ୱନ୍ୟର୍ଥକ ଶବ୍ଦ ପରେ ବ୍ୟବହୃତ) ପ୍ରକାରେ; କରି; କର; କନା—
Like the adverbial suffix 'ly' as in quickly.
(ଯଥା—ସେ ଦୁସ୍‌ଧସ୍ ଖସି ପଡ଼ିଲା ।)

ଧସ୍‌ଧସ୍—ଦେ. ଅ. (ଧ୍ୱନ୍ୟନୁକରଣ)—
Dhas-dhas
ଦୁସ୍‌ଦୁସ୍; ପାଦୁକାହୀନ ଗୋଡ଼ରେ ଶୀଘ୍ର ଚାଲିବାଦ୍ୱାରା ଉତ୍ପନ୍ନ ଶବ୍ଦ—
Sound of brisk walking on the ground with bare feet.

ମେଲୁଅ ମା କହିଲ, ଗଲଣି ଧସ୍‌ଧସ୍—
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

ଧସ୍‌ଧାସ୍—ଦେ. କ୍ରି. ବିଣ—ଶୀଘ୍ରତା ସହକାରେ—
Dhasa-dhās
With swiftness.
তাড়াতাড়ি
चटपट

ସହସ୍ର ସଂଖ୍ୟା ରଜାମାନେ ତାହା ଶୁଣି
ଛଡ଼ା ହେଲେ ସଭରେ ଧସଧାସ ହୋଇ ।
କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

ଧସନଶନ—ଦେ. ବି. (ସଂ. ଧ୍ୱଂସନ+ନାଶ)—
Dhasanaśana
୧ । ଲୁଟ ତରଟ ଅସ୍ତବ୍ୟସ୍ତ କରିବା, ଧ୍ୱଂସ କରିବା—
উজাড
चौपट, सतयानाश
1. Depradation; act of despoiling
୨ । ସର୍ବନାଶ—2. Utter ruination.
ଧ୍ୱଂସନଶନ } ଅନ୍ୟରୂପ
ଧଁସନଶନ }
ଦେ. ବିଣ—ବିଧ୍ୱସ୍ତ; ଅସ୍ତବ୍ୟସ୍ତ; ଉଜାଡ଼ିମସ୍ତ—
Delapidated; crumbled down; destroyed; despoiled.

ଧସନଶନ କରିବା—ଦେ. କ୍ରି. (ସଂ. ଧ୍ୱଂସ + ନାଶ)—
Dhasanaśana karibā
ବିଧ୍ୱସ୍ତ କରିବା; ମାଡ଼ି ତରଟ ସତ୍ୟାନାଶ କରିବା—To spoil a thing by depradation; to despoil; to lay waste.
উজড করা
उजाड़ना
ଧ୍ୱଂସନଶନ କରିବା } ଅନ୍ୟରୂପ
ଧଁସନଶନ କରିବା }
(ଯଥା—ଗୋରୁ ପଲେ ମୋ ଲଙ୍କାମରିଚ ବଗିଚାରେ ପଶି ଗଛଗୁଡ଼ାକ ଧସନଶନ କରି ଦେଲେ ।)

ଧସା—ଦେ. ବିଣ. (ସଂ. ଧ୍ୱଂସ)—
Dhasā
୧ । ଯେଉଁ ସ୍ଥାନରୁ ମାଟିର ଅତଡ଼ା ଖସି ପଡ଼ୁଥାଏ—
ধস
धँसाव
1. A place from which the earth is falling down; crumbling.
୨ । ଯେଉଁ ସ୍ଥାନର ମୃତ୍ତିକାର ତଳରେ ପାଣି ବା ପଙ୍କ ଥିବାରୁ ତା ଉପରେ ପାଦ ଦେଲା ମାତ୍ରେ ତାହା ଦବି ଯାଉଥାଏ—
2. (a soil) Which gives way owing to there being water or mud below the surface.
धाँसा
ଦେ. ବି.—୧ । ବଡ଼ କାଠ; ବଡ଼ ନାଗରା; ଧଂସା—
1. Big kettle-drum.

ଧସା ନାଗରା ନହବତ ଝଞ୍ଜ
ତେଲଙ୍ଗ ବାଜା ଗୁଙ୍ଗୁ ଗୁଡ଼ୁଗୁଡ଼ୁ । ବ୍ରଜନାଥ. ସମରତରଙ୍ଗ ।

ভুসী
भुसी
୨ । (ସଂ. ତୁଷ) ତୁଷ—
2. Chaff of grain.

ଧସା(ସେ)ଇବା—ଦେ. କ୍ରି. (ସଂ. ଧର୍ଷଣ ବା ଧ୍ୱଂସନ)—
Dhasā(se)ibā
ମାଟିକୁ ପଦାଘାତରେ ଦବାଇବା; ଲହସାଇବା—
ଧଂସାଇବା } ଅନ୍ୟରୂପ
ଧଂସେଇବା }
To cause the surface of the soil to sink by one's heavy foot-steps.
ধসান **धसाना, धँसाना**

ଧସିବା—ଦେ. କ୍ରି. (ସ. ଧର୍ଷଣ)—
Dhasibā ୧ । ଚପିଯିବା; ଦବିଯିବା; ଲହସି ଯିବା—
ଧସ୍‌ନା 1. To shrink down (as soft soil
ଧସନା, ধঁসনা under heavy foot-steps); to
(ଧସିଯିବା—ଅନ୍ୟରୂପ) sink.
(ଯଥା—ନରମ ମାଟି ଯୋଗୁଁ କୋଠାଟି ଧସିଗଲା ।)
୨ । (ସ. ଧ୍ବଂସ) (ମାଟି ଆଦ) ଶିଥିଳ ହେବା; ଖଣ୍ଡ ଖଣ୍ଡ ହୋଇ ଖସି ପଡ଼ିବା—2. To crumble down; to be delapidated.

ଧସ୍ତାଧସ୍ତି—ଦେ. ବି ଓ ବିଣ. (ସ. ଧ୍ବସ୍ତ; ବଙ୍ଗଳାରୁ ଅନୁକୃତ)—
Dhastādhasti ପରସ୍ପର ଠେଲାଠେଲି; ପେଲା ପେଲି; ହିଡ଼ାହିଡ଼ି ଓ
ধস্তাধস্তি ମାଡ଼ ମରାମରି; ଲୁ ସ୍ତାଲୁ ସ୍ତି; ଧ୍ବସ୍ତାଧ୍ବସ୍ତି—
ঠেলাঠেলি, ঠেলাঠেলি Mutual pushing or shoving; fighting with each other by pushing.

ଧା (ଧାତୁ)—ସ—୧ । ସ୍ଥାପନ କରିବା—
Dhā (root) 1. To put; to place.
୨ । ଧାରଣ କରିବା—
2. To hold; to contain.
୩ । ପାଳନ କରିବା—
3. To bring up; to support; to maintain.
୪ । ପରିଧାନ କରିବା—
4. To put on; to wear.
୫ । କରିବା—5. To perform; to do.
୬ । ସୃଷ୍ଟି କରିବା—6. To create; to make.
୭ । ଦେବା—7. To give; to bestow.
୮ । ଟେକି ଧରିବା—8. To uphold.

ଧା—ସ. ବି. (ଧା ଧାତୁ=ଧାରଣ କରିବା+କର୍ତ୍ତୃ. କ୍ବିପ୍)—
Dhā ୧ । ଧାରଣକର୍ତ୍ତା—1. Holder; upholder.
୨ । ଧାତା; ବିଧାତା; ବ୍ରହ୍ମା—
2. The creator; Brahmā.
୩ । ବୃହସ୍ପତି—3. Bṛuhaspati.
ସ. ପ୍ରତ୍ୟୟ. (ସଂଖ୍ୟାବାଚକ ଶବ୍ଦ ପରେ ଯୁକ୍ତ ହୁଏ; ଯଥା—ଦ୍ବିଧା, ଶତଧା, ବହୁଧା)—
୧ । (ଏତେ) ପ୍ରକାରେ (ଯଥା—ବହୁଧା)—
1. In (so many) ways.
୨ । (ଏତେ) ଖଣ୍ଡରେ (ଯଥା—ଶତଧା)—
2. Into (so many) pieces.
[ଦ୍ର—ଏହି ପ୍ରତ୍ୟୟ ଦ୍ବାରା ଗଠିତ ପଦ ଅବ୍ୟୟ ରୂପେ ବ୍ୟବହୃତ ହୁଏ ।]

ଧ—ଦେ. ବି.—୧ । (ସ. ଧୈବତ)—ସଙ୍ଗୀତର ସପ୍ତ ସ୍ବରଗ୍ରାମ
ধা (ସା ରେ ଗା ମା ପା ଧା ନି) ମଧ୍ୟରୁ ଷଷ୍ଠ ସ୍ବର—1. The 6th tone of the Hindu musical gamut.
[ଦ୍ର—ଏହି ଧା ସ୍ବର ଦୁଇ ପ୍ରକାର ଯଥା—ସାଧାରଣ ଧା ଓ କୋମଳ ଧା ।]
୨ । ତବଲାର ବୋଲବିଶେଷ—1. A part of the formula for striking the tabalā drum.

ଧାଆଁ (ଇତ୍ୟାଦି)—ଦେ. ବି.—ଧାଁ ଇତ୍ୟାଦି (ଦେଖ)
Dhā-ān (etc) Dhān etc (See)

ଧାଆଁ ପଡ଼ିବା—ଦେ. ବି. (ବାକ୍ୟ)—୧ । ତ୍ବରାନ୍ବିତ ହେବା—
Dhā-ān pardibā 1. Being in haste.
(ଧାଁ ପଡ଼ିବା—ଅନ୍ୟରୂପ) ୨ । ଅତ୍ୟାବଶ୍ୟକ—
2. Urgency; dire necessity.
[ଯଥା—ତୋର ହୁକୁମ ପାଳିବାକୁ ମତେ (ବା ମୋର) ଧାଆଁ ପଡ଼ିଛି ।]

ଧାଇଁ ଆସିବା—ଦେ. କ୍ରି.—(ସ. ଧାବନ+ଆଗମନ)—୧ । ଦଉଡ଼ି କରି କୌଣସି ସ୍ଥାନକୁ ଆସିବା—
Dhāin āsibā
দৌড়ে আসা 1. To come to a place in hot haste; to
दौड़आना rush to a place; to rush in.
ଲହୁଥାନ୍ତା ଯେବେ ଧାଇଁ ଆସି । କବିସୂର୍ଯ୍ୟ. ସଙ୍ଗୀତ ।

ଧାଇଁ ଗୁଡ଼ୁଗୁଡ଼ୁ—ଦେ. ଅ.—(ଶିଶୁବଚନ)—ଶିଶୁମାନଙ୍କର
Dhāin gurdu gurdu ସ୍ବଳ୍ପଧର ବେଗଗମନ—
The act of brisk walking performed by children who are just learning to
(ଧାଇଁ ଗୁଲଗୁଲ—ଅନ୍ୟରୂପ) walk a little briskly.
[ଦ୍ର—ଶିଶୁମାନେ ଅଳ୍ପ ଅଳ୍ପ ଚାଲିବାକୁ ଶିଖିବା ସମୟରେ ମାଆମାନେ କଣ୍ଢେଇର ଛଡ଼ାରେ ଠିଆ ହୋଇ ଏହି ବାକ୍ୟ ଉଚ୍ଚାରଣ କରି ପିଲାମାନଙ୍କୁ ଡାକନ୍ତି ଓ ପିଲାମାନେ ଟଳିଟଳି ଚାଲି ମାଆ ପାଖକୁ ଆସନ୍ତି ।]

ଧାଇଁ ଧାଇଁ—ଦେ. କ୍ରି. ବିଣ—(ଧାଇଁବା କ୍ରିୟାର ଅସମାପିକା ରୂପର ଦ୍ବିରୁକ୍ତି ଦ୍ବାରା ସମସ୍ତାର୍ଥବାଚ୍ୟ ଜ୍ଞାପିତ ହେଉଅଛି)—
Dhāin dhāin
দৌড়ে দৌড়ে ୧ । ଦଉଡ଼ି ଦଉଡ଼ି—
दौड़दौड़ कर 1. Running.
ଜାହ୍ନବୀ ପାଣି, ଯୁଦ୍ଧ ଅଶ୍ବ, ଧାଇଁ ଧାଇଁ ଗର୍ବ କରୁଛ କେଶ ।
କବିସମ୍ରାଟ ବାହାଣୀର ଗାଁ,ଂଶ ।
ଧାଇଁ ଧାପ(ପୁ)ଡ଼ି
ଧାଇଁ ଧାଇଁକା } ଅନ୍ୟରୂପ ୨ । ଶୀଘ୍ରଗତିରେ ଚାଲି—
ଧାଇଁ ଧାଇଁ କ(କ)ରି
2. Walking briskly.
୩ । ଅବିଶ୍ରାନ୍ତ କର୍ମ କରି—
3 Working incessantly.
୪ । ବାରଂବାର ଯାଇ—4. Going repeatedly.
ଧାଇଁ ଧାଇଁ ଦୂତ, ନଗରକୁ ଯାଇ;
ପଚେ ଘଣ୍ଟା ଦୂତ, ଇରଦ ତ ହିତ । କବିସୂର୍ଯ୍ୟ. ସଙ୍ଗୀତ ।
୪ । ବାରଂବାର—4 Repeatedly.
୫ । ଜଲଦି; ଅତି ଶୀଘ୍ର; ତ୍ବରିତ—5. Very quickly.

ଧାଇଁ ଧୁପିବା—ପ୍ରାଦେ. (ସମ୍ବଲପୁର) କ୍ରି.—ଧାଇଁବା ଧୁପିବା (ଦେଖ)
Dhāin dhupibā Dhāinbā dhupibā (See)
ଧାଇ ଧୁପି ବ.ଥାଉ, ଘରେ ବସି ଖେଳର । ଚଉ ।

ଧାଇଁ ପଡ଼ିବା—ଦେ. କ୍ରି—(ସଂ. ଧାବନ)—ବହୁ ଲୋକ ଦଉଡ଼ି କରି
Dhāiṅ pardibā ଏକ ସ୍ଥାନରେ ଉପସ୍ଥିତ ହେବା—
দৌড়ে আসা (many people) To assemble at a place
दौड़ पड़ना by running up from various distances.
ଧାଇଁ ପଡ଼ିବା } ଅନ୍ୟରୂପ
ଧାଇଁ ଅସିବା
ଧାଇଁ ଆସିବା
ଗାଅଁ ମୁଣ୍ଡେ ଜଳ ଘର, ଧାଇଁ ପଡ଼ ହୋ ମାଇ ପଡ଼ଶା ! ମୋ ଘରେ ପଶିଛି ଚୋର । ଭଗ ।

ଧାଇଁ ପଳା(ଳେ)ଇବା—ଦେ. କ୍ରି.—ଦଉଡ଼ି କରି କୌଣସି ସ୍ଥାନ
Dhāiṅ paḷā (ḷe)ibā ତ୍ୟାଗ କରିବା—
দৌড়ে পালান To run away; to flee away.
दौड़कर भागना

ଧାଇଁବା—ଦେ. କ୍ରି.—(ସଂ. ଧାବ୍; ପ୍ରାକୃତ ଧାଁ ଧାତୁ)—
Dhāiṅbā ୧ । ଦଉଡ଼ିବା—1. To run.
ধাওন, ধাওয়া ୨ । ଅନବରତ ବା ଅବିଶ୍ରାନ୍ତ ପରିଶ୍ରମ କରିବା —
दौड़ना, धाना 2. To work incessantly; to labour without rest.
(ଧାଇଁବା—ଅନ୍ୟରୂପ) ପେଟପାଟଣା ପାଇଁ ଜଗତର ସମସ୍ତ ପ୍ରାଣୀ ଧାଉଁଅଛନ୍ତି । ଫକୀରମୋହନ. ଭ୍ରମଣ ଅଠଗଡ଼ ।
(ଧୂଅଇଁବା—ଶିଜନ୍ତ) ୩ । ତ୍ୱରା ଗତି କରିବା; ଦ୍ରୁତଗତି କରିବା —
3. To walk briskly; to move quickly.
୪ । ତ୍ୱରାନ୍ୱିତ ହୋଇ କୌଣସି କାର୍ଯ୍ୟ କରିବା—
4. To make haste; to hasten.
୫ । କୌଣସି ବ୍ୟକ୍ତିର ଉପକାର ବା ମଙ୍ଗଳାର୍ଥ ଚେଷ୍ଟା କରିବା—5. To strive for the benefit of another.
ମୁଁ ଧାଇଁ ଥାଏ ଗୋସେଇଁ ପାଇଁ, ଗୋସେଇର ଟିକିଏ ଦୟା ନାହିଁ । ଭଗ ।
୬ । କୌଣସି ଉଦ୍ୟମ ବା ଚେଷ୍ଟା ପାଇଁ ଏଣେ ତେଣେ ଯିବା ଆସିବା କରିବା—6. To run to and fro on a particular mission.
୭ । (ତରଳ ପଦାର୍ଥ) ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ଅବିରତ ସ୍ରୋତ ଆକାରରେ ବହିବା—7. (a liquid) To flow down with a current; to run down.
(ଯଥା—ବନ୍ଧ କାଟି ଦେବାରୁ ତଳ କିଆରିକୁ ପାଣି ଧାଇଲାଣି ।)
[ଦ୍ର—ଧାଇଁବା କ୍ରିୟାର ଅସମାପିକା ରୂପ ପରେ ଆସିବା, ପଡ଼ିବା ଯିବା, ଗୁଳିବା, ପଳା(ଳେ)ଇବା ଆଦି କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ । ଧାଇଁବା କ୍ରିୟାର ସମାପିକା ରୂପ ପରେ ଦଉଡ଼ିବା, ଧପଡ଼ିବା, ଧପୁଡ଼ିବା ଆଦି କ୍ରିୟା ସହଚର ରୂପେ ବ୍ୟବହୃତ ହୁଏ ।]

ଧାଇଁବା ଦଉଡ଼ିବା—ଦେ. କ୍ରି. (ଏକାର୍ଥକ ସହଚର ଶବ୍ଦଦ୍ୱୟ)—
Dhāiṅbā daurdibā ୧ । ବାରଂବାର ବା ବହୁବାର ଦଉଡ଼ିବା—
1. To run several times or repeatedly
ଧାଇଁବା ଦୌଡ଼ିବା } —ଅନ୍ୟରୂପ
ଧାଇଁବା ଧପଡ଼ିବା
ଧାଇଁବା ଧପୁଡ଼ିବା
୨ । ଏଣିକି ତେଣିକି ଦଉଡ଼ିବା—
দৌড়াদৌড়িকরা 2. To run one way and the other, to run to and fro.
दौड़नाधूपना

୩ । ତ୍ୱରାଯୁକ୍ତ ହୋଇ କାର୍ଯ୍ୟ କରିବା—
3. To act in hot haste.
୪ । ବିଶେଷ ଯତ୍ନ କରିବା—
4. To strive very hard.

ଧାଇଁବା ଧୁପିବା—ପ୍ରାଦେ. (ସମ୍ବଲପୁର) କ୍ରି—(ସହଚର ଶବ୍ଦ)
Dhāiṅbā dhupibā ଧାଁଧପଡ଼ କରିବା; ବାରଂବାର ବା ବହୁବାର ଦଉଡ଼ିବା—To run several times or repeatedly.

ଧାଇଁଯିବା—ଦେ. କ୍ରି—୧ । ଦଉଡ଼ି କରି କୌଣସି ସ୍ଥାନ ତ୍ୟାଗ
Dhāiṅ jibā କରିବା—1. To run away from a place.
দৌড়েযাওয়া ୨ । ଅନ୍ୟ ସ୍ଥାନକୁ ଦଉଡ଼ିଯିବା—
दौड़जाना 2. To run down to a place.
ଧାଇଁ ଯାଇ ମିଁ କରେ ପଲଙ୍କ ଧରିଲି । କୃଷ୍ଣସିଂହ. ମହାଭାରତ ଆଦି ।
୩ । ତ୍ୱରିତ ବା ତତ୍‌କ୍ଷଣାତ୍ ଯିବା; କ୍ଷଣବିଳମ୍ବ ନ କରି ଯିବା—
3. To go at once.
ଅପର ମନୁଷ୍ୟ ଯେବେ ଦେଖିବାକୁ ଚାହିଁ
ଧାଇଁ ଯାଅ ଦେଖିଅସ ଘଟର ମଥିଚାଉ । ଫକୀରମୋହନ. ଉତ୍କଳଭ୍ରମଣ ।

ଧାଇ—ଦେ. ବି. ସ୍ତ୍ରୀ. (ସଂ. ଧାତ୍ରୀ; ପ୍ରା. ଧାଇ)—୧ । ଉପମାତା; ଯେଉଁ
Dhāi ସ୍ତ୍ରୀ ଅନ୍ୟର ଶିଶୁକୁ ପାଳନ କରେ—
(ଧାତ୍ରୀ—ଅନ୍ୟରୂପ) 1. Foster-mother
ধাই ତାଙ୍କ ଧାଇ ବୃହନ୍ନଳାକୁ ବରଗଲେ ।
धाय; दाई; धाई କୃଷ୍ଣସିଂହ. ମହାଭାରତ ବନ ।
୨ । ଯେଉଁ ସ୍ତ୍ରୀ ଅନ୍ୟ ସ୍ତ୍ରୀର ଶିଶୁକୁ ସ୍ତନ୍ୟଦିଏ—
2. Wet nurse.
ସେ ଧାଇ ପିଅଇଲା ଦୁଧ
ତା ପ୍ରାଣ ଶୋଷିକଲା ବଧ । ରୂପତ. ପ୍ରେମପଞ୍ଚାମୃତ ।
୩ । ଧାତ୍ରୀ; ଦାଇ; ଯେଉଁ ସ୍ତ୍ରୀ ସନ୍ତାନ ପ୍ରସବ ସମୟରେ ଜନନୀକୁ ସାହାଯ୍ୟ କରେ ଓ ଅଶୁଚିକାଳରେ ପ୍ରସୂତିର ଓ ନବଜାତ ଶିଶୁର ଶୁଶ୍ରୂଷା କରେ—
3. A midwife; accoucheuse.
ଧାଇ ଆଗେ ପେଟ ଲୁଚେଇବା କ୍ୟାସ୍ । ଭଗ ।
୪ । ଆୟା; ଚୋଇଲୀ; ପରିଚାରିକା—
4. A maid servant; an Ayah.
ବାହୁଡ଼ିଲା ଧାଇ ଘରକୁ ଯେସନି । କୃଷ୍ଣସିଂହ. ମହାଭାରତ ବନ ।
୫ । ରୋଗୀର ବା ଶିଶୁର ସେବା କରିବା ପାଇଁ ନିଯୁକ୍ତା ଦାସୀ—
5. Nurse.
[ଦ୍ର—ହିନ୍ଦୀଭାଷାରେ ଜନନ କର୍ମରେ ସହାୟିକା ଧାଇ (ଦାଇ ଜନାଈ), ଶିଶୁକୁ ସ୍ତନ୍ୟପାନ କରାଇବା ଧାଇ (ଦାଇ ପିଲାଈ) ଓ ଶିଶୁକୁ ଖେଳାଇବା ଧାଇ (ଦାଇ ଖେଲାଈ) ମାନଙ୍କର ସ୍ୱତନ୍ତ୍ର ନାମ ଅଛି ।]
୬ । (ସଂ. ଧାତକୀ; ଧାୟୁ, ଧାତ୍ରୀ)—ଧାତୁକୀଫୁଲ ଓ ଗୁଳ୍ମ;
ସଂ. ନାମ—ଧାୟୁ, ଧାତ୍ରୀ, ଧାବନୀ, ଧାତକୀ, ଧାତୁପୁଷ୍ପୀ, ତାମ୍ରପୁଷ୍ପୀ, କୁଞ୍ଜରା, ଗୁଚ୍ଛପୁଷ୍ପୀ, ବହ୍ନିଶିଖା, ଧାତୁପୁଷ୍ପିକା,
ତାମ୍ରବର୍ଣ୍ଣ ପୁଷ୍ପ ଗୁଳ୍ମବିଶେଷ—
6. Woodfordia Floribunda (flower and tree); Grislea Tomentosa (M. W.)

ସୁରକ୍ଷା, ବହୁପୁଷ୍ପୀ, ଭୂମୁଦା, [ଦ୍ର—ଏହି ଫୁଲ ବସନ୍ତରେ
ସାଧୁପୁଷ୍ପୀ, ବହ୍ନିଜ୍ୱାଳା, ଫୁଟେ । ଫୁଲ ଷଡ଼ଦଳ, ଦ୍ୱାଦଶକେଶର-
ସିନ୍ଧୁଷ୍ପ୍ରୀ, ମଦବାସିନୀ, ପାର୍ବତୀ, ବିଶିଷ୍ଟ ଓ ତାମ୍ରବର୍ଣ୍ଣ । ଏଥିରେ ଲୁଗାରଙ୍ଗ
ବହୁପୁଷ୍ପିକା କରଯାଏ ଓ ଏହା ଔଷଧରେ ଲାଗେ ।
ଧାଈ ଏ ଗଛର ପତ୍ର ଡାଳମ୍ ପତ୍ର ପରି; ଏଥିର
ধাওয়া; ধাওআ, ধাই, ধাব ପତ୍ର ଓ ବକଳ ମଧ୍ୟ ଔଷଧରେ ଲାଗେ ।
ତେ. ଧାତୁକାପୁଷ୍ପ, ଜାର୍ଗୀ ଏହି ପୁଷ୍ପ କଟୁ, ଶୀତବୀର୍ଯ୍ୟ, ମଦ-
କାରକ, କଷାୟ ଓ ଲଘୁ । ଏହା ତୃଷା, ଅତିସାର, ପିତ୍ତ, ପ୍ରଦର,
ରକ୍ତଦୋଷ, ବିଷଦୋଷ, କୃମି ଓ ବିସର୍ପନାଶକ ।]

୭ । (ସ. ଧାତ୍ରୀ) ଅଁଳା ଗଛ; ଅଁଳା କୋଳିଗଛ—
7. Embellic Myrobalan.

ଧାଇ ବେହେରା—ଦେ. ବି. ସ୍ତ୍ରୀ—ରଜାଙ୍କ ଅନ୍ତଃପୁରର ବୟସ୍କା ଦାସୀ—
Dhāi behera An elderly maid servant of the harem.

ଧାଇ ମାଆ—ଦେ.ବି.ସ୍ତ୍ରୀ.(ସ. ଧାତ୍ରୀ + ମାତା)—୧ । ଶିଶୁର ଉପମାତା—
Dhāi māā 1. Foster mother.
(ଧାଇମା—ଅନ୍ୟରୂପ) ୨ । ଅଧିକବୟସ୍କା ପରିଚାରିକା—
ধাইমা दाइमा 2. An elderly maid servant.

ଧାଉଡ଼(ଡ଼ି)—ଦେ. ବି—୧ । (ସ. ଧାବନ)—ଧାବନ; ଦଉଡ଼—
Dhāurda(rdi) 1. Running; race.
দৌড় ଢାକଶହାର, ତଥ ଭେକନ, ବୁଢ଼ର ଧାଉଡ଼,
दौड़; धावनी, ତେବେ ଯାଇ ସାହବ ସରକାର ସର ବହଡ଼ । ତର ।
(ଧାଉଁଡ଼—ଅନ୍ୟରୂପ) ୨ । ଧାଡ଼; ଆକ୍ରମଣ—
धावा 2. Attack; onslaught.
୩ । (ସ. ଧାରା) ଧାଡ଼ି; ଶ୍ରେଣୀ; ପଂକ୍ତି—
সারী 3. A row; a line.
पाँति (ଯଥା—ତାଙ୍କର ଘର ଉଜ ଧାଉଡ଼ି ।)

ଧାଉଡ଼ିଆ—ଦେ. ବି. (ସ. ଧାବକ)—୧ । ଯେ ଦଉଡ଼େ; ଦଉଡ଼ିବା
Dhāurdiā ଲୋକ—1. A runner.
(ଧାଉଁଡ଼ିଆ—ଅନ୍ୟରୂପ) ୨ । ଦ୍ରୁତଗାମୀ ଦୂତ; ବାର୍ତ୍ତାବାହକ—
ধাবাড়ে; ধাউড়া 2. A swift messenger.
धावत ୩ । ଡାକ ନେଇ ଦଉଡ଼ିବା ଦୂତ—
3. A postal runner.
୪ । ପିଅନ; ପିଅନ୍; ପଦାତିକ—
4. A peon; foot soldier; footman.
ତାହିଁରେ ଧାଉଡ଼ିଆ ଚହଣ
ଚଳା ଘଡ଼ରେ ପଦାର ଖାଣ୍ଡ
ଚଳିବା ପାଇଁ ଯୋଗାଇ ମୁଣ୍ଡ
ଦ୍ରୁଷଣ ଭଣ୍ଡି ସେ । ବ୍ରଜନାଥ. ସମରତରଙ୍ଗ ।
ଦେ. ବିଣ—୧ । (ସ. ଧାବକ) ଧାଡ଼ିନବାସ—1. Running.
୨ । (ସ. ଧାରାବାହିକ) ଧାଡ଼ିଯୁକ୍ତ; ଶ୍ରେଣୀବଦ୍ଧ; ଶ୍ରେଣୀବଦ୍ଧ ଗୃହବିଶିଷ୍ଟ—Arranged in a row; having houses arranged in rows.
(ଯଥା—ଏ ଗାଁଅଟା ଦୂର ଧାଉଡ଼ିଆ । ତାଙ୍କର ଉଜ ଧାଉଡ଼ିଆ ଧୂଳିଆ ଘର ।)

ପ୍ରାଦେ. (ଗଡ଼ଜାତ) ବି—ଖଡ଼ଘରର ପିଣ୍ଡା ଦାଢ଼ରେ ଥିବା ଖୁଣ୍ଟ—The posts put on the edge of the veranda of a thatched house.

ଧାଉଡ଼ିଆ ଟପା(ପ୍ପା)—ପ୍ରାଦେ. (ଗଞ୍ଜାମ) ବି (ସ. ଧାବକ + ତେ. ଟପାଲ)
Dhāurdiā tapā(ppā) ଦଉଡ଼ିବା ବ୍ୟକ୍ତି ଦ୍ୱାରା ଚିଠି ନେବା ଡାକ—The arrangement for the carriage of postal articles by relays of runners.

ଧାଉଡ଼ିଆ ପାଇକ—ଦେ. ବି (ସ. ଧାବକ + ପଦାତିକ)—ଦଉଡ଼ିକରି
Dhāurdiā pāika ଜରୁରି ଖବର ନେବା ଆଣିବା କରିବା
ধাবাড়ে পাইক ପାଇଁ ନିଯୁକ୍ତ ପାଇକ ବା ପଦାତିକ—
धावत A running messenger (for carrying urgent news.

ଧାଉଡ଼ି ଦେବା—ଦେ. କ୍ରି (ସ. ଧାବ୍ ଧାତୁ)—୧। କୌଣସି ସ୍ଥାନକୁ
Dhāurdi debā ପୁନଃପୁନଃ ଆସିବା—1 To come to a
দৌড় লগান place repeatedly.
धावा मारना ୨ । ଆକ୍ରମଣ କରିବା—2. To attack.
[ଧାଉଡ଼ି ଲଗା(ଗ)ଇବା—ଅନ୍ୟରୂପ]

ଧାଁ—ଦେ. ବି (ସ. ଧାବନ)—୧ । ଧାଇଁବା—
Dhān 1. Running.
[ଧାଁଅଁ, ଧାଦଉଡ଼ି, ଧାଁଅଁଦଉଡ଼ି, ଧାଁଧପଡ଼, ଧାଁଅଁଧପଡ଼, ଧାଁଧପଡ଼ା, ଧାଁଅଁଧପଡ଼ା, ଧାଁଦୌଡ଼ି, ଧାଁଅଁବ(ଧ)ଉଡ଼ି—ଅନ୍ୟରୂପ)
(ଧାଁଅଁ, ଧାଅଁ—ଅନ୍ୟରୂପ) ୨ । ସତ୍ୱର ଗମନାଗମନ; ଦଉଡ଼ା-
ধাওয়া ଦଉଡ଼ି—2. Running up and down
धावनी, दौड़ place.
ସେ ବାଡ଼ିବଗିଚାଠାରୁ ବାଣ୍ଡବଙ୍ଗଳା ପର୍ଯ୍ୟନ୍ତ
ଧାଁ ଦଉଡ଼ିକର ଡାକ ପଡ଼ିଥାଏ । ଫକୀରମୋହନ. ଛମାଣ ଆଠଗୁଣ୍ଠ ।
୩ । ଚାଞ୍ଚଲ୍ୟବ୍ୟସ୍ତତା; ତ୍ୱରା—3. Haste; hurry.

ଧାଁଚ—ଦେ. ବି—୧ । ଛାଞ୍ଚ; ଆକୃତି; ଗଠନ—
Dhāñchā 1. Form; shape; make; build.
টাঁচা ୨ । ଛାଞ୍ଚ—2. A mould.
ढाँचा ୩ । ଫେସନ୍; ଖଞ୍ଜ—3. Fashion; manner.
(ଧାଞ୍ଚା—ଅନ୍ୟରୂପ) ୪ । ଆଟ; କୌଣସି ବସ୍ତୁର ବାହ୍ୟକ ସୀମା-ରେଖାଯୁକ୍ତ ଆକାର—4. Framework; outline.

ଧାଁଡେଇ—ଗ୍ରା. ବଣ. ସ୍ତ୍ରୀ—ଦାଣ୍ଡେଇ (ଦେଖ)
Dhāndei Dāndei (See)

ଧାଁ ଦଉଡ଼(ଡ଼ା)—ଦେ. ବି (ବହୁବାର ସୂଚକ; ଏକାର୍ଥକ ଶବ୍ଦଦ୍ୱୟ)—
Dhān daurda(rdā) ୧ । ବହୁବାର ଦଉଡ଼ିବା କର୍ମ—
দৌড়ঝাঁপ, দৌড়াপ 1. Running several times.
दौड़धाड़, दौड़धूप ୨ । ପୁନଃପୁନଃ ଦଉଡ଼ିବା କର୍ମ—
[ଧାଁ ଧଉଡ଼(ଡ଼ା), ଧା ଧାପଡ଼(ଡ଼ା), 2. Repeated running.
ଧାଁଧପୁ(ପ)ଡ଼ (ଡ଼ା)—ଅନ୍ୟରୂପ)
ଧାଁଅଁ ଧପଡ଼ର ମାଣ୍ଡିଆ ଘର
ବର୍ଷିବା ଯେଉ ତେବେ ଖାଇ । ତର ।

୩ । ଇତସ୍ତତଃ ଦଉଡ଼ିବା; ଦଉଡ଼ା ଦଉଡ଼ି —
3. Running to and fro; running about.
୪ । ବ୍ୟସ୍ତଯୁକ୍ତ କର୍ମ—4. Bustle; activity.

ଧାଁସା—ପ୍ରାଦେ. (ଗଞ୍ଜାମ) ବି — ୧ । ରୀତି; ଚଳଣି;ପ୍ରଥା
Dhānsā 1. Custom.
୨ । ଅଭ୍ୟାସ—2. Habit.
୩ । ରୀତି—3. Manner; mode.

ଧାକଡ଼ା—ପ୍ରାଦେ (ଗଡ଼ଜାତ) ବିଣ (ଗାଳିରେ ବ୍ୟବହୃତ) ଅଯୋଗ୍ୟ —
Dhākarḍa Good for nothing; worthless.
ପ୍ରାଦେ (ବସ୍ତର) ବିଣ—ବର୍ଣ୍ଣସଙ୍କର ଜାତିବିଶେଷ—
Name of a mixed caste of Hindus.
[ଦ୍ର—ଏ ଜାତି ଅଦମଜାତୀୟା ସ୍ତ୍ରୀ ଗର୍ଭରୁ ବ୍ରାହ୍ମଣ ଔରସରେ ଉତ୍ପନ୍ନ । ଏମାନେ ପଇତା ପକାନ୍ତି ଓ ବ୍ରାହ୍ମଣମାନଙ୍କର ରୀତି ନୀତି ଅନୁକରଣ କରନ୍ତି ।]

ଧାକଲେଇ—ପ୍ରାଦେ. (ସମ୍ବଲପୁର) ବିଣ—ସ୍ଥୂଳୋଦର; ପେଟା—
Dhākalei Big-bellied; pot-bellied.

ଧାଗଣା—ଦେ. ବି—ଧାମଣ (ଗଛ) (ଦେଖ)
Dhāgaṇā Ḍhāmaṇa (tree) (See)
ଧାଗଣା କାଠରେ କେତେ କରିଣ କୋଦଣ୍ଡ—ବଳଦ୍ଧନ, ରାମାୟଣ ।

ଧାଗା (ଇତ୍ୟାଦି)—ଦେ. ବି—ଡାଗା ଇତ୍ୟାଦି (ଦେଖ)
Dhāgā (etc) Ḍhāgā etc (See)

ଧାଙ୍ଗଡ଼୍—ପ୍ରାଦେ. (ସମ୍ବଲପୁର୍)—ବି. ପୁଂ—ଅବିବାହିତ ଯୁବକ—
Dhāngarḍ Bachelor; an unmarried youth.
ଧାଙ୍ଗର୍, ଧାଙ୍ଗର୍ } ଅନ୍ୟରୂପ — ପ୍ରାଦେ. (ଜାଶପୁର) ବି—ଚାକର—
Servant.
ଧାଙ୍ଗଡ଼ୀ, ଧାଙ୍ଗରୀ } ସ୍ତ୍ରୀ — ପ୍ରାଦେ. (ସିଂହଭୂମ) ବି. (ଭୁଲ. ଏହି ଅର୍ଥରେ ହି. ଏହି ଶବ୍ଦ)—ଗୋରୁରଖିଆ ଟୋକା—A young man or boy-servant tending cattle.

ଧାଙ୍ଗଡ଼ ଦେବି—୧ । ଛୋଟନାଗପୁର ଓ ହଜାରିବାଗ ଅଞ୍ଚଳର ଏକ
धांगड़ ଜାତୀୟ ଜଙ୍ଗଲୀ ଲୋକ; ସାନ୍ତାଳ —
1. A class of aboriginal tribes of Chhoṭanāgapur and Hazāribāg; the Santals
୨ । ଦାକ୍ଷିଣାତ୍ୟର ନୀଚ ଶ୍ରେଣୀର ଅସ୍ପୃଶ୍ୟ ଜାତିବିଶେଷ; ଧେଡ଼; ମାଙ୍ଗଅଳେଲା (ଏମାନେ କୂଅ ଓ ପୋଖରୀ ଖୋଳି ଜୀବିକା ଅର୍ଜନ କରନ୍ତି—ହି. ଶବ୍ଦସାଗର)—
2. A low untouchable caste of South India; a pariah.
୩ । ଓଡ଼ିଶା ଗଡ଼ଜାତର ବନ୍ୟଜାତୀୟ ବ୍ୟକ୍ତିଙ୍କର ନୃତ୍ୟବିଶେଷ—3. A dancing prevalent among some wild tribes of Orissa states.
୪ । ବିନ୍ଧ୍ୟ ଆଦି ପର୍ବତବାସୀ ଅନାର୍ଯ୍ୟ ଜାତିବିଶେଷ (ହି. ଶବ୍ଦସାଗର)—4. Name of a class of non-aryan wild tribes inhabiting the Bindhya hills.

ଦେ. ବିଣ—ଅସଭ୍ୟ; ବର୍ବର; ବଣୁଆ; ଜଙ୍ଗଲୀ —
Uncivilized; wild; jungly; aboriginal (tribe or person).

ଧାଙ୍ଗଡ଼ା—ପ୍ରାଦେ. (ସମ୍ବଲପୁର; କନ୍ଧ କୋହ୍ଲଙ୍କ ବ୍ୟବହୃତ) ବି. ପୁଂ—
Dhāngarḍā କନ୍ଧ, କୋହ୍ଲ, ସାନ୍ତାଳ ଆଦି ଅନାର୍ଯ୍ୟ ଜାତିର
धांगर ଅବିବାହିତ ଯୁବକ ବା ଟୋକା - Unmarried youth
(ଧାଙ୍ଗଡ଼ୀ—ସ୍ତ୍ରୀ) of the Khonds, Kohls, Santals and other wild tribes.
ପ୍ରାଦେ. (ସମ୍ବଲପୁର) ବିଣ—ଚେଣ୍ଡିଆ ଓ ଅବିବାହିତ (ବାଳକ)—
Unmarried and youthful (boy).

ଧାଙ୍ଗଡ଼ୀ—ପ୍ରାଦେ. (ସମ୍ବଲପୁର; କନ୍ଧ କୋହ୍ଲଙ୍କ ମଧ୍ୟରେ) ବି. ସ୍ତ୍ରୀ—
Dhangarḍi ଅବିବାହିତା ଯୁବତୀ; ଟୋକୀ; ଝିଅ; ଅଣଅଢ଼ୀ ଟୋକୀ— Unmarried young girl (of wild tribes).
[ଦ୍ର—ଗ୍ରାମର ଅବିବାହିତ ଯୁବତୀମାନେ ଜଣେ ବୃଦ୍ଧାଙ୍କ ତତ୍ତ୍ୱାବଧାନରେ ଓ ଅବିବାହିତ ଯୁବକମାନେ ଜଣେ ବୃଦ୍ଧଙ୍କ ତତ୍ତ୍ୱାବଧାନରେ ଗ୍ରାମର ଦୁଇ ବିପରୀତ ପ୍ରାନ୍ତରେ ଦୁଇଟି ସ୍ୱତନ୍ତ୍ର ଘରେ ରାତ୍ରିଯାପନ କରନ୍ତି । ଉତ୍ସବାଦି ସମୟରେ ଏମାନେ ଦଳବଦ୍ଧ ହୋଇ ନୃତ୍ୟ କରନ୍ତି । ଏହି ନୃତ୍ୟସମୟରେ ଯୁବକମାନେ ଯଥାକ୍ରମେ ସେମାନଙ୍କ ମନୋନୀତା ଯୁବତୀଙ୍କୁ ବିବାହ କରିବା ନିମନ୍ତେ ସ୍ଥିର କରନ୍ତି ।]
ପ୍ରାଦେ. (ବସ୍ତର) ବିଣ. ସ୍ତ୍ରୀ—ଯୁବତୀ ଓ ଅବିବାହିତା—
Young and unmarried (girl).

ଧାଙ୍ଗରା—ପ୍ରାଦେ. (ସମ୍ବଲପୁର) ବି. ପୁଂ —ଯୁବକ; ଟୋକା—
Dhāngarā A youth; a young man.
(ଧାଙ୍ଗରୀ—ସ୍ତ୍ରୀ)

ଧାଟୀ—ଦେ. ବି—୧ । (ସଂ. ଧାବନ) ଶତ୍ରୁକୁ ଆକ୍ରମଣ—
Dhāṭi 1. Attacking an enemy; onslaught.
धाटी ୨ । (ସଂ. ଧାରା) ସମୂହ—
धाटी 2. Number; collection; multitude.
ନର୍ମି ଦେଇ ପାଟରେ ଚନ୍ଦ୍ରାନନା ! ମାରମାର୍ଗଣ ଧାଟୀ ରେ —
କବିସୂର୍ଯ୍ୟ, ସଙ୍ଗୀତ ।
୩ । ଶତ୍ରୁର ବା ଅସ୍ତ୍ରଶସ୍ତ୍ରାଦିର ସମ୍ମୁଖୀନ ହେବା—
3. Encountering an enemy or a missile; act of facing an enemy or missile.
୪ । ଶ୍ରେଣୀ; ଧାଡ଼ି—4. Row; line; array.

ଧାଡ଼ଙ୍ଗା—ଦେ. ବିଣ—ଶୀର୍ଣ୍ଣ; ଧେଡ଼େଙ୍ଗା —
Dhārḍangā Emaciated; weakened.
(ଧାଡ଼େଙ୍ଗା—ଅନ୍ୟରୂପ) काहिल दुबला

ଧାଡ଼ି—ଦେ. ବି. (ସଂ. ଧାରା)—୧ । ସମୂହ—
Dhārḍi 1. A number of.
धारी କେ ବୋଇଲେ ଏହାର ହୃଣ୍ଡିଅର ରଡ଼ି
धारी ଶୁଣି କାନ ମର୍ମେ ଦଶ,ଛ ଶରଧାଡ଼ି — କୃଷ୍ଣସିଂହ. ମହାଭାରତ, ବନ ।
୨ । ଶ୍ରେଣୀ – 2. Row; array.
କୁହେଳୀରେ ଜଳବର୍ଣ୍ଣ ଭଡ଼ୁମାନ ଗିରି ଧାଡ଼ି ହୋଇ ବେଢ଼ି ଗଲେ —
ରାଧାନାଥ. ମହାଯାତ୍ରା

୩ । ରେଖା—3. Line; range.

୪ । ଗ୍ରନ୍ଥାଦିର ବିଷୟ; ଅନୁକ୍ରମ—
4. Scope; contents; range of a book.
ସେ ଅବା ଯେଉଁ କଥା ଲେଖି; ସବୁ ଅଛଇ ବେଦ ଧାଡ଼ି—
ଜଗନ୍ନାଥ. ଦର୍ଶନମାହାତ୍ମ୍ୟ ।

୫ । ରୀତି—5. Customs; manners.
(ଯଥା—ଏହା କରଣଘରର ଧାଡ଼ି ।)

୬ । ଅନୁକ୍ରମ; କ୍ରମ—6. Succession; series

୭ । (ସଂ. ଧାବନ) ଦଉଡ଼ିବା—7. Running.

୮ । ସମୟ—8 Time.
ବଳି ବାହାରିଲା ସର୍ପକୁ ଛାଡ଼ି, ପଡ଼ିଛି ବଡ଼ମ ଧାଡ଼ି—
ଭଞ୍ଜ. ବୈଦେହୀଶବିଳାସ ।

୯ । ପାଖ, ପାର୍ଶ୍ୱ—9. Side.
କୃଷ୍ଣ ଅର୍ଜୁନ ଦୁହେଁ ରଥରେ ଚଢ଼ି
ଚଳିଲେ ସେ ପାଣ୍ଡବଙ୍କ ଦୁଇଧାଡ଼ି—କୃଷ୍ଣସିଂହ. ମହାଭାରତ. ଆଦି ।

୧୦ । (ସଂ. ଧାବନ) ଯୁଦ୍ଧାର୍ଥ ଆକ୍ରମଣ—
10. Attacking with a view to fight; onslaught.
ଏବେ ଘାତକଙ୍କୁ ଲାଗିଲା କାମ ଧାଡ଼ି;
ମୋତେ ହର ଲେଉଟି ନଣ ଦ୍ରନ ଘଡ଼ି । କୃଷ୍ଣସିଂହ. ମହାଭାରତ ।

୧୧ । ଯୁଦ୍ଧସଜ୍ଜା—11. Battle array.

୧୨ । ଧର୍ମ ବା ନ୍ୟାୟାନୁମୋଦିତ ମାର୍ଗ; ସଦାଚାର—
12. Approved ways or conduct.
କହିଲେ ଦ୍ରୋଣଗୁରୁ ଯେ ଧରମ ଧାଡ଼ି ।
କୃଷ୍ଣସିଂହ. ମହାଭାରତ. ବନ ।

୧୩ । ଧାଡ଼ି ପାଠ (ଦେଖ)
13. Dhārdi pātha (See)

ପ୍ରାଦେ. (ବାଲେଶ୍ୱର, ମେଦିନୀପୁର; ଭୁଲ. ବ. ଏହି ଅର୍ଥରେ ଏହି ଶବ୍ଦ) ବି. ପୁଂ. ଓ ସ୍ତ୍ରୀ—୧ । (ସ୍ତ୍ରୀ) ଜୀବଜନ୍ତୁଙ୍କ ମଧ୍ୟରେ ଯେଉଁ ମାଈ ଜୀବ ଅନେକ ଛୁଆ ଜନ୍ମ କରି ସାରିଅଛି—1. A female animal which has already borne many offsprings.

୨ । (ପୁଂ.) ଜୀବଙ୍କ ଦଳର ନେତା—
2. The head or leader of a herd of animals.

୩ । (ପୁଂ.) ସନ୍ତାନୋତ୍ପାଦନକ୍ଷମ ପୁରୁଷ—
3. A grown up man who is capable of begetting children.

ପ୍ରାଦେ. (ବାଲେଶ୍ୱର; ମେଦିନୀପୁର) ବିଣ—ସନ୍ତାନୋତ୍ପାଦନକ୍ଷମ ଓ ଯୁବକ (ବ୍ୟକ୍ତି)—(a male) Young and capable of begetting children.

ଧାଡ଼ିଆ—ପ୍ରାଦେ· (ପୁରୀ) ବିଣ—କଇଥା; ଦରସିଝା—
Dhārdiā Imperfectly boiled; parboiled.
(ଯଥା—ଧାଡ଼ିଆ ବାଇଗଣ ।)
ଦେ. ବିଣ. (ଅନ୍ୟ ସଂଖ୍ୟାବାଚକ ଶବ୍ଦ ସଙ୍ଗେ ଯୁକ୍ତ, ଯଥା—ତିନିଧାଡ଼ିଆ)—ଏତେ ପଂକ୍ତିବିଶିଷ୍ଟ—Consisting of (so many) lines or rows.

ଧାଡ଼ି କର୍—ଦେ. ଅ (ଡ୍ରିଲ୍ ଓ ବ୍ୟାୟାମପ୍ରବର୍ତ୍ତିକ ଉଦୟମାନ ଯୁବକ ସୁଧାଶ୍ୟାମଙ୍କ ପ୍ରବର୍ତ୍ତିତ ଆଦେଶ—ଶବ୍ଦ)—
Dhardi kar
(ସମସ୍ତ ଛାତ୍ର) ଏକ ଧାଡ଼ିରେ ଲଗାଲଗି ହୋଇ ଠିଆହୁଅ—
(a term in drill) Fall-in; fall into a row.

ଧାଡ଼ିକିଆ—ଦେ. ବିଣ—୧ । ଏକ ଧାଡ଼ିରେ ସମ୍ପୂର୍ଣ୍ଣ—
Dhārdikiā 1. Finished in one row or line.
୨ । ଯାହାର ଏକ ଧାଡ଼ି ବା ପଂକ୍ତି ମାତ୍ର ଅଛି—
2. Consisting of one line only.

ଧାଡ଼ିକିଧାଡ଼ି—ଦେ. କ୍ରି. ବିଣ—୧ । ପ୍ରତ୍ୟେକ ପଂକ୍ତିରେ—
Dhārdikidhārdi 1. In each row or line.
सारिसारि ୨ । ଧାଡ଼ିଧାଡ଼ି ହୋଇ; ଅନେକ ପଂକ୍ତିରେ—
धारीधारी 2. In several rows.
ଧାଡ଼ିକୁଧାଡ଼ି
ଧାଡ଼ିଧାଡ଼ିକ(କ)ର } ଅନ୍ୟରୂପ ୩ । ଏକ ପଂକ୍ତିରେ ଅନ୍ୟ ପଂକ୍ତି—
3. Row after row.

ଧାଡ଼ି ଛାଡ଼ିବା—ଦେ. କ୍ରି—ଅଣ୍ଟ ଛାଡ଼ିବା; ନିର୍ଦ୍ଦିଷ୍ଟ ସୀମାକୁ ଲଙ୍ଘିବା—
Dhārdi chhārdibā To stray beyond the fixed line
(ଧାଡ଼ିଡେଇଁବା—ଅନ୍ୟରୂପ) or the limit laid down.

ଧାଡ଼ି ଦେବା—ଦେ. କ୍ରି—୧ । ଯୁଦ୍ଧାର୍ଥ ଅଗ୍ରସରହେବା—
Dhārdi debā 1. To advance to fight.
धाटिदेओआ ୨ । ଆକ୍ରମଣ କରିବା—
धावामारना 2. To attack.
ଧାଡ଼ି ଲଗା(ଗେ) ଇବା
ଧାଡ଼ିପଡ଼ିବା } ଅନ୍ୟରୂପ ଦନେ କୃତାନ୍ତକ ପଡ଼ିବ ଧାଡ଼ି—
ପ୍ରାଚୀ. ପରଚେଗୀତା

ଧାଡ଼ିଧାଡ଼ିକା—ଦେ. ବିଣ—ଧାଡ଼ି ଧାଡ଼ି ହୋଇ ସୁସଜ୍ଜିତ—
Dhārdidhārdikā Arranged in rows.
सारिसारि धारियारि
(ଧାଡ଼ିଧାଡ଼ିକିଆ—ଅନ୍ୟରୂପ)

ଧାଡ଼ି ଧୋକଡ଼—ପ୍ରାଦେ (ଗଞ୍ଜାମ) ବି—ଗ୍ରାମ୍ୟ ଖେଳ—A kind of
Dhārdi dhokarda outdoor country game.
ପ୍ରାଦେ (ଗଡ଼ଜାତ) ବି—ବାଘବଜାର ପରି ଏକପ୍ରକାର ଖେଳ—
A kind of indoor game.
[ଦ୍ର—ଏଥିରେ ଦୁଇ ଜଣ ଖେଳାଳି ଖେଳନ୍ତି । ଜଣଙ୍କର ସାର ଏକ ବର୍ଣ୍ଣର ୧୧ଟି ଗୋଟି, ଅନ୍ୟ ଜଣକର ଅନ୍ୟ ବର୍ଣ୍ଣର ୧୧ଟି ଗୋଟି । ଏକ ସୀମା ରେଖା ଉପରେ ୩ଟି ବର୍ଗକ୍ଷେତ୍ର ଭୂମିରେ କଟାଯାଇ ତହିଁରେ ୨୪ଟି ଘର ବା ଛକ ଅଙ୍କିତ ହୁଏ । ଦୁଇ ଜଣଙ୍କର ୨୨ଟି ସାର ବସିବା ପରେ ୨ଟି ଘର ବଧା ବା ବଳକା ରହେ । ଯେଉଁ ଖେଳାଳିର ୩ଟି ସାର ଗୋଟିଏ ଧାଡ଼ିରେ ରହିଯାଏ, ସେଥିର ପାଇଁ ସେ ଜିତେ; ଏହା ଘଟିଲେ ଅନ୍ୟ ଖେଳାଳିର ଗୋଟିଏ ସାର ମରିଯାଏ । ଏହିପରି ଖେଳୁ ଖେଳୁ ଯାହାର ସବୁ ଗୋଟିଯାକ ମରିଯାଏ ସେ ହାରେ ।]

ଧାଡ଼ି ନ ଛାଡ଼ିବା—ଦେ. କ୍ରି—ନିର୍ଦ୍ଦିଷ୍ଟ ପଥ ବା ସୀମାକୁ ଅତିକ୍ରମ ନ କରିବା—To keep one's self within the assigned line or boundary; not to stray beyond a specified limit.
Dhārdi na chhārdibā

ଧାଡ଼ି ପହଣ୍ଡି—ଦେ. ବି—ପହଣ୍ଡି ବିଜୟ (ଦେଖ)
Dhārdi pahandi — Pahandi bijaya (See)

ଧାଡ଼ି ପାଠ—ଦେ. ବି (ଧାଡ଼ି+ପାଠ)—ଚଟ୍ଟଶାଳୀରେ ଖଡ଼ିରେ ଚାରି
Dhārdi pātha — ଧାଡ଼ିରେ ଓଡ଼ିଆ ବର୍ଣ୍ଣମାଳା ଲେଖି ଶିଶୁମାନେ ପଢ଼ିବା ପାଠ—Learning of the Oria alphabets in village schools (by writing them down in 4 lines.

[ଦ୍ର—ଚଟ୍ଟଶାଳୀରେ ବାଳକମାନେ ଓଡ଼ିଆ ବର୍ଣ୍ଣମାଳାକୁ ଚାରୋଟି ଧାଡ଼ିରେ ଲେଖି ଶିଖନ୍ତି ।
୧ମ ଧାଡ଼ି—ସ୍ୱରବର୍ଣ୍ଣ, ୧୪ଟି ।
୨ୟ ଧାଡ଼ି—ବ୍ୟଞ୍ଜନବର୍ଣ୍ଣ କ ଠାରୁ ଠ, ୧୨ଟି ।
୩ୟ ଧାଡ଼ି—ଡ ଠାରୁ ଭ, ୧୨ଟି ।
୪ର୍ଥ ଧାଡ଼ି—ମ ଠାରୁ କ୍ଷ ଓ ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ, ୧୩ଟି ।]

ଧାଡ଼ି ମରଦ—ପ୍ରାଦେ (ବାଲେଶ୍ୱର, ମେଦିନୀପୁର) ବି. ପୁଂ—
Dhārdi marada — ସନ୍ତାନୋତ୍ପାଦନକ୍ଷମ ହୃଷ୍ଟପୁଷ୍ଟ ଯୁବକ—A grown up man who is capable of begetting children.
(ଧାଡ଼ି ମର୍ଦ୍ଦ—ଅନ୍ୟରୂପ)

ଧାଡ଼ିମୂଳିଆ—ଦେ. ବିଣ—୧ । ଶ୍ରେଣୀବଦ୍ଧ; ଶ୍ରେଣୀବଦ୍ଧହୋଇ ସଜ୍ଜିତ—
Dhārdimūlia — 1. Arranged in a row or rows
୨ । ଧାରବାହିକ; ଧାଡ଼ି ଧାଡ଼ି ହୋଇ ଲେଖା ଯାଇଥିବା—2. Written in serial lines, one below the other.
ଦେ. କ୍ରି. ବିଣ—୧ । ଧାଡ଼ିର ପ୍ରଥମରୁ ଆରମ୍ଭ କରି ଧାଡ଼ିର ଶେଷ ପର୍ଯ୍ୟନ୍ତ—1. From the beginning of a line to its end.
୨ । ଧାଡ଼ିଧାଡ଼ିକରି; ବନ୍ଧି ପଂକ୍ତିରେ—2. Serially; in rows; line by line.

ଧାଡ଼ୁଆ—ପ୍ରାଦେ (ବାଲେଶ୍ୱର) ବି (ଭୁଲ. ବ. ଏହି ଅର୍ଥରେ ଧାଡ଼ୀ—
Dhārdua — ୧ । ଗୋଧ; ଦଳର ବୁଢ଼ା ମାକଡ଼—1. The head of a flock of monkeys.
ଧାଡ଼ୁଆ ମାକଡ଼ ପରି ଆମ କାହାକ ଉପରେ ଆଁ କରିଡ଼ ଲଗାଇଥାନ୍ତି । ଫକୀରମୋହନ. ଗଳ୍ପସ୍ୱଳ୍ପ ।
୨ । ଦଳର ସର୍ଦ୍ଦାର—2. Leader of a gang.

ଧାତକୀ—ସ.ବି. ସ୍ତ୍ରୀ (ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଅକ; ସ୍ତ୍ରୀ. ଈ)-
Dhātaki — ଧାଇ (ଫୁଲ ଓ ଗଛ) ୬ (ଦେଖ) Dhāi 6 (See)
ବହେ ଲଗ ଅତ ତରୁଣ ଧାତକୀ ଅନୁସରଣ ଝଟତ—ଉ୍ପେ. ବୈଦେହୀଶବିଳାସ ।

ଧାତବ—ସ. ବିଣ (ଧାତୁ+ସମ୍ବନ୍ଧାର୍ଥେ. ଅ)—୧ । ଧାତୁମୟ—
Dhātaba — 1. Metallic; made of metal.
୨ । ଧାତୁ ସମ୍ବନ୍ଧୀୟ—2 Pertaining to metals.

ଧାତା—ସ. ବି. ପୁଂ (ଧା ଧାତୁ=ଧାରଣ କରିବା+କର୍ତ୍ତୃ. ତୃ; ଧାତୃ
Dhātā — ୧ମା. ୧ବ.)—୧ । ଈଶ୍ୱର—1. God; Providence; the Maker.
(ଧାତ୍ରୀ—ସ୍ତ୍ରୀ) ୨ । ବ୍ରହ୍ମା; ବିଧାତା—2. Brahmā; the Creator.
ବ୍ରହ୍ମା କରେ ମୁଁ ଧାତାକୁ—କବିସୂର୍ଯ୍ୟ. କଣୋସରଜ୍ଜ୍ଜ କ ଗୀତ ।
୩ । ବିଷ୍ଣୁ—3. Bishnu.
୪ । ପିତା—4. Father.
୫ । ଆତ୍ମା—5. Soul.
୬ । ଅଣଷାଠି ବାୟୁ ମଧ୍ୟରୁ ଏକତମ—6. One of the 49 winds (according to the Hindu mythology).
୭ । ଦ୍ୱାଦଶ ଆଦିତ୍ୟ ମଧ୍ୟରୁ ଏକତମ—7. One of the 12 forms of the Sun-god.
୮ । ଶିବ (ହି. ଶ.)—8. God Siba.
୯ । ଶେଷନାଗ (ହି. ଶବ୍ଦସାଗର)—9. The king of serpents(who is said to bear the universe on his head).
୧୦ । ଜାର; ଉପପତି (ପ୍ରକୃତିବାଦ)—10. A paramour.
ସ. ବିଣ—୧ । ଧାରଣକର୍ତ୍ତା—1. Holding; supporting.
୨ । ପାଳନକର୍ତ୍ତା—2. Bringing up.
୩ । ସୃଷ୍ଟିକର୍ତ୍ତା—3. Creating.
୪ । ନିୟନ୍ତା; ନିୟାମକ—4. Regulating.
ଦେ. ବି—ବଳ; ଅଧିକାର—Power; authority.

ଧାତି—ଦେ. କ୍ରି. ବିଣ. (ସ. ଝଟିତି)—୧ । ଅତିଶୀଘ୍ର—
Dhāti — 1. Very quickly; sharp; soon
ধাঁকরে — ମଲ୍ଲିକ ଘର ଅଜ୍ଞା ଦେଲେ ଧାତି—ପ୍ରାଚୀ. ପ୍ରତାପ. ଗଙ୍ଗସେଣା ।
फौरन — ୨ । ତତ୍କ୍ଷଣାତ—2. Immediately; at once.
ଧାତିକାର, ଧାତିକାରେ } ଅନ୍ୟରୂପ
ଚନ୍ଦ୍ରାବତୀ ପେଷି ଧାତିକାର, ବଳେ କଲେ ଲକ୍ଷ୍ମଣ କୋଦଣ୍ଡ । ବିଶ୍ୱନାଥ. ରାଘବବିଳାସ ।
ଗୋପୀଙ୍କି ଦେଖି ଲଜ୍ଜାରେ, ଡାହି ମିଳିଲେ ଧାତିକାରେ । ଭୂପତି. ପ୍ରେମପଞ୍ଚାମୃତ ।

ଧାତିଙ୍ଗି—ଦେ. ଅ (ଧ୍ୱନ୍ୟର୍ଥକ)—ବାଦ୍ୟ ଓ ନୃତ୍ୟର ଧ୍ୱନିବିଶେଷ—
Dhātingi — A sound representing a formula in music and dancing.
ଧାତିନ, ଧାତିନା, ଧାତିନ୍ତିନା, ଧାତିନଧିନା } ଅନ୍ୟରୂପ

ଧାତୁ—ସ. ବି (ଧା ଧାତୁ=ଧାରଣ କରିବା+କର୍ତ୍ତୃ. ତୁ)—
Dhātu — ୧ । ପରମେଶ୍ୱର; ଈଶ୍ୱର; ଧାତା; ପରମେଶ୍ୱର—1. The Creator; God.
୨ । ସ୍ୱଭାବ; ପ୍ରକୃତି—2. Nature.
୩ । ଦେହଧାରକ ଧର୍ମ ବା ପ୍ରକୃତି—3. Bodily humour; temperament.
୪ । ଶୁକ୍ର—4. Semen; virile.
୫ । ନାଡ଼ୀ—5. Pulse.

୬ । ଶରୀରସ୍ଥ ସପ୍ତ ଧାତୁ; ରସ, ରକ୍ତ, ମେଦ, ମଜ୍ଜା, ଶୁକ୍ର, ମାଂସ ଓ ଅସ୍ଥି—6. The seven ingredients or constituents of the body.
୭ । ଶରୀରସ୍ଥ ତ୍ରିଧାତୁ; ବାତ, ପିତ୍ତ ଓ କଫ—
7. The three humours or elements regulating the physical system.
୮ । ଚେତନା; ଜୀବନୀଶକ୍ତି—8 Vitality; life.
୯ । ପଞ୍ଚଭୂତ; କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ—
9 The five elements of the material universe.
୧୦ । ମୂଳ; ମୌଳିକ ବସ୍ତୁ—
10. Root; base; element.
୧୧ । ଉପାଦାନ; ଉପକରଣ—
11. Material; component part; ingredient.
୧୨ । ତୈଜସ ପଦାର୍ଥ; ବିଶିଷ୍ଟ ଗୁଣଯୁକ୍ତ ଖନିଜ ପଦାର୍ଥ—
12. Metal.
[ଦ୍ର—ସପ୍ତ ଧାତୁ ଯଥା—ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର, ରଙ୍ଗ, ଲୌହ, ସୀସା, ଦସ୍ତା । ଅଷ୍ଟ ଧାତୁ=ସପ୍ତ ଧାତୁ ଓ ପାରଦ ।]
୧୩ । (ବ୍ୟାକରଣ) ଭୂ,କୃ, ଗମ୍, ସ୍ଥା, ଦୃଶ୍ ପ୍ରଭୃତି କ୍ରିୟାବାଚକ-ପ୍ରକୃତି, ଶବ୍ଦର ମୂଳ ଉପାଦାନ—13. (grammar) Roots; verbal elements.
୧୪ । ଗନ୍ଧକ, ପାରଦ, ମନଃଶିଳା, ହିଙ୍ଗୁଳ, ଗେରୁମାଟି ଆଦି ଖଣିଜ ବସ୍ତୁ—14. Minerals; ore; fossil.
୧୫ । (ସଙ୍ଗୀତ) ସପ୍ତସ୍ୱର—15. (music) Gamut.
[ଦ୍ର—ସଙ୍ଗୀତର ସପ୍ତସ୍ୱର—ସା, ରି, ଗା, ମା, ପା, ଧା, ନି ଏମାନ ପ୍ରତ୍ୟେକେ ଗୋଟିଏ ଗୋଟିଏ ଧାତୁ ।]
୧୬ । ବୁଦ୍ଧ ବା ଅନ୍ୟ କୌଣସି ମହାତ୍ମାଙ୍କ ଅସ୍ଥି, ନଖ, ଦନ୍ତ, କେଶ ଆଦି, ଯାହା ଭକ୍ତମାନେ ଆଧାରରେ ରଖନ୍ତି, ରକ୍ଷା ପୂଜା କରନ୍ତି (ହି. ଶବ୍ଦସାଗର)—
16. The remains or relics of any great man which his devotees preserve and worship.

ଧାତ ଦେ. ବି—୧ । ଶରୀର ମଧ୍ୟସ୍ଥ ସ୍ନାୟୁ—
ধাত 1. Nerves of the body.
୨ । ବ୍ୟକ୍ତିଗତ ଶାରୀରିକ ପ୍ରକୃତି—
2. The peculiar physical constitution of an individual; physique.
୩ । ମେହ ରୋଗ—3. Gonorrhoea.

ଧାତୁ କାଶୀସ—ସ. ବି—ହୀରାକସ—
Dhātu kāsisa Green sulphate of iron.

ଧାତୁକୀ—ଦେ. ବି. (ସ. ଧାତକୀ)—ଧାତକୀ (ଦେଖ)
Dhātuki Dhātaki (See)
ধাইফুল ধব, ধবই

ଧାତୁ କୁଶଳ—ସ. ବିଣ. ପୁଂ. (ଧାତୁ+କୁଶଳ; ୭ମୀ ତତ୍)—
Dhātu kusala ୧ । ବ୍ୟାକରଣର ଧାତୁ ବିଦ୍ୟାରେ କୁଶଳ—
(ଧାତୁକୁଶଳା —ସ୍ତ୍ରୀ) 1. Well versed in the grammatical roots.
୨ । ସ୍ୱର୍ଣ୍ଣାଦି ଧାତୁ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନବିଶିଷ୍ଟ—
2. Well versed in metallurgy.

ଧାତୁ କ୍ଷୟ—ସ. ବି. (ଧାତୁ+କ୍ଷୟ; ୬ଷ୍ଠୀ ତତ୍)—
Dhātu kshaya ୧ । ଶୁକ୍ରକ୍ଷରଣ ରୋଗ—1. The disease of involuntary remission of semen.
୨ । ପ୍ରମେହ—2. Gonorrhoea.
୩ । ପ୍ରଦର ରୋଗ—3. Leucorrhœa.
୪ । (ବହୁବ୍ରୀହି) ମାରାତ୍ମକ କାଶରୋଗବିଶେଷ—
4. A kind of fatal cough; consumption.

ଧାତୁ ଗରମ—ଦେ. ବି—ଦେହ ଗରମ ହେବା—
Dhātu garama The preponderance of heat in the system.
ধাতগরম धात गरमी
(ଧାତୁ ତେଜ—ଅନ୍ୟରୂପ)

ଧାତୁ ଗର୍ଭ—ସ. ବିଣ (ଧାତୁ+ଗର୍ଭ; ବହୁବ୍ରୀହି)—
Dhātu garbha ଯେଉଁ ମୃତ୍ତିକା ମଧ୍ୟରେ ଧାତୁ ଥାଏ—
(ଧାତୁଗର୍ଭିକ—ଅନ୍ୟରୂପ) Metalliferous (soil).
ସ. ବି—ଯେଉଁ ଡବାରେ ବୌଦ୍ଧମାନେ ବୁଦ୍ଧଦେବଙ୍କ ଦେହର କୌଣସି ଅଂଶ (ଯଥା—କେଶ, ନଖ, ଦନ୍ତ) ରଖି ପୂଜା କରନ୍ତି (ହି. ଶବ୍ଦସାଗର)—
A box in which relics of the Buddha are preserved and worshipped.

ଧାତୁ ଘଟନ—ଦେ. ବିଣ. (ସ. ଧାତୁ+ଘଟିତ)—
Dhātu ghatana ଧାତୁକୃତ—
(ଧାତୁମନ୍ତ—ଅନ୍ୟରୂପ) Composed of Dhātu.
ଅଧାତୁମନ୍ତ ଅସ୍ତ୍ର ହୋଏ
ଧାତୁ ଘଟଣ ଦେହ ନହେ । ଜଗନ୍ନାଥ. ଭାଗବତ ।

ଧାତୁ ଘଟିତ—ସ. ବିଣ. (ଧାତୁ+ଘଟିତ)—
Dhātu ghatita ୧ । ଧାତୁ ସମ୍ପର୍କୀୟ—
1. Pertaining to Dhātu.
୨ । ଧାତୁ ମିଶ୍ରିତ—2. Mixed with Dhātu.

ଧାତୁଘ୍ନ—ସ. ବି. (ଧାତୁ=ଶରୀରସ୍ଥ ବାତ ପିତ୍ତାଦି+ହନ୍ ଧାତୁ=
Dhātughna ନାଶ କରିବା+କର୍ତ୍ତୃ. ଅ)—କାଞ୍ଜି (ଦେଖ)
(ଧାତୁନାଶକ—ଅନ୍ୟରୂପ) Kānji (See)
ସ. ବିଣ—ଯଦ୍ୱାରା ଶରୀରସ୍ଥ ଧାତୁ ନଷ୍ଟ ହୁଏ—
Destroying the elements of the body.

ଧାତୁଚଳା—ଦେ. ବି—୧ । ମେହ ରୋଗ—
Dhātuchalā 1. Gonorrhoea.
ଧାତୁ ପଡ଼ିବା } ଅନ୍ୟରୂପ ୨ । ଧାତୁକ୍ଷୟ ରୋଗ—
ଧାତୁ ରୋଗ } 2. Abnormal wastage of semen.
ধাতের ব্যারাম धातक्षिन

ଧାତୁତତ୍ତ୍ୱ—ସ. ବି. (ଧାତୁ+ତତ୍ତ୍ୱ)—
Dhātu tattwa ଯେଉଁ ବିଦ୍ୟାଦ୍ୱାରା ଖନିଜ ପଦାର୍ଥମାନଙ୍କର
ଧାତୁବିଦ୍ୟା } ଅନ୍ୟରୂପ ସ୍ୱରୂପ ଓ ଗୁଣାଗୁଣ ନିର୍ଣ୍ଣୀତ ହୁଏ—
ଧାତୁବିଜ୍ଞାନ } Minerology; metallurgy.

ଧାତୁ ଦୁର୍ବଳତା—ସ. ବି. (ଧାତୁ+ଦୁର୍ବଳତା; ୬ଷ୍ଠୀ ତତ୍)—
Dhātu durbalatā ଶାରୀରିକ ବା ସ୍ନାୟବିକ ଦୁର୍ବଳତା—
(ଧାତୁ ଦୌର୍ବଲ୍ୟ—ଅନ୍ୟରୂପ) Nervous debility.

ଧାତୁ ଦ୍ରାବକ—ସ. ବି. (ଧାତୁ+ଦ୍ରୁ ଧାତୁ=ଦ୍ରବ କରିବା+କର୍ତ୍ତୃ.ଅକ)—
Dhātu drābaka ସୋହାଗା—Borax.
ଧାତୁବହ୍ନିଭ, ଧାତୁମାରଣୀ } ଅନ୍ୟରୂପ ;

ଧାତୁ ନରମ—ଦେ. ବି—ଶରୀରରେ ଶ୍ଳେଷ୍ମାଧିକ୍ୟ—
Dhātu narama Preponderance of phlegm in the system
ଧାତ নরম ধাতনৰম
(ଧାତୁ ଥଣ୍ଡା—ଅନ୍ୟରୂପ)

ଧାତୁ ପାତ୍ର—ସ. ବି. (ଧାତୁ+ପାତ୍ର; ମ. ପ. ଲୋ)—
Dhātu pātra ଧାତୁନିର୍ମିତ ପାତ୍ର—Metallic pot.

ଧାତୁ ପୁଷ୍ଟି—ସ. ବି. (୬ଷ୍ଠୀ ତତ୍; ଧାତୁ+ପୁଷ୍ଟି)—ଶରୀରରେ
Dhātu pushṭi ବଳାଧାନ—Conservation of bodily strength; nutrition.

ଧାତୁପୁଷ୍ପୀ—ସ. ବି—ଧାଇ ୬ (ଦେଖ)
Dhātupushpi Dhāi 6 (See)
(ଧାତୁପୁଷ୍ପିକା—ଅନ୍ୟରୂପ)

ଧାତୁପୋଷକ—ସ. ବିଣ. (ଧାତୁ+ପୋଷକ)—
Dhātuposhaka ଶରୀରର ପୁଷ୍ଟିକର—Nutritious.
(ଧାତୁ ପୁଷ୍ଟିକର, ଧାତୁଭୃତ୍)—ଅନ୍ୟରୂପ
(ଧାତୁପୋଷଣ—ବି)

ଧାତୁ ପ୍ରତ୍ୟୟ—ସ. ବି. (ଦ୍ୱନ୍ଦ୍ୱ; ଧାତୁ+ପ୍ରତ୍ୟୟ)—
Dhātu pratyaya ୧ । (ବ୍ୟାକରଣ) ଧାତୁ ଓ ତହିଁରେ କରାଯିବା ପ୍ରତ୍ୟୟ—1. A verb and its affix.
୨ । ପଦଗଠିତ ହୋଇଥିବା ଧାତୁ ଓ ପ୍ରତ୍ୟୟ, ଶବ୍ଦର ବ୍ୟୁତ୍ପତ୍ତି
2. Etymology of a word.

ଧାତୁ ବର୍ଦ୍ଧକ—ସ. ବିଣ. (୬ଷ୍ଠୀ ତତ୍; ଧାତୁ+ବର୍ଦ୍ଧକ)—
Dhātu barddhaka ବୀର୍ଯ୍ୟ ବୃଦ୍ଧିକାରକ; ଶୁକ୍ରବର୍ଦ୍ଧକ—
Increasing semen.

ଧାତୁବାଦ—ସ. ବି—୧ । ହିନ୍ଦୁ ଶାସ୍ତ୍ରୋକ୍ତ ୬୪ କଳା ବା ବିଦ୍ୟା ମଧ୍ୟରୁ
Dhātubāda ଏକତମ, ଯଦ୍ଦ୍ୱାରା ଖଣିରୁ ବାହାରିଥିବା ମିଶ୍ରିତ ଧାତୁକୁ ସଫା କରାଯାଏ ଓ କୌଣସି ମିଶ୍ରିତ ଦ୍ରବ୍ୟରୁ ଭିନ୍ନ ଭିନ୍ନ ଧାତୁ ପୃଥକ କରାଯାଏ—1. Metallurgy.
୨ । ରସାୟନ ବିଦ୍ୟା;ଯେଉଁ ବିଦ୍ୟା ପ୍ରଭାବରେ ନିକୃଷ୍ଟ ଧାତୁକୁ ସୁନା ବା ରୁପାରେ ପରିଣତ କରାଯାଇ ପାରେ—
2. Alchemy.

ଧାତୁବାଦୀ—ସ. ବି. ପୁଂ. (ଧାତୁ+ବଦ୍ ଧାତୁ+ଇନ୍)—
Dhātubādi ୧ । ଧାତୁ ବିଦ୍ୟାରେ ପାରଦର୍ଶୀ—
(ଧାତୁବାଦିନୀ—ସ୍ତ୍ରୀ) 1. Metallurgist; minerologist.
ଧାତୁବିଦ୍, ଧାତୁବିଦ୍ } ଅନ୍ୟରୂପ
୨ । ରସାୟନ ଶାସ୍ତ୍ରର ସହାୟତାରେ ନିକୃଷ୍ଟ ଧାତୁକୁ ସୁନା ବା ରୁପାରେ ପରିଣତକାରୀ ବ୍ୟକ୍ତି—2. Alchemist; a person who can turn base metals into gold or silver by alchemy.

ଧାତୁ ବିଦ୍ୟା—ସ. ବି. ସ୍ତ୍ରୀ. (ଧାତୁ+ବିଦ୍ୟା)—
Dhātu bidyā ଯେଉଁ ବିଦ୍ୟାରୁ ଧାତୁ ବିଷୟରେ ନାନା ତଥ୍ୟ ଶିକ୍ଷା କରାଯାଏ—Metallurgy; alchemy.

ଧାତୁ ବୈରି—ସ. ବି. (ଧାତୁ+ବୈରିନ୍; ୧ମା. ୧ବ)—ଗନ୍ଧକ—
Dhātu bairi Sulpher.

ଧାତୁଭୃତ୍—ସ. ବି. (ଧାତୁ+ଭୃ ଧାତୁ=ଧାରଣ କରିବା+କର୍ତ୍ତୃ. କ୍ୱିପ୍)—
Dhātubhrut ପର୍ବତ—Mountain.
ସ. ବିଣ - ଶରୀରସ୍ଥ ଧାତୁର ପୋଷକ—Nutritious.

ଧାତୁମୟ—ସ. ବିଣ. (ଧାତୁ+ବିକାରାର୍ଥେ. ମୟ)—
Dhātumaya ୧ । ଧାତୁପୂର୍ଣ୍ଣ—1. Metallic.
(ଧାତୁମୟୀ—ସ୍ତ୍ରୀ) ୨ । ଧାତୁ ଦ୍ୱାରା ଗଠିତ—
2. Made of metal.
୩ । ଯହିଁରେ ଅନେକ ଧାତୁ ମିଳେ; ଧାତୁବହୁଳ—
3. Abounding in metals.

ଧାତୁ ମର୍ମ—ସ. ବି—ଧାତୁବାଦ (ଦେଖ)
Dhātu marma Dhātubāda (See)

ଧାତୁ ମଳ—ସ. ବି. (ଧାତୁ+ମଳ)—
Dhātu maḷa ୧ । ଧାତୁମୟ ଦ୍ରବ୍ୟ ଉପରେ ପଡ଼ିବା କଳଙ୍କି—
1. Rust on metals.
୨ । ଲୁହାଗୁହ; ମଣ୍ଡୁର—2 Rust of iron.
୩ । (ବୈଦ୍ୟକ) କଫ, ପିତ୍ତ, ଝାଳ, ନଖ, କେଶ, ଲେଜନସ୍ର, ଶିଂଘାଣି, କାନଗୁହ ଆଦି ଶରୀରର ମଳ (ହି. ଶ.)—
3. The excretions of the body.

ଧାତୁମାକ୍ଷିକ—ସ. ବି—୧ । ଧାତୁପର ଆଭାଯୁକ୍ତ ପଦାର୍ଥବିଶେଷ—
Dhātumākshika 1. Pyrites.
୨ । ସ୍ୱର୍ଣ୍ଣ, ରୌପ୍ୟ ଓ ତାମ୍ରଆଦି ଧାତୁ ସଙ୍ଗେ ଗନ୍ଧକମିଶ୍ରିତ ଅବସ୍ଥାରେ ଖଣିରୁ ଉତ୍ପନ୍ନ ପଦାର୍ଥ—
2. Sulphides of different metals.

ଧାତୁମାରଣୀ—ସ. ବି. (ଧାତୁ+ମୃ ଧାତୁ ଣିଚ୍ ମାର ଧାତୁ+ଇନ୍+
Dhātumāriṇi ସ୍ତ୍ରୀ. ଈ)—ସୋହାଗା (ହି. ଶବ୍ଦସାଗର)—
Borax.

ଧାତୁରା—ଦେ. ବି. [ସ. ଧୁସ୍ତୁର(ସ୍ତୁ)ର; ଧତ୍ତୂର]—ଧୁତୁରା (ଦେଖ)
Dhaturā Dhaturā (See)

ଧାତୁ ରାଗ—ସ. ବି. (ଧାତୁରୁ ଉତ୍ପନ୍ନ ରାଗ; ମ. ପ. ଲୋ)—
Dhātu rāga ହିଙ୍ଗୁଳ, ଗେରୁଆଦି ରଙ୍ଗ—
Dyes produced from minerals; mineral dye.

ଧାତୁରାଜକ—ସ. ବି. (ଧାତୁ=ଦେହସ୍ଥ ରସାଦି+ରାଜନ୍=ପ୍ରଧାନ+
Dhāturājaka କ)—ଶୁକ୍ର; ବୀର୍ଯ୍ୟ—Semen; virile.

ଧାତୁରାଫୁଲିଆ—ଦେ. ବିଣ—ଧୁତୁରାଫୁଲର ପାଙ୍ଗୁଡ଼ା ଆକାରର ଧଣ୍ଡିଥିବା
Dhāturāphuliā (କଂସା ବାସନ)—(bellmetal utensil) Having the rim shaped like the rim of a Dhāturā flower.

ଧାତୁ ଶେଖର—ସଂ. ବି—୧ । କାସୀସ; ହୀରାକସ—
Dhātu śekhara 1. Sulphate of iron.
୨ । ସୀସା ଧାତୁ—2. Lead.

ଧାତୁ ସଂଜ୍ଞ—ସଂ.ବି. (ବହୁବ୍ରୀହି;ଧାତୁ+ସଂଜ୍ଞା)—ସୀସା ଧାତୁ (ହି. ଶ.)—
Dhātu saṁjña Lead.

ଧାତୁ ସ୍ତମ୍ଭକ—ସଂ. ବିଣ. (୬ଷ୍ଠୀ ତତ୍; ଧାତୁ+ସ୍ତମ୍ଭକ)—
Dhātu stambhaka ବୀର୍ଯ୍ୟ ସ୍ତମ୍ଭନକାରୀ (ଦ୍ରବ୍ୟ); ଯେଉଁ ଦ୍ରବ୍ୟ ସେବନ ବା ବ୍ୟବହାର କଲେ ସହଜରେ ବୀର୍ଯ୍ୟ ସ୍ଖଳିତ ହୁଏ ନାହିଁ—Restraining the flow of semen.

ଧାତୁହନ—ସଂ. ବି. (ଧାତୁ+ହନ୍ ଧାତୁ+ଅ)—ଗନ୍ଧକ (ହି. ଶ.)—
Dhātuhana Sulpher.

ଧାତୂପଲ—ସଂ. ବି. (ଧାତୁ=ଖନିଜ ପଦାର୍ଥ+ଉପଲ=ପଥର)—ଖଡ଼ି—
Dhātūpaḻa Chalk.

ଧାତୃପୁତ୍ର—ସଂ. ବି. (୬ଷ୍ଠୀ ତତ୍; ଧାତୃ+ପୁତ୍ର)—
Dhātṛuputra ବ୍ରହ୍ମାଙ୍କ ପୁତ୍ର ସନତ୍କୁମାର—
Sanatkumāra; the son of Brahmā.

ଧାତୃପୁଷ୍ପିକା—ସଂ. ବି—ଧାଇ ୬ (ଦେଖ)
Dhātṛupushpikā Dhāi 6 (See)
(ଧାତୃପୁଷ୍ପୀ—ଅନ୍ୟରୂପ)

ଧାତ୍ୱର୍ଥ—ସଂ. ବି. (୬ଷ୍ଠୀ ତତ୍; ଧାତୁ+ଅର୍ଥ)—
Dhātwartha ୧ । (ବ୍ୟାକରଣ) ଧାତୁର ଅର୍ଥ—
1. The meaning of a verbal root.
୨ । କୌଣସି ଶବ୍ଦର ଧାତୁରୁ ଉତ୍ପନ୍ନ ଅର୍ଥ; ମୌଳିକ ବା ପ୍ରଥମାର୍ଥ
2. The root; meaning of a word-the primary meaning of a word which follows from the root.

ଧାତ୍ର—ସଂ. କ୍ଳୀ. (ଧା ଧାତୁ=ଧାରଣ କରିବା+କର୍ତ୍ତୃ. ତ୍ର)—ପାତ୍ର—
Dhātra A receptacle; a vessel.

ଧାତ୍ରିକା—ସଂ. ବି. ସ୍ତ୍ରୀ. (ଧାତ୍ରୀ+କ+ସ୍ତ୍ରୀ. ଆ)—ଆମଳକୀ; ଅଁଳା—
Dhātrikā Emblic Myrabalan.

ଧାତ୍ରୀ—ସଂ. ବି. ସ୍ତ୍ରୀ. (ଧା ଧାତୁ=ଧାରଣ କରିବା; ପାଳନ କରିବା+
Dhātrī କର୍ତ୍ତୃ. ତୃ=ଧାତୃ+ସ୍ତ୍ରୀ. ଈ)—୧ । ମାତା—
1. Mother.
୨ । ଦୁର୍ଗା—2. Goddess Durgā.
୩ । ଉପମାତା; ଧାଈ—
3. Nurse; foster-mother.
୪ । ଯେ ଅନ୍ୟର ପିଲାକୁ ସ୍ତନ୍ୟପାନ କରାଇ ପାଳେ—
4. Wet nurse.
୫ । ପୃଥିବୀ—5. The earth.
୬ । ପ୍ରସୂତି ଓ ସନ୍ତାନର ଯତ୍ନ କରିବା ସ୍ତ୍ରୀ ବୈଦ୍ୟ—
6. Midwife; obstetrix.
୭ । ଆମଳକୀ; ଅଁଳା—7. Emblic Myrabalan; Phyllanthus Emblica.
୮ । ଗଙ୍ଗାନଦୀ (ହି. ଶବ୍ଦସାଗର)—8. The Ganges.
୯ । ଭୂମି (ହି. ଶବ୍ଦସାଗର)—9. The soil; earth.
୧୦ । ସେନା; ଫଉଜ (ହି. ଶବ୍ଦସାଗର)—10. Army.
୧୧ । ଗାଈ (ହି. ଶବ୍ଦସାଗର)—11. Cow.
୧୨ । ଆର୍ଯ୍ୟା; ଛନ୍ଦୋବିଶେଷ—
12. A kind of Sanscrit metre.
(ଯଥା—ଏଥିରେ ୧୬ଟି ଗୁରୁ ଓ ୧୨ଟି ଲଘୁ ମାତ୍ରା ଥାଏ—ହି. ଶବ୍ଦସାଗର ।)
୧୩ । ଗାୟତ୍ରୀ ସ୍ୱରୂପିଣୀ ଭଗବତୀ (ହି. ଶବ୍ଦସାଗର)—
13. Durgā in the shape of Gāyatrī; Gāyatrī personified.

ଧାତ୍ରୀ ଚିକିତ୍ସା—ଦେ. ବି. (ଆଧୁନିକ ପ୍ରୟୋଗ)—
Dhātrī chikitsā ପ୍ରସୂତି ଓ ନବଜାତ ସନ୍ତାନର ଚିକିତ୍ସା—
Midwifery; obstetrics.

ଧାତ୍ରୀ ପତ୍ର—ସଂ. ବି. (ଧାତ୍ରୀ+ପତ୍ର)—୧ । (୬ଷ୍ଠୀ ତତ୍) ଅଁଳାଗଛର
Dhātrī patra ପତ୍ର—1. The leaf of Embelic Myrabalan.
୨ । (ବହୁବ୍ରୀହି) ତାଳୀସପତ୍ର (ହି. ଶବ୍ଦସାଗର) (ଦେଖ)
2. Tālīsa patra (See)

ଧାତ୍ରୀ ପୁତ୍ର—ସଂ. ବି. (୬ଷ୍ଠୀ ତତ୍; ଧାତ୍ରୀ+ପୁତ୍ର)—୧ । ନଟ—
Dhātrī putra 1. A dancer.
୨ । ଉପମାତାର ପୁତ୍ର—2. Foster-brother.

ଧାତ୍ରୀ ଫଳ—ସଂ.ବି—ଅଁଳା କୋଳି—The fruit or berry of
Dhātrī phaḻa the Embelic Myrabalan.

ଧାତ୍ରୀ ବିଦ୍ୟା—ଦେ. ବି. (ଆଧୁନିକ ପ୍ରୟୋଗ)—ଧାତ୍ରୀ ଚିକିତ୍ସା (ଦେଖ)—
Dhātrī bidyā Midwifery.

ଧାତ୍ରେୟିକା—ସଂ. ବି. ସ୍ତ୍ରୀ.—(ଧାତ୍ରେୟୀ+ସ୍ୱାର୍ଥେ. କ; ସ୍ତ୍ରୀ. ଆ)—
Dhātreyikā ଧାତ୍ରେୟୀ (ଦେଖ)—Dhātreyī (See)

ଧାତ୍ରେୟୀ—ସଂ. ବି. ସ୍ତ୍ରୀ—(ଧାତ୍ରୀ+ଏୟ+ସ୍ତ୍ରୀ. ଈ)—୧ । ଧାଈ—
Dhātreyī 1. Midwife; nurse.
୨ । ଉପମାତାର କନ୍ୟା—
2. A foster-sister (Apte).

ଧାନ—ସଂ. ବି. (ଧା ଧାତୁ+ଅଧିକରଣେ. ଅନ)—୧ । ସ୍ଥାନ—
Dhāna 1. Place; habitation.
(ଧାନୀ, ଧାନିକା—ସ୍ତ୍ରୀ) ୨ । ଆଧାର—
2. Container; holder; receptacle.

ଧାନ ଦେ. ବି. (ସଂ. ଧାନ୍ୟ)—୧ । ଶସ୍ୟବିଶେଷ; ତୁଷାବୃତ ତଣ୍ଡୁଳ; ଭାରତ ଆଦି ଗ୍ରୀଷ୍ମପ୍ରଧାନ ଦେଶର କୃଷିଜାତ ପ୍ରଧାନ ଖାଦ୍ୟ ଶସ୍ୟ—1. Paddy; unhusked rice; Oryza Sativa.
[ଦ୍ର—ଧାନ ଭାରତବର୍ଷରେ ବୈଦିକ ଯୁଗରୁ ଖାଦ୍ୟ ଶସ୍ୟ ରୂପେ ଚଳିଅଛି । ଭାରତବର୍ଷ, ବ୍ରହ୍ମଦେଶ, ଚୀନ, ଯାପାନ, ଅଷ୍ଟ୍ରେଲିଆ, ଆମେରିକା, ଇଟାଲି, ସ୍ପେନ୍ ଆଦି ଦେଶର ଗ୍ରୀଷ୍ମପ୍ରଧାନ ଅଞ୍ଚଳମାନଙ୍କରେ ଏହାର କୃଷି ହୁଏ । ଧାନ ଫସଲ ପାଇଁ ବର୍ଷା ବା ସେଚନ ପ୍ରକ୍ରିୟା ଦ୍ୱାରା ଜଳ ବିଶେଷ ଦରକାର । ଉପଯୁକ୍ତ ସମୟରେ ପାଣି ନ ପାଇଲେ ଧାନ ଗଛ ମରିଯାଏ । ଧାନରୁ ଯେଉଁ ଚାଉଳ ବାହାରେ

ତାହା ସରୁ ଓ ମୋଟ ଏବଂ ଧଳା ଓ ନାଲି ଭେଦରେ ଦୁଇ ଦୁଇ ପ୍ରକାରର । ଧାନର ବର୍ଣ୍ଣ ସାଧାରଣତଃ ଈଷତ୍ ହଳଦିଆ, କିନ୍ତୁ କେତେକ ଧାନର ବର୍ଣ୍ଣ ନାଲିଆ, କଳା, ଗାଢ଼ ହଳଦିଆ ଓ ମାଟିଆ ହୁଏ । ଧାନ ଗଛର ମୂଳ ଅଂଶ ତୃଣ ବା ନଡ଼ା ହୁଏ । ବାଉଁଶ ଗଛ ମଧ୍ୟ ଧାନ ଜାତୀୟ ଗଛ । ବାଉଁଶ ଗଛରେ ବହୁ ବର୍ଷ ପରେ ଫୁଲ ଫୁଟି ସେଥିରୁ ଧାନ ପରି ଏକ ପ୍ରକାର ଶସ୍ୟ ବାହାରେ । ଧାନକୁ ଢିଙ୍କିରେ ବା ଉଦୂଖଳ ମୂଷଳରେ ବା କଳଦ୍ୱାରା କୁଟି ଧାନରୁ ଚାଉଳ ବାହାର କରାଯାଏ । ସେ ଚାଉଳକୁ ସିଦ୍ଧ କରି ଅନ୍ନରୂପେ ଲୋକେ ଖାଆନ୍ତି; ଚାଉଳକୁ ପାଣି ଓ ଦୁଧରେ ସିଝାଇ ଖିରି କରି ଖାଆନ୍ତି ଓ ଚାଉଳକୁ ବାଟି ବା ଚୂନା କରି ତହିଁରେ ପିଠା ତିଆରି କରି ଖାଆନ୍ତି । ଧାନକୁ ଖରାରେ ଶୁଖାଇ କୁଟିଲେ ତହିଁରୁ ଅରୁଆ ଚାଉଳ ହୁଏ । ଧାନକୁ ଈଷତ୍ ସିଦ୍ଧ କରି ଶୁଖାଇ କୁଟିଲେ ସେଥିରୁ ଉସୁନା ଚାଉଳ ହୁଏ । ଧାନକୁ ସିଝାଇ ଓ ସଢ଼ାଇ ସେଥିରୁ ଏକପ୍ରକାର ମଦ୍ୟ (ଅରକ୍ଷି) ତିଆରି କରାଯାଏ । ସାଧାରଣତଃ ଗରିବ ଲୋକମାନେ ମୋଟ ଧାନର ଚାଉଳର ଭାତ ଖାଆନ୍ତି ଓ ବଡ଼ଲୋକମାନେ ସରୁ ଚାଉଳର ଭାତ ଖାଆନ୍ତି ।

ଏ ଦେଶରେ ୩ ପ୍ରକାର ଧାନ ଫସଲ ହୁଏ :— ବିଆଳି ଶାରଦ, ଓ ଦାଳୁଆ । ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳରେ ଧାନର ନାମ ଭିନ୍ନ ଭିନ୍ନ । ବିଆଳି ବା ଆଶୁ—ଏହା ବର୍ଷାଦିନରେ ପାଚେ । ଷାଠିକା, ବୋଦଡ଼ା, ପଟିଆ କାହ୍ନୁଅଇଲା, ପରଙ୍ଗା ଓ ନୂଆଗଡ଼, କାହ୍ନୁଲି ଆଦି ଧାନ ଏହି ଶ୍ରେଣୀର ଅନ୍ତର୍ଗତ ।

ଶାରଦ—ଏହାକୁ ମଧ୍ୟ ହୈମନ୍ତିକ ବା ଶାଳି କୁହାଯାଏ । ଉଚ୍ଚ ଜମିରେ ହେବା ଶାରଦ ଧାନକୁ ଲଘୁଧାନ ଓ ନୀଚ ଜମିରେ ହେବା ଧାନକୁ ମୋଟ ବା ବଡ଼ ଧାନ ବୋଲାଯାଏ । ଏହା ଶୀତଦିନରେ ପାଚେ ।

ସରୁ ଶାରଦ ଧାନର ଭିନ୍ନ ଭିନ୍ନ ନାମ-ଦଅଣାଗୁଣ୍ଡି, ଗୋପାଳଭୋଗ, ବାସବତୀ, ହଳଦୀଗୁଣ୍ଡୀ, ବହୁବାଙ୍କୀ, ରାମଚନ୍ଦ୍ର ଭୋଗ, ପଲାଶଫୁଲ, ଗୁଆପେଣ୍ଡୀ, ବଉଳଫୁଲ, ନଡ଼ିଆଫୁଲ, ନାଲିଟୁଙ୍ଗୁସି, ନରସିଂହଭୋଗ, କଉବୋଡ଼ି, ତୁଳସୀଫୁଲ, ପିମ୍ପୁଡ଼ିବାସ, କଳାଜୀରି, ଧୂଇଶିରି, ଲାଙ୍ଗୁଡ଼ା, କେଦାରଗୁଣ୍ଡି, ଖସାଗୁଣ୍ଡି, ସୁନାଖଇ ଓ ସୁବର୍ଣ୍ଣକେତକୀ, (ବାଲେଶ୍ୱରରେ) ଅଗିଣା, ଗଙ୍ଗୁଆଦୁଲେଇ ଇତ୍ୟାଦି ।

ମୋଟ ଶାରଦ ଧାନର ଭିନ୍ନ ଭିନ୍ନ ନାମ—କଣ୍ଟାରୁଆ, ବାଙ୍କୋଇ, ଖେଟଚମ୍ପା, କୋଇଲି, କଦଳିଆ ଚମ୍ପା, ରଙ୍ଗେଇଷିଣା, ନଦିଆ, ପାଣିକଜଳ, ବୋଇତାଳି ପଖୁଆ, ସରଗଡ଼ା, ବଙ୍କୀ, ବଳଭଦ୍ର ପଖୁଆ, ହାତିପଞ୍ଜରୀ, ରାବଣା, ବଉଳା, ହୁଣ୍ଡା, ହରଶଙ୍କର, କୋଇଲିବାଇ, ବାଉଁଶମୂଳୀ, ହଳଦିଆମୁଗୁରି, ଧଳାପଛିଆ, କଳାପଛିଆ, କୁକୁଡ଼ା ଜଟ, ସଅଁରା ।

ଦା(ଡା)ଳୁଅ—ଏହା ଗ୍ରୀଷ୍ମକାଳରେ ଜଳା ଭୂମି ବା ପାଟରେ ଆବାଦ ହୁଏ । ଏହା ପିଆ ଓ କାସୁଣ୍ଡା ଏହି ଦୁଇ ଶ୍ରେଣୀର ଅନ୍ତର୍ଗତ ।

ଉକ୍ତ ୩ ଶ୍ରେଣୀର ଧାନ ବ୍ୟତୀତ ଆଉ ଏକ ଜାତୀୟ ଅଯତ୍ନପ୍ରସୂତ ଧାନ୍ୟ କ୍ଷେତ୍ରରେ ଓ ପାଣିନିକଟରେ ମନକୁ ହେବାର ଦେଖାଯାଏ । ଏହାକୁ ବାଳୁଙ୍ଗା କୁହାଯାଏ । (ବାଳୁଙ୍ଗା ତଳେ ନୋଟ୍ ଦେଖ) ।]

୨ । ଏକ ରତିର ଚତୁର୍ଥାଂଶ; ଏକ ଧାନ ଓଜନ —
2. Weight of one grain.

ଜ୍ୟୋତି କେତେ ତଳା କେତେକ ଧାନ
ଏହା କହିବା ହେଲ ଜନାର୍ଦ୍ଦନ—ପ୍ରାଚୀ. ପରଚେଷ୍ଟା ।

୩ । ଅତି ଅଳ୍ପ ପରିମାଣ—
3. A little quantity.

୪ । ବାଉଁଶ ଗଛରେ ଜନ୍ମିବା ଧାନ ପରି ଶସ୍ୟ—
4. Paddy from bomboo trees.

ଧାନ ଅଗାଡ଼ି—ଦେ. ବି—ଯେଉଁ ଧାନର ଚୋପା ଭିତରେ ଶସ ବା ଚାଉଳ ନ ଥାଏ—Empty grains of paddy.
Dhāna agārdi
আগড়া; চিটা **धानकी खखड़ी**

ଧାନ ଅମଳ କରିବା—ଦେ. କ୍ରି — କଟା ହୋଇଥିବା ଧାନ ହଳାକୁ ବେଙ୍ଗଲା ପକାଇ, ବାଡ଼େଇ ବା ଗୋଡ଼ରେ ମଳି କୁଟାରୁ ଧାନକୁ ପୃଥକ୍ କରିବା—To thresh out paddy grains from paddy-sheaves.
Dhāna amala karibā
ধানমাড়া **धानउपजाना**

ଧାନ ଉଡ଼ା(ଡ଼େ)ଇବା—ଦେ. କ୍ରି—ଅମଳ କରିବା ପରେ କୁଲା ସାହାଯ୍ୟରେ ଧାନରୁ ଟୁଇ, ଅଗାଡ଼ି ଓ ମଇଳା ଉଡ଼ାଇ ତାକୁ ସଫା କରିବା—To winnow paddy after threshing.
Dhāna urdā(rde)ibā
ধানের ধুলো উড়ান **धान उड़ाना**

ଧାନ ଉଷୁଆଁ—ଦେ. ବି. (ସଂ. ଧାନ୍ୟ ଓ ଉଷ୍)—ଉସୁନା ଚାଉଳ ବାହାର କରିବା ପାଇଁ ଧାନକୁ ହାଣ୍ଡିରେ ବସାଇ ଅର୍ଦ୍ଧସିଦ୍ଧ କରିବା ପ୍ରକ୍ରିୟା—The act of half boiling paddy.
Dhāna ushuāñ
ধান সিজান **धान उबालना**

ଧାନ ଉଷେଇଁବା—ଦେ. କ୍ରି (ସଂ. ଧାନ୍ୟ+ଉଷ୍)—ଉସୁନା ଚାଉଳ ପ୍ରସ୍ତୁତ କରିବା ପାଇଁ ଧାନକୁ ଅଗ୍ନି ଓ ଜଳ ସାହାଯ୍ୟରେ ଅର୍ଦ୍ଧସିଦ୍ଧ କରିବା—To half-boil paddy for preparing parboiled rice.
Dhāna usheiñbā
ধান সিদ্ধ করা **धान उबालना, धान उषिनना**

ଧାନ ଓଳିଆ—ଦେ. ବି—ଧାନ ସଞ୍ଚୟ କରିବା ନିମନ୍ତେ ନିର୍ମିତ କୁଟାର ପିଣ୍ଡାକାର ଆଧାର—A ball-shaped packet made of straw tied round by straw ropes for storing paddy.
Dhāna oḻiā
ধানের পঁড়া **धानकी मोड़ी**
(ଧାନପୁଡ଼ା—ଅନ୍ୟରୂପ)

ଧାନକ—ସଂ. ବି. (ଧା ଧାତୁ + ଅନ + କ)—୧ । ଧନିଆ— 1. Coriander.
Dhānaka
(ଧାନା—ଅନ୍ୟରୂପ) ୨ । ଏକ ରତିର ଚତୁର୍ଥାଂଶ ଓଜନ— 2. A weight of $\frac{1}{4}$ rati.

ଧାନକଜଳ—ପ୍ରାଦେ. (ଗଡ଼ ଜାତ) ବି—ଧାନ ସାହାର (ଦେଖ) Dhāna sāhāra (See)
Dhānakajaḻa

ଧାନ କଟା—ଦେ. ବି. (ସଂ. ଧାନ୍ୟ+କର୍ତ୍ତନ)—ପାଚିଲା ଧାନ ଗଛକୁ କାଟିବା କର୍ମ—The reaping of paddy plants.
Dhāna kaṭā
ধানকাটা **धनकटी**

ଧାନ କଣ୍ଠା ଝଡ଼ା—ଦେ. ବି—ଧାନହଳା ଗୋଛମାନ ଖଳାରେ ଅସି ପଡ଼ିବାବେଳେ ଓ ଗଦା ମରା ହେବା
Dhāna kaṇṭhā jhardā

ଝଡ଼ୁଆଧାନ ସମୟରେ ଖଳାରେ ଯେଉଁ ଧାନ ବିଡ଼ାରୁ ମଳରୁ ଝଡ଼ି ପଡ଼ିଥାଏ—The grains of paddy that fall from the bundles or sheaves on the threshing floor before they are stacked in a heap.

ଧାନ କାଟିବା—ଦେ. କ୍ରି—ପାଚିଲା ଧାନ ଗଛକୁ କାଟିବା—
Dhāna kāṭibā To reap the ripe paddy plants.
ধানকাটা [ଦ୍ର—ଧାନ କାଟିବାର ଦୁଇ ପ୍ରକାର ରୀତି ପ୍ରଚଳିତ
धान काटना ଅଛି । ଧାନ ଗଛରୁ ଧାନକେଣ୍ଡାମାନ ଅଗ କାଟି ନେଇ ପରେ ନଡ଼ା ବା ଖଣ ସକାଶେ ଅବଶିଷ୍ଟ ଅଂଶ କାଟିବା ପ୍ରଣାଳୀକୁ ଅଗକାଟ କରିବା କହନ୍ତି । ମୂଳକାଟ କରିବା ରୀତିରେ ଧାନଗଛମାନ ମୂଳରୁ କଟା ଯାଇ ବିଲରେ କଡ଼ଡ଼ା ପଡ଼େ । କଡ଼ଡ଼ା ଶୁଖିବା ପରେ ତାହାର ଅଗ କଟା ଯାଏ ଓ ମୂଳ ଅଂଶମାନ ନଡ଼ାରୂପେ ବିଡ଼ା ବନ୍ଧାଯାଏ ପ୍ରଥମ ପ୍ରକାର କଟା ଧାନକୁ 'ଅଗ କଟା' ଧାନ ଓ ଦ୍ୱିତୀୟ ପ୍ରକାର କଟା ଧାନକୁ 'ମୂଳ ବାଡ଼ିଆ' ଧାନ ବୋଲିଯାଏ ।]

ଧାନ କାଢ଼ିଆ—ଦେ. ବି—୧ । ଧାନ ଅମଳ ସମୟରେ ବାଣ୍ଡ ଦର
Dhāna kārdhiā ଅପେକ୍ଷା ଉତ୍କୃଷ୍ଟ ପରିମାଣରେ ବେଶୀ ଧାନରେ
धानपर रुपिया ताड़ना ଖାତକଠାରୁ ଧାନ ପାଇବା ଚୁକ୍ତିରେ ପୂର୍ବରୁ ଟଙ୍କା କରଜ ଦେବା—
1. Advancing money to a debtor to get paddy from him at the harvest time at a rate higher than the prevailing rate.
୨ । ଉପରୋକ୍ତ ସର୍ତ୍ତରେ ଧାନ ଋଣ କରିବା—
2. Borrowing paddy on interest under the above condition.

ଧାନ କୁଟା—ଦେ.ବି—ଚାଉଳ ବାହାର କରିବା ପାଇଁ ଧାନ କୁଟିବା କର୍ମ-
Dhāna kuṭā The act of husking paddy.
धान भाना धनकुट्टी

ଧାନ କୁଟାଳି(ଳୀ)—ଦେ. ବି. ପୁଂ. ଓ ସ୍ତ୍ରୀ - ଧାନ କୁଟିବା ବ୍ୟକ୍ତି—
Dhāna.kuṭāli(li) One who husks paddy.
धान भानुरी; धानभाननिया धानकुट्टा

ଧାନ କୁଟିବା—ଦେ. କ୍ରି—ଧାନ କୁଟି ଚାଉଳ କରିବା—
Dhāna kuṭibā To husk paddy into rice.
धान भाना; धान काँड़ा धान कुटना

ଧାନ କେଣ୍ଡା—ଦେ. ବି—ଶସ୍ୟଯୁକ୍ତ ଧାନର ଶାଖା—
Dhāna keṇḍā An ear of paddy.
धानेर शींस धानका शीस

ଧାନକେରା—ଦେ. ବି—ଏକାଧିକ ଧାନକେଣ୍ଡାମାନଙ୍କ ଗୁଚ୍ଛ—
Dhānakerā A bunch of ears of paddy.
धानकि जुट्टी ପଢ଼ିବା ଧାନକେରା ପାଇଣ୍ଡି ଖାଇବ—କୃଷ୍ଣସିଂ. ମହାଭାରତ ।

ଧାନ କୋଠୀ—ଦେ. ବି—ଯେଉଁ ଘରେ ଧାନ ସଞ୍ଚିତ ହୁଏ—
Dhāna koṭhi Granary.
धानेर गोला ଉଗାର ଗୋଲାଲା, ଗଲା, ମଞ୍ଚ; ଧାନ କୋଠୀ—
धानकी कोठी, धानबखारी ରାଧାନାଥ. ମହାଯାତ୍ରା ।
(ଧାନଅମାର; ଧାନବଡ଼ାଡ଼ି—ଅନ୍ୟରୂପ)

ଧାନକ୍ଷେ(ଖେ)ତ—ଦେ. ବି. (ସଂ. ଧାନ୍ୟ+କ୍ଷେତ୍ର)—ଯେଉଁ କ୍ଷେତ୍ରରେ
Dhānakshe(khe)ta ଧାନ୍ୟ ଗଛ କୃଷିଦ୍ୱାରା ଉତ୍ପାଦିତ ହୋଇ-
धानेर क्षेत ଥାଏ—Paddy field.
धानकी खेती

ଧାନ ଖଣି—ଦେ. ବି (ସଂ. ଧାନ୍ୟ+ଖନି)—ଭୂଗର୍ଭରେ ଯେଉଁ ଗର୍ତ୍ତ
Dhāna khaṇi ଖୋଳା ଯାଇ ତହିଁରେ ଧାନ୍ୟ ସଞ୍ଚିତ ହୁଏ—
धानेरखनि Pits for storing paddy.
धान रखनेका गड्ढा

ଧାନଜମି—ଦେ. ବି (ସଂ. ଧାନ୍ୟ ଓ ଫା. ଜମିନ୍)—ଯେଉଁ ଜମିରେ ଧାନ
Dhāna jami ଫସଲ ଉତ୍ପାଦିତ କରାଯାଇପାରେ—Paddy
धानजमी land; land fit for growing paddy.
धनकर, धनखेत

ଧାନ ଖଳା—ଦେ. ବି—ଯେଉଁ ସ୍ଥାନରେ ଧାନ ଅମଳ କରାଯାଏ—
Dhāna khaḷā Threshing floor.
धानेर खामार, धानका खलिहान

ଧାନ ଖାତା—ଦେ. ବି (ସଂ. ଧାନ୍ୟ+ଯେଉଁ ଖାତାରେ ଲେଖାପଢ଼ି କରି
Dhāna khātā ମହାଜନ ଖାତକଙ୍କୁ ଧାନ କରଜ ଦିଏ—
धानखाता धानकि बही A loan register of paddy.

ଧାନ ଦାଦନ ଦେବା—ଦେ. କ୍ରି—ଧାନ ଋଣ ଦେବା—
Dhāna dādana debā To advance paddy loans.

ଧାନ ଦେଢ଼ି—ଦେ. ବି (ସଂ. ନାମ. ଧାନ୍ୟବର୍ଦ୍ଧନ; ସଂ. ଧାନ୍ୟ+ଅଧର୍ଦ୍ଧ୍ୟ)
Dhāna deṛdhi ୧ । ଧନ ଋଣ ଦେଇ ବର୍ଷ ଶେଷରେ ଖାତକ
धान कर्जा ଠାରୁ ମୂଳ ଧାନ ଓ ତାହାର ଅର୍ଦ୍ଧେକ ସୁଧ ଆଦାୟ
धानका करजा କରିବା ରୀତି—1. Usury in paddy.
୨ । ଧାନ କରଜ—2 Paddy lending.
(ଯଥା—ସାଧାରଣତଃ ଏ ଦେଶରେ ଅଧୁନା ଦେଢ଼ି ରୀତିରେ ସୁଧ ଆଦାୟ ହୁଏ ନାହିଁ; 'ଧାନ ଦେଢ଼ି' କହିଲେ ଋଣରୂପେ ନିଆ ଯିବା ଧାନ ଉପରେ ¼ ଅଂଶ (ସୁଆ) ସୁଧ ସାଧାରଣତଃ ଆଦାୟ କରାଯାଏ । ମାତ୍ର ପୂର୍ବକାଳରେ ½ସୁଧ ଆଦାୟର ରୀତି ଥିବାରୁ 'ଧାନ ଦେଢ଼ି' ଶବ୍ଦ ଏ ପର୍ଯ୍ୟନ୍ତ ଚଳୁଅଛି ।)

ଧାନ ଧର୍ମ—ଦେ. ବି (ଧାନ+ଉପରର୍ଥକ ଧର୍ମ ସହଚର)—
Dhāna dharma ୧ । ଧାନ; ଧାନ୍ୟରୂପ ସମ୍ପତ୍ତି—
धान टान 1 Paddy etc; paddy considered
धान मन as wealth.
(ଧାନ ଧରମ—ଅନ୍ୟରୂପ) ୨ । ଧାନ ଆଦି ଶସ୍ୟ—
2. Paddy etc; paddy and other grains.
୩ । ଗୃହସ୍ଥର ସଞ୍ଚିତ ଧାନ୍ୟ—
3. Paddy stored by a house-holder for future use.
(ଯଥା—ଯାହା ଘରେ ଧାନ ଧର୍ମ ନାହିଁ ତାହା ଘରେ ଝିଅକୁ ବାପ ଦେବ ନାହିଁ ।)

ଧାନ ବଛା—ଦେ. ବି—ଧାନ ବିଲରେ ଉଠିଥିବା ଘାସ ଓ ଅନାବନା
Dhāna bachhā ଗଛକୁ ଉପାଡ଼ି ଦୂର କରିବା କ୍ରିୟା—
धाननिड़ान The act of weeding out grass
धानकामौना, धाननिकौनी etc from paddy fields.

ଧାନ ବାଛିବା—ଦେ. କ୍ରି—ଧାନକ୍ଷେତରୁ ଘାସ ଓ ଅଳାବନା ଗଛମାନ
Dhāna bāchhibā ଉପାଡ଼ିବା—To weed out grass
ଧାନ নিড়ান etc from amongst the paddy plants.
धान कमाना

ଧାନ ବାଡ଼େଇବା—ଦେ. କ୍ରି—ଧାନକେଣ୍ଡାରୁ ଧାନକୁ ପୃଥକ୍ କରିବା
Dhāna bārdeibā ସକାଶେ ଧାନକେଣ୍ଡାକୁ ପଟା ଉପରେ ପିଟିବା
ধান ঝাড়া To beat the paddy stalks on a
धान पीटना, धानझाटना plank in order to separate
(ଧାନ ଝାଡ଼ିବା—ଅନ୍ୟରୂପ) the corns from them

ଧାନ ବିଲ—ଦେ. ବି—୧ । ଯେଉଁ କ୍ଷେତ୍ରରେ ଧାନ ଫସଲ କରଯାଏ —
Dhāna bila 1. Paddy field.
ধানের খেত ୨ । ଯେଉଁ କ୍ଷେତ୍ରରେ ଧାନଗଛ ବର୍ତ୍ତମାନ ଅଛି—
धनहर, धानकि खेती 2 The field on which paddy
(ଧାନକ୍ଷେତ, ଧାନକିଆରି—ଅନ୍ୟରୂପ) plants are standing.

ଧାନ ବୁଣିବା—ଦେ. କ୍ରି—(ସ. ଧାନ୍ୟ + ବପନ)-ଧାନର ବୀହନ ବିଲରେ
Dhāna bunibā ବପନ କରିବା—To sow paddy
ধানবোনা, **धानबोना**

ଧାନ ବେଉ(ହୁ)ଡ଼ିବା—ଦେ. କ୍ରି—ଧାନକ୍ଷେତରେ ଧାନଗଛ ସଙ୍ଗେ ବଢ଼ି
Dhāna beu(hu)rdibā ଥିବା ଘାସକୁ ମାରିବା ଓ ମାଟିକୁ
[ଧାନ ବେଉ(ହୁ)ଷଣ କରିବା—ଅନ୍ୟରୂପ] ଢ଼ାଲୁକା କରିବା ନିମନ୍ତେ
କିଆରିରେ ପାଣି ଥିବାବେଳେ ତାକୁ ଗୋରୁଙ୍କ
ଲଙ୍ଗଳ ପୂରାଇ ଚଷିବା । [ଏହି କ୍ରିୟାରେ ଧାନଗଛ
ସବୁ ସ୍ଥାନାନ୍ତରିତ ହୋଇଯାଏ] —
(ଧାନ ବେଉଡ଼ା—ବି) To puddle the paddy field.
ধানকাড়ান **धान बिराहना**
(ଧାନ ବେଉଷଣ କରିବା—ଅନ୍ୟରୂପ)

ଧାନ ବେଙ୍ଗ(ଙ୍ଗେ)ଲା—ଦେ. ବି.—ଧାନ ପାଚିବା ପରେ କିଆରିରୁ କଟା
Dhāna benga (nge)lā ହୋଇ ଆସିଥିବା ଧାନହଲାମାନ
ধানমাড়া ଖଳାରେ ମେଇଁଖୁଣ୍ଟ ଚାରି ପାଖେ ବିସ୍ତୃତ କରି ତହିଁ
धानदौनि ଉପରେ ବଳଦଙ୍କୁ ଚଲାଇ କେଣ୍ଡାରୁ ଧାନକୁ ପୃଥକ୍
धानमंडाइ କରିବାର ରୀତି—The mode of threshing
paddy by making bullocks tread on
the sheaves spread on a courtyard
by being driven round a central
post.

ଧାନ ବେଙ୍ଗୁଲିବା—ଦେ. କ୍ରି—୧ । ଧାନକେଣ୍ଡାରୁ ଧାନକୁ ପୃଥକ୍ କରିବା
Dhāna bengulibā ପାଇଁ ବଳଦଙ୍କ ଗୋଡ଼ରେ ଚାପା
ଧାନବେଙ୍ଗଲା ଲେ)ଇବା }
ଧାନବେଙ୍ଗଲା ପକା(କେ)ଇବା—ଅନ୍ୟରୂପ } ମକଚୁଇବା—1. To have the paddy-grains threshed
ଧାନବେଙ୍ଗୁଲା(ଲେ)ଇବା }
ধানমাড়া out from the stalks by having the
धानदौनीकरवाना sheaves trodden by bullocks
୨ । ବଳଦଙ୍କ ଖୁରରେ ଧାନହଲାମାନ ମକଚୁ ହେବା ପାଇଁ
ବନ୍ଧନମୁକ୍ତ ଧାନହଲାମାନଙ୍କୁ ମେଇଁଖୁଣ୍ଟର ଚାରିପାଖରେ
ବୃତ୍ତାକାରରେ ସଜାଡ଼ି ରଖିବା—2. To arrange
paddy sheaves round the central post in a threshing floor to have them trodden upon by bullocks tethered together and driven round the post.

[ଦ୍ର—ପ୍ରଥମେ ଖଳାରେ ମେଇଁଖୁଣ୍ଟ ପୋତି ସେ ମେଇଁଖୁଣ୍ଟର ଚାରିପାଖେ ବୃତ୍ତାକାରରେ ଧାନହଲାମାନଙ୍କ ବନ୍ଧନକୁ ଛିନ୍ନ କରି ଧାନକେଣ୍ଡାମାନଙ୍କୁ ବିଛାଇ ଦିଆଯାଏ । ତତ୍ପରେ ମେଇଁରେ ଏକାଧିକ ଫାଶ ବା ଘାଗୁଡ଼ି ଲାଗିଥିବା ଗୋଟିଏ ଲମ୍ବ ଦଉଡ଼ି (ଦାଉଣୀ) ଲଗାଯାଇ ସେହି ଦାଉଣୀରେ ଏକାଧିକ ବଳଦ ବନ୍ଧାଯାଇ ବୃତ୍ତର ବ୍ୟାସାର୍ଦ୍ଧରୂପେ ଯୋଗ ହୁଅନ୍ତି । ବଳଦମାନେ ମେଇଁଖୁଣ୍ଟ କେନ୍ଦ୍ର କରି ଦାଉଣୀକୁ ବ୍ୟାସାର୍ଦ୍ଧ କରି ଘାଡ଼ିର ବୃତ୍ତ ଭଳି ବିଛାଇ ଦିଆଯାଇ ଥିବା ଧାନହଲାକୁ ଖୁରରେ ମକଚିଲେ ଧାନ ଶସ୍ୟଯାକ ଅଲଗା ହୋଇଯାଏ ଓ ନଡ଼ା ମକଚା ହୋଇ ପାଲ ବା କୁଟାରେ ପରିଣତ ହୁଏ । ଉପରୁ କୁଟାଯାକ ଝାଡ଼ିଦେଲେ ଛୁଣ୍ଡାକୁଟା, ଅଗାଡ଼ି ଓ ଧାନ ମିଶା ଯେଉଁ ଧାନ ତଳେ ରହିଯାଏ ତାକୁ ପବନ ସାହାଯ୍ୟରେ ବା କୁଲାରେ ବିଞ୍ଚି ଉଡ଼ାଇଲେ ବା କୁଲାରେ ପାଛୁଡ଼ିଲେ ସେଥିରୁ କୁଟାଗୁଣ୍ଡା, ଧୂସ, ଅଗାଡ଼ି ବାହାରିଯାଇ କର୍ମା ଧାନ ରହିଯାଏ ।]

ଧାନ ଭାଙ୍ଗିବା — ଦେ. କ୍ରି—ଧାନଗଛର କେଣ୍ଡା ବାହାରିଲେ ସିଧା ହୋଇ
Dhāna bhāngibā ଠିଆ ହୋଇଥିବା ଧାନଗଛମାନ କେଣ୍ଡାର
ଧାନରେ ବାଉଁଶ ଦେବା }
ଧାନରେ ବାଉଁଶ ଚଳା(ଲା)ଇବା } ଅନ୍ୟରୂପ ଭାରରେ ଇତସ୍ତତଃ ଲଇଁ ପଡ଼ିବା ବିଷୟ
धाने मई देओआ ନିବାରଣ କରିବା ପାଇଁ ଠିଆ ହୋଇଥିବା ଧାନ
ଗଛମାନଙ୍କ ଉପରେ ଗୋଟିଏ ଲମ୍ବ ବାଉଁଶ ଚଳାଇବା—
To draw a long bamboo over the paddy plants when the ears have come out, so as to make the stalks lie on the field in a regular order.

[ଦ୍ର—ଏପରି କଲେ ଧାନଗଛମାନ ଗୋଟିଏ ଅଡ଼କୁ ଢଳି ପଡ଼େ ଓ ଧାନକାଟାଳମାନଙ୍କୁ ଧାନ କାଟିବାକୁ ସୁବିଧାଜନକ ହୁଏ । ଯେଉଁ ଧାନରେ ବାଉଁଶ ଦିଆ ଯାଇ ନ ଥାଏ ସେ ଧାନଗଛମାନ କେଣ୍ଡା ଧରି ଏଣେ ତେଣେ ଢଳିଥାଏ । ଏଥିଲାଗି ଧାନ କାଟିଲାବେଳେ ପ୍ରତ୍ୟେକ ଗଛର ମୂଳକୁ କଟାଳ ସୁବିଧା ଅନୁସାରେ ଆୟତ୍ତ କରି ପାରେ ନାହିଁ ଓ ଧାନ କାଟିବାକୁ ବହୁତ ସମୟ ଲାଗେ ।]

ଧାନ ମଡ଼ା—ପ୍ରାଦେ. (ସମ୍ବଲପୁର) ବି (ତୁଳ. ହି. ମଁଡ଼ାଇ=ବେଙ୍ଗଲା)—
Dhāna mardā ବଳଦଦ୍ୱାରା ଧାନକୁ ବେଙ୍ଗଲା ପକାଇବା—
Garnering of paddy sheaves by having them trodden over by a number of tethered bullocks.

ଧାନ ମରେଇ—ଦେ. ବି—ଧାନ ସଞ୍ଚୟ କରିବା ସକାଶେ ପାଲ ମଲାରେ
Dhāna marei ପ୍ରସ୍ତୁତ ଆଧାରବିଶେଷ—A big recepta-
ধান মরেই, ধানের হমার cle made of plaited straw for
धानका गोल storing large quantities of paddy.
(ଧାନମଲେଇ, ଧାନମେଦ—ଅନ୍ୟରୂପ) [ଦ୍ର—ଏହା ଧାନ
କୋଠିର କାର୍ଯ୍ୟ କରେ; ମରେଇର ଚାରିପାଖ ଓ ଶିଖରଦେଶ

ଲୁଣ୍ଠାଦ୍ୱାରା ଉତ୍ତମରୂପେ ଝୁଣାଣି କରା ଯାଇଥାଏ । ଏଥିଲାଗି ବର୍ଷାପାଣି ମରେଇ ଭଉରକୁ ପଶେ ନାହିଁ ।]

ଧାନ ମଳିବା—ଦେ. କ୍ରି—ଧାନଗଛରୁ ଧାନକୁ ପୃଥକ୍ କରିବା ନିମନ୍ତେ ଧାନ କେଣ୍ଡାମାନ ଗୋଡ଼ରେ ମକଚିବା—
Dhāna maḻibā
ধানমলা
धानमाड़ना, धानरौंदना
(ଧାନ ମକଚିବା—ଅନ୍ୟରୂପ)
To tread and twist paddy sheaves or plants to separate the corn from the stalks.
[ଧାନ ମଳା(ଲେ)ଇବା, ଧାନ ମକଚା(ଚେ)ଇବା—ଣିଜନ୍ତରୂପ]

ଧାନ ମହାଜନ—ଦେ. ବି—ଧାନ ଋଣ ଦେଇ ଖାତକଠାରୁ ମୂଳ ଓ କର୍ଦ୍ଧାରିତ ସୁଧ ଧାନ ଅଦାୟ କରିବା ଶ୍ୱତ—
Dhāna mahājani
ধানের মহাজনী
धानकी महाजनी
Investment of paddy in loan repayable in kind.

ଧାନ ମାଣିକା ଗୁରୁବାର—ଦେ ବି—ମାର୍ଗଶିର ମାସର ଗୁରୁବାରମାନ—
Dhāna māṇikā gurubāra
The Thursdays of the month of Mārgaśira.

ଧାନ ମାପୁଣି—ଦେ. ବି (ସ. ଧାନ୍ୟମାପ୍ତ)—୧ । ଯେଉଁ ବ୍ୟକ୍ତି ଜମିଦାରଙ୍କର ବା ମହାଜନଙ୍କର ସମସ୍ତ କାରବାର ଧାନ ମାପିବାପାଇଁ ନିଯୁକ୍ତ ଥାଏ—1. A servant who is employed to measure the paddy of his master.
Dhāna māpuṇi
୨ । ଧାନ ମାପିବା ଲୋକ ମାପିବାର ପାରିଶ୍ରମିକ ସ୍ୱରୂପ ଭରଣକେ ଯେଉଁ ନିର୍ଦ୍ଦିଷ୍ଟ ପରିମାଣ ଧାନ ପାଏ—2. A quantity of paddy given at a fixed rate to a person who measures paddy.
[ଦ୍ର—ଧାନ ମହାଜନୀରେ ଧାନ ମାପିବାଲୋକ (ମାପୁଣି) ସାଧାରଣତଃ ଭରଣକେ ଏକଗୌଣି ମାପୁଣି ପାଏ ଓ ଧାନମହାଜନ ହିସାବ ଲେଖିବା କର୍ମଚାରୀ (କରଣ) ଭରଣକେ ଏକ ଗୌଣି କରଣି ପାଏ । ଖାତକମାନଙ୍କଠାରୁ ଏହିକ ଧାନ ସୁଧ ଅପେକ୍ଷା ଅଧିକା ନିଆଯାଏ ।]

ଧାନ ମୁକୁଲ—ଦେ. ବି—କଟାଳି ବିଲରୁ କାଟି ଖଳାକୁ ବୋହି ଆଣିଥିବା ଧାନବିଡ଼ାମାନଙ୍କର ଯେଉଁ ନିର୍ଦ୍ଦିଷ୍ଟ ଅଂଶ ମୂଲସ୍ୱରୂପ କଟାଳି ପାଏ—The stipulated share given to a reaper out of the paddy sheaves harvested by him and brought to the threshing floor.
Dhāna mukuḻa
धानकाबेन, धानकी मजुरी
[ଦ୍ର—ସାଧାରଣ ମୂଲିଆ କଟାଳିମାନେ ଯେଉଁ ଧାନ କାଟନ୍ତି ସେଥିପାଇଁ କେତେକ ଅଞ୍ଚଳରେ ସେମାନେ ନଗଦ ପଇସା ବା ତୁଳା ଧାନ ନିର୍ଦ୍ଦିଷ୍ଟ ହେଉରେ ମୂଲ ପାଆନ୍ତି । କିନ୍ତୁ ଅନେକ ଅଞ୍ଚଳରେ ସେମାନେ ମୁକୁଲ ପାଆନ୍ତି । ଦଶଟି କମ୍ବା ବାରଟି ବିଡ଼ା କାଟିଥିବା କଟାଳି ସେଥିମଧ୍ୟରୁ ଗୋଟିଏ ବିଡ଼ା ଅପଣାର କଟା ମୂଲ ବା ମୁକୁଲ ପାଏ । ଯେଉଁସ୍ୱାମୀର କୋଠିଆ ବା ହଳିଆ ଅଠରା ବିଡ଼ାରେ ଗୋଟିଏ ବିଡ଼ା ମୁକୁଲ ପାଏ ।]

ଧାନ ମୁକୁଲା(ଲେ)ଇବା—ଦେ. କ୍ରି—କଟାଳିମାନଙ୍କଦ୍ୱାରା କ୍ଷେତରୁ କଟା ହୋଇ ଖଳାକୁ ଅଣା ଯାଇଥିବା ଧାନବିଡ଼ାମାନଙ୍କରୁ କାଟିବାର ମୂଲ ସ୍ୱରୂପ ନିର୍ଦ୍ଦିଷ୍ଟ ଅଂଶ କଟାଳିଙ୍କୁ ଦେଇ ଅବଶିଷ୍ଟ ଅଂଶ ମାଲିକ ରଖିବା—(the owner of paddy-sheaves)
Dhāna mukuḻā(le)ibā
धान बोन चुकाना
To pay a reaper's wages in kind out of the paddy sheaves reaped and brought to the threshing floor by the reapers and to keep the rest for himself.

ଧାନ ମେଣ୍ଟା—ଦେ. ବି—ଗୁଡ଼ିଏ ଧାନ କେଣ୍ଡାର ବୃନ୍ତମାନ ବେଣୀ ପରି ଏକତ୍ର ବୁଣା ଯାଇଥିବା ସ୍ତୂପସ୍ଥ ଥୋପା—
Dhāna meṇṭā
ধানের ঝারা
धानकी जुट्टी
A round bunch of paddy stalks made by weaving the stems into a long braid and then twining it round and round in a spiral shape.

ଧାନ ରୋଇବା—ଦେ. କ୍ରି—ଧାନ ରୁଅଣୀରେ ଧାନର ଚାରା ନେଇ ପୋତିବା—To transplant paddy.
Dhāna roibā
ধান রো.
धान रोपना

ଧାନ ଶିଷା—ଦେ. ବି (ସ. ଧାନ୍ୟ ଶୀର୍ଷକ)—୧ । ଧାନ କେଣ୍ଡା—1. An ear of corn.
Dhāna śishā
ধানের শীষ
धानका शीस
୨ । ଧାନ ଉଡ଼ା ହେବା ପରେ ଜମା ହୋଇଥିବା ଧାନର ସ୍ତୂପ—2. The heap of paddy after it is winnowed.
(ଧନଶିଂଷା—ଅନ୍ୟରୂପ)

ଧାନ ହଳା—ଦେ.ବି—କଟା ଧାନଗଛମାନଙ୍କର ବନ୍ଧା ହୋଇଥିବା ବିଡ଼ା; କଲେଇ—Sheaves of paddy when cut and bound.
Dhāna haḻā
ধানের বীড়া
धानकी आँटी

ଧାନା—ସ. ବି. (ବହୁ ବହୁବଚନ; ଧା ଧାତୁ = ପୋଷଣ କରିବା + କର୍ତ୍ତୃ. ନ + ସ୍ତ୍ରୀ. ଆ)—
Dhānā
୧ । ଭୃଷ୍ଟ ଯବ; ଯଅ ଭଜା—1. Fried barley.
୨ । ଚୂର୍ଣ୍ଣ ଯବ—2. Barley powder.
୩ । ଧନିଆ—3. Coriander.
୪ । (ଏକବଚନ) ଅଙ୍କୁର; ଗଜା—
4. A sprout; shoot.
୫ । ଚୁଡ଼ା—5. Flattened parched rice.
୬ । ଖଇ—6. Fried paddy.
୭ । ଛତୁ; ସତ୍ତୁ—7. Corn flour.
୮ । ଅନ୍ନକଣ; ବେଦ (ହ. ଶବ୍ଦସାଗର)—
8. Particles of food-grain.
୯ । ଅନ୍ନମାତ୍ର (ହ. ଶବ୍ଦସାଗର)—
9. Food grain; corn (in general).
୧୦ । ଧାନ (ହ. ଶବ୍ଦସାଗର)—10. Paddy.

ଧାନା ଚୂର୍ଣ୍ଣ—ସ. ବି. (୬ଷ୍ଠୀ ତତ୍; ଧାନା+ଚୂର୍ଣ୍ଣ)—ଛତୁଆ (ହ. ଶବ୍ଦସାଗର)—Corn flour.
Dhānā chūrṇṇa

ଧାନିକା—ସ. ବି. ସ୍ତ୍ରୀ. (ଧାନ+ସ୍ୱାର୍ଥେ. କ+ସ୍ତ୍ରୀ. ଆ; ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ ହୋଇ ବ୍ୟବହୃତ)—
Dhānikā
୧ । ସ୍ଥାନ; ଭଣ୍ଡାର—1. A store; a place.
୨ । ଆଧାର; ପାତ୍ର—2. A receptacle.
(ଯଥା—ଅଙ୍ଗାର ଧାନିକା=ହସନ୍ତି ।)

ଧାଣୀ—ସଂ. ବି. ସ୍ତ୍ରୀ. (ଧା ଧାତୁ + ଅଧିକରଣେ ଅନ + ସ୍ତ୍ରୀ. ଈ)—
Dhāni ୧ । ଧାଣିକା (ଦେଖ) – 1. Dhānikā (See)
(ଯଥା—ରାଜଧାନୀ = ରାଜାଙ୍କ ବାସସ୍ଥାନ ।)
୨ । ପୀଲୁ ଗଛ (ହି ଶବ୍ଦସାଗର) (ଦେଖ)—
2. Pilu tree (See)
୩ । ଧଣିଆ (ହି. ଶବ୍ଦସାଗର)—3. Coriander.

ଧାନୁଆ(ଆଁ)—ଦେ. ବିଣ—୧ । ଧାନ ଆକୃତିବିଶିଷ୍ଟ—
Dhānuā(ān) 1. Paddy-shaped.
ଧେନୋ (ଯଥା—ଧାନୁଆ କଣ୍ଠି, ଧାନୁଆ ଲଙ୍କାମରିଚ ।)
ଧାନାକାର, जई ୨ । ଧାନମିଶ୍ରିତ (ଚାଉଳ)—
2. (rice) Mixed up with grains of paddy.
ଗ୍ରାଦେ. (ବାଲେଶ୍ୱର) ବିଣ—ଯେ ବହୁତ ଧାନ ସଞ୍ଚୟ କରିଥାଏ
(a person) Who has stored up a large quantity of paddy.

ଧାନୁଆ କଣ୍ଠି—ଦେ. ବି—ଧାନ ଆକାରର ସୁନା ବା ରୁପା କଣ୍ଠି ଥିବା
Dhānuā kanthi ଗଳାର ମାଳା—A necklace consisting of paddy-shaped beads.
ଧାନ ଅମାଳ } ଅନ୍ୟରୂପ
ଧାନୁଆହାର }
ଧେନୋହାର जईकंठी

ଧାନୁଆ ମଦ—ଦେ. ବି. (ସଂ. ଧାନ୍ୟ + ମଦ୍ୟ)—
Dhānuā mada ସିଦ୍ଧ ଧାନ୍ୟରୁ ଅରଖ ଛାଣିବା ପ୍ରଣାଳୀରେ
ଧାନୀ ମଦ ପ୍ରସ୍ତୁତ ମଦ—Rum or spirit brewed
धानी शराब from unhusked paddy.

ଧାନୁଆ ଲଙ୍କା ମରିଚ—ଦେ. ବି—ଧାନ ପରି ଛୋଟ ଛୋଟ ଅଥଚ ଅତି
Dhānuā lankā maricha ତୀକ୍ଷ୍ଣ ସ୍ୱାଦ ଥିବା ଏକ ଜାତୀୟ
(ଧାନୁଆ ମରିଚ, ଧାନୁଆ ଲଙ୍କା—ଅନ୍ୟରୂପ) ଲଙ୍କାମରିଚ—
ଧାନୀ लङ्का, धान लङ्का The small capsicum; Capsicum Minimum.
लौंगी मिर्चाई
[ଦ୍ର—ଏହା ତିନି ପ୍ରକାର—୧. ଜଙ୍ଗଲି; ୨. ଉଲଟ ଧାନୁଆ;
୩. ସୂର୍ଯ୍ୟ ପାଣି ମୁହାଁ-ଏହାର ଫଳ ସୂର୍ଯ୍ୟ ଆଡ଼କୁ ମୁହାଁ କରି ଫୁଟେ ।]

ଧାନୁକ—ସଂ. ବିଣ. ପୁଂ. (ଧନୁସ୍ + କ)—ଧନୁର୍ଦ୍ଧର—
Dhānuka Armed with a bow.
(ଧାନୁକୀ—ସ୍ତ୍ରୀ) ସଂ. ବି—ଧନୁର୍ଦ୍ଧର; ଯୋଦ୍ଧା—
Bowman; archer.

ଧାନୁକୀ—ଦେ. ବିଣ. (ସଂ. ଧାନୁକ)—ଧନୁର୍ଦ୍ଧାରୀ—
Dhānuki Armed with a bow.
धानुकी धानकी

ଧାନୁଷ୍କ—ସଂ. ବିଣ. ପୁଂ. (ଧନୁଷ + ଅ, ତସ୍ମା ଧନୁସ୍ + ପ୍ରହରଣାର୍ଥରେ କ)-
Dhānushka ଧନୁର୍ଦ୍ଧାରୀ—Armed with a bow.
(ଧାନୁଷ୍କୀ—ସ୍ତ୍ରୀ) ସଂ. ବି—ଧନୁର୍ଦ୍ଧାରୀ ଯୋଦ୍ଧା—
Archer; bowman.

ଧାନୁଷ୍କା—ସଂ. ବି. ସ୍ତ୍ରୀ. (ଧାନୁଷ୍କ + ଆ)—ଅପାମାର୍ଗ ଗଛ—
Dhānushkā Achiranthes Aspera (plant).

ଧାନୁଷ୍ୟ—ସଂ. ବି. (ଧନୁସ୍ + ସ୍ୱରୂପାର୍ଥରେ ଯ; ଯହିଁରୁ ଧନୁ ତିଆରି
Dhānushya ହୁଏ)—ବାଉଁଶ—Bamboo.

ଧାନେ—ଦେ. କ୍ରି. ବିଣ—ଅତ୍ୟଳ୍ପରେ; ସାମାନ୍ୟରେ—
Dhāne A little; a bit.
ଧାନେ ଉଣା ହୁଏ ହେଲେ ସ୍ନେହ ଯେବେ ଶଣକେ କଳସ୍ୱେ ଗୃହବାର ।
କଳସ ଧ୍ୟ, ରତ୍ନାକରଚନ୍ଦ୍ର ।

ଧାନେୟ—ସଂ. ବି. (ଧନ = ଶସ୍ୟାଦି + ଏୟ)—ଧଣିଆ—
Dhāneya Coriander.
(ଧାନେୟ, ଧାନେୟକ, ଧାନେୟକ—ଅନ୍ୟରୂପ)

ଧାନ୍ୟ—ସଂ. ବି. (ଧନ + ସ୍ୱାର୍ଥରେ ଯ)—
Dhānya ୧ । ୪ ରତି ପରିମିତ ଓଜନ—
1. A standard weight of 4 Ratis.
୨ । ଧାନ ଗଛ—
2. Paddy plant; Oriza Sativa.
୩ । ଧାନ (ଶସ୍ୟ)—3 Paddy (grain).
୪ । ଧଣିଆ—4. Coriander
୫ । ଧାନ ଜାତୀୟ ଶସ୍ୟ (ଯଥା—ବ୍ରୀହି, ଯବ, ଗୋଧୂମ, ମସୁର ଆଦି)—4. Corn; grain; cereals; pulse.
[ଦ୍ର—ପାଚିବା ଋତୁ ଅନୁସାରେ ଶାଳୀ, ଷାଷ୍ଟିକ ଓ ବ୍ରୀହି ଭେଦରେ ଧାନ୍ୟ ତ୍ରିବିଧ । ପୂର୍ବକାଳରେ ଧାନ ଓ ବ୍ରୀହି ଶବ୍ଦ ଦ୍ୱୟ ଏକାର୍ଥବାଚକ ଥିଲା । ତହିଁର ଅର୍ଥ ଖାଦ୍ୟ ଶସ୍ୟ । ଅମରକୋଷ ଓ ମେଦିନୀରେ ଧାନ୍ୟ ଓ ବ୍ରୀହି ଏକ ଥିବାର ଉଲ୍ଲେଖ ଅଛି । କେହି କେହି ଶାସ୍ତ୍ରକାର ଧାନ୍ୟକୁ ପାଞ୍ଚ ଭାଗରେ ବିଭକ୍ତ କରିବାର ଦେଖାଯାଏ—
୧ । କ୍ଷୁଦ୍ର ବା କଙ୍ଗୁ ଧାନ୍ୟ—ଶୁଆଁ, ଚୀନା, କୋଦୁଅ ।
୨ । ଶାଳୀ ଧାନ୍ୟ—ଶାରଦ ବା ହୈମନ୍ତିକ ଧାନ ।
୩ । ଷାଷ୍ଟିକ ଧାନ୍ୟ—ଦାଳୁଆ ଧାନ ।
୪ । ବ୍ରୀହି ଧାନ୍ୟ—ବିଆଳି ଧାନ ।
୫ । ତୃଣ ଧାନ୍ୟ ବା ଶିମ୍ବୀ ଧାନ୍ୟ—ଯେଉଁ ଶସ୍ୟ ଛୁଇଁ (ଶୁଙ୍କ ବା ଶିମ୍ବୀ) ମଧ୍ୟରେ ଥାଏ, ଯଥା—ବୁଟ, ବିରି, ମୁଗ, ହରଡ଼, ମସୁର, ବଳଗୁଡ଼ ଆଦି ।
ଉପରୋକ୍ତ ଗଣନାରେ କେହି କେହି ଷାଷ୍ଟିକ ଧାନ୍ୟ (ଶସ୍ୟ) ପରିବର୍ତ୍ତେ ଶିମ୍ବୀ ଧାନ୍ୟ ଓ ଶସ୍ତୁରେ ଶୂକ ଧାନ୍ୟ ଗଣନା କରି ଅଛନ୍ତି । ଯେଉଁ ଶସ୍ୟ ଶିମ୍ବୀ (ଛୁଇଁ) ମଧ୍ୟରେ ଥାଏ ତାହାକୁ ଶିମ୍ବୀ ଧାନ୍ୟ (ଯଥା ମୁଗ, ବିରି, ହରଡ଼, ମସୁର, କୋଳଥ, ବରଗୁଡ଼) ଓ ଯେଉଁ ଶସ୍ୟ ଅଗରେ ଶୂକ (ଶିଂଘ ବା କଣ) ଥାଏ ତାକୁ ଶୂକ ଧାନ୍ୟ (ଯଥା ବାଜରା, ଗହମ, ଯବ) ରୂପେ ଗଣିଅଛନ୍ତି ।]

ଧାନ୍ୟକ—ସଂ. ବି. (ଧାନ୍ୟ + କ)—୧ । (ସ୍ୱାର୍ଥେ. କ) ଧାନ୍ୟ; ଧାନ—
Dhānyaka 1. Paddy.
୨ । (ସାଦୃଶ୍ୟାର୍ଥେ. କ)—ଧଣିଆ—2. Coriander.

ଧାନ୍ୟ କୋଷ୍ଠ—ସଂ. ବି. (ଧାନ୍ୟ + କୋଷ୍ଠ = ଶସ୍ୟାଗାର)—ଧାନକୋଠି;
Dhānya koshtha ଅମାର—Granary; the house for storing paddy.
ଧାନ୍ୟକୋଷ୍ଠକ }
ଧାନ୍ୟକୋଷ } ଅନ୍ୟରୂପ
ଧାନ୍ୟ କୋଷ }

ଧାନ୍ୟ କ୍ଷେତ୍ର—ସ. ବି. (୬ଷ୍ଠୀ ତତ୍; ଧାନ୍ୟ+କ୍ଷେତ୍ର)—ଧାନ ବିଲ—
Dhānya kshetra Paddy-field.

ଧାନ୍ୟ ଚମସ—ସ. ବି. (ଧାନ୍ୟ+ଚମସ=ପିଷ୍ଟକ ବିଶେଷ)—ଚିପିଟକ; ଚୁଡ଼ା—Flattened parched rice.
Dhānya chamasa

ଧାନ୍ୟ ତୁଷୋଦ—ସ. ବି.— (ଧାନ୍ୟ+ତୁଷ+ଉଦ) କାଞ୍ଜି—
Dhānya tushoda Sour rice-water; fermented rice-water.
(ଧାନ୍ୟାମ୍ଳ, ଧାନ୍ୟ ଯୂଷ, ଧାନ୍ୟଯୋନି—ଅନ୍ୟରୂପ)

ଧାନ୍ୟତ୍ୱକ୍—ସ. ବି.—(୬ଷ୍ଠୀ ତତ୍; ଧାନ୍ୟ+ତ୍ୱକ୍)—ତଷୁ—
Dhānya twak The husk of paddy.

ଧାନ୍ୟ ଧେନୁ—ସ. ବି.—(ଧାନ୍ୟ+ଧେନୁ)—ଦାନାର୍ଥ ଧାନ୍ୟନିର୍ମିତ ଧେନୁ—Paddy collected and made into the shape of a cow for gift to Brāhmaṇas
Dhānya dhenu
[ଦ୍ର—ବିଷ୍ଣୁ ସଂହିତାରେ ଓ କାର୍ତ୍ତିକ ମାସରେ ଧାନ୍ୟଧେନୁ ଦାନ କଲେ ବହୁ ସୌଭାଗ୍ୟ, ସୁଖ ଓ ପୁଣ୍ୟଲାଭ ହୁଏ ।
ହି. ଶବ୍ଦସାଗର ।]

ଧାନ୍ୟ ପଞ୍ଚକ—ସ. ବି.—୧ । ଶୁଦ୍ର ବା କଙ୍ଗୁ, ଶାଳି, ଷଷ୍ଟିକ, ବ୍ରୀହି ଓ ଶୂକ ବା ଶିମ୍ବୀ ଏହି ପଞ୍ଚବିଧ ଶସ୍ୟ
Dhānya pañchaka
1. The 5 classes of grains like paddy or cereals.
[ଦ୍ର—'ଧାନ୍ୟ' ଶବ୍ଦେ ଦୋହି ଦ୍ରଷ୍ଟବ୍ୟ ।]
୨ । ବୈଦ୍ୟକ ମତରେ ପଞ୍ଚଧାନ୍ୟ ଧନିଆ, ଶୁଣ୍ଠି, ନାଗରମୁଥା, ତ୍ରାୟମାଣା ଓ ବେଲଶୁଣ୍ଠାରେ ପ୍ରସ୍ତୁତ ଅମାଶୟ, ଅତିସାର ଓ ଉଦରଶୂଳନାଶକ ଔଷଧବିଶେଷ—
2 Name of a medicinal preparation for colic and dysentery.

ଧାନ୍ୟ ପାନକ—ସ. ବି (ମ. ପ. ଲୋ; ଧାନ୍ୟ ମିଶ୍ରିତ ପାନକ)—
Dhānya pānaka ଧନିଅକୁ ବାଟି ପାଣିରେ ଗୋଳାଇ ଛାଣି ଦେଇ ସେହି ପାଣିରେ ଲୁଣ, ଗୋଲମରିଚ, ଚିନି ଓ କର୍ପୂର ଆଦି ମିଶାଇ ପ୍ରସ୍ତୁତ କରିବା ଏକପ୍ରକାର ପଣା—A drink made of coriander seeds bruised and seasoned with salt, sugar, black pepper and camphor after being filtered.
(ଧାନ୍ୟପ୍ରପାନକ, ଧାନ୍ୟପାନୀୟକ—ଅନ୍ୟରୂପ)

ଧାନ୍ୟ ବର୍ଗ—ସ.ବି (୬ଷ୍ଠୀ ତତ୍; ଧାନ୍ୟ+ବର୍ଗ)—ଧାନ୍ୟପଞ୍ଚକ ୧ (ଦେଖ)
Dhānya barga Dhānyapañchaka 1 (See)
[ଦ୍ର—ବୈଦ୍ୟକ ଓ ଦ୍ରବ୍ୟଗୁଣାଦିଗ୍ରନ୍ଥରେ ଧାନ୍ୟବର୍ଗ ମଧ୍ୟରେ ବ୍ରୀହିଧାନ୍ୟ, ଶାଳିଧାନ୍ୟ, ଷଷ୍ଟିକଧାନ୍ୟ, ନୀବାର (ବାଲୁଙ୍ଗା), ବରକ (ବରଗୁଣ୍ଡି), ଶୂକଧାନ୍ୟ (ଯବ ଓ ଗୋଧୂମ), ଶିମ୍ବୀଧାନ୍ୟ (ମୁଗ, ମାଷ, ମସୁର, ହରଡ଼, ଚଣକ, ମଟର, ଖେସାରି, ତିଳ, ଚେଲୁ, ସର୍ଷପ, ରାଇ ସୋରିଷ ଓ କ୍ଷୁଦ୍ର ଧାନ୍ୟ (କାଙ୍ଗୁ, ଶୁଆଁ, କୋଦୁଅ, ଦେଧାନ) ଗୃହୀତ ହୋଇଅଛି ।]

ଧାନ୍ୟ ବର୍ଦ୍ଧନ—ସ. ବି (୬ଷ୍ଠୀ ତତ୍; ଧାନ୍ୟ+ବର୍ଦ୍ଧନ)—ଦେଢ଼ି ବା
Dhānya barddhana ସୁଧରେ ଦେଇ ଧାନ ବଢ଼ାଇବା; ଧାନ ମହାଜନୀ—Investment of paddy in loans repayable in kind.

ଧାନ୍ୟ ବୀଜ—ସ. ବି (୬ଷ୍ଠୀ ତତ୍; ଧାନ୍ୟ+ବୀଜ)—୧ । ଧନିଆ—
Dhānya bīja 1. Coriander.
୨ । ଧାନର ବିହନ—
2. Paddy seeds; paddy stored for being used as seeds.

ଧାନ୍ୟ ବୀର—ସ. ବି (୭ମୀ ତତ୍; ଧାନ୍ୟ+ବୀର=ଅତି ଉତ୍ତମ)—
Dhānya bīra ମୁଗଜାତୀୟ କୃଷ୍ଣବର୍ଣ୍ଣ ଶସ୍ୟ; ବୀରି—A kind of Phaseolus Mungo.

ଧାନ୍ୟମାୟ—ସ. ବି (ଧାନ୍ୟ+ମା ଧାତୁ=ମାପିବା+କର୍ତ୍ତୃ. ଯ)—
Dhānyamāya ୧ । ଧାନ୍ୟ ବିକ୍ରୟୀ—1 Paddy-seller.
୨ । ଧାନ ମହାଜନ; ଧାନ ବେପାରୀ —
2. A dealer in paddy.
୩ । ଧାନ ମାପିବା ଲୋକ; ଧାନ ମାପୁଣି—
3. A person who measures paddy.

ଧାନ୍ୟରାଜ—ସ. ବି. (୭ମୀ ତତ୍; ଧାନ୍ୟ+ରାଜନ୍)—ଯବ—
Dhānyarāja Barley.

ଧାନ୍ୟ ଶର୍କରା—ସ. ବି. (ମ. ପ. ଲୋ; ଧାନ୍ୟ+ଶର୍କରା)—
Dhānya śarkarā (ବୈଦ୍ୟକ) ଅନ୍ତର୍ଦାହ ଶାନ୍ତ କରିବା ସକାଶେ ପିଆଯିବା ଚିନି ମିଶା ଧନିଆ ବତୁରା ପାଣି—Water mixed with coriander seeds and sweetened with sugar (drunk to allay burning sensation inside the system).

ଧାନ୍ୟ ଶୀର୍ଷକ—ସ. ବି. (୬ଷ୍ଠୀ ତତ୍; ଧାନ୍ୟ+ଶୀର୍ଷକ=ଉପରଭାଗ ବା ମସ୍ତକ)—
Dhānya śīrshaka ଧାନର ଶିଣ୍ଡା ବା କେଣ୍ଡା—An ear of paddy.
(ଧାନ୍ୟ ମଞ୍ଜରୀ—ଅନ୍ୟରୂପ)

ଧାନ୍ୟ ଶୁଣ୍ଠି—ସ. ବି. (ମ. ପ. ଲୋ; ଧାନ୍ୟ+ଶୁଣ୍ଠି)—
Dhānya śunṭhi (ବୈଦ୍ୟକ) ଏକ ତୋଳା ଧନିଆ ଓ ଦୁଇ ତୋଳା ଶୁଣ୍ଠିକୁ କୁଟି ଅଧ ସେର ପାଣିରେ ଚଉଁରେ ସିଦ୍ଧ କରି ଅଧପାଏ ପାଣି ଥାଉଁଥାଉଁ ଓହ୍ଲାଇଲେ ଯେଉଁ ଜ୍ୱରାତିସାରନାଶକ ପାନୀୟ ପ୍ରସ୍ତୁତ ହୁଏ (ହି. ଶ)—A decoction of coriander and dry ginger crushed and boiled, used as an antidote against dysentery and fever.

ଧାନ୍ୟ ଶୂକ—ସ. ବି. (୬ଷ୍ଠୀ ତତ୍; ଧାନ୍ୟ+ଶୂକ)—
Dhānya śūka ବାଲୁଙ୍ଗା ଧାନର ଶିଙ୍ଘ—The awn or beard of wild paddy.
(ଧାନ୍ୟଶୃଙ୍ଗ—ଅନ୍ୟରୂପ)

ଧାନ୍ୟ ଶୈଳ—ସ. ବି – ପୁରାଣ ମତରେ ଦାନ ସ୍ତୂପାକାର ଧାନ, ଯାହା
Dhānya śaila ଦାନ କଲେ ଦାତା ମରଣାନ୍ତେ ସ୍ୱର୍ଗରେ ଅପ୍ସରା ଓ ଗନ୍ଧର୍ବମାନଙ୍କ ଦ୍ୱାରା ସେବିତ ହୁଏ ଓ ଅନ୍ୟ ଜନ୍ମରେ

ସ୍ୱଳ୍ପ ତୁପ—A heap of paddy given away to a Brāhmaṇa which secures to the doner bliss after death and in the next birth.

ଧାନ୍ୟ ସାର—ସଂ. ବି. (୬ଷ୍ଠୀ ତତ୍; ଧାନ୍ୟ+ସାର)—
Dhānya sāra ୧ । ଅମଳ ହୋଇ ପରିଷ୍କୃତ ହୋଇଥିବା ଧାନ—
1. Threshed, winnowed and cleansed paddy.
୨ । ଚାଉଳ—2. Rice.

ଧାନ୍ୟା—ସଂ. ବି—ଧନିଆ (ହି. ଶବ୍ଦସାଗର)—
Dhānyā Coriander (Apte).

ଧାନ୍ୟାକ—ସଂ. ବି. (ଧାନ୍ୟାକ+ସ୍ୱାର୍ଥରେ. ଅ)—
Dhānyāka ୧ । ଧନିଆ—1. Coriander.
୨ । ଧନିଆ ଚାଉଳ—2. Coriander seeds.

ଧାନ୍ୟାକୃତ—ସଂ. ବି. (ଧାନ୍ୟ+ଆ+କୃ ଧାତୁ+କର୍ମ ତ; ଅନ୍ୟାହୃତ—
Dhānyākṛuta ବବତ୍ ବହୁବ୍ରୀହି; ଯେ ଧାନ୍ୟ ଉତ୍ପାଦନ କରେ)—
କୃଷକ—Cultivator; tiller.

ଧାନ୍ୟାଭ୍ରକ—ସଂ. ବି. (ଧାନ୍ୟ+ଅଭ୍ରକ)—
Dhānyābhraka ଆୟୁର୍ବେଦୋକ୍ତ ମତେ ଭସ୍ମ ପ୍ରସ୍ତୁତ କରିବା ପାଇଁ ଧାନ ବଳୁସ ଯାଇ ଶୋଧିତ ହୋଇଥିବା ଅଭ୍ର—
Mica which has been moistened in coriander water before it is reduced to medicinal oxide.

ଧାନ୍ୟାମ୍ଳ—ସଂ. ବି. (ଧାନ୍ୟ=ତଣ୍ଡୁଳ+ଅମ୍ଳ)—କାଞ୍ଜି—
Dhānyāmla Conjee; sour rice-water or gruel.
(ଧାନ୍ୟାମ୍ଳକ—ଅନ୍ୟରୂପ)

ଧାନ୍ୟାରି—ସଂ. ବି. (୬ଷ୍ଠୀ ତତ୍; ଧାନ୍ୟ+ଅରି=ଶତ୍ରୁ)—
Dhānyāri ମୂଷିକ; ମୂଷା—Mouse.

ଧାନ୍ୟାସ୍ଥି—ସଂ. ବି—ତୁଷ—
Dhānyāsthi Husk; chaff.

ଧାନ୍ୟୋତ୍ତମ—ସଂ. ବି. (୭ମୀ ତତ୍; ଧାନ୍ୟ+ଉତ୍ତମ)—
Dhānyottama ଶାଳି ଧାନ; ଶାରଦ ଧାନ—
Winter paddy.

ଧାପ୍‌ସା—ଦେ. ବି ଓ ବିଣ—ଝାପ୍‌ସା (ଦେଖ)
Dhāp-sā Jhāp-sā (See)
ঝাপসা धुँधला

ଧାପ—ଦେ. ବି. (ସଂ. ଦର୍ପ)—୧ । ପୀଡ଼ନ—
Dhāpa 1 Oppression.
धाप, दाप ୨ । (ସଂ. ଧାବ୍ ଧାତୁ)—
धाप, धाव ସିଢ଼ିର ଗୋଟିଏ ପାହାଚ—
2. One step of a staircase.
୩ । ଦ୍ରୁତ ଗତି; ବେଗ—
3. Velocity; swift motion.
୪ । ଦଉଡ଼ିବା—4. Running.
୫ । କ୍ଷଣମାତ୍ର—5. A moment.
୬ । ଅତି ଅଳ୍ପ ମାତ୍ରା—
6. A minute quantity.
୭ । ଅତି ଅଳ୍ପ ପଥ ବା ଦୂରତ୍ୱ—
7. A small distance.
ସକ କରିଅଛନ୍ତି କୋଶେ ଧାପରୁ । ତୁକନା ଅ. ସମରତରଙ୍ଗ ।
୮ । (ସଂ. ଧାବ୍ ଧାତୁ) ଧାବନ; ଦଉଡ଼—
8. Running.
୯ । ଆକ୍ରମଣ—9. Attack; onslaught.
ଦେ. କ୍ରି. ବିଣ—ଧାପେ (ଦେଖ)
Dhāpe (See)

ଧାପଟ—ଦେ. ବି. (ସଂ. ଦର୍ପ)—
Dhāpaṭa ୧ । ପ୍ରତାପ—1. Might.
दापट ୨ । ଦମ୍ଭ; ବଳ—2. Stregth.
धप्पाड़, दंभ, तेज ୩ । ବେଗ; ଦ୍ରୁତଗତି—
3. Velocity; speed.
୪ । (ସଂ. ଧାବ୍ ଧାତୁ) ଧପଟ; ଦଉଡ଼—4. Race.

ଧାପଡ଼—ପ୍ରାଦେ. (ସମ୍ବଲପୁର) ବି—ଚାପୁଡ଼ା—
Dhāparḍa A slap.

ଧାପଡ଼ିବା—ଦେ. କ୍ରି. (ସଂ. ଧାବ୍ ଧାତୁ)—
Dhāparḍibā ଧପୁଡ଼ିବା; ଦଉଡ଼ିବା; ଧପଟିବା—
(ଧାପୁଡ଼ିବା—ଅନ୍ୟରୂପ) To run; to gallop.
दौड़ा धपना
(ଧାପଡ଼େଇବା—ଣିଜନ୍ତ)

ଧାପଡ଼ ଧାପଡ଼—ଦେ. ଅ—ଶବ୍ଦପୂର୍ବକ ଦୌଡ଼ିବା—
Dhāparḍa dhāparḍa Running with a thumping sound.
(ଧାପୁଡ଼(ଡ଼) ଧାପୁଡ଼ (ଡ଼)—ଅନ୍ୟରୂପ)

ଧାପ ଦେବା—ଦେ. କ୍ରି. (ସଂ. ଧାବ୍ ଧାତୁ)—୧ । ସାହସ ସହିତ ପଶିବା—
Dhāpa debā 1. To enter with courage.
দাবদেওআ ଅସୁରେ ବଡ଼ ଦୁର୍ଦ୍ଦର
धावाकरना ଧାପଦେଇଛି ରଣପୁର । ପ୍ରାଚୀ. ନବୁ ସୋଲାବାଖ୍ୟ ।
୨ । ଭୀତ ନ ହୋଇ ଦମ୍ଭ ସହକାରେ କାର୍ଯ୍ୟ କରିବା—
2. To do a thing courageously and without fear.
୩ । ଆକ୍ରମଣ କରିବା—3. To attack.
୪ । ଦଉଡ଼ିବା—4. To run.

ଧାପ ଧଉଡ଼—ଦେ. ବି—୧ । ଦଉଡ଼ାଦଉଡ଼ି ଖେଳ—
Dhāpa dhaurḍa 1. A game at running.
(ଧାପ ଧାଉଁଡ଼ି—ଅନ୍ୟରୂପ) ୨ । ଧାଁଦଉଡ଼—
দৌড়ধাপ दौड़धूप 2. Running about.

ଧାପେ—ଦେ. ବିଣ—ସାମାନ୍ୟ ପରିମିତ—
Dhāpe A minute quantity of.
একটুকু (ଯଥା—ଔଷଧ ଖାଇବାକୁ ତାକୁ ଧାପେ ମହୁ ଦିଅ ।)
थोड़ा, जरासा ଦେ. କ୍ରି. ବିଣ—୧ । ଶୀଘ୍ରତା; ଝଟ୍—
1. Quickly.

୨ । ତତ୍‌କ୍ଷଣାତ୍—2. At once.
ଧାପେ ତା କାଣ୍ଡେ ଦେଲେ ଅତ ଛେଦ ହୋଇ ।
କୃଷ୍ଣସିଂହ- ମହାଭାରତ- ବନ ।
୩ । କ୍ଷଣମାତ୍ରକେ—3. Instantly; in no time.
୪ । ଅଳ୍ପଅଳ୍ପ; ସାମାନ୍ୟ ପରିମାଣରେ—
4. A bit; a little.
ତା ଜାଣି ଧାପେ ଧାପେ ମୁଁ ଶୁଣାଇଲେ । କୃଷ୍ଣସିଂହ- ମହାଭାରତ ଅବ ।

ଧାପେ ବାଟ—ଦେ. ବି—ଅତି ଅଳ୍ପ ପଥ ବା ଦୂରତ୍ୱ—
Dhāpe bāṭa A small distance.
খানিকরাস্তা

ଧାବ୍ (ଧାତୁ)—ସ—୧ । ଦଉଡ଼ିବା—1. To run; to gallop.
Dhāb (root) ୨ । ଧୋଇବା—2. To wash.
୩ । ଗତି କରିବା—3. To move; to glide.
୪ । ଆକ୍ରମଣ କରିବା—4. To assault: to attack.
୫ । ବହିବା—5. To flow.
୬ । ପଳେଇଯିବା 6. To flee away.
୭ । ଦୁଧ ଦେବା—7. To give milk.
୮ । ଘଷିବା—8. To rub with anything.
୯ । ସଫା କରିବା; ପାଲିସ କରିବା—
9. To brighten; to polish.

ଧାବକ—ସ. ବିଣ. (ଧାବ୍ ଧାତୁ+କର୍ତ୍ତୃ. ଅକ)—୧ । ଯେ ଦଉଡ଼େ—
Dhābaka 1. One who runs; running.
(ଧାବିକା—ସ୍ତ୍ରୀ) ୨ । ଦ୍ରୁତଗାମୀ; ବେଗଗତିବିଶିଷ୍ଟ—
2. Moving quickly; fleet; swift-footed.
୩ । ଯେ ଧୁଏ; ସମ୍ମାର୍ଜନକାରୀ—3. Washing.
ସ. ବି—୧ । ଧୋବା; ରଜକ—1. Washerman.
୨ । ହରକରା; ପତ୍ରବାହକ; ଦ୍ରୁତଗାମୀ ବାର୍ତ୍ତାବହ—
2 A runner; a messenger; an express.
୩ । (ନାମ) ରତ୍ନାବଳୀ ରଚୟିତା କବି—
3. Name of a poet who composed Ratnābali.
[ଦ୍ର—ଏହାଙ୍କ ନାମ କାଳିଦାସଙ୍କ ମାଳବିକାଗ୍ନିମିତ୍ର, କାବ୍ୟ-ପ୍ରକାଶ ଓ ସାହିତ୍ୟସାର ଗ୍ରନ୍ଥମାନଙ୍କରେ ମିଳେ ।]

ଧାବନ—ସ. ବି. (ଧାବ୍ ଧାତୁ+ଭାବ. ଅନ)—୧ । ଦଉଡ଼ିବା—
Dhābana 1 Running; fleeing.
୨ । ବେଗଗତି—2. Swift motion.
୩ । ଧୌତ କରଣ; ଧୋଇବା; ଧୋଇକରି ସଫା କରିବା—
3. Act of washing: cleansing.
୪ । ଘୋଡ଼ାର ଦଉଡ଼ିବା—4. Galloping of a horse.
୫ । ବହିଯିବା—5. Flowing.
୬ । (+କର୍ତ୍ତୃ. ଅନ) ହରକରା; ଶୀଘ୍ରଗାମୀ ଦୂତ (ହି. ଶ.)—
6. A runner; a running messenger.
୭ । ଘଷିବା—7. Rubbing with anything.
୮ । ଆକ୍ରମଣ କରିବା—8. Attackiug.

ଧାବମାନ—ସ. ବିଣ. ପୁଂ (ଧାବ୍ ଧାତୁ+କର୍ତ୍ତୃ. ଆନ)—
Dhābamāna ୧ । ଯେ ଦଉଡ଼ୁଅଛି—1. Running.
(ଧାବମାନା—ସ୍ତ୍ରୀ) ୨ । ଯେ ଅଶ୍ୱାରୋହଣ ବେଗରେ ଗତି କରୁଛି—
2. Riding at a gallop.

ଧାବଲ୍ୟ—ସ.ବି. (ଧବଳ+ଭାବ. ଯ)—ଧବଳତା—
Dhābalya Whiteness.

ଧାବା—ଦେ. ବି. (ସ. ଧାବ୍ ଧାତୁ)—୧ । ଶତ୍ରୁ ଅଥବା ପଶୁପକ୍ଷୀଙ୍କ
Dhābā ପଛରେ ଗୋଡ଼ାଇବା—1. Chase; pursuit.
ধাওআ; ধাবা ୨ । ଚଢ଼ାଉ; ଶତ୍ରୁପ୍ରତି ଆକ୍ରମଣ—
धावा 2. Invasion; attack.

ଧାବା କରିବା—ଦେ. କ୍ରି—ପଛରେ ଗୋଡ଼ାଇବା—
Dhābā kariba To chase; to give a chase; to pursue.
(ଧାବାଦେବା, ଧାବାମାରିବା—ଅନ୍ୟରୂପ)
ধাওআকরা धावाकरना

ଧାବିତ—ସ.ବିଣ. ପୁଂ—୧ । (ଧାବ୍ ଧାତୁ+କର୍ତ୍ତୃ. ତ)—ଦଉଡ଼ିଥିବା—
Dhābita 1. Running; having begun to run.
୨ । କୌଣସି ଦିଗକୁ ଦଉଡ଼ିଥିବା—
2. Running towards or against.
୩ । (+କର୍ମ. ତ) ଧୌତ; ପରିଷ୍କୃତ—
3. Washed; cleansed by washing.

ଧାବିବା—ଗ୍ରା. (ପଦ୍ୟ) କ୍ରି. (ସ. ଧାବ୍ ଧାତୁ)—ଦଉଡ଼ିବା—
Dhābibā To run.
ধাবা ବାଟ ଫିଟୁ ଲେଉଟ ପୃଷ୍ଠେ ଧାବନ୍ତେ
धावना କାହାର କ ଲେଲେ ହେମ ଦବଲେ । ଉତ୍କ- ବୈଦେହୀଶବିଳାସ ।

ଧାମ—ସ. ବି. (ଧା ଧାତୁ=ଧାରଣ କରିବା+କର୍ତ୍ତୃ. ମନ୍; ଧାମନ୍; ୧ମା.
Dhāma ୧ବ.)—୧ । ବାସସ୍ଥାନ—1. Residence; dwelling place; abode.
୨ । ଗୃହ; ଘର—2. House; room.
୩ । ଠିକଣା—3. Address.
୪ । ସ୍ଥାନ—4. Place.
୫ । ଆସ୍ପଦ; ଆଧାର; ପାତ୍ର—
5 Receptacle; container.
୬ । ଦେହ; ଶରୀର—6 Body.
୭ । ସ୍ୱର୍ଗ—7. Abode of the Gods; heaven.
୮ । ଜନ୍ମ—8. Birth.
୯ । ପଦ—9. Position.
୧୦ । ପ୍ରଭାବ; ମହତ୍ତ୍ୱ; ପ୍ରତାପ—10. Might; power; glory; energy; influence.
୧୧ । ଜ୍ୟୋତିଃ; ଦୀପ୍ତି—11. Lustre; radiance.
୧୨ । ରଶ୍ମି; କିରଣ—12. Ray of light.
୧୩ । ଆଲୋକ—13. Light.
୧୪ । ମର୍ଯ୍ୟାଦା—14. Dignity; majesty.
୧୫ । ଅହଂକାର—15. Pride.
୧୬ । ବୀରତ୍ୱ—16. Valour; courage; heroism.
୧୭ । ପଲ୍ଲୀ ଗ୍ରାମ—17. Hamlet; village.
୧୮ । ସଙ୍କେତ—18. Significance; indication.

୧୯ । ଏକ ପ୍ରକାର ବାଉଁଶ—
19. A kind of bamboo.

୨୦ । ସୈନ୍ୟ ଦଳ—20. A troop; host (Apte).

୨୧ । ରୀତି—
21. Fashion; manner; mode (Apte).

୨୨ । ପରିବାରର ବ୍ୟକ୍ତି—
22. Member of a family (Apte)

୨୩ । ପାରିବାରିକ ବିଷୟ—
23. Family affairs; family property (Apte)

୨୪ । ଅବସ୍ଥା; ଗତି—24. State; condition (Apte).

୨୫ । ବିଧି; ନିୟମ—25. Rule; law. (Apte)

୨୬ । ଲଗାମ; ବାଗଡୋରି (ହି. ଶବ୍ଦସାଗର)—
26. Bridle; reins.

୨୭ । ଶୋଭା (ହି. ଶ)—27. Splendour.

୨୮ । ଦେବସ୍ଥାନ; ପୁଣ୍ୟ ସ୍ଥାନ; ପୀଠ (ହି. ଶ)—
28. A holy place; a shrine.

ଧାମରୁଁ ନାମ ମାଗେ ଥିବ,
ଜଳେ ଦ୍ୱାରକା ନାଶ ଯିବ । ଜଗନ୍ନାଥ. ଭାଗବତ ।

[ଦ୍ର—ଭାରତର ୪ ଦିଗରେ ୪ ଗୋଟି ଧାମ ବା ପ୍ରସିଦ୍ଧ ଦେବସ୍ଥାନ ଅଛି; ଯଥା—ଉତ୍ତରରେ ବଦ୍ରିନାଥ (ବଦ୍ରିକା), ଦକ୍ଷିଣରେ ରାମନାଥ (ରାମେଶ୍ୱର), ପୂର୍ବରେ ଜଗନ୍ନାଥ (ପୁରୀ) ଓ ପଶ୍ଚିମରେ ଦ୍ୱାରକାନାଥ (ଦ୍ୱାରକା) ।]

୨୯ । ବିଷ୍ଣୁ (ହି. ଶ.)—Bishṇu.

୩୦ । ବ୍ରହ୍ମ (ହି. ଶ.)—30. Brahma.

୩୧ । ଘେରିଦେବାକାନ୍ଥ; ପାଚେରି (ହି. ଶବ୍ଦସାଗର)—
31. Compound wall.

୩୨ । ପରଲୋକ (ହି. ଶ.)—
32. Existence after death.

୩୩ । ବେଡ଼ି; ଶୃଙ୍ଖଳ—33. Fetter (Apte).

ଧାମକ—ସଂ. ବି. (ଧାମନ୍ + ସଂଜ୍ଞାର୍ଥେ. କ)—୧୨ ରତିକ୍, ୧ ତୋଳାର
Dhāmaka ୧୨ ଭାଗର ଏକ ଭାଗ; ୧ ମଷା ପରିମାଣ ବା ଓଜନ—
$\frac{1}{12}$ of a Tola (weight).

ଧାମଣ—ଦେ. ବି.—୧ । (ସଂ. ଧର୍ମଣ ବା ଧନ୍ୱନ୍=ଧନୁ ବୃକ୍ଷ)—ବୃହତ୍
Dhāmaṇa ଅରଣ୍ୟତରୁ ବିଶେଷ; ଧନୁବୃକ୍ଷ; ଧାମଣ—
(ଧାମଣା, ଧାମଣୀ, ଧାମଣ—ଅନ୍ୟରୂପ) 1. A wild tree
(ସଂ. ପର୍ଯ୍ୟାୟ—ଧାମନ, having very hard and
ରକ୍ତକୁସୁମ, ଧନୁର୍ବୃକ୍ଷ tenacious wood; Cordia
ମହାବଳ ।) Macleodie; Grewia
ଧାମନ, ଧାମନା Teliaefolia.
ଧାମନ, ଫାରସୋ, ଧାମନୀ [ଦ୍ର—ମଧ୍ୟଭାରତ, ଛୋଟନାଗପୁର ଓ
ତ: ଥାଡ଼ା, ଥରସ ଓଡ଼ିଶାର ଜଙ୍ଗଲମାନଙ୍କରେ ଏହା ଜନ୍ମେ ।
ଏହାର କାଠ ଭାରି ଶକ୍ତ ଓ ଚେମଡ଼ା ଥିବାରୁ ଏ କାଠରେ ଧନୁ ଓ ବାହୁଙ୍ଗୀ କରାଯାଏ । ଏହାର ସାର ନାଲିଆ ଓ ଚକଚକ ।]

୨ । (ସଂ. ଧାମ=ଗୃହ; ଏହା ଘରେ ଚଳପ୍ରଚଳ ହେଉଥିବାରୁ) ଚେମେଣା; ଢମଣା ସାପ—2. A large nonpoisonous snake; Zamenis Mucasum.

ଧାମନିକ—ସଂ. ବିଣ. (ଧମନୀ + ଇକ)—ଧମନୀ ସମ୍ବନ୍ଧୀୟ—
Dhāmanika Arterial; pertaining to the veins.

ଧାମନିଧି—ସଂ. ବି. (୬ଷ୍ଠୀ ତତ୍; ଧାମ=ତେଜ+ନିଧି=ଆଧାର)—ସୂର୍ଯ୍ୟ
Dhāmanidhi The sun.

ଧାମନୀ—ସଂ. ବି. (ଧମନୀ + ସ୍ୱାର୍ଥରେ ଅ ସ୍ତ୍ରୀ. ଈ)—ଧମନୀ; ନାଡ଼ୀ—
Dhāmanī Artery; pulse.
(ଧାମନିକା—ଅନ୍ୟରୂପ)

ଧାମରା—ଦେ. ବି.—ଓଡ଼ିଶା ଉପକୂଳର ପ୍ରାଚୀନ ବନ୍ଦରବିଶେଷ—
Dhāmarā An ancient port on the sea-coast of
(ଧାମରାମୁହାଣ—ଅନ୍ୟରୂପ) Orissa, now in the district of Bālasore.

ଧାମରୀ—ଦେ. ବି—ଧାମରା ମୁହାଣ ନିକଟରେ ପ୍ରତିଷ୍ଠିତା ଦେବୀବିଶେଷ—
Dhāmarī Name of a Goddess.

ତେଜୋଧାମ ଯେଉଁ ଧାମରା ଦେବୀଙ୍କ କଞ୍ଜ-ପଦ୍ମରେ
ତାଙ୍କ ଅଧିଷ୍ଠିତ ଭୂମିରୁ ଆସିଲେ ଭୂପ-କୁମରେ—ରାଧାନାଥ. ଋଷି ।

ଧାମା—ଦେ. ବି. (ସଂ. ଧାମନ=ବାଉଁଶ; ଏହା ବାଉଁଶରେ ନିର୍ମିତ
Dhāmā କିମ୍ବା ସଂ. ଧାମନ୍=ଆଧାର; ପାତ୍ର)—
ଧାମା ୧ । ଢମା; ଗୋରୁଙ୍କୁ କୁଣ୍ଡାପାଣି ଦେଇବା ସକାଶେ ବ୍ୟବହୃତ
ଧାମା ବାଉଁଶ ବା ବେତ ପାତିଆରେ ନିର୍ମିତ ଏକପ୍ରକାର ପାତ୍ର—
1. A scuttle or impervious basket of bomboo or rattan for feeding cattle.

୨ । ବେତ ବା ବାଉଁଶ ପାତିଆରେ ନିର୍ମିତ ଶସ୍ୟାଧାର; ଟୋକେଇ—2. A cane or bamboo basket for grains.

ଧାମାର୍ଗବ—ସଂ. ବି—୧ । ଅପାମାର୍ଗ; ଅପମାରଙ୍ଗ—1. A herbarious
Dhāmārgaba plant; Achyranthus Aspera.

୨ । ମହାକାଳ (ଲତା) (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)—
2. Mahākāla (creeper) (See)

୩ । ଘୋଷାଲତା; ବନ୍ୟ ଲତାବିଶେଷ—
(ହରେକୃଷ୍ଣ. ଦ୍ରବ୍ୟଗୁଣ)—3. Name of a wild creeper.

୪ । ରକ୍ତାପମାର୍ଗ; ନାଲି ଅପାମାରଙ୍ଗ (ହି. ଶ)—
4. The red variety of Achyranthes Aspera.

ଧାମିବା—ଦେ. (ପଦ୍ୟ) କ୍ରି. (ସଂ. ଧାବ୍ ଧାତୁ)—ଧାଇଁବା—
Dhāmibā To run.
ଧାଓଁ; ଧାବୀ ଧାମନ୍ତି ଅତ ମହାବେଗେ
ଧାବନା ଭଞ୍ଜି ଚକ୍ଷ ମୁକ୍ତ କେଶେ—ଜଗନ୍ନାଥ. ଭାଗବତ ।

ଧାୟାଁ – ଦେ. ବି—ପଖୋଜ ମୃଦଙ୍ଗ ଅବର ବାଆଁ ପାଖର ମୁହଁରେ ମଡ଼ା
Dhāyāṅ ଯାଇଥିବା ଚମଡ଼ା ଓ ତହିଁର ଜାତ ଶବ୍ଦ—
बायाँ The leather on the left hand face of
बायाँ a drum and the sound produced by striking it.

ଧାର – ସଂ. ବିଣ. (୧ ଧାତୁ + କର୍ତ୍ତୃ. ଅ)—
Dhāra ୧ । ଯେ ଧରେ; ଧାରଣକାରୀ—
1 Holding; supporting; containing.
[ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁଜ୍ୟ ହୁଏ ।]
୨ । ଯେ ବୋହିଯାଏ; ପ୍ରବାହିତ—
2. Streaming; flowing (Apte).
୩ । ଗମ୍ଭୀର; ଗମ୍ଭୀର (ହି. ଶବ୍ଦସାଗର)—3. Deep.
ସଂ. ବି—୧ । (+କର୍ମ. ଅ) ଋଣ—1. Loan; debt.
୨ । ଶେଷ ସୀମା —
2. Limit; boundary; border.
୩ । ଅସ୍ତ୍ରାଦିର ତୀକ୍ଷ୍ଣାଂଶ; ଦାଢ଼—
3. Edge; sharp edge.
୪ । ତୀର—4. Bank.
୫ । ତୀକ୍ଷ୍ଣତା; ପ୍ରାଖର୍ଯ୍ୟ—
5. Kneeness; sharpness.
୬ । ଦ୍ରବ ବସ୍ତୁର ଅବିରଳ ଜଳାଦି ଧାର—
6. A continuous flow of a liquid.
୭ । ବୃଷ୍ଟି ଜଳ—7. Rain water.
୮ । ଏକ ପ୍ରକାର ପଥର—
8. A kind of stone.
୯ । ଗମ୍ଭୀରତା —9. Depth.
୧୧ । ନଦୀ ବା ଖାଲର ଉଚ୍ଚ ତଟ; ଅତଡ଼ା—
11. Precipitous edge of a river or declivity.
୧୨ । ବରଫ—12. Snow; hail (Apte).
୧୩ । ବିଷ୍ଣୁର ଏକ ନାମ—
13. An epithet of Bishṇu.
୧୪ । ଗମ୍ଭୀର ସ୍ଥାନ—14. A deep place.
୧୫ । ଜୋରରେ ପାଣି ବରଷିବା; ମୂଷଳଧାରରେ ବର୍ଷା (ହି.ଶ)—
15. Heavy downpour or shower.
୧୬ । ଜଳାଶୟାଦିରେ ଏକତ୍ର ହୋଇଥିବା ବର୍ଷା ଜଳ (ହି. ଶବ୍ଦସାଗର)—16. Rain water accumulated in a tank.

[ଦ୍ର—ବୈଦ୍ୟକ ମତରେ ଏହା ତ୍ରିଦୋଷନାଶକ, ଲଘୁ, ରସାୟନ, ବଳକାରକ, ତୃପ୍ତିକର, ପାଚକ ଓ ମୂର୍ଚ୍ଛା, ତନ୍ଦ୍ରା, ଦାହ, କ୍ଲାନ୍ତି ଓ ତୃଷା ନିବାରକ । ଶ୍ରାବଣ ଓ ଭାଦ୍ରବରେ ଏ ଜଳ ବିଶେଷ ଉପକାରୀ । ହି. ଶବ୍ଦସାଗର ।]

୧୭ । ପ୍ରାନ୍ତ; ପ୍ରଦେଶ (ହି. ଶବ୍ଦସାଗର)—
17. Province; part of a country.

धार ଦେ. ବି. (ସଂ. ଧାର) ୧ । ନଦୀ ସ୍ରୋତ—
धार 1. Current of a river.
୨ । ଖରା ଦିନେ ନଦୀର ପାଣି ବହି ଯାଉଥିବା ସ୍ଥାନ; ଖରା ଦିନେ ନଦୀ ଜଳର ପ୍ରବାହିତ ସ୍ରୋତ—
2. A current of water of a river running in dry season.
୩ । ଉଧାର; ବିନା ସୁଧରେ ଟଙ୍କା ଆଦି କରଜ—
3. Loan of money or any article without interest.
୪ । ପିମ୍ପୁଡ଼ି, ଜନ୍ତା, ମାଛ ଆଦିଙ୍କର ଗୋଟିକ ପରେ ଗୋଟିଏ ଅବିଚ୍ଛିନ୍ନ ରୂପେ ଚାଲୁଥିବା ରେଖା (ଯଥା—ପିମ୍ପୁଡ଼ି ଧାର, ଜନ୍ତା ଧାର)—4. A continuous line of ants, fish etc following each other.
ପ୍ରାଦେ. (ଯାଜପୁର) ବି—ତାଳବାହୁଙ୍ଗାର ଭିତର ଅଂଶରୁ ବାହାରିବା ଛଇ—The tenacious fibres from the inner rind of the stalks of palm branches.

ଧାରଉଧାର—ଦେ. ବି. (ସହରର)—କରଜ ଦାମ; ଦେଣା; ଋଣଧନ ବା
Dhāraudhāra ଦ୍ରବ୍ୟାଦିର ଋଣ—Loan; borrowing of
(ଧାରଉଧାର—ଅନ୍ୟରୂପ) money or articles.
धारउधार; धारकरज ଏଠାରେ କଣ କଣାହିବା କଥା ଯେ ।
धारकर्ज ଧାରଉଧାର ନେବ । ଫକୀରମୋହନ. ଛମାଣଆଠଗୁଣ୍ଠ ।
[ଦ୍ର– କରଜରେ ଖାତକକୁ ସୁଧ ଦେବାକୁ ପଡ଼େ; ମାତ୍ର ଧାର ଉଧାରରେ ସୁଧ ନାହିଁ ।]

ଧାରକ—ସ. ବି. (ଧୃ ଧାତୁ+କର୍ତ୍ତୃ. ଅକ)—୧ । କଳସ—
Dhāraka 1. A pitcher.
୨ । କୌଣସିପ୍ରକାର ପାତ୍ର ବା ଆଧାର—
2. A vessel or receptacle of any kind(Apte).
୩ । ଅଧମର୍ଣ୍ଣ; ଖାତକ—3. A debtor.
୪ । ମଧ୍ୟସ୍ଥ—4. An umpire (Ganguly).
୫ । ପତଳା ଝାଡ଼ାକୁ ବାନ୍ଧିବା ଔଷଧ—
5 Astringent medicine.
(ଧାରିକା—ସ୍ତ୍ରୀ) ସ. ବିଣ—୧ । ଧାରଣକର୍ତ୍ତା; ବହନକାରୀ—
1. Holding; bearing; possessing.
୨ । ଋଣଗ୍ରସ୍ତ; ଧାରୁଆ— 2. Indebted.
୩ । ଯେ ପୁରାଣ ପାଠକର ଭ୍ରମ ଦେଖାଏ—
3. Pointing out the mistakes of a reader of Purāṇas.
୪ । ଯେଉଁ ଔଷଧ ସେବନ କଲେ ମଳଦ୍ୱାରରେ ମଳଧାରଣର ଶକ୍ତି ହୁଏ—4. (a medicine) Checking loose motions; astringent.
୫ । ଯେ ବା ଯାହା ଅଟକାଏ (ହି. ଶବ୍ଦସାଗର)—
5. Restraining.

ଧାରକରଜ—ଦେ. ବି. (ସମାର୍ଥକ ସହଚର; ସଂ. ଧାର, ଫା. କର୍ଜ୍)—
Dhārakaraja ଧାରଉଧାର (ଦେଖ)—
(ଧାରକରଜା—ଅନ୍ୟରୂପ) Dhāraudhāra (See)
ଧାରකରज [ଦୃ—ଧାର ନେଲେ ଶୀତଳ ମହାଜନଙ୍କୁ ସୁଖ ହୁଏ
धारकर्ज ନାହିଁ, ଜନ୍ତୁ କରଜ ନେଲେ ସୁଖ ହୁଏ ।]

ଧାରକରିବା—ଦେ. କ୍ରି—୧ । ଅସ୍ତ୍ରାଦିକୁ ଦାନ୍ଧ କରିବା; ଘଷିଦେବା—
Dhārakaribā 1. To sharpen or whet an instrument.
ধারকরা धारदेना, धारकरना
୨ । ଋଣ କରିବା—2. To borrow.

ଧାରକା—ସଂ. ବି. ସ୍ତ୍ରୀ (ଧାରକ+ସ୍ତ୍ରୀ. ଆ)—ସ୍ତ୍ରୀ ଯୋନି—
Dhārakā The vulva of a female (Apte).

ଧାରଞ୍ଜ—ଦେ. ବି.—(ବୈଦ୍ୟକ)—ବୃକ୍ଷବିଶେଷ—
Dhārañja Name of a tree.
[ଦୃ—ଏହା ତେଲର କ୍ୱାଥ ଓ ଚୂର୍ଣ୍ଣ କଟୁ ଏବଂ ଉଷ୍ଣ । ଏହା କଫ, ବାତ ଓ ଆମବାତ ହରଣ କରେ । ଏହି ତେଲର ଚୂର୍ଣ୍ଣ ସୂତିକା ସନ୍ନିପାତରେ ପ୍ରୟୋଗ କରାଯାଏ । ଦ୍ରବ୍ୟଗୁଣ. କଳ୍ପଦ୍ରୁମ]

ଧାରଣ—ସଂ. ବି. (ଧୃ ଧାତୁ+ଭାବ. ଅନ)—୧ । ଧରିବା; ଗ୍ରହଣ; ଅବଲମ୍ବନ—1. Act of holding or supporting.
Dhāraṇa
୨ । ରକ୍ଷଣ—2. Retention; retaining; keeping.
୩ । ପରିଧାନ; ପିନ୍ଧିବା—3 Wearing; putting on.
୪ । ରକ୍ଷା କରିବା—4. Preserving.
୫ । ବ୍ରତାଦି ପାଳନ—5. Observance of vows.
୬ । ସଂରକ୍ଷଣ; ସଂବରଣ; ସଂଯମନ—
6. Restraining; controlling.
୭ । ସହନ—7 Endurance; fortitude.
୮ । ଋଣଗ୍ରହଣ (ହି. ଶ.)—8. Borrowing.
୯ । ଧାରଣା (ଦେଖ)—9. Dhāraṇā (See)
୧୦ । (ନାମ) କଶ୍ୟପଋଷିଙ୍କର ଏକ ପୁତ୍ର (ହି. ଶ.)—
10. Name of a son of sage Kaśyapa.

ଧାରଣ କରିବା—ଦେ. କ୍ରି—୧ । (କୌଣସି ବସ୍ତୁ) ଅଙ୍ଗରେ ଧରିବା—
Dhāraṇa karibā 1. To hold.
ধারন করা ୨ । (ବସ୍ତ୍ରାଦି) ପିନ୍ଧିବା; ପରିଧାନ କରିବା—
धारणकरना 2. To wear; to put on.
୩ । (ଭାର ଆଦି) ବହନ କରିବା—3. To carry.
୪ । (ଔଷଧାଦି) ସମ୍ଭାଳିବା—
4. To bear; to retain (any medicine).
୫ । (ପ୍ରସ୍ରାବ ଆଦିର ବେଗ) ଅଟକାଇବା ବା ସଂଯମ କରିବା—
5 To restrain; to control.
୬ । (କାମ ବା ଦାୟିତ୍ୱ) ଗ୍ରହଣ କରିବା—
6. To take upon one' self; to undertake.
୭ । ଅବଲମ୍ବନ କରିବା—7. To have recourse to.

ଧାରଣା—ସଂ. ବି. ସ୍ତ୍ରୀ (ଧୃ ଧାତୁ ଣିଜନ୍ତରେ ଧାରି ଧାତୁ=ପୋଷଣ କରିବା ଭାବ. ଅନ+ସ୍ତ୍ରୀ. ଆ)—୧ । ନିର୍ଦ୍ଧାରଣ—
Dhāraṇā 1. Resolution.
୨ । ସିଦ୍ଧାନ୍ତ—2. Conclusion.
୩ । ନିଶ୍ୱାସ ବନ୍ଦ କରିବା; କୁମ୍ଭକ—3. The exercise of suspension of the breath for some time.
୪ । ସ୍ମରଣ ରଖିବା—4. Retention in memory; remembrance.
୫ । ଏକାଦିକ୍ରମେ ସ୍ଥିତି; ସ୍ଥୈର୍ଯ୍ୟ—5. Tenacity.
୬ । ବୁଦ୍ଧି—6. Intellect.
୭ । ନ୍ୟାଯ୍ୟ ପଥରେ ସ୍ଥିତି—
7. Continuance in rectitude and propriety.
୮ । ଅଭିନିବେଶ; ଚିତ୍ତର ଏକାଗ୍ରତା—8. Close attention; mental concentration; meditation.
୯ । ଅଦ୍ୱିତୀୟ ବ୍ରହ୍ମରେ ଅଭିନିବେଶ—
9. Concentrated devotion to God.
୧୦ । ଅଧ୍ୟବସାୟ—10. Perseverance.
୧୧ । ସଂସ୍କାର; ବିଶ୍ୱାସ—11 Belief; faith; notion; conception; impression.
୧୨ । ଦୃଢ଼ ବିଶ୍ୱାସ—12. Conviction (Apte).
୧୩ । ନିର୍ଦ୍ଧାରିତ ନିୟମ—
13 A settled rule (Apte).
୧୪ । ଅବରୋଧ—14. Retention.
धर्णी ଦେ. ବି—୧ । ଠେକ—1. A support; a prop.
धरन, धरनो, धरना ୨ । କାନ୍ଥରେ କବାଟ ବସିବା ଫାଙ୍କ ଉପରେ ବିଆଯିବା ଲମ୍ବକାଠ (ଯାହା ଉପରେ ପଥର ବା ଇଟା କାମ କରାଯାଏ)—2. A beam put horizontally across the opening of a door or window in a wall.
ଦନ୍ତୁ ଦୁହେଁ ସରସମ କେ ନୁହନ୍ତୁ ଊଣା
ଅନନ୍ତ ହୁଏବ ତାଳ ଦେଲେ ଧାରଣା । କୃଷ୍ଣସିଂହ. ମହାଭାରତ. ଶାନ୍ତି ।
୩ । ଦେବତାଙ୍କ ପାଖେ ମନୋବାଞ୍ଛା ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଅଧାପଡ଼ିବା—3. To lie praying before a Deity till one gets one's wishes fulfilled.
୪ । ସାପ କାମୁଡ଼ିବା ସ୍ଥାନ ଉପରେ ଦେବତାଙ୍କ ନାମରେ ବନ୍ଧାଯିବା ସୂତା—4. A thread tied in the name of a Deity over the part of the body bitten by a serpent.
୫ । ସହାୟ; ଆଶ୍ରୟ—5. Help.
ସେ କାଳରେ କାହାକୁ ସୁଦରେ ଧାରଣା
ନ ପାଇ ବୃନ୍ଦମାନେ ହୋଇଲେ ବିମନା । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।
୬ । ରେଖା; ଗାର—6. Line.
ଯା ପିଠିରେ ପଡ଼ିଛି ସୁନାର ଧାରଣା
ଏ କାହା ଧନୁ ସତ କହ ଭୋଜ ବଣା । କୃଷ୍ଣସିଂହ. ମହାଭାରତ. ବିରାଟ ।
୭ । ଦୁଇ ବା ତତୋଽଧିକ ଲମ୍ବ ବସ୍ତୁକୁ ସମାନ୍ତର ଭାବରେ ଯଥାସ୍ଥାନରେ ରଖିବା ପାଇଁ ଉଭୟରେ ଆଡ଼ ଭାଗରେ ବିଆଯିବା କାଠର ଦଣ୍ଡ ବା ଦଣ୍ଡମାନ; ଆଡ଼ଧାରଣା—

7. Cross-beam; a pole or poles which are placed breadthwise to keep two or more long things in proper position.

ପ୍ରାଦେ. (ପୁରୀ) ବି—ବର୍ଷାଦିନେ ପାଣି ପୂର୍ଣ୍ଣ ହୋଇଥିବା ନାଳ ଉପରେ ପଡ଼ିଥିବା କଡ଼ିଆ, ଡାଳ ବା ଖଜୁରିଗଛ ଉପରେ ଲୋକେ ଚାଲିଲାବେଳେ ଯେପରି ପଡ଼ି ନ ଯିବେ ଏଥିପାଇଁ ତା କଡ଼ରେ ବନ୍ଧା ଯାଇଥିବା ବାଉଁଶ (ଯାହାକୁ ଧରି ଲୋକେ ଉକ୍ତ ଗଛ ଉପରେ ଚାଲନ୍ତି)— A raised railing used by people for holding it while crossing a water channel on a log.

ଧାରଣାକରିବା—ଦେ. କ୍ରି—୧ । ଅବଧାରଣ କରିବା— Dhāraṇākaribā 1. To resolve.
ধারনাকরা; धारणाकरना ୨ । ସ୍ଥିର କରିବା— 2. To arrive at a definite conclusion.
୩ । ମନ ମଧ୍ୟରେ ଗୋଟିଏ ଚିତ୍ର ଅଙ୍କିତ କରିବା— 3. To have an impression.
୪ । ଚିତ୍ତର ଏକାଗ୍ରତା ସମ୍ପାଦନ କରିବା—4. To concentrate one's mind upon a thing.
୫ । କଳ୍ପନା କରିବା—5 To conceive.

ଧାରଣା ଦେବା—ଦେ. କ୍ରି—୧ । କୌଣସି ଦେବତାଙ୍କ ନିକଟରେ Dhāraṇā debā ଅଧିା ପଡ଼ିବା—1. To lie praying and ধর্ণাদেওআ; धरनादेना prostrate before a Diety till (ଧାରଣା ପଡ଼ିବା—ଅନ୍ୟରୂପ) one's wishes are fulfilled.
ସାଥିନ୍ତାଣୀ ନଣ୍ଡାସହିଏ ପକାଇ କହୁଲେ; ଅଛୁ ଦେବେ ଧାରଣା ତଥ— ଫକୀରମୋହନ; ଗଳ୍ପସ୍ୱଳ୍ପ ।
୨ । କୌଣସି ବ୍ୟକ୍ତି ନିକଟରେ ଅଳି କରି ପଡ଼ି ରହିବା— 2. To picket.
୩ । କେତେଗୁଡ଼ିଏ ଲମ୍ବ କାଠ ଆଦିକୁ ଟେକ ରଖିବାପାଇଁ ତଳେ ଆଡ଼ ବାଗରେ କାଠ ଦେବା—3. To place a prop crosswise below long things.

ଧାରଣାବାନ୍—ସ. ବିଣ.ପୁଂ(ଧାରଣା+ଅସ୍ତି ଅର୍ଥରେ ବତ୍;୧ମା.୧ବ)— Dhāraṇābān ୧ । ମେଧାବୀ—1. Intelligent.
(ଧାରଣାବତୀ—ସ୍ତ୍ରୀ) ୨ । ସ୍ମରଣଶକ୍ତିବିଶିଷ୍ଟ— 2. Of retentive memory.

ଧାରଣାଶକ୍ତି—ସ.ବି—(୬ଷ୍ଠୀ ବା ରୂପକ; ଧାରଣା+ଶକ୍ତି) ୧ । ମେଧା— Dhāraṇāśakti 1. Intelligence.
୨ । ସ୍ମରଣଶକ୍ତି—2. Retentive memory.
୩ । ସଙ୍ଗମକାଳରେ ବୀର୍ଯ୍ୟ ସମ୍ଭାଳିବା ଶକ୍ତି— 3. Sexual retentive power; the power of retaining the semen during copulation.

ଧାରଣୀ—ସ. ବି. ସ୍ତ୍ରୀ. (ଧାରଣ+ଈ)—୧ । ନାଡ଼ୀ— Dhāraṇī 1. Artery; vein; blood vessel.
୨ । ଶ୍ରେଣୀ—2. Class.
୩ । ଯନ୍ତ୍ର; କବଚ; ମନ୍ତ୍ରବିଶେଷ—3. A class of incantations (which are to be worn on the body to ward off evils).
ଗ୍ରା. ବିଣ. ସ୍ତ୍ରୀ (ସ. ଧାରଣୀ)—ଧାରଣକର୍ତ୍ତ୍ରୀ—Holding; (ଧାରେଣୀ—ଅନ୍ୟରୂପ) upholding.
ସହାରଣୀ ପାଳଣୀ ଧାରଣୀ ସଦାର, ପ୍ରକୃତ କାରଣୀ ସଂସାରେ ନସ୍ତାର । ପ୍ରାଚୀ, ଉହସଂମହ୍ରତ ।

ଧାରଣୀୟ—ସ. ବିଣ (ଧୃ ଧାତୁ+କର୍ମ. ଅନୀୟ)—୧ । ଧୃତ ହେବାର Dhāraṇīya ଉପଯୁକ୍ତ; ଧାରଣଯୋଗ୍ୟ—1. Fit to be held.
(ଧାରଣୀୟା—ସ୍ତ୍ରୀ) ୨ । ପରିଧେୟ—2. Fit to be worn.

ଧାରତା—ଦେ. ବି—୧ । ଖାତକ; ଦେଣଦାର; ଅଧମର୍ଣ୍ଣ— Dhāratā 1. Debtor.
ধেরো ୨ । ଋଣ—2. Debt.
धारवेबाला ୩ । ଯାମିନ୍; ପ୍ରତିଭୂ—3. Surety.
(ଧାର୍ତ୍ତା—ଅନ୍ୟରୂପ) ୪ । ବନ୍ଧକ—4. Mortgage.
ଦେ. ବିଣ—ଧାରୁଆ; ଋଣୀ—Indebted.

ଧାରତା ବନ୍ଧା—ଦେ. ବି—ସମ୍ପତ୍ତିର ବନ୍ଧକ—Mortgage or pledge Dhāratā bandhā of property.
বন্ধক; रेहन; गिरवी ଦେ. ବିଣ—ଋଣରେ ଆବଦ୍ଧ; ଋଣୀ— (ଧାର୍ତ୍ତାବନ୍ଧା—ଅନ୍ୟରୂପ) Indebted; bound by debt.
দেনদার; ধেরো देनदार

ଧାର ଦେବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ବିନା ସୁଧରେ ଟଙ୍କା ବା Dhāra debā ଅନ୍ୟ ବସ୍ତୁ ପଦାର୍ଥ ଋଣ ଦେବା—To lend ধার দেওয়া money or article without any उधार देना interest.

ଧାର ଧାର—ଦେ. ବିଣ—ଏକାଧିକ ଧାର ବା ସ୍ରୋତବିଶିଷ୍ଟ— Dhāra dhāra Consisting of many currents.
বহু ধারে ଦେ. କ୍ରି. ବିଣ—ଏକାଧିକ ଧାରରେ— धारी धारी, धाराएँ In currents.
ନେତ୍ରଜଳକୁ ଖର ବହେ ବାହୁଁ ବ ଅହା ଧାର ଧାରରେ—ବଳଦୁର୍ଗ୍ୟ. ସଙ୍ଗୀତ ।

ଧାର ଧାରିବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିଠାରେ ଋଣଦାୟରେ ଆବଦ୍ଧ Dhāra dhāribā ହେବା; ଋଣଗ୍ରସ୍ତ ହେବା—
ধার ধারা 1. To owe money to another.
धारना ୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତି ବା ବିଷୟ ସହିତ ସମ୍ପର୍କ ରଖିବା—1. To have any connection with a person or a thing.
ସେ ପାଠ ଶାଠର ଧାର ଧାରେ ନାହିଁ—କୁନ୍ତଳାକୁମାରୀ. ନଅଭୁଣୀ ।

ଧାର ନେବା—ଦେ. କ୍ରି—ଅନ୍ୟ ବ୍ୟକ୍ତିଠାରୁ ଋଣ କରିବା— Dhāra nebā To borrow.
ধার নেওয়া उधार लेना

ଧାରମିକ—ଦେ (ପଦ୍ୟ) ବିଣ—ଧାର୍ମିକ (ଦେଖ) Dhāramika Dhārmika (See)
କହୁଲେ ପାଣ୍ଡୁ ଧାରମିକ ଶିରୋମଣି—କୃଷ୍ଣସିଂହ. ମହାଭାରତ. ଆଦ ।

ଧାରଯ—ଗ୍ରା. ବିଣ (ସ. ଧାର୍ଯ୍ୟ)—ଧାର୍ଯ୍ୟ (ଦେଖ) Dhāraja Dhārjya (See)
ধারয धारज

ଧାରୟିତା—ସଂ. ବିଣ. ପୁଂ (ଧୃ ଧାତୁ ଣିଚ୍=ଧାରି ଧାତୁ+କର୍ତ୍ତୃ. ତୃ; Dhārayitā ୧ମା ୧ବ)—ଧାରକ; ଧାରଣକର୍ତ୍ତା—Holding; (ଧାରୟିତ୍ରୀ—ସ୍ତ୍ରୀ) sustaining; bearing.

ଧାରୟିତ୍ରୀ—ସଂ. ବି. ସ୍ତ୍ରୀ (ଧାରୟିତାର ସ୍ତ୍ରୀଲିଙ୍ଗ)—ପୃଥିବୀ—
Dhārayitrī The earth.

ଧାରୟିଷ୍ଣୁ—ସଂ. ବିଣ. ପୁଂ (ଧୃ ଧାତୁ ଣିଚ୍ + ଶୀଳାର୍ଥରେ ଇଷ୍ଣୁ)—
Dhārayishṇu ୧। ଯେ ଧାରଣ କରି ରହିଅଛି; ଧାରଣଶୀଳ— 1. Habituated to hold.
୨। ଯେ ଧାରଣ କରି ପାରେ— 2. Capable of holding or sustaining.

ଧାରା—ସଂ. ବି. ସ୍ତ୍ରୀ (ଧୃ ଧାତୁ ଣିଜନ୍ତ ଧାରି ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Dhārā ୧। ଦ୍ରବ ବସ୍ତୁର କ୍ରମାଗତ ବା ଅବିରଳ କ୍ଷରଣ ବା ସ୍ରାବ— 1. Continuous flow of a liquid; a line of fluid falling down.
୨। ପ୍ରବାହ; ଜଳସ୍ରୋତ— 2. Current; stream; torrent.
୩। ବରଷାର ଅସରା; ପ୍ରବଳ ବର୍ଷା— 3. A shower; downpour; torrential shower.
୪। ବୃଷ୍ଟି—4. Rain.
୫। ରଥଚକ୍ର—5. Wheel of a car.
୬। ରଥଚକ୍ରର ଚିହ୍ନ ବା ଦାଗ— 6. The mark or track left by a wheel.
୭। ଝରଣା; ଝର୍ଣ୍ଣରି; ପ୍ରସ୍ରବଣ—7. Spring.
୮। ସମୂହ—8. Collection; plurality; multitude.
୯। ଘୋଡ଼ାଙ୍କର ଗତି—9. The different motions of the horse; pace of a horse.
[ଦ୍ର—ଏହା ୫ ପ୍ରକାର।—ଆସ୍କନ୍ଦିତ—କଦମଗୁଲି; ଧୌରିତ— ଦୌଡ଼ିବା; ରେଚିତ—ଚକ୍କର ଦେବା; ବଲ୍ଗିତ—ଦୁଲକି ଚାଲିବା; ପ୍ଲୁତ—ଛଡ଼ିତକ, ଗୁର ଖୁରା ଉଠାଇ ଦଉଡ଼ିବା।]
୧୦। ଯଶ—10. Fame.
୧୧। ଅସ୍ତ୍ରର ଦାଢ଼—11. Sharp edge of a weapon.
୧୨। ତୀକ୍ଷ୍ଣତା; ପ୍ରଖରତା— 12. Sharpness; keenness.
୧୩। ଶୃଙ୍ଖଳା; କ୍ରମ— 13. Order of succession; system.
୧୪। ଉତ୍କର୍ଷ—14. Excellence.
୧୫। ଶ୍ରେଣୀ—15. Class; series.
୧୬। ଢଙ୍ଗ; ଧାରଣ; ପ୍ରକାର— 16. Mode; fashion.
୧୭। ସାଦୃଶ୍ୟ—17. Likeness.
୧୮। ପଦ୍ଧତି; ବ୍ୟବସ୍ଥା; ନିୟମ— 18. Mode; code; prescribed rule.
୧୯। ପ୍ରକୃତି; ସ୍ୱଭାବ—19. Nature; habit.
୨୦। ବହୁକାଳ ପ୍ରଚଳିତ ପ୍ରଥା; ରୀତି— 20. Custom; usage.
୨୧। ଚଳିଆସିବା ନିୟମ—21. Practice.
୨୨। ଆଇନର ବିଧାନମାନଙ୍କର ପରିଚ୍ଛେଦ ବା ଭାଗ; ଦଫା— 22. Section of law.
୨୩। ଅଭ୍ୟାସ—23. Habit.
୨୪। ଗଣିତ ଆଦିର ପ୍ରଣାଳୀ— 24. A mathematical rule or method.
୨୫। ପରିଚ୍ଛେଦ; ଅନୁଚ୍ଛେଦ; ଅଧ୍ୟାୟ— 25. Chapter.
୨୬। ପ୍ରକରଣ—26. Paragraph.
୨୭—ସେନାଦଳର ଅଗ୍ରଭାଗ—27. The front or advance guard of an army.
୨୮। ଘଟ ଆଦିର ତଳେ କରାଯିବା ଛିଦ୍ର—28. A hole made at the bottom of a pot; a leak.
୨୯। ଦାକ୍ଷିଣାତ୍ୟର ପ୍ରାଚୀନକାଳର ନଗରବିଶେଷ; ଧାରା ନଗରୀ—29. Name of an ancient town in southern India.
୩୦। (+ଅଧିକରଣ. ଅ) ଭୋଜ ରାଜାଙ୍କ ରାଜଧାନୀ— 30. The capital of Bhoja, the ancient king of Ujjayinī.
୩୧। (+କରଣ. ଅ) କୌଣସି ପଦାର୍ଥର ଦାଢ଼ ବା ସୀମା— 31. Edge of anything; border; margin.
୩୨। ରାତ୍ରି—32. Night.
୩୩। ହଳଦୀ—32. Turmeric.
୩୪। ବାକ୍ୟ; କଥା—34. Speech.
୩୫। ଜନପ୍ରବାଦ; ଜନଶ୍ରୁତି—35. Rumour; report.
୩୬। କାନ ଅଗ—36. The tip of the ear (Apte).
୩୭। ଛିଡ଼ିଦେବାଲି; ପରିଛିତ— 37. A garden wall (Apte).
୩୮। ବାଡ଼—38. Fence.
୩୯। ରେଖା; ପଂକ୍ତି; ଧାଡ଼ି—39. Line; row.
୪୦। ଗିରିଶୃଙ୍ଗ—40. Mountain peak.

ଧାରା କଦମ୍ବ—ସଂ. ବି (ଧାରା+କଦମ୍ବ)—କେଳି କଦମ୍ବ ୧ (ଦେଖ)
Dhārākadamba Kelikadamba 1 (See)

ଧାରାକ୍ରମେ—ଦେ.କ୍ରି.ବିଣ—ପୂର୍ବ ପ୍ରଚଳିତ ରୀତି ବା ପ୍ରଥା ଅନୁସାରେ—
Dhārākrame According to old usage or custom.
ଧାରାଶ୍ରୟ; धाराक्रम

ଧାରାଗୃହ—ସଂ. ବି (ଧାରା+ଗୃହ)—ଯେଉଁ ଘରେ ସ୍ନାନ କରିବା
Dhārāgṛuha ସକାଶେ ଜଳଧାରା ପଡ଼ିବାର ବ୍ୟବସ୍ଥା ହୋଇଅଛି— Bath room; a bath-room with water jets; a room containing a shower bath.

ଧାରାଙ୍କୁର—ସଂ. ବି (୬ଷ୍ଠୀ ତତ୍; ଧାରା+ଅଙ୍କୁର)—୧। ରଣକ୍ଷେତ୍ରରେ
Dhārāṅkura ଅଗ୍ରବର୍ତ୍ତୀ ସୈନ୍ୟ—1. The front part of an army taking the field; pioneer.
୨। ଜଳକଣା—2. Water particles.

୩ । ବର୍ଷାର ଠୋପା—3. A drop of rain.
୪ । କରକା; ଭୁଆ ପଥର—4. Hail stone.
୫ । ସରଳ ଗଛର ଅଠା (ହି. ଶବ୍ଦସାଗର)—
5. The gum of Pine tree.

ଧାରାଙ୍ଗ—ସଂ. ବି. (ବହୁବ୍ରୀହି; ଧାରା=ଅସ୍ତ୍ରର ତୀକ୍ଷ୍ଣ ଅଗ୍ରଭାଗ+ଅଙ୍ଗ)—
Dhārāṅga ୧ । ଖଡ୍ଗ; ଖଣ୍ଡା—1. A sword
୨ । ପ୍ରାଚୀନ ତୀର୍ଥବିଶେଷ—2. Name of an ancient holy place of India.

ଧାରାଟ—ସଂ.ବି.(ଧାରା=ବୃଷ୍ଟି + ଅଟ୍ ଧାତୁ=ଗମନ କରିବା+କର୍ତ୍ତୃ.ଅ)
Dhārāṭa ୧ । ଚାତକ ପକ୍ଷୀ—1. Swallow.
୨ । ମେଘ—2. Cloud.
୩ । ଘୋଡ଼ା—3. Horse.
୪ । ମତ୍ତହସ୍ତୀ—4. An excited elephant; a must elephant; an elephant in rut.

ଧାରାଦତ୍ତ କରିବା—ପ୍ରାଦେ. (ଗଞ୍ଜାମ) କ୍ରି—ଦାନ କରିବା—
Dhārādatta kariba To make a gift of.
ରଜା ତାହାଙ୍କୁ ୨ ଏକର ଜମି ଧାରାଦତ୍ତ କରି ଅଛନ୍ତି ।
ପ୍ରେ. ଖଣ୍ଡ—୧. ୯. ୨୮।

ଧାରାଧର—ସଂ. ବି. (ଧାରା+ଧୃ ଧାତୁ+କର୍ତ୍ତୃ. ଅ)—
Dhārādhara ୧ । ମେଘ—1. Cloud.
୨ । ଦାଢ଼ୁଆ ଅସ୍ତ୍ର—2. A sharp weapon.
୩ । ଖଡ୍ଗ—3. A sword.

ଧାରା ନଗରୀ—ସଂ. ବି. (ନାମ—ପ୍ରାଚୀନ ମାଳବ ରାଜ୍ୟର ରାଜଧାନୀ)—
Dhārā nagarī The capital of ancient Malaba Kingdom.
[ଦ୍ର—ଭୋଜରାଜା ଏଠାରେ ରାଜପଣ କରୁଥିଲେ । ପାତଞ୍ଜଳ ଯୋଗସୂତ୍ରର ବୃତ୍ତି ଓ ରାଜମାର୍ତ୍ତଣ୍ଡ ନାମକ ଜ୍ୟୋତିଷିକ ଗ୍ରନ୍ଥ ଏହାଙ୍କ ଦ୍ୱାରା ରଚିତ । କଥିତ ଅଛି ଯେ, ଭୋଜରାଜା ଉଜ୍ଜୟିନୀଠାରୁ ଏଠାକୁ ରାଜଧାନୀ ଉଠାଇ ଆଣିଥିଲେ ।]

ଧାରା ନିପାତ—ସଂ. ବି. (୭ମୀ ତତ୍; ଧାରା+ନିପାତ)—
Dhārā nipāta ମୁଷଳଧାରାରେ ବର୍ଷା; ଭୁଟୁକାଣି; ଅବିରଳ ଜଳଧାରାରେ ବର୍ଷା ହେବା—Raining in continuous showers; incessant raining; a down pour of rain; raining cats and dogs.
ଧାରାପତନ } ଅନ୍ୟରୂପ
ଧାରାବର୍ଷ }

ଧାରାନୁଯାୟୀ—ଦେ. ବିଣ. (ଧାରା+ଅନୁଯାୟୀ)—
Dhārānujāyī ଧାରା ବା କର୍ତ୍ତବ୍ୟ ରୀତି ଅନୁସାରେ କରାଯିବା (କର୍ମ)—(act) Done according to custom or practice.
(ଧାରାନୁସାରେ—ଅନ୍ୟରୂପ)

ଧାରାପାତ—ସଂ. ବି. (୭ମୀ ତତ୍; ଧାରା+ପାତ=ପତନ)—
Dhārāpāta ୧ । ଧାରା ନିପାତ (ଦେଖ)
1. Dhārā nipāta (See)
୨ । ଗଣିତ ସମସ୍ୟା ସାଧନ କରିବାର ସହଜ ପ୍ରଣାଳୀବିଶେଷ—
2. An easy method of working out a mathematical problem.

ଧାରାବତ୍—ସଂ. ବିଣ. (ଧାରା+ବତ୍)—ଧାରାଳ (ଦେଖ)
Dhārābat Dhārāḷa (See)

ଧାରାବନି—ସଂ. ବି. (ଧାରା+ବନ୍ ଧାତୁ=ଶବ୍ଦ କରିବା+ଇ)—
Dhārābani ପବନ—Wind.

ଧାରାବାହିକ—ସଂ. ବିଣ. ପୁଂ. (ଧାରା+ବହ୍ ଧାତୁ+ଇକ)—
Dhārābāhika ୧ । ଅବିଚ୍ଛିନ୍ନ—1. Incessant; continuous; serial.
(ଧାରାବାହିକା—ସ୍ତ୍ରୀ)
(ଧାରାବାହିକତା—ବି) ୨ । କ୍ରମାଗତ—
(ଧାରାବାହୀ—ଅନ୍ୟରୂପ) 2. Never-ending succession.
(ଧାରାବାହିନୀ—ସ୍ତ୍ରୀ) ୩ । ରୀତିସଙ୍ଗତ—3. Customary.
୪ । ଅବିରଳ ଧାରାରେ ବହୁଥିବା—
4. Flowing continuously
୫ । ସୁବିନ୍ୟସ୍ତ ଭାବରେ ସମ୍ପାଦିତ—
5. Done systematically; systematic.

ଧାରାବିଷ—ସଂ. ବି. (ବହୁବ୍ରୀହି; ଧାରା=ଦାନ୍ତ+ବିଷ; ଯାହାର ଦାନ୍ତ ବିଷ ସଦୃଶ ସାଂଘାତିକ)—
Dhārābisha ୧ । ତୀକ୍ଷ୍ଣ ଖଡ୍ଗ—1. A sharp sword.
୨ । ବିଷାକ୍ତ ଛୁରୀ—2. A poisoned dagger.
୩ । ବଙ୍କା ଖଡ୍ଗ—3. A crooked sword.

ଧାରାଯନ୍ତ୍ର—ସଂ. ବି. (୬ଷ୍ଠୀ ତତ୍; ଧାରା+ଯନ୍ତ୍ର)—
Dhārājantra ୧ । ଜଳଯନ୍ତ୍ର; ଯେଉଁ ଯନ୍ତ୍ରରୁ ଜଳଧାରା ବାହାରିତ ହୁଏ—1. A jet of water; an artificial fountain of water.
୨ । ପିଚକାରୀ—2. A syringe.

ଧାରାଳ—ସଂ. ବିଣ. (ଧାରା+ଅସ୍ତି ଅର୍ଥରେ. ଲ)—
Dhārāḷa ୧ । ତୀକ୍ଷ୍ଣ; ଦାଢ଼ୁଆ—1. Sharp-edged.
୨ । ପ୍ରଖର—2. Keen.
୩ । ଧାରାବାହିକ—
3. Continuous; systematic; incessant.
୪ । ରୀତିସଙ୍ଗତ—4. Confirming or following a custom or usage.

ଧାରା ଶ୍ରାବଣ—ସଂ. ବି. (ଧାରା=ବୃଷ୍ଟି ଅସାରରେ ପ୍ରଚୁର+ଶ୍ରାବଣ; ମ. ପ. ଲୋ. କର୍ମଧା)—
Dhārā srābaṇa ଶ୍ରାବଣ ମାସ;(ଏହି ମାସରେ ଅବିରତ ଜଳଧାରାରେ ବୃଷ୍ଟି ହୁଏ)—The month of incessant raining in India; the month of Śrābaṇa.

ଧାରାଶ୍ରୁ—ସଂ. ବି. (ଧାର+ଅଶ୍ରୁ)—ଧାର ଧାର ହୋଇ ଗଡ଼ୁଥିବା ଲୋତକ ଧାର—A flood of tears; a continuous flow of tear.
Dhārāśru

ଧାରାସମ୍ପାତ—ସଂ. ବି. (୭ମୀ ତତ୍; ଧାରା+ସମ୍ପାତ)—
Dhārā sampāta ଧାରା ନିପାତ (ଦେଖ)
Dhārā nipāta (See)

ଧାରାସାର—ସଂ. ବି. (ଧାରା+ଅସାର—ଧାରାନିପାତ (ଦେଖ)
Dhārāsāra Dhārānipāta (See)

ଧାରାସ୍ନୁହୀ—ସଂ. ବି—ତ୍ରିଧାରାସ୍ନୁହୀ; ତ୍ରିକଣ୍ଟା ସିଜୁ; ଲଙ୍କାସିଜୁ—
Dhārāsnuhī Eupliorbia Triucalli; a kind of cactus.

ଧାରାସ୍ରାବ—ସଂ. ବି. (୬ଷ୍ଠୀ ତତ୍; ଧାରା+ସ୍ରାବ)—୧ । ଅବିରତ
Dhārāsrāba ଧାରାରେ ବହିବା—1. Outflow of any liuid in continuous stream.
୨ । ଅବିରତ ଧାରାରେ ବର୍ଷା—
2. Continuous shower of rain.

ଧାରି—ଦେ. ବି. (ଗ୍ରାମ୍ୟ) (ସ. ଧାରା)—ଧାଡ଼ି (ଦେଖ)
Dhāri Dhārdi (See)
ଧାଡ଼ି ଧାରି ଧାରି କରି ଶ୍ୱେତ ସୌଧମାଳେ
धारी, पाँती ରଚନ୍ତି ସେହି ରମ୍ୟ ନଗର । ଭୂବନ. ଗୀତାଲହରୀ ।

ଧାରିଣୀ—ସ. ବିଣ. ସ୍ତ୍ରୀ. (ଧୃ ଧାତୁ+ଇନ୍+ସ୍ତ୍ରୀ. ଈ)—ଧାରଣକର୍ତ୍ତ୍ରୀ—
Dhāriṇī Holding; bearing.
(ଧାରୀ—ପୁଂ) (ଯଥା—କରଙ୍କଧାରିଣୀ; ଗର୍ଭଧାରିଣୀ ।)
[ଦ୍ର—ଏ ଅର୍ଥରେ 'ଧାରିଣୀ' ଶବ୍ଦ ଅନ୍ୟ ଶବ୍ଦ ସହିତ ଯୁକ୍ତ ହୋଇ ବ୍ୟବହୃତ ହୁଏ ।]
ସ. ବି—୧ । ଧରଣୀ; ପୃଥିବୀ—1. The earth.
୨ । ଶିମିଳିଗଛ—2. The silk-cotton tree.
୩ । କାଳିଦାସ କୃତ 'ମାଳବିକାଗ୍ନିମିତ୍ର' ନାଟକର ରାଜା ଅଗ୍ନିମିତ୍ରଙ୍କ ପାଟରାଣୀ—3. The name of the heroine (queen) of Kālidāsa's drama of Mālabikāgnimitra.

ଧାରିତ—ସ. ବିଣ. (ଧୃ ଧାତୁ ଣିଚ୍+କର୍ମ. ତ)—
Dhārita ୧ । ଧରାଯାଇଥିବା; ଧୃତ—1. Seized; held.
(ଧାରିତା—ସ୍ତ୍ରୀ) ୨ । ବାହିତ—2. Carried; borne.
୩ । ସ୍ଥାପିତ—3. Placed.
୪ । ଗ୍ରାହିତ—4. Caused to be held.

ଧାରିବା—ଦେ. କ୍ରି. (ସ. ଧୃ ଧାତୁ)—୧ । ଧାର କରିବା—
Dhāribā 1. To borrow.
ଧାରନା ୨ । ଜାଳ କରି ବା ଉଧାର କରି ସଉଦା ନେବା—
लेना 2. To purchase a thing on credit.
୩ । ଅନ୍ୟ ବ୍ୟକ୍ତି ପାଖରେ ଋଣଗ୍ରସ୍ତ ହେବା—
3. To owe; to be in debt to.

ଧାରୀ—ସ. ବିଣ. (ଧୃ ଧାତୁ+ଇନ୍)—୧ । ଯେ ଧାରଣ କରେ;
Dhārī ଧାରଣକାରୀ—1. One who holds; holding.
(ଧାରିଣୀ—ସ୍ତ୍ରୀ) [ଦ୍ର—ଏହି ଅର୍ଥରେ ଅନ୍ୟ ଶବ୍ଦ ସହ ବ୍ୟବହୃତ ହୁଏ ।]
୨ । ଧାରୁଆ; ଦାଢ଼ୁଆ—2. Sharp-edged.
୩ । ଋଣୀ—3. Indebted.
ସ. ବି—୧ । ପୀଲୁବୃକ୍ଷ—1. A kind of tree; pilu tree; Salvadora Persica.
[ଦ୍ର—ଏହାର କାଠ କୋମଳ ଓ ଈଷତ୍ ପୀତ; ଫଳ ପାଚିଲେ ନାଲି ହୁଏ । ଏହା ସିନ୍ଧୁ ଓ ପଞ୍ଜାବରେ ଜନ୍ମେ ।]
୨ । ଦେଣଦାର; ଅଧମର୍ଣ୍ଣ—2. Debtor.

ଧାରୁ—ସ. ବିଣ. (ଧେ ଧାତୁ=ପାନ କରିବା+କର୍ତ୍ତୃ. ରୁ)—ପାନକାରୀ;
Dhāru ଯେ ପାନ କରେ—One who drinks.

ଧାରୁଆ—ଦେ. ବିଣ. ପୁଂ (ସ. ଧୃ ଧାତୁ)—ଋଣୀ; କରଜଦାର—
Dhāruā 1. Indebted.
(ଧାରେଇ—ସ୍ତ୍ରୀ) ୨ । ଯେ ଜାଳରେ ସଉଦା କରେ—
ଧେରୋ 2. One who takes things on credit.
देणदार; धारवाला ୩ । (ସ. ଧାର=ଦାଢ଼)—ଦାଢ଼ୁଆ—
3. Sharp-edged.

ଧାରେ ଧାରେ—ଦେ. ଅ—କୌଣସି ବସ୍ତୁ ବା ସ୍ଥାନର ପ୍ରାନ୍ତଭାଗ ବାଟେ—
Dhāre dhāre Along the edge of.
ଧାରେ ଧାରେ किनारे किनारे

ଧାରୋଷ୍ଣ—ସ. ବିଣ. (ଧାରା+ଉଷ୍ଣ; ଗାଈ ଦୁହିଁଲାବେଳେ ଗାଈ ଥନରୁ
Dhāroshṇa ପଡ଼ିତ ଦୁଗ୍ଧଧାରାର ଉଷ୍ଣତାତୁଲ୍ୟ ଉଷ୍ଣ)—
୧ । କବୋଷ୍ଣ; ଈଷଦୁଷ୍ଣ; ନାତିଉଷ୍ଣମ—1. Slightly warm (as milk just when it is milked).
୨ । ସଦ୍ୟ ଗାଈଠାରୁ ଦୁହାଁ ହୋଇଥିବା (ଦୁଧ)—
2. Fresh; recently drawn (milk).

ଧାର୍ତ୍ତରାଷ୍ଟ୍ର—ସ. ବି. (ଧୃତରାଷ୍ଟ୍ର+ଅପତ୍ୟାର୍ଥରେ ଅ)—
Dhārttarāshṭra ୧ । ଧୃତରାଷ୍ଟ୍ରରାଜାଙ୍କ ପୁତ୍ର—
1. The sons of Dhṛutarāshṭra.
[ଦ୍ର—ଏମାନଙ୍କର ଦୁର୍ଯ୍ୟୋଧନ, ଦୁଃଶାସନଆଦି ୧୦୦ ପୁତ୍ର ଥିଲେ ।]
୨ । ଧୃତରାଷ୍ଟ୍ର-ନାମକ ନାଗଙ୍କର ପୁତ୍ର; କଦ୍ରୁପୁତ୍ର—
2. The sons of Kadru (a she-serpent)
୩ । ଗେଣ୍ଡାହଂସ; କୃଷ୍ଣବର୍ଣ୍ଣ ଚଞ୍ଚୁ ଓ ଚରଣଯୁକ୍ତ ହଂସବିଶେଷ - 3. Black-footed goose; black-legged and black-billed gander.
ହଂସେ ଧାର୍ତ୍ତରାଷ୍ଟ୍ର ବୃନ୍ଦରେ ଶୋଭନ୍ତି । କୃଷ୍ଣସିଂହ. ମହାଭାରତ. ବନ୍ତ ।

ଧାର୍ମ—ସ. ବିଣ. (ଧର୍ମ+ସମ୍ବନ୍ଧାର୍ଥେ ଅ)—ଧର୍ମସମ୍ବନ୍ଧୀୟ—
Dhārma Relating to justice or Dharma.

ଧାର୍ମିକ—ସ. ବିଣ. ପୁଂ (ଧର୍ମ+ଆଚରଣାର୍ଥେ ଇକ)—
Dhārmika ୧ । ଧର୍ମଶୀଳ; ଧର୍ମିଷ୍ଠ; ସତ୍ୟବ୍ରତ—
(ଧାର୍ମିକା—ସ୍ତ୍ରୀ) 2. Religious; pious; virtuous; righteous.
ଧାର୍ମିକତା
ଧାର୍ମିକତ୍ୱ } ବି ୨ । ଧର୍ମର ଅନୁକୂଳ—
ଧାର୍ମିକ୍ୟ 2. Equitable; resting on right.

ଧାର୍ମିକପ୍ରବର—ସ. ବିଣ. ପୁଂ. (୭ମୀ ତତ୍; ଧାର୍ମିକ+ପ୍ରବର)—
Dhārmikaprabara ଅତ୍ୟନ୍ତ ଧର୍ମଶୀଳ; ଧାର୍ମିକବର; ଧାର୍ମିକଶ୍ରେଷ୍ଠ—Very pious.

ଧାର୍ମିଣ—ସ. ବି. (ଧର୍ମିଣ+ସମୂହାର୍ଥରେ ଅ; ଅଥବା ଧର୍ମ+ଇଣ)—
Dhārmiṇa ୧ । ଧାର୍ମିକ ସମୂହ—
1. A number of pious men.
୨ । ଧାର୍ମିକମାନଙ୍କର ସଭା ବା ମିଳନ—
2. An assemblage of pious men.

ଧାର୍ଯ୍ୟ—ସଂ. ବିଣ. (ଧୃ ଧାତୁ+କର୍ମ. ଯ)—୧ । ଧାରଣୀୟ; ଧାରଣଯୋଗ୍ୟ; ବହନୀୟ—1, Fit to be held or borne.
Dhārjya
(ଧାର୍ଯ୍ୟ—ଅନ୍ୟରୂପ) ୨ । ସ୍ଥିରୀକାର୍ଯ୍ୟ; ଅବଧାରଣୀୟ—
.2. Fit to be fixed or settled.
୩ । ପିନ୍ଧିବା ଯୋଗ୍ୟ -3. Fit to be worn.
୪ । ମନରେ ରଖିବା ଯୋଗ୍ୟ; ସ୍ମରଣୀୟ—
4. Fit to be borne in mind.
୫ । ସହିବା ଯୋଗ୍ୟ—5. Fit to be suffered.
ସଂ. ବି. ପୁଂ (ଧା ଧାତୁ+ଯ; ନିପାତନ)—୧ । ପୁରୋହିତ—
1. A priest.
୨ । ଲୁଗାପଟା; ବସ୍ତ୍ର—2. Clothes; garments.
धार्य्य ଦେ. ବିଣ—୧ । ଚିରସ୍ଥାୟୀ—1. Permanent.
(ଯଥା—ଏବେ ଏ ପୁଅ ଧାର୍ଯ୍ୟ ହେଉ ।)
୨ । ସ୍ଥିରୀକୃତ; ନିର୍ଦ୍ଧାରିତ—2. Fixed; settled.

ଧାର୍ଯ୍ୟ କରିବା—ଦେ. କ୍ରି—୧ । ନିର୍ଦ୍ଧାରଣ କରିବା—
Dhārjya kariba 1. To resolve.
धार्य्यकरा ୨ । ସ୍ଥିର କରିବା—
ठहराना 2. To settle; to fix or appoint.
୩ । ନିର୍ଦ୍ଧାରିତ କରିବା—
3. To assess rent or tax.

ଧାର୍ଯ୍ୟ ଜମା—ଦେ. ବି (କଚେରୀ)—ଜମି ଉପରେ ଯେଉଁ ଖଜଣା ନିର୍ଦ୍ଧାରିତ ହୋଇଥାଏ—Settled rent.
Dhārjya jamā
धार्य्य जमा, स्थिर जमा

ଧାର୍ଯ୍ୟମାଣ—ସଂ. ବିଣ (୧ ଧାତୁ ଣିଚ୍=ଧାରି ଧାତୁ+କର୍ମ. ଅନ)—
Dhārjya māṇa ଯାହା ଧୃତ ବା ଗୃହୀତ ହୋଇଅଛି; ଗୃହ୍ୟମାଣ—
That which has been held, fixed or accepted.

ଧାର୍ଷ୍ଟ(ର୍ଷ୍ଟ୍ୟ)—ସଂ. ବି (ଧୃଷ୍ଟ+ଭାବ. ଅ. ଯ)—୧ । ଧୃଷ୍ଟତା; ପ୍ରଗଳ୍ଭତା—
Dhārshṭa(rshṭya) 1. Arrogance; audacity.
(ଧୃଷ୍ଟ—ବିଣ) ୨ । ଔଦ୍ଧତ୍ୟ; ଅବାଧ୍ୟତା—
2. Insubordination; insolence.
୩ । ନିର୍ଲଜ୍ଜତା—3. Shamelessness.

ଧାସ—ଦେ. ବି (ସଂ. ଧ୍ମା ଧାତୁ)—୧ । ଉତ୍ତାପ; ନିଆଁ ବା ଖରାର ତେଜ—
Dhāsa 1. Heat; glare; blaze.
झाँज (ଯଥା—ନିଆଁ ଧାସ ଭାରି ବାଜୁଛି ।)
୨ । (ଲକ୍ଷଣାର୍ଥ) ପ୍ରଭାବ—
2. (figurative) Power; influence.

ଧାସୁଆ ରୁପା—ଦେ. ବି—ନିକୃଷ୍ଟ ଧାତୁମିଶ୍ରିତ ରୂପା—
Dhāsuā rūpā Silver mixed with inferior metals.
निरस रूपा टलहा रुपा

ଧି (ଧାତୁ)—ସଂ—୧ । ଧାରଣ କରିବା—
Dhi (root) 1. To hold; to possess.
[ଦ୍ର—ଜଳଧି, ଅମ୍ବୁଧି, ବାରିଧି, ଇଷୁଧି ଆଦି ଶବ୍ଦ ଏହି ଅର୍ଥରେ ଉକ୍ତ ଧାତୁରୁ ନିଷ୍ପନ୍ନ ।]
୨ । ଖୁସି କରିବା; ସନ୍ତୁଷ୍ଟ କରିବା—
2. To please; to satisfy.
୩ । ନିନ୍ଦା କରିବା—3. To blame.

ଧିଆଇବା—ଦେ. (ପଦ୍ୟ) କ୍ରି (ସଂ. ଧ୍ୟୈ ଧାତୁ ଧ୍ୟାନ କରିବା)—
Dhiāibā ୧ । ଧ୍ୟାଇବା; ଧ୍ୟାନ କରିବା—
धिआन 1. To contemplate.
धीआना ୨ । ସର୍ବଦା ଚିନ୍ତା କରିବା—2. To brood over.
୩ । ସ୍ମରଣ କରିବା; ମନେ ପକାଇବା—
3, To remember; to recall to mind; to recollect.
ଚନ୍ଦ୍ରମା, ପ୍ରଭାତେ ଭବ ଧିଆଇବ—ଭଞ୍ଜ. ପ୍ରେମସୁଧାନିଧି ।

ଧିଆନ—ଦେ. (ପଦ୍ୟ) ବି (ସଂ. ଧ୍ୟାନ)—୧ । ଧ୍ୟାନ; ମନନ—
Dhiāna 1. Contemplation.
धिआन, धेआन ୨ । ସର୍ବଦା ଚିନ୍ତା କରିବା; ସ୍ମରଣ—
घिआन 2. Harping upon; brooding over; remembering.
କହେ ମୋ ଆନ ନାହିଁ ଧିଆନ ତୋ ବିନୁ ଆନ ଗୋସି—ଭଞ୍ଜ. ପ୍ରେମସୁଧାନିଧି ।
୩ । ଏକାଗ୍ର ମନୋନିବେଶ; ମନର ଏକାଗ୍ରତା—
3. Concentrated attention.
ଅଛି ତହିଁରେ ଧିଆନ, ସେହି କରି ନ ପାରଇ କର୍ମିବାକୁ ଆନ—
ଭଞ୍ଜ. କୋଟୀବ୍ରହ୍ମାଣ୍ଡସୁନ୍ଦରୀ ।
୪ । (ସଂ. ଧୀ=ବୁଦ୍ଧି+ଓ. ଆନ=ଅନ୍ୟ) ଅନ୍ୟ ବିଷୟରେ ବୁଦ୍ଧି ବା ମନ—4. Mind devoted to any other matter.
ଅଛି ଧିଆନରେ ବାଳା ନାହିଁ ଧିଆନରେ—ସଙ୍ଗୀତ ।

ଧିଆନୀ—ଦେ. (ପଦ୍ୟ) ବିଣ. (ସଂ. ଧ୍ୟାନୀ)—ଧ୍ୟାନୀ; ଧ୍ୟାନମଗ୍ନ—
Dhiānī Engaged in meditation.
धेयानी, धिआनी

ଧିକ୍—ସଂ. ଅ (ସଂ. ଧି ଧାତୁ କିମ୍ବା ଧକ୍ ଧାତୁ=ପ୍ରହାର କରିବା+ଇକ)
Dhik ଛି ! ହା ଧିକ୍ !—(interjection) Fie.
[ଦ୍ର—ନିନ୍ଦା, ଅବଜ୍ଞା, ଲଜ୍ଜା, ଭର୍ତ୍ସନା, ଘୃଣା, ଅନାଦର ଆଦି ଅର୍ଥରେ ବ୍ୟବହୃତ; ଯେଉଁ ବ୍ୟକ୍ତି ବା ବସ୍ତୁ ପ୍ରତି 'ଧିକ୍' ଶବ୍ଦ ବ୍ୟବହାର କରାଯାଏ ଉକ୍ତ ବ୍ୟକ୍ତି ବା ବସ୍ତୁଠାରେ ୨ୟା ବିଭକ୍ତି ହୁଏ ଯଥା—ତାକୁ ଧିକ୍; ଦାସବୃତ୍ତିକୁ ଧିକ୍ ।]

ଧିକ୍ତାନ୍—ଦେ. ଅ. (ଧ୍ୱନ୍ୟନୁକରଣ)—ମୃଦଙ୍ଗାଦି ବାଦ୍ୟ ଓ ନୃତ୍ୟର ଶବ୍ଦ; ଧେଇତା ତାଧେଇ—
Dhiktān
धिकतान Sound of drumming and dancing.
(ଧିକତାନ୍—ଅନ୍ୟରୂପ)

ଧିକ୍ପାରୁଷ୍ୟ—ସଂ. କ୍ଲୀ. (ଧିକ୍+ପାରୁଷ୍ୟ)—ଭର୍ତ୍ସନା; ଗାଳିମନ୍ଦ—
Dhik-pārushya Abuse; reproach (Apte).
(ଧିଗ୍ଦଣ୍ଡ—ଅନ୍ୟରୂପ)

ଧିକ—ଦେ. ଅ. (ସଂ. ଧିକ୍)—୧ । ଧିକ୍ (ଦେଖ)
Dhika 1. Dhik (See)
(ଧିକି, ଧିକ୍କି—ଅନ୍ୟରୂପ) ତା ଦେଖି ରାଜାଙ୍କର କୁଳେ ସବୁ ଲୋକ;
धिकधिक ମନେ ଦୁର୍ଯ୍ୟୋଧନେ ବୋଇଲେ ଧିକ ଧିକ ।
धिक କୃଷ୍ଣସିଂହ. ମହାଭାରତ. ସଭା ।

୨ । ଜଘନ୍ୟ; ଘୃଣିତ—2. Hateful.
ମାନୁଷୀଙ୍କ ଶତ ଜୀବନ; ତା ଜୀବନଟା ଧିକ । ଭଗ ।
୩ । ନ୍ୟୂନ; ଊଣା; ଅଳ୍ପ—3. Small; little.
ବସ୍ତ୍ରରେ ଅଧିକ ଏହୁ, ତୁଧେ ତାକୁ ଧିକ କହୁ ।
ଉକ୍ତ. ବୈଦେହୀଶବିଳାସ ।

ଧିକ ଜୀବନ—ଦେ. ବି.—ଘୃଣିତ ବା କଳଙ୍କିତ ଜୀବନ—
Dhika jībana Shameful life; life of shame.
धिक्‌जीवन; **धिक जीवन**
(ଧିକ ଜୀବନ—ଅନ୍ୟରୂପ)

ଧିକ ବଚନ—ଦେ. ବି.—୧ । ଧିକାର (ଦେଖ)
Dhika bachana 1. Dhikāra (See)
धिक्कार; धिकवचन ୨ । ଭର୍ତ୍ସନା; ଗାଳିମନ୍ଦ—
2. Abuse; reproach.

ଧିକାର—ଦେ. ବି. (ସଂ. ଧିକ୍କାର)—୧ । ଧିକ୍କାର; ନିନ୍ଦା—
Dhikāra 1. Blame.
धिक्कार; **धिरकार** ୨ । ଭର୍ତ୍ସନା—2. Rebuke.
୩ । ଘୃଣାଯୁକ୍ତ ବାକ୍ୟ—3. Contemptuous words.

ଧିକି ଧିକି—ଦେ. ବି. (ସଂ. ଧିକ୍କାର)—ଧିକାର (ଦେଖ)
Dhiki dhiki Dhikāra (See)
धिकि धिकि ଦେ. କ୍ରି. ବିଣ—ଧକ ଧକ; ମୃଦୁଭାବରେ; ଅଳ୍ପ
टिमटिम; धुकधुक ସ୍ପନ୍ଦନ ଭାବରେ—In a flickering
(ଧକ ଧକ—ଅନ୍ୟରୂପ) manner; very feebly.
(ଯଥା—ଦୀପଟି ଧିକି ଧିକି ଜଳୁଛି ।)

ଧିକି ମାକି—ଦେ. ବିଣ.—କହି କହି ବିରକ୍ତ; ବକବକାଳ—
Dhiki māki Bothered after repeatedly saying a
बका बकि thing; tired of speaking a thing
बकबाद; बकबक repeatedly.
(ଧିକମାକ—ଅନ୍ୟରୂପ)

ଧିକ୍କାର—ସଂ. ବି. (ଧିକ୍+କୃ ଧାତୁ+ଭାବ. ଅ)—୧ । ଧିକ୍ ଶବ୍ଦ
Dhikkāra ଉଚ୍ଚାରଣ ପୂର୍ବକ ତିରସ୍କାର; ଭର୍ତ୍ସନା ବାକ୍ୟ—
1. Abuse; censure; reproachful vilification.
୨ । ଅବଜ୍ଞା—2. Contempt.
୩ । ଅବଜ୍ଞା ପ୍ରଦର୍ଶନ—3. Contemptuous treatment.

ଧିକ୍କାରିବା—ଦେ. କ୍ରି.—(ସଂ. ଧିକ୍କୃ ଧାତୁ)—୧ । ଧିକ୍କାର ବଚନ
Dhikkāribā କହିବା—1. To vilify; to speak
धिक्कार देओया बा करा **धिक्कारना** with contempt.
୨ । ତୁଚ୍ଛ କରିବା—2. To humiliate.
ବଡ଼ି ବେଳରେ ଦେଲେ ଅନ୍ନ ଧିକ୍କାର ।
କୃଷ୍ଣସିଂହ. ମହାଭାରତ. ବନ ।
୩ । ନିନ୍ଦା କରିବା—3. To treat with contempt; to censure.
୪ । (ଲକ୍ଷଣାର୍ଥ) ବଳି ପଡ଼ିବା—4. To exceed.
ଅଧର ସୁନ୍ଦର ନ ଥାଇ ପାନ ବୋଲ,
ଧିକ୍କାରୁ ଥାଇ ସବୁ ବିମ୍ବଲରେ ପ୍ରବାଳ । କୃଷ୍ଣସିଂହ. ମହାଭାରତ. ବନ ।

ଧିକ୍କୃ (ଧାତୁ)—ସଂ.—ଧିକ୍କାର କରିବା; ଘୃଣା କରିବା—To despise;
Dhikkṛu (root) to cry down; to contemn.

ଧିକ୍କୃତ—ସଂ. ବିଣ. ପୁଂ. (ଧିକ୍+କୃ ଧାତୁ+କର୍ମ. ତ)—୧ । ଭର୍ତ୍ସିତ—
Dhikkṛuta 1. Rebuked; abused; censured.
(ଧିକ୍କୃତା—ସ୍ତ୍ରୀ) ୨ । ଅବଜ୍ଞାତ—2. Treated with contempt; cried down.
ସଂ. ବି. (ଭାବ. ତ)—ଧିକ୍କାର (ଦେଖ)—Dhikkāra (See)

ଧିକ୍କୃତି—ସଂ. ବି. (ଧିକ୍+କୃତି)—ଧିକ୍କାର (ଦେଖ)—
Dhikkṛuti Dhikkāra (See)
(ଧିକ୍କ୍ରିୟା—ଅନ୍ୟରୂପ)

ଧିକ୍ଷ୍ (ଧାତୁ)—ସଂ.—୧ । ଜଳାଇବା; ଜାଳିବା; ନିଆଁ ଲଗାଇବା—
Dhiksh (root) 1. To kindle.
୨ । ବଞ୍ଚିବା—2. To live.
୩ । ଅତ୍ୟାଚାରିତ ହେବା—
3. To be harassed or oppressed.
୪ । କ୍ଳାନ୍ତ ହେବା—4. To be weary.

ଧିଗ୍ବଣ—ସଂ. ବି—ମନୁସ୍ମୃତି ଅନୁସାରେ ବ୍ରାହ୍ମଣପିତା ଓ ଅଯୋଗବୀ ମାତା-
Dhigbaṇa ଠାରୁ ଉତ୍ପନ୍ନ ସଙ୍କରବିଶେଷ—Name of a mixed caste amongst the Hindus born of a Brahman father and a Ayogobī mother.

ଧିଙ୍ଗାସ—ଦେ. ବି (ସଂ. ଧିକ୍ ଓ ଭାଷଣ)—୧ । ଭର୍ତ୍ସନା; ଧିକ୍କାର—
Dhiṅgāsa 1. Abuse; reproach.
(ଢିଙ୍ଗାସ—ଅନ୍ୟରୂପ) ୨ । ଅପ୍ରୀତି—2. Displeasure.
धिक्कार, **फटकारा**

ଧିଙ୍ଗାସ କରିବା—ଦେ. କ୍ରି (ସଂ. ଧିକ୍କାର) ଗାଳିଦେବା; ନିନ୍ଦିବା—
Dhiṅgāsa karibā To rebuke.
(ଧିଙ୍ଗାସ ଦେବା—ଅନ୍ୟରୂପ)
धिक्कारकरा; **धिक्कारना; फटकारना**

ଧିଙ୍ଗାସିବା—ଦେ. କ୍ରି (ସଂ. ଧିକ୍କାର)—ଗାଳିଦେବା; ଭର୍ତ୍ସନା ବା ଧିକ୍କାର
Dhiṅgāsibā କରିବା—To abuse; to rebuke.
धिक्कारकरा; **धिक्कारना, फटकारना**

ଧିଙ୍ମୂର୍ଖ—ସଂ. ଅ (ଧିକ୍+ମୂର୍ଖ)—ହେ ମୂର୍ଖ, ତୋତେ ଧିକ୍ !—
Dhiṅmūrkha Fie! you stupid person!

ଧିଟ—ଦେ. ବିଣ (ସଂ. ଧୃଷ୍ଟ)—୧ । ଦୁଷ୍ଟ—
Dhiṭa 1. Wicked.
धीट ୨ । ଥୋବରା; ନିର୍ଲଜ୍ଜ—2. Shameless; impudent.
ढीट ୩ । ଜିଦିଖୋର; ଜିଦିଆ—3 Obstinate.
୪ । ଯେ ବାରଂବାର ପ୍ରାର୍ଥନା କରି ବିରକ୍ତ କରେ—
4. Nagging; teasing; insistent.

ଧିଟପଣ—ଦେ. ବି.—୧ । ଧୃଷ୍ଟତା—
Dhiṭapaṇa 1. Shamelessness; wickedness.
धीट पना ୨ । ଯେ ବାରଂବାର ପ୍ରାର୍ଥନା କରି ବିରକ୍ତ କରେ—
ढिठाई 2. Teasing; nagging insistence.
(ଧିଟପଣିଆ (ଆଁ)—ଅନ୍ୟରୂପ)

ଧିଟୁଆ—ଦେ. ବଣ.—ଧିଟ (ଦେଖ)
Dhiṭuā Dhiṭa (See)
(ଧିଟେଇ—ସ୍ତ୍ରୀ.)

ଧିଟେଇ ଲଗିବା—ଦେ. କ୍ରି.—ବାରଂବାର କୌଣସି କଥା କହି ବା କରି
Dhiṭei lāgibā କୌଣସି ବ୍ୟକ୍ତିକୁ ବିରକ୍ତ କରିବା—
বিরক্ত করা To pester or bother a person by
खिझाना; जीच करना repeatedly doing or saying a
ଧିଟ ହୋଇ ଲଗିବା } ଅନ୍ୟରୂପ thing; to tease; to
ଧିଟେଇ ହୋଇ ଲାଗିବା nag.

ଧିଣ୍ଡା—ପ୍ରାଦେ.—(ଅଠମଲ୍ଲିକ)—ବି. ପୁଂ.—ଯୁବକ—
Dhiṇḍā Youth.
(ଧିଣ୍ଡୀ ସ୍ତ୍ରୀ)

ଧିତ୍କାର—ଗ୍ରା. ବି.—(ସଂ. ଧିକ୍କାର)—ଧିକ୍କାର (ଦେଖ)
Dhitkāra Dhikkāra (See)
ধিক্কার **दुतकार**

ଧିତ୍କାରିବା— ଗ୍ରା. କ୍ରି.—ଧିକ୍କାରିବା (ଦେଖ)
Dhitkāribā Dhikkāribā (See)
ধিক্কার করা **धुतकारना**

ଧିନ୍ଧିନ୍—ଦେ. ଭ.—ମୃଦଙ୍ଗର ଧ୍ୱନିବିଶେଷ—
Dhin dhin A particular sound of a drum.
ধিনধিন **धिन् धिन्**

ଧିନତା—ଦେ. ଅ. (ଧ୍ୱନ୍ୟନୁକରଣ)—ନୃତ୍ୟ ଓ ବାଦ୍ୟର ଅନୁକରଣ
Dhinitā ଓ ବୋଲି—An onomatopoic sound of
ଧିନ୍ ଧିନ୍, ଧିନ୍ତା, ଧିନାଧିନା } ଅନ୍ୟରୂପ a metallic musical
ଧିନତାକ୍, ଧିନେଇ ଧିନେଇ instrument and
ধিনতা; ধিনধিন dancing.
धिनता, धाधिन, तिनता

ଧିମା—ଦେ. ବଣ. (ସଂ. ଧୀର; ସଂ. ମଧ୍ୟମ; ଅଧମ)—୧ । ଅତି ଧୀର—
Dhimā 1. Very slow.
ধীমা ୨ । କାର୍ଯ୍ୟରେ ହେଳାଯୁକ୍ତ ବା ଢିଲା; ଯେ ଅତି ଧୀରେ
धीमा ଧୀରେ କାମ କରେ; ସୁସ୍ତି—2. Tardy; lazy.
୩ । ମନ୍ଦଗତିବିଶିଷ୍ଟ—3. Of a very slow motion.
୪ । କ୍ଷୀଣ; ନୀଚ (ସ୍ୱର)—4. Low (sound).

ଧିମା ଚାଲି—ଦେ. ବି.—ଅତି ଧୀର ଗତି—
Dhimā chāli Very slow pace.
ধিমাচাল

ଧିମା(ମେ)ଇବା—ଦେ. କ୍ରି—କୌଣସି କାର୍ଯ୍ୟ ଅତି ବିଳମ୍ବରେ କରିବା;
Dhimā(me)ibā କାର୍ଯ୍ୟରେ ହେଳା କରିବା—To do a
ধিমীয়ে ধীমীয়ে কাজকরা; ধীমাচালে কাজকরা thing very
धीमाकरना: धीरे धीरे करना slowly or tardily.

ଧିୟାବସୁ—ସଂ. ବି—ବୁଦ୍ଧିର ଅଧିଷ୍ଠାତ୍ରୀ ଦେବତା—A Deity said
Dhiyābasu to preside over intelligence.

ଧିରତି—ଗ୍ରା. (ପଦ୍ୟ) ବି. (ସଂ. ଧୃତି)—ଧୃତି; ଧୈର୍ଯ୍ୟ—
Dhirati Patience.
ধৈরজ ଧନ୍ୟ ଏ ସୁନ୍ଦର ରୂପ ମୂରତି"
धीरज ଏବେ ସେ ଏହାଙ୍କ ମନ ଧିରତି । ଗ୍ରାମୀ. ରହସ୍ୟମଣ୍ଡଳ ।

ଧିରିଆଇବା—ପ୍ରାଦେ. (ସମ୍ବଲପୁର) (ତୁଳ. ଏହି ଅର୍ଥରେ ହିନ୍ଦୀ ଧିରାନା,
Dhiriāibā ସଂ. ଧର୍ଷଣ) କ୍ରି.—'ତତେ ଠିକ୍ କରି ଦେବି' ବୋଲି
(ଧିରେଇବା—ଅନ୍ୟରୂପ) କହି କୌଣସି ବ୍ୟକ୍ତିକୁ ଧମକାଇବା—
To threaten a person.

ଧିଷ୍ (ଧାତୁ)—ସଂ.—୧ । ଶବ୍ଦ କରିବା—
Dhish (root) 1. To sound.
୨ । ପ୍ରଗଲ୍ଭ କରିବା—2. To blab; to talk.

ଧିଷଣ—ସଂ. ବି. (ଧିଷଣା=ବୁଦ୍ଧି+ଅସ୍ତି ଅର୍ଥରେ ଅ)—୧ । ସୁରଗୁରୁ;
Dhishaṇa ବୃହସ୍ପତି—1. Bṛuhaspati.
୨ । ବାସସ୍ଥାନ; ଆବାସ—2 Dwelling; residence.
୩ । ବ୍ରହ୍ମା (ହି. ଶ.)—3. Brahmā.
୪ । ବିଷ୍ଣୁ (ହି. ଶ.)—4. Bishṇu.

ଧିଷଣା—ସଂ. ବି. (ଧିଷ୍ ଧାତୁ=ପ୍ରଗଲ୍ଭ କରିବା+କର୍ତ୍ତୃ. ଅନ+ସ୍ତ୍ରୀ.
Dhishaṇā ଆ)—୧ । ବୁଦ୍ଧି—
1. Intellect; understanding.
୨ । ପୃଥିବୀ—2. The earth.
୩ । ଜ୍ଞାନ—3. Wisdom.
୪ । କଂସା; ପାତ୍ର—4. Cup; bowl.
୫ । ସ୍ତବ; ପ୍ରଶଂସା—5. Praise; eulogy; hymn.
୬ । ବାକ୍ୟ; ବକ୍ତୃତା—6. Speech (Apte).
୭ । ବାକ୍‌ଶକ୍ତି (ହି. ଶବ୍ଦସାଗର)—
7. The faculty of speech or articulation.
୮ । ସ୍ଥାନ (ହି. ଶବ୍ଦସାଗର)—8. Place.

ଧିଷଣାଧିପ—ସଂ. ବି. (୬ଷ୍ଠୀ ତତ୍; ଧିଷଣା+ଅଧିପ)—ବୃହସ୍ପତି—
Dhishaṇādhipa Bṛuhaspati.
(ଧିଷଣାଧୀଶ—ଅନ୍ୟରୂପ)

ଧିଷ୍ଟ(ଷ୍ଠ)—ସଂ. ବି. (ଧିଷ୍ ଧାତୁ=ପ୍ରଗଲ୍ଭ କରିବା+କର୍ମ ତ+ଅ)—
Dhishṭa(ṭha) ୧ । ସ୍ଥାନ—1. Place; site; seat.
ଧିଷ୍ଣ୍ୟ } ଅନ୍ୟରୂପ ୨ । ଯଜ୍ଞଶାଳା—2. A place for the
ଧିଷ୍ଟ୍ୟ sacrificial fire.
୩ । ବାସସ୍ଥାନ; ଗୃହ—
3. House; room; abode; residence.
୪ । ବଳ—4. Power; strength.
୫ । ନକ୍ଷତ୍ର—5. Star; asterism (Apte).
୬ । ଅସୁରଗୁରୁ; ଶୁକ୍ରାଚାର୍ଯ୍ୟ—
6. Śukrāchārjya, the preceptor of the demons.
୭ । ଶୁକ୍ରଗ୍ରହ—7. The planet Venus.
୮ । ଅଗ୍ନି—8. Fire.
୯ । ଉଲ୍କା—9 Meteor.
୧୦ । ଶକ୍ତି (ହି. ଶବ୍ଦସାଗର)—10. Power; might.
ସଂ. ବଣ—ପ୍ରଶଂସାର୍ହ; ପ୍ରଶଂସାପାତ୍ର—
Worthy of high praise.

ଧୀ (ଧାତୁ)—ସ—୧ । ସମ୍ପନ୍ନ କରିବା—
Dhī (root) 1. To fulfil; to accomplish.
୨ । ଶାନ୍ତ କରିବା—2. To propitiate.
୩ । ଅବଜ୍ଞା କରିବା—3. To disregard.
୪ । ଧାରଣ କରିବା; ଧରିବା—
4. To hold; to contain.

ଧୀ—ସ. ବି. ସ୍ତ୍ରୀ (ଧ୍ୟୈ ଧାତୁ=ଚିନ୍ତା କରିବା+କରଣେ. କ୍ୱିପ୍)—
Dhī ୧ । ବୁଦ୍ଧି; ବୋଧଶକ୍ତି—
1. Intellect; understanding.
୨ । ଜ୍ଞାନ—2. Wisdom; knowledge.
୩ । ମନ; ମତି; ମନର ଗତି—3. Mind; propensity.
୪ । ଚିନ୍ତା—4. Thought.
୫ । ମାନସିକ ପ୍ରବେଶ—5. Insight.
୬ । ଧାରଣା—6. Idea; conception.
୭ । ଭକ୍ତି—7. Devotion.
୮ । ଯଜ୍ଞ—8. A sacrifice.
୯ । ଉଦ୍ଦେଶ୍ୟ 9. Intention; purpose.
୧୦ । ବିଜ୍ଞାନ—10. Science (Apte).
୧୧ । ପ୍ରାର୍ଥନା; ସ୍ତବ—11. Prayer (Apte).

ଧୀଗୁଣ—ସ. ବି. (୬ଷ୍ଠୀ ତତ୍; ଧୀ+ଗୁଣ)—ଧୀଶକ୍ତି; ବୁଦ୍ଧିଶକ୍ତି—
Dhiguṇa Intellectual qualities.
[ଦ୍ର—ଧୀ ବା ବୁଦ୍ଧିର ଗୁଣ ଅଷ୍ଟବିଧ; ଯଥା—ଶୁଶ୍ରୂଷା, ଶ୍ରବଣ, ଗ୍ରହଣ, ଧାରଣ, ଊହ ବା ତର୍କ, ଅପୋହ, ଅର୍ଥବିଜ୍ଞାନ ଓ ତତ୍ତ୍ୱଜ୍ଞାନ ।]

ଧୀତ—ସ. ବିଣ. (ଧେ ଧାତୁ=ପାନ କରିବା+କର୍ମ. ତ)—
Dhīta ୧ । ପୀତ; ଯାହା ପାନ କରାଯାଇ ଅଛି; ଯାହାକୁ ଶୋଷା ଯାଇଅଛି—1. Drunk; sucked.
୨ । ଧ୍ୟାତ; ଯାହା ବିଷୟରେ ଧ୍ୟାନ ବା ଚିନ୍ତା କରାଯାଇ ଅଛି—
2. Reflected upon; thought about.
୩ । ଉପଶାନ୍ତ; ଶମିତ—3. Propitiated.
୪ । ଆରାଧିତ (ପ୍ରକୃତିବାଦ)—
4. Worshipped; adored.
୫ । ଅନାଦୃତ—5. Slighted; disregarded.

ଧୀତି—ସ. ବି. ସ୍ତ୍ରୀ. (ଧେ ଧାତୁ=ପାନ କରିବା+ଭାବ. ତି)—
Dhīti ୧ । ପିପାସା; ଶୋଷ—1. Thirst.
୨ । ପାନ; ପିଇବା 2. Drinking.
୩ । ଭାବ; ଧାରଣା—3. Notion.
୪ । ଭକ୍ତି—4 Devotion.
୫ । ଅସମ୍ମାନ; ଅବଜ୍ଞା—5. Disrespect; disregard.
୬ । ଆରାଧନା—6. Worshipping; adoring.

ଧୀଦା—ସ. ବି. ସ୍ତ୍ରୀ. (ଧୀ+ଦା ଧାତୁ+ଅ+ସ୍ତ୍ରୀ. ଆ)—
Dhīdā ୧ । କୁମାରୀ; କନ୍ୟା—1. Virgin; maid.
୨ । ଦୁହିତା; ଝିଅ—2. Daughter.
୩ । ବୁଦ୍ଧି; ଜ୍ଞାନ—3. Wisdom.

ଧୀନ୍ଦ୍ରିୟ—ସ. ବି: (ଧୀ+ଇନ୍ଦ୍ରିୟ)—୧ । ଜ୍ଞାନେନ୍ଦ୍ରିୟ—
Dhīndriya 1. An organ of perception.
୨ । ଜ୍ଞାନ—2 Intellect.

ଧୀପତି—ସ. ବି. (୬ଷ୍ଠୀ ତତ୍; ଧୀ+ପତି)—ସୁରଗୁରୁ; ବୃହସ୍ପତି—
Dhīpati Bṛihaspati, the preceptor of the gods.
(ଧିୟାଂପତି—ଅନ୍ୟରୂପ)

ଧୀବର—ସ. ବି. (ଧୀ ଧାତୁ=ଧାରଣା କରିବା+କର୍ତ୍ତୃ. ବର; ମାଛ ଧରିବା
Dhībara ଯାହାର ଜୀବିକା)—୧ । ମାଛ ଧରିବା ଓ ବିକ୍ରୟ କରିବା (ଧୀବରୀ—ସ୍ତ୍ରୀ) ଯେଉଁ ଜାତିର ବ୍ୟବସାୟ; ଦ୍ୱିକିବର; ଜାଲିଆ; (ଧୀବରକ—ଅନ୍ୟରୂପ) କେଉଟ—1. Fisherman.
୨ । ଲୌହ—2. Iron.
୩ । ଦାସ; ସେବକ—3. Slave; servant.
୪ । କୃଷ୍ଣକାୟ ବ୍ୟକ୍ତି (ହି. ଶବ୍ଦସାଗର)—
4. A man of a very dark complexion; a dark-skinned person.

ଧୀବରୀ—ସ. ବି. ସ୍ତ୍ରୀ (ଧୀବର+ସ୍ତ୍ରୀ. ଈ)—୧ । କେଉଟୁଣୀ—
Dhīberi 1. Fishwoman.
୨ । ମାଛ ମାରିବା ଡେଙ୍ଗା—2. A harpoon for catching fish. (Apte)
୩ । ଖାଲୋଇ; ମାଛ ରଖିବା ଟୋକେଇ—3. Fisherman's basket; fish-basket. (Apte)

ଧୀବା—ସ. ବି. ପୁଂ (ଧୃ ଧାତୁ=କର୍ତ୍ତୃ. ବନ୍; =ଧୀବନ୍ ଶବ୍ଦ ୧ମା. ୧ବ.)
Dhībā ଧୀବର; କେଉଟ—Fisherman.
(ଧୀବରୀ—ସ୍ତ୍ରୀ)

ଧୀମନ୍ତ୍ରୀ—ସ. ବି. (ଧୀ+ମନ୍ତ୍ରୀ)—୧ । ପରାମର୍ଶଦାତା; ମନ୍ତ୍ରୀ—1. A
Dhīmantri minister for counsel; consulting minister.
[ଦ୍ର—ଯେଉଁ ମନ୍ତ୍ରୀ ରାଜାଙ୍କୁ ପରାମର୍ଶ ଦିଅନ୍ତି ତାଙ୍କୁ ଧୀମନ୍ତ୍ରୀ ଓ ଯେ କର୍ମ କରନ୍ତି ତାଙ୍କୁ କର୍ମମନ୍ତ୍ରୀ ବା କର୍ମସଚିବ ବୋଲି ଯାଏ—(Apte)]
୨ । ବିଜ୍ଞ ବା ଦୂରଦର୍ଶୀ ପରାମର୍ଶଦାତା—2. A wise or prudent advisor.

ଧୀମାନ୍—ସ. ବିଣ. ପୁଂ (ଧୀ+ଅଛି ଅର୍ଥରେ. ମତ୍; ଧୀମତ୍ ଶବ୍ଦ, ୧ମା.
Dhīmān ୧ବ.)—୧ । ବୁଦ୍ଧିମାନ୍; ଅକଲବନ୍ତ—1. Intelligent.
(ଧୀମତୀ—ସ୍ତ୍ରୀ)
୨ । ଜ୍ଞାନୀ—2. Wise.
୩ । ବିଦ୍ୱାନ୍—3. Learned (Apte).
ସ. ବି.—ବୃହସ୍ପତି—The preceptor of the Gods.

ଧୀର—ଦେ. କ୍ରି. ବିଣ. (ସ. ଧୀରଂ)—ଧୀରେ (ଦେଖ)
Dhīr Dhīre (See)
(ଧୀରୁ; ଧୀରକ (କ)ରି—ଅନ୍ୟରୂପ)

ଧୀର ଧୀର—ଦେ. କ୍ରି. ବିଣ. (ସ. ଧୀରଂ ଧୀରଂ)—
Dhīr dhīr ଧୀରେ ଧୀରେ (ଦେଖ)—Dhīre Dhīre (See)
(ଧୀରୁ ଧୀରୁ—ଅନ୍ୟରୂପ) ଦେ. ବିଣ.—୧ । ମନ୍ଦଗତିବିଶିଷ୍ଟ—1. Slow (motion).

ଧୀର୍ ଧୀର୍ ଗଲେ, ସବୁ ଜୁଟିବ ଘୋଡା ପାଇବି । ଉଗ ।

୨ । ଅନୁଚ୍ଚ ସ୍ୱରଯୁକ୍ତ—2. Low (sound).
ଧୀର୍ ଧୀର୍ କଥା; କହୁଁ ଗୋଭୂର ମଧ୍ୟ—ଉଦ।

ଧୀର—ସଂ. ବି. (ଧୀ+ର ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ)—
Dhira ୧ । ଜାଫ୍ରାନ୍; କୁଙ୍କୁମ—1. Saffron.
୨ । ସମୁଦ୍ର—2. The ocean.
୩ । ଋଷଭ ନାମକ ଔଷଧି ଗୁଳ୍ମ—
3. A herb called Rishava.
୪ । ଜୀବାତ୍ମା—4. The thinking soul. (Apte)
୫ । ବଳିରାଜା—5. King Bali
୬ । ବୁଦ୍ଧଦେବ—6. The Buddha.
(ଧୀରା—ସ୍ତ୍ରୀ) ସଂ. ବିଣ.—୧ । ଧୈର୍ଯ୍ୟଶାଳୀ; ସହିଷ୍ଣୁ—1. Patient; forbearing.
(ଧୀରତା, ଧୀରତ୍ୱ, ଧୈର୍ଯ୍ୟ—ବି)
୨ । ପଣ୍ଡିତ; ବିଦ୍ୱାନ୍—2. Learned.
୩ । ସାହସୀ—3. Brave; bold; courageous; daring.
୪ । ସମର୍ଥ—4 Able.
୫ । ବୁଦ୍ଧିମାନ୍—5. Wise; intelligent; sagacious.
୬ । ଅଧ୍ୟବସାୟୀ—6. Persevering; strong-minded.
୭ । ଗମ୍ଭୀର—7. Grave; sedate; sober; solemn.
୮ । ଅନୁଦ୍ଧତ; ଶାନ୍ତ—8. Mild; tranquil; serene.
୯ । ସ୍ଥିର; ଅଟଳ—9. Calm; steady; staunch; steadfast.
୧୦ । ବିଳମ୍ବିତ; ଅଦ୍ରୁତ—10. Slow; gentle.
(ଯଥା—ଧୀର ସମୀରଣ ।)
୧୧ । ମନୋହର—11. Nice; charming; pleasing.
୧୨ । ଅଳସୁଆ; ସୁସ୍ତି—12. Lazy; idle; dull.
୧୩ । ସାରବାନ୍—13. Worthy; meritorious.
୧୪ । ଅନୁଚ୍ଚ ସ୍ୱରଯୁକ୍ତ—14 Having a low sound.
୧୫ । ଦୂରଦୃଷ୍ଟିଯୁକ୍ତ; ଜ୍ଞାନୀ—15. Farseeing; prudent.
୧୬ । ପ୍ରଶାନ୍ତଚେତାଃ—16. Sedate; composed.
୧୭ । ତେଜସ୍ୱୀ; ଶକ୍ତିଶାଳୀ—
17. Strong; energetic. (Apte)
୧୮ । ଚତୁର—18. Clever. (Apte)
୧୯ । ଗମ୍ଭୀର, ଉଚ୍ଚୈଃସ୍ୱରଯୁକ୍ତ ଓ ବହୁକାଳବ୍ୟାପୀ (ଶବ୍ଦ)—
19. Deep, grave and loud(sound).
୨୦ । ସୁଚରିତ୍ରଶୀଳ; ସୁଆଚରିତ—20. Well-conducted; well behaved. (Apte)
୨୧ । ଏକଜିଦିଆ—21. Headstrong. (Apte)
୨୨ । ଅଟଳପ୍ରତିଜ୍ଞ—22. Resolute; of firm resolve or purpose (Apte).
୨୩ । ସ୍ଥାୟୀ; ବହୁକାଳସ୍ଥାୟୀ—
23. Lasting; durable (Apte).
୨୪ । ଅପରିବର୍ତ୍ତନୀୟ—24. Constant (Apte).
୨୫ । କାବ୍ୟାଦିର ନାୟକମାନଙ୍କର ଶ୍ରେଣୀବିଶେଷ—25. An epithet of a class of heroes in fiction or romance.
ଦେ. ବି—କ୍ଷତ୍ରିୟମାନଙ୍କ ଉପାଧିବିଶେଷ—
A title of Kshatriyas.
[ଦ୍ର—କଟକ ଜିଲ୍ଲାର ମଧୁପୁର ଓ ବଳରାମପୁର ରାଜବଂଶ ଏହି ଉପାଧିଧାରୀ ।]

ଧୀରଗତି—ସଂ. ବି. (କର୍ମଧା; ଧୀର+ଗତି)—ଅଦ୍ରୁତ ଗତି—
Dhiragati Slow motion.
(ଧୀର ଗମନ—ଅନ୍ୟରୂପ) ସଂ. ବିଣ. (ବହୁବ୍ରୀହି)—
ଧୀରଗମନଶୀଳ—Moving slowly.

ଧୀରଗାମୀ—ସଂ. ବିଣ. ପୁଂ. (ଧୀର+ଗମ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—ଧୀରଗତି—Of slow motion.
Dhiragāmi
(ଧୀରଗାମିନୀ—ସ୍ତ୍ରୀ)

ଧୀରଚେତାଃ—ସଂ. ବିଣ. (ବହୁବ୍ରୀହି; ଧୀର+ଚେତସ୍; ୧ମା. ୧ବ)—
Dhirachetāh ୧ । ଦୃଢ଼ପ୍ରତିଜ୍ଞ—1. Firm; resolute.
(ଧୀରଚେତା—ଅନ୍ୟରୂପ) ୨ । ସାହସୀ—
2. Brave; courageous.
୩ । ପ୍ରଶାନ୍ତ; ଯେ ଭୁଲୁଭୁରିଆ ନୁହେଁ—
3 Calm; not hasty.

ଧୀରତା—ସଂ. ବି. [ଧୀର+ଭାବ. ତା)—୧ । ଧୈର୍ଯ୍ୟ—
Dhiratā 1. Patience: fortitude.
(ଧୀରତ୍ୱ—ଅନ୍ୟରୂପ) ୨ । ସାହସ—2. Courage; boldness.
୩ । ଚିତ୍ତର ସ୍ଥିରତା ବା ଦୃଢ଼ତା—3. Steadiness; firmness; strength of mind.
୪ । ସହିଷ୍ଣୁତା—4. Forbearance.
୫ । ଗାମ୍ଭୀର୍ଯ୍ୟ—5. Solemnity; gravity.
୬ । ପାଣ୍ଡିତ୍ୟ—6 Learning; wisdom.
୭ । ଅନୌଦ୍ଧତ୍ୟ—7. Mildness; freedom from arrogance or haughtiness.
୮ । ସନ୍ତୋଷ—8. Contentment.

ଧୀରତି—ଦେ. (ପଦ୍ୟ) ବି. (ସଂ. ଧୃତି)—ଧୈର୍ଯ୍ୟ—
Dhirati Patience.

ଧର ଜୋହିବ ଧୀରତି ଯେ
ରଜ ଦୂର କଲେ ଉପେତ ନତ ରଚ ଦେବାକୁ କଉତ—
ଅଭିମନ୍ୟୁ- ବିଦଗ୍ଧଚିନ୍ତାମଣି ।

ଧୀର ନାୟକ—ସଂ. ବି—କାବ୍ୟାଦିରେ ବର୍ଣ୍ଣିତ ସାହସୀ ନାୟକବିଶେଷ—
Dhira nāyaka A class of heroes of a romance who are noble and brave.
[ଦ୍ର—ଧୀର ନାୟକମାନେ ଧୀରପ୍ରଶାନ୍ତ ବା ଧୀରଶାନ୍ତ, ଧୀରଲଳିତ, ଧୀରୋଦାତ୍ତ ଏବଂ ଧୀରୋଦ୍ଧତ ଏହି କେତେକ ଶ୍ରେଣୀରେ ବିଭକ୍ତ ।]

ଧୀର ପ୍ରଶାନ୍ତ—ସଂ. ବିଣ. ପୁଂ. (କର୍ମଧାରୟ; ଧୀର+ପ୍ରଶାନ୍ତ)—
Dhīra praśānta ୧ । ବହୁବିଧ ସାମାନ୍ୟ ସୁଗୁଣବିଶିଷ୍ଟ ନାୟକ;
(ଧୀରଶାନ୍ତ— ଅନ୍ୟରୂପ) ଦୟାଶୀଳ, ପୁଣ୍ୟବାନ୍, ସୁଶୀଳ ଓ ଗୁଣବାନ୍ ନାୟକ—1. (a hero or lover of a romance) Endowed with many ordinary good qualities e. g. piety, kindness and good character.
୨ । ସାହସୀ ଓ ପ୍ରଶାନ୍ତ (ନାୟକ)—2. (a hero of a romace) Who is brave and calm.

ଧୀରବନ୍ତ—ଗ୍ରା. (ପ୍ରାଚୀନ ପଦ୍ୟ) ବିଣ—ଧୀର (ଦେଖ)
Dhīrabanta Dhīra (See)
ସାଧୁ ବୋଲି ଧୀରବନ୍ତ ସଜ୍ଜନପ୍ରିୟ—ଶିବ· ସ୍ୱରୋଦୟ ।

ଧୀର ଲଳିତ—ସଂ. ବିଣ. ପୁଂ. (ଧୀର+ଲଳିତ)—୧ । ମୃଦୁପ୍ରକୃତି,
Dhīra la̲lita ନିଶ୍ଚିନ୍ତ ଏବଂ ନାରୀଙ୍କର ନୃତ୍ୟଗୀତାଦିରେ ଆସକ୍ତ (ନାୟକ); ପ୍ରଶାନ୍ତ ଅଥଚ ଆମୋଦପ୍ରିୟ (ବ୍ୟକ୍ତି)—
1. (a hero of a romance) Of a mild and happy-go-lucky nature and fond of music and sports.
୨ । ପ୍ରଶାନ୍ତ ଓ ସାହସୀ ଅଥଚ କୌତୁକପ୍ରିୟ—
2. (a hero of a romance) Firm or brave but sportive or reckless.
୩ । ଉଦାରମନାଃ ଓ ପ୍ରସନ୍ନଚିତ୍ତ (ନାୟକ)—
3. Noble and cheerful (hero of a romance)

ଧୀରସ୍କନ୍ଧ—ସଂ. ବି. (ବହୁବ୍ରୀହି; ଧୀର+ସ୍କନ୍ଧ)—୧ । ମହିଷ—
Dhīraskandha 1. Buffalo.
୨ । ମସ୍ତିଷ୍କ (ପ୍ରକୃତିବାଦ)—2. Brain.

ଧୀରା—ସଂ. ବିଣ ସ୍ତ୍ରୀ. (ଧୀର+ସ୍ତ୍ରୀ. ଆ)—୧ । ଧୀରର ସ୍ତ୍ରୀଲିଙ୍ଗ—
Dhīrā 1. Feminine of Dhīra (See)
୨ । ବ୍ୟଙ୍ଗ୍ୟକୋପ ପ୍ରକାଶିକା (ନାୟିକା); ଯେଉଁ ନାୟିକା ନିଜର ନାୟକଠାରେ ଅନ୍ୟ ନାୟିକା ପ୍ରତି ତାଙ୍କର ଆଶକ୍ତିର ଚିହ୍ନ ଓ ଲକ୍ଷଣମାନ ଦେଖି ନିଜର କ୍ରୋଧକୁ ବାହାରେ ପ୍ରକାଶ କରେ ନାହିଁ କମ୍ବା ବ୍ୟଙ୍ଗ୍ୟ ସହକାରେ ଆପଣାର ଈର୍ଷାଯୁକ୍ତ ମନୋଭାବ ନାୟକ ନିକଟରେ ପ୍ରକାଶ କରେ—
2. (a heroine of a romance) Who though jealous of her lover or husband suppresses all manifestations of her resentment in his presence; (a wife) jealous of her husband but suppressing the outward manifestation of her jealousy; (a wife) who is jealous of her husband but conceals her resentment.
[ଦ୍ର—ସଂସ୍କୃତ ଓ ଭାରତୀୟ କାବ୍ୟମାନଙ୍କରେ ଆପଣା ନାୟକଙ୍କ ଦେହରେ ଅନ୍ୟ ନାୟିକାର ସଙ୍ଗମସୂଚକ ଚିହ୍ନ ଦେଖି କମ୍ବା ନାୟକ ଅନ୍ୟ ସ୍ତ୍ରୀଠାରେ ଆସକ୍ତ ହେବା ବିଷୟ ଜାଣି ବା ସନ୍ଦେହ କରି ଯେଉଁ ନାୟିକା ଈର୍ଷ୍ୟାପରବଶ ହୋଇ ନାୟକଙ୍କ ପ୍ରତି କୁପିତ ହୁଏ, କିନ୍ତୁ ନିଜର କୋପକୁ ପ୍ରକାଶ କରେ ନାହିଁ ଏପରି ନାୟିକାକୁ ଧୀରା ନାୟିକା ଓ ଯେଉଁ ନାୟିକା ବେଳେ ବେଳେ କୋପ ସମ୍ବରଣ କରେ ଓ ବେଳେ ବେଳେ କୋପ ପ୍ରକାଶ କରେ ତାକୁ ଧୀରାଧୀରା ନାୟିକା ବୋଲାଯାଏ ।]
ସଂ. ବି. (ବୈଦ୍ୟକ) ଗୁଳୁଚି (ହି. ଶବ୍ଦସାଗର) (ଦେଖ)
1. Gu̲luchi (See)
୨ । କାକୋଳି (ହି. ଶବ୍ଦସାଗର) (ଦେଖ)
2. Kākoḻi (See)
୩ । ମହାଜ୍ୟୋତିଷ୍ମତୀ ଲତା (ହି. ଶବ୍ଦସାଗର) (ଦେଖ)
3. Mahājyotishmatī (See)
धीरस्थिर ଦେ. ବିଣ—୧ । ଧୀର; ସ୍ଥିର—1. Calm.
धीरा ୨ । ଧୀରପ୍ରକୃତିବିଶିଷ୍ଟ—2. Mild; gentle.
धीरे ଦେ. କ୍ରି. ବିଣ. (ସଂ. ଧୀରଂ)—ଧୀରେ; ଅସ୍ତେ—
धीरे, धीरेसे Slowly; gently.

ଧୀରାଧୀରା—ସଂ. ବିଣ (ଧୀରା ଅଥଚ ଅଧୀରା)—ବ୍ୟଙ୍ଗ୍ୟାବ୍ୟଙ୍ଗ୍ୟ କୋପ-
Dhīrādhīrā ପ୍ରକାଶିକା (ନାୟିକା); ଯେଉଁ ନାୟିକାର ଅଭିମାନ ସମୟ ସମୟରେ ପ୍ରକାଶ ପାଏ ଏବଂ ସମୟ ସମୟରେ ଅବ୍ୟକ୍ତ ହୁଏ—(a heroine of a romance) Whose resentment due to jealousy is at times expressed and at times suppressed before her lover.
धीरे धीरे ଦେ. କ୍ରି. ବିଣ. (ସଂ. ଧୀରଂ ଧୀରଂ)--ଧୀରେ (ଦେଖ)
धीरेसे धीरेसे; आस्ते आस्ते Dhīre (See)

ଧୀରାନ୍ତ—ଗ୍ରା. (ପ୍ରାଚୀନ ପଦ୍ୟ) ବିଣ—ଅତି ଧୀର; ନିଶ୍ଚଳ—
Dhīrānta Very slow; calm and quiet.
ମହିମା ଜାନନ୍ତି ଯେତୁ ମନନ୍ତି ହୋଇଛି
ବୃଦ୍ଧି ବଶ୍ୟରଣେ କରି ଧୀରାନ୍ତ ରହିଛି । ବୃନ୍ଦାବନ୍ଭୂଷଣ ଗୀତା ।

ଧୀରେ—ଦେ. କ୍ରି. ବିଣ. (ସଂ. ଧୀରଂ)—
Dhīre ୧ । ଥିରଥିର; ଅସ୍ତେ; ଧୀର ଭାବରେ—
(ଧୀରେ ଧୀରେ—ଅନ୍ୟରୂପ) 1. Slowly; gently.
धीरे धीरे ୨ । କ୍ରମଶଃ—2. Gradually.
धीरे, धीरेसे ୩ । ଅନୁଚ୍ଚସ୍ୱରରେ—3. In a low tone.
୪ । କୋମଳତା ସହକାରେ—4. Softly; lightly.

ଧୀରେ ସୁସ୍ଥେ—ଦେ. କ୍ରି. ବିଣ—୧ । ଧୀରେ ଧୀରେ; ଅସ୍ତେ ଅସ୍ତେ—
Dhīre susthe 1. Slowly; gently.
धीरे सुस्ते ୨ । କ୍ରମଶଃ; କ୍ରମେ କ୍ରମେ—
धीरे सुस्ते 2. Gradually; by degrees.
୩ । ଅବସରକ୍ରମେ—3. At one's leisure

ଧୀରୋଦାତ୍ତ—ସଂ. ବିଣ. ପୁଂ. (ଧୀର+ଉଦାତ୍ତ=ଦୟାଳୁ)—
Dirodātta ଆତ୍ମଶ୍ଳାଘାବର୍ଜିତ; ହର୍ଷ ବା ଶୋକଦ୍ୱାରା ଅନଭିଭୂତ, ବିନୟୀ ଓ ଅଙ୍ଗୀକାରପାଳନରତ (ନାୟକ); କାବ୍ୟ ନାଟକାଦି ବର୍ଣ୍ଣିତ ଯେଉଁ ନାୟକ ନରଉତ୍ତମ, ସାହସୀ ଓ ବଳବାନ୍, କ୍ଷମାଶୀଳ, ଦୟାଳୁ ଓ ବୀର ଅଟନ୍ତି—
(a hero of a romance) Brave and noble minded

[ଦ୍ର—ବୀରରସପ୍ରଧାନ କାବ୍ୟ ବା ନାଟକର ଧୀରୋଦାତ୍ତ ନାୟକଠାରୁ ମୁଖ୍ୟ ନାୟକ ଅଟନ୍ତି (ହି. ଶବ୍ଦସାଗର)—

ଧୀରୋଦ୍ଧତ—ସଂ. ବିଣ. (ଧୀର+ଉଦ୍ଧତ)—ମାତ୍ସର୍ଯ୍ୟ, ଉଦ୍ଧତ, ଚଞ୍ଚଳ,
Dhīroddhata ଓ ଅହଙ୍କାରାବିଷ୍ଟ (ନାୟକ)—
(a hero of a romance) Of a violent temper, vain, proud and pretending; though brave but haughty.
(ଯଥା—ମହାଭାରତରେ ଭୀମ ଧୀରୋଦ୍ଧତ ନାୟକ ।)

ଧୀଲଟି—ସଂ. ବି. ସ୍ତ୍ରୀ—ଦୁହିତା; ଝିଅ—
Dhīlaṭi Daughter (Apte).

ଧୀଶକ୍ତି—ସଂ. ବି. (ରୂପକ ୬ଷ୍ଠୀ ତତ୍; ଧୀ+ଶକ୍ତି)—
Dhīśakti ୧ । ବୁଦ୍ଧି—1. Intelligence.
୨ । ବୁଦ୍ଧି ଶକ୍ତି—2. Intellectual faculty.

ଧୀସଖ—ସଂ. ବି. ପୁଂ. (ଧୀ+ସଖା)—୧ । ମନ୍ତ୍ରୀ; ଅମାତ୍ୟ—
Dhīsakha 1. Minister; counsellor.
(ଧୀ ସଚିବ—ଅନ୍ୟରୂପ) ୨ । ପରାମର୍ଶଦାତା—
2. An adviser; a consultee.

ଧୁ (ଧାତୁ)—ସଂ.—୧ । କମ୍ପିବା; ଥରିବା—
Dhu (root) 1. To shake; to tremble.
(ଧୂ—ଅନ୍ୟରୂପ) ୨ । ତ୍ୟାଗ କରିବା—2. To abandon.
୩ । ଭର୍ତ୍ସନା କରିବା—3. To rebuke.

ଧୁଃ ସଂ. ତ. (ଧୁ ଧାତୁ+ଭାବ. କ୍ୱିପ୍)—କମ୍ପନ; ଥରିବା—
Dhuḥ Shaking; trembling (Apte).

ଧୁଆ—ଦେ. ବି. (ସଂ. ଧାବ୍ ଧାତୁରୁ ଧୌତ)—
Dhuā ୧ । ଧୌତ କରଣ; ଧୋଇବା କର୍ମ—
ଧୋୟା **ଘଷ, ଧୁଲାଇ** 1. Washing.
ଧୁଚନୀ; ଧୁଉନୀ ୨ । ଯେଉଁ ପାତ୍ରଆରେ ଧୁଆଧୋଇ କାର୍ଯ୍ୟ ହୁଏ—
ଧୋଆ 2. A basket used to wash things.
[ଦ୍ର—ଏ ଅର୍ଥରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବ୍ୟବହୃତ ହୁଏ; ଯଥା:—ଚାଉଳଧୁଆ, ଅଇଁଷଧୁଆ ।]
ଧୁୟା ୩ । (ସଂ. ଧ୍ରୁବକ) ଗୀତର ଘୋଷା; ଧ୍ରୁବକ—
ଧ୍ରୁବକା, ଧ୍ରୁଆ 3. The refrain of a song; the burden of a song.
ଧୋଆ; ଧୋୟା ଦେ. ବିଣ—୧ । ଧୌତ—1. Washed.
ଧୋୟା ହୁଆ ୨ । ଯେଉଁ ଲୁଗା ବୁଣା ହେବା ପରେ ଥରେ ଧୁଆ (କୋରା—ବସ୍ତ୍ରଗତ) ହୋଇ ସାଇ ଧଳା ହୁଏ—
2. Bleached (cloth).
୩ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—ଗୋଡ଼ଧୁଆ ପାଣି; ଚାଉଳଧୁଆ ପାଣି)—ଯେଉଁ ପାଣିରେ କୌଣସି ବସ୍ତୁ ଧୌତ ହୋଇଥାଏ—3. (the water) With which something is washed.
୪ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—ଗୋଡ଼ଧୁଆ କଂସା; ମୁହଁଧୁଆ କୁଣ୍ଡ) ଯେଉଁ ପାତ୍ର କୌଣସି ଦ୍ରବ୍ୟ ବା ଅଙ୍ଗ ଧୋଇବା ପାଇଁ ବ୍ୟବହୃତ ହୁଏ—
4. (pot or vessel) Which is used for the purpose of washing something.

ଧୁଆଇବା—ଦେ. କ୍ରି. (ସଂ. ଧାବ୍ ଧାତୁ; ଧୋଇବାର ଣିଜନ୍ତରୂପ)—
Dhuāibā ଅନ୍ୟଦ୍ୱାରା ଧୋଇବା କ୍ରିୟା କରାଇବା—
ଧୋୟାନ **ଧୁଲାନା** To cause to be washed.

ଧୁଆଁଇବା—ଦେ. କ୍ରି. (ଧାଇଁବାର ଣିଜନ୍ତରୂପ)—
Dhuāiṅbā ୧ । ଦଉଡ଼ାଇବା; ଧାବମାନ କରାଇବା—
(ଧୁଁଆଇବା—ଅନ୍ୟରୂପ) 1. To cause to run.
ଧୁଓନା; ଧୁୟାନ ତାହାର ପଛେ ପଛେ ରଥକୁ ଧୁଆଇଁ ।
ଧପାନା କୃଷ୍ଣସିଂହ. ମହାଭାରତ. ବନ ।
ଧୋୟାନ ୨ । (ଧୋଇବାର ଣିଜନ୍ତରୂପ) ଧୌତ କରାଇବା—
ଧୁଲାନା; ଧୁଲବାନା 2. To cause to be washed.

ଧୁଆଁ—ଦେ. ବି.—୧ । (ଧାବ୍ ଧାତୁ)—ଧାଇଁବା—
Dhuān̄ 1. Running.
(ଧୁଁଆଁ—ଅନ୍ୟରୂପ) ୨ । ଦ୍ରୁତଗତି—
ଧାଓଆ 2. Speed; quick motion
ଧାବନା; दौड़ना ଯେଉଁରୂପେ ଭୀମର କର୍ଣ୍ଣଉଥ ଧୁଆଁ
ଦେଖି ହେଲେ କୋପେ ଦୃତଦେବ୍ରତେ ନାହିଁ ।
କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।
ଧୁଆଁ ୩ । (ସଂ. ଧୂମ) ଧୂଆଁ ଇତ୍ୟାଦ (ଦେଖ)
ଧୁଆଁ 3. Dhūān̄ etc (See)

ଧୁଆଁ ଧୁଇଁ—ଦେ. ବିଣ. (ସଂ. ଧାବ୍ ଧାତୁ)—ଦୌଡ଼ାଦୌଡ଼ି; ଇତସ୍ତତଃ
Dhuān̄ dhuin̄ ଧାଇଁବା—Running about
ଧାବାଧାବୀ ଯେଉଁ ବାଳପାଳମାନେ ରଖଉଁ
दौड़धूप ଅତ ଅରତେ ହୋଇ ଧଆଁ ଧୁଇଁ । ପ୍ରତାପ. ଶବ୍ଦେଶୀ ।
ଦେ. କ୍ର—ଦୌଡ଼ିବା—Running.

ଧୁଆ ଖସାତେଲ—ଦେ. ବି—ରାଶି ବା ଖସାକୁ ଉତ୍ତମରୂପେ ଧୋଇ
Dhuā khasātela ଶୁଖାଇ ଓ ସେଥିରୁ ତହିଁରୁ ଯେଉଁ ତେଲ
ଧୁଆତୀଲତେଲ ବାହାର କରାଯାଏ—Oil pressed from
धोयातिलतेल washed and cleansed sesame seeds.

ଧୁଆ ଚିଙ୍ଗୁଡ଼ି—ପ୍ରାଦେ. (ସମ୍ବଲପୁର) ବ—ଛୋଟ ଚିଙ୍ଗୁଡ଼ି ମାଛ—
Dhuā chiṅgurḍi A small shrimp or prawn.

ଧୁଆ ଧରିବା—ଦେ. କ୍ରି. (ସଂ. ଧ୍ରୁବକ+ଧୃ ଧାତୁ)—୧ । ପ୍ରଧାନ ଗାୟକ
Dhuā dharibā ଗୀତର ଅନ୍ୟ ପଦମାନ ଗାଇ ସାରିବା ପରେ
ଧୁୟା ଧରା ତାହାର ସହକାରୀମାନେ ଗୀତର ଘୋଷାକୁ ବାରଂବାର
ध्रुवकादेना; ध्रुआगाना ଗାଇବା—To repeat the refrain of a song.
(ଧୁଆଦେବା—ଅନ୍ୟରୂପ)
୨ । (ଲକ୍ଷଣାର୍ଥ) କୌଣସି ବିଷୟକୁ ବାରଂବାର କହିବା—
2. (figurative) To repeat a thing several times; to say the same thing repeatedly.
୩ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର କଥିତ ବିଷୟକୁ ସମର୍ଥନ କରିବା—3. (figurative) To support a person's proposal.

ଧୁଆ ଧୋଇ—ଦେ. ବି. (ସ. ଧାବ୍ ଧାତୁ)—୧ । ଦେହାଦିକୁ ଉତ୍ତମରୂପେ ଧୋଇବା କ୍ରିୟା—1. Thorough washing of the body.
Dhuā dhoi
ধুয়া ধুয়ী ঘুলাৱ, ঘুআঘোৱ
ଧୁଆପଖାଳ } ଅନ୍ୟରୂପ
ଧୋପଖାଳ }
୨ । ଗାଧୋଇବା; ସ୍ନାନ—2. Bath; ablution.
୩ । ବହୁବାର ଧୋଇବା କର୍ମ—
3. Repeated washing.
୪ । ଘରର ତଳ ଓ ଅନ୍ୟାନ୍ୟ ଅନେକ ବସ୍ତୁ ଧୋଇବା କର୍ମ—
4. Washing of the floor and of many other things.

ଧୁଆ ପଖାଳ—ଦେ. ବି. (ସ. ଧୌତ+ପ୍ରକ୍ଷାଳତାଳ)—ଗରମ ଭାତ ଥରେ ଧୁଆ ହେଲା ପରେ ତହିଁରେ ପୁଣି ପାଣି ପକାଯାଇ ପ୍ରସ୍ତୁତ ହେବା ପଖାଳ ଭାତ—
Dhuā pakhāla
ধুআভাত
पनियायामात Boiled rice kept in water after having once been washed while warm.

ଧୁଆ ପୋଛା—ଦେ. ବି. (ସ. ଧାବନ+ପ୍ରୋଞ୍ଛନ)—
Dhuā pochhā ଧୋଇବା ଓ ପୋଛିବା କର୍ମ; ଧୋ ପଖାଳ—
ধুআপুঁছা Washing and scouring.
धोना पोछना
(ଧୁଅ ପଖଳା—ଅନ୍ୟରୂପ)

ଧୁଆ ମୁଗ—ଦେ. ବି—ପାଣିରେ ବତୁରି ହୋଇ ନରମ ହେଲା ପରେ ଚୋପା ଛଡ଼ା ଯାଇଥିବା ମୁଗ—Split moong moistened for some time in water and then washed and freed from the chaff and become made soft.
Dhuā muga
ধুআমুগ
धोया मुग
[ଦ୍ର—ଏହା ସିଦ୍ଧ ନ ହୋଇ ମଧ ଏକପ୍ରକାର ସୁଖାଦ୍ୟ ବୋଲି ବିବେଚିତ ହୁଏ; ବ୍ରତଧାରୀମାନେ ଏହା ଖାଆନ୍ତି ।]

ଧୁଆ ମୁହଁ—ଦେ. ବି—ସକାଳୁ ଉଠି ଧୋଇଥିବା ମୁହଁ; ଶଯ୍ୟା ତ୍ୟାଗ ପରେ ପ୍ରକ୍ଷାଳିତ ମୁଖ—The face washed after rising from one's bed in the morning.
Dhuā muhaṅ
ধোআ মুখ
धोया मुहँ
(ଅଧୁଅ ମୁହଁ—ବିପରୀତ)

ଧୁଆ ମୂଳା ଅଧୁଆ ମୂଳା ସମାନ—ଦେ. (ନ୍ୟାୟ)—ଭଲ ଓ ମନ୍ଦ ମଧ୍ୟରେ ପ୍ରଭେଦ ନ ରଖିବା—To treat the good and the bad equally without discrimination.
Dhuā mūlā adhuā mūlā samāna
মুড়ি মিছিরি একদর
सब धान बाइस पसेरी
टकासेर भाजी, टकासेर खाजा

ଧୁଆ ଯିବା—ଦେ. କ୍ରି. (ସ. ଧାବ୍ ଧାତୁ; ଧୋଇବା କ୍ରିୟାର କର୍ମବାଚ୍ୟ ରୂପ)—ଧୌତ ହେବା—
Dhuā jibā
ধুয়া যাওয়া (passive voice of the verb to wash) To be washed.
धुलाइ होना, धोयाजाना
(ଧୁଆ ହେବା—ଅନ୍ୟରୂପ)
ଦେ. ବଣ.—୧ । ଯାହା ଧୁଆ ଯାଇଅଛି—
1. Already washed.
୨ । ଯାହାକୁ ଧୋଇବାର ସ୍ଥିର କରାଯାଇଛି—
2. That which has to be washed.

ଧୁଆ ଲୁଗା—ଦେ. ବି. (ସ. ଧୌତ)—
Dhuā lugā ୧ । ଯେଉଁ ଲୁଗା ପାଣିରେ ଧୌତ ହୋଇଥାଏ—
ধোয়া কাপড় 1. Washed cloth.
धोया हुआ कपड़ा ୨ । ଯେଉଁ ଲୁଗା ବୁଣା ହେବା ପରେ ପାଣିରେ ଧୁଆ ଯାଇ ସଫା ହୋଇ ଶକ୍ତି କରାଯାଏ—
2. Bleached cloth.

ଧୁଇବା—ପ୍ରାଦେ. (ବାଲେଶ୍ୱର) (ଭୁଲ. ବ. ଏହି ଅର୍ଥରେ ଧୂୟା) କ୍ରି—
Dhuibā ଧୋଇବା—To wash.

ଧୁକ୍‌ଧୁକ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ହୃତ୍‌ପିଣ୍ଡର ଧୀର ସ୍ପନ୍ଦନ; କ୍ଷୀଣ ସ୍ପନ୍ଦନ—1. Feeble palpitation of the heart.
Dhuk-dhuk
ধুকনি, ধুকুনি, ধুকধুক্
धुकधुक, धड़कन ୨ । କ୍ଷୀଣ ଭାବରେ ନିଶ୍ୱାସ ପ୍ରଶ୍ୱାସ ନେବା—
(ଧୁକୁଧୁକୁ—ଅନ୍ୟରୂପ) 2. Feeble breathing or panting.
[ଦ୍ର—ଧକ୍‌ଧକ୍‌'ଠାରୁ 'ଧୁକ୍‌ଧୁକ୍' କ୍ଷୀଣତର ।]

ଧୁକ୍‌ଧୁକ୍ ହେବା—ଦେ. କ୍ରି. (ଧ୍ୱନ୍ୟନୁକରଣ)—
Dhuk-dhuk hebā ୧ । ସନ୍ଦେହ ବା ଭୟରେ (ହୃଦୟ) ଅତି କ୍ଷୀଣ ଭାବରେ ସ୍ପନ୍ଦିତ ହେବା; ଢୁକୁଢୁକୁ ହେବା—1. (the heart) To throb very feebly through fear or doubt.
(ଧୁକୁଧୁକୁ ହେବା—ଅନ୍ୟରୂପ)
ধুঁকা, ধুকধুক করা
धड़कना, धुकधुक करना
(ଧୁକ୍‌ଧୁକେଇବା—ଅନ୍ୟରୂପ)
୨ । ଅତି କ୍ଷୀଣ ଭାବରେ ନିଶ୍ୱାସ ନେବା ଓ ଛାଡ଼ିବା—
2. To breathe very feebly.
୩ । ପ୍ରାଣ ଯିବା ପୂର୍ବରୁ ଅତି କ୍ଷୀଣ ଭାବରେ ନିଶ୍ୱାସ ମାରିବା—3. To breathe very feebly before death.

ଧୁକ୍‌ଧୁକି—ଦେ. ବି. (ଧ୍ୱନ୍ୟନୁକରଣ)—୧ । ହୃତ୍‌ପିଣ୍ଡ (ଯାହା ଧୁକ୍ ଧୁକ୍ ହେଉଥାଏ); କଲିଜା—1. Heart.
Dhuk-dhuki
(ଧୁକୁଧୁକି—ଅନ୍ୟରୂପ) ୨ । କଣ୍ଠହାର ଅଧର ମଝିରୁ ଓହୋଳିଥିବା
ধুকধুকী ଫୁଲ—2. A pendant or locket hanging from the middle of a necklace.
धुकधुकी

ଧୁକ୍‌ପୁଚ୍—ଦେ. ବଣ—୧ । ଉଦ୍‌ବିଗ୍ନ; ଅସ୍ଥିର (ମନ)—
Dhuk-puch 1. Anxious (heart).
(ଧୁକୁପୁଚୁ—ଅନ୍ୟରୂପ) ୨ । ସନ୍ଦେହାନ୍ଦୋଳିତ; ସନ୍ଦେହରେ ପଡ଼ି ଇତସ୍ତତଃ (ହୃଦୟ)—Dubious; hesitating (heart).
ধুকধুকনী
धकपक, धतपत
ଦେ. ବି—୧ । ମନର ସନ୍ଦେହ—1. Doubt; hesitation.
୨ । ଉଦ୍‌ବେଗ—2. Anxiety.

ଧୁକା—ଦେ. ବି—ଧୋକା (ଦେଖ)
Dhukā Dhokā (See)
ପ୍ରାଦେ. (ସମ୍ବଲପୁର) ବି. [ଭୁଲ. ହି. ଝୋଁକା; ସ. ଧୂକ=ଆକାଶ (Apte)]—୧ । ପବନର ବହ୍ନା; ଝୁଙ୍କ—
1. Gust of wind.

୨ । ଝଡ଼—2. Tempest.

ଧୁକିବା—ପ୍ରାଦେ. (ସମ୍ବଲପୁର) କି. (ସ. ଧୂ ଧାତୁ—କମ୍ପିତ ହେବା; ଦୋହୋଲିବା)—ପବନ ବୋହିବା—To blow.
Dhukibā
ପ୍ରାଦେ. (କଳାହାଣ୍ଡି) କି—ବିଞ୍ଚିବା—To fan.

ଧୁକା(କେ)ଇବା—ଦେ. କି. (ଧ୍ୱନ୍ୟନୁକରଣ)—
Dhakā(ke)ibā ୧ । ଧୁକ୍ ଧୁକ୍ ହେବା—
1. Dhuk-dhuk hebā.
୨ । ଧକାଇବା (ଦେଖ)—2. Dhakāibā (See)

ଧୁକୁଲ୍ ପଡ଼ିବା—ପ୍ରାଦେ. (ଯାଜପୁର) ବି. (ଶିଶୁ ବଚନ; ଖେଳ ବନ୍ଦ କରିବାର ସୂଚନାମୂଳକ ବାକ୍ୟ)—
Dhukul pardibā
(ଧୁକୁଲ ପଡ଼ିବା—ଅନ୍ୟରୂପ) ଖେଳା ଯାଉଥିବା ଖେଳ ବନ୍ଦ ହେବା—The stoppage of a game.

ଧୁଗାଡ଼ି—ଦେ. ବି—୧ । ଅଜୀର୍ଣ୍ଣବିକାର—1. Indigestion.
Dhugārdi ୨ । ଅଜୀର୍ଣ୍ଣ ହାକୁଟି; ଧୂଆଁ ହାକୁଟି—
अम्लढेकुर 2. Acid belching.
धूआँ ढकार, अनखुकार

ଧୁଙ୍ଗିଆ—ପ୍ରାଦେ. (ସମ୍ବଲପୁର) ବି. (ସ. ଧୂମ)—ଧୂଆଁ; ଧୂମ—
Dhungiā Smoke.
(ଧୁଙ୍ଗିଆ—ଅନ୍ୟରୂପ) ପ୍ରାଦେ. (କଳାହାଣ୍ଡି) ବି—ଧୂଆଁପତ୍ର—Tobacco.

ଧୁଙ୍ଗିଆ ଢଙ୍କାର—ପ୍ରାଦେ. (ସମ୍ବଲପୁର) ବି—ଖଇର ହାକୁଟି; ଅମ୍ଳ ହାକୁଟି—Acid belching due to indigestion.
Dhungiā dhankāra
(ଧୁଁଗିଆ ଢଁକାର—ଅନ୍ୟରୂପ)

ଧୁଡ଼ୁକା—ଦେ. ବିଣ—ଢିଲା; ଶ୍ଳଥ—
Dhurdukā Loose; slackened.
ঢিলা **ढीला, लड़खड़ाया हुआ**
(ଧୁଡ଼୍କା—ଅନ୍ୟରୂପ)

ଧୁଡ଼ୁକା ଜହ୍ନୀ—ପ୍ରାଦେ. (ଗଞ୍ଜାମ) ବି—ତରଡ଼ା (ଦେଖ)
Dhurdukā jahni Tarardā (See)

ଧୁଡ଼ୁକି—ଦେ. ବି. (ଧ୍ୱନ୍ୟନୁକାରୀ)—ବାଦ୍ୟଯନ୍ତ୍ରବିଶେଷ—
Dhurduki A kind of musical instrument.
আনন্দলহরী; গাবগুবাগুব [ଦ୍ର—ଗୋଟିଏ ବଡ଼ ନଳର ଗୋଟିଏ
गुन्ना मुन्ना ମୁହଁରେ ବନ୍ଧାଥିବା ଚମଡ଼ାର ମଝିରେ ଗୋଟିଏ ଛିଦ୍ର
(ଧୁଡ଼ୁକ—ଅନ୍ୟରୂପ) ହୋଇ ତହିଁରେ ଖଣ୍ଡିଏ ତନ୍ତୁମୟ ସୂତ ଲାଗିଥାଏ ଓ ଉକ୍ତ ତନ୍ତୁର ଗୋଟିଏ ମୁଣ୍ଡ ସେ ଛିଦ୍ରରେ ଚମଡ଼ାରେ ସଂଲଗ୍ନ ଥାଏ । ଉକ୍ତ ନଳକୁ ବ ଆଁ କାଖରେ ଯାକି ସୂତାର ମୁକୁଳା ମୁଣ୍ଡକୁ ବାଁ ହାତରେ ଟାଣି ଧରି ଡାହାଣ ହାତର ଅଙ୍ଗୁଠିଦ୍ୱାରା ସେ ସୂତାକୁ ବଜାଇଲେ ଠଙ୍ଗ୍‌ଠଙ୍ଗ୍ ବା ଧୁଡ଼ୁଧୁଡ଼ୁ ଶବ୍ଦ ହୁଏ । କେଳାମାନେ ଗୀତ ବୋଲି ଗୀତର ତାଳ ଅନୁସାରେ ଏହି ଯନ୍ତ୍ର ବଜାନ୍ତି ।]
ଦେ. ବିଣ—୧ । ଭଙ୍ଗା—1. Broken.
୨ । ଧୁଡ଼ୁକା; ଢିଲା; ନକ୍ସନଡ଼ଥିଆ—
2. Slackened; loose.

ଧୁଡ଼ୁକିଆ—ଦେ. ବି—ଯେଉଁ କେଳା ଧୁଡ଼ୁକି ବଜାଏ—
Dhurdukiā The person who plays on the
गुन्नामुन्ना बाजानेवाला Dhurduki.
ଧୁଡ଼ୁକି ବାଜଇ ରଙ୍ଗେ; ଧୁଡ଼ୁକି କହଇ ବୁଝି ନ ପାରଇ
ସିନା ଧୁଡ଼ୁକିଆ ସଙ୍ଗେ । କେଳାଗୀତ ।

ଧୁଡ଼ୁକି କଉଡ଼ି—ଦେ. ବି—ଧୁଡ଼ୁକି ବଜାଇବା ବ୍ୟକ୍ତିକୁ ଧୁଡ଼ୁକି ବାଜା ଓ ଗୀତ ଶୁଣିବା ବ୍ୟକ୍ତିର ଦେବା ପାରିତୋଷିକ—Money paid to the person who plays on the Dhurduki.
Dhurduki kaurdi

ଧୁଡ଼ୁଧୁଡ଼ୁ—ଦେ. ଅ—୧ । ଧଡ଼ଧଡ଼ଠାରୁ କ୍ଷୀଣତର ଶବ୍ଦ—
Dhurdudhurdu 1. Sound less loud than
(ଧୁଡ଼ୁଧୁଡ଼ୁ, ଧଡ଼ୁଧଡ଼ୁ—ଅନ୍ୟରୂପ) Dhardā dhardā.
ধুড়ধুড় ୨ । ଚଞ୍ଚଳ ଓ ନିସ୍ତବ୍ଧଭାବରେ—
धड़धड़; हड़हड़ 2. Quickly and silently.
୩ । ଶ୍ଳଥିତ—3. Wrinkled; hanging loosely.
(ଯଥା—ସେ ବୁଢ଼ା ହୋଇ ଯିବାରୁ ତା ଚମ ଧୁଡ଼ୁଧୁଡ଼ୁ ହୋଇଗଲାଣି ।)

ଧୁଣ—ପ୍ରାଦେ. (ସିଂହଭୂମ; ଭୂଲ. ହି. ଧୂନ୍) ବି—ଧନୁ—
Dhuna Bow.

ଧୁଣେଇବା—ପ୍ରାଦେ. (ସିଂହଭୂମ) ବି—ପ୍ରସବ କରିବା; ଜନ୍ମ କରିବା—
Dhuneibā To give birth to; to bring forth.

ଧୁଣ୍ଡା—ଦେ. ବିଣ. ପୁଂ. (ସ. ଢୁଣ୍ଢି=ଲମ୍ବୋଦର; ଗଣେଶ)—
Dhundā ୧ । ସ୍ଥୂଳକାୟ (ବ୍ୟକ୍ତି)—
(ଧୁଣ୍ଡୀ—ସ୍ତ୍ରୀ) 1. Fat or corpulent (man).
ভুঁড়ে; ভুঁড়ুয়া ୨ । ହୁଣ୍ଡା (ଦେଖ)
तोंदावाला; धोंधवाला; तोंदवाला 2. Hundā (See)

ଧୁଣ୍ଡା(ଣ୍ଡେ)ଇବା—ଦେ. କି—'ଧୁଣ୍ଡିବା'ର ଣିଜନ୍ତରୂପ—
Dhundā(nde)ibā Causative form of Dhundibā.
খোজকরান **ढुँढ़वाना**

ଧୁଣ୍ଡାଧୁଣ୍ଡି—ଦେ. ବି—ଖୋଜାଖୋଜି; ବାରମ୍ବାର ଖୋଜିବା—
Dhundādhundi Repeated searching.
খোজাখোজি **ढुँढ़ाढुँढ़ी**

ଧୁଣ୍ଡିବା—ଦେ. କି (ସ. ଢୁଣ୍ଢନ)—୧ । ଖୋଜିବା—
Dhundibā 1. To search; to seek.
খুঁজা; খোঁজা ୨ । ଅଣ୍ଡାଳିବା—2. To grope after a thing in the dark.
ढुँढ़ना
୩ । କୌଣସିବସ୍ତୁ ଖୋଜିବାପାଇଁ ଅନେକ ଆଡ଼ ବୁଲିବା—
3. To roam about in search of a thing.
୪ । ଉଦ୍ଦେଶ୍ୟହୀନ ହୋଇ ନାନାଦିଗ ବୁଲିବା—
4. To roam aimlessly.

ଧୁତ—ଦେ. ଅ. (ସ. ଧୃତ=ଭର୍ତ୍ସିତ; ପରିତ୍ୟକ୍ତ)—
Dhut (ବିରକ୍ତିପ୍ରକାଶକ ଅବ୍ୟୟ) ଧତ୍; ଦୂର୍; ଧିକ୍—
(interjection) Fie.
(ଧୁତ୍ତେର, ଧୁତ୍ତେରକା, ଧୁତ୍ତେରକେ, ଧୁତଧୁତ୍, ଧୁତୁତ୍—ଅନ୍ୟରୂପ)
ধুৎ **धुत; दुत**

— ଦେ. ବି. (ସଂ. ଧିକ୍କାର)—ଧିକାର (ଦେଖ)
Dhut-kāra Dhikāra (See)
धिक्कार दुतकार

ଧୁତ୍କାରିବା—ଦେ. କ୍ରି. (ସଂ. ଧିକ୍କାର)—୧ । ଧିକ୍କାରିବା—
Dhutkāribā 1. To cry down.
धतकारना; दुतकारना ୨ । ଅବମାନନା କରିବା—
धिक्कार देओया 2. To humiliate; to insult.

ଧୁତ— ସଂ. ବିଣ. (ଧୂ ଧାତୁ = କମ୍ପିବା + କର୍ମ. ତ)—୧ । କମ୍ପିତ—
Dhuta 1. Shaken; trembling.
୨ । ପରିତ୍ୟକ୍ତ; ବର୍ଜିତ—2. Abandoned; forsaken
୩ । ଭର୍ତ୍ସିତ—3. Rebuked; abused.

ଧୁତି—ପ୍ରାଦେ. (ବାଲେଶ୍ୱର, ସମ୍ବଲପୁର ଓ ଗଡ଼ଜାତ; ତୁଳ. ହି. ଧୁତି)
Dhuti ବି - ଧୋତି (ଦେଖ)—Dhoti (See)

ଧୁତୁଡ଼ା- ଦେ. ବିଣ. (ସଂ. ଧ୍ୱସ୍ତ)—୧ । ଧଡ଼ଡ଼ା; ଭଙ୍ଗାଭୁଷା—
Dhuturdā 1. Broken.
(ଧୁଡ଼ଡ଼ା, ଧୁଡ଼ର, ଧୁଭୁର—ଅନ୍ୟରୂପ) ୨ । ଜୀର୍ଣ୍ଣଶୀର୍ଣ୍ଣ—
टूटाफाटा टुटाफुटा 2. Worn out

ଧୁତୁରା—ଦେ. ବି—୧ । ଧତୁରା (ଦେଖ)
Dhuturā Dhaturā (See)
(ଧୁତରା—ଅନ୍ୟରୂପ)
धुतूरा धुतुरा

ଧୁତୁରା ଫୁଲିଆ—ଦେ. ବି—ଦୁଦୁରାଫୁଲିଆ (ଦେଖ)
Dhuturā phuliā Duduraphuliā (See)
(ଧୁତରାଫୁଲିଆ, ଧାତୁରାଫୁଲିଆ—ଅନ୍ୟରୂପ)

ଧୁଧୁଲା—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ. (ତୁଳ. ହି. ଧୋଧଲ)—
Dhudhlā ଧୁଣ୍ଡା; ମୋଟା; ସ୍ଥୂଳକାୟ—
(ଧୁଧୁଲୀ—ସ୍ତ୍ରୀ) Fat; corpulent.

ଧୁଧୁ—ଦେ. ଅ—ଧୂଧୂ (ଦେଖ)
Dhu dhu Dhū dhū (See)
धुधु धूधू

ଧୁନୁ—ପ୍ରାଦେ. (ସମ୍ବଲପୁର) ବି—ଧନୁ—
Dhun A bow.

ଧୁନ୍କି—ପ୍ରାଦେ. (ସମ୍ବଲପୁର)—ବି. (ସଂ. ଧନୁ); ତୁଳ. ଏହି ଅର୍ଥରେ
Dhun-ki ହି. ଶବ୍ଦ 'ଧୁନକୀ')—ତୁଳା ଧୁଣିବାର ଧନୁ—Cotton-carding bow

ଧୁନନ—ସଂ. ବି. (ଧୂ ଧାତୁ = କମ୍ପିବା + ଣିଚ୍ = ଧୂନି ଧାତୁ + ଭାବ.
Dhunana ଅନ)—୧ । ଆନ୍ଦୋଳନ; କମ୍ପାଇବା—
(ଧୂନନ—ଅନ୍ୟରୂପ) 1. Shaking.
୨ । ଗମନ—2. Moving.
୩ । ଶବ୍ଦ କରିବା—3. Sounding.

ଧୁନା—ପ୍ରାଦେ. (ସମ୍ବଲପୁର) ବି.—(ସଂ. ଧୂନନ) ତୁଳ. ହି. ଏହି ଅର୍ଥରେ
Dhunā ଧୁନନା)-(ତୁଳା) ଧୁଣିବା କର୍ମ—Carding of cotton.

ଧୁନାଇବା—ପ୍ରାଦେ. (ସମ୍ବଲପୁର) କ୍ରି. (ତୁଳନା କର ହି. ଏହି ଅର୍ଥରେ
Dhunāibā ଧୁନ୍‌ବାନା)—ତୁଳା ଧୁଣାଇବା—To cause cotton to be carded.

ଧୁନି—ସଂ. ବି. (ଧୂ ଧାତୁ = କମ୍ପିବା + ସଙ୍କ୍ଷାର୍ଥେ. କର୍ତ୍ତୃ. ନି)—ନଦୀ—
Dhuni River.
(ଧୁନୀ—ଅନ୍ୟରୂପ) ଦେ. ବି.—୧ । (ସଂ. ଧ୍ୱନି)—୧ । ଶବ୍ଦ—
धुनी 1. Sound.
ध्वनी ଶଙ୍ଖ ମହୁରୀ ଧୁନିରେ ହୋଇଛି ପ୍ରଧାନ ।
ଉକ୍ତ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।

୨ । ବୈଷ୍ଣବମାନଙ୍କର ପଙ୍ଗତରେ ବସିବା ସମୟରେ ଦେବତା ବା ଭକ୍ତମାନଙ୍କ ନାମ ଧରି କରିବା ଜେଜେକାର—
2. The simultaneous recital of the names of Deities and saints and famous doners or thanks-giving made by Baishnabas assembled at a feast before partaking of it.

धुनी ୩ । (ସଂ. ଧୂମ) ବୈଷ୍ଣବମାନଙ୍କର କାଠମୁଣ୍ଡିଅରେ ନିଆଁ ଲଗାଇ ନିଜ ନିଜ ଆସନ ଆଗରେ ଜାଳିବା ଅଗ୍ନିସ୍ତୂପ—
3. Heap of fire lighted by ascetics near their seats.

ଧୁନିଆଁ—ପ୍ରାଦେ. (ସମ୍ବଲପୁର) ବି.—(ସଂ. ଧୂନନ; ସଂ. ଧନୁ)—
Dhuniān ଯେ ତୁଳା ଧୁଣେ—Cotton-carder.

ଧୁନି ଜାଳିବା—ଦେ. କ୍ରି.—୧ । (ବୈଷ୍ଣବମାନେ) ନିଆଁ ଜାଳିବା—
Dhuni jālibā 1. To kindle a sacrificial fire.
धुनीज्वालान ୨ । ଶୀତଦିନେ ନିଆଁ ପୋଇବା ପାଇଁ ନିଆଁ ଜାଳିବା-
धुनीदेना, धूनीजगाना, 2. To kindle a fire to bask in it during cold.
धुनीलगाना, धूनीजमाना
ଧୁନି ଜଳା(ଳେ)ଇବା, ଧୁନି ଲଗା(ଗେ)ଇବା, ଧୁନି ଜାଳିବା, ଧୁନି ଦେବା } ଅନ୍ୟରୂପ

ଧୁନିନାଥ—ସଂ. ବି. (୬ଷ୍ଠୀ ତତ୍; ଧୁନି + ନାଥ)—ସମୁଦ୍ର; ସମୁଦ୍ର—
Dhuni nātha Ocean.
(ଧୁନୀନାଥ—ଅନ୍ୟରୂପ)

ଧୁନିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଧୂନନ; ତୁଳ. ଏହି ଅର୍ଥରେ
Dhunibā ହିନ୍ଦୀ ଧୁନ୍‌ନା)—ତୁଳା ଧୁଣିବା—To card or fleece cotton.

ଧୁନି ଲଗା(ଗେ)ଇବା—ଦେ. କ୍ରି.—(ବୈରାଗୀ) ନିଜ ଆସନ ପାଖରେ
Dhuni lagā(ge)ibā ନିଆଁ ଜଳାଇବା—To set up or
धुनीजागान light a fire near the seat (said of an ascetic.)
धुनी जागना
(ଧୁନି ଡାଟିବା, ଧୁନି ଥାପିବା—ଅନ୍ୟରୂପ)

ଧୁନ୍ଦଲା—ଦେ. ବି.—୧ । ସଂ. (ଢୁଣ୍ଢନ) କୌଣସି ପଦାର୍ଥକୁ ବାହୁଡ଼ିବାର
Dhundalā ଇତସ୍ତତଃ ଖୋଜିବା—1. Repeated search after a thing.
टटोलना
[ଧୁନ୍ଦୁଲା, ଧୁନ୍ଦ(ନ୍ଦୁ)ଲା—ଅନ୍ୟରୂପ] ୨ । ଗୋଳମାଳ—
2. Dispute; trouble.

୩ । (ସ. ଧୂମ)—ଧୂଆଁ ଘୋଟିବାରୁ ଅନୁଭୂତ ଅନ୍ଧାର—
3. Darkness due to the overspreading of smoke.

୪ । ଧୂମ୍ରବର୍ଣ୍ଣ—4. The colour of smoke.

୫ । ଅନ୍ଧକାର ବା ରୋଗ ଯୋଗୁଁ ପଦାର୍ଥମାନ ସ୍ପଷ୍ଟ ଦେଖା ନ ଯିବା ଅବସ୍ଥା—5. Indistinctness of vision due to darkness, smoke or dimness of eyesight.

ଧୁଁଧଳା, ଧୁଁଧୁରି ବିଣ.—୧ । ଧନ୍ଦଳା (ଦେଖ)—
1. Dhandalā (See)
୨ । ଧୂମ୍ରମୟ—2. Smoky; full of smoke.

ଧୁଣ୍ଡାଧୁଣ୍ଡି—ଦେ. ବି.—ଧୁଣ୍ଡା ଧୁଣ୍ଡି (ଦେଖ)
Dhundā dhundi — Dhundā dhundi (See)

ଧୁଣ୍ଡାଳିବା—ଦେ. କ୍ରି.—ଧନ୍ଦାଳିବା (ଦେଖ)
Dhundāliba — Dhandāliba (See)
(ଧୁନ୍ଦାଳିବା—ଅନ୍ୟରୂପ)

ଧୁଣ୍ଡିଆ—ଦେ. ବି. ପୁଂ.—ପୁରୁଷଙ୍କ ନାମବିଶେଷ—
Dhundiā — Name given to a male.
(ଧୁଣ୍ଡିଆ—ଅନ୍ୟରୂପ) ଦେ. ବିଣ. ପୁଂ.—ଧୁଣ୍ଡା (ଦେଖ)
(ଧୁଣ୍ଡେଇ—ସ୍ତ୍ରୀ) Dhundā (See)

ଧୁଣ୍ଡିବା—ଦେ. କ୍ରି.—ଧୁଣ୍ଡିବା (ଦେଖ)
Dhundibā — Dhundibā (See)
(ଧୁନ୍ଦିବା—ଅନ୍ୟରୂପ)

ଧୁନ୍ଦୁଳ(ଲେ)ଇବା—ଦେ. କ୍ରି.—ଘୁଙ୍ଗାଳିବା (ଦେଖ)
Dhundula le)ibā — Ghungāliba (See)
(ଧୁନ୍ଦୁଳା(ଲେ)ଇବା—ଅନ୍ୟରୂପ)

ଧୁନ୍ଧୁ—ସ. ବି. (ନାମ)—ମଧୁ ଦୈତ୍ୟର ପୁତ୍ର; ଏକ ରାକ୍ଷସର ନାମ—
Dhundhu — Name of a demon.
(ଧୁଁଧୁ—ଅନ୍ୟରୂପ) [ପୁ—ହରିବଂଶରେ ଲେଖା ଅଛି ଯେ ସଂସାରକୁ ନଷ୍ଟ କରିବା କାମନାରେ ଧୁନ୍ଧୁ ମରୁଭୂମି ଉନ୍ନରେ ବାଲିରେ ଲୁଚି ତପସ୍ୟା କଲା । ତାହାର ନିଶ୍ବାସରେ ଭୂମି କମ୍ପୁଥାଏ ଓ ପର୍ବତମାନ ହଲି ଯାଉଥାଏ । ମହାରାଜ ବୃହଦଶ୍ବ ନିଜ ପୁତ୍ର କୁବଳୟାଶ୍ବଙ୍କୁ ରାଜ୍ୟଭାର ଦେଇ ବାନପ୍ରସ୍ଥ କରିବା ସମୟରେ ଏ ଦୈତ୍ୟକୁ ମାରି ପକାଇବା ପାଇଁ ଉତଙ୍କ ନାମକ ଜଣେ ଋଷି ବୃହଦଶ୍ବଙ୍କୁ କହିଲେ; କିନ୍ତୁ ବୃହଦଶ୍ବ ବାନପ୍ରସ୍ଥ ଅବଲମ୍ବନ କରିଥିବାରୁ ସ୍ବୟଂ ଅସ୍ତ୍ର ଧାରଣ କରିବେ ନାହିଁ ବୋଲି ସ୍ବୀୟ ପୁତ୍ରଙ୍କୁ ଏ ରାକ୍ଷସକୁ ମାରିବା ପାଇଁ ଆଦେଶ ଦେଲେ । କୁବଳୟାଶ୍ବ ନିଜର ଶହେ ପୁତ୍ରଙ୍କୁ ସେଙ୍ଗ ଏହା ସଙ୍ଗେ ଯୁଦ୍ଧ କଲେ । ପୁତ୍ରମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ଓ ଶେଷରେ କୁବଳୟାଶ୍ବଙ୍କୁ ଧୁନ୍ଧୁ ବଧ କଲା । ଧୁନ୍ଧୁ କୁବଳୟାଶ୍ବଙ୍କୁ ବଧ କରିଥିଲେହେଁ କୁବଳୟାଶ୍ବଙ୍କ ନାମ ଧୁନ୍ଧୁମାର ହେଲା । ହ. ଶ. ।]

ଧୁନ୍ଧୁମାର—ସ. ବି. (ଧୂମ=ଧୂଆଁ; ଦ୍ବି୍+ର ଧାତୁ=ଗମନ କରିବା +ଅ; କର୍ତ୍ତାରେ)—
Dhundhumāra
୧ । ବୃହଦଶ୍ବ ମହାରାଜାଙ୍କ ପୁତ୍ର; ରାଜା କୁବଳୟାଶ୍ବ—
1. Name of an ancient king; son of Bruhadaśwa.

[ଯଥା—ଧୁନ୍ଧୁ ତଳେ ଲୋଟି ଦେଖ ।]
୨ । ଇନ୍ଦ୍ରଗୋପ; ସାଧବଝିଅ ବୋଲି ପୋକ—
2. Cocculus (inshct) cochineal.
୩ । ଧୂମ; ଧୂଆଁ—3. Smoke.
୪ । କୋଳାହଳ; ଧୂମ୍ଧାମ୍—4. Ado.
୫ । ଗୋଳମାଳ; ବିଦ୍ରୋହ—
5. Tumult; rebellion.
୬ । ରନ୍ଧନ ଗୃହ ଆଦିରେ ଥିବା ଧୂମ ବା ଅଳକ୍ତୁ; ଝୁଲ—
6. Soot.
୭ । (ନାମ) ରାଜା ତ୍ରିଶଙ୍କୁଙ୍କ ପୁତ୍ର (ହ. ଶ.)—
7. Name of the son of king Triśanku.

ଧୁପ୍—ଦେ. ଅ (ଧ୍ବନ୍ୟନୁକରଣ)—କୋମଳ ବସ୍ତୁ ଉପରେ କୋମଳ ବସ୍ତୁର ପତନଜନିତ ଅନୁଚ୍ଚ ଶବ୍ଦ—A low sound of two soft things striking against each other.
Dhup
(ଧୁପ୍ଧାପ୍—ଅନ୍ୟରୂପ)

ଧୁପ୍ଛାୟା—ଦେ. ବି. (ହି. ଧୂପ୍=ଖରା ଓ ସ. ଛାୟା=ଛାଇ)—ଏକ ପ୍ରକାର ରଙ୍ଗିନ୍ ଲୁଗା (ଯାହାର ଟାଣୀ ସୂତା ନାଲି ଓ ଭରଣୀ ନେଳ, କଳା ବା ବାଇଗଣୀ)—A cloth with red woof and black violet or blue warp thread.
Dhup-chhāyā
धुपछाया
धूपछाँह
(ଧୂପ୍ଛାୟା—ଅନ୍ୟରୂପ)

ଧୁପ୍ସାଧୁପ୍ସି—ଦେ. ବି—୧ । କ୍ରୋଧରେ ମାଡ଼ ମରାମରି ହେବାକୁ ପରସ୍ପର ନିକଟବର୍ତ୍ତୀ ହେବା—1. Coming close to each other for mutual beating or striking out of anger.
Dhup-sā dhup-si
धक्काधुक्की; त्वचाहंच
୨ । କ୍ରୋଧବଶତଃ ଅନ୍ୟୋନ୍ୟରେ ମରାମରି ହେବା—
2. Mutual beating or striking out of anger; affray.
ଦେ. ବିଣ—କ୍ରୁଦ୍ଧ ହୋଇ ଅନ୍ୟୋନ୍ୟରେ ମରାମରି ହେଉଥିବା—
Beating each other, being enraged.

ଧୁପା—ଦେ. ବି. (ସ. ଧାବ୍ ଧାତୁ ବା ଧୂ ଧାତୁ)—୧ । ଆକ୍ରମଣ—
Dhupā — 1. Onslaught; attack.
ধাওআ ୨ । ଅନ୍ୟ ବ୍ୟକ୍ତିକୁ ମାରିବାକୁ ଉଦ୍ଧୁକିବା—
धावा 2. Setting upon a person with fury.
୩ । ଡିଆଁ; ଲମ୍ଫ—
3. Jump; springing up.

ଧୁପା(ପେ)ଇବା—ଦେ. କ୍ରି. (ଧୁପିବାର ଣିଜନ୍ତରୂପ)—ଧାବମାନ କରାଇବା; ଦଉଡ଼ାଇବା—
Dhupā(pe)ibā
দৌড়ান — To cause to run.
धपाना
ପାଣ୍ଡବ ଶିବାଇ ଧୁପାଇ ଥିଲେ ଘୋଡ଼ା
ଦେଖି ସେ ବୁଢ଼ ରଥୀ ଯୁଦ୍ଧଘୋଡ଼ା ଛଡ଼ା—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ

ଧୁପିବା—ଦେ. କ୍ରି. (ସ. ଧାବ୍ ଧାତୁ)—୧ । ଧାଇଁବା—
Dhupibā — 1. To run.
ধাওআ ୨ । ଆକ୍ରମଣ କରିବା—2. To attack.
धावना ୩ । ମାରିବାକୁ ଧାଇଁବା—

3. To set on for striking a person.

ପ୍ରାଦେ. (ଗଞ୍ଜାମ) କ୍ରି—୧ । ମାରିବା—

1. To beat; to strike.

୨ । କୌଣସି ସମୁଚ୍ଚ ସ୍ଥାନକୁ (ହସ୍ତାଦି) ପ୍ରସାରିତ କରିବା—

2. To raise up the arms to a high place.

ଧରମବନ୍ଧୁଙ୍କ କ ମୋର; ଧୁବି ଦେଇ ନନ କର

କେ ଲକ୍ଷ ଅଣିଲୁ କଳାହାଣ୍ଡିକରଜ—ଜଗନ୍ନାଥ କଣୋଆଡମ୍ବ୍ରୁ ସଙ୍ଗୀତ ।

ଧୁବ୍ଲା—ପ୍ରାଦେ. (ସମ୍ବଲପୁର) ବିଣ—ଧୋବଲା; ଧୋବ—

Dhub-lā White.

ଧୁବ—ପ୍ରାଦେ. (ବାଲେଶ୍ୱର) ବିଣ—ଧୋବ; ଧଳା—

Dhuba White.

ଧୁବକୀ—ସଂ. ବି. ସ୍ତ୍ରୀ. (ଧୁ ଧାତୁ=କମ୍ପିବା+ଅକ+ସ୍ତ୍ରୀ. ଈ)—

Dhubaki ଧ୍ରୁପଦ; ଗୀତର ଘୋଷା —

(ଧୁବକା—ଅନ୍ୟରୂପ) The burden of a song.

ଧୁବନ—ସଂ. ବି. (ଧୁ ଧାତୁ=କମ୍ପିବା+ଭାବ. ଅନ)—୧ । କମ୍ପନ—

Dhubana 1. Trembling; shaking.

୨ । ଆକ୍ରମଣାର୍ଥ ଅସ୍ତ୍ରାଦିର ସଞ୍ଚାଳନ—

2. Brandishing of weapons for attack.

୩ । ଅଗ୍ନି—3. Fire.

ସଂ. ବିଣ. (+କର୍ତ୍ତୃ. ଅନ)—ପରିଚାଳକ—

Moving; brandishing.

ଧୁବିତ୍ର—ସଂ. ବିଣ. (ଧୁ ଧାତୁ+କରଣେ. ଇତ୍ର)—

Dhubitra ୧ । ଯଜ୍ଞାଗ୍ନି ପ୍ରଜ୍ୱଳିତ କରାଇବା ନିମନ୍ତେ ବ୍ୟବହୃତ

(ଧବିତ୍ର—ଅନ୍ୟରୂପ) ମୃଗଚର୍ମନିର୍ମିତ ବ୍ୟଜନବିଶେଷ—

1. A leathern fan to kindle sacrificial fire.

୨ । ତାଳ ପତ୍ର ବିଞ୍ଚଣା —

2. A fan made of palm leaf.

ଧୁମ୍ (ଇତ୍ୟାଦି)—ଦେ. ବି—ଧୂମ୍ ଇତ୍ୟାଦି (ଦେଖ)

Dhum (etc) Dhūm etc. (See)

ଧୁମ୍ତେଇବା—ପ୍ରାଦେ. (ଯାଜପୁର) କ୍ରି—୧ । ଧୁମଗୁଡ଼ୁ କରିବା—

Dhum-teibā 1. To create a row or hubbub.

୨ । କମ୍ପାଇବା—2. To shake.

(ଯଥା—ପିଲାଗୁଡ଼ାକ ଏଠାକୁ ଆସି ଏ ଥାନକୁ ଧୁମ୍ତେଇ ଦେଇ ଗଲେ ।)

ଧୁମ୍ସା—ଦେ. ବିଣ. ପୁଂ—ଧୂମ୍ସା (ଦେଖ)

Dhum-sā Dhūmsā (See)

(ଧୁମ୍ସୀ—ସ୍ତ୍ରୀ)

ଧୁର—ସଂ. ବି. ସ୍ତ୍ରୀ. (ଧୁର୍ବ୍ ଧାତୁ=ହିଂସା କରିବା+କରଣ. କ୍ୱିପ୍)—

Dhur ୧ । ରଥାଗ୍ରଭାଗ; ଯୁଗମୁଣ୍ଡି—1. The front end of a cart where both the poles meet.

୨ । ଭାର; ବୋଝ—2. Weight; burden; load.

୩ । ଚିନ୍ତା—3 Thought

୪ । ଭାବନା; ଉଦ୍‌ବେଗ—4 Anxiety.

୫ । ସମ୍ମୁଖ ଭାଗ—5. Front part

୬ । ଅକ୍ଷ ଦଣ୍ଡ; ଅଖ—6. Axle

୭ । ଶଗଡ଼ର ଯୁଆଳି—7. Yoke of a cart.

୮ । ଧନ; ସମ୍ପତ୍ତି—8. Wealth; riches.

୯ । (ଶଗଡ଼) ଅଣିକାଠି—9. The pin at both ends of an axle for fastening the nave of the wheel.

୧୦ । କର୍ତ୍ତବ୍ୟ; ଦାୟିତ୍ୱ—10. Duty; responsibility.

୧୧ । କମ୍ପନ—11. Agitation; trembling.

୧୨ । ଅଗ୍ନିସ୍ଫୁଲିଙ୍ଗ—12. Spark of fire.

୧୩ । ଦୁଃଖ—13. Distress; affliction.

୧୪ । ଗଙ୍ଗା ନଦୀର ଏକ ନାମ—

14. A name of the Ganges.

୧୫ । ଖୁଣ୍ଟି (ହି. ଶବ୍ଦସାଗର)—15. Post; pillar.

୧୬ । ଶୀର୍ଷ ସ୍ଥାନ (ହି. ଶବ୍ଦସାଗର)—

16. Prominent or upmost part.

୧୭ । ଅଙ୍ଗୁଳି (ହି. ଶବ୍ଦସାଗର)—17. Finger.

୧୮ । ଭାଗ; ଅଂଶ (ହି. ଶବ୍ଦସାଗର)—

18. Part; portion.

ଧୁରୁପଙ୍ଗା—ଦେ. ବି—ଅତିରିକ୍ତ ପରିଶ୍ରମାଦି ଜନିତ ଶ୍ୱାସୋଚ୍ଛ୍ୱାସ—

Dhur-paṅgā Hurried breathing due to excessive labour.

ଧୁରୁପଙ୍ଗା, ଧୁରୁ(ରୁ)ପୁଙ୍ଗା } ଅନ୍ୟରୂପ

ଧୁରୁପଙ୍ଗା ଉଡ଼ିଯିବା—ଦେ. କ୍ରି—୧ । ଅତିରିକ୍ତ ପରିଶ୍ରମାଦି ଯୋଗୁଁ

Dhur-paṅgā urdijibā ଶ୍ୱାସ ବଢ଼ିବା ବା ବେଦମ୍

हाँफनी आना ହୋଇଯିବା—1. Being out of breath on accont of excessive labour.

ଧୁରୁପ(ପୁ)ଙ୍ଗା ଉଡ଼ିବା

ଧୁରୁପ(ପୁ)ଙ୍ଗା ନିକଳିବା

ଧୁରୁପ(ପୁ)ଙ୍ଗା ବାହାରି ପଡ଼ିବା

ଧୁରୁପ(ପୁ)ଙ୍ଗା ବାହାରିଯିବା } ଅନ୍ୟରୂପ

(ଯଥା—ମାଡ଼ରେ ତାର ଧୁରୁପଙ୍ଗା ଉଡ଼ିଗଲାଣି ।)

ଧୁରୁପ(ପୁ)ଙ୍ଗା ଉଠା(ଠେ)ଇବା

ଧୁରୁପ(ପୁ)ଙ୍ଗା ନିକାଳିବା

ଧୁରୁପ(ପୁ)ଙ୍ଗା ବାହାର କରିବା } କ୍ରିୟାବାଚକ ରୂପ

୨ । ଅତ୍ୟନ୍ତ କ୍ଳାନ୍ତ ହେବା ଅବସ୍ଥା—

2. The state of being overtired.

ଧୁରୁମୁସ୍—ଦେ. ବି. (ଧ୍ୱନ୍ୟନୁକରଣ)—ତଳେ ଓଜନଦାର କାଠ ବା ଲୁହା ପିଣ୍ଡ ଲାଗିଥିବା ମୁଷଳ—A rammer.

Dhur-mus

हुरमुस दुरमुट, दुरमुस

ଧୁରା—ସଂ. ବି. ସ୍ତ୍ରୀ. (ଧୁର୍ବ୍ ଧାତୁ+ଅ)—ଧୁର (ଦେଖ)

Dhura Dhur (See)

ଗ୍ରା. ବିଣ. (ସଂ. ଦୂର) ୧ । ଦୂରବର୍ତ୍ତୀ—1. Distant.

୨ । ବହୁ ଦୂରରେ ଅବସ୍ଥିତ—

2. Situated at a great distance.

ଗ୍ରା. ବି. (ସଂ. ଦୂରତା)—ଦୂରତା—Distance.

ପ୍ରାଦେ. (ସିଂହଭୂମ; ମେଦିନୀପୁର) ବି—୧. କାଠା (ଜମି ପରିମାଣ)

धूर धुरा One tenth of a Kāthā of land.

ଧୁରନ୍ଧର—ସଂ. ବଣ. ପୁଂ. (ଧୁରଂ=ଭାରକୁ+ଧୃ ଧାତୁ=ଧାରଣ କରିବା
Dhurandhara +କର୍ତ୍ତୃ. ଅ)—୧ । ଭାରବାହୀ—
(ଧୁରନ୍ଧରା—ସ୍ତ୍ରୀ) 1. Carrying a load.
(ଧୁରଂଧର—ଅନ୍ୟରୂପ) ୨ । ଯେ ଅନାୟାସରେ ଗୁରୁ ଭାର ବହନ କରିବାକୁ ସମର୍ଥ—2. Able to carry a heavy load easily.
୩ । ଅତ୍ୟନ୍ତ କ୍ଷମତାଶାଳୀ ବା ବଳିଷ୍ଠ —
3. Very strong or powerful.
୪ । ଆଗୁଆ; ଅଗ୍ରଣୀ—
4. Leading others, heading others.
୫ । ସମର୍ଥ; ଯୋଗ୍ୟ; କାର୍ଯ୍ୟକ୍ଷମ—5. Able.
୬ । ଶ୍ରେଷ୍ଠ; ପ୍ରଧାନ—
6. Excellent; chief; principal.
୭ । କାର୍ଯ୍ୟଦକ୍ଷ; ନିପୁଣ—7. Skilful; expert.
ସଂ. ବି—୧ । ମୁଖିଆ; ଦଳର ନେତା—
1. Leader; chief; head of a party.
୨ । କାର୍ଯ୍ୟଦକ୍ଷ ବ୍ୟକ୍ତି—2 capable person; a man of business.
୩ । ଧଅ ଗଛ; ଧବ ବୃକ୍ଷ—3. A wild timber-tree.
୪ । ଭାରବାହୀ ପଶୁ—4. A beast of burden.
୫ । ଶିବ—5. Siba.
୬ । ବାହନ—6. A beast which carries persons on its back.
୭ । (ନାମ) ପ୍ରହସ୍ତ ରାକ୍ଷସର ମନ୍ତ୍ରୀ ରାକ୍ଷସ (ରାମାୟଣ) —
7. Name of a demon mentioned in the Rāmāyaṇa.

ଧୁରା—ସଂ. ବି. ସ୍ତ୍ରୀ. (ଧୁର୍ବ୍ ଧାତୁ+ଅ+ସ୍ତ୍ରୀ. ଆ) —ଧୁର୍ ୨ (ଦେଖ)
Dhurā Dhur 2 (See)

ଧୁରି—ଦେ. ବି—ଢୁରି (ଦେଖ)
Dhuri Ḍhuri (See)
ସଂ. ଅ—ଆଗରେ—In front.

ଧୁରୀଣ—ସଂ. ବଣ. ପୁଂ. (ଧୁର୍+ବହନାର୍ଥରେ ଈନ)—
Dhuriṇa ଧୁରନ୍ଧର (ଦେଖ)
(ଧୁରୀଣା—ସ୍ତ୍ରୀ) Dhurandhara (See)

ଧୁରୀୟ—ସଂ. ବଣ. ପୁଂ. (ଧୁର୍+ଯୋଗ୍ୟାର୍ଥରେ ଈୟ)—
Dhuriya ଧୁରନ୍ଧର (ଦେଖ)
(ଧୁରୀୟା—ସ୍ତ୍ରୀ) Dhurandhara (See)
ସଂ. ବି—୧ । ଅନଡ୍ୱାହ; ବଡ଼ ଅଣ୍ଡିରା ବାଛୁରି; ଦାମୁଡ଼ି—
1 A young bullock.
୨ । ଷଣ୍ଢ—2. Bull.
୩ । ଧୁରନ୍ଧର ୧।୨।୪ (ଦେଖ)
3. Dhurandhara 1, 2 & 4 (See)

ଧୁରୁବ—ଗ୍ରା. (ପଦ୍ୟ) ବି. (ସଂ. ଧ୍ରୁବ)—ଧ୍ରୁବ (ଦେଖ)
Dhuruba Dhruba (See)

ଧୁର୍ବହ—ସଂ. ବଣ. ପୁଂ. (ଧୁର୍+ବହ୍ ଧାତୁ+କର୍ତ୍ତୃ. ଅ)—
Dhurbaha ଧୁରନ୍ଧର (ଦେଖ)
(ଧୁର୍ବହା—ସ୍ତ୍ରୀ) Dhurandhara (See)
(ଧୁର୍ବହ—ଅନ୍ୟରୂପ)

ଧୁର୍ମ—ଦେ. ବି—ଧୂର୍ମ (ଦେଖ)
Dhurma Dhūrma (See)

ଧୁର୍ଯ୍ୟ—ସଂ. ବଣ. ପୁଂ. (ଧୁର୍+ଯୋଗ୍ୟାର୍ଥରେ ଯ)—
Dhurjya ୧ । ଭାରବହନ କ୍ଷମ—
(ଧୁର୍ଯ୍ୟା—ସ୍ତ୍ରୀ) 1. Able to bear a burden.
୨ । ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟଭାର ଗ୍ରହଣ କରିବାକୁ ଉପଯୁକ୍ତ—
2. Fit to be entrusted with important duties.
(ଧୁର୍ଯ—ଅନ୍ୟରୂପ)
୩ । ଅଗ୍ରଗାମୀ; ମୁଖିଆ—3. Chief; foremost.
ବି—୧ । ଭାରବାହୀ ପଶୁ—1. A beast of burden.
୨ । ଗାଡ଼ିରେ ଲାଗିଥିବା ବଳଦ ବା ଘୋଡ଼ା—
2. Bullock or horse yoked to a carriage.
୩ । ଦାୟିତ୍ୱବହନକାରୀ ବ୍ୟକ୍ତି—
3. One who carries a burden of responsibility.
୪ । ନେତା—4. Leader; head.
୫ । ପ୍ରଧାନ କାର୍ଯ୍ୟଭାର ବହନ କରୁଥିବା ମନ୍ତ୍ରୀ—
5. Minister charged with important duties.
୬ । ବିଷ୍ଣୁ—6. Bishṇu.
୭ । ଯୁଗମୁଣ୍ଡୀ—7. The fore part of the pole or poles of a cart.

ଧୁଲଣ୍ଡୀ—ଦେ.ବି. (ସଂ. ଧୂଳି; ଲୋକେ ପରସ୍ପର ଧୂଳି ବା ଅବିର ମଖାମଖି ହେବାରୁ)—ଦୋଳପୂର୍ଣ୍ଣିମାର ଦ୍ୱିତୀୟ ଦିନ ମାରୱାଡ଼ୀ-ମାନଙ୍କ ଅବିର ମଖାମଖି ହେବା ଉତ୍ସବ—
Dhulaṇḍi
ଧୁଲଣ୍ଡୀ
A festival and merrymaking by mutual throwing of Abira amongst the Marwaris.

ଧୁଲା(ଲେ)ଇ—ଦେ.ବି. (ସଂ. ଧାବନ)—୧ । ପ୍ରକ୍ଷାଳନକ୍ରିୟା; ଧୋଇବା—
Dhulā(le)i 1. Washing.
ଧୁଲାଇ ୨ । ନୂଆ ଲୁଗାକୁ ଧୋଇ କରି ଧୋବ କରିବା ପ୍ରକ୍ରିୟା—
ଧୁଲାଇ 2. Bleaching of a new cloth.
ଦେ. ବଣ—୧ । ଧୌତ ହୋଇଥିବା—1. Washed.
୨ । ସଫା ଧୋବ କରାଯାଇଥିବା (ନୂଆ ଲୁଗା)—
3. Bleached (cloth).

ଧୁସ୍ (ଧାତୁ)—ସଂ—ଅଲଂକୃତ କରିବା; ଭୂଷିତ କରିବା—
Dhus (root) To adorn.

ଧୁସ—ଦେ. ବି—ଧୂସ (ଦେଖ)
Dhusa Dhūsa (See)

ଧୁସା—ଦେ. ବି. (ସଂ. ଦ୍ୱିଶାଟ)—ପଶମରେ ବୁଣା ମୋଟା ଶୀତବସ୍ତ୍ର; ଲୋଇ—A thick and coarse woollen wrapper.
Dhusā
(ଧୁସ୍ସା—ଅନ୍ୟରୂପ)

ଧୋଷା ଗ୍ରା. ବି. (ସଂ. ଦୁଃଶାସନ) ଦୁଃଶାସନର ଡାକନାମ—
ধুসা A name for calling Duḥśāsana.

ଧୁଷୀ—ଦେ. ବି. (ନାମ)—କଳିଙ୍ଗରାଜ ଖାରବେଳଙ୍କର ରାଣୀଙ୍କ
Dhusi ନାମ—Name of the queen of Khārabeḷa, an ancient king of Kaḷiṅga.

ଧୁସ୍କା—ପ୍ରାଦେ. (ସିଂହଭୂମ) ବି—ଚୂର୍ଣ୍ଣ ଓ ଅଳ୍ପଅଳ୍ପ ବାଟି ଗୁଡ଼ରେ
Dhuskā ଗୋଳାଇ ସେଥି ପାଣିଆ ପିଠଉକୁ ଘିଅ କରେଇରେ ପକାଇ ମାଲ୍‌ପୁଆ ପରି ସେଉଁ ପିଠା ଛଣାଯାଏ—
A kind of pastry-cake made of watered flour fried in ghee.

ଧୁସ୍ତୁର—ସଂ. ବି. (ଧୁସ୍ ଧାତୁ+କ୍ୱିପ୍=ଧୁସ୍=ସୁନ୍ଦର; କମନୀୟ+
Dhustara ତୁର ଧାତୁ=ହିଂସା କରିବା+କର୍ତ୍ତୃ. ଅ; ଯାହା
(ଧୁସ୍ତୂର—ଅନ୍ୟରୂପ) ଦେଖିବାକୁ ସୁନ୍ଦର ଅଥଚ ମାରାତ୍ମକ—
ଧତୁରା (ଦେଖ)—Dhaturā (See)

ଧୂ (ଧାତୁ) ସଂ.—କମ୍ପିବା—
Dhū (root) To tremble; to shake.

ଧୂଅ—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଧୋ; ଧୋଧୋ; ମାକଡ଼,
Dhūa ବଣୁଆ ଓ ପକ୍ଷୀଆଦିଙ୍କୁ ଘଉଡ଼ାଇବାର ଶବ୍ଦ—
ଧୂଅଧୂଅ, ଧୂଓ, ଧୂଓଧୂଓ } ଅନ୍ୟରୂପ 1. Interjection or halloo uttered while scaring away
ଧୋଧୋ monkeys, wild beasts and birds from
दूरजो; हाग्नि fields etc
୨ । କୁକୁରଙ୍କୁ ଶିକାର ପଛରେ ଲଗାଇବାର ଶବ୍ଦ—
2. Hallooing to dogs while chasing a game.

ଧୂଆଁ—ଦେ. ବି. (ସଂ. ଧୂମ)—୧ । ଧୂମ—1. Smoke.
Dhūāñ ୨ । ବାଷ୍ପ; ବାମ୍ଫ—2. Steam; vapour.
ধুআঁ ୩ । ଗୋମୋଷାଦିଙ୍କୁ ଓ ବନ୍ଦ ମଶାରିରେ ଶୋଇ ଥିବା
धुआँ ଲୋକଙ୍କୁ ମଶା ମାଛି ଆଦି ନ କାମୁଡ଼ିବା ପାଇଁ ଗୁହାଳରେ ସେଉଁ ଜଳୁଥିବା ଧୂଆଁଗଦା କରାଯାଏ—
3. Smoking-fire made to scare away mosquitoes from cattle and from a room where people sleep without mosquito curtains.
ପ୍ରାଦେ. (ଗଞ୍ଜାମ)—୪ । ଧୂଆଁପତ୍ର—4. Tobacco

ଧୂଆଁକଳ—ଦେ. ବି.—୧ । ଯେଉଁ କଳ ବାଷ୍ପଦ୍ୱାରା ଚାଳିତ ହୁଏ—
Dhūāñ kaḷa 1. A machine propelled by steam.
ধুআঁকল ୨ । ବାଷ୍ପୀୟ ପୋତ—
धुआँकल 2 Steamer; steamship.
ଦେ. ବଣ.—ବାଷ୍ପର ବେଗଦ୍ୱାରା ଚାଳିତ (ଜାହାଜ)—
2. Propelled by steam.

ଧୂଆଁକସ—ଦେ. ବି.—୧ । ଘର ବା କଳ ବା କାରଖାନାରୁ ଧୂଆଁ
Dhūāñkasa ବାହାରିଯିବାର ପଥ ବା ନଳ—1. Chimney; a
ধুয়াঁপথ tube set up for the escape of smoke from
धवाँरा धुआँसा a house or engine or workshop.

୨ । ଧୂଆଁକଳ (ଦେଖ)—2. Dhūāñ kaḷa (See)

ଧୂଆଁକାଳି—ଦେ. ବି. (ଦ୍ର. ଧୂମ+କାଳି)—ଝୁଲକଳା—
Dhūāñ kāḷi Soot.
ঝুল कालख

ଧୂଆଁ ଖାଇବା—ଦେ. କ୍ରି (ସଂ ଧୂମ୍ରପାନ)—ଧୂମ୍ରପାନ କରିବା; ପିକା
Dhūāñ khāibā ଆଦିର ଧୂଆଁ ପାଟିଦ୍ୱାରା ଗର୍ଭକୁ ନେବା—
ধূম্রপান করা To smoke cigar etc.
धूम्रपान करना [ଦ୍ର—ଲୋକେ ଗଞ୍ଜାଇ, ଅଫିମ, ଧୂଆଁପତ୍ର ଆଦିରେ
(ଧୂଆଁ ଟାଣିବା- ଅନ୍ୟରୂପ) ନିଆଁ ଲଗାଇ ତାହାର ଧୂଆଁକୁ ପେଟମଧ୍ୟକୁ ଟାଣି ସେବନ କରନ୍ତି ।]

ଧୂଆଁଖିଆ—ଦେ. ବି. (ସଂ. ଧୂମ+ଖାଦ୍ ଧାତୁ)—୧ । ପିକାଆଦିଦ୍ୱାରା
Dhūāñ khiā ଧୂମ୍ରପାନ—1. Smoking of cigar etc.
୨ । ଭୃତ୍ୟାଦି ଇତର ଲୋକଙ୍କୁ ପିକା ଖାଇବା ପାଇଁ ପ୍ରଭୁଙ୍କ ପ୍ରଦତ୍ତ ସାମାନ୍ୟ ଧନ; ପିକାଖିଆ—2. A small gratuity given to servants for smoking.

ଧୂଆଁଗଦା—ଦେ. ବି.—ପୋକକ ମଶା ଆଦିଙ୍କୁ ଘଉଡ଼ିବା ପାଇଁ ଗୋରୁ ବନ୍ଧା
Dhūāñ gadā ଯିବା ସ୍ଥାନରେ ସେଉଁ ନିଆଁଗଦା ଜଳା ହୁଏ—
A heap of fire burnt to drive away mosquitoes from places where cows are tethered.

ଧୂଆଁଚାଷ—ପ୍ରାଦେ. (ଗଞ୍ଜାମ) ବି.—ଧୂଆଁପତ୍ରର ଚାଷ—
Dhūāñ chāsha Cultivation of tobacco.

ଧୂଆଁଟିଆ—ଦେ. ବଣ. (ସଂ. ଧୂମ)—୧ । ଧୂମମିଶ୍ରିତ ରସଗନ୍ଧ-
Dhūāñtiā ବିଶିଷ୍ଟ (ବ୍ୟଞ୍ଜନାଦି)—1. Having a smoky
ধুয়াঁটিআ taste or smell.
धुमैला, धुआँइन ୨ । ଧୂମ୍ରବର୍ଣ୍ଣ—2. Smoke-coloured.
୩ । ଧୂଆଁପୂର୍ଣ୍ଣ—3. Smoky.
୪ । ଧୂଆଁ ଲାଗିବାରୁ ମଳିନତା ପ୍ରାପ୍ତ—
4. Discoloured by smoke.

ଧୂଆଁଦେବା—ଦେ. କ୍ରି.—୧ । ୧ । ଘରୁ ମଶାଙ୍କୁ ଘଉଡ଼ିବା ପାଇଁ ସଞ୍ଚି,
Dhūāñ debā ତଷ ଆଦି ଘରେ ଜମାଇ ତହିଁରେ ନିଆଁ ଲଗାଇବା-
ধুয়াঁ দেওয়া To fumigate a room for driving
धुआँ देना away mosquitoes.

ଧୂଆଁଧାର—ଦେ. ବି. (ନାମ)—ନର୍ମଦା ନଦୀସ୍ଥ ଜଳପ୍ରପାତବିଶେଷ—
Dhūāñdhāra Name of a waterfall or rapid in the river Narmadā
ଧୂଆଁଧାରେ ପଡ଼ି ହୋଇ ଗଡ଼ଧାର,
ଭୈରବ ଅରବେ ବେଗ ଦେଇ ଲମ୍ଫ । ପ୍ରଧାନାଥ. ଚନ୍ଦ୍ରଭା ।

ଧୂଆଁପତ୍ର—ଦେ. ବି. (ସଂ. ଧୂମ ଓ ପତ୍ର)—ତମାଖୁ; ଧୂଆଁପତର—
Dhūāñ patra Tobacco; Nicotina Tabacum; Nicotina Rustica (Haines).
তামাক্(কু)
तमाकू(खू) [ଦ୍ର—ଓଡ଼ିଶାରେ ଦେଶୀ ଅର୍ଥାତ୍ ଓଡ଼ିଶାରେ ଜାତ, ମୋଟିଚୂର (ବଡ଼ ବଡ଼ ବନ୍ଧା), ମୋଟିଡାଙ୍ଗ (ମେଣ୍ଢାସିଅଁ); ବାଲେଶ୍ୱରୀ, ବଣ୍ଟାପୁଷ୍ପ, ଭଡ଼ ଓ ବାଇଗଣୀ ଏପରି ଭିନ୍ନ ଭିନ୍ନ ଜାତୀୟ ଧୂଆଁପତ୍ର ମିଳେ ।]

ଧୂଆଁ ପଚା—ଦେ. ବି.—ଅଳ୍ପ ସମୟ ମଧ୍ୟରେ ପଚାଇବା ପାଇଁ କଞ୍ଚା
Dhūāñ pachā କଦଳୀକୁ ହାଣ୍ଡିରେ ପୂରାଇ ଉହିରେ ଧୂଆଁ
(ଧୂଆଁ ପୁକା—ଅନ୍ୟରୂପ) ଲଗାଇବା ପ୍ରଣାଳୀ—The process
ଧୁଁକାହଆ of smoking or fumigating plantains to make them ripe soon.
ଦେ. ବଣ.—ଯେଉଁ କଦଳୀକୁ ଧୂଆଁ ପକ୍କି ବା ଧୂଆଁ ଦେଇ ପଚାଇବାକୁ ହୁଏ—(Plantains) Artificially ripened by fumigating smoke through them.

ଧୂଆଁ ବାଣ—ଦେ. ବି—୧ । ଭୟ ଦେଖାଇବା ପାଇଁ ଗୁଳ ବା ଛରା
Dhūāñ bāṇa ଦିଆ ନ ଯାଇ ବନ୍ଧୁକ ଫାଏର୍ କରିବା—
1. Blank fire.
୨ । (ଲକ୍ଷଣାର୍ଥ) ଭୟ ପ୍ରଦର୍ଶନ ପାଇଁ ମିଥ୍ୟା ଧମକାଣ—
2. (figurative) False threats.

ଧୂଆଁରତିଆ—ଗ୍ରା. ବଣ—ଧୂଆଁଁଟିଆ (ଦେଖ)
Dhūāñratiā Dhūāñtiā (See)

ଧୂଆଁ ହାକୁଟି—ଦେ. ବି. (ସଂ. ଧୂମ+ହୁଙ୍କାର)—
Dhūāñ hākuṭi ଅମ୍ଳହୁଙ୍କାର; ଅଜୀର୍ଣ୍ଣଜନିତ ହାକୁଟି—
ଅମ୍ଳଢେକୁର Acid or sour belching.
ଖଆଁରା

ଧୂଉ ଧୂଉ—ଦେ. ଅ—ଧୂଧୂ (ଦେଖ)
Dhū udhū-u Dhūdhū (See)
ଧୂଉ ଧୂଉ ବହେ ପବନ ବାୟୁ—ନନ୍ଦକିଶୋର. ନର୍ଝରିଣୀ ।

ଧୂକ—ସ. ବି. (ଧୂ ଧାତୁ=କମ୍ପିବା+କର୍ତ୍ତୃ. କ)—୧ । ବାୟୁ—
Dhūka 1. Air.
୨ । ସମୟ—2. Time.
୩ । ଠକ—3. A cheat; a rogue
ସ. ବଣ—ଧୂର୍ତ୍ତ—Cunning; artful.

ଧୂକନା—ପ୍ରାଦେ. (କଳାହାଣ୍ଡି) ବି. (ଭୁଲ. ହି. ଧୌଁକନା)—କମାରର
Dhūkanā ଭାତି—Blacksmith's bellows

ଧୂତ—ସ. ବଣ. (ଧୂ ଧାତୁ+କର୍ମ. ତ)—ଧୂତ ୧. ୨. ୩. (ଦେଖ)
Dhūta Dhuta 1. 2. 3. (See)
(ଧୂତା—ସ୍ତ୍ରୀ) ୪ । ସାବ୍ୟସ୍ତ—4. Judged.
୫ । ଅବହେଳିତ—5. Slighted; disregarded.
୬ । ତ୍ୟକ୍ତ—6. Abandoned.
୭ । ତର୍କିତ—7. Suspected; apprehended; thought of.

ଧୂତ ପାପ୍—ସ. ବଣ. ପୁଂ. (ବହୁବ୍ରୀହି; ଧୂତ+ପାପ)—
Dhūta pāpa ୧ । ଯାହା ଦେହରୁ ପାପ ଦୂର ହୋଇଅଛି; ପାପ-
(ଧୂତକଲୁଷ—ଅନ୍ୟରୂପ) ବର୍ଜିତ; କଳ୍ପକଲୁଷ—
ଧୂତପାପା } ସ୍ତ୍ରୀ 1. Free from sin; freed from the
ଧୂତକଲୁଷା } taint of sin.
୨ । ନିଷ୍ପାପ—2. Sinless.

ଧୂତ ହସ୍ତ—ସ. ବଣ. ପୁଂ. (ବହୁବ୍ରୀହି; ଧୂତ+ହସ୍ତ)—ଯେ ହାତକୁ
Dhūta hasta ହଲାଉ ଅଛି—Shaking the arms.
(ଧୂତହସ୍ତା—ସ୍ତ୍ରୀ)

ଧୂତା—ସ. ବି. ସ୍ତ୍ରୀ.—ଭାର୍ଯ୍ୟା—
Dhūtā A wife.

ଧୂଧୂ—ଦେ. ଅ. (ସ. ଧୂ ଧାତୁ=କମ୍ପିବା; ଅଥବା ଧ୍ୱନ୍ୟନୁକରଣ)—
Dhūdhū ୧ । ହୁହୁ; ଅଗ୍ନିଶିଖା କମ୍ପିତ ହୋଇ ପ୍ରଖରଭାବରେ
(ଧୂଉ ଧୂଉ—ଅନ୍ୟରୂପ) ଜଳିବା ପ୍ରକାର—
ଧୁ ଧୁ 1. The manner of a fire blazing fiercely.
ଘୁ ଘୁ ୨ । ଭୁହୁଭୁହୁଆ (ଖରା); ଅତି ପ୍ରଚଣ୍ଡ (ଖରା); ଯେଉଁ ଖରାରେ ପୃଥିବୀ ତାତି ଯିବାରୁ ଭୂପୃଷ୍ଠ ବା ବାଲୁକାର ଉପରସ୍ଥ ବାୟୁ-ସ୍ତର କମ୍ପିତ ହେଲା ପରି ବୋଧହୁଏ—
2. Blazing (rays of the sun or moon) when the layer of the (air over the ground seems to dance).
(ଯଥା—ସେ ଧୂଧୂ ଖରାରେ କୋଶେ ବାଟ ଦଉଡ଼ିଲେ ।)
୩ । ହୁହୁ ଜଳିବା ନିଆଁର ଶବ୍ଦ—
3 The sound of blazing fire.
୩ । ଜନଶୂନ୍ୟ ଜନଶୂନ୍ୟ ସ୍ଥାନରେ ଉପସ୍ଥିତ ବ୍ୟକ୍ତିର ମନରେ ଜନ୍ମିବା ଭୟ—
3. Awe or unnamed fear produced in the mind in a lonely wilderness.

ଧୂନକ—ସ. ବଣ. (ଧୂ ଧାତୁ ଣିଚ୍=ଧୂନ ଧାତୁ+କର୍ତ୍ତୃ. ଅକ)—ଯେ
Dhūnaka ହୋହଲାଏ—Causing to shake.
ସ. ବି—ଝୁଣା—Resin used as incense.

ଧୂନନ—ସ. ବି—୧ । ପବନ—1. Wind.
Dhūnana ୨ । କମ୍ପନ—2. Shaking; agitation.

ଧୂନା—ଦେ. ବି. (ସ. ଧୂନକ)—୧ । ଝୁଣା—
Dhūnā 1. Resin.
ଧୁନା ୨ । ସର୍ଜରସ; ଶାଳରସ; ଏକପ୍ରକାର ଝୁଣା—
ଧୂନା 2. Mimosa Rubicantis.

ଧୂନିବା—ଦେ. (ପଦ୍ୟ) କ୍ରି. (ସ. ଧୂ ଧାତୁ)—ଶବ୍ଦ କରିବା—
Dhūnibā To make a sound.
ଧୁନା ନଭସ୍ୱ ଭାଳାଇର ମନ ଧୂନଇ—ରାଧାନାଥ. ମେଘଦୂତ ।
ଧୂନନା

ଧୂନ୍ୟ—ଗ୍ରା. (ପଦ୍ୟ) ବଣ (ସ. ଧୂ ଧାତୁ=କମ୍ପିବା)—୧ । କ୍ରୁଦ୍ଧ—
Dhūnya 1. Very angry.
୨ । କ୍ରୋଧରେ ଥରୁଥିବା—
2. Shaking with fear.
ବାହାର ଧୂନ୍ୟ ହୋଇଣ ରକ୍ଷ ସୈନ୍ୟ ଯାଉ ପୁଣି ଜନପୁର—
ଉପେନ୍ଦ୍ର. ବୈଦେହୀଶବିଳାସ ।

ଧୂପ୍ (ଧାତୁ)—ସ.—୧ । ସନ୍ତପ୍ତ କରିବା—
Dhūp (root) 1. To heat.
୨ । ଧୂପ ଦେବା—2. To perfume by burning incense.
୩ । ଉଜ୍ଜ୍ୱଳ ଦେବା—3. To shine.
୪ । କହିବା—4. To speak.

୫ । ଧୂଆଁରେ ମଳିନ କରିବା—
5. To obscure with smoke; to eclipse.
୬ । ଧୂଆଁ ଦେବା—6. To fumigate.

ଧୂପ— ସଂ. ବି. (ଧୂପ୍ ଧାତୁ + କର୍ତ୍ତୃ. ଅ)—୧ । ଝୁଣା ଆଦି ନିଆଁରେ ପୋଡ଼ିଲେ ତହିଁରୁ ଯେଉଁ ସୁଗନ୍ଧ ବାହାରେ—
Dhūpa
1. Frankincense; incense; smoke arising from scented resin etc thrown over fire; aromatic vapour or smoke.
୨ । ଦେବାର୍ଚ୍ଚନରେ ଦେବତାଙ୍କ ଆଗରେ ଅଗ୍ନିରେ ଝୁଣା ଆଦି ପକାଇବାରୁ ତହିଁରୁ ସୁଗନ୍ଧ ଧୂଆଁ ବାହାରିବା କ୍ରିୟା—
2. The act of offering or burning incense during worship.
[ଦ୍ର—ନିର୍ଯ୍ୟାସ ବା ଦ୍ରବ, ପରାଗ ବା ଚୂର୍ଣ୍ଣ, କାଷ୍ଠ ବା ଅଗୁରୁ ଆଦି, ଗନ୍ଧ ବା କସ୍ତୁରୀ ଆଦି ଓ କୃତ୍ରିମ ବା ବର୍ତ୍ତିକାଦି ଭେଦରେ ଧୂପ ୫ ପ୍ରକାର । କୃତ୍ରିମ ଧୂପ—ପଞ୍ଚାଙ୍ଗ, ଷଡ଼ଙ୍ଗ, ଅଷ୍ଟାଙ୍ଗ, ଦଶାଙ୍ଗ, ଦ୍ୱାଦଶାଙ୍ଗ ଓ ଷୋଡ଼ଶାଙ୍ଗ ଦେବାର୍ଚ୍ଚନରେ ପ୍ରଶସ୍ତ । ପଞ୍ଚାଙ୍ଗ ଧୂପ—ଚନ୍ଦନ, କୁଙ୍କୁମ, କର୍ପୂର, ଗୁଗ୍ଗୁଳ ଏବଂ ଅଗୁରୁ ଘୃତସଂଯୁକ୍ତ ହୋଇ ପ୍ରସ୍ତୁତ ହୁଏ । ଷଡ଼ଙ୍ଗଧୂପ—ଚନ୍ଦନ, ଉଶୀର, ଗୁଗ୍ଗୁଳ, ଅଗୁରୁ, ଶର୍କରା ଓ ମଧୁସହ ଘୃତ ମିଶ୍ରିତ ହୋଇଥାଏ । ଅଷ୍ଟାଙ୍ଗଧୂପ—ପଞ୍ଚାଙ୍ଗଧୂପ ସଙ୍ଗେ ତେଜପତ୍ର, ସୁଗନ୍ଧବାଲା ଓ କୁଡ଼ମିଶି ଏହା ପ୍ରସ୍ତୁତ ହୁଏ । ଦଶାଙ୍ଗଧୂପ—ମଧୁ, ମୁସ୍ତକ, ଘୃତ, ଗନ୍ଧକ, ଗୁଗ୍ଗୁଳ, ଅଗୁରୁ, ଶୈଳଜ, ସରଳ (ବଡ଼), ସିହ୍ଲକ (ଶିଳାରସ) ଓ ଶ୍ୱେତ ସର୍ଷପର ମିଶ୍ରଣରେ ପ୍ରସ୍ତୁତ । ଷୋଡ଼ଶାଙ୍ଗ ଧୂପ—ମୁସ୍ତକ, ଦେବଦାରୁ, ଏଲା, ମୁରାମାଂସୀ ଏବଂ ଦ୍ୱାଦଶାଙ୍ଗ ଧୂପର ଉପକରଣ, ମାନ ଘୃତରେ ମିଶ୍ରିତ ହୋଇଥାଏ । ସାଧାରଣତଃ ଲୋକେ ଝୁଣା, ଗୁଗ୍ଗୁଳ ଓ ଘିଅରେ ଦେବତାଙ୍କ ଆଗରେ ଧୂପ ଦିଅନ୍ତି । ଭୂତପ୍ରେତାଦି ଛଡ଼ାଇବା ନିମନ୍ତେ ହଳଦୀ, ଅଡ଼ୁଆବାଳ ଓ ଜନାର୍ଦ୍ଦନ ଧୂପଆଦିରେ ଧୂପ ଦିଆଯାଏ । ହି. ଶବ୍ଦସାଗର]
୩ । ଧୂଆଁ ଦେବା—3. Fumigation.
୪ । ତାପନ—4. Heating.
୫ । ସୁଗନ୍ଧ ଚୂର୍ଣ୍ଣ—5. A fragrant powder.
ଦେ. ବି—୧ । ଦେବପୂଜା; ଅର୍ଚ୍ଚନା; ଭୋଗ—
1. Worship of a Deity with offerings

[ଦ୍ର—ଧୂପ ଦେବାର୍ଚ୍ଚନର ଗୋଟିଏ ପ୍ରଧାନ ଅଙ୍ଗ ଥିବାରୁ ପୁରୀର ଜଗନ୍ନାଥଆଦି ଦେବତାଙ୍କର ପୂଜା ବା ଭୋଗକୁ ଧୂପ ବୋଲାଯାଏ । ଜଗନ୍ନାଥଙ୍କର ୫ ଗୋଟି ଧୂପ ବା ଭୋଗ ହୁଏ; ଯଥା—ସକାଳ ଧୂପ, ଦ୍ୱିପହର ଧୂପ, ଭୋଗମଣ୍ଡପ, ସନ୍ଧ୍ୟାଧୂପ ଓ ବଡ଼ଶିଙ୍ଗାର ।
କେହି କେହି ଭୋଗମଣ୍ଡପ ଓ ବଡ଼ଶିଙ୍ଗାରକୁ 'ଧୂପ' ବୋଲି ଗଣନା କରନ୍ତି ନାହିଁ । ସେମାନଙ୍କ ମତରେ 'ଧୂପ' ୩ ଗୋଟି । ଯେଉଁ ଭୋଗରେ ଷୋଡ଼ଶୋପଚାର ପୂଜା ହୁଏ ତାହା ଧୂପ ମଧ୍ୟରେ ଗଣ୍ୟ । ଶ୍ରୀ ଜଗନ୍ନାଥ ଓ ଲିଙ୍ଗରାଜ ମହାପ୍ରଭୁଙ୍କଠାରେ ଏପରି ଧୂପ ହେବାର ବିଧାନ ଅଛି ।
'ଧୂପ' ଲାଗୁଥିବା ବେଳେ ଦେବତାଙ୍କ ଆଗରେ ଚନ୍ଦନ ଅର୍ଗଳିଠାରେ 'ଟେରା' ପଡ଼ୁଥାଏ ଓ ଯାତ୍ରୀମାନେ ସେ ସମୟରେ ଦେବତାଙ୍କ ଦର୍ଶନ କରି ପାରନ୍ତି ନାହିଁ । 'ଧୂପ' ସରିବା ପରେ 'ଟେରା' ଫିଟାଯାଏ ଓ ଯାତ୍ରୀମାନେ ଦେବଦର୍ଶନର ସୁବିଧା ପାଆନ୍ତି ।]
୨ । ସୂର୍ଯ୍ୟକିରଣ; ରଶ୍ମି—2. Sun's rays.
୩ । ସୌର ତାପ—3. Solar heat.
୪ । ଗ୍ରୀଷ୍ମକାଳର ଦ୍ୱିପହରର ତାପ—
4. The midday heat of summer.
ଦେ. ବି. (ସଂ. ଦୀପ୍ତ)—୧ । ଦୀପ୍ତ; ତେଜୀୟାନ୍—
1. Shining.
ପ୍ରାଦେ. (କଳାହାଣ୍ଡି) ବି—ଝୁଣା—Resin.

ଧୂପ ଉଠିବା—ପ୍ରାଦେ.(ପୁରୀ) କ୍ରି—ପୁରୀର ବଡ଼ଦେଉଳ ଭିତରକୁ ସକାଳଧୂପ, ସନ୍ଧ୍ୟାଧୂପ ଆଦିର ନୈବେଦ୍ୟ ସାମଗ୍ରୀ ନିଆଯାଇ ବଢ଼ା ହେବା ପରେ ପୂଜାର ଆରମ୍ଭ—The act of beginning the worship and the offering of bhog after they are laid before Lord Jagannātha in the morning and evening Dhūpas.
Dhūpa uṭhibā

ଧୂପକ—ସଂ.ବିଣ. (ସଂ. ଧୂପ ଧାତୁ + କର୍ତ୍ତୃ. ଅକ)—୧ । ଯେ ଧୂପଦିଏ—
Dhūpaka 1. (a person) Burning incense.
(ଧୂପିକ—ଅନ୍ୟରୂପ) ୨ । ଯେ ସୁବାସିତ କରେ—
(ଧୂପିକା—ସ୍ତ୍ରୀ) 2. Perfuming.

ଧୂପ କାଠି—ଦେ. ବି. (ସଂ. ଧୂପ + କାଷ୍ଠ)—ସୁଗନ୍ଧ ଦ୍ରବ୍ୟ ମିଶ୍ରିତ ବର୍ତ୍ତିକା; ଉଦ୍‌ବତୀ—Incense stick.
Dhūpa kāṭhi
(ଧୂପବତୀ—ଅନ୍ୟରୂପ) [ଦ୍ର—ଏହା ଦେବାର୍ଚ୍ଚନାରେ ବ୍ୟବହୃତ ହୁଏ । ରାଜାମହାରାଜମାନେ ସୁଗନ୍ଧ ଧୂଆଁ ପାଇବା ପାଇଁ ଏହାର ମଧ୍ୟ ବ୍ୟବହାର କରନ୍ତି ।]
ଧୂପବାତୀ
ধূপকাঠী

ଧୂପ କାଡ଼ୀ(ଢ଼ୀ)—ଦେ. ବି—ଧୂପକାଠି (ଦେଖ)
Dhūpa kāṛi(ṛhi) Dhūpakāṭhi (See)
ବେ ହସି ଧୂପକାଡ଼ୀକି ଗଣିବ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଧୂପଖଣ୍ଡା—ଦେ. ବି—ଏକପ୍ରକାର ବଙ୍କାଧାରବିଶିଷ୍ଟ ଉତ୍କୃଷ୍ଟ ତରବାରି—
Dhūpakhaṇḍā A kind of excellent sword having its edge curved or curled like curling smoke.

ପାଇଲେ ଫଳମାନ ଅଣ୍ଟରେ କସିଲେ
ସରଳ ଧୂପଖଣ୍ଡାମାନ ଉର୍ଦ୍ଧ୍ୱ କଲେ । କୃଷ୍ଣସିଂହ. ମହାଭାରତ ଆଦି ।

ଧୂପ ଦାନୀ—ଦେ. ବି. (ସଂ. ଧୂପଧାନୀ)—ଯେଉଁ ପାତ୍ରରେ ଅଗ୍ନି ଆଦି ରଖି ଧୂପ ଦିଆଯାଏ—Incense pot; censer.
Dhūpa dāni
(ଧୂପତି; ଧୂପାଚ—ଅନ୍ୟରୂପ) ଧୂନଚୀ; ଧୂପଚି **धूपदानि**

ଧୂପଦୀପ—ସଂ. ବି. (ଦ୍ୱନ୍ଦ୍ୱ; ଧୂପ + ଦୀପ)—ଦେବତାଙ୍କୁ ନୈବେଦ୍ୟ ଦେବା ସମୟରେ ଅର୍ପିତ ହେବା ଧୂପ ଓ ଦୀପ— Incense and lamp presented to a Deity during worship.
Dhūpa dipa
ଧୂପଦୀପ
धूपदीप

ଧୂପ ଦେବା—ଦେ. କ୍ରି—୧ । ଲାଆଁରେ ଧୂପର ସରଞ୍ଜାମ ପକାଇ ଉଦ୍ଦିଷ୍ଟ
Dhūpa debā ସୁଗନ୍ଧ ଧୂପ ଦେବତାଙ୍କୁ ଅର୍ପଣ କରିବା—
(ଧୂପଜଳା(ଲେ)ଇବା—ଅନ୍ୟରୂପ) 1. To burn incense
ଧୂପଦେଓୟା; ଧୂପଜ୍ୱାଲାନ **धूपदेना** before a Deity.
୨ । ଝୁଣାଆଦିର ଧୂଆଁ ଦ୍ୱାରା ଗୃହକୁ ସୁବାସିତ କରିବା—
2. To fumigate a house with incense.

ଧୂପନ—ସଂ. ବି. (ଧୂପ୍ ଧାତୁ+ଭାବ. ଅନ)—୧ । ଧୂପ ଦେବା—
Dhūpana 1. Burning incense.
୨ । ଧୂଆଁ ଦେବା—2. Fumigation.
୩ । (+କରଣ. ଅନ)—ଝୁଣା—3. Resin.

ଧୂପ ପାତ୍ର—ସଂ. ବି. (ଧୂପ+ପାତ୍ର)—ଧୂପଦାନୀ (ଦେଖ)
Dhūpa pātra Dhūpadāni (See)

ଧୂପ ବାସ—ସଂ. ବି. (ଧୂପ+ବାସ)—ସ୍ନାନ କରି ସାରି ସୁଗନ୍ଧିତ ଧୂଆଁ
Dhūpa bāsa ଦ୍ୱାରା ଶରୀରକୁ ସୁବାସିତ କରିବା କର୍ମ—
The act of fumigating the body with scented incense after bath

ଧୂପ ବୃକ୍ଷ—ସଂ. ବି. (ମ. ପ.ଲ୍ଲେ; ଧୂପ+ବୃକ୍ଷ)—ଦେବଦାରୁ ଗଛ; ସରଳ
Dhūpa bṛuksha ବୃକ୍ଷ—A species of pine.

ଧୂପ ମୁଦ୍ରା—ସଂ. ବି.—(ଧୂପ+ମୁଦ୍ରା)—ଦେବପୂଜା ସମୟରେ (ପୂଜକର)
Dhūpa mudrā ଦୁଇ ହାତର ଗୁରି ଅଙ୍ଗୁଳିକୁ ଛନ୍ଦ କରି
ଦେବତାଙ୍କୁ ଦେଖାଇବା ମୁଦ୍ରାବିଶେଷ—
A peculiar pose of the fingers of the hand during worship.

ଧୂପ ସରା—ଦେ. ବି. (ସଂ. ଧୂପ+ଶରାବ)—ଯେଉଁ ସରାରେ କୋଇଲା
Dhūpa sarā ଜଳନ୍ତା ଅଙ୍ଗାର ରଖାଯାଇ ଧୂପ ଝୁଣା ପକାଯାଏ—
धूपसराह An earthen pan or dish in which
ধূপসরা incens is burnt.

ଧୂପାଗୁରୁ—ସଂ. ବି. (ଧୂପ+ଅଗୁରୁ)—ଧୂପାର୍ଥ ବ୍ୟବହୃତ ଏକପ୍ରକାର
Dhūpāguru ସୁଗନ୍ଧକାଷ୍ଠ—Agallochia.

ଧୂପାଙ୍ଗ—ସଂ. ବି. (ବହୁବ୍ରୀହି; ଧୂପ+ଅଙ୍ଗ)—୧ । ଟାର୍ପିନ୍ ତେଲ—
Dhūpanga 1. Terpentine oil.
୨ । ସରଳ ଗଛ—2. The pine tree.

ଧୂପାୟିତ—ସଂ. ବିଣ. (ଧୂପ+ୟ=ଧୂପାୟ ନାମ ଧାତୁ+କର୍ମ. ତ)—
Dhūpāyita ୧ । ଧୂପର ଧୂମରେ ସୁଗନ୍ଧୀକୃତ; ଧୂପିତ—
1. Perfumed with incense.
[ଦ୍ର—ସ୍ତ୍ରୀମାନଙ୍କର ଅଳକାୟିତ କେଶକୁ ଓ ଶରୀରକୁ ଧୂପର ଧୂଆଁରେ ସୁଗନ୍ଧିତ କରାଇବାର ବର୍ଣ୍ଣନା ପ୍ରାଚୀନ ଗ୍ରନ୍ଥମାନଙ୍କରେ ଦୃଷ୍ଟବ୍ୟ ।]
୨ । ଯହିଁରେ ଧୂପର ଧୂଆଁ ବାଜି ଥାଏ—2. Fumigated.
୩ । ତାପିତ—3 Heated.
୪ । ପଥଶ୍ରାନ୍ତ—4. Fatigued on account of a journey.

ଧୂପିକା—ସଂ. ବି. (ଧୂପ+ସାଦୃଶ୍ୟାର୍ଥେ. କ+ସ୍ତ୍ରୀ. ଆ)—କୁହୁଡ଼ି—
Dhūpikā Fog; mist.
(ଧୂପିକା—ଅନ୍ୟରୂପ)

ଧୂପିତ—ସଂ. ବିଣ. (ଧୂପ୍ ଧାତୁ+କର୍ମ. ତ)—୧ । ସନ୍ତାପିତ—
Dhūpita 1. Troubled.
୨ । ଧୂପର ଧୂମଦ୍ୱାରା ସୁଗନ୍ଧୀକୃତ; ଧୂପାୟିତ—
2. Perfumed with incense; fumigated.
୩ । ପଥଶ୍ରାନ୍ତ—3. Wearied with travelling.

ଧୂପି ଦେବା—ଦେ. କ୍ରି.—ଧୂପିବା; ବଢ଼ାଇଦେବା—
Dhūpi debā To extend (one's arms).
(ଧୂପିବା—ଅନ୍ୟରୂପ) ଧରମ ବନ୍ଧୁ କ ମୋର; ଧୂପି ଦେଇ ନିଜ କର
କୋଳକୁ ଅଣିଲୁ କଲା ବିଜେକ । ଭକ୍ତସୁର୍ଯ୍ୟ. ସଙ୍ଗୀତ ।

ଧୂମ୍—ଦେ. ବି.—(ସଂ. ଧୂ ଧାତୁ=କମ୍ପିବା)—୧ । କୋଲାହଳ;
Dhūm 1. Ado; row; noise; uproar.
ধূম ୨ । ସମାରୋହ; ଘଟା; ବାହ୍ୟାଡ଼ମ୍ବର—2. Pomp;
धूम grandeur; show; splendour.
୩ । ଜିଗର; ଜିଦ—3. Insisting on a thing.

ଧୂମ୍ କରିବା—ଦେ. କ୍ରି.—ଜିଗର କରିବା—
Dhūm karibā To insist on a thing.
ধূম লাগান **धूम मचाना** [ଧୂମ୍ ଲଗା(ଗେ)ଇବା—ଅନ୍ୟରୂପ]

ଧୂମ୍ କୁଟ୍—ଦେ. ବି.—୧ । ସମାରୋହ; ଘଟା; ଆଡ଼ମ୍ବର—
Dhūm kuṭ 1. Pomp; splendour; show; a noisy
ধূমধাম glaring pageantry.
धूमधाम ୨ । ଗୋଳମାଳ—2. Confusion; ado.
(ଧୂମଧାମ—ଅନ୍ୟରୂପ) ୩ । କୋଲାହଳ—3. Noise.
୪ । ମାଡ଼ଗୋଳ—4. Affray; mutual assault.

ଧୂମ୍ ଧଡ଼କା—ଦେ. ବି.—୧ । ମହା ସମାରୋହ—
Dhūm dhaṛdakā 1. Splendour; pomp.
ধূমধড়াক ୨ । ଜୁଲମ; ମାରଧର; ଧରପଗଡ଼; ଧସ୍ତାଧସ୍ତି—
धूमधड़क्का 2. Oppression; highhandedness.
(ଧୂମ୍ଧଡ଼ାକା—ଅନ୍ୟରୂପ) ୩ । ରୁକ୍ଷତା; କଠୋର ବ୍ୟବହାର—
3. Rough usage.

ଧୂମ୍ଧାମ୍—ଦେ. ବି.—ଧୂମ୍କୁଟ୍ (ଦେଖ)
Dhūm-dhām Dhūm-kuṭ (See)
ধূমধাম **धूमधाम**

ଧୂମ୍ସା—ଦେ. ବିଣ. ପୁଂ (ସଂ. ଧୂମ୍ର)—କୃଷ୍ଣବର୍ଣ୍ଣ, କଦାକାର ଓ ସ୍ଥୂଳ-
Dhūm-sā କାୟ (ବ୍ୟକ୍ତି)—(a person) Disproportion-
ধূমসা ately fat and of a dark complexion.
धूमसा (ଧୂମ୍ସୀ—ସ୍ତ୍ରୀ)

ଧୂମ—ସଂ.ବି.—(ଧୂ ଧାତୁ=କମ୍ପିବା+ସଂଜ୍ଞାର୍ଥରେ ମ)—୧ । ଧୂଆଁ—
Dhūma 1. Smoke.
୨ । ବାଷ୍ପ; ବାଷ୍ପ—2. Steam; vapour.
୩ । କୁହୁଡ଼ି—3. Mist; haze.
୪ । ଉଲ୍କା—4. Meteor.
୫ । ଉଲ୍କାପାତ—5. The fall of a meteor.
୬ । ମେଘ—6. Cloud.

୭ । ଅଗାର୍ଣ୍ଣ ହାକୁଟ; ଝଇର ହାକୁଟ—
7. Acid belching due to indigestion.
୮ । ଘରଢଳ ଜମି—
8. The site of a proposed building.
୯ । କେତେକ ରୋଗରେ ରୋଗୀକୁ ସେବନ କରା ହେବା ଔଷଧବର୍ତ୍ତିକାର ଧୂଆଁ—9. Smoke from medicated wicks inhaled by a person suffering from certain diseases.
[ଦ୍ର—ସୁଶ୍ରୁତରେ ୫ ପ୍ରକାର ଧୂମର ଉଲ୍ଲେଖ ଅଛି ।
୧ । ପ୍ରାୟୋଗିକ—କେତେକ ମସଲା ଦିଆ ଯାଇଥିବା ବତିର ଧୂଆଁ, ୨ । ସ୍ନେହନ—ମସଲା ଦିଆଯାଇ ଘିଅ ବା ତେଲରେ ବୁଡ଼ା ଯାଇଥିବା ବତିର ଧୂଆଁ, ୩ । ବୈରେଚନ—ପିପଳୀ, ବଡ଼ଙ୍ଗ, ଅପାମାର୍ଗ ଇତ୍ୟାଦି ନସ୍ୟ ଦ୍ରବ୍ୟର ବତିର ଧୂଆଁ, ୪ । କାସଘ୍ନ—କଣ୍ଟକାରୀ, କଣ୍ଟକାରୀ, ବୃହତୀ ଆଦି ଦ୍ରବ୍ୟର ବତିର ଧୂଆଁ, ୫ । ବାମନୀୟ—ଚମଡ଼ା, ଶିଙ୍ଗ, ଶୁଖିଲା ମାଛ ଓ କୃମି ଆଦିର ଧୂଆଁ—ହି. ଶବ୍ଦସାଗର ।]
୧୦ । ଧୂମକେତୁ (ହି. ଶବ୍ଦସାଗର) –10. Comet.

झड़; तुफान ଦେ. ବି—୧ । ପ୍ରବଳ ବତାସ; ଝଡ଼, ତୋଫାନ—
आँधी; झक्कड़ 1. Tempest; tornado.
୨ । ମେଘ ନ ଥାଇ ଯେଉଁ ଝଞ୍ଜା ପବନ ବହେ ଓ ଯେଉଁ ପବନଦ୍ୱାରା ଧୂଳି ଉଡ଼ି ଆକାଶ ଧୂମାବୃତ ହେଲା ପରି ଜଣାଯାଏ—2. A tempest without rain; violent wind; dust-storm.
धूम ୩ । ଧୂମ୍; ଗୋଳମାଳ—3. Noise.
ध् म ଯାନ ବାହନରେ ଲାଗିଅଛି ଧୂମ—ରାଧାନାଥ. ଦରବାର ।

ଧୂମ ଉଠା(ଠେ)ଇବା—ଦେ.ବି—ପ୍ରବଳ ବାତ୍ୟା ବହିବାକୁ ଆରମ୍ଭ କରିବା—The beginning of a dust-storm; the signs of an approaching tornado.
Dhūma uṭhā(ṭhe)ibā
तुफान उठान
आँधी उठाना
(ଧୂମ ଆସିବା—ଅନ୍ୟରୂପ)

ଧୂମକୁଣ୍ଡଳୀ—ସ ବି. (୬ଷ୍ଠୀ ତତ୍; ଧୂମ+କୁଣ୍ଡଳୀ)—କୁଣ୍ଡଳାକାରରେ ଉଠୁଥିବା ଧୂଆଁ—A curl of smoke; curling smoke.
Dhūma kuṇḍalī

ଧୂମ କେତନ—ସ. ବି. (ବହୁବ୍ରୀହି; ଧୂମ+କେତନ)—୧ । ଅଗ୍ନି—1. Fire.
Dhūma ketana
୨ । ନକ୍ଷତ୍ର ଲଞ୍ଜା; ପୁଚ୍ଛଯୁକ୍ତ ତାରା—2. Comet.
୩ । କେତୁଗ୍ରହ—3. The descending node.
୪ । (ନାମ) କୃଶାଶ୍ୱଙ୍କ ପୁତ୍ର—
4. The name of the son of Kṛuśāśwa.

ଧୂମକେତୁ—ସ. ବି. (ବହୁବ୍ରୀହି; ଧୂମ+କେତୁ=ଧ୍ୱଜ)—
Dhūma ketu ୧ । ନକ୍ଷତ୍ରଗଣ୍ଡା; ଲଞ୍ଜାତାରା; ପୁଚ୍ଛଯୁକ୍ତ ତାରା—1. Comet.
[ଦ୍ର—ଧୂମକେତୁ ଦେଖା ଗଲେ ଦେଶରେ ଅଶୁଭ ଉପଦ୍ରବ ଘଟିବାର ଆଶଙ୍କା କରାଯାଏ ।]
୨ । କେତୁଗ୍ରହ—
2. Ketu; the descending node.
୩ । ଶିବ; ମହାଦେବ—3. God Siba.
୪ । ପୁଚ୍ଛରେ ଭଉଁରି ଥିବା ଘୋଡ଼ା (ଏ ଘୋଡ଼ା ଅମଙ୍ଗଳସୂଚକ)—4. A horse with a whorl on the tail.
୫ । (ନାମ) ରାବଣର ସେନାର ଏକ ରାକ୍ଷସ—
5. Name of a soldier of Rābaṇa.
୬ । କୁଗ୍ରହ—6. Evil star; malignant planet.
୭ । ଅମଙ୍ଗଳସୂଚକ ଲକ୍ଷଣ—7. Bad omen.
୮ । (ଲକ୍ଷଣାର୍ଥ) କୁଳାଙ୍ଗାର—8. (figuratvie) The dreg or unworthy scion of a family.
୯ । ଅଗ୍ନି—2. Fire.
ସ.ବିଣ—୧ । ଧୂମକେତୁ ସ୍ୱରୂପ ଅମଙ୍ଗଳକର; ବିନାଶସୂଚକ—
1. Ominous; portending disaster (like a comet); destructive.
[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—କ୍ଷତ୍ରିୟକୁଳ ଧୂମକେତୁ=ପର୍ଶୁରାମ ।]
୨ । ଧୂମକେତୁ ପରି ରକ୍ତବର୍ଣ୍ଣ—
2. Reddish like a comet.

ଧୂମ ଗର୍ଭ—ସ. ବିଣ. (ବହୁବ୍ରୀହି; ଧୂମ+ଗର୍ଭ)—ଯାହା ମଧ୍ୟରେ ଧୂଆଁ ଥାଏ—Filled with smoke; having smoke within.
Dhūma garbha
(ଧୂମଗର୍ଭକ—ଅନ୍ୟରୂପ)

ଧୂମ ଗ୍ରହ—ସ. ବି. (ମ. ପ. ଲୋ; ଧୂମଯୁକ୍ତ ଗ୍ରହ)—ରାହୁ—
Dhūma graha Rāhu; the ascending node.

ଧୂମଜ—ସ. ବି—୧ । ମେଘ—
Dhūmaja 1. Cloud.
୨ । ମୁଥା (ହି. ଶବ୍ଦସାଗର)—
2. The bulbuous root of creeping grass.

ଧୂମଜାଙ୍ଗଜ—ସ. ବି—ନବସାର; ନିଶାଦଳ (ହି. ଶବ୍ଦସାଗର)—
Dhūmajāṅgaja Sal ammoniac.

ଧୂମଦର୍ଶୀ—ସ. ବିଣ. (ଧୂମ+ଦୃଶ ଧାତୁ+ଇନ୍; ୧ମା. ୧ବ.)—
Dhūmadarśī ଯାହାର ଆଖିକୁ ଝାପ୍ସା ଝାପ୍ସା ଦେଖାଯାଏ—
(ଧୂମଦର୍ଶିନୀ—ସ୍ତ୍ରୀ) Dim-sighted; (a person) to whom every thing looks as if enveloped in smoke.

ଧୂମଧର—ସ. ବି. (ଧୂମ+ଧୃ ଧାତୁ+କର୍ତ୍ତୃ. ଅ)—ଅଗ୍ନି—
Dhūmadhara Fire.

ଧୂମ ଧ୍ୱଜ—ସ. ବି. (ବହୁବ୍ରୀହି; ଧୂମ+ଧ୍ୱଜ)—ଧୂମକେତନ (ଦେଖ)
Dhūma dhwaja Dhūmaketana (See)

ଧୂମପ—ସ. ବିଣ. ପୁଂ. (ଧୂମ+ପା ଧାତୁ+କର୍ତ୍ତୃ. ଅ)—
Dhūmapa ଧୂମପାୟୀ (ଦେଖ)—Dhūmapāyī (See)
(ଧୂମପା—ସ୍ତ୍ରୀ)

ଧୂମ ପଥ—ସଂ. ବି—୧ । (ଧୂମ ଉପଲକ୍ଷିତ ପଥ; ମ.ପ. ଲୋ କର୍ମଧାରୟ)
Dhūma patha ପିତୃଯାନ; ଯେଉଁ କଳ୍ପିତ ପଥରେ ମୃତ ବ୍ୟକ୍ତିର ଆତ୍ମା ପିତୃଲୋକକୁ ଯାଏ—
1. The way of the manes to their world.
୨ । (୬ଷ୍ଠୀ ତତ୍) ଧୂମନିର୍ଗମନ ପଥ—
2. A chimney; airhole.
୩ । ଯଜ୍ଞ—3. A sacrifice.

ଧୂମ ପଟଳ—ସଂ. ବି. (୬ଷ୍ଠୀ ତତ୍; ଧୂମ+ପଟଳ)—ଧୂମାବଳି (ଦେଖ)
Dhūma paṭaḷa Dhūmābaḷi (See)

ଧୂମ ପତ୍ର(ତ୍ରା)—ସଂ. ବି. (ମ. ପ. ଲୋ; ଧୂମପାନାର୍ଥ ବ୍ୟବହୃତ ପତ୍ର)—
Dhūma patra(trā) ଧୂଆଁପତ୍ର; ତମାଖୁଗଛ (କ୍ଷୀରେନ୍ଦ୍)—
Tobacco plant.

ଧୂମ ପାନ—ସଂ. ବି. (୬ଷ୍ଠୀ ତତ୍; ଧୂମ+ପାନ)—୧ । ତମାଖୁ, ଗଞ୍ଜେଇ,
Dhūma pāna ଅଫିମଆଦି ନିଶା ଦ୍ରବ୍ୟରେ ଅଗ୍ନି ସଂଯୋଗ କରି ଉତ୍ପନ୍ନ ଧୂମକୁ ପାଟିବାଟେ ଉଦରକୁ ଟାଣିବା; ଧୂଆଁ ଖାଇବା—1 Smoking of tobacco, ganja, opium and other drugs.
୨ । ରୋଗବିଶେଷର ପ୍ରତିକାରାର୍ଥ ଔଷଧ ଦ୍ରବ୍ୟର ଧୂଆଁ ପିଇବା—2. Smoking done for driving away certain diseases.

ଧୂମପାୟୀ—ସଂ. ବିଣ. ପୁଂ. (ଧୂମ+ପା ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Dhūmapāyi ୧ । ଯେ ଧୂମପାନ କରେ; ଯେ ଧୂଆଁ ଖାଏ—
(ଧୂମପାୟିନୀ—ସ୍ତ୍ରୀ) 1. One who smokes.
୨ । ଯାହାର ଖୁବ୍ ପିକା ଖାଇବାର ଅଭ୍ୟାସ ଅଛି—
2. Addicted to smoking.
୩ । ଯେଉଁ ଋଷି କେବଳ ତପସ୍ୟା ନିମନ୍ତେ ଧୂଆଁ ପିଅନ୍ତି—
3. (a sage) Who inhales smoke or vapour only for doing penance.

ଧୂମ ପୋତ—ସଂ. ବି. (ଆଧୁନିକ ବ୍ୟବହାର) (ଧୂମ ଉଦ୍ଗୀରକ ପୋତ)—
Dhūma pota ଧୂଆଁକଳ ଜାହାଜ; ବାଷ୍ପୀୟପୋତ—
Steamer; steamship.

ଧୂମପ୍ରଭା—ସଂ. ବି—ସର୍ବଦା ଧୂଆଁରେ ପୂର୍ଣ୍ଣ ନରକବିଶେଷ—
Dhūmaprabhā Name of a hell said to be filled up with smoke.

ଧୂମପ୍ରାଶ—ସଂ. ବିଣ. ପୁଂ—ଧୂମପାୟୀ (ତପସ୍ୱୀ)—
Dhūmaprāsa (a hermit) Subsisting only on smoking for purposes of penance.

ଧୂମବାନ୍—ସଂ. ବିଣ. ପୁଂ. (ଧୂମ+ବତ୍=ଧୂମବତ୍ ଶବ୍ଦ ୧ମା. ୧ବ)—
Dhūmabān ୧ । ଧୂଆଁରେ ପୂର୍ଣ୍ଣ—1. Full of smoke.
(ଧୂମବତୀ—ସ୍ତ୍ରୀ) ୨ । ଯହିଁରୁ ଧୂଆଁ ଉଠୁଛି; ଧୂମ ଉଦ୍ଗୀରଣକାରୀ—Emiting smoke.
୩ । ଯାହା ନ ଜଳି ଧୂଁଧୂଁଉଛି—
3. Smoking; smouldering.

ଧୂମ ମହିଷୀ—ସଂ. ବି. (ଧୂମ+ମହିଷୀ)—କୁଜ୍‌ଝଟିକା; କୁହୁଡ଼ି—
Dhūma mahishi Mist; fog.

ଧୂମ ଯୋନି—ସଂ. ବଣ. (ବହୁବ୍ରୀହି; ଧୂମ+ଯୋନି)—
Dhūma joni ଯାହା ମଧ୍ୟରେ ଧୂଆଁ ଥାଏ; ଧୂମଗର୍ଭ—
Filled with smoke; having smoke within.
ସଂ. ବି—୧ । ମେଘ—1. Cloud.
୨ । ଅଗ୍ନି—2. Fire.
୩ । ଆଗ୍ନେୟାସ୍ତ୍ର—3. Firearms.
୪ । ମୁଥା—4. Bulbuous grass-root.

ଧୂମ ରଜଃ—ସଂ. ବି. (ଧୂମ+ରଜସ୍)—୧ । ଘରୁ ଉଠୁଥିବା ଧୂଆଁ—
Dhūma rajah 1. The smoke rising up from a house.
୨ । ଅଳକ୍ଷ—2. Soot.

ଧୂମଳ—ସଂ. ବି. (ଧୂମ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ)—
Dhūmaḷa ୧ । ଧୂମ୍ରବର୍ଣ୍ଣ; ଧୂଆଁର ରଙ୍ଗ—
1. Smoky colour.
୨ । କୃଷ୍ଣଲୋହିତ ବର୍ଣ୍ଣ; ବାଇଗଣିଆଁ ରଙ୍ଗ—
2. Purple or violet colour.
୩ । ଶିବ; ମହାଦେବ—3. Siba; Mahādeba.
ସଂ. ବିଣ—୧ । ଧୂମ୍ରବର୍ଣ୍ଣବିଶିଷ୍ଟ; ଧୂଆଁ ପରି ନାସର ବର୍ଣ୍ଣ
(ଧୂମଳା—ସ୍ତ୍ରୀ) ବିଶିଷ୍ଟ—1. Smoke-coloured; snuff
(ଧୂମଳତା—ବି) coloured.
୨ । କୃଷ୍ଣଲୋହିତବର୍ଣ୍ଣବିଶିଷ୍ଟ—
2. Purple coloured; violet.

ଧୂମ(ମୁ)ସା—ଦେ. ବିଣ. ପୁଂ—ଧୁମ୍‌ସା (ଦେଖ)
Dhūma(mu)sā Dhum-sā (See)
(ଧୂମସୀ—ସ୍ତ୍ରୀ)

ଧୂମ ସାର—ସଂ. ବି. (୬ଷ୍ଠୀ ତତ୍; ଧୂମ+ସାର)—
Dhūma sāra ଘରୁ ଉଠୁଥିବା ଧୂଆଁ (ହ. ଶବ୍ଦସାଗର)—
The smoke rising up from a house.

ଧୂମା—ସଂ. ବିଣ. (ଧୂମ+ସାଦୃଶ୍ୟ ଅର୍ଥରେ. ଅ)—
Dhūmā ୧ । ଧୂମବର୍ଣ୍ଣବିଶିଷ୍ଟ—1. Smoky.
୨ । ଧୂମ୍ରବର୍ଣ୍ଣବିଶିଷ୍ଟ - 2. Smoke-coloured.
ଦେ. ବିଣ. ପୁଂ—ଧୁମ୍‌ସା (ଦେଖ)
(ଧୂମୀ—ସ୍ତ୍ରୀ) Dhum-sā (See)

ଧୂମାକାର—ସଂ. ବିଣ. (ବହୁବ୍ରୀହି; ଧୂମ+ଆକାର)—
Dhūmākāra ୧ । ଯାହାର ଆକାର ଧୂଆଁ ପରି—
1. Smoke-shaped.
୨ । ଧୂମ ପରିପୂର୍ଣ୍ଣ—2. Full of smoke.

ଧୂମାକୁସ୍ତି—ପ୍ରାଦେ. (ଯାଜପୁର) ବି—ଦଉଡ଼ାଦଉଡ଼ି; ଦଉଡ଼ାଧାପଡ଼—
Dhūmākusti Running about; racing.

ଧୂମାକ୍ଷ—ସଂ. ବିଣ. (ବହୁବ୍ରୀହି; ଧୂମ+ଅକ୍ଷି)—
Dhūmāksha ଧୂମାକାର ନେତ୍ରବିଶିଷ୍ଟ—
Having purple-coloured eyes.

ଧୂମାଗ୍ନି—ସ. ବି. (ମ. ପ. ଲୋ; ଧୂମ ଉଦ୍ଗୀରଣକାରୀ ଅଗ୍ନି)—
Dhūmāgni ୧ । ଜୁଳୁଜୁଳୁଥିବା ନିଆଁ—
1. Smoking or smouldering fire.
୨ । ଘଷି ନିଆଁ—2. The fire made of burning cowdung cakes.

ଧୂମାଙ୍ଗ—ସ. ବି. (ବହୁବ୍ରୀହି; ଧୂମ+ଅଙ୍ଗ)—
Dhūmāṅga ଶିଶୁ ଗଛ; ଶିଂଶପା ଗଛ—
The Śisu tree; Dalbergia Sissoo
ସ. ବିଣ. ପୁଂ—ଯାହାର ଦେହ ଧୂମ୍ର ବର୍ଣ୍ଣ—
Having a smoky complexion.

ଧୂମାଙ୍ଗଜ—ସ. ବି—ନଉଶାଦଳ—Muriate of ammonia;
Dhūmāṅgaja sal-ammoniac.

ଧୂମାତ୍—ଦେ. ବି—୧ । ଧୂମ (ଦେଖ)
Dhūmāt 1. Dhūma (See)
୨ । ଛିନ୍ନଭିନ୍ନ ହେବା ଅବସ୍ଥା; ଧୂଳିସାତ୍ ହେବା ଅବସ୍ଥା—
2 Devastated condition; devastation; being razed to the dust.
୩ । ଦେଶରେ ପ୍ରଜାମେଳ ହେଉଥିବାରୁ ଅରାଜକ ଅବସ୍ଥା—
3. Anarchical condition of a kingdom due to revolt.
୪ । ପ୍ରଜାମେଳ—4. Revolt; rebellion.
ଦେ. ବିଣ—୧ । ଛିନ୍ନଭିନ୍ନ ହୋଇଥିବା; ଭାଙ୍ଗି ଭୁଷି ଅସ୍ତବ୍ୟସ୍ତ ହୋଇଥିବା (ଦେଶ ବା ବସ୍ତୁ)—1. Ruined;
मटिआमेट devastated; laid waste.
୨ । ଅରାଜକ ଅବସ୍ଥା ଘୋଟିଥିବା (ଦେଶ)—1. (place) Where anarchy is raging

ଧୂମାତ୍ କରିବା—ଦେ. କ୍ରି—ଛିନ୍ନଭିନ୍ନ କରିବା; ଧୂଳିସାତ୍ କରିବା—
Dhūmāt kariba To lay waste; to ruin; to
धूलधापड़ा उड़ान devastate.
मटिआमेट करना [ଧୂମାତ୍ ପକା(କେ)ଇବା—ଅନ୍ୟରୂପ]

ଧୂମାଧୂମ୍—ଦେ. ବି. (ଧ୍ୱନ୍ୟନୁକରଣ)—
Dhūmādhūm ୧ । ଗୋଳମାଳ; ଗଣ୍ଡଗୋଳ; ହୋହା—
धूमधाम 1. Confusion; row; uproar.
धूमधाम ୨ । ଅତି ବ୍ୟସ୍ତତା ଓ କ୍ଷିପ୍ରତା—
2. Great haste; hurry.

ଧୂମାଧୂମି—ଦେ. ବି—ପରସ୍ପର ମାଡ଼ପିଟ—Affray; mutual
Dhūmādhūmi assault; brawl.
मारामारि, धक्काधक्कि त्वचाहंची
ଦେ. ବିଣ—ପରସ୍ପର ମଧ୍ୟରେ ମାଡ଼ପିଟ ଲଗାଇବା—
Assaulting each other; brawling.

ଧୂମାନ୍ତ—ବିଣ. (ସ. ଧୂମିତ)—୧ । ଧୂମାତ (ଦେଖ)
Dhūmānta 1. Dhūmāt (See)
मटिआमेट ଧୂମାନ୍ତ କର ମୂଳକଯାକ; ଧନ କାଞ୍ଚନ ଲୁଟି ଅନେକ ।
ବ୍ରଜନାଥ. ସମରତରଙ୍ଗ ।
୨ । ଧୂମମୟ—2. Smoky; filled with smoke.
ଧୂମ ବର୍ଣ୍ଣ ହେଲେ କୋହେ ଧୂମାନ୍ତ ଶରୀର । ପ୍ରାଚୀ. ବୃନ୍ଦାବନଭ୍ରମଣ ଗୀତା ।
ଦେ. ବି—ଧୂମାତ (ଦେଖ)—Dhūmāt (See)

ଧୂମାବତୀ—ସ. ବି. ସ୍ତ୍ରୀ. (ଧୂମ+ଅ=ଧୂମା+ବତୁ; ସ୍ତ୍ରୀ. ଈ)—
Dhūmābati ଦଶ ମହାବିଦ୍ୟାରୁ ଗୋଟିଏ; ଦୁର୍ଗାଙ୍କର ଉଗ୍ରୋକ୍ତ ୧୦ ଆକାରରୁ ଏକତମ—One of the 10 forms of Goddess Durgā in her darkish widowed form, worshipped according to the Tantras.
[ଦ୍ର—ତନ୍ତ୍ରରେ ଏହାଙ୍କ ଧ୍ୟାନରେ ନିମ୍ନଲିଖିତ ରୂପ ବର୍ଣ୍ଣିତ ହୋଇଅଛି—ବିବର୍ଣ୍ଣା, ଚଞ୍ଚଳା, ରୁଷ୍ଟା, ଦୀର୍ଘା, ମଳିନାମ୍ବରା, ବିମୁକ୍ତ କୁନ୍ତଳା, ରୁକ୍ଷା, ବିଧବା, ବିରଳଦନ୍ତା, କାକଧ୍ୱଜରଥାରୂଢ଼ା, ବିଲମ୍ବିତପୟୋଧରା, ସର୍ପହସ୍ତା, ଅତିରୁକ୍ଷାକ୍ଷୀ, ଧୃତହସ୍ତବନ୍ଧିତା, ପ୍ରବୃଦ୍ଧନାସିକା, ଅତିକୁଟିଳା, କୁଟିଳେକ୍ଷଣା, କ୍ଷୁତ୍ପିପାସାର୍ଦ୍ଦିତା, ନିତ୍ୟଭୟପ୍ରଦା ଓ କଳହାସ୍ପଦା । ତନ୍ତ୍ରରେ ଲେଖାଅଛି ଯେ ପାର୍ବତୀ ଥରେ କ୍ଷୁଧାତୁର ହୋଇ ମହାଦେବଙ୍କୁ ଖାଇବାକୁ ମାଗିଲେ; ବିଳମ୍ବ ହେବାରୁ ଅତ୍ୟନ୍ତ କ୍ଷୁଧାତୁର ହୋଇ ସ୍ୱୟଂ ମହାଦେବଙ୍କୁ ଗିଳିଦେଲେ ଓ ତତ୍ପରେ ଏହାଙ୍କ ଶରୀର ଧୂମ୍ରମୟ ହୋଇଗଲା । ଶେଷରେ ମହାଦେବ ପ୍ରକଟ ହୋଇ କହିଲେ 'ତୁମେ ମୋତେ ଗିଳି ଦେବାରୁ ବିଧବା ହୋଇଅଛ । ତୁମେ ଜଗତରେ ଏହି ବେଶରେ ପୂଜା ପାଇବ' । ହି. ଶବ୍ଦସାଗର ।]

ଧୂମାବଳ(ଳୀ)—ସ. ବି. (ଧୂମ+ଆବଳ)—ଧୂଆଁ ସରୁ—
Dhūmābali(lī) A wreath or cloud of smoke; a volume of smoke.

ଧୂମାଭ—ସ. ବିଣ. ପୁଂ. (ବହୁବ୍ରୀହି; ଧୂମ+ଆଭା)—
Dhūmābha ଧୂମ୍ର ବର୍ଣ୍ଣ; ଧୂଆଁ ପରି ବର୍ଣ୍ଣବିଶିଷ୍ଟ—
Smoke-coloured.

ଧୂମାୟନ—ସ. ବି. (ଧୂମ ଶବ୍ଦରୁ ଧୂମାୟ ନାମ ଧାତୁ+ଭାବ. ଅନ)—
Dhūmāyana ୧ । ଗରମି; ଉଷ୍ଣତା—1. Heat (Apte).
୨ । ଧୂଆଁ ହେବା—2. Smoking (Apte).
୩ । ବାମ୍ଫ ଅଣି ହେବା—3. Steaming (Apte).

ଧୂମାୟମାନ—ସ. ବିଣ. ପୁଂ. (ଧୂମାୟ ନାମ ଧାତୁ+କର୍ତ୍ତୃ. ଆନ)—
Dhūmāyamāna ୧ । ଯହିଁରୁ ଧୂଆଁ ବାହାରୁ ଅଛି; ଜୁଳୁଜୁଳୁ
(ଧୂମାୟମାନା—ସ୍ତ୍ରୀ) ଥିବା—1. Emitting smoke; smouldering.
୨ । ଯେ ଧୂଆଁ ଦେଉଅଛି—
2. Fumigating; smoking.
୩ । ଯାହା କୌଣସି ସ୍ଥାନ ବା ବସ୍ତୁକୁ ଧୂମଦ୍ୱାରା ବା ବାଷ୍ପଦ୍ୱାରା ଆବୃତ କରୁଅଛି ବା ଧୂମପୂର୍ଣ୍ଣ କରୁଅଛି—3. Covering or filling up with smoke or vapour.
୪ । ଅନ୍ଧକାରମୟ କରୁଥିବା—
4. Darkening; enveloping with darkness.
୫ । ଧୂମଦ୍ୱାରା ଆବୃତ—
5. Hazy; covered over with smoke.

ଧୂମାଳ—ଦେ. ବି (ସ. ଧୂମଳ)—ବହୁତ ଧୂଳି ଉଡ଼ି ଆକାଶକୁ ଧୂଆଁ ପରି ଅନ୍ଧାର କରୁଥିବା ତୋଫାନ—
Dhūmāla
झक्कड़
Dust storm.

ଦେ. ବିଣ—୧ । ଧୂମାଳିଆ (ଦେଖ)
1. Dhūmālia (See)
୨ । ଧୂମାତ୍ (ଦେଖ)—2. Dhūmāt (See)

ଧୂମାଳ ଉଠା(ଠେ)ଇବା—ଦେ. ବି—ଝଡ଼ ତୋଫାନ ସହ ମେଘ ଉଠାଇବା—The rising of clouds with heavy puffs of wind.
Dhūmāla uṭhā(ṭhe)ibā
झक्कड़उठना

ଧୂମାଳିଆ—ଦେ. ବିଣ—୧ । ଝଡ଼ତୋଫାନଯୁକ୍ତ—
Dhūmālia
1. Tempestuous.
झक्कड़दार
୨ । ଧୂମାତ୍ (ଦେଖ)—
2. Dhūmāt (See)

ଧୂମିକା—ସ. ବି. ସ୍ତ୍ରୀ (ଧୂମ+କ+ସ୍ତ୍ରୀ. ଆ)—
Dhūmikā
୧ । କୁଜ୍ଝଟିକା; କୁହୁଡ଼ି—
1. Fog; mist.
୨ । ଧୂଆଁ—2. Smoke.
୩ । ବାଷ୍ପ; ବାମ୍ଫ—3. Vapour; steam.

ଧୂମିତ—ସ. ବିଣ (ଧୂମ+ଯୁକ୍ତାର୍ଥରେ. ଇତ)—୧ । ଧୂମବିଶିଷ୍ଟ—
Dhūmita
1. Smoking.
(ଧୂମିତା—ସ୍ତ୍ରୀ) ୨ । ଧୂମାବୃତ—2. Obscured with smoke.
୩ । ଅନ୍ଧକାରାବୃତ—3. Darkened.
୪ । ଜୁଳୁଜୁଳୁଥିବା—4. Smouldering; smoking.
୫ । ଅନ୍ତରରେ କ୍ରୋଧଦଗ୍ଧ—
5. Burning with unexpressed rage.

ସ. ବି—୧ । ଦୂଷିତ ମନ୍ତ୍ରବିଶେଷ—
1. A kind of corrupted esoteric formula.
୨ । ସୂର୍ଯ୍ୟଙ୍କ ଅଗମ୍ୟ ଦିଗ୍‌ବିଶେଷ—
2. A region which the sun's rays do not reach.
୩ । ଯେଉଁ ଦିଗକୁ ସୂର୍ଯ୍ୟ ପ୍ରଥମେ ଯାଆନ୍ତି—
3. The quarter towards which the sun turns first.

ଧୂମିନୀ—ସ. ବିଣ. ସ୍ତ୍ରୀ (ଧୂମିନ୍+ସ୍ତ୍ରୀ. ଈ) —ଧୂମୀର ସ୍ତ୍ରୀଲିଙ୍ଗ—
Dhūmini
Feminine of Dhūmī.

ସ. ବି. ସ୍ତ୍ରୀ—ଅଗ୍ନିଙ୍କର ସପ୍ତ ଜିହ୍ବା ମଧ୍ୟରୁ ଏକତମା—
Name of one of the 7 tougues of the Fire-god (Apte)

ଧୂମୀ—ସ. ବିଣ. ପୁଂ (ଧୂମ+ଇନ୍; ୧ମା. ୧ବ)—୧ । ଧୂମପୂର୍ଣ୍ଣ; ଧୂମବହୁଳ—1. Filled with smoke; full of smoke; smoky.
Dhūmi
(ଧୂମିନୀ—ସ୍ତ୍ରୀ)
୨ । ଯହିଁରୁ ଧୂଆଁ ବାହାରୁଅଛି; ଜୁଳୁଜୁଳୁଥିବା—
2. Smoking; smouldering.

ଦେ. ବିଣ. ସ୍ତ୍ରୀ—ଧୂମାର ସ୍ତ୍ରୀଲିଙ୍ଗ—
Feminine of Dhūmā.

ଧୂମୋତ୍ଥ—ସ. ବିଣ (୫ମୀ ତତ୍; ଧୂମ+ଉତ୍ଥ)—ଧୂଆଁରୁ ଉତ୍ପନ୍ନ—
Dhūmottha
Produced from smoke.
ସ. ବି—ନଉସାଦର—Sal ammoniac.

ଧୂମୋଦ୍ଗାରୀ—ସଂ. ବିଣ. ପୁଂ (ଧୂମ+ଉତ୍+ଗୃ ଧାତୁ+କର୍ତ୍ତୃ. ଇନ୍; ୧ମା ୧ବ)—ସହିଁର ମୁହଁରୁ ଧୂଆଁ ବାହାରୁଥାଏ—
Dhūmodgāri
ଧୂମୋଦ୍ଗାରକ } ଅନ୍ୟରୂପ—Emitting or discharging smoke from the mouth.
ଧୂମୋଦ୍ଗିରକ
ଧୂମୋଦ୍ଗାରିଣୀ }
ଧୂମୋଦ୍ଗାରିକା } ସ୍ତ୍ରୀ
ଧୂମୋଦ୍ଗିରିକା }
ଦୂରରୁ ଅନ୍ଧେ ଦେଖିର ଶୃଙ୍ଗ ଧୂମୋଦ୍ଗାର ସ୍ଫୁରଦ୍ବତ୍
ଦୋଷମାନ ହୁଏ । ମଧୁସୂଦନ. ପ୍ରବନ୍ଧମାଳା ।

ଧୂମୋଦ୍ଗମ—ସଂ. ବି (୬ଷ୍ଠୀ ତତ୍; ଧୂମ+ଉଦ୍ଗମ)—କୌଣସି ପଦାର୍ଥରୁ ଧୂଆଁ ଉଠିବା—The issuing of smoke (from a thing).
Dhūmodgama

ଧୂମୋଦ୍ଗାର—ସ. ବି. (୬ଷ୍ଠୀ ତତ୍; ଧୂମ+ଉଦ୍ଗାର)—
Dhūmodgāra
୧ । ଧୂମୋଦ୍ଗମ (ଦେଖ)
1. Dhūmodgama (See)
ଧୂମୋଦ୍ଗାରଣ } ଅନ୍ୟରୂପ
ଧୂମୋଦ୍ଗିରଣ
୨ । ମୁଖବାଟେ ଧୂଆଁ ବାହାରୁଥିବା—
2. Emission of smoke from the mouth.
୩ । ଖଟା ଢେକୁର—
3. Acid belching (Apte).

ଧୂମୋର୍ଣ୍ଣା—ସ. ବି. ସ୍ତ୍ରୀ. (ବହୁବ୍ରୀହି; ଧୂମ ପରି ଊର୍ଣ୍ଣା ଯାହାର=ଧୂମୋର୍ଣ୍ଣ +ସ୍ତ୍ରୀ. ଆ)—ଯମପତ୍ନୀ—Name of the wife of Jama, the Hindu God of death.
Dhūmorṇṇā

ଧୂମ୍ୟା—ସ. ବି. (ଧୂମ+ସମୂହାର୍ଥରେ ଯ+ସ୍ତ୍ରୀ. ଆ)—ଧୂମସମୂହ—
Dhūmyā
A volume of smoke; a cloud of smoke.
(ତୁଳନାକର—ବାତ୍ୟା ଓ ବନ୍ୟା ।)

ଧୂମ୍ୟାଟ—ସ. ବି. ପୁଂ. (ଧୂମ୍ୟା=ଧୂମରାଶି+ଅଟ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ)—କଜଳପାତିଆ ଚଢ଼େଇ; ଭୃଙ୍ଗପକ୍ଷୀ—The black drongo; Dicrurus Ater.
Dhūmyāṭa
ଅନ୍ୟ ସ. ପର୍ଯ୍ୟାୟ—କଳିଙ୍ଗ, ଭୃଙ୍ଗ, ଫିଙ୍ଗକ
(ଧୂମ୍ରାଟ—ଅନ୍ୟ ନାମ)

ଧୂମ୍ର—ସ. ବିଣ. ପୁଂ. (ଧୂମ+ରା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ; ଯାହା ଧୂଆଁର ବର୍ଣ୍ଣକୁ ଗ୍ରହଣ କରିଅଛି)—
Dhūmra
(ଧୂମ୍ରା—ସ୍ତ୍ରୀ) ୧ । ଧୂଆଁ ପରି କୃଷ୍ଣଲୋହିତ ବର୍ଣ୍ଣ—
1. Smoke-coloured; deep purple; dark-red.
୨ । ପାଉଁଶିଆ; ପାଣ୍ଡୁର—2. Grey.
୩ । ବାଇଗଣୀ ରଙ୍ଗର (ପ୍ରକୃତିବାଦ)—3. Violet.
୪ । ଅନ୍ଧକାରମୟ—4. Dark, obscure.

ସ. ବି—୧ । ଧୂଆଁର ବର୍ଣ୍ଣ—
1. The colour of smoke.
୨ । ବାଇଗଣୀ ରଙ୍ଗ—2. Violet colour.
୩ । କୃଷ୍ଣଲୋହିତ ବର୍ଣ୍ଣ—
3. Dark-red colour; deep purple colour.

୪ । ଶିବ—4. Śiba.

୫ । ପାପ—5. Sin; vice (Apte).

୬ । ଦୁଷ୍ଟତା; ଖଳତା—
6. Wickedness (Apte).

ଧୂମ୍ରକ—ସଂ. ବି. (ଧୂମ୍ର+କ; ଏହାର ବର୍ଣ୍ଣ ଧୂଆଁ ପରି)—ଉଷ୍ଟ୍ର; ଓଟ—
Dhūmraka A camel.
(ଧୂମ୍ରଶୂକ—ଅନ୍ୟରୂପ)

ଧୂମ୍ର ବର୍ଣ୍ଣ—ସଂ. ବି. (୬ଷ୍ଠୀ ତତ୍; ଧୂମ୍ର+ବର୍ଣ୍ଣ)—
Dhūmra barṇṇa ୧ । ଧୂଆଁର ବର୍ଣ୍ଣ; କୃଷ୍ଣଲୋହିତ ବର୍ଣ୍ଣ—
1. Dark-red colour.

୨ । ଧୂପ—2. Incense (Apte).

(ଧୂମ୍ରବର୍ଣ୍ଣା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—କୃଷ୍ଣ ଲୋହିତ—
Dark-red.

ଧୂମ୍ରବର୍ଣ୍ଣକ—ସଂ. ବି. (ଧୂମ୍ର+ବର୍ଣ୍ଣ+କ)—ଗୁମ୍ଫାରେ ବାସ କରୁଥିବା
Dhūmrabarṇṇaka ଏକପ୍ରକାର ଜନ୍ତୁ; କୋକିଶିଆଳ—
A kind of animal living in caves; fox (Apte).

ଧୂମ୍ର ଲୋଚନ—ସଂ. ବିଣ. ପୁଂ. (ବହୁବ୍ରୀହି; ଧୂମ୍ର+ଲୋଚନ)—ଯାହାର
Dhūmra lochana ଆଖି ଧୂମ୍ରବର୍ଣ୍ଣବିଶିଷ୍ଟ—Grey-eyed
(ଧୂମ୍ରଲୋଚନା—ସ୍ତ୍ରୀ) ସଂ. ବି—୧ । ପାରା—1. Pigeon.

୨ । କପୋତ—2. Dove

୩ । (ଜାଗ) ଶୁମ୍ଭାସୁରର ସେନାପତି—
3. Name of a general of Śumbha demon.

[ଦ୍ର—ସେ ଶୁମ୍ଭର ମୃତ୍ୟୁ ପୂର୍ବରୁ ଦୁର୍ଗାଙ୍କଦ୍ୱାରା ନିହତ ହୋଇଥିଲା ।]

ଧୂମ୍ର ଲୋହିତ—ସଂ. ବିଣ. (ମ. ପ. ଲୋ; ଧୂମ୍ର ମିଶ୍ରିତ ଲୋହିତ)—
Dhūmra lohita କୃଷ୍ଣଲୋହିତ; କଳା ମିଶା ନାଲି; ଗାଢ଼ା ନାଲି—Deep purple; dark-red.

ସଂ. ବି—ଶିବ; ମହାଦେବ—Śiba.

ଧୂମ୍ରା—ସଂ. ବିଣ. ସ୍ତ୍ରୀ. (ଧୂମ୍ର+ଆ)—ଧୂମ୍ରର ସ୍ତ୍ରୀଲିଙ୍ଗ—
Dhūmrā Feminine of Dhūmra.

ସଂ. ବି—ଏକପ୍ରକାର କାକୁଡ଼ି (ହି. ଶବ୍ଦସାଗର)—
A kind of cucumber.

ଧୂମ୍ରାକ୍ଷ—ସଂ ବିଣ. (ବହୁବ୍ରୀହି; ଧୂମ୍ର+ଅକ୍ଷି)—ଯାହାର ଚକ୍ଷୁ ଧୂମ୍ର-
Dhūmrāksha ବର୍ଣ୍ଣବିଶିଷ୍ଟ; ଧୂମ୍ରଲୋଚନ—Having eyes
(ଧୂମ୍ରାକ୍ଷୀ—ସ୍ତ୍ରୀ) of a smoky colour.

ସଂ. ବି—୧ । ରାବଣର ଜନୈକ ସେନାପତି—1. Name of a general of demon Rābaṇa.

୨ । ଭାଗବତୋକ୍ତ ଚନ୍ଦ୍ରବଂଶୀୟ ରାଜା ହେମଚନ୍ଦ୍ରଙ୍କ ପୁତ୍ର (ହି. ଶବ୍ଦସାଗର)—2. Name of a prince, son of king Hemachandra.

ଧୂମ୍ରିକା—ସଂ. ବି. (ଧୂମ୍ର+କ+ସ୍ତ୍ରୀ. ଆ)—ଶିଶୁଗଛ; ଶିଂଶପାଗଛ—
Dhūmrikā Dalbergia Sissoo (tree).

ଧୂୟମାନ—ସଂ. ବିଣ ପୁଂ. (ଧୂ ଧାତୁ—କମ୍ପିତ ହେବା+କର୍ତ୍ତୃ. ମାନ)—
Dhūyamāna ୧ । କମ୍ପମାନ—1. Shivering; trembling; shaking.
(ଧୂୟମାନା—ସ୍ତ୍ରୀ)

୨ । ଯାହାକୁ କେହି କମ୍ପିତ କରୁଅଛି—2. Shaken.

ଧୂର୍ (ଧାତୁ)—ସଂ.—୧ । ବଧ କରିବା—
Dhūr (root) 1. To kill.

୨ । ହିଂସା କରିବା—2. To hurt.

୩ । ଗତି କରିବା; ଯିବା—
3. To go; to move (Apte).

ଧୂର୍—ସଂ. ବି—ଧୁର୍ (ଦେଖ)
Dhūr Dhur (See)
(ଧୂର୍କର୍—ଅନ୍ୟରୂପ) ଦେ. ଅ—ଦୂର୍ (ଦେଖ)—
Dūr (See)

ଦେ. ବି. (ସଂ. ଦୂର)—ଦୂରତ୍ୱ—Distance.

ଦେ. ବିଣ—ଦୂରସ୍ଥ—Distant.

ଧୂର୍ମୁସ୍—ଦେ. ବି—ଗୋଡ଼ି ପ୍ରଭୃତିକୁ ପିଟି ଦୃଢ଼ କରିବାରେ ବ୍ୟବହୃତ
Dhūr-mus ଦଣ୍ଡ ବା ମୁଷଳବିଶିଷ୍ଟ ଭାରି ଲୌହ ବା କାଷ୍ଠପିଣ୍ଡ—
हुरमुष दुरमुट Rammer.

ଧୂର—ସଂ. ବି.—ଧୁର୍ (ଦେଖ)—
Dhūra Dhur (See)

ଗ୍ରା. ବି. ଓ ବିଣ—ଧୁର (ଦେଖ)—Dhura (See)

ଧୂରତି—ଗ୍ରା. (ପଦ୍ୟ) ବି. (ସଂ. ଧୃତି)—ଧୃତି (ଦେଖ)
Dhūrati Dhṛuti (See)

ଏହୁ ଭଳହେଁ ହରନ୍ତୁ ତରୁ ଧୂରତି—ଉପେ. ପ୍ରେମସୁଧାନିଧି ।

ଧୂରା—ସଂ. ବି.—ଧୁର୍ (ଦେଖ)
Dhūrā Dhur (See)
धूल ଗ୍ରା. (ଇତର ଭାଷା) ବି. (ସଂ. ଧୂଳି)—
धुरा ଧୂଳି ଇତ୍ୟାଦି (ଦେଖ)—Dhūḷi etc (See)
(ଧୂର୍‌ା—ଅନ୍ୟରୂପ)

ଧୂରି—ଗ୍ରା. (ଇତରଭାଷା) ବି (ସଂ. ଧୂଳି) —ଧୂଳି (ଦେଖ)
Dhūri Dhūḷi (See)
धूल धूरि

ଧୂରୁତ—ଗ୍ରା. ବିଣ. (ସଂ. ଧୂର୍ତ୍ତ)—ଧୂର୍ତ୍ତ (ଦେଖ)
Dhūruta Dhurtta (See)
धूरत

ଧୂରେ—ଗ୍ରା. କ୍ରି. ବିଣ. (ସଂ. ଦୂରଂ)—ଦୂରରେ—
Dhūre At a distance.
दूरे ଧୂରେ ଥାଇଁ ଭୃଙ୍ଗ କଣ୍ଟକ ନଅରି ବାସ ପେଶି ପଡ଼ୁଁଛି ତ ।
दूरमे ଅଭିମନ୍ୟୁ. ବଦନ୍ୟଥଲୀମଣି ।

ଧୂରେଇ ହେବା—ଗ୍ରା. କ୍ରି—କେତେକ ଦୂରରେ ବା ଦୂରଛଡ଼ା ହୋଇ
Dhūrei hebā ରହିବା—To remain at a distance.
अलगहोना, दूरहोना (ଯଥା—ଶୂଦ୍ରମାନେ ବ୍ରାହ୍ମଣମାନଙ୍କଠାରୁ ଧୂରେଇ ହୋଇ ଖାଇ ବସିଲେ ।)

ଧୂର୍ଗତ—ସଂ. ବିଣ—୧ । ଅଗ୍ରଗାମୀ; ପ୍ରଧାନ—
Dhūrgata 1. Foremost; chief.
୨ । ରଥର ଦଣ୍ଡା ଉପରେ ଠିଆ ହୋଇଥିବା—
2. Standing on the pole of a chariot.

ଧୂର୍ଜ୍ଜଟି—ସଂ. ବି. (ଧୂର୍=ବୈଦିକଯୁଗର ଚଲ୍ଲାରୂପ ଭାର ବା ବଡ଼ଜଟାର ଭାର+ଜନ୍ ଧାତୁ=ବନ୍ଧନ କରିବା+କର୍ତ୍ତୃ. ଇ; ବଡ଼ ଜଟା ଥିବା ଯୋଗୁଁ)—
Dhūrjjaṭi
ଧୂର୍ଜ୍ଜଟୀ } ଅନ୍ୟରୂପ
ଧୂର୍ଜ୍ଜଟ(ସ୍ତ୍ରୀ) }
ଶିବ; ମହାଦେବ—Śiba.

ଧୂର୍ତ୍ତ—ସଂ. ବିଣ. ପୁଂ. (ଧୁର୍ବ ଧାତୁ=ହିଂସା କରିବା+କର୍ତ୍ତୃ. ତ)—
Dhūrtta ୧ । ଶଠ; ପ୍ରତାରକ; ବଞ୍ଚକ; ଦଗାବାଜ—
(ଧୂର୍ତ—ଅନ୍ୟରୂପ) 1. Sly; fraudulent; crafty;
(ଧୂର୍ତ୍ତା—ସ୍ତ୍ରୀ) knavish; deceitful.
(ଧୂର୍ତ୍ତିତା—ବି) ୨ । ଚତୁର-2. Shrewd; cunning.
୩ । କପଟାଚାରୀ—3. Hypocritical.
୪ । (+କର୍ମ.ତ) ଆହତ; ଆଘାତପ୍ରାପ୍ତ—4. Hurt; injured.
୫ । ଅନିଷ୍ଟକାରୀ—5 Injurious; mischievous.
୬ । ଲମ୍ପଟ 6. Licentious; lecherous.
୭ । ମାୟାବୀ—7. Illusive
ସଂ. ବି—୧ । ଦ୍ୟୂତକର; ଜୁଆରୀ—1. A gambler.
୨ । ଶଠ ବ୍ୟକ୍ତି—2. A cheat; a rogue.
୩ । ବିଲୁଆ—3. Jackal.
ନରାଣାଂ ନାପିତୋଧୂର୍ତ୍ତଃ, ପକ୍ଷିଣାଂ ଚୈବ ବାୟସଃ;
ଦଂଷ୍ଟ୍ରିଣାଂଚ ଶୃଗାଲସ୍ତୁ, ଶ୍ଵେତ ଭିକ୍ଷୁ ସ୍ତପସ୍ଵିନାଂ ।
ଏହିପରି ଗୋଟିଏ ଶ୍ଳୋକ ଅଛି ।
୪ । ଧାତୁରା; ଦୁଦୁରାଗଛ – Thorn apple (plant).
୫ । ଲୁହାର କଳଙ୍କି—5. Rust of iron.
୬ । ଲୁହାଚୂନା; ଲୁହାଗୁଣ୍ଡ—6. Iron filings (Apte).
୭ । ବିଟ ଲବଣ—7. Foetid salt.
୮ । କଳା ଲୁଣ—8. Black salt.
୯ । ପ୍ରେମିକ; ନାଗର—
9. A lover; a gallant (Apte).

ଧୂର୍ତ୍ତକ—ସଂ. ବି. (ଧୂର୍ତ୍ତ+କ)—୧ । ଶୃଗାଳ; ବିଲୁଆ—
Dhūrttaka 1. A jackal.
୨ । ଜୁଆରୀ—2. A gambler.
୩ । ମହାଭାରତୋକ୍ତ କୌରବ୍ୟକୁଳର ନାଗବିଶେଷ—
3. Name of a mythological serpent.
ସଂ. ବିଣ—ଅତି ଧୂର୍ତ୍ତ—Very cunning; crafty.

ଧୂର୍ତ୍ତ କିତବ—ସଂ. ବି—ଜୁଆଖେଳାଳି—
Dhūrta kitaba A gamester; a gambler.

ଧୂର୍ତ୍ତତା—ସଂ. ବି. (ଧୂର୍ତ୍ତ+ଭାବ. ତା)—୧ । ପ୍ରତାରଣା; ଶଠତା—
Dhūrttatā 1. Fraud; knavery; deceit.
୨ । ଧୂର୍ତ୍ତପଣ—2. Deceitfulness.
୩ । ଚତୁରତା; ଚାଲାକି—
3. Shrewdness; cunning; craftiness.

ଧୂର୍ତ୍ତପଣ—ଦେ. ବି—ଧୂର୍ତ୍ତତା; ଶଠପଣିଆ; ଠକପଣ—
Dhūrttapaṇa Deceitfulness.
ধূর্ত্তপনা ধূর্তপনা
[ଧୂର୍ତ୍ତପଣିଆ(ଅଁ)—ଅନ୍ୟରୂପ]

ଧୂର୍ତ୍ତମାନୁଷା—ସଂ. ବି—ରାସ୍ନା (ହି. ଶ.) (ଦେଖ)
Dhūrtta mānushā Rāsnā (See)

ଧୂର୍ଦ୍ଧର—ସଂ. ବିଣ (ଧୂର୍=ଭାର+ଧୃ ଧାତୁ+କର୍ତ୍ତୃ. ଅ)—ଧୁରନ୍ଧର
Dhūrddhara (ଦେଖ)—Dhurandhara (See)
(ଧୂର୍ଧର—ଅନ୍ୟରୂପ)

ଧୂର୍ବ (ଧାତୁ)—ସଂ.—ହିଂସା କରିବା; ବଧ କରିବା—
Dhūrbb (root) To kill; to hurt.
(ଧୁର୍ବ—ଅନ୍ୟରୂପ)

ଧୂର୍ବହ—ସଂ. ବିଣ (ଧୂର୍+ବହ୍ ଧାତୁ+କର୍ତ୍ତୃ. ଅ)—ଧୂର୍ଦ୍ଧର (ଦେଖ)
Dhūrbbaha Dhūrddhara (See)
(ଧୂର୍ବହ—ଅନ୍ୟରୂପ)

ଧୂର୍ବୀ—ସଂ. ବି. ସ୍ତ୍ରୀ (ଧୂର୍ବ ଧାତୁ=ବଧ କରିବା+ଅ+ସ୍ତ୍ରୀ. ଈ)—
Dhūrbbī ଶଗଡ଼ର ଝୁମ୍ପୁଣ୍ଡି—
(ଧୂର୍ବୀ—ଅନ୍ୟରୂପ) The front point of a cart (where the poles meet); the forepart of a carriage.

ଧୂର୍ମ—ଦେ. ବି (ସଂ. ଧର୍ମ)—ଆଧୁନିକ ତନ୍ତ୍ର ବା ଶରୀରଭେଦସାଧକ ବା
Dhūrma ଅଣାକାରଭଜନକାରୀମାନଙ୍କର ଶରୀରର ଓ ପ୍ରକୃତିର ପାଞ୍ଚ କଳା ମଧ୍ୟରୁ ଏକତମ—
One of the 5 elements of nature and body according to the modern Tantric devotees.
(ଅଣାକାର ଭଜନ ଶୋଜ୍ ଦେଖ)

ଧୂଳକ—ସଂ. ବି—ବିଷ—
Dhūḷaka Poison (Apte)

ଧୂଳା—ଦେ. ବି. (ସଂ. ଧୂଳି)—ଧୂଳି (ଦେଖ)
Dhūḷā Dhūḷi (See)
ধূল, ধূলো धूल, धूरा

ଧୂଳା ଉଡ଼ିବା—ଦେ. କି—୧ । କୌଣସି କାର୍ଯ୍ୟ ଅତିରିକ୍ତ ମାତ୍ରାରେ
Dhūḷā uṛibā ସମ୍ପାଦିତ ହେବା—1. (anything) Being
ধূল ধাপড় উড়া done in excessive proportion or
धूरा उड़ाना quantity.
(ଧୂଳା ଉଡ଼ିଯିବା—ଅନ୍ୟରୂପ) (ଯଥା—ରଜା ଘର ବିଭାଘର ଯୋଗୁଁ ଖିଆ ପିଆରେ ଧୂଳା ଉଡ଼ୁଛି; ସେଠାରେ ମାଡ଼ରେ ଧୂଳା ଉଡ଼ୁଛି ।).
୨ । ବିଧ୍ୱଂସନ; ବିଧ୍ୱସ୍ତ ହେବା ଅବସ୍ଥା—
2. Devastation.
୩ । ଧୂଳିସାତ୍ ହେବା; ଭୂମିସାତ୍ ହେବା—
3. Being reduced to dust; being razed to the ground.
[ଦ୍ର—କୌଣସି ବସ୍ତୁକୁ ବିଶେଷ ଭାବେ ଅଘାତ କରି ସ୍ଥାନ କରି ଦେବା ଅଥବା ବସ୍ତୁ ସମୂହକ ଅଧିକ ଏକ ସ୍ଥାନରେ ଦଉଡ଼ିବା

ହାଣ୍ଡି ଧୂଳ ଉଡ଼ିବା ବା କୌଣସି କାର୍ଯ୍ୟରେ ବହୁ ସଂଖ୍ୟକ ଲୋକ ଲାଗିଲେ ସେମାନଙ୍କ ଇତସ୍ତତଃ ଯିବା ଆସିବା କରିବାରେ ଧୂଳ ଉଡ଼ିବା ଭାବରୁ 'ଧୂଳା ଉଡ଼ିବା' କଥା ଆସିଅଛି ।)

ଧୂଳା ଉଡ଼ା(ଡ଼େ)ଇବା—ଦେ. କ୍ରି—୧ । କୌଣସି କାର୍ଯ୍ୟକୁ ଅତ୍ୟଧିକ ମାତ୍ରାରେ କରିବା—1. To do something excessively.
Dhūḻā urḍā(rḍe)ibā
ଧୂଳ ଧାପଡ଼ା ଉଡ଼ାନ
ଧୂଳ ଉଡ଼ାନା (ଯଥା - ସେ ମାଡ଼ରେ ଧୂଳା ଉଡ଼େଇଲା ।)

[ଧୂଳା ଉଡ଼ା(ଡ଼େ)ଇଦେବା—ଅନ୍ୟରୂପ] ୨ । ଛିନ୍ନଛତ୍ର କରିବା; ଧ୍ୱଂସ କରିବା; ବିଧ୍ୱସ୍ତ କରିବା—
2 To devastate; to lay waste.
୩ । କୌଣସି ସ୍ଥାନକୁ ଭାଙ୍ଗି ଚୂର ଧୂଳସାତ୍ କରିବା—
3. To raze to the ground; to reduce to dust.

ଧୂଳ(ଳୀ)—ସଂ. ବି. (ଧୂ ଧାତୁ=କମ୍ପିବା+ସଞ୍ଜ୍ଞାର୍ଥରେ ଲ; ଲୀ; ବାୟୁର ଉପରି ତାଡ଼ନାରେ ଯାହା କମ୍ପିତ ହୁଏ)—
Dhūḻi(ḻī)
୧ । ପରାଗ; ଫୁଲ ଆଦିର ରଜଃ—1. Pollen.
୨ । ମାଟି ବା ଧୂଳ ପରି ଅକିଞ୍ଚିତ୍କର ପଦାର୍ଥ—
2 Any insignificant thing (like dust).
୩ । ମାଟିର ଚୂର୍ଣ୍ଣ—3. Earth dust;powdered earth.
୪ । ଗୁଣ୍ଡ; ଚୂର୍ଣ୍ଣ; ଚୂନା—4. Powder.
୫ । ଧୂଳ ପରି ମୂଲ୍ୟହୀନ ବସ୍ତୁ—
5. Anything of no value like dust.
୬ । ଚରଣରେଣୁ; ଗୁରୁଜନମାନଙ୍କ ପାଦ ତଳେ ଲାଗିଥିବା ଧୂଳ, ଯାହା ସନ୍ତାନ ବା ସେବକ ଆଦିଙ୍କ ମୁଣ୍ଡରେ ମଙ୍ଗଳ କାମନାର୍ଥ ଦିଆଯାଏ—6. The dust from the feet of elders which is put on the head of children etc for the purpose of bringing them bliss.

ଦେ. ବିଣ—ଧୂଳ ଧୂସରିତ; ମଇଳା—
Soiled with dust; dusty.

ଧୂଳିଆ—ଦେ. ବିଣ. (ସଂ. ଧୂଳ)—
Dhūḻiā ୧ । ଚୂର୍ଣ୍ଣିତ; ଧୂଳ ପରି ଗୁଣ୍ଡ ହୋଇଥିବା—
ଧୂଳିଆ, ଧୂଲো 1. Powdered.
ଧୂଳିଆ ମିଟିଆ, ଧୂଲସା (ଯଥା—ଧୂଳିଆ ଚାଷ ।)
୨ । ଧୂଳ ଧୂସରିତ; ଧୂଳ ବୋଳା ହୋଇଥିବା—
2. Rendered grey by being covered over with dust
(ଯଥା—ଧୂଳିଆ ବାବାଜୀ ।)
୩ । ଯେ ଧୂଳରେ ବିଚରଣ କରେ—
3. Grovelling in the dust.
(ଯଥା—ଧୂଳିଆ ଛୁଆ ।)
୪ । ମାଟିଆ ରଙ୍ଗର; ଧୂସର ବର୍ଣ୍ଣବିଶିଷ୍ଟ; ଖାକୀ ରଙ୍ଗର (ଯଥା—ଧୂଳିଆ ଲୁଗା)—4. Grey; khaki
୫ । ଧୂଳମୟ; ଧୂଳରେ ପୂର୍ଣ୍ଣ—5. Dusty; full of dust.

୬ । ଯେଉଁ ଋତୁ ବା ସମୟରେ ବର୍ଷା ଅଭାବରୁ ବାଟଘାଟରେ ଧୂଳ ଉଡ଼େ—6. (weather or time) In which the roads and lands become dusty; dry (season).
(ଯଥା—ଧୂଳିଆ ଗୁଣ୍ଡିଚା ।)

ଦେ. ବି—୧ । ଧୂଳିଆ ଘର (ଦେଖ)
1. Dhūḻiā ghara (See)
୨ । ଧୂଳିଆ ଘରେ ଲାଗିଥିବା କାଠର ଖୁଅ ଓ କାଠର ପାରେଣୀ ବତା—2. Wooden rafters and thin ribs used in constructing the upper frame-work of a house.

ପ୍ରାଦେ. (ପୁରୀ) ବି—ଧୂଳିଆ ଗୁମାସ୍ତା (ଦେଖ)
Dhūḻiā gumāstā (See)

ଧୂଳିଆ କଣ୍ଟା—ଦେ. ବି—ଲୌହ ନିର୍ମିତ କ୍ଷୁଦ୍ର, କ୍ଷୁଦ୍ର, କଣ୍ଟା—
Dhūḻiā kanṭā Small iron nails or pricks.

ଧୂଳିଆ କରିବା—ଦେ. କ୍ରି—ଯାହା ଆପଣାର ପ୍ରାପ୍ୟ ନୁହେଁ ତାହା ଆଦାୟ କରିବା—To realise some profit which is not one's own
Dhūḻiā karibā
(ଧୂଳିଆ ମାରିବା—ଅନ୍ୟରୂପ)
ଦାଓଁମারা
নফা মারলো
[ଦ୍ର—ଏକ ପଣ୍ଡାର ଯଜମାନ ଯାତ୍ରୀ ସଙ୍ଗେ ଅନ୍ୟ ଏକ ପଣ୍ଡାର ଗୁମାସ୍ତା ଦୂର ଦେଶରୁ ତୀର୍ଥ ପର୍ଯ୍ୟନ୍ତ ଆସି ସେ ଯାତ୍ରୀଙ୍କୁ ଫୁସୁଲା ଫାସୁଲା କରି ତାହାଙ୍କୁ ତାହାର ପାରମ୍ପରିକ ପଣ୍ଡାଠାରୁ ଛଡ଼ାଇ ନେଇ କାଳେ ଆପଣା ପଣ୍ଡା ନିକଟରେ ପହଞ୍ଚାଇବ, ଏହି ଭୟରେ ଯାତ୍ରୀର ପାରିବାରିକ ବା ପୈତୃକ ପଣ୍ଡା ଯାତ୍ରୀଠାରୁ ପାଇବା ଭେଟିରୁ ଧୂଳିଆ ଗୁମାସ୍ତାକୁ ଲାଭରୁ କିଛି ଅଂଶ ଦିଏ । ଉକ୍ତ ଗୁମାସ୍ତାକୁ 'ଧୂଳିଆ' ଓ ତାହାର କାର୍ଯ୍ୟକୁ 'ଧୂଳିଆ କରିବା' ବୋଲାଯାଏ । ଏଥିରୁ 'ଧୂଳିଆ କରିବା' ଏହି କ୍ରିୟାର ଲକ୍ଷଣାର୍ଥ ପ୍ରୟୋଗ ଚଳିଅଛି ।]

ଧୂଳିଆ ଗୁଣ୍ଡିଚା—ଦେ. ବି—ଯେଉଁ ଗୁଣ୍ଡିଚା ବା ରଥଯାତ୍ରା ସମୟରେ ଧୂଳ ଉଡ଼ୁଥାଏ, ଅର୍ଥାତ୍ ବର୍ଷା ହେଉ ନ ଥାଏ—
Dhūḻiā gunḍichā
A season of the car festival (held in the month of Āshārḍha) when there is no rain; dry car festival season.
ଧୂଳିଆ ଗୁଣ୍ଡିଚା କାଦୁଅ ରଥ
ଡଙ୍କା ବୋଲେ ଧାନ ହାତକୁ ନେମା । କୃଷିବଚନ ।

ଧୂଳିଆ ଗୁମାସ୍ତା—ପ୍ରାଦେ.(ପୁରୀ) ବି—ଯେଉଁ ଯାତ୍ରୀ-ଗୁମାସ୍ତା ନିଜର ପଣ୍ଡା ଛଡ଼ା ଅନ୍ୟ ପଣ୍ଡାର ଯାତ୍ରୀଙ୍କୁ ସାଙ୍ଗରେ ଆଣି ଅନ୍ୟ ପଣ୍ଡା ତରଫରୁ ଉକ୍ତଯାତ୍ରୀଙ୍କୁ ଦେବଦର୍ଶନାଦି କରାଏ ଓ ଯାତ୍ରୀ ତାହାର ପାରମ୍ପରିକ ପଣ୍ଡାଙ୍କୁ ଦେବା ପାରିତୋଷିକରୁ ଭାଗ ନିଏ—A pilgrim-agent who accompanies pilgrims belonging to some other Panda to a sacred place and makes the necessary arrangements for their visit to the Deity and gets a share out of the perquisites given by them to their own Pandā.
Dhūḻiā gumāstā

ଧୂଳଥ ଘର—ଦେ. ବି—ଯେଉଁ ଘରର ଛାତ ବା ଛପରରେ ବାଉଁଶର
Dhūḻiā ghara ରୁଅ ଓ ପାରେଣୀ ବଦଳା ପରିବର୍ତ୍ତିରେ କାଠର
काठकी कोरोवस्तोका घर ରୁଅ ଓ ବତା ଲଗିଥାଏ—
A thatched house having its roof or frame planked with wooden rafters and ribs.
ଗୃହଙ୍କୋ ଧୂଳଥ ଘର ବନାଇ ପକାଇଥିଲେ । ଫକୀରମୋହନ, ଗଳ୍ପସ୍ୱଳ୍ପ ।
[ଦ୍ର—ଧୂଳଥ ଘରର ଶ୍ରେଣୀମାନଙ୍କ ଉପରେ କାଠର ରୁଅମାନ ପଡ଼େ ଓ କାଠ ରୁଅ ଉପରେ କାଠର ପାରେଣୀ ବତାମାନ ସାନ ସାନ ଲୁହାକଣ୍ଟା ବାଡ଼ଥା ହୋଇ ଲଗାଯାଏ । ବାଉଁଶରେ ଛାଥର ଘରର ଛାତ ଅପେକ୍ଷା ଧୂଳଥ ଘରର ଛାତ ସୁନ୍ଦର ଓ ବେଶି ମଜବୁତ୍ ଅଟେ ।]

ଧୂଳଥ ଜଣ୍ଡା—ଦେ. ବି—ଏକପ୍ରକାର ଚକଚକଥା କଳା ବା ପାଉଁଶିଆ
Dhūḻiā jandā ଜଣ୍ଡା—A kind of big black
ডেয়েঁ পীঁপড়ে or grey pismire living in dust.
बिषपोपड़ी चीटो ଧୂଳଧୂସର ଧୂଳଥଜଣ୍ଡା ଭୁଇଁ ଉଲେ ଉଲେ ଥାଏ
କର୍ଣ୍ଣ ନ ମାଇଁସ ହିବ ପାଇଲେ ଲୁହିବନ ଖାଏ ।
ଜଙ୍ଗଲ କାହାଣୀ ।
[ଦ୍ର—ଏମାନେ ସରୁ ଓ ଲମ୍ବା । ଏମାନଙ୍କ ଦଂଶନ ଅତ୍ୟନ୍ତ ଯନ୍ତ୍ରଣାଦାୟକ । ଏମାନେ ଧୂଳିରେ ବିଚରଣ କରନ୍ତି ।]

ଧୂଳଥ ଧୂସର—ଦେ. ବଣ. (ସ. ଧୂଳିଧୂସରିତ)—ଧୂଳିଧୂସର (ଦେଖ)
Dhūḻiā dhūsara Dhūḻidhūsara (See)
ধুলোয়ধূসর ଧୂଳଥଧୂସର ହେଲେ ନୁହଇ ଧୂଳଥ । ବୃନ୍ଦାବନରୂପଶଗୀତା ।
धूलधूसर (ଧୂଳଅଧୂସ(ସ୍ତ)ର ଅନ୍ୟରୂପ)

ଧୂଳଥ ନାଗ—ଦେ. ବ—ଏକଜାତୀୟ ନାଗସାପ—A kind of
Dhūḻiā nāga small cobra, 3 or 4 inches long,
शकरोसाँप generally living in dusty places.
[ଦ୍ର—ଏ ୩।୪ ଅଙ୍ଗୁଳ ଲମ୍ବ । ଏହାର ବିଷ ଉତ୍କଟ । ଏହା ଧୂଳି ଭିତରେ ଥାଏ ଓ ଏହାର ବର୍ଣ୍ଣ ପାଣ୍ଡୁର ।]

ଧୂଳଥ ବାଡ଼େଇବା—ଦେ.କି—୧ । ଧୂଳଥ ଘରର ଛାତର କାଠର ରୁଅ
Dhūḻiā bārdeibā ଉପରେ କାଠର ବତାକୁ ଲୁହାକଣ୍ଟାଦ୍ୱାରା
ଧୂଳଥ ପିଟିବା } ଅନ୍ୟରୂପ ସଂଲଗ୍ନ କରିବା—1. To drive nails
ଧୂଳଥ ମାରିବା } into the wooden ribs to attach them to the wooden rafters of a Dhūḻiā ghara.
୨ । (ଲକ୍ଷଣାର୍ଥ) ଧନୀ ହୋଇ ବ୍ୟୟସାପେକ୍ଷ ଧୂଳଥଘର କରିବା—
2. (figurative) To be rich and be able to construct a costly house with wooden rafters and ribs instead of bamboo ones like ordinary poor people.

ଧୂଳଥ ବାବାଜୀ—ଦେ. ବ—ଯେଉଁ ବାବାଜୀ ବା ବୈଷ୍ଣବ ଦେହରେ
Dhūḻiā bābāji ଭସ୍ମ ବା ଧୂଳି ବୋଳି ହୋଇ ଥାଆନ୍ତି—
धूरिया बाबाजी A mendicant who rubs dust or
(ଧୂଳଥ ବଇଷ୍ଣମ—ଅନ୍ୟରୂପ) ashes on his body.

ଧୂଳଥ ଯାତ୍ରୀ—ପ୍ରାଦେ. (ପୁରୀ) ବ—ଯେଉଁ ଯାତ୍ରୀ କୁଳର ପାରମ୍ପରିକ
Dhūḻiā jātri ପଣ୍ଡା ଛଡ଼ା ଅନ୍ୟ ପଣ୍ଡା ବା ଅନ୍ୟ ପଣ୍ଡାର ଗୁମାସ୍ତା ସଙ୍ଗେ ତୀର୍ଥକୁ ଆସି ଦେବଦର୍ଶନାଦି କରେ—
A pilgrim who visits a shrine by taking the help of a pilgrim-agent other than his family Paṇḍā's servant.

ଧୂଳି ଉଡ଼ା(ଡ଼େ)ଇବା—ଦେ. କି. (ସ. ଧୂଳି+ଉଡ୍ଡୟନ)—
Dhūḻi urdā(rde)ibā ୧ । ଧୂଳିମୟ ରାସ୍ତାରେ ଚାଲିବାଦ୍ୱାରା
ধুলাউড়ান ରାସ୍ତାର ଧୂଳିକୁ ପାଦ ବା ଖୁରର ଆଘାତଦ୍ୱାରା
धूलउड़ाना ପବନରେ ସଞ୍ଚାଳିତ କରିବା—1. To raise the dust from a dusty road by the tread of the feet or hoofs.
ଧନ ଉଡ଼ାଉଣ ଦାଣ୍ଡେ କରି ହତ୍ୟାଉନ୍ତି
ଯାଉଛନ୍ତି ଗୋରୁଲେ ଗୋଠରୁ ବାହୁଡ଼ି । ମଧୁସୂଦନ, ଛନ୍ଦମାଳା ।
୨ । ଯେଉଁଆଡ଼ୁ ପବନ ବହୁଛି ସେହିଆଡ଼ୁ କୌଣସି ବ୍ୟକ୍ତି-ଆଡ଼କୁ ବା ଉପରକୁ ଧୂଳିକୁ ସଞ୍ଚାଳିତ କରିବା—
1. To cause dust to be blown towards a person by wind.
୩ । ଧୂଳା ଉଡ଼ାଇବା(ଦେଖ)—3. Dhūḻā urdāibā (See)
୪ । (ପବନ ବା ବତାସ) ଭୂପୃଷ୍ଠରେ ଥିବା ଧୂଳିକୁ ଶୂନ୍ୟକୁ ସଞ୍ଚାଳିତ କରିବା—4. (the wind or tempest) To raise the dust off the ground.

ଧୂଳି ଉଡ଼ିବା—ଦେ. କ—୧ । ଧୂଳା ଉଡ଼ିବା (ଦେଖ)
Dhūḻi urdibā 1. Dhūḻā urdibā (See)
ধুলাউড়া ୨ । ଭୂପୃଷ୍ଠରୁ ଧୂଳିପଟଳ ପବନ ବା ମନୁଷ୍ୟର
धूलउड़ना ପାଦ ବା ଅଶ୍ୱାଦିର ଖୁରଦ୍ୱାରା ସଞ୍ଚାଳିତ ହୋଇ ଶୂନ୍ୟରେ ଉଡ଼ିବା—2. The raising of dust from the surface of the earth by the wind or feet or hoofs of animals.

ଧୂଳି(ଳୀ) କଦମ୍ବ—ସ. ବ—କେଳି କଦମ୍ବ ୧ (ଦେଖ)
Dhūḻi(ḻi) kadamba Keḻi kadamba 1 (See)

ଧୂଳିକା—ସ. ବି· ସ୍ତ୍ରୀ (ଧୂଳି+ସାଦୃଶ୍ୟାର୍ଥେ. କ+ସ୍ତ୍ରୀ. ଆ; ଯାହା ଆକାଶରେ
Dhūḻikā ଧୂଳି ସଦୃଶ ଦିଶେ)—କୁଜ୍ଝଟିକା; କୁହୁଡ଼ି—
Mist; fog.

ଧୂଳି କୁଟ୍ଟିମ—ସ. ବ. (ଧୂଳି+କୁଟ୍ଟିମ)—୧ । କର୍ଷିତ କ୍ଷେତ୍ର; ଚଷା
Dhūḻi kuṭṭima ହୋଇ ଥିବା କ୍ଷେତ—1. A ploughed
(ଧୂଳି କେଦାର—ଅନ୍ୟରୂପ) field.
୨ । ମାଟିର ସ୍ତୂପ ବା କାନ୍ଥ—
2. A mound or rampart of earth (Apte).

ଧୂଳି ଖେଳ—ଦେ. ବ—୧ । ଧୂଳି ସାହାଯ୍ୟରେ ପିଲାମାନଙ୍କର
Dhūḻi khela ଖେଳିବା ନାନାପ୍ରକାର କ୍ରୀଡ଼ା—1. Child's
ধূলো খেলা play in which children raise sem-
धूरिआ मिटिआ खेल blance of houses with dust.
୨ । (ଲକ୍ଷଣାର୍ଥ) ଅବାସ୍ତବ କଥା—
2. (figurative) Any unreal affair.
୩ । (ଲକ୍ଷଣାର୍ଥ) ପିଲାଙ୍କ ଧୂଳିଖେଳ ପରି ଅସ୍ଥାୟୀ ବିଷୟ—
3. (figurative) Any unsubstantial or short-lived matter.

ଧୂଳି ଗୁଚ୍ଛକ—ସଂ. ବି. (୬ଷ୍ଠୀ ତତ୍; ଧୂଳି+ଗୁଚ୍ଛକ)—ଅବିର; ଫଗୁ—
Dhū̱li guchchhaka A red powder (made from the root of a wild ginger).

ଧୂଳି ଗୁଞ୍ଜା(ଞ୍ଜେ)ଇ—ଦେ. ବି.—ପିଲାମାନଙ୍କର ଧୂଳି ସାହାଯ୍ୟରେ
Dhū̱li guñjā (ñje)i ଖେଳିବା ଏକପ୍ରକାର ଖେଳ—
A kind of child's play done with the help of dust.

ଧୂଳି ଗୁଣ୍ଡୁରି—ଦେ. ବି.—ଏକଜାତୀୟ ପୋକ; ଗୁଣ୍ଡୁରିପୋକ—
Dhū̱li gunḍuri A kind of worm boring into
ঘুর্ঘুরে পোকা dust; sand-borer.
गुड़्डू [ଦ୍ର—ଏମାନେ ଧୂଳିରେ ଗାତ କରି ରହନ୍ତି ।]

ଧୂଳି ଗୋଡ଼—ଦେ. ବି.—ଅନାବୃତ ପାଦ ଦ୍ୱାରା ଭୂଇଁରେ ଯିବା ଆସିବା
Dhū̱li gor̤ḍa ଯୋଗୁଁ ଧୂଳି ଲାଗିଥିବା ଗୋଡ଼—Feet soiled
ধুলা পা with dust on account of walking
धूरिअया पाओं on dusty road with bear feet.

ଧୂଳି ଘର—ଦେ. ବି.—୧ । ପିଲାମାନଙ୍କର ଧୂଳି ସାହାଯ୍ୟରେ କରିବା
Dhū̱li ghara ଖେଳଘର—1. A doll's house made
ধুলাঘর by children with dust.
धूलोघर ୨ । ପିଲାମାନଙ୍କ ଧୂଳି ଘର ପରି ଅବାସ୍ତବ ଓ ଅସ୍ଥାୟୀ ବିଷୟ—2 Any unreal or short-lived thing like children's doll-house.
୩ । ପିଲାଙ୍କ ଖେଳଘର ପରି ସଂସାରର ଗାର୍ହସ୍ଥ୍ୟ କ୍ରିୟା—
3. Worldly affairs compared to children's play-house.
(ଯଥା— ଦଇବ ମୋ ଧୂଳିଘର ଭାଙ୍ଗି ଦେଲା ।)

ଧୂଳି ଝାଡ଼ିବା—ଦେ. କ୍ରି.—୧ । ଶିଶୁ ଆଦିଙ୍କ ଧୂଳିଧୂସରିତ ଦେହରୁ ବା
Dhū̱li jhār̤ḍiba ଧୂଳିଧୂସରିତ କୌଣସି ବସ୍ତୁରୁ ବସ୍ତ୍ରାଦି
ধূলা ঝাড়া ସାହାଯ୍ୟରେ ଧୂଳି ଅପସାରିତ କରିବା—2. To dust;
धूल झाड़ना to remove dust from a dust-smeared body or thing by beating off the dust.
୨ । କୌଣସି ବ୍ୟକ୍ତିର ପଦରଜଃ ଶିଶୁଆଦିଙ୍କ ମୁଣ୍ଡରେ ଛିଞ୍ଚି ଦେବା—2. To sprinkle the dust of one's feet on the head of a youngster.

ଧୂଳି ଦେବା—ଦେ. କ୍ରି.—୧ । ଶିଶୁ, ବାଳକ, ସେବକ ଆଦିଙ୍କ ମଙ୍ଗଳ
Dhū̱li debā କାମନାର୍ଥ ସେମାନଙ୍କ ମୁଣ୍ଡରେ (ଗୁରୁଜନ) ପଦଧୂଳି
[ଧୂଳି ପକା(କେ)ଇବା—ଅନ୍ୟରୂପ] ପକାଇବା; ଚରଣଧୂଳି ପ୍ରଦାନ କରିବା—1. To lay the dust of one's feet on the head of one's younger, wishing him bliss.
୨ । (ଆଖିରେ) ଧୂଳି ଦେବା; ଅନ୍ୟ ବ୍ୟକ୍ତିଙ୍କୁ ଆଖି ଆଗରେ ଠକାଇବା—2. To throw dust in the eyes; to deceive a person in his very face.
୩ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ଜୀବିକା ଉପାର୍ଜନ ପନ୍ଥାରେ ବାଧା ଦେବା; ଦାନାରେ ଧୂଳି ଦେବା—
3. (figurative) To put obstacles in the way of one's means of living.

ଧୂଳି ଧୂସର—ସଂ. ବିଣ. ପୁଂ (୩ୟା ତତ୍; ଧୂଳି+ଧୂସର)—ଧୂଳି ବୋଳି
Dhū̱li dhūsara ହୋଇ ଥିବାରୁ ଧୂସରବର୍ଣ୍ଣ; ମାଟିଆ—Grey
ধুলিআ with dust; soiled with a layer of dust
धुलिआ मिटिआ, धुरिले भरा over the body.
(ଧୂଳିଧୂସର, ଧୂଳି ଧୂସୁର(ପୁଂ); ଧୂଳିଧୂସରା, ଧୂଳିଧୂସୁରା (ସ୍ତ୍ରୀ)-ଦେଶଜ ରୂପ)
(ଧୂଳି ଧୂସରା—ସ୍ତ୍ରୀ)

ଧୂଳି ଧୂସରିତ—ସଂ. ବିଣ. ପୁଂ (୩ୟା ତତ୍; ଧୂଳି+ଧୂସରିତ)—ଧୂଳିରେ
Dhū̱li dhūsarita ଆବୃତ ହେବା ଯୋଗୁଁ ପାଂଶୁବର୍ଣ୍ଣ—
(ଧୂଳିଧୂସରିତା—ସ୍ତ୍ରୀ) Soiled with dust; smeared over with dust; dusty.

ଧୂଳି ଧ୍ୱଜ—ସଂ. ବି. (ବହୁବ୍ରୀହି; ଧୂଳି+ଧ୍ୱଜ)—୧ । ପବନ—
Dhū̱li dhwaja 1. The wind.
୨ । ଘୂର୍ଣ୍ଣିବାୟୁ; ଗଣ୍ଡିଆ ଭୂତ—2. Whirl-wind.

ଧୂଳି ପଟଳ—ସଂ. ବି. (୬ଷ୍ଠୀ ତତ୍; ଧୂଳି+ପଟଳ)—ଧୂଳି ଉଡ଼ି ମେଘ
Dhū̱li paṭa̱la ପରି ଦେଖାଯିବା ଘନ ଧୂଳିରାଶି—
A cloud of dust.

ଧୂଳି ପୁଷ୍ପିକା—ସଂ. ବି. (ବହୁବ୍ରୀହି; ଧୂଳି+ପୁଷ୍ପିକା; ଏଥିର ଫୁଲ ମଧ୍ୟସ୍ଥ
Dhū̱li pushpikā ଜଟାରେ ଧୂଳି ପରି ବହୁତ ପରାଗ ଥିବାରୁ)-
କିଆ ଗଛ; କେତକୀ ଗଛ—Screwpine; Pandanus Odoratissimus.

ଧୂଳି ବତା—ଦେ. ବି.—ଟାଇଲର ଛୁଆଣି ଘରେ ଓ ଧୂଳିଆଘରେ ଛୁଆ ଉପରେ
Dhū̱li batā ଲଗାଯିବା ଦୁଇ ଆଙ୍ଗୁଳ ଓସାର ଓ ଅଧଆଙ୍ଗୁଳ ବହଳ କାଠର ସରୁଆ ବତା—Thin wooden ribs of a thatch-frame over which earthen tiles are laid instead of straw or of a
(ଧୂଳିଆବତା—ଅନ୍ୟରୂପ) Dhū̱liā house.

ଧୂଳିମୟ—ସଂ. ବିଣ. (ଧୂଳି+ପ୍ରାଚୁର୍ଯ୍ୟାର୍ଥେ ମୟ)—
Dhū̱limaya ୧ । ଧୂଳିଦ୍ୱାରା ଆଚ୍ଛନ୍ନ—
1. Covered over with dust.
୨ । ଧୂଳିଆ; ଧୂଳିପୂର୍ଣ୍ଣ—2. Dusty.

ଧୂଳି ମରିବା—ଦେ. କ୍ରି.—ସାମାନ୍ୟ ବର୍ଷାଦ୍ୱାରା ବା ପାଣି ଛିଞ୍ଚା ହେବା
Dhū̱li maribā ଦ୍ୱାରା ଭୂପୃଷ୍ଠରେ ଉଡ଼ୁଥିବା ଧୂଳି ଆଉ ଉଡ଼ି ନ ପାରି ବସି ଯିବା—The settling of the dust over the surface of the ground by a light shower of rain or by the sprinkling of water over it.

ଧୂଳି ମଳି—ଦେ. ବି. (ସଙ୍କର; ସଂ. ଧୂଳି+ମଳ)—
Dhū̱li ma̱li ୧ । ଧୂଳି ଓ ମଳି—1. Dust and dirt.
ধুলা ময়লা ୨ । ଧୂଳି ପଡ଼ିବା ଯୋଗୁଁ ଜାତ ହେବା ମଇଳା—
धुरिमइलो 2. Soil due to dust.
୩ । (ଲକ୍ଷଣାର୍ଥ) ସାମାନ୍ୟମାତ୍ର ସନ୍ଦେହ—
3. (figurative) The slightest doubt.
(ଯଥା—ତାଙ୍କ କଥାରେ ଧୂଳି ମଳି ନାହିଁ ।)

୪ । ସାମାନ୍ୟ ମାତ୍ର ଗୋଳମାଳ—
4. Any little confusion.
୫ । ସାମାନ୍ୟ ମାତ୍ର କଳଙ୍କ—
5. A little blemish.
୬ । ସାମାନ୍ୟ ମାତ୍ର ମଇଳା —
6. A speck of dirt.

ଧୂଳି ମାଟି—ଦେ. ବି. (ସଦ୍ଭବ; ସଂ, ଧୂଳି+ମୃତ୍ତିକା)—
Dhūḻi māṭi ୧ । ଧୂଳି ଓ ମାଟି—1. Dust and earth.
धूलामाटि ୨ । ଧୂଳି ଓ ମାଟି ପରି ମୂଲ୍ୟହୀନ ବସ୍ତୁ—
ধুলাও মাটিও 2. A thing of no value like dust and earth.
(ଯଥା—ସେ ତା ବାପର ସାଇତା ଧନକୁ ଧୂଳି ମାଟି ପରି ଉଡ଼ାଇ ଦଉଛି ।)

ଧୂଳିର—ଦେ. ବିଣ. (ଧୂଳି ଶବ୍ଦର ୬ଷ୍ଠୀ ବିଭକ୍ତି ବିଶେଷଣରୂପେ ବ୍ୟବହୃତ)—୧ । ଧୂଳିରେ ନିର୍ମିତ—
Dhūḻira
ধুলার 1. Made of dust.
ধুলকা ୨ । ଧୂଳି ପରି ଅକିଞ୍ଚିତ୍କର—
2. Insignificant like dust.
ଧୂଳିର ଏ ନର କଳେବର—ମଧୁସୂଦନ. ବିବିଭାବିଳ ।
୩ । ଯାହା ଦିନେ ଧୂଳିସାତ୍ ହେବ—
3. Which will one day be reduced to dust.

ଧୂଳିରେ ମିଶିବା—ଦେ. କ୍ରି—୧ । ଧୂଳିସାତ୍ ହେବା—
Dhūḻire misibā 1. To turn into dust.
ধূলায় মিশে যাওআ ୨ । ବିନଷ୍ଟ ହେବା—
ধুলমি মিলনা 2. To be destroyed.
(ଧୂଳିରେ ମିଶିଯିବା—ଅନ୍ୟରୂପ) ୩ । ମରିବା—3. To die.
[ଧୂଳିରେ ମିଶା(ଶେ)ଇବା—ସକର୍ମକରୂପ]

ଧୂଳି ସରସର—ଦେ. ବିଣ—ଧୂଳିଧୂସର (ଦେଖ)
Dhūḻi sarasara Dhūḻidhūsara (See)

ଧୂଳିସାତ୍—ସଂ. ବିଣ. (ଧୂଳି+ପରିଣତାର୍ଥେ ସାତ୍; ତୁଳ. ଭସ୍ମସାତ୍)—
Dhūḻisāt ୧ । ଧୂଳିରେ ପରିଣତ—
1. Reduced or turned into dust.
୨ । ଭାଙ୍ଗି ଯାଇ ଧୂଳି ସଙ୍ଗେ ମିଶିଯିବା (ଘରଆଦି)—
2. Razed to dust.

ଧୂଳିସାତ(ଥ)—ଦେ. (ପଦ୍ୟ) ବିଣ. (ସଂ.—ଧୂଳିସାତ୍)—ଧୂଳିରେ
Dhūḻisāta(tha) ପରିଣତ—Reduced to dust.
ସେ ସମୟେ ଭୂମେ ଦେଖାଇ ଲଘୁହାତ
ମାଥ କାଟି ପାରେ କରିବ ଧୂଳିସାଥ—କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଧୂଶ୍ (ଧାତୁ)—ସଂ. ଶୋଭିତ କରିବା—
Dhūś (root) To adorn; to embellish.
(ଧୂଷ୍; ଧୂସ୍—ଅନ୍ୟରୂପ)

ଧୂସ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଭୁସ୍; କୌଣସି କୋମଳ ବସ୍ତୁର ହଠାତ୍ ପତନ ଶବ୍ଦ—The sound of a soft massy thing falling suddenly.
Dhūs
भूस धुस

ଧୂସ—ଦେ. ବି. (ସଂ. ତୁଷ)—ଧାନ ଆଦି ଶସ୍ୟରୁ ବା କୁଟା ଆଦିରୁ ଉଡ଼ୁଥିବା ଧୂଳି ପରି ସୂକ୍ଷ୍ମ ଅଂଶ—Small particles of grain-dust; particles of chaff or straw coming out of grains or dry plants when handled; refuse or dust of corn.
Dhūsa
तुष
भुस;पटपर

ଧୂସର ସଂ. ବିଣ. (ଧୂ ଧାତୁ=କମ୍ପିବା+କର୍ତ୍ତୃ ସର)—
Dhūsara ୧ । ଈଷତ୍ ପାଣ୍ଡୁର; ପାଉଁଶିଆ ରଙ୍ଗ; ଧୂଳିଆ; ମାଟିଆ—
ଧୂସରୀ / ଧୂସରା } ସ୍ତ୍ରୀ 1. Greyish; dust-coloured; ashy; khaki-coloured.
୨ । ଧୂଳି ବୋଳା ହୋଇଥିବା—
2. Dusty; smeared with dust.
୩ । ମଳିନ; ମଇଳିଆ—3. Dirty; filthy.
ଦେ. ବିଣ.(ଲକ୍ଷଣାର୍ଥ)—ଅପମାନ ବା ଦୁଃଖଯୁକ୍ତ; ଚିନ୍ତିତ—
(figurative) Grieved; troubled.
ଧୂତ ହୋଇ ବଳଗ୍ଳାନ, ଧୂସର ହୋଇବା ମନ
ଯୋଇ ତନ୍ତ୍ରା-ବଳଙ୍କ ସମାଜ ମାଜ—କବିସୂର୍ଯ୍ୟ. କଣୋଘାତମ୍, ଧ ୦ାଠ ।
ସଂ. ବି—୧ । ପାଣ୍ଡୁରବର୍ଣ୍ଣ—1. Gray colour.
୨ । ପାଣ୍ଡୁର ବର୍ଣ୍ଣର କୌଣସି ବସ୍ତୁ—
2. Any thing of grey colour.
୩ । ଉଷ୍ଟ୍ର; ଓଟ—2 Camel.
୪ । ଗଧ—4. An ass.
୫ । କପୋତ—5. Dove.
୬ । ବଣିଆଁ—6. Goldsmith.
୭ । ତେଲି—7. Oilman.
[ଦ୍ର—ବଣିଆଁ ଓ ତେଲିଙ୍କ ଦେହ ପାଣ୍ଡୁର ବର୍ଣ୍ଣ ଦିଶେ ତେଲିର ଦେହ ତେଲିଆ ହୋଇଥାଏ; ଧୂଳି ଲାଗି ତାର ଦେହ ପାଣ୍ଡୁର ଦିଶେ । ପାଉଁଶ ଲାଗି ବଣିଆମାନଙ୍କ ଦେହ ମଧ୍ୟ ଧୂସର ଦେଖାଯାଏ ।]

ଧୂସରଧୂମା—ଦେ. ବିଣ. ପୁଂ—ଧୂସରଧୂମା (ଦେଖ)
Dhūsaradhūmā Dhūsar-dhumā (See)
(ଧୂସରଧୂମୀ—ସ୍ତ୍ରୀ) [ଧୂସର(ରୁ)ଧୂମା—ଅନ୍ୟରୂପ]

ଧୂସରଧୂସା—ଦେ. ବିଣ. ପୁଂ—ଧୂସୁରଧୂସା (ଦେଖ)
Dhūsaradhūsā Dhūsur-dhūsā (See)
(ଧୂସରଧୂସୀ—ସ୍ତ୍ରୀ)

ଧୂସରା—ଦେ. ବିଣ. ପୁଂ. (ସଂ. ଧୂସର)—
Dhūsarā ୧ । ପାଂଶୁବର୍ଣ୍ଣ; ଧୂସରବର୍ଣ୍ଣ; ପାଉଁଶିଆ—
ধুসরা 1. Grey-coloured.
(ଧୂସୁରା—ଅନ୍ୟରୂପ) ୨ । ଧୂଳିଆ—2. Dusty.
ଧୂସରୀ / ଧୂସୁରୀ } ସ୍ତ୍ରୀ ୩ । ମଇଳିଆ; ମଳିନ—3. Soiled.
ଦେ. ବି—ଧୂସର ରଙ୍ଗର ଏକପ୍ରକାର ଧାନ—
A kind of greyish paddy.

ଧୂସରା(ରେ)ଇବା—ଦେ. କ୍ରି. (ସଂ. ଧୂସର)—ଧୂସାରିବା (ଦେଖ)
Dhūsarā(re)ibā Dhūsāribā (See)

ଧୂସରା କେନ୍ଦୁ—ଦେ. ବି. (ସଂ. ଧୂସର ଓ ତିନ୍ଦୁକ)—
Dhūsarā kendu ମାକଡ଼ କେନ୍ଦୁ (ଦେଖ)
(ଧୂସୁରାକେନ୍ଦୁ—ଅନ୍ୟରୂପ) Mākaḍa kendu (See)

ଧୂସର୍‌ଧୂସରି—ଦେ. ବି ଓ ବିଣ—ପରସ୍ପର ଉପରକୁ ଧୂଳି ପୋପଡ଼ା ପୋପଡ଼ି ହୋଇ ଧୂଳିଧୂସରିତ ହେବା—Soiling each other by throwing dust.
Dhūsarā dhūsari
धुलि फेंकाफेंकी
ধুলো ফেলফেলি হওয়া

ଧୂସରି—ପ୍ରାଦେ. (ସିଂହଭୂମ) ବି—ଏକପ୍ରକାର ଧାନ—A species of paddy.
Dhūsari
ସଂ. ବିଣ—'ଧୂସର'ର ସ୍ତ୍ରୀଲିଙ୍ଗ—Feminine of Dhūsarā.
ସଂ. ବି. ସ୍ତ୍ରୀ—କିନ୍ନରୀବିଶେଷ (ହ୍ରି. ଶବ୍ଦସାଗର)—Name of a Kinnari.

ଧୂସରିତ—ସଂ ବିଣ. ପୁଂ. (ଧୂସର+ସ୍ୱାର୍ଥରେ ଇତ)—
Dhūsarita ୧ । ଧୂସରବର୍ଣ୍ଣ ରଞ୍ଜିତ—1. Made grey; turned grey; turned dusty-white.
(ଧୂସରିତା—ସ୍ତ୍ରୀ)
୨ । ପାଣ୍ଡୁର—2. Greyish.
୩ । ଧୂଳିରେ ଆବୃତ—3. Smeared with dust; dusty

ଧୂସରିମା—ସଂ. ବି. (ଧୂସର+ଭାବାର୍ଥରେ ଇମନ)—ପାଣ୍ଡୁରତା—
Dhūsarimā Greyish tint; the state of being grey.

ଧୂସା—ଦେ. ବିଣ. ପୁଂ—ଭୁସା; ଅତି ସ୍ଥୂଳକାୟ—Very corpulent.
Dhūsā
ଦେ. ବି—୧ । (ସଂ. ଦ୍ୱିଗାଠ) ଲୋଡ଼ୁ; ମୋଟା ଗାତ୍ରବସ୍ତ୍ର; ଉର୍ଣ୍ଣାବସ୍ତ୍ର—1. A coarse woollen wrapper.
धुस्सा
घुमसा
(ଧୂସୀ—ସ୍ତ୍ରୀ) ୨ । ଦୁଃଶାସନର ଅନାଦରାର୍ଥକ ଡାକନାମ—2. A name for calling Duḥśāsan in contempt.
धुसा
घुसा
ପ୍ରାଦେ. (ଗଡ଼ଜାତ ଓ ଜୟପୁର) ବି—ବଡ଼ ମୂଷା—Big mouse.

ଧୂସାଧୂସି—ଦେ. ବି ଓ ବିଣ—ଧୂପ୍‌ସା ଧୂପ୍‌ସି (ଦେଖ)
Dhūsādhūsi Dhup-sā dhup-si (See)

ଧୂସାରିବା—ଦେ. କ୍ରି. (ସଂ. ଧୂସର; 'ଧୂସରିବା' କ୍ରିୟାର ଣିଜନ୍ତରୂପ)—
Dhūsāribā ୧ । କୌଣସି ପଦାର୍ଥକୁ ଧୂଳିରେ ଘୋସାରିବା—1. To drag a thing through dust.
(ଧୂସାରେଇବା—ଅନ୍ୟରୂପ)
घसीटना
୨ । କୌଣସି ପଦାର୍ଥକୁ ଧୂଳିଧୂସର କରିବା—2. To cause a thing to become dusty.

ଧୂସୁମା—ଦେ. ବିଣ. ପୁଂ—ଧୂମ୍‌ସା (ଦେଖ)
Dhūsumā Dhūm-sā (See)
(ଧୂସୁମୀ—ସ୍ତ୍ରୀ)

ଧୂସୁରଧୂମା—ଦେ. ବିଣ. (ସଂ. ଧୂସର)—୧ । ସ୍ଥୂଳକାୟ; ମୋଟା; ଗେଧା (ବ୍ୟକ୍ତି)—1. Corpulent (person).
Dhūsur-dhumā
(ଧୂସୁରୁଧୂମା—ଅନ୍ୟରୂପ) ୨ । ଧୂଳିଧୂସରିତ ଓ ମୋଟା—2 Smeared over with dust and fat.
(ଧୂସୁରଧୂମୀ—ସ୍ତ୍ରୀ)
धुरधुसरा

ଧୂସୁରଧୂସା—ଦେ. ବିଣ. ପୁଂ. (ସଂ. ଧୂସର)—ଧୂଳିଧୂସରିତ; ଦେହସାକ ଧୂଳି ବୋଳା ହୋଇଥିବା (ବ୍ୟକ୍ତି)—Smeared over with dust.
Dhūsur-dhūsā
(ଧୂସୁରୁଧୂସା—ଅନ୍ୟରୂପ)
(ଧୂସୁରଧୂସୀ—ସ୍ତ୍ରୀ)

ଧୂସୁରିବା—ଦେ. କ୍ରି. (ସଂ. ଧୂସରିତ)—ତଳେ ଘୁସୁରି ଧୂଳିଧୂସରିତ ହେବା; ଧୂଳିରେ ଘୁସୁରିବା—To be soiled with dust by grovelling in it.
Dhūsuribā
(ଧୂସରିବା—ଅନ୍ୟରୂପ)
घसिटाना

ଧୂସ୍ତର—ସଂ. ବି—ଧୁସ୍ତୁର (ଦେଖ)
Dhūstara Dhustara (See)

ଧୂସ୍ତୁର—ସଂ. ବି—ଧୁସ୍ତୁର (ଦେଖ)
Dhūstura Dhustara (See)
(ଧୂସ୍ତୂର—ଅନ୍ୟରୂପ)

ଧୃ (ଧାତୁ)—ସଂ—ଧରିବା—To hold.
Dhṛu (root) [ଧୃ—ଏହାର ବିଭିନ୍ନ ଅର୍ଥ ଜାଣିବାକୁ 'ଧରିବା' କ୍ରିୟା ତଳେ ଅର୍ଥ ଦ୍ରଷ୍ଟବ୍ୟ ।]

ଧୃକ୍—ସଂ. ବିଣ. (ଅନ୍ୟ ପଦ ପରେ ଯୁକ୍ତ; ଧୃ ଧାତୁ+କ୍ୱିପ୍)—
Dhṛuk ଯେ ଧରିଥାଏ; ଧାରଣକାରୀ—Bearing; carrying; holding; assuming.
(ଯଥା—କାଳରୂପ ଧୃକ୍ ।)

ଧୃକ—ଦେ. ବିଣ. (ସଂ. ଧୃକ୍)—ଧାରକ; ଧାରଣକାରୀ—
Dhṛuka Holding; one who holds anything.
ବଜ୍ର କବଚ ଧୃକ ଇନ୍ଦ୍ରଗତୀ ଶାସ୍ତ୍ରକ କାର୍ମୁକ ଶବଚ ସାୟକ ।
ଉଷ. ବୈଦେହୀଶବିଳାସ ।

ଧୃତ୍—ସଂ. ବିଣ. (ଅନ୍ୟ ପଦ ପରେ ଯୁକ୍ତ; ଧୃ ଧାତୁ+ଶତୃ)—
Dhṛut ଧୃକ୍ (ଦେଖ)
Dhṛuk (See)

ଧୃତ—ସଂ. ବିଣ. (ଧୃ ଧାତୁ+କର୍ମ. ତ)—୧ । ହାତରେ ଧରା ହୋଇଥିବା—1. Held; caught; seized by the hand.
Dhṛuta
(ଧୃତା—ସ୍ତ୍ରୀ)
୨ । ଗୃହୀତ—2. Taken; accepted.
୩ । ସ୍ଥାପିତ—3. Placed; deposited
୪ । ପିନ୍ଧା ଯାଇଥିବା; ପରିହିତ—4. Worn; put on.
୫ । ଆଲୋଚିତ; ବିବେଚିତ—5. Considered; discussed.
୬ । ଗିରଫ୍ କରାଯାଇ ଥିବା—6. Arrested.
୭ । ବାହିତ—7. Borne; carried.
୮ । ପାଳିତ; ଆଚରିତ—8. Maintained; observed.
୯ । ଅବରୁଦ୍ଧ—9. Beseiged.
୧୦ । ରକ୍ଷିତ—10. Preserved; kept.
୧୧ । ଅଭ୍ୟସ୍ତ—11. Practised; habituated.
୧୨ । ଓଜନ କରା ଯାଇ ଥିବା—12. Weighed.
୧୩ । ଅଧିକୃତ—13. Possessed.
୧୪ । ଅବଲମ୍ବିତ—14. Resorted to.

୧୫ । (+କର୍ତ୍ତୃ. ଚ)—ସ୍ଥିତ—15. Situated.
୧୬ । ପତିତ (ହ. ଶ)—Fallen.
୧୭ । ନିଶ୍ଚିତ—17. Settled; ascertained.
ସଂ. ବି. (+ଭାବ. ତ)—୧ । ଧାରଣ—
1. Containing; holding.
୨ । ଗ୍ରହଣ—2. Acceptance.
୩ । ତ୍ରୟୋଦଶ ମନୁଙ୍କର ଜଣେକ ପୁତ୍ର—
3. A son of the thirteenth Manu.
୪ । ଦ୍ରୁହ୍ୟୁ ବଂଶୀୟ ଧର୍ମଙ୍କ ପୁତ୍ର; ନୃପବିଶେଷ (ଭାଗବତ)—
4. The name of a king of ancient India.
୫ । ଏକପ୍ରକାର ଯୁଦ୍ଧ—
5. A mode of fighting (Apte)
ଦେ. (ପଦ୍ୟ) ବିଣ.—ଧାରଣକାରୀ—
One who puts on anything; wearing.
ରଘୁନାଥ ହେ, ଘନଶ୍ୟାମ ପୀତବାସ ଧୃତ ହେ ।
ରଘୁନାଥ. ବଡ଼ଜଗମୋହନ ।

ଧୃତ କରିବା—ଦେ. କ୍ରି. (ସଂ. ଧୃ ଧାତୁ—ଧରିବା; ଫାରସୀ ଦାର୍ କରନା)—
Dhruta karibā To catch; to seize; to arrest.
ଧରା ପକଡ଼ନା

ଧୃତ ଦଣ୍ଡ—ସଂ. ବିଣ. ପୁଂ ବହୁବ୍ରୀହି; ଧୃତ ହୋଇଅଛି ଦଣ୍ଡ ଯାହାଦ୍ୱାରା)-
Dhruta danda ୧ । ରାଜଦଣ୍ଡଧାରୀ —1 Holding a sceptre.
୨ । ଯଷ୍ଟିଧାରୀ—2. Holding a stick.
୩ । ଦଣ୍ଡଦାତା —3. Inflicting punishment.
୪ । ଦଣ୍ଡିତ—4. Punished; convicted.

ଧୃତ ଦୀଧିତି—ସଂ. ବି.—(ବହୁବ୍ରୀହି; ଧୃତ+ଦୀଧିତି)—ଅଗ୍ନି—
Dhruta didhiti Fire.

ଧୃତ ବର୍ମା—ସଂ. ବିଣ. ପୁଂ (ବହୁବ୍ରୀହି; ଧୃତ+ବର୍ମନ୍; ୧ମା. ୧ବ)—
Dhruta barmā କବଚ ଦ୍ୱାରା ରକ୍ଷିତଦେହ; ବର୍ମଧାରୀ—
(ଧୃତବର୍ମ୍ମା—ଅନ୍ୟରୂପ) Armoured; mailed.
ସଂ. ବି.—ତ୍ରିଗର୍ତ୍ତଦେଶର ରାଜକୁମାର—
Name of a prince of ancient India.
[ଦ୍ର—ଯୁଧିଷ୍ଠିର ଅଶ୍ୱମେଧ କରିବା ପୂର୍ବରୁ ଯେଉଁ ଘୋଡ଼ାକୁ ଛାଡ଼ି ଦେଇ ଥିଲେ ତାକୁ ଏ ବାନ୍ଧି ରଖିବାରୁ ଅର୍ଜୁନ ଏହାଙ୍କ ସଙ୍ଗେ ଯୁଦ୍ଧ କରିଥିଲେ । ହ ଶ]

ଧୃତବ୍ରତ—ସଂ. ବିଣ. ପୁଂ. (ବହୁବ୍ରୀହି; ଧୃତ+ବ୍ରତ)—୧ । ବ୍ରତ
Dhruta brata ଧାରଣକାରୀ; ଗୃହୀତ ବ୍ରତ (ପୁରୁଷ)—
(ଧୃତବ୍ରତା—ସ୍ତ୍ରୀ) 1. One who has taken a religious vow.
୨ । ଅନୁରକ୍ତ—2. Attached; devoted (Apte).
୩ । ନିର୍ଦ୍ଦିଷ୍ଟ ନିୟମର ଅନ୍ତର୍ଗତ—
3. Of a fixed law or order (Apte).
ସଂ. ବି—୧ । ଇନ୍ଦ୍ର—1. Indra (Apte).
୨ । ବରୁଣ—2. Baruna, The Hindu God of the ocean (Apte).
୩ । ଅଗ୍ନି—3. Fire (Apte).
୪ । (ନାମ) ପୁରୁବଂଶୀୟ ଜୟଦ୍ରଥଙ୍କ ପୁତ୍ର ଓ ସତ୍ୟକର୍ମଙ୍କ ପୌତ୍ର (ହ. ଶବ୍ଦସାଗର)—
4. Name of a king of ancient India.

ଧୃତରାଷ୍ଟ୍ର—ସଂ. ବି. ପୁଂ. (ବହୁବ୍ରୀହି; ଧୃତ=ଗୃହୀତ+ରାଷ୍ଟ୍ର=ରାଜ୍ୟ)—
Dhrutarāshtra ୧ । କୁରୁବଂଶୀୟ ଜନ୍ମାନ୍ଧ ରାଜା; ବିଚିତ୍ରବୀର୍ଯ୍ୟ ରାଜାଙ୍କ ବିଧବା ସ୍ତ୍ରୀ ଅମ୍ବିକାଙ୍କ ଗର୍ଭରୁ ବ୍ୟାସଦେବଙ୍କ ଔରସ ସନ୍ତାନ; ଦୁର୍ଯ୍ୟୋଧନଙ୍କ ପିତା—1. Name of the king of the Kurus who was born blind.
[ଦ୍ର—ସତ୍ୟବତୀ ବା ମତ୍ସ୍ୟଗନ୍ଧାଙ୍କ ଗର୍ଭରୁ ଉତ୍ପନ୍ନ ପୁରୁବଂଶୀୟ ରାଜା ଶାନ୍ତନୁଙ୍କର ଏକ ପୁତ୍ର ବିଚିତ୍ରବୀର୍ଯ୍ୟ ଅପୁତ୍ରକ ଅବସ୍ଥାରେ ମୃତ ହେବାରୁ ସତ୍ୟବତୀଙ୍କ ଆଦେଶ ଅନୁସାରେ ବିଚିତ୍ରବୀର୍ଯ୍ୟଙ୍କର ଦୁଇ ସ୍ତ୍ରୀ ମଧ୍ୟରୁ ଜ୍ୟେଷ୍ଠା ଅମ୍ବିକାଙ୍କ ଗର୍ଭରେ ସତ୍ୟବତୀଙ୍କର କାନୀନ ପୁତ୍ର ବେଦବ୍ୟାସ ଧୃତରାଷ୍ଟ୍ରଙ୍କୁ ନିୟୋଗ ବିଧାନ ଅନୁସାରେ ଉତ୍ପାଦନ କଲେ ଓ ଅମ୍ବାଲିକାଙ୍କ ଗର୍ଭରେ ପାଣ୍ଡୁଙ୍କ ଉତ୍ପାଦନ କଲେ । ବେଦବ୍ୟାସଙ୍କ କୃଷ୍ଣବର୍ଣ୍ଣ ଶରୀର ଓ ଜଟାଜୁଟ ଦେଖି ସଙ୍ଗମ ସମୟରେ ଅମ୍ବିକା ଆଖି ବୁଜି ଦେବାରୁ ଧୃତରାଷ୍ଟ୍ର ଜନ୍ମାନ୍ଧ ହେଲେ । ଧୃତରାଷ୍ଟ୍ର ବଡ଼ ଭାଇ ଥାଇଁ ସୁଦ୍ଧା ଜନ୍ମାନ୍ଧ ଥିବାରୁ ତାଙ୍କ ସାନ ଭାଇ ପାଣ୍ଡୁ ରାଜା ହେଲେ । ଧୃତରାଷ୍ଟ୍ର ଗାନ୍ଧାର ଦେଶର ରାଜକନ୍ୟା ଗାନ୍ଧାରୀଙ୍କୁ ବିବାହ କଲେ; ସ୍ୱାମୀ ଜନ୍ମାନ୍ଧ ଥିବାରୁ ଗାନ୍ଧାରୀ ଆମରଣ ଆଖିରେ ଅନ୍ଧପୋଟଳୀ ବାନ୍ଧିଲେ । ଗାନ୍ଧାରୀଙ୍କ ଗର୍ଭରେ ଧୃତରାଷ୍ଟ୍ରଙ୍କର ଦୁର୍ଯ୍ୟୋଧନାଦି ଶତପୁତ୍ର ଜାତ ହେଲେ । ପାଣ୍ଡୁଙ୍କ ଅନ୍ତେ ପାଣ୍ଡୁପୁତ୍ର ଯୁଧିଷ୍ଠିର ଆଦି ରାଜ୍ୟ ପାଇବାରୁ ଦୁର୍ଯ୍ୟୋଧନ ସ୍ୱୀୟ ପିତା ଧୃତରାଷ୍ଟ୍ରଙ୍କ ଜ୍ୟେଷ୍ଠତ୍ୱ ଦାବୀରେ ପାଣ୍ଡବମାନଙ୍କଠାରୁ ରାଜ୍ୟ ଦାବି କଲେ ଓ ଏଥିରୁ କୁରୁକ୍ଷେତ୍ର ଯୁଦ୍ଧ ରୂପ ଭୂମୂଳ କାଣ୍ଡ ଘଟିଲା । କୁରୁକ୍ଷେତ୍ର ଯୁଦ୍ଧ ପରେ ଦୁର୍ଯ୍ୟୋଧନାଦି ପାଣ୍ଡବମାନଙ୍କ ଦ୍ୱାରା ନିହତ ହେବାର ଜାଣି ଧୃତରାଷ୍ଟ୍ର ମନରେ କ୍ରୁଦ୍ଧ ଥିବା ପ୍ରତିହିଂସା ଚରିତାର୍ଥ କରିବାକୁ ଭୀମଙ୍କୁ ଆଲିଙ୍ଗନ କରିବାକୁ ଇଚ୍ଛା ପ୍ରକାଶ କଲେ, କିନ୍ତୁ ଶ୍ରୀକୃଷ୍ଣ ତାଙ୍କ ଅଭିସନ୍ଧି ଜାଣି ଯାଇ ଭୀମଙ୍କର ଗୋଟିଏ ଲୌହ ମୂର୍ତ୍ତି ଗଢ଼ାଇ ଜନ୍ମାନ୍ଧ ରାଜାଙ୍କ ନିକଟରେ ପଠାଇଲେ । ଉକ୍ତ ଲୌହ ଭୀମଙ୍କୁ ଧୃତରାଷ୍ଟ୍ର ଏପରି ଦୃଢ଼ ରୂପେ ଆଲିଙ୍ଗନ କଲେ ଯେ ତାହା ଚୂର୍ଣ୍ଣ ହୋଇଗଲା । ତତ୍ପରେ ଯୁଧିଷ୍ଠିର ଗାନ୍ଧାରୀଙ୍କ ସହିତ ହିମାଳୟକୁ ଗଲେ ଓ କେତେକ ବର୍ଷ ପରେ ସେଠାରେ ପଞ୍ଚତ୍ୱ ପ୍ରାପ୍ତ ହେଲେ ।

ଧୃତରାଷ୍ଟ୍ରଙ୍କ ଶତପୁତ୍ରଙ୍କ ନାମ—
ଦୁର୍ଯ୍ୟୋଧନ, ଦୁର୍ମୁଖ, କର୍ଣ୍ଣ, ଦୁଃଶାସନ,
ଦୁଃଶଳ, ଦୁଃସହ, ଯେ ଦୁର୍ଜୟ, ବିକର୍ଣ୍ଣ ।
ବିବିଂଶତି, ଜଳସନ୍ଧ, ସୁଲୋଚନ,
ବିନ୍ଦ, ଅନୁବିନ୍ଦ, ଯେ ଦୁର୍ଦ୍ଧର୍ଷ, ଦୁଷ୍କର୍ଣ୍ଣ ।
ଚିତ୍ର, ଉପଚିତ୍ର, ସୁବାହୁ, ଦୁର୍ମର୍ଷଣ,
ଚିତ୍ରାକ୍ଷ, ଚିତ୍ରାଙ୍ଗଦ, ଦୁଷ୍ପ୍ରଧର୍ଷଣ ।
ସୁଭୁ, ସମ, ବିବିତ୍ସୁ, ବିକଟ, ଦୁର୍ମଦ,
ଦୁଷ୍ପ୍ରହର୍ଷ, ସୁନାଭ, ନନ୍ଦ, ଉପନନ୍ଦ ।

ଊର୍ଣ୍ଣନାଭ, ସେନାପତି, କୁଣ୍ଡୋଦର,
ସୁଷେଣ, ବଳାକୀ, ସୁବର୍ମା, ମହୋଦର ।
ସୁକୁଣ୍ଡଳ, ଚନ୍ଦ୍ରବର୍ମା, ଯେ ଚନ୍ଦ୍ରବାହୁ,
ଭୀମବେଗ, ତ ଭୀମବଳ, ଭୀମବାହୁ ।
ବଳବର୍ଦ୍ଧନ, କୁଣ୍ଡାଶୀ, ଉଗ୍ରାୟୁଧ,
ବିରାବୀ, ଦୃଢ଼ବର୍ମା, ତହୁଁ ଜରାସନ୍ଧ ।
କନକାୟୁଃ, ଦୃଢ଼କ୍ଷେତ୍ର, ଯେ ପଣ୍ଡିତକ,
ଉଗ୍ରଶ୍ରବା, ଉଗ୍ରସେନ, ସହସ୍ରବାକ ।
ଅପରାଜିତ, ସୋମକୀର୍ତ୍ତି, ସତ୍ୟସନ୍ଧ,
ସେନାନୀ, ବିଶାଳାକ୍ଷ, ପୁଣି ଦୃଢ଼ସନ୍ଧ ।
ଅନୂଦର, ଦୁର୍ମୁଖ, ତହୁଁ ଦୃଢ଼ହସ୍ତ
ବାତବେଗ, ସୁବର୍ଚ୍ଚା, କବଚୀ, ସୁହସ୍ତ ।
ନିଷଙ୍ଗୀ, ଯେ ଆଦିତ୍ୟକେତୁ, ଦଣ୍ଡଧର,
ବହ୍ଵାଶୀ, ପାଶୀ, ନାଗଦତ୍ତ, ଦୁରାଧର ।
ଅଗ୍ରଯାୟୀ, ଉଗ୍ର, ଭୀମରଥ, ବୀରବାହୁ,
ଅଲୋଲୁପ, ଅଭୟ, ପୁଣି ଦୀର୍ଘବାହୁ ।
ଦୀର୍ଘନେତ୍ର, ଦୃଢ଼ରଥ; ଯେ ଭୀମଶର,
ଅନାଧୃଷ୍ୟ, ବୀରଜ, କୁଣ୍ଡଭେଦୀ, ବୀର ।
ଚିତ୍ରଚାପ, ଦୁଷ୍ପରାଜୟ, ଅୟୋବାହୁ,
ଦୃଢ଼ାୟୁଧ, ଦୁର୍ବିମୋଚନ, ମହାବାହୁ ।
ଧନୁର୍ଗ୍ରହ, ଯେ ବ୍ୟୂଢୋରୁ, କନକଧ୍ୱଜ,
ରୌଦ୍ରକର୍ମା ମିଶିଣ ଏ ଶତ ଅଙ୍ଗଜ ।

କୃଷ୍ଣସିଂହ. ମହାଭାରତ. ଆଦି ।]

୨ । ନାଗବିଶେଷ—2. Name of a mythological serpent.

୩ । କୃଷ୍ଣବର୍ଣ୍ଣ ଚଞ୍ଚୁ ଓ ପଦବିଶିଷ୍ଟ ହଂସବିଶେଷ; ଗେଣ୍ଡ଼ାଳି ହଂସ-3. Gander with black legs and bill.

୪ । ଜନମେଜୟ ରାଜାଙ୍କର ଏକପୁତ୍ର—4. Name of a son of king Janamejaya.

୫ । ଉତ୍ତମ ରାଜା—5. A good king (Apte).

୬ । ଉତ୍ତମ ରାଜାଙ୍କଦ୍ୱାରା ସୁଶାସିତ ରାଜ୍ୟ—6. A country ruled by a good king (Apte).

ଧୃତରାଷ୍ଟ୍ରୀ—ସ. ବି. ସ୍ତ୍ରୀ (ଧୃତରାଷ୍ଟ୍ର+ସ୍ତ୍ରୀ. ଈ)—୧ । ହଂସୀ—
Dhṛutarāshṭrī 1. Goose.

୨ । କଶ୍ୟପ ଋଷିଙ୍କର ଏକ ପତ୍ନୀ (ଯେ ହଂସ ଅଣ୍ଡଙ୍କୁ ଜାତ କରିଥିଲେ)--2. Name of one of the wives of sage Kaśyapa.

୩ । ଧୃତରାଷ୍ଟ୍ରଙ୍କ ସ୍ତ୍ରୀ—3. The wife of Dhṛutarāshṭra.

ଧୃତ ଶଙ୍ଖ ଚକ୍ର—ସ. ବିଣ. ପୁଂ (ଧୃତ ଓ ବହୁବ୍ରୀହି; ଶଙ୍ଖ ଓ ଚକ୍ର=ଶଙ୍ଖ-ଚକ୍ର; ଧୃତ ହୋଇଅଛି ଶଙ୍ଖଚକ୍ର ଯାହାଙ୍କ ଦ୍ୱାରା)—ଶଙ୍ଖଚକ୍ରଧାରୀ (ବିଷ୍ଣୁ)—(Bishṇu)
Dhṛuta śaṅkha chakra Holding the conch and the discus in his hands.

[ଦ୍ର—ଏହିପରି 'ଧୃତ' ଶବ୍ଦ ସଙ୍ଗେ ଅନ୍ୟ ଶବ୍ଦ ଯୁକ୍ତ ହୁଏ; ଯଥା—ଧୃତଯଷ୍ଟି; ଧୃତାତପତ୍ର; ଧୃତବସ୍ତ୍ର ।]

ଧୃତାତ୍ମା—ସ.ବିଣ(ବହୁବ୍ରୀହି;ଧୃତ+ଆତ୍ମନ୍; ୧ମା.୧ବ) ୧ । ଆତ୍ମଜ୍ଞାନୀ—
Dhṛutātmā 1. Endowed with spiritual wisdom.

୨ । ସଂଯତଚିତ୍ତ—2. One who has subdued his passions.

୩ । ଧୀର; ଧୈର୍ଯ୍ୟଶାଳୀ —3. Patient.

ସ. ବି—୧ । ବିଷ୍ଣୁଙ୍କର ନାମ—1. A name of Bishṇu.

୨ । ଧୀର ବ୍ୟକ୍ତି; ଧୈର୍ଯ୍ୟଶାଳୀ ବ୍ୟକ୍ତି (ହି. ଶ)—2. A calm and patient person.

ଧୃତି—ସ. ବି. ସ୍ତ୍ରୀ (ଧୃ ଧାତୁ+ଭାବ. ତି)—ଧାରଣ କରିବା—
Dhṛuti 1. Holding.

୨ । ଗ୍ରହଣ—2. Taking.

୩ । ପରିଧାନ—3. Wearing; putting on.

୪ । ଟେକି ଧରିବା—4. Supporting.

୫ । ପୋଷଣ—5. Maintaining.

୬ । ବହନ—6. Carrying.

୭ । ଅଧିକାର କରିବା—7. Possessing; having.

୮ । ଅଟକାଇ ରଖିବା—8. Restraining.

୯ । ଦୃଢ଼ ସଙ୍କଳ୍ପ—9. Resolution

୧୦ । ସାହସ—10. Courage

୧୧ । ଆତ୍ମବଳ—11. Self-command

୧୨ । ଧାରଣା—12. Conviction; impression.

୧୩ । ଧୈର୍ଯ୍ୟ—13. Patience; fortitude.

[ଦ୍ର—ଇଷ୍ଟ ବିୟୋଗରେ ମଧ୍ୟ ମନର ସ୍ଥିରତାକୁ ଧୃତି ବୋଲାଯାଏ ।]

୧୪ । ସ୍ଥୈର୍ଯ୍ୟ; ସ୍ଥିରତା—14. Composure; constancy.

୧୫ । ଅଟଳତା; ଦୃଢ଼ତା—15. Constancy; firmness.

୧୬ । ଇଚ୍ଛା—16 Desire; wish.

୧୭ । ସନ୍ତୋଷ; ଆନନ୍ଦ—17. Contentment; satisfaction; delight; joy.

୧୮ । ସୁଖ—18. Happiness; pleasure.

୧୯ । ଉତ୍ସାହ—19. Encouragement.

୨୦ । ସର୍ବତ୍ର ପ୍ରୀତି —20. Love for all; universal attachment.

୨୧ । ଯାଗ; ଯଜ୍ଞ—21. Vedic sacrifice.

୨୨ । (+କରଣେ. ତି) (ସ୍ତ୍ରୀ) ଷୋଡ଼ଶ ମାତୃକା ମଧ୍ୟରୁ ତ୍ରୟୋଦଶ ମାତୃକା—22. Name of one of the 16 Mātrukās or maternal Deities

୨୩ । ଜ୍ୟୋତିଷୋକ୍ତ ୨୦ ଯୋଗ ମଧ୍ୟରୁ ଏକତମ—23. One of the 20 astrological conjunctions.

୨୪ । ଅଷ୍ଟାଦଶ ଅକ୍ଷରଯୁକ୍ତ ସଂସ୍କୃତ ଛନ୍ଦୋବିଶେଷ—
24. A Sanscrit metre of 18 sylables.
୨୫ । (ସ୍ତ୍ରୀ) ଚନ୍ଦ୍ରଙ୍କ ଷୋଳକଳା ମଧ୍ୟରୁ ଏକ—
25. One of the digits or phases of the moon.
୨୬ । (ସ୍ତ୍ରୀ) ଦକ୍ଷଙ୍କର ଏକ କନ୍ୟା ଓ ଧର୍ମଙ୍କ ପତ୍ନୀ—
26. Name of a daughter of Daksha and wife of Dharma.
୨୮ । (ସ୍ତ୍ରୀ) ଅଶ୍ୱମେଧର ଏକ ଅନୁଷ୍ଠାନର ନାମ—
28. Name of one of the oblations offered in a horse-sacrifice.
୨୯ । (ପୁଂ) ଜୟଦ୍ରଥ ରାଜାଙ୍କ ପୌତ୍ର—
29. Name of a grandson of Jayadratha.
୩୦ । (ପୁଂ) ଏକ ବିଶ୍ୱଦେବଙ୍କ ନାମ—
30. Name of a Biswadeba Deity.
୩୧ । (ପୁଂ) ଚନ୍ଦ୍ରବଂଶୀୟ ବଭ୍ରୁ ରାଜାଙ୍କ ପୁତ୍ର—
31. Name of the son of king Babhru.

ଧୃତିମାନ୍—ସଂ. ବିଣ. ପୁଂ (ଧୃତି+ଅସ୍ତ୍ୟର୍ଥରେ ମତୁ; ୧ମା. ୧ବ.)—
Dhrutimān ୧ । ଧୈର୍ଯ୍ୟଶାଳୀ—1. Patient; forbearing.
(ଧୃତିମତୀ—ସ୍ତ୍ରୀ) ୨ । ଧୀର—2. Calm.
୩ । ଅଟଳ; ଦୃଢ଼—3. Firm; steady; steadfast.
୪ । ଦୃଢ଼ ପ୍ରତିଜ୍ଞ—4. Resolute.
୫ । ସନ୍ତୁଷ୍ଟ—5. Content; satisfied.
୬ । ଆନନ୍ଦିତ; ସୁଖୀ—6. Pleased; happy.
ସଂ. ବି—୧ । ନୃପ ବିଶେଷ—1. Name of a king.
୨ । ଅଗ୍ନି ବିଶେଷ—
2. Name of a sacrificial fire.
୩ । ପୁରାଣୋକ୍ତ କୁଶ ଦ୍ୱୀପସ୍ଥ ବର୍ଷ ବା ଦେଶ ବିଶେଷ—
3. Name of a kingdom in the mythlogical Kuśa island.

ଧୃତି ହୋମ—ସଂ. ବି (୬ଷ୍ଠୀ ତତ୍; ଧୃତି=ଧାରଣ+ହୋମ)—ବିବାହର
Dhṛuti homa ଅଙ୍ଗୀଭୂତ ହୋମବିଶେଷ—Name of a sacrifice performed in the course of the Hindu marriage rites.

ଧ୍ରୁପଦ—ଗ୍ରା. ବି (ସଂ. ଧ୍ରୁବପଦ)—ଧ୍ରୁପଦ (ଦେଖ)
Dhṛupada Dhrupada (See)

ଧୃପଙ୍ଗା (ଇତ୍ୟାଦି)—ଦେ. ବି—୧ । ଧୂରପଙ୍ଗା ଇତ୍ୟାଦି (ଦେଖ)
Dhṛupaṅgā (etc) 1. Dhur-paṅgā etc (See)
(ଧୃପଙ୍ଗା—ଅନ୍ୟରୂପ) ୨ । ଧୂଳା ଇତ୍ୟାଦି (ଦେଖ)
2. Dhūḷā etc (See)

ଧୃଷ୍ (ଧାତୁ)—ସଂ.—୧ । ପ୍ରଗଲ୍ଭ ହେବା—
Dhṛush(root) 1. To be talkative.
୨ । ଦଳନ କରିବା—2. To oppress.
୩ । ଆକ୍ରମଣ କରିବା—3. To assail.

ଧୃଷ୍ଟ—ସଂ. ବିଣ. ପୁଂ (ଧୃଷ୍ ଧାତୁ+କର୍ତ୍ତୃ. ତ)—
Dhṛushṭa ୧ । ନିର୍ଲଜ୍ଜ; ଧୀଠ—1. Shameless; immodest; impudent.
(ଧୃଷ୍ଟା—ସ୍ତ୍ରୀ)
(ଧୃଷ୍ଟତା, ଧାର୍ଷ୍ଟ୍ୟ—ବି) ୨ । ଅବାଧ୍ୟ; ଉଦ୍ଧତ—
2. Insolent; arrogant.
୩ । ପ୍ରଗଲ୍ଭ—3. Bold; forward.
୪ । ଲମ୍ପଟ—4. Adulterous; guilty of adultery.
୫ । ଯେ ଅନୁଚିତ କାର୍ଯ୍ୟ କରି ସୁଦ୍ଧା ଦାମ୍ଭିକତା ବା ମୁହଁଭିଡ଼ିକୁ ବାହାର କରେ—
5. Brazen-faced.
ସଂ. ବି—୧ । ନାୟକବିଶେଷ; ଯେଉଁ ନାୟକ ଅନ୍ୟ ନାୟିକା ପ୍ରତି ଆସକ୍ତି ହେତୁ ଅପରାଧ କରି ସୁଦ୍ଧା ଶଙ୍କାଶୂନ୍ୟ ହୁଏ ଓ ତିରସ୍କୃତ ହୋଇ ମଧ୍ୟ ନିର୍ଲଜ୍ଜ ହୁଏ ଏବଂ ମିଥ୍ୟା କହି ନିଜ ଦୋଷ ଗୋପନ କରେ—
1. An insolent and impudent lover who pays attention to more than one woman and assumes an air of innocence before each of them.
୨ । (ନାମ) ଚେଦିବଂଶୀୟ କୁନ୍ତୀ ରାଜାଙ୍କ ପୁତ୍ର—
2 Name of a son of king Kunti.
୩ । (ନାମ) ଭାଗବତୋକ୍ତ ସପ୍ତମ ମନୁଙ୍କର ଏକ ପୁତ୍ର—
3. Name of a son of the 7th Manu.
୪ । ଅସ୍ତ୍ରର ସଂହାର (ଦ୍ର. ଶବ୍ଦସାଗର)—
4. The withdrawal of the effects of a weapon.

ଧୃଷ୍ଟତା—ସଂ. ବି (ଧୃଷ୍ଟ+ଭାବାର୍ଥେ ତା)—୧ । ନିର୍ଲଜ୍ଜତା—
Dhṛushṭatā 1. Shamelessness; impudence.
ଧୃଷ୍ଟତ୍ୱ / ଧୃଷ୍ଟତା / ଧୃଷ୍ଟତ୍ୱ } ଅନ୍ୟରୂପ
୨ । ଔଦ୍ଧତ୍ୟ; ଅବାଧ୍ୟତା—
2. Arrogance; insolence.
୩ । ପ୍ରଗଲ୍ଭତା—3. Forwardness.

ଧୃଷ୍ଟଦ୍ୟୁମ୍ନ—ସଂ. ବି (ବହୁବ୍ରୀହି; ଧୃଷ୍ଟ=ପ୍ରଗଲ୍ଭ+ଦ୍ୟୁମ୍ନ=ବାଳ)—
Dhṛushṭadyumna ଦ୍ରୁପଦ ରାଜାଙ୍କ ପୁତ୍ର; ଦ୍ରୌପଦୀଙ୍କ ଭାଇ—
Name of the son of king Drupada.

[ଦ୍ର—ଏ ମହାଭାରତ ଯୁଦ୍ଧରେ ପାଣ୍ଡବଙ୍କ ପକ୍ଷରେ ଯୁଦ୍ଧ କରିଥିଲେ । ଏ ଦ୍ରୋଣଙ୍କ ମସ୍ତକ ଛେଦନ କରିଥିବାରୁ ଦ୍ରୋଣପୁତ୍ର ଅଶ୍ୱତ୍ଥାମା ଏହାଙ୍କୁ ବଧ କଲେ ।]

ଧୃଷ୍ଟ ନାୟକ—ସଂ. ବି—ଧୃଷ୍ଟ (ଦେଖ)
Dhṛushṭa nāyaka Dṛushṭa (See)

ଧୃଷ୍ଟା—ସଂ. ବିଣ. ସ୍ତ୍ରୀ. (ଧୃଷ୍ଟ+ସ୍ତ୍ରୀ. ଆ)—ଧୃଷ୍ଟର ସ୍ତ୍ରୀଲିଙ୍ଗ—
Dhṛushṭā Feminine of Dhṛushṭa.
୧ । ଅସତୀ (ସ୍ତ୍ରୀ)—1. Unchaste (woman).

୨ । ଧର୍ଷିତା; ଯେଉଁ ସ୍ତ୍ରୀର ସତୀତ୍ୱ ନଷ୍ଟ କରାଯାଇ ଅଛି—
2. Violated (woman); ravished.

ଧୃଷ୍ଟି—ସଂ. ବି. (ଧୃଷ୍ ଧାତୁ+ତି)—
Dhrushti ୧ । (ନାମ) ହିରଣ୍ୟାକ୍ଷ ଦୈତ୍ୟର ଏକ ପୁତ୍ର—
1 Name of a son of Hiranyāksha.
୨ । (ନାମ) ଦଶରଥ ରାଜାଙ୍କର ଏକ ମନ୍ତ୍ରୀ—
2. The name of a minister of King Daśaratha.
୩ । ଯଜ୍ଞପାତ୍ରବିଶେଷ—
3. A kind of sacrificial vessel.

ଧୃଷ୍ଣି - ସଂ. ବି. (ଧୃଷ୍ ଧାତୁ=ପ୍ରଗଲ୍ଭ ହେବା+କରଣ. ନି)—
Dhrushni ୧ । କିରଣ—1. Rays.
୨ । ଆଲୋକ—2. Light.

ଧୃଷ୍ଣୁ—ସଂ. ବିଣ. ପୁଂ. (ଧୃଷ୍ ଧାତୁ+ଶୀଳାର୍ଥରେ. ନୁ)—
Dhrushnu ୧ । ଧୃଷ୍ଟ—1. Arrogant; insolent;
୨ । ନିର୍ଲଜ୍ଜ—2. Shameless.
୩ । ସହିଷ୍ଣୁ—3. Patient; enduring; forbearing.
ସଂ. ବି—୧ । (ନାମ) ବୈବସ୍ୱତ ମନୁଙ୍କର ଏକ ପୁତ୍ର—
1. Name of a son of Baibaswata Manu.
୨ । ସାବର୍ଣ୍ଣି ମନୁଙ୍କର ଏକ ପୁତ୍ର—
2. Name of a son of Sābarnna Manu.
୩ । ଏକ ରୁଦ୍ରଙ୍କ ନାମ—
3. Name of one of the Rudra Deities.

ଧୃଷ୍ୟ—ସଂ ବିଣ. ପୁଂ. (ଧୃଷ୍ ଧାତୁ=ପ୍ରଗଲ୍ଭ ହେବା+କର୍ମ. ଯ)—
Dhrushya ଧର୍ଷଣୀୟ; ଦଳନୀୟ—Assailable; conquerable; governable.
(ଧୃଷ୍ୟା—ସ୍ତ୍ରୀ)

ଧେ (ଧାତୁ)—ସଂ—ପାନ କରିବା—
Dhe root) To drink.

ଧେଇ—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଅନଦ୍ଧ ବାଦ୍ୟର ଧ୍ୱନିବିଶେଷ; ମୃଦଙ୍ଗ ଆଦିର ବୋଲକିଟ ବା ବୋଲିଟ—
Dhei 1. A word signifying measured sound of drums.
ধেই, ধেইআ, ধেয়া
धेइधेइ
୨ । (ଲକ୍ଷଣାର୍ଥ) ତାଧେଇ; ଚଞ୍ଚଳ ପଦକ୍ଷେପ ପୂର୍ବକ ନୃତ୍ୟ; ଧାବନସହ ନୃତ୍ୟ—2. Brisk dance; brisk dancing to music; a word signifying a movement in dancing.
[ଦ୍ର—ସାଧାରଣତଃ ଧେଇ ଧେଇ ତତାଲ ଆଦିର ଧ୍ୱନି ଓ ଥେଇ ଥେଇ ନୃତ୍ୟାଦି ସୂଚନା କରେ ।]
୩ । (ଉପହାସ ବା ବିଦ୍ରୂପ ସୂଚକ ଅବ୍ୟୟ) ଅହୋ !
3. (an interjection used in irony) Hallo !

ଧେଇଆ—ଦେ. ଅ—ଧେଇ (ଦେଖ)
Dheiā Dhei (See)
ଧେଇଆ ! ଯାହା କହୁଥିଲ ସେଇଆ—ଚଗ ।

ଧେଇକି—ଦେ. ଅ—ଧେଇ (ଦେଖ)
Dheiki Dhei (See)
(ଧେଇକି ଧେଇ—ଅନ୍ୟରୂପ)
ଧେଇକି ରେ ! ଭଲା ସ୍ୱପ୍ନ ସୁଖ ଦେଇକି ରେ—ଚଗ ।

ଧେଇତା—ଦେ. ଅ - ଧେଇ (ଦେଖ)
Dheitā Dhei (See)
ଧେଇତା ! ଯାହା କହୁଥିଲ ସେଇତା—ଚଗ ।

ଧେଇତା ରଗଡ଼ ଥୋ—ଦେ. ଅ—ଧେଇ (ଦେଖ)
Dheitā ragarda tho Dhei (See)
(ଧେଇତ ରଗଡ଼ ଥୋ—ଅନ୍ୟରୂପ)

ଧେଇ ତିନି କିଟି ଥୋ—ଦେ. ଅ—ଧେଇ (ଦେଖ)
Dhei tini kiti tho Dhei (See)

ଧେଇ ଧେଇ—ଦେ. ଅ - ୧ । ଧେଇ (ଦେଖ)
Dhei dhei 1. Dhei (See)
ତା ଧେଇ ଧେଇ ଧେଇକି ନାଚ, ମନା ପିଲଙ୍କୁ କେଉଁଠି ପାଉ ।
ଶିଶୁରଞ୍ଜନ ପଦ ।
୨ । (ଲକ୍ଷଣାର୍ଥ) ଥେଇ ଥେଇ; ତାଣ୍ଡବ; ପଦକ୍ଷେପସହ କଳହ; ଯେଉଁ କଳହ ବେଳେ କଳହକାରୀ ପକ୍ଷମାନେ ନାଚ କୁଦ କରୁଥାନ୍ତି—2. Violent dancing, quarrel accompanied with dancing; boisterous quarrelling.

ଧେଇ ଧେଇକା—ଦେ. ଅ—୧ । ଧେଇ (ଦେଖ)
Dhei dheikā 1. Dhei (See)
୨ । ଧେଇ ଧେଇ (ଦେଖ)—2. Dhei dhei (See)

ଧେଇ ଧେଇତା—ଦେ. ଅ—ଧେଇ (ଦେଖ)
Dhei dheitā Dhei (See)

ଧେଇ ଧେଇ ଧେଇକି ନାଟ—ଦେ. ବି. (ଶିଶୁରଞ୍ଜନ ପଦ)—
Dhei dhei dheiki nāta ଚାଲି ନ ଥିବା ପିଲାଙ୍କୁ ଧରି ନଚାଇବା ବେଳେ ବୋଲାଯିବା ପଦବିଶେଷ—
A sentence or formula lisped by an elder while holding a child up for making it dance.

ଧେଁକ୍ ଧେଁକ୍ ଥେଇ ଥେଇ—ଦେ. ଅ. (ଧ୍ୱନ୍ୟନୁକରଣ)—
Dheṅk dheṅk thei thei ବାଦ୍ୟ ଧ୍ୱନିବିଶେଷ—
The sound of musical instrumeants.
ଧେଁକ୍ ଧେଁକ୍ ଥେଇ ଥେଇ ଦୁନ୍ଦୁଭି ବାଜେ । ରାଧା. ରସସଂପୂର୍ଣ୍ଣ ।

ଧେଡ଼—ଦେ. ବି. ପୁଂ—୧ । ନୀଚ ଅସ୍ପୃଶ୍ୟ ଅନାର୍ଯ୍ୟ ଜାତିବିଶେଷ—
Dherda 1. A low class of untouchables.
ଧେଡ଼ୀ } ସ୍ତ୍ରୀ
ଧେଡ଼ଆଣୀ }
ढेढ़; धेर
[ଦ୍ର—ଧେଡ଼ ନାମକ ଅନାର୍ଯ୍ୟଜାତିର ଲୋକେ ରାଜପୁତାନା, ପଞ୍ଜାବ ଓ ସଂଯୁକ୍ତପ୍ରଦେଶର ପଶ୍ଚିମ ଜିଲ୍ଲାମାନଙ୍କରେ ଅଛନ୍ତି । ଏମାନେ ଗ୍ରାମର ବାହାରେ ରହନ୍ତି ଓ ମୃତ ଗୋମେଷାଦିଙ୍କ ମାଂସ ଖାଆନ୍ତି । ରାଜପୁତାନାରେ ଏମାନେ ମୃତ ଗାଈବଳଦଙ୍କ ଚମଡ଼ା ଉତାରି ଚମାର (ମୋଚି)ଙ୍କୁ ଦିଅନ୍ତି । ରାଜପୁତନାର ଧେଡ଼ମାନେ ଶୂକର ମାଂସ ଖାଆନ୍ତି ନାହିଁ—ହି. ଶବ୍ଦସାଗର ।]

୨ । ଦକ୍ଷିଣିଆ ଝାଡ଼ୁ ଜାତ—2. A low caste of sweepers hailing from S. India.

ଦେ. ବଣ—ଅସ୍ଥିକଙ୍କାଳମାତ୍ରାବଶିଷ୍ଟ ତଥା ଅପରିଷ୍କୃତ ଅପରିଚ୍ଛନ୍ନ; ଖାଇବାକୁ ନ ପାଇବାରୁ ଯାହାର ଦେହ ଶୀର୍ଣ୍ଣ ହୋଇ ହାଡ଼ମାନ ବାହାରି ପଡ଼ିଥାଏ ଏବଂ ଯାହାର ଲୁଗାପଟା ଅତି ମଇଳା—(a person) Reduced to skeleton as a result of forced fasting or starvation and very unclean.

ଧେଢ଼ି—ଦେ. ବି. (ସଂ. ଡିଣ୍ଡିଷ=ଢେଣ୍ଡୀଫଳ; ଏହା ଢେଣ୍ଡୀଫଳ ଭଳି ହୋଇଥିବାରୁ)—କୋଳପର କର୍ଣ୍ଣାଳଙ୍କାରବିଶେଷ—
Dherdi
ঢেঁড়ী; ধেঁড়ি A kind of ear-ring.
ढेंढ़ी ପ୍ରାଦେ. (ସିଂହଭୂମ) ବି—ଡାପ; କର୍ଣ୍ଣାଳଙ୍କାରବିଶେଷ—A kind of flat ear-ornament.
ପ୍ରାଦେ. (ସମ୍ବଲପୁର) ବି—ଚିରାଧଡ଼ି—Borders of a torn old cloth.

ଧେଢ଼ିଆ—ଦେ. ବଣ—ଧଡ଼ିଆ; ଅତି ଶୀର୍ଣ୍ଣକାୟ—
Dherdiā Emaciated; reduced to skeleton.
(ଧେଢ଼ଙ୍ଗା, ଧେଢ଼େଙ୍ଗା—ଅନ୍ୟରୂପ)
দোবলা **दुबला**

ଧେଣ୍ଟ—ପ୍ରାଦେ. (କଳାହାଣ୍ଡି) ବି—ବେଣ୍ଟ—
Dhenta Handle.

ଧେଣ୍ଡୁଅ—ପ୍ରାଦେ. (ଯାଜପୁର) ବି. (ସଂ. ଡୁଣ୍ଡୁଭ)—ଧଣ୍ଡସାପ—
Dhendua A non-poisonous water-snake.

ଧେଣ୍ଡୁରା—ଦେ. ବି. (ସଂ. ଡିଣ୍ଡିମ)—୧ । ଢକ୍କା; ଡମ୍ଫ; ଡିଣ୍ଡିମ; ନାଗରା—1. Drum; tomtom.
Dhendurā
(ଧେଣ୍ଡୁରା, ଫେଣ୍ଡେରା—ଅନ୍ୟରୂପ) ୨ । ଡିଣ୍ଡିମ ବଜାଯାଇ ସର୍ବସାଧାରଣରେ କରାଯିବା ଘୋଷଣା—
ঢেঁটরা; ঢেঁড়রা; ঢেঁড়া
ढँढोरा; ढिन्ढोरा; डान्डी 2. A proclamation by beat of drum.

ଧେଣ୍ଡୁରା ଦେବା—ଦେ.କ୍ରି—୧ । ଡିଣ୍ଡିମ ବଜାଇବା; ନାଗରା ପିଟିବା—
Dhendurā debā 1. To beat a drum.
ଧେଣ୍ଡୁରା ପିଟିବା } ଅନ୍ୟରୂପ, ୨। ନାଗରା ପିଟି କୌଣସି ବିଷୟ ଘୋଷଣା କରିବା—
ଧେଣ୍ଡୁରା ବଜା(ଜେ)ଇବା
ঢেঁটরা বা ঢেঁড়াপেটা 2. To proclaim anything by beat of drum.
ढँढोरा पीटना
ଧେଣ୍ଡୁରା ବଥାଇବା } ଶିଳାନ୍ତରୂପ ୩ । ସର୍ବସାଧାରଣରେ କୌଣସି ବିଷୟ ପ୍ରକଟ କରିବା—3. To proclaim a matter publicly, to publish any matter.
ଧେଣ୍ଡୁରାପିଟା(ଟେ)ଇବା

ଧେଣ୍ଡୁରା ପିଟା—ଦେ. ବି—୧ । ଡିଣ୍ଡିମ ବାଦନ—
Dhendurā pitā 1. Beating of drum.
ঢেঁটরাপিটা ୨ । ଡିଣ୍ଡିମବାଦନଦ୍ୱାରା କୌଣସି ବିଷୟର ଘୋଷଣା—
ढिंढोरा पिटना 2. Proclamation by beat of drum.
୩ । ସର୍ବସାଧାରଣରେ କୌଣସି ବିଷୟର ପ୍ରକଟନ—3. Publication of any matter.

ଧେଣ୍ଡୁରିଆ—ଦେ. ବି—ଯେ ଡିଣ୍ଡିମ ବଜାଏ; ନାଗରଚୀ—
Dhenduriā One who beats the drum;
ढिंढोरिया; ढँढोरची drummer.

ଧେନ—ସଂ. ବି. (ଧେ ଧାତୁ=ପାନ କରିବା+ସଂଜ୍ଞାର୍ଥରେ ନ)—
Dhena ୧ । ସମୁଦ୍ର—1. The ocean.
୨ । ନଦ; ବଡ଼ ଅଗଭୀର ନଈ—2. A large and shallow river.

ଧେନା—ସଂ. ବି. ସ୍ତ୍ରୀ. (ଧେ ଧାତୁ+ନ+ସ୍ତ୍ରୀ. ଆ)—୧ । ନଦୀ—
Dhenā 1. River.
୨ । ଭାରତୀ; ବଚନ—2. Words.

ଧେନିକା—ସଂ. ବି. ସ୍ତ୍ରୀ. (ଧେ ଧାତୁ+ନ+ସ୍ୱାର୍ଥରେ କ+ସ୍ତ୍ରୀ. ଆ)—
Dhenikā ଧନିଆଁ; ଧଣିଆ—Coriander seed.

ଧେନୁ—ସଂ. ବି. ସ୍ତ୍ରୀ. (ଧେ ଧାତୁ+ସଂଜ୍ଞାର୍ଥରେ କର୍ତ୍ତୃ. ନୁ)—
Dhenu ୧ । ସବତ୍ସା ଗୋ; ନବପ୍ରସୂତିକା ଗାଈ—1. Lately calved cow.
୨ । ସବତ୍ସା ଦୁଗ୍ଧବତୀ ଗାଈ—2. A milch cow with calf.
୩ । ଗାଈ—3. Cow.
୪ । ପୃଥିବୀ—4. The earth.

ଧେନୁକ—ସଂ. ବି. ପୁଂ. (ଧେନୁ+କ)—୧ । ଅସୁରବିଶେଷ—
Dhenuka 1. Name of a demon.
[ଦ୍ର—ଶ୍ରୀକୃଷ୍ଣ ଏହାକୁ ବିନାଶ କରିଥିଲେ (ପ୍ରକୃତିବାଦ) । ହି. ଶବ୍ଦସାଗର ଓ 'ଅପ୍ଟେ' କହନ୍ତି ବଳରାମ ଏହାର ସଂହାରକ ।]
୨ । ରତିମଞ୍ଜରୀ ବର୍ଣ୍ଣିତ ଷୋଡ଼ଶ ରତିବନ୍ଧମଧ୍ୟରୁ ଦ୍ୱାଦଶବନ୍ଧ (ଯହିଁରେ ବୃଷ ଗାଈକୁ ସହବାସ କରିବା ପ୍ରକ୍ରିୟାର ଅନୁକରଣ କରାଯାଏ)—2. The 12th of the 16 postures in copulation (as described in the Indian books of sexual sience).
୩ । ତୀର୍ଥବିଶେଷ—3. Name of a sacred place of the Hindus.
[ଦ୍ର—ଏଠାରେ ସ୍ନାନ କରି ତିଲ ଭର୍ତ୍ତି ଧେନୁ ଦାନ କରିବାର ବିଧାନ ଅଛି—ହି. ଶବ୍ଦସାଗର ।]

ଧେନୁକ ପାଳ—ଦେ. ବି—ବଳରାମ; ଶ୍ରୀକୃଷ୍ଣଙ୍କ ବଡ଼ଭାଇ—
Dhenuka pāla Balarāma.
ଧେନୁକ ଧେନୁକ ପାଳ ତାକାଉଁ ନାହିଁ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଧେନୁକ ସୁଦନ—ସଂ. ବି. (ବହୁବ୍ରୀହି; ଧେନୁକ+ସୂଦନ)—୧ । (ଧେନୁକ ନାମକ ଅସୁରର ବିନାଶକ) ଶ୍ରୀକୃଷ୍ଣ—
Dhenuka sūdana
(ଧେନୁକ ନିସୂଦନ—ଅନ୍ୟରୂପ) Srikrushna, the destroyer of the demon Dhenuka.
୨ । ବଳରାମ—2. A name of Balarāma.
[ଦ୍ର—ଅପ୍ଟେ ଓ ହି. ଶବ୍ଦସାଗର ମତରେ ବଳରାମ ଏହି ଅସୁରକୁ ବିନାଶ କରିଥିଲେ; ପ୍ରକୃତିବାଦ ମତରେ ଶ୍ରୀକୃଷ୍ଣ ଏହାକୁ ବଧ କରିଥିଲେ ।]

ଧେନୁକା—ସଂ. ବି. ସ୍ତ୍ରୀ (ଧେନୁ+କ+ସ୍ତ୍ରୀ. ଆ)—୧ । ହସ୍ତିନୀ—
Dhenukā 1. A female elephant.
୨ । ଧେନୁ; ଗାଈ—2. A milch cow.
୩ । ପଶୁ ନାୟିକା (ପ୍ରକୃତିବାଦ)—
3. A female leader of a herd of beasts.

ଧେନୁକାରି—ସଂ. ବି. (୬ଷ୍ଠୀ ତତ୍; ଧେନୁକ+ଅରି)—
Dhenukāri ଧେନୁକ ସୂଦନ (ଦେଖ)—
Dhenuka sūdana (See)

ଧେନୁ ଦୁଗ୍ଧ—ସଂ. ବି.—(୬ଷ୍ଠୀ ତତ୍; ଧେନୁ+ଦୁଗ୍ଧ)— ୧ । ଗାଈଦୁଧ—
Dhenu dugdha 1 Cow's milk.
୨ । (ଧେନୁ ଦୁଗ୍ଧ ପରି ସ୍ୱାଦୁ ବୋଲି) ଚର୍ଭିଟି; ଫୁଟିକାକୁଡ଼ି—
2 Melon.

ଧେନୁ ଦୁଗ୍ଧକର—ସଂ. ବିଣ.—ଯାହା ଖାଇଲେ ଗାଈଙ୍କଠାରେ ବେଶୀ ଦୁଧ
Dhenu dugdhakara ହୁଏ—That which produces much milk in cows, when eaten; lactative (medicine) for cows.
ସଂ. ବି.—ଗାଜର; ଗର୍ଜର—Carrot; Daucus Carota.

ଧେନୁ ମକ୍ଷିକା—ସଂ. ବି. ସ୍ତ୍ରୀ. (ମ. ପ. ଲୋ. କର୍ମଧା; ଧେନୁ+ମକ୍ଷିକା)—
Dhenu makshikā ଦଂଶ; ଡାଆଁଶ—Gadfly.

ଧେନୁମତୀ—ସଂ. ବି.—୧ । ଗୋମତୀ ନଦୀ—
Dhenumatī 1. The river Goomti.
୨ । ଭରତ ବଂଶୀୟ ରାଜା ଦେବଦ୍ୟୁମ୍ନଙ୍କ ପତ୍ନୀ—
2. Name of the queen of king Debadyumna.

ଧେନୁ ମୁଖ—ସଂ. ବି. (ବହୁବ୍ରୀହି; ଧେନୁର ମୁଖ ପରି ମୁଖ ଯାହାର)
Dhenu mukha ଗୋମୁଖ ନାମକ ବାଦ୍ୟ (ହି. ଶ.); ଏକପ୍ରକାର ତୂରୀ—A kind of musical instrument; a sort of trumpet.

ଧେନୁ ମୂଲ୍ୟ—ସଂ. ବି. (୬ଷ୍ଠୀ ତତ୍; ଧେନୁ+ମୂଲ୍ୟ)—ପ୍ରାୟଶ୍ଚିତ୍ତାଦିରେ
Dhenu mūlya ଶାସ୍ତ୍ରବିହିତ ଧେନୁ ଦାନ ପରିବର୍ତ୍ତରେ ଧେନୁର ଉପକଳ୍ପିତ ମୂଲ୍ୟ—Cash price given away to Brāhmaṇas in lieu of a cow enjoined to be given in the Śāstras.

ଧେନୁମୂଲ୍ୟୋପକଳ୍ପିତ—ସଂ. ବିଣ. (୩ୟା ତତ୍; ଧେନୁ ମୂଲ୍ୟ+ଉପକଳ୍ପିତ)
Dhenumūlyopaklpita ଶାସ୍ତ୍ର ଅନୁସାରେ ଦେୟ ଗାଈ (ଧେନୁମୂଲ୍ୟୋପକଳ୍ପିତା—ସ୍ତ୍ରୀ) ପରିବର୍ତ୍ତରେ ତାହାର ମୂଲ୍ୟ ରୂପେ ସ୍ଥିରୀକୃତ (ଧନ)—(cash) Adjudged as the price of and given in lieu of a cow to be given away as religious gift.

ଧେନୁଷ୍ୟ—ସଂ.ବିଣ.ପୁଂ. (ଧେନୁ=ସବତ୍ସା ଗୋ+ଯ; ନିପାତନ)—ଯେଉଁ
Dhenushya ବ୍ୟକ୍ତି ଦୁହାଁଳ ଗାଈକୁ ବନ୍ଧକ ଦେଇ ମହାଜନଠାରୁ (ଧେନୁଷ୍ୟା—ସ୍ତ୍ରୀ) କରଜ କରେ—(a person) Borrowing money by the piedge of a milch cow.

ଧେନୁଷ୍ୟା—ସଂ. ବି. ସ୍ତ୍ରୀ. (ଧେନୁଷ୍ୟ+ସ୍ତ୍ରୀ. ଆ)—ମହାଜନ ନିକଟରେ
Dhenushyā ବନ୍ଧକ ସ୍ୱରୂପ ରଖାଯିବା ଗାଈ—A cow pledged to a creditor; the pledge of a cow.

ଧେୟ—ସଂ. ବିଣ. (ଧା ଧାତୁ=ରଖିବା, ଗ୍ରହଣ କରିବା+କର୍ମି. ଯ)—
Dheya ୧ । ଗ୍ରାହ୍ୟ; ଯାହା ଧାରଣ କରିବା ଯୋଗ୍ୟ; ଧାର୍ଯ୍ୟ—
(ଧେୟା—ସ୍ତ୍ରୀ) 1. Fit to be held or kept; fit to be accepted or taken.
୨ । ଜ୍ଞେୟ; ଜ୍ଞାନଗମ୍ୟ; ଜଣାଯିବାର ଯୋଗ୍ୟ—
2. Fit to be known.
୩ । ଡାକିବାର ଯୋଗ୍ୟ—3 Fit to be called.
୪ । ପୋଷ୍ୟ; ପୋଷଣୀୟ (ହି. ଶବ୍ଦସାଗର)—
4. Maintainable.
୫ । (ଧେ ଧାତୁ=ପିଇବା+କର୍ମି. ଯ) ପେୟ; ପିଇବାର ଯୋଗ୍ୟ (ହି. ଶ.)—5. Drinkable.
ସଂ. ଅ.—ସ୍ୱାର୍ଥରେ ପ୍ରତ୍ୟୟ ବିଶେଷ; (ଏହା ନାମ ଓ ଭାଗଶବ୍ଦ ପରେ ସ୍ୱାର୍ଥରେ ପ୍ରତ୍ୟୟ ହୁଏ; ଯଥା ନାମଧେୟ=ନାମ; ଭାଗଧେୟ=ଭାଗ)—A suffix added to the words Nāme and Bhāga to denote identity.
[ଦ୍ର—ଜ୍ଞାନେନ୍ଦ୍ର ଚାନ୍ଦ୍ର ଅଭିଧାନରେ ଧେୟ ଶବ୍ଦର ବିଶେଷଣ ରୂପେ ଅର୍ପିତ, ସୂଚିତ, ଧାରୀ, ପ୍ରାପ୍ତ ଅର୍ଥମାନ ଦେଇ ତହିଁର ଉଦାହରଣ ସ୍ୱରୂପ ନାମଧେୟ=ନାମଧାରୀ; ଭାଗଧେୟ=ଭାଗ୍ୟବାନ୍, ଭାଗୀ ଅର୍ଥ ଲେଖିଅଛନ୍ତି, କିନ୍ତୁ ଏହା ଠିକ୍ ନୁହେଁ । ଅନ୍ୟାନ୍ୟ ପ୍ରାମାଣିକ ଅଭିଧାନ ମାନ (ଯଥା ଆପ୍ଟେ, ପ୍ରକୃତିବାଦ, ମନିଅର୍ ଉଇଲିଅମ୍ସ, ହିନ୍ଦୀ ଶବ୍ଦସାଗର) ଏହା ଗ୍ରହଣ କରି ନାହାନ୍ତି । ନାମଧେୟ ଶବ୍ଦର ଏକାକୀ ପ୍ରୟୋଗ ହେଲେ ଏଥିର ଅର୍ଥ ନାମ; ଏହା ବହୁବ୍ରୀହି ସମାସରେ ତନ୍ନାମଧେୟ, କଂନାମଧେୟ ରୂପେ ବ୍ୟବହୃତ ହୁଏ । ନାମଧେୟ ବିଶେଷଣ ପଦ ନୁହେଁ; ଏହା ବିଶେଷ୍ୟ ।]

ଧେୟା—ଦେ. ଅ—ଧେଇ (ଦେଖ)
Dheyā Dhei (See)

ଧେୟାତା—ଦେ. ଅ—ଧେଇ (ଦେଖ)
Dheyātā Dhei (See)

ଧେୟାତାଧେୟା—ଦେ. ଅ—ଧେଇ (ଦେଖ)
Dheyātādheyā Dhei (See)

ଧୈନବ—ସଂ. ବିଣ—(ଧେନୁ+ଉତ୍ପନ୍ନାର୍ଥେ. ଅ)—ଗାଈଠାରୁ ଉତ୍ପନ୍ନ—
Dhainaba Produced or got from a cow.
(ଧୈନବୀ—ସ୍ତ୍ରୀ) ସଂ. ବି—ବାଛୁରୀ—Calf.

ଧୈନୁକ—ସଂ.ବି (ଧେନୁକ+ସମୂହାର୍ଥରେ ଅ)—ଧେନୁସମୂହ;ଗାଈପଲ—
Dhainuka A herd of cows; kine; cattle.

ଧୈବତ—ସଂ. ବି (ଧୀମତ୍+ଅ; ନିପାତନ ଅଥବା ଧେ ଧାତୁ+ଐବତ)—
Dhaibata ସାରେଗାମାପାଧାନି ବା ସପ୍ତସ୍ୱରର ଅନ୍ତର୍ଗତ ୬ଷ୍ଠ ସ୍ୱର; ହିନ୍ଦୁ ସଙ୍ଗୀତର ସ୍ୱରଗ୍ରାମର ୬ଷ୍ଠ ସ୍ୱର; ଧା—

The 6th note of the Hindu musical gamut; 'Dha'.
[ଦ୍ର— ନାରଦଙ୍କ ମତରେ ଏହା ଅଷ୍ଟର ସ୍ୱର, ମାତ୍ର ପାରସିକ ତାନ୍‌ସେନ୍‌ଙ୍କ ମତରେ ଏହା ଭେକର ସ୍ୱର ଅଟେ । 'ସ୍ୱର' ଭଳେ ନୋଟ ଦେଖ ।]

ଧୈରଜ—ଗ୍ରା. ବି (ସ. ଧୈର୍ଯ୍ୟ)—ଧୈର୍ଯ୍ୟ—
Dhairaja Patience.
ধেরজ; धीरज

ଧୈରଜମାନ —ଗ୍ରା. ବଣ (ସଂ. ଧୈର୍ଯ୍ୟବାନ୍)—ଧୈର୍ଯ୍ୟଶୀଳ—
Dhairajamāna Patient.
ধৈরজমান; धीरजमान

ଧୈରି—ଦେ. ବି.— ଧଇରି (ଦେଖ)
Dhairi Dhairi (See)

ଧୈର୍ଯ୍ୟ —ସଂ.ବି (ଧୀର+ଭାବାର୍ଥରେ ଯ)—୧ । ଧୀରତା;ମନର ସ୍ଥିରତା—
Dhairjya 1. Patience.
୨ । ସହିଷ୍ଣୁତା—2. Fortitude; forbearance; endurance.
୩ । ଦୃଢ଼ତା; ସ୍ଥିରତା—3. Firmness;steadfastness.
ଗ୍ରା. ବି—(ସଂ ସ୍ଥବିର)—ପ୍ରୌଢ଼ାବସ୍ଥା—Adult stage of life.
ବାଳ ଯୁବକ ଧୈର୍ଯ୍ୟ ବୃଦ୍ଧ, ତୋହର କାହିଁ ଜନ୍ମ ବଧ
ଭୂପତି. ପ୍ରେମପଞ୍ଚାମୃତ ।

ଧୈର୍ଯ୍ୟ ଚ୍ୟୁତ—ସଂ. ବଣ. ପୁଂ (୫ମୀ ତତ୍; ଧୈର୍ଯ୍ୟ+ଚ୍ୟୁତ)—ଅଧୀର;
Dhairjya chyuta ଅସମ୍ଭାଳ—One who has lost one's
(ଧୈର୍ଯ୍ୟ ଚ୍ୟୁତା—ସ୍ତ୍ରୀ) patience; impatient.

ଧୈର୍ଯ୍ୟ ଚ୍ୟୁତି—ସଂ. ବି (୬ଷ୍ଠୀ ତତ୍; ଧୈର୍ଯ୍ୟ+ଚ୍ୟୁତି)—ମାନସିକ
Dhairjya chyuti ଅସ୍ଥିରତା; ଅଧୈର୍ଯ୍ୟ; ଅଧୀରତା—Loss of patience; impatience

ଧୈର୍ଯ୍ୟ ଧରିବା —ଦେ. କ୍ରି—ମନ ସମ୍ଭାଳ ରହିବା; ମନକୁ ସ୍ଥିର ବା ଦୃଢ଼
Dhairjya dhariba ରଖିବା; ଅଥୟ ନ ହେବା—To have
ধৈরজধরা; धीरजधरना patience;to bear a thing with equanimity.

ଧୈର୍ଯ୍ୟ ଧାରଣ—ସଂ. ବି (୬ଷ୍ଠୀ ତତ୍; ଧୈର୍ଯ୍ୟ+ଧାରଣ)—ସହିଷ୍ଣୁତା
Dhairjya dhāraṇa ଅବଲମ୍ବନ; ଧୈର୍ଯ୍ୟ ଧରିବା; ସହିଷ୍ଣୁତା—Fortitude; forbearnce.

ଧୈର୍ଯ୍ୟବନ୍ତ— ଦେ. ବଣ—ଧୈର୍ଯ୍ୟବାନ୍ (ଦେଖ)
Dhairjyabanta Dhairjyabān (See)
ধৈরজমান धीरजमान

ଧୈର୍ଯ୍ୟବାନ୍—ସ. ବଣ. ପୁଂ. (ଧୈର୍ଯ୍ୟ+ଅସ୍ତି ଅର୍ଥରେ ବତ୍; ୧ମା.
Dhairjyabān ୧ବ.)—୧ । ସହିଷ୍ଣୁ; ଧୀର—
(ଧୈର୍ଯ୍ୟବତୀ—ସ୍ତ୍ରୀ) 1. Patient; forbearing.
(ଧୈର୍ଯ୍ୟବତ୍ତ୍ୱ —ବି) ୨ । ଅବିଚଳିତ—
2. Firm; calm; steady.

ଧୈର୍ଯ୍ୟଶାଳୀ—ସଂ. ବଣ. ପୁଂ. (ଧୈର୍ଯ୍ୟ+ଅସ୍ତି ଅର୍ଥରେ ଶାଳିନ୍; ୧ମା.
Dhairjyasāḷi (ବି)—୧ । ଧୈର୍ଯ୍ୟବାନ୍—1. Patient.
(ଧୈର୍ଯ୍ୟଶାଳିନୀ—ସ୍ତ୍ରୀ) ୨ । ସହିଷ୍ଣୁ—2. Forbearing.
(ଧୈର୍ଯ୍ୟଶାଳିତା—ବି)

ଧୈର୍ଯ୍ୟଶୀଳ—ସ. ବଣ. ପୁଂ. (ବହୁବ୍ରୀହି; ଧୈର୍ଯ୍ୟ+ଶୀଳ)—ସ୍ୱଭାବତଃ
Dhairjysila ଧୀର ବା ସହିଷ୍ଣୁ—Patient or forbearing
(ଧୈର୍ଯ୍ୟଶୀଳା—ସ୍ତ୍ରୀ) (ଧୈର୍ଯ୍ୟଶୀଳତା—ବି) by nature.

ଧୋ—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଧୂଅ (ଦେଖ)
Dho 1. Dhūa (See)
ଧୋଉ, ଧୋଉ ଧୋଉ } ଅନ୍ୟରୂପ ଧୋ ରେ ବାସ୍ନା ଧୋ; ସେହି କଅରରେ
ଧୋଃ, ଧୋଧୋ ଗହଳ ମାଣିଅ ସେହ କଅରରେ ଶୋ—
ଶିଶୁରଞ୍ଜନ ଗୀତ ।
୨ । ମୃଦଙ୍ଗ ଆଦି ବାଦ୍ୟର ଶ୍ରେକରେକୁ ସମାପ୍ତ କରିବାର ଶବ୍ଦ—
2. The sound representing the concluding beat or stroke in the striking of the Mrudanga.
ଦେ. କ୍ରି—('ଧୋଇବା' କ୍ରିୟାର ଅନୁଜ୍ଞା; ଅନାଦରାର୍ଥକ ୨ୟ ପୁରୁଷ ଓ ୧ ବଚନ ରୂପ)—ଧୂଅ—
(Imperative singular form of the verb 'Dhoibā') Do wash.

ଧୋଇ—ଦେ. ବି. (ସ. ଧାବ ଧାତୁ=ଧୋଇବା)—
Dhoi ୧ । ପ୍ରବଳ ନଈବଢ଼ି—
বান 1. High flood; inundation.
सैलाब; बुड़ोबाढ़ ୨ । ଜଳବହୁଳତା ଯୋଗୁଁ ଶସ୍ୟ ଆଦର ନଷ୍ଟ—
(ମରୁଡ଼ି—ଅନ୍ୟରୂପ) 2. The state of the crops etc. being washed away by flood; devastation of a country by flood.
୩ । ଅତିବୃଷ୍ଟିଜନିତ ଜଳବହୁଳତା; ଜଳ ପ୍ଲାବନ—
3. The state of a country being over flooded by excessive rain.
୪ । (ପୁଂ) (ଅନାଦରାର୍ଥକ)ଧୋବା ନାମକ ବ୍ୟକ୍ତିର ଡାକ ନାମ—
4. Name for calling Dhobā.
ଧୋଇ ମଳକ; ସଙ୍ଗାଳ କରିଛ ହିଁଅ ହଳକ – ଢଗ ।
୫ । (ସ୍ତ୍ରୀ) ସ୍ତ୍ରୀମାନଙ୍କୁ ଦଆଯିବା ନାମ—
5. A name given to femeles.
ଦେ. ବଣ --କୌଣସି ସ୍ଥାନ ବର୍ଷାଜଳ ଆଦରେ ଧୂଆ ହେବା ପରେ ସେଠାରୁ ଗଡ଼ି ଆସୁଥିବା (ଜଳ)—(rain-water) Washed off from a place.
(ଯଥା— ଗାଆଁର ଧୋଇ ପାଣି ଏହି ବଲକାଟେ ଯାଏ ।)

ଧୋଇଆ—ଦେ. ବଣ. (ସ ଧାବ ଧାତୁ)—
Dhoiā ୧ । ପ୍ରଚୁର ଜଳହାସ ଶସ୍ୟାଦ ନଷ୍ଟ ହେବା (ଭୂଭାଗ);
ধোয়াটি; ধোয়াটে ଯେଉଁ ଭୂଖଣ୍ଡ ବା ଅଞ୍ଚଳର ଶସ୍ୟାଦ ପ୍ରବଳ ବୃଷ୍ଟି
पनमार; सैलाबी; दहार ବା ବନ୍ୟା ଜଳରେ ନଷ୍ଟ ହୋଇଅଛି—
(ମରୁଡ଼ିଆ—ଅନ୍ୟରୂପ) 1. (country) Washed away or devastated by excessive flood or rain-fall.
୨ । ଯେଉଁ ସ୍ଥାନରେ ପ୍ରତିବର୍ଷ ନଈ ବଢ଼ି ପାଣି ମାଡ଼େ—
2. (country) Subject to flood.
ଧୋଇଅ କଣେ; ମରୁଡ଼ିଆ ମାଣେ—କୃଷିବଚନ ।

୩ । (ଅନାଦରାର୍ଥକ) ଧୋବା ନାମକ ବ୍ୟକ୍ତିର ଡାକ ନାମ—
3. Name for calling Dhobā

ଧୋଇ ଖୁସ୍କି—ଦେ. ବ. (ସ. ଧୌତ ଓ ଶୁଷ୍କ; ପ୍ରା. ଖୁଣ୍ଟୀ) —
Dhoi khus-ki ଧୋଇ ମରୁଡ଼ି (ଦେଖ)—
Dhoi marurdi (See)

ଧୋଇ ଧାଇ ଦେବା—ଦେ. କ୍ରି - ଧୁଅ ଧୋଇ କରିବା; ଉତ୍ତମରୂପେ
Dhoi dhāi debā ଧୌତ କରିବା – To wash thoroughly.
ଧୁୟେ ଦେଓୟା **धो धा देना**
[ଦ୍ର— ୧୯୩୭ ମସିହା ନଈ ବଢ଼ି ଓଡ଼ିଶାର ଅଧିକାଂଶ ସ୍ଥାନରେ ଯାଇ ଭଙ୍ଗି ଫସଲ ଓ ଘରଦ୍ୱାର ଧୋଇଧାଇ ଦେଲା ।]

ଧୋଇ ଧାଇ ହେବା—ଦେ. କ୍ରି—ଧୁଅ ଧୋଇ ହେବା; ଆପଣା ଦେହକୁ
Dhoi dhāi hebā ଜଳଦ୍ୱାରା ଉତ୍ତମରୂପେ ପରିଷ୍କାର କରିବା —
धो धा करना To cleanse oneself of dirt by a thorough washing.

ଧୋଇ ପାଣି—ଦେ. ବ. (ସ. ଧୌତ ଓ ପାନୀୟ)—କୌଣସି ସ୍ଥାନ
Dhoi pāṇi ବୃଷ୍ଟିଜଳ ଆଦିରେ ଧୁଆ ହେବା ପରେ ସେଠାରୁ
ଧୋୟାନୀ ଯେଉଁ ପାଣି ଅନ୍ୟ ସ୍ଥାନକୁ ଗଡ଼ିଯାଏ—
धोयापानी The rain water washed off from a place.

ଧୋଇ ପାଣି ଦେବା—ଦେ. କ୍ରି. (ଲକ୍ଷଣାର୍ଥ)—(କୌଣସି ବସ୍ତୁକୁ
Dhoi pāṇi debā ଦେବା ତ ଦୂରର କଥା, ସେହି ପଦାର୍ଥକୁ)
ଧୁଇୟେ ଜଲ ଦେଓୟା ଜଳରେ ଧୋଇ ସେହି ଜଳକୁ ଦେବା, ଅର୍ଥାତ୍
धोकर भी देना ଆଦୌ କିଛି ନ ଦେବା (fig) Not to
(ଧୋଇ କରି ପାଣି ଦେବା—ଅନ୍ୟରୂପ) give any thing at all.
(ଯଥା— ତୁ ମୋଠାରୁ ଶହେ ଟଙ୍କା ନେବାକୁ ଆସିଛୁ । ମୁଁ ତୋତେ ଟଙ୍କା ଧୋଇ ପାଣି ଦେବି ।)

ଧୋଇବା—ଦେ. କ୍ରି. (ସ. ଧାବ ଧାତୁ)—ଜଳଦ୍ୱାରା ଧୌତ କରିବା—
Dhoibā To wash with water.
ଧୋଆ; ଧୋଓୟା [ଦ୍ର— ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା,
धोना ନେବା, ପକା(କେ)ଇବା କ୍ରିୟାର ସମାପିକାରୂପ ଯୁକ୍ତ
[ଧୁଅଯି(ହେ)ବା—କର୍ମବାଚ୍ୟରୂପ) ହୁଏ; ଯଥା—ଧୋଇ ଦେବା;
(ଧୁଆଇବା—ଣିଜନ୍ତ) ଧୋଇ ପକାଇବା, ଧୋଇ ନେବା ଓ ଧ୍ୱନ୍ୟନୁକାରୀ ଧାଇବା କ୍ରିୟାର ଅସମାପିକାରୂପ ଯୁକ୍ତ ହୁଏ; ଯଥା—ଧୋଇ ଧାଇ ଦେବା ।]

ଧୋଇ ମରୁଡ଼ି—ଦେ. ବ. (ବିପରୀତାର୍ଥବୋଧକ ସହଚର)—
Dhoi marurdi ୧ । ଅତିବୃଷ୍ଟି ଓ ଅନାବୃଷ୍ଟି ; ଧୋଇ ଓ ମରୁଡ଼ି—
ଧୋୟାଟଖୁଷକୀ 1. Flood and draught; excessive
दहारसौदी; दहारसुक्की rain and draught.
ଧୋଇ ମରୁଡ଼ି ଯହିଁରେ ନ ଥାଇ
ସେ ଭୂମି ଉତ୍ତି ବଷା ହୁଏ ନେଇ । ପ୍ରାଚୀ. ପରଭେଗୀତା ।

୨ । ଅତିବୃଷ୍ଟି ଜନିତ ଫସଲର ହାନି ବା ଅନାବୃଷ୍ଟି ଜନିତ ଶସ୍ୟହାନି—2. Loss or damage of. crops due to excessive rain or draught

ଧୋଇ ଯିବା—ଦେ. କ୍ରି—୧ । ନଦୀବଢ଼ି ବା ବନ୍ୟାରେ ଭାସିଯିବା—
Dhoi jibā 1. To be carried away by flood.
ଧୁୟେଯାଓଆ ୨ । ନଦୀବଢ଼ି ବା ବନ୍ୟାରେ (ଶସ୍ୟ) ନଷ୍ଟ ହେବା—
दहजाना 2. (crops) To be damagod by flood-water.
(ଧୋଇହେ ଯିବା—ଅନ୍ୟରୂପ)

ଧୋଇ ଶୁଖା(ଖେ)ଇ ଖାଇବା—ଦେ. କ୍ରି—କୌଣସି ବିଷୟ ବା ପଦାର୍ଥକୁ
Dhoi śukhā(khe)i khāibā କୌଣସି ପ୍ରକାରେ ନ ବଢ଼ାଇ ବା
लड़ा बराकर खना ନ କମାଇ ତାହାର ବ୍ୟବହାର କରିବା; କୌଣସି ଦ୍ରବ୍ୟର ଆୟମାତ୍ର ଭୋଗ କରିବା—To enjoy the income only of a property without in any way touching the main body of it.

ଧୋଓରା—ଦେ. ବ—୧ । ଯେଉଁ ବାଟ ବା ଭୂମି ଉପରେ କୌଣସି ଗ୍ରାମର
Dho-orā ବର୍ଷା ପାଣି ବହିଯାଏ —1. A land over which
ଧୋଆନି flows the surplus rain water of a
गोड़हा village.
ଗାଁଅର ଧୋଓରା ପୋଖରୀ ଗଳ
ଦୃଷ୍ଟି ଦେଉଥିବ ଆଗତ କର—କୃଷିବଚନ ।

୨ । ବର୍ଷା ପାଣିରେ ମାଟି ଆଦି ଯାହା ଧୋଇ ହୋଇଯାଏ—
2. Earth etc which is washed away by rain water.

ଦେ. ବଣ —ଗ୍ରାମର ଧୋଇ (ପାଣି)—
(water) Washed off from a village; surplus (rain water).

ଧୋଓରେ—ଦେ. ଅ. (ଧ୍ୱନ୍ୟନୁକରଣ)—ବାଘୁଆଭେଇ ଓ ମାଙ୍କଡ଼
Dho-ore ଆଦିଙ୍କୁ ଘଉଡ଼ାଇବା ଧ୍ୱନି—Sound made for scaring away monkeys and birds.
ଧୋଓରେ ବାଘୁ ଧୋ, ଯେଉଁ ବଣରେ ଗହଳ ମାଙ୍କଡ଼
ସେହି ବଣରେ ଗୋ । ଶିଶୁରଞ୍ଜନ ଗୀତ ।

ଧୋଓରେ ବାୟା ଧୋ—ଦେ. (ଶିଶୁବଚନ)ଅ—ଶିଶୁମାନଙ୍କୁ ବସ୍ତ୍ରାଇବା
Dho-ore bāyā dho କୋଳରେ ନିଦ୍ରିତ କରାଇବା ପାଇଁ ମାତା
आरे निनिया आ ଆଦିଙ୍କର ଆବୃତ୍ତି ବଚନ —The burden of a lullaby strain repeated in the course of rocking an infant to sleep in the mother's lap.

ଧୋକଡ଼—ଦେ. ବଣ. ପୁଂ (ସ. ଦୁଷ୍କର; ପ୍ରା. ଡୁକ୍କର; ତୁଲ. ହି.
Dhokarda ଧୋକଡ଼==ବୃଦ୍ଧପୁରୁଷ)—୧ । ଜରାଗ୍ରସ୍ତ; ଜୀର୍ଣ୍ଣ—
ଧୋକଡ଼ 1. Decrepit; worn out; exhausted.
डोकरा; डोकर ୨ । ମୋଟା (ଲୁଗା)—2. Coarse; rough.
୩ । ଚୀରା; ଲେକେଡ଼ା—3. Torn; ragged.
୪ । ଶୀର୍ଣ୍ଣ—4. Shrivelled up.
୫ । ଢିଲା; ଶ୍ଳଥ—5 Loosened; slackened.
୬ । ଶ୍ଳଥଚର୍ମ—6. Having shrivelled skin.
୭ । ପଲିତ; ଵଳିଵଳିଆ; ବଳିତ—7. Wrinkled.
୮ । ଅନ୍ତଃସାରଶୂନ୍ୟ—8 Emptied of its contents; unsubstantial; hollow.
ବହନ ଗଲେଣି ଉମା ଖାଇ; ଓଳଅ ପଡ଼ିଛ ଧୋକଡ଼ ହୋଇ । ତଗ ।
୯ । ଭ୍ରମୀ; ବାଉଳିଆ—9. Loaferish; aimlessly wandering.
୧୦ । ଅତି ବୃଦ୍ଧ—10. Very old.

୧୧ । ବିଲମ୍ବିତ (ସ୍ତନ)—
11. Hanging (breasts of women).

୧୨ । ହୃଷ୍ଟପୁଷ୍ଟ; ବଳିଷ୍ଠ (ତୁଳ. ଏହି ଅର୍ଥରେ ହି. ଧୋକଡ଼)—
12. Stout and strong.

୧୩ । ନିର୍ଦ୍ଦୋଷ; ନିଷ୍ପାପ—13. Sinless; innocent.

(ପଣ୍ଡିତଙ୍କ ପୁଅ) ମାଙ୍କଡ଼ ମାରିଲେ ହୁଏ ଧୋକଡ଼ ।
ବଙ୍ଗଳା. ପ୍ରବଚନ ।

ଦେ. ବି. (ସଂ. ଧୌତକଣ୍ଠ)—ଲୁଗାର ଥଳି; ମୁଣି—
A cloth bag; wallet.

ଧୋକଡ଼ା—ଦେ. ବିଣ. ପୁଂ.—ଧୋକଡ଼ (ଦେଖ)
Dhoka**rd**ā Dhoka**rd**a (See)

ବହୁତ ଗଣ୍ଡଣି ଉମା ଖାଇ; ଓଳିଆ ପଡ଼ିଛି ଧୋକଡ଼ା ହୋଇ—ଚଗ ।

ଧୋକଡ଼ିଆ—ଦେ. ବିଣ.—ଧୋକଡ଼ (ଦେଖ)
Dhoka**rd**iā Dhoka**rd**a (See)

ଧୋକଡ଼ୀ—ଦେ. ବି. ସ୍ତ୍ରୀ—୧ । ଶ୍ଲଥସ୍ତନା ବା ଲମ୍ବିତସ୍ତନା ସ୍ତ୍ରୀ; ଲମ୍ବକୁଚ ସ୍ତ୍ରୀ—1. A woman with hanging breasts.
Dhoka**rd**i
ধোকড়ী
धोकरी

୨ । ଲୁଗାର ଥଳି ବା ମୁଣି—
2. A wallet or bag made of cloth.

ଦେ. ବିଣ. ସ୍ତ୍ରୀ—୧ । ଧୋକଡ଼ର ସ୍ତ୍ରୀଲିଙ୍ଗ—
1. Feminine of Dhoka**rd**a.

୨ । ବିଲମ୍ବିତ ପୟୋଧରା (ସ୍ତ୍ରୀ)—2. (a woman) With wrinkled or hanging breasts.

ଧୋକା—ଦେ. ବି. (ସଂ. ଦୁଃଖ; କିମ୍ବା ଧୁକ୍ଷ ଧାତୁ=କ୍ଲେଶନ; ତୁଳ ସଂ. ଧୂର୍ତ୍ତତା)—୧ । ସନ୍ଦେହ—1. Doubt.
Dhokā
ধোকা; ধোঁকা
धोखा

୨ । ଦୋଚାଇ; ବିଷମ ସମସ୍ୟା—
2. Dilemma.

୩ । ଛାତିର ଧକ; ଛାତି ଧକଧକ ହେବା—
3. Palpitation of the heart; state of nervousness or consternation.

୪ । ବିପଦର ଆଶଙ୍କା—
4. Apprehension of danger.

୫ । ଭବିଷ୍ୟତ ଭୟ-ଜନିତ ଚିନ୍ତା—
5. Anxiety due to fear.

ସାଆନ୍ତାଣୀଙ୍କ ମନକୁ ହିଁଏବ ବମିତବା ଧୋକା ଲୁଚିଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

୬ । ମୋହ; ଭ୍ରାନ୍ତି; ଭ୍ରମ—
6. Error; illusion; delusion.

୭ । ଡରଭର; ଭୟ—7. Fear; fright.

୮ । ଭୁଲ୍ ବୁଝିବା—8. Misconception; misunderstanding.

୯ । ଦୁଃଖ—9. Sorrow; trouble.

୧୦ । କ୍ଷତି—10. Damage; injury.

୧୧ । ବିପଦ—11. Danger.

୧୨ । କୌଣସି ବ୍ୟକ୍ତିର ଧୂର୍ତ୍ତତା ଜନିତ ଅନ୍ୟର ଭ୍ରମ ବା ବିପଦ—
12. Error or danger resulting from the wicked conduct of another person.

ପ୍ରାଦେ. (ଯାଜପୁର) ବି—ପିଷ୍ଟକବିଶେଷ—
A kind of cake.

[ଦ୍ର—ବୁଟକୁ ବାଟି ସେଥିରେ ଲଙ୍କାମରିଚ ଓ ପିଆଜ ପକାଇ ତାହାକୁ ବରା ପିଠା ପରି କରି ଘିଅ ବା ତେଲରେ ଛାଣିବାକୁ ହୁଏ । ଏହା ଖାଲି ଖିଆଯାଏ ବା ତରକାରି ଅଡ଼ରେ ମଧ୍ୟ ପଡ଼େ । ତୁଳ. ଏହି ଅର୍ଥରେ ବ. ধোঁকা]

ଧୋକା କରିବା—ଦେ. କ୍ରି—୧ । ସନ୍ଦେହ କରିବା—
Dhokā karibā 1. To doubt.
ধোঁকা খাওয়া
धोखा खाना

୨ । ଆଶଙ୍କା କରିବା; ଭୟ କରିବା—
2. To fear; to apprehend.

୩ । ପରୱାଇ ବା ପରବାୟ କରିବା—3. To care for.

୪ । ଚିନ୍ତା କରିବା; ମନରେ ଧକଧକ ହେବା—
4. To be nervous about; to feel nervous.

ଧୋକା ଖାଇବା—ଦେ. କ୍ରି—୧ । ଧୋକା କରିବା (ଦେଖ)
Dhokā khāibā 1. Dhokā karibā (See)
ধোঁকায় পড়া
धोखेमे गीरना

୨ । ଅନ୍ୟର କୌଶଳ ଦ୍ୱାରା ବିପଦଗ୍ରସ୍ତ ହେବା—
2. To be in danger as a result of another's manipulation.

୩ । ଭ୍ରମଗ୍ରସ୍ତ ହେବା; ଭ୍ରାନ୍ତହେବା—
3. To labour under a delusion.

ଧୋକା ଦେବା—ଦେ. କ୍ରି—୧ । ସନ୍ଦେହାନ୍ୱିତ କରିବା—
Dhokā debā 1. To put in doubt.
[ଧୋକାରେ ପକା(କେ)ଇବା—ଅନ୍ୟରୂପ]
ধোঁকা দেওয়া
धोखा देना

୨ । ଭୀତି ଉତ୍ପାଦନ କରିବା—2. To frighten; to unnerve.

୩ । ଅନ୍ୟକୁ ବିପନ୍ନ କରିବା; ବିପଦରେ ପକାଇବା—
3. To put a person in danger; to endanger a person.

୪ । ଚିନ୍ତାଗ୍ରସ୍ତ କରାଇବା—4. To put (a person) into a state of consternation.

୫ । ଦୁଃଖରେ ପକାଇବା; ଅନିଷ୍ଟ କରିବା—
5 To injure; to put to trouble.

୬ । ଭ୍ରମରେ ପକାଇବା—6. To delude a person.

ଧୋକାବାଜ୍—ବୈଦେ. ବିଣ (ହି. ଧୋଖେବାଜ୍)—୧ । ଯେ ଅନ୍ୟକୁ ଧୋକା ଦିଏ—1. One who puts another to fear, declusion or doubt.
Dhokābāj
ধোঁকাবাজ; **धोखेबाज**

୨ । ପ୍ରବଞ୍ଚକ; ଧପ୍ପାବାଜ୍—2. Deceiving; illusive; fraudulent.

ଧୋକାବାଜି—ବୈଦେ. ବି (ହି. ଧୋଖେବାଜୀ)—ପ୍ରତାରଣା—
Dhokābāji Deceit; putting another to trouble; fraud.
ধোঁকাবাজী; **धोखेबाजी**

ଧୋକା ରଖିବା—ଦେ. କ୍ରି—ଧୋକା କରିବା (ଦେଖ)
Dhokā rakhibā Dhokā karibā (See)

ଧୋକେଇବା—ଦେ. କ୍ରି—(ସ. ଧୂକ୍ଷ ଧାତୁ=କ୍ଳେଶ ଦେବା)—
Dhokeiba ୧ । ଧୋକା ଦେବା—1. To frighten.
(ଧୋକାଇବା—ଅନ୍ୟରୂପ) ୨ । ଧୋକା ହରିବା—
ধোকান; **धोखादेना** 2. To be unnerved about.
ধোঁকা; **हाँफना** ୩ । ଧକେଇବା; ଧଇଁ ସଇଁ ହେବା; ଧୁକ୍ ଧୁକ୍ ହେବା—3. To gasp or pant.

ଧୋଜା—ଗ୍ରା. ବି (ସ. ଧ୍ୱଜା)—ଧ୍ୱଜା; ପତାକା—
Dhoja Flag.
ধজা; **झंडा**

ଧୋଜା ମୁଣୋହି—ଦେ.ବି—ଧ୍ୱଜକ ସେଉଁ ଭୋଗକୁ ମନ୍ଦିରାଭ୍ୟନ୍ତରରେ
Dhoja munohin ଠାକୁରଙ୍କ ସମ୍ମୁଖରେ ଭୋଗ ନ ଲଗାଇ ମନ୍ଦିର-
ଧୋଜା ମୁଣୋହି, ଧୋଜା ମୁଣୋହି, ଧ୍ୱଜା ମୁଣୋହି, ଧୋଜା ମଣୋହି (ଅନ୍ୟରୂପ) ଶୃଙ୍ଗସ୍ଥ ଧ୍ୱଜାକୁ ଦେଖାଇ ଦେଉଳର ବାହାରେ ଭୋଗ ଲଗାଏ—
An offering offered to an idol in the sight of the flag, instead of being offered near the Deity.

ଧୋଜା ମୁଣ୍ଡେଇ—ଦେ. ବି (ସ. ଧ୍ୱଜ ଓ ମଣ୍ଡପ)—ସେଉଁ ଦେବ-
Dhoja mundei ମଣ୍ଡପର ଉପରେ ପତାକା ଉଡ଼ୁଥାଏ—
A pavillion over which flies a flag.

ଧୋଡ଼—ସ. ବି (ଧୃ ଧାତୁ=କମ୍ପାଇବା+କର୍ତ୍ତୃ. ଡ଼)—ଢୋଣ୍ଡ ବା
Dhorda ধণ্ডসাপ—Water-snake.

ଧୋଡ଼କା—ଦେ. ବି—୧ । ଢୁଗୁଳା—1. Loosened; shaky.
Dhordaka ୨ । ଶିଥିଳ; ଶ୍ଳଥ—2. Slackened.
নড়ড়ে, নড়বড়ে ୩ । ଫମ୍ପା—3. Empty.
लुढ़कताहुआ, ढुनमुनिआ ୪ । ଧଡ଼ଧଡ଼ିଆ—4. Tottering.

ଧୋଡ଼କା(କେ)ଇବା—ଦେ. କ୍ରି (ଧୋଡ଼କିବାର ସକର୍ମକରୂପ)—
Dhordaka(ke)iba ଢୁଗୁଳା କରିଦେବା—To loosen; to slacken.
নড়ান; **ढुलकाना**

ଧୋଡ଼କିବା—ଦେ. କ୍ରି—ଶିଥିଳ ହେବା; ଲଡ଼ିବା—To become slack or loose.
Dhordakiba
নড়বড়হওআ; **ढुरकना; ढुलकना**

ଧୋଡ଼ା—ଦେ. ବି—ଢିପ ଜମି; ଉଚ୍ଚ ଭୂମି—High land.
Dhorda ঢিপী; **ढुह**

ଧୋତ୍—ଦେ. ଅ—ଧୁତ୍ (ଦେଖ)
Dhot Dhut (See)
(ଧୋତ୍ତେରି, ଧୋତ୍ତେରିକା; ଧୋତ୍ତେରିକେ—ଅନ୍ୟରୂପ)

ଧୋତଡ଼—ଦେ.ବିଣ (ସ.ଧୌତକଟ)—୧ । ଜୀର୍ଣ୍ଣ ଶୀର୍ଣ୍ଣ;ଧୋକଡ଼(ବସ୍ତ୍ର)—
Dhotarda 1. Worn out and torn (cloth).
(ଧୋତଡ଼ା, ଧୋତରା—ଅନ୍ୟରୂପ)
(ଧୋତଡ଼ୀ, ଧୋତରୀ—ସ୍ତ୍ରୀ)
୨ । ଧୋକଡ଼ (ଦେଖ)
2. Dhokarda (See)

ଧୋତରା ଉଡ଼ିଯିବା—ଦେ. ବି—୧ । କୌଣସି ଘଟଣାରେ କୌଣସି
Dhotara urdijiba ବ୍ୟକ୍ତିର ଅସ୍ତବ୍ୟସ୍ତ ଓ ସର୍ବସ୍ୱାନ୍ତ ହୋଇ ପଡ଼ିବା ଅବସ୍ଥା—1. (a person) Being altogether ruined or done for.
୨ । ଅତ୍ୟନ୍ତ କ୍ଳାନ୍ତି—
2 The state of being over-tired.

ଧୋତି—ଦେ. ବି (ସ. ଧୌତି; ତୁଳ. ସ. ଅଧୋବସ୍ତ୍ର; ତୁଳ. ବଂ. ଧୁତି, ହି. ଧୋତି, ତେ. ଧୋଗ, ମ. ଧୋତର, ଧୋୟ)—
Dhoti ୧ । ପିନ୍ଧା; ପରିଧେୟ ବସ୍ତ୍ର; ପୁରୁଷଙ୍କ ପିନ୍ଧା ଲୁଗା—
ধুতি 1. A cloth for males' wear.
धोति ୨ । ଅଧୋବାସ; କଟିବସ୍ତ୍ର—2. A piece of cloth worn round the waist; waist cloth.

ଧୋତି ଚ(ଚା)ଦର—ଦେ. ବି (ସ. ଧୌତି+ଅ. ଚଦର)—ଅଧୋବାସ
Dhoti cha(cha)dara ଓ ଉତ୍ତରୀୟ; ପିନ୍ଧା ଓ ଘୋଡ଼ଣା—
ধুতিচাদর A suit of cloth consisting of a wearing
धोतिचद्दर, धोतिचादर piece and a covering piece.

ଧୋ ପଖାଳ—ଦେ. ବି (ସ. ଧୌତ ଓ ପ୍ରକ୍ଷାଳନ)—ପ୍ରତିଦିନ ସକାଳେ
Dho pakhala ଓ ଭୋଗ ଉଠିଲା ପରେ ଦେବମନ୍ଦିରର ତଳ ବା
ধুআধুই ଚଟାଣରେ ପାଣି ଢାଳ ଝାଡ଼ୁ ପୋଛ କରି ସଫା
धुलाई उलाई, धुलावट କରିବା କର୍ମ—Washing and cleansing the floor of a temple.

ଧୋ ପଖାଳିଆ—ଦେ. ବି—ଦେବଗୀଙ୍କ ନିଯୋଗ ବିଶେଷ—
Dho-pakhalia A class of servants serving in temples.
[ଦ୍ର—ଏମାନେ ମନ୍ଦିରର ତଳକୁ ପ୍ରତିଦିନ ଧୁଆଧୋଇ କରି ପରିଷ୍କୃତ କରନ୍ତି ।]

ଧୋ ପଖାଳିବା—ଦେ. କ୍ରି (ସ. ଧୌତ ଓ ପ୍ରକ୍ଷାଳନ)—ଦେବମନ୍ଦିରର
Dho pakhaliba ଚଟାଣରେ ପାଣି ଢାଳ ଓ ଝାଡ଼ୁ ମାରି ଭାଲୁ
ধোওন, ধুয়েফেলা ସଫା କରିବା—To wash and cleanse the floor of a temple.
धोडालना

ଧୋବ୍‌ଛାୟା—ଦେ. ବି—ଧୂପଛାୟା (ଦେଖ)
Dhob-chhaya Dhup-chhaya (See)

ଧୋବ—ଦେ. ବିଣ (ସ. ଧବଳ କମ୍ବା ଧାବ୍ ଧାତୁ=ଧୋଇବା; ସ. ଧୂପ
Dhoba ଧାତୁ=ଦୀପ୍ତି)—୧ । ଶୁକ୍ଳ; ଧବଳ; ଧଳା—
ধোপ 1. White.
धवर, सफेद, धौला ୨ । କଷ୍ଟ ହୋଇ ପରିଷ୍କୃତ ଓ ଧଳା ହୋଇଥିବା (ଲୁଗା)—2. (cloth) Washed clean and white; bleached.
ধোপ ଦେ. ବି—୧ । ଶୁକ୍ଳବର୍ଣ୍ଣ—1. White colour.
धोब, धोलाई ୨ । ଥରେ ଧୋବାଘରେ ପଡ଼ି ପରିଷ୍କୃତ ହେବା ଅବସ୍ଥା—2. One washing; a wash (of a cloth).
(ଯଥା—ଏ ଲୁଗାଖଣ୍ଡକର ଦୁଇ ଧୋବ ହେଲାଣି ।)

ଧୋବ କରିବା—ଦେ. କ୍ରି (ସ. ଧାବନ, ଧବଳ)—୧ । ଧଳାରଙ୍ଗ
Dhoba kariba କରିବା—1. To whiten.
ধোপ দেওয়া ୨ । ଲୁଗା କାଚ ସଫା କରିବା—2. To wash
धोब करना, साफ करना a cloth and turn it white.

[ଦ୍ର—ଧୋବାମାନେ ଲୁଗାକୁ ସାମାନ୍ୟ ପରିମାଣରେ କାଚ ସଫା କଲେ ତାକୁ ସଜଧୋବ ଓ ଉତ୍ତମରୂପେ କାଚ ସଫା କରି ଇସ୍ତ୍ରୀ କଲେ ତାକୁ ବାସିଧୋବ ବୋଲାଯାଏ ।]

ଧୋବଣୀ—ଦେ. ବ. ସ୍ତ୍ରୀ (ଧୋବାର ସ୍ତ୍ରୀଲିଙ୍ଗ)—୧ । ଧୋବା ଜାତୀୟା
Dhobaṇi ସ୍ତ୍ରୀ –1. A woman of the washerman caste.
ଧୋପାନୀ ୨ । ଯେଉଁ ସ୍ତ୍ରୀ ଲୁଗା କାଚେ—
धोबन, धोबिन, धोबइन 2. Washerwoman.
୩ । ଅପର୍ତ୍ତିଆଣୀ ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—
3. A name given to Aparttiāṇi females

ଧୋବ ଧାଉଳିଆ—ଦେ. ବିଣ (ସଂ. ଧବଳବସନଧାରୀ)—୧ । ଯାହାର
Dhoba dhāuliā ଦେହଚମଡ଼ା ଧଳା;ଯାହାର ଦେହସାକ ଶୁକ୍ଳ—
ধপধপে; ধবধবিয়া 1. White throughout.
सफेदपोश ୨ । ଯେ ଧୋବ ଲୁଗା ପିନ୍ଧିଥାଏ; ଶୁକ୍ଳବସ୍ତ୍ରପରିହିତ—
2. Wearing white cloth.
୩ । ଧବଳବର୍ଣ୍ଣବିଶିଷ୍ଟ —3. White.
ଧୋବଧାଉଳିଆ ପକ୍ଷୀ, ଶ୍ରୀରାମଚନ୍ଦ୍ର କହୁଅଛନ୍ତି ସୀତା ବଡ଼ ଦୁଃଖୀ—ଉଗ ।
ଦେ. ବି—ଭଦ୍ରଲୋକ; ଶୁକ୍ଳ ପରିଚ୍ଛଦଧାରୀ ବ୍ୟକ୍ତି;ଭଲଲୋକ —
A gentleman; a finely attired person.
ଧୋବଧାଉଳିଆ ବେଶ କରନ୍ତି
ରଙ୍କଣୀ ଦେଖିଲେ ମାରି ଗୋଡ଼ାନ୍ତି – ଢଗ ।

ଧୋବ ପକା(କେ)ଇବା—ଦେ. କ୍ରି—ଲୁଗାକୁ ସଫା କରିବା ନିମନ୍ତେ
Dhoba pakā(ke)ibā ଧୋବାକୁ ଦେବା—
धोबेदेना To give (clothes) to the washerman to wash.

ଧୋବ ପଡ଼ିବା—ଦେ. କ୍ରି—୧ । ଧବଳୀଭୂତ ହେବା; ଶୁକ୍ଳ ହେବା—
Dhoba parḍibā 1. To turn white.
ধোপপড়া ୨ । (ଲୁଗା) ସଫା ହେବାପାଇଁ ଧୋବାଘରେ ଦିଆଯିବା —
धोबपड़ना 2. (a cloth) To be given to the washerman for being washed.

ଧୋବ ଫରଫର—ଦେ. ବିଣ—ଧଳାତକତକ;ଅତ୍ୟନ୍ତ ଶୁକ୍ଳ; ଶୁଭ୍ରୋଜ୍ଜ୍ୱଳ-
Dhoba pharaphara Fleecy white; very white;
ধপধপে; শাদা ধবধব glistening white; dazzlingly
उज्जलादपदप white.
[ଦ୍ର—ବର୍ଣ୍ଣବ୍ୟଞ୍ଜକ ବିଶେଷଣ ପରେ ଅତ୍ୟନ୍ତ ବା ଉତ୍କୃଷ୍ଟତା ସୂଚନାକରିବାପାଇଁ ଫରଫର ଆଦି ଶବ୍ଦ ବ୍ୟବହୃତ ହୁଏ; ଯଥା— ରଙ୍ଗଟହଟହ, ହଳଦିଆଗରଗର, ଧଳାତକତକ, ନାଲିଟହଟହ, ନେଳସରସର, କାଳିଆଝଟଝଟ ।]

ଧୋବ ଫିଟିବା—ଦେ. କ୍ରି—ଉତ୍ତମରୂପେ ଧବଳବର୍ଣ୍ଣବିଶିଷ୍ଟ ହେବା;
Dhoba phiṭibā ଧବଳୀଭୂତ ହେବା —
ধোপধরা To become very white.
सफेदीखुलना (ଯଥା—ଧୋବା ଭଲକରି ନ କାଚିବାରୁ ମୋ ଲୁଗା
[ଧୋବ ପିନ୍ଧା(ନ୍ଧେ)ଇବା—ଷଡ଼ର୍ଥକ ରୂପ] ଧୋବ ଫିଟିଲା ନାହିଁ ।)

ଧୋବଲା—ଦେ. ବିଣ (ସଂ. ଧବଳ)—ଧଳା; ଧୋବ—
Dhobalā White.
ধওলা, ধলা **धौला, धौरा**

ଧୋବ ଲାଉ—ଦେ. ବି (ସଂ. ଧବଳ ଓ ଅଲାବୁ)—ଏକପ୍ରକାର ଶୁକ୍ଳବର୍ଣ୍ଣ
Dhoba lāu ଅଲାବୁଫଳ; ଧଳା ଲାଉ—
সাদালাউ **सफेद कद्दू** White gourd.

ଧୋବଲି ଚଢ଼େଇ—ଦେ. ବି—କ୍ଷୁଦ୍ର ପକ୍ଷିବିଶେଷ—
Dhobali charḍhei A sand lark; a water-thrush.
धोबीन
[ଦ୍ର—ଏମାନେ ବୁଲେଟରବର୍ଗର ପକ୍ଷୀ; ୪୭ ଅଙ୍ଗୁଳ ଲମ୍ବ; ଏମାନଙ୍କ ଦେହସାକ ଧଳା, ମାତ୍ର ବେକ ତଳେ ଗୋଟିଏ କଳା ଡୋରି ଥାଏ । ଏମାନେ ନଦୀକୂଳ ବାଲିରେ ବିଚରଣ କରନ୍ତି ।]

ଧୋବଲି ଠକ—ଦେ. ବି (ସଂ. ଧବ—ପ୍ରବଞ୍ଚକ)—ଯେଉଁ ଶୁଭ୍ର ପରିଚ୍ଛଦ-
Dhobali ṭhaka ଧାରୀ ବାହାରେ ଦେଖିବାକୁ ଭଦ୍ରଲୋକ ପରି ମାତ୍ର ପ୍ରକୃତରେ ପ୍ରତାରକ ବା ଶଠ—A cheat appearing in fine dress (who makes people believe that he is a gentle man).

ଧୋବଲି ଶୁଖୁଆ—ଦେ. ବି (ଏଥିର ବର୍ଣ୍ଣ ଧୋବ ବା ଶୁକ୍ଳ ଥିବାରୁ)—
Dhobali śukhuā ଖରାରେ ଶୁଖାଯାଇ ରଖା ଯାଇଥିବା ଏକ ପ୍ରକାର ଛୋଟ ଛୋଟ ମାଛ;ପିତା ଶୁଖୁଆ—Small fry (fish)
शुखौती dried in the sun.

ଧୋବଲି(ଳେ)ଶ(ଶ୍ୱ)ର—ଗ୍ରା.ବି (ସଂ. ଧବଳେଶ୍ୱର)—ଧବଳେଶ୍ୱର (ଦେଖ)
Dhobali(le)śa(śwa)ra Dhabaleśwara (See)

ଧୋବ ସରସର—ପ୍ରାଦେ. (ଯାଜପୁର) ବିଣ—ଧୋବ ଫରଫର—
Dhôba sarasara Very white.

ଧୋବା—ଦେ. ବି (ସଂ. ଧାବକ; ଏ ଲୁଗା ଧୋଇବା ବା
Dhobā ସଫା କରୁଥିବାରୁ)—
ধোপা, ধোবা ୧ । ଲୁଗା ସଫା କରିବା ସେବକ ନୀଚ ଶୂଦ୍ର
धोबी ଜାତିବିଶେଷ; ରଜକ—1. Washerman.
(ଧୋବଣୀ—ସ୍ତ୍ରୀ) [ଦ୍ର—ସାଧାରଣତଃ ମଫସଲରେ ଧୋବାମାନେ ପ୍ରଥମେ ଖାରରେ ଲୁଗାକୁ ସିଝାଇ ତା ପରେ ତାହା କାଚ ସଫା କରନ୍ତି । ଲୁଗାକୁ ସାମାନ୍ୟ ପରିମାଣରେ କାଚ ସଫା କଲେ ତାକୁ ସଜ ଧୋବ ଓ ଉତ୍ତମରୂପେ ସଫା କରି ଇସ୍ତ୍ରୀ ଆଦି କଲେ ତାକୁ ବାସିଧୋବ ବୋଲାଯାଏ । ଏବେ ଧୋବାମାନେ ଲୁଗା ବାସିଧୋବ କରିବା ପାଇଁ ଇସ୍ତ୍ରୀ, ନୀଳ ଓ ସାବୁନ ଆଦି ବ୍ୟବହାର କଲେଣି । ଆଗେ ଧୋବାମାନେ ଲୁଗାକୁ କେବଳ ଧୋବ କରୁ ନ ଥିଲେ, ମାତ୍ର ରଙ୍ଗ (ରଞ୍ଜନ) (ବିଶେଷତଃ ନୀଳ ରଙ୍ଗ) କରୁଥିଲେ । ଏଣୁ ସେମାନଙ୍କୁ ରଜକ ବୋଲାଯାଏ । ପ୍ରାୟ ୬୦ ବର୍ଷ ତଳେ ମଫସଲରେ ଧୋବାମାନେ ଲୁଗାକୁ କାଚ ତାକୁ ନେଳ ରଙ୍ଗଦ୍ୱାରା ରଞ୍ଜିତ କରୁଥିଲେ ।

ପ୍ରତ୍ୟେକ ଗ୍ରାମରେ ନିର୍ଦ୍ଦିଷ୍ଟ ଧୋବା ଥାଆନ୍ତି । ସେମାନେ ଗ୍ରାମ ସେବା ପାଇଁ ଗ୍ରାମର ସାଧାରଣ ସମ୍ପତ୍ତିରୁ ଯାଗିର ପାଇ ଥାଆନ୍ତି ଓ ସେମାନଙ୍କ ପାଇଁ ପ୍ରତି ଗୃହସ୍ଥଙ୍କଠାରୁ ବାର୍ଷିକ 'ବର୍ତ୍ତିନ'ର ମଧ୍ୟ ବ୍ୟବସ୍ଥା ଥାଏ । ଲୁଗା କାଚିବା ଛଡ଼ା ଗ୍ରାମର କୌଣସି ବ୍ୟକ୍ତି ମରିଗଲେ ଶବଦାହ ପାଇଁ କାଠ ହାଣିବା ଓ ଶ୍ମଶାନରେ କାଠ ପହଞ୍ଚାଇବା ମଧ୍ୟ ଏମାନଙ୍କ କାର୍ଯ୍ୟ । ଗ୍ରାମବାସୀମାନଙ୍କର ନିମନ୍ତ୍ରଣ ପଙ୍କ୍ତିରେ ଏମାନେ କାଠ ଚିରନ୍ତି । ଓଡ଼ିଶାରେ ଲୁଗା କାଚିବା ଓ କାଠ ଚିରିବା

ଏ ଦୁଇଟି ଧୋବାଙ୍କର ମୁଖ୍ୟ କର୍ମ ସ୍ଥାନେ ସ୍ଥାନେ ଠାକୁରାଣୀଙ୍କ-ଠାରେ ଏମାନେ ବୋଦା ହାଣନ୍ତି । ଦାକ୍ଷିଣାତ୍ୟରେ ଏମାନେ ସବାରି ମଧ୍ୟ ବୁହନ୍ତି । ଧୋବାମାନେ ମଦ୍ୟପାନ କରନ୍ତି କିନ୍ତୁ ଗୋମାଂସ ଭକ୍ଷଣ କରନ୍ତି ନାହିଁ । ହିନ୍ଦୁ ସମାଜରେ ଏମାନେ ଅସ୍ପୃଶ୍ୟ ନୀଚ ଜାତି ମଧ୍ୟରେ ଗଣ୍ୟ ।]

୨ । ଅପର୍ତ୍ତିଆଣୀ ପିଲାଙ୍କୁ ଦିଆଯିବା ନାମବିଶେଷ —
2. Name given to Aparttiāṇī male children.
ଧୋବା ମଳକ; ସଙ୍ଗାଳ କରୁଛି ଝିଅ ଦୁଳକ—ଛଗ ।

୩ । ଧ୍ରୁବଚରଣଙ୍କ ଅନାଦରାର୍ଥକ ଡାକ ନାମ —
3. A name for calling Dhṛubacharaṇa.

ଧୋବାଇ — ଦେ. ବି. (ଅଦରାର୍ଥକ) — ୧ । ଧୋବା ନାମକ ବ୍ୟକ୍ତିର ଡାକନାମ — 1. A name for calling a person named Dhobā in fondness.
Dhobāi
ଧୋବେଇ, ଧୋବି } ଅନ୍ୟରୂପ
୨ । ଧ୍ରୁବଚରଣନାମକ ବ୍ୟକ୍ତିର ଡାକ ନାମ —
2. A name for calling Dhṛubacharaṇa in fondness.

ଧୋବା ଖଟିବା — ଦେ. କ୍ରି — (ଧୋବା) କୌଣସି ପରିବାରର ଲୁଗା କାଚିବାରୂପ ସେବା କରିବା — The service of a washerman rendered to a family in regularly washing the clothes thereof.
Dhobā khaṭibā
ଧোবা খাটা
धोबीका खिदमद्

ଧୋବା ଗଣ୍ଡି — ଦେ. ବି. — ଧୋବା ଯେଉଁ କାଠ ପଟା ବା କାଠ ଗଣ୍ଡା ଉପରେ ଲୁଗା କାଚେ — A plank or fat log of wood on which the washerman beats the clothes while washing them.
Dhobā gaṇḍi
ধোবার পাট
धोबीका पाट

ଧୋବା ଚୁଲି — ପ୍ରାଦେ. (ଗଞ୍ଜାମ) ବି — ବାଳକମାନଙ୍କ ମଧ୍ୟରେ ଏକ ପ୍ରକାର ଖେଳ — A sort of outdoor game amongst boys.
Dhobā chuli

ଧୋବା ତୁ(ତୋ)ଠ — ଦେ. ବି — ଜଳାଶୟର ଯେଉଁ ସ୍ଥାନରେ ଧୋବା ଲୁଗା କାଚେ ଓ ଶୁଖାଏ — The place near a pond or a river where the washerman washes and dries the clothes.
Dhobā tu(to)ṭha
ধোপাঘাট
धोबीघटा

(ଯଥା — ଗାଆଁ ପରମଳ ଧୋବାତୋଠରୁ ଜଣା — ଛଗ ।)

ଧୋବା ଭଣ୍ଡାରି — ଦେ. ବି. (ସହଚର) — ଭାରତୀୟମାନଙ୍କର ଦୁଇଜଣ ଅବଶ୍ୟ ପ୍ରୟୋଜନୀୟ ଗ୍ରାମସେବକ (ଧୋବାର କାର୍ଯ୍ୟ ଲୁଗା ସଫା କରିବା ଓ ଭଣ୍ଡାରିର କାର୍ଯ୍ୟ କ୍ଷୌର କରିବା) — The washerman and the barber; the two most indispensable village-servants in India.
Dhobā bhaṇḍāri
ধোপা নাপিত
धोबी नाइ(त)

ଧୋବା ଭଣ୍ଡାରି ଅଟକ — ଦେ. ବି — ଗ୍ରାମର କୌଣସି ବ୍ୟକ୍ତି ସାମାଜିକ ଅପରାଧରେ ଅପରାଧୀ ହେଲେ ତାହାର ସେବା ନ କରିବ ଆଜ୍ଞାରେ
Dhobā bhaṇḍāri aṭaka
ধোবা নাপিত বন্দ
धोबी नाइ रोक; हुक्का पानी बन्द ଗ୍ରାମସମାଜଦ୍ୱାରା ଧୋବା ଭଣ୍ଡାରିଙ୍କୁ ଆଦେଶ ଦେବା; ଏକଘରକିଆ ହେବା; ଜାତିରୁ ଅଟକ; ବାସନ୍ଦ — Excommunication of a person by a caste-guild or village community by depriving him of the services of the village washerman and the village barber.
ଧୋବା ଭଣ୍ଡାରି ବନ୍ଦ
ଧୋବା ଭଣ୍ଡାରି ବାସନ୍ଦ
ଧୋବା ଭଣ୍ଡାରି ରୋକ୍
ଧୋବା ଭଣ୍ଡାରି ନ ଖଟିବା } ଅନ୍ୟରୂପ

ଧୋବା ଭଣ୍ଡାରି ଖଟିବା — ଦେ. କ୍ରି — କୌଣସି ବ୍ୟକ୍ତିର ସମାଜରେ ବା ଜାତିରେ ଚଳିବା — (a person) Being within the pales of a village community.
Dhobā bhaṇḍāri khaṭibā
ধোপা নাপিত খাটা
हुक्का पानी चलना

ଧୋବା ଭାଟି — ଦେ. ବି — ଧୋବା ଯେଉଁ ବଡ଼ ହାଣ୍ଡି ମଧ୍ୟରେ ଖାର ପାଣିରେ ଲୁଗା ବତୁରାଇ ଓ ଆଉ ଗୋଟିଏ ସଛିଦ୍ର ହାଣ୍ଡି ବା ପଲମ ତା ଉପରେ ଯୋଡ଼ାଇ ଲୁଗାକୁ କାଚିବା ପୂର୍ବରୁ ସିଝାଏ — A pot in which the washerman fumigates or steams the clothes before washing.
Dhobā bhāṭi
ধোবার ভাটি
धोबीकी भट्टी

ଧୋବା ସଙ୍ଗାତ — ଦେ. ବି. (ବ୍ୟଙ୍ଗ୍ୟ) — ଧୋବାବନ୍ଧୁ ; ରଜକମିତ୍ର — (ironical) Washerman-friend.
Dhobā saṅgāta
धोबीका यार ଧୋବା ସଙ୍ଗାତ, ଭଣ୍ଡାରି ମିତ, ସଖି ଗୋ ! ମନ ଏ—ଛଗ ।

[ଦ୍ର — କେହି ଲୋକ ଧୋବା ସାଙ୍ଗେ ସଙ୍ଗାତ ବସିଲେ ସେ ପ୍ରତିଦିନ ଧୋବା ସଙ୍ଗାତଠାରୁ ଅନ୍ୟ ବ୍ୟକ୍ତିଙ୍କର ଭଲଭଲ ଧୋବ ଲୁଗା ଆଣି ପିନ୍ଧିପାରେ ଏବଂ ପିନ୍ଧିସାରି ଧୋବା ସଙ୍ଗାତକୁ ଉକ୍ତ ଲୁଗା ଫେରାଇ ଦେଲେ ସେ ତାକୁ ପୁଣି ସଫା କରି ବସ୍ତ୍ରସ୍ୱାମୀଙ୍କୁ ଦିଏ । ଏ ଆଚରଣ ସର୍ବଥା ନିନ୍ଦ୍ୟ ।]

ଧୋବି — ଦେ. ବି. (ସଂ. ଧବ) — ୧ । ଧ (ଗଛ) (ଦେଖ)
Dhobi — 1. Dha (tree) (See)
୨ । (ଆଦରାର୍ଥକ) ଧୋବା ନାମକ ବ୍ୟକ୍ତିର ଡାକ ନାମ —
2. Name for calling 'Dhobā'.
ପ୍ରାଦେ. (ବସ୍ତର,ଭୁଲ.ସୁ-ଖୋଣ୍ଡ) ବି — ଧୋବା — Washerman.

ଧୋବୀ — ଦେ. ବି. ସ୍ତ୍ରୀ — ଧୋବଣୀ ନାମ୍ନୀ ସ୍ତ୍ରୀର ଅନ୍ୟ ନାମ —
Dhobī — A name by which a woman Dhobaṇī is called.

ଧୋୟୀ — ସଂ. ବି. (ନାମ) — ଜୟଦେବଙ୍କ ଗୀତଗୋବିନ୍ଦରେ ଉଲ୍ଲିଖିତ ଜଣେ କବିଙ୍କ ନାମ — Name of a poet alluded to by Jayadeba in his Gītagobinda.
Dhoyī

[ଦ୍ର — ଏ ଜଣେ ରାଜା ଥିବାର ଅନୁମିତ ହୁଏ । କାଳିଦାସଙ୍କ ମେଘଦୂତ ପରି ଏହାଙ୍କ ରଚିତ ବାୟୁଦୂତ ନାମରେ ଖଣ୍ଡିଏ ଖଣ୍ଡକାବ୍ୟ ମିଳୁଅଛି । ଦୃ. ଶବ୍ଦସାଗର]

ଧୋର୍ (ଧାତୁ) — ସଂ — ୧ । ଅଗ୍ରସର ହେବା —
Dhor (root) 1. To advance.
୨ । ଦ୍ରୁତଗତି କରିବା; ଦଉଡ଼ିବା —
2. To run; to walk briskly; to trot.

୩ । ନିପୁଣ ହେବା—3. To be skilful (Apte).

ଧୋରଇ—ପ୍ରାଦେ. (ଉତ୍ତରଭାଷା) ବ—ମେଣ୍ଢା ଜଗୁଥିଲ; ମେଷପାଳକ-
Dhorai Shepherd.

ଧୋରଣ—ସଂ. ବି. (ଧୋର୍ ଧାତୁ=ଦ୍ରୁତଗତି କରିବା+କରଣ. ଅନ)—
Dhorana ୧ । ହାତୀ ଘୋଡ଼ା ଆଦିଙ୍କ ଦ୍ୱାରା ଚାଳିତ ରଥାଦି
ବାହନ—1 Vehicles drawn by animals.
୨ । ଦୋଳା—2. Litter.
୩ । ପାଲିଙ୍କି—3. Palanquin; sedan.
୪ । (+ଭାବ. ଅନ) ଅଶ୍ୱର ଗତି; ଅଶ୍ୱର ଧୋରିତକ ଗତି;
ଦୁଲ୍‌କି—4. Trotting motion of a horse;
brisk pace of a horse.
୫ । ଦୌଡ଼ା; ଦ୍ରୁତଗତି—
5. Going quickly; running.

ଧୋରଣା—ଦେ. ବଣ. (ସଂ· ଚୀର୍ଣ୍ଣ)—
Dhoranā ଟୁକୁଟୁକୁ; ଜୀର୍ଣ୍ଣଶୀର୍ଣ୍ଣ; କନ୍ଥାରେ ପରିଣତ—
ଛେଁଡ଼ା Torn into shreds.
ধজ্জী (ଯଥା—ଏ ଲୁଗାଟା ଧୋରଣା ହୋଇଗଲାଣି ।)

ଧୋରଣି(ଣୀ)—ସଂ. ବି. (ଧୋର୍ ଧାତୁ=ଦ୍ରୁତଗତି କରିବା+ଭାବ.
Dhorani(nī) ଅନ, ଈ)—୧ । ଜନଶ୍ରୁତି—1. Rumour
(which runs apace).
୨ । ଶ୍ରେଣୀ; ପରମ୍ପରା—2. Succession; continuity;
uninterrupted series.
୩ । ପରମ୍ପରାଗତ କଥା—3. Tradition (Apte).

ଧୋରିତ—ସଂ. ବି. (ଧୋର୍ ଧାତୁ+ଭାବ. ତ)—
Dhorita ୧ । ଅଶ୍ୱର ଗତିବିଶେଷ; ଧୋରଣ; ଦୁଲ୍‌କି—
(ଧୋରିତକ—ଅନ୍ୟରୂପ) 1. Trotting motion of a horse.
୨ । ବଧ—2. Killing; murder; slaughter.
୩ । ଗତି—3. Motion; going.
୪ । ଆଘାତ—4. Injuring; hurting;
striking (Apte).

ଧୋଲା(ଲେ)ଇ—ଦେ. ଡ ଓ ବଣ—ଧୁଲେଇ (ଦେଖ)
Dhola(le)i Dhulei (See)
ধুলাই **धुलाई**

ଧୌଡ଼—ଦେ. ବ. (ସଂ. ଧୋର୍ ଧାତୁ)—
Dhaurda ଧଉଡ଼; ଦଉଡ଼; ଧାଉଡ଼ି; ଦ୍ରୁତଗତି—
দৌড় **दौड़** Running; race.

ଧୌଡ଼ ଧାପଡ଼—ଦେ. ବ. (ସଦୃଶ)—ଧାଁ ଧପଡ଼; ଦଉଡ଼ା ଦଉଡ଼ି—
Dhaurda dhaparda Running about.
দৌড়া দৌড়ি **दौड़ धापड़**
(ଧୌଡ଼ ଧପଡ଼, ଧୌଡ଼ ଧାପ—ଅନ୍ୟରୂପ)

ଧୌଡ଼ ମାରିବା—ଦେ. ବ—ଦୌଡ଼ିଯିବା; ଏକବାରକେ ବା ହଠାତ୍
Dhaurda māribā ଦଉଡ଼ି ଭଲ ପଳାଇବା—To run
(ଧୌଡ଼ ଦେବା—ଅନ୍ୟରୂପ) away suddenly; to run
দৌড় মারা **दौड़ पड़ना** continuously.

ଧୌଡ଼ା(ଡ଼େ)ଇବା—ଦେ. କ୍ରି. ('ଧୌଡ଼ ବା'ର ଣିଜନ୍ତ ରୂପ)—
Dhaurda(rde)ibā ଦଉଡ଼ାଇବା—To cause to run.
দৌড়ান **दौड़ाना**

ଧୌଡ଼ା ଧୌଡ଼ି—ଦେ. ବ—ଦଉଡ଼ା ଦଉଡ଼ି; ଇତସ୍ତତଃ ଦଉଡ଼ିବା—
Dhaurdā dhaurdi Running about.
দৌড়া দৌড়ি **दौड़ा दौड़ि**

ଧୌଡ଼ିବା—ଦେ. କ୍ରି. (ସଂ. ଧୋର୍ ଧାତୁ)—ଦଉଡ଼ିବା—
Dhaurdibā To run.
দৌড়া **दौड़ना**

ଧୌତ—ସଂ. ବଣ. (ଧାବ୍ ଧାତୁ+କର୍ମ. ତ)—
Dhauta ୧ । ପ୍ରକ୍ଷାଳିତ; ଧୁଆ ହୋଇଥିବା—
1. Washed; cleaned by washing.
୨ । ମାର୍ଜିତ; ପରିଷ୍କୃତ—
2. Cleansed; purified; washed off.
୩ । ଶୁକ୍ଲୀକୃତ; ଧବଳୀକୃତ; ଶୁଭ୍ର—
3. Whitened; bleached.
୪ । ନିଷ୍ପାପ—4. Clean; sinless.
୫ । ଶୋଧିତ—5. Refined; rectified.
୬ । ଶାଣିତ—6. Whetted; sharpened.
୭ । (+କର୍ତ୍ତୃ. ତ) ସ୍ନାତ—7. Bathed.
୮ । ପାଲିସ କରା ଯାଇଥିବା—
8. Polished; brightened.
୯ । ଉଜ୍ଜ୍ୱଳ—9. Bright; shining.
୧୦ । ଶୁକ୍ଲ; ଧଳା—10. White.
ବ—୧ । ରଜତ; ରୁପା—1. Silver.
୨ । (+ଭାବ. ତ) ଧାବନ; ଧୋଇବା—2. Washing.
୩ । ସଫା କରିବା—3. Cleansing.

ଧୌତକଟ—ସଂ.ବ. (ଧୌତ+କଟ)—ମୋଟା କନାର ଥଳି; ଧୋକଡ଼ି—
Dhautakata A bag of coarse cloth.

ଧୌତ କୌଷେୟ—ସଂ. ବ. (କର୍ମଧା; ଧୌତ=ମାର୍ଜିତ+
Dhauta kausheya କୌଷେୟ)—୧ । ପଟ୍ଟବସ୍ତ୍ର—
(ଧୌତ କୋଷଜ—ଅନ୍ୟରୂପ) 1. Silk cloth.
୨ । ପଟ୍ଟୋର୍ଣ୍ଣ; ସରୁ ପଶମ—2. Fine wool.

ଧୌତ ଖଣ୍ଡୀ—ସଂ. ବ—ମିଶ୍ରି—
Dhauta khandī Sugarcandy (Apte).

ଧୌତ ଶିଳା—ସଂ. ବ. (ଧୌତ+ଶିଳା)—୧ । ସ୍ଫଟିକ—
Dhauta silā 1. Crystal.
(ଧୌତ ଶିଳ—ଅନ୍ୟରୂପ) ୨ । ସ୍ଫଟିକ ମଣି—2. Quartz.

ଧୌତାତ୍ମା—ସଂ. ବଣ. (ବହୁବ୍ରୀହି; ଧୌତ+ଅତ୍ମନ୍)—
Dhautātmā ପବିତ୍ରାତ୍ମା; ଶୁଦ୍ଧାତ୍ମା—Pure-souled.

ଧୌତି—ସଂ. ବ. (ଧାବ୍ ଧାତୁ+କର୍ମ. ତି)—୧ । ଧୋତି—
Dhauti 1. Cloth.

(ଧୌତ୍ତ—ଅନ୍ୟରୂପ) ୨ । ଯୋଗସାଧନାର ଅଙ୍ଗବିଶେଷ; ଅଙ୍ଗୁଳି ଦ୍ୱାରା ମଳଦ୍ୱାରର ଅଭ୍ୟନ୍ତର ଶୋଧନ କରିବା ପ୍ରକ୍ରିୟାବିଶେଷ—2. The practise of washing the rectum with the fingers after a motion of the bowels.

[ଦ୍ର—ମଳୋତ୍ସର୍ଗ ପରେ ଜଳଶୌଚ କରିବା ସମୟରେ ତର୍ଜ୍ଜନୀ ବା ମଧ୍ୟମାଙ୍ଗୁଳିକୁ ଶୌଚଜଳସିକ୍ତ କରି ଗୁହ୍ୟରନ୍ଧ୍ରବାଟେ ଭିତରକୁ ପୂରାଇ ଭିତରେ ଲାଗିଥିବା ମଳକଣାମାନ ପରିଷ୍କାର କରିବା ପ୍ରକ୍ରିୟାକୁ ଧୌତି ବୋଲାଯାଏ । ଏହାଦ୍ୱାରା ଗୁହ୍ୟଦେଶ ପରିଷ୍କୃତ ହୁଏ ଓ ଅପାନବାୟୁ ଦୂଷିତ ହୋଇ ନ ପାରିବାରୁ ସ୍ୱାସ୍ଥ୍ୟ ଭଲ ରହେ । ଏହା ଅଜୀର୍ଣ୍ଣ, ଅର୍ଶଃ ଓ କୋଷ୍ଠବଦ୍ଧତା ଆଦି ରୋଗ ନାଶ କରେ ।]

୩ । ଶରୀରର ବାହାର ଓ ଭିତର ଶୁଦ୍ଧ କରିବାର ହଠଯୋଗର କ୍ରିୟାବିଶେଷ (ହି. ଶବ୍ଦସାଗର)—3. A mode of cleansing the inside and outside of one's body practised by persons exercising Haṭha-joga.

[ଦ୍ର—ଘେରଣ୍ଡ ସଂହିତାରେ ଧୌତି ୪ପ୍ରକାର ବର୍ଣ୍ଣିତ ହୋଇଅଛି—ଅନ୍ତ ଧୌତି, ଦନ୍ତଧୌତି, ହୃଦ୍‌ଧୌତି ଓ ମୂଳଶୋଧନ । ଅନ୍ତର୍ଧୌତି ମଧ୍ୟ ୪ପ୍ରକାର ଯଥା ବାତସାର, ବାରିସାର, ବହ୍ନିସାର ଓ ବହିଷ୍କୃତ । ବାତସାରରେ ମୁହଁକୁ କୁଆଥଣ୍ଟ ପରି ଗୋଲଆ କରି ସେହି ଛିଦ୍ର ବାଟେ ପବନ ଟାଣି ନେଇ ପେଟରେ ପୂରାଇବ, ପୁଣି ତାହା ମୁହଁବାଟେ ଛାଡ଼ିବ । ବାରିସାରରେ ଗଳାପର୍ଯ୍ୟନ୍ତ ପାଣି ପିଇ ତାହା ଅଧୋମାର୍ଗ ବାଟେ ଛାଡ଼ିବ । ବହ୍ନିସାରରେ ଶ୍ୱାସ ବନ୍ଦ କରି ପେଟକୁ ଖଙ୍କା କରି ନାଭିକୁ ଶହେ ଥର ମେରୁଦଣ୍ଡରେ ଲଗାଇବ । ବହିଷ୍କୃତରେ ମୁହଁକୁ କୁଆଥଣ୍ଟ ପରି ଗୋଲଆ କରି ସେହି ଛିଦ୍ର ବାଟେ ପବନ ଟାଣି ପେଟରେ ପବନ ଭରିଦେଇ କରି ପବନକୁ ପେଟରେ ୪ଦଣ୍ଡ ରଖି ଅଧୋମାର୍ଗରେ ତାହା ଛାଡ଼ିବ । ଏମାନ କରିବା ପରେ ନାଭି ପର୍ଯ୍ୟନ୍ତ ପାଣିରେ ଠିଆ ହୋଇ ଅନ୍ତବୁଜୁଳାକୁ ବାହାର କରି ତହିଁମଧ୍ୟରୁ ମଳଯାକ ସଫା କରି ପୁଣି ତାହା ଉଦରରେ ପୂରାଇବ । ଦନ୍ତଧୌତି ମଧ୍ୟ ୫ପ୍ରକାର-ଦନ୍ତମୂଳ, ଜିହ୍ୱାମୂଳ, ରନ୍ଧ୍ର, କର୍ଣ୍ଣଦ୍ୱାର ଓ କପାଳରନ୍ଧ୍ର । ତହିଁରୁ ତମ୍ଫୁଟାଦ୍ୱାରା ଟାଣି ଜିହ୍ୱାମୂଳ ଶୁଦ୍ଧି କରାଯାଏ । ରନ୍ଧ୍ରଧୌତିରେ ନାକରେ ପାଣି ପିଇବ ଓ ମୁହଁବାଟେ ପାଣି କାଢ଼ିବ, ପୁଣି ମୁହଁବାଟେ ପାଣି ପିଇ ନାକବାଟେ କାଢ଼ିବ । ଜଳପାନ ଓ ବମନଦ୍ୱାରା ହୃଦ୍‌ଧୌତି ଓ ମଳୋତ୍ସର୍ଗାନ୍ତେ ଶୌଚ କରିବା ବେଳେ, ଅଙ୍ଗୁଳିଦ୍ୱାରା ଗୁହ୍ୟରନ୍ଧ୍ରର ଭିତର ସଫା କରିବ—ହି. ଶବ୍ଦସାଗର ।]

୪ । ଯୋଗସାଧନର ଏକ ପ୍ରକ୍ରିୟା; ଯଦ୍ୱାରା ୨ ଅଙ୍ଗୁଳ ଚୌଡ଼ା ଓ ୧୦ ହାତ ଲମ୍ବ କନାକୁ ପାଟି ବାଟେ ଗିଳି ପେଟକୁ ନେଇ, ତହିଁ ଉପରେ ପାଣି ପିଇ ତକ୍ଷଣ କନାକୁ ଧୀରେ ଧୀରେ ପାଟିବାଟେ କଢ଼ାଯାଏ (ହି. ଶବ୍ଦସାଗର)—4. An exercise of joga in which a long and narrow strip of cloth is swallowed up and gradually brought out.

୫ । ଯୋଗ କ୍ରିୟାରେ ଅନ୍ତଶୋଧନାର୍ଥ ବ୍ୟବହୃତ ଲମ୍ବ ଓ ସରୁଆ କନା (ହି. ଶବ୍ଦସାଗର)—5. A strip of long and narrow cloth used in cleansing the stomach in Joga exercise.

ଧୌମ—ସଂ. ବି. (ନାମ) (ଧୂମ=ଋଷିବିଶେଷ+ଅପତ୍ୟାର୍ଥେ ଅ)—
Dhauma ପାଣ୍ଡବମାନଙ୍କ ପୁରୋହିତ; ଦେବଳଙ୍କ ସହୋଦର ଭ୍ରାତା—Name of the priest of the Pāṇḍabas.

ଧୌମ୍ୟ—ସଂ. ବି. ନାମ—୧ । ଧୌମ (ଦେଖ)
Dhaumya 1. Dhauma (See)

୨ । ବ୍ୟାଘ୍ରପଦ ନାମକ ଋଷିଙ୍କ ପୁତ୍ର; ଶିବଭକ୍ତ, ଦିବ୍ୟଜ୍ଞାନସମ୍ପନ୍ନ, ଅଜର ଓ ଅମର ସତ୍ୟଯୁଗର ଏକ ଋଷି (ମହାଭାରତ)—2. Name of a sage of the Satya juga.

୩ । ଆୟୋଦ ଋଷି; ଆରୁଣି, ଉପମନ୍ୟୁ ଓ ବେଦ ନାମକ ୩ ପୁତ୍ରଙ୍କ ପିତା—3. Name of a sage, father of Āruṇi.

୪ । ପଶ୍ଚିମଦିଗରେ ତାରାରୂପେ ଦେଖାଯାଉଥିବା ଏକ ଋଷି—4. Name of a sage who is said to have been transformed to a star appearing in the west.

ଧୌର—ସଂ. ବି—ଧ ଗଛ (ଦେଖ)
Dhaura Dha tree (See)

ଧୌରିତକ—ସଂ. ବି. (ଧୋରିତ+ଅ)—ଧୋରିତ (ଦେଖ)
Dhauritaka Dhorita (See)

ଧୌରେୟ—ସଂ. ବି. (ଧୁର=ଭାର+ବହନାର୍ଥରେ ଏୟ)—
Dhaureya ୧ । ଭାରବାହୀ—1. Carrying a burden.

୨ । ଅଗ୍ରବର୍ତ୍ତୀ—2. Advancing ahead.

୩ । ରଥ ଆଦି ଟାଣିବାବାଲା—3. Drawing a vehicle.

ସଂ. ବି—ଭାରବାହୀ ପଶୁ—A beast of burden.

ଧୌର୍ତ୍ତ୍ୟ—ସଂ. ବି. (ଧୂର୍ତ୍ତ+ଭାବ. ଯ)—ଧୂର୍ତ୍ତତା—
Dhaurttya Wickedness; fraudulence.
(ଧୌର୍ତ୍ତ୍ୟ—ଅନ୍ୟରୂପ)

ଧୌର୍ଯ୍ୟ—ସଂ. ବି. (ଧୁର+ଭବାର୍ଥରେ. ଯ)—ଧୋରିତ (ଦେଖ)—
Dhaurjya Dhorita (See)

ଗ୍ରା. ବି. (ସଂ. ଧୈର୍ଯ୍ୟର ଅଶୁଦ୍ଧ ଉଚ୍ଚାରଣ) ଧୈର୍ଯ୍ୟ—Patience.

ଧ୍ୱଂସ୍ (ଧାତୁ)—ସଂ.—ବିନଷ୍ଟ ହେବା—
Dhwaṁs (root) To be destroyed.

ଧ୍ୱଂସ—ସଂ. ବି. (ଧ୍ୱଂସ୍ ଧାତୁ+ଭାବ. ଅ)—୧ । ବିନାଶ—
Dhwaṁsa 1. Decay; destruction; demolition; annihilation.

୨ । ବଧ—2. Killing.

୩ । ହାନି; କ୍ଷୟ; ଅପଚୟ—3. Waste; loss.

୪ । ସର୍ବନାଶ—4. Ruin.

୫ । ଅଧଃପତନ—5. Fall; downfall.

୬ । ଗମନ (ପ୍ରକ୍ଷିପ୍ତବାଦ)—6. Going.

ଧ୍ୱଂସକ—ସ. ବିଣ. ପୁଂ (ଧ୍ୱଂସ୍ ଧାତୁ+କର୍ତ୍ତୃ. ଅକ)—ଯେ ଧ୍ୱଂସ କରେ; Dhwamsaka ଧ୍ୱଂସକାରୀ—Destroying; destructive; ruinous. (ଧ୍ୱଂସିକା—ସ୍ତ୍ରୀ)

ଧ୍ୱଂସକର—ଦେ. ବିଣ. ପୁଂ—ଧ୍ୱଂସକ; ଧ୍ୱଂସକାରୀ— Dhwamsakara Destructive. (ଧ୍ୱଂସକାରୀ—ଅନ୍ୟରୂପ) (ଧ୍ୱଂସକରୀ, ଧ୍ୱଂସକାରିଣୀ—ସ୍ତ୍ରୀ)

ଧ୍ୱଂସ କରିବା—ଦେ. କ୍ରି.—୧ । ବିନାଶ କରିବା— Dhwamsa kariba 1. To destroy; to annihilate.
ধ্বংসকরা ୨ । ବଧ କରିବା—
ধ্বংসকরো 2. To kill.

ଧ୍ୱଂସନ—ସ. ବି. (ଧ୍ୱଂସ୍ ଧାତୁ+ଭାବ. ଅନ)—ଧ୍ୱଂସ (ଦେଖ)— Dhwamsana Dhwamsa (See)

ଧ୍ୱଂସନୀୟ—ସ. ବିଣ. (ଧ୍ୱଂସ୍ ଧାତୁ+କର୍ମ. ଅନୀୟ)—ଧ୍ୱଂସଯୋଗ୍ୟ— Dhwamsaniya Deserving to be demolished; fit to be destroyed or ruined. (ଧ୍ୱଂସନୀୟା—ସ୍ତ୍ରୀ)

ଧ୍ୱଂସ ପଥ—ସ. ବି. (୬ଷ୍ଠୀ ତତ୍; ଧ୍ୱଂସ+ପଥ)—ବିନାଶର ଉପାୟ; Dhwamsa patha ସର୍ବନାଶର ପନ୍ଥା— The way to ruin. (ଧ୍ୱଂସମାର୍ଗ—ଅନ୍ୟରୂପ)

ଧ୍ୱଂସ ମୁଖ—ସ. ବି. (୬ଷ୍ଠୀ ତତ୍; ଧ୍ୱଂସ+ମୁଖ)—ବିନାଶର ସୂତ୍ରପାତ— Dhwamsa mukha The beginning of ruin.

ଧ୍ୱଂସାବଶେଷ—ସ. ବି. (୬ଷ୍ଠୀ ତତ୍; ଧ୍ୱଂସ+ଅବଶେଷ)—ଭଗ୍ନାବିଶେଷ; Dhwamsabasesha ଭଗ୍ନାବଶେଷ; ବିନଷ୍ଟ ପଦାର୍ଥର ଯେଉଁ ଅଂଶ ନଷ୍ଟ ନ ହୋଇ ରହି ଯାଇ ଥାଏ—The ruins; the remains; the ashes.

ଧ୍ୱଂସିତ—ସ. ବି. (ଧ୍ୱଂସ୍ ଧାତୁ+କର୍ମ. ତ)—୧ । ଧ୍ୱଂସପ୍ରାପ୍ତ— Dhwamsita 1. Ruined.

୨ । ବିନାଶିତ—2. Destroyed.

ଧ୍ୱଂସିବା—ଦେ. (ପଦ୍ୟ) କ୍ରି. (ସ. ଧ୍ୱଂସ୍ ଧାତୁ)—ବିନାଶ କରିବା— Dhwamsiba To destroy.
ধ্বংসা ତାଙ୍କ ଛତ୍ରେ ହର ପଶେ,
ঢানা, ঢাহনা ସର୍ବ ଅଶୁଭ ଫଳ ଧ୍ୱଂସେ । ଜଗନ୍ନାଥ. ଭାଗବତ ।

ଧ୍ୱଂସୀ—ସ. ବିଣ. ପୁଂ.—(ଧ୍ୱଂସ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)— Dhwamsi ୧ । ଧ୍ୱଂସପ୍ରବଣ; ଯାହାର ଧ୍ୱଂସ ଅନିବାର୍ଯ୍ୟ; ନଶ୍ୱର; ଅଚିରସ୍ଥାୟୀ—1. Destructible. (ଧ୍ୱଂସିନୀ—ସ୍ତ୍ରୀ)

୨ । ଧ୍ୱଂସକ; ବିନାଶକ—
2 Destroying; ruining.

ସ. ବି.—ପାର୍ବତ୍ୟ ପିଲୁଗଛ (ହ୍ର. ଶ.)—A kind of Pilu tree growing on mountains.

ଧ୍ୱଜ୍ (ଧାତୁ)—ସ—୧ । ଗମନ କରିବା— Dhwaj (root) 1. To go.

୨ । ଘୁଞ୍ଚିବା; ଗତି କରିବା—2. To move.

ଧ୍ୱଜ—ସ. ବି (ଧ୍ୱଜ୍ ଧାତୁ+କର୍ତ୍ତୃ. ଅ)—୧ । ନିଶାଣ; ବୈଜୟନ୍ତୀ; Dhwaja ପତାକା—1. Flag; standard; ensign; banner.

୨ । (ପର୍ବତର) ଶିଖର—2. Peak (of a mountain).

୩ । ମେଢ୍ର; ଲିଙ୍ଗ; ଯୋନି; ଜନନେନ୍ଦ୍ରିୟ— 3. The penis; the organ of generation of a male or female animal (Apte)

୪ । ଲକ୍ଷଣ; ବାହ୍ୟ ଚିହ୍ନ—4. External sign; mark symbol; token; emblem.

୫ । ଗର୍ବ—5. Pride.

୬ । ପତାକାର ଦଣ୍ଡ—6. Flag-staff.

୭ । ଖଟ୍ୱାଙ୍ଗ—7. Bedpost; the beams of a bedstead.

୮ । ଶୁଣ୍ଡୀ—8. Wine-distiller; grog-dealer.

୯ । ପୂର୍ବଦିଗର ଗୃହ—9. An eastern house; a house situated to the east of any object (Apte).

୧୦ । ସେନାଚିହ୍ନବିଶେଷ; ସେନାଦଳର ପତାକା— 10. The ensign or flag of an army.

୧୧ । (ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ;ଯଥା—କୁଳଧ୍ୱଜ) ଶ୍ରେଷ୍ଠ ବା ବିଖ୍ୟାତ ବ୍ୟକ୍ତି—11. A distinguished or eminent person; the honour or ornament (e. g. of a family) (Apte).

୧୨ । ଦେବତାଙ୍କର ଗୁଣ— 12. The attribute of a Deity (Apte)

୧୩ । ଟ୍ରେଡ୍‌ମାର୍କ; ପଣ୍ୟଦ୍ରବ୍ୟନିର୍ମାତାଙ୍କର ବଶିଷ୍ଟ ଚିହ୍ନ— 13. Trade mark (Apte).

୧୪ । ଶୌଣ୍ଡିକାଳୟର ବାହାରେ ଥିବା ବଶିଷ୍ଟ ଚିହ୍ନ— 14. The sign of a tavern (Apte).

୧୫ । କପଟାଚାର—15. Hypocricy (Apte).

୧୬ । ମହାପୁରୁଷଙ୍କ ପାଦତଳ ବା କରତଳରେ ଥିବା ଧ୍ୱଜାକାର ରେଖା—16. A line resembling a flag found on the soles and palms of great men.

ଧ୍ୱଜ ଚିହ୍ନ—ସ. ବି (୬ଷ୍ଠୀ ତତ୍; ଧ୍ୱଜ+ଚିହ୍ନ)—ପତାକାଦେହରେ ଅଙ୍କିତ Dhwaja chihna ଜାତି, ସମ୍ପ୍ରଦାୟ ବା ରାଜଶକ୍ତିଜ୍ଞାପକ ଲକ୍ଷଣ; ପତାକା ଚିହ୍ନ—An ensign; a mark appearing in a flag to denote a particular nation, sect or state.

ଧ୍ୱଜଦଣ୍ଡ—ସ. ବି. (୬ଷ୍ଠୀ ତତ୍; ଧ୍ୱଜ+ଦଣ୍ଡ)—ପତାକା ବାଉଁଶ; ନିଶାଣି Dhwaja danda ଦଣ୍ଡା—Flagstaff; a post on which a flag is planted.

ଧ୍ୱଜ ଦ୍ରୁମ—ସ. ବି (ମ. ପ. ଲୋ; ଧ୍ୱଜବତ୍ ଦ୍ରୁମ)—ତାଳଗଛ— Dhwaja druma The palm tree.

ଧ୍ୱଜ ପଟ—ସ.ବି (୬ଷ୍ଠୀ ତତ୍; ଧ୍ୱଜ+ପଟ)—ଧ୍ୱଜଦଣ୍ଡର ମସ୍ତକରେ ଲଗ୍ନ Dhwaja pata ବସ୍ତ୍ରଖଣ୍ଡ—Flag cloth; a piece of cloth attached to the top of a flag. (ଧ୍ୱଜାଂଶୁକ—ଅନ୍ୟରୂପ)

ଧ୍ୱଜ ବଜ୍ରାଙ୍କୁଶ—ସ. ବ (ଦ୍ୱନ୍ଦ୍ୱ; ଧ୍ୱଜ + ବଜ୍ର + ଅଙ୍କୁଶ)—୧ । ଧ୍ୱଜ, ବଜ୍ର
Dhwaja bajrānkusa ଓ ଅଙ୍କୁଶ ଚିହ୍ନ; ରାଜଚିହ୍ନବିଶେଷ—
1. The three paraphernalia of royalty; three royal symbols viz flag, thunder and book.
୨ । ବିଷ୍ଣୁଙ୍କର ବା ବିଷ୍ଣୁ ଅଂଶୀ ବ୍ୟକ୍ତିଙ୍କ ପାଦତଳେ ଥିବା ଚିହ୍ନତ୍ରୟ
2. The three marks found on the soles of the feet of Bishṇu when He assumes earthly form.

ଧ୍ୱଜବାନ୍—ସ ବି. ପୁଂ (ଧ୍ୱଜ + ବତ୍; ୧ମା. ୧ବ)—
Dhwajabān ୧ । ପତାକାଦ୍ୱାରା ସୁଶୋଭିତ—
1. Adorned with flags.
୨ । ଚିହ୍ନଯୁକ୍ତ—2. Having a mark; marked.
୩ । ଦାଗୀ ବା ରାଜଦଣ୍ଡପ୍ରାପ୍ତ; ରାଜଦଣ୍ଡର ପ୍ରମାଣସ୍ୱରୂପ ଯାହାର ଦେହରେ ଦାଗ ଦିଆ ଯାଇଥାଏ—
3. Branded as a convict.
ସ. ବ—୧ । ଶୁଣ୍ଡୀ—1. A distiller or seller of spirituous liquor.
୨ । ଦାଗୀ—2. A previous convict.
୩ । ପତାକାବାହକ—3. Standard-bearer.
୪ । ଯେଉଁ ବ୍ରାହ୍ମଣ କାହାଦ୍ୱାରା ହତ ହୋଇଥିବା ବ୍ୟକ୍ତିର କପାଳକୁ ସେଥି ପ୍ରାୟଶ୍ଚିତ୍ତାର୍ଥ ତୀର୍ଥକୁ ଯାଏ—
4. A Brāhmaṇa who carries with him the skull of the man murdered by him to centres of pilgrimage by way of penance.

ଧ୍ୱଜ ଭଙ୍ଗ—ସ. ବ. (୬ଷ୍ଠୀ ତତ୍; ଧ୍ୱଜ=ମେଢ୍ର + ଭଙ୍ଗ=ଶିଥିଳତା)—
Dhwaja bhanga ପୁରୁଷର ଜନନେନ୍ଦ୍ରିୟର ଶିଥିଳତା ଓ ଶକ୍ତି-
(ଧ୍ୱଜପାତ—ଅନ୍ୟରୂପ) ହୀନତା; ପୁରୁଷତ୍ୱହୀନତା ରୋଗ; କ୍ଲୀବତା—
Impotency; inability to beget children.

ଧ୍ୱଜଯଷ୍ଟି—ସ. ବ. (୬ଷ୍ଠୀ ତତ୍; ଧ୍ୱଜ + ଯଷ୍ଟି)—ଧ୍ୱଜ ଦଣ୍ଡ (ଦେଖ)
Dhwaja jāshṭi Dwaja daṇda (See)

ଧ୍ୱଜ ସ୍ତମ୍ଭ—ସ. ବ. (୬ଷ୍ଠୀ ତତ୍; ଧ୍ୱଜ+ସ୍ତମ୍ଭ)—ଧ୍ୱଜଦଣ୍ଡ (ଦେଖ)
Dhwaja sthmbha Dhwaja daṇda (See)

ଧ୍ୱଜା—ଦେ. ବ. (ସ. ଧ୍ୱଜ)—୧ । ପତାକା; ଝଣ୍ଡା —
Dhwajā 1. A flag.
ଧ୍ୱଜା ୨ । ଗର୍ବ—2. Pride.
ଧଜା ୩ । ମସ୍ତକର ଶିଖା; ଚୁଟି —
3. A tuft of hair on the head.

ଧ୍ୱଜାଧାରୀ—ଦେ. ବିଣ. ପୁଂ (ସ. ଧ୍ୱଜଧାରିନ୍)—୧ । ପତାକାବାହକ—
Dhwajādhāri 1. Flag-bearing; standard-bearing.
୨ । ଶିଖାଧାରୀ; ଯାହାର ଚୁଟି ଥାଏ—2. Having a long tuft of hair or pightail on the head.

ଧ୍ୱଜାରୋପଣ—ସ. ବ. (୬ଷ୍ଠୀ ତତ୍; ଧ୍ୱଜ+ଆରୋପଣ)— ଦେବାଳୟ-
Dhwajāropaṇa ଓ ତୀର୍ଥାଦିରେ ମନ୍ତ୍ରପୂତ ପତାକା ପୋତିବା—
The planting of a consecrated flag at a sacred place or over a temple.

ଧ୍ୱଜାହୃତ—ସ. ବିଣ.—ଯୁଦ୍ଧ ଭୂମିରେ ଗୃହୀତ—
Dhwajāhṛuta Seized in the battlefield.

ଧ୍ୱଜିକ—ସ. ବ. ପୁଂ—କପଟ ଧାର୍ମିକ—A hypocrite who only
Dhwajika makes a pretence of religion (Apte).

ଧ୍ୱଜିନୀ—ସ. ବ. ସ୍ତ୍ରୀ—(ଧ୍ୱଜ+ଇନ୍ + ସ୍ତ୍ରୀ. ଈ) —ସେନା; ବାହିନୀ—
Dhwajini An army.
ସ. ବିଣ. ସ୍ତ୍ରୀ—ଧ୍ୱଜୀର ସ୍ତ୍ରୀଲିଙ୍ଗ —
Feminine of Dhwaji.

ଧ୍ୱଜୀ—ସ. ବିଣ. ପୁଂ. (ଧ୍ୱଜ + ଅସ୍ତି ଅର୍ଥରେ ଇନ୍) —୧ । ପତାକାବାହକ
Dhwaji 1. Standard bearing; bearing a flag.
(ଧ୍ୱଜିନୀ—ସ୍ତ୍ରୀ) ୨ । କପଟୀ; ଭଣ୍ଡ—
2. Hypocritical; imposter.
୩ । ସୁରାଭାଜନ ଚିହ୍ନଧାରୀ—3. Bearing the mark of a liquor vessel.
୪ । (ସମାସରେ) ଅମୁକକୁ ଚିହ୍ନରୂପେ ଧାରଣ କରିଥିବା—
4. Having as a mark.
(ଯଥା—ଧର୍ମ ଧ୍ୱଜୀ ।)
ସ. ବ. ପୁଂ—୧ । (ପତାକା ଥିବାରୁ) ରାଜା—1. King.
୨ । (ଶିଖର ଥିବାରୁ) ପର୍ବତ—2. Mountain.
୩ । (ପତାକା ଥିବାରୁ) ରଥ—3. Car; chariot.
୪ । (ଚୂଳ ଥିବାରୁ) ଶିଖୀ; ମୟୂର—4. Peacock.
୫ । (ଫଣା ଥିବାରୁ) ସର୍ପ—5. Serpent.
୬ । (ଶିଖା ଥିବାରୁ) ବ୍ରାହ୍ମଣ—
6. A Brāhmaṇa.
୭ । (ଶିଖା ଥିବ ରୁ) ଅଗ୍ନି—7. Fire.
୮ । (ମୁଣ୍ଡ ଓ ବେକରେ କେଶଗୁଚ୍ଛ ଥିବାରୁ) ଅଶ୍ୱ—
8. Horse.
୯ । ଶୁଣ୍ଡୀ—9. A distiller; a vintner.

ଧ୍ୱଜୀକରଣ—ସ. ବ (ଧ୍ୱଜ+ଅଭୂତ ତଦ୍ଭାବେ ଚ୍ୱି+କରଣ)—
Dhwajikaraṇa ୧ । ପତାକା ଉତ୍ତୋଳନ କରିବା; ପତାକା ଉଡ଼ାଇବା—1. Hoisting of a flag; raising of a standard.
୨ । କୌଣସି ବିଷୟକୁ ବାହାନା କରିବା—
2. Setting up as a pretext or claim; making anything a plea (Apte).

ଧ୍ୱଜୋତ୍ଥାନ—ସ. ବ—ଇନ୍ଦ୍ରଙ୍କ ପୂଜା ଉତ୍ସବ—
Dhwajotthāna A festival in honour of Indra.

ଧ୍ୱନ୍ (ଧାତୁ)—ସ—୧ । ଶବ୍ଦ କରିବା—
Dhwan (root) 1. To make a sound.
(ଧ୍ୱଣ୍—ଅନ୍ୟରୂପ) ୨ । ଗର୍ଜନ କରିବା—2. To roar; to thunder.

ଧ୍ୱନ—ସ. ବ. (ଧ୍ୱନ୍ ଧାତୁ + ଭାବ. ଅ)—ଧ୍ୱନି (ଦେଖ)
Dhwana Dhwani (See)

ଧ୍ୱନନ—ସଂ. ବି. (ଧ୍ୱନ୍ ଧାତୁ+ଅନ)—
Dhwanana ୧ । ଶବ୍ଦ କରିବା—1. Making a sound.
୨ । (ଅଳଙ୍କାର) ଶବ୍ଦଗତ ବ୍ୟାପାରବିଶେଷ; ବ୍ୟଞ୍ଜନା—
2. (rhetoric) That power of a word or sentence by virtue of which it conveys a sen... different from its primary or secondary meaning; suggestive power of a word.
୩ । ଗୁଣୁ ଗୁଣୁ ଶବ୍ଦ କରିବା—
3. Buzzing; humming.
୪ । ଅର୍ଥାଦିର ସୂଚନ—4. Hinting; suggesting or implying (as a meaning).
୫ । ଅବ୍ୟକ୍ତ ଉଚ୍ଚାରଣ—5. Indistinct utterance.

ଧ୍ୱନି—ସଂ. ବି. (ଧ୍ୱନ୍ ଧାତୁ=ଶବ୍ଦ କରିବା+ଭାବ. ଇ)—
Dhwani ୧ । ଶବ୍ଦ—1. Sound; noise.
୨ । ରବ; ସ୍ୱର—2. Tone; note; tune.
୩ । କଣ୍ଠ ସ୍ୱର—3. Voice; cry.
୪ । ବାଦ୍ୟ ଯନ୍ତ୍ରର ସ୍ୱର—
4. Musical note or sound; melody.
୫ । (ଅଳଙ୍କାର) ଲକ୍ଷ୍ୟାର୍ଥ, ଗୂଢ଼ାର୍ଥ; ବାଚ୍ୟାର୍ଥ ଛଡ଼ା ବ୍ୟଙ୍ଗ୍ୟାର୍ଥ—5. Implied meaning; a hint.
ଅଶ୍ଳେଷ ଧ୍ୱନି ଶ୍ଳେଷ ଛଳ ବସ୍ତୁ ରୂପକ ଇତ୍ୟାଦି ।
ଉପେନ୍ଦ୍ର । କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୬ । ପ୍ରତିଧ୍ୱନି—6. An echo.
୭ । ଘଡ଼ଘଡ଼ି ରଡ଼ି; ବଜ୍ର ଧ୍ୱନି—7. Thunder clap; the roar of thunder.
୮ । ଉତ୍କୃଷ୍ଟ କାବ୍ୟ—8. A literary work containing passages in which the implied or suggested sense is more striking than the expressed meaning.
[ଦ୍ର—ଯେଉଁ କାବ୍ୟରେ ବାକ୍ୟାବଳୀର ପ୍ରକାଶିତ ଅର୍ଥ ଅପେକ୍ଷା ସୂଚିତ ଅର୍ଥ ବା ଲକ୍ଷଣାର୍ଥ ପ୍ରଧାନ ଅଟେ ତାକୁ ଧ୍ୱନି ବୋଲିଯାଏ]
୯ । ଫମ୍ପା ଶବ୍ଦ ମାତ୍ର—9. A mere empty sound (Apte).
ଦେ. ବି—(ସଂ. ଧ୍ୱନି) ପଙ୍ଗତରେ ବସି ଖାଇବା ସମୟରେ
ଧ୍ୱନୀ ବୈଷ୍ଣବ ଓ ବାବାଜୀମାନଙ୍କର ଏକତ୍ର ଉଚ୍ଚାରଣ କରିବା 'ଜୟଜୟକାର' ବା ହରିନାମ—A chorus of thanksgiving uttered by Baishnabas assembled at a feast, before partaking of the meal.

ଧ୍ୱନିକରିବା—ଦେ. କ୍ରି (ସଂ. ଧ୍ୱନ୍ ଧାତୁ)—ଶବ୍ଦ କରିବା—
Dhwani kariba To raise a sound or note.
ध्वनिकरना; ধ্বনিকরণ

ଧ୍ୱନି କାବ୍ୟ—ସଂ. ବି (ମ. ପ. ଲୋ. କର୍ମଧା; ଧ୍ୱନି+କାବ୍ୟ)—ଉତ୍କୃଷ୍ଟ
Dhwani kābya କାବ୍ୟବିଶେଷ; ଯେଉଁ କାବ୍ୟରେ ବାଚ୍ୟାର୍ଥଠାରୁ ବ୍ୟଙ୍ଗ୍ୟାର୍ଥ ବା ଲକ୍ଷଣାର୍ଥ ଅଧିକତର ଚମତ୍କାରଜନକ—A literary composition in which the implied meaning is more excellent or striking than the meaning appearing on the face of the words.

ଧ୍ୱନି ଗ୍ରହ—ସଂ. ବି (ଧ୍ୱନି+ଗ୍ରହ ଧାତୁ+କର୍ତ୍ତୃ. ଅ)—୧ । କାନ—
Dhwani graha 1. Ear.
୨ । (+ଭାବ. ଅ) ଶବ୍ଦଜ୍ଞାନ—2. Conception of sound.
୩ । ଶୁଣିବା—3. Hearing
୪ । ତୂରୀ; ବେଣୁ;ବଂଶୀ—4. Pipe;fife;flute (Apte).

ଧ୍ୱନିତ—ସଂ. ବିଣ (ଧ୍ୱନ୍ ଧାତୁ+କର୍ମ. ତ)—୧ । ଶବ୍ଦିତ—
Dhwanita 1. Sounded.
୨ । ଧ୍ୱନିଦ୍ୱାରା ପ୍ରତିପନ୍ନ (ଅର୍ଥ)—2. Implied; hinted; suggested (meaning)
ସଂ. ବି—୧ । (+ଭାବ. ତ)—ଶବ୍ଦ—1 Sound.
୨ । ମେଘ ଗର୍ଜ୍ଜନ—2. The roar or thunder of a cloud (Apte).

ଧ୍ୱନି ନାଳା—ସଂ. ବି (ଧ୍ୱନି=ଶବ୍ଦ+ନାଳା=ନଳ)—୧ । ବୀଣା—
Dhwani nālā 1. Harp.
୨ । ବଂଶୀ—2. Flute.

ଧ୍ୱନିବା—ଦେ. (ପଦ୍ୟ) କ୍ରି. (ସଂ. ଧ୍ୱନି)—ଧ୍ୱନି କରିବା—
Dhwanibā To make a sound.
ध्वना; ধ্বনিকরণ ମେଘ ମନ୍ଦ୍ର ଅବର ଧ୍ୱନିସ ଅକାଶର—ମଧୁସୂଦନ ଛନ୍ଦମାଳା ।

ଧ୍ୱନି ବିକାର—ସଂ. ବି (୬ଷ୍ଠୀ ତତ୍; ଧ୍ୱନି+ବିକାର)—ଶୋକ, ରାଗ,
Dhwani bikāra ଭୟ ବା ଅତିରିକ୍ତ କଥନାଦି ଯୋଗୁଁ କଣ୍ଠସ୍ୱରର ବିକୃତି—Hoarseness or loss or change of voice caused by fear, anger, grief or straining.

ଧ୍ୱନିମନ୍ତ—ଦେ. ବିଣ—(ସଂ. ଧ୍ୱନିମତ୍)ଶବ୍ଦାୟମାନ; ଶବ୍ଦ କରୁଥିବା—
Dhwanimanta Making a sound; ringing.
ତୋଷରେ ପଗରେ ଧ୍ୱନିମନ୍ତ; ବେଗେ ଯାଇ ଜଗତ ପାଶେ ସ୍ଥିତ—
ଉପେନ୍ଦ୍ର ବୈଦେହୀଶବିଳାସ ।

ଧ୍ୱନି ଯମକ—ସଂ. ବି (ଅଳଙ୍କାର)—ଯମକବିଶେଷ—
Dhwani jamaka A sort of alliteration.
ଯଥା—ସରସ ରସ ରତ ରସର ସରସର ସଞ୍ଚ-ରଞ୍ଚ ରଙ୍ଗାବ ତୋଷେ
ସାର ସାର ସାରତ ସୋର ସାର ସାଦ ମାନ ମାନ ମାନସ ରସେରେ
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି

ଧ୍ୱନ୍ୟନୁକରଣ—ସଂ. ବି. (୬ଷ୍ଠୀ ତତ୍; ଧ୍ୱନି+ଅନୁକରଣ)—୧ । କୌଣସି
Dhwanyanukarana ଧ୍ୱନି ବା ଶବ୍ଦର ଅନୁକରଣ—
(ଧ୍ୱନ୍ୟନୁକାର—ଅନ୍ୟରୂପ) 1. Imitation of a sound.
୨ । ଧ୍ୱନି ଅନୁସାରେ ଶବ୍ଦର ଗଠନ—
2 Onomatopoesis.

[ଦ୍ର—ଯେଉଁ ଶବ୍ଦ ବା ବାକ୍ୟର ଧ୍ୱନିରୁ ତାହାର ଅର୍ଥ ପ୍ରକାଶିତ ହୁଏ ବା ଧ୍ୱନିଅନୁସାରେ ଯେଉଁ ଶବ୍ଦ ଗଠିତ ତାହାକୁ ଏ ଅଭିଧାନରେ ଧ୍ୱନ୍ୟନୁକରଣ ବା ଧ୍ୱନ୍ୟନୁକାରୀ ଶବ୍ଦ ବୋଲି ଲେଖା ଯାଇଅଛି ।]

ଧ୍ୱନ୍ୟନୁକାରୀ—ସଂ. ବିଣ. ପୁଂ. (ଧ୍ୱନି+ଅନୁକାରିନ୍; ୧ମା. ୧ବ)—
Dhwanyanukārī ୧ । ଯେ କୌଣସି ଧ୍ୱନି ବା ଶବ୍ଦର ଅନୁକରଣ (ଧ୍ୱନ୍ୟନୁକାରିଣୀ—ସ୍ତ୍ରୀ) କରେ—1. Imitating a particular sound.
୨ । ଯେଉଁ ଶବ୍ଦ କୌଣସି ଧ୍ୱନିର ଅନୁକରଣରେ ଗଠିତ—
2. Onomatopoetic; (a word) formed so as to resemble the sound of the thing or matter implied thereby.

ଧ୍ୱନ୍ୟର୍ଥ—ସଂ. ବି. (ଧ୍ୱନି+ଅର୍ଥ)—୧ । (ଅଳଙ୍କାର ଶାସ୍ତ୍ର) ପଦର ଗୂଢ଼ାର୍ଥ;
Dhwanyartha ବାଚ୍ୟାର୍ଥ ଛଡ଼ା ବ୍ୟଙ୍ଗ୍ୟାର୍ଥ—
1. (rhetoric) Implied meaning of a word or passage.

ଧ୍ୱନ୍ୟର୍ଥକ—ସଂ. ବିଣ. (ବହୁବ୍ରୀହି; ଧ୍ୱନି+ଅର୍ଥ; କ ଆଗମ)—
Dhwanyarthaka ଯେଉଁ ଶବ୍ଦ ବା ବାକ୍ୟର ଧ୍ୱନିରୁ ତାହାର ଅର୍ଥ ଜଣାପଡ଼େ (ଯଥା— କଟକଟ, ମଟମଟ, କେଁକେଁ, ମେଁମେଁ ଇତ୍ୟାଦି)—Onomatopoetic (word or expression)

ଧ୍ୱନ୍ୟାତ୍ମକ—ସଂ. ବିଣ. (ବହୁବ୍ରୀହି; ଧ୍ୱନି+ଆତ୍ମନ୍; କ ଆଗମ)—
Dhwanyātmaka ଧ୍ୱନ୍ୟର୍ଥକ (ଦେଖ)—
Dhwanyarthaka (See)

ଧ୍ୱସ୍ତ—ସଂ. ବିଣ. (ଧ୍ୱଂସ୍ ଧାତୁ+କର୍ମ. ତ)—୧ । ଧ୍ୱଂସପ୍ରାପ୍ତ—
Dhwasta 1. Ruined.
(ଧ୍ୱସ୍ତା—ସ୍ତ୍ରୀ) ୨ । ବିନଷ୍ଟ—2 Destroyed.
୩ । ଅଧଃପତିତ—3. Fallen down.

ଧ୍ୱସ୍ତ ବିଧ୍ୱସ୍ତ—ସଂ. ବିଣ. (ସହଚର)—ସମ୍ପୂର୍ଣ୍ଣରୂପେ ବିନଷ୍ଟ—
Dhwasta bidhwasta Completely ruined or destroyed.

ଧ୍ୱସ୍ତା ଧ୍ୱସ୍ତି—ଦେ. ବି. (ସଂ. ଧ୍ୱସ୍ତ)—୧ । ମରାମରି; ପରସ୍ପରର ପରସ୍ପର-
Dhwastā dhwasti ପ୍ରତି ବଳ ପ୍ରୟୋଗ—1. Mutual
ଧ୍ୱସ୍ତାଧ୍ୱସ୍ତି shuffling; affray; mutual onslaught.
ଧକ୍କାଧୁକ୍କି ୨ । ମାଡ଼ପିଟ; ଦଙ୍ଗାହେଙ୍ଗାମା—2. Affray; brawl.
ଦେ. ବିଣ—ମରାମରି କରୁଥିବା; ପରସ୍ପର ପରସ୍ପରକୁ ଆକ୍ରମଣ କରୁଥିବା—Attacking each other.

ଧ୍ୱାଙ୍କ୍ଷ—ସଂ. ବି—ଧ୍ମାଙ୍କ୍ଷ (ଦେଖ)
Dhwāṅksha Dhmāṅksha (See)

ଧ୍ୱାଙ୍କ୍ଷପୁଷ୍ଟ—ସଂ. ବି—ଧ୍ମାଙ୍କ୍ଷପୁଷ୍ଟ (ଦେଖ)
Dhwāṅksha pushṭa Dhmāṅksha pushṭa (See)

ଧ୍ୱାଙ୍କ୍ଷମାଚୀ—ସଂ. ବି—କାକଚିଞ୍ଚା (ଦେଖ)
Dhwāṅksha māchi Kākachiñchā (See)

ଧ୍ୱାନ—ସଂ. ବି. (ଧ୍ୱନ୍ ଧାତୁ+ଭାବ. ଅ)—୧ । ଧ୍ୱନି (ଦେଖ)
Dhwāna 1. Dhwani (See)
୨ । ଗୁଣୁ ଗୁଣୁ ଧ୍ୱନି—2. Buzzing; humming.

ଧ୍ୱାନ୍ତ—ସଂ. ବି. (ଧ୍ୱନ୍ ଧାତୁ+ଅଧିକରଣ . ତ; ନିପାତନ)—
Dhwānta ୧ । ଅନ୍ଧକାର—1. Darkness.
୨ । ପାପ ବା ଅଜ୍ଞାନରୂପ ଅନ୍ଧକାର—
2. Darkness of sin or ignorance.

ଧ୍ୱାନ୍ତ ନାଶକ—ସଂ. ବିଣ. (ଉପପଦ; ଧ୍ୱାନ୍ତ+ନାଶକ)—
Dhwānta nāśaka ଯେ ଅନ୍ଧକାର ନାଶ କରେ—
(ଧ୍ୱାନ୍ତନାଶନ, ଧ୍ୱାନ୍ତନାଶୀ—ଅନ୍ୟରୂପ) Dissipating
(ଧ୍ୱାନ୍ତନାଶିକା, ଧ୍ୱାନ୍ତନାଶିନୀ—ସ୍ତ୍ରୀ) darkness.
ସଂ. ବି—ସୂର୍ଯ୍ୟ—The sun.

ଧ୍ୱାନ୍ତ ବିତ୍ତ—ସଂ. ବି. (ବହୁବ୍ରୀହି; ଧ୍ୱାନ୍ତ+ବିତ୍ତ)—ଖଦ୍ୟୋତ;
Dhwānta bitta ଜୁଳୁଜୁଳିଆପୋକ—Firefly.

ଧ୍ୱାନ୍ତହର—ସଂ. ବି ଓ ବିଣ. (ଧ୍ୱାନ୍ତ+ହୃ ଧାତୁ+କର୍ତ୍ତୃ. ଅ)—
Dhwāntahara ଧ୍ୱାନ୍ତ ନାଶକ (ଦେଖ)
ଧ୍ୱାନ୍ତହାରୀ, ଧ୍ୱାନ୍ତହାରକ } ଅନ୍ୟରୂପ Dhwānta nāśaka (See)
(ଧ୍ୱାନ୍ତହରା, ଧ୍ୱାନ୍ତହାରିଣୀ, ଧ୍ୱାନ୍ତହାରିକା—ସ୍ତ୍ରୀ)

ଧ୍ୱାନ୍ତାରାତି—ସଂ. ବି (୬ଷ୍ଠୀ ତତ୍; ଧ୍ୱାନ୍ତ+ଅରାତି)—୧ । ସୂର୍ଯ୍ୟ—
Dhwāntārāti 1. The sun.
(ଧ୍ୱାନ୍ତଶାତ୍ରବ, ଧ୍ୱାନ୍ତାରି—ଅନ୍ୟରୂପ) ୨ । ଚନ୍ଦ୍ର—
2. The moon.
୩ । ଅଗ୍ନି—3. Fire.
୪ । ଆଲୋକ—4. Light.
୫ । ଶୁକ୍ଳବର୍ଣ୍ଣ—5. The white colour (Apte).

ଧ୍ୱାନ୍ତୋନ୍ମେଷ—ସଂ. ବି (ବହୁବ୍ରୀହି; ଧ୍ୱାନ୍ତ+ଉନ୍ମେଷ)—
Dhwāntonmesha ଧ୍ୱାନ୍ତ ବିତ୍ତ (ଦେଖ)
Dhwānta bitta (See)

ଧ୍ମା (ଧାତୁ)—ସଂ.—୧ । ଅଗ୍ନିସଂଯୋଗ କରିବା; ନିଆଁ ଲଗାଇବା—
Dhmā (root) 1. To ignite; to set fire to.
୨ । ଶବ୍ଦ କରିବା (ପ୍ରକୃତିବାଦ)—
2. To produce a sound.
୩ । ଫୁଙ୍କିବା—3. To blow (as a wind instrument) (Apte).
୪ । ନିଶ୍ୱାସ ମାରିବା—4. To breathe out; to exhale (Apte).
୫ । ଫୁଙ୍କିକରି ନିଆଁ ଧରାଇବା—5. To blow a fire; to excite fire by blowing (Apte).
୬ । ଚକମକିଦ୍ୱାରା ନିଆଁ ଝାଡ଼ିବା—
6. To excite sparks (Apte).
୭ । ଫୁଙ୍କିକରି ଦୂରକୁ ଉଡ଼ାଇଦେବା—
7. To cast; to blow or throw away (Apte).
୮ । ଫୁଙ୍କିବାଦ୍ୱାରା କୌଣସି ବସ୍ତୁ ନିର୍ମାଣ କରିବା—
8. To manufacture by blowing.

ଧ୍ମାକାର—ସଂ.ବ (ଧ୍ମା ଧାତୁ+କ୍ୱିପ=ଧ୍ମା=ଶବ୍ଦ ତାଇବା+କାର)—
Dhmākāra କମାର—Blacksmith.

ଧ୍ମାଙ୍କ୍ଷ୍ (ଧାତୁ)—ସ—ଘୋର ରଡ଼ି କରିବା—
Dhmāṅksha (root) To roar; to bellow.
(ଧ୍ୱାଙ୍କ୍ଷ୍—ଅନ୍ୟରୂପ)

ଧ୍ମାଙ୍କ୍ଷ—ସଂ. ବ (ଧ୍ମାଙ୍କ୍ଷ ଧାତୁ=ଘୋର ରଡ଼ି ଛାଡ଼ିବା+କର୍ତ୍ତୃ. ଅ)—
Dhmāṅksha ୧ । କାକ; କୁଆ—1. Crow.
୨ । ମାଛରଙ୍କା; ମତ୍ସ୍ୟଭକ୍ଷକ ପକ୍ଷିବିଶେଷ—
2 The king-fisher bird
୩ । ଭିକ୍ଷୁ—3. A beggar.
୪ । ତକ୍ଷକ; ନାଗବିଶେଷ—
4. Name of a mythological serpent; Takshaka.

ଧ୍ମାଙ୍କ୍ଷପୁଷ୍ଟ—ସଂ. ବ (୬ଷ୍ଠୀ ତତ୍; ଧ୍ମାଙ୍କ୍ଷ+ପୁଷ୍ଟ)—
Dhmāṅkshapushṭa କାକପୁଷ୍ଟ; କୋକିଳ; କୋଇଲି—
A cuckoo

ଧ୍ମାତ—ସଂ. ବଣ (ଧ୍ମା ଧାତୁ+କର୍ମ.ତ)—୧ । ନିଆଁ ଲଗା ଯାଇଥିବା;
Dhmāta ଅଗ୍ନିସଂଯୁକ୍ତ; ଉଦ୍ଦୀପିତ; ସନ୍ଦୀପିତ; ସନ୍ଧୁକ୍ଷିତ—
1. Ignited; kindled.
୨ । ଫୁଙ୍କା ହେବା ଦ୍ୱାରା ଶବ୍ଦିତ; ବଜାଇବା(ତୂରୀ ଆଦି ଯନ୍ତ୍ର)—
2. Blown or sounded (as a wind-instrument.
୩ । ଦଗ୍ଧ—3. Burnt.
୪ । ଫୁଙ୍କା ଯାଇଥିବା—4. Blown into.
୫ । ଫୁଙ୍କା ଯାଇ ଫୁଲି ଯାଇଥିବା—
5. Inflated; puffed up; blown up.

ଧ୍ମାନ—ସଂ. ବ (ଧ୍ମା ଧାତୁ+ଭାବ.ନ)—୧ । ଫୁଙ୍କିବା କର୍ମ—
Dhmāna 1. The act of blowing.
୨ । ଫୁଙ୍କିକରି ନିଆଁ ଲଗାଇବା—
2. Kindling or igniting a fire by blowing

ଧ୍ମାପିତ—ସଂ. ବଣ (ଧ୍ମା ଧାତୁ ଣିଚ ଧ୍ମାପି ଧାତୁ+କର୍ମ. ତ)—
Dhmāpita ୧ । ଯାହା ଫୁଙ୍କା ଯାଇଅଛି—1. Blown into.
୨ । ଯାହାକୁ ଫୁଙ୍କିକରି ଫୁଲାଇ ଦିଆ ଯାଇଅଛି—
2. Inflated by being blown into.
୩ । ଦଗ୍ଧ; ଭସ୍ମୀଭୂତ—
3. Reduced to ashes; burnt down (Apte).

ଧ୍ୟା—ସଂ. ବ—(ଧ୍ୟୈ ଧାତୁ+ଭାବ. କ୍ୱିପ୍)—ଧ୍ୟାନ (ଦେଖ)
Dhyā Dhyāna (See)

ଧ୍ୟାଇବା—ଦେ. କ୍ରି (ସଂ. ଧ୍ୟୈ ଧାତୁ; ଧ୍ୟାନ)—ଧ୍ୟାନ କରିବା (ଦେଖ)
Dhyāibā Dhyāna karibā (See)
ଧ୍ୟାଆଁ, ଧ୍ୟାଆଁ

ଧ୍ୟାତ—ସଂ. ବଣ (ଧ୍ୟୈ ଧାତୁ=ଚିନ୍ତା କରିବା+କର୍ମ. ତ)—
Dhyāta ୧ । ଯାହାକୁ ଧ୍ୟାନ କରି ଯାଇଅଛି; ଧ୍ୟାନର ବିଷୟୀଭୂତ—
(ଧ୍ୟାତା—ସ୍ତ୍ରୀ) 1. Meditated upon; contemplated.
(ଧ୍ୟା, ଧ୍ୟାନ—ଦ୍ର) ୨ । ଭାବିତ; ଚିନ୍ତିତ—
(ଧ୍ୟାତବ୍ୟ; ଧ୍ୟେୟ—ବଣ) 2. Reflected upon; thought of.
୩ । ସ୍ମୃତ—3 Remembered.

ଧ୍ୟାତବ୍ୟ—ସଂ. ବଣ (ଧ୍ୟୈ ଧାତୁ+କର୍ମ ତବ୍ୟ)—୧ । ଚିନ୍ତିତବ୍ୟ;
Dhyātabya ଚିନ୍ତନୀୟ—1. Fit to be meditated upon.
(ଧ୍ୟାତବ୍ୟା—ସ୍ତ୍ରୀ) ୨ । ସ୍ମରଣୀୟ—2 To be remembered.
୩ । ଆଲୋଚନୀୟ—3. To be discussed.
୪ । କଳ୍ପନୀୟ—4. Imaginable.

ଧ୍ୟାତା—ସଂ. ବଣ. ପୁଂ (ଧ୍ୟୈ ଧାତୁ+କର୍ତ୍ତୃ ତୃ; ୧ମା. ୧ବ)—
Dhyāta ଧ୍ୟାନକାରୀ—Engaged in meditation or contemplation.
(ଧ୍ୟାତ୍ରୀ—ସ୍ତ୍ରୀ)
ସଂ. ବଣ. ସ୍ତ୍ରୀ (ଧ୍ୟାତ+ଆ)—ଧ୍ୟାତର ସ୍ତ୍ରୀଲିଙ୍ଗ—
Feminine of Dhyāta.

ଧ୍ୟାନ—ସଂ. ବ (ଧ୍ୟୈ ଧାତୁ=ଚିନ୍ତା କରିବା+ଭାବ. ଅନ)—
Dhyāna ୧ । ଯୋଗସାଧନର ଅଙ୍ଗବିଶେଷ; ମନନ;
ମନେ ମନେ କଳ୍ପନା—1. Contemplation; meditation.

[ଦ୍ର—ଯୋଗର ଆଠଗୋଟି ଅଙ୍ଗ ମଧ୍ୟରୁ ଧ୍ୟାନ ସପ୍ତମ ଅଟେ । ଏହା ଧାରଣା ଓ ସମାଧିର ମଧ୍ୟବର୍ତ୍ତୀ ଅବସ୍ଥା । ଯୋଗସାଧକ ପ୍ରତ୍ୟାହାର ଦ୍ୱାରା ଚିତ୍ତବୃତ୍ତି ଉପରେ ଅଧିକାର ଲାଭ କରିବା ପରେ ସେ ଚିତ୍ତବୃତ୍ତିକୁ ଅନ୍ୟ ସବୁଆଡ଼ୁ ଫେରାଇଆଣି ନାଭି ଆଦି କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅବରୋଧ କରେ । ଯୋଗର ଏହି ପ୍ରକ୍ରିୟା ବା ଅଙ୍ଗକୁ ଧାରଣା ବୋଲାଯାଏ । ଧାରଣା ଯେତେବେଳେ ଏପରି ଅବସ୍ଥାରେ ପହଞ୍ଚେ ଯେ ଧାରଣୀୟ ବସ୍ତୁ ସଙ୍ଗେ ଚିତ୍ତର ପ୍ରତ୍ୟୟର ଏକତାନତା ହୋଇଯାଏ ତେତେବେଳେ ତାହାକୁ ଧ୍ୟାନ ବୋଲାଯାଏ । ଯେତେବେଳେ ଧ୍ୟାନ ଏହି ଅବସ୍ଥା ପ୍ରାପ୍ତ ହୁଏ ଯେ, ଧ୍ୟାତା ଧ୍ୟେୟ ବିଷୟରେ ତନ୍ମୟ ହୋଇଯାଏ ଓ ଧ୍ୟାତାର ହୃଦୟରେ ଧ୍ୟେୟ ବିଷୟ ଛଡ଼ା ଜଗତରେ ଅନ୍ୟ କୌଣସି ବିଷୟର ପ୍ରତୀତି ଆଦୌ ସ୍ଥାନ ପାଏ ନାହିଁ ଓ ସେ ନିଜର ସତ୍ତାକୁ ସୁଦ୍ଧା ଭୁଲିଯାଏ ତେତେବେଳେ ଏହି ଅବସ୍ଥାକୁ ସମାଧି ବୋଲାଯାଏ । ବୌଦ୍ଧ ଓ ଜୈନମାନଙ୍କ ମତରେ ଉତ୍ତମ ସଂହନନଯୁକ୍ତ ଚିତ୍ତର ଅବରୋଧର ନାମ ଧ୍ୟାନ ଅଟେ—
ହି. ଶବ୍ଦସାଗର ।]

୨ । ଭାବନା; ଚିନ୍ତନ; ଏକ ବିଷୟକ ଜ୍ଞାନଧାରା—
2. Reflection; thought.
୩ । ସ୍ମରଣ; ଖିଆଲ; ସ୍ମୃତି—
3. Recollection; remembrance.
୪ । ଏକ ବିଷୟରେ ଏକାଗ୍ର ଚିନ୍ତା—4. Wrapt attention to one subject; concentrated attention to one particular matter.
୫ । କୌଣସି ଦେବତାଙ୍କର ରୂପ ଚିନ୍ତା—
5. Meditation upon the image of a Deity

[ଦ୍ର—କୌଣସି ଦେବତାଙ୍କ ମନ୍ତ୍ର ଜପ କରିବା ପୂର୍ବରୁ ସେ ଦେବତାଙ୍କର ରୂପ ଧ୍ୟାନ କରାଯାଏ । ଧ୍ୟାନ ଦ୍ୱାରା ଉକ୍ତ ଦେବତାଙ୍କ ରୂପ ମନଶ୍ଚକ୍ଷୁରେ ପ୍ରତିଭାତ ହେଲେ ତାଙ୍କ ମନ୍ତ୍ର ଜପ କରାଯାଏ । ଭିନ୍ନ ଭିନ୍ନ ଦେବତାଙ୍କର ଧ୍ୟାନ ଭିନ୍ନ ଭିନ୍ନ ଅଟେ ।]

୬ । ଅଭିନିବେଶ – 6. Attention.

୭ । ଧାରଣା ବିଷୟରେ ଏକାଗ୍ରତା—
7. Concentration of thought on a certain matter.

୮ । ଅଦ୍ୱିତୀୟ ବ୍ରହ୍ମବସ୍ତୁରେ ଅନ୍ତଃକରଣର ବୃତ୍ତି ପ୍ରବାହ—
8. The flow of thought towards the Supreme or Essential Being of the universe; divine intuition or discernment; abstract contemplation.

୯ । ଶାସ୍ତ୍ରାଦିରେ ବର୍ଣ୍ଣିତ ଦେବତାଙ୍କର ଭିନ୍ନ ଭିନ୍ନ ଅଙ୍ଗର ଓ ଧୃତ ଅସ୍ତ୍ରଶସ୍ତ୍ରାଦିର ଓ ରୂପର ବର୍ଣ୍ଣନା—
9. Description of the particular form, limbs and weapons etc of a Deity as given in religious tracts.

୧୦ । କୌଣସି ଦେବତାଙ୍କର ବିଶିଷ୍ଟ ଗୁଣ ସମ୍ବନ୍ଧୀୟ କଳ୍ପନା—
10. Mental representation of the peculiar attributes of a Deity.

ଧ୍ୟାନକ—ଦେ. ବି. (ସଂ. ଧ୍ୟାନ)—ଧ୍ୟାନ (ଦେଖ)
Dhyānaka — Dhyāna (See)

ଯମ ନିୟମ ଆସନ ପ୍ରାଣାୟାମ
ପ୍ରତ୍ୟାହାର ଧ୍ୟାନକ ଧାରଣା । ପ୍ରାଚୀ· ବହୁସଂମଣ୍ଡଳ ।

ଧ୍ୟାନ କରିବା—ଦେ· କ୍ରି—୧ । କୌଣସି ବିଷୟ ସମ୍ବନ୍ଧେ ଏକାଗ୍ର ଚିନ୍ତା କରିବା—1. To meditate upon a matter.
Dhyāna karibā
ध्यान करा
ধ্যান করো
୨ । ଖିଆଲ କରିବା; ଦେଖିବା; ସ୍ମରଣ କରିବା— 2. To recollect; to remember.

ଧ୍ୟାନ ଗମ୍ୟ—ସଂ. ବିଣ· ତ୍ରି. (୩ୟା ତତ୍; ଧ୍ୟାନ+ଗମ୍ୟ)—
Dhyāna gamya — ଧ୍ୟାନ ଦ୍ୱାରା ପାଇବା ଯୋଗ୍ୟ; ଯାହା ଧ୍ୟାନ ଦ୍ୱାରା ଲାଭ କରାଯାଇ ପାରେ — Attainable by meditation only.
(ଧ୍ୟାନ ସାଧ୍ୟ—ଅନ୍ୟରୂପ)
(ଧ୍ୟାନଗମ୍ୟା—ସ୍ତ୍ରୀ)
(ଧ୍ୟାନଗମ୍ୟତା—ବି)

ଧ୍ୟାନ ଧାରଣା—ସଂ. ବି. (ଦ୍ୱନ୍ଦ୍ୱ; ଧ୍ୟାନ+ଧାରଣା)—
Dhyāna dhāraṇā — ୧ । ଏକାଗ୍ର ଚିନ୍ତା— 1. Deep meditation.
୨ । (ମ. ପ. ଲେ) କଳ୍ପନାଦ୍ୱାରା ହୃଦ୍‌ଦର୍ପଣରେ ପ୍ରତିଫଳିତ ଛବିଚିତ୍ର—2. Mental impression resulting from imagination.

ଧ୍ୟାନନିଷ୍ଠ—ସଂ. ବିଣ. ତ୍ରି. (ବହୁବ୍ରୀହି; ଧ୍ୟାନ+ନିଷ୍ଠା)—
Dhyānanishṭha — ୧ । ଧ୍ୟାନରେ ଏକାଗ୍ର ଚିତ୍ତ—1. Given to meditation; contemplative.
(ଧ୍ୟାନନିଷ୍ଠା—ସ୍ତ୍ରୀ)
ଧ୍ୟାନ ତତ୍ପର }
ଧ୍ୟାନ ପର } ଅନ୍ୟରୂପ
ଧ୍ୟାନ ନିରତ }
୨ । ଧ୍ୟାନରେ ଯେ ଏକାନ୍ତ ଭାବରେ ବୁଡ଼ି ଯାଇଅଛି—2. Absorbed in meditation; lost in thought.
ଧ୍ୟାନ ନିଷ୍ଠତା }
ଧ୍ୟାନ ନିଷ୍ଠା } ବି.

ଧ୍ୟାନ ଭଗ୍ନ—ସଂ. ବିଣ. ତ୍ରି. (ବହୁବ୍ରୀହି; ଧ୍ୟାନ+ଭଗ୍ନ)—
Dhyāna bhagna — ଯାହାର ଧ୍ୟାନରେ ବ୍ୟାଘାତ ପଡ଼ିଅଛି— Disturbed during one's meditation.
(ଧ୍ୟାନଭଗ୍ନା—ସ୍ତ୍ରୀ)

ध्यान भग्न — ଦେ. ବି (ସଂ. ଧ୍ୟାନ ଭଙ୍ଗ)—ଧ୍ୟାନ ଭଙ୍ଗ (ଦେଖ)
ধ্যান ভগ্ন — Dhyāna-bhaṅga (See)

ଧ୍ୟାନ ଭଙ୍ଗ—ସଂ. ବି. (୬ଷ୍ଠୀ ତତ୍; ଧ୍ୟାନ+ଭଙ୍ଗ)—
Dhyāna bhaṅga — ଧ୍ୟାନରେ ବ୍ୟାଘାତ—Disturbance of one's meditation; interruption of thought.

ଧ୍ୟାନମଗ୍ନ—ସଂ. ବିଣ. ତ୍ରି. (୭ମୀ ତତ୍; ଧ୍ୟାନ+ମଗ୍ନ)—
Dhyāna magna — ଧ୍ୟାନରେ ଏକାନ୍ତ ରତ; ଯେଉଁ ବ୍ୟକ୍ତିର ଚିତ୍ତବୃତ୍ତି କୌଣସି ବିଷୟରେ ଏକାଗ୍ର ଭାବରେ ମଜ୍ଜି ଯାଇଅଛି—Lost or absorbed in meditation.
(ଧ୍ୟାନମଗ୍ନା—ସ୍ତ୍ରୀ)
(ଧ୍ୟାନମଗ୍ନତା—ବି)
(ଧ୍ୟାନରତ—ଅନ୍ୟରୂପ)

ଧ୍ୟାନ ଯୋଗ—ସଂ. ବି. (ମ. ପ. ଲୋ; ଧ୍ୟାନ ପ୍ରଧାନ ଯୋଗ; ଧ୍ୟାନ+ଯୋଗ)—
Dhyāna joga — ୧ । ଧ୍ୟାନଦ୍ୱାରା ଯୋଗସାଧନ ପ୍ରକ୍ରିୟା; ଯେଉଁ ଯୋଗରେ ଧ୍ୟାନହିଁ ପ୍ରଧାନ ଅଙ୍ଗ ଅଟେ—
1. Profound meditation or absorption as the principal step of Joga exercise.
୨ । ତାନ୍ତ୍ରିକ କ୍ରିୟାବିଶେଷ; ଯହିଁରେ ମନରେ କୌଣସି ଅଦ୍ଭୁତ କଳ୍ପନା କରି ଶତ୍ରୁର ନାଶ କରାଯାଏ (ତ୍ରି. ଶ.)—
2 A Tantric process for killing an enemy by meditating upon a certain imaginary form.

ଧ୍ୟାନସ୍ଥ—ସଂ. ବିଣ. ତ୍ରି. (ଧ୍ୟାନ+ସ୍ଥା ଧାତୁ+କର୍ତ୍ତୃ. ଅ)—
Dhyānastha — ଧ୍ୟାନରେ ବୁଡ଼ି ଯାଇଥିବା; ଧ୍ୟାନମଗ୍ନ— Absorbed in contemplation.
(ଧ୍ୟାନସ୍ଥା—ସ୍ତ୍ରୀ)

ଧ୍ୟାନିକ—ସଂ. ବିଣ. (ଧ୍ୟାନ+ଇକ)—୧ । ଧ୍ୟାନଗମ୍ୟ (ଦେଖ)
Dhyānika — 1. Dhyānagamya (See)
୨ । ଧ୍ୟାନ ଦ୍ୱାରା ପ୍ରାପ୍ତ—2. Obtained by contemplation.

ଧ୍ୟାନିବୁଦ୍ଧ—ସଂ. ବି. (କର୍ମଧା; ଧ୍ୟାନିନ୍+ବୁଦ୍ଧ)—
Dhyānibuddha — ଧ୍ୟାନମଗ୍ନ ବୁଦ୍ଧଦେବଙ୍କ ମୂର୍ତ୍ତି— The image of the Buddha in the pose of meditation.

[ଦ୍ର—ଧ୍ୟାନିବୁଦ୍ଧଙ୍କର ଭୂମିକଠତଃସ୍ଥ, ପଦ୍ମାସନ, ବୃତନିବଦ୍ଧ ରୂପ କଳ୍ପିତ ହୁଏ ।]

ଧ୍ୟାନୀ—ସ. ବଣ. (ଧ୍ୟାନ+ଅସ୍ତି ଅର୍ଥରେ ଇନ୍; ୧ମା ୧ବ)—
Dhyānī ୧ । ଧ୍ୟାନମଗ୍ନ—1. Engaged in contemplation.
(ଧ୍ୟାନିନୀ—ସ୍ତ୍ରୀ) ୨ । ଆତ୍ମବିସ୍ମୃତ—2. Forgetful of one's existince, being absorbed in contemplation.

ଧ୍ୟାନୀବୁଦ୍ଧ—ଦେ. ବ. (ସ. ଧ୍ୟାନିବୁଦ୍ଧ)—ପଦ୍ମାସନରେ ଉପବିଷ୍ଟ ଧ୍ୟାନମଗ୍ନ
Dhyānibuddha ବୁଦ୍ଧଦେବ-The image of the Buddha represented as sitting cross-legged;and engaged in deep contemplation, with the eyes shut.

ଧ୍ୟାମ—ସ. ବି. (ଧ୍ୟୈ ଧାତୁ+କର୍ମ ମ)—୧ । ଗନ୍ଧତୃଣ; ଧଳକୀ;
Dhyāma ରୋହିସ ତୃଣ—1. Lemon grass.
୨ । ଦଅଣା ଗୁଳ୍ମ (ଦେଖ)
2. Da-aṇā plant (See)
ସ. ବଣ—୧ । କୃଷ୍ଣବର୍ଣ୍ଣ-- 1. Black.
୨ । ଅପରିଷ୍କୃତ; ମଇଳା– 2. Unclean; dirty (Apte).
୩ । କଳଙ୍କିତ—3. Soiled (Apte).

ଧ୍ୟାମା— ସ. ବି. (ଧ୍ୟୈ ଧାତୁ+କର୍ମ ମନ୍, ଧ୍ୟାମନ୍; ୧ମା. ୧ବ)—
Dhyāmā ୧ । ମାପ; ପରିମାଣ—1. Measure (Apte).
(ଧ୍ମାମା—ଅନ୍ୟରୂପ) ୨ । ଆଲୋକ—2. Light (Apte).
୩ । (+ଭାବ ମନ୍) ଧ୍ୟାନ—3. Meditation (Apte).

ଧ୍ୟାୟ—ଦେ. ବ. (ସ. ଧ୍ୟାନ)—ଧ୍ୟାନ; ଲୟ—
Dhyāya Meditation.
ସେ ସଙ୍ଖ୍ୟାତ୍ମକ ଯୋଗ ଧ୍ୟାୟେ
ପରମହଂସ ଗୀତା ବ. ୭ । ଜଗନ୍ନାଥ. ଭାଗବତ ।

ଧ୍ୟାୟିବା—ଦେ. କ୍ରି. (ସ. ଧ୍ୟୈ ଧାତୁ)— ଧ୍ୟାନ କରିବା—
Dhyāyibā To meditate.
ध्याया ମାତାଙ୍କୁ ଧ୍ୟାୟିଲ ଏକଚିତ୍ତ ମନେ । ରାଧାନାଥ. ନନ୍ଦିକେଶ୍ୱରୀ ।
ধ্যানকরো

ଧ୍ୟେୟ—ସ. ବଣ. (ଧ୍ୟୈ ଧାତୁ+କର୍ମ ଯ)—
Dhyeya ୧ । ଧ୍ୟାନର ଯୋଗ୍ୟ; ଚିନ୍ତନୀୟ—
(ଧ୍ୟେୟା—ସ୍ତ୍ରୀ) 1. Fit for being meditated upon.
୨ । ସ୍ମରଣୀୟ—2. Thinkable; memorable.

ଧ୍ୟୈ (ଧାତୁ)—ସ—୧ । ଧ୍ୟାନ କରିବା—
Dhyai (root) 1. To meditate upon; to contemplate.
୨ । ଚିନ୍ତା କରିବା—2. To think of; to ponder over.
୩ । ସ୍ମରଣ କରିବା; ଚେତିବା—
3. To call to mind; to recollect.
୪ । କଳ୍ପନା କରିବା—4. To imagine.

ଧ୍ରା (ଧାତୁ)—ସ—ଗତି କରିବା; ଯିବା—
Dhrā (root) To go; to move.
(ଧ୍ରଂଜ୍, ଧ୍ରଜ୍, ଧ୍ରିଜ୍— ଅନ୍ୟରୂପ)

ଧ୍ରାଂକ୍ଷ (ଧାତୁ)—ସ—୧ । କାଆ କାଆ ରାବିବା—
Dhrāmksh (root) 1. To caw; to crow.
୨ । ଇଚ୍ଛା କରିବା—2. To desire.

ଧ୍ରାକ୍ଷା—ସ. ବି—ଦ୍ରାକ୍ଷା (ହି. ଶବ୍ଦସାଗର) (ଦେଖ)
Dhrākshā Drākshā (See)

ଧ୍ରାଡ୍ (ଧାତୁ)—ସ—ବିଭକ୍ତ କରିବା; ଚିରିବା—
Dhrārd (root) To divide; to split.

ଧ୍ରାଡ଼ି—ସ. ବି—ପୁଷ୍ପ ଚୟନ—
Dhrārdi Gathering of flowers (Apte).

ଧ୍ରିୟମାଣ—ସ. ବଣ. (ଧୃ ଧାତୁ+କର୍ମ ଆନ)—ଯାହା ଧରାଯାଉଅଛି—
Dhriyamāṇa That which is being held.
(ଧ୍ରିୟମାଣା—ସ୍ତ୍ରୀ)

ଧ୍ରୁ (ଧାତୁ)—ସ—୧ । ସ୍ଥିର ହେବା—
Dhru (root) 1. To be fixed; to be firm.
୨ । ଗତି କରିବା; ଯିବା—2. To go; to move.
୩ । ସ୍ଥିର କରିବା; ନିଶ୍ଚିତରୂପେ ଜାଣିବା—
3 To ascertain; to know for certain.
୪ । ହତ୍ୟା କରିବା; ବଧ କରିବା—4. To kill.

ଧ୍ରୁପଦ—ଦେ. ବି. (ସ. ଧ୍ରୁବ ପଦ; ଧ୍ରୁବକ)—
Dhrupada ସଙ୍ଗୀତର ଗୀତବିଶେଷ—A grave
ध्रुपद devotional style of Hindu music.
ধ্রুপদ [ଦ୍ର—ଗାନର ତିନିଗୋଟି ବିଭାଗ; ଯଥା—ଧ୍ରୁପଦ, ଖେୟାଲ ଓ ଠୁମ୍ରି । ଧ୍ରୁପଦର ୪ଟି ଅଙ୍ଗ; ଯଥା—ଅସ୍ଥାୟୀ, ଅନ୍ତରା, ସଞ୍ଚାରୀ ଓ ଆଭୋଗୀ । ଦେବଲୀଳା, ରାଜକୀର୍ତ୍ତି, ସଂଗ୍ରାମଆଦି ବର୍ଣ୍ଣନାରେ ଧ୍ରୁପଦ ଅବଲମ୍ବିତ ହୁଏ । ଏଥିରେ ସ୍ୱର-ବିସ୍ତୃତି ଦରକାର ହେଉଥିବାରୁ ଓ କୋମଳସ୍ୱରର ଆବଶ୍ୟକତା ନ ଥିବାରୁ ଗାୟିକାମାନେ ଏଥିରେ ବିଶେଷ ଦକ୍ଷତା ପ୍ରକାଶ କରି ପାରନ୍ତି ନାହିଁ । ଗାୟକମାନେହିଁ ଏଥିରେ ନିପୁଣ ହୋଇ ଥାଆନ୍ତି । ସଙ୍ଗୀତ ଦାମୋଦର ମତରେ ଧ୍ରୁପଦ ୧୬ ପ୍ରକାର ।]

ଧ୍ରୁପଦୀ—ଦେ. ବି. ପୁଂ—'ଧ୍ରୁପଦ' ଗାଇବାରେ ଦକ୍ଷ ଗାୟକ—
Dhrupadī A singer who is an expert in singing Dhrupada.
ध्रुपदी ধ্রুপদিয়া

ଧ୍ରୁବ—ସ. ବି. (ଧ୍ରୁ ଧାତୁ=ସ୍ଥିର ହେବା+କର୍ତ୍ତୃ. ଅ)—
Dhruba ୧ । ଉଜ୍ଜ୍ୱଳ ତାରକାବିଶେଷ; ପୃଥିବୀର ଉତ୍ତର କେନ୍ଦ୍ରର ଠିକ୍ ଊର୍ଦ୍ଧ୍ୱରେ ଅବସ୍ଥିତ ସ୍ଥିର ତାରକା—
1. The pole star; the polaris.
[ଦ୍ର—ଏହା ସର୍ବଦା ସ୍ଥିର । ଏହାକୁ ଦେଖି ଅକୂଳ ସମୁଦ୍ରରେ ଓ ମରୁଭୂମିରେ ନାବିକ ଓ ପଥିକମାନେ ରାତିରେ ଦିଗ ଓ ଗନ୍ତବ୍ୟ ପଥ ନିର୍ଣ୍ଣୟ କରନ୍ତି । ଉତ୍ତର ଓ ଦକ୍ଷିଣରେ ଏପରି ୨ଟି ସ୍ଥିର ତାରା ଅଛନ୍ତି । ସାଧାରଣତଃ ଆମ୍ଭେମାନେ ଉତ୍ତର ଧ୍ରୁବ ତାରା (ସୌମ୍ୟ ଧ୍ରୁବତାରା)କୁ ଦେଖୁ । ଦକ୍ଷିଣ ଧ୍ରୁବତାରା (ବା ଯାମ୍ୟ ଧ୍ରୁବତାରା) ଦକ୍ଷିଣ ଦିଗ୍‌ବଳୟ ତଳେ ଥିବାରୁ ଆମ୍ଭମାନଙ୍କୁ ଦେଖାଯାଏ ନାହିଁ । ସାଧାରଣତଃ ଉତ୍ତରଧ୍ରୁବ ବା ସୌମ୍ୟ ଧ୍ରୁବକୁ ଧ୍ରୁବ ନକ୍ଷତ୍ର ବୋଲାଯାଏ । ('ନକ୍ଷତ୍ର' ତଳେ ନୋଟ୍ ଦେଖ) ।]

୨ । ନିଶ୍ଚୟ—2. Certainty.

୩ । (ଭୂଗୋଳ) ପୃଥିବୀର ଅକ୍ଷଦଣ୍ଡର ପ୍ରାନ୍ତଦ୍ୱୟ—

3. (geography) The two ends of the earth's axis; the poles of the earth.

[ଦ୍ର—ଉତ୍ତର ପ୍ରାନ୍ତକୁ ଉତ୍ତର ଧ୍ରୁବ ବା ସୌମ୍ୟ ଧ୍ରୁବ ଓ ଦକ୍ଷିଣ ପ୍ରାନ୍ତକୁ ଦକ୍ଷିଣ ଧ୍ରୁବ ବା ଯାମ୍ୟ ଧ୍ରୁବ ବୋଲାଯାଏ ।

ପୃଥିବୀ ଲଟୁ ପରି ଆପଣା ଅକ୍ଷଦଣ୍ଡ ଉପରେ ଘୂରୁ ଘୂରୁ ବର୍ଷକେ ଥରେ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରୁଅଛି । ଏହି ଅକ୍ଷଦଣ୍ଡ (axis)ର ଉତ୍ତର ମୁଣ୍ଡ ଉତ୍ତରଧ୍ରୁବ ବା ସୁମେରୁ ଓ ଦକ୍ଷିଣମୁଣ୍ଡ ଦକ୍ଷିଣଧ୍ରୁବ ବା କୁମେରୁ ଅଟେ । ଏହି ମେରୁ ଦ୍ୱୟରୁ ଯଥାକ୍ରମେ ଦକ୍ଷିଣକୁ ଓ ଉତ୍ତରକୁ ୨୩ୟ ଡିଗ୍ରୀ ଛଡ଼ା ଯେଉଁ ବୃତ୍ତ କଳ୍ପିତ ହୋଇଅଛି ତାହା ଯଥାକ୍ରମେ ଉତ୍ତର ଓ ଦକ୍ଷିଣ ଶୀତକଟିବନ୍ଧ ଅଟେ । ଧ୍ରୁବଦ୍ୱୟ ଓ ଉକ୍ତ କଟିବନ୍ଧଦ୍ୱୟର ମଧ୍ୟସ୍ଥ ଅଞ୍ଚଳଦ୍ୱୟ ଶୀତପ୍ରଧାନ ଅଟେ ଓ ସର୍ବଦା ବରଫରେ ଆବୃତ । ଧ୍ରୁବ ଦ୍ୱୟର ସନ୍ନିକଟସ୍ଥ ଅଞ୍ଚଳରେ ଦିନ ରାତି ସମାନ ହୁଏ ନାହିଁ । ସୂର୍ଯ୍ୟ ଉତ୍ତରାୟଣରେ ଥିବା ୬ ମାସ ଉତ୍ତର ଧ୍ରୁବ ଅଞ୍ଚଳରେ ବରାବର ଦିନ ହୁଏ ଓ ଦକ୍ଷିଣ ଧ୍ରୁବ ଅଞ୍ଚଳ ବରାବର ରାତି ହୁଏ । ସୂର୍ଯ୍ୟ ଦକ୍ଷିଣାୟନରେ ଥିବା ୬ ମାସ ଦକ୍ଷିଣଧ୍ରୁବ ଅଞ୍ଚଳରେ ୬ ମାସ ବରାବର ଦିନ ହୁଏ ଓ ଉତ୍ତର ଧ୍ରୁବ ଅଞ୍ଚଳରେ ୬ ମାସ ବରାବର ରାତି ହୁଏ । ସେ ଅଞ୍ଚଳରେ ଆମ ଆଡ଼ ପରି ସୂର୍ଯ୍ୟ ଓ ଚନ୍ଦ୍ର ପୂର୍ବରେ ଉଦୟ ହୋଇ ପଶ୍ଚିମରେ ଅସ୍ତ ହେବା ଦେଖାଯାଆନ୍ତି ନାହିଁ, କିନ୍ତୁ ଆକାଶରେ ଚାରି ଦିଗରେ ଘଣା ବଳଦ ପରି ଘୂରୁଥିବାର ଦେଖା ଯାଆନ୍ତି । ଏହି ଧ୍ରୁବ ପ୍ରଦେଶ ଦ୍ୱୟରେ ଉଷାକାଳ ଓ ସନ୍ଧ୍ୟାକାଳର ରକ୍ତିମା ଦିନ୍‌ବେଳୟରେ ୨୦ ଦିନ କାଳ ଧରିବା ପରି ଦେଖା ଯାଏ । ଧ୍ରୁବ ପ୍ରଦେଶରେ ଶୀତର ଗତି ଖୁବ ଚଞ୍ଚଳ ହୁଏ ଏହି ପ୍ରଦେଶମାନଙ୍କରେ ରାତ୍ରି ହୋଇ ଥିବା ୬ ମାସ ମଧ୍ୟରେ ସମୟେ ସମୟେ ମେରୁଜ୍ୟୋତି (aurora) ନାମରେ ଗୋଟିଏ ନୈସର୍ଗିକ ନାନାବର୍ଣ୍ଣର ବିଚିତ୍ର ଜାଜ୍ୱଲ୍ୟମାନ ଆଲୋକବିଳାସ ଦେଖାଯାଏ । (ହି. ଶ.) ।]

୪ । ପୃଥିବୀର ଉତ୍ତର କେନ୍ଦ୍ର; ସୁମେରୁ (ଜ୍ଞାନେନ୍ଦ୍ର)—

4. The north pole of the earth.

୫ । ସ୍ଥାୟିତ୍ୱ—5. Permanence.

୬ । ବ୍ରହ୍ମା—6. Brahmā.

୭ । ବସୁବିଶେଷ; ଅଷ୍ଟାବସୁ ମଧ୍ୟରୁ ଏକତମ—

7. Name of one of the 8 Basu Deities.

୮ । ବିଷ୍ଣୁ—8. Bishṇu.

୯ । ଶିବ—9. Śiba.

୧୦ । ଖୁଣ୍ଟି; ଖୁଣ୍ଟା—10 A post; a peg; stake

୧୧ । ସ୍ଥାଣୁ ବା ଲଣ୍ଡା ଗଛ; ଲଣ୍ଡା ଗଛର ଗଣ୍ଡି—11. Stump of a tree; the trunk of a lopped off tree.

ବକେ ନିଶ୍ଚଳ ଧ୍ରୁବ ଉପରେ । ଉତ୍କ. ବୈଦେହୀଶବିଳାସ ।

୧୨ । (ଧ୍ରୁବଯୋଗରେ ଜନ୍ମଗ୍ରହଣ କରିଥିବାରୁ) ଉତ୍ତାନପାଦ ରାଜାଙ୍କର ପୁତ୍ର; ପରମବୈଷ୍ଣବ ଭକ୍ତବାଳକ ବିଶେଷ—

12. Name of the son of Raja Uttānapāda, who, while a boy, was wholly devoted to Bishṇu.

[ଦ୍ର—ସ୍ୱାୟମ୍ଭୁବ ମନୁଙ୍କର ପୁତ୍ର ଉତ୍ତାନପାଦ ରାଜା କନିଷ୍ଠା ପତ୍ନୀ ସୁରୁଚିଙ୍କ ପ୍ରେରଣାରେ ତାଙ୍କର ପ୍ରଥମା ରାଣୀ ସୁନୀତିଙ୍କୁ ବନକୁ ନିର୍ବାସିତ କଲେ । ସୁନୀତିଙ୍କର ବନବାସ ସମୟରେ ଦିନେ ରାଜା ମୃଗୟାକୁ ଯାଇଥିଲେ । ସେ ପଥଭ୍ରଷ୍ଟ ହୋଇ ସୁନୀତିଙ୍କ କୁଟୀରରେ ପହଞ୍ଚିଲେ; ରାଜା ସୁନୀତିଙ୍କୁ ଆପଣା ରାଣୀ ବୋଲି ସେତେବେଳେ ଚିହ୍ନି ପାରି ନ ଥିଲେ; କିନ୍ତୁ ସୁନୀତି ରାଜାଙ୍କୁ ନିଜର ସ୍ୱାମୀ ବୋଲି ଚିହ୍ନିଲେ ଓ ତାଙ୍କୁ ଆଶ୍ରୟ ଦେଇ ଖୁବ୍ ଆଦର ଓ ସତ୍କାର କଲେ । ରାଜା ସୁନୀତିଙ୍କ କୁଟୀରରେ ଏକ ରାତ୍ରି ରହିଲେ । ତତ୍‌ଫଳରେ ସୁନୀତି ଗର୍ଭବତୀ ହୋଇ ଧ୍ରୁବଙ୍କୁ ଜନ୍ମ କଲେ । ରାଜା ପରଦିନ ରାଜଧାନୀକୁ ଫେରି ଆସିଲେ । ରାଜା ସୁନୀତିଙ୍କୁ ଭେଟିବା ସମୟରେ ତାଙ୍କୁ ଗୋଟିଏ ଅଭିଜ୍ଞାନ ବା ସଙ୍କେତ ଦେଇଥିଲେ; ସୁନୀତି ତାହା ଧ୍ରୁବଙ୍କ ହାତରେ ଦେଇ ତାହାଙ୍କୁ ପିତାଙ୍କ ନିକଟକୁ ପଠାଇଲେ । ରାଜା ଉକ୍ତ ସଙ୍କେତ ଦେଖି ଧ୍ରୁବଙ୍କୁ ଆପଣା ପୁତ୍ର ବୋଲି ଜାଣି କୋଳରେ ବସାଇଥିବା ସମୟରେ ବିମାତା ସୁରୁଚି ତାହା ଦେଖି ରାଜାଙ୍କୁ ତିରସ୍କାର କଲେ ଏବଂ ଧ୍ରୁବଙ୍କୁ ରାଜପୁରରୁ ତଡ଼ିଦେଲେ । ଧ୍ରୁବ ଲାଞ୍ଛନା ପାଇ ବନକୁ ଫେରି ଆସି ମାତା ସୁନୀତିଙ୍କୁ ଏ କଥା କହିବାରୁ ସେ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, "ଭଗବାନ୍ ଦୁଃଖୀର ଦୁଃଖ ଦୂର କରନ୍ତି ।" ବାଳକ ଧ୍ରୁବ ପଚାରିଲେ, "ଭଗବାନ୍ କାହାନ୍ତି ?" ମାତା କହିଲେ, "ସେ ସବୁଠାରେ ଅଛନ୍ତି । ତାଙ୍କୁ ଯେ ଡାକେ ସେ ତା ଦୁଃଖ ଦୂର କରନ୍ତି ଓ ତାକୁ ଦେଖା ଦିଅନ୍ତି ।" ବାଳକ ଧ୍ରୁବ ମାତାଙ୍କଠାରୁ ଏହା ଶୁଣି ଅରଣ୍ୟକୁ ଯାଇ ଏକାନ୍ତଚିତ୍ତରେ ହରିଙ୍କୁ ଡାକିଲେ । ହରି ବାଳକର ଭକ୍ତିରେ ବଶୀଭୂତ ହୋଇ ତାଙ୍କୁ ଦେଖା ଦେଲେ । ବୈମାତ୍ରେୟ ଭ୍ରାତା 'ଉତ୍ତମ'ର ମୃତ୍ୟୁ ହେବାରୁ ଧ୍ରୁବ ରାଜା ହେଲେ । ଧ୍ରୁବ ଶିଶୁମାରଙ୍କ କନ୍ୟା ଭ୍ରମିଙ୍କୁ ବିବାହ କଲେ । ଭ୍ରମିଙ୍କ ଗର୍ଭରୁ କଳ୍ପ ଓ ବତ୍ସର ନାମରେ ଦୁଇ ପୁତ୍ର ଜାତ ହେଲେ । ଧ୍ରୁବଙ୍କର ଅନ୍ୟ ଏକ ରାଣୀ ଇଳାଙ୍କ ଗର୍ଭରୁ ଉତ୍କଳ ନାମକ ପୁତ୍ର ଜାତ ହେଲେ । ଧ୍ରୁବ ୩୬ ହଜାର ବର୍ଷ ରାଜ୍ୟ ଭୋଗ କରି ଦେହାନ୍ତେ ଧ୍ରୁବଲୋକ ପ୍ରାପ୍ତ ହେଲେ । ଉତ୍ତରଦିଗର ଆକାଶରେ ଦେଖା ଯାଉଥିବା ଧ୍ରୁବ ନକ୍ଷତ୍ରହିଁ ଏହି ଧ୍ରୁବ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି ।]

୧୩ । ଲଲାଟସ୍ଥ ଆବର୍ତ୍ତବିଶେଷ—

13. A whorl of hair in the middle of the forehead.

୧୪ । ନାସାଗ୍ରଭାଗ (ଯାହାକୁ ଏକଦୃଷ୍ଟିରେ ଚାହିଁ ଯୋଗସାଧନ କରାଯାଏ)—14. The tip of one's nose.

୧୫ । ଗୀତର ଘୋଷା—

15. The refrain or burden of a song; chorus; the introductory portion of a song repeated at the end of every stanza.

୧୬ । (ଜ୍ୟୋତିଷ) ଗ୍ରହମାନଙ୍କ ଶୁଭଯୋଗବିଶେଷ—

16. (astrology) Name of an auspicious combination of planets.

[ଦ୍ର—ଏ ଯୋଗରେ ଜନ୍ମିବା ବାଳକ ବିଦ୍ୱାନ୍, ଗୁଣବାନ୍, ବୁଦ୍ଧିମାନ୍ ଓ ଯଶସ୍ୱୀ ହୁଏ ।]

୧୭ । ଉତ୍ପ୍ରେକ୍ଷା—17. Simile; metaphor.

୧୮ । ଧ୍ରୁବଯଷ୍ଟି ;ପୃଥିବୀର ଦୁଇ ମେରୁ ଉପରେ ଥିବା ଖଗୋଳର ବିନ୍ଦୁଦ୍ୱୟ; ସୌମ୍ୟ ଧ୍ରୁବ ଓ ଯାମ୍ୟ ଧ୍ରୁବ— 18. Celestial poles.

୧୯ । (ଗଣିତ ଜ୍ୟୋତିଷ)—ମେରବ ଦ୍ରାଘିମା; ନାକ୍ଷତ୍ରିକ ମଣ୍ଡଳର ଆରମ୍ଭଠାରୁ କୌଣସି ଗ୍ରହର ଦୂରତ୍ୱ— 19. (astronomy)The distance of a planet from the beginning of the sidereal zodiac; polar longitude (Apte).

୨୦ । ଉମ୍ବରଗଛ—20. The fig tree (Apte)

୨୧ । ସମୟ; ଯୁଗ— 21. Time; epoch (Apte).

୨୨ । ଯଜ୍ଞପାତ୍ରବିଶେଷ— 22. A sacrificial vessel (Apte).

୨୩ । ବଟ ବୃକ୍ଷ (ହି. ଶବ୍ଦସାଗର)— 23. Banian tree.

୨୪ । ଶରାଳ ପକ୍ଷୀ (ହି. ଶବ୍ଦସାଗର)— 24. A teal (bird)

୨୫ । ଶରୀରର ଭଉଁରି (ହି. ଶବ୍ଦସାଗର)— 25. A whorl or volute of furs on the body.

[ଦ୍ର—ଶବ୍ଦାର୍ଥ ଚିନ୍ତାମଣି ଅଭିଧାନ ମତରେ ବକ୍ଷସ୍ଥଳ, ମସ୍ତକ, ରନ୍ଧ୍ର, ଉପରନ୍ଧ୍ର, କପାଳ ଓ ଅପାନ ଦେଶରେ ଥିବା ଭଉଁରିମାନଙ୍କୁ ଧ୍ରୁବ ବୋଲାଯାଏ । ହି. ଶବ୍ଦସାଗର ।]

୨୬ । (ଫଳିତ ଜ୍ୟୋତିଷ) ଉତ୍ତରଫାଲ୍‌ଗୁନୀ, ଉତ୍ତରାଷାଢ଼ା, ଉତ୍ତର ଭାଦ୍ରପଦ ଓ ରୋହିଣୀ ସମ୍ବଳିତ ନକ୍ଷତ୍ରଗଣ (ହି. ଶ.)—2(. (astrology) A group consisting of the 12th, 21st. 26th, and the 4th asterisms.

୨୭ । ନାକ ନାଲି ପଡ଼ି ଯିବା ଓ ଫୁଲିବା ରୋଗବିଶେଷ (ହି. ଶ) 27. A disease of the brow.

୨୮ । କୌଣସି ଦେବତାଙ୍କୁ ଅର୍ପିତ ନ ହୋଇ ସୋମରସର ଯେଉଁ ଭାଗ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ରଖା ଯାଇ ଥାଏ (ହି.ଶ.)—28. A portion of the Soma-juice which is kept from morn till eve without being offered to any Deity.

୨୯ । ଆକାଶ (ହି. ଶ)—29. The sky.

୩୦ । ପର୍ବତ (ହି. ଶ.)—30. Mountain.

ଦେ. ବି. ପୁଂ.—ଲୋକଙ୍କ ନାମ—A name given to males.

(ଧ୍ରୁବଚରଣ, ଧ୍ରୁବପଦ—ଅନ୍ୟରୂପ) ସଂ. ବିଣ—୧ । ନିଶ୍ଚିତ;ସ୍ଥିର— (ଧ୍ରୁବା—ସ୍ତ୍ରୀ) 1 Sure; certain.

(ଧ୍ରୁବତା, ଧ୍ରୁବତ୍ୱ—ବି) ୨ । ଅଟଳ; ଦୃଢ଼—2. Fixed; firm.

ଧ୍ରୁବ ଅସନେ ଚର୍ବ୍ୱାକୁ ହୋଇ—ପ୍ରାଚୀ. ପରବୋଧିନୀ ।

୩ । ନିତ୍ୟ; ଶାଶ୍ୱତ—3. Permanent; eternal.

୪ । ଅକ୍ଷୟ—2. Indestructible.

ଧ୍ରୁବକ—ସଂ. ବି. (ଧ୍ରୁବ+କ)—୧ । ଗୀତର ଘୋଷା— Dhrubaka 1. Chorus or burden of a song.

୨ । ସ୍ଥାଣୁ; ଲଣ୍ଡାଗଛ— 2 Stump of a tree.

୩ । (ଜ୍ୟୋତିଷ ପରିଭାଷା). ତାରା ଓ ଗ୍ରହାଦିଙ୍କର ଅବସ୍ଥିତି-ସୂଚକ ଦୂରତ୍ୱ ପରିମାଣ; ନକ୍ଷତ୍ରର ଦୂରତ୍ୱ— 3. (astronomy) Celestial latitude; sidereal distance.

ଧ୍ରୁବକା—ସଂ. ବି—ଧ୍ରୁପଦ; ଗୀତର ଘୋଷା— Dhrubakā The refrain of a song.

ଧ୍ରୁବ ଗଣ—ସଂ. ବି. (ଫଳିତ ଜ୍ୟୋତିଷ)—ଉତ୍ତରଫାଲ୍‌ଗୁନୀ, Dhruba gaṇa ଉତ୍ତରାଷାଢ଼ା, ଉତ୍ତର ଭାଦ୍ରପଦ ଓ ରୋହିଣୀ ନକ୍ଷତ୍ର ଚତୁଷ୍ଟୟ—(Hindu astrology) A group of 4 of the lunar constellations (fixed stars); the group consisting of the 12th, 21st, 26th and the 4th asterisms.

ଧ୍ରୁବତା—ସଂ. ବି. (ଧ୍ରୁବ+ଭାବାର୍ଥରେ ତା)—୧ । ସ୍ଥିରତା; ନିଶ୍ଚୟ— Dhrubatā 1 Certainty

(ଧ୍ରୁବତ୍ୱ—ଅନ୍ୟରୂପ) ୨ । ନିତ୍ୟତା—2, Permanence.

୩ । ଅକ୍ଷୟତା - 3. Indestructibility.

୪ । ଦୃଢ଼ତା—4 Steadiness; firmness.

ଧ୍ରୁବ ତାରା—ସଂ. ବି—ଉତ୍ତର କେନ୍ଦ୍ରସ୍ଥ ଅବିଚଳିତ ତାରା— Dhruba tārā The pole star.

ଧ୍ରୁବନକ୍ଷତ୍ର, ଧ୍ରୁବତାରକ, ଧ୍ରୁବତାରକା } ଅନ୍ୟରୂପ [ଦ୍ର—ଧ୍ରୁବତାରା ୨ଟି । ଏ ତାରା ଦୁଇଟି ସ୍ଥିର ଅର୍ଥାତ୍ ଘୂରନ୍ତି ନାହିଁ । ଆକାଶର ଅନ୍ୟ ତାରାଗୁଡ଼ିକ ପୂର୍ବରେ ଉଦିତ ହୋଇ ପଶ୍ଚିମରେ ଅସ୍ତ ହୁଅନ୍ତି । ଉକ୍ତ ତାରା ଦୁଇଟି ମଧ୍ୟରୁ ଗୋଟିଏ ପୃଥିବୀର ଉତ୍ତର ମେରୁର ଊର୍ଦ୍ଧ୍ୱରେ ଅବସ୍ଥିତ । ତାକୁ ସୌମ୍ୟ ଧ୍ରୁବତାରା ବୋଲାଯାଏ । ଦକ୍ଷିଣ ମେରୁ ଉପରେ ଅବସ୍ଥିତ ଅନ୍ୟଟି ଯାମ୍ୟ ଧ୍ରୁବତାରା । ଶୂନ୍ୟମଣ୍ଡଳରେ ପୃଥିବୀର ତିର୍ଯ୍ୟକ୍ ଅବସ୍ଥିତି ଯୋଗୁଁ ଆମ୍ଭେମାନେ ଉତ୍ତର ଦିଗରେ ଦିଗ୍‌ବଳୟର କିଛି ଊର୍ଦ୍ଧ୍ୱରେ ଉତ୍ତର ଧ୍ରୁବତାରାକୁ ଦେଖିପାରୁଁ; ମାତ୍ର ଦକ୍ଷିଣ ଧ୍ରୁବତାରା ଦେଖାଯାଏ ନାହିଁ । ସପ୍ତର୍ଷିମଣ୍ଡଳର ମୁଣ୍ଡରେ ଥିବା ଦୁଇ ନକ୍ଷତ୍ରକୁ ଯୋଗ କର ସେ ରେଖାକୁ ବଢ଼ାଇଲେ ବର୍ଦ୍ଧିତ ରେଖା ଧ୍ରୁବନକ୍ଷତ୍ରର ପାର୍ଶ୍ୱ ଦେଇ ଯାଏ । ଶିଶୁମାର ମଣ୍ଡଳର ପୁଚ୍ଛତାରା ଧ୍ରୁବତାରା ଅଟେ । ଉକ୍ତ ଉତ୍ତର ଧ୍ରୁବତାରାର ସ୍ଥାନପରିବର୍ତ୍ତନ ହୁଏ ନାହିଁ, ଏଣୁ ନାବିକମାନେ ଏହାକୁ ଦେଖି ସମୁଦ୍ରରେ ଦିଙ୍‌ନିର୍ଣ୍ଣୟ କରନ୍ତି । ଏହା ଭକ୍ତ ଧ୍ରୁବଙ୍କ ଅଧିଷ୍ଠିତ ଧ୍ରୁବଲୋକରେ ଅବସ୍ଥିତ ବୋଲି ଲୋକଙ୍କର ବିଶ୍ୱାସ—ନକ୍ଷତ୍ର ତଳେ ନୋଟ୍ ଦେଖ ।]

ଧ୍ରୁବ ଦର୍ଶକ—ସଂ. ବି—୧ । ସପ୍ତର୍ଷିମଣ୍ଡଳ—1. The constellation Dhruba darśaka of the Ursa Major; the Great Bear

[ଦ୍ର—ଏହି ମଣ୍ଡଳର ମୁଣ୍ଡରେ ଥିବା ଦୁଇ ତାରାର ସଂଯୋଜକ ରେଖାକୁ ବଢ଼ାଇଲେ ତାହା ଧ୍ରୁବତାରା ପାଖ ଦେଇ ଯାଏ ।]

୨ । ଜାହାଜଅମାନଙ୍କର ଦିଗ୍‌ବାରଣ ଯନ୍ତ୍ର— 2. The mariner's compass.

ଧ୍ରୁବ ଦର୍ଶନ—ସଂ. ବି. (୭ମୀ ତତ୍; ଧ୍ରୁବ+ଦର୍ଶନ)—ହିନ୍ଦୁମାନଙ୍କ Dhruba darśana ବିବାହର କର୍ମକାଣ୍ଡ ଅନ୍ତର୍ଗତ ଏକ କର୍ମ, ଯହିଁରେ ମନ୍ତ୍ରପାଠପୂର୍ବକ ବର କନ୍ୟା ଦୁହେଁ ଧ୍ରୁବତାରାକୁ ଦର୍ଶନ କରନ୍ତି—A ritual in the course of the marriage rites amongst the Hindus, consisting of the bride and the bridegroom having a look at the pole star while reciting some vedic formulas.

[ଦ୍ର—ଏଥିର ଉଦ୍ଦେଶ୍ୟ ଏହି ଯେ ଦମ୍ପତିଙ୍କର ପ୍ରେମ ଧ୍ରୁବତାରା ପରି ଅଟଳ ରହିବ ।]

ଧ୍ରୁବ ଧେନୁ—ସଂ.ବି. (କର୍ମଧା; ଧ୍ରୁବା+ଧେନୁ)—ସ୍ଥିରା ଗାଈ; ଯେଉଁ Dhruba dhenu ଗାଈ ଦୁଧ ଦୁହିଁଲା ବେଳେ ସ୍ଥିରଭାବରେ ଠିଆ ହୋଇ ରହେ (ହି. ଶବ୍ଦସାଗର)— A cow which stands still while being milked.

ଧ୍ରୁବ ପଦ—ସଂ. ବି—୧ । ଧ୍ରୁପଦ (ଦେଖ) Dhruba pada 1. Dhrupada (See)

୨ । ଧ୍ରୁବଲୋକ; ସ୍ୱର୍ଗଧାମ—2. The heaven; the seat of Dhruba in heaven.

ଅତ କଠୋର ତପ କଲୁ; ତାକୁ ନେ ଧ୍ରୁବପଦ ଦେଲ—
ଜଗନ୍ନାଥ- ଭାଗବତ ।

୩ । ଆକାଶ—3. The sky.

ଦେ. ବି. ପୁଂ—ଲୋକଙ୍କୁ ଡ଼ାକିବା ନାମ— A name given to males.

ଧ୍ରୁବ ପ୍ରହ୍ଲାଦ—ସଂ. ବି. (ଦ୍ୱନ୍ଦ୍ୱ; ଧ୍ରୁବ+ପ୍ରହ୍ଲାଦ)—ପୁରାଣପ୍ରସିଦ୍ଧ Dhruba prahlāda ବିଷ୍ଣୁଭକ୍ତ ବାଳକଦ୍ୱୟ; ଉତ୍ତାନପାଦ ରାଜାଙ୍କ ପୁତ୍ର ଧ୍ରୁବ ଓ ହିରଣ୍ୟକଶିପୁ ଅସୁରର ପୁତ୍ର ପ୍ରହ୍ଲାଦ— Name of two boys devoted to Bishṇu as described in the Purāṇas.

ଧ୍ରୁବ ପ୍ରତିଜ୍ଞା—ସଂ. ବି. (କର୍ମଧା; ଧ୍ରୁବା+ପ୍ରତିଜ୍ଞା)—ଅଟଳ ପ୍ରତିଜ୍ଞା Dhruba pratijñā ବା ଅଙ୍ଗୀକାର— Inviolable promise.

ଧ୍ରୁବ ବିଶ୍ୱାସ—ସଂ. ବି (କର୍ମଧା; ଧ୍ରୁବ+ବିଶ୍ୱାସ)—ଅଟଳ ବିଶ୍ୱାସ— Dhruba biśwāsa Firm belief; conviction.

ଧ୍ରୁବ ମଣ୍ଡଳ—ସଂ. ବି. (ଜ୍ୟୋତିଷ)—ଉତ୍ତର ଦିଗରେ ଧ୍ରୁବତାରାକୁ Dhruba maṇḍala ଲାଗି ରହିଥିବା ୭ ଗୋଟି ତାରାଯୁକ୍ତ (ଧ୍ରୁବପୁଞ୍ଜ—ଅନ୍ୟନାମ) ଶିଶୁମାର ମଣ୍ଡଳ— The Lesser Bear constellation.

ଧ୍ରୁବ ମତ୍ସ୍ୟ—ସଂ. ବି. (ଜ୍ୟୋତିଷ)—୧ । ଧ୍ରୁବମଣ୍ଡଳ (ଦେଖ) Dhruba matsya 1. Dhrubamaṇḍaḷa (See)

୨ । ଧ୍ରୁବମଣ୍ଡଳ ଏବଂ ଧ୍ରୁବମଣ୍ଡଳର ଲଗ୍ନତାରା ଓ ସପ୍ତର୍ଷିମଣ୍ଡଳ ମଧ୍ୟରେ ଥିବା ଗୋଟିଏ ତାରା, ଏପରି ୮ ଗୋଟି ତାରାଯୁକ୍ତ ମତ୍ସ୍ୟାକୃତି ତାରକାପୁଞ୍ଜ (ନକ୍ଷତ୍ରଚଳେ ନୋଟ୍ ଦେଖ)— 2. A constellation consisting of the Lesser Bear and Corcoroli.

୩ । ଦିଗ୍‌ବାରଣ ଯନ୍ତ୍ର (ହି. ଶବ୍ଦସାଗର)— 3. The mariner's compass.

ଧ୍ରୁବ ଯଷ୍ଟି—ଦେ. ବି. (ଜ୍ୟୋତିଷପରିଭାଷା)—ପୃଥିବୀର ମେରୁଦଣ୍ଡ— Dhruba jashṭi The axis of the poles (M.W).

ଧ୍ରୁବ ରେଖା—ସଂ. ବି. (ଭୂଗୋଳପରିଭାଷା)—ବିଷୁବ ରେଖା (ଜ୍ଞାନେନ୍ଦ୍ର)— Dhruba rekhā The equator.

ଧ୍ରୁବ ଲୋକ—ସଂ ବି—୧ । ବିଷ୍ଣୁ ଭକ୍ତ ଧ୍ରୁବଙ୍କ ପାଇଁ ନିର୍ମାଣ କରିଥିବା Dhruba loka ବିଷ୍ଣୁଲୋକର ଉପରସ୍ଥ ସତ୍ୟଲୋକାନ୍ତର୍ଗତ ସ୍ୱର୍ଗଧାମ— 1 The heaven assigned to Dhruba by Bishṇu for his devotion.

୨ । ସ୍ୱର୍ଗଧାମ; ଉଚ୍ଚଧାମ; ବୈକୁଣ୍ଠ — 2. The heaven, the abode of Bishṇu.

ଧ୍ରୁବଲୋକ ଦେ. ବି ୧ । ବହୁଦୂରସ୍ଥ ଦେଶ — **ଧ୍ରୁବଲୋକ** 1. Any distant place.

(ଯଥା—ଏ ସାମାନ୍ୟ କଥପୂଚା ଧ୍ରୁବଲୋକ ପର୍ଯ୍ୟନ୍ତ ଗଲାଣି ।)

୨ । ଉଚ୍ଚପଦସ୍ଥ ବ୍ୟକ୍ତିମାନେ; କର୍ତ୍ତୃପକ୍ଷ — 2. Highest authorities.

(ଯଥା—ଏ ମକଦ୍ଦମାଟା ଧ୍ରୁବଲୋକ ପର୍ଯ୍ୟନ୍ତ ନ ଉଠିବାଯାକେ ମୁଁ ଛାଡ଼ିବ ନାହିଁ ।)

ଧ୍ରୁବ ସତ୍ୟ—ସଂ. ବି. (କର୍ମଧା, ଧ୍ରୁବ+ସତ୍ୟ)—୧ । ଚିରସତ୍ୟ; Dhruba satya ଯାହା କେବେ ହେଲେ ମିଛ ହୋଇ ନ ପାରେ— 1. Universal truth; eternal truth.

୨ । ଅଟଳ ପ୍ରତିଜ୍ଞା— 2. Inviolable promise.

ସଂ. ବିଣ ଯାହା ସର୍ବଦା ସତ୍ୟ—Eternally true.

ଧ୍ରୁବା—ସଂ. ବି. ସ୍ତ୍ରୀ (ଧ୍ରୁବ+ସ୍ତ୍ରୀ. ଆ)—୧ । ବଟପତ୍ରାକୃତି ହୋମପାତ୍ର; Dhrubā ସ୍ରୁକ୍—1. A shallow spoon of wood used in vedic sacrifice; a sacrificial ladle.

୨ । ଛାଆ; ଘୋଷା—2. The refrain or burden of a song; chorus.

୩ । ମତ—3. Policy; principle.

୪ । ସାଧ୍ୱୀ ସ୍ତ୍ରୀ—4. A chaste or devoted wife.

୫ । ଦୂବ; ମୁରୁଗା ଘାସ—5. A kind of tenacious grass.

୬ । ଧ୍ରୁବ ଧେନୁ (ଦେଖ)— 6. Dhruba dhenu (Apte). (See)

ସଂ. ବିଣ. ସ୍ତ୍ରୀ (ଧ୍ରୁବ+ସ୍ତ୍ରୀ. ଆ)—ଧ୍ରୁବର ସ୍ତ୍ରୀଲିଙ୍ଗ— Feminine of Dhruba.

ଦେ. ବି.—'ଧ୍ରୁବ'ର ଡାକ ନାମ—Name for calling Dhruba.

୧	ଇ	ଈ	ଋ,ଋ	ଽ		ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ସ	ଙ୍କ	ଇସ୍ତ	ଉଅ	ଋ
୨	ଈ	ଊ	ରୁ	ନ୍	ସ୍ବେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଢ଼	ନ

ଧ୍ରୁବାବର୍ତ୍ତ—ସଂ. ବି. (କର୍ମଧା; ଧ୍ରୁବ+ଆବର୍ତ୍ତ)—୧ । ଅଶ୍ୱର ରୋମ-
Dhrubābartta ସ୍ଥାନବିଶେଷ; ଘୋଡ଼ା ଦେହରେ ଥିବା ଏକ ପ୍ରକାର ରୋମର ଭଉଁରୀ—1. A kind of whorl found on the body of a horse.
୨ । କପାଳର ଯେଉଁ ବିନ୍ଦୁରୁ ମୁଣ୍ଡର କେଶ ବାମ ଓ ଦକ୍ଷିଣ ପାଖକୁ ବାଗେଇଥାଏ—The point on the crown of the head from which the hair radiate (Apte).

ଧ୍ରୈ (ଧାତୁ)—ସଂ.— ସନ୍ତୁଷ୍ଟ ହେବା—
Dhrai (root) To be pleased or satisfied.

ଧ୍ରୌବ୍ୟ—ସଂ. ବି.—(ଧ୍ରୁବ+ଭାବାର୍ଥେ. ଯ)—୧ । ସ୍ଥିରତା; ଅଟଳତା—
Dhraubya 1. Fixedness; stability; firmness.
୨ । ନିଶ୍ଚୟ—2. Certainty
୩ । ବ୍ୟାପିବା କାଳ—3. Duration.

ନ

ନ୍—ପ୍ରାଦେ. (ସମ୍ବଲପୁର)— କ୍ରିୟାନ୍ତ ଚିହ୍ନ [ଓଡ଼ିଆ ଅତୀତ ଓ ବର୍ତ୍ତମାନ
N କାଳ, ମଧ୍ୟମ ପୁରୁଷ ମାନ୍ୟାର୍ଥକ ଏକବଚନ (ଆପଣ) ଓ ବହୁବଚନ (ଆପଣମାନେ) ଏବଂ ଅନ୍ୟ ପୁରୁଷ ମାନ୍ୟାର୍ଥକ ୧ ବଚନ (ସେ) ଓ ବହୁବଚନ (ସେମାନେ) ସଙ୍ଗେ ବ୍ୟବହୃତ]—ନ୍ତି, ଣି (ଯଥା—କରନ୍ତି; କଲେଣି) ପରବର୍ତ୍ତିରେ ବ୍ୟବହୃତ ଅକ୍ଷର—
An inflectional ending of verbs.
(ଯଥା—ମଲେନ୍=ମଲେଣି; ଯାଉଛନ୍=ଯାଉଛନ୍ତି ।)

ନ—ବ୍ୟଞ୍ଜନବର୍ଣ୍ଣର ବିଂଶ ବର୍ଣ୍ଣ; 'ତ' ବର୍ଗର ୫ମ ବର୍ଣ୍ଣ (ଏହାର ଉଚ୍ଚାରଣ
Na ସ୍ଥାନ ଦନ୍ତ । ଏହା ଅନୁନାସିକ ଓ ଦନ୍ତ୍ୟ ବର୍ଣ୍ଣ)—The 20th consonant corresponding to 'n'.
ସଂ. ବି.—୧ । ବୌଦ୍ଧ—1. A Buddhist.
୨ । ଗଣେଶ—2. Gaṇeśa.
୩ । ବନ୍ଧନ—3. Binding; bond.
୪ । ଦାନ—4. Gift.
୫ । ରଣ—5. Battle.
ସଂ. ଅ. (ଣୀ ଧାତୁ=ପାଇବା+କର୍ତ୍ତୃ. ଅ)—ନୁହେଁ; ନାହିଁ—
Not; no.
[ଦ୍ର—ଏହା ସ୍ୱରାଦ୍ୟ ଶବ୍ଦ ପୂର୍ବରେ ସମାସରେ ଯୁକ୍ତ ହେଲେ 'ଅନ୍' (ଯଥା—ଅନନ୍ତ, ଅନାଦି, ଅନେକ) ଏବଂ ବ୍ୟଞ୍ଜନବର୍ଣ୍ଣ ପୂର୍ବରେ ଯୁକ୍ତ ହେଲେ 'ଅ' ହୁଏ (ଯଥା—ଅଜ୍ଞ, ଅବିଦ୍ୟା, ଅମର, ଅଶାନ୍ତ) । ଏହା ପ୍ରଭେଦ, ସାଦୃଶ୍ୟ, ଅଭାବ, ନିଷେଧ, ବୈପରୀତ୍ୟ ଓ ନିରର୍ଥକତା ଅର୍ଥବୋଧକ । ଭାଷାରେ ଏହା ଅନ୍ୟଶବ୍ଦ ପୂର୍ବେ ସମାସରେ ଯୁକ୍ତ ହେଲେ ଏହାର ଆକାର 'ଅଣ' ହୁଏ; ଯଥା—ଅଣବାବୁଆ, ଅଣପାଠୁଆ, ଅଣଉଦିଆ । କ୍ରିୟା ଏବଂ କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣ ପୂର୍ବେ 'ନ' ରହିଲେ ନଞର୍ଥ ବୁଝାଏ; ଯଥା—ନ ଯିବ, ନ ଖାଇଲା, ନ ଅଇଲା । 'ନ' ମାତ୍ରାରୂପେ ଅନ୍ୟ ବର୍ଣ୍ଣତଳେ ଯୁକ୍ତ ହେଲେ ଉକ୍ତ ବର୍ଣ୍ଣର ତଳେ '୍ନ' ଚିହ୍ନ ସ୍ୱରୂପ ରହେ ।]
ଦେ. ବି ଓ ବିଣ (ସଂ.)—ନଅ (ଦେଖ)—Na-a (See)
ନ ବରଷରୁ ଊଣା କାଳରେ ଅଛ ଜଣା—କବିସୂର୍ଯ୍ୟ. କଣୋପାଚମ୍ପୂ ନ ଗୀତ ।
ବୈଦେ. ବି ୧ । (କଟରଆ ସାଙ୍କେତିକ)—'ନବିସିନ୍ଧା'ର ସଂକ୍ଷିପ୍ତ ଆକାର—1 The abbreviation for Nabisindhā.
୨ । (ଇଂ. 'ନମ୍ବର୍'ର ସାଙ୍କେତିକ)—ଇଂରେଜି 'ନମ୍ବର'ର
ନଂ ନ ସଂକ୍ଷିପ୍ତ ଆକାର—'No'; abbreviation for Number.
(ଯଥା—ନଂ୩=ନମ୍ବର ୩=ତୃତୀୟ ସ୍ଥାନୀୟ ।)
[ଦ୍ର—କଥାବାର୍ତ୍ତାରେ ଲୋକେ 'ଲ' ସ୍ଥାନରେ 'ନ' ଓ 'ନ' ସ୍ଥାନରେ 'ଲ' ଉଚ୍ଚାରଣ କରନ୍ତି ଯଥା—ଲଗୀ ସ୍ଥାନରେ ନଗୀ; ଲାହି ସ୍ଥାନରେ ନାହି; ଲାଭ=ନାଭ; ଲଇ=ନଇ; ଲଟା=ନଟା; ଲଟ=ନଟ; ଲକେଇ=ନକେଇ; ଏବଂ ନବେ ସ୍ଥାନରେ ଲବେ; ନେମ୍ବୁ ସ୍ଥାନରେ ଲେମ୍ବୁ; ନିମ୍ବ=ଲିମ୍ବ; ଲୁଣ=ନୁଣ । କଟକସହରଆମାନେ 'ନ' ଯାଗାରେ କଥାରେ 'ଲ' ବ୍ୟବହାର କରଥାଅନ୍ତି; ଯଥା—ନଡ଼ିଆ ସ୍ଥାନରେ ଲଡ଼ିଆ; ନେବା=ଲେବା; ନାହା=ଲାହା; ମହାନଦୀ=ମହାଲଦୀ ।]

ନଂ—ଦେ. ବି (ବଙ୍ଗଳାରୁ ଅନୁକୃତ; ସଂଖ୍ୟା ପୂର୍ବେ ଲାଗେ ଯଥା ନଂ ୩)
Nam ନମ୍ବରର ସାଙ୍କେତିକ ଚିହ୍ନ—Abbreviation for Number.

ନଂକମାରିଚ—ଗ୍ରା. ବି—ଲଙ୍କାମରିଚ (ଦେଖ)
Namkamāricha Lankāmaricha (See)

ନଂଗଳ (ଇତ୍ୟାଦି)—ଗ୍ରା. ବି—ଲଙ୍ଗଳ ଇତ୍ୟାଦି (ଦେଖ)
Namgaḷa (etc) Langaḷa etc (See)

ନଂଗଳା (ଇତ୍ୟାଦି)—ଗ୍ରା. ବିଣ—ନଙ୍ଗଳା ଇତ୍ୟାଦି (ଦେଖ)
Namgaḷā (etc) Nangaḷā etc (See)

ନଂଗା(ଘା)—ଦେ. ବିଣ—୧ । ନଙ୍ଗା (ଦେଖ)
Namgā(ghā) Nangā (See)
ଦେ. ବି—ନଙ୍ଘା (ଦେଖ)—Nanghā (See)

ନଂଘିବା—ଗ୍ରା. ବିଣ—ଲଂଘିବା (ଦେଖ)
Namghibā Lamghibā (See)

ନଅ—ଦେ.ବି—୧ । (ସଂଖ୍ୟାବାଚକ) (ସଂ.ନବ)—ତିନର ତିଗୁଣିତ ସଂଖ୍ୟା;
Na-a ୯; ନବ—1. Nine; 9.
नय ୨ । (ସଂ. ଲତା); ଶୁଭବାଚନ—ଲମ୍ବ ଜନ୍ତୁ; ସାପ—
नौ 2. (euphhemism) Serpent.
ବିଣ—ନବ ସଂଖ୍ୟକ—Numbering nine.

ନଅ ଉତ୍ତର ଶହେ—ଦେ. ବି ଓ ବିଣ (ସଂଖ୍ୟାବାଚକ) (ସଂ. ନବୋତ୍ତର-
Na-a uttara śahe ଶତ)—ଏକଶହ ନଅ; ୧୦୯—
नौसह, एकसहन One hundred and nine.

ସାଧାରଣ ଲୋକେ ଅପର ବୃଷ୍ଠରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ'କୁ ପାଇଲେ 'ବଧୂ' ଦେଖିବେ; ଅଙ୍କା ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

ନଅକ—ଦେ. ବଣ—'୯' ସଂଖ୍ୟା ସମ୍ବନ୍ଧୀୟ (ପଣିକିଆ)—
Na-aka (multiplication table) Pertaining to '9'.
नअका

ନଅକା—ଦେ. ବଣ (ସଂ. ନମ୍ର)—ଲହକା (ଦେଖ)
Na-akā Lahakā (See)

ନଅକିବା—ଦେ. କ୍ରି (ସଂ. ନମ ଧାତୁ)—ଲହକିବା (ଦେଖ)
Na-akibā Lahakibā (See)
[ନଅକା(କେ)ଇବା—ଣିଜନ୍ତରୂପ]

ନଅକେ—ଦେ. କ୍ରି. ବଣ—ନଅ ଏକ ଦ୍ୱାରା ଗୁଣିତ ହେଲେ—
Na-ake Nine multiplied by one.
नय़ेएक ନଅକେ ନଅ ପଣ—ପଣିକିଆ ।
नअके

ନଅଖାଇ ପଣା—ପ୍ରାଦେ. (ଯାଜପୁର) ବି—ନବମ ଖିଆଲ; କୌଣସି
Na-akhāi paṇā ବ୍ୟକ୍ତିର ମୃତ୍ୟୁର ନବମ ଦିବସରେ ଜ୍ଞାତି-କୁଟୁମ୍ବମାନଙ୍କୁ ଦିଆଯିବା ଜଳଖିଆ ସାମଗ୍ରୀ—Tiffin with which the kinsmen and relatives of a deceased person are fed on the 9th day during the obsequies.

ନଅଙ୍କ—ଦେ. ବି (ସଂ. ନବାଙ୍କ)—୧ । ପୁରୀର ରାଜା ଦିବ୍ୟସିଂହ
Na-aṅka ଦେବଙ୍କ ରାଜତ୍ୱର ୯ମ ଅଙ୍କ—
षोलह साल 1. The 9th Aṅka of the reign of late Raja Dibyasiṁha Deba of Puri.
୨ । ଖ୍ରୀଷ୍ଟାବ୍ଦ ୧୮୬୬।୬୭ ସାଲରେ ଓଡ଼ିଶାରେ ପଡ଼ିଥିବା ଭୟାନକ ଦୁର୍ଭିକ୍ଷ—2. The great famine of Orissa during the year 1866—67.
[ଦ୍ର—ଏ ଦୁର୍ଭିକ୍ଷରେ ଓଡ଼ିଶାର ପ୍ରାୟ ୮ ଲକ୍ଷ ଲୋକଙ୍କର ଅନାହାର ଓ ତଜ୍ଜନିତ ରୋଗରେ ପ୍ରାଣନାଶ ଘଟିଥିଲା ।]
୩ । ଦୁର୍ଭିକ୍ଷ—3 Famine.

ନଅଙ୍କିଆ—ଦେ. ବଣ. ପୁଂ. ଓ ସ୍ତ୍ରୀ—୧ । ଦୁର୍ଭିକ୍ଷପ୍ରପୀଡ଼ିତ—
Na-aṅkiā 1. Famine-stricken.
(ନଅଙ୍କୀ—ଅନ୍ୟରୂପ) ୨ । ଖାଦ୍ୟାଭାବରୁ କଙ୍କାଳମାତ୍ରାବଶିଷ୍ଟ;
(ନଅଙ୍କିଆଣୀ—ସ୍ତ୍ରୀ) ଜୀର୍ଣ୍ଣଶୀର୍ଣ୍ଣ—2. Reduced to skeleton for want of food.
୩ । ଅତି ଲଙ୍କାଳିଆ; ଅତି ଲୋଭରେ ସବୁଦା ଖାଇବାକୁ ଇଚ୍ଛା କରୁଥିବା (ବ୍ୟକ୍ତି)—3. Very greedy; rapacious.
ଦେ. ବି—ଛତରଖିଆ; ଯେଉଁମାନେ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ସମୟରେ ସରକାରୀ ଅନ୍ନସତ୍ରରେ ଖାଇବାରୁ ସମାଜଚ୍ୟୁତ ହୋଇଥିଲେ—A class of persons and the descendants of those persons who lost their castes by taking food cooked in public kitchens opened by the Government during the great famine of Orissa.

ନଅ ଛଅ—ଦେ. ବଣ—୧ । ବହୁସଂଖ୍ୟକ; ଅନେକ—
Na-a chha-a 1. Many.
(ନଅଟା ଛଅଟା—ଅନ୍ୟରୂପ) ୨ । ଅନିଶ୍ଚିତ; ଅଥୟ—
नय़छय़ नौ तेरह बाईस 2. Uncertain.
(ଯଥା—ଏପରି ନଅ ଛଅ କଥା କହିଲେ ଚଳିବ ନାହିଁ ।)
୩ । ଅପବ୍ୟୟିତ—3. Wasted; squandered.
ଦେ. ବି (ସଂ. ନଶ୍ୟ ବା ଲୟ+କ୍ଷୟ)—୧ । ଅପଚୟ—
1. Decay; damage.
୨ । ଅପବ୍ୟୟ—2. Waste.

ନଅ ଛଅ କହିବା—ଦେ. କ୍ରି—୧ । ମିଥ୍ୟାକଥା କହିବା—
Na-a chha-a kahibā 1. To tell a falsehood.
ନଅଛଅ କରି କହିବା, ନଅଛଅ ବତା(ତେ)ଇବା, ନଅରୁ ଛଅ କହିବା, ନଅରୁଛଅ ଲଗାଇକହିବା } ଅନ୍ୟରୂପ
୨ । ପର ନାମରେ ଚଗୁଲି କହିବା—2. To backbite a person.
नातेरहबाईस बताना
୩ । କୌଣସି ବ୍ୟକ୍ତିକୁ ବୃଥା ଅପବାଦ ଦେବା—
3 To defame a person; to speak evil of a person.
୩ । ନାନା ଛଳନାରେ ଟାଳଟୁଳ କରିବା—
3. To put off on various excuses.

ନଅ ଛୁଇଁବା—ଦେ. କ୍ରି (ଶୁଭବାଚକ)—ସାପ କାମୁଡ଼ିବା; ଲଅ ଛୁଇଁବା—
Na-a chhuiṅbā (euphemisn) Snake-bite.
(ନଅ କାଟିବା—ଅନ୍ୟରୂପ)
[ଦ୍ର—ଲୋକେ ସାପ କାମୁଡ଼ିବା ରୂପ ଅଶୁଭସୂଚକ ଶବ୍ଦ ବ୍ୟବହାର ନ କରି ଲମ୍ବ ଜନ୍ତୁ ବା ନଅ ବା ଲହ ଛୁଇଁବାରୂପ ଶୁଭବାଚୀ ଶବ୍ଦ ବ୍ୟବହାର କରନ୍ତି ।]

ନଅଟା ଛଅଟା—ଦେ. ବଣ—୧ । ଅନେକ, ବହୁସଂଖ୍ୟକ—
Na-aṭā chha-aṭā 1. Many.
नअठोछअठो ୨ । ପ୍ରୟୋଜନାଧିକ—
नय़टाछय़टा 2. More than enough.
(ଯଥା—ମୋର କଅଣ ନଅଟା ଛଅଟା ପୁଅ ଅଛନ୍ତି ଯେ, ମୁଁ ନେଇ ଯା ତାଠେଇଁ ପୋଷାପୁଅ ଗୁଞ୍ଜି ଦେବି)

ନଅଣ୍ଟ—ଦେ. ବି. (ସଂ. ଅନଟନ; ନ୍ୟୂନ)—
Na-aṇṭa ୧ । ଅଭାବ; ଅନଟନ—1. Want.
अनाटन, अकुलन, टानाटीनि ୨ । ଅପ୍ରାଚୁର୍ଯ୍ୟ; ଅପ୍ରଭୁଳତା—
घटति, कमी, घटी 2. Insufficience.
୩ । କମ ହେଉଥିବା ବସ୍ତୁ; କମତି—2. Deficit.
୪ । ଅସମ୍ପୂର୍ଣ୍ଣତା—4. Incompleteness.
୫ । କମ୍ ହେବା ଅବସ୍ଥା—5. Decrease; deficience.
ଦେ. ବଣ—ନଅଣ୍ଟିଆ (ଦେଖ)—Na-aṇṭiā (See)

ନଅଣ୍ଟ ଅଣ୍ଟ—ଦେ. ବି—୧ । ଅନଟନ ଓ ପ୍ରାଚୁର୍ଯ୍ୟ—
Na-aṇṭa aṇṭa 1. Insufficience and sufficience.

କম বেশী ୨। ଅନଟନ ଓ ପ୍ରଚୁର ହେବା ଅବସ୍ଥା—2. The state of being insufficient and sufficient.
घटाव बढ़ाव
୩। ନଅଣ୍ଟ ହେବା ଅବସ୍ଥା—3. The state of insufficience or want.
(ଯଥା—ଜଣର ସ୍ତ୍ରୀ ହାତରେ ଯେଉଁ ଟଙ୍କା ଠୋକର ରଖିବ, ତାହା ନଅଣ୍ଟ ଅଣ୍ଟ ବେଳେ କାମରେ ଆସିବ ।)

ନଅଣ୍ଟିଆ—ଦେ. ବିଣ—୧ । ଅଭାବଗ୍ରସ୍ତ; ନଅଣ୍ଟିଆ—
Na-aṇṭiā 1. In want; needy.
অনাটন অকুলান ୨ । ଅପ୍ରଚୁର; ଅପ୍ରତୁଳ—
घट, कम 2. Insufficient.
୩ । ଯାହା କମ୍ ଥାଏ—3. Deficient.
୪ । ଅସମ୍ପୂର୍ଣ୍ଣ—4. Incomplete.

ନ ଅଣ୍ଟିବା—ଦେ. କ୍ରି—ନଅଣ୍ଟ ହେବା; କମ୍ ହେବା—
Na aṇṭibā Not to suffice; to be deficient.
অকুলান হওআ न अँटना

ନଅ ନୁଆଣ—ଗ୍ରା. ବି(ଶୁଭବଚନ)—ଲଅ ଲୁଆଣ (ଦେଖ)
Na-a nuāṇa (euphemism) La-a luāṇa (See)
(ନଅନୁଆଣି, ନଅନୁଆଣିଆ—ଅନ୍ୟରୂପ)
ଗ୍ରା. ବିଣ—ଲହୁଲୁହାଣ (ଦେଖ)
Lahuluhāṇa (See).

ନଅମା—ଦେ. ବି—ନହମା (ଦେଖ)
Na-amā Nahamā (See).

ନଅମୀ—ଗ୍ରା. ବି—ନବମୀ (ଦେଖ)
Na-amī Nabamī (See)
নবমী नौमी

ନଅର—ଦେ. ବି. (ସଂ. ନଗର; ପ୍ରା. ଣଅର)—
Na-ara ୧ । ରାଜଭବନ—1 Palace.
রাজমহল, রাজবাটি ୨ । ରାଜାଙ୍କ ଅନ୍ତଃପୁର; ରଣିଆସ—
महल 2. The harem of a king.
ପ୍ରାଦେ. (ଗଡ଼ଜାତ) ବି—ଏକପ୍ରକାର ବଡ଼ ଜହ୍ନି; ନଅର ଜହ୍ନି-
A big variety of Luffa.

ନଅର କୋଲି—ଦେ. ବି—ନର କୋଳି (ଦେଖ)
Na-ara koḷi Nara koḷi (See)

ନଅର ଜହ୍ନି—ଦେ. ବି—ଏକ ପ୍ରକାର ଜହ୍ନି—
Na-ara jahni A big variety of Luffa.

ନଅର ଦାସୀ—ଦେ. ବି. ସ୍ତ୍ରୀ—ରାଜାଙ୍କ ରକ୍ଷିତା ବେଶ୍ୟା ବା ନର୍ତ୍ତକୀ—
Na-a ra dāri A dancing girl or prostitue in the keeping of a Raja.
ନଅରଦାସୀ ଦାଣ୍ଡରେ ବୁଲେ
ରଜା କଳେ କଳେ (ଓ ଣ) କବାଃ ଠ.ଢ଼—ଜଗ ।

ନଅର ବଳିତା—ପ୍ରାଦେ. (ଗଡ଼ଜାତ) ବତ୍ତୀ—ବାତି (୨) (ଦେଖ)
Na-ara baḷitā Bāti (2) (See)

ନଅର ବିଷୟୀ—ଦେ. ବି (ସଂ. ନଗର ଓ ବିଷୟୀ)—
Na-ara bishayī ରାଜଭବନର ତତ୍ତ୍ୱାବଧାରକ କର୍ମଚାରୀ—
(ନଅର ବିଷଇ, ନଅର ବିଷୋୟୀ Palace-super-
ନଅରବିଷେଇ, ନଅରବିଷୋଇ—ଅନ୍ୟରୂପ) intendent.

ନଅର ମୁଥା—ଦେ. ବି. (ସଂ. ନାଗର ମୁସ୍ତକ)—
Na-ara muthā ନାଗର ମୁଥା; ଏକ ପ୍ରକାର ବଡ଼ ମୁଥା—
নাগর মুথা A kind of bulbuous grass root
नागर मोथा (used in medicine).

ନଅରି—ଦେ. ବିଣ—ନଅରିଆ (ଦେଖ)
Na-ari Na-ariā (See)

ନଅରିଆ—ଦେ. ବିଣ—୧ । ରାଜଭବନସମ୍ବନ୍ଧୀୟ—
Na-ariā 1. Relating to the palace.
୨ । ରାଜାଙ୍କ ଅନ୍ତଃପୁରସମ୍ବନ୍ଧୀୟ—
2 Relating to a king's harem.
୩ । (ଏତେ) ସରିଆ—
3. Having so many strings

ନଅଲା—ଦେ. ବି—ନହଲା (ଦେଖ)
Na-alā Nahalā (See).

ନଅସରା—ଦେ ବିଣ.—ନଅସେର୍ ବା ସୁତ୍ରଯୁକ୍ତ (ହାର)—
Na-asarā Nine stringed (necklace).
(ନଅସରିଆ, ନଅସୋରିଆ—ଅନ୍ୟରୂପ)
নয়নরী नौसरा, नौलरा

ନଇ—ଗ୍ରା. ବି. (ସଂ. ଲତା)—ଲଇ (ଦେଖ)
Nai Lai (See)
ଦେ. ବି (ସଂ ନଦୀ)—ନଦୀ—River.

ନଇଁବା—ଦେ. କ୍ରି. (ସଂ. ନମ ଧାତୁ)—ତଳଆଡ଼କୁ ବଙ୍କାଇବା; ନତ
Naiñbā ହେବା—1. To be bent downwards; to be
হুআ bent in a concave manner.
नवन [ଦ୍ର—ଉପର ଆଡ଼କୁ ବଙ୍କେଇବାକୁ 'କୁଜେଇବା' କହନ୍ତି ।]
(ନୁଆଇଁବା—ଣିଜନ୍ତ) ୨ । ନତ କରିବା—
2. To bend.
୩ । ନରମ ହେବା—3. To soften; to grow soft.
୪ । ଭୂମି ଆଡ଼କୁ ନତ ହେବା—
4. To bow down.
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ପଡ଼ିବା ଓ ଯିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ; ନଇଁ ଯିବା; ନଇଁ ପଡ଼ିବା ।]

ନଇଖଣ—ଗ୍ରା. ବି.—୧ । (ସଂ. ଲକ୍ଷଣ) ଲକ୍ଷଣ (ଦେଖ)—
Naikhaṇa 1. Lakshaṇa (See).
୨ । (ସଂ. ଲକ୍ଷ୍ମଣ)—ଲକ୍ଷ୍ମଣ (ଦେଖ)—
2. Lakshmaṇa (See).
ନଇଖଣିଆଁ } ଅନ୍ୟରୂପ ୩ । (ନାମ) (ଅଦରାର୍ଥକ) ଲକ୍ଷ୍ମଣ
ନଇଖୁଣିଆଁ } ବା ଲଛ୍ମନ୍ ନାମକ ବ୍ୟକ୍ତିର
ଡାକ ନାମ—3. A name for calling Lakshmaṇa or Lachh-man.

ନଇଚ୍ଛ—ବୈଦେ. ବି. (ଫା. ନୈଚ୍ଛ)—ହୁକ୍କାର ଯେଉଁ ନଳର ଉପରେ ମୁଣ୍ଡରେ ଚିଲମ ରଖା ଯାଏ ଓ ତଳମୁଣ୍ଡ ଜଳପାତ୍ର ବା ନଳ୍ଚା ଉପରକୁ ପଶି ଥାଏ; ନଳଚ୍ଛ—The main tube of a hubble-bubble or narghile.
Naichā
নইচা
नैचा, नली

ନଇଜ—ଦେ. ବି.—୧ । ସ୍ୱଭାବ; ପ୍ରକୃତି—1. Nature.
Naija
আদত
लत, आदत
୨ । ଅଭ୍ୟାସ; ଖୋଇ—2. Habit.
୩ । ଆଚରଣ—3. Conduct.

ନଇବେଦ୍—ପ୍ରାଦେ. (ସମ୍ବଲପୁର) ବି—ନୈବେଦ୍ୟ; ଭୋଗ—Offerings made to a Deity.
Naibed

ନଇବେଦ୍ୟ—ଗ୍ରା. ବି. (ସଂ. ନୈବେଦ୍ୟ)—ନୈବେଦ୍ୟ; ଦେବତାଙ୍କୁ ଦିଆ ଯିବା ଭୋଗ—Food offered to a Deity
Naibedya
नैवेद्य
ସେଠାରେ ସ୍ନାନ କର ଅଟନ୍ତୁ ସୁଷଣ;
ତାଙ୍କ ନଇବେଦ୍ୟକୁ ଖାଅନ୍ତି ଯେ ଅଣ । କୃଷ୍ଣସିଂହ ମହାଭାରତ ବନ ।

ନଇମିଷ—ଗ୍ରା. (ପଦ୍ୟ) ବି—ନୈମିଷାରଣ୍ୟ (ଦେଖ)
Naimisha Naimishāranya (See)
ଙ୍କରେ ନଇମିଷ ଅରଣ୍ୟ ବାସିଏ । କୃଷ୍ଣସିଂହ, ମହାଭାରତ ବନ ।

ନଇରୁତ—ଦେ. ବି. (ସଂ. ନୈର୍ଋତ)—ନୈର୍ଋତ ୩ (ଦେଖ)
Nairuta Nairruta 3 (See)
ଯମ ନଇରୁତ ଇନ୍ଦ୍ର ଅଜଳ କୁବେର ଯେ । ପ୍ରାଚୀ, ରହସ୍ୟମଞ୍ଜରୀ ।

ନଇଲା—ଦେ. କ୍ରି(ସେ ବା ତାହା କର୍ତ୍ତା ସଙ୍ଗେ ଯୁକ୍ତ; ଅନାଦରାର୍ଥକ)—
Nailā ୧ । ପଇଁଟିଲା ନାହିଁ, ଆସିଲା ନାହିଁ —
নাএল 1. Is not mastered or got by heart.
नहिंआया ୨ । ନ ଆସିଲା; ଅସିଲା ନାହିଁ—
2. Did not come.
୩ । ନ ହେଲା; ନୋହିଲା—3. Did not happen.
୪ । ଆସିନାହିଁ—4. Has not come.
ଦେ. ବି—ନହଲା (ଦେଖ)—Nahalā (See)
ଦେ. ବିଣ—୧ । ନ ଘଟିବା (କଥା)—
1. (a thing) Which has not happened.
୨ । ଯାହା ପଇଁଟି ନ ଥାଏ—
2. That which has not been mastered or got by heart

ନଇଲେ—ଦେ. ଅ. (ସଂ. ନୋଚେତ୍)—୧ । ନୋଚେତ୍—
Naile 1. Nor.
(ନ ହେଲେ—ଅନ୍ୟରୂପ) ଅଦିଲେ ଅସଇ ଜୀବ ନଇଲେ ନଅଏଁ ।
নাত; নহিলে ପ୍ର.ଚୀ. ଶ୍ରୀଗୁରୁଭକ୍ତିଗୀତା ।
नहीं तो; नतो ୨ । ଅନ୍ୟଥା—2. Otherwise; else.
୩ । ଅଥବା—3. Or
ଦେ. କ୍ରି—୧ । (ଅତୀତକାଳ) (ଅଦରାର୍ଥକ ସେ ବା ସେମାନେ)—ଆସିଲେ ନାହିଁ; ଅସି ନାହାନ୍ତି—1. (he or they) Did not come; have not come.
ବନ୍ଧୁ କର ଚାଲ ରଜନୀ ସଙ୍ଗନ୍ୟ
ନଇଲେ ଗୋ ବଂଶୀଧର । ପ୍ରାଚୀନ ସଙ୍ଗୀତ ।
୨ । (ସମ୍ଭାବନାର୍ଥକ) ଯଦି ତୁମ୍ଭେ ମୁଁ ବା ସେ ବା ସେମାନେ ନ ଆସିଲେ—2. If you or I or he or they do not come.

ନଇଲେ ନାହିଁ—ଦେ. ଅ—ନଚେତ୍ ନାହିଁ; ଅନ୍ୟଥା ନୁହେଁ; ନ ହେଲେ ନାହିଁ—Or else not; otherwise not.
Naile nāhin
নাহলেনেঙ্গি **नता नहीं, नहीं तो नहीं**

ନଇଷାଦୀ—ଦେ. (ପଦ୍ୟ) ବି. (ସଂ. ନିଷାଦୀ)—ନିଷାଦୀ (ଦେଖ)
Naishādi Nishādi (See)
ନଇଷାଦୀ ହାତୀ ଚଢ଼ିଣ ଚୋମରକୁ
ପିଙ୍ଗ ଅଛ ହେ ପାଥେଁ ଶ୍ରୀମନ୍ତ ଚେତନ୍ତୁ । କୃଷ୍ଣସିଂହ, ମହାଭାରତ, କର୍ଣ୍ଣ ।

ନଈ—ଦେ. ବି. (ସଂ. ନଦୀ)—ନଦୀ—
Naī River.
নদী **नइ**

ନଈ କୂଳ—ଦେ. ବି (ସଂ. ନଦୀ କୂଳ)—ନଦୀର କୂଳ—
Naī kūla Bank of a river; river-bank.
নদীর ধার **नदी किनारा**

ନଈକୂଳିଆ—ଦେ. ବିଣ—୧ । ନଦୀକୂଳ ସମ୍ବନ୍ଧୀୟ—
Naikūliā 1. Relating to the river bank.
नदी किनारेका ୨ । ନଦୀ କୂଳରେ ଅବସ୍ଥିତ ବା ଜାତ—
নদিরকূলের 2. Situated or grown on the bank of a river.
(ଯଥା—ନଈକୂଳିଆ ଫସଲ ।)

ନଈ ଖଣ୍ଡି—ପ୍ରାଦେ. (ସମ୍ବଲପୁର) ବି—ନଦୀକୂଳ—
Naī khandi River-bank.

ନଈ ତଳ—ଦେ. ବି. (ସଂ. ନଦୀ ଓ ତଳ)—
Naī tala ୧ । ନଈକୂଳ—1. River-bank.
୨ । ନଦୀର ନିମ୍ନତମ ଦେଶ;ନଦୀଶଯ୍ୟା—2. Bed of a river.

ନଈ ତଳିଆ—ଦେ. ବିଣ—୧ । ନଦୀର ଅତି ନିକଟରେ ଅବସ୍ଥିତ—
Naitaliā 1. Situated very near the river.
୨ । ନଦୀକୂଳରେ ଅବସ୍ଥିତ—
2. Riparian; situated on the bank of a river.

ନଈ ପହଁରା—ପ୍ରାଦେ. (ଯାଜପୁର) ବି—
Naī pahanrā ଗେଟେଇ ଅଟକାଳି; ଗଇଣ୍ଠା ଓ ଖିର—
(ନଇ ପହରା—ଅନ୍ୟରୂପ) Cake and gruel.
ଦେ. ବି—ନଈରେ ପହଁରିବା—
Swimming in a river.

ନଈ ବଢ଼ି—ଦେ. ବି. (ସଂ. ନଦୀ ବୃଦ୍ଧି)—ନଦୀର ଜଳବୃଦ୍ଧି—
Naī bardhi Flood of a river; inundation.
বন্যা, বাণ ନଇବଢ଼ି ବଥଇ ଗ୍ରଣ—ନ୍ୟାୟ ।
नदीका बाढ़

ନଈ ବାଙ୍କ—ଦେ. ବି. (ସଂ. ନଦୀ+ବାଙ୍କ)—
Naibānka ନଦୀ ଯେଉଁଠାରେ ବଙ୍କ ହୋଇ ବହି ଯାଇଥାଏ—
নদীর বাঁক The bend or meandering point of a river.
नदीका घुमाव

ନଇ ବାଲି—ଦେ. ବି. (ସଂ. ନଦୀ ଓ ବାଲୁକା)—ନଦୀର ବାଲୁକା—
Nai bāli Sand of a river.
नदीर बाल, ସେ ଖାଇଲେ ନଇ ବାଲି ସରେ—ପ୍ରବଚନ ।
नदीका बालु

ନଇ ଭାଲିଆ—ଦେ. ବି. (ସଂ. ନଦୀ ଭଲ୍ଲାତକ)—
Nai bhāliā ଲଙ୍କା ଅମ୍ବର ମଞ୍ଜି; ବାଦାମ୍ ମଞ୍ଜି—
Seeds of cashew-nut.
[ଦ୍ର—ଏହାର ଶସ ସୁଖାଦ୍ୟ ।]

ନଇଶୁଆ—ଦେ. ଅ. ପୁଂ (ଗାଳି)—(ଯେଉଁ ଲୋକ ନଇରେ ଶୁଏ)-
Naisuā ଭୁ ନଇରେ ଶୋ, ଅର୍ଥାତ୍ ଶୀଘ୍ର ମରଯା ଓ ତୋର
शमशानमे जाने वाला ଶବକୁ ନେଇ ଲୋକେ ନଇରେ ପକାଇ
(ନଇ ଶୋଇ—ସ୍ତ୍ରୀ) ଦଅନ୍ତୁ (A term of imprecation or curse, meaning) You die uncared for and your body be thrown into the river after death.

ନଉ—ଦେ. ବି ଓ ବିଣ. (ସଂଖ୍ୟାବାଚକ) (ସଂ. ନବତି)—
Nau ନବଇ; ନବେ; ୯୦—90; ninety
नब्बई ଘ୍ରାମସେନ ଶୁଭ ତା ସହି ନ ପାରିଲେ
नब्बे ନଉ କାଣ୍ଡ ଦୁର୍ମଖ ଦେହକୁ ବାନ୍ଧିଲେ । କୃଷ୍ଣସିଂହ, ମହାଭାରତ ଭୀଷ୍ମ ।
ଗ୍ରା. ବୈଦେ. ବି. (ଫା. ଲହୁ) — ରକ୍ତ—Blood.
ପ୍ରାଦେ (ଉତ୍ତର ଭାଷା) ବି ଓ ବିଣ—ନଅ; ୯—9; nine.

ନଉଅ ଶହେ—ଦେ. ବି ଓ ବିଣ. (ସଂ. ନବତ୍ୟୁତ୍ତର ଶତ)—
Nauā sahe ଏକ ଶହ ନଅ—
एकशौ नब्बे One hundred and ninety.

ନଉକର (ଇତ୍ୟାଦି)—ବୈଦେ. ବି. ପୁଂ (ଫା. ନୌକର୍)—
Naukara (etc) ନୌକର ଇତ୍ୟାଦି (ଦେଖ)
(ନଉକରାଣୀ, ନଉକରଆଣୀ—ସ୍ତ୍ରୀ) Naukara etc. (See)
ନଉକର ଗଣେ ଜଣେ ଜଣେ କହି ମୋତେ ଅନୁକ୍ଷଣେ ରଖିବାକୁ × ×—
କବିସୂର୍ଯ୍ୟ. ଉତ୍କଳୀକର ଚମ୍ପୂ ।

ନଉକରାନ୍—ବୈଦେ. ବି. (ଫା. ବହୁବଚନ)—ଭୃତ୍ୟମାନେ—
Naukarān Servants.
(ନୌକରାନ୍—ଅନ୍ୟରୂପ) ଦେ. ବିଣ—୧ । ଭୃତ୍ୟର ସମ୍ବନ୍ଧୀୟ—
नौकरान 1. Relating to servants.
୨ । ଚାକରୀ ସମ୍ବନ୍ଧୀୟ—2. Relating to service.
(ଯଥା—ନଉକରାନ୍ ଜାଗିର ।)

ନଉକରି—ବୈଦେ. ବି (ଫା)—ନୌକରି (ଦେଖ)
Naukari Naukari (See)
ନଉକରି କ ବାଇ ହେବାପାଏ ଲଗାଇ ଜାଣନ୍ତି ମୋହନ ମନ୍ତ୍ରକୁ ଗୋ ।
କବିସୂର୍ଯ୍ୟ. ଉତ୍କଳୀକର ଚମ୍ପୂ ।

ନଉକା—ଗ୍ରା. ବି· (ସଂ. ନୌକା)—ନାବ; ନାଆ; ଡଙ୍ଗା—
Naukā Boat.
नउका ନଉକା ନାହିଁକା ହେଲେ ବୁଡ଼ିବ ଭେଳା ।
ଉପେ. ବୈଦେହୀଶବିଳାସ ।

ନଉଟ—ଗ୍ରା. ବି—ଲେଉଟ (ଦେଖ)
Nauṭa Leuṭa (See)

ନଉଟା—ଗ୍ରା. ବି—ଲେଉଟା (ଦେଖ)
Nauṭā Leuṭā (See)

ନଉଟା(ଟେ)ଇବା—ଗ୍ରା. କ୍ରି—ଲେଉଟାଇବା (ଦେଖ)
Nauṭā(ṭe)ibā Leuṭāibā (See)

ନଉଟିଆ—ଗ୍ରା. ବି—ନେଉଟିଆ (ଦେଖ)
Nauṭiā Neuṭiā (See)

ନଉଟିବା—ଗ୍ରା. କ୍ରି—ଲେଉଟିବା (ଦେଖ)
Nauṭibā Leuṭibā (See)

ନଉଡ଼ା—ଗ୍ରା. ବି. (ହି. ଲୌଡ଼ା)—ଲହୁଡ଼ା (ଦେଖ)
Naurdā Lahurdā (See)
(ନୌଡ଼ା, ନହୁଡ଼ା—ଅନ୍ୟରୂପ)

ନଉଡ଼ି—ଦେ. ବି. (ସଂ. ଲଗୁଡ଼)—୧ । ଯଷ୍ଟି; ଲଉଡ଼ି; ବାଡ଼ି—
Naurdi 1. Stick.
(ନୌଡ଼ି—ଅନ୍ୟରୂପ) ୨ । ଗଉଡ଼ଙ୍କ ବାଡ଼ି; ଗୋରୁଜଗା ବାଡ଼ି—
नड़ि; लड़ि 2. A cowherd's staff.
लाठी; लकड़ी ମୁହିଁ ନଉଡ଼ି ଧରି ଚରାଏ ଗୋବାଛୁଙ୍କ
ଗଉଡ଼ ମୁରଲୀ ବଜାଇ । ମଧୁସୂଦନ. ଛନ୍ଦମାଳା ।

ନଉଡ଼ି ଖେଳ—ଦେ. ବି. (ସଂ. ଲଗୁଡ଼ ଓ ଖେଳ)—ଦୋଳପୂର୍ଣ୍ଣିମା
Naurdi khela ସମୟରେ ଗଉଡ଼ମାନେ ବାଡ଼ି ଧରି ଯେଉଁ ଖେଳ
नड़िखेला ଖେଳନ୍ତି—A play with sticks played
लाठीखेल; लकड़ीखेल by cowherds during the Dolajātrā festival.

ନଉଡ଼ି ଖେଳିବା—ଦେ. କ୍ରି—ଦୋଳଯାତ୍ରା ବେଳେ (ଗଉଡ଼ମାନେ)
Naurdi khelibā ଯଷ୍ଟିଦ୍ୱାରା ନାନାପ୍ରକାର କ୍ରୀଡ଼ା କରିବା—
[ନଉଡ଼ି ବୁଲା(ଲେ)ଇବା—ଅନ୍ୟରୂପ] (cowherds) To play
नड़िखेला with sticks by brandishing them
लाठीखेलना, लकड़िखेलना with dexterity.

ନଉଡ଼ି ସଙ୍କେତ—ଦେ. ବି—ଲେଖିପଢ଼ି ନ ଜାଣିବା ଗଉଡ଼ମାନଙ୍କର
Naurdi santaka ନାମ ସ୍ୱାକ୍ଷର କରିବାର ସଙ୍କେତ ବା ଚିହ୍ନ—
लकोर सङ्केत The mark of a cow-driving staff put on a document by an illiterate cowherd in lieu of signature.

ନଉଣିଆ(ଆଁ)—ଗ୍ରା. ବି ଓ ବିଣ—ନହୁଣିଆ (ଦେଖ)
Nauniā(āñ) Nahuniā (See)

ନଉଣୀ (ଇତ୍ୟାଦି)—ଗ୍ରା. ବି. (ସଂ. ନବନୀ)—ନହୁଣୀ ଇତ୍ୟାଦି (ଦେଖ)
Nauni (etc) Nahuni etc (See)

ନଉତନ—ଗ୍ରା. ବିଣ. (ସଂ. ନୂତନ; ନବୀନ)—ନୂଆ; ନୂତନ—
Nautana New.
(ନୌତନ—ଅନ୍ୟରୂପ) नतून नवतन; नया; नूतन

ନଉତି—ଦେ. ବି—୧ । ବଡ଼ ମାଟି ହାଣ୍ଡି—
Nauti 1. Big earthen pot.
ନଉତା } ଶୁଣି ମୁଁ ଲଜ୍ଜିତ ହୋଇଲି
ନୌତା } ଅନ୍ୟରୂପ ନଉତ ନଉଟିକୁ ନେଲି । ଭୂପତି. ପ୍ରେମପଞ୍ଚାମୃତ ।
ନୌତି } ୨ । ଶସ୍ୟ ମାପିବା ପାତ୍ରବିଶେଷ; ଗଉଣୀ—
तोलोहाँड़ि 2. A standard measure for corn.

तौला [ଦ୍ର—ବଡ଼ବଡ଼ ଅଞ୍ଚଳରେ ଘର ଘର ପରମାଣର
গোণী ନଉଣି ବ୍ୟବହୃତ ହୁଏ; ଯଥା—୩ ସେରଅ, ୪
गोन, गौनी ସେରଅ, ୫ ସେରଅ, ୩୨ ସେରଅ ଇତ୍ୟାଦି ।]
ପ୍ରାଦେ. (ଗଞ୍ଜାମ) ବି—୪ ଗୌଣୀର ମାପ—
A standard measure of 4 Gaunis.

ନଉ ନୁଆଣ—ଦେ. ବି—ଲଅ ଲୁଆଣ (ଦେଖ)
Nau nuāṇa La-a luāṇa (See)

ନଉନଆଣି / ନଉନୁଆଣିଆ } ଅନ୍ୟରୂପ ଦେ. ବିଣ. (ଫା. ଲହୁ=ରକ୍ତ)— ଲହୁଲୁହାଣ; ରକ୍ତାକ୍ତ—
Blood stained; profusely bleeding.

ନଉବତ୍—ବୈଦେ. ବି. (ଫା. ନୌବତ୍=ସମୟ, ପାଳି; ଯାହା ରାଜଦ୍ୱାରରେ ନିର୍ଦ୍ଦିଷ୍ଟ ସମୟରେ ବାଦିତ ହୁଏ)— ନହବତ; ଢେଙ୍କାନାଗରା; ଯୋଡ଼ ନାଗରା—
Naubat
(ନୌବତ୍—ଅନ୍ୟରୂପ)
নওবৎ **नौबत**
Kettle-drums beaten in pairs periodically everyday at the gate of kings and rich people.

ହୋଇଲା ପ୍ରାଭାତିକ ନବବତ
ଶୁଭିଲା ବଢ଼ାଇ ତୁରବାଦ । କବିସୂର୍ଯ୍ୟ. ଚନ୍ଦ୍ରକଳା ।

[ଦ୍ର—ଏହା ପ୍ରତ୍ୟହ ନିର୍ଦ୍ଦିଷ୍ଟ ସମୟରେ ଦେବମନ୍ଦିର ଓ ରାଜଦ୍ୱାର ସମ୍ମୁଖରେ ଓ ଅନ୍ୟ ସ୍ଥାନରେ ଉତ୍ସବ ଓ ମଙ୍ଗଳ କର୍ମ ଉପଲକ୍ଷରେ ବଜାଯାଏ । ନଉବତ୍ ସଙ୍ଗେ ମହୁରୀ ମଧ୍ୟ ବଜାଯାଏ ।]

ନଉବତ୍ଖାନା—ବୈଦେ. ବି. (ଫା)—ରାଜଦ୍ୱାରର ବହୁତ ନିକଟରେ ଓ ଧନୀମାନଙ୍କ ଉତ୍ସବାଦି ଉପଲକ୍ଷରେ ସଦର ଦୁଆରର ଶୀର୍ଷଦ୍ୱାର ବାହାରେ ନଉବତ୍ ବାଜା ବଜାଯିବା ପାଇଁ ଉଚ୍ଚ ସ୍ତମ୍ଭ ଉପରେ ନିର୍ମିତ ଅସ୍ଥାୟୀ ପ୍ରକୋଷ୍ଠବିଶେଷ; ନହବତ୍ଖାନା—
Naubat-khānā
নওবৎখানা
नौबतखाना
[ଦ୍ର—ଏହି ପ୍ରକୋଷ୍ଠରେ ନଉବତ୍ ବାଦ୍ୟ ବା ଯୋଡ଼ ନାଗରା ବାଜେ ଓ ଏହା ଉଚ୍ଚରେ ବାଜିବାରୁ ବହୁଦୂରକୁ ଶୁଣାଯାଏ । ମୋଗଲ ସମ୍ରାଟମାନଙ୍କର ନଉବତ୍ଖାନାରେ ନଉବତ୍ ବାଜଣା ପୃଥିବୀପ୍ରସିଦ୍ଧ ଥିଲା । ପ୍ରତ୍ୟେକ ମୋଗଲ ରାଜପ୍ରାସାଦର ବହିର୍ଦେଶରେ ନଉବତ୍ଖାନା ଥିଲା । କଥିତ ଅଛି ଯେ ଗ୍ରୀକ୍ ବିଜୟୀ ସିକନ୍ଦରସାହା (Alexander the Great) ଭାରତବର୍ଷରେ ନହବତ୍ ବାଦ୍ୟ ପ୍ରଥମେ ଚଳାଇଥିଲେ—ଗାଙ୍ଗୁଲି ।]

ନଉବତୀ—ବୈଦେ. ବି. (ଫା)—ଯେଉଁ ବ୍ୟକ୍ତିମାନେ ନଉବତ୍ ବାଦ୍ୟ ବଜାନ୍ତି—Drummers of Naubat.
Naubatī
(ନଉବତିଆ—ଅନ୍ୟରୂପ) নওবতিয়া **नौबती**

ନଉରଙ୍ଗ୍—ଦେ. ବି. (ସଂ. ନବରଙ୍ଗ)—ନବରଙ୍ଗ (ଦେଖ)
Naurang Nabaranga (See)

ନଉରୁଣୀ—ଦେ. ବି. (ସଂ. ନଖରଞ୍ଜନୀ)— ନହୁରୁଣୀ; ଭଣ୍ଡାରୀଙ୍କର ନଖ କାଟିବା ଅସ୍ତ୍ରବିଶେଷ—
Nauruṇī
নরূন; নরুণ A nail-clipper used by barbers
नहरनी

ନଉରୋଜ୍—ବୈଦେ. ବି. (ଆ. ନଓ ଓ ଫା. ରୋଜ୍=ନବବର୍ଷ; ମୁସଲମାନଙ୍କ ସନର ପ୍ରଥମ ଦିବସ)—ଅକବର ବାଦଶାହାଙ୍କ ଦ୍ୱାରା ଅନୁଷ୍ଠିତ ଉତ୍ସବବିଶେଷ—1. A festival introduced to India by Emperor Akbar on the Mahomedan new year's day.
Nauroj
নওরোজ
नौरोज
(ନଓରୋଜ୍—ଅନ୍ୟରୂପ)
୨ । ମୁସଲମାନଙ୍କ ନବବର୍ଷର ପ୍ରଥମ ଦିବସ—2. The new year's day of the Mahomedan year.

ନଉଲ—ଗ୍ରା. (ଇତର) ବି. (ସଂ. ନକୁଲ; ପ୍ରା. ନଉଲ)—ନେଉଳ; ନକୁଳ—An ichneumon; mungoose.
Naula
বেজী, নেউল
बीजि
[ଦ୍ର—ଅନେକ ସ୍ଥଳରେ ଦେଖାଯାଏ ଯେ ଶିକ୍ଷିତମାନଙ୍କ ବ୍ୟବହୃତ ଓ କଥିତ ଅନେକ ତଦ୍ଭବ (ଦେଶଜ) ଶବ୍ଦ (ଯଥା ନେଉଳ) ତତ୍ସମ୍ ଶବ୍ଦର ଗ୍ରାମ୍ୟ ବା ଇତରଜନକଥିତ ଆକାର (ଯଥା ନଉଲ) ଅପେକ୍ଷା ବେଶି ଅପଭ୍ରଷ୍ଟ ବା ବିକୃତ ହୋଇଅଛି । ଇତରଜନମାନେ ସଂସ୍କୃତ ନକୁଲ ଶବ୍ଦର ପ୍ରାକୃତ 'ନଉଲ' ରୂପ ଅବିକୃତ ରଖି ଅଛନ୍ତି । କିନ୍ତୁ ଶିକ୍ଷିତମାନେ ତାକୁ 'ନେଉଳ' ରୂପରେ ବିକୃତ କରି ଅଛନ୍ତି । ତୁଳନା କର ସଂ. ଜାନାମି; ପ୍ରା. ଜାଣାମି; ଇତର. ଜାଣିମି; ଶିକ୍ଷିତ ଲୋକଙ୍କ ବ୍ୟବହୃତ. ଜାଣିବି ।]

ନଉଲି—ଦେ. ବିଣ. (ସଂ. ନବ; ନବଲ; ପୁଂ. ନବଲା ସ୍ତ୍ରୀ)—
Nauli ୧ । ନବୀନ; ନଉଲ—1. New.
নহলি, নওল ୨ । ଯୁବା (ବୟସ)—
नवलि, नवली 2. Youthful; young (age).
୩ । (ସ୍ତ୍ରୀ)—ଯୁବତୀ (ସ୍ତ୍ରୀ)—3. Young (woman).
ଦେ. ବି. ସ୍ତ୍ରୀ—ଯୁବତୀ ସ୍ତ୍ରୀ—A young damsel.

ନଉସନ୍ଧା—ଗ୍ରା. ବିଣ. (ଫା. ନଭିସିନ୍ଦାହ୍=ଲେଖକ); (ଫଳତାର୍ଥ)ନିପୁଣ; ଚତୁର—Skilful; clever.
Nausandhā
कातीब, नबीस ଗ୍ରା. (ବୈଦେ.) ବି. (କତରଅ; ଫା. ନଭିସ୍; ନଭିସିନ୍ଦାହ୍) ଦଲିଲର ଲେଖକ—The scribe or writer of a document.
নবিসিন্দা

ନଉସନ୍ଧାଧିକ—ଦେ. ବିଣ.—(ଫା. ନଭିସିନ୍ଦାହ୍+ସଂ. ଅଧିକ)—ଖୁବ୍ ନିପୁଣ; ଚତୁର;ପଟୁ—Very clever or skilful.
Nausandhādhika

ନ କହିଲୁଟ କନକ, ନନ୍ଦା କଉସନ୍ଧାଧିକ.
ଗଜଗମୀ ଶୁଣି କ ବୋଇବରେ । କବିସୂର୍ଯ୍ୟ. ଉତ୍ତାକର ଚମ୍ପୂ. ଝ ଗୀତ ।

[ଦ୍ର—ଏ ପଦରେ କନକନିନ୍ଦାନଉସନ୍ଧାଧିକଗଜଗାମୀର ଅର୍ଥ ଯେଉଁ ନାଗରୀର ଅଙ୍ଗର ଗୌରବର୍ଣ୍ଣ କନକ ବା ସୁନାକୁ ନିନ୍ଦା କରିବାରେ ପଟୁ ଅଟେ, ଅର୍ଥାତ୍ ଯେଉଁ ସ୍ତ୍ରୀ ଗୌରବର୍ଣ୍ଣରେ ସୁନାକୁ ନିନ୍ଦା କରୁଛି ବା ଜିଣିଛି ।]

ନଏଦ୍—ପ୍ରାଦେ. (ସମ୍ବଲପୁର) ବି.—ନଦୀ—
Naed River.
[ଦ୍ର—ଏହିପରି ସ୍ୱଏଡ୍=ସ୍ୱେଡ; ଖଏନ୍=ଖଣି ।]

ନଏଦ୍ ତର—ପ୍ରାଦେ. (ସମ୍ବଲପୁର) ବି.—ନଦୀତୀର—
Naed tarā River-bank.
(ଯଥା—ନଏଦ୍ ତରବର କାହିଁ ଗଲ ? କହ—ଶିଶୁବଚନ ।)

ନକଟ—ଦେ. ବି. (ସଂ. ନକୁଚ—ଲେଙ୍କଡ଼ା କଳା)—୧ । ଟିକିଏ; ଅଳ୍ପ ମାତ୍ରା—1. A minute quantity.
Nakaṭa

(ନକଟକ; ନକଟେ—ଅନ୍ୟରୂପ) ୨ । କନ୍ଥା; ଚିରିକନା—
टुकु एकटुक 2. Rag.
एतटुकु ବିଣ—୧ । ନକଟେ; ଅତି ଛୋଟ; କ୍ଷୁଦ୍ର—
ऐकटुक 1. Very small; a little.
୨ । ଚିରା; ଲେଙ୍କଡ଼ା (କନା)—2. Ragged; torn

ନକଟକ—ଦେ. ବି. ଓ ବିଣ.—୧ । ଅତି ସାମାନ୍ୟ ମାତ୍ର—
Nakaṭaka 1. A little only; a minute quantity.
एतटुकु (ଯଥା—ଘିଅ ନକଟକ ମୋତେ ଅଣିବ ନାହିଁ ।)
एताकम ୨ । ଅତି କ୍ଷୁଦ୍ର; ଛୋଟିଏ ମାତ୍ର—
2. Very small; tiny.
(ଯଥା—ଏ ପିଲା ନକଟକ ଠେଇଁ ଏତେ କୁନ୍ଦର ଅଛି ।)

ନକଟେ—ଦେ. ବି. ଓ ବିଣ.—୧ । ଛୋଟିଏ; ସାମାନ୍ୟ ପରିମାଣ; ଅଳ୍ପ
Nakaṭe ମାତ୍ର— 1. A little.
୨ । ଅତି କ୍ଷୁଦ୍ର—2. Very small; tiny.

ନକଠକ—ଦେ. ଅ.—(ଅ. ନକଦ୍) ୧ । ଶେଷ୍ ଠୋକ୍; କୌଣସି
Nakaṭhaka ବିଷୟର ଶେଷ ମୀମାଂସା—1. Final decision.
রোকসোধ ୨ । ନଗଦ କାରବାର—
नकदी, बेबाक, बिदा 2. Cash transaction.
୩ । ସଙ୍ଗେ ସଙ୍ଗେ କୌଣସି ବିଷୟର ମୀମାଂସା—
3. Prompt decision of any matter.
୪ । ନଗଦାନଗଦ—4. In cash.
୫ । ସଙ୍ଗେ ସଙ୍ଗେ—5. Then and there.
୬ । ଠିକ୍; ଯଥାର୍ଥ—6. Just; right.
୭ । ଅବିକଳ—7. Exact.
୮ । ଉପଯୁକ୍ତ; ଯୋଗ୍ୟ—8. Proper.
୯ । ବାଦବିବାଦ—9. Dispute; wrangling.

ନକଠକ ବାହାପିଆ—ଦେ. ବି.—ଘୋର ମିଥ୍ୟାବାଦୀ; କଥା ଗିଳା—
Nakaṭhaka bāhāpia A downright liar; an inveterate liar.
ডাহা মিথ্যাবাদি
पक्का झुटा आदमि

ନକଡ଼ ଛକଡ଼—ଦେ. ବି.—ଗୋଳମାଳ; ଅଡ଼ୁଆ—
Nakarḍa chhakarḍa Confusion; complication.
रोकटोक ଅସ୍ମମାନଙ୍କ ବୁଣାବୁଣୀ କଥା ସେଥିପାଇଁ, ନକଡ଼ ଛକଡ଼ ନାହିଁ ।
গোলযোগ ଫକୀରମୋହନ.ଛମାଣଅଠଗୁଣ୍ଠ ।
ଦେ. ବିଣ—ନକଡ଼ା ଛକଡ଼ା (ଦେଖ)
Nakarḍā chhakarḍā (See)

ନକଡ଼ା—ଦେ. ବି—ନଅ କଡ଼ା ମାତ୍ର କଉଡ଼ି—
Nakarḍā Nine small sea shells(used as coin)
নকড়া ଦେ. ବିଣ—୧ । ନଅକଡ଼ା କଉଡ଼ି ମୂଲ୍ୟର; ଯାହାର ମୂଲ୍ୟ
ଅତି ଅଳ୍ପ—1. Of very little value.
୨ । ଅତି ତୁଚ୍ଛ; ହେୟ—2. Contemptible; negligible.

ନକଡ଼ା ଛକଡ଼ା—ଦେ. ବିଣ—୧ । ଅତି ହେୟ; ନଗଣ୍ୟ—
Nakarḍā chhakarḍā 1. Contemptible.
নকড়াছকড়া ୨ । ମୂଲ୍ୟହୀନ—2. Of no value.
नाचीज ୩ । ଗୋଳମାଳିଆ; ଅଡ଼ୁଆଡ଼ଡ଼ୁଆ—
3. Confused; complicated.
ଦେ. ବି—୯କଡ଼ା କଉଡ଼ି ଓ ୬କଡ଼ା କଉଡ଼ି—Nine bits and six bits of small sea-shells
(ଯଥା—ନକଡ଼ା ଛକଡ଼ା ତିନ ବାର କଡ଼ା ଦଶ୍ରେ ଦକଡ଼ା କେତେ ? ଶିଶୁଙ୍କର ମାନସାଙ୍କ ପ୍ରଶ୍ନ ।)

ନକଡ଼ା ଛକଡ଼ା କରିବା—ଦେ. କ୍ରି—୧ । ତୁଚ୍ଛବତ ଗଣନା କରିବା;
Nakarḍā chhakarḍā kariba ତୁଚ୍ଛ ମନେ କରିବା—
(ନକଡ଼ ଛକଡ଼ କରିବା—ଅନ୍ୟରୂପ) 1. To treat with scorn
নকড়া ছকড়া করা
नाचीज करना ୨ । ମୂଲ୍ୟହୀନ ପଦାର୍ଥ ପରି ବ୍ୟବହାର କରିବା—
2. To deal with a thing as if it is of no value.
୩ । ଅପମାନିତ କରିବା—3. To insult; to humiliate.

ନକଡ଼ି—ଦେ. ବି. ପୁଂ ଓ ସ୍ତ୍ରୀ—୧ । ଅପତ୍ରିଆଣୀ ପିଲାଙ୍କ ନାମ—
Nakarḍi 1. A name given to boys and girls
(ନକଡ଼ିଆ—ଅନ୍ୟ ପୁଂଲିଙ୍ଗରୂପ) whose elders had died
নকড়ি before they were born.
୨ । ନକଡ଼ା (ଦେଖ)—2. Nakarḍā (See)
ଦେ. ବିଣ—ନକଡ଼ା (ଦେଖ)—Nakarḍā (See)

ନକ ନକ—ଗ୍ରା. ଅ.—ଲକ ଲକ (ଦେଖ)
Naka naka Laka laka (See)

ନକ ନକା(କେ)ଇବା—ଗ୍ରା. କ୍ରି.—ଲକଲକାଇବା (ଦେଖ)
Naka nakā(ke)ibā Laka lakāibā (See)

ନକ ନକିଆ—ଗ୍ରା. ବିଣ.—ଲକଲକିଆ (ଦେଖ)
Naka nakiā Laka lakiā (See)

ନକନୋର୍—ଦେ. ବି—ମୁନିଆ ପକ୍ଷୀ (ଦେଖ)
Nakanor Muniā (bird) (See)
মুনিয়া नकलनोर

ନକମାରିଚ—ଗ୍ରା. ବି. (ସଂ. ଲଙ୍କା ଓ ମରିଚ)—ଲଙ୍କାମରିଚ—
Nakamāricha Red pepper; chilly.
লঙ্কা कालीमिर्चीं
(ନକାମରିଚ; ନକାମାରିଚ—ଅନ୍ୟରୂପ)

ନକଲ୍—ବୈଦେ. ବି. (ଅ)—୧ । ଅନୁକରଣ—
Nakala 1. Imitation.
নকল ୨ । ପ୍ରତିଲିପି; ଲେଖା ଆଦିର ଅବିକଳ ପ୍ରତିଲିପି—
नकल 2. Copy; transcript
(ଅସଲ—ବିପରୀତ) [ଦ୍ର—ମହାଫିସ୍ଖାନାରେ ଥିବା ଦଲିଲ ଆଦିର ୨ ପ୍ରକାର ନକଲ ମିଳେ; ଯଥା—ସାଧା ନକଲ ଓ ସଇ ମୋହର ନକଲ । ସରକାରଙ୍କ ମହାଫିସ୍ଖାନାରେ ଥିବା ଦଲିଲ ଆଦିର କୌଣସି ଅଦାଲତରେ ପ୍ରମାଣରୂପେ ଉପସ୍ଥାପିତ ହେବା ଆବଶ୍ୟକ ହେଲେ କେତେକ ସ୍ଥଳରେ ଲୋକେ ଅସଲ ଦଲିଲ

ଅଦ୍ଧ ନ ଅଣି ସେମାନଙ୍କର ସହମୋହର ନକଲ ଅଣି ଦର୍ଶାଇଲେ ଅଦାଲତ ସେ ସବୁ ପ୍ରମାଣରୂପେ ଗ୍ରହଣ କରନ୍ତି, ଏହିପରି ଆଇନର ବିଧାନ ଅଛି ।]

୩ । ଥଟ୍ଟା; କୌତୁକ; ପରିହାସ—
3. Jest; sport; fun.

ବିଣ—୧ । କୃତ୍ରିମ—1. Artificial.
୨ । ଜାଲ୍—2. Forged.
୩ । ଅପ୍ରକୃତ; କମସଲ୍—3. Not genuine.

ନକଲ ଅଣିବା—ଦେ. କ୍ରି—କୌଣସି ଲେଖାର ପ୍ରତିଲିପି ସଂଗ୍ରହ କରିବା—
Nakala ānibā To procure or bring out a copy of a writing.
ନକଲ আনা नक़ल लाना

ନକଲ ଉତାରିବା—ଦେ. କ୍ରି—୧ । ପ୍ରତିଲିପି କରିବା—
Nakala utāribā 1. To make a copy.
ନকল করা ୨ । ଅନୁକରଣ କରିବା—2. To imitate.
नक़ल उतारना

ନକଲ କରିବା—ଦେ. କ୍ରି—୧ । ଥଟ୍ଟା କରିବା—
Nakala karibā 1. To jest.
নকল করা; নকলান ୨ । ଛଇ ବାହାର କରିବା—
नक़ल करना 2 To make a sport.
(ନକଲ କାଢ଼ିବା—ଅନ୍ୟରୂପ) ୩ । କାହାରିକୁ ଅନୁକରଣ କରି ଥଟ୍ଟା ବା ପରିହାସ କରିବା—3. To mimic; to redicule by imitating.
୪ । ପ୍ରତିଲିପି କରିବା—4. To make a copy.
୫ । ଅନୁକରଣ କରିବା—5. To imitate.

ନକଲ ନବିସ୍—ବୈଦେ. ବି. (ଫା) - ୧ । ପ୍ରତିଲିପିକାରକ; ଯେଉଁ
Nakala nabis କର୍ମଚାରୀ ନକଲ କରିବାକୁ ନିଯୁକ୍ତ ହୋଇଥାଏ—
নকল নবীস 1. A copyist; a copying clerk.
नक़ल नवीस ୨ । ଯେ ଦଲିଲ ଉତାରେ—
2. Transcriber of documents.

ନକଲ ନବିସି—ବୈଦେ. ବି—୧ । ନକଲ ନବିସ୍ (ଦେଖ)
Nakala nabisi 1. Nakala nabis (See)
নকল নবীসী ୨ । ନକଲ ନବିସର କର୍ମ ବା ଚାକିରି—
नक़ल नवीसी 2 The post of a copyist.

ନକଲ ନୋର୍—ଦେ. ବି—ନକନୋର୍ (ଦେଖ)
Nakala nor Nakanor (See)

ନକଲ ବହି—ବୈଦେ. ବି. (ଫା. ନକଲ୍ + ବହି) (କଚେରୀ ଓ ମହାଜନୀ
Nakala bahi ସିରସ୍ତା)—୧ । କୌଣସି ସିରସ୍ତାରୁ ଅନ୍ୟତ୍ର
নকল বহী ପ୍ରେରିତ ପତ୍ରାଦିର ପ୍ରତିଲିପି ଯେଉଁ ପୁସ୍ତକରେ ଲେଖା
नक़ल बही ହୋଇ ରହେ—1. A book in which copies of letters issued from an office is kept.
୨ । ରେଜିଷ୍ଟ୍ରିଖାନାରେ ଯେଉଁ ଖାତାରେ ରେଜିଷ୍ଟ୍ରିର ହୋଇଥିବା ଦସ୍ତାବିଜମାନଙ୍କର ଅବିକଳ ପ୍ରତିଲିପି ରହେ—
2. A book kept in the Registration office in which the registrered documents are copied out.
୩ । ଏକପ୍ରକାର ଖିବ୍ ବାରିକ୍ କାଗଜର ବହି, ଯହିଁର ପୃଷ୍ଠା ତଳେ କପିଙ୍ଗ୍ କାଳିରେ ଲେଖା ଚିଠି ଥୋଇ ଘଷି ଦେଲେ ତହିଁର ନକଲ ଉଠିଯାଏ—
3. A copying book.

ନକଲି—ଦେ. ବି—ଥଟ୍ଟା; ପରିହାସ; କୌତୁକ—
Nakali নকল नक़ल Jest; fun.
(ଅସଲି—ବିପରୀତ) ଦେ. ବିଣ ନକଲ (ଦେଖ)
নকলী नक़ली Nakala (See)

ନକଲିଆ—ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ଥଟ୍ଟାବାଜ୍—
Nakaliā 1 Jestive; jocular.
নকুলিয়া; নকুলে ୨ । କୌତୁକପ୍ରିୟ—
नक्काल 2. Sportive; funny.
୩ । ଅନୁକରଣପ୍ରିୟ—3. Mimicing.
୪ । ଯେ ଅନ୍ୟକୁ ହସାଇବା ଭଳି କଥା କହିବାରେ ପଟୁ—
4. Witty; humoroas.
୫ । ନଅଗୋଟି କଳା ଲାଗିଥିବା (କୁର୍ତ୍ତି)—
5. (coat) Having 9 long triangular bits of cloth sewn to it.

ନକସ—ବୈଦେ.ବି. (ଆ. ନକ୍ସ) —୧ । ଗଞ୍ଜପା ଖେଳର ଏକଅବସ୍ଥା—
Nakasa 1. A state of the distribution of cards in
নকস a game at Gañjapā when some cards
नक़श of one player tally with those of another.
[ଦ୍ର—ଏଥିରେ ୩।୪ ଜଣ ଖେଳନ୍ତି । ଦୁଇଜଣ ଖେଳାଳିଙ୍କର ରୁପ ଗଣନାରେ ୧୭ ହେଲେ ଏବଂ ଜଣକର ଏକାକୁ ଅନ୍ୟ ଜଣକର ଏକା, ରଜାକୁ ରଜା, ମନ୍ତ୍ରୀକୁ ମନ୍ତ୍ରୀ ଓ ଦଶକୁ ଦଶର ମେଳ ହେଲେ ନକସ ହୁଏ ।]
୨ । ହାତରେ ପିନ୍ଧିବା ଚିତ୍ରିତ କାଚବଳୟ—
2. Ornamental glass bangle with various designs worked on it.
ବିଣ - ନକସୀ (ଦେଖ)—Nakasi (See)

ସୁନା ରୂପା ନକସ କାଚ ଚୁଡ଼ି ଗଣ୍ଡା
ଅଙ୍ଗାରେ ବହୁ ମରହଟ୍ଟ ବେଢେ ବେଣ୍ଡା—କୃଷ୍ଣସିଂହ, ମହାଭାରତ, କର୍ଣ୍ଣ ।

ନକସା—ବୈଦେ. ବି. (ଆ. ନକ୍ସା)—୧ । ଅଙ୍କିତ ଚିତ୍ର—
Nakasā 1 A drawing.
নকসা ୨ । ଅଙ୍କିତ ପ୍ରତିମୂର୍ତ୍ତି; ଛବି—2. Picture.
नक़्शा ୩ । ଭୂମି ବା ଦେଶ ଆଦିର ଚିତ୍ର—
3. A plan; map; sketch.
୪ । ସୂକ୍ଷ୍ମ କାରୁକାର୍ଯ୍ୟ—4 Artistic design.
୫ । ଆଦର୍ଶ—5. A design; pattern.
୬ । ଛଇ; କୌତୁକ; ତାମସା—6. Jest; sport.
ବିଣ—ନକସୀ (ଦେଖ)—Nakasi (See)

ନକସା କାଟିବା—ଦେ. କ୍ରି—୧ । ଚିତ୍ର ଅଙ୍କନ କରିବା—
Nakasā kāṭibā 1. To draw up a plan, a map
ନକସା କାଟ଼ା or a design.
नक्सा खींचना ୨ । (ଅଳଙ୍କାର ଆଦିରେ) ଲତା . ପତ୍ର ଆଦି
(ନକ୍ସା କରିବା—ଅନ୍ୟରୂପ) ଖୋଦନ କରିବା—
2. To engrave artistic figures on ornaments.

ନକସା କାଢ଼ିବା—ଦେ. କ୍ରି.—କାହାର ଗତିବିଧି ଓ କଥାବାର୍ତ୍ତାର ଶୈଳୀକୁ
Nakasā kārdhibā ଅନୁକରଣ କରି ଉପହାସ କରିବା; ଛଳ
नकल दिखाना କାହାର କରିବା—To caricature; to
(ନକସା କରିବା—ଅନ୍ୟରୂପ) mimic a person's movements and expressions; to do something in sport.

ନକସୀ—ବୈଦେ. ବଣ. (ଆ. ନକ୍କାସୀ)—ବଣିଆମାନଙ୍କଦ୍ୱାରା କରା
Nakasī ଯାଇଥିବା ସୁନା ରୁପାର ଓ ମଣିର କାରୁକାର୍ଯ୍ୟ ଓ
ନକାଶୀ ଖୋଦାଇ କାର୍ଯ୍ୟବିଶିଷ୍ଟ (ଅଳଙ୍କାର ଆଦି); ଦାଇମନ୍-
नक्काशी କଣ୍ଠା ଓ ଫୁଲ ଲତା ଆଦି କାରୁକାର୍ଯ୍ୟବିଶିଷ୍ଟ—
(ନକାସୀ—ଅନ୍ୟରୂପ) (ornaments) Having artistic or ornamental designs or engravings (on stone or metal).
ଦେ. ବି—୧ । ଧାତୁ ଓ ମଣି ଆଦିରେ ଲତାପତ୍ର ଆଦି ଖୋଦନ କରିବା; ଖୋଦାଇ କାମ—1. Engraving; carving on metal and gems.
୨ । କାରୁକାର୍ଯ୍ୟ; କମ—2. Artistec designs.
୩ । ଯେ ଖୋଦେଇ କାମ କରେ—3. Engraver.
୪ । ଚିତ୍ରକାର; ଚିତ୍ର ଅଙ୍କିବା ବାଲା—4. Painter.
୫ । ନକସା କଲାବାଲା—5. Draughtsman.

ନକାବ୍—ବୈଦେ. ବି. (ଆ)—ମୁସଲମାନ୍ ଜାତୀୟା ସ୍ତ୍ରୀ ଓ ସାହେବାଣୀ-
Nakāb ମାନେ ମୁଣ୍ଡରେ ମୁହଁଠାରୁ ବେକ ପର୍ଯ୍ୟନ୍ତ ପକାଇବା
ନକାବ ଖୁବ୍ ପତଳା ବା ଜାଲଜାଲୁଆ ଲୁଗା ବା ଜାଲି ଓଢ଼ଣା—
नकाब A veil of gauze or net put on the head over the face by respectable Mahomedan and European ladies.
[ଦ୍ର—ଏହାର ବ୍ୟବହାରଦ୍ୱାରା ମୁହଁରେ ଧୂଳି ଓ ପୋକଆଦି ପଡ଼ନ୍ତି ନାହିଁ । ପରିଧାନକାରିଣୀ ସମସ୍ତଙ୍କୁ ଦେଖି ପାରନ୍ତି, କିନ୍ତୁ ତାଙ୍କ ମୁହଁ ଅନ୍ୟ କେହି କାହେଁକି କରି ଦେଖିପାରେ ନାହିଁ ।]

ନକାସୀ କାମ—ଦେ. ବି. (ଆ. ନକ୍କାସୀ+ସ. କର୍ମ)—
Nakāsi kāma ୧ । ଧାତୁ ଓ ମଣିଆଦି ଉପରେ ଖୋଦନ କର୍ମ—
ନକାସୀକାଯ 1. Engraving or carving on
नक्काशीकाम metal and gems.
୨ । ଧାତୁ ଓ ମଣିଆଦି ଉପରେ ଖୋଦନ କରିବା ବିଦ୍ୟା ବା କୌଶଳ—2. The art of engraving or carving on metals and gems.

ନକାସୀଦାର—ବୈଦେ. ବଣ—ଖୋଦନ କର୍ମ କରାଯାଇ ଥିବା
Nakāsidār (ଧାତୁମୟ ବା ମଣିମୟ ଅଳଙ୍କାରାଦି)—
ନକାସୀଦାର Engraved (ornaments or gems).
नक्काशीदार

ନକି—ଦେ. ବି—୧ । ପତଳା ପିତ୍ତଳର ପତ୍ର (ଯାହା ସାମାନ୍ୟ ଭାର
Naki ପାଇଲେ ଲକ ଲକ ହୁଏ)—1. Slender brass plates.
୨ । ପିତଳ ପତ୍ରରେ ତିଆରି ବାସନ; ଡସନ—
2. A pot made from slender or thin brass plates.
ପ୍ରାଦେ. (ଗଞ୍ଜାମ) ବି—ଉଆସୁଡ଼ା କଉଡ଼ି ଖେଳରେ ୧, ୫,
नक्की ୯ ଓ ୧୩ ସଂଖ୍ୟକ ଦାନ—A throw of cowries resulting in 1, 5, 9 and 13 cowries falling with the ventral side upwards.
ପ୍ରାଦେ. (ବାଲେଶ୍ୱର) ବି—ପିତଳ ପଲମ—
A flat pan of brass.

ନକିଞ୍ଚନ—ସ. ବଣ. ପୁଂ (ନ+କିଞ୍ଚନ; ବହୁବ୍ରୀହି)—୧ । ଅକିଞ୍ଚନ—
Nakiñchana 1. Of no importance.
(ନକିଞ୍ଚନା—ସ୍ତ୍ରୀ) ୨ । ହେୟ—2. Negligible.
୩ । ଅତି ଦରିଦ୍ର—3. Very poor.

ନକିବ—ବୈଦେ. ବି. (ଆ)—୧ । ରାଜାଙ୍କର ଆଗମନବାର୍ତ୍ତା ପ୍ରକାଶକ
Nakiba ଅଗ୍ରଗାମୀ ଦୂତ—1. A messenger who
ନକୀବ heralds the arrival of a king just
नकीब before his arrival; herald.
୨ । ରାଜାଙ୍କ ଯଶୋଗାୟକ ବ୍ୟକ୍ତି; ଚାରଣ; ଭାଟ—
2. A panegyrist.
୩ । (କଥାରେ) ଆଗରୁ କହିଆସିବା ପରିଚୟ; ଅଗ୍ରସୂଚନା—
3. Introduction; preliminary hint.
୪ । ଆପଣା ପ୍ରଭୁଙ୍କର ପରିଚୟଦାତା—4. A usher.
୫ । ପିଆଦା—5. Peon.

ନକିହଂସ—ଦେ. ବି—ହଂସଜାତୀୟ ବୃହତ୍ ପକ୍ଷିବିଶେଷ—
Nakihamsa The comb-duck; Sarcidiornis Melanotus.
ନକତା
नकता [ଦ୍ର—ଏହାର ମୁଣ୍ଡ ଧଳା, ମାତ୍ର ତହିଁରେ କଳାକଳା ଫୁଟ-ଫୁଟିକା ଦାଗ ଥାଏ । ଅଣ୍ଡିରା ଚଢ଼େଇର ମୁଣ୍ଡରେ ଚର୍ମର ଚୂଡ଼ାଥାଏ । ଏମାନଙ୍କୁ ବଡ଼ ବଡ଼ ଜଳାଶୟରେ ଅଳ୍ପ ସଂଖ୍ୟାରେ ଦଳ ବାନ୍ଧି ଚରିବାର ଦେଖାଯାଏ ।]

ନକୁଟି—ଦେ. ବି.—ଖାଣ୍ଡାଖିଆ ବର୍ଗର ପକ୍ଷିବିଶେଷ—
Nakuṭi The martin; Cotyle Sinensis.
ନକୁଟି [ଦ୍ର—ଏମାନେ ୪.୬ ଅଙ୍ଗୁଳ ଦୀର୍ଘ; ପକ୍ଷ ଖଇରା; ନଦୀର ଅତଡ଼ାରେ ଦଳ ଦଳ ହୋଇ ବସା କରନ୍ତି ।]

ନକୁଳ—ସ. ବି. (ବହୁବ୍ରୀହି; ନ=ନାହିଁ+କୁଳ=ବଂଶ)—
Nakula ୧ । ମହାଦେବ—1. Siba.
୨ । ନେଉଳ—2 Ichneumon; mongoose.

୩ । ୪ର୍ଥ ପାଣ୍ଡବ; ମାଦ୍ରୀଙ୍କ ପ୍ରଥମ ପୁତ୍ର—
3. The 4th. Pāndaba brother.

[ଦ୍ର—ଏ ଅଶ୍ୱିନୀକୁମାରଙ୍କ ଔରସରେ ପାଣ୍ଡୁ ରାଜାଙ୍କର ଦ୍ୱିତୀୟ ପତ୍ନୀ ମାଦ୍ରୀଙ୍କ ଗର୍ଭରେ ସହଦେବଙ୍କ ସହିତ ଜନ୍ମି ଥିଲେ; ନକୁଳ ବଡ଼, ସହଦେବ ସାନ । ନକୁଳ ଦେଖିବାକୁ ଅତି ସୁନ୍ଦର ଓ ନୀତିଶାସ୍ତ୍ର, ଧର୍ମଶାସ୍ତ୍ର ଏବଂ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ଥିଲେ । ଏ ପଶୁଚିକିତ୍ସା ବିଦ୍ୟା ମଧ୍ୟ ଜାଣୁଥିଲେ । ବିରାଟ ଭବନରେ ପାଣ୍ଡବମାନଙ୍କ ଅଜ୍ଞାତବାସ କାଳରେ ନକୁଳ ତନ୍ତ୍ରିପାଳ ନାମ ଧାରଣ କରି ବିରାଟଙ୍କର ଗୋରକ୍ଷଣ କର୍ମରେ ନିଯୁକ୍ତ ଥିଲେ । ଏ ଚେଦିରାଜକନ୍ୟା କରେଣୁମତୀଙ୍କୁ ବିବାହ କରିଥିଲେ ଓ ତାଙ୍କ ଗର୍ଭରୁ ଏହାଙ୍କର ନିରମିତ୍ର ନାମକ ପୁତ୍ର ଜନ୍ମି ଥିଲା । ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ଉପଲକ୍ଷରେ ଏ ପଶ୍ଚିମ ଦେଶସ୍ଥ ରାଜ୍ୟମାନଙ୍କୁ ଜୟ କରିଥିଲେ ଓ ଦ୍ୱାରକାକୁ ଦୂତ ପଠାଇ ବାସୁଦେବ (ଶ୍ରୀକୃଷ୍ଣ)ଙ୍କୁ ଯୁଧିଷ୍ଠିରଙ୍କ ଅଧୀନତା ସ୍ୱୀକାର କରାଇଥିଲେ । (ହି. ଶ)]

୪ । ପୁତ୍ର (ହି. ଶ.)—4. A son.

୫ । ପ୍ରାଚୀନ କାଳର ଏକପ୍ରକାର ବାଜା (ହି. ଶ.)—
A kind of musical instrument used in ancient India.

(ନକୁଳା—ସ୍ତ୍ରୀ) ସଂ. ବିଣ. ପୁଂ—କୁଳହୀନ—Having no family or pedigree or caste.

ବୈଦେ. ବି.—୧ । (ଆ. ନୁକଲ୍) ମାଦକ ଦ୍ରବ୍ୟ ସେବନ ପରେ ଖିଆ ଯିବା ମୁଖରୋଚକ ପଦାର୍ଥ; ଚାଟ୍—1. Something eaten after swallowing any intoxicating drug or liquor.
ନକୁଲ
नक़्ल

ଦେ. ବି. (ପୁଂ) ଲୋକଙ୍କ ନାମ—
A name given to males.

ନକୁଳକ—ସଂ. ବି.—୧ । ପ୍ରାଚୀନ କାଳର ଏକ ପ୍ରକାର ଗହଣା (ହି.ଶ)
Nakulaka 1. A kind of ornament used in ancient-India.

୨ । ଟଙ୍କା ଆଦି ରଖିବାର ଏକ ପ୍ରକାର ଥଳି (ହି. ଶ)—
2. A kind of money-bag.

ନକୁଳ କନ୍ଦ—ସଂ. ବି.—ଗନ୍ଧନାକୁଳୀ (ଦେଖ)
Nakula kanda Gandhanākulī (See)
(ନକୁଳାଢ୍ୟା—ଅନ୍ୟରୂପ)

ନକୁଳ ତୈଳ—ସଂ. ବି.—ଆମବାତ ଆଦି ରୋଗରେ ଉପକାରୀ ନକୁଳ
Nakula taila ମାଂସ ଓ ଅନ୍ୟ କେତେକ ମସଲା ସିଦ୍ଧ କରି ଯାଇ ପ୍ରସ୍ତୁତ ହୋଇଥିବା ତୈଳ—A medicated oil (in which the flesh of ichneumon is boiled) used for rheumatism.

ନକୁଳା—ସଂ. ବିଣ. ସ୍ତ୍ରୀ—ନକୁଳର ସ୍ତ୍ରୀଲିଙ୍ଗ—
Nakulā Feminine of Nakula.

ସଂ. ବି. ସ୍ତ୍ରୀ—ପାର୍ବତୀ (ହି. ଶ.)—Goddess Pārbatī.

ନକୁଳାନ୍ଧ ରୋଗ—ସଂ. ବି.—ସୁଶ୍ରୁତ ଅନୁସାରେ ଚକ୍ଷୁର ରୋଗବିଶେଷ,
Nakulāndha roga ଯହିଁରେ ମନୁଷ୍ୟର ଆଖି ନେଉଳ ଆଖି ଭଳି ନାଲି ହୁଏ ଓ ବସ୍ତୁମାନ ରଙ୍ଗବେରଙ୍ଗ ଦେଖାଯାଏ—A kind of eye-disease.

ନକୁଳୀ—ସଂ. ବି. ସ୍ତ୍ରୀ (ନକୁଳ+ସ୍ତ୍ରୀ. ଈ)—୧ । ମାଈ ନେଉଳ—
Nakulī 1. A female ichneumon.

୨ । କୁକ୍କୁଟୀ—2. A hen.

୩ । କୁଙ୍କୁମ—3. Saffron.

୪ । ଜଟାମାଂସୀ—
4. A kind of herb; Hedysarum.

୫ । ଶଂଖିନୀ ନାମକ ବନୌଷଧି (ହି. ଶବ୍ଦସାଗର)—
5. A medicinal plant.

ନକେଇ—ଗ୍ରା. ବିଣ (ସଂ. ଲପ୍ସୀକୃତ; ହିନ୍ଦୀ ଲପ୍‌ସିକା=ଯାଉ) ଲକେଇ;
Nakei ଯାଉଆ; ଅତିରିକ୍ତ ପରିମାଣରେ ସିଦ୍ଧ ହେବା ଯୋଗୁଁ
(ନକାଇ—ଅନ୍ୟରୂପ) କୋମଳ ହୋଇଥିବା(ଅନ୍ନ)—Gruelly;
ଲେକଟ become excessively softened
लपसी, मांड़ी owing to being over-boiled.
(ବ୍ୟବହୃତ—ଗୃହୁଳିଆ)

ନକେଇ ! ଭାତ ହେଲା ନକେଇ, ତରଣ ହେଲା ତୁଳଦଆ,
କଳି ବସିଲେ ବଳଦଆ—ଶିଶୁଗୀତ ।

ନକେଇବା—ଗ୍ରା. କି (ଭାତ) ଅତିରିକ୍ତ ପରିମାଣରେ ସିଦ୍ଧ ହୋଇ ନରମ
Nakeibā ହେବା; ଲକେଇବା; ଯାଉଆ ହେବା—(rice)
ଲେକଟ ହଓୟା To become over boiled and softened;
लपसी होना, मांड़ीहोना to become gruelly.
(ନକାଇବା—ଅନ୍ୟରୂପ)

ନକ୍ତ—ସଂ. ବି. (ନଜ୍ ଧାତୁ=ଲଜ୍ଜିତ ହେବା+ଅଧିକରଣ. ତ)—
Nakta ୧ । ରାତି—1. Night.

୨ । ଯେଉଁ ସମୟରେ ମୁହୂର୍ତ୍ତ ମାତ୍ର ଦିନ ବାକି ଥାଏ; ସନ୍ଧ୍ୟାଗମ ସମୟ—2 Evening; nightfall; dusk.

୪ । ଶିବ (ହି. ଶବ୍ଦସାଗର)—4. Śiba.

୫ । ରାଜା ପୃଥୁଙ୍କର ଏକ ପୁତ୍ର—
5. Name of a son of king Pṛuthu.

ସଂ. ବିଣ. ପୁଂ (ନଜ ଧାତୁ+କର୍ତ୍ତୃ. ତ)—ଲଜ୍ଜିତ—
(ନକ୍ତା—ସ୍ତ୍ରୀ) Ashamed.

୩ । ନକ୍ତ ବ୍ରତ (ଦେଖ)—3. Nakta brata (See)

ନକ୍ତକ—ସଂ. ବି (ନଜ୍ ଧାତୁ=ଲଜ୍ଜିତ ହେବା+କରଣ. ତ+କ)—
Naktaka ଛିନ୍ନ ବସ୍ତ୍ର; ନେଡ଼େଡ଼ା କନା; କନ୍ଥା; ଛିଣ୍ଡା କନା—Rags.

ନକ୍ତଚର—ସଂ. ବି (ନକ୍ତ+ଚର ଧାତୁ=ବିଚରଣ କରିବା+କର୍ତ୍ତୃ. ଅ)
Naktachara ୧ । ରାକ୍ଷସ—1. A demon; fiend.
(ନକ୍ତଂଚର—ଅନ୍ୟରୂପ) ୨ । ପେଚକ—2. An owl.
(ନକ୍ତଚରୀ—ସ୍ତ୍ରୀ) ୩ । ବିରାଡ଼ି—3. A cat.
୪ । ଚୋର—4. A thief.

ସଂ. ବିଣ. ପୁଂ—ଯେ ରାତିରେ ବିଚରଣ କରେ—
Wandering at night.

ନକ୍ତଚାରୀ—ସଂ. ବି ଓ ବିଣ (ନକ୍ତ+ଚର ଧାତୁ+ଇନ୍; ୧ମା. ୧ବ)—
Naktachāri — ନକ୍ତଚର (ଦେଖ)
(ନକ୍ତଚାରିଣୀ—ସ୍ତ୍ରୀ) — Naktachara (See)

ନକ୍ତଞ୍ଚର—ସଂ. ବି ଓ ବିଣ (ନକ୍ତଂ+ଚର ଧାତୁ+କର୍ତ୍ତୃ. ଅ)—
Naktañchara — ନକ୍ତଚର (ଦେଖ)
(ନକ୍ତଞ୍ଚାରୀ—ଅନ୍ୟରୂପ) — Naktachara (See)
(ନକ୍ତଞ୍ଚରୀ, ନକ୍ତଞ୍ଚାରିଣୀ—ସ୍ତ୍ରୀ)

ନକ୍ତଞ୍ଚର୍ଯ୍ୟା—ସଂ. ବି (ନକ୍ତଂ=ରାତ୍ରି+ଚର୍ଯ୍ୟା=ଭ୍ରମଣ)—ରାତ୍ରି ଯୋଗେ
Naktañcharjyā — ଭ୍ରମଣ—Walking by night.

ନକ୍ତନ୍ଦିବ—ସଂ. ଅ (ଦ୍ୱନ୍ଦ୍ୱ; ନକ୍ତଂ+ଦିବା; ନିପାତନ)—ଦିବାରାତ୍ର;
Naktandiba — ରାତ୍ରିଦିନ; ଦିନରେ ଓ ରାତିରେ—Day and night.

ନକ୍ତ ବ୍ରତ—ସଂ. ବି—ଦିବସରେ ଉପବାସ ରହି ରାତିରେ କିମ୍ବା ଠିକ୍
Nakta brata — ସନ୍ଧ୍ୟା ପୂର୍ବରୁ ଭୋଜନକରିବା ବ୍ରତ; ରୋଜା—
Fasting by day and eating at dusk or in night as a religious now.
[ଦ୍ର—ମୁସଲମାନ୍‌ମାନେ ରମ୍‌ଜାନ୍ ମାସରେ ନକ୍ତ ବ୍ରତ ପାଳନ କରନ୍ତି ।]

ନକ୍ତଭୋଜୀ—ସଂ. ବିଣ. ପୁଂ (ନକ୍ତ+ଭୁଜ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—ଯେ ଦିନରେ ଉପବାସ ରହି ରାତିରେ
Naktabhoji
(ନକ୍ତଭୋଜିନୀ—ସ୍ତ୍ରୀ) — ଭୋଜନ କରେ; ନକ୍ତବ୍ରତଧାରୀ—
Taking meals at night.
ସଂ. ବି—୧ । ପେଚା—1. Owl.
୨ । ବାଦୁଡ଼ି—2. Bat.

ନକ୍ତମାଲ—ସଂ. ବି (ନକ୍ତଂ=ରାତିରେ+ଆ+ଅଲ୍ ଧାତୁ=ଭୂଷିତ
Naktamāla — କରିବା+ଅ; ରାତିରେ ଫୁଲ ଫୁଟିବାରୁ)—
(ନକ୍ତାହ୍ୱ—ଅନ୍ୟରୂପ) — କରଞ୍ଜ ଗଛ—A kind of tree; Galidupa Arborea.

ନକ୍ତମୁଖା—ସଂ. ବି (ନକ୍ତଂ+ଉଖ୍ ଧାତୁ=ଉଜ୍ଜ୍ୱଳକରିବା+କର୍ତ୍ତୃ ଅ+ସ୍ତ୍ରୀ. ଆ)—ରାତ୍ରି—Night.
Naktamukhā

ନକ୍ତା—ସଂ. ବି. ସ୍ତ୍ରୀ—୧ । ବିଶଲ୍ୟକରଣୀ ଗଛ—
Naktā — 1. A poisonous plant.
୨ । କନିଅର ଗଛ—
2. Thevetia Nerifloria tree.
୩ । ହଳଦୀ (ହି. ଶ)—3. Turmeric.
୪ । ରାତି (ହି. ଶ)—4. Night.
ସଂ. ବିଣ. ସ୍ତ୍ରୀ—ନକ୍ତର ସ୍ତ୍ରୀଲିଙ୍ଗ—
Feminine of Nakta.

ନକ୍ତାନ୍ଧ—ସଂ. ବିଣ. ପୁଂ (ନକ୍ତ+ଅନ୍ଧ)—ଯାହାକୁ ରାତିରେ ବା
Naktāndha — ଅନ୍ଧାରରେ ଜାଲୁକାଲୁଆ ଦିଶେ; ଅନ୍ଧାରକଣା;
(ନକ୍ତାନ୍ଧା—ସ୍ତ୍ରୀ) — ରାତିକଣା—Moon-blind; (a person)
ନକ୍ତାନ୍ଧତା } ବି
ନକ୍ତାନ୍ଧ୍ୟ } — who suffers from nyctalopia; blind by night.

ନକ୍ତାନ୍ଧତା—ସଂ. ବି (ନକ୍ତାନ୍ଧ+ଭାବାର୍ଥରେ ତା)—ଅନ୍ଧାରକଣା ରୋଗ—
Naktāndhatā — Nyctalopia; night-blindness.

ନକ୍ତି—ସଂ. ବି (ନଜ ଧାତୁ=ଲଜ୍ଜିତହେବା+ଅଧିକରଣ. ଇ)—
Nakti — ରାତ୍ରି (ହି. ଶ)—Night.

ନକ୍ର—ସଂ. ବି (ନ=ନୁହେଁ+କ୍ରମ୍ ଧାତୁ=ଗମନକରିବା+କର୍ତ୍ତୃ. ଅ;
Nakra — ଯେ ଆପଣା ସ୍ଥାନ ଅର୍ଥାତ୍ ଜଳରୁ ଉପରକୁ ଯାଏ ନାହିଁ
ଏବଂ ସ୍ୱସ୍ଥାନରେ ଥାଇ ଶିକାରକୁ ଆକର୍ଷଣ କରେ)—
୧ । କୁମ୍ଭୀର—1. Alligator.
୨ । ଜଳଜନ୍ତୁ—2. Aquatic animal.
୩ । ଦ୍ୱାରବନ୍ଧର ଉପର କାଠ—
3. The upper piece of a door-frame.

ନକ୍ରରାଜ—ସଂ. ବି—ଗ୍ରାହ; ହାଙ୍ଗର—
Nakrarāja — A shark.

ନକ୍ରା—ସଂ. ବି. ସ୍ତ୍ରୀ (ନକ୍ର+ସ୍ତ୍ରୀ. ଆ)—ନାସିକା; ନାକ—
Nakrā — Nose

ନକ୍ଷ (ଧାତୁ)—ସଂ—ଗମନକରିବା; ଗତିକରିବା—
Naksha (root) — To go; to move.

ନକ୍ଷତ୍ର—ସଂ. ବି (ନ=ନାହିଁ+କ୍ଷି ଧାତୁ=କ୍ଷୟପାଇବା+କର୍ତ୍ତୃ. ଅତ୍ର;
Nakshatra — କିମ୍ବା ନକ୍ଷ ଧାତୁ+କର୍ତ୍ତୃ ଅତ୍ର)—୧ । ତାରକା;
ତାରା—1. Star.

[ଆକାଶରେ ରାତିରେ ଦେଖାଯିବା ଚନ୍ଦ୍ର ଛଡ଼ା ଆଉ ଉଜ୍ଜ୍ୱଳ ଜ୍ୟୋତିଷ୍କମାନଙ୍କୁ ତାରା ବୋଲାଯାଏ । ସେଥିମଧ୍ୟରେ ୫ଟି ଜ୍ୟୋତିଷ୍କ ଗ୍ରହ ଅଟନ୍ତି ଓ ଅନ୍ୟ ସମସ୍ତେ ତାରା । ତାରାଗଣ ଆମ୍ଭମାନଙ୍କ ଆଖିକୁ ଛୋଟ ଦେଖାଗଲେ ସୁଦ୍ଧା ସେମାନେ ସୂର୍ଯ୍ୟପରି ବା ସୂର୍ଯ୍ୟଙ୍କ ଠାରୁ ବଡ଼ । ସୌରଜଗତ୍ ପରି ପ୍ରତ୍ୟେକ ତାରାର ଗୋଟିଏ ଗୋଟିଏ ଜଗତ୍ ଅଛି । ସୂର୍ଯ୍ୟ ଆମ୍ଭମାନଙ୍କଠାରୁ ଯେତେଦୂରରେ ଅଛନ୍ତି ତାରାମାନେ ତଦପେକ୍ଷା ବହୁଦୂରରେ ଅଛନ୍ତି । କୌଣସି କୌଣସି ତାରା ପୃଥିବୀଠାରୁ ଏତେ ଦୂରରେ ଅଛନ୍ତି ଯେ ସେମାନଙ୍କର ଆଲୋକ ପ୍ରତି ସେକେଣ୍ଡ୍‌ରେ ୧ ଲକ୍ଷ ୮୩ ହଜାର ମାଇଲ୍ ଗତିକରି ପୃଥିବୀରେ ପହଞ୍ଚିବାକୁ ଶୁହଶହ ବର୍ଷ ଲାଗେ । ପୃଥିବୀର ଖୁବ୍ ନିକଟବର୍ତ୍ତୀ ତାରାର ଆଲୋକ ପୃଥିବୀରେ ପହଞ୍ଚିବାକୁ ୩ ବରଷ ଲାଗେ । ପୃଥିବୀଠାରୁ ସୂର୍ଯ୍ୟ ଯେତେ ଦୂରରେ ଅବସ୍ଥିତ କୌଣସି କୌଣସି ତାରା ତହିଁ ଅପେକ୍ଷା ୨୦ ହଜାର ୬ ଶହ ଗୁଣ ଦୂରରେ ଅଛନ୍ତି । ସୂର୍ଯ୍ୟଙ୍କ ଚାରି ପାଖେ ଯେଉଁପରି ପୃଥିବୀ ଓ ଗ୍ରହମାନେ ବୁଲୁଅଛନ୍ତି ସେହିପରି ଗୋଟିଏ ଗୋଟିଏ ତାରାର ଚାରି ପାଖେ ଗୁଡ଼ିଏ ଗ୍ରହ ବୁଲୁଅଛନ୍ତି । ଏପରି ଅଗଣିତ ସୌରଜଗତ୍ ସମ୍ବଳିତ ଏହି ବ୍ରହ୍ମାଣ୍ଡ କି ପ୍ରକାଣ୍ଡ ତାହା କଳ୍ପନାରେ ସୁଦ୍ଧା ଠଉରାଇ ହେବ ନାହିଁ । ହି. ଶ]

୨ । ତାରାପୁଞ୍ଜ—2. Constellation of stars

[ଦ୍ର—କେତେକ ତାରା ପୁଞ୍ଜ ନକ୍ଷତ୍ରରୂପେ ଓ କେତେକ ରାଶି ରୂପେ କଳ୍ପିତ ଏବଂ ଆଉ କେତେକ ନକ୍ଷତ୍ରଙ୍କୁ ମନୁଷ୍ୟର କଳ୍ପନାନୁସାରେ ବା ପୌରାଣିକ ଉପାଖ୍ୟାନମତେ ଭିନ୍ନ ଭିନ୍ନ ନାମ ଦିଆ ଯାଇଅଛି ।]

୩ । ହିନ୍ଦୁ ଜ୍ୟୋତିଷୋକ୍ତ ୨୭ଗୋଟି ତାରା ବା ତାରାପୁଞ୍ଜ, ଯାହାଙ୍କ ପାଖ ଦେଇ ଚନ୍ଦ୍ରମା ଗତି କରନ୍ତି—3. The 27 constellations of stars in Hindu astronomy; the lunar mansions.

[ଦ୍ର—୨୭ ନକ୍ଷତ୍ରର ନାମ :—ଅଶ୍ୱିନୀ, ଭରଣୀ, କୃତ୍ତିକା, ରୋହିଣୀ, ମୃଗଶିରା, ଆର୍ଦ୍ରା, ପୁନର୍ବସୁ, ପୁଷ୍ୟା, ଅଶ୍ଳେଷା, ମଘା, ପୂର୍ବଫାଲ୍‌ଗୁନୀ, ଉତ୍ତରଫାଲ୍‌ଗୁନୀ, ହସ୍ତା, ଚିତ୍ରା, ସ୍ୱାତୀ, ବିଶାଖା, ଅନୁରାଧା, ଜ୍ୟେଷ୍ଠା, ମୂଳା, ପୂର୍ବାଷାଢ଼ା, ଉତ୍ତରାଷାଢ଼ା, ଶ୍ରବଣା, ଧନିଷ୍ଠା, ଶତଭିଷା, ପୂର୍ବଭାଦ୍ରପଦ, ଉତ୍ତରଭାଦ୍ରପଦ ଓ ରେବତୀ ।]

ନକ୍ଷତ୍ରମାନଙ୍କ ସମ୍ବନ୍ଧରେ ବିଶେଷ ବିବରଣ—

[ଦ୍ର—ପୃଥିବୀ ବର୍ଷକେ ଥରେ ସୂର୍ଯ୍ୟଙ୍କର ଚାରିଆଡ଼େ ଘୂରି ଆସେ । କିନ୍ତୁ ଜ୍ୟୋତିଷ ଗଣନାର ସୁବିଧା ପାଇଁ ପଣ୍ଡିତମାନେ କଳ୍ପନା କରିଅଛନ୍ତି ଯେ ସମୁଦାୟ ଆକାଶ ବା ଖ-ଗୋଳରେ ଥାଇ ସୂର୍ଯ୍ୟ ୧୨ ମାସ ବା ୩୬୫ ଦିନରେ ବା ଏକ ସୌର ବର୍ଷରେ ପୃଥିବୀର ଚାରିଆଡ଼େ ଥରେ ଘୂରି ଆସନ୍ତି । ବର୍ଷକ ୧୨ ମାସ ଥିବାରୁ ଖ-ଗୋଳ(୩୬୦ ଡିଗ୍ରୀ)କୁ ୧୨ ଭାଗରେ ବିଭକ୍ତ କରାଯାଇଅଛି । ଏହି ପ୍ରତ୍ୟେକ ଭାଗ ୩୦ ଡିଗ୍ରୀ ଅଟେ ଓ ପ୍ରତ୍ୟେକ ୩୦ ଡିଗ୍ରୀ ପରିମିତ ସୀମା ମଧ୍ୟରେ ଦେଖାଯାଉଥିବା କେତେକ ଉଜ୍ଜ୍ୱଳ ନକ୍ଷତ୍ରମାନଙ୍କୁ ଯୋଗ କରି ଗୋଟିଏ ଗୋଟିଏ ଜୀବ (ଯଥା—ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ବିଛା, ମକର, ମୀନ)ର ବା ବସ୍ତୁ (ଯଥା—ତୁଳାଯନ୍ତ୍ର, ଧନୁ, କୁମ୍ଭ)ର ଛବି କଳ୍ପନାସାହାଯ୍ୟରେ ଅଙ୍କିତ କରାଯାଇ ସେହି ନକ୍ଷତ୍ରମାନଙ୍କୁ ସେହି ସେହି ଜୀବ ବା ବସ୍ତୁ ନାମରେ ଡକାଯାଇଅଛି । ଉଦାହରଣ ସ୍ୱରୂପ ଦେଖାଯିବ ଯେ ଯେଉଁ ୩୦ ଡିଗ୍ରୀ ସୀମା ମଧ୍ୟରେ ବିଛା ରାଶି ଅବସ୍ଥିତ ସେଥିରେ ଥିବା ଉଜ୍ଜ୍ୱଳ ତାରାଗୁଡ଼ିକ ଯୋଗ କଲେ ଗୋଟିଏ କଙ୍କଡ଼ା ବିଛାର ରୂପ କଳ୍ପିତ ହୋଇ ପାରିବ । ଏଥି ପାଇଁ ଉକ୍ତ ୩୦ ଡିଗ୍ରୀକୁ ବିଛାରାଶି ନାମରେ ଡକା ଯାଏ । ଏହାହିଁ ରାଶିମାନଙ୍କ ନାମକରଣ ।

ଚନ୍ଦ୍ର ପୃଥିବୀର ଚାରିଆଡ଼େ ୩୦ ଦିନରେ ଥରେ ଘୂରି ଆସନ୍ତି । ଏଥିପାଇଁ ଚାନ୍ଦ୍ରମାନ ମାସକ ୩୦ ଦିନ ଓ ଚାନ୍ଦ୍ରମାନ ବର୍ଷକ ୩୬୦ ଦିନ ।

ପ୍ରତ୍ୟେକ ନକ୍ଷତ୍ର ପୃଥିବୀର ଚାରିଆଡ଼େ ୨୭ ଦିନରେ ଥରେ ଘୂରି ଆସେ । ଏଥିପାଇଁ ନାକ୍ଷତ୍ରିକ ମାସ ୨୭ ଦିନ । ନକ୍ଷତ୍ରମାନଙ୍କୁ ହିନ୍ଦୁ ଜ୍ୟୋତିଷିକମାନେ ୨୭ଟି ସ୍ୱତନ୍ତ୍ର ତାରକା ବା ତାରକାପୁଞ୍ଜରେ ବିଭକ୍ତ କରି ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ନାମ ଦେଇଅଛନ୍ତି । ନକ୍ଷତ୍ରମାନଙ୍କ ଅବସ୍ଥିତି ବିଷୟ ଭାଗବତ ୫ମ ସ୍କନ୍ଧ ୨୩ଶ ଅଧ୍ୟାୟରେ ବିବୃତ ହୋଇଅଛି । ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ପରି ନକ୍ଷତ୍ରମାନେ ପୂର୍ବରେ ଉଦିତ ହୋଇ ପଶ୍ଚିମରେ ଅସ୍ତ ଯାଆନ୍ତି । ସବୁ ନକ୍ଷତ୍ର ଆକାଶର ଉତ୍ତରଦିଗରେ ଥିବା ଧ୍ରୁବ ନକ୍ଷତ୍ରକୁ କେନ୍ଦ୍ର (ବା ବେଙ୍ଗଳାର ମେରୁ ଖୁଣ୍ଟ) କରି ତାହାର ଚାରିଆଡ଼େ ପୂର୍ବରୁ ପଶ୍ଚିମକୁ ଘାଣ୍ଟିର ଖାଇ ବୁଲୁଅଛନ୍ତି । ଧ୍ରୁବନକ୍ଷତ୍ର ପୃଥିବୀର ଉତ୍ତରମେରୁର ଠିକ୍ ମୁଣ୍ଡ ଉପରେ ଆକାଶରେ ଅବସ୍ଥିତ । ଏହା ସର୍ବଦା ଆକାଶରେ ଏକ ସ୍ଥାନରେ ସ୍ଥିର ହୋଇଥାଏ, ଏହାର ଉଦୟ ବା ଅସ୍ତ ନାହିଁ । ନାବିକମାନେ ଓ ମରୁଭୂମିରେ ଭ୍ରମଣ କରିବା ବାଟୋଇମାନେ ଏହି ଧ୍ରୁବନକ୍ଷତ୍ରକୁ ଦେଖି ଅକୂଳ ସମୁଦ୍ରରେ ଓ ଅପନ୍ତରା ମରୁଭୂମିରେ ରାତିରେ ଦିଗ ନିର୍ଣ୍ଣୟ କରନ୍ତି । ଏ ଧ୍ରୁବ ନକ୍ଷତ୍ରକୁ ଚିହ୍ନିବା ସହଜ ଅଟେ । ଉତ୍ତରାକାଶରେ ସପ୍ତର୍ଷିମଣ୍ଡଳ ନାମକ ୭ଟି ଉଜ୍ଜ୍ୱଳ ନକ୍ଷତ୍ର-ବିଶିଷ୍ଟ ଗୋଟିଏ ନକ୍ଷତ୍ରପୁଞ୍ଜ ଅଛି; ଏହି ମଣ୍ଡଳର ମୁଣ୍ଡପାଖର ୨ଟି ନକ୍ଷତ୍ରକୁ ଯୋଗ କରି ସେହି ଗାରକୁ ବଢ଼ାଇଦେଲେ ତାହା ଧ୍ରୁବ ତାରା ପାଖ ଦେଇଯିବ । ଥରେ ଧ୍ରୁବକୁ ଓ ସପ୍ତର୍ଷିମଣ୍ଡଳକୁ ଚିହ୍ନି ରଖିଲେ ତାରାମାନଙ୍କୁ ଚିହ୍ନିବାକୁ ସହଜ ହୁଏ । ପ୍ରତିଦିନ ପ୍ରତି ନକ୍ଷତ୍ର ପୂର୍ବଦିନ ଅପେକ୍ଷା ୪ ମିନିଟ୍ ଲେଖାଏଁ ଶୀଘ୍ର କରି ଉଦିତ ହୁଏ; ଅର୍ଥାତ୍ ଆଜି ଯେଉଁ ତାରା ସନ୍ଧ୍ୟା ୭ଟାବେଳେ ଉଇଁଛି କାଲି ସେ ତାରା ଉଇଁଲାବେଳକୁ ୬ଟା ବାଜି ୪ ମିନିଟ୍ ହୋଇଥିବ । ସୂର୍ଯ୍ୟ ଯେଉଁ ରାଶିରେ ଯେଉଁ ମାସରେ ଅବସ୍ଥାନ କରୁଥାଆନ୍ତି ସୌର ମାସର ନାମକରଣ ସେହି ରାଶିର ନାମ ଅନୁସାରେ ହୁଏ । ଯେଉଁ ଚାନ୍ଦ୍ର ମାସର ପୂର୍ଣ୍ଣିମାର ସନ୍ଧ୍ୟାରେ ଚନ୍ଦ୍ର ଯେଉଁ ନକ୍ଷତ୍ର ସଙ୍ଗେ ଉଦିତ ହୁଅନ୍ତି ସେହି ନକ୍ଷତ୍ରର ନାମ ଅନୁସାରେ ତତ୍ପୂର୍ବବର୍ତ୍ତୀ ଚାନ୍ଦ୍ର ମାସର ନାମକରଣ ହୁଏ । ଯଥା—ବୈଶାଖ ପୂର୍ଣ୍ଣିମାରେ ଚନ୍ଦ୍ର ବିଶାଖା ନକ୍ଷତ୍ର ସଙ୍ଗେ ଉଦିତ ହୁଅନ୍ତି ବୋଲି ପୂର୍ବବର୍ତ୍ତୀ ମାସର ନାମ ବୈଶାଖ । ଆକାଶରେ ନକ୍ଷତ୍ର ଓ ନକ୍ଷତ୍ରପୁଞ୍ଜମାନଙ୍କ ଅବସ୍ଥିତି-ମାନଙ୍କୁ ଧ୍ରୁବର ଅବସ୍ଥିତି ସଙ୍ଗେ ଓ ପରସ୍ପରର ଅବସ୍ଥିତି ସଙ୍ଗେ ତୁଳନା କଲେ ଧ୍ରୁବର ଅବସ୍ଥିତି ଅପରିବର୍ତ୍ତନୀୟ ବୋଲି ଜଣାଯାଏ । କିନ୍ତୁ ଆକାଶରେ ଆଉ କେତେଗୁଡ଼ିଏ ଉଜ୍ଜ୍ୱଳ ବସ୍ତୁ ବେଳେ ବେଳେ ଦେଖାଦିଅନ୍ତି; ସେମାନଙ୍କ ଗତି ଓ ଅବସ୍ଥିତି ନିୟମିତ ନୁହେ । ଏମାନଙ୍କୁ ଗ୍ରହ ବୋଲାଯାଏ । ଏମାନେ ତାରା ନୁହନ୍ତି କିନ୍ତୁ ତାରା ପରି ଉଜ୍ଜ୍ୱଳ ଦେଖାଯିବାରୁ ଲୋକେ ଏହାଙ୍କୁ ବେଳେ ବେଳେ ଭ୍ରମରେ ତାରା ନାମରେ ଡାକନ୍ତି; ଯଥା—ପାହାନ୍ତି ତାରା ବା ପହରଉଆ ତାରା; ଏହା ଶୁକ୍ର ନାମକ ଗୋଟିଏ ଗ୍ରହ । ବୃହସ୍ପତି, ଶନି, ବୁଧ, ମଙ୍ଗଳ ମଧ୍ୟ ଗୋଟିଏ ଲେଖାଏଁ ଗ୍ରହ । ଆଖିକୁ ଦେଖା-ଯିବା ଗ୍ରହମାନଙ୍କ ସଂଖ୍ୟା ୫ ଅଟେ—ଯଥା—ଶୁକ୍ର, ବୃହସ୍ପତି, ବୁଧ, ଶନି ଓ ମଙ୍ଗଳ । ଚନ୍ଦ୍ରର କକ୍ଷ ଓ କ୍ରାନ୍ତିରେଖାର ଅଧଃପାତ ବିନ୍ଦୁକୁ କେତୁ ଓ ଊର୍ଦ୍ଧ୍ୱପାତ ବିନ୍ଦୁକୁ ରାହୁ ବୋଲି ଦୁଇଟି ଗ୍ରହରୂପେ ହିନ୍ଦୁ ଜ୍ୟୋତିଷୀମାନେ ଗଣନା କରିଅଛନ୍ତି । ଚନ୍ଦ୍ର, ସୂର୍ଯ୍ୟ, କେତୁ, ରାହୁ ଓ ଉପରୋକ୍ତ ୫ଟି ଗ୍ରହଙ୍କୁ ହିନ୍ଦୁମାନେ ନବଗ୍ରହ-ରୂପେ ଗଣନା କରନ୍ତି ଓ ସୂର୍ଯ୍ୟଙ୍କୁ ଗ୍ରହରାଜ କହନ୍ତି ।

ପ୍ରାଚୀନ ହିନ୍ଦୁମାନେ ଚନ୍ଦ୍ରର ଗତିପଥର ସୀମା ମଧ୍ୟରେ ଥିବା ଭିନ୍ନ ଭିନ୍ନ ନକ୍ଷତ୍ରମାନଙ୍କୁ ୨୭ଟି ନାମ ଦେଇଥିଲେ ଓ ଏ ୨୭ ନକ୍ଷତ୍ରରୁ ଅଧିକା ଅଭିଜିତ୍ ନାମରେ ଆଉ ଗୋଟିଏ ନକ୍ଷତ୍ରକୁ ଗଣୁଥିଲେ । ଏହା ଛଡ଼ା ଆକାଶର ଭିନ୍ନ ଭିନ୍ନ ଅଞ୍ଚଳରେ ଥିବା ଆଉ କେତେ ନକ୍ଷତ୍ରକୁ ହିନ୍ଦୁମାନେ ନାମ ଦେଇଥିଲେ । ହିନ୍ଦୁମାନଙ୍କ ବାରଟି ରାଶିର ନାମ ସଙ୍ଗେ ପ୍ରାଚୀନ ମିଶର, ଆରବ, ଗ୍ରୀସ୍ ଓ ରୋମବାସୀମାନଙ୍କ ପ୍ରଦତ୍ତ ନାମର ସାମଞ୍ଜସ୍ୟ ଅଛି । ଯଥା—ହିନ୍ଦୁମାନଙ୍କ ସିଂହ ରାଶି=ଗ୍ରୀକ୍‌ମାନଙ୍କର ଲିଓ=ସିଂହ; କିନ୍ତୁ ହିନ୍ଦୁମାନଙ୍କ ପ୍ରଦତ୍ତ ନକ୍ଷତ୍ରମାନଙ୍କ ନାମ ସଙ୍ଗେ ଗ୍ରୀକ୍ ଆଦିଙ୍କ ପ୍ରଦତ୍ତ ନକ୍ଷତ୍ରମାନଙ୍କ ନାମର ସାମଞ୍ଜସ୍ୟ ଦେଖା ଯାଏ ନାହିଁ ।

ହିନ୍ଦୁ ଜ୍ୟୋତିଷୋକ୍ତ ୨୭ ନକ୍ଷତ୍ର ଯଥାକ୍ରମେ ପଶ୍ଚିମରୁ ପୂର୍ବଅଡ଼କୁ ଗଣିବାକୁ ହେବ । ଏ ନକ୍ଷତ୍ରମାନଙ୍କ ଆକାରର ସୂଚନା ବରାହ-ମିହିର ଓ କାଳିଦାସକୃତ ସଂସ୍କୃତ କଣ୍ଠପାଣ୍ଠୀ ନାମକ ଗ୍ରନ୍ଥରେ ଓ କଳ୍ପସୂର୍ଯ୍ୟଙ୍କ ସମକାଳୀନ କବିଚନ୍ଦ୍ରଙ୍କର ଓ ଆଧୁନିକ ଜ୍ୟୋତିଷୀ ଧର୍ମଦାସଙ୍କ ରଚିତ ଓଡ଼ିଆ ପଦ୍ୟ କଣ୍ଠପାଣ୍ଠୀରେ ସୂଚିତ ହୋଇଅଛି ।

ଖ ଗୋଳ = ୪ ସମକୋଣ = ୩୬୦ ଡିଗ୍ରୀ । ଏହି ୩୬୦ ଡିଗ୍ରୀକୁ ୧୨ଟି ରାଶି ଏବଂ ୨୭ଟି ନକ୍ଷତ୍ର ଅଧିକାର କରିଅଛି । ପ୍ରତ୍ୟେକ ରାଶିର ଅଧିକୃତ ସ୍ଥାନ = ୩୬୦/୧୨° = ୩୦ ଡିଗ୍ରି, ଏବଂ ପ୍ରତ୍ୟେକ ନକ୍ଷତ୍ରର ଅଧିକୃତ ସ୍ଥାନ = ୩୬୦/୨୭° = ୧୩⅓ ଡିଗ୍ରି; ଅର୍ଥାତ୍ ପ୍ରତ୍ୟେକ ରାଶିର ସୀମା ମଧ୍ୟରେ ୨¼ ନକ୍ଷତ୍ର ଅଛି ।

୧ । ମେଷ ରାଶି (ଲାଟିନ୍ Aries; ଇଂ. The ram) = ୧ ଅଶ୍ୱିନୀ ନକ୍ଷତ୍ର + ୧ ଦ୍ୱିଜା + ¼ କୃତ୍ତିକା ।

୨ । ବୃଷ ରାଶି (ଲାଟିନ୍—Taurus, ଇଂ The bull) = ¾ କୃତ୍ତିକା + ୧ ରୋହିଣୀ + ½ ମୃଗଶିରା ।

୩ । ମିଥୁନ ରାଶି(ଲାଟିନ Gemini; ଇଂ. The twins) = ½ ମୃଗଶିରା + ୧ ଆର୍ଦ୍ରା + ¾ ପୁନର୍ବସୁ ।

୪ । କକଡ଼ା ରାଶି ଲାଟିନ Cancer, ଇଂ. The crab) = ¼ ପୁନର୍ବସୁ + ୧ ପୁଷ୍ୟା + ୧ ଅଶ୍ଳେଷା ।

୫ । ସିଂହ (ଲାଟିନ୍ Leo; ଇଂ. Lion) = ୧ ମଘା + ୧ ପୂର୍ବଫାଲ୍‌ଗୁନୀ + ¼ ଉତ୍ତରଫାଲ୍‌ଗୁନୀ ।

୬ । କନ୍ୟା (ଲା. Virgo; ଇ• Virgin) = ¾ ଉତ୍ତର ଫାଲ୍‌ଗୁନୀ + ୧ ହସ୍ତା + ½ ଚିତ୍ରା ।

୭ । ତୁଳା (ଲା. Libra ଇଂ. The scales) = ½ ଚିତ୍ରା + ୧ ସ୍ୱାତି + ¾ ବିଶାଖା ।

୮ । ବିଛା (ଲା. Scorpio ଇଂ. Scorpion) = ¼ ବିଶାଖା; ୧ ଅନୁରାଧା + ୧ ଜ୍ୟେଷ୍ଠା ।

୯ । ଧନୁ (ଲା. Sagitarius ଇଂ. The archer) = ୧ ମୂଳା + ୧ ପୂର୍ବାଷାଢ଼ା + ¼ ଉତ୍ତରାଷାଢ଼ା ।

୧୦ । ମକର (ଲା. Capricornus ଇଂ.Capricorn) ¾ ଉତ୍ତରାଷାଢ଼ା + ୧ ଶ୍ରବଣା + ½ ଧନିଷ୍ଠା ।

୧୧ । କୁମ୍ଭ (ଲା. Aquarius ଇଂ. Water-bearer) = ½ ଧନିଷ୍ଠା + ୧ ଶତଭିଷା + ¾ ପୂର୍ବଭାଦ୍ରପଦ ।

୧୨ । ମୀନ (ଲା. Pisces ଇଂ. Fishes) = ¼ ପୂର୍ବ ଭାଦ୍ରପଦ + ୧ ଉତ୍ତର ଭାଦ୍ରପଦ + ୧ ରେବତୀ ।

ନକ୍ଷତ୍ରମାନଙ୍କ ପରିଚୟ :—

୧ । ହିନ୍ଦୁମତରେ ନାମ—ଅଶ୍ୱିନୀ ।

ଗଠନ ବା ଚିତ୍ର



କେଉଁ ରାଶିରେ ଅବସ୍ଥିତ—ମେଷରେ ।

ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ ।

ଆକାର ଓ ତାରକା ସଂଖ୍ୟା—୩ଟି ଅନୁଜ୍ଜ୍ୱଳ ତାରା । ଏ ତିନି ତାରାକୁ ଯୋଗ କଲେ ଗୋଟିଏ ସୂକ୍ଷ୍ମକୋଣୀ ତ୍ରିଭୁଜ ହେବ; ଏହାକୁ ଘୋଡ଼ାର ମୁଣ୍ଡପରି କଳ୍ପନା କରାଯାଇ ପାରେ ।

ପଶ୍ଚାତ୍ୟ ନାମ—1. Hamal; 2 Sheritan; 3. Mesarthen

ପାଶ୍ଚାତ୍ୟମତି ଅନୁସାରେ ଜ୍ୟୋତିଷିକ ପରିଚୟ—In Aries—1. Alpha Arietes; 2. Beta Arietes; 4. Gamma Arietes.

କଣ୍ଠପାଣ୍ଠୀରେ ଲିଖିତ ସୂଚନା—ଅଶ୍ୱମସ୍ତକାକାର ୩ ତାରକା ।

ମନ୍ତବ୍ୟ—ଚିତ୍ରରେ ୧ ଚିହ୍ନିତ ତାରା ଏ ନକ୍ଷତ୍ରର ଉଜ୍ଜ୍ୱଳତମ ତାରା ବା ଯୋଗତାରା । ଏହି ଯୋଗତାରାର ନାମ ଇଂ. ମୁଖରଣ୍ଟି । ଆଶ୍ୱିନ ପୂର୍ଣ୍ଣିମା ଦିନ ଚନ୍ଦ୍ର ଏହି ନକ୍ଷତ୍ର ସଙ୍ଗେ ଥାଆନ୍ତି ।

୨ । ହିନ୍ଦୁମତରେ ନାମ—ଦ୍ୱିଜା, ଭରଣୀ ବା ଯମ ।

ଗଠନ ବା ଚିତ୍ର



କେଉଁ ରାଶିରେ ଅବସ୍ଥିତ—ମେଷରେ ।

ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ, ଅଶ୍ୱିନୀର ପଶ୍ଚିମରେ ।

ଆକାର ଓ ତାରକା ସଂଖ୍ୟା—୩ଟି କ୍ଷୀଣତାରା; ଏ ତିନି ତାରାକୁ ଯୋଗ କଲେ ଗୋଟିଏ ସମବାହୁ ତ୍ରିଭୁଜ ହେବ ।

ପାଶ୍ଚାତ୍ୟ ନାମ—Musca Borealis.

ପାଶ୍ଚାତ୍ୟମତି ଅନୁସାରେ ଜ୍ୟୋତିଷିକ ପରିଚୟ—In Aries—1. 35 Arietes; 2. 39 Arietes. 3. 41 Arietes.

କଣ୍ଠପାଣ୍ଠୀରେ ଲିଖିତ ସୂଚନା—ତ୍ରିକୋଣାକାର ତିନିତାରା ।

ମନ୍ତବ୍ୟ—ଏଥିର ଯୋଗତାରା ୩ ଚିହ୍ନିତ ।

୩ । ହିନ୍ଦୁମତରେ ନାମ—କୃତ୍ତିକା, ମାତୃମଣ୍ଡଳ, ବହୁଳା ବା ଅନଳ ।

ଗଠନ ବା ଚିତ୍ର



କେଉଁ ରାଶିରେ ଅବସ୍ଥିତ—ମେଷରେ ¼ ଓ ବୃଷରେ ¾ ।

ଆକାର ଓ ତାରକା ସଂଖ୍ୟା—୬ଟି ତାରା; ଏମାନଙ୍କୁ ଯୋଗ କଲେ ଗୋଟିଏ କଟାରି ବା ବଡ଼େଇର କାଠମୁଗୁରର ଆକାର ହେବ ସଂ. ନାମ—୧ । ଅମ୍ବୁଜ, ୨ । ଅଭ୍ରୟନ୍ତୀ, ୩ । ସବଳା, ୪ । ଲମ୍ବା, ୫ । ଦ୍ରୀତି, ୬ । ଦେବସେନା ବା ଷଷ୍ଠୀ ।

ଓଡ଼ିଆ ବା ଦେଶୀୟ ନାମ—କାର୍ତ୍ତିକପୁଞ୍ଜା; ସମ୍ବଲପୁରୀ ନାମ କଠଲ୍ଲ ତାରା (କଠଲ୍ଲ=ବଢ଼େଇର ମୁଗୁର) ।

ପାଶ୍ଚାତ୍ୟ ନାମ—ଇଂ—Hen and chickens; the Pleidas. ଆ—Ath thuraya. ଗ୍ରୀକ୍—Pleides; Virgilii; Atlantaides. ହେବ୍ରୁ—Kimah ଯ୍ଥା. 1. Maia. 2. Taygeta; 3. Celoeno; 4. Electra; 5 Merobe; 6. Alcyone.

ପାଶ୍ଚାତ୍ୟରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Taurus—1. 19 Tauri; 2. 16 Tauri; 3. 17 Tauri; 4. 23 Tauri; 5. 27 Tauri; 6. Pi Tauri.

କଷ୍ଟିପାଥୁରେ ଲକ୍ଷିତ ସୂଚନା—ଅଗ୍ନିଶିଖାତୁଲ୍ୟ ୬ ତାରା ।

ମନ୍ତବ୍ୟ—ଏଥିର ଯୋଗତାରା ୬ ଚିହ୍ନିତ । ପାଶ୍ଚାତ୍ୟମାନେ ଏହି ପୁଞ୍ଜରେ ୧ ନମ୍ବରର ଉତ୍ତରପୂର୍ବକୁ ଆଉ ଗୋଟିଏ ତାରା (Asterope; Eta Tauri)କୁ ମିଶାଇ ଏ ପୁଞ୍ଜରେ ୭ଟି ତାରା ଗଣନା କରନ୍ତି । ପୁରାଣ ମତରେ ବଶିଷ୍ଠପତ୍ନୀ ଅରୁନ୍ଧତୀଙ୍କ ଛଡ଼ା ଏମାନେ ଅନ୍ୟ ୬ ଜଣ ସପ୍ତର୍ଷିପତ୍ନୀ ଅଟନ୍ତି । ଏ ୬ ଜଣ କାର୍ତ୍ତିକେୟଙ୍କୁ ୬ ମୁଖରେ ସ୍ତନ୍ୟପାନ କରାଇଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଦିନ ଚନ୍ଦ୍ର ଏହି ପୁଞ୍ଜ ସଙ୍ଗେ ଥାଆନ୍ତି ।

୪ । ହିନ୍ଦୁ ମତରେ ନାମ—**ରୋହିଣୀ** ବା ପ୍ରଜାପତି ବା ରୋହିତ ତାରା ।

ଗଠନ ବା ଚିତ୍ର



କେଉଁ ରାଶିରେ ଅବସ୍ଥିତ—ବୃଷ ରାଶିରେ ।

ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ; ଏହା ତ୍ରିଭୁଜାକୃତି ।

ଆକାର ଓ ତାରକା ସଂଖ୍ୟା—୫ ଗୋଟି ତାରା, ଏ ୫ ତାରାକୁ ଯୋଗ କଲେ ଗୋଟିଏ ସମଦ୍ୱିବାହୁ ତ୍ରିଭୁଜ ବା ଶଗଡ଼ଦଣ୍ଡାର ଆକାର ହେବ ।

ଓଡ଼ିଆ ବା ଦେଶୀୟ ନାମ—ରୋହିଣୀ ଶକଟ ।

ପାଶ୍ଚାତ୍ୟ ନାମ—Hyades.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Taurus, 1. Alpha Tauri; 2. Theta Tauri; 3. Gamma Tauri; 4. Delta Tauri; 5. Epsilon Tauri.

କଷ୍ଟିପାଥୁରେ ଲକ୍ଷିତ ସୂଚନା—ଶକଟାକୃତି ୫ ତାରା ।

ମନ୍ତବ୍ୟ—ଏ ନକ୍ଷତ୍ରର ସମଦ୍ୱିବାହୁ ତ୍ରିଭୁଜର ଭୂମିର ଦକ୍ଷିଣ କୋଣର ଉଜ୍ଜ୍ୱଳତମ ତାରା ହଳଦିଆ ୧ ଚିହ୍ନିତ; ଏହି ତାରାର ପାଶ୍ଚାତ୍ୟ ନାମ Aldeberan । ତ୍ରିଭୁଜର ଦୁଇ ବାହୁର ମଝିରେ ଥିବା ତାରା ଦ୍ୱୟ ଖାଲି ଆଖିକୁ ପ୍ରଥମେ ଗୋଟିଏ ଲେଖାଏଁ ଦେଖାଯାଆନ୍ତି, ବସ୍ତୁତଃ ସେମାନେ ଏକାଧିକ ଅଟନ୍ତି । ଚନ୍ଦ୍ର ଯେବେ ରୋହିଣୀ-ଶକଟକୁ ଭେଦ କରିବାର ଦେଖା ଯାଏ ତେବେ ରାଜ୍ୟରେ ଅନିଷ୍ଟ ଆଶଙ୍କା କରାଯାଏ ।

୫ । ହିନ୍ଦୁମତରେ ନାମ—**ମୃଗଶିରା** ବା ଇନ୍ଦୁ ବା ଏଣକ ।

ଗଠନ ବା ଚିତ୍ର



କେଉଁ ରାଶିରେ ଅବସ୍ଥିତ—ବୃଷରେ ½, ମିଥୁନରେ ½ ।

ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ । ଏହା ତ୍ରିଭୁଜାକୃତି ।

ଆକାର ଓ ତାରକା ସଂଖ୍ୟା—୩ ଗୋଟି ତାରା । ଏ ୩ ତାରାକୁ ଯୋଗ କଲେ ଗୋଟିଏ ସୂକ୍ଷ୍ମକୋଣୀ ତ୍ରିଭୁଜ ହେବ । ଏହ ହରିଣର ମସ୍ତକରୂପେ କଳ୍ପିତ ।

ଓଡ଼ିଆ ବା ଦେଶୀୟ ନାମ—କାଳପୁରୁଷର ମୁଣ୍ଡ ।

ପାଶ୍ଚାତ୍ୟ ନାମ—Heka; Orion's head.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—1. Lambda Orionis; 2. Phi_1 Orionis; 3. Phi_2 Orionis.

କଷ୍ଟିପାଥୁରେ ଲକ୍ଷିତ ସୂଚନା—ହରିଣପଦାକୃତି ୩ ତାରା ।

ମନ୍ତବ୍ୟ—ଏଥିର ଯୋଗତାରା ୧ ଚିହ୍ନିତ । ମାର୍ଗଶିର ପୂର୍ଣ୍ଣିମାରେ ଚନ୍ଦ୍ର ଏହି ନକ୍ଷତ୍ର ସଙ୍ଗେ ଥାଆନ୍ତି ।

୬ । ହିନ୍ଦୁ ମତରେ ନାମ—**ଆର୍ଦ୍ରା** ବା ଶୂଳମ ।

ଗଠନ ବା ଚିତ୍ର ✱

କେଉଁ ରାଶିରେ ଅବସ୍ଥିତ—ମିଥୁନ ରାଶିରେ ।

ଆକାଶର କେଉଁଠାରେ ଅବସ୍ଥିତ—ଏହା ମୃଗଶିରାର ଦକ୍ଷିଣ-ପଶ୍ଚିମରେ ।

ଆକାର ଓ ତାରକା ସଂଖ୍ୟା—ଗୋଟିଏ ହଳଦିଆ ଉଜ୍ଜ୍ୱଳ ତାରା ।

ଓଡ଼ିଆ ବା ଦେଶୀୟ ନାମ—କାଳପୁରୁଷର ଡାହାଣ ଖୁଆମୁଣ୍ଡ ।

ପାଶ୍ଚାତ୍ୟ ନାମ—Betelgeux.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—Alpha Orionis.

କଷ୍ଟିପାଥୁରେ ଲକ୍ଷିତ ସୂଚନା—ଲୁରୁକଦ ବର୍ଣ୍ଣର (ଲୋହିତ) ଗୋଟିଏ ଉଜ୍ଜ୍ୱଳ ତାରା ।

ମନ୍ତବ୍ୟ—'କାଳପୁରୁଷ' ପୁଞ୍ଜ ତଳେ ଦେଖ—ଏହା କାଳପୁରୁଷର ଡାହାଣ ଖୁଆ ମୁଣ୍ଡିରେ ଅବସ୍ଥିତ ।

୭ । ହିନ୍ଦୁ ମତରେ ନାମ—**ପୁନର୍ବସୁ** ବା ସୁରମାତା ।

ଗଠନ ବା ଚିତ୍ର



କେଉଁ ରାଶିରେ ଅବସ୍ଥିତ—ମିଥୁନରେ ¾, କର୍କଟରେ ¼ ।

ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରୁ ଦକ୍ଷିଣାକାଶ

ପର୍ଯ୍ୟନ୍ତ ବକ୍ରଭ ଧନୁକାକାରରେ ଅବସ୍ଥିତ ୬ଟି ତାରା । ଧନୁର ଦକ୍ଷିଣାର୍ଦ୍ଧ ଛାୟାପଥକୁ କାଟୁଛି । ୧ ଓ ୨, ୩ ଓ ୪ ଚିହ୍ନିତ ତାରା ଉତ୍ତରାକାଶରେ, ୫।୬ ଦକ୍ଷିଣାକାଶରେ । ୩।୪ ଓ ୫।୬ ମଧ୍ୟରେ ଛାୟାପଥ । ୧ । ସୋମ ତାରା, ୨ । ବୃହସ୍ପତି ତାରା, ୩ । ପ୍ରଜୁସ, ୪ । ସରମା ବା ଶ୍ୱା, ୫ । (ନାମ ଜଣା ନାହିଁ), ୬ । ପ୍ରଶ୍ୱା ବା ଲୁବ୍ଧକ ।

ଆକାର ଓ ତାରକା ସଂଖ୍ୟା—ଛଅ ଗୋଟି ତାରା । ଏମାନଙ୍କୁ ଯୋଗ କଲେ ଗୋଟିଏ ଶରଯୁକ୍ତ ଧନୁ ପରି ଦେଖା ଯାଏ ।

ପାଶ୍ଚାତ୍ୟ ନାମ—1. Castor; 2. Pollux; 3. Gomesia; 4. Procyon or Mira or Lesser dog-star; 5. Murzim; 6. Sirius or Dogstar-

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—1 and 2 in Gemini; 1. Alpha Geminorum; 2. Beta Geminorum; 3 and 4 in Canis minoris; 3. Beta Canis minoris; 4. Alpha Canis minoris; 5 and 6 in Canis majoris; 5. Beta Canis majoris; 6. Alpha Canis majoris.

କଣ୍ଟପାସ୍ବାରେ ଲକ୍ଷିତ ସୂଚନା—ଧନୁସାଦୃଶ ୬ ତାରା ।

ମନ୍ତବ୍ୟ—ଏ ପୁଞ୍ଜରେ ୬ଷ୍ଠ ତାରା (ପ୍ରଶ୍ୱା ବା Dogstar) ଉଜ୍ଜ୍ୱଳତମ; ଏହା ଉଜ୍ଜ୍ୱଳ ନୀଳବର୍ଣ୍ଣ; ଏଥିରୁ କମ୍ ଉଜ୍ଜ୍ୱଳ ୪ର୍ଥ ତାରା (ଶ୍ୱା ବା Lesser dogstar.)

୮ । ହିନ୍ଦୁ ମତରେ ନାମ—**ପୁଷ୍ୟା** ବା ଗୁରୁ ।

ଗଠନ ବା ଚକ୍ର



କେଉଁ ରାଶିରେ ଅବସ୍ଥିତ—କର୍କଟରେ ।

ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ; ତ୍ରିଭୁଜାକାର ୩ଟି କ୍ଷୀଣତାରା ମଧ୍ୟରେ ଦେଖାଯାଉଥିବା ମଧୁଚକ୍ରାକାର ତାରାସ୍ତବକ । ଏହା ଭୁଲାଲଚକ୍ରରୂପେ କଳ୍ପିତ ହୋଇ ପାରେ ।

ଆକାର ଓ ତାରକା ସଂଖ୍ୟା – କ୍ଷୀଣ ଧୂମମୟ ତାରାସ୍ତବକ ।

ପାଶ୍ଚାତ୍ୟ ନାମ—The Manger or Bee hive; ଲାଟିନ୍—Praesepe; ଗ୍ରୀକ୍—Phatne.

ପାଶ୍ଚାତ୍ୟରାଶି ଅନୁସାରେ ଜ୍ୟୋତିଷିକ ପରିଚୟ – In Cancer; Small misty looking cluster enclosed by 1. Gamma Cancri; 2. Delta Cancri; 3. Theta Cancri; Gamma and Delta Cancri are the twin asses and Praesepe is the manger.

କଣ୍ଟପାସ୍ବାରେ ଲକ୍ଷିତ ସୂଚନା—ବାଳକ ଭୂମିରେ ଖଡ଼ିପାଠ ଲେଖି ଲାଗିଥିବା ପରି ଦେଖାଯିବା ନକ୍ଷତ୍ର ।

ମନ୍ତବ୍ୟ—ପୌଷ ପୂର୍ଣ୍ଣିମାରେ ଚନ୍ଦ୍ର ଏହି ନକ୍ଷତ୍ରରେ ଅବସ୍ଥାନ କରନ୍ତି । ଏ ନକ୍ଷତ୍ରଯୁକ୍ତ ଦିନରେ ଶ୍ୱେତପୁରୁଣୀ ମୂଳ ଖୋଳିଆଣି ଘରେ ରଖିଲେ ସର୍ପଭୟ ନିବାରିତ ହୁଏ ।

୯ । ହିନ୍ଦୁ ମତରେ ନାମ—**ଅଶ୍ଳେଷା**, ଭୁଜଙ୍ଗ ବା ସର୍ପ ।

ଗଠନ ବା ଚକ୍ର—



କେଉଁ ରାଶିରେ ଅବସ୍ଥିତ—କର୍କଟରେ ।

ଆକାଶରେ କେଉଁଠାରେ ଅବସ୍ଥିତ—ମଧ୍ୟାକାଶରେ; ପୁଷ୍ୟାର ଦକ୍ଷିଣରେ ।

ଆକାର ଓ ତାରକା ସଂଖ୍ୟା—ଶ୍ୱାନପୁଚ୍ଛ ବା ବକ୍ରଶିକଣ୍ଡା ବା ଏକ ଅଙ୍କ ୯ ଅକ୍ଷରର ପୂର୍ବରୁ ପଶ୍ଚିମ ଅଡ଼କୁ କ୍ରମଶଃ ଅବସ୍ଥିତ ୬ଟି ତାରା ।

ପାଶ୍ଚାତ୍ୟ ନାମ—The Head of Hydra; ଲାଟିନ୍ Caput Hydrae.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Hydra; 1. Theta Hydrae, 2. Zeta Hydrae, 3. Epsilon Hydrae, 4. Delta Hydrae, 5. Sigma Hydrae, 6. Eta Hydrae.

କଣ୍ଟପାସ୍ବାରେ ଲକ୍ଷିତ ସୂଚନା—ଶ୍ୱାନପୁଚ୍ଛ ପ୍ରାୟ ଭଙ୍ଗୁରାକୃତି ୫ ତାରା (ଏହା ପ୍ରକୃତରେ ୬ ତାରା)।

ମନ୍ତବ୍ୟ—୨ ଚିହ୍ନିତ ତାରା ଏ ନକ୍ଷତ୍ରର ଯୋଗତାରା ।

୧୦ । ହିନ୍ଦୁମତରେ ନାମ—**ମଘା** ବା ପିତୃ ।

ଗଠନ ବା ଚକ୍ର—



କେଉଁ ରାଶିରେ ଅବସ୍ଥିତ—ସିଂହରେ ।

ଆକାଶରେ କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ ।

ଆକାର ଓ ତାରକା ସଂଖ୍ୟା—ଦାଆ ବା ଲଙ୍ଗଳାକୃତି ବା କଣ୍ଠାରର ଆକୃତିବିଶିଷ୍ଟ ୫ ବା ୬ ତାରା; ୧ ଚିହ୍ନିତ ତାରା ଯମର ଧ୍ୱଜ ।

ପାଶ୍ଚାତ୍ୟ ନାମ—The Sickle in Leo ଅ. Alguba; 1. Regulus.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—Leo; 1. Regulus or Alpha Leonis, 2. Eta Leonis, 3 Gamma Leonis, 4. Zeta Leonis, 5. Mu Leonis, 6. Epsilon Leonis.

କଣ୍ଟପାସ୍ବାରେ ଲକ୍ଷିତ ସୂଚନା—ଲଙ୍ଗଳ ଆକୃତି ଆଠତାରା (ଲଙ୍ଗଳାକୃତି କଳ୍ପନା କଲେ ୬ ଚିହ୍ନିତ ତାରାକୁ ବାଦ ଦିଆଯିବ ।)

ମନ୍ତବ୍ୟ—୧ ଚିହ୍ନିତ ତାରା ଉଜ୍ଜ୍ୱଳତମ ବା ଯୋଗତାରା; ୩ ଚିହ୍ନିତ ତାରା ଗାଢ଼ ହଳଦିଆ । ମାଘ ପୂର୍ଣ୍ଣିମାରେ ଚନ୍ଦ୍ର ଏ ନକ୍ଷତ୍ର ସଙ୍ଗେ ଥାଆନ୍ତି । ୧ ଚିହ୍ନିତ ତାରାର ଇଂ. ନାମ ରେଗୁଲସ୍ ।

୧୧ । ହିନ୍ଦୁ ମତରେ ନାମ—**ପୂର୍ବଫାଲଗୁନୀ** ବା ଯୋନିଭ, ବୈଦିକ ନାମ ଅର୍ଜୁନୀ ।

ଗଠନ ବା ଚକ୍ର—

କେଉଁ ରାଶିରେ ଅବସ୍ଥିତ—ସିଂହରେ ।
ଆକାଶରେ କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ
ପାଶ୍ଚାତ୍ୟ ନାମ—ଆ. Alzubra
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—Leo; 1. Delta Leonis, 2. Theta Leonis.
କଣ୍ଠପାଠ୍ୟରେ ଲକ୍ଷିତ ସୂଚନା—ଉତ୍ତର ପଶ୍ଚିମ ହୋଇ ୨ ତାରା (ଶଯ୍ୟାକାର ।)
ମନ୍ତବ୍ୟ—ଏଥିର ୨ ଚିହ୍ନିତ ତାରା ଯୋଗତାରା ।

୧୨ । ହିନ୍ଦୁ ମତରେ ନାମ—**ଉତ୍ତରଫାଲ୍‌ଗୁନୀ** ବା ଅର୍ଯ୍ୟମା, ବୈଦିକ ନାମ ଅର୍ଜୁନୀ ।

ଗଠନ ବା ଚକ୍ର—

କେଉଁ ରାଶିରେ ଅବସ୍ଥିତ—ସିଂହରେ ½; କନ୍ୟାରେ ¾ ।
ଆକାଶରେ କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ ।
ଅକାର ଓ ତାରକା ସଂଖ୍ୟା—ଉତ୍ତର ଦକ୍ଷିଣ ହୋଇ ଅବସ୍ଥିତ ୨ ତାରା ।
ଓଡ଼ିଆ ବା ଦେଶୀୟ ନାମ—ଉତ୍ତରଫାଲ୍‌ଗୁନୀ ।
ପାଶ୍ଚାତ୍ୟ ନାମ—ଆ. Al Sherfa, 1. Denebola.
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—Leo; 1 Denebola; Beta Leonis, 2. 93 Leonis.
କଣ୍ଠପାଠ୍ୟରେ ଲକ୍ଷିତ ସୂଚନା—ଉତ୍ତର ଦକ୍ଷିଣ ହୋଇ ୨ ତାରା; ଶଯ୍ୟାକାର ।
ମନ୍ତବ୍ୟ—ଏ ତାରା ଦ୍ୱୟ ପୂର୍ବଫାଲ୍‌ଗୁନୀର ପୂର୍ବରେ । ଏଥିର ଯୋଗତାରା ୧ ଚିହ୍ନିତ । ଦ୍ର—ପୂର୍ବଫାଲ୍‌ଗୁନୀ ଓ ଉତ୍ତରଫାଲ୍‌ଗୁନୀର ତାରା ୪ଟି ଯୋଗ କଲେ ଗୋଟିଏ ଆୟତ କ୍ଷେତ୍ର ହେବ । ଫାଲ୍‌ଗୁନ ପୂର୍ଣ୍ଣିମା ଦିନ ଚନ୍ଦ୍ର ଏ ନକ୍ଷତ୍ରରେ ଥାଆନ୍ତି । ପୂର୍ବଫାଲ୍‌ଗୁନୀ ଓ ଉତ୍ତରଫାଲ୍‌ଗୁନୀର ୪ ତାରାର ଇଂ. ନାମ The Rectangle.

୧୩ । ହିନ୍ଦୁ ମତରେ ନାମ—**ହସ୍ତା** ବା ଳସ୍ତ ।

ଗଠନ ବା ଚକ୍ର

କେଉଁ ରାଶିରେ ଅବସ୍ଥିତ—କନ୍ୟାରେ ।
ଆକାଶର କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ ମଘାର ଦକ୍ଷିଣ ପୂର୍ବରେ ।
ଅକାର ଓ ତାରକା ସଂଖ୍ୟା—ହାତର ୫ଟି ଅଙ୍ଗୁଠିକୁ ଭୂମିରେ ଛପ ମାରିବା ଚିହ୍ନ ପରି ଅବସ୍ଥିତ ତାରା ୫ଟି ।
ଓଡ଼ିଆ ବା ଦେଶୀୟ ନାମ—ସୁପର୍ଣ୍ଣ ମଣ୍ଡଳ ବା କରତଳ ।
ପାଶ୍ଚାତ୍ୟ ନାମ—The Corvus or the Crow 1. ଆ—Alchiba; 3. ଆ—Algorab.
ପାଶ୍ଚାତ୍ୟରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Corvus Group; 1. Alpha Corvi; 2. Beta Corvi; 3. Delta Corvi 4. Gamma Corvi; 5. Epsilon Corvi.
କଣ୍ଠପାଠ୍ୟରେ ଲକ୍ଷିତ ସୂଚନା—କରାକୃତି ୫ ତାରା ।
ମନ୍ତବ୍ୟ—ଏଥିର ଯୋଗ ତାରା ୩ ଚିହ୍ନିତ; କେହି କେହି କହନ୍ତି ଯେ ଏହି ପୁଞ୍ଜର ଉତ୍ତର ପଶ୍ଚିମରେ ଥିବା ହାତର କହୁଣୀ ପରି ଅବସ୍ଥିତ ୫ଟି ତାରା ହସ୍ତା ନକ୍ଷତ୍ର ।

ଜମ୍ମା ମତାନ୍ତରେ:

ଗଠନ ବା ଚକ୍ର



କେଉଁରାଶିରେ ଅବସ୍ଥିତ—କନ୍ୟାରେ ।
ଆକାଶର କେଉଁଠାରେ ଅବସ୍ଥିତ—ମଧ୍ୟାକାଶରେ ।
ଅକାର ଓ ତାରକା ସଂଖ୍ୟା—କହୁଣୀଠାରୁ ସମକୋଣରେ ଭଙ୍ଗା ହୋଇଥିବା ହାତର ଆକୃତିର ୫ ତାରା; ୧ । ଦ୍ରୌପଦୀ, ୪ । ଅପ, ୫ ଶବସ । ୫ ଚିହ୍ନିତ ତାରା ଏଥିର ଯୋଗ ତାରା
ପାଶ୍ଚାତ୍ୟ ନାମ—1. ଆ—Zabi Zaba; 3. ଆ—Rayiwah Anwa; 5. ଲ—Vendimia trix. ଏହି ପୁଞ୍ଜର ନାମ ଆରବରେ Al Anwa ଅଲ୍ ଅନ୍‌ଵା ।
ପାଶ୍ଚାତ୍ୟରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Virgo; 1. Beta Virginis; 2. Eta Virginis; 3. Gamma Virginis; 4. Delta Virginis; 5. Epsilon Virginis.
ମନ୍ତବ୍ୟ—୧ । ହଳଦିଆ, ୨ । ଧଳା, ୩ । ଧଳା, ୪ । ନାଲି, ୫ । ହଳଦିଆ ।

୧୪ । ହିନ୍ଦୁ ମତରେ ନାମ—**ଚିତ୍ରା** ବା ତ୍ୱଷ୍ଟା ବା ନାୟତାରା ।
ଗଠନ ବା ଚକ୍ର *
କେଉଁ ରାଶିରେ ଅବସ୍ଥିତ—କନ୍ୟାରେ ½, ତୁଳରେ ½ ।
ଆକାଶର କେଉଁଠାରେ ଅବସ୍ଥିତ—ମଧ୍ୟାକାଶରେ ।
ଅକାର ଓ ତାରକା ସଂଖ୍ୟା—ଗୋଟିଏ ଉଜ୍ଜ୍ୱଳ ତାରା ।

ପାଶ୍ଚାତ୍ୟ ନାମ—ଇଂ—Spica; ଗ୍ରୀ—Stachys; ପା—Zera; ଅ—Supei.

ପାଶ୍ଚାତ୍ୟରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Virgo; Alpha Virginis.

କଟପାୟାରେ ଲକ୍ଷିତ ସୂଚନା—ମୁକ୍ତାପ୍ରାୟ ଉଜ୍ଜ୍ୱଳ ତାରା ।

ମନ୍ତବ୍ୟ—ଏଥିର ବର୍ଣ୍ଣ ନୀଳାଭଶ୍ୱେତ । ଚୈତ୍ର ପୂର୍ଣ୍ଣିମାରେ ଚନ୍ଦ୍ର ଏହି ନକ୍ଷତ୍ରରେ ଥାଆନ୍ତି ।

୧୫ । ହିନ୍ଦୁମତରେ ନାମ—**ସ୍ୱାତୀ** ବା ବାୟୁ ବା ନିଷ୍ଟ୍ୟ ।

ଗଠନ ବା ଚକ୍ର । ❋

କେଉଁ ରାଶିରେ ଅବସ୍ଥିତ—ତୁଳରେ ।

ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ ।

ଆକାର ଓ ତାରକ ସଂଖ୍ୟା—ଗୋଟିଏ ରକ୍ତାଭ ତାରା ।

ପାଶ୍ଚାତ୍ୟ ନାମ—Arcturus.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Libra; Alpha Bootes.

କଟପାୟାରେ ଲକ୍ଷିତ ସୂଚନା—କୁଙ୍କୁମ ପ୍ରାୟ ଅରୁଣବର୍ଣ୍ଣ ୧ ତାରା ।

ମନ୍ତବ୍ୟ—ସ୍ୱାତୀଠାରୁ ଉତ୍ତର ଅଡ଼େ ସପ୍ତର୍ଷି ମଣ୍ଡଳର ଶେଷ ଲାଞ୍ଜ-ତାରା ଯେଉଁ ଅବସ୍ଥିତିରେ ଅଛି, ଦକ୍ଷିଣ ଅଡ଼େ ଚିତ୍ରା ମଧ୍ୟ ସେହି-ପରି ଅବସ୍ଥିତ । ଚିତ୍ରା, ସ୍ୱାତୀ ଓ ସପ୍ତର୍ଷି ମଣ୍ଡଳର ଶେଷ ଲାଞ୍ଜତାରାକୁ ଯୋଗ କଲେ ଗୋଟିଏ ଚେପଟା ସମଦ୍ୱିବାହୁ ତ୍ରିଭୁଜ ହେବ ।

୧୬ । ହିନ୍ଦୁମତରେ ନାମ—**ବିଶାଖା** ।

ଗଠନ ବା ଚକ୍ର—

କେଉଁ ରାଶିରେ ଅବସ୍ଥିତ—ତୁଳରେ ୫ଁ, ବଶ୍ଚରେ ୬ ।

ଆକାଶର କେଉଁଠାରେ ଅବସ୍ଥିତ-ଦକ୍ଷିଣାକାଶରେ ଚିତ୍ରାର ଦକ୍ଷିଣପୂର୍ବ ।

ଆକାର ଓ ତାରକା ସଂଖ୍ୟା—ଉତ୍ତର ଦକ୍ଷିଣ ହୋଇ ଅବସ୍ଥିତ ୨ଟି ତାରା ।

ପାଶ୍ଚାତ୍ୟ ନାମ—ଅ. ୧ । ଜୁବେନ୍ ଏଲ୍ ଚମେଲି ।

ଅ. ୨ । ଜୁବେନ୍ ଏଲ୍ ଜେନୁବି ।

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Libra; 1. Alpha Librae; 2. Beta Librae.

କଟପାୟା ଲକ୍ଷିତ ସୂଚନା—ତୋରଣ ବା ମାଳାକୃତି ୫ ତାରା ।

ମନ୍ତବ୍ୟ—୧ମ ତାରା ୨ୟ ତାରାର ଉତ୍ତରରେ । ୨ୟ ତାରାଟି ସବୁଜ ବର୍ଣ୍ଣ; ୧ମ ତାରାଟି ରବିମାର୍ଗ (Ecliptic) ର ଉପରେ ଅବସ୍ଥିତ ।

ଅନ୍ୟ ମତାନ୍ତରରେ

ପୂର୍ବୋକ୍ତ ତାରା ଦ୍ୱୟ ଓ ୩।୪।୫ ଚିହ୍ନିତ ତାରା ।

ଗଠନ ବା ଚକ୍ର—



ଆକାର ଓ ତାରକା ସଂଖ୍ୟା—କଟପାୟା ମତରେ ତୋରଣାକୃତି ୫ ତାରା । ୨ ଚିହ୍ନିତ ତାରା ଏଥିର ଯୋଗ ତାରା ।

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Libra; 1. Alpha Librae; 2. Beta Librae; 3. Delta Librae 4. Gamma Librae; 5. Zeta Librae.

ମନ୍ତବ୍ୟ—ବୈଶାଖ ପୂର୍ଣ୍ଣିମାରେ ଚନ୍ଦ୍ର ଏହି ନକ୍ଷତ୍ରରେ ଥାଆନ୍ତି । ଏହି ବିଶାଖା ଫାଟକର ତାରକା ଦ୍ୱୟର (୧ ଓ ୨ର) ମଧ୍ୟ ଦେଇ ସୂର୍ଯ୍ୟ ଗତି କରନ୍ତି ।

୧୭ । ହିନ୍ଦୁମତରେ ନାମ—**ଅନୁରାଧା** ବା ମିତ୍ର ।

ଗଠନ ବା ଚକ୍ର—



କେଉଁ ରାଶିରେ ଅବସ୍ଥିତ—ବଶ୍ଚରେ ।

ଆକାଶର କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ ।

ପାଶ୍ଚାତ୍ୟ ନାମ—Scorpion's head.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Libra; 1. Lambda Librae; In Scropio; 2. Delta scropii 3. Omega Scropii; 4. Nu Scropii; 5. Beta Scropii.

କଟପାୟାରେ ଲକ୍ଷିତ ସୂଚନା—ସର୍ପାକୃତି ୫ ତାରା; ସୂର୍ପ ବା ଜଳଧାରା ବା କଙ୍କଡ଼ା ବିଛାର ମୁଣ୍ଡ ।

ମନ୍ତବ୍ୟ—୪ ଚିହ୍ନିତ ତାରାର ଦକ୍ଷିଣରେ ଅନ୍ୟ ତାରାମାନେ ଅବସ୍ଥିତ । ୧ ଓ ୩ ଚିହ୍ନିତ ତାରା ରବିମାର୍ଗ ଉପରେ ଅବସ୍ଥିତ । ଏ ପୁଞ୍ଜର ଯୋଗତାରା ୫ ଚିହ୍ନିତ । ଏ ନକ୍ଷତ୍ର କଙ୍କଡ଼ାବିଛାର ମୁଣ୍ଡ ।

ଅନ୍ୟ ମତାନ୍ତରରେ

ଗଠନ ବା ଚକ୍ର



ଆକାର ଓ ତାରକା ସଂଖ୍ୟା—କଟପାୟା ମତରେ ସର୍ପାକୃତି ୫ ତାରା ।

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—

In Scropio; 1. Rho Scropii; 2. Pi Scropii. 3. Delta Scorpii; 4. Omega Scropii; 5. Beta Scropii

କଟପାୟା ଲକ୍ଷିତ ସୂଚନା—କଙ୍କଡ଼ା ବିଛାର ଦୁଇ ଅଡ଼ାକୁ ଦାନ୍ତୁଡ଼ା ବାହାରି ଥିବା ମୁଣ୍ଡ ।

ମନ୍ତବ୍ୟ—ପୂର୍ବ ବର୍ଣ୍ଣିତ ପୁଞ୍ଜର ୨ୟ ତାରା ଏ ପୁଞ୍ଜର ୩ୟ ତାରା, ପୂର୍ବ ପୁଞ୍ଜର ୩ୟ ତାରା ଏ ପୁଞ୍ଜର ୪ର୍ଥ ତାରା ଓ ପୂର୍ବବର୍ଣ୍ଣିତ ପୁଞ୍ଜର ୫ମ ତାରା ଏ ପୁଞ୍ଜର ୫ମ ତାରା । ଏଥିର ଯୋଗ ତାରା

୫ ଚିହ୍ନିତ ତାରା । ଏ ନକ୍ଷତ୍ର କଙ୍କଡ଼ା ରାଶିର ମୁଣ୍ଡ ଓ ଦୁଇ ପାଖେ ୨ଟି ନାହୁଡ଼ା ।

୧୮ । ହିନ୍ଦୁମତରେ ନାମ—**ଜ୍ୟେଷ୍ଠା** ବା ବାସବ ।

ଗଠନ ବା ଚକ୍ର



କେଉଁ ରାଶିରେ ଅବସ୍ଥିତ—ବୃଶ୍ଚିକରେ ।

ଆକାଶର କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ ।

ଆକାର ଓ ତାରକା ସଂଖ୍ୟା—ଉତ୍ତରପଶ୍ଚିମରୁ ଦକ୍ଷିଣପୂର୍ବକୁ ଅବସ୍ଥିତ ୩ଟି ତାରା ।

ପାଶ୍ଚାତ୍ୟ ନାମ—Scorpion's body or back.

ପାଶ୍ଚାତ୍ୟରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Scorpio; 1. Sigma Scorpii; 2. Antares or Alpha Scorpii; 3. Tau Scorpii.

କଟପାୟୂରେ ଲକ୍ଷିତ ସୂଚନା—ବସୁହ ବଳୟର ୩ ତାରକା; ସର୍ପାକୃତି ବା କୁଣ୍ଡଳାକୃତି ।

ମନ୍ତବ୍ୟ—ଏଥିର ଯୋଗ ତାରା ୨ ଚିହ୍ନିତ ଓ ଏହା ଜଳନ୍ତା କୋଇଁ ବା ଗଙ୍ଗଶିଉଳି ଫୁଲର ଡେମ୍ଫ ପରି ନାଲି । ଏ ନକ୍ଷତ୍ର କଙ୍କଡ଼ା-ରାଶିର ଦେହ ବା ପିଠିରୂପେ କଳ୍ପିତ । ଜ୍ୟେଷ୍ଠ ପୂର୍ଣ୍ଣିମାବ୍ରତ ଚନ୍ଦ୍ର ଏ ନକ୍ଷତ୍ରରେ ଥାଆନ୍ତି ।

୧୯ । ହିନ୍ଦୁମତରେ ନାମ—**ମୂଳା** ।

ଗଠନ ବା ଚକ୍ର—



କେଉଁ ରାଶିରେ ଅବସ୍ଥିତ—ଧନୁରେ ।

ଆକାଶରେ କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ ।

ଆକାର ଓ ତାରକା ସଂଖ୍ୟା—କଙ୍କଡ଼ା ରାଶିର ବଙ୍କା ଲାଞ୍ଜରୂପେ କଳ୍ପିତ, ଶଙ୍ଖ ବା ଧନୁର କୋଟିରୂପେ ଅବସ୍ଥିତ ୯ଟି ତାରା । ୮ ଚିହ୍ନିତ ଶ୍ୟାମ, ୯ ଚିହ୍ନିତ ଶବଳ, ୮ ଓ ୯ ଚିହ୍ନିତ ତାରା ଦ୍ୱାରା ଯମଙ୍କର ୨ଟି କୁକୁର ବା ସାରମେୟ ଯୁଗଳ ।

ଓଡ଼ିଆ ବା ଦେଶୀୟ ନାମ—ମୂଳା ଶଙ୍ଖ ।

ପାଶ୍ଚାତ୍ୟ ନାମ—Scorpion's tail. ୮ ଚିହ୍ନିତ ଲାଟିନ୍ Shoula, ୯ ଚିହ୍ନିତ ଲାଟିନ୍ Lesath.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Scorpio- 1 Epsilon Scorpii, 2 Mu Scorpii, 3 Zeta Scorpii, 4 Eta Scorpii, 5 Theta Scorpii, 6 Iota Scorpii, 7. Kappa Scorpii, 8 Lambda Scorpii, 9 Upsilou Scorpii.

କଟପାୟୂରେ ଲକ୍ଷିତ ସୂଚନା—ଶଙ୍ଖାକୃତି ବା ସିଂହପୁଚ୍ଛାକୃତି ୯ ତାରା ।

ମନ୍ତବ୍ୟ—ଅନୁରାଧା, ଜ୍ୟେଷ୍ଠା ଓ ମୂଳା ନକ୍ଷତ୍ରର ତାରାମାନଙ୍କୁ କଳ୍ପନାଦ୍ୱାରା ଯୋଗ କଲେ ଲାଞ୍ଜକୁ ଉପରକୁ ଗୁଡ଼ାଇ କରି ହୋଇଥିବା ଗୋଟିଏ କଙ୍କଡ଼ାବିଛା ପରି ହେବ । ଏ ରାଶିର ମୁଣ୍ଡ ଅନୁରାଧା, ପିଠି ଜ୍ୟେଷ୍ଠା ଓ ଲାଞ୍ଜ ମୂଳା ।



---

୨୦ । ହିନ୍ଦୁମତରେ ନାମ—**ପୂର୍ବାଷାଢ଼ା** ।

ଗଠନ ବା ଚକ୍ର—



କେଉଁ ରାଶିରେ ଅବସ୍ଥିତ—ଧନୁରେ ।

ଆକାଶରେ କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ ଛାୟାପଥରେ ଅବସ୍ଥିତ ଓ ମୂଳା ଶଙ୍ଖର ପଶ୍ଚିମରେ । ବିଷମ ଚତୁର୍ଭୁଜର ଗୋଟିଏ ବାହୁ ବର୍ଦ୍ଧିତ ।

ଆକାର ଓ ତାରକା ସଂଖ୍ୟା—କୁଲା ବା ସୂର୍ପ ଆକୃତିଯୁକ୍ତ ୫ ତାରା । ୪ ଚିହ୍ନିତ ତାରା ତୁଳସୀ ।

ପାଶ୍ଚାତ୍ୟ ନାମ—1, 2, 3 & 4 called Archer's bow, 3 ଲାଟିନ୍ N. Kaus, 4 ଲାଟିନ୍ M. Kaus, 5 ଲାଟିନ୍ Kaus Australis.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Sagittarius; 1. Epsilon Sagittarii, 2. Delta Sagittarii, 3. Lambda Sagittarii, 4. Mu Sagittarii 5. 4 Sagittarii.

କଟପାୟୂରେ ଲକ୍ଷିତ ସୂଚନା—ହସ୍ତିଦନ୍ତ ବା ସୂର୍ପ ରୂପ ୪ ତାରା; ତାହା ହେଲେ ୧ ଚିହ୍ନିତ ତାରାକୁ ବାଦ୍ ଦେବାକୁ ହେବ ।

ମନ୍ତବ୍ୟ—ଏଥିର ଯୋଗତାରା ୨ ଚିହ୍ନିତ; ଆଷାଢ଼ ପୂର୍ଣ୍ଣିମାରେ ଚନ୍ଦ୍ର ଏହି ନକ୍ଷତ୍ରରେ ଥାଆନ୍ତି ।

୨୧ । ହିନ୍ଦୁ ମତରେ ନାମ—**ଉତ୍ତରାଷାଢ଼ା** ବା ବିଶ୍ୱ—



କେଉଁ ରାଶିରେ ଅବସ୍ଥିତ—ଧନୁରେ ¾, ମକରରେ ¼ ।
ଆକାଶରେ କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ ଛାୟାପଥର ପୂର୍ବରେ; ବିଷମ ଚତୁର୍ଭୁଜ ।
ଆକାର ଓ ତାରକା ସଂଖ୍ୟା—କୁଲା ବା ସୂର୍ପ ପରି ୪ ତାରା ।
ପାଶ୍ଚାତ୍ୟ ନାମ—Trapezium in Sagittarius.
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Sagittarius–1 Zeta Sagittarii, 2. Sigma Sagittarii, 3 Omicron Sagittarii, 4 Pi. Sagittarii.
କଷ୍ଟପାଥୂରେ ଲିଖିତ ସୂଚନା—ସୂର୍ପାକୃତି ୧ ତାରା ।
ମନ୍ତବ୍ୟ—ଦ୍ର—ଏଥିର ଯୋଗ ତାରା ୨ ଚିହ୍ନିତ; ଏହା ଛାୟାପଥର ପୂର୍ବତଟରେ । ମକର ରାଶିରେ ଉତ୍ତରାଷାଢ଼ାର ଉତ୍ତର ଓ ଶ୍ରବଣାର ଉତ୍ତର ପଶ୍ଚିମରେ ଗୋଟିଏ ନୀଳାଭ ଉଜ୍ଜ୍ୱଳ ତାରାର ନାମ ଅଭିଜିତ୍ ।

ଦ୍ର—ପୂର୍ବାଷାଢ଼ା ଓ ଉତ୍ତରାଷାଢ଼ା ନକ୍ଷତ୍ରଦ୍ୱୟର ୮ଟି ତାରା ମିଳି ଗୋଟିଏ ବଡ଼ କୁଲା ପରି ଦେଖାଯାଏ ।



୨୨ । ହିନ୍ଦୁ ମତରେ ନାମ—**ଶ୍ରବଣା** ବା କେଶବ ।

ଗଠନ ବା ଚିତ୍ର—



କେଉଁ ରାଶିରେ ଅବସ୍ଥିତ—ମକରରେ ।
ଆକାଶରେ କେଉଁଠାରେ ଅବସ୍ଥିତ—ମଧ୍ୟାକାଶରେ ।
ଆକାର ଓ ତାରକା ସଂଖ୍ୟା—ଉତ୍ତର ଦକ୍ଷିଣ ହୋଇ ଅବସ୍ଥିତ ୩ ତାରା, ଏହି ୩ ତାରାକୁ ଯୋଗ କଲେ ଗୋଟିଏ ଶର ବା ଯଷ୍ଟି ହେବ । ୧ କର୍ଣ୍ଣ, ୨ ବାସୁଦେବ ।.
ପାଶ୍ଚାତ୍ୟ ନାମ—1 ଅ. Tarazed, 2 Altair, 3 ଅ: Alshain.
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Aquilla; 1 Gamma Aquilae, 2 Alpha Aquilae, 3 Beta Aquilae.
କଷ୍ଟପାଥୂରେ ଲିଖିତ ସୂଚନା—ତ୍ରିଶୂଳ ବା ସାୟକ ବା ଧନୁଃଶରାକୃତି ୩ ତାରା ।
ମନ୍ତବ୍ୟ—ଏଥିର ଯୋଗତାରା ୨ ଚିହ୍ନିତ । ଶ୍ରାବଣ ପୂର୍ଣ୍ଣିମାରେ ଚନ୍ଦ୍ର ଏହି ନକ୍ଷତ୍ରରେ ରହନ୍ତି ।

୨୩ । ହିନ୍ଦୁ ମତରେ ନାମ—**ଧନିଷ୍ଠା** ବା ଶ୍ରବିଷ୍ଠା ବା ଧନ ।

ଗଠନ ବା ଚିହ୍ନ—



କେଉଁ ରାଶିରେ ଅବସ୍ଥିତ—ମକରରେ ½, କୁମ୍ଭରେ ½ ।
ଆକାଶରେ କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ, ଛାୟାପଥର ପୂର୍ବକୂଳରେ ଓ ଜ୍ୟେଷ୍ଠାର ଉତ୍ତରପୂର୍ବରେ ।
ଆକାର ଓ ତାରକା ସଂଖ୍ୟା—ଡୋର ଲାଗିଥିବା କାଗଜ ଚଙ୍ଗ (ଗୁଡ଼ି) ଆକାରର ୫ ତାରା । ୧ ବସୁଦେବ, ୨ ରତ୍ନପୁରୀ ।
ପାଶ୍ଚାତ୍ୟ ନାମ—The Kite, 1 Sadalacin, 4 Rotaner.
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Delphinus; 1 Alpha Delphini, 2 Gamma Delphini, 3 Delta Delphini. 4 Beta Delphini, 5 Epsilon Delphini.
କଷ୍ଟପାଥୂରେ ଲିଖିତ ସୂଚନା—ମର୍ଦ୍ଦଳାକାର ୫ ତାରା ।
ମନ୍ତବ୍ୟ—ଏଥିର ଯୋଗତାରା ୧ ଚିହ୍ନିତ ।

୨୪ । ହିନ୍ଦୁ ମତରେ ନାମ—**ଶତଭିଷା** ବା ଶତତାରକା—



କେଉଁ ରାଶିରେ ଅବସ୍ଥିତ—କୁମ୍ଭରେ ।
ଆକାର ଓ ତାରକା ସଂଖ୍ୟା—ମୁକ୍ତାହାର ଛିଣ୍ଡି ଯାଇ ଶେଷରେ ବୃତ୍ତି ହୋଇଯିବା ପରି ଇତସ୍ତତଃ ବିକ୍ଷିପ୍ତ ୬ଟି ଉଜ୍ଜ୍ୱଳ ତାରା । ୧ ଗାନ୍ଧାରୀ, ୨ ଧୃତରାଷ୍ଟ୍ର, ୩ ବିଦୁର, ୬ ଦୁର୍ଯ୍ୟୋଧନ ।

ପାଶ୍ଚାତ୍ୟ ନାମ—1 ଅରବୀ. Sadal Sud; 2 ଅରବୀ. Sadal Melik; 3 ଅରବୀ. Sadal Chiba; 7 ଅରବୀ. Ancha.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Aquarius; 1 Beta Aquarii, 2 Alpha Aquarii, 3 Gamma Aquarii, 4 Zeta Aquarii, 5 Eta Aquarii, 6 Lambda Aquarii, 7 Theta Aquarii.

କଳ୍ପପାଦ୍ୟରେ ଲକ୍ଷିତ ସୂଚନା—ମଣ୍ଡଳାକାର ବା ମୁଣ୍ଡାକାର ଶତ ତାରକା ।

ମନ୍ତବ୍ୟ—(ବାମ ପାଖରୁ ସଂଖ୍ୟାର ଗଣନା ଆରମ୍ଭ କରି ଡାହାଣପାଖରେ ୭ ସଂଖ୍ୟା ଶେଷ କରାଯିବ) ଏଥିର ଯୋଗତାରା ୭ ସଂଖ୍ୟକ ତାରା; ଏ ନକ୍ଷତ୍ର କୁମ୍ଭରାଶିସ୍ଥିତ ଶତାଧିକ ଇତସ୍ତତଃ ବିକ୍ଷିପ୍ତ କ୍ଷୁଦ୍ର ତାରାମାନଙ୍କର ସମାହାର ।

୨୫ । ହିନ୍ଦୁ ମତରେ ନାମ—**ପୂର୍ବଭାଦ୍ରପଦ** ।

ଗଠନ ବା ଚିତ୍ର—



କେଉଁ ରାଶିରେ ଅବସ୍ଥିତ—କୁମ୍ଭରେ ¾; ମୀନରେ ¼ ।

ଆକାଶରେ କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ, ୨ଟି ଖାଟ ଖୁରାର ତଳ ପରି ୨ଟି ଉଜ୍ଜ୍ୱଳ ତାରା ।

ଓଡ଼ିଆ ବା ଦେଶୀୟ ନାମ—ପୁର୍ବଭାଦ୍ରବ ।

ପାଶ୍ଚାତ୍ୟ ନାମ—1 Scheat, 2 Markab.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Pegassus; 1 Beta Pegasii, 2 Alpha Pegasai

କଳ୍ପପାଦ୍ୟରେ ଲକ୍ଷିତ ସୂଚନା—ଘଣ୍ଟା ବା ଖଟ ଆକୃତିର ୨ଟି ତାରା ।

ମନ୍ତବ୍ୟ—ଭାଦ୍ର ପୂର୍ଣ୍ଣିମାରେ ଚନ୍ଦ୍ର ଏହି ନକ୍ଷତ୍ରରେ ଥାଆନ୍ତି ।

୨୬ । ହିନ୍ଦୁ ମତରେ ନାମ—**ଉତ୍ତରଭାଦ୍ରପଦ**—

ଗଠନ ବା ଚିତ୍ର ।

କେଉଁ ରାଶିରେ ଅବସ୍ଥିତ—ମୀନରେ ।

ଆକାଶର କେଉଁଠାରେ ଅବସ୍ଥିତ—ପୂର୍ବଭାଦ୍ରପଦର ପୂର୍ବରେ ଉତ୍ତରାକାଶରେ; ୨ଟି ଖଟଖୁରା ପରି ୨ଟି ଉଜ୍ଜ୍ୱଳ ତାରା ।

ଓଡ଼ିଆ ବା ଦେଶୀୟ ନାମ—ଉତ୍ତରଭାଦ୍ରବ । ୨ ଚିହ୍ନିତ ତାରାର ନାମ ସଂସ୍କୃତ. ଗୋପଦ ।

ପାଶ୍ଚାତ୍ୟ ନାମ—୧ । ଅରବୀ. Alpheratz; ୨ । ଅରବୀ. Algenib. Note—The 4 stars of Pūrba Bhādrapada and Uttara Bhādrapada are called the Square of Pegassus.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—
1. In Andromeda; Alpha Andromedae.
2. In Pegassus; Gamma Pegasii.

କଳ୍ପପାଦ୍ୟା ଲକ୍ଷିତ ସୂଚନା—ଦୁଇଟି ନରମସ୍ତକ ବା ଖଟ ଆକୃତିର ୨ ତାରା ।

ମନ୍ତବ୍ୟ—କେବେ କେବେ ଭାଦ୍ର ପୂର୍ଣ୍ଣିମାରେ ଚନ୍ଦ୍ର ଏ ନକ୍ଷତ୍ରରେ ରହନ୍ତି । ପୂର୍ବଭାଦ୍ରପଦ ଓ ଉତ୍ତର ଭାଦ୍ରପଦର ୪ଟି ଯାକ ନକ୍ଷତ୍ର ପ୍ରାୟ ବର୍ଗକ୍ଷେତ୍ରାକାର ଖଟର ୪ଟି ଖୁରାର ଭୂମିରେ ପଡ଼ିଥିବା ଚିହ୍ନ ପରି ଦେଖାଯାଏ । ଏ ୪ଟି ତାରାକୁ ଯୋଗ କଲେ ଅଂଶତଃ ଗୋଟିଏ ସମଚତୁର୍ଭୁଜ ପରି ଦେଖାଯାଏ ।



୨୭ । ହିନ୍ଦୁ ମତରେ ନାମ—**ରେବତୀ** ।

ଗଠନ ବା ଚିତ୍ର—



କେଉଁ ରାଶିରେ ଅବସ୍ଥିତ—ମୀନରେ

ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ; ଉତ୍ତରଭାଦ୍ରପଦର ପୂର୍ବରେ ଅଣିକୁ ଦେଖାଯିବା ମତ୍ସ୍ୟାକୃତି ବା ଓଲଟ ଦେଉଳ ଆକୃତିର ୧୩ଟି ତାରା ।

ଆକାର ଓ ତାରକା ସଂଖ୍ୟା—ମତ୍ସ୍ୟାକାର ୧୩ ତାରା ।

ପାଶ୍ଚାତ୍ୟ ନାମ—ଗ୍ରୀକ୍. Mirach ।

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—
9 stars in Andromeda and 4 in Piscis Australis; 1. Nu Andromedae; 2. Mu Andromedae; Beta Andromedae; 4. 82 Piscis Australis; 5. Epsilon Piscis Australis; 6. Lambda Piscis Australis; 7. Psi Piscis Australis; 8. Zeta Andromedae; 9 Epsilon Andromedae; 10. Delta Andromedae; 11. Pi Andromedae; 12. Sigma Andromedae; 13. Theta Andromedae.

କଳ୍ପପାଦ୍ୟରେ ଲକ୍ଷିତ ସୂଚନା—ମୃଦଙ୍ଗ ବା ମତ୍ସ୍ୟାକୃତି ୩୨ ତାରା ।

ମନ୍ତବ୍ୟ—ଏ ତାରାମାନ ସଂଖ୍ୟାରେ ୩୨ ଥିଲେ ମଧ୍ୟ ଖାଲି ଆଖିକୁ ୧୩ ଟି ମାତ୍ର ଦେଖାଯାଆନ୍ତି । ଏଥିର ଯୋଗ ତାରା ୩ ଚିହ୍ନିତ ।

୨୮ । ହିନ୍ଦୁ ମତରେ ନାମ—**ଅଭିଜିତ୍** ।
ଗଠନ ବା ଚିତ୍ର— ❋
କେଉଁ ରାଶିରେ ଅବସ୍ଥିତ—ମକର ରାଶିରେ ।
ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ ଶ୍ରବଣାର ଉତ୍ତରପଶ୍ଚିମ କୋଣରେ ।
ଆକାର ଓ ତାରକା ସଂଖ୍ୟା—ନୀଳ ଓ ଉଜ୍ଜ୍ୱଳ ଗୋଟିଏ ତାରା ।
ପାଶ୍ଚାତ୍ୟ ନାମ—Vega.
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—
In Lyre; Alpha Lyra.
ମନ୍ତବ୍ୟ—ଅଶ୍ୱିନୀଠାରୁ ରେବତୀ ପର୍ଯ୍ୟନ୍ତ ୨୭ ନକ୍ଷତ୍ର ମଧ୍ୟରେ ଚାନ୍ଦ୍ରମାନ ମାସକୁ ବାନ୍ଧିଲାବେଳକୁ ଏହି ନକ୍ଷତ୍ର ଦେଖା ଯିବାରୁ ହିନ୍ଦୁ ଜ୍ୟୋତିଷିମାନେ ଏହାକୁ ଅଷ୍ଟାବିଂଶ ନକ୍ଷତ୍ର ରୂପେ ଗଣନା କରିଅଛନ୍ତି । ଅଭିଜିତ୍ ଧନିଷ୍ଠା ନକ୍ଷତ୍ରର ଦୃଢ଼ର ଉଚ୍ଚ ଦିଗରେ ଅବସ୍ଥିତ । ସୌର ଜଗତ୍ ଏହି ତାରା ଆଡ଼କୁ ଗତି କରୁ ଅଛି ବୋଲି ପାଶ୍ଚାତ୍ୟ ପଣ୍ଡିତମାନେ କହନ୍ତି । ବହୁ ସହସ୍ର ବର୍ଷ ପୂର୍ବେ ଏହି ତାରା Pole star ବା ଧ୍ରୁବତାରା ଥିବାର ପଣ୍ଡିତମାନେ ନିର୍ଣ୍ଣୟ କରନ୍ତି ।

——○——

[ଦ୍ର—ଏହି ୨୮ ଟି ନକ୍ଷତ୍ର ବା ତାରାପୁଞ୍ଜ ଛଡ଼ା ଆଉ ଅନେକ ଗୁଡ଼ିଏ ଉଜ୍ଜ୍ୱଳ ନକ୍ଷତ୍ର ବା ତାରକା ଆକାଶରେ ଦେଖା ଯାଆନ୍ତି । ହିନ୍ଦୁ ଜ୍ୟୋତିଷିମାନେ ତହିଁରୁ କେତେଗୁଡ଼ିକର ନାମକରଣ କରି ଅଛନ୍ତି । ପାଶ୍ଚାତ୍ୟମାନେ ଅପେକ୍ଷାକୃତ ଅଧିକ ସଂଖ୍ୟକ ନକ୍ଷତ୍ର ଓ ନକ୍ଷତ୍ରପୁଞ୍ଜମାନଙ୍କ ନାମକରଣ କରିଅଛନ୍ତି ।

୨୯ । ହିନ୍ଦୁ ମତରେ ନାମ—**(ବଡ଼) ସପ୍ତର୍ଷିମଣ୍ଡଳ** ବା ଚିତ୍ରଶିଖଣ୍ଡୀ ବା ଚିତ୍ରଶିଖଣ୍ଡୀ । (ଋଗ୍ବେଦରେ ଏହାକୁ ଋକ୍ଷମଣ୍ଡଳ ବୋଲାଯାଇ ଅଛି) ।



ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ ଧ୍ରୁବତାରାକୁ କେନ୍ଦ୍ର କରି ତା ଚାରିପାଖରେ କିଛିଦୂର ଛଡ଼ାରେ ଘୂରୁଥିବା ୭ଟି ଉଜ୍ଜ୍ୱଳ ତାରା—
୧ । କ୍ରତୁ, ୨ । ପୁଲହ, ୩ । ପୁଲସ୍ତ୍ୟ, ୪ । ଅତ୍ରି, ୫ । ଅଙ୍ଗିରା, ୬ । ବଶିଷ୍ଠ, ୭ । ମରୀଚି ।
ଆକାର ଓ ତାରକା ସଂଖ୍ୟା—ଏ ତାରା ୭ଟି କୁ ଯୋଗ କଲେ ଗୋଟିଏ ବେଙ୍କଲଗା କରଚୁଲି ପରି ହେବ ।
ଓଡ଼ିଆ ବା ଦେଶୀୟ ନାମ—ଓଡ଼ିଆ. ସାତଭାଇଅପ୍ସ, ହିନ୍ଦି. ସପ୍ତର୍ଷି ।
ପାଶ୍ଚାତ୍ୟ ନାମ—The Great Bear; The Plough; Charle's wain; The Waggon; The Butcher's cleaver; 1. Dubhe; 2. Merak; 3. Phecda; 4. Megrez; 5. Alioth; 6. Mizar; 7. Alkaid or Benetansch.
ପାଶ୍ଚାତ୍ୟରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Ursa Major; 1. Alpha Ursae Majoris; 2. Beta Ursae Majoris; 3. Gamma Ursae Majois; 4. Delta Ursae Majoris; 5. Epsilon Ursae Majoris, 6 Zeta Ursae Majoris; 7. Eta Ursae Majoris.
ମନ୍ତବ୍ୟ—୧।୨ ଚିହ୍ନିତ ତାରାକୁ ଯୋଗ କରି ଉକ୍ତ ରେଖାକୁ ୨ ଚିହ୍ନିତ ତାରା ଆଡ଼କୁ ଆଗକୁ ବଢ଼ାଇଲେ ଉକ୍ତ ରେଖା ଧ୍ରୁବତାରାର ପାଖ ଦେଇ ଯିବ । ଏ ଦୁଇ ତାରାକୁ The Pointers (ଧ୍ରୁବତାରାର ପ୍ରଦର୍ଶକ ବା ଧ୍ରୁବଦର୍ଶକ) ବୋଲାଯାଏ । ୬ଷ୍ଠ ତାରା ପାଖେ ଗୋଟିଏ ଅତି ଛୋଟ ତାରା ଅଛି, ତାକୁ ବଶିଷ୍ଠଙ୍କ ପତ୍ନୀ ଅରୁନ୍ଧତୀ (ଆରବୀ. Alcor; ପାରସୀ. Saidak; ଗ୍ରୀକ୍. 80 Ursae Majoris) କହନ୍ତି । ଏ ୭ ତାରା ବା ସପ୍ତର୍ଷିମଣ୍ଡଳର ୬ଷ୍ଠ ତାରା ପାଖେ ଥିବା ବଶିଷ୍ଠପତ୍ନୀ ଅରୁନ୍ଧତୀ ଛଡ଼ା ଆଉ ୬ ଜଣ ଋଷିପତ୍ନୀ କୃତ୍ତିକାପୁଞ୍ଜରେ ଅବସ୍ଥିତ । ୪ର୍ଥ ତାରା ଏ ପୁଞ୍ଜରେ କ୍ଷୀଣତମ ତାରକା । ସପ୍ତର୍ଷିମଣ୍ଡଳର ଉଲ୍ଲେଖ ଭାଗବତ ୯ମ ସ୍କନ୍ଧ ୧୪ଶ ଶ୍ଳୋକରେ ଅଛି ।

୩୦ । ହିନ୍ଦୁ ମତରେ ନାମ—**ଅରୁନ୍ଧତୀ** ।
ଗଠନ ବା ଚିତ୍ର— ❋
ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ ସପ୍ତର୍ଷିମଣ୍ଡଳର ଲାଞ୍ଜର ଶେଷ ମୁଣ୍ଡ ତାରକାରୁ ଷଷ୍ଠ ଗୋଟିଏ ତାରା (୬ଷ୍ଠ ତାରା) ନିକଟରେ ଥିବା କ୍ଷୁଦ୍ର ତାରା ।
ଆକାର ଓ ତାରକା ସଂଖ୍ୟା—ଗୋଟିଏ କ୍ଷୁଦ୍ର ତାରା ।
ପାଶ୍ଚାତ୍ୟ ନାମ—ଆରବୀ. Alcor; ପାରସୀ. Saidak.
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—
Iu Ursa Major; 80 Ursae Majoris.
ମନ୍ତବ୍ୟ—ହିନ୍ଦୁମାନେ ବିଶ୍ୱାସ କରନ୍ତି ଯେ ମରିବାର ୬ ମାସ ପୂର୍ବରୁ ଏ ତାରା ମନୁଷ୍ୟର ଆଖିକୁ ଦେଖା ଯାଏ ନାହିଁ । ଏଥିସମ୍ବନ୍ଧେ ଶାସ୍ତ୍ରବଚନ ଯଥା—ଧ୍ରୁବପଥର୍ବାଣପଦଂ ଚ ସୁହୃଦ୍ବାକ୍ୟ ମରୁନ୍ଧତୀଂ, ନ ଜିଘ୍ରନ୍ତି ନ ଶୃଣ୍ୱନ୍ତି ନ ପଶ୍ୟନ୍ତି ଗତାୟୁଷଃ । ଫଳତଃ ଏ ନକ୍ଷତ୍ରଟି ଅତି କ୍ଷୁଦ୍ର ଥିବାରୁ କ୍ଷୀଣଦୃଷ୍ଟି ବ୍ୟକ୍ତିଙ୍କୁ ଏହା ଦେଖାଯାଏ ନାହିଁ । ପୁରାଣରେ ଅଛି ଯେ ସପ୍ତର୍ଷିଙ୍କ ପତ୍ନୀମାନଙ୍କୁ ଇନ୍ଦ୍ର ପ୍ରଲୋଭନ ଦେଖାଇବାରୁ ବଶିଷ୍ଠପତ୍ନୀ ଅରୁନ୍ଧତୀଙ୍କ ଛଡ଼ା ଅନ୍ୟ ୬ ଜଣଙ୍କ ମନ ଟଳଟଳ ହେଲା । ସପ୍ତର୍ଷିମାନେ ଏ କଥା ଜାଣିପାରି ଅଟଳଚିତ୍ତା ଅରୁନ୍ଧତୀଙ୍କୁ ବଶିଷ୍ଠଙ୍କ ପାଖେ ସ୍ଥାନ ଦେଲେ, ବାକି ୬ ଜଣଙ୍କୁ ନିଜନିଜ ପାଖରୁ ତଡ଼ିଦେଲେ ଓ ସେମାନେ ଯାଇ କୃତ୍ତିକାପୁଞ୍ଜ (ହିନ୍ଦୁ ଜ୍ୟୋତିଷର ୩ୟ ନକ୍ଷତ୍ର)ରେ ରହିଲେ । ଅରୁନ୍ଧତୀ ପତିବ୍ରତା ନାରୀର ଆଦର୍ଶ । ଏଥିପାଇଁ ବିବାହିତ ଦମ୍ପତି ପାଣିଗ୍ରହଣବିଧି ଶେଷରେ ସାଙ୍ଗ ହୋଇ ବଶିଷ୍ଠ ଓ ଅରୁନ୍ଧତୀ ନକ୍ଷତ୍ରଦ୍ୱୟଙ୍କୁ ଦର୍ଶନ କରିବାର ବିଧି ଅଛି ।

୩୧ । ହିନ୍ଦୁ ମତରେ ନାମ—**ଧ୍ରୁବତାରା** ବା ସୌମ୍ୟଧ୍ରୁବ ବା ଶିଶୁମାର ପୁଚ୍ଛ ।
ଗଠନ ବା ଚିତ୍ର— ❋

ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶର ମଧ୍ୟଭାଗରେ ଚକ୍ରବାଳର କିଛି ଉପରେ ଅବସ୍ଥିତ ସ୍ଥିର ଓ ଅଚଳ ଉଜ୍ଜ୍ୱଳ ତାରା। ଏହା ଧ୍ରୁବ ମଣ୍ଡଳର ବା ଶିଶୁମାର ପୁଞ୍ଜର ପୁଚ୍ଛତାରା।

ଆକାର ଓ ତାରକା ସଂଖ୍ୟା—ଗୋଟିଏ ଉଜ୍ଜ୍ୱଳ ତାରା।

ଓଡ଼ିଆ ବା ଦେଶୀୟ ନାମ—ଧ୍ରୁବ।

ପାଶ୍ଚାତ୍ୟ ନାମ—North pole star; The Polaris.

ପାଶ୍ଚାତ୍ୟରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Ursa Minor; Alpha Ursae Minoris.

ମନ୍ତବ୍ୟ—ସବୁ ନକ୍ଷତ୍ର ମଧ୍ୟରେ କେବଳ ଏହି ଧ୍ରୁବତାରା ସ୍ଥିର ଓ ଅଚଳ। ଆକାଶମଣ୍ଡଳର ଅନ୍ୟ ସମସ୍ତ ତାରା ଧ୍ରୁବକୁ କେନ୍ଦ୍ର କରି ପୂର୍ବରୁ ପଶ୍ଚିମକୁ ବେଙ୍ଗଲା ପରି ବୁଲୁଛନ୍ତି। ଭାଗବତ ୪ର୍ଥ ସ୍କନ୍ଧ ୧୨।୨୨ଶ ଅଧ୍ୟାୟରେ ଏ ତାରାର ବିଷୟ ଲେଖାଅଛି। ଏ ତାରା ଅପେକ୍ଷାକୃତ ସ୍ଥିର ଥିଲେ ମଧ୍ୟ ଏହାର ଗତି ଅଛି। ଏ ପୃଥିବୀର ମେରୁଦଣ୍ଡର ବୃତ୍ତାକାର ଗତି ସଙ୍ଗେ ତୁଲ ତୁଲ ୨୮୦୦୦ ବର୍ଷରେ ଉତ୍ତରାକାଶରେ ଗୋଟିଏ ବୃତ୍ତ ଅଙ୍କିତ କରେ। ଏ ତାରା ପୃଥିବୀର ଉତ୍ତର ମେରୁର ଠିକ୍ ମୁଣ୍ଡ ଉପରେ ଅବସ୍ଥିତ। ଉତ୍ତର ମେରୁବାସୀ ଲୋକଙ୍କୁ ଏ ତାରା ମୁଣ୍ଡ ଉପରେ ଦେଖାଯାଏ। ଭଗବାନ୍ ଭକ୍ତ ଧ୍ରୁବଙ୍କ ତପସ୍ୟାରେ ପ୍ରୀତ ହୋଇ ତାଙ୍କୁ ଏ ସ୍ଥାନ ଦେଇଥିଲେ। ଏହି ତାରାକୁ ଲକ୍ଷ୍ୟ କରି ଉତ୍ତର ଦିଗ ନିର୍ଣ୍ଣୟ କରି ସ୍ଥଳରେ ପଥଭ୍ରାନ୍ତ ପଥିକ ଓ ନାବିକମାନେ ବାଟ ଠଉରାନ୍ତି।

୩୨। ହିନ୍ଦୁମତରେ ନାମ—(ଛୋଟ) **ସପ୍ତର୍ଷିମଣ୍ଡଳ** ଶିଶୁମାରମଣ୍ଡଳ; ଧ୍ରୁବମଣ୍ଡଳ; ଧ୍ରୁବପୁଞ୍ଜ।



ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ।

ଆକାର ଓ ତାରକା ସଂଖ୍ୟା—ବଡ଼ ସପ୍ତର୍ଷିମଣ୍ଡଳର ବିପରୀତ ଦିଗରେ ସପ୍ତର୍ଷିମଣ୍ଡଳପରି ଅବସ୍ଥିତ ୭ଟିତାରା—୧। ଅଗ୍ନି ବା ଉତ୍ତାନପାଦ, ୨। ସୁରୁଚି, ୪। ପ୍ରଜାପତି ଶିଶୁମାର, ୬। ସୁନୀତି, ୭। ଧ୍ରୁବ।

ପାଶ୍ଚାତ୍ୟ ନାମ—ଲା. Ursa Minoris; ଇଂ. The Little or Lesser Bear; ଗ୍ରୀ. Arkas; ଏ ପୁଞ୍ଜର ଅନ୍ୟ ଇଂ. ନାମ The circumpolar stars; ୧। ଆରବୀ Kochab; ୨। ଆରବୀ Pherkad; ୭। ଲାଟିନ୍ Polaris.

ପାଶ୍ଚାତ୍ୟରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Ursae Minor; 1. Beta Ursae Minoris; 2. Gauma Ursae Minoris; 3 Eta Ursae Minoris; 4. Zeta Ursae Minoris; 5. Epsilon Ursae Minoris; 6. Delta Ursae Minoris; 7. Alpha Ursae Minoris.

ପୁରାଣ ଲକ୍ଷିତ ସୂଚନା—ଭାଗବତ, ୪ର୍ଥ, ୯ମ ଓ ୫ମ ସ୍କନ୍ଧରେ ଧ୍ରୁବ ନକ୍ଷତ୍ର ଓ ଶିଶୁମାରମଣ୍ଡଳର ବର୍ଣ୍ଣନ ଅଛି।

ମନ୍ତବ୍ୟ—ଶିଶୁମାର ଧ୍ରୁବଙ୍କ ଶ୍ୱଶୁର। ଏହାଙ୍କ କନ୍ୟା ଭ୍ରମିଙ୍କୁ ଧ୍ରୁବ ବିବାହ କରିଥିଲେ। ବଡ଼ ସପ୍ତର୍ଷି ମଣ୍ଡଳର ଲାଞ୍ଜଅଡ଼େ ଏ ଧ୍ରୁବମଣ୍ଡଳର ମୁଣ୍ଡପାଖ ଏବଂ ଏହାର ଲାଞ୍ଜଅଡ଼େ ବଡ଼ ସପ୍ତର୍ଷିମଣ୍ଡଳର ମୁଣ୍ଡପାଖ। ଏ ମଣ୍ଡଳର ଲାଞ୍ଜତାରା ଧ୍ରୁବ ସର୍ବୋଜ୍ଜ୍ୱଳ। ଏ ମଣ୍ଡଳର ୧।୨ ଚିହ୍ନିତ ତାରା ଉଜ୍ଜ୍ୱଳ। ବାକି ୪ଟି ତାରା ଉଜ୍ଜ୍ୱଳ ନହନ୍ତି ଓ ନିର୍ମଳାକାଶ ନ ହେଲେ ଦେଖା ପଡ଼ନ୍ତି ନାହିଁ। ଏ ପୁଞ୍ଜର ୧।୨ ତାରା ଓ ବଡ଼ ସପ୍ତର୍ଷିମଣ୍ଡଳର ୬ଷ୍ଠ ତାରାର ମଝିରେ ଗୋଟିଏ ଅନୁଜ୍ଜ୍ୱଳ ତାରା ଅଛି। ଏହି ତାରା ଏବଂ ଧ୍ରୁବପୁଞ୍ଜକୁ ମିଶାଇ ଗାର ଟାଣିଲେ ଗୋଟିଏ ମାଛର ଆକାର ଦେଖାଯାଏ। ଏ ମାଛ ଆକୃତିକୁ 'ଧ୍ରୁବମତ୍ସ୍ୟ' କହନ୍ତି।

୩୩। ହିନ୍ଦୁମତରେ ନାମ—**ଧ୍ରୁବମତ୍ସ୍ୟ।**

ଗଠନ ବା ଚିହ୍ନ



ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ।

ଆକାର ଓ ତାରକା ସଂଖ୍ୟା—ଧ୍ରୁବପୁଞ୍ଜର ୭ଟି ତାରା ଓ ଉକ୍ତ ପୁଞ୍ଜର ୧ ଓ ୨ ଚିହ୍ନିତ ତାରାଦ୍ୱୟର ମୁଣ୍ଡ ଉପରେ ଥିବା ଗୋଟିଏ ତାରା, ଏରୂପେ ୮ ତାରା। ୧ ଓ ୨ ଚିହ୍ନିତ ତାରାଦ୍ୱୟର ମୁଣ୍ଡ ଉପରେ ଥିବା ତାରାର ସ୍ୱତନ୍ତ୍ର ନାମ ଯମ।

ପାଶ୍ଚାତ୍ୟ ନାମ—୧ ଠାରୁ ୭ ଚିହ୍ନିତ ତାରା ଧ୍ରୁବପୁଞ୍ଜର ୭ ତାରା; ୮ମ ତାରାର ସ୍ୱ. ନାମ ଯମ; ଗ୍ରୀକ୍—Thuban; ଆରବୀ—Rastaban

ପାଶ୍ଚାତ୍ୟରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—All the seven stars of Ursa Minor and the star Alpha Draconis which is the head-star of Dhruba-matsya.

ମନ୍ତବ୍ୟ—୮ମ ତାରାଟି ଧ୍ରୁବ ମତ୍ସ୍ୟର ଅକ୍ଷି ତାରା। ଜ୍ୟୋତିଷିମାନେ କହନ୍ତି ଯେ ୫୦୦୦ ବର୍ଷ ପୂର୍ବେ ଏହି ତାରାଟି ଧ୍ରୁବ ତାରାର ସ୍ଥାନ ଅଧିକାର କରିଥିଲା।

୩୪। ହିନ୍ଦୁମତରେ ନାମ—**କାଶ୍ୟପୀୟ ମଣ୍ଡଳ।**

ଗଠନ ବା ଚିହ୍ନ—



ଆକାଶରେ କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ ବଡ଼ ସପ୍ତର୍ଷି ମଣ୍ଡଳର ଦକ୍ଷିଣକୁ ଥିବା ୫ ତାରା। ଏ ୫ ତାରାକୁ ଯୋଗ କଲେ ଇଂରାଜି W (ଡବଲ୍ୟୁ) ପରି ଅକ୍ଷର ଦେଖାଯିବ। ୧. ଜମଦଗ୍ନି,

୨. ଗୋତମ, ୩. ବଶିଷ୍ଠ, ୪. ଅତ୍ରି, ୫. କଶ୍ୟପ । ଏହି ତାରାପୁଞ୍ଜ ପାଖରେ ଆଉ ଦୁଇଟି ତାରାଙ୍କୁ ବିଶ୍ୱାମିତ୍ର ଓ ଭରଦ୍ୱାଜ ବୋଲାଯାଏ ।

ପାଶ୍ଚାତ୍ୟ ନାମ—ଇଂ. Lady's chair or The lady in her throne; 1 Caph, 2 Schedar.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Group Cassiopea; 1 Beta Cassiopeiæ, 2 Alpha Cassiopeiæ, 3 Gamma Cassiopeiæ, 4 Delta Cassiopeiæ, 5 Epsilon Cassiopeiæ.

ପୁରାଣ ଲିଖିତ ସୂଚନା—ଭାଗବତ ୮ମ ସ୍କନ୍ଧ ୧୩ଶ ଅଧ୍ୟାୟରେ ଏ ପୁଞ୍ଜରେ ୭ଟି ଋଷି ଥିବାର ଉଲ୍ଲେଖ ଅଛି ।

ମନ୍ତବ୍ୟ—ଧ୍ରୁବତାରା ସଙ୍ଗେ ସପ୍ତର୍ଷି ମଣ୍ଡଳର ୫ମ ତାରାକୁ ଯୋଗ କରି ଉକ୍ତ ରେଖାକୁ ଦକ୍ଷିଣ ଆଡ଼କୁ ବଢ଼ାଇଲେ ଉକ୍ତ ବର୍ଦ୍ଧିତ ରେଖା ଏ କାଶ୍ୟପୀୟ ପୁଞ୍ଜକୁ ଭେଦ କରିବ । ଏ ପୁଞ୍ଜର ୪ମ ତାରା ଧ୍ରୁବ ତାରାର ନିକଟତମ ତାରା ।

୩୬ । ହିନ୍ଦୁ ମତରେ ନାମ—**ବ୍ରହ୍ମ କଟାହ ବା ବ୍ରହ୍ମ ମଣ୍ଡଳ** ।



ଆକାଶରେ କେଉଁଠାରେ ଅବସ୍ଥିତ—ଉତ୍ତରାକାଶର କୃତ୍ତିକା ପୁଞ୍ଜର ଉତ୍ତରପୂର୍ବରେ ପୂର୍ବ ଆଡ଼କୁ ଅଣେଇ ହୋଇଥିବା କଟାହ ବା ହାଣ୍ଡି ପରି ୫ଟି ଉଜ୍ଜ୍ୱଳ ତାରା ଓ ହାଣ୍ଡିର ଫନ୍ଦ ଉପରକୁ ଅଣକର ବେଣ୍ଟ ପରି ବାହାରିଥିବା ୨ଟି ଅନୁଜ୍ଜ୍ୱଳ ତାରା ।

ଓଡ଼ିଆ ବା ସଂସ୍କୃତ ନାମ—୧. ବ୍ରହ୍ମା ବା ବ୍ରହ୍ମ ହୃଦୟ, ୨.ପ୍ରଜାପତି ବା ଉରଃ, ୪. ଅଗ୍ନି, ୭. ରାମବାଣ ।

ପାଶ୍ଚାତ୍ୟ ନାମ—1 ଗ୍ରୀକ୍ Aige Cappella; ଆରବୀ Alajoth, 2 Menkalinnan, 4 Nath, 6 and 7 The kids.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Auriga; 1 Alpha Aurigae, 2 Beta Aurigae, 3 Theta Aurigae, 4 Beta Touri, 5 Iota Aurigae, 6 Eta Aurigae, 7 Zeta Aurigae.

ମନ୍ତବ୍ୟ—ଏ ପୁଞ୍ଜର ୧ମ ତାରା ଛାୟା ପଥର ଉତ୍ତର କୂଳରେ; ଏଥିର ୨ୟ ତାରା ପ୍ରଜାପତି ବା ଉରଃ; ୪ର୍ଥ ତାରା ଅଗ୍ନି; ଏହା ଉତ୍ତରାକାଶରେ ଆକାଶଗଙ୍ଗାର ଉଜ୍ଜ୍ୱଳତାରା । ୧ମ ତାରା ବ୍ରହ୍ମା ବା ବ୍ରହ୍ମ ହୃଦୟ । ଅଗ୍ନି ତାରାର ଦକ୍ଷିଣ ପୂର୍ବରେ ଥିବା ତାରା Zeta Tauri, ଅଗ୍ନିପତ୍ନୀ ସ୍ୱାହା ।

୩୭ । ହିନ୍ଦୁ ମତରେ ନାମ—**କାଳପୁରୁଷ ପୁଞ୍ଜ** ବା ରୁଦ୍ର ବା ଅଗ୍ରହାୟଣ ।



କେଉଁ ରାଶିରେ ଅବସ୍ଥିତ—ବୃଷ ରାଶିରେ ।

ଆକାଶରେ କେଉଁଠାରେ ଅବସ୍ଥିତ—ରୋହିଣୀ ଓ ପୁନର୍ବସୁ ନକ୍ଷତ୍ର ମଧ୍ୟରେ ଥିବା ଧନୁର୍ବାଣ ପୁରୁଷର କାଳ୍ପନିକ ଆକୃତିବିଶିଷ୍ଟ ତାରାଗଣ । ଏଥି ମଧ୍ୟରୁ ୧।୨।୩ ଚିହ୍ନିତ ଏଣକ ବା ମୃଗଶିରା (କାଳପୁରୁଷର ମୁଣ୍ଡ) ଓ ୪ର୍ଥ ଚିହ୍ନିତ ଆର୍ଦ୍ରା (କାଳପୁରୁଷର ଡାହାଣ ଖଅ ମୁଣ୍ଡି) । ୫ କାର୍ତ୍ତିକେୟ, ୬ଉଷା, ୭ ଅନିରୁଦ୍ଧ ୮ ଚିତ୍ରଲେଖା; ୬।୭।୮ ଇଷୁ ତ୍ରିକାଣ୍ଡ ବା ପାଶୁପତ ବାଣ, ୯।୧୦।୧୧।୧୨।୧୩ ମୟୂରଚୁଣ୍ଡ, ୧୪ କାର୍ତ୍ତବୀର୍ଯ୍ୟ, ୧୫ବାଣରାଜ, ୧୬ ଠାରୁ ୨୧ କାଳପୁରୁଷର ଧନୁ ।

କାଳପୁରୁଷର ଅଣ୍ଟା ବା ୬।୭।୮ ତାରାତ୍ରୟ ନିରକ୍ଷ ବୃତ୍ତ (Equator) ଉପରେ ଅବସ୍ଥିତ । ମୁଣ୍ଡ ପାଖ ୧।୨।୩।୪।୫ ଉତ୍ତରାକାଶରେ; ୯।୧୦, ୧୧।୧୨।୧୩।୧୪।୧୫ ଦକ୍ଷିଣାକାଶରେ । ପାଶ୍ଚାତ୍ୟ ନାମ—English Orion; 1, 2, 3, Orion's head, 4 Betelgeux, 5 Bellatrix, 6 Al Nitak, 7 Al Nilam, 8 Mintaka 6.7.8 Orion's belt. 9. 10 11. 12.13 Orion's dagger, 14 Saiph, 15 Rigel, 16. 17. 18. 19. 20 21 Orion's bow.

ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Group Orion; 1 Lambda Orionis. 2 Phi_1 Orionis, 3 Phi_2 Orionis, 4 Alpha Orionis, 5 Gamma Orionis, 6 Zeta Orionis, 7 Epsilon, Orionis, 8 Delta Orionis, 9 Sigma Orionis, 10 42. Orionis, 11 Theta Orionis, 12 Iota Orionis, 13 Upsilon Orionis, 14 Kappa Orionis, 15 Beta Orionis, 16 Pi_4 Orionis, 17 Pi_2 Orionis,

18 Pi_1 Orionis, 19 Pi_3 Orionis, 20 Pi_5 Orionis, 21 Pi_6 Orionis.

୩୭ । ହିନ୍ଦୁ ମତରେ ନାମ—**ଆପାଂବତ୍ସ** ବା ଅପାଂନପାତ୍ (ସ୍କନ୍ଦ ବା କାର୍ତ୍ତିକେୟଙ୍କ ନାମାନ୍ତର) ।
ଗଠନ ବା ଚିହ୍ନ—*
ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ ।
ଆକାର ବା ତାରକା ସଂଖ୍ୟା— ଗୋଟିଏ ଉଜ୍ଜ୍ୱଳ ତାରା ।
ପାଶ୍ଚାତ୍ୟ ରାଶି ଅନୁସାରେ ନାମ—Theta Virginus
ମନ୍ତବ୍ୟ—ଏହା ରବିମାର୍ଗର ଉତ୍ତରରେ ଓ ଚିତ୍ରାନକ୍ଷତ୍ରର ଉତ୍ତର-ପଶ୍ଚିମରେ ।

୩୮ । ହିନ୍ଦୁ ମତରେ ନାମ—**ଅଗସ୍ତ୍ୟ** ।
ଗଠନ ବା ଚିହ୍ନ— *
ଆକାଶର କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ ପ୍ରଶ୍ୱାର ଦକ୍ଷିଣରେ ।
ଆକାର ବା ତାରକା ସଂଖ୍ୟା— ଗୋଟିଏ ଉଜ୍ଜ୍ୱଳ ତାରକା ।
ପାଶ୍ଚାତ୍ୟ ରାଶି ଅନୁସାରେ ନାମ—Canopus.
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ନାମ—In Argus; Alpha Argus.
ମନ୍ତବ୍ୟ—୧୪୦୦୦ବର୍ଷ ପୂର୍ବେ ଏହା ଦକ୍ଷିଣ ଧ୍ରୁବ ତାରକା ଥିଲା । ଏ ତାରା ଶରତ୍‌କାଳରେ ଦକ୍ଷିଣାକାଶରେ ରାତ୍ରିରେ ଦେଖାଯାଏ; ଏଥିପାଇଁ କହନ୍ତି ଯେ ଅଗସ୍ତ୍ୟୋଦୟ ହେଲେ ବର୍ଷାଋତୁର ଗୋଳିଆ ପାଣି ଓ କାଦୁଅ ବାଟ ଶୁଖିଯାଏ । ଏହାର ଦକ୍ଷିଣ-ପୂର୍ବରେ ଥିବା କ୍ଷୁଦ୍ର ତାରା ଅଗସ୍ତ୍ୟଙ୍କ ସ୍ତ୍ରୀ ଲୋପାମୁଦ୍ରା ।

୩୯ । ହିନ୍ଦୁ ମତରେ ନାମ—**ଯାମୀ** ବା ଯମୁନା ବା ନଦୀମୁଖ ବା ଶୂଳ ତାରା ।
ଗଠନ ବା ଚିହ୍ନ— *
ଆକାଶରେ କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ ଅଗସ୍ତ୍ୟର ଦକ୍ଷିଣରେ ।
ଆକାର ବା ତାରକା ସଂଖ୍ୟା—ଅତ୍ୟୁଜ୍ଜ୍ୱଳ ରକ୍ତାଭ ଗୋଟିଏ ତାରା ।
ପାଶ୍ଚାତ୍ୟ ନାମ ଓ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ— ଲାଟିନ୍ Acherner, In Eridani; Alpha Eridani.

୪୦ । ମନ୍ତବ୍ୟ—**ତ୍ରିଶଙ୍କୁ ମଣ୍ଡଳ** ।

ଗଠନ ବା ଚିହ୍ନ— 

ଆକାଶରେ କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ; ହସ୍ତା ନକ୍ଷତ୍ରର ଦକ୍ଷିଣ ।
ଆକାର ବା ତାରକା ସଂଖ୍ୟା—୪ଟି ଉଜ୍ଜ୍ୱଳ ତାରା ।
ପାଶ୍ଚାତ୍ୟ ନାମ—ଇଂ. The Southern Cross.
ପାଶ୍ଚାତ୍ୟ ରାଶି ଅନୁସାରେ ନାମ—Crux; 1 Gamma Crucis, 2, Beta Crucis; 3. Delta Crucis; 4. Alpha Crucis.
ମନ୍ତବ୍ୟ—ଏ ତାରା ଚତୁଷ୍ଟୟର ମଧ୍ୟରୁ ଦୁଇଟି ଦୁଇଟିଙ୍କୁ ବିପରୀତ ଭାବରେ ଯୋଗ କଲେ ଗୋଟିଏ କ୍ରୁଶ୍ (cross) ବା ଯୋଗଚିହ୍ନ ହୁଏ । ୪ ଚିହ୍ନିତ ଉଜ୍ଜ୍ୱଳତମ ତାରା ବର୍ଣ୍ଣାମିକ । ୩ୟ ତାରା ସବୁଠାରୁ ମ୍ଳାନଜ୍ୟୋତି । ଜଗନ୍ନାଥ ଦାସଙ୍କ ଭାଗବତରେ ତ୍ରିଶଙ୍କୁ ଉତ୍ତରାକାଶରେ ଥିବାର ଭୁଲରେ ଲେଖାଅଛି । ମୂଳ ଭାଗବତ ଅନୁସନ୍ଧେୟ । ୧।୨।୩ ଚିହ୍ନିତ ତାରା ହସ୍ତରେ ତ୍ରିଶଙ୍କୁ ନାମରେ ବର୍ଣ୍ଣିତ ।

୪୧ । ହିନ୍ଦୁ ମତରେ ନାମ—**ଜୟ** ।
ଗଠନ ବା ଚିହ୍ନ— * ।
ଆକାଶରେ କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ ସ୍ୱାତୀର ଦକ୍ଷିଣ ଓ ମୂଳାର ଦକ୍ଷିଣପଶ୍ଚିମରେ ଗୋଟିଏ ଉଜ୍ଜ୍ୱଳ ତାରା ।
ପରିଚୟ—ମହିଷାସୁର ମଣ୍ଡଳର ୧ମ ତାରା ।
ପାଶ୍ଚାତ୍ୟରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—In Centaurus; Alpha Centauris.
ମନ୍ତବ୍ୟ—ଏହା ଆକାଶଗଙ୍ଗାର ଦକ୍ଷିଣାଂଶରେ ଅବସ୍ଥିତ ।

୪୨ । ହିନ୍ଦୁମତର ନାମ—**ବିଜୟ** ।
ଗଠନ ବା ଚିହ୍ନ—* ।
ପରିଚୟ—ମହିଷାସୁର ମଣ୍ଡଳ (Centaurus ବା କିନ୍ନର ମଣ୍ଡଳର ୨ୟ ତାରକା ।
ଆକାଶରେ କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ ଜୟର ପଶ୍ଚିମ ।
ଆକାର ବା ତାରକା ସଂଖ୍ୟା—ଗୋଟିଏ ଉଜ୍ଜ୍ୱଳ ତାରା ।
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକପରିଚୟ—In Centaurus; Beta Centauris.
ମନ୍ତବ୍ୟ—ଏ ଆକାଶଗଙ୍ଗାରେ ଅବସ୍ଥିତ । ଜୟ ଓ ବିଜୟ ଏ ଦୁଇ ତାରା ଦକ୍ଷିଣାକାଶରେ ତ୍ରିଶଙ୍କୁ ମଣ୍ଡଳର ଉତ୍ତର ପୂର୍ବରେ ମହିଷାସୁର ମଣ୍ଡଳ (Centaurus) ରେ ଅବସ୍ଥିତ ।

୪୩ । ହିନ୍ଦୁ ମତରେ ନାମ—**ସାରମେୟ ଯୁଗଳ** ବା କାଳକଞ୍ଜ ମଣ୍ଡଳ ।
ଗଠନ ବା ଚିହ୍ନ—* * ।
ଆକାଶରେ କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ ବଡ଼ ସପ୍ତର୍ଷି-ମଣ୍ଡଳର ଲାଞ୍ଜତାରାର ଦକ୍ଷିଣକୁ ।
ଆକାର ବା ତାରକା ସଂଖ୍ୟା—ଦୁଇଟି ତାରା ।
ଓଡ଼ିଆ ବା ଦେଶୀୟ ନାମ—୧ । ଜ୍ୟେଷ୍ଠ କାଳକଞ୍ଜ, ୨ କନିଷ୍ଠ କାଳକଞ୍ଜ ।
ପାଶ୍ଚାତ୍ୟ ନାମ—1 Cor Caroli or Charle's heart.
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—Canes Venatici; 1 Alpha Canum Venaticorum, 2 Beta Canum Venaticorum.
ମନ୍ତବ୍ୟ—ମଘାର ଯୋଗତାରା, ଚିତ୍ରା ଓ ଜ୍ୟେଷ୍ଠକାଳକଞ୍ଜକୁ ଯୋଗ କଲେ ଗୋଟିଏ ସମବାହୁ ତ୍ରିଭୁଜ ହେବ ।

୪୪ । ହିନ୍ଦୁ ମତରେ ନାମ—**ପରଶୁରାମ ମଣ୍ଡଳ**

ଗଠନ ବା ଚିତ୍ର

ଆକାଶରେ କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ; ବ୍ରହ୍ମକଟାହର ପୂର୍ବ ଓ କୃତ୍ତିକା ପୁଞ୍ଜର ଉତ୍ତର ।
ଆକାର ବା ତାରକା ସଂଖ୍ୟା—୩ ତାରା ।
ସଂସ୍କୃତ ନାମ—୧ କୁଠାର ପୃଷ୍ଠ ବା ପରଶୁରାମ, ୨ ମାତୃବାତୀ, ୩ ରେଣୁକା ।
ପାଶ୍ଚାତ୍ୟ ନାମ—1 Merfak, 2 Algol; 3 Caput Meduci.
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—Perseus; 1 Alpha Persi, 2 Beta Persi, 3 Rho Persi.
ମନ୍ତବ୍ୟ—୨ୟ ଓ ୩ୟ ତାରା ବହୁରୂପ (variable stars) । ପରଶୁରାମ ତାରା ସପ୍ତର୍ଷିଙ୍କ ମଧ୍ୟ ସ୍ଥଳରେ ଥିବାର ଭାଗବତ ୧ମ ସ୍କନ୍ଦ ୧୬ଶ ଅଧ୍ୟାୟରେ ଲେଖା ଅଛି; କିନ୍ତୁ ଏହା ଠିକ୍ ନୁହେଁ ।

୪୫ । ହିନ୍ଦୁ ମତରେ ନାମ—**ମତ୍ସ୍ୟ ମୁଖ** ।
ଗଠନ ବା ଚିତ୍ର ❊
ଆକାଶରେ କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ ପୂର୍ବଭାଦ୍ରପଦର ଦକ୍ଷିଣରେ ।
ଆକାର ବା ତାରକା ସଂଖ୍ୟା—୧ ଉଜ୍ଜ୍ୱଳ ତାରା ।
ପାଶ୍ଚାତ୍ୟ ନାମ—Formalhaut.
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—1 Alpha. Pisces Australis.

୪୬ । ହିନ୍ଦୁ ମତରେ ନାମ—**କାଳୀୟ** ବା ହ୍ରଦ ସର୍ପ ବା ବାସୁକିମଣ୍ଡଳ ।
ଗଠନ ବା ଚିତ୍ର—

ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ ।
ଆକାର ଓ ତାରକା ସଂଖ୍ୟା—୩ ଉଜ୍ଜ୍ୱଳ ତାରା ଓ ଅନେକଗୁଡ଼ିଏ ଅନୁଜ୍ଜ୍ୱଳ ତାରା ।
ସଂସ୍କୃତ ନାମ—୧ । କାଳୀୟ ବା ରାହୁ; ୨ । ବାସୁକୀ; ୩ । ଅନନ୍ତ ।
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—
Hydra; 1. Alpha Hydrae or Alphard; 2. Zeta Hydrae; 3. Beta Hydrae.
ମନ୍ତବ୍ୟ—ଏହା ମିଥୁନ ରାଶି ଠାରୁ କନ୍ୟା ରାଶି ପର୍ଯ୍ୟନ୍ତ ଲମ୍ବିଛି । ତାହାର ପଶ୍ଚିମରେ ଓ ମଘାର ଯୋଗତାରାର ଦକ୍ଷିଣରେ ଥିବା ଉଜ୍ଜ୍ୱଳ ତାରା ଏଥିରୁ ଗୋଟିଏ । ଏ ପୁଞ୍ଜର ମୁଣ୍ଡପାଖ ଉତ୍ତର କାଶରେ ଓ ଲାଞ୍ଜପାଖ ଦକ୍ଷିଣାକାଶରେ ଅବସ୍ଥିତ । ଅଶ୍ଳେଷାନକ୍ଷତ୍ର ଏ ସର୍ପର ମୁଣ୍ଡ ।

୪୭ । ହିନ୍ଦୁ ମତରେ ନାମ—**ତିମି ମଣ୍ଡଳ** ।
ଆକାଶର କେଉଁଠାରେ ଅବସ୍ଥିତ—ଦକ୍ଷିଣାକାଶରେ ରେବତୀ ନକ୍ଷତ୍ରର ଦକ୍ଷିଣରେ ।
ଆକାର ଓ ତାରକା ସଂଖ୍ୟା—୪ଟି ତାରା ।
ସଂସ୍କୃତ ନାମ—୧ । ମୀନକେତନ ୩ । ମାର ବା କାମରୂପ; (ବହୁରୂପ; ରକ୍ତବର୍ଣ୍ଣ) ୪ । ତିମିପୁଚ୍ଛ ।
ପାଶ୍ଚାତ୍ୟ ନାମ—The Whale; 1 Mencar; 2 Diphda; 3. Mira; 4. Dheneb.
ପାଶ୍ଚାତ୍ୟ ରାଶି ଅନୁସାରେ ଜ୍ୟୋତିଷିକ ପରିଚୟ—Cetus; Alpha Ceti, 2 Beta Ceti, 3 Omega Ceti, 4 Iota Ceti
ମନ୍ତବ୍ୟ—ଏଥିର ଗୋଟିଏ ତାରା (ମାର) ଅତ୍ୟୁଜ୍ଜ୍ୱଳ ଓ ଅନ୍ୟ ଗୋଟିଏ ତାରା (Diphda) ବହୁରୂପ ଓ ରକ୍ତବର୍ଣ୍ଣ ।

———

ପାଶ୍ଚାତ୍ୟମାନେ ହିନ୍ଦୁ ଜ୍ୟୋତିଷୋକ୍ତ ମଣ୍ଡଳ ବା ପୁଞ୍ଜମାନଙ୍କ ଛଡ଼ା ଅନ୍ୟ ଅନେକଗୁଡ଼ିଏ ନକ୍ଷତ୍ର ପୁଞ୍ଜର ନାମକରଣ କରିଅଛନ୍ତି; ଯଥା—

୪୮ । The Crator (cup); ସଂ. ଅନୁବାଦ ଅମୃତପାତ୍ର ମଣ୍ଡଳ ବା କାଂସ୍ୟ ମଣ୍ଡଳ—

ଗଠନ ବା ଚିତ୍ର—



ହସ୍ତାର ପଶ୍ଚିମ ବଇଟିଲଗା ପାତ୍ର ଆକୃତିର ୭ ତାରା—

୪୯ । କେତୁ—The tail of Hydra, ୫ ତାରା । ଉରମୁଣ୍ଡ ମଣ୍ଡଳ ବ ଗଣଦେବ ମଣ୍ଡଳ ବା କେତୁ ।
Coma Berenices; Eng. The Tress
ସିଂହ ରାଶିର ପୂର୍ବ, କନ୍ୟାର ଉତ୍ତର—ରୁଦ୍ରଦେବର ଊର୍ଦ୍ଧ୍ୱଗର୍ଭ ମଣ୍ଡଳ; ଗ୍ରୀକ୍—Plokamos
୫୦ । Musca - ମକ୍ଷିକା ମଣ୍ଡଳ ।
୫୧ । Argos—ନୌମଣ୍ଡଳ ବା ଅର୍ଣ୍ଣବଯାନ ।
୫୨ । The lyre—ଚାର୍ଯ୍ୟ ବା ବୀଣା ମଣ୍ଡଳ ।
୫୩ । The Swan, ଲାଟିନ୍. Cygnus—ହଂସ ମଣ୍ଡଳ । ଉତ୍ତରାକାଶରେ ଶ୍ରବଣାର ଉତ୍ତରରେ ଓ ଅଭିଜିତ୍‌ର ପୂର୍ବରେ ଉଜ୍ଜ୍ୱଳ ତାରା—Deneb Adige or Arided; Alpha Cygnus

———

ଭାରତୀୟ ଜ୍ୟୋତିଷିମାନଙ୍କର କେତେକ ତାରା ଓ ତାରାପୁଞ୍ଜର ପାଶ୍ଚାତ୍ୟ ନାମ ଅଛି ।

୫୪ । ହିନ୍ଦୁ ମତରେ ନାମ—ନହୁଷ ।
ଆକାଶର କେଉଁଠାରେ ଅବସ୍ଥିତ—ଉତ୍ତରାକାଶରେ ।
ଆକାର ଓ ତାରକା ସଂଖ୍ୟା—ସାପଟିଏ ଚାଲିଲା ପରି ଥିବା ପରି ୬ଟି ତାରା । ପାଶ୍ଚାତ୍ୟ ନାମ ଜଣା ନାହିଁ ।
୫୫ । ହିନ୍ଦୁ ମତରେ ନାମ—କପିଳ ।
ପାଶ୍ଚାତ୍ୟ ନାମ—Eta Argus.

୫୬ । ହିନ୍ଦୁ ମତରେ ନାମ— ଶେଫାଳପୁଞ୍ଜ ।
ପାଶ୍ଚାତ୍ୟ ନାମ—Cepheus.

୫୭ । ହିନ୍ଦୁ ମତରେ ନାମ—ଗରୁଡ଼ ।
ପାଶ୍ଚାତ୍ୟ ନାମ—Aquilla

୫୮ । ହିନ୍ଦୁ ମତରେ ନାମ—ଶିଶୁଭେଶ ।
ପାଶ୍ଚାତ୍ୟ ନାମ—Bootes.

୫୯ । ହିନ୍ଦୁ ମତରେ ନାମ—ତକ୍ଷକପୁଞ୍ଜ ।
ପାଶ୍ଚାତ୍ୟ ନାମ—The Draco.

୬୦ । ହିନ୍ଦୁ ମତରେ ନାମ—କପୋତ ମଣ୍ଡଳ ।
ପାଶ୍ଚାତ୍ୟ ନାମ—Columbae.

୬୧ । ହିନ୍ଦୁ ମତରେ ନାମ—କପୋତ ।
ପାଶ୍ଚାତ୍ୟ ନାମ—Lepus.

୬୨ । ହିନ୍ଦୁ ମତରେ ନାମ—ମୂଲଜ୍ୱାଳକ ।
ପାଶ୍ଚାତ୍ୟ ନାମ—Zeta Piscium; the beginning of the Zodiac sign ମେଷ, Aries.

୬୩ । **ଛାୟାପଥ**— ଏହା ଗୁଚ୍ଛଏ ନକ୍ଷତ୍ର ଓ ନୀହାରିକା ଓ ନକ୍ଷତ୍ରପୁଞ୍ଜ-ସମ୍ବଳିତ ବୃତ୍ତାକାର ପଟ୍ଟୀ । ଏହା ଉତ୍ତରଧ୍ରୁବ ଓ ଦକ୍ଷିଣଧ୍ରୁବ (ଯାହାଙ୍କ ଦକ୍ଷିଣର ବଙ୍ଗଳସୂର ତଳେ ଥିବାରୁ ଦୃଶ୍ୟ ହୁଏ ନାହିଁ) ଭେଦ କରି ଆକାଶକୁ ଦୁଇ ଭାଗରେ ବିଭକ୍ତ କରିଅଛି । ଛାୟାପଥ ଉତ୍ତର ଖଗୋଳାର୍ଦ୍ଧରେ ମିଥୁନ ଓ କର୍କଟ ସନ୍ଧି କାଟେ ଏବଂ ଦକ୍ଷିଣ ଖଗୋଳାର୍ଦ୍ଧରେ ବୃଷ ଓ ଧନୁ ଚଣି କାଟେ ଯାଇଅଛି । ଏହି ଛାୟାପଥରେ କାଶ୍ୟପୀପୁଞ୍ଜ, ପରଶୁରାମପୁଞ୍ଜ, ଜ୍ୟେଷ୍ଠା, ମୂଳା, ପୂର୍ବାଷାଢ଼ା, ଶ୍ରବଣା, ବ୍ରହ୍ମା, ଅଗ୍ନି ଭାଗ, ତ୍ରିଶଙ୍କୁ ଓ ଅଗସ୍ତ୍ୟ ଅବସ୍ଥିତ । ଛାୟାପଥ ବହୁଦୂରରେ ଥିବା କୋଟି କୋଟି ନକ୍ଷତ୍ରପୁଞ୍ଜର ସମଷ୍ଟି ଅଟେ । ଅନ୍ଧାର ପକ୍ଷରେ ନିର୍ମଳାକାଶରେ ଛାୟାପଥ ସଫା ଦେଖା ପଡ଼େ ।
ସଂ. ନାମ—ସୋମଧାରା, ଦେବପଥ, ଜଳସରିତ୍, ଆକାଶ ଗଙ୍ଗା, ହରିତାଳୀ ।
ଇଂ. ନାମ—The milky way; galaxy.
ଲାଟିନ୍—Via Lactea.
ଗ୍ରୀକ୍—Galaxis.
ଓଡ଼ିଆନାମ—ହାତିଦଣ୍ଡା ।]

(ନକ୍ଷତ୍ର ଶବ୍ଦର ଚତୁର୍ଥ ଅର୍ଥ)— ୪ । ଚନ୍ଦ୍ର, ସୂର୍ଯ୍ୟ, ଗ୍ରହଆଦିଙ୍କର ପୃଥିବୀର ଚାରି ପାଖେ ଆକାଶରେ କଳ୍ପିତ ବୃତ୍ତାକାର ପରିଭ୍ରମଣ ପଥ (୩୬୦ ଡିଗ୍ରୀ ବା ଅଂଶ)କୁ ସମାନ ୨୭ ଭାଗରେ ବିଭକ୍ତ କଲେ, ପ୍ରତ୍ୟେକ ଭାଗ; ୧୩ ଡିଗ୍ରୀ ୨୦ ମିନିଟ୍ ରେ ଅବସ୍ଥିତ ଆକାଶର ଅଂଶ—
4. A space of the sky representing $\frac{1}{27}$ th of the sky-sphere or 13°. 26′.
[ଦ୍ର—ଆକାଶ ବୃତ୍ତକୁ ୨୭ ଭାଗରେ ବିଭକ୍ତ କଲେ ପ୍ରତି ଭାଗ (୩୦ ଡିଗ୍ରୀ)କୁ ରାଶି ବୋଲାଯାଏ ।]
୫ । ଆକାଶରେ କଳ୍ପିତ ନିର୍ଦ୍ଦିଷ୍ଟ ୧୩ ଅଂଶ ୨୦ କଳା ମଧ୍ୟସ୍ଥିତ ବିଭାଗର ଅନ୍ତର୍ବର୍ତ୍ତୀ ଏକ ବା ତତୋଽଧିକ ତାରା—5. Asterism; one star or a group of stars within the area of 13°. 26′. of the sky-sphere.
[ଦ୍ର—ଏକ ତାରାବିଶିଷ୍ଟ ନକ୍ଷତ୍ର, ଯଥା—ଚିତ୍ରା,ସ୍ୱାତୀ ଓ ଆର୍ଦ୍ରା; ଦୁଇ ତାରାବିଶିଷ୍ଟ ନକ୍ଷତ୍ର; ଯଥା—ପୂର୍ବଭାଦ୍ରପଦ, ଉତ୍ତରଭାଦ୍ରପଦ, ପୂର୍ବାଫାଲ୍ଗୁନୀ ଓ ଉତ୍ତରଫାଲ୍ଗୁନୀ । ଅଶ୍ୱିନୀ, କୃତ୍ତିକା, ରୋହିଣୀ ଇତ୍ୟାଦି ଦୁଇରୁ ଅଧିକ ତାରାଯୁକ୍ତ ନକ୍ଷତ୍ର ଅଟନ୍ତି ।]
୬ । ମୁକ୍ତା—6. Pearl
୭ । ଉଲ୍କା—7. Shooting star; meteor.
ଦେ. ବି—ହାଉଇବାଣରେ ବନ୍ଧାଯିବା ବାରୁଦର ଛୋଟ ଛୋଟ ବଟିକା ବା ଗୁଳା—Small balls of gunpowder attached to rockets.
[ଦ୍ର—ହାଉଇ ଆକାଶକୁ ଉଠିଯାଇ ଫାଟି ଗଲେ ଏଗୁଡ଼ିକ ଅଗ୍ନି ସଂଯୋଗରେ ଜଳଉଠି ନକ୍ଷତ୍ର ପରି ଆକାଶରେ ଦିଶି ହୋଇ ଯାଆନ୍ତି ।]

ନକ୍ଷତ୍ର ଇଣ୍ଡୁରି—ଦେ. ବି—କସି ଇଣ୍ଡୁରି; ଛୋଟ ଛୋଟ ଇଣ୍ଡୁରିପିଠା—Nakshatra induri Small steam-boiled cakes.
(ନକ୍ଷତ୍ର ଏଣ୍ଡୁରି—ଅନ୍ୟରୂପ)

ନକ୍ଷତ୍ର ନାଥ—ସଂ. ବି. (୬ଷ୍ଠୀ ତତ୍;ନକ୍ଷତ୍ର+ନାଥ)—ଚନ୍ଦ୍ର;ତାରାପତି—Nakshatra nātha The moon.

ନକ୍ଷତ୍ର ନେମି—ସଂ. ବି. (ନକ୍ଷତ୍ର+ନେମି=ପରିଧି)—୧ । ଚନ୍ଦ୍ର—Nakshatra nemi 1. The moon.
୨ । ବିଷ୍ଣୁଙ୍କର ନାମ—2. A name of Bishnu.
୩ । ଧ୍ରୁବତାରା—3. The polestar; Polaris.
୪ । ରେବତୀ ନକ୍ଷତ୍ର—
4. The 27th lunar mansion.

ନକ୍ଷତ୍ରପ—ସଂ. ବି. (ନକ୍ଷତ୍ର+ପା ଧାତୁ=ପାଳନ କରିବା+କର୍ତ୍ତୃ. ଅ)—Nakshatrapa ଚନ୍ଦ୍ର—The moon.

ନକ୍ଷତ୍ର ପତି—ସଂ. ବି. (୬ଷ୍ଠୀ ତତ୍; ନକ୍ଷତ୍ର+ପତି)—ତାରାପତି; ଚନ୍ଦ୍ର—Nakshatra pati The moon.

ନକ୍ଷତ୍ର ପାତ—ସଂ. ବି. (୬ଷ୍ଠୀ ତତ୍; ନକ୍ଷତ୍ର+ପାତ=ପତନ)—Nakshatra pāta ଉଲ୍କାପାତ—The fall of shooting stars or meteors.

ନକ୍ଷତ୍ର ବିଦ୍ୟା—ସଂ. ବି—ଜ୍ୟୋତିଷ ଶାସ୍ତ୍ର (ଗଣିତ ଓ ଫଳିତ)—Nakshatra bidyā Astronomy; astrology.

ନକ୍ଷତ୍ର ବୃଷ୍ଟି—ସଂ. ବି. (୬ଷ୍ଠୀ ତତ୍; ନକ୍ଷତ୍ର+ବୃଷ୍ଟି)—Nakshatra brushṭi ବହୁ ଉଲ୍କାର ଏକ ସମୟରେ ପତନ—Simultaneous falling of shooting stars.

ନକ୍ଷତ୍ର ବେଗ—ସଂ. ବି. (୬ଷ୍ଠୀ ତତ୍; ନକ୍ଷତ୍ର+ବେଗ)—Nakshatra bega ଉଲ୍କାର ଗତି ପରି ଦ୍ରୁତ ଗତି—Rapid motion like that of a meteor.

ନକ୍ଷତ୍ର ମାଳା—ସଂ. ବି. (୬ଷ୍ଠୀ ତତ୍; ନକ୍ଷତ୍ର+ମାଳା)—Nakshatra mālā ୧ । ୨୭ଟି ମୁଦ୍ରା ବା ମୁକ୍ତା ଗୁନ୍ଥା ହୋଇଥିବା ହାର—1. A necklace consisting of 27 coins or pearls.

୨ । ନକ୍ଷତ୍ର ସମୂହ—2. A collection of stars.
୩ । ନୃତ୍ୟର ପ୍ରକାରଭେଦ; ନୃତ୍ୟବିଶେଷ—
3. A kind of dance.

ନକ୍ଷତ୍ର ଯାଜକ—ସଂ. ବି. (ନକ୍ଷତ୍ର+ଯାଜ ଧାତୁ=ଯଜ୍ଞ କରାଇବା+ କର୍ତ୍ତୃ. ଅକ; ଭୂଳ. ଗ୍ରହବିପ୍ର)—ଯେଉଁ ବ୍ରାହ୍ମଣ ନକ୍ଷତ୍ରଦୋଷର ଶାନ୍ତି ପାଇଁ ଅନୁଷ୍ଠିତ ଯାଗାଦିରେ ପୌରୋହିତ୍ୟ କରନ୍ତି; ନିକୃଷ୍ଟ ବ୍ରାହ୍ମଣ-ବିଶେଷ—An inferior class of Brāhmaṇas who officiate at the rites performed for propitiating the evil stars.
Nakshatra jājaka

ନକ୍ଷତ୍ର ଯୋଗ—ସଂ. ବି. (ଫଳିତ ଜ୍ୟୋତିଷ)—ନକ୍ଷତ୍ରମାନଙ୍କ ସଙ୍ଗେ ଗ୍ରହମାନଙ୍କର ଯୋଗ—(astrology) The conjunction of planets with particular asterisms
Nakshatra joga

ନକ୍ଷତ୍ର ଯୋନି—ସଂ. ବି. (ଫଳିତ ଜ୍ୟୋତିଷ)—ବିବାହାର୍ଥ ନିଷିଦ୍ଧ ନକ୍ଷତ୍ର—The astrologically inauspicious stars for marriage.
Nakshatra joni

ନକ୍ଷତ୍ର ରାଜ—ସଂ. ବି. (୬ଷ୍ଠୀ ତତ୍; ନକ୍ଷତ୍ର+ରାଜନ୍)—ଚନ୍ଦ୍ର; ତାରାପତି—The moon.
Nakshatra rāja

ନକ୍ଷତ୍ର ଲଞ୍ଜା—ଦେ. ବି. (ସଂ. ନକ୍ଷତ୍ର+ଓ. ଲଞ୍ଜ; ପୁଚ୍ଛଯୁକ୍ତ ନକ୍ଷତ୍ର)—ଲଞ୍ଜାତାରା; ଧୂମକେତୁ—A comet.
Nakshatra lañjā

ନକ୍ଷତ୍ର ଲୋକ—ସଂ. ବି. (୬ଷ୍ଠୀ ତତ୍; ନକ୍ଷତ୍ର+ଲୋକ)—ନକ୍ଷତ୍ରାଧିଷ୍ଠିତ କଳ୍ପିତ ଭୁବନବିଶେଷ—The astral universe.
Nakshatra loka

ନକ୍ଷତ୍ର ଶୂଳ—ସଂ. ବି. (ଫଳିତ ଜ୍ୟୋତିଷ)—ଯାତ୍ରାଦି ଶୁଭକାର୍ଯ୍ୟରେ ନିଷିଦ୍ଧ ନକ୍ଷତ୍ର (ଯଥା—ପୂର୍ବଦିଗକୁ ଯିବା ସମୟରେ ଶ୍ରବଣା ଓ ଜ୍ୟେଷ୍ଠା, ଦକ୍ଷିଣକୁ ଅଶ୍ୱିନୀ ଓ ଉତ୍ତରଭାଦ୍ରପଦ, ପଶ୍ଚିମକୁ ରୋହିଣୀ ଓ ପୁଷ୍ୟା ଏବଂ ଉତ୍ତରକୁ ଉତ୍ତରଫାଲ୍ଗୁନୀ ଓ ହସ୍ତା)—(astrology) Particular asterisms considered as ominous for the purpose of starting on a mission towards particular quarters.
Nakshatra śūla

ନକ୍ଷତ୍ରାମୃତ ଯୋଗ—ସଂ. ବି. (ଜ୍ୟୋତିଷ)—ବାରବିଶେଷ ସଙ୍ଗେ ନକ୍ଷତ୍ର ବିଶେଷ ଯୁକ୍ତ ହେବାରୂପ ଶୁଭଯୋଗ—(astrology) Auspicious combinations of particular asterisms with particular week-days.
Nakshatrāmṛuta joga

[ଦ୍ର—ରବିବାର—ଉତ୍ତରଫାଲ୍ଗୁନୀ, ଉତ୍ତରାଷାଢ଼ା, ଉତ୍ତରଭାଦ୍ରପଦ, ରୋହିଣୀ, ପୁଷ୍ୟା, ମୂଳା ଓ ରେବତୀ ।
ସୋମବାର—ଶ୍ରବଣା, ଧନିଷ୍ଠା, ରୋହିଣୀ, ମୃଗଶିରା, ପୂର୍ବଫାଲ୍ଗୁନୀ ଉତ୍ତରଫାଲ୍ଗୁନୀ, ପୂର୍ବଭାଦ୍ରପଦ, ଉତ୍ତରଭାଦ୍ରପଦ, ହସ୍ତା ଓ ଅଶ୍ୱିନୀ ।
ମଙ୍ଗଳବାର—ପୁଷ୍ୟା, ଅଶ୍ଳେଷା, କୃତ୍ତିକା, ସ୍ୱାତୀ, ଉତ୍ତରଭାଦ୍ରପଦ ଓ ରେବତୀ ।
ବୁଧବାର—କୃତ୍ତିକା, ରୋହିଣୀ, ଶତଭିଷା ଓ ଅନୁରାଧା ।
ଗୁରୁବାର—ସ୍ୱାତୀ, ପୁନର୍ବସୁ, ପୁଷ୍ୟା ଓ ଅନୁରାଧା ।
ଶୁକ୍ରବାର—ପୂର୍ବଭାଦ୍ରପଦ, ଉତ୍ତରଭାଦ୍ରପଦ, ଅଶ୍ୱିନୀ, ଶ୍ରବଣା ଓ ଅନୁରାଧା ।
ଶନିବାର—ସ୍ୱାତୀ ଓ ରୋହିଣୀ ।
ଉପରୋକ୍ତ ବାରମାନଙ୍କର ଯଥାକ୍ରମେ ଏହି ନକ୍ଷତ୍ରମାନଙ୍କ ଯୋଗ ଘଟିଲେ ନକ୍ଷତ୍ରାମୃତ-ଯୋଗହୁଏ ।]

ନକ୍ଷତ୍ରେଶ—ସଂ. ବି. (୬ଷ୍ଠୀ ତତ୍; ନକ୍ଷତ୍ର+ଈଶ)—୧ । ଚନ୍ଦ୍ର—1. The moon.
Nakshatreśa
(ନକ୍ଷତ୍ରେଶ୍ୱର—ଅନ୍ୟରୂପ) ୨ । କର୍ପୂର—2. Camphor.

ନକ୍ଷୀ—ଦେ. ବି. (ସଂ. ନଖୀ)—ନଖୀ (୨) (ଦେଖ)
Nakshi Nakhi (2) (See)
(ନକ୍ସୀ—ଅନ୍ୟରୂପ) ଅଳାଉଦ ନକ୍ଷୀ ଭଦ୍ର, ପାନେ ରସ ବଢ଼ି ଦିଅ ।
ବଂଶ୍ୟୋ ବୋଲେ କ କାର୍ଯ୍ୟ, ଯେଉଁ ଲପନ ଅମୂଳ ।
ଭକ୍ତ. ଗୃହବେଦୀ ।

ଗ୍ରା. ବି. ସ୍ତ୍ରୀ—(ସଂ. ଲକ୍ଷ୍ମୀ) ଲକ୍ଷ୍ମୀ (ଦେଖ)
Lakshmi (See)

ନଖ୍ (ଧାତୁ)—ସଂ.—୧ । ବୃଦ୍ଧି ପାଇବା—1. To increase.
Nakh (root)
୨ । ଗମନ କରିବା; ଗତି କରିବା—2. To move.

ନଖ୍‌ନଉ—ଦେ. ବି. (ହି. ନକଲନୋର)—୧ । ଏକ ପ୍ରକାର କ୍ଷୁଦ୍ର ଚଢ଼େଇ; ନାଲ୍ ଚଢ଼େଇ—1 A kind of small bird.
Nakh-nau
नककनोर (ନଖ୍‌ନୋର—ଅନ୍ୟରୂପ)
[ଦ୍ର—ଏହା ୩।୪ ଇଞ୍ଚ ଲମ୍ବା । ଏହାର ଦେହସାକ କଳା, ନାଲି ଓ ଧଳା ଛିପି ଛିପି ଚିହ୍ନ ଥାଏ ।]
ଲକ୍ଷ୍ନୌ ୨ । ନକନୋର (ଦେଖ)—2. Nakanor (See)
लखनऊ
ଗ୍ରା. ବି.—ଅଯୋଧ୍ୟାର ନଗର ଓ ଜିଲ୍ଲାବିଶେଷ; ଲକ୍ଷ୍ନୌ—Lucknow; name of a city and district in the United Provinces and Oudh.

ନଖ—ସଂ ବି. (ନଖ୍ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ଅ; ଯାହା ପ୍ରତି ଦିନ ବୃଦ୍ଧି ପାଏ)—୧ । ଅଙ୍ଗୁଳିର ଅଗ୍ରଭାଗସ୍ଥ ଉପାସ୍ଥି—1. Nail.
Nakha
নখ नाखुन, नख
୨ । ପଶୁପକ୍ଷୀଙ୍କ ନଖର ବା ତୀକ୍ଷ୍ଣ ନଖ—2. Claws or talons of animals.
ନଖର ଅନ୍ୟ ସଂ.ନାମ—କରଜ, ନଖର, କରରୁହ, ପାଣିଜ, କରଶୂକ, କରକଣ୍ଟକ କରଶଙ୍ଖ, କରଚନ୍ଦ୍ର, ପୁନର୍ଭବ, କାମାଙ୍କୁଶ, ସ୍ମରାଙ୍କୁଶ, ଭୁଜପଥ [ଦ୍ର—କେହି କେହି 'ନଖ'କୁ 'ଲଖ' ବୋଲି ଉଚ୍ଚାରଣ କରନ୍ତି ।]
୩ । ଫାଳିଆ ଅଂଶ; ଫାଳ; ଲମ୍ବ ଖଣ୍ଡ—3 Part; slice.
୪ । ନଖୀ ୨ (ଦେଖ)—4. Nakhi 2 (See)
୨ଦେ. ବି. (ଫା. ନଖ୍)—ଘୁଡ଼ି ଉଡ଼ାଇବାର ଡୋର—A string for a paper kite.
নখ नख

ନଖ ଆମ୍ପୁର୍ଡ଼ା—ଗ୍ରା. ବି. ଓ ବିଣ—ନଖ ରମ୍ପୁର୍ଡ଼ା (ଦେଖ)
Nakha āmpurḍā Nakha rāmpurḍā (See)
(ନଖଆମ୍ପୁଡ଼ା—ଅନ୍ୟରୂପ)

ନଖଇ—ପ୍ରାଦେ. (ଗଞ୍ଜାମ; ଇତର ଭାଷା) ବି. ସ୍ତ୍ରୀ—ଲକ୍ଷ୍ମୀ—
Nakhai Lakshmī, the Goddess of wealth.

ନଖ ଉଷୁମ—ଦେ. ବି.—ସାମାନ୍ୟ ତାପ—
Nakha ushuma Slight heat.
কুস্কুম কুস্কুম গরম ଦେ. ବିଣ—କବୋଷ୍ଣ; ସାମାନ୍ୟ ଉଷ୍ଣ—
लुशुम Slightly warm; tepid.

ନଖ କଟା(ଟେ)ଇବା—ଦେ. କ୍ରି.—ଆପଣାର ବର୍ଦ୍ଧିତ ନଖାଗ୍ରକୁ ଭଣ୍ଡାରି
Nakha kaṭā (ṭe)ibā ଦ୍ୱାରା କର୍ତ୍ତିତ କରାଇବା—
নখ কাটান To have one's nails pared by the
नख कटवाना barber.

ନଖ କର୍ତ୍ତନୀ—ସଂ. ବି.—(ନଖ+କର୍ତ୍ତନ+ଈ)—ନହୁରୁଣୀ—
Nakha karttanī Nail-clipper.
(ନଖ କୃନ୍ତନୀ—ଅନ୍ୟରୂପ)

ନଖ କାଟିବା—ଦେ. କ୍ରି. (ସଂ. ନଖ+କର୍ତ୍ତନ)—ଅଙ୍ଗୁଳି ଅଗରୁ
Nakha kāṭibā ନଖର ବର୍ଦ୍ଧିତ ଅଂଶ ଛେଦନ କରିବା—
নখ কাটা To pare or clip the nails.
नख काटना [ଦ୍ର—ଭଣ୍ଡାରିମାନଙ୍କଦ୍ୱାରା ବାଳ କଟୁରିବା ଓ ନଖ କାଟିବା କର୍ମ ହୁଏ ।]

ନଖକୁଟ୍ଟ—ସଂ. ବି. (ନଖ+କୁଟ୍ଟ ଧାତୁ=କାଟିବା+କର୍ତ୍ତୃ. ଅ)—
Nakha kuṭṭa ଭଣ୍ଡାରି—A barber; one who pears the nails.

ନଖ କୃନ୍ତନ—ସଂ. ବି.—୧ । (୬ଷ୍ଠୀ ତତ୍; ନଖ+କୃନ୍ତନ)—ନଖ
Nakha kṛuntana କାଟିବା—1. The paring or clipping of the nails.
୨ । (ନଖ+କୃତ୍ ଧାତୁ=ଛେଦନ କରିବା+କରଣ. ଅନ)-
ନହୁରୁଣୀ—2. Barber's nail-clipper.

ନଖ କୋଣ—ସଂ. ବି. (୬ଷ୍ଠୀ ତତ୍; ନଖ+କୋଣ)—ହାତ ଓ ଗୋଡ଼ର
Nakha koṇa ନଖର ଅଗ୍ରଭାଗର ଦୁଇ ପ୍ରାନ୍ତ—The two corners of the ends of the finger nails.

ନଖକୋଣୀ—ସଂ. ବି.—(ନଖ+କୋଣ+ଈ)—ନଖର କୋଣବୃଦ୍ଧି
Nakha koṇī ରୋଗ; କଣନଖା; ନଖଶୂଳ—A disease in which the nails increase and pierce the skin, giving excruciating pain; whitlow.

ନଖ କ୍ଷତ—ସଂ.ବି. (ମ.ପ.ଲୋ; ନଖ ଜନିତ କ୍ଷତ)—୧ । ନଖଦ୍ୱାରା ବସାଇଦିଆ
Nakha kshata ଚିହ୍ନ; ନଖାଘାତର ଦାଗ; ନଖରେ ରାମ୍ପୁଡ଼ା ଚିହ୍ନ—Marks left by the nails; nail-mark; scratches left by nails.
୨ । ନାଗରୀର ଶରୀର ଓ ବିଶେଷତଃ ସ୍ତନରେ ନାଗରର ନଖାଘାତ ଜନିତ ଚିହ୍ନ—2. Marks left on the body and specially the breasts of a lady by the nails of a lover or gallant.

ନଖଖାଦୀ—ସଂ. ବିଣ. ପୁଂ. (ନଖ+ଖାଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା.
Nakhakhādī ୧ବ)—୧ । ଯେଉଁ ବ୍ୟକ୍ତି ଆପଣା ନଖର ଅଗକୁ
(ନଖଖାଦିନୀ—ସ୍ତ୍ରୀ) ଦାନ୍ତରେ କାମୁଡ଼ି ଛିଣ୍ଡାଏ—1. (a person) Clipping his own nails with the teeth.
[ଦ୍ର—ମନୁ ଅନୁସାରେ ଏପରି ବ୍ୟକ୍ତିର ଶୀଘ୍ର ବିନାଶ ଘଟେ—ହି. ଶବ୍ଦସାଗର ।]
୨ । ଯେଉଁ ଜୀବମାନେ ନଖ ସାହାଯ୍ୟରେ ଖାଆନ୍ତି—
2. (animals) Taking food with the help of the finger-nails.

ନଖ ଗଳା(ଳେ)ଇବା—ଦେ. କ୍ରି—୧ । କୌଣସି ପଦାର୍ଥରେ ନଖକୁ
Nakha gaḻā(ḻe)ibā ପୋତିବା—1. To thrust the
নখগলান sharp ends of the nails into something.
नख गड़ाना ୨ । ରାମ୍ପୁଡ଼ିବା—
(ନଖ ଗଳିବା—ଅ) 2. To scratch with the nails.

ନଖଗୁଚ୍ଛଫଳା—ସଂ. ବି. (ବହୁବ୍ରୀହି; ନଖ+ଗୁଚ୍ଛ+ଫଳ, ଯାହାର
Nakhaguchchhaphaḻā ଫଳଗୁଚ୍ଛ ନଖଗୁଚ୍ଛପରି)—ଏକପ୍ରକାର
(ନଖପୁଞ୍ଜଫଳା—ଅନ୍ୟରୂପ) ଶିମ୍ବ (ହି.ଶବ୍ଦସାଗର)—
A kind of bean.

ନଖ ଘାତ—ସଂ. ବି. (୬ଷ୍ଠୀ ତତ୍; ନଖ+ଘାତ)—
Nakha ghāta ନଖ ରାମ୍ପୁଡ଼ା (ଦେଖ)
Nakha rāmpurdā (See)

ନଖ ଚିହ୍ନ—ସଂ. ବି—ନଖ କ୍ଷତ (ଦେଖ)
'Nakha chihna Nakha kshata (See)

ନଖଚ୍ଛେଦ—ସଂ. ବି. (୬ଷ୍ଠୀ ତତ୍; ନଖ+ଛେଦ)—ନଖ କୃନ୍ତନ (ଦେଖ)
Nakhachchheda Nakha kṛuntana (See)

ନଖ ଛାଡ଼ିବା—ଦେ. କ୍ରି—ନଖକୁ ନ କାଟିବା; ନଖକୁ ନ କାଟି
Nakha chhārdibā ବଢ଼ିବାକୁ ଦେବା—To let the nails
নখ বাড়ান grow (without clipping them).
नाखुन बढ़ाना [ଦ୍ର—କେହି କେହି କୌଣସି ଦେବତାଙ୍କ-
ନଖ ରଖିବା; } ଅନ୍ୟରୂପ ଠାରେ ମାନସିକ କରି ଅଭୀଷ୍ଟସିଦ୍ଧି
ନଖ ବଢ଼ା(ଢ଼େ)ଇବା } ନ ହେବା ପର୍ଯ୍ୟନ୍ତ ନଖ ଛାଡ଼ନ୍ତି ।]

ନଖ ଜାଦୁ—ଦେ. ବି. (ସଂ. ନଖଦନ୍ତ) - ନଖ ମାରିବା (ଦେଖ)
Nakha jādu Nakha maribā (See)

ନଖ ଦର୍ପଣ—ସଂ. ବି. (ରୂପକ; ନଖ+ଦର୍ପଣ)—ଯେଉଁ ସୁମାର୍ଜିତ
Nakha darpaṇa ତୈଳାକ୍ତ ମସୃଣ ନଖରେ ଆପଣା ମୁହଁ ପ୍ରତି-
ଫଳିତ ହୁଏ—Very polished and oily nails which reflect a person's face.
[ଦ୍ର—ମନୁଷ୍ୟ ସବୁବେଳେ ଆପଣା ନଖରେ ଆପଣା ମୁହଁ ଦେଖି ପାରେ । ଯେଉଁ ବସ୍ତୁ ବା ବିଷୟ ବା ବ୍ୟକ୍ତିକୁ ମନୁଷ୍ୟ ସବୁବେଳେ ସ୍ମରଣ କରେ ବା ଯାହା ଚିନ୍ତା କରିବା ମାତ୍ରେ ପଇଟି ଯାଏ ତା ସମ୍ବନ୍ଧେ ଲକ୍ଷଣାର୍ଥରେ ଲୋକେ କହନ୍ତି 'ଅମୁକ ବସ୍ତୁ, ବିଷୟ ବା ବ୍ୟକ୍ତି ମୋ ନଖ ଦର୍ପଣରେ ଅଛି ।]

ନଖଦଳ—ପ୍ରାଦେ. (ଗଡ଼ଜାତ) ବି—ପାଇକ; ପଦାତିକ—
Nakhadaḻa A foot soldier.

ନଖ ଦାଗ—ଦେ. ବି. (ସଂ. ନଖ + ଫା. ଦାଗ୍)—ନଖ କ୍ଷତ (ଦେଖ)
Nakha dāga Nakha kshata (See)
নখের দাগ नखक्षत; नखरौट

ନଖ ଦାରଣ—ସଂ. ବି.—ନକୁରୁଣୀ (ବୃ. ଶବ୍ଦସାଗର)—
Nakha dārana Nail-clipper.

ନଖ ନିକୃନ୍ତନ—ସଂ. ବି—ନଖ କୃନ୍ତନ (ଦେଖ)
Nakha nikruntana Nakha kruntana (See)

ନଖ ପଚ୍ଛା(ଛେ)ଇବା—ଦେ. କ୍ରି—ମେହେନ୍ଦୀ ବା ମଞ୍ଜୁଅତି ବା ହରଗଉରୀ
Nakha pachhā(chhe)ibā ଆଦିଦ୍ୱାରା ନଖକୁ ରଞ୍ଜିତ କରିବା—
নখ রাঁগান To dye one's nails with certain
नख रंगाना pigments.

ନଖ ପଦ—ସଂ. ବି—ନଖ କ୍ଷତ (ଦେଖ)
Nakha pada Nakha kshata (See)

ନଖ ପାତଳ—ଦେ. ବିଣ—ନଖ ପରି ପତଳା—
Nakha pātala Thin as the finger-nails
बहुत पतला

ନଖପୁଙ୍ଖୀ—ସଂ. ବି—ପୁଙ୍ଖା; ମିଠିଙ୍ଗ ଶାଗ—A kind of edible
Nakhapunkhi pot-herb; Trigonella Corniculata.

ନଖ ବଢ଼ା(ଢେ)ଇବା—ଦେ. କ୍ରି—ନଖ ଛାଡ଼ିବା (ଦେଖ)
Nakha bardhā(rdhe)ibā Nakha chhārdibā (See)

ନଖ ବନା(ନେ)ଇବା—ଗ୍ରା. (ଉଭର) କ୍ରି—୧ । ନଖ କାଟିବା (ଦେଖ)
Nakha banā(ne)ibā 1. Nakha kātibā (See)
୨ । ନଖ କଟାଇବା (ଦେଖ)
2. Nakha kataibā (See)

ନଖ ବସା(ସେ)ଇବା—ଦେ. କ୍ରି—ନଖ ଗଳାଇବା (ଦେଖ)
Nakha basā(se)ibā Nakha galaibā (See)

ନଖ ବାଳ—ସଂ. ବି. (ସମାହାର) (ନଖ + ବାଳ)—ଅଙ୍ଗୁଠିର ନଖ
Nakha bāla ଓ ମୁଣ୍ଡର କେଶ Finger-nails and the
নখচুল नाखुन बाल hair of the head.

ନଖ ବାଳ ଛାଡ଼ିବା—ଦେ. କ୍ରି—କୌଣସି ଦେବତାଙ୍କଠାରେ ମାନସିକ
Nakha bāla chhārdibā କରି ବହୁକାଳ ନଖ ଓ ବାଳ
নখ চুল বাড়ান ନ କଟାଇବା To let one's hair and
नख बाल बढ़ाना nails grow for a long time (in
[ନଖବାଳ ବଢ଼ା(ଢେ)ଇବା—ଅନ୍ୟରୂପ] connection with some religious vow).

ନଖ ବାଳ ଛାଡ଼ି ଜଳୁବ କେତେ ଯୋଗୀ ହେଲେଣି—ଡଗ ।

ନଖ ବିନ୍ଦୁ—ସ ବି—ନଖ ଉପରେ ସ୍ତ୍ରୀମାନେ ମେହେନ୍ଦୀ ବା ହରଗୌରୀରେ
Nakha bindu ରଞ୍ଜିତ କରିବା ଗୋଲ ବା ଚନ୍ଦ୍ରାକାର ଚିହ୍ନ
(ବୃ. ଶବ୍ଦସାଗର)—Circular or crescent-shaped spots on the finger-nails of females made with dyes.

ନଖ ବିଷ—ସଂ. ବିଣ. (ବହୁବ୍ରୀହି; ନଖ + ବିଷ)—ଯେଉଁ ଜୀବମାନଙ୍କ
Nakha bisha ନଖରେ ବିଷ ଅଛି ଓ ଯେଉଁମାନଙ୍କ ନଖକ୍ଷତ
ବିଷାକ୍ତ—(animals) Having poisonous nails.
(ଯଥା—ମନୁଷ୍ୟ, ବିରାଡ଼ି, କୁକୁର, ମାଙ୍କଡ଼, କୁମ୍ଭୀର, ବେଙ୍ଗ, ଗୋଧି, ଚେମ୍ପେଇଲେଉଟ, ଝିଟିପିଟି ।)
ସଂ. ବି. (ମ. ପ. ଲେ)—ନଖାଘାତଦ୍ୱାରା ଜାତ ବିଷ—
Poison resulting from scratching with the nails.

ନଖ ବୃକ୍ଷ—ସଂ. ବି—ନୀଳଗଛ (ବୃ. ଶବ୍ଦସାଗର)—
Nakha bruksha Indigo plant.

ନଖ ବିଷ୍କିର—ସଂ. ବି—ଯେଉଁ ଜନ୍ତୁମାନେ ଶିକାର ବା ଖାଦ୍ୟକୁ ନଖ
Nakha bishkira ଦ୍ୱାରା ଚିରି ବା ବିନ୍ଧି ଖାଆନ୍ତି—
Animals which eat their prey or food by scratching or piercing it with nails or claw.
(ଯଥା—ବାଘ, ଭାଲୁ, ବାଜ ।)

ନଖ ବ୍ରଣ—ସଂ. ବି. (ମ. ପ. ଲେ; ନଖଜନିତ ବ୍ରଣ)—
Nakha brana ନଖ କ୍ଷତ (ଦେଖ)
(ନଖ ଲେଖା, ନଖ ରେଖା—ଅନ୍ୟରୂପ) Nakha kshata (See)

ନଖ ମରିବା—ଦେ. ବି—ଏକ ପ୍ରକାର ରୋଗ (ଏଥିରେ ଅଙ୍ଗୁଠିର ନଖ
Nakha maribā ମିଳାଇ ଯାଇ ନଷ୍ଟ ହୋଇଯାଏ)—
(ନଖ ମରିଯିବା—ଅନ୍ୟରୂପ) Fungoid disease of the
নখ মরে যাওআ nails; onichomichosis; Phytosis
नाखुन मरना Ungium.

ନଖ ମଳି—ଦେ. ବି. (ସଂ. ନଖ + ମଳ)—
Nakha mali ନଖ ଓ ଅଙ୍ଗୁଠି ଅଗର ସନ୍ଧିରେ ଥିବା ମଳ—
নখের ময়লা Dirt inside the space between the
नख मैल grown up nails and the fleshy finger-tip.

ନଖ ମାରିବା—ଦେ. କ୍ରି—ନଖାଇବା ୧।୨ (ଦେଖ)
Nakha māribā Nakhāibā 1 and 2 (See)
নখমারা नाखुन गड़ाना

ନଖମୀ (ଇତ୍ୟାଦି)—ଗ୍ରା. ବି. ସ୍ତ୍ରୀ. (ଲକ୍ଷ୍ମୀର ଅଶୁଦ୍ଧ ଉଚ୍ଚାରଣ)—
Nakhami (etc) ଲକ୍ଷ୍ମୀ ଇତ୍ୟାଦି (ଦେଖ)—
Lakshmi etc (See)

ନଖମୂଳ—ପ୍ରାଦେ. (ଗଡ଼ଜାତ) ବି—ପାଇକ—
Nakhamūla Foot-soldier.

ନଖର—ସଂ. ବି. (ନଖ + ସ୍ୱାର୍ଥରେ ର; କିମ୍ବା ନଖ + ର ଧାତୁ = ଗ୍ରହଣ କରିବା + କର୍ତ୍ତୃ. ଅ)—୧ । ନଖ—
Nakhara 1. Nail.
୨ । ପଶୁ ପକ୍ଷୀ ଆଦିଙ୍କ ତୀକ୍ଷ୍ଣ ନଖ—
2. Claws or talons of animals.
୩ । ପ୍ରାଚୀନକାଳର ଅସ୍ତ୍ରବିଶେଷ (ବୃ. ଶବ୍ଦସାଗର)—
3. The name of a weapon used in ancient India.

ନଖ ରଖିବା—ଦେ. କ୍ରି—ନଖ ଛାଡ଼ିବା (ଦେଖ)
Nakha rakhibā Nakha chhārdibā (See)

ନଖ ରଞ୍ଜକ—ସଂ. ବି (ନଖ + ରଞ୍ଜକ)—ମଞ୍ଜୁଅତି (ଦେଖ)
Nakha ranjaka Manjuāti (See)

ନଖ ରଞ୍ଜନ—ସଂ. ବି. (୬ଷ୍ଠୀ ତତ୍; ନଖ+ରଞ୍ଜନ)—
Nakha rañjana ୧ । ନଖ କୃନ୍ତନ; ନଖ କାଟିବା—
1. The paring of nails.
୨ । ନଖ ରଙ୍ଗାଇବା—
2. Painting the nails with pigments.

ନଖ ରଞ୍ଜନୀ—ସଂ. ବି. ସ୍ତ୍ରୀ. (ନଖ ରଞ୍ଜନ+ସ୍ତ୍ରୀ. ଈ; ଯାହାଦ୍ୱାରା ନଖରଞ୍ଜନ
Nakha rañjanī କରାଯାଏ)—୧ । ନହୁରୁଣୀ—
1. An instrument for paring the nails; nail-clipper.
୨ । ମେହେନ୍ଦୀ ଗଛ (ଦେଖ)
2. Mehendī tree (See)
୩ । ହରଗଉରୀ ଗଛ (ଦେଖ)
3. Haragaurā tree (See)

ନଖର(ରେ)ଇବା—ଦେ. କ୍ରି. (ସଂ. ନଖର)—
Nakharā(re)ibā ୧ । ନଖାଇବା ୧।୨ (ଦେଖ)
1. Nakhāibā 1 & 2 (See)
୨ । (ଫା. ନଖରା=ସ୍ତ୍ରୀମାନଙ୍କର କାମଚେଷ୍ଟା ପ୍ରକାଶକ ହାବ ଭାବ)—(ସ୍ତ୍ରୀ ପକ୍ଷରେ) ପୁରୁଷ ପ୍ରତି କାମଚେଷ୍ଟା ପ୍ରକାଶକ ହାବଭାବ ଦେଖାଇବା—2. To flirt; to
नखराकरना coquet (said of a woman).

ନଖରଘାତ—ସଂ. ବି—ନଖାଘାତ (ଦେଖ)
Nakharāghāta Nakhāghāta (See)

ନଖରାଙ୍କ—ସଂ. ବି. (୬ଷ୍ଠୀ ତତ୍; ନଖର+ଅଙ୍କ)—
Nakharāṅka ନଖଚିହ୍ନ; ନଖରମ୍ପୁଡ଼ା ଦାଗ—
Marks left by scratching with the nails; nail scratches.

ନଖ ରମ୍ପୁଡ଼ା—ଦେ. ବି—୧ । ନଖଦ୍ୱାରା ଚିରିବା ବା ବିଦାରିବା—
Nakha rāmpurḍā 1. Scratching by finger-nails.
नखआँचड़ान ୨ । ନଖଚିହ୍ନ—2. Marks left by scratching with the nails.
नाखुनसे खुरचना
ଦେ. ବିଣ—ନଖରେ ରମ୍ପିବାରୁ ଉତ୍ପନ୍ନ; ନଖରେ ରମ୍ପୁଡ଼ିବା ଯୋଗୁଁ ହୋଇଥିବା—Due to nail-scratching.

ନଖରାୟୁଧ—ସଂ. ବି (ବହୁବ୍ରୀହି; ନଖର+ଆୟୁଧ)—୧ । ସିଂହ—
Nakharāyudha 1. Lion.
(ନଖାୟୁଧ—ଅନ୍ୟରୂପ) ୨ । ବ୍ୟାଘ୍ର—2. Tiger.
୩ । ଯେଉଁ ପଶୁମାନଙ୍କର ନଖର ଅଛି—3. Beasts having sharp claws; beasts of prey.
୪ । ଯେଉଁ ପକ୍ଷୀମାନଙ୍କର ନଖର ଅଛି—
4. Birds having talons; birds of prey.
୫ । କୁକୁଡ଼ା—5. A cock.
୬ । (ରୂପକ କର୍ମଧା; ନଖର+ଆୟୁଧ)—ନଖର ବା ଆକ୍ରମଣ ନଖରୂପ ଅସ୍ତ୍ର—Nails utilised as weapon of offence and defence.

ସଂ. ବିଣ. ପୁଂ—ଯାହାର ନଖ ଅସ୍ତ୍ରସ୍ୱରୂପ—
(ନଖରାୟୁଧା—ସ୍ତ୍ରୀ) Armed with claws.

ନଖରାହ୍ୱ—ସଂ. ବି. (ନଖର+ହ୍ୱେ ଧାତୁ+କର୍ତ୍ତୃ. ଅ)—କରବୀର ବୃକ୍ଷ—
Nakharāhwa Sweet-scented oleander.

ନଖରୀ—ସଂ. ବିଣ. ପୁଂ. (ନଖର+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Nakharī ଯାହାର ନଖ ଅଛି; ନଖଧାରୀ (ଜନ୍ତୁ)—
(ନଖରିଣୀ—ସ୍ତ୍ରୀ) (animals) Having nails; having claws or talons.
ଦେ. ବିଣ. ସ୍ତ୍ରୀ. (ଗାଳରେ ବ୍ୟବହୃତ; ଫା. ନଖରା=ସ୍ତ୍ରୀମାନଙ୍କ
(ନଖରୁଣୀ—ଅନ୍ୟରୂପ) କାମଚେଷ୍ଟାସୂଚକ ହାବଭାବ)—
(ନାଖରାବାଜୀ—ବି) ୧ । ଯେଉଁ ସ୍ତ୍ରୀ ପରପୁରୁଷ ପ୍ରତି ହାବଭାବ
नखरेबाज, नखरीला ଦେଖାଏ—1. (a woman) Making blandishments of love; flirting; coquettish.
୨ । ନଷ୍ଟ ଚରିତ୍ରା—2. Dissolute.

ନଖ ରେଖା—ସଂ. ବି. (ମ. ପ. ଲୋ; କର୍ମଧା; ନଖ+ରେଖା)—
Nakha rekhā ନଖଦାଗ; ନଖକ୍ଷତ—Nail-scratch.
(ନାଖଲେଖା—ଅନ୍ୟରୂପ)

ନଖରେ ଚିରିବା—ଦେ. କ୍ରି—କୌଣସି ପଦାର୍ଥକୁ ନଖଦ୍ୱାରା ରମ୍ପୁଡ଼ି
Nakhare chiribā କ୍ଷତ କରିବା—To scratch with the
नखे आँचड़ान नखसे लकीर देना nails.

ନଖ ଶସ୍ତ୍ର—ସଂ. ବି. (୬ଷ୍ଠୀ ତତ୍; ନଖ+ଶସ୍ତ୍ର)—ନହୁରୁଣୀ—
Nakha śastra Nail-clipper.
ସଂ. ବି ଓ ବିଣ—ନଖରାୟୁଧ (ଦେଖ)
Nakharāyudha (See)

ନଖଶିଖ—ସଂ. କ୍ରି. ବିଣ. (ଅବ୍ୟୟୀଭାବ; ନଖ+ଶିଖା)—
Nakhaśikha ପାଦର ନଖଠାରୁ ଶିଖା ପର୍ଯ୍ୟନ୍ତ; ଅପାଦମସ୍ତକ—
From head to foot; from top to toe.
ସର୍ବାମୃତ ବୃନ୍ଦ ବୃନ୍ଦ ସଙ୍ଗେ
ନଖଶିଖ ସାର ପ୍ରକାଶଗଲେ । ରଥାନାଥ, ଚଉବାର ।
ସଂ. ବି—ନଖଠାରୁ ଶିଖା ପର୍ଯ୍ୟନ୍ତ ସମସ୍ତ ଅଙ୍ଗ (ହି. ଶ.)—
All the limbs of the body from the head to the nails.

ନଖ ଶୂଳ—ସଂ. ବି. (୬ଷ୍ଠୀ ତତ୍; ନଖ+ଶୂଳ)—ନଖକୋଣୀ (ଦେଖ)
Nakha śūḷa Nakhakoṇī (See)

ନଖ ସନ୍ଧି—ସଂ. ବି. (୬ଷ୍ଠୀ ତତ୍; ନଖ+ସନ୍ଧି)—ନଖ ଓ ଅଙ୍ଗୁଠିର
Nakha sandhi ମାଂସଳ ଅଗ୍ରମଧ୍ୟରେ ଥିବା ସ୍ଥାନ—
The hollow space between the nail-tops and the finger-tops.

ନଖ ସରୁ—ଦେ. ବିଣ—ନଖ ପରି ପାତଳ—
Nakha saru Thin as the finger-nails.

ନଖହରଣୀ—ସଂ. ବି. (ନଖ+ହରଣ+ଈ)—ନହୁରୁଣୀ (ହି. ଶ.)—
Nakhaharaṇī Nail-clipper.

ନଖାଇବା—ଦେ. କ୍ରି. (ସଂ. ନଖ)—୧ । ନଖରେ ରମ୍ପୁଡ଼ିବା;
Nakhāibā ନଖରାଇବା—1. To scratch with the
नखेआँचड़ान nails.

नखियाना; नखोटना; ୨ । ନଖରେ ଫଳଆଦିର ଚୋପା ଛଡ଼ାଇବା—
नखसेखोंटना 2. To peel off the rind of fruits with the nails.

୩ । (ସ. ନ+ଖାଦ୍ ଧାତୁ)—ନ ଖାଇବା; ଭୋଜନକ୍ରିୟା ନ କରିବା—3. Not to eat.

ଗ୍ରା. କ୍ରି. (ସ. ଲଗ୍ନ)—ଲଗାଇବା; କୌଣସି ପଦାର୍ଥକୁ କୌଣସି ସ୍ଥାନରେ ଅଟକାଇବା ବା ଲଗାଇରଖିବା—To cause a thing to stick or adhere to some place.

ନଖାଘାତ—ସ. ବି. (ଷଷ୍ଠୀ ତତ୍; ନଖ+ଆଘାତ)—
Nakhāghāta ନଖଦ୍ୱାରା ଖମ୍ଚୁଡ଼ିବା; ନଖ ମାରିବା—Scratching with the nails, claws or talons.

ନଖାଙ୍କ—ସ. ବି—୧ । ନଖରାଙ୍କ (ଦେଖ)
Nakhānka 1. Nakharānka (See)
୨ । ନଖୀ ୨ (ଦେଖ) (ହ୍ଲ. ଶବ୍ଦସାଗର)—2. Nakhi 2 (See)

ନଖାନଖି—ଦେ. ବି ଓ ବିଣ—ନଖଦ୍ୱାରା ପରସ୍ପରକୁ ଆକ୍ରମଣ; ଖମ୍ଚାଖମ୍ଚି—
Nakhānakhi Mutual scratching with
नखानखि nails, claws or talons.
नखियानखो

ନଖାୟୁଧ—ସ. ବି ଓ ବିଣ—ନଖରାୟୁଧ (ଦେଖ)
Nakhāyudha Nakharāyudha (See)

ନଖାଶୀ—ସ.ବି(ନଖ+ଅଶ୍ ଧାତୁ ଭୋଜନ କରିବା+କର୍ତ୍ତୃ.ଇନ୍; ୧ମା.୧ବ)
Nakhāsi ଯେ ଖାଇବାବେଳେ କେବଳ ନଖ ସାହାଯ୍ୟରେ ଖାଦ୍ୟ
(ନଖାଶିନୀ—ସ୍ତ୍ରୀ) ଗ୍ରହଣ କରେ)—ପେଚକ; ପେଚା—Owl.
ସ. ବିଣ. ପୁଂ—ନଖଖାଦୀ (ଦେଖ) Nakhakhādi (See).

ନଖି—ଦେ. ବି (ସ. ନଖ)—୧ । ଘୋଡ଼ାର ଖୁରୁ ଚିକ୍କଣ ହୋଇ ରହିବୁ
Nakhi ବାହାରିଥିବା ନଖର କ୍ଷୁଦ୍ର କ୍ଷୁଦ୍ର ଓ ପତଳା ଛିଲକାମାନ—
नख The thin slices of nails pared off from the
नाखुन, नख hoofs of a horse during shoeing
୨ । ଘୋଡ଼ା ଖୁରରେ ବଢ଼ିଥିବା ନଖ—2. The nails of a horse's hoof.
मिजराब ୩ । ମିଜ୍‌ରାବ୍; ସୀତାରକୁ ବଜାଇବା ପାଇଁ ବାଦକର
नाखुना ତର୍ଜନୀ ଅଙ୍ଗୁଠିରେ ବନ୍ଧା ହୋଇଥିବା ଲୁହା ତାରରେ ମୋଡ଼ା ହୋଇଥିବା ସୂକ୍ଷ୍ମାଗ୍ର ଅଙ୍ଗୁଳିତ୍ର—3. A cap of wire put on the index finger of the person who plays on the guitar.

ଗ୍ରା. ବି. ପୁଂ (ନାମ) (ଆଦରାର୍ଥକ)—ଲକ୍ଷ୍ମୀଧର, ଲକ୍ଷ୍ମୀକାନ୍ତ,
(ନକ୍ଷ୍ମ - ଅପଭ୍ରଂଶ) ଲକ୍ଷ୍ମଣଆଦି ନାମଧାରୀ ବ୍ୟକ୍ତିଙ୍କ ଡାକନାମ—
(ନଖା, ନଖିଆ, ନଖୁଆ—ଅନାଦରାର୍ଥକ ରୂପ) A name for calling persons whose names begin with Lakshmi.

(ସ୍ତ୍ରୀ) ଲକ୍ଷ୍ମୀ ନାମ୍ନୀ ସ୍ତ୍ରୀର ଡାକ ନାମ—A name for calling a woman named Lakshmi.

ଦେ. ଅ—ଦୁଇଟି ଅଙ୍ଗୁଳିର ନଖକୁ ପରସ୍ପର ସହିତ ଘଷିବା-ବେଳେ ଉଚ୍ଚାରିତ ଶବ୍ଦ—A word uttered while rubbing two nails against each other to counteract the effect of a second person uttering an oath.

ସେ ଛକ ଗୋଟିଏ ଶ୍ରୁଣ ଭର୍ଜି ନଖି ବୋଲୁ ସେ କାହିଁ କି ଏଡ଼େ ଲଜ୍ଜାରେ—
କବିସୂର୍ଯ୍ୟ ସଙ୍ଗୀତ ।

[ଦ୍ର—କେହି କାହାକୁ ଶ୍ରୁଣ ପକାଇଲେ ଯାହାପ୍ରତି ଶ୍ରୁଣ ପକାଯାଏ ସେ ଦୁଇ ନଖକୁ ପରସ୍ପର ସହିତ ଘଷି 'ନଖି' ଏହି ଶବ୍ଦ ଉଚ୍ଚାରଣ କଲେ ଶ୍ରୁଣ କାଟେ ନାହିଁ ବୋଲି ଲୋକଙ୍କର ବିଶ୍ୱାସ ।]

ନଖିତହଁରି—ପ୍ରାଦେ. (ବାଲେଶ୍ୱର) ବି.—ସରୁଧଡ଼ିଆ ଲୁଗା—
Nakhi tahañri Narrow-bordered cloth.

ନଖି ମାରିବା—ପ୍ରାଦେ. (ପୁରୀ) କ୍ରି. (ପଇଡ଼ ଉପରୁ ଛଡ଼ା ହେବା ଚକତି
Nakhi māribā ନଖ ପରି ପତଳା ଥିବାରୁ)—ଛୁଆଁ ହୋଇ ଥିବା ପଇଡ଼ର ଉପରୁ କଟୁରି ଆଦି କୌଣସି ଶସ୍ତ୍ରଦ୍ୱାରା ଗୋଟିଏ ଗୋଲାକାର ଚକତି ଛଡ଼ାଇବା—To cut a small slice from the top of a young cocoanut.

[ଦ୍ର—ଏପରି ନଖି ମାରି ଛିଦ୍ର କରାଯାଇ ସେହି ବାଟେ ମୁହଁ ଲଗାଇ ବା ଗିଲାସରେ ଢାଳ ପଇଡ଼ପାଣି ପିଆଯାଏ ।]

ନଖିମୀ (ଇତ୍ୟାଦି)—ଗ୍ରା· ବି. ସ୍ତ୍ରୀ (ସ. ଲକ୍ଷ୍ମୀର ଅଶୁଦ୍ଧ ଉଚ୍ଚାରଣ
Nakhimi (etc) ଲକ୍ଷ୍ମୀ (ଇତ୍ୟାଦି) (ଦେଖ)—Lakshmi etc (See)

ନଖୀ—ସ. ବି. (ନଖ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ.)—
Nakhi ୧ । ନଖଧାରୀ ଜୀବ—1. Animals having nails, claws or talons.
୨ । ସିଂହ (ହ୍ଲ. ଶ)—2. Lion.
୩ । ବାଘ (ହ୍ଲ ଶ.)—3 Tiger.
୪ । ଗନ୍ଧଦ୍ରବ୍ୟବିଶେଷ—4. Fasciolaria; Ungus Odorata; shell.

(ସ. ନାମ—ଶୁକ୍ତିଶଙ୍ଖ; ନଖ, ଚକ୍ରକାରକ, ବ୍ୟାଘ୍ରନଖ, ବ୍ୟାଘ୍ରାୟୁଧ, ଶଙ୍ଖନଖୀ।
ତେ. ନଖମୁ
ମ ନଖଲା, ବାଘନଖ
ଗୁ. ନଖଲା
ଫା. ଡାଲ୍‌ନ୍ ପରଯା
ଅ. ଅଜ୍‌ଫାରୁଡିବ୍
नखी
नखी, बाघनख)

[ଦ୍ର—ଏହା ସାମୁଦ୍ରିକ ଶମ୍ବୁକ-ବିଶେଷର ଖୋଳ; ଏହା ଈଷତ୍ ଉତ୍ତପ୍ତ ହେଲେ ଏଥିରୁ ସୁଗନ୍ଧ ବାହାରେ; କିନ୍ତୁ ପୋଡ଼ି ଗଲେ ଦୁର୍ଗନ୍ଧ ବାହାରେ । କବିରାଜମାନେ ଏହାକୁ ଗନ୍ଧ ତୈଳାଦିରେ ପକାଇ ତୈଳକୁ ସୁଗନ୍ଧଯୁକ୍ତ କରନ୍ତି ।

ନଖୀ, ଦୁଇ ଜାତି—୧ବୃହନ୍ନଖୀ(ସ. ନାମ ନଖ, ଶଙ୍ଖନଖୀ, ବ୍ୟାଘ୍ରନଖ, ବ୍ୟାଘ୍ରାୟୁଧ, ଚକ୍ରକାରକ) ଓ ୨ ସ୍ୱଳ୍ପ ନଖୀ ବା କ୍ଷୁଦ୍ର ନଖୀ, (ସ. ନଖୀ, ହନୁ, ହଟ୍ଟବିଳାସିନୀ) । ବୈଦ୍ୟ-

ଶାସ୍ତ୍ର ଅନୁସାରେ ଏହା ତ୍ରିଦୋଷ, କଫ, ବାୟୁ, ରକ୍ତ, ଜ୍ୱର, କୁଷ୍ଠ, ବ୍ରଣ, କଣ୍ଡୁ, ଅଲକ୍ଷ୍ମୀ ଓ ମୁଖର ଦୁର୍ଗନ୍ଧନାଶକ। ଏହା ଲଘୁ, ଉଷ୍ଣବୀର୍ଯ୍ୟ ଶୁକ୍ରବର୍ଦ୍ଧକ, ବର୍ଣ୍ଣକାରକ। ନଖୀର ଆକାର ମନୁଷ୍ୟର ନଖ ପରି ଅର୍ଦ୍ଧଚନ୍ଦ୍ରାକାର ଓ ଗୋଲ। ଏହା ଧଳା ଓ ନେଳ ରଙ୍ଗର ମିଳେ।]

(ନଖିନୀ ସ୍ତ୍ରୀ) ସଂ ବଣ. ପୁଂ—ନଖସ୍ଥ; ନଖଧାରୀ (ଜନ୍ତୁ)—
(animals Armed with nails.

ଗ୍ରା. ବି. ସ୍ତ୍ରୀ—ଲକ୍ଷ୍ମୀ (ଦେଖ)—Lakshmī (See)

ନଖେ—ଦେ. ବଣ. ଓ ବି.—ଅତି ଅଳ୍ପ ମାତ୍ର; (ନଖ ସନ୍ଧିରେ ଯେତିକି
Nakhe ମାତ୍ର ସମ୍ଭାଏ) ବକଟେ; ନକଟେ—A minute
একটুকু quantity of; a little quantity of.
जरासा, एकट्टक

ନଖେଇବା—ଦେ. କ୍ରି.—(ସଂ. ନଖ)—ନଖାଇବା ୧।୨।୪ (ଦେଖ)
Nakheibā Nakhāibā 1, 2 and 4 (See)

ନଗ—ସଂ. ବଣ. (ନ=ନୁହେଁ+ଗମ୍ ଧାତୁ=ଯିବା+କର୍ତ୍ତୃ. ଅ;
Naga ଯାହା ଗତି କରେ ନାହିଁ)—ଅଚଳ; ସ୍ଥିର—Immobile.

ସଂ. ବି.—୧। ପର୍ବତ—1. Mountain.

୨। ବୃକ୍ଷ—2. Tree.

୩। ସାତ ସଂଖ୍ୟା (ହି. ଶ.)—
3. The number seven (Apte).

୪। ସର୍ପ; ସାପ (ହି. ଶ.)—4. Serpent (Apte).

୫। ସୂର୍ଯ୍ୟ (ହି. ଶ.)—5. The sun (Apte).

୬। ବୃକ୍ଷଲତାଦି—
6. A plant (in general) (Apte).

ଦେ. ବି. ପୁଂ—(ଆଦରାର୍ଥ)—ନଗେନ୍ଦ୍ରର ଡାକ ନାମ—
A name by which Nagendra is called.

ନଗଜ—ସଂ. ବଣ. (ନଗ+ଜନ୍ ଧାତୁ+କର୍ତ୍ତୃ. ଅ)—ପର୍ବତଜାତ—
Nagaja Produced from a mountain;
(ନଗଜା—ସ୍ତ୍ରୀ) mountain-born.

ସଂ. ବି.—ହସ୍ତୀ—Elephant.

ନଗଜା—ସଂ. ବି. ସ୍ତ୍ରୀ (ନଗଜ+ସ୍ତ୍ରୀ. ଆ)—୧। ପାର୍ବତୀ—
Nagajā 1. Pārbatī.

୨। ନଦୀ—2 River.

୩। କ୍ଷୁଦ୍ର ପାଷାଣଭେଦୀ ଲତା—3. A small creeper growing on stone.

ନଗଣ—ସଂ. ବି—ପିଙ୍ଗଳ ଶାସ୍ତ୍ରରେ ଛନ୍ଦଶାସ୍ତ୍ରୀୟ ଲଘୁବର୍ଣ୍ଣତ୍ରିଶିଷ୍ଟ ଶବ୍ଦ-
Nagaṇa ମାନଙ୍କର ଗଣବିଶେଷ—A class of words which consist of three short letters only.

(ଯଥା—କମଳ, ଭଜନ, ମଦନ, ଚରଣ, ମନନ, ନୟନ ଏହି ଗଣରେ ଛନ୍ଦ ଆରମ୍ଭ କରିବା ଶୁଭ ବୋଲି ବିବେଚିତ ହୁଏ।)

ନଗଣ୍ୟ—ସଂ. ବଣ. ପୁଂ (ନ+ଗଣ୍ୟ)—୧। ଅଗଣ୍ୟ; ଅଗଣନୀୟ—
Naganya 1. Innumerable.
(ନଗଣ୍ୟା—ସ୍ତ୍ରୀ)

୨। ଗଣନାର ଅଯୋଗ୍ୟ—2. Unnoticeable.

୩। ସାମାନ୍ୟ; ତୁଚ୍ଛ; ହେୟ—
3. Insignificant; contemptible.

ନଗଦ—ବୈଦେ. ବି (ଆ. ନକ୍‌ଦ)—୧। ଗଚ୍ଛିତ ଟଙ୍କା; ରୋକଡ଼;
Nagada ମୁଦ୍ରାରୂପୀ ଧନ—1. Cash; ready money.
নগদ ୨। ସଙ୍ଗେ ସଙ୍ଗେ ଟଙ୍କା ଆଦାନ ପ୍ରଦାନ—
नगद् 2. Cash payment; cash transaction.

(ଯଥା—ସିନ୍ଧେଶ୍ୱରପୁର ଦେଶଶାସନ ମକଦମ ନଗଦ ଗଣାଇଲ୍ଲ—
ଶିଶୁ ବସ୍ତ୍ରାଣିର ଲିପି।)

ବଣ—୧। ଗଚ୍ଛିତ; ଉପସ୍ଥିତ (ମୁଦ୍ରା)—1. Cash.

୨। ସଙ୍ଗେ ସଙ୍ଗେ ଦେୟ ବା ଦିଆ ଯାଇଥିବା—
2. Payable or paid in cash.

୩। ସଙ୍ଗେ ସଙ୍ଗେ ମୂଲ୍ୟ ଦିଆଯାଇ କ୍ରୀତ—
3. Purchased on cash payment.

୪। ଅତି ଅଳ୍ପ କାଳ ହେଲା ଘଟିଥିବା—
4. Recent; of very late occurrence.

କ୍ରି. ବଣ—୧। ସଙ୍ଗେ ସଙ୍ଗେ (ଟଙ୍କା ଦେବା)—
1. (payment of money) In cash; in ready money.

୨। ଅତିଶୀଘ୍ର; ସଙ୍ଗେସଙ୍ଗେ—
2. Immediately; at once.

୩। ଅତି ଅଳ୍ପକାଳ ହେଲା—3. Recently.

ପ୍ରାଦେ (ଉତ୍ତର ଭାଷା) ବଣ—ଉତ୍ତମ—Excellent.

ନଗଦ କାରବାର—ବୈଦେ. ବି—ନଗଦ ଟଙ୍କା ଦିଆନିଆ ହୋଇ
Nagada kārabāra କରାଯିବା କ୍ରୟବିକ୍ରୟ—
নগদ কারবার Cash transaction; transaction made
नगद्कारबार with payment in ready money.

ନଗଦ ଖରିଦ ବିକ୍ରି, ନଗଦ ନେଣଦେଣ, } —ଅନ୍ୟରୂପ
ନଗଦ ବେପାର, ନଗଦ ସଉଦା

ନଗଦା—ଦେ. ବଣ—ଯେଉଁ ମୂଲିଆ ପ୍ରତିଦିନ ନଗଦ ମଜୁରି ନେଇ
Nagadā ମୂଲ ଲାଗେ—(a labourer) Who works on
নগদা the system of daily payment of his wages;
नगद् मजुरी journeyman (labourer).

ନଗଦାତ୍—ବୈଦେ. ବଣ—ସଙ୍ଗେ ସଙ୍ଗେ ମୂଲ୍ୟ ଦିଆଯିବା; ନଗଦାନଗଦ—
Nagadāt Paid in cash.
नगद्दी ନଗଦାତ ହେବ ଶକ୍ତି ସମସ୍ତ ଜମିଦାର ହେଠାଂର ଅଧିକ ଜମା ଦେଇଥିଲେ—
ଫକୀରମୋହନ. ଛମାଣଆଠଗୁଣ୍ଠ।

ନଗଦାନଗଦ—ବୈଦେ. ବଣ (ଆ.ନକ୍‌ଦ) ୧। ସଙ୍ଗେ ସଙ୍ଗେ ଦିଆଯିବା—
Nagadānagada 1. Paid in cash.
नगदानगद् ୨। ଅଳ୍ପକାଳ ପୂର୍ବେ ଘଟିଥିବା—
(ନଗଦାନଗଦ—ଅନ୍ୟରୂପ) 2. Recent.

୩। ସମସାମୟିକ; ସଙ୍ଗେ ସଙ୍ଗେ ଘଟିବା—
3. Simultaneous.

ଦେ. କ୍ରି. ବଣ—ନଗଦ (ଦେଖ)
Nagada (See).

ନଗଦି—ବିଦେ. ବି (ଆ. ନକ୍‌ଦ୍)—୧ । ପ୍ରଜାଙ୍କଠାରୁ ନଗଦ ଖଜଣା
Nagadi ଅଦାୟ କରିବା ନିମନ୍ତେ ନିଯୁକ୍ତ କର୍ମଚାରୀ ବା ପିଆଦା—
ନଗଦୀ 1. A servant or a peon engaged to
नकदी, नगदी realise cash rent from rayats.
୨ । ଯେଉଁ ଜମିର ଖଜଣା ଜମିଦାରଙ୍କୁ ଚଷିରୁ ଭାଗରୁ ଶସ୍ୟାଦ ଆକାରରେ ଦିଆ ନ ଯାଇ ନଗଦ ଟଙ୍କାରେ ଦିଆ ଯାଏ—2. A holding or tenure paying cash rent.
୩ । ଏକ ପ୍ରକାର କାଚ ବଳୟ—
3. A kind of glass bangle.
ବିଣ.—୧ । ନଗଦ ମୂଲ୍ୟରେ କ୍ରୀତ—
1. Purchased on cash payment.
୨ । ଅଳ୍ପକାଳ ପୂର୍ବେ ସଞ୍ଚ ଥିବା—2. Recent.
୩ । ସମସାମୟିକ—3. Simultaneous.
କ୍ରି. ବିଣ.—୧ । ଏଇକ୍ଷଣେ; ଏହିକ୍ଷଣି—
1. Immediately; just now.
୨ । ଅଳ୍ପକାଳ ପୂର୍ବେ—2. Recently.

ନଗନ—ଗ୍ରା. ବି. (ସଂ. ଲଗ୍ନ)—୧ । ଲଗ୍ନ; ଜ୍ୟୋତିଷ ମତରେ ବିବାହାଦି
Nagana ଶୁଭ କର୍ମାନୁଷ୍ଠାନର ଅନୁକୂଳ ମୁହୂର୍ତ୍ତ; ଶୁଭ ଲଗ୍ନ; ଶୁଭ
ନଗନ ମୁହୂର୍ତ୍ତ—1. The exact moment for performing
लगन a ceremony, which is the most auspicious according to astrological calculations.
୨ । (ଜ୍ୟୋତିଷ) ଲଗ୍ନ; ଗ୍ରହମାନଙ୍କ ଉଦୟକାଳ—
2. The moment of the rising of planets

ନଗନ ଧରିବା—ଗ୍ରା. କ୍ରି—(ଜ୍ୟୋତିଷ ମତରେ) ବିବାହାଦି ଶୁଭ
Nagana dhariba କାର୍ଯ୍ୟ ପାଇଁ ଲଗ୍ନ ସ୍ଥିର କରିବା—
ନଗନ ଧରା To ascertain or fix the most oppor-
लगन निकालना tune moment for performing a ceremony.
[ନଗନ ଧର(ରେ)ଇବା—ଣିଜନ୍ତ ରୂପ]

ନଗ ନଦୀ—ସ. ବି. (ନଗ+ନଦୀ)—
Naga nadi ୧ । (ଦ୍ୱନ୍ଦ୍ୱ) ପର୍ବତ ଓ ନଦୀ—
1. Mountain and river.
୨ । (ମ ପ ଲୋ; କର୍ମଧା) ପର୍ବତରୁ ଉଦ୍ଭୂତ ନଦୀ—
2. Hill stream; a river rising from a mountain.

ନଗନନ୍ଦିନୀ—ସ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ନଗ+ନନ୍ଦିନୀ)—
Naganandini ପାର୍ବତୀ; ଗିରିଜା—Pārbati.

ନଗନିକା—ଗ୍ରା. ବିଣ. (ସ. ଲଗ୍ନିକ)—ଲଗ୍ନିକ (ଦେଖ)
Naganika Lagnika (See)

ନଗପତି—ସ. ବି. ପୁଂ. (୬ଷ୍ଠୀ ତତ୍; ନଗ+ପତି)—
Naga pati ୧ । ଅତ୍ୟୁଚ୍ଚ ପର୍ବତ; ବଡ଼ ପର୍ବତ—
1. A big mountain.
୨ । ହିମାଳୟ ପର୍ବତ—2. The Himalayas
୩ । ଚନ୍ଦ୍ର—3. The moon.
୪ । କୈଳାଶ ପତି; ଶିବ—4. Name of Siba.
୫ । ସୁମେରୁ ପର୍ବତ (ହ. ଶବ୍ଦସାଗର)—
5. The mythological Sumeru mountain.

ନଗଭିଦ୍—ସ. ବି. (ନଗ=ପର୍ବତ+ଭିଦ୍ ଧାତୁ=ଭେଦ କରିବା
Nagabhid +କର୍ତ୍ତୃ. କ୍ୱିପ୍)—
୧ । ଇନ୍ଦ୍ର (ବଜ୍ରଦ୍ୱାରା ପର୍ବତମାନଙ୍କୁ ଭେଦ କରିଥିବାରୁ)—
1. Indra.
୨ । ବଜ୍ର—2. Thunder-bolt,
୩ । କୁଠାର; କୁରାଢ଼ି—3. Axe.
୪ । ପାଷାଣଭେଦୀ ନାମକ ଗୁଳ୍ମ ବିଶେଷ—
4. A kind of hardy mountain plant; Plectranthus.
୫ । ପୂର୍ବକାଳରେ ବ୍ୟବହୃତ ପାଷାଣଭେଦନାସ୍ତ୍ର—
5. An instrument used in ancient India for piercing through or blasting stones.
ସ. ବିଣ—ପର୍ବତ ଭେଦନକାରୀ—
Piercing the mountain

ନଗର—ସ. ବି. (ନଗ+ଅସ୍ତି ଅର୍ଥରେ ର; ଯହିଁରେ ନଗ ଅର୍ଥାତ୍
Nagara ପର୍ବତ ପରି କୋଠାମାନ ଅଛି)—
୧ । ସହର—1. Town; city.
୨ । ଶିଳ୍ପ ଓ ବାଣିଜ୍ୟପ୍ରଧାନ ଜନାକୀର୍ଣ୍ଣ ସ୍ଥାନ—
2. A populous centre of trade and art.
[ଦ୍ର—ଉଚ୍ଚ-ସୌଧାଦି ପୂର୍ଣ୍ଣ ବାଣିଜ୍ୟପ୍ରଧାନ ଓ ବହୁ ଶ୍ରେଣୀର ଜନମାନଙ୍କ ଅଧିଷ୍ଠିତ ଲୋକାଳୟକୁ ନଗର ବୋଲାଯାଏ ।]

ନଗର କାକ—ସ. ବି. (ମ. ପ. ଲୋ; ସହରରେ ଯେଉଁ କୁଆ ବିଚରଣ
Nagara kāka କରନ୍ତି) – (ଗାଳିରେ ବ୍ୟବହୃତ)ତୁଚ୍ଛ ହୀନ ବ୍ୟକ୍ତି
(an expression of contempt) A vile or low person (Apte).

ନଗର କୀର୍ତ୍ତନ—ସ. ବି. (ମ. ପ. ଲୋ. କର୍ମଧା; ନଗର+କୀର୍ତ୍ତନ)—
Nagara kirttana ହରିନାମ ସଂକୀର୍ତ୍ତନ କରି ଶୋଭାଯାତ୍ରା ଦ୍ୱାରା ନଗରର ରାଜପଥମାନଙ୍କରେ ବୁଲିବା—
The act of walking through the streets of a town in a procession chanting hymns.

ନଗର ଘାତ—ସ. ବି. (ନଗର+ହନ୍ ଧାତୁ+କର୍ତ୍ତୃ. ଅ)—
Nagara ghāta ହାତୀ (ହ.ଶ)—Elephant (Apte).

ନଗର ଜନ—ସ. ବି. (ନଗର+ଜନ)—
Nagara jana ପୁରଲୋକ; ନଗରବାସୀ ବ୍ୟକ୍ତି; ନାଗରିକ ବ୍ୟକ୍ତି-
Townsman; townsfolk; citizen.

ନଗର ଦ୍ୱାର—ସଂ. ବି. (୬ଷ୍ଠୀ ତତ୍; ନଗର+ଦ୍ୱାର)—
Nagara dwāra ସହରକୁ ପ୍ରବେଶ କରିବାର ଫାଟକ—
City-gate.

ନଗର ନାୟିକା—ସଂ. ବି. ସ୍ତ୍ରୀ—ବେଶ୍ୟା (ହ. ଶବ୍ଦସାଗର)—
Nagara nāyikā A prostitute.
(ନଗର ନାରୀ—ଅନ୍ୟରୂପ)

ନଗର ନିବାସ—ସ. ବି—୧ । (ମ. ପ. ଲୋ; କର୍ମଧା; ନଗର+ନିବାସ)
Nagara nibāsa ମଫସଲବାସୀ ବଡ଼ଲୋକଙ୍କର ସହରରେ ଥିବା ଅଟ୍ଟାଳିକା ବା ବାସଭବନ—1. Town residence of a country magnate.
୨ । ନଗରରେ ବାସ କରିବା—2. Living in a city; taking up one's residence in a town.

ନଗର ନିବାସୀ—ସ.ବିଣ.ପୁଂ. (ଉପପଦ ବହୁବ୍ରୀହି; ନଗର+ନିବାସିନ୍; ୧ମା. ୧ବ)—ସହରୁଆ; ନାଗରିକ—
Nagara nibāsi
(ନଗର ନିବାସିନୀ—ସ୍ତ୍ରୀ) Residing in a town.
ସ. ବି—ବଜାରୁଆ ବା ସହରୁଆ ଲୋକ—
A cockney; townsman

ନଗରପାଳ—ସ. ବି. (୬ଷ୍ଠୀ ତତ୍; ନଗର+ପାଳ)—
Nagarapāḻa ୧ । କୋଟୁଆଳ; ନଗର ରକ୍ଷିବା ପ୍ରଧାନ କର୍ମଚାରୀ—
(ନଗରପାଳକ—ଅନ୍ୟରୂପ) 1. Police commissioner; the head of the city police.
୨ । ସହରର ସନ୍ତ୍ରୀ ବା ପ୍ରହରୀ; ଚୌକିଦାର—
2. A watchman; town-guard; sentinel; constable.
୩ । ସହରର ଶାନ୍ତିରକ୍ଷକ ପୁଲିସ ଫଉଜ—
3. The town police.
୪ । ପ୍ରାଚୀନଭାରତରେ ନଗରର ଶାସନ ଓ ନ୍ୟାୟବିଚାର ସମ୍ବନ୍ଧୀୟ ବିଷୟମାନ ତଦାରଖିବା ପାଇଁ ରାଜାଙ୍କ ତରଫରୁ ନିଯୁକ୍ତ କର୍ମଚାରୀ—4. A person employed by the king in ancient India to superintend the executive and judicial administration of a town.

ନଗର ପାଳିକା ସଭା—ସ. ବି. (ଆଧୁନିକ ପ୍ରୟୋଗ)—
Nagara pāḻikā sabhā ମିଉନିସିପାଲିଟୀ—Municipality; town-council.
(ନଗର ରକ୍ଷିଣୀ ସଭା—ଅନ୍ୟରୂପ)

ନଗର ପ୍ରାନ୍ତ—ସ. ବି. (୬ଷ୍ଠୀ ତତ୍; ନଗର+ପ୍ରାନ୍ତ)—
Nagara prānta ସହରର ଶେଷଭାଗ; ସହରତଳି—
The outskirts of a town; the suburbs of a city.
ନଗରାଭ୍ୟାଶ(ସ)
ନଗରୋପାନ୍ତ } ଅନ୍ୟରୂପ
ନଗରୋପକଣ୍ଠ

ନଗର ବାସୀ—ଷି. ବିଣ. ପୁଂ—ନଗର ନିବାସୀ (ଦେଖ)
Nagara bāsi Nagara nibāsi (See)
(ନଗର ବାସିନୀ—ସ୍ତ୍ରୀ)

ନଗର ମୁସ୍ତକ—ସ. ବି—ନାଗର ମୁଥା—A large bulbuous grass-root used in medicine.
Nagara mustaka
(ନଗରମୁସ୍ତା—ଅନ୍ୟରୂପ) [ଦ୍ର—ଏହା ଔଷଧରେ ବ୍ୟବହୃତ ହୁଏ ।]

ନଗର ରକ୍ଷକ—ସ. ବି. (ଉପପଦ ତତ୍; ନଗର+ରକ୍ଷକ)—
Nagara rakshaka ନଗର ପାଳ (ଦେଖ)
Nagara pāḻa (See)

ନଗର ରକ୍ଷିଣୀ ସଭା—ସ. ବି. (ଆଧୁନିକ ପ୍ରୟୋଗ)—ମିଉନିସିପାଲିଟୀ—
Nagara rakshiṇi sabhā Municipality; town-council.

ନଗର ରକ୍ଷିଣୀ ସେନା—ସ. ବି—ସହରର ପୁଲିସ୍—
Nagara rakshiṇi senā Town police; town-guards; the military police of a town.

ନଗର ରକ୍ଷୀ—ସ. ବି—ନଗର ପାଳ (ଦେଖ)
Nagara rakshi Nagara pāḻa (See)

ନଗର ସନ୍ନିବେଶ—ସଂ. ବି. (୬ଷ୍ଠୀ ତତ୍; ନଗର+ସନ୍ନିବେଶ)—
Nagara sannibeśa ନୂତନ ନଗରର ସ୍ଥାପନ ଓ ନିର୍ମାଣ—
(ନଗରର ସନ୍ନିବେଶ—ଅନ୍ୟରୂପ) Town-planning; the starting and building of a new town.
[ଦ୍ର—ଅଗ୍ନିପୁରାଣରେ ଉପଦେଶ ଦିଆ ଯାଇଅଛି ଯେ ଗୋଟିଏ ନୂତନ ନଗର ବସାଇବାକୁ ହେଲେ ରାଜା ପ୍ରଥମେ ଏକ ବା ଅର୍ଦ୍ଧ ଯୋଜନ ଲମ୍ବ ସୁନ୍ଦର ସ୍ଥାନ ବାଛିବେ ଓ ସେଠାରେ ବଜାର ଆଦି ବସାଇବେ । ଏଥିର ଅଗ୍ନି କୋଣରେ ବଣିଆଁ, ଦକ୍ଷିଣରେ ନର୍ତ୍ତକ, ନର୍ତ୍ତକୀ ଓ ବେଶ୍ୟା, ନୈର୍ଋତରେ ନଟ ଓ କୈବର୍ତ୍ତ, ପଶ୍ଚିମରେ ରଥ ଓ ଶସ୍ତ୍ରାଦି, ବାୟୁ କୋଣରେ ଭୃତ୍ୟ ଓ ଦାସଦାସୀ, ଉତ୍ତରରେ ବ୍ରାହ୍ମଣ, ଯତି ଓ ସିଦ୍ଧ ପୁରୁଷ, ଈଶାନ କୋଣରେ ଫଳ ଓ ଖାଦ୍ୟ ଦ୍ରବ୍ୟ ବିକ୍ରେତା ଓ ପୂର୍ବରେ ଯୋଦ୍ଧା ଆଦିଙ୍କ ରହିବା ପାଇଁ ଉପଯୁକ୍ତ ସ୍ଥାନମାନ ତିଆରି କରାଇବେ । ଏହା ଛଡ଼ା ପୂର୍ବରେ କ୍ଷତ୍ରିୟ, ଦକ୍ଷିଣରେ ବୈଶ୍ୟ ଓ ପଶ୍ଚିମରେ ଶୂଦ୍ରମାନଙ୍କ ରହିବା ସ୍ଥାନ ନିରୂପଣ କରିବେ; ନଗରର ଚାରି ପାଖେ ସେନା ରଖିବେ; ଦକ୍ଷିଣରେ ଶ୍ମଶାନ ଓ ପଶ୍ଚିମରେ ଗୋମେଷାଦି ରହିବା ଓ ଚରିବା ପାଇଁ ପଡ଼ିଆ ଜମି ରଖିବେ ଓ ଉତ୍ତରରେ କ୍ଷେତ ହେବା ଜମି ରଖିବେ; ନଗରର ସ୍ଥାନେ ସ୍ଥାନେ ଦେବମନ୍ଦିରମାନ ନିର୍ମାଣ କରିବେ । ବୃ. ଶବ୍ଦସାଗର]

ନଗରସ୍ଥ—ସ. ବିଣ. (ନଗର+ସ୍ଥା ଧାତୁ+କର୍ତ୍ତୃ. ଅ)—
Nagarastha ୧ । ନଗରରେ ଥିବା; ନଗରବାସୀ—
1. Residing in a town.
୨ । ନଗରର ଅନ୍ତର୍ଗତ—
2. Within the ambits of a city.
୩ । ନଗରରେ ଅବସ୍ଥିତ—3. Situated in a town.

ନଗରାଜ—ସ. ବି. ପୁଂ (ନଗ+ରାଜନ୍)—ନଗପତି (ଦେଖ)
Nagarāja Nagapati (See)

ନଗରାଜ କନ୍ୟା—ସ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ନଗରାଜ+କନ୍ୟା)—
Nagarāja kanyā ପାର୍ବତୀ; ଗିରିଜା—Pārbati.

ନଗରାଧ୍ୟକ୍ଷ—ସ. ବି. (୬ଷ୍ଠୀ ତତ୍; ନଗର+ଅଧ୍ୟକ୍ଷ)—
Nagarādhyaksha ନଗରପାଳ (ଦେଖ)
Nagarapāḻa (See)

ନଗରୁଆ—ଦେ. ବି. (ସ. ନାଗରିକ)—ନାଗରିକ; ସହରୁଆ ଲୋକ—
Nagariā Townsfolk.

ନଗରୀ—ସଂ. ବି. ସ୍ତ୍ରୀ. (ନଗର + ବଶିଷ୍ଟାର୍ଥରେ ବା ସ୍ୱାର୍ଥରେ ଈ)—
Nagarī ୧ । ବଡ଼ ସହର; ବଶିଷ୍ଟ ସହର—
1. A big town; a city.
୨ । ନାଗରିକ ବ୍ୟକ୍ତି—2. Townsman; citizen.

ନଗରୀ କାକ—ସଂ. ବି. (ନଗରୀର କାକ ସ୍ୱରୂପ)—ବକ; ବଗ—
Nagarī kāka The Indian crane; Ardea Nevia.

ନଗରୀ ବକ—ସଂ. ବି. (ନଗରୀର ବକ ସ୍ୱରୂପ)—କାକ; କୁଆ—
Nagarī baka Crow.

ନଗରୀୟ—ସଂ. ବଣ. ପୁଂ. (ନଗର+ଈୟ)—୧ । ନଗର ସମ୍ବନ୍ଧୀୟ—
Nagarīya 1. Pertaining to a town, urban.
(ନଗରୀୟା—ସ୍ତ୍ରୀ) ୨ । ନଗରସ୍ଥ—2. Urban; situate in the town.
୩ । ନଗରୋତ୍ପନ୍ନ—3. Produced or manufactured in a town.

ନଗରୋତ୍ଥା—ସଂ. ବି—ନଗର ମୁସ୍ତକ (ଦେଖ)
Nagarotthā Nagara mustaka (See)

ନଗରୋପକଣ୍ଠ—ସଂ. ବି. (୬ଷ୍ଠୀ ତତ୍; ନଗର + ଉପକଣ୍ଠ)—
Nagaropakaṇṭha ନଗରପ୍ରାନ୍ତ; ନଗରର ଶେଷ ଭାଗ; ସହରତଳି—The outskirts of a town.

ନଗରୋପାନ୍ତ—ସଂ. ବି. (୬ଷ୍ଠୀ ତତ୍; ନଗର + ଉପାନ୍ତ)—
Nagāropānta ନଗରୋପକଣ୍ଠ; ନଗରପ୍ରାନ୍ତ—
The suburbs of a city.

ନଗା—ଗ୍ରା. ବି ଓ ବଣ—ଲଗା (ଦେଖ)—
Nagā Lagā (See)
(ନଗ, ନଗୁ—ଅଦରାର୍ଥକ) ଦେ.ବି. (ଅକାଦରାର୍ଥକ)—'ନଗେନ୍ଦ୍ର'ର ଡାକନାମ—Name for calling Nagendra

ନଗା(ଗେ)ଇବା—ଗ୍ରା. କ୍ରି—ଲଗାଇବା (ଦେଖ)
Nagā(ge)ibā Lagāibā (See)

ନଗାଟନ—ସଂ. ବି. (ବହୁବ୍ରୀହି; ନଗ + ଅଟନ)—ମାଙ୍କଡ଼—
Nagāṭana Monkey (Apte).

ନଗାଧିପ—ସଂ. ବି. (୬ଷ୍ଠୀ ତତ୍; ନଗ + ଅଧିପ)—
Nagādhipa ୧ । ସବୁଠାରୁ ବଡ଼ ପର୍ବତ—
ନଗାଧିପତି, ନଗାଧିରାଜ, ନଗାଧୀଶ୍ୱର } ଅନ୍ୟରୂପ
1. The greatest or biggest mountain.
୨ । ହିମାଳୟ ପର୍ବତ—
2. The Himalayas.
୩ । ସୁମେରୁ ପର୍ବତ—3. The mythological Sumeru mountain.

ନଗାନଗି—ଗ୍ରା. ବି ଓ ବଣ—ଲଗାଲଗି (ଦେଖ)
Nagānagi Lagālagi (See)

ନଗାବାସ—ସଂ. ବି. (ବହୁବ୍ରୀହି; ନଗ + ଆବାସ)—ମୟୂର—
Nagābāsa A peacock (Apte).

ନଗାମ—ଗ୍ରା. ବି—ଲଗାମ; ଘୋଡ଼ାମୁହଁରେ ବନ୍ଧା ହେବା ରଜ୍ଜୁ—
Nagāma Reins of a horse; bridle.

ନଗାରି—ସଂ. ବି. (୬ଷ୍ଠୀ ତତ୍; ନଗ+ଅରି)—ଇନ୍ଦ୍ର—
Nagāri Indra.

ନଗି—ଗ୍ରା. ବି—ଲଗି (ଦେଖ)
Nagi Lagi (See)
नगी

ନଗିଚ୍(ଜ୍)—ବୈଦେ. ବି ଓ ବଣ ଓ କ୍ରି ବଣ. (ପା. ନଜ୍‌ଦିକ୍)—
Nagich(j) ନଜଦିକ୍ (ଦେଖ)—Najadik (See)
नगीच **करीब, नज़दीक**

ନଗେନ୍ଦ୍ର—ସଂ. ବି. (୭ମୀ ତତ୍; ନଗ + ଇନ୍ଦ୍ର)—
Nagendra ୧ । ହିମାଳୟ ପର୍ବତ—
(ନଗେଶ—ଅନ୍ୟରୂପ) 1. The Himalayas.
୨ । କୈଳାସ ପର୍ବତ—2. The Kailāsa mountain.
୩ । ସୁମେରୁ ପର୍ବତ—3. The Sumeru mountain.
ଦେ. ବି. ପୁଂ—ଲୋକଙ୍କ ନାମ—
A name given to males.

ନଗେନ୍ଦ୍ର ନନ୍ଦିନୀ—ସଂ. ବି. (୬ଷ୍ଠୀ ତତ୍; ନଗେନ୍ଦ୍ର+ନନ୍ଦିନୀ)—
Nagendra nandinī ପାର୍ବତୀ—Pārbatī.
ଦେ. ବି. ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ—
A name given to females.

ନଗେନ୍ଦ୍ର ନାଥ—ସଂ. ବି. (୬ଷ୍ଠୀ ତତ୍; ନଗେନ୍ଦ୍ର + ନାଥ)—
Nagendra nātha ଶିବ; ମହାଦେବ—God Śiba.
ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା ନାମ—
A name given to males.

ନଗେନ୍ଦ୍ର ବାଳା—ସଂ ଓ ଦେ. ବି—ନଗେନ୍ଦ୍ର ନନ୍ଦିନୀ (ଦେଖ)
Nagendra bāḻā Nagendra nandinī (See)

ନଗୌକା—ଦେ. ବି ଓ ବଣ. (ସଂ. ନଗୌକସ୍ ଶବ୍ଦଜ)—
Nagaukā ନଗୌକାଃ (ଦେଖ)—Nagaukāḥ (See)

ନଗୌକାଃ—ସଂ. ବଣ. (ବହୁବ୍ରୀହି; ନଗ+ଓକସ୍=ଗୃହ ବା ସ୍ଥାନ;
Nagaukāḥ ନଗୌକସ୍; ୧ମା. ୧ବ)—ପର୍ବତବାସୀ—
Living in mountains.
ସଂ. ବି—୧ । ପକ୍ଷୀ—1. Bird.
୨ । ସିଂହ—2. Lion.
୩ । ବନ୍ୟ ଜନ୍ତୁ—3. Wild animals.
୪ । କାକ—4. Crow
୫ । ବାନର; ମାଙ୍କଡ଼ (ପ୍ରକୃତିବାଦ)—
5. Monkey.
୬ । ସରଭ; ପୁରାଣୋକ୍ତ କାଳ୍ପନିକ ଅଷ୍ଟପଦ ଜନ୍ତୁବିଶେଷ—
6. A mythological animal said to have eight legs.

ନଗୌଚ୍ଛ୍ରାୟ—ସଂ. ବି. (ନଗ+ଉଚ୍ଛ୍ରାୟ; ୬ଷ୍ଠୀ ତତ୍)—
Nagauchchhrāya ପର୍ବତର ଉଚ୍ଚତା—The height or altitude of a mountain.

ନଗୌଷଧି—ସଂ. ବି. (ନଗ + ଔଷଧି)—କଦଳୀ (ହି. ଶବ୍ଦସାଗର)—
Nagaushadhi Plantain

ନଗ୍ନ—ସଂ. ବିଣ. ପୁଂ. (ନଜ୍ ଧାତୁ=ଲଜ୍ଜିତ ହେବା + କର୍ତ୍ତୃ. ତ; ତ୍ତ ସ୍ଥାନେ ନ)—
Nagna
(ନଗ୍ନା—ସ୍ତ୍ରୀ) ୧ । ଦିଗମ୍ବର; ବିବସ୍ତ୍ର; ଉଲଗଙ୍ଗ; ଲଙ୍ଗଳା—
1. Naked; nude; bare.
୨ । କଷାୟ ବସ୍ତ୍ରଧାରୀ; ଗେରୁଆ ଲୁଗା ପିନ୍ଧିଥିବା—
2. Wearing a red-coloured cloth.
୩ । ଲୋକଜନପରିତ୍ୟକ୍ତ (ଦେଶ)—
3. Uninhabited; desolate.
୪ । ଅଚଷା; ଅକର୍ଷିତ (ଭୂମି)—
4. Uncultivated (land).
୫ । ଅନାବୃତ—5. Uncovered.
ସଂ. ବି. ପୁଂ—୧ । ନାଗା; ଲଙ୍ଗୁଳି ବାବାଜୀ—
1. A class of mendicants going naked.
୨ । କ୍ଷପଣକ; ବୌଦ୍ଧ ସନ୍ନ୍ୟାସୀ—
2. Buddhist mendicant.
୩ । ଯାଯାବର ସ୍ତୁତିପାଠକ—
3. A wandering bard; herald; minstrel.
୪ । କପଟୀ ବ୍ୟକ୍ତି—4. Hypocrite (Apte).
୫ । ଶିବ—5. Siba (Apte).
୬ । କୌପୀନ ଓ କଷାୟାମ୍ବରଧାରୀ ଦିଗମ୍ବର ଜୈନ ସନ୍ନ୍ୟାସୀ (ହି. ଶବ୍ଦସାଗର)—6. A class of Jaina anchorites wearing Kaupina and red-dyed cloth.
[ଦ୍ର—ଏମାନେ ୫ ପ୍ରକାର; ଦ୍ୱିକଚ୍ଛ, କଚ୍ଛଶେଷ, ମୁକ୍ତକଚ୍ଛ, ଏକବାସା ଓ ଅବାସା ।]
୭ । ଯେଉଁ ବ୍ରାହ୍ମଣର ଶାସ୍ତ୍ର ଜ୍ଞାନ ନାହିଁ ଓ ଯାହା କୁଳରେ କେହି ବେଦ ପଢ଼ି ନାହାନ୍ତି (ହି. ଶବ୍ଦସାଗର)—
7. A Brāhmaṇa who is not versed in the scriptures and none of whose family has read the Bedas.
[ଦ୍ର—ଏପରି ବ୍ୟକ୍ତିର ଅନ୍ନ ଗ୍ରହଣ ନିଷିଦ୍ଧ ।]
୮ । ଯେଉଁ ବ୍ରାହ୍ମଣ ଗୃହସ୍ଥାଶ୍ରମ ପରେ ବାନପ୍ରସ୍ଥ ଅବଲମ୍ବନ ନ କରି ସନ୍ନ୍ୟାସ ଗ୍ରହଣ କରିଅଛନ୍ତି (ହି. ଶବ୍ଦସାଗର)—
8. A Brāhmaṇa who has taken to the 5th stage after leaving the 3rd stage (of the householder.)
[ଦ୍ର—ଶାସ୍ତ୍ର ଅନୁସାରେ ଏମାନେ ପାତକୀ ।]
ଗ୍ରା. ବି. (ସଂ. ଲଗ୍ନ)—ଲଗ୍ନ (ଦେଖ)
Lagna (See)

ନଗ୍ନକ—ସଂ. ବି ଓ ବିଣ. ପୁଂ (ନଗ୍ନ+ସ୍ୱାର୍ଥରେ. କ)—
Nagnaka ନଗ୍ନ (ଦେଖ)—Nagna (See)
(ନଗ୍ନିକା—ସ୍ତ୍ରୀ)

ନଗ୍ନ କ୍ଷପଣକ—ସଂ. ବି. (କର୍ମଧା; ନଗ୍ନ+କ୍ଷପଣକ)—ଲଙ୍ଗୁଳି ବୌଦ୍ଧ
Nagna kshapaṇaka ଯତି ବା ଜୈନ ସନ୍ନ୍ୟାସୀ—
A nude Buddhist or Jaina mendicant.

ନଗ୍ନତା—ସଂ. ବି. (ନଗ୍ନ+ଭାବ. ତା)—ଦିଗମ୍ବରତ୍ୱ; ବସ୍ତ୍ରହୀନତା—
Nagnatā Nudity; nakedness.
(ନଗ୍ନତ୍ୱ—ଅନ୍ୟରୂପ)

ନଗ୍ନଜିତ୍—ସଂ. ବି. (ନାମ)—ଶତପଥ ବ୍ରାହ୍ମଣରେ ଉଲ୍ଲିଖିତ ଗାନ୍ଧାର
Nagnājit ଦେଶର ପ୍ରାଚୀନ ରାଜା—1. Name of an ancient King of Gāndhāra (modern Kandahar).
୨ । କୋଶଳର ଏକ ପ୍ରାଚୀନ ରାଜା—
2. Name of an ancient King of Kosala
[ଦ୍ର—ଏହାଙ୍କ କନ୍ୟା ସତ୍ୟା ବା ନାଗ୍ନଜିତୀଙ୍କ ସଙ୍ଗେ ଶ୍ରୀକୃଷ୍ଣ ବିବାହ କରିଥିଲେ । ହି. ଶବ୍ଦସାଗର ।]

ନଗ୍ନାଟ—ସଂ. ବିଣ. (ନଗ୍ନ+ଅଟ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ)—
Nagnāṭa ୧ । ଦିଗମ୍ବର; ବିବସ୍ତ୍ର—1. Naked; nude.
(ନଗ୍ନାଟକ—ଅନ୍ୟରୂପ) ୨ । ଜୈନ ବା ବୌଦ୍ଧ ଯତି—
2. A Jaina or Buddhist mendicant.

ନଗ୍ନିକ(କା)—ଗ୍ରା. ବିଣ. (ସଂ. ଲଗ୍ନିକ)—
Nagnika(kā) ନିକଟ ସମ୍ପର୍କରେ ସମ୍ପର୍କିତ (ବ୍ୟକ୍ତି)—
Closely related (person).

ନଗ୍ନିକା—ସଂ. ବି. ସ୍ତ୍ରୀ. (ନଗ୍ନକ+ସ୍ତ୍ରୀ. ଆ)—
Nagnikā ୧ । ନିର୍ଲଜ୍ଜା ବିବସ୍ତ୍ରା ସ୍ତ୍ରୀ; ଲଙ୍ଗୁଳି ସ୍ତ୍ରୀ—
1. A wanton woman; a shameless and nude woman.
୨ । ଗୌରୀ; ଅପ୍ରାପ୍ତରଜସ୍କା ସ୍ତ୍ରୀ—2. A girl before she attains puberty; a girl who has not yet had her first menses.
୩ । ଶିଶୁ କନ୍ୟା—3. An infant girl.
ସଂ. ବିଣ—୧ । ବିବସ୍ତ୍ରା; ଲଙ୍ଗୁଳି (ସ୍ତ୍ରୀ)—
1. Nude or naked (female).
୨ । କୁଚହୀନା ଯୁବତୀ—2. Breastless; (a young lady) having no prominent breasts.

ନଗ୍ନୀକରଣ—ସଂ. ବି. [ନଗ୍ନ+ଅଭୂତ ତଦ୍ଭାବେ ଚ୍ୱି (ଈ)+କରଣ]—
Nagnīkaraṇa ବିବସ୍ତ୍ରୀକରଣ; ବିବସ୍ତ୍ର କରିବା; ଲଙ୍ଗଳା କରିବା—
Denuding; stripping one of clothes.

ନଗ୍ନୀକୃତ—ସଂ. ବିଣ. ପୁଂ. [ନଗ୍ନ+ଅଭୂତ ତଦ୍ଭାବେ ଚ୍ୱି (ଈ)+କୃତ]—
Nagnīkṛuta ବିବସ୍ତ୍ରୀକୃତ; ଯେଉଁ ବସ୍ତ୍ରପରିହୃତ ବ୍ୟକ୍ତିକୁ ନଗ୍ନ
(ନଗ୍ନୀକୃତା—ସ୍ତ୍ରୀ) କରି ଯାଇଅଛି—Made naked; stripped of one's clothes.

ନଗ୍ର—ଗ୍ରା. (ପଦ୍ୟ) ବି. (ସଂ. ନଗର)—ନଗର—
Nagra Town; city.
ଯଥା ଅମୃତ ଅଧାର ସେ ନଗ୍ରରେ ବହୁତ । ସାଳଙ୍କୃତ, ଜଗମୋହନ ।

ନଙ୍କା—ଗ୍ରା. ବି. (ସଂ. ଲଙ୍କା; 'ଲ' ର 'ନ' ଉଚ୍ଚାରଣ)—
Naṅkā ୧ । ଲଙ୍କା (ଦେଖ)—1. Laṅkā (See)
୨ । ଲଙ୍କାମରିଚ—2. Red pepper.

ନଙ୍କା ଅମ୍ବ—ଗ୍ରା. ବି—ଲଙ୍କା ଅମ୍ବ (ଦେଖ)
Nanka amba — Lanka amba (See)

ନଙ୍କା ମରିଚ—ଗ୍ରା. ବି—ଲଙ୍କା ମରିଚ (ଦେଖ)
Nanka maricha — Lanka maricha (See)
(ନଙ୍କ ମାରିଚ; ନଙ୍କା ମାରିଚ—ଅନ୍ୟରୂପ)

ନଙ୍ଗ—ସଂ. ବି. (ନଂ=ବନ୍ଧନକୁ+ଗମ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ)—ଉପପତି; ଜାର—
Nanga — A secret lover; paramour.
ଗ୍ରା. (ପଦ୍ୟ) ବି. (ସଂ. ଅନଙ୍ଗ) ଅନଙ୍ଗ; କାମଦେବ—
(ନଂଗ—ଅନ୍ୟରୂପ) God Cupid.
ଜଳଃ ଉମ୍ଭା କ କଗଳ ଯୁଗ, ନଭମ୍ଭ ଚଃ ସଂହାସନ ନଙ୍ଗ ।
ପ୍ରାଚୀ. ରହସ୍ୟମଞ୍ଜରୀ ।

ନଙ୍ଗପଙ୍ଗ—ଦେ. ଅ—୧ । ଲଙ୍ଗପଙ୍ଗ; ନୁଙ୍ଗୁପୁଙ୍ଗୁ; ବିନା କାର୍ଯ୍ୟରେ ବୁଲୁଥିବା; ଉଦ୍ଦେଶ୍ୟବିହୀନ ହୋଇ ଯିବା ଆସିବା କରୁଥିବା—
Nangapanga
ନଙ୍ଗର ପଙ୍ଗର, ନୁଙ୍ଗୁରୁପୁଙ୍ଗୁରୁ । ନୁଙ୍ଗପୁଙ୍ଗୁ; ନୁଙ୍ଗୁରୁପୁଙ୍ଗୁରୁ } ଅନ୍ୟରୂପ
1. Walking up and down aimlessly; loitering about.
୨ । ଛଦ୍ମଭାବରେ ବିଚରଣ କରିବା—2. Walking up and down a place stealthily.

ନଙ୍ଗର (ଇତ୍ୟାଦି)—ବୈଦେ. ବି—ଲଙ୍ଗର ଇତ୍ୟାଦି (ଦେଖ)
Nangara (etc) — Langara etc. (See)
নংগর লংগর

ନଙ୍ଗଲ୍—ପ୍ରାଦେ. (ସମ୍ବଲପୁର) ବି—ଲଙ୍ଗଳ (ଦେଖ)
Nangal — Langala (See)

ନଙ୍ଗଲ ଜୁଡ଼ା—ପ୍ରାଦେ. (ସମ୍ବଲପୁର) ବି—ତାରାପୁଞ୍ଜବିଶେଷ; ଲଲ୍ଲା ନକ୍ଷତ୍ର (କାଲପୁରୁଷର କଟିବନ୍ଧନ)—
Nangal jurda — The belt of Orion (a constellation).
[ଦ୍ର—ସମ୍ବଲପୁରର ଚାଷୀମାନେ ଏ ନକ୍ଷତ୍ରର ଉଦୟ ନ ହେଲେ (ବୈଶାଖ ମାସ ନ ହେଲେ) ଲଙ୍ଗଳ ଯୋଚନ୍ତି ନାହିଁ ଅର୍ଥାତ୍ ଧାନବୁଣାବୁଣି କାମ କରନ୍ତି ନାହିଁ । ଏଣୁ ଏ ନକ୍ଷତ୍ରପୁଞ୍ଜକୁ 'ନଙ୍ଗଲଜୁଡ଼ା' ବୋଲାଯାଏ ।]

ନଙ୍ଗଳ (ଇତ୍ୟାଦି)—ଗ୍ରା. ବି—ଲଙ୍ଗଳ ଇତ୍ୟାଦି (ଦେଖ)
Nangala (etc) — Langala etc. (See)
ସକାଳେ ଉଠି ନଙ୍ଗଳେ ଯାଆନ୍ତି, ତୋଟାଣି ହେମ କାକର—ଚର ।

ନଙ୍ଗଳା—ଦେ. ବିଣ. ପୁଂ. (ସଂ. ନଗ୍ନ)—୧ । ଲଙ୍ଗଳା; ବିବସ୍ତ୍ର; ଉଲଗ୍ନ—
Nangala — 1. Naked; nude; bare.
নেঙ্গটা; নেংটা; ন্যাংটা ବସ୍ତ୍ର ଦେବା ଲୋକ ସେ ବସ୍ତ୍ର ପିନ୍ଧି ଯାନ୍ତୁ
নঙ্গা ନ ଦେବାର ଲୋକେ ନଙ୍ଗଳା ହୋଇଥାନ୍ତୁ ।
(ନଙ୍ଗୁଳୀ—ସ୍ତ୍ରୀ) (ନଂଗଲା—ଅନ୍ୟରୂପ) କୃଷ୍ଣସିଂହ. ମହାଭାରତ. ବନ ।
୨ । ଅଳଙ୍କାର ଶୂନ୍ୟ; ଅଭରଣ ହୀନ—2. Having one's ornaments put off or removed.
୩ । (ଲକ୍ଷଣାର୍ଥ) ସଂସାର ବନ୍ଧନ ଶୂନ୍ୟ; ଘରଦୁଆରହୀନ—3. (figurative) Having no worldly ties.
୪ । ନିର୍ଭୀକ—4. Fearless.

ନଙ୍ଗଳା ମୁକୁଳା—ଦେ. ବିଣ(ସଂ. ନଗ୍ନ+ମୁକ୍ତ)—ଲଙ୍ଗଳା ମୁକୁଳା (ଦେଖ)
Nangala mukula — Langala mukula (See)

ନଙ୍ଗା(ଙ୍ଘା)—ଦେ. ବିଣ—୧ । (ଧ୍ୱନୀର ଅନୁକୃତ; ତୁଳ. ସଂ. ନଗ୍ନ; ପ୍ରା. ଣଙ୍ଗିଲ)—ଲଂଗା; ଉନ୍ମୁକ୍ତ—
Nanga(ngha)
ଖୋଲା 1. Open; drawn (sword); unsheathed.
नंगा (ଯଥା—ନଙ୍ଘା ତରବାରୀ ।)
ନଂଗା(ଘା)—ଅନ୍ୟରୂପ] ୨ । (ସଂ. ଲମ୍ବ) ଲମ୍ବା—2. Long.
(ଯଥା—ମାଡ଼ ମାରି ତଳେ ନଙ୍ଗା କରି ଶୁଆଇ ଦେବ ।)
୩ । (ସଂ. ଲଂଘନ) ଉପବାସ କରୁଥିବା—
3. Fasting; famished.

ନଙ୍ଗୁ(ଙ୍ଗୋ)ଟି (ଇତ୍ୟାଦି)—ଦେ. ବି—ଲଙ୍ଗୋଟା ଇତ୍ୟାଦି (ଦେଖ)
Nangu(ngo)ti (etc) — Langota etc (See)

ନଙ୍ଗୁଳି—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ନଗ୍ନ)—ନଙ୍ଗଳା (ଦେଖ)
Nanguli (ନଂଗୁଳି—ଅନ୍ୟରୂପ) Nangala (See)

ନଙ୍ଗୁଳି ବାବାଜୀ—ଦେ. ବି. (ସଂ. ନଗ୍ନ)—ନାଗା; ନଗ୍ନକ୍ଷପଣକ—
Nanguli babaji — Naked mendicant.
नागा নঙ্গা বাবাজী

ନଙ୍ଘା—ଦେ. ବି. (ସଂ. ନମ୍ର)—୧ । ଛାଳରୁ ବର୍ଷାପାଣି ଗଡ଼ି ଭୂମିରେ ନ ପଡ଼ି ବହିଯିବା ନିମନ୍ତେ ଓଳର ଛାଳର ଠିକ୍ ତଳେ ଲମ୍ବ-ଭାବରେ ଦିଆ ଯାଇଥିବା ନଡ଼ିଆ ବା ତାଳଗଛର ଗଣ୍ଡିର ଫମ୍ପା ଫାଳ; ଲୋଧା—1. Half of the split trunk of a palm or cocoanut tree placed lengthwise under the eaves of a thatch for preventing the eaves-droppings from falling on the ground.
Nangha
कड़ीन
(ନଂଘା—ଅନ୍ୟରୂପ)
मठठ ୨ । ସମକୋଣଭାବରେ ମିଳିତ ହୋଇଥିବା ଦୁଇଟି ଛାଳର ନ୍ୟୁବ୍ଜପୃଷ୍ଠ ସନ୍ଧିସ୍ଥଳ—2. The concave declivity formed by two thatches when they meet each other at a right angle.
[ଦ୍ର—ଯେବେ ସମକୋଣଭାବରେ ଅବସ୍ଥିତ ଦୁଇଟି ଘରର ଛାଳ ଏପରି ମିଳିତ ହୋଇଥାଏ ଯେ ଉତ୍ତର ବା ଦକ୍ଷିଣଆଡ଼୍‌ ଆସିଥିବା ଛାଳ ସଙ୍ଗେ ପୂର୍ବ ବା ପଶ୍ଚିମଆଡ଼୍‌ ଆସିଥିବା ଛାଳ ଗୋଟିଏ ସମକୋଣୀ ଗହ୍ୱରଯୁକ୍ତ (concave) ସନ୍ଧି ସୃଷ୍ଟି କରେ ତେବେ ସେହି ସନ୍ଧିକୁ ଲଙ୍ଘା ବା ନଙ୍ଘା ବୋଲାଯାଏ; ଉଭୟ ଛାଳର ଉପରି ଅଂଶର ବର୍ଷଣା ପାଣି ସେହି ନଙ୍ଘାବାଟେ ଗଡ଼ି ଦୁଇ ଓଳର କଣବାଟେ ତଳକୁ ପଡ଼େ ।]
ଦେ. ବିଣ—ନଙ୍ଗା (ଦେଖ)—Nanga (See)

ନଙ୍ଘା(ଙ୍ଘେ)ଇବା—ଗ୍ରା. କ୍ରି. (ସଂ. ଲଂଘ ଧାତୁ ଜାତ)—
Nangha(nghe)iba — ଲଙ୍ଘାଇବା (ଦେଖ)—
লংঘান নঘানা — Langhaiba (See)

ନଙ୍ଘା ଘୋଡ଼ା ପାଇକ—ଦେ. ବି—୧ । ଉନ୍ମୁକ୍ତ ଖଡ୍ଗଧାରୀ ଅଶ୍ୱାରୋହୀ ବୀର—1. A rider with a drawn sword.
Nangha ghorda paichha
उछृल आदमी

୨ । ଏକାଙ୍ଗୀ ବ୍ୟକ୍ତି (ଯାହାର କେହି ଗଳଗ୍ରହ ହେବାକୁ ନାହାନ୍ତି ଓ ଯେ ସର୍ବଦା ଯେକୌଣସି କାର୍ଯ୍ୟ କରିବାକୁ ସ୍ୱାଧୀନ ଓ ପ୍ରସ୍ତୁତ); ଘର ଦଉଡ଼ି କନ୍ଥା ବ୍ୟକ୍ତି—
2. A person who has no encumbrances; a person who is his own master.

ନଙ୍ଘା ମାରିବା—ଦେ. କ୍ରି.—ସମକୋଣଭାବରେ ମିଳିତ ଦୁଇଟି ଘରର Nangha māribā ନ୍ୟୁଜ ପୃଷ୍ଠ ସନ୍ଧି ସ୍ଥଳକୁ କରୁଜ ଓ ନିବିଡ଼ ରୂପେ ଛୁଆଣି କରିବା—To thatch densely and imperviously the concave meeting place of two thatches which meet each other by forming a right angle.

ନଙ୍ଘିବା—ଗ୍ରା. କ୍ରି.—ଲଙ୍ଘିବା (ଦେଖ)
Nanghibā Langhibā (See)
ଲংঘা **নাঘনা, নঘনা** (ନଂଘିବା—ଅନ୍ୟରୂପ)

ନଚକା—ଦେ. ବିଣ. (ସ. ନୃତ୍ୟ; କମ୍ବା ନଚନଚ ଧ୍ୱନ୍ୟନୁକରଣ)—
Nachakā ୧ । ଲହକା; ଲମ୍ବ ଓ ଅତି ପାତଳ ଥିବାରୁ ଯାହା
नचनच; लगबगे ବାରଂବାର କମ୍ପିତ ହୁଏ—
লচলচ; লচকোলা 1. Long and very thin.
हैंचका ୨ । ବାରଂବାର କମ୍ପିତ—
লচক 2. Vibrating repeatedly.
୩ । ସହଜନମ୍ୟ—3. Flexible.
ଦେ. ବି.—୧ । ବାରଂବାର ଉପରକୁ ତଳକୁ ହଲହଲ; ଧକ-ଚକ—1. Jolting.
୨ । ଲମ୍ବ ଓ ଛୁଞ୍ଚ ପତଳା ବସ୍ତୁର ବାରଂବାର କମ୍ପନ—
2. Repeated jerkings of a long and thin thing.

ନଚକା(କେ)ଇବା—ଦେ. କ୍ରି. (ସ. ନୃତ୍ ଧାତୁ)—୧ । ଲହଲହ କରିବା—
Nachakā (ke)ibā 1. To flourish or wave a long
नचकान, हैंचकान and very thin or slender thing.
লচকানা; লচানা ୨ । ଝୁଙ୍କେଇ ଝୁଙ୍କେଇ ବଳପୂର୍ବକ ଟାଣିବା—
2. To jerk; to pull with jerks.

ନଚକିବା—ଦେ. କ୍ରି. (ସ. ନୃତ୍ୟ)—୧ । ଲକ୍ ଲକ୍ ହେବା; ଲହକିବା;
Nachakibā (ପତଳା ଲମ୍ବା ବସ୍ତୁ) ନମନୀୟ ହେବା—1. To be-
नचका; हैंचका come malleable or flexible.
লচকনা ୨ । ବାରଂବାର ଦୋହଲିବା—2. To jolt; to jerk.

ନଚନଚ—ଦେ. ଅ. (ସ. ନୃତ୍ ଧାତୁ)—ନକ ନକ; ଲହକା; ସହଜନମ୍ୟ;
Nacha nacha ନମନୀୟ—Flexible.
नचनच **লচলচ**

ନଚ୍ଚ—ଦେ. ବି. (ସ. ନର୍ତ୍ତନ; ନୃତ୍ୟ ପ୍ରା. ଣଚ୍ଚ)—୧ । ନଚ୍ଚଇବା—
Nachā 1. Causing to dance.
नाच ୨ । ନାଚିବା; ନର୍ତ୍ତନ—
নাচ 2. Dancing.

ନଚ୍ଚ(ଚେ)ଇବା—ଦେ. କ୍ରି. (ସ. ନୃତ୍ ଧାତୁ ଣିଚ୍; ନାଚିବାର ଣିଜନ୍ତ
Nachā(che)ibā ଆକାର)—୧ । ନୃତ୍ୟ କରାଇବା—
नचान **নচানা** 1. To cause to dance.
୨ । ଇତସ୍ତତଃ ବା ଉପରକୁ ତଳକୁ ସଞ୍ଚାଳିତ କରିବା; କମ୍ପାଇବା—1. To move to and fro; to move up and down.
ପରର ଦେବାକୁ ଅଭିଳାଷ ଫଳ ନଚାଇ ଭ୍ରାନ୍ତିକମାଣ ଗୋ—କବିସୂର୍ଯ୍ୟ ଙ୍ଗୀତ
୩ । ସ୍ପନ୍ଦିତ କରାଇବା; ଦୋହଲାଇବା—3. To dangle; to cause to oscillate.
୪ । ଗୀତ ବୋଲି ବା ବାଦ୍ୟସମ୍ବାଦ ବଜାଇ ନର୍ତ୍ତକକୁ ନାଚରେ ସାହାଯ୍ୟ କରିବା—4. To help a dancer by the accompaniment of music.
୫ । ନୃତ୍ୟରେ ପ୍ରବୃତ୍ତ କରାଇବା—5. To engage or induce a person to dance.
୬ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ବାରଂବାର ଉଠିବା ବସିବା କମ୍ବା ଏକସ୍ଥାନରୁ ଅନ୍ୟସ୍ଥାନକୁ ଯିବା ଆସିବା ଆଦି କର୍ମରେ ଲଗାଇ ହଇରାଣ କରିବା—6. (figurative) To harass a person by obliging or making him to constantly move about.
୭ । (ଲକ୍ଷଣାର୍ଥ)—ଅସ୍ଥିର କରିବା—7. (figurative) To make a person restless.

ନଚ୍ଚା କୁଦା—ଦେ. ବି. (ସ. ନୃତ୍ୟ+ସ୍କନ୍ଦନ)—ଲମ୍ଫ ଝମ୍ପ; ଉଥ-
Nachākudā ଛେଇ—Jumping and frisking
नाचकूँदा **নাচকুদ** about; capering.

ନଚାନଚି—ଦେ. ବି.—୧ । ଲମ୍ଫଝମ୍ପ; ଲମ୍ଫନ—
Nachānachi 1. Frisking about.
नाचानाचि ୨ । ବହୁ ଲୋକଙ୍କର ନୃତ୍ୟ—
2. Dancing of many persons.

ନଚିକେତାଃ—ସ. ବି. (ନଚିକେତସ୍ ଶବ୍ଦ ୧ମା ୧ବ)—୧ । ଅଗ୍ନି—
Nachiketāḥ 1. Fire.
(ନଚିକେତା—ଦେ. ରୂପ) ୨ । ବେଦୋକ୍ତ ଋଷିବିଶେଷ—
2. Name of a sage.
[ଦ୍ର—ଏ ବାଜଶ୍ରବା ଋଷିଙ୍କ ପୁତ୍ର ଥିଲେ । ବାଜଶ୍ରବା ଋଷି ଥରେ ଯଜ୍ଞର ଦକ୍ଷିଣାପାଇଁ ସର୍ବସ୍ୱ ଦାନ କଲେ । ଏହି ସମୟରେ ନଚିକେତାଃ ପିତାଙ୍କୁ ଏକାଧିକ ଥର ପଚାରିଲେ ମୋତେ କାହାକୁ ଦାନ କଲ ? ପିତା ବିରକ୍ତ ହୋଇ କହିଲେ 'ତୋତେ ମୃତ୍ୟୁକୁ ଦାନ କଲି' । ଏହା ଶୁଣି ନଚିକେତାଃ ମୃତ୍ୟୁଙ୍କ ଠାକୁ ଗଲେ ଓ ସେଠାରେ ୩ ଦିନ ରହିବାର ପରେ ମୃତ୍ୟୁଙ୍କ ଠାରୁ ବ୍ରହ୍ମଜ୍ଞାନ ପ୍ରାପ୍ତ ହେଲେ—ହି. ଶ. ।]

ନଚିର—ସ. ଅ.—(ନ+ଚିର=ବିଳମ୍ବ) —ଶୀଘ୍ର; ଅବିଳମ୍ବେ—
Nachira At once; instantly.

ନଚେତ୍—ସ. ଅ. (ନ+ଚେତ୍)—ନ ହେଲେ; ନହୁବା—
Nachet Else; otherwise; if not.

ନଚ୍ଛମନ (ଇତ୍ୟାଦି) ଗ୍ରା. ବି.—ଲଚ୍ଛମନ (ଇତ୍ୟାଦି) (ଦେଖ)
Nachhamana (etc) Lachhamana etc (See)
[ନଚ୍ଛମନଆ(ଆଁ)—ଅନାଦରାର୍ଥକ ରୂପ]

ନଚ୍ଛା—ଗ୍ରା. ବି—ଲଚ୍ଛା (ଦେଖ)
Nachhā Lachhā (See)

ନଚ୍ଛି(ଚ୍ଛୁ)—ଗ୍ରା. ବି. (ଅନାଦରାର୍ଥକ)—ଲକ୍ଷ୍ମୀଧର, ଲକ୍ଷ୍ମଣ, ନରସିଂହ, ଲକ୍ଷ୍ମୀକାନ୍ତ ଆଦି ଲୋକଙ୍କୁ ଡାକିବା ନାମ—
Nachhi(chhu) A name for calling persons named Lakshmidhara, Lakshmana, Narasimha etc.
ନଚ୍ଛିଆ } ଅନାଦରାର୍ଥକ
ନଚ୍ଛୁଆ }

ନଚ୍ଛିବା—ଗ୍ରା. କ୍ରି—ଲଚ୍ଛିବା (ଦେଖ)
Nachhibā Lachhibā (See)

ନଚ୍ଛୋଡ଼ବନ୍ଦା—ଦେ. ବିଣ—ନାଛୋଡ଼ବନ୍ଦା (ଦେଖ)
Nachhordabandā Nāchhordabandā (See)

ନଜ୍ (ଧାତୁ)—ସ—ଲଜ୍ଜିତ ହେବା—
Naj (root) To be ashamed

ନଜଦିକ୍(ଗ୍)—ବୈଦେ. ବି. (ଆ. ନଜ୍‌ଦିକ୍=ନିକଟ)—
Najadik(g) ସାମିପ୍ୟ; ନୈକଟ୍ୟ—Nearness; propinquity.
नजदीक्
नजदीक
ବିଣ—ନିକଟବର୍ତ୍ତୀ; ନିକଟସ୍ଥ—
Near; adjacent; proximate.
କ୍ରି. ବି—ନିକଟରେ—Near; at hand.

ନଜର—ବୈଦେ. ବି. (ଆ. ନଜର୍)—୧ । ଦୃଷ୍ଟି; ଚାହାଣି—
Najara 1. View.
नजर
नजर
ଜଳଧର ପଙ୍କ ବି ଅବା ଜଳକ ଲୋଣ୍ଡେ ଦିଏ କରି ଫୁଲେ ନାହିଁ ଜି ନଜର ।
କବିସୂର୍ଯ୍ୟ ସଙ୍ଗୀତ ।

୨ । ତୀକ୍ଷ୍ଣ ଦୃଷ୍ଟି—2. A sharp look-out.
୩ । ଦର୍ଶନ—3. Sight; vision.
୪ । ଖାତିର—4. Care; regard.
୫ । ଖିଆଲ; ମନୋଯୋଗ=5. Attention.
୬ । ଧ୍ୟାନ; ଜ୍ଞାନ—6. Notice.
୭ । ଅନ୍ୟ ପାଇଁ ଅଭିପ୍ରେତ ଖାଦ୍ୟ ବା ସୁକୁମାର ଶିଶୁଙ୍କ ଉପରେ ଡାହାଣ ଓ ଡାହାଣୀଙ୍କର ପଡ଼ିବା ପାପଦୃଷ୍ଟି ବା ଲୋଲୁପ ଦୃଷ୍ଟି, ଯହିଁର ଫଳରେ ଖାଦ୍ୟଦ୍ରବ୍ୟ ଦୂଷିତ ଓ ଅଖାଦ୍ୟ ହୋଇଯାଏ ଓ ଶିଶୁଙ୍କର ରୋଗ ହୁଏ (ଦୃଷ୍ଟି-ତଳେ ନୋଟ ଦେଖ)—7. Casting of evil, sinful or greedy eye on food intended by others and on infants by wizards and witches (see notes under Drushti).
୮ । ଦର୍ଶନୀ; ରାଜାଆଦିଙ୍କୁ ଦର୍ଶନ କରିବା ବ୍ୟକ୍ତି ପ୍ରଥମେ ସମ୍ମାନ ସ୍ୱରୂପ ଯେଉଁ ମୁଦ୍ରା ବା ଧନ ଭେଟି ଦିଅନ୍ତି; ନଜରାନା; ଉପଢୌକନ; ଭେଟି—
8. A present; nuzzer.
ରମ୍ଭ ନଜରି ମଣିମନ୍ଦ୍ର ମଣ୍ଡନ ଶ୍ରେଣୀ ଭୂଷି ଦେଲୁ ପୂର୍ଣ୍ଣ ସୁବର୍ଣ୍ଣରେ ।
କବିସୂର୍ଯ୍ୟ ସଙ୍ଗୀତ ।

[ଦ୍ର—ସମ୍ମାନ ଦେଖାଇବା ପାଇଁ ବା ଅଧୀନତା ସ୍ୱୀକାରର ନିଦର୍ଶନ ସ୍ୱରୂପ ଦର୍ଶକ ତାହାଙ୍କଠାରୁ ଉଚ୍ଚତର ପଦଧାରୀ ବ୍ୟକ୍ତିଙ୍କୁ ଦର୍ଶନ କରିବା ବେଳେ ଟଙ୍କା ବା ମୋହର ତାଙ୍କ ଆଗରେ ଥୁଅନ୍ତି । କେବେ କେବେ ଉଚ୍ଚପଦଧାରୀ ବ୍ୟକ୍ତି ତାହାକୁ କେବଳ ସ୍ପର୍ଶ କରି ଭେଟିବା ବ୍ୟକ୍ତିଙ୍କୁ ଫେରାଇ ଦିଅନ୍ତି, କେତେବେଳେ ବା ତାହା ଗ୍ରହଣ ବା ଅସ୍ୱୀକାର କରନ୍ତି ।

ଏହି ନଗଦ ଭେଟି ଅର୍ଥରେ ଏହି ଶବ୍ଦ ଇଂରାଜୀ ଭାଷାରେ ମଧ୍ୟ ଚଳୁଅଛି ।]

୯ । ସମ୍ରାଟ ବା ସମ୍ରାଟଙ୍କ ପ୍ରତିନିଧିଙ୍କୁ ଅଧୀନ ବା କରଦ ରାଜାମାନେ ଯେଉଁ ନିର୍ଦ୍ଦିଷ୍ଟ ଧନ ବା ସ୍ୱର୍ଣ୍ଣମୁଦ୍ରା ଦରବାର ବା ଭେଟି ଉପଲକ୍ଷେ ଭେଟି ଦିଅନ୍ତି—9 A fixed sum of money or gold coins which is presented to the Emperor or his representative by a feudatory or tributary Chief on the occasion of a Durbar or formal interview.

ନଜର କରିବା—ଦେ. କ୍ରି—୧ । ଦେଖିବା—
Najara karibā 1. To see; to look at.
नजरकरना ୨ । ଦୃଷ୍ଟି ରଖିବା—2. To keep an eye on.
नजरकरना ୩ । ଜଗିବା—3. To watch; to guard.
୪ । ତତ୍ତ୍ୱ ନେବା—4. To supervise.
୫ । ଖାତିର କରିବା—5. To care for.
ଅନ୍ଧକ ବୃଷ୍ଣି ନାହିଁ ଏତ ବଳଅର
କାହିଁକି ଏ କାହାକୁ କରିବେ ନଜର । କୃଷ୍ଣସିଂହ. ମହାଭାରତ ଶାନ୍ତି ।

ନଜରକୁ ଆଣିବା—ଦେ. କ୍ରି—୧ । ଖାତିର କରିବା—
Najaraku ānibā 1. To care for.
(ନଜରକୁ ନେବା—ଅନ୍ୟରୂପ) ତାହାକୁ କି କଳାବନ୍ତୀ ନଜରକୁ ଅଣେ ?
नजरेआना ଦଣ୍ଡୀ ହୋଇ ନାହିଁ ଥରେ ସେ ଭୁବନବାଣେ ।
नजरमेलाना କବିସୂର୍ଯ୍ୟ. ସଙ୍ଗୀତ ।
୨ । ଗୁଣୀ ମଧ୍ୟରେ ଗଣନା କରିବା—
2. To count as a good man.
୩ । ଖିଆଲ କରିବା—3. To take cognisance of; to take notice of.

ନଜର ଖାନା—ବୈଦେ. ବି. (ଆ. ନଜର୍ ଓ ଖାନା)—ବଇଠକଖାନା—
Najara khānā Drawing room; parlour.
नजरखाना नजरखाना

ନଜର ଦେବା—ଦେ. କ୍ରି—୧ । ନଜର କରିବା (ଦେଖ)
Najara debā 1. Najara karibā (See)
नजरदेआ ୨ । ବଡ଼ଲୋକଙ୍କୁ ଦର୍ଶନ କରିବା ବେଳେ ଭେଟି
नजरदेना ଦେବା—2. To pay nuzzerana or present on cash.

ନଜର ନଳ(ଳି)—ଦେ. ବି. (ଆ. ନଜର୍=ଦୃଷ୍ଟି+ସ. ନଳ)—
Najara nala(li) ଦୂରବୀକ୍ଷଣ ଯନ୍ତ୍ର—
नजरनली नजरनली Eyeglass; telescope.

ନଜର ପକା(କେ)ଇବା—ଦେ. କ୍ରି—୧ । ନଜର କରିବା (ଦେଖ)
Najara pakā(ke)ibā 1. Najara karibā (See)
नजरफेंका ୨ । ପାପଦୃଷ୍ଟି ବା ଲୋଭ ଦୃଷ୍ଟି ପକାଇବା—
नजरडालना 2. To cast sinster look upon.
(ନଜର ପଡ଼ିବା—ବି)

ନଜରବନ୍ଦ—ବୈଦେ. ବଣ (ବଚଉଅ) (ଅ. ନଜର୍+ଫା. ବନ୍ଦ)—
Najaraband ୧ । ପ୍ରହରୀ-ରକ୍ଷିତ—1. Guarded.
নজরবন্দ ୨ । ଅଟକ ରଖାଯିବା; କାରାବଦ୍ଧ—
नज़रबंद 2. Confined; imprisoned.
୩ । କଡ଼ା ବା ସତର୍କ ଦୃଷ୍ଟିରେ ରଖାଯାଇଥିବା—
3. Kept under surveillance; watched.

ନଜରବନ୍ଦି—ବୈଦେ. ବ. (ବଚଉଅ) (ଅ. ନଜର୍+ଫା. ବନ୍ଦୀ)—
Najarabandi ୧ । ଅଟକ ରଖିବା; କଏଦ କରି ରଖିବା—
নজরবন্দী 1. Imprisonment; confinement.
नज़रबन्दी

ନଜର ବାଗ୍—ବୈଦେ. ବ. (ଅ. ନଜର୍+ଫା. ବାଗିଚ୍ଚ)—
Najara bāg ବଡ଼ଲୋକଙ୍କ ଗୃହ ସଲଗ୍ନ ବିହାରୋଦ୍ୟାନ—
(ନଜରବଗିଚ୍ଚ—ଅନ୍ୟରୂପ) Pleasure-garden attached to
নজরবাগ, নজরবাগান the house of rich men.
नज़रबगीचा, नज़रबाग

ନଜରବାଜ୍—ବୈଦେ. ବ (ଅ. ନଜର୍+ଫା. ବାଜ୍)—
Najarabāj ୧ । କୁହୁକୀ; ଐନ୍ଦ୍ରଜାଲିକ—
নজরবাজ্ 1. Juggler; magician.
नज़रबाज़, नज़रहाया ୨ । ପ୍ରତାରକ; ଠକ—
2. Swindler; knave.
୩ । ଯେଉଁ ଡାହାଣା ବା ଡାହାଣୀ ଖାଦ୍ୟ ବା ଶିଶୁମାନଙ୍କ ଉପରେ ପାପ ଦୃଷ୍ଟି ପକାଏ—3. A person (man or woman) who casts sinister look on food or children.
ବଣ—୧ । ତୀକ୍ଷ୍ଣ ଦୃଷ୍ଟି ବିଶିଷ୍ଟ (ବ୍ୟକ୍ତି)—1. Having a sharp look-out; keen-eyed; keen-sighted.
୨ । ଯେ ଖାଦ୍ୟ ବା ଶିଶୁଙ୍କପ୍ରତି ପାପ ଦୃଷ୍ଟି ପକାଏ—
2. Habituated to casting sinister look on food or children.

ନଜରବାଜି—ବୈଦେ. ବ (ଅ. ନଜର୍+ଫା. ବାଜୀ)—୧ । କୁହୁକ;
Najarabāji ଭେଲକି—1. Jugglery, magic.
নজরবাজী ୨ । ପ୍ରଣୟିଯୁଗଳର ପରସ୍ପର ପ୍ରେମକ-ଟାକ୍ଷପାତ—
नज़रबाज़ी 2. Mutual love-glance.

ନଜର ରଖିବା—ଦେ. କ୍ରି—୧ । ନଜର କରିବା (ଦେଖ)
Najara rakhibā 1. Najara karibā (See)
নজর রাখা ୨ । କୌଣସି ବ୍ୟକ୍ତି ବା ବିଷୟର ତତ୍ତ୍ୱ ନେବା—
नज़र रखना 2. To take care of.
୩ । କୌଣସି ବ୍ୟକ୍ତିର ଗତିବିଧି ପ୍ରତି ସତର୍କ ଦୃଷ୍ଟି ରଖିବା—3. To keep a vigilant eye on the movemets of a person.
୪ । କୌଣସି ବ୍ୟକ୍ତି ପ୍ରତି କୃପାଦୃଷ୍ଟି ବା ଅନୁଗ୍ରହ ଦୃଷ୍ଟି ରଖିବା—4. To look upon a person with kindness or favour.

ନଜରାଣା(ନା)—ବୈଦେ. ବ (ଅ. ନଜରାନା)—୧ । ଭେଟି; ଉପ-
Najarāṇā(nā) ଢୌକନ—1. Present.
নজরানা ୨ । ସଲାମୀ; ଦର୍ଶନୀ; ରାଜା ଜମିଦାର ଆଦିଙ୍କୁ ପ୍ରଥମେ
नज़राना ଦର୍ଶନ କଲାବେଳେ ଅଧୀନ ବ୍ୟକ୍ତିର ଦେବା ଭେଟି—
2. Cash present given to kings etc at the first interview; nuzzerana.
ଅଗଣିତ ଭକ୍ତେ ହୋଇ ଆଗରେ ପାଞ୍ଚଶ ନଜରଣା
୧୯ ଘ ଦେଇ······ସଫଳ କଲେ—ଫକୀର ମୋହନ. ଛମାଣ ଆଠଗୁଣ୍ଠ ।
[ଦ୍ର—ଏ ଶବ୍ଦ ଇଂରାଜି ଭାଷାରେ ମଧ୍ୟ ଚଳନ୍ତି—Nuzzerana]

ନଜିକ୍(ଗ୍)—ବୈଦେ. ବ ଓ ବଣ (ଅ)—ନଜଦିକ୍ (ଦେଖ)
Najik(g) Najadik (See)
নজদীক नज़ीक

ନଜିର—ବୈଦେ. ବ (ବଚଉଅ) (ଅ)—୧ । ନମୁନା—
Najir 1. Specimen.
নজীর ୨ । ଦୃଷ୍ଟାନ୍ତ; ଉଦାହରଣ—2 Example.
नज़ीर ୩ । ପ୍ରାମାଣିକ ବାକ୍ୟ—3. Authoritative words.
୪ । ନିଦର୍ଶନ; ପ୍ରମାଣ—4. Proof.
୫ । ଆଇନ—5. Law.
୬ । କୌଣସି ମକଦମାରେ ପ୍ରଦର୍ଶିତ ଦୃଷ୍ଟାନ୍ତ, ଯଦ୍ୱାରା ଦର୍ଶାଇବା ପକ୍ଷର ଯୁକ୍ତିର ସପକ୍ଷରେ ଏହିପରି ବିଷୟ ପୂର୍ବେ କୌଣସି ହାଇକୋର୍ଟ ବା ଉଚ୍ଚ ଅଦାଲତରେ ମୀମାଂସିତ ହୋଇଥିଲା—6. Ruling or case-law quoted by a party in support of his contention in a law court; authority in support of one's point.

ନଞ୍—ସ. ଅ—(ନୁହେଁ, ଏହି ଅର୍ଥବୋଧକ) ନାଁ; ନୁହେଁ; ନ—
Nañ No; not.
[ଦ୍ର—ସାଦୃଶ୍ୟ, ଅଭାବ, ଅନ୍ୟଥା, ଅଳ୍ପତ୍ୱ, ଅପ୍ରାଶସ୍ତ୍ୟ ଓ ବିରୋଧ ଅର୍ଥରେ ଏହା ବ୍ୟବହୃତ ହୁଏ । ଏହାର ଚିହ୍ନ 'ନ' । ଅବ୍ୟୟରେ ସ୍ୱରବର୍ଣ୍ଣ ଥିବା ଶବ୍ଦ ସହିତ ସମାସରେ ଯୁକ୍ତ ହେଲେ ଏହି 'ନଞ୍' ବା 'ନ' ଠାରେ 'ଅନ୍' ହୁଏ ଯଥା, ଅନାହୂତ; ଏବଂ ବ୍ୟଞ୍ଜନ ବର୍ଣ୍ଣ ଥିଲେ 'ଅ' ହୁଏ ଯଥା, ଅସୁନ୍ଦର ।]

ନଞ୍ ତତ୍ପୁରୁଷ—ସ. ବ—(ବ୍ୟାକରଣ) ନିଷେଧାର୍ଥକ ନଞ୍ ଶବ୍ଦ ସଙ୍ଗେ
Nañ tat-purusha ଅନ୍ୟ ଶବ୍ଦ ଯୁକ୍ତ ହୋଇ ଯେଉଁ ସମାସ ହୁଏ-
(grammar) A negative compound.
(ଯଥା—ଅବ୍ରାହ୍ମଣ, ଅଜ୍ଞାନ, ଅଭୂତ । ଏହି ଭାଷାକୋଷରେ ଏଥିର ସାଂକେତିକ ନଞ୍ ତତ୍ ।)

ନଞ୍ର୍ଥ—ସ. ବ. (ନଞ୍+ଅର୍ଥ)—'ନ' ବା 'ନାହିଁ' ଏହି ଅର୍ଥ—
Nañartha Negative meaning.
ସ. ବଣ—ନଞ୍ର୍ଥକ (ଦେଖ)
Nañarthaka (See)

ନଞ୍ର୍ଥକ—ସ. ବ. (ନଞ୍+ଅର୍ଥ+କ)—ନ, ନାହିଁ, ନୁହେଁ ଆଦି
Nañarthaka ଅର୍ଥ ସହିତ ପ୍ରତିପନ୍ନ ହୁଏ—
Having or conveying a negative meaning.

ନଟ୍ (ଧାତୁ)—ସ—୧ । ନୃତ୍ୟ କରିବା—
Naṭ (root) 1. To dance.

୨ । ଦୀପ୍ତି ପାଇବା—2. To shine.
୩ । ବଧ କରିବା—3. To kill.
୪ । ଅଭିନୟ କରିବା—4. To act
୫ । ଅଧଃପତିତ ହେବା—5. To drop down.

ନଟ—ସଂ. ବି. ପୁଂ (ନଟ୍ ଧାତୁ+କର୍ତ୍ତୃ. ଅ)—
Nata ୧ । ନର୍ତ୍ତକ; ନାଚୁଆ—1. Dancer.
(ନଟୀ—ସ୍ତ୍ରୀ) ୨ । ନାଟକର ଅଭିନେତା; ନାଟ୍ୟକଳାରେ ପ୍ରବୀଣ ବ୍ୟକ୍ତି—
2. A player in a dramatic performance; an actor.
୩ । ଅଶୋକ ବୃକ୍ଷ—3. Asoka tree.
୪ । (ନଶ୍ ଧାତୁ+ଅଟ) ବର୍ଣ୍ଣସଙ୍କର ଜାତିବିଶେଷ—
4. A hybrid caste.
[ଦ୍ର—ପ୍ରାଚୀନ ଭାରତର ଏକାଧିକ ସଙ୍କର ଜାତି 'ନଟ' ନାମରେ ଅଭିହିତ ହେଉଥିଲେ । ଏମାନଙ୍କ ବ୍ୟବସାୟ ନୃତ୍ୟଗୀତାଦି ଥିଲା । (୧) ଶୌଣ୍ଡିକ ପିତା ଓ ଶୌଚିକୀ ମାତାଠାରୁ ଉତ୍ପନ୍ନ ଜାତିକୁ (୨) ମନୁଙ୍କ ମତରେ ବ୍ରାତ୍ୟ କ୍ଷତ୍ରିୟଙ୍କଠାରୁ ଉତ୍ପନ୍ନ ଏକ କ୍ଷତ୍ରିୟ ଜାତିକୁ ଓ (୩) ମାଳାକାର ପିତା ଓ ଶୂଦ୍ରା ମାତାଠାରୁ ଉତ୍ପନ୍ନ ଜାତିକୁ ନଟ ବୋଲାଯାଉଥିଲା—ହି. ଶବ୍ଦସାଗର ।]
୫ । ଲମ୍ପଟ ବ୍ୟକ୍ତି—
5. Adulterer; a man of loose character.
୬ । ଭଣ୍ଡ—6. A jester.
୭ । ସଙ୍ଗୀତର ରାଗିଣୀବିଶେଷ—
7. Name of a musical tune or air.
[ଦ୍ର—ନଟ ରାଗ ସମ୍ପୂର୍ଣ୍ଣ ଜାତିର ରାଗ; ଏଥିରେ ସବୁ ଶୁଦ୍ଧ ସ୍ୱର ଲାଗେ । କେହି କେହି ଏହାକୁ ମାଲକୋଷ ରାଗର, କେହି କେହି ଦୀପକ ରାଗର ପୁତ୍ର ବୋଲି କହନ୍ତି । କେହି କେହି ଏହାକୁ ଦୀପକ ରାଗର ରାଗିଣୀ ବୋଲି କହନ୍ତି । ଏହାର ଗାନ ସମୟ ଦିନର ତୃତୀୟ ପ୍ରହର ଓ ସନ୍ଧ୍ୟା (ହି. ଶବ୍ଦସାଗର) । ଏହା ଅନ୍ୟ ରାଗମାନଙ୍କ ସଙ୍ଗେ ମିଶି ଅନେକ ମିଶ୍ରରାଗ ଉତ୍ପାଦନ କରିଅଛି ଯଥା,—ନଟ ମଲ୍ଲାରକ, ନଟ କେଦାର । ଏହା ଭିନ୍ନ ପ୍ରକାର ବା ଛଅନଟ ନାମରେ ପ୍ରସିଦ୍ଧ; ଯଥା—ଶୁଦ୍ଧନଟ ବା ନଟନାରାୟଣ, କେଦାରନଟ, କଲ୍ୟାଣନଟ, କାମୋଦନଟ, ମଲ୍ଲାରନଟ ବା ନଟମଲ୍ଲାର, ଛାୟାନଟ, କଦମ୍ବନଟ, ହାମ୍ବୀରନଟ ଓ ଅଡ଼ାଣନଟ—ଗୀତେନ୍ଦୁ ।]
୮ । ଶ୍ୟୋନାକ; ଫଣଫଣା ଗଛ (ହି. ଶବ୍ଦସାଗର)—
8. Bignonia Indica (tree)
ଦେ. ବି—୧ । ଲଟ (ଦେଖ)—1. Lata (See)
୨ । ନଟବର ନାମକ ବ୍ୟକ୍ତିର ଡାକ ନାମ—
2. Name by which a person named Natabara is called.
ଦେ. ବିଣ. (ସଂ. ନଷ୍ଟ)—ଦୁଷ୍ଟ; ଦୁଷ୍ଟ—
ନଟ Wicked; wanton.
ପୀତପଟ ନଟ ନାଁ ମୋ ଅଙ୍ଗରୁ ନ ଧର । ଉପେନ୍ଦ୍ରଭଞ୍ଜ. ଲୋଭାବତୀ ଓ ଗୀତ ।

ନଟକଣ—ଗ୍ରା. ବି—ଲଟକଣ (ଦେଖ)
Natakana Latakana (See)

ନଟକଣି—ଗ୍ରା. ବି. (ସଂ. ଲମ୍ବନ=ଝୁଲିବା)—
Natakani ଲଟକଣି; ପାଗ ବା ଟୋପିରୁ ଲମ୍ବିଥିବା ଝୁଣ୍ଡି ବା ଫୁଲ—
ଲଟକନ Tassels hanging down from a turban
ଲଟକନ or cap.
ନଟକଣି ଗ୍ରୀବ ସେ କର୍ଣ୍ଣ କନକ ଶ୍ରୀଭୃତ
କିଶୋରଙ୍କ ଅଙ୍ଗ ନ କର ଭଙ୍ଗ ଦୟା । କୃଷ୍ଣସିଂହ. ମହାଭାରତ, ବନ ।

ନଟକା(କେ)ଇବା—ଗ୍ରା. କ୍ରି—ଲଟକାଇବା (ଦେଖ)
Nataka(ke)iba Latakaiba (See)

ନଟକାର—ଦେ. ବି. (ସଂ. ନଟ; ନାଟ୍ୟକାର)—
Natakara ୧ । ନଟ; ନର୍ତ୍ତକ—1. Dancer.
୨ । ଐନ୍ଦ୍ରଜାଲିକ; କୁହୁକୀ—1. Juggler; magician.
ଧାତା ନଟକାର ପରି ଦେଖାଉଛ ଚତୁ କେସ କନକ ଗଉର ।
ଭକ୍ତ. ପ୍ରେମସୁଧାନିଧି ।

ନଟକାରୀ—ଦେ. ବି ଓ ସ୍ତ୍ରୀ. (ସଂ. ନାଟ୍ୟକାର, ନାଟ୍ୟକାରିଣୀ)—
Natakari ନଟକାର (ଦେଖ)—Natakara (See)
ଏହା ଶୁଣି କରଣ୍ଡ ନାମକ ନଟକାରୀ । ବଂଶୀଧର. ଚଉବଗମାୟଣ ।
ଦେ. ବିଣ. (ସଂ. ନାଟ୍ୟକାରୀ) ଯେ ନାଚେ ବା ନୃତ୍ୟ କରେ—
Dancing.

ନଟକିବା—ଗ୍ରା. କ୍ରି—ଲଟକିବା (ଦେଖ)
Natakiba Latakiba (See)

ନଟକୂଟ—ଦେ. ବି. (ସଂ. ଲଟ=ପ୍ରମାଦ ବଚନ ଓ କୂଟ=କପଟ)—
Natakuta ୧ । ଲୁଟୁଭୁଟୁ; ଗୋଲମାଳିଆ ବିଷୟ; ଝଞ୍ଜଟ; ଅଡୁଆ—
ନଟଖଟ, ନଟଖଟି 1. Labyrinth; maze; intricacy;
ନଟଖଟ perplexity.
ଅପେ ଛଳ ଅପେ ଭଳ ଅପେ ନଟକୂଟ । ଗ୍ରାଚୀ. ବୃନ୍ଦାବନଭୂଗଗୀତା ।
୨ । ବିଘ୍ନ—2. Obstacle.
୩ । ବିରକ୍ତିକର ଘଟଣା; ଅନର୍ଥ—
3. Vexatious matter; troubles; vexation.
୪ । ଉତ୍ପାତ—4. Oppression.
୫ । ଦୁଶ୍ଚିନ୍ତା—5. Anxiety.
୬ । ଦୁଷ୍ଟପଣ—6. Wickedness.

ନଟକୂଟିଆ—ଦେ. ବିଣ. ପୁଂ—୧ । ଗୋଳମାଳିଆ; ଅଡୁଆ—
Natakutia 1. Intricate; awkward.
(ନଟକୂଟେଇ—ସ୍ତ୍ରୀ) ୨ । ଯେ ଅଡୁଆ ଲଗାଏ—
ନଟଖଟ 2 Causing complications.
୩ । ବିରକ୍ତିକର—3. Troublesome; perplexing; vexatious.
୪ । ଉତ୍ପାତକାରୀ—4. Oppressive.
୫ । ଦୁଷ୍କର; କଷ୍ଟସାଧ୍ୟ—5. Difficult.
୬ । ଦୁଷ୍ଟ—6. Wicked.

ନଟଖଟ—ଦେ. ବି—ନଟକୂଟ (ଦେଖ)
Natakhata Natakuta (See)

ନଟଖଟିଆ—ଦେ. ବଣ—ନଟକୁଟିଆ (ଦେଖ)
Naṭakhaṭiā Naṭakūṭiā (See)
(ନଟଖଟେଇ—ସ୍ତ୍ରୀ)

ନଟଘଟ (ଇତ୍ୟାଦ)—ଦେ. ବ—ଲଟଘଟ ଇତ୍ୟାଦ (ଦେଖ)
Naṭaghaṭa (etc) Laṭaghaṭa etc (See)

ନଟଘଟିଆ—ଦେ. ବଣ—ଲଟଘଟିଆ (ଦେଖ)
Naṭaghaṭiā Laṭaghaṭiā (See)
(ନଟଘଟେଇ—ସ୍ତ୍ରୀ)

ନଟଚର୍ଯ୍ୟା—ସ. ବ. (୬ଷ୍ଠୀ ତତ୍; ନଟ+ଚର୍ଯ୍ୟା)—
Naṭacharjyā ୧ । ନଟର ବାକ୍ୟାଭିନୟ—
1. The verbal acting of an actor.
୨ । ନାଟକାଭିନୟ—2. Acting of a drama; dramatic performance.

ନଟତା—ସ. ବ (ନଟ+ତା)—୧ । ନଟର ଭାବ—
Naṭatā 1. The state of being an actor or dancer.
(ନଟତ୍ୱ—ଅନ୍ୟରୂପ) ୨ । ନଟର କାର୍ଯ୍ୟ—
2. The act of a dancer or actor.

ନଟନ—ସ. ବ. (ନଟ୍ ଧାତୁ+ଅନ)—୧ । ନୃତ୍ୟ; ନର୍ତ୍ତନ—
Naṭana 1. Dancing.
୨ । ନାଟକ ଅଭିନୟ—2 Acting in a play.

ନଟ ନାଗର—ଦେ. ବ—ଶ୍ରୀକୃଷ୍ଣ—
Naṭa nāgara Śrikṛushṇa.

ନଟ ନାରାୟଣ—ସ. ବ—ସଙ୍କର ରାଗିଣୀବିଶେଷ—
Naṭa nārāyaṇa Name of a composite musical air.
[ଦ୍ର—ଏହା ସମ୍ପୂର୍ଣ୍ଣ ଜାତିର ଏକ ରାଗ । ଏଥିରେ ସବୁ ଶୁଦ୍ଧ ସ୍ୱର ଲାଗେ । ହେମନ୍ତ ଋତୁରେ ରାତ୍ରି ୨୧ ଦଣ୍ଡଠାରୁ ୨୬ ଦଣ୍ଡ ପର୍ଯ୍ୟନ୍ତ ଏହା ଗେୟ । ହନୁମାନଙ୍କ ମତରେ ଏହା ମେଘରାଗର ଓ ଭରତଙ୍କ ମତରେ ଏହା ଦୀପକରାଗର ପୁତ୍ର । ହି. ଶବ୍ଦସାଗର ।]

ନଟ ନାରୀ—ସ. ବ. ସ୍ତ୍ରୀ. (ନଟ+ନାରୀ)—ନଟୀ (ଦେଖ)
Naṭa nārī Naṭī (See)

ନଟପଟ (ଇତ୍ୟାଦ)—ଦେ. ଅ—ଲଟପଟ ଇତ୍ୟାଦ (ଦେଖ)
Naṭapaṭa (etc) Laṭapaṭa etc (See)
(ନଟରପଟର—ଅନ୍ୟରୂପ) नटपट लटपट

ନଟପଟିଆ—ଦେ. ବଣ—ଲଟପଟିଆ (ଦେଖ)
Naṭapaṭiā Laṭapaṭiā (See)

ନଟବର—ସ. ବ. (୭ମୀ ତତ୍; ନଟ+ବର=ଶ୍ରେଷ୍ଠ)—
Naṭabara ୧ । ଶ୍ରୀକୃଷ୍ଣ—1. Śrikṛushṇa.
୨ । ପ୍ରଧାନ ନଟ—2. The chief dancer or actor.
୩ । ଅଭିନୟର ସୂତ୍ରଧାର—3. Stage manager.
ସ. ବଣ—ନୃତ୍ୟପଟୁ; ନାଚିବା ବିଷୟରେ ଦକ୍ଷ—
Expert in dancing.
ଦେ. ବ. ପୁଂ—ଲୋକଙ୍କ ନାମ—
A name given to males.

ନଟବର ବେଶ—ଦେ. ବ—ଶ୍ରୀକୃଷ୍ଣଙ୍କର ବେଶବିଶେଷ—
Naṭabara beśa A sort of dress of Śrikṛushṇa.
[ଦ୍ର—ଶ୍ରୀକୃଷ୍ଣ ତ୍ରିଭଙ୍ଗ-ମୂର୍ତ୍ତି ହୋଇ ବଂଶୀ ଧରି ନାଚିବା ସମୟର ବେଶ । କାର୍ତ୍ତିକମାସରେ ପ୍ରଭାତରେ ଜଗନ୍ନାଥଙ୍କର ଏବଂ ସତ୍ୟବାଦୀରେ ସାକ୍ଷୀଗୋପାଳଙ୍କର ଏ ବେଶ ହୁଏ ।]

ନଟବେହାଗ—ସ. ବ—ରାଗିଣୀବିଶେଷ—
Naṭabehāga Name of a musical air.

ନଟଭୂଷଣ—ସ. ବ. (୬ଷ୍ଠୀ ତତ୍; ନଟ+ଭୂଷଣ=ଅଭରଣ)—
Naṭabhūshaṇa ହରିତାଳ—Red orpiment.
(ନଟମଣ୍ଡନ—ଅନ୍ୟରୂପ)

ନଟମଲ୍ଲାର—ସ. ବ—ରାଗିଣୀବିଶେଷ—
Naṭamallāra Name of a musical tune or air.
(ନଟମଲ୍ଲାରିକା—ଅନ୍ୟରୂପ) [ଦ୍ର—ଏହା ସମ୍ପୂର୍ଣ୍ଣ ଜାତିର ଏକ ସଙ୍କର ରାଗ; ଏହା ନଟ ଓ ମଲ୍ଲାର ରାଗଦ୍ୱୟର ମିଶ୍ରଣରେ ଉତ୍ପନ୍ନ; ଏଥିରେ ସବୁ ଶୁଦ୍ଧ ସ୍ୱର ଲାଗେ ।]

ନଟ ମୁକୁଟ—ଦେ. ବ ଓ ବଣ—ନଟବର (ଦେଖ)
Naṭa mukuṭa Naṭabara (See)
କି ହେବ ମନରେ ଭାବୁ ନଗ୍ରଲେ,
ଯଶହେବ ସେହୁ କାଳେ ନଟ ମୁକୁଟକୁ ବୋଲେ ନଗ୍ରୀର ।
କବିସୂର୍ଯ୍ୟ. ସଙ୍ଗୀତ ।

ନଟଯୋଷା—ସ. ବ. ସ୍ତ୍ରୀ (ନଟ+ଯୋଷିତ୍)—ନଟୀ (ଦେଖ)
Naṭajoshā Naṭī (See)
(ନଟଯୋଷିତ୍—ଅନ୍ୟରୂପ)

ନଟ ଯୋଷିତା—ଦେ. ବ. ସ୍ତ୍ରୀ (ନଟ+ଯୋଷିତ୍)—୧ । ନଟନାରୀ,
Naṭa joshitā ନଟୀ—1. A female dancer.
୨ । ବେଶ୍ୟା—2. Harlot; prostitute.
କଳୋତୁ ମୋତେ ଯେମନ୍ତ ନଟଯୋଷିତା—ଉଦ୍ଧ. ବୈଦେହୀଶବିଳାସ ।

ନଟରଙ୍ଗ—ସ. ବ—ରଙ୍ଗମଞ୍ଚ—
Naṭaraṅga Theatrical stage (Apte).

ନଟରା—ଗ୍ରା. ବ—ଲଟରା (ଦେଖ)
Naṭarā Laṭarā (See)

ନଟ ସଂଜ୍ଞକ—ସ. ବ—୧ । ଗୋଦନ୍ତୀ ହରିତାଳ (ହି. ଶବ୍ଦସାଗର)—
Naṭa samjñaka 1. Red orpiment (Apte).
୨ । ନଟ (ହି. ଶବ୍ଦସାଗର)—
2. An actor; a dancer (Apte).

ନଟ ସୂତ୍ର—ସ. ବ (ନଟ+ସୂତ୍ର)—ଅଭିନେତୃବର୍ଗଙ୍କ ପାଳନୀୟ ନିୟମ ବା
Naṭa sūtra ଉପଦେଶାବଳୀ—Directions or rules for actors (Apte).

ନଟା (ଇତ୍ୟାଦ)—ଗ୍ରା. ବ—ଲଟା ଇତ୍ୟାଦ (ଦେଖ)
Naṭā (etc) Laṭā etc (See)

ନଟାଇ—ପ୍ରାଦେ (ସମ୍ବଲପୁର) ବ—ନଟେଇ (ଦେଖ)
Naṭāi Naṭei (See)

ନଟାନ୍ତିକା—ସ. ବ. ସ୍ତ୍ରୀ (ନଟ+ଅନ୍ତ+କ+ସ୍ତ୍ରୀ. ଆ; ନଟର ଲଜ୍ଜା ନ
Naṭāntikā ଥିବାରୁ ନଟାନ୍ତିକାର ଏହି ଅର୍ଥ) ଲଜ୍ଜା—
Bashfulness.

ନଟି—ଦେ. ବ—୧ । (ଚଳନ୍ତାରେ) ଚଳୁଥିବା ନୌକାର ପାଲକୁ
Nați ଅଟକାଇ ରଖିବା ସକାଶେ ବ୍ୟବହୃତ ଲମ୍ବା ଦଉଡ଼ି—
1. A long piece of rope used for holding tightly the sail of a boat in motion.
୨ । (ଆଦରାର୍ଥକ) ନଟବରର ଡାକ ନାମ—
2 A fond name for calling Națabara.
ଗ୍ରା. ବ. (ସଂ. ଲତା)—ଲଟି; ଲଥା; ଛୋଟ ଛୋଟ ଲତା—
Small creepers.
ପ୍ରାଦେ. (ସିଂହଭୂମ) ବ—ଲତାବହୁଳ ବନ—
A jungle full of creepers.

ନଟିତ—ସଂ. ବ. (ନଟ୍ ଧାତୁ + ଭାବ. ତ)—ନାଟକାଭିନୟ—
Natita Acting; dramatic representation.

ନଟୀ—ସଂ. ବ. ସ୍ତ୍ରୀ. (ନଟ + ସ୍ତ୍ରୀ. ଈ)—୧ । ଅଭିନେତ୍ରୀ—
Nați 1. An actress.
୨ । ନର୍ତ୍ତକୀ—2. Dancing girl.
୩ । ବେଶ୍ୟା—3. Harlot; courtezan; prostitute.
୪ । ଦୁଷ୍ଟା ସ୍ତ୍ରୀ—4. A strumpet.
୫ । ନାଟକର ସୂତ୍ରଧାରର ସ୍ତ୍ରୀ; ମୁଖ୍ୟା ନଟୀ—
5. The chief actress, regarded as the wife of the stage manager.
୬ । ଗୋଦନ୍ତୀ ହରତାଳ—6. Red arsenic (Apte).
୭ । ନଖୀ ନାମକ ଗନ୍ଧକ ଦ୍ରବ୍ୟ (ହି. ଶ.)—
7. A medicinal scent; shell.
ଦେ. ବ.—ନଟୀକାଳ (ଦେଖ)—Națikāla (See)
ନଟୀ ସେ କଦଳୀ ସୁଭ ବଳାଇବ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ନଟୀକାଳ—ଦେ. (ପ୍ରାଚୀନ) ବ. (ସଂ. ନାରିକେଳ)—ନଡ଼ିଆ—
Națikāla Cocoanut.
ଗମ୍ଭ ସ ପାଳଟଥ ନଟୀକାଳ । ପ୍ରାଚୀ. ପ୍ରତାପ. ଶଶିସେଣା ।

ନଟୁ (ଇତ୍ୟାଦି)—ଦେ. ବ.—ଲଟୁ ଇତ୍ୟାଦି (ଦେଖ)
Națu (etc) Lațu etc. (See).

ନଟେଇ—ଦେ. ବ. (ସଂ. ନର୍ତ୍ତକୀ)—୧ । ଭରଣୀ ସୂତା ଗୁଡ଼ାଇବାରେ
Natei ବ୍ୟବହୃତ ବଉଁଶକାତିରେ ନିର୍ମିତ ଚକ୍ରୀର ଯନ୍ତ୍ରବିଶେଷ—
ନାଟାଇ 1. An instrument made of bamboo
नटाई नरी strips used for winding the warp threads.
୨ । ତାଲୁଟର କମ୍ପାଂଶ (ଯହିଁରେ ସୂତା ଗୁଡ଼ା ଯାଏ)—
2. A reel for winding threads.

ନଟେଇ ପଟେଇ—ଗ୍ରା. ଅ.—ଲଟପଟ (ଦେଖ)
Naței paței Lata pața (See)

ନଟେଶ୍ୱର—ସଂ. ବ. (୬ଷ୍ଠୀ ଓ ୭ମୀ ତତ୍; ନଟ=ନର୍ତ୍ତକ+ଈଶ୍ୱର)—
Națeswara ମହାଦେବ; ତାଣ୍ଡବ ନୃତ୍ୟକାରକ ଶିବ—Siba;

ନଟ୍ୟା—ସଂ. ବ. (ନଟ + ଯ + ଆ)—ନଟ ସମୂହ; ଅଭିନେତୃଦଳ;
Națyā ନର୍ତ୍ତକଦଳ—
A company of dancers or actors

ନଠା—ଗ୍ରା. ବ.—ଲଠା (ଦେଖ)
Nathā Lathā (See)

ନଡ଼୍ (ଧାତୁ)—ସଂ.—ବନ୍ଧନ କରିବା—
Nard (root) To bird.

ନଡ଼—ସଂ. ବ. (ନଡ଼୍ ଧାତୁ + କରଣ ଅ; ଯାହାଦ୍ୱାରା ବନ୍ଧନ କରାଯାଏ)—
Narda ୧ । ତୃଣବିଶେଷ; ନଳ—1. A reed.
୨ । ହାତରେ ପିନ୍ଧାଯିବା କାଚବଳୟ ତିଆରି ଓ ବିକ୍ରି କରିବା ଜାତିବିଶେଷ—Name of a tribe manufacturing and selliing glass bracelets.

ନଡ଼କ—ସଂ. ବ.—ଦୁଇ କାନ୍ଧ ମଧ୍ୟରେ ଥିବା ଅସ୍ଥି—
Nardaka A bone between the shoulders (Apte).

ନଡ଼କା—ଗ୍ରା. ବ. ଓ ବିଣ—ଲଡ଼କା (ଦେଖ)
Nardakā Lardakā (See)
(ନଡ଼କୀ—ସ୍ତ୍ରୀ)

ନଡ଼କୀୟ—ସଂ. ବିଣ (ନଡ଼+ଅଛି ଅର୍ଥରେ ଈୟ)—ଯେଉଁ ସ୍ଥାନରେ
Nardakiya ପ୍ରଚୁର ନଳ ତୃଣ ଜନ୍ମେ; ନଳବହୁଳ (ପ୍ରଦେଶ)—
(a place) Growing reeds abundantly.

ନଡ଼ଚଡ଼—ଦେ. ଅ. (ସଂ. ଲଡ଼୍ ଧାତୁ—କୌଣସି ସ୍ଥାନରୁ ସାମାନ୍ୟ
Narda charda ମାତ୍ର ଘୁଞ୍ଚିବା; ହଲଚଲ; ବିଚଳନ—
नड़चड़ Moving slightly from one's original
हलचल, हिलनाडुलना position; slight shifting of the position; slight deviation.

ନଡ଼ନଡ଼—ଦେ. ଅ. (ସଂ. ଲଡ଼୍ ଧାତୁ)—୧ । ଲଡ଼ ଲଡ଼; ଦୋହୁଲ୍ୟମାନ—
Narda narda 1. Oscillating; hanging to and
নড়নড়, ঝুড়ঝুড়, ঝুড়ঝুড়ে, ঝুঝুড়ে fro; dangling.
लड़खड़, ढीला, डगमग ୨ । ଢିଲା; ଲଡ଼କା; ଶ୍ଳଥ—
[ନୁଡ଼୍(ଡ଼ୁ) ନୁଡ଼୍(ଡ଼ୁ)—ଅନ୍ୟରୂପ] 2. Loose; slackened.
ଯାଉଥିଲେ ମଞ୍ଚ; ଦେଖି ଅଭର ପର ପଞ୍ଚ;
ହାତ ହଲଇ ନଡ଼ ନଡ଼, ଗୋଡ଼ ହଲଇ ନଡ଼ ନଡ଼;
ବଥନାତର କଣ୍ଠ ଭଣ୍ଟି । ଶିଶୁବଚନ ।
୩ । ଯେ ସିଧା ହୋଇ ଠିଆ ହୋଇ ନ ପାରି ଟଳୁଥାଏ;
ଟଳ ଟଳ—3 Shaky; tottering.

ନଡ଼ନଡ଼ ହେବା—ଦେ. କ୍ରି.—ଶ୍ଳଥ ବା ଢିଲା ହେବା—
Narda narda hebā To become loose or
নড়নড় হওয়া **लड़खड़होना** slackened.

ନଡ଼ ନଡ଼ିଆ—ଦେ. ବିଣ.—ନଡ଼ ନଡ଼ (ଦେଖ)
Narda nardiā Narda narda (See)
নন্নড়িয়া **लड़खड़िया**
[ନଡ଼୍ (ଡ଼ୁ) ନୁଡ଼ିଆ—ଅନ୍ୟରୂପ]

ନଡ଼ପ—ପ୍ରାଦେ. (ଗଡ଼ଜାତ) ବ.—୧ । ତେଲି—
Nardapa 1. Oilman.
୨ । ତେଲ—2. Oil.

ନଡ଼ପ ଶାଳ—ପ୍ରାଦେ. (ଗଡ଼ଜାତ) ବ.—ତେଲଶାଳ—
Nardapa śāla An oilman's factory.

ନଡ଼ବଡ଼—ଦେ. ଅ. (ସଂ. ଲଡ଼୍ ଧାତୁ=କମ୍ପିତ ହେବା) —
Nardabarda ୧ । ଢିଲା; ଶ୍ଲଥ; ନଡ଼ ନଡ଼—
নাড়াচাড়া, লডবড 1. Loose; slackened.
लड़खड़ ୨ । ଦୋହୁଲ୍ୟମାନ—2. Dangling;
[ନଡ଼୍ (ଡ଼୍)ବଡ଼୍ (ଡ଼୍)—ଅନ୍ୟରୂପ] oscillating.
୩ । ଖଳବଳ; ଅସ୍ଥିର—3. Restless.

ଶୁଣ। ଲଡ଼ଟେଡ଼ ଖଡ଼ଖଡ଼, ମିଛ ମାୟାରେ ପଡ଼ ନୁ ଲଡ଼ବଡ଼ ନଡ଼ବଡ଼ ।
ଶବ୍ଦରଙ୍ଗ ଭଜନ ।

୩ । ଚପଳ—3. Unsteady.
୪ । ଲମ୍ପଟ; ପରସ୍ତ୍ରୀଲୋଲୁପ—
4, Adulterous; lascivious.
୫ । ଯେଉଁ ଲୋକ ଦୁର୍ବଳତା ଯୋଗୁଁ ଟଳଟଳ ହେଉଥାଏ—
5. Wavering; tottering.
୬ । ଯେଉଁ ଲୋକ ଏକ କଥା ବା ପକ୍ଷକୁ ସ୍ଥିରଭାବରେ ଧରି ରହେ ନାହିଁ; ଚଞ୍ଚଳଚିତ୍ତ—
6. Vacillating; fickle.

ହନାଇ ଟଙ୍କା ବଇନା ନେଇ ଫେର ଏଣେ ତେଣେ
କାହିଁକି ନଡ଼ବଡ଼ ହଉଚ । ଉତ୍କଳ ଗୌରବ ।

୭ । ଚୋର; ପରଧନାପହାରୀ—
7. Stealing; pilfering.
୮ । ଲହରପହର; ବୃଥା ବା ଉଦ୍ଦେଶ୍ୟହୀନଭାବରେ ଯିବା ଆସିବା କରୁଥିବା—1. Unnecessarily walking to and fro; loitering.

ନଡ଼ବଡ଼ି—ଦେ. ବି—୧ । ଲାମ୍ପଟ୍ୟ; ଲମ୍ପଟ ସ୍ୱଭାବ—
Nardabardi 1. Adulterous nature.
লড়বড়ি (ଯଥା—ଇନ୍ଦ୍ର ନଡ଼ବଡ଼ି ।)
लड़बाढ़ि ୨ । ଖାଦ୍ୟଲାଳସା; ଜିଭ ନଡ଼ବଡ଼ିଆ ସ୍ୱଭାବ—
2. Hankering after food.
(ଯଥା—ଜିଭ ନଡ଼ବଡ଼ି ।)
୩ । ଚୌର୍ଯ୍ୟ ପ୍ରବୃତ୍ତି; ଚୋରି କରିବା ସ୍ୱଭାବ—
3. Stealing or pilfering.
(ଯଥା—ହାତ ନଡ଼ବଡ଼ି ।)
୪ । ଏପକ୍ଷ ସେ ପକ୍ଷ ଅବଲମ୍ବନ କରିବା ପ୍ରବୃତ୍ତି; ଅବ୍ୟବସ୍ଥିତ ପ୍ରକୃତି—4. Fickle nature.

ନଡ଼ବଡ଼ିଆ—ଦେ. ବିଣ—ନଡ଼ବଡ଼ (ଦେଖ)
Nardabardiā Nardabarda (See)
[ନଡ଼୍ (ଡ଼୍)ବଡ଼ିଆ—ଅନ୍ୟରୂପ]
লডলডিআ

ନଡ଼ବଡ଼ିଆ ଖୋଇ—ଦେ. ବି—ନଡ଼ବଡ଼ି (ଦେଖ)
Nardabardiā khoi Nardabardi (See)
[ଦ୍ର—ଖୋଇ, ପ୍ରକୃତି, ସ୍ୱଭାବଆଦି ଶବ୍ଦ ସହିତ 'ନଡ଼ବଡ଼ିଆ' ଶବ୍ଦର ବ୍ୟବହାର ଭାଷାରେ ପ୍ରଚଳିତ ।]

ନଡ଼ା—ଦେ. ବି. (ସଂ. ନଡ଼; ନଳ)—୧ । ତୃଣ; ଧାନଗଛର ବେଣ୍ଟାବିରହିତ
Nardā ଫମ୍ପା ଅଂଶ—1. Straw; hollow stalk of
খড; নাডা paddy and other plants.
नरइ, नार ୨ । ସାରୁଗଛର ପତ୍ରବିରହିତ ଅଂଶ—
2. The leafless stem of taro plant.
ବୈଦେ. ବି. (ଫା. ଲଢ଼ାଇ)—ମଲ୍ଲମାନଙ୍କ ଲଢ଼ିବା—
Athletic fight.

ନଡ଼ା(ଡ଼େ)ଇ(ଇତ୍ୟାଦ)—ବୈଦେ.ବି. (ଫା.)—ଲଢ଼ାଇ ଇତ୍ୟାଦ (ଦେଖ)
Nardā(rde)i (etc) Lardhāi etc (See)

ନଡ଼ା(ଢ଼ା)ନଡ଼ି(ଢ଼ି)—ଦେ. ବି—ଲଢ଼ାଲଢ଼ି (ଦେଖ)
Nardā(rdhā)nardi(rdhi) Lardhālardhi (See)

ନଡ଼ିଆ—ଦେ. ବି. (ସଂ. ନାଡ଼ିକେଳ)—ନାରିକେଳ ଗଛ ଓ ଫଳ—
Nardiā Cocoanut (tree and fruit); Cocus Nucifera.
ସଂ. ନାମ—ନାରିକେଳ, ନାଡ଼ିକେଳ ସଦାପୁଷ୍ପ, ଶିରଃଫଳ, ରସଫଳ, ଦୃଢ଼ଫଳ, ସୁତୁଙ୍ଗ, ଦୃଢ଼ନୀଳ, ସଦାଫଳ, ଉଚ୍ଚତରୁ, ନୀଳତରୁ, କୂର୍ଚ୍ଚଶେଖର, ଲାଙ୍ଗଲୀ, ମଙ୍ଗଲ୍ୟ, ତୃଣସ୍ୱଚ୍ଛ, ସ୍କନ୍ଧତରୁ, ଦାକ୍ଷିଣାତ୍ୟ, ତ୍ର୍ୟମ୍ବକଫଳ, ତୁଙ୍ଗ, କୌଶିକଫଳ, ଫଳମୁଣ୍ଡ, ବିଶ୍ୱାମିତ୍ର ପ୍ରିୟ
নারকোল; নারিকেল; নারিকেল
नारकेल, नरियल, नारियल, गरी
ତେ. କୋବରିକାଯ୍ୟ

[ଦ୍ର—ଯେଉଁ ଗଛରୁ ଯେଉଁ ଶୁଖିଲା ନଡ଼ିଆ ମଞ୍ଜି ଝଡ଼ିପଡ଼େ ତାକୁ ଦନାକେତେ ଘରେ ରଖିଲେ ସେଥିରୁ ଗଜା ବାହାରେ । ସେହି ଗଜାନଡ଼ିଆକୁ କ୍ଷେତ୍ର ବୋଲଯାଏ । ସେହି କ୍ଷେତ୍ର ଭୂମିରେ ପୋତା ହେଲେ ତାର ଗଜା ବଡ଼ ହୁଏ । ତାହାକୁ ନଡ଼ିଆ ତାଡ଼ ବୋଲଯାଏ । ନଡ଼ିଆ ତାଡ଼କୁ ୨।୩ ଥର ସ୍ଥାନାନ୍ତରିତ କରିବା ପରେ (ଦ-ତାଡ଼, ଉତାଡ଼ ପ୍ରଭୃତି) ଶେଷରେ ତାକୁ ବଗିଚା ଆଦିରେ ଦେଢ଼ ହାତ ଦୁଇ ହାତ ଗଭୀର ଗାତ ଖୋଳି ପୋତିବାକୁ ହୁଏ । ୯ ହାତ ଛଡ଼ାରେ ଗଛ ଲଗାଇବା ଆବଶ୍ୟକ । ତାଡ଼ ପୋତା ହେବାର ୫ ବର୍ଷଠାରୁ ୧୦ ବର୍ଷ ମଧ୍ୟରେ ପ୍ରଥମ ଫଳ ଫଳେ । ସମୁଦ୍ର ଉପକୂଳସ୍ଥ ପ୍ରଦେଶରେ ନଡ଼ିଆ ଗଛ ଉତ୍ତମ ରୂପେ ବଢ଼େ ଏବଂ ତାହାର ଫଳ ସଂଖ୍ୟା ମଧ୍ୟ ଅପେକ୍ଷାକୃତ ଅଧିକ ହୁଏ । ପାର୍ବତ୍ୟ ପ୍ରଦେଶରେ ଏ ଗଛ ଉଧାଏ ନାହିଁ । ଗ୍ରୀଷ୍ମ ମଣ୍ଡଳ; ଭାରତର ଉପକୂଳ ପ୍ରଦେଶମାନ (ବଙ୍ଗ, ଉତ୍କଳ ଓ ପୂର୍ବ ଉପକୂଳ) ଓ ପ୍ରଶାନ୍ତ ମହାସାଗରର ଦ୍ୱୀପପୁଞ୍ଜରେ ଖୁବ୍ ନଡ଼ିଆ ହୁଏ । ଲଙ୍କା ଦ୍ୱୀପର ନଡ଼ିଆ ଆମ ଦେଶର ନଡ଼ିଆ ଅପେକ୍ଷା ବଡ଼ । ନଡ଼ିଆ ଫଳ ବର୍ଣ୍ଣଭେଦରେ ୩ ପ୍ରକାର ଯଥା—ସାଧାରଣ ବା ସବୁଜ ନଡ଼ିଆ, ନାଲି ବା ରଙ୍ଗି ନଡ଼ିଆ ଓ ହଳଦିଆ ନଡ଼ିଆ । ନଡ଼ିଆ ଫଳ ପଇଡ଼ ଅବସ୍ଥାରେ ଥିଲା ବେଳେ ଲମ୍ବ ଅଂଶିଆ ବୃତ୍ତାକାର ଥାଏ, କିନ୍ତୁ କ୍ରମଶଃ ନଡ଼ିଆ ପରିପକ୍ୱ ହେବା ସଙ୍ଗେ ଫଳ ତିନି ପଟଳିଆ ବା ତ୍ରିକୋଣ ହୁଏ ।

ନଡ଼ିଆ ଗଛର ପ୍ରତ୍ୟେକ ଅଂଶ ଆମ୍ଭମାନଙ୍କର ଉପକାରରେ ଲାଗେ । ନଡ଼ିଆ ଫଳ ସୁସ୍ୱାଦୁ । ପଇଡ଼ ବା ଅପକ୍ୱ ନଡ଼ିଆର ପାଣି ଉତ୍ତମ ପାନୀୟରୂପେ ସର୍ବତ୍ର ଆଦୃତ ହୁଏ । ଶୁଖିଲା ନଡ଼ିଆର ଶସକୁ ପେଡ଼ିଲେ ବା ରାନ୍ଧିଲେ ତହିଁରୁ ତେଲ ବାହାରେ । ନଡ଼ିଆ ଉପରୁ ଯେଉଁ ଶସ ବାହାରେ ତାକୁ କୋରି ସେଥିରେ ଚିନି ଆଦି ମିଶାଇ ପିଠା ଆଦିର ପୂର ଓ କୋରା (ଲଡ଼ୁ) କରାଯାଏ । ଉକ୍ତ ଶସକୁ

ରସ ଉପୁଜେ ସେ ରସକୁ ନିଆଁରେ ନିର୍ଜଳ କଲେ ନଡ଼ିଆ ଘିଅ ବାହାରେ । ଏହି ଘିଅ ଓ ତେଲ ଦେହରେ ଲଗାଇବା ଓ ପିଠା ଛାଣିବାରେ ବ୍ୟବହୃତ ହୁଏ । ଫଳର ଆବରଣ ବା କତା କାଢ଼ି ଦେଲେ ଯେଉଁ ଠାଣୁଆ ଗୋଲକ ବା ଖପୁରି ବାହାରେ ତହିଁରୁ ଅଣେକ ଓ ନାନା ପ୍ରକାର ମସୃଣ ପାତ୍ର ପ୍ରସ୍ତୁତ ହୁଏ । ବର୍ତ୍ତମାନ ଏଥିରୁ ବୋତାମ୍, ଚୁଡ଼ି, ପିଆଲା ଆଦି ପ୍ରସ୍ତୁତ ହେଉଅଛି । ନଡ଼ିଆ ଫଳର କତା ତଳେ ଥିବା ଗୋଲ ଖପୁରିର ୩ଟି ଆଖି ଥାଏ । ସେଥି ମଧ୍ୟରୁ ଗୋଟିକର ଉପର ଆବରଣ କୋମଳ । ଏହି ଆବରଣକୁ ଛଡ଼ାଇ ଦେଇ ଛିଦ୍ର ବାଟେ ଶସକୁ କୋରି ବାହାର କରି ନଡ଼ିଆ ଫଳକୁ କୁମ୍ପା ବା ଦାନୀ କରାଯାଏ । ନଡ଼ିଆ ଖପୁରିକୁ ଦୁଇଫାଳ କରି ସେଥିରେ ବେଣ୍ଟ ଭରିଦେଇ ଅଣେକ କରାଯାଏ । ନଡ଼ିଆର ଉପର ତନ୍ତୁମୟ ଆବରଣ ବା କତାରୁ ଦଉଡ଼ି ହୁଏ । ଏହି କତା ମଧ୍ୟ ବାଲିଆ ହୋଇ ଗଦିରେ ଭୁଲା ପରି ଭରିତ କରାଯାଏ । ନଡ଼ିଆ ପତ୍ର ବା ବରଡ଼ାରୁ ଖଡ଼ିକା ବାହାରେ ଓ ଏହି ଖଡ଼ିକାରେ ପହଁରା ମୂଠା, ଝାଡ଼ୁ, ବାଉଁଁଶିଆ, ପରଦା ଆଦି ତିଆରି ହୁଏ । ନଡ଼ିଆ ବରଡ଼ା (ପତ୍ର)ରେ ଆସନ (ଛପା ବା ଚଟ୍ଟି) ପ୍ରସ୍ତୁତ ହୁଏ । ନଡ଼ିଆ ପତ୍ର ମଧ୍ୟ ଜାଳ ଓ ମସାଲ ରୂପେ ବ୍ୟବହୃତ ହୁଏ । ନଡ଼ିଆ ଗଛର ଗଣ୍ଡିରୁ ଘରର ଖେଣୀ, ରୁଅ, ଡଙ୍ଗା ଆଦି ଓ ପାଣି ବୋହିବା ଓ ଲଂଘା ମାରିବା ଜୋଧା ହୁଏ । ମାନ୍ଦ୍ରାଜ ଅଞ୍ଚଳରେ ଲୋକେ ନଡ଼ିଆର ଖଣ୍ଡାକାର ସିପ ବା ଖୋସାର ଅଗ୍ର ଭାଗକୁ ତଥିର ବାହାରିବା ପୂର୍ବେ କାଟି ସେଥିରୁ ଯେଉଁ ରସ ବାହାର କରନ୍ତି ତାହା ତାଡ଼ି ହୁଏ ଓ ସେଥିରୁ ଗୁଡ଼ ମଧ୍ୟ ପ୍ରସ୍ତୁତ ହୁଏ ।

ଶୁଭକାର୍ଯ୍ୟରେ କଳସ ଉପରେ ନଡ଼ିଆ ରଖି ପୂଜା କରାଯାଏ । ବ୍ରାହ୍ମଣମାନେ ରାଜା ଆଦିଙ୍କୁ ନଡ଼ିଆ ଭେଟି ଦିଅନ୍ତି । ରାଜାମାନଙ୍କର ଅଭିଷେକ ଆଦି କାର୍ଯ୍ୟରେ ମଧ୍ୟ ଏହା ଲୋଡ଼ା ହୁଏ । କଞ୍ଚି ନଡ଼ିଆକୁ ଗୋଟମା, ଅର୍ଦ୍ଧପକ୍ୱ ନଡ଼ିଆକୁ ପଇଡ଼, ପୂର୍ଣ୍ଣ ପକ୍ୱ ନଡ଼ିଆକୁ ପାଣିଚ ନଡ଼ିଆ ଓ ନଡ଼ିଆକୁ ବହୁ ଦିନ ରଖିଲେ ଭିତରୁ ପାଣି ଶୁଖି ଯାଇଥିବା ନଡ଼ିଆକୁ ଖୁରୁଡ଼ି ବୋଲାଯାଏ । ପଇଡ଼ର ପାଣି ସୁମିଷ୍ଟ ଓ କାନ୍ତିକାରକ ।]

ନଡ଼ିଆ ଅଂଶୁ—ଦେ. ବି—ନଡ଼ିଆ ବାହୁଙ୍ଗାର ମୂଳ ଭାଗରେ ଲାଗିଥିବା ଧଳା, କୋମଳ ଓ ରେଣୁ ସଦୃଶ ପଦାର୍ଥବିଶେଷ--
Nardiā āmśu
A soft white and scale-like substance sticking to the body of a cocoanut branch.
[ଦ୍ର—ଏହାକୁ ଝାମ୍ପି ବାହାର କରାଯାଏ । ଘାଅରେ ଏହାକୁ ପକାଇଲେ ଘାଅ ଶୀଘ୍ର ଶୁଖିଯାଏ ।]

ନଡ଼ିଆ ଆଖି— ଦେ: ବି. (ସଂ. ନାଡ଼ିକେଳ+ଅକ୍ଷି)—
Nardiā ākhi
ନାରকেলের চোখ
नारियलकी आँख
ନଡ଼ିଆ ଫଳରୁ କତା କଢ଼ାଯିବା ପରେ ଯେଉଁ ବର୍ତ୍ତୁଳ ବୀଜ ରହେ ତହିଁ ଉପରେ ଥିବା ଅକ୍ଷି ପରି ୩ଟି କ୍ଷୁଦ୍ର ଚିହ୍ନ—The three round marks representing holes on the head of a cocoanut fruit after it is shorn of its rind.

[ଦ୍ର—ଏହି ଅକ୍ଷି ତିନୋଟି ମଧ୍ୟରୁ ଗୋଟିଏ ଅତି କୋମଳ ଓ ୨ଟି ଟାଣ; ସେହି କୋମଳ ଆଖିର ଆବରଣକୁ ଛଡ଼ାଇ ଦେଲେ ବା ଫୁଟାଇ ଦେଲେ ନଡ଼ିଆରେ ଗୋଟିଏ ଛିଦ୍ର ହୋଇଯାଏ । ସେହି ସଚ୍ଛିଦ୍ର ଅକ୍ଷି ବାଟେ ନଡ଼ିଆରୁ ଗଜା ବାହାରେ ଓ ସେହି ଛିଦ୍ର ବାଟେ ନଡ଼ିଆ ମଧ୍ୟରୁ ଶସ କୋରି ଲୋକେ ନଡ଼ିଆ କୁମ୍ପା ତିଆରି କରନ୍ତି ଓ ସେହି ଛିଦ୍ର ବାଟେ ହୁକାର ନଇଚା (ନଳ) ପୂରାନ୍ତି ।]

ନଡ଼ିଆ କଠା—ଦେ. ବି—ବେଙ୍ଗ ନଡ଼ିଆ ଗଛରୁ ମନକୁ ଝଡ଼ିବା ଶୁଖିଲା ନଡ଼ିଆ (ଯାହା ତ ମଞ୍ଜି ରୂପେ ବ୍ୟବହୃତ ହୁଏ)–
Nardiā kāṭha
The dry cocoanuts from an old tree.

ନଡ଼ିଆ କତା—ଦେ. ବି—ନଡ଼ିଆ ଫଳର ଉପରିସ୍ଥ ଅଂଶୁମୟ ଚୋପା—
Nardiā katā
নারকেলের ছোবড়া
नारियलका छिलका
The fibrous rind of the cocoanut.

ନଡ଼ିଆ କନ୍ଦା—ଦେ. ବି. (ସଂ. ନାରକେଳ+ସ୍କନ୍ଧ)—
Nardiā kandā
ନଡ଼ିଆ ଗଛର କୋମଳ ସ୍କନ୍ଧ ଦେଶ (ଯେଉଁଠାରୁ ବାହୁଙ୍ଗା ବାହାରି ଥାଏ)—The tender part inside the neck of a cocoanut tree.

ନଡ଼ିଆ କଲି—ଦେ. ବି—ଅତି ସରୁ ନଡ଼ିଆ (ଯାହାକୁ କୁମ୍ପା ଓ ନାସଦାନୀ କରାଯାଏ)—
Nardiā kali
A small and long cocoanut.

ନଡ଼ିଆ କୁମ୍ପା—ଦେ. ବି—ବୋତଲ ରୂପେ ବ୍ୟବହୃତ ଫମ୍ପା ନଡ଼ିଆ—
Nardiā kumpā
নারকেলের কুপী
नारियलका कुपा
(ନଡ଼ିଆ କୁମ୍ପୀ—ଛୋଟ ଆକାର)
A pot made by scrooping off the kernel out of a cocoanut through the bore on its head.
[ଦ୍ର—ନଡ଼ିଆ ଫଳର ମୁଣ୍ଡ ଉପରେ ଥିବା ଛିଦ୍ର ବାଟେ ତହିଁ ମଧ୍ୟସ୍ଥ ଶସକୁ କୋରି ବାହାର କରି ସେହି ଫମ୍ପା ନଡ଼ିଆରେ ନାସ, ଗୁଣ୍ଡି, ତେଲ, ଚୂଆ ଆଦି ରଖାଯାଏ । ଏହିପରି ବଡ଼ ବଡ଼ ଫମ୍ପା ନଡ଼ିଆକୁ କୁମ୍ପା ଓ ସାନ ସାନଗୁଡ଼ିକକୁ କୁମ୍ପୀ ବୋଲାଯାଏ । ସତ୍ୟବାଦୀ ଅଞ୍ଚଳରେ ନଡ଼ିଆ ଭିତର କୋରି କୁମ୍ପା ତିଆରି କରିବା ବ୍ୟବସାୟୀ ଜାତିକୁ 'ରଡ଼କେଇତା' ବୋଲାଯାଏ । ଏହି ନଡ଼ିଆ କୁମ୍ପା ମଧ୍ୟ ହୁକ୍କାର ଜଳାଧାର ହୁଏ ।]

ନଡ଼ିଆ କୋରା—ଦେ. ବି—୧ । ନଡ଼ିଆଫାଳରୁ କୋରଣା ସାହାଯ୍ୟରେ କୋରାଯାଇ ଥିବା ଶସ—1. The kernel scrooped off from the cocoanut copra.
Nardiā korā
নারকেল কুরী
नारीयलका छीलाहुआ गुदा
[ଦ୍ର—ଏହା ପିଠାର ପୂରରୂପେ ବ୍ୟବହୃତ ହୁଏ ଏବଂ ଏହାକୁ ଚିପୁଡ଼ିଲେ ଯେଉଁ ରସ ବାହାରେ ସେଥିରୁ ନଡ଼ିଆ ଘିଅ ହୁଏ ।]
নারকেলের লাড়ু
नारीयलका लड्डु
୨ । କୋରା ନଡ଼ିଆ ଗୁଡ଼ଆଦିରେ ପାଗ ହୋଇ ପ୍ରସ୍ତୁତ ହେବା ମିଠେଇ ବା ମୋଦକବିଶେଷ—2. Sweetmeats prepared by boiling cocoanut kernel and sugar.

ନଡ଼ିଆ କୋରୁଅ—ଦେ. ବି—ନଡ଼ିଆ ରସ ସିଦ୍ଧ ହୋଇ ଘିଅ ମରିଗଲା ବେଳେ ପାକପାତ୍ର ତଳେ ଲେଳାପରି ଯେଉଁ ସୁଖାଦ୍ୟ ନରମ ଅଂଶ ରହିଯାଏ—
Nardiā korua
নারকেলের চাঁছি

नारियलकी डाढ़ी The delicious sediment left at the bottom of the pot in which cocoanut juice is boiled into ghee.

ନଡ଼ିଆ ଖଡ଼ିକା—ଦେ. ବି—ନଡ଼ିଆ ପତ୍ରର ଟାଣୁଆ ସରୁ ମେରୁଦଣ୍ଡ—
Nardiā khardikā The slender and hard ribs of cocoanut leaves.
নারকেল কাঠি
नारीयलका शीक [ଦ୍ର—ଏଥିରେ ପର୍ଦ୍ଦା, ଖଇଞ୍ଚ, ମୁଣ୍ଡର, ପରଦା, ତଡ଼େଇ ରଖିବା ପଞ୍ଜୁରୀ ଓ ଜଳାଭଲ ଖଡ଼ିକା ଆଦି ଅନେକ ପ୍ରୟୋଜନୀୟ ପଦାର୍ଥ ପ୍ରସ୍ତୁତ ହୁଏ ।]

ନଡ଼ିଆ ଖୁଙ୍କୁ—ଦେ. ବି—ଗଜା ହୋଇଥିବା ନଡ଼ିଆ ମଧ୍ୟରେ ଥିବା ଧଳା,
Nardiā khunku କୋମଳ ଓ ସୁମିଷ୍ଟ ଖାଦ୍ୟବିଶେଷ—
নারকেল ফোপর The tender, white and sweet
नारीयलका शष substance found inside a sprouting cocoanut.

ନଡ଼ିଆ ଖୋଲପା—ପ୍ରାଦେ. (ସିଂହଭୂମ) ବି—ନଡ଼ିଆ ଖପୁରି—
Nardiā kholapā The hard rind of a cocoanut seed.

ନଡ଼ିଆ ଖୋସା—ଦେ. ବି. (ସଂ. ନାରିକେଳ+କୋଷ)—
Nardiā khosā ଯେଉଁ ଖଡ୍ଗାକାର ପୁଷ୍ପକୋଷ ମଧ୍ୟରୁ ନଡ଼ିଆ
নারকেলের চাঁপ ଫୁଲର ଚଅଁର ବାହାରେ—The
नारीयलका कोषा scabbard-like covering or sheath from which bunches of flowers of cocoanut come out.
[ଦ୍ର—ଏଥିରୁ ଚଅଁର ବାହାରିବା ପୂର୍ବରୁ ଏହାର ଅଗ କାଟିଲେ ଯେଉଁ ରସ ବାହାରେ ତହିଁରୁ ତାଡ଼ି ଓ ଗୁଡ଼ ହୁଏ । ଚଅଁର ବାହାରିଯିବା ପରେ ସିପ ଶୁଖିଗଲେ ତାହା ଜାଳ ହୁଏ । ଏହାର ଧୂଆଁରେ ମଶାମାନେ ପଳାଇ ଯାଆନ୍ତି ।]

ନଡ଼ିଆ ଗଜା—ଦେ. ବି—ଗଜୁରିଥିବା ନଡ଼ିଆ—
Nardiā gajā Sprouting cocoanut fruit.
নারকেলে গজা **नारीयलका गाजा**

ନଡ଼ିଆ ଗଡ଼—ଦେ. ବି—ନଡ଼ିଆ ଗଛର ମୂଳଠାରୁ ସ୍କନ୍ଧ ପର୍ଯ୍ୟନ୍ତ ଗୋଲ
Nardiā garda ଲମ୍ବ ଅଂଶ—A long piece out of
नारीयल पेड़का टुकड़ा the trunk of a cocoanut tree.

ନଡ଼ିଆ ଗୁଡ଼ି—ପ୍ରାଦେ. (ଯାଜପୁର) ବି—ନଡ଼ିଆ ଗୋଟମା (ଦେଖ)
Nardiā gurdi Nardiā gotamā (See)

ନଡ଼ିଆ ଗୋଟମା—ଦେ. ବି—ନଡ଼ିଆର ଅତି ଛୋଟ ଅପରିପକ୍ୱ ଫଳ—
Nardiā gotamā Very small raw fruits of
নারকেলের মুচী **नारियलका बतोया** cocoanut.

ନଡ଼ିଆ ଘିଅ—ଦେ. ବି—ନଡ଼ିଆ ରସକୁ ନିଆଁରେ ସିଝା କଲେ ତାହାର
Nardiā ghia ଜଳୀୟ ଅଂଶ ମରିଯାଇ ଯେଉଁ ଘୃତବତ୍ ପଦାର୍ଥ
নারিকেলের ঘী ରହିଯାଏ—Ghee prepared by boiling
नारीयलका घी the juice of cocoanut kernel.

ନଡ଼ିଆଘିଅ ମାରିବା—ଦେ. କ୍ରି—ନଡ଼ିଆ ରସରୁ ଅଗ୍ନି ସାହାଯ୍ୟରେ ଘିଅ
Nardiāghia māribā ପ୍ରସ୍ତୁତ କରିବା—To prepare ghee by boiling the juice pressed from cocoanut kernel.

ନଡ଼ିଆ ଚଅଁର—ଦେ. ବି—୧ । ନଡ଼ିଆ ଫୁଲ ଓ ଫଳ ଲାଗିଥିବା
Nardiā cha-anra ଚାମରାକୃତି ଗୁଚ୍ଛ—1. The bunch
নারকেলের ঝাটা which holds the flowers and
नारीयलका गुछा fruits of cocoanut.
୨ । ଏକପ୍ରକାର ସରୁ ଧାନ—
2. A species of fine paddy.

ନଡ଼ିଆ ଚାଞ୍ଚ—ଦେ ବି—ନଡ଼ିଆ ବାହୁଙ୍ଗାକୁ ଦୁଇଫାଳ କରି ସେଥିରେ
Nardiā chāncha ଲାଗିଥିବା ନଡ଼ିଆପତ୍ରରେ ବୁଣିବା ଆସନ—
(ନଡ଼ିଆ ଛପା—ଅନ୍ୟରୂପ) A mat woven with the
নারকেল পাতার চাঁচ leaves of a coconut branch
नारीयलकी चटाई split into two at its ridge.

ନଡ଼ିଆ ଚାଞ୍ଚରା—ଦେ. ବି—ନଡ଼ିଆଗଛର ବାହୁଙ୍ଗାର ମୂଳ ଓ ଗଛର
Nardiā chānchara ଗଣ୍ଡିମଧ୍ୟରେ ଗୁଡ଼େଇ ହୋଇଥିବା ଜାଲି-
ନଡ଼ିଆ ଚାଞ୍ଚ } ଅନ୍ୟରୂପ The net-like formation wound
ନଡ଼ିଆ ଛାଞ୍ଚ } round the root of a branch and
নারকেলের চাঁচাড়ি the trunk of a cocoanut tree.
नारियलकी जाली

ନଡ଼ିଆ ଛପା—ଦେ. ବି—ନଡ଼ିଆ ଚାଞ୍ଚ (ଦେଖ)
Nardiā chhapā Nardiā chāncha (See)

ନଡ଼ିଆ ଛୁ(ଛୋ)ରା—ଦେ. ବି—ଛୋଟ ଛୋଟ ଗଜା (ଯାହାର ପତ୍ର
Nardiā chhu(chho)rā ଫିଟି ନ ଥାଏ) ବାହାରିଥିବା ନଡ଼ିଆ—
নারকেলের গজা Cocoanuts with dagger-like
नारीयलकी गोभी sprouts coming out of them.
नारीयलका कला [ଦ୍ର—ଏହା ଛୁରୀ ପରି ଦେଖାଯାଏ ।]

ନଡ଼ିଆ ତାଡ଼—ଦେ. ବି—ଗଜା ହୋଇ ପତ୍ର ମେଲିଥିବା ନଡ଼ିଆ ଗଛ—
Nardiā tārda Cocoanut seedlings of which
নারকেলের চারা the leaves have come out
नारीयलका पौधा
[ଦ୍ର—ଏହାକୁ ଏକାଧିକବାର ତାଡ଼ିବାକୁ ହୁଏ ବୋଲି ଏହାର ନାମ ତାଡ଼ ହୋଇଅଛି । ନଡ଼ିଆ ଛୋଟର ପତ୍ର ଫିଟି ଗଲେ ତାହା ଏକାଧିକବାର ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଇ ଭୂମିରେ ପୋତା ହୁଏ । ଉକ୍ତ ତାଡ଼ ବଡ଼ି ଗଲେ ତାହାକୁ ସ୍ଥାୟୀଭାବରେ ବଗିଚା ଆଦିରେ ରୋପଣ କରିବାକୁ ହୁଏ ।]

ନଡ଼ିଆ ତେଲ—ଦେ. ବି.—ନଡ଼ିଆର ଶସକୁ ଉତ୍ତମରୂପେ ଶୁଖାଇ ତାକୁ
Nardiā tela ଘଣା ପକାଇଲେ ବା ସିଝାଇଲେ ତହିଁରୁ ଯେଉଁ ତେଲ
নারকেল তেল ବାହାରେ—Cocoanut oil.
नारीयलका तेल [ଦ୍ର—ଏହା ଦେହରେ ଲଗାଇବା, ପିଠା ଛାଣିବା ଓ ସାବୁନ ପ୍ରସ୍ତୁତ କରିବାରେ ବ୍ୟବହୃତ ହୁଏ ।]

ନଡ଼ିଆ ଦୋର—ଦେ. ବି.—ନଡ଼ିଆର ଶସକୁ ଚିପୁଡ଼ିଲେ ତହିଁରୁ ଦୁଗ୍ଧ-
Nardiā dora ପରି ଯେଉଁ ରସ ବାହାରେ; ନଡ଼ିଆ ରସ—
নারকেলের দুধ Milky juice pressed from the kernel
नारीयलका द्रव (ନଡ଼ିଆ ଦୋରୁଅ—ଅନ୍ୟରୂପ)—of cocoanut.

ନଡ଼ିଆ ନାସି—ଦେ. ବି.—(ସଂ. ନାରିକେଳ+ନାସିକା) ଚଅଁରରୁ ଛିଣ୍ଡା
Nardiā nāsi ହେବା ଛୋଟ୍ଟଲଗା ନଡ଼ିଆର ହିଂସାଖାଯୁକ୍ତ

নারকেলের বোঁটা ଭେଣ୍ଟ—The stalk which joins the
नारीयलका डंटी cocoanut to the branch.

[ଦ୍ର—ନାରିକେଳ ନଡ଼ିଆ ଶୁରକର୍ମୀଦ ଉପଲକ୍ଷରେ କଳସ ଉପରେ ରଖାଯାଏ ।]

ନଡ଼ିଆ ପନ—ଦେ. ବ.—ନଡ଼ିଆ ଚୁଞ୍ଚର (ଦେଖ)
Nardiā pani Nardiā chāñchara (See)

ନଡ଼ିଆ ଫାଉଁ(ଶୁ)—ଦେ. ବ.—କୋରା ନଡ଼ିଆ ଚୁପୁଡ଼ା ହୋଇ ଉହିଁରୁ ରସ
Nardiā phāuñ (śu) ବାହାର କରି ଗଲା ପରେ ଚଷ ପର
নারকেলের ছিবড়ে ଯେଉଁ ନୀରସ ଦ୍ରବ୍ୟ ରହିଯାଏ—The
नारीयलका नीरस गुदा kernel of the cocoanut after the juice is pressed out from it.

ନଡ଼ିଆଫୁଲିଆ ପଇଞ୍ଚ (ଞ୍ଚି)—ଦେ. ବ. (ବଣିଆ ଶବ୍ଦ)—ସୁନା ବା ରୁପାର
Nardiāphuliā paiñcha (ñchi) ପଇଞ୍ଚ ବା ଖଡୁ, ଯାହା
নারকেল ফুল ଉପରେ ନଡ଼ିଆ ଫୁଲ ପରି ଦାନାମାନ ବାହାର ଥାଏ—
नारीयलका फुल A kind of bracelet made of gold or silver; which is furnished with artistic works resembling cocoanut flowers.

ନଡ଼ିଆ ବଗାତ—ଦେ. ବ.—ଯେଉଁ ସ୍ଥାନରେ ସୁଦ୍ଧ ନଡ଼ିଆଗଛ ଲଗା-
Nardiā bagāta ଯାଇ ଥାଏ—A cocoanut plantation
নারকেল বাগান नारीयलका बाग or garden.
(ନଡ଼ିଆ ବଗିଚ୍ଚ, ନଡ଼ିଆ ବଗାଏତ—ଅନ୍ୟରୂପ)

ନଡ଼ିଆ ବରଡ଼ା—ଦେ. ବ.—୧। ନଡ଼ିଆ ବାହୁଙ୍ଗାର ଦୁଇ ପାଖରେ
Nardiā barardā ଲାଗିଥିବା ପତ୍ର—1. Cocoanut leaves.
নারকেল পাতা ୨। ନଡ଼ିଆ ବାହୁଙ୍ଗା—
नारीयलका पता 2. Cocoanut branches.

[ଦ୍ର—ନଡ଼ିଆପତ୍ର ବା ବରଡ଼ା ଛାଲ ହୁଏ ଏବଂ ଏହାର ମେରୁଦଣ୍ଡ ଖଡ଼ିକା ହୁଏ । ସୁଦ୍ଧ ନଡ଼ିଆ ବରଡ଼ା ବଡ଼ାକରି ବାନ୍ଧିଲେ ତାହା ମଶାଲର କାର୍ଯ୍ୟ କରେ । ସାଧାରଣତଃ ନଡ଼ିଆ ଗଛର ପତ୍ରମୟ ଡାଳକୁ ବାହୁଙ୍ଗା ଓ କେବଳ ପତ୍ରକୁ ବରଡ଼ା ବୋଲାଯାଏ । ଡାଳ ସମ୍ବନ୍ଧେ ମଧ ଏହିପରି ।]

ନଡ଼ିଆ ବାହୁଙ୍ଗା—ଦେ. ବ.—ନଡ଼ିଆ ଗଛର ଡାଳ—
Nardiā bāhuṅgā Cocoanut branches.
নারকেল ডাল [ଦ୍ର—ଏହା ଛାଲ ହୁଏ ଏବଂ ଏହାର ମେରୁଦଣ୍ଡରୁ
नारीयलका डगा ଘର ଛପର ଓ ବାଡ଼ ସକାଶେ ବତା ହୁଏ ।]
(ନଡ଼ିଆ ବାହାଙ୍ଗା—ଅନ୍ୟରୂପ)

ନଡ଼ିଆ ଭଉଁରିଆ—ପ୍ରାଦେ. (ପୁରୀ) ବ.—୧। ପ୍ରତ୍ୟେକ ନଡ଼ିଆଗଛରେ
Nardiā bhauñriā ଥିବା ଗୋଟମା, ମୁଚୁକ, ପଇଡ଼, ପାଣିଚ ଓ
नारीयलका कौन ପାଚିଲା ନଡ଼ିଆ ଆଦିର ହିସାବ ଯେଉଁ ପତ୍ରରେ ଲେଖା ହୁଏ—1. A list or catalogue showing the number of cocoanuts, large and small, existing in cocoanut trees.

୨। ତାଳପତ୍ରରେ ନଡ଼ିଆର ହିସାବ ଲେଖିବା—2. Writing the accounts of cocoanuts (specially on palm leaf).

ନଡ଼ିଆ ମାଳ—ଦେ. ବ.—ଏକସ୍ଥାନରେ ଥିବା ଅନେକଗୁଡ଼ିଏ ନଡ଼ିଆ
Nardiā māḷa ବଗାଚ—A number of cocoanut plantations or gardens situate at a place close to each other.

ନଡ଼ିଆ ମାଲପା—ଦେ. ବ.—ନଡ଼ିଆ ତେଲ—
Nardiā mālapā Cocoanut oil.

ନଡ଼ିଆ ରସ—ଦେ. ବ.—ନଡ଼ିଆ ଦୋର (ଦେଖ)
Nardiā rasa Nardiā dora (See)

ନଡ଼ିଆ ଲଢ଼େଇ—ଦେ. ବ.—ଦୁଇଟି ନଡ଼ିଆ ଫଳକୁ ପରସ୍ପର ବିପରୀତ
Nardiā lardhei ଦିଗରୁ ଭୂମିରେ ଗଡ଼ାଇ ଫଳଦ୍ୱୟ ପରସ୍ପରକୁ
नारीयलका खेल ଅତି ଜୋରରେ ଆଘାତ କରିବା ରୂପ କ୍ରୀଡ଼ା—
A game with 2 cocoanuts made to roll and strike each other from opposites directtions violently.

[ଦ୍ର—ଏଥିରେ ଦୁଇ ଜଣ ବ୍ୟକ୍ତି ପରସ୍ପର ବିପରୀତ ଦିଗରେ ଠିଆ ହୋଇ ବା ବସି ଜୋରରେ ଆପଣା ଆପଣା ନଡ଼ିଆକୁ ଗଡ଼ାଇ ଦିଅନ୍ତି । ନଡ଼ିଆ ଦୁଇଟିର ପରସ୍ପର ଆଘାତରେ ଯାହାର ନଡ଼ିଆଟି ଫାଟି ଯାଏ ସେ ଖେଳରେ ହାରିଯାଏ । ଗହ୍ମାପୂର୍ଣ୍ଣିମା ସମୟରେ ସାଧାରଣ ଲୋକଙ୍କ ମଧ୍ୟରେ ବହୁତ ନଡ଼ିଆ ଲଢ଼େଇ କରାଯାଏ ।]

ନଡ଼ିଆ ଲଢ଼ା(ଢ଼େ)ଇବା—ଦେ. କ୍ରି.—ଦୁଇ ଜଣ ବ୍ୟକ୍ତି ପରସ୍ପର ବିପରୀତ
Nardiā lardhā(rdhe)ibā ଦିଗରୁ ଲକ୍ଷ୍ୟ କରି ଆପଣା ଆପଣା ନଡ଼ିଆକୁ ଭୂମିରେ ଗଡ଼େଇବା—(two persons) To cause 2 cocoanuts to roll on the ground from opposite directions so as to strike each other.

ନଡ଼ିଆ ଲୋଧା—ଦେ. ବ.—ନଡ଼ିଆଗଛର ଗଣ୍ଡିକୁ ଦୁଇ ଫାଳ କରି ଫାଳର
Nardiā lodhā ମଧ୍ୟଭାଗରୁ ଅଳ୍ପ ଯାକ ଖୋଳି ବାହାର କରିଦେଲେ
(ନଡ଼ିଆ ନୋଦା(ଧା)—ଅନ୍ୟରୂପ) ପରେ ଯାହା ପାଣିନଳାରୂପେ ବ୍ୟବହୃତ ହୁଏ—The scrooped half of the trunk of a cocoanut tree used for conveying water droppings from eaves or water to irrigate fields.

ନଡ଼ିଆ ଶଢ଼େଇ—ଦେ. ବ—ନଡ଼ିଆ ଫଳର ଟାଣୁଆ ବା ଟାଙ୍କ ଆବରଣ—
Nardiā śardhei The hard rind of a cocoanut.

ନଡ଼ିଆ ଶେଣୀ—ଦେ. ବ—ନଡ଼ିଆ ଗଛର ଗଣ୍ଡିକୁ ଚିର ତହିଁରୁ
Nardiā śeṇi କରାଯିବା ଘରର ଶେଣୀ—Roof-plates made of cocoanut truuks.

ନଡ଼ିଆ ସିପ—ଦେ. ବ—ନଡ଼ିଆ ଖୋସା (ଦେଖ)
Nardiā sipa Nardiā khosā (See)

ନଡ଼ିବା—ଦେ. କ୍ରି. (ବଙ୍ଗଳାରୁ ଅନୁକୃତ; ସଂ. ନଡ଼ ଧାତୁ—ଫଙ୍ଗ
Nardibā ହରିବା—କ୍ଷୀଣେନ୍ତ)—୧। ହଲିବା—1. To shake.

नड़ा ୨ । ଗତି କରିବା—2. To move
हिलना ଗ୍ରା. (ସଂ. ଲଡ଼୍ ଧାତୁ)—ଲଢ଼ିବା (ଦେଖ)
ତା. ନଡ଼୍ Lardhibā (See)

ନଡ଼ୁ (ଇତ୍ୟାଦି)—ଗ୍ରା. ବି—ଲଡ଼ୁ ଇତ୍ୟାଦି (ଦେଖ)
Nardu (etc) Lardu etc. (See)

ନଡ଼ୁଆ (ଇତ୍ୟାଦି)—ଗ୍ରା. ବି—ଲଡ଼ୁଆ ଇତ୍ୟାଦି (ଦେଖ)
Narduā etc) Larduā etc. (See)

ନଢ଼ା(ଢ଼େ)ଇ—ବୈଦେ. ବି. (ଫା. ଲଡ଼ାଇ)—ଲଢ଼ାଇ (ଦେଖ)
Nardhā(rdhe)i Lardhāi (See)

ନଢ଼ିବା—ଦେ. କ୍ରି—ଲଢ଼ିବା (ଦେଖ)
Nardhibā Lardhibā (See)

ନଢ଼େର—ପ୍ର ଦେ. (ବସ୍ତର) ବି—ନଡ଼ିଆ—
Nardhera Cocoanut (See)

ନଣନ୍ଦ(ନ୍ଦା)—ଦେ. ବି. ସ୍ତ୍ରୀ. (ସଂ. ନନାନ୍ଦୃ ଶବ୍ଦର ୧ମା. ୧ବ ନନନ୍ଦା)—
Nanada(nda) ସ୍ୱାମୀଙ୍କ ଭଉଣୀ—
ननद The sister of one's husband.
ननद्, ननंद्

ନଣନ୍ଦ ପଣିଆ(ଆଁ)—ପ୍ରାଦେ. (ଯାଜପୁର) ବି—ଭାଇର ସ୍ତ୍ରୀ ପହିଲେ ଯାଇ
Nananda paniā(āñ) ଶ୍ୱଶୁର ଘରେ ଗୋଡ଼ ଦେବା ବେଳେ ଭଉଣୀ (ନଣନ୍ଦ) ଦୁଆର ମୁହଁରେ ଗୋଡ଼ ଲମ୍ବାଇ ବସି ଭାଉଜକୁ ବାଟ ଓଗାଳିବା ରୂପ ଅଧିକାର—
[ଦ୍ର—ନଣନ୍ଦ ଖଣ୍ଡିଏ ଲୁଗା ପାଇଲେ ଭାଉଜକୁ ବାଟ ଛାଡ଼ି ଦିଏ ।]

ନଣନ୍ଦ ପୋଟଲା(ଲି)—ଦେ. ବି. (ସଂ. ନନନ୍ଦା ଓ ପୋଟଳ=ପୁଡ଼ା)—
Nananda poṭalā(li) କନ୍ୟା ବର ଘରକୁ ପ୍ରଥମେ ଆସି
ननद खेमी ପହଞ୍ଚିବା ସମୟରେ ବରଙ୍କ ଭଉଣୀଙ୍କୁ
द्वार छेंकाइन उपहार ଦେବା ବସ୍ତ୍ରାଦି ଉପଢୌକନ—
(ନଣନ୍ଦ ପୁଟୁ(ଟୁ)ଲି—ଅନ୍ୟରୂପ) The present of cloth etc given to the husband's sister by the bride when first entering the husband's house.
[ଦ୍ର—କନ୍ୟା ପ୍ରଥମେ ବର ଘରେ ପ୍ରବେଶ କରିବାବେଳେ ନଣନ୍ଦ ତାକୁ ବାଟ ଓଗାଳେ । ସେ ବସ୍ତ୍ରାଦି ଉପଢୌକନ ପାଇଲେ କନ୍ୟାର ମୁହଁରେ ହଳଦୀ ଦହି ଲଗାଇ ଦେଇ ତାକୁ ଅଭିନନ୍ଦନ କରେ ଏବଂ ବାଟ ଛାଡ଼ି ଦିଏ ।
ଭାଉଜ ନଣନ୍ଦ ପାଇଁ ସିନ୍ଦୂର, ଫରୁଆ, ପାଛିଆଁ, ଢାଡ଼, ଅଳତା ଆଦି ଯେଉଁ ଛୋଟ ପେଡ଼ିରେ ଆଣି ଥାଏ ତାହା ଓ ତହିଁ ସହିତ ଥିବା ବସ୍ତ୍ର ଖଣ୍ଡ ନଣନ୍ଦ ପୋଟଳ ନାମରେ ଖ୍ୟାତ ।]

ନଣନ୍ଦେଇ—ଦେ. ବି. ପୁଂ (ସଂ. ନନନ୍ଦୃପତି)—
Nanandei ସ୍ୱାମୀଙ୍କ ଭଗିନୀ ପତି—The husband of one's
ननदाँई, नन्दाँई husband's sister.
ननदोई, नन्दोसी

ନଣ୍ଡ (ଇତ୍ୟାଦି)—ଗ୍ରା. ବି—ଲଣ୍ଡ ଇତ୍ୟାଦି (ଦେଖ)
Nanda (etc) Landa etc. (See)

ନଣ୍ଡା (ଇତ୍ୟାଦି)—ଗ୍ରା. ବି ଓ ବିଣ—ଲଣ୍ଡା ଇତ୍ୟାଦି (ଦେଖ)
Nandā (etc) Landā etc. (See)

ନଣ୍ଡା(ଣ୍ଡେ)ଇବା—ଗ୍ରା. କ୍ରି—ଲଣ୍ଡାଇବା (ଦେଖ)
Nandā(nde)ibā Landāibā (See)

ନଣ୍ଡି—ଗ୍ରା. ବି—ଲଣ୍ଡି (ଦେଖ)
Nandi Landi (See)

ନତ—ସଂ. ବିଣ. (ନମ ଧାତୁ+କର୍ତ୍ତୃ. ତ)—
Nata ୧ । ପ୍ରଣତ; ପ୍ରଣାମକାରୀ—1. Bowing.
(ନତା—ସ୍ତ୍ରୀ) ୨ । ଲମ୍ବ ହୋଇ ଶୋଇଥିବା—
2. Lying low; prostrate.
୩ । ନମ୍ର ମୁଖ; ଲଇଁ ପଡ଼ିଥିବା; ଅବନତ—
3. Inclined; bent down; drooping; bowed down.
୪ । କୁଟିଳ—4. Crooked.
୫ । ବିନୀତ; ନମ୍ର—5. Humble.
୬ । ନମନୀୟ—6. Pliant.
୭ । ବକ୍ର—7. Bent.
ସଂ. ବି—୧ । ଯାମ୍ୟୋତ୍ତର ବୃତ୍ତଠାରୁ କୌଣସି ଗ୍ରହର ଦୂରତ୍ୱ-
1. The distance of a planet from the meridian (Apte).
୨ । ଯାମ୍ୟୋତ୍ତର ବୃତ୍ତର ସଂକ୍ରମଣଠାରୁ ଆକାଶର ମଧ୍ୟ ବିନ୍ଦୁର ଦୂରତ୍ୱ—2. The zenith distance at a meridian transit (Apte).

ନତଗ୍ରୀବ—ସଂ. ବିଣ. ପୁଂ (ବହୁବ୍ରୀହି; ନତ+ଗ୍ରୀବ)—
Natagrība ଯାହାର ବେକ ନଇଁ ପଡ଼ିଛି—
(ନତଗ୍ରୀବା—ସ୍ତ୍ରୀ) With neck bent down.

ନତଜାନୁ—ସଂ. ବିଣ. (ବହୁବ୍ରୀହି; ନତ+ଜାନୁ)—
Natajānu ଯେ ଜଙ୍ଘ ଉପରେ ଭର ଦେଇ ବା ଆଣ୍ଠୁଏଇ କରି ବସିଥାଏ; ଆଣ୍ଠୁମାଡ଼ି ବସିଥିବା—Kneeling.

ନତଡ଼୍—ବୈଦେ. ବି. (ହି. ନତଡ଼୍; ତୁଳ. ସଂ. ଲତା)—
Natard ଲତା ପତ୍ର କାରୁକାର୍ଯ୍ୟ—Artistic designs
नतड़ wrought on wood, cloth or ornaments
लतर resembling creepers.
[ଦ୍ର—କାଠ, ଲୁଗା ବା ଅଳଙ୍କାର ଆଦିରେ ଏହିପରି କାରୁକାର୍ଯ୍ୟ କରାଯାଏ ।]

ନତଦ୍ରୁମ—ସଂ. ବି—ଏକ ପ୍ରକାର ଲତାଣିଆ ଶାଳ ବୃକ୍ଷ (ହି. ଶ.)—
Natadruma A kind of Shorea Robusta tree with drooping branches.

ନତନତ—ଦେ. ବି ଓ ବିଣ—ଲତପତ (ଦେଖ)
Natanata Latapata (See)
पतपत

ନତନତା(ତେ)ଇବା—ଦେ. କ୍ରି—ଲତପତାଇବା (ଦେଖ)
Natanatā(te)ibā Latapatāibā (See)
ପଲପଲ କରନା

ନତନତିଆ—ଦେ. ବଣ—ଲତପତିଆ (ଦେଖ)
Natanatiā Latapatiā (See)

ନତନାଡ଼ୀ—ସ. ବ—ଦନ ଦ୍ୱିପ୍ରହର ପରେ ବା ରାତ୍ରି ଦ୍ୱିପ୍ରହର ପରେ କୌଣସି ସନ୍ତାନ ଭୂମିଷ୍ଠ ହେବାର ସମୟ—
Natanārdi
(ନତନାଡ଼ିକା—ଅନ୍ୟରୂପ) Any hour of birth after noon or before midnigt (Apte).

ନତନାସିକ—ସ. ବଣ. ପୁଂ. (ବହୁବ୍ରୀହି; ନତ+ନାସିକା)—ଚେପଟା ନାକ—Flat-nosed; having a depressed nose.
Nata nāsika
(ନତନାସିକା—ସ୍ତ୍ରୀ)

ନତନନ୍—ପ୍ରାଦେ. (ବସ୍ତର) ବ.—(ଭୁଲ. ଏହି ଅର୍ଥରେ ହି. ନତିନୀ)
Natanin ନାତୁଣୀ—Grand daughter.
(ନତନୀ—ଅନ୍ୟରୂପ)

ନତନୁ—ସ. ବ. (ନ+ତନୁ)—ଅତନୁ; କନ୍ଦର୍ପ—
Natanu Cupid.

ନର୍ବସୁ ନତନୁ ବାଣ । କବସୂର୍ଯ୍ୟ. କଣୋସବଣ୍ଟ୍ ।

ନତପଞ୍ଚମୀ—ସ. ବ.—ଆଶ୍ୱିନ ମାସର ଶୁକ୍ଳପଞ୍ଚମୀ—The 5th. day of the bright fortnight of Āświna.
Nata panchami
[ଦ୍ର—ଏହି ଦନ ଦୁର୍ଗାଙ୍କର ଶାରଦୀୟ ପଞ୍ଚଦନ ପୂଜାରମ୍ଭ ହୁଏ ।]

ନତପତ—ଦେ. ବ. ଓ ବଣ.—ଲତପତ (ଦେଖ)
Natapata Latapata (See)
ପଲପଲ (ନୁତ୍ (ଭୁ)ପୁତ୍(ଭୁ)—ଅନ୍ୟରୂପ)

ନତପତା(ତେ)ଇବା—ଦେ. କ୍ରି.—ଲତପତାଇବା (ଦେଖ)
Natapatā(te)ibā Latapatāibā

ନତପତିଆ—ଦେ. ବଣ.—ଲତପତିଆ (ଦେଖ)
Natapatiā Latapatiā (See)

ନତପର୍ବା—ସ. ବଣ. (ନତ+ପର୍ବନ୍; ୧ମା. ୧ବ)—ଯାହାର ଗଣ୍ଠି ଚେପଟା—Flat-jointed (Apte).
Nata parbā

ନତବଦନ—ସ. ବଣ. ପୁଂ—(ବହୁବ୍ରୀହି; ନତ+ବଦନ)—ଯେ ଲଜ୍ଜା ବା ଅଜ୍ଞା ପାଳନଜନତ ନମ୍ରତା ଯୋଗୁଁ ମୁଣ୍ଡ ନୁଆଇଁ ଥାଏ; ଅଧୋମୁଖ—With head bowed down; down-faced.
Nata badana
(ନତବଦନା—ସ୍ତ୍ରୀ)
ସ. ବ. (କର୍ମଧା)—ତଳକୁ ହୋଇଥିବା ମୁହଁ; ନତମୁଖ—Head bent low.

ନତବ୍ରତ—ସ. ବ.—ବ୍ରତବିଶେଷ—
Nata brata A religious observance.

ହେମନ୍ତ ଦେଖିଣ ଋତତ, ସକଳେ କଲେ ନତବ୍ରତ । ଜଗନ୍ନାଥ. ଭାଗବତ ।

[ଦ୍ର—ଏହି ବ୍ରତ ୧ ମାସ କରାଯାଏ । ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ସ୍ୱାମୀରୂପେ ପାଇବା ପାଇଁ ଏ ବ୍ରତ କରୁଥିଲେ । ଏଥିରେ ଶୁଦ୍ଧପୂତ ଭାବରେ ଦୁର୍ଗାଙ୍କୁ ଆରାଧନା କର ହବଷ୍ୟ କରାଯାଏ ।]

ନତଭାଗ—ସ. ବ. (ଜ୍ୟୋତିଷ)—କୌଣସି ତାରା ବା ଗ୍ରହର ଆକାଶର ମଧ୍ୟ ବନ୍ଦୁ ଠାରୁ ଦୂରତ୍ୱ—(Astrology) The zenith distance; the distance of a star from the zenith.
Nata bhāga

ନତଭ୍ରୂ—ସ. ବ. ସ୍ତ୍ରୀ (ବହୁବ୍ରୀହି; ନତ+ଭ୍ରୂ)—ବକ୍ର ଭ୍ରୂଲତାଯୁକ୍ତା ସ୍ତ୍ରୀ—
Natabhrū A woman with curved eye-brows.
(ନତଭ୍ରୂଃ—ଅନ୍ୟରୂପ) ସ. ବଣ. (ବହୁବ୍ରୀହି)—ଭ୍ରୂକୁଟୀଯୁକ୍ତ—Frowning.

ନତମସ୍ତକ—ସ. ବ. ଓ ବଣ. ପୁଂ.—ନତବଦନ (ଦେଖ)
Natamastaka Natabadana
(ନତମସ୍ତକା—ସ୍ତ୍ରୀ)

ନତମୁଖ—ସ. ବ. ଓ ବଣ. ପୁଂ—ନତବଦନ (ଦେଖ)
Nata mukha Nata badana (See)
(ନତମୁଖା; ନତମୁଖୀ—ସ୍ତ୍ରୀ)

ନତରା (ଇତ୍ୟାଦ)—ଦେ. ବଣ.—ଲତରା ଇତ୍ୟାଦ (ଦେଖ)
Natarā etc. Latarā etc. (See)

ନତଶାଖ—ସ. ବଣ. (ବହୁବ୍ରୀହି; ନତ+ଶାଖା)—ଯେଉଁ ଗଛର ଶାଖା ନଇଁ ପଡ଼ିଅଛି—
Natasākha
(a tree) Having its branches drooping.

ନତା—ଗ୍ରା. ବ.—ଲତା—Creeper.
Natā ପ୍ରାଦେ. (ମେଦନୀପୁର) ବ.—ମୁରୁଜ (ଦେଖ)
Muruja (See)

ନତାଂଶ—ସ. ବ. ୧ । ନତଭାଗ (ଦେଖ)
Natāmsa 1. Nata bhāga (See)
୨ । (ଜ୍ୟୋତିଷ) ଏକ ବୃତ୍ତ, ଯହିଁର କେନ୍ଦ୍ର ଭୂକେନ୍ଦ୍ରରେ କଳ୍ପିତ ଓ ଯାହା ବଷୁବତ୍ ରେଖା ଉପରେ ଲମ୍ବଭାବରେ ରହେ (ଏହି ବୃତ୍ତ ଗ୍ରହ ନକ୍ଷତ୍ରମାନଙ୍କର ଅବସ୍ଥିତ ନର୍ଣ୍ଣୟ ପାଇଁ କଳ୍ପିତ ହୁଏ—ହ. ଷ.)—
(Astronomy) An imaginary circle cutting the equinox at right angles.

ନତାଙ୍ଗ—ସ. ବଣ. ପୁଂ (ବହୁବ୍ରୀହି; ନତ+ଅଙ୍ଗ)—ଯାହାର ଶରୀର ନଇଁ ପଡ଼ିଅଛି—Bowed; stooping (person).
Natānga

ନତାଙ୍ଗୀ—ସ. ବଣ. ସ୍ତ୍ରୀ. (ବହୁବ୍ରୀହି; ନତ+ଅଙ୍ଗ+ସ୍ତ୍ରୀ. ଈ)—
Natāngi ଅବନତାଙ୍ଗୀ; ସ୍ତନଭାରରେ ଅବନତା (ଯୁବତୀ)—
(ନତାଙ୍ଗା—ଅନ୍ୟରୂପ) (a young woman) With stooping limbs; with body bent down with the weight of big breasts.
ସ. ବ. ସ୍ତ୍ରୀ—A woman (in general) (Apte.)

ନତାନ ପତାନ—ଗ୍ରା. ବ.—ଲତାନ ପତାନ (ଦେଖ)
Natāni patāni Latāni patāni (See)
(ନତାପତା—ଅନ୍ୟରୂପ)

ନତି—ସ. ବ. (ନମ ଧାତୁ+ଭାବ. ତି)—୧ । ନମନ; ନଇଁବା—
Nati 1. Bending; stooping.
୨ । ନମ୍ରତା—2. Pliability; flexibility.

୩ । ନମସ୍କାର—3. Bowing; obeisance; a bow.
୪ । ବକ୍ରତା—4. Crookedness; curvature.
୫ । ଆକର୍ଷଣ—5. Attraction
୬ । (ବ୍ୟାକରଣ) ବ୍ୟାକରଣର ନିୟମ ଅନୁସାରେ ଦନ୍ତ୍ୟ-ବର୍ଣ୍ଣର ଜିହ୍ୱୋଚ୍ଚାରିତ ବର୍ଣ୍ଣରୂପେ ପରିବର୍ତ୍ତନ—
6. (grammar) The change of a dental into a lingual letter (Apte)
୭ । ଜ୍ୟୋତିଷର ଏକପ୍ରକାର ଗଣନା (ହି. ଶବ୍ଦସାଗର)—
7. (astronomy) Parallax in latitude (Apte).

ନତି କରିବା—ଦେ. କ୍ରି—ନମସ୍କାର କରିବା—
Nati karibā — To make obeisance.

ଜନନୀଙ୍କୁ ବୀର ନତିକର ନତି କରି କହିଲେ । ରାଧାନାଥ, ଉଷା ।

ନତୁ—ସ. ଅ. (ନ+ତୁ)—କିନ୍ତୁ ନୁହେ—
Natu — 1. But not.
୨ । ନୋହେଲେ; ଅନ୍ୟଥା—2. Otherwise.

ନତୁବା—ସ. ଅ—୧ । ନଚେତ୍; ନ ହେଲେ—
Natubā — 1. Otherwise; else; if not.
୨ । ଅଥବା—2. Or; nor.

ନତୋନ୍ନତ—ସ. ବି. (ଦ୍ୱନ୍ଦ୍ୱ; ନତ+ଉନ୍ନତ)—
Natonnata — ଉଚ୍ଚାବଚ; ଉଚ୍ଚନୀଚ; ନିମ୍ନୋନ୍ନତ—
Up and down; undulating; wavy.

ନଥ୍‌କିନା(ନି)—ଦେ. କ୍ରି. ବିଣ—ଲଥ୍‌କିନା (ଦେଖ)
Nathkinā(ni) — Lathkinā (See)

ନଥ—ଦେ. ବି. (ସ. ନଠ ଧାତୁ=ଦୋଦୁଲ୍ୟମାନ ହେବା; ତୁଳ. ସ. ନସ୍ତ=ନାକ ଓ ନସ୍ତା=ପଶୁମାନଙ୍କ ନାକରେ କରାଯିବା ଛିଦ୍ର ଓ ନାଥ=ପଶୁଙ୍କ ନାକ ଫୋଡ଼ା ହୋଇ ତହିଁରେ ଗଳାଯାଇ ଥିବା ଦଉଡ଼ି)—ନୋଥ (ଦେଖ)
Natha
नथ
नथ
Notha (See)

ଭଲ ମୋତି ଝଲକ ଝୁଲି ବାସବରଭଜ ନଥ କରତଳ
ରହିବା ନାସିକା ପୁଟ କହୁସା । ବନ୍ଦ୍ୟ ଗ୍ରନ୍ଥ, ସଙ୍ଗୀତ ।

ନଥ ନଥ—ଦେ. ଅ—ଲଥଲଥ (ଦେଖ)
Natha natha — Latha latha (See)
ଦେ. ବିଣ. (କଚେରିଆ)—ନଥି ତଲବ ସମ୍ବନ୍ଧୀୟ—
Relating to the calling for of a record.

ନଥା (ଇତ୍ୟାଦି)—ଦେ. ବି—ଲଥା ଇତ୍ୟାଦି (ଦେଖ)
Nathā (etc) — Lathā etc (See)

ନଥି—ଦେ. ବି. (କଚେରିଆ) (ହି. ରୁ ଅନୁକୃତ; ସ. ନସ୍ତ=(ନାକ)ରୁ ଓ. ନଥ; ଯେଉଁ କାଗଜମାନଙ୍କର ଏକକୋଣରେ ନାକ ଫୋଡ଼ା ହେବା ପରି କଣା ହୋଇ ନଥ ପରି ସୂତା ଗଳ ଥାଏ । ତୁଳ ହି. ନାଥନା=ନାକଫୋଡ଼ିବା; ସ. ନସ୍ତା=ପଶୁମାନଙ୍କ ନାକରେ ଦଉଡ଼ି ଗଳାଯିବା ପାଇଁ କରାଯିବା ଛିଦ୍ର; ସ. ନାଥ=ପଶୁମାନଙ୍କ ନାକରେ କଣା ହୋଇ ତହିଁରେ ଗଳାଯିବା ଦଉଡ଼ି)—
Nathi
नथि
नत्थि
୧ । କୌଣସି ବିଷୟ ସମ୍ପର୍କୀୟ ସମସ୍ତ କାଗଜମାନ, ଯାହା କି ଏକ କୋଣରେ ଫୋଡ଼ା ହୋଇ ସୂତାରେ ଗୁନ୍ଥାଯାଇ ଗୋଟିଏ ତାଡ଼ା କରାଯାଇ ଥାଏ—1. A file of papers tagged together and relating to a particular subject.
୨ । କୌଣସି ମକଦ୍ଦମା ସମ୍ପର୍କୀୟ ସମସ୍ତ କାଗଜପତ୍ର ଯାହା ଏକତ୍ର ଗୁନ୍ଥା ହୋଇ ରଖାଯାଇଥାଏ—
2. Record of any case.

[ଦ୍ର—ଅଦାଲତର ନଥିମାନ ମୂଳତଃ ୩ ପ୍ରକାର. ଯଥା—୧ ସରେଜମ୍ ନଥି=ମୂଳ ମକଦ୍ଦମା ବିଚାର ସମ୍ପର୍କୀୟ ସମସ୍ତ କାଗଜ, ୨ ଅପିଲ ନଥି=ଅପିଲ ମକଦ୍ଦମା ବିଚାର ସମ୍ପର୍କୀୟ କାଗଜ ଓ ୩ ମୁତଫର୍କା ନଥି=ବାଜେ ମକଦ୍ଦମା ସମ୍ପର୍କୀୟ ସମସ୍ତ କାଗଜ । ମକଦ୍ଦମା ସମ୍ପର୍କୀୟ ନଥିରୁ ଅପେକ୍ଷାକୃତ ଦରକାରୀ ଓ ଅଳ୍ପ ଦରକାରୀ ଓ ବେଦରକାରୀ କାଗଜମାନଙ୍କୁ ବାଛି ଛୋଟ ଛୋଟ ନଥି କରାଯାଏ ଓ ନିର୍ଦ୍ଦିଷ୍ଟ ସମୟ ପରେ ତହିଁ ମଧ୍ୟରୁ ଦରକାରୀ କାଗଜସମ୍ବଳିତ ନଥିକୁ ମହାଫିସଖାନାରେ ସାଇତି ରଖାଯାଏ ଓ ବେଦରକାରୀ କାଗଜଗୁଡ଼ିକ ନଷ୍ଟ କରାଯାଏ ବା ପୋଡ଼ି ଦିଆଯାଏ । ଗୋଟିଏ ନଥିରେ ଥିବା ଦରକାରୀ, କମ ଦରକାରୀ ଓ ବେଦରକାରୀ କାଗଜମାନଙ୍କ ନଥିକୁ ଯଥାକ୍ରମେ A file (ଏ ଫାଇଲ), B file (ବି ଫାଇଲ) ଓ C file (ସି ଫାଇଲ) ବୋଲାଯାଏ ।]

ନଥି ତଦନ୍ତ—ଦେ. ବି. (କଚେରିଆ)—କଚେରିରେ ଥିବା କୌଣସି ସରକାରୀ ନଥିର ପରିଦର୍ଶନ—
Nathi tadanta — Inspection of a public record.

ନଥି ତଲବ(ବି)—ଦେ. ବି. (କଚେରିଆ) (ହି. ନଥି+ତଲବ)—
Nathi talaba(bi)
नथि तलब
नत्थि तलब
ଅଦାଲତରେ କୌଣସି ମକଦ୍ଦମା ବିଚାର-ବେଳେ ଅନ୍ୟ ଅଦାଲତ ଅବା ଅମ୍ଲା ସେହି ଅଦାଲତରୁ ଏ ମକଦ୍ଦମା ପ୍ରମାଣ ନିମିତ୍ତ କୌଣସି ସରକାରୀ ନଥି ଉପସ୍ଥାପିତ ହେବା ନିମନ୍ତେ ଆଦେଶ—Calling for a certain public record or part of a rebuant record from another place during the trial of a case.

[ଦ୍ର—କୌଣସି ପକ୍ଷ ନଥି ତଲବ କରିବାକୁ ହାକିମଙ୍କ ପାଖେ ଦରଖାସ୍ତ କଲେ ପ୍ରାର୍ଥିତ ନଥି ତତ୍ପର ଅଦାଲତକୁ ଅଣାଯିବା ପାଇଁ ଉକ୍ତ ପକ୍ଷକୁ ନିର୍ଦ୍ଧାରିତ ଫିସ୍ (ତଲବାନା) ଦାଖଲ କରିବାକୁ ପଡ଼େ ।]

ନଥି ତଲବ(ବି)ଏଫିଡେବିଟ୍—ଦେ. ବି. (କଚେରିଆ ଭାଷା) (ହି. ନଥି; ଆ. ତଲବ୍; ଇଂ. ଏଫିଡେଭିଟ୍)—
Nathi talaba(bi)ephidebit
नथितलबी आफिडेभिट
नत्थितलबी हलफनामा
କୌଣସି ମକଦ୍ଦମାର ପକ୍ଷମାନେ ସ୍ଥାନାନ୍ତରରୁ କୌଣସି ନଥି ତଲବ କରିବା ପାଇଁ ହାକିମଙ୍କ ନିକଟରେ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନା ସଙ୍ଗେ ପକ୍ଷଠାରୁ ନିଆଯିବା ହଲଫାନ୍ ସ୍ୱୀକୃତ ପତ୍ର—Affidavit or sworn statement required

to be filed by a party who files a petition for calling for a certain record from another Court.

ନଥିତଲବ କରିବା—ଦେ. କ୍ରି (କଚେରିଅଭିଧା)—କୌଣସି ହାକିମ ଅନ୍ୟ କୌଣସି ଅଦାଲତରୁ ବା ସିରସ୍ତାରୁ ଆବଶ୍ୟକ ନଥି ଅନ୍ୟସ୍ଥାନକୁ ମଗାଇ ପଠାଇବା—To call for a record; to send for a record.
Nathi talaba kraibā
(ନଥିତଲବ କରାଇବା—ଣିଜନ୍ତ)
नथि तलब करा
नत्थि तलब करना

ନଥି ତଲବ(ବି)ରୁ(ରୋ)ବ କାରି—ଦେ. ବି. (କଚେରିଅଭିଧା)—କୌଣସି ସିରସ୍ତାରୁ ଆବଶ୍ୟକ ନଥି ତଲବ କରାଗଲେ ତଲବ କରିବା ହାକିମଙ୍କଠାରୁ ନଥି ଥିବା ଅଫିସରଙ୍କ ନିକଟକୁ ପଠାଯିବା ଆଦେଶପତ୍ର—An order sent from the court (which calls for a record) to the officer who is in charge of the record.
Nathi talaba(bi)ru(ro)ba kāri
नथितलवी रूरोबकारी
नत्थितलबी रुबकारी

ନଥି ଦୋରସ୍ତ କରିବା—ଦେ. କ୍ରି. (କଚେରିଅ ଭାଷା, ହି. ନଥି + ଫା. ଦୁରବସ୍ତ)—ନଥିର ସମସ୍ତ କାଗଜ ପତ୍ରକୁ ଧାରାମତେ ସଜ୍ଜିତ କରି ରଖିବା; ନଥି ଦୋରସ୍ତ ରଖିବା—To keep or arrange record in proper order.
Nathi dorasta karibā
नथि दुरस्त करा
नथि दुरबस्त करना

ନଥି ପେଶ୍ କରିବା—ଦେ. କ୍ରି. (କଚେରିଅ ଭାଷା; ହି. ନଥି + ଅ. ପେଶ୍)—କୌଣସି ନଥିକୁ ହାକିମଙ୍କ ନିକଟ ଉପସ୍ଥାପିତ କରିବା—To put up a file or record before a court or an officer.
Nathi peś karibā
नथि पेश करा
नथि पेश करना

ନଥି ଫଏସଲ୍ କରିବା—ଦେ. କ୍ରି. (କଚେରିଅ ଭାଷା; ହି. ନଥି + ଫା. ଫୈସଲ)—ନଥି ସକାଶୁ ମକଦ୍ଦମାମାନଙ୍କର ମୀମାଂସା କରିବା—To clear off one's files; to dispose of all the ceses on the file.
Nathi phaesal karibā
नथि फयसल करा
नथि फैसला करना
(ନଥି ସାଫ କରିବା—ଅନ୍ୟରୂପ)

ନଥି ଫାଇଲ୍ କରିବା—ଦେ. କ୍ରି. (କଚେରିଅ ଭାଷା; ହି. ନଥି + ଇଂ. ଫାଇଲ)—କୌଣସି କାଗଜକୁ ତତ୍ସମ୍ପର୍କୀୟ ନଥିର ଭାଣ୍ଡାରେ ରଖିବା; ରେକର୍ଡ଼ଭୁକ୍ତ କରିବା—To keep a paper in the respective file; to file with the record.
Nathi phāil karibā
नथि फाइल करा
नथि सामिल करना
ନଥିଭୁକ୍ତ କରିବା }
ନଥି ସାମିଲ କରିବା } ଅନ୍ୟରୂପ
ନଥିସାଙ୍ଗ୍ କରିବା }

ନଥିବା—ଦେ. ବଣ—୧ । ଅନୁପସ୍ଥିତ—1. Absent.
Nathibā
ना थाका
न रहना
୨ । ଗରିବ—2. Poor,
୩ । ଅଭାବଗ୍ରସ୍ତ—3. In want; needy.

ଗ୍ରା. କ୍ରି—ଲଥିବା (ଦେଖ)—Lathibā (See)

ଦେ. କ୍ରି—ଥିବା କ୍ରିୟାର ନଞ୍ଚାକାର—To negative of the verb to be

ନଥିଭୁକ୍ତ— ଦେ.ବଣ—ସମ୍ପର୍କୀୟ ନଥି ସଙ୍ଗେ ସଂଯୁକ୍ତ ହେବା (କାଗଜ)—
Nathibhukta. Filed with or attached to a record.
नथिभुक्त **नथि सामिल**
(ନଥି ସାମିଲ୍—ଅନ୍ୟରୂପ)

ନଦ୍ (ଧାତୁ)—ସଂ.—ଶବ୍ଦ କରିବା—
Nad (root) To make a sound.

ନଦ—ସଂ. ବି. ପୁଂ (ନଦ୍ ଧାତୁ + କର୍ତ୍ତୃ. ଅ; ଯାହା ଜଳସ୍ରୋତ ଯୋଗୁ ନିରନ୍ତର ନାଦ କରେ)—ସ୍ରୋତବିଶିଷ୍ଟ ଜଳପ୍ରବାହ—A river.
Nada
(ନଦୀ—ସ୍ତ୍ରୀ)

[ଦ୍ର—ନଦ ଓ ନଦୀର ଏକ ଅର୍ଥ, ମାତ୍ର 'ନଦ' ପୁଂଲିଙ୍ଗ ଏବଂ 'ନଦୀ' ସ୍ତ୍ରୀଲିଙ୍ଗ । ଯେଉଁ ସ୍ରୋତର ଅଧିଷ୍ଠାତ୍ରୀ ଦେବତା ପୁଂ. ବାଚକ ତାହା ନଦ ଏବଂ ଯାହାର ଦେବତା ସ୍ତ୍ରୀ ବାଚକ ତାହା ନଦୀ ନାମରେ ଖ୍ୟାତ, ଯଥା—ସିନ୍ଧୁ, ବ୍ରହ୍ମପୁତ୍ର, ଶୋଣଭଦ୍ର ଆଦି 'ନଦ' ଏବଂ ଗଙ୍ଗା, ଯମୁନା, ସରସ୍ୱତୀ ଆଦି 'ନଦୀ' । କୌଣସି ଭୂଖଣ୍ଡରେ ମଧ୍ୟ ଓ ପୂର୍ବଗାମୀ ସ୍ରୋତମାନେ 'ନଦୀ' ଏବଂ ପଶ୍ଚିମଗାମୀ ସ୍ରୋତମାନେ 'ନଦ' ନାମରେ କଥିତ ହୁଅନ୍ତି; ତନ୍ତୁ ନର୍ମଦା ପଶ୍ଚିମବାହିନୀ ସ୍ରୋତ ହେଲେହେଁ 'ନଦୀ' ନାମରେ ଖ୍ୟାତ ।]

ନଦଉ (ଇତ୍ୟାଦି)—ଦେ. ବି—ଲଦଉ ଇତ୍ୟାଦି (ଦେଖ)
Nadau (etc) Ladau etc (See)

ନଦକା—ଦେ. ବଣ—ଲଦକା (ଦେଖ)
Nadakā Ladakā (See)

ନଦନ—ଦେ. ବି—ଲଦନ (ଦେଖ)
Nadana Ladana (See)

ସଂ. ବି. (ନଦ୍ ଧାତୁ + ଭାବ ଅନ)—ଶବ୍ଦ କରିବା—Producing a sound.

ନଦନୁ—ସଂ. ବି. (ନଦ୍ ଧାତୁ + କର୍ତ୍ତୃ. ଅନୁ)—
Nadanu ୧ । ମେଘ (ହି. ଶବ୍ଦସାଗର)—1. Cloud.
୨ । ସିଂହ (ହି. ଶବ୍ଦସାଗର)—2. Lion.
୩ । (+ ଭାବ. ଅନୁ) ଶବ୍ଦ (ହି.ଶବ୍ଦସାଗର)—3. Sound.

ନଦର—ସଂ. ବି. (ନଦ + ର)—ନଦ ବା ନଦୀର ପାର୍ଶ୍ୱବର୍ତ୍ତୀ ପ୍ରଦେଶ (ହି. ଶବ୍ଦସାଗର)—The country along the bank of a river
Nadara

ସଂ. ବଣ. (ନ + ଦର)—ନିଡର; ନିର୍ଭୟ (ହି. ଶବ୍ଦସାଗର)—Fearless

ନଦର (ଇତ୍ୟାଦି)—ବୈଦେ. ବି. (ଅ)—ନଜର ଇତ୍ୟାଦି (ଦେଖ
Nadara (etc) Najara etc (See

ନଦା—ଦେ. ବି—ଲଦା—
Nadā Loading.

ନଦା(ଦେ)ଇବା—ଦେ. କ୍ରି—ଲଦାଇବା (ଦେଖ)
Nadā(de)ibā Ladāibā (See

ନଦାଣ—ଗ୍ରା. ବି. ଓ ବିଣ—ଲଦାଣ (ଦେଖ)
Nadāṇa Ladāṇa (See)

ନଦାନ୍ ଛବିଶ୍ୱା—ଦେ. ବି—୧ । ଅତି ଶୋଚନୀୟ ଓ ଅକଥନୀୟ ଅବସ୍ଥା—
Nadān chhabiśwā 1. A very wretched or miserable condition.
सर्वस्वहा
(ନାଦାନ୍ ଛବିଶ୍ୱା – ଅନ୍ୟରୂପ) ୨ । ଅତି ଗରିବ ଅବସ୍ଥା—
2. Condition of extreme poverty.
ଦେ. ବିଣ—ଅତି ଗରିବ—Very poor.

ନଦାନଦି—ଗ୍ରା. ବି—ବୋଝ ଅଦି ଲଦିବା—
Nadānadi Act of loading.

ନଦାମୁ—ଦେ. ବି—ଲଦାମୁ (ଦେଖ)
Nadāmu Ladāmu (See)

ନଦାରତ୍(ଦ୍)—ବୈଦେ. ଅ. [ଅ. ନଦାରତ୍(ଦ୍)]—
Nadārat(d) ୧ । ନାସ୍ତି; ନାହିଁ—1. No; not.
নদারদ (ଯଥା—ତାଙ୍କର ଆମ ପ୍ରତି ଖାତିର୍ ନଦାରଦ୍ ।)
नदारद) ୨ । ଅନୁପସ୍ଥିତ; ଅସ୍ଥିତ—2. Absent.

ନଦି—ସଂ. ବି. (ନଦ୍ ଧାତୁ + ଭାବ ଇ)—ସ୍ତୁତି (ହି. ଶବ୍ଦସାଗର)—
Nadi Praise.

ନଦିଆ—ଦେ. ବି. (ସଂ. ନବଦ୍ୱୀପ)—୧ । ବଙ୍ଗଦେଶର ଗୋଟିଏ ଜିଲ୍ଲା ଓ ସହର – 1. Name of a district and town in Bengal.
Nadiā
নদিয়া; নদে नदिया
[ଦ୍ର—ଏଠାରେ ମହାତ୍ମା ଶ୍ରୀ ଚୈତନ୍ୟ ଜନ୍ମଗ୍ରହଣ କରିଥିଲେ । ଚୈତନ୍ୟଙ୍କ ଜନ୍ମ ଓ ଆଦ୍ୟଲୀଳାଭୂମି ବୋଲି ଅଧୁନିକ ବୈଷ୍ଣବମାନେ ଏହାକୁ ଗୋଟିଏ ପ୍ରଧାନ ତୀର୍ଥ ସ୍ଥାନ କରନ୍ତି ।]
୨ । ଏକପ୍ରକାର ଧାନ—
2. Name of a kind of paddy.

ନଦିଆ କୀର୍ତ୍ତନ—ଦେ. ବି. (ସଂ. ନବଦ୍ୱୀପ ଓ କୀର୍ତ୍ତନ)—ଚୈତନ୍ୟ ମହାପ୍ରଭୁଙ୍କ ଅମଳରୁ ଓଡ଼ିଶାରେ ଚଳୁଥିବା ବଙ୍ଗଳାଭାଷା ଓ ବଙ୍ଗଳା ସ୍ୱର ମିଶା ସଂକୀର୍ତ୍ତନ –
Nadiā kirttana
নদিআর কীর্ত্তন
ନଦିଆ ସଂକୀର୍ତ୍ତନ } ଅନ୍ୟରୂପ
ନଦିଆ ଗାଉଣା }
The mode of chanting hymns accompanied by music, as it prevails in Nabadwipa.
[ଦ୍ର—ଓଡ଼ିଆମାନଙ୍କ ଦେଶୀ ସଂକୀର୍ତ୍ତନରେ ଏକାଧିକ ମୃଦଙ୍ଗ ଓ ଅନେକ ଯୋଡ଼ା ବଡ଼ ଝାଞ୍ଜ ବ୍ୟବହୃତ ହୁଏ । ଓଡ଼ିଶୀ ସଂକୀର୍ତ୍ତନରେ ବୋଲାଯିବା ଓଡ଼ିଆମିଶା ବିକୃତ ବଙ୍ଗଳା ପଦମାନ ମୃଦଙ୍ଗ ବାଡ଼ି ଓ ଝାଞ୍ଜ ପିଟାର କର୍ଣ୍ଣପୀଡ଼ାଦାୟକ ଧ୍ୱନିରେ ଲୁଚିଯାଏ । ଓଡ଼ିଆ ସଂକୀର୍ତ୍ତନିଆମାନେ ସଂକୀର୍ତ୍ତନକୁ ମୃଦଙ୍ଗପିଟା ଓ ଝାଞ୍ଜପିଟାରେ ପରିଣତ କରିଥିଲେ । କିନ୍ତୁ କ୍ରମଶଃ ତହିଁ ପରବର୍ତ୍ତିରେ ଓଡ଼ିଶାର ସ୍ଥାନେ ସ୍ଥାନେ ନଦିଆ କୀର୍ତ୍ତନ ଚଳିଲାଣି । ନଦିଆ କୀର୍ତ୍ତନରେ ଚୈତନ୍ୟ ସମ୍ପ୍ରଦାୟଙ୍କ ଗୀତ ବଙ୍ଗଳା ପଦମାନ ବୋଲାଯାଏ ଓ ଏକ ଦଳରେ ଓଡ଼ିଶୀ ମୃଦଙ୍ଗ ଅପେକ୍ଷା ଛୋଟ ମୃଦଙ୍ଗ ଗୋଟିଏ ଓ ୨।୩ ହାଳ କରତାଳ (ଛୋଟ ଝାଞ୍ଜ) ସୁମଧୁର ଭାବରେ ବଜାଯାଏ । ନଦିଆ କୀର୍ତ୍ତନରେ ବୋଲାଯିବା ଶୁଦ୍ଧତର ବଙ୍ଗଳା ପଦମାନ ଓ ମିଷ୍ଟତର ବାଦନ କର୍ଣ୍ଣରସାୟନ ହୁଏ । ଏଥିପାଇଁ ଶିକ୍ଷିତ ଲୋକେ 'ନଦିଆ ଗାଉଣା' ଓ 'ନଦିଆ ବାଜଣା'କୁ ଆଦର କରନ୍ତି ଓ କ୍ରମଶଃ ଓଡ଼ିଶାରୁ କୀର୍ତ୍ତନରେ ଓଡ଼ିଶୀ ଗାଉଣା ଓ ଓଡ଼ିଶୀ ବାଜଣା କମି ଯାଉଛି ।]

ନଦିଆ ଚାନ୍ଦ—ଦେ. ବି—ଶ୍ରୀ ଗୌରଚନ୍ଦ୍ର; (ନବଦ୍ୱୀପର ଚନ୍ଦ୍ରସ୍ୱରୂପ) ଶ୍ରୀ ଚୈତନ୍ୟଦେବ—
Nadiā chānda
নদে চান্দ, নদের চান্দ An epithet of Śrī Chaitanya.
नदियाका चांद

ନଦିକା—ସଂ. ବି. (ନଦ + ସ୍ୱାର୍ଥେ. କ + ସ୍ତ୍ରୀ. କ୍ଷୁଦ୍ରାର୍ଥେ. ଆ)—
Nadikā ଛୋଟ ନଦୀ—Small river; revulet; rill; brook (Apte).

ନ ଦିନ କରିବା—ପ୍ରାଦେ. (ପୁରୀ) କ୍ରି. (ସଂ. ନବଦିନ)—
Na dina karibā ଗୁଣ୍ଡିଚାଠାରୁ ବାହୁଡ଼ା ପର୍ଯ୍ୟନ୍ତ ନଅ ଦିନ
(ନଅ ଦିନ କରିବା—ଅନ୍ୟରୂପ) ପୁରୁଷୋତ୍ତମ କ୍ଷେତ୍ରରେ ତୀର୍ଥବାସ କରି ହବିଷ୍ୟ କରିବା—To observe Habishya at Puri during the 9 days from the Guṇḍichā up to Bāhuḍā Ekādaśī.

ନଦିବା—ଗ୍ରା. କ୍ରି—ଲଦିବା (ଦେଖ)
Nadibā Ladibā (See)

ନଦୀ—ସଂ. ବି. ସ୍ତ୍ରୀ (ନଦ + ସ୍ତ୍ରୀ. ଈ)—
Nadī (ନଦର ସ୍ତ୍ରୀଲିଙ୍ଗ) ନଦ (ଦେଖ)
Feminine of Nada; Nada (See)
[ନଦୀର ଅନ୍ୟ ସଂ.ନାମ—ସରିତ, ସରିତା, ଆପଗା, ତରଂଗିଣୀ ଶୈବଳିନୀ, ତଟିନୀ, ହ୍ରଦିନୀ, ଧୁନୀ, ସ୍ରୋତସ୍ୱତୀ, ଦ୍ରବନ୍ତୀ, ନିମ୍ନଗା, ନିର୍ଝରିଣୀ, ସରସ୍ୱତୀ, ସମୁଦ୍ରଗା, କୂଳବତୀ, କୂଳଂକଷା, କଲ୍ଲୋଳିନୀ, ଋଷିକୁଲ୍ୟା, ସ୍ରୋତବାହା । ଅଗଭୀର ଓ ପ୍ରଶସ୍ତ ଓ ଦୀର୍ଘ ଜଳମାର୍ଗକୁ ନଦ ଓ ଗଭୀର ନଦକୁ ନଦୀ ବୋଲାଯାଏ ।]

ନଦୀ କାନ୍ତ—ସଂ. ବି. (୬ଷ୍ଠୀ ତତ୍, ନଦୀ + କାନ୍ତ)—ସମୁଦ୍ର—
Nadi kānta The sea; ocean.

ନଦୀ କାନ୍ତା—ସଂ. ବି—୧ । ଜାମୁ ଗଛ (ହି. ଶବ୍ଦସାଗର)—
Nadi kāntā 1. The blackberry tree.
୨ । କାକଜଂଘା (ଦେଖ) (ହି. ଶବ୍ଦସାଗର)—
2. Kākajaṁghā (See)

ନଦୀ କୂଳ—ସଂ. ବି. (୬ଷ୍ଠୀ ତତ୍; ନଦୀ + କୂଳ)—
Nadī kūḷa ନଈର ତଟ; ନଈ ପଠା; ନଦୀ ତୀର —
River-bank; riverside.

ନଦୀକୂଳ ପ୍ରିୟ—ସଂ. ବି. (୬ଷ୍ଠୀ ତତ ଓ ବହୁବ୍ରୀହି; ଏହା ନଦୀ କୂଳରେ ଜନ୍ମୁ ଥିବାରୁ)—ଜଳ ବେତସ (ହି.ଶ.)—
Nadikūḷa priya
A kind of ratan growing on the edge of rivers.

ନଦୀକୂଳ ବନ୍ଧୁ—ସଂ. ବି. (୬ଷ୍ଠୀ ତତ୍; ନଦୀକୂଳ + ବନ୍ଧୁ)—
Nadīkūḷa bandhu ନଦୀକୂଳରେ ବାସ କରୁଥିବା ପକ୍ଷିବିଶେଷ —
A kind of bird.

ନଦୀ ଗର୍ଭ—ସଂ. ବି. (୬ଷ୍ଠୀ ତତ୍; ନଦୀ + ଗର୍ଭ)—
Nadī garbha ନଦୀର ଉଭୟ କୂଳର ମଧ୍ୟବର୍ତ୍ତୀ ସ୍ଥାନ —
The bed of a river.

ନଦୀଜ—ସଂ. ତ. (ନଦୀ+ଜନ୍ ଧାତୁ+କର୍ତ୍ତୃ. ଅ)—ନଦୀରୁ ଉତ୍ପନ୍ନ—
Nadija — Produced from or growing in a river; river-born.
(ନଦୀଜା—ସ୍ତ୍ରୀ)
ସଂ. ବି—୧ । (ଗଙ୍ଗାଙ୍କ ପୁତ୍ର) ଭୀଷ୍ମ—
1. Bhishma.
୨ । ହିଜ୍ଜଳ (ଗଛ) (ଦେଖ)
2. Hinjala (tree) (See)
୩ । ଅର୍ଜ୍ଜୁନ (ଗଛ) (ଦେଖ)
3. Arjuna (tree) (See)
[ଦ୍ର—ଉକ୍ତ ବୃକ୍ଷ ନଈ ପୋଖରୀ ଆଦି ଜଳାଶୟ ନିକଟରେ ଜନ୍ମେ ।]
୪ । କଳା ସୁର୍ମା (ହି. ଶବ୍ଦସାଗର)—
4. Black collyrium.
୫ । ସମୁଦ୍ର ଫଳ (ଦେଖ) (ହି. ଶବ୍ଦସାଗର)—
5. Samudra phala (See)

ନଦୀଜା—ସଂ. ବିଣ. ସ୍ତ୍ରୀ. (ନଦୀଜ+ଆ)—ନଦୀଜର ସ୍ତ୍ରୀଲିଙ୍ଗ—
Nadijā — Feminine of Nadija.
ସଂ. ବି—ଅଗ୍ନିମନ୍ଥ ବୃକ୍ଷ (ହି. ଶବ୍ଦସାଗର) (ଦେଖ)
Agnimantha (tree) (See)

ନଦୀ ଜାତ—ସଂ. ବିଣ. (୫ମୀ ତତ୍; ନଦୀ+ଜାତ)—
Nadi jāta — ନଦୀଜ (ଦେଖ)—Nadija (See)

ନଦୀଜ୍ଞ—ସଂ. ବି. (ନଦୀ+ଜ୍ଞା ଧାତୁ+କର୍ତ୍ତୃ. ଅ)—
Nadijña — ଯେଉଁ ବ୍ୟକ୍ତି ନଦୀର ଗଭୀରତା ସମ୍ବନ୍ଧରେ ଅଭିଜ୍ଞ ଥିବାରୁ ନଦୀରେ ନୌକା, ଜାହାଜ ଆଦିକୁ ବାଟ କଢ଼ାଏ; କଢ଼ୁଆଳ—A pilot.
ସଂ. ବିଣ—ନଦୀର ଗଭୀରତା ଓ ବିଷମ ସମ୍ବନ୍ଧରେ ଅଭିଜ୍ଞ—
Familiar with the depth, rapids and dangerous spots of a river.

ନଦୀ ତଟ—ସଂ. ବି. (୬ଷ୍ଠୀ ତତ୍; ନଦୀ+ତଟ)—ନଦୀକୂଳ—
Nadi tata — River-bank.

ନଦୀ ତରସ୍ଥାନ—ସଂ. ବି. (ନଦୀ+ତୃ ଧାତୁ+ଅ=ନଦୀତର+ସ୍ଥାନ)—
Nadi tarasthāna — ନଈ ପାର ହେବା ଘାଟ—
Ferry-ghat; a place where people are ferried across a river.

ନଦୀ ତୀର—ସଂ. ବି. (୬ଷ୍ଠୀ ତତ୍; ନଦୀ+ତୀର)—ନଦୀକୂଳ—
Nadi tira — Riverside.

ନଦୀ ଦୋହ—ସଂ. ବି. (ମ. ପ. ଲୋ; ନଦୀ+ଦୋହ)—ନଈ ମାସୁଲ;
Nadi doha — ନଈ ପାର ହେବା ଲୋକ ପାର କରିବା ବ୍ୟକ୍ତିକୁ ଯେଉଁ ଶୁଳ୍କ ଦିଏ (ହି. ଶବ୍ଦସାଗର)—
Ferry-toll; fees levied for ferrying people across a river.

ନଦୀଧର—ସଂ. ବି. (ନଦୀ+ଧୃ ଧାତୁ+କର୍ତ୍ତୃ. ଅ; ଯେ ଗଙ୍ଗା ନଦୀକୁ ମସ୍ତକରେ ଧାରଣ କରିଅଛନ୍ତି)—
Nadidhara — ଶିବ; ମହାଦେବ (ହି. ଶବ୍ଦସାଗର)
Siba.

ନଦୀନ—ସଂ. ବି. (୬ଷ୍ଠୀ ତତ୍; ନଦୀ+ଇନ=ପ୍ରଭୁ)—୧ । ସମୁଦ୍ର—
Nadina — 1. The sea.
୨ । ବରୁଣ—2. The God of the sea.
୩ । ବରୁଣ ଗଛ (ଦେଖ)
3. Baruna (tree) (See)
ସଂ. ବିଣ. ପୁଂ (ନ+ଦୀନ)—ଯେ ଦୀନ ଅର୍ଥାତ୍ ଦରିଦ୍ର ନୁହେଁ;
(ନଦୀନା—ସ୍ତ୍ରୀ) ଧନ ଥିବା (ବ୍ୟକ୍ତି)—Not poor.

ନଦୀ ନିଷ୍ପାବ—ସଂ. ବି—ଦାଳୁଅ ଧାନ (ହି. ଶବ୍ଦସାଗର)—
Nadi nishpāba — Summer-paddy.
[ଦ୍ର—ଏ ଧାନର ଚାଉଳ କଷାଳିଆ, ବଗଡ଼ା, ରୁକ୍ଷ, ବାତ ଓ କଫ ଉତ୍ପାଦକ ଓ ବିଷଦୋଷନାଶକ—ହି. ଶବ୍ଦସାଗର ।]

ନଦୀ ପତି—ସଂ. ବି. (୬ଷ୍ଠୀ ତତ୍; ନଦୀ+ପତି)—ସମୁଦ୍ର—
Nadi pati — The sea.

ନଦୀ ପ୍ରଦେଶ—ସଂ. ବି—ଯେଉଁ ପ୍ରଦେଶର ସମସ୍ତ ଜଳ ଗୋଟିଏ ନଦୀକୁ
Nadi pradeṣa — ବୋହିଯାଏ—River basin.

ନଦୀ ପ୍ରବାହ—ସଂ. ବି. (୬ଷ୍ଠୀ ତତ୍; ନଦୀ+ପ୍ରବାହ)—ନଈର ସୁଅ;
Nadi prabāha — ନଦୀସ୍ରୋତଃ—The current or flow of a river.

ନଦୀ ବଙ୍କ—ସଂ. ବି. (୬ଷ୍ଠୀ ତତ୍; ନଦୀ+ବଙ୍କ=ବାଙ୍କ)—ନଈର
Nadi banka — ବାଙ୍କ—The bend or turn of a river; the place where a river turns to another direction.

ନଦୀ ବନ୍ୟା—ସଂ. ବି. (୬ଷ୍ଠୀ ତତ୍; ନଦୀ+ବନ୍ୟା)—ନଈବଢ଼ି; ନଦୀର
Nadi banyā — ଜଳବୃଦ୍ଧି; ବର୍ଷାଦି ଯୋଗୁଁ ନଦୀର ଜଳସ୍ଫୀତି—
The flood or inundation of a river; the swelling of a river.

ନଦୀ ବୃଦ୍ଧି—ସଂ. ବି—ନଦୀ ବନ୍ୟା (ଦେଖ)
Nadi bruddhi — Nadi banyā (See)

ନଦୀଭବ—ସଂ. ବିଣ. (ନଦୀ+ଭୂ ଧାତୁ+କର୍ତ୍ତୃ. ଅ)—ନଦୀରୁ ଉତ୍ପନ୍ନ—
Nadibhāba — Produced from a river.
ସଂ. ବି—ସୈନ୍ଧବ ଲୁଣ (ହି. ଶବ୍ଦସାଗର) (ଦେଖ)
(ନଦୀଭବ—ଅନ୍ୟରୂପ) Saindhaba salt (See)

ନଦୀଭାଷକ—ସଂ. ବି—ମାଣସାରୁ (ହି. ଶବ୍ଦସାଗର) (ଦେଖ)
Nadibhāshaka — Māṇasāru (See)

ନଦୀମାତୃକ—ସଂ. ବିଣ. ପୁଂ. (ବହୁବ୍ରୀହି; ନଦୀ+ମାତୃ+କ; ଯେଉଁ ସ୍ଥାନର ନଦୀ ମାତୃସ୍ୱରୂପ)—ଯେଉଁ ଦେଶରେ ନଦୀଜଳ ସାହାଯ୍ୟରେ ଶସ୍ୟାଦି ଉତ୍ପନ୍ନ ହୁଏ—(a country) Watered by rivers; river-irrigated (area).
Nadimātruka
(ଦେବମାତୃକ—ବିପରୀତ)
(ନଦୀମାତୃକା—ସ୍ତ୍ରୀ)
[ଦ୍ର—ବୃଷ୍ଟିଜଳଦ୍ୱାରା ଯେଉଁ ଦେଶରେ ଶସ୍ୟ ଉତ୍ପନ୍ନ ହୁଏ ତାକୁ ଦେବମାତୃକ ଦେଶ କହନ୍ତି ।]

ନଦୀ ମୁଖ—ସଂ. ବି. (୬ଷ୍ଠୀ ତତ୍, ନଦୀ+ମୁଖ)—
Nadi mukha — ୧ । ନଈର ମୁହାଣ; ନଦୀ ଓ ସମୁଦ୍ରର ସଙ୍ଗମ ସ୍ଥାନ—
1. The mouth of a river.

୨ । (ନଦୀରୂପ ମୁଖ; ରୂପକ କର୍ମଧାରୟ) ସମୁଦ୍ରର ନଦୀରୂପ ଜଳ ନିଃସରଣ ପଥ—
2. The outlet of a sea consisting of a river flowing out of it.

ନଦୀ ରୟ—ସଂ. ବି. (୬ଷ୍ଠୀ ତତ୍, ନଦୀ+ରୟ=ପ୍ରବାହ; ବେଗ)—
Nadi raya ନଦୀ ପ୍ରବାହ(ଦେଖ)—Nadi prabāha (See)

ନଦୀଶ—ସଂ. ବି. (୬ଷ୍ଠୀ ତତ୍; ନଦୀ+ଈଶ)—ସମୁଦ୍ର—
Nadīśa The sea.

ନଦୀଷ୍ଣ—ସଂ. ବିଣ. ପୁଂ. (ନଦୀ+ସ୍ନା ଧାତୁ+କର୍ତ୍ତୃ. ଅ)—
Nadīshṇa ୧ । ଯେ ନଦୀରେ ସ୍ନାନ କରେ—
(ନଦୀଷ୍ଣା—ସ୍ତ୍ରୀ) 1. Bathing in a river.
୨ । ନଦୀଜ୍ଞ (ଦେଖ)—2. Nadījña (See)

ନଦୀସ୍ନାୟୀ—ସଂ. ବିଣ. ପୁଂ. (ନଦୀ+ସ୍ନା ଧାତୁ+କର୍ତ୍ତୃ. ଇନ୍; ୧ମା. Nadīsnāyī ୧ବ)—ଯେ ନଦୀରେ ସ୍ନାନ କରେ—
(ନଦୀସ୍ନାୟିନୀ—ସ୍ତ୍ରୀ) Bathing in a river.

ନଦୀ ସ୍ରୋତଃ—ସଂ. ବି. (୬ଷ୍ଠୀ ତତ୍; ନଦୀ+ସ୍ରୋତସ୍)—ନଈର ସୁଅ;
Nadi srotah ନଦୀପ୍ରବାହ—The current or flow of a river.
(ନଦୀସ୍ରୋତ—ଦେଶଜରୂପ)

ନଦେୟା—ସଂ. ବି. (ନଦ+ଏୟ+ସ୍ତ୍ରୀ. ଆ)—ଭୂଇଁଜାମୁ (ହି. ଶ.)—
Nadeyā A small variety of blackberry tree.

ନଦ୍ଧ—ସଂ. ବିଣ. (ନହ୍ ଧାତୁ=ବନ୍ଧନ କରିବା+କର୍ମ. ତ)—
Naddha ୧ । ବନ୍ଧା ହୋଇଥିବା; ବଦ୍ଧ—
(ନଦ୍ଧା—ସ୍ତ୍ରୀ) 1. Tied; bound down.
୨ । ପିନଦ୍ଧ; ପରିହିତ; ପିନ୍ଧା ଯାଇଥିବା—2. Worn.
୩ । ବ୍ୟାପ୍ତ—3. Spread; occupied; pervaded.

ନଦ୍ଧ୍ରୀ—ସଂ. ବି. ସ୍ତ୍ରୀ. (ନହ୍ ଧାତୁ+କରଣ. ତ୍ର+ସ୍ତ୍ରୀ. ଈ)—ଚର୍ମମୟ
Naddhri ରଜ୍ଜୁ; ଚମ ଦଉଡ଼ି—
A rope of hide; a leathern chord.

ନନ୍‌ସେନ୍ସ—ବୈଦେ. ବିଣ. (ଇଂ)—ନିର୍ବୋଧ; ମୂର୍ଖ—
Nan-sens Nonsense.
ननसेन्स **ननसेन्स**

ନନନ୍ଦା—ସଂ. ବି. ସ୍ତ୍ରୀ. (ସଂ. ନନାନ୍ଦୃ ଶବ୍ଦର ୧ମା. ୧ବ. ନ=ନହେଁ+
Nanandā ନନ୍ଦ୍ ଧାତୁ=ଆନନ୍ଦିତ ହେବା+ଅ+ସ୍ତ୍ରୀ. ଆ; ଯେ
(ନନାନ୍ଦା—ଅନ୍ୟରୂପ) ଭାଉଜ ପ୍ରତି ପ୍ରସନ୍ନା ହୁଏ ନାହିଁ; ଘରକୁ
ନନନ୍ଦପତି / ନନାନ୍ଦୃପତି } ପୁଂ=ନଣନ୍ଦେଇ ଭାଉଜ ଆସିଲେ ଯାହାଠାରୁ ଭାଇଙ୍କ ସ୍ନେହ କମିଯାଏ। ଏଥିପାଇଁ ନବାଗତ ବଧୂକୁ ପ୍ରଥମ ଗୃହପ୍ରବେଶ ଦାଣ୍ଡରେ ନଣନ୍ଦ ବାଟ ଓଗାଳେ ଓ କିଛି ଲାଞ୍ଚ ପାଇଲେ ବାଟ ଛାଡ଼େ)—ନଣନ୍ଦ; ଭର୍ତ୍ତୃଭଗ୍ନୀ—Husband's sister.

ନନା—ସଂ. ବି—୧ । ମାତା (ହି. ଶ.)—1. Mother.
Nanā ୨ । କନ୍ୟା(ହି. ଶ.)—2. Daughter.
୩ । ବାକ୍ୟ (ହି. ଶ.)—3. Word; utterance.

ନନା—ଦେ. ବି. [ମୂଳ. ଦ୍ରା. ନନା=ପିଉସୀ; ସମ୍ଭବତଃ ଦ୍ରା. ନାନୀ
Nanā (ବଡ଼ଭଉଣୀ) ଓଡ଼ିଆରେ ସେହି ଅର୍ଥରେ ବ୍ୟବହୃତ
(ନାନୀ—ସ୍ତ୍ରୀ) ହୋଇ ଉକ୍ତ ଶବ୍ଦର ବିପରୀତଲିଙ୍ଗ ରୂପେ 'ନନା' ଶବ୍ଦ
दादा ଚଳିଅଛି)—୧ । ଜ୍ୟେଷ୍ଠଭ୍ରାତା; ବଡ଼ଭାଇ; ଭାଇନନା;
भया ଭାଇନା—1. Elder brother.
ଗ୍ରା. ଅନ୍ନା ଡାକନ୍ତାକୁ ଯିବା ଯେ ଯୁଧିଷ୍ଠିର ନନା
ତେ. ଅନ୍ନା ହାରିଲେ ଖେଳେ ଭାଇ ଭୁଲେ ପ୍ରିୟାଙ୍କନା ।
କୃଷ୍ଣସିଂ. ମହାଭାରତ ବନ ।

[ଦ୍ର—ମତାନ୍ତରେ ସଂ. ନୃ ଶବ୍ଦର ୧ମା. ୧ବ. ନା; ନ ନା= ଯେ ନର ନୁହନ୍ତି ଅର୍ଥାତ୍ ଦେବତା; ଅତଏବ ମାନ୍ୟ ବ୍ୟକ୍ତିଙ୍କୁ 'ନନା' ବୋଲି ସମ୍ବୋଧନ କରିବା ସ୍ୱାଭାବିକ ।
ଋକ୍‌ବେଦ ୯।୧୧୨।୩ ରେ 'ନନା' ଶବ୍ଦ 'ମାତା' ଅର୍ଥରେ ବ୍ୟବହୃତ । ହିନ୍ଦରେ ମାତାମହଙ୍କୁ ନନା ଓ ନାନା ବୋଲାଯାଏ ।]

୨ । କଥାପ୍ରସଙ୍ଗରେ ଯାହାକୁ ବଡ଼ଭାଇ ବୋଲି ସମ୍ବୋଧନ କରାଯାଏ—2 One addressed as an elder brother.
ଲୈଅନନା, ଘର ତୋଳିବାରେ ହେବ କି ଅନା । ଶିଶୁଗୀତ ।

गोसाईं ୩ । ବ୍ରାହ୍ମଣଙ୍କ ପ୍ରତି ବ୍ରାହ୍ମଣେତର ଜାତିର ସାଧାରଣ
महाराज ସମ୍ବୋଧନ—3. A word used in addressing a Brāhmaṇa (generally) by a non-Brāhmaṇa.

ପ୍ରାଦେ. (ପୁରୀଜିଲ୍ଲାର ବ୍ରାହ୍ମଣଙ୍କ ବ୍ୟବହୃତ ଶବ୍ଦ; ତେ. ନାଇନା)—
୪ । ପିତା; ବାପ—4. Father.
୫ । ଗୃହକର୍ତ୍ତା—5. The male head of a house.
ନନାଙ୍କର ପାଠେ ତ ଜାଣିଛ ପାଠେ । ତତ ।
୬ । ନନା ଗୋସାଇଁ (ଦେଖ)
6. Nanā gosāiñ (See)
ପ୍ରାଦେ. (ସମ୍ବଲପୁର) ବୈଦେ. ବି. (ଦ୍ରା. ନନା=ପିଉସୀ)—
ପିଉସୀ—Father's sister.

ନନା ଗୋସା(ସେ)ଇଁ—ଦେ. ବି ଓ ସମ୍ବୋଧନ—ସାଧାରଣ ବ୍ରାହ୍ମଣଙ୍କ ପ୍ରତି
Nanā gosā(se)iñ ସମ୍ବୋଧନ—A term used in
गोसाञि addressing Brāhmaṇas generally.
देवताजो; महाराजजो

ନନାନ୍ଦା—ସଂ. ବି. ସ୍ତ୍ରୀ. (ସଂ. ନନାନ୍ଦୃ; ୧ମା. ୧ବ)—ନନନ୍ଦା (ଦେଖ)
Nanāndā Nanandā (See)

ନନୀ—ପ୍ରାଦେ. (ଗଡ଼ଜାତ) ବି (ସଂ.ନବନୀତ)—୧ । ନବନୀ; ନବନୀତ—
Nani 1. Butter.
୨ । ରାଜଝିଅ; ନେମା; ରାଜନେମା—2. A term of endearment used to a king's daughter.
୩ । ଦୁଲଣୀ; ଗେହ୍ଲା ଝିଅ—3. A petted daughter.
(ନନ୍ନୀ—ଅନ୍ୟରୂପ) ୪ । ପ୍ରାଦେ. (ସମ୍ବଲପୁର) ବି—ବ୍ରାହ୍ମଣକନ୍ୟା—
4. A term used to a Brāhmaṇa's daughter.

[ଦ୍ର—ସମ୍ବଲପୁରର କେତେକ ଅଞ୍ଚଳରେ ବ୍ରାହ୍ମଣ କନ୍ୟାକୁ 'ନନୀ' ଓ ଶୂଦ୍ର କନ୍ୟାକୁ 'ନୂନୀ' ବୋଲି ଡାକନ୍ତି ।]

ନନୁ—ସଂ. ଅ. (ନ+ନୁଦ୍ ଧାତୁ=ପ୍ରେରଣ କରିବା+କର୍ତ୍ତୃ. ଉ)—
Nanu (ପ୍ରଶ୍ନ, ସ୍ୱୀକାର, ସନ୍ଦେହ, ବିସ୍ମୟ, ଅନୁନୟ, ବିରୋଧ ଓ ଆମନ୍ତ୍ରଣ-ଅର୍ଥବୋଧକ) ଭ—(interjection) A word of emphasis (used in questioning, admitting, doubting, requesting drawing attention etc.
[ଦ୍ର—ସଂସ୍କୃତରେ ଏହା ବାକ୍ୟର ଆଦ୍ୟରେ ବ୍ୟବହୃତ ହୁଏ ।]

ନନ୍ଦ୍ (ଧାତୁ)—ସଂ—ଆନନ୍ଦିତ ହେବା—
Nand (root) To be glad.

ନନ୍ଦ—ସଂ. ବି. (ନନ୍ଦ୍ ଧାତୁ+ଭାବ. ଅ)—୧ । ଆନନ୍ଦ—
Nanda 1 Gladness; joy.

୨ । (ନନ୍ଦ ଧାତୁ=ଆନନ୍ଦିତ କରିବା+କର୍ତ୍ତୃ. ଅ)—
(ନାମ) ଶ୍ରୀକୃଷ୍ଣଙ୍କର ପାଳକ ପିତା—2. Name of the foster-father of Śrikṛushṇa.

[ଦ୍ର—ଏ ମଥୁରା ରାଜାଙ୍କ ଅଧୀନ ବ୍ରଜର ଗୋପାଳମାନଙ୍କର ରାଜା ଥିଲେ । ଏହାଙ୍କ ସ୍ତ୍ରୀ ଯଶୋଦା । ବସୁଦେବଙ୍କ ସହିତ ଏହାଙ୍କର ମିତ୍ରତା ଥିଲା । ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣ ଜନ୍ମ ହେଲା ବେଳେ ଯଶୋଦାଙ୍କ ଗର୍ଭରୁ ମହାମାୟା ବା ଦୁର୍ଗା ଗୋଟିଏ କନ୍ୟାରୂପେ ଜନ୍ମଗ୍ରହଣ କଲେ । କଂସର ଭୟରେ ବସୁଦେବ ସଦ୍ୟୋଜାତ ଶ୍ରୀକୃଷ୍ଣଙ୍କୁ ନେଇ ଯଶୋଦାଙ୍କ କୋଳରେ ରଖି ଯଶୋଦାଙ୍କ କନ୍ୟାକୁ ଆଣି ଦେବକୀଙ୍କ କୋଳରେ ରଖିଲେ । କଂସ ସେହି କନ୍ୟାକୁ ପଥରରେ ପିଟି ଦେଲା ବେଳେ ସେ କନ୍ୟା କଂସ ହାତରୁ ଖସି ଶୂନ୍ୟରେ ଉଡ଼ିଗଲେ । ଶ୍ରୀକୃଷ୍ଣ ଯଶୋଦାଙ୍କ କୋଳରେ ବଢ଼ିଲେ । କଂସର ଭୟରେ ନନ୍ଦ ଶ୍ରୀକୃଷ୍ଣଙ୍କୁ ମଥୁରାରୁ ନେଇ ବୃନ୍ଦାବନରେ ବାସ କଲେ । ନନ୍ଦ ଥରେ ଯମୁନାକୁ ସ୍ନାନ କରିବା ପାଇଁ ଯାଇଥିଲେ । ଏହି ସମୟରେ ସେଠାରୁ ବରୁଣଙ୍କ ଦୂତ ତାଙ୍କୁ ଧରି ବରୁଣଙ୍କଠାରୁ ନେଇଗଲେ; ପରେ ଶ୍ରୀକୃଷ୍ଣ ବରୁଣଙ୍କଠାରୁ ନନ୍ଦଙ୍କୁ ମୁକୁଳାଇ ଆଣିଲେ । ନନ୍ଦ ପୂର୍ବଜନ୍ମରେ ଦକ୍ଷପ୍ରଜାପତି ଓ ଯଶୋଦା ତାଙ୍କ ସ୍ତ୍ରୀ ଥିଲେ । ସ୍ୱାମୀଙ୍କ ଅପମାନରେ ସତୀ ଯଜ୍ଞକୁଣ୍ଡରେ ଝାସ ଦେଇ ଦେହତ୍ୟାଗ କରିବାରୁ ଏ ଦମ୍ପତି ତପସ୍ୟା କଲେ । ସତୀ ପ୍ରସନ୍ନା ହୋଇ ବର ଦେଇଥିଲେ ଯେ ଆରଜନ୍ମରେ ଦ୍ୱାପରରେ ତୁମ୍ଭେ ଦୁହେଁ ନନ୍ଦ ଯଶୋଦା ହେବ ଓ ମୁଁ ତୁମର କନ୍ୟା ହୋଇ ଜନ୍ମିବି । ତଦନୁସାରେ ସତୀ କନ୍ୟାରୂପେ ଯଶୋଦାଙ୍କ ଗର୍ଭରୁ ଜନ୍ମଗ୍ରହଣ କଲେ ଓ ବସୁଦେବ ତାଙ୍କୁ ନେଇ ଶ୍ରୀକୃଷ୍ଣଙ୍କୁ ଯଶୋଦାଙ୍କ କୋଳରେ ରଖି ଗଲେ ଓ ସେହି କନ୍ୟାରୂପଧାରିଣୀ ସତୀଙ୍କୁ କଂସ କବଳିତ କଲା ।]

୩ । ବିଷ୍ଣୁ—3. Name of Bishṇu.

୪ । ପାଟଳିପୁତ୍ର (ମଗଧର)ର ଚନ୍ଦ୍ରବଂଶୀୟ ରାଜବଂଶ—
4. Name of a dynasty of kings of the ancient Magadha

[ଦ୍ର—ଏହି ବଂଶର ଅଠଜଣ ରାଜା ରାଜତ୍ୱ କରିଥିଲେ । ଶେଷ ରାଜା ଚାଣକ୍ୟଙ୍କ ବିରାଗଭାଜନ ହେବାରୁ ସେ ଚାଣକ୍ୟଙ୍କ ଉଦ୍ୟମରେ ହତ ହୋଇଥିଲେ ଏବଂ ମୌର୍ଯ୍ୟବଂଶୀୟ ଚନ୍ଦ୍ରଗୁପ୍ତ ମଗଧ ସିଂହାସନ ଅଧିକାର କଲେ । ଏ ବଂଶ ଖ୍ରୀ. ପୂ. ୪୦୦ ଠାରୁ ଖ୍ରୀ. ପୂ. ୩୦୦ ପର୍ଯ୍ୟନ୍ତ ରାଜତ୍ୱ କଲେ ।]

୫ । ନନ୍ଦ ବଂଶର ପ୍ରଥମ ରାଜା—5. A name of the first king of the Nanda dynasty.
[ଦ୍ର—ରାଜା ମହାନନ୍ଦଙ୍କ ଔରସରେ ଏକ ଶୂଦ୍ରାର ଗର୍ଭରୁ ଏହାଙ୍କର ଜନ୍ମ । ବରରୁଚି କେତେକ ସମୟ ଏହାଙ୍କର ମନ୍ତ୍ରୀ ଥିଲେ । ଖ୍ରୀଷ୍ଟ ଜନ୍ମର ଚାରି ଶତାବ୍ଦୀ ପୂର୍ବେ ଏ ବିଦ୍ୟମାନ ଥିଲେ । (ସୁବଳଚନ୍ଦ୍ର)]

୬ । କୁବେରଙ୍କ ନଅ ନିଧି ମଧ୍ୟରୁ ଏକତମ ନିଧି—
6. One of the nine treasurers possessed by Kubera, the God of wealth.

୭ । ୧୧ ଇଞ୍ଚ ଲମ୍ବ ବେଣୁ ବା ବଂଶୀବିଶେଷ—
7. A kind of musical flute 11 inches long.

୮ । ମୃଦଙ୍ଗବିଶେଷ—
8. A kind of musical drum.

୯ । ପରମେଶ୍ୱର—9. God.

୧୦ । ମଦିରା ଗର୍ଭଜାତ ବସୁଦେବଙ୍କ ପୁତ୍ର—10. Name of a son of Basudeba.

୧୧ । ବୁଦ୍ଧଦେବଙ୍କ ବୈମାତୃକ ଭାଇ—11. Name of a step-brother of the Buddha.
[ଦ୍ର—ବୁଦ୍ଧଦେବ ଜ୍ଞାନ ଲାଭ କରି କପିଳବସ୍ତୁକୁ ଆସି ଏହାଙ୍କୁ ଦୀକ୍ଷିତ କରିଥିଲେ । ଏ ସନ୍ନ୍ୟାସ ଗ୍ରହଣ କରି ବୁଦ୍ଧଙ୍କ ସଙ୍ଗେ ରହୁଥିଲେ ଓ ନିଜର ସ୍ତ୍ରୀ ଭଦ୍ରାକୁ ଦେଖିବା ପାଇଁ କେତେଥର ଘରକୁ ଯିବାକୁ ଇଚ୍ଛା କରିଥିଲେ, କିନ୍ତୁ ବୁଦ୍ଧ ତାହା କରାଇ ଦେଲେ ନାହିଁ । ବୁଦ୍ଧଦେବ ଏହାଙ୍କୁ ଭିକ୍ଷୁ କରାଇ ସଂସାର ବନ୍ଧନରୁ ମୁକ୍ତ କରାଇଥିଲେ ଏବଂ ଏହାଙ୍କୁ ସ୍ୱର୍ଗ ଓ ନରକର ଦୃଶ୍ୟମାନ ଦେଖାଇ ଥିଲେ । ହି. ଶ.]

୧୨ । ବେଙ୍ଗ—12. A frog.

ଦେ. ବି.—୧ । ବୈଦିକ ବ୍ରାହ୍ମଣଙ୍କ ଉପାଧିବିଶେଷ—
1. The family-title of certain Brāhmaṇas.
ନନ୍ଦ ଘରେ କନ୍ଦ ପୁଜା,
ନନ୍ଦ ଖାଇଲେ କଦଳୀ ଭଜା । ଶିଶୁଗୀତ ।

ନାଁଦ ପଟା ୨ । (ସଂ. ନାନ୍ଦୀପଟ) କୂଅରେ ବେଢ଼ାଯିବା ମାଟି ବା ପଥରର ବଳୟାକାର ବେଷ୍ଟନୀ—2. Rings (of burnt earth or stone) put round a well.
[ଦ୍ର—କୂଅର ସବା ଉପରେ ମୁହଁ ପାଖେ ଭୂପୃଷ୍ଠରୁ ଉଚ୍ଚରେ ଯେଉଁ ନନ୍ଦ ବସା ଯାଏ ତାକୁ ଯୋଡ଼ାନନ୍ଦ, ତା ତଳକୁ ଯେଉଁ ନନ୍ଦମାନ ବସା ଯାଏ ତାକୁ ନନ୍ଦ ଓ ସାବୁ ତଳେ ଯେଉଁ ଶେଷ ନନ୍ଦ ଦିଆ ଯାଏ ତାକୁ ଗଳନନ୍ଦ ବୋଲାଯାଏ । କୂଅରେ ଦୁଇ ପ୍ରସ୍ଥ ନନ୍ଦ ବସା ଗଲେ ତାକୁ ଦୋହୋର ନନ୍ଦ କହନ୍ତି ।]

୩ । ଧାନ ରଖିବା ନିମିତ୍ତ ବ୍ୟବହୃତ ମାଟି ବା ପଥରର ବଳୟାକାର ବେଷ୍ଟନୀ, ଯାହାକୁ ଘରଭିତରେ ଉପରେ ରଖନ୍ତି—
3. Rings of burnt earth or stone placed inside a house to put paddy therein.

୪ । (ପୁଂ) ଲୋକଙ୍କ ନାମ—4 A name given to males.

ପ୍ରାଦେ. (ସମ୍ବଲପୁର) ବି.—ଗଉଡ଼ମାନଙ୍କ ଶ୍ରେଣୀବିଶେଷ— A sub-caste of the Gaurdas in Sambalpur.

ନନ୍ଦକ—ସଂ. ବିଣ. ତ୍ରି° (ନନ୍ଦ୍ ଧାତୁ=ଆନନ୍ଦିତ କରାଇବା+କର୍ତ୍ତୃ. ଅକ)—୧ । ଆନନ୍ଦପ୍ରଦ; ଆନନ୍ଦକାରକ—
Nandaka
(ନନ୍ଦକା—ସ୍ତ୍ରୀ) 1. Gladdening; pleasant; joyful; pleasing.

୨ । କୁଳପାଳକ; କୁଳର ଆନନ୍ଦଦାୟକ (ପୁତ୍ର)— 2. Maintaining one's family; gladdening the family.

ସଂ. ବି.—(+କରଣେ. ଅକ)—୧ । ଶ୍ରୀକୃଷ୍ଣଙ୍କ ଖଡ୍ଗ— 1. The sword of Śrikṛushṇa.

୨ । (ନନ୍ଦ+ସ୍ୱାର୍ଥେ. କ)—ଶ୍ରୀକୃଷ୍ଣଙ୍କ ପାଳକ ପିତା; ନନ୍ଦ— 2. The foster-father of Śrikṛushṇa.

୩ । ଆନନ୍ଦ—3. Pleasure; joy; happiness.

୪ । ଭେକ; ବେଙ୍ଗ—4. A frog.

୫ । ଧୃତରାଷ୍ଟ୍ରଙ୍କର ଜଣେ ପୁତ୍ର —5. Name of one of the hundred sons of Dhṛutarāshṭra.

୬ । ସ୍କନ୍ଦଙ୍କ ଅନୁଚରବିଶେଷ— 6. Name of an attendant of Kārttikeya.

୭ । ପୌରାଣିକ ନାଗବିଶେଷ— 7. Name of an mythological serpent.

ନନ୍ଦକି—ସଂ. ବି.—ପିପ୍ପଳୀ—
Nandaki Long pepper.

ନନ୍ଦକିଶୋର—ସଂ. ବି.—(ନନ୍ଦ+କିଶୋର; ୬ଷ୍ଠୀ ତତ୍)—ଶ୍ରୀକୃଷ୍ଣଙ୍କ
Nanda kiśora ନାମ—A name of Śrikṛushṇa.

ଦେ. ବି. ପୁଂ—ଲୋକଙ୍କ ନାମ— A name given to males.

ନନ୍ଦକିଶୋର ଦାସ (ରାୟ ବାହାଦୁର)—ଦେ. ବି. (ନାମ)—ଗଭର୍ଣ୍ଣ-
Nandakiśora dāsa ମେଣ୍ଟଙ୍କ ଦ୍ୱାରା ସମ୍ମାନିତ ଓ ଉଚ୍ଚ-
ଅଧିକାର ପ୍ରାପ୍ତ ଉତ୍କଳର ଜଣେକ ବ୍ୟକ୍ତି—

[ଦ୍ର—ଏ ଓଡ଼ିଆ କରଣ କୁଳରେ ୧୨୫୨ ସାଲ (ଇଂ. ୧୮୪୫ ମସିହା) ଜ୍ୟେଷ୍ଠ ମାସରେ ଜନ୍ମଗ୍ରହଣ କରି ୧୩୦୧ ସାଲ (୧୮୯୪ ମସିହା) ଚୈତ୍ର ମାସରେ ଇହଧାମ ପରିତ୍ୟାଗ କରିଥିଲେ । କଟକ ଜିଲ୍ଲାର ଜୟପୁର ଗ୍ରାମ ଏହାଙ୍କର ଜନ୍ମଭୂମି । ଏହାଙ୍କ ପିତା ନରସିଂହଚରଣ ମଧ୍ୟ ଏହାଙ୍କ ପରି ଉଚ୍ଚ ରାଜପଦ ଲାଭ କରିଥିଲେ । ଏ ଉତ୍କଳର କଲ୍ୟାଣ ନିମନ୍ତେ ସର୍ବଦା ଚେଷ୍ଟିତ ଥିଲେ । ଏହାଙ୍କର ପୁତ୍ର ପୌତ୍ରମାନେ ମଧ୍ୟ ଉଚ୍ଚ ରାଜପଦସମାନ ଅଲଙ୍କୃତ କରିଥିଲେ ଓ ଅଛନ୍ତି । ଶିକ୍ଷିତ ଓଡ଼ିଆମାନଙ୍କ ମଧ୍ୟରୁ ଏ ପ୍ରଥମେ ଡେପୁଟି ମାଜିଷ୍ଟ୍ରେଟ୍ ପଦ ଲାଭ କରିଥିଲେ ।]

ନନ୍ଦକିଶୋର ବଳ (ରାୟ ସାହେବ)—ଦେ. ବି. (ନାମ)—
Nandakiśora baḷa ଉତ୍କଳର ଆଧୁନିକ କବିବିଶେଷ— A poet of modern Orissa.

[ଦ୍ର—ଏ ଶିକ୍ଷାବିଭାଗର ଆସିଷ୍ଟାଣ୍ଟ ଇନ୍ସପେକ୍ଟର ହୋଇଥିଲେ; ପଲ୍ଲି ଚିତ୍ର, କର୍ଣ୍ଣିରଣୀ, କୃଷ୍ଣକୁମାରୀ ଆଦି ଏହାଙ୍କ ରଚିତ କାବ୍ୟ । ଏ ମଧ୍ୟ କେତେ ଖଣ୍ଡି ଉପନ୍ୟାସ ରଚନା କରିଥିଲେ ।]

ନନ୍ଦକିଶୋରୀ ପଠା—ଦେ. ବି. (ନାମ)—ନନ୍ଦିକେଶ୍ୱରୀ (ଦେଖ)
Nandakiśori paṭhā Nandikeśwari (See)

ନନ୍ଦକୀ—ସଂ. ବି. (ନନ୍ଦକ=ଶ୍ରୀକୃଷ୍ଣଙ୍କ ଖଡ୍ଗ+ଅସ୍ତି ଅର୍ଥରେ ଇନ୍;
Nandaki ୧ମା. ୧ବ.)—ବିଷ୍ଣୁଙ୍କର ନାମ— A name of Bishṇu.

ନନ୍ଦ କୁମାର—ସଂ. ବି. (୬ଷ୍ଠୀ ତତ୍; ନନ୍ଦ+କୁମାର)—
Nanda kumāra ନନ୍ଦଙ୍କ ପାଳିତ ପୁତ୍ର ଶ୍ରୀକୃଷ୍ଣ— Śrikṛushṇa.

ଦେ. ବି. ପୁଂ—୧ । ଲୋକଙ୍କ ନାମ— 1. A name given to males.

୨ । ବଙ୍ଗଳାର ରାଜା ନନ୍ଦକୁମାର— 4. Raja Nandakumar of Bengal.

[ଦ୍ର—ଏ ବଙ୍ଗର ଜଣେ ଧନୀ ବ୍ୟକ୍ତି ଥିଲେ । କାଉନ୍‌ସିଲରେ ଗଭର୍ଣ୍ଣର ଜେନେରାଲ ଓ୍ୱାରେନ୍ ହେଷ୍ଟିଙ୍ଗ୍‌ସଙ୍କ ବିରୋଧରେ ଉତ୍କୋଚ ଗ୍ରହଣ ଅଭିଯୋଗ ଆଣି ଏ ତାହାଙ୍କର ବିରାଗଭାଜନ ହୋଇଥିଲେ । ଏ ଜାଲ୍ କରିବା ଅପରାଧରେ କଲିକତା ସୁପ୍ରିମ୍ କୋର୍ଟରେ ଅଭିଯୁକ୍ତ ହୋଇ ୧୭୭୫ ଖ୍ରୀଷ୍ଟାବ୍ଦରେ ଫାଶୀ ପାଇଲେ ।]

ନନ୍ଦଗାଁ—ଦେ. ବି. (ସଂ. ନନ୍ଦ+ଗ୍ରାମ)—ମଥୁରାରୁ ୧୫ କୋଶ ଦୂର-
Nandagāñ ବର୍ତ୍ତୀ ବୃନ୍ଦାବନର ଗ୍ରାମ, ଯେଉଁଠାରେ ନନ୍ଦ
ନନ୍ଦଗାଁଓ ଶ୍ରୀକୃଷ୍ଣଙ୍କ ସହ ବାସ କରୁଥିଲେ—
नन्दगाँव Name of a village in Bṛundābana
(ନନ୍ଦଗାଆଁ, ନନ୍ଦଗାଁଆଁ—ଅନ୍ୟରୂପ) where Nanda lived during Śrikṛushṇa's childhood.

ନନ୍ଦ ଗୋପ—ସଂ. ବି—ଶ୍ରୀକୃଷ୍ଣଙ୍କ ପାଳକ ପିତା; ନନ୍ଦ ୨ (ଦେଖ)
Nanda gopa Śrikṛushṇa's foster father.

ନନ୍ଦ ଗ୍ରାମ—ସଂ. ବି. (ନାମ)—୧ । ନନ୍ଦଗାଁ (ଦେଖ)
Nanda grāma 1. Nanda gāñ (See)

୨ । ନନ୍ଦିଗ୍ରାମ (ଦେଖ) 2. Nandigrāma (See)

ନନ୍ଦ ଘୋଷ—ସଂ. ବି—ନନ୍ଦ ଗୋପ (ଦେଖ)
Nanda ghosha Nanda gopa (See)

ନନ୍ଦଥୁ—ସଂ. ବି. (ନନ୍ଦ୍ ଧାତୁ+ଭାବ. ଅଥୁ)—ଆନନ୍ଦ—
Nandathu Joy; pleasure.

ନନ୍ଦଦ—ସଂ. ବିଣ. ତ୍ରି°. (ନନ୍ଦ+ଦା ଧାତୁ+କର୍ତ୍ତୃ. ଅ)—ଆନନ୍ଦଦାୟକ-
Nandada Delightful; giving joy.
(ନନ୍ଦଦା—ସ୍ତ୍ରୀ) ସଂ. ବି. ପୁଂ—ପୁତ୍ର (ହ୍ର. ଶ.)—Son.

ନନ୍ଦ ଦାସ—ଦେ.ବି. (ନାମ) - ଖ୍ରୀ: ସପ୍ତଦଶ ଶତାବ୍ଦୀର ଓଡ଼ିଆ କବିବିଶେଷ-
Nanda dāsa An Oria poet of the 17th century A.D.
[ଦ୍ର—'ଅଣାକାର ସଂହିତା' ଏହାଙ୍କ ପ୍ରଣୀତ ଗ୍ରନ୍ଥ ।]

— ଦୁଲାଳ—ଦେ. ବ (ସଂ. ନନ୍ଦ+ଦୁର୍ଲ୍ଲଳିତ ବା ଦ୍ୱିଲଳିତ)—
Nanda dulāla (ନନ୍ଦଙ୍କ ପାଳିତ ପୁତ୍ର) ଶ୍ରୀକୃଷ୍ଣ—
नन्ददुलाल Śrikrushṇa, the foster son of
नन्ददुलारा Nanda.

ନନ୍ଦନ—ସଂ. ବି. ପୁଂ. (ନନ୍ଦ୍ ଧାତୁ ଣିଚ୍=ନନ୍ଦି ଧାତୁ=ଆନନ୍ଦିତ କରିବା+କର୍ତ୍ତୃ. ଅନ)—
Nandana
(ନନ୍ଦନା—ସ୍ତ୍ରୀ) ୧ । ସୁତ; ପୁତ୍ର; ପୁଅ—**1. Son**
୨ । ନନ୍ଦନ କାନନ; ବନବିଶେଷ; ସ୍ୱର୍ଗସ୍ଥ ଇନ୍ଦ୍ରଙ୍କର କ୍ରୀଡ଼ୋଦ୍ୟାନ—2. The pleasure-garden of Indra in Heaven.
୩ । ଆସାମରେ କାମାକ୍ଷ୍ୟା ଦେଶର ପର୍ବତବିଶେଷ—
3. Name of a mountain in Assam.
[ଦ୍ର—କାଳିକା ପୁରାଣ ମତରେ କାମାକ୍ଷ୍ୟା ଦେବୀଙ୍କର ପୂଜା କରିବା ପାଇଁ ଇନ୍ଦ୍ର ସର୍ବଦା ଏ ପର୍ବତରେ ରହନ୍ତି । ଏଥିପାଇଁ ଲୋକେ ଏ ପର୍ବତକୁ ଯାଇ ଇନ୍ଦ୍ରଙ୍କର ପୂଜା କରନ୍ତି । ଦ୍ର. ଶବ୍ଦସାଗର ।]
୪ । ଭେକ—4. Frog.
୫ । ବିଷ୍ଣୁଙ୍କ ନାମ—5 A name of Bishṇu.
୬ । ଶିବ; ମହାଦେବ—6 Siba.
୭ । କାର୍ତ୍ତିକେୟଙ୍କ ଅନୁଚରବିଶେଷ—
7. Name of an attendant of Kārttikeya.
୮ । ବିଷବିଶେଷ (ଦ୍ର. ଶବ୍ଦସାଗର)—
8. A kind of poison.
୯ । ବାସ୍ତୁ ଶାସ୍ତ୍ର ଅନୁସାରେ ୩୨ ହାତ ବିସ୍ତାର ଓ ୧୬ ଶୃଙ୍ଗ-ବିଶିଷ୍ଟ ଷଟ୍‌କୋଣ ଗୃହ (ଦ୍ର. ଶବ୍ଦସାଗର)—
9. Name of a hexagonal room with 16 turrets, and 32 cubits wide.
୧୦ । କେଶର (ଦ୍ର. ଶ.)—**10. Saffron.**
୧୧ । ଚନ୍ଦନ (ଦ୍ର. ଶ.)—**11.** Sandal.
୧୨ । ମେଘ (ଦ୍ର. ଶ.)—12. Cloud.
୧୩ । ଫଳିତ ଜ୍ୟୋତିଷ ଗଣନାକ୍ରମେ ୬୦ ସମ୍ବତ୍ସର ମଧ୍ୟରୁ ଷଡ଼୍‌ବିଂଶ ସମ୍ବତ୍ସର—13. Name of the 26th out of the 60 years according to Hindu astrological calculation.
[ଦ୍ର—ଏ ବର୍ଷ ପୃଥିବୀ ପୂର୍ଣ୍ଣଶସ୍ୟା ହୁଏ; ଲୋକେ ନୀରୋଗ ଓ ଗାଭୀମାନେ ପ୍ରଚୁର ଦୁଗ୍ଧବତୀ ହୁଅନ୍ତି—ଦ୍ର. ଶ.]
୧୪ । ୧୮ ଅକ୍ଷରବିଶିଷ୍ଟ ବର୍ଣ୍ଣବୃତ୍ତବିଶେଷ—**14. Name of a Sanscrit metre with 18 syllables.**
ସଂ. ବିଣ—ଆନନ୍ଦଦାୟକ—
Pleasing; gladdening; giving pleasure.

ନନ୍ଦନକାନନ—ସଂ. ବି. (ମ.ପ. ଲୋ. କର୍ମଧା; ନନ୍ଦନ+କାନନ)—
Nandana kānana ସ୍ୱର୍ଗରେ ଥିବା ଇନ୍ଦ୍ରଙ୍କର ବିହାରୋଦ୍ୟାନ—
The name of the pleasure-garden of Indra; the Elysium of the Hindu mythology.

ନନ୍ଦନଜ—ସଂ. ବି. (ନନ୍ଦନ+ଜନ୍ ଧାତୁ+କର୍ତ୍ତୃ. ଅ)—
Nandanaja ୧ । ହରିଚନ୍ଦନ; ଏକପ୍ରକାର ଉତ୍କୃଷ୍ଟ ଚନ୍ଦନ—
1. The fragrant yellow sandal wood.
୨ । ଶ୍ରୀକୃଷ୍ଣ (ଦ୍ର. ଶ.)—2. Śrikrushṇa.

ନନ୍ଦନ ତରୁ—ସଂ. ବି. (୭ମୀ ତତ୍; ନନ୍ଦନ+ତରୁ)—
Nandana taru ନନ୍ଦନକାନନରେ ଥିବା ସ୍ୱର୍ଗୀୟ ବୃକ୍ଷ—
The heavenly trees said to flourish in the Nandana garden of Indra.
(ଯଥା—ପାରିଜାତ, ହରିଚନ୍ଦନ ।)

ନନ୍ଦ ନନ୍ଦନ—ସଂ. ବି. ପୁଂ. (୬ଷ୍ଠୀ ତତ୍; ନନ୍ଦ+ନନ୍ଦନ)—
Nanda nandana ନନ୍ଦଙ୍କର (ଆନନ୍ଦଦାୟକ) ପୁତ୍ର ଶ୍ରୀକୃଷ୍ଣ—
(ନନ୍ଦନନ୍ଦିନୀ—ସ୍ତ୍ରୀ) Śrikrushṇa.

ନନ୍ଦ ନନ୍ଦିନୀ—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ନନ୍ଦ+ନନ୍ଦିନୀ)—ଦୁର୍ଗା—
Nanda nandini Durgā.
(ନନ୍ଦପୁତ୍ରୀ—ଅନ୍ୟରୂପ) [ଦ୍ର—ଦୁର୍ଗା ନନ୍ଦଙ୍କ ଔରସରେ ଯଶୋଦାଙ୍କ ଗର୍ଭରୁ କନ୍ୟାରୂପେ ଜନ୍ମିଥିଲେ । ବସୁଦେବ ଦେବକୀଗର୍ଭଜାତ ଶ୍ରୀକୃଷ୍ଣଙ୍କୁ ଆଣି ଯଶୋଦାଙ୍କ କୋଳରେ ରଖି ତାଙ୍କ କୋଳରୁ ଏ କନ୍ୟାଙ୍କୁ ନେଇ କଂସର ବନ୍ଦୀଶାଳରେ ଦେବକୀଙ୍କ କୋଳରେ ରଖିଦେଲେ । କଂସ ଏହାଙ୍କୁ ଧରି କଚାଡ଼ିବା ସମୟରେ ଏ କଂସ ହାତରୁ ଖସିଯାଇ ଶୂନ୍ୟରେ ଉଡ଼ିଗଲେ । ଏ ବିନ୍ଧ୍ୟବାସିନୀରୂପେ ଦୁଇଟି ଅସୁରଙ୍କୁ ବଧ କରିଥିଲେ । ବିନ୍ଧ୍ୟପର୍ବତରେ ବିନ୍ଧ୍ୟବାସିନୀଙ୍କ ମୂର୍ତ୍ତି ଅବସ୍ଥିତ; ଏ ପୂର୍ବଜନ୍ମରେ ସତୀ, ନନ୍ଦଗୋପ ଦକ୍ଷପ୍ରଜାପତି ଓ ଯଶୋଦା ଦକ୍ଷପତ୍ନୀ ଥିଲେ । ଚଣ୍ଡୀପୁରାଣ—ଏକାଦଶ ଅଧ୍ୟାୟ । ନନ୍ଦ ତଳେ ନୋଟ୍ ଦେଖ ।]

ନନ୍ଦନ ବନ—ସଂ. ବି—୧ । ନନ୍ଦନ କାନନ (ଦେଖ)
Nandana bana 1. Nandana kānana (See)
୨ । କପା (ଦ୍ର. ଶ.)—2. Cotton.

ନନ୍ଦନା—ସଂ. ବି. ସ୍ତ୍ରୀ. (ନନ୍ଦନ+ସ୍ତ୍ରୀ. ଆ)—କନ୍ୟା; ଝିଅ—
Nandanā Daughter.

> ରଘୁନାଥ ନନ୍ଦନା, ଅଜାଇବି ମନା,
> କରୁ ଯା ଆଉଁ ହସ୍ତ ଗହଁଲୁ ଗୋ ।
> କବିସୂର୍ଯ୍ୟ. କଳୋଗବଜ୍ଜ ର ଗୀତ ।

ନନ୍ଦପାଳ—ସଂ. ବି. (ନନ୍ଦ=ନିଧିବିଶେଷ+ପାଲ୍ ଧାତୁ+କର୍ତ୍ତୃ. ଅ)—
Nandapāla ୧ । କୁବେର (ପ୍ରକୃତିବାଦ)—
1. Kubera, the God of wealth (M. W.).
୨ । ବରୁଣ (ଦ୍ର. ଶବ୍ଦସାଗର)—
2. Baruṇa, the God of water (M. W.).

ନନ୍ଦପ୍ରୟାଗ—ଦେ. ବି. (ନାମ)—ଭାରତର ତୀର୍ଥବିଶେଷ—
Nandaprayāga A sacred place in India.
[ଦ୍ର—ଏହା ନନ୍ଦା ଓ ଅଳକାନନ୍ଦା ନଦୀଦ୍ୱୟର ସଙ୍ଗମସ୍ଥଳରେ ଅବସ୍ଥିତ । ଏହା ବଦରୀଧାମରୁ ୫୪ ମାଇଲ ଦୂରବର୍ତ୍ତୀ । ଏଠାରେ କଣ୍ୱଋଷିଙ୍କର ଆଶ୍ରମ ଥିବାରୁ ଏହାର ଅନ୍ୟ ନାମ କଣ୍ୱାଶ୍ରମ । ଭାରତରେ ଥିବା 'ପ୍ରୟାଗ' ନାମଧାରୀ ସାତଗୋଟି ତୀର୍ଥ ମଧ୍ୟରୁ ଏହା ଗୋଟିଏ ।]

ନନ୍ଦ ବଂଶ—ସ. ବ—ମଗଧର ଏକ ପ୍ରସିଦ୍ଧ ରାଜବଂଶ—Name of a
Nanda bamsa celebrated line of kings of Magadha.

[ଦ୍ର—ଅଲେକ୍ଜାଣ୍ଡର (ଗ୍ରୀକ ଦେଶର ରାଜା) ଖ୍ରୀ: ପୂ: ୩୨୭ ରେ ପଞ୍ଜାବକୁ ଆକ୍ରମଣ କରିବା ସମୟରେ ଏହି ବଂଶର ଶେଷରାଜା ମଗଧରେ ରାଜତ୍ୱ କରୁଥିଲେ । ଏ ବଂଶର ନାମ ବିଷ୍ଣୁପୁରାଣ, ଶ୍ରୀମଦ୍ଭାଗବତ, ବ୍ରହ୍ମାଣ୍ଡପୁରାଣ, କଥାସରିତ୍ସାଗର, ବୌଦ୍ଧ ଓ ଜୈନ ଗ୍ରନ୍ଥରେ ଉଲ୍ଲେଖ ଅଛି । ଏବଂଶର ଶେଷ ରାଜା ନନ୍ଦ ଚାଣକ୍ୟ (ବା କୌଟିଲ୍ୟ)ଙ୍କ ବିରାଗଭାଜନ ହୋଇଥିଲେ ଓ ତାଙ୍କର ଅଭିଶାପରେ ମୃତ୍ୟୁ ଲଭଲେ । ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କୁ ରାଜସିଂହାସନରେ ବସାଇ ଆପେ ମନ୍ତ୍ରୀ ହେଲେ—ହି. ଶବ୍ଦସାଗର ।]

ନନ୍ଦ ରାଣୀ—ଦେ. ବ. ସ୍ତ୍ରୀ. (ସ. ନନ୍ଦ+ରାଜ୍ଞୀ)—ନନ୍ଦପତ୍ନୀ; ଯଶୋଦା—
Nanda rāṇi Jasodā
नन्दरानी **नन्दरानी**

ନନ୍ଦରାମ—ଦେ. ବ. ପୁଂ—ଲୋକଙ୍କୁ ଡକାଯିବା ନାମ—
Nandarāma A name given to males.

ନନ୍ଦଲାଲ—ଦେ. ବ. ପୁଂ. (ହିନ୍ଦୀରୁ ଅନୁକୃତ; ସ. ନନ୍ଦ+ଲାଳିତ; ନନ୍ଦଙ୍କ
Nandalāla ପ୍ରିୟତମ ପୁତ୍ର ବା ପାଳିତପୁତ୍ର)—
नन्दलाल ୧ । ଶ୍ରୀକୃଷ୍ଣଙ୍କ ନାମ—1. A name of
नन्दलाल Srikrushṇa.

ଏବେ ରଖ ନନ୍ଦଲାଲ ମନ୍ଦ ମାନ ଦେବା ଲଜ୍ଜ ଗୋ । କବିସୂର୍ଯ୍ୟ.ସଙ୍ଗୀତ

୨ । ଲୋକଙ୍କୁ ଡକାଯିବା ନାମ—
2. A name given to males.

ନନ୍ଦ ସାଆନ୍ତ—ଦେ. ବ. (ସ. ନନ୍ଦ ଓ ସାମନ୍ତ)—
Nanda sā-ānta ନନ୍ଦ ଉପାଧିଧାରୀ କୁଳୀନ ବ୍ରାହ୍ମଣ—
A sect of respectable Brāhmaṇas of a high social status having the title of Nanda and residing in Srimukundapur of Puri district.

[ଦ୍ର—ପୁରୀଜିଲ୍ଲାର ଭୂଷଣା ବରପଦା ବା ଶ୍ରୀ ମୁକୁନ୍ଦପୁରରେ କେବଳ ଏହି ସାମନ୍ତ ବ୍ରାହ୍ମଣମାନେ ଅଛନ୍ତି । ପୁରୀଜିଲ୍ଲାର ଗୁରୁ ସାଆନ୍ତଙ୍କ ମଧ୍ୟରୁ ଏ ଏକତମ ।]

ନନ୍ଦ ସୁତ—ସ. ବ. ପୁଂ. (୬ଷ୍ଠୀ ତତ୍; ନନ୍ଦ+ସୁତ)—ନନ୍ଦଙ୍କର ପୁତ୍ର;
Nanda suta ଶ୍ରୀକୃଷ୍ଣ—Srikrushṇa.
(ନନ୍ଦସୁତା—ସ୍ତ୍ରୀ) ('ନନ୍ଦସୁନୁ—ଅନ୍ୟରୂପ)

ନନ୍ଦସୁତା—ସ. ବ. ସ୍ତ୍ରୀ—'ନନ୍ଦନନ୍ଦିନୀ' (ଦେଖ)
Nanda sutā Nanda nandini (See)

ନନ୍ଦା—ସ. ବ. ସ୍ତ୍ରୀ (ନନ୍ଦ୍ ଧାତୁ ଣିଚ୍=ନନ୍ଦ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ.
Nandā ଆ)—୧ । ନନ୍ଦଅ; ବଡ଼ ଜଳପାତ୍ର; ବୃହତ୍ ଜଳାଧାର;
ଜାହାଲ—1. A big jar for keeping water

୨ । ଗୌରୀ; ଦୁର୍ଗା—2. Gauri; Durgā.

୩ । ଶୁଭ ତିଥିବିଶେଷ; ଶୁକ୍ଳ ଓ କୃଷ୍ଣପକ୍ଷର ପ୍ରତିପଦ୍, ଷଷ୍ଠୀ ଓ ଏକାଦଶୀ ତିଥି—3. The 1st, 6th and 11th days of the lunar fortnight, considered as auspicious.

[ଦ୍ର—ଜ୍ୟୋତିଷ ମତରେ ତିଥିମାନ ନନ୍ଦା (୧, ୬, ୧୧), ଭଦ୍ରା (୨, ୭, ୧୨), ଜୟା (୩, ୮, ୧୩), ରିକ୍ତା (୪, ୯, ୧୪) ଓ ପୂର୍ଣ୍ଣା (୫, ୧୦, ୧୫) ଏହି ପାଞ୍ଚ ଶ୍ରେଣୀରେ ବିଭକ୍ତ ।]

୪ । ନଣନ୍ଦ—4. Husband's sister.

୫ । ଧନ ସମ୍ପଦ; ସମୃଦ୍ଧି—5. Riches; affluence.

୬ । ନନ୍ଦ ଗୋପଙ୍କର ଗାଭୀବିଶେଷ—
6. A cow belonging to Nanda.

୭ । ଆନନ୍ଦ—7. Joy; delight.

୮ । + (ନାମ) ଅପ୍ସରାବିଶେଷ—
8. Name of a heavenly nymph.

୯ । (ନାମ)—ବିଭୀଷଣର କନ୍ୟା—
9. Name of the daughter of Bibhishaṇa.

ଦେ. ବ.—୧ । ନନ୍ଧା (ଦେଖ)—1. Nandhā (See)

୨ । ନନ୍ଦ ନାମକ ବ୍ୟକ୍ତିର ଡାକନାମ—
2 A name for calling Nanda.

ନନ୍ଦା ଚିଙ୍ଗୁଡ଼ି—ପ୍ରାଦେ. (ସମ୍ବଲପୁର) ବ.—ବଡ଼ ଚିଙ୍ଗୁଡ଼ି—
Nandā chingurḍi Big shrimp.

ନନ୍ଦା ତୀର୍ଥ—ସ. ବ. (ନାମ)—ହେମକୂଟ ପର୍ବତ ଉପରେ ଥିବା ନଦୀ ଓ
Nanda tirtha ତୀର୍ଥର ନାମ—Name of a place of
(ନନ୍ଦାଶ୍ରମ—ଅନ୍ୟ ନାମ) Hindu pilgrimage.

[ଦ୍ର—ମହାଭାରତରେ ଏ ତୀର୍ଥର ଉଲ୍ଲେଖ ଅଛି । ଏଠାରେ ସର୍ବଦା ବତାସ ବନ୍ଦ ଥାଏ ଓ ପାଣି ବର୍ଷୁଥାଏ । ଏହା ସାଧାରଣ ଲୋକଙ୍କ ଅଗମ୍ୟ । ଏଠାରେ ସର୍ବଦା ବେଦଧ୍ୱନି ଶୁଣା ଯାଏ, କିନ୍ତୁ କେହି ବେଦପାଠକଙ୍କର ଦେଖା ମିଳେ ନାହିଁ । ସକାଳେ ଓ ସନ୍ଧ୍ୟାବେଳେ ଏଠାରେ ଅଗ୍ନିଦେବଙ୍କ ଦର୍ଶନ ମିଳେ । ଯୁଧିଷ୍ଠିର ଆପଣା ଭାଇମାନଙ୍କ ସଙ୍ଗେ ଥରେ ଏଠାକୁ ଯାଇଥିଲେ ହି. ଶ ।]

ନନ୍ଦାତ୍ମଜ—ସ. ବ. ପୁଂ (୬ଷ୍ଠୀ ତତ୍; ନନ୍ଦ+ଆତ୍ମଜ)—ନନ୍ଦନନ୍ଦନ;
Nandātmaja (ନନ୍ଦାତ୍ମଜା—ସ୍ତ୍ରୀ) ଶ୍ରୀକୃଷ୍ଣ—Srikrushṇa.

ନନ୍ଦାତ୍ମଜା—ସ. ବ. ସ୍ତ୍ରୀ—ଦୁର୍ଗା; ଯୋଗମାୟା—
Nandātmajā Durgā. (ନନ୍ଦ ତଳେ କୋଷ୍ଠ ଦେଖ)

ନନ୍ଦା ଦେବୀ—ଦେ. ବ. (ନାମ)—ହିମାଳୟର ଉଚ୍ଚ ଶୃଙ୍ଗ ବିଶେଷ—
Nandā debi Name of a high peak of the Himalayas.

[ଦ୍ର—ଏହା ହିମାଳୟର ଦକ୍ଷିଣାଂଶରେ ଅବସ୍ଥିତ ଏହାର ଉଚ୍ଚତା ୨୫୦୦୦ ଫୁଟ । ଏହା ଯମୁନା ନଦୀର ଉତ୍ପତ୍ତି ସ୍ଥଳର ନିକଟରେ (ହି. ଶବ୍ଦସାଗର)]

ନନ୍ଦାବର୍ତ୍ତ—ଦେ ବ. (ସ. ନନ୍ଦ୍ୟାବର୍ତ୍ତ)—ବର୍ତ୍ତୁଳ ପକ୍କା ଘର—
Nandābartta 1. A round building.

୨ । ଏକପାଖୁଡ଼ିଆ ଟଗର ଫୁଲ ଓ ଗଛ—2. Single-petalled Taraṭa flower and tree.

୩ । ତୁମ୍ବ ବାଣର 'ପେଣ୍ଡି' ଖୋଳିବା ପୂର୍ବରୁ ମାପ ଅନୁସାରେ ଦିଆ ଯିବା ଚିହ୍ନ—3. Mark for carving out the 'pendi' in a log of wood for preparing tumba' firework

ନନ୍ଦା ମାଛ—ପ୍ରାଦେ. (ସିଂହଭୂମ) ବି.—ବୁଢ଼ା ଚିଙ୍ଗୁଡ଼ି ମାଛ—
Nandā māchha Large shrimp.

ନନ୍ଦି—ସଂ. ବିଣ. (ନନ୍ଦ୍ ଧାତୁ+କର୍ତ୍ତୃ. ଇ)—ଆନନ୍ଦଦାୟୀ—
Nandi Giving pleasure.

ସଂ. ବି.—୧ । (ଭାବ. ଇ) ଆନନ୍ଦ—1. Joy.

୨ । ଶିବଙ୍କର ବା ତାଙ୍କ ବାହନ ବୃଷଭର ଅନୁଚରବିଶେଷ—
2. An attendant of Siba or of his bull.

୩ । ମହାଦେବ; ଶିବ—3. Siba.

୪ । ଧଅ ଗଛ; ବୃକ୍ଷବିଶେଷ—
4. Name of a tree; Grislea Tomentosa.

୫ । (+କରଣ. ଇ) ଦ୍ୟୂତାଙ୍ଗବିଶେଷ—
5. One of the materials for gambling.

୬ । ବିଷ୍ଣୁ—6. Bishṇu.

୭ । ନାଟକର ମଙ୍ଗଳାତ୍ମକ ପାଠକାରୀ ବନ୍ଦୀ—
7. The speaker of a prelude or benediction in a drama.

ଦେ. ବି.—ଶୂଦ୍ରମାନଙ୍କ ବଂଶୋପାଧିବିଶେଷ—
A family—title of the Śūdras.

ନନ୍ଦିଆ—ଦେ. ବି. (ସଂ. ନନ୍ଦା, ନନ୍ଦିକା)—୧ । ଉତ୍ତୁଙ୍ଗାମୁହିଁ ମାଟିର ବଡ଼
Nandiā ଜଳାଧାର ବା କୁଣ୍ଡ; ଜାହାଲ; ଅଳିଞ୍ଜର—
नाद 1. A big wide-mouthed earthen water-
नान्द नाद jar.

୨ । ନନ୍ଦ ନାମକ ବ୍ୟକ୍ତିର ଅନାଦରାର୍ଥକ ଡାକ ନାମ—
2. Name for calling Nanda disrespectfully.

ନନ୍ଦିକ—ସଂ. ବି (ନନ୍ଦି+ସ୍ୱାର୍ଥରେ କ)—୧ । ଧବବୃକ୍ଷ; ବୃକ୍ଷବିଶେଷ—
Nandika 1. Name of a tree; Grislea Tomentosa.

୨ । ଆନନ୍ଦ—2. Joy; pleasure.

୩ । ଖୁବ୍ ମୋଟା, ଖାଣ୍ଡିଆ, ଚେମଡ଼ା ବାର୍ଷିକ ଉଦ୍ଭିଦବିଶେଷ—
3. Elusine Indica (Haines).

[ଦ୍ର—ଏହା ୩ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୁଏ ।]

ନନ୍ଦିକା—ସଂ. ବି. ସ୍ତ୍ରୀ (ନନ୍ଦୀ+କ+ସ୍ତ୍ରୀ. ଆ)—୧ । ନନ୍ଦନ କାନନ;
Nandikā ଇନ୍ଦ୍ରଙ୍କ କ୍ରୀଡ଼ାସ୍ଥାନ—1. Indra's pleasure-garden.

୨ । (ନନ୍ଦା+ସ୍ୱାର୍ଥେ. କ+ସ୍ତ୍ରୀ. ଆ) ନନ୍ଦିଅ—
2. An earthen jar.

୩ । ନନ୍ଦାତିଥି; ପ୍ରତିପଦ, ଷଷ୍ଠୀ ଓ ଏକାଦଶୀ—
3 The 1st, 6th and 11th days of the lunar fortnight.

୪ । ନଣନ୍ଦ—4. Husband's sister.

୫ । ଦୁର୍ଗା—5. Durga.

୬ । କ୍ଷୁଦ୍ର ଜଳପାତ୍ର—6. Small water-jar

୭ । ହର୍ଷମୁଖୀ ସ୍ତ୍ରୀ (ଦ୍ର. ଶବ୍ଦସାଗର)—7. A woman who has a smiling face.

ନନ୍ଦିକେଶ୍ୱର—ସଂ. ବି (୬ଷ୍ଠୀ ତତ୍; ନନ୍ଦିକା+ଈଶ୍ୱର)—
Nandikeśwara ୧ । ନନ୍ଦୀ; ମହାଦେବଙ୍କ ଅନୁଚରବିଶେଷ—(ନନ୍ଦିକେଶ—ଅନ୍ୟରୂପ) 1. Name of an attendant of Śiba.

୨ । ପୁରାଣବିଶେଷ—2. Name of a Purāṇa.

ନନ୍ଦିକେଶ୍ୱରୀ—ଦେ. ବି. ସ୍ତ୍ରୀ (ନାମ)—୧ । କେଶରୀ ବଂଶୀୟ ଶେଷ ରାଜା
Nandikeśwarī ସୁବର୍ଣ୍ଣକେଶରୀଙ୍କ କନ୍ୟା—1. The daughter of Subarṇṇakeśarī, the last king of the Keśarī dynasty of ancient Orissa.

୨ । କବିବର ରାଧାନାଥଙ୍କ ପ୍ରଣୀତ କାବ୍ୟବିଶେଷ (ଏହି କାବ୍ୟରେ ନନ୍ଦିକେଶ୍ୱରୀ ନାୟିକା; ନନ୍ଦିକେଶ୍ୱରୀ ପଠା ବିଷୟକ ସ୍ଥାନୀୟ କିଂବଦନ୍ତୀ ଉପରେ ଏ କାବ୍ୟ କଳ୍ପିତ ହୋଇଅଛି)—2 The title of an Oria epic by poet Rādhānātha.

ନନ୍ଦିକେଶ୍ୱରୀ ପଠା—ଦେ. ବି (ନାମ)—କଟକର କିଛି ଦୂର ଉତ୍ତରରେ
Nandikeśwarī paṭhā ମହାନଦୀ ମଧ୍ୟରେ ଥିବା ଗୋଟିଏ ପଠା—Name of a small grassy eminence in the bed of the Mahanadi.

ନନ୍ଦିଗ୍ରାମ—ସଂ. ବି—(ନାମ) ଅଯୋଧ୍ୟା ନିକଟବର୍ତ୍ତୀ ଗ୍ରାମବିଶେଷ—
Nandigrāma Name of a village near ancient Ajodhyā.

[ଦ୍ର—ରାମଙ୍କ ବନବାସକାଳରେ ଭରତ ଏହି ଗ୍ରାମରେ ରାମଙ୍କ ପାଦୁକାକୁ ପୂଜା କରି ରାଜ୍ୟଶାସନ କରୁଥିଲେ ଓ ତପସ୍ୟା କରୁଥିଲେ ।]

ନନ୍ଦିଘୋଷ—ସଂ. ବି (ବହୁବ୍ରୀହି; ନନ୍ଦି=ଆନନ୍ଦଜନକ+ଘୋଷ=ଶବ୍ଦ)
Nandighosha ୧ । (ନାମ) ଅର୍ଜୁନଙ୍କ ରଥ—1. Name of the car of Arjuna.

୨ । ବନ୍ଦିଜନଙ୍କ ଘୋଷଣା—
2. The proclamations of a herald.

୩ । କୌଣସି ପ୍ରକାର ଶୁଭ ଘୋଷଣା (ଦ୍ର. ଶବ୍ଦସାଗର)—
3. Any auspicious proclamation.

ସଂ. ବିଣ—ଆନନ୍ଦଜନକ ଶବ୍ଦଯୁକ୍ତ—Having a pleasant sound.

ଦେ. ବି—ରଥଯାତ୍ରା ସମୟରେ ଜଗନ୍ନାଥ ମହାପ୍ରଭୁ ଯେଉଁ ରଥରେ ବିଜେ କରନ୍ତି—Name of the car in which the Deity Jagannātha is drawn during the car-festival at Puri.

ନନ୍ଦିତ—ସଂ. ବିଣ. ପୁଂ. (ନନ୍ଦ୍ ଧାତୁ+କର୍ତ୍ତୃ. ତ)—
Nandita ୧ । ଆନନ୍ଦିତ—1. Glad.

୨ । (ନନ୍ଦ ଧାତୁ+କର୍ମ. ତ)—ତୋଷିତ—
2. Gratified; satisfied; satiated.

ନନ୍ଦିତରୁ—ସଂ. ବି—ଧବ ବୃକ୍ଷ; ଧଅ ଗଛ—
Nanditaru Grislea Tomentosa (tree).

ନନ୍ଦନୀ—ସ. ବି. ସ୍ତ୍ରୀ. (ନନ୍ଦ୍ ଧାତୁ ଣିଜନ୍ତରେ ନନ୍ଦି ଧାତୁ+ଇନ୍+
Nandini ସ୍ତ୍ରୀ. ଈ)—ଆନନ୍ଦଦାୟିନୀ—Pleasant; joyous.
(ନନ୍ଦୀ—ପୁଂ) ସ. ବି—୧ । କନ୍ୟା; ଦୁହିତା—2. Daughter.
୨ । ନଣନ୍ଦ—2. Husband's sister.
୩ । ଦୁର୍ଗା—3. Durga.
୪ । ଗଙ୍ଗା ନଦୀ—4. The Ganges.
୫ । ରେଣୁକା, ପରଶୁରାମଙ୍କ ମାତା—
5. Renukā, the mother of Paraśurāma.
୬ । ବଶିଷ୍ଠଙ୍କ ହୋମ ଧେନୁ—6. The cow supplying the sacrificial ghee to the sage Basishtha.

[ଦ୍ର—ଏ ସୁରଭିର କନ୍ୟା । ରାଜା ଦିଲୀପ ଏହାଙ୍କୁ ଆରାଧନା କରି ରଘୁ ନାମକ ପୁତ୍ର ପ୍ରାପ୍ତ ହୋଇଥିଲେ । ଥରେ ବିଶ୍ୱାମିତ୍ର ଏହାଙ୍କୁ ବଶିଷ୍ଠଙ୍କ ଆଶ୍ରମରୁ ବଳପୂର୍ବକ ହରଣ କଲେ; କିନ୍ତୁ ବାଟରେ ଏହାଙ୍କ ଅଙ୍ଗରୁ ଅନେକ ଯବନ ଓ ମ୍ଲେଚ୍ଛ ସେନା ଜାତ ହୋଇ ବିଶ୍ୱାମିତ୍ରଙ୍କୁ ପରାସ୍ତ କଲେ ଓ ନନ୍ଦିନୀଙ୍କୁ ତାଙ୍କଠାରୁ ଛଡ଼ାଇ ଆଣିଲେ ।]

୭ । ଅଯୋଧ୍ୟା—7. The town Ajodhyā.
୮ । ଅଭିଧାନକାର ବ୍ୟାଡି ମୁନିଙ୍କ ମାତା—
8. Name of the mother of the Lexicographer Byādi.
୯ । ହାଲିମ (ଦେଖ)—9. Hālima (See)
୧୦ । ତୁଳସୀ ଗଛ—10. The holy basil plant.
୧୧ । ଜଟାମାଂସୀ (ହ. ଶବ୍ଦସାଗର) (ଦେଖ)
11. Jaṭāmāṁsi (See)
୧୨ । ରେଣୁକା ନାମକ ଗନ୍ଧ ଦ୍ରବ୍ୟ (ହ. ଶ.)—
12. A medicinal scent.
୧୩ । ପତ୍ନୀ; ସ୍ତ୍ରୀ (ହ. ଶ.)—13. Wife.
୧୪ । ତେର ଅକ୍ଷରର ଏକ ବୃତ୍ତ (ହ. ଶବ୍ଦସାଗର)—
14. Name of a Sanscrit metre of 13 syllables.

ନନ୍ଦିବର୍ଦ୍ଧନ—ସ. ବିଣ. (ଉପପଦ ତତ୍; ନନ୍ଦି=ଆନନ୍ଦ+ବର୍ଦ୍ଧନ)—
Nandibarddhana ଆନନ୍ଦ ବୃଦ୍ଧିକାରୀ—Increasing pleasure.
ସ. ବି—୧ । ପୁତ୍ର—1. Son.
୨ । ମହାଦେବ—2. Siba.
୩ । ବନ୍ଧୁ; ମିତ୍ର—3. Friend.
୪ । ଆନନ୍ଦ—4. Joy; happiness.

ନନ୍ଦୀ—ସ. ବି. ପୁଂ. (ନନ୍ଦ+ଅସ୍ତ୍ୟର୍ଥେ. ଇନ୍; ୧ମା: ୧ବ)—
Nandi ୧ । ଶିବଙ୍କର ପ୍ରଧାନ ଅନୁଚର; ଶିବଙ୍କ ଦ୍ୱାରପାଳଦ୍ୱୟ ମଧ୍ୟରୁ ଏକତର—1. Name of one of the two Siba's orderlies or doorkeepers.
[ଦ୍ର—ଅନ୍ୟ ଦ୍ୱାରପାଳର ନାମ ଭୃଙ୍ଗୀ; ମତାନ୍ତରରେ ଏ ଦୁହେଁ ବଳଦ ।]
୨ । ବଟ ବୃକ୍ଷ—2. Banyan tree.
୩ । ତୁନ୍ ଗଛ—3. The Toon tree.
୪ । ପୁତ୍ର—4. A son.
୫ । ଧବ ଗଛ (ହ. ଶବ୍ଦସାଗର)—
5. Grislea Tomentosa (tree)
୬ । ଗର୍ଦ୍ଦଭାଣ୍ଡ ବୃକ୍ଷ (ହ. ଶବ୍ଦସାଗର) (ଦେଖ)
6. Gardabhāṇda (tree) (See)
୭ । ଶିବଙ୍କ ନାମରେ ଉତ୍ସର୍ଗ କରି ଯାଇଥିବା ତ୍ରିଶୂଳାଙ୍କିତ ବୃଷ (ହ. ଶବ୍ଦସାଗର)—7. A bull branded with the mark of a trident and dedicated to Siba.
୮ । ବିଷ୍ଣୁ (ହ. ଶ.)—8. Bishṇu.
୯ । ଯେଉଁ ବଳଦର ଦେହରେ ଗୋଟିଏ ଅଧିକା ଚର୍ମ ପିଣ୍ଡ ବା ଅଙ୍ଗ ବାହାରି ଥାଏ (ହ. ଶବ୍ଦସାଗର)—
9. A bull having a tuft of flesh or additional leg hanging out of his body.
୧୦ । ନନ୍ଦନ କାନନ—10. Indra's garden.
୧୧ । (ସ୍ତ୍ରୀ) ଦୁର୍ଗା—11. Durgā.
(ନନ୍ଦିନୀ—ସ୍ତ୍ରୀ) ସ. ବିଣ. ପୁଂ—ଆନନ୍ଦିତ—Gratified; pleased

ନନ୍ଦୀଟ—ସ. ବିଣ. ପୁଂ. (ନନ୍ଦୀ+ଟ)—
Nandiṭa ୧ । ଲଣ୍ଡାମୁଣ୍ଡା; ଲଣ୍ଡାମୁଣ୍ଡିଆ—1. A person with a shaven head.
(ନନ୍ଦୀଟା—ସ୍ତ୍ରୀ)
୨ । ଟାଙ୍ଗରା—2. Bald-headed.

ନନ୍ଦୀବୃକ୍ଷ—ସ. ବି—୧ । ଗନ୍ଧଶୁଣ୍ଠି (ଦେଖ)
Nandibṛuksha (ଜବସାର ହରେକୃଷ୍ଣ ଦ୍ରବ୍ୟଗୁଣ)
1. Gandha sunṭhi (See)
୨ । ମେଣ୍ଢା ଶିଂଘା (ହ. ଶବ୍ଦସାଗର) (ଦେଖ)
2. Meṇdhā śimghā (See)
୩ । ତୁତ ଗଛ (ହ. ଶବ୍ଦସାଗର)—
3. Mulberry plant.

ନନ୍ଦୀଭୃଙ୍ଗୀ—ସ. ବି. (ଦ୍ୱନ୍ଦ୍ୱ; ନନ୍ଦୀ+ଭୃଙ୍ଗୀ)—
Nandibhṛuṅgi ମହାଦେବଙ୍କର ପ୍ରଧାନ ଅନୁଚର ବା ଦ୍ୱାରପାଳ ଦ୍ୱୟ—The name of 2 principal attendants of Siba.

ନନ୍ଦୀଭ୍ରୂକୁଟୀ—ଦେ. ବି—୧ । ନନ୍ଦୀଭୃଙ୍ଗୀ (ଦେଖ)
Nandibhrūkuṭi 1. Nandibhṛuṅgi (See)
୨ । କୌଣସି ବ୍ୟକ୍ତିର ପ୍ରଧାନ ପାର୍ଶ୍ୱଚର ବା ଅନୁଚରଦ୍ୱୟ—
2. Any two bosom friends or chief personal servants of a person.

ନନ୍ଦୀମୁଖୀ—ସ. ବି—୧ । ତନ୍ଦ୍ରାଳୁତା; ଅବସନ୍ନତା—
Nandimukhi 1. Drowsiness; lassitude.
(ନନ୍ଦିମୁଖୀ—ଅନ୍ୟରୂପ) ୨ । ତନ୍ଦ୍ରା—2. Nap.

ନନ୍ଦୀଶ—ସ. ବି. (୬ଷ୍ଠୀ ତତ୍; ନନ୍ଦୀ+ଈଶ)—
Nandisa ୧ । ମହାଦେବ; ଶିବ—1. Siba.

(ନନ୍ଦୀଶ୍ୱର—ଅନ୍ୟରୂପ) ୨ । ଶିବଙ୍କର ପ୍ରଧାନ ଦ୍ୱାରପାଳ ନନ୍ଦୀ— 2. The principal attendants and door keeper of Śiba.

ନନ୍ଦୀସରଃ—ସ. ବି. (ନନ୍ଦୀ=ନନ୍ଦନ କାନନ+ସରଃ)—
Nandīsaraḥ ଇନ୍ଦ୍ରଙ୍କ ଉଦ୍ୟାନ ମଧ୍ୟସ୍ଥ ସରୋବର— The pond inside Indra's garden.

ନନ୍ଦୋତ୍ସବ—ସ. ବି. (ନନ୍ଦ+ଉତ୍ସବ)—
Nandotsaba ୧ । ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ; ଜନ୍ମାଷ୍ଟମୀ— 1. The festival on the birth-day of Śrīkṛushṇa.
[ଦ୍ର—ଭାଦ୍ର କୃଷ୍ଣାଷ୍ଟମୀରେ ଏ ଉତ୍ସବ ହୁଏ ।]
୨ । ଜନ୍ମାଷ୍ଟମୀର ବାସି ଦିନ କରାଯିବା ଉତ୍ସବ— 2. A festivity observed on the next day of Janmāshṭamī.

ନନ୍ଦୋଦ୍ଭବ—ସ. ବି. (ନାମ)—ପ୍ରାଚୀନ ଉତ୍କଳର ରାଜବଂଶବିଶେଷ—
Nandodbhaba A dynasty of kings in ancient Utkaḷa.

ନନ୍ଦ୍ୟାବର୍ତ୍ତ—ସ. ବି—୧ । ଏକ ପ୍ରକାର ଗୋଲ ପକ୍କା ଘର, ଯହିଁର
Nandyābartta ପଶ୍ଚିମରେ ଦ୍ୱାର ନ ଥାଏ—1 A kind of round building having no door to the west.
୨ । ତଗର ଗଛ (ଦେଖ)—2. Tagara plant(See)

ନନ୍ଧା—ଦେ. ବି—୧ । ଘରଚାଳର କାଷ୍ଠ ଉପକରଣବିଶେଷ—
Nandhā 1. Name of a wooden material of a thatch.
୨ । ଘର ଚାଳରୁ ପାଣି ଗଡ଼ି ଆସି ବହିଯିବା ପାଇଁ ପ୍ରସ୍ତୁତ ନଳା;. ନୋଧା—2. An eaves-trough; an eaves-gutter.
୩ । ଶଗଡ଼ର ଝୁଙ୍ଗାକୁ ଯୁଆଳରେ ଦଉଡ଼ିଦ୍ୱାରା ବାନ୍ଧିବା କର୍ମ— 3. The act of tying the front end of the beam of a cart to the middle of the yoke.

ନନ୍ଧା ଯୋତ—ଦେ. ବି—ଶଗଡ଼ର ଝୁଙ୍ଗାକୁ ଯୁଆଳରେ ଉଚ୍ଚ କରି
Nandhā jota ବାନ୍ଧିବା ପାଇଁ ବ୍ୟବହୃତ ରଜ୍ଜୁବିଶେଷ—
(ନନ୍ଧାଦଉଡ଼(ଡ଼ା)—ଅନ୍ୟରୂପ) A piece of rope used in tying the beam of a cart to the centre of the yoke.

ନନ୍ଧିବା—ଦେ. କ୍ରି. (ସ. ନହ୍ ଧାତୁ=ବାନ୍ଧିବା) ଶଗଡ଼ର ଝୁଙ୍ଗାକୁ
Nandhibā ଯୁଆଳର ମଝିରେ ଦଉଡ଼ା ଦ୍ୱାରା ଉଚ୍ଚ କରି ବାନ୍ଧିବା— To tie the front end of the beam of a cart to the middle of the yoke.

ନପାହେବା—ଦେ. (ପ୍ରାଚୀନ ପଦ୍ୟ) କ୍ରି.—କାଠର ଖାପରେ ଲାଗି
Napāheba ହେବା—To be fitted into a cavity or mortise in wood work.

ଅଣ ପାଖେ ଅଣରେଣୀ ହୋଇଅଛି ନପା ।
ପ୍ରାଚୀ. ବୃନ୍ଦାବନରୂପଣ ଗୀତା ।

ନପୁଂସ—ଦେ. ବି. ଓ ବିଣ. (ସ. ନପୁଂସକ)—ନପୁଂସକ (ଦେଖ)
Napuṁsa Napuṁsaka (See)
[ନପୁ (ପୁଂ)ସ୍ତ୍ରୀ—ସ୍ତ୍ରୀ] ନପୁଂସ କଳ୍ପ କେବେ ଧରେ, ଏ ରୂପ କର୍ମ ଅନୁସାରେ ।
ଜଗନ୍ନାଥ. ଭାଗବତ ।

ନପୁଂସକ—ସ. ବିଣ. (ନ=ନୁହେ+ପୁମାନ=ପୁରୁଷ; ନିପାତନ)—
Napuṁsaka କିଂବା ନ ସ୍ତ୍ରୀ ନ ପୁମାନ୍=ନପୁଂସକ; ନିପାତନ-
୧ । ପୁରୁଷ ପ୍ରକୃତିକ ନାହିଁ ପୁରୁଷତ୍ୱହୀନ; ହେଙ୍ଗେଡ଼ା; ଅଣପୁରୁଷା—1. Eunoch; impotent.
(ନପୁଂସକତା, ନପୁଂସକତ୍ୱ—ବି) ୨ । ଯାହାଠାରେ ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ଚିହ୍ନ ଅଛି—2. Hermaphrodite.
୩ । କ୍ଳୀବ; ଯାହାର ମୁଷ୍କ ଛିନ୍ନ ହୋଇଅଛି—3. Having his penis cut off; gelded; emasculated.
୪ । (ବ୍ୟାକରଣ) ନପୁଂସକ ଲିଙ୍ଗବାଚକ (ଶବ୍ଦ)— (grammar) Neuter; of neuter gender.
୫ । ଭୀରୁ—5. Coward.
ସ. ବି.—୧ । ପୁରୁଷତ୍ୱହୀନ ବ୍ୟକ୍ତି— 1. A eunoch; an impotent man.
୨ । ମାଈ ନୁହେଁ କି ଅଣ୍ଡିରା ନୁହେଁ ଏପରି ବ୍ୟକ୍ତି— 2. A hermaphrodite.
୩ । (ବ୍ୟାକରଣ) ତୃତୀୟ ପ୍ରକୃତି;ଯାହା ସ୍ତ୍ରୀ ବା ପୁରୁଷ ନୁହେଁ; କ୍ଳୀବ ଲିଙ୍ଗ—3.(grammar) Neuter gender.
୪ । କ୍ଳୀବଲିଙ୍ଗ ବାଚକ ଶବ୍ଦ— 4. A word in the neuter gender.

ନପୁଂସକି—ଦେ. ବିଣ. (ସ. ନପୁଂସକ)—ନପୁଂସକ; ପୁରୁଷତ୍ୱହୀନ—
Napuṁsaki Eunoch; impotent.
ମୁଁ ସ୍ତ୍ରୀର ବଶ୍ୟ, ଅଭିଷେକା
ତୁ ପୁଣି ହୁଅ ନପୁଂସକ । ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

ନପୁଣ—ଦେ. ଅ. (ସ. ନ ଓ ପୁନଃ) (ଆଶଙ୍କା ଓ ବିତର୍କାର୍ଥ)—କେଜାଣି
Napuṇa ଅବା; କାଳେ; ଆଶଙ୍କା ହେଉଅଛି ଯେ—
কেজানে Lest; it is apprehended that.
क्या जाने ମନେ ଚିନ୍ତନ୍ତି ଦଶ୍ୱନାଥ,
ନପୁଣ ହୁଅଇ ଅନର୍ଥ—ଜଗନ୍ନାଥ. ଭାଗବତ ।

ନପ୍ତା—ସ. ବି. ପୁଂ. (ନ=ନୁହେଁ+ପତ୍ ଧାତୁ=ପତିତ ହେବା+
Naptā କରଣ. ତୃ; ନପ୍ତୃ ଶବ୍ଦ ୧ମା. ୧ବ)—ଯାହାଦ୍ୱାରା ବଂଶ
(ନପ୍ତ୍ରୀ—ସ୍ତ୍ରୀ) ପତିତ ହୁଏ ନାହିଁ; ତୁଳ. ଲାଟିନ ନପୋଟ)—
୧ । ପୌତ୍ର; ପୁଅର ପୁଅ; ନାତି—1. Son's son.
୨ । ଦୌହିତ୍ର; ଝିଅର ପୁଅ; ନାତି—2. Daughters son.

ନଫର—ବୈଦେ. ବି. (ଫା)—୧ । ଭୃତ୍ୟ; ଚାକର—
Naphara 1. A servant.
নফর **नफर**
୨ । ପାର୍ଶ୍ୱଚର; ଅନୁଚର—2. An attendant.

ନଫର ଚାକର—ବୈଦେ. ବି. (ଏକାର୍ଥକ ସହଚର) ଚାକର ଆଦି—
Naphara chākara Servants and attendats.
নফর চাকর **नौकर चाकर**
(ନଫର୍ ଚାକର—ଅନ୍ୟରୂପ)

ନଫରାଲି—ବୈଦେ. ବି. – ଭୃତ୍ୟର କର୍ମ; ଚାକିରି (ନଫେ)—
Napharāli Service of a servant.

ନଫା—ବୈଦେ. ବି. (ଫା. ନଫା)—୧ । ଲାଭ; ଲାଭ; ଆନୁଷଙ୍ଗିକ
Naphā ଖର୍ଚ୍ଚ ବାଦ ଆୟ—1. Profit; gain; net income.
नाफा नफा
ଜ ମାନସେ ଅବା, ସୁଛଲ ଏ ବସ୍ତୁ, କେଉଁ ନଫା ଉହୁଁ ପାଅ ।
ଭକ୍ତ- ଗୀତଲହରୀ ।
୨ । ସୁବିଧା – 2. Advantage; benefit.

ନଫୁରି—ବୈଦେ. ବି.—(ଫା. ନଫୀରୀ)—ତୂରୀ—
Naphuri Trumpet.
नफीरी ନଅ ଅବଗନ୍ତ ଉହୁଁ ନଫୁରି ବାଜଣା । ପ୍ରାଚୀ. ଦ୍ରୁମିଳଲୃପଗୀତା ।

ନବ—ସଂ. ବି. (ନୁ ଧାତୁ=ସ୍ତବ କରବା+ଭାବ. ଅ)—୧ । ସ୍ତବ;
Naba ସ୍ତୋତ୍ର—1 Prayer; hymn.
୨ । ପ୍ରଶଂସା—2. Praise
୩ । କାକ; କୁଆ—4. A crow (Apte).
୪ । ନାଲି ପୁରୁଣି ଶାଗ—4. A kind of red pot-herb; Procumbens Anderecta.
୫ । ଭିନର ଭିନ ଗୁଣ ସଂଖ୍ୟା—
5. The number nine.
(ନବା—ସ୍ତ୍ରୀ) ସଂ. ବିଣ.—୧ । (+କର୍ମ. ଅ)—ନୂତନ—
(ନବତା, ନବତ୍ୱ—ବି) 1. New.
୨ । ଅଳ୍ପଦିନ ହେଲା ଘଟିଥିଲା—2. Recent.
୩ । ତଟକା—3. Fresh.
୪ । ଯୁବକ—4. Young; youthful.
୫ । (ନବନ୍ ଶବ୍ଦ ୧ମା. ଏ.)—ନଅ; ୯—Nine; 9.
ଦେ. ବି.—୧ । (ସଂ. ଲବ)—ଲବ (ଦେଖ)
1. Laba (See)
୨ । ନବକିଶୋର, ନବକୁମାର ଆଦିଙ୍କ ଡାକ ନାମ—
2. A name for calling Nabakiśor and Nabakumār.

ନବକ—ସଂ. ବିଣ.—(ନବ+କ)—ନଅ ସଂଖ୍ୟକ—
Nabaka Consisting of nine (Apte).
ସଂ. ବି.— ନଅ ସଂଖ୍ୟାର ସମାହାର—
An aggregate of nine (Apte).

ନବକାରିକା—ସଂ. ବି. ସ୍ତ୍ରୀ. (କର୍ମଧା; ନବ=ନୂତନ+କାରିକା=କର୍ତ୍ତ୍ରୀ)—୧ । ନବୋଢ଼ା ସ୍ତ୍ରୀ—
Nabakārikā
1. Newly married girl.
୨ । ନୂତନ ବ୍ୟାଖ୍ୟାଯୁକ୍ତ ଶ୍ଳୋକ—
2. New explanatory verse.
୩ । ସ୍ତ୍ରୀ-ସଂସ୍କାରକ; ସଂସ୍କାରକାରିଣୀ ସ୍ତ୍ରୀ—3. A woman who renovates or reforms; a female reformer.
୪ । ନବରଜୋଦର୍ଶନ ନାରୀ—4. A woman in whom menstruation has newly commenced (Apte).

ନବକାଳିକା —ସଂ. ବିଣ. ସ୍ତ୍ରୀ. (ନବକାଳ+ଇକ+ସ୍ତ୍ରୀ. ଆ)—
Nabakālikā ନୂଆ; ନୂତନ—New.
ସଂ. ବି. (କର୍ମଧା; ନବ+କାଳିକା=ମେଘ)—
୧ । ନୂତନ ମେଘ—1. Newly formed cloud.
ଦେଖି ନବକାଳିକା କୋଳ । ମାତିବା ଅଳକାଳିକା ବାତ୍ର ମୂଳ ।
ଉପେ. ଲାବଣ୍ୟବତୀ ।
୨ । ନବକାର୍କା ୧-୪ (ଦେଖ)—
2. Nabakārka 1-4 (See)

ନବକିଶୋର—ସଂ. ବି. (ନବ+କିଶୋର)—ଯୁବକ ଶ୍ରୀକୃଷ୍ଣଙ୍କ ନାମ—
Nabakiśora A name of Śrikrushṇa in his boyhood.
ଦେ. ବି—ପୁରୁଷଙ୍କ ବ୍ୟବହୃତ ନାମ—
A name given to males.

ନବକୁମାର—ସଂ. ବି. ପୁଂ. (କର୍ମଧା; ନବ+କୁମାର)—
Nabakumāra ନୂଆପୁଅ; ଶିଶୁପୁତ୍ର—
(ନବକୁମାରୀ—ସ୍ତ୍ରୀ) Infant-son; male child.
ଦେ. ବି—ଲୋକଙ୍କ ନାମ—Name given to males.

ନବକୁମାରୀ—ସଂ. ବି—ଦୁର୍ଗାପୂଜାର ନବରାତ୍ରରେ ପୂଜନୀୟା ନଅଟି କୁମାରୀ,
Nabakumari ଯାହାଙ୍କଠାରେ ଯଥାକ୍ରମେ ଦୁର୍ଗାଙ୍କର ନଅଟି ମୂର୍ତ୍ତିଙ୍କର କଳ୍ପନା କରଯାଏ—(ଯଥା— କୁମାରିକା, ତ୍ରିମୂର୍ତ୍ତି, କଲ୍ୟାଣୀ, ରୋହିଣୀ, କାଳୀ, ଚଣ୍ଡିକା, ଶାଂଭବୀ, ଦୁର୍ଗା ଓ ସୁଭଦ୍ରା)—Nine maidens worshipped as nine forms of Durgā during nine successive nights of the Durgāpūjā.

ନବଖଣ୍ଡ—ସଂ. ବି—ପୌରାଣିକ ଭୂଗୋଳ ଅନୁସାରେ ମେଦିନୀ ବା
Nabakhaṇḍa ପୃଥିବୀର ୯ଟି ବିଭାଗ—(ଯଥା—ଭାରତଖଣ୍ଡ, ଇଳାବୃତ, କିଂପୁରୁଷ, ଭଦ୍ର, କେତୁମାଲ, ହରି, ହିରଣ୍ୟ, ରମ୍ୟ ଓ କୁଶ)—The nine parts of the globe according to the Hindu mythology.

ନବଗୁଞ୍ଜର—ଦେ. ବି—ନଅଗୋଟି ପଶୁପକ୍ଷୀଙ୍କର ଭିନ୍ନ ଭିନ୍ନ ଅଙ୍ଗବିଶିଷ୍ଟ
Nabaguñjara କାଳ୍ପନିକ ପଶୁବିଶେଷ—An imaginary animal having the different limbs of 9 animals.
ପ୍ରାଦେ. (ସମ୍ବଲପୁର) ବି—ମହାବଳ ବାଘ—
Royal Bengal tiger.

ନବଗୁଣ—ସଂ. ବି. (ନବ+ଗୁଣ)—୧ । ନଅଗୁଣ—
Nabaguṇa 1. Nine times as much.
୨ । ନଅ ସୂତା—2. Nine strings.
୩ । ମୃତପିତୃକ ବ୍ରାହ୍ମଣର ପଇତା—3. The sacred thread of a Brahmin whose father is dead.
[ଦ୍ର—ବାପ ମରଯାଇ ଥିବା ବ୍ରାହ୍ମଣର ୯ ସୂତା ପଇତା ପିନ୍ଧିବା ବିଧାନ ଶାସ୍ତ୍ରସଙ୍ଗତ; ଏଥିମଧ୍ୟରୁ ୬ ଟିଅ ଯଜ୍ଞୋପବୀତ ଓ ୩ ସୂତା ଉତ୍ତରୀୟ ।]

ନବଗ୍ରହ—ସ. ବି. (କର୍ମଧା; ନବ+ଗ୍ରହ)—(ଜ୍ୟୋତିଷ) ୯ ଗୋଟି
Nabagraha ପ୍ରସିଦ୍ଧ ଜ୍ୟୋତିଷ—(ଯଥା—ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ ଓ କେତୁ)—
The 9 planets of Hindu astrology- (viz The Sun, the Moon, Mars, Mercury, Jupiter, Venus, Saturn, the Dragon's head or ascending node; and the Dragon's tail or the descending node).

ନବଘନ—ସ. ବି. (କର୍ମଧା; ନବ+ଘନ)—ନବୋଦିତ ମେଘ; ନୂଆ
Nabaghana ମେଘ—Newly risen clouds.
ଦେ. ବି. ପୁଂ—ଲୋକଙ୍କ ନାମ—
Name given to males.

ନବଘନ ବର୍ଣ୍ଣ—ସ. ବି. (କର୍ମଧା ଓ ୬ଷ୍ଠୀ ତତ୍; ନବଘନ+ବର୍ଣ୍ଣ)—
Nabaghana barnna ନବୋଦିତ ମେଘର ବର୍ଣ୍ଣ ପରି କୃଷ୍ଣବର୍ଣ୍ଣ—
Black colour like that of newly risen clouds.
ସ. ବିଣ. (ବହୁବ୍ରୀହି)—ନବୋଦିତ ମେଘ ପରି କଳା—
Black as newly risen cloud.

ନବଘନ ଶ୍ୟାମ—ସ. ବିଣ. (କର୍ମଧା ଓ ଉ. କ. ଧା; ନବଘନ+ଶ୍ୟାମ
Nabaghana syāma =ଶ୍ୟାମଳ)—ନୂଆ ମେଘ ପରି ଶ୍ୟାମଳ ବର୍ଣ୍ଣ—As black or blue as newly risen clouds.
ସ. ବି—ଶ୍ରୀକୃଷ୍ଣଙ୍କ ନାମ—Name of Srikrushna.

ନବଙ୍ଗ—ଗ୍ରା. ବି—ଲବଙ୍ଗ (ଦେଖ)
Nabanga Labanga (See)

ନବଚତ୍ୱାରିଂଶ—ସ. ବିଣ—ଅଣଚାଶର ପୂରକ—
Nabachatwārimsa Forty-ninth.

ନବଚତ୍ୱାରିଂଶତ୍—ସ. ବି ଓ ବିଣ ମ. ପ. ଲୋ. କ. ଧା. ନବ ଅଧିକ
Nabachatwārimsat ଚତ୍ୱାରିଂଶତ୍ (ସଂଖ୍ୟାବାଚକ)—ଅଣଚାଶ; ଊନପଞ୍ଚାଶତ୍; ୪୯—49; Forty-nine.

ନବଚ୍ଛିଦ୍ର—ସ. ବି (କର୍ମଧା; ନବ+ଛିଦ୍ର)—ନବଦ୍ୱାର (ଦେଖ)
Nabachchhidra Nabadwāra (See)

ନବଜ—ବୈଦେ. ବି—୧ । (ଆ. ନବ୍‌ଜ୍) ନାଡ଼ି—1. Pulse.
Nabaja (ନବ୍ଜ—ଅନ୍ୟରୂପ)
नबज; नवज ୨ । ଲବଜ (ଦେଖ) —2. Labaja (See)

ନବଜାତ—ସ. ବିଣ. (କର୍ମଧା; ନବ+ଜାତ)—ନୂତନଜାତ; କଅଁଳା;
Nabajāta ଅଳ୍ପକାଳ ହେଲା ଜାତ (ସନ୍ତାନ)—Newly born (ନବଜାତା—ସ୍ତ୍ରୀ) (babe).

ନବ ଜ୍ୱର—ସ. ବି (କର୍ମଧା; ନବ+ଜ୍ୱର) (ବୈଦ୍ୟକ)—ଯେଉଁ ଜ୍ୱର
Naba jwara ଅଳ୍ପଦିନ ହେଲା ରୋଗୀକୁ ଆକ୍ରମଣ କରିଥାଏ; ତରୁଣ ଜ୍ୱର—New fever.

ନବତ୍—ବୈଦେ. ବି (ଆ. ନଓବତ୍)—ନଉବତ୍ (ଦେଖ)
Nabat; नवत् Naubat (See)

ନବତ—ସ. ବିଣ (ନବତି+ପୂରଣାର୍ଥେ ଅ)—ନବତିତମ (ଦେଖ)
Nabata Nabatitama (See)

ସ. ବି—୧ । ହାତୀ ଉପରେ ପଡ଼ିବା ଚିତ୍ରିତ ଆସ୍ତରଣ—
1. An elephant's painted housings (Apte).
୨ । କମ୍ବଳ; ଊର୍ଣ୍ଣାବସ୍ତ୍ର—
2. Blanket; woolen cloth (Apte).
୩ । ଘୋଡ଼ିହେବା ଚାଦର; ଘୋଡ଼ଣୀ—
3. A cover; wrapper (generally) (Apte.).

ନବତନ—ଦେ. ବି (ସ. ନବତନୁ)—ଯୁବତୀ (ସ୍ତ୍ରୀ)—
Nabatana Young (woman).
नवतन ନୂଆ ନବତନ ଗୋରୀ, ନୂଆ କରୁ ଯେଉଁ ବଚନ କହୁଛ।
ଅବନା ଅକ୍ଷର ଗୁରୁ—ପ୍ରହେଳିକା।
ଦେ. ବିଣ (ସ. ନୂତନ)—ନୂଆ—New.
ନବତନ କଶୋର-ବୟସ ଶ୍ରୀରାମ
ତଦ ଦେଖି ମୂର୍ଚ୍ଛିତ ହୁଅଇ କାମ—ବିଶ୍ୱନାଥ, ବିଚିତ୍ରରାମାୟଣ।

ନବ ତରୁଣ—ସ. ବି. ପୁଂ (କର୍ମଧା; ନବ+ତରୁଣ)—ନବଯୁବା—
Naba taruṇa A person in the prime of youth.
(ନବତରୁଣୀ—ସ୍ତ୍ରୀ)

ନବତା(ତ୍ୱ)—ସ. ବି [ନବ+ଭାବାର୍ଥରେ ତା (ତ୍ୱ)]—ନୂତନତ୍ୱ—
Nabatā(twa) Newness; freshness; novelty.

ନବତି—ସ. ବି ଓ ବିଣ (ନବ+ସଙ୍ଖ୍ୟାର୍ଥେରେ ତି; କିଂବା ନବନ୍+ଅତି)—ଦଶ ସଂଖ୍ୟାର ନଅଗୁଣ ନବେ; ନବେ; ୯୦—
Nabati Ninety; 90.

ନବତିକା—ସ. ବି. ସ୍ତ୍ରୀ—୧ । (ନବ+ତିକ୍ ଧାତୁ=ଗମନ କରିବା+
Nabatikā କର୍ତ୍ତୃ. ଅ+ସ୍ତ୍ରୀ. ଆ) ତୂଳିକା; ତୂଳୀ—
1. Painter's brush;
୨ । (ନବତି+କ+ଆ) ନବତି (ଦେଖ)
2. Nabati (See)

ନବତିତମ—ସଂ. ବିଣ (ନବତି+ପୂରଣାର୍ଥରେ ତମ)—୯୦ର ପୂରକ;
Nabatitama ନବେ ସ୍ଥାନସ୍ଥ—Ninetieth.

ନବତିଧା—ସଂ. କ୍ରି. ବିଣ (ନବତି+ଧା)—୧ । ନବେ ପ୍ରକାର—
Nabatidhā 1. 90 kinds.
୨ । ନବେ ଗୁଣ—2. Ninety-fold.

ନବଦଣ୍ଡ—ସଂ. ବି (ବହୁବ୍ରୀହି; ନବ+ଦଣ୍ଡ; ଏଥିରେ ନଅଟି କାଠି
Nabadaṇḍa ଥିବାରୁ)—ରାଜଛତ୍ର ବିଶେଷ—A royal umbrella; the umbrella held over the head of a king.

ନବଦମ୍ପତି—ସ. ବି (ସମ୍ପ୍ରତି ବିବାହିତ ହୋଇଥିବା)—ନବ ବିବାହିତ ବର
Naba dampati କନ୍ୟା—Newly married couple.

ନବ ଦଳ—ସ. ବି (କର୍ମଧା; ନବ+ଦଳ=ପତ୍ର)—୧ । ନୂତନ ପତ୍ର;
Naba daḷa କଅଁଳ ପତ୍ର—1. Tender or new leaf; young leaf.
୨ । ନୂଆ ପଦ୍ମପତ୍ର—2. New lotus-leaf.
୩ । ପଦ୍ମକେଶର ସମୀପସ୍ଥ ପାଖୁଡ଼ା—
3. A petal of a lotus near its pollen.

ନବଦୀଧିତି—ସଂ. ବି (ନବ=୯+ଦୀଧିତି=କିରଣ)—ମଙ୍ଗଳଗ୍ରହ—
Nabadidhiti The planet Mars.

ନବ ଦୁରୁଗା—ଗ୍ରା. ବି. ସ୍ତ୍ରୀ (ସଂ. ନବଦୁର୍ଗା)—ଛଇଳୀ ସ୍ତ୍ରୀ—
Naba durugā A frolicsome or gay woman.

ନବଦୁର୍ଗା—ସଂ. ବି. ସ୍ତ୍ରୀ—ଦୁର୍ଗାଙ୍କର ପୁରାଣୋକ୍ତ ନଅଗୋଟି ରୂପ (ଯଥା—
Nabadurgā ପାର୍ବତୀ ବା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦା ବା ସିଦ୍ଧିଦାତ୍ରୀ)—The nine incarnations or forms of Durgā.

[ଦ୍ର—ମାର୍କଣ୍ଡେୟ-ପୁରାଣାନ୍ତର୍ଗତ ଦେବୀକବଚାନ୍ତର୍ଗତ ଦେବୀ କବଚ ଦ୍ରଷ୍ଟବ୍ୟ ।]

ଦେ. ବି—ନବଦୁରୁଗା (ଦେଖ)—Nabadurugā (See)

ନବଦ୍ୱାର—ସଂ. ବି—ଶରୀରର ନଅଗୋଟି ଦ୍ୱାର ବା ବାଟ (ଯଥା—
Nabadwāra ୨ ଚକ୍ଷୁ, ୨ କର୍ଣ୍ଣ, ୨ ନାସା, ୧ ମୁଖ, ୧ ପାୟୁ ଓ ୧ ଉପସ୍ଥ) —The 9 vents or holes or outlets of the body.

ସଂ. ବିଣ (ବହୁବ୍ରୀହି)—୧ । ନଅଗୋଟି ଦ୍ୱାରବିଶିଷ୍ଟ—
1. Having nine doors or vents.
୨ । ନଅଟି ଫୋଡ଼ ବା ଛିଦ୍ର ଥିବା—
2. Having nine holes.

ନବଦ୍ୱାରପୁର—ଦେ. ବି (କର୍ମଧା; ନବଦ୍ୱାର+ପୁର)—ଶରୀର; ଦେହ—
Nabadwārapura The body.

ନବଦ୍ୱୀପ—ଦେ. ବି—୧ । (ନାମ) ବଙ୍ଗର ପ୍ରାଚୀନ ରାଜଧାନୀ; ନଦିଆ—
Nabadwipa 1. Nuddea (in Bengal)
নবদ্বীপ [ଦ୍ର—ଏହା ଗଙ୍ଗାନଦୀର ପଶ୍ଚିମ ଭାଗରେ ଅବସ୍ଥିତ ।
নদীয়া ଅନ୍ତର୍ଦ୍ୱୀପ, ସୀମନ୍ତଦ୍ୱୀପ, (ଆଧୁନିକ ସିମୁଲିଆ) ଓ ଗୋଦ୍ରୁମ ଦ୍ୱୀପ (ଗାଦିଗାଛା) ପ୍ରଭୃତି ନଅଗୋଟି ଦ୍ୱୀପ ନେଇ ଏହା ଗଠିତ ହୋଇଥିଲା । ଶ୍ରୀବୃନ୍ଦାବନ ସଦୃଶ ନବଦ୍ୱୀପ ପଦ୍ମପୁଷ୍ପାକୃତି । ଏହାର ମଧ୍ୟସ୍ଥିତ ଅନ୍ତର୍ଦ୍ୱୀପ ପୁଷ୍ପର କେଶର; ଚତୁଃପାର୍ଶ୍ୱସ୍ଥ ଅଷ୍ଟଦ୍ୱୀପ ଅଷ୍ଟ ଦଳ । ଅନ୍ତର୍ଦ୍ୱୀପ ଶ୍ରୀ ଚୈତନ୍ୟମହାପ୍ରଭୁଙ୍କ ଜନ୍ମଭୂମି ଓ ଅପର ଅଷ୍ଟଦ୍ୱୀପ ତାହାଙ୍କର ଲୀଳାଭୂମି । ଏହା ହିନ୍ଦୁର ଗୋଟିଏ ପବିତ୍ର କ୍ଷେତ୍ର—ମଦନମୋହନ ତୀର୍ଥଦର୍ଶନ ଜନ୍ୟ । ବହୁକାଳ ହେଲା ଏହା ସଂସ୍କୃତ ନ୍ୟାୟଶାସ୍ତ୍ରର ଗୋଟିଏ ପ୍ରଧାନ ବିଦ୍ୟାପୀଠରୂପେ ଗଣ୍ୟ ।]

୨ । ଭ୍ରୂମଧ୍ୟବର୍ତ୍ତୀ ସ୍ଥାନ ପର୍ଯ୍ୟନ୍ତ ବିସ୍ତୃତ ନବଦ୍ୱାରଯୁକ୍ତ ଶରୀର ସ୍ଥାନ— 2. The human body.

ସେ ସେ କାରୁଣ୍ୟ ମହାଗର, ନବଦ୍ୱୀପରେ ନାହିଁ ପାର—ଭୂପତି. ପ୍ରେମପଞ୍ଚାମୃତ ।

ସଂ. ବି—ନବଖଣ୍ଡ (ଦେଖ)—Nabakhanda (See)

ନବଦ୍ୱୀପା ମହୀ—ଦେ. ବି. ସ୍ତ୍ରୀ—ଶରୀର; ଦେହ—
Nabadwipā mahi The body.
(ନବଦ୍ୱୀପା ମେଦିନୀ—ଅନ୍ୟରୂପ) ଭ୍ରମିଲେ ନବଦ୍ୱୀପା ମହୀ—
ପ୍ରାଚୀ. ଲବ୍ଧମୋହାସ୍ତ୍ର ।

ସଂ. ବି. ସ୍ତ୍ରୀ—ନବଖଣ୍ଡବିଶିଷ୍ଟ ପୃଥିବୀ—The earth which consists of 9 islands according to the Hindu mythologies.

ନବଦ୍ୟ—ସଂ. ବିଣ (ନ+ବଦ୍ ଧାତୁ=କହିବା+କର୍ମ. ଯ)—
Nabadya ଅକଥନୀୟ; ଅବାଚ୍ୟ—Unspeakable.
ନବଦ୍ୟ ଚାପ ଲଭନ୍ତି ନୃଦେ-କୁମାରୀ—ଉପେ. ଲାବଣ୍ୟବତୀ ।

ନବଧ—ଗ୍ରା. ବି (ସଂ. ଲବ୍ଧ)—ଲବ୍ଧ (ଦେଖ)
Nabadha Labdha (See)

ନବଧା—ସଂ. ବିଣ ଓ କ୍ରି. ବିଣ (ନବ+ପ୍ରକାରାର୍ଥରେ ଧା)—
Nabadhā ୧ । ନଅପ୍ରକାରର—1. Of nine kinds.
୨ । ନଅ ଥର; ୯ ବାର—2. Nine times.
୩ । ନଅ ଦିଗରେ—
3. In nine ways or directions.
୪ । ନଅଗୁଣ—4. Nine-fold

ନବଧା ଅଙ୍ଗ—ସ. ବି.—ଦେହର ନଅ ଗୋଟି ଅଙ୍ଗ (ଯଥା—ଦୁଇ
Nabadhā anga ଆଖି, ଦୁଇ କାନ, ଦୁଇ ହାତ, ଦୁଇ ଗୋଡ଼ ଓ ଏକ ନାକ) (ହି. ଶ)—The nine limbs of the body.

ନବ ଧାତୁ—ସଂ. ବି. (କର୍ମଧା; ନବ+ଧାତୁ)—ନଅଗୋଟି ଧାତୁଦ୍ରବ୍ୟ—
Naba dhātu (ଯଥା—ସୁନା, ରୁପା, ତମ୍ବା, ରଙ୍ଗ, ଲୌହ, ସୀସା, କଂସା, ଦସ୍ତା ଓ ପାରଦ)—Nine principal metals.

ନବଧା ଭକ୍ତି—ସଂ. ବି. (ନବଧା+ଭକ୍ତି)—ପ୍ରେମ ବା ଭକ୍ତିର ନଅଗୋଟି
Nabadhā bhakti ଅଙ୍ଗ (ଯଥା—ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବନ, ଅର୍ଚ୍ଚନା ବା ପୂଜା, ବନ୍ଦନା ବା ସ୍ତବ, ପରିଚର୍ଯ୍ୟା, ସଖ୍ୟ ବା ସଖାଭାବରେ ସମ୍ଭାଷଣ ଓ ଦାସ୍ୟ ବା ଦାସରୂପେ ଆତ୍ମସମର୍ପଣ)—The 9 steps of devotion.

ନବ ନଟ—ସ. ବି. (କର୍ମଧା; ନବ+ନଟ)—୧ । ନୂଆ ନାଟୁଆ—
Naba nata 1. A new dancer.
୨ । ଶ୍ରୀକୃଷ୍ଣ—2. Srikrushna.
ଶୁଣି ରସିଲେ ହସି ନବନଟ, ଅନ୍ୟ ସଙ୍ଗେ ମୋର ହୃଦ ତମଟ ।
କବିସୂର୍ଯ୍ୟ. ସଙ୍ଗୀତ ।

ନବ ନବତି—ସ. ବି. ଓ ବିଣ (ସଂଖ୍ୟାବାଚକ) (ନବ ଅଧିକ ନବତି; ମ.
Naba nabati ପ. ଲୋ. କର୍ମଧା; ନବ+ନବତି)—
—ଏକଶତରୁ ଏକ ସଂଖ୍ୟା ଊଣା; ଅନେଶତ—
99; ninetynine.

ନବନିଧି—ସ. ବି.—ନଅ ପ୍ରକାର ରତ୍ନ; କୁବେରଙ୍କ ନିକଟରେ ଥିବା
Naba nidhi ୯ ପ୍ରକାର ରତ୍ନ (ଯଥା—ମୋତି ବା ମୁକ୍ତା, ମାଣିକ, ବୈଦୁର୍ଯ୍ୟ, ଗୋମେଦ, ବଜ୍ର ବା ହୀରକ, ବିଦ୍ରୁମ ବା ପ୍ରବାଳ; ପଦ୍ମରାଗ, ମରକତ ଓ ନୀଳକାନ୍ତ)—The nine gems said to be in possession of Kubera, the God of wealth.
ନଗରେ କୁବେର ନବନିଧି ଯେଣ ଟାବେ ଟାବେ ଅଛି ରହି ସେ ।
ଉପେ. ବୈଦେହୀଶବିଳାସ ।

[ଦ୍ର—ପୁରାଣ ମତରେ ଏ ନଅ ପ୍ରକାର ନିଧି ପ୍ରତ୍ୟେକେ ଗୋଟିଏ ଗୋଟିଏ ଗ୍ରହଙ୍କ ପ୍ରିୟ ନିଧି ଅଟେ ଓ ତାହା ସେହି ସେହି ଗ୍ରହଙ୍କ

ଦୋଷଶାନ୍ତି ପାଇଁ ଦାନ କରଯାଏ ବା ଶରୀରରେ ଧାରଣ କରଯାଏ । ମୋତି ବା ମୁକ୍ତା—ବୃହସ୍ପତିଙ୍କର, ମାଣିକ୍ୟ—ରବିଙ୍କର, ବୈଦୂର୍ଯ୍ୟ—କେତୁଙ୍କର, ଗୋମେଦ—ରାହୁଙ୍କର, ହୀରକ ବା ବଜ୍ର—ଶୁକ୍ରଙ୍କର, ବିଦ୍ରୁମ ବା ପ୍ରବାଳ—ମଙ୍ଗଳଙ୍କର, ପଦ୍ମରାଗ ବା ପୁଷ୍ପରାଗ—ଚନ୍ଦ୍ରଙ୍କର, ମରକତ ବା ପାଚ୍ଚ—ବୁଧଙ୍କର, ନୀଳକାନ୍ତ ବା ଇନ୍ଦ୍ରନୀଳ—ଶନିଙ୍କର, କନ୍ତୁ ହ୍. ଶବ୍ଦସାଗର ନବ ରତ୍ନ ତଳେ କୋଠରେ ଲେଖିଅଛନ୍ତି ଯେ ସୂର୍ଯ୍ୟଙ୍କ ଦୋଷଶାନ୍ତି ପାଇଁ ଲହସୁନିଆ (ବୈଦୂର୍ଯ୍ୟ) ଚନ୍ଦ୍ରମାଙ୍କ ପାଇଁ ନୀଲାମ (ନୀଳକାନ୍ତ), ମଙ୍ଗଳଙ୍କ ପାଇଁ ମାଣିକ (ମାଣିକ୍ୟ), ବୁଧଙ୍କ ପାଇଁ ପୁଖରାଜ (ପଦ୍ମରାଗ), ବୃହସ୍ପତିଙ୍କ ପାଇଁ ମୋତିକାନ୍ତ, ଶୁକ୍ରଙ୍କ ପାଇଁ ହୀର (ହୀରକ), ଶନିଙ୍କ ପାଇଁ ନୀଲମ୍ (ନୀଲ), ରାହୁଙ୍କ ପାଇଁ ଗୋମେଦ ଓ କେତୁଙ୍କ ପାଇଁ ପନ୍ନା (ମରକତ) ।

ନବଣିଶି—ଦେ. ବିଣ. (ସଂ. ନବନିଶିତ)—୧ । ନୂଆ ହୋଇ ଶାଣ ଦିଆ
Naba nisi ଯାଇ ଥିବା—1. Recently sharpened.
୨ । ସୁତୀକ୍ଷ୍ଣ—2. Very sharp.
ନବନିଶି ଖଡ୍ଗମାନ ଝଲକାନ୍ତି କରେ—ଶାରଳା ମହାଭାରତ. ବନପ ।

ନବ ନିଶିତ—ସଂ. ବିଣ. (ନବ+ନି+ଶୋ ଧାତୁ=ତୀକ୍ଷ୍ଣ କରିବା+କର୍ମ.
Naba nisita ତ)—ନୂଆ ହୋଇ ଶାଣ ଦିଆଯାଇ ଥିବା—
Recently sharpened.

ନବନୀ—ସଂ. ବି. ସ୍ତ୍ରୀ (ନବ+ନୀ ଧାତୁ+କର୍ମ. କ୍ୱିପ୍)—ନବନୀତ (ଦେଖ)
Nabani Nabanita (See)

ନବନୀତ—ସଂ. ବି. କ୍ଲୀ. (ନବ+ନୀ ଧାତୁ=ନେବା+କର୍ମ. ତ)—
Nabanita (ଦହିରୁ ବା ଦୁଧରୁ ଯାହାକୁ କଢ଼ାଯାଏ)—ମାଖନ; ନହୁଣୀ; ଲହୁଣୀ—Butter.

ନବନୀତକ—ସଂ. ବି.—(ନବନୀତ+ସଜାତ ଅର୍ଥରେ କ)—ଘିଅ; ଘିଅ—
Nabanitaka 1. Clarified butter; ghee.
୨ । (ସ୍ୱାର୍ଥେ. କ)—ନହୁଣୀ—2. Butter.

ନବପତ୍ରିକା—ସଂ. ବି. (ନବ=୯+ପତ୍ର+କ+ସ୍ତ୍ରୀ. ଆ)—
Naba patrikā ୧ । ଆଶ୍ୱିନ ଓ ଚୈତ୍ର ମାସରେ ଶୁକ୍ଳ ୭ମୀ ଠାରୁ ନବମୀ ପର୍ଯ୍ୟନ୍ତ ଦିବସତ୍ରୟବ୍ୟାପୀ ନଅ ଜାତୀୟ ପତ୍ରନିର୍ମିତ ଦୁର୍ଗାମୂର୍ତ୍ତିଙ୍କର ପୂଜା—1. The worship of Goddess Durgā for 3 days in the months of Āswina and chaitra.

[ଦ୍ର—ଏହି ପୂଜା ଆଶ୍ୱିନ ଓ ଚୈତ୍ର ଶୁକ୍ଳ ସପ୍ତମୀଠାରୁ ଆରମ୍ଭ ହୁଏ ଓ ନବମୀ ଦିନ ଶେଷ ହୁଏ । କଦଳୀ, ସାରୁ, ହଳଦୀ, ଅଶୋକ, ଡାଳିମ୍ବ, ବେଲ, ଜୟନ୍ତୀ, ମାଣସାରୁ ଓ ଧାନ ଏହି ନଅ ଜାତି ପତ୍ରଦ୍ୱାରା ଦୁର୍ଗାଙ୍କର କୌଣସିଏ ମୂର୍ତ୍ତି ଗଠନ କରି ପୂଜା କରିବାର ବିଧି ଥିବାରୁ 'ନବପତ୍ରିକା' ଏହି ନାମ ହୋଇଅଛି ।]

୨ । ଉପର୍ଯ୍ୟୁକ୍ତ ନଅଟି ପତ୍ରରେ ନିର୍ମିତ ଦୁର୍ଗାଙ୍କର ମୂର୍ତ୍ତି—
2. The image of Goddess Durgā made of nine kinds of leaves of particular trees and plants.

୩ । ଦୁର୍ଗାଙ୍କର ଆଶ୍ୱିନ ଓ ଚୈତ୍ର ଶୁକ୍ଳ-ପ୍ରତିପଦଠାରୁ ନବମୀ ପର୍ଯ୍ୟନ୍ତ ବିହିତ ନବରାତ୍ର-ପୂଜା—3. The worship of goddess Durgā for 9 nights in the month of Āswinaand chaitra.

ନବପଲ୍ଲବ—ସଂ. ବି (କର୍ମଧା; ନବ+ପଲ୍ଲବ)—୧ । କଅଁଳସ୍ତୁ; ଗଛରେ
Naba pallaba ଜନ୍ମିବା ନୂଆ କୋମଳ ପତ୍ର—1. New tender leaf.
୨ । ଗଜା; ଅଙ୍କୁର—2. A new shoot.

ନବ ପ୍ରସୂତ—ସଂ. ବିଣ. ପୁଂ—ନବଜାତ (ଦେଖ)
Naba prasūta Nabajāta (See)
(ନବପ୍ରସୂତା—ସ୍ତ୍ରୀ)

ନବପ୍ରସୂତା (ତି)—ସଂ. ବିଣ. ସ୍ତ୍ରୀ—ନବପ୍ରସୂତର ସ୍ତ୍ରୀଲିଙ୍ଗ—
Nabaprasūtā (ti) Feminine of Nabaprasūta.
ସଂ. ବି. ସ୍ତ୍ରୀ—୧ । ଯେଉଁ ସ୍ତ୍ରୀ କୌଣସିଏ ମାତ୍ର ସନ୍ତାନ ପ୍ରସବ କରିଅଛି—1. A woman who has had her
(ନବପ୍ରସୂତିକା—ଅନ୍ୟରୂପ) first delivery.
୨ । ଯେଉଁ ସ୍ତ୍ରୀ ଅତି ଅଳ୍ପକାଳ ହେଲା ସନ୍ତାନ ପ୍ରସବ କରିଅଛି; ପୋଇଁଲା ସ୍ତ୍ରୀ—2. A woman recently delivered.

[ଦ୍ର—'ନବ' ଉପପଦ ନ ଲଗିଲେ ମଧ୍ୟ ପ୍ରସୂତା, ପ୍ରସୂତି ଓ ପ୍ରସୂତିକାର ଅର୍ଥ ଯେଉଁ ସ୍ତ୍ରୀ ଅଳ୍ପଦିନ ହେଲା ପ୍ରସବ କରିଅଛି ।],

ନବପ୍ରାଶନ—ସଂ.ବି (ନବ+ପ୍ର+ଅଶ୍ ଧାତୁ=ଖାଇବା+ଭାବ. ଅନ)—
Nabaprāsana ୧ । ଶିଶୁର ଅନ୍ନପ୍ରାଶନ ବା ପ୍ରଥମ ଅନ୍ନଭୋଜନ ଉତ୍ସବ—1. A festival held on an infant's first feeding of boiled rice.
୨ । ନବାନ୍ନଭୋଜନ; ନୂଆଖିଆ—2. The eating of the year's new rice for the first time.

ନବଫଳିକା—ସଂ. ବି. ସ୍ତ୍ରୀ (ନବ+ଫଳ୍ ଧାତୁ+କ+ସ୍ତ୍ରୀ. ଆ)—
Nabaphalikā ୧ । ନବୋଢ଼ା; ନବବିବାହିତା କନ୍ୟା—
1. Newly married girl.
୨ । ପ୍ରଥମେ ରଜସ୍ୱଳା ହୋଇଥିବା ବାଳିକା—
2. Newly menstruated girl.

ନବବଧୂ—ସଂ. ବି. ସ୍ତ୍ରୀ (କର୍ମଧା; ନବ+ବଧୂ)—୧ । ନବୋଢ଼ା ବାଳିକା;
Nababadhū ନବବିବାହିତା କନ୍ୟା—1. Newly married
(ନବବାଳିକା—ଅନ୍ୟରୂପ) girl.
୨ । ନୂଆବୋହୂ; ନୂଆଶୁଣୀ—2. A daughter-in law newly come to a family.

ନବବଧୂ ଯାତ୍ରା—ସଂ. ବି (୬ଷ୍ଠୀ ତତ୍; ନବବଧୂ+ଯାତ୍ରା)—ନୂଆ
Nababadhū jātrā ବୋହୂର ସର୍ବପ୍ରଥମେ ଶ୍ୱଶୁରଘରକୁ ଯିବା;
(ନବବଧୂଗମନ—ଅନ୍ୟରୂପ) ପହିଲି ପାଳ ଯିବା—
The starting of the bride for the first time to her husband's house (on an auspicious day).

[ଦ୍ର—ଏଥିପାଇଁ ଜ୍ୟୋତିଷ ଗଣନା ମତେ ଶୁଭଦିନ ସ୍ଥିର କରାଯାଏ ।]

ନବବୟସୀ—ଦେ. ବି. ଓ ବିଣ. ସ୍ତ୍ରୀ—ନବ ବାଳା; ନବୀନ ଯୁବତୀ—
Nababayasī — A very young lady; a girl in the prime of her youth.
ନବଯୁବତୀ

ଭାବେ ନବବୟସୀ ବୟସୀ ପାଶେ ବସି, ବଶୀଭୂତ ଦର୍ପକେ ଅଶେ ।
ଭକ୍ତ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ନବବରିକା—ସଂ. ବିଣ. ସ୍ତ୍ରୀ (ନବ+ବର+କ+ସ୍ତ୍ରୀ. ଅ)—
Naba barikā — ନବୋଢ଼ା (ଦେଖ—Nabor̤hā (See)

ନବବର୍ଷ—ସଂ. ବି. (କର୍ମଧା; ନବ+ବର୍ଷ)—୧ । ଅଳ୍ପକାଳ ହେଲା
Naba barsha — ଆରମ୍ଭ ହୋଇଥିବା ବର୍ଷ; ନୂତନ ବତ୍ସର—
1. The new year.
୨ । ଚଳିତ ସନ; ହାଲ ସନ—2. Current year.
୩ । ନବଖଣ୍ଡ (ଦେଖ)—3. Nabakhaṇḍa (See)
୪ । ନୂତନ ବୃଷ୍ଟି; ବର୍ଷା ଋତୁର ଆରମ୍ଭରେ ପ୍ରଥମ ବୃଷ୍ଟି—
4. The first shower of the rainy season.

ନବବର୍ଷାରମ୍ଭ—ସଂ. ବି. (ଷଷ୍ଠୀ ତତ୍; ନବବର୍ଷ+ଆରମ୍ଭ)—ନୂଆ
Naba barshārambha — ସନର ଆଦ୍ୟ; ସନ୍ଧିଅ—The New year's day; the 1st day of the new year.
[ଦ୍ର—ଭିନ୍ନ ଭିନ୍ନ ଦେଶରେ ବର୍ଷ ଗଣନା ଭିନ୍ନ ଭିନ୍ନ ହେଉଥିବାରୁ ନବବର୍ଷାରମ୍ଭ ଦିବସ ଭିନ୍ନ ଭିନ୍ନ ହୁଏ ।]

ନବବଲ୍ଲଭ—ସଂ. ବି. ପୁଂ (କର୍ମଧା; ନବ+ବଲ୍ଲଭ)—୧ । ନବୀନ
Naba ballabha — ପ୍ରଣୟୀ—1. A new lover.
(ନବବଲ୍ଲଭା—ସ୍ତ୍ରୀ) ୨ । ଦାହାଗୁରୁ—2. A kind of incense.

ନବବିଂଶ—ସଂ. ବିଣ.—ଅଣତିରିଶ ସ୍ଥାନୀୟ—
Naba bimsa — Twentyninth.

ନବବିଂଶତି—ସଂ. ବି ଓ ବିଣ (ସଂଖ୍ୟାବାଚକ) (ମ. ପ. ଲୋ. କର୍ମଧା;
Nababimśati — ନବାଧିକବିଂଶତି)—ଅଣତିରିଶ;ଉନତିଂଶତ;୨୯—
Twenty nine; 29.

ନବ ବିବାହିତ—ସଂ. ବିଣ ପୁଂ (ଅଳ୍ପକାଳ ହେଲା ବିବାହିତ ହୋଇଥିବା
Naba bibāhita — (ପୁରୁଷ)—Newly wedded; recently married
(ନବପରିଣୀତ—ଅନ୍ୟରୂପ)

ନବ ବିଷ—ସଂ. ବି—ଆୟୁର୍ବେଦ ଅନୁସାରେ ନଅପ୍ରକାର ବିଷ (ଯଥା—
Naba bisha — ବତ୍ସନାଭ, ହାରିଦ୍ରକ, ସକ୍ତୁକ, ପ୍ରଦୀପନ ସୌରାଷ୍ଟ୍ରିକ, ଶୃଙ୍ଗକ, କାଳକୂଟ, ହଳାହଳ ଓ ବ୍ରହ୍ମପୁତ୍ର—ହି. ଶବ୍ଦସାଗର)—Nine kinds of poison mentioned in the Ayurbeda.

ନବମ—ସଂ ବିଣ. ପୁଂ (ନବନ୍+ପୂରଣାର୍ଥରେ. ମ)—ନଅ ସଂଖ୍ୟାର
Nabama — ପୂରକ; ନଅ ସ୍ଥାନୀୟ—Ninth.
(ନବମୀ—ସ୍ତ୍ରୀ) ଦେ. ବି—୧ । ମୃତାହର ନବମ ଦିନ—
1. The ninth day of a person's death
୨ । ମୃତାହର ନବମ ଦିନର କୃତ୍ୟ; ନବମ ଶୀତଳ (ଅର୍ଥାତ୍ ଜ୍ଞାତିବନ୍ଧୁମାନଙ୍କୁ ଜଳଖିଆ ବା ଶୀତଳ ସାମଗ୍ରୀ ଦେବା)—
2. The feeding of kinsmen and relations on the 9th day of the funeral.

ନବମ ଦଶା—ସଂ. ବି (କର୍ମଧା; ନବମୀ+ଦଶା)—୧ । ପ୍ରାଣରୋଧ
Nabama daśā — ଅବସ୍ଥା; ମରଣାନ୍ତିକ ଅବସ୍ଥା—1. Verge of death; grip of death.
(ନବମୀ ଦଶା—ଅନ୍ୟରୂପ)

ପାଣ୍ଡବ ସୈନ୍ୟଙ୍କ ନବମ ଦଶା ଦେଖି
ପାଞ୍ଚଙ୍କୁ କହିଲେ ସରସ ରୂଢ଼ଅକ୍ଷି । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

[ଦ୍ର—କାମଜ ଦଶା ଦଶଗୋଟି ଯଥା—ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣକଥନ, ଉଦ୍‌ବେଗ, ପ୍ରଳାପ, ଉନ୍ମାଦ, ବ୍ୟାଧି, ଜଡ଼ତା ବା ମୂର୍ଚ୍ଛା ଓ ମରଣ; ଶରୀରର ଦଶଦିଶା ଯଥା—ଗର୍ଭବାସ, ଜନ୍ମ, ବାଲ୍ୟ, କୌମାର, ପୌଗଣ୍ଡ, ଯୌବନ, ସ୍ଥାବିର୍ଯ୍ୟ, ଜରା, ପ୍ରାଣରୋଧ ଓ ବିନାଶ ।]

ନବ ମଲ୍ଲିକା—ସଂ. ବି. ସ୍ତ୍ରୀ (ପ୍ରା. ଣୋମାଳିଅ)—୧ । ନଅଳୀ ଫୁଲ—
Naba mallikā — 1 Arabian Jasmine; Jasminum Arborescens.
ନେୱାଳୀ
नेवारी — ୨ । ଡବଲ ମଲ୍ଲିଫୁଲ—
2. The double Jasmine.

ନବମ ଶୀତଳ—ଦେ. ବି—ମୃତାହର ନବମ ଦିନ ଜ୍ଞାତିବନ୍ଧୁବାନ୍ଧବଙ୍କୁ
Nabama śitaḷa — ଦିଆଯିବା ଅନତୁଲ ସାମଗ୍ରୀ ବା ଜଳଖିଆ—
Luncheon given to kinsmen and relations on the 9th day of the funeral.

ନବମାଂଶ—ସଂ. ବି—ନବାଂଶ (ଦେଖ)
Nabamāmśa — Nabāmśa (See)

ନବମାଳିକା—ସଂ. ବି. ସ୍ତ୍ରୀ—ନବମଲ୍ଲିକା (ଦେଖ)
Nabamāḻikā — Nabamallikā (See)
(ନବମାଳିନୀ—ଅନ୍ୟରୂପ)

ନବମୀ—ସଂ. ବି. ସ୍ତ୍ରୀ (ନବମ+ସ୍ତ୍ରୀ. ଈ)—ଅମାବାସ୍ୟା ବା ପୂର୍ଣ୍ଣିମା ପରେ
Nabamī — ନବମ ତିଥି, ଚନ୍ଦ୍ରଙ୍କ ନବମ କଳାର ହ୍ରାସବୃଦ୍ଧି-ଘଟିତ ତିଥି (କୃଷ୍ଣ ନବମୀ ଓ ଶୁକ୍ଳ ନବମୀ)—The 9th day of the lunar fortnight.
[ଦ୍ର—ହିନ୍ଦୁଶାସ୍ତ୍ର ଅନୁସାରେ ଉତ୍କଳରେ ନିମ୍ନଲିଖିତ ନବମୀମାନ ଉତ୍ସବ ଦିବସ ବୋଲି ଗଣ୍ୟ—୧ । ରାମନବମୀ—ଚୈତ୍ର ଶୁକ୍ଳନବମୀ; ଏ ଦିନ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ଏବଂ ଦୁର୍ଗାଙ୍କର ମଧ୍ୟ ବାସନ୍ତିକ ନବମୀପୂଜା ହୁଏ । ୨ । ନନ୍ଦୋତ୍ସବ—ଭାଦ୍ର କୃଷ୍ଣନବମୀ; ଜନ୍ମାଷ୍ଟମୀର ପରଦିନ କୃତ ଉତ୍ସବ । ୩ । ମହାନବମୀ—ଆଶ୍ୱିନ ଶୁକ୍ଳନବମୀ; ଶାରଦୀୟା ଦୁର୍ଗାପୂଜାର ଅନ୍ତ୍ୟ ବା ଶେଷ ଦିବସ । ୪ । ଅକ୍ଷୟନବମୀ ବା ଧାତ୍ରୀନବମୀ—କାର୍ତ୍ତିକ ଶୁକ୍ଳନବମୀ; ଜଗଦ୍ଧାତ୍ରୀପୂଜା ଓ ଦୁର୍ଗାନବମୀ ବ୍ରତ । ୫ । ଖାଣ୍ଡି ଅଁଳାନବମୀ—ମାର୍ଗଶିର କୃଷ୍ଣ ନବମୀ ।

ନବମ୍ବର—ବୈଦେ. ବି (ଇଂ. ନଭେମ୍ବର)—ନଭେମ୍ବର; ଇଂରାଜି
Nabambara — ଗଣନାର ଏକାଦଶ ମାସ—
नवेम्बर नवंबर — The month of November.

ନବଯଉବନ—ଦେ. ବି (ସଂ. ନବଯୌବନ)—ନବଯୌବନ (ଦେଖ)
Nabajaubana — Nabajaubana (See).
नवजउवन

ନବଯଉବନା(ନୀ)—ଦେ. ବ. ଓ ବଣ. ସ୍ତ୍ରୀ (ସ. ନବଯୌବନା)— Nabajaubanā (ni) ନବଯୁବତୀ—A girl in her prime of youth.
नवजीवना

ନବଯୁବକ—ସ. ବଣ. ପୁଂ—ଯାହାର ଯୌବନାରମ୍ଭ ମାତ୍ର ହୋଇଅଛି; Nabajubaka ଲେଖ୍ଣ; ଲେଣ୍ଡିଆ—(a person) In the (ନବଯୁବତୀ—ସ୍ତ୍ରୀ) prime of (his) youth; blooming with the freshness of youth.

ନବଯୁବା—ସ. ବଣ. ପୁଂ—ନବଯୁବକ (ଦେଖ) Nabajubā Nabajubaka (See.

नवजवान ଦେ ବଣ—୧ । (ପୁଂ. ଓ ସ୍ତ୍ରୀ)—ନବ ଯୁବକ ବା ନବ ଯୁବତୀ—1. (a person of both genders) In the prime of youth; blooming with youth.
୨ । (ସ୍ତ୍ରୀ) ଅଲ୍ପଦିନ ହେଲା ପ୍ରଥମେ ଋତୁମତୀ ହୋଇଥିବା (ବାଳିକା)—2. A recently menstruated (girl).

ନବଯୌବନ—ସ. ବ (କର୍ମଧା; ନବ+ଯୌବନ)—ପ୍ରଥମ ଯୌବନ— Nabajaubana Prime of youth; the full bloom of youth.
(ନବଯୌବନା—ସ୍ତ୍ରୀ) ସ ବଣ. ପୁଂ—ନବଯୁବା— (a man) In the prime of youth.

ନବଯୌବନ ବେଶ—ଦେ. ବି—ଶ୍ରୀଜଗନ୍ନାଥମହାପ୍ରଭୁଙ୍କ ଦାରୁମୂର୍ତ୍ତି Nabajaubanabesa ନୂତନ ଚିତ୍ରିତ ହେଲା ପରେ ଲୋକଙ୍କୁ ଯିବା ପୂର୍ବରୁ ଯେଉଁ ରୂପ ବା ବେଶରେ ସଜ୍ଜିତ ହୁଅନ୍ତି; ନେତ୍ରୋତ୍ସବରେ ହେବା ରୂପ ବା ବେଶ — The newly painted image of the idol Jagannathā on His eyes being finally touched up and the image opened to the public view for the 1st time.
[ଦ୍ର—ଆଷାଢ଼ ଅମାବାସ୍ୟା ଦିନ ଏ ବେଶ ହୁଏ ।]

ନବଯୌବନୀ—ଦେ. ବ. ଓ ବଣ. ସ୍ତ୍ରୀ (ସ. ନବଯୌବନା)—ନବ Nabajaubani ଯୁବତୀ— A girl in the prime of her youth
नोजवान

ନବର—ଦେ. ବ (ସ. ନଗର)—୧ । ନଗର; ସହର— Nabara 1. Town.
ବଡ଼ିରୁ ପ୍ରଭାତରେ ଦୁଳ ନବରେ—ଭକ୍ତ. ବୈଦେହୀଶବିଳାସ ।
୨ । ରାଜଧାନୀ—2. Capital.
ତେଣ ସ୍ଥାନରେ ବଢେଇଲେ ନୂପୁର ନରେଶ—ଗ୍ରାମ୍ୟାନ. ଜଣା ।
राजमहल ୩ । ରାଜାଙ୍କ ପ୍ରାସାଦ; ରାଜାଙ୍କ ନଅର; ରାଜବାଟୀ—
राजमहल 3. King's palace.
ମର୍ମଭେଦୀ ହାହାକାରେ ପୂରଇ ନବର—ରାଧାନାଥ ମହାଯାତ୍ରା ।
୪ । ରାଜାଙ୍କ ଅନ୍ତଃପୁର—4 The harem or female quarters of a king.

ନବରଙ୍ଗ—ଦେ. ବ – ୧ । କଥାକହିବା ଓ ଚଳିବାର ଢଙ୍ଗ— Nabaranga 1. Gestures
नवरंग ୨ । ଛଇ —2. Airs; gaiety; buffoonery.
नवरंग ୩ । ଫିଚ୍‌; ଢଙ୍ଗ—3. Fashion
୪ । ନୂଆ ଢଙ୍ଗ —4. A new fashion.
୫ । ରହସ୍ୟ; ଥଟ୍ଟା—
5. Jest; short; wit; fun; frolic.
୬ । ଖୁଦୁସ; ଫିସାଦ —
6. A trick; craftiness; roguery.
୭ । କୌତୁକ; ଆମୋଦପ୍ରମୋଦ—
7. Amusements; sports

ନବରଙ୍ଗ କରିବା—ଦେ. କ୍ରି—୧ । ଛଇ ଦେଖାଇବା— Nabaranga kariba 1. To assume airs.
ନବରଙ୍ଗ କାଢ଼ିବା, ନବରଙ୍ଗ ବାହାର କରିବା, ନବରଙ୍ଗ ଲଗାଇବା } ଅନ୍ୟରୂପ ୨ । ଥଟ୍ଟା କରିବା— 2. To cut jokes
नवरंग निकालना

ନବରଙ୍ଗିଆ—ଦେ. ବଣ ପୁଂ—୧ । ଛଇଲ— Nabarangiā 1. Frolicsome; gay; assuming (ନବରଙ୍ଗୀ—ସ୍ତ୍ରୀ) or displaying airs.
नवरंगिआ ୨ । ଥଟ୍ଟିଲ—2. Witty; jocose; jovial.
नवरंगी ୩ । ଚତୁର—3. Crafty.
୪ । କୌତୁକିଆ; ଦେଖିବାକୁ ସୁନ୍ଦର—4. Handsome.

ନବରଜାଃ—ସ. ବ. ସ୍ତ୍ରୀ (ବହୁବ୍ରୀହି; ନବ+ରଜସ୍—ଅଳ୍ପ ଦିନ ହେଲା Nabarajāh ଯେଉଁ ବାଳିକାର ପ୍ରଥମ ରଜୋଦର୍ଶନ ହୋଇଅଛି— A girl who has recently menstruated (Apte).

ନବରତ୍ନ—ସ. ବ. (କର୍ମ; ନବ+ରତ୍ନ)—୧ । ନବନିଧି (ଦେଖ) Nabaratna 1. Nabanidhi (See)
୨ । ନଅଗୋଟି ମଣି (ରତ୍ନ ତଳେ ନୋଟ ଦେଖ)— 2. The nine precious gems (See notes under Ratna.)
୩ । (ଦ୍ୱିଗୁ) ଏକତ୍ର ନବରତ୍ନର ସମାହାର— 3. A collection of nine gems.
୪ । ନବରତ୍ନଖଚିତ ଅଳଙ୍କାର— 4 An ornament set with nine gems
୫ । ବିକ୍ରମାଦିତ୍ୟଙ୍କ ରାଜସଭାର ୯ ଜଣ ପଣ୍ଡିତ— 5. The nine distinguished men of letters of the court of Bikramāditya.
[ଦ୍ର—ଧନ୍ୱନ୍ତରି, କ୍ଷପଣକ, ଅମରସିଂହ (ଶବ୍ଦକୋଷକାର), ଶଙ୍କୁ, ବେତାଳଭଟ୍ଟ, ଘଟକର୍ପର, କାଳିଦାସ (କବି), ବରାହମିହିର (ଜ୍ୟୋତିଷିକ) ଓ ବରରୁଚି ଏମାନେ ବିକ୍ରମାଦିତ୍ୟଙ୍କ ସଭାର ପଣ୍ଡିତ ଥିଲେ । ସମ୍ଭବତଃ ଏମାନେ ସମକାଳୀନ ନ ଥିଲେ । 'ବିକ୍ରମାଦିତ୍ୟ' ତଳେ ନୋଟ୍ ଦେଖ ।]

ନବରସ–ସ. ବ.—୧ । (କର୍ମଧା; ନବ+ରସ)—ଅଳଙ୍କାର ଶାସ୍ତ୍ରରେ Naba rasa ବର୍ଣ୍ଣିତ ୯ ପ୍ରକାର ରସ ବା ପାଠକ ଭାବ (ରସ ତଳେ ନୋଟ୍ ଦେଖ)—1. The nine kinds or emotions (in literature)(See notes under Rasa).

୨ । (କର୍ମଧା; ନବ=ନୂତନ+ରସ)—ଅଭିନବ ଭାବ—
2. A new sentiment or emotion

ନବରସିକ—ସ. ବଣ. ପୁଂ—ନବଯୁବା ଓ ରସିକ (ବ୍ୟକ୍ତି)—
Nabarasika Youthful and gay (person).
(ନବରସିକା—ସ୍ତ୍ରୀ)

ନବରାତ୍ର—ସ. ବି—୧। ଆଶ୍ୱିନ ଓ ଚୈତ୍ର ଶୁକ୍ଳ ପ୍ରତିପଦଠାରୁ ନବମୀ
Nabarātra ପର୍ଯ୍ୟନ୍ତ କରାଯିବା ଦୁର୍ଗା ପୂଜା—
1. Worship of Durgā for 9 nigths in Āswina and Chaitra.
[ଦ୍ର—ନବରାତ୍ର ପୂଜାର ଆରମ୍ଭରେ ପ୍ରଥମ ଦିନ ଘଟ ସ୍ଥାପନ କରି ଦେବୀଙ୍କୁ ଆବାହନ କରାଯାଏ ଓ ୯ ଦିନ ପର୍ଯ୍ୟନ୍ତ ପୂଜା ହୋଇ ଶେଷ ଦିନ ଘଟଟି ବିସର୍ଜନ କରାଯାଏ। ଅଷ୍ଟମୀ ବା ନବମୀ ଦିନ ଦଶ ବର୍ଷ ବୟସରୁ ଊଣା ବୟସର ୯ ଜଣ କୁମାରୀଙ୍କୁ ଦୁର୍ଗାଙ୍କର ନଅ ଗୋଟି ମୂର୍ତ୍ତି (ଯଥା—କୁମାରିକା, ତ୍ରିମୂର୍ତ୍ତି, କଲ୍ୟାଣୀ, ରୋହିଣୀ, କାଳୀ, ଚଣ୍ଡିକା, ଶାମ୍ଭବୀ, ଦୁର୍ଗା ଓ ସୁଭଦ୍ରା) ରୂପେ କଳ୍ପନା କରି ଭୋଜନ ଦିଆଯାଏ - ହି. ଶବ୍ଦସାଗର]
୨ । ନବଦିବସବ୍ୟାପୀ ଯଜ୍ଞବିଶେଷ—
2. A vedic sacrifice performable in 9 days.
ଦେ. ବି—ନବରାତ୍ରି (ଦେଖ)—Nabarātri (See)

ନବରାତ୍ରି—ଦେ. ବି. (ସ. ନବରାତ୍ରି)—
Nabarātri ୧। ପୋଇଲି ସ୍ତ୍ରୀର ପ୍ରସବର ନବମ ଦିନ ରାତିରେ କରାଯିବା ଉତ୍ସବ; ଷଷ୍ଠୀ ଅନୁଷ୍ଠାନବିଶେଷ—
1. A festival observed on the 9th day of the birth of a child.
୨। ନଅ ଦିନ ଓ ନଅ ରାତି ଅବିଶ୍ରାନ୍ତ ଭାବରେ ନାମ ସଙ୍କୀର୍ତ୍ତନ କରିବାରୂପ ଉତ୍ସବବିଶେଷ—
2. A festival of loudly repeating the name of the Deity for 9 days (day and night) without cessation.

ନବରାଶିକ—ସ. ବି—ଗଣିତ ଶାସ୍ତ୍ରରେ ୯ ଗୋଟି ରାଶିର ସମାନୁପାତ-
Nabarāsika ପ୍ରକ୍ରିୟାବିଶେଷ—(mathematics) A compound rule of three; the rule of nine.

ନବରାଷ୍ଟ୍ର—ସ. ବି—ନୂତନ ରାଜ୍ୟ—
Nabarāshtra 1 A new kingdom.
୨। ପ୍ରାଚୀନ ଭାରତର ଦକ୍ଷିଣ ଭାଗସ୍ଥ ନଅ ଗୋଟି ପ୍ରସିଦ୍ଧ ପ୍ରଦେଶ (ଯଥା—ସୌରାଷ୍ଟ୍ର, ମହାରାଷ୍ଟ୍ର, ସୁନ୍ଦରରାଷ୍ଟ୍ର, ଉତ୍ତରାଷ୍ଟ୍ର ଇତ୍ୟାଦି)—2. Nine famous kingdoms in the southern portion of ancient India.
୩। ପ୍ରାଚୀନର ଦେଶାଧିପତିଙ୍କ ରାଜ୍ୟ—2. Name of an ancient kingdom of India.

ନବରି—ପ୍ରାଦେ. (ଯାଜପୁର) ବି—ଢଙ୍ଗ; ନବରଙ୍ଗ—
Nabari Airs; fashion; gaiety; buffoonery.

ନବଲ—ସ. ବଣ. ପୁଂ. (ନବ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ.ଅ)-
Nabala ୧। ନବୀନ; ନୂତନ—1. New.
(ନବଲା—ସ୍ତ୍ରୀ) ୨। ଯୁବକ—2. Young; youthful
୩। ନବ ଯୁବକ—
3 (a person) In the prime of youth
୪। ସୁନ୍ଦର (ହି. ଶ.)—4. Beautiful.
୫। ସ୍ୱଚ୍ଛ (ହି. ଶ)—5. Bright.
୬। ତାଜା; ଟଟକା (ହି. ଶ.)—6. Fresh.

ନବଲ କିଶୋର—ସ. ବି, ପୁଂ—ନବକିଶୋର (ଦେଖ)
Nabala kisora Nabakisora (See)

ନବଲକ୍ଷଣ—ସ. ବି—୧। ବ୍ରାହ୍ମଣର ନଅ ଗୋଟି ଲକ୍ଷଣ ବା ଚିହ୍ନ—
Nabalakshana 1. The nine signs by which a Brāhmana can be known.
[ଦ୍ର—ଆଗ୍ରହ, ବିନୟ, ବିଦ୍ୟା, ଦୃଢନିଷ୍ଠା, ତୀର୍ଥ ଦର୍ଶନ, ନିଷ୍ଠା, ବୃତ୍ତି, ତପ ଓ ଦାନ ବ୍ରାହ୍ମଣର ନବ ଲକ୍ଷଣ।]
୨। ନବଧାଭକ୍ତି (ଦେଖ)
2. Nabadhā bhakti (See)
୩। ଅନୁରାଗ ବା ପ୍ରଣୟର ନଅ ଗୋଟି ଲକ୍ଷଣ—
3. Nine signs or indications of a person falling in love with another of the opposite sex.
୪। ଯୋଗସାଧନର ନଅ ଗୋଟି ସୋପାନ—
4. Nine steps in Joga exercise.
୫। ସୃଷ୍ଟି, ସ୍ଥିତି, ପ୍ରଳୟ ସମ୍ବନ୍ଧୀୟ ନଅ ପ୍ରକାର ଐଶ୍ୱରିକ ଲକ୍ଷଣ—5. Nine natural signs in connection with the creation, preservation and destruction of the Universe.

ନବଶଃ—ସ. (ନବନ୍+ଶସ୍; ବାର ଅର୍ଥରେ)—୧। ନଅ ନଅ କରି;
Nabasaḥ ଥରକେ ନଅଟା ଲେଖାଏଁ—1. Nine at a time; by nines.
୨। (ଗଣିତ) ଏକାଅଶି; ୯×୯; ୯ ର ବର୍ଗ—
2. 81; the square of nine.

ନବଶକ୍ତି—ସ. ବି.—୧। ନୂତନ ଶକ୍ତି ବା ବଳ—
Naba sakti 1. New or fresh vigour or strength.
୨। ହିନ୍ଦୁ ପୁରାଣ ମତରେ ବିଶ୍ୱନିୟନ୍ତ୍ରୀ ନଅ ଗୋଟି ଶକ୍ତିରୂପିଣୀ ଦେବତା—2. The nine personifications of the energy guiding the Universe according to the Hindus.
[ଦ୍ର—ନବଶକ୍ତି ଯଥା—ପ୍ରଭା, ମାୟା, ଜୟା, ସୂକ୍ଷ୍ମା, ବିଶୁଦ୍ଧା, ନନ୍ଦିନୀ, ସୁପ୍ରଭା, ବିଜୟା ଓ ସର୍ବସିଦ୍ଧିଦା; ମତାନ୍ତରରେ ବିମଳା, ଉତ୍କର୍ଷିଣୀ, ଜ୍ଞାନକ୍ରିୟା, ଯୋଗା, ପ୍ରହ୍ୱୀ, ସତ୍ୟା, ଈଶାନା, ଅନୁଗ୍ରହା ଓ ତରଙ୍ଗା।]
ଅତେବ ବଢନ୍ତି ନବଶକ୍ତି;
ସେ ଅଙ୍ଗୀ ହରି ପାଶ୍ୱର୍ବର୍ତ୍ତୀ। ଭାଗବତ।

ନବଶଶୀ—ସ. ବି.—ଦ୍ୱିତୀୟାର ଚନ୍ଦ୍ର—
Nabasasi The new crescent moon.

ନବଶସ୍ୟ—ସଂ. ବି.—ବର୍ଷର ପ୍ରଥମ ଫସଲରୁ ଲବ୍ଧ ଶସ୍ୟ—
Nabaśasya The first fruits of the year's harvest.

ନବଶାକ—ସଂ. ବି.—୧ । ନବଶାୟକ (ଦେଖ)
Nabaśāka 1. Nabaśāyaka (See)
୨ । ଶକଜାତୀୟ ନଅଗୋଷ୍ଠି ଶିଳ୍ପବ୍ୟବସାୟୀ ଜାତି (ପ୍ରତ୍ନତତ୍ତ୍ୱବାଦ)—2. Nine classes of artisans amongst the Śakas of ancient India.

ନବ ଶାକର—ଦେ. ବି.—ନିଶାଦଳ (ଦେଖ)
Naba śākara Niśādaḷa (See)

ନବଶାଖ(ଖା)—ଦେ. ବି. (ସଂ. ନବଶାଖା)—ନବଶାୟକ (ଦେଖ)
Nabaśākha (khā) Nabaśāyaka (See)

ନବଶାୟକ—ସଂ. ବି.—ହିନ୍ଦୁସମାଜର ଜାତି; ନଅ ଗୋଷ୍ଠି ହାଟୁଆ ଜାତି—
Naba śāyaka Nine castes of traders and artisans in Hindu society.

[ଦ୍ର—ଗଉଡ଼, ତେଲି, ତନ୍ତୀ, ଭଣ୍ଡାରି, ମାଳି, ଗୁଡ଼ିଆ, କମାର, କୁମ୍ଭାର ଓ ପାନବରଜୀ ବା ପାନରୀ ଏମାନେ ହିନ୍ଦୁ ସମାଜର ୯ଟି ହାଟୁଆ ଜାତି । ଏମାନଙ୍କର ସ୍ତ୍ରୀମାନେ ପ୍ରକାଶ୍ୟତଃ ହାଟକୁ ଯାଆନ୍ତି । ଏମାନଙ୍କ ଜାତିପାଠକମାନେ ହେଁସ କାଳରେ ବସି ସାମାଜିକ ଦଣ୍ଡବିଧାନ କରନ୍ତି ।

ପରାଶର ସଂହିତା ଅନୁସାରେ ଗଉଡ଼, ମାଳୀ, ତେଲୀ, ତନ୍ତୀ, ଗୁଡ଼ିଆ, ପାନବରଜୀ, କୁମ୍ଭାର, କମାର, ଓ ଭଣ୍ଡାରି ନବଶାୟକ ଅଟନ୍ତି । ପରାଶର ଅନୁସାରେ ଏ ନଅ ଜାତି ସଙ୍କର ଓ ଶୁଦ୍ଧ ଶୁଦ୍ର । ବଙ୍ଗଦେଶରେ ବ୍ରାହ୍ମଣମାନେ ଏମାନଙ୍କ ହାତରୁ ଜଳ ସ୍ପର୍ଶ କରନ୍ତି, କିନ୍ତୁ ଓଡ଼ିଶାରେ ତେଲୀ, ତନ୍ତୀ, କମାର, କୁମ୍ଭାରମାନଙ୍କ ସ୍ପୃଷ୍ଟଜଳ ବ୍ରାହ୍ମଣମାନେ ଗ୍ରହଣ କରନ୍ତି ନାହିଁ । ହିନ୍ଦୀଭାଷୀ ଅଞ୍ଚଳମାନଙ୍କରେ ତେଲୀ, ତନ୍ତୀଙ୍କ ସ୍ପୃଷ୍ଟଜଳ ବ୍ରାହ୍ମଣମାନେ ଗ୍ରହଣ କରନ୍ତି ନାହିଁ ।]

ନବଶିକ୍ଷିତ—ସଂ. ବିଣ. ପୁଂ—(କର୍ମଧା; ନବଶିକ୍ଷିତ)—୧ । ନୂଆଶିକ୍ଷାଳ; ଯେ କୌଣସି ବିଦ୍ୟା ନୂଆ ଶିଖିଅଛି—
Naba śikshita 1. Novice
(ନବଶିକ୍ଷିତା—ସ୍ତ୍ରୀ)
୨ । ଆଧୁନିକ ପଦ୍ଧତିରେ ଶିକ୍ଷା ପ୍ରାପ୍ତ—
2. Educated in modern methods.

ନବଶୋଭ—ସଂ. ବିଣ. ପୁଂ—(ବହୁବ୍ରୀହି; ନବ+ଶୋଭା)—ତରୁଣ; ଯୁବକ (ହି. ଶ.)—Youthful; in the prime of youth.
Nabaśobha
(ନବଶୋଭା—ସ୍ତ୍ରୀ)

ନବସଙ୍ଗମ—ସଂ. ବି.—(କର୍ମଧା; ନବ+ସଙ୍ଗମ)—୧ । ନୂତନ ସମାଗମ—1. New interview.
Naba saṅgama
୨ । ଦମ୍ପତିଙ୍କର ପ୍ରଥମ ମିଳନ—
2. The first meeting of a married couple.

ନବସ(ସି)ନ୍ଦା(ନ୍ଧା)—ବୈଦେ. ବି. (ଫା. ନବୀସିନ୍ଦାହ୍)—୧ । ଦଲିଲ ଲେଖିବା ବ୍ୟକ୍ତି; ଦଲିଲ ଲେଖକ—
Nabasa(si)ndā (ndhā)
नविसिन्धा 1. The scribe or writer of a document.
୨ । ଦରଖାସ୍ତର ଲେଖକ—2. Petition writer.
୩ । ଲେଖକ—3. Writer.

ନବସରା(ରି)—ଦେ. ବିଣ.—ନବସରିଆ (ଦେଖ)
Nabasarā(ri) Nabasariā (See)

ନବସରିଆ—ଦେ. ବିଣ.—(ସଂ. ନବ+ସ୍ରକ୍)—ନଅ ସରଯୁକ୍ତ (ହାର)
Naba sariā Nine-stringed (necklace).
नलरी नवसरा

ନବସାଗରି—ଦେ. ବି.—ସାଗରପେଶା (ଦେଖ)
Nabasāgari Sāgarapeśā (See)
ପ୍ରାଦେ. (ବାଲେଶ୍ୱର) ବି.—ଓଡ଼ିଆରେ କଥାବାର୍ତ୍ତା କରୁଥିବା ବଙ୍ଗାଳୀ—The Bengalees talking in the Oriya language.

ନବସୂତ—ସଂ. ବିଣ. ପୁଂ (ନବ+ସୂତ)—ନବଜାତ (ଦେଖ)—
Nabasūta Nabajāta (See)
(ନବସୂତା ସ୍ତ୍ରୀ)

ନବସୂତା—ସଂ. ବିଣ. ସ୍ତ୍ରୀ (ନବସୂତ+ସ୍ତ୍ରୀ. ଆ)—ନବପ୍ରସୂତା (ଦେଖ)
Nabasūtā Naba prasūtā (See)
(ନବସୂତିକା—ଅନ୍ୟରୂପ)

ନବା—ସଂ. ବିଣ. ସ୍ତ୍ରୀ (ନବ+ସ୍ତ୍ରୀ. ଆ)—ନବର ସ୍ତ୍ରୀଲିଙ୍ଗ—
Nabā Feminine of Nabā.
(ନବ—ପୁଂ) ଦେ. ବି.—(ସଂ. ନବକ)—୧ । ନଅ ବିନ୍ଦୁଯୁକ୍ତ ତାସ୍; ନହଲା—1. (in card playing) The card containing nine points.
୨ । (ଅନାଦରାର୍ଥକ) ନବକିଶୋର ବା ନବଘନର ଡାକନାମ—
2. Name for calling Nabakiśora or Nabaghana.
୩ । (ସଂ.ନବା)-ନବୀନା; ନବ ଯୁବତୀ—3. A girl in the hey-day of youth.
ଗ୍ରା. ବି (ସଂ. ନୀ ଧାତୁ)—ଗ୍ରହଣ କରିବା; ନେବା—
1. Taking; accepting.
୨ । ବହନ କରିବା—2. Carrying.
ଗ୍ରା. କ୍ରି (ସଂ. ନୀ ଧାତୁ)—'ନେବା' (ଦେଖ) Nebā (See)
[ଦ୍ର—ସଂ. ନୀ ଧାତୁର ଲେଖା ହେବା କ୍ରିୟାବାଚକ ଆକାର 'ନେବା' ଓ କଥାବାର୍ତ୍ତାରେ ବ୍ୟବହୃତ ଆକାର 'ନବା'; ତୁଳ. ଦେବା କ୍ରିୟାର କଥିତ ଆକାର 'ଦବା']

ନବାଂଶ—ସଂ. ବି (ନବ+ଅଂଶ)—(ଫଳିତ ଜ୍ୟୋତିଷ) ମେଷାଦି ଦ୍ୱାଦଶ ରାଶି ବା ଲଗ୍ନର ପ୍ରତ୍ୟେକର ନବମଭାଗର ଏକ ଏକ ଭାଗ—(astrology) One ninth of each of the 12 Lagnas or natal signs of one's horoscope.
Nabāṁśa
[ଦ୍ର—ଜାତକରେ ଏହି ନବାଂଶ ଦ୍ୱାରା ଶିଶୁର ଭାବୀ ଜୀବନର ବିଷୟମାନ ନିର୍ଣ୍ଣୟ କରାଯାଏ]

ନବା(ବେ)ଇ—ଦେ. ବି. (ଆଦରାର୍ଥକ)—ନବକିଶୋର, ନବଘନ ଆଦିଙ୍କ ଡାକ ନାମ—Name for calling Nabakishore or Nabaghana.
Nabā(be)i
नबाई

ନବାକି—ଦେ. ବିଣ—୧ । ଫାଜିଲାମି—1. Pertness; undue forwardness.
Nabāki
୨ । ମୁହଁବାଲିଙ୍ଗି—2. Vainglory; bragging.

ନବାଗତ—ସଂ. ବିଣ. ପୁଂ (କର୍ମଧାରୟ. ନବ+ଆଗତ)—ନୂଆ ହୋଇ
Nabāgata (ନବାଗତା—ସ୍ତ୍ରୀ) ଉପସ୍ଥିତ ହୋଇଥିବା—
Newly come; one who has recently arrived or joined.

ନବାଙ୍କ—ସଂ ବି (କର୍ମଧା. ନବ+ଅଙ୍କ)—ନୂତନ ସନ; ନବବର୍ଷ—
Nabāṅka New year.
ଦେ. ବି—ନଅ ବାଙ୍କ ବା ମୋଡ଼—Nine bends or curvatures.

ନବାଙ୍କ ପାଞ୍ଜି—ଦେ. ବି (ସଂ. ନବାଙ୍କ ଓ ପଞ୍ଜିକା)—ନୂତନ ବର୍ଷର
Nabāṅka pāñji ପାଞ୍ଜି; ନୂଆପାଞ୍ଜି—The almanac for the new year.

ନବାଙ୍କ ବେଢ଼ା—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଯାତ୍ରାବିଶେଷ—
Nabāṅka beṛdhā One of the festivals of Lord
(ନବାଙ୍କ ଯାତ୍ରା—ଅନ୍ୟରୂପ) Jagannath.
[ଦ୍ର—ସୌର ପୌଷ ବା ଧନୁମାସର ଶେଷ ଦିନ ଏ ଯାତ୍ରା ହୁଏ । ଏହି ଆରଦିନଠାରୁ ସୂର୍ଯ୍ୟ ଦେବଙ୍କର ହିନ୍ଦୁ ଜ୍ୟୋତିଃଶାସ୍ତ୍ରୋକ୍ତ ଉତ୍ତରାୟଣ ଗତି ଅନୁସାରେ ନୂତନ ବର୍ଷାରମ୍ଭ ହେବାରୁ ସମ୍ଭବତଃ ଏହି ଯାତ୍ରାର ଏପରି ନାମକରଣ ହୋଇଅଛି ।]

ନବାଙ୍ଗପାଚନ—ସଂ. ବି—ନଅ ଗୋଟି ଔଷଧ ଦ୍ରବ୍ୟ (ଶୁଣ୍ଠି, ପିପ୍ପଳି,
Nabāṅga pāchana ମରିଚ, ହରିଡ଼ା, ବାହାଡ଼ା, ଅଁଳା, ଭବ୍ୟ, ଚିତା ଓ ବାଇବିଡ଼ଙ୍ଗ ସିଦ୍ଧ ହୋଇ ପ୍ରସ୍ତୁତ ହେବା ପାଚନ— A decoction made of nine ingredients.

ନବାଙ୍ଗୀ—ସଂ.ବି.ସ୍ତ୍ରୀ—(ନବ+ଅଙ୍ଗ+ଈ) ୧ । ସ୍ତ୍ରୀ—1. A woman
Nabāṅgi (Apte).
୨ । ନବ ଯୁବତୀ—2. A woman in her prime of youth.

ନବାତ—ବୈଦେ. ବି (ଫା.)—କନ୍ଦ; ସଫା କରାଯାଇଥିବା ଗୁଡ଼—
Nabāta Refined molasses.
नवात; खाँड़
ନବାତ ମିଶ୍ରି ସେ ନ ହେଲେ, ଲୁଣ ଛିଟିକ ପ୍ରାପ୍ତ ମଣେ—
ଭୂପତି-ପ୍ରେମପଞ୍ଚାମୃତ ।

ନବାଥବା—ପ୍ରାଦେ.(ଗଡ଼ଜାତ)ବି—ପେଚା ଜାତୀୟ ଏକପ୍ରକାର ଚଢ଼େଇ—
Nabāthabā A bird belonging to the class of the owl.
[ଦ୍ର—ଦୂରକେ ଥାଇ ଗୋଟିଏ ଚଢ଼େଇ ବୋବାଏ 'ନବା'; ଅନ୍ୟ ଗୋଟିଏ ଜବାବ୍ ଦିଏ 'ଥବା' ଏ ପକ୍ଷୀ ହୁଁଦାଁ ଚଢ଼େଇ ପରି । ଏହାର ଶବ୍ଦ ଅଶୁଭସୂଚକ ।]

ନବାନ୍ନ—ସଂ. ବି. (କର୍ମଧା; ନବ+ଅନ୍ନ)—୧ । ନୂଆ ଶିଅ; କୌଣସି
Nabānna ବର୍ଷରେ ଅମଦାନି ହୋଇ ଥିବା ନୂଆ ଧାନର ଚୁଡ଼ା ବା ନୂଆ ଚାଉଳର ଭାତ ଖାଇବା ଉପଲକ୍ଷରେ ଗୃହସ୍ଥର ଉତ୍ସବବିଶେଷ—1. A feast when the house-holder first partakes of the rice or churdā of the new year's paddy.
[ଦ୍ର—ଏ ଉତ୍ସବରେ ଗୃହସ୍ଥ ପିତୃଦେବତା, ଅଗ୍ନି, କାକ ଓ ବନ୍ଧୁମାନଙ୍କୁ ଅର୍ଚ୍ଚନା କରନ୍ତି ।]
୨ । ସଦ୍ୟ ରନ୍ଧା ଯାଇଥିବା ଭାତ; ତାଟକା ଭାତ—
2. Fresh boiled rice.

ନବାବ—ବୈଦେ. ବି. (ଆ. ନବାବ୍)—୧ । (ମୁସଲମାନ ରାଜତ୍ୱକାଳୀନ)
Nabāb ପ୍ରଦେଶର ଶାସନକର୍ତ୍ତା—1. Lieutenant Gover-
नवाब nor; a ruler of a provice (under the
नाब Mahomedan rule.)
୨ । ମୁସଲମାନ ସାମନ୍ତ ରାଜା—2. A feudatory Mahomedan chief or Ruler of a state.
୩ । ଇଂରେଜ ଗଭର୍ଣ୍ଣମେଣ୍ଟଙ୍କର ମୁସଲମାନ ଜମିଦାର ଓ ଧନୀଙ୍କୁ ପ୍ରଦତ୍ତ ଉପାଧି—3. A title given by the British Government to Mahomedan zamindars.
୪ । ଧନୀ ଓ ସମ୍ଭ୍ରାନ୍ତ ବ୍ୟକ୍ତି—4. Rich and respectable man; Nabab.
୫ । ବଡ଼ଲୋକୀ ଢଙ୍ଗରେ ଚଳିବା ଓ ବ୍ୟୟ କରିବା ବ୍ୟକ୍ତି—
4. A person living in rich and expensive style.
[ଦ୍ର—ଏ ଶବ୍ଦ ଇଂରାଜୀ ଭାଷାରେ Nabab ନବାବ୍ ବା Nawab ନୱାବ୍ ରୂପ ଧାରଣ କରି ଚଳୁ ଅଛି ।]

ନବାବ୍‌ଗିରି—ଦେ. ବି.—ନବାବି ଢଙ୍ଗ (ଦେଖ)
Nabāb giri Nabābi ḍhaṅga (See)
नवाबगिरि

ନବାବ୍ ଜାଦା—ବୈଦେ. ବି. ପୁଂ (ଆ. ନବାବ୍+ଫା. ଜାଦା)—
Nabāb jādā ନବାବଙ୍କ ପୁତ୍ର—A son of a Nabāb;
(ନବାବ୍‌ଜାଦୀ—ସ୍ତ୍ରୀ) a prince of a Nabāb.

ନବାବ୍ ନାଜିମ୍—ବୈଦେ. ବି (ଆ. ନବାବ୍+ନାଜିମ୍)—କୌଣସି
Nabāb nājim ପ୍ରଦେଶର ଶାସନକର୍ତ୍ତା ଓ ବିଚାରପତି—
नवाब नाज़ीम The Provincial executive and
नवाब नाजीम Judicial head.

ନବାବ୍‌ବାହାଦୁର୍—ବୈଦେ. ବି (ଆ. ନବାବ୍ ଓ ଫା. ବାହାଦୂର୍)—
Nabāb bahādur ଭାରତୀୟ ସଂଭ୍ରାନ୍ତ ମୁସଲମାନଙ୍କୁ ଇଂରେଜ
नवाब बाहादुर ସରକାରଙ୍କ ଦେବା ଉପାଧିବିଶେଷ—A title
नवाब बाहादुर given to Mahomedans by the British Government.
[ଦ୍ର—ହିନ୍ଦୁମାନଙ୍କୁ ଦେବା ଉପାଧି=ରାଏସାହେବ, ରାଓ ସାହେବ; ରାଏବାହାଦୁର୍, ରାଓବାହାଦୁର୍; ରାଜା, ରାଜାବାହାଦୁର୍ । ମୁସଲମାନଙ୍କୁ ଦେବାଉପାଧି=ଖାଁସାହେବ, ଖାଁ ବାହାଦୁର୍; ନବାବ୍, ନବାବ୍ ବାହାଦୁର୍ ।]

ନବାବ୍ ସାହେବ—ବୈଦେ. ବି (ଅ. ନବାବ୍ ଓ ସାହବ୍)—ନବାବଙ୍କର ସମ୍ମାନସୂଚକ ସମ୍ବୋଧନ—A term of respect applied to a Nabāb.
Nabāb sāheb
নবাব সাহিব
नबाब साहिब

ନବାବି—ବୈଦେ. ବିଣ (ଅ. ନବାବୀ)—୧ । ନବାବ ଯୋଗ୍ୟ—1. Befitting a Nabāb; princely.
Nabābi
নবাবী
नबाबी
(ନବ,ବାଅ—ଅନ୍ୟରୂପ)
୨ । ବଡ଼ଲୋକଙ୍କ; ଧନଶୂଳଭ (କର୍ମ)—2. (act) Becoming or befitting a rich man.
ବି—୧ । ଧନମଦ; ଧନଗାରିମା—1. Pride of riches.
୨ । ନବାବ୍ ବା ପ୍ରାଦେଶିକ ଶାସନକର୍ତ୍ତାଙ୍କ ପଦ—2. The position of a Nawāb.
୩ । ଧନସମ୍ପଦ—3. Riches; prosperity.
୪ । ନବାବଙ୍କ ଶାସନକାଳ—4. The regime or rule of a Nawāb.
୫ । ବଡ଼ଲୋକୀ; ଧନୀସୁଲଭ ଢଙ୍ଗ—5. Manners befitting a rich man.

ନବାବି କାଇଦା—ବୈଦେ. ବି (ଅ. ନବାବୀ ଓ କାୟଦା)—ନବାବ୍ ବା ବଡ଼ଲୋକଙ୍କ ଉପଯୁକ୍ତ ନିୟମ ବା ରୀତି—Style or etiquette befitting a Nawāb.
Nabābi kāidā
নবাবী কায়দা
नबाबी कायदा

ନବାବି କାରଖାନା—ବୈଦେ. ବି (ଅ. ନବାବୀ ଓ ଫା. କାର୍‌ଖାନା)—ଆଡ଼ମ୍ବରପୂର୍ଣ୍ଣ ବା ବହୁବ୍ୟୟସାଧ୍ୟ କାର୍ଯ୍ୟ; ବଡ଼ଲୋକି ଆଡ଼ମ୍ବର—Grandeour befitting a Nawāb.
Nabābi kārakhānā
নবাবী কারখানা
नबाबी कारखाना

ନବାବି ଢଙ୍ଗ—ଦେ. ବି—୧ । ନବାବଯୋଗ୍ୟ ଆଚରଣ—1. Conduct befitting a Nawāb.
Nabābi dhanga
ନବାବିଚାଲଣି, ନବାବିଚାଲି, ନବାବିଚଳି, ନବାବିଧରଣ } ଅନ୍ୟରୂପ
୨ । ବଡ଼ଲୋକଙ୍କ ଚଳିବା ରୀତି—2. Richman's style of living
୩ । ବଡ଼ଲୋକି ଆଚରଣ—3. Behaviour or style befitting a noble man.
নবাবীঢঙ্গ **नबाबीढङ्ग**

ନବାମ୍ବର—ସ. ବି (କର୍ମଧା; ନବ+ଅମ୍ବର)—ନୂଆଲୁଗା; ନବବସ୍ତ୍ର—New cloth.
Nabāmbara

ନବାମ୍ବିକା—ସ. ବି (କର୍ମଧା; ନବ+ଅମ୍ବିକା)—୧ । ନବଦୁର୍ଗା (ଦେଖ)—1. Nabadurgā (See).
Nabāmbikā
୨ । ନଅ ପ୍ରକାର ଶକ୍ତି-ମୂର୍ତ୍ତି—2. The 9 incarnations of the essential energy of the universe personified as mother of the universe.
[ଦ୍ର—ନବଦୁର୍ଗା—ବ୍ରହ୍ମାଣୀ, ମାହେଶୀ, କୌମାରୀ, ବୈଷ୍ଣବୀ, ବାରାହୀ, ନାରସିଂହୀ, ମାହେନ୍ଦ୍ରୀ, ଚଣ୍ଡିକା ଓ ମହାଲକ୍ଷ୍ମୀ ।]

ନବାର୍ଚ୍ଚିଃ—ସ. ବି. (ନବ=୯+ଅର୍ଚ୍ଚିଃ=ଦୀପ୍ତି; ନବାର୍ଚ୍ଚିସ୍—ବମା. ୧ବ)—ମଙ୍ଗଳ ଗ୍ରହ—The planet Mars.
Nabārchchih

ନବାହ—ସ. ବି. (କର୍ମଧା; ନବ+ଅହନ୍=ଦିନ)—୧ । ନଅ ଦିନ—1. Nine days.
Nabāha
୨ । ନବମ ଦିନ—2. Ninth day.
୩ । ନଅ ଦିନରେ ସମାପ୍ୟ କାର୍ଯ୍ୟ—3. A work which takes 9 days to be completed.
୪ । ନୂଆବର୍ଷ; ବର୍ଷର ପ୍ରଥମ ଦିନ—4. New year's day.
୫ । ପକ୍ଷର ପ୍ରଥମ ତିଥି; ପ୍ରତିପଦ୍—5. The first day of a fortnight (Apte).
୬ । ନଅ ଦିନରେ ସମାପନୀୟ ରାମାୟଣର ପାଠ (ହି. ଶ.)—6. A reading through of the Rāmāyaṇa which is finished in nine days.

ନବିନା ଘୋଟ—ପ୍ରାଦେ. (ସମ୍ବଲପୁର) ବି.—କାଞ୍ଚିଗାଡ଼ରେ ପକାଇ ଖେଳା ଯିବା ବାଟ ବା କଉଡ଼ିଖେଳର ନବମ ଆଘାତ—The ninth stroke of a game of cowries.
Nabinā ghoṭa

ନବିସ୍—ବୈଦେ. ବି. (ଫା. ନବୀସ)—୧ । ଲେଖକ—1. Writer.
Nabis
নবিস
नबीस
୨ । ଯେଉଁ ବ୍ୟକ୍ତି କୌଣସି ଲେଖା କାର୍ଯ୍ୟ କରେ—2. A person who does a certain writing.
[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—ନକଲ ନବିସ, ଚାଲାନ ନବିସ, ଚିଠିଜା ନବିସ୍, ଅରଜି ନବିସ୍ ଇତ୍ୟାଦି ।]

ନବିସ(ସି)ନ୍ଦା(ନ୍ଧା)—ବୈଦେ. ବି. (ଫା.)—ନବସନ୍ଦା (ଦେଖ)
Nabisa (si)ndā(ndhā) Nabasandā (See)

ନବିସୀ—ବୈଦେ. ବି (ଫା)—୧ । ଲେଖକ ବା କିରାଣିର ଚାକିରି—1. The post of a clerk or scribe.
Nabisī
୨ । ଲେଖିବା କର୍ମ—2. Writing.

ନବୀ—ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—Name given to females.
Nabī
নবী, **नबी**
ବୈଦେ. ବି (ଅ. ନବୀହ୍)—୧ । ମୁସଲମାନଙ୍କ ମତରେ ପୃଥିବୀକୁ ଈଶ୍ୱରଙ୍କ ପ୍ରେରିତ ଦୂତ; ପୟଗମ୍ବର—1. God's messenger on earth.
୨ । ଭବିଷ୍ୟଦ୍ ବକ୍ତା—2. A prophet.
୩ । ଧର୍ମ-ସଂସ୍କାରକ—3. A religious reformer.

ନବୀକରଣ—ସ. ବି (ନବ+ଅଭୂତ ତଦ୍ଭାବେ ଚ୍ୱି+କରଣ)—ଜୀର୍ଣ୍ଣସଂସ୍କାର; ପୁନର୍ଗଠନ—Reformation; repairing; renewal; renovation.
Nabīkaraṇa

ନବୀକୃତ—ସ. ବିଣ (ନବ+ଅଭୂତତଦ୍ଭାବେ. ଚ୍ୱି+କୃତ)—
Nabīkṛuta
(ନବୀକରଣ—ବି)
(ନବୀକୃତା—ସ୍ତ୍ରୀ)
୧ । ମରାମତ କରାଯାଇଥିବା; ଜୀର୍ଣ୍ଣସଂସ୍କୃତ—1. Repaired; reformed
୨ । ବିଶ୍ରାମାନ୍ତେ ଦ୍ୱାରା ନବ ବଳ ପ୍ରାପ୍ତ—2 Refreshed after rest.
୩ । ପୁଣି ନୂଆ ହୋଇ କରା ଯାଇଥିବା; ପୁନର୍ଗଠିତ—3. Renewed; renovated.

ନବୀନ—ସ. ଡଣ. ପୁଂ (ନବ+ସ୍ୱାର୍ଥରେ ଈନ)—୧ । ନୂତନ—
Nabīna 1. New.
(ନବୀନା—ସ୍ତ୍ରୀ) (ବିପରୀତ—ପ୍ରାଚୀନ) ୨ । ଅଳ୍ପବୟସ୍କ—
2. Young.
୩ । ଯୁବକ; ତରୁଣ—3, Youthful; adolescent.
୪ । ସଜ; ଟଟକା—4. Fresh.
ଦେ. ବି—ପୁରୁଷଙ୍କୁ ଦିଆଯିବା ନାମ—Name given to males.

ନବୀନା—ସ. ବି. ସ୍ତ୍ରୀ (ନବୀନର ସ୍ତ୍ରୀଲିଙ୍ଗ ରୂପ)--୧ । ନବତରୁଣୀ—
Nabīnā 1. A girl in the prime of her youth.
ଦେ. ବି. ପୁଂ—୧ । ନବୀନର ଡାକନାମ—
1. Name for calling Nabina.
୨ । ଏକପ୍ରକାର ସୁଗନ୍ଧ ଫୁଲ ଓ ତହିଁର ଗୁଳ୍ମ—
2. A sweet smelling flower and its plant.

ନବୀଭାବ—ସ. ବି (ନବ+ଅଭୂତ ତଦ୍ଭାବେ ଚ୍ୱି+ଭାବ)—ସଂସ୍କାର;
Nabībhāba ସଂଶୋଧନ—Reformation; renewa .

ନବୀଭୂତ—ସ. ବଣ (ନବ+ଅଭୂତ ତଦ୍ଭାବେ ଚ୍ୱି+ଭୂତ)-ପୁନର୍ଗଠିତ—
Nabībhūta Repaired; renewed; renovated.
(ନବୀଭୂତା—ସ୍ତ୍ରୀ)

ନବେ(ବ୍ବେ)—ଦେ. ବି. ଓ ବଣ (ସ. ନବତି)—ନଉ; ୯୦—
Nabe(bbe) Ninety; 90
नर्ववइ नब्बे

ନବେ(ଭେ)ମ୍ବର—ବୈଦେ. ବି (ଇଂ. ନଭେମ୍ବର)—ଇଂରାଜୀ
Nabe(bhe)mbara ଗଣନାରେ ବର୍ଷର ଏକାଦଶ ମାସ
नवेम्बर, नभेम्बर (କାର୍ତ୍ତିକ ଓ ମାର୍ଗଶିର)—
नोअम्बर Month of November.

ନବୈଦ୍ୟ ବ୍ୟାଧି—ଦେ. ବି—ଅଚିକିତ୍ସ୍ୟ ରୋଗ—A disease
Nabaidyabyādhi which can never be cured by a physician.

ନବୋଢ଼ା—ସ. ବଣ. ସ୍ତ୍ରୀ (ନବ+ଊଢ଼ା=ବିବାହିତା)—
Nabordhā ନବବିବାହିତା (ବାଳିକା)--
(ନବ ପାଣିଗ୍ରହଣା—ଅନ୍ୟରୂପ) Newly wedded; newly married (girl).
ସ. ବି. ସ୍ତ୍ରୀ—୧ । ନବବିବାହିତା କନ୍ୟା; ନୂଆବୋହୂ;
ନବବଧୂ—1. A bride; a newly married girl.
୨ । କାବ୍ୟ ନାଟକାଦିରେ ମୁଗ୍ଧା ନାୟିକା ଶ୍ରେଣୀର ଅନ୍ତର୍ଗତ ଜ୍ଞାତଯୌବନା ନାୟିକାବିଶେଷ, ଯେ ଲଜ୍ଜା ଓ ଭୟ ଯୋଗୁଁ ନାୟକର ପାଖକୁ ଯିବାକୁ ଇଚ୍ଛା କରେ ନାହିଁ (ଦ୍ର. ଶବ୍ଦସାଗର)—2. A class of heroines of romance or fiction who has recently attained puberty and does not wish to meet her lover owing to bashfulness and fear.

ନବୋଦକ—ସ. ବି. (କର୍ମଧା; ନବ+ଉଦକ)—ନୂଆ ବର୍ଷାଜଳ—
Nabodaka New rain-water.

ନବୋଦିତ—ସ. ବଣ. (କର୍ମଧା; ନବ+ଉଦିତ)—
Nabodita ନୂଆ ହୋଇ ଉଦିତ ବା ଜାତ ହୋଇଥିବା—
Newly risen.

ନବୋଦିତ ଭାନୁ—ସ. ତ—ବାଳରବି—
Nabodita bhānu Newly risen sun.
[ଦ୍ର—ଏହାପର ନବୋଦିତ ସୂର୍ଯ୍ୟ, ନବୋଦିତ ଚନ୍ଦ୍ର ଆଦି ମଧ୍ୟ ହୁଏ ।]

ନବୋଦ୍ଗତ—ସ. ବଣ. (କର୍ମଧା; ନବ+ଉଦ୍ଗତ=ଜାତ)—
Nabodgata ନୂଆ ହୋଇ ବାହାରି ଥିବା—
Newly come out.

ନବୋଦ୍ଧୃତ—ସ. ବଣ. (କର୍ମଧା; ନବ+ଉଦ୍ଧୃତ)—
Naboddhṛuta ନୂଆ ହୋଇ ଉଦ୍ଧାର କରାଯାଇଥିବା; ଅଳ୍ପଦିନ ହେଲା ଯାହାର ଉଦ୍ଧାରସାଧନ ହୋଇଥାଏ—
Newly extracted or brought out or delivered.
ସ. ବି—ନବନୀତ; ଲହୁଣୀ—Butter.

ନବୋଦ୍ୟମ—ସ. ବି. (କର୍ମଧା; ନବ+ଉଦ୍ୟମ)—୧ । ପ୍ରଥମ ଚେଷ୍ଟା-
Nabodyama 1. First attempt.
୨ । ନୂତନ ଚେଷ୍ଟା; ଅନ୍ତର ପରେ ଚେଷ୍ଟା—
2. A fresh attempt.

ନବୋଦ୍ୟମୀ—ସ. ବଣ. ପୁଂ. (ନବୋଦ୍ୟମ+ଇନ୍; ୧ମା. ୧ବ)—
Nabodyamī ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟ କରିବାକୁ ପ୍ରଥମେ ଉଦ୍ୟମ କରିଥାଏ—Attempting a thing for the first time.

ନବ୍ଜ—ବୈଦେ. ବି—୧ । (ଫା. ଲବ୍ଜ୍)—ଲବଜ (ଦେଖ)
Nabja 1. Labaja (See)
୨ । (ଫା. ନବ୍ଜ୍)—ନାଡ଼ୀ—2. Pulse.

ନବ୍ଧା—ଗ୍ରା. (ପଦ୍ୟ) ବଣ. (ସ. ନବଧା)—ନବଧା (ଦେଖ)
Nabdhā Nabadhā (See)

ନବ୍ୟ—ସ. ବଣ. (ନବ=ନୂତନ+ସ୍ୱାର୍ଥରେ ଯ)—
Nabya ୧ । ନବୀନ; ନୂତନ—1. New.
(ନବ୍ୟା—ସ୍ତ୍ରୀ) ୨ । ଇଦାନୀନ୍ତନ; ଆଧୁନିକ—2. Modern.
[ନବ୍ୟତା(ତ୍ୱ)—ବି] ୩ । ଅପ୍ରବୀଣ; ଅଳ୍ପବୟସ୍କ; ଯୁବକ—
3. Raw; young.
୪ । ସଜ; ଟଟକା—4. Fresh.
୫ । ଆଧୁନିକ ଶିକ୍ଷା ବା ସଭ୍ୟତାରେ ଶିକ୍ଷିତ—
5. Trained in the lines of modern civilization or education
୬ । ଅଳ୍ପଦିନ ହେଲା ଘଟିଥିବା—6. Recent.
୭ । (ନୁ ଧାତୁ=ସ୍ତୁତି କରିବା+କର୍ମ. ଯ)—ସ୍ତୁତି ହେବାର ଯୋଗ୍ୟ—7. Fit to be prayed to.
ସ. ବି. (ନୁ ଧାତୁ+ଭାବ. ଯ)—ସ୍ତବ—

ନବ୍ୟଭାରତ—ସ. ବି. (କର୍ମଧା; ନବ୍ୟ+ଭାରତ, ଆଧୁନିକ ପ୍ରୟୋଗ)—
Nabyabhārata ନବ୍ୟଯୁଗର ଶିକ୍ଷାଦୀକ୍ଷାରେ ଦୀକ୍ଷିତ ଭାରତବର୍ଷ—
Modern India; new India.

ନବ୍ୟଯୁଗ—ସ. ବି. (ଆଧୁନିକ ପ୍ରୟୋଗ)—ନବଯୁଗ; ଆଧୁନିକ କାଳ—
Nabyajuga The modern times; the modern age.

ନବ୍ୟଶିକ୍ଷା—ସ. ବି. (ଆଧୁନିକ ପ୍ରୟୋଗ)—ଅଧୁନା ପ୍ରଚଳିତ ଶିକ୍ଷା—
Nabyasikshā Modern education.

ନବ୍ୟଶିକ୍ଷିତ—ସ. ବିଣ. ପୁଂ. (ଆଧୁନିକ ପ୍ରୟୋଗ)—
Nabyasikshita ଆଧୁନିକ ଶିକ୍ଷାରେ ଦୀକ୍ଷିତ—
Educated on modern lines.

ନବ୍ୟସଭ୍ୟ—ସ. ବିଣ. ପୁଂ (ଆଧୁନିକ ପ୍ରୟୋଗ)—୧ । ଆଧୁନିକ
Nabya sabhya ସଭ୍ୟତାରେ ଶିକ୍ଷିତ ଓ ଦୀକ୍ଷିତ ହୋଇଥିବା—
(ନବ୍ୟସଭ୍ୟା—ସ୍ତ୍ରୀ) 1. Trained in the ways of modern civilization.
୨ । ଆଧୁନିକ କାଇଦାରେ ତାଲିମ୍ ହୋଇଥିବା—
2. New-fangled.

ନବ୍ୟସଭ୍ୟତା—ସ. ବି. (ଆଧୁନିକ ପ୍ରୟୋଗ)—୧ । ଆଧୁନିକ ସଭ୍ୟତା—
Nabya sabhyatā 1. Modern civilization
୨ । ପାଶ୍ଚାତ୍ୟ ସଭ୍ୟତା—2. Western civilization.

ନଭ୍ (ଧାତୁ)—ସ.—ନଷ୍ଟ ହେବା—
Nabh (root) To decay.

ନଭ—ସ. ବି. (ନଭ୍ ଧାତୁ+ଅ; ଯେ ପ୍ରଳୟରେ ମଧ୍ୟ ନଷ୍ଟ ନ ହୁଏ)—
Nabha ୧ । ସ୍ୱର୍ଗ—1. Heaven.
୨ । ଗଗନ; ଆକାଶ—2. The sky; the heavens.
୩ । ଶୂନ୍ୟ—3. The space
୪ । ଭୂପୃଷ୍ଠରେ ବହୁଥିବା ବାୟୁ; ଆବହ ବାୟୁ—
4. Atmosphere; the air enveloping the globe.
୫ । ଶ୍ରାବଣ ମାସ—5. The month of Srābaṇa (July and August).
ବୃଷ୍ଟି କାରଣ ହେତୁ ନ ପବନ୍ତୁ।
ନ ମାନେ ନଭ ମାସ ନଶା ସନ୍ତୁ । ଭବସୂର୍ଯ୍ୟ ସଙ୍ଗୀତ ।
୬ । ଋଷିବିଶେଷ—6. Name of a sage.
୭ । ମେଘ—7. Cloud.
୮ । ପକ୍ଷୀ—8. Bird.
୯ । ଘ୍ରାଣ—9. Scent.
୧୦ । (ଫଳିତ ଜ୍ୟୋତିଷ) ଜନ୍ମ କୁଣ୍ଡଳୀରେ ଲଗ୍ନର ଦଶମସ୍ଥାନ-
10. (astrology) The tenth place counted from one's natal sign.
୧୧ । ଭାଦ୍ରମାସ (ହ୍ର. ଶ.)—11 The month of Bhādra (August-September).
୧୨ । ଆଶ୍ରୟ; ଆଧାର—
12. Shelter; refuge; receptacle.
୧୩ । ରାଜା ନଳଙ୍କର ଏକପୁତ୍ର—
13. Name of a son of king Naḷa.
୧୪ । ଅଭ୍ରକ (ହ୍ର. ଶ.)—14. Mica.
୧୫ । ବର୍ଷା (ହ୍ର. ଶ.)—15. Rain.
୧୬ । ମୃଣାଳ ତନ୍ତୁ (ହ୍ର. ଶ.)—
16. The fibre of the stalk of lotus.
ସ. ବିଣ.—ହିଂସକ (ହ୍ର. ଶ.)—Malignant.

ନଭଃ—ସ. ବି. (ନଭ ଧାତୁ=ନଷ୍ଟ ହେବା+ଅସ୍; କିମ୍ବା ନ+ଭସ୍
Nabhaḥ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ କ୍ୱିପ୍; ମେଘାଚ୍ଛନ୍ନ ହେଲେ
ସୂର୍ଯ୍ୟ ଯହିଁରେ ଦୀପ୍ତି ପ୍ରକାଶ କରନ୍ତି ନାହିଁ)—
ନଭ (ଦେଖ) —Nabha (See)

ନଭଃକେତନ—ସ. ବି.—(ବହୁବ୍ରୀହି; ନଭଃ+କେତନ)—ସୂର୍ଯ୍ୟ—
Nabhaḥ ketana The sun.
(ନଭଃ ପନ୍ଥ—ଅନ୍ୟରୂପ)

ନଭଃକାନ୍ତି ସ. ବି. (ବହୁବ୍ରୀହି; ନଭଃ+କାନ୍ତି; ୯ମା. ୧ବ; ଯେ
Nabhaḥ krānti ଲମ୍ଫ ଦ୍ୱାରା ଆକାଶକୁ ଡେଇଁ)—ସିଂହ—Lion.

ନଭଃ ପ୍ରାଣ—ସ. ବି. (ବହୁବ୍ରୀହି; ନଭଃ+ପ୍ରାଣ)—ବାୟୁ, ପବନ—
Nabhaḥ-prāṇa The air.
(ନଭଃପ୍ରାଣ—ଅନ୍ୟରୂପ)

ନଭଃସଦ୍—ସ. ବି (ନଭଃ+ସଦ୍ ଧାତୁ=ରହିବା+କର୍ତ୍ତୃ କ୍ୱିପ୍)—
Nabhaḥ-sad ଦେବତା—1. Deity; the gods.
୨ । ଆକାଶଚାରୀ ପକ୍ଷୀ ଆଦି—
2. Birds etc moving in the sky.

ନଭଃସରିତ୍—ସ. ବି. (୬ଷ୍ଠୀ ତତ୍; ନଭଃ+ସରିତ୍)—୧ । ସ୍ୱର୍ଗଗଙ୍ଗା—
Nabhaḥ sarit 1. The Ganges said to flow in the heaven.
(ନଭୋନଦୀ—ଅନ୍ୟରୂପ)
୨ । ଆକାଶରେ ସ୍ୱଚ୍ଛରେ ଦେଖାଯିବା ସନ୍ନିବିଷ୍ଟ ନକ୍ଷତ୍ର-
ପୁଞ୍ଜ-ରଚିତ ମାର୍ଗ; ଛାୟାପଥ—2. The milky way; the galaxy.

ନଭଃସ୍ଥଳ—ସ. ବି. (ରୂପକ କର୍ମଧା; ନଭଃ+ସ୍ଥଳ)—ଆକାଶ—
Nabhaḥ sthaḷa The sky.
(ନଭସ୍ଥଳ—ଅନ୍ୟରୂପ)

ନଭଃସ୍ଥିତ—ସ ବିଣ. (୭ମୀ ତତ୍; ନଭଃ+ସ୍ଥିତ)—ଆକାଶସ୍ଥ;
Nabhaḥ sthita ଶୂନ୍ୟରେ ଅବସ୍ଥିତ—Situated in the
(ନଭସ୍ଥିତ—ଅନ୍ୟରୂପ) sky; suspended in space.
ସ. ବି—ନରକବିଶେଷ—Name of a hell.

ନଭଃସ୍ପୃକ୍—ସ. ବିଣ. ପୁଂ ଓ ସ୍ତ୍ରୀ (ନଭସ୍+ସ୍ପୃଶ ଧାତୁ=ଛୁଇଁବା+
Nabhaḥ spṛuk +କର୍ତ୍ତୃ. କ୍ୱିପ୍; ନଭଃସ୍ପୃଶ୍ ଶବ୍ଦ, ୧ମା. ୧ବ)
୧ । ଗଗନସ୍ପର୍ଶୀ—1. Cloud-capped.
୨ । ଅତି ଉଚ୍ଚ—2. Lofty; touching the sky.

ନଭଗ—ସ. ବିଣ. ପୁଂ—୧ । (ନଭ+ଗମ୍ ଧାତୁ+କର୍ତ୍ତୃ. ଅ)—
Nabhaga ଆକାଶଗାମୀ; ନଭଶ୍ଚର—
(ନଭଗା—ସ୍ତ୍ରୀ) 1. Moving in the sky.
୨ । ଶୂନ୍ୟ-ବିମାନଗାମୀ—
2. Moving in aeroplanes.

୩ । (ବହୁବ୍ରୀହି; ନ=ନ୍ନ୍ୟର୍ଥେ+ଭଗ=ଭାଗ୍ୟ) ହତଭାଗ୍ୟ—
3. Unlucky; unfortunate.

ସଂ. ବି.— ୧ । ପକ୍ଷୀ (ହି. ଶ.)—1. Bird.

୨ । ପବନ; ବାୟୁ (ହି. ଶ)—2. Air.

୩ । ମେଘ (ହି. ଶ.)—3. Cloud.

୪ । ବୈବସ୍ୱତ ମନୁଙ୍କର ଏକପୁତ୍ର (ହି. ଶ.)—
4. Name of a son of Baibaswata Manu.

ନଭଗ ନାଥ—ସଂ. ବି. (୬ଷ୍ଠୀ ତତ୍; ନଭଗ+ନାଥ)—ଗରୁଡ଼—
Nabhaga nātha Garurda.
(ନଭଗେଶ—ଅନ୍ୟରୂପ)

ନଭଶ୍ଚକ୍ଷୁ—ସଂ. ବି. (୬ଷ୍ଠୀ ତତ୍; ନଭଃ+ଚକ୍ଷୁଃ)—ସୂର୍ଯ୍ୟ—
Nabhaśchakshuḥ The sun.

ନଭଶ୍ଚମସ—ସଂ. ବି. (ନଭଃ=ସ୍ୱର୍ଗ+ଚମସ=ଯଜ୍ଞପାତ୍ରବିଶେଷ)—
Nabhaśchamasa ୧ । ଚନ୍ଦ୍ର—1. The moon.

୨ । ଇନ୍ଦ୍ରଜାଲ—2. Magic.

୩ । ଚିତଉ ପିଠା—3. A kind of cake.

୪ । ନାନା ବର୍ଣ୍ଣବିଶିଷ୍ଟ ପିଷ୍ଟକ—
4. A kind of multi-coloured cake.

ନଭଶ୍ଚର—ସଂ. ବିଣ. ପୁ. (ନଭସ୍+ଚର୍ ଧାତୁ+କର୍ତ୍ତୃ. ଅ)—ଶୂନ୍ୟଗାମୀ; ଶୂନ୍ୟବିହାରୀ; ଆକାଶଚର—Moving in the sky; aerial.
Nabhaśchara
(ନଭଶ୍ଚରୀ—ସ୍ତ୍ରୀ)

ସଂ. ବି.—୧ । ପକ୍ଷୀ—1. Bird.

୨ । ଦେବ, ଗନ୍ଧର୍ବ, ବିଦ୍ୟାଧର ପ୍ରଭୃତି—2 Celestial beings; the deities and demigods; aerial beings

୩ । ଗ୍ରହ ନକ୍ଷତ୍ରାଦି—3. Planets and stars.

୪ । ରାକ୍ଷସ ଓ ଭୂତ ପ୍ରେତାଦି—
4. Aerial spirits; ghosts; demons.

୫ । ପବନ; ବାୟୁ—5 The wind; the air.

୬ । ମେଘ—6. The clouds.

୭ । ସୂର୍ଯ୍ୟ—7. The sun.

୮ । ବ୍ୟୋମ ବିମାନ; ଆକାଶଯାନ—8. Aeroplane.

ନଭଶ୍ଚାରୀ—ସଂ. ବି. ଓ ବିଣ. (ନଭସ୍+ଚର୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—ନଭଶ୍ଚର (ଦେଖ)
Nabhaśchārī
(ନଭଶ୍ଚାରିଣୀ—ସ୍ତ୍ରୀ) Nabhaśchara (See)

ନଭଶ୍ଚୁମ୍ବୀ—ସଂ. ବିଣ. ପୁଂ. (ନଭସ୍+ଚୁମ୍ବ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—ନଭଃସ୍ପୃକ୍ (ଦେଖ)
Nabhaśchumbī
(ନଭଶ୍ଚୁମ୍ବିନୀ—ସ୍ତ୍ରୀ) Nabhaḥspṛuk (See)

ନଭସ—ସଂ. ବି. (ନଭ୍ ଧାତୁ+ସଜ୍ଞାର୍ଥେ ଅସ)—୧ । ଆକାଶ—
Nabhasa 1. The sky.

୨ । ସ୍ୱର୍ଗ—2. Heaven.

ନଭସଙ୍ଗମ—ସଂ. ବି. (ନଭସ=ଆକାଶକୁ+ଗମ୍ ଧାତୁ+କର୍ତ୍ତୃ. ଅ)—
Nabhasaṅgama ନଭଶ୍ଚର (ଦେଖ)
Nabhaśchara (See)

ନଭସ୍ତଳ—ସଂ. ବି. (୬ଷ୍ଠୀ ତତ୍; ନଭସ୍+ତଳ)—
Nabhastaḷa ୧ । ଆକାଶର ଦେହ—
1. The surface of the sky.

୨ । ନଭଃସ୍ଥଳ; ଗଗନତଳ; ଆକାଶମଣ୍ଡଳ—
2. The vault of heaven; the sky; the space.

ନଭସ୍ଥଳ—ସଂ. ବି. (ନଭ+ସ୍ଥଳ)—୧ । ନଭସ୍ତଳ (ଦେଖ)
Nabhasthaḷa 1. Nabhastaḷa (See)

୧ । ଶିବ (ହି. ଶ.)—2. Siba.

ନଭସ୍ୱତ—ଦେ. ବି. (ସଂ. ନଭସ୍ୱତ୍)—ପବନ—
Nabhaswata Wind; air.

ମଧ୍ୟାହ୍ନରେ ଯେ ଉତ୍ତର ନଭସ୍ୱତରେ ଅଟ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ନଭସ୍ୱାନ୍—ସଂ. ବି. (ନଭସ୍+ବତ୍; ନଭସ୍ୱତ୍ ଶବ୍ଦର ୧ମା. ୧ବ.)—୧ । ପବନ—
Nabhaswān
1. The wind; the air.

୨ । ଯୁବା—2. A youth.

ନଭସ୍ୟ—ସଂ. ବି. (ନଭସ୍+ଯ)—୧ । ଭାଦ୍ର ମାସ—
Nabhasya 1. The month of Bhādra.

୨ । (ନାମ) ସ୍ୱାରୋଚିଷମନୁଙ୍କର ଏକ ପୁତ୍ର—
2. Name of a son of Swārochisha Manu.

ସଂ. ବିଣ.—ଆକାଶଜାତ; ସ୍ୱର୍ଗୀୟ—
Celestial; aerial.

ନଭାକ—ସଂ. ବି. (ନ+ଭା ଧାତୁ ଦୀପ୍ତି ପାଇବା+ସଜ୍ଞାର୍ଥେ ଅକ)—
Nabhāka ୧ । ଅନ୍ଧକାର—1. Darkness.

୨ । ରାହୁ—2. The ascending node.

୩ । (ନାମ) ଋଷିବିଶେଷ—3. The name of a sage.

ନଭି—ସଂ. ବି.—ଚକ; ପହିଆ—
Nabhi Wheel.

ନଭିବା—ଗ୍ରା କ୍ରି. (ସଂ. ଲଭ୍ ଧାତୁ)—ଲଭିବା ଦେଖ—
Nabhibā Labhibā (See)

ନଭୂତ—ଦେ. ବିଣ (ସଂ.'ନଭୂତୋ ନ ଭବିଷ୍ୟତି'ପ୍ରବଚନର ଆଦ୍ୟ ପଦ)—
Nabhūta ୧ । ଅଦୃଷ୍ଟପୂର୍ବ (ବିଷୟ)—1. Unseen (thing).

୨ । ଯାହା ଘଟି ନ ଥିଲା; ଅଦ୍ଭୁତ—2 Wonderful.

୩ । ଅସାଧାରଣ—3. Unusual.

୪ । ଅସମ୍ଭବ—4. Impossible; improbable.

ନ ଭୂତୋ ନ ଭବିଷ୍ୟତି—ସଂ. ପ୍ରବଚନ—ଯେଉଁ କଥା ହୋଇ ନଥିଲା ନ ହେବ ନାହିଁ; ଅଶ୍ରୁତପୂର୍ବ ଓ ଅସମ୍ଭବ କଥା—A thing which has never been heard of nor can be imagined.
Na bhūto na bhabishyati
न भुतो न भविष्यति

ନଭେଲ୍—ବୈଦେ. ବି. (ଇଂ. ନୋଭେଲ୍)—ଉପନ୍ୟାସ; କାଳ୍ପନିକ ଗଳ୍ପବିଶିଷ୍ଟ ଗ୍ରନ୍ଥ; ରସପ୍ରଧାନ ଉପକଥା—Novel.
Nabhel
নভেল नोबेल

ନଭୋଗ—ସଂ. ବିଣ. ପୁଂ (ନଭସ୍+ଗମ୍ ଧାତୁ+କର୍ତ୍ତୃ. ଅ)—
Nabhoga ଆକାଶବିହାରୀ; ନଭଶ୍ଚର—Moving in the air; soaring; sky-going.

ସଂ. ବି.—ନଭଗ (ଦେଖ)—Nabhaga (See)

ନଭୋଗଜ—ସଂ. ବି.—(ନଭଃ+ଗଜ)—୧ । ମେଘ—
Nabhogaja 1. Cloud.
୨ । ଐରାବତ ହସ୍ତୀ—2. Indra's elephant.

ନଭୋଗତି—ସଂ. ବି. (୭ମୀ ତତ୍ ନଭଃ+ଗତି)—୧ । ବିମାନାଦିରେ
Nabhogati ଆକାଶପଥରେ ବିଚରଣ—
(ନଭୋଗମନ—ଅନ୍ୟରୂପ) 1. Movement in the sky.
୨ । ଉଡ଼ିବା—2. Flying.
ସଂ. ବିଣ.—ନଭଶ୍ଚର (ଦେଖ)—Nabhaśchara (See)

ନଭୋଦୁହ—ସଂ. ବି. (ନଭସ୍+ଦୁହ୍ ଧାତୁ+କର୍ମ. ଅ)—ମେଘ—
Nabhoduha The clouds.
(ନଭୋ ଦ୍ୱୀପ, ନଭୋ ଧୂମ—ଅନ୍ୟରୂପ)

ନଭୋମଣି—ସଂ. ବି. (୬ଷ୍ଠୀ ତତ୍; ନଭଃ+ମଣି ଆକାଶର ମଣି ସ୍ୱରୂପ)—
Nabhomaṇi ସୂର୍ଯ୍ୟ—The sun (literally the gem of the sky).

ନଭୋମଣ୍ଡଳ—ସଂ. ବି. (୬ଷ୍ଠୀ ତତ୍; ନଭଃ+ମଣ୍ଡଳ)—୧ । ଆକାଶ
Nabhomaṇḍaḷa ମଣ୍ଡଳ; ଦୃଶ୍ୟମାନ ଆକାଶ—1. The sky;
(ନଭୋବଟ—ଅନ୍ୟରୂପ) sky-circle; firmament.
୨ । ବାୟୁମଣ୍ଡଳ—2. Atmosphere.

ନଭୋରେଣୁ—ସଂ. ବି. (୬ଷ୍ଠୀ; ନଭଃ+ରେଣୁ)—୧ । କୁହୁଡ଼ି—
Nabhoreṇu 1. Fog; mist.
୨ । ବାଷ୍ପ—2. Vapour.

ନଭୋଲୟ—ସଂ ବି. (ନଭଃ+ଆଲୟ ? କିମ୍ବା ନଭଃ+ଲୟ)—ଧୂଆଁ
Nabhoḷaya (ହି. ଶ.)—Smoke.

ନଭୋଲିହ—ସଂ. ବିଣ. ପୁଂ ଓ କ୍ଳୀ (ନଭସ୍+ଲିହ୍ ଧାତୁ=ଚାଟିବା+
Nabholiha କର୍ତ୍ତୃ. ଅ.—୧ । ଗଗନସ୍ପର୍ଶୀ—1. Touching the
(ନଭୋଲିହା—ସ୍ତ୍ରୀ) sky; cloud-capt.
୨ । ଅତ୍ୟୁଚ୍ଚ—2. Very lofty.

ନଭ୍ୟ—ସଂ. ବିଣ. (ନଭ+ଯ)—ଆକାଶ ସମ୍ବନ୍ଧୀୟ—
Nabhya Aerial; relating to the sky.
ସଂ. ବି.—୧ । ଦୁଇ ଚକର ମଧ୍ୟବର୍ତ୍ତୀ ଅଂଶ—
1. The space between the wheels.
୨ । ଅକ୍ଷ (ହି. ଶ.)—2. Axle.
୩ । ଅକ୍ଷରେ ଦିଆ ଯିବା ତେଲ (ହି. ଶ.)—3. Oily substance or lard put on the axle; lubricant.
ଗ୍ରା. ବିଣ. (ସଂ. ଲଭ୍ୟ)—ଲଭ୍ୟ (ଦେଖ)—
Labhya (See)

ନଭ୍ରାଟ୍—ସଂ. ବି. (ନ+ଭ୍ରାଜ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. କ୍ୱିପ୍;
Nabhrāṭ ନଭ୍ରାଜ୍ ଶବ୍ଦ ୧ମା. ୧ବ.)—ମେଘ—Cloud.

ନମ୍ (ଧାତୁ)—ସଂ.—୧ । ନମସ୍କାର କରିବା—
Nam (root) 1. To salute; to make obeisance.
୨ । ନତ ହେବା; ଲଇଁବା—
2. To bow down; to bend.
୩ । ଶବ୍ଦ କରିବା—3. To make a sound.
୪ । ତଳକୁ ଖସିବା—4. To sink; to go down.

ନମ—ସଂ ବି. (ନମ୍ ଧାତୁ+ଭାବ. ଅ)—୧ । ମାନ୍ୟ ବ୍ୟକ୍ତିଙ୍କୁ
Nama ଅଭିବାଦନ; ପ୍ରଣାମ; ନମସ୍କାର—
1. Salutation; bowing; obeisance.
୨ । ନତି; ଲଇଁବା—2. Bowing; bending.
୩ । ତ୍ୟାଗ—3. Giving up; abandoning.
୪ । ବିଳାପ—4. Lamentation; wailing.
୫ । ଦାନ—5. Gift.
ଦେ. ଅ. (ସଂ. ନମଃ)—ହେ ମହାଶୟ, ଆପଣଙ୍କୁ ନମସ୍କାର କରୁଛି, ପ୍ରଣାମ ! ଦଣ୍ଡବତ୍ !—(interjection) Good morning! I salute thee! I bow to you!
ଦେ. ବି.—ନର୍ମଦା ନାମ୍ନୀ ସ୍ତ୍ରୀର ଡାକ ନାମ—
Name for calling Narmadā.

ନମଃ—ସଂ. ବି. ଓ ଅ. (ନମ୍ ଧାତୁ+ଅସ୍)—୧ । ନମ (ଦେଖ)—
Namaḥ 1 Nama (See)
୨ । ବଜ୍ର (ହି. ଶ.)—2. Thunderbolt (Apte).
୩ । ଯଜ୍ଞ—3. A sacrifice (Apte).
୪ । ସ୍ତୋତ୍ର (ହି. ଶ.)—4. Hymn.

ନମତ—ସଂ. ବିଣ. (ନମ୍ ଧାତୁ+ଅତ)—୧ । ନତ—
Namata 1. Bent; bowed (Apte)
୨ । ବଙ୍କା—2. Crooked; curved (Apte).
ସଂ. ବି.—୧ । ଅଭିନେତା; ନଟ—1. An actor (Apte).
୨ । ଧୂଆଁ—2. Smoke (Apte).
୩ । ପ୍ରଭୁ—3. Master; lord (Apte).
୪ । ମେଘ—4. Cloud (Apte).
୫ । ଉର୍ଣ୍ଣାବସ୍ତ୍ର—5. Woolen stuff (Apte).

ନମତା—ଦେ. ବି. (ସଂ. ନମସ୍କର୍ତ୍ତା)—୧ । ଭୃତ୍ୟ; ସେବକ—
Namatā 1. Servant.
୨ । ପରିଜନ; ଅନୁଚର—2. Attendant.

ନମତ୍ତା—ପ୍ରାଦେ. (ଗଞ୍ଜାମ) ବି. (ସଂ. ନାପିତ)—ଭଣ୍ଡାରି ଜାତିବିଶେଷ—
Namattā A class of barbers.

ନମଦା—ବୈଦେ. ବି. (ଫା; ମୂଳ. ସଂ. ନମତ=ଉର୍ଣ୍ଣାବସ୍ତ୍ର)—ପଶମ ଜମା
Namadā ହୋଇ ବା ଛିଣ୍ଡା ହୋଇ ତିଆରି ହୋଇଥିବା କମ୍ବଳ
नमदा ବା ଲୁଗା—A cloth of compressed
नमद्‌ wool.

ନମନ—ସଂ. ବି. (ନମ୍ ଧାତୁ+ଭାବ. ଅନ)—୧ । ଲଇଁବା—
Namana 1. Bending; bowing down.
୨ । ନମସ୍କରଣ; ପ୍ରଣାମ—2. Obeisance; bowing.
୩ । ନରମ ହେବା—3. Softening.
୪ । ବଶ ହେବା—4. Yielding.

ନମନୀୟ—ସଂ. ବିଣ. (ନମ୍ ଧାତୁ+କର୍ମ. ଅନୀୟ)—
Namanīya ୧ । ନତହେବାର ଯୋଗ୍ୟ; ଯାହାକୁ ନୁଆଇଁ ହୁଏ—
(ନମନୀୟା—ସ୍ତ୍ରୀ) 1. Pliant; flexible; plastic.

୨ । ଯାହାକୁ ନୁଆଇଁବା ଆବଶ୍ୟକ—
2. Requiring to be bent.
୩ । ଯାହାକୁ ନମସ୍କାର କରିବା ଉଚିତ; ପୂଜନୀୟ—
3. Respectable.

ନମନ୍ତା—ଦେ. ବି—ନମତା (ଦେଖ)
Namantā Namatā (See)

ନମ(ମଃ)ଶୂଦ୍ର—ଦେ. ବି—ବଙ୍ଗଦେଶର ନୀଚ ଶୂଦ୍ରଜାତିବିଶେଷ—
Nama(mah)śūdra A low caste of śūdras of Bengal.
(ନମୋଶୂଦ୍ର—ଅନ୍ୟରୂପ)
नमःशूद्र नमशूद्र

ନମସ—ସ. ବି—୧ । (ନମ୍ ଧାତୁ+କର୍ତ୍ତୃ. ଅସ)—
Namasa ଆପଣାର ସପକ୍ଷ ବ୍ୟକ୍ତି—
1. A person belonging to one's own party.
୨ । ସହାୟକ ବ୍ୟକ୍ତି—2. Supporter; helper.
୩ । ସହାୟ—3. Help; support.
୪ । (+ଭାବ. ଅସ)—ଆନନ୍ଦ; ପ୍ରୀତି—
4. Gladness; joy.
୫ । ସମ୍ମତି—5. Assent; consent.

ନମସିତ—ସ. ବିଣ. ପୁଂ. (ନମସ୍+ଇ ତ)—ପୂଜିତ; ଅଭିବାଦିତ—
Namasita Reverenced; worshipped.
(ନମସିତା—ସ୍ତ୍ରୀ) (ନମସ୍ୟିତ—ଅନ୍ୟରୂପ)

ନମସ୍କରଣୀୟ—ସ. ବି. (ନମସ୍+କୃ ଧାତୁ+କର୍ମ. ଅନୀୟ)—
Namaskaraṇiya ନମସ୍ୟ (ଦେଖ)
(ନମସ୍କରଣୀୟା—ସ୍ତ୍ରୀ) Namasya (See)

ନମସ୍କରିବା—ଦେ. (ପଦ୍ୟ) କ୍ରି. (ପଦ୍ୟ) (ସ. ନମସ୍କାର)—
Namaskaribā ନମସ୍କାର କରିବା—
नमस्कार करा **नमस्कार करना** To salute; to bow down
ନମାନ ପ୍ରଦକ୍ଷିଣ କରି, ବସୁଦେବଙ୍କୁ ନମସ୍କରି । ଜଗନ୍ନାଥ. ଭାଗବତ ।

ନମସ୍କର୍ତ୍ତା—ସ. ବିଣ. ପୁଂ. (ନମସ୍+କୃ ଧାତୁ+କର୍ତ୍ତୃ. ତୃ, ୧ମା.
Namaskarttā ୧ବ)—ଯେ ନମସ୍କାର କରେ—
(ନମସ୍କର୍ତ୍ତ୍ରୀ—ସ୍ତ୍ରୀ) Bowing down to another; making obeisance; saluting

ନମସ୍କାର—ସ. ବି. (ନମସ୍+କୃ ଧାତୁ+ଭାବ. ଅ)—
Namaskāra ଭକ୍ତିପୂର୍ବକ ଅଭିବାଦନ ବା ବନ୍ଦନା; ପ୍ରଣାମ; ଭକ୍ତି ସହକାରେ ଦଣ୍ଡବତ—Obeisance (as a token of respect); respectful salutation; paying homage.
[ଦ୍ର—ପ୍ରଣାମ ବା ନମସ୍କାର ଅନେକ ପ୍ରକାରରେ କରାଯାଏ । ଯଥା—୧ । ହାତ ଯୋଡ଼ି ମୁଣ୍ଡକୁ ନୁଆଇଁବା (ଅଧମ ନମସ୍କାର)—୨ । ଆଣ୍ଠୁ ମାଡ଼ି ବସି ଭୂମିରେ ମୁଣ୍ଡ ଲଗାଇବା (ମଧ୍ୟମ)—୩ । ଦଣ୍ଡବତ୍ ଲମ୍ବ ହୋଇ ଭୂମିରେ ମୁହଁ ମାଡ଼ି ପଡ଼ି ସାଷ୍ଟାଙ୍ଗ ନମସ୍କାର କରିବା (ଉତ୍ତମ—ଅଧିକନ୍ତୁ ମଧ୍ୟ କାୟିକ, ବାଚକ ଓ ମାନସିକ ଭେଦରେ ନମସ୍କାର ୩ ପ୍ରକାର ।]
ଦେ. ଅ—ନମ (ଦେଖ)—Nama (See)

ନମସ୍କାର କରିବା—ଦେ. କ୍ରି—ପ୍ରଣାମ କରିବା—
Namaskāra karibā To pay homage to a person; to bow down; to salute.
(ନମସ୍କାର ହେବା—ଅନ୍ୟରୂପ)
नमस्कार करा **नमस्कार करना**

ନମସ୍କାରୀ—ସ. ବିଣ. ପୁଂ. (ନମସ୍+କୃ ଧାତୁ+କର୍ତ୍ତୃ. ଇନ୍; ୧ମା.
Namaskāri ୧ବ)—ନମସ୍କର୍ତ୍ତା; ନମସ୍କାର କରିବା ବ୍ୟକ୍ତି—
(ନମସ୍କାରିଣୀ—ସ୍ତ୍ରୀ) Saluting.
ସ. ବି—୧ । ଲାଜକୁଳୀ ଲତା; ଲଜ୍ଜାଳୁ ଲତା—
1. A sensitive plant; Mimosa Pudica.
୨ । ବରାହକ୍ରାନ୍ତା (ଦ୍ର. ଶବ୍ଦସାଗର) (ଦେଖ)
2 Barāhakrāntā (See)
ଦେ. ବି. (ସ. ନମସ୍କାର; ନମସ୍କାର ବେଳେ ଦିଆଯିବା ହେତୁ)—ନଜର; ଦର୍ଶନୀ; ପ୍ରଣାମି; ପ୍ରଥମ ନମସ୍କାର କରିବା ସମୟରେ ମାନ୍ୟବ୍ୟକ୍ତିଙ୍କୁ ଦିଆଯିବା ଉପଢୌକନ—
A present given to a revered person by the saluter at the time of salutation.

ନମସ୍କାର୍ଯ୍ୟ—ସ. ବିଣ. ପୁଂ. (ନମସ୍+କୃ ଧାତୁ+କର୍ମ. ଯ)—
Namaskārjya ନମସ୍ୟ; ନମସ୍କରଣୀୟ; ପୂଜନୀୟ—
(ନମସ୍କାର୍ଯ୍ୟା—ସ୍ତ୍ରୀ) Worthy of reverence or salutation.

ନମସ୍କୃତ—ସ. ବିଣ. ପୁଂ. (ନମସ୍+କୃ ଧାତୁ+କର୍ମ. ତ)—
Namaskṛuta ଯାହାକୁ ନମସ୍କାର କରାଯାଇ ଅଛି—
(ନମସ୍କୃତା—ସ୍ତ୍ରୀ) Saluted; revered.

ନମସ୍କ୍ରିୟା—ସ. ବି. (ନମସ୍+କ୍ରିୟା)—ନମସ୍କାର (ଦେଖ)
Namaskriyā Namaskāra (See)

ନମସ୍ତେ—ସ. ଅବ୍ୟୟରୂପେ ବ୍ୟବହୃତ ବାକ୍ୟ (ନମଃ+ତେ=ତୁମ୍ଭକୁ)—
Namaste ତୁମ୍ଭକୁ ନମସ୍କାର; ଆପଣଙ୍କୁ ନମସ୍କାର—
(a word) Obeisance to you.

ନମସ୍ତେ ନମସ୍ତେ କରିବା—ଦେ. କ୍ରି. (ସ. ନମସ୍ତେ)—୧ । କୌଣସି
Namaste namaste karibā ବ୍ୟକ୍ତିଙ୍କ ପାଖେ ଅତି ନ୍ରମ ହେବା—1. To be humble before a person.
नमस्ते नमस्ते करा
नमस्ते नमस्ते करना
୨ । ନମସ୍କାର କରିବା—
2. To bow down; to salute.

ନମସ୍ୟ—ସ. ବି. ପୁଂ. (ନମସ୍+କର୍ମ. ଯ)—
Namasya ବନ୍ଦନୀୟ; ନମସ୍କାର ଯୋଗ୍ୟ; ନମସ୍କରଣୀୟ—
(ନମସ୍ୟା—ସ୍ତ୍ରୀ) Venerable; worthy of being saluted; worthy of homage; entitled to be saluted.

ନମସ୍ୟା—ସ. ବିଣ. ସ୍ତ୍ରୀ—ନମସ୍ୟର ସ୍ତ୍ରୀଲିଙ୍ଗ—
Namasyā Feminine of Namasya.
ସ. ବି. ସ୍ତ୍ରୀ (ନମସ୍+ଭାବ. ଯ+ସ୍ତ୍ରୀ. ଆ)—୧ । ପୂଜା; ବନ୍ଦନା; ଅର୍ଚ୍ଚନା—1. Worship; homage.
୨ । ନମସ୍କାର—2. Obeisance; bowing down.

ନମସ୍ୟିତ— —ସଂ. ବିଣ. ପୁଂ (ନମସ୍ୟା + ଇତ)—ନମସ୍କୃତ; ଯାହାଙ୍କୁ
Namasyita ନମସ୍କାର କରି ଯାଇ ଅଛି—Revered; saluted
(ନମସ୍ୟିତା—ସ୍ତ୍ରୀ)

ନମାଜ୍—ବୈଦେ. ବି. (ଫା. ନମାଜ୍; ଭୁଲ; ସଂ. ନମନ)—
Namāj ଦୈନିକ ୫ଥର କରାଯିବା ମୁସଲମାନଙ୍କର ଈଶ୍ବରୋପାସନା—
नमाज Mahomedans' daily prayer to God.
नमाज

ନମାଜ୍ କରିବା—ଦେ. କ୍ରି—ଅଲ୍ଲାଙ୍କ ଉପାସନା କରିବା;(ମୁସଲମାନମାନେ)
Namāj karibā କୋରାନର ମନ୍ତ୍ର ବା ସୁରା ପାଠପୂର୍ବକ ଅଲ୍ଲାଙ୍କୁ
(ନମାଜ ପଢ଼ିବା—ଅନ୍ୟରୂପ) ଭକ୍ତି ସୁକ୍ତପାଠ ଓ ନମସ୍କାର କରିବା—
नमाज पढ़ा To salute to God by reciting the
नमाज पढ़ना texts of the Koran (by Mahomedans); to pray to God with recitals from the Koran and gesticulations and postures, five times during 24 hours.

[ଦ୍ର—ପ୍ରତ୍ୟେକ ମୁସଲମାନଙ୍କର ଦୈନିକ ୫ ଥର ନମାଜ୍ ପଢ଼ିବାର ବିଧି ଅଛି। ମୁହଁହାତ ଧୋଇ ଖଣ୍ଡିଏ ସ୍ବଚ୍ଛ ଆସନରେ ଆଣ୍ଠୁମାଡ଼ି ବସି ଓ ଠିଆହୋଇ ଓ ମୁଣ୍ଡ ତଳକୁ ଲଗାଇ ମକ୍କାଆଡ଼କୁ ମୁହଁ କରି ନମାଜ୍ ପଢ଼ିବାକୁ ହୁଏ।

ନମାଜ ପଢ଼ିବାର ନିର୍ଦ୍ଦିଷ୍ଟ ସମୟ :—୧। (ଫଜର୍) ବଡ଼ଭୋର ୪ଟା ବେଳେ (ସୂର୍ଯ୍ୟୋଦୟ ପୂର୍ବରୁ); ୨। (ଜୋହର୍) ଅପରାହ୍ନ ୧ଟା ବେଳେ (ଦ୍ୱିପ୍ରହର ପରେ); ୩। (ଅସର୍) ଅପରାହ୍ନ ୩ଟା ଠାରୁ ୪ଟା ବେଳେ; ୪। (ମଗ୍ରିବ୍) ସୂର୍ଯ୍ୟାସ୍ତର ଠିକ୍ ପୂର୍ବରୁ; ୫। (ଏସା) ରାତ୍ରି ୮ଟା ବେଳେ।

ଦୈନିକ ନମାଜ୍ ପଢ଼ିବା ଛଡ଼ା ସପ୍ତାହ ମଧ୍ୟରେ ପ୍ରତି ଶୁକ୍ରବାର ଦିନ ମସଜିଦରେ ମୁସଲମାନମାନେ ଏକତ୍ର ହୋଇ ଈଶ୍ବରୋପାସନା କରନ୍ତି। ଏହାକୁ ଯୁମା ନମାଜ କହନ୍ତି। ଏହି ବିଶେଷ ନମାଜ୍ ଇଦ୍‌ଦିନ ଦିନ ୧୦ଟା ଠାରୁ ୧୧ଟା ପର୍ଯ୍ୟନ୍ତ କରାଯାଏ। ଏହାକୁ ଇଦନମାଜ କହନ୍ତି।

ଏହା ଛଡ଼ା ସୂର୍ଯ୍ୟ ବା ଚନ୍ଦ୍ର ଗ୍ରହଣ ସମୟରେ, ଅନାବୃଷ୍ଟି ସମୟରେ, କୌଣସି ବ୍ୟକ୍ତିର ମୃତ୍ୟୁ ଘଟିଲେ ନମାଜ୍ କରାଯାଏ— ହି. ଶବ୍ଦସାଗର।

ନମାଜର ୩ ଅଂଶ ଯଥା :—୧। ଫର୍ଜ୍—ଯାହା ଈଶ୍ବରଙ୍କ ଉଦ୍ଦେଶ୍ୟରେ ବୋଲାଯାଏ; ୨। ସୁନ୍ନତ୍—ଯାହା ହଜରତ୍ ମହମ୍ମଦ୍ ପାଠ କରୁଥିଲେ; ୩। ନଫିଲ୍—ଯାହା ପ୍ରାର୍ଥନାକାରୀ ନିଜର ଧର୍ମ-ସାଧନାର୍ଥ ପାଠକରେ।

ନମାଜର ମର୍ମ—ଈଶ୍ବର ଏକମାତ୍ର ପ୍ରଭୁ, ତାଙ୍କଛଡ଼ା ଅନ୍ୟକେହି ପ୍ରଭୁ ନାହିଁ। ମହମ୍ମଦ୍ ତାଙ୍କର ପଯ୍ଗମ୍ବର। ତେଣୁ ତାଙ୍କ ସମସ୍ତଙ୍କର ପ୍ରଶଂସା କରିବା ଉଚିତ, ଇତ୍ୟାଦି। ଏହାଛଡ଼ା କୋରାନ୍‌ରୁ କେତେ ଗୁଡ଼ିଏ ସୁରା ବା ସୁକ୍ତ ମଧ୍ୟ ନମାଜ୍ ବେଳେ ପଢ଼ାଯାଏ।]

ନମାଜ୍‌ଗା—ବୈଦେ. ବି. (ଫା. ନମାଜଗାହ୍)—ମସଜିଦର ଯେଉଁ
Namāj-gā ଅଂଶରେ ମୁସଲମାନ୍‌ମାନେ ନମାଜ ପାଠ କରନ୍ତି—
नमाजगा The part of a mosque where the
नमाजगाह Mahomedans pray.

ନମାଜିଆ—ଦେ. ବିଣ (ଫା. ନମାଜ୍ + ଓ. ପ୍ରତ୍ୟୟ ଇଆ)—
Namājiā ନମାଜୀ (ଦେଖ)—Namāji (See)

ନମାଜୀ—ବୈଦେ. ବିଣ. (ଫା)—ଯେଉଁ ଧର୍ମପ୍ରାଣ ମୁସଲମାନ୍ ଶାସ୍ତ୍ରବିଧି
Namāji ଅନୁସାରେ ପ୍ରତିଦିନ ନମାଜ୍ ପଢ଼ନ୍ତି—(a pious
नमाजी Mahomedan) Regularly saying his
नमाजी prayers every day at the stated times.

ନମାମି—ସଂ. କ୍ରି. (ନମ୍ ଧାତୁ ଲଟ୍, ଉତ୍ତମ ପୁରୁଷ ୧ବ)—
Namāmi (ମୁଁ) ନମସ୍କାର କରେଁ ବା କରୁଅଛି—
(I) Bow down, (I) do salute to thee.

ବୋଇଲା ନମୋ ମହେଶ୍ବର
ନମାମି ବ୍ରହ୍ମାଣ୍ଡଠାକୁର। ଉପେନ୍ଦ୍ର. ପ୍ରେମପଞ୍ଚାମୃତ।

ନମିତ—ସଂ. ବିଣ—୧। (ନମ୍ ନମି ଧାତୁ ଣିଜନ୍ତ= ଧାତୁ=ନତ
Namita କରାଇବା + କର୍ମ ତ)—ନମସ୍କୃତ—
1. Worshipped; revered.
୨। ବକ୍ରୀକୃତ; ତଳକୁ ନୁଆଁ ଯାଇଥିବା—
2. Bent down.
୩। ଦଣ୍ଡବତ୍ ହୋଇ ଭୂମିରେ ପଡ଼ିତ—3. Prostrated.
୪। ଅବନତ—4. Lowered.
୫। ତଳକୁ ଓହ୍ଲାଇଦିଆ ଯାଇଥିବା—5. Lowered.

ନମିନେଟେଡ୍ ମେମ୍ବର୍—ବୈଦେ. ବି. (ଇଂ)—କୌଣସି ସଭା ବା
Nameneted membara ସମିତିର ସରକାରଙ୍କମନୋନୀତ ସଭ୍ୟ
ନମିନେଟେଡ ମେମ୍ବର ବା ସଦସ୍ୟ—Nominated member.
नमिनेटेड मेम्बर

ନମିନେସନ୍—ବୈଦେ. ବି (ଇଂ)—କୌଣସି ନିର୍ଦ୍ଦିଷ୍ଟ ପଦ ପାଇଁ
Naminesan ବିଧିଅନୁସାରେ କୌଣସି ବ୍ୟକ୍ତିଙ୍କ ନାମ ଉଲ୍ଲେଖ
ନମିନେସନ କରିବା—Nomination of a candidate
नमिनेसन or a person for a particular post.

ନମିନେସନ୍ ପେପର୍—ବୈଦେ. ବି. (ଇଂ)—ଯେଉଁ କାଗଜରେ
Naminesan pepar ମନୋନୀତ ବ୍ୟକ୍ତିଙ୍କ ନାମ ପ୍ରସ୍ତାବରୂପେ ଲେଖାଯାଏ—
ନମିନେସନ୍ ପେପର Nomination paper.
नमिनेसन पेपर

ନମିବା—ଦେ. (ପଦ୍ୟ) କ୍ରି. (ସଂ. ନମ୍ ଧାତୁ)—
Namibā ନମସ୍କାର କରିବା; ଦଣ୍ଡବତ ହେବା; ଗୋଡ଼ତଳେ
ନମା ପଡ଼ିବା—To make obeisance; to bow
नमान down.

ସେ ନୃପ ସେହିକ୍ଷଣି ତାହାଙ୍କୁ ନମିଲେ। କୃଷ୍ଣସିଂହ. ମହାଭାରତ ସ୍ୱର୍ଗ।

ନମୁଚି—ସଂ. ବି. (ନ=ନୁହେଁ+ମୁଚ୍ ଧାତୁ=ଛାଡ଼ିବା+ଇ; ଯେ
Namuchi କାହାରିକୁ ଛାଡ଼େ ନାହିଁ)—୧। କାମ; କନ୍ଦର୍ପ—
1. Cupid (personified).
[ଦ୍ର—ମହାଦେବ ଏହାକୁ ବିନାଶ କରିଥିଲେ।]
୨। ଏକ ଦୈତ୍ୟର ପୁତ୍ର—
2. Son of a demon

[ଦ୍ର—ଏ ବିପ୍ରଚିତ୍ତି ନାମକ ଦାନବର ପୁତ୍ର ଥିଲା। ଏ ଇନ୍ଦ୍ରଙ୍କର ସଖା ଥିଲା ଓ ଇନ୍ଦ୍ର ଏହା ନିକଟରେ ସନ୍ଧି କରିଥିଲେ

ଯେ ମୁଁ ତୋତେ ଦିନବେଳେ ବା ରାତି ବେଳେ ମାରିବି ନାହିଁ, କଅଁଳା ଶୁଖିଲା ବା ଓଦା ଅସ୍ତ୍ରରେ ମାରିବି ନାହିଁ । ପରେ ଇନ୍ଦ୍ର ଏହାର ବଳ ହରଣ କରି ନେଇଥିଲେ । ଇନ୍ଦ୍ର ସରସ୍ୱତୀ ଓ ଅଶ୍ୱିନୀକୁମାରଦ୍ୱୟଙ୍କ ଠାରୁ ସମୁଦ୍ରଫେନ ରୂପ ଏକ ବଜ୍ରାସ୍ତ୍ର ନେଇ ଏହାଙ୍କୁ ମାରିଥିଲେ—ହି. ଶବ୍ଦସାଗର ।]

୩ । ଶୁମ୍ଭ ଓ ନିଶୁମ୍ଭ ରାକ୍ଷସଙ୍କ ସାନ ଭାଇ (ହି. ଶ.)—
3. Name of the younger brother of the demons Śumbha and Niśumbha.

୪ । ଏକ ଋଷିଙ୍କ ନାମ (ହି. ଶବ୍ଦସାଗର)—
4. Name of a sage.

ନମୁଚିଦ୍ୱିଟ୍—ସଂ. ବି. (ନମୁଚି+ଦ୍ୱିଷ ଧାତୁ=ହିଂସା କରିବା+କର୍ତ୍ତୃ. କ୍ୱିପ୍, ୧ମା. ୧ବ)—୧ । ମହାଦେବ; ଶିବ—
Namuchidwiṭ Śiba.
(ନମୁଚିଦ୍ୱିଷ୍, ନମୁଚିସୂଦନ, ନମୁଚି ନିସୂଦନ—ଅନ୍ୟରୂପ)
୨ । ଇନ୍ଦ୍ର—2. Indra.

ନମୁଦ୍—ଦେ ବି.—(ଭୁଲ. ଫା. ନମୁଦ୍=ବାହ୍ୟ ଦୃଶ୍ୟ;ଆରମ୍ଭ ପ୍ରଦର୍ଶନ-
Namud ଯୋଗେଶ୍ଚନ୍ଦ୍ର)—କାର୍ଯ୍ୟରେ ନିଯୁକ୍ତି—
नमुद Appointment; deputation.
मुकरर ଦେ. ବିଣ.—କାର୍ଯ୍ୟରେ ନିଯୁକ୍ତ—
नमुद Appointed; deputed to do a work.
बहाल
(ନମୋଦ—ଅନ୍ୟରୂପ)

ନମୁଦ୍ କରିବା—ଦେ. କ୍ରି.—କୌଣସି ବ୍ୟକ୍ତିକୁ କୌଣସି ଚାକିରିରେ
Namud karibā ନିଯୁକ୍ତ କରିବା—To appoint a person.
नमुद करा बहाल करना

ନମୁନା—ବୈଦେ. ବି. (ଫା.)—୧ । ଆଦର୍ଶ—
Namunā 1. Model.
नमूना ୨ । ଚିତ୍ର ଆଙ୍କିବା ପୂର୍ବରୁ ଚିତ୍ରକରର ମୋଟାମୋଟି ଅଙ୍କିବା
नमुना ଚିତ୍ର—2. A preliminary rough sketch drawn by a painter.
୩ । ମଷ୍ଟ; କୌଣସି ପଦାର୍ଥର ସ୍ୱରୂପ ଓ ଗୁଣ ଆଦି ଜଣାଇବା ପାଇଁ ସେହି ପଦାର୍ଥରୁ ନିଆ ଯାଇଥିବା ଅଂଶ—
3. Specimen; sample; pattern.
୪ । ନିଦର୍ଶନ—4. Indication; proof.
୫ । ଦୃଷ୍ଟାନ୍ତ—5. Example.

ନମେରୁ—ସଂ. ବି. (ନମ୍ ଧାତୁ+ସଂଜ୍ଞାର୍ଥେ. ଏରୁ)—
Nameru ୧ । ରୁଦ୍ରାକ୍ଷ (ଦେଖ)—1. Rudrāksha (See).
୨ । ସୁରପୁନ୍ନାଗ; ନାଗେଶ୍ୱର ଗଛ—
2. A flower-tree; Mesua Ferra.

ନମୋ—ଦେ. ଅ. (ସଂ. ନମଃ;ସଂସ୍କୃତରେ ଏହା ଅନ୍ୟ ଶବ୍ଦ ସଙ୍ଗେ ସନ୍ଧିରେ
Namo 'ନମୋ' ରୂପ ଧାରଣ କରେ, ମାତ୍ର ଓଡ଼ିଆରେ ଏହି ଆକାରରେ
नमो ପୃଥକ୍ ବ୍ୟବହୃତ ହୁଏ)—ଆପଣଙ୍କୁ ନମସ୍କାର; ନମସ୍ତେ—
(interjection) Obeisance to you!
ବୋଇଲେ ନମୋ ମହେଶ୍ୱର । ଭୂପତି. ପ୍ରେମପଞ୍ଚାମୃତ ।

ନମୋଗୁରୁ—ସଂ. ବି. (ନମଃ+ଗୁରୁ)—୧ । ବ୍ରାହ୍ମଣ—
Namo guru 1. A Brāhmaṇa.
୨ । ଆଚାର୍ଯ୍ୟ; ଗୁରୁଦେବ—
2. A spiritual preceptor.

ନମୋଦ୍—ଦେ. ବି. ଓ ବିଣ.—ନମୁଦ୍ (ଦେଖ)
Namod Namud (See)
ପ୍ରାଦେ. (ଗଞ୍ଜାମ) ବି.—ଉଲ୍ଲେଖ—Mention.

ନମୋନମ(ମୋ)—ଦେ. ଅ. (ସଂ. ନମୋନମଃ)—ନମ (ଦେଖ)
Namonama(mo) Nama (See)
नमो नमो ତୁମ୍ଭେ ଗୁରୁ ମୋର ତୁମ୍ଭଙ୍କୁ ନମୋନମ
नमो नमो କୃଷ୍ଣସିଂହ. ମହାଭାରତ, ବନ ।

ନମୋନମଃ—ସଂ. ଅ. (ନମଃ+ନମଃ)—ନମ (ଦେଖ)
Namonamaḥ Nama (See)

ନମୋ ନମସ୍ତେ—ସଂ. ଅ. (ନମଃ+ନମସ୍ତେ)—ନମ (ଦେଖ)
Namo namaste Nama (See)

ନମୋବାକ—ସଂ. ବି. (ନମଃ+ବାକ୍; ନିପାତନ)—ନମସ୍କାର ବଚନ;
Namobāka ନମସ୍କାର କରିବା ବ୍ୟକ୍ତିଙ୍କର ମୁହଁରେ ଉଚ୍ଚାରିତ ବଚନ—Formula uttered at the time of salutation.

ନମ୍ପ(ମ୍ଫ)—ପ୍ରାଦେ. (ମେଦିନୀପୁର) ବୈଦେ ବି.—(ଇଂ. ଲ୍ୟାମ୍ପ୍; ଭୁଲ. ବଂ. ନମ୍ପ, ନମ୍ଫ)—କିରାସିନି
Nampa (mpha) ଜାଳିବା ଡିବି—A kind of open kerosine lamp.

ନମ୍ବ (ଧାତୁ)—ସଂ.—୧ । ଯିବା; ଗମନ କରିବା—
Namba (root) 1. To go.
୨ । ଚଳିବା; ଘୁଞ୍ଚିବା; ଗତିଶୀଳ ହେବା—2. To move.

ନମ୍ବ (ଇତ୍ୟାଦି)—ଗ୍ରା. ବି. (ସଂ. ଲମ୍ବ)—ଲମ୍ବ ଇତ୍ୟାଦି (ଦେଖ)
Namba etc. Lamba etc (See)

ନମ୍ବଡ଼ା—ଗ୍ରା. ବିଣ. (ସଂ. ଲମ୍ବ)—ଲମ୍ବଡ଼ା (ଦେଖ)
Nambaṛā Lambaṛā (See)

ନମ୍ବର—ବୈଦେ. ବି. (ଇଂ ନମ୍ବର୍)—୧ । ଅଙ୍କ; ସଂଖ୍ୟା;
Nambara 1. Number; numerical figure.
नम्बर ୨ । କ୍ରମିକ ସଂଖ୍ୟା—2. Successive number; serial number.
नंबर
(ନମ୍ବର—ଅନ୍ୟରୂପ)
୩ । ପଣ୍ୟଦ୍ରବ୍ୟାଦିରେ ଦିଆଯିବା ମାର୍କା ବା ସଂଖ୍ୟା—
3. Figure or number marked on an article.
୪ । ପରୀକ୍ଷାରେ ଛାତ୍ରର ପାଇବା ମାର୍କ—
4. Examination-marks.
୫ । ମକଦ୍ଦମା—5. Case; suit.
(ଯଥା—ଆଜି ସବଜଜ ହରିହର ଗୁରୁଙ୍କ ନମ୍ବର ବିଚାର କରିବେ ।)
୭ । ମକଦ୍ଦମାର ପରିଚାୟକ କ୍ରମିକ ସଂଖ୍ୟା—
7. The serial number of a suit or a case.

୭ । କୌଣସି ବସ୍ତୁକୁ ଚିହ୍ନିତ କରିବା ପାଇଁ ତହିଁରେ ଦିଆଯିବା ସଂଖ୍ୟା—7. Number put as a distinguishing mark.

ବିଣ—୧ । ନମ୍ବର ଯୁକ୍ତ—
1. Bearing a mark or number.
(ଯଥା—ବାଲୁବଜାରର ୧୩ ନମ୍ବର ଘର ।)
୨ । (ଏତେ) ସଂଖ୍ୟକ; ସଂଖ୍ୟାବିଶିଷ୍ଟ—
2. Numbering (so much).
୩ । (ଅମୁକ) ଶ୍ରେଣୀଯୁ; ରକମର—
3. Belonging to a particular class.
(ଯଥା—ଅଭୁଲ ନମ୍ବର ମାଲ ନ ହେଲେ ସେ ବାବୁଙ୍କ ପାଟକ ସୁଆଦ ଲାଗିବ ନାହିଁ ।)

ନମ୍ବରଦାର୍—ପ୍ରାଦେ. (ସମ୍ବଲପୁର) ବୈଦେ. ବି. (ଇଂ. ନମ୍ବର୍ ଓ ହି. ଦାର୍)—୧ । ରାଜସ୍ବଦାତା ପ୍ରଜା—
Nambaradār
नम्बरदार
1. A revenue-paying royat.
୨ । ଲମ୍ବରଦାର୍; ଗ୍ରାମାଧ୍ୟକ୍ଷ; ଗଉନ୍ତିଆ—
2. Headman of a village.
[ଦ୍ର—ଏହି ଗ୍ରାମାଧ୍ୟକ୍ଷ ବା ଗଉନ୍ତିଆ ଗ୍ରାମର ସମସ୍ତ କରଦାତାଙ୍କର ଦେୟ ରାଜସ୍ବ ସଂଗ୍ରହ କରି ରାଜକୀୟ ଖଜଣାଖାନାକୁ ପ୍ରେରଣ କରନ୍ତି । ଏ କରଦାତାମାନଙ୍କର ପ୍ରତ୍ୟେକ ଏବଂ ଏହାଙ୍କ ନାମ ସରକାରୀ ରେଜିଷ୍ଟରରେ ଲେଖାଥାଏ ।]

ନମ୍ବର ଦେବା—ଦେ. କ୍ରି—୧ । ପରୀକ୍ଷାର୍ଥୀ ଛାତ୍ରର କଥିତ ବା ଲିଖିତ ଉତ୍ତର ଦେଖି ମାର୍କ ଦେବା—1. To give or award marks to an examinee by examining his answers to questions.
Nambara debā
नम्बर देओया
नम्बर देना
୨ । ନମ୍ବର ମାରିବା (ଦେଖ)
2. Nambara māribā (See)

ନମ୍ବର ମାରିବା—ଦେ. କ୍ରି—୧ । ସଂଖ୍ୟାଦ୍ୱାରା ଚିହ୍ନିତ କରିବା—
Nambara māribā
1. To mark with a number.
[ନମ୍ବର ବସା(ସେ)ଇବା—ଅନ୍ୟରୂପ]
୨ । ମାର୍କା ମାରିବା; ନମ୍ବର ଦେବା – 2. To attach a mark or number.
नम्बरमारा; नम्बरबसान
नम्बरदेना

ନମ୍ବରିଆ—ଦେ. ବିଣ—ନମ୍ବରୀ (ଦେଖ)
Nambariā
Nambarī (See)

ନମ୍ବରିଙ୍ଗ୍ ମେସିନ୍—ବୈଦେ. ବି (ଇଂ)—ଯେଉଁ ଯନ୍ତ୍ରଦ୍ୱାରା ଚାଲାଣ, ପୁସ୍ତକର ପୃଷ୍ଠା ଆଦିରେ କ୍ରମସଂଖ୍ୟା ଛପି ଦିଆଯାଏ—Numbering machine.
Nambaring mesin
নম্বরিঙ্গমেসিন
नंबरिंग मसिन

ନମ୍ବରୀ—ବୈଦେ. ବିଣ—୧ । ଲମ୍ବରୀ; ନମ୍ବର ମରାଯାଇଥିବା—
Nambarī
1. Marked; numbered
মম্বরী
(ଯଥା – ୪୦ ନମ୍ବରୀ ସୂତା ।)
नम्बरी
୨ । ପ୍ରସିଦ୍ଧ; ମାର୍କାମାରୀ; ନାମଜାଦା—
2. Celebrated; notorious.

ନମ୍ବରୀ ମକଦ୍ଦମା—ବୈଦେ. ବି—ଧାରାବାହିକରୂପେ ଓ କ୍ରମଅନୁସାରେ ବିଚାର କରାଯିବା ସ୍ୱାଧୀସ୍ବତ୍ୱ ସମ୍ବନ୍ଧୀୟ ମକଦ୍ଦମା—Regular suit; title suit.
Nambarī makaddamā
নম্বরী মকদ্দমা
नम्बरी मुकदमा

ନମ୍ବରୀ ସେର—ବୈଦେ. ବି—ବାଲେଶ୍ୱରୀ ସେର; ୮୦ ଟଙ୍କା ଓଜନର ସେର—A standard seer of 80 rupees weight.
Nambarī sera
পকী সের
नम्बरी सेर

ନମ୍ବା—ଗ୍ରା. ବିଣ—ଲମ୍ବା (ଦେଖ)
Nambā
Lambā (See)
(ନମ୍ବୀ—ସ୍ତ୍ରୀ)

ନମ୍ବା(ମ୍ବେ)ଇବା—ଗ୍ରା. କ୍ରି—ଲମ୍ବାଇବା (ଦେଖ)
Nambā(mbe)ibā
Lambāibā (See)

ନମ୍ବିବା—ଗ୍ରା. କ୍ରି—ଲମ୍ବିବା (ଦେଖ)
Nambibā
Lambibā (See)

ନମ୍ବୀ—ଗ୍ରା. ବିଣ ଓ କ୍ରି. ବିଣ—ଲମ୍ବୀ (ଦେଖ)
Nambī
Lambī (See)

ନମ୍ବୁରୀ(ଦ୍ରୀ)—ଦେ. ବି. ଭାରତର ଦକ୍ଷିଣପଶ୍ଚିମସ୍ଥ ମାଲବାର ଉପକୂଳ ଅଞ୍ଚଳର ବ୍ରାହ୍ମଣଙ୍କ ଶ୍ରେଣୀବିଶେଷ—A class of Brāhmanas of the Malabar (west) coast of S. India.
Namburī(dri)
নাম্বুদি
नंम्बुरी
[ନାମ୍ବୁରି(ଦ୍ରି)—ଅନ୍ୟରୂପ]
[ଦ୍ର—କଥିତ ଅଛି ଯେ ଏମାନେ ୧୨୦୦ ବା ୧୫୦୦ ପୂର୍ବେ ପୂର୍ବ ଭାରତରୁ ଆସି ମାଲବାର ଉପକୂଳରେ ବସତି କରିଥିଲେ । ଏମାନେ ପରଶୁରାମଙ୍କ ଦ୍ୱାରା ଏ ଅଞ୍ଚଳକୁ ଅଣା ହୋଇ ଥିଲେ ବୋଲି କହନ୍ତି ଏବଂ କେରଳ ମାହାତ୍ମ୍ୟ ନାମକ ସ୍ମୃତିଦ୍ୱାରା ଏମାନେ ଶାସିତ । ଏମାନଙ୍କ ବଂଶର ବଡ଼ ପୁଅମାନେ ବିବାହ କରନ୍ତି ଓ ବଂଶର ଅନ୍ୟ ପୁଅମାନେ ନାୟାର ଜାତୀୟା ଶୂଦ୍ରା ସ୍ତ୍ରୀଙ୍କ ସହବାସ କରନ୍ତି । ଏମାନଙ୍କ ମଧ୍ୟରେ ବଡ଼ ପୁଅ ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ହୁଏ । ପୁଅ ନ ଥିଲେ କନ୍ୟାର ପୁତ୍ର ସମ୍ପତ୍ତିର ମାଲିକ ହୁଏ । ବଂଶର ସାନ ପୁଅମାନଙ୍କର ସନ୍ତାନମାନେ ନାୟାର ପରିବାରର ଉତ୍ତରାଧିକାରୀ ହୁଅନ୍ତି । ନମ୍ବୁରୀମାନଙ୍କ ମଧ୍ୟରେ କନ୍ୟାର ବିବାହଯୋଗ୍ୟ ବୟସର ସ୍ଥିରତା ନାହିଁ ଏବଂ ବହୁ କନ୍ୟା ଅବିବାହିତା ହୋଇ ରହନ୍ତି । ମୃତ ସ୍ୱାମୀଙ୍କ ବିନା ଅନୁମତିରେ ବିଧବା ପୋଷ୍ୟପୁତ୍ର ଗ୍ରହଣ କରିପାରେ । ପିତାର ଏକ ମାତ୍ର ପୁତ୍ର ପୋଷ୍ୟପୁତ୍ର ରୂପେ ଦିଆ ଯାଇ ପାରେ ଓ ଉକ୍ତ ଦ୍ୱୈମୁଷ୍ୟାୟନ ପୁତ୍ର ଜନ୍ମଦାତା ପିତାଙ୍କୁ ଓ ପୋଷିଥିବା ପିତାଙ୍କୁ ପିଣ୍ଡ ଦେଇ ଦୁହିଁଙ୍କ ସମ୍ପତ୍ତିରେ ଉତ୍ତରାଧିକାରୀ ହୁଏ ବା ମେନ୍ ସାହେବଙ୍କ ସଂକଳିତ ହିନ୍ଦୁ ଆଇନ୍ ଓ ବ୍ୟବହାର ।]

ନମ୍ବେ ନମ୍ବେ—ଗ୍ରା. କ୍ରି. ବିଣ—ଲମ୍ବେ ଲମ୍ବେ; ସିଧା ସିଧା—
Nambe nambe
Straight; straightway.

ନମ୍ର—ସଂ. ବିଣ. (ନମ୍ ଧାତୁ + କର୍ତ୍ତୃ. ର)—୧ । ବିନୀତ; ବିନୟ ସମ୍ପନ୍ନ—
Namra
1. Humble; lowly; submissive.
(ନମ୍ରତା—ବି)
୨ । ଶିଷ୍ଟ; ଭଦ୍ର—2. Polite.
୩ । ଯାହା ନଇଁ ଅଛି—3. Bowed; bent down.

୪ । ବକ୍ରୀଭୂତ—4 Bent.

୫ । ମୃଦୁ—5. Meek; mild.

୬ । କୋମଳ; ନରମ—6. Soft; pliant.

ନମ୍ରକ - ସ. ବି. (ନମ୍ର+ସଂଜ୍ଞାର୍ଥେକ)—ବେତସ; ବେତ—
Namraka Retan; cane.

ନମ୍ର ପ୍ରକୃତି—ସ. ବି. (କର୍ମଧା; ନମ୍ର+ପ୍ରକୃତି)—୧ । ଶିଷ୍ଟ ସ୍ୱଭାବ;
Namra prakṛuti ଭଦ୍ରତା—1. Politeness.

୨ । କୋମଳ ସ୍ୱଭାବ—2. Meek nature.

୩ । ବିନୟ—3. Humble nature; humility.

ସ. ବିଣ.—(ବହୁବ୍ରୀହି) ନମ୍ର ପ୍ରକୃତିକ (ଦେଖ)
Namra prakṛutika (See)

ନମ୍ର ପ୍ରକୃତିକ—ସ. ବିଣ. ପୁଂ (ବହୁବ୍ରୀହି; ନମ୍ର+ପ୍ରକୃତି; 'କ' ଆଗମ)-
Namra prakṛutika ୧ । ନମ୍ର ପ୍ରକୃତିବିଶିଷ୍ଟ—
(ନମ୍ର ପ୍ରକୃତିକା—ସ୍ତ୍ରୀ) 1. Humble; sweet-tempered.

୨ । ଶିଷ୍ଟ; ଭଦ୍ର—2. Polite.

୩ । ଶାନ୍ତ ପ୍ରକୃତିବିଶିଷ୍ଟ—
3. Of a gentle or meek disposition.

ନମ୍ର ମୁଖ—ସ. ବି. (କର୍ମଧା, ନମ୍ର+ମୁଖ)—ଅବନତ ମସ୍ତକ; ନତମୁଖ—
Namra mukha Head bent down; drooping head.

(ନମ୍ରମୁଖୀ, ନମ୍ରମୁଖା—ସ୍ତ୍ରୀ) ସ. ବିଣ. ପୁଂ. (ବହୁବ୍ରୀହି)—
୧ । ନତମୁଖ; ହେଠବଦନ; ଯାହାର ମୁହଁ ତଳକୁ ହୋଇଅଛି—1. With the head bent down.

୨ । ତଳକୁ ମୁହଁ କରିଥିବା—
2. Facing downwards.

୩ । ଲାଜକୁଳା; ଯେ ସର୍ବଦା ଲାଜରେ ମୁହଁ ତଳକୁ ପୋତି ଥାଏ—3. Shy; always looking downwards on account of modesty; coy.

ନମ୍ର ଶୀଳ—ସ. ବିଣ. ପୁଂ. (ବହୁବ୍ରୀହି; ନମ୍ର+ଶୀଳ=ସ୍ୱଭାବ)—
Namra śīḻa ନମ୍ରପ୍ରକୃତିକ (ଦେଖ)
(ନମ୍ରଶୀଳା—ସ୍ତ୍ରୀ) Namraprakṛutika (See)
(ନମ୍ରଶୀଳତା—ବି)

ନମ୍ର ସ୍ୱଭାବ—ସ. ବି ଓ ବିଣ. ପୁଂ—ନମ୍ରପ୍ରକୃତି (ଦେଖ)
Namra swabhāba Namraprakṛuti (See)
(ନମ୍ରସ୍ୱଭାବା—ସ୍ତ୍ରୀ)

ନମ୍ରାଙ୍ଗ—ସ. ବି. (କର୍ମଧା; ନମ୍ର+ଅଙ୍ଗ)—ସୁକୋମଳ ଶରୀର—
Namrāṅga Pliant body.
(ନମ୍ରାଙ୍ଗୀ,ନମ୍ରାଙ୍ଗା—ସ୍ତ୍ରୀ) ସ. ବିଣ. ପୁଂ—ସୁକୋମଳ ଶରୀରବିଶିଷ୍ଟ—
Having soft limbs.

ନମ୍ରିବା—ଦେ. (ପଦ୍ୟ) କ୍ରି. (ସ. ନମ୍ର)—ନମ୍ରହେବା; ବିନୟସମ୍ପନ୍ନ
Namribā ହେବା—To be polite.

ଶୁଦ୍ଧ ପ୍ରମୋଦିତ ହୋଇ ହୃଦସଦମ୍ଭ ବହଇ
ନମ୍ରନ୍ତ ସୁକୃତଫଳ ଲଭଇପୂର୍ଣ୍ଣ । ପ୍ରାଚୀ. ରସବାରିଧି ।

ନୟ (ଧାତୁ)—ସ —୧ । ଗମନ କରିବା; ଯିବା—1. To go.
Naya (root) ୨ । ଚଳିବା; ଗତି କରିବା—2. To move.

ନୟ—ସ. ବି. (ନୀ ଧାତୁ=ପାଇବା+ଭାବ. ଅ)—୧ । ଆଚରଣ—
Naya 1. Conduct; behaviour.

୨ । ବିଧି; ନୀତି; ନିୟମ—
2. Rules; morals; policy; maxim; principle.

୩ । ରାଜନୀତି—3. Politics.

୪ । (+କରଣ. ଅ)—ନୀତିଶାସ୍ତ୍ର—
4. Sociology; ethics; the science of morality.

୫ । ଗୁରୁଙ୍କ ଉପଦେଶ ବଚନ—5. Advice received from a preceptor; precepts.

୬ । ଦ୍ୟୂତକ୍ରୀଡ଼ାବିଶେଷ; କଣ୍ଠାଯୁକ୍ତ ଖେଳ; ସତରଞ୍ଜ ଖେଳ—
6. A kind of game at chess.

୭ । (+କର୍ତ୍ତୃ. ଅ)—ପଥପ୍ରଦର୍ଶକ; ନେତା—
7. A guide; a leader.

୮ । ଚଳିବାର ରୀତି—8. Way of life (Apte).

୯ । ଦୂରଦୃଷ୍ଟି—9. Prudence; foresight; circumspection (Apte).

୧୦ । ରାଜନୀତିକୁଶଳତା—10. Policy; statesmanship; political wisdom (Apte).

୧୧ । ନ୍ୟାୟାନୁମୋଦିତ ମାର୍ଗ—
11. Morality; equity; rectitude (Apte).

୧୨ । କାର୍ଯ୍ୟ ସାଧନାର୍ଥ ପରିକଳ୍ପିତ ଉପାୟ—
12. Plan; design; scheme (Apte).

୧୩ । ବିଧିବଦ୍ଧ ପନ୍ଥା; ରୀତି—13. Method; manner; course; system (Apte).

୧୪ । କୌଣସି ମତବାଦ—
14. Doctrine; opinion (Apte).

୧୫ । ବିଷ୍ଣୁଙ୍କ ନାମ—15. A name of Bishṇu (Apte).

୧୬ । ପରିଚାଳନ; ପଥପ୍ରଦର୍ଶନ—
16 Guiding; leading; managing (Apte).

ସ. ବିଣ—୧ । ନ୍ୟାଯ୍ୟ; ନ୍ୟାୟାନୁମୋଦିତ—
1 Righteous; just.

୨ । ଅଗ୍ରଗାମୀ—2. Leading.

୩ । ଉପଯୁକ୍ତ; ଯଥାଯୋଗ୍ୟ—
3. Suitable; right; proper (Apte).

ଗ୍ରା. ବି. (ସ. ଲୟ)—ଧ୍ୟାନ; ଏକାଗ୍ରଦୃଷ୍ଟି—
Contemplation; concentrated attention.

ବନସ୍ତରେ ତାଙ୍କର ନୟନ ରଖି
ବନ୍ଧ ହରଷେ ମାଗ ନୟ ନ ରଖି ଯେ । ଉତ୍କ. ବୈଦେହୀଶବିଳାସ ।

ନୟକ—ସ. ବି. ପୁଂ. (ନୀ ଧାତୁ+କର୍ତ୍ତୃ. ଅକ)—
Nayaka ୧ । କାର୍ଯ୍ୟ ପରିଚାଳକ ଚତୁର ବ୍ୟକ୍ତି—
(ନୟିକା—ସ୍ତ୍ରୀ) 1. A skilful manager (Apte),

୨ । ରାଜନୀତିକୁଶଳ ବ୍ୟକ୍ତି—
2. A statesman (Apte)
ସଂ. ବଣ—୧ । ନେତା; ପରିଚାଳନକାରୀ—
1. Leading; managing.
୨ । ରାଜନୀତିଜ୍ଞ—2. Versed in policy or politics (Apte).

ନୟ ଚକ୍ଷୁଃ—ସଂ. ବଣ. (ବହୁବ୍ରୀହି, ନୟ+ଚକ୍ଷୁସ୍; ୧ମା. ୧ବ)—
Naya chakshuḥ ଯାହାର ରାଜନୀତିରେ ଦୂରଦୃଷ୍ଟି ଅଛି—
Having political foresight; prudent; wise (Apte.

ନୟଜ୍ଞ—ସଂ. ବଣ. ପୁଂ. (ନୟ+ଜ୍ଞା ଧାତୁ+କର୍ତ୍ତୃ. ଅ)—
Nayajña ୧ । ନୀତିବିଶାରଦ—
(ନୟକୋବିଦ—ଅନ୍ୟରୂପ) 1. Versed in politics.
(ନୟଜ୍ଞା—ସ୍ତ୍ରୀ) ସଂ. ବି. ପୁଂ—୧ । ରାଜନୀତିବିଶାରଦ ବ୍ୟକ୍ତି—
(ନୟଜ୍ଞତା—ବି) 1. A politician; a statesma (Apte).
୨ । ଓସ୍ତାଦି ପେଞ୍ଚ ଜାଣିବା ବାଲା ବ୍ୟକ୍ତି—
2. Tactician; statesman skilled in policy.
୩ । ଦୂରଦୃଷ୍ଟିବିଶିଷ୍ଟ—3. Prudent (Apte).

ନୟନ୍ (ଇତ୍ୟାଦି)—ବୈଦେ. ବି. (ଇଂ. ଲାଇନ୍)—
Nayan (etc) ଲାଇନ୍ ଇତ୍ୟାଦି (ଦେଖ)
नयन; लाइन **नयन, लाइन** Lāin etc (See)

ନୟନ୍ କ୍ଲାଟ୍—ବୈଦେ. ବି. (ଇଂ. ଲଙ୍ଗ୍ କ୍ଲଥ୍)—
Nayan-klāṭ କଳବୁଣା ଧଳାସୂତାର ଲୁଗା—
(ନୟନକ୍ଲାଟ—ଅନ୍ୟରୂପ) Longcloth; machine-woven
लंक्लथ **नयनगिलाट** white cotton cloth.

ନୟନ୍ ପରେଟ୍—ବୈଦେ. ବି. (ଇଂ. ଲାଇନ୍=ପଂକ୍ତି+ପାରେଡ୍=
Nayan paret ସେନାମାନଙ୍କର ବ୍ୟାୟାମ ଅଭ୍ୟାସ)—
नयन परेट ୧ । ସେନାମାନଙ୍କର ପଂକ୍ତିବଦ୍ଧ ହୋଇ ବନ୍ଧୁକ
नयन परेट ଆଦି ମାରିବାର ଅଭ୍ୟାସ କରିବା—
1. Military parade
୨ । ଯେଉଁ ମୁକ୍ତସ୍ଥାନରେ ସେନାମାନେ ବନ୍ଧୁକଆଦି ମାରିବାର ଅଭ୍ୟାସ କରନ୍ତି—2 A field where soldiers hold military parade or target practice.

ନୟନ୍‌ସୁକ୍(ଖ୍)—ଦେ. ବି. (ସଂ. ନୟନସୁଖ; ଦେଖିବାକୁ ସୁନ୍ଦର)—
Nayan-suk(kh) ସୂକ୍ଷ୍ମ ଚିକଣ କଳବୁଣା ସୂତା ଲୁଗା; ସୂତାର ପତଳା
नयनसुख ସାଟିନ୍ କନା—White shirting; cambric.
नैनसुख

ନୟନ—ସଂ. ବି. (ନୀ ଧାତୁ=ନେବା+କରଣ. ଅନ)—୧ । ଚକ୍ଷୁଃ;
Nayana ଆଖି—1 Eye.
୨ । (+ଭାବ. ଅନ) ପ୍ରାପଣ; ପ୍ରାପ୍ତି କରାଇବା—
2. Procuring.
୩ । (+କର୍ତ୍ତୃ. ଅନ)—ପଥ ପ୍ରଦର୍ଶକ—3. A guide.
୪ । (କାଳ) ଯାପନ; କଟାଇବା; ଅତିବାହନ—
4. Passing (of time); whiling away.
୫ । ରାଜ୍ୟାଦିର ଶାସନ—
5. Ruling; governing (Apte).
[ଦ୍ର—'ନୟନ' ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ ହୋଇ ବିଶେଷଣ ହୁଏ, ଯଥା—ତ୍ରିନୟନ (ପୁଂ); ମୃଗନୟନା ଓ ଏଣୀନୟନା (ସ୍ତ୍ରୀ) ।]

ନୟନ ଗୋଚର—ସଂ. ବଣ. (ସପ୍ତମୀ ତତ୍; ନୟନ+ଗୋଚର=ଇନ୍ଦ୍ରିୟ-
Nayana gochara ଗ୍ରାହ୍ୟ)—୧ । ଚକ୍ଷୁଗୋଚର; ଦେଖାଯିବା; ଦୃଷ୍ଟିର ବିଷୟୀଭୂତ; ଯାହା ଦେଖାଯାଏ—
1. Visible; apparent
୨ । ସମକ୍ଷ; ଯାହା କୌଣସି ବ୍ୟକ୍ତିର ଆଖି ଆଗରେ ଅଛି—
2. Which is before the eyes of a person.

ନୟନଗୋଚର କରିବା—ଦେ. କ୍ରି.—ଦେଖିବା—
Nayanagochara kariba To see.
নয়নগোচর করা **नयन गोचर करना**

ନୟନ ଜଳ—ସଂ. ବି. (ଷଷ୍ଠୀ ତତ୍; ନୟନ+ଜଳ)—ଲୋତକ; ଲୁହ;
Nayana jaḷa ଅଶ୍ରୁ—Tears.
(ନୟନ ନୀର, ନୟନ ବାରି, ନୟନ ସଲିଳ—ଅନ୍ୟରୂପ)

ନୟନ ଜୁ(ଜୋ)ଡ଼ି(ରି)—ଦେ. ବି. (ସଂ. ନୀ ଧାତୁରୁ ଉତ୍ପନ୍ନ ନୟନ
Nayana ju(jo)ṛdi(ri) =ନେବା, ପ୍ରାପଣ+ଜଳ; ଯେଉଁ
[ନଏନ ଜୁ(ଜୋ)ଡ଼ି(ରି)—ଅନ୍ୟରୂପ] ବାଟେ ପାଣି ବାହାରି ଯାଏ)—ସଡ଼କର ଦୁଇ ପାଖରେ ଥିବା ଜଳନିର୍ଗମନର
मोरी ନାଳ; ନର୍ଦ୍ଦମା—Drains on both sides of a road;
नयन जुली gutter.

ନୟନ ଠାର—ଦେ. ବି.—ନୟନ ଭଙ୍ଗୀ; ଆଖିଠାର; ଆଖିଦ୍ୱାରା ଇସାରା
Nayana ṭhāra Wink; furtive looks.
नयनठार **कनखी, आँख मटमट**

ନୟନ ତରା—ଦେ. ବି. (ସଂ. ନୟନ ତାରା)—ନୟନତାରା (ଦେଖ)
Nayana tarā Nayana tārā (See)
চেখের পুতুল **आँखकी पुतली, आँखका तारा**

ନୟନ ତାରା—ସଂ. ବି. (ଷଷ୍ଠୀ ତତ୍; ନୟନ+ତାରା)—୧ । କନୀନିକା;
Nayana tārā ଆଖିର ମଣି; ଆଖିର ପୁଅ; ଆଖିର କେନ୍ଦ୍ରରେ
(ନୟନ ତାରକ—ଅନ୍ୟରୂପ) କଳାଡୋଳାର ମଧ୍ୟସ୍ଥଳରେ ଥିବା ଦର୍ପଣବତ୍ ସ୍ୱଚ୍ଛ କୋମଳ ଚର୍ମଖଣ୍ଡ—1. The pupil of the eye.
୨ । (ଲକ୍ଷଣାର୍ଥ) ପୃଥିବୀରେ ସବୁଠାରୁ ପ୍ରିୟତମ ବ୍ୟକ୍ତି ବା ବସ୍ତୁ—2, One's most beloved object.

ନୟନ ତୃପ୍ତିକର—ସଂ. ବଣ. (ଷଷ୍ଠୀ ତତ୍ ଓ ଉପପଦ; ନୟନ+
Nayana tṛuptikara ତୃପ୍ତିକର)—ଯାହା ଦେଖିଲେ ମନରେ
(ନୟନ ତର୍ପକ—ଅନ୍ୟରୂପ) ଆନନ୍ଦ ହୁଏ; ନୟନ ପ୍ରିୟ; ପ୍ରିୟଦର୍ଶନ-
Pleasing to the eye.

ନୟନ ପଟ — ସଂ. ବି. (୬ଷ୍ଠୀ ତତ୍; ନୟନ+ପଟ)—ଆଖିର ପଲକ;
Nayana paṭa ଆଖି ପତା (ହି. ଶ)—Eye-lid.
(ନୟନଚ୍ଛଦ — ଅନ୍ୟରୂପ)

ନୟନ ପଥ—ସଂ. ବି. (୬ଷ୍ଠୀ ତତ୍, ନୟନ+ପଥ)—ଦୃଷ୍ଟି ଯେତେ ଦୂର
Nayana patha ଯାଇ ପାରେ; ଦୃଷ୍ଟିପଥ — Ken; the range of sight.

ନୟନ ପିତୁଳା(ଳି)—ଦେ. ବି. (ସଂ. ନୟନ ପୁତ୍ତଳିକା)—
Nayana pituḻā(ḻi) ୧ । ନୟନ ତାରା (ଦେଖ)
ଚୋଖେର ପুতুল 1. Nayana tārā (See)
आँखकी पुतली ନୟନ ପିତୁଳା ତୁମ୍ଭେ ମୋ ଅଟ ହା ଏବେ ।
ନନ୍ଦକିଶୋର. ସୀତାବନବାସ ।
୨ । ନୟନ ସମ୍ପତ୍ତି ୨ (ଦେଖ)
2. Nayana sampatti 2 (See)

ନୟନ ପୁଟ—ସଂ. ବି. (୬ଷ୍ଠୀ ତତ୍; ନୟନ+ପୁଟ)—ଆଖିର ଗହ୍ବର—
Nayana puṭa The cavity of the eye (Apte).

ନୟନ ପେଡ଼ି—ଦେ. ବି. (ସଂ. ନୟନ ଓ ପେଟିକା)—
Nayana peṛi ଯାହା ଆଖିଆଗରେ ନ ଥାଏ ଅଥଚ ସର୍ବଦା କଳ୍ପନାରୂପ ଆଖିଆଗରେ ନାଚୁ ଥାଏ—Any absent thing which dances before one's eyes.
ସେ ଶୋଭା କରିଛ ମୋ ନୟନ ପେଡ଼ି । ଉତ୍କ. ସୁବର୍ଣ୍ଣରେଖା ।

ନୟନ ପ୍ରତିମା—ସଂ. ବି. (ଲକ୍ଷଣାର୍ଥ)—ଅତି ପ୍ରିୟତମ ବ୍ୟକ୍ତି; ନୟନ
Nayana pratimā ସମ୍ପତ୍ତି—One's most beloved person.

ନୟନ ପ୍ରିୟ—ସଂ. ବିଣ—ନୟନ ତୃପ୍ତିକର—
Nayana priya Pleasing to the eye.

ନୟନ ବିଷୟ—ସଂ. ବିଂ. (୬ଷ୍ଠୀ ତତ୍; ନୟନ+ବିଷୟ)—
Nayana bishaya ୧ । ଦେଖାଯାଉ ଥିବା କୌଣସି ବସ୍ତୁ—
1. Any visible object.
୨ । ଦିଗ୍‌ବଳୟ; ଚକ୍ରବାଳ—2. The horizon (Apte).
୩ । ଦୃଷ୍ଟିପଥ—3. The range of sight (Apfe).
ସଂ. ବିଣ—ନୟନଗୋଚର (ଦେଖ)
Nayana gochara (See)

ନୟନ ସମ୍ପତ୍ତି—ସଂ. ବି. (୬ଷ୍ଠୀ ତତ୍; ନୟନ+ସମ୍ପତ୍ତି)—
Nayana sampatti ୧ । ନୟନ ପ୍ରତିମା (ଦେଖ)
1 Nayana pratimā (See)
୨ । ଆଖିଆଗରେ ସର୍ବଦା ନାଚୁଥିବା ଅନୁପସ୍ଥିତ ବା ଅଗତ ବିଷୟ—2. Any past or absent thing which dances before one's eyes.

ନୟନ ସୁଖକର—ସଂ. ବିଣ—ନୟନ ତୃପ୍ତିକର (ଦେଖ)
Nayana sukhakara Nayana truptikara (See)
(ନୟନ ସୁଖଦ—ଅନ୍ୟରୂପ)

ନୟନା(ନୀ) — ସଂ. ବି. (ନୟନ+ଅ; ଈ)—ଆଖିର ପିତୁଳା—
Nayanā(nī) The pupil of the eye (Apte).

ନୟନାନନ୍ଦ—ସଂ. ବି. (୬ଷ୍ଠୀ ତତ୍; ନୟନ+ଆନନ୍ଦ)—ଚକ୍ଷୁର ପ୍ରୀତି—
Nayanānanda Pleasure to the eye
(ନୟନାନନ୍ଦା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—ନୟନ ତୃପ୍ତିକର; ସୁନ୍ଦର—Beautiful.

ନୟନାନନ୍ଦକର—ସଂ. ବିଣ. ପୁଂ—ନୟନାନନ୍ଦ (ଦେଖ)
Nayanānandakara Nayanānanda (See)
(ନୟନାନନ୍ଦକରୀ—ସ୍ତ୍ରୀ)

ନୟନାଭିରାମ—ସଂ. ବିଣ. (ବହୁବ୍ରୀହି ନୟନ+ଅଭିରାମ)—
Nayanābhirāma ଚକ୍ଷୁର ପ୍ରୀତିକର; ନୟନ ତୃପ୍ତିକର—
(ନୟନାଭିରାମା—ସ୍ତ୍ରୀ) Pleasing to the eye; lovely to behold.
ସଂ. ବି—ଚନ୍ଦ୍ର—The moon (Apte).

ନୟନାମୋଷୀ—ସଂ. ବିଣ. (ନୟନ+ଆ+ମୁଷ ଧାତୁ+କର୍ତ୍ତୃ. ଇନ୍;
Nayanāmoshī ୧ମା. ୧ବ.)—
୧ । ଯାହା ଆଖିକୁ ଦୃଷ୍ଟିଶକ୍ତିହୀନ କରିଦିଏ—
1. Blinding the sight; obscuring (Apte).

ନୟନାଶ୍ରୁ—ସଂ. ବି. (୬ଷ୍ଠୀ ତତ୍; ନୟନ+ଅଶ୍ରୁ)—ଲୁହ; ଲୋତକ—
Nayanāśru Tears.

ନୟନୀ—ସଂ. ବି. ସ୍ତ୍ରୀ. (ନୟନ+ସ୍ତ୍ରୀ. ଈ)—ନୟନତାରା; ଆଖିର ପୁଅ—
Nayanī The pupil of the eye.
ସଂ. ବିଣ. ପୁଂ. (ନୟନ+ଇନ୍; ୧ମା. ୧ବ)—ଚକ୍ଷୁବିଶିଷ୍ଟ—
(ନୟନିନୀ—ସ୍ତ୍ରୀ) Having eyes.

ନୟ ନେତା—ସଂ. ତ. ପୁଂ. (ନୟ+ନେତୃ; ୧ମା. ୧ବ)—
Naya neta ସୁନୀତିର ବିଷୟରେ ନେତୃସ୍ଥାନୀୟ ବା ଅତି ବିଚକ୍ଷଣ
(ନୟନେତ୍ରୀ—ସ୍ତ୍ରୀ) ବ୍ୟକ୍ତି—A master in politics (Apte).

ନୟନୋତ୍ସବ—ସଂ. ବି. (ବହୁବ୍ରୀହି; ନୟନ+ଉତ୍ସବ)—୧ । ପ୍ରଦୀପ—
Nayanotsaba 1. Lamp.
୨ । ନେତ୍ରତୃପ୍ତିକର କୌଣସି ବସ୍ତୁ—
2. Any lovely object.
୩ । ସୁନ୍ଦର ବା ପ୍ରିୟ ବସ୍ତୁ ଦେଖିବା ଯୋଗୁଁ ହେଉଥିବା ନୟନର ଆନନ୍ଦ—3. Delight of the eyes (Apte).
ସଂ. ବିଣ. (ବହୁବ୍ରୀହି)—ନେତ୍ରପ୍ରିୟ; ନୟନତୃପ୍ତିକର—
Pleasing to the eye.

ନୟନୋପାନ୍ତ—ସଂ. ବି. (୬ଷ୍ଠୀ ତତ୍; ନୟନ+ଉପାନ୍ତ)—
Nayanopānta ଅପାଙ୍ଗ; ଚକ୍ଷୁର କୋଣ; ନେତ୍ରପ୍ରାନ୍ତ—
The corner of the eye.

ନୟନୌଷଧ—ସଂ. ବି. (୬ଷ୍ଠୀ ତତ୍; ନୟନ+ଔଷଧ)—
Nayanaushadha ପୁଷ୍ପକାସୀସ; ହୀରାକସ—
Copperas; yellow vitriol.

ନୟ ପୀଠୀ—ସଂ. ବି. (ନୟ+ପୀଠ+ଈ)—ସତରଞ୍ଜି ବା ପଶାଖେଳର ପାଲି—The board or cloth on which men are moved in play; chessboard; dice-board (Apte).

ନୟ ପ୍ରୟୋଗ—ସ. ବି. (୭ମୀ ତତ୍; ନୟ=ନୀତି, ରାଜ+ପ୍ରୟୋଗ)—
Naya prayoga ରାଜନୀତିର ବ୍ୟବହାର; ରାଜନୀତିକ ଦୂରଦର୍ଶନ—
Practical politics; statesmanship; political wisdom (Apte).

ନୟ ବର୍ତ୍ମ—ସ. ବି. (୬ଷ୍ଠୀ ତତ୍; ନୟ=ନୀତି+ବର୍ତ୍ମ=ରାସ୍ତା)—
Naya barttma ରାଜନୀତିର ମାର୍ଗ—
(ନୟବର୍ତ୍ମ—ଅନ୍ୟରୂପ) A method or way of politics.

ନୟ ବାଦୀ—ସ. ବଣ. ଓ ବି. ପୁଂ. (ନୟ+ବଦ୍ ଧାତୁ+କର୍ତ୍ତୃ. ଇନ୍;
Naya bādi ୧ମା. ୧ବ)—ନୟଜ୍ଞ (ଦେଖ)
Nayajña (See)

ନୟବିଦ୍—ସ. ବଣ. ପୁଂ. (ନୟ+ବିଦ୍ ଧାତୁ=ଜାଣିବା+କର୍ତ୍ତୃ.
Nayabid କ୍ୱିପ୍)—ନୟଜ୍ଞ (ଦେଖ)
Nayajña (See)

ନୟବିଶାରଦ—ସ. ବଣ. ପୁଂ. (୭ମୀ ତତ୍; ନୟ+ବିଶାରଦ)—
Nayabiśārada ନୟଜ୍ଞ (ଦେଖ)
(ନୟବିଶାରଦା—ସ୍ତ୍ରୀ) Nayajña (See)

ନୟଶାଳୀ—ସ. ବଣ. ପୁଂ. (ନୟ+ଶାଳିନ୍; ୧ମା. ୧ବ)—ନ୍ୟାୟପର—
Nayaśāli Just; righteous (Apte).
(ନୟଶାଳିନୀ—ସ୍ତ୍ରୀ)

ନୟଶାସ୍ତ୍ର—ସ. ବି. (୬ଷ୍ଠୀ ତତ୍ ବା ମ. ପ. ଲୋ; କ. ଧା)—
Nayaśāstra ୧ । ନୀତିଶାସ୍ତ୍ର—1. Ethics; moral science.
୨ । ରାଜନୀତି ଶାସ୍ତ୍ର—2. The science of civil government; politics.
୩ । ରାଜନୀତି ସମ୍ବନ୍ଧୀୟ ଗ୍ରନ୍ଥ—3. Any work on politics or political economy (Apte).

ନୟଶୀଳ—ସ. ବଣ. ପୁଂ (ବହୁବ୍ରୀହି; ନୟ+ଶୀଳ)—
Nayaśīla ୧ । ନୀତିଜ୍ଞ (ହି. ଶବ୍ଦସାଗର)—
(ନୟଶୀଳା—ସ୍ତ୍ରୀ) 1. Versed in politics.
(ନୟଶୀଳତା—ବି) ୨ । ବିନୀତ (ହି. ଶ.)—2. Humble.

ନୟସ୍—ଦେ. ବି—ଲୟସ (ଦେଖ)
Nayas Layas (See)

ନୟା—ବୈଦେ. ବଣ. (ସ. ନବ; ଯାବନିକ ଶବ୍ଦ)—୧ । ନୂତନ—
Nayā 1 New.
ନୟା ୨ । ନୂତନ ପ୍ରବର୍ତ୍ତିତ—2. Newly started.
नया (ଯଥା—ନୟାସଡ଼କ; ନୟାବଜାର ।)

ନୟାଗଡ଼—ଦେ. ବି—ନୂଆଗଡ଼ (ଦେଖ)
Nayāgarda Nūāgarda (See)

ନୟାନ୍ତ—ଦେ. ବଣ—ଅତିଶୟ କ୍ଲାନ୍ତ—
Nayānta Vsry tired.
ଅଖାନ୍ତୁଆ

ନୟାବାଦ୍(ଦୀ)—ଦେ. ବି. (ସ. ନବ+ଫା. ଅବାଦ୍)—
Nayābād(di) ନୂଆ ଚଷ ହୋଇଥିବା ଜମି—
[ନୟା ଅବାଦ(ଦୀ)—ଅନ୍ୟରୂପ] Newly reclaimed land.
ନୟାଆବାଦୀ ଦେ. ବି—ନୂଆ ଅବାଦ ହୋଇଥିବା (ଜମି)—
नयाआबादी Newly reclaimed; recently brought under cultivation.

ନୟାମ୍—ବୈଦେ. ବି. (ଫା)—ତରବାରର ଖୋଳ—
Nayām Scabbard; sheath.
नयाम **नयाम**

ନର—ସ. ବି. ପୁଂ. (ନୃ ଧାତୁ=ନେବା; ପାଇବା+କର୍ତ୍ତୃ. ଅ; ଯେ
Nara ଅପ୍ରୋକ୍ତ ପ୍ରାପ୍ତ ହୁଏ)—୧ । ମାନବ; ମନୁଷ୍ୟ—
(ନାରୀ—ସ୍ତ୍ରୀ) 1. Man; human being.
୨ । ବିଷ୍ଣୁ—2. Bishṇu.
୩ । ଅର୍ଜୁନ—3. Arjuna.
୪ । ସୀମାନିର୍ଦ୍ଦେଶକ ସ୍ତମ୍ଭ—4. A boundary pillar.
୫ । ପରମାତ୍ମା—5. The Supreme Spirit.
୬ । ସତରଞ୍ଚି ଖେଳର ଗୋଟି—
6. A man or piece at chess (Apte).
୭ । ସୂର୍ଯ୍ୟଯନ୍ତ୍ରର ଛାୟାନିର୍ଦ୍ଦେଶକ ଶଙ୍କୁ—
7. The pin of a sundial; gnomon (Apte).
୮ । ମନୁଷ୍ୟର ଉଚ୍ଚତା; ପୁରୁଷ (ଯଥା—ପୁରୁଷେ ପାଣି)—
8. A man's height.
୯ । ଧର୍ମରାଜ ଓ ଦକ୍ଷପ୍ରଜାପତିଙ୍କର ଏକ କନ୍ୟାଙ୍କଠାରୁ ଜାତ ପୌରାଣିକ ଋଷିବିଶେଷ—9. Name of a primitive sage.
[ଦ୍ର—ଏ ବିଷ୍ଣୁଙ୍କର ଅଂଶାବତାର ଥିଲେ ଓ ନାରାୟଣ ନାମରେ ଏହାଙ୍କର ଏକ ଭାଇ ଥିଲେ । ହି. ଶବ୍ଦସାଗର ।]
୧୦ । ଘୋଡ଼ା—10. A horse (Apte).
୧୧ । (ବ୍ୟାକରଣ) ବ୍ୟକ୍ତିବାଚକ ଅନ୍ତ୍ୟପଦ—
11. (grammar) A personal termination.
୧୨ । ରୋହିଷ (ହି. ଶ.) (ଦେଖ)—
12. Rohisha (See)
୧୩ । ସେବକ (ହି. ଶ.)—
13. Servant; boy servant; men servant.
ଦେ. ବି.—୧ । ଅଣ୍ଡିରା ଜୀବ—1. Male animal.
୨ । (ସ. ଲଡ଼ୀ) ପଙ୍କ୍ତି; ସୂତା; ସର—
2. String (of beads or necklace).
(ମାଈ—ସ୍ତ୍ରୀ) ଦେ ବଣ.—ଅଣ୍ଡିରା; ମର୍ଦ୍ଦ; (ଜୀବ)—
नर **नर** A male (animal).

ନରକ—ସ. ବି.—୧ । (ନୃ ଧାତୁ+ଅକ; ଯେଉଁ ସ୍ଥାନକୁ ପାପୀମାନେ
Naraka ନିଅ ଯାଆନ୍ତି)—ପରଲୋକରେ ପାପୀର ଦଣ୍ଡ ପ୍ରାପ୍ତିର ସ୍ଥାନ—1. Hell; infernal regions.
[ଦ୍ର—ନରକ ୨୧ ଗୋଟି ଯଥା—ତାମିସ୍ର,ଅନ୍ଧତାମିସ୍ର, ରୌରବ, ମହାରୌରବ, କୁମ୍ଭୀପାକ, କାଳସୂତ୍ର, ଅସିପତ୍ରବନ, ଶୂକରମୁଖ, ଅନ୍ଧକୂପ, କୃମିଭୋଜନ, ସନ୍ଦଂଶ, ତପ୍ତଶୂର୍ମି, ବଜ୍ରକଣ୍ଟକ, ଶାଳ୍ମଳୀ, ବୈତରଣୀ, ପୂୟୋଦ, ବିଶସନ, ଲାଳାଭକ୍ଷ, ଅବୀଚି, କ୍ଷାରକର୍ଦ୍ଦମ, ଦନ୍ଦଶୂକ, ସୂଚୀମୁଖ, ପ୍ରାଣରୋଧ, ଲାଳାଭକ୍ଷ, ଅୟଃପାନ, ଶୂଳପ୍ରୋତ, ଅବଟ, ଭସ୍ମୋଧନ ଓ ପର୍ଯ୍ୟାବର୍ତ୍ତନ ।

ଭାଗବତ ୫ମ ସ୍କନ୍ଧ ୨୬ ଅଧ୍ୟାୟର ଶୁକପରୀକ୍ଷିତ ସମ୍ବାଦରେ ଅଛି ୨୮ ନରକ ଓ କେଉଁ ପ୍ରକାର ପାପୀ କେଉଁ ନରକରେ ପଡ଼ି କି ଯନ୍ତ୍ରଣା ଭୋଗ କରେ ତାହା ବର୍ଣ୍ଣିତ ହୋଇଅଛି । ମନୁସ୍ମୃତିରେ ୨୧ ନରକର ଉଲ୍ଲେଖ ଅଛି ଓ ଅନ୍ୟାନ୍ୟ ପୁରାଣମାନଙ୍କରେ ମଧ୍ୟ ଭିନ୍ନ ଭିନ୍ନ ନରକ କୁଣ୍ଡ (ବସାକୁଣ୍ଡ, ରକ୍ତକୁଣ୍ଡ, ସର୍ପକୁଣ୍ଡ, ତପ୍ତକୁଣ୍ଡ, ମାନଙ୍କରେ ଉଲ୍ଲେଖ ଅଛି । ପୁରାଣ ଓ ସ୍ମୃତିରେ ନରକର ବର୍ଣ୍ଣନା ମିଳେ, କିନ୍ତୁ ହିନ୍ଦୁମାନଙ୍କର ପୁରାଣ ଅପେକ୍ଷା ପ୍ରାଚୀନ ଗ୍ରନ୍ଥମାନଙ୍କରେ ନରକର ଉଲ୍ଲେଖ ନାହିଁ । ଭିନ୍ନ ଭିନ୍ନ ପ୍ରକାର ପାପ କରିଥିବା ବ୍ୟକ୍ତିଙ୍କ ଆତ୍ମା ମୃତ୍ୟୁ ପରେ ଭିନ୍ନ ଭିନ୍ନ ପ୍ରକାର ନରକରେ ବହୁକାଳ ଯନ୍ତ୍ରଣା ଭୋଗ କରେ । ମୁସଲମାନ ଓ ଖ୍ରୀଷ୍ଟାନଙ୍କ ଧର୍ମଶାସ୍ତ୍ର ଅନୁସାରେ ନରକର କଳ୍ପନା ଅଛି, କିନ୍ତୁ ଏତେ ନରକର ଉଲ୍ଲେଖ ନାହିଁ । ସେମାନଙ୍କ ମତରେ ନରକରେ ସର୍ବଦା ଭୟଙ୍କର ଅଗ୍ନି ଜଳୁଛି । ହି. ଶ. ।]

୨ । ଯାତନା; ଦୁର୍ଗତି; ଯନ୍ତ୍ରଣା — 2. Misery; torment.

୩ । ଦୁଃଖଭୋଗର ସ୍ଥାନ—3. A place of misery.

୪ । (ନର+କ)—ନରକାସୁର; ଅସୁରବିଶେଷ — 4. Name of a demon.

୫ । ହିନ୍ଦୁ ପୁରାଣ ମତରେ କଳିର ପୁତ୍ର ଭୟ ଓ ପୁତ୍ରୀ ମୃତ୍ୟୁଙ୍କଠାରୁ ଜନ୍ମିତ କାଳ୍ପନିକ ପୁରୁଷ, ଯେ ଆପଣା ଭଗିନୀ ଯାତନାଙ୍କୁ ବିବାହ କରିଥିଲେ (ହି. ଶବ୍ଦସାଗର)— 5. Name of a mythological personification of hell said to be the son of Fear and Death and grandson of Kali (Ironage) and husband of Torment.

୬ । (ନାମ) ବିପ୍ରଚିତ୍ତି ଦାନବର ଏକପୁତ୍ର (ହି. ଶ.) 6. Name of a son of demon Biprachitti.

ଦେ. ବି.—୧ । ବିଷ୍ଠା; ମଇଳା— 1. Ordure; filth; dirt.

କରଇ ନରକ ଅହାର; ତଥାପି ଦୁଃଖ ନୁହେ ତାର । ଭାଗବତ ।

୨ । ବିଷ୍ଠାମୟ ସ୍ଥାନ— 2. A place full of ordure.

୩ । ଅତି ମଇଳା ସ୍ଥାନ—3. Filthy place

ନରକ କୁଣ୍ଡ—ସଂ. ବି—୧ । ନରକସ୍ଥ ବିଷ୍ଠା କୁଣ୍ଡ—1. An abyss
Naraka kunda in hell for tormenting sinners; the ordure-pit in hell.

[ଦ୍ର—କୌଣସି କୌଣସି ପୁରାଣରେ ବିଭିନ୍ନ ଶ୍ରେଣୀର ପାପୀଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାର ୮୬ଟି ନରକ କୁଣ୍ଡ ନିର୍ଦ୍ଦିଷ୍ଟ ଥିବାର ଉଲ୍ଲେଖ ଅଛି, ଯଥା—ବିଷ୍ଠାକୁଣ୍ଡ, ବସାକୁଣ୍ଡ, ରକ୍ତକୁଣ୍ଡ, ସର୍ପକୁଣ୍ଡ, ପୂୟକୁଣ୍ଡ, ମୂତ୍ରକୁଣ୍ଡ ଇତ୍ୟାଦି ।]

୨ । (ଲକ୍ଷଣାର୍ଥ) ଅପରିଷ୍କୃତ ଓ ଘୃଣ୍ୟ ସ୍ଥାନ— 2. (figurative) A dirty and filthy place.

୩ । ବିଷ୍ଠାକୁଣ୍ଡ—3. A tub or pot filled with ordure.

ନରକ ଗତି—ସଂ. ବି. (୭ମୀ ତତ୍; ନରକ+ଗତି)—
Naraka gati ୧ । ପାପକାର୍ଯ୍ୟ କରିଥିବା ହେତୁ ମୃତ୍ୟୁ ପରେ ନରକଅଭିମୁଖେ ଯିବା —1. Advancing in the path leading to the Hell after death (as a result of one's sins).

୨ । ପାପକର୍ମ ଯୋଗୁଁ ମୃତ୍ୟୁ ପରେ ନରକରେ ପଡ଼ିବା— 2. Falling in to the Hell after death for one's sins.

ନରକଗାମୀ—ସଂ. ବିଣ. ପୁଂ. (ନରକ+ଗମ୍ ଧାତୁ+କର୍ତ୍ତୃ. ଇନ୍; ୧ମା.
Narakagāmi ୧ବ)—ଯେ ପାପକାର୍ଯ୍ୟଦ୍ୱାରା ମୃତ୍ୟୁପରେ ନରକକୁ (ନରକଗାମିନୀ—ସ୍ତ୍ରୀ) ଯାଏ—Going to the Hell after death for one's sins.

ନରକ ଚତୁର୍ଦ୍ଦଶୀ—ସଂ. ବି—କାର୍ତ୍ତିକ କୃଷ୍ଣଚତୁର୍ଦ୍ଦଶୀ; ଭୂତଚତୁର୍ଦ୍ଦଶୀ—
Naraka chaturddaśi The 14th day of the dark fortnight of Kārttika.

[ଦ୍ର—ଏ ଦିନ ୧୪ ପ୍ରକାର ଶାଗ ଖାଇବାକୁ ହୁଏ ଏବଂ ଅପାମାର୍ଗ ଡାଳ ଗଣ୍ଡେ ମୁଣ୍ଡ ଚାରିପାଖରେ ବୁଲାଇବାକୁ ହୁଏ ।]

ନରକଜିତ୍—ସଂ. ବି. ପୁଂ. (ନରକ=ନରକାସୁର+ଜି ଧାତୁ=ଜୟ
Narakajit କରିବା+କର୍ତ୍ତୃ. କ୍ୱିପ୍)—ବିଷ୍ଣୁ—Bishṇu.

ନରକ ଦେବତା—ସଂ. ବି. (ନରକ+ଦେବତା; ୬ଷ୍ଠୀ ତତ୍)—
Naraka debatā ନରକର ଅଧିଷ୍ଠାତ୍ରୀ ଦେବୀ; ଅଲକ୍ଷ୍ମୀ— Goddess of the Hell.

ନର କପାଳ—ସଂ. ବି. (୬ଷ୍ଠୀ ତତ୍; ନର+କପାଳ)—
Nara kapāḷa ମଲା ମନୁଷ୍ୟର ଖପୁରି— The skull of a dead man.

ନରକ ବାସ—ସଂ. ବି. (୭ମୀ ତତ୍; ନରକ+ବାସ)—
Naraka bāsa ପାପର ଦଣ୍ଡସ୍ୱରୂପ ନରକରେ ଅବସ୍ଥିତି — Abiding or staying in Hell (of a sinner).

ନରକ ଯନ୍ତ୍ରଣା—ସଂ. ବି. (୬ଷ୍ଠୀ ତତ୍; କର୍ମଧା; ନରକ+ଯନ୍ତ୍ରଣା)—
Naraka jantraṇā ନରକରେ ଦଣ୍ଡିତ ପାପୀର ଅନୁଭୂତ ଦୁଃଖ- (ନରକଯାତନା—ଅନ୍ୟରୂପ) The torments of the Hell.

ନରକାଗତି—ଗ୍ରା. ବି—ନରକଗତି (ଦେଖ)
Narakāgati Narakagati (See)

ନରକାନ୍ତକ—ସଂ. ବି. (୬ଷ୍ଠୀ ତତ୍; ନରକ+ଅନ୍ତକ)—
Narakāntaka ୧ । ଯେ ମନୁଷ୍ୟର ପାପକୁ କ୍ଷମା କରି ତାହାକୁ ନରକରୁ ଉଦ୍ଧାର କରନ୍ତି—1. Saviour of the sinners.

୨ । ନରକାସୁରର ବିନାଶକାରୀ; ବିଷ୍ଣୁ—2 Bishṇu.

ନରକାସୁର—ସଂ. ବି—ବରାହ ଅବତାରରେ ବିଷ୍ଣୁଙ୍କ ଔରସରେ ପୃଥିବୀ-
Narakāsura ଗର୍ଭଜାତ ଅସୁରବିଶେଷ—Name of a demon born of Bishṇu in the Barāha incarnation and the earth.

[ଦ୍ର—ବରାହ ଅବତାରରେ ବିଷ୍ଣୁ ପୃଥିବୀ ସଙ୍ଗେ ସହବାସ କରିବାରୁ ପୃଥିବୀ ଗର୍ଭବତୀ ହେଲେ । ତାଙ୍କ ଗର୍ଭରେ ଏକ ଉଗ୍ର ଓ ବଳୀ

ଅସୁର ଥିବାର ଜାଣିପାରି ଦେବତାମାନେ ପୃଥିବୀଙ୍କ ପ୍ରସବକୁ ରୋକିଦେଲେ । ପୃଥିବୀ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ତ୍ରେତାଯୁଗରେ ରାବଣବଧ ପରେ ପୃଥିବୀ ପ୍ରସବ କରିବେ ବୋଲି ବିଷ୍ଣୁ ବର ଦେଲେ । ତଦନୁସାରେ ରାବଣବଧ ପରେ ପୃଥିବୀର ଯେଉଁ ସ୍ଥାନରୁ ସୀତାଙ୍କର ଜନ୍ମ ହୋଇଥିଲା ସେହି ସ୍ଥାନରୁ ନରକାସୁର ଜନ୍ମ ହେଲା । ରାଜା ଜନକ ଏହାକୁ ୧୬ ବର୍ଷ ପର୍ଯ୍ୟନ୍ତ ପାଳିଲେ । ୧୬ ବର୍ଷ ବୟସରେ ଆପଣା ମାତା ପୃଥିବୀଙ୍କଠାରୁ ଏ ଆପଣା ଜନ୍ମବୃତ୍ତାନ୍ତ ଅବଗତ ହୋଇ ବିଷ୍ଣୁଙ୍କୁ ସ୍ମରଣ କରିବାରୁ ବିଷ୍ଣୁ ଏହାକୁ ପ୍ରାଗ୍‌ଜ୍ୟୋତିଷ ପୁରର ରାଜା କରାଇଲେ । ଏ ବିଦର୍ଭ ରାଜକୁମାରୀ ମାୟାଙ୍କୁ ବିବାହ କଲା । ବ୍ରାହ୍ମଣ ଓ ଦେବତାଙ୍କ ସଙ୍ଗେ ବିରୋଧ ନ କରିବା ପାଇଁ ବିଷ୍ଣୁ ଏହାକୁ ଚେତାଇ ଥିଲେ । ବାଣାସୁର ଥରେ ପ୍ରାଗ୍‌ଜ୍ୟୋତିଷ-ପୁରକୁ ବୁଲିବାକୁ ଆସିଥିଲା । ସେହି ସମୟରେ ବାଣାସୁରର ସଂସ୍ରବରେ ଏ ଦୁଷ୍ଟ ହେଲା ଓ ଦେବତାମାନଙ୍କୁ କଷ୍ଟ ଦେଲା । ଦେବତାମାନେ କ୍ରୁଦ୍ଧ ହୋଇ ଏହାକୁ ଶାପ ଦେଲେ । ଏ କଠୋର ତପସ୍ୟା ସାଧନ କରି ବହୁବାର ଇନ୍ଦ୍ରଙ୍କୁ ଜିଣିଲା । ଶେଷରେ ଶ୍ରୀକୃଷ୍ଣ ପ୍ରାଗ୍‌ଜ୍ୟୋତିଷପୁରକୁ ଆକ୍ରମଣ କରି ସୁଦର୍ଶନ ଚକ୍ରରେ ଏହାକୁ ବଧ କଲେ—ହି. ଶବ୍ଦସାଗର ।]

ନରକୀ—ସଂ. ବିଣ. ପୁଂ. (ନରକ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Naraki ୧ । ମହାପାପୀ; ନାରକୀ—1. Sinful; hellish; fiendish; infernal.
(ନରକିଣୀ—ସ୍ତ୍ରୀ)
୨ । କ୍ଲେଶସଙ୍କୁଳ—3. Full of torment.

ନର କୀଲକ—ସଂ. ବି. (ନର+କୀଲ=ଶଙ୍କୁ+କ)—
Nara kilaka ଗୁରୁଘ୍ନ; ଗୁରୁହତ୍ୟାକାରୀ ବ୍ୟକ୍ତି—The murderer of one's spiritual preceptor (Apte).

ନରକୁନ୍ଦନ ବିଦ୍ୟା—ଦେ. ବି—ବ୍ୟାୟାମ; ଅଙ୍ଗଚାଳନା—
Narakundana bidyā Gymnastics; bodily exercises.

ନରକୁଳ ଦେବ—ସଂ. ବି. (୬ଷ୍ଠୀ ତତ୍; ନରକୁଳ=ମନୁଷ୍ୟଗଣ+
Narakula deba ଦେବ)—ରାଜା—King.

ତାହା କରି ବେଗେହେ ନରକୁଳ ଦେବ । କୃଷ୍ଣସିଂହ. ମହାଭାରତ ବନ ।

ନର କେଶରୀ—ସଂ. ବି. (ନର+କେଶରୀ=ଶ୍ରେଷ୍ଠ, ୭ମୀ ତତ୍; ବା
Nara kesari ଉପମିତ କର୍ମଧାରୟ, କେଶରୀ ପରି ନର)—
(ନରକେସରୀ—ଅନ୍ୟରୂପ) ୧ । ନରଶ୍ରେଷ୍ଠ; ନରପୁଙ୍ଗବ—
1. The chief among men; a great man.
୨ । ମୁଣ୍ଡରୁ କଣ୍ଠ ଦେଶ ପର୍ଯ୍ୟନ୍ତ ସିଂହାକୃତି ଓ ଅବଶିଷ୍ଟ ଅର୍ଦ୍ଧାଙ୍ଗ ନରାକୃତି ବିଷ୍ଣୁଙ୍କର ଅବତାରବିଶେଷ; ନୃସିଂହ ଅବତାର—2. An incarnation of Bishnu (half man and half lion).
[ଦ୍ର—ବିଷ୍ଣୁ ୪ର୍ଥ ଅବତାରରେ ଏହିରୂପ ଧରି ହିରଣ୍ୟକଶିପୁକୁ ନଖରେ ଚିରି ବଧ କରିଥିଲେ ।]
ଦେ. ବି. ପୁଂ—ଲୋକଙ୍କୁ ଡାକିବା ନାମ—
A name given to males.

ନରକୋଳି—ଦେ. ବି. (ସଂ. ଲବଲୀ)—ନଥରକୋଳ; ଅଁଳା କୋଳି
Nara koli ଜାତୀୟ ଏକ ପ୍ରକାର କୋଳି ଗଛ ଓ ତାର କୋଳି—
ସଂ. ପର୍ଯ୍ୟାୟ—ସୁଗନ୍ଧ ମୂଳା, ଲବଲୀ, ପାଣ୍ଡୁ, କୋମଳ-ବଲ୍କଲା, ହରିପର୍ବରୀ
ମ. କାଥ ଆମ୍ଳା, ରାୟଆମଳୀ
ଗୁ. ଖାଟ ଆମଳୀ
ନୋଡ଼, ନୋୟାଡ଼ି
हरफा रेवड़ी, चालमेरि हरफा
ନଥର କୋଳ } ଅନ୍ୟରୂପ
ନବର କୋଳ }
A kind of tree bearing acid berries; Otaheite Goose berry; cicca destitcha; Phyllan thus Distichus; Phyllanthus Longifolius.
[ଦ୍ର—ଏହାର କୋଳି ଖଟା ଓ କଷା । ଏହାର ପତ୍ର କୋମଳ । ତେଣୁ ଲୋକେ ଏହି ପତ୍ରରେ ଶଯ୍ୟା ରଚନା କରି ତହିଁରେ ବସନ୍ତ-ରୋଗୀକୁ ଶୁଆନ୍ତି । ଏହା ଅଶ୍ମରୀ, ଅର୍ଶ, କଫ, ଅତିସାର, ବ୍ରଣ, ଲୁତା-ଦଂଶ ଓ ପିତ୍ତନାଶକ । ଶୁଭ କର୍ମ ଓ ଉତ୍ସବ ଉପଲକ୍ଷେ ଏହାର ଡାଳକୁ ଦଉଡ଼ିରେ ବାନ୍ଧି ଲୋକେ ପିଣ୍ଡା ଆଦିରେ ତୋରଣାକାରରେ ଝୁଲାନ୍ତି ।]

ନର ଗଣ—ସଂ. ବି—ଫଳିତ ଜ୍ୟୋତିଷରେ ଉତ୍ତରଫାଲ୍ଗୁନୀ, ଉତ୍ତରାଷାଢ଼ା,
Nara gana ପୂର୍ବଭାଦ୍ରପଦ, ରୋହିଣୀ, ଭରଣୀ ଓ ଆର୍ଦ୍ରାନକ୍ଷତ୍ରର ଗଣବିଶେଷ—(astrology.) A group of asterisms.
[ଦ୍ର—ଏଥିରେ ଜାତ ହେବା ବ୍ୟକ୍ତି ସୁଶୀଳ ଓ ବୁଦ୍ଧିମାନ୍ ହୁଏ । ଏହାକୁ ମନୁଷ୍ୟଗଣ ମଧ୍ୟ ବୋଲାଯାଏ । ରାକ୍ଷସଗଣ ସଙ୍ଗେ ନରଗଣର ବିରୋଧ ଓ ଦେବଗଣ ସଙ୍ଗେ ମିତ୍ରତା ହୁଏ ।]

ନରଗିସ୍—ବୈଦେ. ବି (ଫା)—ଏକପ୍ରକାର ଧଳା ସୁଗନ୍ଧ ଫୁଲ—
Naragis Narcissus.
नरगीस [ଦ୍ର—ଏଥିର ଗଛ ଓ ପତ୍ର ପିଆଜଗଛ ଓ ପତ୍ରପରି । ଏଥିର ମୂଳରେ ପିଆଜପରି ପିଣ୍ଡ ଥାଏ । ଏଥିରେ କଟୋରିପରି ଧଳା ସୁଗନ୍ଧ ଫୁଲ ଧରେ ଓ ସେଥିରେ କଳା ଟୋପାମାନ ଥାଏ । ପାରସୀକ କବିମାନେ ଏ ଫୁଲ ସଙ୍ଗେ ସ୍ତ୍ରୀମାନଙ୍କର ସୁନ୍ଦର ଆଖିକୁ ତୁଳନା କରନ୍ତି—ହି. ଶବ୍ଦସାଗର ।]

ନରଘଣ୍ଟା—ପ୍ରାଦେ. (ଗଡ଼ଜାତ) ବି.—ଦେବୀବିଶେଷ—
Naraghantā Name of a Goddess.

ନରଘଣ୍ଟା ବେଣ୍ଟ—ପ୍ରାଦେ. (ଗଡ଼ଜାତ) ବି.—ନରଘଣ୍ଟା ନାମକ
Naraghantā benta ଦେବତାଙ୍କୁ ପୂଜା କରି ଶିକାରୀ ଯେଉଁ ଶିକାର କରିବା ଅନୁଷ୍ଠାନ କରେ—A chase in which a person starts after worshipping a Deity named Naraghantā.
[ଦ୍ର—ଏହିପରି ଦେବତାଙ୍କ ନାମାନୁସାରେ କାଳୀବେଣ୍ଟ, ମଙ୍ଗଳାବେଣ୍ଟ ଇତ୍ୟାଦି ହୁଏ ।]

ନରଘାତକ—ସଂ. ବିଣ. ପୁଂ (ନର+ହନ୍ ଧାତୁ+କର୍ତ୍ତୃ. ଅକ)—
Naraghātaka ମନୁଷ୍ୟ ହତ୍ୟାକାରୀ—Murdering men.
(ନରଘାତୁକ, ନରଘାତୀ—ଅନ୍ୟରୂପ) ସଂ. ବି. ପୁଂ—ମନୁଷ୍ୟ ହତ୍ୟାକାରୀ ବ୍ୟକ୍ତି—Murderer; assassin.
ନରଘାତିକା }
ନରଘାତୁକା } ସ୍ତ୍ରୀ
ନରଘାତିନୀ }

ନରଙ୍ଗ—ସଂ. ବି (ନୃ ଧାତୁ+ସଙ୍କୋଚାର୍ଥେ+ଅଙ୍ଗ)—୧ । ବରୁଣ; ଚାଠ-
Naranga ଚରୁଣ—1. Pimples.
୨ । ପୁରୁଷର ଜନନେନ୍ଦ୍ରିୟ; ମେହନ—
2. Penis; male organ.
୩ । ନାରଙ୍ଗ ଗଛ (ହି. ଶ) (ଦେଖ)
3. Nāranga (tree) (See).

ନରଜା—ବୈଦେ. ବି (ଚଳିଆ ଶବ୍ଦ; ଫା. ଲରଜା; କମ୍ପ; ଦୋଳକମାନ
Narajā ସର୍ବଦା ଦୋଳୁଥିବାରୁ)—କୌଣସି ଅଳଙ୍କାର ତଳେ ସୁନା
लरजा ବା ମୁକ୍ତାର ଦାନାକୁ ଗୁନ୍ଥି ଝୁଲାଇବା ଉଦ୍ଦେଶ୍ୟରେ
लरजा ବ୍ୟବହୃତ ସୁନା ବା ରୁପାର ତାର—
Gold or silver wire used for stringing a gem when it is used as a pendant.

ନରଡ଼ଡଙ୍କ—ଦେ. ବି—ଅମ୍ଳରସବିଶିଷ୍ଟ ଲତାବିଶେଷ—
Narardadanka A creeper with sour taste.
[ଦ୍ର—ଏହାର ପତ୍ରକୁ ଶାଗ କରି ଖାଆନ୍ତି ।]

ନରତନ—ଦେ. (ଦେଶ୍ୟ) ବି. (ସଂ. ନର୍ତ୍ତନ)—ନର୍ତ୍ତନ (ଦେଖ)
Naratana Nartana (See)
नरतन ବୋଇଲେ ଦେଖିବ ନବ ନୃପନ
ବୈତ ତ ନରତନ-ନବେତନ—ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ନରତମ— ଗ୍ରା. ବି (ସଂ. ନରୋତ୍ତମ) (ଅନାଦରାର୍ଥେ)—ନରୋତ୍ତମର
Naratama ଡାକନାମ—A name for calling Narottama.
(ନରତମା—ଅନାଦରାର୍ଥକରୂପ)

ନରଦମା—ଦେ. ବି—ନର୍ଦ୍ଦମା (ଦେଖ)
Naradamā Nardamā (See)

ନର ଦେବ—ସଂ. ବି (୭ମୀ ତତ୍; ନର+ଦେବ)—୧ । ବ୍ରାହ୍ମଣ—
Nara deba 1. A Brāhmana.
୨ । ରାଜା—2. King.
୩ । ଦେବପ୍ରକୃତିକ ମନୁଷ୍ୟ—
3. A man of divine nature.

ନରଦ୍ୱିଟ୍—ସଂ. ବି (ନର+ଦ୍ୱିଷ୍ ଧାତୁ=ହିଂସା କରିବା+କର୍ତ୍ତୃ. କ୍ୱିପ୍
Naradwit ନରଦ୍ୱିଷ୍ ଶବ୍ଦ, ୧ମା. ୧ବ)—ରାକ୍ଷସ; ଅସୁର—
Demon.

ନରଧି—ସଂ. ବି. (ନର+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଇ)—
Naradhi ପୃଥିବୀ—The world (Apte).

ନର ନାରାୟଣ—ସଂ. ବି—୧ । ବଦରିକାଶ୍ରମବାସୀ ନରରୂପଧାରୀ ୨ ଜଣ
Nara nārāyana ଋଷିରୂପୀ (ବିଷ୍ଣୁଙ୍କ ଅବତାର) (ନର ୯ ଦେଖ)—1. An incarnation of Bishnu in the shape of 2 sages.
୨ । ଅର୍ଜ୍ଜୁନ ଓ ଶ୍ରୀକୃଷ୍ଣ—
2. Arjuna and Srikrushna.

ନରନାରୀ—ସଂ. ବି. (ନର+ନାରୀ)—୧ । (ଦ୍ୱନ୍ଦ୍ୱ) ପୁରୁଷ ଓ ସ୍ତ୍ରୀ—
Nara nāri 1. Man and woman.
୨ । (୬ଷ୍ଠୀ ତତ୍) (ଅର୍ଜ୍ଜୁନଙ୍କ ସ୍ତ୍ରୀ) ଦ୍ରୌପଦୀ (ହ ଶ.)—
2. A name of Draupadi.

ନରନାହା—ଦେ. ବି. (ସଂ. ନରନାଥ)—ନରନାଥ; ନୃପତି—
Naranāhā King.
नरनाहा नरनाह

ନର ପତି—ସଂ. ବି. (୬ଷ୍ଠୀ ତତ୍; ନର+ପତି)—ରାଜା; ନୃପତି—
Nara pati A king; ruler or lord of men.
(ନରନାଥ, ନରନାୟକ—ଅନ୍ୟରୂପ)

ନରପଦ—ସଂ. ବି. (୬ଷ୍ଠୀ ତତ୍; ନର+ପଦ; ତୁଳ. ଜନପଦ)—
Narapada ୧ । ନଗର—1. Town.
୨ । ଦେଶ—2. Country.

ନର ପଶୁ—ସଂ. ବି. (୭ମୀ ତତ୍; ନର+ପଶୁ)—ପଶୁବୃତ୍ତିଅବଲମ୍ବୀ
Nara pasu ବ୍ୟକ୍ତି—A beast in human form; a beastly man.

ନରପାଳ—ସଂ. ବି. (ଉପପଦ ତତ୍ପୁରୁଷ; ନର+ପାଳ ଧାତୁ+କର୍ତ୍ତୃ. ଅ)—ନରପତି (ଦେଖ)—Narapati (See)
Narapāla

ନରପାଳି—ସଂ. ବି—ଛୋଟ ଶଙ୍ଖ (ହି. ଶବ୍ଦସାଗର)—
Narapāli A small conch.

ନର ପିଶାଚ—ସଂ. ବି. (୭ମୀ ତତ୍; ନର+ପିଶାଚ)—ପିଶାଚ ପରି
Nara pisācha କ୍ରୂର ମନୁଷ୍ୟ—A devilish person.

ନର ପୁଙ୍ଗବ—ସଂ. ବି. (୭ମୀ ତତ୍; ନର+ପୁଙ୍ଗବ)—ପୁରୁଷଶ୍ରେଷ୍ଠ—
Nara pungaba A great man; the chief among men.

ନର ପୁର—ସଂ. ବି. (୬ଷ୍ଠୀ ତତ୍; ନର+ପୁର)—ଭୂଲୋକ; ମନୁଷ୍ୟ
Nara pura ଲୋକ—The world.

ନର ବଳି—ସଂ. ବି—ଦେବତା ଆଦିଙ୍କ ଉଦ୍ଦେଶ୍ୟରେ ମନୁଷ୍ୟଙ୍କୁ ବଳି
Nara bali ଦେବା—Offering of human victim as sacrifice; a human sacrifice.
ଦେ. ବି—ମେରିଆ (ଦେଖ)—Meriā (See)

ନର ବାହନ—ସଂ. ବି—୧ । (ମ. ପ. ଲୋ; କର୍ମଧା. ନର+ବାହନ)—
Nara bāhana ପାଲିଙ୍କି ଆଦି ମନୁଷ୍ୟ ବହିବା ଯାନ—
1. A vehicle drawn or carried by men (palky; sedan chair etc).
୨ । (ବହୁବ୍ରୀହି) କୁବେର—2. Kubera.

ନର ବାହ୍ୟ—ସଂ. ବିଣ. (୩ୟା ତତ୍; ନର+ବାହ୍ୟ)—ମନୁଷ୍ୟ ବହନ
Nara bāhya କରନେବା (ଯାନ)—(conveyance)
Borne or carried by men.
[ଦ୍ର—ବିମାନ, ଚଉଦୋଳ, ପାଲିଙ୍କି, ଖଟିଆ, ଡାଣ୍ଡୋଳା, ରିକ୍ସା ଓ ଠେଲାଗାଡ଼ି ଆଦି ଯାନକୁ ଲୋକେ ବୋହି ନିଅନ୍ତି ।]

ନର ବୀର—ସଂ. ବି. (୭ମୀ ତତ୍; ନର+ବୀର)—ସାହସୀ ବ୍ୟକ୍ତି; ବୀର—
Nara bira A brave man; a hero (Apte).

ନର ବ୍ୟାଘ୍ର—ସଂ. ବି—ନରପୁଙ୍ଗବ (ଦେଖ)
Nara byāghra Narapungaba (See)

ନରଭୁକ୍—ସଂ. ବି. (ନର+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍; ନରଭୁଜ୍ ଶବ୍ଦ;
Narabhuk ୧ମା ୧ବ.)—୧ । ନରମାଂସଭୋଜୀ—
1. Cannibal.
ନରଭକ୍ଷକ } ଅନ୍ୟରୂପ
ନରଭକ୍ଷୀ }
୨ । ରାକ୍ଷସ; ପିଶାଚ—2. Goblin.

ନରଭୂ—ସଂ. ବି. (ନର+ଭୂ ଧାତୁ+କର୍ତ୍ତି. କ୍ୱିପ୍; ଯେଉଁଠାରେ ନର-Narabhū ପଦବାଚ୍ୟ ବ୍ୟକ୍ତିମାନେ ବାସ କରନ୍ତି)—ଭାରତବର୍ଷ—(ନରଭୂମି—ଅନ୍ୟରୂପ) India (Apte).

ନରମ(ମା)—ବୈଦେ. ବିଣ (ଫା. ନରମ୍; ନର୍ମ୍ ଭୂଲ. ସଂ. ନମ୍ର)—Narama(mā) (ନର୍ମ—ଅନ୍ୟରୂପ) नरम नरम
୧ । କୋମଳ; କଅଁଳିଆ—1. Soft
୨ । ନମ୍ର; ମୃଦୁ; ଧୀର—2. Meek; gentle.
୩ । ସୁକୁମାର—3. Tender.
୪ । ଯାହାକୁ ଚପି ଦେଲେ ବସିଯାଏ ବା ଲଇଁଯାଏ—4 Supple; pliant.
୫ । ଅନୁଦ୍ଧତ; ଶାନ୍ତ—5. Mild.
୬ । ଆର୍ଦ୍ର; ଓଦା—6. Wet.
୭ । ଦୟାର୍ଦ୍ର; କରୁଣାର୍ଦ୍ର—7. Melting with pity.
୮ । ଥଣ୍ଡା; ଶୀତଳ—8. Cold; cooled down.
୯ । ସହଜ—9. Easy.
ବି.—ଦର ବା ମୂଲ୍ୟର ହ୍ରାସ—Fall in price of a commodity.

ନରମ ଗରମ—ବୈଦେ. ବିଣ(ବିପରୀତାର୍ଥ ସହଚର ଫା. ନର୍ମ୍+ଗର୍ମ୍)-Narama garama ଥଣ୍ଡା ଓ ଉଷ୍ଣ—Hot and cold.
नरम गरम नरम गरम
ଦେ. ବି—୧ । କଡ଼ା ଓ ଥଣ୍ଡା କଥା—1. Harsh and tender words; rude and polite words.
୨ । କଡ଼ା ଓ ନମ୍ର କଥାର ମିଶ୍ରଣ—2. A mixture of rude and polite expressions.

ନର ମଣି—ସଂ. ବି (୭ମୀ ତତ୍; ନର+ମଣି)—୧ । ରାଜା—Nara maṇi 1. King.
୨ । ମନୁଷ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ ବ୍ୟକ୍ତି; ପୁରୁଷଶ୍ରେଷ୍ଠ—2. A great man; the chief among men.

ନରମ ପନ୍ଥୀ—ଦେ. ବି (ଆଧୁନିକ ପ୍ରୟୋଗ)—ଯେଉଁ ବ୍ୟକ୍ତିମାନେ Narama panthi ରାଜନୀତିକ ସଂସ୍କାରମାନ ମୃଦୁ ଉପାୟରେ (ଚରମପନ୍ଥୀ—ବିପରୀତ) କରିବାକୁ ପ୍ରୟାସ କରନ୍ତି—Moderates in politics.
नरमपंथी नरमपंथी

ନର ମାଦୀ—ଦେ. ବିଣ (ବିପରୀତାର୍ଥକ ସହଚର; ସଂ. ନର+ଫା.ମାଦୀ)—Nara mādi ଅଣ୍ଡିରା ଓ ମାଈ (ଜୀବ)—Male and female (animals).
नरमादी नरमादी
ଦେ. ବି (ଜୀବଙ୍କର) ଯୋଡ଼ା; ଦମ୍ପତି - A couple; a pair(of animals).

ନରମାନିକା—ସଂ. ବି. ସ୍ତ୍ରୀ (ନର+ମାନ+କ+ଆ)—ନରଚିହ୍ନଧାରଣୀ Narāmanikā ସ୍ତ୍ରୀ; ଯେଉଁ ସ୍ତ୍ରୀଠାରେ ଦାଢ଼ି ଆଦି ପୁରୁଷ ଚିହ୍ନ ଲକ୍ଷିତ ହୁଏ—A man-like woman; an amazon; a masculine woman; a woman with a beard (Apte).
ନରମାନକା, ନରମାଳିକା } ଅନ୍ୟରୂପ—

ନର ମାର୍ଗ—ସଂ. ବି (୬ଷ୍ଠୀ ତତ୍; ନର+ମାର୍ଗ)—ରାଜପଥ—Nara mārga A high way; a main road (Apte).

ନର ମାଳା—ସଂ. ବି (୬ଷ୍ଠୀ ତତ୍; ନର+ମାଳା)—ନୃମୁଣ୍ଡମାଳା—Nara māḷā A girdle of skulls (Apte).

ନରରାଟ୍—ସଂ. ବି (ନର+ରାଜନ୍; ନରରାଜ୍ ଶବ୍ଦ ୧ମା. ୧ବ)—Nararāṭ ୧ । ନରଶ୍ରେଷ୍ଠ—1. The chief amongst men.
୨ । ନରପତି; ରାଜା—2. King.

ନର ମେଧ—ସଂ. ବି (ନର+ମେଧ=ଯଜ୍ଞ)—ଯଜ୍ଞ ବିଶେଷ; ଯହିଁରେ Nara medha ନରକୁ ହତ୍ୟା କରି ଆହୁତି ଦିଆଯାଏ—A human sacrifice.
ଦେ. ବି—ମେରିଆ (ଦେଖ)—Meriā (See)

ନର ଯନ୍ତ୍ର—ସଂ. ବି (ମ. ପ. ଲୋ. କର୍ମଧା; ନର ପରିଲକ୍ଷିତ ଯନ୍ତ୍ର)—Nara jantra ସୂର୍ଯ୍ୟଘଣ୍ଟା—Sundial (Apte).

ନର ଯାନ—ସଂ. ବି (ମ. ପ. ଲୋ; ନରବାହ୍ୟ ଯାନ)—ମନୁଷ୍ୟଙ୍କଦ୍ୱାରା Nara jāna ବାହିତ ଯାନ—A vehicle drawn by men sedan chair.
ନରରଥ, ନରବାହନ }—ଅନ୍ୟରୂପ

ନରରାଣ—ଦେ. ବି (ସଂ. ନରରାଜ; ନରରାଟ୍)—ନରପତି; ନୃପତି; Nararāṇa ରାଜା—King.
नरराज नराट
ବଦେହି ନରରାଣ କେମା ଭୁ ମୋର ପରାଣ ସେ ପରାଣର । ଉକ୍ତ- ବୈଦେହୀଶବିଳାସ ।

ନରର୍ଷଭ—ସଂ. ବି. (୭ମୀ ତତ୍; ନର+ଋଷଭ)—୧ । ପୁରୁଷଶ୍ରେଷ୍ଠ—Nararshava 1. The chief of men (Apte).
୨ । ରାଜା—2. King (Apte).

ନର ଲୋକ—ସଂ. ବି. (୬ଷ୍ଠୀ ତତ୍; ନର+ଲୋକ=ଭୁବନ)—Nara loka ୧ । ପୃଥିବୀ; ଇହଲୋକ; ମର୍ତ୍ତ୍ୟଲୋକ—1. The earth; the habitable world; the mortal world.
୨ । ପୃଥିବୀର ସମଗ୍ର ମନୁଷ୍ୟ ଜାତି; ମାନବଜାତି—2. The mankind (Apte)

ନର ଶାର୍ଦ୍ଦୂଳ—ସଂ. ବି —ନର ପୁଙ୍ଗବ (ଦେଖ) Nara śārddūḷa Nara pungaba (See)

ନର ଶୃଙ୍ଗ—ସଂ. ବି. (୬ଷ୍ଠୀ ତତ୍; ନର+ଶୃଙ୍ଗ; ଭୁଲ. ଶଶବିଷାଣ, Nara śrunga ଆକାଶ କୁସୁମ, ବନ୍ଧ୍ୟାପୁତ୍ର)—ମନୁଷ୍ୟର ଶୃଙ୍ଗ ଭଳି ଅପ୍ରାକୃତ ପଦାର୍ଥ—A man's horn; an impossibility; a chimera; a nonentity (Apte).

ନର ଶ୍ରେଷ୍ଠ—ସଂ. ବି—ନର ପୁଙ୍ଗବ (ଦେଖ) Nara śreshṭha Nara pungaba (See)

ନର ସଂସର୍ଗ—ସଂ. ବି. (୬ଷ୍ଠୀ ତତ୍; ନର+ସଂସର୍ଗ)—Nara saṁsarga ୧ । ମନୁଷ୍ୟଙ୍କ ସଙ୍ଗେ ଚଳପ୍ରଚଳ ହେବା—(ନରସମାଜ—ଅନ୍ୟରୂପ) 1. Moving amongst man.
୨ । ମନୁଷ୍ୟମାନଙ୍କ ଗଠିତ ସମାଜ—2. The human society.

ନରସାଇଁ—ଦେ. ବି. (ସଂ. ନର ଓ ସ୍ୱାମୀ)—ରାଜା; ନରପତି; ନୃପତି—
Narasāiṅ King; ruler of men.

नरसाई ଏରୂପେ ବହୁ ଧୃତରାଷ୍ଟ୍ର ନରସାଇଁ
नरसाइ ଚିନ୍ତା ଚାହିଁଲେ ସେ ଅତି ଦୁଃଖୀ ହୋଇ ।
କୃଷ୍ଣସିଂହ. ମହାଭାରତ ଆଦି ।

ନରସିଂହ—ସଂ. ବି—୧ । ନରକେଶରୀ (ଦେଖ)
Narasiṁha 1. Narakeśarī (See)
୨ । ଲୋକଙ୍କୁ ଦିଆଯିବା ନାମ—
2. A name given to males.
[ଦ୍ର—ଏ ଶବ୍ଦକୁ ଉଚ୍ଚାରଣ ଦୋଷରେ ଅମ୍ଭେମାନେ ନରସିଂଘ ରୂପେ ଅଶୁଦ୍ଧ ଉଚ୍ଚାରଣ କରିଥାଉଁ ।]

ନରସିଂହ କଣ୍ଡା—ଦେ. ବି.—କ୍ଷୁଦ୍ର ତରୁବିଶେଷ—
Narasiṁha kaṛḍā A small tree.
[ଦ୍ର—ଏହା ଓଡ଼ିଶା ଗଡ଼ଜାତମାନଙ୍କରେ ନଦୀ ବା ଝରଣା କୂଳରେ ଜନ୍ମେ । ଏହାର ଉଚ୍ଚତା ପ୍ରାୟ ୨୫ ଫୁଟ ପର୍ଯ୍ୟନ୍ତ ହୁଏ ।]

ନରସିଂହ ପୁର—ଦେ. ବି. (ନାମ)—୧ । ଓଡ଼ିଶାର ଗଡ଼ଜାତବିଶେଷ—
Narasiṁha pura 1. One of the states of Orissa.
[ଦ୍ର—ପୂର୍ବେ ନରସିଂହ ଓ ପୁର ନାମରେ ଦୁଇ ଜଣ ବନ୍ଧୁ ରାଜା ରାଜ୍ୟର ଅଧିକାରୀ ଥିବାରୁ ସେମାନଙ୍କ ନାମାନୁସାରେ ଏହାର ଏପରି ନାମ ହୋଇଅଛି—(କୃପାସିନ୍ଧୁ. ଇତିହାସ) ।
୧୨୯୨ ଖ୍ରୀଷ୍ଟାବ୍ଦରେ ଧର୍ମସିଂହ ନାମକ ଜଣେ ବ୍ୟକ୍ତି ଏ ରାଜ୍ୟ ସ୍ଥାପନ କରିଥିଲେ । ଏ ରାଜବଂଶର ସଙ୍କେତ 'ବୃଷ୍ଟିକ' ।
(ଜଗବନ୍ଧୁ. ପ୍ରା. ଉତ୍କଳ)]
୨ । ପୁରୀ ଜିଲ୍ଲା ରାହାଙ୍ଗ ପ୍ରଗଣା ଅନ୍ତର୍ଗତ ପ୍ରସିଦ୍ଧ ବ୍ରାହ୍ମଣ-ଶାସନ—2. Name of a Brāhmaṇa-village in the pergunah of Rāhāṅga in Puri district.
[ଦ୍ର—ଏହାର ନାମ ମଧ୍ୟ ଗାର ନରସିଂହପୁର ଶାସନ । ଏହା ଭାର୍ଗବୀ ନଦୀ ଉତ୍ତର କୂଳରେ ସତ୍ୟବାଦୀ ଠାରୁ ପ୍ରାୟ ୩ ମାଇଲ ଦକ୍ଷିଣରେ ଅବସ୍ଥିତ; ପୁରୀର ସ୍ୱାଧୀନ ନରପତି ଗାର ଶ୍ରୀ ନୃସିଂହ ଦେବ ଏ ଶାସନ ବସାଇ ଥିଲେ ଓ ଉତ୍କଳର ସ୍ୱାଧୀନ ନରପତିମାନଙ୍କ କାଳରେ ଏ ଗ୍ରାମରେ ମହା ପଣ୍ଡିତ ଓ ତାର୍କିକମାନେ ଜନ୍ମଗ୍ରହଣ କରିଥିଲେ ଏବଂ କେତେଜଣ ମୋଗଲ ଦରବାରରେ ସମ୍ମାନିତ ହୋଇଥିଲେ ।]
୩ । ପୁରୀଜିଲ୍ଲାର କାକଟପୁର ନିକଟବର୍ତ୍ତୀ ଗୋଟିଏ ଗ୍ରାମ—
3 Name of a village in the Puri district known for its betel leaves.
[ଦ୍ର—ଏଠାରେ ପ୍ରଚୁର ପରିମାଣରେ ପାନ ବୃକ୍ଷ ହୁଏ; ପୁରୀ ଓ କଟକରେ ଏହି ନରସିଂହପୁରୀ ପାନର ଆଦର ବେଶୀ]

ନରସିଂହ ବାଜପେୟୀ—ଦେ. ବି. (ନାମ)—ଜନୈକ ଉତ୍କଳୀୟ ସ୍ମୃତିକାର—An oriya compiler of social laws in Sanskrit.
Narasiṁha bājapeyī
[ଦ୍ର—'ନିତ୍ୟାଚାର ପଦ୍ଧତି' ଓ 'ପ୍ରାୟଶ୍ଚିତ୍ତ ପଦ୍ଧତି' ଏହାଙ୍କ ରଚିତ ଗ୍ରନ୍ଥମାନଙ୍କ ମଧ୍ୟରେ ପ୍ରଧାନ । ଏ 'ରାଜଗୁରୁ' ଉପାଧି ପାଇଥିଲେ ।]

ନରସିଂହ ଭୋଗ—ଦେ. ବି—ଏକପ୍ରକାର ସରୁ ଧାନ—
Narasiṁha bhoga A species of paddy

ନରସିଂହ ସେଣ—ଦେ. ବି. (ନାମ)—ଜନୈକ ବଙ୍ଗାଳୀ କବି—
Narasiṁha seṇa A Bengali poet who composed two Oria poems.
[ଦ୍ର—ଏ ଓଡ଼ିଆରେ 'ପଦ୍ମମାଳା' ଓ 'ଗ୍ରାବବତୀ ମୋଚନ' ନାମରେ ଦୁଇ ଖଣ୍ଡି ପୁସ୍ତକ ଲେଖିଅଛନ୍ତି—ଜାରଣୀ. ଉତ୍କଳ ସାହିତ୍ୟ ଇତିହାସ ।]

ନରସୁନ୍ଦର—ସଂ. ବି. (ବହୁବ୍ରୀହି; ନର + ସୁନ୍ଦର)—ଭଣ୍ଡାରୀ—
Narasundara Barber.

ନରସ୍କନ୍ଧ—ସଂ. ବି. (ନର + ସମୂହାର୍ଥେ ସ୍କନ୍ଧ)—ମନୁଷ୍ୟମାନଙ୍କ ସମଷ୍ଟି—
Naraskandha A multitude or body of men.

ନରହତ୍ୟା—ସଂ. ବି. (୬ଷ୍ଠୀ ତତ୍; ନର + ହତ୍ୟା)—ମଣିଷମାରୁ; ଖୁଣୀ—
Narahatyā Murder; homicide.
[ଦ୍ର—ଭାରତୀୟ ଦଣ୍ଡ ବିଧି ଆଇନ ଅନୁସାରେ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିର ମୃତ୍ୟୁ ଘଟାଇଲେ ପ୍ରଥମ ବ୍ୟକ୍ତି ନରହତ୍ୟା (murder) ଅପରାଧରେ ଅପରାଧୀ ହୁଏ । ଏ ନରହତ୍ୟା ଅପରାଧିକୁ ଗୁରୁତର (Culpable homicide amounting to murder) ଓ ଲଘୁତର Culpable homicide not amounting to murder) ଏପରି ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଅଛି । ମୂଳତଃ ହତ ବ୍ୟକ୍ତିକୁ ହତ୍ୟା କରିବା ଉଦ୍ଦେଶ୍ୟରେ ଯେଉଁ ହତ୍ୟା କରାଯାଏ ତାହା ଗୁରୁତର ଓ ହତ ବ୍ୟକ୍ତିର ମୃତ୍ୟୁ ଘଟିବା ବିଷୟରେ ଆଶଙ୍କା ଥିବା ସ୍ଥଳେ ମୃତ୍ୟୁ ନ ଘଟିବା ପାଇଁ ସାବଧାନ ହୋଇ ସୁଦ୍ଧା ଯେଉଁ ମୃତ୍ୟୁ ଘଟେ କିମ୍ବା ଆତ୍ମରକ୍ଷା ଓ ସ୍ୱୀୟ ସମ୍ପତ୍ତି ରକ୍ଷା ବା ପରର ଜୀବନ ରକ୍ଷା ବା ଆକ୍ରମଣକାରୀ ଦ୍ୱାରା ଉତ୍ତେଜିତ ହୋଇ ନିଜର ହିତାହିତ ଜ୍ଞାନ ହରାଇଥିବା ଅବସ୍ଥାରେ ଅନ୍ୟର ଯେଉଁ ମୃତ୍ୟୁ ଘଟେ ତାହା ଲଘୁତର ବିବେଚିତ ହୁଏ ।]

ନରହନ୍ତା—ସଂ. ବି. ପୁଂ. (ନର + ହନ୍ ଧାତୁ + କର୍ତ୍ତୃ. ତୃ; ୧ମା.୧ବ)—
Narahantā ଯେ ମନୁଷ୍ୟକୁ ହତ୍ୟା କରେ—
(ନରହନ୍ତ୍ରୀ—ସ୍ତ୍ରୀ) Murderer; a homicide.

ନରହୟ—ସଂ. ବି. (ନର + ହୟ)—ମନୁଷ୍ୟ ଓ ଅଶ୍ୱ ମଧ୍ୟରେ ଯୁଦ୍ଧ ବା ସଂଘର୍ଷ—A fight or enmity between man and horse.
Narahaya

ନରହରି—ସଂ. ବି. (୬ଷ୍ଠୀ ତତ୍; ନର + ହରି = ସିଂହ ବା ଶ୍ରେଷ୍ଠ)—
Narahari ୧ । ନରସିଂହ; ଶ୍ରେଷ୍ଠ ବ୍ୟକ୍ତି—
1. An eminent person.
୨ । ବିଷ୍ଣୁଙ୍କ ନାମ—2. Name of Bishṇu
ଦେ. ବି. ପୁଂ—ଲୋକଙ୍କ ନାମ—
Name given to males

ନରା—ଗ୍ରା. (ଉତ୍ତର) ବି—ନଡ଼ା—
Narā Straw.
[ଦ୍ର—ଉତ୍ତର ଲୋକେ ବାଡ଼ ସ୍ଥାନରେ ବାର, ବଡ଼ଡ଼ା(ଡ) ସ୍ଥଳରେ ବରୁରା(ର) ଇତ୍ୟାଦି ବ୍ୟବହାର କରନ୍ତି ।]

ନରାଙ୍ଗ—ସଂ. ବି. (ନର + ଅଙ୍ଗ)—
Narāṅga ୧ । ପୁରୁଷର ଜନନେନ୍ଦ୍ରିୟ—1. Penis (Apte).
୨ । କାଠ ବରୁଣ—
2. Eruption on the face (Apte).

ନରାଚ—ଦେ. ବି. (ସଂ. ନାରାଚ)—ତୀର; ଶର—
Narācha नराच Arrow.

ନରାଜ—ଦେ. ବି. (ନାମ)—୧ । କଟକ ଜିଲ୍ଲାର ଗ୍ରାମବିଶେଷ—
Narāja 1. A village in the district of Cuttack.

[ଦ୍ର—ଏହି ସ୍ଥାନରେ କାଠଯୋଡ଼ି ମହାନଦୀରୁ ଶାଖା ହୋଇ ବାହାରି ଅଛି । ଏଠାରେ ସରକାର ଗୋଟିଏ ପଥର ବନ୍ଧ ବା ଆଣିକଟ୍ କରି କେନାଲ ପାଇଁ ଜଳ ଭଣ୍ଡାର କରି ଅଛନ୍ତି । ଏହା କଟକ ସହରଠାରୁ ପଶ୍ଚିମରେ ପ୍ରାୟ ୬ ମାଇଲ ଦୂରରେ ଅବସ୍ଥିତ । କାଠଯୋଡ଼ି ମହାନଦୀଠାରୁ ବାହାରିଥିବା ସ୍ଥାନରେ ଗୋଟିଏ ପଥର ବନ୍ଧ ଓ ୨॥ ମାଇଲ ଛଡ଼ା ମହାନଦୀରେ ଜୋବ୍ରାଠାରେ ଗୋଟିଏ ପଥର ବନ୍ଧ କରିବା ଦ୍ୱାରା ଯେଉଁ ଜଳ ଭଣ୍ଡାର କରା ଯାଇଅଛି ତହିଁରୁ ତାଳଦଣ୍ଡା କାଲ, କେନ୍ଦ୍ରାପଡ଼ା କାଲ, ହାଇଲେଭଲ କାଲମାନ ବାହାରି ଅଛି; ନରାଜର ପାହାଡ଼ରେ ଗୋଟିଏ ସ୍ତମ୍ଭ ଦେହରେ ପାଲି ଭାଷାରେ କେତେ ଗୋଟି ପଂକ୍ତି ଖୋଦିତ ହୋଇଥିବାର ଦେଖାଯାଏ ।]

୨ । ନରାଜୁ (ଦେଖ)—2. Narāju (See)

ନରାଜୁ—ଦେ. ବି. (ସଂ. ନାରାଚୀ)—୧ । ତରାଜୁ; ତରାଜ—
Narāju 1. Weighing machine; the scales.
(ନରେଜ—ଅନ୍ୟରୂପ) ୨ । ତୁଳା ଯନ୍ତ୍ରର ଦଣ୍ଡ—
नराज 2. The beam of a weighing machine.
तराजू ୩ । ବଖାକାଠ—3. Weighing scale-yard.
୪ । (ସଂ. ନଳ) ଯେଉଁ କାଷ୍ଠ ଦଣ୍ଡରେ ତନ୍ତୀଙ୍କର ଲୁଗା ବୁଣା ପାଇଁ ଟାଣୀ ସୂତା ଗୁଡ଼ିଆ ହୋଇଥାଏ; ତନ୍ତକାଠ—
नरा 4. A weaver's roller on which the warp-thread is rolled; weaver's beam.

ନରାଧମ—ସଂ. ବି. ପୁଂ (୭ମୀ ତତ୍; ନର + ଅଧମ)—
Narādhama ୧ । ଅତିଶୟ କୁତ୍ସିତ ବ୍ୟକ୍ତି— 1. A wretch; a vile person; a miscreant.
୨ । ମହାପାପୀ—2. A great sinner.

ନରାଧାର—ସଂ. ବି (୬ଷ୍ଠୀ ତତ୍; ନର + ଆଧାର) —ଶିବ—
Narādhāra Siba.

ନରାଧାରା—ସଂ ବି (ନର+ଆଧାର+ସ୍ତ୍ରୀ. ଆ) —ପୃଥିବୀ—
Narādhārā The earth (Apte).

ନରାଧିପ—ସଂ. ବି. ପୁଂ (୬ଷ୍ଠୀ ତତ୍; ନର+ଅଧିପ)—ରାଜା—
Narādhipa King.
(ନରାଧିପତି—ଅନ୍ୟରୂପ)

ନରାନ୍ତକ—ସଂ. ବି (ନର+ଅନ୍ତକ=ବିନାଶକାରୀ)—୧ । ଯମ—
Narāntaka 1. God of death.

୨ । ରାମାୟଣୋକ୍ତ ରାକ୍ଷସବିଶେଷ; ରାବଣର ପୁତ୍ର—
2. A demon, son of Rābaṇa.
[ଦ୍ର—ଲଙ୍କା ଯୁଦ୍ଧରେ ଏ ଅଙ୍ଗଦଦ୍ୱାରା ହତ ହୋଇଥିଲା — (ହି. ଶବ୍ଦସାଗର) ।]
୩ । ମୃତ୍ୟୁ—3. Death (Apte).
୪ । ନରଘାତକ ବ୍ୟକ୍ତି—4. A murderer.
ସଂ. ବିଣ—ନରଘାତୀ; ଯେ ନରହତ୍ୟା କରେ—Killing men.

ନରାୟଣ—ସଂ. ବି (ନର+ଅୟନ)—ନାରାୟଣ (ଦେଖ)
Narāyaṇa Nārāyaṇa (See)

ନରାଶ—ସଂ. ବି (ନର + ଅଶ୍ ଧାତୁ=ଖାଇବା + କର୍ତ୍ତୃ. ଅ; ନରଭକ୍ଷକ)
Narāśa ୧ । ରାକ୍ଷସ—1. A demon; goblin (Apte).
୨ । ନରମାଂସଭୋଜୀ ବ୍ୟକ୍ତି—2 A cannibal.

ନରି—ଦେ. ବିଣ (ସଂ. ଲତିକା)—(ଏତେ) ନରି ବା ସରୁଗୁଡ଼ି—
Nari Stringed (used with other words
नरी denoting number, e. g. fire stringed.
लरी [ଦ୍ର—ଏହା ସଂଖ୍ୟାବାଚକ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହୁଏ; ଯଥା— ତିନିନରି ହାର; ସାତନରି ହାର ।]
ଦେ. ବି—(ଆଦରାର୍ଥକ)—ନରସିଂହ ଆଦି ବ୍ୟକ୍ତିଙ୍କ ଡାକ ନାମ—
Name for calling Narasiṁha etc.

ନରିଆ—ଦେ. ବିଣ—ନରି (ଦେଖ)
Nariā Nari (See)
ପ୍ରାଦେ (ସମ୍ବଲପୁର) ବି—ନରିହା (ଦେଖ)—
Narihā (See)
ଦେ. ବି (ଅନାଦରାର୍ଥକ)—ନରସିଂହ ଆଦିଙ୍କ ଡାକ ନାମ—
A name for calling Narasiṁha etc.

ନରିଆଣୀ—ପ୍ରାଦେ (ସମ୍ବଲପୁର) ବି. ସ୍ତ୍ରୀ (ହି. ପନିହାରନ)—ଯେଉଁ ସ୍ତ୍ରୀ
Nariāṇi କୌଣସି ଗୃହସ୍ଥର ଘରକୁ କୂଅ ବା ପୋଖରୀରୁ ପାଣି ଯୋଗାଏ—A woman who supplies water to a family from tanks or wells.

ନରିହା—ପ୍ରାଦେ (ସମ୍ବଲପୁର) ବି—ଗଉଡ଼ ଶ୍ରେଣୀର ଗ୍ରାମସେବକ
Narihā ବିଶେଷ—A clan of village servants.

ନରେ—ଦେ. ବି (ସଂ. ନରାଃ)—ମନୁଷ୍ୟମାନେ; ଲୋକେ—
Nare Men; people.
ଲୋକେରା ଦେ. ଅ (ସଂ. ହେ ନରାଃ)—ହେ ନରମାନେ—
Oh men!

ଭକ୍ତକବି ଗୋପୀନାଥ
ଚନ୍ଦ୍ରରସିକା ନରେ ନେ । ବଳଭଦ୍ର କମଳଲୋଚନ ତରଳଣା ।

ନରେତର—ସଂ. ବି (୫ମୀ ତତ୍; ନର+ଇତର)—୧ । ମନୁଷ୍ୟ ଅପେକ୍ଷା
Naretara ଉଚ୍ଚତର ଜୀବ—1. A being higher than a man.
୨ । ମନୁଷ୍ୟ ଛଡ଼ା ଅନ୍ୟ ଜୀବ, ପ୍ରାଣୀ—
2. An animal other than man.

ନରେ(ରୋ) ବା ଗୁଞ୍ଜରେ(ରୋ) ବା ଅଶ୍ୱତ୍ଥାମା ହତ—ଦେ. ପ୍ରବଚନ
Nare(ro) bā guñjare(ro) bā aśwatthāmā hata
(ସଂ. ନରୋ ବା କୁଞ୍ଜରୋ ବା ଅଶ୍ୱତ୍ଥାମା ହତଃ)—
ଦ୍ୱ୍ୟର୍ଥବୋଧକ ବାକ୍ୟବିଶେଷ—A sentence hvaing an ambiguous meaning.
[ଦ୍ର—ମହାଭାରତ ଯୁଦ୍ଧବେଳେ ଯୁଧିଷ୍ଠିର ଦ୍ରୋଣାଚାର୍ଯ୍ୟଙ୍କୁ ଏହି କପଟବଚନ ଶୁଣାଇଥିଲେ । ଅଶ୍ୱତ୍ଥାମା ନାମକ ହସ୍ତୀ ଯୁଦ୍ଧରେ ମରିଥିଲା, କିନ୍ତୁ ଯୁଧିଷ୍ଠିର ଉଚ୍ଚୈଃସ୍ୱରରେ 'ଅଶ୍ୱତ୍ଥାମା ହତଃ' (ଅଶ୍ୱତ୍ଥାମା ମରିଗଲା) କହି ବାକ୍ୟର ଅବଶିଷ୍ଟ ଅଂଶ ନରୋ ବା କୁଞ୍ଜରୋ ବା (ନର ହେଉ ବା ହସ୍ତୀ ହେଉ) ଅସ୍ପଷ୍ଟସ୍ୱରରେ କହିବାରୁ ଦ୍ରୋଣାଚାର୍ଯ୍ୟ ଏ ବାକ୍ୟରୁ ନିଜପୁତ୍ର ଅଶ୍ୱତ୍ଥାମାଙ୍କର ମୃତ୍ୟୁ ହୋଇଥିବା ବୁଝି ଯୁଦ୍ଧରୁ ବିରତ ହୋଇ ଯୁଦ୍ଧଭୂମି ତ୍ୟାଗକଲେ ଓ ଇତ୍ୟବସରରେ ପାଣ୍ଡବମାନେ ଯୁଦ୍ଧରେ ଜୟଲାଭ କଲେ, ମାତ୍ର ଯୁଧିଷ୍ଠିର ଏଥିଲାଗି ପାପଭାଗୀ ହୋଇଥିଲେ ଓ ସେ ଜୀବନରେ ଏହିଥର ମାତ୍ର ମିଥ୍ୟାସଂଯୁକ୍ତ ବାକ୍ୟ ଉଚ୍ଚାରଣ କରିଥିବାରୁ ଏହାଙ୍କୁ ଥରେ ମାତ୍ର ନରକ ଦର୍ଶନ କରିବାକୁ ପଡ଼ିଥିଲା ।]

ନରେନ୍—ପ୍ରାଦେ (ସମ୍ବଲପୁର) ବି—ନରିଆଣୀ (ଦେଖ)
Naren Nariāṇi (See).

ନରେନ୍ଦ୍ର—ସଂ. ବି (୬ଷ୍ଠୀ ତତ୍; ନର+ଇନ୍ଦ୍ର)—୧ । ରାଜା—
Narendra 1. King.
୨ । ବିଷବୈଦ୍ୟ; ସାପୁଆ—2. A snake charmer; a physician who cures snake bites and other effects of poisons.
୩ । ଗୁଣିଆଁ; ଭୂତବୈଦ୍ୟ—3. An exorcist.
୪ । ବୈଦ୍ୟ—4. Physician (Apte).
୫ । ଔଷଧବ୍ୟବସାୟୀ—
5. A dealer in antidotes (Apte).
୬ । ଶ୍ୟୋନାକ ବୃକ୍ଷ (ହି. ଶ.); ଫଣଫଣା—
6. Bignonia Indica (tree).
୭ । ଶ୍ରେଷ୍ଠବ୍ୟକ୍ତି—7. The chief amongst men.
୮ । ୨୮ ମାତ୍ରାଯୁକ୍ତ ଛନ୍ଦୋବିଶେଷ (ହି. ଶ.)—
8 Name of a metre of 28 syllables.
ଦେ. ବି—୧ । କ୍ଷତ୍ରିୟମାନଙ୍କର ବଂଶୋପାଧିବିଶେଷ—
1. A family title of the Kshatriyas.
୨ । ପୁରୀ ସହରରେ ଥିବା ବୃହତ୍ ପୁଷ୍କରିଣୀବିଶେଷ—
2. Name of a big tank at Puri.
[ଦ୍ର—ଶ୍ରୀଜଗନ୍ନାଥ ମହାପ୍ରଭୁ ଚନ୍ଦନଯାତ୍ରାବେଳେ ଏହି ପୋଖରୀରେ ଖେଳନ୍ତି । ଏହାର ଦୈର୍ଘ୍ୟ ୮୭୩ ଫୁଟ ଓ ପ୍ରସ୍ଥ ୨୮୩ ଫୁଟ । ନରସିଂହ ଦେବଙ୍କର ଲକ୍ଷପୋଷୀ ନରେନ୍ଦ୍ର ମହାପାତ୍ର ନାମକ ମନ୍ତ୍ରୀଙ୍କ ଦ୍ୱାରା ଏହା ଖୋଦିତ ହୋଇଥିଲା । ୧୯୨୧ ଖ୍ରୀଷ୍ଟାବ୍ଦରେ ଏବେ ଅଳ୍ପଦିନ ପୂର୍ବେ ପୁରୀର ଏମାରମଠ ମହନ୍ତ ଶ୍ରୀ ଗଦାଧର ରାମାନୁଜ ଦାସ ବହୁ ଅର୍ଥବ୍ୟୟରେ ଏହାର ପଙ୍କୋଦ୍ଧାର କରିଅଛନ୍ତି ।]
୩ । ଲୋକଙ୍କୁ ଦିଆଯିବା ନାମ—
3. A name given to males.

ନରେନ୍ଦ୍ରମାର୍ଗ—ସଂ. ବି (ନରେନ୍ଦ୍ର+ମାର୍ଗ; ୬ଷ୍ଠୀ ତତ୍ପୁରୁଷ; ନରେନ୍ଦ୍ରଙ୍କ
Narendramārga ମାର୍ଗ କିମ୍ବା ମ. ପ. ଲୋ. ନରେନ୍ଦ୍ରବ୍ୟବହୃତ ମାର୍ଗ କିମ୍ବା ୭ମୀ ତତ୍; ମାର୍ଗମାନଙ୍କ ମଧ୍ୟରେ ନରେନ୍ଦ୍ର ବା ରାଜା)—୧ । ରାଜମାର୍ଗ; ରାଜଦାଣ୍ଡ—
1. The kings' high way.
୨ । ପ୍ରକାଶ୍ୟ ପଥ; ସର୍ବସାଧାରଣଙ୍କ ବ୍ୟବହୃତ ପଥ—
2. Public road.

ନରେଶ—ସଂ. ବି (୬ଷ୍ଠୀ ତତ୍; ନର+ଈଶ) —ରାଜା—
Nareśa King.
(ନରେଶ୍ୱର—ଅନ୍ୟରୂପ)

ନରୋତ୍ତମ—ସଂ. ବି (୭ମୀ ତତ୍; ନର+ଉତ୍ତମ)—
Narottama ୧ । ନରଶ୍ରେଷ୍ଠ; ଅତି ଉତ୍ତମ ବ୍ୟକ୍ତି—
1. A very good man.
୨ । ପୁରୁଷୋତ୍ତମ; ବିଷ୍ଣୁ—2. Vishnu.
୩ । ବୁଦ୍ଧଦେବ—3. An epithet of the Buddha (Apte).
ଦେ. ବି. ପୁଂ—ଲୋକଙ୍କ ନାମ—
Name given to males,

ନର୍କ—ଦେ. ବି (ସଂ. ନରକ)—ନରକ (ଦେଖ)
Narka Naraka (See)

ନର୍କ

ନର୍କପାଣି—ଦେ. ବି—ବିଷ୍ଠା ମିଶ୍ରିତ ଜଳ—
Narkapāṇi Water mixed with ordure.

ନର୍ତ୍ତକ—ସଂ. ବି. ପୁଂ. (ନୃତ୍ ଧାତୁ=ନାଚିବା+କର୍ତ୍ତୃ. ଅକ)—
Narttaka ୧ । ନୃତ୍ୟଜୀବୀ; ନାଟୁଆ—1. Male dancer; a professional dancer.
(ନର୍ତ୍ତକ—ଅନ୍ୟରୂପ)
(ନର୍ତ୍ତକୀ—ସ୍ତ୍ରୀ) ୨ । ନଟ; ଅଭିନେତା—2. An actor.
୩ । ମୟୂର—3. Peacock.
୪ । ହସ୍ତୀ—4. Elephant.
୫ । ଚାରଣ; ଭାଟ—5. Herald.
୬ । କେଳକ; ଦଉଡ଼ି ଉପରେ ଓ ଖଣ୍ଡା ଧାରରେ ନାଚିବା ଆଦି ଅଦ୍ଭୁତ କ୍ରୀଡ଼ା ପ୍ରଦର୍ଶକ (ହି. ଶ.)—
6. Rope dancer.
୭ । ଏକପ୍ରକାର କାଣ୍ଡସାର ବା ନଳ (ହି. ଶ.)—
7. A kind of reed.
୮ । ମହାଦେବ (ଏ ତାଣ୍ଡବନୃତ୍ୟ କରୁଥିବାରୁ) (ହି.ଶ.)—
8. Śiba.
୯ । ରାଜା (ହି. ଶ.)—9. King.
୧୦ । ଧୋବା ପିତା ଓ ବେଶ୍ୟା ମାତାଠାରୁ ଉତ୍ପନ୍ନ ସଙ୍କର ଜାତିବିଶେଷ (ହି. ଶ.)—
10. A hybrid caste amongst the Hindus.
୧୧ । ମାଣ୍ଡିଆ (ଶସ୍ୟ) (ହି. ଶ.)—
11. A kind of coarse globular food grain.
୧୨ । ମହୁଅ (ହି. ଶ.); ମହୁଲ—
12. Mahwa (tree).

ନର୍ତ୍ତକୀ—ସ. ବି. ସ୍ତ୍ରୀ. (ନର୍ତ୍ତକ+ସ୍ତ୍ରୀ. ଈ)—
Narttakī ୧ । ନୃତ୍ୟକାରିଣୀ ସ୍ତ୍ରୀ; ନାଚବାଲୀ—
1. A female dancer; a dancing girl.
୨ । ହସ୍ତିନୀ—2. A femal elephant.
୩ । ମୟୂରୀ—3. A pea-hen.
୪ । ନଟୀ; ଅଭିନେତ୍ରୀ—4. An actress.
୫ । ନାଳିକା ନାମକ ସୁଗନ୍ଧ ଦ୍ରବ୍ୟ—
5. Name of a medicinal scent

ନର୍ତ୍ତନ—ସ. ବି. (ନୃତ୍ ଧାତୁ+ଭାବ. ଅନ)—
Narttana ୧ । ନୃତ୍ୟ; ନାଚ; ନାଟ—1. A dance.
(ନର୍ତନ—ଅନ୍ୟରୂପ) ୨ । ନାଚିବା କର୍ମ—2. Dancing.
୩ । ନାଟକ ଅଭିନୟ କରିବା—
3. Acting of a play.

ନର୍ତ୍ତନପ୍ରିୟ—ସ. ବିଣ. ପୁଂ. (ବହୁବ୍ରୀହି; ନର୍ତ୍ତନ+ପ୍ରିୟ)—ଯେ
Narttanapriya ନୃତ୍ୟ କରିବାକୁ ବା ଦେଖିବାକୁ ସୁଖ ପାଏ—
Fond of dancing; fond of dance.
ସ. ବି. ପୁଂ—୧ । ଶିବ (ଜ୍ଞାନେନ୍ଦ୍ର)—1. Siba
୨ । ମୟୂର—2. Peacock (Apte).

ନର୍ତ୍ତନଭର—ଦେ. ବିଣ—ନୃତ୍ୟ କରୁଥିବା; ନାଚୁଥିବା—
Narttanabhara Dancing.

ଲକ୍ଷଣ ନର୍ତ୍ତକ ନର୍ତ୍ତନଭର—ଉକ୍ତ, ପ୍ରେମସୁଧାନିଧି ।

ନର୍ତ୍ତନଶାଳା—ସ. ବି—ନୃତ୍ୟଶାଳା; ନାଚଶାଳା—
Narttanaśālā A dancing hall; a theatre.
(ନର୍ତ୍ତନାଗାର; ନର୍ତ୍ତନମଣ୍ଡପ—ଅନ୍ୟରୂପ)

ନର୍ତ୍ତମ—ଗ୍ରା. ବି. ପୁଂ. (ଆଦରାର୍ଥକ)—ନରୋତ୍ତମର ଡାକ ନାମ—
Narttama Name for calling Narottama.
(ନର୍ତମା—ଅନାଦରାର୍ଥକ)

ନର୍ତ୍ତୟିତା—ସ. ବି. ପୁଂ. (ନୃତ୍ ଧାତୁ ଣିଚ୍ ନର୍ତ୍ତି ଧାତୁ+ତୃ; ନର୍ତ୍ତୟିତୃ;
Narttayitā ୧ମା. ୧ବ.)—ନୃତ୍ୟଗୁରୁ; ନାଚର ଗୁରୁ; ଯେ
(ନର୍ତୟିତା—ଅନ୍ୟରୂପ) ନାଚୁଆମାନଙ୍କୁ ନଚାଏ—A dancing
(ନର୍ତ୍ତୟିତ୍ରୀ—ସ୍ତ୍ରୀ) master (Apte).

ନର୍ତ୍ତିତ—ସ. ବିଣ. (ନୃତ୍ ଧାତୁ ଣିଚ୍=ନର୍ତ୍ତି ଧାତୁ=ନୃତ୍ୟ କରିବା
Narttita +କର୍ମ. ତ)—୧ । ଆନ୍ଦୋଳିତ; କମ୍ପିତ—
(ନର୍ତିତ—ଅନ୍ୟରୂପ) 1. Dangled.
୨ । ନର୍ତ୍ତନଶୀଳ—2. Dancing.
୩ । ଯାହାକୁ ନଚା ଯାଉଅଛି—
3. Caused to dance.
ସ. ବି. (+ଭାବ. ତ)—ନର୍ତ୍ତନ—Dancing.

ନର୍ଦ୍—ବୈଦେ. ବି. (ଫା)—ପଶାଖେଳର ଗୋଟି—
Nard The balls which are moved on the
ଗୁଟି; ଗୋଟି नर्द dice-board.

ନର୍ଦ୍(ର୍ଦ୍ଦ) (ଧାତୁ)—ସ—ଶବ୍ଦ କରିବା—
Nard(rdd) (root) To make a sound.

ନର୍ଦ୍ଦ(ର୍ଦ୍ଦ)ନ—ସ. କ୍ର. (ନର୍ଦ୍ ଧାତୁ+ଭାବ+ଅନ)—୧ । ନାଦ—
Narda(rdda)na 1. Sound.
୨ । ଗର୍ଜନ (ହ୍ର. ଶ.)—2. Roar.

ନର୍ଦ୍ଦ(ର୍ଦ୍ଦ)ମା—ଦେ. ବି. (ସ. ନର୍ଦ୍ ଧାତୁ=ଶବ୍ଦ କରିବା, ଗର୍ଜ୍ଜ କରିବା;
Narda (rdda)mā ଭୁଲ ଫା. ନାବ୍ଦାନ୍)—୧ । ପାଣିନାଳ;
नर्दमा ନର୍ଦ୍ଦମା ନଯୃନଯୋଡ଼; ପୟଃପ୍ରଣାଳୀ—1. Gutter; drain;
नरद्दवाँ नरद्दा wayside ditch; water channel.

ଭୂତଳ ନର୍ଦ୍ଦମା କର୍ଦ୍ଦମେ ପଙ୍କ ଗଡ଼ୁଛୁ ଧିନା । ମଧୁସୂଦନ. ବ୍ୟଙ୍ଗକବିତା ।

୨ । ମଇଳା ପାଣି ବୋହି ଯିବାର ନାଳୀ—
2. A channel for the flow of foul water.

ନର୍ଦ୍ଦିତ—ସ. ବିଣ. (ନର୍ଦ୍ ଧାତୁ=ଶବ୍ଦ କରିବା+କର୍ମ. ତ)—
Narddita ୧ । ଶବ୍ଦିତ; ନିନାଦିତ—1. Sounded; tuned;
resounding.
୨ । ପ୍ରସିଦ୍ଧ—2. Celebrated.

ନର୍ଦ୍ଦି(ର୍ଦ୍ଦି)ବା—ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର)—୧ । ଦଉଡ଼ିବା—
Nardi(rddi)bā 1. To run.
(ନରଦିବା—ଅନ୍ୟରୂପ) ୨ । ଡେଇଁବା; କୁଦିବା—
2. To frisk; to jump.

ନର୍ମ—ବୈଦେ. ବିଣ. (ଫା. ନରମ୍; ଭୁଲ. ସ. ନମ୍ର)—
Narma ୧ । ନରମ (ଦେଖ)
नरम 1. Narama (See)
नरम ୨ । ଅନିଚ୍ଛୁକ—2. Unwilling.
ଛଡ଼ି ଯିବୁଲେ ଅମ୍ଭେ ହୋଇବୁଁ ନରମ
ଯୁଦ୍ଧରେ ମରିବାକୁ କଥା ହେବ ନର୍ମ । କୃଷ୍ଣସିଂହ. ମହାଭାରତ ଅନୁ ।
ବି—ସୁଖ—Pleasure.
ହେ ବାଳେ ନର୍ମଦା ସ୍ୱର ତରଙ୍ଗିଣୀ ହେବ । ଉକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
ସ. ବି—ନର୍ମ୍ମ (ଦେଖ)—Narmma (See)

ନର୍ମ୍ମ—ସ. ବି. (ନୃ ଧାତୁ=ନେବା+ମନ୍; ନର୍ମନ୍ ଶବ୍ଦ)—
Narmma ୧ । କ୍ରୀଡ଼ା—1. Sport; pastime.
(ନର୍ମ—ଅନ୍ୟରୂପ) ୨ । କୌତୁକ—2. Amusement.
୩ । ପରିହାସ—4. Jest.
୪ । ବିହାର; ଲୀଳା—4. Pleasure; diversion.
୫ । କେଳି—5. Amorous sports.
୬ । ରସିକତା; ରଙ୍ଗରସ—
6. Witticism; wit and humour.
୭ । ହସ କୌତୁକ କରିବା ସାଙ୍ଗ; କ୍ରୀଡ଼ା ସଙ୍ଗୀ (ହ୍ର. ଶ)—
7. Playmate.

ନର୍ମ୍ମକୀଳ—ସ. ବି—ସ୍ୱାମୀ; ପତି—
Narmmakīla Husband (Apte).
(ନର୍ମକୀଳ—ଅନ୍ୟରୂପ)

ନର୍ମ୍ମଗର୍ଭ—ସ. ବିଣ. (ବହୁବ୍ରୀହି; ନର୍ମ+ଗର୍ଭ)—ପରିହାସ ବା
Narmmagarbha ରସିକତାପୂର୍ଣ୍ଣ (ବାକ୍ୟ)—Witty;
(ନର୍ମଗର୍ଭ—ଅନ୍ୟରୂପ) humorous (words).

ନର୍ମ୍ମଟ—ସଂ. ବି—୧ । ସୂର୍ଯ୍ୟ (ହି. ଶବ୍ଦସାଗର)—1 The sun.
Narmmaṭa ୨ । ଖର୍ପର—2. Potsherd (Apte).

ନର୍ମ୍ମଠ—ସଂ. ବିଣ. ପୁଂ (ନର୍ମ୍ମନ୍ + ଠ; ଅଥବା ନର୍ମ୍ମନ୍ + ସ୍ଥା ଧାତୁ = ରହିବା + କର୍ତ୍ତୃ.ଅ, ନିପାତନ)—୧ । କେଳିରତ—
Narmmatha
(ନର୍ମ୍ମଠା—ସ୍ତ୍ରୀ) 1. Addicted to dissipation or daliance.
(ନର୍ମ୍ମଠତା—ବି) ୨ । କ୍ରୀଡ଼ାଶୀଳ—2. Sportive; playful.
(ନର୍ମଠ—ଅନ୍ୟରୂପ) ୩ । କୌତୁକପ୍ରିୟ—3. Pleasure-loving; devoted to amusements.
୪ । ବିଳାସପ୍ରିୟ—4. Given to luxury, coquettish.
୫ । କେଳିପ୍ରିୟ—5. Loving dalliance.
୬ । ଲମ୍ପଟ—6. Amorous; lecherous; adulterous.
୭ । ରସିକ—7. Gallant.
୮ । ଥଟ୍ଟାଳିଆ; ପରିହାସପ୍ରିୟ—8. Jestive; witty.
ସଂ. ବି—୧ । ସ୍ତନାଗ୍ର; ଚୂଚୁକ; ଦୁଧଭେଣ୍ଡି—1. Nipple.
୨ । ପରିହାସ—2. Sport.
୩ । ଷିଙ୍ଗ; ନାଗର; ଉପପତି—3. A gallant; a libertine; paramour.
୪ । କୌତୁକ; ଆମୋଦ—4. Amusement.
୫ । ମୈଥୁନ; ରତି; ସହବାସ—5 Sexual intercourse; cohabitation.
୬ । ଚିବୁକ—6. The chin.
ବାନର । ବୋଲି ଧରିବ ନର୍ମଠ—ଉଷ. ବୈଦେହୀଶବିଳାସ ।
୭ । ସ୍ତନ (ହି. ଶବ୍ଦସାଗର)—7. Female breast.
୮ । ଲମ୍ପଟ ବ୍ୟକ୍ତି—8. A lecher; rake; libertine (Apte).

ନର୍ମ୍ମଦ—ସଂ. ବି. ପୁଂ (ନର୍ମ୍ମନ୍ = କେଳି + ଦା ଧାତୁ = ଦାନକରିବା + କର୍ତ୍ତୃ. ଅ)—୧ । ନର୍ମ୍ମସଚିବ; କ୍ରୀଡ଼ାସହଚର;
Narmmada
(ନର୍ମଦ—ଅନ୍ୟରୂପ) ଲୀଳାସହଚର—1. Boon companion;
(ନର୍ମ୍ମଦା—ସ୍ତ୍ରୀ) playmate.
୨ । ବିଦୂଷକ; ଭଣ୍ଡ—2. A jester; a buffoon.
ସଂ. ବିଣ—୧ । କୌତୁକପ୍ରଦ—1. Giving amusement.
୨ । ଆନନ୍ଦପ୍ରଦ—2 Gladdening; pleasure-giving.

ନର୍ମ୍ମଦା—ସଂ. ବି. ସ୍ତ୍ରୀ (ନର୍ମଦ + ସ୍ତ୍ରୀ. ଆ)—୧ । ବିନ୍ଧ୍ୟ ପର୍ବତରୁ ଉଦ୍ଭୂତ ହୋଇ ଆରବସାଗରରେ ପଡ଼ିଥିବା ନଦୀ-
Narmmadā
(ନର୍ମଦା—ଅନ୍ୟରୂପ) ବିଶେଷ; ରେବା ନଦୀ (ତୀର୍ଥବିଶେଷ)—
1. The Nerbudda river rising from the Bindhyas and falling into the Arbian sea.

ନର୍ମଦାରେ ଦେଖୁଁ ଯେ ଏବ ଜଳଦାନ
ତାହା ସୁକୃତ କହି ନ ପାରେ ବଚନ । କୃଷ୍ଣସିଂହ. ମହାଭାରତ. ବନ ।

[ଦ୍ର—ଏହା ବିନ୍ଧ୍ୟପର୍ବତର ଅମରକଣ୍ଟକରୁ ବାହାରି ପଶ୍ଚିମଗାମୀ ହୋଇ କାମ୍ବେ ଉପସାଗରରେ ପଡ଼ିଅଛି । ନର୍ମଦା ନଦୀ ସମ୍ବନ୍ଧେ ଗୋଟିଏ ପୌରାଣିକ ଉପାଖ୍ୟାନ ଓଡ଼ିଆ ନର୍ମ୍ମଦାପୁରାଣରେ ଲେଖାଅଛି । ନର୍ମ୍ମଦା ବେଶ୍ୟା କୂଳରେ ଜନ୍ମଗ୍ରହଣ କରି ବେଶ୍ୟାବୃତ୍ତି କରୁଥିଲା । କିନ୍ତୁ ଦୃଢ଼ ନିୟମ କରିଥିଲା ଯେ କୌଣସି ପୁରୁଷ ସକାଳେ ତା ନିକଟରେ ଉପସ୍ଥିତ ହୋଇ, ତାକୁ ଯାହା ଦେବ ସେଥିରେ ସେ ସନ୍ତୁଷ୍ଟ ହୋଇ ସେ ଦିନସାକ ତାଙ୍କୁ ସ୍ୱାମୀପରି ସେବା କରିବ । ତାହାର ଏହି ବ୍ରତ ଭାଙ୍ଗିବାରେ ଦେବତାମାନେ ଅକୃତକାର୍ଯ୍ୟ ହୋଇ ତାହାକୁ ବର ଦେଲେ ଯେ ସେ ପର ଜନ୍ମରେ ନର୍ମ୍ମଦା ନାମ୍ନୀ ନଦୀରୂପରେ ଗୋଟିଏ ପ୍ରଧାନ ତୀର୍ଥରେ ପରିଣତ ହେବ ।

ପୁରାଣୋକ୍ତ ସପ୍ତତୀର୍ଥ (ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମ୍ମଦା, ସିନ୍ଧୁ, କାବେରୀ) ମଧ୍ୟରୁ ଏହା ଅନ୍ୟତମ । ପଶ୍ଚିମଗାମୀ ଅନ୍ୟ ସ୍ରୋତମାନଙ୍କୁ ନଦ ବୋଲାଯାଏ । କେବଳ ପଶ୍ଚିମଗାମିନୀ ନର୍ମ୍ମଦା ନଦୀ ନାମରେ ଖ୍ୟାତ ।]
୨ । ପୃକ୍କା; ପିଡ଼ଙ୍ଗ ଶାଗ—2. A pot-herb; Trigonalla Corniculata.
୩ । କୁଟ୍ଟନୀ; ଦୂତୀ—3. A panderess; a female go-between.
୪ । (ନାମ) ଏକ ଗନ୍ଧର୍ବ ସ୍ତ୍ରୀ—
4. Name of a Gandharba woman.
[ଦ୍ର—ଏ କେତୁମତୀ, ସୁନ୍ଦରୀ ଓ ବସୁଦାଙ୍କ ମାତା ଥିଲେ ।]
ସଂ. ବିଣ. ସ୍ତ୍ରୀ—ଲୀଳାଦାୟିନୀ—
Giving amusement.

ବହରୁ ନର୍ମଦା ଯେଣେ ନର୍ମଦା ।
ବାତୁଳା ପ୍ରବନେ କାନ୍ତ ବାତୁଳା । ଉଷ. ବୈଦେହୀଶବିଳାସ ।

ନର୍ମ୍ମଦା ଦେବୀ—ଦେ. ବି. ସ୍ତ୍ରୀ. (ନାମ)—ଉଚ୍ଚଶିକ୍ଷିତା ଆଧୁନିକ ଓଡ଼ିଆ
Narmmadā debi ଲେଖିକା—A modern educated Oriya writer.
(ନର୍ମଦା ଦେବୀ—ଅନ୍ୟରୂପ) [ଦ୍ର—ଏ 'ପ୍ରସାଦ' ନାମରେ ଖଣ୍ଡିଏ ଉପାଦେୟ ଗଳ୍ପ ପୁସ୍ତକ ଲେଖି ଅଛନ୍ତି (ଭାରଣୀ. ଉତ୍କଳ ଇତିହାସ) । ଏ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ଜ୍ୟେଷ୍ଠା କନ୍ୟା । ଏ ବି. ଏ. ପାଶ କରି ଉତ୍କଳ ସାହିତ୍ୟରେ ସମୟ ସମୟରେ ଅନେକ ଗଳ୍ପ ଲେଖିଅଛନ୍ତି । ଏ ଉତ୍କଳର ଦ୍ୱିତୀୟ ସ୍ତ୍ରୀ ଗ୍ରାଜୁଏଟ୍ ।]

ନର୍ମ୍ମଦେଶ୍ୱର—ନର୍ମଦା ନଦୀ ଗର୍ଭରୁ ମିଳିବା ଏକପ୍ରକାର ଅଣ୍ଡାକାର
Narmmadeśwara ଶିବଲିଙ୍ଗ—A kind of oval peeble found in the bed of the Nerbudda river.
[ଦ୍ର—ଏହା ଖଣ୍ଡିକ ପଥର ଶୁଭ୍ର ତମ୍ବା ନାଲି ବା କଳା ରଙ୍ଗର ମିଳେ । ପୁରାଣାନୁସାରେ ଏ ଲିଙ୍ଗର ପୂଜାରେ ବିଶେଷ ମାହାତ୍ମ୍ୟ ଅଛି—ହି. ଶ. ।]

ନର୍ମ୍ମଦ୍ୟୁତି—ସଂ. ତଣ. ପୁଂ. ଓ ସ୍ତ୍ରୀ. (ନର୍ମ୍ମନ୍ + ଦ୍ୟୁତି; ବହୁବ୍ରୀହି)—
Narmmadyuti ୧ । ବିଳାସୀ—1. Addicted to luxury.
(ନର୍ମଦ୍ୟୁତି—ଅନ୍ୟରୂପ) ୨ । କୌତୁକୀ—2. Merry.
୩ । ପରିହାସକ—3. Jesting; sportive.

ନର୍ମ୍ମସଚିବ—ସଂ. ବି. ପୁଂ. (ନର୍ମ୍ମନ୍‌+ସଚିବ)—୧ । ରାଜାଙ୍କର ଉଲ୍ଲାସ Narmmasachiba ବସ୍ତୁ ଯୋଗାଇବା ମନ୍ତ୍ରୀ ଓ କ୍ରୀଡ଼ାର୍ଥ ଅଯୋଜନ-

ନର୍ମସଚିବ, ନର୍ମ୍ମସଖା, ନର୍ମ୍ମସହଚର, ନର୍ମ୍ମସୁହୃଦ } ଅନ୍ୟରୂପ

କାରୀ ମନ୍ତ୍ରୀ—1. A minister of sports.

୨ । କ୍ରୀଡ଼ା ସହଚର—2. Playmate.

ନର୍ମ୍ମସଚିବା, ନର୍ମ୍ମସଖୀ, ନର୍ମ୍ମସହଚରୀ } ସ୍ତ୍ରୀ

୩ । ସାଙ୍ଗ—3 Boon companion.

୪ । ରସିକ; ପ୍ରଣୟୀ—4. Lover; a gallant.

୫ । ଭଣ୍ଡ; ବିଦୂଷକ—5. A buffoon; a fool; a jester.

୬ । କୁଟୁଣୀ; ଭଡ଼ୁଆ—6. A panderer.

ନର୍ମ୍ମସାଚିବ୍ୟ—ସଂ. ବି. (ନର୍ମ୍ମସଚିବ+ଭାବାର୍ଥେ ଯ)—Narmmasāchibya ନର୍ମ୍ମସଚିବର କାର୍ଯ୍ୟ—The post or act of a panderer. (ନର୍ମସଚିବ୍ୟ—ଅନ୍ୟରୂପ)

ନର୍ମ୍ମା—ବୈଦେ. ବିଣ. (ଫା. ନର୍ମ୍)—ନରମ୍—Soft. Narmmā ନରମା **नरमा** (ନର୍ମା—ଅନ୍ୟରୂପ)

ନର୍ମ୍ମାଦି—ଦେ. ବିଣ. (ବିପରୀତ ସହଚର ଶବ୍ଦ; ସଂ. ନର ଓ ମାତୃ)—Narmmādi ନର ଓ ମାଈ; ଅଣ୍ଡିରା ଓ ମାଈ—(ନର୍ମାଦି—ଅନ୍ୟରୂପ) Male and female.

ନର ମାଦୀ ଦେ. ବି—ଜୀବମିଥୁନ; ଦ୍ୱନ୍ଦ୍ୱ—

नर मादी A pair or couple of animals.

ନର୍ମ୍ମାଲ୍ ଟ୍ରେଣ୍ଡ୍—ବୈଦେ. (ଇଂ) ବିଣ. (ନର୍ମାଲ+ଟ୍ରେନ୍‌ଡ୍)—Narmmāl trend ନର୍ମ୍ମାଲସ୍କୁଲରେ ଶିକ୍ଷାପ୍ରାପ୍ତ (ଶିକ୍ଷକ)—(ନର୍ମାଲ ଟ୍ରେଣ୍ଡ—ଅନ୍ୟରୂପ) Normal trained (teacher).

ନର୍ମ୍ମାଲ୍ ଟ୍ରେନିଙ୍ଗ୍—ବୈଦେ. (ଇଂ) ବି—ନର୍ମ୍ମାଲସ୍କୁଲରେ ଶିକ୍ଷକମାନଙ୍କୁ Narmmāl trening ଶିକ୍ଷା ଦେବାପାଇଁ ଶିକ୍ଷା ଦିଅଯିବା—

ନର୍ମାଲ୍ ଟ୍ରେନିଙ୍ଗ୍, ନର୍ମି(ର୍ମ୍ମା)ଲ ଟ୍ରେନିଂ } ଅନ୍ୟରୂପ

Normal training; the training of a teacher in a Normal School.

नर्मालटेनिङ्ग

नर्मालट्रेनिं ବୈଦେ. (ଇଂ) ବିଣ—ନର୍ମ୍ମାଲ ସ୍କୁଲରେ ଶିକ୍ଷାପ୍ରାପ୍ତ (ଶିକ୍ଷକ)—Normal trained (teacher).

ନର୍ମ୍ମାଲ୍ ସ୍କୁଲ୍—ବୈଦେ. (ଇଂ)—ବି—ମଧ୍ୟମ ଶ୍ରେଣୀସ୍ଥ ବିଦ୍ୟାଳୟ-Narmmāl skul ମାନଙ୍କରେ ଶିକ୍ଷକତା କରିବାକୁ ଉପଯୁକ୍ତ

ନର୍ମାଲସ୍କୁଲ, ନର୍ମ୍ମାଲବିଦ୍ୟାଳୟ } ଅନ୍ୟରୂପ

ପଣ୍ଡିତ ଯେଉଁଠାରେ ଶିକ୍ଷିତ ହୁଅନ୍ତି—Normal School; a school for training teachers for secondary schools.

नर्मालस्कुल

नार्मालस्कुल

[ଦ୍ର—ବର୍ତ୍ତମାନ ଏହାର ନାମ ଟିଚର ଟ୍ରେନିଙ୍ଗ୍ (Teacher Training) ବା ସେକେଣ୍ଡେରି ଟ୍ରେନିଙ୍ଗ୍ ସ୍କୁଲ (Secondary Training school) ପ୍ରାଥମିକ ବା ପ୍ରାଇମେରି ସ୍କୁଲର ଶିକ୍ଷକ ତାଲିମ୍ କରିବା ସ୍କୁଲକୁ ଗୁରୁଟ୍ରେନିଙ୍ଗ୍ ବା ଏଲିମେଣ୍ଟାରି ଟ୍ରେନିଙ୍ଗ୍ (Elementary Training) ସ୍କୁଲ କୁହାଯାଏ । ଇଂରାଜୀ ସ୍କୁଲର ଶିକ୍ଷକମାନେ ଟ୍ରେନିଙ୍ଗ୍ କଲେଜରେ ଶିକ୍ଷା ପାଆନ୍ତି । ପୂର୍ବେ ନର୍ମାଲ ସ୍କୁଲକୁ ପଣ୍ଡିତ ଟ୍ରେନିଙ୍ଗ୍ ମଧ୍ୟ ବୋଲାଯାଉ ଥିଲା ।]

ନଲ୍ (ଧାତୁ)—ସଂ—୧ । ବନ୍ଧନ କରିବା—1. To bind. Nal (root) ୨ । ପ୍ରଦୀପ୍ତ ପାଇବା—2. To shine.

୩ । ବାସିବା—3. To smell (Apte).

ନଲ୍—ପ୍ରାଦେ. (ସିଂହଭୂମ) ବି—ଓଠ—Nal Lip.

ନଲ୍‌ତା—ପ୍ରାଦେ. (ସମ୍ବଲପୁର) ବି—ନଳିତା (ଦେଖ) Nal-tā Nalitā (See)

ନଲ୍‌ତାପଟ୍—ପ୍ରାଦେ. (ସମ୍ବଲପୁର) ବି—ଜୋଟ—Nal-tāpat Jute.

ନଳ—ସଂ. ବି (ନଲ୍ ଧାତୁ=ବନ୍ଧନ କରିବା+କର୍ତ୍ତୃ. ଅ)—Naḷa ୧ । ଇକଡ଼; ବାସ ନଳ; କାଣ୍ଡଶର; ଏକପ୍ରକାର [ସଂ. ନାମ; ନଲ, ପୋଟଗଲ ଘାସ—1. A kind of reed; ଶୂନ୍ୟ ମଧ୍ୟ, ଧମନ Phragmites Karka Arundo ମ. ନଲ, ଦେବନଲ Tibialis.

ତେ. କନ୍ଦ୍ରେଶଗଡ୍ଡି, ଭୁଙ୍ଗଶ୍ରୁରୁ ପୁଣ ଗର୍ମଇ ଘୋର ଦେଶେ;

ଗୁ. ନାଲ୍ରି ପୂରଇ ନଳ କୁଶକାଶେ । ଜଗନ୍ନାଥ, ଭାଗବତ

खागड़ा; खाकड़ । [ଦ୍ର—ଏ ଗଛ ତୃଣଜାତୀୟ ଓ

नरकट, नरसल ଏଥିର ପତ୍ର ବାଉଁଶ ପତ୍ର ପରି । ଏହା ସନ୍ତସନ୍ତିଆ ଭୂଇଁ ବା ନଦୀକୂଳ ଓଦା ଭୂଇଁରେ ଜନ୍ମେ । ଏହାର ପତ୍ରହୀନ କାଣ୍ଡ ବା ଦଣ୍ଡ ଦେଖିବାକୁ ବେତ ପରି ଓ ତହିଁ ଭିତର ପୋଲ । ଏଥିରେ ତାଟି ହୁଏ, ହେଁସ ବୁଣାଯାଏ ଓ ଘର ଛପରି ହୁଏ । ଏହାର କାଣ୍ଡରୁ ମଧ୍ୟ କାଠି କଲମ ହୁଏ । ବୈଦ୍ୟଶାସ୍ତ୍ର ମତରେ ଏହା ମଧୁରତିକ୍ତକଷାୟରସ ଓ ଉଷ୍ଣବୀର୍ଯ୍ୟ; ଏହା କଫ, ରକ୍ତ-ଦୋଷ, ହୃଦ୍ରୋଗ, ବସ୍ତିଗତ ଦୋଷ, ଯୋନିବ୍ୟାପତ୍, ଦାହ, ପିତ୍ତ ଓ ବିସର୍ପନାଶକ ।]

୨ । ଚୁଙ୍ଗା; ଭିତରରେ ପୋଲ ଥିବା ସରୁ ଓ ଲମ୍ବ ଦଣ୍ଡ (ପ୍ରକୃତବାଦ)—2. Pipe; a tube; a long hollow cylender.

୩ । ଶାଗ, ସାରୁ ଆଦି ଗୁଳ୍ମଗଛ ବା ଲତାର ପତ୍ରହୀନ ଶୂନ୍ୟଗର୍ଭ କାଣ୍ଡ ବା ଡାଙ୍ଗ—3. The hollow stalk of pot-herbs and other plants.

୪ । ମୃଣାଳ; ପଦ୍ମନାଡ଼—4. The stem or stalk of lotus plants.

୫ । ପଦ୍ମ—5 Lotus.

୬ । ସୁଗନ୍ଧ; ସୌରଭ—6. Flavour; smell.

୭ । ଦମୟନ୍ତୀଙ୍କ ସ୍ୱାମୀ; ନିଷଧରାଜ—8. The king of Nishadha; husband of Damayantī.

[ଦ୍ର—ଏ ନିଷଧ ଦେଶର ଚନ୍ଦ୍ରବଂଶୀ ରାଜା ବୀର ସେନଙ୍କ ପୁତ୍ର ଥିଲେ । ଏ ଖୁବ ସୁନ୍ଦର ଓ ଗୁଣବାନ ଥିଲେ । ଏ ଅଶ୍ୱ ପରୀକ୍ଷା, ଅଶ୍ୱ ସଞ୍ଚାଳନ, ବିନା ଅଗ୍ନି ସାହାଯ୍ୟରେ ଅନ୍ନାଦି ପାକ, ବୃକ୍ଷର ପତ୍ର ସଂଖ୍ୟା ଗଣନା ଆଦିରେ ଖୁବ ନିପୁଣ ଥିଲେ । ବିଦର୍ଭ ଦେଶର ରାଜା ଭୀମସେନଙ୍କ କନ୍ୟା ଦମୟନ୍ତୀ ଓ ନଳ ଦୁହେଁ ଦୁହିଁଙ୍କର ରୂପ ଗୁଣର ବର୍ଣ୍ଣନା ଶୁଣି ପରସ୍ପର ପ୍ରତି ଏକାନ୍ତ ଆସକ୍ତ ହେଲେ ଓ ଗୋଟିଏ ହଂସ ଦ୍ୱାରା ପରସ୍ପର ମଧ୍ୟରେ ସମ୍ବାଦ ଆଦାନପ୍ରଦାନ କଲେ ଓ

ଦମୟନ୍ତୀ ମନେ ମନେ ନଳଙ୍କୁ ପତିରୂପେ ବରଣ କଲେ । ଇନ୍ଦ୍ର, ଯମ, ଅଗ୍ନି ଓ ବରୁଣ ଦମୟନ୍ତୀଙ୍କ ରୂପଗୁଣରେ ମୁଗ୍ଧ ହୋଇ ଦମୟନ୍ତୀଙ୍କ ବରପ୍ରାର୍ଥୀ ହେଲେ ଏବଂ ନଳଙ୍କୁ ଦୂତ ରୂପେ ନିଯୁକ୍ତ କରି ଦମୟନ୍ତୀଙ୍କ ବିବାହ କରିବା ପାଇଁ ଦମୟନ୍ତୀଙ୍କଠାରୁ ସମ୍ବାଦ ନେଲେ; ଦମୟନ୍ତୀ ଏଥିରେ ଅସ୍ୱୀକାର କରି କହିଲେ 'ମୋ ଚିତ୍ତ ନଳଙ୍କୁ କାମନା କରୁଅଛି, ନଳଙ୍କୁ ନ ପାଇଲେ ମୁଁ ଅନଳ କାମନା କରିବି' । ସ୍ୱୟଂବର ସଭାରେ ଉକ୍ତ ଦେବତାମାନେ ନଳ ରୂପ ଧାରଣ କରି ଉପସ୍ଥିତ ହେଲେ । ଦମୟନ୍ତୀ ପ୍ରକୃତ ନଳ ଓ ନଳ ରୂପଧାରୀ ପ୍ରଚ୍ଛନ୍ନ ଦେବତାମାନଙ୍କ ମଧ୍ୟରୁ ପ୍ରକୃତ ନଳଙ୍କୁ ପ୍ରଥମେ ଚିହ୍ନି ନ ପାରି ଦୋଳାଇରେ ପଡ଼ିଲେ । ପରେ ଦେବତାମାନଙ୍କୁ ଧର୍ମର ଦୋହାଇ ଦେଇ ତାଙ୍କର ପ୍ରାର୍ଥନା କରିବାରୁ ଦେବତାମାନଙ୍କ ସୂଚନାକ୍ରମେ ଦମୟନ୍ତୀ ନଳଙ୍କୁ ଉପସ୍ଥିତ ଦେବତାମାନଙ୍କଠାରୁ ବାରି ନେଲେ ଓ ସ୍ୱୟଂବର ସଭାରେ ନଳଙ୍କଠାରେ ବରଣମାଳା ଅର୍ପଣ କଲେ । ଦେବତାମାନେ ବିଫଳମନୋରଥ ହୋଇ ସ୍ୱୟଂବର ସଭାରୁ ଫେରିଲାବେଳେ କଳି ସେମାନଙ୍କୁ ବାଟରେ ଭେଟି ସେମାନଙ୍କଠାରୁ ଏହା ଶୁଣି ନଳଙ୍କ ଉପରେ କୋପ କଲେ ଓ ସେହି କୋପ ଯୋଗୁଁ କଳି ନଳଙ୍କ ଦେହରେ ପ୍ରବେଶ କରି ନଳଙ୍କୁ ଦ୍ୟୂତାସକ୍ତ କରାଇଲେ ଓ ଶେଷରୁ ନଳ ରାଜ୍ୟ ହାରି ସସ୍ତ୍ରୀକ ବନବାସୀ ହେଲେ । ଦୈବଦୁର୍ଯୋଗରୁ ନଳ ନିଜର ପିନ୍ଧା ବସ୍ତ୍ର ମଧ୍ୟ ହରାଇଲେ । ବନରେ ଦମୟନ୍ତୀ ନିଦ୍ରିତା ଥିବାବେଳେ ତାଙ୍କ ଲୁଗାରୁ ଖଣ୍ଡେ କାଟି ନଳ ସ୍ୱୟଂ ପିନ୍ଧି ଦମୟନ୍ତୀଙ୍କୁ ଛାଡ଼ି ଚାଲିଗଲେ । ଦମୟନ୍ତୀ ବହୁ ଦୁଃଖ ଭୋଗ କରି ଶେଷରେ ପିତୃ ଗୃହରେ ଆଶ୍ରୟ ନେଲେ । ଏଣେ ନଳ ଛଦ୍ମବେଶରେ ଅଯୋଧ୍ୟାର ରାଜା ଋତୁପର୍ଣ୍ଣଙ୍କ ସାରଥି ହେଲେ । ଦମୟନ୍ତୀ ଦେଶଦେଶ ଖୋଜାଇ ନଳ ଋତୁପର୍ଣ୍ଣଙ୍କ ନିକଟରେ ଥିବାର ପତ୍ତା ପାଇଲେ ଓ ନଳଙ୍କୁ ନିଜର ପିତାଳୟକୁ ଅଣାଇବା ପାଇଁ ନିଜର ଗୋଟିଏ କପଟ ସ୍ୱୟଂବରର ଘୋଷଣା କରାଇଲେ । ଋତୁପର୍ଣ୍ଣ ସେହି ସ୍ୱୟଂବରରେ ଯୋଗ ଦେବା ପାଇଁ ନିଜର ସାରଥି ନଳଙ୍କୁ ସଙ୍ଗେ ନେଇ ବିଦର୍ଭକୁ ଆସିଲେ । ସେଠାରେ ସ୍ୱାମୀ ସ୍ତ୍ରୀ ପରସ୍ପରଙ୍କୁ ଚିହ୍ନି ମିଳିତ ହେଲେ । ନଳ ପୁଣି ନିଜ ରାଜ୍ୟ ପାଇଲେ ଓ ଦମୟନ୍ତୀଙ୍କ ସଙ୍ଗେ ଜୀବନଯାପନ କଲେ ।]

୯ । ନଦବିଶେଷ (ଦ୍ର. ଶବ୍ଦସାଗର)—
9. Name of a large and shallow river.

୧୦ । ରାମଚନ୍ଦ୍ରଙ୍କ ସଙ୍ଗେ ଲଙ୍କା ଅଭିଯାନରେ ଯାଇଥିବା ବାନର ସେନାପତି—10. Name of a monkey general who accompanied Rāmachandra when he invaded Lankā.

[ଦ୍ର—ଏ ଘୃତାଚୀ ଅପ୍ସରାର ଗର୍ଭରେ ବିଶ୍ୱକର୍ମାଙ୍କ ଔରସରେ ଜନ୍ମିଥିଲେ । ଏହି ବାନର ସେନାପତିଙ୍କର ଗୋଟିଏ ଅସାଧାରଣ ଗୁଣ ଥିଲା । ଏ ଯେଉଁ ପଥର ଖଣ୍ଡକ ସ୍ପର୍ଶ କରୁଥିଲେ, ତାହା ହାଲୁକା ହୋଇ ପାଣିରେ ଭାସୁଥିଲା । ଏ ପଥରମାନଙ୍କୁ ସ୍ପର୍ଶ କରିବାରୁ ସେହି ଭାସମାନ ପଥରଦ୍ୱାରା ରାମଚନ୍ଦ୍ର ସମୁଦ୍ରରେ ସେତୁବନ୍ଧ ବନ୍ଧାଇ ସମୁଦ୍ରକୁ ପାର ହୋଇ ଲଙ୍କା ଗଡ଼ରେ ପଡ଼ିଥିଲେ ।]

୧୧ । ପିତୃଲୋକବିଶେଷ—11. One of the abodes of the spirits of the departed ancestors (according to the Hindus).

୧୨ । ଗଛର ଗଛର ପୋଲା ଡାଙ୍ଗ—
12. Hollow stalk of plants.

୧୩ । ରଙ୍ଗ; ବର୍ଣ୍ଣ—13. Colour.

୧୪ । ବିପ୍ରଚିତ୍ତି ଔରସର ଚତୁର୍ଥ ପୁତ୍ର ଦାନବବିଶେଷ—
14. Name of a demon, the fourth son of Biprachitti.

୧୫ । ରାଜା ଯଦୁଙ୍କର ଏକ ପୁତ୍ର—
15. The name of a son of King Jadu.

୧୬ । ପ୍ରାଚୀନକାଳର ଏକପ୍ରକାର ଚର୍ମାନଦ୍ଧ ଯୁଦ୍ଧବାଦ୍ୟ; ଯାହା ଘୋଡ଼ା ପିଠିରେ ରଖାଯାଇ ଯୁଦ୍ଧବେଳେ ଯୁଦ୍ଧକ୍ଷେତ୍ରରେ ବାଦିତ ହେଉଥିଲା (ଦ୍ର. ଶବ୍ଦସାଗର)—
16. A kind of leather-bound war drum used in ancient India.

ହାଁଡ଼ ଦେ. ବି.—୧ । ହାତ ଓ ଗୋଡ଼ର ନଳହାଡ଼—
ଲଗୀ ବାଁଷ 1. The radius or outer bone of the fore-arm; the fibula or outer bone of the leg between the knee and ankle.

୨ । ଲଠା; ଜମି ମାପିବାର ଦଣ୍ଡ; ପଦିକା—
2. A rod for measuring land.

[ଦ୍ର—ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଲମ୍ବର ନଳ ବା ପଦିକା ବ୍ୟବହୃତ ହୁଏ । ଚଉଦ ହସ୍ତ ପଦିକାର ଲମ୍ବ ୭ ହାତ ଚାରିଏ=ଫୁଟ ୧୦, ୫ ଇଞ୍ଚ ଓ ଏକ ଯବ । ବାଇଶି ହସ୍ତ, ଚଉଦ ହସ୍ତ ଓ ବାର ହସ୍ତ ପଦିକା ମଧ୍ୟ ଚଳେ ।]

୩ । ୪୦୦ ହାତ ଭୂମିର ଲମ୍ବ—3. A land-length of 400 cubits; a furlong.

୪ । ନଳା ବା ଜଳନିଃସରଣ ପ୍ରଣାଳୀ—
4. Water pipe.

୫ । ହୁକାର ନଳୀ; ଗୁଡ଼ାଖୁ ଧୂଆଁ ଟାଣିବାର ନଳୀ—
5. Smoking pipe; the pipe of a narghile.

୬ । ବନ୍ଧୁକର ନଳୀ—
6. The tube or barrel of a gun.

୭ । କଣ୍ଠ ନାଳୀ; ଶ୍ୱାସ ନଳୀ—
7. Trachea; wind pipe.

୮ । ବଣିଆମାନଙ୍କର ନିଆଁ ଫୁଙ୍କିବାର ନଳୀ—
8. Goldsmith's blow pipe.

ସାତନଳ ୯ । ଚେଳା ଚଢ଼େଇ ଧରିବା ପାଇଁ ବ୍ୟବହାର କରିବା
ନଳ; ସର ଲମ୍ବ ବାଉଁଶ ବାଡ଼ି—9. A set of telescopic bamboo staffs used by fowlers to catch birds.

[ଦ୍ର—ଚେଳାମାନଙ୍କର ବ୍ୟବହୃତ ନଳ କାଠିରେ ଡମ୍ବା ୮ ଖଣ୍ଡ ସରୁଆ ବାଉଁଶ ଅଛି । ଏଥିର ଖଣ୍ଡିକର ମୂଳକୁ ଅନ୍ୟ ଖଣ୍ଡକର ଅଗରେ ଯୋଖି ଏ କାଠିମାନଙ୍କୁ କ୍ରମଶଃ ଲମ୍ବ କରିବାକୁ ହୁଏ ।

ପ୍ରସ୍ଥ ଖଣ୍ଡର ଦୈର୍ଘ୍ୟ ୩ ହାତ । ସବୁ ଶେଷ କାଠିର ଅଗରେ ଖଣ୍ଡିଏ ଅଠାଯୁକ୍ତ କାଠି ଲମ୍ବା ମୁନଅଁ କେଞ୍ଚା ଲଗିଥାଏ । କେଳାମାନେ ତଳେ ଠିଆ ହୋଇ ଏହି ନଳମାନଙ୍କୁ ଯୋଖି ଯୋଖି ଅଗ୍ରରେ ଥିବା ସେହି ଅଠା କାଠି ବା କେଞ୍ଚାକୁ ଗଛ ଡାଳରେ ବସିଥିବା ଚଢ଼େଇର ପେଟରେ ମାର ଦେବାରୁ ତହିଁରେ ଚଢ଼େଇ ଲାଖିଯାଏ ଓ ଧରାପଡ଼େ। ତତ୍ପରେ ଯୋଖା ହୋଇଥିବା ନଳ କାଠିମାନଙ୍କୁ କ୍ରମଶଃ ଖସାଇ ଆଣି ଖଣ୍ଡକର ମୂଳରୁ ଅନ୍ୟ ଖଣ୍ଡର ଅଗକୁ ଫୁଗାଳ ଦେଲେ ନଳ କାଠିମାନ ପୂର୍ବ ପରି ଖଣ୍ଡ ଖଣ୍ଡ ହୋଇ ଯାଏ ।]

ସାରାକାଳି ୧୦ । ନଳ ବା ପଦକା ଦ୍ୱାରା ଦୀର୍ଘ ଓ ପ୍ରସ୍ଥ ମାପ କରା
ଖେଲବା ଯାଇଥିବା ଭୂମିର କ୍ଷେତ୍ରଫଳ ସ୍ଥିରୀକରଣରୂପ ଗାଣିତିକ-ପ୍ରକ୍ରିୟା—10. The arithmetical system of finding out the area of a land measured with a rod by multiplying the length with the breadth.

[ଦ୍ର—ଦୀର୍ଘ ଏତେ ନଳ ପ୍ରସ୍ଥ ଏତେ ନଳ ହୋଇଥିବା ଜମିର କ୍ଷେତ୍ରଫଳ ମାଣ, ଗୁଣ, ବିଶାରେ କେତେ ? ଏହା ସ୍ଥିର କରିବା କ୍ରମରେ ସୁତ୍ରଏ ସୂତ୍ର ଅଛି । ସେହି ସୂତ୍ରମାନଙ୍କ ସାହାଯ୍ୟରେ ଜମିର କ୍ଷେତ୍ରଫଳ ସହଜରେ ବାହାରେ । ୪ ନଳରେ ଏକ କାହାଣ; ୧ ନଳ=୪ ପଣ; ୧ ପଣ= ୨୦ ଗଣ୍ଡା, ୧ ଗଣ୍ଡା=୪ କଡ଼ା ନଳ ଗୁଣିବା ପ୍ରଣାଳୀ ଅନେକ ପ୍ରକାର—ଯଥା—ହାତ ନଳ, ଦଣ୍ଡି ନଳ, ସମ ନଳ ବା ସାଧା ନଳ ଓ ଦୀର୍ଘ ପ୍ରସ୍ଥ ଜଣା ନ ଥିଲେ ଜମିର କ୍ଷେତ୍ରଫଳ ବାହାର କରିବା ଜାଣି ବା ବିଷମ ନଳ । ନଳ ଗୁଣିବାର ଗୋଟିଏ ପୁରୁଣା ସୂତ୍ର ଏହି—
ପଣକୁ ପଣ ପାଞ୍ଚକଡ଼ା ମାରଣ, ପଣ ଗଣ୍ଡା ଅଷ୍ଟ ବାଢ଼ ।
ଗଣ୍ଡା ଗଣ୍ଡା ଅଷ୍ଟ ବଦାଢ଼ ହୁଅଇ, ପଣ କଡ଼ା ବେଲ ବାଢ଼ ।
ଏହି ରୂପେ କଡ଼ା ଗଣ୍ଡାକୁ ଗୁଣିଲେ, ହୁଅଇ ବଦାଢ଼ ବେଳ ।
କଡ଼ାକୁ କଡ଼ାରେ ଗୁଣିଲେ ଜାଣିବ ବଦାଢ଼ର ଅର୍ଦ୍ଧ ଯେଳ ।
କାହାଣ ସଙ୍ଗତେ ଯାହାକୁ ଗୁଣିବ ମୂଳ ତାର ସେହି ହୁଏ;
ସ୍କୁଟମାନଙ୍କର ପ୍ରୟୋଜନ ଅର୍ଥେ ଲୀଳାବତୀ ସୂତ୍ର କହେ ।"
ନଳଦ୍ୱାରା ମାପିବା ଜମିର ସ୍ମାରକ ଲିପି (field book) କୁ ଭଉଁରିଆ ବୋଲାଯାଏ ।]

ନଳକ—ସଂ. ବି (ନଳ+ସାଦୃଶ୍ୟାର୍ଥେ. କ; ଅଥବା ନଳ+କୈ
Nalaka ଧାତୁ=ପ୍ରାପ୍ତି ପାଇବା+କର୍ତ୍ତୃ. ଅ)—
୧ । ପବ; ବାଉଁଶ ଆଦିର ପବ ବା ପଗ—
1. An internode; the part of a bamboo or cane between two joints.
୨ । ହାତ ଓ ଗୋଡ଼ର ନଳ ହାଡ଼—
2. The long bones of the fore arm and leg; the radius of the arm and the fibula of the leg.
୩ । ନଳାକାର ଅସ୍ଥି—3. Tubulous bone.
୪ । ଛୋଟ ଗଛର ଶୂନ୍ୟଗର୍ଭ ଡାଙ୍ଗ ବା ଦଣ୍ଡ—
4. The hollow stalk of plants.

ନଳକନ୍ଦ—ସଂ. ବି (ନଳ+କନ୍ଦ)—୧ । ଉଶୀର; ବେଣାଚେର—
Nalakanda 1. The fragrant root of Benā grass.
୨ । ପୁଷ୍ପମଧୁ—2. The honey of a flower.

ନଳକଯନ୍ତ୍ର—ସଂ. ବି (ଆଧୁନିକ ପ୍ରୟୋଗ; ନଳକ+ଯନ୍ତ୍ର; ଟେଲେସ୍କୋପ
Nalaka jantra ନଳର ସମଷ୍ଟିରେ ଏହା ନିର୍ମିତ ଓ ବ୍ୟବହାର ନ ହେଲାବେଳେ ଗୋଟିଏ ନଳ ମଧ୍ୟରେ ଅନ୍ୟ ନଳକୁ ପୁରାଇ ଏହାକୁ ଛୋଟ କରାଯିବାରୁ ଏହି ନାମ)—ଦୂରବୀକ୍ଷଣ ଯନ୍ତ୍ର—Telescope.

ନଳ କରିବା—ଦେ. କ୍ରି—(ମାଦଳାପାଞ୍ଜି)—ନଳବା; ଜମିକୁ ନଳ ବା
Nala karibā ପଦକାଦ୍ୱାରା ମାପିବା—To measure a plot of land with the measuring rod.

ନଳକାଠି—ଦେ. ବି—କେଳାଙ୍କ ନଳ—A set of telescopic
Nalakāṭhi tubular staffs of a fowler.
ସାତନଳୀ **ନଳକାଠୀ**

ନଳକାଣ୍ଡ—ଦେ. ବି—ନଳକାଠି (ଦେଖ)
Nalakāṇḍa Nalakāṭhi (See).
ନଳକାଣ୍ଡ ଯୋଖିଲ ନେଇ—ପ୍ରାଚୀ. ନର୍ଗ୍ରଶନାହାସ୍ୟ ।

ନଳକିନୀ—ସଂ. ବି (ନଳକ+ଇନ୍+ସ୍ତ୍ରୀ. ଈ)—୧ । ଜଙ୍ଘ (ହେ. ଶ)—
Nalakini 1. Thigh.
୨ । ଆଣ୍ଠୁର ଚକି ହାଡ଼—
2 The kneepan (Apte).
୩ । ଗୋଡ଼—3. The leg (Apte).

ନଳକୀଳ—ସଂ. ବି (୬ଷ୍ଠୀ ତତ୍; ନଳ=ଗୋଡ଼ର ନଳହାଡ଼+କୀଳ)—
Nalakila ଆଣ୍ଠୁ—The knee (Apte).

ନଳକୂବର—ସଂ. ବି (ବହୁବ୍ରୀହି; ନଳ+କୁବର=ଶରୀର; ନଳ ରାଜାଙ୍କ
Nalakūbara ପରି ଶରୀର ଯାହାର)—କୁବେରଙ୍କର ଏକ ପୁତ୍ର—
Name of a son of Kubera.
[ଦ୍ର—ଏ ଓ ଏହାଙ୍କ ଭାଇ ମଣିଗ୍ରୀବ ନାରଦଙ୍କ ଅଭିଶାପରୁ ଯାଆଁଳ । ଅର୍ଜୁନ ଗଛ ହୋଇଥିଲେ । ଶ୍ରୀକୃଷ୍ଣ ଶୈଶବକାଳରେ ଏହି ଗଛ ଯୋଡ଼ିକୁ ଗୋଟିଏମାତ୍ର ଭାଙ୍ଗିଦେବାରୁ ଏ ଦୁହେଁ ଶାପ-ମୁକ୍ତ ହୋଇ ସ୍ୱର୍ଗକୁ ଗଲେ ।]

ନଳ ଗୁଞ୍ଜିବା—ଦେ. କ୍ରି—୧ । (କେଳା) ପକ୍ଷୀକୁ ଧରିବା କ୍ରମରେ
Nala gunjibā ଏକାଧିକ ନଳକୁ ପରସ୍ପର ଯୁକ୍ତ କରିବା—
ସାତନଳା ଗୋଁଜା 1. (said of a fowler) To set the
ନଳ ଜୋଡ଼ନା Nala staffs one at the end of
(ନଳ ଯୋଖିବା—ଅନ୍ୟରୂପ) another to catch a bird.
୨ । (ଲକ୍ଷଣାର୍ଥ) ଉପାୟ ଉଦ୍ଭାବନ କରିବା—
2. (fig) To devise a plan.

ନଳ ଡାକିବା—ଦେ. କ୍ରି—ନଳରେ ଭୂମି ମାପ କରୁଥିବା ବ୍ୟକ୍ତି ମାପି-
Nala dākibā ମାପିକା ଯାଇ ଯାଇ ଯେତେ ନଳ ମାପିଲା ତାହା ଉଚ୍ଚସ୍ୱରରେ କହିବା—To call aloud the number of Nalas or measuring rod while engaged in measuring a land with the rod.

ନଲଟି—ଗ୍ରା. ବି. ସ୍ତ୍ରୀ—ଲଳିତାନାମ୍ନୀ ସ୍ତ୍ରୀର ଡାକ ନାମ—
Na**l**ati — Name for calling La**l**itā.

ନଲଟିଗିରି—ଦେ. ବି—କଟକ ଜିଲ୍ଲାର ଯାଜପୁର ସବ୍‌ଡିଭିଜନର ଏକ
Na**l**atigiri — ପାହାଡ଼ର ନାମ—Name of a hill in the Cuttack district.

[ଦ୍ର—ଏହି ପାହାଡ଼ ଧାନମଣ୍ଡଳ ଷ୍ଟେସନଠାରୁ ୧୪ ମାଇଲ ଦୂରରେ ଅବସ୍ଥିତ । ଏଥିରେ ସ୍ତୂପ, ଗୁମ୍ଫା, ବୁଦ୍ଧଙ୍କ ମୂର୍ତ୍ତି ଓ ପାଲି ଭାଷାରେ ଅଶୋକଙ୍କ ଅନୁଶାସନ ଖୋଦିତ ହୋଇଅଛି ।]

ନଲଦ—ସଂ. ବି. (ନଲ=ସୁଗନ୍ଧ+ଦା ଧାତୁ=ଦାନ କରିବା+କର୍ତ୍ତୃ. ଅ)—୧ । ଜଟାମାଂସୀ—1. Indian spikenard; Valanaria Jatāmāmsi.
Na**l**ada
(ନଲଦା—ଅନ୍ୟରୂପ)

୨ । ବେଣା ଚେର—
2. The root of the Beṇā grass.
ବଟାର ବୋଲାଇଲେ ବହୁତ ନଲଦ—କୃଷ୍ଣସିଂହ, ମହାଭାରତ, ବନ ।

୩ । ପୁଷ୍ପକରଥ—
3. The mythological chariot Pushpaka.

୪ । ମକରନ୍ଦ—
4. The nectar of flowers; flower honey.

୫ । ଲାମଜ୍ଜକ (ହ୍ରି. ଷ.); ଗନ୍ଧବେଣା ନାମକ ତୃଣ—
5. The Juncus Odoratus (grass).

ସଂ. ବି—ନଲଦାତା; ଯହିଁରୁ ସୁଗନ୍ଧ ବାହାରୁଅଛି—
Emitting a sweet smell.

ନଲଦମ୍ବୁ—ସଂ. ବି—ନିମ୍ବ ଗଛ (ହ୍ରି ଶବ୍ଦସାଗର)—
Na**l**adambu — The Nima tree.

ନଲଦା—ସଂ. ବି. (ନଲଦ+ଆ)—ଜଟାମାଂସୀ—
Na**l**adā — Indian spikenard.

ନଲନୀରୁହ—ସଂ. ବି—ମୃଣାଳ; ପଦ୍ମନାଡ଼ (ହ୍ରି. ଶବ୍ଦସାଗର)—
Na**l**aniruha — The stalk of lotus.

ନଲ ପକା(କେ)ଇବା—ଦେ. କ୍ରି—ନଲବା; ନଲଦ୍ୱାରା ଭୂମି ମାପିବା—
Na**l**a pakā(ke)ibā — To measure a land with the rod.
লগগীতেজমি মাপা — **जमी माँजना, खेत नापना**

ନଲପଟ୍ଟିକା—ସଂ. ବି. (ନଲ ପଟ୍ଟ=ଛୋଟ ବସ୍ତ୍ର+ସାଦୃଶ୍ୟାର୍ଥେ କ +ସ୍ତ୍ରୀ. ଆ)—
Na**l**apaṭṭikā

୧ । ବେରୁଆଁ ହେଁସ; କାଠିମସିଣା; ନଲର ଘୁଷ—
1. A mat of reeds.

୨ । କାଣ୍ଡଘରର ଭାଡ଼—2. A partition or framework made of reeds.

ନଲ ବଣ—ଦେ. ବି. (ସଂ. ନଲ ବନ)—
Na**l**a baṇa — ୧ । ନଲ ଗଛରେ ପୂର୍ଣ୍ଣ ଜଙ୍ଗଲ—
नलवन — 1. A jungle of reeds.
नलवन — ୨ । (ନାମ) ଚିଲିକା ହ୍ରଦ ମଧ୍ୟସ୍ଥ ୧ ବର୍ଗମାଇଲ ବିସ୍ତୃତ ଦ୍ୱୀପବିଶେଷ—2. Name of an islet in the Chilkā lake (in Orissa).

[ଦ୍ର—ଖରାଦିନରେ ଲୋକେ ଡଙ୍ଗା କେଇ ଏହି ଦ୍ୱୀପକୁ ଯାଇ ସେଠାରୁ ନଲ ତୃଣ କାଟିଅଣି ଘର ଛପର କରନ୍ତି । ଏହି ଦ୍ୱୀପ ଚିଲିକା ଜଳର ପତନରୁ ଅଧିକ ଉଚ୍ଚ ନୁହେ । ଏହା ଚିଲିକାର ପଶ୍ଚିମ ଓ ଦକ୍ଷିଣାଂଶରେ ଅବସ୍ଥିତ । ଏଠାରେ ପକ୍ଷୀ ଶିକାର କରାଯାଏ ଓ ଏଠାରୁ ପ୍ରଚୁର ମାଛ ମରନ୍ତି; ଖରାଦିନେ ଏ ଦ୍ୱୀପ ଉପରେ ୧ଫୁଟ ବା ୨ ଫୁଟ ମାତ୍ର ପାଣି ଥାଏ ।]

ନଲ ବନ—ସଂ. ବି (ନଲ+ବନ; ୬ଷ୍ଠୀ ତତ୍)—ନଲ ଗଛର ଜଙ୍ଗଲ—
Na**l**a bana — A jungle of reeds.
ଦେ. ବି—ନଲ ବଣ (ଦେଖ)
Na**l**abaṇa (See).

ନଲ ଭାଙ୍ଗିବା—ପଦକା ମାପରେ ଜମିର ଦୈର୍ଘ୍ୟ ଓ ପ୍ରସ୍ଥ ଜଣା ଥିଲେ, ତଦ୍ଦ୍ୱାରା ଜମିର କ୍ଷେତ୍ରଫଳ ସ୍ଥିର କରିବା—
Na**l**a bhāṅgibā
সারাকালি করা — To find out the area of a land whose
खेसरा करना — length and breadth (by rod measurement) are known.

ନଲ ମାପ—ଦେ. ବି.—(ସଂ. ନଲ+ମାପ୍ୟ)—ନଲ ବା ପଦକାଦ୍ୱାରା ଭୂମିର ମାପ ବା ଜରିବ—Measurement or
Na**l**a māpa
দাঁড়েতে মাপা — survey of land with the measuring
लगीनाप — rod.

ନଲମୀନ—ସଂ. ବି. (ନଲ+ମୀନ; ମ. ପ. ଲୋ; ନଲପରି ଦେଖାଯିବା ମୀନ)—ଚିଙ୍ଗୁଡ଼ି ମାଛ—Shrimp.
Na**l**a mina

ନଲା—ଦେ. ବି.—(ସଂ. ନଲ)—୧ । ପାଣି ବହି ଯିବାର ନାଳ—
Na**l**ā — 1. Drain; gutter.
নালা — ୨ । କୋଠା ଅବା ଉଚ୍ଚ ସ୍ଥାନରୁ ତଳକୁ ପାଣି ଗଡ଼ିବା
नल — ନିମନ୍ତେ ସ୍ଥାପିତ ନଳ—2. Water-pipe.
୩ । ପୋଲ ଅବର ଫାଟକ—3 An opening or arch in a bridge or culvert.
(ଯଥା—ଅଠରନଲା ପୋଲ ।)
नल — ୪ । ବାଉଁଶ ଅବର ଏକ ପାଖ ଖୋଲା ଚୁଙ୍ଗା—
नल — 4. A bamboo tube with one end open.
[ଦ୍ର—ଏଥିରେ ତେଲ ଅବ ରଖା ଯାଏ ।]
दाग — ୫ । ନୋଳା; ବେତର ପ୍ରହାର ଯୋଗୁଁ ଦେହରେ ରହିବା
दोद्रा — ଲମ୍ବ ଚିହ୍ନ—5. A long mark left on the body after a cane-beating; stripe.

ପ୍ରାଦେ. (ସମ୍ବଲପୁର) ବି.—୧ । ଧାନଗଛର ରୋଗବିଶେଷ; ପେଟ-କାଟିଆ ରୋଗ; କାହାଳିଆ ରୋଗ—1. A pest affecting paddy plants.
୨ । ନଲା ପୋକ (ଦେଖ)—
2. Na**l**ā poka (See)

ନଲା(ଲେ)ଇବା—ଦେ. କ୍ରି.—(ନଲବାର ଣିଜନ୍ତ)—ଅନ୍ୟ ବ୍ୟକ୍ତିଦ୍ୱାରା ନଲ ଦ୍ୱାରା ଜମି ମାପ କରାଇବା—To cause a
Na**l**ā(**l**e)ibā
মাপান — land to be measured by another
खेत नपाना — person with a measuring rod.

ନଳାଦଣ୍ଡି — ପ୍ରାଦେ. (ଗଞ୍ଜାମ) ବି.—ସ୍ଥାପଦଣ୍ଡି —The post driven in the centre of a tank.
Naḻā daṇḍi

ନଳା ପାଣି — ଦେ. ବି.—(ସଂ. ନଳା + ପାନୀୟ) — ନଳାରେ ବହି ଯାଉଥିବା ବର୍ଷା ପାଣି ବା ମଇଳା ପାଣି— water flowing through a gutter.
Naḻā pāṇi
ନର୍ଦ୍ଦମାର ଜଲ

ପ୍ରାଦେ. (ଗଡ଼ଜାତ) ବି.—ଦୁଧ; ଦୁଗ୍ଧ—Milk.

[ଦ୍ର— ଗଡ଼ଜାତରେ ପାନୀୟ ଦୁଗ୍ଧକୁ ‘ଦୁଧ’ ନ କହି ଖୀର, ଔଷଧ, ଲଡ୍ୟାନ, ନଳାପାଣି ଓ ଧଳା ପାଣି କହନ୍ତି । ଗଡ଼ଜାତରେ ଦୁଧ କହିଲେ ସ୍ତ୍ରୀମାନଙ୍କ ସ୍ତନକୁ ବୁଝାଏ ।]

ନଳା ପୋକ — ପ୍ରାଦେ. (ଗଞ୍ଜାମ) ବି—ତେଲୁଣି ପୋକ (ଦେଖ)
Naḻā poka — Teluṇi poka (See)

ନଳା ଫାଟିବା — ଦେ. କ୍ରି.—ଦେହରେ ବେତ ପ୍ରହାରର ଚିହ୍ନ ରହିଯିବା- Cane-marks being left on body.
Naḻā phāṭibā
दाग बंसा   दोद्रा फटना
(ନଳା ଫାଟି ଯିବା, ନଳା ବସିବା, ନଳା ବସିଯିବା— ଅନ୍ୟରୂପ)

ନଳା ବାଟ — ଦେ. ବି.—ପାଣି ବହି ଯିବାର ନଳା — Water channel; drain; water-course.
Naḻā bāṭa
নালা, নালী
नहर, नाली

ନଳି — ଦେ. ବି. (ସଂ. ନଳ; ନଳିକା)—
Naḻi
নলী
नली

୧ । ସରୁ ନଳ—1 A slender tube.
(ଯଥା—ନଳର ନଳ ।)

୨ । ବନ୍ଧୁକ—2. A gun
ରଞ୍ଜକ ଯୋଗ ନଳ ଅଛି ଯୋଗ । ଉକ୍ତ. କୋଟି ବ୍ରହ୍ମାଣ୍ଡସୁନ୍ଦରୀ ।

୩ । ବନ୍ଧୁକର ନଳ—3 Gun-barrel

୪ । ନଳ—4. Tube
× × ବଣ ନଳରେ ଥିବାର ଯେ । ଉକ୍ତ. ବୈଦେହୀଶବିଳାସ ।

୫ । ଚେଲାଙ୍କର ନଳ କାଠି—5. A set of telescopic staffs used by fowlers.
ନଳ ଅଗରେ ଯେନ ଅଠା କାଠିକ । ଉକ୍ତ. ଲାବଣ୍ୟବତୀ ।

୬ । ଗୋଡ଼ର ବଳାଗଣ୍ଠି ଉପରଠାରୁ ଅଣ୍ଟୁ ପର୍ଯ୍ୟନ୍ତ ଥିବା ଅଂଶର ଅସ୍ଥିମୟ ପୃଷ୍ଠ ଦେଶ — 6. The bony back of the calf of the leg; fibula.

ଦେ. ବଣ—ଛୋଟ ନଳ ପରି ସରୁ— Slender like a small tube.
(ଯଥା— ନଳି ଗୋଡ଼, ନଳି ଗୋଡ଼ୀ ।)

ସଂ. ବି—ନଳୀ (ଦେଖ)—Naḻi (See)

ନଳିଆ — ଦେ. ବଣ—ନଳ ପରି ସରୁ— Slender like a small tube; tubular; cylindrical.
Naḻiā
নলিনলি

ଦେ. ବି—ନଳୀ ବାଲା; ଯେ ବନ୍ଧୁକ ମାରେ— A gunner; one who fires a gun.

ନଳିକା — ସଂ. ବି. (ନଳ + କ; ସ୍ତ୍ରୀ. ଆ)—
Naḻikā
ସଂ. ନାମ—ବିଦ୍ରୁମଲତାର
କପୋତଚରଣା, ନଟୀ, ଧମନୀ, ଅଞ୍ଜନକେଶୀ, ନିର୍ମ୍ମଧା, ସୁଷିରା, ନଳୀ, ନଳନୀ, ରକ୍ତଦଳା, ନର୍ତ୍ତକୀ, ପ୍ରବାଳୀ
নালকো
नालका
ମ. ନଳକାଜାଗୀ
ତୈ. ପକ୍ଷେମୁକ

୧ । ନଳି—1. Tube.

୨ । ନାଡ଼ୀ—2. Pulse.

୩ । ତୂଣ; ଶର ମୁଣା— 3. A quiver for arrows.

୪ । ନଳିତା ଶାଗ —4. The leaves of the jute plant used as pot-herb.

୫ । ଭାରତର ଉତ୍ତରପଶ୍ଚିମ ପ୍ରଦେଶଜାତ ଏକ ପ୍ରକାର ଗନ୍ଧ ଦ୍ରବ୍ୟ ଓ ତହିଁର ଲତା— 5. A kind of creeper growing in N. W. India and producing a scent.

[ଦ୍ର—ଏହା ଶୀତବୀର୍ଯ୍ୟ । ଏହାର ଆକୃତି ପ୍ରବାଳ ସଦୃଶ । ଏହା ଲଘୁ ଓ ଚକ୍ଷୁର ହିତକର, ବାତ ପିତ୍ତ ଓ କଫ ନାଶକ ଏବଂ ମୂତ୍ରକୃଚ୍ଛ୍ର, ଅର୍ଶ, ଶୂଳ, ତୃଷ୍ଣା, ରକ୍ତଦୋଷ, କୁଷ୍ଠ, କଣ୍ଡୁ ଓ ଜ୍ୱରନାଶକ ।]

୬ । ନଳ ପରି ସରୁ, ଲମ୍ବ ଓ ଶୂନ୍ୟଗର୍ଭ କୌଣସି ବସ୍ତୁ (ଦ୍ର. ଶବ୍ଦସାଗର)—6. Any slender and cylindrical thing.

୭ । ପ୍ରାଚୀନ ଭାରତରେ ବ୍ୟବହୃତ ବନ୍ଧୁକ ପରି ଅସ୍ତ୍ରବିଶେଷ- 7. A kind of weapon of offence resembling a gun used in ancient India.

[ଦ୍ର—ଲୋକେ ଅନୁମାନ କରନ୍ତି ଯେ ଏହି ଅସ୍ତ୍ର ଆଧୁନିକ ବନ୍ଧୁକ ପରି ଥିଲା ଓ ଏହାଦ୍ୱାରା ଲୁହାର ଛୋଟ ଛୋଟ ଗୁଳି ଓ ତୀର କ୍ଷେପଣ କରା ଯାଉଥିଲା । ଏଥିର ଉଲ୍ଲେଖ ରାମାୟଣ, ମହାଭାରତ, ଏମନ୍ତ କି ବେଦରେ ମଧ୍ୟ ଅଛି । ଶୁକ୍ରନୀତିରେ ଏହାର ବିସ୍ତୃତ ବର୍ଣ୍ଣନ ଅଛି । ଏ ଅସ୍ତ୍ରକୁ ‘ନାଳିକ’, ନାଳକ ଓ ‘ନାଳ’ ମଧ୍ୟ ବୋଲା- ଯାଉଥିଲା ।]

୮ । ପୋଦିନା ଶାଗ (ଦ୍ର. ଶବ୍ଦସାଗର)— 8. Mentha Virdis; a herbarious plant used for salad.

୯ । କଳମ ଶାଗ (ଦ୍ର. ଶବ୍ଦସାଗର)— 9. Ipomæa Reptens (creeper).
[ଦ୍ର—ଏହାର ଡାଙ୍ଗ ନଳ ପରି ଫମ୍ପା]

୧୦ । ଜଳୋଦର ରୋଗୀର ପେଟରୁ ପାଣି ବାହାର କରିବା ପାଇଁ ବ୍ୟବହୃତ ପ୍ରାଚୀନକାଳର ଏକପ୍ରକାର ଯନ୍ତ୍ର (ଦ୍ର. ଶବ୍ଦସାଗର)—10 A kind of tubular instrument used in ancient India for tapping the abdomen of dropsy-patients.

ନଳି ଗୋଡ଼ — ଦେ ବି—୧ । ସରୁଆ ଗୋଡ଼— 1. Slender legs.
Naḻi goṛa
নলি নলিপা
छाया
পায়ের নলী

ବଗ ଲୋ ବଗ ! ଥାଇ କୁହରୁ ?
ନାଁ—ମେ ନଳିଗୋଡ଼ଷଣ୍ଡେ ଭାଙ୍ଗିବ । ଶିଶୁଗୀତ

୨ । ଗୋଡ଼ର ବଳାଗଣ୍ଠିଠାରୁ ଅଣ୍ଟୁ ପର୍ଯ୍ୟନ୍ତ ଥିବା ଅଂଶର ପୃଷ୍ଠାଂଶ—2. The front bony part of the calf of the leg; fibula.

ନଳଗୋଡ଼ ଘା—ଦେ.ବି—ମନୁଷ୍ୟର ନଳଗୋଡ଼ରେ ହୋଇଥିବା ଘଚ—
Naligorda ghā A sore or ulcer on the fibula.
পায়ের নলীর ঘা ଘର ଅଗ ହୋଇଲ, ନଳଗୋଡ଼ ଘା,—
হাবাকাঘাব ଷଷ୍ଠି ଦୋ, ମନ ଏ । ଚଗ ।
(ନଳଗୋଡ଼ ଘାଅ—ଅନ୍ୟରୂପ)
[ଦ୍ର—ଏହି ଘଚ ସହଜରେ ଭଲ ହୁଏ ନାହିଁ ।]

ନଳିଗୋଡ଼ା—ଦେ. ବଣ. ପୁଂ—ଯେଉଁ ପୁରୁଷର ଗୋଡ଼ ସରୁଅ—
Naligordā Slender-legged.
(ନଳଗୋଡ଼ିଆ—ଅନ୍ୟରୂପ) [ଦ୍ର—ଆମ ଦେଶରେ ନଳ-
(ନଳଗୋଡ଼ୀ, ନଳଗୋଡ଼େଇ—ସ୍ତ୍ରୀ) ଗୋଡ଼ୀ ସ୍ତ୍ରୀମାନେ ଅସୁନ୍ଦରୀଙ୍କ ମଧ୍ୟରେ ପରିଗଣିତା ।]

ନଳିଘା—ଦେ. ବି (ସ. ନାଡ଼ୀ ଘଚ; ସ ନଳ+ଘାତ) ଯେଉଁ ଘା'ଅ
Nalighā ଉପରେ ଶୁଖିଗଲା ପରି ଦେଖାଯାଏ କିନ୍ତୁ ଭିତରେ ନ
(ନଳଘାଅ—ଅନ୍ୟରୂପ) ଶୁଖି ପୂଜ ହୁଏ; ଦୁଷ୍ଟ ଘଚ; ନାଡ଼ୀ ବ୍ରଣ—
নালীঘা, **নলাঘাব, নালুব** Sinus.

ନଳିଚା—ଦେ.ବି (ସ. ନଳ; ଭୁଲ ଫା. ନଇଚ୍ଛ)—୧ । ହୁକାର ନଳ—
Nalichā 1. The pipe of a hubble bubble.
নলিচা, নল্‌চে, নইচা ୨ । (ସ. ନଳିତ, ନାଡ଼ୀ=ପଟ୍ଟଶାକ)—
নৈচা ଝୋଟଗଛ—2. Jute plant.
নলিত্, নালিতা, পাটগছ, তিতোপাট, **নাড়িকা, পত্তুআ**
[ଦ୍ର—ଏହାର ପତ୍ର ଭାରି ପିତା; ଲୋକେ ଏ ପତ୍ରକୁ ଶୁଖାଇ ରଖି, କୋଷ୍ଠ ପରିଷ୍କାର ନିମନ୍ତେ ତାହାର କ୍ୱାଥ ଖାଆନ୍ତି । କଞ୍ଚା ନଳିତାପତ୍ରକୁ ମଧ୍ୟ ଲୋକେ ଶାଗ କରି ଖାଆନ୍ତି । ନଳିତା ୩ ପ୍ରକାର —ଧଳାଗଛର ଶାଗ ପିତା ନୁହେଁ । ଲାଲ୍ ନାଲିଗଛର ଶାଗ ପିତା । ଆଉ ଏକପ୍ରକାର ନଳିତା (ପର୍ବତ କାଉଁରିଆ) ର ପତ୍ର ଖଟା ।]
ଦେ. ବଣ—ନଳପରି ସରୁ—Slender like a tube

ନଳିତା(ତ)—ସ.ବି (ନଳ ଧାତୁ+କର୍ତ୍ତୃ. ତ; ସ୍ତ୍ରୀ. ଆ; ଏଥିର ଡାଙ୍ଗମାନ
Nalitā(ta) ନଳପରି ହେବାରୁ)—ଝୋଟ ବା କାଉଁରିଆଗଛ—
ଅନ୍ୟ ସ. ନାମ—ନାଡ଼ୀକ, Jute plant; Corchorus.
କାଡ଼ୀଚ, ନାଡ଼ୀଶାକ, [ଦ୍ର—ସମ୍ଭବତଃ ପୂର୍ବେ ଭାରତରେ
ପଟ୍ଟଶାକ, କେରୁକ, ଅଂଶୁ ବା ଝୋଟ ଉତ୍ପାଦନ କରିବା
କାଳଶାକ, ପେରୁଲା, ପାଇଁ ଏହାର କୃଷି କରା ଯାଉ ନ
କ୍ଷାରଶାକ, ପେରୁ, କାଳକ, ଥିଲା ଓ ଇଉରୋପୀୟମାନଙ୍କ ଆଗମନ
ବଣରୋଚନ, ନାଳକ, ପଟ୍ଟ, ପରେ ଅଂଶୁ ପାଇଁ ଏହାର କୃଷି
ହିଞ୍ଚୁବା ଆରମ୍ଭ ହୋଇଅଛି । ଏହି ଝୋଟଗଛ
নালিতা, পট, নলিতাপট, ଅନେକ ପ୍ରକାର । କେତେକ ଜାତିର
বনপট্ ଫଳ ଗୋଲ ଓ ଚୁଷି କଲସପରି ।
ম্রুন, পত্তুআ କେତେକ ଜାତିର ଫଳ ନାଲି ଲେଣ୍ଡି
ମ. ନାଡ଼ୀଶାକ ପରି । କେତେକ ଜାତିର ପତ୍ର ଖଟା
ଗୁ. ବନପଟ, ନାଲୀନାଗ୍ଙ୍ଗା (ପର୍ବତ କାଉଁରିଆ) । କେତେକ
ତା. ପେରନ୍ତକାର୍ଟ, ଜାତିର ପତ୍ର ପିତା (ନଳିତାପିତା) ।
ତେଲ୍ପରନ୍ତା (Kirtikar) କେତେକ ଜାତିର ପତ୍ର ପିତା ବା ଖଟା ନୁହେଁ । ଅନେକ ଜାତି ବନ୍ୟ ଅବସ୍ଥାରେ ଜନ୍ମେ । କେତେକ ଜାତିର ଶସ୍ୟ ହୁଏ । ଏହାର ପତ୍ର ଓ ମଞ୍ଜି ଔଷଧରେ ଲାଗେ । ଯାହାର ଫଳ ଗୋଲ ଚୁଷି କଲସପରି ଓ ପତ୍ର ପିତା ତାକୁ ଇଂରେଜୀରେ Corchorus Capsularis ଓ ଯାହାର ଫଳ ଲେଣ୍ଡି ପରି ଲମ୍ବା ଓ ଖଟା ତାକୁ ଇଂରେଜୀରେ Corchorus Olitorius କହନ୍ତି । ବୈଦ୍ୟକ ମତରେ ଏହା ତିକ୍ତ, ରକ୍ତପିତ୍ତନାଶକ, ଶୁକ୍ରବର୍ଦ୍ଧକ, ବିଷ୍ଟମ୍ଭୀ ଓ ବାତପ୍ରକୋପକ ।]

ଗ୍ରା. ବି. ସ୍ତ୍ରୀ. (ନାମ) (ସ. ଲଳିତା)—
୧ । ରାଧିକାଙ୍କ ପ୍ରିୟସଖୀ—1. One of the female companions of Rādhikā.
୨ । ସ୍ତ୍ରୀମାନଙ୍କର ନାମ—
2 A name given to females.

ନଳିତା ପିତା—ଦେ. ବି. (ସ. ନଳିତ+ତିକ୍ତ)—ନଳିତା ବା ଝୋଟ
Nalitā pitā ଗଛର ପିତା ପତ୍ର—The bitter leaves of
নালিত, নালতেপাতা the Jute plant.
পত্তুআকা সাগ, নাড়িকা সাগ [ଦ୍ର—ଏହାକୁ ଶୁଖାଇ କରି ରଖି ଏଥିର କ୍ୱାଥ କରି କୋଷ୍ଠଶୁଦ୍ଧି ନିମନ୍ତେ ଲୋକେ ଖାଆନ୍ତି । ଏହାକୁ କଞ୍ଚାରେ ଶାଗ କରି ମଧ୍ୟ କୋଷ୍ଠଶୁଦ୍ଧି ପାଇଁ କେହି କେହି ଖାଆନ୍ତି ।]

ନଳିନ—ସ. ବି. (ନଳ ଧାତୁ=ବନ୍ଧନ କରିବା; ଉଜ୍ଜ୍ୱଳ ହେବା+
Nalina କର୍ତ୍ତୃ. ଇନ)—
୧ । ପଦ୍ମ—1. Lotus.
୨ । କଇଁ—2. Water lily.
୩ । ଜଳ—3. Water.
୪ । ନୀଳଗଛ—4. Indigo plant.
୫ । ଶୈବାଳ; ଶିଉଳି—5. Moss.
୬ । ସାରସପକ୍ଷୀ—6. The Indian crane.
୭ । ପାଣି ଅଁଳା ଫଳ ଓ ଗଛ—7. Flacourtia Cataphracta (plant and berry).
୮ । ସ୍ୱର୍ଗଗଙ୍ଗା; ମନ୍ଦାକିନୀ—
8. The Ganges said to flow in the Heaven.
୯ । କରଞ୍ଜା (ଗୁଳ୍ମ ଓ କୋଳ) (ହି. ଶ.)—
9. Carissa Carandas (plant and berry).

ନଳିନ ନୟନ—ସ. ବଣ.ପୁଂ. (ନଳିନ+ନୟନ; ଉପମିତ ବହୁବ୍ରୀହି)—
Nalina nayana ପଦ୍ମଲୋଚନ; ଯାହାର ଚକ୍ଷୁ ପଦ୍ମ ପରି ସୁନ୍ଦର—
(ନଳିନାକ୍ଷ—ଅନ୍ୟରୂପ) Lotus-eyed; having eyes as
(ନଳିନନୟନା, ନଳିନାକ୍ଷା, ନଳିନାକ୍ଷୀ—ସ୍ତ୍ରୀ) graceful as the lotus.

ନଳିନଳି—ଦେ. ବଣ—ନଳ ପରି ସରୁ—Tubular; slender
Nalinali like a tube; slender and cylindrical.
নলিনলি (ନଳିନଳିଆ—ଅନ୍ୟରୂପ)

ନଳିନଶୟ—ସ. ବି. (ନଳିନ=ପଦ୍ମ+ଶୀ ଧାତୁ=ଶୋଇବା+କର୍ତ୍ତୃ.
Nalinaśaya ଅ; ଉପପଦ ସମାସ)—ବିଷ୍ଣୁ—Bishnu.
[ଦ୍ର—ବିଷ୍ଣୁ ପ୍ରଳୟକାଳରେ ପଦ୍ମ ଉପରେ ଶୁଅନ୍ତି ।]

ନଳିନୀ—ସଂ. ବି. ସ୍ତ୍ରୀ. (ନଳିନ+ସ୍ତ୍ରୀ. ଈ)—୧ । ପଦ୍ମ—
Nalini 1 Lotus.
୨ । ପଦ୍ମିନୀ; ପଦ୍ମସମୂହ—2. A group or assemlage of lotus growing together.
୩ । ପଦ୍ମିନୀ ସ୍ତ୍ରୀ—3. One of the four classes of women according to the Hindu love-books.
୪ । ପଦ୍ମଯୁକ୍ତସ୍ଥ; ପଦ୍ମବନ—4. A place where plenty of lotuses grow together.
୫ । ମୃଣାଳ; ପଦ୍ମର ନାଡ଼—
5. Stalk of the lotus flower
୬ । ପଦ୍ମଲତା—6. The lotus plant.
୭ । ୧୫ ଅକ୍ଷରବିଶିଷ୍ଟ ଛନ୍ଦୋବିଶେଷ—7. A Sanskrit metre of 15 letters or syllables.
୮ । ସ୍ୱର୍ଗଗଙ୍ଗା—
8. The Ganges of the Heaven.
୯ । ନାରିକେଳ ସୁରା; ନଡ଼ିଆ ଗଛର ତାଡ଼ି—
9. Cocoanut toddy.
[ଦ୍ର—ନଳିନୀର ଉକ୍ତ ଉକ୍ତ ଅନେକୋଟି ଅର୍ଥ ଭଞ୍ଜ ଲାବଣ୍ୟବତୀରେ ପ୍ରୟୋଗ କରିଅଛନ୍ତି—ଯଥା —ଦେଖରେ ନଳିନ (୩ୟ ଅର୍ଥ) ନଳିନୀ (୪ର୍ଥ ଅର୍ଥ) ନଳିନୀ (୧ମ ଅର୍ଥ) ରେ ଶୋଭଇ ।]
୧୦ । ନଳିକା ୫ (ଦେଖ) (ହି. ଶବ୍ଦସାଗର)—
10 Nalikā 5 (See)
୧୧ । ନଦୀ (ହି. ଶବ୍ଦସାଗର)—11. River.
୧୨ । ନାକର ବାଆଁ ପୁଡ଼ା (ହି. ଶବ୍ଦସାଗର)—
12. The left nostril.
୧୩ । ଏକ ସଂସ୍କୃତ ବୃତ୍ତ (ଏଥିରେ ପ୍ରତ୍ୟେକ ଚରଣରେ ୫ ସଗଣ ଥାଏ)—
13. Name of a Sanskrit metre.

ନଳିନୀ ଖଣ୍ଡ—(ନଳିନୀ+ସମୂହାର୍ଥରେ ଖଣ୍ଡ)—ପଦ୍ମସମୂହ—
Nalini khanda A group or assemblage of lotuses.
(ନଳିନୀଷଣ୍ଡ - ଅନ୍ୟରୂପ)

ନଳିନୀଗୌଡ଼ା—ଦେ. ବି—ମଙ୍ଗଳଗୁରୁକ୍ଷୀ ପର ଚତୁର୍ଦ୍ଦଶ ଅକ୍ଷରବିଶିଷ୍ଟ
Nalinigaurdā ଦ୍ୱିପାଦକ ଓଡ଼ିଆ ବୃତ୍ତବିଶେଷ—
A kind of Oria metre.
[ଦ୍ର—ବିଦଗ୍ଧଚିନ୍ତାମଣିର ୪୩ ଛାନ୍ଦ ଏହି ବୃତ୍ତରେ ରଚିତ ।]

ନଳିନୀ ଦଳ—ସଂ. ବି. (୬ଷ୍ଠୀ ତତ୍, ନଳିନୀ+ଦଳ)—୧ । ପଦ୍ମପତ୍ର—
Nalini dala 1. Lotus leaf.
[ଦ୍ର—ଏଥିରେ ପାଣି ପଡ଼ିଲେ ତାହା ପତ୍ରରେ ନ ଲାଗି ଟଳଟଳ ହେଉଥାଏ । ପାଣି ଖସି ପଡ଼ିଲେ ଦେଖାଯାଏ ଯେ ପତ୍ର ଦେହରେ ପାଣିର କୌଣସି ଅଂଶ ଲାଗି ନାହିଁ । ଏଥିପାଇଁ ମନୁଷ୍ୟର ଜୀବନକୁ କବି ଓ ଋଷିମାନେ "ନଳିନୀଦଳଗତ ଜଳ" ପରି ତରଳ ବା ଟଳଟଳ ବୋଲି ବର୍ଣ୍ଣନା କରିଅଛନ୍ତି ।]

୨ । ପଦ୍ମଫୁଲର ପାଖୁଡ଼ା—
2 The petals of the lotus flower.

ନଳିନୀ ନନ୍ଦନ—ସଂ. ବି. (ନଳିନୀ+ନନ୍ଦନ; ୬ଷ୍ଠୀ ତତ୍; ଏ ବିଷ୍ଣୁଙ୍କ
Nalini nandana ନାଭିରୁ ଉଠିଥିବା କମଳରୁ ଜାତ ହୋଇଥିବାରୁ)—୧ । ବ୍ରହ୍ମା—
1. A name of Brahmā.
୨ । କୁବେରଙ୍କ ଉପବନ (ହି. ଶବ୍ଦସାଗର)—
2. Name of the garden of Kubera.

ନଳିନୀ ରୁହ—ସଂ. ବି. (ନଳିନୀ+ରୁହ ଧାତୁ=ଉଠିବା; ଉତ୍ପନ୍ନ ହେବା
Nalini ruha କର୍ତ୍ତୃ. ଅ)—୧ । ମୃଣାଳ; ପଦ୍ମର ନାଡ଼—
1. The stalk of lotus.
୨ । ବ୍ରହ୍ମା—2 Brahmā.
[ଦ୍ର—ପ୍ରଳୟାନ୍ତେ ବିଷ୍ଣୁଙ୍କ ନାଭି କମଳରୁ ଉଠିଥିବା ପଦ୍ମଫୁଲ ଉପରେ ସେ ବସି କରି ସୃଷ୍ଟି ଆରମ୍ଭ କରନ୍ତି ।]
୩ । ପଦ୍ମ ନାଡ଼ର ତନ୍ତୁ—
3. The fibres of a lotus (Apte).

ନଳିନେଶୟ—ସଂ. ବି. (ନଳିନେ=ପଦ୍ମରେ+ଶୀ ଧାତୁ=ଶୋଇବା+
Nalinesaya କର୍ତ୍ତୃ. ଅ; ଉପପଦ ଓ ଅଲୁକ୍ ସମାସ)—
ନଳିନାଶୟ (ଦେଖ)—Nalinasaya (See)

ନଳିବା—ଦେ. କ୍ରି. (ସଂ. ନଳ)—
Nalibā ୧ । ଭୂମିକୁ ନଳ ବା ପଦିକା ଦ୍ୱାରା ମାପ କରିବା
(ନଳ ଦେବା—ଅନ୍ୟରୂପ) ବା ଜରିପ କରିବା—
দাঁড়ে মাপা 1. To measure land with
खेत नापना the rod.
× × ନଳ ଦେଲେ ଦଶ ବାଟିରୁ ଊଣା ପଡ଼ିବ ନାହିଁ ।
ଫକୀରମୋହନ. ଛମାଣ ଅଠଗୁଣ୍ଠ ।
টকটক করে চলা ୨ । ବଡ଼ ବଡ଼ ପାହୁଣ୍ଡ ପକାଇ ଚାଲିବା—
পাঁব चीरना, 2. To walk with long strides;
डग मारना to stride.
୩ । (ସଂ. ଲଡ଼ସି) ନହିଳବା; ଏକ ଧମସରେ କଥା କହିବା; ଗପିବା; ଅନର୍ଗଳ ଗପିବା—
3. To go on speaking without stopping.

ନଳି ହାଡ଼—ଦେ. ବି—ଗୋଡ଼ର ଆଣ୍ଠୁ ତଳୁ ବଳାଗଣ୍ଠି ପର୍ଯ୍ୟନ୍ତ
Nali harda ଅଂଶର ସମ୍ମୁଖସ୍ଥ ସରୁ ଅସ୍ଥି—
নলী Fibula; thin bone on the external
नलाहाड़, नला side of the leg below the knee.

ନଳୀ—ସଂ. ବି. (ନଳ+ଇନ୍; ୧ମା. ୧ବ)—
Nali ୧ । ମନଃଶିଳା—1 Red arsenic
(ନଳ—ଅନ୍ୟରୂପ) ୨ । ସୁଗନ୍ଧ ଦ୍ରବ୍ୟବିଶେଷ—
2. Name of a herbal perfume.
୩ । ନଳିକା (ଦେଖ)—3. Nalikā (See)
୪ । ଗଛର ଡାଙ୍ଗ ବା କାଡ଼—
4. The stalk or stem of a plant.

୫ । ନଳ; ସୁଙ୍ଗା—5. A tube.

୬ । ନଳା—6. Pipe.

୭ । ନଳ ତୃଣ—7. Reed grass.

୮ । କଣ୍ଠ ନାଳୀ; ଶ୍ୱାସ ନାଳୀ—
8. Wind pipe; trachea; larynx.

୯ । କଣ୍ଡା; ତନ୍ତୁର କାଣ୍ଡିଆ—
9. A cylindrical wooden bit used by weavers to wind the thread round it.

୧୦ । ତୂଣ; ଶର ମୁଣା—10. A quiver for arrows.

୧୧ । ବନ୍ଧୁକର ନଳ—11. Barrel of a gun.

୧୨ । ଖଜୁରି ବା ତାଳ ଗଛରୁ ତାଡ଼ି ଝରି ଯେଉଁ ନଳ ଦେଇ ଘଟରେ ପଡ଼େ—12. A faucet or tube attached to the incision made on a toddy-palm for conveying the juice into the attached pot.

ଦେ. ବି—ନଳ (ଦେଖ)—Nali (See)

ନଳୀ କୋଷ—ଦେ. ବି—ପିଚକାରୀର ନଳ—
Nali kosha The tube of a syringe.

ନଳୀ ଦ୍ୱାର—ସ. ବି. (ନଳୀ+ଦ୍ୱାର; ୬ଷ୍ଠୀ ତତ୍)—
Nali dwāra କଣ୍ଠନାଳୀର ମୁଖ—The opening of the throat; pharynx.

ନଳୀ ଭଉଁରି—ଦେ. ବି. (ସହଚର; ବଳିଆ ଶବ୍ଦ)—
Nali bhauñri କାନ ବା ନାକରେ ପିନ୍ଧିବା କେତେକ ଅଳଙ୍କାରରେ ଯୋଖ ନଳୀ ପରି ଯେଉଁ ନାଡ଼ ଥାଏ (ତାହା ନଳୀ) ଓ ତାହା ଉପରେ ଯେଉଁ ଖିଲ ଦିଆଯାଏ (ତାହା ଭଉଁରି)—The small tubular and screw-like pins attached to the middle of bracelets and anklets to make the two haves closed unto one another.
नलीमुड़ी

ନଳୁଆ—ଦେ. ବିଣ—ଯେ ପକ୍ଷୀ ଧରିବା ନଳ ବ୍ୟବହାର କରେ—
Nalua Using the fowler's staff for capturing birds.
ନଳିଆ; ନଳୁଆ **शरवाला**

ନଳୁଆକେଳା—ଦେ. ବି—କେଳାମାନଙ୍କର ଶ୍ରେଣୀବିଶେଷ (ଏମାନେ ନଳଦ୍ୱାରା ପକ୍ଷୀ ଶିକାର କରନ୍ତି)—
Naluākelā A class of Kelās using the telescopic Nala for fowling.
ନଳିଆ; ସାତନଳା **शरवाला करोड़ा**

[ଦ୍ର—କେଳାମାନେ ଅନେକ ଶ୍ରେଣୀରେ ବିଭକ୍ତ; ଯଥା—୧ । ନଳୁଆ, ୨ । ସାପୁଆ, ୩ । ସବାଖିଆ, ୪ । ମାଙ୍କଡ଼ିଆ, ୫ । ମୁଣ୍ଡଫୋଡ଼ା ।]

ନଳୋତ୍ତମ—ସ. ବି. (ନଳ+ଉତ୍ତମ)—ଏକପ୍ରକାର ବଡ଼ ନଳ ତୃଣ; Nalottama ଇକଡ଼; ବାଉଁନଳ—A kind of large reed.

ନଳୋପାଖ୍ୟାନ—ସ. ବି. (ନଳ+ଉପାଖ୍ୟାନ; ୬ଷ୍ଠୀ ତତ୍)—
Nalopākhyāna ମହାଭାରତୋକ୍ତ ନିଷଧରାଜ ନଳଙ୍କ ଚରିତ ବିଷୟକ କଥା—The story of the life of king Nala.

ନଲ୍ୱ—ସ. ବି. (ନଲ୍ ଧାତୁ=ନଳଭଳି ଦୀର୍ଘ ହେବା+କର୍ତ୍ତୃ; ବ)—
Nalba ୪୦୦ ହାତ ଲମ୍ବ ଭୂମି; କ୍ରୋଶର ୨୦ ଭାଗରୁ ଏକଭାଗ—(ନଲ୍ୱ—ଅନ୍ୟରୂପ) A land measuring 400 cubits in length; $\frac{1}{8}$th of a mile; a furlong; one twentieth of a kros.

ନଲ୍ୟଗ୍ର—ସ. ବି. (ନଳ+ଅଗ୍ର; ୬ଷ୍ଠୀ ତତ୍)—ଘଣ୍ଟିକା—
Nalyagra The glottis.

ନଶ୍ (ଧାତୁ)—ସ—୧ । ବିନଷ୍ଟ ହେବା—
Naś (root) 1. To be destroyed; to decay.
୨ । ଧ୍ୱଂସହେବା—2. To be ruined.

ନଶକର—ଦେ. ବି—ଲଶକର (ଦେଖ)
Naś-kara Laś-kara (See)

ନଶପଶ୍—ଦେ. ବି—ଲଶପଶ୍ (ଦେଖ)
Naś pas Lasapaś (See)
(ନସ୍‌ପସ୍—ଅନ୍ୟରୂପ)

ନଶମ—ଦେ. ବି. (ସ. ଶ୍ଳେଷ୍ମା)—ଶର୍ଦ୍ଦି; ଶର୍ଦ୍ଦି; ଦେହରେ ଥଣ୍ଡା ଲାଗିବା ଯୋଗୁଁ ନାକରୁ ପାଣି ବୋହିବା ରୋଗ—
Naśama (ନସ୍ମ—ଅନ୍ୟରୂପ) Catching cold; catarrh.
सर्दी
सर्दी
ହେମ ନ ରେବଉ ଯାକୁ ଶରୀର ନଶମ ।
ପ୍ରାଚୀ. ବୃନ୍ଦାବନଚନ୍ଦ୍ରଗୀତା ।

ନଶମା—ଦେ. ବିଣ. (ସ. ଶ୍ଳେଷ୍ମା)—୧ । ଶ୍ଳେଷ୍ମା ବା ଶର୍ଦ୍ଦିଗ୍ରସ୍ତ—
Naśamā 1. Suffering from cold.
୨ । ମାନ୍ଦା; ନେଶମା—2. Sluggish.

ନଶା—ଦେ. ବି. (ସ. ରସ)—୧ । ଗଛ ବା ଫଳରୁ ବୋହିବା ରସ—
Naśā 1. Juice exuded from a fruit or tree.
रस ୨ । ଲସା; ଘାଆଦିରୁ ବୋହିବା ଜଳୀୟ ରସ—
रस 2. Watery juice coming out of a sore.

ନଶା(ଶେ)ଇବା—ଦେ. କ୍ରି. (ସ. ରସ)—ଲସାଇବା; (ଘାଆଦିରୁ) ଲସା ବୋହିବା—
Naśā(śe)ibā To water (said of sores).
रसा
पनछाना ପ୍ରାଦେ. (ସମ୍ବଲପୁର) କ୍ରି. (ସ. ନଶ୍ ଧାତୁ; ଭୁଲ. ହି. ଏହି ଅର୍ଥରେ ନସାନା)—ନାଶ କରିବା; ନଷ୍ଟ କରିବା—
To ruin; to damage.
ଯେତ୍ ନଶାଏ ଘରକୁ (ଗ୍ରାମ୍ୟ ନଶଟରେ ବର୍ଷା ?)
ଧାଁ ନଶାଏ ବାମ୍ଭ (ଗ୍ରାମ୍ୟ) । ତତ ।

ନଶା ହେବା—ଦେ. କ୍ରି—ନଶାଇବା (ଦେଖ)
Naśā debā Naśāibā (See)

ନଶି—ଦେ. ବି—ଲଶି (ଦେଖ)
Naśi Laśi (See)

ନଶିଆ—ଦେ. ବିଣ—ଲଶିଆ (ଦେଖ)
Naśiā Laśiā (See)

ନଶି ଫିଟିବା—ଦେ. କ୍ରି—ଲଶି ଫିଟିବା (ଦେଖ)
Naśi phitibā Laśi phitibā (See)

ନଶିବା – ଦେ. କ୍ରି. (ସଂ. ନଶ୍ ଧାତୁ)— ବିନାଶ ପ୍ରାପ୍ତ ହେବା; ନାଶଯିବା—
Nasibā To be destroyed.
নাশহওয়া ଅପଣା ନ ଜାଣନ୍ତି ଭଲେ
নশানা ନଶିଲେ ବ୍ରହ୍ମଶାପ ବଳେ। ଜଗନ୍ନାଥ. ଭାଗବତ।

ନଶ୍କର—ଦେ. ବି—ଲସ୍କର (ଦେଖ)
Naśkara Laśkara (See)

ନଶ୍ୱର—ସଂ. ବିଣ. (ନଶ୍ ଧାତୁ + କର୍ତ୍ତୃ. ଶୀଳାର୍ଥେ. ବର)—
Naśwara ୧ । ମରଣଶୀଳ—1. Mortal.
(ନଶ୍ୱରୀ—ସ୍ତ୍ରୀ) ୨ । କ୍ଷୟଶୀଳ; ଅସ୍ଥାୟୀ—2. Subject to decay; perishable; frail.
ନଶ୍ୱରତା । ବି
ନଶ୍ୱରତ୍ୱ । ୩ । ଅନିତ୍ୟ—3. Temporary.
୪ । କ୍ଷଣଭଙ୍ଗୁର—4. Transient.

ନଷ୍ଟ—ସଂ. ବିଣ. ପୁଂ. (ନଶ୍ ଧାତୁ=ବିନଷ୍ଟ ହେବା + କର୍ତ୍ତୃ. ତ)—
Nashṭa ୧ । କ୍ଷୟ ପ୍ରାପ୍ତ; ନାଶପ୍ରାପ୍ତ—1. Destroyed; decayed; ruined; perished.
(ନଷ୍ଟା—ସ୍ତ୍ରୀ)
(ନଷ୍ଟତା—ବି) ୨ । ଦୂଷିତ—2. Contaminated.
୩ । ବିକୃତ—3. Spoiled; spoilt.
୪ । ଅପଚିତ—4. Wasted.
୫ । (ଭୁଲ. ଇଂ. ଲଷ୍ଟ) ହଜିଥିବା—5. Lost.
୬ । ତିରୋହିତ—6. Disappeared; gone or removed out of sight.
୭ । ଗତ—7. Gone.
୮ । ଅପବିତ୍ରୀକୃତ—8. Defiled; polluted.
୯ । ପଳାୟିତ—9. Fled.
୧୦ । ଖଳ; ଦୁଷ୍ଟ; ଦୁର୍ବୃତ୍ତ—10. Wicked; depraved.
ଏଣୁଁ ଦୁଷ୍ଟ ନଷ୍ଟଙ୍କୁ ଉପାସୁରେ
ସେ ମାନବ ଯଶ ସେ ନେବ ଏ ମର୍ତ୍ତ୍ୟରେ। କୃଷ୍ଣସିଂହ. ମହାଭାରତ. ବନ।
୧୧ । ଭ୍ରଷ୍ଟ; ଦୁଶ୍ଚରିତ୍ର—11. Debauched; immoral.
୧୨ । ଅକର୍ମଣ୍ୟ; ଗୁଣହୀନ—
12. Having demerit; worthless.
୧୩ । ଅଭଦ୍ର—13. Uncivil; rude.
୧୪ । ଲମ୍ପଟ; କାମୁକ—14. Lustful; lascivious.
୧୫ । ହିଂସ୍ର—15. Revengeful; spiteful
୧୬ । ମୃତ—16 Dead.
୧୭ । ପର ସ୍ତ୍ରୀ ରତ—17. Adulterous.
ସଂ. ବି. (ନଶ୍ ଧାତୁ + ଭାବ. ତ)—
୧ । ନାଶ; ଅପଚୟ; କ୍ଷୟ—1. Decay.
୨ । ସଂହାର; ବିନାଶ—2. Destruction.

ନଷ୍ଟ କରିବା—ଦେ. କ୍ରି. (ସଂ. ନଷ୍ଟ)—୧ । ବିନାଶ କରିବା—
Nashṭa karibā 1. To ruin; to destroy.
[ନଷ୍ଟ କରା(ରେ)ଇବା—ଣିଜନ୍ତ] ୨ । ବିଗାଡ଼ିବା—
নষ্টকরা 2. To spoil.
नष्ट करना ୩ । ଅପବିତ୍ର କରିବା—
3. To defile; to pollute.
୪ । ଅପବ୍ୟୟ କରିବା; ଅପଚୟ କରିବା—
4. To waste; to squander away.
୫ । କ୍ଷତି କରିବା—5. To put to loss.
୬ । ସ୍ତ୍ରୀର ସତୀତ୍ୱ ନାଶ କରିବା—
6. To ravish; to deflower a woman.
୭ । କଳଙ୍କିତ କରିବା—7. To stain.
୮ । ଭୃସ୍ତନ୍ତ କରିବା—8. To undo.

ନଷ୍ଟ କୋଷ୍ଠୀ—ସଂ. ବି. (କର୍ମଧା; ନଷ୍ଟା + କୋଷ୍ଠୀ = ଜାତକ)—
Nashṭa koshṭhi ହଜି ଯାଇଥିବା ଜାତକ—
(ନଷ୍ଟ ଜାତକ—ଅନ୍ୟରୂପ) Missing horoscope.

ନଷ୍ଟ କୋଷ୍ଠୀ ଉଦ୍ଧାର କରିବା—ଦେ. କ୍ରି—ହଜି ଯାଇଥିବା କୋଷ୍ଠୀର
Nashṭa koshṭhi uddhāra karibā ଉପାଦାନମାନ
নষ্ট কোষ্ঠি উদ্ধার করা କୋଷ୍ଠୀର ବିନାସାହାଯ୍ୟରେ ସଂଗ୍ରହ କରିବା—
नष्ट कोष्ठी उद्धार करना To arrive at the data of a man's nativity without the help of a horoscope which is missing.

ନଷ୍ଟଙ୍କ ଗୁରୁ ଦୁଷ୍ଟଙ୍କ ଗୋସା(ସେ)ଇଁ—(ପ୍ରୟୋଗ; ଏକାର୍ଥକ ସହଚର)—
Nashṭanka guru dushṭanka gosā(se)in
নষ্টের গুরু দুষ্টের গোসাই ଅତ୍ୟନ୍ତ ଦୁଷ୍ଟ ଓ ଦୁଶ୍ଚରିତ୍ର ବ୍ୟକ୍ତି—
नष्टका गुरु दुष्टका गोसाई A very wicked and immoral person.
[ଦ୍ର—ଏଥିର ସୂଚନାର୍ଥ—ସେ କେବଳ ନିଜେ ନଷ୍ଟ ନୁହେଁ ବରଂ ଅନ୍ୟମାନଙ୍କୁ ତା ମାର୍ଗରେ ନିଏ ଓ ତାହାର ଧର୍ମବିଶିଷ୍ଟ ଗୁରୁଏ ଲୋକଙ୍କ ନେତା ଅଟେ ।]

ନଷ୍ଟ ଚନ୍ଦ୍ର—ସଂ. ବି. (ନଷ୍ଟ + ଚନ୍ଦ୍ର; କର୍ମଧା)—
Nashṭa chandra ଭାଦ୍ର ଶୁକ୍ଳ ଓ କୃଷ୍ଣପକ୍ଷ ଚତୁର୍ଥୀର ଚନ୍ଦ୍ର—
The 4th day of the bright and dark fortnights of the month of Bhādra; the moon on the 4th lunations in the month of Bhādra.
[ଦ୍ର—ଏ ଚନ୍ଦ୍ରକୁ ଦେଖିବା ନିଷିଦ୍ଧ । ଶାସ୍ତ୍ରରେ ଅଛି ଯେ ଏହି ସମୟରେ ଚନ୍ଦ୍ର ତାଙ୍କର ଗୁରୁ ବୃହସ୍ପତିଙ୍କ ପତ୍ନୀ ତାରାଙ୍କୁ ହରଣ କରିଥିଲେ । ଏହି ଚନ୍ଦ୍ରଙ୍କୁ ଦେଖିବା ବ୍ୟକ୍ତିର ଅକାରଣରେ କଳଙ୍କ ଘଟେ । ଏଥିର ବଚନ :—ନଷ୍ଟଚନ୍ଦ୍ରୋ ନଦୃଶ୍ୟଷ୍ଟ ଭାଦ୍ରେମାସି ସିତାସିତେ । ଗଣେଶ ଚତୁର୍ଥୀର ଚନ୍ଦ୍ରଙ୍କୁ ଲୋକେ ଦେଖାନ୍ତି ନାହିଁ, ଏହି କଥାକୁ ଲକ୍ଷ୍ୟ କରି କବି ଯଦୁମଣି ଗାଇ ଅଛନ୍ତି, ଗୁରୁ ଚନ୍ଦ୍ରାନନା ଚକ୍ଷୁକ ବଚନା କାଲ ଏହି ବାଟେ ଗଲ । ଚନ୍ଦ୍ର ଅବତଂସ ନନ୍ଦନ—ଜନମତିଥି (ଗଣେଶ ଚତୁର୍ଥୀର) ଚନ୍ଦ୍ର ମୋତେ ଜଲ୍ଲ—ଅର୍ଥାତ୍ ମୋ ଅଡ଼କୁ ଆଦୌ ଚାହିଁଲ ନାହିଁ ।]

ନଷ୍ଟ ଚରିତ୍ର—ସଂ. ବିଣ. ପୁଂ. (ବହୁବ୍ରୀହି; ନଷ୍ଟ + ଚରିତ୍ର)—
Nashṭa charitra ଯାହାର ଚରିତ୍ର ମନ୍ଦ—
(ନଷ୍ଟ ଚରିତ୍ରା—ସ୍ତ୍ରୀ) Of spoiled character.
ସଂ. ବି. (ନଷ୍ଟ + ଚରିତ୍ର; କର୍ମଧା)—
ମନ୍ଦ ଚରିତ୍ର—Bad character.

ନଷ୍ଟ ଚିତ୍ତ—ସଂ. ବିଣ. ପୁଂ (ନଷ୍ଟ+ଚିତ୍ତ; ବହୁବ୍ରୀହି)—
Nashṭa chitta ମୂଢ଼; ନିର୍ବୋଧ—Foolish.
(ନଷ୍ଟ ଚିତ୍ତା—ସ୍ତ୍ରୀ)

ନଷ୍ଟ ଚେତନ—ସଂ. ବି. ପୁଂ. (ନଷ୍ଟ+ଚେତନା; ବହୁବ୍ରୀହି)—
Nashṭa chetana ୧ । ହତଚେତନ; ହତଜ୍ଞାନ; ଗତଚେତନ;
(ନଷ୍ଟ ଚେତନା—ସ୍ତ୍ରୀ) ସଂଜ୍ଞାହୀନ—1. Unconscious; insensible.
୨ । ମୂର୍ଚ୍ଛିତ—2. Fainted.

ନଷ୍ଟଚେତାଃ—ସଂ. ବିଣ. ପୁଂ (ନଷ୍ଟ+ଚେତସ୍; ୧ମା. ୧ବ; ବହୁବ୍ରୀହି)—
Nashṭachetāḥ ୧ । ଅଜ୍ଞ—1. Ignorant.
୨ । ମୂଢ଼—2. Foolish.
୩ । ନିର୍ବୋଧ—3. Dunce.
୪ । ଲମ୍ପଟ—4. Lecherous.
୫ । ସ୍ଫୂର୍ତ୍ତିହୀନ—5. Devoid of energy.

ନଷ୍ଟଚେଷ୍ଟ—ସଂ. ବିଣ. ପୁଂ. (ନଷ୍ଟ+ଚେଷ୍ଟା; ବହୁବ୍ରୀହି)—୧ । ଜଡ଼;
Nashṭacheshṭa ନିଷ୍ପନ୍ଦ—1. Inert.
୨ । ଗତିହୀନ—2. Motionless.
୩ । ନିଶ୍ଚେଷ୍ଟ; ଉଦ୍ୟମହୀନ—
(ନଷ୍ଟଚେଷ୍ଟା—ସ୍ତ୍ରୀ) 3. Destitute of energy.
୪ । ମୂର୍ଚ୍ଛିତ—4. Fainted.

ନଷ୍ଟଚେଷ୍ଟତା—ସଂ. ବି. ସ୍ତ୍ରୀ (ନଷ୍ଟଚେଷ୍ଟ+ଭାବ. ତା)—୧ । ପ୍ରଳୟ—
Nashṭacheshṭatā 1. Devolution of nature.
୨ । ଅଚୈତନ୍ୟ—2. Insensibility.
୩ । ନିଷ୍ପନ୍ଦତା—3. Inertness.
୪ । ମୂର୍ଚ୍ଛା—4. Fainting.

ନଷ୍ଟତା—ସଂ. ବି.—(ନଷ୍ଟ+ଭାବାର୍ଥେ. ତା;)—୧ । ଧୂର୍ତ୍ତତା; ଶଠତା—
Nashṭatā 1. Knavery.
୨ । ଲାମ୍ପଟ୍ୟ—2. Debauchery; profligacy.
୩ । ଅପବିତ୍ରତା—3. Pollution.
୪ । ଦୁଷ୍ଟାମି; ଦୁଷ୍ଟତା—4 Wickedness; depravity; wantonness; turpitude.

ନଷ୍ଟଦୂତୀ—ସଂ. ବି.—(ନଷ୍ଟା+ଦୂତୀ)—ଅସତୀଙ୍କ ଦୂତୀ—
Nashṭadūtī A lustful go-between.
ଦିବ୍ୟ କେତେ ନଷ୍ଟଦୂତୀ, ବହେ ସେ ଭୂଜଙ୍ଗରେ ପ୍ରୀତ ।
ଲକ୍ଷ. ବୈଦେହୀଶବିଳାସ ।

ନଷ୍ଟଦୃଷ୍ଟି—ସଂ. ବିଣ. (ନଷ୍ଟ+ଦୃଷ୍ଟି; ବହୁବ୍ରୀହି)—ଅନ୍ଧ—
Nashṭa drushṭi Blind.
(ନଷ୍ଟନେତ୍ର—ଅନ୍ୟରୂପ)

ନଷ୍ଟଧନ—ସଂ. ବିଣ.—(ନଷ୍ଟ+ଧନ)—୧ । ଦରିଦ୍ରାବସ୍ଥାପ୍ରାପ୍ତ—
Nashṭa dhana 1. Impoverished.
୨ । ଯାହାର ଧନ ନଷ୍ଟ ହୋଇଥିବା (ବ୍ୟକ୍ତି)—
2. Reduced to penury.

ନଷ୍ଟ ପୁରୁଷ—ସଂ. ବି.—(କର୍ମଧା; ନଷ୍ଟ+ପୁରୁଷ)—ଅକର୍ମଣ୍ୟ ବ୍ୟକ୍ତି;
Nashṭa purusha ନପୁଂସକ ବ୍ୟକ୍ତି—An impotent person.

ଗୋପୀଙ୍କ ଭୃତ୍ୟ ହୋଇବେ ଯେତେକ;
ସେହି ତ ଅଷ୍ଟ ଅଂଶ ବୋଲି ଲେଖ,
ସମସ୍ତେ ହୋଇବେ ନଷ୍ଟ ପୁରୁଷ,
ଭୂମିର ଅକ୍ଷର 'ଗୋ' ବତ ଯାକ ଏବେ ଅଂଶ । ପ୍ରାଚୀ. ରହସ୍ୟମଣ୍ଡପ ।

ନଷ୍ଟପ୍ରଭ—ସଂ. ବିଣ. ପୁଂ. (ବହୁବ୍ରୀହି; ନଷ୍ଟ+ପ୍ରଭା) ଯାହାର ପ୍ରଭା ବା
Nashṭaprava ତେଜ ମଉଳି ଯାଇ ଅଛି—One who has
(ନଷ୍ଟପ୍ରଭା—ସ୍ତ୍ରୀ) lost his lustre or glory.

ନଷ୍ଟବୀଜ—ସଂ. ବିଣ. (ବହୁବ୍ରୀହି; ନଷ୍ଟବୀଜ)—୧ । ଯାହାର ମଞ୍ଜି ନଷ୍ଟ
Nashṭabīja ହୋଇ ଅଛି—Having the seed spoiled.
୨ । ନିଷ୍ଫଳ—2. Fruitless; unproductive.

ନଷ୍ଟ ମତି—ସଂ. ବିଣ. (ନଷ୍ଟ+ମତି; ବହୁବ୍ରୀହି)—୧ । ଜ୍ଞାନଭ୍ରଷ୍ଟ—
Nashṭa mati 1. Deprived of understanding, in tellect or wisdom.
(ନଷ୍ଟବୁଦ୍ଧି—ଅନ୍ୟରୂପ)
୨ । ଦୁର୍ବୃତ୍ତ—2. Wicked; perverted.
୩ । ନିର୍ବୁଦ୍ଧିଆ; ମୂଢ଼—3. Foolish.

ନଷ୍ଟ ଭ୍ରଷ୍ଟ—ସଂ. ବିଣ. (ସମାର୍ଥକ ସହଚର; ନଷ୍ଟ+ଭ୍ରଷ୍ଟ)—ସମ୍ପୂର୍ଣ୍ଣରୂପେ
Nashṭa bhrashṭa ବିନାଶ ପ୍ରାପ୍ତ; ବିନଷ୍ଟ—Ruined.

ନଷ୍ଟ ମାର୍ଗଣ—ସଂ. ବି. (ନଷ୍ଟ+ମାର୍ଗଣ=ଅନ୍ୱେଷଣ; ୬ଷ୍ଠୀ ତତ୍)—
Nashṭa mārgaṇa ନଷ୍ଟ ବସ୍ତୁର ଅନ୍ୱେଷଣ—Searching for a lost thing

ନଷ୍ଟ ସଂସ୍ମୃତି—ସଂ. ବିଣ.—(ନଷ୍ଟ+ସଂସ୍ମୃତି; ବହୁବ୍ରୀହି)—
Nashṭasaṁsmṛuti ୧ । ବିସ୍ମରଣଶୀଳ—
(ନଷ୍ଟସ୍ମୃତି—ଅନ୍ୟରୂପ) 1. Forgetful.
୨ । ଯେ ପୂର୍ବ କଥା ଭୁଲି ଯାଇଅଛି—2. Obilvious.

ନଷ୍ଟା—ସଂ. ବିଣ. ସ୍ତ୍ରୀ—(ନଷ୍ଟ+ଆ)—ଭ୍ରଷ୍ଟା; ଅସତୀ; କୁଳଟା; ବ୍ୟଭି-
Nashṭā ଚାରିଣୀ—Unchaste.
ସଂ ବି. ସ୍ତ୍ରୀ—ଅସତୀ ସ୍ତ୍ରୀ—An unchaste woman.

ନଷ୍ଟାଗ୍ନି—ସଂ. ବିଣ. ପୁଂ (ବହୁବ୍ରୀହି; ନଷ୍ଟ+ଅଗ୍ନି)—ଯେଉଁ ଅଗ୍ନି ହୋତ୍ରୀ-
Nashṭāgni ଙ୍କର ଯଜ୍ଞାଗ୍ନି ନଷ୍ଟ ବା ନିର୍ବାପିତ ହୋଇ ଅଛି—
(an agnihotra) Who has had his sacrificial fire extinguished

ନଷ୍ଟାତ୍ମା—ସଂ. ବିଣ. (ବହୁବ୍ରୀହି; ନଷ୍ଟ+ଆତ୍ମନ୍; ୧ମା. ୧ବ.)—ଦୁଷ୍ଟ;
Nashṭātmā ଖଳ—Wicked.

ନଷ୍ଟାପ୍ତି—ସଂ. ବି. (୬ଷ୍ଠୀ ତତ୍; ନଷ୍ଟ+ଆପ୍ତି)—ନଷ୍ଟ ବସ୍ତୁର ପ୍ରାପ୍ତି—
Nashṭāpti Recovery of a lost article.

ନଷ୍ଟାପ୍ତି ସୂତ୍ର—ସଂ. ବି. (୬ଷ୍ଠୀ ତତ୍; ନଷ୍ଟାପ୍ତି+ସୂତ୍ର)—ନଷ୍ଟ ଦ୍ରବ୍ୟର
Nashṭāpti sūtra ଏକ ଅଂଶ ପ୍ରାପ୍ତି, ଯହିଁରୁ ଅବଶିଷ୍ଟ ନଷ୍ଟ ଦ୍ରବ୍ୟ ମିଳିବାର ସୂତ୍ର ମିଳେ—Recovery of a part of a lost article leading to the recovery of the rest

ନଷ୍ଟାମି—ଦେ. ବି. (ସଂ. ନଷ୍ଟରୁ ବଙ୍ଗଳା ପ୍ରତ୍ୟୟ; ବଙ୍ଗଳାରୁ ଅନୁକୃତ)
Nashṭāmi ୧ । ଦୁଷ୍ଟତା; ଦୁଷ୍ଟାମି—1. Wickedness;
नष्टामी turpitude; wantonness; depravity.
नष्टपन ୨ । ଭଣ୍ଡ ପଣ—2. Buffoonry.

ନଷ୍ଟାଶ୍ୱ—ସଂ. ବଣ. ପୁଂ—(ନଷ୍ଟ+ଅଶ୍ୱ; ବହୁବ୍ରୀହି)—ଯାହାର ଘୋଡ଼ା
Nashṭāśwa ହଜି ଅଛି—Having lost one's horse.

ନଷ୍ଟାଶ୍ୱରଥ ନ୍ୟାୟ—(ଦୃଷ୍ଟାନ୍ତବିଶେଷ)—ଦୁଇଜଣ ଦୁଇଟି ପୃଥକ୍
Nasṭāśwaratha nyāya ରଥରେ ଚଢ଼ି ପାରଧି କରିବାକୁ
(ନଷ୍ଟାଶ୍ୱଦଗ୍ଧରଥ ନ୍ୟାୟ—ଅନ୍ୟରୂପ) ଯାଇଥିବା ଅବସ୍ଥାରେ
ଦାବାଗ୍ନି ଦ୍ୱାରା ଜଣକର ଘୋଡ଼ା ଓ ଅନ୍ୟ ଜଣକର ରଥ
ନଷ୍ଟ ହୋଇ ଯିବାରୁ, ଦୁର୍ଦୈବାକ ଜଣକର ରଥରେ
ଅନ୍ୟ ଜଣକର ଘୋଡ଼ାକୁ ଯୋଚ ବଣରୁ ପଳାଇ
ଆସିବାକୁ ସମର୍ଥ ହୋଇଥିଲେ । ଏହିପରି ଦୁଇଜଣଙ୍କର
ଉପାୟକୁ ସଂଯୋଗ କରି କୌଣସି ବିପଦରୁ ଉଦ୍ଧାର
ପାଇବା ସ୍ଥାନରେ ଏହି ଦୃଷ୍ଟାନ୍ତ ଦିଆଯାଏ—
An analogy applied to the case of two persons suceeding in attaining an object with the help of materials taken from both when either of them is wanting in one of the materials wanted.

ନଷ୍ଟି—ସ. ବି. (ନଶ୍ ଧାତୁ=ନାଶ କରିବା+ଭାବ. ତି)—ବିନାଶ—
Nashṭi Ruin; destruction.
ନୋକସାନ ଦେ. ବି—ବାଣିଜ୍ୟରେ କ୍ଷତି; ଲୋକସାନ୍—
ନୁକସାନ Loss in trade.

ନଷ୍ଟେନ୍ଦୁକଳା—ସ. ବି. ସ୍ତ୍ରୀ. (ନଷ୍ଟ+ଇନ୍ଦୁ କଳା; ବହୁବ୍ରୀହି)—
Nashṭendukalā ଅମାବାସ୍ୟା—New moon; the 15th day of the dark fortnight.

ନଷ୍ଟୋଦ୍ଧାର—ସ. ବି. (ନଷ୍ଟ+ଉଦ୍ଧାର; ୬ଷ୍ଠୀ ତତ୍)—
Nashṭoddhāra ହଜିଥିବା ଦ୍ରବ୍ୟକୁ ପାଇବା—
Recovery of a thing lost.

ନସ୍ (ଧାତୁ)—ସ—୧ । କୁଟିଳ ହେବା—
Nas (root) 1. To bend; to be crooked or curved.
୨ । ଅଡ଼କୁ ଗତି କରିବା—
2. To approach; to go towards.
୩ । ରମଣ କରିବା—3. To copulate (Apte).
୪ । ଶବ୍ଦ କରିବା—4. To make a sound.

ନସ—ସ.ବି. (ନସ୍ ଧାତୁ=ଶବ୍ଦ କରିବା; କୁଟିଳ ହେବା+କର୍ତ୍ତୃ. ଅ)—
Nasa ନାସିକା; ନାକ—Nose.
(ନସା, ନସ୍ୟ—ଅନ୍ୟରୂପ)

ନସର ପସର—ଦେ. ଅ—ଲସର ପସର (ଦେଖ)
Nasara pasara Lasara pasara (See)
ଲଦ୍‌ଦ୍ର ଫଦ୍‌ଦ୍ର × × × ଚୌକିଦାର ନସରପସର ହୋଇ ଧାଇଁ ଅଛନ୍ତି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ନସରା—ଦେ. ବିଣ—ନବସରୀ; ନଅଗଛିଆ ବିଶିଷ୍ଟ (ହାର)—
Nasarā Nine-stringed (necklace).
(ନସରୀ; ନସରିଆ, ନଅସରା, ନଅସରିଆ—ଅନ୍ୟରୂପ)
ନଲରା ନବଲରା

ନସା—ସ. ବି. (ନସ+ଆ(—ନାସା; ନାକ (ହି. ଶବ୍ଦସାଗର)—
Nasā Nose (Apte).
ଗ୍ରା. ବି. (ସ. ରସ)—ଲସା (ଦେଖ)—Lasā (See)

ନସାଇବା—ପ୍ରାଦେ. (ସମ୍ବଲପୁର) କ୍ରି. (ତୁଳ. ଏହି ଅର୍ଥରେ ହି.
Nasāibā ନସାନା)—ନଷ୍ଟ କରିବା—To destroy.
ଖେଳ ନସାଏ ବଳବଳା—ଘର ।

ନସି—ଦେ. ବି—୧ । (ସ. ରସ)—ଲସି (ଦେଖ)
Nasi 1. Lasi (See)
ରସ ୨ । (ସ. ନାସିକା) ଆମ୍ୱ ଆଦି ଫଳର ଡେମ୍ଫ—
ନସ 2. The stem of a fruit.
বোঁটা ডंठी

ନସି ଫିଟିବା—ଦେ. ବି—ସ୍ତନରୁ ପ୍ରଥମ ସ୍ତନ୍ୟୋତ୍କ୍ରମ ହେବା—
Nasi phiṭibā The first coming out of milk
বোঁটাকুলা नसखुलना from the mamma.

ନସିବ—ଦେ. ବି. (ଆ. ନସୀବ୍)—ଲସିବ୍; କର୍ମ; ଅଦୃଷ୍ଟ; ଭାଗ୍ୟ
Nasib କପାଳ—Luck; fate; destiny; fortune;
নসীব नसीब lot; chance.

ନସୀବ୍‌ଦାର—ବୈଦେ. ବଣ. (ଆ. ନସୀବ୍‌ବର; ଆ. ନସୀବ୍+ଫା.
Nasib-dār ପ୍ରତ୍ୟୟ ଦାର)—ଭାଗ୍ୟବାନ୍—
(ଖୋଟନସୀବ୍, ଘୋଡ଼ାନସୀବ୍—ବିପରୀତ) Lucky; fortunate
নসীবদার नसीबवर

ନସିବା—ଦେ. କି. (ସ. ଲସ୍ ଧାତୁ)—୧ । ଲସିବା; ଭୟରେ ସଙ୍କୁଚିତ
Nasibā ବା ତ୍ରସ୍ତ ହେବା—1. To be taken aback with
দমা; দমেৰাওয়া fear; to shrink with fear.
सहमना ୨ । ତଳକୁ ଲଇଁ ଯିବା—2. To bend downwards.
ନସିଯିବା } ପ୍ରାଦେ. (ସମ୍ବଲପୁର) କ୍ରି. (ତୁଳ. ହି. ଏହି
ନଉସିବା } —ଅନ୍ୟରୂପ] ଅର୍ଥରେ ନସନା)—ନଷ୍ଟ ହେବା—
ନଉସିଯିବା } To be destroyed.

ନସିବୀ—ବୈଦେ. ବଣ. (ଆ. ନସୀବୀ)—କପାଳଆ; ଭାଗ୍ୟବାନ୍—
Nasibi Fortunate; lucky.
নসীবী नसीबी
(ନସିବଦାର, ନସିବମନ୍ତ, ନସିବବନ୍ତ—ଅନ୍ୟରୂପ)

ନସେଇବା—ଗ୍ରା. କି—୧ । ନସିବା କ୍ରିୟାର ଣିଜନ୍ତରୂପ—
Naseibā 1. Causative of the verb Nasibā.
୨ । (ଘାଅ ଇତ୍ୟାଦି) ରସସ୍ରାବୀ ହେବା—
2. To ooze (said of a sore).

ନସ୍ତ—ସ. ବି. ପୁଂ. (ନସ୍ ଧାତୁ=କୁଟିଳ ହେବା+ସଞ୍ଜ୍ଞାର୍ଥେ ତ)—
Nasta ୧ । ନାକ, ନାସିକା—1. Nose.
୨ । ନସ୍ୟ—2. Sternutatory; snuff (Apte).

ନସ୍ତକରଣ—ସ. ବି—ନାକରେ ତରଳ ଔଷଧ ପକାଇବା ପାଇଁ
Nastakaraṇa ଚିକିତ୍ସକମାନଙ୍କ ବ୍ୟବହୃତ ଯନ୍ତ୍ର (ହି. ଶବ୍ଦସାଗର)—
A kind of dropper for administering medicine inside the nose.

ନସ୍ତର—ଦେ. ବଣ. (ସଂ. ଅସ୍ତ୍ର; ଶସ୍ତ୍ର)—ଲସ୍ତର (ଦେଖ)
Nastara Lastara (See)
अस्तर चीरफाड़

ନସ୍ତା—ସଂ. ବି. (ନସ୍ ଧାତୁ+ତ+ଆ)—
Nastā ୧ । ପଶୁମାନଙ୍କ ନାକରେ ଦଉଡ଼ି ଗଳାଇବା ପାଇଁ
(ନସ୍ତବ—ଅନ୍ୟରୂପ) ନାକରେ କରାଯିବା ଫୋଡ଼ (ହି. ଶ.)—
1. A hole bored in the nose of beasts of burden
୨ । ନାକଦଣ୍ଡିରେ କରାଯିବା ଫୋଡ଼—2. A hole bored in the septum of the nose (Apte).

ନସ୍ତିତ—ସଂ. ବି. (ନସ୍ତା+ଇତ; ନସ୍ତ+ଇତ=ସିଅଁ ହୋଇଥିବା; Nastita ନସ୍ୟ=ନାସିକା+ଇତ=ସିଅଁ ଯାଇଥିବା)—
ନସ୍ତୋତ, ନସ୍ୟୋତ } ଅନ୍ୟରୂପ ନାକଫୋଡ଼ା ବଳଦ, ମଇଁଷି ବା ଓଟ; ଯେଉଁ ବଳଦର ନାକ ଫୋଡ଼ା ହୋଇ ଦଉଡ଼ି ଗଳିଥାଏ—Bullock, buffalo or camel whose nose is bored and a string passed through the bore.
ସଂ. ବଣ—ଯେଉଁ ପଶୁର ନାକ ଫୋଡ଼ା ହୋଇ ରନ୍ଧ୍ରରେ ଦଉଡ଼ି ଗଳିଥାଏ—Nozzled (with a string through the nose) (Apte).

ନସ୍ମ—ଦେ. ବି(ସଂ. ଶ୍ଳେଷ୍ମନ୍)—୧ । ନସମ; ଯେଉଁ ଶର୍ଦ୍ଦିରେ ନାକରୁ ପାଣି
Nasma ବୁହେ—1. Catching cold.
ନସମ, ନସମା } ଅନ୍ୟରୂପ ୨ । କାଶ ସହିତ ଶର୍ଦ୍ଦି—
2. Cough and cold.
सर्दि शर्दि

ନସ୍ମା—ଦେ. ବଣ—ନସମା (ଦେଖ)
Nasmā Nasamā (See)

ନସ୍ୟ—ସଂ. ବି. (ନସ=ନାସିକା+ପ୍ରୟୋଜନାର୍ଥେ ଯ)—
Nasya ୧ । ନାସ; ନାକଦ୍ଵାରା ବ୍ୟବହାର୍ଯ୍ୟ ଚୂର୍ଣ୍ଣବିଶେଷ—
1. Snuff.
୨ । ସ୍ୱେଦୋପଶମାର୍ଥ ନାକର ରନ୍ଧ୍ର ମଧ୍ୟରେ ଯେଉଁ ଚୂର୍ଣ୍ଣ ବା ରସ ପ୍ରବିଷ୍ଟ କରାଇ ଦିଆଯାଏ—Sternutatory powder or juice.
୩ । ନାକଭିତରେ ଥିବା କେଶ—
3. The hairs in the nose (Apte).
ସଂ. ବଣ—୧ । ନାସା ସମ୍ବନ୍ଧୀୟ—
Pertaining to the nose; nasal.
୨ । ନାସିକାର ହିତଜନକ—2. Beneficial for the nose.

ନସ୍ୟ ଦାନି—ଦେ. ବି. (ସଂ. ନସ୍ୟଧାନୀ)—ନାସଦାନି—
Nasya dāni Snuff box.

ନସ୍ୟଧାନୀ—ସଂ. ବି ସ୍ତ୍ରୀ. (ନସ୍ୟ+ଧାନୀ=ଆଧାର) —ନାସଦାନି—
Nasyadhāni Snuff box.
(ନସ୍ୟାଧାର—ଅନ୍ୟରୂପ)

ନସ୍ୟା—ସଂ. ବି. ସ୍ତ୍ରୀ—୧ । (ନସ+ଯ+ଆ)—ନାକ—
Nasyā 1. Nose.
୨ । ନାକରେ କରାଯିବା ଫୋଡ଼ (ହି. ଶବ୍ଦସାଗର)—
2. A hole bored through the nose
୩ । (ନସ୍ୟ+ଆ)—ପଶୁଅଙ୍କ ନାକଫୋଡ଼ରେ ଗଳିଥିବା ଦଉଡ଼ି—3. String passed through the bore of the nose of a beast.

ନହ୍ (ଧାତୁ)—୧ । ବନ୍ଧନ କରିବା—
Nah (root) 1. To bind; to tie.
୨ । ଗୁଡ଼ାଇବା; ଘେରିପାରେ ବୁଲାଇ କରି ବାନ୍ଧିବା—
2. To gird round.
୩ । ପୋଷାକଆଦି ପିନ୍ଧିବା; ପରିଧାନ କରିବା—
3. To put on one's self; to dress; to arm one's self with(Apte).

ନହ—ଗ୍ରା. ବି.—୧ । (ପଦ୍ୟ) (ସଂ. ନଖ) ନଖ—
Naha 1. Finger-nail.
नह नह
ନୃସିଂହ ମାଧବ ମୁରହର; କହେଣ ହିରଣ୍ୟ ବଦାଇ ।
କମଳଲୋଚନ—ବଳଦେଶ ।
୨ । (ସଂ. ଲତା)—ଲହ; ଲତା—2. Creeper.
(ଯଥା—ନହ ବଢ଼ ।)
୩ । (ଶୁଭବାଚକ) ଲହ; ଲମ୍ବ ଜନ୍ତୁ; ସାପ—
3. (Euphemism) Serpent.

ନହକା—ଦେ. ବଣ. (ସଂ. ନମ ଧାତୁ)—୧ । ଲହକା; ପତଳା ଓ ଲମ୍ବ—
Nahakā 1. Flexible and thin; long and thin.
नचनचे; छिपछिपे ୨ । ଦୋହୋଲୁ ଥିବା —
लचका; लचीला 2. Oscillating; swinging.
ଘଞ୍ଚ ନହକା ପତର ବଣା
ତା ପଛନ୍ତା ଲକ୍ଷେ ଝଣା । ଗୃହବତୀ । (ଲକ୍ଷୀର - ଧାନ)
୩ । ଡେଙ୍ଗା ଓ ପତଳା (ବ୍ୟକ୍ତି)—
3. Tall and thin (person).

ନହକା(କେ)ଇବା—ଦେ. କ୍ରି—ଲହକାଇବା (ଦେଖ)
Nahakā(ke)ibā Lahakāibā (See)
नचनच करना लचकाना

ନହକିବା—ଦେ. କ୍ରି—ଲହକିବା; ବଙ୍କ ଦେବା; ଦୋହଲିବା—
Nahakibā To oscillate.
नचनच हुआ ଅମ୍ବ ଡାଳ ସଙ୍ଗେ ନହକଇ, ବାଟେ ବାଟେ ଘର ଗେଣ୍ଡେଇ ନାଗ,
लचकना ଗଛ ମଞ୍ଜୀ ଫୁଲ ନହକଇ—କେଳା ଗୀତ ।

ନହଙ୍ଗା—ଦେ. ବି ଓ ବଣ—ଲହଙ୍ଗା (ଦେଖ)
Nahangā Lahangā (See)
(ନହଙ୍ଗି—ଅନ୍ୟରୂପ)

ନହଡ଼(ର)—ଦେ. ଅ. (ସଂ. ଲହରୀ)—
Naharda(ra) ୧ । ଧାରା; ପରମ୍ପରା; ରୀତି—
रीति 1. Custom.
रेवाज, रस्म ୨ । ଜିଦ୍; ଜିଗର—
(ଲହଡ଼—ଅନ୍ୟରୂପ) 1. Obstinacy; pertinacity.
जिद, गौं (ଯଥା—ପିଲାଟା ଆମ୍ବ ଖାଇବ ବୋଲି ଏକା ନହଡ଼
हठ, जिद् ଧରିଛି ।)

ନହଡ଼ା(ଡ଼ି)—ଦେ. ବ. (ସଂ. ଲହରୀ)—
Nahar̤ā(r̤i) ୧ । ଢେଉ; ଲହରୀ—1. Wave.
ଲହର ୨ । ଦେଉଳ ଆଦିରେ ବା ଖିଲାଣରେ ଅଗକୁ ଅଗକୁ ମାଡ଼ିଥିବା
ଲହର ସ୍ତର—2. The ascending layers of an arch.

ନହଡ଼ା(ଡ଼େ)ଇବା—ଦେ. କି—୧ । ଲହରୀ ପରି କୌଣସି କାର୍ଯ୍ୟ
Nahar̤ā(r̤e)ibā ଉପର୍ଯ୍ୟୁପରି କରିବା ବା ଅନର୍ଗଳ କଥା
ଘଡଘଡ଼ାନା, ଲହରାନା କହିବା—1. To do a thing continuously or say something fluently without stopping.
୨ । ନହଡ଼ା ମାରିବା—
2. To billow; to roll in large waves.

ନହଡ଼ା ମାରିବା—ଦେ. ବ ଓ କି—ଢେଉ ଉଠିବା; ତରଙ୍ଗାୟିତ
Nahar̤ā māribā ହେବା—To be full of waves;
ঢেউ মারা, ঢেউ খেলান to billow.
ଲହର ମାରନା

ନହଡ଼ି ଭଙ୍ଗା—ଦେ. ବ—ଲହଡ଼ି ଭଙ୍ଗା (ଦେଖ)
Nahar̤i bhangā Lahar̤i bhangā (See)

ନହଡ଼ି ଭାଙ୍ଗିବା—ଦେ. କି—ଛାତି ଆଡ଼କୁ ଆସୁଥିବା ସମୁଦ୍ରର ଲହରୀକୁ
Nahar̤i bhāngibā ଛାତି ପତାଇ ସମ୍ଭାଳିବା—
ঢেউ ভাঁগা To breast the waves of the sea.
ଲହର ଲେନା

ନହଡ଼ି ମୁଦ—ଦେ. ବ—ଲହଡ଼ି ମୁଦ; ଅଗକୁ ଅଗକୁ ମାଡ଼ି ମାଡ଼ି ପଥରର
Nahar̤i muda ସ୍ତର ବସି କ୍ରମଶଃ କଳସ ହୋଇଥିବା ଖିଲାଣ—
ঢেউ খেলান A kind of architecture in which
मेहेरावदार खिलान instead of constructing an arch the successive higher layers are laid to project a little beyond the lower layers.

ନହଣ—ଦେ. ବ—ଲହଣ (ଦେଖ)
Nahaṇa Lahaṇa (See)

ନହଣୀ—ଗ୍ରା. ବ (ସଂ. ନବନୀ)—ନହୁଣୀ (ଦେଖ)
Nahaṇi Nahuṇi (See)

ନହନ—ସଂ. ବ. (ନହ୍ ଧାତୁ=ବାନ୍ଧିବା+ଭାବ. ଅନ)—
Nahana ୧ । ବନ୍ଧନ—1. Binding.
୨ । (ନହ୍ ଧାତୁ+କରଣ. ଅନ) ବନ୍ଧନ ବସ୍ତୁ—
2. Binding string.

ନହନହ (ଇତ୍ୟାଦି)—ଦେ. ଅ—ଲହଲହ ଇତ୍ୟାଦି (ଦେଖ)
Nahanaha (etc) Lahalaha etc. (See)

ନହନା—ପ୍ରାଦେ. (ସମ୍ବଲପୁର) ବ (ସଂ. ନହ୍ ଧାତୁ)—
Nahanā ଯୁଆଳି ମଝିରେ ଲଙ୍ଗଳ ଈଶକୁ ବାନ୍ଧିବା ଚମ ଦଉଡ଼ି;
ଚମଡ଼ାର ଲଙ୍ଗଳ ଦଉଡ଼ି; ଅନ୍ଧ ଦଉଡ଼ି—A hide rope by which the shaft of the plough is tied to the yoke.

ନହନାଙ୍ଗୁଡ଼ିଆ—ଦେ. ବ. (ସଂ. ଲାଙ୍ଗଳୀ)—
Nahanāngur̤iā ଲାଙ୍ଗଳୀ (୧) (ଦେଖ)
(ନହନାଙ୍ଗୁଳିଆ—ଅନ୍ୟରୂପ) Lāngaḻi (1) (See)

ନହବତ୍(ତ) (ଇତ୍ୟାଦି)—ବୈଦେ. ବ. (ଆ. ନଉବତ୍)—
Nahabat(ta) etc ନଉବତ୍ ଇତ୍ୟାଦି (ଦେଖ)
Naubat etc (See)
ବାଜଣ ଉଠିଲ ନହବତ ଉଡ଼ ନାଦେ ପରହ । ଦୀନାନାଥ. ଭଷା ।

ନହବିରି—ଦେ. ବ—ଲଅବିରି (ଦେଖ)
Nahabiri La-abiri (See)

ନହମା—ଦେ. ବ—ଲହମା (ଦେଖ)
Nahamā Lahamā (See)

ନହମାଏ—ଦେ. କ୍ରି ବିଣ—ଲହମାଏ (ଦେଖ)
Nahamāe Lahamāe (See)
(ନହମାରେ, ନହମାକେ—ଅନ୍ୟରୂପ)
एक छन একক্ষণে

ନହମାକେ—ଦେ. ଅ—ନିମିଷକେ—
Nahamāke Within a moment; in the twinkling of the eye.
एक छन मे একক্ষণে

ନହମ୍ବର (ଇତ୍ୟାଦି)—ବୈଦେ. ଗ୍ରା. ବ (ଇଂ. ନମ୍ବର)—
Nahambara (etc) ନମ୍ବର ଇତ୍ୟାଦି (ଦେଖ)
Nambara etc (See)

ନହମ୍ବରି (ଇତ୍ୟାଦି)—ଦେ. ବିଣ—ନମ୍ବରି ଇତ୍ୟାଦି (ଦେଖ)
Nahambari (etc) Nambari etc (See)

ନହର—ଦେ. ବ. (ସଂ. ନଗର)—
Nahara ୧ । ନଅର; ରାଜପ୍ରାସାଦ—1. Palace.
মহল, রাজ মহল ୨ । ରାଜାଙ୍କ ଅନ୍ତଃପୁର—
नयर 1. The harem of a king.
নর ୩ । (ସଂ. ଲହରୀ; କମ୍ବା ସଂ. ଯଷ୍ଟି=ପ୍ରା ଲଟ୍ଠି)—
लड ହାର ଆଦିର ସରୁ—3. One of the strings of a necklace.

ନହର କୋଳି—ଦେ. ବ—ନରକୋଳି (ଦେଖ)
Nahara koḻi Narakoḻi (See)

ନହରପଅର—ଦେ. ବ—ନଅରପଅର—
Naharapaara Lingering; loitering.
(ନହରପହର—ଅନ୍ୟରୂପ)

ନହରପଅ(ହ)ରିଆ—ଦେ. ବିଣ—ନଅରପଅରିଆ (ଦେଖ)
Naharapa-a(ha)riā Na-arapa-ariā (See).

ନହରା—ଦେ. ବିଣ.—(ସଂ. ଲହରୀ)—୧ । ଲହରୀ ପରି ଭାଙ୍ଗ ବା ସ୍ତର
Naharā ବିଶିଷ୍ଟ (ବସ୍ତ୍ର); ଲହରା—1. Having wavy folds
लहरा or layers (a cloth).
୨ । ପିନ୍ଧିବା ନିମନ୍ତେ ଆବଶ୍ୟକ ପରିମାଣରୁ ବଳି ପଡ଼ୁଥିବା
(ଲୁଗା)—2. (wearing cloth) which bulges out of one's body; being in excess of the cloth required for one's wear.
ପ୍ରାଦେ. (ବାଲେଶ୍ୱର) ବ.—ଭଅଁର; ଭଅଁରୀ; ଜଳଭଉଁରୀ—
Whirlpool

ନହରା(ରେ)ଇବା—ଦେ. କି.—ନହଡ଼ାଇବା (ଦେଖ)—
Nahara(re)ibā Nahar̤āibā (See)

ନହଲା—ଦେ. ବ.—୧ । ନଅଙ୍କ; ନଅ ବନ୍ଦୁ ଯୁକ୍ତ ତାସ—
Nahalā 1. The nine of card play; the card
नहला containing nine points.
नहला ୨ । ସ୍ୱଳ୍ପ ମିସ୍ତ୍ରୀଙ୍କ କ୍ଷେଷ୍ଟ କରଣୀ—
(ନହଲ—ଅନ୍ୟରୂପ) 2. A small mason's trowel.

ନହଲିବା—ଦେ. କ୍ରି.—(ସ. ଲହରୀ)—ଲହରୀ ପରି ଅବର୍ଗଳ
Nahaliba କଥା କହିବା—To speak on without in-
घडघडाना termission.

ନହି—ସ. ଅ.—(ନ+ହି)—ନାଁ; ନୁହେଁ; ନାହିଁ ନାହିଁ—
Nahi (Interjection) No.

ନହିଲେ—ଦେ. ଅ.—(ସ. ନଚେତ୍)—୧ । ନଇଲେ; ନୋଚେତ୍—
Nahile 1. Otherwise; else.
नहिलें (ଯଥା—ତୁ ମତେ ହସି କରି କଥା କହ, ନହିଲେ ମୁ
नहितो ଜମାରୁ ତୋ ଆଡ଼କୁ ମୁହଁ ବି ନାହିଁ ।)
(ନ ହେଲେ—ଅନ୍ୟରୂପ) ୨ । ଅଥବା—2. Or.
(ଯଥା—ଆମ ଦୁଇ ଜଣଙ୍କ ଭିତରୁ ମୁଁ ନହିଲେ ସେ, କେହି ଜଣେ କଷ୍ଟେ ଯିବୁଁ ।)
୩ । ଅଥବା ନାହିଁ—3. Nor.
୪ । (ନ ହୋଇଲେ ର ସଂକ୍ଷିପ୍ତ ଉଚ୍ଚାରଣ) (କୌଣସି କଥା) ନ ଘଟିଲେ—4. (any thing) Not taking place or happening; if not.
ଆଠଏ ମହଣ ଘିଅ ନହିଲେ ରଧା ନାଚିବ ନାହିଁ । ଢଗ ।

ନହୁ—ଗ୍ରା. ବୈଦେ. ବ. (ଅ)—ଲହୁ; ରୁଧିର; ରକ୍ତ—
Nahu Blood.
लहु लहू

ନ ହୁଏ—ଦେ. ଅ.—୧ । ନୋଚେତ୍; ନଇଲେ—
Na hue 1. Otherwise.
नाहय ହୁଏ ତାହାଙ୍କର କାର୍ଯ୍ୟରେ ସଫଳତା, ନ ହୁଏ ଦୈନ୍ୟ ।
नहितो ଫକୀରମୋହନ. ଛମାଣ ଆଠଗୁଣ୍ଠ ।
(ନ ହୁଏ ତ—ଅନ୍ୟରୂପ) ୨ । କିମ୍ବା—2. Or.
୩ । ଅଥବା ନାହିଁ—3. Nor.

ନହୁଡ଼ା—ଦେ. ବ.—ଲହୁଡ଼ା (ଦେଖ)
Nahurdā Lahurdā (See)

ନହୁଡ଼ି—ଦେ. ବ.—ଲହୁଡ଼ି (ଦେଖ)
Nahurdi Laurdi (See)

ନହୁଣିଆ(ଆଁ)—ଦେ. ବଣ.(ସ. ନବନୀତ)—୧ । ନବନୀତ ପରି କୋମଳ-
Nahuniā(ān) 1. Soft as butter.
ननीर मतन ନୁହା ନହୁଣିଆ ମାଛ; ବରଷାରେ ଯାଏ ତଳ ଢଳେଇଲେ,
मक्खनके एसा ଶବ୍ଦ କଲେ ଯାଏ ପାଛ । ସମ୍ଭୁର ଗୀତ ।
୨ । ଲହୁଣୀ ମିଶ୍ରିତ—2. Mixed with butter.
ଦେ. ବ.—୧ । ଯେ ଲହୁଣୀ ବିକ୍ରୟ କରେ—
1. Butter seller.
୨ । ଏକ ପ୍ରକାର ଦେଶୀ ବ୍ୟାୟାମ—
2. A sort of bodily exercise.

ନହୁଣୀ—ଦେ. ବ. (ସ. ନବନୀ, ନବନୀତ)—ଲହୁଣୀ; ନବନୀତ—
Nahuni Butter.
ननी मक्खन; नेउन

ନହୁଣୀ କାଢ଼ିବା—ଦେ. କ୍ରି.—ଦହି ମୁହାଁଇ ସେଥିରୁ ନବନୀତ ବାହାର
Nahunā kārdhibā କରିବା—To churn out butter
ननीतोला from sour milk or whey.
नेउन निकालना

ନହୁଣୀ ମାରିବା—ଦେ. କ୍ରି.—ଲହୁଣୀକୁ ତରଲାଇ ଘିଅ ବାହାର
Nahuni māribā କରିବା—To clarify butter into
ननीमारा नेउन बरकाना ghee.

ନହୁନୁଆଣ—ଦେ. ବ. ଓ ବଣ—ଲହୁଲୁଆଣ (ଦେଖ)
Nahunuāna Lahuluāna (See)
(ନହୁନୁହାଣ—ଅନ୍ୟରୂପ)

ନହୁରୁଣୀ—ଦେ. ବ.—(ସ. ନୱରଞ୍ଜନୀ)—ନଉରୁଣୀ (ଦେଖ)
Nahuruni Nauruni (See)

ନହୁଲି—ଦେ. ବଣ. ସ୍ତ୍ରୀ (ସ. ନବଳା)—ନୱାନା (ସ୍ତ୍ରୀ)—
Nahuli 1. In the prime of her youth.
नहली नवेलि, नयी नवेली ୨ । ଲହୁଲି; ଲହୁଲି;
ଯୌବନ ଯୁକ୍ତା—Youthful.
(ଯଥା—ନହୁଲି ବୟସୀ ବାଳା ।)
୩ । (ସ. ନମ୍ରଧାତୁ)—କୋମଳ; ସୁକୁମାରଥ—
3. Tender; soft; delicate.

ନହୁଷ—ସ. ବ. (ନହ୍ ଧାତୁ = ବନ୍ଧନ କରିବା + କର୍ତ୍ତୃ. ଉଷ)—
Nahusha (ନାମ) ଯଯାତିଙ୍କ ପିତା (ପୁଣ୍ୟବଳରେ ଏ ଇନ୍ଦ୍ରତ୍ୱ ଲାଭ କରିଥିଲେ । କିନ୍ତୁ ପରେ ବ୍ରାହ୍ମଣମାନଙ୍କୁ ପୀଡ଼ା ଦେବାରୁ ଅଗସ୍ତ୍ୟଙ୍କ ଶାପରେ ସ୍ୱର୍ଗଚ୍ୟୁତ ହୋଇ ସର୍ପ ଯୋନି ପ୍ରାପ୍ତ ହେଲେ)—(name) The father of Jajāti.

ନହେ—ଦେ. (ପଦ୍ୟ) ଅ.—(ସ. ନ ଭବତି; ପ୍ରା. ଣ ହୋଇ) ନୁହେଁ—
Nahe Not; is not.
नय ବଳେ ବାକ୍ସ ମୃଣାଳ ସାର; ନହେ ମୁକୁର କ୍ଷୋଭ ।
नहै ଜଣସୁ ଲଭାର ଶିଖରେ କ ବସେ ଭୃଙ୍ଗ ପନ୍ତି । ପ୍ରାଚୀ—ପ୍ରଭାପ ଶଶିଶେଣା

ନହେଲା ବାଗିର୍—ପ୍ରାଦେ (ସମ୍ବଲପୁର) କ୍ରି. ବଣ—୧ । ଅନାୟାସରେ;
Nahelā bāgir ଅବଲୀଳାକ୍ରମେ—1. Easily; without effort.
୨ । ଅଜାଡରେ—2. Without caring for anything.
୩ । ଅକୁଣ୍ଠିତଭାବରେ—
3. Liberally; without hesitation.
୪ । ଅସଙ୍କୁଚିତରୂପେ—
4. Fearlessly; undauntedly.
(ଯଥା—ସେ ଜଙ୍ଗଲରେ ନ ହେଲା ବାଗିର୍ ବୁଲୁଥାଇସି; ନହେଲାବାଗିର୍ ଯେନ୍‌ତେନ୍ଥା କହୁଦେସି ।)

ନା—ସ. ଅ (ନଞାର୍ଥକ)—ନାହିଁ; ନୁହେଁ—
Nā No; not

[ଦ୍ର—ଅ, ମା, ନୋ, ନା ନିଷେଧାର୍ଥେ—ସଂସ୍କୃତ ବ୍ୟାକରଣର ସୂତ୍ର ।]

ଦେ. ବି—(ସଂ. ନାବ)—ନାଅ (ଦେଖ)

ନାଓ, ନା Nā-ā (See)

ନାଯ

ବୈଦେ—ଅ (ଫା. ନଞର୍ଥଉପପଦ; ଆ. ଲା ଉପପଦ; ତୁଳ.

ନା **ना** ସଂ. ନ; ଅନ୍ୟ ଶବ୍ଦ ପୂର୍ବେ ଲାଗେ ଯଥା—ନାଲାଏକ୍)— Non; not.

[ଦ୍ର—ଏହାର ବ୍ୟବହାର ଦୁଇପ୍ରକାର—(୧) ବୈପରୀତ୍ୟାର୍ଥ =ଯଥା—ନାବେସ୍ତ, ନାଗୁର, ନାବାଲଗ, ନାଚାକର୍; (୨) ଅସ୍ୱୀକାରାର୍ଥ=ନାଦାନ, ନାଉଅରଷି, ନାକସ୍ ।]

(ନାଁ—ଅନ୍ୟରୂପ) ଦେ. ଅ (ସଂ. ନ; ସଂ. ନା=ନୁହେଁ; ନାହିଁ)—

୧ । (ପ୍ରଶ୍ନାର୍ଥକ; କ୍ରିୟା ପରେ ଲାଗେ)ହି, କି; କି?— 1. (Interrogative) Is it so?

ସବନେ ଅଛନ୍ତି ନା ଭଲେ
ସଙ୍ଗୀଗଣଙ୍କ ସଙ୍ଗମେଳେ—ଜଗନ୍ନାଥ. ଭାଗବତ ।

ନା **नहिं** ୨ । ନିଶ୍ଚେ—2. Surely.

ପଥର ହେଲେ ପାଞ୍ଚପାଅନ୍ତୁ ନା ଭୁଞ୍ଜ—କୃଷ୍ଣସିଂହ ମହାଭାରତ. ବନ ।

୩ । ନାହିଁ; ନୁହେଁ—3. No, not.

[ଦ୍ର—ଅଧିକାଂଶ ଲୋକ ନଞର୍ଥକ 'ନାଁ' ସ୍ଥଳରେ 'ନା'— ଲେଖନ୍ତି । କିନ୍ତୁ ଏହା ଉଚ୍ଚାରଣଦୃଷ୍ଟିରେ ଅଶୁଦ୍ଧ । ଓଡ଼ିଆରେ ନା ଶବ୍ଦର ଅର୍ଥ ନାବ ଓ ନାଁ ର ଅର୍ଥ ନାହିଁ, ନୁହେଁ; ପରନ୍ତୁ ସଂସ୍କୃତରେ 'ନା' ଅବ୍ୟୟ ଶବ୍ଦର ନିଷେଧାର୍ଥକ ଅର୍ଥ ମଧ୍ୟ ଦେଖାଯାଏ ।]

୪ । (କ୍ରିୟା ପରେ ବ୍ୟବହୃତ; ନଞର୍ଥକ) ନାହିଁ— 4. Not.

ଭୁଞ୍ଜୁ ନା ଖାଇବେ ଭୁ ଭୁଇଁରୁ ଯେତେ ଦ୍ରବ୍ୟ—ଉପେନ୍ଦ୍ର. ବୈଦେହୀଶବିଳାସ ।

[ଦ୍ର—ନଞର୍ଥେ 'ନ' କ୍ରିୟା ପୂର୍ବରେ ଲାଗେ । ଯଥା—ନ ଖାଅ, ନ ଶୁଣ; କ୍ରିୟା ପରେ ଲାଗିଲେ ନାଁ ହୁଏ ଯଥା—ଖାଅନାଁ; ଯାଅନାଁ ।]

୫ । ନାଁ; ନାହିଁ (ଅନୁଜ୍ଞାର୍ଥକ କ୍ରିୟା ପରେ ଲାଗେ)— 5. Do not (e. g. eat, go).

ଠୋକର ଛଣାଇଦେନା—କବିସୂର୍ଯ୍ୟ. କଳୋଲଚଉତିଶା ଠ ଗୀତ ।

(ଯଥା—ଖାଅନାଁ, ଦେନାଁ ।)

୬ । (ବିଶେଷ୍ୟ ଓ ବିଶେଷଣ ପୂର୍ବେ ଯୁକ୍ତ ହୋଇ ଅପେକ୍ଷିତ ନଞର୍ଥ ବା ଅନୁପସ୍ଥିତି ବୁଝାଏ ।) ଏହା ନୁହେଁ କି ତାହା ନୁହେଁ- 6. Neither; nor.

(ଯଥା—ନାଁ ଧଳା, ନାଁ କଳା ।)

୭ । ପ୍ରଶ୍ନର ନଞର୍ଥବୋଧକ ଉତ୍ତରରେ ବା ଅସ୍ୱୀକାରାର୍ଥରେ 7. No.

ନାଅ—ଦେ. ବି (ସଂ. ନାବ)—ନାବ, ନୌକା, ଡଙ୍ଗା—

Nā-ā Boat.

ନାଓ, ନା ନଇ ନାଗ ନାସି ନାଅ ଏ ଗୁଢ଼କ ପ୍ରଭେ କେବେ ନ ଅସର ।

नाव; नाय ସୁଲକ୍ଷଣା, ବର୍ଷାବର୍ଣ୍ଣନା ।

ନାଅଁ (ଇତ୍ୟାଦି)—ଦେ. ବି. (ସଂ. ନାମନ୍ ତୁଳ ଫା. ନାମ୍ ଇଂ. ନେମ୍; ଲା. ନୋମେନ୍; ଫ୍ରେ. ନମ୍)—

Nā-ān (etc)

ନାଁଅଁ } ଅନ୍ୟରୂପ ୧ । ନା ଇତ୍ୟାଦି (ଦେଖ)
ନାଁ } 1 Nān etc (See)

ନାମ ୨ । ଉଲ୍ଲେଖ—2. Mention.

नाम ୩ । ସୁଯଶ; ସୁନାମ—3. Good reputation; good name.

୪ । କଳଙ୍କ; ଦୁର୍ନାମ—4. Eil repute; notoriety.

୫ । ପ୍ରହେଳିକା ବା କୌତୁକ ପ୍ରଶ୍ନ—5. A riddle.

बुझौवल; पहेली

ହିଡ ହିଡ କଣ୍ଠା କପୂରର ବାସ
ଏ ନାଅଁ ଟି କହିଦେଲେ ବଳରାମଦାସ । ପ୍ରହେଳିକା ।

୬ । ଖ୍ୟାତି—6. Reputation; celibrity.

[ଦ୍ର—ନାଅଁ ଶବ୍ଦଯୁକ୍ତ ପଦମାନଙ୍କ ପାଇଁ ନାଁ ଓ ନାମ ପରେ ଦେଖ ।]

ନାଅଁକୁ—ଦେ. ଅ. (ସଂ. ନାମ)—୧ । ନାମ ମାତ୍ର—

Nā ānku 1. In name; nominally.

ନାମମାତ୍ର ୨ । ଅତି ସାମାନ୍ୟ ମାତ୍ର—

नामकेलिए 2. Very little; almost nothing

ନାଅଁକେ—ପ୍ରାଦେ. (ସମ୍ବଲପୁର) ଅ—ନାଅଁକୁ; ଅଳ୍ପ ହିଁ ବି—

Nā-ānke A very little; equal to almost nothing.

ନାଅଁଟର—ପ୍ରାଦେ. (ଗଞ୍ଜାମ) ବି. (ଇଂ. ଲଣ୍ଠନ୍ର ଅଶୁଦ୍ଧ ଉଚ୍ଚାରଣ)—

Nā-āntara ଲଣ୍ଠନ—Lantern.

ନାଅକା (ଇତ୍ୟାଦି)—ଗ୍ରା. ବି ଓ ବିଣ—ନାହାକା ଇତ୍ୟାଦି (ଦେଖ)

Nā-ākā (etc) Nāhākā etc (See)

ନାଅଚାଳିଆ—ଦେ. ବିଣ—ନାହାଚାଳିଆ (ଦେଖ)

Nā-āchālia Nāhāchālia (See)

ନାଅପସନ୍ଦ—ବୈଦେ. ବିଣ—ନାପସନ୍ଦ (ଦେଖ)

Nā-āpasanda Nāpasanda (See)

(ନାଅଁପସନ୍ଦ—ଅନ୍ୟରୂପ)

ନାଅରାଜ—ଦେ. ବିଣ—ନାରାଜ (ଦେଖ)

Nā-ārāja Nārāja (See)

ନାଅରାଜି—ଦେ. ବି—ନାରାଜି (ଦେଖ)

Nā-ārāji Nārāji (See)

ନାଇ—ଦେ. ବି (ସଂ. ନାଭି)—୧ । ନାହି; ନାଭି; ନାଇ—

Nai 1. Navel.

ନାଇ **ढोंढ़ी** ୨ । ଚକର ଦାଣ୍ଡି—2. The nave of a wheel.

ନା ଗ୍ରା. ଅ (ସଂ. ନହି)—ନାହିଁ, ନାଁ, ନୁହେଁ—

नहिं No, not.

ନାଇ ଗ୍ରା (ନଞର୍ଥକ) କ୍ରି—ନ ଅଛେ; ନ ଥାଏ; ନ ଅଛୁ; ନାହିଁ—

नहिहै Is not.

[ଦ୍ର—ଓଡ଼ିଆରେ କ୍ରିୟା ପୂର୍ବରେ 'ନ' ଓ ପରେ 'ନାହିଁ' ଲାଗେ । ଯଥା—ନ ଯାଏ, ଯାଏନାହିଁ; କିନ୍ତୁ ସମ୍ବଲପୁରରେ 'ନାଇ' ଶବ୍ଦ କ୍ରିୟା ପୂର୍ବରେ ଲାଗେ । ଯଥା—ମୁଁ ନାଇଯାଇ=ଯାଇ ନ ଥିଲି; ନାଇଯାଏଁ=ମୁଁ ଯିବ ନାହିଁ; ନାଇଯିବାର=ଯାଉ ନାହିଁ ।]

ନାଇଅ—ଦେ. ବି (ସଂ. ନାଭି)—ନାହିଅ (ଦେଖ)

Naiā Nāhiā (See).

ନାଇ **अलगना**

ନାଇଅ ମାରିବା—ଦେ. ବ—ଗଛ, ମାଛ ପ୍ରଭୃତିଙ୍କୁ ନାହିଅ ରୋଗ ଧରିବା;
Nāia māribā ମାଛ ବଉଳିଯିବା ଓ ଗଛ ଶୁଖିଯିବା—
अलगजाना Fishes and trees being struck with the Nāhiā disease.

ନାଇଁ ବା—ଦେ. ଅ (ସ. ନହି+ବା)—ନାହିଁ ବା; ବିକଳ୍ପେ ନୁହେଁ—
Nāiñ bā Conjunction used to denote a negation.
नाइ वा नहिं तो (ଯଥା—ମୁଁ ଏ କଥା ନାଇଁବା କଲି, ମୋର କଏ କଅଣ କରିବ ?

ନାଇକ—ପ୍ରାଦେ (ଗଡ଼ଜାତ, ସ. ନାୟକ) ବ (ପାଇକର ସର୍ଦ୍ଦାର)—
Nāika ପାଇକ ସରଦାର—The chief of the Pāika-militia.
ପ୍ରାଦେ (ଗଞ୍ଜାମ) ବ—ସରକାର୍‌କାର—
Rent collector (under the direct control of the Government).
(ନାଇକାର—ଅନ୍ୟରୂପ) ଦେ. ବ—ତେଲଙ୍ଗାମାନଙ୍କର ଉପାଧିବିଶେଷ—A family-title of some Telgus.

ନାଇକା—ଦେ. ବଣ. (ସ. ନାୟକ)—ପ୍ରଧାନ (ବୃକ୍ଷର ଚେର)—
Nāikā Main (root of a tree).
ଦେ. ବ. ସ୍ତ୍ରୀ. (ସ. ନାୟିକା)—୧ । ନାୟିକା (ଦେଖ)
1. Nāyikā (See)
नायकी ୨ । ବୀଣାର ପ୍ରଧାନ ତନ୍ତ୍ରୀ—
2 The principal string of a harp.
ପ୍ରାଦେ. (ଗଞ୍ଜାମ) ବ. (ସ. ନାୟକ)—ଖଜଣା ଅସୁଲ କରିବା ଗ୍ରାମ୍ୟ କର୍ମଚାରୀ—Village official for collecting rent.

ନାଇକା ଚେର— ଦେ. ବ. (ସ. ନାୟକ+ଓଡ଼ିଆ ଚେର)—
Nāikā chera ନାହାକାଚେର; ଗଛର ପ୍ରଧାନ ବା ବଡ଼ ଚେର—
प्रधानशिकड़ मुसला The main root of a tree.

ନାଇକିରି ବାଇଗଣ—ଦେ. ବ. (ସ. ନାମ-ପୂର୍ବାର୍ଦ୍ଧ ଫଳକା)—
Nāikiri bāigaṇa ନାରକେଳି ବାଇଗଣ (ଦେଖ)
सिङ्गे बेगुन, कुलीबेगुन, Nārikeri bāigaṇa (See)
सलाबेगुन, शिंखीबेगुन तगवी बैंगन

ନାଇଡୁ—ଦେ. ବ—ତେଲଙ୍ଗା ଶୂଦ୍ର ବା କାୟସ୍ଥମାନଙ୍କର ଉପାଧିବିଶେଷ—A family title amongst Telugu
Nairdu Sūdras or Kāyasthas.

ନା ଇତ୍ତିଫାକ୍(କି)—ବୈଦେ. ବ. (ଫା. ନା-ଇତ୍ତିଫାକି)—
Nā ittifāk(ki) ପରସ୍ପର ବିରୋଧ; ମେଳର ଅଭାବ—
अमेल नाइत्तिफाक Absence of unity.

ନ ଇଦେବା—ଦେ.କ୍ରି. (ଦେଶ୍ୟ ଓ ଦ୍ରାବିଡ଼ ବ୍ୟବହୃତ)—
Nāidebā (ଅଳଙ୍କାର, ସିନ୍ଦୂର ଓ ଅଙ୍ଗରାଗ ଆଦି) ଅନ୍ୟକୁ
परान, लागान पିନ୍ଧାଇବା; ଅନ୍ୟର ଶରୀରକୁ ଭୂଷିତ କରାଇବା;
लगादेना ବେଶ କରିବା—To put on ornaments etc on another's body.

ପ୍ରାଦେ. (ଭଦ୍ରକ) କ୍ରି—ରଖିବା—
To put; to place.

ନାଇନତାଲ—ଦେ.ବ. (ନାମ)—ହିମାଳୟର ପାଦଦେଶସ୍ଥ ସ୍ଥାନବିଶେଷ-
Nāin-tāl Naintal; a town at the foot of the
(ନାଇନତାଲ, ନାଇନିତାଲ—ଅନ୍ୟରୂପ) Himalayas.
नैनताल नैनताल

ନାଇନତାଲି—ଦେ. ବଣ— ନାଇନତାଲ ଦେଶୀୟ—
Nāin-tāli Belonging to Naintal.
(ନାଇନିତାଲି—ଅନ୍ୟରୂପ) नैनताली नैनताली

ନାଇନତାଲି ଆଳୁ—ଦେ. ବ—ଏକପ୍ରକାର କୋମଳ ଶସ୍ୟଯୁକ୍ତ ବଡ଼ଆଳୁ
Nāin-tāli ālu ଆଳୁ—A species of patato grown in North India.
(ନାଇନତାଲିଆଳୁ—ଅନ୍ୟରୂପ)
पहाड़ीआलु

ନାଇନ—ପ୍ରାଦେ. (ସମ୍ବଲପୁର; କଣ୍ଠର୍ଥ) କ୍ରି—ନାହିଁ, ନୁହେଁ—
Nāina Is not.
ନାଇଁନ / ନାଇନ } ଅନ୍ୟରୂପ ଗ୍ରାମ୍ୟ. ବୈଦେ. ବ—ଲାଇନ (ଦେଖ)
Lāin (See)

ନାଇନି—ପ୍ରାଦେ. (ସିଂହଭୂମ) ଅ— ନାହିଁ—
Nāini No; not.
ଗ୍ରାମ୍ୟ. (ବୈଦେ) ବ ଓ ପ୍ରାଦେ. (ସମ୍ବଲପୁର) କ୍ରି —ନ ଇନ (ଦେଖ)
Nāina (See)

ନାଇନେ—ପ୍ରାଦେ. (ସମ୍ବଲପୁର) କ୍ରି—ନାଇନ (ଦେଖ)
Nāine Nāina (See)
(ନାଇନୋ—ଅନ୍ୟରୂପ)

ନାଇବ—ଦେ. ବ—ନାଏବ (ଦେଖ)
Nāiba Nāeba (See)

ନାଇବା—ଗ୍ରା. କ୍ରି. (ଇତର ଓ ଶୂଦ୍ରାଦି ବ୍ୟବହୃତ)—
Nāibā (ଖାଣ୍ଡୁ, ଅଳଙ୍କାର, ସିନ୍ଦୂର, କଜ୍ଜଳ ଆଦି) ଲଗାଇବା;
परा, लागान ପିନ୍ଧିବା; ଯୋଡ଼ିବା; ଭୂଷିତ ହେବା—
लगाना To wear; to put on.

× × × କମଳ ଲୋଚନ ନାୟକେ ତେଡ଼େ ବଡ ଖଣ୍ଡ କାଳରେ
ପାଟପଥା ଚିତ୍ର ଯୋଡ଼ଶାଳ ଯୋଡ଼ ହୋଇ ହାତରେ
ସୁନାଚଳା ନାଇ ମାସେଯାଏ; × × × ବୁଲୁଥିବାର ଦେଖାଗଲ ।
ଫକୀରମୋହନ· ଗଳ୍ପସ୍ବଳ୍ପ ।

ନାଇବି—ଦେ. ବ ଓ ବଣ—ନାଏବି (ଦେଖ)
Nāibi Nāebi (See)

ନାଇବ(ବି)ତି —ଦେ. ବ—ନାଏବିତି (ଦେଖ)
Nāiba(bi)ti Nāebiti (See)

ନାଇ ମୁଣ୍ଡା—ଦେ. ବ—୧ । ନାହିମୁଣ୍ଡା; ନାଭିର ଚତୁଃପାର୍ଶ୍ବସ୍ଥ ଅଂଶ—
Nāi muṇḍā 1. The portion of the body surrounding the navel.
नाइकूंड़
ढ़ोंढ़ी ୨ । ନାଭିକୂପ—2 The depression in the middle of the navel.

ନାଇଲି ଛାଇଲି ହେବା—ଦେ. କ୍ରି. (ସଂ. ନମ ଧାତୁ ଓ ଛଳ)—
Nāili chhāili hebā ୧ । ନାଇଲି ଛାଇଲି ହେବା; ବାକ୍ୟରେ ଅତି
नलपत करना ବିନୀତ ଭାବ ପ୍ରକାଶ କରିବା; ନେହୁରା ହେବା—
लल्लो पत्तो होना, 1. To show humility in words; to
नेहुरा करना coax.
(ନାଉଲି ଛାଉଲି ହେବା—ଅନ୍ୟରୂପ) ୨ । ଖୋସାମଦ କରିବା—
2 To flatter.
୩ । ଛଳପୂର୍ବକ ନମ୍ରତା ପ୍ରକାଶ କରିବା—
3. To show hypocritical humility.

ନାଇ ହେଲେ—ପ୍ରାଦେ. (ସମ୍ବଲପୁର) ଅ—
Nāi hele ୧ । ନୋହିଲେ—1. If not.
୨ । ଅଥବା—2 Else; or; otherwise.

ନାଉ—ଦେ. ବି. (ସଂ ଅଲାବୁ)—ଲାଉ (ଦେଖ)
Nāu लौका, लौकी, सजमन, कद्दु Lāu (See)
নাউ ପ୍ରାଦେ. (ବସ୍ତର) ବି (ଭୁଲ. ହି. ଏହି ଅର୍ଥରେ ନାଇ; ନାଉ)—ଭଣ୍ଡାରୀ—Barber.

ନାଉଆ—ଗ୍ରା. ବିଣ—ଲାଉଆ; ଲାଉ ପରି ବଡ଼—
Nāuā Pumpkin-like.
নেয়ে, লেয়ে सजमनिआ

ନାଉଆ ଦୁଧୀ—ଦେ. ବିଣ. ସ୍ତ୍ରୀ—୧ । ଅଲାବୁ ପରି ବଡ଼ ସ୍ତନଯୁକ୍ତା (ସ୍ତ୍ରୀ); ଘଟସ୍ତନୀ—1. Having mammas as big as pumpkins
Nāuā dudhi
লেয়ে মাঙ্গী
सजमनिआ वाली चुची

ନାଉଆ ପେଟା—ଦେ. ବିଣ. ପୁଂ—ଲାଉ ପରି ବଡ଼ ପେଟ ଯୁକ୍ତ; ଥଲ୍ଲି- ପେଟୁଆ—Pot-bellied.
Nāuā peṭā
(ନାଉଆପେଟୀ—ସ୍ତ୍ରୀ) নেয়ে পেটা पेटफुल्ला

ନା ଉମେଦ୍—ବୈଦେ. ବିଣ. (ପା. ନାଉମେଦ୍)—ନିରାଶ—
Nā umed Hopeless; desperate.
নাউমেদ नाउमेद

ନା ଉମେଦୀ—ବୈଦେ. ବି. (ପା. ନା ଉମେଦୀ)—ନିରାଶା; ନୈରାଶ୍ୟ—
Nāumedi Hopelessness; desperation.
নাউমেদী नाउमेदी

ନାଉଆରସ୍—ଦେ. ବିଣ. (ପା. ଲାୱାରିସ୍; ନାୱାରିସ)—
Nāuāras ୧ । ଯେଉଁ ସମ୍ପତ୍ତିର କେହି ଦାୟାଦାର ନାହିଁ; ଅସ୍ୱାମିକ (ସମ୍ପତ୍ତି)—
নাওয়ারিস
लावारिस 1. Unclaimed (property).

ନାଉଆରସ୍, ନାଓଅରସ୍, ନାଓଅରସ, ନାଓୟାରସ, ନାଓୟାରିସ, ନାୱାରସ, ନାୱାରସ, ନାଉଅରସି, ନାଓଆରସି, ନାୱାରସି, ନାୱାରସି—ଅନ୍ୟରୂପ

କେହି କେହି ପାଣ ଏପରି ନାଉଅରସୀ ଗୋରୁ ଆଣି ବଳବନ୍ତ ସ୍ୱରୂପ ବନ୍ଧ ବନ୍ଧ କେବାର ସ୍ୱବସ୍ଥିତ ଦେଖାଯାଏ । ଫକୀରମୋହନ. ଛମାଣ. ଅଠଗୁଣ୍ଠ ।

୨ । ଯେଉଁ ଲୋକର କେହି ଉତ୍ତରାଧିକାରୀ ନାହାନ୍ତି—2. Heirless (person); dying without leaving heirs.

ନାଉଆ ଶିଂଘୀ—ଦେ. ବି—ଲାଉଆ ଶିଂଘୀ; ଧଳା କଣ୍ଟିଆ ମାଛ—
Nāuā siṁghi A kind of fish.
উজলী শিংগী [ଦ୍ର—ଏହା ଏକ ପ୍ରକାର ଧଳା ଶିଂଘୀ ମାଛ, ଏହାର କାତି ନ ଥାଏ । ଗଲସି ପାଖରେ ଦଉଁଷ୍ଟ ଓ ବେକ ଉପରେ ଗୋଟିଏ ଶିଂଘ ବା କଣ୍ଟା ଥାଏ । ଶିଂଘୀ ମାଛ ଦୁଇ ପ୍ରକାର—୧ ମାଟିଆ; ୨ ଧଳା ବା ଲାଉଆ; ଧଳାମାଛ ୮।୧୦ ଅଙ୍ଗୁଳ ବଢ଼ନ୍ତି ।]

ନାଉକା—ଗ୍ରା. ବି. (ସଂ. ନାବ; ନୌକା)—
Nāukā ନଉକା; ଡଙ୍ଗା; ନାବ—Boat.
नाव ପ୍ରାଣବନ୍ଧୁ କ ଘାଟ କଲୁ; ମଦନ ନାଉକା ପରେ ବସାଇ
নৌকা ଭସାଇ ଦେଲୁ । ସଙ୍ଗୀତ ।

ନାଉକେଶ୍ୱର—ଦେ. ବି. (ସଂ. ନୌକେଶ୍ୱର; ବା ଅଲାବୁକେଶ୍ୱର)—
Nāukeśwara ୧ । ପୁରୁଷୋତ୍ତମ କ୍ଷେତ୍ରର ଶିବଲିଙ୍ଗ ବିଶେଷ—
1. Name of an image of Śiba of Puri.
୨ । ଭୁବନେଶ୍ୱରର ଶିବଲିଙ୍ଗବିଶେଷ—1. Name of a Śiba Liṅga of Bhubaneśwara.

ନାଉ ଚିଙ୍ଗୁଡ଼ି—ଦେ. ବି—ଲାଉ ସଙ୍ଗେ ସାନ ଚିଙ୍ଗୁଡ଼ି ମାଛ ମିଶାଇ ରନ୍ଧା ଯିବା ଏକ ପ୍ରକାର ତିଅଣ—
Nāu chiṅguṛi
(ନାଉ ଚୁଙ୍ଗୁଡ଼—ଅନ୍ୟରୂପ) A curry made of gourd mixed with small shrimps.

ନାଉଡ଼—ଦେ. ବି. (ସଂ. ଅନଳ)—
Nāuṛa ବିଛା, ମହୁମାଛି ଆଦିଙ୍କ ଲାଞ୍ଜର ଅଗରେ ଥିବା ବିଷ
(ଲାହୁଡ଼—ଅନ୍ୟରୂପ) କଣ୍ଟକ; ଲାହୁଡ଼—Sting (at the
হুল end of the tail of a bee or scorpion).
डंक, शुंघ

ନାଉଡ଼ ଗଳା(ଳେ)ଇବା—ଦେ. କ୍ରି—ଅନ୍ୟ ଜୀବର ଦେହରେ ଲାହୁଡ଼ ପ୍ରବେଶ କରାଇ ଆଘାତ କରିବା—
Nāuṛa gaḷā(ḷe)ibā
হুল ফোটান डंक मारना To sting.
(ନାଉଡ଼ ଫୁଟାଇବା, ନାଉଡ଼ ଫୁଟେଇବା, ନାଉଡ଼ ବସାଇବା, ନାଉଡ଼ ବସେଇବା, ନାଉଡ଼ ମାରିବା—ଅନ୍ୟରୂପ)

ନାଉ ଡଙ୍କ—ଦେ. ବି—୧ । ଲାଉ ଲତାର ଡଙ୍କ—
Nāu ḍaṅka 1. Tender portion or tendril of the
लौकीकी मुँड़ी gourd creeper.

ନାଉ ଡଙ୍କିଆ—ଦେ. ବି—ଲାଉ ଡଙ୍କିଆ (ଦେଖ)
Nāu ḍaṅkiā Lāu ḍaṅkiā (See)

ନାଉଡ଼ି(ରି)—ଦେ. ବି. (ସଂ. ନାବିକ)—ନାବିକ; ନୌକାବାହୀ; ନୌକା- ଚାଳକ—Boatman; sailor.
Nāuṛi(ri)

ନାଉଡ଼ିଆ, ନାହୁରି, ନାହୁରିଆ, ନାହୁରି, ନାହୁରିଆ—ଅନ୍ୟରୂପ

ସେରୂପରେ ନାବକୁ ନାଉଡ଼ିଆ ବନା,
ସେ ରୂପେ ସେବାପଦ ସ୍ଥାନ ହେଲେ ସେନା ।
କୃଷ୍ଣସିଂହ. ମହାଭାରତ. ସ୍ୱର୍ଗ ।

नाईया; নেয়ে, নাউড়িয়া; নাউড়ে নাউড়, [ଦ୍ର—ପୂର୍ବେ
माँझी, मल्लाह, नावक ବାଲେଶ୍ୱରରେ ଜାହାଜ ଚଳୁଥିବା ସମୟରେ ନାଉଡ଼ିଆ ମାନଙ୍କ ବ୍ୟବହୃତ କେତେକ ଶବ୍ଦ:—

ଘୋଣ୍—ଉପର; ଗାହ୍ନମ ଉଲେଇ—ଉତ୍ତର ପୂର୍ବ;
ଦମାନ୍—ତଳ; ବେଗଣିଆ ପିଛଡ଼—ଉତ୍ତର ପଶ୍ଚିମ;
ଗାହ୍ନ—ଉତ୍ତର; ଦକ୍ଷିଣ ପିଛଡ଼—ଦକ୍ଷିଣ ପଶ୍ଚିମ;
ଉହର୍—ପୂର୍ବ; ଦକ୍ଷିଣ ଉହର—ଦକ୍ଷିଣ ପୂର୍ବ;
ଘୋଇଲ୍—ଦକ୍ଷିଣ; ଉଜା—ଡାହାଣ;
ପିଛଡ଼—ପଶ୍ଚିମ; ଡାକ୍ଷୁ—ବାମ;]

ନାଉ ତୁମ୍ବା(ମ୍ବୀ)—ଦେ. ବି.—(ସଂ. ଅଲାବୁ+ତୁମ୍ବା)—୧ । ଲାଉ
Nāu'tumbā (mbī) ଉପରୁ ଘସ ବୋଉ ସଫା କରି ପ୍ରସ୍ତୁତ କର
लकी; तुम्बा ଥିବା ପାତ୍ର—1. A pot made by scraping the kernel of the gourd.
୨ । ଲାଉର ତୁମ୍ବାରେ ଦଣ୍ଡ ଓ ତାର ବା ସୂତା ଲଗାଇ କରାଯିବା ଏକ ପ୍ରକାର ବାଦ୍ୟ ଯନ୍ତ୍ର—2. A kind of musical instrument.
[ଦ୍ର—ଏଥିରେ ସିତାରର ଦଣ୍ଡ ବସାଇ ସିତାର କରାଯାଏ ।]

ନାଉ ଥାଳ—ଦେ. ବି.—ଲାଉ ଥାଳ (ଦେଖ)
Nāu thāḻa — Lāuthāḻa (See)

ନାଉ ଦଅଣା—ଦେ. ବି.—ଲାଉଦଅଣା; ଲାଉରେ ଦୁଧ ଦିଆ ଯାଇ ରନ୍ଧା
Nāu daaṇā ଯାଇ ଥିବା ଏକ ପ୍ରକାର ସୁସ୍ୱାଦ୍ୟ ତରକାରୀ—
(ନାଉଦୟଣା—ଅନ୍ୟରୂପ) A delicious curry prepared from gourd boiled with milk.

ନାଉଳ—ଦେ. ବି.—ସ୍ତ୍ରୀମାନଙ୍କ ପିନ୍ଧିବା ଏକ ପ୍ରକାର ଫମ୍ପା ନୋଳ—
Nāula A kind of hollow earring worn by
नेउरी, अंती (ନାହୁଲ—ଅନ୍ୟରୂପ) women.

ନାଉଲା ଶାକୁଲା ହେବା—ପ୍ରାଦେ. (ଯାଜପୁର) କ୍ରି—
Nāulā śākulā hebā ନାଇଲି ଛାଇଲି ହେବା (ଦେଖ)
Nāili chhāili hebā (See)

ନାଉଳି—ଦେ. ବି.—୧ । ଖଣ୍ଡାୟତ ଓ କ୍ଷତ୍ରିୟମାନଙ୍କର ଉପବୀତ ଗ୍ରହଣ
Nāuḻi ବିଧି; ବ୍ରତ—1. The Upanayana or sacred thread ceremony of Khandaets and Kshatriyas.
୨ । (ସଂ. ନାବ)—କେଉଟମାନଙ୍କର ବଂଶୋପାଧିବିଶେଷ—
2. A family-title of fishermen.
[ଦ୍ର—କଟକ ଜିଲ୍ଲାର ଡମ୍ପଡ଼ା ଦକ୍ଷିଣରେ ଏହି ଉପାଧିଧାରୀ କେଉଟ ଅଛନ୍ତି ।]

ନାଉଲି—ଦେ. ବି.—(ଭୁଲ. ଫା. ଲାୟକ୍)—ଠାକୁଳି; ଠାପରା; ଥଟ୍ଟା;
Nāuli ପରିହାସ—1. Jesting
दिल्लगी ୨ । ବ୍ୟଙ୍ଗ୍ୟବକ୍ରୋକ୍ତି—2. Witticism.

ନାଉଲିଆ—ଦେ. ବିଣ. (ପୁଂ. ଓ ସ୍ତ୍ରୀ)—ଥଟ୍ଟିଳ; ବ୍ୟଙ୍ଗ୍ୟପ୍ରିୟ—
Nāuliā Jestive; jocular.
दिल्लगीबाज; ठट्ठाबज, मसखरा (ନାଉଲେଇ—ସ୍ତ୍ରୀ)

ନାଉଳି କରଣ—ଦେ. ବି.—କରଣମାନଙ୍କ ଶ୍ରେଣୀବିଶେଷ—
Nāuḻi karaṇa A sect of Karaṇas.
[ଦ୍ର—ଏମାନେ ବ୍ରତ ହୁଅନ୍ତି ।]

ନାଉଳ(ଳି) ଛାଉଳ(ଳି) ହେବା—ଦେ. କ୍ରି.—ନାଳେଇ ଛାଳେଇ
Nāuḻi (li) chhāuḻi(li) hebā ହେବା (ଦେଖ)
Nāḻei chhāḻei hebā (See)

ନାଏକ—ଦେ. ବି. ଓ ବିଣ.—(ସଂ. ନାୟକ)—୧ । ନାୟକ (ଦେଖ)
Nāeka 1 Nāyaka (See)
नाएक लायक ୨ । ଲାଏକ୍ (ଦେଖ)—2. Lāek (See)

ନାଏକା—ଗ୍ରା. ବି. ସ୍ତ୍ରୀ—୧ । ନାୟିକା (ଦେଖ)
Naekā Nāyikā (See)
ଉପାୟ କରି ସେ—କହାଇ ଅଣିବେ ମାୟାବୀ ତଣ ନାଏକା ।
ପ୍ରାଚୀ. ରହସ୍ୟ ମଞ୍ଜରୀ ।
୨ । ନାହାକା (ଦେଖ)—2. Nāhākā (See)
ଦେ. ବିଣ. ସ୍ତ୍ରୀ—(ସଂ. ନାୟିକା)—ଶ୍ରେଷ୍ଠା, ପ୍ରଧାନା (ସ୍ତ୍ରୀ)—
Chief; greatest; most honoured.
ତାଙ୍କ ମଧ୍ୟରେ ତୁହି ଏକା, ଜଗତରେ ହୋଇଲୁ ନାଏକା ।
ପ୍ରାଚୀ ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

ନାଏକା ଚେର—ଦେ. ବି.—ନାହାକା ଚେର (ଦେଖ)
Nāekā chera Nāhākā chera (See)

ନାଏବ୍—ବୈଦେ. ବି.—(ଅ ନାୟବ)—୧ । ପ୍ରଧାନ କର୍ମଚାରୀ ବା
Nāeb ମେନେଜରଙ୍କ ଅଧୀନ କର୍ମଚାରୀ—1. Second officer
नायेब under a manager; a Naib.
नायब ୨ । ପ୍ରତିନିଧି କର୍ମଚାରୀ—2. A Deputy.
୩ । ଜମିଦାରଙ୍କ ମଫସଲ କଚେରୀର ପ୍ରଧାନ ତହସିଲ କର୍ମଚାରୀ—3. The Head Revenue-officer in a zamindar's kutchery.

ନାଏବ୍ ତହସିଲଦାର—ବୈଦେ. ବି.—ଗଭର୍ଣ୍ଣମେଣ୍ଟଙ୍କ ରାଜସ୍ୱ ବିଭାଗର
Nāeb tahasiladāra କର୍ମଚାରୀ ବା ତହସିଲଦାରଙ୍କ ଅଧୀନ
नायेब तहसिलदार ସାହାଯ୍ୟକାରୀ କର୍ମଚାରୀ—Naib Tahasil,
नायब तहसिलदार dar; Deputy Tahasildar.

ନାଏବ୍ ନାଜର—ବୈଦେ. ବି—ନାଜରଙ୍କ ଅଧୀନ କର୍ମଚାରୀ—
Nāeb nājar Naib Nazir; Deputy Nazir.
नायेबनाजीर नायबनाजीर (ନାଏବନାଜର—ଅନ୍ୟରୂପ)

ନାଏବଳ—ଦେ. ବି—ନ୍ୟାୟବଳ ଖେଳ; ସତରଞ୍ଚ ଖେଳ—
Nāebaḻa The game of chess.

ନାଏବି—ବୈଦେ. ବିଣ—ନାଏବଙ୍କ ଉପଯୁକ୍ତ—
Nāebi Befitting a Naib.
नायेबी (ଯଥା—ନାଏବୀ ବୁଦ୍ଧି; ନାଏବୀ ଢଙ୍ଗ ।)
नायबी ବୈଦେ. ବି—ନାଏବଙ୍କ ପଦ ବା କର୍ମ—
The post of a Naib.

ନାଏବିତ—ଦେ. ବି—ନାଏବି; ନାଏବପଣ; ନାଏବପଣିଆ—
Nāebiti The act of a Naib; the post of a Naib.
ଦେ. ବିଣ—ହଲପଟା; ଅସ୍ତବ୍ୟସ୍ତ—Troubled.

ନାଓଁ—ପ୍ରାଦେ (ଉତ୍ତର ଭାଷା) ବି—ନାମ—
Nāoṅ Name.

ନାଓସା—ପ୍ରାଦେ (ଉତ୍ତରଭାଷା)—ଝିଅର ପୁଅ (ନାତି)—
Nāosā Son of one's daughter; grandson.

ନାଃ—ଦେ. ଅ (ସଂ. ନ; ନା; ନହି; ଦୃଢ଼ତାଜ୍ଞାପକ)—କଦାପି ନୁହେଁ—
Nāḥ No; never [more emphatic or determined than Nā (ନା)]
ना नहिँ

ନାଁ—ଦେ. ଅ (ସଂ. ନ, ନା)—୧ । ପ୍ରଶ୍ନାର୍ଥକ—
Nāṅ 1. Interrogative particle.
नय, नाँ (ଯଥା—ତୁ ସେଠାକୁ ଯିବୁ ନାଁ ?)
नहिँ, न ୨ । ଅନୁଜ୍ଞାର୍ଥକ—
2. A particle indicating request.
(ଯଥା—ମତେ ଟଙ୍କାଟିଏ ଦେ ନା ! ମୁଁ ଜିନିଷ କିଣି ଆଣିବି ।)
୩ । ଯଥା; ଯେ ହେତୁ—3. Viz; namely.
(ଯଥା—ମତେ ଆଜ ଏଠା ଛାଡ଼ି ଚାଲିଯିବାକୁ ହେବ—କାହିଁକି ନାଁ ? ମୋ ନାମରେ ୱାରେଣ୍ଟ ବାହାରିଲାଣି ।)
୪ । ପ୍ରଶ୍ନ ଓ ଉତ୍ତର ବାକ୍ୟଦ୍ୱୟର ସଂଯୋଜକାର୍ଥ—
4. A conjunctive particle which joins the question and its reply.
(ଠାକୁର ଘରେ କିଏ ରେ ? ନାଁ, ମୁଁ କଦଳୀ ଖାଇନାହିଁ—ଢଗ ।)
୫ । କ୍ରିୟା ପରେ ବ୍ୟବହୃତ, ନିଷେଧାର୍ଥକ—
5. A negative particle used after verbs.
'ତାକୁ ଗୃହିଁ ନାଁ ସେ କିଏ! କହୁଛ କୁହ' – ସଙ୍ଗୀତ ।
୬ । ଧମକାଣ—6 A particle indicating threat.
(ଯଥା—ଭାତ ଖାଇବୁ ନା, ଗୋଟାଏ ଚଟକଣ ଦୁମ୍‌ଦୁମା ବସେଇଦେବ ?)
୭ । ନାସ୍ତ୍ୟର୍ଥ; ଅସ୍ୱୀକାରାର୍ଥ—(ଉତ୍ତର ଦେବାବେଳେ)—
7. A particle indicating disagreement or refusal.
(ଯଥା—ପ୍ରଶ୍ନ—'ତୁ ଭାତ ଖାଇବୁ ? ଉତ୍ତର—ନାଁ ।)
୮ । ସଂଶୟସୂଚକ; ପରା—
8. A particle indicating doubt.
(ଯଥା—ମତେ ସେ କ'ଣ କଥାଟିଏ ମାଗିଥିଲେ ନାଁ ? ମୁଁ ପାସୋରି ପକାଇଲି ।)
୯ । ପାଦପୂରଣାର୍ଥକ; ନାହିଁନାଁ; ଟି—
9 A particle used at the end of a sentence to give emphasis.
ଜାଣି କହେ ଅସ୍ତ୍ର ନୁହେଁ ନାଁ ମନ
ଜାଗାରେ ଦେଖୁଅଛୁ ଯଥା ସପନ—ମନବୋଧ ଚଉତିଶା ।
[ଦ୍ର—ନଞର୍ଥକ 'ନାଁ' ଶବ୍ଦ କ୍ରିୟା ପରେ ମଧ୍ୟ ଲାଗେ । ଯଥା—'ତୁ ସେଠାକୁ ଯାଅ ନାଁ; ମୁଁ ସେଠାକୁ ଯାଏଁ ନାଁ । କିନ୍ତୁ ଏହି ନଞର୍ଥକ 'ନାଁ' କ୍ରିୟାର ଆଗକୁ ଆସିଲେ 'ନ' ହୁଏ । ଯଥା—ତୁମ୍ଭେ ଏହା ନ ଖାଅ; ମୁଁ ତୋତେ ନ ଛୋଇବି ।]
ଦେ. ବି (ସଂ. ନାମ)—ନାମ (ଇତ୍ୟାଦି) (ଦେଖ)
Nāma (etc) (See)
ପୀତପଟ ନାଟ ନାଁ ମୋ ଅଙ୍ଗରେ ନ ଧର ।
କବିସୂର୍ଯ୍ୟ. କଳୋଲ ଚମ୍ପୂ ଫ ଗୀତ ।

୨ । ନାଁଅଁ ଦିଅ (ଦେଖ)
2. Nāṅāṅ diā (See)

ନାଁଅଁଦିଅ—ଦେ. ବି—୧ । ପ୍ରହେଳିକା—
Nāṅāṅdiā 1. A riddle.
हियाँलि ଟିକଟିକି କଣ୍ଠା କପୂରର ବାସ,
बुझौवल; पहेली; गाहा ଏ ନାଁଅଁଟି କହିଦେଲେ ବଳରାମ ଦାସ ।
ପ୍ରହେଳିକା ।

ନାଁଅ ଦେବା—ଦେ. କ୍ରି—୧ । ନାମକରଣ କରିବା—
Nā-āṅdebā 1. To give a name; to name.
नामदेओया ୨ । ପ୍ରହେଳିକା ପ୍ରଶ୍ନ କରିବା—
नामकरन करना; नामरखना 2. To ask a riddle.
हियाँलिबाला बुझौवल पुछना

ନାଁ ଉଠା(ଠେ)ଇବା—ଦେ. କ୍ରି—୧ । ଖବରକାଗଜ ଆଦିରେ କୌଣସି ବ୍ୟକ୍ତିର ନାମ ଛାପିବା—
Nāṅ uṭhā(ṭhe)ibā
नामउठान To publish the name of a person in newspapers.
नामनिकालना
୨ । ଗୁରୁଣ୍ଡି ଆଦିରେ କୌଣସି ବ୍ୟକ୍ତିର ନାମର ଟିକଟ ବାହାରକରି ଆଣିବା—2. To bring out the ticket in the name of a person in a lottery.

ନାଁ ଉଠିବା—ଦେ. କ୍ରି—୧ । ଖବରକାଗଜ ଆଦିରେ କୌଣସି ବ୍ୟକ୍ତିର ନାମ ମୁଦ୍ରିତ ହେବା—
Nāṅ uṭhibā
नाम उठा 1. The publication of a person's name in the newspapers.
नाम निकलना
୨ । ଗୁରୁଣ୍ଡି ଆଦିରେ କୌଣସି ବ୍ୟକ୍ତିର ନାମର ଟିକଟ ବାହାରିପଡ଼ିବା—2 The coming out of a ticket bearing a person's name in a lottery or ballot.
୩ । ନାଁ ପଡ଼ିବା (ଦେଖ)
3. Nāṅ paṛibā (See).

ନାଁଏ—ଦେ. ଅ—ନାମରେ—By the name (of).
Nāṅe ନନ୍ଦ ତାହାର ପୁତ୍ର ହୋଏ
(ନାଏଁ—ଅନ୍ୟରୂପ) ତା ପୁତ୍ର ପୁଣ୍ୟସ୍ୱନ ନାଁଏ । ଜଗନ୍ନାଥ. ଭାଗବତ ।
नामे नामसे

ନା କଟା(ଟେ)ଇବା—ଦେ. କ୍ରି. କୌଣସି ଛାତ୍ର)—ବିଦ୍ୟାଳୟର ରେଜିଷ୍ଟରରୁ ଆପଣା ନାମ କର୍ତ୍ତିତ କରାଇବା—
Nā kaṭā(ṭe)ibā
नामकाटना To get one's name struck off the rolls of a school.
नामकटाना

ନାଁ କମା(ମେ)ଇବା—ଦେ. କ୍ରି—ଖ୍ୟାତି ଅର୍ଜନ କରିବା—
Nāṅ kamā(me)ibā To earn a reputation.
(ନାଁ ଗମେଇବା—ବିପରୀତ)
नामकामान नामकमाना

ନାଁ କରିବା—ଦେ. କ୍ରି—୧ । ଆପଣାର ସୁଯଶର ବିସ୍ତାର ହେବାଭଳି ଭଲ କାର୍ଯ୍ୟ କରିବା—1. To gain reputation as the result of one's good acts.
Nāṅ karibā
(ନାଅଁ କରିବା—ଅନ୍ୟରୂପ)

नामकरना ୨ । ଦେଶରେ ବିଖ୍ୟାତ ହେବା—
नामकरना 2. To become famous.
(ଯଥା—୪ ହରବଛଭ ବାବୁ କଟକରେ ଓକାଲତି କରି ଭାରି ଗୋଟାଏ ନାଁ କରିଥିଲେ ।)
୩ । କୌଣସି ବ୍ୟକ୍ତି ବା ସ୍ଥାନ ଆଦର ନାମ ଉଚ୍ଚାରଣ କରିବା-
3. To name a person or place.
(ଯଥା—ପୃଥିବୀର ୩ ଜଣ ବିଖ୍ୟାତ ବ୍ୟକ୍ତିଙ୍କ ନାମ କର ।)
୪ । ନାହିଁ କରିବା—4. To deny; to negative.

ନାଁ କାଟିଦେବା—ଦେ. କ୍ରି—୧ । କୌଣସି ବିଦ୍ୟାଳୟର ରେଜିଷ୍ଟରରୁ
Nān̄ kāṭidebā ଚୌଣସି ଛାତ୍ରର ନାମ କର୍ତ୍ତନ କରିବା—
(ନାଁ କାଟିବା—ଅନ୍ୟରୂପ) 1. To strike off the name of
नामकेटे देओया a student from the roll of a school.
नामकाटदेना
୨ । କୌଣସି ତାଲିକାରୁ କୌଣସି ବ୍ୟକ୍ତିର ନାମ କାଟିଦେବା—2. To strike off the name of a person from a list.

ନାଁ କୁ—ଦେ. ଅ—୧ । ନାମ ମାତ୍ର—
Nān̄ ku 1. Nominally; in name only.
(ନାଁଅଁକୁ—ଅନ୍ୟରୂପ) ୨ । ଅମୁକର ନାମ ଉଲ୍ଲେଖ ହେବା ମାତ୍ରେ—
नाममात्र 2. At the mere mention of a person's name.
नामकेलये
(ଯଥା—ସ୍ୱମ ଗୋପାଳର ନାଁକୁ ଡରୁଛି ।)
୩ । ନାମ ମାତ୍ର; ଅତି ସାମାନ୍ୟରେ—
3. Very slightly.
(ଯଥା—ମୁ ତା ଦେହରେ ନାଁକୁ ହାତ ଲଗାଇ ଦେଇଛି ସେ କାନ୍ଦ ଉଠିଲା ।)
୪ । ବୃଥାରେ—4. In vain.
(ଯଥା—ଭୁ ନାଁକୁ ଖାଇ ବସିଲୁ, [ଅର୍ଥାତ୍ କିଛି ଖାଇଲୁ ନାହିଁ] ।)
୫ । କାର୍ଯ୍ୟତଃ ନ ହେଁ, କେବଳ ବାକ୍ୟରେ—
5. Not in deed but in name.
(ଯଥା—ଆଜିକାଲି କେବଳ ନାଁକୁ ବାଘସିଂହ ଅଛି, ଏଣେ ବର୍ତ୍ତଳରେ ଥରେ ତାଙ୍କର ଚୁଲି ଜଳିବା କଷ୍ଟକର ହେଲଣି ।)

ନାଁ ଗନ୍ଧ—ଦେ. ବି. (ସଂ. ନାମ ଓ ଗନ୍ଧ)—୧ । ସାମାନ୍ୟ ମାତ୍ର ସମ୍ପର୍କ—
Nān̄ gandha 1. Slightest connection.
(ନାଁଅଁ ଗନ୍ଧ—ଅନ୍ୟରୂପ) ୨ । ନାମ ମାତ୍ର ଉଲ୍ଲେଖ କରିବା;
नामगन्ध ସୂଚନା—2. Slight mention of a
नामनिशान(ना) matter; slight indication only.

ନାଁଗର—ପ୍ରାଦେ. (ବସ୍ତର) ବି—ଲଙ୍ଗଳ—
Nāṅgar Plough.

ନାଁଗର କାଁଦା—ପ୍ରାଦେ. (ବସ୍ତର) ବି—ଦେଶୀ ଆଳୁ—
Nāṅgar kāndā Yam.

ନାଁ ଗାଁ—ଦେ. ବି. (ସଂ. ନାମ ଓ ଗ୍ରାମ; ଅନର୍ଥକ ଦ୍ୱିରୁକ୍ତିସମ୍ବନ୍ଧ ଶବ୍ଦ)—
Nān̄ gān̄ ୧ । ସୁନାମ—1. Good name; fame.
नामधाम
नामगाँव ୨ । ଦୁର୍ନାମ—2. Bad name; evil repute.
୩ । ନାମୋଲ୍ଲେଖ—3. The mention of one's
(ନାଅଁ ଗାଅଁ—ଅନ୍ୟରୂପ) name.
୪ । (ନାମ+ଗ୍ରାମ) କୌଣସି ବ୍ୟକ୍ତିର ନାମ ଓ ବାସସ୍ଥାନ—
4. The name and address of a person.

ନାଁ ଚଢ଼ା(ଢେ)ଇବା—ଦେ. କ୍ରି—କୌଣସି ତାଲିକାରେ କୌଣସି
Nān̄ chardhā(rdhe)ibā ବ୍ୟକ୍ତିର ନାମ ପୂରଣ କରିବା—
नामचढ़ान **नामचढ़ाना** The enter a person's name in a list.

ନାଁ ଚଢ଼ିବା—ଦେ. ବି—କୌଣସି ତାଲିକାରେ କୌଣସି ବ୍ୟକ୍ତିର ନାମ
Nān̄ chardhibā ଦରଜ ହେବା—The inclusion or
नामचढ़ा **नामचढ़ा** entry of a person's name in a list.

ନାଁ ଜଗା(ଗେ)ଇବା—ଦେ. କ୍ରି—ଆପଣାର ସୁନାମରେ କଳଙ୍କ ନ
Nān̄ jagā(ge)ibā ଲାଗିବା ପ୍ରତି ସାବଧାନ ହେବା—
(ନାଁ ଜଗିବା—ଅନ୍ୟରୂପ) To guard one's good repuration; to be careful in preseeving one's good name.
नामराखा
नामरखना; नामजगाना

ନାଁ ଡାକ—ଦେ. ବି—୧ । ଖ୍ୟାତି; ସମ୍ମାନ; ପ୍ରସିଦ୍ଧି; ସୁନାମ—
Nān̄ ḍāk Reputation; good name.
(ନାଁ ଡାକୁ—ଅନ୍ୟରୂପ) ୨ । ଖାତିର; ପଡ଼ିଆରି
नामडाक **नामकाडाक** 2. Credit,

ନାଁ ଡୁବା(ବେ)ଇବା—ଦେ. କ୍ରି—ନାଁ ପକାଇବା (ଦେଖ)
Nān̄ ḍubā(be)ibā Nān̄ pakāibā (See)
नामडुबान **नामडुबाना**

ନାଁ ଦିଆ—ଦେ. ବି.—୧ । ନାମକରଣ—
Nān̄ diā 1. Giving a name to a person.
नाम देओया ୨ । ବାଳକର ନାମକରଣ ଉତ୍ସବ—2. The festival of giving a name to a baby; baptism.
नामकरन
ନାଅଁ ଦିଆ ⎫
ନାଁଅଁ ଦିଆ ⎬ ଅନ୍ୟରୂପ
ନା ଦିଆ ⎭
୩ । ପ୍ରହେଳିକା—
3 A riddle.
हियालि **बुझौवल**

ନାଁ ଦେବା—ଦେ. କ୍ରି.—୧ । ଶିଶୁର ନାମକରଣ କରିବା—
Nān̄ debā 1. To baptise an infant; to give a name to an infant.
नाम देओया
नाम देना ୨ । ପ୍ରହେଳିକା ପ୍ରଶ୍ନ କରିବା—
हिँयालि बला 2. To put a riddle to a person.
बुझौवल देना ୩ । କୌଣସି ବ୍ୟକ୍ତିର ବା ବସ୍ତୁର ପରିଚୟ ପାଇଁ ତାକୁ ଗୋଟିଏ ସ୍ୱତନ୍ତ୍ର ନାମ ଦେବା—3. To call a person or thing by a certain name for identification.

ନାଁ ଧରିବା—ଦେ. କ୍ରି.—୧ । କୌଣସି ଅନୁଚ୍ଚାର୍ଯ୍ୟ ନାମ ଉଚ୍ଚାରଣ
Nān̄ dharibā କରିବା—1. To utter a name which one ought not to utter.
ନାଅଁ ଧରିବା ⎫
ନାଁଅଁ ଧରିବା ⎭ —ଅନ୍ୟରୂପ

[ଦ୍ର—"ଅଗ୍ନ ନାମ ଗୁରୋ ର୍ନାମ ନାମାତ୍ତକୃପଣସ୍ୟ ଚ, ଶ୍ରେୟଃ କାମୋ ନ ଗୃହ୍ଣୀୟାତ୍ ଜ୍ୟେଷ୍ଠାପତ୍ୟକଳତ୍ରୟୋଃ" ଅପଣା ନାମ, ଗୁରୁଜନଙ୍କ ନାମ, କୃପଣ ବା ଅଦାତାର ନାମ, ବଡ଼ ପୁଅର ନାମ ଓ ସ୍ତ୍ରୀର ନାମ ଉଚ୍ଚାରଣ କରିବା ଶାସ୍ତ୍ରରେ ନିଷିଦ୍ଧ । ଏଥିପାଇଁ ସ୍ତ୍ରୀ ଲୋକମାନେ ଗୁରୁଜନଙ୍କ ନାମର ପ୍ରଥମ ଅକ୍ଷରକୁ ବଦଳାଇ ଅନ୍ୟ ଅକ୍ଷର ଲଗାଇ ଉକ୍ତ ନାମ ଉଚ୍ଚାରଣ କରନ୍ତି, ଯଥା ବାସୁ ସ୍ଥାନରେ ନାସୁ, ଗୋପୀ ସ୍ଥାନରେ ନୋପୀ, ସୁଧା ସ୍ଥାନରେ ସାଧା ଇତ୍ୟାଦି । କୃପଣର ନାମ ଉଚ୍ଚାରଣ କଲେ ସେ ଦିନ ଭାତ ଖାଇବାକୁ ମିଳେ ନାହିଁ ବୋଲି ଲୋକେ ବିଶ୍ୱାସ କରନ୍ତି ।]

ନାମ ଧରା ୨ । ତତ୍ତ୍ୱ ବୁଝିବା; ଖବର ଅନ୍ତର ବୁଝିବା—
नामधरना, नामलेना 2. To take care of; to enquire after.

୩ । (କୌଣସି କାର୍ଯ୍ୟ କରିବା ପାଇଁ) ଇଚ୍ଛା ପ୍ରକାଶ କରିବା—3. To express one's will (for doing anything.)

୪ । (କୌଣସି ବିଷୟର) ଉଲ୍ଲେଖ କରିବା—
4. To name; to mention a matter.
(ଯଥା—ତା ଆଗେ ସଂସାର ବିଷୟର ନାମ ଧରିଲେ ସେ ଚିଡ଼ୁଛି ।)

୫ । କୌଣସି କାର୍ଯ୍ୟ ପ୍ରତି ଆଦୌ ମନୋଯୋଗ ଦେବା ବା କୌଣସି କାର୍ଯ୍ୟ ଆଦୌ କରିବା—
5. To attend to a matter at all.
(ଯଥା—ଟୋକାଟା ପାଠର ନାଁ ଧରିଲା ନାହିଁ ।)

୬ । (ଶୁଆ ଶାରୀ ଆଦି ପକ୍ଷୀ) ସେମାନଙ୍କୁ ଶିକ୍ଷା ଦିଆ ନାମକୁ ଉଚ୍ଚାରଣ କରିବା-6. To lisp the names taught (said of parrots and Myna bird.

୭ । କୌଣସି ବ୍ୟକ୍ତିର ସମ୍ପର୍କୀୟ ବ୍ୟକ୍ତିଙ୍କ ନାମ ଧରି ଗାଳି ଦେବା—7. To call names by alluding to a person's relations.
(ଯଥା—ସେ ମୋ ବାପ ଅଜାଙ୍କ ନାଁ ଧରିଲେ ମୁଁ ତାକୁ କଷ୍ଟେ ଛାଡ଼ିବି ନାହିଁ ।)

୮ । କୌଣସି ବ୍ୟକ୍ତିଙ୍କ ନାମ ଉଚ୍ଚାରଣ କରିବା—
8. To utter the name of a person.

ହନୁ ତୁ କାହିଁ ଅଇଲୁ, ଶ୍ରୀରାମ ନାମ ଧରିଲୁ ।
ବିଶ୍ୱନାଥ, ବିଚିତ୍ର ରାମାୟଣ ।

[ଦ୍ର— ସକାଳୁ ଉଠି ଦେବତା, ପୁଣ୍ୟାତ୍ମା ଓ ପୁଣ୍ୟଶ୍ଳୋକ ବ୍ୟକ୍ତିଙ୍କ ନାମ ଉଚ୍ଚାରଣ କରିବା ଶୁଭଜନକ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି ।]

ନାଁ ପକା(କେ)ଇବା—ଦେ.କ୍ରି.—ସୁଯଶ ଲୋପ ହେବା ଭଳି କର୍ମ କରିବା; Nāñ pakā(ke)ibā କୁକର୍ମଦ୍ୱାରା ଅପଣାର ବା ପିତୃପିତାମହଙ୍କ
नाम डुबाना ସୁଯଶରେ କଳଙ୍କ ଲଗାଇବା—To sully one's
नाम डुबाना good name or reputation by doing some evil deed or omitting to do a good act.

[ନା (ନାଁ)ଅଁ ପକା(କେ)ଇବା, ନା(ନାଁ) ଅଁ ଠାଁ ପକା(କେ)ଇବା, [ନା (ନାଁ)ଅଁ ବୁଡ଼ା(ବେ)ଇବା, ନା(ନାଁ)ଅଁ ସରା(ରେ)ଇବା, ନାଁଅଁ ସାରିବା—ଅନ୍ୟରୂପ)

ନାଁ ପଡ଼ିବା - ଦେ. କ୍ରି.—୧ । କୌଣସି ବ୍ୟକ୍ତିର ସୁଖ୍ୟାତି ରଟନା
Nāñ pardibā ହେବା—1. The spreading of one's
ନାମହଓଯା **नाम पड़ना** reputation.

ନା(ନାଁ)ଅଁ ପଡ଼ିବା
ନାଁଅଁ ବାଜିବା
ନାଁ ବଜିବା } ଅନ୍ୟରୂପ
ନାଁ ଗାଁ ଇତ୍ୟାଦି
ନାଁ ହେବା

ସଚ୍ଚରିତ୍ରତା ଯୋଗୁଁ ସବୁଠାରେ ତୁମ୍ଭର ନାଁ ପଡ଼ିଛି । ରାଧାନାଥ. ବେଙ୍ଗ ।

୨ । କଳଙ୍କ ବା ଅପଯଶର ରଟନା ହେବା—
2. The spreading of one's evil repute; notoriety.

ଦେଖିଲେ ଚୋରେଇଲେ ନାଁ ପଡ଼େ,
ବାଟରେ ହଗିଲେ ନାଁ ପଡ଼େ । ଢଗ ।

ନାଁ ରଖିବା—ଦେ. କ୍ରି.—୧ । କୌଣସି ବସ୍ତୁ ବା ବ୍ୟକ୍ତିର ନାମକରଣ
Nāñ rakhibā କରିବା—1. To give a name to a person or thing.

[ନା(ନାଁ) ଅଁ ରଖିବା—ଅନ୍ୟରୂପ] ୨ । ନିଜର ସୁକାର୍ଯ୍ୟଦ୍ୱାରା ପୂର୍ବ
ନାମ ରାଖା ପୁରୁଷଙ୍କ ଯଶକୁ ବଜାୟ ରଖିବା—2. To maintain
नाम रखना the reputation of one's ancestors by one's good actions.

୩ । ଦୂର ଭବିଷ୍ୟତ ପର୍ଯ୍ୟନ୍ତ ନିଜର ଖ୍ୟାତି ରହିବା ଭଳି କାମ କରିବା—3. To leave a good name for the future.

ନାଁ ରହିବା—ଦେ.କ୍ରି—ବହୁକାଳ ବା ଭବିଷ୍ୟତକୁ ଖ୍ୟାତି ଅକ୍ଷୁଣ୍ଣ ରହିବା-
Nāñ rahibā The continuance of one's good
ନାମ ଥେକେ ଯାଓଯା name for a long time to come.
नाम रहजाना, नाम बना रहना
[ନାମ ରହିଯିବା, ନା (ନାଁ)ଅଁ ରହିବା—ଅନ୍ୟରୂପ]

ନାଁରୁ—ଦେ. ଅ—ନାରୁ (ଦେଖ)
Nāñru Nāru (See)

ନାଁରେ—ଦେ. ଅ—୧ । ଅମୁକ ଲୋକର ବିପକ୍ଷରେ—
Nāñre 1 Against (a person).
ନାମେ (ଯଥା—ତା ନାଁରେ ଭୁଆସୁଣୀ ବାହାରିଛି ।)
नामसे ୨ । ଅମୁକର ନାମ ଉଲ୍ଲେଖ କରି; ଅମୁକ ସମ୍ବନ୍ଧରେ—

ନାଆଁରେ } ଅନ୍ୟରୂପ
ନାଁଆଁରେ }

2. By mentioning the name of a person; in respect of.
(ଯଥା—ତା ନାଁରେ ଅନେକ ଦାନ ପୁଣ୍ୟ କାର୍ଯ୍ୟ ଲୋକେ କହୁ ଅଛନ୍ତି ।)

୩ । ଦେବତା ଓ ରାଜା ଆଦିଙ୍କ ନାମର ଦୁହାଇ ଦେଇ—
3. By invoking the name of a Deity or King.
(ଯଥା—ହର୍ଷଙ୍କ ନାଁରେ ରୋଗୀ ଉପରେ ମନ୍ତ୍ରାଏ ପାଚୁକ ପାଣି ଛାଟି ଦେଲାରୁ ରୋଗୀ ଭଲ ହୋଇଗଲା ।)

୪ । ଅନ୍ୟଙ୍କୁ ଅମୁକ ବ୍ୟକ୍ତିର ନାମ ଦେଇ—
4. By giving the name of a person to another.

(ଯଥା—ମୁଁ ଯେବେ ଏ କଥା ନ କରିବି ତେବେ ତୁ ମୋ ଣାଁରେ କୁକ୍କୁର ପାଳିବୁ ନାହିଁ ।)

୫ । ଅମୁକ ବ୍ୟକ୍ତିର ହିସାବରେ—

5. To the account of a person.

(ଯଥା—ଜମାଖରଚ ବହିରେ ମୁଁ ତାଙ୍କ ଣାଁରେ ଟ ୨୫୯ ଜମା ଦେଇ ଟ ୨୨୯ ଖରଚ ଲେଖିଲି ।)

ଣାଁରେ କୁକ୍କୁର ନ ପାଳିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଅତ୍ୟନ୍ତ ଘୃଣା
Nāñre kuttā na pālibā କରିବା—To detest a
(ଣାଁରେ କୁକ୍କୁର ପାଳିବା—ଅନ୍ୟରୂପ) person.
নামে কুত্তা পালা नामका कुत्ता न पालना

[ଦ୍ର—ସେହି ନାମରେ ଯେବେ କୁକ୍କୁର ପାଳିବାକୁ ହେବ ତେବେ କୁକ୍କୁରକୁ ଡାକିଲାବେଳେ ତ ସେହି ଘୃଣ୍ୟ ନାମ ଉଚ୍ଚାରଣ କରିବାକୁ ହେବ । ଯାହାକୁ ଘୃଣା କରାଯାଏ ତା ନାମ ମୁହଁରେ ଉଚ୍ଚାରଣ କରିବାକୁ ହେବ ନାହିଁ ।]

ଣାଁରୋ—ଦେ. ଅ—ନାରୋ (ଦେଖ)
Nāñro Nāro (See)

ଣାଁ ଲେଖା(ଖେ)ଇବା—ଦେ. କ୍ରି—କୌଣସି ବିଦ୍ୟାଳୟରେ ଛାତ୍ର ରୂପେ
Nāñ lekhā(khe)ibā ବା ସଭାରେ ବା ଦଳରେ ସଭ୍ୟ ରୂପେ
নাম লিখান ଭର୍ତ୍ତି ହେବା—To get oneself enrolled
नाम लिखाना in a school or company or batch; to
(ଣାଁ ଲେଖା, ଣାଁ ଲେଖେଇ—ଗ୍ରା) be admitted to a brother-hood or sisterhood.

ଣାଁ ଲେଖିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ନାମକୁ ତାଲିକା-
Nāñ lekhibā ଭୁକ୍ତ କରିବା—1. To enlist a person;
নাম লেখা to Enteraperson's name.
नाम लिखना ୨ । କୌଣସି ଛାତ୍ରର ନାମକୁ ବିଦ୍ୟାଳୟର ରେଜିଷ୍ଟର-ଭୁକ୍ତ କରିବା—2. To admit a boy into a school.

୩ । ନିଜର ନାମ ସ୍ୱୟଂ ଦସ୍ତଖତ୍ କରିବା—
3. To sign one's name.

ଣାଁ ସରା—ଦେ. ବି—ବଦନାମି; ଅଖ୍ୟାତି—Evil name; discredit.
Nāñ sarā ଦେ. ବିଣ—୧ । ଅଖ୍ୟାତିଜନକ (କର୍ମ)—
नाम धराई 1. Disreputable (act).
(ଣାଁ ସରେଇ—ଗ୍ରା) ୨ । (ପୁଂ)—ଅଖ୍ୟାତିଜନକ କର୍ମକାରୀ—
2. Doing a disgraceful or discreditable act.

ଣାଁ ସରା(ରେ)ଇବା—ଦେ. କ୍ରି—ଣାଁ ବୁଡ଼ାଇବା (ଦେଖ)
Nāñ sarā(re)ibā Nāñ dubāibā (See)
(ଣାଁ ସାରିବା—ଅନ୍ୟରୂପ)

ନାକ୍—ପ୍ରାଦେ. (ସମ୍ବଲପୁର) ବି—ନାକ—
Nāk Nose.

ନାକ୍ ଘଟ୍‌ରାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଘୁଙ୍ଗୁଡ଼ି ମାରିବା—
Nāk ghag-rāibā To snore.

ନାକ୍ ଘଡ଼ଡ଼ି—ଦେ. ବି—ଘୁଙ୍ଗୁଡ଼ି—
Nāk gharrdi Snoring.
নাক্ ডাকা, खर्राटा

ନାକ୍‌ଦମ୍—ଦେ. ବି—ନାକଦମ୍ (ଦେଖ)
Nāk-dam Nakadam (See)

ନାକ—ସଂ. ବି. (ନ=ନାହିଁ + ଅକ=ଅସୁଖ ବା ଦୁଃଖ; ଯେଉଁ-
Nāka ଠାରେ ଦୁଃଖ ନାହିଁ ; ବହୁବ୍ରୀହି)—
୧ । ସ୍ୱର୍ଗ—1. Heaven.
୨ । ଆକାଶ—2. Sky.
୩ । ନୃପବିଶେଷ—3. Name of king.

ଦେ. ବି. (ସଂ. ନକ୍ର=ନାକ; ନାସିକା)—
୧ । ନାସା; ନାସିକା—1. Nose.
୨ । ସ୍ତ୍ରୀ ଲୋକମାନଙ୍କର ନାକ ପୁଡ଼ାରେ ପିନ୍ଧାଯିବା ଲବଙ୍ଗ
নাক্ ପରି ଅଳଙ୍କାରବିଶେଷ—2. An ornament for
नाक the nose, resembling a clove.

[ଦ୍ର—ସ୍ତ୍ରୀ ଲୋକମାନେ ନାକର ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଅଳଙ୍କାର ପିନ୍ଧନ୍ତି । ଯଥା, ନାକଦଣ୍ଡିରେ—ଦଣ୍ଡୀ, ନୁଡ଼ୁକା ବା ନୋଲକ ବା ବୁଲାକି । ବାଆଁ ନାକ ପୁଡ଼ାରେ—ନୋଥ, ନାକଚଣା, ବସୁଣୀ । ଡାହାଣ ନାକ ପୁଡ଼ାରେ—ଗୁଣା, ବେଶର । ଦୁଇ ନାକ ପୁଡ଼ାରେ—ନାକ ଛବି, ନାକ ମାଛି, ନାକଚଣା, ଫୁଲି ।]

୩ । ବକ୍ର ଅଗ୍ର ଭାଗ—3. Curved tip.
୪ । ବଙ୍କା ମୁନ—4. Curved sharp point.
୫ । ହାତରେ ଧରିବା ପାଇଁ ଜଳପାତ୍ର ଅଗରେ ବାହାରିଥିବା ନାକ ପରି ହାତସା—5. Nozzle of a cup.
୬ । ଛୁଞ୍ଚର ଛିଦ୍ର ହୋଇଥିବା ଅଂଶ—6 The part or end of the needle having the eye.

ନାକ ଅଗ—ସଂ. ବି. (ସଂ. ନାସିକା + ଅଗ୍ର)—ନାସିକାର ଅଗ୍ର ଭାଗ;
Nāka aga ନାସାଗ୍ର—The tip of the nose.
নাকের ডগা नाक की नोक

ନାକ ଅଗରେ ରାଗ—ଦେ. ବି—ନାକଦଣ୍ଡିରେ ରାଗ (ଦେଖ)
Nāka agare rāga Nāka dandire rāga (See)

ନାକକଟା—ଦେ. ବିଣ—୧ । ଯାହାର ନାକ କଟା ଯାଇଥାଏ; କର୍ତ୍ତିତ-
Nākakatā ନାସିକ—1. One whose nose has been
নাককাটা lopped off; nose-clipt.
नककटा, नकटा ୨ । ପ୍ରକାଶ୍ୟରେ ଅତ୍ୟନ୍ତ ଅପମାନିତ—
2. Very much insulted in publicly; publicly humiliated.

ଦେ. ବି—୧ । ପ୍ରକାଶ୍ୟରେ ହଅଯିବା ଅପମାନ—
1. Public humiliation.
୨ । ପିଲାମାନଙ୍କୁ ଭୟ ଦେଖାଇବାପାଇଁ ସ୍ତ୍ରୀଲୋକଙ୍କ କଳ୍ପନା ଦ୍ୱାରା ରଚିତ ରାକ୍ଷସ; କୋକଶିଆ (ଏ ଅଜୁହା ପିଲା-ମାନଙ୍କ ନାକକୁ ଛୁରିରେ କାଟିନିଏ ବୋଲି ମାଆମାନେ ଶିଶୁକୁ ଡରାନ୍ତି)—2. A bugbear name of an

imaginary demon pictured by women (represented to be armed with a knife to lop off the nose of wicked children) to frighten children to sleep.

ନାକ କାଟିବା—ଦେ. କ୍ରି—(ଲକ୍ଷଣାର୍ଥ) ପ୍ରକାଶ୍ୟରେ ଅପମାନିତ କରିବା—To insult publicly.
Nāka kātibā
(ନାକ କାଟିଦେବା—ଅନ୍ୟରୂପ) ମୁଁ ଯଦି ଏ କାମ ନ କରିପାରେଁ, ମୋ ନାକ କାଟିଦେବ—ଫକୀରମୋହନ. ଛମାଣଆଠଗୁଣ୍ଠ ।

ନାକ କାନ—ଦେ. ବି (ସଦତର)—ନାସିକା ଓ କର୍ଣ୍ଣ—
Nāka kāna — The nose and the ear.
नाककान नाककान

ନାକ କାନ ମୋଡ଼ିହେବା—ଦେ. କ୍ରି—୧ । ବଡ଼ ହଇରାଣ ହେବା—
Nāka kāna mordihebā 1. To be greatly troubled or harassed.
नाककानपकड़ना
ମୁଁ ଏଥିରେ ପଡ଼ି ନାକ କାନ ମୋଡ଼ି ହେଲିଣି ।
ଉତ୍କଳ. ସୌ.ଭ ।
୨ । ଆପଣାର ଦୋଷ ବା ତ୍ରୁଟି ସ୍ୱୀକାର କରିବା—
2. To confess one's fault.
୩ । ଭବିଷ୍ୟତରେ କୌଣସି ନିର୍ଦ୍ଦିଷ୍ଟ କାମ ନ କରିବାପାଇଁ କବୁଲ୍ କରିବା—3. To promise not to do any particular thing in future.
୪ । ଅନୁତାପ ପ୍ରକାଶ କରିବା—
4. To express repentance.

ନାକ କାନ୍ଦଣା—ଦେ. ବି—୧ । ସାମାନ୍ୟ କଥାରେ କାନ୍ଦିପକାଇବା; ରଡ଼ିବା; ସକେଇହେବା—
Nāka kāndaṇā
(ନାକକାନ୍ଦୁଣୀ—ସ୍ତ୍ରୀ) 1. Crying with a nasal sound on slight provocation.
नाकेकान्ना
नकीयाना, नाकमेंबोलना, नकनकाना ୨ । (ଲକ୍ଷଣାର୍ଥ) ଅତି ଘନତା ଓ ବିନୟପୂର୍ବକ ପ୍ରାର୍ଥନା—
2. (figurative) Prayer accompanied by much humility.

ନାକ କାନ୍ଦୁରା—ଦେ. ବିଣ. ପୁଂ—ଯେଉଁ ଲୋକ ସାମାନ୍ୟ କଥାରେ ସକେଇକୋଇ କାନ୍ଦେ; ସକେଇ—
Nākakāndurā
नकियानेवाला (a person) Who cries with nasal sound on a slight provocation.
(ନାକକାନ୍ଦୁରୀ—ସ୍ତ୍ରୀ)

ନାକ କାନ୍ଦୁରି—ପ୍ରାଦେ (ପୁରୀ) ବି - ସ୍ତ୍ରୀ—ଲଜକୁଳିଲତା (ଦେଖ)
Nāka kānduri — Lājakuḷi latā (See).

ନାକ ଖୁଣ୍ଟିବା—ଦେ. କ୍ରି—ନାକର ରନ୍ଧ୍ର ମଧ୍ୟରେ ଅଙ୍ଗୁଠି ପୂରାଇ ରନ୍ଧ୍ର ମଧ୍ୟରେ ଥିବା ମଇଳା ସଫା କରିବା—
Nāka khuṇṭibā
नकखोंटा To cleanse the nostrils with one's finger.
नाकखेटना (ନାକଖୋଳିବା—ଅନ୍ୟରୂପ)
[ଦ୍ର—ଏହା କେତେକ ଲୋକଙ୍କର ଗୋଟିଏ ମନ୍ଦ ଅଭ୍ୟାସ ।]

ନାକ ଘଷା—ଦେ. ବି—୧ । ଭୂଇଁରେ ନାକ ଘଷିବାରୂପ ଦଣ୍ଡ;
Nāka ghashā (ଚାଟଶାଳୀରେ ପିଲାଙ୍କୁ ଶିକ୍ଷକ ଦେବା ପୁରୁଣାକାଳିଆ ଦଣ୍ଡ)—1. A kind of punishment in which the punished rubs his nose against the ground
नाकेखत
नाकघसना, नाकघिसनि
୨ । ହଲପଟା ଅବସ୍ଥା—
2. Harassment; botheration.
ଦେ. ବିଣ—ହଲପଟା; ଅସ୍ତବ୍ୟସ୍ତ—
Much troubled or harassed.

ନାକ ଘଷିବା—ଦେ. କ୍ରି—ଦଣ୍ଡସ୍ୱରୂପ ବା ଦୋଷ ସ୍ୱୀକାର ପୂର୍ବକ କଳର ନାକକୁ ଭୂଇଁରେ ବା ପଥରରେ ଘଷିବା—
Nāka ghashibā
नाकेखत; नाकघषा To rub one's nose against the ground or any rough substance as a punishment.
नाकरगड़ना; नाकघिसना

ନାକ ଘଷା(ଷେ)ଇବା—ଦେ. କ୍ରି—ଦଣ୍ଡ ସ୍ୱରୂପ ଛାତ୍ରଦ୍ୱାରା କଳର ନାକ ଭୂଇଁରେ ଘଷିବାରୂପ କର୍ମ କରାଇବା—
Nāka ghashā(she)ibā
नाकेखत देओया To cause an offending student to rub his nose on the ground.
नाकरगड़ाना

ନାକଚ୍—ବୈଦେ. ବିଣ. (ଅ. ନାକାସ୍ = ମନ୍ଦ; ଖରାପ)—ରଦ୍; ନାମଞ୍ଜୁର—Set aside; nullified; rejected; cancelled.
Nākach
नाकच रद्द; नाजायज

ନାକଚ୍ କରିବା—ଦେ. କ୍ରି—ରଦ୍ କରିବା—
Nākach karibā To reject; to set aside; to nullify; to concel.
नाकचकरा रद्दकरना, नाजायज करना

ନାକଚଣା—ଦେ. ବି—୧ । ନାକପୁଡ଼ାରେ ପିନ୍ଧାଯିବା ଏକପ୍ରକାର ଫୁଲ-
Nākachaṇā (ଅଳଙ୍କାର)—1. A small bit of gold
(ନାକଛବି, ନାକମାଛି—ଅନ୍ୟରୂପ) with a stem below a
नाककड़ाई; नाकछबि; नाकचाबि; नाकचोना bud worn on
नाकफुल; नकबेसर the bore on the side of the nostril.
ଶଙ୍କ ମନ୍ତ୍ର ବା କଳସ୍ୱ କାନ୍ତିଟି
ହାର ପାଟଙ୍କ ନାକଚଣା କର୍ଣ୍ଣି । ପ୍ରାଚୀ. ରହସ୍ୟମଞ୍ଜରୀ ।
[ଦ୍ର—ଏହାର ପ୍ରକାର —ଓଲଟ ମୁହାଁ; କଣି; ବଉଳକୋଳିଆ; ଅମ୍ବକେରିଆ ।]
୨ । ଏକପ୍ରକାର ଫୁଲ ଗଛ— [ଫ—ରୂପଗନ୍ଧା; ବଉଳମଞ୍ଜରୀ; ବଣରୂପୀ]—2. A kind of flower tree.

ନାକ ଚେପ୍ଟା—ଦେ. ବିଣ. ପୁଂ—ଯାହାର ନାକ ଚେପଟା; ଚେପଟା ନାକା—Flat-nosed.
Nāka chep-ṭā
खेँदानाक – चिपटीनाकवाला; नकपिच्चा
(ନାକଚେପ୍ଟୀ—ସ୍ତ୍ରୀ)

ନାକ ଛବି—ଦେ. ବି (ବଙ୍ଗଳାରୁ ଅନୁକୃତ)—ନାକ ପୁଡ଼ାରେ ପିନ୍ଧିବାର ଛବିଥିବା ଫୁଲ—
Nāka chhabi
नाकछबि A kind of nose-pin with a round top.
नाककालौंग

ନାକଛିଙ୍କ(ଙ୍କି)(ଙ୍କୁ)ଣି—ଦେ. ବି (ସଂ. ନାସିକା+ଛିକ୍କନୀ)—
Nākachhiṅka(ṅki)(ṅku)ṇi ବିଲନାସ (ଦେଖ)
नाकछिकनी Bilanāsa (See).
नकछिकनी

ନାକ ଛିଞ୍ଚଡ଼ା—ଦେ.ବି--ଘୃଣାରେ ନାକ ଦ୍ୱାରା ଉପର୍ଯ୍ୟୁପରି ଶବ୍ଦ କରିବା--
Nāka chhiñcharḍā Sniffing with the nose to
नाकसिकोड़ना indicate derision; sneering.
ଦେ. ବିଣ. ପୁଂ—ଯେଉଁ ପୁରୁଷ ସାମାନ୍ୟ କଥାରେ ନାକ
नाकसिकोड़नेयाला ଠାଉଁ ଠାଉଁ କରେ; ଅଳ୍ପ କ୍ରୋଧନସ୍ୱଭାବ
(ନାକଛିଞ୍ଚାଡ଼ି—ସ୍ତ୍ରୀ) (ବ୍ୟକ୍ତି)—Given to sniffing with the nose or sneering at slight thing.

ନାକ ଛିଞ୍ଚାଡ଼ିବା—ଦେ. କ୍ରି—ନାକ ଠାଉଁ ଠାଉଁ କରିବା; ଘୃଣା ବା
Nāka chhiñchārḍibā ଅସନ୍ତୋଷପ୍ରକାଶ କରିବାପାଇଁ ନାକକୁ
नाकसिटिकान; नाकबाँकान ଏ ପାଖ ସେ ପାଖ ବୁଲାଇ ଛିଙ୍କିବା;
नाकसिकोड़ना; नाकमारना ନାସିକା କୁଞ୍ଚନ କରିବା—
To make sniffing sounds by moving the nose indicating hatred or disapproval; to sneer

ନାକଛିଞ୍ଚାଡ଼ି—ଦେ. ବିଣ. ସ୍ତ୍ରୀ. (ନାକଛିଞ୍ଚଡ଼ାର ସ୍ତ୍ରୀଲିଙ୍ଗ)—ଯେଉଁ
Nāka chhiñchārḍi ସ୍ତ୍ରୀ ସାମାନ୍ୟ କଥାରେ ନାକ ଛିଞ୍ଚାଡ଼େ
ବା ଘୃଣା ପ୍ରକାଶ କରେ ବା ନାସିକା କୁଞ୍ଚନ କରେ—
(a woman) Given to sniffing or sneering at little things (feminine of Nākachhiñcharḍā)

ନାକଛିଣ୍ଡୀ—ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀର ନାସିକାର ପୁଡ଼ାରେ କସ
Nākachhiṇḍi ଯାଇଥିବା ଋଜ୍ଜୁ ଯୋଗୁଁ ନାକପୁଡ଼ାର ଆବରଣ
नककटी ଛିଣ୍ଡି ଯାଇଥାଏ—(a woman) Who
(ନାକଛିଣ୍ଡେଇ—ଅନ୍ୟରୂପ) has the wall of her nostril lacerated at the bore.
[ଦ୍ର—ଦେଖାଯାଏ ଯେ କେତେକ ସ୍ତ୍ରୀଲୋକଙ୍କ ନାକରେ କସିଯାଇ ଥିବା ଫୋଡ଼ରେ ପିନ୍ଧିଥିବା ଲେଥ, ଗୁଣା, ବସୁଣୀ ଆଦି ଏପରି ଭାର ହୋଇଥାଏ ଯେ ତାହା ଫୋଡ଼କୁ ବଢ଼ାଇ କରି ସେମାନଙ୍କ ନାକପୁଡ଼ାକୁ ଛିଣ୍ଡାଇ ପକାଏ ।]

ନାକଟା—ଦେ. ବିଣ. ପୁଂ. (ସଂ. ନାସିକା+କୃତ୍ତ; କର୍ତ୍ତିତ)—
Nākaṭā ୧ । ଯାହାର ନାକ ନ ଥାଏ ବା କଟା ହୋଇଅଛି—
नाककाटा 1. Noseless (Howells); having the nose lopped off.
नकटा
(ନାକଟୀ—ସ୍ତ୍ରୀ) ୨ । ଚେପଟାନାକା—
2. Flat nosed (Howells)

ନାକ ଠାଉଁ ଠାଉଁ—ଦେ. ବି—୧ । ନାକ ଛିଞ୍ଚାଡ଼ିବା; ନାସିକା କୁଞ୍ଚନ—
Nāka ṭāuñ ṭāuñ 1. Sniffing with derision.
नाकतोला; नाक बाँकान ଗୁହାରୁ ଏତେ ! ମୁହଁ ନାହିଁ ଗୋଡ଼ କରଡ଼ କେତେ !
नाक भौं चढ़ाना ଠେଲନ୍ତି ଘୃଣାରେ ନାକ ଠାଉଁ ଠାଉଁ, ଥୁକା ଘୃଣା
(ନାକଡଆଁ—ଅନ୍ୟରୂପ) ଏଲେ ତୁଅନ୍ତୁ କେତେ—ଚଗ ।

୨ । କ୍ରୋଧରେ ନାକ ଫୁଲାଇବା—
2. Swelling of the nostrils with rage.

ନାକ ଟେକିବା—ଦେ. କ୍ରି—ନାକ ଛିଞ୍ଚାଡ଼ିବା (ଦେଖ)
Nāka ṭekibā Nāka chhiñchārḍibā (See)

ନାକ ଡାକ—ଦେ. ବି—ଶୋଇଲାବେଳେ ନିଶ୍ୱାସିବା ଘୁଙ୍ଗୁଡ଼ି—
Nāka ḍāka Snoring during sleep.
नाकसाट **घर्राटा लेना; नाक मारना**
(ନାକ ଡାକିବା—ଅନ୍ୟରୂପ)

ନାକଡିଆଁ—ଦେ. ବିଣ. ଓ ବି. ପୁଂ—ନାକ ଛିଞ୍ଚଡ଼ା (ଦେଖ)
Nākaḍiāñ Nāka chhiñcharḍā (See)
(ନାକଡିଆଁଣି; ନାକଡେଇଁ—ସ୍ତ୍ରୀ)

ନାକ ଡିଆଁଇବା—ଦେ. କ୍ରି—ନାକ ଛିଞ୍ଚାଡ଼ିବା (ଦେଖ)
Naka ḍiañibā Nāka chhiñchārḍibā (See)
(ନାକ ଡେଇଁବା; ନାକ ଠାଉଁ ଠାଉଁ କରିବା—ଅନ୍ୟରୂପ)

ନାକଦଅଣା—ଦେ. ବି. (ସଂ. ନାଗଦମନକ)—ନାଗଦଅଣା (ଦେଖ)
Nākada-aṇā Nāgada-aṇā (See)
नागदना **नागदौना**

ନାକ ଦଉଡ଼ି—ଦେ. ବି—ବଳଦ ଓ ମଇଁଷି ଆଦିଙ୍କୁ ଚଳାଇବା ଓ ବଶୀଭୂତ
Nāka daurḍi କରିବା ପାଇଁ ସେମାନଙ୍କ ନାକ ଫୋଡ଼ା ହୋଇ
नथ ଫୋଡ଼ ମଧ୍ୟରେ ଯେଉଁ ସୂତୁଲି ଗଳା ଯାଇଥାଏ—
नाकेदड़ि Nose-string.

ନାକ ଦଣ୍ଡା—ଦେ. ବି—ନାସିକାର ପୃଷ୍ଠଦେଶ; ଭ୍ରୂ ମଧ୍ୟରୁ ନାସାଗ୍ର
Nāka daṇḍā ପର୍ଯ୍ୟନ୍ତ ଲମ୍ବ ଅଂଶ—The back or bridge
नाकेर दाँड़ा **नाककाबाँस** of the nose.
ରୋଗୀର ଅବୟବ ସ୍ଥାନେ ସ୍ଥାନେ ଫୁଲିଅଛି; ନାକଦଣ୍ଡା ଫାଟିଯାଇ ରକ୍ତ ବହୁଅଛି—ଫକୀରମୋହନ. ଛମାଣ ଅଠଗୁଣ୍ଠ ।

ନାକ ଦଣ୍ଡି—ଦେ. ବି. (ସଂ. ନାକ+ଦଣ୍ଡ)—
Nāka daṇḍi ୧ । ଦୁଇ ନାକପୁଡ଼ାର ମଧ୍ୟସ୍ଥ ଅଂଶ—
नाकेर डाँटी 1. The partition wall between the two nostrils.
नाकका बाँसा
୨ । ଦଣ୍ଡିନାକ; ନାକର ଯେଉଁ ଅଂଶରେ ଛିଦ୍ର ହୋଇ ଦଣ୍ଡି ପିନ୍ଧାଯାଏ—
2. The septum of the nose; septulum.
୩ । ନାସିକାଗ୍ର—3. The tip of the nose.

ନାକଦଣ୍ଡିରେ ରାଗ—ଦେ. ବାକ୍ୟ. ବି—ସାମାନ୍ୟ କଥାରେ ରାଗିଯିବା
Nākadaṇḍire rāga ପ୍ରକୃତି—Irritability in slight
नाकपर गुस्सा matters.

ନାକଦମ୍—ଦେ. ବି. (ଓ. ନାକ+ଫା. ଦମ୍=ନିଶ୍ୱାସ; ନାକରେ
Nākadam ନିଶ୍ୱାସ କଢ଼ିବା ଅବସ୍ଥା)—
(ନାକେଦମ୍—ଅନ୍ୟରୂପ) ୧ । ଯୁଗବୁଡ଼ା ଅବସ୍ଥା; ଅଳ୍ପ ଅକାଳ
ଅବସ୍ଥା—1. Overpowered condition; the state of being cornered.
୨ । ବେଦମ୍ ଅବସ୍ଥା—
2. The state of being out of breath.

୩ । ହଇରାଣିଆ ଅବସ୍ଥା—
3. The state of being put to much trouble.

ନାକେଦମ୍; ନାକାଲ୍ ଦେ. ବଣ ଓ କ୍ରି. ବଣ—୧ । ଅତ୍ୟନ୍ତ ଆକ୍ରାନ୍ତ—
नाकमेंदम; नाकोंदम 1. Overpowered.
୨ । ବେଦମ୍—
2. Out of breath; at the last gasp.
୩ । ଅତ୍ୟନ୍ତ କ୍ଳାନ୍ତ—
3. Fatigued; spent up.
୪ । ହଇରାଣ—
4. Put to much trouble or botheration.

ନାକ ନଟୀ—ସ. ବି. (ଷଷ୍ଠୀ ତତ୍; ନାକ+ନଟୀ)—ଅପ୍ସରା—
Nāka naṭi Heavenly nymph.

ନାକ ପୁଡ଼ା—ଦେ. ବି. (ସ. ନାସିକାପୁଟ)—୧ । ନାସାରନ୍ଧ୍ର;
Nāka purḍā ନାସିକାରନ୍ଧ୍ର—1. The nostrils.
নাকের পাতা ୨ । ନାସାରନ୍ଧ୍ରର ବାହାରର ଚମଡ଼ା—
नथुना, नथना 2. The outer skin of the nostrils; lobes of the nose.

ନାକ ପୁଡ଼ୁକି—ଦେ. ବି—୧ । ନାକଫୁଲ—
Nāka purḍuki 1. An ornament for the nose.
(ନାକଫୁଡ଼ୁକି—ଅନ୍ୟରୂପ) ୨ । ନାକଦ୍ୱାରା କରାଯିବା ଶବ୍ଦ—
2. A sound produced by the nose.

ନାକ ପୋଛିବା—ଦେ. କ୍ରି. (ସ. ନାସିକା+ପ୍ରୋଞ୍ଛନ)—ନାକଦ୍ୱାରା
Nāka pochhibā ସୁଁ ଶବ୍ଦ କରି ସିଙ୍ଘାଣି ଆଦି ବାହାର କରିବା
নাকঝাড়া ପାଇଁ ଅଙ୍ଗୁଳିଦ୍ୱାରା ପୋଛିବା —To clear one's
नाक सिनकना; नाक सुरकना nostrils by blowing and then pressing with the fingers.

ନାକ ପୋଛିବାକୁ ସମୟ ନ ଥିବା(ହେବା)— ଦେ. ବି—କାର୍ଯ୍ୟର ଜଞ୍ଜା-
Nāka pochhibāku samaya na thibā(hebā) ଳରେ
নাকানি চোপানি ଅତ୍ୟନ୍ତ ବ୍ୟତିବ୍ୟସ୍ତ ଥିବା ଯୋଗୁଁ ଅନ୍ୟ ବିଷୟ-
ମାନଙ୍କ ପ୍ରତି ମନ ଦେବାକୁ ସମୟ ନ ମିଳିବା; କାର୍ଯ୍ୟର
ଭିଡ଼ ଯୋଗୁଁ ଅବସରର ଅଭାବ—There being no liesure even to cleanse one's nostrils; want of even a little leisure.

ନାକ ଫାଟିଯିବା—ଦେ. ବି.—କୌଣସି ସ୍ଥାନର ବା ବସ୍ତୁର ଦୁର୍ଗନ୍ଧ
Nāka phāṭijibā ନାସିକାର ଅସହ୍ୟ ହେବା—The arising
নাক ঝাঁঝা করা of a very offensive or unbearable
नाक फटने लगना smell from a place or thing.
(ନାକ ଫାଟ ପଡ଼ିବା—ଅନ୍ୟରୂପ)

ନାକ ଫାଶିଆ—ଦେ. ବି—ନାକଫୋଡ଼ରେ ପିନ୍ଧାଯିବା ଫାଶିଆ ବା ସାଧା
Nāka phāsia ରିଙ୍ଗ୍—A thin ring put on the bore
नथानी of the nostril.

ନାକ ଫୁଡ଼ୁକା(କି)—ଦେ. ବି. (ସ. ନାସିକା+ଧ୍ୱନ୍ୟନୁକରଣ ଶବ୍ଦ
Nāka phurḍukā(ki) ଫୁଡ଼ୁକା)—ନାକଦ୍ୱାରା କରାଯିବା ଶବ୍ଦ—
नाक फड़फड़ाना Sound made by blowing through the nose.

ନାକ ଫୁଲ(ଲି)—ଦେ. ବି—ନାକପୁଡ଼ାର ରନ୍ଧ୍ରରେ ପିନ୍ଧାଯିବା ନାକ୍ତିଯୁକ୍ତ
Nāka phula(li) ସାନ ଗୁଣା—A kind of small budlike
নাকফুল **नाकफूल** pin for the nostril

ନାକ ଫୁଲା—ଦେ. ବି—କ୍ରୋଧରେ ନାକପୁଡ଼ା ସ୍ଫୀତ ହେବା—
Nāka phulā The swelling of the nostrils (due
নাকতোলা **नकचढ़ा** to anger).
ଦେ. ବଣ. ପୁଂ—ନାକଫୁଲାଇର ପୁଂଲିଙ୍ଗ—
Masculine of Nākaphulāi.

ନାକ ଫୁଲା(ଲେ)ଇବା—ଦେ. ବି—୧ । କ୍ରୋଧରେ ଫଁ ଫଁ ହେବା—
Nāka phulā(le)ibā 1. To snarl or hiss with
নাক তোলা the nose through anger.
नाक चढ़ाना, ୨ । ଘୃଣାରେ ନାକ ପୁଡ଼ାକୁ ବଡ଼ କରିବା—
नथना फुलाना 2. To sneer; to puff up one's nose; to turn up the nose.
୩ । ସ୍ନେହାବେଗରେ ବା ଆନନ୍ଦରେ ନାକ ପୁଡ଼ାକୁ ବଡ଼ କରିବା—
3. To puff up one's nose in affection or delight.

ନାକ ଫୁଲା(ଲେ)ଇ—ଦେ. ବଣ—୧ । କ୍ରୋଧାନ୍ୱିତା ବା ରାଗୋଇ (ସ୍ତ୍ରୀ);
Nāka phulā(le)i ଚଡ଼ଲ ସ୍ୱଭାବବିଶିଷ୍ଟା; କ୍ରୋଧନା—
नकफुल्ली, नकचढ़ी 1. Irritable (woman).
୨ । ନାକ ଛିଞ୍ଚାଡ଼ି (ସ୍ତ୍ରୀ)—
2. Sneering (woman).

ନାକ ଫୋଡ଼—ଦେ. ବି—ଅଳଙ୍କାର ଆଦି ପିନ୍ଧିବା ପାଇଁ ନାକରେ
Nāka phorḍa କରାଯିବା ରନ୍ଧ୍ର—
নাকের ছেঁদা, নাকের বিংদ Perforation made in the nose
नाक छेद, नथना for wearing ornaments.
(ନାକ ବିନ୍ଧ—ଅନ୍ୟରୂପ)

ନାକ ଫୋଡ଼ା—ଦେ. ବଣ. ପୁଂ—ଯାହାର ନାକପୁଡ଼ାରେ ବା ନାକ-
Nāka phorḍā ଦଣ୍ଡିରେ ଛିଦ୍ର କରାଯାଇ ଥାଏ; ନାସାଛିଦ୍ରା—
नक छेदी One whose nose has been bored through.
ନାକ ଫୋଡ଼ / ନାକ ଫୋଡ଼ିଆ } ଅନ୍ୟରୂପ
(ନାକଫୋଡ଼ୀ—ସ୍ତ୍ରୀ) ଦେଖନ୍ତୁ ନାକଫୋଡ଼ା, ପଶ୍ଚାଦ୍ବର୍ତ୍ତୀ ଅପର୍ତ୍ତିଆଣୀ—ତଗ ।
[ଦ୍ର—ଗୁଣା ଆଦି ପିନ୍ଧିବା ପାଇଁ ସ୍ତ୍ରୀ ଲୋକଙ୍କ ନାକ ଫୋଡ଼ା ଯାଏ । ଅପର୍ତ୍ତିଆଣୀଙ୍କ ନାକ ମଧ ଫୋଡା ହୁଏ । ବଳଦ ଓ ମଇଁଷିଙ୍କ ନାକ ଫୋଡ଼ା ଯାଇ ତହିଁରେ ଦଉଡ଼ି ଗଳା ଯାଏ ।]
ଦେ. ବି—୧ । ଅଳଙ୍କାର ପିନ୍ଧିବା ପାଇଁ ନାକପୁଡ଼ା ବା ନାକ ଦଣ୍ଡିରେ ଛିଦ୍ର କରଣ—1. Boring of the nose.
୨ । (ପୁଂ) ଅପର୍ତ୍ତିଆଣୀଙ୍କ ନାମ—
2. A name given to Aparttiāṇi boys.

ନାକ ଫୋଡ଼ିବା—ଦେ. କ୍ରି—୧ । ଅଳଙ୍କାର ଆଦି ପିନ୍ଧିବା ପାଇଁ ନାକ
Nāka phorḍibā ପୁଡ଼ାର ଚମରେ ବା ନାକ ଦଣ୍ଡିରେ ଛିଦ୍ରକରିବା-
নাক ফোড়া, নাক বিঁধান 1. To bore through the
नाक बींधना, नाक छेदना outer skin of the nostrils
[ନାକ ଫୋଡ଼ା(ଡ଼େ)ଇବା—ଣିଜନ୍ତରୂପ] or the septum.

[ଦ୍ର—ସ୍ତ୍ରୀ ଲୋକମାନଙ୍କର ଓ ଅପରିଣତବୟସ୍କଙ୍କର ନାକ ଫୋଡ଼ା ଯାଏ ।]

୨ । ବଳଦ, ମଇଁଷି ଆଦିଙ୍କ ନାକଦଣ୍ଡିରେ ଦଉଡ଼ି ଗଳାଇବା ପାଇଁ ରନ୍ଧ୍ର କରିବା—2. To bore the nose of beasts of burden for passing a string through it.

ନାକ ବକୁଳି—ଦେ. ବ (ସଂ. ନାସିକା + ବଲ୍କଳ)—ନାକ ଭିତରୁ ଛାଡ଼ୁଥିବା ଶୁଖିଲା ଶିଂଘାଣି ଆଦିର ଖୋଳ—Thin dry layers of mucus which settle and then peel off from inside the nostrils.
Nāka bakuḷi
ନାକ ବକଳ } ଅନ୍ୟରୂପ
ନାକ ବକଳା }
ନାକାରେ পৌটা
नकटी

ନାକ ବାଳ—ଦେ. ବ. (ସଂ. ନାସିକା + ବାଳ)—ନାସିକା ପୁଡ଼ା ମଧ୍ୟରେ ଉଠିଥିବା କେଶ—Small hairs growing inside the nostrils.
Nāka bāḷa
নাকের চুল
नाक का बाल

ନାକ ବାଳ ଧରା—ଦେ. ବ—ପୂର୍ବ କାଳରେ ଚାଟଶାଳୀର ଅବଧାନମାନେ ବାଳକମାନଙ୍କୁ ଦେଉଥିବା ଏକପ୍ରକାର ଦଣ୍ଡ।
Nāka bāḷa dharā
[ଏଥିରେ ଅପରାଧୀ ଆପଣାର ଗୋଟିଏ ହାତରେ ନାକ ପୁଡ଼ାକୁ ଚପି ଧରିଥାଏ ଓ ଆଉ ଗୋଟିଏ ହାତରେ ଚୁଟିକୁ ଧରିଥାଏ ଓ ବାରଂବାର ଉଠୁଥାଏ ଓ ବସୁଥାଏ—A punishment formerly given to boys by the village teacher, consisting of the boy being made to sit down and stand up successively while holding his nose with one hand and his tuft of hair on the head with the other,

ନାକ ବାଳ ଧରା(ରେ)ଇବା—ଦେ. କ୍ରି—୧ । ଦଣ୍ଡ ଦେବା—1. To punish.
Nāka bāḷa dharā(re)ibā
नाक चोटी काटना ୨ । ହଟହଟା କରିବା; ହଲପଟା କରିବା—2. To put to trouble; to harass.

ନା(ନାଁ)କବୁଲ୍—ବୈଦେ ବ.—(ଫା.)—ନାମଞ୍ଜୁର; ଅସମ୍ମତ—Disagreement.
Nā(nāñ) kabūl
না কবুল
ना कबूल

ନାକ ମାଛି—ଦେ. ବ—ମାଛି ପରି ଆକାର ବିଶିଷ୍ଟ କାଡ଼ ବା ଖିଲଯୁକ୍ତ ଅଳଙ୍କାରବିଶେଷ—A nose tip.
Nāka māchhi
নাক মাছি
नक बेसर
[ଦ୍ର—ଏହା ନାକ ପୁଡ଼ାରେ ପିନ୍ଧାଯାଏ । ଏଥିର ପଛରେ ଗୋଟିଏ ଖିଲ ବା କଡ଼ା ଥାଏ, ତାହା ନାକର ଫୋଡ଼ା ହୋଇଥିବା ରନ୍ଧ୍ରରେ ପୂରିଯାଏ । ଏଥିର ଅଗ୍ର ଭାଗରେ ମାଛି, ପାନ, ଫୁଲକଢ଼ି, ଲବଙ୍ଗ ଆଦି ଆକାରର ଗୋଟିଏ ଉଚ୍ଚାବୃତ ଧାତୁ ବା ମଣି ଥାଏ, ତାହା ନାକ ପୁଡ଼ାରେ ଲଗେ; ବେସର ଫୁଲ ଅପେକ୍ଷା ବଡ଼ ।]
(ନାକ ବେସର—ଅନ୍ୟରୂପ)

ନାକ ମୋଡ଼ା—ଦେ. ବ—ଦଣ୍ଡ ସ୍ୱରୂପ ବା ଅପରାଧ ସ୍ୱୀକାର ପୂର୍ବକ ଭଦ୍ର ହାତରେ ବା ଅନ୍ୟ ଦ୍ୱାରା ନାକକୁ ଚପିବା—Pulling of one's nose.
Nāka morḍā
নাক মলা
नाक ऐंठना

ନାକରା—ଦେ. ବଣ. (ଫା. ନାକାରହ୍)—
Nākarā
୧ । ଅକାମିକା; ଅବ୍ୟବହାର୍ଯ୍ୟ—1. Worthless; useless; good for nothing.
(ନାଁକରା, ନାକାରା, ନାକେରା—ଅନ୍ୟରୂପ)
(ବ୍ୟବହୃତ—କାରା)
নাকারা ୨ । ଖରାପ; ମନ୍ଦ—2. Bad; evil.
नकारा, नाकारा ୩ । ନିକୃଷ୍ଟ—3 Inferior; base.
୪ । ଦୁଷ୍ଟ—4. Wicked; dissalute.
୫ । ନଷ୍ଟ—5. Spoiled

ନାକରେ କାଠି ପୂରା(ରେ)ଇ ଛିଙ୍କିବା—ଦେ. କ୍ରି—୧ । ସର୍ଦ୍ଦି ପ୍ରଭୃତି ହେଲେ ମସ୍ତକର ଗୁରୁତା କମାଇବା ପାଇଁ ନାକରେ କାଠି ପ୍ରଭୃତି ଗୁଞ୍ଜି ଛିଙ୍କିବା—1. To cause sneezing by thrusting a reed into the nostrils.
Nākare kāṭhi pūrā(re)i chhiṅkibā
नाकमे काठी देकर छीँकना
୨ । (ଲକ୍ଷଣାର୍ଥ) କୌଣସି ଆପଦକୁ ବରଣ କରି ଆଣିବା—2. (figurative) To invite a danger (literally, to sneeze by thrusting a reed into the nostril.

[ନାକରେ କାଠି ପୂରା(ରେ)ଇ ଛିଙ୍କି ହେବା—ଅନ୍ୟରୂପ]

ନାକରେ ଦଉଡ଼ି ଲଗା(ଗେ)ଇ ଟାଣିବା—ଦେ. କ୍ରି—୧ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଅନ୍ୟର ଇଚ୍ଛାମତେ ବାଧ୍ୟ କରାଇ କାମ କରାଇବା—1. (figurative) To force a person to carry out another's will; to pull one by the nose-string.
Nākare daurḍi lagā(ge)i ṭānibā
নাকে দড়ী দিএ টানা
नाकमे रसी देकर घुमाना,
नथनी सो चना

୨ । ହଟହଟା କରିବା—2. To harass a person.

ନାକରେ ଲଙ୍କାମରିଚପାଣି ଟେଣ୍ଡା(ଣ୍ଡେ)ଇବା—ଦେ. କ୍ରି.—ଅତ୍ୟନ୍ତ ପୀଡ଼ା ଦେଇ ବନ୍ଦୋବସ୍ତ କରିବା; ହଟହଟା କରିବା—To harass a person
Nākare laṅkāmaricha pāṇi ṭeṇḍā(ṇḍe)ibā
নাকাল করা
नाकमे तीर डालना

ନାକରେ ହାତ ଦେବା—ଦେ. କ୍ରି.—୧ । ନାକ ପୁଡ଼ାକୁ ଅଙ୍ଗୁଠିରେ ବନ୍ଦ କରି କୌଣସି ସ୍ଥାନରୁ ବାହାରୁ ଥିବା ଦୁର୍ଗନ୍ଧକୁ ନାକ ମଧ୍ୟରେ ପ୍ରବେଶ କରାଇ ନ ଦେବା—1. To put the fingers on one's nose to put out any bad smell.
Nākare hāta debā
নাকে হাত দেওয়া
नाकपर उंगुली रखना
୨ । ଘୃଣା କରିବା—2. To hate.

ନାକଲମ୍—ଦେ. କ୍ରି. ବଣ.—(ଫା. ନାହକ୍; ଉର୍ଦ୍ଦୁ. ନାକଲମ୍)—ବୃଥା; ଅକାରଣରେ—In vain; uselessly; without any reason.
Nākalām
নাহক্
नाहक, नाकलाम (ଯଥା—ମତେ ହାକମ ନାକଲମ୍ * ଦଲ ଦେଲ ଜରିମା କରାଇ ଦେଲେ ।)

ନାକସ୍—ଦେ. ବଣ.—(ଫା. ଲୁକସ୍; ଅ ନାକସ୍=ମନ୍ଦ)—
Nākas १ । ଦୁର୍ବଳ—1. Weak.
नाखच; नाकच् २ । ଅନୁପଯୁକ୍ତ—
नाकिस् 2. Unfit.
୩ । ତୁଚ୍ଛ; ହେୟ—3. Despicable; insignificant.
୪ । ଉତ୍ତମରୂପେ ପାଗ ହୋଇ ନ ଥିବା—
4. Not well seasoned.

ନାକ ସିଟ୍(ଟି)କା—ଦେ. ବି.(ବଙ୍ଗଳାନୁକରଣ)—ନାକ ଛିଞ୍ଚଡ଼ା (ଦେଖ)
Nāka siṭ(ṭi)kā Nāka chhiñcharḍā (See)

ନାକ ସିଟ୍(ଟି)କା(କେ)ଇବା—ଦେ. କ୍ରି.—ନାକ ଛିଞ୍ଚାଡ଼ିବା (ଦେଖ)
Nāka siṭ(ṭi)kā(ke) ibā Nāka chhiñchārḍibā (See)

ନାକା—ଦେ. ବଣ. ପୁଂ. (ସଂ. ନାସିକା)—୧ । ବଡ଼ ବା ସୁଦୀର୍ଘ ନାକ
Nākā ବିଶିଷ୍ଟ; ନାକୁଆ—Large-nosed; long-nosed.
नाकुआ ପ୍ରାଦେ. (ସମ୍ବଲପୁର) ବି. (ହି. ନାକା)—୧ । ନଗର ଅନ୍ଦର
ପ୍ରବେଶ ଦ୍ୱାର ବା ଫାଟକ—
নাক নাকুআ 1. A gate for entering into a town; a turnpike.
୨ । ନଗର ଅନ୍ଦରେ ପଣ୍ୟବାଣିଜ୍ୟମାନଙ୍କଠାରୁ ଶୁଳ୍କ ବା ମାସୁଲ
ଅସୁଲ କରିବା ପାଇଁ ସିପାହି ଯେଉଁ ସ୍ଥାନରେ ଥାଆନ୍ତି—
2. An outpost where sentries are stationed to realies the town-duty.
नाक ଦେ. ବି.—୧ । ପାତ୍ର ଅନ୍ଦର ବଙ୍କା ନାଳିଆ—
नाका 1. Nozzle of cups and jugs.
୨ । ଛୁଞ୍ଚିର ଛିଦ୍ର ଥିବା ଅଂଶ—2. The end of the needle having the eye-let.

ନାକା ଘର—ପ୍ରାଦେ. (ସମ୍ବଲପୁର)—ବି.—୧ । ସହରର ଫାଟକ
Nākā ghara ନିକଟରେ ପ୍ରହରୀମାନଙ୍କ ଜଗିବା ଘର—1. A room near the gate where watchmen keep guard over the town.
୨ । ଦ୍ୱାରରେ ପଣ୍ୟବାଣିଜ୍ୟମାନଙ୍କଠାରୁ ମାସୁଲ ଅଦାୟ
କରିବା କର୍ମଚାରୀ ଯେଉଁ ଘରେ ରହେ—
2. Toll gate-keeper's room.

ନାକାନ୍ତ—ଦେ. ବଣ.—(ଅ. ନାକାଲ୍=ଅଦର୍ଶ ଦଣ୍ଡ—ଶାସ୍ତିଦେବ)—
Nākānta ୧ । ନାକେଦମ୍; ଅକାନ୍ତ—1. Overpowered.
नाकाल २ । ଅତି କ୍ଳାନ୍ତ—
नाकमे दम 2. Fatigued; overtired.
୩ । ଅତି ବିରକ୍ତ; ହଇରାଣ—3. Harassed; pestered.

ନାକାବନ୍ଦି—ଦେ. ବି.—(ସମ୍ବଲପୁର)—(ଭୁଲ. ଏହି ଅର୍ଥରେ ହି. ଏହି
Nākābandi ଶବ୍ଦ)—୧ । ସହରର ପ୍ରବେଶଦ୍ୱାରମାନଙ୍କର
ଅବରୋଧ—1. The closing of the gateways of a town.
୨ । ନଗରର ଫାଟକ ଅନ୍ଦର ପ୍ରହରୀମାନଙ୍କଦ୍ୱାରା ପହରା—
2. The watching of the town–gates or turnpike gates by sentries.
୩ । ନଗରର ଫାଟକ ଜଗିବା ସିପାହି—
3. A sentry or guard-posted at a town-gate.
୪ । କନଷ୍ଟବଲ; ପହରାବାଲା—
4. Constable; watchman; sentry.

ନାକାବିଲ୍—ବୈଦେ. ବଣ (ଫା. ନା+ଅ. କାବିଲ୍)—ଅଯୋଗ୍ୟ—
Nākābil Unfit.
नाकाबिल **নাকাবিল** (ନାଁ କାବିଲ୍—ଅନ୍ୟରୂପ)

ନାକି—ଦେ. ବଣ.—ନାକ ସାହାଯ୍ୟରେ ଉଚ୍ଚାରିତ; ଅନୁନାସିକ—
Nāki Prononunced with nasal intonation;
नाकी **নাকী** nasal.
(ଯଥା—ନାକି ସ୍ୱର, ନାକି ଗାଉଣା ।)
ଦେ. ବି.—୧ । ଜୋକିଆ (ଦେଖ)—1. Jokiā (See)
নাকা, নক্কা ୨ । ଛୁଞ୍ଚିର ଛିଦ୍ର—2. The eyelet of a needle.
୩ । ବକ୍ରାଗ୍ର—3. A curved point.

ନାକି ଗାଉଣା—ଦେ. ବି. (ସଂ. ନାସିକା+ଗାୟନ)—ଅନୁନାସିକ
Nāki gāuṇā ଉଚ୍ଚାରଣ ଯୁକ୍ତ ଗାନ—Nasal singing.
नाकी गाओना **নাকী গানা**

ନାକି ଚଣା—ପ୍ରାଦେ. (ଗଞ୍ଜାମ) ବି.—(ସଂ. ନାସିକା+ଚଣକ)—ବୁଟ;
Nāki chaṇā ବୁଟ—Gram.
[ଦ୍ର—ଏହା ଦେଖିବାକୁ ଚଣା ପରି, କିନ୍ତୁ ଏଥିର ମୁଣ୍ଡରେ ନାକ ପରି ଗୋଟିଏ ବଙ୍କା ମୁନ ବାହାରି ଥିବାରୁ ଏହାର ନାମ ନାକିଚଣା ହୋଇ ଅଛି ।]

ନାକି ସ୍ୱର—ଦେ. ବି. (ସଂ.ନାସିକା+ସ୍ୱର)—୧ । ଅନୁନାସିକ ଶବ୍ଦ—
Nāki swara 1. Nasal sound.
नाकीस्वर २ । ଅନୁନାସିକ ଉଚ୍ଚାରଣ—
नाकीसुर 2. Nasal utterance.
(ନାକିସୁର—ଅନ୍ୟରୂପ) ୩ । କେଁ କେଁଯାଁ ତୀକ୍ଷ୍ଣ ସ୍ୱର—
3. Shrill note; treble.

ଡାକୀ ଗାଉଣାକୁ ନାକି ସ୍ୱର,
ମାଦଳ ବଜାଇ ଦିହୁଁ ଘର—ଢଗ ।

ନାକୀ—ସଂ. ବି. (ନାକ+ଅସ୍ତ୍ୟର୍ଥେ. ଇନ୍; ୧ମ. ୧ବ.)—ଦେବତା—
Nākī The Gods.

ନାକୀ ହଂସ—ଦେ. ବି—ଚିଲିକାରେ ଦେଖାଯିବା ଏକପ୍ରକାର ପକ୍ଷୀ—
Nākī haṁsa A species of webfooted birds found in the Chilka lake.

ନାକୁ—ସଂ. ବି—(ନ=ନାହିଁ+ଅକ ଧାତୁ=ଗମନ କରିବା+
Nāku କର୍ତ୍ତୃ. ଉ)—୧ । ବଲ୍ମୀକ; ଉଇ ହୁଙ୍କା—
1. Ant-hill.
୨ । ପର୍ବତ—Mountain.
୩ । ମାଟି ଢିପ—3. A high mound of earth.
୪ । (ନମ୍ ଧାତୁ=ବକ୍ର ବା ନମ୍ର ହେବା+କର୍ତ୍ତୃ. ଉ)—
ମୁନିବିଶେଷ—4. The name of a sage.
ଦେ. ବଣ—ନାକୁଆ (ଦେଖ)
Nākuā (See).

ନାକୁଆ—ଦେ. ବଣ. ପୁଂ (ସଂ. ନାସିକା)—୧ । ବଡ଼
Nākuā ନାକଯୁକ୍ତ; ଲମ୍ବନାସିକ; ଉନ୍ନତନାସିକ—
1. Long-nosed; large-nosed; having a prominent nose.
ନାକୁୟା, ନାକୂ ସାଧବସରର ବୋହୂ ! ନାକୁଆ କଣର ସାଙ୍ଗେ କେଉଁ ବାଟ ଯାଉ ।
नक्कु, नक्कुआ କାହାଣୀ ଗୀତ ।
୨ । ଶୁକନାସିକ—2. Having the nose hooked at the tip like the beak of a parrot.
୩ । ବକ୍ରାଗ୍ର ଗୋଲ ବସ୍ତୁ (ଯଥା—ଆମ୍ବ)—
3. (a roundish thing; e. g. a mango) Having a hooked and pointed end.
୪ । ଯେଉଁ ପାତ୍ରରେ ବଙ୍କା ଦାଡ଼ସା ଲଗିଥାଏ—
4. (a pot) Having a nozzle.
ଦେ. ବି—ଫନ୍ଦରେ ପାଣି ଗଡ଼ିବା ପାଇଁ ନାକ ପରି ବାହାରିଥିବା ଫନ୍ଦବିଶିଷ୍ଟ ଜଳପାତ୍ର—A water jug with a nozzle.

ନାକୁଆସୀ—ଦେ. ବି—୧ । ନାକ ରନ୍ଧ୍ରରୁ କେଶ ଓପାଡ଼ିବା ପାଇଁ
Nākuāsi ଭଣ୍ଡାରୀମାନେ ଯେଉଁ ସରୁ ଅସି ପରି ଯନ୍ତ୍ର
ନାକାଲ ବ୍ୟବହାର କରନ୍ତି—1. Nippers or
मोचना pincers used by barbers for plucking out the hairs from inside the nostrils.
୨ । ପଶୁମାନଙ୍କ ନାକରେ ଲଗାଇ ଟାଣିବା ଦଉଡ଼ି—
नकेल 2. A rope passed through the perforated nostrils of a beast of burden.

ନାକୁଲ—ସଂ. ବଣ (ନକୁଲ+ସମ୍ବନ୍ଧାର୍ଥେ. ଅ)—ନକୁଲସମ୍ବନ୍ଧୀୟ—
Nākula Relating to the mongoose.
(ନାକୁଲୀ—ସ୍ତ୍ରୀ) ସଂ. ବି (ନକୁଲ+ଅ)—୧ । ନକୁଲର ସନ୍ତାନ; ନେଉଳଛୁଆ—1. The young ones of the mongoose.
୨ । ରାସ୍ନା (ଦେଖ)—2. Rāsnā (See).
୩ । ସିମିଳି ମୂଷଲୀ (ଦେଖ)—
3. Simili mūshali (See).
୪ । ଚବ୍ୟ (ଦେଖ)—4. Chabya (See).
୫ । ଯବତିକ୍ତା (ଦେଖ)—
5. Jabatiktā (See).

ନାକୁଲୀ—ସଂ. ବି. ସ୍ତ୍ରୀ—୧ । ଲୁକ୍ଷୁଠୀ କନ୍ଦ—
Nākuli 1. An esculent root; Ophiorhiza Mungos.
୧ର ଅନ୍ୟ ସଂ. ନାମ—ଗନ୍ଧାଲୀ, [ଦ୍ର— ଏହା ଆସାମ ଓ ବ୍ରହ୍ମଦେଶର ସର୍ପାକ୍ଷୀ ସୁଗନ୍ଧ ବୃକ୍ଷବିଶେଷର ମୂଳ ।]
୨ର ସଂ. ନାମ—ସୁରସା, ନାଗ- ୨ । ଗନ୍ଧନାକୁଲୀ; ଏକପ୍ରକାର ବୃକ୍ଷ-
ସୁଗନ୍ଧା, ଗନ୍ଧନାକୁଲୀ, ସୁରସା, 2. A herb; Ophioxylon
ଗନ୍ଧନକୁଲୀ, ନକୁଲେଷ୍ଟା, Terpentinum; Acamphe
ଭୁଜଙ୍ଗାକ୍ଷୀ, ସର୍ପାକ୍ଷୀ, ବିଷନାଶିନୀ, Papillosa.
ସର୍ପାଙ୍ଗୀ; ରକ୍ତପତ୍ରିକା, ଈଶ୍ୱରୀ [ଦ୍ର—ଏହା ଝୁପାଦ ବର୍ଗରେ
ଗନ୍ଧରାସ୍ନା ସୁଗନ୍ଧ ବୃକ୍ଷ । ଏଥିର କନ୍ଦ ସବୁପ୍ରକାର

नाकुली; गंधरासन ବିଷ, ବିଶେଷତଃ ସର୍ପବିଷନାଶକ । ନାକୁଲୀ ୨ ପ୍ରକାର; ୧. ନାକୁଲୀ, ୨. ଗନ୍ଧନାକୁଲୀ । ଦୁହିଁଙ୍କ ଗୁଣ ସମାନ । ଏହା ତିକ୍ତ କଟୁ କଷାୟ ରସ ଓ ଉଷ୍ଣବୀର୍ଯ୍ୟ । ଏହା ସର୍ପ, ମାଙ୍କଡ଼ସା, ବିଛା, ମୂଷା ଆଦିର ବିଷ, ଜ୍ୱର ଓ ବଣ-ବିନାଶକ ।]
୩ । ପିପ୍ପଳୀ ଲତା—
3. Long pepper plant.
୪ । ଶ୍ୱେତକଣ୍ଟକାରୀ ଗଛ—
4. White Solanum (plant).
୫ । ଚବ୍ୟ (ଦେଖ)—5. Chabya (See)
୬ । ରାସ୍ନା (ଦେଖ)—6. Rāsnā (See)
୭ । ଯବତିକ୍ତା (ଦେଖ)—7 Jabatiktā (See)

ନାକେଇବା—ଦେ. କ୍ରି. ('ନାକ' ଶବ୍ଦରୁ ଓଡ଼ିଆ ନାମଧାତୁର କ୍ରିୟା)—
Nākeibā ୧ । କୌଣସି ଆଶାରେ କୌଣସି ସ୍ଥାନରେ ପାର୍ଶ୍ୱ-ଦେଶରେ ଅପେକ୍ଷା କରିବା—1. To wait or loiter at a place sidewise with some hope of attaining one's object.
ବୁଢ଼ିଅଣୀ ପାଖେ ନାକେଇଛ
ଗଣ୍ଠିଆ ବଳଦ୍ ନାକେଇଛ—ଶିଶୁମାନଙ୍କ ଖେଳ ଗୀତ ।
नाकाल करना ୨ । ନାକାଳ କରିବା—2. To harass a
नकीयाना person; to reduce a person to the last extremities.

ନାକେଇ—ଦେ. ବଣ. ସ୍ତ୍ରୀ—୧ । ଯେଉଁ ସ୍ତ୍ରୀର ନାକ ବଡ଼ ବା ଉନ୍ନତ—
Nākei 1. (woman) Having a big or prominent
नक्कुवी nose.
ନାକୋଇ } ଅନ୍ୟରୂପ ୨ । ଯେଉଁ ଆମ୍ବର ଅଗ ପାଖରେ ନାକ
ନାକୋୟୀ } ଭଳି ଗୋଟିଏ ମୁନ ବାହାରି ଥାଏ—
(ନାକୁଆ—ପୁଂ) 2. A mango having a nose-like protuberance at the end.

ନାକେଦମ—ଦେ. ବଣ—ନାକଦମ୍ (ଦେଖ)
Nākedam Nākadam (See)
नाकेदम **नाकमेंदम** (ନାକେଦମ୍—ଅନ୍ୟରୂପ)

ନାକ୍କା—ପ୍ରାଦେ. (ଗଞ୍ଜାମ) ବି. (ତେଲୁଗୁ)—ଠେକୁଆ; ଶଶ—
Nākkā Hare.

ନାକ୍ଷତ୍ର (ଇତ୍ୟାଦି)—ସଂ. ବଣ. (ନକ୍ଷତ୍ର+ଅ)—
Nākshatra (etc) ନାକ୍ଷତ୍ରିକ ଇତ୍ୟାଦି (ଦେଖ)
(ନାକ୍ଷତ୍ରୀ—ସ୍ତ୍ରୀ) Nākshatrika etc (See)

ନାକ୍ଷତ୍ରିକ—ସଂ. ବଣ. (ନକ୍ଷତ୍ର+ଇକ)—୧ । ନକ୍ଷତ୍ରସମ୍ବନ୍ଧୀୟ—
Nākshatrika 1. Astral; stellar; pertaining to a
(ନାକ୍ଷତ୍ରିକୀ—ସ୍ତ୍ରୀ) star; sidereal.
୨ । (ଜ୍ୟୋତିଷ) ନକ୍ଷତ୍ରର ଗତିଦ୍ୱାରା ପରମିତ—
2. (astronomy) Measured by the apparent motion of a star or stars.
ସଂ. ବି—ନାକ୍ଷତ୍ରିକ ମାସ (ଦ୍ର. ଶବ୍ଦସାଗର) (ଦେଖ)
Nākshatrika māsa (See)

ନାକ୍ଷତ୍ରିକ ଦିନ—ସଂ. ବି— ଗୋଟିଏ ନକ୍ଷତ୍ର ଦେଇ ଯିବାକୁ ଚନ୍ଦ୍ରଙ୍କୁ ଯେତିକି
Nākshatrika dina ସମୟ ଲାଗେ—A stellar day.
(ନାକ୍ଷତ୍ରିକ ଦିବସ, ନାକ୍ଷତ୍ରିକ ଅହୋରାତ୍ର—ଅନ୍ୟରୂପ)

ନାକ୍ଷତ୍ରିକ ବର୍ଷ—ସଂ. ବି—ବାରଟି ନାକ୍ଷତ୍ରିକ ମାସଯୁକ୍ତ ମାସ—
Nākshatrika barsha Stellar year.
(ନାକ୍ଷତ୍ରିକ ବତ୍ସର, ନାକ୍ଷତ୍ରିକ ସମ୍ବତ୍ସର—ଅନ୍ୟରୂପ)

ନାକ୍ଷତ୍ରିକ ମାସ—ସଂ. ବି. (ଜ୍ୟୋତିଷ)—
Nākshatrika māsa ୨୭ ନକ୍ଷତ୍ରଯୁକ୍ତ ମାସ; ପ୍ରାୟ ୨୭ଦିନ—
A stellar month of 27 days.
[ଦ୍ର—ଅଶ୍ୱିନୀ ନକ୍ଷତ୍ରଠାରୁ ଆରମ୍ଭ କରି ରେବତୀ ନକ୍ଷତ୍ର ପର୍ଯ୍ୟନ୍ତ ଥରେ ବୁଲି ଆସିବାକୁ ଚନ୍ଦ୍ରଙ୍କୁ ଯେତେ ଦିନ ଲାଗେ ତାକୁ ନାକ୍ଷତ୍ରିକ ମାସ ବୋଲାଯାଏ ।]

ନାକ୍ଷତ୍ରିକୀ ଦଶା—ସଂ. ବି. (ଫଳିତ ଜ୍ୟୋତିଷ)—
Nākshatrikī dasā ନାକ୍ଷତ୍ରିକ ଗଣନା ଅନୁସାରେ ମନୁଷ୍ୟର ସମ୍ଭବା ଅବସ୍ଥା—(astrology) A man's condition of life due to astral influence.

ନାଖ୍ରାଜ୍ (ଇତ୍ୟାଦ)—ଦେ. ବି. (ଫା. ଲାଖ୍ରାଜ୍)—
Nākh-rāj (etc) ଲାଖରାଜ ଇତ୍ୟାଦି(ଦେଖ)
नाखेराज **लाखिराज** Lākharāja etc (See)
(ନାଖ୍ରାଜ, ନାଖିରାଜ୍, ନାଖିରାଜ, ନାଖେରାଜ୍, ନାଖେରାଜ—ଅନ୍ୟରୂପ)
[ଦ୍ର—ଏ ଶବ୍ଦଯୁକ୍ତ ଅନ୍ୟାନ୍ୟ ଶବ୍ଦ କ୍ରମରେ ଲାଖରାଜ ତଳେ ଦେଖ ।]

ନାଖ—ଗ୍ରା. ବି (ସଂ. ଲକ୍ଷ)—
Nākha ୧ । ଲକ୍ଷ (ସଂଖ୍ୟା); ଲାଖ୍—
लाख 1. Lakh; a hundred thousand.
लाख ୨ । (ସଂ. ଲାକ୍ଷା) ଲାଖବଟି; ଜାଲ ଜଉ—
2. Shell lac; sealing wax.
लक्ष, निशाना ୩ । (ସଂ. ଲକ୍ଷ୍ୟ) ବନ୍ଧୁକ ଓ ଶର ଆଦି ମାରିବାର ଶରବ୍ୟ; ଲକ୍ଷ୍ୟ—3. Aim of a gun or bow; target.
୪ । (ସଂ. ଲକ୍ଷ) ଚିହ୍ନ—4 A distinguishing mark.
୫ । ତୁଳନା—5. Comparision.

ନାଖ କରିବା—ଦେ. କ୍ରି. (ସଂ. ଲକ୍ଷ୍ୟ+କୃ ଧାତୁ)—
Nākha kariba ବନ୍ଧୁକ ଆଦି ଦ୍ୱାରା ଲକ୍ଷ୍ୟ କରିବା—
लाखकरा To aim at a target with a bow
लक्ष बाँधना, लक्ष करना or gun.

ନାଖପତି—ଦେ. ବି. ସଂ. (ଲକ୍ଷ+ପତି)—ଲକ୍ଷପତି; ଲକ୍ଷେଶ୍ୱର—
Nākhapati A millionaire.
लाखपति **लाखपति**

ନାଖବତି—ଦେ. ବି. (ସଂ. ଲାକ୍ଷା+ବର୍ତ୍ତି)—
Nākhabati ଲାକ୍ଷା ବା ଜଉରେ ବଳା ହୋଇଥିବା ଲମ୍ବା ଖଣ୍ଡ—
लाखबाती Stick of shell lac.
लाखबत्ती

ନାଖ ଭେଦିବା—ଦେ. କ୍ରି. (ସଂ. ଲକ୍ଷ୍ୟ ଭେଦନ)—
Nākha bhedibā ବନ୍ଧୁକ ବା ଶର ଦ୍ୱାରା ଲକ୍ଷ୍ୟ ଭେଦ
लक्ष भेदना, କରିବା—To strike at a target.
निशाना मारना

ନାଖ ମାରିବା—ଦେ. କ୍ରି. (ସଂ. ଲାକ୍ଷା+ମାରିବା)—
Nākha māribā ୧ । ଲାଖ ବା ଜଉ ଦ୍ୱାରା ମୁଦିବା—
लाखमारा 1. To seal with shell lack.
लहाटना ୨ । ନାଖ ଭେଦିବା (ଦେଖ)
2 Nākha bhedibā (See)

ନାଖମୁଦ—ଦେ. ବି. (ସଂ ଲାକ୍ଷା+ମୁଦ୍ରଣ)—ଜଉ ମୁଦ—
Nākhamuda Sealing with shell lac or wax.
लहीटा ଦେ. ବି—ଜଉ ଦ୍ୱାରା ମୁଦା ଯାଇଥିବା (ପଦାର୍ଥ)—
Sealed with wax or lac.

ନାଖରା—ଦେ. ବିଣ. ପୁଂ—(ଫା. ନାକାରା)—୧ । ଦୁଷ୍ଟ; ପାଷଣ୍ଡ;
Nākharā ବଗୁଲିଆ—1. Wicked; wanton.
नाकारा ୨ । ସ୍ତ୍ରୀ ପ୍ରତି କାମ ଚେଷ୍ଟାସୂଚକ ଭାବଭାବ ପ୍ରକାଶ-
नटखट, नकारा, नखरेबाज କାରୀ ପୁରୁଷ—Coquetish; flir-
(ନାଖରୀ—ସ୍ତ୍ରୀ) ting; expressing one's sentiment of amorous lust towards a woman.
नाखरा नखरा ବିଦେ. ବି. (ଫା. ନଖରା) ନଖରା; କୌଣସି ସ୍ତ୍ରୀ ବା
नखरा ପୁରୁଷକୁ ଦେଖି ଯଥାକ୍ରମେ କୌଣସି ପୁରୁଷର ବା ସ୍ତ୍ରୀର ପ୍ରଣୟ ବା କାମାତୁରତାର ବହିଃପ୍ରକାଶିତ ଭାବଭାବ— Coquetry; flirtation;expression of one's amorous sentiments towards a woman or man.
[ଦ୍ର—ଏହା ବିଶେଷତଃ ସ୍ତ୍ରୀର ପୁରୁଷ ପ୍ରତି ପ୍ରଦର୍ଶିତ ଭାବଭାବ ସମ୍ବନ୍ଧରେ ପ୍ରଯୁକ୍ତ ହୁଏ ।]
ଦେ. ବି.—୧ । (ସଂ. ଲାକ୍ଷାକର) — ଲାଖ ବ୍ୟବସାୟୀ ବ୍ୟକ୍ତି—
1. A dealer in shell lac.

ନାଖି—ଦେ. ବିଣ.—(ସଂ. ନାୟକ; ତୁଳ. ଫା. ଲାଏକ୍—ଯୋଗ୍ୟ; ଇଂ. Nākhi ଲାଇକ୍=ପରି, ସମାନ; ସଂ. ଲକ୍ଷ.=ତୁଳନା)—
लाएक ୧ । ଉପଯୁକ୍ତ; ଯୋଗ୍ୟ—
लायक 1. Befitting; becoming.
(ଯଥା—ଏ ଦାନ ଆପଣଙ୍କ ପରି ବଡ଼ ଲୋକଙ୍କ ନାଖି ହେଲା ନାହିଁ ।)
୨ । ଯଥେଷ୍ଟ—2. Sufficient.

ନାଖିବା—ଗ୍ରା. କ୍ରି.—(ସଂ. ଲଗ, ଲସକ୍ ଧାତୁ)—ଲାଗି ରହିବା;
Nākhibā ଅଠିବା—To stick to; to adhere to.
लागा **लगना, चिपकना**

ନାଖୁଁ (ଖୁ) ନାଖ—ଦେ. ବି. ଓ ବିଣ. (ସଂ. ଲକ୍ଷ ଲକ୍ଷ)—ବହୁ ଲକ୍ଷ—
Nākhuñ (khu) nākh 1. Many lakhs.
लाख लाख ୨ । ଅସଂଖ୍ୟ; ଅଗଣିତ—
लाखो लाख 2. Countless.
[ନାଖୋ(ଖୌ)ନାଖ୍: ନାଖଉଁନାଖ୍—ଅନ୍ୟରୂପ]

ନାଖୁ(ଖୋ)ଦା—ଦେ. ବି.—(ଫା. ନାଖୁଦା; ନାଖୋଦା=ଜାହାଜର
Nākhu (kho)dā ଅଧ୍ୟକ୍ଷ)—୧ । ବୋଇତଅଳ; ଜାହାଜ ବା
নাখোদা, নাখুদা ବଡ଼ ବୋଇତର ଅଧ୍ୟକ୍ଷ ବା ସ୍ୱାମୀ—1. The
नाखुदा owner or captain of a trading ship or boat; supercargo.
୨ । ବିଦେଶାଗତ (ବିଶେଷତଃ ବମ୍ବେଇ ଅଞ୍ଚଳର) ଯେଉଁ ମୁସଲମାନ୍ ମହାଜନମାନେ ଏମ ଦେଶରୁ ଆସି ବହୁ ପରିମାଣରେ ଖାଦ୍ୟ କିଣି ବିଦେଶକୁ ଜାହାଜ ଯୋଗେ ରପ୍ତାନି କରନ୍ତି—2. A generic name for big Mahomedan export-merchants (hailing from Bombay and dealing with vast quantities of grain for export).

ନାଖୁସ୍—ବୈଦେ. ବିଣ—(ଫା. ନାଖୁସ୍;) ଅ. ନାଖୁସ୍=ଅସନ୍ତୁଷ୍ଟ)-
Nākhus ଅସନ୍ତୁଷ୍ଟ; ବିରକ୍ତ—Displeased.
নাখুস नाखुस ବୈଦେ. ବି (ଫା. ନାଖୁସୀ; ଅ. ନାଖୁସୀ)
নাখুসী नाखुसी ଅସନ୍ତୋଷ; ବିରକ୍ତି—Displeasure.
(ନାଂସି; ନାଖୋସ୍—ଅନ୍ୟରୂପ

ନାଖେ—ଗ୍ରା. ବି. ଓ ବିଣ (ସଂ. ଲକ୍ଷ;) (ସଂଖ୍ୟାବାଚକ)—ଏକ ଲକ୍ଷ—
Nākhe One lakh; one hundred thousand.
একলাখ एकलाख

ନାଗ—ସଂ. ବି. ପୁଂ (ନଗ=ପର୍ବତ, ବୃକ୍ଷ+ସମ୍ବନ୍ଧାର୍ଥେ. ଅ, ଯେଉଁମାନେ
Nāga ପର୍ବତମୟ ସ୍ଥାନରେ ବା ବୃକ୍ଷ କୋଟରରେ ବାସ କରନ୍ତି)—
୧ । ସର୍ପ—1. Serpent.
ନାଗିନୀ } ସ୍ତ୍ରୀ— ୨ । କଶ୍ୟପଙ୍କ ଔରସରେ କଦ୍ରୁଙ୍କ ଗର୍ଭରୁ
ନାଗୀ } ଉତ୍ପନ୍ନ ପୌରାଣିକ ଜୀବଗଣ—
2. The mythological animals descended from Kaśyapa and his wife Kadru.

[ଦ୍ର—ପୁରାଣ ମତରେ ନାଗମାନଙ୍କ ପ୍ରକାର ଯଥା—
ଅନନ୍ତୋ ବାସୁକିଃ ପଦ୍ମୋ ମହାପଦ୍ମୋଽଥ ତକ୍ଷକଃ ।
କୁଳୀରଃ କର୍କଟଃ ଶଙ୍ଖୋହ୍ୟଷ୍ଟନାଗାଃ ପ୍ରକୀର୍ତ୍ତିତାଃ ।
ପୁରାଣାନ୍ତରରେ ୧୩ ପ୍ରକାର ଯଥା—
ଶେଷଃ ପଦ୍ମୋ ମହାପଦ୍ମଃ କୁଳକଃ ଶଙ୍ଖପାଳକଃ
ବାସୁକିସ୍ତକ୍ଷକଶ୍ଚୈବ କାଳୀୟୋ ମଣିଭଦ୍ରକଃ,
ଐରାବତୋ ଧୃତରାଷ୍ଟ୍ରଃ କର୍କୋଟକ ଧନଞ୍ଜୟୌ ॥
ଗରୁଡ଼ ପୁରାଣରେ ୧୨ ପ୍ରକାର ଯଥା—
ଅନନ୍ତଂ ବାସୁକିଂ ଶଙ୍ଖଂ ପଦ୍ମଂ କମ୍ବଳ ମେବ ଚ ।
ତଥା କର୍କୋଟକଂ ନାଗଂ ଧୃତରାଷ୍ଟ୍ରଞ୍ଚ ଶଙ୍ଖକଂ ।
କାଳୀୟଂ ତକ୍ଷକଞ୍ଚାପି ପିଙ୍ଗଳଂ ମଣିଭଦ୍ରକଂ ॥

କୃଷ୍ଣସିଂହ ମହାଭାରତ ସଭାପର୍ବରେ ଅନେକଗୁଡ଼ିଏ ନାଗଙ୍କ ନାମ ଉଲ୍ଲେଖ ଅଛି । ଯଥା—"ପଦ୍ମ ଐରାବତ ଯେ ବାସୁକି ତକ୍ଷକ, ଚନ୍ଦ୍ର କମ୍ବଳ ପ୍ରହ୍ଲାଦ କଣ୍ଡୁକ; କୃଷ୍ଣ ଅଶ୍ୱତର ଲୋହିତ ମଣିମନ୍ତ, ଧୃତରାଷ୍ଟ୍ର ଧନଞ୍ଜୟ ଯେ ପାଣିମନ୍ତ, ମୁଷ୍ଟିକାଦ କୁଣ୍ଡଧାର ଯେ କର୍କୋଟକ, ମହାବଳ ଜନମେଜୟ ବଳାହକ, ଏ ନାଗଙ୍କ ସଙ୍ଗତେ ଅନ୍ୟ ନାଗମାନେ, ଥାଆନ୍ତି ବରୁଣସଭାରେ ସ୍ୱଗମନେ ।"

ସାପଙ୍କ ସମ୍ବନ୍ଧରେ ଗୋଟିଏ ଢଗ ଅଛି । "ଆଠ ନାଗ, ଷୋଳ ଚିତି, ବାର ବୋଡ଼ା ତେର ଜାତି ।" ଅର୍ଥାତ୍ ସାପ ତେର ଜାତିର, ତହିଁ ମଧ୍ୟରୁ ନାଗ ୮ ଜାତି, ଚିତି ୧୬ ଜାତି ଓ ବୋଡ଼ା ୧୨ ଜାତି । କେଳାମାନେ ନିମ୍ନଲିଖିତ ମତେ ଆଠ ଜାତି ନାଗଙ୍କର ବର୍ଣ୍ଣନା କରନ୍ତି । ଯଥା—୧ କୁଳିକ, ୨ ପଦ୍ମ, ୩ ମହାପଦ୍ମ, ୪ କଟକଟିଆ, ୫ ବିରାଟ, ୬ ତକ୍ଷକ ୭ ବାସୁକି ଓ ୮ ଅନନ୍ତ । ନାଗମାନଙ୍କୁ ସାଧାରଣତଃ 'ଗୋଖର' ବୋଲାଯାଏ । ଏମାନେ ନାନା ପ୍ରକାର । ଯଥା—୧ ଶ୍ୱେତ ବା ଦୁଧିଆ ବା ଖଡ଼ିଆ ନାଗ । (ଏମାନେ ପୁଣି ୨ ପ୍ରକାର ଯଥା—ବଳରାମଗୋଡ଼ୀ, ଏମାନଙ୍କ ଫଣା ଉପରର ଖଡ଼ଉ ଚିହ୍ନ ଫିକା; ଓ ଜଗନ୍ନାଥଗୋଡ଼ୀ, ଏମାନଙ୍କ ଫଣା ଉପରର ଖଡ଼ଉଚିହ୍ନ ଗାଢ଼ କୃଷ୍ଣବର୍ଣ୍ଣ । ୨ ପଦ୍ମ ନାଗ—ଏମାନେ ପଦ୍ମ ପରି ଈଷତ୍ ରକ୍ତବର୍ଣ୍ଣ, ଏମାନଙ୍କ ଫଣା ଉପରେ ଗୋଟିଏ କୃଷ୍ଣବର୍ଣ୍ଣ ପରିଧି ମଧ୍ୟରେ ଦଶଟି ଅଣ୍ଡାକୃତି କୃଷ୍ଣ ଚିହ୍ନ ଥାଏ । ୩ । କଟକଟିଆ (ସଂ. କର୍କୋଟକ) ଏମାନେ ବାଉଁଶରେ ବା ଗଛର ଡାଳରେ ମୋଡ଼ି ହେଲା ବେଳେ କଟକଟ ଶବ୍ଦ ହୁଏ । ୪ । ଗୁଣ୍ଡୁଚି ନାଗ—ଏମାନଙ୍କର ଫଣା ନାହିଁ । ମୁହଁ ଗୁଣ୍ଡୁଚି ମୂଷାର ମୁହଁ ପରି ଓ ଦେହରେ ଡୋରି ଡୋରି ଧଳା ରେଖା ଆଡ଼ବାଗରେ ଥାଏ । ୫ । ଗହମା ନାଗ—ଏମାନଙ୍କ ବର୍ଣ୍ଣ ଗହମ ପରି ଫିକାସିଆ, ୬ । କାନ୍ଥିଆ ନାଗ—ଏମାନେ ଘରର କାନ୍ଥରେ ରହନ୍ତି । ୭ । ଡହା ନାଗ—ଏମାନେ ଡହ ବା ଉଚ୍ଚ ଭୂମିରେ ଓ ହୁଙ୍କାରେ ରହନ୍ତି । ୮ । ତେନ୍ତୁଳିଆ ନାଗ—ଏମାନେ ତେନ୍ତୁଳ ମଞ୍ଜି ପରି ଗାଢ଼ ରକ୍ତ ବର୍ଣ୍ଣ । ୯ । ଖଇରା ନାଗ—(ସଂ. କାଳୀୟ ନାଗ) ଏମାନେ ଖଇର ପରି ରକ୍ତକୃଷ୍ଣବର୍ଣ୍ଣ । କେଳାମାନେ ନାଗ ସାପକୁ ଧରିବା ପରେ ତାହାର କପାଳର ଚମଡ଼ାକୁ ଛୁରିରେ ଟିକିଏ ଚାଡ଼ି ଦେଲେ ତହିଁରୁ ଦଶଟି ସୋରିଷ ପରି ଗାଢ଼ ହଳଦିଆ ବର୍ଣ୍ଣର ଓ ସ୍ୱଚ୍ଛ 'ମଣି' ଖସି ପଡ଼େ । କେଳାମାନେ 'ପଦ୍ମତୋଳା' ବୋଲିବା ବା 'ନାଗେଶ୍ୱରୀ' ବଜାଇବା ବେଳେ ନାଗ ବା ଗୋଖର ଫଣା ଟେକି ଏକ ଧ୍ୟାନରେ କେଳା ମୁହଁକୁ ଚାହିଁ ରହେ । ଶଙ୍ଖଚୂଡ଼ ମଧ୍ୟ ନାଗ ଜାତୀୟ । ପୁରାଣୋକ୍ତ ନାଗମାନଙ୍କର ଯେଉଁ ମୂର୍ତ୍ତି ମନ୍ଦିରାଦିର ଗାତ୍ରରେ ଅଛି ତାହାର ଅଣ୍ଟାଠାରୁ ଉପରକୁ ମନୁଷ୍ୟର ଅଙ୍ଗ ଓ ତଳକୁ ସର୍ପର ଅଙ୍ଗ ଅଟେ ।

ବରାହପୁରାଣରେ ଲେଖାଅଛି ଯେ ସୃଷ୍ଟି ଆରମ୍ଭରେ କଶ୍ୟପ ଋଷି ଉତ୍ପନ୍ନ ହେଲେ । ତାଙ୍କର ଦୁଇ ପତ୍ନୀ ମଧ୍ୟରୁ କଦ୍ରୁଙ୍କଠାରୁ ଅନନ୍ତ, ବାସୁକି, କମ୍ବଳ, କର୍କୋଟକ, ପଦ୍ମ, ମହାପଦ୍ମ, ଶଙ୍ଖ, କୁଳିକ ଓ ଅପରାଜିତ ଜାତ ହେଲେ । ଏମାନଙ୍କ ନାମ ନାଗ ହେଲା । ଏମାନଙ୍କ ପୁତ୍ର ପୌତ୍ରମାନେ କ୍ରୂର ଓ ବିଷଧର ହେଲେ । ଏଥିପାଇଁ ସଂସାରରେ ପ୍ରଜାକ୍ଷୟ ହେବାରୁ ବ୍ରହ୍ମା ସେମାନଙ୍କ ବାସ-ସ୍ଥାନ ପାଇଁ ପାତାଳ, ବିତଳ ଓ ସୁତଳ ଏହି ତିନି ସ୍ଥାନ ନିର୍ଦ୍ଦେଶ କଲେ । ଥରେ କଦ୍ରୁ ଓ ବିନତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ପଡ଼ିଲା ଯେ ଉଚ୍ଚୈଃଶ୍ରବା ଅଶ୍ୱର ଲାଙ୍ଗୁଡ଼ କଳା କି ଧଳା । ପ୍ରକୃତରେ ଏହା ଧଳା । ବିନତା କହିଲେ ଏହା ଧଳା, କଦ୍ରୁ କହିଲେ ଏହା କଳା । କଦ୍ରୁ ତାଙ୍କ ପୁଅମାନଙ୍କୁ କହିଲେ ତୁମ୍ଭେମାନେ ଉଚ୍ଚୈଃଶ୍ରବାର ଲାଙ୍ଗୁଡ଼ରେ ଗୁଡ଼େଇ ହୋଇଯିବ ଯେ, ଲାଙ୍ଗୁଡ଼ କଳା ଦେଖାଯିବ । ଏଥିରେ ନାଗମାନେ ଘୋଡ଼ାର ଲାଙ୍ଗୁଡ଼ରେ ଗୁଡ଼େଇ ହୋଇ-

ଯିବାରୁ ଲାଙ୍ଗୁଡ଼ କଳା ଦେଖାଗଲା । ଯେଉଁ ନାଗମାନେ ଲାଙ୍ଗୁଡ଼ରେ ଖୁନ୍ଦେଇ ହେବାପାଇଁ ନାହିଁ କଲେ ସେମାନଙ୍କୁ ନଷ୍ଟ ହେବାପାଇଁ କଦ୍ରୁ ଶାପ ଦେଲେ ଓ ସେମାନେ ଜନମେଜୟଙ୍କ ସର୍ପ ଯଜ୍ଞରେ ନଷ୍ଟ ହେଲେ । ପୁରାଣମାନଙ୍କରେ ଅନେକ ନାଗଙ୍କ ନାମ ଅଛି, ତନ୍ମଧ୍ୟ ସେମାନଙ୍କ ମଧ୍ୟରେ ଆଠଟି ମୁଖ୍ୟ;—ଅନନ୍ତ, ବାସୁକି, ପଦ୍ମ, ମହାପଦ୍ମ, ତକ୍ଷକ, କୁଳୀର, କର୍କୋଟକ ଓ ଶଙ୍ଖ । ଏମାନଙ୍କୁ ଅଷ୍ଟ ନାଗ ବୋଲାଯାଏ ଓ ଏମାନଙ୍କ କୁଳକୁ ଅଷ୍ଟକୁଳ ବୋଲାଯାଏ— ହି. ଶବ୍ଦସାଗର ।]

୩ । ହସ୍ତୀ—3. Elephant.

୪ । ତାମ୍ବୁଲ; ପାନ—4. Betel.

୫ । ମେଘ—5. Cloud.

୬ । ମେରୁର ଉତ୍ତରସ୍ଥ ପର୍ବତବିଶେଷ—
6. Name of a fabulous mountain.

୭ । ନାଗେଶ୍ୱର ବୃକ୍ଷ—
7. Name of a flower tree,Messua Ferra.

୮ । ପୁନ୍ନାଗ ବୃକ୍ଷ; ପୁନ୍ନାଗ ଗଛ—8. Mast wood; Alexandrian Laurel; Inophylum.

୯ । ସିନ୍ଦୂର—9. Vermillion; red lead.

୧୦ । ଦେହସ୍ଥ ବାୟୁବିଶେଷ; ଯେଉଁ ବାୟୁ ଦେହରୁ ହାକୁଟିଦ୍ୱାରା ବାହାରେ—10. Name of a vital air in the human body.

୧୧ । ମୁଥା—11. Esculent root of the creeping grass.

୧୨ । (ଜ୍ୟୋତିଷ) କରଣବିଶେଷ—
12. Name of an astronomical conjunction.
[ଦ୍ର—ଏହା କରଣମାନଙ୍କ ମଧ୍ୟରେ ସ୍ଥିର ଅଟେ ଓ ଏହାର ଅନ୍ୟ ନାମ ଧ୍ରୁବ ।]

୧୩ । ଅଶ୍ଳେଷା ନକ୍ଷତ୍ର—
13. The 9th lunar mansion.

୧୪ । ଦେଶବିଶେଷ ଓ ତଦ୍ଦେଶବାସୀ ଜାତି—
14. Name of a country of ancient India and its inhabitants.
[ଦ୍ର—ଐତିହାସିକମାନଙ୍କ ମତରେ ନାଗ ଶକ ଜାତିର ଏକ ଶାଖା ଥିଲେ । ଏମାନେ ପ୍ରଥମେ ହିମାଳୟର ଉତ୍ତରରେ ରହୁଥିଲେ । ଭାରତଦେଶୀୟ ଲୋକେ ଆପଣାକୁ ନାଗବଂଶୀ ଓ ଆପଣା ଭାଷାକୁ ନାଗଭାଷା ବୋଲି କହନ୍ତି । ଜନମେଜୟଙ୍କ ଉପାଖ୍ୟାନରୁ ପୁରୁବଂଶୀୟ ଓ ନାଗବଂଶୀୟମାନଙ୍କ ମଧ୍ୟରେ ବୈର ଥିବାର ଆଭାସ ମିଳେ । ଏ ବୈର ବହୁକାଳ ପର୍ଯ୍ୟନ୍ତ ଲାଗି ରହିଥିଲା । ଯେତେବେଳେ ସିକନ୍ଦର (ଅଲେକ୍‌ଜାଣ୍ଡର୍) ଭାରତକୁ ଆସିଥିଲେ ସେତେବେଳେ ତାଙ୍କ ସଙ୍ଗେ ତକ୍ଷଶିଳାର ନାଗବଂଶୀ ରାଜାଙ୍କ ସଙ୍ଗେ ଭେଟ ହୋଇଥିଲା । ଉକ୍ତ ରାଜାଙ୍କର ପଞ୍ଜାବର ପୌରବ ରାଜାଙ୍କର ବିଦ୍ରୋହ ଚାଲୁଥିଲା । ତକ୍ଷଶିଳାର ରାଜପୁରରେ ବଡ଼ ବଡ଼ ସାପ ପାଳିତ ହୋଇ ପୂଜା ପାଉଥିଲେ । ଏ ବିଷୟ ସିକନ୍ଦରଙ୍କ ସଙ୍ଗେ ଆସିଥିବା ଲୋକମାନେ ବର୍ଣ୍ଣନା କରି ଯାଇଅଛନ୍ତି— ହି. ଶବ୍ଦସାଗର ।]

୧୫ । ସୀସକ—15. Lead (metal).
[ଦ୍ର—ଭାବପ୍ରକାଶରେ ଲେଖାଅଛି ଯେ ବାସୁକି ଏକ ନାଗକନ୍ୟାଙ୍କୁ ଦେଖି ମୋହିତ ହେଲେ ଓ ତାଙ୍କଠାରୁ ସ୍ଖଳିତ ରେତରୁ ସୀସକ ଧାତୁର ଉତ୍ପତ୍ତି ହେଲା—ହି. ଶବ୍ଦସାଗର ।]

୧୬ । ରଙ୍ଗ ଧାତୁ; ଟିଣ—16. Tin metal (Apte).

୧୭ । ନାଗପୁରର ଦକ୍ଷିଣରେ ବହି ଯାଉଥିବା ନଦବିଶେଷ (କ୍ଷୀରେନ୍ଦ୍ର)—17. Name of a shallow river flowing by the south of Nagpur.

୧୮ । (ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଶେଷରେ ବସିଲେ) ଶ୍ରେଷ୍ଠ—18. Chief.

୧୯ । ଆଠ ସଂଖ୍ୟା (ହି. ଶବ୍ଦସାଗର)—
19. The number eight

୨୦ । ଖଳ ଲୋକ (ହି. ଶବ୍ଦସାଗର)—
20. A wicked person.

୨୧ । ଏକପ୍ରକାର ଅଭ୍ର (ଦ୍ରବ୍ୟଗୁଣ)—
21. A kind of mica.
[ଦ୍ର—ଏହାକୁ ଅଗ୍ନିରେ ପକାଇଲେ ଏଥିରୁ ନାଗସାପର ଫୁଙ୍କାର ପରି ଶବ୍ଦ ହୁଏ ଓ ଏହାକୁ ଖାଇଲେ ଭଗନ୍ଦର ରୋଗ ହୁଏ—ଦ୍ରବ୍ୟଗୁଣ ।]

୨୨ । ପୁନ୍ନାଗ ବୃକ୍ଷ (କ୍ଷୀରେନ୍ଦ୍ର)—
22. The mast wood tree.

୨୩ । ହାଙ୍ଗର—23. A shark (Apte).

୨୪ । ଲୁଗା ଆଦି ରଖିବା ପାଇଁ କାନ୍ଥରେ ମରାଯିବା ଖିଲା; ନାଗଦନ୍ତ—24. A peg projecting from the wall to hang any thing upon (Apte)

କେଅଟିଆ ସାପ; ଗୋଖୁରା ଦେ. ବି—୧ । ଗୋଖରସାପ; ବଡ଼ ଫଣାଯୁକ୍ତ ବିଷଦନ୍ତ ସାପ (ଏହାର ଫଣାରେ ଯୋଡ଼ା ଚଉଠ ପରି କଳା ଚିହ୍ନ ଥାଏ—
ଗୋହୁଅନ
1. Cobra-de-capillo; Naja Aripudian.

୨ । ନିଆଁ ଲଗାଇଲେ ଯେଉଁ ବାଣ ବା ଆତସବାଜିରୁ ନାଗ ପରି ଆଲୋକମୟ ଅଗ୍ନିସ୍ଫୁଲିଙ୍ଗମାନ ବାହାରେ—
2. A fire-work emitting snake-like shoots of sparks.

୩ । ବଙ୍ଗାଳ କାୟସ୍ଥମାନଙ୍କର ଉପାଧିବିଶେଷ—
3 A family-title of Bengalee Kāvasthas.

୪ । ହାଉଇ ଆଦି ଆକାଶକୁ ଉଠିବା ପରେ ତହିଁରୁ ବାହାରିବା ସର୍ପ ଆକାରର ଅଗ୍ନିରେଖା—
4. Long and curved sparks of fire issuing from rockets and other fire-works in the sky.

୫ । ନାଗଲୋକ; ପାତାଳ—5 The nether world.

ବଣବାକୁ ନାଗେ ନାହେ ମଧ୍ୟେକେ ଘର୍ଗିବ ଘରେ
ଭେଟେ ବସାଇଁ ପେଟାହେ ଚଳୁ ସେ ସର—ଉଛ. ବୈଦେହୀଶବିଳାସ ।

ନାଗଅଇର୍—ଦେ. ବି.—ଏକ ପ୍ରକାର କଣ୍ଟକୀ ବନ୍ୟକ୍ଷୁପ [ହ୍ରାସ୍ୱ ଭୃଙ୍ଗଅଗଛ, ଏହାର ପତ୍ର ଓ ଫୁଲ ତୀବ୍ର ଗନ୍ଧବିଶିଷ୍ଟ]—A kind
Nāga-airi
of wild thorny bush with strong scented flowers and leaves; wild sage; Lantna Indica; Lippia Geminata (Haines).

ନାଗ କନ୍ୟକା—ସ. ବି.—ପୁରାଣୋକ୍ତ ପାତାଳ ପୁରବାସୀ ନାଗଜାତିର କନ୍ୟା—A virgin or girl of the mythological Nāga tribe inhabiting the nether world.
Nāga kanyakā
(ନାଗ କନ୍ୟା—ଅନ୍ୟରୂପ)
[ଦ୍ର—ମନ୍ଦିରାଦିରେ ଅଙ୍କିତ ବା ଖୋଦିତ ଚିତ୍ରରେ ଏମାନଙ୍କର କଟିଠାରୁ ଉପର ଅଙ୍ଗମାନ ମନୁଷ୍ୟ ପରି ଓ ନିମ୍ନ ଅଙ୍ଗ ସର୍ପ ପରି ଗୋଟିଏ ଲାଞ୍ଜଯୁକ୍ତ ହୋଇ ଖୋଦିତ ବା ଚର୍ଚ୍ଚିତ ହେବାର ଦେଖାଯାଏ ।]

ନାଗକର୍ଣ୍ଣ—ସ. ବି. (ନାଗ+କର୍ଣ୍ଣ)—୧ । (ଦେଶୀ ଚଳିତ) ହାତୀର କାନ—
Nāga karnna 1. The ear of an elephant.
୨ । (ନାଗ ଅର୍ଥାତ୍ ହାତୀର କାନ ପରି ପତ୍ର ଯାହାର; ବହୁବ୍ରୀହି)—ନାଲି ରଙ୍ଗ ଗଛ; ରକ୍ତ ଏରଣ୍ଡ ଗଛ—
2. The red castor oil seed plant.

ନାଗ କିଞ୍ଜଳ୍କ—ସ. ବି.—ନାଗକେଶର (ଦେଖ)
Nāga kiñjalka Nāga kesara (See)

ନାଗ କୁମାରିକା—ସ. ବି. ସ୍ତ୍ରୀ—୧ । ଗୁଡ଼ୁଚି ଲତା—
Nāga kumārikā 1. Tinaspora Cordifolia (creeper).
୨ । ମଞ୍ଜିଷ୍ଠା—2. The Indian madder plant; Rubia Manjishtha.

ନାଗ କୂପ—ସ.ବି. (ନାଗ+କୂପ)—୧ । ଉଷ୍ଣପ୍ରସ୍ରବଣ—1. A well
Nāga kūpa or fountain emitting hot water; hotspring.
୨ । ଜ୍ୱାଳାମୁଖୀ—2. A geyser; a pit emitting burning or inflammable gas
୩ । ଆଗ୍ନେୟଗିରି—3. Vulcano.

ନାଗ କେଶର—ସ. ବି. (ନାଗ+କେଶର; ବହୁବ୍ରୀହି)—ନାଗେଶ୍ୱର ଗଛ ଓ ଫୁଲ—Mesua-Ferra (tree and flower).
Nāga kesara
ସ. ନାମ—ନାଗ ପୁଷ୍ପ, କେଶର, ନାଗକିଞ୍ଜଳ୍କ, ରୁକ୍ମେୟ ଓ କାଞ୍ଚନ
ବା.ଚଳ ଶବ୍ଦମାନ, ନାଗଚମ୍ପକ
ଅ. ନାଗମୁସ୍ତ
ତେ. ନାଗକେଶରାଲୁ
ତା. ନାଗଲ, ସୁରୁପୁନା
ନାଗେଶର, ନାଗେଶ୍ୱର
नागकेशर, नागचंपा
[ଦ୍ର—ଏହା ନାତିଦୀର୍ଘ ଉଦ୍ୟାନଜାତ ପୁଷ୍ପତରୁ; ଏହାର ଫୁଲ ଧଳା, ଚତୁର୍ଦଳ ଓ ମୃଦୁଗନ୍ଧ । ଏହାର କେଶର ସୁଗନ୍ଧ ହଳଦିଆ । କେଶରକୁ ଶୁଖାଇ ଭାଙ୍ଗ ସଙ୍ଗେ ବାଟି ଖାଆନ୍ତି । ଏହା ଜ୍ୱର, କୃମି, କଫ, ପିତ୍ତ, କୁଷ୍ଠ, କଣ୍ଡୁ, ତୃଷା, ହୃଲ୍ଲାସ, ବିସର୍ପ, ସ୍ୱେଦ, ବମନ ଓ ଦୌର୍ଗନ୍ଧ୍ୟନାଶକ । ଏହାର କାଠ ଖୁବ୍ ଶକ୍ତ; ଏହାର ଫଳରୁ ୨।୩ ଟି ମଞ୍ଜି ବାହାରେ । ଏ ମଞ୍ଜିରୁ ବାହାରିବା ତେଲ ଦୀପରେ ଜଳା ଯାଏ ଓ ବାତ ରୋଗରେ ଉପକାର କରେ ।]

ନାଗ କେଶୁର—ଗ୍ରା. ବି. (ସ. ନାଗକେଶର)—ନାଗକେଶର (ଦେଖ)
Nāga kesura Nāgakesara (See)
(ନାଗକେଶର, ନାଗେଶ୍ୱର—ଅନ୍ୟରୂପ)

ନାଗଗର୍ଭ—ସ. ବି. (ନାଗ=ସୀସା+ଗର୍ଭ=ଉତ୍ପତ୍ତି; ସୀସାରୁ ଯାହାର ଉତ୍ପତ୍ତି; ବହୁବ୍ରୀହି) ମାଟିଆ ସିନ୍ଦୂର—
Nāga garbha
Vermillion; red lead.

ନାଗ ଚତୁର୍ଥୀ—ସ. ବି.—କାର୍ତ୍ତିକ ଶୁକ୍ଳ ଚତୁର୍ଥୀ; ନାଗଲ ଚଉଠି—
Nāga chaturthi The 4th day of the bright fort-night of the month of Kārttika.
[ଦ୍ର—ଏଥିରେ ନାଗ ନାଗୁଣୀଙ୍କ ମୂର୍ତ୍ତିର ପୂଜା କରା ଯାଏ ।]

ନାଗ ଚମ୍ପକ—ସ. ବି.—ନାଗ କେଶର (ଦେଖ)
Nāga champaka Nāga kesara (See)

ନାଗ ଚୁଚୁନ୍ଦ୍ରା ଧରିବା ନ୍ୟାୟ—ଦେ. ବାକ୍ୟ—ବିଷମ ବା ଅସାଧ୍ୟ ସମସ୍ୟାରେ ପଡ଼ିବା ଅବସ୍ଥା—
Nāga chuchundrā dharibā nyāya
An analogy applied when a person is between the horns of a dilemma.
(ନାଗ ସାପ ଚୁଚୁନ୍ଦ୍ରା ଧରିବା ନ୍ୟାୟ—ଅନ୍ୟରୂପ) [ଦ୍ର—ଲୋକେ **भईगति साँप छुछुंदर केरी** ବିଶ୍ୱାସ କରନ୍ତି ଯେ ନାଗ ସାପ ଚୁଚୁନ୍ଦ୍ରାକୁ ଧଇଲେ ଚୁଚୁନ୍ଦ୍ରାର ଦେହର ଦୁର୍ଗନ୍ଧ ହେତୁ ତାକୁ ଖାଇ ପାରେ ନାହିଁ; ଅଥଚ ଛାଡ଼ି ପାରେ ନାହିଁ; କାରଣ ପ୍ରବାଦ ଅଛି ଯେ ତାକୁ ଛାଡ଼ି ଦେଲେ ସାପର ଆଖି ଫୁଟି ଯିବ ।]

ନାଗଚୂଡ଼—ସ. ବି.—(ନାଗ+ଚୂଡ଼ା; ବହୁବ୍ରୀହି; ନାଗ ଯାହାର ଚୂଡ଼ାରେ ଥାଏ)—ଶିବ; ମହାଦେବ—An epithet of Siba.
Nāga chūrda
(ନାଗଧର—ଅନ୍ୟ ନାମ)

ନାଗଛତ୍ରା—ସ. ବି.—୧ । ବିଛୁଅତି ଗଛ—1. The stinging nettle plant; Fragia Involucrata.
Nāgachchhatrā
(ନାଗଦଣ୍ଡିକା—ଅନ୍ୟରୂପ)
୨ । ସୂର୍ଯ୍ୟମୁଖୀ ଫୁଲ—
2. The sun flower; Helianthus.
୩ । ନାଗଦନ୍ତୀ (ଦେଖ)—3. Nāgadanti (See)

ନାଗଜ—ସ.ବି. (ନାଗ=ସୀସା+ଜନ ଧାତୁ=ଜାତ ହେବା+କର୍ତ୍ତୃ.ଅ)—
Nāgaja ୧ । ସିନ୍ଦୂର—1. Vermillion; red lead.
୨ । ରଙ୍ଗା; ଟିଣ—2. Tin (metal).
ସ. ବିଣ.—୧ । ନାଗଠାରୁ ଉଦ୍ଭବ—
1. Born of a Nāga.

ନାଗ ଜିହ୍ୱା—ସ. ବି. ସ୍ତ୍ରୀ (ନାଗ+ଜିହ୍ୱା; ବହୁବ୍ରୀହି; ନାଗ ପରି ଜିହ୍ୱା ଯାହାର)—(ବୈଦ୍ୟକ)—ଅନନ୍ତମୂଳ; ଦେମିଛ ଲଇ—
Nāga jihwā
(ଅନ୍ୟ ସ. ନାମ—ଅନନ୍ତା, ଶାରିବା)
A medicinal creeper, Asclepias; Pseudo sarsa; Hemidesmus Indicus; Indian sarsaparilla.

ନାଗ ଜିହ୍ୱିକା—ସ.ବି (ବୈଦ୍ୟକ)—ମନଃଶିଳା—
Nāga jihwikā Realgar; red arsenic.

ନାଗ ଜୀବନ—ସ. ବି—ରଙ୍ଗା ଧାତୁ; ଟିଣ—
Nāga jibana Tin metal (Apte).

ନାଗ ଦଅଣା—ଦେ. ବ (ସଂ. ନାଗଦମନକ)—୧ । ପାନଅଇର୍ଡ଼ (ଦେଖ)
Nāga da-aṇā 1. Pāna-airda (See).
(ନାଗ ଦମୂଣା—ଅନ୍ୟରୂପ) ୨ । ସୁଗନ୍ଧପତ୍ରଯୁକ୍ତ ଲତାବିଶେଷ—
2. Artemisia Vulgaris; the Indian wormwood; akind of plant.
ସଂ. ନାମ—ନାଗଦମନୀ, ବଲା, ମୋଠା, ବିଷାପହା, ନାଗପୁଷ୍ପୀ, ନାଗପତ୍ରା, ଶ୍ରୀକନ୍ଦା, ମଦ୍ୟା- ଯୋଗେଶ୍ୱରୀ, ବିଷପର୍ଣ୍ଣୀ, ସୁନନ୍ଦା, କନ୍ଦଶାଳିନୀ, ଜାଂବବତୀ, ବୃକ୍କା, ଜାଂବଗୀ, ମଲଘ୍ନୀ, ଦୁର୍ଦ୍ଧର୍ଷା, ଦୁଃସହା, ତ୍ରିଫଳା, ବନକୁମାରୀ
ନାଗଦନା,ଈଶାରମୂଲ,ନାଗଦାନା
ନାଗବୌନା, ନାଗଦମନ,
ତେ—ଈଶ୍ୱରଚେଟ୍ଟୁ
ତା—ମାଚଷନ୍ଦୀ
ମ—ନାଗଦବଣୀ
ଗୁ—ନାଗଡ଼ମଣ
[ଦ୍ର—ଏହା ସିଲୁଅଁ ସି ପରି; ଏଥିର ଡାଳ ନାହିଁ; କେବଳ ମୂଳରୁ ସିଅଲୁଅଁ ସି ପରି ସୁଡୌଳ ଖଡ୍ଗାକାର ଏକ ହାତ ପର୍ଯ୍ୟନ୍ତ ଲମ୍ବ ଓ ୩।୪ ଅଙ୍ଗୁଳ ଚଉଡ଼ା ପତ୍ର ବାହାରିଥାଏ । ପତ୍ର ଉପରେ ସିଲୁଅଁ ସି ପରି ପତ୍ର କୋମଳ କଣ୍ଟା ନ ଥାଏ । ପତ୍ର ଗାଢ଼ ସବୁଜବର୍ଣ୍ଣ ଓ ମଝିରେ ଧଳା ଚଉଡ଼ା ରେଖାର ଚିହ୍ନ ଥାଏ । ଏହାର ମୂଳ କନ୍ଦମୂଳ ପରି ଭୂମି ଭିତରକୁ ଯାଏ । ଏହା କଟୁ ତିକ୍ତ ରସ, ଲଘୁ ଏବଂ କଫ, ପିତ୍ତ, ତ୍ରିଦୋଷ ଓ ବିଷନାଶକ; ଏହା ବ୍ରଣ, ମୂତ୍ରକୃଚ୍ଛ୍ର, ଉଦରାଧ୍ମାନ, ଜାଲଗର୍ଦ୍ଦଭ ନିବାରକ, କୋଷ୍ଠ-ବିଶୋଧକ, ଗ୍ରହଦୋଷନିବାରକ, ଧନପ୍ରଦ ଓ ସୁମତିପ୍ରଦ । ଏହା ଫୁଲ୍ଲ, ପ୍ରମେହ ଓ ଜ୍ୱର ଦୂର କରେ ।]

ନାଗ ଦଣ୍ଡକ - ସଂ.ବ (ନାଗ+ଦଣ୍ଡକ; ୬ଷ୍ଠୀ ତତ୍)—୧ । ହାତୀଦାନ୍ତ—
Nāga daṇḍaka 1. Ivory.
(ନାଗଦନ୍ତ; ନାଗଦନ୍ତକ—ଅନ୍ୟରୂପ) ୨ । ଘର କାନ୍ଥରେ ମରାଯିବା କାଠି—2. A peg driven into the wall.

ନାଗଦଣ୍ଡୀ—ସଂ. ବ. ସ୍ତ୍ରୀ (ନାଗ+ଦଣ୍ଡ+ଈ)—୧ । ବେଶ୍ୟା—
Nāgadaṇḍī 1. A whore; prostitute
୨ । ସୂର୍ଯ୍ୟମୁଖୀ ଫୁଲ—
2. Sun flower; Helianthus.
୩ । ହସ୍ତିନୀ—3. A female elephant.

ନାଗଦତ୍ତ—ସଂ. ବ. ପୁଂ—୧ । ଧୃତରାଷ୍ଟ୍ରଙ୍କ ପୁତ୍ରବିଶେଷ—
Nāgadatta 1. A son of Dhrutarāshtra
୨ । ଜନୈକ ରାଜା—2. Name of a king.
୩ । ପ୍ରସିଦ୍ଧ ବୌଦ୍ଧ ଧର୍ମ ସଂସ୍କାରକ ପଣ୍ଡିତ—
3. A famous Buddhist Pandit and reformer.
[ଦ୍ର—ଏହାଙ୍କର ସମ୍ପ୍ରଦାୟ 'ନାଗଦତ୍ତ' ସମ୍ପ୍ରଦାୟ ନାମରେ ପରିଚିତ ।]

ନାଗ ଦନ୍ତ—ସଂ. ବ (୬ଷ୍ଠୀ ତତ୍; ନାଗ+ଦନ୍ତ)—୧ । ହାତୀଦାନ୍ତ—
Nāga danta 1. Ivory.
(ନାଗଦନ୍ତକ—ଅନ୍ୟରୂପ) ୨ । ଲୁଗା ଆଦି ଓହଳାଇବା ପାଇଁ କାନ୍ଥରେ ମରାଯିବା କାଠି; ଖିଲ; ଖୁଲା—
2. A peg or bracket projecting from a wall to hang things upon (Apte).

ନାଗଦନ୍ତିକ—ସଂ. ବ (ବୈଦ୍ୟକ)—ବୃଶ୍ଚିକାଳୀ; ବିଛୁଆତି ଗୁଳ୍ମ—
Nāgadantika The stinging nettle; Fragia Involucrata.
(ନାଗଦନ୍ତିକା—ଅନ୍ୟରୂପ)

ନାଗଦନ୍ତୀ—ସଂ.ବ. (ବୈଦ୍ୟକ)—୧ । ହାତୀଶୁଣ୍ଢୀ ଗୁଳ୍ମ; ବନ୍ୟ ଖର-ଲୋମଶ ବର୍ଷାୟୁଃ କ୍ଷୁଦ୍ର ଶାକବିଶେଷ—
Nāgadantī 1 Helitropium Indicum (plant).
ସଂ. ପର୍ଯ୍ୟାୟ—ନାଗକ୍ଷୋଭା,ନାଗିନୀ, ଭୂରୁଣ୍ଡୀ, ଶ୍ରୀହସ୍ତିନୀ, ବିଶଲ୍ୟା, ଦନ୍ତପୁଷ୍ପୀ,ଦନ୍ତୌଷଧି, ଶୁକ୍ଳପୁଷ୍ପୀ, ଇନ୍ଦ୍ରଦନ୍ତାହ୍ୱା, କାଣ୍ଡେରୀ, କାମଦୂତିକା, ଶ୍ୱେତପୁଷ୍ପା, ବିଶୋଧନୀ, ବଗାକ୍ଷୀ, ନାଗଛତ୍ରା, ବିତଷଣା, ସର୍ପପୁଷ୍ପୀ, ହିତପୁଷ୍ପୀ, ସ୍ୱାଦ୍ୱିକା, ଶତଦନ୍ତିକା, ଶତଦନ୍ତୀ, ସର୍ପଦନ୍ତୀ
ହାତିଶୁଁଡ଼ୋ
ନାଗଦନ୍ତୀ
[ଦ୍ର—ଏହାର ଫୁଲ ଧଳା ମିଶା ନେଳିଆ; ମଞ୍ଜରୀରେ ଫୁଲ ଧାଡ଼ି ଫୁଲ ଫୁଟେ । ମଞ୍ଜରୀ ହାତୀଶୁଣ୍ଢ ପରି ବଙ୍କାଇ ଥାଏ;ଏହା ଭୂଇଁରେ ଏ ଗଛ ହୁଏ । ଏହାର ପତ୍ର ଦେହରେ ଲଗିଲେ ଭାରି କୁଣ୍ଡେଇ ହୁଏ । ଏହା କଟୁତିକ୍ତ ରସ,ଉଷ୍ଣ, ପାଚକ, ମେଧା-ବର୍ଦ୍ଧକ, କଫ ଓ ବାୟୁନାଶକ ଏବଂ ଗୁଳ୍ମ, ଶୂଳ ଓ ବିଷଦୋଷରେ ହିତକର । ସର୍ପ ଦଷ୍ଟବ୍ୟକ୍ତିକୁ ଏହାର ମୂଳ ବାଟି ଖୁଆଇଲେ ବିଷଜ୍ୱାଳା କମେ । ଭଣ୍ଡ କାମୁଡ଼ା ଆଦିର ବିଷଜ୍ୱାଳା ଏହାର ରସ ମର୍ଦ୍ଦନରେ କମିଯାଏ ।]
୨ । ନଶୀ ନାମକ ଗନ୍ଧ ଦ୍ରବ୍ୟ (ଦ୍ର. ଶବ୍ଦସାଗର)—
2. A kind of sweet smelling hell
୩ । ବେଶ୍ୟା—3. Whore.

ନାଗ ଦମନ—ସଂ. ବ. (ଉପପଦ ତତ୍ ପୁରୁଷ; ନାଗ+ଦମନ)—
Nāga damana ୧ । ସର୍ପବଶକାରୀ ବ୍ୟକ୍ତି; ସାପୁଆ—
1. A snake charmer.
୨ । କାଳୀୟ ଦମନ; ଶ୍ରୀକୃଷ୍ଣ—2. Śrikrushṇa.
୩ । ନାଗ ଦଅଣା (ଦେଖ)
3. Nāga da-aṇā (See)

ନାଗ ଦମନକ—ସଂ. ବ. (ନାଗ+ଦମନକ)—
Nāga damanaka ୧ । ନାଗ ଦଅଣା (ଦେଖ)
(ନାଗ ଦମନୀ—ଅନ୍ୟରୂପ) 1. Nāga da-aṇā (See)
୨ । ବଜ୍ରମୂଲୀ (ଦେଖ)—2. Bajramūlī (See)

ନାଗଦଳ—ପ୍ରାଦେ. (ଯାଜପୁର) ବ (ଏହାର ପତ୍ରର ନାଗ ସାପ
Nāga dala ଫଣା ପରି ଆକୃତି ଥିବାରୁ)—ବଳଦ ଦଳ—
Water hyacinth.

ନାଗ ଦ୍ୱୀପ—ସଂ. ବ—ବିଷ୍ଣୁ ପୁରାଣ ଅନୁସାରେ ଭାରତବର୍ଷର ୯ ଭାଗରୁ
Nāga dwipa ଏକ—One of the 9 mythological islands forming the ancient India.

ନାଗଦ୍ରୁ—ସଂ. ବ—ନାଗଫେଣିଆ ଗଛ; ଏକପ୍ରକାର ପତ୍ରହୀନ ସିଜୁ—
Nagadru Cactus Indicus.
(ନାଗଦ୍ରୁମ—ଅନ୍ୟରୂପ)

ନାଗ ନକ୍ଷତ୍ର—ଦେ. ବ (ସଂ. ନାଗ+ନକ୍ଷତ୍ର)—ହାତର ଅଦ୍ରା ଆକାଶରୁ
Nāga nakshatra ଛୁଟିଯିବା ପରେ ଗର୍ତ୍ତରୁ ବାହାରିବା ନାଗସାପ

ଓ ନକ୍ଷତ୍ର ଆକାରର ଅଗ୍ନିକଣାମାନ—
The star-like and serpent-like sparks which shoot forth from rockets when they go up to the sky.

୫ ବ—ଅଶ୍ଳେଷା ନକ୍ଷତ୍ର—The 9th asterism in Hindu astrology (Apte).

ନାଗ ନଳ—ଦେ.ବ(ସ.ନାଗ+ନଳ)—ହାଉଇ ଅଗ୍ର ଭାଗରେ ବନ୍ଧାଯିବା
Nāganaḻi ବାରୁଦପୂର୍ଣ୍ଣ ଛୋଟ ଛୋଟ କାଗଜର ନଳୀ—Small paper tubes of gunpowder put inside rackets which emit long serpent-like sparks high up in the air.

[ଦ୍ର—ଏହି ନଳୀରୁ ଗୁଡ଼ାଏ ଗୁଡ଼ା କରି ହାଉଇର ମୁଣ୍ଡରେ ବନ୍ଧା ଯାଏ । (ଏ ପ୍ରକ୍ରିୟାକୁ ହାଉଇର ଠେକାବନ୍ଧା କୁହାଯାଏ) । ହାଉଇ ଆକାଶକୁ ଉଠିଗଲେ ଏଥିରେ (ନାଗନଳରେ) ନିଆଁ ଲାଗିବାରୁ ଏଥିରୁ ନାଗ ସର୍ପ ଆକୃତିବିଶିଷ୍ଟ ଝୁଲିଙ୍ଗ ସ୍ରୋତମାନ ବାହାରେ । ଏ ଦୃଶ୍ୟକୁ ହାଉଇ ନାଗ ଛାଡ଼ିଲା ବୋଲି କୁହାଯାଏ ।]

ନାଗ ନାଗୁଣୀ—ଦେ. ବ. (ସ. ନାଗ+ନାଗିନୀ)—
Nāga nāguṇi ୧ । ଅଣ୍ଡିରା ନାଗସାପ ଓ ମାଈ ନାଗସାପ—
नागनागीन 1. A couple of cobra-de-capillo.
नागनागिनी ୨ । ନାଗ-ଚତୁର୍ଥୀ (ଦେଖ)
2. Nāga-chaturthi (See)
୩ । ନାଗଫେଣିଆ ଗଛ—3. Cactus Indicus.

ନାଗ ପଞ୍ଚମୀ—ସ. ବ—ଶ୍ରାବଣ କୃଷ୍ଣପଞ୍ଚମୀ; ମନସା ପଞ୍ଚମୀ—
Nāga pañchami The 5th day of the dark fortmight of Śrābaṇa.

[ଦ୍ର—ଏ ଦିନ ନାଗପୂଜା ଓ ମନସା ପୂଜା ହୁଏ । ମତାନ୍ତରରେ ଶ୍ରାବଣ ଶୁକ୍ଲପଞ୍ଚମୀ (ନାଗୁଲେଇ ପଞ୍ଚମୀ) ବା ଦେଶ ପୁରାଣମତେ ଆଷାଢ଼ କୃଷ୍ଣପଞ୍ଚମୀ । ଏ ଦିନ ଅଷ୍ଟନାଗ ବା ଭୁଜଙ୍ଗୋଦ୍ଦେଶ ନାଗ ସିଜୁଗଛମୂଳେ ପୂଜା କରାଯାଏ । ଏହିଦିନ ଘରେ କମ୍ପଡ଼ ଅଗ୍ନି ରଖାଯାଏ ଓ ଖିଆଯାଏ; ତାହାହେଲେ ବର୍ଷକ ପାଇଁ ସର୍ପଭୟ ରହେ ନାହିଁ ।]

ନାଗ ପତି—ସ. ବ. (୬ଷ୍ଠୀ ତତ୍; ନାଗ+ପତି)—୧ । ଐରାବତ ହସ୍ତୀ—
Nāga pati 1. Indra's elephant.
୨ । ବାସୁକି—2. The mythological king of serpents

ନାଗପତ୍ରା—ସ. ବ.—(ବୈଦ୍ୟକ)— ନାଗ ଦଅଣା (ଦେଖ)
Nāgapatrā (ଲତାପ୍ରକାର; ଦ୍ରବ୍ୟଗୁଣ)
Nāga da-aṇā (See)

ନାଗପତ୍ରୀ—ସ. ବ. (ବୈଦ୍ୟକ)—ଲକ୍ଷଣା (ଦେଖ)
Nāgapatri Lakshaṇā (See)

ନାଗପଦ—ସ. ବ. ପୁଂ (ନାଗ+ପଦ; ବହୁବ୍ରୀହି)— ୧ । ଷୋଡ଼ଶ
Nāgapada ରତିବନ୍ଧାନ୍ତର୍ଗତ ୬ଷ୍ଠ ରତିବନ୍ଧ—
1. One of the 16 postures assumed during sxual congress.

ପାଦୌ ସ୍କନ୍ଧେ ତଥା ହସ୍ତେ କ୍ଷିପେତ୍ ହୃଦ୍ଦଂଶେ ଲଗ୍ନ
କାମୟେତ୍ ହି କାମୁକୋ ନାରୀଂ ବନ୍ଧୋ ନାଗପଦୋମତଃ—ରତିମଞ୍ଜରୀ ।

୨ । (୬ଷ୍ଠୀ ତତ୍;) ହସ୍ତୀର ପଦ—
2. The leg of an elephant.

ନାଗପର୍ଣ୍ଣୀ—ସ. ବ—ପାନ—
Nāgaparṇṇi Piper betel.

ନାଗ ପାଶ—ସ. ବ. (ନାଗ=ହସ୍ତୀ, ସର୍ପ+ପାଶ=ରଜ୍ଜୁ)—
Nāga pāśa ୧ । ଶତ୍ରୁକୁ ଧରିବା ନିମନ୍ତେ ଯୁଦ୍ଧରେ ବ୍ୟବହୃତ ଏକପ୍ରକାର ଫାଶ—1. A kind of noose used in battle to entangle the enemy.

ମେଘ ଛଳରେ ଲୁଚ ସେ ରାମ ଲକ୍ଷ୍ମଣଙ୍କୁ ନାଗପାଶ ବାଣ ମାରସ—
ନାଟକଣ୍ଡ. ଦିଗ୍ଗଜ ରାମାୟଣ ।

[ଦ୍ର—ମେଘନାଦ ଏ ଅସ୍ତ୍ର ଇନ୍ଦ୍ରଙ୍କଠାରୁ ପାଇଥିବା ବିଷୟ ରାମାୟଣରେ ଲେଖାଅଛି । ଏତଦ୍ଦ୍ୱାରା ମେଘନାଦ ଲକ୍ଷ୍ମଣଙ୍କୁ ବାନ୍ଧିଥିଲା ।]

୨ । ବରୁଣଙ୍କର ଆୟୁଧ—2 The noose-weapon of the sea-god Baruṇa.

୩ । ନାଗମାନଙ୍କଦ୍ୱାରା ରଚିତ ଏକପ୍ରକାର ଫାଶ (ଏହାକୁ ଶିବ ଧାରଣ କରନ୍ତି)—3. A coil made by serpents which wind round the body of Śiba.

୪ । ଗ୍ରନ୍ଥିବିଶେଷ—4. A kind of knot.

[ଦ୍ର—ଅଡ଼େଇ ଫେର ବୁଲାଇ ଯେଉଁ ଗ୍ରନ୍ଥି ନିର୍ମିତ ହୁଏ ତାହାକୁ ନାଗପାଶ ଗ୍ରନ୍ଥି କୁହାଯାଏ—ପ୍ରକୃତିବାଦ ।]

ନାଗପାଶକ—ସ. ବ. (ନାଗ+ପାଶକ)—ରତିବନ୍ଧବିଶେଷ—
Nāgapāśaku Name of a pose in coition.
(ନାଗବନ୍ଧ—ଅନ୍ୟରୂପ)

ସ୍ୱଜଙ୍ଘାଦ୍ୱୟମଧ୍ୟସ୍ଥାଂ ହସ୍ତାଭ୍ୟାଂ ଧାରୟେତ୍ ଦୃଢୌ,
ଉନ୍ନମେତ୍ ଙ୍କେରଃ କାମୀ ବନ୍ଧୋଽୟଂ ନାଗପାଶକଃ । ରତିମଞ୍ଜରୀ ।

ନାଗପୁର—ସ. ବ—୧ । ହସ୍ତିନାପୁର; ଦୁର୍ଯ୍ୟୋଧନଙ୍କ ରାଜଧାନୀ—
Nāgapura 1. Hastināpura; the capital of Durjyodhana.
୨ । ପାତାଳ—2. The nether worldt (the abode of the serpents).

ଦେ. ବ—ମଧ୍ୟପ୍ରଦେଶର ରାଜଧାନୀ ଓ ଜିଲ୍ଲା ଓ ଡିଭିଜନ—
नागपुर Name of a town, district and division
नागपुर of the Central Provinces of India.

[ଦ୍ର—ଏହା ମହାରାଷ୍ଟ୍ର ଦେଶରେ ଗଣ୍ଡବାନା ପ୍ରଦେଶର ରାଜଧାନୀ । ନାଗ ନାମକ ନଦୀ ତୀରରେ ଅବସ୍ଥିତ ।

ଦେଶୀ ଅସ୍ତ୍ର, ଲୁଗା, ରେଶମ ଓ ତୂଳା ବ୍ୟବସାୟ ନିମନ୍ତେ ଏ ସ୍ଥାନ ପ୍ରସିଦ୍ଧ । ଅଗ୍ନି ପୁରାଣରେ ଏ ନଗରର ନାମୋଲ୍ଲେଖ ଅଛି ।]

ନାଗପୁରୀ—ଦେ. ବିଣ—୧ । ନାଗପୁରବାସୀ—
Nāgapuri 1. Residing in Nagpur.
(ନାଗପୁରିଆ—ଅନ୍ୟରୂପ) ୨ । ନାଗପୁରରେ ଉତ୍ପନ୍ନ ବା ପ୍ରସ୍ତୁତ—
नागपुरी 2. Made in Nagpur.

नागपुरी ସଂ. ବି—ପାତାଳ—The nether regions

ଦେ. ବି—ବହାର ଭାଷାର ଭୋଜପୁର ଭାଷା—Bhojpuri

नागपुरी dialect of the Beharee language.

[ଦ୍ର—ଏହି ଭାଷା ଯାଶପୁର ଓ ତହିଁର ଉତ୍ତରାଞ୍ଚଳରେ କଥିତ ।]

ନାଗ ପୁଷ୍ପ—ସଂ. ବି. (ନାଗ+ପୁଷ୍ପ; ବହୁବ୍ରୀହି; ହସ୍ତୀର ମଦ ଗନ୍ଧ ପରି
Nāga pushpa ଗନ୍ଧଯୁକ୍ତ ପୁଷ୍ପ ଯାହାର)—

୧ । ପୁନ୍ନାଗ ବା ପୁନ୍ନଙ୍ଗ ଗଛ—1. Mast wood; Alexandrian Laurel; Calophyllum Inophyllum; Rottleria Tinctoria (tree).

୨ । ନାଗେଶ୍ୱର ଗଛ—2. Messua Ferra (tree).

୩ । ଚମ୍ପକ; ଚମ୍ପା ଗଛ—3. The Champaka tree.

ନାଗପୁଷ୍ପ ଫଳା—ସଂ. ବି—କୁଷ୍ମାଣ୍ଡ (ଦେଖ)
Nāgapushpa phalā Kushmānda (See)

ନାଗପୁଷ୍ପିକା—ସଂ. ବି. ସ୍ତ୍ରୀ. (ନାଗ+ପୁଷ୍ପିକା; ବହୁବ୍ରୀହି)—
Nāga pushpikā ସ୍ୱର୍ଣ୍ଣ ଯୂଥିକା; ହଳଦିଆ ଯୂଈ—
Jasmimum Heterophylum.

ନାଗପୁଷ୍ପୀ—ସଂ. ବି. (ବୈଦ୍ୟକ)—୧ । ଏକ ପ୍ରକାର ଔଷଧ ଗୁଳ୍ମ—
Nāgapushpi 1. A medicinal plant.

ସଂ. ନାମ—ନାଗିନୀ, ରାମଦୂତିକା, ଶ୍ୱେତପୁଷ୍ପା [ଦ୍ର—ଏହା ତିକ୍ତ ରସ, ଉଷ୍ଣବୀର୍ଯ୍ୟ, ରଚେଚକ, ତୀକ୍ଷ୍ଣ, କଫ ଓ ପିତ୍ତ ନାଶକ ଏବଂ ବମନ, କୃମି, ଶୂଳ, ଯୋନିଦୋଷ ଓ ବିଷଦୋଷରେ ଉପକାରକ ।]

୨ । ନାଗ ଦଅଣା (ଦେଖ)—
2. Nāga daanā (See)

୩ । ମେଷଶୃଙ୍ଗୀ; ମେଷ ଶୃଙ୍ଗୀ (ହି. ଶବ୍ଦସାଗର)—
3. The screw tree; Gymnema Sylvestre.

ନାଗଫଣ(ଣା)—ସଂ. ବି. (୬ଷ୍ଠୀ ତତ୍; ନାଗ+ଫଣ)—
Nāgaphana(nā) ନାଗ ସାପର ବିସ୍ତାରିତ ମସ୍ତକ—
The hood of a cobra-de-capillo.

ନାଗଫଣା(ଣୀ)—ଦେ. ବି (ସଂ. ନାଗ+ଫଣା; ଏହାର ଡାଳ ନାଗର ଫଣା
Nāgaphanā (ni) ପରି ଦେଖାଯିବାରୁ)—ଦକ୍ଷିଣ ଆମେରିକାରୁ

ନାଗଫଣିଆ, ନାଗଫେଣ, ନାଗଫେଣିଆ (ଆଁ) } ଅନ୍ୟରୂପ — ଆଣୀତ କଣ୍ଟକୀ କ୍ଷୁପବିଶେଷ—Opuntia Monacantha (Haines); Opuntia Dillenii; Cactus; Prickly pear, Euphorbia Nerifollia.

फनीमनसा, नागफना फेनीमनसा, शातला, मनसासिज
नागफना, नागफनो

ମ. ନିବଡୁଂଗାଗ୍ରୁ — ଭସ୍ମାଦାନେ ଦଷ ସହ ନାଗଫେଣୀ—ପ୍ରଧାନାଥ. ଚନ୍ଦ୍ରିକା ।

ଗୁ. ସାଥେରଂ — [ଦ୍ର—ଏହାର ପତ୍ର ନାହିଁ । ଡାଳ

ପା. ଏସନ୍ — ଚେପଟା ଓ ନାଗ ସାପର ଫଣା ପରି ।

ଆ. ସାତର — ଏଥିରେ ବଡ଼ିଶି ଆଦିର ବାଡ଼ ତିଆରି କରାଯାଏ । ଫୁଲ ଗଣ୍ଠେଇ ଚଳମ ପରି ଓ ହଳଦିଆ ପାଟଳାଯୁକ୍ତ ଓ ଛତାକାର । ଡାଳରେ ଗୋଛ ଗୋଛ ରୁଦାକାର ସରୁ ଓ ଲମ୍ବ କଣ୍ଟା ବାହାରେ । ଏହା ତିକ୍ତରସ, ଶୀତବୀର୍ଯ୍ୟ, ବାୟୁବର୍ଦ୍ଧକ; ଶୋଥ, କଫ, ଅନାହ, ପିତ୍ତ, ଉଦାବର୍ତ୍ତ ଓ ରକ୍ତଦୁଷ୍ଟିନାଶକ । ଏହା ଆମେରିକାଦେଶୀୟ ଓ ଅଟ୍‌ଲାଣ୍ଟିକ୍ ମହାସାଗର ଉପକୂଳର ଗଛ । ଆମେରିକାରେ ଏହାର ଫଳ ଲୋକେ ଖାଆନ୍ତି । ଏ ଦେଶରେ ଏହା ଫୁଲ ଧରେ ଏବଂ ଡାଳ ପୋଡ଼ିଲେ ବାଷ୍ପଯାଏ । ଏହିଜାତୀୟ ଗଛ ପ୍ରାୟ ଶତାଧିକ ପ୍ରକାର ଅଛି । ଏକପ୍ରକାର ଗଛ ଭୂମଧ୍ୟସାଗର ଉପକୂଳରେ ଲଗାଯାଇ ସବୁଠି ମାଡ଼ି ଯାଇଅଛି । ଏହାର ଡାଳରୁ ଜାଲି ଅଲଗା ପରି ରସ ବାହାରେ ।]

ନାଗଫଳ—ସଂ. ବି—ପଟୋଳ (ଦେଖ)
Nāgaphala Patola (See).

ନାଗଫାଶ—ଦେ. ବି.—(ସଂ. ନାଗପାଶ)—ନାଗପାଶ (ଦେଖ)
Nāgaphāsa Nāgapāsa (See).
नागपास **नागफाँस**

ନାଗ ଫେଣା—ଦେ. ବି.—(ସଂ. ନାଗ ଫଣା)—୧ । ସର୍ପ ଫଣା—
Nāga phenā Hood of serpents.

ଯେବେବେହେଁ ନାଗ ଫେଣା ଯାଏ;
ସେ ପଦ୍ମ କେବେହେଁ କ ପାଏ । ଭୂପତି. ପ୍ରେମପଞ୍ଚାମୃତ ।

୨ । ନାଗଫଣା (ଦେଖ)—2. Nāgaphanā (See)

ନାଗଫେଣୀ—ଦେ. ବି.—ନାଗଫଣା (ଦେଖ)
Nāga pheni Nāga phanā (See)
[ନାଗଫେଣିଆ(ଆଁ)—ଅନ୍ୟରୂପ]

ନାଗଫେନ—ସଂ. ବି.—(ନାଗ+ଫେନ)—ଅହିଫେନ; ଅଫିମ—
Nāgaphena Opium.

ନାଗବଂଶ—ସଂ. ବି—୧ । ନାଗମାନଙ୍କର କୁଳ—
Nāgabamsa 1. The family or species of the Nāgas.

୨ । ଶକ ଜାତିର ଏକ ଶାଖା—
2. Name of a branch of the Scytheans.

[ଦ୍ର—ପ୍ରାଚୀନ କାଳରେ ନାଗବଂଶୀମାନଙ୍କ ରାଜ୍ୟ ଭାରତର କେତେକ ସ୍ଥାନରେ ଓ ସିଂହଳରେ ଥିଲା । ପୁରାଣରେ ଭବିଷ୍ୟବାଣୀ ଅଛି ଯେ ନାଗବଂଶୀ ରାଜାମାନେ ମଥୁରା ଭୋଗ କରିବେ । ତାଙ୍କ ପରେ ଗୁପ୍ତବଂଶୀମାନେ ରାଜା ହେବେ । ପୁରୁଣା ନାଗବଂଶୀୟ ଏଜଣ ରାଜାଙ୍କ ଅମଳର ଯେଉଁ ମୁଦ୍ରା ମିଳିଅଛି ସେଥିରୁ ଜଣାଯାଏ ଯେ ୧୫୦ ସମ୍ବତ୍‌ରୁ ୨୫୦ ସମ୍ବତ୍ ପର୍ଯ୍ୟନ୍ତ ମଥୁରା, ଗୁଆଲିଅର, ନରବରପୁର ଓ ଭିଦ୍ରସ୍ପି ଗା ଅଞ୍ଚଳରେ ଏମାନେ ରାଜତ୍ୱ କରୁଥିଲେ । ଗୁପ୍ତବଂଶୀ ରାଜାମାନେ ନାଗବଂଶୀମାନଙ୍କୁ ପରାସ୍ତ କରିଥିଲେ । ପ୍ରୟାଗର କିଲ୍ଲା ମଧ୍ୟରେ ଥିବା ସ୍ତମ୍ଭରେ ଲେଖାଅଛି ଯେ ସମୁଦ୍ରଗୁପ୍ତ ନାଗବଂଶୀ ଗଣପତି ନାଗକୁ ପରାସ୍ତ କରିଥିଲେ । ମହାଭାରତର କେତେକ ସ୍ଥାନରେ ନାଗମାନଙ୍କର ଉଲ୍ଲେଖ ଅଛି । ପାଣ୍ଡବମାନେ ନାଗମାନଙ୍କଠାରୁ ମଗଧ ରାଜ୍ୟ ଛଡ଼ାଇ ନେଇଥିଲେ । ସିକନ୍ଦରସାହା ଭାରତବର୍ଷକୁ ଆସିବା ସମୟରେ ତକ୍ଷଶିଳାର ନାଗବଂଶୀ ରାଜାଙ୍କ ସଙ୍ଗେ ତାଙ୍କର ଭେଟ ହୋଇଥିଲା ଓ ସେ ପୌରବ ରାଜାଙ୍କ ବିରୋଧରେ ସିକନ୍ଦରଙ୍କୁ ସାହାଯ୍ୟ କରିଥିଲେ । ସେ ସମୟରେ ତକ୍ଷଶିଳାର ରାଜପୁରରେ ବଡ଼ ବଡ଼ ସାପମାନେ ପାଳିତ ଓ ପୂଜିତ ହେଉଥିବାର ଗ୍ରୀକ୍‌ମାନେ ଦେଖିଥିଲେ । ଏହି ନାଗବଂଶୀମାନେ ପ୍ରଥମେ ହିମାଳୟର ଉତ୍ତର ପାଖରେ ଥିଲେ ।]

ନାଗବଂଶୀ—ସଂ. ବିଣ (ନାଗବଂଶ + ଇନ୍; ୧ମା ୧ବ)—ନାଗବଂଶରୁ
Nāgabaṁśī ଉତ୍ପନ୍ନ—Born of the family or race of the Nāgas.

ନାଗ ବନ୍ଧ—ଦେ. ବି (ସଂ. ନାଗ=ମସ୍ତକ + ବନ୍ଧ=ବନ୍ଧନ)—
Nāga bandha ୧ । ଚଉକାଠର ଉପର କାଠରେ ମରା ଯାଇ ଥିବା ଲମ୍ବ କାଠ ଖଣ୍ଡ—A long plate of wood attached to the top piece of a door-frame
[ଦ୍ର—ଡମଣୀ ଦ୍ୱାରା ଯେଉଁ କବାଟ ଚଉକାଠର ଦେହରେ ଲଗା ଯାଇଥାଏ ସେ କବାଟ ବନ୍ଦ ହୋଇଥିଲାବେଳେ ତାହାର ତଳ ପାଖରେ ସାବଲର ଠିଅ ଦେଇ ଟେକି ଦେଲେ ସେ କବାଟ ଡମଣୀରୁ ଛୁଟିଯାଏ ବା ଚଉକାଠରୁ ବାହାରିଯାଏ; କିନ୍ତୁ ଚଉକାଠର ଉପର କାଠରେ ନାଗବନ୍ଧ ମରା ଯାଇଥିଲେ କବାଟ ଆଉ ଉପରକୁ ଉଠାଯାଇ ପାରେ ନାହିଁ । ନାଗବନ୍ଧ ଦୁଇ ପ୍ରକାର ୧ । ସାପୁଆ=ଲମ୍ବା; ଚଉକାଠର ମୁଣ୍ଡକାଠରେ ଏଥିର ଏ ମୁଣ୍ଡ ସେ ମୁଣ୍ଡ ସଂଲଗ୍ନ । ୨ । ମେଣ୍ଢାମୁଣ୍ଡିଆ=ଚଉକାଠର ଦୁଇ ମୁଣ୍ଡରେ ଦୁଇ ଖଣ୍ଡ ଛିଦ୍ରଯୁକ୍ତ ଗୋଲ କାଠଖଣ୍ଡ ।]
୨ । ସର୍ପର କୁଣ୍ଡଳାକୃତି ଏକପ୍ରକାର ଚିତ୍ର—
2. A drawing representing the coil of a serpent.
୩ । ନାଗପାଶକ (ଦେଖ)—
3 Nāgapāśaka (See)
୪ । କବିତା ରଚନାର ନାଗାକୃତି ବନ୍ଧବିଶେଷ—
4. A kind of artistic composition in which the letters can be set in the shape of a coiled serpent.
[ଦ୍ର—ପୂର୍ବେ ଓଡ଼ିଆ କବିମାନେ ବିବିଧ ବସ୍ତୁର ଚିତ୍ରରେ ନାନା ପ୍ରକାର ବନ୍ଧ କଳ୍ପନା କରି କବିତା ଲେଖୁଥିଲେ । ଯଥା—ପଦ୍ମବନ୍ଧ, ରଥବନ୍ଧ, ନାଗବନ୍ଧ ଇତ୍ୟାଦି । ନାଗବନ୍ଧର କବିତା ଏପରି ରଚିତ ହୋଇଥାଏ ଯେ କୁଣ୍ଡଳିତ ନାଗର ଚିତ୍ର ଉପରେ ଉକ୍ତ ଅକ୍ଷରମାନ ଧାରାବାହିକରୂପେ ସନ୍ନିବେଶିତ କରା ଯାଇପାରେ । ଉପେନ୍ଦ୍ର ଭଞ୍ଜଙ୍କ କୃତ ଚିତ୍ରକାବ୍ୟବନ୍ଧୋଦୟ ନାମକ ଗ୍ରନ୍ଥରେ ଏ ଭଳି ବହୁ ସଙ୍କେତ ବନ୍ଧ କବିତା ଅଛି ।]

ନାଗବଳ—ସଂ. ବିଣ. (ନାଗ=ହସ୍ତୀ + ବଳ=ଶକ୍ତି; ବହୁବ୍ରୀହି)—
Nāgabaḷa ହସ୍ତି ତୁଲ୍ୟ ବଳବାନ୍—Powerful as the elephant.
ସଂ. ବି.—ଭୀମସେନ (ଦେଖ) - Bhimasena (See)

ନାଗବଳା—ସଂ. ବି.—ବୈଦ୍ୟଶାସ୍ତ୍ରୋକ୍ତ ବଳା ଚତୁଷ୍ଟୟ ମଧ୍ୟରୁ
Nāgabaḷā ଏକତମ; ଗରଗଡ଼ ଗୁଳ୍ମ—
ଗଙ୍ଗେରନ, ଗୁଲଶକରୀ Sida Spinosa (plant).
ଗୋରଖଚାକୁଲେ, ପାନସାଁଡ଼ା [ବଳା ତଳେ ନୋଟ ଦେଖ]
ମ. ଗାଙ୍ଗେଟୀ, ଗାଣ୍ଡେ ଆମନ୍
(ଅନ୍ୟ ସଂ. ନାମ—ଗାଙ୍ଗେରୁକୀ, ହ୍ରସ୍ୱ ଗବେଧୁକା)

ନାଗ ବଲ୍ଲୀ—ସଂ. ବି.—(ନାଗ=ସର୍ପ + ବଲ୍ଲୀ=ଲତା; ନାଗ ପରି ବକ୍ରାକୃତି
Nāga balli ବଲ୍ଲୀ)—ତାମ୍ବୁଳ ବା ପାନ ଲତା—The betel creeper.
ନାଗବଲ୍ଲରୀ } —ଅନ୍ୟରୂପ
ନାଗବଲ୍ଲିକା }
କଳକା କ ପତ୍ର ଲଳକାରଚନ କଲ ନାଗବଲ୍ଲୀ ଗେଲେ ମାଗ୍ର ରେ ।
କବିସୂର୍ଯ୍ୟ. ସଙ୍ଗୀତ ।
ପ୍ରାଦେ. (ଗଡ଼ଜାତ) ବି.—ନାଗାରି (ଦେଖ)
Nāgāri (See)

ନାଗ ବାରିକ—ସଂ. ବି.—(ନାଗ + ବୃ ଧାତୁ=ସେବା କରିବା + କର୍ତ୍ତୃ. ଅକ)—୧ । ଗରୁଡ଼—1. Garurda.
Nāga bārika
୨ । ପାଟହାତୀ; ରାଜକୀୟ ହସ୍ତୀ; ରାଜକୁଞ୍ଜର—
2. A royal elephant; an elephant used by a king.
୩ । ହସ୍ତିପକ; ମାହୁନ୍ତ—
3. The driver of an elephant.
୪ । ଗଣର ପ୍ରଧାନ ବ୍ୟକ୍ତି—4. The headman of a community or assembly.
୫ । ମୟୂର—5 A peacock.
୬ । ହସ୍ତିଯୂଥର ନେତା—6. The chief or leader of a herd of elephants (Apte).

ନାଗ ବୀଥୀ—ସଂ. ବି. (ନାଗବତ୍ ବକ୍ରାକାର ବୀଥୀ=ପଥ)—ଅଶ୍ୱିନୀ,
Nāga bithī ଭରଣୀ (ଦ୍ୱିଜା) ଓ କୃତ୍ତିକା ନକ୍ଷତ୍ରତ୍ରୟ କାଟ ଦେଇ ଯିବା ବେଳେ ଚନ୍ଦ୍ରଙ୍କର ଗତି ପଥ—
That part of the moon's path which contains the 1st, 2nd and 3rd asterisms (Apte).

ନାଗ ବୃକ୍ଷ—ସଂ. ବି.—ନାଗକେଶର (ଦେଖ)
Nāga bṛuksha Nāgakeśara (See)

ନାଗ ଭଗିନୀ—ସଂ. ବି. (ଷଷ୍ଠୀ ତତ୍; ନାଗ + ଭଗିନୀ)—ବାସୁକିଙ୍କ ଭଉଣୀ;
Nāga bhagini ଜରତ୍କାରୁ; ମନସା ଦେବୀ—Manasā

ନାଗ ଭୂଷଣ—ସଂ. ବିଣ.—(ନାଗ + ଭୂଷଣ; ବହୁବ୍ରୀହି)—ନାଗଦ୍ୱାରା
Nāga bhūshaṇa ଭୂଷିତ—Adorned with snakes.
ସଂ. ବି.—ମହାଦେବ—Mahādeba.

ନାଗଭୃତ୍—ସଂ. ବି.—(ନାଗ + ଭୃ ଧାତୁ=ପୋଷଣ କରିବା + କର୍ତ୍ତୃ. କ୍ୱିପ୍)
Nāgabhṛut ଢୁଣ୍ଡୁଭ ବା ଧଣ୍ଡ ସାପ—Water snake.

ନାଗମଣ୍ଡଳିକ—ସଂ. ବି. (ନାଗମଣ୍ଡଳ + ଇକ)—ସାପୁଆ କେଳା—
Nāgamaṇḍaḷika A snake keeper; a snake catcher (Apte).

ନାଗମଲ୍ଲ—ସଂ. ବି. (ନାଗ=ହସ୍ତୀ + ମଲ୍ଲ=ବାହୁଯୋଦ୍ଧା)—ଐରାବତ
Nāgamalla ହସ୍ତୀ—Indra's elephant.

ନାଗମଲ୍ଲୀ—ଦେ. ବି—ପୁଷ୍ପଗୁଳ୍ମବିଶେଷ—A kind of sweet-
Nāgamalli smelling flower and its plant.
[ଦ୍ର—ଏହାର ଫୁଲ ହଳଦିଆ ପରି ଥୋପା ଥୋପା ହୋଇ ଓହୋଳ ଥାଏ ।]

ନାଗ ମାତା—ସ. ବି. (ନାଗ+ମାତା; ୬ଷ୍ଠୀ ତତ୍)—୧ । ମନସାଦେବୀ—
Nāga mātā 1. The sister of Bāsuki.
୨ । କଦ୍ରୁ—2. One of the two wives of sage Kaśyapa and the progenitress of serpents.
୩ । ମନଃଶିଳା—3. Red arsenic.

ନାଗମାର—ସ. ବି—କେଶଦୁଦୁରା (ଦେଖ)
Nāgamāra Kesadudurā (See)

ନାଗମୁଖ—ସ. ବି. (ବହୁବ୍ରୀହି; ନାଗ=ହାତୀ+ମୁଖ)—
Nāgamukha, ଗଣେଶ—Gaṇeśa.
(ନାଗାନନ—ଅନ୍ୟରୂପ)

ନାଗ ମୂଲିଆ—ଗ୍ରା. ବି. (ଯେ ପ୍ରତିଦିନ ମୂଲ ଲାଗେ)—ପ୍ରତିଦିନ
Nāga mūliā ମଜୁରି ନେଇ କାମ କରିବା ପାଇଁ ନିଯୁକ୍ତ ମୂଲିଆ—
দিনমজুর रोजनदारी A daily labourer;
(ଲାଗମୂଲିଆ—ଅନ୍ୟରୂପ) a journeyman.

ନାଗ ଯଷ୍ଟି—ସ. ବି. (ନାଗ=ସର୍ପ+ଯଷ୍ଟି=ଦଣ୍ଡ)—
Nāga jashṭi ୧ । ଭୂମିରେ ବହୁ ଗଭୀରତା ପର୍ଯ୍ୟନ୍ତ ପୋତାଯିବା
ନାଗ ଯଷ୍ଟିକା, ନାଗାଂଚଳି, ନାଗାଂକନା } ଅନ୍ୟରୂପ ଖିଲା—1. A boring rod driven deep into the earth (Apte).
୨ । ପୁଷ୍କରିଣୀ ମଧ୍ୟରେ ପ୍ରୋଥିତ କାଷ୍ଠ ବା ପ୍ରସ୍ତରର ଦଣ୍ଡ; ଘାସିଦଣ୍ଡି—2. A centre-post driven in the middle of a pond.
[ଦ୍ର—ପୁରାଣ ଅନୁସାରେ ଏ ଯଷ୍ଟି ସଳଖ ବେଢ ନ ଥିବା ବେଲ, ପଳାଶ, ନାଗକେଶର, ଚମ୍ପା ବା ବରୁଣ କାଠରେ ନିର୍ମିତ ହେବା ଉଚିତ । ଅଷ୍ଟ ନାଗଙ୍କ ନାମ ୮ଟି ପତ୍ରରେ ଲେଖି ଗୋଟିଏ ଜଳ କୁଣ୍ଡରେ ପକାଇ ଯେଉଁ ନାଗର ନାମ ଲେଖା ହୋଇଥିବା ପତ୍ର ଭାସରେ ଉଠେ, ସେହି ନାଗ ଖୋଳା ହେଉଥିବା ପୁଷ୍କରିଣୀର ଅଧିଷ୍ଠାତା ଦେବତା ହୁଅନ୍ତି ଓ ତାଙ୍କୁ ପୂଜା କରିବା ପରେ ନାଗଯଷ୍ଟି ପୋତାଯାଏ । ଦ୍ର. ଶବ୍ଦସାଗର]

ନାଗର—ସ. ବିଣ. (ନଗର+ସ୍ୱାର୍ଥେ. ଅ)—
Nāgara ୧ । ନଗର ସମ୍ବନ୍ଧୀୟ—1. Pertaining to a town or city; municipal.
୨ । ନଗରଜାତ—2. Town-born.
୩ । ନଗରବାସୀ—
3. Residing in a town; town-bred.
୪ । ରସିକ; ସଉକୀ—
4. Pleasure-loving; fashionable.
୫ । ରହସ୍ୟ—5. Humorous; witty.
୬ । ନୀଚ; ଖଳ—6. Vile; bad (Apte)
୭ । ବଜାରୀ—7. Low and ill mannered person.
୮ । ଚତୁର—8. Clever; sharp (Apte).
୯ । ଭଦ୍ର—9. Polite; civil (Apte).
୧୦ । ସହରର ଦୁର୍ଗୁଣମାନ ଯେ ଗ୍ରହଣ କରିଅଛି—
10. One who has contracted the vices of a town (Apte).
୧୧ । ଅନାମିକ; ନାମହୀନ; ଅଜ୍ଞାତନାମା—
11. Nameless (Apte).
ସ. ବି. ପୁଂ—୧ । ଦେବର; ଦିଅର—
1. Husband's younger brother.
୨ । ଦେବନାଗର ଅକ୍ଷର—
2. The Debanāgara character.
(ନାଗରୀ—ସ୍ତ୍ରୀ) ୩ । ଲମ୍ପଟ ବ୍ୟକ୍ତି—3. A lecher.
୪ । ଗୁପ୍ତ ଉପପତି—4. Clandestine lover; secret paramour.
୫ । ନାରଙ୍ଗ ଲେମ୍ବୁ ଗଛ—
5. A kind of orange tree.
୬ । ଅଧ୍ୟାପକ—6 A professor; a lecturer.
୭ । ଶୁଣ୍ଠି—7. Dried ginger.
୮ । ମୁଥା—8. Grass root.
୯ । ନାଗେଶ୍ୱର ଫୁଲ—9. Messua Ferra.
୧୦ । ରତିବନ୍ଧବିଶେଷ; ନାଗରକ ୪ (ଦେଖ)—
10. A kind of pose in coitus.
୧୧ । ପୌରଜନ; ନଗରବାସୀ ବ୍ୟକ୍ତି—
11. A citizen; a townsman.
୧୨ । କ୍ଳାନ୍ତି—12. Fatigue; toil (Apte).
୧୩ । ମୋକ୍ଷର ବାସନା—
13. A desire for final beatitude (Apte).
୧୪ । (ଜ୍ୟୋତିଷ)—ଅନ୍ୟାନ୍ୟ ଗ୍ରହମାନଙ୍କ ବିରୋଧରେ ଥିବା ଗ୍ରହ—14- (astrology) A planet when it is in opposition to other planets (Apte).
୧୫ । କୌଣସି ବିଷୟରେ ଅଜ୍ଞତାପ୍ରକାଶ—
15. Denial of knowledge (Apte).
ପ୍ରାଦେ (କଟକ) ବି (ସ. ଲାଙ୍ଗଳ)—ଲଙ୍ଗଳ—

ନାଗରକ—ସ. ବି—୧ । (ନାଗର+କୁତ୍ସିତାର୍ଥେ. କ)—ଚୋର—
Nāgaraka 1. A thief.
୨ । (ନଗର+ପ୍ରଶଂସାର୍ଥେ. କ)—ନଗରରକ୍ଷକ—
2. A town watchman.
୩ । ଚିତ୍ରକର; କଳାବିତ୍ ବ୍ୟକ୍ତି—
3. An artist.
୪ । ରତିବନ୍ଧବିଶେଷ—
4. A kind of coitus.
ଉତ୍ତୁଙ୍ଗଲୋପରି ସ୍ଥିତ୍ୱା ଯୋଷିଦୂର୍ଦ୍ଧ୍ୱଂ ରମେତ୍
ଗ୍ରୀବାଂ ଧୃତ୍ୱା କରାଭ୍ୟାଂ ଚ ବନ୍ଧୋନାଗରକୋମତଃ—ରତିମଞ୍ଜରୀ ।
୫ । ଭଦ୍ର ବ୍ୟକ୍ତି—
5. A polite or courteous person.
୬ । ପୌରଜନ—6. Citizen.

୭ । ଅନ୍ୟ ନାୟିକା ପ୍ରତି ଆସକ୍ତ ଥିବା ଅବସ୍ଥାରେ ପ୍ରଥମ ନାୟିକା ପ୍ରତି ବିଶେଷ ଅନୁରାଗପ୍ରକାଶକାରୀ ନାଗର—
7. One who shows exaggerated attention to his first mistress while he is courting some one else (Apte).

୮ । ନଗରରକ୍ଷିବଳର ଅଧ୍ୟକ୍ଷ —
8. The chief of the Police (Apte).

୯ । ରସିକ ବ୍ୟକ୍ତି—9. A gallant.

୧୦ । ସଉକୀନ୍ ଲୋକ—10. Beau.

ସଂ. ବିଣ—ନାଗର (ଦେଖ)—Nāgara (See).

ନାଗରକ୍ତ—ସଂ. ବି (ବୈଦ୍ୟକ; ନାଗ=ପର୍ବତ+ରକ୍ତ)—ସିନ୍ଦୂର—
Nāgarakta Red lead.

ନାଗରଙ୍ଗ—ସଂ. ବି (ନାଗ=ସୀସା+ରଙ୍ଗ; ତହିଁରୁ ବାହାରୁ ଥିବାରୁ
Nāgaranga ସିନ୍ଦୂରକୁ ମଧ୍ୟ ନାଗ ବୋଲାଯାଏ, ସିନ୍ଦୂରପରି ଲାଲ ବର୍ଣ୍ଣ) — ୧ । ନାରଙ୍ଗ (ଦେଖ)—
1. Nāranga (See)

୨ । ସିନ୍ଦୂର—2. Vermillion; red lead.

ନାଗରଚି—ଦେ. ବି (ଫା. ନଗାର୍ଚୀ, ନକ୍କାର୍ଚୀ)—ଯେ ନାଗରା
Nāgarachi ବଜାଏ—A drummer.
नागरची, **नगारची** (ନାଗର୍ଚି—ଅନ୍ୟରୂପ)

ନାଗର ଦୋଳା—ଦେ. ବି—ବୃହତ୍ ଦୋଳାବିଶେଷ—
Nāgara dolā A swing; seesaw; a whirlgig.
नागरदोला, ला, **रामहिंडोला**

[ଦ୍ର—ଏଥିରେ ଅନେକ ଲୋକ ଏକଥର ଝୁଲି ପାରନ୍ତି । ଏହା ଦୁଇ ପ୍ରକାର—୧ । ଚକ୍ରାକାର, ୨ । କେନ୍ଦ୍ରରେ ଲଗ୍ନ ଠେଣ୍ଡ ବାଗରେ ଉପରକୁ ଓ ତଳକୁ ଚକ୍ରାକାରରେ ଗତି କରୁଥିବା ।]

ନାଗର ବର୍ଣ୍ଣକ—ସଂ. ବି (ବୈଦ୍ୟକ)—ଗାଜର—
Nāgara barṇṇaka Carrot.

ନାଗର ମୁଥା—ଦେ. ବି (ସଂ. ନାଗର ମୁସ୍ତକ) (ଦେଖ)
Nāgara muthā Nāgara mustaka (See)

ନାଗର ମୁସ୍ତକ—ସଂ.ବି—ବଡ଼ ମୁଥା; ଏକପ୍ରକାର ଘାସର କନ୍ଦ ବା ମୂଳ—
Nāgara mustaka A kind of grass root, Mariscus Cyprus; Cyperus Scariobus; Cyperus Hexastychius Communis.
(ନାଗର ମୁସ୍ତା—ଅନ୍ୟରୂପ)
ସଂ. ନାମ—କ୍ରୋଡ଼, କଚେରୁକ, ଭଦ୍ରମୁସ୍ତ, ଗୁନ୍ଦ୍ରା, ନାଗରୋତ୍ଥା, ଚକ୍ରାଙ୍କା, ନାଦେୟୀ, ଚୂଡ଼ାଲା, ପିଣ୍ଡମୁସ୍ତା, ଶିଶିରା, କଚ୍ଛରୁହା, ଶୁକୁକେଶର, ଜଟାଟୀ, କଲାପିନୀ, ବୃଷଧ୍ୱାଂକ୍ଷୀ, କଲାପିନୀ, ଚକ୍ରାୟା
नागरमुता, नागरमुथा
नागरमोथा
ମ. ନାଗରମୋଥେଁ
ଗୁ. ନାଗରମୋଥ୍ୟ

[ଦ୍ର—ଏହା ଏକପ୍ରକାର ଘାସର ମୂଳ; ଏହାର ଡାଳ ନାହିଁ, ମୂଳରୁ ସରୁ ଓ ମୁନିଆଁ ପତ୍ରଗୁଡ଼ିଏ ଓ ଗୋଟିଏ ଦଣ୍ଡ ବାହାରେ । ଦଣ୍ଡର ଅଗରେ ଫୁଲ ପେନ୍ଥା ହୋଇ ବାହାରେ । ଏହାର ମୂଳ ମୁଥାଠାରୁ ବଡ଼ ଓ ସୁଗନ୍ଧ । ଏହା ଅନୂପ ପ୍ରଦେଶ ବା ନିମ୍ନ ଆର୍ଦ୍ର ଭୂମିରେ ଜନ୍ମେ । ଭେଷଜ ଅପେକ୍ଷା ପଣ୍ଟ ଶ୍ରେଷ୍ଠ । ମୂଳରେ ବୈ. ଗୁଣରତ୍ନାକରମ୍ ୨୮୭ଟି ମାତ୍ର ପଦ ଥାଏ । ଏହାର ଡା. ମୁଦଦକାର, ଗଉମୋହା ଗୁଣ ତିକ୍ତ, କଟୁ, କଷାୟ ଓ ଶୀତଳ । ଏହା କଫ, ପିତ୍ତଜ୍ୱର, ଅତିସାର, ଅରୁଚ, ତୃଷ୍ଣା, ଦାହ ଓ ଭ୍ରମ ନାଶକ ।]

ନାଗରା—ଦେ. ବି. (ଅ. ନକ୍‌କାର୍)—୧ । ମୃତ୍ତିକା ବା ଧାତୁ ନିର୍ମିତ
Nāgarā ହାଣ୍ଡି ଆକାରର ଅବନଦ୍ଧ ବାଦ୍ୟବିଶେଷ; ଡିଣ୍ଡିମ—
नागारा; नागरा 1. Kettle drum.
नगाड़ा ବଜନଦୋଷ ନାଗରା ବାଦନ ଭଵନ—ଭକ୍ତ. ବୈଦେଶୀୱବିଳାସ ।

(ନାଗେରା—ଅନ୍ୟରୂପ) ୨ । (ବଣିଆ ଶବ୍ଦ) ବେଣୀ ଉପରେ ପିନ୍ଧାଯିବା ଓ ମୁଣ୍ଡର ଟିକି ମଧ୍ୟସ୍ଥଳରେ ଥିବା, ଅଥଚ ପଛପାଖରୁ ଦେଖାଯିବା ଏକପ୍ରକାର ଅଳଙ୍କାର—
2. A kind of ornament of the head.

୩ । ନାଗରା ଜୋତା (ଦେଖ)
3. Nāgarā jotā (See)

ନାଗରାଜ—ସଂ. ବି. (ନାଗ=ସର୍ପ; ହସ୍ତୀ+ରାଜନ୍=ରାଜା; ୬ଷ୍ଠୀ ତତ୍)—
Nāgarāja ୧ । ବାସୁକି; ଅନନ୍ତ; ସର୍ପରାଜ—1. Bāsuki.

୨ । ଐରାବତ ହସ୍ତୀ—2. Indra's elephant.

ନାଗରାଜ ଗତେ—ଦେ. (୧ । ନାଗରାଜ+ଗତି; ସମ୍ବୋଧନ; ୨ । ନାଗରା
Nāgarāja gate +ଜଗତେ)—୧ । (ସଂ. ନାଗରାଜଗତିର ସମ୍ବୋଧନ) ହେ ହସ୍ତୀ ପରି ଧୀର ମନ୍ଥରଗମନା ସ୍ତ୍ରୀ—
1. Oh lady having the gait of an excellent elephant.

୨ । (ଓ. ନାଗରା+ଜଗତେ=ସଂସାରରେ) ପୃଥିବୀରେ ଲୋକସମାଜରେ ନାଗରା ବା ଡିଣ୍ଡିମ (ବାଜୁଅଛି)—
2. To matter is widely proclaimed everywhere.
(ନାଗରା ଜଗତେ—ଅନ୍ୟରୂପ)

ନାଗରାଜଗତେ ଅରେ ନାଗରାଜଗତେ
ମୁଁ ତୋର ବୋଲି ବାଜୁଛି ନାଗରା ଜଗତେ—କବିସୂର୍ଯ୍ୟ. ସଙ୍ଗୀତ ।

ନାଗରା ଜୋତା—ଦେ. ବି—ହିନ୍ଦୁସ୍ଥାନରେ ବ୍ୟବହୃତ ଏକପ୍ରକାର ଦେଶୀ
Nāgarā jotā ଜୋତା—A kind of country-made
नागराजूता pump shoes used in North and North
नागराजुता western India.

ନାଗରା ଦେବା—ଦେ କ୍ରି—୧ । କୌଣସି ବିଷୟ ଡିଣ୍ଡିମ ଦ୍ୱାରା ଘୋଷଣା
Nāgarā debā କରିବା—1. To proclaim a matter.
नागरा देवा by beat of drum.
नगाड़ा देना ୨ । (ଲକ୍ଷଣାର୍ଥ) କୌଣସି ବିଷୟ ସର୍ବତ୍ର ପ୍ରଘଟ କରିବା—2. (figurative) To publish a matter widely.

ନାଗରା ବାଜିବା—ଦେ. କ୍ରି. (ଲକ୍ଷଣାର୍ଥ)—ସର୍ବତ୍ର ପ୍ରଚାରିତ ହେବା—
Nāgarā bājibā (a matter) Being published or
नागरा बाजा known widely.
नगाड़ा बजना ମୁଁ ତୋର ବୋଲି ବାଜୁଛି ନାଗରା ଜଗତେ - କବିସୂର୍ଯ୍ୟ. ସଙ୍ଗୀତ ।

ନାଗରମ୍—ପ୍ରାଦେ. (ଗଞ୍ଜାମ) ବି—ଅଳଙ୍କାରବିଶେଷ—
Nāgarām A kind of ornament.

ନାଗରିକ—ସ. ବଣ. ପୁଂ. (ନଗର + ନିବାସାର୍ଥେ. ଇକ)—
Nāgarika ୧ । ନଗରବାସୀ—1. Living in a town;
(ନାଗରିକା—ସ୍ତ୍ରୀ) residing in a town; townbred.
୨ । ନଗର ସମ୍ବନ୍ଧୀୟ—
2. Pertaining to a city; civic; urban.
୩ । ନଗର ରକ୍ଷୀ—3. Guarding a town.
ସ. ବି—୧ । ସହରବାସୀ ବ୍ୟକ୍ତି—
1. Citizen; townsman.
୨ । ସହରରୁ ଅଦାୟ କରାଯିବା ଶୁଳ୍କ—2. The toll levied from a town; town duty (Apte).
୩ । ନଗର ରକ୍ଷୀ ସେନା—3. Town police.

ନାଗରୀ—ସ. ବଣ. ସ୍ତ୍ରୀ—ନଗରଜାତା—
Nāgarī Town-bred (woman).
(ନାଗର—ପୁଂ) ସ. ବି. ସ୍ତ୍ରୀ. (ନାଗର + ସ୍ତ୍ରୀ. ଈ)—
୧ । ରସିକା ନାରୀ—1. A clever intriguing woman; beaux.
୨ । ପରପୁରୁଷାସକ୍ତା ସ୍ତ୍ରୀ—2. A woman who carries on clandestine love-intrigues.
୩ । ପ୍ରଣୟିନୀ—
3. One's beloved; sweet-heart (woman).
୪ । ସୁହୁ; ସିଜୁ—4. Euphorbia.
୫ । ଦେବନାଗର ଅକ୍ଷରର ପ୍ରକାର ଭେଦ—
5. A kind of Debanāgari script.

ନାଗରୀଟ—ସ. ବି. ପୁଂ. (ନାଗରୀ=ଭ୍ରଷ୍ଟା ସ୍ତ୍ରୀ+ଅଟ୍ ଧାତୁ=ଗମନ
Nāgarīta କରିବା + ଅ. କର୍ତ୍ତ୍ତାରେ)—୧ । ନାଗର—
(ନାଗରାଟ—ଅନ୍ୟରୂପ) 1. A libertine; a rake.
୨ । ଲମ୍ପଟ—2. A lecher.
ଭୁସେ ରତ ମୋତେ ମାରୁଛ ନାଗରୀଟ । କୃଷ୍ଣସିଂ. ମହାଭାରତ ଅବ ।
୩ । ବିଟ—3. A catamite.
୪ । ଉପପତି—
4. An illicit lover; a paramour.
୫ । ବିବାହ ବିଷୟରେ ମଧ୍ୟସ୍ଥ; ଘଟକ—
5. A matchmaker (Apte).
ସ. ବଣ—ନଗରଜାତ—
Town bred; produced in town.

ନାଗରୁକ—ସ. ବି—୧ । ସିନ୍ଦୂର (ଶବ୍ଦ ରତ୍ନାବଳୀ)—
Nāgaruka 1. Vermillion; red lead.
୨ । ନାରଙ୍ଗ (ଦେଖ)—
2. Nāranga (Apte) (See)

ନାଗ ରେଣୁ—ସ. ବ—ସୀସକ ଜାତ ସିନ୍ଦୂର (ରାଜ ନିର୍ଘଣ୍ଟ)—
Nāga reṇu Vermillion; red lead.

ନାଗରେୟକ—ସ. ବଣ. (ନଗର + ନିବାସାର୍ଥେ + କ ଯୋଗ; ଏୟ
Nāgareyaka ଆଗମ)—୧ । ନଗର ସମ୍ବନ୍ଧୀୟ—
1. Municipal; relating to a town.
୨ । ନାଗରିକ; ନଗରବାସୀ—2. Town-bred.

ନାଗରୋତ୍ଥା—ସ. ବି—ନାଗରମୁଥା—
Nāgarotthā Cyperus Scariobus.

ନାଗର୍ଯ୍ୟ—ସ. ବି. (ନାଗର + ଭାବାର୍ଥେ. ଯ)—ଚତୁରତା—
Nāgarjya Cleverness; shrewdness (Apte).

ନାଗଲେ ଚଉଠୀ—ଦେ. ବି. (ସ. ନାଗ ଚତୁର୍ଥୀ)—
Nāgala chaturthī ନାଗ ଚତୁର୍ଥୀ (ଦେଖ)
ନାଗଲ ଚଉଠି } ଅନ୍ୟରୂପ Nāga chaturthī (See)
ନାଗୁଲ ଚଉଠି }

ନାଗ ଲତା—ସ. ବ. (ନାଗ + ଲତା)—
Nāga latā ୧ । ପାନଲତା—1. Betel creeper.
୨ । ଉପସ୍ଥ; ଲିଙ୍ଗ—2. Penis.

ନାଗ ଲୋକ—ସ. ବ. (ନାଗ + ଲୋକ; ୬ଷ୍ଠୀ ତତ୍)—
Nāga loka ପାତାଳ; ରସାତଳ—The nether regions; the mythological abode of the serpents
(ଯଥା—ନାଗ ଚଳେ ନୋହି ଦେଶ ।)

ନାଗ ସମ୍ଭବ—ସ. ବ. (ନାଗ+ସମ୍ଭବ=ଉତ୍ପତ୍ତି; ଜନ୍ମ; ବହୁବ୍ରୀହି)—
Nāga sambhaba ସୀସକ ଜାତ ସିନ୍ଦୂର—
(ନାଗସିନ୍ଦୂର—ଅନ୍ୟରୂପ) Red lead; vermillion.

ନାଗ ସାପ—ଦେ. ବ. (ନାଗ + ସର୍ପ)—
Nāga sāpa ଗୋଖର ସାପ—
গোখুরা, কেঅটিআ সাপ Cobra-de-capillo.
गहुमन
[୨—ନାଗ ସାପର ମାଂସକୁ ଶୁଖାଇ ଚୂର୍ଣ୍ଣ କରି ସେବନ କଲେ ଲୁପ୍ତ ବେଗ ନିବାରଣ ହୁଏ—ହରେକୃଷ୍ଣ ଦ୍ରବ୍ୟଗୁଣ ।]

ନାଗସାହ୍ୱୟ—ସ. ବ. (ବହୁବ୍ରୀହି; ନାଗସ=ହସ୍ତୀ + ଆହ୍ୱୟ=ନାମ)—
Nāgasāhwaya ହସ୍ତିନାପୁର—Hastinā, the capital of ancient India.

ନାଗସୁଗନ୍ଧା—ସ. ବ—ନାକୁଳୀ (ଦେଖ)
Nāgasugandhā Nākulī (See)

ନାଗହଂସ—ଦେ. ବ—ଶିକୁଳିକୁ ଅଟକାଇବା ନିମନ୍ତେ ଚଉକାଠରେ
Nāgahamsa ଲଗା ଯାଇଥିବା ଅର୍ଦ୍ଧବୃତ୍ତାକାର ଲୌହ ବଳୟ
হাঁসকুল বା ସୋରଷିଥ; କୁଣ୍ଡା—A semi-circular
कुण्डा hook or hasp attached to a door-chain; staple; loop for a door-chain.

ନାଗା—ଦେ. ବ. (ସ. ନଗ୍ନ)—
Nāgā ୧ । ଉଲଙ୍ଗ ସନ୍ନ୍ୟାସୀ ସମ୍ପ୍ରଦାୟବିଶେଷ—
নাগা 1. A class of anchorites who wear no
नागा clothing.
୨ । ପୁରୀରେ ଦଶହରା ସମୟରେ ଗୋସାଣୀ ଯାତରେ ବାହାରିବା ସର୍ପ ଓ ବିବିଧ ଅସ୍ତ୍ର ଭୂଷିତ ବୀର ଓ ସନ୍ନ୍ୟାସୀ ବେଶଧାରୀ ବ୍ୟକ୍ତି—2. Persons armed with various weapons and serpents, accompanying the Gosāṇī jātrā procession in Puri town during the Durgā pūjā festival.

୩ । ଆସାମର ପର୍ବତବିଶେଷ—
3. The Nāgā hills in Assam.

୪ । ନାଗା ପର୍ବତବାସୀ ପାର୍ବତ୍ୟ ଜାତିବିଶେଷ —
4. Name of a wild tribe inhabiting the Nāgā hills.

୫ । ନାଗା ଜାତିର କଥିତ ଭାଷା --4. The spoken language of the Nāgā tribe

ପ୍ରାଦେ. (ଗଡ଼ଜାତ) ବି—ହସ୍ତୀମାନଙ୍କର ରୋଗବିଶେଷ—
A kind of disease of the elephants.
[ଦ୍ର—ଏହି ରୋଗ ହେଲେ ହାତୀ ମାଟି ଖାଆନ୍ତି ।]

ନାଗାଖ୍ୟ—ସଂ. ବି. (ନାଗ+ଆଖ୍ୟା; ବହୁବ୍ରୀହି)— ନାଗକେଶର (ଦେଖ)
Nāgākhya — Nāgakeśara (See)

ନାଗାଙ୍ଗ—ସଂ. ବି.—ହସ୍ତିନାପୁର—
Nāgāṅga — A name of the old Delhi.

ନାଗାଙ୍ଗନା—ସଂ. ବି. (ନାଗ+ଅଙ୍ଗନା)—୧ । ହସ୍ତିନୀ—
Nāgāṅganā — 1. A female elephant.
୨ । ହାତୀର ଶୁଣ୍ଢ—2. The proboscis of an elephant (Apte).
୩ । ନାଗ ଜାତୀୟ ସ୍ତ୍ରୀ (ନାଗ ତଳେ ନୋଟ ଦେଖ)—
3. A female of the Nāga tribe.

ନାଗାଣି—ଗ୍ରା. ବିଣ.—ବର୍ଷକ ପାଇଁ ନିଯୁକ୍ତ (ଚାକର)—
Nāgāṇi — (servant) Employed for a year.
लाग मईठा — (ଯଥା—ମୁଁ ମୂଲିଆ ଗୋଟିଏ ନାଗାଣି କରିଛି ।)
लगुत्रा — ଗ୍ରା. ବି.—୧ । ଲାଗେ ଲାଗେ କରି ଯିବା କର୍ମ—
नागाड़, लागाड़ — 1. A continuous work.
लगातार — ୨ । କ୍ରମ; ଅଭଙ୍ଗ କ୍ରମ—
2. Continuity; unbroken series.

ନାଗାଧିପ—ସଂ. ବି.—(ନାଗ+ଅଧିପ; ୬ଷ୍ଠୀ ତତ୍)—୧ । ନାଗରାଜ; ବାସୁକି—1. Bāsuki.
Nāgādhipa
(ନାଗାଧିପତି—ଅନ୍ୟରୂପ) ୨ । ଐରାବତ—
2. Indra's elephant.

ନାଗାନନ୍ଦ—ସଂ. ବି. (ନାମ)—ଶ୍ରୀହର୍ଷଙ୍କ ରଚିତ ସଂସ୍କୃତ ନାଟକବିଶେଷ—
Nāgānanda — The title of a Sanscrit drama by Śriharsha.

ନାଗାନ୍ତକ—ସଂ. ବି.—(ନାଗ+ଅନ୍ତକ=ନାଶକ; ୬ଷ୍ଠୀ ତତ୍)—
Nāgāntaka — ୧ । ଗରୁଡ଼—1. Garurda.
ନାଗାରି, ନାଗାଶନ, ନାଗାରି }—ଅନ୍ୟରୂପ
୨ । ମୟୂର—3. Peacock.
୪ । ବନ୍ଧ୍ୟା କର୍କୋଟକୀ; ଅସାରୁଅ—
4. Memordica Dioecica-mele (fruit and creeper).

ନାଗାନ୍ତକ ବିଦ୍ୟା—ଦେ. ବି.—(ନାଗାର୍ଜୁନଙ୍କଦ୍ୱାରା ପ୍ରଥମେ ପ୍ରବର୍ତ୍ତିତ ହୋଇଥିବାରୁ)—୧ । ଗୁଣି ଗାରେଡ଼ି; ମନ୍ତ୍ର ଯନ୍ତ୍ର—
Nāgāntaka bidyā
(ନାଗାନ୍ତ ବିଦ୍ୟା—ଅନ୍ୟରୂପ)
1. Black magic; charms.
୨ । ଧାତୁର ମାରଣ ଜାରଣବିଦ୍ୟା; ହିନ୍ଦୁ ରସାୟନ ତନ୍ତ୍ର—
2. Hindu alchemy.
୩ । ସର୍ପ ବଶୀକରଣ ବିଦ୍ୟା—3. Snake-charm.

ନାଗାବଳୀ—ପ୍ରାଦେ (ଗଞ୍ଜାମ) ବି (ନାମ)—ଏକ ନଦୀର ନାମ—
Nāgābaḷi — The name of a river.

ନାଗାରି—ଦେ. ବି—୧ । ବନ୍ୟ ତୃଣବିଶେଷ—
Nāgāri — 1. A kind of wild grass.
[ଦ୍ର—ଏହା ଧଳାରଙ୍ଗ ଗୁଳ୍ମପତ୍ର; ଫୁଲ ଧଳା; ଏ ଗଛ ନିକଟରେ ସାପ ରହି ପାରନ୍ତି ନାହିଁ ।]
୨ । ନାଗାନ୍ତକ (ଦେଖ)—2 Nāgāntaka (See)

ନାଗାର୍ଜୁନ—ଦେ. ବି (ନାମ)—ବୌଦ୍ଧ ମହାଯାନ ସମ୍ପ୍ରଦାୟର ପ୍ରବର୍ତ୍ତକ ମହାପୁରୁଷବିଶେଷ—Name of a Buddhist reformer.
Nāgārjuna
[ଦ୍ର—ଏ ବିଦର୍ଭ ଦେଶୀୟ ବ୍ରାହ୍ମଣ ବଂଶରେ ଜନ୍ମଗ୍ରହଣ କରିଥିଲେ । ଏ ଖ୍ରୀଷ୍ଟପୂର୍ବ ୧୦୦ରୁ ୨୫୦ ବର୍ଷ ମଧ୍ୟରେ ଜୀବିତ ଥିଲେ । ଜ୍ୟୋତିଷ ଗଣନା ଅନୁସାରେ ଏହାଙ୍କର ପରମାୟୁ ୭ବର୍ଷ ଥିବାର ଜଣାଯିବାରୁ ଏହାଙ୍କ ପିତା ମାତା ନିରାଶ ହୋଇ ଏହାଙ୍କୁ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଛାଡ଼ିଥିଲେ । କିନ୍ତୁ ଏ ବହୁଦିନ ବଞ୍ଚିଲେ । ହିନ୍ଦୁ ରସାୟନଶାସ୍ତ୍ର—ଗୁଣୀ, ମନ୍ତ୍ରଯନ୍ତ୍ର, ଗୁଟିକା, ଧାତୁର ଜାରଣ, ମାରଣ, ଓ ବୌଦ୍ଧତନ୍ତ୍ର ମତରେ ସାଧନା ଏ ପ୍ରବର୍ତ୍ତାଇ ଥିଲେ ଓ ବୌଦ୍ଧ ମତର ପ୍ରଚାର କରିଥିଲେ । ଏ ବୌଦ୍ଧ ଦର୍ଶନର ପ୍ରଥମ ପ୍ରଣେତା । ଏହାଙ୍କ ପ୍ରଣୀତ ବୌଦ୍ଧ ଦର୍ଶନର ନାମ, ମାଧ୍ୟମିକ ସୂତ୍ର । ଏ ମଧ୍ୟ ଅନେକଗୁଡ଼ିଏ ତନ୍ତ୍ର ଗ୍ରନ୍ଥ ପ୍ରଣୟନ କରିଥିଲେ—ହି. ଶବ୍ଦସାଗର ।]

ନାଗାଲାବୁ—ସଂ. ବି—ଗୋଲ ତୁମ୍ବୀ; ବଡ଼ ଲାଉ—
Nāgālābu — A kind of circular big gourd.

ନାଗାଶନ—ସଂ. ବି (୬ଷ୍ଠୀ ବା ଉପପଦ ତତ୍ ବା ବହୁବ୍ରୀହି; ନାଗ=ସର୍ପ +ଅଶନ=ଭକ୍ଷକ, ଭକ୍ଷଣ)—ଗରୁଡ଼ (ଦେଖ)
Nāgāśana — Garurda (See)

ନାଗାହ୍ୱ—ସଂ. ବି (ବହୁବ୍ରୀହି; ନାଗ=ହସ୍ତୀ+ଆହ୍ୱା=ନାମ)—ହସ୍ତିନାପୁର—Hastinā, the ancient capital of India.
Nāgāhwa
(ନାଗାହ୍ୱୟ—ଅନ୍ୟରୂପ)

ନାଗାହ୍ୱା—ସଂ. ବି (ବୈଦ୍ୟକ)—ଲକ୍ଷଣାମୂଳ (ଦେଖ)
Nāgāhwā — Lakshaṇā mūḷa (See)

ନାଗିନୀ—ସଂ. ବି. ସ୍ତ୍ରୀ (ନାଗିନ୍+ସ୍ତ୍ରୀ ଈ)—୧ । ନାଗଦନ୍ତୀ (ଦେଖ)
Nāgini — 1. Nāgadanti (See)
୨ । ତାମ୍ବୂଳ; ପାନ—2. Betel plant; piper betel.
୩ । ଦୁର୍ଗା—3. A name of Goddess Durgā.
୪ । (ନାଗ+ଈ) ନାଗୁଣୀ—4. A female serpent.

ନାଗିବା—ଗ୍ରା. କି—ଲାଗିବା (ଦେଖ)
Nāgibā — Lāgibā (See)

ନାଗି ହେବା—ଗ୍ରା. କି—ଲାଗି ହେବା (ଦେଖ)
Nāgi hebā — Lāgi hebā (See)

୧	ଇ	ଡ	ଋ,ଋ	ଁ	ଂ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଥ	ଭ
୨	ଈ	ଊ	ଋ	ଲ୍	ଙ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	୨	ନ୍

ନାଗୀ—ସ. ବି—୧ । (ନାଗ+ଅସ୍ତ୍ୟର୍ଥେ ଇନ୍; ୧ମା. ୧ବ.)
Nāgi (ଫଣୀଭୂଷଣ) ଶିବ—1. Śiba.
୨ । ସ୍ତ୍ରୀ (ନାଗ+ଈ) ନାଗପତ୍ନୀ; ନାଗୁଣୀ—2. A female serpent.
୩ । ହସ୍ତିନୀ—3. A female elephant.

ନାଗୁଆ—ଗ୍ରା. ବିଣ—୧ । ନିତ୍ୟ ବନ୍ଧା ଯାଉଥିବା ବା ନିଆ ଯାଉଥିବା
Nāguā (ପଣ୍ୟ ଦ୍ରବ୍ୟାଦ)—1. (commodities) Which
বন্দেজ are taken or supplied regularly
লগার, बंधेज every day.
୨ । ନିତ୍ୟ କୌଣସି ପଣ୍ୟ ଦ୍ରବ୍ୟ ଦେଉଥିବା ବା ନେଉଥିବା (ବ୍ୟକ୍ତି)—2. (a person) Who supplies or takes any article every day.
୩ । କୌଣସି କାର୍ଯ୍ୟକୁ ନିତ୍ୟ କରୁଥିବା ବା କରାଉଥିବା (ବ୍ୟକ୍ତି)—3 (a person) Who uses to do any work every day.
ଗ୍ରା. ବି—କୌଣସି ବ୍ୟବହାର୍ଯ୍ୟ ପଣ୍ୟଦ୍ରବ୍ୟ (ଦୁଧ, ଦହି, ପରିବା) କୌଣସି ବ୍ୟକ୍ତିକୁ ପ୍ରତିଦିନ ଯୋଗାଇବାର ବ୍ୟବସ୍ଥା—An arrangement for the regular daily supply of any commodity to a person.

ନାଗୁଣୀ—ଦେ. ବି. ସ୍ତ୍ରୀ (ସ. ନାଗୀ, ନାଗିନୀ)—ନାଗ ସ୍ତ୍ରୀ—
Nāguṇi A female serpent.
নাগিনী ହେମବକ୍ଷ୍ୟ ବାହାର କ ଜାଣି ନାଗୁଣୀ—ବଣିକାଥ. ବଚନବାମାୟଣ ।
नागीन

ନାଗୁଲ—ଦେ. ବି—କର୍ଣ୍ଣର ନାଗାକୃତି ଅଳଙ୍କାର—
Nāgula An ear-ring shaped like a serpent.

ନାଗେନ୍ଦ୍ର—ସ. ବି (ନାଗ+ଇନ୍ଦ୍ର; ୬ଷ୍ଠୀ ତତ୍)—ନାଗରାଜ (ଦେଖ)
Nāgendra Nāgarāja (See)
(ନାଗେଶ, ନାଗେଶ୍ୱର—ଅନ୍ୟରୂପ)

ନାଗେଶର—ଦେ. ବି (ସ. ନାଗକେଶର)—୧ । ନାଗକେଶର (ଦେଖ)
Nāgeśara Nāgakeśara (See).
(ନାଗେଶ୍ୱର—ଅନ୍ୟରୂପ) ୨ । ସାପୁଆକେଳାମାନେ ଯେଉଁ ସ୍ୱରର
নাগেশর ବଂଶୀବାଦ୍ୟ ବଜାଇ ସାପକୁ ଖେଳାନ୍ତି ଓ ଗାତରୁ ସାପ
नागकेशर ବାହାର କରାଇ ଆଣନ୍ତି—
A kind of flute blown by snake charmers and snake catchers.
ତେ—ନାଗକେଶରଲୁ ସ. ବି—୧ । (ନାଗ=ହସ୍ତୀ+ଈଶ୍ୱର=ଶ୍ରେଷ୍ଠ) ବଡ଼ ହାତୀ—1. A big elephant.
୨ । ସର୍ପଶ୍ରେଷ୍ଠ—2. The chief of serpents
(ଦେଶଜ ୨ୟ ଅର୍ଥ ଓ ସଂସ୍କୃତ ପ୍ରଥମ ଅର୍ଥର ଶିଷ୍ଟ ପ୍ରୟୋଗ । ଯଥା—
ନହେ ଅକାଶ ଘରୁ ମାନସ ସରେବର, ଶୁଭର ନାଗେଶ୍ୱର ରବ ।
କବିସୂର୍ଯ୍ୟ. ସର୍ପଜଣାଣ ।)

ନାଗେଶରି—ଦେ. ବି (ସ. ନାଗ+ଈଶ୍ୱର)—
Nāgeśari ସାପୁଆକେଳାମାନେ ବଜାଇବାର
(ନାଗଶରି, ନାଗେଶ୍ୱରୀ—ଅନ୍ୟରୂପ) ଏକପ୍ରକାର ପେଁଏକାଳି—
A kind of flute blown by snake charmers.
[ଦ୍ର—କେଳାମାନେ ଏହାକୁ ବଜାଇଲେ ନାଗମାନେ ଗାତରୁ ବାହାରନ୍ତି ଓ ଫଣା ଟେକି ଏହା ଶୁଣନ୍ତି । ଏହାର ମୁହଁ ଓ ଅଗରେ ନଳ ଥାଏ ଓ ମଝିରେ ଗୋଟିଏ ଗୋଲାକାର ତୁମ୍ବୀ ଥାଏ ।]

ନାଗେଶ(ଶ୍ୱ)ରିଆ କେଳା—ଦେ. ବି—ସାପୁଆ କେଳା (ଦେଖ)
Nāgeśa(św)riā kelā Sāpuā kelā (See).

ନାଗୋଦର—ସ. ବି—୧ । ଛାତି ଆବରଣ କରିବା ସାଞ୍ଜୁ—
Nāgodara 1. A breastplate (Apte).
୨ । ଏକପ୍ରକାର ଗର୍ଭୋପଦ୍ରବ; ଗର୍ଭିଣୀର ରୋଗବିଶେଷ—
2 A peculiar disease of pregnancy (Apte).

ନାଙ୍କରା—ପ୍ରାଦେ (ବାଲେଶ୍ୱର) ବିଣ—ନାକରା (ଦେଖ)
Nāṅkarā Nākarā (See).

ନାଙ୍ଗ(ଙ୍ଗୁ)ଡ଼େଇବା (ଇତ୍ୟାଦ)—ଗ୍ରା. କ୍ରି—ଲାଙ୍ଗୁଡ଼େଇବା ଇତ୍ୟାଦ
Nāṅg(ṅgu)rdeibā (etc) (ଦେଖ)—Lāṅgurdeibā etc (See.

ନାଙ୍ଗୁଡ଼ (ଇତ୍ୟାଦ)—ଗ୍ରା. ବି—ଲାଙ୍ଗୁଡ଼ ଇତ୍ୟାଦ (ଦେଖ)
Nāṅgurda (etc) Lāṅgurda etc (See).

ନାଙ୍ଗୁଡ଼ା (ଇତ୍ୟାଦ)—ଗ୍ରା. ବି—ଲାଙ୍ଗୁଡ଼ା ଇତ୍ୟାଦ (ଦେଖ)
Nāṅgurdā (etc) Lāṅgurdā etc (See).

ନାଙ୍ଗୁଡ଼ି—ଗ୍ରା. ବିଣ—ଲୁଙ୍ଗୁଡ଼ା (ଦେଖ)
Nāṅgurdi Luṅgurdā (See).
(ନାଙ୍ଗୁରି—ଅନ୍ୟରୂପ)

ନାଚ୍ ନୁଚ୍—ଦେ. ବି (ସହଚର)—ନାଚ ତମାସା—
Nāch-nuchā Nācha tamāsā.
নাচটাচ नाचचच

ନାଚ—ଦେ. ବି (ସ. ନୃତ୍ୟ; ପ୍ରା. ନଚ୍ଚ, ନାଚ)—ନୃତ୍ୟ, ନାଟ—
Nācha Dancing.
নাচ नाच

ନାଚକରା—ଦେ. ବିଣ. (ସ. ନୃତ୍ୟକର)—ନର୍ତ୍ତକକାରୀ; ନାଚୁଆ—
Nāchakarā Dancer.
নাচওয়ালা नचुआ

ନାଚ କୁଦ—ଦେ. ବି. (ସହଚର ଶବ୍ଦ)(ସ. ନୃତ୍ୟ+କୁର୍ଦ୍ଦନ)—ନାଚକୁଦା
Nācha kuda (ଦେଖ)—Nāchakudā (See)
ନାଚକୁଦ ନ କଲେ ପାଣି ଗୋଳିଆ ହୁଏ ?
ଫକୀରମୋହନ. ଛମାଣ ଅଠଗୁଣ୍ଠ ।

ନାଚକୁଦା—ଦେ. ବି (ସହଚର ଶବ୍ଦ) (ସ. ନୃତ୍ୟ+କୁର୍ଦ୍ଦନ)—
Nāchakudā ନାଚିବା ପରି ଡେଇଁବା; ଲମ୍ଫ ଝମ୍ପ—
নাচাকুঁদা Skipping and capering;
नाचना कूदना dancing and frisking

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ନାଚଖାନା—ଦେ. ବି.—(ସଂ. ନୃତ୍ୟ; ଫା. ଖାନା)—୧। ନୃତ୍ୟଶାଳା—
Nāchakhānā 1. Ball-room; a room where dancing takes place.
ନାଚଘର } —ଅନ୍ୟରୂପ
ନାଚମହଲ }
୨। ନୃତ୍ୟଶାଳାର ଆମୋଦପ୍ରମୋଦ—
2. Festive party where dancing is performed.
କେତେଥର ଦେଇଅଛ ନାଚଖାନା। ରାଧାନାଥ. ଦରବାର।

ନାଚ ଖେଳ—ଦେ. ବି. (ସଂ. ନର୍ତ୍ତନ+ଖେଳ)—ନର୍ତ୍ତନ ଓ କ୍ରୀଡ଼ା କୌତୁକ—Dancing and sport.
Nācha khela
নাচাখেলা नाचना खेलना

ନାଚ ଗାଉଣା—ଦେ. ବି. (ସଂ. ନୃତ୍ୟ ଓ ଗାନ; ଅନୁକାର ଶବ୍ଦ)—
Nācha gāuṇā ନୃତ୍ୟ ସହ ଗୀତ—Musical performance consisting of singing and dancing.
নাচ গাওনা
नाचना गाना

ନାଚଣି—ଦେ. ବି.—(ସଂ. ନର୍ତ୍ତନ)—୧। ନୃତ୍ୟ; ନର୍ତ୍ତନ—
Nāchaṇi 1. Dancing.
নাচন
୨। ସ୍ତ୍ରୀ.—ନର୍ତ୍ତକୀ—
नाचना 2. A female dancer.
নাচনী नाचनेवाली, नटी

ନାଚଣି ପକ୍ଷି(କ୍ଷି)—ଦେ. ବି.—ତନ୍ତ୍ରର ଯନ୍ତ୍ରବିଶେଷ; ନବଙ୍କ ଦଣ୍ଡ ଆକାରର କାଠି, ଯାହାର ଦୁଇ ପ୍ରାନ୍ତରେ ବଅସୂତା ଓହ୍ଲୋଳା ଯାଇ ଥାଏ—
Nāchaṇi pakhi (kshi)
নাচনী পাখী
ନାଚୁଣି ପକ୍ଷି } —ଅନ୍ୟରୂପ
ନାଚେଣି ପକ୍ଷି }
A stick from the two ends of which threads hang (a part of weaver's equipment).

ନାଚଣୀ—ଦେ. ବି. ସ୍ତ୍ରୀ—(ସଂ. ନର୍ତ୍ତକୀ)—୧। ନର୍ତ୍ତକୀ—
Nāchaṇī 1. Dancing woman.
ନାଚୁଣୀ } —ଅନ୍ୟରୂପ
ନାଚେଣୀ }
୨। ନାଚଣି ପକ୍ଷି (ଦେଖ)
2. Nāchaṇi pakhi (See)
নাচনী ୩। ଆଖି ଡୋଳାର ପୁଅ—
नाचवाली 3. The pupil of the eye.
ପ୍ରାଦେ. (ଗଞ୍ଜାମ) ବି.—ମାକିଡ଼ି (୨) (ଦେଖ)
Mākirdi (2) (See)

ନାଚ ତମାସା—ଦେ. ବି. (ସଂ. ନୃତ୍ୟ ଓ ଅ. ତମାସା) ଏକାର୍ଥବୋଧକ ସହଚର ଶବ୍ଦ)—୧। ନୃତ୍ୟଗୀତାଦି; ନାଚ ତାମସା—1. Dance and music.
Nācha tamāsā
নাচ তমাসা
नाच तमासा ୨। ଆମୋଦ ପ୍ରମୋଦ—2. Revelry.
(ନାଚତାମାସା, ନାଚତମାସା, ନାଚରଙ୍ଗ—ଅନ୍ୟରୂପ)

ନାଚନି—ଦେ. ବିଣ.—ନୃତ୍ୟ ସମ୍ବନ୍ଧୀୟ—
Nāchani Pertaining to dancing.
ଦେ. ବି.—ନାଚିବାର ବେତନ—
Wages received for dancing.

ନାଚବାଲା—ଦେ. ବି. ପୁଂ—(ପ୍ରା. ନଚ୍ଚ+ଫା ପ୍ରତ୍ୟୟ ବାଲା)—ନର୍ତ୍ତକ; ନାଚୁଆ—Dancer.
Nāchabālā
নাচওলা नाचवाला
(ନାଚୁଅଲା—ଅନ୍ୟରୂପ) (ନାଚବାଲୀ, ନାଚୁଆଲୀ—ସ୍ତ୍ରୀ)

ନାଚାର—ଦେ. ବିଣ. (ଫା. ଲାଚାର୍; ନାଚାର୍)—
Nāchāra ୧। ନିରୁପାୟ, ଅନନ୍ୟୋପାୟ—
নাচার 1. Having no other alternative or resource; resourceless.
लाचार, नाचार
(ନାଚାରି—ବି) ୨। ନିରାଶ୍ରୟ—2. Helpless.
୩। ନିରାଶ—3. Hopeless.

ନାଚି କୁଦି ହେବା—ଦେ. କ୍ରି—ଲମ୍ଫ ଝମ୍ପ କରିବା—
Nāchi kudi hebā To frisk or caper about.
নাচা কুদা नाचना कुदना
(ନାଚିବା କୁଦିବା, ନାଚିବା ଡେଇଁବା—ଅନ୍ୟରୂପ)

ନାଚିକେତାଃ—ସଂ. ବି. (ନାଚିକେତସ୍; ୧ମା. ୧ବ)—
Nāchiketāḥ ୧। ଅଗ୍ନି—1. Fire.
୨। ଋଷିବିଶେଷ, ଗୌତମଙ୍କ ପୁତ୍ର—
2. Name of a sage.

ନାଚିବା—ଦେ. କ୍ରି. (ସଂ. ନୃତ୍ ଧାତୁ, ପ୍ରା. ନଚ୍ଚ ଧାତୁ)—
Nāchibā ୧। ନୃତ୍ୟ କରିବା; ତାଳ, ମାନ ଓ ବାଦ୍ୟ ଅନୁସାରେ ପଦକ୍ଷେପ କରିବା—1. To dance.
নাচা
नाचना
ନାଚିଲେ ସଭା ମଧ୍ୟରେ ଭଣ୍ଡ ହୋଇ।
କୃଷ୍ଣସିଂହ. ମହାଭାରତ ବନ।
[ନଚ୍ଚ(ଚେ)ଇବା—ଣିଜନ୍ତରୂପ]
୨। ଲମ୍ଫଝମ୍ପ କରିବା—2. To caper about; to jump or frisk about.
କେତେ ଲୋକେ ସେ ସୈନ୍ୟେ ନାଚି ଲଗାଇଲେ।
କୃଷ୍ଣସିଂହ, ମହାଭାରତ ସଭା।
୩। ରାଗରେ କମ୍ପିବା—3. To shake with anger.
୪। ସ୍ପନ୍ଦିତ ହେବା—4. To vibrate; to oscilate; to throb.
କ୍ଷଣକେ ନାଚି ଉଠିବ ଜୀବନ-ଶୋଣିତ। ମଧୁସୂଦନ. ଉତ୍କଳ ଗାଥା।
୫। (ଲକ୍ଷଣାର୍ଥ) ସର୍ବଦା କଳ୍ପନା ଚକ୍ଷୁ ଆଗରେ ଉପସ୍ଥିତ ହେବା—5. (figurative) To constantly appear before a person's fancy; to dance before the mind's eye.
(ଯଥା—ଜଗବନ୍ଧୁ ମୋତେ ଛାଡ଼ି ଏଠାରୁ ଯିବା ଦିନଠାରୁ ତା ରୂପ ମୋ ଆଖି ଆଗରେ ନାଚୁଛି।)
[ଦ୍ର—ନାଚିବା କ୍ରିୟା ସଙ୍ଗେ କୁଦିବା, ଖେଳିବା, ଡେଇଁବ କ୍ରିୟା ସହଚରରୂପେ ବ୍ୟବହୃତ ହୁଏ। ନାଚିବା କ୍ରିୟାର ଅସମାପିକାରୂପ ସଙ୍ଗେ ଉଠିବା, ଯିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ।]

ନାଚିବା କୁଦିବା—ଦେ. କ୍ରି. (ସହଚର)—ନାଚିକୁଦି ହେବା—
Nāchibā kudibā To frisk or caper about.
নাচাকুঁদা नाचना कूदना

ନାଚିଲା ଲୋକକୁ ଲାଜ ନାହିଁ ଦେଖିଲା ଲୋକକୁ ଲାଜ— ରଗ (ନ୍ୟାୟ)—
Nāchilā lokaku lāja nāhiṅ dekhilā lokaku lāja
ନାଚନ୍ତୀର ନାହିଁ ଲାଜ ଦେଖନ୍ତୀର ଲାଜ — ଯେଉଁ ସ୍ଥଳରେ କୌଣସି
नाचेको लाजन देखेको लाज — ଲଜ୍ଜାଜନକ କାର୍ଯ୍ୟ କରିବା ବ୍ୟକ୍ତି ଉକ୍ତ ଲଜ୍ଜାଜନକ କାର୍ଯ୍ୟ କରିବାକୁ ଲଜ୍ଜା ବୋଧ ନ କରେ, କିନ୍ତୁ ଦେଖଣାହାରୀ ତାହା ଦେଖି ଲଜ୍ଜିତ ହୁଏ, ସେ ସ୍ଥଳରେ ଏ ରଗ ଲୁହାଯାଏ; ଏହିପରି, ନାଚିଲେ ଲୋକକୁ ଲାଜ ନାହିଁ ଦେଖିଲା ଲୋକକୁ ଲାଜ—
A proverb uttered when a person doing an act does not feel shame for it but persons who witness it feel ashamed.

ନାଛ — ଦେ. ବି—୧ । (ସଂ. ଲକ୍ଷ୍ୟ) ଲକ୍ଷ୍ୟଭେଦ କରିବା ପାଇଁ ବନ୍ଧୁକ
Nāchha — ଆଦି ଦାଗିବା—1. Firing of a gun by aiming
ଦାଗା — लक्ष, निशाना — at a target.
দাগ, ছেঁকা ୨ । (ଲକ୍ଷ୍ୟ) ତାତିଲା ଲୁହାଦ୍ୱାରା କୌଣସି
दाग — ଜୀବର ଚମଡ଼ାରେ ଦାଗ ଦେବା; ଚେଙ୍କ—2. Searing of the skin with a red hot iron.
নস্যি नस ୩ । (ସଂ. ନସ୍ୟ) ନାସ; ନସ୍ୟ—3. Snuff.

ନାଛଦାନି—ଦେ. ବି. (ସଂ. ନସ୍ୟଧାନୀ)—ନାସ ରଖିବା ଡିବା—
Nāchhadāni — Snuff box; a receptacle for snuff.
নস্যদান नसदानी

ନାଛିବା—ଦେ. କ୍ରି. (ସଂ. ଲକ୍ଷ୍ୟ)—୧ । ବନ୍ଧୁକ ମାରିବା—
Nāchhibā — 1. To fire a gun.
বন্দুক দাগা ୨ । ବନ୍ଧୁକଦ୍ୱାରା ଲକ୍ଷ୍ୟଭେଦ କରିବା—
बन्दुक चलाना — 2. To fire a gun at a target.
(ନାଛ ଦେବା—ଅନ୍ୟରୂପ)
निशाना करना ୩ । ଲକ୍ଷ୍ୟ କରିବା; ଲକ୍ଷ କରିବା—
3. To aim at a target
ସାକ୍ଷାତ ଅନଙ୍ଗ ତ୍ରାସ୍ୟେ ସ୍ମଷ୍ଟ ବନ୍ତ
ତୁହ ଅନଙ୍ଗ କ ନାଛଇ ଧନ୍ଦୁ—ଭ୍ରଧାକାଅ, ନନ୍ଦକେଶରୀ ।
দাগা, ছেঁকা ୪ । ତାତିଲା ଲୁହା ଦ୍ୱାରା ଦେହରେ ଦାଗଦେବା—
दागना — 4. To sear with a red hot iron.
লাগান ୫ । ପ୍ରଦୀପକୁ ଲଗାଇବା ବା ଜଳାଇବା—
सुलगाना — 5. To light a lamp.
୬ । ବାଣ ପ୍ରଭୃତିରେ ଅଗ୍ନି ସଂଯୋଗ କରିବା—
6. To set fire to a fire-work.

ନାଛେନା — ପ୍ରାଦେ. (ଅଲ) ବି—ଅପରିଷ୍କାର; ଅପରିଚ୍ଛନ୍ନ—
Nāchhenā — Unclean; dirty.

ନାଛୋଡ଼୍—ଦେ. ବିଣ. (ହି. ନାଛୋଡ଼; ଫା. ନଛୋଡ଼ବାନ୍ଦା)—
Nāchhoṛ — ୧ । ଏକ ଜିଦିଆ, ଜିଦ୍‌ଖୋର—
(ନାଛୋଡ଼ବନ୍ଦା—ଅନ୍ୟରୂପ) 1 Importunate.
নাছোড়বান্দা ୨ । ଯେ କୌଣସି ବିଷୟକୁ ଛାଡ଼େ ନାହିଁ—
नछोड़ बंधा — 2 Pertinacious; presevering; dogged; that which sticks to a thing with tenacity.
ମିଳିଲେ ନାଛୋଡ଼ ବନ୍ଦା ସମର ଚକ୍ରରେ । ମଧୁସୂଦନ, ବନ୍ଦନା ।

ନାଜ (ଇତ୍ୟାଦି)—ଗ୍ରା. ବି. (ସଂ. ଲଜ୍ଜା)—ଲାଜ ଇତ୍ୟାଦି (ଦେଖ)
Nāja (etc) — Lāja etc. (See)
लाज लाज — ନାଜ ନ ଥାଏ ଚୋର ମାରୁଁବୁ; ଭଣ୍ଡାର ନ ଥାଏ ଖଣ୍ଡରିବାକୁ—ରଗ ।

ନାଜକ୍—ବୈଦେ. ବିଣ. (ଫା ନାଜୁକ୍)—
Nājak — ୧ । କୋମଳ—1. Soft
नाजक — ୨ । ସୁକୁମାର—2. Delicate.
नाजुक — ୩ । ପତଳା—3. Thin.
୪ । ଯେ ସହିଷ୍ଣୁ ନୁହେଁ—4. Not capable of enduring hardship or rough usage.

ନାଜକୁରା(ଲା)—ଗ୍ରା. ବିଣ. ପୁଂ (ସଂ ଲଜ୍ଜାକୁଳ; ଲଜ୍ଜାଳୁ)—
Nājakurā (lā) — ସ୍ୱଭାବତଃ ଲଜ୍ଜାଶୀଳ—
नाजुक लजीला — Modest by nature.
[ନାଜକୁରା(ଳ)ଆ—ଅନ୍ୟରୂପ)

ନାଜକୁରି(ଲି)—ଗ୍ରା. ବିଣ. ସ୍ତ୍ରୀ (ସଂ. ଲଜ୍ଜାକୁଳା; ଲଜ୍ଜାଳୁ)—
Nājakuri (li) — ଲଜ୍ଜାକୁଳା—Bashful; modest;
नाजुक लजीला — shy (woman):
[ନାଜକୁରା(ଲା)—ପୁଂ) — ଗ୍ରା. ବି—ଲଜ୍ଜାଳୁ ଲତା—
[ନାଜକୁରେ(ଳେ)—ଅନ୍ୟରୂପ) — The thorny mimosa creeper.
[ଦ୍ର—ନାଜକୁରି ଲତା ଦୁଇ ପ୍ରକାର । ଏକ ପ୍ରକାର ପଡ଼ିଆ ଅଞ୍ଚଳରେ ଜନ୍ମେ ଓ କଣ୍ଟକୀ; ଅନ୍ୟ ପ୍ରକାର ପାଣି କୂଳରେ ଜନ୍ମେ ଓ ଅକଣ୍ଟକୀ; ଏହାର ପତ୍ରକୁ ଲୋକେ ଶାଗ କରି ଖାଆନ୍ତି ।]

ନାଜକୁରି ବଦନ—ସଂ. ବି—ଏକ ପ୍ରକାର ଧଳା ସୁଗନ୍ଧଯୁକ୍ତ ସରୁ
Nājakuri badana — ଚାଉଳର ଧାନ—A kind of fine
(ନାଜକୋଳି ବଦନ—ଅନ୍ୟରୂପ) — paddy producing a rice with a mild sweet scent.

ନାଜକୁରି ଲତା—ଗ୍ରା. ବି. ସ୍ତ୍ରୀ. (ସଂ. ଲଜ୍ଜାଳୁ ଲତା)—
Nājakuri latā — ଲାଜକୁରି ଲତା—
नाजुक लता — A sensetive throny creeping plant;
लजवन्ती लता — Mimosa Pudica.

ନାଜକୋଲା—ଗ୍ରା. ବିଣ. ପୁଂ—ନାଜକୁରା (ଦେଖ)
Nājakolā — Nājakurā (See)
(ନାଜକୋଳଅ—ଅନ୍ୟରୂପ) (ନାଜକୋଲୀ—ସ୍ତ୍ରୀ)

ନାଜକୋଳି—ଗ୍ରା. ବିଣ. ସ୍ତ୍ରୀ ଓ ବି—ନାଜକୁରି (ଦେଖ)
Nājakoḷi — Nājakuri (See)

ନାଜର୍—ବୈଦେ. ବି. (ଫା. ନାଜୀର୍)—
Nājar — ୧ । କୌଣସି କାର୍ଯ୍ୟ ପରିଦର୍ଶନ ବା ତତ୍ତ୍ୱାବଧାନ
নাজীর — କରିବା ପାଇଁ ନିଯୁକ୍ତ ବ୍ୟକ୍ତି—
नाजीर — 1. Inspector; supervisor.
(ନାଜିର—ଅନ୍ୟରୂପ) ୨ । ଅଦାଲତରେ ହାକିମମାନଙ୍କ ହୁକୁମ ତାମିଲ୍ କରିବା ନିମନ୍ତେ ନିଯୁକ୍ତ ପିଆଦାମାନଙ୍କ ସର୍ଦ୍ଦାର କର୍ମଚାରୀ—2. Nazir; bailiff of a court; the officer controlling the peons of a court.
[ଦ୍ର—ଏ ଫାରସୀ ଶବ୍ଦ ଇଂରାଜୀରେ ଚଳୁଅଛି ।]

୨ । ମୁସଲମାନଙ୍କ ନାମବିଶେଷ—
2. A name given to Mahomedan males.

ନାଜର୍‌ଖାନା—ବୈଦେ. ବି.—(ଫା. ନିଜାରତ୍; ଫା. ନାଜର୍ + ଖାନାହ୍)
Nājar-khānā ନିଜାରତ; ନାଜରଙ୍କ କାର୍ଯ୍ୟାଳୟ—
नाजीरखाना Nizarat; the office of a Nazir.
नाजीरखाना (ନାଜର୍‌ଖାନା—ଅନ୍ୟରୂପ)

ନାଜାରତି—ବୈଦେ. ବି.—(ଫା. ନିଜାରତ୍)—୧ । ନାଜର୍‌ଖାନା;
Nājarati ନାଜରଙ୍କ କାର୍ଯ୍ୟାଳୟ—
निजारत The office of a Nazir.
नजारत (ति) ୨ । ନାଜରଙ୍କ କର୍ମ—
(ନାଜରତି; ନାଜରତି—ଅନ୍ୟରୂପ) The act of a Nazir.

ନାଜାରିତ—ବୈଦେ. ବି. (ବାଇବଲ୍ ଅନୁବାଦ)—ବାଇବଲ୍‌ଲେଖିତ ଗାଲିଲୀ
Nājārita ଦେଶର ଗୋଟିଏ ଗ୍ରାମ ବା ନଗର—
A village or town in the district of Galillee; Nazareth; a country mentioned in the Bible.
[ଦ୍ର—ଏହି ଗ୍ରାମରେ ଯିଶୁଖ୍ରୀଷ୍ଟ ଭୂମିଷ୍ଠ ହୋଇ ଥିଲେ, ଏଥିପାଇଁ ଯିଶୁଙ୍କୁ ନାଜାରିତର ଯିଶୁ ବୋଲି ଯାଏ ।]

ନାଜାରୀୟ—ବୈଦେ. ବିଣ.—(ବାଇବଲ୍ ଅନୁବାଦ)—ନାଜାରିତ
Nājārīya ଦେଶବାସୀ – Nazarene

ନାଜିମ୍—ବୈଦେ. ବି. (ଫା)—୧ । ମ୍ୟାନେଜର; ତତ୍ତ୍ୱାବଧାରକ—
Nājim 1. Manager; supervisor.
नाजिम ୨ । ଭାରତରେ ମୁସଲମାନ୍ ଶାସନ କାଳରେ କୌଣସି ରାଜ୍ୟ
नाजिम ବା ପ୍ରଦେଶର ରାଜକୀୟ ଶାସନକର୍ତ୍ତା—2. A governor of a province under the Mahomedan rule of India.
[ଦ୍ର—ଏହାଙ୍କୁ ସମ୍ରାଟ ନିଯୁକ୍ତ କରୁଥିଲେ ଓ ଏହାଙ୍କ ଅଧୀନ ପ୍ରଦେଶର ବା ରାଜ୍ୟର ସମସ୍ତ ଶାସନଭାର ଏହାଙ୍କ ଠାରେ ନ୍ୟସ୍ତ ରହୁଥିଲା ।]

ନାଜିମାତ୍—ଦେ. ବି. (ବହୁବଚନ)—ଲଉଆଜିମା (ଦେଖ)
Nājimāt Lauājimā (See)
लओयाजिमात **लवाजमा**

ନାଜିହାଲ—ଦେ. ବିଣ.—(ଫା. ନାଜାହାଲ୍=ଅଧମ ଦଶା; ଫା.
Nājihāla ନାଜୁକ୍‌ହାଲ୍=ସୁକୁମାର ଅବସ୍ଥା—Delicate
नाजेहाल **नाजाहाल** situation—ଗ୍ଲାଡେନ୍)
ନାଜୁକହାଲ } —ଅନ୍ୟରୂପ
ନାଜେହାଲ }
୧ । ଅକାନ୍ତ; ବିପନ୍ନ; ଅଧମଦଶାଗ୍ରସ୍ତ—1. Reduced to extreme wretchedness; at bay.
୨ । ଅତ୍ୟନ୍ତ କ୍ଳାନ୍ତ—2. Much tired.
ବୈଦେ. ବି.—ଅତି ବିପନ୍ନ ଅବସ୍ଥା—
A state of extreme wretchedness or misery

ନାଜୁକ—ଦେ. ବିଣ. ପୁଂ—(ବଙ୍ଗଳା ନାଜୁକରୁ ଅନୁକୃତ)—(ସଂ. ଲଜ୍ଜାଳୁ)
Nājuka ଲଜ୍ଜାଶୀଳ—Coy; shy; modest.
नाजुक ବୈଦେ. ବିଣ.—ନାଜକ (ଦେଖ)—
लजीला (ନାଜୁକୀ—ସ୍ତ୍ରୀ) Nājaka (See)

ନାଜୁକୁରା(ଲା)—ଗ୍ରା. ବିଣ. ପୁଂ—ନାଜକୁରା (ଦେଖ)
Nājukurā(lā) Nājakurā (See)
[ନାଜୁକୁରୀ(ଲୀ)—ସ୍ତ୍ରୀ]

ନାଞ୍ଚ (ଇତ୍ୟାଦି)—ଗ୍ରା. ବି—ଲାଞ୍ଚ ଇତ୍ୟାଦି (ଦେଖ)
Nāñcha (etc) Lāñcha etc (See)

ନାଞ୍ଜ—ଗ୍ରା. ବି.—ଲାଞ୍ଜ (ଦେଖ)
Nāñja Lāñja (See)

ନାଞ୍ଜି—ଗ୍ରା. ବି.—ଲାଞ୍ଜି (ଦେଖ)
Nāñji Lāñji (See)

ନାଟ୍—ଗ୍ରା. ବୈଦେ. ବି.—ଲାଟ୍ (ଦେଖ)
Nāṭ Lāṭ (See)

ନାଟ—ସଂ. ବି (ନଟ୍ ଧାତୁ=ନୃତ୍ୟ କରିବା + ଭାବ. ଅ)—
Nāṭa ୧ । ନୃତ୍ୟ; ନାଚ – 1. Dance.
ନବ ଜଳ ନାଟପଟୁ ବଞ୍ଚସାଟ ପରସ୍ପରେ ଅସିଲ ଛନ୍ତି—ବଡ଼ସୂର୍ଯ୍ୟ, ଚମ୍ପୂ ର ଗୀତ ।
୨ । ନାଟକାଭିନୟ—2. Theatrical performance.
୩ । କର୍ଣ୍ଣାଟ ଦେଶ—
3. The Carnatic country (in S. India.)
[ଦ୍ର—ଏହା ଦକ୍ଷିଣ ଭାରତର ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କର ସାଧାରଣ ନାମ; ଏହା କୁମାରିକା ଅନ୍ତରୀପଠାରୁ ଉତ୍ତରକୁ କୃଷ୍ଣା ନଦୀ ପର୍ଯ୍ୟନ୍ତ ଲାଗିଅଛି । ଦାକ୍ଷିଣାତ୍ୟର ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳକୁ ମାଲବାର ବୋଲାଯାଏ ।]
୪ । କର୍ଣ୍ଣାଟ ଦେଶବାସୀ ବ୍ୟକ୍ତି (ହି. ଶବ୍ଦସାଗର)—
4. An inhabitant of the Carnatic country.
୫ । ସଙ୍ଗୀତର ରାଗବିଶେଷ—
5. Name of a Hindu musical tune.
[ଦ୍ର—କେହି କେହି ଏହାକୁ ମେଘ ରାଗର ଓ କେହି କେହି ଦୀପକ ରାଗର ପୁତ୍ର ବୋଲି କହନ୍ତି । ଏହି ରାଗରେ ବୀରରସର ଗୀତମାନ ବୋଲାଯାଏ—ହି. ଶବ୍ଦସାଗର ।]
ଦେ. ବି—୧ । କଳି; ଦ୍ୱନ୍ଦ୍ୱ—1. Quarrel.
୨ । ଗୋଳମାଳ; କୋଳାହଳ—2. Ado; bustle.
୩ । କାଣ୍ଡ କାରଖାନା—
3. A series of unusual events or acts.
ଏହି ପେଟ, ଏହି ପେଟ ଲାଗି ଧାନ କୁଟ, ଏହି ପେଟ ଲାଗି ନାନା ନାଟ—ଚଗ ।
୪ । ବସ୍ତ୍ର—4. Wearing cloth.
୫ । କାଣ୍ଡ; ଶର—5. Arrow.
୬ । ନୃତ୍ୟଯୁକ୍ତ ତାମାସା; ସୁଆଙ୍ଗ; ଯାତ୍ରା—
6. Pantomine; dancing party.
ବୈଦେ. ବି—୧ । (ଇଂ. ଲଟ୍) ଲଟ୍; ପୁଞ୍ଜ—
लाट Clusters; a lot.
लाट ୨ । (ଇଂ ଲର୍ଡ୍) ଲାଟ; ଗଭର୍ଣ୍ଣର—
2. Governor; Viceroy.
[ଦ୍ର—ଭାରତର ପ୍ରଧାନ ଗଭର୍ଣ୍ଣରଙ୍କୁ ବଡ଼ଲାଟ ଓ ପ୍ରାଦେଶିକ ଗଭର୍ଣ୍ଣରଙ୍କୁ ଛୋଟଲାଟ ବୋଲାଯାଏ ।]
୩ । (ଇଂ ଲଟ୍) ରାଜସ୍ୱ ବାକି ପାଇଁ ଜମିଦାରୀର ନିଲାମ—
3. Revenue-sale of a Zamindary.

ନାଟ ଆଖଡ଼ା—ଦେ. ବି (ସଂ. ନୃତ୍ୟ+ଅକ୍ଷବାଟ)—ନାଟ୍ୟ ଶିକ୍ଷାଳୟ;
Nāṭākhaṛā ଯେଉଁ ସ୍ଥାନରେ ନୃତ୍ୟଗୀତାଦି ଶିକ୍ଷା ଦିଆ
नाटशाला ଯାଏ—A place where dancing and
नाचका अखाड़ा music is taught.
(ନାଟ ଅଖେଡ଼ା—ଅନ୍ୟରୂପ)

ନାଟକ—ସଂ. ବି (ନଟ୍ ଧାତୁ=ନୃତ୍ୟ କରିବା+ଅଧିକରଣ. ଅକ)—
Nāṭaka ୧ । ଦୃଶ୍ୟ କାବ୍ୟ; ରୂପକ ଓ ଉପରୂପକ ଏହି ଦୁଇ ଭାଗରେ ବିଭକ୍ତ ଦୃଶ୍ୟ କାବ୍ୟର ରୂପକ ଭାଗର ପ୍ରଥମ ପ୍ରଧାନ ପ୍ରକାର; ଅଭିନୟ ଗ୍ରନ୍ଥ—1. A drama.

[ଦ୍ର—ନାଟକ କାବ୍ୟ ମଧ୍ୟରେ ଗଣିତ । କାବ୍ୟ ଦୁଇ ଶ୍ରେଣୀରେ ବିଭକ୍ତ—ଶ୍ରାବ୍ୟ ଓ ଦୃଶ୍ୟ । ନାଟକ ଦୃଶ୍ୟ କାବ୍ୟର ଅନ୍ତର୍ଗତ ଅଟେ । କିନ୍ତୁ ସାଧାରଣତଃ ଦୃଶ୍ୟକାବ୍ୟମାନଙ୍କୁ ନାଟକ ବୋଲି ଯାଇଥାଏ । ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ନାଟକ ବିଷୟକ ପ୍ରାଚୀନତମ ସଂସ୍କୃତ ଗ୍ରନ୍ଥ ବୋଲି ଅନୁମିତ ହୁଏ । ଅଗ୍ନିପୁରାଣରେ ନାଟକର ଲକ୍ଷଣ ଆଦି ନିରୂପିତ ହୋଇଅଛି । ଏଥିରେ ଏକଶ୍ରେଣୀର କାବ୍ୟର ନାମ ପ୍ରକୀର୍ଣ୍ଣ । ପ୍ରକୀର୍ଣ୍ଣ ୨ ପ୍ରକାର—ଅଭିନେୟ ଓ ଶ୍ରାବ୍ୟ; ଅଗ୍ନିପୁରାଣରେ ଦୃଶ୍ୟ କାବ୍ୟ ବା ରୂପକ ୨୭ ପ୍ରକାର ଥିବାର ଉଲ୍ଲେଖ ଅଛି । ସାହିତ୍ୟଦର୍ପଣରେ ନାଟକର ଲକ୍ଷଣ ଓ ପ୍ରକାର ଆଦି ସ୍ପଷ୍ଟରୂପେ ବିବୃତ ହୋଇଅଛି । ଦୃଶ୍ୟ କାବ୍ୟ ପ୍ରଧାନତଃ ୨ ଶ୍ରେଣୀରେ ବିଭକ୍ତ—ରୂପକ ଓ ଉପରୂପକ । ରୂପକ ୧୦ ପ୍ରକାର ଯଥା—ରୂପକ, ନାଟକ, ପ୍ରକରଣ, ଭାଣ, ବ୍ୟାୟୋଗ, ସମବକାର, ଡିମ, ଈହାମୃଗ, ଅଙ୍କବୀଥୀ ଓ ପ୍ରହସନ; ଉପରୂପକ ୧୮ ପ୍ରକାର ଯଥା—ନାଟିକା, ତ୍ରୋଟକ, ଗୋଷ୍ଠୀ, ସଟ୍ଟକ, ନାଟ୍ୟରାସକ, ପ୍ରସ୍ଥାନ, ଉଲ୍ଲାପ୍ୟ, କାବ୍ୟ, ପ୍ରେଙ୍ଖଣ, ରାସକ, ସଂଲାପକ, ଶ୍ରୀଗଦିତ, ଶିଳ୍ପକ, ବିଳାସିକା, ଦୁର୍ମଲ୍ଲିକା, ପ୍ରକରଣିକା, ହଲ୍ଲୀଶ, ଭାଣିକା । ଉକ୍ତ ବିଭାଗ ଅନୁସାରେ ନାଟକ ରୂପକର ଗୋଟିଏ ପ୍ରକାର; କିନ୍ତୁ ସାଧାରଣତଃ ଲୋକେ ଦୃଶ୍ୟ କାବ୍ୟକୁ ନାଟକ ନାମ ଦିଅନ୍ତି । ସାହିତ୍ୟଦର୍ପଣ ଅନୁସାରେ କୌଣସି ଖ୍ୟାତ ବୃତ୍ତକୁ (ପ୍ରସିଦ୍ଧ ଆଖ୍ୟାନ, ଯାହା କଳ୍ପିତ ନୁହେ ତାକୁ) ଅବଲମ୍ବନ କରି ନାଟକ ଲେଖିବା ଉଚିତ । ବହୁପ୍ରକାର ବିଳାସ, ସୁଖ, ଦୁଃଖ ଓ ଅନେକ ରସ ନାଟକରେ ରହିବା ଆବଶ୍ୟକ । ନାଟକରେ ୫ ଠାରୁ ୧୦ ପର୍ଯ୍ୟନ୍ତ ଅଙ୍କ ରହିବା ଉଚିତ । ଧୀରୋଦାତ୍ତ ଓ ପ୍ରଖ୍ୟାତ ବଂଶର କୌଣସି ପ୍ରତାପୀ ପୁରୁଷ, ବା ରାଜର୍ଷି ନାଟକର ନାୟକ ଏବଂ ଶୃଙ୍ଗାର ବା ବୀରରସ ନାଟକର ପ୍ରଧାନ ଅଙ୍ଗୀରସ ହେବା ଉଚିତ । ବୀରରସ ନାଟକରେ ଗୌଣରୂପରେ ଆସେ । ଯେଉଁ ରୂପକରେ ଶାନ୍ତ ଓ କରୁଣ ଆଦି ରସ ପ୍ରଧାନ ହୋଇଥାଏ ତାକୁ ନାଟକ ବୋଲି ଯାଇ ନ ପାରେ । ନାଟକର ସବୁସ୍ଥଳରେ କୌଣସି ବିସ୍ମୟଜନକ ବ୍ୟାପାର ଓ ଉପସଂହାରରେ ମଙ୍ଗଳମୟ ବ୍ୟାପାର ଦେଖାଇବା ଆବଶ୍ୟକ । ବିୟୋଗାନ୍ତ ନାଟକ (Tragedy) ସଂସ୍କୃତ ଅଳଙ୍କାର ଶାସ୍ତ୍ରର ବିରୁଦ୍ଧ ଅଟେ । ଅଭିନୟ ଆରମ୍ଭରେ ଯେଉଁ ମଙ୍ଗଳାଚରଣ ବା ନାନ୍ଦୀ ବୋଲାଯାଏ ତହିଁର ନାମ 'ପୂର୍ବରଙ୍ଗ ।' ପୂର୍ବରଙ୍ଗ ବୋଲାଯିବା ପରେ ସୂତ୍ରଧାର ବା ସ୍ଥାପକ ରଙ୍ଗମଞ୍ଚକୁ ଆସି ଉପସ୍ଥିତ ସଭ୍ୟମଣ୍ଡଳୀଙ୍କୁ ପ୍ରଶଂସା କରନ୍ତି ଓ ତତ୍ପରେ ନଟ, ନଟୀ ଓ ସୂତ୍ରଧାର ଉପସ୍ଥିତ ହୋଇ ଅଭିନେୟ ନାଟକର ପ୍ରସ୍ତାବ, କବିଙ୍କ ବଂଶବର୍ଣ୍ଣନ ଆଦି କରନ୍ତି । ଏହାକୁ 'ପ୍ରସ୍ତାବନା' କହନ୍ତି । ଯେଉଁ ଇତିବୃତ୍ତ ବା ବିଷୟ ନେଇ ନାଟକ ରଚିତ ହୋଇଥାଏ ତାକୁ ବସ୍ତୁ (plot) କହନ୍ତି । ବସ୍ତୁ ଦୁଇ ପ୍ରକାର, ଆଧିକାରିକ ଓ ପ୍ରାସଙ୍ଗିକ । ସମସ୍ତ ଇତିବୃତ୍ତର ପ୍ରଧାନ ନାୟକଙ୍କୁ 'ଅଧିକାରୀ' ବୋଲାଯାଏ । ଅଧିକାରୀଙ୍କ ସମ୍ବନ୍ଧେ ନାଟକରେ ଯାହା ବର୍ଣ୍ଣିତ ହୁଏ ତାକୁ 'ଆଧିକାରିକ ବସ୍ତୁ' କହନ୍ତି (ଯଥା—ରାମଲୀଳାରେ ରାମଙ୍କ ଚରିତ) । ଏହି ଅଧିକାରୀଙ୍କ ଉପକାରାର୍ଥ ବା ରସପୁଷ୍ଟି ପାଇଁ ପ୍ରସଙ୍ଗକ୍ରମେ ଯେଉଁ ବର୍ଣ୍ଣନ ହୁଏ ତାକୁ 'ପ୍ରାସଙ୍ଗିକ ବସ୍ତୁ' କହନ୍ତି (ଯଥା—ରାମଲୀଳାରେ ସୁଗ୍ରୀବ, ବିଭୀଷଣ ଆଦିଙ୍କ ଚରିତ) । ରଙ୍ଗଭୂମିରେ ଦର୍ଶକମାନଙ୍କ ସମ୍ମୁଖରେ ନାଟକୀୟ ବିଷୟକୁ ଉପସ୍ଥାପିତ କରିବାର ନାମ 'ଅଭିନୟ' । ଅତଏବ ଅବସ୍ଥାନୁରୂପ ଅନୁକରଣ ବା ସ୍ୱାଙ୍ଗର ନାମ ଅଭିନୟ ଅଟେ । ଅଭିନୟ ୪ ପ୍ରକାର—୧ । ଅଙ୍ଗଚେଷ୍ଟାଦ୍ୱାରା ଅଭିନୟର ନାମ ଆଙ୍ଗିକ, ୨ । ବଚନଦ୍ୱାରା ଅଭିନୟ ବାଚିକ, ୩ । ବେଶ ବାନ୍ଧି କରାଯିବା ଅଭିନୟ ଆହାର୍ଯ୍ୟ, ୪ । ଭାବର ଉଦ୍ରେକଦ୍ୱାରା ଜାତ କମ୍ପ, ସ୍ୱେଦ ଆଦିର ନାମ ସାତ୍ତ୍ୱିକ ଅଭିନୟ ଅଟେ । ବୀଜ (ଫଳସିଦ୍ଧିର ମୂଳକାରଣ), ବିନ୍ଦୁ (ପ୍ରଥମ କଥା ପୂର୍ଣ୍ଣ ହେବା ପରେ ଦ୍ୱିତୀୟ ସଙ୍ଗତ ବିଷୟର ଅନୁସନ୍ଧାନ), ପତାକା (ମଧ୍ୟରେ କୌଣସି ବ୍ୟାପକ ପ୍ରସଙ୍ଗର ବର୍ଣ୍ଣନ), ପ୍ରକରୀ (ଏକଦେଶବ୍ୟାପୀ ଚରିତ୍ରବର୍ଣ୍ଣନ) ଓ କାର୍ଯ୍ୟ (ଆରବ୍ଧ ହୋଇଥିବା କ୍ରିୟାର ଫଳସିଦ୍ଧି ପାଇଁ ଅନୁଷ୍ଠିତ କାର୍ଯ୍ୟ), ଏହି ପାଞ୍ଚୋଟି ସନ୍ଧିଦ୍ୱାରା ନାଟକର ପ୍ରୟୋଜନ ସିଦ୍ଧ ହୁଏ ।

ଆଜିକାଲି ଦେଶୀୟ ଭାଷାରେ ଯେଉଁ ନାଟକମାନ ରଚିତ ହେଉଅଛି ତହିଁରେ ସଂସ୍କୃତ ନାଟକର ନିୟମମାନ ପାଳିତ ହେଉ-ନାହିଁ ।

ଭାରତବର୍ଷରେ ବହୁ ପ୍ରାଚୀନକାଳରୁ ନାଟକର ପ୍ରଚଳନ ଅଛି । ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ବହୁ ପ୍ରାଚୀନ ଗ୍ରନ୍ଥ ଅଟେ । ରାମାୟଣ ମହାଭାରତ ଓ ହରିବଂଶ ଆଦିରେ ନଟ ଓ ନାଟକର ନାମ ମିଳେ । ସଂସ୍କୃତ ବୈୟାକରଣିକ ପାଣିନି, ଶିଳାଳୀ ଓ କୃଶାଶ୍ୱ ନାମକ ଦୁଇ ଜଣ ନଟସୂତ୍ରକାରଙ୍କ ନାମ ଉଲ୍ଲେଖ କରିଅଛନ୍ତି । ଯଜୁର୍ବେଦର ଶତପଥ ବ୍ରାହ୍ମଣ ଏବଂ ସାମବେଦର ଅନୁପଦ ସୂତ୍ରରେ ଶିଳାଳୀଙ୍କ ନାମ ମିଳୁଅଛି । ଶତପଥ ବ୍ରାହ୍ମଣର ରଚନା ୪ ହଜାର ବର୍ଷ ପୂର୍ବରେ ହୋଇଥିବାର ପଣ୍ଡିତମାନେ ସିଦ୍ଧାନ୍ତ କରିଅଛନ୍ତି । ଅତଏବ ସର୍ବପ୍ରଥମେ ଗ୍ରୀକ୍ ବା ୟୁନାନ୍ ଦେଶରେ ନାଟକର ପ୍ରାଦୁର୍ଭାବ ହୋଇଥିବା କଥା ଯାହା କେତେକ ପାଶ୍ଚାତ୍ୟ ପଣ୍ଡିତ କହନ୍ତି ତାହାକୁ ଅଭ୍ରାନ୍ତ ମତ ବୋଲାଯାଇ ନ ପାରେ । ହରିବଂଶରେ ଲେଖାଅଛି ଯେ ପ୍ରଦ୍ୟୁମ୍ନ ଓ ଶାମ୍ବ ପ୍ରଭୃତି ଯାଦବମାନେ ବଜ୍ରନାଭଙ୍କ ପୁରକୁ ଯାଇଥିଲେ, ସେଠାରେ ସେମାନେ 'ରାମଜନ୍ମ' ଓ 'ରମ୍ଭାଭିସାର' ନାଟକ ଦ୍ୱୟ ଅଭିନୟ କରିଥିଲେ ଓ ଭଦ୍ର ଭଦ୍ର ବ୍ୟକ୍ତିମାନେ ଭଦ୍ର ଭଦ୍ର ଅଭିନେତାର କର୍ମ କରିଥିଲେ । କୁଳସ୍ତ୍ରୀମାନେ ମଧ୍ୟ ପୁରୁଷଙ୍କ ପରି ସ୍ତ୍ରୀଙ୍କ ଅଂଶମାନ ଅଭିନୟ କରୁଥିବାର ପ୍ରମାଣ ମିଳେ । ଉଇଲ୍‌ସନ୍ ଆଦି ପାଶ୍ଚାତ୍ୟ ମନୀଷୀମାନେ ସ୍ୱୀକାର କରିଅଛନ୍ତି ଯେ ହିନ୍ଦୁମାନେ ନିଜେ ନିଜେ ନାଟକର ସୂତ୍ରପାତ କରିଥିଲେ ଓ ପ୍ରାଚୀନ

ହିନ୍ଦୁ ରାଜାମାନେ ବଡ଼ ବଡ଼ ରଙ୍ଗଶାଳାମାନ ନିର୍ମାଣ କରାଇଥିଲେ । ମଧ୍ୟଭାରତର ଶରଗୁଜା ରାଜ୍ୟର ଗୋଟିଏ ପର୍ବତ ଗୁମ୍ଫାରେ ରଙ୍ଗଶାଳାର ଚିହ୍ନ ଅବଧି ବିଦ୍ୟମାନ ଅଛି । ଗ୍ରୀକ୍‌ମାନେ ଭାରତକୁ ଆସିବା (ଖ୍ରୀ. ପୂ. ୩୦୦ ଶତାବ୍ଦୀ) ପୂର୍ବେ ଲିଖିତ ହୋଇଥିବା କୌଣସି ସଂସ୍କୃତ ନାଟକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳି ନାହିଁ, କିନ୍ତୁ ଏଥିରୁ ତତ୍‌ପୂର୍ବରେ ଭାରତରେ ନାଟକର ଆବିର୍ଭାବ ହୋଇ ନ ଥିଲା ବୋଲି ସିଦ୍ଧାନ୍ତ କରିବା ଠିକ୍ ହେବ ନାହିଁ । ଏହା ଅନୁମାନ କରାଯାଉଅଛି ଯେ ଗ୍ରୀକ୍‌ମାନେ ଭାରତକୁ ଆସିବା ପରେ ଭାରତୀୟ ଓ ଗ୍ରୀକ୍‌ମାନଙ୍କ ମଧ୍ୟରେ ଅନ୍ୟାନ୍ୟ ଶାସ୍ତ୍ର ଓ ଜ୍ଞାନାଲୋଚନାର ଯେଉଁପରି ଆଦାନ ପ୍ରଦାନ ହୋଇଥିଲା, ସେହିପରି ନାଟକୀୟ କଳାଜ୍ଞାନର ମଧ୍ୟ ଆଦାନ ପ୍ରଦାନ ହୋଇଥିଲା । ରଙ୍ଗମଞ୍ଚରେ ପଡ଼ୁଥିବା ପରଦାର ନାମ ଯବନିକା; ଏଥିରୁ କେହି କେହି ଅନୁମାନ କରନ୍ତି ଯେ ହିନ୍ଦୁମାନଙ୍କ ନାଟକାଭିନୟ ଯବନ (ୟୁନାନ୍ ବା ଗ୍ରୀକ୍) ମାନଙ୍କଠାରୁ ଅନୁକୃତ ହୋଇଥିଲା । 'ଅଙ୍କ' ମଧ୍ୟରେ ଯେଉଁ 'ଦୃଶ୍ୟ'ମାନ ସଂସ୍କୃତ ନାଟକରେ ମିଳେ, ସେଥିରୁ ଅନୁମିତ ହୁଏ ଯେ ପରଦା ଉପରେ ଚିତ୍ରମାନ ଅଙ୍କିତ ହେଉଥିଲା । କିନ୍ତୁ ଏତିକି ନିଃସନ୍ଦେହରେ ବୋଲି ଯାଇପାରେ ଯେ ସିକନ୍ଦର (ଆଲେକ୍‌ଜାଣ୍ଡର) ଭାରତକୁ ଆସିବା ପରେ ଭାରତରେ ଅଭିନୟରେ ଚିତ୍ରପଟର ପ୍ରଚାର ହେଲା । ବର୍ତ୍ତମାନ ମଧ୍ୟ ଦେଶୀ ଅଭିନୟମାନ (ଯଥା—ରାମଲୀଳା, କୃଷ୍ଣଲୀଳା, ରାସଲୀଳା) ବିନା ପରଦାରେ ହୋଇ ଆସୁଅଛି— ହି. ଶବ୍ଦସାଗର ।]

୨ । (+କର୍ତ୍ତୃ. ଅକ) ନୃତ୍ୟକାରୀ; ନର୍ତ୍ତକ— 2. A professional dancer.

୩ । ନାଟକାଭିନେତା; ନଟ—3. An actor.

୪ । (+ଭାବ. ଅକ) ଅଭିନୟ; ରଙ୍ଗମଞ୍ଚରେ ନଟମାନଙ୍କଦ୍ୱାରା ନାଟକୀୟ ବିଷୟର ପ୍ରଦର୍ଶନ—4. Acting of a drama; dramatic performance.

ନାଟକାବତାର— ସଂ. ବି (୬ଷ୍ଠୀ ତତ୍; ନାଟକ+ଅବତାର)— ବିଷ୍କମ୍ଭକ
Nāṭakābatāra ଅଭିନୟ; କୌଣସି ନାଟକର ଅଭିନୟ କାଳରେ ଅଭିନୟର ଅଙ୍ଗୀଭୂତ, କିନ୍ତୁ ନାଟକୀୟ କଥାବସ୍ତୁର ବହିର୍ଭୂତ କୌଣସି ଅତୀତ ବା ଭବିଷ୍ୟତ ବିଷୟର ଅଭିନୟ—The performance of an interlude between the acts of the main play or drama.

[ଦ୍ର—ସଂସ୍କୃତ ଉତ୍ତରରାମଚରିତ ଓ ଅଭିଜ୍ଞାନଶକୁନ୍ତଳରେ ଓ ଇଂରାଜି ହାମ୍‌ଲେଟ୍ ନାଟକରେ ନାଟକାବତାରର ଉଦାହରଣ ଅଛି ।]

ଏଥିର ସଙ୍ଖ୍ୟା ବା ସୂକ୍ଷ୍ମ;-ବୃତ୍ତବର୍ତ୍ତିଷ୍ୟମାଣାନାଂ କଥାଂଶାନାଂ ନିଦର୍ଶକଃ
ସଂକ୍ଷିପ୍ତାର୍ଥସ୍ତୁ ବିଷ୍କମ୍ଭ ଆଦାବଙ୍କସ୍ୟ ଦର୍ଶିତଃ — ସାହିତ୍ୟଦର୍ପଣ ।

ନାଟକାରୀ—ଦେ. ବି. ପୁଂ ଓ ସ୍ତ୍ରୀ. (ସଂ. ନାଟ +କାରୀ)— ନର୍ତ୍ତକ;
Nāṭakārī ନାଚୁଆ—A dancer.
ନ୍ୟାଚୁୟା
नटुआ, नचनीया

ଏହା ଶୁଣି ଗୋପୀଙ୍କ ମଧ୍ୟେ ନାଟକାରୀ
କହିଲେ ସତ୍ୟକଙ୍କୁ ଚକ୍ଷୁ ହସି କରି ।
କୃଷ୍ଣସିଂହ ମହାଭାରତ କର୍ଣ୍ଣ ।

ନାଟକୀ—ସଂ. ବି. ସ୍ତ୍ରୀ (ନାଟକ+ସ୍ତ୍ରୀ. ଈ)—୧ । ନର୍ତ୍ତକୀ—
Nāṭakī 1 A dancing girl.

୨ । ଇନ୍ଦ୍ରସଭା—2. The court of Indra.

ସଂ. ବି. ପୁଂ (ନାଟକ+ଇନ୍; ୧ମା. ୧ବ)—୧ । ନାଟକ ରଚକ— 1. A dramatist.

୨ । ନୃତ୍ୟ ବ୍ୟବସାୟୀ ବ୍ୟକ୍ତି; ନର୍ତ୍ତକ— 2. A professional dancer or actor.

ନାଟକୀୟ—ସଂ. ବିଣ (ନାଟକ+ସମ୍ବନ୍ଧାର୍ଥେ. ଈୟ)—୧ । ନାଟକ
Nāṭakīya ସମ୍ବନ୍ଧୀୟ—1. Dramatic; relating to drama.
(ନାଟକୀୟା—ସ୍ତ୍ରୀ)

୨ । ନାଟକରେ ବର୍ଣ୍ଣିତ— 2. Described or dealt with in a drama.

ନାଟକୁଟ—ଦେ. ବି (ସଂ. ନାଟ +କୁଟ)—ନଟକୁଟ (ଦେଖ)
Nāṭakuṭa Naṭakuṭa (See)

ନାଟକୁଟ ଗୋବର୍ଦ୍ଧନ ଦାସ—ପ୍ରାଦେ (ଯାଜପୁର)ବି—ନାଟର ଗୁରୁ
Nāṭakuṭa gobarddhana dāsa ଗୋବର୍ଦ୍ଧନ ଦାସ (ଦେଖ) Nātara guru gobarddhana dāsa (See)

ନାଟଗୁରୁ—ସଂ. ବି—(୬ଷ୍ଠୀ ତତ୍; ସଂ.ନାଟ +ଗୁରୁ)—୧ । ନାଟ୍ୟାଚାର୍ଯ୍ୟ;
Nāṭaguru ଓସ୍ତାଦ୍—1. Dancing master.

କେତେ ଅଙ୍ଗ ଭଙ୍ଗୀ ଶିଖାଇଣ ଥାଇ ନାଟଗୁରୁ ପୃଷ୍ଠ ବାଣ—
ରାଧାନାଥ-ସଂସାର

୨ । ସୂତ୍ରଧର—2. Stage manager; stage master.

୩ । ନାଟର ଗୁରୁ (ଦେଖ)—Nāṭara guru (See).

ନାଟ ଘର—ଦେ. ବି. (ସଂ. ନାଟ +ଗୃହ)—ନାଟ୍ୟଶାଳା; ନାଚଶାଳା—
Nāṭa ghara Dancing room; ball room.
নাটশালা; **नाचघर**

ନାଟ ତମାସା—ଦେ. ବି. (ସଂ.ନାଟ +ଅ, ତମାସାହ୍)—ନାଚ ତମାସା—
Nāṭa tamāsā (ଦେଖ)—Nācha tamāsā (See).
নাচ তমাসা; **नाचतमासा** (ନାଟ ତାମସା, ନାଟ ତାମାସା—ଅନ୍ୟରୂପ)

ନାଟ ପଟୁ—ସଂ. ବିଣ—(ନାଟ +ପଟୁ; ୭ମୀ ତତ୍)—ନୃତ୍ୟ ନିପୁଣ;
Nāṭa paṭu ବିଳାସ ନିପୁଣ—Sportive; skilful in dancing.

ଚଞ୍ଚଳସ ନାଟପଟୁ ଖଞ୍ଜନଃ ପରସ୍ପେ ଆସିଲ ଉଡ଼ି ।
କବିସୂର୍ଯ୍ୟ—କିଶୋରୀ ଚମ୍ପୂ—ଗ ଗୀତ ।

ନାଟ ପିଲା—ଦେ. ବି—ନାଟୁଆପିଲା; ନୃତ୍ୟକାରୀ ବାଳକ—
Nāṭa pilā Dancing boy.
নাচওয়ালা ছোঁড়া; **नाचनेवाला लड़का** (ନାଟୁଆପିଲା—ଅନ୍ୟରୂପ)

[ଦ୍ର—ଉତ୍କଳରେ ଅଳ୍ପବୟସ୍କ ସୌମ୍ୟରୂପ ବାଳକମାନଙ୍କୁ ସ୍ତ୍ରୀ ବେଶରେ ସଜ୍ଜିତ କରି ସେମାନଙ୍କ ଦ୍ୱାରା ନୃତ୍ୟ ଗୀତ ଓ ପୌରାଣିକ ଅଭିନୟମାନ କରାଯାଏ । ପୌରାଣିକ ଅଭିନେତା ବାଳକ ଏକାଧିକ ସଂଖ୍ୟକ ହେଲେ ସେମାନଙ୍କୁ "ସଖୀ ପିଲା" କହନ୍ତି । ସଙ୍ଗୀତ ବୋଲି ନାଚିବା ପିଲାକୁ 'ଗୋଟିପୁଅ' କହନ୍ତି । ଗୋଟିପୁଅମାନେ ନାନାପ୍ରକାର ଅସାଧ୍ୟ 'ବନ୍ଧ' ବା 'ବ୍ୟାୟାମ' ମାନ ଦେଖାନ୍ତି । ନାଟପିଲାମାନେ ଗୀତ ବୋଲିବା ବେଳେ ନାଚନ୍ତି ଓ ଅଙ୍ଗଭଙ୍ଗି ଓ କରାଙ୍ଗୁଳି ଚାଳନ (ପାଉଜା) ଦ୍ୱାରା ଗୀତର ଭାବାର୍ଥମାନଙ୍କୁ ପ୍ରକାଶ କରନ୍ତି ।]

ନାଟ ଫାଟ—ଗ୍ରା. ବ (ସହଚର; ୨ୟ ଶବ୍ଦ ନିରର୍ଥକ)—ନୃତ୍ୟାଦି—
Nāṭa phāṭa Dancing etc.
নাচটাচ **नाचतथ, नाचना काछना**

ନାଟବନ୍ଦି—ଦେ ବ—ଲାଟବନ୍ଦି (ଦେଖ)
Nāṭabandi Lāṭabandi (See).

ନାଟ ମନ୍ଦିର—ବୈଦେ. ବ (ସଂ. ନାଟ + ମନ୍ଦିର)—୧ । ଦେବମନ୍ଦିରର
Nāṭa mandira ସମ୍ମୁଖସ୍ଥ ପ୍ରାସାଦବିଶେଷ—
নাটমন্দির 1. Dancing saloon of a temple; the dancing hall attached to a temple.
[ଦ୍ର—ଉତ୍କଳର ପ୍ରସିଦ୍ଧ ଦେବାଳୟମାନଙ୍କରେ ପ୍ରଧାନ ମନ୍ଦିରରେ ଦେବ ବିଗ୍ରହ ଥାଆନ୍ତି; ତହିଁକୁ ଲାଗିଥିବା ମନ୍ଦିର (ସଂ ମୁଖଶାଳା=ଓ. ମୁକୁଶିଅଳ) ରେ ଭକ୍ତମାନେ ଦେବଦର୍ଶନାର୍ଥ ଏକତ୍ର ହୁଅନ୍ତି ଓ ମୁଖଶାଳାକୁ ଲାଗି ନାଟମନ୍ଦିର ନିର୍ମିତ ହୋଇଥାଏ; ସେଥିରେ ସମୟ-ସମୟରେ ଗୀତ, ବାଦ୍ୟ ଓ ନୃତ୍ୟାଦି କରାଯାଏ । ଏହାଛଡ଼ା କେଉଁ କେଉଁ ମନ୍ଦିରରେ ସ୍ୱତନ୍ତ୍ର 'ଭୋଗମଣ୍ଡପ' ଥାଏ ।]
ସଂ. ବି—ନୃତ୍ୟଶାଳା; ନାଚଶାଳା—
Ball-room; dancing saloon.

ନାଟମୟୂର—ସଂ. ବ (ସଂ. ନାଟ + ମୟୂର)—୧ । ନୃତ୍ୟକାରୀ ମୟୂର—
Nāṭamayūra ଯେଉଁ ଅଣ୍ଡିରା ମୟୂର ଅତି ମନୋହର-
ନାଟମୟୁର } ଅନ୍ୟରୂପ ରୂପେ ଲାଞ୍ଜକୁ ପକ୍ଷ ପରି ବିସ୍ତୃତ କରି
ନାଟମୟୂର } ମେଘ ଉଠାଇବା ସମୟରେ ନୃତ୍ୟ କରେ-
1. A dancing peacock; a male peacock which struts with its fanlike outstretched tail on the rising of a cloud.
୨ । ବ୍ୟଜନାକାରବିଶିଷ୍ଟ ନୃତ୍ୟକାରୀ ମୟୂର ଆକାରରେ ନିର୍ମିତ ସ୍ୱର୍ଣ୍ଣ ଅଳଙ୍କାରବିଶେଷ—
2. A golden ornament with the figure of peacock strutting with its tail outstretched.

ନାଟମୟୂର ଗୁଣା—ଦେ. ବ—ମୟୂରବସା ଗୁଣା; ନାଟମୟୂରର ଆକୃତି-
Nāṭamayūra gunā ବିଶିଷ୍ଟ ନାକର ଅଳଙ୍କାରବିଶେଷ—
(ନାଟମୟୁର ଗୁଣା—ଅନ୍ୟରୂପ) A nose flower with the figure of a strutting peacock on it.

ନାଟର ଗୁରୁ—ଦେ. ବ (ସଂ. ନାଟଗୁରୁ)—୧ । ନାଟଗୁରୁ (ଦେଖ)
Nāṭara guru Nāṭaguru (See)
নাচের ওস্তাদ; **नाचगुरु, आस्ताद**
୨ । ଯେଉଁ ବ୍ୟକ୍ତି ନାଟ ଅଖଡ଼ାରେ ନୃତ୍ୟାର୍ଥୀମାନଙ୍କୁ ନାଚ ଶିକ୍ଷା ଦିଅନ୍ତି—2. A trainer of dancers in a dancing party.
୩ । (ଲକ୍ଷଣାର୍ଥ) କୌଣସି ବିଷୟ ବା ଘଟଣାର ମୌଳିକ ପ୍ରବର୍ତ୍ତକ—3. (figurative)—The originator or founder of some matter.
୪ । (ଲକ୍ଷଣାର୍ଥ)—କୌଣସି ଦଳର ନେତା—
4. The leader of a group; a ringleader.

ନାଟର ଗୁରୁ ଗୋବର୍ଦ୍ଧନ ଦାସ—ଉଗ—ଯେଉଁ ବ୍ୟକ୍ତି କୌଣସି
Nāṭara guru gobarddhana dāsa କାଣ୍ଡକାରଖାନାର ସୂତ୍ରଧର
নাটের গুরু; **नाचकागुरुगोबरधनदास** ଥାଇ ବାହାରେ ଦେଖା ପଡ଼େ ନାହିଁ, ଅଥଚ ବାହାରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ନିୟନ୍ତ୍ରିତ କରେ—The main wire-puller; one who pulls the wire from behind, one who controls a matter from behind.

ନାଟରେ ଉଠିବା—ଦେ. କି—୧ । ରାଜସ୍ୱ ବାକି ନିମନ୍ତେ କୌଣସି
Nāṭare uthibā ଜମିଦାରୀ ନିଲାମ ହେବା ପାଇଁ ବିଜ୍ଞାପିତ ହେବା;
নাটেউঠা ଲାଟରେ ଉଠିବା—1. (a zamindary) To be
लाटपर चढ़ा होना advertised for sale for arrears of revenue.
୨ । କୌଣସି ଭୂସମ୍ପତ୍ତି ଅଦାଲତରେ ପ୍ରକାଶ୍ୟ ନିଲାମ କରାଯିବାର ବିଜ୍ଞାପିତ ହେବା—2 (any immoveable property) To be advertised for sale by public auction by court

ନାଟାମ୍ର—ସଂ. ବି—ତରଭୁଜ (ବିକାଣ୍ଡ ଶେଷ)—
Nāṭāmra Water melon.

ନାଟାର—ସଂ. ବ. ପୁଂ. (ନଟୀ+ଅପତ୍ୟାର୍ଥେ ଆର)—ନଟୀପୁତ୍ର—
Nāṭāra The son of a dancing girl or actress.

ନାଟିଆ—ଦେ. ବ—ଶୂଦ୍ରମାନଙ୍କର ବଂଶୋପାଧିବିଶେଷ—
Naṭiā A family-title of some Śūdras.

ନାଟିକା—ସଂ. ବ. ସ୍ତ୍ରୀ. (ନଟ୍ ଧାତୁ=ନୃତ୍ୟ କରିବା + କର୍ତ୍ତୃ. ଅକ
Nāṭikā + ସ୍ତ୍ରୀ. ଆ)—
୧ । ଚାରିଗୋଟି ଅଙ୍କବିଶିଷ୍ଟ ନାଟକ—(ଯଥା—ସଂସ୍କୃତ ରତ୍ନାବଳୀ ପ୍ରଭୃତି; ଏଥିର ଲକ୍ଷଣ:—ନାଟିକାକ୍ଳୃପ୍ତବୃତ୍ତାସ୍ୟାତ୍ ସ୍ତ୍ରୀପ୍ରାୟା ଚତୁରଙ୍କିକା)—
1. A drama with four acts only.
୨ । ହାସ୍ୟରସ ପ୍ରଧାନ କ୍ଷୁଦ୍ର ନାଟକ—
2 A light comedy.
୩ । ନଟୀ; ନର୍ତ୍ତକୀ—3. A dancing girl; actress.
ଦେ. ବି. (ସଂ. ନାଡ଼ିକା)—୧ । ହାତ ବା ଗୋଡ଼ର ନାଡ଼ି—
1. Pulse.
କର୍ଣ୍ଣାଟକାଙ୍କ ନାଟିକା ସଳିଳ ନାହିଁ—ଲକ୍ଷ. ପ୍ରେମସୁଧାନିଧି ।
୨ । ଦେହର ରକ୍ତବାହୀ ଶିରା—2. Vein; artery:
[ଦ୍ର—ଏହି ନାଟିକା ଶବ୍ଦ ସହିତ ଜୀବନ ଓ ପ୍ରାଣ ପ୍ରଭୃତି ଶବ୍ଦ ଯୁକ୍ତ ହୋଇ ଜୀବନ ନାଟିକା, ପ୍ରାଣନାଟିକା ପ୍ରଭୃତି ଶବ୍ଦ ଗଠିତ ହୁଏ ।]

ନାଟିକା ଛପିବା—ଦେ. ବ—ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ କୌଣସି
Nāṭikā chipiba ବ୍ୟକ୍ତିର ମଣିବନ୍ଧ ନିକଟସ୍ଥ ନାଡ଼ୀର ସ୍ପନ୍ଦନକୁ
নাড়িটিপা ଅଙ୍ଗୁଠିଦ୍ୱାରା ଅନୁଭବ କରିବା—
नाड़ीदेखना To feel the pulse of a person.
(ନାଟିକା ଛପିବା; ନାଟିକା ଦେଖିବା —ଅନ୍ୟରୂପ)

ନାଟିକା ଛାଡ଼ିଯିବା—ଦେ. କ୍ରି—ରୋଗୀ ବା ମୁମୂର୍ଷୁ ବ୍ୟକ୍ତିର ହାତ ବା ଗୋଡ଼ର ନାଡ଼ିର କ୍ଷୀଣ ସ୍ପନ୍ଦନ ଅନ୍ୟ ବ୍ୟକ୍ତିକୁ ବୋଧ ନ ହେବା; ରୋଗୀର ନାଡ଼ିର ସ୍ପନ୍ଦନ ଅନ୍ୟ ବ୍ୟକ୍ତିର ହାତର ଅଙ୍ଗୁଠିକୁ ଜଣା ନ ଯିବା—The sinking of the pulse of a dying man; the pulsation of a dying person becoming too feeble to be felt by another person.
Nāṭikā chhārdijibā
नाड़ी नागा
नाड़ी डूबजाना

ନାଟିତ—ସଂ. ବିଣ. (ନଟ୍ ଧାତୁ=ନୃତ୍ୟ କରିବା+କର୍ମ. ତ)—
Nāṭita ୧ । ଅଭିନୀତ—1 Acted.
୨ । କୃତାଭିନୟ; ଯେଉଁ ନାଟକର ଅଭିନୟ ହୋଇଅଛି—
2. A drama which has been staged.
ସଂ. ବି. (ନଟ ଧାତୁ+ଣିଚ୍+ଭାବ. ତ)—୧ । ନର୍ତ୍ତନ; ନଚାଇବା—
1. Causing another to dance.
୨ । ଅଭିନୟ—2. Acting.

ନାଟୁ—ଦେ. ବି. (ସଂ. ଲଟ୍ଟୁ)—୧ । ଲଟୁ; ଭଟୁ; ଖେଳିବାର ଗେଣ୍ଡୁ—
Nāṭu 1. A play ball; a whirling top.
नाटू ୨ । (ଲକ୍ଷଣାର୍ଥ) କ୍ରୀଡ଼ନକ—
लट्टू 2. (figurative) Plaything.
(ନାଟମ—ଅନ୍ୟରୂପ) ଅମ୍ଭେ କୃଷ୍ଣ ତୁମମାନଙ୍କର ନାଟୁପ୍ରାୟ ହୋଇଅଛୁ—
ସ୍ୱଭାବ ଅ. ଉଚାଗସ୍ଥ ଯୁବା ।

ନାଟୁଆ—ଦେ. ବି. (ସଂ. ନର୍ତ୍ତକ; ନଟ)—୧ । ନର୍ତ୍ତକ—
Nāṭuā 1. A dancer.
ଜଣାଇଲେ ସର୍ବ ଯୁକ୍ତି ସେ ଭୁଜଙ୍ଗପଣ। ନାଟୁଆ ପ୍ରମାଣ—
ଭକ୍ତଚରି. ସଙ୍ଗୀତ ।
नाटुआ ୨ । ଅଭିନେତା; ନଟ—2 An actor.
नटुआ ୩ । ମଲ୍ଲକ୍ରୀଡ଼ା ଦେଖାଇବା ବ୍ୟକ୍ତି—
3. A wrestler or athlet.

ନାଟୁଆ ପିଲା (ଟୋକା)—ଦେ. ବି—ନାଚପିଲା; ନର୍ତ୍ତକ ବାଳକ—
Nāṭuā pilā (ṭokā) Dancing boy.
नाचवाला छोंड़ा **नाचका लड़का**

ନାଟୁ ବାଟ—ପ୍ରାଦେ. (ଗଞ୍ଜାମ) ବି—ଯାହା ସଡ଼କ ବାଟ ନୁହେଁ; କ୍ଷେତ୍ର ଉପରେ ହୋଇଥିବା ବାଟ; କ୍ଷେତେ ପଦଚିହ୍ନରେ ଯେଉଁ ବାଟ ପଡ଼ିଛି—A path made on the ridges of fields; foot path; footway.
Nāṭu bāṭa

ନାଟେୟ—ସଂ. ବି. ପୁଂ. (ନଟୀ+ଅପତ୍ୟାର୍ଥେ. ଏୟ)—ନଟୀପୁତ୍ର—
Nāṭeya Son of a dancing girl or actress.
(ନାଟେର, ନାଟାର—ଅନ୍ୟରୂପ)
(ନାଟେୟୀ, ନଟେରୀ—ସ୍ତ୍ରୀ)

ନାଟ୍ଟୁ—ଦେ. ବି. (ସଂ. ଲଟ୍ଟୁ)—ନାଟୁ (ଦେଖ)
Nāṭṭu Nāṭu (See)

ନାଟ୍ୟ—ସଂ. ବି. (ନଟ+କର୍ମ ଅର୍ଥରେ. ଯ)—୧ । ନୃତ୍ୟକ୍ରିୟା—
Nāṭya 1. Dancing.
୨ । ତୌର୍ଯ୍ୟତ୍ରିକ; ନୃତ୍ୟ, ଗୀତ ଓ ବାଦ୍ୟ ଏ ତିନିଟିର ସମବାୟ—
2. Dance, song and music.
[ଦ୍ର—ଏହାକୁ ବ୍ରହ୍ମା ଚାରି ବେଦରୁ ସଙ୍କଳନ କରିଥିଲେ; ଏହା ଶିବୋକ୍ତି । ବ୍ରହ୍ମାଙ୍କଠାରୁ ଭରତ ମୁନି ପ୍ରାପ୍ତ ହୋଇ ଜଗତରେ ଏହା ପ୍ରଚାର କରିଥିଲେ ।]
୩ । ଅଭିନୟଦ୍ୱାରା ଚରିତ୍ର ପ୍ରଦର୍ଶନ—
3. Acting; dramatic performance.
୪ । ଫଳିତ ଜ୍ୟୋତିଷ ମତରେ ନାଟକ ଆରମ୍ଭ କରିବା ପାଇଁ ଶୁଭ ନକ୍ଷତ୍ର (ଯଥା—ଅନୁରାଧା, ଧନିଷ୍ଠା, ହସ୍ତା, ଚିତ୍ରା, ସ୍ୱାତୀ, ଜ୍ୟେଷ୍ଠା, ଶତଭିଷା ଓ ରେବତୀ—ଜ୍ୟୋ. ସା.)—
4. Astrologically auspicious asterisms for starting a new drama or theatrical performance.

ନାଟ୍ୟକାର—ସଂ. ବି. (ନାଟ୍ୟ+କୃ ଧାତୁ+କର୍ତ୍ତୃ. ଅ)—
Nāṭyakāra ୧ । ନର୍ତ୍ତକ—1. A dancer.
୨ । ନଟ—2 An actor.
ଦେ. ବି—ନାଟକର ରଚକ—A dramatist.

ନାଟ୍ୟ ପ୍ରିୟ—ସଂ. ବିଣ. ପୁଂ. (ନାଟ୍ୟ+ପ୍ରିୟ; ବହୁବ୍ରୀହି)—
Nāṭya priya ନୃତ୍ୟ ଗୀତ ବାଦ୍ୟ ପ୍ରିୟ ଯାହାର—
(ନାଟ୍ୟପ୍ରିୟା—ସ୍ତ୍ରୀ) Loving music.
ସଂ. ବି—ଶିବ; ମହାଦେବ—Siba.

ନାଟ୍ୟ ବେଦ—ସଂ. ବି—ବ୍ରହ୍ମାଙ୍କ ଦ୍ୱାରା ରଚିତ ନୃତ୍ୟ ବାଦ୍ୟ ଗୀତାଦି ବିଷୟକ ଉପବେଦ—Name of a minor Beda dealing with music and dancing and said to have been composed by Brahmā.
Nāṭya beda
(ଯଥା—ଏହାର ନାମ ଗନ୍ଧର୍ବ ବେଦ ।)

ନାଟ୍ୟ ଶାଳା—ସଂ. ବି. (ଷଷ୍ଠୀ ତତ୍; ନାଟ୍ୟ+ଶାଳା=ଗୃହ)—
Nāṭya śālā ୧ । ନାଚଶାଳା—1. Dancing hall; dancing saloon; ballroom.
୨ । ନାଚ ଅଖଡ଼ା—2. The place where dancing is taught or dancers are trained.
୩ । ଥିଏଟର ଘର; ଥିଏଟରର ରଙ୍ଗମଞ୍ଚ—
3. The stage of a theatre.
୪ । ନାଟ ମନ୍ଦିର; ମନ୍ଦିର ବା ପ୍ରାସାଦ ଦ୍ୱାର ସମୀପ ଗୃହ—
4. A room adjoining the main temple or palace.

ନାଟ୍ୟ ଶାସ୍ତ୍ର—ସଂ. ବି—୧ । ନୃତ୍ୟ, ଗୀତ ଓ ବାଦ୍ୟ ଅଭିନୟ ବିଷୟକ ଶାସ୍ତ୍ର
Nāṭya śāstra 1. The science of music; dancing and singing and plasing on musical instruments.
୨ । ଭରତ ମୁନିକୃତ ନାଟ୍ୟ ବିଷୟକ ଗ୍ରନ୍ଥ—
2. Name of a musical work by sage Bharata.
[ଦ୍ର—ଶିବ ବ୍ରହ୍ମାଙ୍କୁ ନାଟ୍ୟ ସମ୍ବନ୍ଧେ ଉପଦେଶ ଦେଇଥିଲେ । ଇନ୍ଦ୍ରଙ୍କ ପ୍ରାର୍ଥନା ଅନୁସାରେ ବ୍ରହ୍ମା ଅଦ୍ଭୁତ ଅବତାର ଗ୍ରହଣ କରି ନାଟ୍ୟବେଦ ନାମକ ଉପବେଦ ରଚନା କଲେ । ବ୍ରହ୍ମାଙ୍କଠାରୁ ଭରତ ମୁନି ଏହା ପ୍ରାପ୍ତ ହୋଇ ମର୍ତ୍ତ୍ୟରେ ଏହା ପ୍ରଚାର କଲେ । ଜ୍ଞ. ଶବ୍ଦସାଗର ।]

ନାଟ୍ୟରାସକ—ସ. ବି—ଏକ ଅଙ୍କବିଶିଷ୍ଟ ଏକ ପ୍ରକାର ଉପରୂପକ
Nāṭya rāsaka ଦୃଶ୍ୟ କାବ୍ୟ—A kind of drama with one act only.
[ଦ୍ର—ଏଥିର ନାୟକ ଉଦାତ୍ତ, ନାୟିକା ବାସକସଜ୍ଜା ଓ ଉପନାୟକ ପୀଠମର୍ଦ୍ଦ ହୋଇଥାନ୍ତି । ଏଥିରେ ଅନେକ ପ୍ରକାର ଗୀତ ଓ ନୃତ୍ୟ ଥାଏ । ହି. ଶ.]

ନାଟ୍ୟାଚାର୍ଯ୍ୟ—ସ. ବି. (୬ଷ୍ଠୀ ତତ୍; ନାଟ୍ୟ + ଆଚାର୍ଯ୍ୟ)—
Nāṭyāchārjya ୧ । ନାଟଗୁରୁ; ଯେ ନାଟ ଶିଖାଏ—
1. A dancing master.
୨ । ରଙ୍ଗଭୂମିର ଅଧ୍ୟକ୍ଷ—2. The superintendent of a theatre; stage manager.

ନାଟ୍ୟାଲଙ୍କାର—ସ. ବି—ନାଟକର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଅଳଙ୍କାର-
Nāṭyālankāra ବିଶେଷ—Rhetorical figures which enhance the beauty of a drama.
[ଦ୍ର—ସାହିତ୍ୟ ଦର୍ପଣରେ ନାଟ୍ୟାଲଙ୍କାରର ସଂଖ୍ୟା ୩୩ ବୋଲି ଲିଖିତ ହୋଇଅଛି । ଯଥା—ଆଶୀର୍ବାଦ, ଆକ୍ରନ୍ଦ, କପଟ, ଅକ୍ଷମା, ଗର୍ବ, ଉଦ୍ୟମ, ଆଶ୍ରୟ, ଉତ୍ପ୍ରାସନ, ସ୍ପୃହା, କ୍ଷୋଭ, ପଶ୍ଚାତ୍ତାପ, ଉପପତ୍ତି, ଆଶଂସା, ଅଧ୍ୟବସାୟ, ବିସର୍ପ, ଉଲ୍ଲେଖ, ଉତ୍ତେଜନ, ପରୀବାଦ, ନୀତି, ଅର୍ଥ ବିଶେଷଣ, ପ୍ରୋତ୍ସାହନ, ସାହାଯ୍ୟ, ଅଭିମାନ, ଅନୁବୃତ୍ତି, ଉତ୍କୀର୍ତ୍ତନ, ଯାଚଞ୍ଚା, ପରିହାର, ନିବେଦନ, ପ୍ରବର୍ତ୍ତନ, ଆଖ୍ୟାନ, ଯୁକ୍ତି, ପ୍ରହର୍ଷ ଓ ଶିକ୍ଷା । ହି. ଶବ୍ଦସାଗର ।]

ନାଟ୍ୟୋକ୍ତି—ସ. ବି. (ନାଟ୍ୟ + ଉକ୍ତି)—
Nāṭyokti ୧ । ନାଟକରେ ପ୍ରଯୁକ୍ତ ହେଉଥିବା ବିଶିଷ୍ଟ ବାକ୍ୟ—
1. Dramatic language.
୨ । ନାଟକରେ ବ୍ୟବହୃତ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କୁ ସମ୍ବୋଧନ କରି ଯିବାରେ ବ୍ୟବହୃତ ଭିନ୍ନ ଭିନ୍ନ ବିଶିଷ୍ଟ ଶବ୍ଦମାନ—
2. Special words used in addressing particular persons in dramas.
[ଦ୍ର—ସଂସ୍କୃତ ନାଟକରେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କୁ ଡକାଯିବା ନାମ ବା ସମ୍ବୋଧନ । ଯଥା—ବ୍ରାହ୍ମଣ—ଆର୍ଯ୍ୟ; କ୍ଷତ୍ରିୟ—ମହାରାଜ; ସଖୀ—ହଲା; ନୀଚ ବ୍ୟକ୍ତି—ହଣ୍ଡା; ଚେଟୀ—ହଞ୍ଜା; ସ୍ୱାମୀ—ଆର୍ଯ୍ୟପୁତ୍ର; ରାଜାଙ୍କ ଶ୍ୟାଳକ—ରାଷ୍ଟ୍ରୀୟ; ସମାନସ୍ତର ବ୍ୟକ୍ତି—ବଂଧୋ; ରାଜା—ଦେବ, ରାଜକୁମାର—ଯୁବରାଜ; ସାର୍ବଭୌମ—ଭଟ୍ଟ; ଭଗିନୀପତି—ଆବୁତ୍ତ; ବେଶ୍ୟା—ଅଜ୍ଜୁକା, ଅତ୍ତୁକା; ବିଦ୍ୱାନ୍ ବ୍ୟକ୍ତି—ଭାବ; ଜନକ—ଆବୁକ; ରାଜକୁମାର—ଭର୍ତ୍ତୃଦାରକ; ଭଟ୍ଟାରକ; ରାଜସୁତା—ଭର୍ତ୍ତୃଦାରିକା; କୃପାଉପେକ୍ଷାକାଂକ୍ଷୀ—ଦେବୀ; ଇତର ସ୍ତ୍ରୀ—ଭଟ୍ଟିନୀ; ଅବଧ୍ୟୋକ୍ତି—ଅବ୍ରହ୍ମଣ୍ୟଂ; ମାତା—ଅମ୍ବା; ବାଳା—ବାପ; ଆର୍ଯ୍ୟ—ମାରିଷ; ଜ୍ୟେଷ୍ଠା ଭଗିନୀ—ଅତ୍ତିକା ଇତ୍ୟାଦି ଶବ୍ଦ ପରିବର୍ତ୍ତେ—ନିବର୍ତ୍ତଣ ।]

ନାଠା—ଦେ. ବିଣ. ପୁଂ. (ସ. ନତ)—
Nāṭhā ୧ । ଗେଡ଼ା—1. Dwarfish.
ବୈଁଠେ ୨ । (ସ. ନଷ୍ଟ) ଯେଉଁ ବ୍ୟକ୍ତିର ପିତୃ ପିତାମହାଦି
ନାଟା ଜନ୍ମା ପୁତ୍ର ପୌତ୍ରାଦି କେହି ନ ଥାନ୍ତି—
(ନାଠୀ—ସ୍ତ୍ରୀ) 2. (a person) Having no heirs.
ନାଠା

ନାଠି—ଦେ. ବି ଓ ବିଣ. (ସ. ଯଷ୍ଟି; ପ୍ରା. ଲଟ୍ଠି)—
Nāṭhi ଲାଠି (ଦେଖ)—Lāṭhi (See)
ନାଟାଇ ହେଲେ ଛାଇ ଭଲ ମେହ୍ନ, ତଳେ ଚଳେ ଭୂଲ ଯଥା ନାଠି ସଞ୍ଚାଳନେ ।
ଲଟବା ଢଙ୍କାନାଳି ହରତ ଗଳନା ।
ଦେ. ବି—ନଟେଇ; ଯେଉଁ କାଠିରେ ସୂତା ଗୁଡ଼ୁଆ ହୋଇଥାଏ—
Distaff.

ନାଠି ଭାଙ୍ଗି ଛିଡ଼ା ହେବା—ପ୍ରାଦେ. (ଯୁକ୍ତ) କ୍ରି—
Nāṭhi bhāngi chhirdā hebā ଅନ୍ୟ ବ୍ୟକ୍ତିଙ୍କୁ ଅନୁସରଣ କରି ବଢ଼ୁକାଳ ଆଣ୍ଠୁକୁ ନୁଆଁଇ କରି ଛିଡ଼ା ହେବା—
To stand before a person with bent knees.

ନାଡ଼—ଦେ. ବି.—(ସ. ନାଳ)—୧ । ମୃଣାଳ; ପଦ୍ମ ଆଦି ଫୁଲର
Nārda ଡେଙ୍ଗ—1. The stalk or long stem of
ବୋଁଟା lotus and other flowers.
डाँट ୨ । ପେଶୀ—2. Nerve.
ନାଡ଼ ୩ । (ସ. ନାଡ଼ୀ) ଦେହ ମଧ୍ୟସ୍ଥ ଅନ୍ତ୍ର—3. Intestine
ନାଡ଼ୀଭୁଁଡ଼ି tubular organs inside the body.
आँतड़ी; आँत ୪ । ରକ୍ତବାହିନୀ ଶିରା; ନାଡ଼ୀ—
ନାଡ଼ୀ 4. Pulse; vein; artery.
नाड़ी ୫ । ଯେଉଁ ଶିରା ନବଜାତ ଶିଶୁର ନାଭି ଓ ଗର୍ଭସ୍ଥ ଫୁଲ
ନାଡ଼ୀ ସଙ୍ଗେ ଲାଗି ଥାଏ ଓ ଶିଶୁ ଭୂମିଷ୍ଠ ହେବା ପରେ ଶିଶୁର
नाड़, नार; आँवलनाल ନାଭି ନିକଟରୁ ଯାହାକୁ ଫୁଲ ଠାରୁ ବିଚ୍ଛିନ୍ନ
ଆଁକଡ଼ା କରି କାଟି ଦିଆ ଯାଏ ;ନାଭିନାଳ—5. Umbilical
आँकड़ा cord; the navel string.
୬ । ଲଙ୍ଗଳର ଊର୍ଦ୍ଧ୍ୱାଂଶ ବା ଲଣ୍ଡିର ବେକ; ଲଙ୍ଗଳର ବେକ—6. The neck of a plough; the main portion of the handle-piece of a plough.
୭ । ଗୁଣା ବସୁଣୀ ଆଦିର ଯେଉଁ ବକ୍ରାଂଶ ନାକ ଛିଦ୍ରରେ ଗଳା ଯାଏ—7. The hooked portion of a nose-ring which is thrust into the bore of the nose;

ନାଡ଼କଟା—ଦେ. ବି (ସ. ନାଡ଼ୀ କର୍ତ୍ତନ)—ନବଜାତ ଶିଶୁର ନାଭି-
Nārda kaṭā ନାଳ ଛେଦନ—The cutting of the
ନାଡ଼ୀକାଟା navel chord of a newly born infant.
नाल कटाई

ନାଡ଼ କାଟିବା—ଦେ. କ୍ରି.—(ସ. ନାଡ଼ୀ+କର୍ତ୍ତନ)—ନବଜାତ ଶିଶୁର
Nārda kāṭibā ନାଭି ସଂଲଗ୍ନ ନାଡ଼କୁ ଫୁଲରୁ ଛେଦନ କରିବା—
ନାଡ଼ୀ କାଟା To cut the navel string of a newly
नालकाटना. नालछिन्ना born baby

ନାଡ଼ ଛତୁ—ଦେ. ବି.—(ସ. ନଳ+ଛତ୍ରାକ) ଏକ ପ୍ରକାର ଛତୁ—
Nārda chhatu A kind of long stemmed
ପୋଲ ଛାତ गोबर छत्ता mushroom.

[ଦ୍ର—ଏହା ଭୂଇଁରୁ ଶ୍ରାବଣ ଓ ଭାଦ୍ର ମାସରେ ଜନ୍ମେ । ଏଥିର ନାଡ଼ ବା ଡେଙ୍ଗ ସରୁ ଓ ଲମ୍ବା ଏବଂ ଛତ୍ର ଛୋଟ ।]

ନାଡ଼ ଫୁଲ—ଦେ. ବି.—(ସହରର ଶବ୍ଦ)—ଫୁଲ ନାଡ଼; ନବଜାତ
Nārḏa phula ଶିଶୁର ନାଭି ସଙ୍ଗେ ଲାଗି ଥିବା ନାଡ଼ୀ ଓ ଫୁଲ—
নাড়ীফুল The placenta and the tube attached to
आँवलनाल, नारवेबार, नारापोटी the navel of a newly born baby; the navel string with the placenta attached to it when an infant is born.

ନାଡ଼ ଫୁଲ କରି ଟେକିଦେବା—ଦେ. କ୍ରି.—୧ । ନବଜାତ ଶିଶୁର ନାଭି
Nārḏa phula kari tekidebā ସଂଲଗ୍ନ ନାଡ଼ ଓ ଫୁଲ
नारवेबार समेत उठादेना ଛେଦିତ ହେବା ପୂର୍ବରୁ ପାଳନ କରିବା ନିମନ୍ତେ ପ୍ରସୂତି ଅନ୍ୟ ସ୍ତ୍ରୀ ହାତରେ ଉକ୍ତ ପିଲାକୁ ଅର୍ପଣ କରିବା—1. To hand over a newly born infant (with the placenta still attached),to the hands of another woman for bringing it up.

୨ । (ଓଡ଼ିଶାରେ ଏକ ପ୍ରକାର ପୋଷ୍ୟପୁତ୍ର ଗ୍ରହଣ କରିବାର ରୀତି)—ଶିଶୁ ଜନ୍ମ ହେବା ସଙ୍ଗେ ସଙ୍ଗେ ତାହାର ନାଭି-ଛେଦନ ହେବା ପୂର୍ବରୁ ପୂର୍ବକୃତ ସଙ୍କଳ୍ପ ବା ଅଙ୍ଗୀକାର ଅନୁସାରେ ଉକ୍ତ ଶିଶୁକୁ ପୋଷିଅ ମାତାଙ୍କ ହାତରେ ଜନ୍ମ କଲା ମାଆ ଟେକି ଦେବା—2. To make over a newly born infant with the navel string still uncut to the woman who had promised to adopt it before it was born (a kind of taking in adoption of a child prevalent in Orissa.

[ଦ୍ର—ମୃତବତ୍ସା ପ୍ରସୂତି ସ୍ତ୍ରୀମାନଙ୍କର ବିଶ୍ୱାସ ଯେ ଶିଶୁ ଜନ୍ମ ହେବା ମାତ୍ରେ ନାଡ଼ ଫୁଲ ସହିତ ଅନ୍ୟ ସ୍ତ୍ରୀଙ୍କୁ ଉକ୍ତ ଶିଶୁକୁ ପାଳନ କରିବାକୁ ଅର୍ପଣ କଲେ ସେ ଶିଶୁଟି ମୃତ୍ୟୁମୁଖରେ ପତିତ ହୁଏ ନାହିଁ । ଅନେକ ମଧ୍ୟ ଅପୁତ୍ରିକା ସ୍ତ୍ରୀ ଗର୍ଭିଣୀ ସ୍ତ୍ରୀଙ୍କ ଠାରୁ ଜନ୍ମର ବହୁଦିନ ପୂର୍ବେ ପୋଷ୍ୟପୁତ୍ର ଗ୍ରହଣ କରିବାର ସ୍ଥିର କରିଥାଆନ୍ତି ଓ ଶିଶୁ ଭୂମିଷ୍ଠ ହେବା ମାତ୍ରେ ତାର ନାହି କଟା ହେବା ପୂର୍ବରୁ ପ୍ରସୂତିଠାରୁ ଉକ୍ତ ଶିଶୁକୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରି ଆପଣାର ଶିଶୁ ସ୍ୱରୂପ ଲାଳନପାଳନ କରନ୍ତି ।]

ନାଡ଼ା—ଦେ. ବି.—(ସଂ. ନାଡ଼ୀ)—୧ । ଗର୍ଭସ୍ଥ ଅନ୍ତ୍ର; ଅନ୍ତ୍ରରଜ୍ଜୁ—
Nārḏā 1. The intestines; the entrails.
নাড়ীভুঁড়ি ୨ । ଯେଉଁ ଶିରା ଅନ୍ତ୍ର ଓ ଅଣ୍ଡକୋଷକୁ ସଂଲଗ୍ନ କରି
आँत ଥାଏ—2. The duct joining the intestine
নাড়া with the testicle; the inguinal ligament.

ନାଡ଼ା ଗଡ଼ିବା—ଦେ. ବି.—ଅଣ୍ଡକୋଷର ସ୍ଫୀତ ରୋଗ; ନାଡ଼ା ମୋଟ ଓ
Nārḏā garḏibā ଦରଜ ହୋଇ ଅଣ୍ଡକୋଷର ସ୍ଫୀତି ଉତ୍ପାଦନ
आँत गीरना କରିବା—The painful swelling of the testicle due to the thickening of the inguinal ligament or the descent of the intestines into the testicle.

ନାଡ଼ା ଦରଜ ହେବା—ଦେ. କ୍ରି—ନାଡ଼ା ମୋଟା ଓ ଦରଜ ହେବା—
Nārḏā daraja hebā The painful swelling of the
নাড়া দর্দ হওআ; **आँतमे दर्द करना** inguinal ligament.
[ନାଡ଼ା ଧରିବା, ନାଡ଼ା ହେବା—ଅନ୍ୟରୂପ]

ନାଡ଼ି—ସଂ. ବି. (ନଡ଼ ଧାତୁ. ଣିଚ+କର୍ତ୍ତୃ. ଇ; ଇନ+ଅ;+ଈ)—
Nārḏi ୧ । ନଳ—1. Tube; pipe.
ନାଡ଼ିକା } ଅନ୍ୟରୂପ ୨ । ଦେହସ୍ଥ ରକ୍ତବାହିନୀ ଶିରା; (ଏହା
ନାଡ଼ୀ } ନଳ ପରି ପୋଲା ଓ ଏଥି ମଧ୍ୟରେ ରକ୍ତ ଓ ରସାଦି ଯିବା ଆସିବା କରେ ।]
2. Artery; vein; blood vessel; tubular vessel of the body.
୩ । ହାତଗଣ୍ଠି ଓ ଗୋଡ଼ଗଣ୍ଠି ନିକଟରେ ଥିବା ଶିରା, ଯାହାକୁ ଚିପିଲେ ମନୁଷ୍ୟ ଶରୀରସ୍ଥ କଫ ବାତ ପିତ୍ତର ଅବସ୍ଥା ଓ ହୃତ୍ପିଣ୍ଡର ସ୍ପନ୍ଦନର ପରିମାଣ ଜଣା ପଡ଼େ—3. Pulse.

[ଦ୍ର—ଯେଉଁ ନାଡ଼ିମାନଙ୍କ ଦ୍ୱାରା ଶରୀରର ରକ୍ତ ପ୍ରବାହିତ ହେଉଅଛି ତାହା ଦୁଇ ପ୍ରକାର । ୧ । ଯେଉଁ ନାଡ଼ିମାନ ହୃତ୍ପିଣ୍ଡରୁ ଶୁଦ୍ଧ ରକ୍ତକୁ ନେଇ ଦେହ ତମାମ ପହଞ୍ଚାନ୍ତି । ୨ । ଯେଉଁ ନାଡ଼ିମାନ ସମସ୍ତ ଅଙ୍ଗରୁ ଅଶୁଦ୍ଧ ରକ୍ତକୁ ନେଇ ପ୍ରାଣବାୟୁ ଦ୍ୱାରା ତାହା ଶୋଧିତ ହେବାପାଇଁ ହୃଦୟରେ ପହଞ୍ଚାନ୍ତି । ପ୍ରଥମ ଶ୍ରେଣୀର ନାଡ଼ିକୁ ବିଶେଷତଃ ନାଡ଼ି ବୋଲଯାଏ ଓ ତହିଁରେହିଁ ସ୍ପନ୍ଦନ ଅଧିକତର ହେଉଥାଏ । ଅଶୁଦ୍ଧ ରକ୍ତକୁ ହୃଦୟରେ ପହଞ୍ଚାଉଥିବା ନାଡ଼ିମାନଙ୍କର ସ୍ପନ୍ଦନ ଅତି ସାମାନ୍ୟ । ଅଶୁଦ୍ଧ ରକ୍ତବାହୀ ନାଡ଼ିମାନ ଅଶୁଦ୍ଧ ରକ୍ତକୁ ନେଇ ହୃତ୍ପିଣ୍ଡର ଡାହାଣ କୋଠରିରେ ପହଞ୍ଚାନ୍ତି । ସେଠାରୁ ଉକ୍ତ ରକ୍ତ ଫୁସ୍ ଫୁସ୍ ବାଟେ ଯାଇ ଶୁଦ୍ଧ ହୁଏ ଓ ଶୁଦ୍ଧ ରକ୍ତ ହୃତ୍ପିଣ୍ଡର ବାମକୋଠରିରେ ପ୍ରବେଶ କରି ସେଠାରୁ ଶୁଦ୍ଧ ରକ୍ତ-ବାହୀ ନାଡ଼ିମାନଙ୍କ ଦ୍ୱାରା ଦେହ ତମାମକୁ ବାହିତ ହୁଏ । ହୃଦୟ ବରାବର ପ୍ରସାରିତ ଓ ସଙ୍କୁଚିତ ହେଉଅଛି ଓ ଏହି ପ୍ରସାରଣ ସଙ୍କୋଚନ ପ୍ରକ୍ରିୟାଦ୍ୱାରା ତହିଁରେ ସଞ୍ଚିତ ରକ୍ତ ନାଡ଼ିମାନଙ୍କ ମଧ୍ୟକୁ ଯିବା ଆସିବା କରୁଛି । ନାଡ଼ିମାନ ମାଂସ ଓ ହଳଦିଆ ତନ୍ତୁରେ ନିର୍ମିତ ଓ ରବର ନଳ ପରି ସ୍ଥିତିସ୍ଥାପକ । ନାଡ଼ିକୁ ଟାଣିଲେ ବଢ଼ିଯାଏ ଓ ଛାଡ଼ିଦେଲେ ପୂର୍ବାବସ୍ଥା ପ୍ରାପ୍ତ ହୁଏ । ହୃଦୟର ବାମ କୋଠରି ଥରେ ସଙ୍କୁଚିତ ହେବାବେଳେ ତହିଁରୁ ପ୍ରାୟ ୧୨ ଛଟାଙ୍କି ରକ୍ତ ନାଡ଼ିମାନଙ୍କ ମଧ୍ୟକୁ ଠେଲି ହୋଇଯାଏ । ହୃଦୟର ଏହି ଆକୁଞ୍ଚନ ପ୍ରସାରଣ ଯୋଗୁ ନାଡ଼ିମାନଙ୍କରେ ମଧ୍ୟ ସ୍ପନ୍ଦନ ହୁଏ । ଏହି ସ୍ପନ୍ଦନ ବଡ଼ ନାଡ଼ିମାନଙ୍କର ଅନୁଭୂତ ହୁଏ । ଶୁଦ୍ଧ ରକ୍ତବାହିନୀ ନାଡ଼ିମାନ କଟିଗଲେ ସେଥିରୁ ରକ୍ତ ପିଚକି କରି ବାହାରେ । ଅଶୁଦ୍ଧ ରକ୍ତବାହିନୀ ନାଡ଼ି କଟିଗଲେ ରକ୍ତସ୍ରାବ ଧୀରେ ଧୀରେ ହୁଏ । ଶୁଦ୍ଧ ରକ୍ତ ନାଲିଆ ଓ ଅଶୁଦ୍ଧ ରକ୍ତ କଳା ଅଠାଳିଆ । କାନମୁଣ୍ଡା, ବେକ ମୂଳର ବାମ ଓ ଡାହାଣ, ଉରୁସନ୍ଧିର ମଧ୍ୟଭାଗ, ଗୋଡ଼ର ବୁଢ଼ା ଅଙ୍ଗୁଠି ପାଖ ଓ ଗୋଇଠି ପାଖ, ଲିଙ୍ଗର ଉପରଭାଗ, ହାତର

କଟଣ୍ଠ, ବାହୁର କହୁଣି ଉପର ଓ ଜାଙ୍ଘ, ଏହି ସ୍ଥାନମାନଙ୍କୁ ଅଙ୍ଗୁଠି ଦ୍ୱାରା ଚପିଲେ ନାଡ଼ିର ସ୍ପନ୍ଦନ ଅନୁଭୂତ ହୁଏ । ନାଡ଼ିର ସ୍ପନ୍ଦନ ଦ୍ୱାରା ହୃତ୍‌ପିଣ୍ଡର ସ୍ପନ୍ଦନ ଜଣା ପଡ଼େ । ନାଡ଼ିର ସ୍ପନ୍ଦନ ବନ୍ଦ ହେଲେ ହୃତ୍‌ପିଣ୍ଡର ସ୍ପନ୍ଦନ ବନ୍ଦ ହେବାର ଜଣାଯାଏ । ନାଡ଼ି ପରୀକ୍ଷାଦ୍ୱାରା ରୋଗର ନିର୍ଣ୍ଣୟ ମଧ୍ୟ କରାଯାଏ । ଆୟୁର୍ବେଦ ଗ୍ରନ୍ଥମାନଙ୍କରେ ନାଡ଼ିମାନଙ୍କର ବିଭାଗ କରାଯାଇ ନାହିଁ । ସୁଶ୍ରୁତରେ ୭୦୦ ଶିରାର ଉଲ୍ଲେଖ ଅଛି, ତହିଁରୁ ୧୦ ରକ୍ତବାହିନୀ, ୧୦ କଫବାହିନୀ, ୧୦ ପିତ୍ତବାହିନୀ ଓ ୧୦ ବାୟୁବାହିନୀ । ଶୁଦ୍ଧ ଓ ଅଶୁଦ୍ଧ ରକ୍ତର ବିଷୟରେ ଆୟୁର୍ବେଦରେ ନାଡ଼ିବିଭାଗ କରାଯାଇ ନାହିଁ । ସୁଶ୍ରୁତରେ ଶିରା ଓ ଧମନୀର ମୂଳନାଭି ଥିବାର ବୋଲାଯାଇ ଅଛି । ବର୍ତ୍ତମାନ ବିଜ୍ଞାନରେ ଶୁଦ୍ଧ ରକ୍ତବାହିନୀ ନାଡ଼ିମାନଙ୍କୁ କେହି କେହି ଧମନୀ କହନ୍ତି । ନାଡ଼ି ପରୀକ୍ଷା ବିଷୟ ସୁଶ୍ରୁତରେ ନାହିଁ । ପରବର୍ତ୍ତୀ ଆୟୁର୍ବେଦିକ ଗ୍ରନ୍ଥମାନଙ୍କରେ ଏଥିର ଉଲ୍ଲେଖ ଅଛି ଓ ନାଡ଼ି ପରୀକ୍ଷା ଦ୍ୱାରା ରୋଗମାନଙ୍କ ନିର୍ଣ୍ଣୟ ବିଷୟ ବର୍ଣ୍ଣିତ ହୋଇଅଛି — ହି. ଶବ୍ଦସାଗର ।]

୪ । ଗଛ ବା ଫୁଲ ଆଦିର ସରୁ ଡେମ୍ଫ ବା ନାଡ଼ି— 4. The stalk of a flower or a plant.

୫ । ଦେହାଭ୍ୟନ୍ତରସ୍ଥ ଅନ୍ତ; ଅନ୍ତବୁଜୁଲା— 5. Intestines; entrails.

୬ । ନାଡ଼ି; ନାଭି-ନାଡ଼ିକା— 6. Navel string.

୭ । ଏକଦଣ୍ଡ ସମୟ; ୬ କ୍ଷଣ ସମୟ; ପ୍ରାୟ ୨୪ ମିନିଟ୍— 7. A period of 24 minutes; a period of 6 moments.

୮ । ନଳୀ ଘାଆ—8. Sinus.

୯ । ଜଳବାଷ୍ପ ସୂର୍ଯ୍ୟ ରଶ୍ମି—9. The rays of the sun which cause the waters to evaporate.

୧୦ । ବାଉଁଶର ନଳୀ—10. A bamboo tube.

୧୧ । ବଣିଆଙ୍କ ଫୁଙ୍କନଳୀ—11. Blow-pipe.

୧୨ । ବନ୍ଧୁକର ନଳୀ (ହି. ଶବ୍ଦସାଗର)— 12. The barrel of a gun.

୧୩ । ଗଣ୍ଡଦୁବା (ହି. ଶବ୍ଦସାଗର) (ଦେଖ) 13. A kind of tubular grass.

୧୪ । କୌଣସି ତୃଣର ପୋଲା ଡାଙ୍ଗ (ହି. ଶବ୍ଦସାଗର)— 14. A hollow stem of grass

୧୫ । ଛଦ୍ମ; କପଟ—15. Deceit

୧୬ । ନାଡ଼ୀ ନକ୍ଷତ୍ର (ଦେଖ) (ହି. ଶବ୍ଦସାଗର)— 16. Nārdi nakshatra (See)

୧୭ । ହଠଯୋଗ ଅନୁସାରେ ଜ୍ଞାନବାହିନୀ, ଶକ୍ତିବାହିନୀ ଓ ଶ୍ୱାସପ୍ରଶ୍ୱାସବାହିନୀ ନାଡ଼ିମାନ— 17. The veins which carry no perception, energy and breath (according to Haṭha joga).

[ହି— ଯୋଗୀମାନେ କହନ୍ତି ଯେ ପିଠିର ମେରୁଦଣ୍ଡର ବାମ ପାଖେ ଇଡ଼ା ଓ ଡାହାଣପାଖେ ପିଙ୍ଗଳା ଏବଂ ଏ ଦୁହିଙ୍କ ମଝିରେ ସୁଷୁମ୍ନା ନାଡ଼ି ଅଛି । ସ୍ୱରୋଦୟ ଶାସ୍ତ୍ର ମତରେ ନାକର ବାମ ପୁଡ଼ାରେ ବହୁଥିବା ନିଶ୍ୱାସ ଇଡ଼ା ଓ ଡାହାଣ ନାକ ପୁଡ଼ାରେ ବହୁଥିବା ନିଶ୍ୱାସ ପିଙ୍ଗଳା ନାଡ଼ିବାଟେ ଯିବା ଆସିବା କରେ ଓ ସୁଷୁମ୍ନା ନାଡ଼ିବାଟେ ଯିବା ଆସିବା ନିଶ୍ୱାସ ଦୁଇ ନାକପୁଡ଼ା ବାଟେ ସମାନଭାବରେ ବହେ । ନାକରେ ବହୁଥିବା ନିଶ୍ୱାସକୁ ବାଛିକରି ମନୁଷ୍ୟ ଜୀବନର ଦୈନିକ ଶୁଭାଶୁଭ ନିର୍ଣ୍ଣୟ କରାଯାଏ । ଇଡ଼ାରେ ଚନ୍ଦ୍ରଙ୍କ ଅବସ୍ଥିତି, ପିଙ୍ଗଳାରେ ସୂର୍ଯ୍ୟଙ୍କ ଅବସ୍ଥିତି ଓ ସୁଷୁମ୍ନାରେ ତ୍ରିଗୁଣମୟ ଅଗ୍ନିଙ୍କ ଅବସ୍ଥିତି କଳ୍ପିତ ହୁଏ । ଏହି ନାଡ଼ିମାନଙ୍କର ଜ୍ଞାନ ବିନା ଯୋଗ ସାଧନ ଅସମ୍ଭବ । କେଉଁ ନାଡ଼ିରେ ନିଶ୍ୱାସ ଯିବା ସମୟରେ କି କି କାର୍ଯ୍ୟ କରାଯିବ ତାହା ଯୋଗଶାସ୍ତ୍ରରେ ନିର୍ଦ୍ଦିଷ୍ଟ ଅଛି, ଯଥା— ଡାହାଣ ପୁଡ଼ାରେ ନିଶ୍ୱାସ ବହିଲାବେଳେ ଖାଇବ, ବାଆଁ ପୁଡ଼ାରେ ନିଶ୍ୱାସ ଗଲାବେଳେ ଶୋଇବ । ସୁଷୁମ୍ନାର ନିମ୍ନଦେଶରେ ଗୁହ୍ୟଦ୍ୱାରର ଉପରେ କୁଣ୍ଡଳିନୀ ଶକ୍ତି ଜାଗ୍ରତ ହୋଇ ସୁଷୁମ୍ନା ନାଡ଼ି ବାଟେ ଶରୀରାଭ୍ୟନ୍ତରସ୍ଥ ଷଟ୍‌ଚକ୍ରଭେଦ କରି କପାଳସ୍ଥ ବ୍ରହ୍ମରନ୍ଧ୍ରରେ ପହଞ୍ଚେ ଓ ସେଠାରେ ପହଞ୍ଚିବାବେଳୁ ଯୋଗୀ ସିଦ୍ଧିଲାଭ କରି ପରମାନନ୍ଦରେ ମଗ୍ନ ହୁଅନ୍ତି ଓ ତାଙ୍କର ସଂସାରବନ୍ଧନ ଛିନ୍ନ ହୁଏ— ହି. ଶବ୍ଦସାଗର ।]

ଦେ. ବି—୧ । ନାଡ଼ିରଅଙ୍କୁଡ଼ିବିଶିଷ୍ଟ ଘୃତପକ୍ୱ ମିଷ୍ଟାନ୍ନବିଶେଷ— **अमिर्ती** 1. A sweetmeat having coils.

ଚନ୍ଦ୍ରକାନ୍ତି ଝଳି ନାଡ଼ିକା ସୁଶୋଭନ—ଝଡ଼ମନ୍ୟୁ ବଦରଥଉଲ୍ଲାମନି ।

୨ । (ଲକ୍ଷଣାର୍ଥ; ମୂର୍ଚ୍ଛିତ ବ୍ୟକ୍ତିର ନାଡ଼ିର ଗତି ବନ୍ଦ ହୋଇଯିବାରୁ) ଜ୍ଞାନ; ଚେତନା— 2 Consciousness.

ଯଦୁମଣି ଯିବେ ପୁର୍ଣି ଯାମିନୀ ନ ସରେ ଆଉ ନାହିଁ ନାଡ଼ି
କବିସୂର୍ଯ୍ୟ, ସଙ୍ଗୀତ ।

ପ୍ରାଦେ (ବାଲେଶ୍ୱର) ବି—ସଜନାଛୁଇଁ— The beans of the Indian horse radish.

ପ୍ରାଦେ (ସିଂହଭୂମ) ବି—ଖଡ଼ା (ଦେଖ) Kharḍā (See).

ନାଡ଼ି ଉଡ଼ିଯିବା—ଦେ. କ୍ରି.—କ୍ଷୁଧାରେ କଲବଲ ହେବା; ଶୋକରେ ଫାଟିଯିବା ଉଡ଼ିଯିବା—Feeling of extreme pangs of hunger.
Nārdi urdijibā
(ନାଡ଼ି ଜଳିବା—ଅନ୍ୟରୂପ)
ନାଡ଼ିଜଲା, **ନାଡ଼ି ଶୁଖଜାନା**

ନାଡ଼ିକ—ସଂ. ବି (ନାଡ଼ି + କ)—୧ । ନଳିତାଶାଗ—
Nārdika 1. The jute leaves used as a potherb.
୨ । ନାଡ଼ି (ଦେଖ)—2. Nārdi (See)

ନାଡ଼ି(ଡ଼ୀ)କଳାପକ—ସଂ. ବି—ସର୍ପାକ୍ଷୀ (ହି. ଶବ୍ଦସାଗର) (ଦେଖ)
Nārdi (rdi)kalāpaka Sarpākshi (See)

ନାଡ଼ିକା—ସଂ. ବି (ନାଡ଼ିକ + ଆ)—୧ । ଶ୍ୱାସବାହୀ ନଳ; ଗଳା—
Nārdikā 1. Wind pipe; throat (Apte).
(ନାଡ଼ୀକା—ଅନ୍ୟରୂପ) ୨ । ଏକ ଘଡ଼ି ସମୟ (ହି. ଶବ୍ଦସାଗର)— 2. A period of 45 minutes.
୩ । ଏକ ଦଣ୍ଡ ସମୟ (ହି. ଶବ୍ଦସାଗର)— 3. A period of 24 minutes.

୪ । ନାଡ଼ୀବ୍ରଣ—4. A fistulous sore (Apte).
୫ । ସୂର୍ଯ୍ୟଙ୍କ କିରଣରେଖା—
5. A ray of the sun (Apte).
୬ । ଘଣ୍ଟା ବାଡ଼ଅ ହେବାର ପିତ୍ତଳ ଘଣ୍ଟ—6. A gong on which the hours are struck (Apte).

ନାଡ଼ କାଟିବା—ଦେ. କ୍ରି—ନବଜାତ ଶିଶୁର ନାଭି ନାଡ଼ ଛେଦନ କରିବା—To cut the navel string of an infant.
Nārdi kātibā
ନାড়িকাটা **नाड़छीलना**

ନାଡ଼କେଳ—ସଂ. ବି. ପୁଂ—ନାରିକେଳ; ନଡ଼ିଆ—Cocoanut
Nārdikela (ନାଡ଼ୀକେଳ—ଅନ୍ୟରୂପ)

ନାଡ଼ ଚରଣ—ସଂ. ବି (ବହୁବ୍ରୀହି; ନାଡ଼+ଚରଣ; ଯାହାର ଗୋଡ଼ ନଳପରି ସରୁ)—ପକ୍ଷୀ—Bird (Apte).
Nārdi charana
(ନାଡ଼ୀଚରଣ—ଅନ୍ୟରୂପ)

ନାଡ଼ ଚିପା—ଦେ. ବି—୧ । ନାଡ଼ ପରୀକ୍ଷା; ନାଡ଼ର ସ୍ପନ୍ଦନକୁ ହାତ ଦ୍ୱାରା ବୋଧ କରିବା—1. Feeling of the pulse.
Nārdi chipā
নাড়িটেপা, নাড়িধরা, নাড়িদেখা
नाड़ी देखना
୨ । (ଯେ ନାଡ଼ ଚିପେ) ବୈଦ୍ୟ; କବିରାଜ—2. A physician (one who feels the pulse of patients),
ନାଡ଼ଟିପା, ନାଡ଼ଦେଖା, ନାଡ଼ଧରା } ଅନ୍ୟରୂପ

ନାଡ଼ ଚିପିବା—ଦେ. କ୍ରି—୧ । ନାଡ଼ ପରୀକ୍ଷା କରିବା; ରୋଗୀର ଅବସ୍ଥା ଜାଣିବା ନିମନ୍ତେ ରୋଗୀର ହାତ ଗୋଡ଼ର ନାଡ଼ର ସ୍ପନ୍ଦନକୁ ଅଙ୍ଗୁଳି ଦ୍ୱାରା ଅନୁଭବ କରିବା—1. To feel the pulse of a patient,
Nārdi chipibā
নাড়িদেখা
नाड़ी देखना, नाड़ी पकड़ना
ନାଡ଼ ଟିପିବା, ନାଡ଼ ଦେଖିବା, ନାଡ଼ ଧରିବା } ଅନ୍ୟରୂପ
୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ମତ ବା ପ୍ରକୃତି ଠଉରେଇବା—2. To ascertain a person's opinion or nature.
নাড়িটেপা, নাড়িদেখা
नाड़ीदेखाना

ନାଡ଼ ଚୀର—ସଂ. ବି—୧ । ଛୋଟ ନଳ ଜାତୀୟ ଗୁଳ୍ମ—1. A small reed (Apte).
Nārdi chira
(ନାଡ଼ୀଚୀର—ଅନ୍ୟରୂପ) ୨ । ତନ୍ତୁବାୟର ନଳି—2 A tube round which the woof is wound (Apte).

ନାଡ଼ ଜଂଘ—ସଂ. ବି (ବହୁବ୍ରୀହି; ନାଡ଼+ଜଂଘ)—୧ । କାକ; କୁଆ—1 Crow.
Nārdi jamgha
(ନାଡ଼ୀଜଂଘ—ଅନ୍ୟରୂପ) ୨ । ବଗ—2. A kind of crane.
୩ । (ନାମ) ଏକ ମୁନିଙ୍କ ନାମ—3. Name of a sage.
[ଦ୍ର—ମହାଭାରତ ଅନୁସାରେ ଏ କଶ୍ୟପଙ୍କ ପୁତ୍ର, ବ୍ରହ୍ମାଙ୍କ ପ୍ରିୟପାତ୍ର ଓ ସାର୍ବଭୌମ ଗୋଟିଏ ବକ ଥିଲେ—ହି. ଶବ୍ଦସାଗର ।]

ନାଡ଼ ଛୁଡ଼ିବା—ଦେ. ବି—୧ । ନାଡ଼ର ସ୍ପନ୍ଦନ ବନ୍ଦ ହେବା; ରୋଗୀର ନାଡ଼ର ସ୍ପନ୍ଦନ ପରୀକ୍ଷକଙ୍କ ହାତକୁ ଜଣା ନ ଯିବା—1. The sinking of the pulse of a patient.
Nārdi chhārdibā
(ନାଡ଼ ଛାଡ଼ିଯିବା—ଅନ୍ୟରୂପ)
নাড়িছাড়া
नाड़िछुटजाना, नाड़िछुटजाना ୨ । ପ୍ରାଣବାୟୁ ଶରୀରରୁ ନିର୍ଗତ ହେବା ଅବସ୍ଥା—2. Dying condition.

ନାଡ଼ ତରଙ୍ଗ—ସଂ. ବି—୧ । (ବହୁବ୍ରୀହି) ଜ୍ୟୋତିର୍ବିତ୍; ଫଳିତ ଜ୍ୟୋତିଷୀ
Nārdi taranga (ହି. ଶ)—1. An astrologer (Apte).
୨ । କାକୋଲ (ହି. ଶବ୍ଦସାଗର) (ଦେଖ)
2. Kākola (See)
୩ । ସ୍ତ୍ରୀର ଧର୍ଷକ ବ୍ୟକ୍ତି—
3. A debaucher; a ravisher (Apte).

ନାଡ଼ ଦେଖା(ଖେ)ଇବା—ଦେ. କ୍ରି—ବୈଦ୍ୟଙ୍କଦ୍ୱାରା ନିଜର ନାଡ଼ର ସ୍ପନ୍ଦନର ପରୀକ୍ଷା କରାଇବା—To have one's pulse examined or felt by a physician.
Nārdi dekhā(khe)ibā
নাড়িদেখান
नाड़िदिखाना

ନାଡ଼ ନକ୍ଷତ୍ର—ସଂ. ବି (ନାଡ଼+ନକ୍ଷତ୍ର)—୧ । (ଫଳିତ ଜ୍ୟୋତିଷ) ବର ବଧୂଙ୍କ ଜାତକ ଗଣନାର୍ଥେ କଳ୍ପିତ ଚକ୍ରରେ ସ୍ଥିତ ନକ୍ଷତ୍ରବିଶେଷ—1. The title of some asterisms in connection with the astrological calculation of the horoscopes of a bridegroom and bride elect.
Nārdi nakshatra
[ଦ୍ର—ଯେଉଁ ନକ୍ଷତ୍ରରେ ମନୁଷ୍ୟ ଜନ୍ମଗ୍ରହଣ କରିଥାଏ ତାକୁ ଓ ତହିଁଠାରୁ ଦଶମ, ଷୋଡ଼ଶ, ଅଷ୍ଟାଦଶ, ତ୍ରୟୋଦଶ ଓ ପଞ୍ଚଦଶ ନକ୍ଷତ୍ରକୁ ନାଡ଼ ନକ୍ଷତ୍ର ବା ନାଡ଼ୀ କହନ୍ତି । ଜନ୍ମ ନାଡ଼କୁ ଆଦ୍ୟ, ଦଶମ ନାଡ଼କୁ କର୍ମ, ଷୋଡ଼ଶକୁ ସାଂଘାତିକ, ଅଷ୍ଟାଦଶକୁ ସମୁଦୟ, ତ୍ରୟୋବିଂଶକୁ ବିନାଶ ଓ ପଞ୍ଚବିଂଶକୁ ମାନସ ନାଡ଼ୀ ବୋଲିଯାଏ—ହି. ଶବ୍ଦସାଗର ।]
୨ । ଜନ୍ମ ନକ୍ଷତ୍ର—2. The natal asterism of a person; the star in the ascendant at one's birth.
নাড়নক্ষত্র ଦେ. ବି (ସଂ. ନାଡ଼+ନକ୍ଷତ୍ର)—୧ । (କୌଣସି
नगयत ବ୍ୟକ୍ତିର ଶରୀରସ୍ଥ ନାଡ଼ ଓ ଜାତକର ନକ୍ଷତ୍ର ଦେଖି ତାହାର ସ୍ୱାସ୍ଥ୍ୟ ଓ ଶୁଭାଶୁଭ ଫଳ ଜଣା ଯାଇପାରେ)
(ଲକ୍ଷଣାର୍ଥ)—କୌଣସି ମନୁଷ୍ୟ ସମ୍ବନ୍ଧେ ଯାବତୀୟ ଜ୍ଞାତବ୍ୟ ବିଷୟ—
(ନାଡ଼ୀନକ୍ଷତ୍ର—ଅନ୍ୟରୂପ)
1. All the available informations about a person.
(ଯଥା—ଅରେ ବାପା ! ମୋ ଆଗରେ ଏତେ ବଢ଼ାଇ କର ନା; ମୁଁ ତ ତୋ ନାଡ଼ୀ ନକ୍ଷତ୍ର ସବୁ ଜାଣେ ।)
୨ । (ଲକ୍ଷଣାର୍ଥ) ମନୁଷ୍ୟର ପ୍ରକୃତିଗତ ଅଭ୍ୟାସ ଓ ଗତିବିଧି—2. A person's movements, nature and habits.
୩ । କୌଣସି ବ୍ୟକ୍ତିର ଗୁପ୍ତ ରହସ୍ୟମାନ—
3. All the secrets of a person.

ନାଡ଼ନ୍ଧମ—ସଂ. ବି (ନାଡ଼ିଂ=ବାଉଁଶନଳୀକୁ+ଧମ୍ ଧାତୁ ଶବ୍ଦ କରିବା, ଫୁଙ୍କିବା+କର୍ତ୍ତୃ. ଅ—ଯେ ନଳୀରେ ନିଆଁ ଫୁଙ୍କେ)—୧ । ସୁନାର ବଣିଆ—1. Goldsmith.
Nārdindhama
(ନାଡ଼ୀନ୍ଧମ—ଅନ୍ୟରୂପ)
ବିଣ—୧ । (ଯାହା ଦେଖିଲେ ବା ଶୁଣିଲେ ଲୋକର ଶରୀରସ୍ଥ ନାଡ଼ମାନ ଦୋହଲିଯାଏ) ଭୟାନକ; ଭୀତିଜନକ—1. Terrifying.

୨ । ଶ୍ୱାସକୁ ଶୀଘ୍ର ଶୀଘ୍ର ଚଳାଇବାବାଲା (ହ୍ର. ଶ)—
2. Taking or heaving swift gasps and breaths.

ନାଡ଼ନ୍ଧୟ—ସ. ବଣ (ନାଡ଼+ଧେ ଧାତୁ=ପାନକରିବା+କର୍ତ୍ତୃ. ଅ)—
Nārdindhaya ଯେ ନଳ ଦ୍ୱାରା ପାନ କରେ—
(ନାଡ଼ୀନ୍ଧୟ—ଅନ୍ୟରୂପ) Drinking through a tube.

ନାଡ଼ପତ୍ର —ସ. ବ—ନଳିତା ଶାଗ; ନଳିତାପିତା—
Nārdipatra Leaf of jute plant; the Jew's mallow
(ନାଡ଼ୀପତ୍ର—ଅନ୍ୟରୂପ) used as a pot herb.

ନାଡ଼(ଡ଼ୀ)ବଳୟ—ସ. ବ୍ - ସିଦ୍ଧାନ୍ତଶିରୋମଣି ଲକ୍ଷିତ ସମୟସୂଚକ
Nārdi(rdi)balaya ଯନ୍ତ୍ରବିଶେଷ (ହ୍ର. ଶ.) —
A kind of clock used in ancient India.

ଦେ. ବ—ନାଡ଼ିର ଗତି ଜଣ୍ଣାଯୂକ ଅଧୁନିକ ଯନ୍ତ୍ରବିଶେଷ—
(ଦ୍ର—ଏହାକୁ ନାଡ଼ି ଉପରେ ରଖିଦେଲେ ନାଡ଼ିର
ଶୀଘ୍ରତମ ସ୍ପନ୍ଦନ ମଧ୍ୟ ଜଣାପଡ଼େ)—
Sphygmograph.

ନାଡ଼ିବା—ଦେ. କି (ସ. ଲଡ଼ ଧାତୁ=ଉପରକୁ ଫିଙ୍ଗିବା; ସ. ନଡ଼,
Nārdibā ଧାତୁ ଣିଚ ନାଡ଼ ଧାତୁ=ଭ୍ରଂଶକରିବା)—
ନାଡ଼ା ୧ । ଦୋହଲିବା; ନଡ଼ ନଡ଼ ହୋଇ ହଲିବା—
हिलाना, डुलाना 1. To move; to dangle; to hang down loosely.

ବେଙ୍ଗ ଲାଗାନକ କୁଅ ଭେସ
ଗୋଡ଼ ବର୍ଷ ନାଡ଼ୁଥିଲା—ଶିଶୁଗୀତ ।

୨ । (ପୁଚ୍ଛ ଆଦିକୁ) ଇତସ୍ତତଃ ଚାଳିତ କରିବା; ହଲାଇବା—
2 To wag; to shake.

ନାଡ଼ି(ଡ଼ୀ)ବ୍ରଣ—ସ. ବ—ନାଳିଘାଅ; ଯେଉଁ ଘାଅର ଉପର ଅଂଶ ଶୁଖି-
Nārdi(rdi)brana ଗଲା ପରି ଦେଖା ଯାଉଥାଏ, ଭିତରେ
ପୂଜ ବହୁଥାଏ—Sinus; fistulous sore.

ନାଡ଼ିଭୁଡ଼ି—ଦେ. ବ (ବଙ୍ଗଳାରୁ ଅନୁକୃତ)—ଅନ୍ତ୍ରଭୁଡ଼ୁଲା—
Nārdibhurdi Intestines; entrails.
ନାଡ଼ିଭୁଡ଼ି ପ୍ରାଦେ (ବାଲେଶ୍ୱର ଓ ସିଂହଭୂମ)—
आँतड़ी ୧ । ପୋଇଶାଡ଼ୁ; ପୋଇଡ଼ାଙ୍ଗ—
1. The stem of the Basella creeper.

୨ । ସଜନାଅଦର ଛୁଇଁ—
2. The pod or legume of the Moringa tree.

ନାଡ଼(ଡ଼ୀ)ମଣ୍ଡଳ—ସ. ବ.- ବିଷୁବତ୍ ରେଖା; ଖଗୋଳରେ କଳ୍ପିତ
Nārdi (rdi) mandala ବିଷୁବ ରେଖା—The celestial equator.

[ଦ୍ର—ସୂର୍ଯ୍ୟ ଏହି ରେଖା ଉପରେ ଉପସ୍ଥିତ ହେଲେ
ପୃଥିବୀର ଦିବା ରାତ୍ରି ସମାନ ହୁଏ ।]

ନାଡ଼(ଡ଼ୀ)ଯନ୍ତ୍ର—ସ. ବ.—୧ । ନଳଯୁକ୍ତ ଯନ୍ତ୍ର—Any tubular
Nārdi(rdi) jantra instrument (Apte).

୨ । ସୁଶ୍ରୁତରେ ଶସ୍ତ୍ର ଚିକିତ୍ସାର ଯନ୍ତ୍ରବିଶେଷ, ଯଦ୍ଦ୍ୱାରା ନାଡ଼ି
ମଧ୍ୟରେ ପଶି ଯାଇଥିବା ବସ୍ତୁକୁ ବାହାର କରା ଯାଉଥିଲା
(ହ୍ର ଶ.)—2. A kind of surgical instrument mentioned in the Susruta by which any foreign thing introduced inside the veins was extracted.

ନାଡ଼ ଲାଗିବା—ଦେ. ଚ.—ରୋଗୀର ନାଡ଼ିର ସ୍ପନ୍ଦନ ପରୀକ୍ଷକଙ୍କ ହାତକୁ
Nārdi lāgibā ଜଣା ଯିବା—The state of the pulse
नाड़ि पाओया याओया of a patient being felt by the
नाड़ी मिलना (ନାଡ଼ ମିଳିବା—ଅନ୍ୟରୂପ) examiner.

ନାଡ଼ଶାକ—ସ. ବ. (ବୈଦ୍ୟକ) -- ନଳିତା (ହରେକୃଷ୍ଣ. ଦ୍ରବ୍ୟଗୁଣ)—
Nārdisāka (ନାଡ଼ୀଶାକ—ଅନ୍ୟରୂପ) Jute.

ନାଡ଼ ଶୋଧନ—ସ. ବ. (ନାଡ଼+ଶୋଧନ)—ଯୋଗୀମାନଙ୍କର ଜଳ ଓ
Nārdi sodhana ବାୟୁଦ୍ୱାରା ଶରୀରସ୍ଥ ନାଡ଼ ଓ ଅନ୍ତ୍ର ପରିଷ୍କାର
କରିବା ପ୍ରକ୍ରିୟା—The practice of cleansing the veins and intestine practised by Jogis.

ନାଡ଼(ଡ଼ୀ)ହିଙ୍ଗୁ—ସ. ବ.—ଏକପ୍ରକାର ବୃକ୍ଷ ଓ ତହିଁରୁ ନିର୍ଗତ ନିର୍ଯ୍ୟାସ—
Nārdi rdi)hingu Dikamallgum; gummy Gardinia and the gum extracted from it.
ସ. ନାମ.—ନାଡ଼(ଡ଼ୀ)ହିଙ୍ଗୁ, ପଲାଶାଖ୍ୟା, ଶିବାଟିକା, ପିଣ୍ଡା ଜଳୁକା, ସ୍ୱମଠୀ, ବଂଶପତ୍ରୀ, ବେଣୁପତ୍ରୀ, ପିଣ୍ଡାହ୍ୱା, ସୁଗାର୍ଯ୍ୟା, ହିଙ୍ଗୁନାଡ଼ିକା
ମ. ଡିକେ ମାଲୀ
ଗୁ. ଡିକାମାଲୀ
ତେ. ଚିରିହିଙ୍ଗବା
କାରୁଇଂଗବା
ଆ. କନଖାର
ନାଡ଼ିହିଂ
काला पितहींग्; डिकामाली
[ଦ୍ର—ଏହି ଗଛର ଛାଲରୁ ହେଙ୍ଗୁ ପରି ରସ ବାହାରେ । ଏ ରସ ଔଷଧରେ ଲାଗେ । ଏ ଗଛର ପତ୍ର ବାଉଁଶ ପତ୍ର ପରି । ଫୁଲ ଧଳା, ଓ ଫଳ ପୋସ୍ତକ ଫଳ ପରି । ବୈଦ୍ୟ-ଶାସ୍ତ୍ର ମତରେ ଏହା କଟୁ ରସ, ଉଷ୍ଣ-ବୀର୍ଯ୍ୟ ବାୟୁ ଜନିତ ବେଦନା ନାଶକ, ଜାଲବିବନ୍ଧତା ନାଶକ, ଅନାହନ୍ତ ଓ ଅମପାଚକ ଅଟେ ।]

ନାଡ଼ୀ—ସ. ବ. - (ନଡ଼୍ ଧାତୁ ଣିଚ+ଇ)—ନାଡ଼ (ଦେଖ)
Nārdī Nārdi (See)
(ନାଡ଼, ନାଡ଼କା—ଅନ୍ୟରୂପ) ୧ । ଧମନୀ; ଶିରା—1. Vein.

୨ । ଗଣ୍ଡ ଦୁବ—2. A kind of grass.

୩ । (ବୈଦିକ) ନଳିତା (ହରେକୃଷ୍ଣ. ଦ୍ରବ୍ୟଗୁଣ)—
3. Jute.

୪ । ହିଙ୍ଗୁପତ୍ରୀ (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)—
4. Hingupatrī (See)

ନାଡ଼ୀକ—ସ. ବ.—(ନାଡ଼ୀ+କୈ ଧାତୁ= ପ୍ରକାଶ କରିବା+କର୍ତ୍ତୃ.
Nārdīka ଅ)—୧ । କଳା ଚକୁଣ୍ଡା ଶାଗ; କଳା କାସନ୍ଦା ଗୁଳ୍ମ,
(ନାଡ଼ିକ, ନାଡ଼ିଚ, ନାଡ଼ୀଚ—ଅନ୍ୟରୂପ) 1. A species of Cassia or Senna; Cassia Occidentalis.

୨ । ନଳିତା ଶାଗ—2. Leaves of jute plant.

ନାଡ଼ୀକେଳ—ସ. ବି.—ନାରକେଳ; ନଡ଼ିଆ—
Nar̤dikela Cocoanut.

ନାଡ଼ୀଗତି—ସ. ବି. (ନାଡ଼ୀ+ଗତି, ୬ଷ୍ଠୀ ତତ୍)—ନାଡ଼ୀର ସ୍ପନ୍ଦନ—
Nār̤di gati Pulsation.

ନାଡ଼ୀ ଚକ୍ର—ସ. ବି. (୬ଷ୍ଠୀ ତତ୍; ନାଡ଼ୀ+ଚକ୍ର)—୧ । ନାଭିସ୍ଥ ନାଡ଼ୀମୂଳ—1. The roots of all the arteries at the navel.
Nār̤di chakra

୨ । ହଠଯୋଗ ଶାସ୍ତ୍ର ଲିଖିତ ଇଡ଼ା, ପିଙ୍ଗଳା, ସୁଷୁମ୍ନା, ସରସ୍ୱତୀ, ଗାନ୍ଧାରୀ, ହସ୍ତିଜିହ୍ୱା, ପୂଷା, ଯଶସ୍ୱିନୀ, ଅଲମ୍ବୁଷା, କୁହୂ, ଶଙ୍ଖିନୀ, ଶ୍ଳେଷଜିହ୍ୱା (ଜିହ୍ୱା), ବାରୁଣୀ, କାମଦା, ଅମୃତା, ବସୁଲା, ଶରୀରସ୍ଥ ଏହି ୧୬ଟି ନାଡ଼ୀ—
2. The sixteen arteries inside the human body according to Hathajoga treatises.

ନାଡ଼ୀଜ୍ଞ—ସ. ବିଣ. ପୁଂ. (ନାଡ଼ୀ+ଜ୍ଞା ଧାତୁ=ଜାଣିବା+କର୍ତ୍ତୃ. ଅ)—
Nār̤ijña ନାଡ଼ୀ ସମ୍ବନ୍ଧରେ ଅଭିଜ୍ଞ—Well versed in the action of the pulse.
(ନାଡ଼ିଜ୍ଞ—ଅନ୍ୟରୂପ)
(ନାଡ଼ୀଜ୍ଞା—ସ୍ତ୍ରୀ) ସ. ବି—ବୈଦ୍ୟ—A physician.

ନାଡ଼ୀ(ଡ଼ି)ତିକ୍ତ—ସ. ବି—ନେପାଳୀ ନିମ୍ବ (ଶ୍ଛ. ଶବ୍ଦସାଗର)—
Nār̤i(r̤di)tikta A kind of Nim of Nepal.

ନାଡ଼ୀଦେହ—ସ. ବି. (ବହୁବ୍ରୀହି; ନାଡ଼ୀ=ନାଡ଼ୀପରି ସରୁ+ଦେହ)—
Nār̤ideha ମହାଦେବଙ୍କ ଅନୁଚର; ଭୃଙ୍ଗୀ—One of the orderlies of Mahādeba.
(ନାଡ଼ୀବିଗ୍ରହ—ଅନ୍ୟରୂପ)
(ନାଡ଼ୀଦେହା—ସ୍ତ୍ରୀ) ସ. ବିଣ. ପୁଂ. (ବହୁବ୍ରୀହି)—ଯାହାର ଶରୀର ଅତ୍ୟନ୍ତ ପତଳା—Slender-bodied.

ନାଡ଼ୀ ପରୀକ୍ଷା—ସ. ବି. (ବୈଦ୍ୟକ)—ରୋଗୀର ଡାହାଣ ହାତ
Nār̤i pariksha (ସ୍ତ୍ରୀରୋଗୀର ବାମହାତ)କୁ କହୁଣି ତଳୁ ବୈଦ୍ୟ ବାଁ ହାତରେ ଧରି ରୋଗୀର ଅଙ୍ଗୁଷ୍ଠମୂଳରେ ଅର୍ଥାତ୍ ହାତର ବୁଢ଼ାଅଙ୍ଗୁଠି ମୂଳର ନିକଟବର୍ତ୍ତୀ ସ୍ଥାନର ଶିରାମାନଙ୍କ ଉପରେ ଯଥାକ୍ରମେ ତର୍ଜନୀ, ମଧ୍ୟମା ଓ ଅନାମିକା ଅଙ୍ଗୁଠିମାନଙ୍କୁ ରଖି ନାଡ଼ୀମାନଙ୍କ ସ୍ପନ୍ଦନବେଗ ନିରୂପଣ କରିବା ପ୍ରକ୍ରିୟା—The feeling of the pulse of a person.

[ଦ୍ର—ସେ ସ୍ଥାନରେ ୩ ଗୋଟି ନାଡ଼ୀ ଅଛି; ପ୍ରଥମ ବାତନାଡ଼ୀ, ମଧ୍ୟରେ ପିତ୍ତନାଡ଼ୀ ଓ ଅନ୍ତରେ ଶ୍ଳେଷ୍ମା ବା କଫନାଡ଼ୀ । ବାତଯୁକ୍ତା ନାଡ଼ୀ—ବକ୍ରଗତି, ପିତ୍ତଯୁକ୍ତା—ଚପଳା, ଶ୍ଳେଷ୍ମବତୀ—ସ୍ଥିର । ବିଜ୍ଞ ଓ ଅନୁଭବୀ ବୈଦ୍ୟ ନାଡ଼ୀ ଚିପି ରୋଗର ଲକ୍ଷଣମାନ ସ୍ଥିର କରିପାରନ୍ତି ।].

ନାଡ଼ୀମରା—ଦେ. ବି—ଅକ୍ଷୁଧା ରୋଗ—
Nār̤imarā Inappetency; loss of appetite.
नाड़ीमरा ଦେ. ବିଣ—୧ । ଯେଉଁ ଲୋକର କ୍ଷୁଧା ହୁଏ ନାହିଁ—
भूख मरजाना 1. One who has lost his appetite.
୨ । ଅତି ଦୁର୍ବଳ (ଲୋକ)—
2. Very weak and emaciated (person).

୩ । ଅଳ୍ପାହାରୀ—3. Taking small quantities of food; subsisting on scanty rations.

ନାଡ଼ୁକା—ଦେ. ବି—ନାଲୁକା (ଦେଖ).
Nār̤ukā Nālukā (See)

ନାଡ଼ୁନାଡ଼ୁ—ଦେ. ଅ—୧ । ଲଡ଼ବଡ଼; ଢିଲା—
Nār̤unār̤u 1. Slackened.
झूड़झूड़; झुनझुड़ ୨ । ଢିଲା ହୋଇ ଦୋହଲୁଥିବା—
लड़खड़ 2. Dangling; swinging in a loose fashion.

ନାଡ଼ୁକା—ଦେ. ବି—ନାଲୁକା (ଦେଖ)
Nār̤kā Nālukā (See)

ନାଣକ—ସ. ବି. (ନ+ଅଣକ=କୁତ୍ସିତ)—୧ । ମୁଦ୍ରା—
Nāṇaka 1. Coin (Apte).
୨ । ଧାତୁ (ଶ୍ଛ. ସ.)—2. Metal.
୩ । ନିଷ୍କ (ଶ୍ଛ. ସ.); ସ୍ୱର୍ଣ୍ଣମୁଦ୍ରାବିଶେଷ—
3. A kind of gold coin.
ଦେ. ବି—ଧର୍ମପ୍ରବର୍ତ୍ତକବିଶେଷ; ନାନକ (ଦେଖ)
Nānaka (See)
ସ. ବିଣ—ପ୍ରଶସ୍ତ—Broad.

ନାଣ୍ଟଣ (ଇତ୍ୟାଦି)—ବୈଦେ. ବି. (ଇଂ. ଲ୍ୟାଣ୍ଟର୍ନ୍)—
Nāṇṭaṇa (etc) ଲାଣ୍ଟଣ ଇତ୍ୟାଦି (ଦେଖ)
লণ্ঠন लालटेन Lāṇṭaṇa etc (See)
[ନାଣ୍ଟନ; ନାଣ୍ଟଣ(ନ)—ଅନ୍ୟରୂପ]

ନାଣ୍ଡି (ଇତ୍ୟାଦି)—ଦେ. ବିଣ—ଲାଣ୍ଡି ଇତ୍ୟାଦି (ଦେଖ)
Nāṇḍi (etc) Lāṇḍi etc (See)

ନାତ—ଦେ. ବି. (ସ. ନଡ ଧାତୁ=ଆଘାତ କରିବା; ସ. ଲତ୍ତା=
Nāta ପଦାଘାତ—ଆପ୍ଟେ)—
लाथ, লাথি, नाथि ୧ । ଗୋଇଠା; ପଦାଘାତ—1. Kick.
लथार ୨ । ପଶୁଙ୍କର ପଛ ଗୋଡ଼ ଦ୍ୱାରା ଆଘାତ—
2. The kick of a beast with its hind legs.

ତୋତେ ଗୋଳର ଘରେ ମନ୍ଥ
ନାତ ଖାଉଛ ନାତ ଦେଇ । ଜଗନ୍ନାଥ. ରା: ବିଚ ।

[ଦ୍ର—ମନୁଷ୍ୟର ପଦାଘାତକୁ ଗୋଇଠା ଓ ପଶୁମାନଙ୍କପଛ ଗୋଡ଼ ଦ୍ୱାରା ଆଘାତକୁ ନାତ ବୋଲାଯାଏ । ବଙ୍ଗଭାଷାରେ ମନୁଷ୍ୟର ଗୋଇଠାକୁ ଲାଥି ଓ ପଶୁର ଦୋଘାତକୁ ଲାଥ୍ ବୋଲାଯାଏ । ହିନ୍ଦିରେ ଗୋଇଠାକୁ ଲାତ୍ ଓ ପଶୁ ପଦାଘାତକୁ ଲଥାର ବୋଲାଯାଏ ।]

ନାତ ଉଠା(ଠେ)ଇବା—ଦେ. କ୍ରି—(ପଶୁ) ନାତ ମାରିବା କ୍ରମରେ
Nāta uṭhā(ṭhe)ibā ପଛ ଗୋଡ଼କୁ ଟେକାଇବା—
लाथ উঠান (a beast) To extend or raise the
लथार उठाना hind legs for giving a kick; to be about to kick.
[ଦ୍ର—ହିନ୍ଦିରେ ଲାତ୍ ଶବ୍ଦର ଅର୍ଥ ଗୋଡ଼ଦ୍ୱାରା ଗୋଇଠା ।]

ନାଟକ୍—ବୈଦେ. ବଣ. (ଅ. ନ୍ନଟକ୍; ଫା॰ ନାଟକ୍)—
Nātak ୧। ଅକାଟ୍ୟ; ଯେଉଁ ହୁକୁମକୁ କେହି ଖଣ୍ଡନ କରି ନ
नातक् ପାରେ—1. (order) Which can not
लातक be set aside
(ଯଥା—ନାଟକ୍ ହୁକୁମ୍ ।)
୨। ଯେଉଁ ହୁକୁମର ଅପିଲ ନାହିଁ—
2. Nonappelable (order).

ନାତ ଖାଇବା—ଦେ. କ୍ରି—ଅନ୍ୟର ପଦାଘାତ ସହ୍ୟ କରିବା—
Nāta khāibā To bear a kick; to be struck with a kick,
(ନାତ ସହିବା—ଅନ୍ୟରୂପ)
लाथ खाओया **लात खाना, लथार खाना**

ନାତ ମାରିବା—ଦେ. କ୍ରି—୧। (ମନୁଷ୍ୟ) ଗୋଇଠା ମାରିବା—
Nāta māribā 1. (a man) To kick; to strike a blow with the leg.
ନାତ ଦେବା
ନାତ ବଜା(ଜେ)ଇବା } ଅନ୍ୟରୂପ
ନାତ ଲଗା(ଗେ)ଇବା }
୨। (ପଶୁ) ପଛ ଗୋଡ଼ରେ **ଛଟାଡ଼ ଆଘାତ କରିବା**—
लात मारा, लात लागान 2. (a beast) To give a backward kick with the hind leg.
लथार मारना
୩। (ଲକ୍ଷଣାର୍ଥ) ଦଣ୍ଡ ଦେବା—3. (fig) To punish.
୪। (ଲକ୍ଷଣାର୍ଥ) (ଗୁରୁ ଶିଷ୍ୟକୁ) ଶିକ୍ଷା ଦେବା—
4. (fig) To give lesson to a pupil.
୫। (ଲକ୍ଷଣାର୍ଥ) ଦୀକ୍ଷା ଦେବା—5. (fig) To initiate.
(ଯଥା—ଯାହାକୁ ସଦ୍‌ଗୁରୁ ନାତ ମାରିଥିବେ ସେ ଶବ୍ଦଭେଦ ଭଜନର ଅର୍ଥ ବୁଝି ପାରିବ ।)

ନାତା—ପ୍ରାଦେ. (ଗଞ୍ଜାମ) ବି. (ତେଲଗୁ—ନାତା)—
Nātā ଶବ୍ଦମାନଙ୍କର ବନାନ ବା ବଟନ ପ୍ରଣାଳୀର ଲେଖନ—
Writing of the spelling of words.

ନାତ(ତେ)ଇବା—ଦେ. କ୍ରି. (ସଂ. ଲତ ଧାତୁ)—ନାତ ମାରିବା—
Nāta(te)ibā To kick.
लाथा, लाथान **लतिआना**

ନାତି—ଦେ. ବି. ପୁଂ. (ସଂ. ନପ୍ତୃ ପଦର ୧ମା. ୧ବ. ନପ୍ତା; ପ୍ରା. ନତ୍ତି; ନତ୍ତୁ)—୧। ପୌତ୍ର—1. Son's son; grand-son.
Nāti
(ନାତୁଣୀ—ସ୍ତ୍ରୀ)
নাতি ୨। ଦୌହିତ୍ର—2. Daughter's son.
पोता, नाति ପୁଅ ନାତି ବଧ ଦେଖିଣ ତାହାର । କୃଷ୍ଣସିଂ. ମହାଭାରତ. ଅବ ।
[ଦ୍ର—ଆମ ଦେଶରେ ଅଜା ଆଈ ଏବଂ ନାତି ନାତୁଣୀଙ୍କ ମଧ୍ୟରେ ଥଟ୍ଟା ପରିହାସ ଚଳେ । ହିନ୍ଦିରେ ପୌତ୍ରକୁ ପୋତା ଓ ଦୌହିତ୍ରକୁ ନାତି ବୋଲାଯାଏ; କିନ୍ତୁ ସଂସ୍କୃତରେ ନପ୍ତୃ ପଦର ୧ମା. ୧ବ ନପ୍ତାର ଅର୍ଥ ଉଭୟ ପୌତ୍ର ଓ ଦୌହିତ୍ର ।]

ନାତି ଚେଲା—ଦେ. ବି—ଚେଲାର ଚେଲା—
Nāti chelā Disciple's disciple.

ନାତି ଦୀର୍ଘ—ସଂ. ବଣ. (ନ+ଅତି+ଦୀର୍ଘ)—
Nāti dīrgha ଯାହା ଅତି ଦୀର୍ଘ ବା ଡେଙ୍ଗା ବା ଲମ୍ବା ନୁହେଁ—
Not very long or tall; of moderate stature.

ନାତିନୀ—ଦେ. ବଣ. ସ୍ତ୍ରୀ (ସଂ. ନପ୍ତ୍ରୀ)—ପୁତ୍ରର ବା କନ୍ୟାର ଝିଅ—
Nātinī Grand daughter.
(ନାତୁଣୀ—ଅନ୍ୟରୂପ) [ଦ୍ର—ହିନ୍ଦୀରେ କନ୍ୟାର କନ୍ୟାକୁ नातनी, नातिनी ନାତିନ୍ ଓ ପୁତ୍ରର କନ୍ୟାକୁ ପୋତୀ ବୋଲାଯାଏ ।]
पाती, नातिन्

ନାତି ଶିଷ୍ୟ—ଦେ. ବି—ଶିଷ୍ୟର ଶିଷ୍ୟ; ନାତି ଚେଲା—
Nāti śishya Disciple's disciple.
ନାମ ସେ ଶ୍ରୀଦସ୍ତ କୁ ଦାସ
ଶ୍ରୀ ଅଭିରାମ ନାତି ଶିଷ୍ୟ । ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

ନାତି ଶୀତୋଷ୍ଣ—ସଂ. ବି. (ନ+ଅତି+ଶୀତ+ଉଷ୍ଣ)—
Nāti śītoshṇa ଯାହା ଅତି ଶୀତଳ ବା ଅତି ଗରମ ନୁହେ—
(ଅନତି ଶୀତୋଷ୍ଣ—ଅନ୍ୟରୂପ) Neither very cold nor very hot; of a moderate temperature.

ନାତୁଆ—ଦେ. ବଣ. ପୁଂ—ଯେ ନାତ ମାରେ; ଯାହାର ନାତ ମାରିବାର ଅଭ୍ୟାସ ଅଛି—Kicking (beast); (a beast)
Nātuā
যে লাথ মারে having the habit of kicking; given to
हरपटाह (ନତୋଇ, ନାତେଇ—ସ୍ତ୍ରୀ) kicking

ନାତୁଣୀ—ଦେ. ବି. ସ୍ତ୍ରୀ. (ସଂ. ନପ୍ତ୍ରୀ; ନାତିର ବିପରୀତ ଲିଙ୍ଗ)—
Nātuṇī ପୌତ୍ରୀ ବା ଦୌହିତ୍ରୀ—
নাতিনী Grand son; son's son or
पोती, नातीन, नातिनी daughter's son.

ନାତୁଣୀ ଜୁଆଁଇଁ—ଦେ. ବି. ପୁଂ. (ସଂ. ନପ୍ତ୍ରୀ+ଜାମାତା)—
Nātuṇī juāñiñ ଆପଣା ନାତୁଣୀର ସ୍ୱାମୀ—
নাত জামাঈ, নাতিনজামাঈ Husband of one's grand-
नतीन जमाइ daughter; grand-son-in-law.
(ନାତୁଣୀ ଜୋଇଁ—ଅନ୍ୟରୂପ)

ନାତୁଣୀ ବୋହୂ—ଦେ. ବି. ସ୍ତ୍ରୀ. (ସଂ. ନପ୍ତୃ ଓ ବଧୂ)—
Nātuṇī bohu ଆପଣା ନାତିର ସ୍ତ୍ରୀ—
नतीन पुतोहु One's grand-son's wife; grand
(ନାତୁଣୀ ବୋହୂ—ଅନ୍ୟରୂପ) daughter-in-law.
ଚଳି ଚଳି ଅଛନ୍ତି; ନବ ପବାଏ ତନ ଅନ୍ତ ନ, ଦୋଳରେ ଯାଏଁ,
ଦୋଳରେ ଅସେଁ; ପାଞ୍ଚ ପୀଢ଼ା ଖଣ୍ଡ ମାଡ ବସେ, ନାତୁଣୀବୋହୂ
ଭାତ ପରଶେ । ଶିଶୁକ କହିଫଲ ଗୀତ ।

ନାତେ(ତୋ)ଇ—ଦେ. ବଣ. ସ୍ତ୍ରୀ—ନାତୁଆର ସ୍ତ୍ରୀ ଲିଙ୍ଗ—
Nāte(to)i Feminine of Nātuā.

ନାତ୍ର—ସଂ. ବି—୧। ଶିବ (ଦ୍ର. ଶବ୍ଦସାଗର)—
Nātra 1. Śiba.
୨। ଋଷି; ମୁନି—2. Sage (Apte).
୩। ଆଶ୍ଚର୍ଯ୍ୟ—3. Surprise; wonder (Apte).

ନାଥ (ଧାତୁ)—ସଂ—୧। ଆଶୀର୍ବାଦ କରିବା—
Nāth (root) 1 To bless.
୨। ଜିଜ୍ଞାସା କରିବା—2. To ask; to question.
୩। ପ୍ରାର୍ଥନା କରିବା—3. To beg; to pray.
୪। କ୍ଷମତା ପାଇବା; ପ୍ରଭୁ ହେବା—
4. To have power; to master.

୫ । ବିନାଶ କରିବା—5. To destroy.
୬ । ଦୁଃଖିତ ହେବା—
6. To be sorry; to be distressed.
୭ । ଉପତପ୍ତ ହେବା—7. To be heated.
୮ । କଷ୍ଟ ବା ଯନ୍ତ୍ରଣା ଦେବା—
8. To harass; to trouble.

ନାଥ—ସଂ. ବି. ପୁଂ. (ନାଥ୍ ଧାତୁ=ପ୍ରଭୁ ହେବା+କର୍ତ୍ତୃ. ଅ)—
Nātha ୧ । ପ୍ରଭୁ—1. Lord; master.
୨ । ଅଧିପତି; ଦ୍ରବ୍ୟର ମାଲିକ—2. Owner.
୩ । ସହାୟ; ରକ୍ଷକ—3. Protector; guardian.
ସ୍ୱଭାବେ ନର୍ଜନ ବନସ୍ତ
ତାହାଙ୍କୁ କେ ହୋଇବ ନାଥ । ଜଗନ୍ନାଥ. ଭାଗବତ ।
୪ । ନାୟକ—4. Leader.
୫ । ଶାସକ—5. Ruler.
୬ । ସ୍ୱାମୀ; ପତି—6. Husband.
୭ । ପ୍ରାଣନାଥ; ପ୍ରାଣପ୍ରିୟ ବ୍ୟକ୍ତି—7. The lord of one's life; one's beloved; a woman's lover.
୮ । (+କରଣ.ଅ) ପଶୁଙ୍କର ନାକ ଫୋଡ଼ରେ ଗଳାଯାଇଥିବା ଦଉଡ଼ି—8. A string passed through the nose of bullocks etc.

ଦେ. ବି—୧ । ଭିକ୍ଷୁକ ବା ଯୋଗୀ ଜାତିର ଉପାଧିବିଶେଷ—
1. The title of a beggar caste.
ଭୁଇଁ ଭୁଇଁ ଭୁଇଁ କେବଳ ବାଜଇ
ନାଥ ଭିକ୍ଷା ମାଗେ ପରା । କବିକଶୋର. ନର୍ସିଂରଣୀ ।
[ଦ୍ର—ଏହା ମଧ୍ୟ ଗୋରକ୍ଷ ପନ୍ଥୀ ସାଧୁମାନଙ୍କର ଉପାଧିବିଶେଷ ଓ ଏ ଉପାଧି ନାମ ପରେ ଲାଗେ ।]
୨ । (ସ୍ଥାନ୍ୟର) ରାଜା—2. King of a place.
ନାଥ ଅଷ୍ଟଦୁର୍ଗର ସେ ଜଣ ସେ ମୋ ପରେ ଭକ୍ତି ।
କବିସୂର୍ଯ୍ୟ. ଜଗୋଗତମ୍ରୁ ଗୀତ ।
[ଦ୍ର—ଦେଶର ରାଜାଙ୍କୁ ଉକ୍ତ ଦେଶର ପ୍ରଭୁ, ନାଥ, ସ୍ୱାମୀ, ପତି, ଅଧିପ, ଅଧିପତି ଆଦି ପଦ ଦ୍ୱାରା ବର୍ଣ୍ଣନା କରାଯାଏ ।]
୩ । ବନ୍ଧୁ—3. Friend.
ଅନ ଲୋକନାଥ ହୋଇଣ ଅନାଥ
ଲୋକ ଅଲକ୍ଷ ବନ ଖୁଣ୍ଟିଲୁ ନାଥ । କୃଷ୍ଣସିଂହ. ମହାଭାରତ ଆଦି ।
୪ । ଶ୍ରୀନାଥ, ଗୋପୀନାଥ, ଉଦୟନାଥ, ଜଗନ୍ନାଥ ଆଦି ବ୍ୟକ୍ତିଙ୍କୁ ଡାକିବା ନାମ—4. Name by which persons named Śrīnātha, Udayanātha, Jagannātha etc are accosted.

ନାଥଙ୍ଗ ଠେଙ୍ଗା—ପ୍ରାଦେ. (ଯାଜପୁର) ବି—
Nāthanga thengā ଜଳଚର ପୋକବିଶେଷ—
A species of aquatic insects.
[ଦ୍ର—ଏମାନେ ଜଳାକୁଅ ସମ୍ଭାକୁଅ ପରି ଓ ଭେଇଁ ଭେଇଁ ଗନ୍ଧ କରନ୍ତି । ମାଛଙ୍କ ସଙ୍ଗେ ଜାଲରେ ପଡ଼ନ୍ତି ।]

ନାଥନ—ସଂ. ବି. କ୍ଲୀ. (ନାଥ ଧାତୁ+ଭାବେ. ଅନ)—
Nāthana ୧ । ପ୍ରାର୍ଥନା—1. Prayer.
(ନାଥନା—ଅନ୍ୟରୂପ) ୨ । ପ୍ରାର୍ଥନ—2. Praying; soliciting for a thing.

ନାଥବତୀ—ସଂ. ବଣ. ସ୍ତ୍ରୀ—ସଧବା (ସ୍ତ୍ରୀ); ଅହିଅ—
Nāthabatī (a woman) Having her husband living.

ନାଥବନ୍ତ—ଦେ. ବଣ. (ସଂ. ନାଥବତ୍ ଶବ୍ଦର ୧ମା. ୧ବ ନାଥବାନ୍)—
Nāthabanta ନାଥବାନ୍ (ଦେଖ)
Nāthabān (See)
ନାଥବନ୍ତ ହେଲେହେଁ ଅନାଥ ଲେଖପର
ସଭ ମଧ୍ୟେ ତାହାଙ୍କ ଅର୍ପିଲେ ସେ ଧର । କୃଷ୍ଣସିଂହ. ମହାଭାରତ ଆଦି ।

ନାଥବାନ୍—ସଂ. ବଣ. ପୁଂ. (ସ୍ୱ. ନାଥବତ୍ ୧ମା. ୧ବ; ନାଥ+
Nāthabān ଅଛି ଯାହାର, ଏହି ଅର୍ଥରେ ବତ୍)—୧ । ସନାଥ—
(ନାଥବତୀ—ସ୍ତ୍ରୀ) 1. Having a lord or master.
୨ । ଯାହାର କେହି ରକ୍ଷାକର୍ତ୍ତା ଥାଏ—
2. Having a protector.
୩ । ପରାଧୀନ—3. Dependent; subservient.

ନାଥହରି—ସଂ. ବି. (ନାଥ=ନାକଫୋଡ଼ା ଦଉଡ଼ି+ହୃ ଧାତୁ=ଗ୍ରହଣ
Nāthahari କରିବା+କର୍ତ୍ତୃ. ଇ)—୧ । ନାକଫୋଡ଼ା ପଶୁ;
ଯେଉଁ ପଶୁ ତାହାର ନାକରେ ଫୋଡ଼ା ହେବା ଦଉଡ଼ିଦ୍ୱାରା
ଚାଳିତ ହୁଏ—1. A beast bridled by a rope passed through the nose.
୨ । ପଶୁ (ହୃ. ଶ)—2. A beast (Apte).

ନାଥିଆ—ଦେ. ବି. (ନାମ) (ଅନାଦରାର୍ଥକ)—ସପ୍ତଦଶ ଶତାବ୍ଦୀର
Nāthiā ଜଣେକ ଓଡ଼ିଆ ଭକ୍ତକବି—An Oria religious poet of the 17th century.
[ଦ୍ର—'ଶ୍ରୀନୋଦୟ କୋଇଲି' ଏହାଙ୍କ ଦ୍ୱାରା ରଚିତ ।]

ନାଦ୍ (ଧାତୁ)—ସ.—ମଳତ୍ୟାଗ କରିବା—
Nād (root) To expel the faeces.

ନାଦ୍ ମାରିବା—ପ୍ରାଦେ (ସମ୍ବଲପୁର) କ୍ରି—ଅଗମୁନିଆଁ ଖୁଣ୍ଟା ଆଦିକୁ
Nād māribā ଉପର୍ଯ୍ୟୁପରି କଣ୍ଢେଇ କଣ୍ଢେଇ ଭୂମିରେ ପୋତିବା—
To drive a pointed peg into the ground by repeated ramming.

ନାଦ—ସଂ. ବି (ନଦ ଧାତୁ=ଶବ୍ଦ କରିବା+ଭାବ. ଅ)—୧ । ଧ୍ୱନି; ସ୍ୱର—
Nāda 1. Sound; voice.
୨ । ଉଚ୍ଚ ଶବ୍ଦ—2. Din; loud sound.
୩ । ଡାକ—3. Call; cry.
୪ । ଗର୍ଜ୍ଜନ—4. Roar.
୫ । ଅର୍ଦ୍ଧଚନ୍ଦ୍ରାକୃତ ବର୍ଣ୍ଣ; ଚନ୍ଦ୍ରବିନ୍ଦୁ; ँ—
5. The nasal sound represented by a point over a semicircle or crescent.
୬ । ଗବାଦି ପଶୁର ମଳ; ଲଣ୍ଡି—
6. Pillet of dung; droppings of a beast.
୭ । (ସଙ୍ଗୀତ ଶାସ୍ତ୍ର) ପ୍ରାଣୀର ଶରୀରସ୍ଥ ପ୍ରାଣ ବାୟୁ ଓ ଜଠରାଗ୍ନି ସଂଯୋଗରେ ଉଦ୍ଭବ ଧ୍ୱନି—
7. (music) Vocal sound emitted from the belly of animals.

[ଦ୍ର—ଭାରତର ପ୍ରାଚୀନ ସଙ୍ଗୀତାଚାର୍ଯ୍ୟମାନେ କହିଅଛନ୍ତି ଯେ ଆକାଶସ୍ଥ ଅଗ୍ନି ଓ ମରୁତ୍‌ର ସଂଯୋଗରେ ନାଦର ଉତ୍ପତ୍ତି ହୋଇଅଛି । ଯେଉଁଠାରେ ପ୍ରାଣବାୟୁ ଥାଏ ତାକୁ ବ୍ରହ୍ମଗ୍ରନ୍ଥି କହନ୍ତି । ସଙ୍ଗୀତ-ଦର୍ପଣରେ ଲେଖାଅଛି ଯେ ଆତ୍ମାଦ୍ୱାରା ପ୍ରେରିତ ହୋଇ ଚିତ୍ତ ଦେହଜ ଅଗ୍ନିକୁ ଆଘାତକରେ ଓ ଅଗ୍ନି ବ୍ରହ୍ମଗ୍ରନ୍ଥିଗତ ପ୍ରାଣକୁ ପ୍ରେରିତ କରେ । ଅଗ୍ନିଦ୍ୱାରା ପ୍ରେରିତ ପ୍ରାଣବାୟୁ ଉପରକୁ ଉଠେ । ଉପରକୁ ଗତି କଲାବେଳେ ପ୍ରାଣବାୟୁ ନାଭିରେ ଅତି ସୂକ୍ଷ୍ମ, ହୃଦୟରେ ସୂକ୍ଷ୍ମ, ଗଳଦେଶରେ ପୁଷ୍ଟ, ଶୀର୍ଷରେ ଅପୁଷ୍ଟ ଓ ମୁହଁରେ କୃତ୍ରିମ ନାଦ ଉତ୍ପନ୍ନ କରାଏ । ସଙ୍ଗୀତଦାମୋଦରରେ ନାଦ ୩ ପ୍ରକାର ବୋଲି ଲେଖା ଅଛି—ପ୍ରାଣିଭବ, ଅପ୍ରାଣିଭବ ଓ ଉଭୟସମ୍ଭବ । ଯେଉଁ ନାଦ ମୁଖ ଆଦି ଅଙ୍ଗରୁ ଉତ୍ପନ୍ନ ହୁଏ ତାହା ପ୍ରାଣିଭବ, ଯାହା ବୀଣା ଆଦିରୁ ଉତ୍ପନ୍ନ ତାହା ଅପ୍ରାଣିଭବ ଓ ଯାହା ବଂଶୀରୁ ଉତ୍ପନ୍ନ ହୁଏ ତାହା ଉଭୟସମ୍ଭବ । ନାଦ ବିନା ଗୀତ, ସ୍ୱର, ରାଗ ଆଦି କିଛି ସମ୍ଭବପର ନୁହେ । ଏହା ବିନା ଜ୍ଞାନ ମଧ୍ୟ ଜନ୍ମି ନ ପାରେ । ନାଦ ଉପରେ ଜ୍ୟୋତିଃ ବା ବ୍ରହ୍ମରୂପ ଅବସ୍ଥିତ । ସମସ୍ତ ଜଗତ ନାଦାତ୍ମକ ଅଟେ । ଏ ଦୃଷ୍ଟିରେ ନାଦ ୨ ପ୍ରକାର, ଆହତ ଓ ଅନାହତ । ଅନାହତ ନାଦକୁ କେବଳ ଯୋଗୀମାନେ ଶୁଣିପାରନ୍ତି । ହଠଯୋଗପ୍ରଦୀପିକାରେ ଲେଖାଅଛି ଯେ ଯେଉଁ ମୂଢ଼ ବ୍ୟକ୍ତିର ତତ୍ତ୍ୱବୋଧ ହୋଇ ପାରେ ନାହିଁ ସେ ନାଦୋପାସନା କରିବ । ଶରୀରାଭ୍ୟନ୍ତରସ୍ଥ ନାଦ ଶୁଣିବା ପାଇଁ ଆସନରେ ସ୍ଥିରତା ଓ ଶାନ୍ତିପୂର୍ବକ ଏକାଗ୍ରଚିତ୍ତ ହୋଇ ବସିବ; ଆଖି, କାନ, ନାକ ଓ ମୁହଁ ଆଦିର ବ୍ୟାପାର ବନ୍ଦ କରିବ । ଅଭ୍ୟାସର ଅବସ୍ଥାକ୍ରମେ ପ୍ରଥମେ ମେଘଗର୍ଜନ ଓ ଭେରୀ ଆଦିର ନାଦ ପରି ଗମ୍ଭୀରଧ୍ୱନି ଶୁଣାଯିବ । ଅଭ୍ୟାସ କ୍ରମଶଃ ବଢ଼ିଲେ ଏ ଧ୍ୱନି କ୍ରମଶଃ ସୂକ୍ଷ୍ମ ହେବ । ଏହିପରି କରୁ କରୁ ଯେଉଁ ନାଦ ଶୁଣି ଚିତ୍ତ ପ୍ରସନ୍ନ ହେବ ତାହାରହିଁ ସାଧନା କରିବ ଓ ଶେଷରେ ଚିତ୍ତ ନାଦରୂପୀ ବ୍ରହ୍ମରେ ଲୀନ ହୋଇଯିବ । ନାଦ ଶବ୍ଦର ଉତ୍ପତ୍ତି ବିଷୟରେ ନିମ୍ନଲିଖିତ ଶ୍ଳୋକ ଅଛି :—

ନକାରଂ ପ୍ରାଣନାମାନଂ ଦକାର ମନଳଂ ବିଦୁଃ,
ଜାତଃ ପ୍ରାଣାଗ୍ନି ସଂଯୋଗାତ୍ ତେନୋନାଦୋଽଭିଧୀୟତେ ।
ସଙ୍ଗୀତରତ୍ନାକର—ହି. ଶବ୍ଦସାଗର ।]

୮ । ବର୍ଣ୍ଣର ଉଚ୍ଚାରଣ ବିଷୟରେ ଏକ ପ୍ରଯତ୍ନ, ଯହିଁରେ କଣ୍ଠକୁ ଅତ୍ୟନ୍ତ ବିସ୍ତୃତ ନ କରି ବା ଅତି ସଙ୍କୁଚିତ ନ କରି ବାୟୁ ବା ସ୍ୱର ବାହାର କରାଯାଏ (ହି. ଶ.)—
8. The effort of emitting sound or air without inflating or contracting the throat too much.

୯ । ସଙ୍ଗୀତ (ହି. ଶ) (ଯଥା—ନାଦବିଦ୍ୟା=ସଙ୍ଗୀତଶାସ୍ତ୍ର)
9. Music; singing,

୧୦ । ବର୍ଣ୍ଣର ଅବ୍ୟକ୍ତମୂଳ ରୂପ—
10. The primal sound of the letters.

ସଂ. ବିଣ—ପ୍ରଶଂସାକାରୀ—Praising.

ଦେ. ବି—ଲାଦ (ଦେଖ)—Lāda (See)

ନାଦ ଦେବା—ଦେ. କ୍ରି—ଶବ୍ଦ କରିବା—
Nāda debā To emit a sound.
(ନାଦ କରିବା—ଅନ୍ୟରୂପ) ପୁଣି ଉପାନ୍ତ ବୃଷ ବୁଇ
ବେଗେ ଧ ଇଲେଁ ନାଦଦେଇ । କଗଲାଥ ଭାଗବତ ।

ନାଦ ନାଳି—ପ୍ରାଦେ. (କଟକ) ବି—କଣ୍ଠନାଳ; ଯେଉଁ ବାଟେ ସ୍ୱର
Nāda nāli ବାହାରେ—The throat; trachea; wind-pipe.

ନାଦବାନ୍—ସଂ. ବିଣ. ପୁଂ. (ନାଦ+ବତ୍; ୧ମା ୧ବ)—
Nādabān ଶବ୍ଦ ଉତ୍ପାଦନକାରୀ—Sonant; resounding.
(ନାଦବତୀ—ସ୍ତ୍ରୀ)

ନାଦ ବିନ୍ଦୁ—ସଂ. ବି—୧ । ଉପନିଷଦ୍‌ବିଶେଷ—
Nāda bindu 1. Name of an Upanishad.
୨ । ଅନୁନାସିକ ବର୍ଣ୍ଣ; ଚନ୍ଦ୍ରବିନ୍ଦୁ; ' ̐ '—
2. The nasal alphabet or mark attached to a letter.

ନାଦମୁଣ୍ଡା—ଦେ. ବି. (ଅଠାରଙ୍କ ଭାଷା)—କମାରଙ୍କର ଓ ଅଠାରଙ୍କ
Nādamuṇḍā କଂସା ଆଦି ଆଉଟିବା ଅଗ୍ନିକୁଣ୍ଡର ଗୋଟିଏ ପାର୍ଶ୍ୱରେ ଥିବା ଛିଦ୍ର, ଯେଉଁ ଛିଦ୍ରବାଟେ ଭାତିରୁ ବାହାରିବା ପବନ ଅଗ୍ନିକୁ ଉତ୍ତେଜିତ କରେ—
A hole on the side of a potter's or smith's oven through which the bellows blow air in to the fire.

ନାଦ ମୁଦ୍ରା—ସଂ. ବି—ତନ୍ତ୍ରୋକ୍ତ କରମୁଦ୍ରାବିଶେଷ—
Nāda mudrā A particular pose of the hand during Tantric rites.
[ଦ୍ର—ଡାହାଣ ହାତକୁ ମୁଠା କରି ବୁଢ଼ା ଅଙ୍ଗୁଠିକୁ ଉପରକୁ ଉଠାଇଲେ ଏ ମୁଦ୍ରା ହୁଏ ।]

ନାଦାନ୍—ଦେ. ବିଣ—(ପା. ନାଦାନ୍)—୧ । ଅତ୍ୟନ୍ତ ଗରିବ; ଅତି
Nādān ନିର୍ଦ୍ଧନ—1. Very poor; indigent.
ନାତୋୟାନ୍ ୨ । (ପା. ନାଭୁଆନ୍=ଧନ ଦେବାକୁ ଅସମର୍ଥ)
नादार् ଖଜଣା ବା ଦେୟ ଦେବାକୁ ଅସମର୍ଥ—2. Unable to
(ଖାନ୍‌ଦାନ୍—ବିପରୀତ) pay one's rents or dues etc.
[ଦ୍ର—ପା. ନାଦାନ୍‌ର ଅର୍ଥ=ମୂର୍ଖ, ଅଜ୍ଞ—ହି. ଶବ୍ଦସାଗର ।]

ନାଦାନ୍ ଛଅବସ୍ଥା—ଦେ. ବି—ଅତ୍ୟନ୍ତ ଗରିବ ଅବସ୍ଥା—
Nādān chha-abiswā Indigence.
तंगहालत (ଯଥା; ଚୂକର ଯିବା ଦିନଠାରୁ ତାଙ୍କର ନାଦାନ
(ନାଦାନ୍ ଛ ବିଶ୍ୱା—ଅନ୍ୟରୂପ) ଛଅବସ୍ଥା ହେଲାଣି)

ନାଦାନି—ବୈଦେ. ବି. (ପା. ନାଦାନୀ)—ନିଃସ୍ୱତା; ଦାରିଦ୍ର୍ୟ—
Nādāni Poverty; indigence.
ନାତୋୟାନୀ **नादानी**

ନାଦାବି—ଦେ. ବିଣ (କଚେରୀ) (ପା. ନାଦାବୀ)—ଯେଉଁ ସମ୍ପତ୍ତିକୁ
Nādābi କେହି ଦାବୀ କରନ୍ତି ନାହିଁ; ଅସ୍ୱାମିକ—Unclaimed.
ନାଦାବୀ ୧ । କୌଣସି ସମ୍ପତ୍ତିରେ ନିଜର ସ୍ୱାମିତ୍ୱ ନ ଥିବା ବିଷୟ
लादावा, नादावी ପ୍ରକାଶ କରିବା (ବ୍ୟକ୍ତି)—1. Giving up claim to a property.

୨ । କୌଣସି ବିଷୟରେ ଅପଣାର ଦାବିର ତ୍ୟାଗ ।
2. Relinquishment of one's claim to a property.
୩ । ନାଦାବି ପତ୍ର— (ଦେଖ)
3. Nādābi patra (see)

ନାଦାବି ପତ୍ର—ଦେ. ବି (କଚେରି) (ଫା. ନାଦାବୀ ଓ ସଂ. ପତ୍ର)—
Nādābi patra କୌଣସି ସମ୍ପତ୍ତିରେ ଅପଣାର ଦାବି ବା ସ୍ୱତ୍ୱ ନ
नादावीपत्र ଥିବା ବିଷୟ ସ୍ୱୀକାର କରି ଲେଖିଦେବା ଦସ୍ତାବିଜ—
लादावी दस्तावेज, A deed of relinquishment of
बेदावे पतर् one's claim to a certain property.
(ନାଦାବିପତର—ଅନ୍ୟରୂପ)

ନାଦି—ପ୍ରାଦେ (ଗଞ୍ଜାମ) ବି—ଭୂମିରେ ଗାତ କରିବା ନିମନ୍ତେ
Nādi ବ୍ୟବହୃତ ଯଷ୍ଟିଖଣ୍ଡ । (ଏହି ବାଡ଼ିକୁ ଭୂମିରେ ପ୍ରଥମେ ଗେଞ୍ଜି ଗାତ କରି ସେହି ଗାତରେ ଖୁଣ୍ଟାଆଦି ପୋତା ଯାଏ)—A rod or pointed stick used in making holes on the ground before any rod is driven into it.

ନାଦିତ—ସଂ. ବିଣ—(ନଦ୍ ଧାତୁ ଣିଚ=ନାଦିଧାତୁ=ଶବ୍ଦିତ ହେବା+
Nādita କର୍ମ.ତ)—୧ । ଶବ୍ଦିତ; ଧ୍ୱନିତ—1. Sounded.
୨ । (ନଦ୍ ଧାତୁ+କର୍ତ୍ତୃ. ତ) ଶବ୍ଦ କରୁଥିବା; ଗର୍ଜୁଥିବା—
2. Sounding; roaring.

ନାଦିବା—ଦେ. କ୍ରି.—(ପଦ୍ୟ) (ସଂ—ନଦ୍ ଧାତୁ) ୧ । ଲାଦିବା—
Nādiba (ଦେଖ)—1. Lādiba (See)
(ନାଦିଦେବା—ଅନ୍ୟରୂପ) ୨ । ନାଦ କରିବା—
2. To sound.
୩ । ଗର୍ଜନ କରିବା—3. To roar.
ବାଳକ ଅଙ୍ଗତ ପରେ ନାଦେ ବମ୍ବ ଭରେ । ରାଧାନାଥ. ବେଣୀସଂହାର ।

ନାଦିମ୍—ବୈଦେ. ବିଣ (ଆ)—ଲଜ୍ଜିତ—
Nādim Ashamed
नादिम **नादिम**

ନାଦିର୍ ସାହା—ଦେ. ବି—(ନାମ) (ଫା. ନାଦିରର ଅର୍ଥ ଅଦ୍ଭୁତ)
Nādir-sāhā ଭାରତ ଆକ୍ରମଣକାରୀ ପାରସ୍ୟର ଜଣେ ରାଜା—
Name of a Persian king who attacked India in the 18th century A. D.

[ଦ୍ର—ଏ ଜଣେ ମେଷପାଳକର ସନ୍ତାନ ଥିଲେ ଓ ନିଜ ବାହୁବଳରେ ପାରସ୍ୟ, ଅଫଗାନିସ୍ଥାନ ପ୍ରଭୃତିର ସିଂହାସନ ଅଧିକାର କରିଥିଲେ । ଦିଲ୍ଲୀରେ ମହମ୍ମଦ୍‌ସାହା ସମ୍ରାଟ ଥିବା ସମୟରେ ଏ ଖ୍ରୀ. ୧୭୩୮ରେ ଭାରତ ଆକ୍ରମଣ କରି ଦିଲ୍ଲୀ ସମ୍ରାଟଙ୍କ ମୟୂର ସିଂହାସନ ଓ କୋହିନୂର ଅପହରଣ କରିଥିଲେ ଓ ୧୭୩୯ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀବାସୀ ଆବାଳବୃଦ୍ଧବନିତା ଏକ ଲକ୍ଷ ମନୁଷ୍ୟଙ୍କୁ ହତ୍ୟା କରାଇଥିଲେ । ଏଥିପାଇଁ ନାଦିର୍‌ସାହୀ ବିଭୂର (ନିଷ୍ଠୁରତା ଓ ଅତ୍ୟାଚାର)ଶବ୍ଦ ଉତ୍ତର ଭାରତରେ ପ୍ରଚଳିତ ହୋଇ ରହିଅଛି] ।

ନାଦୀ—ସଂ. ବିଣ. (ନଦ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଇନ୍=
Nādī ନାଦିନ୍; ୧ମା. ୧ବ)—
(ନାଦିନୀ—ସ୍ତ୍ରୀ) ୧ । ଶବ୍ଦାୟମାନ; ନାଦବିଶିଷ୍ଟ—
1. Sounding.
୨ । ଶବ୍ଦିତ—2. Sounded.

ନାଦୁର ବାଦୁର—ଦେ. ବିଣ—ଲଦୁର ବାଦୁର; ଏକତ୍ର ଲଗାଲଗି
Nādur bādur ହୋଇ ଅସୁନ୍ଦର ରୂପେ ଅବସ୍ଥିତ (ବହୁ ବସ୍ତୁ)--
গোলমেলে (too many things)Huddled together.
घाल मेल (ନାଦୁରୁ ବାଦୁରୁ—ଅନ୍ୟରୂପ)

ନାଦୁ(ଦୋ)ରସ୍ତ—ଦେ. ବିଣ. (ଫା. ନାଦୁରୁସ୍ତ)—ବେଠିକ୍; ଭୁଲ୍—
Nādu(do)rasta Wrong; out of order.
নাদুরস্ত **नादुरुस्त**

ନାଦେୟ—ଦେ. ବିଣ. (ନଦ ବା ନଦୀ+ଭାବାର୍ଥେ. ଏୟ)—
Nādeya ୧ । ନଦୀ ଜାତ – 1. Riverain.
(ନାଦେୟୀ—ସ୍ତ୍ରୀ) ୨ । ନଦୀ ସମ୍ବନ୍ଧୀୟ—2. Pertaining to a river; riverine.
୩ । ନଦୀ ପୂର୍ଣ୍ଣ (ଦେଖ)—
3. Full of rivers; rivery.
୪ । ନଦୀ କୂଳସ୍ଥ—4. Riverian.
ସଂ. ବି—୧ । ସୈନ୍ଧବ ଲବଣ—1. Rock salt.
୨ । ସୌବୀରାଞ୍ଜନ; ସୁରମା—2. Antimony.
୩ । କାଶ ତୃଣ—3. A kind of reed grass; Saccharum Spontaneum.
୪ । ବାନୀର ବା ଜଳ ବେତସ ଗଛ—
4. The aquatic ratan reed.

ନାଦେୟୀ—ସଂ. ବି. ସ୍ତ୍ରୀ. (ନାଦେୟ+ସ୍ତ୍ରୀ. ଈ)—
Nādeyi ୧ । ଜଳ ବେତସ—1. A cane growing on the riverside.
୨ । ଭୁଇଁ ଜାମୁ—2. A small blackberry shrub; Premna Herbacia.
୩ । ନାରଙ୍ଗଗଛ—3. Orange tree.
୪ । ଜବା; ମନ୍ଦାର—4. China rose.
୫ । ଅଗ୍ନିମନ୍ଥ ବୃକ୍ଷ (ଦ୍ର. ଶବ୍ଦସାଗର)—
5. Premna Integrifolia (tree).

ନାଦ୍ୟ—ସଂ. ବିଣ (ନଦ, ନଦୀ+ସମ୍ବନ୍ଧ, ଜାତ, ପୂର୍ଣ୍ଣ ଅର୍ଥରେ ଯ)—
Nādya ନାଦେୟ (ଦେଖ)
Nādeya (See)

ନାନ୍‌କର୍—ବୈଦେ. ବି (ଫା. ନାନ୍‌କାର୍)—ଜମିଦାରଙ୍କ ନିଜ ଦଖଲଜମି;
Nān-kar ନିଜ ଜୋତ୍ ବା ଖମାର ଜମି—Zamindar's Nij-
নানকার chas land; land held by the Zamindar
नानकर; जिरात in khas possession (corresponding to the home farms in England).
ନାନକା / ନାନ୍‌କାର୍ / ନାନକର } ଅନ୍ୟରୂପ
ଅନିଲ୍‌ମାନେ 'ନାନକର' ନାମରେ କିଛିରକିଛିର ଭୋଗ କରୁଥିଲେ—କୃପାସିନ୍ଧୁ ଇତିହାସ ।

[ପୂର୍ବେ ଜମିଦାରମାନେ ବାଦସାହାଙ୍କ ନିଯୁକ୍ତ ରାଜସ୍ୱ ଆଦାୟ-କାରୀ କର୍ମଚାରୀ ଥିଲେ । ସେମାନଙ୍କୁ ରାଜସ୍ୱ ଅସୁଲ କରିବାର ପାରିଶ୍ରମିକ ସ୍ୱରୂପ ବାଦସାହାମାନେ ଯେଉଁ ନିଷ୍କର ଜମି ଦେଉଥିଲେ ତାକୁ ନାନ୍କାର ବୋଲି ଯାଉଥିଲା ।]

ନାନ୍କୀନ—ବୈଦେ. ବି (ନାମ) (ଚୀନ ଦେଶୀୟ ଭାଷା)—
Nān-kin ୧ । (ନାମ) ୟାଙ୍ଗ୍ ସିକିଆଙ୍ଗ୍ ନଦୀ ଉପରେ ଥିବା
नानकीन ଚୀନ ଦେଶର ଗୋଟିଏ ବୃହତ୍ ନଗର—1. Nan-
नानकीन keen, a big town in China.
୨ । ଏକପ୍ରକାର ମାଟିଆ ରଙ୍ଗର ସୂତା ଲୁଗା—2. Nankeen; a kind of buff-coloured cotton cloth formerly made at Nankeen in China.
[ଦ୍ରୁ—ଏହା ପୂର୍ବେ ଚୀନଦେଶରୁ ଭାରତକୁ ଓ ବିଲାତକୁ ଆସୁଥିଲା, ଏବେ ଏ ଲୁଗା ଇଉରୋପରେ ଓ ଆମେରିକାରେ ତିଆରି ହେଲଣି ।]

ନାନ୍(ମ୍)ଖଟା(ଟେ)ଇ—ବୈଦେ. ବି (ଫା. ନାନ୍‌ଖତାଇ)—ଗୁଡ଼ାଖୁଣ୍ଟିଆ
Nān(m)-khatā(te)i ଟିକିଆ ବା ବିସ୍କୁଟ୍ ଆକାରର ଏକପ୍ରକାରର
नानखताई ମିଷ୍ଟାନ୍ନ—A kind of country biscuit.
नानखताई [ଦ୍ରୁ—ଘିଅ ଓ ଚିନିରେ ଚାଉଳଅଟାକୁ ଗୋଳାଇ ତାକୁ ଖଜାପରି ଗୋଟିଏ ଗୋଟିଏ ପତଳା ପିଣ୍ଡ କରି ଗୋଟିଏ ଲୁହାର ଥାଳ ଉପରେ ରଖାଯାଏ । ଏଥିର ଉପରେ ଓ ତଳେ କିଛି ଛଡ଼ାଟେ ଜଳନ୍ତା ଅଙ୍ଗାର ପୂର୍ଣ୍ଣ ଦୁଇଟି ଅନ୍ୟ ଥାଳ ରଖାଯାଏ । ଏଥିରୁ ଏକପ୍ରକାର ସୁଗନ୍ଧ ବାହାରିବାର ଜଣାଗଲେ ଏହା ସୁପକ୍ୱ ହେଲା ବୋଲି ଜଣାଯାଏ ।]

ନାନ—ଦେ. (ପ୍ରାଚୀନ) ବି—(ସଂ. ନନ୍ଦନ)—ପୁତ୍ର—
Nāna Son.
ମୋହୋରେ ପ୍ରସନ୍ନ ହୁଅ ପାର୍ବତୀନାନ—ପ୍ରାଚୀ. ଶର୍ଣି ଷେଣ।

ନାନକ—ଦେ. ବି (ନାମ)—ପଞ୍ଜାବର ଶିଖମାନଙ୍କ ଆଦି ଗୁରୁ; ଶିଖଧର୍ମର
Nānaka ପ୍ରତିଷ୍ଠାତା; ପ୍ରଥମ ଶିଖ ଗୁରୁ—The name of the founder of the sect of the Sikhs of the Punjab.
[ଦ୍ରୁ—ଏ ପଞ୍ଜାବର ରାବୀ ନଦୀର କୂଳରେ ଏକ ଗ୍ରାମ (ଅଧୁନାକ ରାୟପୁର)ରେ କ୍ଷତ୍ରିୟବଂଶରେ ଜନ୍ମଗ୍ରହଣ କରିଥିଲେ । ଏ ପିଲା ଦିନରୁ ସାଂସାରିକ ବିଷୟରେ ଉଦାସୀନ ଥିଲେ ଓ ସାଧୁସେବା କରୁଥିଲେ । ଏ ୧୬ ବର୍ଷ ବୟସରେ ବିବାହ କରିଥିଲେ । ଏହାଙ୍କର ୨ ପୁତ୍ର ଜନ୍ମିଥିଲେ । ଏ ୩୨ ବର୍ଷ ବୟସରେ ଗୃହତ୍ୟାଗୀ ହୋଇ ୪ ଜଣ ସଙ୍ଗୀଙ୍କୁ ନେଇ ପଞ୍ଜାବ ଓ ଉତ୍ତରଭାରତରେ ଏହି ମର୍ମରେ ଧର୍ମଉପଦେଶ ଦେବାକୁ ଲାଗିଲେ ଯେ ଈଶ୍ୱର ଏକ ଅଟନ୍ତି ଓ ହିନ୍ଦୁ ଏବଂ ମୁସଲମାନ୍ ସେହି ଏକ ଈଶ୍ୱରଙ୍କ ଉପାସନା କରନ୍ତି । ମୂର୍ତ୍ତିପୂଜା ଓ ବହୁ ଦେବୋପାସନାର ଏ ବିରୋଧୀ ଥିଲେ । ଅନେକ ହିନ୍ଦୁ ଓ ମୁସଲମାନ୍ ଏହାଙ୍କ ଶିଷ୍ୟ ହେଲେ । ଏହାଙ୍କ ଶିଷ୍ୟମାନଙ୍କୁ ଶିଖ୍ ବୋଲିଗଲା । ଦିଲ୍ଲୀର ତତ୍କାଳୀନ ବାଦସାହା ଇବ୍ରାହିମ୍‌ଲୋଦୀ ଏହାଙ୍କୁ କାରାବଦ୍ଧ କଲେ ଓ ବାବର୍ ପାଣିପଥ ଯୁଦ୍ଧରେ (ଖ୍ରୀ୧୫୨୪ ରେ) ଇବ୍ରାହିମ୍‌ଙ୍କୁ ପରାସ୍ତ କରି ଦିଲ୍ଲୀ ସିଂହାସନ ଅଧିକାର କରିବା ପରେ ଏ ବନ୍ଧନମୁକ୍ତ ହେଲେ । ଶେଷଜୀବନରେ ଏ ସ୍ତ୍ରୀ ନିଜ ପରିବାରଙ୍କ ସହିତ ବାସକଲେ । ଜଲନ୍ଧର ଜିଲ୍ଲାରେ ଏ କର୍ତ୍ତାରପୁର ନାମରେ ଗୋଟିଏ ସହର ବସାଇ ସେଠାରେ ଗୋଟିଏ ବଡ଼ ଧର୍ମଶାଳା ସ୍ଥାପନ କରିଥିଲେ । ଏ ଶିଖଧର୍ମର ପ୍ରତିଷ୍ଠାତା; ଶିଖମାନେ ଏହାଙ୍କ ଅନ୍ତେ ଏହାଙ୍କ ଉପଦେଶମାନ ସଂଗ୍ରହ କରି ଉକ୍ତ ସଂଗୃହୀତ ଗ୍ରନ୍ଥର ନାମ 'ଗ୍ରନ୍ଥସାହେବ' ରଖି ଏହାଙ୍କୁ ପୂଜା କରନ୍ତି ।]

ନାନକନ୍ଦ—ସଂ. ବି—ପିଣ୍ଡ ଆଳୁ; ଖମ୍ବ ଆଳୁ—
Nānakanda Yam; an esculent root.

ନାନକପନ୍ଥୀ—ଦେ. ବିଣ—(ଗୁରୁ ନାନକଙ୍କ ଉପଦିଷ୍ଟ ପନ୍ଥାନୁଗାମୀ)—
Nānakapanthi ଶିଖଧର୍ମାବଲମ୍ବୀ—(a Sikh of the
नानकपन्थी Punjab), Professing the principles
नानकपंथी promulgated by Nānaka.
(ନାନକ ସାହି—ଅନ୍ୟରୂପ)

ନାନକସାହି ପଇସା—ଦେ. ବି—ତମ୍ବା ପଇସା; ପ୍ରାଚୀନ ଶିଖମାନଙ୍କ
Nānakasāhi paisā ଦେଶରେ ପ୍ରଚଳିତ ପଇସା—
A copper pice formerly current in the Sikh count:
[ଦ୍ରୁ—ଏହି ପଇସାରୁ ୩୨ ଗୋଟି ପଇସାରେ ଏକ ଅଣା ହୁଏ ।]

ନାନମାନ—ଦେ. ବି—ପୂରପୂର୍ଣ୍ଣ ଘୃତପକ୍ୱ ପିଷ୍ଟକବିଶେଷ—
Nānamāna A kind of cake containing sweets
मीठाबगेया inside; sandwich in the shape of a ball fried in ghee or oil.
[ଦ୍ରୁ—ଚାଉଳ ଅଟାକୁ ଗୁଡ଼ରେ ପାଗକରି ଖଳ କରାଯାଏ । ଖଳ ମଧ୍ୟରେ ପୂର ଦେଇ ପେଣ୍ଡୁପରି ଗୋଲ ପିଠା କରି ତାହା ଘିଅରେ ଛଣାଯାଏ ।]

ନାନା—ସଂ. ଅ (ନଞ୍+ନା)—(ବହୁତାସୂଚକ)—
Nānā ୧ । ବହୁବିଧ; ଅନେକପ୍ରକାର; ବିବିଧ—
1. Various; of many kinds.
୨ । ଭିନ୍ନ ଭିନ୍ନ; ପୃଥକ୍ ପୃଥକ୍—
2. Different.
୩ । ଅନେକ—3. Many.

ଦେ. ଅ—(ସଂ. ନ; ନହି ନହି)—୧ । (କଥା ଉପରେ ଜୋର
(ନାଁ ନାଁ—ଅନ୍ୟରୂପ) ଦେବା ପାଇଁ ନିଷେଧାର୍ଥକ, ନଞର୍ଥକ
नाना 'ନାଁ' ଶବ୍ଦର ଦୁଇ ଥର ପ୍ରୟୋଗ) କେବେ ନୁହେଁ—
नहिँ नहिँ; ताना 1. (Doubling of the prohibitive 'No' for emphasis), Oh ! no no; certainly not.
ହରିଣାକ୍ଷିରେ ନାନା ହରି ଗନ୍ଧକୁ ଯାନା ବୋଲି ଯେ କହୁଥାଇଁ ବାରବାର—
କବିସୂର୍ଯ୍ୟ. ସଙ୍ଗୀତ ।
୨ । ଗୀତ ଓ ନାଚରେ ଉଚ୍ଚାରିତ ଧ୍ୱନିବିଶେଷ—
2. A formula repeated during dancing and singing.
କୁଚ ନର୍ଦ୍ଦନ ହୋଇଲା ତାଣ୍ଡବ, ନାନା ଧ୍ୱନିଟି ନେନା ନେନା ନାଦ—
ଉକ୍ତ. ପ୍ରେମସୁଧାନିଧି ।

ଦେ. ବି.ପୁଂ (ହିନ୍ଦୁସ୍ଥାନୀ, ମୁସଲମାନ୍ ଓ ପଶ୍ଚିମାଙ୍କ ବ୍ୟବହୃତ)—
नाना ୧ । ମାତାମହ; ଅଜା—1. Mother's father;
नाना maternal grandfather.

(ନାଗ—ସ୍ତ୍ରୀ) ୨ । (ସ୍ତ୍ରୀ) ବଡ଼ ଭଉଣୀ; ନାଗ— 2. Elder sister.

ପ୍ରାଦେ (ସିଂହଭୂମ, ବ୍ରାହ୍ମଣମାନଙ୍କ ବ୍ୟବହୃତ) ବି. ପୁଂ— ୧ । ବଡ଼ ଭାଇ; ନନା—1. Elder brother, ୨ । (ସ୍ତ୍ରୀ) (ଭୁଲ. ହି. ନାନୀ ଏହି ଅର୍ଥରେ)—ଅଈ; ମାତାମହୀ—2. Grand mother.

ବୈଦେ. ବି (ଅ)—ପୁଦିନା—
नाना Mint (plant).
नाना (ଯଥା—ଅର୍କନାନା—ପୁଦିନା ଅର୍କ ।)

ନାନା କନ୍ଦ—ସଂ. ବି—ପିଣ୍ଡାଳୁ (ହି. ଶବ୍ଦସାଗର)—
Nānā kanda Yam.

ନାନା ଜାତି—ଦେ. ବିଣ—ନାନା ଜାତୀୟ (ଦେଖ)
Nānā jāti Nānā jātiya (See)
(ନାନା ଜାତିର—ଅନ୍ୟରୂପ) ନାନା ଜାତି କଥା କାହିଁକି ସେ ହୋଇଲେ ।
नानाजातेर କୃଷ୍ଣସିଂହ. ମହାଭାରତ. ଅଦି ।
नाना जातका

ନାନା ଜାତୀୟ—ସଂ. ବିଣ. (ନାନା+ଜାତୀୟ)—ନାନା ପ୍ରକାରର—
Nānā jātiya Of various kinds.

ନାନାତ୍ମବାଦ—ସଂ. ବି—ପ୍ରତ୍ୟେକ ଜୀବର ଆତ୍ମା ପରମାତ୍ମାଠାରୁ ଭିନ୍ନ
Nānātmabāda ଥିବା ବିଷୟକ ସାଂଖ୍ୟ ଶାସ୍ତ୍ରର ମତ—
(ନାନାତ୍ମବାଦୀ—ବିଣ) The Sāmkhya doctrine that every being has a soul distinct from the Universal Soul.

ନାନାଦି—ଦେ. ବିଣ. (ସଂ. ନାନାବିଧ; କମ୍ବା ନାନା+ଅଦି)—
Nānādi ନାନା ବିଧ; ନାନା ପ୍ରକାରର; ଅନେକ—
नानान Of various kinds; diverse; various; many,
नाना

[ଦ୍ର—'ନାନା' ଏହା ଗୋଟିଏ ଅବ୍ୟୟ ପଦ; ତହିଁରେ 'ଅଦି' ଲଗାଇ ବହୁବ୍ରୀହି ସମାସ କରିବା ବ୍ୟାକରଣବିରୁଦ୍ଧ, ତେଣୁ ଏହା ଗୋଟିଏ ଅବ୍ୟାକରଣ ପ୍ରୟୋଗ । ଓଡ଼ିଶାରେ କେହି କେହି ବ୍ୟାକରଣାନଭିଜ୍ଞ ଲେଖକ ଏ ଭଳି ପ୍ରୟୋଗ କରିବାର ଦେଖାଯାଏ ।]

ନାନାତ୍ୟୟ—ସଂ. ବିଣ—ନାନା ବିଧ; ନାନା ପ୍ରକାରର—
Nānātyaya Of various kinds (Apte).

ନାନାଧି—ଗ୍ରା. ବିଣ—ନାନାଦି (ଦେଖ)
Nānādhi Nānādi (See)

ନାନା ଧ୍ୱନି—ସଂ. ବି. (ବହୁବ୍ରୀହି; ନାନା+ଧ୍ୱନି)—
Nānā dhwani ଯେଉଁ ବାଦ୍ୟରୁ ଏକାଧିକ ପ୍ରକାରର ଧ୍ୱନି ବାହାରେ—A musical instrument producing more than one sound (Apte).

ନାନାନ୍—ବୈଦେ. ବିଣ. (ବଙ୍ଗଳାରୁ ଅନୁକୃତ)—ନାନାଦି (ଦେଖ)
Nānān Nānādi (See)

ନାନାନ୍ଦ୍ର—ସଂ. ବି. ପୁଂ. (ନାନାନ୍ଦୃ+ଅପତ୍ୟାର୍ଥେ. ଅ)—
Nānāndra ନଣନ୍ଦର ପୁଅ; ସ୍ୱାମୀଙ୍କ ଭଣଜା—
A husband's sister's son (Apte).

ନାନା ପ୍ରକାର—ସଂ. ବିଣ (ବହୁବ୍ରୀହି; ନାନା+ପ୍ରକାର)—ନାନାବିଧ—
Nānā prakāra Of various kinds.
ସଂ. ବି—ଅନେକ ପ୍ରକାର—Various kinds.
[ଦ୍ର—ଏହିପରି ସଂ. ର ଓ ଶେଷରେ ନାନା ବର୍ଣ୍ଣ, ନାନା ରୂପ ଆଦି ଶବ୍ଦ ଗଠିତ ହୁଏ ।]
नानाप्रकारे ଦେ. କ୍ରି. ବିଣ—ନାନା ରୂପରେ; ନାନା ପ୍ରକାରେ—
नानाप्रकार In many ways.

ନାନା ଫଡ଼୍ ନବିଶ୍—ଦେ. ବିଣ. (ନାମ) (ମରହଟ୍ଟୀ)—
Nānā phard nabis ଧୁନ୍ଧୁପନ୍ଥ ନାନା; ନାନା ସାହେବ—
(ନାନା ଫର୍ଣ୍ଣବିସ୍—ଅନ୍ୟରୂପ) Nānā Sāhib.
नानाफर्नवीस [ଦ୍ର—ଏହାଙ୍କର ପ୍ରକୃତ ନାମ ଧୁନ୍ଧୁପନ୍ଥ ।
नानाफड़नवीस ଏ ପେଶବା ବାଜିରାଓଙ୍କର ପୋଷ୍ୟପୁତ୍ର । ପେଶବା ବାଜିରାଓ ୩ୟ ମରହଟ୍ଟା ଯୁଦ୍ଧ ପରେ ଇଂରାଜଙ୍କଠାରୁ ବାର୍ଷିକ ୮ ଲକ୍ଷ ଟଙ୍କା ପେନସନ୍ ପାଇ କାନପୁର ନିକଟବର୍ତ୍ତୀ ବିଠୁରଠାରେ ରହୁଥିଲେ । ତାଙ୍କ ମୃତ୍ୟୁ ପରେ ଇଂରାଜ ଗଭର୍ଣ୍ଣମେଣ୍ଟ ନାନା ସାହେବଙ୍କୁ ଏ ପେନ୍‌ସନ୍ ଦେଲେ ନାହିଁ । ଏଥିପାଇଁ ସେ ଇଂରାଜଙ୍କ ବିପକ୍ଷରେ ଷଡ଼ଯନ୍ତ୍ର କରୁଥିଲେ । ଏହି ସମୟରେ ସିପାହୀ ବିଦ୍ରୋହ (ଖ୍ରୀ ୧୮୫୭) ଘଟିବାରୁ ନାନା ସାହେବ କାନପୁରଠାରେ ଗୁଡ଼ିଏ ବିଦ୍ରୋହୀ ସେନାଙ୍କ ନାୟକ ହୋଇ କାନପୁରରେ ଥିବା ସାହେବ ଓ ସେମାନଙ୍କ ପରିବାରଙ୍କୁ ଘେରିଲେ । ଅବଶେଷରେ ସେମାନେ ଆତ୍ମସମର୍ପଣ କରିବାରୁ ନାନାଙ୍କ ଆଦେଶରେ ସେମାନେ ସିପାହିମାନଙ୍କ ଦ୍ୱାରା ନିହତ ହେଲେ । କିନ୍ତୁ ଶେଷରେ ନାନା ସାହେବ ସେଠାରେ ପରାସ୍ତ ହୋଇ ଅଯୋଧ୍ୟାର ବେଗମ ଓ ବେରେଲିର ନବାବଙ୍କ ସୈନ୍ୟଦଳରେ ଯୋଗ ଦେଲେ । କିନ୍ତୁ ସେଠାରେ ପରାଜିତ ହୋଇ ନେପାଳ ପଳାଇଲେ । ଯେ ଏହାଙ୍କୁ ଧରିଦେବ ଇଂରାଜସରକାର ତାଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ଦେବେ ବୋଲି ଘୋଷଣା କରିଥିଲେ, କିନ୍ତୁ କେହି ଏହାଙ୍କୁ ଧରି ପାରି ନ ଥିଲେ । ଶେଷରେ ଏ ନେପାଳ ଅରଣ୍ୟରେ ଲୁଚି ଲୁଚି ବୁଲି ସେଠାରେ ନିରୁଦ୍ଦେଶ ହେଲେ ।]

ନାନା ବିଧ—ସଂ. ବିଣ (ନାନା+ବିଧ=ପ୍ରକାର)—ବିବିଧ; ବହୁବିଧ—
Nānā bidha Various; of various kinds.
ସଂ. କ୍ରି. ବିଣ—ଅନେକପ୍ରକାରେ—
In various ways (Apte).

ନାନା ମତ—ଦେ. ବି—ବିଭିନ୍ନ ମତମାନ—
Nānā mata Different opinions
(ଯଥା—ନାନା ମୁନିଙ୍କର ନାନା ମତ—ଭଗ ।)
नानामत ଗ୍ରାମ୍ୟ. କ୍ରି. ବିଣ—ନାନାମତେ (ଦେଖ)
नानाप्रकार Nānāmate (See).

ନାନାମତି—ଗ୍ରା. କ୍ରି. ବିଣ—ନାନାମତେ (ଦେଖ)
Nānāmati Nānāmate (See).

ନାନା ମତେ—ଦେ. କ୍ରି. ବିଣ—ଅନେକ ପ୍ରକାରେ; ନାନା ପ୍ରକାରେ—
Nānā mate In many ways; in various ways.
नानामते ହେବାହେବ ଶୋଚେ କରି ନାନାମତେ
बहुत किसमसे ଭୂଷ ନାରଦ ପୂରବ । ଅଦ୍ୟ ଶ୍ୟାମ. ନରୋତ୍ତମ, ୫ ଗୀତ ।

ନାନା ମାର୍ଗ—ସ. ବି—ବହୁତ ମାର୍ଗ—Many ways.
Nānā mārga ବିଣ—ବହୁତ ମାର୍ଗବିଶିଷ୍ଟ—
Of various ways.

ନାନା ମାର୍ଗରେ—ଦେ. କ୍ରି. ବିଣ—୧ । ନାନାପ୍ରକାର—
Nānā mārgare 1. In various ways.
ନାନାମାର୍ଗେ } —ଅନ୍ୟରୂପ ୨ । ଅନେକ ବାଟରେ—
ନାନାମାର୍ଗ କରି }
नानामार्गे 2. In various roads.
नानामारगमे

ବୂହାଅନ୍ତେ ରଥ ସେ କରି ନାନାମାର୍ଗ
ଭରି ଯୋଦ୍ଧାମାନେ ହୋଇଲେ ହରଷ ।
କୃଷ୍ଣସିଂହ. ମହାଭାରତ ଦ୍ରୋଣ ।

ନାନାରୂପ—ସ. ବିଣ. (ବହୁବ୍ରୀହି; ନାନା + ରୂପ)—
Nānā rūpa ୧ । ନାନାବିଧ (ଦେଖ)
1. Nānābidha (See)
୨ । ଯାହାର ଏକାଧିକରୂପ ବା ଆକାର ଅଛି—
2. Multiform (Apte).

ନାନା ରୂପେ—ଦେ.କ୍ରି. ବିଣ—ନାନା ମତେ (ଦେଖ)
Nānā rūpe Nānā mate (See)
नानारूपे नानाप्रकार

ନାନାର୍ଥ—ସ. ବି. (ନାନା + ଅର୍ଥ)—ଭିନ୍ନ ଭିନ୍ନ ଅର୍ଥମାନ—
Nānārtha Different meanings.
ସ. ବିଣ. (ବହୁବ୍ରୀହି; ନାନା+ଅର୍ଥ)—୧ । ବହୁବିଧ ଅର୍ଥ ବିଶିଷ୍ଟ—1. Having various meanings.
୨ । ନାନା ପ୍ରୟୋଜନବିଶିଷ୍ଟ—
2. Having various uses.

ନାନାର୍ଥ ସଂଗ୍ରହ—ସ. ବି—ନାନାଶବ୍ଦ ସଂଗ୍ରହ (ଦେଖ)
Nānārtha saṃgraha Nānāśabda saṃgraha (See)

ନାନାଶବ୍ଦ ସଂଗ୍ରହ—ସ. ବି—୧ । ଅଭିଧାନ; ଭାଷାକୋଷ—
Nānāśabda saṃgraha 1. Dictionary.
୨ । ଶବ୍ଦକୋଷ—2. Lexicon; vocabulary.

ନାନା ସାହେବ୍—ଦେ. ବି. (ନାମ)—ନାନା ଫଡ୍ ନବିସ୍ (ଦେଖ)
Nānā sāheb Nānā phaṛd nabiś (See)

ନାନୀ—ଦେ.ବି. ସ୍ତ୍ରୀ—୧ । (ହି. ନାନା + ସ୍ତ୍ରୀଲିଙ୍ଗ ଈ; ମୁସଲମାନ, ହିନ୍ଦୁ-
Nānī ସ୍ଥାନୀ ଓ ପଶ୍ଚିମାମାନଙ୍କର ବ୍ୟବହୃତ)—ଆଈ; ମାତାମହୀ—
नानी 1. Grandmother.
(ନନା—ବିପରୀତ ଲିଙ୍ଗ)
दिदी ୨ । ବଡ଼ ଭଉଣୀ—2. Elder sister.
दीदी [ଦ୍ରା—ବ୍ରାହ୍ମଣ ପରିବାରରେ ବଡ଼ ଭଉଣୀକୁ ନାନୀ ଓ ବ୍ରାହ୍ମଣେତର ପରିବାରରେ ବଡ଼ ଭଉଣୀକୁ ଦେଈ ବା ଅପା ଡାକନ୍ତି । ଦ୍ର—ନାନୀ = ବଡ଼ଭଉଣୀ; ଦ୍ରାବିଡ଼ ଭାଷାରୁ ଏ ଶବ୍ଦ ଓଡ଼ିଆକୁ ଆସି, ଏହାର ବିପରୀତ ଲିଙ୍ଗରେ 'ନନା' ହୋଇଅଛି ।]
୩ । ଅପଣାଠାରୁ ଅଧିକ ବୟସ୍କ ବ୍ରାହ୍ମଣୀକୁ ଅନ୍ୟ ବ୍ୟକ୍ତିମାନଙ୍କର ଡାକିବା ସମ୍ବୋଧନ—
3. A term addressed to a Brāhmaṇa woman older than the person accosting.
୪ । ବ୍ରାହ୍ମଣ କନ୍ୟା—4. A Brāhmaṇa girl.

ମଲ୍ଲିଫୁଲ ଫୁଟିଲା, ଗୋଷ୍ଠେଇନାନୀ ଗାଧୋଇ ଯାଇଁ ମାମୁଁଘରେ ଉଠିଲା ।
ଯୌବନେ ମକରୀ ରମ୍ୟା । ପଦ୍ମନାଭୀ ବିବର୍ଜିତା । ବ୍ୟଙ୍ଗ ଗୀତ ।

୫ । ରାଜାନ୍ତଃପୁରରେ ପାଚିକାରୂପେ ନିଯୁକ୍ତା ବିଧବା ବ୍ରାହ୍ମଣୀ—5. A widow Brāhmaṇī engaged as a cook in the harem of a Raja.
୬ । (ବ୍ୟଙ୍ଗ୍ୟ) ଗୃହସ୍ୱାମିନୀ—
6. (ironical) Housewife

ନନାଙ୍କର ବାଟେ ତ ନାନୀଙ୍କର ବାଟେ ଗୀତ ।
କଲୁଅ ନନାରେ କଲୁଅ ନନା ! ନାନୀ ପିନ୍ଧିଅଛି ଗୋ ଠଣକଣା—ଶିଶୁ ଗୀତ

୭ । ପିଉସୀ; ପିତୃସ୍ୱସା—7. Father's sister.
ପ୍ରାଦେ. (ଉତ୍ତର ଭାଷା) ବିଣ. (ସଂ. ନ୍ୟୂନ; ଭୁଲ. ହି. ଏହି ଅର୍ଥରେ ପୁଂ ନନ୍ହା ଓ ସ୍ତ୍ରୀ ନନ୍ହୀ)—କ୍ଷୁଦ୍ର; ସାନ—
Small; little.

ନାନୀ ଭାତ—ପ୍ରାଦେ. ବି.—(ଉତ୍ତର ଭାଷା) ସାନ ଭାତ (ଦେଖ)—
Nānī bhāta Sānabhāta (See)

ନାନ୍ତ—ସ. ବିଣ. (ନ+ଅନ୍ତ)—ଅନନ୍ତ—
Nānta Endless; infinite (Apte).

ନାନ୍ତରୀୟକ—ସ. ବିଣ. (ନ+ଅନ୍ତର+ଈୟକ)—ଅଚ୍ଛେଦ୍ୟରୂପେ
Nāntarīyaka ସଂଯୁକ୍ତ; ଅବିଚ୍ଛେଦ୍ୟ—Inseparable; inseparably connected (Apte).

ନାନ୍ତ୍ର—ସ. ବି.—ପ୍ରଶଂସା; ସ୍ତୁତି—
Nāntra Praise; eulogy (Apte).

ନାନ୍ଦୀକାର—ସ. ବି.—ନାଟକାଭିନୟର ଆରମ୍ଭରେ ନାନ୍ଦୀ ବୋଲିବା
Nāndikāra ବ୍ୟକ୍ତି—The speaker of the benidictory sloka before the commencement of a play (Apte).

ନାନ୍ଦୀ—ସ. ବି. ସ୍ତ୍ରୀ (ନନ୍ଦ୍ ଧାତୁ ଣିଚ ନାନ୍ଦି ଧାତୁ = ଆନନ୍ଦିତ କରିବା +
Nāndī କରଣ. ଈ; କମ୍ବା ନନ୍ଦ ଧାତୁ = ଆନନ୍ଦିତ ହେବା + କରଣ. ଈ)—୧ । ନାଟକାଦିର ପ୍ରାରମ୍ଭରେ ଦେବତାଙ୍କ ଅଭ୍ୟର୍ଥନା ବା ସ୍ତୁତି ବା ଆଶୀର୍ବାଦସୂଚକ ଶ୍ଳୋକ—
1. A benedictory prologue pronounced before the commencement of a play.
୨ । ମଙ୍ଗଳାଚରଣ—2. Benedictory preface.
୩ । ଚକ୍ରବର୍ତ୍ତୀ ରାଜା—3. Emperor.
୪ । କ୍ଷତ୍ରିୟ—4. A Kshatriya or soldier by caste.
୫ । ଗୋତ୍ର—5. Clan.
୬ । ଅଭ୍ୟୁଦୟ; ସମୃଦ୍ଧି—6. Prosperity.
୭ । ସ୍ତୁତି—
7. Praise; thanksgiving; eulogy.
୮ । ସୌଭାଗ୍ୟ—8. Good-luck.

୯ । ନାନ୍ଦକାର (ଦେଖ)—
9. Nāndikāra (See) (Apte).

ନାନ୍ଦୀକ—ସଂ. ବି. (ନାନ୍ଦୀ=ସୌଭାଗ୍ୟ+କୃ ଧାତୁ+ଅ.)—
Nāndika ୧ । ମଙ୍ଗଳାର୍ଥେ ଅନୁଷ୍ଠିତ ତୋରଣ ସ୍ତମ୍ଭ—1. A propitious gateway set up for good luck.

୨ । ମଙ୍ଗଳାର୍ଥ ତୋରଣ ଦ୍ୱାରରେ ସ୍ଥାପିତ ଜଳପୂର୍ଣ୍ଣ ଘଟ—
2. A jug full of water placed at the gateway in religious ceremonies or on festive occasions.

୩ । ନାନ୍ଦୀମୁଖ ଶ୍ରାଦ୍ଧ—3. Propitiatory offering of cakes of boiled rice to the spirits of one's deceased ancestors.

୪ । ସୌଭାଗ୍ୟଲାଭାର୍ଥ ଦୁଆର ମୁହଁରେ ପୋତାଯିବା ଖୁଣ୍ଟି—
4. A post in a doorway set up for good luck (Apte .

ନାନ୍ଦୀକର—ସଂ.ବିଣ. (ନାନ୍ଦୀ+କୃ ଧାତୁ+ଅ)—୧ । ଯେ ଅଭିନୟ ପୂର୍ବରେ ମଙ୍ଗଳାଚରଣ ବା ବନ୍ଦନା ପାଠ କରେ—
Nāndikara (ନାନ୍ଦୀବାଦୀ—ଅନ୍ୟରୂପ) 1. A person who recites a benediction or prologue before a dramatic performance is begun.

୨ । ଢୋଲିଆ; ବାଦ୍ୟକାର; ବାଇଦକାରିଆ; ବଜନ୍ତ୍ରୀ—
2. A drummer.

ନାନ୍ଦୀପଟ—ସଂ. ବି.—୧ । କୂଅର ନନ୍ଦ; ଘୋଡ଼ା ନନ୍ଦ—1. The
Nāndipaṭa outer protecting ring put on a well.

୨ । କୂଅର ମୁହଁ ଉପରେ ଦିଆ ଯିବା ଆବରଣ—
2. The lid or cover of a well (Apte).

ନାନ୍ଦୀ ପାଠକ— ସଂ. ବିଣ. (ନାନ୍ଦୀ+ପାଠକ)—ନାନ୍ଦକର (ଦେଖ)—
Nāndi pāṭhaka Nāndikara (See)

ନାନ୍ଦୀମୁଖ—ସଂ. ବି.—(ନାନ୍ଦୀ=ସୁଖ; ସୌଭାଗ୍ୟ+ମୁଖ=ପ୍ରଧାନ; ବା
Nāndimukha ନାନ୍ଦୀ=ଶୁଭ+ମୁଖ=ଆରମ୍ଭ)—୧ । କୂଅର ନନ୍ଦ; ଘୋଡ଼ା ନନ୍ଦ—1. The outer protecting ring put on a well.

୨ । ଆଭ୍ୟୁଦୟିକ ଶ୍ରାଦ୍ଧ; ବିବାହାଦି ଅନୁଷ୍ଠାନରେ ପ୍ରଥମେ ପିତୃଲୋକଙ୍କ ଉଦ୍ଦେଶ୍ୟରେ ଯେଉଁ ପାର୍ବଣ ଶ୍ରାଦ୍ଧ କରାଯାଏ—2.Oblation or offering of Piṇḍa to the ancestors, performed at the commencement of festive rites (to propitiate the spirits of one's deceased ancestors.)

[ଦ୍ର—ପୁରାଣ ମତରେ ଜାତକର୍ମାଦି ଦଶ ବିଧ ସଂସ୍କାର, ନୂତନ ଗୃହ ପ୍ରବେଶ, ଦେବତାଦି ପ୍ରତିଷ୍ଠା, ତୀର୍ଥଯାତ୍ରା, ବୃଷୋତ୍ସର୍ଗାଦି ଶୁଭାନୁଷ୍ଠାନମାନଙ୍କରେ ପ୍ରଥମରେ ନାନ୍ଦୀମୁଖ ଶ୍ରାଦ୍ଧ କରିବା ଉଚିତ । କେବଳ ପୁତ୍ର ଜନ୍ମରେ ଏ ଶ୍ରାଦ୍ଧର ବିଧାନ ନାହିଁ । ଅନ୍ୟ ସବୁ ଶ୍ରାଦ୍ଧ ମଧ୍ୟାହ୍ନରେ କରାଯାଏ; କିନ୍ତୁ ଏ ଶ୍ରାଦ୍ଧ ପୂର୍ବାହ୍ନରେ ବିଧେୟ—
ହି. ଶବ୍ଦସାଗର ।]

୩ । ପିତୃଲୋକ; ପିତୃଗଣ—3. The spirits of one's departed ancestors (consisting of 3 paternal and 3 maternal ancestors).

ସଂ. ବିଣ. ପୁଂ—ନାନ୍ଦୀମୁଖୀ (ଦେଖ)—Nāndimukhi (See)

ନାନ୍ଦୀମୁଖୀ—ସଂ. ବି—୧ । ଅବନ୍ତୀନଗରବାସିନୀ ମୁନିକନ୍ୟାବିଶେଷ—
Nāndimukhi 1. Name of a daughter of a sage living in Abanti.

[ଦ୍ର—ଏ ସୁଧାବୃଷ୍ଟିଙ୍କ ମିଳନରେ ଦୂତୀ କାର୍ଯ୍ୟ କରିଥିଲେ ।]

୨ । ସଂସ୍କୃତ ଛନ୍ଦୋବିଶେଷ—
2. Name of a Sanskrit metre.

[ଦ୍ର—ଏହାର ପ୍ରତ୍ୟେକ ଚରଣରେ ୨ନଗଣ, ୨ତଗଣ ଓ ୨ଗୁରୁ ବର୍ଣ୍ଣ ରହେ ।]

ସଂ. ବିଣ. ସ୍ତ୍ରୀ (ନାନ୍ଦୀମୁଖ+ସ୍ତ୍ରୀ. ଈ)—ଯେଉଁ ମାତୃଗଣ ନାନ୍ଦୀମୁଖ ଶ୍ରାଦ୍ଧରେ ତର୍ପିତା ହୁଅନ୍ତି—The female ancestor. who are invoked in a Nāndimukha śrāddha.

[ଦ୍ର—ନାନ୍ଦୀମୁଖ ପିତୃଗଣ ଯଥା—ପିତା, ପିତାମହ, ପ୍ରପିତାମହ ଓ ମାତାମହ, ପ୍ରମାତାମହ, ବୃଦ୍ଧ ପ୍ରମାତାମହ । ନାନ୍ଦୀମୁଖୀ ମାତୃଗଣ ଯଥା—ମାତା, ପିତାମହୀ, ପ୍ରପିତାମହୀ ଓ ମାତାମହୀ, ପ୍ରମାତାମହୀ, ବୃଦ୍ଧ ପ୍ରମାତାମହୀ ।]

ଦେ. ବି (ସଂ. ନାନ୍ଦୀମୁଖ)—ନାନ୍ଦୀମୁଖ ଶ୍ରାଦ୍ଧ—Propitiatory oblation offered to the spirits of one's departed ancestors before festive rites are begun.

ନାପ୍—ପ୍ରାଦେ (ସମ୍ବଲପୁର) ବି (ତୁଳ. ହି. ଏହି ଅର୍ଥରେ ଏହି ଶବ୍ଦ)—
Nāp ମାପ—Measurement.

ନାପ୍‌ବା—ପ୍ରାଦେ (ସମ୍ବଲପୁର) କ୍ରି (ତୁଳ. ହି. ଏହି ଅର୍ଥରେ ନାପ୍‌ନା)—
Nāp-bā ମାପିବା—To measure.

ନା(ନାଁ)ପରବା—ବୈଦେ. ବିଣ (ଫା. ନାପର୍‌ବାହ୍)—ନିପରବା (ଦେଖ)
Nā(nāñ)parabā Niparabā (See)
[ନା(ନାଁ)ପରୁଆ—ଅନ୍ୟରୂପ

ନା(ନାଁ)ପରବାଇ(ହି)—ବୈଦେ. ବିଣ ଓ ବି (ଫା. ନାପରବାହୀ)—
Nā(nāñ)parabāi(hi) ନିପରବାଇ (ଦେଖ)—
(ନାପରୱାଇ, ନାପରୱାଇ—ଅନ୍ୟରୂପ) Niparabāi (See)

ନା(ନାଁ)ପସନ୍ଦ—ବୈଦେ. ବିଣ (ଫା. ନାପସନ୍ଦ୍)—୧ । ଅମନୋନୀତ;
Nā(nāñ)pasanda ଅପସନ୍ଦ; ଗରପସନ୍ଦ—1. Not chosen; rejected

नापसन्द ୨ । ଅନନୁମତ—2. Not approved; disapproved.
नापसन्द

୩ । ବିଶ୍ୱାସର ଅଯୋଗ୍ୟ—
3. Unreliable; incredible.

୪ । ଅଗ୍ରାହ୍ୟ—4. Unacceptable.

୫ । ଅରୁଚିକର—5. Not according to one's taste or liking.

୬ । ଅପ୍ରିୟ—6. Disagreeable.

ବୈଦେ. ବ—୧ । ଅନିଚ୍ଛା—1. Disinclination.
୨ । ଅସମ୍ମତିର ଅଭାବ; ଅନୁକୂଳ ମତ ପ୍ରକାଶ ନ କରିବା—
2. Disapproval.
୩ । ଉଦାସିନତା; ଅନାସ୍ଥା—
3. Indifference; disregard.
୪ । ବିଶ୍ୱାସର ଅଭାବ—
4. Want of faith or trust.

ନା(ନାଁ)ପାକ୍—ବୈଦେ. ବଣ (ଫା)—୧ । ଅଶୁଦ୍ଧ; ଅପବିତ୍ର; ଅଶୁଚି—
Na(nañ)pāk 1. Impure; unclean.
नापाक ୨ । ମଇଳା—2. Dirty; filthy.
नापक

ନା(ନାଁ)ପାକି—ବୈଦେ. ବ (ଫା)—ଅଶୁଚିତା—
Na(nañ)pāki Impurity; uncleanness.
नापाकी, नापाकी

ନାପିତ—ସ. ବି. ପୁଂ (ନ—ନୁଦେ+ଅପ୍ ଧାତୁ=ସ୍ନାନ ପାଇବା+
Nāpita ତ)—ଶୂଦ୍ର ଜାତିବିଶେଷ; ଭଣ୍ଡାରି; କ୍ଷୌରକାରକ—
(ନାପିତୀ—ସ୍ତ୍ରୀ) Barber; a Śūdra caste among the Hindus.

[ତ୍ର—ପରାଶର ସ୍ମୃତିରେ ଅଛି ଯେ ଶୂଦ୍ରା ଗର୍ଭରେ ବ୍ରାହ୍ମଣ ଔରସ ସନ୍ତାନର ଯଦି ବ୍ରାହ୍ମଣ ଦ୍ୱାରା ସଂସ୍କାର ନ ହୁଏ ତେବେ ସେ ନାପିତ ହୁଏ । ପରଶୁରାମଙ୍କ ମତରେ କୁବେର ପୁରୁଷ ଓ ପଟ୍ଟିକାରୀ ସ୍ତ୍ରୀର ସନ୍ତାନ ନାପିତ । ମନୁସଂହିତାରେ ନାପିତଙ୍କ ଗଣନା ଶ୍ରେଣୀମାନ ଶୂଦ୍ର ଜାତିରେ କରାଯାଇ ଅଛି । ସ୍ମୃତି ଆଦିରେ ନାପିତ ସଙ୍କର ଜାତିରେ ପରିଗଣିତ ଓ ଏ ଜାତିକୁ ସ୍ପୃଶ୍ୟ ଶୂଦ୍ର ରୂପେ ଗଣିତ । ହି. ଶବ୍ଦସାଗର ।
ନାପିତର ଅନ୍ୟ ସ. ପ୍ରତିଶବ୍ଦ—କ୍ଷୁର, ମୁଣ୍ଡୀ, ଦିବାକୀର୍ତ୍ତି, ଅନ୍ତ୍ୟାବସାୟୀ, ଛନ୍ଦୀ, ନଖକୁଟ୍ଟ, ଗ୍ରାମଣୀ, ଚଣ୍ଡିଲ ଓ ଭଣ୍ଡିଳ ।]

ନାପିତ ଶାଳା—ସ ବି. ସ୍ତ୍ରୀ (୬ଷ୍ଠୀ ତତ୍; ନାପିତ+ଶାଳା)—ଭଣ୍ଡାରି
Nāpita śālā ଯେଉଁ ଘରେ କ୍ଷୌର କରେ—A barber's
(ନାପିତଶାଳିକା—ଅନ୍ୟରୂପ) shop.

ନାପିତାୟନି—ସ. ବି. ପୁଂ. (ନାପିତ+ଅପତ୍ୟାର୍ଥେ ଆୟନ)—
Nāpitāyani ନାପିତ ସନ୍ତାନ—
The son of a barber.

ନାପିତାଣୀ—ଦେ. ବି. ସ୍ତ୍ରୀ. (ସ. ନାପିତୀ)—
Nāpitāṇi ଭଣ୍ଡାରୁଣୀ—A barber woman; a woman
नापितानी नाइन of the barber caste.

ନାପିତୀ—ସ. ବି. ସ୍ତ୍ରୀ. (ନାପିତ+ସ୍ତ୍ରୀ. ଈ)—
Napiti ନାପିତାଣୀ (ଦେଖ)—Nāpitāṇi (See)

ନାପିତୀ ବିହୃବ, ଚୂର୍ଣ୍ଣ ହରିବା ପର ଲେ ।
ଉକ୍ତ. ଜ୍ୟୋତିର୍ପ୍ରକାଶ ନସ ।

ନାପିତୁଣୀ—ଦେ. ବି. ସ୍ତ୍ରୀ—ନାପିତାଣୀ (ଦେଖ)
Nāpituṇi Nāpitāṇi (See)

ନାପିତ୍ୟ—ସ. ବି. (ନାପିତ+କର୍ମ ଅର୍ଥରେ. ଯ)—
Nāpitya ୧ । ଭଣ୍ଡାରିର କାର୍ଯ୍ୟ—1. The duties of a barber; a barber's profession.
୨ । (+ଅପତ୍ୟାର୍ଥେ. ଯ) ନାପିତ ସନ୍ତାନ—
2. The son of a barber (Apte).

ନାପିବା—ପ୍ରାଦେ. (ସମ୍ବଲପୁର) କ୍ରି. (ତୁଳ. ହି. ନାପ୍‌ନା)—
Nāpibā ମାପିବା—To measure.

ନାବ—ଦେ. ବି. (ସ. ନୌ ଶବ୍ଦର ବହୁବଚନ ନାବଃ; ଫା. ନାବ୍; ତୁଳ
Nāba ଗ୍ରୀକ୍. ନୌସ୍; ଲାଟିନ୍. ନାଭିସ୍; ଜର୍ମାନ୍. ନାଚେ)—
ନାଓ ୧ । ନାହା; ନୌକା; ଡଙ୍ଗା—1. Boat.
नाव ୨ । ବୋଇତ; ଜାହାଜ—2. Ship; vessel.
ଗ୍ରା. ବି—ଲାବଣ୍ୟ ନାମକ ପୁରୁଷର ଓ ଲାବଣ୍ୟବତୀ ନାମ୍ନୀ ସ୍ତ୍ରୀର ଡାକ ନାମ—The name by which persons named Lābaṇya and Lābaṇyabatī are called.

ନାବକେଳି—ଦେ. ବି. (ସ. ନୌ+କେଳ)—
Nābakeḷi ନୌବିହାର; ନଦୀ ଓ ଜଳାଶୟାଦିରେ ନୌଚାଳନ
नावर, नावारि ପୂର୍ବକ କ୍ରୀଡ଼ା—Sports by plying
नावकेलि boats.

ନାବଡ଼ା—ଦେ. ବଣ. ପୁଂ (ସ. ଲମ୍ପଟ)—
Nābarḍa ୧ । ଲମ୍ପଟ—1. Adulterous.
नावड़ ୨ । ଖଳ; ଦୁଷ୍ଟ—2. Wicked.
लफङ्गा ୩ । ନେହଡ଼ା; ନିର୍ଲଜ୍ଜ—3. Shameless.
(ନାବଡ଼ୀ—ସ୍ତ୍ରୀ) ୪ । ମୂର୍ଖ—4. Illiterate.

ନାବନ(ନ୍ୟ)—ଗ୍ରା. ବି.—(ସ. ଲାବଣ୍ୟ)—୧ । ଲାବଣ୍ୟ; ମଧୁରତା;
Nābana(nya) ସୌନ୍ଦର୍ଯ୍ୟ—1. Loveliness; charm.
୨ । ନାବ ଗ୍ରା. (ଦେଖ)—2. Nāba (See)

ନାବନୀତ—ସ. ବଣ. (ନବନୀତ+ଅ)—
Nābanīta ୧ । କୋମଳ—1. Soft.
(ନାବନୀତା ସ୍ତ୍ରୀ) ୨ । ମୃଦୁ—2. Mild; gentle.

ନାବମିକ—ସ. ବଣ. (ନବମ+ଇକ)—
Nābamika ନବମ—Ninth.
(ନାବମିକା—ସ୍ତ୍ରୀ)

ନାବର ଦଉଡ଼ି—ଦେ. ବି. (ଜାହାଜିଆ ଭାଷା)—ଜାହାଜର ଦୁଇ ପାଖରୁ
Nābarā daurḍi ମାସ୍ତୁଲର ଦେହ ପର୍ଯ୍ୟନ୍ତ ଲମ୍ବିଥିବା ଦଉଡ଼ି—(nautical) Ropes tying the mast to the ends of a ship; stays.

ମୁଁ ନାବର ଦଉଡ଼ି ଧରି ତଳକୁ ଉପରକୁ ଉଠିଗଲି ଦୂରବୀନ କଷି ଦେଲି ।
ଫକୀରମୋହନ—ଗଳ୍ପସ୍ୱଳ୍ପ ।

ନାବାଳ(ଲ)କ(ଗ)—ବୈଦେ. ବଣ. (କଚରିଆ)
Nābāḷa(la)ka(ga) (ଫା—ନାବାଲିଗ୍)
नाबालक ୧ । ଅପ୍ରାପ୍ତ ବୟସ୍କ—1. Minor.
नाबालिग ୨ । ପ୍ରାପ୍ତ ବୟସ୍କର ଅଧିକାର ପାଇବା କମଲେ

(ବିପରୀତ—ସାବାଳକ) ଆଇନ୍ ଅନୁସାରେ ଉପଯୁକ୍ତ ବୟସରେ ଉପନୀତ ହୋଇ ନ ଥିବା; ଅଳ୍ପବୟସ୍କ—2. Young; who has not yet attained his age of majority in the eye of law.

ଦ୍ର—[ଏ ଫାର୍ସୀ ଶବ୍ଦ ସ୍ତ୍ରୀ ଓ ପୁରୁଷଙ୍କ ପ୍ରତି ପ୍ରଯୁଜ୍ୟ ହୁଏ । ସାଧୁଭାଷା ବ୍ୟବହାରପ୍ରିୟ ବ୍ୟକ୍ତି ଓ ଲେଖକମାନେ ନାବାଳକ ଶବ୍ଦକୁ ବାଳକ ଶବ୍ଦ ସଙ୍ଗେ ସଂଯୁକ୍ତ ସଂସ୍କୃତ ଶବ୍ଦ ବିଚାର କରି ତହିଁର ସ୍ତ୍ରୀଲିଙ୍ଗ ନାବାଳିକା କରନ୍ତି । ଫା. ନାବାଲିଗ୍ ଶବ୍ଦର ବିପରୀତ ବାଲିଗ୍=ବୟଃପ୍ରାପ୍ତ; ଓଡ଼ିଆ ଭାଷାରେ ବାଳକ ଶବ୍ଦ ସଙ୍ଗେ ଏ ଶବ୍ଦର ସମ୍ପର୍କ ଥିବାର ଭ୍ରମରେ ନାବାଳକର ବିପରୀତ ସାବାଳକ ଶବ୍ଦ ବ୍ୟବହୃତ ହୁଏ । ହିନ୍ଦୁ, ମୁସଲମାନ ଓ ପାଶ୍ଚାତ୍ୟ ଆଇନ ଅନୁସାରେ ଯୁବକ ଯୁବତୀମାନେ ୧୮ ବର୍ଷ ବା ୨୧ ବର୍ଷ ପର୍ଯ୍ୟନ୍ତ 'ନାବାଳକ' (minor) ରହନ୍ତି ଓ ସେ ସମୟରେ ସେମାନଙ୍କର ସମ୍ପତ୍ତିକୁ ଓ ଶରୀରକୁ ରକ୍ଷଣାବେକ୍ଷଣ କରିବା ପାଇଁ ଅଭିଭାବକ (ଗାର୍ଜିଆନ୍, guardian) ନିଯୁକ୍ତ ହୁଅନ୍ତି । ବଡ଼ ବଡ଼ ରାଜା ଓ ଜମିଦାରମାନଙ୍କର ନାବାଲିଗି ସମୟରେ ସରକାର (କୋର୍ଟ୍ ଅଫ୍ ଓ୍ୱାର୍ଡସ୍ (Government, Court of wards) ସେମାନଙ୍କ ସମ୍ପତ୍ତି ଓ ଶରୀରର ରକ୍ଷଣାବେକ୍ଷଣର ଭାର ନିଅନ୍ତି ଓ ନାବାଳକମାନେ ଆଇନ୍ ଅନୁସାରେ କି କି କାର୍ଯ୍ୟ କରି ପାରିବେ ଓ ନ କରି ପାରିବେ ଭିନ୍ନ ଭିନ୍ନ ଦେଶର ଆଇନରେ ଓ ଶାସ୍ତ୍ରରେ ତହିଁରେ ଭିନ୍ନ ଭିନ୍ନ କାଇଦା କଟକଣା ଅଛି ।]

ବୈଦେ. ବି—ଅପ୍ରାପ୍ତ ବୟସ୍କ ଯୁବା; ଯାହାର ଶରୀର ଓ ସମ୍ପତ୍ତି ରକ୍ଷଣାବେକ୍ଷଣ କରିବା ନିମନ୍ତେ ଅଭିଭାବକ ହୁଅନ୍ତି—A minor; a ward.

ନାବାଲ(ଲି)କ(ଗି)—ବୈଦେ. ବି. (କଟକିଆ)—
Nābāla(la)ki(gi) (ଫା. ନାବାଲିଗୀ)—
नाबालकी ଅପ୍ରାପ୍ତ ବୟସ୍କ ଅବସ୍ଥା—Minority; nonage.
नाबालगी (ବିପରୀତ—ସାବାଳକ)

ଦେ. ବିଣ.—ନାବାଳକ ସମ୍ବନ୍ଧୀୟ—Relating to a minor. (ଯଥା—ନାବାଳକ ସମ୍ପତ୍ତି)

ନାବାଲ(ଲି)କା(ଗା)—ବୈଦେ. ବିଣ. ଓ ବି—(ଫା. ନାବାଲିଗ୍)
Nābāli(li)kā(gā) ଅପ୍ରାପ୍ତବୟସ୍କା ବାଳିକା—A minor girl.

ନାବିକ—ସଂ. ବି. (ନୌ+ଚାଳକ ଅର୍ଥରେ ଇକ)—
Nābika ୧ । ନୌଚାଳକ; ନାଉରି; ମାଝୀ; ନୌକାରୋହୀ—1. Boatman; sailor; navigator.
୨ । କର୍ଣ୍ଣଧାର—2. Helmsman.
୩ । ନୌଯାତ୍ରୀ—3. The passenger on board a ship (Apte).

ସଂ. ବିଣ.—ନୌକାସମ୍ବନ୍ଧୀୟ—Naval.

ନାବିକ ପଞ୍ଜିକା—ସଂ. ବି.—(ଅଟୁକ ବ୍ୟବହାର)
Nābika pañjikā ଦିନ ଓ ରାତ୍ରି ଅବଧି ନିର୍ଣ୍ଣୟ କରିବା ପାଇଁ ଆଧୁନିକ ଜ୍ୟୋତିଷ ଗଣନାକ୍ରମେ ସମୁଦ୍ରଗାମୀ ନାବିକମାନଙ୍କ ବ୍ୟବହାରାର୍ଥ ସଂକଳିତ ପଞ୍ଜି—Nautical almanac.

ନାବୀ—ସଂ. ବି. ସ୍ତ୍ରୀ (ନୌ+ଈ; ଭୁଲ. ଇଂ. ନାଭି)—
Nābī ଶ୍ରେଣୀବଦ୍ଧ ଜାହାଜ ବା ନୌକାସମୂହ—Navy; a fleet of ships.

ସଂ. ବି. ପୁଂ (ନୌ+ଇନ୍; ୧ମା. ୧ବ)—ନାବିକ—Sailor (Apte).

ଦେ. ବି—ନାବ (ଦେ) (ଦେଖ)—Nāba (3) (See).

ନାବୁକେଶ୍ୱର—ଦେ. ବି (ସଂ. ଅଲାବୁକେଶ୍ୱର)—ଭୁବନେଶ୍ୱର ଓ
Nābukeśwara ପୁରୀରେ ପ୍ରତିଷ୍ଠିତ 'ଅଲାବୁକେଶ୍ୱର' ନାମକ ଶିବବିଗ୍ରହ—Name of 2 images of Śiba at Bhubaneśwara and Purī.

ନାବ୍ୟ—ସଂ. ବିଣ (ନୌ+ଉତ୍ତରଣଯୋଗ୍ୟାର୍ଥେ. ଯ)—
Nābya ୧ । ନୌକାଦ୍ୱାରା ପାର ହେବାର ଯୋଗ୍ୟ—1. Capable of being crossed over with the help of boats.

(ନାବ୍ୟା—ସ୍ତ୍ରୀ) ୨ । ନୌକାଗମ୍ୟ; ନୌବାହନଯୋଗ୍ୟ; ଯେଉଁ ନଦୀ ଅବରେ ଡଙ୍ଗା ଚଳପାରେ—2. Navigable.

୩ । ପ୍ରଶଂସନୀୟ—3. Praiseworthy (Apte).

ସଂ. ବି (ନବ+ଭାବାର୍ଥେ. ଯ)—୧ । ନବତା; ନୂତନତ୍ୱ—1. Novelty; newness.
୨ । ଯୁବାବସ୍ଥା—2. Youth; adolescence.
୩ । ନବତରୁଣାବସ୍ଥା; ନବଯୌବନ—3. Fresh youth; prime of youth.

ନାଭ—ଗ୍ରାମ୍ୟ. ବି (ସଂ. ଲାଭ)—୧ । ଲାଭ—
Nābha 1. Profit.

ଦେ. ବି—୨ । ପଦ୍ମନାଭ ନାମକ ବ୍ୟକ୍ତିଙ୍କୁ ଡାକିବା ସଂକ୍ଷିପ୍ତ ନାମ—2. An abbreviation of the name of a person named Padmanābha.

ସଂ. ବି—୧ । ଶିବ (ହ୍ରି. ଶ)—1. Śiba.
୨ । ଭଗୀରଥଙ୍କ ପୁତ୍ର—2. Name of the son of king Bhagīratha.

ନାଭକ—ସଂ. ବି—୧ । ହରିତକୀ; ହରଡ଼ା—
Nābhaka 1. Myrobalan.
୨ । ଆମଳକ; ଅଁଳା—2. Emblic Myrobalan.

ନାଭସ—ସଂ. ବିଣ (ନଭସ୍+ଅ)—୧ । ସ୍ୱର୍ଗୀୟ—
Nābhasa 1. Heavenly (Apte).
(ନାଭସୀ—ସ୍ତ୍ରୀ) ୨ । ଆକାଶସ୍ଥ—2. Celestial (Apte).

ନାଭା—ଦେ. ବି (ନାମ)—୧ । ହିନ୍ଦୀ ଭକ୍ତମାଳ ଗ୍ରନ୍ଥରେ ଉଲ୍ଲେଖିତ ଜଣେ
Nābhā ବୈଷ୍ଣବ ଭକ୍ତ—1. Name of a devoted Baishnaba.
नाभा **नामा**

[ଦ୍ର—ଏ ହିନ୍ଦୀ ଭକ୍ତମାଳ ଗ୍ରନ୍ଥର ପ୍ରଣେତା । ଏ ସପ୍ତଦଶ ଷୋଡ଼ଶ ଶତାବ୍ଦୀରେ ଜୀବିତ ଥିଲେ । ଏହାଙ୍କ ଜନ୍ମ ତୈଲଙ୍ଗ ଦେଶରେ

ଗୋଟିଏ ଗାତ (ଭମ) ଭୂଲରେ ଦୋଳଥିଲା । ଏ ଜନ୍ମାନ୍ଧ ଥିଲେ ଓ ଜୟପୁର ନିକଟରେ ସାଧୁମାନଙ୍କ ସେବା କରି ଏ ସୁଖି ଭକ୍ତମାଳ ରଚନା କରିଥିଲେ । ଏ ତୁଳସୀ ଦାସଙ୍କ ସମସାମୟିକ ଥିଲେ—ହି. ଶ ।]

୨ । ପଞ୍ଜାବର ଗୋଟିଏ ଶିଖରାଜଶାସିତ ରାଜ୍ୟ—
2. Name of a state in the Panjab under a Sikh Raja.

ନାଭାଗ—ସଂ. ବି (ନାମ)—୧ । ଇକ୍ଷ୍ୱାକୁବଂଶୀୟ ରାଜବିଶେଷ—
Nābhaga 1. Name of the king of the Ikshwāku dynasty.

ଦ୍ର—ବାଲ୍ମୀକି ରାମାୟଣମତରେ ଏ ଅମ୍ବରୀଷଙ୍କ ପ୍ରପୌତ୍ର, ଯଯାତିଙ୍କ ପୁତ୍ର, ଅଜଙ୍କ ପିତା ଓ ଦଶରଥଙ୍କ ପିତାମହ ଥିଲେ; କିନ୍ତୁ ଭାଗବତରେ ନାଭାଗ ଅମ୍ବରୀଷଙ୍କ ପିତା ଥିବାର ଲେଖା ଅଛି ।

୨ । କାରୁଷ ବଂଶର ଦିଷ୍ଟ ରାଜାଙ୍କ ପୁତ୍ର—
2. Name of a king of the Kārusha dynasty.

[ଦ୍ର—ମାର୍କଣ୍ଡେୟ ପୁରାଣରେ ଅଛି ଯେ ଏ ପିତାଙ୍କ ନିଷେଧ ସତ୍ତ୍ୱେ ଗୋଟିଏ ବୈଶ୍ୟା କନ୍ୟାକୁ ବିବାହ କରି ନିଜର କ୍ଷତ୍ରିୟତ୍ୱ ହରାଇ ଥିଲେ । ପରେ ତାଙ୍କ କନ୍ୟାକୁ ଜଣେ କ୍ଷତ୍ରିୟ ବଳପୂର୍ବକ ଗ୍ରହଣ କରି ବିବାହ କରିବାରୁ ଏ କ୍ଷତ୍ରିୟତ୍ୱ ଲାଭ କଲେ—
ହି. ଶବ୍ଦସାଗର]

ନାଭି (ଭୀ)—ସଂ. ବି (ନହ୍ ଧାତୁ=ବନ୍ଧନ କରିବା+ଇ; ଭ. ଆଦେଶ; **Nābhi (bhī)** +ଈଞ୍; ଯାହା ନାଡ଼ୀମାନଙ୍କୁ ବାନ୍ଧିରଖେ)—
୧ । ଉଦରର ମଧ୍ୟଭାଗରେ ଥିବା ଗର୍ତ୍ତାକାର ଆବର୍ତ୍ତ; ନାହି—
1. Navel.

[ଦ୍ର—ଏହିଠାରେ ଭ୍ରୂଣର ପେଟ ସଙ୍ଗେ ଜରାୟୁ ନାଳ (ନାଡ଼ି) ଲାଗିଥାଏ ଓ ସେହି ଦ୍ୱାରଦେଇ ଗର୍ଭାବସ୍ଥାରେ ଭ୍ରୂଣର ଦେହକୁ ରକ୍ତ ଯାଏ । ଶିଶୁ ଜନ୍ମିଲା ପରେ ନାଭିଠାରେ ଜରାୟୁନାଳକୁ ଫୁଲଠାରୁ କାଟି ଦିଆଯାଏ ।]

୨ । ଶିଶୁର ନାଭି ସଙ୍ଗେ ଫୁଲ ଲାଗିଥିବା ନାଡ଼—
2. Naval cord; umbelical cord.
(ଯଥା—ନାଭିଚ୍ଛେଦନ ।)

୩ । ଚକର ମଧ୍ୟ ପିଣ୍ଡ; ଚକର ହାଣ୍ଡି—
3. The hob or nave of a wheel.
କାଳଚକ୍ରେ ନାଭି ଷଡ଼ ଋତୁ ହେଲେ
ରାଶି ଦ୍ୱାଦଶ ଆରେ ଶୋଭିଥିଲେ—କୃଷ୍ଣସିଂହ ମହାଭାରତ. ଆଦି ।

୪ । ସମ୍ରାଟ—4, Emperor; a paramount sovereign.

୫ । କ୍ଷତ୍ରିୟ—5. A Kshatriya.

୬ । (ନାମ) ପ୍ରିୟବ୍ରତରାଜାଙ୍କ ପୌତ୍ର (ବ୍ରହ୍ମାଣ୍ଡପୁରାଣ)—
6. Name of the grandson of king Priyabrata.

୭ । ଗୋତ୍ର—7. Clan.

୮ । ବୃତ୍ତର କେନ୍ଦ୍ର—
8. The centre of a circle.

୯ । କୌଣସି ପଦାର୍ଥର ମଧ୍ୟଦେଶ—
9. The middle part of a thing.

୧୦ । କସ୍ତୁରୀ—10. Musk.

୧୧ । ମଦ୍ୟ—11. Spirituous liquor.

୧୨ । ଗୃହ—12. House (Apte).

୧୩ । ଯଜ୍ଞଶାଳା (ଜ୍ଞାନେନ୍ଦ୍ର)—
13. A room where vedic sacrifice is performed.

୧୪ । ଦଳପତି—14. Leader or head of a party or body.

୧୫ । ମହାଦେବ (ହି. ଶ.)—15. Siba.

୧୬ । (ଭାଗବତୋକ୍ତ) ଅଗ୍ନୀଧ୍ର ରାଜାଙ୍କ ନଅ ପୁତ୍ର ମଧ୍ୟରୁ ଏକତମ ଓ ଭରତଙ୍କ ପିତାମହ—
16. Name of a son of king Agnīdhra.

[ଦ୍ର—ଅଗ୍ନୀଧ୍ର ରାଜା ତାଙ୍କ ନଅ ପୁତ୍ରଙ୍କୁ ଜମ୍ବୁଦ୍ୱୀପର ନଅ ଖଣ୍ଡ ବାଣ୍ଟି ଦେଲେ । ଏହାଙ୍କୁ ଯେଉଁ ଖଣ୍ଡ ଦେଇଥିଲେ ତାହା ନାଭିଖଣ୍ଡ ଓ ପରେ ଭାରତଖଣ୍ଡ ନାମରେ ପ୍ରସିଦ୍ଧ ହେଲା । ଏହାଙ୍କ ପତ୍ନୀ ମେରୁଦେବୀଙ୍କ ସଙ୍ଗେ ପୁତ୍ର କାମନାରେ ଏ ଯଜ୍ଞ କଲେ । ଏ ଯଜ୍ଞରେ ବିଷ୍ଣୁ ପ୍ରସନ୍ନ ହୋଇ ତାଙ୍କୁ ଦେଖାଦେବାରୁ ଏ ବିଷ୍ଣୁଙ୍କ ପରି ଗୋଟିଏ ପୁତ୍ର ପ୍ରାର୍ଥନା କଲେ । ବିଷ୍ଣୁ ଏଥିରେ ସ୍ୱୀକୃତ ହୋଇ ସ୍ୱୟଂ ଋଷଭ ଅବତାରରେ ମେରୁଦେବୀଙ୍କ ଗର୍ଭରେ ଜନ୍ମିଲେ । ଏହି ଋଷଭ ଦେବଙ୍କୁ ଜୈନମାନେ ଆଦି ତୀର୍ଥଙ୍କରରୂପେ ମାନନ୍ତି । ବିଷ୍ଣୁଙ୍କ ୨୪ ଅବତାର ମଧ୍ୟରୁ ଋଷଭ ଏକତମ—ହି. ଶ. ।]

[ଦ୍ର—ନାଭି ଶବ୍ଦ ସମାସରେ ଅନ୍ୟ ଶବ୍ଦ ପରେ ଯୁକ୍ତ ହେଲେ 'ନାଭ' ଆକାର ଧାରଣ କରେ । ଯଥା—ପଦ୍ମନାଭ, ଊର୍ଣ୍ଣନାଭ ।]

ନାଭିଆଇଁଚି—ଦେ. ବି—ଲଟାବେଁକୋଳି (ଦେଖ)
Nābhiaiñchi Laṭābeṅkoḷi (See).

ନାଭି କଣ୍ଟକ—ସଂ. ବି—ଉଚ୍ଚନାଭି; ଗାଣ୍ଡୁ; ଫୁଲା ନାହି—
Nābhi kanṭaka Protuberant navel.
(ନାଭିଗୁଳିକ, ନାଭିଗୁଳକ, ନାଭିଗୋଳକ—ଅନ୍ୟରୂପ)

ନାଭି କମଳ—ସଂ. ବି. (ନାଭିରୂପ କମଳ; ରୂପକ)—ନାହିମୂଳ; ନାଭିର
Nabhikamaḷa ନିମ୍ନଦେଶସ୍ଥ ଶରୀରମଧ୍ୟସ୍ଥ ପ୍ରଦେଶ—
ନାଭିପଦ୍ମ, ନାଭିମୂଳ } ଅନ୍ୟରୂପ
The part of the body immediately under the navel.

ନାଭିକା—ସଂ. ବି. (ନାଭି+କ+ଆ)—୧ । କଟଭୀ (ଦେଖ) (ହି. ଶ)
Nābhikā 1. Kaṭabhī (See)
୨ । ନାଭିପରି ଗର୍ତ୍ତ—2. A cavity shaped like the navel (Apte).

ନାଭି କୁଣ୍ଡ—ସଂ. ବି. (ନାଭି+କୁଣ୍ଡ; ୬ଷ୍ଠୀ ତତ୍ ବା ରୂପକ)—
Nābhi kunda ନାଭିର ଆବର୍ତ୍ତ; ନାହିଗାତ—
ନାଭିକୂଣ୍ଡଳ, ନାଭିକୂପ, ନାଭିଗର୍ତ୍ତ } ଅନ୍ୟରୂପ
The umbilic cavity; the navel hole; the depression in the middle of the navel.

ନାଭି ଖଣ୍ଡ—ସଂ. ବି—ଅଗ୍ନୀଧ୍ର ରାଜା ତାଙ୍କ ପୁତ୍ରଙ୍କୁ ଜମ୍ବୁଦ୍ୱୀପର ଯେଉଁ
Nābhi khanda ଖଣ୍ଡ ବାଣ୍ଟି ଦେଇଥିଲେ; ଭାରତବର୍ଷ—
The old name of India.

[ଦ୍ର—ଅଗ୍ନୀଧ୍ର ରାଜା ତାଙ୍କର ନଅ ପୁଅଙ୍କୁ ଜଂବୁଦ୍ୱୀପରାଜ୍ୟରୁ ନଅ ଖଣ୍ଡ କରି ବାଣ୍ଟି ଦେଇଥିଲେ । ତାଙ୍କ ପୁତ୍ର ନାଭିଙ୍କୁ ଯେଉଁ ଖଣ୍ଡ ଦିଆ ଯାଇଥିଲା ତହିଁର ନାମ ନାଭିଖଣ୍ଡ ହେଲା । ପରେ ନାଭିଙ୍କ ପୌତ୍ର ଭରତଙ୍କ ନାମ ଅନୁସାରେ ଏହା ଭାରତ ଖଣ୍ଡ ବା ଭାରତବର୍ଷ ବୋଲି ପ୍ରସିଦ୍ଧ ହେଲା—ହି. ଶବ୍ଦସାଗର ।]

ନାଭି ଗୟା—ସଂ. ବି—ବୈତରଣୀ ତୀରସ୍ଥିତ ଯାଜପୁର ନଗରର ପୌରାଣିକ ନାମ—The mythological name of the town of Jajpur.
Nābhi gayā

ନାଭିଗୟା ପରେ ବହେ ତରଙ୍ଗିଣୀ । ଏଥାଜାଥ. ଜଟିକେଶ୍ୱର ।

(ଯଥା—ଗୟାସୁର ତଳେ କୋଷ୍ଠ ଦେଖ; ନାଭିଗୟାରେ ପିଣ୍ଡଦାନ କରିବାର ବିଧି ଅଛି ।)

ନାଭିଚ୍ଛେଦନ—ସଂ. ବି. (ନାଭି+ଛେଦନ; ୬ଷ୍ଠୀ ତତ୍)—ଜନ୍ମର ଅବ୍ୟବହିତ ପରେ ଶିଶୁର ନାଭିର ନାଡ଼ିକୁ ଫୁଲରୁ କାଟିବା କର୍ମ—The cutting of the navel string of a baby.
Nābhichchhedana

ନାଭିଜ—ସଂ. ବି. (ନାଭି+ଜନ୍ ଧାତୁ+କର୍ତ୍ତୃ. ଅ; ଉପପଦ ତତ୍ପୁ. ଷଷ୍ଠୀର ନାଭି ପଦ୍ମରୁ ଜନ୍ମ ଯାହାଙ୍କର)—ବ୍ରହ୍ମା—Brahmā.
Nābhija
(ନାଭିଜନ୍ମା—ଅନ୍ୟରୂପ)

ନାଭି ଦେଶ—ସଂ. ବି. (ନାଭି+ଦେଶ; ୬ଷ୍ଠୀ ତତ୍)—ନାଭିର ନିକଟସ୍ଥ ପ୍ରଦେଶ; ନାହିମୁଣ୍ଡା—Umbilical region; the region about the navel.
Nābhi desa

ନାଭି ନାଡ଼ୀ—ସଂ. ବି—୧ । ଗର୍ଭନାଡ଼; ଶିଶୁର ନାଭିସଙ୍ଗେ ଫୁଲକୁ ସଂଯୁକ୍ତ କରିଥିବା ନାଡ଼—1. Umbilical cord; navel string.
Nābhi nārdi
ନାଭିନାଡ଼ୀ ଇତ୍ୟାଦି, ନାଭିନାଳ, ନାଭିନାଳ — ଅନ୍ୟରୂପ
୨ । ନାହିର ନାଡ଼ ଛିଣ୍ଡିଯିବା ରୋଗ ବିଶେଷ; ଅନ୍ତ୍ରକୋଷ—2. The rupture of the navel; umbilical hernia (Apte).

ନାଭି ପାକ—ସଂ.ବି. (୬ଷ୍ଠୀ ତତ୍, ନାଭି+ପାକ)-ଶିଶୁମାନଙ୍କର ନାହିରେ ଘାଆ ହୋଇ ନାହି ପଚିଯିବା ରୋଗ (ହି. ଶ)—An infantile disease in which the navel becomes ulcerated and gangrenous.
Nābhi pāka

ନାଭି ବର୍ଦ୍ଧନ—ସଂ. ବି—୧ । ସ୍ଥୂଳକାୟତ୍ୱ; ଦେହର ମେଦୋବୃଦ୍ଧି—1. Corpulence; excessive fatness of the body.
Nābhi barddhana
୨ । ଉଦରସ୍ଥ ରୋଗ ବିଶେଷ, ଅନ୍ତ୍ରକୋଷ ରୋଗ—2. Umbilical hernia; examphales.
୩ । ନାଭିଚ୍ଛେଦନ (ଦେଖ) 3. Nābhichchhedana (See)

ନାଭି ବର୍ଷ—ସଂ. ବି—ନାଭିଖଣ୍ଡ (ଦେଖ) Nābhikhanda (See)
Nābhi barsha

ନାଭିଭୂ—ସଂ ବି. (ନାଭି+ଭୂ ଧାତୁ+କର୍ତ୍ତୃ. କ୍ୱିପ୍)—ନାଭିଜ (ଦେଖ) Nābhija (See)
Nābhibhū

ନାଭି ମଣ୍ଡଳ—ସଂ. ବି. (ନାଭି+ମଣ୍ଡଳ; ୬ଷ୍ଠୀ ତତ୍)—ନାଭି ଦେଶ (ଦେଖ) Nābhi desa (See)
Nābhi mandala

ନାଭିଲ—ସଂ. ବଣ. ପୁଂ (ନାଭି+ଅସ୍ତି ଅର୍ଥରେ ଲ)—ବଡ଼ ନାଭିଯୁକ୍ତ; ଗାଣ୍ଡୁନା ତୁମ୍ବା—Having a protuberant navel.
Nābhila
(ନାଭିଲ—ଅନ୍ୟରୂପ)
(ନାଭିଲା—ସ୍ତ୍ରୀ) ସଂ. ବି. (ନାଭି+ଲ)—୧ । ଚୋଡ଼ ଗାଣ—ସ୍ତ୍ରୀମାନଙ୍କର ଉରୁସନ୍ଧି—1. The groin; inguen of women.
୨ । ଗର୍ଭାଣ୍ଡ; ଗାଣ୍ଡୁ—2. The swelling or enlargement of the navel.
୩ । ଶାରୀରିକ କଷ୍ଟ; ଦୁଃଖ—3. Bodily pain.
୪ । ନାଭିର ଗର୍ତ୍ତ; ନାଭିକୂପ—4. The hollow of the navel.

ନାଭି ଶଙ୍ଖ—ବି.—ଶଙ୍ଖ (ଦେଖ) Sankha (See)
Nābhi sankha
[ଦ୍ର—ଏହାର ଶୋଧନ, ମାରଣ ଓ ଗୁଣ ଶଙ୍ଖରୁ ଭିନ୍ନ ନୁହେଁ । ଦ୍ରବ୍ୟଗୁଣ—କଳ୍ପଦ୍ରୁମ ।]

ନାଭି ସରୋବର—ସଂ. ବି. (ନାଭି+ସରୋବର; ରୂପକ)—ନାଭିକୁଣ୍ଡ (ଦେଖ) Nābhikunda (See)
Nābhi sarobara

ନାଭି ସ୍ଥଳ—ସଂ. ବି. (ନାଭି+ସ୍ଥଳ; ୬ଷ୍ଠୀ ତତ୍)—୧ । ନାଭିଦେଶ—1. Nābhidesa (See)
Nābhi sthala
୨ । ମଧ୍ୟସ୍ଥଳ—2. Centre.
୩ । ସନ୍ଧିସ୍ଥାନ—3. Juncture; the meeting point.

ନାଭି ହ୍ରଦ—ସଂ. ବି. (ନାଭି+ହ୍ରଦ; ରୂପ.)—ନାଭିକୁଣ୍ଡ (ଦେଖ) Nābhikunda (See)
Nabhi hrada

ନାଭୀଲ—ସଂ. ବି. (ନାଭି+ଇଲ)—ନାଭିଲ (ଦେଖ) Nābhila (See)
Nābhila

ନାଭ୍ୟ—ସଂ. ବଣ. (ନାଭି+ସମ୍ବନ୍ଧାର୍ଥେ. ଯ)—ନାଭିସମ୍ବନ୍ଧୀୟ—Umbilical; pertaining to the navel.
Nābhya
ସଂ. ବି.—ମହାଦେବ (ହି. ଶ.)—Siba.

ନାଭ୍ୟାବର୍ତ୍ତ—ସଂ. ବି.—ନାଭିକୁଣ୍ଡ (ଦେଖ)—Nābhikunda (See)
Nābhyābartta

ନାମ—ସଂ. ବି. (ନମ୍ ଧାତୁ ଶବ୍ଦ କରିବା+ମନ୍; କମ୍ନା ମ୍ନା ଧାତୁ= ଅଭ୍ୟାସ କରିବା+କର୍ମ. ମନ; 'ନାମନ୍' ଶବ୍ଦ ୧ମା. ୧ବ; ତୁଳନା କର ଫା. ନାମ୍, ଇଂ.ନେମ୍; ଲାଟିନ୍.ନୋମେନ; ଜର୍ମାନ୍. ନାମେ, ପ୍ରାଚୀନ ଇଂରାଜୀ—ନାମା)—
Nāma
୧ । ନାଆଁ; ଅଭିଧା—1. Name; personal or individual name.
୨ । ଅଭିଧା ବା ସଂଜ୍ଞାବାଚକ ଶବ୍ଦ—2. Appellation.
୩ । ସଂଜ୍ଞା—3. Denomination.

୪ । ସୁଖ୍ୟାତି; ପ୍ରସିଦ୍ଧି; ଯଶଃ—4. Fame; renown; reputation; good name.
୫ । ଦୁର୍ନାମ—5. Notoriety; evil name.
୬ । ଉଲ୍ଲେଖ—6. Mention.
୭ । (ବ୍ୟାକରଣ) ବିଭକ୍ତିଶୂନ୍ୟ ବିଶେଷ୍ୟ ଶବ୍ଦ—
7. (grammar) The root word of a noun; the substantive.
୮ । ଶବ୍ଦ ବା ଧ୍ୱନି—8. Sound.
୯ । ଭଗବାନଙ୍କ ନାମ—9. Name of God.
୧୦ । ଇଷ୍ଟଦେବତାଙ୍କ ନାମ—
10. Name of one's worshipped Deity.
୧୧ । ଜଳ—11. Water (Apte).
୧୨ । ଚିହ୍ନ ମାତ୍ର—12. Trace; mere mark (Apte).
୧୩ । ସମାର୍ଥବାଚକ ଶବ୍ଦ—
13. Synonymous word (Apte).
୧୪ । ରୂପ; ପ୍ରକାର; ଢଙ୍ଗ—
14. Form; mode; manner (Apte).

ସଂ. ଅ. (ନମ୍ ଧାତୁ=ନତ୍ ହେବା+ଅ)—(ସଂସ୍କୃତରେ ଏହା ଭିନ୍ନଭିନ୍ନ ଅର୍ଥ ଓ ଉପଲକ୍ଷମାନଙ୍କରେ ବ୍ୟବହୃତ ହୁଏ; କିନ୍ତୁ ଓଡ଼ିଆରେ ଏଥିର ବ୍ୟବହାର ନାହିଁ । ଏହା ମଧ୍ୟ ପ୍ରଶ୍ନାର୍ଥକ ସର୍ବନାମ କଥଂ କଦା କିମ୍ ଆଦି ପରେ ବ୍ୟବହୃତ ହୁଏ—A particle used in various meaning and on various occasions in Sanskrit but scarcely used in Oria).
୧ । ନାମରେ; ନାମକ; ଆଖ୍ୟାତ—1. Named.
(ଯଥା—ହିମାଳୟୋ ନାମ ନଗାଧିରାଜଃ—କୁମାରସମ୍ଭବ ।)
୨ । ନିଶ୍ଚେ—2. Certainly; indeed; truly.
(ଯଥା—ମୟା ନାମ ଜିତଂ=କୁମାର ସମ୍ଭବ ।)
୩ । ସମ୍ଭବତଃ; ବୋଧହୁଏ—
3. Probably; methinks; it seems.
(ଯଥା—ଭିତ୍ତ୍ୱା ନାମ ମୁନର୍ବିମାନଃ—ମୃଚ୍ଛକଟିକ ।)
୪ । ଛଳନା; ଭାଣ—4. Pretence.
(ଯଥା—କାନ୍ତି କୋନାମ ଭୁକ୍ତ୍ୱା—ଦଶକୁମାରଚରିତ ।)
୫ । ଆଶ୍ଚର୍ଯ୍ୟର ବିଷୟ ଏହି ଯେ—5. It is a wonder.
୬ । କ୍ରୋଧ—6. In anger or censure.
(ଯଥା—ମମାପିନାମ ଦଶାନନସ୍ୟପରୈଃ ଶରଭବ ।)
୭ । ଶୋକ—7. In sorrow.
୮ । ସ୍ମରଣ—8 In remembrance.
(ଯଥା—ଆଶ୍ଚର୍ଯ୍ୟମନ୍ତୋ ନାମ ସୁନଂ ଦୃଷଦ=ଶକୁନ୍ତଳା ।)
୯ । ସ୍ୱୀକାର—9. I agree.
(ଯଥା—କରୋତୁ ନାମନୀତିଜ୍ଞୋ ବ୍ୟବସାୟ ମିତସ୍ତତ—ହିତୋପଦେଶ ।)
୧୦ । ନିନ୍ଦା—10. In blame (Apte).
(ଯଥା—ମମାପିନାମ ସର୍ବେ ଭିଉତ୍ତୁପ୍ତେ ସ୍ତୁହାଃ—ଶକୁନ୍ତଳା ।)

ନାମକ—ସଂ. ବିଣ. ପୁଂ. (ନାମ ବାଚକ ଶବ୍ଦ ସଙ୍ଗେ ବହୁବ୍ରୀହି ସମାସରେ
Nāmaka 'ନାମନ୍' ଶବ୍ଦଠାରେ 'କ' ଆଦେଶ ହୁଏ । ଯଥା—
ନାମିକା } ସ୍ତ୍ରୀ. ରାମ ନାମକ ବାଳକ, ଶ୍ରୀରାମ୍ନୀ ବାଳିକା)—
ନାମ୍ନୀ }
୧ । ଆଖ୍ୟାତ; ଅଭିହିତ; ଉଦାହୃତ; ଅମୁକ ନାମରେ ଡକା ଯାଉଥିବା—1. Called by the name of; named as; denominated.
୨ । (ନମ ଧାତୁ=ନତ ହେବା+ଣିଚ=ନାମି ଧାତୁ +କର୍ମ. କ)—ଅବନମିତ—
2. Bent down; bowed down.
୩ । (+କର୍ତ୍ତୃ. ଅକ) ଅବନମନକାରୀ—
3, Causing to bend.
୪ । (+କର୍ମ. ଅକ) ନମ୍ୟ—4. Flexible.

ନାମ କଟା—ଦେ. ବି. (ସଂ. ନାମ କର୍ତ୍ତନ)—
Nāma kaṭā କୌଣସି ତାଲିକାରୁ କୌଣସି ବ୍ୟକ୍ତିର ନାମ
নাম কাটা ଉଠିଯିବା—The striking off of a name
नाम काटा (ନାମ କଟିବା—ଅନ୍ୟରୂପ) from any list.
ଦେ. ବିଣ—ଯେଉଁ ବ୍ୟକ୍ତିର ନାମ କାଗଜ ପତ୍ରରୁ ଉଠା
নামকাটা ଯାଇଥାଏ—1. One whose name has been
नामकटा struck off.
୨ । ବରଖାସ୍ତ କରି ଯାଇଥିବା—2. Dismissed.
(ଯଥା—ନାମ କଟା ସିପାହୀ ।)

ନାମ କଟା(ଟେ)ଇବା—ଦେ. କ୍ରି—କୌଣସି ସ୍କୁଲରୁ ବା ଦଳରୁ ଆପଣା
Nāma kaṭā(ṭe)ibā ନାମ କର୍ତ୍ତିତ ହେବାର ଉପାୟ କରିବା—
নামকাটানো To get one's name struck of a
नामकटाना roll or list or society.

ନାମକଟା ସିପାଇ(ହି)—ଦେ.ବି—୧ । ବରଖାସ୍ତ କରାଯାଇଥିବା ସୈନିକ—
Nāma kaṭā sipāi (hi) 1. Dismissed soldier.
নাম কাটা সিপাহি ୨ । ଦଳଚ୍ୟୁତ ବ୍ୟକ୍ତି—
नाम कटा सिपाहि 2. A person who has been driven anay from any company.
୩ । ଜାତିଚ୍ୟୁତ ବ୍ୟକ୍ତି—
3. An outcasted person.

ନାମ କଟିବା—ଦେ. ବି. (ସଂ. ନାମ କର୍ତ୍ତନ)—
Nāma kaṭibā କୌଣସି ତାଲିକାରୁ କୌଣସି ବ୍ୟକ୍ତିର ନାମ
নাম কেটে যাওয়া ଉଠାଯିବା—Striking off the name
नाम कट जाना of a person from a list.
(ନାମ କଟିଯିବା, ନାମ କଟା ହେବା, ନାମ କଟାଯିବା—ଅନ୍ୟରୂପ)

ନାମ କରଣ—ସଂ. ବି—୧ । ସନ୍ତାନର ପ୍ରଥମ ନାମ ଦେବା ରୂପ ସଂସ୍କାର
Nāma karaṇa ବିଶେଷ—1. The ceremony of
(ନାମ କର୍ମ—ଅନ୍ୟରୂପ) giving a name to a child (=Christian-Baptism).
[ଦ୍ର—ଏହା ଦ୍ୱିଜାତିମାନଙ୍କର ଗୋଟିଏ ସଂସ୍କାର । ବ୍ରାହ୍ମଣ ଶିଶୁର ଏକାଦଶ ବା ଦ୍ୱାଦଶ ଦିନ, କ୍ଷତ୍ରିୟର ତ୍ରୟୋଦଶ, ବୈଶ୍ୟର ଷୋଡ଼ଶ ଓ ଶୂଦ୍ରର ଦ୍ୱାବିଂଶ ଦିବସରେ ଗୋଭିଲଙ୍କ ଗୃହ୍ୟସୂତ୍ର

ମତରେ ନାମକରଣ ବଧି ଅନୁଷ୍ଠିତ ହୁଏ । ମାତା ଶିଶୁକୁ ଆଣି ପିତାଙ୍କ କୋଳରେ ଦେବେ ଓ ପିତା ଶିଶୁକୁ କୋଳରେ ଧରବେ, ଶିଶୁକୁ ନୂଆ ଲୁଗା ପିନ୍ଧାଇବେ; ସେ ଦନ ଗୌରୀ ଓ ଷୋଡ଼ଶ ମାତୃକାଙ୍କ ପୂଜା କର ବୃଦ୍ଧିଶ୍ରାଦ୍ଧ କରସାର ଶିଶୁର ଡାହାଣ କାନରେ ତାର ନାମ ଉଚ୍ଚାରଣ କରବେ । ନାମ ଅନ୍ତେ ବ୍ରାହ୍ମଣର ନାମ ପରେ ଶର୍ମା ଓ ଦେବ, କ୍ଷତ୍ରିୟର ବର୍ମା ବା ତ୍ରାତା, ବୈଶ୍ୟର ଭୂତି ବା ଗୁପ୍ତ ଓ ଶୂଦ୍ରର ଦାସ ଉପାଧି ବସିବ । ପାରସ୍କର ଗୃହ୍ୟ ସୂତ୍ର ମତରେ ପୁରୁଷର ନାମ ତଦ୍ଧିତାନ୍ତ (ଯଥା ଦାଶରଥି; ଭାଗୀରଥୀ) ହେବା ଉଚିତ ନୁହେଁ । ସ୍ତ୍ରୀର ନାମ ତଦ୍ଧିତାନ୍ତ (ଯଥା ବୈଦେହୀ, ଜାନକୀ) ହେଲେ ତେବେ ଦୋଷାବହ ନୁହେ—ହି. ଶ]

୨ । କୌଣସି ବ୍ୟକ୍ତି ବା ବସ୍ତୁ ବା ଅନୁଷ୍ଠାନର ପରିଚୟାର୍ଥ ତାକୁ ଗୋଟିଏ ନୂଆ ନାମ ଦେବା—2. The act of giving a new name to a person, thing or institution.

ନାମ କରିବା—ଦେ. କ୍ରି.—୧ । କୌଣସି ଜୀବର ବା ସ୍ଥାନର ନାମ ଉଲ୍ଲେଖ କରିବା—1. To mention the name of an animal or place.
Nāma karibā
নাম করা
नाम करना
୨ । ହରି ନାମ ଭଜନ କରିବା—2. To invoke the name of the Deity.
୩ । ସୁଖ୍ୟାତି ପାଇବା; ପ୍ରସିଦ୍ଧି ଲଭ କରିବା—3. To earn a reputation.
୩ । ଅନ୍ୟର ସୁଖ୍ୟାତି କରିବା; ପ୍ରଶଂସା କରିବା—3. To praise a person.

ନାମ କର୍ତ୍ତନ—ଦେ. ବି.—ନାମ କଟା (ଦେଖ)
Nāma karttana — Nāma kaṭā (See)

ନାମକା—ପ୍ରାଦେ. (ସମ୍ବଲପୁର)—ବଣ. (ଭୁଲ. ହି. ନାମ୍‌ଵା)—ପ୍ରସିଦ୍ଧ; ମର୍ଯ୍ୟାଦାଯୁକ୍ତ; ନାମୀ—Famous; reputed.
Nāmakā
নামী
नामवर, नामका

ନାମ କାଟିବା—ଦେ. କ୍ରି.—୧ । କାଗଜପତ୍ରରେ କୌଣସି ବ୍ୟକ୍ତିର ନାମ ଉପରେ ଗାର ପକାଇବା; ରଦ କରିବା—1. To strike off a name.
Nāma kāṭibā
নাম কাটা
नाम काटना
୨ । ବିଦ୍ୟାଳୟର ରେଜିଷ୍ଟରରୁ ଛାତ୍ରର ନାମ ଉଠାଇ ଦେବା—2. To strike off the name of a student from the school register.

ନାମ କୀର୍ତ୍ତନ—ସଂ. ବି.—(୬ଷ୍ଠୀ ତତ୍; ନାମ + କୀର୍ତ୍ତନ)—୧ । ଭଗବାନଙ୍କ ନାମକୁ ଘୋଷିବା—1. Repeating the name of the Deity.
Nāma kīrttana
(ନାମ ସଂକୀର୍ତ୍ତନ—ଅନ୍ୟରୂପ)
୨ । କୀର୍ତ୍ତନ; ନାମ ସଂକୀର୍ତ୍ତନ—2. Chanting of hymns with music.

ନାମକୁ—ଦେ. କ୍ରି ବଣ—ନାମ ମାତ୍ର (ଦେଖ)
Nāmaku — Nāmamātra (See)
(ନାମକୁ ମାତ୍ର—ଅନ୍ୟରୂପ) ମାନବେ କେବଳ ନାମକୁ ମାନବ ଅଛୁ ।
ଗ୍ରାମ୍ୟପଥ. ମହାସାହା ।

ନାମକେ ବାସ୍ତେ—ବୈଦେ. ବଣ.—(ହିନ୍ଦୀରୁ ଅନୁକୃତ)—ଯେଉଁ ବ୍ୟକ୍ତି କେବଳ ତାହାର ନାମଖ୍ୟାତି ହେବା ଆଶାରେ କୌଣସି କାର୍ଯ୍ୟ ସମ୍ପାଦନ କରୁଥାଏ—Doing rigorous work only for gaining a name and fame.
Nāmake bāste
নামকেওয়াস্তে
नामके वास्ते
(ନାମକେ ବାସ୍ତେ—ଅନ୍ୟରୂପ)

ନାମ ଖ୍ୟାତି—ସଂ. ବି.—(୬ଷ୍ଠୀ ତତ୍; ନାମନ୍ + ଖ୍ୟାତି = ପ୍ରଶଂସା)—ସୁଯଶ—Reputation.
Nāma khyāti

ନାମ ଗନ୍ଧ—ଦେ. ବି. (ନାମର ଗନ୍ଧ ବା ସମ୍ପର୍କ)—ଅତି ମାତ୍ର; ସାମାନ୍ୟ ମାତ୍ର ପ୍ରଦର୍ଶନ ବା ସୂଚନା—Slight indication; slightest trace.
Nāma gandha
নামগন্ধ
नामगन्ध

ନାମ ଗ୍ରହ—ସଂ. ବି.—(୬ଷ୍ଠୀ ତତ୍; ନାମ + ଗ୍ରହ = ଗ୍ରହଣ)—ନାମ ଗ୍ରହଣ (ଦେଖ)—Nāma grahaṇa (See)
Nāma graha

ନାମ ଗ୍ରହଣ—ସଂ. ବି.—(୬ଷ୍ଠୀ ତତ୍; ନାମ + ଗ୍ରହଣ)—୧ । ନାମ ଧରି ଡାକିବା—1. Invoking some one by name
Nāma grahaṇa
୨ । ନାମ ଉଚ୍ଚାରଣ—2 Uttering a name.
ଦେ. ବି.—ନାମ ଘେନିବା (ଦେଖ) Nāma ghenibā (See)

ନାମ ଗ୍ରାମ—ସଂ. ବି. (ସହଚର)—ନାମ ଧାମ (ଦେଖ)
Nāma grāma — Nāma dhāma (See)

ନାମ ଘେନିବା—ଦେ. କ୍ରି.—(ସଂ. ନାମ ଗ୍ରହଣ)—ଗୁରୁଙ୍କ ଠାରୁ ଇଷ୍ଟ ମନ୍ତ୍ର ଗ୍ରହଣ କରିବା—To be initiated into one's esoteric formula by the spiritual preceptor.
Nama ghenibā
নাম লওয়া
मन्त्र लेना
ଏଣୁ କରି ସଦ୍‌ଗୁରୁ ଠାରୁ ନେଲ ନାମ ।
ପାଟୀ. ଶ୍ରୀ ଗୁରୁଭକ୍ତି ଗୀତା ।

ନାମ ଘୋଷିବା—ଦେ. କ୍ରି.—୧ । ଇଷ୍ଟଦେବଙ୍କ ନାମ ଆବୃତ୍ତି କରିବା—1. To repeat or mutter the name of one's Deity.
Nāma ghoshibā
নাম রটা
नामघोषना
୨ । କୌଣସି ପ୍ରିୟ ବ୍ୟକ୍ତିଙ୍କ ବିରହରେ ତାଙ୍କ ନାମ ସର୍ବଦା ଆବୃତ୍ତି କରିବା; ଝୁରିବା—2. To pine after an absent beloved person.

ନା(ନାଁ)ମଙ୍ଗ—ଦେ. ବଣ. ପୁଂ ଓ ସ୍ତ୍ରୀ—ଅନିଚ୍ଛୁକ; ଅସ୍ୱୀକୃତ—
Nā nāṅ)manga Unwilling; reluctant.

ନାମ ଚିହ୍ନ(ହ୍ନ)—ଦେ. ବି. (ସହଚର ଶବ୍ଦ)—ନାମ ଗନ୍ଧ (ଦେଖ)
Nāma chihna(nha) — Nāma gandha (See).

ନାମ ଜପିବା—ଦେ. କ୍ରି.—(ସଂ.ନାମ + ଜପଧାତୁ)—୧ । ଇଷ୍ଟଦେବଙ୍କ ନାମ ମନେ ମନେ ବାରମ୍ବାର ସ୍ମରଣ କରିବା—1 To repeat the name of one's worshipped Deity silently.
Nāma japibā
নামজপা
नाम जपना
୨ । କୌଣସି ଅଭଳଷିତ ବ୍ୟକ୍ତିଙ୍କ ବିରହରେ ତାଙ୍କ ନାମକୁ ସର୍ବଦା ମନେ ପକାଇବା; ଝୁରିବା—2. To pine after a dear person.

୩ । ମାଳା ଦ୍ୱାରା ଇଷ୍ଟଦେବଙ୍କ ନାମ ବା ମନ୍ତ୍ର ଜପ କରିବା—
3. To count the name of one's Deity with the beads.

ନାମଜାଦ୍ (ଦା)—ଦେ. ବିଣ. (ଫା. ନାମ୍‌ଜଦ୍)—
Nāmajād (dā) ୧ । ଯଶସ୍ୱୀ—1. Reputable.
ନାମ ଛଅାଦା } ଅନ୍ୟରୂପ ୨ । ବିଖ୍ୟାତ; ଖ୍ୟାତିସମ୍ପନ୍ନ—
ନାମ ଜ୍ୟାଦା
নামজাদা 2. Celebrated; famous
नामज़द ଗୋପୀର ଦଳେର ଜଣେ ନାମଜାଦା କବିଙ୍କ ଥିଲେ— ଫକୀରମୋହନ—ଛ ମ.ଣ ଅଠଗୁଣ୍ଠ ।
୩ । (ବ୍ୟଙ୍ଗାର୍ଥ) ଦୁର୍ନାମଯୁକ୍ତ—3. Notorious.

ନାମ ଜାରି—ବୈଦେ. ବି. (ଫା.)—
Nāma jāri
ନାମଜାହିର } ୧ । ସୁନାମ ବିଖ୍ୟାତ ହେବା ବା ସ୍ଥାୟୀ ହେବା-
ନାମଜାହିର 1. The establishment of a person's reputation.
ନାମଜାହିସ } ଅନ୍ୟରୂପ ୨ । (କଚେରୀ) ପୂର୍ବ ଭୂସ୍ୱାମୀର
ନାମଜାହେର
ନାମଜାହେସ ନାମ ପରିବର୍ତ୍ତେ ନୂତନ ଭୂସ୍ୱାମୀଙ୍କ
নামজারী ନାମ କାଗଜପତ୍ରରେ ଉଲ୍ଲେଖ କରିଯିବା; ଦାଖଲ ଖାରିଜ-
नामजारी 2. Registration or mutation of the name of the present land-holder in the place of the past one.

ନା(ନାଁ)ମଞ୍ଜୁର୍—ବୈଦେ. ବିଣ. (ଫା. ନାମଂଜୁର୍) (କଚେରୀ)—
Nā(nāñ)mañjur ୧ । ଅଗ୍ରାହ୍ୟ—1. Disapproved.
নামঞ্জুর ୨ । ଅସ୍ୱୀକୃତ—2. Refused.
नामंजूर ୩ । ଅଗ୍ରାହ୍ୟ—3. Rejected.
(ନାମଞ୍ଜୁରି—ଅନ୍ୟରୂପ) ବୈଦେ. ବି. (ଫା. ନାମଞ୍ଜୁରୀ)
নামঞ্জুরী ୧ । ଅଗ୍ରାହ୍ୟ କରିବା—1. Rejection.
नामंजूरी ୨ । ଅସମ୍ମତି—2. Disapproval.

ନାମଞ୍ଜୁର କରିବା—ଦେ.କ୍ରି (କଚେରୀ)—
Nāmañjura kariba ୧ । ଅଗ୍ରାହ୍ୟ କରିବା—
নামঞ্জুর করা 1. To reject.
नामंजूर करना ୨ । ଅସମ୍ମତ ହେବା—2. To disapprove.

ନାମ ଡାକ(କୁ)—ଦେ. ବିଣ.—୧ । ପ୍ରସିଦ୍ଧ—
Nāma dāka(ku) 1. Famous; reputed.
নামডাক ୨ । (ମନ୍ଦ ଅର୍ଥରେ) ଅପଖ୍ୟାତ—
नामगिरामी 2. Notorious.

ନାମ ଡୁବା(ବେ)ଇବା—ଦେ କ୍ରି.—୧ । ଆପଣାର ବା ଆପଣା ବଂଶର
Nāma dubā(be)ibā ସୁଖ୍ୟାତିରେ କଳଙ୍କ ଅର୍ପଣ କରିବା—
নামডুবান 1. To bring a stigma on one's good
नाम डुबाना name or one's family reputation.
(ନାମ ଡୁବିବା—କ୍ରି) ୨ । ନାଁ ପକାଇବା (ଦେଖ)—
2. Nāñ pakāibā (see)

ନାମତଃ—ସଂ. ଅ.—(ନାମନ୍+ସପ୍ତମୀ ବିଭକ୍ତି ଅର୍ଥରେ ତସ୍)
Nāmataḥ ନାମକୁ; ନାମମାତ୍ର (ଦେଖ)—
Nāmamātra (See).

ନାମଦାର—ବୈଦେ. ବିଣ. (ଫା. ନାମ୍‌ବର୍)—
Nāmadāra ଯଶସ୍ୱୀ—Famous; renowned.
নামজাদা **नामवर**

ନାମ ଦେବା—ଦେ. କ୍ରି—ନାଁ ଦେବା; ନାମକରଣ କରିବା—
Nāma debā To give a new name to an infant.
নামদেওয়া **नामदेना**
ଏବେ ଗୋପକୁ ତୁମ୍ଭେ ଯାଅ, ମୋର ପୁତ୍ରଙ୍କୁ ନାମ ଦିଅ
ଜଗନ୍ନାଥ—ଭାଗବତ ।

ନାମ ଦ୍ୱାଦଶୀ—ସ ବି.—ମାର୍ଗଶିର ଶୁକ୍ଳ ଦ୍ୱାଦଶୀ ଦିନ ଗୌରୀ, କାଳୀ
Nāma dwādaśi ଉମା, ଦୁର୍ଗା, ଭଦ୍ରା, କାନ୍ତି, ସରସ୍ୱତୀ, ମଙ୍ଗଳା, ବୈଷ୍ଣବୀ, ଲକ୍ଷ୍ମୀ, ଶିବା ଓ ନାରାୟଣୀ ଏହି ୧୨ଟି ଦେବୀଙ୍କର ପୂଜାସମ୍ବଳିତ ଦେବୀପୁରାଣୋକ୍ତ ବ୍ରତବିଶେଷ (ହି. ଶ.)
Name of a religious vow in which 12 Goddesses are worshipped.

ନାମ ଧରିବା—ଦେ. କ୍ରି—ନାଁ ଧରିବା (ଦେଖ)—
Nāma dharibā Nāñ dhariba (See)
নাম ধরা **नाम धरना, नाम लेना**

ନାମ ଧାତୁ—ସ. ବି. (ବ୍ୟାକରଣ)—ଶବ୍ଦରେ ବିଶେଷ ବିଶେଷ
Nāma dhātu ଅର୍ଥରେ ପ୍ରତ୍ୟୟ କରି ଯେଉଁ ଧାତୁ ନିଷ୍ପନ୍ନ ହୁଏ—
A verbal root formed from a noun or an adjective; a nominal verb
ଯଥା—'ପ୍ରକଟନ୍ତ ନବଘନ ହସିଲେ ଇନ୍ଦୁରେ'
ଯଦୁମଣି—ରଘୁନାଥ ସଂହାର ।
[ଦ୍ର—ସଂସ୍କୃତରେ ନାମ ଧାତୁର ଉଦାହରଣ—ପାର୍ଥ ଶବ୍ଦରୁ ନାମ ଧାତୁ ପାର୍ଥାୟ୍; ବହିତ ଶବ୍ଦରୁ ନାମ ଧାତୁ ବହିତାୟ୍ । ଓଡ଼ିଆରେ ନାମଧାତୁର ଉଦାହରଣ ଗୋଡ଼ ଶବ୍ଦରୁ ନାମଧାତୁର କ୍ରିୟା ଗୋଡ଼ା (ଡ଼େ)ଇବା; ନଙ୍ଗରୁ ନଙ୍ଗା(ଙ୍ଗେ)ଇବା; ପେଟରୁ ପେଟା(ଟେ)ଇବା; ଚକଣରୁ ଚକଣା(ଣେ)ଇବା ଇତ୍ୟାଦି ।]

ନାମ ଧାମ—ଦେ. ବି (ସହଚର ଶବ୍ଦ; ନାମନ୍+ଧାମନ୍)—କୌଣସି
Nāma dhāma ବ୍ୟକ୍ତିର ନାମ ଓ ବାସସ୍ଥାନ ବା ଠିକଣା—
নামধাম Name and address of a person.
नामधाम ନାମଧାମ ପିତାମାତା ନାମ ପଚାରିଲେ—ନନ୍ଦକିଶୋ.ର. ସୀତାବନବାସ ।

ନାମଧାରକ—ସ. ତ୍ରିଣ. ପୁଂ (ନାମ+ଧୃ ଧାତୁ=ଧରିବା+କର୍ତ୍ତୃ. ଅକ)-
Nāmadhāraka ୧ । ଯେ କୌଣସି ନାମମାତ୍ର ଧାରଣ କରିଥାଏ, କିନ୍ତୁ ନାମାନୁରୂପ କୌଣସି କ୍ରିୟା କରେ ନାହିଁ—
1. Bearing a name only but not doing acts suitable thereto; nominal
୨ । (ଅମୁକ) ନାମଧାରୀ—
2. Bearing a name; named as.
[ଦ୍ର—ଯେଉଁ ବ୍ରାହ୍ମଣ ବେଦପାଠ ଆଦି କର୍ମ ନ କରନ୍ତି ତାଙ୍କୁ ପରାଶର ସ୍ମୃତି ଅନୁସାରେ ନାମଧାରକ ବୋଲଯାଏ—ହି. ଶ. ।]
(ନାମଧାରିକା—ସ୍ତ୍ରୀ)

ନାମଧାରୀ—ସ. ତ୍ରିଣ. ପୁଂ—ନାମଧାରକ (ଦେଖ)
Nāmadhāri Nāmadhāraka (See).
(ନାମଧାରିଣୀ—ସ୍ତ୍ରୀ)

ନାମଧେୟ—ସଂ. ବି. ପୁଂ (ନାମ+ସ୍ୱାର୍ଥେ. ଧେୟ)—୧ । ନାମ—
Nāmadheya 1. Name.
ବହୁ କାର୍ତ୍ତିକେୟଙ୍କର ବି ନାମଧେୟ - କୃଷ୍ଣସିଂହ-ମହାଭାରତ ବନ୍ଦନା ।
୨ । ବାଚକ ଶବ୍ଦ; ଯେଉଁ ଶବ୍ଦଦ୍ୱାରା କୌଣସି ବ୍ୟକ୍ତି ବା ବସ୍ତୁକୁ ଜଣାଯାଏ—A word which indicates a particular person or thing.
୩ । ଶିଶୁର ନାମକରଣ ଉତ୍ସବ—
3. The ceremony of giving a name to a child (Apte).
ଦେ. ବିଣ—ନାମକ (ଦେଖ)
Nāmaka (See).
[ଦ୍ର—ସଂସ୍କୃତ ବ୍ୟାକରଣରେ ନାମ ଶବ୍ଦରେ ସ୍ୱାର୍ଥରେ ଧେୟ ପ୍ରତ୍ୟୟ ହୋଇ ନାମଧେୟ ଶବ୍ଦ ନିଷ୍ପନ୍ନ ହୋଇଅଛି । ନାମଧେୟର ଅର୍ଥ ନାମ । ଏହା ତତ୍, କମ୍ ଓ ନାମବାଚକ ଶବ୍ଦ ପରେ ସମାସରେ ଯୁକ୍ତ ହୋଇ ତନ୍ନାମଧେୟ, କଂନାମଧେୟ, ଗୋପାଳନାମଧେୟ ଆଦି ବିଶେଷଣ ଶବ୍ଦ ନିଷ୍ପନ୍ନ ହୁଏ ଓ ଏହାର ସ୍ତ୍ରୀଲିଙ୍ଗରୂପ ଆକାର ନାମଧେୟା । କିନ୍ତୁ ଆଧୁନିକ କେତେକ ଲେଖକ (ଯେପରି କି ବଙ୍ଗଳା ଅଭିଧାନକାର ଜ୍ଞାନେନ୍ଦ୍ର) ଏହାକୁ (ନାମନ୍+ଧା ଧାତୁ+ଯ) ବିଶେଷଣ ଶବ୍ଦରୂପେ ବ୍ୟବହାର କରନ୍ତି । ଏ ବ୍ୟବହାର ଭ୍ରାନ୍ତ ଅଟେ ।]

ନାମନାମିକ—ସଂ. ବି (ନାମ+ନାମ+ଇକ)—ବିଷ୍ଣୁ—
Nāmanāmika Bishnu (Apte).

ନାମ ନିଶାଣ—ବିଦେ. ବି (ଫା. ନାମ ନିଶାନ)—
Nāma nisāna ୧ । ଚିହ୍ନଚକ୍ର; ସୂଚନାମାତ୍ର—
নামনিশান 1. Slight indication; trace.
नामनिशान ୨ । କୌଣସି ବ୍ୟକ୍ତିର ନାମ ଧାମ ଓ ପରିଚୟସୂଚକ ଚିହ୍ନ—2. Name, address and particular indication of a person.

ନାମ ନେବା—ଦେ. କ୍ରି—୧ । ହରିନାମ ଭଜିବା—
Nāma nebā 1. To mutter the name of God.
নামলওয়া
नामलेना ଜଗତପାବନ ନାମ ନିଅ କେବେ ପ୍ରାଣୀ ।
ଜଗନ୍ନାଥ ଦାସ ହରଣ
୨ । ସୁଖ୍ୟାତି ପାଇବା—
2. To earn a good name.
୩ । ଗୁରୁଙ୍କଠାରୁ ମନ୍ତ୍ର ଗ୍ରହଣ କରିବା—
3. To be initiated by a spiritual preceptor.

ନାମ ପକା(କେ)ଇବା—ଦେ. କ୍ରି—୧ । ନାଁ ପକାଇବା (ଦେଖ)
Nāma pakā(ke)iba 1 Nāñ pakāibā (See)
নাম ডুবান ୨ । କୌଣସି ବ୍ୟକ୍ତିର ନାମ ଉଲ୍ଲେଖ କରିବା—
नाम डुबाना 2. To mention the name of a person.

ନାମ ପଡ଼ିବା—ଦେ. କ୍ରି—ନାଁ ପଡ଼ିବା (ଦେଖ)
Nāma pardibā Nāñ pardibā (See)
নাম হওআ **नाम पड़ना**

ନାମ ବଡ଼ା—ବିଦେ. ବିଣ. (ଫା)—ଯାହାର ନାମଟା ଶୁଣିବାକୁ ବଡ଼
Nāma bardā କିନ୍ତୁ ଫଳତଃ ଯାହା ଅପଦାର୍ଥ; ନାମ ଶୁଣିବା ମାତ୍ରେ
নাম বড়া ଯାହାକୁ ବଡ଼ ଲୋକ ବୋଲି ଅନୁମାନ କରାଯାଏ
नाम बड़ा କିନ୍ତୁ ଦେଖିଲେ ଜେଲକୁ ସେ ଅଯୋଗ୍ୟ ବୋଲି ଜଣା ପଡ଼େ—(a person) Having a high-sounding name but really worth-less.

ନାମ ବଡ଼ା ଦର୍ଶନ ଥୋଡ଼ା—ଦେ. ବିଣ. (ଫା)—
Nāma bardā darsana thordā ନାମ ବଡ଼ା (ଦେଖ)
নাম বড়া দর্শন থোড়া Nāma bardā (See)
नाम बड़ा दर्शन थोड़ा

ନାମ ବର୍ଜିତ—ସ. ବିଣ. (ଷଷ୍ଠୀ ତତ୍; ନାମ+ବର୍ଜିତ)—
Nāma barjita ୧ । ଅନାମକ; ଯାହାର ନାମ ନାହିଁ—
1. Nameless.
୨ । ଅପ୍ରସିଦ୍ଧ—2. Unrenowned.
୩ । ନିର୍ବୋଧ—3. Stupid; foolish (Apte).

ନାମ ବାଚକ—ସ. ବିଣ. (ବ୍ୟାକରଣ)—
Nāma bāchaka ଯେଉଁ ବିଶେଷ୍ୟ ପଦ ନାମକୁ ବୁଝାଏ—(grammar) (a noun) Indicating the name of a particular person or place.

ନାମ ବାଚକ ବିଶେଷ୍ୟ—ସ. ବି. (ବ୍ୟାକରଣ)—କୌଣସି ବ୍ୟକ୍ତିର,
Nāma bāchaka biseshya ପ୍ରାଣୀର ବା ସ୍ଥାନର ନାମ—
(grammar) Proper noun.

ନାମ ବାଜିବା—ଦେ. ବି—ନାମ ବିଖ୍ୟାତ ହେବା—
Nāma bājibā The spread of fame.
নাম ডাক **नाम बजना**

ନାମ ବୁଡ଼ା(ଡ଼େ)ଇବା—ଦେ. କ୍ରି—ନାମ ବୁଡ଼ାଇବା (ଦେଖ)
Nāma burdā(rde)ibā Nāma dubāibā (See)
নাম ডুবন **नाम डुबना** (ନାମ ବୁଡ଼ିବା—ବି)

ନାମ ଭଜିବା—ଦେ. କ୍ରି—ନାମ ଘୋଷିବା (ଦେଖ)
Nāma bhajibā Nāma ghoshibā (See)
নাম ভজা **नाम भजना**

ନାମ ମାତ୍ର—ସ. ଅ—୧ । କୌଣସି ବ୍ୟକ୍ତିର ବା ବସ୍ତୁର ନାମର
Nāma mātra ଉଲ୍ଲେଖ ମାତ୍ର—1 The mere mention of a name.
୨ । ଫଳତଃ ନୁହେଁ; କେବଳ ନାମରେ; ନାଆଁକୁ—
2. In name only; nominally.

ନାମ ମାରିନେବା—ଦେ. କ୍ରି (ବ୍ୟଙ୍ଗ୍ୟ)—ଖ୍ୟାତିଜନକ କାର୍ଯ୍ୟ ନ କରି
Nāma mārinebā ଲୋକଙ୍କ ଆଗରେ ଧୂଳି ଦେଇ ବା ଅନ୍ୟର
নাম মেরে লওআ ଅର୍ଥ ବ୍ୟୟ କରି ସ୍ୱୟଂ ଖ୍ୟାତି ଲାଭ କରିବା-
नाम करलेना (ironical) To get a good name without doing anything to deserve it.

ନାମ ମୁଦ୍ରା—ସ. ବି. (ମ. ପ. ଲୋ; ନାମ+ମୁଦ୍ରା)—
Nāma mudrā ଛାପା ମୁଦି; ଯେଉଁ ମୁଦରେ କୌଣସି ବ୍ୟକ୍ତିର ନାମ ଅଙ୍କିତ ହୋଇଥାଏ—A signet ring; a seal-ring (Apte).

ନାମ ଯଜ୍ଞ—ସଂ. ବ—ବହୁକାଳ ପର୍ଯ୍ୟନ୍ତ ନାମ କୀର୍ତ୍ତନ ସ୍ୱରୂପ ଯଜ୍ଞ—
Nāma jajña A religious sacrifice consisting of chanting the name of God for a long period of time.

ନାମ ଯଶଃ—ସଂ. ବ. (ନାମର ଯଶଃ ବା ପ୍ରଶଂସା; ୬ଷ୍ଠୀ ତତ୍)—
Nāma jasaḥ ସୁଖ୍ୟାତି—Reputation.

ନାମ ରଖିବା—ଦେ. କ୍ରି—୧ । ସୁନାମ ବା ଦୁର୍ନାମକୁ ବଜାୟ ରଖିବା—
Nāma rakhibā 1. To maintain one's reputation in a good or bad sense.
ନାମରାଖା ୨ । ନାମକରଣ କରିବା—2. To give a name; to name.
নাম রাখনা
(ନାମ ରଖିଯିବା—ଅନ୍ୟରୂପ) ୩ । ସ୍ଥାୟୀ କୀର୍ତ୍ତି କରିବା ଦ୍ୱାରା ଭବିଷ୍ୟତରେ ଅପଣାର ଖ୍ୟାତି ବଜାୟ ରହିବାର ଉପାୟ କରିବା—3. To leave a name by doing (ନାମ ରହିବା—ବ) some permanent meritorious act.

ନାମ ରଟିବା—ଦେ. କ୍ରି—ନାମ ଘୋଷିବା (ଦେଖ)
Nāma raṭibā Nāma ghoshibā (See)
নামরটা **नामरटना**

ନାମରଦ—ଦେ. ବଣ. ପୁଂ (ଅ. ନାମର୍ଦ୍ଦ, କାମର୍ଦ୍ଦ)—୧ । ଅସାର; ଭୀରୁ-
Nāmarada 1. Coward.
নামর্দ ସଉଡ଼ି ମାହ ଯାଇ ଅଛ ଭଲି, ନାମରଦକୁ କେ ଭୁଲେ ବସାଇ ।
नामर्द ଜଗନ୍ନାଥ, ସମରତରଙ୍ଗ ।
(ନାଁ ମରଦ, ନାମର୍ଦ୍ଦ, କାମର୍ଦ୍ଦା—ଅନ୍ୟରୂପ) ୨ । ଅମନସ୍ୱୀ; ଦୁର୍ବଳ—
2. Weak (man); unmanly.
୩ । ଅଣପୁରୁଷା; ନପୁଂସକ; ପୁରୁଷତ୍ୱ ହୀନ—
3. Impotent; emasculate.
୪ । ମାଇଚିଆ—4 Effiminate (person).

ନା(ନାଁ)ମରଦୀ—ବୈଦେ. ବ (ପା. ନାମର୍ଦ୍ଦୀ)—୧ । ନପୁଂସକତ୍ୱ—
Nā(nāñ)maradī 1. Impotence.
নামর্দী ୨ । ଅମନୁଷ୍ୟତା—2. Unmanliness.
नामर्दी
(ନାମର୍ଦୀ, ନାମରଦାନା, ନାମର୍ଦ୍ଦାନା—ଅନ୍ୟରୂପ)

ନାମର୍ତ୍ତା—ପ୍ରାଦେ. (ଗଞ୍ଜାମ) ବ.—ବିଶ୍ୱାସ—
Nāmarttā Faith; confidence; trust.

ନାମ ଲିଙ୍ଗ—ସଂ. ବ (୬ଷ୍ଠୀ ତତ୍; ନାମ+ଲିଙ୍ଗ)—(ବ୍ୟାକରଣ)
Nāma liṅga ବିଶେଷ୍ୟ ପଦମାନଙ୍କର ଲିଙ୍ଗ—(grammar) Gender of nouns.

ନାମ ଲୋପ ହେବା—ଦେ. କ୍ରି—୧ । ମୃତ ହେବା—
Nāma lopa hebā 1 Dying.
নাম লোপ হওয়া ମୋ ବାନ୍ଧୁ ଯୁଦ୍ଧରେ ତା ନାମ ହେବ ଲୋପ
नाम छिपना କୃଷ୍ଣସିଂ. ମହାଭାରତ ।
୨ । ଅପଖ୍ୟାତି—
2. Loss of one's good reputation.

ନାମଶକି—ବୈଦେ. ବ (ପା. ନାମୁଶୀ=ବଦ୍‌ନାମୀ ଅ—ନାମୁସ୍= ଇଜ୍ଜତ)—୧ । ଅପଖ୍ୟାତି—1. Scandal.
Nāmaśaki
ନାମୁସୀ ୨ । ବଦନାମୀ; ନିନ୍ଦା—2. Blame; ill name.
नामुसी ୩ । ଲଜ୍ଜା—3. Shame.
୪ । ଅପମାନ—4. Disgrace.
୫ । ବେଇଜ୍ଜତି—5. Dishonour.
ବୈଦେ. ବଣ (ପା. ନାମୁଶୀକା)—୧ । ନିନ୍ଦାକର—
1. Blameworthy.
(ନାମଶିକ—ଅନ୍ୟରୂପ)
୨ । ବେଇଜ୍ଜତିଆ—2. Dishonourable.
୩ । ଅଖ୍ୟାତିଜନକ—3. Scandalous.
୪ । ଲଜ୍ଜାଜନକ—4. Shameful.
୫ । ଲଜ୍ଜିତ—5. Ashamed

ନାମଶିକ—ପ୍ରାଦେ (ଗଞ୍ଜାମ) ବ ଓ ବଣ—ନାମଶକି (ଦେଖ)
Nāmaśika Nāmaśaki (See)

ନାମ ଶେଷ—ସଂ. ବ (ବହୁବ୍ରୀହି; ନାମନ୍+ଶେଷ)—ମୃତ୍ୟୁ—
Nāma śesha Death.
ସଂ. ବଣ—୧ । ମୃତ—1. Dead.
୨ । ନଷ୍ଟ; ଧ୍ୱସ୍ତ—2. Ruined.
୩ । ଯାହାର ଅସ୍ତିତ୍ୱ ଲୋପ ହୋଇଅଛି ଓ କେବଳ ନାମ ରହି ଯାଇଅଛି—3. Having only the name left; remaining in name only.

ନାମ ସଂକୀର୍ତ୍ତନ—ସଂ.ବ (୬ଷ୍ଠୀ ତତ୍; ନାମ+ସଂକୀର୍ତ୍ତନ)—
Nāma saṁkirttana ୧ । ଦେବତାଙ୍କ ନାମକୁ ପାଟିକରି ବାରମ୍ବାର ଆବୃତ୍ତି କରିବା—1. Loudly repeating the name of the Deity.
୨ । ଖୋଲ କରତାଳ (ଝାଞ୍ଜ ମୃଦଙ୍ଗ) ସାହାଯ୍ୟରେ ଦେବତାଙ୍କ ନାମର ସ୍ତବ ଗାନ କରିବା—2. Chanting of hymns with music (drum and cymbals).
[ଦ୍ର—ଶ୍ରୀ ଚୈତନ୍ୟଦେବଙ୍କ ଅମଳରୁ ଖୋଲ କରତାଳ ସାହାଯ୍ୟରେ ଦୁଇ ବା ତତୋଧିକ ବ୍ୟକ୍ତି ଭଗବାନଙ୍କ ସ୍ତବ ଗାନ କରିବା ପ୍ରଥା ଓଡ଼ିଶା ଓ ବଙ୍ଗରେ ବିଶେଷଭାବରେ ପ୍ରଚଳିତ ହୋଇଅଛି ।]

ନାମ ସଂଗ୍ରହ—ସଂ. ବ (୬ଷ୍ଠୀ ତତ୍; ନାମ+ସଂଗ୍ରହ)—୧ । ବିଶେଷ୍ୟ
Nāma saṁgraha ପଦମାନଙ୍କର ସଂଗ୍ରହ—1. A glossary
(ନାମମାଳା—ଅନ୍ୟରୂପ) of nouns (Apte).
୨ । ବ୍ୟକ୍ତି, ବସ୍ତୁ ବା ସ୍ଥାନମାନଙ୍କର ନାମର ତାଲିକା—
2. A list of names.

ନାମ ସର(ରେ)ଇବା—ଦେ. କ୍ରି—ନାଁ ପକାଇବା (ଦେଖ)
Nāma sarā(re)ibā Nāñ pakāibā (See)
নামডুবান, **नाम खोना**
(ନାମ ସାରିବା—ଅନ୍ୟରୂପ) (ନାମ ସରିବା—ବ)

ନାମସାର—ଦେ. ବ. (ସଂ. ନାମନ୍+ସାର)—ନାମମାତ୍ର—
Nāmasāra Nominal; titular.
নামসার **नाममात्र**

ନାମସୁଧା—ସଂ. ବି. (ରୂପକ; ନାମ+ସୁଧା)—ଅମୃତ ପରି ମଧୁରନାମ; Nāmasudhā ସୁଧାମୟନାମ—Sweet name; nectarlike name.

ନାମହୀନ—ସଂ. ବିଣ. (୩ୟା ତତ୍; ନାମ+ହୀନ)—୧ । ଅଖ୍ୟାତ— Nāmahina 1. Nameless; not celebrated.
(ନାମବର୍ଜିତ—ଅନ୍ୟରୂପ) ୨ । ଅନାମକ; ଯାହାର ନାମ ନାହିଁ— 2. Having no name.

ନାମା—ସଂ. ବିଣ. (ନାମନ୍ ଶବ୍ଦ; ୧ମା. ୧ବ; ନାମନ୍ ଶବ୍ଦ ବ୍ୟକ୍ତିବାଚକ Nāmā ଅନ୍ୟ ଶବ୍ଦ ସଙ୍ଗେ ଯୋଗ ହୋଇ ବହୁବ୍ରୀହି ସମାସ ହେଲେ (ନାମ୍ନୀ—ସ୍ତ୍ରୀ) ନାମଠାରେ ନାମା ହୁଏ; ଯଥା—ଗୋବର୍ଦ୍ଧନନାମା ଜନୈକ ବାଳକ)—ନାମକ—By name; named.

ନାମା ବୈଦେ. ପ୍ରତ୍ୟୟ. (ଫା. ନାମାହ୍=ପତ୍ର; ଅନ୍ୟ ଶବ୍ଦ ସଙ୍ଗେ ଯୋଗ **नामा** ହୁଏ; ଯଥା—ହୁକୁମନାମା, ଓକାଲତ୍‌ନାମା; ଯାଚିନ୍‌ନାମା, ବଏନାମା, ମୋକ୍ତାରନାମା ଓ ବନ୍ଧକନାମା)—ବ୍ୟବହାରପତ୍ର; ଦଲିଲ—A letter or document indicating some transaction.

ନାମାଙ୍କିତ—ସଂ. ବି. (୩ୟା ତତ୍; ନାମ+ଅଙ୍କିତ)— Nāmānkita ୧ । ଯହିଁରେ କୌଣସି ବ୍ୟକ୍ତିଙ୍କ ନାମ ଅଙ୍କିତ ବା ଲିଖିତ ହୋଇଅଛି; ନାମଯୁକ୍ତ—1. Containing the name of some person as authority
୨ । ସ୍ୱାକ୍ଷରିତ—2. Signed.
୩ । ନାମ ଚିହ୍ନଯୁକ୍ତ—3. Marked with a name.
୪ । ନାମର ମୋହରଯୁକ୍ତ— 4 Sealed with the name of.
(ଯଥା—ନାମାଙ୍କିତ ମୁଦ୍ରା ।)

ନାମାତ୍ର—ଦେ. ଅ. (ସଂ. ନାମ+ମାତ୍ର)—ନାମମାତ୍ର (ଦେଖ) Nāmātra Nāmamātra (See)
(ନାଁମାତ୍ର, ନାଅଁମାତ୍ର, ନାଁଅଁମାତ୍ର—ଅନ୍ୟରୂପ)

ନାମାନୁଶାସନ—ସଂ. ବି. (୬ଷ୍ଠୀ ତତ୍; ନାମ+ଅନୁଶାସନ)— Nāmānusāsana ୧ । ଶବ୍ଦାର୍ଥବାଚକ ଅଭିଧାନ—
(ନାମାଭିଧାନ—ଅନ୍ୟରୂପ) 1. A dictionary contaning the import of words.
୨ । (ବ୍ୟାକରଣ) ବିଶେଷ୍ୟ ଶବ୍ଦମାନଙ୍କର ଲିଙ୍ଗବିଷୟକ ନିୟମ—2. (grammar) Rules on the gender of nouns.

ନାମାନ୍ତର—ସଂ. ବି. (କର୍ମଧା; ଅନ୍ୟ+ନାମ)—ଅନ୍ୟ ନାମ— Nāmāntara Another name; a different name.

ନାମାପରାଧ—ସଂ. ବି. (ବୈଷ୍ଣବଧର୍ମ ପାରିଭାଷିକ ଶବ୍ଦ; ମ. ପ. ଲୋ; ନାମ Namāparādha ସମ୍ବନ୍ଧୀୟ ଅପରାଧ)—ସାଧୁନିନ୍ଦାରୂପ ପାପ— The sin resulting from defaming sages or great men.

ନାମାବଲମ୍ବନ—ସଂ. ବି. (୬ଷ୍ଠୀ ତତ୍ ନାମ+ଅବଲମ୍ବନ)—ଦେବତାଙ୍କ Nāmābalambana ନାମ ଉଚ୍ଚାରଣ କରି ବିପଦରୁ ଉଦ୍ଧାର ହେବା (ନାମାଶ୍ରୟ—ଅନ୍ୟରୂପ) ରୂପ ଉପାୟ; କୌଣସି ନାମକୁ ଆଶ୍ରୟ କରିବା— Act of placing one's self under the protection of a Deity by invoking His name.

ନାମାବଳି(ଳୀ)—ସଂ. ବି. (୬ଷ୍ଠୀ ତତ୍; ନାମ+ଅବଳି)— Nāmābali(lī) ୧ । ନାମସମୂହ—1 A number of names; various names or denominations.
୨ । ନାମର ତାଲିକା—2. A list of names.
୩ । କୌଣସି ଦେବତାଙ୍କ ନାମମାନ ଯେଉଁ ବସ୍ତ୍ରରେ ଲେଖା ବା ବୁଣା ଯାଇଥାଏ (ଯାହାକୁ ଦେବପୂଜା କଲାବେଳେ ଭକ୍ତ ଦେହରେ ପକାନ୍ତି)—3. A garment stamped or woven with the name of a Deity written repeatedly on it.

ନାମାମୃତ—ସଂ. ବି.—(ରୂପକ; ନାମ+ଅମୃତ)— Nāmāmṛuta ୧ । ଅମୃତତୁଲ୍ୟ ହରିନାମ— 1 Nectar-like name of God.
୨ । ଅପଣାର ଅତି ପ୍ରିୟ ବ୍ୟକ୍ତିର ନାମ—2. The name of one's own beloved person.

ନାମାଶ୍ରୟ—ସଂ. ବି.—ନାମାବଲମ୍ବନ (ଦେଖ) Nāmāsraya Nāmābalambana (See)

ନାମି—ସଂ. ବି—ବିଷ୍ଣୁ— Nāmi Bishṇu (Apte)

ନାମିକ—ସଂ. ବିଣ. (ନାମନ୍+ସମ୍ବନ୍ଧାର୍ଥେ. ଇକ)—୧ । ନାମସମ୍ବନ୍ଧୀୟ— Nāmika 1. Relating to a name.
୨ । ବିଶେଷ୍ୟସମ୍ବନ୍ଧୀୟ—2. Relating to a noun.

नामिक ଦେ. ବିଣ (ହିନ୍ଦୀ)—୧ । ନାମଧାରୀ— **नामिक** 1. Named; holding a name.
(ଯଥା—ଛତି ବାସ୍ୟାପ୍ତି ନାମିକ ଲକ୍ଷଣରେ ।)
୨ । ନାମମାତ୍ର—2. Nominal.
(ଯଥା—ନାମିକ ଦେବୋତ୍ତର ।)

ନାମିତ—ସଂ. ବିଣ. (ନମ ଧାତୁ ଣିଚ=ନାମି ଧାତୁ+କର୍ମ. ତ)— Nāmita ୧ । ନତ—1. Bent; bowed down.
୨ । ସ୍ଥାପିତ—2. Established.
୩ । ଯାହାକୁ ନତ କରି ଯାଇଅଛି— 3. Caused to be bent.
ଦେ. ବିଣ. (ହିନ୍ଦୀ)—୧ । ନାମଯୁକ୍ତ; ନାମକ— 1. Named; by name.
୨ । ନାମମାତ୍ର—2. Nominal; in name only.

ନାମୀ—ସଂ. ବିଣ. ପୁଂ. (ନାମନ୍+ଅସ୍ତି ଅର୍ଥରେ ଇନ୍ ୧ମା. ୧ବ.)— Nāmi ନାମଧାରୀ—Named.
(ନାମିନୀ—ସ୍ତ୍ରୀ) ଏକ ନାମୀ ଏକ ସ୍ୱାମୀ ଏକାତ୍ମରେ ଥିବ— ପ୍ରାଚୀ. ବୃହନ୍ନଳ୍ପରଣଗୀତା ।

नामी **नामजद** ଦେ. ବିଣ—ପ୍ରସିଦ୍ଧ—Celebrated.

ନାମୀୟ—ଦେ. ବିଣ. (ହିନ୍ଦୀ)—ନାମିତ (ଦେଖ) Nāmiya Nāmita (See)

ନା ମୁନାସିବ୍—ବୈଦେ. ଣ (ପା; କଥନରେ)—
Nā munāsib ୧ । ଅନୁଚିତ—1. Improper.
नामुनासिब ୨ । ଅନ୍ୟାୟ—2 Wrong
नामुनासिब (ନାଁ ମୁନାସିବ୍—ଅନ୍ୟରୂପ)

ନା ମୁମ୍କିନ୍—ବୈଦେ. ଣ. (ଫ. କଥନରେ)—
Nā mum-kin ଅସମ୍ଭବ—Impossible.
नामुमकिन **नामुमकिन** (ନାଁ ମୁମ୍କିନ୍—ଅନ୍ୟରୂପ)

ନା(ନାଁ)ମୁଶକି—ବୈଦେ. ବି. ଓ ଣ—ନାମଶକି (ଦେଖ)
Nā(nāñ)muśaki Nāmaśaki (See)
(ନାମ୍ଂଶିକ, ନାମୁଶୁକ; ନାମ୍ସି —ଅନ୍ୟରୂପ)

ନାମେ—ଦେ. ଅ.—୧ । ବିରୋଧରେ—
Nāme 1. Against.
नामे ପରିଅତ ବାହିଁ ତୋ ନାମେ କହନ୍ତି; ନନ୍ଦା କଲେ ପଛେ କରରେ ।
नाममे, नामसे ଜବପୂର୍ଣ୍ଣ, କଣୋସ ତଦ୍ଭାନନ ଚମ୍ପୂ, ଫ ଗୀତ
୨ । ନାମୋଲ୍ଲେଖ ପୂର୍ବକ—2. By mentioning some one's name.

ନାମେଣ—ଦେ(ପଦ୍ୟ)ଅ.—(ସଂ. ନାମ୍ନା)—ନାମଧାରୀ; ନାମରେ—
Namena Named; called by the name of.
ବସୁନ୍ଧରା ନାମେଣ ତାଙ୍କର ଦୁହିତାଙ୍କି—କୃଷ୍ଣସିଂହ ମହ ଭାରତ ଅଦ

ନାମ୍ନା—ସଂ. ଣ. ପୁଂ.—ନାମଧାରୀ (ହି. ଶ.)—Named.
Nāmnā (ନାମ୍ନୀ—ସ୍ତ୍ରୀ)

ନାମ୍ବୁଦ୍ରି—ଦେ ବି.—ନମ୍ବୁଦ୍ରି (ଦେଖ)—
Nāmbudri Nambudri (see)

ନାମ୍ୟ—ସଂ. ଣ. (ନମଧାତୁ ଣିଚ୍=ନାମି ଧାତୁ+କର୍ମ. ଯ)—ନୁଆଁ
Nāmya ହେବାର ଉପଯୁକ୍ତ; ନମନୀୟ—Flexible; pliant.

ନାୟ—ସଂ. ବି (ନୀ ଧାତୁ+ଭାବ ଅ) ୧ । ନୟ; ନୀତି—
Nāya 1. Policy.
୨ । ପ୍ରାପଣ; ନେବା—2. Obtaining.
୩ । ଉପାୟ; ଯୁକ୍ତି (ହି. ଶ.)—
3. Expedient; means; policy.
୪ । (+କର୍ତ୍ତୃ. ଅ.) ନାୟକ; ନେତା (ହି. ଶ.)—
4. Leader; guide.

ନାୟକ୍—ଦେ. ଣ. (ପା. ଲାଏକ୍)—
Nāyak ୧ । ଲାୟକ୍; ଉପଯୁକ୍ତ—1. Fit.
लाएक ୨ । ପ୍ରଧାନ—2. Chief.
लायक ୩ । ଶ୍ରେଷ୍ଠ; ଉତ୍କୃଷ୍ଟ—3. Excellent.
(ନାଲାୟକ୍—ବିପରୀତ) ୪ । ବହୁସୁଗୁଣାଲଙ୍କୃତ—
4 Adorned with many good qualities.
୫ । ଉର୍ବରା (ଭୂମି)—5. Productive (land).

ନାୟକ—ସଂ. ବି. ପୁଂ. (ନୀ ଧାତୁ=ନେବା+କର୍ତ୍ତୃ ଅକ)
Nāyaka ୧ । କାବ୍ୟ ନାଟକାଦିରେ ବର୍ଣ୍ଣିତ ପ୍ରଧାନ ପୁରୁଷ—
(ନାୟିକା—ସ୍ତ୍ରୀ) 1. A hero in a drama, novel or story; the principal character in a fiction.

[ଦ୍ର—ସାହିତ୍ୟ ଦର୍ପଣ ଅନୁସାରେ ଦାନଶୀଳ, କୃତୀ, ସୁଶ୍ରୀ, ରୂପବାନ୍, ଯୁବକ, କାର୍ଯ୍ୟକୁଶଳ, ଲୋକରଞ୍ଜକ, ତେଜସ୍ୱୀ, ପଣ୍ଡିତ ଓ ସୁଶୀଳ ପୁରୁଷଙ୍କୁ ନାୟକ ବୋଲଯାଏ । ନାୟକ ୪ ପ୍ରକାର ଯଥା; ଧୀରୋଦାତ୍ତ, ଧୀରୋଦ୍ଧତ, ଧୀରଲଳିତ ଓ ଧୀରପ୍ରଶାନ୍ତ । ଆତ୍ମଶ୍ଳାଘାରହିତ, କ୍ଷମାଶୀଳ, ଗମ୍ଭୀର, ମହାବଳଶାଳୀ, ସ୍ଥିର ଓ ବିନୟସମ୍ପନ୍ନ ନାୟକ ଧୀରୋଦାତ୍ତ, (ଯଥା; ରାମ, ଯୁଧିଷ୍ଠିର); ମାୟାବୀ, ପ୍ରଚଣ୍ଡ, ଅହଂକାରୀ, ଆତ୍ମଶ୍ଳାଘୀ ନାୟକ ଧୀରୋଦ୍ଧତ (ଯଥା; ଭୀମସେନ, କାର୍ତ୍ତିବୀର୍ଯ୍ୟ, କର୍ଣ୍ଣ); ନିଶ୍ଚିନ୍ତ, ମୃଦୁ ଓ ନୃତ୍ୟଗୀତାଦିପ୍ରିୟ ନାୟକ ଧୀରଲଳିତ (ଯଥା; ଅର୍ଜୁନ); ତ୍ୟାଗୀ ଓ କୃତୀ ନାୟକ ଧୀର ପ୍ରଶାନ୍ତ । ଏହି ଚାରିପ୍ରକାର ନାୟକ ଦକ୍ଷିଣ, ଧୃଷ୍ଟ, ଅନୁକୂଳ ଓ ଶଠ ଭେଦରେ ପୁଣି ଚାରି ପ୍ରକାର ହୁଅନ୍ତି । ଶୃଙ୍ଗାର ରସରେ ପ୍ରଥମେ ନାୟକଙ୍କୁ ତିନ ଶ୍ରେଣୀରେ ବିଭକ୍ତ କରି ଯାଇଅଛି, ଯଥା, ପତି, ଉପପତି ଓ ବୈଶିକ (ବେଶ୍ୟାନୁରକ୍ତ) । ପତି ଚାରି ପ୍ରକାର ଯଥା; ଅନୁକୂଳ (ବିବାହିତା ସ୍ତ୍ରୀ ପ୍ରତି ଏକାନ୍ତ ଅନୁରକ୍ତ), ଦକ୍ଷିଣ (ଅନେକ ନାରୀଙ୍କ ପ୍ରତି ସମାନ ରୂପେ ଅନୁରାଗୀ), ଧୃଷ୍ଟ (ଆପଣା ସ୍ତ୍ରୀ ପ୍ରତି ଅପରାଧୀ ହୋଇ ତଦ୍ଦ୍ୱାରା ଅପମାନିତ ହୋଇ ସୁଦ୍ଧା ଲଜ୍ଜାହୀନତା ପୂର୍ବକ ସ୍ତ୍ରୀ ଠାରେ ବିନୟକାରୀ) ଓ ଶଠ (ଛଳାବଲମ୍ବନ କରି ନିଜର ଅପରାଧ ଗୋପନ କରିବାରେ ଚତୁର) । ଉପପତି ଦୁଇ ପ୍ରକାର;—ବଚନ ଚତୁର ଓ କ୍ରିୟା ଚତୁର—ହି. ଶ.]
୨ । ପ୍ରଣୟୀ ପୁରୁଷ; ପ୍ରେମାସକ୍ତ ବ୍ୟକ୍ତି—2. A lover.
୩ । ଦଳପତି—3. The head of a band.
୪ । ନେତା—4. Leader.
୫ । ପରିଚାଳକ; ପଥ ପ୍ରଦର୍ଶକ—
5. A conductor; a guide.
୬ । ଅଧ୍ୟକ୍ଷ; ଶ୍ରେଷ୍ଠ ବ୍ୟକ୍ତି—6. A chief.
୭ । ହାରର ମଧ୍ୟମଣି—
7. The central gem of a necklace.
୮ । ପ୍ରଧାନ ବ୍ୟକ୍ତି; ମୁଖିଆ—8. Headman.
୯ । ସେନାପତି—9. Commander of an army.
୧୦ । ଗୁରୁ; ଉପଦେଷ୍ଟା—
10. A preceptor; a teacher.
୧୧ । ଗୃହସ୍ୱାମୀ, ଗୃହକର୍ତ୍ତା—11. House-holder; the head of a family.
୧୨ । ସ୍ୱାମୀ—12. Husband.
୧୩ । ଉପପତି—13. A gallant; a paramour.
୧୪ । ଅଗ୍ରେସରକ—14. A pioneer.
୧୫ । ମଙ୍ଗଳ ଗୀତ ଗାୟକ—
15. A singer of benedictory songs.
୧୬ । ଓସ୍ତାଦ୍; ଯେ ସଙ୍ଗୀତ ଓ ବାଦ୍ୟାଦି ବିଦ୍ୟା ଉତ୍ତମରୂପେ ଶିକ୍ଷା ଦେଇ ପାରନ୍ତି; କଳାବନ୍ତ ବ୍ୟକ୍ତି; ସଙ୍ଗୀତ କଳାରେ ନିପୁଣ ବ୍ୟକ୍ତି—16 An expert music master; an expert musician.

[ଦ୍ର—ଯେ ସଙ୍ଗୀତ ଶାସ୍ତ୍ରର ମର୍ମ ଉତ୍ତମରୂପେ ଜାଣନ୍ତି, ଯେ ମାର୍ଗ ଏବଂ ଦେଶୀ ଏ ଦୁଇ ମତର ସଙ୍ଗୀତ ବୋଲି ପାରନ୍ତି, ଯେ

ଗାନ, ବାଦ୍ୟ ଓ ନୃତ୍ୟ ଉତ୍ତମରୂପେ ଶିଖାଇ ପାରନ୍ତି, ଯେ ରସ ଓ ଅଳଙ୍କାର ଜାଣନ୍ତି, ଯେ ସକଳ ଗୁଣ ଓ ଦୋଷର ପରୀକ୍ଷକ, ଯେ ଅନ୍ୟର ଅଭିପ୍ରାୟ ବୁଝି ପାରନ୍ତି, ଯେ କ୍ଷମାଶୀଳ, ସନ୍ତୋଷଭାଷୀ; ଦାତା, ପରବଶାସ୍ତ୍ର ଓ ସର୍ବଗୁଣାଳଙ୍କୃତ ବ୍ୟକ୍ତି ଏମାନଙ୍କୁ 'ନାୟକ' ଅଭିଧା ଦିଆ ଯାଏ ।]

୧୭ । ବର୍ଣ୍ଣବୃତ୍ତ ବିଶେଷ (ହି. ଶବ୍ଦସାଗର)—
17. A kind of metre.

୧୮ । ଗାୟକ ରାଗର ପୁତ୍ର ରାଗବିଶେଷ (ହି. ଶ.)—
18. Name of a musical tune

୧୯ । ଶ୍ରେଷ୍ଠ ବା ପ୍ରସିଦ୍ଧ ବ୍ୟକ୍ତି—19. A distinguished or pre-eminent personage (Apte).

୨୦ । ଉଦାହରଣ; ଆଦର୍ଶ—20. A paradigm; a leading example (Apte).

୨୧ । ଶାକ୍ୟମୁନି—21. The Buddha (Apte).

ସଂ. ବିଣ. ପୁଂ.—୧ । ନେତା; ଦଳଚାଳନକାରୀ—
1. Leading; conducting; guiding a party.

୨ । ଶ୍ରେଷ୍ଠ; ଉତ୍କୃଷ୍ଟ—2. Best; excellent.

ଭଦ୍ର, ବଳ ଫିଙ୍ଗିବା ପରାଯେ ବାହୁଲ ଙ୍କ,
ଫିଙ୍ଗିଲେ ଭୀମ ଉରେ ଶକତ ନାୟକ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଦେ. ବି.—ରାଜା—1. King.

କହୁଚ୍ଛା ଏବେ ଶୁଣ ହସ୍ତିନା ନାୟକ । କୃଷ୍ଣସିଂହ. ମହାଭାରତ. ଆଦି ।

୨ । ନାହାକ; ଜ୍ୟୋତିଷ ଶାସ୍ତ୍ର ଚର୍ଚ୍ଚାକାରୀ ଜାତି; ଗଣକ ଓ ପ୍ରାଥମିକ ପାଠଶାଳାର ଶିକ୍ଷକ ଓ ଗଣିତ ଶାସ୍ତ୍ରଜ୍ଞ ଜାତିବିଶେଷ-
2. The astrologer caste of Orissa.

୩ । ଶୂଦ୍ରମାନଙ୍କର ବଂଶଗତ ଉପାଧିବିଶେଷ—
3. A family-title of some Śūdras.

୪ । କ୍ଷତ୍ରିୟଙ୍କ ବଂଶୋପାଧିବିଶେଷ—
4. A family title of some Kshyatriyas.

୫ । ଆଧୁନିକ ଭାରତୀୟ କତିପୟ ସୈନ୍ୟଙ୍କ ସିପାହୀଙ୍କ ସର୍ଦ୍ଦାର; କାପ୍ତାନ୍—5. Nayak; captain of a small unit of soldiers.

୬ । ପାଣ, ଶବର ଆଦିଙ୍କ ବଂଶୋପାଧିବିଶେଷ—
6. A family-title of some Pāṇas and Śabaras.

ନାୟକ ପଥର—ଦେ. ବି.—(ସଂ. ନାୟକ+ପ୍ରସ୍ତର)—ହାରର ମଧ୍ୟମଣି-
Nāyaka pathara The central gem of a necklace.

ନାୟକାଧିପ—ସଂ. ବି (୬ଷ୍ଠୀ ତତ୍; ନାୟକ+ଅଧିପ)—ନରେନ୍ଦ୍ର; ରାଜା
Nāyakādhipa A king.

ନାୟକୀ—ସଂ. ବି. ସ୍ତ୍ରୀ.—(ନାୟକ+ସ୍ତ୍ରୀ. ଈ)—ବୀଣା ବା ସୀତାରର
Nāyakī ପ୍ରଧାନ ତାର—The principal string of a harp or guitar.

ନାୟକୀୟ—ସଂ. ବିଣ. (ନାୟକ ବା ନାୟିକା+ସମ୍ବନ୍ଧାର୍ଥେ. ଈୟ)—
Nāyakīya Relating to a hero or heroine.

ନାୟବଳ—ଗ୍ରା. ବି. (ଫ. ନ୍ୟାୟବଳ)—ସତରଞ୍ଚ ଖେଳ; ନ୍ୟାୟବଳ—
Nāyabaḷa The game of chess.

ସତରংজখেলা ଜଣ ଶତ୍ରୁ ପାଶ୍ୱ ଭଙ୍ଗ
चउपरखेल ପଶା ନ୍ୟାୟବଳ ଖେଳାପଙ୍ଗ
ଏ ଛତ୍ରରେ ମାତେ ଯେ
ଭେକେ ମଉ ଥାଇରି ଯାଏ—ଭଗ ।

ନାୟା—ପ୍ରାଦେ (ସିଂହଭୂମ) ବି. ପୁଂ—ଅନାର୍ଯ୍ୟମାନଙ୍କ ଗ୍ରାମଦେବତାଙ୍କ
Nāyā ପୂଜକ—The priest of a village-Deity of
(ନାୟାଣୀ—ସ୍ତ୍ରୀ) the non-aryans.

[ଦ୍ର—ସାନ୍ତାଳ, କୋଲ ଓ ଭୂମିଜ ଜାତୀୟ ପୂଜକମାନେ ଗ୍ରାମଦେବତାଙ୍କୁ ପୂଜା କରନ୍ତି ।]

ନାୟାର—ଦେ. ବି—ଦକ୍ଷିଣଭାରତର କେରଳ (ମାଲବାର ଉପକୂଳ)
Nāyār ଅଞ୍ଚଳବାସୀ ଶୂଦ୍ରଜାତିବିଶେଷ—
নায়ার The Nairs; a caste of Śūdras in the
नायार Malabar coast South India.

[ଦ୍ର—ନମ୍ବୁଦ୍ରି ତଳେ ନୋଠ୍ ଦେଶ । ଏମାନଙ୍କ ସମାଜରେ ଜଣେ ସ୍ତ୍ରୀ ବହୁ ପତି ଗ୍ରହଣ କରିବାର ପ୍ରଥା ଥିଲେ । କିନ୍ତୁ ବର୍ତ୍ତମାନ ଏ ପ୍ରଥା କ୍ରମଶଃ ଉଠିଯାଉଅଛି । ସନ୍ତାନମାନେ ମାତୃ ସମ୍ପତ୍ତିରେ ଉତ୍ତରାଧିକାରୀ ହୁଅନ୍ତି ଓ ମୃତ ବ୍ୟକ୍ତିର ଭଣଜା ଉତ୍ତରାଧିକାରୀ ହୁଏ । କନ୍ୟାର କନ୍ୟା, ତାହାର କନ୍ୟା ଏହିରୂପେ କନ୍ୟାକ୍ରମ ଏମାନଙ୍କ ବଂଶବୃକ୍ଷ କଳ୍ପିତ ହୁଏ । ନାୟାରମାନଙ୍କ ମଧ୍ୟରେ ଉତ୍ତରାଧିକାର ପ୍ରଥାକୁ ମରୁମକ୍କଥୟମ୍ (Marumakkathayam) ବୋଲାଯାଏ—ମେନ, ହିନ୍ଦୁ ଆଇନ୍ ।]

ନାୟିକା—ସଂ. ବି. ସ୍ତ୍ରୀ (ନାୟକ+ସ୍ତ୍ରୀ. ଆ)—୧ । ଶୃଙ୍ଗାରରସର
Nāyikā ଅବଲମ୍ବନ ଓ କାବ୍ୟ ନାଟକାଦିରେ ବର୍ଣ୍ଣିତ ରୂପଗୁଣ-
(ନାୟକ—ପୁଂ) ସମ୍ପନ୍ନା ପ୍ରଧାନ ସ୍ତ୍ରୀ—1. The heroine of a, drama, novel or tale or of a love-story.

[ଦ୍ର—କାବ୍ୟାଦିରେ ଶୃଙ୍ଗାର ରସରେ ପ୍ରକୃତି ଅନୁସାରେ ନାୟିକାଙ୍କୁ ୩ ଶ୍ରେଣୀରେ ବିଭକ୍ତ କରାଯାଏ, ଯଥା—ଉତ୍ତମା, ମଧ୍ୟମା ଓ ଅଧମା; ପ୍ରେମିକ ଅହିତକାରୀ ହେଲେ ମଧ୍ୟ ହିତକାରିଣୀ ନାୟିକା ଉତ୍ତମା; ପ୍ରେମିକ ଅହିତକାରୀ ହେଲେ ଅହିତକାରିଣୀ ଓ ହିତକାରୀ ହେଲେ ହିତକାରିଣୀକୁ ମଧ୍ୟମା, ପ୍ରେମିକ ହିତକାରୀ ହେଲେ ସୁଦ୍ଧା ପ୍ରେମିକ ପ୍ରତି ଅହିତକାରିଣୀ ନାୟିକାକୁ ଅଧମା ନାୟିକା ବୋଲାଯାଏ । ଅବସ୍ଥା ଭେଦରେ ଏମାନେ ପୁଣି ଆଠ ପ୍ରକାର । ଯଥା—ସ୍ୱାଧୀନଭର୍ତ୍ତୃକା, ଖଣ୍ଡିତା, ଅଭିସାରିକା, କଳହାନ୍ତରିତା, ବିପ୍ରଲବ୍ଧା, ପ୍ରୋଷିତଭର୍ତ୍ତୃକା, ବାସକସଜ୍ଜା ଓ ବିରହୋତ୍କଣ୍ଠିତା । ସ୍ୱୀୟା ବା ସ୍ୱକୀୟା, ପରକୀୟା ବା ଅନ୍ୟା ଓ ସାଧାରଣୀ ବା ଗଣିକା ଭେଦରେ ନାୟିକାମାନେ ଧର୍ମାନୁସାରେ ତିନି ଭାଗରେ ବିଭକ୍ତ । ବୟଃକ୍ରମ ଅନୁସାରେ ସ୍ୱକୀୟା ନାୟିକା ୩ ପ୍ରକାର ଯଥା—ମୁଗ୍ଧା, ମଧ୍ୟା ଓ ପ୍ରୌଢ଼ା । କାମଚେଷ୍ଟାରହିତା ଅଙ୍କୁରିତଯୌବନା ନାୟିକା ମୁଗ୍ଧା । ମୁଗ୍ଧା ପୁଣି ଦୁଇ ଶ୍ରେଣୀରେ ବିଭକ୍ତ—ଜ୍ଞାତଯୌବନା ଓ ଅଜ୍ଞାତଯୌବନା । ଜ୍ଞାତଯୌବନାଙ୍କର ମଧ୍ୟ ଦୁଇ ଭେଦ ନବୋଢ଼ା (ଲଜ୍ଜା ଓ ଭୟ ଯୋଗୁଁ ପତି ସମାଗମ ପାଇଁ ଅନିଚ୍ଛୁକା) ଓ ବିଶ୍ରବ୍ଧା (ପତି ଉପରେ ଯାହାର ବିଶ୍ୱାସ ଓ ଅନୁରାଗ ଅଛି) । ଯେଉଁ ନାୟିକାଠାରେ ଲଜ୍ଜା ଓ କାମବାସନା ସମାନ ରୂପେ ଅଛି ସେ

ମଧ୍ୟା । କାମକଳାକୁଶଳା ନାୟିକା ପ୍ରୌଢ଼ା । ସ୍ୱକୀୟା ନାୟିକାମାନଙ୍କୁ ମୁଗ୍ଧା ଓ ମଧ୍ୟା ଶ୍ରେଣୀରେ ବିଭକ୍ତ କରା ଯାଇଅଛି; ମଧ୍ୟା ଓ ପ୍ରୌଢ଼ାଙ୍କୁ ତିନି ଶ୍ରେଣୀରେ ବିଭକ୍ତ କରା ଯାଇଅଛି; ଧୀରା, ଅଧୀରା ଓ ଧୀରାଧୀରା । ପ୍ରେମିକଠାରେ ଅନ୍ୟ ସ୍ତ୍ରୀ ସମ୍ଭୋଗର ଚିହ୍ନ ଦେଖି ସୁଦ୍ଧା ଧୈର୍ଯ୍ୟ ସହକାରେ ସାଦର କୋପପ୍ରକାଶିକା ନାୟିକା ଧୀରା, ପ୍ରତ୍ୟକ୍ଷ କୋପପ୍ରକାଶିକା ଅଧୀରା, ଅଂଶତଃ ପ୍ରଚ୍ଛନ୍ନରୂପେ ଓ ଅଂଶତଃ ପ୍ରକାଶ୍ୟରେ କୋପପ୍ରକାଶିକା ଧୀରାଧୀରା ଅଟନ୍ତି । ପରକୀୟାଙ୍କର ଦୁଇ ଭେଦ, ଊଢ଼ା (ବିବାହିତା ଓ ପରପୁରୁଷାନୁରକ୍ତା) ଓ ଅନୂଢ଼ା (ଅବିବାହିତା ଓ ନାୟକଠାରେ ଆସକ୍ତା) । ନାୟିକାମାନଙ୍କର ୩୮ ପ୍ରକାର ଅଳଙ୍କାର ମଧ୍ୟ କାବ୍ୟାଦିରେ ବର୍ଣ୍ଣିତ ହୋଇଅଛି; ଯଥା— ଅଙ୍ଗଜ ୩—ହାବ, ଭାବ ଓ ହେଲା; ଅଯତ୍ନ ସିଦ୍ଧ ୭— ଶୋଭା, କାନ୍ତି, ଦୀପ୍ତି, ମାଧୁର୍ଯ୍ୟ, ପ୍ରଗଲ୍ଭତା, ଔଦାର୍ଯ୍ୟ, ଧୈର୍ଯ୍ୟ; ସ୍ୱଭାବଜ ୧୮—ଲୀଳା, ବିଳାସ, ବିଚ୍ଛିତ୍ତି, ବିବ୍ବୋକ, କିଲକିଂଚିତ, ମୋଟ୍ଟାୟିତ, କୁଟ୍ଟମିତ, ବିଭ୍ରମ, ଲଳିତ, ମଦ, ବିହୃତ, ତପନ, ମୌଗ୍ଧ୍ୟ, ବିକ୍ଷେପ, କୁତୂହଳ, ହସିତ, ଚକିତ ଓ କେଳି— ହି. ଶବ୍ଦସାଗର । ସଂସ୍କୃତର କାବ୍ୟନାଟକକାରମାନେ ପ୍ରେମ, ପ୍ରେମିକ ଓ ପ୍ରେମିକାଙ୍କ ବିଷୟ ପୁଙ୍ଖାନୁପୁଙ୍ଖରୂପେ ପର୍ଯ୍ୟବେକ୍ଷଣ ଓ ସେମାନଙ୍କ ଗତି, ମତି, ଆଚରଣ, ସ୍ୱଭାବଆଦିକୁ ଧାରାବାହିକରୂପେ ଶ୍ରେଣୀବଦ୍ଧ କରିଅଛନ୍ତି । ଓଡ଼ିଆରେ ଉପେନ୍ଦ୍ର ଭଞ୍ଜ ଯୁଗର ଓ ବୈଷ୍ଣବଯୁଗର କବିମାନେ ମଧ୍ୟ ଏହି ପଦ୍ଧତି ଅନୁସରଣ କରି ଗ୍ରନ୍ଥମାନ ରଚନା କରିଅଛନ୍ତି ।]

୨ । ପ୍ରଣୟିନୀ; ପ୍ରେମିକା (ସ୍ତ୍ରୀ)— 2. Mistress; sweetheart.

୩ । ଅନ୍ତଃପୁରପରିଚାରିଣୀ କଞ୍ଚୁକୀବିଶେଷ— 3. A female attendant of the seraglio.

୪ । କୁଳୀନା ବା ଉତ୍କୃଷ୍ଟା ସ୍ତ୍ରୀ— 4. A noble lady.

୫ । ଅଷ୍ଟବିଧ ଦୁର୍ଗାଙ୍କ ଶକ୍ତି (ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଅତି ଚଣ୍ଡା, ଚାମୁଣ୍ଡା, ଚଣ୍ଡା ଓ ଚଣ୍ଡାବତୀ)- 5. The eightfold manifestations of the energy of Goddess Durgā.

୬ । ଭାର୍ଯ୍ୟା; ସ୍ତ୍ରୀ—6. Wife (Apte).

୭ । କସ୍ତୁରୀବିଶେଷ— 7. A kind of musk (Apte).

ଦେ. ବି (ଫା. ନାବକ୍=ଉତ୍କୃଷ୍ଟ) ପିଣ୍ଡିକା; ସାଧାରଣ କସ୍ତୁରୀଠାରୁ ବଡ଼ ବଡ଼ ଦାନାବିଶିଷ୍ଟ କସ୍ତୁରୀ—A kind of musk with bigger grains than ordinary musk

ଦେ. ବିଣ—ନାଇକା (ଦେଖ)—Nāikā (See).

ପ୍ରାଦେ (ଗଞ୍ଜାମ) ବି—ନାଇକା (ଦେଖ) Nāikā (See .

ନାୟେକ—ଗ୍ରା. ବି—୧ । (ସଂ. ନାୟକ)— ନାୟକ (ଦେଖ)
Nāyeka Nāyaka (See .

ବୈଦେ. ବିଣ (ଫା. ନାବକ୍)— ନାୟକ୍ (ଦେଖ)
Nāyak (See).

ନାୟେକା— ଗ୍ରା. ବି (ପ୍ରାଚୀନ ପଦ୍ୟ) ସ୍ତ୍ରୀ—ନାୟିକା (ଦେଖ)
Nāyekā Nāyikā (See).

ମାୟା କନ୍ୟା ଅଛନ୍ତି ଯେ ସତେ ନାୟେକା—ପ୍ରାଚୀ. ପ୍ରଭାପ. ଶଶିସେଣା ।

ବି. ଓ ବିଣ—ନାଏକା ଇତ୍ୟାଦି (ଦେଖ)
Naekā etc (See).

ନାୟେବ—ବୈଦେ. ବି (ଆ. ନାୟବ୍)—ନାଏବ୍ (ଦେଖ)
Nāyeba नायेब **नायब** Naeb (See)

ନାୟେବଲ— ଗ୍ରା. ବି—ନାୟବଲ (ଦେଖ)
Nāyebala Nāyabala (See).

ନାୟେବି—ବୈଦେ. ବିଣ ଓ ବି (ଆ. ନାୟବୀ)—ନାଏବି (ଦେଖ)
Nāyebi Naebi (See).
(ନାୟେବିଭି—ଅନ୍ୟରୂପ) नायबी **नायबी**

ନାର—ସଂ. ବି (ନର+ଅ)—୧ ।ଜଳ—
Nāra 1. Water.

୨ । ନବଜାତ ବତ୍ସ; କଅଁଳା ବାଛୁରୀ— 2. A newly born calf.

୩ । ନର ସମୂହ; ମନୁଷ୍ୟଙ୍କ ଦଳ—3. A multitude of people, an assemblage or crowd of men.

୪ । ବାଳକ; ଶିଶୁ—4. Child; infant; boy.

୫ । ଜ୍ଞାନ—5. Knowledge.

୬ । ଶୁଣ୍ଠି (ହି. ଶବ୍ଦସାଗର)—6. Dry ginger.

୭ । ସାରୂପ୍ୟ ମୁକ୍ତି—7. Final beatitude.

ସଂ. ବିଣ—୧ । ନର ସମ୍ବନ୍ଧୀୟ—1. Relating to man; human.

୨ । ପରମାତ୍ମା ସମ୍ବନ୍ଧୀୟ— 2. Relating to the Universal Soul.

୩ । ଅଧ୍ୟାତ୍ମ—3 Spiritual.

ଗ୍ରା. ବି (ସଂ. ନାରଙ୍ଗ)—ନାରଙ୍ଗ— Orange.

ଚୂନ ପରବ ତିଳ ନାର; ଘଡ଼ି ଉପାଳ ଯେତେ ଅର—ସଙ୍ଖୋବନ୍ତ. ପେମକତ୍ତ୍ୱିଗୀତା ।

ନାରକ—ସଂ. ବିଣ. (ନରକ+ସମ୍ବନ୍ଧାର୍ଥେ. ଅ)—୧ । ନରକ ସମ୍ବନ୍ଧୀୟ; Nāraka ନରକ ସମ୍ପର୍କିତ—1. Hellish; pertaining to hell; infernal.

୨ । ନରକସ୍ଥ—2. Living or situated in hell.

୩ । ନରକ ଭୋଗୀ—3. Suffering the pangs and punishments of hell.

ସଂ. ବି.—(ନରକ+ସ୍ୱାର୍ଥେ. ଅ)—୧ । ନରକ—1. Hell.

୨ । ନରକଯନ୍ତ୍ରଣା ଭୋଗର ସ୍ଥାନ—2. Place where persons suffer the pangs of hell.

୩ । ନରକବାସୀ ବ୍ୟକ୍ତି (ହି. ଶ)—3. A person living in hell; an inhabitant of hell.

ନାରକା—ଦେ. ବି. (ନାମ) (ନରକର ଅନାଦରାର୍ଥକ)—ଭୂମି ପୁତ୍ର, Nārakā ଅସୁର ବିଶେଷ; ନରକାସୁର—Name of a demon; Narakāsura.
(ନାରକାସୁର—ଅନ୍ୟରୂପ)

କେମନ୍ତେ ନାରକା ଅସୁର,
ଭଣେ ଜିଣିଲ ତନପୁର । ଜଗବତ ।

ନାରକୀ—ସଂ. ବଣ. (ନାରକ+ଅସ୍ତ୍ୟର୍ଥରେ ଇନ୍; ୧ମା. ୧ବ)—
Nāraki ୧ । ନରକଭୋଗୀ—
(ନାରକିନୀ—ସ୍ତ୍ରୀ) 1. Undergoing punishment in hell.
୨ । ନରକସ୍ଥ—2. Situated in hell; infernal.
୩ । ପାପିଷ୍ଠ; ନରକଗାମୀ; ଯାହାର ପରିଣାମ ନରକ ଭୋଗ ଅଟେ—3. Sinful; hellish; impious.
୪ । ଅସୁର ପ୍ରକୃତିକ—4. Fiendish.
ଦେ. ବି—ପାପୀ ବ୍ୟକ୍ତି—A sinner; a sinful person.

ନାରକୀଟ—ସଂ. ବି—୧ । ଅଶ୍ମକୀଟ; ଏକପ୍ରକାର କୀଟ (ହି. ଶ)—
Nārakīta 1. A kind of insect boring through stones.
୨ । କୌଣସି ବ୍ୟକ୍ତିକୁ ଆଶା ଦେଇ ପରେ ନିରାଶ କରିବା ବ୍ୟକ୍ତି (ହି. ଶବ୍ଦସାଗର)—2. A person who gives hope but crushes it to the ground afterwards; a deceiver.

ନାରକୀୟ—ସଂ. ବଣ. (ନରକ+ସମ୍ବନ୍ଧାର୍ଥେ ଈୟ)—ନାରକୀ (ଦେଖ)
Nārakīya Nāraki (See)
(ନାରକୀୟା—ସ୍ତ୍ରୀ) (ନାରକିକ—ଅନ୍ୟରୂପ)

ନାରକେର—ସଂ. ବି—ନଡ଼ିଆ (ଦେଖ)
Nārakera Nardiā (See)

ନାରଖାର—ଦେ. ବି. (ସଂ. ଖାର=ଭସ୍ମରୁ)—୧ । ଧ୍ୱଂସ; ଛାରଖାର—
Nārakhāra 1. Spoilation; ruin; devastation; depredation.
(ନରଖର—ଅନ୍ୟରୂପ)
छारखार ୨ । ଦୁର୍ଦ୍ଦଶା—2. Misery.
चउपट ୩ । ନଷ୍ଟ—3. Loss.
ଦେ. ବଣ—୧ । ବିଧ୍ୱସ୍ତ; ବିନଷ୍ଟ—
1. Devastated; destroyed; ruined.
ଚେସନେ ପାଣ୍ଡବ ବଳ କଲ ନାରଖାର । ଗ୍ରଃ.ନ.ଥ. ବେଣୀସଂହାର ।
୨ । ଯାହାର କେହି ଯତ୍ନ ନିଏନାହିଁ—
2. Uncared for.
୩ । ଦୁର୍ଦ୍ଦଶା ଗ୍ରସ୍ତ—3. Miserable, distressed.
ଏ ଭେଦ ବୁଝିରେ ନାରଖାର ହେବ
ଜମ୍ବୁଦ୍ୱୀପ ଏମନ୍ତ କାଳ । କଳିକଲୋଳ—ଗନସ୍ଥ ।
୪ । ଅସୁନ୍ଦର—4. Ugly.
ନୁହେଁ ତମାଳ ଦଳ ଛବି ।
ଝଡ଼ିଲେ ଦିଶେ ନାରଖାର । ପ୍ରାଚୀ. ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ରୋଦୟ ।

ନାରଗୁଣି—ଦେ. ବି. (ସଂ. ନଖବ୍ରଣ)—୧ । ଅଙ୍ଗୁଳିର ନଖ ମଧ୍ୟରେ
Nāraguṇi ବାହାରିବା କଣ୍ଟକର ବ୍ରଣବିଶେଷ—
आङ्गुलहाडा 1. Whitlow.
घिनहो; घिलौरी; डिठौड़ी [ଦ୍ର—ଅଠାଅଙ୍ଗୁଳି ଅଙ୍ଗୁଠିର ଗଣ୍ଠିରୁ
ମ. ନଖଗୁଡ଼ ବାହାରେ; କିନ୍ତୁ ନାରଗୁଣି ନଖ ସନ୍ଧିରୁ ବାହାରେ ।]
୨ । ଏକ ପ୍ରକାର ବନ୍ୟ ଗଛ—
नारंगुनी 2. Atlantia Monophylla (Haines.)
[ଦ୍ର—ଏଥିରେ ସୁନ୍ଦର ଓ ଖୁବ୍ ପାଲିସ୍ ହାତ ବାଡ଼ି ହୁଏ ।]

ନାରଙ୍ଗ—ସଂ.ବି (ନାରୀ+ଅଙ୍ଗ; ନିପାତନ)—୧ । ବିଟ; ଜାର ପୁରୁଷ—
Nāraṅga 1. A lecher; an adulterer; a libertine.
ସଂ. ନାମ—ନାରଙ୍ଗ, ନାଗରଙ୍ଗ, ତ୍ୱକ୍‌ସୁଗନ୍ଧ, ମୁଖପ୍ରିୟ, ନାର୍ଯ୍ୟଙ୍ଗ, ନାଗର, ନାଗରୁକ, ଐରାବତ
नारजा, नारङ्गि
नारंगी
ଗୁ. ନାରଙ୍ଗୀଲିମ୍ବୁ
ମ. ନାରଙ୍ଗ
ତେ. ଦସ୍ମାକାୟା, ଗଜନିମ୍ମ, ନାରଙ୍ଗପାଣ୍ଡୁ, ନାରିଞ୍ଜପାଣ୍ଡୁ
ତା. କିତଲି
ଅ. ନାରଂଜ
ଫା. ନାରଂଜ
ପର୍ତ୍ତୁଗୀଜ. ଲରଞ୍ଜା
୨ । ଏକପ୍ରକାର ମିଠା ଲେମ୍ବୁ—
2. A kind of orange; Citrus Aurantium (Haines); the sweet orange (Kirtikar).
[ଦ୍ର—ଏହା ଉଦ୍ୟାନଜାତ ଅମ୍ଳ ମଧୁର ଫଳ ବିଶିଷ୍ଟ ଲେମ୍ବୁଜାତୀୟ ତରୁ; ଫଳ ଗୋଲ ଏବଂ ଫଳର ଉପର ଓ ତଳ ଚେପଟା; ଫୁଲ ଧଳା । ଫୁଲ କେଶରଯୁକ୍ତ; ଫୁଲରେ ଫଳ ଧରେ । ଫଳ ବର୍ଷକେ ଥରେ ହୁଏ । ଫଳ କମଳା ଲେମ୍ବୁ ଅପେକ୍ଷା ଛୋଟ । ବୈଦ୍ୟଶାସ୍ତ୍ର ମତରେ ଏହା ଅମ୍ଳ ମଧୁର ଅଗ୍ନି ଦୀପକ ଓ ବାୟୁନାଶକ—ଏହା ମେହ, ପିତ୍ତଜନିତ କାସ, ଜ୍ୱରଜନିତ ଦାହ ଓ ତୃଷ୍ଣାନିବାରଣକର । ପାଚିଲା ଫଳର ଚୋପା ଈଷତ୍ ହଳଦିଆ ମିଶ୍ରିତ ନାଲି । ଆସାମର ଖାସିଆ ପାହାଡ଼, ଶ୍ରୀହଟ୍ଟ (ସିଲ୍‌ହଟ୍), ମଧ୍ୟପ୍ରଦେଶର ନାଗପୁରରେ ଯେଉଁ ନାରଙ୍ଗ ହୁଏ ତାହା ପାଚିଲେ ମଧୁରରସ ହୁଏ ଓ ତାହାକୁ ଲୋକେ ମିଠା କମଳା କହନ୍ତି । ଆଜି କାଲି ବାମଣ୍ଡା, ନୂଆଗଡ଼ଆଦି ଗଡ଼ଜାତରେ ମିଠା କମଳା ବୃକ୍ଷ ରୋପଣ କରାଯାଇ ତହିଁରେ ମିଷ୍ଟରସ କମଳା ଫଳୁଥିବାର ଦେଖାଯାଏ; କଥିତ ଅଛି ଯେ ସ୍ପେନରେ ମୁସଲମାନ୍ ରାଜତ୍ୱକାଳରେ ଫାରସୀ 'ନାରଂଜ' ଶବ୍ଦ ସ୍ପେନଭାଷାରେ ଚଳିଲା ଓ କ୍ରମଶଃ ତାହା ଇଂରାଜଭାଷାରେ 'a narange' (ଗୋଟିଏ ନାରଙ୍ଗ) ଚଳିଲା ଓ ଲୋକେ 'ଏ ନାରେଂଜ' କହୁ କହୁ ଅନ୍ ଅରେଞ୍ଜ an orange କଲେ ଓ ଏଥିରୁ ଇଂରାଜ ଭାଷାରେ ଅରେଞ୍ଜ (ଲେମ୍ବୁ) ଶବ୍ଦ ଚଳିଲା ।]
୩ । ପିପ୍ପଳୀ ଗୁଳ୍ମର ରସ—3. The juice of the pepper plant (M. W.)
୪ । ପ୍ରାଣୀ ବା ଜୀବ—4. A living being (M. W.)
୫ । ଯମଜ ମଧ୍ୟରୁ ଏକ—5. A twin (M. W.)
୬ । ଶୁକପକ୍ଷୀ—6 A parrot (M. W.)

ନାରଙ୍ଗକ—ସଂ. ବି. (ନାରଙ୍ଗ+କ)—୧ । ନାରଙ୍ଗ (ଦେଖ)
Nāraṅgaka 1 Nāraṅga (See)
୨ । ଗାଜର—2. Carrot (Apte).

ନାରଙ୍ଗା—ଦେ. ବି—୧ । ବନ୍ୟ ଗୁଳ୍ମବିଶେଷ—
Naraṅgā 1. A kind of wild plant; Geolonium Multiflorum.
बननारङ्गा, नाराङ्गि
बनेयानारंगी [ଦ୍ର—ଏହା ଚିରଶ୍ୟାମଳ ବନ୍ୟତରୁ, ଏହାର ଫଳ ଛୋଟ ଛୋଟ । ପାଚିଲେ ପାଚିଲା ନାରଙ୍ଗ ବର୍ଣ୍ଣ ଏବଂ ନାରଙ୍ଗ ଲେମ୍ବୁର ବାସନା ହୁଏ ଓ ଫାଟିଯାଏ । ଫୁଲ ଛୋଟ, ପୀତବର୍ଣ୍ଣ ଓ ଗ୍ରୀଷ୍ମକାଳରେ ଫୁଟେ । ଏହି ନାରଙ୍ଗ ପତ୍ର ପରି, କିନ୍ତୁ ଛୋଟ ।]
नारंग ୨ । ନାରଙ୍ଗ (ଦେଖ)
2. Nāraṅga (See)

୩ । ଗ୍ରାମଦେବତାବିଶେଷ—
3. Name of a Goddess.

নারঙ্গা ୪ । ଶିଶୁମାନଙ୍କ ଦେହରେ ନାଲି ଚକା ଚକା ଫୁଲ ଦାଗ
नारंगीशिहुली ହେବା ଏକପ୍ରକାର ରୋଗ—4. Erysipelas.
[ଦ୍ର—ଏହା ପାଚିଲେ ନଷ୍ଟ ହୁଏ ଓ ବେଳେ ବେଳେ ମାରାତ୍ମକ ହୁଏ ।]

ନାରଙ୍ଗୀ—ଦେ. ବଣ—ପାଚିଲା ନାରଙ୍ଗ ଲେମ୍ବୁପରି ବର୍ଣ୍ଣବିଶିଷ୍ଟ ନାଲି
Nārangi ମିଶା ହଳଦିଆ—Orange-coloured.
নারংগী ଦେ. ବି—୧ । ନାଲି ମିଶା ହଳଦିଆ ବର୍ଣ୍ଣ—
नारंजी 1. Orange colour
୨ । ନାରଙ୍ଗା (ଦେଖ)—2. Nārangā (See)

ନାର ଜୀବନ—ସ. ବି—ସ୍ୱର୍ଣ୍ଣ—
Nāra jibana Gold (Apte).

ନାରଣ—ଦେ. ବି. ପୁଂ (ଅନାଦରାର୍ଥକ)—ନାରାୟଣ ନାମକ ବ୍ୟକ୍ତିର
Nārana ଡାକ ନାମ—A name for calling a person
নারান, **नारन, नरू** named Nārāyana.
[ନାରଣା, ନାରଣିଆଁ (ଅ), ନାରେଣିଆଁ (ଅ)—ଅନାଦରାର୍ଥକ ରୂପ]

ନାରଦ—ସ. ବି. ପୁଂ (ନାର=ମନୁଷ୍ୟ ସମ୍ବନ୍ଧ ବା ଜ୍ଞାନ+ଦା ଧାତୁ+
Nārada ଅ; ଯେ ମନୁଷ୍ୟମାନଙ୍କୁ ଉପଦେଶ ଦିଅନ୍ତି ବା ଯେ ଜ୍ଞାନ ଉପଦେଶ ଦିଅନ୍ତି ।)—୧ । ବ୍ରହ୍ମାଙ୍କ ଦଶ ଜଣ ମାନସ ପୁତ୍ର ମଧ୍ୟରୁ ଏକତମ; ପ୍ରସିଦ୍ଧ ମୁନିବିଶେଷ—
1. Name of a celebrated sage, the son of Brahmā
୨ । ଅଷ୍ଟାଦଶ ପୁରାଣ ମଧ୍ୟରୁ ଗୋଟିଏ ପୁରାଣ—2. Name of one of the eighteen Hindu Purānas.
୩ । ମହାଭାରତୋକ୍ତ ବିଶ୍ୱାମିତ୍ରଙ୍କର ଏକ ପୁତ୍ର—
3. Name of a son of sage Biswāmitra.
୪ । କଶ୍ୟପ ମୁନିଙ୍କ ସ୍ତ୍ରୀଙ୍କଠାରୁ ଉତ୍ପନ୍ନ ଗନ୍ଧର୍ବ ବିଶେଷ—
4. Name a Gandharba, son of sage Kasyapa.
୫ । ଏକ ପ୍ରଜାପତିଙ୍କ ନାମ (ହି. ଶବ୍ଦସାଗର)—
5. Name of a progenitor of mankind.
୬ । ମତ୍ସ୍ୟପୁରାଣୋକ୍ତ ଶାକଦ୍ୱୀପର ପର୍ବତବିଶେଷ—
6. Name of a mythological mountain.
୭ । ବୃହନ୍ନାରଦୀୟ ନାମକ ଉପପୁରାଣ—7. Name of a minor Hindu mythological work.
ଦେ. ବିଣ. ପୁଂ (ରଦ ଅର୍ଥାତ୍ ଦାନ୍ତ ନ ଥିବାରୁ)—ଦନ୍ତହୀନ, ପାକୁଆ—Toothless.
ହାଣ ଚଣା ଚର୍ବଣ ନାରଦ କଲ ପରି—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
ଦେ. ବି—ଯେ ପର ଘରେ କଳି ମଞ୍ଜି ବୁଣେ—One who
নারদ sows seeds of dissension in another's
नारद् family.
[ଦ୍ର—ନାରଦମୁନି ପୁରାଣ, ବେଦାନ୍ତ, ତନ୍ତ୍ର ଓ ସ୍ମୃତିଶାସ୍ତ୍ରଆଦି ଅନେକ ଗ୍ରନ୍ଥର ପ୍ରଣେତା । ନାରଦ ସ୍ମୃତି ଗୋଟିଏ ପ୍ରସିଦ୍ଧ ଗ୍ରନ୍ଥ । ଏ ମନପବନ ବାହନ (ଚିଙ୍କି ଅଳୁଢ ବିଶିଷ୍ଟ)ରେ ଚଢ଼ି ଦେବଲୋକ ଓ ମର୍ତ୍ତ୍ୟଲୋକକୁ ଯିବା ଆସିବା କରି ସ୍ୱର୍ଗର ଖବର ମର୍ତ୍ତ୍ୟରେ ଓ ମର୍ତ୍ତ୍ୟର ଖବର ସ୍ୱର୍ଗରେ ଦେଇ ସ୍ୱର୍ଗବାସୀ ଓ ମର୍ତ୍ତ୍ୟବାସୀଙ୍କ ମଧ୍ୟରେ କଳି ଉଠାଉ ଥିବା ବିଷୟ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଥିବାରୁ ଲୋକେ କଳି ଉଠାଇବା ବ୍ୟକ୍ତିଙ୍କୁ 'ନାରଦ' ନାମ ଦିଅନ୍ତି । ନାରଦଙ୍କ ହାତରେ ଥିବା ମୁଣିକୁ ଲୋକେ କଳି ମୁଣି ବା କଳି ଧୋକଡ଼ି କହନ୍ତି । ଏହାଙ୍କ ବାହାନ ଚିଙ୍କି ପରି (ସମ୍ଭବତଃ Aeroplane ବା ଉଡ଼ାଜାହାଜ) । ଏହାଙ୍କ କାନ୍ଧରେ ବୀଣା, ହାତରେ ଜପମାଳା, କାଖରେ କଳିଧୋକଡ଼ି । ଏ ସାଙ୍ଗସଜ୍ଜର ଅବିଷର୍ଗ ବୋଲି ବିଖ୍ୟାତ । ଜଟାଜୁଟବିଶିଷ୍ଟ ବୃଦ୍ଧ ଋଷିରୂପେ ଲୋକେ ଏହାଙ୍କର କଳ୍ପନା କରନ୍ତି ।]

ନାରଦଚମ୍ପା—ଦେ. ବି—ପନାସିଆ (ଦେଖ)
Nāradachampā Panāsiā (See)

ନାରଦ ପଞ୍ଚରାତ୍ର—ସ. ବି—ନାରଦମୁନିଙ୍କ କୃତ ଭକ୍ତି ଗ୍ରନ୍ଥବିଶେଷ—
Nārada pancharātra Name of a philosophical or devotional treatise ascribed to Nārada.

ନାରଦ ପୁରାଣ—ସ. ବି—୧ । ନାରଦ କୃତ ପୁରାଣବିଶେଷ—1. Name
Nārada purāna of a Hindu mythological work.
[ଦ୍ର—ଏହା ଅଷ୍ଟାଦଶ ମହାପୁରାଣ ମଧ୍ୟରେ ଗଣ୍ୟ ।]
୨ । ବୃହନ୍ନାରଦୀୟ ନାମକ ଉପପୁରାଣ—
2. Name of a secondary mythological work ascribed to sage Nārada.

ନାରଦ ସ୍ମୃତି—ସ. ବି—ନାରଦ କୃତ ହିନ୍ଦୁ ବ୍ୟବସ୍ଥା ଶାସ୍ତ୍ର—
Nārada smruti Name of a treatise on Hindu law and usage by Nārada.

ନାରଦା—ଦେ. ବି—ଏକପ୍ରକାର ଶାରଦ ଧାନର ନାମ—
Nāradā Name of a kind of winter paddy.

ନାରଦୀ—ଦେ. ବି—୧ । ବାଦ୍ୟଯନ୍ତ୍ରବିଶେଷ—
Nāradi 1. A musical instrument.
नारदी ମର୍ଦ୍ଦଳ ତାଳ ବଜେ ନାରଦୀ ବାଇଣ—ପ୍ରାଚୀ, ଶାସ୍ତ୍ରକରଙ୍କ ଗୀତ ।
୨ । ସ୍ତ୍ରୀଲୋକଙ୍କୁ ଦିଆଯିବା ଗାଳି—
2. A term of abuse applied to females.
ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀ ପର ଘରେ କଳହର ସୂତ୍ରପାତ କରେ—
(a woman) Sowing the seeds of dissension in the families of others.

ନାରଦୀୟ—ସ. ବିଣ (ନାରଦ+ସମ୍ବନ୍ଧାର୍ଥେ ଈୟ)—୧ । ନାରଦ
Nāradiya ସମ୍ବନ୍ଧୀୟ—1. Pertaining to Nārada.
୨ । ନାରଦ କୃତ ବା ରଚିତ—
2 Composed by Nārada.
(ଯଥା—ନାରଦୀୟ ପୁରାଣ, ନାରଦୀୟ ତନ୍ତ୍ର, ନାରଦୀୟ ସ୍ମୃତି ।)

ନାରଦୀୟ ତନ୍ତ୍ର—ସ. ବି.—ନାରଦ ପ୍ରଣୀତ ତନ୍ତ୍ର ଶାସ୍ତ୍ର ବିଶେଷ—
Nāradiya tantra Name of a Tantra treatise attributed to sage Nārada.

ନାରସିଂହ—ଦେ. ବିଣ. ପୁଂ (ନରସିଂହ+ଅ)—୧ । ନରସିଂହ ଅବତାର
Nārasimha ସମ୍ବନ୍ଧୀୟ—1. Relating to Bishnu's in-
(ନାରସିଂହୀ—ସ୍ତ୍ରୀ) carnation as Narasimha.

୨ । ନୃସିଂହ ରୂପ ବିଶିଷ୍ଟ; (ଅର୍ଦ୍ଧ ନର ଓ ଅର୍ଦ୍ଧ ସିଂହ ଶରୀର ବିଶିଷ୍ଟ —2. Having the shape of the fifth incarnation of Bishṇu (lower half man and upper half lion).

ସ. ବି.—୧ । ନରସିଂହ ରୂପଧାରୀ ବିଷ୍ଣୁ—1. Bishṇu in the shape of Narasiṁha.

୨ । ନରସିଂହ ଅବତାର ବର୍ଣ୍ଣନାତ୍ମକ ଉପପୁରାଣବିଶେଷ— 2. Name of a secondary mythological treatise.

୩ । ତନ୍ତ୍ରବିଶେଷ—3. The title of a Tantrik treatise.

ନାରସିଂହୀ—ସ. ବି. ସ୍ତ୍ରୀ—ନରସିଂହ ମୂର୍ତ୍ତିଧାରିଣୀ ଦୁର୍ଗାଙ୍କ ମୂର୍ତ୍ତି—
Nārasiṁhi An incarnation of Durgā, half woman and half lion.

[ଦ୍ର—ଅସୁର ବିନାଶ ସମୟରେ ଏ ଆବିର୍ଭୂତା ହୋଇଥିବା କଥା ଚଣ୍ଡୀ ପୁରାଣରେ ବର୍ଣ୍ଣିତ ଅଛି ।]

ନାରା—ସଂ. ବି.—(ନାର+ଆ)—ନାର (ଦେଖ)
Nārā Nāra (See)

ନାରାଏଣୀ—ଗ୍ରା. ବି. ସ୍ତ୍ରୀ (ସଂ. ନାରାୟଣୀ)—୧ । ଦେବୀ ବିଶେଷ—
Nārāeṇi 1. Name of a village Goddess.

୨ । ନାରାୟଣୀ (ଦେଖ)—2. Nārāyaṇi (See)

ନାରାଚ—ସଂ. ବି. (ନାର=ନରସମୂହ+ଆ. ଉପସର୍ଗ+ଚମ୍ ଧାତୁ=
Nārācha ଭୋଜନ କରିବା+କର୍ତ୍ତୃ. ଅ; ଯେ ମନୁଷ୍ୟମାନଙ୍କୁ ଖାଏ ବା ମାରି ପକାଏ)—୧ । ଲୌହମୟ ବାଣ—
1. Iron arrow.

ଅଜକ କୁସୁମ ନାରାଚ ଗଜବହୁଣୀ ଲତା । ଉଷ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

[ଦ୍ର—ସାଧାରଣ ଶରରେ ୪ଟି ପକ୍ଷ ଲାଗିଥାଏ, ନାରାଚରେ ୫ଟି ପକ୍ଷ ଲାଗିଥାଏ ଓ ଏହା ଚଳାଇବା ଅପେକ୍ଷାକୃତ କଠିନ ।]

୨ । ୨୪ ମାତ୍ରା ବିଶିଷ୍ଟ ଛନ୍ଦୋବିଶେଷ—
2. Name of a Sanskrit metre of 24 syllables.

୩ । ଦୁର୍ଦ୍ଦିନ; ମେଘାଚ୍ଛନ୍ନ ଦିବସ—
3. A bad clody uday.

ଦେ. ବି—ବାଣ; ଶର—Arrow.

ନାରାଚୀ—ସଂ. ବି. (ନାରାଚ+ସାଦୃଶ୍ୟାର୍ଥେ. ଈ)—୧ । ନାରାଚ ଆକୃତି
Nārāchi ବିଶିଷ୍ଟ ଛୋଟ ତୁଳାଦଣ୍ଡ; ତରାଜୁ; ତରାଜୁ—
1. A pair of small scales.

୨ । ବିଶାକାଠି—2. Scale-beam.

ନାରାଜ—ଦେ. ବି. (ସଂ. ନାରାଚ)—ବାଣ—
Nārāja Arrow; shaft.

ହରପରଶ୍ୱ ଦୁର୍ଜ୍ଜର ନାରାଜରାଜରେ ମୋଇ
ପଡ଼ିଲେ ଏହା କଲେ ପନା । ବିଦଗ୍ଧମାଧବ. ସର୍ଗାଠ ।

নারাজ ବୈଦେ. ବିଣ. (ପା. ନାରାଜ୍)—୧ । ଅସନ୍ତୁଷ୍ଟ; ଅପ୍ରସନ୍ନ—
नाराज 1. Dissatisfied; displeased.

୨ । ଅସମ୍ମତ—2. Disagreeing; not agreeable.

୩ । ଅନିଚ୍ଛୁକ—3. Unwilling.

୪ । ରୁଷ୍ଟ—4. Angry.

ନାରାଜି—ଦେ. ବି. (ପା. ନାରାଜୀ; ନାରାଜଗୀ)—
Nārāji ୧ । ଅସନ୍ତୋଷ; ଅପ୍ରସନ୍ନତା—
নারাজী 1. Dissatisfaction; displeasure.
नाराजगी; नाराजी ୨ । ଅନିଚ୍ଛା—2. Unwillingness.

୩ । ଅସମ୍ମତି—3. Disagreement.

୪ । କ୍ରୋଧ; ରୋଷ—4. Anger.

ନାରାୟଣ—ସ. ବି. ପୁଂ. (ନାର=ଜଳ+ଅୟନ=ସ୍ଥାନ; ନାର=
Nārāyaṇa ନରସମୂହ+ଅୟନ=ଆଶ୍ରୟ; ଯେ ସୃଷ୍ଟି ଆଦ୍ୟରେ
(ନାରାୟଣୀ—ସ୍ତ୍ରୀ) ବା ପ୍ରଳୟକାଳରେ ଜଳରେ ଶୟନ କରିଥିଲେ, କିମ୍ବା ଯେ ନରମାନଙ୍କର ଆଶ୍ରୟ; ଅଥବା ନାର=ସାରୂପ୍ୟମୁକ୍ତି+ଅୟନ=ସ୍ଥାନ; ଯେ ସାରୂପ୍ୟମୁକ୍ତିର ସ୍ଥାନ)—୧ । ବିଷ୍ଣୁ; ଭଗବାନ୍—1 Name of Bishṇu,

୨ । ଋଷି ବିଶେଷ (ନର ତଳେ ନୋଟ୍ ଦେଖ)
2. Name of a sage.

୩ । (ନାମ) ଅଜାମିଳ ନାମକ ମହାପାପୀର ପୁତ୍ର—
3 Name of the son of a great sinner named Ajāmiḷa.

[ଦ୍ର—ଅଜାମିଳ ଜୀବନ ଯାକ ପାପ କରି ମୃତ୍ୟୁ କାଳରେ ପୁତ୍ରକୁ ଡାକିବା ଯୋଗୁଁ ନାରାୟଣ ନାମ ଉଚ୍ଚାରଣ କରିବାରୁ ମୁକ୍ତି ଲାଭ କରିଥିଲା ।]

୪ । ପୌଷ ମାସ (ହି. ଶବ୍ଦସାଗର)—
4. The month Paushā.

୫ । ଅ ଅକ୍ଷର (ହି. ଶ.)—5. The alphabet 'A'

୬ । କୃଷ୍ଣ ଯଜୁର୍ବେଦାନ୍ତର୍ଗତ ଉପନିଷଦବିଶେଷ—
6. Title of an Upanishad in the Black Jajurbeda.

୭ । ଅସ୍ତ୍ର ବିଶେଷ (ହି. ଶବ୍ଦସାଗର)—
7. Name of a weapon.

ଦେ ବି. ପୁଂ.—ମନୁଷ୍ୟଙ୍କ ନାମ—Name given to males.

ନାରାୟଣ ଆଚାର୍ଯ୍ୟ—ଦେ. ବି. (ନାମ)—ଜନୈକ ଉତ୍କଳୀୟ କବି—
Nārāyaṇa āchārjya An oriya poet.
[ଦ୍ର—ଏ 'ସୁଲକ୍ଷଣା' ନାମକ ଖଣ୍ଡିଏ ଅଦରସାତ୍ମକ କାବ୍ୟ ରଚନା କରିଥିଲେ—ତାରିଣୀ. ଉତ୍କଳ-ସାହିତ୍ୟ-ଇତିହାସ]

ନାରାୟଣ କ୍ଷେତ୍ର—ସ. ବି.—୧ । ଗଙ୍ଗା ନଦୀର ପ୍ରବାହରୁ ଚାରିହାତ
Nārāyaṇa kshetra ପରିମିତ ସ୍ଥାନ (ଏହି ପରିସରରେ ନାରାୟଣ ସର୍ବଦା ବିରାଜମାନ ଥିବାର କଳ୍ପିତ)—
1. The space of four cubits on each side of the water of the Ganges.

୨ । ବିଷ୍ଣୁ କ୍ଷେତ୍ର; ଯେଉଁ କ୍ଷେତ୍ରର ରକ୍ଷକ ବିଷ୍ଣୁ—
2. A sacred place presided over by Bishṇu.

ନାରାୟଣ ଗାୟତ୍ରୀ—ସଂ. ବି.—ତୈତ୍ତିରୀୟ ଆରଣ୍ୟକରେ ଲକ୍ଷିତ
Nārāyaṇa gāyatrī ନାରାୟଣ ଦେବଙ୍କ ନାମ ସମ୍ବଳିତ
ଗାୟତ୍ରୀ—An esoteric formula treating of the Deity Nārāyaṇa.
ନାରାୟଣ ବିଦ୍ମହେ, ବାସୁଦେବାୟ ଧୀମହି ତନ୍ନୋ ବିଷ୍ଣୁଃ ପ୍ରଚୋଦୟାତ୍
ତୁ, ଶବ୍ଦସାଗର ।

ନାରାୟଣ ତୈଳ—ସଂ. ବି.—ଆୟୁର୍ବେଦୋକ୍ତ ତୈଳବିଶେଷ—
Nārāyaṇa taila Name of a medicated oil.

ନାରାୟଣ ପାଇବା—ଦେ. କ୍ରି.—(ଶୁଭବାଚକ) ମରିଯିବା—
Nārāyaṇa pāibā (euphemism) To die.
(ନାରାୟଣ ଭଜିବା, ନାରାୟଣ ଲଭିବା, ନାରାୟଣ ହେବା—ଅନ୍ୟରୂପ)
वैकुंठ लाभ करा **शरन लेना, वैकुण्ठ लाभ करना**

ନାରାୟଣ ପୁରୋହିତ—ଦେ. ବି. (ନାମ) ଜଣେ ଓଡ଼ିଆ କବି—
Nārāyaṇa purohita An Oria poet
[ଦ୍ର—ଏ 'ବୃତ୍ତରତ୍ନାକର' ନାମକ **ଓଡ଼ିଆ** ଛନ୍ଦବିଷୟକ ଶଣ୍ଡିବ ଗ୍ରନ୍ଥ ରଚନା **କରିଥିଲେ** ।]

ନାରାୟଣ ବଳି—ସଂ. ବି.—ଆତ୍ମଘାତଦ୍ୱାରା ମୃତ ବ୍ୟକ୍ତି ର ପତିତ ଆତ୍ମାର
Nārāyaṇa bali ପ୍ରାୟଶ୍ଚିତ୍ତ ପାଇଁ ନାରାୟଣ ଆଦି ପଞ୍ଚଦେବତାଙ୍କ
ଉଦ୍ଦେଶ୍ୟରେ ଦିଆଯିବା ବଳି (ତୁ. ଶ.)—
An oblation made in expiation of the sin of a suicide after his death.
[ଦ୍ର—ହିନ୍ଦୁ ଶାସ୍ତ୍ର ଅନୁସାରେ ଆତ୍ମହତ୍ୟା ଗୋଟିଏ ଗୁରୁତର ପାପ । ଆତ୍ମଘାତୀ ଲୋକର ଔର୍ଦ୍ଧ୍ୱଦୈହିକ କ୍ରିୟା ସାଧାରଣ କ୍ରିୟା ପାଇଁ ନିର୍ଦ୍ଧାରିତ ସମୟରେ କରା ନ ଯାଇ ମୃତ୍ୟୁର ଏକ ବର୍ଷ ପରେ ନାରାୟଣ ବଳି ଓ ପର୍ଣ୍ଣନରଦାହ କରାଯାଇ ତତ୍ପରେ ଶ୍ରାଦ୍ଧ ଆଦି କରାଯାଏ । ଆତ୍ମଘାତୀ ଲୋକର ଶବଦାହ କରିବା ବ୍ୟକ୍ତିଙ୍କୁ ମଧ୍ୟ ପ୍ରାୟଶ୍ଚିତ୍ତ କରିବାକୁ ପଡ଼େ ।]

ନାରାୟଣୀ—ସଂ. ବି. ସ୍ତ୍ରୀ (ନାରାୟଣ+ସ୍ତ୍ରୀ. ଈ)—୧ । ଦୁର୍ଗା—
Nārāyaṇī Goddess Durgā.
[ଦ୍ର—ମାର୍କଣ୍ଡେୟ ଚଣ୍ଡୀରେ ବର୍ଣ୍ଣିତ ଅଛି ଯେ ଏ ନାରାୟଣଙ୍କ ଦେହରୁ ଜାତ ହୋଇଥିଲେ ।]
୨ । ଲକ୍ଷ୍ମୀ—2. Lakshmī.
୩ । ଗଙ୍ଗା—3. The Ganges.
୪ । ମୁଦ୍ଗଲ ମୁନିଙ୍କ ପତ୍ନୀ—
4, The name of the wife of the sage Mudgala.
୫ । ଶତାବରୀ; ଶତମୂଳୀ; ଛତୁଆରୀ—
5. The Indian climbing asparagus; Asparagus Racemocus.
୬ । ନାରାୟଣୀ ସେନା (ଦେଖ)
6. Nārāyaṇī senā (See)
୭ । (ପୁଂ) ବିଶ୍ୱାମିତ୍ରଙ୍କ ଏକ ପୁତ୍ର—
7. Name of a son of sage Biswāmitra.
ସଂ. ବିଣ. ସ୍ତ୍ରୀ—ନାରାୟଣଙ୍କ ଶରୀରରୁ ଉତ୍ପନ୍ନା—
Born of the body of Nārāyaṇa.
(ଯଥା—ନାରାୟଣୀ ସେନା; ନାରାୟଣୀ ଶକ୍ତି ।)
ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—
A nama given to females.

ନାରାୟଣୀୟ—ସଂ. ବିଣ (ନାରାୟଣ+ଈୟ)—ନାରାୟଣସମ୍ବନ୍ଧୀୟ—
Nārāyaṇīya Relating to the Deity Nārāyaṇa.
[ଦ୍ର—ମହାଭାରତର ଶାନ୍ତିପର୍ବରେ ନାରାୟଣ ଓ ନାରଦଙ୍କ ମଧ୍ୟରେ କଥୋପକଥନର ନାମ ନାରାୟଣୀୟ ଉପାଖ୍ୟାନ ।]

ନାରାୟଣୀ ସେନା—ସଂ ବି—ନାରାୟଣଙ୍କ ଦେହରୁ ଉଦ୍ଭୂତ ସେନା—
Nārāyaṇī senā An army which was said to come out of the body of Nārāyaṇa.
[ଦ୍ର—ଦୁର୍ଯ୍ୟୋଧନ କୁରୁକ୍ଷେତ୍ର ଯୁଦ୍ଧରେ ଶ୍ରୀକୃଷ୍ଣଙ୍କଠାରୁ ସାହାଯ୍ୟରୂପେ ଏହି ସେନା ପାଇଥିଲେ କିନ୍ତୁ ସ୍ୱୟଂ ଶ୍ରୀକୃଷ୍ଣ ପାଣ୍ଡବଙ୍କ ପକ୍ଷରେ ସାରଥି ହୋଇଥିଲେ ।]

ନାରାଶଂସ—ସଂ. ବିଣ—୧ । ମନୁଷ୍ୟର ପ୍ରଶଂସାବିଷୟକ (ତୁ. ଶ.)—
Nārāśaṃsa 1. Eulogistic.
୨ । ସ୍ତୁତିସମ୍ବନ୍ଧୀୟ—2. Relating to praise.
ସଂ. ବି—୧ । ବେଦରେ ରାଜା ଆଦିଙ୍କ ପ୍ରଶଂସାତ୍ମକ ମନ୍ତ୍ର (ତୁ.ଶ)
1 Vedic formulas eulogising the kings.
୨ । ପିତୃଲୋକଙ୍କୁ ଯେଉଁ ଚମସରେ ସୋମରସ ଅର୍ପିତ ହୁଏ—
2. A spoon in which the Soma juice is offered to the souls of deceased ancestors.
୩ । ପିତୃଗଣ—3 The spirits of the deceased ancestors.
୪ । ପିତୃଲୋକଙ୍କ ପାଇଁ ରକ୍ଷିତ ସୋମରସ—
4 The Soma juice reserved for the spirits of the deceased ancestors.

ନାରାଶଂସୀ—ସଂ. ବି—୧ । ମନୁଷ୍ୟର ପ୍ରଶଂସା (ତୁ. ଶ.)
Nārāśaṃsī 1 The praise of man.
୨ । ରାଜା ଆଦିଙ୍କ ଦାନର ପ୍ରଶସ୍ତି ଥିବା ବେଦର ମନ୍ତ୍ରାଂଶ (ତୁ. ଶ.)—2 The part of the vedic formulas which praise the Rajas for their meritorious donations.

ନାରିକ—ସଂ. ବିଣ. (ନର+ଇକ)—୧ । ଜଳ ସମ୍ବନ୍ଧୀୟ—
Nārika 1. Relating to water; aquatic.
୨ । ଜଳୀୟ—2 Full of water.
୩ । ଆତ୍ମସମ୍ବନ୍ଧୀୟ; ଆଧ୍ୟାତ୍ମିକ—
3. Spiritual; relating to the soul.
ସଂ. ବି.—ଜଳମୟ ସ୍ଥାନ—
A place full of water.

ନାରିକିର ବାଇଗଣ—ଦେ. ବି (ସଂ. ନାରିକେଳରୁ) ସଦାଫଳା (ଦେଖ)
Nārikiri bāigaṇa Sadāphalā (See)
ନାରିକେର ବାଇଗଣ } ଅନ୍ୟରୂପ
ନାରିକେଳ ବାଇଗଣ }
[ଦ୍ର—ନାରିକେଳ ବା ନଡ଼ିଆପରି ଏହା ସବୁ ଋତୁରେ ଫଳୁ ଥିବାରୁ ଏହି ନାମ ହୋଇଅଛି ।]
तगबीसजमन

ନାରିକେର—ସ. ବି.—(ନାରକ=ଜଳମୟ ସ୍ଥାନ+ଇ ଧାତୁ=ଗମନ କରିବା+ସଜ୍ଞାର୍ଥେ ଅ)—ନଡ଼ିଆ (ଦେଖ)—
Nārikera Nardiā (See)

ନାରିକେରି ବାଇଗଣ—ଦେ. ବି—ସଦାଫଳା (ଦେଖ)
Nārikeri bāigaṇa Sadāphaḷā (See)

ନାରିକେଳ—ସ. ବି. (ନାରକ=ଜଳମୟ ସ୍ଥାନ+ଇ ଧାତୁ=ଗମନ କରିବା+ସଜ୍ଞାର୍ଥେ. ଅ)—ନଡ଼ିଆ (ଦେଖ)
Nārikeḷa Nardiā (See)

(ନାରୀକେଳ, ନାରିକେଳ(ଳୀ), ନାରକେଲ, ନାରିକେର, ନାରୀକେଳ(ଳୀ), ନାଡ଼(ଡ଼ୀ)କେର, ନାଳକେଳ(ଳୀ)—ଅନ୍ୟରୂପ)

ନାରିକେଳ କ୍ଷୀରୀ—ସ. ବି.(ନାରିକେଳ+କ୍ଷୀର+ଈ)—
Nārikeḷa kshiri ନଡ଼ିଆ କୋରିରେ ପ୍ରସ୍ତୁତ ଏକପ୍ରକାର ମିଷ୍ଟାନ୍ନ—A sweetmeat made of the scrapings of the cocoanut kernel.

[ଦ୍ର—ନଡ଼ିଆ କୋରିକୁ ଘିଅ ଓ ଚିନିରେ ମିଶାଇ ଦୁଧରେ ସିଝି କରି ଗାଢ଼ା ହେଲେ ଓହ୍ଲାଇ ଏହା ତିଆରି ହୁଏ ।]

ନାରିକେଳ ଖଣ୍ଡ—ସ. ବି—ଆୟୁର୍ବେଦୋକ୍ତ ଔଷଧବିଶେଷ—
Nārikeḷa khaṇḍa A medicinal preparation

[ଦ୍ର—ଏଥିର ପ୍ରଧାନ ଉପକରଣ ନଡ଼ିଆ । ନଡ଼ିଆ କୋରିରେ ଘିଅ ଓ ଚିନି ମିଶାଇ ନଡ଼ିଆ ପାଣିରେ ଏହାକୁ ସିଝାଇ ଏଥିରେ ଧନିଆ, ପିପ୍ପଳୀ, ବଂଶଲୋଚନା, ଅଳାଇଚ, ନାଗକେଶର ଓ ତେଜପତ୍ରର ଚୂର୍ଣ୍ଣ ମିଶାଇ ଏହା ତିଆରି ହୁଏ । ଏଥିରେ ଅମ୍ଳପିତ୍ତ, ଅରୁଚି, କ୍ଷୟ ରୋଗ, ରକ୍ତପିତ୍ତ ଓ ଶୂଳ ଦୂର ହୁଏ ଓ ପୁରୁଷତ୍ୱ ବୃଦ୍ଧି ହୁଏ । ହି. ଶ.]

ନାରିକେଳ ତୈଳ—ସ. ବି—ନଡ଼ିଆ ତେଲ (ଦେଖ)
Nārikeḷa taiḷa Nardiā tela (See)

ନାରିକେଳାସବ—ସ. ବି—ନଡ଼ିଆ ଗଛରୁ ଉତ୍ପନ୍ନ ମଦ୍ୟ ବା ତାଡ଼ି—
Nārikeḷāsaba Wine or toddy produced from cocoanut trees.

[ଦ୍ର—ମାନ୍ଦ୍ରାଜ ଅଞ୍ଚଳରେ ନଡ଼ିଆ ଗଛର କଞ୍ଚା ଶୋଷା ବା ଫଳକୋଷର ଅଗକୁ କାଟି ସେଥିରୁ ଖଜୁରୀ ରସ ଭଳି ଏକପ୍ରକାର ତାଡ଼ି ବାହାର କରାଯାଏ ।]

ନାରିକେଳ ବାଇଗଣ—ଦେ. ବି—ସଦାଫଳା (ଦେଖ)
Nārikeḷi bāigaṇa Sadāphaḷā (See)

ନାରିକେଳୀ—ସ. ବି—୧ । ନଡ଼ିଆ (ଦେଖ)
Nārikeḷi 1. Nardiā (See)

୨ । ନଡ଼ିଆ ପାଣି ବାସି ହୋଇ ତହିଁରୁ ଉତ୍ପନ୍ନ ମଦିରା—
2. A fermented liquor made from the water of the cocoanut (Apte).

ନାରିଗିଣିଆଁ—ପ୍ରାଦେ. (ଗଡ଼ଜାତ) ବି—ନାରଙ୍ଗୁଣି (ଦେଖ)
Nāriginiān̄ Nāraguṇi (See)

ନାରିବା—ପ୍ରାଦେ. (ସମ୍ବଲପୁର) କି—ପ୍ରତାରଣା କରିବା—
Nāribā To cheat.

ଏକଠାରେ ଥାଇ ନାରୁଅଛ ଦେଖ ଦେଖ ।
ପ୍ରାଚୀ. ଚନ୍ଦ୍ରବଦନ ଗୀତା ।

ନାରୀ—ସ. ବି. ସ୍ତ୍ରୀ. (ନର+ସମ୍ବନ୍ଧାର୍ଥେ ଅ+ସ୍ତ୍ରୀ. ଈ)—
Nāri ୧ । ସ୍ତ୍ରୀ ଜାତି; ସ୍ତ୍ରୀ ଲୋକ—1. Woman.

୨ । ଭାର୍ଯ୍ୟା; ପତ୍ନୀ—2. Wife.

୩ । ୨୩ ଅକ୍ଷର ଯୁକ୍ତ ଛନ୍ଦୋବିଶେଷ—
3. Name of a sanskrit metre of 23 letters.

ଦେ. ବି—୧ । ପରଦାରା ଗମନ—1. Adultary.

୨ । (ଆଦରାର୍ଥକ) ନରହରି, ନରସିଂହ ଓ ନାରାୟଣର ଡାକ ନାମ—2. A name for calling persons named Narahari, Narasimha and Nārāyana.

ନାରୀ କବଚ—ସ. ବି. (ନାମ)—ସୂର୍ଯ୍ୟ ବଂଶୀୟ ରଜା; ମୂଳକ ରଜା—
Nāri kabacha Name of a king of the solar dynasty.

[ଦ୍ର—ଏ ଅଶ୍ମକ ରଜାଙ୍କ ପୁତ୍ର ଓ ସୌଦାସଙ୍କ ପୌତ୍ର ଥିଲେ । ଯେତେବେଳେ ପରଶୁରାମ କ୍ଷତ୍ରିୟମାନଙ୍କୁ ବିନାଶ କରୁଥାରେ ଲାଗିଥିଲେ ଏ ଅପଣାକୁ ସ୍ତ୍ରୀମାନଙ୍କ ଦ୍ୱାରା ଘେରାଇ ବଞ୍ଚି ଯାଇଥିଲେ । ଏଥିପାଇଁ ଏହାଙ୍କର ଏହି ନାମ । ଏହାଙ୍କଠାରୁ କ୍ଷତ୍ରିୟମାନଙ୍କର ପୁଣି ବଂଶ ବିସ୍ତାର ହେଲା । ଏଥିପାଇଁ ଏହାଙ୍କର ଅନ୍ୟ ନାମ ମୂଳକ । ହି. ଶବ୍ଦସାଗର ।]

ନାରୀକେଳ(ଳୀ)—ସ. ବି—ନଡ଼ିଆ (ଦେଖ)
Nārikeḷa(ḷi) Nardiā (See)

ନାରୀଚ—ସ. ବି—ନଳିତା ଶାଗ; ନାଡ଼ୀଚ—
Nāricha Jewsmallow used as pot-herb.

ନାରୀ ଚଉର—ଦେ. ବି. (ପଦ୍ୟ) (ସ. ନାରୀ+ଚୌର)—ସ୍ତ୍ରୀଚୋର—
Nāri chaura A kidnapper of woman.

ବୋଲେ କିଲୁ କି ବୁଦ୍ଧି ନାରୀଚଉର ସିଦ୍ଧି ମାତର ହୋଇଗଲୁ ଚିହ୍ନି ।
ଉଛ. ବୈଦେହୀଶବିଳାସ ।

ନାରୀ ତରଙ୍ଗକ—ସ. ବିଣ. ପୁଂ. (ନାରୀ+ତରଙ୍ଗ=ଭଙ୍ଗୀ+କ)—
Nāri taraṅgaka ଲମ୍ପଟ; କାମୁକ—Lecherous; amorous.

ନାରୀ ତୀର୍ଥ—ସ. ବି—ଏକ ତୀର୍ଥ, ଯେଉଁଠାରେ ୫ଜଣ ଅପ୍ସରା ବ୍ରାହ୍ମଣଙ୍କ ଶାପରେ ଜଳଜନ୍ତୁ ପାଲଟି ଯାଇଥିଲେ—
Nāri tirtha Name a sacred place of the Hindus where five heavenly nymphs were changed to aquatic animals by the curse of Brāhmaṇas.

[ଦ୍ର—ଅର୍ଜୁନ ଏମାନଙ୍କୁ ଶାପରୁ ଉଦ୍ଧାର କରିଥିଲେ । ମହାଭାରତ—ହି. ଶ.]

ନାରୀଦୂଷଣ—ସ. ବି.—(୬ଷ୍ଠୀ ତତ୍; ନାରୀ+ଦୂଷଣ)—
Nāridūshaṇa ନାରୀ ପକ୍ଷରେ ଦୋଷାବହ କାର୍ଯ୍ୟ—
A breach of duty of a woman; acts derogatory to the dignity of a woman.

[ଦ୍ର—ମଦ୍ୟପାନ, ଦୁଃସଙ୍ଗ, ସ୍ୱାମିତ୍ୟାଗ, ଇତସ୍ତତଃ ଭ୍ରମଣ, ପରର ଗୃହରେ ଶୟନ ଓ ପରର ଗୃହରେ ବାସ ଏହି ଛଅ ଗୋଟି କର୍ମ ନାରୀର ଦୂଷଣ ଅଟେ ।]

ନାରୀ ଧର୍ମ—ସ. ବି. —(ଷଷ୍ଠୀ ତତ୍; ନାରୀ+ଧର୍ମ)—
Nārī dharma ୧ । ନାରୀଗଣର ପ୍ରତିପାଳ୍ୟ ଧର୍ମ—1. Womanhood; the duties of a woman or a wife.
୨ । ସତୀତ୍ୱ; ପାତିବ୍ରତ୍ୟ ଧର୍ମ—2. Whole-hearted devotion and fidelity to one's husband.
୩ । ସ୍ତ୍ରୀମାନଙ୍କର ଋତୁ—3. Menstrual flux.

ନାରୀ ପରାୟଣ—ସ. ବିଣ. ପୁଂ.—(ବହୁବ୍ରୀହି; ନାରୀ+ପର=ଶ୍ରେଷ୍ଠ
Nārī parāyaṇa +ଅୟନ=ଅବଲମ୍ବନ)—
୧ । ସ୍ତ୍ରୀ ଭକ୍ତ—1. Devoted to woman.
୨ । ସ୍ତ୍ରୈଣ—2. Effeminate.
୩ । ମାଇପୀ ତାହାଣା—3. Passionately fond of women,
୪ । ସ୍ତ୍ରୀଙ୍କ ଦ୍ୱାରା ଶାସିତ—4. Dominated by wives.

ନାରୀ ପ୍ରସଙ୍ଗ—ସ. ବିଣ. ପୁଂ.—ନାରୀତରଙ୍ଗକ (ଦେଖ)—
Nārī prasaṅga Nārītaraṅgaka (See).

ନାରୀ ପ୍ରିୟ—ସ. ବିଣ. ପୁଂ.—ନାରୀପରାୟଣ (ଦେଖ)—
Nārī priya Nārīparāyaṇa (See).

ନାରୀମହଲ—ଦେ. ବି.—୧ । ସ୍ତ୍ରୀମାନଙ୍କ ରହିବା ଅନ୍ତଃପୁର—
Nārīmahala 1. The female apartments;
অন্দর মহল seraglio.
राणीमहल ୨ । ରାଣୀହଂସପୁର—2. The part of the palace where the Ranees live.

ନାରୀ ମହଲକୁ ସନ୍ଦେଶ ପଠାଇ; କୋମଳ କରେ ଏ ଭାର ଅର୍ପିଲେ ।
ନନ୍ଦକିଶୋର. କୃଷ୍ଣକୁମାରୀ ।

ନାରୀ ରତ୍ନ—ସ. ବି.—(୭ମୀ ତତ୍ ନାରୀ+ରତ୍ନ)—
Nārī ratna ସଦ୍ଗୁଣ ଭୂଷିତା ସ୍ତ୍ରୀ—A jewel among women; a noble lady.

ନାରୀଷ୍ଟା—ସ. ବି.—(ନାରୀ+ଇଷ୍ଟ+ଅ)—
Nārishṭā ମଲ୍ଲିକା—Jasminum Sambac.

ନାରୁ—ଗ୍ରା. ଅ.—(ଅପଣାଠାରୁ ସାନଠାର ବ୍ୟକ୍ତି ଯାହାକୁ 'ତୁ' ବୋଲି
Nāru ସମ୍ବୋଧନ କରାଯାଏ, ତା ପ୍ରତି ପ୍ରଯୁଜ୍ୟ; ଅନ୍ୟ ଅସମାପିକା
নি; নার କ୍ରିୟା ପରେ ଲାଗେ, ଅନୁରୋଧାର୍ଥକ;
ना ଅର୍ଥ=ନପାରୁକି ?)—
(ନାରେ—ଆଦରାର୍ଥକ ରୂପ) ଅମୁକ କାର୍ଯ୍ୟ କରି ପାରୁ ନାହିଁ କି, ଅର୍ଥାତ୍ ତୋତେ ଅନୁରୋଧ କରୁଛି ତୁ ଅମୁକ କାର୍ଯ୍ୟ କର—
Won't you ?

କହୁ ବୋଲ ସେ କହୁ ବୋଲ ! ଆଜ ସବେ ଦେଇ ନାରୁ,
ମୋ ନଳକୁ ବଡ଼ ଦୁଃଖ, କହୁଣୀ ମାରଇ ଭୁକୁଭୁକୁ
ଦୂର୍ ପଲା, ଦୂର୍ ପଲା । ଡ୍ରପାହାପି କାହାଣୀ ।

ନାରୁ ଦେ. ବି.—୧ । ଆଦରାର୍ଥକ) ନାରାୟଣ, ନରହରି,
नारु ନରସିଂହ ଭାବ ନାମ—1. Name for calling
(ନାରୁଆ—ଅନାଦରାର୍ଥକ)— Nārāyaṇa etc.
୨ । ମନୁଷ୍ୟଙ୍କ ଦେହରେ ହେବା କୃମିଜନିତ ରୋଗବିଶେଷ—
2. A disease accompanied with small eruptions on the body due to thread worms.

[ଦ୍ର—ଏ ରୋଗରେ ଅଣ୍ଟାଠାରୁ ଗୋଡ଼ ତଳପା ପର୍ଯ୍ୟନ୍ତ ଅଂଶରେ ଛୋଟ ଛୋଟ ବ୍ରଣ ବା ଲୁଣ୍ଡିଆ ବାହାରେ ଓ ଉକ୍ତ ସବୁରୁ ୧ ଫୁଟ ଠାରୁ ୪ ଫୁଟ ଲମ୍ବ ସୂତା ପରି ସରୁ କୃମି ଟଣା ହୋଇ ବାହାର କରାଯାଆନ୍ତି । ଏ କୃମି ଚର୍ମଗତ ହୋଇଥିବା ପର୍ଯ୍ୟନ୍ତ ଏମାନଙ୍କ ମୁଣ୍ଡକୁ ସଣ୍ଡୁଆସିରେ ଧରି ଏମାନଙ୍କୁ ଟାଣି ବାହାର କରାଯାଏ; କିନ୍ତୁ ଏମାନେ ରକ୍ତନାଡ଼ି ସଙ୍ଗେ ମିଶିଗଲେ ବାତଜର ଓ ଗୋଦର ରୋଗ ହୁଏ । ଏହା ଗ୍ରୀଷ୍ମପ୍ରଧାନ ଦେଶବାସୀଙ୍କୁ ଧରିବାର ଦେଖାଯାଏ । ଏ କୀଟମାନେ ଅତି ଛୋଟ ଛୋଟ ଥିବାବେଳେ ପାଣିରେ ବା ସଲ୍ସଲିଆ ଭୂମିରେ ଚରୁଥାଆନ୍ତି ଓ ଖାଲି ଦେହ ବା ଗୋଡ଼ ବାଟେ ଶରୀରକୁ ପ୍ରବେଶ କରନ୍ତି । ଏ ରୋଗ ଆକ୍ରମଣ କଲେ ମନୁଷ୍ୟ ଦୁର୍ବଳ ଓ ନିକମ୍ମା ହୋଇଯାଏ ।]

ନାରୁଗୁଣି—ଦେ. ବି.—ନାରଗୁଣି (ଦେଖ)—
Nāruguṇi Nāraguṇi (See).

ନାରୁନ୍ତୁଦ—ସ. ବିଣ.—ଅନାହତ; ଯାହାର ଦେହରେ କୌଣସି
Nāruntuda ପ୍ରକାରର ଆଘାତ ଲାଗି ନ ପାରେ (ହ୍ର. ଶ.)
ଅକାଟୁ—Invulnerable to all sorts of hurt.

ନାରେଙ୍ଗା—ଦେ. ବି.—ନାରଙ୍ଗା (ଦେଖ)
Nārengā Nāraṅā (See)

ନାରେଙ୍ଗି—ଦେ. ବି.—ନାରଙ୍ଗା (ଦେଖ)
Nāreṅgi Nāraṅgā (See)
ଦେ. ବିଣ. ନାରଙ୍ଗି (ଦେଖ)—Nāraṅgi (See)

ନାରେଣୀ—ଗ୍ରା. ବି.—ନାରାଏଣୀ (ଦେଖ)
Nāreṇi Nārāeṇi (See)

ନାରେ—ଦେ. ଅ. (ମାନ୍ୟ ବ୍ୟକ୍ତି ପ୍ରତି ଅନୁରୋଧ ସୂଚକ ପ୍ରଶ୍ନ)—ତୁମେ
Nāro (ଅମୁକ କାର୍ଯ୍ୟ କର) ନ ପାର କି ?—
না **ना** Won't you.
[ଦ୍ର—ତୁଳନା କର ବ. ନାର=ଅମି ନା ପାର, ଓଡ଼ିଆ—ମୁଁ ନ ପାରେଁ, ବ—ତୁମି ନା ପାର, ଓ—ମୁଁ ନ ପାରେ ।]

ନାର୍ପତ୍ୟ—ସ. ବିଣ. (ନୃପତି+ସମ୍ବନ୍ଧାର୍ଥେ. ଯ)—ନୃପତି ସମ୍ବନ୍ଧୀୟ—
Nārpatya Kingly; royal.

ନାର୍ମଦ—ସ. ବିଣ. (ନର୍ମଦା+ଅ)—ନର୍ମଦା ନଦୀ ସମ୍ବନ୍ଧୀୟ—
Nārmada Relating to the Nervada river.
ସ. ବି.—ନର୍ମଦା ନଦୀ ଗର୍ଭରୁ ମିଳିବା ଶିବ ଲିଙ୍ଗ—
Phallic images got from the bed of the Nervada river.

ନାର୍ଯ୍ୟଙ୍ଗ—ସ. ବି.—(ନାରୀ+ଅଙ୍ଗ; ଏହା ନାରୀର ଅଙ୍ଗ ବା ସ୍ତନ ପରି
Nārjyaṅga ଦେଖା ଯିବାରୁ)—ନାରଙ୍ଗ (ଦେଖ)—
Nāraṅga (See)

ନାଲ୍‌ଗାଲିଆ—ଦେ. ବି.—ନେହୁଲିଆ (ଦେଖ)
Nālgāliā Nehuliā (See)

ନାଲ୍‌ଟଣ—ବୈଦେ. ବି.—(ଇଂ. ଲ୍ୟାଣ୍ଟର୍ନ୍)—କାଚ ଲାଗିଥିବା ବତୀ
Nāl-taṇa ଯାହାକୁ ହାତରେ ଝୁଲାଇ ନିଆଅଣା କରାଯାଏ—
लाठैन लालटैन Lantern.
(ନାଲ୍‌ଟଣ, ନାଲ୍‌ଟଣୀ—ଅନ୍ୟରୂପ)

ନାଳ—ସ. ବି. (ନଲ୍ ଧାତୁ=ବନ୍ଧନ କରିବା+କର୍ତ୍ତୃ. ଅ)—୧ । ନଳ-
Nāḻa 1. Tube.
୨ । ମୃଣାଳ—2. The stem or stalk of lotus.
ନବନ୍ତ ଦେହ ବନ୍ଧେ, ଜନ୍ମିବାର ବରଷେ
ସାରସ ନାଳେ ଜଳ ସେ । ଭକ୍ତ, ବୈଦେହୀଶବିଳାସ ।
୩ । ଶୂନ୍ୟ ଗର୍ଭ ବା ଫମ୍ପା ଡାଙ୍ଗ; ନାଡ଼—
3. A hollow stem or reed.
୪ । ହରିତାଳ—4. Yellow orpiment.
୫ । ଶ୍ରେଷ୍ଠ ଗଛର ଲଳିତାର ଡାଙ୍ଗ—
5. Stem or stalk of plants and creepers.
୬ । ବନ୍ଧୁକର ନଳ—6. The barrel of a gun.
୭ । ଫୁଙ୍କ ନଳ—7. Blow pipe.
୮ । ତନ୍ତ୍ରୀଙ୍କ ଦଣ୍ଡା—8. Weaver's shuttle.
୯ । କଲମକୁ ଛେଲିବା ବେଳେ ତହିଁରୁ ବାହାରିବା ପତଳା ଛିଲକା—(ହି. ଶ.)—9. The scraping from a quill pen.

ଦେ. ବି. (ସ. ଲାଳା)—୧ । ପାଟିରୁ ବୋହିବା ଲାଳ; ଝୁଣିକା—
1. Slaver; saliva.
ଲାଲା, ନାଲ ୨ । ଅଠାଳିଆ ରସ—
ଲାର 2. Gummy liquid or juice.
ଆମ ୩ । ଅମ; ପେଟ ମଧ୍ୟରେ ଥିବା ଅମ (ଯାହା ଝାଡ଼ା ବାଟେ
ଲଜ୍ଜା ବାହାରେ)—3. Mucus inside the system.
ନାଲା, କେନାଲ ୪ । (ସ. ନାଲ)—କୃତ୍ରିମ ନଦୀ; କେନାଲ—
ନହର 4. Canal; artificial channel dug for irrigation purposes.
[ଦ୍ର—ନଦୀ ଆଦିରୁ ପାଣି ନେବା ନିମନ୍ତେ କୃତ୍ରିମ ଜଳନାଳ ଖୋଳି ଲୋକେ ସେ ବାଟେ ଡଙ୍ଗା ଆଦି ଚଳାନ୍ତି ଓ ବିଲଜଳ କ୍ଷେତକୁ ଜଳ ଦିଅନ୍ତି । ପୁରାକାଳରେ ଅନେକ ନାଳ ଖୋଳା ଯାଇଥିଲା ଓ ଆଧୁନିକ ଯୁଗରେ ଅନେକ ନାଳ ଖୋଳା ଯାଉଅଛି । ଭାରତରେ ଇଂରାଜ ଗଭର୍ଣ୍ଣମେଣ୍ଟ ବଡ଼ ବଡ଼ ନଦୀମାନ ବନ୍ଧାଇ ସେଥିରୁ ନାଳ ବାଟେ ପାଣି ନେଇ ବ୍ୟବସାୟ ଓ କୃଷିର ପଥ ସୁକର କରି ଅଛନ୍ତି ।]

ନାଲ—ବୈଦେ. ବି. (ଫା. ଲାଲ୍)—୧ । ରକ୍ତବର୍ଣ୍ଣ—
Nāla 1. Red colour.
ନାଲ ୨ । (ଅ. ନାଲ୍) ଘୋଡ଼ା ଓ ଗୋରୁଙ୍କ ଖୁରରେ ମରାଯିବା
ଲାଲ ଅର୍ଦ୍ଧ ଚନ୍ଦ୍ରାକାର ଲୌହ ପଟ—2. Horse-shoe; iron
ନାଲ shoes put to the hoofs of beasts of burden.
ନାଲ [ଦ୍ର—ଲୋଡାର ତଳା ଘୋର ହୋଇ ନ ଯିବ ବୋଲି ଲୋଡାର ତଳରେ ମଧ୍ୟ ନାଲ ମରାଯାଏ ।]
ଲାଲ ୩ । ଏକ ପ୍ରକାର ଅତି କ୍ଷୁଦ୍ର ଓ ସୁନ୍ଦର ରକ୍ତବର୍ଣ୍ଣ ପକ୍ଷୀ ଓ
ଲାଲସର ବାରମାସୀ ଚଢ଼େଇ—3. A very tiny bird of red colour with white tips on it; the bull finch (Pyrhula Vulgaries.)
[ଦ୍ର—ଏହାର ଦେହ ଓ ମୁଣ୍ଡ ରକ୍ତ ବର୍ଣ୍ଣ; ଛାତି ନାନାବର୍ଣ୍ଣ ଚିତ୍ରିତ, ପିଠି କଳା ଓ ଡେଣା ସୁନାର ରଙ୍ଗ । ଲୋକେ ଏ ପକ୍ଷୀମାନଙ୍କୁ ସଉକରେ ପାଳନ୍ତି ।]
ଲାଲ ୪ । ଏକ ପ୍ରକାର ମାଣିକ୍ୟ—
ଲାଲ 4. A kind of jem; ruby.
হাল ୫ । ହାଲ୍; ଶଗଡ଼ ଉପରେ ଘଡ଼ା ଯିବା ଲୁହାର ବଳୟ—
ଲାଲ; ହାଲ 5. The iron rim round a wooden wheel.
୬ । (ହି. ଲାଲ) ହିନ୍ଦୁ ନାମ ସଙ୍ଗେ ଯୁକ୍ତ ଲାଲ ଶବ୍ଦର ଗ୍ରାମ୍ୟ ଉଚ୍ଚାରଣ (ଯଥା ରାମ ନାଲ; କହ୍ନେଯ୍ୟାଲାଲ)—
6. A pronunciation of the particle 'Lal' used after Hindustanee names (e.g. in Ramlal; Kahneyalal).
ଲାଲ ବିଣ (ଫା. ଲାଲ୍)—ଅରକ୍ତ; ରକ୍ତବର୍ଣ୍ଣବିଶିଷ୍ଟ—
ଲାଲ Red-coloured.

ନାଳ ଇଲାକା—ଦେ. ବି—ଗଭର୍ଣ୍ଣମେଣ୍ଟଙ୍କର କେନାଲ୍ ବିଭାଗ—
Nāḻa ilākā Canal department of Government.

ନାଳ କର—ଦେ. ବି—କେନାଲ୍ ପାଣି ବଳରେ ମାଡ଼ିବା ଯୋଗୁଁ ପ୍ରଜା
Nāḻa kara ଗଭର୍ଣ୍ଣମେଣ୍ଟଙ୍କୁ ଯେଉଁ କର ଦିଏ—
କେନାଲ କର Canal revenue.
नहरका कर

ନାଲକି—ଦେ. ବି (ସ. ନାଳ=ଦଣ୍ଡ)—ମରହଟ୍ଟୀ ପାଲିଙ୍କି—
Nālaki A kind of old fashioned sedan.
নালকী नालकी [ଦ୍ର—ଏଥିର ଛାତରେ ନାନା କାରୁକାର୍ଯ୍ୟବିଶିଷ୍ଟ ଗୁରକୋଣିଆ ଆବରଣ ଥାଏ ଓ ତାହା ଲୁଗା ହୋଇ ଉପରକୁ ବାହାରିଥାଏ । ଗୋଟିଏ ଲମ୍ବ ବଙ୍କା ବାଉଁଶ ସେହି ଛାତର ମଝିରେ ପଶିଥାଏ ଓ ବାଉଁଶର ଆଗପାଖ ଉଠମୁହାଁ । ଆଗ ଓ ପଛପାଖେ ବାହକମାନେ କାନ୍ଧ ଅନ୍ତି ଓ ଏଥିର ତଳେ ଗୋଟିଏ ଖଟ ବନ୍ଧା ହୋଇଥାଏ । ଏହାର ଦୁଇ ପାଖ ମେଲା । ଆଜିକାଲି ଏଥିରେ ବର ବସି ଶୋଭାଯାତ୍ରା କରେ ।]

ନାଳ ଗଡ଼ା(ଡ଼େ)ଇବା—ଦେ. କ୍ରି—୧ । ନିଜ ମୁହଁରୁ ଲାଳ ବହିବାକୁ
Nāḻa garḍā(ṛḍe)ibā ଦେବା—1 To let saliva
লালগড়ান flow out from one's mouth.
लारटपकाना ୨ । ଔଷଧ ପ୍ରୟୋଗଦ୍ୱାରା ମୁହଁରୁ ଲାଳ ସ୍ରବିବାର
ନାଳବୁହା(ହେ)ଇବା } ଅନ୍ୟରୂପ ଉପାୟ କରିବା—
ନାଳଝରା(ରେ)ଇବା } 2 To cause salivation.
୩ । କୌଣସି ଲୋଭନୀୟ ବସ୍ତୁ ଦେଖାଇ ଅନ୍ୟକୁ ଲାଳାୟିତ କରିବା—3. To cause a person's mouth to water by putting before him something.

ନାଳଗଡ଼ିବା—ଦେ. ବି—କୌଣସି ବ୍ୟକ୍ତିର ପାଟିରୁ ଲାଳ ସ୍ରବିବା;
Nāḻagarḍibā ଲାଳସ୍ରାବ—Salivation; the flowing
লালঝরা of saliva from the mouth of
लारटपकना a person.

ନାଲବ(ବୋ)ହିବା
ନାଲପଡ଼ିବା
ନାଲଝଡ଼ିବା
ନାଲସରିବା } ଅନ୍ୟରୂପ [ଦ୍ର—ପ୍ରବାଦ ଅଛି ଯେ ଯେଉଁ ପିଲା ଗର୍ଭରେ ଥିଲାବେଳେ ଗର୍ଭଧାରିଣୀର ଦୋହଦ ବା ଅଭିଳାଷ ମେଣ୍ଟି ନ ଥାଏ ସେ ପିଲାର ପାଟିରୁ ନାଲ ଗଡ଼େ । ଖାଦ୍ୟ ଦ୍ରବ୍ୟ ଦେଖିଲେ କେତେକ ଜୀବଙ୍କର ଓ ବିଶେଷତଃ ଗଧିଆ ଜାତିର ଦେଖିଲେ ମନୁଷ୍ୟମାନଙ୍କ ପାଟିରୁ ସ୍ୱାଭାବତଃ ନାଲ ବହେ; କେତେକ ଲୋକଙ୍କର ଅମ୍ଳସ୍ବାଦ୍ୟ ଖାଦ୍ୟଦ୍ରବ୍ୟ ଆଗରେ ଦେଖିବା ମାତ୍ରେ ପାଟିରୁ ମନକୁ ନାଲ ଗଡ଼େ; କେତେକ ଲୋକଙ୍କର ମୁହଁରୁ ଶୋଇଲାବେଳେ ବା ଢୁଲେଇଲାବେଳେ ନାଲ ଗଡ଼େ ଓ କେତେକ କଡ଼ା ଦ୍ରବ୍ୟ ମୁହଁରେ ଗ୍ରହଣକଲେ ପାଟିରୁ ନାଲ ଗଡ଼େ, କେତେକ ମୁଖ ଓ ଦନ୍ତରୋଗର ଉପଶମନାର୍ଥ ମୁହଁରେ ଓ ଦାନ୍ତ-ମୂଳରେ ଗୁଣ୍ଡାଖୁ ଆଦି କଡ଼ା ଔଷଧ ଲଗାଇଲେ ପାଟିରୁ ନାଲ ଗଡ଼େ ।]

ନାଲ ଗୁଲାଲ—ଦେ. ବିଣ—ଲାଲଗୁଲାଲ୍ (ଦେଖ)
Nāla gulāl Lālagulāl (See)

ନାଲଚ (ଇତ୍ୟାଦି)—ଗ୍ରା. ବି. ଓ ବିଣ—ନାଲିସ୍ ଇତ୍ୟାଦି (ଦେଖ)
Nālacha (etc) Nālis etc (See)

ନାଲଚ—ଦେ. ବି—ନାଲଚ୍ଛ (ଦେଖ)
Nālacha Nālachā (See)
(ନାଲଚ—ଅନ୍ୟରୂପ) ବୈଦେ. ବି ଓ ବିଣ—ନାଲିସ (ଦେଖ)
Nālisa (See)

ନାଲ ଚହଚ—ଦେ. ବିଣ—ଲାଲଗୁଲାଲ୍ (ଦେଖ)
Nāla chahacha Lālagulāl (See)
(ନାଲଚହଚହ—ଅନ୍ୟରୂପ)

ନାଲଚ୍ଛ—ଦେ. ବି (ସ. ଲାଲସା)—୧ । ସ୍ପୃହା; ଲାଲସା; ଆକାଂକ୍ଷା—
Nālachā 1. Yearning; hankering; longing.
लालच ୨ । ଧନାଶା—2. Yearning after wealth.
लालच ୩ । ଲାଳାୟିତ ଅବସ୍ଥା—3. The state of hankering after a thing.
लाड़ा ୪ । (ସ. ଲାଳନ) ଲାଳନ; ଗେଲବସର ଭାବ; ଶିଶୁକୁ
लाड़ मୁହଁ ଦେବା—4. Too much fondling of a child.
ଦେ. ବିଣ—୧ । (ସ. ଲାଳମୟ; ଲାଳଯୁକ୍ତ) ଲାଳାମୟ; ନାଲ-ନାଳୁଆ—1. Slimy; gummy.
୨ । (ସ. ଲାଳାୟିତ) ଖୋସାମଦିଆ—2. Flattering.
लालची ୩ । ପରର ମନ ରଖା ଉଦ୍ଦେଶ୍ୟରେ କହିବା (କଥା)—
लालची, लालचहा 3. Uttered with a view to flatter.
ନେଅଟା ୪ । ଲାଳନାଯୁକ୍ତ; ଗେହ୍ଲା; ଗେଲବସରିଆ—
लाड़ला, आलहद 4. Fondled; brought up with excessive fondling.
୫ । (ସ. ଲାଲସା; ଲାଲସିକ) ଯାହାର ବହୁତ ଲାଲସା ଥାଏ—5. Very much hankering.
୬ । ଯେ ବିଶିଷ୍ଟ ସୁଖାଦ୍ୟ ପ୍ରତି ଅତି ଲାଳାୟିତ—
6. Having excessive fondness for dainties.

ନାଲ(ଲ)ଚ୍ଛ(ଚେ)ଇବା—ଦେ. କ୍ରି (ସ. ଲାଳାୟିତ) ଲାଳଚ୍ଛଇବା (ଦେଖ)
Nāla(la)chā(che)ibā Lālachāibā (See)

ନାଲ(ଲ)ଚିଆ—ଦେ. ବିଣ. ପୁଂ—ନାଲଚ୍ଛ (ଦେଖ)
Nāla(la)chiā Nālachā (See)
(ନାଲ(ଲ)ଚେଇ, ନାଲ(ଲ)ଚୀ—ସ୍ତ୍ରୀ)

ନାଲଚିଆ—ଦେ. ବିଣ—୧ । ଈଷତ୍ ରକ୍ତବର୍ଣ୍ଣବିଶିଷ୍ଟ—
Nālachiā 1. Reddish.
୨ । ନାଲଚ୍ଛ (ଦେଖ)—2. Nālachā (See)

ନାଲ ଚିତା—ଦେ' ବି (ଫା. ଲାଲ୍+ସ. ଚିତ୍ରକ)—ରକ୍ତ ଚିତା ଗୁଳ୍ମ;
Nāla chitā ରକ୍ତ ଚିତ୍ରକ—Plumbyo Rosia (plant).
लालचिते, लालचीता
(ନାଲ ଚିତା—ଅନ୍ୟରୂପ)

ନାଲ ଟକ୍ ଟକ୍—ଦେ. ବିଣ—ଲାଲଗୁଲାଲ୍ (ଦେଖ)
Nāla ṭak ṭak Lālagulāl (See)

ନାଲଟଣ(ନ୍)—ବୈଦେ. ବି (ଇଂ. ଲ୍ୟାଣ୍ଟର୍ନ)—ଲଣ୍ଠନ; କାଚର ବାଡ଼ଥିବା ପ୍ରଦୀପ—Lantern.
Nālaṭan(n)
लंठन, लालटेन
(ନାଲଟଣ୍ଣ(ନ୍), ନାଲଟିଣି(ଣ), ନାଲଟେଣ(ନ୍)—ଅନ୍ୟରୂପ)

ନାଲଟହଟ—ଦେ. ବିଣ—ଲାଲଗୁଲାଲ୍ (ଦେଖ)
Nālaṭahaṭa Lālagulāl (See)
(ନାଲଟହଟହ, ନାଲଟୁକୁଟୁକୁ, ନାଲଟୁକ୍ଟୁକ୍, ନାଲଟୁକୁଟୁକୁ—
लालटकटक, लालटेस ଅନ୍ୟରୂପ)

ନାଲଟୁକୁରି—ଦେ. ବି—ଏକପ୍ରକାର ନାଲବର୍ଣ୍ଣର ସରୁ ସଫା ଗୁଣ୍ଡିଲର
Nālaṭukuri ଧାନ—A species of red-chaffed paddy with fine rice.
(ନାଲଟୁକୁରୀ—ଅନ୍ୟରୂପ)
लालकामिनी हरिनकेर

ନାଲନ—ଗ୍ରା. ବି. (ସ. ଲାଳନ)—ଲାଳନ (ଦେଖ)
Nālana Lālana (See)

ନାଲନପାଲନ—ଗ୍ରା. ବି—ସ୍ନେହରେ ପାଳିବା—To brought up in fondling.
Nālanapālana

ନାଲନାଳୁଆ—ଦେ. ବିଣ. (ସ. ଲାଳସିକ)—ଲାଳାମୟ—
Nālanālua Slimy; gummy.
(ନାଲନାଲଆ—ଅନ୍ୟରୂପ)
आठाल गिलगिला

ନାଲନ୍ଦ(ନ୍ଦା)—ଦେ. ବି. (ନାମ)—ପ୍ରାଚୀନ ଭାରତର ଏକ ବୃହତ୍
Nālanda(ndā) ବିଶ୍ୱବିଦ୍ୟାଳୟ—The University of Nālandā.
[ଦ୍ର—ଏହା ପାଟନା ନଗରଠାରୁ ୩୦ କୋଶ ଦକ୍ଷିଣ ଓ ଇ. ଆଇ. ଆର ରାଜଗିର ଷ୍ଟେସନଠାରୁ ଏକ ମାଇଲ ଦୂରରେ ଅବସ୍ଥିତ । ଏଥିର ଭାବ ନାମ ବଡ଼ଗାଁ । ଏହୁ ଏହା ବଡ଼ଗାଁଠାରୁ ୧୦ କୋଶ ଦୂର । ଏଠାରେ ଗୋଟିଏ ପ୍ରକାଣ୍ଡ ଆମ୍ବ ତୋଟା ଥିଲା । ବୌଦ୍ଧ ବଣିକମାନେ ଏହାକୁ କିଣି ନେଇ ଏ ସ୍ଥାନକୁ ବୁଦ୍ଧଦେବଙ୍କୁ ଭେଟି ଦେଇଥିଲେ । ବୁଦ୍ଧଦେବ ଏଠାରେ ତିନି ମାସ ଅବସ୍ଥାନ କରି ଲୋକମାନଙ୍କୁ ଧର୍ମ ଉପଦେଶ ଦେଇଥିଲେ ।
ଜୁଲିଅରଦେବ ଉତ୍କଳସାହିତ୍ୟ ୩୩-୧୧ ।

ଏଠାରେ ଅଶୋକ ଗୋଟିଏ ସ୍ତୂପ ନିର୍ମାଣ କରିଥିଲେ ଏବଂ ଗୋଟିଏ ମଠ ସ୍ଥାପନ କରିଥିଲେ । ବୁଦ୍ଧଙ୍କ ନିର୍ବାଣଲାଭର ଚତୁର୍ଥ ଶତାବ୍ଦୀ ପରେ ରାଜା ଶକ୍ରାଦିତ୍ୟ ବୁଦ୍ଧଦେବଙ୍କ ସ୍ମାରକସ୍ୱରୂପ ଏଠାରେ ଗୋଟିଏ ସଙ୍ଘାରାମ ଓ ପୁଷ୍କରିଣୀ କରିଥିଲେ । ଏଠାରେ ନାଳନ୍ଦ ନାମକ ଗୋଟିଏ ନାଗ ଥିଲା । ପୁଷ୍କରିଣୀର ଶୁଭ ଦେଲାବେଳେ ନାଗ ମୁଣ୍ଡରେ ଦଣ୍ଡଆର ବାଜି ରକ୍ତ ବୋହିଲା । ପୁଷ୍କରିଣୀ ଓ ସଙ୍ଘାରାମ କୋଳା ଦିନଠାରୁ ନାଗର ନାମ ଅନୁସାରେ ଏ ସ୍ଥାନର ନାମ ନାଳନ୍ଦ ହେଲା । ଶକ୍ରାଦିତ୍ୟଙ୍କ ବଂଶଧରମାନେ ନାଳନ୍ଦର ଶ୍ରୀବୃଦ୍ଧି ସାଧନ କଲେ । ଏ ସ୍ଥଳରେ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଦଶ ହଜାର ଛାତ୍ର ବୌଦ୍ଧଧର୍ମ ସମ୍ବନ୍ଧରେ ଶିକ୍ଷା ଓ ବାସଭୋଜନାଦି ପାଉଥିଲେ । ନାଳନ୍ଦ ବିଶ୍ୱବିଦ୍ୟାଳୟ ପୁସ୍ତକାଗାରର ନାମ ଥିଲା 'ରତ୍ନୋଦଧି' । ବୌଦ୍ଧଧର୍ମର ଅବସାନ ସଙ୍ଗେ ସଙ୍ଗେ 'ରତ୍ନୋଦଧି' ପୁସ୍ତକାଳୟ ପୋଡ଼ିଗଲା । ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରମାନେ ବିଶ୍ୱବିଦ୍ୟାଳୟର ବ୍ୟୟରେ ବିଦେଶ (ଯଥା—ଚୀନ୍, ଯାପାନ୍, ତିବ୍ବତ)କୁ ଯାଇ ଧର୍ମଜ୍ଞାନ ଓ ଶିକ୍ଷା ବିତରଣ କରୁଥିଲେ । ଚୀନ୍ ପରିବ୍ରାଜକମାନେ ଏଠାରେ ଶିକ୍ଷା ପାଇ ନିଜ ଦେଶକୁ ଫେରି ଧର୍ମ ପ୍ରଚାର ଓ ଜ୍ଞାନ ପ୍ରଚାର କରୁଥିଲେ ଓ ଏଠାରୁ ଅନେକ ସଂସ୍କୃତ ଓ ପାଲି ଗ୍ରନ୍ଥ ନେଇ ଚୀନ୍ ଭାଷାରେ ଅନୁବାଦ କରିଥିଲେ । ନାଳନ୍ଦ ବିଶ୍ୱବିଦ୍ୟାଳୟରେ ଧର୍ମ, ମନୋବିଜ୍ଞାନ, ଅର୍ଥନୀତି, ରାଜନୀତି, ଆଇନ୍ ଓ ଚିକିତ୍ସାଶାସ୍ତ୍ର ଅଧ୍ୟେତବ୍ୟ ବିଷୟ ଥିଲା ଏବଂ ଧନୀଲୋକମାନେ ଏ ବିଶ୍ୱବିଦ୍ୟାଳୟର ଯାବତୀୟ ବ୍ୟୟ ନିର୍ବାହ କରୁଥିଲେ । ଏହି ନାଳନ୍ଦର ଗୋଟିଏ ପ୍ରକାଣ୍ଡ ବରଗଛମୂଳେ ଗୋଟିଏ ପଥରର ଧ୍ୟାନମଗ୍ନ ବୁଦ୍ଧମୂର୍ତ୍ତି ଅଛି । ଏହାକୁ ସ୍ଥାନୀୟ ଲୋକେ ଭୈରୋ (ଭୈରବ) ନାମ ଦେଇ ଏଠାରେ ପ୍ରତି ବର୍ଷ ଆଷାଢ଼ରେ ଗୋଟିଏ ମେଳା କରନ୍ତି ଏବଂ ପ୍ରତି ବର୍ଷ ଏହି ପ୍ରତିମୂର୍ତ୍ତି ଆଗରେ ଗୋଟିଏ ବଳି ଦେବାର ପ୍ରଥା ଅଛି । ବର୍ତ୍ତମାନ ସରକାର ଏ ସ୍ଥଳ ଖୋଳି ପ୍ରାଚୀନ ତତ୍ତ୍ୱର ଉଦ୍ବୋଧକ ବହୁତ ପଦାର୍ଥ ପାଉଅଛନ୍ତି । ଚୀନ ପରିବ୍ରାଜକ ହୁଏନସାଙ୍ଗ୍ ୬୩୭ ଖ୍ରୀଷ୍ଟାବ୍ଦରେ ଏଠାରେ ପ୍ରଜ୍ଞାଭଦ୍ର ନାମକ ଆଚାର୍ଯ୍ୟଙ୍କ ନିକଟରେ ବେଦାଧ୍ୟୟନ କରିଥିଲେ । କଥିତ ଅଛି ଯେ, ଏ ବିଦ୍ୟାଳୟରେ ନାଗାର୍ଜୁନ କିଛି ଦିନ ରହି ଶଙ୍କର ନାମକ ବ୍ରାହ୍ମଣଙ୍କଠାରୁ ବିଦ୍ୟାଧ୍ୟୟନ କରିଥିଲେ । ହୁଏନ୍‌ସାଙ୍ଗ୍‌ଙ୍କ ସମୟରେ ଭାରତରେ ଏପରି ବଡ଼ ମଠ ଓ ବିଦ୍ୟାପୀଠ ଅନ୍ୟ କୁଆଡ଼ି ନ ଥିଲା । ଏଠାରେ ଶତାଧିକ ଆଚାର୍ଯ୍ୟ ଓ ଦଶ ହଜାର ଯାଜକ ଓ ଶିଷ୍ୟ ରହୁଥିଲେ । କାଶୀରେ ବୁଦ୍ଧପକ୍ଷ ନାମକ ରାଜା ରାଜତ୍ୱ କରୁଥିବା ସମୟରେ ଏ ମଠରେ ନିଆଁ ଲାଗି ଅନେକ ଗ୍ରନ୍ଥ ପୋଡ଼ିଗଲା । ବର୍ତ୍ତମାନ ସରକାରଙ୍କ ବ୍ୟୟ ଓ ଯତ୍ନରେ ଭୂଗର୍ଭରୁ ପ୍ରାଚୀନ ବିହାର ଓ ବିଶ୍ୱବିଦ୍ୟାଳୟର ଯେଉଁ ଭଗ୍ନାବଶେଷ ବାହାରୁଅଛି, ତହିଁରୁ ୩୦।୩୨ ହାତ ଉଚ୍ଚ କାନ୍ଥମାନ ଠିଆ ହୋଇଅଛି । ସେଠାରୁ ମିଳିଥିବା ପ୍ରାଚୀନ ବସ୍ତୁମାନଙ୍କୁ ସଂଗ୍ରହ କରି ସରକାର ସେଠାରେ ଗୋଟିଏ ଯାଦୁଘର (Museum) କରିଅଛନ୍ତି । ଭୂଗର୍ଭରୁ ପ୍ରକାଣ୍ଡ ସ୍ତୂପ ଓ ବୁଦ୍ଧମୂର୍ତ୍ତି ମଧ୍ୟ ବାହାରିଅଛି । ଛାତ୍ର ଓ ସନ୍ନ୍ୟାସୀମାନଙ୍କ ରହିବାର ସୁନ୍ଦର କୋଠରିମାନ ବାହାରି ଅଛି ଓ ଶତ ଶତ ଛାତ୍ର ଉପବେଶନ କରି ପାରିବା ଭଳି ପ୍ରାଙ୍ଗଣମାନ ଅଛି । ଏ ସବୁ ଇଷ୍ଟକନିର୍ମିତ ଅଟେ ।]

ନାଲ ପଟପଟ—ଦେ. ବିଣ.—ଲାଳାମୟ — Nāla paṭa paṭa (ନାଲ ପାଟୁପାଟୁ—ଅନ୍ୟରୂପ) Slimy. ନାଲଚେ; ଲାଳମୟ ପିଚ୍ଛିଲ, ପଚପଚ

ନାଲପଟା(ଟ୍ଟା)—ଦେ. ବି.—(ଫା. ନଲ୍+ପଟ୍ଟା)—୧ । ଅପରାଧୀ Nāla paṭā (ṭṭā) ବ୍ୟକ୍ତିକୁ ଦଣ୍ଡରୂପେ ଦିଆଯିବା ବେତ୍ରାଘାତ— ନାଳପଟା 1. Whipping given as punishment to a କୋଡ଼ା criminal.

୨ । ଏକ ପ୍ରକାର ଗୁଳ୍ମ—2. A kind of plant.

[ଦ୍ର—ଏହାର ଅଗ ପତ୍ରମାନ ଚୋପା ବଳୁବର୍ଣ୍ଣ ।]

ନାଲବଂଶ—ସଂ. ବି.—୧ । ବେଲଙ୍ଗି ବାଉଁଶ— Nālabaṁśa 1. A kind of slender bamboo.

୨ । କାଣ୍ଡଶର—2. A kind of reed.

ନାଲବନ୍ଦ୍—ବୈଦେ.ବି.(ଫା. ନାଲ୍‌ବନ୍ଦ୍)—ଘୋଡ଼ା ଓ ଗୋରୁଙ୍କ ଖୁରରେ Nālaband ଯେଉଁ ବ୍ୟକ୍ତି ନାଲ ବାନ୍ଧେ—A farrier; shoeing ନାଲବନ୍ଦ नालबन्द smith

ନାଲବନ୍ଦି—ବୈଦେ. ବି. (ଫା. ନାଲ୍‌ବନ୍ଦୀ)—ଗୋରୁ ଘୋଡ଼ା ଆଦିଙ୍କ Nālabandi ଖୁରରେ ଲୁହାର ନାଲ ମାରିବା କର୍ମ— ନାଲବନ୍ଦି नालबन्दी Shoeing of horses and bullocks. (ନାଲ ମରିବା—ଅନ୍ୟରୂପ)

ନାଲ ବ(ବୋ)ହିବା—ଦେ. ବି.—ନାଲ ଗଡ଼ିବା (ଦେଖ) Nāla ba(bo)hibā Nāla gaṛibā (See)

ନାଲବାଗ—ବୈଦେ. ବି.—ଲାଲବାଗ (ଦେଖ) Nālabāga Lālabāga (See)

ନାଲ ବାନ୍ଧିବା—ଦେ. କ୍ରି.—ଗୋରୁ ଘୋଡ଼ା ଆଦିଙ୍କ ଗୋଡ଼ରେ ନାଲ Nāla bāndhibā ବସାଇବା—To shoe horses and ନାଲବାନ୍ଧା नाल जड़ना (बाँधना) bullocks. (ନାଲ ମାରିବା—ଅନ୍ୟରୂପ)

ନାଲ ବାବୁ—ଦେ. ବି.—କେନାଲ ଇଲାକାର ଭାରପ୍ରାପ୍ତ ଦେଶୀୟ Nālabābu ଊର୍ଦ୍ଧ୍ୱତନ କର୍ମଚାରୀ—Indian officer of the କେନାଲ ବାବୁ नहर मुनसी Canal Department.

[ଦ୍ର—ବିଦେଶୀୟ ବା ଇଉରୋପୀୟ କେନାଲ କର୍ତ୍ତୃପକ୍ଷୀୟ କର୍ମଚାରୀଙ୍କୁ ଲୋକେ ନାଲ ସାହେବ ଡାକନ୍ତି ।]

ନାଲବେଗ୍—ଦେ. ବି. (ନାମ)—୧ । ଦାର୍ଢ୍ୟତାଭକ୍ତିରେ ବର୍ଣ୍ଣିତ Nālabeg ଜଣେ ମୁସଲମାନ ବୈଷ୍ଣବର ନାମ—1 Name of ନାଲବେଗ; ନାଲଗୁରୁ a Mahomedan who was a devotee ଲାଲବେଗ of Bishṇu and whose name is mentioned in the 'Dārḍhyatā bhakti.'

୨ । ମୁସଲମାନମାନଙ୍କ ମେହେନ୍ତରମାନଙ୍କ କଳ୍ପିତ ପୀର ଉପାସ୍ୟ—2. Name of a patron saint of Mahomedan sweepers.

ନାଲବେଲି—ଦେ. ବି.—ନାହାଲବେଲି (ଦେଖ) Nālabeli Nāhālabeli (See)

ନାଲଭାଜି—ପ୍ରାଦେ. (ଗଡ଼ଜାତ)ବି.—ଲାଲଭାଜି (ଦେଖ)
Nālabhāji Lālabhāji (See)

ନାଲମନ୍—ଦେ. ବି.—ଏକପ୍ରକାର ଶୁଆ—
Nālaman A kind of parrot.
লালমন [ଦ୍ର—ଏ ଶୁଆଙ୍କ ଦେହ ନାଲି, ପକ୍ଷୀ ସାବଜା, ଥଣ୍ଟ
लालमन ଗୋଲାପୀ ଓ ବେଣା କଳା—ହି. ଘ.]

ନାଲମୋହନ—ବୈଦେ. ବି. (ଫା. ଲାଲ୍‌ମୋହନ୍)—
Nālamohana ଲାଲମୋହନ (ଦେଖ) Lālamohana (See)
(ନାଲ୍‌ମନ୍, ନାଲମଦନ, ନାଲ୍‌ମୋହନ୍—ଅନ୍ୟରୂପ)
লালমোহন **लालमोहन**

ନାଲରକ୍ତ ଝାଡ଼ା—ଦେ. ବି.—ଅମଶୂଳା ଝାଡ଼ା; ମଳ ସଙ୍ଗେ ଅମ ଓ
Nālarakta jhārdā ଓ ରକ୍ତ ବାହାରିବା ରୋଗ—
আমাশয় **पेचिस** Dysentery.
(ନାଲରକ୍ତ ପୋଷସ୍ତ; ନାଲରକ୍ତ ବାହାରିବା—ଅନ୍ୟରୂପ)

ନାଲଶ୍ (ଇତ୍ୟାଦି)—ନାଲିଶ୍ ଇତ୍ୟାଦି (ଦେଖ)
Nālas (etc) Nālis etc. (See)

ନାଲ ସରସର—ଦେ. ବିଣ—ନାଲ ପଟପଟ (ଦେଖ)
Nāla sarasara Nāla paṭapaṭa (See)

ନାଲସା—ଗ୍ରା ବି.—୧ । (ସ- ଲାଲସା) ଲାଳସା—
Nālasā 1. Inordinate yearning.
লালচা ୨ । (ସଂ. ଲାଳନ) ଲାଳନ; ମୁଣ୍ଡ ଦେବା—
लालच 2. Fondling a child to excess.

ନାଲ ସାହେବ—ଦେ. ବି—କେନାଲ ବିଭାଗର ଭାରପ୍ରାପ୍ତ ସାହେବ—
Nāla sāheba European officer of the Canal
কেনাল সাহেব Department.
नहरका साहेब

ନାଲସିଆ—ଗ୍ରା. ବିଣ—ଲାଳସିଆ (ଦେଖ)
Nālasia Lālasia (See)
(ନାଲସେଇ—ସ୍ତ୍ରୀ)
লালচে **लालचहा**

ନାଲସା(ସେ)ଇବା—ଗ୍ରା. କ୍ରି—ଲାଳସେଇବା (ଦେଖ)
Nālasā(se)ibā Lālachāibā (See)

ନାଲା—ସ. ବି. (ନଲ ଧାତୁ=ବନ୍ଧନ କରିବା+ଅ+ଆ)—
Nālā ନାଳ (ଦେଖ —Nāla (See)

ନାଲା—ଦେ· ବିଣ. (ଫା. ଲାଲ୍)—ରକ୍ତ ବର୍ଣ୍ଣ (ଜୀବ)—
Nālā (an animal) Of red colour.
লাল ବି—୧ । ନାଲିଆ ବଳଦ—
लाल 1. Red bullock.
୨ । ଲାଲ ୧ (ଦେଖ)—2. Lālā (See)

ନାଲାଏକ୍—ବୈଦେ. ବିଣ. (ଫା. ନାଲାଏକ୍)—୧ । ଅନୁପଯୁକ୍ତ—
Nālāek 1. Unfit; not suitable.
ନାଲାୟକ୍ / ନାଲାୟେକ୍ } ଅନ୍ୟରୂପ ୨ । ଅଯୋଗ୍ୟ—
2. Worthless; unworthy.
নালায়েক ମିଥ୍ୟ କହିଲେ—କମ୍‌ବକ୍ତ ନାଲାଏକ୍ ।
नालायक ଫକୀରମୋହନ, ଛମାଣ ଅଠଗୁଣ୍ଠ ।

୩ । ନିକୃଷ୍ଟ—3. Inferior.

ନାଲି ବାବୁ—ଦେ. ବି. (ନାମ)—ଲାଲ ବାବୁ (ଦେଖ)
Nāla babu Lalā bābu (See)

ନାଳି—ସ. ବି. (ନଲ୍ ଧାତୁ=ବନ୍ଧନ କରିବା+ଅ+ ଇ)—
Nāḷi ୧ । ଗଣ୍ଡଫୁଲା ଘାଆ; ନାଡ଼ୀବ୍ରଣ; ବହୁ ଛିଦ୍ରସର
(ନାଳୀ—ଅନ୍ୟରୂପ) ପୁରୁଣା ଘାଆ; ଦୁଷ୍ଟ କ୍ଷତ—
1. Sinus; gangrene.
୨ । ନଳ—2. Tube.
୩ । ନାଡ଼ୀ; ଦେହସ୍ଥ ଶିରା—3. Artery; vein.
୪ । ଏକଦଣ୍ଡ କାଳ—4. 24 minutes.
୫ । ଜଳ ବହିଯିବାର ନାଳ; ପଇଣୀ—
5. Water channel; drain.
নালা, নালী ଦେ. ବି—୧ । (ସ. ନାଳ) ଛୋଟ କେନାଲ—
नाली 1. Small canal; a distributary canal.
୨ । (ସ. ନାଳ) ପଇଡ଼ ଭିତରେ ଥିବା ନହୁଣୀ ପର କୋମଳ
ଶସ—2. A soft layer inside a green cocoanut.
୩ । ପାତଳା ଓ କୋମଳ ପଦାର୍ଥ—
3. Thin and soft thing.
ପ୍ରାଦେ. (ସିଂହଭୂମ) ବି—ଛୋଟଆ ଓ ଗଭୀର ଶସ୍ୟକ୍ଷେତ୍ର—
A small and deep plot of corn.

ନାଲି—ବୈଦେ. ବି (ଫା. ଲାଲ୍)—
Nāli ୧ । ରକ୍ତବର୍ଣ୍ଣ—1. Red colour.
লাল ୨ । ଏକ ପ୍ରକାର ସୋରିଷ—
लाल 2. Red mustard seed.
লাল ୩ । ଶଗଡ଼ର ହାଲ—3. The tire of a cart-wheel.
हाल
লাল ବିଣ—୧ । ରକ୍ତବର୍ଣ୍ଣବିଶିଷ୍ଟ—1. Red coloured.
लाल ୨ । ଆରକ୍ତ—2. Reddish
[ଦ୍ର—ରକ୍ତବର୍ଣ୍ଣ ବିଶିଷ୍ଟ ବୃକ୍ଷ, ବସ୍ତୁ, ଜୀବ, ଫଳ ପୁଷ୍ପାଦି ପୂର୍ବରେ ନାଲି ବିଶେଷଣ ଯୁକ୍ତ କରାଯାଇ ଫଳ ପୁଷ୍ପାଦିର ପ୍ରକାର ଭେଦ ପ୍ରକାଶ କରାଯାଏ । ଯଥା—ନାଲି ପିଅଜ, ନାଲି ଚଣା, ନାଲି କରଞ୍ଜ, ନାଲି କଇଁଅର, ନାଲି ବଣ୍ଟୁଆଳି, ନାଲି କଞ୍ଚନ, ନାଲି ମୂଳା, ନାଲି ରଙ୍ଗଣୀ, ନାଲି ପୋଇ, ନାଲି କାଇଞ୍ଚ, ନାଲି କଦଳୀ, ନାଲି ଶିମ୍ବ, ନାଲି କୋବି, ନାଲି ଅସାର, ନାଲି ସିନ୍ଦୂର, ନାଲି ଚିଙ୍ଗୁଡ଼ି, ନାଲି ଝାଉଁ, ନାଲି ଡେଙ୍ଗ (ମାଛ), ନାଲି ଗୁଡ଼ି (ମାଛ), ନାଲି କଇଁ, ନାଲି କୋଷଲା, ନାଲି ଆଳୁ, ନାଲି ପୁରୁଣୀ (ଶାଗ), ନାଲି କନ୍ଦମୂଳ, ନାଲି ମୁରୁଗା, ନାଲି ବଥୁଆ, ନାଲି ଡାଳ ଓ ନାଲି ଲୁଗା ଇତ୍ୟାଦି ।]

ନାଲି ଅମର ଜଡ଼ା—ପ୍ରାଦେ—(ଅଳ) ବି—ବିଲାତି ବାଇଗବା (ଦେଖ)
Nāli amara jardā Bilāti bāigabā (See).

ନାଳିଆ—ଦେ. ବି.—୧ । ବଡ଼ ଟୋକାଇ; ବେଡା—
Nāḷiā 1 Large basket; hamper.

ଟୋକରା ୨ । (ସ. ନାଳ) ଶ୍ଲେଷ୍ମ ଜଳନିର୍ଗମ ପଥ; ପଢ଼ଣୀ; ନର୍ଦ୍ଦମା
ढाकी 2. Small drain.
নালা; নালী ୩ । ନଦୀର କ୍ଷୁଦ୍ର ଧାର—3. Very slender
नाली branch of a river; a small channel.
୪ । ତୃଣ ବା ଘାସବିଶେଷ—5. Reed like grass.
[ଦ୍ର—ଏହା କାଦୁଅ ଜାଗାରେ ବଢ଼େ ଓ ପାଞ୍ଚ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୁଏ ।]
ଦେ. ବିଣ.—(ଫା. ଲାଲ୍)—୧ । ରକ୍ତବର୍ଣ୍ଣବିଶିଷ୍ଟ—
লাল 1. Red coloured.
लाल ୨ । ଈଷତ୍ ରକ୍ତବର୍ଣ୍ଣ ବିଶିଷ୍ଟ—2. Reddish.
ପ୍ରାଦେ. (ଯାଜପୁର) ବି. (ଭିତର ଭାଷା)—
ଚାଉଳଧୁଆ ବାଉଁଶିଆ—Basket for washing rice.

ନାଲି ଆଖି – ଦେ. ବି. (ରୋଗ ବା କ୍ରୋଧ ଯୋଗୁଁ) ରକ୍ତବର୍ଣ୍ଣ ଚକ୍ଷୁ—
Nāli ākhi Red eyes; eyes reddened through
রাঙ্গা চোখ disease or anger.
लाल आँखे

ନାଲି ଆଖି ଦେଖା(ଖୋ)ଇବା—ଦେ.କ୍ରି. (ଲକ୍ଷଣାର୍ଥ)—କୌଣସି ବ୍ୟକ୍ତି
Nāli ākhi dekhā(khe)ibā ପ୍ରତି କ୍ରୋଧ ପ୍ରକାଶ କରିବା—
রাঙ্গা চোখ দেখান (Figurative) To express anger (by
लाल आँखे निकालना showing red eyes to a person).
ନାଲି ଆଖି ବାହାର କରିବା— } ଅନ୍ୟରୂପ
ନାଲି ଆଖି କାଢ଼ିବା

ନାଲିଆ ପଟା—ଦେ. ବି.—ଏକ ପ୍ରକାର ଦେଶୀ ବ୍ୟାୟାମ ବା ଖେଳ;
Nāliāpaṭā ବାନାପଟା ଖେଳ—A kind of athletic
লাল পাটা लालपट्टा country game with sticks.

ନାଲି ଆଳୁ—ଦେ. ବି.—ରକ୍ତବର୍ଣ୍ଣବିଶିଷ୍ଟ ଦେଶୀ ଆଳୁ—
Nāli ālu The red variety of yam.
লাল আলু लालअरु

ନାଲିଆ(ଆଁ)ଶିଆ—ଦେ. ବିଣ. (ସ. ଅଂଶତଃ + ଫା. ଲାଲ୍).—
Nāliā(aṅ)śia ଈଷତ୍ ନାଲି—Reddish.
লালচে लालसा

ନାଳି(ଳି)କ—ସ. ବି. —(ନାଳ + କ)—
Nāli(li)ka ୧ । ପଦ୍ମ—1. Lotus.
ତବେ ନୟନକୁ ତବା(ରେ ମନ) ନାଳିକ ବନ୍ଧ କ ନାଲି କେଉଁ ଠେଇ
ବହିପାରନ୍ତୁ ସେ ଫିକା. ଉଜ୍ଜ ।
[ନାଳୀ(ଳୀ)କ—ଅନ୍ୟରୂପ] ୨ । ମହିଷ—2. Buffalo.
୩ । ପ୍ରାଚୀନକାଳରେ ଭାରତରେ ବ୍ୟବହୃତ ନଳବିଶିଷ୍ଟ ଅଗ୍ନେୟାସ୍ତ୍ର—3. A kind of barrelled fire-arm used in ancient India
[ଦ୍ର—ଆକାର ଓ ବ୍ୟବହାର ଭେଦରେ ଏହା ଦ୍ୱିବିଧ । ଲଘୁନାଳିକ ଓ ବୃହନ୍ନାଳିକ (ଅଧୁନିକ ବନ୍ଧୁକ ଓ ତୋପ) । ଏହା ୨୧ ହାତ ଲମ୍ବା ଲୌହନଳ, ତହିଁର ମୂଳରେ ତିର୍ଯ୍ୟକ୍‌ଭାବରେ ଗୋଟିଏ ଛିଦ୍ର, ମୂଳଠାରୁ ଅଗ୍ରପର୍ଯ୍ୟନ୍ତ ଅନ୍ତଃଶୁଷିର (ଗର୍ତ୍ତ), ମୂଳରେ ଓ ଅଗ୍ରଭାଗରେ ଲକ୍ଷ୍ୟ ଠିକ କରିବାର ପାଇଁ ତିଳବିନ୍ଦୁ ଅଛି । ଉତ୍କମବରେ ଅସାଢ ପାଇବା ମାତ୍ରେ ଉଅଁ ବାହାରେ ଓ ସେ ଉଅଁ ଅଗ୍ନିଚୂର୍ଣ୍ଣ(ବାରୁଦ)ରେ ଲାଗି ନଳ ମଧ୍ୟର ବାରୁଦକୁ ଜଳାଏ । ନଳର ମୂଳସ୍ଥ ଛିଦ୍ର ପାଖେ ଅଗ୍ନିଚୂର୍ଣ୍ଣର ଆଧାର ନିମନ୍ତେ ଗୋଟିଏ କର୍ଣ୍ଣି ଥାଏ । ଏଥିର ଉପାଙ୍ଗ ଓ ବୁଧ୍ନ (ମୁଠ) ଉତ୍ତମ କାଠରେ ନିର୍ମିତ । ନଳସ୍ଥ ଗର୍ତ୍ତରେ ମଧ୍ୟମାଙ୍ଗୁଳ ପ୍ରବେଶ କରି ପାରିବ । ନଳରେ ଅଗ୍ନିଚୂର୍ଣ୍ଣ ଭରିବା ପାଇଁ ଦୃଢ଼ ଲୌହଶଳାକା ଥାଏ । ଏ ଯନ୍ତ୍ରର ନାମ ଲଘୁନାଳିକ, ଏହା ପଦାତି ଓ ଅଶ୍ୱାରୋହୀମାନେ ବ୍ୟବହାର କରୁଥିଲେ । ବୃହନ୍ନାଳିକର ଆକାର ଓ ନଳ ବଡ଼ ଓ ତହିଁରେ କାଠର ମୁଠ ନ ଥିଲା ଓ ତାହା ଶକଟ ଓ ଉଷ୍ଟ୍ରଅଶ୍ୱାଦିଦ୍ୱାରା ବାହିତ ହେଉଥିଲା । ଏଥିରେ ଗୁଳା ଚଳାଯାଉଥିଲା—ଜ୍ଞାନେନ୍ଦ୍ରଙ୍କ ଉଦ୍ଧୃତ ଶୁକ୍ରନୀତି ୪ର୍ଥ ଅଧ୍ୟାୟ ।]

ନାଲି କଇଁ—ଦେ. ବି—ରଙ୍ଗ କଇଁ (ଦେଖ)
Nāli kaiñ Raṅga kaiñ (See)
লালশালুক लालकुइ

ନାଲି କଞ୍ଚନ—ଦେ. ବି. (ସ. ରକ୍ତ କାଞ୍ଚନ)—ରଙ୍ଗ କଞ୍ଚନ ଫୁଲ—
Nāli kañchana Banhina Tomentos; Banhina
কাঞ্চন कचनार purpurea Banhina Povereigata.

ନାଳିକଣ୍ଟା—ଦେ. ବି—ଦନ୍ତାରି (ଦେଖ)
Nālikaṇṭā Dantāri (See)

ନାଲି କଦଳୀ—ଦେ. ବି—ରକ୍ତବର୍ଣ୍ଣ ଏକପ୍ରକାର କଦଳୀ—
Nāli kadaḷī Musa ornata (Haines).
লাল কলা लालकेला

ନାଳିକା—ସ. ବି. ସ୍ତ୍ରୀ (ନାଳକ + ଆ)—
Nāḷikā ୧ । ନଳିତା ଶାଗ; କାଉଁରିଆ ଗଛ—
1. Jute plant (used as pot herb).
୨ । ଡାଙ୍ଗ—2. Stalk.
୩ । ଶିରା—3. Vein.
୪ । ନାଳ; ନଳା—4. Drain.
୫ । ହସ୍ତି-କର୍ଣ୍ଣବେଧନିକା; ହାତୀକାନ ଫୋଡ଼ିବା ନିମନ୍ତେ ବ୍ୟବହୃତ ଲୌହଦଣ୍ଡ—5. An iron rod to pierce the ear of an elephant.

ନାଲି କାଇଞ୍ଚ—ଦେ. ବି—କାଇଞ୍ଚ (ଦେଖ)
Nāli kaiñcha Kaiñcha (See)

ନାଲି କାଳି—ଦେ. ବିଣ—ରକ୍ତବର୍ଣ୍ଣ ଓ କୃଷ୍ଣବର୍ଣ୍ଣ ବିଶିଷ୍ଟ—
Nāli kāḷi Red and black.
লাল কাল लाल काला ବି—ନାଲି ସିଆହି—Red ink
লালকালী लालरोसनाइ

ନାଳିକେର—ସ. ବି—ନଡ଼ିଆ (ଦେଖ)
Nāḷikera Naḍiā (See)

ନାଳିକେଳ—ସ. ବି—ନଡ଼ିଆ (ଦେଖ)
Nāḷikeḷa Naḍiā (See)

ନାଲି କୋଶଳା—ଦେ. ବି—ରକ୍ତବର୍ଣ୍ଣ କୋଶଳା ଶାଗ—
Nāli kosaḷā A pot-herb; Amaranthus Purpureus.
লালনটিয়া, গুড়নটিয়া [ଦ୍ର—ଏହା ଦୁଇପ୍ରକାର ଯଥା—ଡେଙ୍ଗା
लालशाग ଓ ଠେକା ।]

ନାଲି ଘର—ପ୍ରାଦେ. (ଗଡ଼ଜାତ) ବି—ତିନପେଣ୍ଡିଆ ଖୁଲଘର—
Nāli ghara A thatched house having with three wall plates.

ନାଲି ଘା—ଦେ. ବି. (ସଂ. ନାଳ, ନାଳୀ, ନାଡ଼ୀ+ଘାତ)—
Nāli ghā ନାଡ଼ୀବ୍ରଣ; ଗଣ୍ଡପୁଜା ଘା—Sinus.
(ନାଳଘାଅ—ଅନ୍ୟରୂପ) [ଦ୍ର—ଯେଉଁ ଘାଅ ବାହାରେ ଶୁଖିଲା
ନାଲୀଘା ପରି ଦେଖାଯାଉଥାଏ, ମାତ୍ର ଭିତରେ ପୂଜ ଦୂର ରହି
ग़नोघाव ଥାଏ, ତାହାକୁ ନାଳ ଘାଅ କହନ୍ତି ।]

ନାଲିଚ ଚି)—ବୈଦେ. ବି—ନାଲିଶ (ଦେଖ)
Nālicha(chi) Nāliṣa (See)

ନାଲି ଚନ୍ଦନ—ଦେ. ବି. (ଫା. ଲାଲ୍+ସଂ. ଚନ୍ଦନ)—ରକ୍ତଚନ୍ଦନ—
Nāli chandana Red sandalwood.
লালচন্দন लालचंदन

ନାଲଚା—ଦେ. ବିଣ—(ସଂ. ଲାଲସା)ନାଲଚ୍ (ଦେଖ)
Nālichā Nālachā (See)
(ନାଲଚେଇ—ସ୍ତ୍ରୀ) ବୈଦେ.ବି.(ଫା.ନୈଚ୍ଚ୍ ସଂ ନଳ) ହୁକାର ନଳ—
নইচা नैचा The tube of a smoking hookah.

ନାଲି ଚିତା—ଦେ. ବି—ରକ୍ତଚିତକ ଗୁଳ୍ମ—
Nāli chita The red variety of Chitraka plant.
লালচিতা लालचिता

ନାଲିଛାଲି ହେବା—ଦେ. କ୍ରି—୧ । ନାଇଲିଛାଇଲି ହେବା (ଦେଖ)
Nālichhāli hebā 1. Nāilichhāili hebā (See)
୨ । ନାଲେଇଛାଲେଇ ହେବା (ଦେଖ)
2 Nāleichhālei hebā (See)

ନାଲି ଜଉଆ—ପ୍ରାଦେ (ଅଳ) ବି—ବରଫାଳି ଆକାରର ନାଲିଆ
Nāli jauā ଦୁର୍ଗନ୍ଧ ପୋକ—A kind of foetid red insect.
[ଦ୍ର—ଏମାନେ ବାଇଗଣ, ଭେଣ୍ଡି, ଭେଣ୍ଡି ଗଛର ପତ୍ର ଓ ଫଳକୁ ବହୁ ନଷ୍ଟ କରୁଥାନ୍ତି ।]

ନାଲି ଜମି—ପ୍ରାଦେ (ସିଂହଭୂମ) ବି—ଅଳ୍ପ ଚଉଡ଼ା ଓ ଗଭୀର ଧାନକ୍ଷେତ
Nāli jami ଜମି—A paddy field which is very narrow and deep.

ନାଲି ଜୀବକଣା—ଦେ. ବି (ବଙ୍ଗଳ ପରିଭାଷା)—ରକ୍ତ ମଧ୍ୟରେ ଥିବା
Nāli jibakaṇā ଲାଲବର୍ଣ୍ଣବିଶିଷ୍ଟ କ୍ଷୁଦ୍ର ଅଣୁ—Red corpuscles in the blood (as apposed to) white corpuscles.
[ଦ୍ର—ଏହା ରକ୍ତର ଉପାଦାନ ଅଟେ । ଅନ୍ୟ ଉପାଦାନ ଧଳା ଜୀବକଣା । ରକ୍ତରେ ନାଲି ଜୀବକଣାର ଅନୁପାତ ବଢ଼ିଲେ ତାହା ସ୍ୱାସ୍ଥ୍ୟର ସୂଚକ ଓ ଶ୍ୱେତ ଜୀବକଣାର ବୃଦ୍ଧି ଅସ୍ୱାସ୍ଥ୍ୟର ସୂଚକ ଅଟେ ।]

ନାଲି ଟକ୍‌ଟକ୍—ଦେ. ବିଣ—ରଙ୍ଗ ଟହଟହ (ଦେଖ)
Nāli ṭak-ṭak Raṅga ṭahaṭaha (See).
লালটকটকে लालटेस, लालटकटक
[ନାଲିଟୁକ୍‌ଟୁକ୍, ନାଲିଟୁକୁଟୁକୁ, ନାଲିଟ,
ନାଲିଟହଟହ, ନାଲିଟୁକୁଟୁ, ନାଲିଟୁକୁଟୁକୁ—ଅନ୍ୟରୂପ]

ନାଲିଟୁକୁରି—ଦେ. ବି (ସଂ. ଲୋହିତକ)—ରକ୍ତବର୍ଣ୍ଣ ତୁଷବିଶିଷ୍ଟ ସରୁ ଓ
Nāliṭukuri ଧଳାଚାଉଳବିଶିଷ୍ଟ ଶାରଦ ଧାନ—
লালকামিনী सतरिआ A sort of fine rice with red chaff.
[ଦ୍ର—ଏହି ଧାନ ରୋଗୀର ପଥ୍ୟ ଅଟେ ।]

ନାଲିତା—ଦେ. ବି—ନାଳିକା ୧ (ଦେଖ)
Nālitā Nālikā 1 (See).
(ନାଲିତାପିତା—ଅନ୍ୟରୂପ)

ନାଲି ଦଉଡ଼ିଆ—ଦେ. ବି—ଏକପ୍ରକାର ନାଲି ଲଟାଳିଆ ଘାସ—
Nāli daurḍiā A kind of red creeping grass (of the shape of sugarcane).
[ଦ୍ର—ଏହା ଘାସ ବିଲର ହୁଡ଼ କଡ଼ରେ ମାଡ଼େ ଓ ଦେଢ଼ ହାତ ପର୍ଯ୍ୟନ୍ତ ଲମ୍ବା ହୁଏ । ଏହାର ରୂପ ନାଲି ଆଖୁପରି ଦେଖାଯାଏ ।]

ନାଲିନାଳିକା—ଦେ. ବିଣ (ସଂ. ଲାଳ)—ଅଠାଳିଆ ଓ ପାଣିଆ—
Nālināḷikā Watery and sticky, gummy.
আঠাল गोलगीला

ନାଲି ନେଳି ପେନ୍‌ସିଲ୍—ଦେ. ବି—ଯେଉଁ ପେନ୍‌ସିଲର ଏକପାଖରେ
Nāli neḷi pensil ନାଲିରେ ଓ ଅନ୍ୟପାଖରେ ନେଳିରେ
লালনীলপেনসিল लाल नीला पेनसिल ଲେଖାଯାଇ ପାରେ
Red and blue pencil.

ନାଲି ପଇଡ଼—ଦେ. ବି—ଅଳ୍ପ କଅଁଳିଆ ପଇଡ଼—Raw cocoanut
Nāli pairḍa with slimy substance inside it.
(ନାଲିଲଗା ପଇଡ଼—ଅନ୍ୟରୂପ) [ଦ୍ର—ଏଥିରେ ଲାଳ ପରି ଶସ ଲାଗି ଥାଏ ।]

ନାଲି ପାଣି—ଦେ. ବି (ଫା. ଲାଲ୍+ସଂ. ପାନୀୟ)—
Nāli pāṇi (ବ୍ୟଙ୍ଗ୍ୟାର୍ଥ)—ମଦ୍ୟ; ବିଲାତି ମଦ—
লালপানি लालपानी (ironical) Wine; spirituous-liquor.
ଛି ! ଛି ! ମୁଁ ଖାଇବ ନାହିଁ ସେ ! ନାଲିପାଣି ପର ହସେ,
ନାଲି ପାଣିରୁ ଖୋସାଏ ପଡ଼ିଲେ ତ ଭଲ ବୁଦ୍ଧି ହସେ,
ସମୁଦ୍ର ଗୀତ ।

ନାଲି ପିଆଜ—ଦେ. ବି—୧ । ରକ୍ତବର୍ଣ୍ଣ ପଲାଣ୍ଡୁ—
Nāli piāja 1. Onion of red colour.
লাল পেয়াঁজ ଗ୍ରା. (ଅଶିଷ୍ଟ) ସ୍ତ୍ରୀମାନଙ୍କ ରୋଗ—
लाल प्याँज (ironical) Prolapse of the uterus.

ନାଲି ପିମ୍ପୁଡ଼ି—ଦେ. ବି—୧ । ରଙ୍ଗ ପିମ୍ପୁଡ଼ି—
Nāli pimpurḍi 1. The red ant.
লাল পিম্পড়ে ୨ । ବାଇ; ଆମ୍ବ ଗଛର ପତ୍ର ମଧ୍ୟରେ ବସା
लाल चिंटी ବାନ୍ଧି ରହିବା ବଡ଼ ପିମ୍ପୁଡ଼ି—
2. A variety of big red ants living in nests made of leaves in trees.

ନାଲି ପୋଇ—ଦେ. ବି—ରକ୍ତବର୍ଣ୍ଣ ପୂତିକା (ପୋଇ) ଲତା—
Nāli poi Red Spinach; Basella Rubra (pot herb)
লালপুই রক্তপুই लाल पोइ; लाल बाछि

ନାଲି ବଙ୍ଗି—ଦେ. ବି—ଏକପ୍ରକାର ମୋଟ ଧାନ—
Nāli baṅgi A species of coarse paddy.

ନାଲି ବାଇଗବା—ଦେ. ବି. (ଫା. ନାଲ+ଓ. ବାଇଗବା)—
Nāli bāigabā ବଣ୍ୟ ବାଇଗବା ଗୁଳ୍ମ—
লাল ভেরেণ্ডা Jatropha Gossypifolia (plant).
लाल भरेण्डा, उद्र बीबी

ନାଲି ମରିଚ—ଦେ. ବି—ଲଙ୍କା ମରିଚ—
Nāli maricha Cayenne pepper; red pepper.
লঙ্কা মরিচ लाल मिर्च

ନାଲି ମୂଳା—ଦେ. ବି. (ଫା. ଲାଲ୍+ସ. ମୂଳକ)—
Nāli mūḷā ୧ । ଶାଲଗମ—1. Turnip.
লাল মূলো ୨ । ଗାଜର ମୂଳା—2. Beet root.
लाल मूली

ନାଲିସ(ସି)—ବୈଦେ. ବି. (ଫା. ନାଲିଶ୍) (କଚେରୀ)—
Nālis(si) ୧ । ମକଦ୍ଦମା—1. Case; suit.
নালিস ୨ । ଅପରାଧୀ ବିରୋଧରେ ଅପରାଦ୍ଧ ବ୍ୟକ୍ତିର କର୍ତ୍ତୃପକ୍ଷଙ୍କ
नालिश ଠାରେ ଅଭିଯୋଗ; ଫେରାଦ—
2. Complaint against an offender.
୩ । ଅପରାଧର ଅଭିଯୋଗ—
3. Charge against a person.
୪ । ଅଭିଯୋଗର ବା ମକଦ୍ଦମାର ବିଷୟ—
4 Subject-matter of a suit or case.
୫ । ଦରଖାସ୍ତ—5. Petition.
ବିଣ. (ଫା. ନାଲିଶୀ) ୧ । ନାଲିସ କରାଯାଇଥିବା—
নালিসী नालिशी 1. Complained of.
(ଯଥା—ଅମୁକ ନାଲିସି ଅମୁକ ନାମର ଏତେ ନମ୍ବର ମକଦ୍ଦମା ।)
୨ । ମକଦ୍ଦମା ସମ୍ବନ୍ଧୀୟ—
2 Pertaining to a suit.
୩ । ବିବାଦୀୟ—3. Disputed.
(ଯଥା—ନାଲିସି ଜମି ।)

ନାଲିସ(ସି) କରିବା—ଦେ. କି. (କଚେରୀ; ଫା. ନାଲିଶ୍)—
Nālisa(si) kariba ୧ । ଫେରାଦ ଦେବା—
নালিস করা 1. To complaint.
नालिश करना ୨ । ରାଜଦ୍ୱାରରେ କୌଣସି ବ୍ୟକ୍ତି ବିରୋଧରେ ଅଭିଯୋଗ କରିବା—2. To file a petition against any person; to lodge a complaint.
୩ । ମକଦ୍ଦମା ଦାଏର କରିବା—3. To sue; to file a suit; to prosecute.

ନାଲିସ କାରଣ—ଦେ. ବି (କଚେରୀ)—ମକଦ୍ଦମା ଦାଏର କରିବାର
Nālisa kāraṇa ମୁଖ୍ୟ କାରଣ ବା ଘଟନା—Cause of
(ନାଲିସର କାରଣ—ଅନ୍ୟରୂପ) action; the immediate
নালিসের কারণ; नालिशका कारण cause of filing a suit.

ନାଲିସ ଦାଏର—ବୈଦେ. ବି. (ଫା) (କଚେରୀ)—
Nālis dāer ମକଦ୍ଦମାର ପ୍ରଥମ ଉପସ୍ଥାପନ—
নালিস দায়ের Institution of a suit; initiation of
नालिश दायर legal proceedings.

ନାଲିସ ନୁଲୁସା—ବୈଦେ. ବି. (ଫା) (ଉଭୟାର୍ଥକ ଶବ୍ଦର ଯୋଗ)—
Nālisa nulusā ନାଲିସ ଇତ୍ୟାଦି—Complaints etc.
নালিস টালিস नालिश उलिश

ନାଲିସ ଫେରାଦ(ଦି)—ବୈଦେ. ବି. (ଫା. ନାଲିଶ୍+ଫରିୟାଦ)
Nālisa pherāda(di) (ଶବ୍ଦର ଯୋଗ)—ମୌଖିକ ଓ ଲିଖିତ
[ନାଲିସ ଫିରିଆଦ(ଦି)—ଅନ୍ୟରୂପ] ଅଭିଯୋଗ—
নালিস ফিরিয়াদি Complaint oral and written.
नालिश फरियाद

ନାଲି ସିଆଇ(ହି)—ନାଲି କାଳି (ଦେଖ)
Nāli siāi hi) Nāli kāḷi (See)
[ନାଲି ସେଇ(ହି), ନାଲି ସ୍ୟାଇ(ହି)—ଅନ୍ୟରୂପ]

ନାଳୀ—ସ. ବି. (ନଲ ଧାତୁ=ବନ୍ଧନ କରିବା+ଅ+ଈ)—
Nāḷī ୧ । ନାଳ ୪ (ଦେଖ)—1. Nāḷa 4 (See)
୨ । ନାଳ (ଦେଖ)—2. Nāḷi (See)
୩ । ନଳିତା (ହରେକୃଷ୍ଣ ଦ୍ରବ୍ୟଗୁଣ) (ଦେଖ)
3. Naḷitā (See)

ନାଳିକ—ସ. ବି. (ନାଳୀ=ଚତୁର୍ଦ୍ଦିଗୁ ଦୃଷ୍ଟି ନାଡ଼+କ)—
Nāḷika ୧ । ଶଲ୍ୟ; ଶର; ବାଣ—1. Arrow; shaft.
୨ । ନଳୀ; ବନ୍ଧୁକ—2. Firearm; a gun.
୩ । ନାରିକେଳରେ ତିଆରି କମଣ୍ଡଳୁ—
3. A water pot made of cocoanut.
୪ । ଶଲ୍ୟାସ୍ତ୍ର; ବର୍ଚ୍ଛା; ତେଣ୍ଟା; ବଲମ—
4. Javellin; lance.
୫ । ପଦ୍ମ—5 Lotus.
ବନ୍ଧୁଜ ଛନ୍ଦାଳୀ ନାଳୀ ବାଣୀ ଜବକାଳୀ ବାଢ଼ ଶ ମଁ ଦଅ ସେବା ପାଦ ପାଦ ହେ ।
ଭକ୍ତ, ପ୍ରେମସୁଧାନିଧି ।
୬ । ପଦ୍ମର ଡେମ୍ଫ—
6. Stem or stalk of lotus.
୭ । ପଦ୍ମସମୂହ—
7. A collection of lotus flowers.

ନାଳୀକ—ସ. ବି—ନାଳିକ (ଦେଖ)
Nāḷika Nāḷika (See)
ନାଳୀକ ନାଗର ଧରିଲେ ଖଣ୍ଡ କର । କୃଷ୍ଣସିଂହ. ମହାଭାରତ ବନ ।

ନାଳୀ ଘାଆ—ଦେ. ବି—ନାଳୀ ବ୍ରଣ (ଦେଖ)
Nāḷi ghāā Nāḷi braṇa (See)
নালী ঘা नासूर (ନାଳି ଘା—ଅନ୍ୟରୂପ)

ନାଳୀ ବ୍ରଣ—ସ. ବି—ନାଡ଼ୀବ୍ରଣ; ଗଣ୍ଡପୂଳା ଘାଆ—
Nāḷi braṇa Sinus; fistula.

ନାଲୁ—ଦେ. ବି. (ଆଦରାର୍ଥକ)—
Nālu ୧ । ନାରାୟଣ, ଲାଲମୋହନ ଆଦିଙ୍କ ଡାକ ନାମ—
লালু 1. A name for calling Nārāyaṇa etc.
लाल्लु ୨ । ଲାଲ୍ସାହେବ; ରାଜା ଓ ଯୁବରାଜଙ୍କ କନିଷ୍ଠ ଭାଇମାନଙ୍କ ଡାକ ନାମ—2. A name for calling the younger members of a Raj-family.

ନାଳୁଅ—ଦେ. ବିଣ. (ସଂ. ଲାଳାକ୍ଲିନ୍ନ)—୧ । ଲାଳାମୟ—
Nāḻuā 1. Slimy.
ନାଲେଇ, ନାଲୋଇ } —ସ୍ତ୍ରୀ — ମାଳ ପ୍ରାଏ ନାଳୁଅ ହୋଇଛି ତାଙ୍କ ଦେହ । ପ୍ରାଚୀ. ବୃନ୍ଦାବନଭୂଷଣ ଗୀତା ।
लालुक, लालकाटा ୨ । ଯାହା ମୁହଁରୁ ସର୍ବଦା ନାଳ ବୁହେ—
लसलसा 2. One who lets the spittle fall in drops from the mouth; a driveller.

ବି.—୧ । କ୍ଷୁଦ୍ର ନାଳ; ପଘଣୀ; ନର୍ଦ୍ଦମା—
1. Small channel; drain.
୨ । ଚଉଡ଼ାମୁହାଁ ଜଳପାତ୍ରବିଶେଷ—
2. Wide-mouthed water jug.
୩ । ଭଣ୍ଡାରୀମାନେ ଯେଉଁ ସରୁମୁହାଁ ତେଲଭାଣ୍ଡରୁ ମସାଲରେ ତେଲ ଢାଳନ୍ତି—3. A narrow-necked oil-vessel from which barbers pour out oil on a torch; oil-bottle (Beams).

ନାଲୁଆ—ଦେ. ବି.—(ଅନାଦରାର୍ଥକ) ଲାଲବିହାରୀ ନାମକ ବ୍ୟକ୍ତିର ଡାକ
Nāluā ନାମ—Name for calling Lālabihārī.
(ନାଲୁ—ଅନ୍ୟରୂପ) ପ୍ରାଦେ. (ଯାଜପୁର) ବିଣ.—ପେଷକା ବା ବାହାନା; ଛଳନା—Feigning; false excuse; pretence.

ନାଳୁକ(କା)—ସଂ. ବି.—ଗନ୍ଧନାଳୁକା; ଏଳବାଳୁ (ଦେଖ)
Nāḻuka(kā) Eḻabāḻu (See)

ନାଲୁକା—ଦେ. ବି.—ବନ୍ୟ ବୃକ୍ଷବିଶେଷ—
Nāḻukā A kind of wild tree
[ଦ୍ର—ଏହା ୧୮ ଫୁଟ ପର୍ଯ୍ୟନ୍ତ ବଢ଼େ ।]

ନାଲେଇ ଛାଲେଇ ହେବା—ଦେ. କ୍ରି. (ସଂ. ଲାଳାୟିତ)—୧ । ନାହୁଲ
Nāḻei chhāḻei hebā ଛାହୁଲ ହେବା; ଧନ ବା ଅନୁଗ୍ରହ (ନାଲେଇ ଛଲେଇ ହେବା—ଅନ୍ୟରୂପ) ଆଶାରେ ଅନ୍ୟ ବ୍ୟକ୍ତିର କାକୁତି ମିନତି କରି ପୁଚ୍ଛ କରିବା; ନାଲେଇ ହେବା—1. To
निहोरना; निहोरेकरना hang on the skirts of a person to satiate one's hankering or avarice.
୨ । ଦୀନତା ପ୍ରକାଶ କରିବା; ଅଳ୍ପ ବିନୟ କରିବା—
2. To show one's humility; to humiliate one's self before another.
୩ । ନିଜର ଅକ୍ଷମତା ପ୍ରକାଶ କରିବା—
3. To express one's inability.

ନାଲେଇବା—ଦେ. କ୍ରି.—(ସଂ. ଲାଳ)—୧ । (ମୁଖ) ଲାଳରେ ପୂର୍ଣ୍ଣ
Nāḻeibā ହେବା—1. (the mouth) To be full of
लालबहान, लालकाटा saliva.
लालगड़ान ୨ । (ମୁଖ) ବହୁ ପରିମାଣରେ ଲାଳ ସ୍ରବିବା—
लालचान 2. (the mouth) To salivate.
लालखाना ୩ । (ବାସୀ ବା ରନ୍ଧଣୀ ପିଠା ଓ ଦହି ଅବ ବହୁଦିନ ପର୍ଯ୍ୟନ୍ତ ରହିଯିବା ଯୋଗୁଁ) ଲାଳାମୟ ହେବା—
3. (stale cakes and cord) To become slimy or salivous,
୪ । (ସଂ. ଲାଳାୟିତ) କୌଣସି କାର୍ଯ୍ୟ କରିବାକୁ ଲାଳାୟିତ ହେବା—4. To hanker after doing a thing.

ନାଲ୍କା—ଦେ. ବି.—ନାଳୁକ (ଦେଖ)
Nālkā Nāḻuka (See)

ନା(ନାଁ)ୱାକଫ୍—ବୈଦେ.ବିଣ. (ଫା. ନା+ଆ.ୱାକଫ୍)—୧ । ଅଜ୍ଞ—
Nā(nāṅ)wākaph 1. Ignorant.
नाओयाकिफ ୨ । ଯାହାକୁ ଅବଗତ କରି ହୋଇ ନାହିଁ—
नावाकिफ 2. Uninformed.

ନା(ନାଁ)ୱାର(ରି)ସ୍—ବୈଦେ. ବିଣ. (ଫା.)—ନା ଉଆରସ୍ (ଦେଖ)
Nā(nāṅ)wāra(ri)s Nā uaras (See)

ନାଶ୍ (ଇତ୍ୟାଦି)—ବୈଦେ. ବି. (ତୁର୍କୀ. ଲାଶ୍)—
Nāś (etc) ଲାଶ୍ ଇତ୍ୟାଦି (ଦେଖ)—Lāś etc (See)
लास **लास**

ନାଶ—ସଂ. ବି. (ନଶ୍ ଧାତୁ+ଭାବ. ଅ)—୧ । ମୃତ୍ୟୁ—
Nāśa 1. Death.
ବାୟୁ ସଂଗରେ ପଶିଲେ ସେ ନାଳେ ଏ,
ଶୀତ ଦେଲେ ଭୂତ ମୃତ ନ ଦେଖି ନାଶରେ । ଭକ୍ତ. ବୈଦେହୀଶବିଳାସ
୨ । ବିନାଶ; ଧ୍ୱଂସ—2. Destruction; spoilation; ruin.
୩ । ଲୋପ—
3. Extinction; annihilation; cessation.
୪ । କ୍ଷତି; ନଷ୍ଟ—4. Injury; loss; damage.
୫ । ଅପଚୟ—5. Waste; spoilation.
୬ । ଅଦର୍ଶନ; ଲୁଚିଯିବା—6. Disappearance.
୭ । ପଳାୟନ—7. Flight.
[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ପରେ ବ୍ୟବହୃତ ହୁଏ । ଯଥା—କୁଳନାଶ, ବଂଶନାଶ, ଧର୍ମନାଶ, ସର୍ବନାଶ ଇତ୍ୟାଦି ।]
୮ । ଦୂରୀଭୂତ ହେବା—8. Removal.
[ଦ୍ର—ସାଂଖ୍ୟମତରେ କୌଣସି ବସ୍ତୁ ବା କାର୍ଯ୍ୟର କାରଣରେ ଲୟ ହେବାକୁ ନାଶ ବୋଲାଯାଏ । କୌଣସି ବସ୍ତୁ ତାହାର କାରଣରେ ଲୀନ ହୋଇଗଲେ ତାହା ଏତେ ସୂକ୍ଷ୍ମ ହୋଇଯାଏ ଯେ, ତାହା ଇନ୍ଦ୍ରିୟଦ୍ୱାରା ଅନୁଭୂତ ହୋଇ ନ ପାରେ ।]
ଦେ. ବିଣ—ନଷ୍ଟ; କଳୁଷିତ—Spoilt; contaminated.
ତାହାର ଦଣ୍ଡେ ଜଳ ନାଶ
ଛୁଇଁଲେ ନ କରନ୍ତି ଗ୍ରାସ—ଜଗନ୍ନାଥ ଭାଗବତ ।

ନାଶକ—ସଂ. ବିଣ. ପୁଂ—(ନଶ୍ ଧାତୁ ଣିଚ ନାଶି+କର୍ତ୍ତୃ. ଅକ)—
Nāśaka ୧ । ଯେ ନାଶ କରେ—1. Destroying.
(ନାଶିକା—ସ୍ତ୍ରୀ) ୨ । ଧ୍ୱଂସକର—
2. Ruinous; destructive.
୩ । କ୍ଷତିଜନକ—3. Injurious.
୪ । ଯାହା ଦୂରୀଭୂତ କରେ—4. Removing.

ନାଶକର—ସଂ. ବିଣ. ପୁଂ. (ନାଶ+କୃ. ଧାତୁ+କର୍ତ୍ତୃ. ଅ)—
Nāśakara ନାଶକ (ଦେଖ)—Nāśaka (See).
(ନାଶକରୀ—ସ୍ତ୍ରୀ) ବି—ଯମ—The God of death.

ନାଶ କରିବା—ଦେ. କ୍ରି.—୧ । ବିନାଶ କରିବା—
Nāśa karibā 1. To destroy.

ନାଶ କରা ୬ । ଧ୍ୱଂସ କରିବା—2. To ruin.
नाश करना ୩ । କଳୁଷିତ କରିବା—3. To spoil.
୪ । (ଲକ୍ଷଣାର୍ଥ) ସମାପ୍ତ କରିବା; ବିତେଇବା—
4. (figurative) To pass.
ବେଗେ ଗଲେ ବିନା ବଧ୍ୟଙ୍କର ଦେଖିବ, ତହିଁ ନାଶ କରିବା ଅଳ୍ପ ବାସର ।
କୃଷ୍ଣସିଂହ- ମହାଭାରତ ଉଦ୍ୟୋଗ ।

ନାଶକାରୀ—ସଂ. ବିଣ. ପୁଂ. (ନାଶ+କୃ ଧାତୁ+କର୍ତ୍ତୃ. ଇନ୍, ୧ ମା.
Nāśakārī ୧ ବ)—ନାଶକ (ଦେଖ)—
(ନାଶକାରିଣୀ—ସ୍ତ୍ରୀ) Nāśaka (See).

ନାଶନ—ସଂ. ବି. (ନଶ୍ ଧାତୁ ଣିଚ, ନାଶି. ଧାତୁ+ଭାବ. ଅନ)—
Nāśana ୧ । ଉଚ୍ଛେଦନ; ବିନାଶ କରିବା—
1. Act of destroying; causing ruin.
୨ । ବିଲୋପସାଧନ—2. Causing extinction.
ବିଣ—(କର୍ତ୍ତୃ ଅନ) ନାଶକ; ଉଚ୍ଛେଦକ—Destructive.

ନାଶନୀୟ—ସଂ. ବିଣ.—(ନାଶି ଧାତୁ+କର୍ମ ଅନୀୟ)—ବିନାଶଯୋଗ୍ୟ—
Nāśanīya Perishable; destructible.
(ନାଶନୀୟା—ସ୍ତ୍ରୀ)

ନାଶବାନ୍—ସଂ. ବିଣ. (ନାଶ+ବତ୍; ୧ମା. ୧ବ) ନଶ୍ୱର—
Nāśabān (ନାଶବତୀ—ସ୍ତ୍ରୀ) Destructible.

ନାଶ ଯିବା—ଦେ. କ୍ରି.—୧ । ଧ୍ୱଂସପ୍ରାପ୍ତ ହେବା—
Nāśajibā 1. To be ruined or destroyed.
नाश् होजाओना ୨ । ଉଚ୍ଛନ୍ନ ହେବା—2. To be annihilated.
नाश होना ୩ । ନଷ୍ଟ ହେବା—3. To be spoiled.
ପାଣି ନାଶଯାଏ ଫାଟେ. ଗୀତ ନାଶ ଯାଏ ବାଟେ,
ଝିଅ ନାଶ ଯାଏ ଯାଇର ଘରକେ, କଥା ନାଶ ଯାଏ ହାଟେ ଢଗ
୪ । ଅଦୃଶ୍ୟ ହେବା—4. To disappear.

ନାଶଶୀଳ—ସଂ. ବିଣ.—(ନାଶ+ଶୀଳ=ସ୍ୱଭାବ; ବହୁବ୍ରୀହି)—
Nāśaśīla ନାଶଯୋଗ୍ୟ; ଯାହା ବିନାଶ ପ୍ରାପ୍ତ ହୁଏ; ନଶ୍ୱର—
(ନାଶଶୀଳା—ସ୍ତ୍ରୀ) Of perishable nature; destructible.

ନାଶ ହେବା—ଦେ. କ୍ରି—ନାଶ ଯିବା (ଦେଖ)
Nāśa hebā Nāśajibā (See)

ନାଶି (ଧାତୁ)—(ନଶ୍ ଧାତୁ ଣିଜନ୍ତ)—ବିନାଶ କରିବା—
Nāsi (root) To destroy; to ruin.

ନାଶିତ—ସଂ. ବିଣ. (ନଶ୍. ଧାତୁ ଣିଚ୍=ନାଶି ଧାତୁ+କର୍ମ.ତ)—
Nāśita ୧ । ନିହତ—1. Killed.
(ନାଶିତା—ସ୍ତ୍ରୀ) ୨ । ଅନ୍ୟ ଦ୍ୱାରା ବିନାଶ ପ୍ରାପ୍ତ; ବିନଷ୍ଟ—
2. Ruined or destroyed by another.

ନାଶିବା—ଦେ. କ୍ରି.—ନାଶ କରିବା (ଦେଖ)—
Nāśibā Nāśa karibā (See).
नाशी नासना ଅଧରୁ ସୁଧାରସ ଦେଇ ଯେ ନାଶ ମୋର
ବିଷମଶର ଜ୍ୱର ତୃଷାରୁ ରେ ।
କବିସୂର୍ଯ୍ୟ- ସଙ୍ଗୀତ

ନାଶୀ—ସଂ. ବିଣ. (ନଶ୍. ଧାତୁ ଣିଚ ନାଶି. ଧାତୁ+କର୍ତ୍ତୃ.ଇନ୍;
Nāśī ୧ମା. ୧ବ.)—୧ । ବିନାଶକାରୀ—
(ନାଶିନୀ—ସ୍ତ୍ରୀ) 1. Destroying.
[ଦ୍ର—ଏହା ଅନ୍ୟ ଶବ୍ଦ ସହିତ ପ୍ରଯୁକ୍ତ ହୁଏ । ଯଥା—
ଦାରିଦ୍ର୍ୟଦୋଷୋ ଗୁଣରାଶିନାଶୀ]
୨ । (ନାଶ+କର୍ତ୍ତୃ.ଇନ୍, ୧ମା. ୧ବ) ବିନାଶଶୀଳ; ନଶ୍ୱର—
2. Perishable; mortal.

ନାଶୁକ—ସଂ. ବିଣ.—(ନାଶ+ଉକ) ନଶ୍ୱର (ହ. ଶ.)
Nāśuka Destructible.

ନାଶ୍ୟ—ସଂ. ବି. (ନାଶି. ଧାତୁ+କର୍ମ ଯ)—
Nāśya ନାଶଯୋଗ୍ୟ—Perishable; destructible;
(ନାଶ୍ୟା—ସ୍ତ୍ରୀ) deserving destruction.

ନାଷ୍ଟିକ—ସଂ. ବି. ପୁଂ. (ନଷ୍ଟ+ଇକ)—ନଷ୍ଟ ଦ୍ରବ୍ୟର ସ୍ୱାମୀ—
Nāshṭika
ନାଷ୍ଟିକୀ } ସ୍ତ୍ରୀ. Owner of a lost thing.
ନାଷ୍ଟିକା
ସଂ. ବିଣ. ପୁଂ.—ଅନାଥ; ଅସହାୟ—2. Helpless.

ନାସ୍ (ଧାତୁ)—ସଂ.—ଶବ୍ଦ କରିବା—
Nās (root) To make a sound.

ନାସ୍ତା—ବୈଦେ. ବି (ଫା)—ନାସ୍ତା (ଦେଖ)
Nās-tā Nāstā (See).

ନାସ୍ପାତି—ବୈଦେ. ବି (ତୁର୍କୀ) (ସଂ. ନାମ ଅମୃତଫଳ; ଅମୃତଫଳ)—
Nās-pāti କାବୁଲୀ ଖାଦ୍ୟଫଳବିଶେଷ—
नासपाती नासपाती Pear; Pyrus Communis.
[ଦ୍ର—ଏହା ସେଓ ଫଳ ପରି ଦେଖାଯାଏ । ଏହାର ଗଛ ହିମାଳୟ ଓ ଦକ୍ଷିଣ ଭାରତର ନୀଳଗିରି ପର୍ବତରେ ଜନ୍ମେ ।]

ନାସ—ଦେ. ବି (ସଂ. ନସ୍ୟ)—୧ । ନସ୍ୟ—
Nāsa 1. Snuff.
नास नास ୨ । ତମାଖୁଚୂର୍ଣ୍ଣ—2. Powdered tobacco.
ଯେଉଁ ନାକୁ ହେଉ ସୁବାସ ନାସ
ସେହି ନାକୁ ଗନ୍ଧ (ହେଉ) ସୁବାସ ନାଶ,
ସୁବାସ ନାଶ, ସୁବାସ ନାଶ—ଢଗ
୩ । ନାକଦ୍ୱାରା ଟାଣାଯିବା ଚୂନା ଔଷଧ—
3. Medicinal powder adminstered through the nose
୪ । ନାସିକା—4. Nose.
ନାସ ପ୍ରଶଂସା ଲଭାରେ ଧନ୍ୟ ହେବ ଜନ ସୁମନ ଭୂମୀର ।
ଅଭିମନ୍ୟୁ. ବି.ଚି. ବ୍ରାହ୍ମଣୀ ।
ପ୍ରାଦେ (ସମ୍ବଲପୁର) ବି—ପାନ ସଙ୍ଗେ ବା ଖାଲି ପାଟିରେ ପକାଯିବା ତମାଖୁଚୂର୍ଣ୍ଣ—Tobacco powder used as a chewing gum.

ନାସ ଘୋଟା—ଦେ. ବି—୧ । ନସ୍ୟ ପ୍ରସ୍ତୁତ କରିବାପାଇଁ ତମାଖୁକୁ
Nāsa ghotā ଚୂର୍ଣ୍ଣ କରିବା—1. Grinding of
नासघोटा नासघुटना tobacco into powder for preparing snuff.
୨ । ଯେଉଁ ଠେଙ୍ଗାର ମୂଳଦ୍ୱାରା ନାସ ଘୋଟାଯାଏ ହୁଏ—
2. A stick for grinding tobacco into snuff.
୩ । ଯେଉଁ କୁଣ୍ଡିରେ ନାସ ଘୋଟା ହୁଏ—3. A mortar for grinding tobacco into snuff.

ଦେ. ବିଣ—ନାସ ଘୋଟିବାରେ ବ୍ୟବହୃତ (କୁଣ୍ଡି ଓ ଠେଙ୍ଗା)-
(mortar and stick) Used in grinding tobacco into snuff.

ନାସ ଘୋଟିବା—ଦେ.କ୍ରି—ଧୂଆଁପତ୍ରକୁ କଅଁରେ ସେକି କୁଣ୍ଡିରେ ପୂରାଇ ବାଡ଼ି ବା ଠେଙ୍ଗାର ମୂଳରେ ତାକୁ ଉଗଡ଼ ଚୂନା- କରିବା—To grind tobacco into snuff.
Nāsa ghoṭibā
(ନାସ ଚୂରିବା—ଅନ୍ୟରୂପ)
नासघोंटा **नासघुंठना**

ନାସ ଡିବା—ଦେ. ବି (ସଂ. ନସ୍ୟାଧାନୀ)—ନସ୍ୟ ରଖିବାର ପାତ୍ର—Snuff-box.
Nāsa ḍibā
(ନା ସ ଡବିଅ, ନାସ ଦାନ—ଅନ୍ୟରୂପ)
नासदान **नासदान**

ନାସତ୍ୟ—ସଂ. ବି (ନାସା+ତ୍ୟଜ୍ ଧାତୁ=ତ୍ୟାଗ କରିବା+କର୍ତ୍ତୃ. ଅ)—ଅଶ୍ୱିନୀକୁମାରଦ୍ୱୟ; ସ୍ୱର୍ଗବୈଦ୍ୟ—The twin heavenly physicians.
Nāsatya
ବିଣ (ନ+ଅସତ୍ୟ=ଅସାଧୁ)—ସତ୍ୟଭାଷୀ—Truthful.
ଦେ. ବିଣ (ସଂ. ନାସତ୍ୟା—ଅଶ୍ୱିନୀ ନକ୍ଷତ୍ର, ଅଶ୍ୱିନୀ ନକ୍ଷତ୍ରର ୩ ତାରାର ଆକୃତି ଘୋଡ଼ାମୁହଁ ପରି ଥିବାରୁ)—ଘୋଡ଼ାମୁହାଁ ପୁଅ; କୁଳାଙ୍ଗାର ସନ୍ତାନ—An unworthy son of a family.

ବଞ୍ଚିକରିଲେ ନାସତ୍ୟ ହୋଇଲୁ ସତ୍ୟ କହୁଅଛେ ମୁହିଁ ।
ଉପେ. ବୈଦେହୀଶବିଳାସ ।

ନାସତ୍ୟା—ସଂ. ବି (ନାସତ୍ୟ+ଆ)—ଅଶ୍ୱିନୀ ନକ୍ଷତ୍ର (ଜ୍ୟୋ. ଶା.)—The 1st asterism in Hindu astrology.
Nāsatyā

ନାସନା—ପ୍ରାଦେ (ଯାଜପୁର) ବିଣ—ଅସନା; ମଇଳା—Dirty; filthy.
Nāsanā

ନାସ ପତ୍ର—ଦେ. ବି—ଧୂଆଁପତ୍ର; ତମାଖୁ; ଯେଉଁ ଧୂଆଁପତ୍ରରେ ନାସ ପ୍ରସ୍ତୁତ ହୁଏ—Tobacco leaf used for preparing snuff.
Nāsa patra
तामाक, **तम्बाखु**
(ନାସ ପତର—ଅନ୍ୟରୂପ)

ନା(ନାଁ)ସମଜ—ବୈଦେ. ବିଣ (ପା. ନାସମଜ୍)—୧ । ନିର୍ବୋଧ—1. Stupid.
Nā(nāṅ)samaja
नासमज **नासमझ**
୨ । ମୂର୍ଖ—2 Illiterate.
(ନାସମଜୀ—ବି) (ନାସମଜିଆ—ଅନ୍ୟରୂପ)

ନାସ ଶୁଙ୍ଘିବା—ଦେ. କ୍ରି—ନାସିକାଦ୍ୱାରା ନସ୍ୟ ଗ୍ରହଣ କରିବା; ନସ୍ୟ ଆଘ୍ରାଣ କରିବା—To take snuff.
Nāsa śuṅghibā
नास लेओआ **नासलेना**
(ନାସ ଦି[ଦେ]ଇବା,ନାସ ଚଢ଼ା[ଢେ଼]ଇବା, ନାସ ନେବା—ଅନ୍ୟରୂପ)

ନାସା—ସଂ. ବି. (ନସ୍ ଧାତୁ+ଅ+ସ୍ତ୍ରୀ. ଆ)—
Nāsā ୧ । ଘ୍ରାଣେନ୍ଦ୍ରିୟ; ନାକ—1. Nose.
୨ । ଚୌକାଠର ଉପର ପଟା;ଶାରଦୋଳ ପଟା;ସାକର ପଟା—2. The head-piece of a door frame; lintel.
୩ । ନାକ ଉପରେ ହେବା ବ୍ରଣ; ଉଦ୍ଧା ରୋଗ—3. A tumour in the nostril; polypus.
୪ । ବାସକ ବା ବାସଙ୍ଗ ଗଛ—4. A wild medicinal plant; Justicia Adhatoda.
୫ । ହାତୀଶୁଣ୍ଢ—5. The trunk of an elephant.
୬ । ଶବ୍ଦ—6. A sound
୭ । ନାସାରନ୍ଧ୍ର—7. Nostril.
ଦେ. ବି—ଲସା (ଦେଖ)—Lāsā (See)

ନାସାଗ୍ର—ସଂ. ବି. (୬ଷ୍ଠୀ ତତ୍; ନାସା+ଅଗ୍ର)—ନାକର ଅଗ—The tip of the nose.
Nāsāgra

ନାସାଚ୍ଛିଦ୍ର—ସଂ. ବି. (୬ଷ୍ଠୀ ତତ୍; ନାସା+ଛିଦ୍ର)—ନାସାରନ୍ଧ୍ର (ଦେଖ)
Nāsāchchhidra Nāsārandhra (See)

ନାସାଜ୍ୱର—ସଂ. ବି. (ମ. ପ. ଲୋ; ନାସାବ୍ରଣଜନିତ ଜ୍ୱର)—ଉଦ୍ଧାଜ୍ୱର—Fever accompanied by polypus or tumour in the nostril.
Nāsājwara

ନାସାଦାରୁ—ସଂ. ବି—ସାକରପଟା; ଚଉକାଠ ଉପରେ ଦିଆଯାଇଥିବା ପଟା—A piece of wood put on the door frame; the upper piece of door frame; lintel.
Nāsādāru

ନାସାନଳୀ—ଦେ. ବି—୧ । ନାକପୁଡ଼ା—1. Nostril.
Nāsānaḷī
୨ । ବାଉଁଶ ନଳୀ—2. Bamboo tube.

ଟାଣ ନାସାନଳୀ ଯୋଗେ ତହିଁ
ବିରେଚନ ଅଛ ନେତ୍ର ଏଣୁ ବନ୍ଧୁ—ଉପେ, ବୈଦେହୀଶବିଳାସ ।

ନାସାନାହ—ସଂ. ବି. (ନାସା+ଆନାହ)—ବାୟୁ ଓ କଫ ମିଶି ହୋଇ ନାକର ଛିଦ୍ର ବନ୍ଦ ହୋଇଯିବା ରୋଗ; ପ୍ରତିନାହ; ପ୍ରତୀନାହ—The stoppage of the nostrils with phlegm and wind.
Nāsānāha

ନାସା ପରିଶୋଷ—ସଂ. ବି—ନାକ ମଧ୍ୟରେ କଫ ଶୁଖିଯାଇ ବନ୍ଧୁଳ ବାନ୍ଧିବା ରୋଗ—A disease resulting in the drying up of the phlegm inside the nostrils.
Nāsā pariśosha
(ନାସାଶୋଷ—ଅନ୍ୟରୂପ)

ନାସା ପରିସ୍ରାବ—ସଂ. ବି—ନାସାସ୍ରାବ (ଦେଖ)
Nāsā parisrāba Nāsā srāba (See)

ନାସାପାକ—ସଂ. ବି—ନାକରେ ଘାଆ ହୋଇ ପାଚିବା ରୋଗ—A disease resulting in suppurated boils inside the nose.
Nāsāpāka

ନାସା ପୁଟ—ସଂ. ବି. (୬ଷ୍ଠୀ ତତ୍; ନାସା+ପୁଟ)—ନାକପୁଡ଼ା—The outer covering skin of the nostril.
Nāsā puṭa

ନାସାପୁଟିଆ—ଦେ. ବି—ନାସିକାର ଅଳଙ୍କାରବିଶେଷ—Name of an ornament for nose.
Nāsāpuṭiā

ନୂକୁଚା ପାଞ୍ଚଗୋଟିଅ ମୋର ନାସାପୁଟିଅ, କହୁାଇ ପାଣକୁ ବାଳ
ଯାଇଥିବ ଝମକ ଝମକ ଝୁଣ୍ଟିଅ—ପ୍ରାଚୀ. ରହସ୍ୟମଞ୍ଜରୀ ।

ନାସାପୁଡ଼ା—ଦେ. ବି (ସଂ. ନାସାପୁଟ)—ନାସାପୁଟ (ଦେଖ)
Nāsāpuṛā Nāsāpuṭa (See)

ଏବେ ଦଣ୍ଡ ଦେଇଣ ପୁଣି ନାସାପୁଡ଼ା
ଛେଦିବୁ ବନ୍ଧନ୍ତୁ ବେଢେ ଘରବୁଡ଼ା—କୃଷ୍ଣସିଂହ. ମହାଭାରତ, ବନ ।

ନାସାବଂଶ—ସଂ. ବି. (୬ଷ୍ଠୀ ତତ୍; ନାସା + ବଂଶ)—ନାକ ଉପରର
Nāsābamsa ଖଣ୍ଡବତ୍ ଅସ୍ଥି—The bridge of the nose.

ନାସାବିନ୍ଧ—ଦେ. ବି.—ନାସାରେ ଫୋଡ଼ାଯିବା ଛିଦ୍ର—
Nāsābindha Bore in the nose.

ନାସାବିନ୍ଧା—ଦେ. ବିଣ. (ସଂ. ନାସା + ବିନ୍ଧ)—ଯାହାର ନାକ ଫୋଡ଼ା
Nāsā bindhā ହୋଇଅଛି; ନାକଫୋଡ଼ା—
Having the nose bored.

ନାସା ବିବର—ସଂ. ବି. (୬ଷ୍ଠୀ ତତ୍; ନାସା + ବିବର)—ନାସାରନ୍ଧ୍ର—
Nāsā bibara Nostril.

ନାସାମଣି—ସଂ. ବି. (୬ଷ୍ଠୀ ତତ୍, ନାସା + ମଣି)—ନାକରେ ପିନ୍ଧାଯିବା
Nāsāmaṇi ଦଣ୍ଡିରେ ଥିବା ରତ୍ନ—
Jewel set in a nosering.

ନାସା ମଳ—ସଂ. ବି. (୬ଷ୍ଠୀ ତତ୍; ନାସା + ମଳ)—ସିଙ୍ଘାଣି—
Nāsā maḷa The mucus of the nose.

ନାସା ଯୋନି— ସଂ. ବି—ସୌଗନ୍ଧିକ ନପୁଂସକ; ଯେଉଁ ନପୁଂସକ ବ୍ୟକ୍ତି
Nāsā joni ଯୋନି ଆଘ୍ରାଣ କରିବା ପରେ କାମୋଦ୍ଦୀପନା ଅନୁଭବ
କରେ (ହି. ଶ)—A class of impotent
persons who are not sexually irritated
unless they smell the female organ.

ନାସା ରନ୍ଧ୍ର—ସଂ. ବି. (୬ଷ୍ଠୀ ତତ୍; ନାସା+ରନ୍ଧ୍ର)—
Nāsā randhra ୧ । ନାକପୁଡ଼ା; ନାସିକା ମଧ୍ୟସ୍ଥ ଶ୍ୱାସ ପ୍ରଶ୍ୱାସର
ପଥ—1. Nostril.
୨ । ଗୁଣା, ବସୁଣୀ, ଦଣ୍ଡିଆଦି ପିନ୍ଧିବା ପାଇଁ ନାକରେ କରାଯିବା
ଫୋଡ଼—2. Holes bored in the nostril
for wearing ornaments and noserings.

ନାସା ରୋଗ—ସଂ. ବି. (୬ଷ୍ଠୀ ତତ୍; ନାସା + ରୋଗ)—
Nāsā roga ନାକରେ ହେବା ରୋଗ—
A disease of the nose.
[ଦ୍ର—ଭାବପ୍ରକାଶ ମତରେ ନାସାରୋଗ ୩୪ ପ୍ରକାର ଓ
ସୁଶ୍ରୁତମତରେ ୩୧ ପ୍ରକାର ଯଥା—ଅପୀନସ୍ୟ (ପୀନସ), ପୂତିନସ୍ୟ,
ନାସାପାକ, ପୂୟଶୋଣିତ, କ୍ଷବଥୁ, ଭ୍ରଂଶଥୁ, ଦୀପ୍ତି, ପ୍ରତିନାହ,
ପରିସ୍ରାବ, ନାସାଶୋଷ, ୪ପ୍ରକାର ନାସାର୍ଶଃ, ୪ପ୍ରକାର ନାସାଶୋଥ,
୭ପ୍ରକାର ନାସାର୍ବୁଦ, ୫ପ୍ରକାର ପ୍ରତିଶ୍ୟାୟ; ଭାବପ୍ରକାଶରେ
ଅଧିକା ୩ ପ୍ରକାର ରକ୍ତପିତ୍ତ ।]

ନାସାଳୁ—ସଂ. ବି—କାଫଳ (ଦେଖ)
Nāsāḷu Kāphaḷa (See)

ନାସା ସ୍ରାବ—ସଂ. ବି. (୬ଷ୍ଠୀ ତତ୍; ନାସା + ସ୍ରାବ)—
Nāsā srāba ଶରଦ ଯୋଗୁଁ ନାକରୁ ପାଣି ବା ସିଙ୍ଘାଣି ବୋହିବା
(ନାସାପରିସ୍ରାବ—ଅନ୍ୟରୂପ) ଅବସ୍ଥା—The running of the
mucus through nose (due to cold).

ନାସି—ଦେ. ବି. (ସଂ. ନାସା)—୧ । ଫୁଲର ବା ଫଳର ନାଡ଼—
Nāsi 1. The stalk of a fruit or flower.
୨ । ବେତ ବା କିଆ ଆଦିର ବଙ୍କା କଣ୍ଟା—
2. The hooked thorn of the cane creeper,
the screwpine leaf etc.
୩ । ପର୍ବତାଦିର ଭୂପୃଷ୍ଠସଂଲଗ୍ନ କ୍ରମସୂକ୍ଷ୍ମ ଅଂଶ, ଯାହା ବେଳେ
ବେଳେ ସମୁଦ୍ର ବା ହ୍ରଦମଧ୍ୟକୁ ପଶିଯାଇ ଥାଏ—
3. The nose or projecting end of a
mountain.
ନୀଳ ଅଙ୍ଗ ତୋର ତନ୍ତ ଅନୁଭବେ
ନାଦି ନଳବନ ଶୈଳଦ୍ୱୀପ ମନେ । ରଘୁନାଥ. ଚଳିକା ।
୪ । ଅନ୍ତରୀପ—4. A cape; a projecting point.
୫ । ଶଗଡ଼ଚକରେ ଲାଗିଥିବା ଲୁହାଖଣ୍ଡ—
5. A piece of iron attached to the cart-
wheel.
୬ । ଦଉଡ଼ିର ଅଗରେ ବଳକା ଥିବା ସରୁ ଅଂଶ—
6. The thin excrescent end of a rope
୭ । ପ୍ରଦୀପର ଅଗ୍ରଭାଗରେ ଜଳି ସାରିଥିବା ସଳତାର ଅଂଶ—
7. The burnt end of a wick.
୮ । ଜଳାଶୟର କ୍ରମସୂକ୍ଷ୍ମ କୋଣ—8. Creek of a lake.
୯ । ଫଳ ଫୁଲର ଡେମ୍ଫ—
9. Stalk of a fruit or flower.

ନାସିକ—ସଂ. ବିଣ. ପୁଂ—ନାସିକାବିଶିଷ୍ଟ—
Nāsika Nosed; having such or such a nose.
(ନାସିକା—ସ୍ତ୍ରୀ)
[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—
ଉନ୍ନତ ନାସିକ ।]
ଦେ° ବି. (ସଂ. ନାସିକା)—ପୌରାଣିକ ପଞ୍ଚବଟୀର ଅଧୁନିକ ନାମ—
The country of Nāsika in South India.
[ଦ୍ର—ଏହା ହିନ୍ଦୁମାନଙ୍କର ଗୋଟିଏ ତୀର୍ଥ । ଏଠାରେ ପିତୃ-
ପକ୍ଷରେ ବହୁ ସହସ୍ର ହିନ୍ଦୁ ତର୍ପଣ କରିବାକୁ ଯାଆନ୍ତି । ଏହା
ମହାରାଷ୍ଟ୍ର ଦେଶରେ ଅବସ୍ଥିତ । ଏହା ନିକଟରୁ ଗୋଦାବରୀ ବାହାରି
ଅଛି । ଏହି ନଗର ଗୋଦାବରୀ ନଦୀର ଉତ୍ତରରେ ଅବସ୍ଥିତ ।
ଏଠାରେ ଶ୍ରୀ ରାମଚନ୍ଦ୍ରଙ୍କ ଆଦେଶରେ ଲକ୍ଷ୍ମଣ ସୂର୍ପଣଖାର ନାସାକର୍ଣ୍ଣ
ଛେଦନ କରିଥିଲେ । ତେଣୁ ଏ ସ୍ଥାନର ନାମ ନାସିକ ହୋଇଅଛି—
ମଦନମୋହନ. ତୀର୍ଥଦର୍ପଣ]

ନାସିକନ୍ଧମ—ସଂ. ବିଣ. ପୁଂ. (ନାସିକା + ଧ୍ମା ଧାତୁ = ଶବ୍ଦ କରିବା +
Nāsikandhama କର୍ତ୍ତୃ. ଅ)—ଯେ ଶୋଇଲା ବେଳେ ନାକ-
ଦ୍ୱାରା ସଶବ୍ଦ ନିଶ୍ୱାସ ବା ଘୁଙ୍ଗୁଡ଼ି ମାରେ—
Blowing or breathing through the
nose; snoring through the nose during
(ନାସିକନ୍ଧମା—ସ୍ତ୍ରୀ) sleep.

ନାସିକନ୍ଧୟ—ସଂ. ବିଣ. ପୁଂ (ନାସିକା + ଧେ ଧାତୁ = ପାନ କରିବା + କର୍ତ୍ତୃ.
Nāsikandhaya ଅ)—ଯେ ନାକଦ୍ୱାରା ପାନ କରେ ବା ଜଳାଦି
ଶୋଷିନିଏ—Drinking or sucking through
(ନାସିକନ୍ଧୟା—ସ୍ତ୍ରୀ) the nose.

ନାସିକା—ସଂ. ବି. (ନାସା + ସ୍ୱାର୍ଥେ. କ + ଆ; ଭୁଲନା କର-ଗ୍ରୀଧାତୁ ଗ୍ରାଣବା;
Nāsikā ଲଟାରୁ ଲଟକା ଇତ୍ୟାଦି)—୧ । ନାସା (ଦେଖ)
1. Nāsā (See)
[ଦ୍ର—ନାସା ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ମିଶି ଯେଉଁ ପଦମାନ
ହୁଏ, ନାସିକା ଶବ୍ଦ ସେହି ଶବ୍ଦମାନଙ୍କ ସଙ୍ଗେ ମିଶିଲେ ସେହିପରି
ପଦ ନିଷ୍ପନ୍ନ ହୁଏ । ଯଥା—ନାସିକାଗ୍ର, ନାସିକାପୃଷ୍ଠ, ନାସିକାମଳ ।]

୨ । ଅଶ୍ୱିନୀ—2. An epithet of Aświnī.
୩ । ଥୋଣ୍ଟି—3. A pointed projection.
ସଂ. ବଣ—ଶ୍ରେଷ୍ଠ; ପ୍ରଧାନ (ହ. ଶ)—Chief; principal.

ନାସିକାନ୍ଧୟ—ସଂ. ବିଣ. ପୁଂ—ନାସିକନ୍ଧୟ (ଦେଖ)
Nāsikāndhaya Nāsikandhaya (See)

ନାସିକୀୟ—ସଂ. ବିଣ. (ନାସିକା+ଈୟ)—ନାକ ସମ୍ବନ୍ଧୀୟ—
Nāsikīya Nasal.

ନାସିକ୍ୟ—ସଂ. ବିଣ. (ନାସିକା+ଯ)—୧ । ନାସିକାରୁ ଉତ୍ପନ୍ନ—
Nāsikya 1. Nasal; produced from the nose.
୨ । ନାସିକା ସମ୍ବନ୍ଧୀୟ—2. Relating to the nose.
ସଂ. ବି—୧ । ନାକ—1. Nose.
୨ । ଅଶ୍ୱିନୀକୁମାର ଦ୍ୱୟ—2. The twin sons of Aświnī.
୩ । ନାସିକ (ଦେଖ)—3. Nāsika (See).
୪ । ଅନୁନାସିକ ସ୍ୱର—4. Nasal sound.

ନାସିକ୍ୟକ—ସଂ. ବି. (ନାସିକ୍ୟ+କ)—ନାକ; ନାସିକା—
Nāsikyaka Nose.

ନାସି ଲଗା—ଦେ. ବିଣ—ଯେଉଁ ଫଳ ବା ପୁଷ୍ପରେ ଡେଙ୍ଫ ଲାଗିଥାଏ—
Nāsi lagā (a fruit or flower) With the stalk attached to it.
(ଦ୍ର—ଶୁଭାନୁଷ୍ଠାନମାନଙ୍କରେ ନାସିଲଗା ପଇଡ଼ କଳସ ଉପରେ ରଖାଯାଏ ।)

ନାସୀର—ସଂ ବି (ନାସ୍ ଧାତୁ ଶବ୍ଦ କରିବା+ଈର, ଯେଉଁମାନେ ସିଂହନାଦ କରନ୍ତି)—
Nāsira
୧ । ସେନାମୁଖ; ଅଗ୍ରବର୍ତ୍ତୀ ସେନା—
1. The vanguard of an army.
୨ । ଅଗ୍ରଗାମୀ ସୈନିକ—2. Pioneer.
ବିଣ—ସେନାଦଳର ଅଗ୍ରଗାମୀ—
Advancing in front of an army.

ନାସ୍ତା—ବୈଦେ. ବି. (ଫା)—ଜଳଖିଆ—
Nāstā Luncheon; tiffin; light refreshment.
नाश्ता नास्ता

ନାସ୍ତାନା(ନୁ)ବୁଦ୍(ଦ୍)—ବୈଦେ. ବିଣ. (ଫା. ନସ୍ତ୍ନାବୂଦ୍)—
Nāstānā(nu)but(d) ୧ । ଵିଧ୍ୱସ୍ତ; ନଷ୍ଟଭ୍ରଷ୍ଟ—
नास्तानाबुद 1. Ruined; destroyed; annihilated.
नेस्तनाबुद ୨ । ଉତ୍ପାଟିତ; ବିପର୍ଯ୍ୟସ୍ତ—
2. Pulled down; reversed.
୩ । ହଗାଲଗା; ବ୍ୟତିବ୍ୟସ୍ତ; ଆକ୍ରାନ୍ତ—
3. Over-powered; at bay.
୪ । ମୂଳୋତ୍ପାଟିତ; ନିର୍ମୂଳ—4. Eradicated.
ବି.—ସର୍ବନାଶ—1. Annihilation.
୨ । ବିନାଶ; ଧ୍ୱଂସ—2. Ruin.
୩ । ସମୂଳ ନାଶ—3. Eradication.

ନାସ୍ତି—ସଂ. କ୍ରି. (ନ+ଅସ୍ତି)—(ସେ) ନ ଅଛି; ନାହିଁ—
Nāsti He or it; Is not; does not exist.
ନେଇ, ନାହିଁ ଦେ. ବି.—୧ । ନିଷେଧ; ନାହିଁ କରିବା—
नँ, नाही 1. Refusal; denial.
ଅସ୍ତି } ଉପସର୍ଗ
ଅସ୍ତି }
ଶୁଣି ବେଦମଣି କନ୍ୟା ଯେ କ୍ଷଣେ ମଉନ ହେଉ,
ନାସ୍ତି କରନ୍ତେଣ ସ୍ୱବଣ ବଳାଙ୍କାରେ ଧରଇ ।
ଲକ୍ଷ୍ମୀନାଥ. ବନ୍ଦନଲୀଳାମୃତ ।
୨ । ଅଭାବ—2. Want.
୩ । ଅନସ୍ତିତ୍ୱ; ନାସ୍ତିତ୍ୱ—
3. The state of non-existence; absence.
ଶୂନ୍ୟର ଅସ୍ତି ନାସ୍ତି ନାହିଁ,
ଏଣୁ ତୋ ତୁଳନା ଏ ନୋହି । ଭୂପତି. ପ୍ରେମପଞ୍ଚାମୃତ ।
ଅ.—୧ । ନାହିଁ; ଶୂନ୍ୟ—1. Nil; zero.
(ଯଥା—ଟଙ୍କା ତୁନ୍ ଅଣା ନାସ୍ତି ଲିକ ପାଉଛି ।)
୨ । ନୁହେଁ—2. No.
(ଯଥା—ଛଅଟଙ୍କା ଚାରିଅଣା ପାଇ ନାସ୍ତି ।)
୩ । (ଗଣିତ) ଅଜ୍ଞାତ; ଜଣା ନାହିଁ—3. (Arithmetic. Not known; unknown.
(ଯଥା—ଖର୍ଚ୍ଚ ନାସ୍ତି, ପ୍ରତି ସ୍ତ୍ରୀର ପଣ, ଜମି ଦେଲ୍ଲ ମାଣେ ।)
[ଦ୍ର—ଏହି ଶବ୍ଦ ଅସ୍ତି (ସଂ. ଅସ୍ତି) ଶବ୍ଦ ସହିତ ଉପସର୍ଗାର୍ଥକ ସମ୍ବନ୍ଧରୂପେ ବ୍ୟବହୃତ ହୁଏ; ଅସ୍ତି ନାସ୍ତି =ହଁ ଓ ନାଁ ।]

ନାସ୍ତିକ—ସଂ ବିଣ. ପୁଂ. (ନାସ୍ତି=ନାହିଁ+କ; ପରଲୋକ ଓ ଈଶ୍ୱର ନାହାନ୍ତି, ଏହା ଯେ କହେ)—୧ । ଈଶ୍ୱରଙ୍କ ଅସ୍ତିତ୍ୱ ଅସ୍ୱୀକାରକାରୀ —1. Atheistical.
Nāstika
(ନାସ୍ତିକା—ସ୍ତ୍ରୀ)
୨ । ବେଦ, ପରକାଳ ଓ ଦେବତା ଆଦି ନ ମାନିବା (ବ୍ୟକ୍ତି)
2. Infidel; unbeliever; denying the authority of the Bedas, a future existence and the existence of the Creator of the universe.
ବି.—ଯେ ଈଶ୍ୱରଙ୍କୁ ମାନେ ନାହିଁ—An atheist; an infidel; an unbeliever.

ନାସ୍ତିକତା—ସଂ. ବି. (ନାସ୍ତିକ+ଭାବ. ତା)—ନାସ୍ତିକର ଭାବ ବା ଧର୍ମ; ଈଶ୍ୱର, ପରଲୋକ ଓ ବେଦ ମିଥ୍ୟା, ଏହିଭଳି ବିଶ୍ୱାସ—Infidelity; atheism; heresy.
Nāstikatā
(ନାସ୍ତିକତ୍ୱ—ଅନ୍ୟରୂପ)

ନାସ୍ତି କରିବା—ଦେ. କ୍ରି. (ସଂ. ନାସ୍ତି=ନାହିଁ)—୧ । ନାହିଁ କରିବା—1 To refuse; to reject.
Nāsti kariba
नास्ति करा अस्वीकार करना ୨ । ମନା କରିବା—
2. To deny.

ନାସ୍ତିକେ—ଦେ. କ୍ରି. ବିଣ.—ଅଭାବରେ—
Nāstike Without in the absence of.
ମୋର ନାସ୍ତିକେ ସେ କ ଖାଇଁ ଥିବେ,
ଫେଡ଼ି କାହା ଆଗେ ଦୁଃଖ କହିବେ । ଗ୍ରାଚୀ, ରହସ୍ୟ ମଞ୍ଜରୀ ।

ନାସ୍ତିକ୍ୟ—ସଂ. ବି.—(ନାସ୍ତିକ+ଭାବ. ଯ)—ନାସ୍ତିକତା (ଦେଖ)
Nāstikya Nāstikatā (See)

ନାସ୍ତିଦ—ସଂ. ବି—ଆମ୍ବଗଛ (ହ. ଷ.)—
Nāstida The mango tree (Apte).
(ନାସ୍ତିଦନ୍ତ—ଅନ୍ୟରୂପ)

ନାସ୍ତି ବଚନ—ଦେ. ବି. (ସଂ. ନାସ୍ତି + ବଚନ)—୧ । ଅସ୍ୱୀକାର—
Nāsti bachana 1. Denial.
नाँ नाँ ୨ । ଅସ୍ୱୀକାର୍ଯ୍ୟ ସୂଚକ ବାକ୍ୟ—
नाह नुह 2. Word of refusal.

ନାସ୍ତି ବାଦ—ସଂ. ବି—ଯେଉଁ ମତବାଦ ଅନୁସାରେ ଈଶ୍ୱର, ପରକାଳ ଓ
Nāsti bāda ବେଦର ମୌଳିକତ୍ୱ ସ୍ୱୀକାର କରାଯାଏ ନାହିଁ—
(ନାସ୍ତିକବାଦ—ଅନ୍ୟରୂପ) Atheism; the assertion that there is no God.

ନାସ୍ୟ—ସଂ. ବିଣ. (ନାସା + ସମ୍ବନ୍ଧାର୍ଥେ ଯ)—
Nāsya ୧ । ନାସା ସମ୍ବନ୍ଧୀୟ—1. Nasal.
୨ । ନାସିକାରୁ ଉତ୍ପନ୍ନ—2. Produced from the nose.

ନାହ—ସଂ. ବି. (ନହ୍ ଧାତୁ = ବାନ୍ଧିବା + ଭାବ. ଅ)—
Nāha ୧ । ବନ୍ଧନ—1. Binding; confinment.
୨ । (+ କରଣ. ଅ) ରଜ୍ଜୁ—2. Bond; rope.
୩ । ଫାଶ; ଜାଲ; ପାଶ—3. A trap; a snare.
୪ । ମଳରୋଧ—4. Constipation; costiveness.

ନାହକ୍—ବୈଦେ. ବିଣ. (ଫା. ନାହକ୍)—୧ । ଅନ୍ୟାୟ—
Nāhak 1. Wrong; unjust.
नाहक ୨ । ବ୍ୟର୍ଥ; ନିଷ୍ଫଳ; ଅନର୍ଥକ—2. Vain; fruitless.
नाहक ୩ । ନିରର୍ଥକ—3. Useless; meaningless.
(ହକ୍—ବିପରୀତ) ୪ । ଅନୁଚିତ—4. Improper.
୫ । ନିଷ୍ପ୍ରୟୋଜନ—5. Unnecessary.
କ୍ରି. ବିଣ—୧ । ଅକାରଣ; ବୃଥା; ଅନର୍ଥକ—
1. In vain; for nothing.
୨ । ଅନ୍ୟାୟକ୍ରମେ—2. Unjustly; wrongly.
୩ । ଅନୁଚିତ ରୂପେ—3. Improperly.
୪ । ପ୍ରୟୋଜନ ନ ଥାଇ—4. Unnecessarily.

ନାହକ—ଦେ. ବି—ନାହାକ (ଦେଖ)
Nāhaka Nāhāka (See)

ନାହା—ଦେ. ବି. (ସଂ. ନାଥ)—୧ । ପ୍ରଭୁ—1. Lord; master.
Nāhā କରୁଣଲେ ଏହା ଦେଖିଲେ ନରନାହା,
नाहा **नाह** କ ବୋଲିବେ ତାଙ୍କୁ କହିବା ଅମ୍ଭେ କାହା
କୃଷ୍ଣସିଂହ. ମହାଭାରତ ସଭା ।
୨ । ରାଜା—2. King.
ବୋଧ କହେ ଅକ୍ଷଦୁର୍ଗ ନାହା—କବିସୂର୍ଯ୍ୟ ସଙ୍ଗୀତ ।
୩ । ସ୍ୱାମୀ—3. Husband.
नाओ ୪ । (ସଂ. ନୌକା; ଫା. ନାଓ)—ଡଙ୍ଗା (ଦେଖ)
नाव 4. Ḍaṅgā (See)
लाख ୫ । (ସଂ. ଲକ୍ଷା) ଲାହା (ଦେଖ)—
लाह 5. Lāhā (See)
(ସଂ. ନାୟକ) ବିଣ—ଶ୍ରେଷ୍ଠ—Best.
ମୋହଠାରୁ ବଳିଣ ଶୁଣ ଦ୍ୱିଜନାହା । କୃଷ୍ଣସିଂହ. ମହାଭାରତ ବନ ।

ନାହାକ—ଗ୍ରା. ବି. ପୁଂ. (ସଂ. ନାୟକ)—୧ । ନାୟକ; ଉତ୍କଳର
Nāhāka ଜ୍ୟୋତିଷ ବ୍ୟବସାୟୀ ଜାତି; ଅବଧାନ ଜାତି—
(ନାହାକାଣୀ—ସ୍ତ୍ରୀ) 1. The astrologer caste of Orissa.
[ଦ୍ର—ଏମାନେ ଜ୍ୟୋତିଷ ଗଣନା କରନ୍ତି ଓ ପାଠ ପଢ଼ାନ୍ତି । ଆମ ଦେଶରେ ଜ୍ୟୋତିଷ ବା ଗଉଡ଼ବଂଶ ଓ ମାଙ୍ଗବଂଶ ଏହି ଦୁଇ ଶ୍ରେଣୀର ନାହକ ଅଛନ୍ତି । ହିନ୍ଦୁମାନଙ୍କ ସଂସ୍କାରଜ କର୍ମରେ ନାହାକ, ପୁରୋହିତ ଓ ଭଣ୍ଡାରୀମାନଙ୍କ ଉପସ୍ଥିତି ଆବଶ୍ୟକ ହୁଏ ।]
୨ । ହାଟୁଆ ଜାତିର କୌଣସି ଯାଟକର ମୁଖ୍ୟ ବ୍ୟକ୍ତି—
2. The headman of any of the caste-guilds of Hāṭuā castes.
୩ । ଶୂଦ୍ରମାନଙ୍କର ଉପାଧିବିଶେଷ—
3. A family-title of some Śūdras
୪ । ପାଣ, ହାଡ଼ି ଓ ଖଇରମାନଙ୍କ ବଂଶୋପାଧିବିଶେଷ—
4. A family-title of some of the low castes.

ନାହାକା—ଦେ. ବି.—(ସଂ. ନାୟକ = ପ୍ରଧାନ)—
Nāhākā ୧ । ଏକ ପ୍ରକାର ବଡ଼ ଶୁଆ; ତୋତା; କାକାତୁଆ—
टीया,काकातूया A big species of parrot; cackatoo;
तोता, काकातुआ macaw.
लम्बा शोकड़ ୨ । ଗଛର ପ୍ରଧାନ ଚେର—2. The principal or main root of a tree.
मुसलीजड़
୩ । କାଠ ପଟାଳ ମଧ୍ୟରେ ଥିବା ଦୀର୍ଘତମ କାଷ୍ଠ—
3. The longest log in a raft of timbers.

ନାହାକା ଚେର—ଦେ. ବି.—ଗଛର ପ୍ରଧାନ ବା ବୃହତ୍ତମ ଚେର; ଗଛରେ
Nāhākā chera ଯେଉଁ ଚେର ଲମ୍ବ ଭାବରେ ମାଟି ଭିତରକୁ
मूल शोकड़ ବହୁ ଦୂରକୁ ଯାଇଥାଏ—The principal or
मूसली main root of a tree which goes straight deep into the ground.

ନାହାକାଟୀ—ଦେ. ବି. ସ୍ତ୍ରୀ (ଗାଳିବିଶେଷ)—ଅଣ୍ଡିରଚଣ୍ଡୀ; କର୍କଶା (ସ୍ତ୍ରୀ),
Nāhākāṭi କଳହପ୍ରିୟା ସ୍ତ୍ରୀ—A virago; vixen;
উগ্রচণ্ডী **लड़ाकीन** shrew.

ନାହାକାଣୀ—ଦେ. ବି. ସ୍ତ୍ରୀ—୧ । ନାହାକଜାତୀୟା ସ୍ତ୍ରୀ—
Nāhākāṇi 1. A female of a Nāhāka caste.
(ନାହାକଅଣୀ, ନାହାକୁଣୀ— ଅନ୍ୟରୂପ)
୨ । ମାଲିକାଣୀ—Mistress; she owner.
ଖାଟିଏ ବାଟର ନାହାକଅଣୀ ମୁଁ ପର ପଦାଡ଼ରେ ପଡ଼ିଛି—ଗୀତ ।

ନାହା କ୍ଷଣ କରିବା—ଦେ.କ୍ରି—ବିପରୀତ କୂଳର ନିର୍ଦ୍ଦିଷ୍ଟ ସ୍ଥାନ ପ୍ରତି ଲକ୍ଷ୍ୟ
Nāhā kshaṇa karibā କରି ଡଙ୍ଗାକୁ ଏକ୍‌ଲକୁ ଛାଡ଼ିଦେବା—
To ply a boat by directing it to a fixed point on the opposite bank.

ନାହା ଚୁଳି—ଦେ.ବି—୧ । ଡଙ୍ଗା ଉପରେ କରାଯାଇଥିବା ତ୍ରିକୋଣ ଚୁଳି
Nāhā chāli 1. A triangular thatch put on a
(ନାହାଚୁଳିଆ—ଅନ୍ୟରୂପ) country boat, the eaves of which touch the sides of the boat.
(ମଉଡ଼ମଣି, ଏକଚୁଳିଆ—ବିପରୀତ) ୨ । ଲମ୍ବେ ଲମ୍ବେ ତ୍ରିକୋଣ
दोचाला **दुचल्ला** ଚୁଳଥିବା ଅଳ୍ପ ଉଚ୍ଚ ଚୁଳ ଘର (ଯେଉଁ ଘରର ଚୁଳ ମଉଡ଼ମଣି ବା ଚତୁଷ୍କୋଣବିଶିଷ୍ଟ ନୁହେଁ ଓ ଯେଉଁ

ଘରର ଢାଳଅଛି ଥାଏ)—2. Gable-roofed house; a low house with a double roof.
ବଣ (ଯେଉଁ ଘରର ଚାଳ) ନାହାର ଚାଳ ପରି ଦୁଇଫାଳିଆ— Gable-roofed (house); gabled roofed

ନାହା ଡୁବି—ଦେ. ବି (ସଂ. ନୌ+ବୁଡ଼ ଧାତୁ)—ଡଙ୍ଗା ଜଳମଗ୍ନହେବା-
Nāhā ḍubi   নাওডুবী **नावडूबी** The sinking of a boat.

ନାହାଣ ପଞ୍ଚମୀ—ଦେ. ବି—ଆଶ୍ୱିନ କୃଷ୍ଣ ପଞ୍ଚମୀ; ଅଶ୍ୱ ପଞ୍ଚମୀ—
Nāhāṇa pañchami   The 5th day of the dark fortnight of the month of Āswina when horses are worshipped.
[ଦ୍ର—ଏ ଦିନ ଘୋଡ଼ାମାନଙ୍କୁ ପୂଜା କରାଯାଏ ।]

ନାହା ପେଲିବା—ଦେ. କ୍ରି—ନୌକାରୋହୀମାନେ ବସିଥିବା ଡଙ୍ଗାକୁ
Nāhā pelibā   ବିପରୀତ କୂଳ ଆଡ଼କୁ ଭାସିଯିବାକୁ ଏକ କୂଳରୁ ଠେଲିଦେବା—1. To push away a boat to proceed to the other bank.
୨ । (ଲକ୍ଷଣାର୍ଥ) ସଂସାରଯାତ୍ରା ନିର୍ବାହ କରିବା—
2. (figurative)To eke out one's existence; to carry on one's worldly concerns.
[ଦ୍ର—ଶୁଖିଲାରେ ନାହା ପେଲିବା—ନ୍ୟାୟ=ବିନା ଧନରେ ସଂସାରଯାତ୍ରା ନିର୍ବାହକରିବା ବା କୌଣସି ବ୍ୟୟସାଧ୍ୟ କର୍ମ କରିବା; ଯଥା—ମୋ ହାତରେ ପଇସାଟିଏ ନାହିଁ, ମୁଁ ପୁଅ ବାହାଘର କରିବାକୁ ବସିଛି; ଅତଏବ ଶୁଖିଲାରେ ନାହା ପେଲିବ ବୋଲି ଭାବୁଛି ।]
୩ । (ଲକ୍ଷଣାର୍ଥ)—ଜୀବନର ଅବଶିଷ୍ଟ ଅଂଶ କଷ୍ଟେ ସୃଷ୍ଟେ ଅତିବାହିତ କରିବା—3. (figurative) To pass the remaining days of one's life anyhow.

ନାହା ବାହିବା—ଦେ. କ୍ରି (ସଂ. ନୌ+ବାହନ)—ନୌକାକୁ ଚାଳିତ
Nāhā bāhibā   କରିବା—To set a boat agoing; to ply a boat.
ନାହା ଚଳା(ଳେ)ଇବା } ଅନ୍ୟରୂପ
ନାହା ବୋହିବା
নৌকাচালান   **नावखेना**

ନାହା ବୁଡ଼ିବା—ଦେ.ବି (ସଂ. ନୌ+ବୁଡ଼ ଧାତୁ)—୧ । ଡଙ୍ଗା ଜଳମଗ୍ନ
Nāhā burḍibā   ହେବା—1. The foundering or sinking of a boat;
ନାହା ବୁଡ଼ିଯିବା, ନାହା ଡୁବିବା—ଅନ୍ୟରୂପ
নৌকা ডুবে যাওয়া   ୨ । (ଲକ୍ଷଣାର୍ଥ) ଆଶା ଭରସା ଭ୍ରଷ୍ଟ ଯିବା;
नाव डूब जाना   ଆଶ୍ରୟ ସ୍ଥାନ ବା ଅରକ୍ଷ ହେବା—
2. (figurative) Becoming hopeless and shelterless.

ନାହା ଭସା(ସେ)ଇବା—ଦେ.କ୍ରି(ସଂ.ନୌ+ଭାସମାନ)—ନୂତନ ତିଆରି
Nāhā bhasā(se)ibā   ହୋଇଥିବା ଡଙ୍ଗାକୁ ପ୍ରଥମେ ଜଳରେ
নাও ভাসান   ଛାଡ଼ିବା—To let a newly constructed boat
नाव भसाना   float in the water for the first time.

ନାହା ମେଲିବା—ଦେ. କ୍ରି—ସମୁଦ୍ର ବା ନଦୀକୁ ପାର ହେବା ପାଇଁ
Nāhā melibā   ଡଙ୍ଗାକୁ ପାଣିରେ ଚଳାଇବାକୁ ଆରମ୍ଭ କରିବା-
(ନାହା ଖୋଲିବା—ଅନ୍ୟରୂପ)   To start a boat to cross a river or sea.
নাও ছাড়া   **नाव चलाना शुरु करना**

ନାହାରି—ପ୍ରାଦେ. (ବାଲେଶ୍ୱର) ବି. ପୁଂ (ସଂ. ଲାକ୍ଷା+କାରି; ତୁଳ
Nāhāri   ହି. ଲହାର)—ଶଙ୍ଖାରି; ଲାଖ ଚୁଡ଼ି ବା ଶଙ୍ଖା
(ନାହାରିଆ—ଅନ୍ୟରୂପ)   ବ୍ୟବସାୟୀ ନୀଚ ଶୂଦ୍ର ଜାତିବିଶେଷ—
ନାହାରିଆଣୀ } ସ୍ତ୍ରୀ.   A kind of low class Śūdra dealing with lac bangles.
ନାହାରୁଣୀ

ନାହାଲ୍‌ବେ(ଗୁ)ଲି—ଦେ. ବି—ବନ୍ୟ ଗୁଳ୍ମବିଶେଷ—
Nāhāl-be(gu)li   Cipadessa Futicosa (Haines).
[ଦ୍ର—ଏହା ଏକ ପ୍ରକାର କଣ୍ଟା ନ ଥିବା ଗଛ । ଏଥିର ଫଳ ବା କୋଳି ପାଚିଲେ ନାଲି ଦିଶେ । ବଣୁଆ ଓ ଗୋବରା ଚଢ଼େଇ-ମାନେ ପାଚିଲା କୋଳିକୁ ଖାଆନ୍ତି, ଏହାର କାଠ ଭଲ ଜଳେ ଓ ଏଥିରେ ଯଷ୍ଟି ହୁଏ । ଏହା ସିଂହଭୂମ, ଗଡ଼ଜାତ ଓ ପୁରୀ ଜଙ୍ଗଲ-ମାନଙ୍କରେ ଦେଖାଯାଏ ।]

ନାହାଲ—ଦେ. ବି—ବନ୍ୟ ଦୃଢ଼ କାଷ୍ଠ ବୃକ୍ଷବିଶେଷ—
Nāhāḷa   A kind of hard-wooded wild tree.
ଗୋଲୁ ତମ ଚୂଣ ସେ ନାହାଲ ବେନ କାଣ୍ଡ ।
ବାଳ ରାମାୟଣ, ଗୁହକ ମିଳନ ।

ନାହାଳିବା—ଦେ. କ୍ରି. (ସଂ. ଲହରୀ)—
Nāhāḷibā   ୧ । ତରଳ ପଦାର୍ଥ ବହୁ ପରିମାଣରେ ଢାଳି ଦେବା—
ঢালা   1. To pour out some liquid profusely.
उँडेलना
୨ । ବହୁ ପରିମାଣରେ ପତଳା ଝାଡ଼ା ଫେରିବା—
2i To pass liquid stools profusely.
୩ । ଅନର୍ଗଳ ଗପିବା—
3. To talk on without stopping.
୪ । (ବାଘ) ଗଳଗର୍ଜିବା ବା ଗର୍ଜି ଉଠିବା —
4. (a tiger) To roar furiously.
୫ । ନାହାଳି ଯିବା (ଦେଖ)—5. Nāhāḷi jibā (See)

ନାହାଳି ଯିବା—ପ୍ରାଦେ. (ଗଡ଼ଜାତ) କ୍ରି—
Nāhāḷi jibā   ୧ । (ଧାନ ଗଛମାନ ୩।୪ ଫୁଟ ଉଚ୍ଚ ହୋଇଥିବା
ନାଲେଇ ଯିବା } ଅନ୍ୟରୂପ   ଅବସ୍ଥାରେ ବନ୍ୟାରେ ଧାନ ଗଛର
ନାହାଲେଇ ଯିବା   ମଧ୍ୟଭାଗ ପର୍ଯ୍ୟନ୍ତ ପାଣି ବହୁକାଳ
ଜମି ରହିଲେ ଉକ୍ତ ଧାନ ଗଛମାନ ଅଣ୍ଟାଠାରୁ ତଳକୁ ପାଣିରେ ସଢ଼ିଯିବା ଯୋଗୁଁ) ତଳଆଡ଼କୁ ଝୁଙ୍କି ପଡ଼ିଯିବା—
1. To fall down by breaking at the middle (said of tall paddy plants which remain half submerged in water for a long time.)

ନାହି—ଦେ. ବି (ସଂ. ନାଭି)—୧ । ନାଭି; ନାଇ—
Nāhi   1. Navel.
নাই   ୨ । ଚକ୍ରର ମଧ୍ୟସ୍ଥ ଦାଣ୍ଡି—2. The hub or the central block of a wheel.
नाह

୩ । ଚକ୍ରର କେନ୍ଦ୍ରସ୍ଥ ରନ୍ଧ୍ର; ଚକ୍ର ମଧ୍ୟ—
3. The central hole of a wheel.

୪ । କୋଲପର ଛିଦ୍ରମଧ୍ୟସ୍ଥ କୀଳକ; କୋଲପର ମେରୁ (ଯହିଁରେ ଭୁଷ୍ଟକାଠି ବୁଲେ)—
4. The pin in the centre of the hole of a lock.

ନାହିଅା—ଦେ. ବିଣ. ପୁଂ. ଓ ସ୍ତ୍ରୀ (ସ. ନାଭିଲ)—ଗୋଟାଳପର ବଡ଼
Nāhiā ନାଭିବିଶିଷ୍ଟ (ବ୍ୟକ୍ତି)-Having a big or swollen
গোঁড়ওয়ালা **तुंदीवाला** (ନାହ୍ୟା—ଅନ୍ୟରୂପ) navel.

ବି—୧ । ମାଛମାନଙ୍କ ରୋଗବିଶେଷ (ଏଥିରେ ମାଛମାନଙ୍କ ନାହି ଫୁଲି ଯାଏ; ଏମାନେ କିଛିକାଳ ଚିତ ହୋଇ ପହଁରନ୍ତି ଓ ପରେ ମରିଯାଆନ୍ତି)—1. A kind of disease of fishes by which they float on the water with the belly up and die after some time.

୨ । ଗୋରୁମାନଙ୍କ ରୋଗବିଶେଷ—
2 A kind of cattle disease.

୩ । ଶଗଡ଼ ଚକର କେନ୍ଦ୍ରସ୍ଥ ଛିଦ୍ରର ଚତୁପାଶେ ଥିବା ଲୌହ ବଳୟ; ପନାହି—
3. A thick iron ring surrounding the central hole in the navel of a cart wheel.

ନାହି ଆଙ୍କଡ଼େଇବା—ଦେ. କ୍ରି—୧ । ନାହି ଗଡ଼େଇବା (ଦେଖ)
Nāhi āṅkarḍeibā 1. Nāhi garḍeibā (See)
নাই,আঁকড়া ୨ । କୂଟ ତର୍କ କରିବା—
2. To make hair-splitting arguments.

ନାହିଅା ମାରିବା—ଦେ. ବି—(ମାଛମାନେ) ନାହିଅା ରୋଗଦ୍ୱାରା
Nāhiā māribā ଅକାଳ ମୃତ ହୋଇ ଭାସିବା—Floating up with the belly up; a fish disease.

ନାହିଁ—ଦେ. କ୍ରି. (ସ. ନାସ୍ତି, ନ ଭବତି; ନାଁହେବା କ୍ରିୟାର ବର୍ତ୍ତମାନ
Nāhiñ କାଳ ତୃତୀୟ ଓ ଉତ୍ତମପୁରୁଷ ୧ ବଚନରୂପ)—
ନ ହୁଅଇ; ନ ହୁଏ; ନୁହେଁ; ଅବସ୍ଥିତ ନୁହେଁ; ଉପସ୍ଥିତ ନୁହେଁ—Is not; does not exist; is non-existant; amnot.

ନ ହେବା କ୍ରିୟାର **ବର୍ତ୍ତମାନ କାଳ**

ପ୍ରଥମ ବା ଉତ୍ତମପୁରୁଷ ଏକବଚନ ବହୁବଚନ
ମୁଁ ନାହିଁ, ଅମ୍ଭେ ନାହୁଁ ଅମ୍ଭେମାନେ ନାହୁଁ
ଦ୍ୱିତୀୟ ବା ମଧ୍ୟମପୁରୁଷ
ତୁ ନାହୁଁ, ତୁମ୍ଭେ ନାହଁ ତୁମ୍ଭେମାନେ ନାହଁ,
ଅପଣ ନାହାନ୍ତି ଅପଣମାନେ ନାହାନ୍ତି
ତୃତୀୟ ବା ଅଧମପୁରୁଷ
ସେ ନାହିଁ, ସେ ନାହାନ୍ତି ସେମାନେ ନାହାନ୍ତି

ଅତୀତ କାଳ

୧ମ ପୁ. ମୁଁ ନ ଥିଲି, ଅମ୍ଭେ ନ ଥିଲୁଁ ଅମ୍ଭେମାନେ ନ ଥିଲୁଁ
୨ୟ ପୁ. ତୁ ନ ଥିଲୁ, ତୁମ୍ଭେ ନ ଥିଲ, ଅପଣ ନ ଥିଲେ ତୁମ୍ଭେମାନେ ନ ଥିଲ, ଅପଣମାନେ ନ ଥିଲେ
୩ୟ ପୁ. ସେ ନ ଥିଲା, ସେ ନ ଥିଲେ ସେମାନେ ନ ଥିଲେ

ଭବିଷ୍ୟତ କାଳ

୧ମ ପୁ. ମୁଁ ନ ଥିବି, ଅମ୍ଭେ ନ ଥିବୁଁ ଅମ୍ଭେମାନେ ନ ଥିବୁଁ
୨ୟ ପୁ. ତୁ ନ ଥିବୁ, ତୁମ୍ଭେ ନ ଥିବ, ଆପଣ ନ ଥିବେ ତୁମ୍ଭେମାନେ ନ ଥିବ, ଅପଣମାନେ ନ ଥିବେ
୩ୟ ପୁ. ସେ ନ ଥିବ, ସେ ନ ଥିବେ ସେମାନେ ନ ଥିବେ ।

ହୁଅଇ, ହୋଇଅଛି } ଵିପରୀତ [ଦ୍ର—ଓଡ଼ିଶାରେ କ୍ରିୟା ପରେ ନାହିଁ ଶବ୍ଦ ଲାଗେ, ଯଥା—ମୁଁ ଖାଇ ନାହିଁ, ମୁଁ
নয়, নাই ଯାଇ ନାହିଁ ଇତ୍ୟାଦି । ମାତ୍ର ସମ୍ବଲପୁରରେ କ୍ରିୟା ପୂର୍ବେ
नहि ନାହିଁ ଶବ୍ଦ ଲାଗେ, ଯଥା—ମୁଁ ନାହିଁ ଖାଇ । ଓଡ଼ିଶାରେ ନ ଖାଉଚି, ନଖାଇଛି, ନଖାଇବ ପ୍ରଭୃତି ଶବ୍ଦର ବ୍ୟବହାର ଅଛି ।]

ଅ. (ସ. ନ; ନହି)—ନାଁ—
(ହଇ—ବିପରୀତ) No; not

ବି—୧ । ମନା; ବାରଣ—1. Denial.
୨ । ଅସମ୍ମତି—2. Disagreement; refusal.

ବିଣ—ନଥିବା—Non-existing.
(ଯଥା—ନାହିଁ ମାମୁଠାରୁ କଣା ମାମୁଁ ଭଲ—ପ୍ରବଚନ ।)

ନାହିଁ କରିବା—ଦେ. କ୍ରି—୧ । ଅସ୍ୱୀକାର କରିବା; ଅସମ୍ମତ ହେବା—
Nāhiñ karibā 1. To disagree.
বারণকরা, মানাকরা ତା ନାହିଁ କରିବାର ନୁହେ ମୋ ଉଚିତ—
न मानना; नामंजूर करना କୃଷ୍ଣସିଂହ ମହାଭାରତ. ବନ ।
ନାହିଁ ନାହିଁ କରିବା, ନାହିଁ ନାହିଁ ହେବା } ଅନ୍ୟରୂପ ୨ । ନାମଞ୍ଜୁର କରିବା; ଅଗ୍ରାହ୍ୟ କରିବା—2. To reject.
୩ । ମନା କରିବା—3. To refuse; to deny.
ଏକାଳେ ବାହୁକ ମୋତେ କହଇ ନାହିଁ—କୃଷ୍ଣସିଂହ. ମହାଭାରତ. ବନ ।

ନାହିଁତ—ଦେ. ଅ. (ସ. ନହୁ)—ନୋଚେତ୍; ପକ୍ଷାନ୍ତରରେ—
Nāhiñta Or else; otherwise.
নাইতো **नहिं तो**

ନାହିଁନି—ପ୍ରାଦେ. (ସମ୍ବଲପୁର) କ୍ରି—ନାହିଁ (ଦେଖ)
Nāhiñnañ Nāhiñ (See)
(ନାହିଁନ—ଅନ୍ୟରୂପ) ଅ—(ପ୍ରଶ୍ନାର୍ଥକ) ଅବଶ୍ୟ; ନିଶ୍ଚେ—
Must; certainly.

ନାହିଁନା—ଦେ. ଅ. (ନାହିଁ ଶବ୍ଦର ଦୁଇଥର ପ୍ରୟୋଗଦ୍ୱାରା ନାହିଁ ଅର୍ଥ
Nāhiññā ଉପରେ ଗୁରୁତାକ୍ଷେପ)—୧ । ଆଦୌ ନାହିଁ; ନୁହେଁ—
(ନାହିଁନି—ଅନ୍ୟରୂପ) 1. No no.
ଅବର ନାହିଁନା ଉପନ—ଯଶୋବନ୍ତ. ପ୍ରେମଭକ୍ତିଗୀତା ।
୨ । (ପ୍ରଶ୍ନାର୍ଥରୂପ) ଅବଶ୍ୟ (ଯଥା—ମୁଁ କାଲି ଘରକୁ ଯିବି ନାହିଁ ନା ? ଅର୍ଥାତ୍ ମୁଁ କାଲି ଘରକୁ ଅବଶ୍ୟ ଯିବି)—
2. (interrogative from) Certainly.

ନାହିଁ ସୂର୍ଯ୍ୟ ନାହିଁ କରିବା—ଦେ କ୍ରି—କଷ୍ଟା ନାହିଁ କରିବା; କଷ୍ଟିତ
Nāhiñ sūrjya nāhiñ kariba ଭାବରେ ବାରମ୍ବାର ମନା
नाँ नाँ करना कରିବା—To refuse or deny a thing
नाह नूह करना stoutly and repeatedly.

ନାହିଁ ହ(ହୋ)ଇ—ଦେ.ଅ. (ତତ୍ପରିତ ସଦୃଶ, ସଂ. ନଵକଟ+ଭଵତି)—
Nāhiñ ha(ho)i ନାଁ ଓ ହଁ; ଅସ୍ୱୀକାର ବା ସ୍ୱୀକାର —
नाँ हाँ नहिँ हाँ Yes and no; agreement or refusal.

ନାହି କାଟିବା—ଦେ. କ୍ରି—ନବଜାତ ଶିଶୁର ନାଭିନାଡ଼ି ଛେଦନ କରିବା—
Nāhi kāṭibā To cut the umbilical cord of an
नाईकाटा नालकाटना infant.

ନାହି କୁଣ୍ଡଳ(ଳୀ)—ଦେ ବ (ସଂ. ନାଭି କୁଣ୍ଡ)—ନାଭି କୁଣ୍ଡ (ଦେଖ)
Nāhi kuṇḍala(lī) Nābhi kuṇḍa (See)
नाईकुंडली तुन्ली; नाभिकी गहराई
(ନାହିକୁଣ୍ଡ; ନାହିକୁଣ୍ଡୁଳି—ଅନ୍ୟରୂପ)

ନାହି ଗଡ଼େ(ଡ଼ା)ଇବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଗରିବ ବୋଲି
Nāhi gaṛḍe(ṛḍā)iba ଛଳନା କରିବା—
1 (figurative) To feign poverty.
୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ ନ କରିବା ପାଇଁ ଛଳନା ପୂର୍ବକ ଆପଣାର ଅକ୍ଷମତା ପ୍ରକାଶ କରିବା—
2. (figurative) To feign inability

ନାହି ଗାଡ଼(ତ)—ଦେ. ବ. (ସଂ. ନାଭିଗର୍ତ୍ତ)—ନାଭି କୁଣ୍ଡ (ଦେଖ)
Nāhi gāṛḍa(ta) Nābhi kuṇḍa (See)

ନାହି ଡେଇଁବା—ଦେ.ବ—୧ । (ଲକ୍ଷଣାର୍ଥ) ରାଗାନ୍ୱିତ ହେବା, ରୁଷିବା—
Nāhi deiñbā 1. Becoming enraged or sullen.
(ଯଥା—ତା କଥା ଶୁଣି ପଡ଼ିଲେ ସ୍ତ୍ରୀ ନାହି ଡେଇଁଛି ।)
୨ । ଉଦର ଯନ୍ତ୍ରଣା ଯୋଗୁଁ ନାଭିରେ ସ୍ପନ୍ଦନ ଅନୁଭୂତ ହେବା—
2. The throbbing of the navel on account of pain in the abdomen.

ନାହି ନାଚିବା—ପ୍ରାଦେ. (ଯାଜପୁର) କ୍ରି—ନାହି ଡେଇଁବା (ଦେଖ)
Nāhi nāchibā Nāhi deiñbā (See)

ନାହି ନାଡ଼—ଦେ. ବ. (ସଂ. ନାଭି ନାଡ଼ୀ)—ନାଭି ନାଡ଼ୀ (ଦେଖ)
Nāhi nāṛḍa Nābhi nāṛḍi (See)
नाल

ନାହି ନାଡ଼ ଧରି ଟେକି ଦେବା--ଦେ. କ୍ରି- ନବ ଜାତ ଶିଶୁର ନାହି-
Nāhi nāṛḍa dhari ṭeki debā ନାଡ଼ କଟା ନ ହେବା ପୂର୍ବରୁ ତାହାକୁ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରିବାକୁ ଇଚ୍ଛା କରୁଥିବା ସ୍ତ୍ରୀଙ୍କ ହସ୍ତରୁ ଦଉକ ପୁତ୍ରରୂପେ ଦାନ କରିବା
(a mode of adoption prevalent in Orissa) To hand over a child to an adopting mother before it's navel cord is cut.

ନାହି ଫୁଲା(ଲେ)ଇବା—ଦେ. କ୍ରି—ନାହି ଗଡ଼େଇବା (ଦେଖ)
Nāhi phulā(le)ibā Nāhi gaṛḍeibā (See)

ନାହି ମୁଣ୍ଡା—ଦେ. ବ. (ସଂ. ନାଭି କୁଣ୍ଡ)—
Nāhi muṇḍā ୧ । ନାଭିର ଚତୁର୍ଦ୍ଦିଗରେ ଥିବା ଦେହାଂଶ—
नाईकुंड 1. The part of the body just round
ढोंढी, तुं the navel.
୨ । ନାଭି ଗର୍ତ୍ତ—2. The hole at the navel.

ନାହିରେ ଓଦା କନା ପକା(କେ)ଇବା—ଦେ. କ୍ରି—
Nāhire odā kanā pakā(ke)ibā
ପେଟରେ ଓଦା କନା ପକାଇବା (ଦେଖ)
Peṭare odā kanā pakāibā (See)

ନାହିରେ ତେଲ ପକା(କେ)ଇ ଶୋଇବା—ଦେ. କ୍ରି. (ଲକ୍ଷଣାର୍ଥ)—
Nāhire tela pakā(ke)i śoibā
ନିଶ୍ଚିନ୍ତ ବା ବେଧଡ଼କ ହୋଇ ରହିବା—
(figurative) To pass one's time without the least care or anxiety.

ନାହି (ଲେ)ନେଉଟିବା—ଦେ. କ୍ରି—ଅତିରିକ୍ତ ଭୋଜନ ହେତୁ ପେଟ
Nāhi (le) neuṭibā ଫୁଲି ଯିବା—The swelling of the belly and protrusion of the navel due to over-feeding.
ପିଠା ପାଇଁ ନାହି ଲେଉଟେ ତେବେ ସେ ବ୍ରାହ୍ମଣ ଠାଅରୁ ଭ ଠ—ଚଗ ।

ନାହି ଶୁଖା(ଖେ)ଇବା—ଦେ. କ୍ରି—ନାହି ଗଡ଼େଇବା (ଦେଖ)
Nāhi śukhā(khe)ibā Nāhi gaṛḍeibā (See)

ନାହୁଡ଼ି—ପ୍ରାଦେ. (ହିନ୍ଦୁମ୍) ବ—ନାଭି—Navel.
Nāhuṛḍi ଦେ. ବ.—ନାହୁରି; ନାବିକ—Boatman,

ନାହୁଷ—ସଂ. ବି. (ନହୁଷ+ଅପତ୍ୟାର୍ଥେ. ଅ)—
Nāhusha ନହୁଷ ରାଜାଙ୍କ ପୁତ୍ର; ଯଯାତି—
Jajāti, the son of king Nahusha.
ଶସ୍ତୁ ନାହୁଷ ଅଦ ଯେତେ
ଶୁଣ ନାରଦ କହୁଁ ତୋତେ । ଜଗନ୍ନାଥ, ଭାଗବତ ।

ନି—ସଂ. ଅ—ଉପସର୍ଗ ବିଶେଷ, [ନିଷେଧ, ନିବୃତ୍ତି ବା ଅଭାବ, ନିକୃଷ୍ଟତା,
Ni ନିଶ୍ଚୟ, ସାମୀପ୍ୟ ବା ନୈକଟ୍ୟ, ନିଦର୍ଶନ, ସଂଶୟ, ନିତ୍ୟତା, ଆଶ୍ରୟ, ଦାନ, ମୁକ୍ତି, ବନ୍ଧନ, ଅଭାବ, ଅଧୋଭାବ, ବିନ୍ୟାସ, ସାକଲ୍ୟ, ସାମ୍ୟକ୍, ଭୃଶ, କୌଶଳ, ଉପରମ, ଉତ୍କୃଷ୍ଟତା, ସମ୍ପୂର୍ଣ୍ଣତା, ନମ୍ରତା, ଆଦେଶ, ଅତ୍ୟନ୍ତ, ସନ୍ଦେହ, ସ୍ଥିରତା, ଅଙ୍ଗୀକରଣ ଇତ୍ୟାଦି ଅର୍ଥରେ ଧାତୁ ପୂର୍ବରେ ଏହାର ପ୍ରୟୋଗ ହୁଏ]—
A prefix indicating, prohibition, want, inferiority, certainty, proximity, pointing out, doubt, blame, constancy, refuge, giving, liberation, bidding, bending low, arrangement, whole, speciality, intensity, skill, cessation, excellence, completion, lowness, order, excess.

[ଦ୍ର—ନି ଉପସର୍ଗର ଭିନ୍ନ ଭିନ୍ନ ଅର୍ଥରେ ପ୍ରୟୋଗର ଉଦାହରଣ—ଅଧୋଭାବ, ଅଧୋଗତି ଯଥା—ନିପାତ, ନିଷାଦ । ସାକଲ୍ୟ, ସମୂହ ଯଥା—ନିକର, ନିକାୟ । ବିଶେଷ ରୂପେ ଯଥା—ନିକାମ, ନିଗୃହୀତ । ଆଦେଶ ଯଥା—ନିଦେଶ । ନିତ୍ୟତା, ସ୍ଥାୟିତ୍ୱ ଯଥା—ନିବେଶ । ନୈପୁଣ୍ୟ ଯଥା—ନିପୁଣ । ଅବରୋଧ ବା ବନ୍ଧନ

ଯଥା—ନିବନ୍ଧ । ଅନ୍ତର୍ଭୂତ କରଣ ଯଥା—ନିପୀତ । ନୈକଟ୍ୟ ଯଥା—ନିକଟ । ଅପମାନ, ଅନ୍ୟାୟ, ଅତ୍ୟାଗ୍ରହ ଯଥା—ନିକୃତି, ନିକାର, ନିଗୃହୀତ । ଦେଖାଇବା ଯଥା—ନିଦର୍ଶନ । ନିବୃତ୍ତି ଯଥା—ନିବୃତ୍ତି । ଆଶ୍ରୟ ଯଥା—ନିଲୟ । ଫିଙ୍ଗିବା, ଦେବା ଯଥା—ନିକ୍ଷେପ । ଅପ୍ରେ ।]

୨ । (ନିଷାଦ ସ୍ୱରର ସାଙ୍କେତିକ) ହିନ୍ଦୁ ସଙ୍ଗୀତର ସପ୍ତସ୍ୱର (ସା ରେ ଗା ମା ପା ଧା ନି) ମଧ୍ୟରୁ ସପ୍ତମ ସ୍ୱର—

2. The abbreviation for 7th tone of the gamut of the Hindu music

ଦେ. ଅ (ନଞର୍ଥକ ସଂ. ଉପସର୍ଗ ନିର୍)—

୧ । ବିଶେଷ୍ୟ ଓ ବିଶେଷଣ ଶବ୍ଦ ପୂର୍ବରେ ନାହିଁ ଅର୍ଥରେ ଯୁକ୍ତ ଉପସର୍ଗ—1. Negative prefix attached to words (corresponding to the Sanskrit prefix 'Nir'.)

(ଯଥା—ନିଅଣ୍ଟ, ନିପାରିଲାର, ନିଅଂଶ, ନିଖଟ୍, ନିପାଠିଆ, ନିପାଣିଆ, ନିଦୟା, ନିଜୋରିଆ ଇତ୍ୟାଦି ।]

୨ । (କଚିରିଆ; ସଂ. ନିବେଦନର ସାଙ୍କେତିକ) (ଅମୁକର) ନିବେଦନ ଏହି—2. (an abbreviation used by scribes for) This is the humble request of (so and so).

୩ । (କଚିରିଆ; ସଂ· ନିବେଦକର ସାଙ୍କେତିକ)—ନିବେଦକ—3. (abbreviation) Petitioner.

[ଦ୍ର—୨ୟ ଓ ୩ୟ ଅର୍ଥ ସମ୍ବନ୍ଧେ ନୋଟ୍—ପତ୍ରର ଶେଷରେ ଲେଖକର ନାମ ପୂର୍ବରେ ଏହା ଲେଖାଯାଏ, ଯଥା—

। ନି ।ଗୋପାଳର=ଗୋପାଳର ନିବେଦନ ଏହି (୨ୟ ଅର୍ଥ)

। ନି । ଗୋପାଳ=ଏ ପତ୍ରର ନିବେଦକ ଗୋପାଳ ଅଟେ (୩ୟ ଅର୍ଥ)

୪ । (କଚିରିଆ; ସଂ. ନିବେଦନର ସାଙ୍କେତିକ)—ନିବେଦନ—4. (abbreviation) Submission; humble request.

[ଦ୍ର—ପତ୍ରର ଅଗ୍ରରେ ମଧ୍ୟ କଚିରିଆ ଓ କରଣୀ ଲେଖକମାନେ ନିବେଦନ ଶବ୍ଦ ପରିବର୍ତ୍ତେ କେବଳ ଏହି ଅକ୍ଷରଟି ଲେଖନ୍ତି, ଯଥା—ଧର୍ମାବତାର ! । ନି । ର କାରଣ ଏହିକି:]

୫ । (କଚିରିଆ; ସାଙ୍କେତିକ)—ନିଶାଣଦାର—

5. (abbreviation) Identifier.

୬ । (ଅନ୍ୟରୂପ'ଣି') ସମାପ୍ତ୍ୟର୍ଥକ ଅଦ୍ୟତନ ଅତୀତକାଳ ବୋଧକ କ୍ରିୟା ସଙ୍ଗେ ଯୁକ୍ତ ଅକ୍ଷର—

6. A particle used after a verb of the past perfect tense indicating completion.

ଯେବେ ଅଛିଲେନି ଅବଶ୍ୟ ଅଇଙ୍ଗନ,
କରୁ ସ୍ଥିର କରିବେ ମୋର ଅପଘନ । କୃଷ୍ଣସିଂହ. ମହାଭାରତ ବନ ।

୭ । (ଅଦ୍ୟତନ ଅତୀତ କାଳର କ୍ରିୟା ପରେ ଯୋଗ ହେବା ନିଶ୍ଚିତାର୍ଥସୂଚକ ଅବ୍ୟୟ) ନିଶ୍ଚେ—

7. (A particle used after a verb of the past perfectt tense indicating certainty) Certainly.

ହେଲନି ଯେ ବୁଦ୍ଧିବଳ ଦଗଳା ଏ ସରୁହ ରେ ।
କବିସୂର୍ଯ୍ୟ ବଳଦେବ ଚମ୍ପୂ. ଚ ଗୀତ ।

୮ । (ତର୍କଣାର୍ଥକ) ବୋଧ ହୁଏ; ପରି—

8. (Added to a verb indicating probability) It seems; perhaps; probably.

କେଡ଼େ ହେବନି ଏବେ ପୟୋଧର ? ଉକ୍ତ. ସୁବର୍ଣ୍ଣରେଖା ।

[ଦ୍ର—୬।୭।୮ ଅର୍ଥ ସ୍ଥଳରେ ଅନ୍ୟରୂପ 'ଣି' ହୁଏ ।]

୯ । (ସ. ନହି) 'ନାହିଁ' ଶବ୍ଦର ଉଚ୍ଚାରଣଗତ ସଂକ୍ଷିପ୍ତ ଆକାର, (ନି—ଅନ୍ୟରୂପ)—

9. (a negative particle joined to verbs in the past, present and future tenses, corresponding to the English abbreviation 'nt' in 'do'nt' (=do not), 'did'nt' (=did not), 'sha'nt' (=shall not)—Not

ଯଥା—ମୁଁ ଭାତ ଖାଇନି; ସେ ଘରକୁ ଯାଇନି, ରାମ ଆଜି ଆସିବନି ଇତ୍ୟାଦି)

ସ୍ତ୍ରୀ· (ଇତର) ଅ—

(ବାଉରି, କଣ୍ଡରା, ପାଣ, ହାଡ଼ି ଆଦି ନୀଚ ଜାତିଙ୍କଦ୍ୱାରା ବ୍ୟବହୃତ) ଭୂତକାଳ, ୧ମ ପୁରୁଷ ଏକବଚନ କ୍ରିୟାରେ ବ୍ୟବହୃତ—Inflection used by low class illiterate people in the 1st person, singular, past tense.

[ଦ୍ର—ସାଧାରଣତଃ ଲୋକେ ମୁଁ ଗଲି, ମୁଁ ଖାଇଲି ଇତ୍ୟାଦି କହନ୍ତି, ମାତ୍ର ନୀଚ ଜାତିର ଲୋକେ ମୁଁ ଗନି, ମୁଁ ଖାଇନି ଇତ୍ୟାଦି କହନ୍ତି ।]

ନା ଣ ପ୍ରାଦେ. ଅ.—୧ । (ଯାଜପୁର) (କ)—ବାକ୍ୟଶେଷରେ 'ଣି' ଓ ଟି ସ୍ଥାନରେ ଅନୁରୋଧ ଓ ଅନରେ ବ୍ୟବହୃତ—

1. (a particle used in imperative mood to denote pressing request) Will you please do (so and so).

(ଯଥା—ଅମୁକ ବିଷୟ ମତେ କହନି=କହିବୁଟି ?)

(ଖ) ପ୍ରଶ୍ନାର୍ଥକ—2. (Interrogative) Will you not; wont you (do so and so)

୨ । (ସମ୍ବଲପୁର; କଚିରିଆ) (ନିବାସୀ ଶବ୍ଦର ସାଙ୍କେତିକ)—ଅମୁକ ସ୍ଥାନର ନିବାସୀ—2. (An abbreviation used by scribes) Resident of.

[ଦ୍ର—ଓଡ଼ିଶାରେ କଚିରିଆ ଲେଖାଳମାନେ ସାକିନ୍ ସ୍ଥାନରେ ଯେଉଁପରି । ସା । ଲେଖନ୍ତି, ସମ୍ବଲପୁରରେ ସେହିପରି ନିବାସୀ ଶବ୍ଦର ସାଙ୍କେତିକ । ନା । ଲେଖାଯାଏ; ଯଥା—ଗୋପାଳ ଚନ୍ଦ୍ର । ନା । କଟକ=କଟକ ନିବାସୀ ଗୋପାଳଚନ୍ଦ୍ର ।]

୩ । (ଜୟପୁର) ଶିଶୁ ଓ ସାନପିଲାମାନଙ୍କ ପ୍ରତି ସ୍ନେହ ସମ୍ବୋଧନ—

3. (Interjection) A term of endearment applied to children.

[ଦ୍ର—ଏହାର ଅନ୍ୟରୂପ, ବାଳକାଙ୍କ ପ୍ରତି ନନୀ ଓ ବାଳକଙ୍କ ପ୍ରତି ନନା].

ନିଃ—ସଂ. ଉପସର୍ଗ—ନଞର୍ଥକ ଉପସର୍ଗ—a negative particle
Nih meaning Not.
(ନିର୍—ଅନ୍ୟରୂପ)

ନିଁ—ଦେ. ଅ—ନି (ଦେଖ)
Niñ Ni (See)

ନିଅଂଶ (ଇତ୍ୟାଦି)—ନିରଂଶ ଇତ୍ୟାଦି (ଦେଖ)
Niamsa Niramsa etc (See)

ନିଅଁ—ଦେ. ବି. (ସଂ. ନେମି=ପୃଥିବୀ; ଭୂମି; ପ୍ରା. ନେଇଁ)—
Niañ ୧ । ମୂଳଦୁଆ; ମାଟି ତଳେ ଥିବା ଘରର ମୂଳଦୁଆ—
ଗୋଡ଼ା ଭିଟା 1. Foundation of a house or building.
निव ୨ । ମୂଳଦୁଆର ଗଭୀରତା—
2. Depth of a foundation.
୩ । କାନ୍ଥର ଯେଉଁ ଅଂଶ ଜମି ତଳୁ ଗଢ଼ା ହୋଇ ଥାଏ; ମୂଳଭିତ୍ତି—3. Foundation of a wall.

ନିଅଁ ଉଠା(ଠେ)ଇବା—ଖୋଳା ହୋଇଥିବା, ମୂଳଦୁଆକୁ ପୋତିସାରି ଭୂମିର
Niañ uthā (the)ibā ସମତଳଠାରୁ ଉଚ୍ଚକୁ କାନ୍ଥ ଉଠାଇବା—
ভিত উঠান To raise up a structure over the
नीवँ उठाना ground level after filling up a foundation.

ନିଅଁ ଖୋଳିବା—ଦେ. କି.—୧ । ଘରର କାନ୍ଥ ଉଠାଇବା ପାଇଁ ଭୂଇଁ
Niañ kholibā ତଳେ ମୂଳଦୁଅ ଖୋଳିବା—1. To dig
গোড়া a foundation for raising a pucca wall.
नीवँ खोदना ୨ । (ଲକ୍ଷଣାର୍ଥକ) କୌଣସି କାର୍ଯ୍ୟ ଆରମ୍ଭ କରିବା—
2. (figurative) To begin doing a certain thing.

ନିଅଁ ଜମା(ମେ)ଇବା—ଦେ. କ୍ରି.—୧ । କାନ୍ଥ ଆଦିକୁ ଶକ୍ତ କରିବା
Niañ jamā(me)ibā ପାଇଁ ମୂଳଭିତ୍ତିକୁ ଦୃଢ଼ରୂପେ ସ୍ଥାପନ
গোড়া জমান; গোড়া বাঁধা କରିବା—1. To lay a firm
नीवँ जमाना foundation.
ନିଅଁ ଦେବା
ନିଅଁ ପକା(କେ)ଇବା }—ଅନ୍ୟରୂପ
ନିଅଁ ବାନ୍ଧିବା
୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ ଆରମ୍ଭ ହେବା ଅବସ୍ଥାରେ ତାକୁ ଦୃଢ଼ରୂପେ କରିବା—2. (figurative) To begin a work on a firm footing.

ନିଅଁ ପୋତିବା—ଦେ. କି—ଖୋଳା ଯାଇଥିବା ମୂଳଦୁଅକୁ ଇଟା ପଥର
Niañ potibā ବା ମାଟିଦ୍ୱାରା ପୂର୍ଣ୍ଣ କରି ଭୂମି ସହିତ ସମତୁଲ
ভিত পুঁতা କରିବା—To fill up a foundation with
नीवँ भरना earth, brick or stones.
ନିଅଁ ଭରିବା—ଅନ୍ୟରୂପ)

ନିଅଗ୍ନି—ଗ୍ରା. ବି.—(ସଂ. ନିର୍ଗୁଣ)—ନିର୍ଗୁଣ (ଦେଖ)
Niagni Nirguna (See)
ନିଅଗ୍ନି ବ୍ରହ୍ମସ୍ୱରୂପ ନାମ ବୋଲଉଛ ।
ପ୍ରାଚୀ· ବ୍ରହ୍ମନିରୂପଣ ଗୀତା ।

ନିଅଙ୍ଗୀ—ଦେ. ବି.—ନିହଙ୍ଗ (ଦେଖ)
Niangi Nihanga (See)

ଏହା ନିଅଙ୍ଗୀ ମଠ; ଗୋଟିଏ ମହନ୍ତ ନାଗପୁଣ ପ ଇଲେ ତାଙ୍କ ଦେଲ ଗାଦିରେ ବସନ୍ତି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ନିଅଣ—ଗ୍ରା. (ଇତର) ବି.—ନିହଣ (ଦେଖ)
Niana Nihana (See)

ନିଅଣ୍ଟ—ଦେ. ବି. (ସଂ. ଅନାଟନ)—ଅନାଟନ; ଅଭାବ—
Nianta Want; insufficience.
অনাট **नघटती** ବିଣ.—୧ । ଅଭାବଗ୍ରସ୍ତ (ବ୍ୟକ୍ତି)—
1 Beset with want.
୨ । ନିଅଣ୍ଟ; ଅଯଥେଷ୍ଟ (ବସ୍ତୁ)—Insufficient.
ଶତ ପ୍ରାୟଶ୍ଚିତ୍ତି କଲେ ହେଉ ଥିବ ଦୋଷକୁ ତାହା ନିଅଣ୍ଟ ।
ସ୍ୱଧାନ.ଥ. ଯପାଇ ।

ନିଅଣ୍ଟିଆ—ଦେ. ବିଣ—ନିଅଣ୍ଟ (ଦେଖ)
Niantiā Nianta (See)

ନି ଅନଳ ତେଜା—ଗ୍ରା.ବିଣ.—ଯାହା ଅଗ୍ନିପରି ତେଜୋ ବିଶିଷ୍ଟ ନୁହେଁ—
Ni anala tejā Not having the lustre of fire.
ଅନଳ ପରିଏ ବଣେ ନି ଅନଳ ତେଜା ପ୍ରାଚୀ ବ୍ରହ୍ମନିରୂପଣ ଗୀତା

ନିଅପରାଧ—ଗ୍ରା. ବିଣ (ସଂ. ନିରପରାଧ)—ନିରପରାଧ (ଦେଖ)
Niaparādha Niraparādha (See)
(ନି ଅପ୍ରାଧ—ଅନ୍ୟରୂପ) ନି ଅପରାଧେ ଦୋଷ ଦେଇ,
ଏ ମୋର ଦେହେ ଶତ୍ରୁ କଲୁ ।
ଜଗନ୍ନାଥ. ଭାଗବତ ।
ବି—ଅପରାଧର ଅଭାବ—Absence of any offence.

ନି ଅପରାଧୀ—ଗ୍ରା. ବିଣ.—ନିରପରାଧ (ଦେଖ)—
Ni aparādhi Niraparādha (See)
(ନି ଅପ୍ରାଧୀ—ଅନ୍ୟରୂପ) ନିଅପରାଧୀ ମୁଁ ତାହାର,
ଦୁର୍ବାକ୍ୟେ କଲୁ ତିରସ୍କାର ।
ଜଗନ୍ନାଥ, ଭାଗବତ ।

ନିଅରୁଣ—ଗ୍ରା. ବିଣ.—ଯାହା ଈଷତ୍ ଲାଲବର୍ଣ୍ଣ ନୁହେଁ—
Niaruna Not light red.
ଅନଳ ପରିଏ ବଣେ ନିଅରୁଣ କାନ୍ତି ପ୍ରା.ଚୀ. ବ୍ରହ୍ମନିରୂପଣ ଗୀତା

ନିଅଳସ—ଦେ. ବିଣ. ପୁଂ—ନିରଳସ (ଦେଖ)—
Nialasa Niralasa (See)
(ନି ଅଳସା, ନି ଅଳସିଆ, ନି ଅଳସୁଆ—ଅନ୍ୟରୂପ)
(ନି ଅଳସୀ, ନି ଅଳସୋଇ—ସ୍ତ୍ରୀ)

ନିଅହଂକାର—ଗ୍ରା. ବିଣ.—ନିରହଂକାର (ଦେଖ)—
Niahamkāra Nirahamkāra (See)
(ନି ଅହଂକାରି—ଅନ୍ୟରୂପ)

ନିଆ—ଦେ. ବି. (ସଂ. ନୀ. ଧାତୁ)—୧ । ନେବା—1. Taking
Niā ୨ । ଖରିଦ କରିବା—2. Purchasing.
লওয়া, নেওয়া **लेना** ୩ । (ସଂ. ଲାଜା)—ଲିଆ; ଖଇ—
খৈ **लावा** 3. Fried paddy

ନିଆ ଅଣା—ଦେ. ବି.—(ସଂ. ନୟନ+ଆନୟନ)—ନେବା ଆଣିବା;
Niā anā ନେ ଆଣ—Acts of taking and bringing.
লওয়া আনা **लेना लाना**
(ନିଅ ଆଣ—ଅନ୍ୟରୂପ)

ନିଆଇବା—ଦେ. କ୍ରି. (ସ. ନୀ ଧାତୁ ଣିଜନ୍ତ) (ନେବା କ୍ରିୟାର ଣିଜନ୍ତ
Niāibā ରୂପ; The causative form of 'Nebā')—
লওয়ান ଅନ୍ୟଦ୍ୱାରା ନେବା—To cause to be taken by
लिवाना another.

ଏ ବାହାରେ ଦ୍ରୋଣଙ୍କୁ ଭୂମ୍ଭ ନିଆଇବ।
ସୁଯୋଧନ ସଙ୍ଗ କୂପରେ ପକାଇବ । କୃଷ୍ଣସିଂହ ମହାଭାରତ ବନ

ନିଆଁ—ଦେ.ବି. (ସ. ଅଗ୍ନି ର ବର୍ଣ୍ଣଧ୍ୱଂସରୂପ ଗ୍ନି ଅ, ଗ୍ନିଅରୁ ନିଅଁ,ନିଆଁ)-
Niāñ ୧ । ଅଗ୍ନି—1. Fire.
আগুন ୨ । (ଗାଳିରେ ବ୍ୟବହୃତ) ଅଗ୍ନିଦ୍ୱାରା ନଷ୍ଟ ଅବସ୍ଥା—
आग 2. Burnt or spoiled condition
ଯଥା—(ତୋ ମୁହଁରେ ନିଆଁ)
୩ । କ୍ରୋଧାଗ୍ନି—3. Anger (compared with fire).
୪ । ବିବାଦାଗ୍ନି—4. Fiery dispute.
୫ । କ୍ଷୁଧାଗ୍ନି—5. Very acute hunger.
୬ । ଅତ୍ୟାଚାରିତ ବ୍ୟକ୍ତିର ହୃଦୟରୁ ଉଠିବା ଅଭିଶାପ—
6. Imprecations uttered by an oppressed person.
୭ । ଅଶାନ୍ତି—7. Want of tranquility.
୮ । ସର୍ବନାଶ—8 Riun
୯ । ଚିତାଗ୍ନି—9. Cremation fire.
ବିଣ—୧ । ଅଗ୍ନିପରି ପ୍ରଚଣ୍ଡ—1. Fiery.
୨ । କ୍ରୁଦ୍ଧ—2. Angry.

ସୂର୍ଯ୍ୟ ଠିକ ନିଆଁ ହୋଇଣ ଯୁଦ୍ଧେ କାଣ୍ଡ
...... ଅଗ୍ନି ହେଲ ଖଣ୍ଡ । କୃଷ୍ଣସିଂହ, ମହାଭାରତ ଦ୍ରୋଣ ।

୩ । ଅଗ୍ନିଦଗ୍ଧ—3. Burnt.
୪ । ଉତ୍ତପ୍ତ—4. Heated.
୫ । ଉତ୍ତେଜିତ—5. Irritated.
୬ । (ଗାଳିରେ ବ୍ୟବହୃତ) ସମ୍ପୂର୍ଣ୍ଣରୂପେ ନଷ୍ଟ—
6. Ruined; utterly spoiled.

ନିଆଁ ଅଟା—ଦେ. ବି. (ସ. ଅଗ୍ନିକୁଣ୍ଡ)—ଧୂଆଁ ଦେବା ନିମନ୍ତେ ଜମା
Niāñ aṭā ରଖୁଥିବା ନିଆଁକୁ ରଖିବା ନିମନ୍ତେ କୁଣ୍ଡାଆଦି ଦାହ୍ୟ
খড়ের বড় ପଦାର୍ଥଦ୍ୱାରା ବଳା ଯାଇଥିବା ଲମ୍ବ ବେଣୀ; ବହ୍ନିଅ—
लुकारी, लुआठा A plait of straw in which fire is maintained for lighting cigars or for preserving fire for some time.

ନିଆଁ ଉଠିବା—ଦେ. କ୍ରି—୧ । ଅଗ୍ନିର ଶିଖା ଉପରକୁ ଉଠିବା; ଶିଖା
Niāñ uṭhibā ଉପରକୁ ଉଠିବା—1. Blazing of
আগুন উঠা fire.
आग उठना ୨ । କ୍ରୋଧାଗ୍ନି ପ୍ରଜ୍ୱଳିତ ହେବା—
2. Becoming fiery with anger.
୩ । କ୍ଷୁଧାଗ୍ନି ପ୍ରଜ୍ୱଳିତ ହେବା—
3. Feeling of extreme hunger.
୪ । ଅଭିଶାପାଗ୍ନି ଉଠିବା; ମୁଖରୁ ଅଭିଶାପ ଉଚ୍ଚାରିତ ହେବା—
4. Imprecation uttered by the mouth.

ନିଆଁ ଉମ୍ଭେଇ—ଦେ. ବି—ନିଆଁ ରଖିବା ପାଇଁ ବ୍ୟବହୃତ ଚଉଡ଼ା-
Niāñ umbhei ମୁହଁା ମାଟିର ପାତ୍ର—Fire-pan; brazier.
আগুনের খুরি अङ्गीठी

ନିଆଁ କରିବା—ଦେ. କ୍ରି—ନିଆଁ ଜଳାଇବା (ଦେଖ)
Niāñ kaṛibā Niāñ jaḷāibā (See)

ନିଆଁ କାଠି(ଢ଼ି)—ଦେ. ବି–ଦିଆସିଲି କାଠି—
Niāñ kāṭhi(ṛdhi) Match-stick.
(ନିଆ ଖାଡ଼—ଅନ୍ୟରୂପ) ପ୍ରାଦେ. (ଗଞ୍ଜାମ ଓ ଗଡ଼ଜାତ) ଯେଉଁ
দেসলাই କାଠିର ମୂନକୁ ଆଉ ଖଣ୍ଡିଏ କାଠରେ ଥିବା
दीयासलाई ଗାତରେ ମନ୍ଥି ଘଷିଲେ ନିଆଁ ବାହାରେ;
ଅରଣି—A pointed stick which, when turned over another bit of flat wood, produces fire by friction; firestick.

ନିଆଁ ଖଡ଼ିକା—ଦେ. ବି—୧ । ନିଆଁ କାଠି (ଦେଖ)
Niāñ khaṛdikā 1. Niāñ kāṭhi (See)
୨ । ଉତ୍ତପ୍ତ ଧାତୁର କାଠି—2. A heated poker.
ବିଣ. (ଲକ୍ଷଣାର୍ଥ)—ରାଗରେ ପ୍ରଚଣ୍ଡ; ଅତି କ୍ରୁଦ୍ଧ—
(figurative) Very angry

ନିଆଁ ଖପରା—ଦେ. ବିଣ—ଅତି କ୍ରୁଦ୍ଧ—
Niāñ khaparā Very angry; enraged.
আগুনখোলা, আগুনখপরা ବି—ନିଆଁ ଉମ୍ଭେଇରୂପେ ବ୍ୟବହୃତ
आगबबुला ହାଣ୍ଡିର ଭଙ୍ଗା ଖଣ୍ଡ—A broken part of an earthen pot used as brazier.

ନିଆଁ ଖସି ପଡ଼ିବା—ଦେ. କ୍ରି. (ଲକ୍ଷଣାର୍ଥ)—ହଠାତ୍ ଭୟଗ୍ରସ୍ତ ହେବା-
Niāñ khasi paṛdibā Being frightened or alarmed.
(ଦେହରୁ ନିଆଁ ଖସି ପଡ଼ିବା, ଛାତିରୁ ନିଆଁ ଖସି ପଡ଼ିବା—ଅନ୍ୟରୂପ)

ନିଆଁ ଖାଇ ଅଙ୍ଗାର ହଗିବା—ଦେ. କ୍ରି. (ନ୍ୟାୟ)—୧ । ଯେଉଁ ପରି
Niāñ khāi aṅgāra hagibā କାମ କରିବ ସେହିପରି ଫଳ
(ନିଆଁ ଗିଳି ଅଙ୍ଗାର ହଗିବା—ଅନ୍ୟରୂପ) ପାଇବା—1. To reap
आग खाना अङ्गार हगना the fruit of one's actions. 'As you sow so you reap'.
୨ । ସାହସିକ ବ୍ୟକ୍ତିସୁଲଭ ବା ଅସାଧାରଣ କର୍ମ କରି ଯଶସ୍ୱୀ ହେବା ବା ତହିଁରୁ ନିରାପଦରେ ଉଦ୍ଧାର ପାଇବା—
2 To do an uncommon or hazardous act and to come out of it successful or safe.

ନିଆଁ ଖୁଣ୍ଟା—ଦେ. ବି—୧ । ପ୍ରଜ୍ୱଳିତ କାଷ୍ଠଖଣ୍ଡ—1. A piece of
Niāñ khunṭā lighted wood; firebrand.
୨ । ଗେଞ୍ଜେଣା କାଠି—2. A poker.

ନିଆଁ ଗିଳା—ଦେ. ବିଣ. ପୁଂ—୧ । ଘୋର ମିଥ୍ୟାବାଦୀ; ଗାଲୁଆ—
Niāñ giḷā 1. Dowright liar; impudent liar.
(ନିଆଁ ଗିଳୀ—ସ୍ତ୍ରୀ) ୨ । ଭୁଲୁଡ଼ା; ବାହାପିଆ—
ডাহামিথ্যাবাদী 2 Boastful; bragging.
लालबुजक्कड़ ୩ । ଦୁଃସାହସିକ—3. Foolhardy.

ନିଆଁ ଗିଳିବା—ଦେ. କ୍ରି. (ଲକ୍ଷଣାର୍ଥ)—ଘୋର ମିଥ୍ୟାକଥା କହିବା—
Niāñ giḷibā To speak a downright lie.

ନିଆଁ ଜଳା(ଲେ)ଇବା—ଦେ. କ୍ରି—କାଠ, ଭୁଷା, କୋଇଲାଆଦି ଜଳାଇ ଅଗ୍ନି ପ୍ରସ୍ତୁତ କରିବା—
Niāñ jaḷā(ḷe)ibā
(ନିଆଁ ଜାଳିବା—ଅନ୍ୟରୂପ) To set ablaze; to get up a blazing fire.
আগুন জলান **आग लगाना**

ନିଆଁ ଜଳିବା—ଦେ. ବି (ସ. ଅଗ୍ନି + ଜ୍ୱଳନ)—୧ । ଶିଖାସହ ଅଗ୍ନି ଉଠିବା—1. Bursting into a blaze or flame; the burning of a fire.
Niāñ jaḷibā
আগুন জলা
आग जलना

୨ । (ଲକ୍ଷଣାର୍ଥ) ଅତ୍ୟନ୍ତ କ୍ରୋଧ ବା ଅସନ୍ତୋଷ ଉତ୍ପନ୍ନ ହେବା—2. (figurative) The state of wrath or discontent.

ନିଆଁ ଝାଡ଼ିବା—ଦେ. କ୍ରି—ଚକମକି ପଥରରୁ ଅଗ୍ନିସ୍ଫୁଲିଙ୍ଗ ଉତ୍ପାଦନ କରିବା—To produce sparks from flint stone.
Niāñ jhāṛdibā
আগুনঝাড়া
आग झाड़ना

ନିଆଁ ଦେବା—ଦେ. କ୍ରି—୧ । ନିଆଁ ଲଗାଇବା (ଦେଖ)
Niāñ debā 1. Niāñ lagāibā (See)
আগুন দেওয়া ୨ । ମୃତବ୍ୟକ୍ତିର ଶବରେ ଅଗ୍ନି ସଂଯୋଗ
आग देना କରିବା; ମୁଖାଗ୍ନି ଦେବା—
2. To set fire to the dead body on the funeral pyre.

ନିଆଁ ଧରା(ରେ)ଇବା—ଦେ. କ୍ରି—କୌଣସି ଦାହ୍ୟ ପଦାର୍ଥରେ ଅଗ୍ନି ସଂଯୋଗ କରି ଜଳାଇବା—
Niāñ dharā(re)ibā
আগুন ধরান To set fire to; to ignite.
आग जलाना; आग छुलाना

ନିଆଁ ଧରିବା—ଦେ. ବି.—ନିଆଁ ଲାଗିବା (ଦେଖ)
Niāñ dharibā Niāñ lāgibā (See)
আগুন ধরা; **आग छुना**

ଦେ. କ୍ରି. ଅଗ୍ନି ସଂଯୋଗରେ ଜଳିବା—To be ignited; to catch fire.

ନିଆଁ ଧୂଆଁ ଉଠିଯିବା—ଦେ. ବି—୧ । ସମ୍ପୂର୍ଣ୍ଣ ଭାବରେ ବିନଷ୍ଟହେବା—
Niāñdhūāñ uṭhijibā 1. To be completely spoiled or destroyed.
आगलगजाना
অগ্নি মূল্য হওয়া ୨ । ଜିନିଷର ଦର ଅତି ବେଶି ହେବା—
आगके मोलहोना 2. A commodity becoming very dear.

ନିଆଁ ନଥାଇ ଧୂଆଁ—ଦେ (ନ୍ୟାୟ)—୧ । କାରଣ ନ ଥାଇ କାର୍ଯ୍ୟ ଘଟିବା ରୂପ ଅସମ୍ଭବ ବ୍ୟାପାର—
Niāñ nathāi dhūāñ
1. An improbable thing; like smoke coming out from a place having no fire.
বিনাআগুনে ধুআঁ

୨ । ପୂର୍ବରୁ କୌଣସି ସୂଚନା ନ ଥାଇ ହଠାତ୍ ଘଟିବା ଘଟନା—2. The happening of an event without any previous indication.

ନିଆଁ ପଥର—ଦେ. ବି—ଝିକମକି (ଦେଖ)
Niāñ pathara Jhikamaki (See)

ବାଗଦ ଗୁଳ ଗୁଳା ଭାର ଭାର
ରକ୍ତକି କାମକି ନିଆଁ ପଥର । ଜଗନ୍ନାଥ. ସମର ତରଙ୍ଗ ।

ନିଆଁ ପାଣି—ଦେ. ବି—ଖାଦ୍ୟ ରାନ୍ଧିବା ପାଇଁ ଦୁଇଟି ଅତ୍ୟାବଶ୍ୟକ ବସ୍ତୁ; ଅଗ୍ନି ଓ ଜଳ—Fire and water, the two necessary materials for cooking.
Niāñ pāṇi
আগুন জল; **आगपानी**

ନିଆଁପାଣି ଅଟକ—ଦେ. ବି—ଜାତିରୁ ବା ସମାଜରୁ ଏକଘରିଆକରା ହେବା ବ୍ୟକ୍ତିଙ୍କ ପ୍ରତିବେଶୀମାନଙ୍କ ବ୍ୟବହୃତ
Niāñ pāṇi aṭaka
(ନିଆଁପାଣି ବନ୍ଦ—ଅନ୍ୟରୂପ) କୂଅ ବା ପୋଖରୀରୁ ପାଣି ନେବା ଓ ତାକୁ କେହି ରାନ୍ଧିବା ପାଇଁ ନିଆଁ ଦେବା ବନ୍ଦ କରାଯିବା—Stoppage of the use of water of the village well or tank and of the giving of fire for domestic use to an excommunicated person.
জাতে ঠেকো করা

ନିଆଁ ପୁଆ(ଆଁ)—ଦେ. ବି (ସ. ପ୍ରାପଣ)—ଅଗ୍ନି ନିକଟରେ ବସି ଅଗ୍ନିର ଉତ୍ତାପ ଗ୍ରହଣ—Warming one's self before a fire.
Niāñpua(āñ)
আগুন পোয়ান; **आग तापना**

ପାଣି ବୁଡ଼ା କରିଛି ନିଆଁପୁଆଁରେ ଯାଏ—ତଗ ।

ନିଆଁପେଡ଼ି—ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର) ବି—ଦିଆସିଲି ବାକ୍ସ—
Niāñ perḍi Match box.
(ନିଆଁ ପେଡ଼ି—ଅନ୍ୟରୂପ)

ନିଆଁ ପୋଇ(ଇଁ)ବା—ଦେ. ବି (ସ. ପ୍ରାପଣ)—ନିଆଁ ପାଖରେ ବସି ଆପଣା ଶରୀରକୁ ଉତ୍ତପ୍ତ କରିବା—
Niāñ poi(iñ)bā
আগুন পোয়ান; To warm one's self before a fire; to bask at a genial fire.
आग तापना
(ନିଆଁପୁଆଁଇବା; ନିଆଁ ପୁଏଁଇବା; ନିଆଁ ପୁଇଁବା—ଅନ୍ୟରୂପ)

ନିଆଁ ବଡ଼(ଢ଼ି)ଆ—ଦେ. ବି—ନିଆଁ ଅଟା (ଦେଖ)
Niāñ barḍi (rḍhi)ā Niāñ aṭā (See)
(ନିଆଁ ବଡ଼; ନିଆଁ ବରିଆ—ଅନ୍ୟରୂପ)

ନିଆଁ ବରଷିବା—ଦେ. ବି—୧ । ଅସହ୍ୟ ଗ୍ରୀଷ୍ମ ଅନୁଭୂତ ହେବା—
Niāñ barashibā 1. A feeling of extreme heat.
আগুন বৃষ্টি হওআ; **आगबरसना** ୨ । ଅସହ୍ୟ ଗ୍ରୀଷ୍ମ ପବନ ବହିବା—
2. The blowing of very hot wind.
(ନିଆଁ ଛୁଟିବା, ନିଆଁ ଛୁଟି ପଡ଼ିବା—ଅନ୍ୟରୂପ)—

ନିଆଁ ବାଣ—ଦେ. ବିଣ—୧ । ଅଗ୍ନି ଶର୍ମା; କ୍ରୋଧରେ ଜଳୁଥିବା—
Niāñ bāṇa 1. Fired with anger.
অগ্নিশর্ম্মা; **आगबाला, आग बबुला**
୨ । କ୍ରୋଧନ ସ୍ୱଭାବ—2. Of fiery temper.

ନିଆଁବାଣ ହେବା—ଦେ. କ୍ରି—ଅତ୍ୟନ୍ତ କ୍ରୋଧ ହେବାରୁ ଦେହରେ ନିଆଁ ଲାଗିଲା ପରି ବଗବଗକ୍ରୋଧଯୁକ୍ତ ହେବା—To be maddened with rage.
Niāñ bāṇa hebā
জলে আগুন হওয়া
आगबबुलाहोना

ନିଆଁ ରଡ଼—ଦେ. ବି—(ଗାଳି ବା ଉପହାସରେ ବ୍ୟବହୃତ)—
Niāñ rarḍa ୧ । ଜ୍ୱଳନ୍ତ ଅଗ୍ନିଖଣ୍ଡ ପରି ଉତ୍ତେଜିତ ବ୍ୟକ୍ତି—
1. Any irrascible person.

୨ । ଜ୍ୱଳନ୍ତ ଅଗ୍ନି ଖଣ୍ଡ ପରି ଅଖାଦ୍ୟ ବସ୍ତୁ—
2. Anything incapable of being eaten.
[ଦ୍ର—ଗାଳି ଯଥା—ସେ ନିଆଁ ଉଡ଼ିକୁ ମୁଁ କଥା କହେ ନାହିଁ । ବିରକ୍ତି ଯଥା—ମୁଁ ନିଆଁ ଉଡ଼ି ଖାଇବି ।]

ନିଆଁରେ ମୁତିବା—ଦେ. କ୍ରି (ଜାଣି ଶୁଣି ନିଜେ କୌଣସି ଦୋଷ କରି ନ ଥିଲେ ଅପମାନପୂର୍ଣ୍ଣ କଥାରେ ବ୍ୟବହୃତ)—କୌଣସି ବିଷୟରେ ଅନ୍ୟ ବ୍ୟକ୍ତି ସହିତ ସମାନ ଅଧିକାର ବା ଅନୁଗ୍ରହ ନ ପାଇବା ଭଳି କିଛି କାର୍ଯ୍ୟ କରିବା —To seem to have done something for which a person does not get the treatment which is meted out to others.
Niānre mutibā
আগুনে মুতা; **आगमे मुतना**
(ଯଥା—ତୁମେ ସମସ୍ତେ କିଛି କିଛି ପାଇଲ, ଆମେ ପରା ନିଆଁରେ ମୁତିଥିଲୁ ଆମକୁ କାହିଁକି ମିଳିଲା ?)
[ଦ୍ର—ସାଧାରଣତଃ ନିଆଁ ଉପରେ ପ୍ରସ୍ରାବ କଲେ ଲୋକର ପ୍ରସ୍ରାବ ଇନ୍ଦ୍ରିୟରେ ବ୍ରଣ ହୁଏ ଓ ଲିଙ୍ଗ ଫୁଲିଯାଏ ।]

ନିଆଁଲ(ଲା)ଗା—ଦେ. ଣ—୧ । ପୋଡ଼ା; ଦଗ୍ଧ—1. Burnt.
Niān la(lā)gā ୨ । (ଗାଳି ବିଶେଷ) ଅଗ୍ନିଦଗ୍ଧ—
পোড়ারমুখো; **आग लगाहुआ** 2. Consumed by fire.
(ନିଆଁନଗା—ଅନ୍ୟରୂପ) ୩ । ଦୁର୍ଦ୍ଦଶାଗ୍ରସ୍ତ; ମନ୍ଦ—
(ନିଆଁଲଗୀ—ସ୍ତ୍ରୀ) 3. Cursed; damned.
ଏ ନିଆଁଲଗା ଘରେ ରହିବ ନାହିଁ, କି, ଭାଙ୍ଗିଗଲା ମାଡ଼ ସହିବ ନାହିଁ—ତଚ ।
୪ । ଗୃହଦାହକ—4. Incendiary.
ଦେ. ବି—ଗୃହାଦିରେ ଅଗ୍ନି ସଂଯୋଗ କରିବା ଅପରାଧ—
Arson; incendiarism.

ନିଆଁ ଲଗା(ଗେ)ଇବା—ଦେ. କ୍ରି—୧ । କୁଟା କାଠି ଆଦିକୁ ଜଳାଇବା—1. To light a fire; to ignite.
Niān lagā(ge)ibā
আগুন লাগান
आग लगाना ୨ । ଗୃହ ଆଦିରେ ଅଗ୍ନି ସଂଯୋଗ କରିବା—
2. To set fire to; to set on fire.
[ଦ୍ର—ବାଣରେ, ତୋପରେ, ବନ୍ଧୁକରେ, ଚୁଲୀରେ ନିଆଁ ଲଗାଇବା ଶବ୍ଦ ବ୍ୟବହୃତ ହୁଏ ।]
୩ । ପୋଡ଼ିବା—3. To burn
୪ । (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତିର ପରିବାରରେ ବିବାଦ ବଢ଼ି ଉପୁଜାଇବା—4. (figurative) To cause unrest in another's family.
୫ । (ଲକ୍ଷଣାର୍ଥ) ଘୋର ଉପଦ୍ରବ ବା ଜଞ୍ଜାଳର ସୃଷ୍ଟି କରିବା—5. To cause confusion and ado
୬ । (ଲକ୍ଷଣାର୍ଥ) ସର୍ବନାଶ ଘଟାଇବା—
6. (figurative) To cause ruin.

ନିଆଁ ଲାଗିବା—ଦେ. ବି—୧ । ଅଗ୍ନିସାତ୍ ହେବା—
Niān lāgibā 1. Being on fire.
আগুন লাগা ୨ । ଦଗ୍ଧ ହେବା—2. Being burnt.
आग लगना ୩ । ଜଳିବା—3. Bursting into a blaze; being lighted; catching fire.
(ନିଆଁ ନାଗିବା—ଅନ୍ୟରୂପ)
୪ । (ଲକ୍ଷଣାର୍ଥ) ଅଶାନ୍ତି ବା ବିବାଦ ଉଦ୍ଭବ ହେବା—
4. (figurative) The creation of dissension, unrest or consternation.
୫ । (ଲକ୍ଷଣାର୍ଥ) ବିଶେଷ ଉଦ୍ବେଗ ଜାତ ହେବା—
5. (figurative) The state of great anxiety.

ନିଆଁ ଲିଭା(ଭେ)ଇବା—ଦେ. କ୍ରି—ଅଗ୍ନି ନିର୍ବାପଣ କରିବା—
Niān libhā(bhe)ibā To put out a fire; to extinguish a fire.
আগুন নিবান
आग बुझाना
[ନିଆଁ ନିଭା(ଭେ)ଇବା—ଅନ୍ୟରୂପ]

ନିଆଁ ଲିଭାଳି—ଦେ. ବି—ଘରେ ଲାଗିଥିବା ନିଆଁକୁ ଯେଉଁମାନେ ଲିଭାନ୍ତି—Persons who put outa fire when a house is on fire.
Niān libhāli

ନିଆଁ ଲିଭିବା—ଦେ. ବି—ଅଗ୍ନି ନିର୍ବାପିତ ହେବା; ଅଗ୍ନିର ନିର୍ବାପଣ—
Niān libhibā A fire being extinguished the extinction of a fire.
আগুন নিবা
आग बुझना
(ନିଆଁ ନିଭିବା—ଅନ୍ୟରୂପ)

ନିଆଁଲୁଣ୍ଡା—ଦେ. ବି (ସଂ. ଅଗ୍ନି + ଉଲ୍କା)—ଚୁଲିରେ ନିଆଁ ଲଗାଇବା ପାଇଁ ବା ସ୍ଥାନାନ୍ତରରୁ ନିଆଁ ଆଣିବା ପାଇଁ ବ୍ୟବହୃତ କୁଟାର ପୁଳା—A doubled up bunch of straw used in igniting an oven or lighting a fire.
Niān lundā
পোয়ালের নুড়া
लुकाठा

ନିଆଁହୁଲା—ଦେ. ବି (ସଂ. ଅଗ୍ନି + ଉଲ୍କା)—କୁଟା, ନଡ଼ିଆପତ୍ର ପ୍ରଭୃତି ଜଳୁଥିବା ଦାହ୍ୟ ପଦାର୍ଥର ଲମ୍ବ ଗୁଚ୍ଛ; ଉଲ୍କା— Burning faggot.
Niān hulā
আগুনের আঁঠী **लुआठा**

ନିଆଁ ହେବା—ଦେ· କ୍ରି—୧ । ନିଆଁବାଣ ହେବା (ଦେଖ)
Niān hebā Niānbāna hebā (See)
অগুন হওআ ଭୃକୁଟିବା ଯୁଦ୍ଧେ ତ ଅଛନ୍ତି ମନୁଆଁ
आग होना ଧାଇଁଲେ ରଥବଢ଼ି କୋପେ ହୋଇ ନିଆଁ ।
କୃଷ୍ଣସିଂ. ମହାଭାରତ ଶାନ୍ତି ।
୨ । ଅତି ଉତ୍ତପ୍ତ ହେବା—
2. To become very hot.

ନିଆ ଚଲା—ଦେ. ବି—ଖଇ ଚଲା (ଦେଖ)
Niā chalā Khai chalā (See)
(ନିଆ ଛଡ଼ା; ନିଆଚଙ୍ଗ—ଅନ୍ୟରୂପ)

ନିଅଚ୍ଛ(ଚ୍ଛା)—ଦେ. ଣ—ଅନୁତ୍ତମ; ମନ୍ଦ—
Niāchhā(chchhā) Not good; bad.

ନିଆଜ—ବୈଦେ. ବି (ଫା. ଲିହାଜ୍)—୧ । ଲିହାଜ; ଅନ୍ଦାଜ; ଅନୁମାନ—
Niāja 1. Tentative estimate; guess.
লেহাজ ୨ । ସ୍ମରଣ—2. Recollection
लिहाज ୩ । ହେଜ; ଖିଆଲ; ମନୋଯୋଗ—3. Attention.
୪ । ଗୁଡ଼ା ବା ଭୂତ—
4. Appraisement of produce.

୫ । ବିବେଚନା—5. Consideration.

ନିଆଜିବା—ଦେ. କ୍ରି—ଅନ୍ଦାଜ କରିବା
Niājibā To make a tentative estimate

ନିଆଡ଼—ଦେ. ବି (ସଂ. ନିରନ୍ତରାଳ)—ସମ୍ମୁଖ—
Niāṛda Front.
নিঅড় ବିଣ—୧ । ନିରନ୍ତରାଳ; ପ୍ରତ୍ୟକ୍ଷ—1. In front.
निअर ୨ । (ସଂ. ନିକଟ) ନିକଟବର୍ତ୍ତୀ—
2. Adjacent; near; contiguous.

ନିଆଣ—ଦେ. ବି—୧ । ନିହଣ (ଦେଖ)
Niāṇa 1. Nihaṇa (See)
୨ । (ସଂ. ନୟନ) ନେଣ; ନେବା—2. Taking.
୩ । (ସଂ. ନୟନ + ଆନୟନ) ନେ ଆଣ;ନେବା ଓ ଆଣିବା—
3. Taking and bringing.

ନିଆ ଦିଆ—ଦେ. ବି—୧ । ନେବା ଓ ଦେବା କର୍ମ; ନେଣ ଦେଣ—
Niā diā 1. Taking and giving.
নেওয়াদেওয়া ୨ । ଆଦାନ ପ୍ରଦାନ—
लेनादेना 2. Giving and receiving.
୩ । କାରବାର—3. Transaction.
୪ । ବେପାର; ବାଣିଜ୍ୟ—4. Trade.

ନିଆମ (ଇତ୍ୟାଦି)—ଗ୍ରା. ବି—ନିୟାମ ଇତ୍ୟାଦି (ଦେଖ)
Niāma (etc) Niyāma etc (See).

ନିଆମତ୍—ବିଦେ. ବି (ଆ.)—ଉତ୍ତମ, ଅମୂଲ୍ୟ ଓ ଅଲଭ୍ୟ ବସ୍ତୁ—
Niāmat Any good and priceless thing which is
নিয়ামত **निआमत** not easily available.

ନିଆମି (ଇତ୍ୟାଦି)—ଗ୍ରା. ବି. ଓ ବିଣ—ନିୟାମି ଇତ୍ୟାଦି (ଦେଖ)
Niāmi (etc) Niyāmi etc (See)

ନିଆୟ—ଗ୍ରା. ବି (ସଂ. ନ୍ୟାୟ)—ନ୍ୟାୟ (ଦେଖ)
Niāya **निआइ** Nyāya (See)

ନିଆୟୁଧ—ଦେ. ବିଣ (ସଂ. ନିରାୟୁଧ)—ନିରାୟୁଧ (ଦେଖ)
Niāyudha Nirāyudha (See)

ନିଆରା—ଦେ. ବିଣ (ସଂ. ନିର୍ନିକଟ; ପ୍ରା. ଣିକ୍ଖିଅର)—୧ । ପୃଥକ୍—
Niārā 1. Separate.
ନ୍ୟାରା, ନିଆର } ଅନ୍ୟରୂପ ୨ । ସ୍ୱତନ୍ତ୍ର—2 Distinct.
୩ । ଭିନ୍ନ ଭିନ୍ନ—3. Different.
আলাদা ୪ । ପୃଥଗନ୍ନ ଓ ପୃଥଗ୍ବାସ ହେବା (ବ୍ୟକ୍ତି)
नयारा, निआरा 4. Separated in mess and lodging.

ନିଆରି—ପ୍ରାଦେ (ଯାଜପୁର) ବି—ଯାଜପୁର ଓ ବାଲେଶ୍ୱରର
Niāri ମାଛଧରା କୈବର୍ତ୍ତଜାତିବିଶେଷ—
A caste of fishermen in Jajpur and Balasore.

ନିଆଳୀ—ଦେ. ବି (ସଂ. ନବମାଳିକା; ପ୍ରା. ଣୋମାଳିଆ)—୧ । ବଣମଲ୍ଲୀ -
Niāḷi 1. Jasminum Arborescens.
নেয়ালী **नेवारी** [ଦ୍ର—ଏହା ମଲ୍ଲିକାଦି ବର୍ଗର ବନ୍ୟଗୁଳ୍ମ, ଏହାର ଗଛ ସିଧା ଓ ଡେଙ୍ଗା, ପତ୍ର ପର୍ଣ୍ଣସ୍ଥାନ ଓ ସଂ. ନାମ—ସପ୍ତଲା, ନବମାଳିକା, ନବମଲ୍ଲିକା ଅଣ୍ଡାକାର ଫୁଲରେ ୭ ଗୋଟି ପାଖୁଡ଼ା ଥାଏ; ଫୁଲ ଧଳା ଓ ସୁଗନ୍ଧଯୁକ୍ତ; ଫୁଲ ବସନ୍ତରେ ଫୁଟେ ।]
୨ । ବନ୍ଦୀ ବ୍ୟକ୍ତିର ଗୋଡ଼ରେ ଦିଆଯିବା ଶିକୁଳି—
2 Chain attached to the legs of prisoners; shackles.

ନିଆଳୀ ସୂତା—ଦେ. ବି—କଣ୍ଠାଭରଣବିଶେଷ; ଗୋପ—
Niāḷi sūtā A kind of necklace; neck chain.

ନିଆଶ(ଶା)—ଦେ. ବିଣ (ସଂ. ନିରାଶ)—ନିରାଶ; ଆଶାହୀନ—
Niāśa(śā) Hopeless; desperate.
निभरोसा, निभरोस ବି.—ନୈରାଶ୍ୟ—
Hopelessness.

ନିଆଶିବା—ଦେ. କ୍ରି (ସଂ. ନିରାଶ)—୧ । ଆଶା ନ ରଖିବା—
Niāśibā 1. To give up hope.
୨ । ଅନ୍ୟ ବ୍ୟକ୍ତିକୁ ନିରାଶ କରିବା—
2. To shatter al hoples.

ନିଆଶ୍ରି—ଦେ. ବିଣ (ସଂ. ନିରାଶ୍ରୟ)—ନିରାଶ୍ରୟ—
Niāśri (ନିଆଶ୍ରିକ—ଅନ୍ୟରୂପ) Helpless; shelterless.

ନିଇମା—ଦେ. ବି (ସଂ. ନିମେଷ)—ନିମେଷ; ମୁହୂର୍ତ୍ତ—
Ni-imā One moment.
নিমিষ **निमिख**

ନିଉଁ(ଉ)ଛଣା—ଦେ. ବିଣ. ପୁଂ (ସଂ. ନୀଚ; ନିକୃଷ୍ଟ)—
Niuñ(u)chhaṇā ୧ । ତୁଚ୍ଛ; ହୀନ; ଘୃଣ୍ୟ—Dispicable.
ନିଉଁଛୁଣା, ନୁଉଁଛଣା, ନୁଉଁଛୁଣା } ଅନ୍ୟରୂପ
ଏ ଗୋବିନ୍ଦପୁର ଗାଁ ପୃଥିବୀର ନିଉଛୁଣା—
ଫକୀରମୋହନ. ଛମାଣଆଠଗୁଣ୍ଠ
୨ । ନିଷ୍ପ୍ରୟୋଜନ—
3. Unnecessary.
(ନିଉଁଛୁଣୀ—ସ୍ତ୍ରୀ)
नीच ୩ । (ଗାଳିବିଶେଷ) ମନ୍ଦପ୍ରକୃତିବିଶିଷ୍ଟ; ହୀନପ୍ରକୃତିକ—
नीच 3. Bad; evil; exceptionally bad.

ନିଉଁ(ଉ)ଛା(ଛେ)ଇବା—ଦେ. କ୍ରି (ସଂ. ନିର୍ମଞ୍ଛନ;)—
Niuñ(u)chhā(chhe)ibā ୧ । ବନ୍ଦାଇବା; ବନ୍ଦାପନାକରିବା-
1. To salute or adore by waving a light before a new comer or guest.
ନିଉଁ(ଉ)ଛାଳିବା, ନିଉଁ(ଉ)ଛିବା, ନିଉଛିବା, ନିଉଁ(ଉ)ଛାଳବା } ଅନ୍ୟରୂପ
নির্মঞ্ছান, নিছান ବନକ ନିଉଁଛନ କରି ଶଙ୍ଖନ ନିଉଁଛାଳବାରେ ନେନେ ।
निछावरकरना ଭଞ୍ଜ. ବୈଦେହୀଶବିଳାସ ।
୨ । ନବାଗତ ବ୍ୟକ୍ତି ବା ବରକନ୍ୟାଙ୍କ ଆଗରେ ଥାଳିରେ ଗଣ୍ଡିଏ ଅନ୍ନ ଧରି ବନ୍ଦାପନା କରିବା—
2. To salute a new comer guest or a bride or bridegroom by formally presenting some boiled rice in a plate.
୩ । ପ୍ରଣାମ କରିବା—
3 To make salutation or obeisance.
୪ । ଦେବତାଙ୍କୁ ଉତ୍ସର୍ଗ କରିବା; କୌଣସି ବ୍ୟକ୍ତିର ବା ରୋଗୀର ମଙ୍ଗଳ ଉଦ୍ଦେଶ୍ୟରେ ବା ଅଶୁଭ ନିବାରଣ ଉଦ୍ଦେଶ୍ୟରେ ଉକ୍ତ ବ୍ୟକ୍ତିର ମୁଣ୍ଡରେ ଧନ ବା ଅଳଙ୍କାର

ଛୁଆଇଁ ଉକ୍ତ ବ୍ୟକ୍ତିର ମଙ୍ଗଳ ହେଲେ ବା ରୋଗ ଉପଶାନ୍ତ ହେଲେ ଉକ୍ତ ଧନରତ୍ନାଦି ବା ତତ୍ତୁଲ୍ୟ କଳ୍ପିତ ମୂଲ୍ୟର ଭୋଗ ଆଦି କୌଣସି ଦେବତାଙ୍କୁ ଦେବାପାଇଁ ଉତ୍ସର୍ଗ କରିବା; ପାଣି ଛଡ଼ାଇବା—
4. To set apart some money or ornament to a Diety by touching the head of a patient with it and making a vow that it will be offered to the Deity if the patient comes round.

ନିଉଁ(ଉ)ଛୁଣି(ଳି)—ଦେ. ବି. (ସଂ. ନିର୍ମଞ୍ଛନ)—୧ । ବନ୍ଦନା—
Niuñ(u)chhāṇi(ḻi) 1. Act of adoration.
(ନିଉଁଛଣ—ଅନ୍ୟରୂପ)
निछनी, निछूनी
निछावर, नेउच्छावरि

ନନ୍ଦନ ପେଶଲ ତା ଚରଣ ତଳ ନଉଁଛନ୍ତି ଉଚିତ ହେବ ।
କଃସୂର୍ଯ୍ୟ. ରତ୍ନାକର ଚନ୍ଦ୍ର ଜ ଗୀତ ।

୨ । ପ୍ରଣାମ—2. Salutation.

ତୋହର ଯଜ୍ଞ କାଳେ ମିଳ
ତୋ ପାଦେ କଲି ନଉଁଛଳି । ଜଗନ୍ନାଥ. ଭାଗବତ ।

୩ । ପୂଜା—3. Worshipping.

୪ । ଆରତି; ବନ୍ଦାପନା—4. Act of showing respect by waving a light before a guest.

ପଦ କମଳେ ପଡ଼ିଗଲା
ନିତ୍ୟେ କରନ୍ତି ନିଉଛନି । ଜଗନ୍ନାଥ, ଭାଗବତ ।

୫ । ଆଶୀର୍ବାଦ—5. Benediction.

୬ । ସାଦର ସମ୍ଭାଷଣ—
6. Congratulation; welcome.

୭ । ମାନ୍ୟ ବ୍ୟକ୍ତିଙ୍କୁ ଉପହାର; ଭେଟି—
7. Present given as a token of respect.

୮ । ରୋଗୀ ଆଦିଙ୍କ ମୁଣ୍ଡ ବା ଦେହରେ ଛୁଆଇଁ କୌଣସି ଧନ ବା ଅଳଙ୍କାରକୁ କୌଣସି ଦେବତାଙ୍କ ନାମରେ ଉତ୍ସର୍ଗ ବା ମାନସିକ କରିବା—9. The setting apart of a sum of money or ornament for being offered to a Deity in case the patient come's round, by touching the head of a patient with it.

ନିଉଁ(ଉ)ଛୁଳ—ଦେ. ବି— ନିଉଁଛଣି (ଦେଖ)
Niuñ(u)chhāḻa Niuñchhāṇi (See)

ନିଉଛଳ ଦେଇ ପଡ଼ଣ୍ଡ ମଣାଇ ଷଷ୍ଠ ଦିନ ଶ୍ରୀ ପଦରେ । ଭକ୍ତ, ସର୍ବଦେବତା

ନିଉଁ(ଉ)ଛି ଯିବା—ଦେ. କ୍ରି. (ସଂ. ନିର୍ମଞ୍ଛନ)—୧ । ମୁଗ୍ଧ ହେବା—
Niuñ(u)chhi jibā 1. To be charmed.
निछा, निछूनी लेना
निछावर होना
(ନିଛୁଯିବା—ଅନ୍ୟରୂପ)

୨ । କୌଣସି ବ୍ୟକ୍ତିକୁ କଲ୍ୟାଣ କରିବା; ନିଛି ଯିବା—2. To pour benedictions on a person.

୩ । ଶିଶୁମାନଙ୍କ ଭାବୀ ଅମଙ୍ଗଳ କଥକର ଉପରେ ପଡ଼ୁ ବୋଲି କହି ଆଶୀର୍ବାଦ କରିବା—3. To wish good luck to a child by invoking blessings on the child and by invoking the child's evil on the speaker's own head.

ନିଉଁତା—ଗ୍ରା. ବି. (ସଂ. ନିମନ୍ତ୍ରଣ)—
Niuñtā
निउँता
नेवता, नेयाता

୧ । ବିବାହାଦି ଉତ୍ସବ ଉପଲକ୍ଷରେ ଭୋଜି (ଯହିଁକି ବନ୍ଧୁମାନଙ୍କୁ ଭୋଜନାର୍ଥ ନିମନ୍ତ୍ରଣ କରାଯାଏ); ଖିଆ ପିଆ—1. Feast given on the occasion of family ceremonies.

୨ । ପାରିବାରିକ ଉତ୍ସବ (ବିବାହ, ବ୍ରତ, କର୍ଣ୍ଣବେଧ ଆଦି)—
2. Family festivals.

ନିଉଚ୍ଛାହା(ହି)—ଦେ. ବିଣ. (ସଂ. ନିରୁତ୍ସାହ)—ନିରୁତ୍ସାହ (ଦେଖ)
Niuchchhāhā(hi) Nirutsāha (See)

ନିଉଞ୍ଛା(ଞ୍ଛେ)ଇବା—ଦେ. କ୍ରି—ନିଉଁଛଇବା (ଦେଖ)
Niuñchhā(ñchhe)ibā Niuñchhāibā (See)
ନିଉଞ୍ଛାଳିବା }
ନିଉଞ୍ଛିବ । } ଅନ୍ୟରୂପ

୨ । ନ୍ୟୂନ କରି ତୁଳନା କରିବା—2. To find a thing inferior after comparision.

ବଦନରେ ଚନ୍ଦ୍ର ଦର୍ପଣ ପଦ୍ମ ନିଉଞ୍ଛାଇବା
ବଦନରେ ଏହି ଉକ୍ତି ଭ ଥିବ କି ଲକ୍ଷ ଦେବା ।
ଉପେ. ବୈଦେହୀଶବିଳାସ ।

ନିଉଞ୍ଛାଣି(ଳି)—ଦେ. ବି—ନିଉଁଛଣି (ଦେଖ)
Niuñchhāṇi(ḻi) Niuñchhāṇi (See)

ନିଉଟନ୍—ବୈଦେ. ବି. (ଇଂ. ନାମ)—
Niuṭan
निउटन
नियुटन

ସପ୍ତଦଶ ଶତାବ୍ଦୀର ଇଂଲଣ୍ଡର ପ୍ରସିଦ୍ଧ ବୈଜ୍ଞାନିକ—Sir Isac Newton, the celebrated English scientist of the seventeenth century, A. D.

[ଦ୍ର—ସର୍ ଆଇଜାକ ନିଉଟନ୍ ଇଂଲଣ୍ଡରେ ୧୬୪୨ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ମାଧ୍ୟାକର୍ଷଣ ତତ୍ତ୍ୱ, ଆଲୋକର ଗତି ନିର୍ଣ୍ଣୟ ଓ ଅନ୍ୟାନ୍ୟ ଅନେକଗୁଡ଼ିଏ ବୈଜ୍ଞାନିକ ତତ୍ତ୍ୱ ଏ ଗବେଷଣା ଓ ଅଧ୍ୟବସାୟ ସହକାରେ ଆବିଷ୍କାର କରି ପାଶ୍ଚାତ୍ୟ ବୈଜ୍ଞାନିକ ମଣ୍ଡଳରେ ଶ୍ରେଷ୍ଠ ସ୍ଥାନ ଲାଭ କରିଥିଲେ । ୧୭୨୭ ଖ୍ରୀଷ୍ଟାବ୍ଦରେ ଏହାଙ୍କର ମୃତ୍ୟୁ ହେଲା ।]

ନିଉଡ଼ିବା—ଦେ. କ୍ରି. (ସଂ. ନିଃସାରଣ; ନି + ଚ୍ୟବନ)—
Niurḏibā
निचोड़ा
निचोड़ना, निचुड़ना

୧ । ଢାଳିବା; ଗାଳିବା—1. To pour out.

ଭୁମ ଦୋଷ ପାଇଁ କି ଦେବତା ଅସ୍ତ୍ରରେ
ନିଉଡ଼ନ୍ତି ଘିଅ ସେ ଭୁମର ମୁଣ୍ଡରେ ।
କୃଷ୍ଣସିଂହ. ମହାଭାରତ. ସଭା ।

୨ । ଚିପୁଡ଼ିବା—2. To squeeze out; to wring out juice by pressing.

୩ । ଛିଞ୍ଚିବା—3. To sprinkle.

ଅନିଦ ହୋଇ ରଥରୁ ତେଇଁ ଶିରେ ନିଉଡ଼େ ବାରି ।
ଭକ୍ତଚରଣ. ମଥୁରା ମଙ୍ଗଳ ।

ନିଉତ(ତ୍ତ)ର—ଦେ. ବିଣ. (ସଂ. ନିରୁତ୍ତର)—
Niuta(tta)ra ନିରୁତ୍ତର (ଦେଖ)
निरुत्तर Niruttara (See)

ନଉତା—ପ୍ରାଦେ. (ସିଂହଭୂମ) ବି.(ଭୁଲ. ହୁ. ଏହି ଅର୍ଥରେ ନେଖାତା)—
Niutā ଜାତିଅଣ ଭୋଜି—Caste-dinner.

ନଉ(ଊ)ନ—ଦେ. (ପଦ୍ୟ) ବିଣ. (ସଂ. ନ୍ୟୂନ)—
Niu(ū)na ୧ । ନ୍ୟୂନ; ଊଣା—1. Lessened; defective.
ଢବାବର କରବୁ କରଇ ନଉନ । ବୃଷ୍ଟଚିହ୍ନ. ନହାଭାରତ ସଲା ।
୨ । ଅଳ୍ପ—2. Little.
୩ । କମି—3. Less; wanting.
୪ । ବିନୀତ—4. Humble.
୫ । ହେୟ; ତୁଚ୍ଛ—5. Insignificant.
୬ । ଅଲ୍ପତମ—6. Least.
ଦେ. ବିଣ—ତେଜୋହୀନତା—Lustrelessness.
ବାଡବାନଳ ନଉନ ଭଜେ ପାଖବାରେ । ଉଷ୍ଣ, ବୈଦେହୀଶ ବିଳାସ ।

ନଉ(ଊ)ନ ହେବା—ଦେ. କ୍ରି. (ସଂ. ନ୍ୟୂନ)—ବିନୀତଭାବ ପ୍ରକାଶ
Niu(ū)na hebā କରିବା—To humiliate one's self; to show humility.

ନଉପରୋଧ—ଦେ. ବି. (ସଂ. ନିର୍ ଓ ଉପରୋଧ)—ଉପରୋଧ ବା ଚକ୍ଷୁ-
Niuparodha ଲଜ୍ଜାର ଅଭାବ—Want of respect to
(ନଉପ୍ରୋଧ—ଅନ୍ୟରୂପ) other people's feeling.
ବିଣ.—ନଉପରୋଧିଆ (ଦେଖ)
Niuparodhiā (See)

ନଉପରୋଧିଆ—ଦେ. ବିଣ. ପୁଂ. ଓ ସ୍ତ୍ରୀ (ସଂ. ନିର୍ ଓ ଉପରୋଧ)—
Niuparodhiā ୧ । ଯେଉଁ ବ୍ୟକ୍ତିର ଚକ୍ଷୁଲଜ୍ଜା ବା ମୋହବତ
ନଉପରୋଧି, ନଉପ୍ରୋଧ(ଧି), ନଉପ୍ରୋଧିଆ, ନଉପ୍ରୋହିଆ—ଅନ୍ୟରୂପ
ମୁଲାହଜା ନାହିଁ; ଯେଉଁ ଲୋକ ପରର ମନ ରକ୍ଷା କରି କାର୍ଯ୍ୟ କରେ ନାହିଁ; ଅଣଉପରୋଧିଆ—
1. Not respecting the feeling of others; unscrupulous.
୨ । ନିର୍ଦ୍ଦୟ—2. Unkind.
୩ । ନିର୍ମମ—2. Unsympathetic.

ନଉପରୋଧିବା—ଦେ. କ୍ରି.—ନିପ୍ରୋଧିବା (ଦେଖ)
Niuparodhibā Niprodhibā (See)
(ନଉପରୋହିବା, ନଉପ୍ରୋହିବା, ନଉପ୍ରୋଧିବା—ଅନ୍ୟରୂପ)

ନଉମୋନିଆ(ଆଁ)—ବୈଦେ. ବି. (ଇଂ. ନ୍ୟୁମୋନିଆ)—ଫୁସ୍‌ଫୁସ୍‌ର
Niumonia(ān) ପ୍ରଦାହ ଜନିତ ସାନ୍ନିପାତିକ ବିକାରବିଶେଷ;
निउमोनिआ ବାତକଫ ଜନିତ ଫୁସ୍‌ଫୁସ୍‌ର ଫୁଲା—
निमोनिआ Pneumonia.
(ନମୋନିଆ—ଅନ୍ୟରୂପ) [ଦ୍ର—ହୃଦୟର ଦୁଇ ପାଖର ଫୁସ୍‌ଫୁସ ବା ଫୁସ୍‌ଫୁସ ଦୁଇ ଫାଲ ଯାକର ପ୍ରଦାହ ଓ ଫୁଲା ହେଲେ ତାକୁ ଡବଲ୍ ନଉମୋନିଆ କହନ୍ତି ।]

ନିଃ—ସଂ. (ଉପସର୍ଗ)—ନିର୍ ଉପସର୍ଗ; (ସଂସ୍କୃତ ବ୍ୟାକରଣ ସନ୍ଧିର ନିୟମ
Niḥ ଅନୁସାରେ 'ର୍' ଠାରେ ବିସର୍ଗ ହୋଇ 'ନିଃ' ହୁଏ)—A change of the negative prefix 'nir' when added to words or roots beginning with 'śa', sa and ksha.
[ଦ୍ର— ସଂସ୍କୃତ ବ୍ୟାକରଣର ନିୟମ ଅନୁସାରେ ନିର୍ ଉପସର୍ଗ ଶ, ଷ ଓ ସ ଆଦ୍ୟରେ ଥିବା ପଦ ବା ଧାତୁ ପୂର୍ବେ ଯୁକ୍ତ ହେଲେ ସ୍ଥାନରେ ନିଃ ହୁଏ ଯଥା; ନିଃଶବ୍ଦ, ନିଃସାର; ନିଃକ୍ଷତ୍ର ।]

ନିଃକ୍ଷତ୍ର—ସଂ. ବିଣ. (ବହୁବ୍ରୀହି; ନିର୍=ନାହିଁ+କ୍ଷତ୍ର=କ୍ଷତ୍ରିୟ ଯହିଁରେ)
Niḥkshatra ନିଃକ୍ଷତ୍ରିୟ (ଦେଖ)—
(ନିଃକ୍ଷତ୍ରା—ସ୍ତ୍ରୀ) Niḥkshatriya (See)

ନିଃକ୍ଷତ୍ରିୟ—ସଂ. ବିଣ.—(ନିର୍=ନାହିଁ+କ୍ଷତ୍ରିୟ=ବୀର; ଯହିଁରେ)
Niḥkshatriya କ୍ଷତ୍ରିୟ ଶୂନ୍ୟ; ବୀରଶୂନ୍ୟ (ପୃଥିବୀ)—
(ନିଃକ୍ଷତ୍ରିୟା—ସ୍ତ୍ରୀ) Devoid of all warriors; shorn of all Kshatriyas; (the earth) with all its warriors extirpated.
(ଯଥା—ପରଶୁରାମ ଭାରତବର୍ଷକୁ ୭ ବାର ନିଃକ୍ଷତ୍ରିୟ କରିଥିଲେ ।)

ନିଃକ୍ଷିପ୍ତ—ସଂ. ବି. (ନିର୍+କ୍ଷିପ୍ ଧାତୁ+କର୍ମ. ତ)
Niḥkshipta ନିକ୍ଷିପ୍ତ (ଦେଖ)—(ଆପ୍ଟେ)—
Nikshipta (See) (Apte).

ନିଃକ୍ଷେପ—ସଂ. ବି. (ନିର୍+କ୍ଷିପ୍ ଧାତୁ+ଭାବ. ଅ)—ନିକ୍ଷେପ (ଦେଖ)
Niḥkshepa Nikshepa (See) (Apte).

ନିଃକ୍ଷୋଭ—ସଂ. ବି.—(ନିର୍+କ୍ଷୋଭ)-କ୍ଷୋଭରହିତ ଅବସ୍ଥା—
Niḥkshobha Serenity; the state of being free from agitation; quietness; tranquility.
(ନିଃକ୍ଷୋଭା—ସ୍ତ୍ରୀ) ବିଣ. ପୁଂ.—୧ । କ୍ଷୋଭଶୂନ୍ୟ—
1. Undisturbed.
୨ । ଅକ୍ଷୁବ୍ଧ; ପ୍ରଶାନ୍ତ—2 Serene; tranquil.

ନିଃଶଙ୍କ—ସଂ. ବିଣ. ପୁଂ-(ବହୁବ୍ରୀହି; ନିର୍+ଶଙ୍କା)—୧ । ନିର୍ଭୟ—
Niḥśaṅka 1. Fearless; doubtless.
(ନିଃଶଙ୍କିତ—ଅନ୍ୟରୂପ) ୨ । ବେପରୁଆ; ନିଶ୍ଚିନ୍ତ—
2. Free from anxiety; careless.
(ନିଃଶଙ୍କା—ସ୍ତ୍ରୀ) ୩ । ଆଶଙ୍କାରହିତ—
3. Free from apprehension.
୪ । ନିରାପଦ—4. Safe.
୫ । ଦ୍ୱିଧାହୀନ—
5. Free from hesitation; unhesitating.
ସଂ. ବି. (ସଙ୍ଗୀତ)—ଏକ ପ୍ରକାର ନୃତ୍ୟ ବା ତାଳ—
(music) A kind of music or dance (M.W.)
ସଂ. କ୍ରି. ବିଣ. (ସଂ. ନିଃଶଙ୍କମ୍)—ନିର୍ଭୟରୂପେ; ଆଶଙ୍କାରହିତ ହୋଇ; ନିଶ୍ଚିନ୍ତ ଭାବରେ—Fearlessly; unhesitatingly; securely.

ନିଃଶଙ୍କ ପଲି (ଲି)—ଦେ. ବି.—ନିର୍ଭୀକ ବ୍ୟକ୍ତି—
Niḥśaṅkapali(li) Indomitable or fearless person.
निडर

ନିଃଶଙ୍କସୁପ୍ତ—ସଂ. ବିଣ. ପୁଂ (ନିଃଶଙ୍କ+ସୁପ୍ତ; ସୁପ୍ ସୁପ୍ ସମାସ)—ନିଶ୍ଚିନ୍ତ
Niḥśaṅka supta ରୂପେ ଶୋଇଥିବା—
(ନିଃଶଙ୍କସୁପ୍ତା—ସ୍ତ୍ରୀ) Sleeping calmly.

ନିଃଶଙ୍କା—ଦେ. ବିଣ. ସଂ. ନିଃଶଙ୍କ)—ନିର୍ଭୟ—
Niḥśaṅkā Fearless.

ନିଃଶଙ୍କାରେ—ଦେ. କ୍ରି. ବିଂ. (ରେ ଯୋଗେ)—ଭୟଶୂନ୍ୟ ହୋଇ—
Nihśankare Fearlessly.
ଶଙ୍କର କର ପୂଜା କଲେ ନିଃଶଙ୍କାରେ । କୃଷ୍ଣସିଂହ ମହାଭାରତ. ବନ ।
ସଂ. ବି.—୧ । ଭୟଶୂନ୍ୟତା—1. Fearlessness.
୨ । ଦ୍ୱିଧା ଶୂନ୍ୟତା—2. Absence of hesitancy.

ନିଃଶଙ୍କେ—ଦେ. କ୍ରି. ବିଣ—ଶଙ୍କାରହିତ ହୋଇ; ନିର୍ଭୟ ହୋଇ;
Nihśanke ଭୟଶୂନ୍ୟ ହୋଇ—Fearlessly.
ଧରୁଅଛନ୍ତି ଗ୍ରାହେକ ହେ ନିଃଶଙ୍କେ । କୃଷ୍ଣସିଂହ. ମହାଭାରତ ସଭା ।

ନିଃଶତ୍ରୁ—ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି; ନିର୍+ଶତ୍ରୁ)—ଶତ୍ରୁରହିତ;
Nihśatru ଯାହାର ବା ଯେଉଁଠାରେ କେହି ଶତ୍ରୁ ନାହିଁ—
Free from enmies.

ନିଃଶବ୍ଦ—ସଂ. ବିଣ. (ବହୁବ୍ରୀହି; ନିଃ+ଶବ୍ଦ)—
Nihśabda ୧ । ନୀରବ—1. Silent; still.
୨ । ଯେଉଁ ସ୍ଥାନରେ କୌଣସି ଶବ୍ଦ ନ ଥାଏ—
2. Still (place).
୩ । ଯେଉଁ ମନୁଷ୍ୟ ବା ଜୀବ କୌଣସି ଶବ୍ଦ ନ କରେ—
3. Quiet (person); silent.
ସଂ. କ୍ରି. ବିଣ. (ନିଃଶବ୍ଦ)—ନୀରବରେ—
Silently; noiselessly.

ନିଃଶବ୍ଦ ପଦବିକ୍ଷେପ—ସଂ. ବି. (ବହୁବ୍ରୀହି; ୬ଷ୍ଠୀ ତତ୍ ଓ କର୍ମଧାଃ
Nihśabda padabikshepa ନିର୍+ଶବ୍ଦ+ପଦ+ବିକ୍ଷେପ)—
(ନିଃଶବ୍ଦ ପଦ ସଞ୍ଚାର—ଅନ୍ୟରୂପ) ଚାଲିଲାବେଳେ ପଦ ଶବ୍ଦ
ଅଦୌ ନ ହେବା ପାଇଁ ଧୀର ଧୀର ପାଦ ପକାଇବା—
Walking with noiseless steps.
ସଂ. ବିଣ. ପୁଂ—ଯେଉଁ ଲୋକର ଚାଲିଲାବେଳେ ପଦ ଶବ୍ଦ ଶୁଣା
(ନିଃଶବ୍ଦପଦବିକ୍ଷେପା—ସ୍ତ୍ରୀ) ଯାଏ ନାହିଁ—Walking with noiseless footsteps.

ନିଃଶମ—ସଂ. ବି. (ନିର୍+ଶମ)—ଉଦ୍‌ବେଗ; ମାନସିକ ଅସ୍ଥିରତା—
Nihśama Uneasiness; anxiety (M. W.)

ନିଃଶରଣ—ସଂ. ବିଣ ପୁଂ. (ବହୁବ୍ରୀହି; ନିର୍+ଶରଣ)—ଆଶ୍ରୟହୀନ;
Nihśaraṇa ନିରାଶ୍ରୟ—Unprotected; defenceless
(ନିଃଶରଣା—ସ୍ତ୍ରୀ) (M. W.)

ନିଃଶର୍କର—ସଂ. ବିଣ. (ନିର୍+ଶର୍କରା)—ଯେଉଁ ଗାଧୁଆ ଭୂଠରେ
Nihśarkara ଗୋଡ଼ି ନାହିଁ—(a bathing place) Free from pebbles (M. W.)

ନିଃଶଲାକ—ସଂ ବିଣ. (ବହୁବ୍ରୀହି; ନିଃ+ଶଲାକା=କାଠି)—
Nihśalāka ୧ । (ଜୀବବିଜ୍ଞାନ ପରିଭାଷା)—ଯେଉଁ ପକ୍ଷୀ ବା
ମାଛମାନଙ୍କର ଡେଣାରେ ଅସ୍ଥି ଶଲାକା ମାନ ନ ଥାଏ;
ଅସ୍ଥିରହିତ—
1. (Physiology) Anacanthous (birds and fishes); having spineless fins or wings.
୨ । (ନିଃ+ଶଲାକା=ସାରିକା, ମଇନା ପକ୍ଷୀ; ଯେଉଁ
ସ୍ଥାନକୁ ପକ୍ଷୀମାନେ ମଧ୍ୟ ଉଡ଼ି ଯାଇ ପାରନ୍ତି ନାହିଁ)—
ନିର୍ଜନ; ବିଜନ—2. Solitary; lonely.
[ଦ୍ର—ମନୁସଂହିତାରେ ଉପଦେଶ ଅଛି ଯେ ନିଃଶଲାକ
ସ୍ଥାନରେ ମନ୍ତ୍ରଣା କରିବ]
୩ । ଘାସ ଆଦି ଶଲାକା ଶୂନ୍ୟ—3. (a place) Free from grass etc (M. W.).
୪ । ପ୍ରତିବନ୍ଧରହିତ—4. Without impediment or obstacle.

ନିଃଶଲ୍କ—ସଂ. ବିଣ.—(ନିର୍+ଶଲ୍କ)—ଅକାତିଆ; ଯେଉଁ ମାଛର କାତି
Nihśalka ନାହିଁ—
(ନିଶଲ୍କକ—ଅନ୍ୟରୂପ) Scaleless (fish).

ନିଃଶଲ୍ୟ—ସଂ. ବିଣ. (ବହୁବ୍ରୀହି; ନିର୍+ଶଲ୍ୟ)—୧ । ଶଲ୍ୟରହିତ—
Nihśalya (ହି. ଶ.)—1 Dartless; splinterless.
୨ । ନିଷ୍କଣ୍ଟକ; ପ୍ରତିବନ୍ଧକରହିତ—(ହି. ଶ.)—
2. Free from obstacles or thorns.
୩ । ଯନ୍ତ୍ରଣା ଶୂନ୍ୟ—3. Free from pain (M. W).
ସଂ. କ୍ରି. ବିଣ—ବିନା ଯନ୍ତ୍ରଣାରେ—Painlessly (M. W.)

ନିଃଶସ୍ତ୍ର—ସଂ. ବିଣ. ପୁଂ. (ବହୁବ୍ରୀହି; ନିଃ+ଶସ୍ତ୍ର)—ଶସ୍ତ୍ରହୀନ—
Nihśastra Unarmed; not armed with any weapon
(ନିଃଶସ୍ତ୍ରା—ସ୍ତ୍ରୀ) weaponless.

ନିଃଶସ୍ତ୍ର ପ୍ରତିରୋଧ—ସଂ. ବି. (ଆଧୁନିକ ପ୍ରୟୋଗ)—
Nihśastra pratirodha ଶସ୍ତ୍ରାଦିର ବିନା ପ୍ରୟୋଗରେ ଶତ୍ରୁକୁ
ବା ରାଜାଦେଶକୁ ବାଧା ପ୍ରଦାନ କରିବା—Unarmed passive resistance; offering of resistance to authority or to the enemy without any arms.

ନିଃଶାଖ—ସଂ. ବି. (ନିଃ+ଶାଖା; ବହୁବ୍ରୀହି)—ଶାଖାହୀନ—
Nihśākha (ନିଃଶାଖା—ସ୍ତ୍ରୀ) Branchless.

ନିଃଶୂକ—ସଂ. ବିଣ.—୧ । ଶୂକରହିତ—1. Having no awn or
Nihśūka beard (said of corn).
୨ । ନିର୍ଦ୍ଦୟ; ନିଷ୍ଠୁର—2. Cruel; merciless (M W)
ସଂ. ବି.—ଧାନ୍ୟବିଶେଷ (ହି. ଶ.)—A species of paddy.

ନିଃଶୂନ୍ୟ—ସଂ. ବିଣ (ନିର୍=ସମ୍ପୂର୍ଣ୍ଣରୂପେ+ଶୂନ୍ୟ)—ସମ୍ପୂର୍ଣ୍ଣରୂପେ
Nihśūnya ଶୂନ୍ୟ; ସମ୍ପୂର୍ଣ୍ଣରୂପେ ଖାଲି—Quite empty.

ନିଃଶୃଙ୍ଗ—ସଂ. ବିଣ. ପୁଂ—ଯାହାର ଶୃଙ୍ଗ ନାହିଁ; ଶୃଙ୍ଗହୀନ—
Nihśrunga (ନିଃଶୃଙ୍ଗା—ସ୍ତ୍ରୀ) Hornless.

ନିଃଶେଷ—ସଂ. ବିଣ (ବହୁବ୍ରୀହି; ନିର୍+ଶେଷ)—
Nihśesha ୧ । ଶେଷରହିତ, ଯହିଁର କୌଣସି ଅଂଶ ବାକି
(ନିଃଶେଷଣ—ଅନ୍ୟରୂପ) ରହି ଯାଇନାହିଁ—
(ନିଃଶେଷତା—ବି) 1. Without remainder.
୨ । ସମସ୍ତ—2. Entire; whole.
୩ । ସମ୍ପୂର୍ଣ୍ଣ—3. Complete.
୪ । ସମ୍ପୂର୍ଣ୍ଣରୂପେ ଉଚ୍ଛିନ୍ନ; ବିନଷ୍ଟ—
4. Completely destroyed.
କୋହଳେ ଗୁ ପରହାଣ, ନଦ୍ୟ କଠନ ବାଣ ନିଃଶେଷ କଲନ୍ତି ଦେହଲହା ।
ବିଦଗ୍ଧ ଦେ. ଉପେନ୍ଦ୍ର ଭଞ୍ଜ ଗୀତ

୫ । ସମାପ୍ତ—5. Finished.

୬ । ସମ୍ପୂର୍ଣ୍ଣରୂପେ ବ୍ୟୟିତ—6. Exhausted.

ଦେ. ବି (ସଂ. ନିଃଶେଷତା)—୧ । ସମାପ୍ତି—
1. Completion.

୨ । ସର୍ବନାଶ—2. Complete destruction; ruin.

୩ । ସରିଯିବା ଅବସ୍ଥା—3. Exhaustion.

ସଂ. କ୍ରି. ବିଣ (ନିଃଶେଷଂ)—୧ । ସମ୍ପୂର୍ଣ୍ଣରୂପେ—
1. Completely; totally.

୨ । କିଛି ବାକି ନ ରଖି—
2. Without leaving any remainder.

ନିଃଶେଷକୃତ—ସଂ. ବିଣ. ପୁଂ—୧ । (ନିଃଶେଷ+କୃ ଧାତୁ+କର୍ତ୍ତୃବାଚ୍ୟ ତ)—ଯେ କିଛି ବାକି ନ ରଖି ସବୁଯାକ ଖାଦ୍ୟ ଖାଇଥାଏ; ଯେ ଖାଇଲା ପରେ କିଛିମାତ୍ର ବସ୍ତୁ ଛାଡ଼ି ନ ଯାଏ—
Nihseshakruta (ନିଃଶେଷକୃତା—ସ୍ତ୍ରୀ)
Eating one's meals without any remainder (M. W.)

୨ । (ନିଃଶେଷ+କୃ ଧାତୁ+କର୍ମବାଚ୍ୟ ତ)—ଯେଉଁ ବସ୍ତୁକୁ ବା ପାତ୍ରକୁ ବା ଭଣ୍ଡାରକୁ ନିଃଶେଷିତ କରି ଯାଇଅଛି—
2. Completely emptied of its contents.

ନିଃଶେଷତଃ—ସଂ. କ୍ରି. ବିଣ (ନିଃଶେଷ+ତଃ)—୧ । ସମ୍ପୂର୍ଣ୍ଣରୂପେ—
Nihseshatah
1. Completely; wholly; entirely (M. W.).

୨ । କୌଣସି ଅଂଶ ବାକି ନ ରଖି—
2. Without leaving any remainder.

ନିଃଶେଷମୁଷିତ—ସଂ. ବି—ଯହିଁରୁ ବା ଯାହାଠାରୁ ସମସ୍ତ ବସ୍ତୁ ଚୋରି ହୋଇ ଯାଇଅଛି—Totally robbed out (M. W.)
Nihseshamushita

ନିଃଶେଷିତ—ସଂ. ବିଣ (ନିଃ+ଶେଷ+ଇତ)—୧ । ସମାପ୍ତ—
Nihseshita
1. Completed; finished.

୨ । ବିଧ୍ୱସ୍ତ—2. Utterly destroyed.

୩ । ଯାହା ସରି ଯାଇଅଛି; ସମ୍ପୂର୍ଣ୍ଣରୂପେ ବ୍ୟୟିତ—
3. Exhausted; totally consumed; drained to the dregs; emptied; spent up.

୪ । ଯହିଁର ବା ଯାହାର କିଛି ମାତ୍ର ବଳି ପଡ଼ି ନାହିଁ—
4. Having nothing left.

ନିଃଶୋକ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ଶୋକ)—ଶୋକଶୂନ୍ୟ—
Nihsoka Free from sorrow or care (M. W.).
(ନିଃଶୋକା—ସ୍ତ୍ରୀ) (ନିଃ ଶୋକତା—ବି)

ନିଃଶୋଧ୍ୟ—ସଂ. ବିଣ. (ନିର୍=ସମ୍ପୂର୍ଣ୍ଣରୂପେ+ଶୋଧ୍ୟ=ନିର୍ମଳ)—
Nihsodhya ୧ । ଧୁଆ ଯାଇଥିବା—1. Washed.

୨ । ନିର୍ମଳ—2. Pure; clean.

୩ । ମାର୍ଜିତ—3. Refind; cleansed; purified.

୪ । (ନିର୍=ନଞର୍ଥକ+ଶୋଧ୍ୟ)—ଯାହା ଶୋଧିତ ହେବାର ଆବଶ୍ୟକ ନାହିଁ—4. Not to be cleansed or purified.

ନିଃଶ୍ୱସନ—ସଂ. ବି. (ନିଃ+ଶ୍ୱସ ଧାତୁ+ଭାବ. ଅନ)—
Nihswasana ନିଃଶ୍ୱାସ ମାରିବା—Breathing; inhaling and exhaling

ନିଃଶ୍ୱାସ—ସଂ. ବି. ୧ । (ନିର୍=ବାହାରକୁ+ଶ୍ୱାସ)—ପ୍ରାଣବାୟୁ; ନାସାଗତ ବାୟୁ; ନାକଦ୍ୱାର ବାହାରକୁ ଛଡ଼ାଯିବା ବାୟୁ—
Nihswāsa (ନିଶ୍ୱାସ—ଅନ୍ୟରୂପ)
1. Respiration; breathing of life; exhalation, air expelled by the nostrils.

୨ । (ନିର୍=ଭିତରକୁ+ଶ୍ୱାସ)—ନାକଦ୍ୱାର ଦେହ ମଧ୍ୟକୁ ନିଆଯିବା ବାୟୁ—2. Inhalation; air inhaled through the nostrils.

[ଦ୍ର—ନାକ ବାଟେ ଗୃହୀତ ଶ୍ୱାସ ଓ ନାକବାଟେ ତ୍ୟକ୍ତ ଶ୍ୱାସ ଉଭୟକୁ ନିଃଶ୍ୱାସ ବୋଲାଯାଏ, କିନ୍ତୁ ପ୍ରଶ୍ୱାସର ଅର୍ଥ କେବଳ ବାହାରକୁ ଛାଡ଼ିବା ଶ୍ୱାସ ।]

ଦେ. ବି—ଦୀର୍ଘନିଃଶ୍ୱାସ—Sigh.

ନିଃଶ୍ୱାସ ଛାଡ଼ିବା—ଦେ. କ୍ରି—ନିଃଶ୍ୱାସ ମାରିବା (ଦେଖ)
Nihswāsa chhārdibā Nihswāsa māribā (See)

ନିଃଶ୍ୱାସ ନେବା—ଦେ. କ୍ରି—ପେଟ ଭିତରକୁ ନାକବାଟେ ଦମ୍ ନେବା—
Nihswāsa nebā To inhale.

ନିଃଶ୍ୱାସ ପ୍ରଶ୍ୱାସ—ସଂ. ବି. (ଦ୍ୱନ୍ଦ୍ୱ; ନିଃଶ୍ୱାସ+ପ୍ରଶ୍ୱାସ)—ପ୍ରାଣବାୟୁ ଗ୍ରହଣ ଓ ତ୍ୟାଗ; ପୂରକ ଓ ରେଚକ—
Nihswāsa praswāsa
Respiration; exhaling and inhaling.

ନିଃଶ୍ୱାସ ମାରିବା—ଦେ. କ୍ରି—ଶରୀର ଭିତର ପବନକୁ ନାକବାଟେ ପଦାକୁ ଛାଡ଼ିବା—To breathe; to respire; to exhale.
Nihswāsa māribā

ନିଃଶ୍ମଶ୍ରୁ—ସଂ. ବିଣ. (ବହୁବ୍ରୀହି, ନିର୍+ଶ୍ମଶ୍ରୁ)—ଯାହାର ମୁଛ ଦାଢ଼ି ନାହିଁ—
Nihsmasru Beardless.

ନିଃଶ୍ରମ—ସଂ. ବି—ନିଶ୍ରମ (ଦେଖ)
Nihsrama Nisrama (See)

ସଂ. କ୍ରି. ବିଣ—ବିନା ପରିଶ୍ରମରେ—without labour.

ନିଃଶ୍ରମେ—ଦେ. କ୍ରି. ବିଣ. (ସଂ. ନିଃଶ୍ରମ)—ଅକ୍ଲେଶରେ—
Nihsrame Easily.

ଭଲ ଲାଗିବାରୁ ଭୁଲେଇ ଅର୍ଜ୍ଜୁନର
ମିଳିଲେ ସେ ନିଃଶ୍ରମେ କହୁଥିଲେ ଗୀର । କୃଷ୍ଣସିଂହ. ମହାଭାରତ ଦ୍ରୋଣ ।

ନିଃଶ୍ରୟଣୀ—ସଂ. ବି. (ନିର୍=ନିଶ୍ଚୟ+ଶ୍ରି ଧାତୁ=ଗମନ କରିବା+କରଣେ ଅନ+ସ୍ତ୍ରୀ ଈ)—୧ । ଅଧିରୋହଣୀ; ସିଡ଼ି; ନିଶୁଣୀ—1. Flight of steps; stair; ladder.
Nihsrayani
ନିଃଶ୍ରୟିଣୀ } ଅନ୍ୟରୂପ
ନିଃଶ୍ରେୟଣୀ }

୨ । ଖଜୁରୀ ଗଛ—2 Date palm tree.

୩ । ଏକପ୍ରକାର ଘାସ—
3. A kind of grass (M. W.).

ନିଃଶ୍ରୀ—ସଂ ବିଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି; ନିର୍+ଶ୍ରୀ)—୧ । ଶ୍ରୀହୀନ—
Nihsri 1. Ugly.
(ନିଃଶ୍ରୀକ—ଅନ୍ୟରୂପ ପୁଂ) ୨ । ଯାହାକୁ ଶ୍ରୀହୀନ କରାଯାଇ ଅଛି—
(ନିଃଶ୍ରୀକା—ଅନ୍ୟରୂପ ସ୍ତ୍ରୀ) 2 Deprived of glory or lustre (M. W.).
(ନିଃଶ୍ରୀତା—ବି)

୩ । ଅସୁଖୀ; ଦୁଃଖୀ—3. Unhappy (Apte).
୪ । ହତଭାଗ୍ୟ—4. Unfortunate (M. W.).
୫ । ଗୌରବହୀନ—5. Inglorious (M. W.).

ନିଃଶ୍ରେଣି—ସ. ବି. (ନିର୍=ନିଶ୍ଚୟ+ଶ୍ରେଣି=ପଂକ୍ତି)—
Nihśreṇi ନିଃଶ୍ରୟଣୀ (ଦେଖ)
(ନିଶ୍ରେଣୀ; ନିଃଶ୍ରେଣିକା—ଅନ୍ୟରୂପ) Nihśrayaṇī (See)

ନିଃଶ୍ରେୟସ—ସ. ବି. (ନିର୍=ନିଶ୍ଚିତ, ଭଦ୍ର+ଶ୍ରେୟସ୍=ମଙ୍ଗଳ; Nihśreyasa ଯାହା ଜୀବର ନିଶ୍ଚିତ ମଙ୍ଗଳ)—୧ । ଜୀବର ପରମ ସୁଖ—1. Final beatitude; summum bonum.
୨ । ମୁକ୍ତି; ମୋକ୍ଷ—2. Salvation; liberation, emancipation.
୩ । କୁଶଳ; ମଙ୍ଗଳ; ଶୁଭ; ସୁଖ—
3. Happiness; felicity.
୪ । ଜ୍ଞାନ; ବିଦ୍ୟା—4. Knowledge; learning.
୫ । ଭକ୍ତି—5. Devotion; reverence.
୬ । ବିଶ୍ୱାସ; ପ୍ରତ୍ୟୟ—6. Belief; faith.
୭ । ଶିବ; ମହାଦେବ—7. God Siba.
୮ । ଜନ୍ମାନ୍ତରରୁ ମୁକ୍ତି—8. Emancipation of the soul from another birth after this life; freedom from rebirth.
ସ. ବିଣ. (ବହୁବ୍ରୀହି; ନିର୍+ଶ୍ରେୟସ୍; ଯାହାଠାରୁ ସୁନ୍ଦରତର (ନିଃଶ୍ରେୟସୀ—ସ୍ତ୍ରୀ) ବା ଉତ୍କୃଷ୍ଟ ଅନ୍ୟ କିଛି ନାହିଁ)—ସର୍ବୋତ୍କୃଷ୍ଟ; ସର୍ବୋତ୍ତମ—Best; most excellent (Apte).

ନିଃଷମ—ସ. ଅ. (ବହୁବ୍ରୀହି; ନିର୍=ନାହିଁ+ସମ; ଷତ୍ୱ ବିଧାନ)—
Nihshama ୧ । ଦୁଃଷମ; ନିନ୍ଦା—1. Blame.
୨ । ଶୋକ—2. Grief; sorrow.

ନିଃସଙ୍କକ୍ଷ—ସ. ବିଣ. (ନିର୍+ସଙ୍କକ୍ଷା)—ଅବ୍ୟାକୁଳ—
Nihsaṁkaksha Not perplexed or confused (M. W.)

ନିଃସଙ୍କଳ୍ପ—ସ. ବିଣ. (ନିର୍+ସଙ୍କଳ୍ପ)—ସଙ୍କଳ୍ପରହିତ—
Nihsaṁkalpa Having no determination
(ନିଃସଙ୍କଳ୍ପା—ସ୍ତ୍ରୀ) (ନିଃସଙ୍କଳ୍ପ—ଅନ୍ୟରୂପ) or will.

ନିଃସଙ୍କ୍ଷୋଭ—ସ. ବିଣ. (ନିର୍+ସଙ୍କ୍ଷୋଭ)—ଅବିଚଳିତ—
Nihsaṁkshobha Unshaken (M. W.)

ନିଃସଙ୍ଖ୍ୟ—ସ. ବିଣ. (ନିର୍+ସଙ୍ଖ୍ୟା)—ଅସଂଖ୍ୟ—
Nihsaṁkhya Countless; innumerable.

ନିଃସଂଜ୍ଞ—ସ. ବି. (ବହୁବ୍ରୀହି; ନିର୍+ନାହିଁ+ସଂଜ୍ଞା)—
Nihsaṁjña ୧ । ଚେତନାରହିତ—
(ନିଃସଂଜ୍ଞା—ସ୍ତ୍ରୀ) 1. Unconscious; insensible.
୨ । ଅଚେତନ—2. Senseless.

ନିଃସଂଶୟ—ସ. ବିଣ. (ବହୁବ୍ରୀହି; ନିର୍=ନାହିଁ+ସଂଶୟ)—
Nihsaṁsaya ନିଃସନ୍ଦେହ (ଦେଖ)
Nihsandeha (See)

ନିଃସଂସ୍କାର—ସ. ବିଣ. ପୁଂ (ବହୁବ୍ରୀହି, ନିର୍+ସଂସ୍କାର)—
Nihsaṁskāra ୧ । ସଂସ୍କାରରହିତ—1 Unpurified; uninitiated.
୨ । ଅଶିକ୍ଷିତ—2. Uneducated (M. W.)
୩ । ଅଭଦ୍ର—3. Ill mannered (M. W).

ନିଃସଖ—ସ. ବିଣ. ପୁଂ. (ବହୁବ୍ରୀହି; ନିର୍+ସଖା=ବନ୍ଧୁ)—
Nihsakha ୧ । ସଖାହୀନ; ବନ୍ଧୁହୀନ—1. Friendless.
(ନିଃସଖୀ—ସ୍ତ୍ରୀ) ୨ । ନିରାଶ୍ରୟ—2 Helpless.

ନିଃସଙ୍ଗ—ସ. ବି. (ନିର୍+ସଙ୍ଗ)—
Nihsaṁga ୧ । ସଙ୍ଗ ବା ଅନୁରାଗରାହିତ୍ୟ—
(ନିଃସଙ୍ଗ—ଅନ୍ୟରୂପ) 1. Absence of attachment (M. W.)
୨ । ଏକାଗ୍ରତା—2. Entire concentration (M. W.)
ସ. ବିଣ. (ବହୁବ୍ରୀହି; ନିର୍=ନାହିଁ+ସଙ୍ଗ)—
୧ । ସଙ୍ଗରହିତ—1. Without a companion
୨ । ସମ୍ପର୍କଶୂନ୍ୟ; ନିର୍ଲିପ୍ତ—
2 Unattached; unconnected.
୩ । ନିଃସ୍ୱାର୍ଥ—3. Disinterested.
୪ । ବିଷୟାନୁରାଗରହିତ; ଅନୁରାଗଶୂନ୍ୟ—
4. Indifferent to worldly matters.
୫ । ଏକାକୀ—5. Solitary; alone; separate; single.
୬ । ଅପ୍ରତିବନ୍ଧ; ବାଧାରହିତ—6. Unobstructed.
୭ । ସ୍ୱାଧୀନ ଭାବେ ବିଚରଣକାରୀ—
7. Moving freely.

ନିଃସଙ୍ଗତା—ସ. ବି. (ନିଃସଙ୍ଗ+ଭାବ. ତା)—
Nihsaṁgatā ୧ । ବିଷୟବୈରାଗ୍ୟ—1. Indifference to
[ନିଃସଙ୍ଗତ୍ୱ, ନିଃସଙ୍ଗତା(ହି)—ଅନ୍ୟରୂପ] worldly concerns
୨ । ସଙ୍ଗରହିତ ଅବସ୍ଥା—2. Singleness.

ନିଃସଚିବ—ସ. ବିଣ. ପୁଂ. (ନିର୍+ସଚିବ)—
Nihsachiba ମନ୍ତ୍ରୀହୀନ—Without a minister or councillor.

ନିଃସଞ୍ଚାର—ସ. ବିଣ. ପୁଂ (ନିର୍+ସଞ୍ଚାର)—୧ । ଗତି ହୀନ—
Nihsañchāra 1. Not moving about.
(ନିଃସଞ୍ଚାରା—ସ୍ତ୍ରୀ) ୨ । ଯେ ଗୃହ ଛାଡ଼ି ଅନ୍ୟତ୍ର ଯାଏ ନାହିଁ—
2. Not leaving one's home.
୩ । ଭ୍ରମଣରହିତ; ପାଦଚାରଣହୀନ—
3. Not taking a walk (M. W.)

ନିଃସତ୍ତ୍ୱ(ତ୍ତ୍ୱ)—ସ. ବିଣ. (ବହୁବ୍ରୀହି; ନିର୍+ସତ୍ତ୍ୱ)—
Nihsatwa(ttwa ୧ । ସାରହୀନ—1. Unsubstantial.
୨ । ସାହସହୀନ—2. Wanting in courage.
୩ । ଦୁର୍ବଳ—3. Weak
୪ । ବଳହୀନ; ଅସମର୍ଥ—4. Powerless; impotent.
୫ । ପ୍ରାଣିଶୂନ୍ୟ—5. Destitute of animate beings.
୬ । ହୀନ—6. Wretched; miserable (M. W.)
୭ । ତେଜୋହୀନ—7. Unenergetic (M. W.);

୮ । ନୀଚ—8 Mean; low (M. W.)
୯ । ତୁଚ୍ଛ—9 Insignificant (M.W.)
ସ. ବି—୧ । ତେଜୋହୀନତା; ଶକ୍ତିହୀନତା—
1. Want of energy or power (M,W.)
୨ । ତୁଚ୍ଛତା—2. Insignificance (M, W,)
୩ । ଅନସ୍ତିତ୍ୱ—3, Non existence (M, W,)
ଦେ. ବଣ—ନିଃସତ୍ତ୍ୱବାନ୍ (ଦେଖ)
Nihsatwabān (See)

ନିଃସତ୍ତ୍ୱ(ତ୍ତ୍ୱ)ବାନ୍—ଦେ. ବଣ.— (କଚରଅ; ସ. ନିଃସତ୍ତ୍ୱ)—
Nihsatwa(ttwa)bān ଯାହାର କୌଣସି ସମ୍ପତ୍ତିରେ ସ୍ୱତ୍ୱ ବା ଅଧିକାର ନାହିଁ;—Having no right or title to a property.
(ନିଃସତ୍ତ୍ୱବାନ୍—ଅନ୍ୟରୂପ)

ନିଃସତ୍ୟ— ସ. ବଣ – (ବହୁବ୍ରୀହି; ନିର୍+ସତ୍ୟ)—
Nihsatya ୧ । ଅସତ୍ୟ; ମିଥ୍ୟା—1. Untrue, false.
(ନିଃସତ୍ୟା—ସ୍ତ୍ରୀ) ୨ । (ପୁଂ.)—ମିଥ୍ୟାବାଦୀ—2. Lying.
୩ । ଯେ ଆପଣାର ସତ୍ୟ ରକ୍ଷା ନ କରେ—
3. Not keeping one's solemn promise.

ନିଃସତ୍ୟତା—ସ. ବି.—(ନିଃସତ୍ୟ+ଭାବ ତା)—ଅନୃତ; ମିଥ୍ୟା—
Nihsatyatā Untruth; falsehood.

ନିଃସନ୍ତାନ—ସ. ବଣ. ପୁଂ. (ବହୁବ୍ରୀହି ନିଃ+ସନ୍ତାନ)—
Nihsantāna ୧ । ଅପୁତ୍ରକ; ଅନପତ୍ୟ; ଅଣ୍ଟକୁଡ଼ା—
(ନିଃସନ୍ତାନା—ସ୍ତ୍ରୀ) 1. Childless; without issue; issueless.
(ନିଃସନ୍ତତି—ଅନ୍ୟରୂପ)
୨ । ନାଲ୍ଲିଅରସ୍; ନିର୍ବଂଶ—2. Destitute of posterity; leaving no heirs to succeed.

ନିଃସନ୍ଦିଗ୍ଧ—ସ. ବଣ. ପୁଂ. (ନିର୍+ସମ+ଦିହ ଧାତୁ+କର୍ତ୍ତୃ ତ)—
Nihsandigdha ୧ । ସନ୍ଦେହରହିତ; ଯାହାର ମନରେ ସନ୍ଦେହ ନାହିଁ—1. Undoubting.
(ନିଃସନ୍ଦିଗ୍ଧା—ସ୍ତ୍ରୀ)
୨ । ନିଃଶଙ୍କ; ଅଶଙ୍କିତ—2. Unsuspecting; having no apprehension.
୩ । ଯହିଁରେ ସନ୍ଦେହ ନାହିଁ; ନିଶ୍ଚିତ—
3. Not doubtful; certain.

ନିଃସନ୍ଦେହ—ସ. ବଣ. (ବହୁବ୍ରୀହି, ନିର୍=ନାହିଁ+ସନ୍ଦେହ)—
Nihsandeha ୧ । ନିଶ୍ଚିତ—1 Certain.
୨ । ସୁସ୍ପଷ୍ଟ - 2 Very clear.
୩ । ସନ୍ଦେହ ରହିତ—3. Indubitable; undoubted; doubtless.
୪ । (ପୁଂ.) ଯାହା ମନରୁ ସନ୍ଦେହ ଦୂର ହୋଇଅଛି—
(ନିଃସନ୍ଦେହା—ସ୍ତ୍ରୀ) 4. Freed from doubt.

ନିଃସନ୍ଧି— ସ. ବଣ. (ବହୁବ୍ରୀହି; ନିର୍+ସନ୍ଧି)—
Nihsandhi ୧ । ଯାହାର ସନ୍ଧି ବା ଗଣ୍ଠି ନ ଥାଏ; ଯାହାର ଯୋଡ଼ ନାହିଁ—1. Jointless; seamless.
୨ । ଅଭେଦ୍ୟ; ଅଚ୍ଛେଦ୍ୟ—2. Inseparable; impervious.
୩ । ଦୃଢ଼—3. Firm; closely knit; compact.
୪ । ଘନ -4. Dense.

ନିଃସପତ୍ନ—ସ. ବଣ. ପୁଂ. (ବହୁବ୍ରୀହି; ନିର୍+ସପତ୍ନ)—
Nihsapatna ୧ । ଶତ୍ରୁରହିତ—1. Without enemy; having no enemies.
(ନିଃସପତ୍ନା—ସ୍ତ୍ରୀ)
୨ । ଯେଉଁ ବ୍ୟକ୍ତିର କୌଣସି ବସ୍ତୁରେ ଅନ୍ୟ ବ୍ୟକ୍ତି ସହିତ ଭାଗମାଲ୍ ସ୍ୱାମିତ୍ୱ ନ ଥାଏ—2. Not having the possession of anything with another. (M W.)
୩ । ଯେଉଁ ବସ୍ତୁରେ ଏକ ଛଡ଼ା ଅଧିକ ସ୍ୱାମୀ ବା ଦାବିଦାର୍ ନ ଥାଏ—3. Not claimed by another; belonging exclusively to one possessor
୪ । ପ୍ରତିଦ୍ୱନ୍ଦ୍ୱରହିତ—4. Unrivalled; having no rival.
୫ । ସମକକ୍ଷ ରହିତ—5 Unparallelled.

ନିଃସମ୍ପର୍କ—ସ. ବଣ. ପୁଂ. (ବହୁବ୍ରୀହି; ନିର୍+ସମ୍ପର୍କ)—
Nihsamparka ୧ । ଯାହାର କିଛିମାତ୍ର ସମ୍ପର୍କ ବା ସମ୍ବନ୍ଧ ନାହିଁ—
(ନିଃସମ୍ପର୍କା—ସ୍ତ୍ରୀ) 1. Unconnected; not related.
୨ । ବନ୍ଧୁବାନ୍ଧବହୀନ—2, Destitute of relatives or connections.
୩ । ଯାହା ସଙ୍ଗେ କଥକର କୌଣସି ରିସ୍ତା ନାହିଁ—
3. Not related to the speaker.
୪ । ଯେ ଆପଣାର ନୁହେଁ; ପର—4. Outsider.

ନିଃସମ୍ପର୍କୀୟ—ଦେ. ବଣ. ପୁଂ (ସ. ନିଃସମ୍ପର୍କ)—୧ । ଯାହାସଙ୍ଗେ
Nihsamparkiya କିଛିମାତ୍ର ରକ୍ତ ବା ଯୌନ ସମ୍ବନ୍ଧ ନାହିଁ—
(ନିଃସମ୍ପର୍କୀୟା—ସ୍ତ୍ରୀ) 1. Having no relationship (by blood or marriage) with.
୨ । ସମ୍ପର୍କରହିତ—
2. Unconnected; unconcerned.

ନିଃସମ୍ପାତ—ସ. ବଣ (ନିଟ୍+ସମ୍ପାତ=ଗମନାଗମନ)—
Nihsampāta ୧ । ଅବରୁଦ୍ଧ—1. Blocked up.
୨ । ଗମନାଗମନଶୂନ୍ୟ; ଅଗମ୍ୟ—
2. Affording no passage.
ବି—୧ । (ବହୁବ୍ରୀହି; ଯେଉଁ ସମୟରେ ଗମନାଗମନ ହୁଏ ନାହିଁ)—ନିଶୀଥ; ଅଧରାତ୍ରି; ନିଶାର୍ଦ୍ଧ; ଅର୍ଦ୍ଧରାତ୍ର—
1. Midnight; dead of night.
୨ । ଘୋର ଅନ୍ଧକାର—
2. Thick darkness (M. W)

ନିଃସମ୍ବନ୍ଧ —ସ. ବଣ. ପୁଂ—ନିଃସମ୍ପର୍କ (ଦେଖ)
Nihsambandha Nihsamparka (See)
(ନିଃସମ୍ବନ୍ଧା—ସ୍ତ୍ରୀ)

ନିଃସମ୍ବଳ—ସ. ବଣ. ପୁଂ (ବହୁବ୍ରୀହି; ନିର୍+ସମ୍ବଳ=ସମ୍ପତ୍ତି)—
Nihsambala ସମ୍ବଳହୀନ; ଦରିଦ୍ର; ନାହାନ ଛଅ ବିଷା—
(ନିଃସମ୍ବଳା—ସ୍ତ୍ରୀ) Poor; penniless; destitute; pocketless.

ନିଃସମ୍ବାଧ—ସଂ. ବଣ (ନିର୍+ସମ୍ବାଧ)—୧ । ଜନଗହଳଶୂନ୍ୟ—
Nihsambādha 1. Not crowded.
୨ । ନିର୍ଜନ—2. Solitary.

ନିଃସମ୍ବାଧ ବେଳା—ସଂ. ବଂ (କର୍ମଧା. ନିଃସମ୍ବାଧ+ବେଳା)—
Nihsambādha belā ଯେଉଁ ସମୟରେ ରାସ୍ତା ଅବାଟରେ ଲୋକ-ଗହଳ ନ ଥାଏ—A time when there is no crowding in the way or streets.

ନିଃସମ୍ଭ୍ରମ——ସଂ. ବ (ନିର୍+ସମ୍ଭ୍ରମ)—ଅବିଚଳିତ—
Nihsambhrama Not perplexed; unembarassed.

ନିଃସରଣ—ସଂ. ବ (ନିର୍=ବାହାରକୁ+ସୃ ଧାତୁ=ଯିବା+ଅନ)—
Nihsarana ୧ । ବହିର୍ଗମନ—1. Going forth; escaping.
୨ । ବହିର୍ଗମନପଥ—2. Outlet; gate; exit.
୩ । ନିର୍ଗମନ; ନିର୍ଗତ ହେବା—
3. Coming out; exit; issuing out.
୪ । ନିଚୋଡ଼ିବା—4. The state of being pressed out trickling; oozing.
୫ । ଗୃହର ଦ୍ୱାର; ମୁଖଦ୍ୱାର; ଯେଉଁ ବାଟେ ଘରୁ ପଦାକୁ ବାହାରନ୍ତି—5. Exit of a house; entrance; door.
୬ । ନିର୍ବାଣ—6. Extinction; annihilation.
୭ । ମୋକ୍ଷ; ମୁକ୍ତି—7. Final liberation; salvatiou; beatitude.
୮ । ମୃତ୍ୟୁ; ମରଣ—8. Death; demise; expiring; decease; dying,
୯ । ପ୍ରତୀକାର—9 Remedy.
୧୦ । ଉପାୟ—10. Means; expedient.
[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦମାନଙ୍କ ପରେ ସମାସରେ ମଧ୍ୟ ବ୍ୟବହୃତ ହୁଏ । ଯଥା—ବାୟୁନିଃସରଣ; ପ୍ରାଣ ବାୟୁନିଃସରଣ ଇତ୍ୟାଦି ।]

ନିଃସରଣି—ସଂ. ବଣ (ବହୁବ୍ରୀହି; ନିଃ+ସରଣି)—୧ । ପଥଶୂନ୍ୟ—
Nihsarani 1. Pathless.
୨ । ଯାହା କାର୍ଯ୍ୟରେ ପରିଣତ କରି ହୁଏ ନାହିଁ—
2 Impracticable (M. W).

ନିଃସରିବା—ଦେ. କ୍ରି (ସଂ. ନିଃସରଣ)—୧ । (ଜଳାଦି) ଝରିବା; ବୋହିବା—1. To flow.
Nihsaribā
ନିଃସରା ଉବ ଉବ ବାର ନିଃସରିବା ଘର ପଦ୍ମରେ ନତ୍ତକ ସୁଗୁଁ—
ନିଃସରୁଥିବା ବଇସ ପୁଁଏ, କଣେ ସବନ୍ତୁ. ଭ ଗୀତ ।
୨ । (ଲକ୍ଷଣାର୍ଥ) ନିର୍ଗତ ହେବା; ବାହାରିବା—
2. (figurative) To come out.
ଶ୍ରୀମୁଖ ପଦ୍ମରୁ ନିଃସରଇ ବାଣୀ—ରାଧାନାଥ. ମହାଯାତ୍ରା ।

ନିଃସର୍ପ—ସଂ. ବଣ (ବହୁବ୍ରୀହି; ନିର୍+ସର୍ପ) ଯେଉଁଠାରେ ସର୍ପ ନାହାନ୍ତି—
Nihsarpa Serpentless; free from snakes.

ନିଃସଲିଲ—ସଂ. ବଣ (ବହୁବ୍ରୀହି; ନିର୍ + ସଲିଲ)—ଜଳଶୂନ୍ୟ; ନିର୍ଜଳ—
Nihsalila Waterless.

ନିଃସହ—ସଂ. ବଣ (ନିର୍+ସହ ଧାତୁ+କର୍ମ. ଅ)—୧ । ଅସହ୍ୟ; ଦୁଃସହ—1. Unbearable.
Nihsaha
[ନିଃସହତା(ତ୍ୱ)—ବ] ୨ । ଅସହନୀୟ—2 Intolerable.
୩ । (+କର୍ତ୍ତୃ. ଅ) ଅଧୀର—3. Impatient
୪ । ଯେ ସହି ନ ପାରେ —
4. Unable to bear or suffer.
୫ । ଅଦମ୍ୟ—5. Irresistible.
୬ । ଶକ୍ତିହୀନ; ଦୁର୍ବଳ—
6. Powerless; weak (M. W.).
୭ । (+କର୍ତ୍ତୃ. ଅ) ଯାହା ଭାର ସହି ନ ପାରେ—
7. Not able to support (M W.).
୮ । ଯାହା ବାଧା ଦେଇ ନ ପାରେ—
8. Not able to resist (M. W.)

ନିଃସହାୟ—ସଂ. ବଣ (ବହୁବ୍ରୀହି; ନିର୍+ସହାୟ)—୧ । ଅସହାୟ; ସହାୟହୀନ—1. Helpless.
Nihsahāya
(ନିଃସହାୟା—ସ୍ତ୍ରୀ) ୨ । ନିରବଲମ୍ବନ—
[ନିଃସହାୟତା(ତ୍ୱ)—ବ] 2. Having no support.

ନିଃସାଧ୍ୱସ — ସଂ. ବଣ. ପୁଂ (ନିର୍+ସାଧ୍ୱସ) — ସାହସୀ; ନିର୍ଭୀକ—
Nihsādhwasa Fearless; bold; undaunted.
[ନିଃସାଧ୍ୱସତା(ତ୍ୱ) — ବ] (ନିଃସାଧ୍ୱସା—ସ୍ତ୍ରୀ)

ନିଃସାମର୍ଥ୍ୟ – ସଂ. ବଣ (ବହୁବ୍ରୀହି; ନିର୍+ସାମର୍ଥ୍ୟ)—୧ । ଅଯୋଗ୍ୟ—
Nihsāmarthya 1. Unsuitable; unfit.
(ନିଃସାମର୍ଥ୍ୟା—ସ୍ତ୍ରୀ) ୨ । ଅସମର୍ଥ—2. Incapable.
(ନିଃସାମର୍ଥ୍ୟତା—ବ)

ନିଃସାମାନ୍ୟ—ସଂ.ବଣ (ନିର୍+ସାମାନ୍ୟ) —ଅସାମାନ୍ୟ; ଅସାଧାରଣ—
Nihsāmānya Uncommon; extraordinary.
(ନିଃସାମାନ୍ୟା—ସ୍ତ୍ରୀ) (ନିଃସାମାନ୍ୟତା —ବ)

ନିଃସାର – ସଂ. ବଣ (ବହୁବ୍ରୀହି; ନିର୍+ସାର) – ୧ । ରସହୀନ—
Nihsāra 1. Sapless.
(ନିଃସାରା—ସ୍ତ୍ରୀ) ୨ । ସାରହୀନ; ଅସାର—
[ନିଃସାରତା(ତ୍ୱ) – ବ] 2. Unsubstantial.
୩ । ନିସ୍ତେଜ—3. Spiritless.
୪ । ମଜ୍ଜାହୀନ— 4. Pithless.
୫ । ତୁଚ୍ଛ—5 Worthless.
ବ—୧ । (ନିର୍+ସୃ ଧାତୁ =ଗତି କରିବା+କରଣ. ଅ)
ନିର୍ଗମ ପଥ — 1. Door; exit; outlet.
୨ । ସଙ୍ଗୀତର ତାଳ —
2. A kind of time in music.
୩ । ବାହାରିଯିବା; ବହିର୍ଗମନ—
3. Going forth; going out (Apte).

ନିଃସାରକ—ସଂ· ବଣ (ନିଃ+ସୃ ଧାତୁ ଣିଚ+କର୍ତ୍ତୃ. ଅକ)—ଯାହା କୌଣସି ପଦାର୍ଥକୁ ନିଃସରଣ କରାଏ ବା ଯାହା ବାହାର କରିଦିଏ; ଯାହା ନିଗାଡ଼ି ଦିଏ—
Nihsāraka
(ନିଃସାରକା—ସ୍ତ୍ରୀ)

Emptying; driving (any thing) out; causing to escape.

୭— ଏକପ୍ରକାର ଅତିସାର—A kind of diarroeha (M. W.)

ନିଃସାରଣ—ସ. ବି. (ନିଃ+ସୃ ଧାତୁ ଣିଚ+ଭାବ. ଅନ)—
Nihsārana ୧। ନିର୍ବାସନ—1. Exiling
୨। ବହିଷ୍କରଣ—2. Expelling; driving out.
୩। କାର୍ଯ୍ୟରୁ ବରଖାସ୍ତ କରିବା—3. Dismissal.
୪। ଗୃହର ପ୍ରବେଶ ଦ୍ୱାର—4. Entrance; door.
୫। ନିର୍ଗମନ ପଥ—5. Exit; outlet.
୬। ନିଷ୍କାସନ; ନିଗାଡ଼ିବା—
6. Emptying; pressing out.

ନିଃସାର—ସ. ବି. ସ୍ତ୍ରୀ. (ନିର୍+ସାର=ମଜ୍ଜା;+ଆ;ବହୁବ୍ରୀହି)—
Nihsārā କଦଳୀ ଗଛ—Plantain tree.

ନିଃସାରିତ—ସ. ବିଣ. (ନିର୍+ସୃ ଧାତୁ ଣିଚ+କର୍ମ. ତ)—
Nihsārita ୧। ବହିଷ୍କୃତ—1. Expelled; driven out.
(ନିଃସାରିତା—ସ୍ତ୍ରୀ) ୨। ବରଖାସ୍ତ କରିଯାଇଥିବା—2. Dismissed.
୩। ନିଗାଡ଼ା ହୋଇଥିବା—3. Emptied; pressed out.
୪। ନିଷ୍କାସିତ—4. Cast out.
୫। ନିର୍ବାସିତ—5. Exiled.

ନିଃସାହସ—ସ. ବିଣ. ପୁଂ (ବହୁବ୍ରୀହି; ନିର୍+ସାହସ)—ଭୀରୁ—
Nihsāhasa (ନିଃସାହସା—ସ୍ତ୍ରୀ) Coward; timid

ନିଃସାହସିକ—ଦେ ବିଣ.—ନିଃସାହସ (ଦେଖ)
Nihsāhasika Nihsāhasa (See)
(ନିଃସାହସୀ—ଅନ୍ୟରୂପ)

ନିଃସାହି—ଦେ. ବିଣ. (ସ. ନିଃସହାୟ)—ନିରାଶ୍ରୟ; ସହାୟଶୂନ୍ୟ—
Nihsāhi Helpless.

ପୁଣି ବୋଲନ୍ତୁ ଲକ୍ଷଣ, ଧର୍ମ କରନ୍ତୁ ପ୍ରମାଣ
ନିଃସାହି ନନ୍ଦଜେଜେବମାନେ—ଜଗନ୍ନାଥ. ଦାଣ୍ଡିଭାଗବତ।

ନିଃସୀମ—ସ. ବିଣ.—(ବହୁବ୍ରୀହି, ନିର୍+ସୀମନ୍; ନିଃସୀମନ୍ ଶବ୍ଦ ୧ମା.
Nihsima ୧ବ.)—୧। ଅସୀମ—1. Limitless; boundles.
୨। ଅପରିମେୟ—2. Immeasurable. (M. W.)
୩। ଅତି ମହତ୍—3. Grand. (M. W.)
୪। ଅନନ୍ତ—4. Infinite. (M. W.)

ନିଃସୁଖ—ସ. ବିଣ. (ବହୁବ୍ରୀହି; ନିର୍+ସୁଖ)—୧। ଦୁଃଖିତ—
Nihsukha Sad.
(ନିଃସୁଖା—ସ୍ତ୍ରୀ) ୨। ଦୁଃଖୀ—2. Unhappy.
୩। ନିରାନନ୍ଦ—3. Joyless.
୪। ଅପ୍ରୀତିକର—4. Disagreeable (M. W.)
୫। କଷ୍ଟପ୍ରଦ—5 Distressing.

ନିଃସୃତ—ସ. ବିଣ—(ନିର୍+ସୃ ଧାତୁ=ଗତି କରିବା+କର୍ତ୍ତୃ. ତ)—
Nihsruta ୧। ବହିର୍ଗତ—1. Gone out.
(ନିଃସୃତା—ସ୍ତ୍ରୀ) ୨। ନିର୍ଗତ—2 Issued out.
୩। ବୋହିଯିବା—3. Trickled out; flown out.

ନିଃସୁବର୍ଣ୍ଣକ—ସଂ. ବିଣ. (ନିର୍+ସୁବର୍ଣ୍ଣ; କ ଆଗମ)—୧। ଯାହାଠାରୁ
Nihsubarnnaka ସ୍ୱର୍ଣ୍ଣକାଢ଼ି ନିଆ ଯାଇ ଅଛି—
(ନିଃସୁବର୍ଣ୍ଣିକା—ସ୍ତ୍ରୀ) 1. Deprived of gold. (M W)
୨। ଯହିଁରେ ବା ଯାହାଠାରେ ସୁନା ନାହିଁ; ସ୍ୱର୍ଣ୍ଣହୀନ—
2. Goldless.

ନିଃସୋମକ—ସଂ. ବିଣ. (ବହୁବ୍ରୀହି; ନିର୍+ସୋମ+କ ଆଗମ)—
Nihsomaka ଚନ୍ଦ୍ରହୀନ—Moonless. (M W)

ନିଃସ୍ତମ୍ଭ—ସଂ. ବିଣ. (ବହୁବ୍ରୀହି; ନିର୍+ସ୍ତମ୍ଭ)—ଯହିଁର ସ୍ତମ୍ଭ ନାହିଁ—
Nihstambha Having no post or pillar. (M W)

ନିଃସ୍ନେହ—ସ. ବିଣ. (ବହୁବ୍ରୀହି; ନିର୍+ସ୍ନେହ)—୧। ସ୍ନେହଶୂନ୍ୟ—
Nihsneha 1. Love-less; devoid of affection.
(ନିଃସ୍ନେହା—ସ୍ତ୍ରୀ) ୨। ମମତାଶୂନ୍ୟ—
2. Unfeeling; indifferent.
୩। ତୈଳରହିତ; ଯାହା ତେଲିଆ ବା ଚକଣା ନୁହେଁ—
3. Not unctuous or greasy.
୪। ଶୁଖିଲା; ଯାହା ଓଦା ନୁହେ—4. Not wet; dry.

ନିଃସ୍ନେହ ଫଳା—ସ. ବି. (ବହୁବ୍ରୀହି; ନିଃସ୍ନେହ+ଫଳ+ସ୍ତ୍ରୀ. ଆ)—
Nihsneha phalā ଭେଙ୍କ ବାଇଗଣ—
Solanum Diffusumo (M. W)

ନିଃସ୍ନେହା—ସ. ବି. ସ୍ତ୍ରୀ—ଅତସୀ; ଜସି; ପେଶୁଆଲୁ—
Nihsnahā Linseed; Linun Usitatissimum. (M.W)

ନିଃସ୍ପନ୍ଦ—ସ. ବିଣ. (ନିର୍+ସ୍ପନ୍ଦ)—୧। ସ୍ପନ୍ଦ ବା କମ୍ପନରହିତ—
Nihspanda 1. Still; without vibrations; no. throbbing.
(ନିଃସ୍ପନ୍ଦି—ଅନ୍ୟରୂପ)
(ନିଃସ୍ପନ୍ଦତ୍ୱ—ବି) ୨। ଅଚଳ—2. Motionless; firm.

ନିଃସ୍ପର୍ଶ—ସ. ବିଣ—(ବହୁବ୍ରୀହି; ନିର୍+ସ୍ପର୍ଶ)—କଠିନ; ଯାହା
Nihsparsa କୋମଳ ନୁହେ—Hard; rough (M. W)

ନିଃସ୍ପୃହ—ସ. ବିଣ (ବହୁବ୍ରୀହି; ନିର୍+ସ୍ପୃହା)—୧। ସ୍ପୃହାରହିତ—
Nihspruha 1. Without avidity or anxiety or eagerness.
(ନିଃସ୍ପୃହା—ସ୍ତ୍ରୀ) (ନିଃସ୍ପୃହତା—ବି)
୨। ଅନିଚ୍ଛୁକ—2 Unwilling.
୩। ନିଷ୍କାମ; ବାଞ୍ଛାଶୂନ୍ୟ—2. Free from desire.
୪। ଲାଳସାହୀନ—4. Not longing for. (M. W)

ନିଃସ୍ୱ—ସ. ବିଣ. (ବହୁବ୍ରୀହି; ନିର୍=ନାହିଁ+ସ୍ୱ=ଧନ)—
Nihswa ୧। ଦରିଦ୍ର; ଗରିବ—1. Poor; indigent.
(ନିଃସ୍ୱା—ସ୍ତ୍ରୀ) ୨। ଦୁଃଖୀ; ନିର୍ଦ୍ଧନ—2. Penniless.
ନିଃସ୍ୱତା } ବି ୩। ଅନାଥ—3. Helpless
ନିଃସ୍ୱତ୍ୱ } ୪। ଜ୍ଞାତିରହିତ—
4. Having no relatives or connections.

ନିଃସ୍ୱତ୍ୱ—ସ. ବି. (ନିଃସ୍ୱ+ଭାବ. ତ୍ୱ)—ଦାରିଦ୍ର୍ୟ—
Nihswatwa Poverty; indigence.
ବିଣ. (ବହୁବ୍ରୀହି)—୧। ସମ୍ପତ୍ତିରେ ଅଧିକାର ବା ସ୍ୱାମିତ୍ୱ ରହିତ—1 Having no title or interest in any property.

୨ । ବେ-ଇଲାକାଦାର; ସମ୍ପର୍କରହିତ —
2. Unconnected; devoid of all connections.

ନିଃସ୍ୱତ୍ୱବାନ୍ —ଦେ. ବିଣ. (କଚିତ୍‌ଅ) (ସଂ. ନିଃସ୍ୱତ୍ୱ)—ନିଃସ୍ୱତ୍ୱ (ଦେଖ)
Nihswatwabān Nihswatwa (See)

ନିସ୍ୱନ—ସଂ. ବିଣ. (ନିର୍=ନାହିଁ+ସ୍ୱନ=ଶବ୍ଦ ଯହିଁରେ)—ସ୍ୱନ ବା
Nihswana ସ୍ୱରହୀନ—Soundless.
ବାଜିଉ ନିଃସ୍ୱନ କିଙ୍କିଣୀ—ଭଞ୍ଜ, ବୈଦେହୀଶବିଳାସ ।
ସଂ. ବି. (ନିର୍+ସ୍ୱନ୍ ଧାତୁ+ଭାବ. ଅ)—ରବ; ଧ୍ୱନି—
Sound. (ଜ୍ଞାନେନ୍ଦ୍ର)

ନିଃସ୍ୱଭାବ—ସଂ. ବିଣ. (ବହୁବ୍ରୀହି; ନିର୍+ସ୍ୱଭାବ)—
Nihswabhāba ୧ । ଚରିତ୍ରହୀନ—1. Immoral; unprincipled.
୨ । ବିଶେଷତ୍ୱହୀନ—2. Void of peculiarities.
ବି. (୬ଷ୍ଠୀ ତତ୍; ନିଃସ୍ୱ+ଭାବ)—ଦାରିଦ୍ର୍ୟ; ନିର୍ଦ୍ଧନତା—
Poverty; adversity.

ନିଃସ୍ୱାଦୁ—ସଂ. ବିଣ. (ନିର୍+ସ୍ୱଦ୍ ଧାତୁ+କର୍ତ୍ତୃ. ଉ)—
Nihswādu ୧ । ସ୍ୱାଦରହିତ—1 Tasteless; insipid.
୨ । ସାରଶୂନ୍ୟ; ନିଃସାର—2. Spiritless; vapid.
୩ । ନୀରସ—3. Sapless.

ନିଃସ୍ୱାମିକା—ସଂ. ବିଣ. ସ୍ତ୍ରୀ. (ନିର୍+ସ୍ୱାମିନ୍+କ ଆଗମ+ସ୍ତ୍ରୀ. ଆ)—
Nihswāmikā ସ୍ୱାମୀହୀନା (ସ୍ତ୍ରୀ)—
Having no husband (M. W).

ନିଃସ୍ୱୀକୃତ—ସଂ. ବିଣ. ପୁଂ. (ନିଃସ୍ୱ+ଅଭୂତ ତଦ୍ଭାବେ ଚ୍ୱି+କୃତ)—
Nihswikrute ଯାହାକୁ ନିଃସ୍ୱ କରାଯାଇଅଛି; ନିର୍ଦ୍ଧନୀକୃତ —
(ନିଃସ୍ୱୀକୃତା—ସ୍ତ୍ରୀ) Deprived of one's properties;
(ନିଃସ୍ୱୀକରଣ—ବି) impoverished.

ନିଃସ୍ୟନ୍ଦ—ସଂ. ବିଣ. (ନିର୍+ସ୍ୟନ୍ଦ୍ ଧାତୁ=କ୍ଷରିତ ହେବା+କର୍ତ୍ତୃ.
Nihsyanda ଅ)—୧ । ନିର୍ଗତ—1. Issuing forth.
(ନିସ୍ୟନ୍ଦ—ଅନ୍ୟରୂପ) ୨ । କ୍ଷରିତ; ଟୋପା ଟୋପା ହୋଇ
ବୋହୁଥିବା—2. Dropping; distilled.
ସଂ. ବି—ନିଃସ୍ୟନ୍ଦନ (ଦେଖ)
Nihsyandana (See)

ନିଃସ୍ୟନ୍ଦନ - ସଂ. ବି. (ନିର୍+ସ୍ୟନ୍ଦନ)—୧ । ଟୋପା ଟୋପା ହୋଇ
Nihsyandana ଝରିବା—1 Oozing out; coming out
(ନିଃସ୍ୟନ୍ଦନ—ଅନ୍ୟରୂପ) by drops; trickling; flowing down.
୨ । ଫଳ—2. Consequence; result (M. W).

ନିଃସ୍ୟନ୍ଦିତ—ସଂ. ବିଣ (ନିର୍+ସ୍ୟନ୍ଦ୍ ଧାତୁ+କର୍ତ୍ତୃ. ତ)—
Nihsyandita ନିଃସ୍ୟନ୍ଦ (ଦେଖ)—Nihsyanda (See)

ନିଃସ୍ରବ—(ନିର୍+ସ୍ରୁ ଧାତୁ+ଭାବ. ଅ)—ନିଃସ୍ରବଣ (ଦେଖ)
Nihsraba Nihsrabana (See)

ନିଃସ୍ରବଣ—ସଂ. ବି. (ନିଃ+ସ୍ରୁ ଧାତୁ+ଭାବ. ଅନ)—
Nihsrabana ୧ । ବ୍ୟୟ; ଖରଚ—
(ନିଃସାବ—ଅନ୍ୟରୂପ) 1. Expense; expenditure.
୨ । କ୍ଷରଣ; ଦ୍ରବ ବସ୍ତୁର ପତନ; ବୋହିପଡ଼ିବା—
2, Distillation; dropping; falling by drops; pouring forth of liquid; a discharge of liquid matter.
୩ । ଦ୍ରବବସ୍ତୁ—3. Liquid; lava.
୪ । ପରିସ୍ରା; ପ୍ରସ୍ରାବ —
4. Discharge of urine.
୫ । ପେଜ; ଭାତମଣ୍ଡ – 5. Rice gruel; water pressed from boiled rice; starchy liquid extracted from boiled rice.
୬ । ଯାହା ବଳିପଡ଼େ – 6 Remainder; surplus.

ନିକ୍‌ରାଇବା—ପ୍ରାଦେ. (ସମ୍ବଲପୁର) କ୍ରି. (ଭୁଲ ହି. ଏହି ଅର୍ଥରେ
Nik-rāibā ନିକ୍‌ରାନା)—ନିକାଳିବା; ତଡ଼ି ଦେବା—
To drive away.

ନିକ୍‌ରିବା—ପ୍ରାଦେ. (ସମ୍ବଲପୁର) କ୍ରି. (ଭୁଲ. ହି. ଏହି ଅର୍ଥରେ
Nik-ribā ନିକ୍‌ରନା)—ନିକଳିବା; ବାହାରି ଯିବା—
To go away.

ନିକ—ଦେ. ବିଣ. (ସଂ. ନିକ୍ତ=ସ୍ୱଚ୍ଛ, ନିର୍ମଳ, ନିଷ୍କଳଙ୍କ, ଭୁଲ. ପ୍ରା.
Nika ନିକ୍କଲଙ୍କ; ଫା. ନେକ୍=ସୁନ୍ଦର)—
(ନିକ୍—ଅନ୍ୟରୂପ) ୧ । ସରୁ ଓ ସଫା (ଚାଉଳ)—
नीक 1° Fine and clear (rice),
नेक, नीक्, निका, ୨ । ଭଲ; ଉତ୍ତମ; ସୁନ୍ଦର—
निकि, निको 2. Good; fine; nice.
୩ । ପରିଷ୍କୃତ—3. Neat; clean.
୪ । ଦୋଷଶୂନ୍ୟ—4 Faultless.
୫ । ସୁସ୍ଥ—5. Hale; healthy.
୬ । ଅଟୁଟ – 6. Whole; unbroken.
୭ । ଅସଲ —7. Genuine.
୮ । ଅମିଶ୍ର—8. Unadulterated.

ନିକଉଡ଼ିଆ—ଦେ. ବିଣ —୧ । ନିର୍ଦ୍ଧନ; କପର୍ଦ୍ଦକ ହୀନ—
Nikaurdia 1. Poor; pennyless.
নিকড়িয়া ୨ । ମୂଲ୍ୟହୀନ—2. Of no value.
୩ । ମାଗଣା—3. Gratuitous.
ବି—ଧନହୀନ ବ୍ୟକ୍ତି—Poor man.
ନିକଉଡ଼ିଆ ଏ ଥାଅନ୍ତୁ ଦୂରେ । ଏ ତୀ. ଚରିତେ ଗୀତା ।

ନିକ କାମ - ଦେ· ବି (ସଂ. ନିଷ୍କଳଙ୍କ କର୍ମ—ଦୋଷଶୂନ୍ୟ କାର୍ଯ୍ୟ—
Nika kāma Faultless work.

ନିକକ୍ଷ—ସଂ. ବି. (ନି+କକ୍ଷ)—କାଖର ଖୋଲ—
Nikaksha Armpit (M.W,)

ନିକ ଚାଉଳ—ଦେ. ବି—୧ । ସରୁ ସଫା ଚାଉଳ—
Nika chāula 1. Fine rice
୨ । ସୁପରିଷ୍କୃତ ଚାଉଳ —2. Well-cleaned rice.

ନିକଟ—ସଂ. ବିଣ. (ନି ଉପସର୍ଗ+କଟ ଧାତୁ=ସମୀପକୁ ଯିବା+ଅ;
Nikaṭa ଯାହା ପାଖରେ ଥିବାରୁ ତହିଁ ସମୀପକୁ ଯିବାକୁ
(ନୈକଟ୍ୟ—ବି) ପଡ଼େ ନାହିଁ)—

୧ । ସମୀପବର୍ତ୍ତୀ— 1. Near; proximate.
୨ । ଅଦୂର— 2. Adjacent; lying close.
୩ । ଆସନ୍ନ—3. Impending.
ସଂ. ବି— ନୈକଟ୍ୟ; ସାମୀପ୍ୟ —
Proximity; nearness (M. W.)
[ଦ୍ର—ଏହି ଶବ୍ଦ ସଙ୍ଗେ ବିଭକ୍ତ୍ୟନ୍ତ ପ୍ରତ୍ୟୟ ଲଗେ, ଯଥା— ନିକଟକୁ, ନିକଟରୁ, ନିକଟରେ ।]
ଦେ ଅ. (ସଂ. ନିକଟେ)—୧ । ସମୀପକୁ; ପାଖକୁ; ପ୍ରତି—
1. Near; to.
(ତୁଳ— ଉପଗତ) ୨ । ସମୀପରେ—2. At; with; at hand.
निकट ୩ । ପାଖରୁ—3. From.
निकट ୪ । ଅଦୂର ଭବିଷ୍ୟତ୍‌ରେ; ଶୀଘ୍ର—
4. Very soon; in near future.

ନିକଟଗ—ସଂ. ବିଣ. (ନିକଟ+ଗମ୍ ଧାତୁ+କର୍ତ୍ତୃ. ଅ)—
Nikaṭaga ଅଦୂର; ସମୀପବର୍ତ୍ତୀ—Near; at hand.
(ନିକଟଗା—ସ୍ତ୍ରୀ)

ନିକଟତା—ସଂ. ବି—୧ । ସାମୀପ୍ୟ—
Nikaṭatā 1. Nearness; proximity.
(ନିକଟତ୍ୱ—ଅନ୍ୟରୂପ) ୨ । ପାଖ—2. Vicinity.

ନିକଟବର୍ତ୍ତୀ—ସଂ. ବିଣ. (ନିକଟ+ବୃତ୍ ଧାତୁ କର୍ତ୍ତୃ. ଇନ୍; ୧ମା.୧ବ)—
Nikaṭabarttī ୧ । ସନ୍ନିହିତ; ସମୀପସ୍ଥ—1. Adjacent.
(ନିକଟବର୍ତ୍ତିନୀ—ସ୍ତ୍ରୀ) ୨ । ପାଖରେ ଥିବା—
ନିକଟବର୍ତ୍ତିତା—ଅନ୍ୟରୂପ) 2. Neighbouring.

ନିକଟ ଭବିଷ୍ୟତ୍—ସଂ. ବି—ଅଳ୍ପ ସମୟ ପରବର୍ତ୍ତୀ କାଳ—
Nikaṭa bhabishyat Near future.

ନିକଟରେ—ଦେ. ଅ—ନିକଟେ (ଦେଖ),
Nikaṭare Nikaṭe (See)
निकटे
ନିକଟରେ ଆମ୍ଭ ଅଛି ନିଳ ଜ୍ୟୋତି ।
କୃଷ୍ଣସିଂ. ମହାଭାରତ ବନ ।

ନିକଟ ସମ୍ପର୍କ—ସଂ. ବି—୧ । ଅନ୍ତରଙ୍ଗ ବନ୍ଧୁତା—
Nikaṭa samparka 1. Kinship; nearness of relationship.
(ନିକଟ ସମ୍ବନ୍ଧ—ଅନ୍ୟରୂପ)
ନିକଟ ସମ୍ପର୍କୀ—ପୁଂ ୨ । ଘନିଷ୍ଠ ସମ୍ବନ୍ଧ—
ନିକଟ ସମ୍ପର୍କିନୀ—ସ୍ତ୍ରୀ } ବିଣ 2. Close connection.
ନିକଟ ସମ୍ବନ୍ଧୀ—ପୁଂ ସଂ. ବିଣ. ପୁଂ—ଯାହା ସଙ୍ଗେ ନିକଟ
ନିକଟ ସମ୍ବନ୍ଧିନୀ—ସ୍ତ୍ରୀ ସମ୍ପର୍କ ଅଛି—Closely related.

ନିକଟସ୍ଥ—ସଂ. ବିଣ. (ନିକଟ+ସ୍ଥା ଧାତୁ+କର୍ତ୍ତୃ. ଅ)—
Nikaṭastha ନିକଟବର୍ତ୍ତୀ (ଦେଖ)
(ନିକଟସ୍ଥା—ଅନ୍ୟରୂପ) Nikaṭabarttī (See)

ନିକ(କି, କୁ)ଟା—ଦେ. ବି—୧ । ନେହୁରା ହେବା—
Nika(ki, ku)ṭā 1. Supplication.
୨ । ଦାନ୍ତ ନିକୁଟିବା—
2. Partial exhibition of one's teeth.

୩ଣ ପୁଂ—୧ । (ଗାଳରେ ବ୍ୟବହୃତ) ଯେ ସର୍ବଦା ଅନ୍ୟକୁ ନେହୁରା ହୁଏ—1. Supplicating.
୨ । ଦାନ୍ତହସା—2. Given to laughing.
୩ । ନିର୍ଲଜ୍ଜ—3. Shameless.
୪ । ନୀଚ; ହୀନ—4. Low; mean.
୫ । କୃପଣ—5. Miserly.
୬ । ଅଳସୁଆ—6. Idle; slothful.
୭ । ଜିଦଖୋର—7. Persistent.
୮ । ଯେ କୌଣସି କାର୍ଯ୍ୟକୁ ବିଳମ୍ବରେ କରେ—
8. Dilatory.
୯ । କୌଣସି କାର୍ଯ୍ୟର ସାମାନ୍ୟ ଅଂଶ ମଧ୍ୟ ଯେ ନିରିଖି କରି
[ନିକ(କି, କୁ)—ସ୍ତ୍ରୀ) ଠିକରେ—9. Doing a work by attending to minute insignificant details.

ନିକଟା ନିକଟି—ଦେ. କ୍ରି. ବିଣ—୧ । ଆଖପାଖ; ସମୀପତଃ—
Nikaṭā nikaṭi 1 At hand; near by.
निकटा निकटि ୨ । ପ୍ରାୟ—2. Almost; nearly.
नगचा नगचि ୩ । ପରସ୍ପରକୁ ଲଗାଲଗି—
3. Close to each other.

ନିକ(କି,କୁ)ଟା(ଟି) ମାଧିଆ—ଦେ. ବି. (ଗାଳି)—
Nika(ki,ku)ṭā(ṭi) mādhiā ୧ । ଯେଉଁ ବ୍ୟକ୍ତି ଦାନ୍ତ ନିକୁଟି କରି ପରଠାରେ ପ୍ରାର୍ଥନା କରେ—
1. A person who supplicates with undue humility.
୨ । କୃପଣ ବ୍ୟକ୍ତି—2. Miserly person.
୩ । ନିର୍ଲଜ୍ଜ ବ୍ୟକ୍ତି—3 Shameless person.
୪ । ନୀଚ ବ୍ୟକ୍ତି—4. Mean person.
୫ । ଜିଗରଦାର ବ୍ୟକ୍ତି—5. Persistent person.
୬ । ଯେ କୌଣସି କାର୍ଯ୍ୟକୁ ତନ୍ନ ତନ୍ନ କରି ସାମାନ୍ୟ ସାମାନ୍ୟ ଅଂଶକୁ ନିରେଖିକରି ଦେଖି ଅତି ବିଳମ୍ବରେ କରେ—
6. A dilatory person; a person who does a work by attending to the most insignificant details.

ନିକ(କି,କୁ)ଟିବା—ଦେ. କ୍ରି (ସଂ. ନିଷ୍କର୍ଷଣ)—(ଦାନ୍ତ) ନେଫେଡ଼ିବା;
Nika(ki,ku)ṭibā (ଦାନ୍ତ) ପଦାକୁ ଦେଖାଇବା—
निकूटा To exhibit; to show out (one's teeth).
निपुड़ना, निकोसना
[ଦ୍ର—ଦୁଇ ଓଠକୁ ମେଲା କରି ହସିବା ବା କାନ୍ଦିବା ବେଳେ ଓଠ ଅଳ୍ପ ମେଲା ହୋଇ ଦନ୍ତପଂକ୍ତିର କେତେକ ଅଂଶ ଦେଖା ଗଲେ ତାକୁ ଦାନ୍ତ ନିକୁଟିବା; ଦନ୍ତପଂକ୍ତି ଅଧିକ ବେଶୀ ଦେଖା ଗଲେ ତାକୁ ଦାନ୍ତ ନେଫେଡ଼ିବା, ସେଥିରୁ ଅଧିକ ବେଶୀ ଦେଖା ଗଲେ ତାକୁ ଦାନ୍ତ ନିସିଡ଼ିବା ଓ ସର୍ବାପେକ୍ଷା ଅଧିକ ମେଲା ହୋଇ ଦାନ୍ତପାଟି ଦେଖାଗଲେ ତାକୁ ଦାନ୍ତ ଖେଞ୍ଚିବା କହନ୍ତି । ଦାନ୍ତ ଖେଞ୍ଚିବା ଅଶିଷ୍ଟ ବ୍ୟବହାର ଅଟେ । ନିକୁଟିବା ଶବ୍ଦ କେବଳ ଦାନ୍ତ ପରେ ବ୍ୟବହୃତ ହୁଏ]

ନିକ(କି,କୁ)ଟି ମହୁ—ଦେ. ବି.—୧ । ଏକ ପ୍ରକାର ଛୋଟ ମହୁମାଛି—
Nika(ki,ku)ṭi mahu 1, A kind of small bee; Apis Floria.
[ଦ୍ର—ଏମାନେ ଗଛ ବା ଝାଡ଼ର ଖୋଲରେ ଛୋଟ ଫେଣା ବାନ୍ଧନ୍ତି ।]
୨ । ନିକଟି ମହୁମାଛିଙ୍କ ଦ୍ୱାରା ସଞ୍ଚିତ ମଧୁ—
2. Honey made by the Nikaṭi bees.

ନିକ(କି,କୁ)ଟି ହେବା ଦେ. କ୍ରି.—କେକୁଟି ହେବା; ସବିନୟ
Nika(ki,ku)ṭi heba ପ୍ରାର୍ଥନା କରିବା—To supplicate;
କାକুতিমিনতিকরা to humbly pray for something; to
निहोरना ask for something with great humility.
କେତେ ଯେଣ୍ଡା ବାଳ ଝିଙ୍କାଇ ପଳାଇଲେ,
କେତେ କୃତା ଧରଣ ଦାନ୍ତ ନିକୁଟିଲେ । କୃଷ୍ଣସିଂହ. ମହାଭାରତ ଦ୍ରୋଣ ।

ନିକଟେ—ଦେ. ଅ.—୧ । ଶୀଘ୍ର—Very soon
Nikaṭe ଶୁକନେ ଶୁଣି କର୍ଣ୍ଣପୁଟେ.
ଭରିବ ସଂସାରୁ ନିକଟେ । ଜଗନ୍ନାଥ. ଭାଗବତ ।
निकटे ୨ । ତୁରନ୍ତ—2. In no time
निकटसे ୩ । ଅବିଳମ୍ବେ—3, Within a short time.
ସେ ଦୃଢ଼ଙ୍କ ସକାଶୁ ବଳାର ଶ୍ରେୟ,
ନିକଟେ ମହରଷି ହୋଇବ ଉଦୟ । କୃଷ୍ଣସିଂହ ମହାଭାରତ. ବନ ।
୪ । (ଅମୁକର) ପାଖରେ—4, Near; at.
୫ । (ଅମୁକ)ଠାରେ—5, At; with.
୬ । ଅଳ୍ପ ସମୟରେ—6, Soon after.
ଦେବ ହେଲନ ନଷ୍ଟେ କଲ
ନିକଟେ ସଂକଟ କରିଲ । ଜଗନ୍ନାଥ. ଭାଗବତ ।

ନିକଣ୍ଟକ—ଦେ. ବିଣ. (ସଂ. ନିଷ୍କଣ୍ଟକ)—ନିଷ୍କଣ୍ଟକ—(ଦେଖ)—
Nikanṭaka निकण्टक Nishkanṭaka (See)

ନିକଣ୍ଟା ଦେ ବିଣ. (ସଂ ନିଷ୍କଣ୍ଟକ)—ଯହିଁରେ କଣ୍ଟା ନ ଥାଏ—
Nakanṭā Thornless.
আকাটা निकण्टक

ନିକ ପଣ—ଦେ. ବି.—୧ । ଉତ୍ତମତା—1. Goodness.
Nika paṇa ୨ । ନିର୍ଦ୍ଦୋଷତା—2 Faultlessnes.
नीकपाना ୩ । ସୌନ୍ଦର୍ଯ୍ୟ—3 Beauty; grace.
निकाइ [ନିକପଣିଆ(ଆଁ)—ଅନ୍ୟରୂପ]

ନିକ ପିଲା—ଦେ. ବି—୧ । ଉତ୍ତମ ପିଲା—
Nika pilā 1. A good child.
୨ । ସୁନ୍ଦର ପିଲା—2. A fine child.

ନିକମା—ଦେ. ବିଣ (ସଂ. ନିଷ୍କର୍ମା ପ୍ରା. ନିକମ୍ମା)—୧ । ଅଳସୁଆ—
Nikamā 1. Idle; lazy.
(ନିକମି, ନିକମ୍ମା—ଅନ୍ୟରୂପ) ୨ । ଅଯୋଗ୍ୟ—
निकम्मा निकम्मा 2. Worthless.
୩ । ଅକାମିକା—3. Unfit for work; unserviceable.
୪ । କାର୍ଯ୍ୟ ବା ବୃତ୍ତିହୀନ—4. Unengaged; without employment; unemployed.
୫ । ବ୍ୟର୍ଥ—5. Fruitless.
୬ । ଲାଭହୀନ—6. Profitless.
୭ । ଅନୁର୍ବର (ଜମି)—7. Barren (land).
୮ । ଯେଉଁ କାର୍ଯ୍ୟରେ ସମୟ ବୃଥା ଯାଏ—
8. (work) In which time is uselessly spent.

ନିକମ୍ପ—ଦେ. ବିଣ (ସଂ. ନିଷ୍କମ୍ପ)—କମ୍ପହୀନ; ସ୍ଥିର—
Nikampa Still; calm and quiet; motionless.

ନିକର—ସଂ.ବି (ନି=ଉପରକୁ+କୃ ଧାତୁ=ବିକ୍ଷେପ କରିବା+କର୍ମ. ଅ)-
Nikara ୧ । ସମୂହ—1. A number of things or men; multitude; a body (of men or animals).
୨ । ପୁଞ୍ଜ; ଦଳ—2. Flock; crowd.
୩ । ସାର—3. Pith; marrow; sap; essence.
୪ । ନ୍ୟାଯ୍ୟ ଦେୟ ଧନ—4. Legitimate dues.
୫ । ଧନ—5. Treasure; riches.
୬ । ନିଧି; ରତ୍ନ—6. Gem.
୭ । ଗଦା—7. Heap; pile (Apte).
୮ । ଗୋଛା—8. A bundle (Apte).
୯ । ବକ୍ସିସ୍—9. Honorarium (Apte).

निकर ଦେ. ବିଣ (ସଂ. ନିଷ୍କର)—୧ । କରହୀନ; ଖଜଣାଶୂନ୍ୟ—
खालिस 1. Rent-free; revenue-free; free from payment of tax.
୨ । ନିଶ୍ଚିତ—2. Sure; certain.
ଭୋଗଷ୍ଟ ହେବ ଏହା ଅଟଇ ନିକର—କୃଷ୍ଣସିଂହ ମହାଭାରତ. ଆଦି ।
୩ । ସମସ୍ତ ଖରଚ ଆଦି ବାଦ୍ (ଲାଭ ବା କ୍ଷତି); ନିଟ୍—
3. Net (loss or income).
ଦେ. କ୍ରି. ବିଣ—୧ । କେବେହେଁ; ଅବେଁ—1. At all.
ମଥାମଣି ନିକର ଉଥାଗ ସୁରବର
କଥା ବିନସ୍ତ ମୋର ବୃଥା ନ କର ହେ—କବିସୂର୍ଯ୍ୟ ବଳଦେବରଥ ଷ ଗୀତ ।
୨ । ମୁକର; ନିଶ୍ଚେ—2, Certainly; without fail.
ଉଭବ ଯା କରିବ ହୋଇବ ନିକର—କୃଷ୍ଣସିଂହ ମହାଭାରତ. ବନ

ନିକର କ୍ଷତି—ଦେ. ବି—ସମସ୍ତ ହିସାବରେ ଜଣାପଡ଼ିବା କ୍ଷତି—
Nikara kshati Net loss.
निकरक्षति खालिस नुकसान (ନିକର ଆୟ—ବିପରୀତ)

ନିକର ଜମା—ଦେ. ବି—ଖରଚ ଆଦି ବାଦ୍ ଦେଇ ଖଜଣା; ନିଶ୍ଚିତ
Nikara jamā ଖଜଣା—Net revenue or rent.
निकरजमा खालिस जमा

ନିକର ଲାଭ—ଦେ. ବି—ଖର୍ଚ୍ଚ ବର୍ଚ୍ଚ ସକଳ ଯିବା ପରେ ଜଣାପଡ଼ିବା
Nikara lābha ମୋଟ ଲାଭ; ନିଟ୍ ଲାଭ—Net income.
निकरलाभ खालिसलफा

ନିକରିବା—ପ୍ରାଦେ (ବସ୍ତର) କ୍ରି (ଉତରଖଣ୍ଡ) (ତୁଳ. ଏହି ଅର୍ଥରେ
Nikaribā ହି. ନିକଲ୍ନା)—ନିକାଳିବା; କାଢ଼ିବା—
To draw (water).

ନିକରେ—ଦେ. କ୍ରି. ବିଣ—ନିକର (ଦେଖ)
Nikare Nikara (See)
କହିଲ ନିକରେ ତୋତେ—ବ୍ରଜନାଥ ସାବଡ୍ଡୀଚରିତ

ନିକର୍ତ୍ତନ—ସଂ. ବି.—(ନି+କର୍ତ୍ତନ)—୧ । ଛେଦନ—1 Cutting off; tearing
Nikarttana
୨ । ମୂଳଚ୍ଛେଦନ—2. Cutting down from the root.

ନିକର୍ଷଣ—ସଂ. ବି (ନି+କୃଷ୍ ଧାତୁ=ଆକର୍ଷଣକରିବା+ଅଧି. ଅନ)—
Nikarshana ୧ । ନଗରର ବହିଃସ୍ଥିତ କ୍ରୀଡ଼ାଭୂମି—
1. A playground at one end of a town.
୨ । କ୍ରୀଡ଼ାର୍ଥ ଉନ୍ମୁକ୍ତ ନଗରମଧ୍ୟସ୍ଥ ପଡ଼ିଆ ଜମି—
2. A bit of open field or park in the heart of a town, left for diversion.

ନିକଲ୍—ଦେ.— ଅ.—(ନିକଳିବା କ୍ରିୟାର ଅନାଦରାର୍ଥ ମଧ୍ୟମ
Nikal ପୁରୁଷ, ଏକବଚନ) (ଭୁ)—ଦୂର୍ ହୋ ! ବାହାର ଯା—
निकल निकल (Interjection) Get out ! be off !

ନିକଳଙ୍କ(ଙ୍କି)—ଦେ' ବିଣ.—(ସଂ. ନିଷ୍କଳଙ୍କ; ପ୍ରା. ଣିକ୍କଲଙ୍କ)—
Nikalanka(nki) ନିଷ୍କଳଙ୍କ (ଦେଖ)
निकलंक Nishkalanka (See)

ନିକଳପ—ଦେ. ବି. (ସଂ. ନିଷ୍କଳ୍ପ)—କଳ୍ପନାର ଅଭାବ—
Nikalapa Want of wish or imagination.

ନିକ(କି ଳି(ଳି)ବା—ଦେ. କ୍ରି. (ସଂ. ନିର୍ଗତ; ପ୍ରା. ଣିକ୍କଳିଅ) ସଂ. ନିଷ୍କାସନ;
Nika(ki)li(li)ba ଶବ୍ଦରୁ ଅନୁକୃତ)—୧ । ବହିର୍ଗତ ହେବା—
(ନିକାଳିବା—ପ୍ରଯୋଜକରୂପ) 1. To come out.
निकला ୨ । ବାହାରି ଯିବା; ନିର୍ଗତ ହେବା—
निकलना 2. To issue forth.
୩ । ସ୍ରବିବା—3. To ooze out.
୪ । ବହିଷ୍କୃତ ହେବା—4. To be driven out.
୫ । ଭିତର ଭେଦ କରି ଫୁଟି ଯିବା—
5. To pierce through.
ସେ ବାଣ ଗୃଧ୍ରେ ବାଜ୍ରେ ପଡ଼ିଣ ଗମିଲା,
ଶାଳଗାଳ ନିକଳି ଗଲକୁ ଫୁଟିଲା—କୃଷ୍ଣସିଂହ. ମହାଭାରତ ବନ ।
୬ । ବଳିବା; ବାହାରି ରହିବା; ଉଦ୍ଗତ ହେବା—
6. To jut out; project.
ଶେଣୀ ମୃଣାଳମାନ ତଟରୁ ନିକଳି ଅନ୍ତର୍ଜଳ ଲେଖାଏ ହିବ ।
ଉଦ୍ଗନ୍ଦେଲ୍. ପ୍ରାଚୀନ ଉତ୍କଳ ।
୭ । ଖସିଯିବା—7. To slip off.

ନିକଷ—ସଂ. ବି (ନି+କଷ୍ ଧାତୁ=ଘଷିବା; ବଧ କରିବା+ଅଧି. ଅ)—
Nikasha ୧ । ଶାଣ; ଶାଣ୍ଡାଣ ପଥର—
1. Polishing stone; whetstone.
୨ । କଷଟି ପଥର—2. Touchstone.
ହେମରେଖା ପ୍ରକ୍ଷେ ନିକଷ ସକାଶ,
ତରମେ ବୋଲନ୍ତି କୃଷ୍ଣ ବେଶ ପାଶ । ଜଗନ୍ନାଥ. ନବକେଳିଗୀତ
୩ । ସୁନା ରୁପା କଷିବାର ବା ପରୀକ୍ଷା କରିବାର ସ୍ଥାନ—
3. A place for testing gold and silver.
୪ । ନିକଷୋପଳ ରେଖା; କଷ୍ଟି ପଥରରେ ପଡ଼ିଥିବା ସୁନାର ଗାର—4. A line drawn on a touchstone with gold; a streak of gold made on a touch stone (Apte).
୫ । ପରୀକ୍ଷା; ପରଖ—5. Test (Apte).

ନିକଷଣ—ସଂ. ବି. (ନି+କଷ୍ ଧାତୁ ଭାବ. ଅନ)—୧ । ଘର୍ଷଣ—
Nikashana 1. Rubbing; friction.
୨ । ଉତ୍କୀର୍ତ୍ତନ—
2. Act of drawing or painting.
୩ । ଖନନ—3. Digging; engraving.
୪ । କଷ୍ଟି ପଥରରେ ସୁନା ଘଷିବା—
4. Rubbing of gold over touchstone.
୫ । ଶାଣ ଦେବା—5. Whetting.

ନିକଷା—ସଂ. ବି ସ୍ତ୍ରୀ (ନାମ)—୧ । ସୁମାଳୀର କନ୍ୟା; ରାବଣର ମାତା;
Nikashā ବିଶ୍ରବାର ସ୍ତ୍ରୀ—1. Name of a demoness, mother of Rābana.
[ଦ୍ର—ଏହାଙ୍କ ପୁତ୍ର ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ ଏବଂ କନ୍ୟା ସୂର୍ପଣଖା ଥିଲେ ।]
୨ । ରାକ୍ଷସ ମାତା—
2 Mother of imps or demons. (Apte)
ଅ.—୧ । ନିକଟରେ—1 Near.
୨ । ମଧ୍ୟରେ—2 Between; within; in the midst; amidst.

ନିକଷାତ୍ମଜ—ସଂ. ବି. ପୁଂ (୬ଷ୍ଠୀ ତତ୍; ନିକଷା+ଆତ୍ମଜ)—୧ । ରାବଣ—
Nikashātmaja 1 Rābana.
୨ । ରାକ୍ଷସ—2 Demon; goblin.
୩ । କୁମ୍ଭକର୍ଣ୍ଣ ବା ବିଭୀଷଣ—
3. A brother of Rābana.

ନିକଷୋପଳ—ସଂ. ବି. (ନିକଷ+ଉପଳ)—୧ । ନିକଷ ପଥର; କଷଟି
Nikashopala ପଥର—1 Touchstone.
(ନିକଷଗ୍ରାବ, ନିକଷ ପାଷାଣ—ଅନ୍ୟରୂପ) ୨ । ଶାଣ ପଥର—
2. Whetstone.

ନିକସ—ସଂ. ବି. (ନି+କଷ୍ ଧାତୁ+ଅ)—ନିକଷ (ଦେଖ)
Nikasa Nikasha (See)

ନିକା—ଦେ. ବି. (ଇତର) (ସଂ. ନିକ୍ ଧାତୁ=ନିର୍ମଳୀକରଣ; ନିକ୍ତ=
Nikā ନିର୍ମଳୀକୃତ)—୧ । ଘର ଓଳାଇବା—
निकाना 1. Sweeping a house clean.
बुहार ୨ । ଘର ଲିପିବା 2. Smearing a house with water.
ପ୍ରାଦେ (ଗଡ଼ଜାତ) ଅ.—ଆଦୌ; ମୂଳରୁ; ଜମାରୁ—
At all; from the beginning; at the outset

निका ବୈଦେ. ବି. (ଫା. ନିକାହ୍) ମୁସଲମାନ୍‌ମାନଙ୍କ ମଧ୍ୟରେ
निकाह ପ୍ରଚଳିତ ବିଧବା ବିବାହ—Widow-marriage amongst the Mahomedans.

ନିକା(କେ)ଇ—ବୈଦେ. ବିଣ (ଫା. ନିକାହୀ)—୧ । ନିକା ସମ୍ବନ୍ଧୀୟ—
Nikā (ke)i 1. Relating to the Nikā form of marriage
निकाही

निकाही ୨ । ନିକା ଦ୍ୱାରା ଗୃହୀତ (ସ୍ୱାମୀ ବା ସ୍ତ୍ରୀ)—
2. (husband or wife) Wedded by the Nikā form of marriage (widow-marriage amongst the Mahomedans)

ନିକା(କେ)ଇବା—ଦେ. କି (ଇତର) (ସଂ. ନିର୍ ଧାତୁ=ନିର୍ମଳୀକରଣ. Nikā(ke)ibā ନିକ୍ତ=ନିର୍ମଳୀକୃତ)—୧ । ଗୃହ ମାର୍ଜନ କରିବା; ନିକାନ ଓଳାଇବା—1. To sweep a house clean.
बुहारना ୨ । ପରିଷ୍କୃତ କରିବା—2. To cleanse.
୩ । ଘର ଧୋଇ ସଫା କରିବା—
3. To wash the house clean.
୪ । ଘର ଲିପିବା—4. To smear the walls and floor of a house with cowdung and water.

ନିକାଞ୍ଚନ—ଦେ. ବିଣ—୧ । (ସଂ. ନିଷ୍କାଞ୍ଚନ) ଧନହୀନ; ନିଃସ୍ୱ—
Nikāñchana 1. Poor; pennyless.
୨ । (ସଂ. ନିଷ୍କିଞ୍ଚନ) ନିର୍ଜନ; ନିରେଳା—
2 Solitary; lonely (place).
ଏବେ ଯା ନଗର, ଥିଲା ଆଗେ ତାହା ମହା ନିକାଞ୍ଚନ ସ୍ଥଳ—ରାଧାନାଥ. ପଦ୍ମାପାତ।

ନିକାଞ୍ଚନ ମଠ—ଦେ. ବି—ନିର୍ଜନ ଗୃହ—
Nikāñchana matha An empty or solitary house.

ନିକାଞ୍ଚନିଆ(ଆଁ)—ଦେ. ବିଣ—ନିକାଞ୍ଚନ ୨ (ଦେଖ)
Nikāñchaniā(āñ) Nikāñchana 2 (See)

ନିକାଞ୍ଚନେ—ଦେ. କ୍ରି. ବିଣ—୧ । ନିର୍ଜନରେ; ନିରେଳାରେ—
Nikāñchane 1. Solitarily.
୨ । ଜନଶୂନ୍ୟ ସ୍ଥାନରେ—2. In a lonely place.
ନିକାଞ୍ଚନେ ରହି ନାଗଙ୍କେ ବଡ଼ର ଗୃହାନ୍ତ ନାହିଁ,
ବନ୍ଧ ହୁଂସଗଣ ପକ୍ଷୀ ଗୋଡ଼ କାଢ଼ି ଯିବାକୁ କାହିଁ। ରାଧାନାଥ, ଚିଲିକା।

ନିକାମ—ସଂ. କ୍ରି. ବିଣ. (ନି+କମ୍ ଧାତୁ=ଇଚ୍ଛା କରିବା+ଅ.)—
Nikāma ୧ । ସ୍ୱେଚ୍ଛାପୂର୍ବକ—1. Voluntarily.
ହୃଦୟରେ ହୃଦୟେଶ ଜଗେ ମନସ୍ୱ ମ
ବରଦେ ମରଣ ବନ୍ଧୁ ଅଭୟ ନିକାମ। ସ୍ରାଜୀ, ରସବାଉଧ
୨ । ଆପଣାର ଇଚ୍ଛାନୁରୂପ—
2 According to one's desire (Apte).
୩ । ଆପଣାର ସନ୍ତୋଷ ମୁତାବକ—3. To one's satisfaction; to the heart's content. (Apte)
୪ । ଅତ୍ୟନ୍ତ—
4. Very much; exceedingly. (Apte)
ବିଣ.—୧ । ଯଥେଷ୍ଟ; ପର୍ଯ୍ୟାପ୍ତ—1. Sufficient; plentiful.
୨ । ଅତିଶୟ—2. Excessive.
୩ । ଇଷ୍ଟ; ଅଭିଳଷିତ—3. Wished for.
ବି.—୧ । ଗୃହ—1. House; dwelling; abode.
୨ । ପରମାତ୍ମା; ପରଂବ୍ରହ୍ମ—2. The Supreme Soul.

ନିକାମନ—ସଂ. ବି. (ନି+କମ୍ ଧାତୁ+ଭାବ. ଅନ)—୧ । ଇଚ୍ଛା—
Nikāmana 1. Desire. (Apte)
୨ । ଅଭିଳାଷ; ଲାଳସା—2. Longing after (Apte).

ନିକାମି—ଦେ. ବିଣ.—(ସଂ. ନିଷ୍କର୍ମା)—୧ । ଅକାମିକା; ଯାହା
Nikāmi ପ୍ରୟୋଜନରେ ଆସେ ନାହିଁ—
निकामी **नकाम** 1. Useless; not fit for use.
(ନିକାମିକା—ଅନ୍ୟରୂପ) ୨ । ନିକମା (ଦେଖ)—
2. Nikamā (See)

ନିକାୟ—ସଂ. ବି.—(ନି+ଚି ଧାତୁ=ଏକତ୍ର କରିବା; ଗୋଳବା+ଅଧି.
Nikāya ଅ; ନିପାତନ)—୧ । ଆବାସ; ଗୃହ—1. House; dwelling; habitation.
୨ । ସମୂହ—2. Multitude; gathering.
୩ । ଏକ ଜାତୀୟ ପ୍ରାଣୀମାନଙ୍କର ସମୂହ; ସମୁଦାୟ; ସଙ୍ଘ—
3. Congregation; crowd; herd; assembly.
୪ । ଲକ୍ଷ୍ୟ—4. Aim; mark; target.
୫ । ପରମାତ୍ମା—5. The Supreme Soul.
୬ । ଗଦା; ରାଶି—6. Heap (Apte).

ନିକାଯ୍ୟ—ସଂ. ବି. (ନି+ଚି ଧାତୁ=ଏକତ୍ର କରିବା+ଅଧି. ଯ; ନିପାତନ)
Nikājya ନିବାସ; ଗୃହ—House; abode; dwelling.

ନିକାର—ସଂ. ବି.—(ନି+କୃ ଧାତୁ+ଭାବ. ଅ)—୧ । ଅପକାର—
Nikāra 1. Injury.
୨ । ପରାଭବ—2. Defeat; subjugation.
୩ । ହତ୍ୟା—3. Killing; slaughter.
୪ । ଅନାଦର—4. Disrespect.
୫ । ତିରସ୍କାର—5. Abuse; reproach.
୬ । ଅପମାନ—6. Insult; humiliation.
୭ । ଅପରାଧ—7. Offence; wrong.
୮ । ପ୍ରତିବନ୍ଧକ—8. Obstruction; opposition.
୯ । ଦୁଃଶୀଳତା—9. Wickedness.
୧୦ । ଦ୍ୱେଷ; ଅସୂୟା—10. Malice; envy.
୧୧ । ଅଶ୍ଳୀଳ ଭାଷା—
11. Obscene language; bad names.
୧୨ । ଧିକ୍କାର—12. Censure; contemptuous words.
୧୩ । (+କୃ ଧାତୁ ବିକ୍ଷେପ କରିବା+ଭାବ. ଅ) ଶସ୍ୟାଦିର ଭୁଷ ପରିଷ୍କାର କରିବା ନିମନ୍ତେ କୁଲାଦ୍ୱାରା ଉଡ଼ାଇବା—
13. Winnowing of corn.

ନିକାରଣ—ସଂ. ବି (ନି+କୃ ଧାତୁ=ବଧ କରିବା+ଅନ)—ବଧ;
Nikārana ହତ୍ୟା—Killing; murdering.

ନିକାଲ୍—ଦେ. ଅ (ହି. ନିକଲ୍ନା ଧାତୁର ଅନୁଜ୍ଞା ନିକଲ୍)—
Nikāl ନିକଲ୍! ଦୂର୍ ହୋ—(Interjection) Be off!
निकल, **निकल**

ନିକାଲିବା—ଦେ. କି [ସଂ. ନିଷ୍କାଳନ; ନିଷ୍କର୍ଷଣ (Beams; ନିକଳିବାର
Nikālibā ପ୍ରୟୋଜକ ରୂପ]—୧ । ତଡ଼ିଦେବା; ବହିଷ୍କୃତ
बाहिरकरा କରିବା—1. To drive out; to drive away; to expell.
निकालना
ନିକାଳିବା } ଅନ୍ୟରୂପ ୨ । ବହିର୍ଗତ କରାଇବା; ବାହାର
ନିକାଲିଦେବା } କରିବା—2. To cause to come out; to bring out.

୩ । ଚପୁଡ଼ିକରି (ରସଆଦି) ବାହାର କରିବା—
3. To wring out; to extract; to press out.
୪ । ଓଟାଇ ଆଣିବା—4. To draw out.

ନିକାଶ—ସଂ. ବି (ନିର୍+କାଶ୍ ଧାତୁ=ଶୋଭା ପାଇବା+ଭାବ. ଅ)—
Nikāsa ୧ । ପ୍ରକାଶ—1. Exhibition; appearing.
(ନିକାସ—ଅନ୍ୟରୂପ) ୨ । ଚକ୍ରବାଳ—2. Horizon.
୩ । ସାଦୃଶ୍ୟ—3. Likeness; similarity (Apte)
୪ । ଦୃଷ୍ଟି—4. Sight; appearance.
୫ । ନୈକଟ୍ୟ—5. Vicinity; proximity
୬ । ଚେହେରା—6. Appearance.
୭ । ବିନାଶ; ବଧ—7. Destruction; killing.
ଦେ. ବି (ସଂ. ନିଷ୍କାଶ; ନିଷ୍କାସନ)—୧ । ବହିର୍ଗମନ—
1. Issuing out.
୨ । ସମାଧାନ—2. Accomplishing.
୩ । ସମାପ୍ତି; ଶେଷ—3. Finish; completion.
নিকাশ, নিকেশ ୪ । ବିନାଶ, ମୃତ୍ୟୁ—
निकाश, निबटेरा 4. Death; extinction.
୫ । ନିଷ୍ପତ୍ତି—5 Decision; disposal.
୬ । ନିର୍ଦ୍ଧାରଣ; ସ୍ଥିରୀକରଣ—
6. Settlement; adjustment; determination.
୭ । ହିସାବ ଆଦି ସଫା କରିବା ବା ବୁଝାଇଦେବା—
7. Clearing off of accounts; final adjustment and clearance of accounts; explaing of accounts.
୮ । ଋଣ ଆଦିର ପରିଶୋଧ—8. Satisfaction of a debt; repayment; discharge.
୯ । ପରିଶୋଧନ ପାଉତି; ସମାପ୍ତି ରସିଦ—
9. Acquittance roll; receipt of full payment; full satisfaction receipt.
୧୦ । ଜଳ ନିର୍ଗମନ—10. Exit of water.
ବିଣ—୧ । ମୃତ—1. Dead.
୨ । ନିଷ୍ପତ୍ତି କରି ଯାଇଥିବା—
2. Decided; disposed of.
୩ । ପରିଶୋଧିତ—3. Liquidated; cleared off.
୪ । ସମାପ୍ତ—4. Finished; completed.
୫ । ବହିର୍ଗତ—5. Come out.

ନିକାଶ କରିବା—ଦେ. କ୍ରି—୧ । (ହିସାବ) ମୀମାଂସା କରିବା—
Nikāsa kariba 1. To settle; to dispose of.
নিকাশ করা ହିସାବ କରିଦେଲେ ମୁଁ ନିକାଶ କରିନେବି—
निबटेरा करना ଉଦ୍ଭବ. [illegible] ଚରିତ୍ର ।
୨ । (ଧନ, ବସ୍ତୁ) ବିନାଶ କରିବା—
2. To destroy; to exhaust.
(ନିକାଶ କରିଦେବା—ଅନ୍ୟରୂପ)—୩ । (ମନୁଷ୍ୟ, ଜୀବ) ମାରି ପକାଇବା—3. To kill.
୪ । (ପାଣି) ନିଷ୍କାସ କରିବା—4. To discharge.
୫ । (କାର୍ଯ୍ୟ) ଶେଷ କରିବା—5. To finish.

ନିକାଶ ପାଇବା—ଦେ. କ୍ରି.—୧ । ବିନଷ୍ଟ ହେବା—
Nikāsa pāibā 1. To be destroyed,
নিকাশ পাওয়া ୨ । ମୃତ ହେବା—2 To die.
निबटना ୩ । ସମାପ୍ତ ହେବା—3. To be finished.
୪ । ବୋହିଯିବା—4. To be discharged; to be drained.

ନିକାଶ ପ୍ରକାଶ—ଦେ· ବି. (ସହଚର ଶବ୍ଦ; ଅର୍ଥହୀନ ଦ୍ୱିରୁକ୍ତ ଶବ୍ଦ)
Nikāsa prakāsa ୧ । ଶେଷ ମୀମାଂସା—
নিকাশ প্রকাশ 1. Final disposal or settlement.
निबटेरा ୨ । କୌଣସି ସ୍ଥାନରୁ ଜଳଯାକ ସମ୍ପୂର୍ଣ୍ଣରୂପେ ବୋହିଯିବାର ବାଟ—2. An exit for water from a place.

ନିକାଶ ହେବା—ଦେ. କ୍ରି.—ନିକାଶ ପାଇବା (ଦେଖ)—
Nikāsa heba Nikāsa pāibā (See)

ନିକାଶି—ଦେ. ବିଣ. ଓ ବି—ନିକାଶ (ଦେଖ)—
Nikāsi Nikāsa (See)
ନିକାଶି ଜନସୁଦ୍ଧା ସକାଶେ ଏବେ ଜଗତ କାହିଁକି ?
ଭାଗ. ସଂସାରଚକ୍ର ।
ଦେ. (କଟକରେ) ବି—(ଦଲିଲ ଆଦିରେ ବ୍ୟବହୃତ ଯଥା—ଉକ୍ତସମ୍ପତ୍ତିରେ କେହି ଦାବିଦାର ଉପସ୍ଥିତ ହେଲେ ବା କୌଣସି ବାଧା ଜାତ ହେଲେ ତହିଁର ଖଲାସି ଓ ନିକାଶିର ଭାର ଆମ୍ଭ ଉପରେ ଓ ଆମ୍ଭର ଓ୍ୱାରିସ ଉତ୍ତରାଧିକାରୀମାନଙ୍କ ଉପରେ ରହିଲା ।)
ମୀମାଂସା—Disposal; settlement.

ନିକାଶିବା—ଦେ. କ୍ରି—୧ । ଶେଷ କରିବା—
Nikāsiba 1. To finish.
(ନିକାଶି ଦେବା—ଅନ୍ୟରୂପ) ୨ । ମୀମାଂସା କରିବା—
নিকাশকরা निबटाना 2. To settle.
ନିକାଶିଦେବାକୁ ଗଲେ ଶମନ ସକାଶ—ରାଧାନାଥ. କେଶୀସଂହାର

ନିକାଷ—ସଂ. ବି (ନି+କଷ୍ ଧାତୁ=ଘଷିବା+ଭାବ. ଅ)—୧ । ଘର୍ଷଣ—
Nikāsha 1. Friction; rubbing.
୨ । କର୍ଷଣ—2. Ploughing.

ନିକାସ—ସଂ. ବିଣ (ନି+କାସ୍ ଧାତୁ=ଦୀପ୍ତି ପାଇବା+ଅ)—୧ । ତୁଲ୍ୟ.
Nikāsa (ନୀକାସ—ଅନ୍ୟରୂପ) Similar; like.
ସଂ. ବି—ନିକାଶ (ଦେଖ)—Nikāsa (See).

ନିକି—ଦେ. ଅ (ସଂ. ନୁ; ହିନ୍ଦୀ ନହିଁ; ନକିଂ)—
Niki ୧ । (ପ୍ରଶ୍ନାର୍ଥକ) କି; କଥଣ—
1. Interjection used in interrogative.
ଘର ଦୁଃଖ ନିକି ଜାଣେ ପର—ଭକ୍ତ. ସୁବର୍ଣ୍ଣରେଖା ।
୨ । (ସମ୍ଭାବନାର୍ଥକ) ପରା—
2. Interjection indicating expectation.
ନିକି କରିଚେ କୃଷ୍ଣ ମୋର ମୂରତି
ଯେବେନେ ନିକି ଭାଙ୍ଗିଥିବ ଯୁବତୀ—ରାଧାନାଥ. ମେଘଦୂତ ।

୩ । (ସନ୍ଦେହାର୍ଥକ) ସତେ ?—3. (doubt) Is it so ?

ବଡ଼ ନ ମଧୁର ସୁମର ସୁମର ପ୍ରାଣ ନିକ ଉଡ଼ିଯାଉବ – ଭକ୍ତଚରଣ. ମଥୁରାମଙ୍ଗଳ ।

୪ । (ନିଶ୍ଚୟାର୍ଥକ) ନିଶ୍ଚେ; ନାହିଁ କି—
4. Certainly; no doubt; is it not ?

ଅଦରେ ଏହାଙ୍କୁ କରନ୍ତନିକ ମୁଁ ଗଲାହାର – ରାଧାନାଥ ରାୟ

୫ । (ପ୍ରଶ୍ନରୂପରେ ପ୍ରୟୋଗ) ନାହିଁ; କି ?—5. No.

ତା ଶୁଣି ଗନ୍ଧର୍ବେ ବୋଇଲେ ଅମ୍ଭେମାନେ
ଘରକୁଁ ନିକ ତାଙ୍କୁ ଭ୍ରମର ବଚନେ – କୃଷ୍ଣସିଂହ ମହାଭାରତ ବନ ।

୬ । (ଅଶଙ୍କାଜନକ ପ୍ରଶ୍ନାର୍ଥକ) ସମ୍ଭବତଃ—6, Perhaps.

ପାସୋରିଲ ନିକ ମହମା ପିତୃ ପିତାମହର – ମଧୁସୂଦନ. ଉତ୍କଳଗାଥା

ନିକଟା — ଦେ. ବି ଓ ବିଣ — ନିକୁଟା (ଦେଖ)
Nikiṭā Nikuṭā (See)

ନିକଟିବା—ଦେ. କ୍ରି. (ସଂ. ନିର୍ + କୃଷ୍ ଧାତୁ; ନିଷ୍କର୍ଷଣ)—
Nikiṭibā ନିକୁଟିବା (ଦେଖ)—Nikuṭibā (See)

[ଦ୍ର—ଏହା ବାଲ୍ ଶବ୍ଦ ପରେ ବ୍ୟବହୃତ ହୁଏ ।]

ନିକତି — ଦେ. ବି· (ସଂ. ନିଷ୍କ=ସ୍ବର୍ଣ୍ଣ ମୁଦ୍ରା + ମିତି=ପରିମାଣ କରିବା; କମ୍ପା ନିଷ୍କ + ପାଶୀ)—
Nikiti

(ନିକ୍ତି—ଅନ୍ୟରୂପ) ବଣିଆର ତରାଜୁ; ସୁନା ରୁପା ଓଜନ କରିବାର
ନିକ୍ତି ସୂକ୍ଷ୍ମ ତୁଳାଦଣ୍ଡ; ଛୋଟ ତରାଜୁ—
निकति Goldsmith's balance; a small pair of scales; a small balance.

ଜାଣିଅଛିକ ? କବ ସୁନା କବ ପିତଳ ବୋଲି
ନିକତ ପକେଇ ଭୁଲ ଅଛିକ ?—ଜଗ ।

ନିକର୍ — ପ୍ରାଦେ. (ସମ୍ବଲପୁର) ଅ. (ନିକରିବା କ୍ରିୟାର ଅନୁଜ୍ଞାର୍ଥକ ରୂପ)—
Nikir ନିକଳ ! (ଏଠାରୁ) ବାହାରି ଯା—
Get away from this place.

(ଯଥା—ଇନୁ ନିକର୍=ଏଠାରୁ ବାହାରି ଯା ।)

ନିକୁଛ(ଛ)—ଦେ. ବିଣ. (ସଂ. ନିକୃଷ୍ଟ, କୁତ୍ସିତ) —୧ । ତୁଚ୍ଛ; ହେୟ—
Nikuchha(chchha) 1. Despicable; mean.

ନିକୁଛିଆ, ନିକୋଛ, ନିକୋଛିଆ, ନିକୁସ } ଅନ୍ୟରୂପ

୨ । ନଗଣ୍ୟ—
2. Of no value.

ତେବେ କର୍ଣ୍ଣ ବ୍ରଜକାନ୍ତା ନିକୁଛ ଜନ ବନତା
ହୋଇଣ ଛନ୍ତି ଶ୍ରୀ ଅଙ୍ଗ ପ୍ରଭୁରେ ତେଇ । ପ୍ରାଚୀ. ରହସ୍ୟମଞ୍ଜରୀ ।

୩ । କୃପଣ; ହୀନବୁଦ୍ଧିଆ—
3. Miserly; low; niggardly.

୪ । ଅନୁଚିତ—4. Improper.

୫ । ଅତି ଊଣା—5. Very little.

ଅତି ନିକୁଛରେ ହବେଳତ ଜାତ ଗୋସାଇଁମାନଙ୍କ ମ ଶ ଧରତ କରଉବ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ନିକୁଛ(ଛ) ପକ୍ଷରେ—ଦେ. ଅ—ଅତି ହୀନ ଦୃଷ୍ଟିରେ; ଅତି ସାମାନ୍ୟ
Nikuchha(chchha) pakshare ଦୃଷ୍ଟିରେ ମଧ—
ନିକୁଛ ପକ୍ଷେ, ନିକୁଛରେ, ନିକୋଛରେ } ଅନ୍ୟରୂପ At the lowest estimate; in the least.

ନିକୁଞ୍ଚ—ସଂ. ବି. (ନି + କୁଞ୍ଚ ଧାତୁ=ଆକର୍ଷଣ କରିବା + କରଣ. ଅ)—
Nikuñcha ଖୁଡ଼ କାଠି—A key.

ନିକୁଞ୍ଚକ—ସଂ. ବି. (ନି+କୁଞ୍ଚ ଧାତୁ=ସଂଯତ କରିବା+କର୍ତ୍ତୃ. ଅକ)—
Nikuñchaka ୧ । ପରିମାଣବିଶେଷ; ଏକ କୁଡ଼ବର ¼ ଅଂଶ—
1. A measure of capacity equal to ¼ of a Kuḍaba.

[ଦ୍ର—ଏଥିର ଅପଭ୍ରଂଶ ଓଡ଼ିଆ ଶବ୍ଦ କୁଞ୍ଚା ।]

୨ । ଜଳ ବେତସ (ହ୍ର. ଶବ୍ଦସାଗର)—
2. Aquatic ratan.

ନିକୁଞ୍ଚିତ — ସଂ. ବିଣ. (ନି + କୁଞ୍ଚ ଧାତୁ=ଆକର୍ଷଣ କରିବା + କର୍ମ. ତ)-
Nikuñchita ୧ । ସଙ୍କୁଚିତ—1. Contracted.

୨ । କୁଞ୍ଚୁକୁଞ୍ଚିଆ—2. Curled.

ନିକୁଞ୍ଜ — ସଂ. ବି. (ନି=ଅର୍ଥହୀନ ଉପସର୍ଗ + କୁଞ୍ଜ)—
Nikuñja ୧ । କୁଞ୍ଜ; ଲତା ଗୃହ; ଲତା ମଣ୍ଡପ—
1. Bower; thicket; an arbour.

୨ । ଶିଳ୍ପଣ ଥିବା ଘର —
2. A vault; cavern (Apte)

[ଦ୍ର — ବୃକ୍ଷ ଲତାଦି ଦ୍ୱାରା ଘର ପରି ହୋଇଥିବା ସ୍ଥାନକୁ ଓ ଲତାଦି ଦ୍ୱାରା ସବୁ ଆଡ଼େ ଆଚ୍ଛାଦିତ ବା ମଣ୍ଡିତ ମଣ୍ଡପକୁ ନିକୁଞ୍ଜ ବୋଲଯାଏ ।]

ଦେ. ବିଣ—କୃପଣ; କାର୍ପଣ୍ୟ—Niggardly; stingy.

ନିକୁତ୍ସ — ଦେ. ବିଣ (ସଂ. ନିକୃଷ୍ଟ)—ନିକୃଷ୍ଟ; ହୀନ; ହେୟ—
Nikutsa Low; mean

ବଳନ୍ତେ ଣେବେ ନିକୁତ୍ସେ—ଉପେ. ବୈଦେହୀଶବିଳାସ

ନିକୁମ୍ଭ—— ସଂ. ବି (ନି+କୁ=ପୃଥିବୀ + ଭୂ ଧାତୁ ହେବା + ଅ)—
Nikumbha ୧ । କୁମ୍ଭକର୍ଣ୍ଣର ଏକ ପୁତ୍ର—
1. Name of a son of Kumbhakarṇṇa.

[ଦ୍ର—ଏହାକୁ ହନୁମାନ୍ ବଧ କରିଥିଲେ; ଏ ରାବଣର ମନ୍ତ୍ରୀ ଥିଲା—ହ୍ର. ଶ. ।]

୨ । ଦନ୍ତୀବୃକ୍ଷ; ଜୟପାଳ—2. Croton plant.

୩ । ଗଣାଧିପ; ଶିବାନୁଚରବିଶେଷ—
3. Name of an attendant of Siba.

୪ । ପ୍ରହ୍ଲାଦର ଏକ ପୁତ୍ର (ହ୍ର. ଶ.)—
4. Name of a son of Prahlāda.

୫ । କୃଷ୍ଣଙ୍କଦ୍ୱାରା ହତ ଷଟପୁରର ଅସୁର ରାଜା (ହ୍ର. ଶ.)—
5. Name of a demon-king killed by Kṛushṇa.

୬ । ହରିବଂଶଲିଖିତ ହର୍ଯ୍ୟଶ୍ୱ ରାଜାଙ୍କ ପୁତ୍ର (ହ୍ର. ଶ.)—
5 Name of a prince mentioned in the Haribaṁśa,

୭ । ବିଶ୍ୱଦେବବିଶେଷ (ହ୍ର. ଶ.)—
7. Name of a Biśwadeba Deity.

୮ । କୌରବ ସେନାପତି ଜଣେ ରାଜା (ହ୍ର. ଶ.)—
8. Name of a king who commanded the force of the Kaurabas.

୯ । କାର୍ତ୍ତିକେୟଙ୍କ ଗଣବିଶେଷ (ହ୍ର. ଶ.)—
9. Name of an attendant of Kārttikeya.

୧୦ । ସୁନ୍ଦ ଉପସୁନ୍ଦ ରାକ୍ଷସଙ୍କ ପିତା—10. Name of the father of demons Sunda and Upasunda (Apte).

ନିକୁମ୍ଭିଲା—ସ. ବି. ସ୍ତ୍ରୀ. (ନି + କୁମ୍ଭ=ମାଟିଆ + ଇଲ + ଆ)—
Nikumbhilā ୧ । ଲଙ୍କାର ଉପବନ ବା ଗୁମ୍ଫାବିଶେଷ (ଏଠାରେ ଇନ୍ଦ୍ରଜିତ ଯଜ୍ଞ କରୁଥିଲେ)—
1. The name of a garden or cave in Lankā where Indrajita performed jajña.
[ଦ୍ର—ଏହା ଲଙ୍କାର ପଶ୍ଚିମାଂଶରେ ଥିଲା ଓ ଏଠାରେ ଭଦ୍ରକାଳୀ ଦେବତା ପୂଜା ପାଉଥିଲେ ।]
୨ । ଲଙ୍କାସ୍ଥ ରାକ୍ଷସମାନଙ୍କର କୁଳଦେବତାବିଶେଷ—
2. Name of a Goddess worshiped by the demons of Lankā.

ନିକୁମ୍ଭିଲା ବଟ—ସ. ବି—ନିକୁମ୍ଭିଲା ଉପବନ ମଧ୍ୟସ୍ଥ ବରଗଛ (ଏହା
Nikumbhilā bata ମୂଳରେ ଇନ୍ଦ୍ରଜିତ ଯଜ୍ଞ କରୁଥିଲେ)—
A banyan tree in the Nikumbhilā garden.

ନିକୁମ୍ଭୀ—ସ. ବି—୧ । ଦନ୍ତୀଗଛ—
Nikumbhi 1. Croton plant.
୨ । (ନାମ) କୁମ୍ଭକର୍ଣ୍ଣର କନ୍ୟା—
2. Name of Kumbhakarnna's daughter.

ନିକୁରମ୍ବ—ସ. ବି. (ନି + କୁର ଧାତୁ=ଶବ୍ଦ କରିବା + କର୍ମ. ଅମ୍ବ)—
Nikuramba ୧ । ସମୂହ—1. Multitude.
(ନିକୁରମ୍ବକ—ଅନ୍ୟରୂପ) ୨ । ଦଳ—2. A herd; flock.
୩ । ଗଦା; ରାଶି—3. Heap; mass.

ନିକୁଳା—ଦେ.ବିଣ. (ସ. ନିଷ୍କୁଳ) (ଗାଳିରେ ବ୍ୟବହୃତ)—୧ । ଅକୁଳ;
Nikulā ନୀଚକୁଳ ଜାତ—1. Base-born.
ଆକୁଲା ୨ । ଯାହାର କୁଳଶୀଳ ଜଣା ନାହିଁ; ଅଜ୍ଞାତକୁଳ—
अजात 2. Of unknown lineage.

ନିକୂଜିତ—ସ. ବିଣ.—(ନି + କୂଜ୍ ଧାତୁ + କର୍ମ. ତ)—ପକ୍ଷୀଦ୍ୱାରା ଗୀତ—
Nikūjita Warbled; sung (M. W.)

ନିକୂଳ—ସ. ବିଣ. (ନି + କୂଳ)—ପର୍ବତର ନିମ୍ନ ଅଭିମୁଖେ ବହି ଯାଉ
Nikūla ଥିବା—Going downhill (M. W.)
(ନିକୂଳା—ସ୍ତ୍ରୀ) (ବିପରୀତ—ଉତ୍କୂଳ)

ନିକୃତ—ସ. ବିଣ. (ନି + କୃ ଧାତୁ + କର୍ମ. ତ)—୧ । ତିରସ୍କୃତ—
Nikṛuta 1. Abused; censured.
(ନିକୃତା—ସ୍ତ୍ରୀ) ୨ । ଅବମାନିତ—2. Insulted; humiliated.
୩ । ନିଗୃହୀତ; ଲାଞ୍ଛିତ—3. Troubled; punished.
୪ । ପରାଜିତ—4. Defeated.
୫ । ଅପକୃତ—5 Injured; wronged.
୬ । ବହିଷ୍କୃତ—
6. Driven out; expelled; removed.
୭ । ପ୍ରତାରିତ—7. Deceived; cheated.
୮ । (ନି + କୃତ୍ ଧାତୁ + କର୍ତ୍ତୃ. ଅ) ବଞ୍ଚକ—
8. Deceptive; dishonest.
୯ । ନୀଚ—9. Mean; low; base.
୧୦ । ଦୁଷ୍ଟ—10. Wicked; vile.
ସ. ବି. (ନି + କୃ ଧାତୁ + ଭାବ. ତ)—ନିକୃତି (ଦେଖ)
Nikṛuti (See)

ନିକୃତ ମତି—ସ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି, ନିକୃତ + ମତି)—
Nikṛuta mati ଦୁଷ୍ଟବୁଦ୍ଧି—Depraved in mind.
(ନିକୃତପ୍ରଜ୍ଞ; ନିକୃତପ୍ରଜ୍ଞ—ଅନ୍ୟରୂପ.)

ନିକୃତି—ସ. ବିଣ. (ନି + କୃ ଧାତୁ + ଭାବ. ତି)—ନିକୃତ (ଦେଖ)
Nikṛuti Nikṛuta (See)
ବି—୧ । ନିକାର (ଦେଖ)—1. Nikāra (See)
୨ । ଦରିଦ୍ରତା—2. Poverty; indigence.
୩ । ଶାଠ୍ୟ—3. Deceit.
୪ । ଘୃଣା—4. Contempt.
୫ । ତିରସ୍କାର—5. Abuse; reproach.
୬ । ଅପକାର—6 Injury.
୭ । ନିନ୍ଦା—7. Blame.
୮ । ବସୁବିଶେଷ—8 Name of a Basu Deity.
୯ । ନୀଚତା; ହୀନତା—9. Meanness.
୧୦ । ଦୈନ୍ୟ—10. Wretchedness; misery.
୧୧ । ଦୁଷ୍ଟତା; ଖଳତା—11. Wickedness.
୧୨ । ଅବମାନନା—12. Insult.
୧୩ । ଲାଞ୍ଛନା—13. Humiliation.
୧୪ । ବହିଷ୍କରଣ—14 Removal; expulsion.
୧୫ । ଅସ୍ୱୀକରଣ—15. Rejection, disavowal.
୧୬ । ପୃଥିବୀ—16. The earth (Apte).
୧୭ । ପ୍ରତାରଣା; ଠକାମି—
17. Fraud; dishonesty.

ନିକୃତି ଜୀବନ—ସ. ବିଣ. ପୁଂ (ବହୁବ୍ରୀହି; ନିକୃତି + ଜୀବନ)—
Nikṛuti jībana ୧ । ପ୍ରତାରଣାଦ୍ୱାରା ଜୀବନୋପାୟ ନିର୍ବାହକାରୀ—
(ନିକୃତି ଜୀବନା—ସ୍ତ୍ରୀ) 1 Subsisting by fraud or dishonesty.
୨ । ପ୍ରତାରଣକାରୀ—2. Acting deceitfully.

ନିକୃତୀ—ସ. ବିଣ. ପୁଂ (ନିକୃତି + ଇନ୍; ୧ମା. ୧ବ)—
Nikṛuti ନିକୃତ ୮।୯।୧୦ (ଦେଖ)
(ନିକୃତିନୀ—ସ୍ତ୍ରୀ) Nikṛuta 8, 9, 10 (See)
(ନିକୃତିମାନ୍—ଅନ୍ୟରୂପ)

ନିକୃତ୍ତ—ସ. ବିଣ (ନି + କୃତ୍ ଧାତୁ=ଛେଦନ କରିବା + କର୍ମ. ତ)—
Nikṛutta ୧ । ଛିନ୍ନ—1. Torn; severed.
୨ । ଖଣ୍ଡିତ—2. Broken; cut off; rent.
୩ । ମୂଳରୁ ଛିନ୍ନ (ହ. ଶବ୍ଦସାଗର)—
3. Cut from the root; uprooted.

ନିକୃତ୍ତ ମୂଳ—ସ. ବିଣ (ବହୁବ୍ରୀହି; ନିକୃତ୍ତ + ମୂଳ)—ମୂଳରୁ ଛେଦିତ—
Nikṛuttamūla Cut up by the roots
(ନିକୃତ୍ତମୂଳା—ସ୍ତ୍ରୀ)

ନିକୃନ୍ତନ—ସ. ବି. (ନି+କୃତ୍ ଧାତୁ+ଭାବ. ଅନ)—
Nikṛuntana ୧ । ଖୋଷିବା—1. Scratching.
୨ । ଛେଦନ—2. Cutting down.
୩ । ବିନାଶନ—3 Destroying.
ଯା ଝଟକ କେବେ ଲବେ ନ ପରଇ ମ୍ଳାନ
କୁରକାନ୍ତ ନତ୍ୟ ରତ କାନ୍ତି ନିକୃନ୍ତନେ—ଉଧାନାଥ, ମହାଯାତ୍ରା ।
୪ । ଛେଦନ ଯନ୍ତ୍ର—
4. An instrument for cutting (Apte).
୫ । ନରକବିଶେଷ—
5. Name of a hell (M. W).

ନିକୃନ୍ତୀ—ସ. ବିଣ. ପୁଂ (ନି+କୃତ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Nikṛunti ଛେଦନକାରୀ—Tearing asunder.
(ନିକୃନ୍ତିନୀ—ସ୍ତ୍ରୀ) ସ. ବିଣ. ପୁଂ—୧ । ଛେଦନକାରୀ—
1. Cutting down.
୨ । ବିନାଶକ—2. Destroying.

ନିକୃଷ୍ଟ—ସ. ବିଣ. (ନି+କୃଷ୍ ଧାତୁ=କର୍ଷଣ କରିବା, ଅବଜ୍ଞା କରିବା
Nikṛushṭa +କର୍ମ. ତ)—
(ନିକୃଷ୍ଟା—ସ୍ତ୍ରୀ) ୧ । ସମାଜରୁ ତାଡ଼ିତ—1. Excommunicated
ଅପକୃଷ୍ଟ } ୨ । ଅଧମ—2. Vile; debased.
ପ୍ରକୃଷ୍ଟ } ଵିପରୀତ ୩ । ନୀଚ—3. Low; mean.
୪ । ମନ୍ଦ—4. Bad; wicked.
୫ । କୁତ୍ସିତ—5. Ugly.
୬ । ଅପକୃଷ୍ଟ—6. Deteriorated; inferior.
୭ । ଘୃଣିତ—7. Despised.
୮ । ଇତର—8 Vulgar.
୯ । ନିକଟବର୍ତ୍ତୀ—9. Near; adjacent.
ସ. ବି—ନୈକଟ୍ୟ—Proximity (Apte).

ନିକୃଷ୍ଟତା—ସ. ବି (ନିକୃଷ୍ଟ+ଭାବ. ତା)—୧ । ନୀଚତା—
Nikṛushṭatā 1. Vileness; lowness.
(ନିକୃଷ୍ଟତ୍ୱ—ଅନ୍ୟରୂପ) ୨ । ଅପକୃଷ୍ଟତା—2. Inferiority.
୩ । ମନ୍ଦତା—3. Badness.

ନିକୃଷ୍ଟ ପ୍ରବୃତ୍ତି—ସ. ବି—କାମ, ବୁଭୁକ୍ଷା, ସ୍ୱାର୍ଥପରତା, ଜିଘାଂସା,
Nikṛushṭa prabṛutti ଆସଙ୍ଗଲିପ୍ସା ପ୍ରଭୃତି ମନୁଷ୍ୟର ନୀଚ
ଓ ସ୍ୱାର୍ଥପର ପ୍ରବୃତ୍ତି ସକଳ; ପାଶବ ବୃତ୍ତି—
The lower or animal propensities in man.
[ଦ୍ର—ଆତ୍ମରକ୍ଷା ଓ ପରିବାର ପ୍ରତିପାଳନ ଏହି ବୃତ୍ତିର ପ୍ରଧାନ ପ୍ରୟୋଜନ-ପ୍ରକୃତିବାଦ ।]

ନିକେତ—ସ. ବି. (ନି+କିତ୍ ଧାତୁ=ବାସ କରିବା+ଅଧିକରଣ.
Niketa ଅ)—ନିକେତନ (ଦେଖ)—Niketana (See)

ନିକେତନ—ସ. ବି. (ନି+କିତ୍ ଧାତୁ=ବାସ କରିବା+ଅଧିକରଣେ.
Niketana ଅନ)—୧ । ଗୃହ—1. House; home.
୨ । ଆବାସ—2. Abode; residence; habitation; dwelling.
୩ । ପଲାଣ୍ଡୁ; ପିଆଜ—3. Onion.

ନିକେଲ୍—ବୈଦେ. ବି (ଇଂ)—ଏକପ୍ରକାର ମିଶ୍ରଧାତୁ—
Nikel Nickel.
निकेल [ଦ୍ର—ଏହା ସ୍ୱରୂପ:, କୋବାଲ୍ଟ, ଗନ୍ଧକ ଓ ଶଙ୍ଖୁଆ
निकल ମିଶ୍ରିତ ଅବସ୍ଥାରେ ଖଣିରୁ ମିଳେ । ଏହା ଶୋଧିତ ହେଲେ ରୁପା ପରି ଉଜ୍ଜ୍ୱଳ ଦିଶେ । ରୁପା ଅପେକ୍ଷା ଏହା ଟାଣୁଆ ଓ ଅଧିକ ଉତ୍ତାପରେ ତରଳେ ଓ ଏହା ଲୁହା ପରି ଚୁମ୍ବକ ଶକ୍ତି ଗ୍ରହଣ କରେ । ୧୭୫୧ ଖ୍ରୀଷ୍ଟାବ୍ଦରେ ଜଣେ ଜର୍ମାନ୍ ଏହା ଆବିଷ୍କାର କରିଥିଲେ । ଏ ଧାତୁ କାନାଡ଼ାର, ଯୁକ୍ତରାଜ୍ୟ ଓ ସିଂହଳରେ ମିଳେ । ଏଥିରେ ଆଜିକାଲି ଅଣି, ଦୋଅଣି, ଚୁଆନି ଓ ଅଧୁଲି ତିଆରି ହେଉଅଛି । ତମ୍ବା ସଙ୍ଗେ ଏହାକୁ ମିଶାଇଲେ ଏଥିରେ ରୁପା ପରି ଉଜ୍ଜ୍ୱଳ ଧାତୁ ହୁଏ (ଜର୍ମାନ୍ ସିଲ୍‌ଭର୍) ଓ ଏହା ଆଲୁମିନିଅମ୍ ସହିତ ମଧ୍ୟ ମିଳାଯାଏ—ଦ୍ର. ଶବ୍ଦସାଗର ।]

ନିକୋ—ପ୍ରାଦେ. (ସମ୍ବଲପୁର) ବିଣ—ନିକ (ଦେଖ)
Niko Nika (See)

ନିକୋଚ—ସ. ବି—ନିକୋଚନ (ଦେଖ)
Nikocha Nikochana (See)

ନିକୋଚକ—ସ. ବି—ଅଙ୍କୋଠବୃକ୍ଷ; ଧଳାଅଙ୍କୁ ଗଛ—A tree;
Nikochaka Alungium Hexapetalum.

ନିକୋଚନ—ସ. ବି. (ନି+କୁଚ୍ ଧାତୁ=ଶବ୍ଦ କରିବା+ଭାବ. ଅନ)—
Nikochana ସଙ୍କୋଚନ—Sensitiveness; modesty.

ନିକୋଟିନ୍—ବୈଦେ. ବି (ଇଂ)—ତମାଖୁରେ ଥିବା ବିଷ—
Nikoṭin The poison found in tobacco; nicotine.
निकोटिन **निकोटीन**

ନିକୋଠକ—ସ. ବି—ନିକୋଚକ (ଦେଖ)
Nikoṭhaka Nikochaka (See)

ନିକୋପୀ—ଦେ. ବିଣ. (ସ. ନିଷ୍କୋପୀ)—କୋପ ବା କ୍ରୋଧହୀନ—
Nikopī Having no anger; of sweet and mild temper.

ନିକ୍କ—ଦେ. ବିଣ—ନିକ (ଦେଖ)
Nikka Nika (See)

ନିକ୍କା—ବୈଦେ. ବି—ନିକା (ଦେଖ)
Nikkā Nikā (See)

ନିକ୍ତ—ସ. ବିଣ. (ନିଜ୍ ଧାତୁ=ଧୋଇବା+କର୍ମ. ତ)—
Nikta ୧ । ଧୌତ—1. Washed.
୨ । କ୍ଷାଳିତ; ପରିଷ୍କୃତ—2. Cleansed.

ନିକ୍ୱଣ—ସ. ବି. (ନି+କ୍ୱଣ ଧାତୁ=ଶବ୍ଦ କରିବା+ଭାବ. ଅ)—
Nikwaṇa ୧ । ବୀଣା ଧ୍ୱନି; ତନ୍ତ୍ରୀର ଝଙ୍କାର—
ନିକ୍ୱାଣ } 1. Musical note of stringed
ନିକ୍ୱାଣନ } ଅନ୍ୟରୂପ instruments; the twanging
ନିକ୍ୱାଣନା } sound of a harp.
୨ । ଧ୍ୱନି; ନିନାଦ—2. Sound; tone; tune.

ନିକ୍ରମଣ—ସ. ବି. (ନି+କ୍ରମ ଧାତୁ=ସଞ୍ଚରଣ କରିବା+ଅଧି. ଅନ)—
Nikramaṇa ଦେଶ; ସ୍ଥାନ—Place; locality.

ନିକ୍ରାଇବା—ପ୍ରାଦେ. (ସମ୍ବଲପୁର) କ୍ରି. (ଭୁଲ ହୁ. ଏହି ଅର୍ଥରେ ନିକ୍ରାଇବା)—ନିକାଳିବା (ଦେଖ)
Nikrāibā — Nikālibā (See)

ନିକ୍ରିବା—ପ୍ରାଦେ. (ସମ୍ବଲପୁର) କ୍ରି. (ଭୁଲ, ଏହି ଅର୍ଥରେ ନିକରିବା)—ନିକଳିବା (ଦେଖ)
Nikribā — Nikalibā (See)

ନିକ୍ରୋଧ—ଦେ. ବିଣ. (ସଂ. ଅକ୍ରୋଧନ; ନିଃକ୍ରୋଧନ)—
Nikrodha — ଅକ୍ରୋଧନ— Not habituated to rage; unruffled.
(ନିକ୍ରୋଧୀ—ଅନ୍ୟରୂପ)

ନିଷ୍କାମ ନିକ୍ରୋଧ ନିର୍ଲୋଭ
ଭକ୍ତର ଦର୍ଶନ ଦୁର୍ଲଭ । ଭୂପତି. ପ୍ରେମପଞ୍ଚାମୃତ ।

ନିକ୍ଷ (ଧାତୁ)—ସଂ—ଚୁମ୍ବନ କରିବା—
Niksha (root) — To kiss.

ନିକ୍ଷଣ—ସଂ. ବି. (ନିକ୍ଷ୍ ଧାତୁ + ଭାବ. ଅନ)—ଚୁମ୍ବନ—
Nikshaṇa — Kissing.

ନିକ୍ଷତ୍ର—ସଂ, ବିଣ. (ନି + କ୍ଷତ୍ର)—ନିଃକ୍ଷତ୍ରିୟ (ଦେଖ)
Nikshatra — Niḥkshatriya (See)

ଯେ ତୋଷେ କଲେ ଶସ୍ତ୍ର ଧରି
ନିକ୍ଷତ୍ର କଲେ ବସୁଧରା । ଜଗନ୍ନାଥ. ଭାଗବତ ।

ନିକ୍ଷା—ସଂ. ବି. ସ୍ତ୍ରୀ. (ନିଶ୍ ଧାତୁ=ଲାଗି ରହିବା+କର୍ତ୍ତୃ. ଅ + ଆ; କିମ୍ବା ନିକ୍ଷ୍ ଧାତୁ + କର୍ତ୍ତୃ. ଅ + ଆ)—
Nikshā
୧ । ନିଖ; ଉକୁଣିର ଡିମ୍ବ—
1. The egg of louse; a nit.
୨ । ଉକୁଣି—2. Louse.

ନିକ୍ଷିପ୍ତ—ସଂ. ବିଣ. (ନି+କ୍ଷିପ୍ ଧାତୁ=ଫୋପାଡ଼ିବା+କର୍ମ. ତ)—
Nikshipta — ୧ । ଫୋପଡ଼ା ହୋଇଥିବା; ଫିଙ୍ଗାଯାଇଥିବା—
(ନିକ୍ଷେପ—ବି) — 1. Cast off; thrown away.
୨ । ଇତସ୍ତତଃ ବୁଣାଯାଇଥିବା—2. Thrown about; scattered about.
୩ । ବର୍ଜିତ; ତ୍ୟକ୍ତ—
3. Left; abandoned; rejected.
୪ । ସମର୍ପିତ; ନ୍ୟସ୍ତ—
4 Entrusted; kept in trust.
୫ । ସ୍ଥାପିତ; ଗଚ୍ଛିତ—5 Deposited; placed.
୬ । ଯାମିନ ସ୍ୱରୂପ ଅବଦ୍ଧ ରଖାଯିବା; ବନ୍ଧକ ରଖାଯିବା—
6 Pledged; pawned.
୭ । ପ୍ରେରିତ—7, Sent; sent off (Apte).
୮ । ଅତିବାହିତ (ସମୟ)—8. Spent (time).

ନିକ୍ଷୁଭା-ସଂ. ବି. (ନାମ)—୧ । ସୂର୍ଯ୍ୟ ପତ୍ନୀ (ଭବିଷ୍ୟ ପୁରାଣ)—
Nikshubhā — 1. Name of a wife of the Sun-god.
୨ । ବ୍ରାହ୍ମଣୀ—
2. A woman of the Brāhmaṇa caste.

ନିକ୍ଷେପ—ସଂ. ବି. (ନି+କ୍ଷିପ୍ ଧାତୁ+ଭାବ. ଅ)—
Nikshepa — ୧ । ଫିଙ୍ଗିବା; କ୍ଷେପଣ—
1. Throwing out; casting away.
୨ । ବୁଣାଯିବା—
2. Scattering about, dispersion.
୩ । ନ୍ୟାସ; ସମର୍ପଣ; ଗଚ୍ଛିତକରଣ—3. Deposit.
୪ । ତ୍ୟାଗ—4. Desertion; abandonment.
୫ । ବନ୍ଧକ—5. Pledge; pawning.
୬ । ସମୟ କ୍ଷେପଣ—6. Spending of time.
୭ । (ଲୁହ) ପୋଛିବା—
7. Wiping away (of tears).
୮ । ସଂସ୍କାର ନିମିତ୍ତ ଶିଳ୍ପୀ ନିକଟରେ ଦ୍ରବ୍ୟର ଅର୍ପଣ—
8. Entrusting an article to an artist for repair.
୯ । (+କର୍ମ. ତ) ଗଚ୍ଛିତ ବସ୍ତୁ ବା ଧନ—
9. Deposited thing or sum.
୧୦ । ବନ୍ଧକ ପଦାର୍ଥ—10. Pledged article.

ନିକ୍ଷେପକ—ସଂ. ବିଣ. ପୁଂ. (ନି+କ୍ଷିପ୍ ଧାତୁ+କର୍ତ୍ତୃ. ଅକ; ୧ମା.୧ବ)-
Nikshepaka — ଯେ ନିକ୍ଷେପ କରେ—Depositing; pledging; one who throws.
(ନିକ୍ଷେପିକା—ସ୍ତ୍ରୀ) (ନିକ୍ଷେପୀ—ଅନ୍ୟରୂପ)

ନିକ୍ଷେପଣ—ସଂ. ବି. (ନି+କ୍ଷିପ୍ ଧାତୁ+ଭାବ. ଅନ)—
Nikshepaṇa — ନିକ୍ଷେପ (ଦେଖ)—Nikshepa (See)

ନିକ୍ଷେପଣୀୟ—ସଂ. ବିଣ. (ନି+କ୍ଷିପ୍ ଧାତୁ+କର୍ମ. ଅନୀୟ)—
Nikshepaṇiya — ନିକ୍ଷେପଣ ଯୋଗ୍ୟ—Fit to be thrown, entrusted or pledged.
(ନିକ୍ଷେପ୍ୟ—ଅନ୍ୟରୂପ)

ନିକ୍ଷେପ୍ତା—ସଂ. ବିଣ. ପୁଂ. (ନି+କ୍ଷିପ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Nikshepta — ନିକ୍ଷେପକ (ଦେଖ)
(ନିକ୍ଷେପ୍ତ୍ରୀ—ସ୍ତ୍ରୀ) — Nikshepaka (See)

ନିଖ—ଦେ. ବି. (ସଂ. ନିକ୍ଷା; ଲିକ୍ଷା)—୧ । ଉକୁଣୀର ଡିମ୍ବ; ଲିଖ—
Nikha — 1. The eggs of lice; a nit.
(ନିଖୀ—ଅନ୍ୟରୂପ) [ଦ୍ର—ଉକୁଣୀମାନଙ୍କର ୩ଗୋଟି ଅବସ୍ଥା
निकी, नीक ହୁଏ, ଯଥା—୧ । ନିଖ—ଡିମ୍ବ ଅବସ୍ଥା, ୨ । ଗଡ଼ୀ—
लीख ଡିମ୍ବ ଫୁଟିଥିବା ସାନ ଉକୁଣୀ, ୩ । ଡଙ୍ଗା—ବଡ଼ ଉକୁଣୀ ।]
୨ । ବାଳକ ବାଳିକାଙ୍କୁ ଦିଆଯିବା ନାମ—
2 Name given to boys and girls.
ବିଣ—ଅତି କ୍ଷୁଦ୍ର—Tiny; minute.

ନିଖଟୁ—ଦେ. ବିଣ—୧ । ଅସମର୍ଥ—1. Incapable.
Nikhaṭu — ୨ । ସୁସ୍ତି; ଆଳସ୍ୟପରାୟଣ—2. Idle.
(ନିଖାଟୁ—ଅନ୍ୟରୂପ) ୩ । ନିକର୍ମା; କର୍ମକୋଢ଼ି—
निखाटू — 3. Lazy; doing no work. worthless.
निखट्टू — ୪ । ଶକ୍ତିହୀନ—4. Powerless.
୫ । ଅପରିଶ୍ରମୀ; ଅଖଟୁ; ପରିଶ୍ରମକାତର—
5. Disliking work; afraid op work.

ହୋଇ ସମଦର୍ଶୀପର ନିଖଟୁ ପଣରେ
ଅଧୋଗତକୁ ପ୍ରାଧାନ୍ୟ ମଣି ଭଲେ ହାସ୍ୟ । ଉତ୍କଳମଣି. ବନ୍ଦୀର ଆତ୍ମକଥା ।

୬ । ନିକମା; ଅଯୋଗ୍ୟ —6. Worthless.

୬ । ଯେ ଏଣେ ତେଣେ ବୁଲି ବୁଥାରେ ସମୟ କଟାଇଦିଏ—
6. Loafing.

ନିଖଡ଼ା—ଦେ. ବି—ଜଳଜାତ ଫଳବିଶେଷ—
Nikhar̤dā A kind of aquatic fruit (resembling pineapple).
[ଦ—ଏହାର ପତ୍ର ପଦ୍ମ ପତ୍ର ପରି, ଡେମ୍ପ କଣ୍ଟାଯୁକ୍ତ ଓ ଫଳ ସପୁରି ପରି ।]

ନିଖଟରା—ଦେ ବିଣ. ପୁଂ (ସ. ନିଘଟ)—
Nikhatarā ୧ । ନିଃସହାୟ; ଅସହାୟ (ବ୍ୟକ୍ତି)—
1. Helpless (person).
୨ । ନିରାଶ୍ରୟ – 2. Without protection or support.
୩ । ଅତି ହୀନ ବା ଦୀନ (ବ୍ୟକ୍ତି)—
3 Very low (person).
୪ । ନିଖଟୁ (ଦେଖ)
4. Nikhaṭu (See)
(ନିଖଟରୀ, ନିଖଟୀ—ସ୍ତ୍ରୀ)
ନିଖଟା, ନିଖଟରିଆ, ନିଖଟରିଆ, ନିଖଟିଆ, ନିଖେଟର, ନିଖେଟେର, ନିଖେଟା, ନିଖେଟ୍ରିଆ — ଅନ୍ୟରୂପ

ନିଖନନ—ସ. ବି (ନି+ଖନ୍ ଧାତୁ+ଭାବ. ଅନ)—
Nikhanana ୧ । ମୁର୍ଦ୍ଦାର ପୋତିବା; କବର ଦେବା—
1. Burial; interment.
୨ । ଖୋଳିବା—2. Digging.
୩ । (+କର୍ମ. ଅନ) ମାଟି; ମୃତ୍ତିକା—(ହ୍ର.ଶ)—3 Soil; earth.

ନିଖର(ରେ)ଇବା—ଦେ. କ୍ରି—ନିଖାରିବା (ଦେଖ)
Nikharā(re)ibā Nikhāribā (See)

ନିଖର୍ଚ୍ଚା—ଦେ. ବିଣ—ବେଖରଚ୍; ବିନା ବ୍ୟୟରେ ସମ୍ପାଦିତ; ମାଗଣା—
Nikharchā Free of cost; got or done gratis.
(ନିଖରଚ୍—ଅନ୍ୟରୂପ) ଦେ. କ୍ରି. ବିଣ—ବିନା ବ୍ୟୟରେ;
निखरचा बेखरचा ମାଗଣାରେ—Gratis.

ନିଖର୍ବ—ସ. ବି. ଓ ବିଣ (ସଂଖ୍ୟାବାଚକ)—ଦଶ ଖର୍ବ ସଂଖ୍ୟା;
Nikharba ୧୦୦୦୦୦୦୦୦୦୦୦୦; ଦଶ ହଜାର କୋଟି ସଂଖ୍ୟା—
Hundred thousand millions; huudred billions.
[ଦ୍ର—ସଂଖ୍ୟା ଗଣନାର ବାକ୍ୟ ଯଥା—
ଏକଂ ଦଶଂ ଶତଂ ଚୈବ ସହସ୍ର ମଯୁତଂ ତଥା
ଲକ୍ଷଂ ଚ ନିଯୁତଂ ଚୈବ କୋଟି ରର୍ବୁଦ ମେବଚ
ବୃନ୍ଦଂ ଖର୍ବଂ ନିଖର୍ବଂ ଚ ଶଙ୍ଖଂ ପଦ୍ମଂ ଚ ସାଗରଂ
ଅନ୍ତ୍ୟଂ ମଧ୍ୟଂ ପରାର୍ଦ୍ଧଂ ଚ କ୍ରମାଦଶଗୁଣୋତ୍ତରଂ ।]
[ଦ୍ର—ମନିଅର୍ଉଇଲିଅମ୍ସ ଓ ଆପ୍ଟେନାମକଙ୍କର ଇଂରାଜ Billion (ସ. ବୃନ୍ଦ) ଲେଖିଅଛନ୍ତି ।]
(ନିଖର୍ବା—ସ୍ତ୍ରୀ) ବିଣ. ପୁଂ (ନି=ଅତିଶୟ+ଖର୍ବ=ହ୍ରସ୍ୱ)—
୧ । ଅତି ଛୋଟ—1. Dwarfish; very small; tiny.
୨ । ବାଙ୍ଗୁରି; ହ୍ରସ୍ୱ, ଗେଡ଼ା—2. Stunted.

ନିଖଲିଆ—ଦେ. ବିଣ.—(ସ. ନିର ଓ ଖଳ)—୧ । ଅଖଳା; ନିଷ୍କପଟ
Nikhaḻiā (ବ୍ୟକ୍ତି)—1. Frank; open-hearted (person).
अखलुआ खरा
(ନିଖଳା, ନିଖଳୁଆ—ଅନ୍ୟରୂପ) ୨ । ଉତ୍ତମ ସ୍ୱଭାବ (ବ୍ୟକ୍ତି)
(ନିଖଳୀ, ନିଖଳେଇ—ସ୍ତ୍ରୀ) 2. Good natured (person).
୩ । ଯେ ପରର ଅନିଷ୍ଟ କରେ ନାହିଁ—3. Unoffending.

୪ । ଖଣ୍ଡିଆ ବା ନରମ ହୋଇ ନ ଥିବା (ଅନ୍ନ)—
4. Not become gruelly (boiled rice).

ନିଖାଇଲା—ଦେ. ବିଣ.—୧ । ଅଖାଇ; ଯେଉଁ ବ୍ୟକ୍ତି ବେଶି ଖାଇପାରେ
Nikhāilā ନାହିଁ; ଯାହାର ଖୋରାକ ଅଳ୍ପ—1. Unable to
निखाओन्ता नखानेवाला eat too much.
୨ । ଅଖାଇଲା; ଯାହାକୁ ବେଶି ଖାଇବାକୁ ମିଳେ ନାହିଁ—
2. Not getting enough to eat.
(ଯଥା—ନିଖାଇଲା ଘରର ପିଲା ବଳିଆ କାହିଁକି ହେବ ଦେଉଛୁ ?)

ନିଖାତ—ସ. ବିଣ. (ନି+ଖନ ଧାତୁ=ଖୋଳିବା+କର୍ମ. ତ)—
Nikhāta ୧ । ଖନିତ; ଖୋଳା ହୋଇଥିବା—1. Dug.
୨ । ନିବେଶିତ; ସ୍ଥାପିତ—2. Placed; fixed.
୩ । ପ୍ରୋଥିତ; ପୋତା ଯାଇଥିବା—
3. Buried; interred.
୪ । ଖୋଳା ହୋଇ ବାହାର କରି ଯାଇଥିବା—
4 Dug up; excavated.
୫ । ଭୂମିରେ ଗାତ ଖୋଳାଯାଇ ପୋତା ଯାଇଥିବା; ରୋପିତ—
5 Planted; infixed.
ବି—୧ । ଜମିର ସୀମା ନିରୂପକ ପଡ଼ଣୀ—1 A trench dug round a field as landmark or boundary.
୨ । ଖାଇ; ନାଳୀ—2. A ditch; a long pit.
ଦେ. ବି (କଚରିଆ)—(କବାଲା ଅଦରେ ବ୍ୟବହୃତ)—ପୋତା ଥିବା ଧନ ଓ ବସ୍ତୁ—Buried treasure and things; treasure trove.
(ଯଥା—ଏ ଜମି ଓ ତହିଁରେ ଥିବା ପୋତା, କୋତା, ନିଧି, ନିଖାତ, କାଷ୍ଠ, ପାଷାଣ, ତରୁ, ଲତା, ସ୍ଥାବର, ଜଙ୍ଗମ ସମସ୍ତ ସମ୍ପତ୍ତିକୁ ଏ କବାଲା ଦ୍ୱାରା ବିକ୍ରି କଲୁଁ ।)

ନିଖାଦ—ଦେ. ବି.—(ସ. ନିଷାଦ; ଉତ୍ତର ପଶ୍ଚିମ ପ୍ରଦେଶରେ ଓ
Nikhāda ହିନ୍ଦୀରେ 'ଷ' ସ୍ଥଳରେ 'ଖ' ଉଚ୍ଚାରଣ)—୧ । ନିଷାଦ;
निखाद ହାତୀର ଗର୍ଜନ ଶବ୍ଦ—1. The deep roaring soud of an elephant.
निखाद
୨ । 'ସା, ରେ, ଗା, ମା, ପା, ଧା, ନି' ର ଶେଷ ସ୍ୱର; ସଙ୍ଗୀତର ୭ମ ସ୍ୱର; 'ନି' ନାମକ ସ୍ୱର—2. The 7th note in the Hindu vocal or instrumental music
୩ । ବେହେଲାର ୪ର୍ଥ ତାର ଘର୍ଷଣର ଶବ୍ଦ—
3. The bass (tone) in violin.

ନିଖାରିବା—ଦେ. କ୍ରି.—୧ । (ସ ନି+ରେଖା) କୌଣସି ବସ୍ତୁକୁ କାଠି ଆଦି
Nikhāribā ଦ୍ୱାରା ରେଖାଙ୍କିତ କରି ଦେଖିବା ବା ପରୀକ୍ଷା କରିବା—
निखारना 1. To examine a thing by scratching it with a pointed stick etc.
ନିଖରାଇବା, ନିଖରେଇବା, ନିଖୁରାଇବା, ନିଖୁରେଇବା—ଅନ୍ୟରୂପ
୨ । (ସ. ନିରୀକ୍ଷଣ) ନିରେଖିବା; ନିରୀକ୍ଷଣ କରିବା; ଭଲ ଭଲ କରି ଦେଖିବା; ଲେଉଟପାଲଟ
निगाहकरना, निगरानी करना କରି ଦେଖିବା—2. To examine very closely; to scrutinise.

ନିଗାର ନିଗାର ଦେଖେ ସେ କାଗଜ । ଭଞ୍ଜ. ଲାବଣ୍ୟ. ଉଦ୍ଧବାର

ନିଖିଏ—ଦେ. ବି. (ସଂ. ନିକ୍ଷା)—ଅତି ସାମାନ୍ୟ ପରିମାଣ—
Nikhie A particle; very small quantity.
ଏତଟୁକୁ ବିଣ.—ଅତି ସାମାନ୍ୟ—Very little; a bit of; a
जरासा particle of; minute.
ଟିକିଏ ନିଖିଏ କଥାକୁ ଏଡ଼େ ବଡ଼ କରିବା ନ୍ୟାଯ୍ୟ । ଲୋ
କ୍ରି. ବିଣ.—ଅତି ସାମାନ୍ୟ ପରିମାଣରେ—Minutely.
[ଦ୍ର—ଏହି ଶବ୍ଦ ଟିକିଏ ଶବ୍ଦ ପରେ ସହଚର ରୂପେ ବ୍ୟବହୃତ ହୁଏ; ଟିକିଏ ନିଖିଏ ।]

ନିଖିଏ ନା(ନାଁ)ଅାଁକୁ—ଦେ. ବି. ଓ ବିଣ ଓ କ୍ରି. ବିଣ—ଅତି ସାମାନ୍ୟ
Nikhie nā (nān̐) ān̐ku ପରିମିତ ବା ମାତ୍ରାଯୁକ୍ତ—A bit;
ଏତଟୁକୁ a bit of; a little.
जरासा
(ନିଖେ ନାଅାଁକୁ, ନିଖେ ନାଁକୁ—ଅନ୍ୟରୂପ)

ନିଖିରି—ଦେ. ବିଣ. ସ୍ତ୍ରୀ (ସଂ. ନିକ୍ଷା)—ଅତି କ୍ଷୁଦ୍ର—
Nikhiri (ନିଖେରି—ଅନ୍ୟରୂପ) Tiny; minute.
ଦେ. ବି. ସ୍ତ୍ରୀ.—ସ୍ତ୍ରୀମାନଙ୍କୁ ଦିଆଯିବା ନାମ—
A name given to females.

ନିଖିଳ—ସଂ. ବିଣ. (ନି+ଖିଲ=ପରିଶିଷ୍ଟ, ଯାହାର କିଛି ମାତ୍ର ପରିଶିଷ୍ଟ
Nikhila ନାହିଁ)—ଅଖିଳ; ସମଗ୍ର; ସମୁଦାୟ; ସମସ୍ତ, ସକଳ;
ସାରା—All; entire; whole.
(ଯଥା—ନିଖିଳ ବ୍ରହ୍ମାଣ୍ଡ, ନିଖିଳ ଜଗତ ।)

ନିଖୁଣ—ଦେ. ବିଣ. (ସଂ. ନିର୍ ଓ ଖୁଣ)—୧ । ଅକ୍ଷୁଣ୍ଣ; ସମଗ୍ର; ପୂର୍ଣ୍ଣାଙ୍ଗ-
Nikhuṇa 1. Entire; whole.
ନିଖୁଣ୍ଟ, ନିଖୁନ୍ତ } ଅନ୍ୟରୂପ ୨ । ଅଖଣ୍ଡ; ଅଭଗ୍ନ—2. Unbroken.
ନିଖୁଣ ସେ ଇଚ୍ଛିଅଛି ବର ଓଡ଼ିଲରେ ।
निखुत् ଅନନ୍ତ. ଶର ଓ ଗୀତ ।
निखोट ୩ । ଦୋଷ ବା ତ୍ରୁଟିଶୂନ୍ୟ; ନିର୍ଦ୍ଦୋଷ—
3. Flawless; unblemished; free from defects.
(ଯଥା—ନିଖୁଣ ରୂପ ।)
୪ । ଅସ୍ପୃଷ୍ଟ—4. Untouched.
୫ । ନୀରୋଗ; ଅନାମୟ—
5. Healthy; free from illness.
୬ । ଯାହାକୁ କେହି ଖୁଣି ପାରେ ନାହିଁ—
6. In which no one can find any fault.
୭ । ଅତୁଳନୀୟ—7. Incomparable; nonparell
୮ । ଅନିନ୍ଦ୍ୟ—8. Unblamable; irreproachable.

ନିଖୁତି—ଦେ. ବି—ସନ୍ଦେଶ; ଏକପ୍ରକାର ମିଷ୍ଟାନ୍ନ—
Nikhuti A kind of sweetmeat.
निखूँति निखूति (ନିଖୁନ୍ତି—ଅନ୍ୟରୂପ)

ନିଖୁନ୍—ପ୍ରାଦେ (ସମ୍ବଲପୁର) ବିଣ—ନିଖୁଣ (ଦେଖ)
Nikhun Nikhuṇa (See)

ନିଗଡ଼—ସଂ. ବି (ନି+ଗଡ଼ ଧାତୁ=ବନ୍ଧନ କରିବା+କରଣ. ଅ)—
Nigaṛa ୧ । ଲୁହା ଶିକୁଳି—1 Iron chain.
୨ । ଗୋଡ଼ର ବେଡ଼ି—2. Shackles; fetters; foot-chain.
ଉଦ୍ବେଗର ପଦ କଣ୍ଠ ଭରେଣ ଯୋଡ଼ିତ ଲୌହ ନିଗଡ଼—ରାଧାନାଥ. ପାର୍ବତୀ ।
୩ । ହସ୍ତୀର ପଦବନ୍ଧନ ରଜ୍ଜୁ—
3. The heel-chain of an elephant.
୪ । ହରକାଠ—4 A pair of stocks.
ବିଣ—୧ । ଦୃଢ଼ବଦ୍ଧ—1. Firmly tied.
୨ । ଶୃଙ୍ଖଳାଦ୍ୱାରା ବଦ୍ଧ—2. Fettered; chained.
ଦେ. ବିଣ (ସଂ. ଗାଢ଼) ଘୋର; ଗଭୀର (ନିଦ)—
Deep (slumber).

ନିଗଡ଼ନ—ସଂ. ବି (ନି+ଗଡ଼ ଧାତୁ+ଭାବ. ଅନ)—ଶୃଙ୍ଖଳାଦ୍ୱାରା ବନ୍ଧନ—
Nigaṛana (ନିଗଡ଼ିତ—ବିଣ) Chaining; fettering.

ନିଗଡ଼ ନିଦ—ଦେ. ବି (ସଂ. ଗାଢ଼ନିଦ୍ରା)—ଘୋର ନିଦ୍ରା—
Nigaṛa nida Deep sleep; heavy slumber.
(ନିଘୋଡ଼ ନିଦ, ନିଘଡ଼ ନିଦ, ନିଘାଡ଼ ନିଦ—ଅନ୍ୟରୂପ)

ନିଗଡ଼ବଦ୍ଧ—ସଂ. ବିଣ. ପୁଂ—୧ । (ଷଷ୍ଠୀ ତତ୍; ନିଗଡ଼ଦ୍ୱାରା ବଦ୍ଧ)—
Nigaṛabaddha ଲୌହଶୃଙ୍ଖଳାବଦ୍ଧ—
(ନିଗଡ଼ବଦ୍ଧା—ସ୍ତ୍ରୀ) Tied with an iron chain.
(ନିଗଡ଼ବନ୍ଧନ—ବି) ୨ । ଦୃଢ଼ରୂପେ ଆବଦ୍ଧ—
2. Tied strongly or tightly.
୩ । ଗୋଡ଼ରେ ଶିକୁଳି ପଡ଼ିଥିବା (ବ୍ୟକ୍ତି)—
3. Fettered.

ନିଗଡ଼ ବନ୍ଧନ—ସଂ. ବି—୧ । ଦୃଢ଼ ଶିକୁଳି ବା ଦଉଡ଼ି—
Nigaṛa bandhana 1. A strong chain or rope.
୨ । ଦୃଢ଼ ବନ୍ଧନ; ଯେଉଁ ଗଣ୍ଠି ସହଜେ ଫିଟାଯାଇ ନ ପାରେ—
2. A knot which can not be untied.
୩ । ଲୌହ ଶିକୁଳିଦ୍ୱାରା ବନ୍ଧନ—
3. Tying with an iron chain.

ନିଗଡ଼ା—ଦେ. ବି (ସଂ. ନିର୍ଗଳନ)—୧ । ଚିପୁଡ଼ାଯାଇ ରସ
Nigaṛā ବାହାର କରାଯିବା; ଚିପୁଡ଼ିବା କର୍ମ—
(ନିଗିଡ଼ା, ନିଙ୍ଗଡ଼ା, ନିଙ୍ଗିଡ଼ା—ଅନ୍ୟରୂପ) 1. Squeezing out of the juice; the pressing out of the juice from a thing.
୨ । ରସ କ୍ଷରିତ ହେବା; ରସକ୍ଷରଣ—
2. Oozing out of the juice.
[ଦ୍ର—'କାର୍ତ୍ତିକନିଗଡ଼ା' ଶବ୍ଦର ଅର୍ଥ.—ଓଡ଼ିଶାରେ ଅଧିକରୁ ଅଧିକ କାର୍ତ୍ତିକ ମାସରେ ବ୍ୟାପିବା ଏକପ୍ରକାର ମାଲେରିଆ ଜ୍ୱର । ବର୍ଷାଦିନେ ଅତ୍ୟଧିକ ଜଳସମ୍ପର୍କଦ୍ୱାରା ମନୁଷ୍ୟଦେହରେ ଯେଉଁ ରସାଧିକ୍ୟ ହୋଇଥାଏ, କାର୍ତ୍ତିକ ମାସରେ ଅର୍ଥାତ୍ ବର୍ଷା ପରେ ଶରତ୍ କାଳରେ ପୃଥିବୀର ରସ ଶୁଖିଆସିବା (ନିଗିଡ଼ିବା) ସଙ୍ଗେ ସଙ୍ଗେ ମନୁଷ୍ୟଦେହରୁ ମଧ୍ୟ ଉକ୍ତ ରସ ଶୁଖିଯାଏ(ନିଗିଡ଼େ) ଓ ତନ୍ନିମିତ୍ତ ତାପବୃଦ୍ଧି ଓ ଜ୍ୱର ହୁଏ । ସେହି ଜ୍ୱରକୁ କାର୍ତ୍ତିକନିଗଡ଼ା ବୋଲାଯାଏ । ଶରତ୍ କାଳରେ ଦେହରୁ ରସ ଶୁଖିବା ସ୍ୱାଭାବିକ; କିନ୍ତୁ ଆମ୍ଭେମାନେ ସେହି ସମୟରେ ବର୍ଷାଋତୁର ଅଭ୍ୟାସବଶତଃ ରସାଧିକ ଖାଦ୍ୟ ଗ୍ରହଣକରୁ,

ଏଥିପାଇଁ ବର୍ଷାଦିନେ ଦେହରେ ସଞ୍ଚିତ ରସ ଶୁଖି ନ ପାରି ରସାଧିକ୍ୟ ଯୋଗୁଁ ଏ ଜ୍ୱର ହୁଏ । ଏଥିଯୋଗୁଁ କାର୍ତ୍ତିକ ମାସରେ ଖାଦ୍ୟ ସମ୍ବନ୍ଧେ ସଂଯମ (ବ୍ରତଧ୍ୱତ) ବା ଦିନାନ୍ତେ ଥରେ ଭୋଜନ ହିନ୍ଦୁମାନଙ୍କ ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ହୋଇଅଛି ।]

ନିଗଡ଼ା ୩ । ଯେଉଁ ରସ କୌଣସି ପାତ୍ରରୁ ଝରି ପଡ଼ୁଥାଏ—
निचोड़; गाड़ना 3. Dropping; a liquid dropped from a pot.

୪ । ଶଙ୍କ୍ଲୀକୃତ ପାତ୍ରରେ ରହିଯିବା ରସାବଶେଷ—
4. Dregs.

୫ । ଶେଷ ରହିଯିବା ବସ୍ତୁ—
5. Remains; leavings.

୬ । ଯେଉଁ ନାଳଦ୍ୱାରା କୌଣସି ଅଞ୍ଚଳର ସମସ୍ତ ଜଳ ନିଗିଡ଼ିକରି ବୋହିଯାଏ; ସଫେଇ ନାଳ—
6. Drainage channel.

୭ । ଜଳମଯ଼ ବସ୍ତୁ ଥିବା ପାତ୍ରକୁ ଓଲଟାଇଦେଇ ବା ଡେଲିଟାଇଦେଇ କିଛିକ୍ଷଣ ରଖିବା ଦ୍ୱାରା ଉକ୍ତ ପାତ୍ରରୁ ଜଳୀଯ଼ ବସ୍ତୁ ନିଃଶେଷିତ ହେବା—
7. Emptying out of a liquid from a pot by inverting it or holding it aslant for some time.

୮ । (ଲକ୍ଷଣାର୍ଥ) ସାର ବସ୍ତୁ; ସାରାଂଶ—
8. (figurative) Essence.

୯ । (ଲକ୍ଷଣାର୍ଥ)—ସାର ମର୍ମ; ତାତ୍ପର୍ଯ୍ୟ—
9. (figurative) Purport; substance.

ବଣ—୧ । ଚିପୁଡ଼ା ଯାଇଥିବା (ରସ)—
1. Squeezed out (juice).

୨ । ଢାଲୁ (ଜମି); ଯେଉଁ ଜମିରୁ ପାଣିଯାକ ନିଗଡ଼ିଯାଏ—
2. Slopping (land).

୩ । ସମ୍ପୂର୍ଣ୍ଣରୂପେ ଯହିଁରୁ ପାଣି ନିଗିଡ଼ି ଥାଏ; ଜଳାଦି ନିଃଶେଷିତ ହୋଇଥିବା (ପାତ୍ରାଦି)—
3. Drained out; squeezed out.

୪ । ପାତ୍ରାଦିକୁ ଓଲଟାଇ ଦେବା ବା ଡେଲିଟାଇ ଦେବାଦ୍ୱାରା ଯହିଁରୁ ଝରିତ (ରସାଦି)—4. (liquid) Dropped or oozed from an inverted or inclined pot.

ନିଗ(ଗି)ଡ଼ା(ଡ଼େ)ଇବା—ଦେ. କ୍ରି—୧ । (ନିଗଡ଼ିବାର ଣିଜନ୍ତ)—
Niga(gi)rdā(rde)ibā ନିଗାଡ଼ିବା (ଦେଖ)
1 Nigārdibā (See)

୨ । (ନିଗାଡ଼ିବାର ଣିଜନ୍ତରୂପ)—
2. Causative of Nigārdibā.

ନିଗଡ଼ା ନିଗଡ଼ି—ଦେ. ବି—୧ । ପାନୀଯ଼ ପଦାର୍ଥର ପାନାବଶେଷ—
Nigardā nigardi 1. Dregs left in a drinking cup;
(ନିଟିଡ଼ାନିଟିଡ଼ି—ଅନ୍ୟରୂପ) the remains of a liquid
निंड़ानिंड़ि तलछट left in the cup after drinking.

୨ । କୌଣସି ପାତ୍ରରୁ ଜଳାଦି ନିଗିଡ଼ିବା ପରେ ଯାହା ଅବଶିଷ୍ଟ ରହିଯାଏ—2. Remains.

ନିଗଡ଼ା ମାଟି—ଦେ. ବି—ଯେଉଁ ମାଟିରୁ ପାଣି ନିଗିଡ଼ି ଯାଇଥାଏ—
Nigardā māti Soil from which water has fully percolated or has been fully drained out.

ନିଗଡ଼ିତ—ସଂ. ବଣ (ନିଗଡ଼+ଅସ୍ତି ଅର୍ଥରେ. ଇତ)—
Nigardita ୧ । ଶୃଙ୍ଖଳାବଦ୍ଧ—1. Chained; fettered.

୨ । ଦୃଢ଼ବଦ୍ଧ—2. Tightly fixed or bound.

୩ । ହରିକାଠରେ ଅବଦ୍ଧ—
3. Confined in the stocks.

୪ । ଲୁହା ଶିକୁଳିଦ୍ୱାରା ଯେଉଁ ହାତୀର ଗୋଡ଼ ବନ୍ଧା ଯାଇଥାଏ—4. (an elephant) Tied with the leg-chain; shackled.

ନିଗଣ—ସଂ. ବି. (ନି=ନିଶ୍ଚଯ଼+ଗଣ ଧାତୁ=ଜାଣିବା+ଅ; ଯାହାଦ୍ୱାରା
Nigana ଅଗ୍ନିର ଅସ୍ତିତ୍ୱ ଜଣାଯାଏ) –ଯଜ୍ଞଧୂମ; ହୋମଧୂମ—
The smoke from 'Homa' or burnt offerings; the smoke of a sacrificial fire.

ନିଗଦ—ସଂ. ବି. (ନି=ନିଶ୍ଚଯ଼+ଗଦ୍ ଧାତୁ=କହିବା+କର୍ମ. ଅ)—
Nigada ୧ । କଥନ; ଭାଷଣ—1. Speech; talk.

(ନିଗାଦ—ଅନ୍ୟରୂପ) ୨ । କଥୋପକଥନ—
2. Conversation.

୩ । ଶବ୍ଦ—3. Sound.

୪ । ଉଚ୍ଚୈର୍ଜପ; ଉଚ୍ଚୈଃସ୍ୱରରେ ପ୍ରାର୍ଥନା—
4. Loud prayer; prayer recited aloud.

୫ । କଥିତ ଭାଷା—5. Spoken language; a vernacular.

୬ । କୌଣସି ବିଷଯ଼ର ଉଲ୍ଲେଖ—6. Mention.

ନିଗଦିତ—ସଂ. ବଣ. (ନି+ଗଦ୍ ଧାତୁ=କହିବା+କର୍ମ. ତ)—
Nigadita ୧ । ଭାଷିତ; କଥିତ; ଉକ୍ତ—
1. Spoken; told; said.

୨ । ଉଚ୍ଚାରିତ—2. Uttered; pronounced.

୩ । ନିର୍ଦ୍ଦିଷ୍ଟ—3. Specified; defined.

୪ । ଉଲ୍ଲିଖିତ—4. Mentioned.

୫ । ବର୍ଣ୍ଣିତ—5. Described.

୬ । ପ୍ରାର୍ଥିତ—6. Prayed for.

ବି. (+ଭାବ. ତ)—୧ । ଭାଷଣ –
1. Speech; talking.

୨ । ଉଚ୍ଚାରଣ—2. Utterance.

ନିଗନ୍ଧ—ଦେ. ବି—ସୁଗନ୍ଧ ପୁଷ୍ପବିଶେଷ—
Nigandha A kind of sweet-scented flower.
ରଜଣୀ ଜୁଡ଼ ଅଙ୍କୁର ଅରବିନ୍ଦ
ନିଗନ୍ଧ କୁନ୍ଦ ପୁନ୍ନାଗ । ପ୍ରା.ଗୀ. ରହସ୍ୟମଞ୍ଜରୀ ।

निगन्ध ଦେ. ବଣ. (ସଂ. ନିର୍ଗନ୍ଧ)—ନିର୍ଗନ୍ଧ; ଗନ୍ଧହୀନ—
निगन्ध Scentless.

ନିଗମ—ସଂ. ବି. (ନି=ସର୍ବଦା; ସର୍ବତୋଭାବରେ+ଗମ୍ ଧାତୁ=ଯିବା
Nigama +ଅଧିକରଣେ. ଅ)—୧ । ଯେଉଁଠାରେ ସବୁବେଳେ

ଲୋକେ ଯିବା ଆସିବା କରନ୍ତି; ସାଧାରଣ ଗମନାଗମନ ସ୍ଥାନ—1. A public thoroughfare; a frequented place.

୨ । ଲୋକାଳୟ; ପୁରୀ; ନଗର—2. Town; city.

୩ । ଜନପଦ; ଗ୍ରାମ—3. Village.

୪ । ରାଜଦାଣ୍ଡ; ରାସ୍ତା; ସରଣି; ପଥ—
4. Road; highway.

୫ । ବଜାର; ହାଟ; ଗଞ୍ଜ—
5. Market; mart; bazar.

୬ । ବାଣିଜ୍ୟ—6. Traffic; trade.

୭ । ବେଦ—7. The Bedas.

ଏମନ୍ତ ବଚନ ମନର
ନିଗମ କଥ ସେ ଉଚ୍ଚାର । ଭୂପତି. ପ୍ରେମପଞ୍ଚାମୃତ ।

୮ । ଧର୍ମଗ୍ରନ୍ଥ—8 The holy writ; scripture; secred ordinance.

୯ । ତନ୍ତ୍ରବିଶେଷ—9. Name of a Tantra or Hindu esotoric treatise.

୧୦ । ନିଶ୍ଚୟ—10. Certainly.

୧୧ । ପ୍ରତିଜ୍ଞା—11. Promise; vow.

୧୨ । ନିର୍ଣ୍ଣୟ—12. Determination; ascertainment.

୧୩ । ନ୍ୟାୟଶାସ୍ତ୍ର—13. Logic.

୧୪ । ନ୍ୟାୟାନୁମୋଦିତ ସିଦ୍ଧାନ୍ତ—
14. Logical conclusion.

୧୫ । ବେଦରୁ ଉଦ୍ଧୃତ ବାକ୍ୟ ବା ଶବ୍ଦ—
15. Any passage or word quoted from the Bedas (M. W.)

୧୬ । ବେଦର ବ୍ୟାଖ୍ୟାମୂଳକ ଗ୍ରନ୍ଥ—16. A work auxiliary to or explanatory of the Bedas (Apte).

୧୭ । (ବ୍ୟାକରଣ) ଧାତୁ—
17 (grammar) The root of word (Apte.)

୧୮ । ଯାଯାବର ବଣିକ୍ ଦଳ—18. A caravan of wandering merchants.

୧୯ । ବୈଦିକ ଅନୁଷ୍ଠାନରେ ସଂକଳ୍ପ ଆଦି ବାକ୍ୟରେ କୌଣସି ଦେବତାଙ୍କ ନାମୋଲ୍ଲେଖ—19. Insertion of the name of a Deity into a liturgical formula.

୨୦ । ମେଳା (ହି. ଶ.)—20. A fair.

୨୧ । କାୟସ୍ଥମାନଙ୍କର ଏକ ଶ୍ରେଣୀ (ହି. ଶ.)—
21. Mame of a sect or class of the Kāyasthas.

୨୨ । ନିର୍ଗମନ; ବହିର୍ଗମନ (ଗ୍ଲାଡେନ୍)—
22. Going out; issuing.

ଦେ. ବିଣ.—୧ । ନିଘମ; ଘୋର; ଗମ୍ଭୀର—
ନୀ 1. Deep; profound
(ଯଥା—ନିଗମ ନଦ; ନିଗମ କଥା ।)

୨ । ନିରୋଳା—2. Solitary; lonely.

ନିଗମେ ବସି ଘ କରେ ଉନ୍ମତ୍ତ ମନ୍ତ୍ରୀ ।
ପ୍ରାଚୀ. ଶିଶୁଶଙ୍କର ଉଷାଅଭିଳାଷ ।

୩ । ଗୂଢ଼; ଅତ୍ୟନ୍ତ ଗୋପନୀୟ—
3. Secret; confidential.

ଦେ. ବି.—ନିର୍ଜନ ସ୍ଥାନ—3. Lonely place.

ନିଗମ ଦେଖିଣ ଚହିଁ ମଦନ ଲୁଚେ ।
ପ୍ରାଚୀ. ଶିଶୁଶଙ୍କର. ଉଷାଅଭିଳାଷ ।

ନିଗମନ—ସଂ. ବି (ନି + ଗମନ)—୧ । ଚଳନ; ବାଟ ଚାଲିବା—
Nigamana 1, Going; walking.

୨ । ନ୍ୟାୟଶାସ୍ତ୍ରାନୁଗତ ନିର୍ଦ୍ଧାରଣ—
2. Logical conclusion; the winding up of a syllogism; summing up of an argument or conclusion in a syllogisom.

[ଦ୍ର—ଆର୍ଯ୍ୟ ନ୍ୟାୟଶାସ୍ତ୍ରରେ ଅନୁମାନର ୫ଟି ଅବୟବ ନିର୍ଦ୍ଦିଷ୍ଟ ହୋଇ ଅଛି । ଯଥା—ପ୍ରତିଜ୍ଞା, ହେତୁ, ଉଦାହରଣ, ଉପନୟ ଓ ନିଗମନ । ୧ । ଏଠାରେ ନିଆଁ ଅଛି (ପ୍ରତିଜ୍ଞା), ୨ । କାରଣ, ଏଠାରେ ଧୂଆଁ ଅଛି (ହେତୁ), ୩ । ଯେଉଁଠାରେ (ଯଥା—ରୋଷେଇ ଘରେ) ଧୂଆଁ ଥାଏ ସେଠାରେ ଅବଶ୍ୟ ନିଆଁ ଥାଏ; (ଉଦାହରଣ), ୪ । ବର୍ତ୍ତମାନ ଆମ୍ଭେ ଦେଖୁଥାଉଁ ଯେ ଏଠାରେ ଧୂଆଁ ଅଛି (ଉପନୟ) ୫ । ଅତଏବ ଏଠାରେ ଅବଶ୍ୟ ନିଆଁ ଅଛି (ନିଗମନ) । ଶେଷୋକ୍ତ ୪ଟି ସୋପାନଦ୍ୱାରା ପ୍ରତିଜ୍ଞାରେ ପହଞ୍ଚିବାକୁ ହେବ । ନିଗମନର ଅନ୍ୟ ନାମ ପ୍ରତ୍ୟାମ୍ନାୟ—ହି. ଶବ୍ଦସାଗର ।]

୩ । ଉପସଂହାର—3. Conclusion.

୪ । ଛଳ—4. Pretence.

ନିଗମାଗମ—ସଂ. ବି. (ଦ୍ୱନ୍ଦ୍ୱ; ନିଗମ + ଆଗମ)—୧ । ବେଦ ଓ ତନ୍ତ୍ର—
Nigamāgama 1. The Bedas and the Tantras.

୨ । ପ୍ରବେଶ ଓ ବହିର୍ଗମନ—2. Coming in and going out; ingress and egress.

ନିଗର—ସଂ. ବି. (ନି + ଗୃ ଧାତୁ = ଗିଳିବା, ଖାଇବା + ଭାବ. ଅ)—
Nigara ୧ । ଭୋଜନ—1. Eating.
(ନିଗାର—ଅନ୍ୟରୂପ) ୨ । ଗିଳିବା; ଗଳାଧଃକରଣ—
2. Swallowing; gulping; devouring.

୩ । (+ କରଣ. ଅ) ତୋଣ୍ଟି; ଗଳଦେଶ—
3, Throat.

୪ । ନିଗଣ; ହୋମଧୂମ—4. The smoke issuing from a sacrificial fire.

୫ । ଏକ ସମାନ ଓଜନର ୫୫ଟି ମୋତିର ସମୂହ (ହି. ଶ.)—
5 An aggregate of 55 pearls of the same weight.

ପ୍ରାଦେ. (ଯାଜପୁର) ବିଣ—ଖାଣ୍ଟି—Genuine.

ଦେ. ବିଣ—ନିଶ୍ଚିତ—Certain; definite.

ନିଗରଣ—ସଂ. ବି. (ନି + ଗୃ ଧାତୁ + ଭାବ. ଅନ)—
Nigaraṇa ନିଗର (ଦେଖ)—Nigara (See)
(ନିଗଲନ—ଅନ୍ୟରୂପ)

ନିଗର ମାଲ୍—ପ୍ରାଦେ. (ସମ୍ବଲପୁର) ବିଣ—ଖାଣ୍ଟି ଜିନିଷ—
Nigara māl Pure or unadulterated article.

ନିଗରୁ—ଦେ. ବିଣ (ସଂ. ନି + ଗୁରୁ)—ହାଲୁକା; ଯାହା ଭାର ନୁହେଁ—
Nigaru No heavy; in weight.
হাল্কা निगह (ନିଗରୁଅ—ଅନ୍ୟରୂପ)

ନିଗଲ—ସଂ. ବି. (ନି + ଗଲ ଧାତୁ + ଭାବ. ଅ)—୧ । ଗିଳିବା—
Nigala 1. Swallowing.
୨ । (+ କରଣ. ଅ) ଅଶ୍ୱର ଗଳଦେଶ—
2. The throat of a horse.

ନିଗା—ବୈଦେ. ବି. (ଫା. ନିଗାହ୍; ଭୁଲ. ସଂ. ନିରୀକ୍ଷଣ)—
Nigā ୧ । ଦୃଷ୍ଟି; ନଜର—1. Sight; look; glance.
নিঘা ୨ । ତତ୍ତ୍ୱନେବା; ତଦାରଖ—2. Supervision.
निगाह, निगह ୩ । ମନୋଯୋଗପୂର୍ବକ ଦୃଷ୍ଟି—
(ନିଂଘା, ନିଘା —ଅନ୍ୟରୂପ) 3. Scrutinising look.
୪ । ଯତ୍ନ—4. Care.
୫ । ଜଗିବା—5. Watching.
୬ । ମନୋଯୋଗ—6. Attention.
୭ । ଖିଆଲ; ଧ୍ୟାନ—
7. Thought; concentration of thought.
୮ । ଅନୁଗ୍ରହ; ସ୍ନେହମୟ ଦୃଷ୍ଟି—
8. A look of favour or kindness.

ନିଗା କରିବା—ଦେ. କ୍ରି. (ଫା. ନିଗାହ୍)—୧ । ଗୃହିଁବା—
Nigā karibā 1. To look at.
নিঘা করা ୨ । ତତ୍ତ୍ୱ ନେବା—2. To look after.
निगाह करना, ୩ । ଜଗିବା—3. To watch.
निगाह रखना ୪ । ଦୃଷ୍ଟି ରଖିବା—4. To keep an eye on.
୫ । ଦେଖାଶୁଣା କରିବା—5. To take care of.
୬ । ତତ୍ତ୍ୱାବଧାନ କରିବା—6 To supervise.
ନିଗା(ଘା) ଦେବା; ନିଗା(ଘା) ରଖିବା } ଅନ୍ୟରୂପ
ନିଗା(ଘା)ପାନ କରିବା; ନିଗା(ଘା)ବାନ କରିବା
ନିଗା(ଘା)ମାନ କରିବା; ନିଗା(ଘା) ନେବା

ନିଗାଡ଼ିବା—ଦେ. କ୍ରି. (ସଂ. ନିର୍ଗଳନ)—
Nigārḍibā ୧ । ନିଗିଡ଼ିବା କ୍ରିୟାର ଣିଜନ୍ତ ରୂପ—
ନିଗଡ଼ା(ଡ଼େ)ଇବା } ଅନ୍ୟରୂପ 1. The causative form
ନିଡ଼ିଗା(ଡ଼େ)ଇବା of 'Nigirḍibā'.
নিংড়ান, निगड़ाना ୨ । କୌଣସି ରସଯୁକ୍ତ ବସ୍ତୁରୁ ରସ ଚପୁଡ଼ିବା;
निचोड़ना; गाड़ना ଚିପିଦେବା—2 To squeeze or press out the juice; to express juice.
୩ । ରସ ବା ଜଳକୁ ଗାଳିବା—3. To cause liquid to ooze or drop out of a thing; to pour off liquid to the last drop.
୪ । କୌଣସି ପାତ୍ରକୁ ଅଣେଇ ବା ଓଲଟାଇ ଏଥିରେ ଥିବା ଦ୍ରବ ପଦାର୍ଥକୁ ଖାଲି ବା ନିଃଶେଷିତ କରିବା—
4. To empty a receptacle of its liquid contents.

ନିଗାଦ—ସଂ. ବି—ନିଗଦ (ଦେଖ)
Nigāda Nigada (See)

ନିଗାଦୀ—ସଂ. ବିଣ. ପୁଂ (ନି + ଗଦ୍ ଧାତୁ + କର୍ତ୍ତୃ. ଇନ୍; ୧ମା .୧ବ)—
Nigādī କଥକ; ବକ୍ତା—Speaking; uttering.
(ନିଗାଦିନୀ—ସ୍ତ୍ରୀ)

ନିଗା(ଘା) ପଡ଼ିବା—ଦେ. ବି—କୌଣସି ବସ୍ତୁ ଉପରେ ଦୃଷ୍ଟିପାତ—
Nigā(ghā) parḍibā The coming of a thing to a
निगाह पड़ना person's view.

ନିଗା(ଘା)ବା(ମା)ନ୍—ବୈଦେ. ବିଣ· (ଫା. ନିଗାହ୍‌ବାନ୍)—
Nigā(ghā)bā(mā)n ୧ । ସତର୍କ—1. Watchful.
নিঘাবান ୨ । ଯତ୍ନଶୀଳ—2. Careful.
निगहबान ୩ । ତତ୍ତ୍ୱାବଧାରକ—3. Supervising.
୪ । ଯେ ଦେଖାଶୁଣା କରେ—4. Taking care.
ବି—୧ । ପ୍ରହରୀ.—1. A watchman.
୨ । ଜଗାରଖା କରିବା ଲୋକ; ଜିମାଦାର—2. Custodian.

ନିଗା(ଘା)ବା(ମା)ନି—ବୈଦେ. ବି. (ଫା. ନିଗାହ୍‌ବାନୀ)—
Nigā(ghā)bā(mā)ni ୧ । ସତର୍କ ଦୃଷ୍ଟି—
1. Watchful look.
ନିଗା(ଘା)ବା(ମା)ନ୍ } ଅନ୍ୟରୂପ ୨ । ଦେଖାଶୁଣା; ତତ୍ତ୍ୱାବଧାନ—
ନିଗା(ଘା)ନିଷ୍ଠା(ସ୍ତା) 2. Taking care; supervising.
ନିଂଘାମା(ବା)ନ୍(ନି)
ନିଂଘାନିଷ୍ଠା(ସ୍ତା) ୩ । ଜଗିବା—3. Watching.
নিঘাপনা, নিগাবানী निगहबानी ୪ । ଜିମାରେ ନେବା—
4. Taking into custody.

ନିଗାର—ସଂ. ବି—ନିଗର (ଦେଖ)
Nigāra Nigara (See)

ନିଗାରୀ—ସଂ.ବିଣ.ପୁଂ.(ନି + ଗୃ ଧାତୁ=ଗିଳିବା+କର୍ତ୍ତୃ. ଇନ୍ ୧ମା.୧ବ)-
Nigārī ଗଳାଧଃକରଣକାରୀ; ଯେ ଗିଳି ଦିଏ—
[ନିଗାଳୀ, ନିଗାର(ଳ)କ—ଅନ୍ୟରୂପ] Swallowing;
(ନିଗାରିଣୀ—ସ୍ତ୍ରୀ) devouring.
ଜମ୍ବୁ ବନ ମଧ୍ୟ ଅନଳ ନିଗାରୀ । କୃଷ୍ଣସିଂହ, ମହାଭାରତ ବନ ।

ନିଗାଳ—ସଂ. ବି. (ନି + ଗଲ୍ ଧାତୁ=ଖାଇବା+କରଣ. ଅ)—
Nigāla ୧ । ଅଶ୍ୱର ଗଳଦେଶ—1. The throat of a horse; horse's neck,
୨ । (+ଭାବ.ଅ) ଗିଳିବା—2.Swallowing (Apte).

ନିଗିଡ଼ା (ଇତ୍ୟାଦି)—ଦେ. ବି. ଓ ବିଣ—ନିଗଡ଼ା ଇତ୍ୟାଦି (ଦେଖ)
Nigirḍā (etc) Nigarḍā etc (See)

ନିଗିଡ଼ି—ପ୍ରାଦେ. (ଗଞ୍ଜାମ) ବି—ଶୀତ କାଳରେ ନିଆଁ ଲଗାଇବା ପାଇଁ ବ୍ୟବହୃତ କାଠଖଣ୍ଡ—
Nigirḍi Big logs of wood for kindlihg firen in winter.

ନିଗିଡ଼ିବା—ଦେ. କ୍ରି. (ସଂ. ନିର୍ଗଳନ)—
Nigirdiba ୧ । ଚିପୁଡ଼ା ହୋଇ (ରସ) ଗଳତ ହେବା; ରସ ଝରିବା—
(ନିଗିଡ଼ିଯିବା—ଅନ୍ୟରୂପ)
निंड़ा, निंगड़ना 1. To ooze out; to drop on being squeezed
टपकना, गड़ना, चूना
୨ । କୌଣସି ବସ୍ତୁରୁ ବା ବିପର୍ଯ୍ୟସ୍ତ ପାତ୍ରରୁ ତରଳ ପଦାର୍ଥ ସବାକ୍ ନିଃଶେଷିତ ହୋଇ ବୋହି ଯିବା—
2. (liquid) To be drained out of a thing or an upturned receptacle,
୩ । ଅଳ୍ପ ମାତ୍ରାରେ ତଳକୁ ବୋହିଯିବା ।—3. To flow down in feeble current; to drip.
[ଦ୍ର—ପାତ୍ରରୁ ତରଳ ପଦାର୍ଥ ବେଶି ପରିମାଣରେ ଢାଳ ହୋଇଯାଏ ଓ ଅଳ୍ପ ପରିମାଣରେ କ୍ରମଶଃ ନିଗିଡ଼ି ଯାଏ ।]

ନିଗିଧା—ଦେ. ବିଣ.—କୃପଣ—Niggardly; miserly.
Nigidhā (ନିଗଧା, ନିଘ୍ନା) ଅନ୍ୟରୂପ—

ନିଗୀତ—ସଂ. ବିଣ. (ନି+ଗୈ ଧାତୁ+କର୍ମ.ତ)—ପରିଗୀତ; ଗାନ କରି ଯାଇଥିବା—Sung.
Nigīta

ନିଗୀର୍ଣ୍ଣ—ସଂ. ବି.—(ନି+ଗୃ. ଧାତୁ=ଗିଳିବା+କର୍ମ.ତ)—
Nigīrnna ୧ । ଭକ୍ଷିତ—1. Eaten.
୨ । ଗିଳା ଯାଇଥିବା—2. Swallowed; devoured.
୩ । ଅନ୍ତର୍ଭାବିତ; ଅନ୍ତର୍ଭୁକ୍ତ କରା ଯାଇଥିବା—
3. Included.

ନିଗୁ—ସଂ. ବି. (ନି=ନିଶ୍ଚୟ+ଗମ. ଧାତୁ+କର୍ତ୍ତୃ. ଉ)—
Nigu ୧ । ଚିତ୍ତ; ମନ—1. Mind.
୨ । ବିଚାରଶକ୍ତି—2. Judgment; discrimination.
୩ । ଅନୁଭବଶକ୍ତି; ବୋଧଶକ୍ତି—3. Conception; feeling; emotion,
୪ । ବିଷ୍ଠା; ମଳ—4. Ordure.
୫ । ମୂଳ, ଚେର—5. Root.
୬ । ମନୋଜ୍ଞତା—6. Agreeableness.
୭ । ଚିତ୍ରାଙ୍କନ କର୍ମ—7. Drawing; painting.
ସଂ. ବିଣ.—ମନୋଜ୍ଞ; ସୁନ୍ଦର—Pleasing; charming (M. W.).
ପ୍ରାଦେ (ଗଞ୍ଜାମ ଓ ତେଲଗୁ) ବିଣ—(ମୂଳ. ସଂ. ନିଗୁ)—
(ନିଗ୍ଗୁ—ଅନ୍ୟରୂପ) ୧ । ଅତୁଲ୍ୟ; ବଡ଼ିଆ; ଉତ୍କୃଷ୍ଟ—
1. Excellent; of first class.
୨ । ଭଲ; ଉତ୍ତମ—2. Good
(ଯଥା—ନିଗ୍ଗୁ ମାଲ ।

ନିଗୁଣ୍ଡି—ଦେ. ବି (ସଂ. ନିର୍ଗୁଣ୍ଡୀ)—ନିର୍ଗୁଣ୍ଡୀ (ଦେଖ)—
Nigundi Nirgundi (See)

ନିଗୁଦି—ପ୍ରାଦେ (ପୁରୀ) ବି ପଢ଼ି ବା ଗଞ୍ଜାଇ ସଙ୍ଗେ ମରିଚ ମସଲା
Nigudi ମିଶି ବଟା ହୋଇଥିବା ଭାଙ୍ଗର ଗୁଳା; ପାଣିରେ ଗୋଳା ହୋଇ ନ ଥିବା ବଟା ଭାଙ୍ଗର ଗୁଳା—
A ball of pasted Ganja and black pepper etc. (before it is mixed with water)

ନିଗୁମ୍ଫ—ସଂ. ବି.(ନି+ଗୁମ୍ଫ ଧାତୁ+କର୍ମ.ଅ)—ସମୂହ; ଗୁଚ୍ଛ (ହି. ଶ.)—
Nigumpha Bundle; collection; cluster.

ନିଗୁରୁଆ—ଦେ. ବିଣ. (ସଂ. ନି+ଗୁରୁ) ୧ । ଅଗୁରୁଆ (ଦେଖ)
Niguruā 1. Aguruā (See)
निगुरा ୨ । ଯେ ଗୁରୁଙ୍କଠାରୁ ମନ୍ତ୍ର ଗ୍ରହଣ କରି ନାହିଁ—
2. Not having been initiated by any spiritual preceptor.

ନିଗୂଢ଼—ସଂ. ବିଣ.—(ନି+ଗୁହ୍ ଧାତୁ=ଗୋପନ କରିବା+କର୍ମ. ତ)
Nigūrdha ୧ । ସଂବୃତ; ଅଚ୍ଛାଦିତ—1. Covered; closed.
୨ । ଲୁକ୍କାୟିତ; ପ୍ରଚ୍ଛନ୍ନ; ଗୁପ୍ତ—2. Hidden; secret; concealed.
निगूढ़ ୩ । ଅପ୍ରକାଶିତ—3. Not discovered; unpublished.
୪ । ରହସ୍ୟମୟ; ଦୁର୍ଜ୍ଞେୟ—4. Mysterious, incomprehensible.
୫ । ଦୁର୍ବୋଧ୍ୟ—5. Obscure; abstruse.
୬ । ଘୋର; ଗମ୍ଭୀର—6. Profound; deep.
୭ । ଆଲିଙ୍ଗିତ—7. Embraced.
୮ । ଦୃଢ଼—8. Fast; tightly set.
ବି.—୧ । ବନ୍ୟ ମୁଗ—1. A sort of wild bean.
ଦେ. ବି.—୧ । ତାତ୍ପର୍ଯ୍ୟ; ସାର—1. Purport.
୨ । ମର୍ମ—2. Gist.
୩ । ନିଗଡ଼—3. Chain; fetters.
ଦୃଢ଼ ବଚନ ଶୁଣି କହେ,
ସଜାଏ ନିଗୂଢ଼ ବନ୍ଧନେ । ଜଗନ୍ନାଥ, ଭାଗବତ ।

ନିଗୂଢ଼ କଥା—ସଂ. ବି—୧ । ରହସ୍ୟ ବିଷୟ; ଗୁପ୍ତ କଥା—
Nigūrdha kathā 1. Secret; ;mystery.
୨ । ନିଗୂଢ଼ାର୍ଥ—2. Mysterious meaning.

ନିଗୂଢ଼ଚାରୀ—ସଂ. ବିଣ. ପୁଂ (ନିଗୂଢ଼+ଚରଧାତୁ+କର୍ତ୍ତୃଇନ୍; ୧ମା.୧ବ)
Nigūrdhachāri ୧ । ଗୋପନରେ ବିଚରଣକାରୀ—
(ନିଗୂଢ଼ଚାରିଣୀ—ସ୍ତ୍ରୀ) 1. Walking cencealed.
୨ । ଛଦ୍ମ ବେଶ ଧାରଣ କରି ଯେ ବୁଲେ—
2. Walking in disguise. (M, W.)

ନିଗୂଢ଼ ନିଶ୍ଚୟ—ସଂ. ବିଣ. ପୁଂ (ବହୁବ୍ରୀହି; ନିଗୂଢ଼+ନିଶ୍ଚୟ)—
Nigūrdha nischaya ଯାହାର ଉଦ୍ଦେଶ୍ୟ ଗୁପ୍ତ—
(ନିଗୂଢ଼ ନିଶ୍ଚୟା—ସ୍ତ୍ରୀ) Whose design is concealed.

ନିଗୂଢ଼ ସତ୍ତ୍ୱ—ଦେ. ବି. (କଚରିଆ)—ସମ୍ପୂର୍ଣ୍ଣ ସ୍ୱତ୍ୱ—
Nigārdha satwa Absolute title.
(ଯଥା—ଏ ଜମିରେ ପ୍ରତିବାଦୀ ବାର ବର୍ଷରୁ ଊର୍ଦ୍ଧ୍ୱ କାଳ ନିର୍ବିରୋଧେ ଦଖଲକାର ଥିବାରୁ ତହିଁରେ ତାହାର ନିଗୂଢ଼ ସତ୍ତ୍ୱ ଉଦ୍ଭବ ହୋଇଅଛି ।)

ନିଗୂଢ଼ାର୍ଥ—ସଂ. ବିଣ (ନିଗୂଢ଼+ଅର୍ଥ)—(ବହୁବ୍ରୀହି) ଯାହାର ଅର୍ଥ ବା
Nigūrdhārtha ଭାବ ଗୁପ୍ତ ବା ଦୁର୍ବୋଧ—1. Having a hidden meaning; occult.
(ନିଗୂଢ଼ାର୍ଥକ—ଅନ୍ୟରୂପ)

ସ. ବି. ୧ । (କର୍ମଧା ଗୁପ୍ତ ଉଦ୍ଦେଶ୍ୟ —
1. Hidden purpose; mysterious or abstruse purpose.
୨ । ଅବୋଧ ଅର୍ଥ—2. Abstruse meaning.

ନିଗୂଢ଼ାର୍ଥକ—ସ. ବିଣ. (ବହୁବ୍ରୀହି; ନିଗୂଢ଼+ଅର୍ଥ+କ) --
Nigūṛhārthaka ୧ । ଯହିଁରେ ଗୁପ୍ତ ଅର୍ଥ ଥାଏ—
1. Having a secret or hidden meaning.
୨ । ଅବୋଧ; ରହସ୍ୟମୟ—
2. Abstruse; mysterious.

ନିଗୂହକ—ସ. ବିଣ. ପୁଂ. (ନି+ଗୁହ ଧାତୁ+କର୍ତ୍ତୃ. ଅକ)—
Nigūhaka ଗୋପନକାରୀ—Concealing; hiding.
(ନିଗୂହିକା—ସ୍ତ୍ରୀ)

ନିଗୂହନ—ସ. ବି. (ନି+ଗୁହ ଧାତୁ+ଭାବ. ଅନ)—ଗୋପନ କରିବା—
Nigūhana Concealing; hiding; secreting.

ନିଗୂହନୀୟ—ସ. ବିଣ (ନି+ଗୁହ ଧାତୁ+କର୍ମ. ଅନୀୟ)—ଗୋପନୀୟ—
Nigūhanīya Secret; worth concealing; to be hidden.

ନିଗୃହୀତ—ସ. ବିଣ. (ନି+ଗ୍ରହ ଧାତୁ=ଗ୍ରହଣ କରିବା, ଅକୃପା
Nigṛuhīta କରିବା+କର୍ମ. ତ)—୧ । ଆକ୍ରମିତ—
(ଅନୁଗୃହୀତ--ବିପରୀତ) 1. Attacked; seized; assailed.
୨ । ବଶୀକୃତ—2. Brought under control.
୩ । ପରାଜିତ; ଦମିତ—3. Subdued; vanquished.
୪ । ନିୟମିତ—4. Restrained; regulated.
୫ । ଶାସିତ; ଦଣ୍ଡିତ—5. Punished.
୬ । ଅଭିଯୁକ୍ତ—6. Prosecuted; charged.
୭ । ନିବର୍ତ୍ତିତ—7. Stopped; prevented.
୮ । ଉତ୍ପୀଡ଼ିତ—8. Harassed; pestered; persecuted; maltreated.
୯ । ରୁଦ୍ଧ; ନିରୁଦ୍ଧ—
9. Imprisoned; obstructed; confined.
୧୦ । ନିର୍ବାସିତ; ବିତାଡ଼ିତ—10. Expelled.
୧୧ । କ୍ଲିଷ୍ଟ; ଆକ୍ରାନ୍ତ—11. Afflicted.
୧୨ । ଅପମାନିତ—12. Insulted.
୧୩ । ଗୃହୀତ—13. Seized; caught.

ନିଗୋସିଆଁ—ପ୍ରାଦେ. (ସମ୍ବଲପୁର) ବିଣ—ଅସ୍ୱାମିକ—
Nigosiān̐ Masterless; ownerless.
(ନିଗୁସିଆଁ—ଅନ୍ୟରୂପ)

ନିଗୋସେଇଁଆଁ—ଦେ. ବିଣ (ସ. ନିର୍+ଗୋ+ସ୍ୱାମୀ)—ଅସ୍ୱାମିକ;
Nigoseiñān̐ ଯାହାର କେହି ମାଲିକ ବା ସ୍ୱାମୀ ନ ଥାଏ—
ବେଓୟାରିସ ନାବାରିସ (ନିଗୋସେଇଁ।--ଅନ୍ୟରୂପ)Ownerless.
ଷଣ୍ଢ ବ ବୁଲୁଥାଏ ନିଗୋସେଇଁଆଁ ଗୋରୁ—ଡଗ ।

ନିଗ୍ରହ—ସ. ବି (ନି+ଗ୍ରହ୍ ଧାତୁ+ଭାବ· ଅ)—୧ । ଅନନୁଗ୍ରହ;
Nigraha ବେ-ଅନୁଗ୍ରହ—1. Disfavour.
(ଅନୁଗ୍ରହ—ବିପରୀତ) ୨ । ବନ୍ଧନ—2. Binding.

୩ । ଭର୍ତ୍ସନା—3. Censure; abuse; reprimand.
୪ । ସୀମା—4. Limit.
୫ । ପ୍ରହାର—5. A blow.
୬ । ଚିକିତ୍ସା—6. Medical treatment; physicking.
୭ । ନିରାକରଣ—7. Expulsion.
୮ । ଶାସନ—
8. Enforcing discipline; controlling.
୯ । ଯୁଲମ; ପୀଡ଼ନ; ଅତ୍ୟାଚାର—
9. Oppression; repression.
୧୦ । ତାଡ଼ନା; ଦମନ—10. Persecution.
୧୧ । ବଳାତ୍କାର; ଜବରଦସ୍ତି—11. Coercion.
୧୨ । ଦଣ୍ଡ—12. Punishment; chastisement.
୧୩ । ଯାତନା; କ୍ଲେଶ—
13. Severe or harsh treatment; harassment.
୧୪ । ନିନ୍ଦା; ଅବକ୍ରୋଶ—14. Blaming.
୧୫ । ଅସନ୍ତୋଷ—15. Discontent.
୧୬ । ଘୃଣା—16. Hatred; aversion; dislike.
୧୭ । ଅଟକ; ରୋକ—
17. Restraint; obstruction.
୧୮ । ଅବରୋଧ; କଏଦ କରିବା—
18. Confinement; imprisonment.
୧୯ । ଅସନ୍ଧିଆ ଅବସ୍ଥା, ବିଡ଼ମ୍ବନା—19. The state of being driven to a corner; a fix; critical position; crisis.
୨୦ । ନିରୁତ୍ସାହ; ନୈରାଶ୍ୟ—20. Discouragement.
୨୧ । ଅସଙ୍ଗତି; ଅନୌଚିତ୍ୟ—21. Impropriety.
୨୨ । ବାନ୍ଧୁଣୀ—22. Tie; bond.
୨୩ । ନିରୋଧ; ସଂଯମ—23. Restraint.
୨୪ । ଅନ୍ୟାୟ—24. Injustice; unrighteousness.
୨୫ । ନିବାରଣ—25. Prevention.
୨୬ । ବିଷ୍ଣୁ (ଦ୍ର. ଶ.)—26. A name of Bishṇu.
୨୭ । ଶିବ (ଦ୍ର. ଶ.)—27. A name of Śiba.
୨୮ । ପରାଜୟ—
28. Subjugation; defeat (M. W.).
୨୯ । ବିନାଶ—
29. Destruction; overthrow (M. W.).
୩୦ । (+କରଣ. ଅ; ଯାହାଦ୍ୱାରା କୌଣସି ବସ୍ତୁକୁ ଧରି ଯାଏ)—ବେଣ୍ଟ; ହତା—
30. Handle (M. W.).
୩୧ । (ନ୍ୟାୟ) ଯୁକ୍ତିରେ ଦୋଷ—31. (Logic) A weak point in argument; a fault in syllogism (M. W.).
୩୨ । ଧରିବା; ଗିରଫ କରିବା—
32. Capturing; seizing; arresting.

ନିଗ୍ରହଣ—ସଂ. ବି. (ନି+ଗ୍ରହ୍ ଧାତୁ+ଭାବ. ଅନ)—
Nigrahaṇa ୧ । ନିଗ୍ରହ (ଦେଖ)—1. Nigraha (See)
୨ । ଯୁଦ୍ଧ—2. Fight; war.

ନିଗ୍ରହଣୀୟ—ସଂ. ବିଣ. (ନି+ଗ୍ରହ୍ ଧାତୁ+କର୍ମ· ଅନୀୟ)—ନିଗ୍ରାହ୍ୟ;
Nigrahaṇiya ଦଣ୍ଡନୀୟ—Punishable.

ନିଗ୍ରହ ପୁଲିସ—ଦେ. ବି. (ଆଧୁନିକ ପ୍ରୟୋଗ)—କୌଣସି ଅଞ୍ଚଳର
Nigraha pulis ସମସ୍ତ ବ୍ୟକ୍ତିଙ୍କୁ ଦଣ୍ଡ ଦେବା ଉଦ୍ଦେଶ୍ୟରେ
पिटुनिपुलिस ସେମାନଙ୍କ ବ୍ୟୟରେ ସେ ସ୍ଥାନରେ ରଖାଯିବା
निग्रहपुलिस ପୁଲିସ ଫଉଜ—Punitive Police.

ନିଗ୍ରହ ସ୍ଥାନ—ସଂ. ଚ—୧ । ଯୁକ୍ତିରେ ହାରିବା—
Nigraha sthāna 1. Failure in argument.
୨ । ଯୁକ୍ତି ଦ୍ୱାରା ନାକାଲ ବା ଅପ୍ରତିଭ ହେବା ଅବସ୍ଥା—
2. The state of being driven to a corner in argument.
୩ । ସଙ୍କଟାପନ୍ନ ଦଶା—3. Critical position.
୪ । (ନ୍ୟାୟ) ଯୁକ୍ତି ତର୍କର ଅବସ୍ଥା ବିଶେଷ; ଯେଉଁ ଅବସ୍ଥାରେ ଦୁଇ ଜଣ ଯୁକ୍ତିକାରୀ ପରସ୍ପରବିରୁଦ୍ଧ କଥା କହନ୍ତି; କିମ୍ବା ଏକ ପକ୍ଷ ପରସ୍ପରବିରୁଦ୍ଧ କଥା କହେ—
4. (Logic) The position of being unfit to carry on an argument from impossibility of agreeing about first principles (M. W.)

ନିଗ୍ରହାନୁଗ୍ରହ—ସଂ. ବି. (ନିଗ୍ରହ+ଅନୁଗ୍ରହ; ଦ୍ୱନ୍ଦ୍ୱ; ବିପରୀତାର୍ଥକ
Nigrahānugraha ସହଚର)—୧ । ଦଣ୍ଡ ଓ ଅନୁଗ୍ରହ—
1. Punishment and favour.
୨ । ନିଷ୍ଠୁରତା ଓ ଦୟା—
2. Cruelty and kindness.

ନିଗ୍ରାହ—ସଂ. ବି. (ନି+ଗ୍ରହ୍ ଧାତୁ+ଭାବ. ଅ)—
Nigrāha ୧ । ଦଣ୍ଡ—1. Punishment; chastisement.
୨ । ଆକ୍ରୋଶ; ଶାପ—2 Imprecation.

ନିଗ୍ରାହକ—ସଂ. ବି. (ନି+ଗ୍ରହ୍ ଧାତୁ+କର୍ତ୍ତୃ. ଅକ)—
Nigrāhaka ଯେ ନିଗ୍ରହ କରେ; ନିଗ୍ରହକାରୀ—
(ନିଗ୍ରାହିକା—ସ୍ତ୍ରୀ) Punishing; punitive; repressive; oppressive; persecuting; coercive; treating severely.

ନିଗ୍ରାହୀ—ସଂ. ବିଣ. ପୁଂ(ନି+ଗ୍ରହ୍ ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ.)—
Nigrāhi ନିଗ୍ରାହକ (ଦେଖ) Nigrāhaka (See).
(ନିଗ୍ରାହିଣୀ—ସ୍ତ୍ରୀ)

ନିଗ୍ରାହ୍ୟ—ସଂ. ବିଣ. (ନି+ଗ୍ରହ୍ ଧାତୁ+କର୍ମ. ଯ)—
Nigrāhya ନିଗୃହୀତ ହେବାର ଯୋଗ୍ୟ—
Punishable; deserving punishment or harsh treatment.

ନିଗ୍ରୋ—ବୈଦେ. ବି. (ଇଂ. ନିଗ୍ରୋ, ଲାଟିନ୍-ନାଇଗର୍=କୃଷ୍ଣକାୟ,
Nigro ସ୍ପେନ୍ ଦେଶୀୟ ଭାଷା-ନେଗ୍ରୋ)—
निग्रो ଦକ୍ଷିଣ ଆଫ୍ରିକାର ଗ୍ରୀଷ୍ମ ପ୍ରଧାନ ଦେଶର ଆଦିମ
निग्रो ଅଧିବାସୀ; କୃଷ୍ଣକାୟ ଜାତି—The Negro.
[ଦ୍ର—ଏମାନଙ୍କର ଦେହର ବର୍ଣ୍ଣ ଗାଢ଼ କୃଷ୍ଣବର୍ଣ୍ଣ, ମସ୍ତକର କେଶ କୁଞ୍ଚିତ, ଓଠ ତେଣ୍ଟା ଓ ମୋଟ । ଏମାନଙ୍କୁ ପାଶ୍ଚାତ୍ୟ ଶ୍ୱେତାଙ୍ଗମାନେ ପୂର୍ବେ ବଳପୂର୍ବକ ଧରି ନେଇ ଦାସ ରୂପେ କାମରେ ଲଗାଉଥିଲେ ଓ ବିକ୍ରି କରୁଥିଲେ । ଆମେରିକାବାସୀ ଶ୍ୱେତାଙ୍ଗମାନେ ଏହି କ୍ରୀତ ନିଗ୍ରୋଦାସ ଓ ସେମାନଙ୍କ ବଂଶଧରମାନଙ୍କ ଦ୍ୱାରା ତାବତୀୟ ଗୃହକର୍ମ ଓ ମୂଲିଆ କାମ କରାଉଥିଲେ, କିନ୍ତୁ ଇଂରେଜମାନଙ୍କ ପ୍ରରୋଚନା ଓ ଚେଷ୍ଟା ଯୋଗୁଁ ସଭ୍ୟ ଦେଶମାନଙ୍କରୁ ଦାସମାନଙ୍କୁ ମୁକ୍ତି ଦିଆଗଲା ଓ ଏବେ ଏ ପ୍ରଥା ଉଠି ଯାଇଅଛି । ଦାସ ରୂପେ ଆମେରିକାକୁ ଯାଇଥିବା ଅନେକ ନିଗ୍ରୋଙ୍କ ବଂଶଧରମାନେ ବର୍ତ୍ତମାନ ଆମେରିକାର ସ୍ଥାୟୀ ଅଧିବାସୀ ହୋଇ ଅଛନ୍ତି । ଆଧୁନିକ ମନୁଷ୍ୟବିଜ୍ଞାନବିତ୍ ପଣ୍ଡିତମାନେ ପୃଥିବୀର ଅଧିବାସୀମାନଙ୍କୁ ୫ ଶାଖା ବା ଜାତିରେ ବିଭକ୍ତ କରି ଅଛନ୍ତି;—ଯଥା—କକେସୀୟ, ମଙ୍ଗୋଲୀୟ, ଇଥିଓପୀୟ ବା ନିଗ୍ରୋ, ମାଲୟ ଓ ଆମେରିକ । ଏହି ମଧ୍ୟରୁ ନିଗ୍ରୋ ଗୋଟିଏ ଶାଖା ଅଟେ ।]

ନିଘଞ୍ଚ—ଦେ. ବିଣ. (ସଂ. ନି=ବିଶେଷ ରୂପେ+ଘନ)—
Nighañcha ୧ । ନିବିଡ଼—1. Dense; thickly set,
गहनघना ହିଙ୍ଗୁଳି ଝଙ୍କାରିତ ମଞ୍ଜୁଳ କୁଞ୍ଜ ନିଘଞ୍ଚ କୃଷ୍ଣବନ ।
घना, निघन ନନ୍ଦକିଶୋର, ଶର୍ମିଷ୍ଠା ।
୨ । ଏକତ୍ରାବସ୍ଥିତ; ପରସ୍ପର ସଲଗ୍ନ; ଗାଢ଼—
2. Crowded; situated side by side.
ଅରେ ଏବେ ନିଘଞ୍ଚ କରି ବୋଇଲେ କଣ ଧାନ ଫଳେ?
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ନିଘଞ୍ଚନ—ଦେ. ବିଣ—ନିଘଞ୍ଚ (ଦେଖ)
Nighañchana Nighañcha (See)
ନିଥିଲେ ଛଡ଼ା କବଡ଼ା ହୁଡ଼ା, କଳେ୍ୟ ନିଘଞ୍ଚନ ସେ
ଅଭି ସେଠିକି ରେଇ ନ ପାରିବୁ ବଳଦ ଆଗରେ ଥୋ । କୃଷିବିଜ୍ଞ ।

ନିଘଣ୍ଟିକା—ସଂ. ଚ. (ନି+ଘଣ୍ଟ୍ ଧାତୁ=ସ୍ରାପ୍ତି ପାଇବା+ଇକ+ଆ)—
Nighaṇṭikā ଗୁଳୁଚ ଲତାର ମୂଳ; ଗୁଳଞ୍ଚ ମୂଳ—
The root of 'Gulañcha' creeper; Plumeria Acuminata.

ନିଘଣ୍ଟୁ—(ନି+ଘଣ୍ଟ୍ ଧାତୁ=ପ୍ରାପ୍ତି ପାଇବା+ଉ)—
Nighaṇṭu ୧ । ନାମ ସଂଗ୍ରହ—1. List of names.
ନିଘଣ୍ଟ, ନିଘଣ୍ଟକ } ଅନ୍ୟରୂପ ୨ । ନିର୍ଘଣ୍ଟ; ସୂଚୀପତ୍ର—2 Index.
୩ । ଶବ୍ଦକୋଷ; ଶବ୍ଦସଂଗ୍ରହ—
3. Vocabulary; lexicon; glossary.
୪ । ବୈଦିକ ଅଭିଧାନ ବା ଶବ୍ଦକୋଷ—
4. A vocabulary or glossary of vedic terms.
[ଦ୍ର—ଯାସ୍କ ତାଙ୍କ ରଚିତ 'ନିରୁକ୍ତ' ଗ୍ରନ୍ଥରେ ନିଘଣ୍ଟୁର ଟୀକା କରି ଅଛନ୍ତି ।]

ନିଘନ—ଦେ. ବିଣ (ସଂ. ଘନ)—୧ । ଘନିଷ୍ଠ ସମ୍ପର୍କୀୟ—
Nighana 1. Closely related.
घमा **सघन** ଶ୍ୟାମ ସାହୁ ବଡେଇର ନିଘନ ମଲାଣୁର ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । ଘନ ନିବିଡ଼; ଘଞ୍ଚ—2. Dense.
ନବଘନ ରୁଚିର ନଘନ କେଶ ମୋର । ପ୍ରାଚୀ. ଭଗବାରଧ ।
୩ । ମୋଟ; ସ୍ଥୂଳ—3. Thick
ଧୃଷ୍ଟ ଅଂଘ୍ରି ଗୁରୁ ଭର.
ନଘନ ଜାନୁ ଶୋଭକର । ଜଗନ୍ନାଥ, ଭାଗବତ ।
ପ୍ରାଦେ. (ବାଲେଶ୍ୱର) ବି—ଅତି ନିକଟ ସମ୍ପର୍କ—
Close relationship.

ନିଘମ—ଦେ. ବଣ. (ସଂ. ଘନ)—ଗମ୍ଭୀର; ଘୋର—
Nighama — Deep; profound.
ঘোর ঘোর, বিভোর (ଯଥା—ନିଘମ ନିଦ ।)

ନିଘରବାସ—ଦେ. ବଣ. (ସଂ. ନି+ଗୃହ+ବାସ)—ଯାହାର ଗୃହ ନାହିଁ; ଗୃହହୀନ; ବାସହୀନ—Homeless;
Nigharabāsa — having no place to live in.
निघर घट, निघरा
(ନିଘରୁଆ—ଅନ୍ୟରୂପ)

ନିଘସ—ସଂ. ବି (ନି+ଅଦ୍ ଧାତୁ+କର୍ମ. ଅ; ନିପାତନ)—ଭୋଜନ; ଭକ୍ଷଣ—Eating.
Nighasā

ନିଘା (ଇତ୍ୟାଦି)—ଦେ. ବି.—ନିଗା ଇତ୍ୟାଦି (ଦେଖ)
Nighā (etc) — Nigā etc. (See)
ପ୍ରାଦେ. (ସମ୍ବଲପୁର) ବି.—ଶଗଡ଼ର ଅଖ—
The axle of a cart.

ନିଘାତ—ସଂ. ବି.—(ନି+ହନ୍ ଧାତୁ+ଭାବ. ତ)—୧ । ଆହନନ; ପ୍ରହାର—1. A blow; a stroke.
Nighāta
୨ । ଉଦାତ୍ତ ସ୍ୱରକୁ ହନନ କରି ଅନୁଦାତ୍ତ କରିବା—
2. Suppression of the accent of a letter.
୩ । (+କର୍ମ. ଅ) ଅନୁଦାତ୍ତ ସ୍ୱର—
3. Unaccented letter.

ନିଘାତି—ସଂ. ବି. (ନି+ହନ୍ ଧାତୁ=ବଧ କରିବା+କରଣ. ତି)—
Nighāti ୧ । ଲୌହମୟ ଦଣ୍ଡ—1. An iron rod; a club of iron.
୨ । (+ଅଧିକରଣ. ତି) କମାରଙ୍କ ନିହାଇ—2. Anvil.
୩ । (+ଭାବ. ତି)—ହତ୍ୟାକରଣ; ବିନାଶକରଣ; ମାରି ପକାଇବା—3. Striking down; killing; destroying (M. W.)

ନିଘାବା(ମା)ନ୍—ବୈଦେ. ବି. (ଫା. ନିଗାହ୍‌ବାନ୍)—ନିଗାବାନ୍ (ଦେଖ)
Nighābā (mā)n — Nigābān (See)

ନିଘାବା(ମା)ନି—ବୈଦେ. ବି. (ଫା. ନିଗାହ୍‌ବାନି)—
Nighābā(mā)ni — ନିଗାବାନି (ଦେଖ)
Nigābāni (See)

ନିଘିନିଘିଆ—ପ୍ରାଦେ. (ଗଡ଼ଜାତ) ବଣ.—ଉଡୁଉଡିଆ (ଦେଖ)
Nighinighiā — Udu-udiā (See)

ନିଘୁଷ୍ଟ—ସଂ. ବଣ. (ନି+ଘୁଷ୍ ଧାତୁ=ଶବ୍ଦ କରିବା+କର୍ମ. ତ)—
Nighushṭa ୧ । ଶବ୍ଦିତ—1. Sounded.
୨ । ଉଚ୍ଚାରିତ—2. Uttered.
ବି. (+ଭାବ. ତ)—ନିନାଦ; ନିର୍ଘୋଷ; ଧ୍ୱନି—
Sound; noise.

ନିଘୃଣ—ଦେ. ବଣ.—(ସଂ. ନିର୍ଘୃଣ)—ଘୃଣାରହିତ—
Nighṛuṇa — Having no feeling of repulsion or antipathy.
निघिन्न

ନିଘୃଷ୍ୱ—ସଂ. ବି. (ନି+ଘୃଷ୍ ଧାତୁ=ଘର୍ଷିବା; ଟାପୁ ମାରିବା+କରଣ, ବନ୍; ୧ମା. ୧ବ.)—ଖୁରା; ଟାପୁ—1. Hoof.
Nighṛushwa
୨ । (କର୍ତ୍ତୃ. ବନ୍) ବାୟୁ—2. Air; wind.
୩ । ମାର୍ଗ—3. Road.
୪ । ବରାହ—4. A bear.
୫ । ଖର; ଅଶ୍ୱତର; ଖଚର—5. A mule.
୬ । ଗର୍ଦ୍ଦଭ; ଗଧ—6. Ass. (M. W.)
୭ । ଖୁରାର ଚିହ୍ନ—
7. The mark of a hoof (M. W.)
ସଂ ବଣ.—୧ । ଘୋରି ହୋଇ ଛିଣ୍ଡି ଯାଇଥିବା—
1. Rubbed off; worn away (M. W.)
୨ । କ୍ଲେଶିତ; ଉତ୍ପୀଡ଼ିତ—
2. Harassed; afflicted (M. W.)
୩ । ତୁଚ୍ଛ—3. Insignificant (M. W.)
୪ । କ୍ଷୁଦ୍ର—4. Small (M. W.)

ନିଘୋଟ—ଦେ. ବଣ.—ନିଘୋଡ଼ ୪ (ଦେଖ)
Nighoṭa — Nighorda 4 (See)

ନିଘୋଡ଼—ଦେ ବଣ.—୧ । ଅନାଚ୍ଛାଦିତ—
Nighorda — 1. Uncovered.
୨ । ଅରକ୍ଷିତ—2. Unprotected.
୩ । ନିଘନ; ପୂର୍ଣ୍ଣ—3. Full.
ଚତୁର୍ଥ ପାବଚ୍ଛ ଗୋଟା ନିଘୋଡ଼ ଅନାମିକା—ପ୍ରାଚୀ. ବ୍ରହ୍ମନିରୂପଣ ଗୀତା
୪ । (ସଂ. ଗାଢ଼, ଘୋର)—ଗାଢ଼ (ନିଦ)—
4. Deep (slumber); profound.
କ୍ରି. ବଣ.—ଗମ୍ଭୀରରୂପେ; ଅତ୍ୟନ୍ତ—Profoundly.

ନିଘୋଡ଼ ଶୋଇବା—ଦେ. କ୍ରି.—ଖୁବ୍ ଗମ୍ଭୀର ଭାବରେ ନିଦ୍ରା ଯିବା—
Nighorda śoibā — To sleep very soundly.
बिभोरशोना

ନିଘୋଡ଼େଣ—ଦେ. (ପ୍ରାଚୀନ ପଦ୍ୟ) କ୍ରି. ବଣ.—ନିଘୋଡ଼ (ଦେଖ)
Nighordeṇa — Nighorda (See)

ନିଘ୍ନ—ସଂ. ବଣ. (ନି+ହନ୍ ଧାତୁ=ବଧ କରିବା+କର୍ମ. ଅ)—
Nighna ୧ । ଅଧୀନ—1. Dependent.
୨ । ଅଧୃଷ୍ଟ; ବଶୀଭୂତ—
2. Subservient; subjugated
୩ । ଗୃହପାଳିତ; ପୋଷା—3. Domesticated; tamed.
୪ । ଆଜ୍ଞାବର୍ତ୍ତୀ—4. Obedient.
୫ । ଅନୁଗତ—5. Devoted.
୬ । ପୂର୍ଣ୍ଣ—6. Full of.
୭ । (ଗଣିତ) ଗୁଣିତ—7. (Arithmetic) Multiplied.
୮ । (କର୍ତ୍ତୃ. ଅ) ଘାତକ—8. Slaying; killing; murderous.

ନିଘ୍ନତ—ସ. ବିଣ.—(ନି+ହନ୍ ଧାତୁ+କର୍ତ୍ତୃ. ତ)—ହତ୍ୟାକାରୀ—
Nighnata Slaying; killing (M. W.)
(ନିଘ୍ନମାନ, ନିଘ୍ନାନ—ଅନ୍ୟରୂପ)

ନିଙ୍ଗ୍ରା(ଡ଼ା)—ପ୍ରାଦେ. (ଗଡ଼ଜାତ) ବି.—ସୋଡ଼ ବା ଛୋଟ ନଈ
Ning-rā (ṛdā) (ପାହାଡ଼ରେ ଉଚ୍ଚଭୂମି ଓ ପର୍ବତରୁ ନିର୍ଗତ ହୋଇ ଆସୁଥିବା ପାଣି ବୋହି ଯାଏ)—A hill streatmulet hill spring.

ନିଙ୍ଗ୍ରି(ଡ଼ି)ବା—ପ୍ରାଦେ. (ଗଡ଼ଜାତ) କି.—ନିଗିଡ଼ିବା (ଦେଖ)
Ning-ri(ṛdi)bā Nigiṛdibā (See)

ନିଙ୍ଗ (ଇତ୍ୟାଦି)—ଗ୍ରା. ବି—ଲିଙ୍ଗ ଇତ୍ୟାଦି (ଦେଖ)
Ninga (etc) Linga etc (See).

ନିଙ୍ଗା—ଗ୍ରା. ବି—ଲିଙ୍ଗା (ଦେଖ)
Ningā Lingā (See).
(ନିଚଯ୍ୟେ—ଅନ୍ୟରୂପ)

ନିଚ୍‌ପଟା—ପ୍ରାଦେ. (ସମ୍ବଲପୁର)—ବିଣ.—ନିଷ୍ପଟ୍ (ଦେଖ)
Nich–paṭā Nishpaṭ (See)

ନିଚମନ—ସ. ବି. (ନି+ଚମ୍ ଧାତୁ+ଭାବ. ଅନ)—ଆଚମନ; ଅଳ୍ପ
Nichamana ଅଳ୍ପ କରି ପାଣି ପିଇବା—Sipping.

ନିଚୟ—ସ. ବି (ନି+ଚି ଧାତୁ=ତୋଳିବା; ଏକତ୍ର କରିବା+
Nichaya କର୍ମ. ଅ) ୧ । ସମୂହ; ପୁଞ୍ଜ; ନିବହ—
1. Multitude; assemblage; collection.
୨ । ଗଦା; ସ୍ତୂପ—2. Heap; mass.
୩ । (+ଭାବ.ଅ) ସଞ୍ଚୟ—3. Gathering; storing; store.
୪ । ଉପଚୟ; ବୃଦ୍ଧି—4. Increase.
୫ । ନିଶ୍ଚୟ (ହ୍ର. ଶ.)—5. Certainty (Apte).
ଗ୍ରା. ଅ. ନିଶ୍ଚେ—Certainly.
ଅଭ ନ ଜାଣିବ ନିଚୟେ ମରିବ—ହରିବ ମନର ବେଦନା ।
(ନିଚଯ୍ୟେ—ଅନ୍ୟରୂପ) ପ୍ରାଚୀ. ପ୍ରଭାପ ଶଶିରେଖା ।

ନିଚଳ—ଦେ. ବିଣ. (ସ. ନିଶ୍ଚଳ)—ନିଶ୍ଚଳ (ଦେଖ)—
Nichaḷa Nischaḷa (See)
ଅନ୍ୟ **ନିଚଲ** ଲୁବ୍‌ଧ ମଧୁପାନେ ମଧୁପ ନିଚଳ—ପ୍ରାଚୀ ରହସ୍ୟମଞ୍ଜରୀ ।

ନିଚାୟ—ସ. ବି. (ନି+ଚି ଧାତୁ=ଗଦା କରିବା+କର୍ମ. ଅ)—
Nichāya ଧାନଗଦା—A heap of paddy.

ନିଚିକୀ—ସ. ବି. ସ୍ତ୍ରୀ—ଉତ୍କୃଷ୍ଟା ଗୌ—An excellent cow.
Nichiki (ନୈଚିକୀ—ଅନ୍ୟରୂପ)

ନିଚିତ—ସ. ବିଣ. (ନି+ଚି ଧାତୁ—ଏକତ୍ର କରିବା+କର୍ମ. ତ)
Nichita ୧ । ଗଦା କରାଯିବା—1. Gathered; collected; heaped; piled up; accumulated.
୨ । ପରିପୂର୍ଣ୍ଣ—2. Full of; filled with.
୩ । ବ୍ୟାପ୍ତ; ଆକୀର୍ଣ୍ଣ—3. Pervaded.
୪ । ରଚିତ—4. Fabricated; composed; made.
୫ । ଆବୃତ—5. Covered; overcast.
୬ । ସଞ୍ଚିତ—6. Stored; hoarded.
୭ । ଉପାର୍ଜିତ—7. Earned.
୮ । ଉତ୍ତୋଳିତ—8. Raised up (Apte).
୯ । ସଙ୍କୀର୍ଣ୍ଣ (ହ୍ର. ଶ.)—9. Narrow.

ନିଚିନ୍ତ—ଗ୍ରା. ବିଣ. (ସ. ନିଶ୍ଚିନ୍ତ)—ନିଶ୍ଚିନ୍ତ (ଦେଖ))—
Nichinta Nischinta (See)
ନିଚିନ୍ଦି **ନିଚିନ୍ତ** ସେବୁ ଭାବକେ ନିଚନ୍ତେ ରହିଲେ—ପ୍ରାଚୀ. ପ୍ରତାପଶଶୀରେଖା ।
[ନିଚନ୍ତା, ନିଚନ୍ତି, ନିଚନ୍ଦ, ନିଚିନ୍ତ(ନ୍ତା,ନ୍ତି)—ଅନ୍ୟରୂପ]

ନିଚପଡ଼—ପ୍ରାଦେ. (ସ୍ଥାନ) ବିଣ—୧ । ନିଶ୍ଚିନ୍ତ— At ease.
Nichiparda ୨ । ସ୍ବଚ୍ଛନ୍ଦ—2. Comfortable.
୩ । ପରିଷ୍କାର ପରିଚ୍ଛନ୍ନ—3. Neat and clean.
ଘରେ ସାବୁନ ଲଗାଇ ପଡ଼ରେ କାଳ ନିଚପଡ଼ ହୋଇ ଗାଧୁଅ ପାଧୁଅ ଯାଇ କଲିକିଆଥାଏ କଲେ—ପାଠାମ୍ବସ. କାନ୍ତକବାବୁ ।

ନିଚୁ—ଦେ. ବି.—ଲିଚୁ (ଦେଖ)—
Nichu Lichu (See)

ନିଚୁଳ—ସ. ବି. (ନି+ଚୁଲ୍ ଧାତୁ=ଉନ୍ନତ ହେବା+କର୍ତ୍ତୃ. ଅ)—
Nichuḷa ୧ । ବେତ ଲତା—1. Cane; ratan creeper; Calamus Rotang.
୨ । ହିଜ୍ଜଳ; ହୁଞ୍ଜଲ ଗଛ—2. Barringtonia Acutangula (tree).
୩ । ନିଚୋଳ (ଦେଖ)—3- Nichoḷa (See).
୪ । (ନାମ) କାଳିଦାସଙ୍କ ବନ୍ଧୁ ଓ କବି—
4. Name of a poet and friend of Kālidāsa (Apte).

ନିଚୁଳକ—ସ. ବି. (ନି+ଚୁଲ୍‌ଧାତୁ+ଅକ)—ନିଚୋଳ (ଦେଖ)
Nichuḷaka Nichoḷa (See)

ନିଚେଁ—ଗ୍ରା. ଅ. (ସ. ନିଚୟ)—ନିଶ୍ଚେଁ; ଅବଶ୍ୟ—
Nicheñ Certainly; surely.
ନିଚ୍ୟ **ନିଚୈ, ନିଜ** ଗୃଳ ନିଚେଁ ବନ ଯିବା ଗମନ କରି—ପ୍ରାଚୀ ରସବାରିଧି ।
(ନିଚେ, ନିଛେ, ନିଛେଁ—ଅନ୍ୟରୂପ)

ନିଚେଷ୍ଟ(ଷ୍ଟ)—ଗ୍ରା. ବିଣ (ସ. ନିଶ୍ଚେଷ୍ଟ)—୧ । ଚେଷ୍ଟାହୀନ—
Nicheshṭa(shṭha) 1. Without exertion.
ନିଚେଷ୍ଟା(ଷ୍ଟା) } ଅନ୍ୟରୂପ ୨ । ନିଶ୍ଚଳ—
ନିଚେଚେଷ୍ଟା(ଷ୍ଟା) } 2 Motionless.
ନିଚେଷ୍ଟ ୩ । ଅଜ୍ଞାନ—3. Insensible; unconscious.
ନିଚେଷ୍ଟ କରି ପ୍ରବେଶ ପରି ଯାଇ ସୁଚେତନା ପାଶେ ରହି । ଲକ୍ଷ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ନିଚୋଳ—ସ. ବି(ନି+ଚୁଲ ଧାତୁ=ଅବଗୁଣ୍ଠନ କରିବା; ଆବୃତ କରିବା
Nichoḷa +କରଣ. ଅ)—୧ । ଚୋଗା—
1. A toga; overcoat.
୨ । ଘାଘରା; ଉତ୍ତରଚ୍ଛଦ—
2. Surtout; petticoat; apron.
୩ । ଶାଢ଼ୀ—3. Cloth worm by women.
୪ । ଉତ୍ତରୀୟ—4. Upper garment; mantle.
୫ । ପ୍ରଚ୍ଛଦପଟ; ପାଛୁଡ଼ା; ଏକପଟା; ଦୋପଟା; ଦୋସଡ଼ା—
5. A sheet; wrapper.
୬ । ସାଞ୍ଜୁ—6. Armour; cuirass; breastplate.
୭ । ଦୋଳିକାବରଣ; ସବାରିଆଦିର ଘଟାଟୋପ—
7. A cover for a litter or palky.
୮ । କାଞ୍ଚୁଲି; ଜାକେଟ; ଫତେଇ—
8. A jacket; bodice.

୯ । ଓଢ଼ଣା; ଓଢ଼ଣୀ—9. A veil.

ନିଚୋଳ କର ନିଚୋଳ ମଣ୍ଡନାରେ ସହ୍ର—ଭକ୍ତ. ପ୍ରେମସୁଧାନିଧି

୧୦ । ବାକସ—10. A case; a box (M.W.).

୧୧ । ବିଛଣା ଘୋଡ଼ଣୀ—11. A bed cover.

ଦେ. ବଣ. ପୁଂ—କାଞ୍ଚୁଲାହୀନ—Jacketless.

ନିଚୋଳକ—ସଂ. ବି (ନି+ଚୁଲ୍ ଧାତୁ+ଅକ)—ନିଚୋଳ (ଦେଖ)
Nicholaka Nichola (See).

ନିଚୋଳୀ—ସଂ. ବି (ନି+ଚୁଲ୍ ଧାତୁ+ଅ+ଈ)—ନିଚୋଳ (ଦେଖ)
Nicholi Nichola (See)

ନିଚୟ—ପ୍ରାଦେ (ମେଦିନୀପୁର) କ୍ରି. ବିଣ—ନିଶ୍ଚୟ; ଅବଶ୍ୟ—
Nichchaya Certainly

ନିଚ୍ଛବି—ସଂ. ବି (ନି+ଛବି=ଦୀପ୍ତି)—୧ । ତ୍ରିହୂତ ଦେଶ—
Nichchhabi 1. Tirhoot (Division).

୨ । ବର୍ଣ୍ଣସଙ୍କରଜାତିବିଶେଷ—
2. Name of a mixed caste.

[ଦ୍ର—ସବର୍ଣ୍ଣା ସ୍ତ୍ରୀଠାରୁ ଉତ୍ପନ୍ନ ବ୍ରାତ୍ୟ କ୍ଷତ୍ରିୟଜାତିକୁ ନିଚ୍ଛବି ବୋଲାଯାଏ—ହ. ଶ. ।]

ନିଚ୍ଛେଦ—ସଂ. ବି (ନି+ଛିଦ୍ ଧାତୁ+ଭାବ. ଅ)—ଛେଦନ; କର୍ତ୍ତନ—
Nichchheda Cutting.

ନିଚ୍ଛେଦ୍ୟ—ସଂ. ବଣ (ନି+ଛିଦ୍ ଧାତୁ+କର୍ମ. ଯ)—୧ । ଅଚ୍ଛେଦ୍ୟ—
Nichchhedya 1. Inseparable.

୨ । ଅଭେଦ୍ୟ—2. Inpenetrable.

୩ । ଅବିଭାଜ୍ୟ—3. Indivisible.

ନିଛକ୍—ଦେ. ବଣ—୧ । (ସଂ. ନିସର୍ଗ)—ଅବିମିଶ୍ର; ଶୁଦ୍ଧ; ଖାଣ୍ଟି—
Nichhak Unalloyed; pure; genuine.
(ନିଛକ୍—ଅନ୍ୟରୂପ) ୨ । (ସଂ. ନିଷ୍କକ୍ଷ)-ନିଭୃତ; ନିରୋଳା; ନିର୍ଜନ—
ନିছক **নিছক** Solitary; lonely.
নিরালা **ନଛକ** ଦେ. କ୍ରି. ବଣ—୧ । ନିଶ୍ଚୟ; ନିଃସନ୍ଦେହରୂପେ—
1. Undoubtedly.

୨ । ପରିଶୁଦ୍ଧରୂପେ—2. Purely.

ନିଛତ୍ର—ଦେ. ବଣ. (ସଂ. ନିଃକ୍ଷତ୍ର) ୧ । କ୍ଷତ୍ରିୟଶୂନ୍ୟ—
Nichhatra 1. Devoid of all warriors; with all
নিক্‌ষত্র **निच्छत्र** its warriors killed.
(ନିଛତ୍ରି, ନିଛତ୍ର, ନିଛତ୍ରି—ଅନ୍ୟରୂପ)

୨ । ଅରାଜକ (ଦେଖ) —2. Kingless; anarchical.

୩ । ନିଃକ୍ଷତ୍ରିୟ—3. Destitute of Kshatriyas or warriors.

୪ । ଛାରଖାର; ଧ୍ୱଂସପ୍ରାପ୍ତ—
4. Devastated; destroyed.

ବି—ଏକ ପ୍ରକାର ଘର —A kind of house

ନିଛଳ—ଦେ. ବି. (ସଂ. ଛଳ)—କପଟତା—
Nichhala Knavery; deceitfulness.
(ନିଛଳା—ଅନ୍ୟରୂପ) ଦେ. ବଣ. (ସଂ. ନିଷ୍ଛଳ)—୧ । ଛଳନାଶୂନ୍ୟ;
নিছল ସରଳ—1. Frank.
निछल ୨ । ନିଛଳିଆ (ଦେଖ)—2 Nichhalia (See)

ନିଛଳିଆ—ଦେ. ବଣ. ପୁଂ—୧ । ଯେଉଁ ବ୍ୟକ୍ତି ସାମାନ୍ୟ କଥାରେ ବା
Nichhalia ଗାଳିରେ ଅପଥା ଛଳ ବା ଅପମାନ କରେ ନାହିଁ—
(ନିଛଳେଇ—ସ୍ତ୍ରୀ) 1 (a person) Who does not take
(ନିଛଳା, ନିଛଳୁଆ—ଅନ୍ୟରୂପ) offence at petty matters.
(ନିଛଳି, ନିଛଳୋଇ—ସ୍ତ୍ରୀ) ୨ । ନିଷ୍କପଟ—2. Frank.
নিছল **निछल**

ନିଛାଟ—ଦେ. ବି—ନିର୍ଜନତା—Solitude.
Nichhata ବଣ—୧ । ନିର୍ଜନ—1 Solitary; lonely.
(ନିଛାଟ—ଅନ୍ୟରୂପ) ୨ । ଏକାକୀ; ଏକୁଟିଆ—2. Alone.
নিরালা ଗୋଟିଏ ପୁଣି ଏହି ବେଳାରେ ଯାଇ 'ନିଛାଟଲି'
निछका ନିଛାଟ ଭୂମିରେ । ଅଜଣ୍ଡିତ୍ରକ୍. ସ୍ୱେଦଦୀପଣୀ ।

ନିଛାଟିଆ—ଦେ. ବି—ନିର୍ଜନତା—Solitude.
Nichhatia ବଣ—୧ । ନିର୍ଜନ—1. Solitary; lonely.
(ନିଛାଟିଆ—ଅନ୍ୟରୂପ) ୨ । ଏକୁଟିଆ; ଏକାକୀ—Single; walking alone.

ନିଛିବା—ପ୍ରାଦେ. (ସମ୍ବଲପୁର) କ୍ରି—ଚାଞ୍ଛିବା—
Nichhiba To scrape off.

ନିଛୁଣା—ଦେ. ବଣ. ପୁଂ—ନିଉଛୁଣା (ଦେଖ)
Nichhuna (ନିଛୁଣୀ—ସ୍ତ୍ରୀ) Niuchhuna (See)

ନିଜ୍ (ଧାତୁ)—ସଂ—୧ । ଧୋଇବା—1. To wash.
Nij (root) ୨ । ଶୋଧନ କରିବା—2. To rectify.

ନିଜ୍—ଦେ. କ୍ରି. ବଣ (ନିଚଇଆ; ସଂ. ନିଜ)—ସ୍ୱୟଂ; ଅପେ—
Nij One's self; self.
ନିଜ } ଅନ୍ୟରୂପ (ଯଥା—ଦାଖଲ ଖଜଣା ଗ୍ରାମ ସାନ୍ତୁ ଟ ୫୯
ନିଜେ } । ଦ । ନିଜ୍ ।)
निज **খুদ; निज** ବଣ—ସେହି; ଏକମାତ୍ର—Selfsame.

ନିଜ—ସଂ. ବଣ. (ନି+ଜନ୍ ଧାତୁ+କର୍ତ୍ତୃ. ଅ)—
Nija ୧ । ଆପଣାର; ସ୍ୱକୀୟ; ସ୍ୱୀୟ—1 One's own.
(ନିଜା—ସ୍ତ୍ରୀ) ୨ । ସ୍ୱାଭାବିକ—2. Natural; proper.
(ନିଜତ୍ୱ—ବି) ୩ । ଅନାଦି; ନିତ୍ୟ—3. Eternal.

୪ । ଅନନ୍ତ—4 Endless.

୫ । ଅକ୍ଷୟ—5. Imperishable; inexhaustible.

୬ । ଅସୀମ—6. Unlimited.

୭ । ସନାତନ; ସତତ; ଚିର—7. Perpetual.

୮ । ସ୍ଥାୟୀ—8. Constant; permanent.

ଦେ. ବି—ସ୍ୱୟଂ—One's self.

निज [ଦ୍ର—ସଂସ୍କୃତରେ ନିଜ ଶବ୍ଦ ବଣ; କିନ୍ତୁ ଓଡ଼ିଆରେ,
निज ବଙ୍ଗଳାରେ ଓ ହିନ୍ଦିରେ ନିଜ ଶବ୍ଦ ସଙ୍ଗେ ବିଭକ୍ତ୍ୟନ୍ତ ପ୍ରତ୍ୟୟ
(ନିଜ—ଅନ୍ୟରୂପ) ଯୋଗ କରି ନିଜର, ନିଜକୁ, ନିଜଠାରୁ ଆଦି ଶବ୍ଦ ବ୍ୟବହୃତ ହୁଏ ।]

ନିଜ କର୍ମ—ସଂ. ବି—ଆପଣାର କାମ—One's own duties; one's
Nija karma (ନିଜକାର୍ଯ୍ୟ—ଅନ୍ୟରୂପ) peculiar work.

ନିଜ ଖରଚ—ଦେ. ବି—ଆପଣାର ବ୍ୟକ୍ତିଗତ ଆବଶ୍ୟକ ବ୍ୟୟ—
Nija kharacha One's private expenses.
निजखरच **निजखर्च** (ନିଜ ଖରଚ; ନିଜଖର୍ଚ୍ଚ—ଅନ୍ୟରୂପ)

ନିଜ ଗାଁ—ଦେ. ବି. (ଲିଙ୍ଗହୀନ)—୧ । ଏକ୍ସ ଗ୍ରାମ—
Nija gāñ 1. The same village.
(ନିଜଗାଆଁ; ନିଜଗାଁ—ଅନ୍ୟରୂପ) ୨ । ପୂର୍ବୋକ୍ତ ଗ୍ରାମ—
নিজগাঁ 2. The said village.
निजगाँव ୩ । ଅପଣା ଗ୍ରାମ—3. One's own village.
[ଦ୍ର—କୌଣସି ଗ୍ରାମର ଜମି ବିକ୍ରି କରାଯାଉଥିଲେ ଉକ୍ତ କବାଲାରେ ଯେବେ ସେହି ଗ୍ରାମ ଅଧିବାସୀ କେହି ବ୍ୟକ୍ତି ସାକ୍ଷୀ ପଡ଼େ ତେବେ ଲେଖାଯାଏ ଇସାଦ, ଅମୁକ, ସାକିନ୍—ନିଜଗାଁ ।]

ନିଜଚାଷ—ଦେ. ବି (ସଂ. ନିଜ+କୃଷି)—ଜମିଦାର ନିଜେ
Nijachāsha ଚାଷ କରିବା ଜମି; ଖମାର ଚାଷ—
নিজজোত Land cultivated by the zamindar
खुदकाश्त; जिरात himself; nijchas; nijjote.
(ନିଜଚାଷ—ଅନ୍ୟରୂପ) [ଦ୍ର—ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନର ବିଧାନ ଅନୁସାରେ ଜମିଦାରଙ୍କ ନିଜର ହଳ ଓ ମୂଲିଆଙ୍କଦ୍ୱାରା ଚାଷ କରାଯାଉଥିବା ଜମି ମଧ୍ୟରୁ ଯେଉଁ ଜମି ୧୮୯୮ ସାଲର ପ୍ରୋଭିନ୍‌ସିଅଲ୍ ବନ୍ଦୋବସ୍ତରେ ଜମିଦାରଙ୍କ ନିଜଚାଷ ବୋଲି ବନ୍ଦୋବସ୍ତ ରେକର୍ଡ଼ରେ ଦରଜ ହୋଇଥିଲା ଓ ପରବର୍ତ୍ତୀ ବନ୍ଦୋବସ୍ତରେ ମଧ୍ୟ ନିଜଚାଷ ବା ନିଜଯୋତ ବୋଲି ଦରଜ ହୋଇଅଛି ତାହା ନିଜଯୋତ ବୋଲି ଗୃହୀତ ହେବ । ଏହା ଛଡ଼ା ଜମିଦାରଙ୍କ ଖାସ୍ ଦଖଲରେ ଥିବା ଅନ୍ୟ ଜମିମାନ ନିଜଚାଷ ଅଟେ । ନିଜ ଯୋତ ଜମି ପ୍ରଜାକୁ ବିଲି କରାଗଲେ ତହିଁରେ ପ୍ରଜାର ସ୍ଥିତିବାନ୍ ସ୍ୱତ୍ୱ ଉଦ୍ଭବ ହୋଇ ନ ପାରେ, କିନ୍ତୁ ନିଜଚାଷ ଜମିରେ ପ୍ରଜାର ସ୍ଥିତିବାନ୍ ସ୍ୱତ୍ୱ ଉଦ୍ଭବ ହୁଏ ।]

ନିଜଞ୍ଜାଳ—ଦେ. ବିଣ (ସଂ. ନିର୍+ଜଞ୍ଜାଳ)—୧ । ଯହିଁରେ
Nijañjāḷa କୌଣସି ଗୋଳମାଳ ବା କଷ୍ଟ ନାହିଁ—
নিজংজালী 1. Free from difficulty or trouble or
निजंजाली complications.
୨ । (ପୁଂ)—ନିଜଞ୍ଜାଳି (ଦେଖ)
(ନିଜଞ୍ଜାଳୀ—ସ୍ତ୍ରୀ) Nijañjāḷi (See)

ନିଜଞ୍ଜାଳି—ଦେ. ବିଣ. ପୁଂ—୧ । ନିଶ୍ଚିନ୍ତ—
Nijañjāḷi 1. Free from anxiety or care.
(ନିଜଞ୍ଜାଳିଆ—ଅନ୍ୟରୂପ) ୨ । ଶାନ୍ତ—2. Tranquil; at ease.
(ନିଜଞ୍ଜାଳୀ, ନିଜଞ୍ଜାଳେଇ—ସ୍ତ୍ରୀ) ୩ । ଯେଉଁ ବ୍ୟକ୍ତି ସାଂସାରିକ
নিজংজালী **निजंजाली** ଜଞ୍ଜାଳରୁ ମୁକ୍ତ—3. Having no worldly encumbrance; unencumbered.
୪ । ଗୋଳମାଳରୁ ନିଶ୍ଚିନ୍ତ—4. Free from trouble or complication or confusion.

ନିଜ ତନ୍ତ୍ରୀ—ସଂ. ବିଣ (ନିଜ+ତନ୍ତ୍ର+ଇନ୍.୧ମା. ୧ବ)—୧ । ସ୍ୱାଧୀନ—
Nijatantrī 1. Independent.
୨ । ସ୍ୱତନ୍ତ୍ର—2. Autocratic.

ନିଜଦିଆ—ପ୍ରାଦେ. (ଯାଜପୁର) ବି—କୃଷକମାନଙ୍କର ସର୍ବ ପ୍ରଥମେ ବର୍ଷର
Nijadiā ପାଚିଲା ଧାନ କାଟି ଘରକୁ ଆଣିବା ଉପଲକ୍ଷରେ ଅନୁଷ୍ଠିତ ଉତ୍ସବବିଶେଷ—A feast observed by cultivators on the first day when they bring the year's ripe paddy home.
[ଦ୍ର—ଧାନ ପାଚିବାର ଦେଖାଗଲେ ଯେ ଦିନ କମ୍ୱା ଯେଉଁ ଦିନ କୃଷକ ପ୍ରଥମେ ଧାନ କାଟି ଘରକୁ ଆଣେ ସେ ଦିନ ସେହି ନୂଆ ଧାନର ଚାଉଳରେ ଖୀରି କରି କୃଷକ ପରିବାରର ସମସ୍ତେ ଖାଆନ୍ତି ।]

ନିଜ(ର୍ଜ୍ଜ)ନ—ଗ୍ରା. ବିଣ. (ସଂ. ନିର୍ଜନ)—
Nija(jja)na ୧ । ବିଜନ; ଜନଶୂନ୍ୟ—1. Solitary.
নির্জ্জন ୨ । ନିସ୍ତବ୍ଧ; ନୀରବ—1. Silent; quiet.
निडक्का, सुनसान

ନିଜନ ରାତି—ଗ୍ରା. ବି—୧ । ନିସ୍ତବ୍ଧ ରାତ୍ରି—
Nijana rāti 1. Dead of night; silence of
নির্জন রাত night.
सुनशान रात ୨ । ଅର୍ଦ୍ଧ ରାତ୍ରି—2. Midnight.

ନିଜ ନିଜ—ଦେ. ବିଣ. (ବହୁବଚନ; ବିଶେଷଣ ପୂର୍ବରେ ଲାଗେ)—
Nijanija ଅପଣା ଅପଣାର; ଯେ ଯାହାର—
নিজে নিজের, নিজনিজ Respective; pertaining to
निजका, अपना अपना each respectively.
(ନିଜ ନିଜର—ଅନ୍ୟରୂପ)

ନିଜ ମତ—ସଂ. ବି (କର୍ମଧା; ନିଜ+ମତ)—ଅପଣାର ମତ—
Nija mata One's own view or opinion.

ନିଜ ମୌଜା—ଦେ. ବି. (ସଂ. ନିଜ+ଫା. ମୌଜା) —
Nija maujā ୧ । ଅପଣାର ବାସସ୍ଥାନ ଗ୍ରାମ—
ନିଜ୍ ମୌଜା } 1. One's residential village.
ନିଜ ମୌଜା } ଅନ୍ୟରୂପ
ନିଜ ମଉଜା } ୨ । ନିଜଗାଁ (ଦେଖ)
নিজ মৌজা **निज मौजा** 2. Nijagāñ (See)

ନିଜ ଯୋତ—ଦେ. ବି—ନିଜ ଚାଷ (ଦେଖ)
Nija jota Nija chāsha (See)
(ନିଜ ଯୋତ—ଅନ୍ୟରୂପ) [ନିଜଚାଷ ତଳେ ନୋଟ୍ ଦେଖ]

ନିଜ ରୂପ ଦେଖା(ଖୋ)ଇବା—ଦେ. କ୍ରି (ଅକ୍ଷରିକ ଅର୍ଥ ଓ ଲକ୍ଷଣାର୍ଥ)—
Nija rūpa dekhā(khe)ibā ୧ । ଛଦ୍ମ ରୂପ ଛାଡ଼ି ଅପଣାର
(ନିଜ ରୂପ ଧରିବା—ଅନ୍ୟରୂପ) ପ୍ରକୃତ ଚେହେରା ଦେଖାଇବା—
নিজের রূপ দেখান 1. (literary and figurative)
निज रूप दिखाना To come out in one's true colours.
୨ । (ଲକ୍ଷଣାର୍ଥ) ଅତ୍ୟନ୍ତ ରାଗାନ୍ୱିତ ହେବା—
2. (figurative) To become very angry.
୩ । (ଲକ୍ଷଣାର୍ଥ) ନିଜର ଆନ୍ତରିକ ମତ ଗୋପନ ନ କରି ପ୍ରକାଶ କରିବା—3. (figurative) To show one's colours to express one's sincere views.

ନିଜସ୍ୱ—ସଂ. ବି. (୬ଷ୍ଠୀ ତତ୍; ନିଜ+ଧନାର୍ଥେ. ସ୍ୱ; ତୁଳ—ବ୍ରହ୍ମସ୍ୱ,
Nijaswa ଦେବସ୍ୱ, ସର୍ବସ୍ୱ)—
ସ୍ୱକୀୟ ଧନ—One's own property.
ବିଣ—ସ୍ୱକୀୟ—One's own.

ନିଜା—ସଂ. ବି. ସ୍ତ୍ରୀ. (ନିଜ+ସ୍ତ୍ରୀ. ଆ)—
Nijā ପତିବ୍ରତା—Devoted to her husband; chaste (woman).

ନିଜାମ୍—ବୈଦେ. ବି (ଆ)—୧ । ରାଜପ୍ରତିନିଧି; ଶାସନକର୍ତ୍ତା—
Nijām 1. Governor; Viceroy.
নিজাম ୨ । ଦକ୍ଷିଣ ଭାରତରେ ହାଇଦ୍ରାବାଦ ରାଜ୍ୟର ମୁସଲମାନ
निजाम ରାଜାଙ୍କ ଉପାଧି—2 Nizam; the title of the Mohamedan ruler of the Hyderabad State in South India.
ଯବନ ନିଜାମ ଦାକ୍ଷିଣାତ୍ୟେଶ୍ୱର । ରାଧାନାଥ. ଦରବାର ।
[ଦ୍ର—ଏ ରାଜାଙ୍କ ଉପାଧି ନିଜାମ୍ ଉଲ୍ ମୁଲ୍କ୍ ଅଟେ । ନିଜାମ୍ ଶବ୍ଦ ଇଂରାଜି ଭାଷାରେ ଚଳନ୍ତି ।]

ନିଜାମତ୍—ବୈଦେ. ବି. (ଆ)—ରାଜ୍ୟଶାସନ—
Nijāmat Administration; judicial and executive
নিজামত निजामत government of a country.
[ଦ୍ର—ବଙ୍ଗବିହାର ଓଡ଼ିଶାର ରାଜସ୍ୱ ଆଦାୟର ଭାର (ଦେବାନୀ ମୋଗଲ ସମ୍ରାଟ ସାହାଆଲମଙ୍କ ଠାରୁ ଇଷ୍ଟ୍ଇଣ୍ଡିଆ କୋମ୍ପାନି କ୍ଲାଇବଙ୍କ ଅମଳରେ ୧୭୬୫ ଖ୍ରୀଷ୍ଟାବ୍ଦରେ ୨୬ ଲକ୍ଷ ଟଙ୍କା ବାର୍ଷିକ ଜମାରେ ସନନ୍ଦଦ୍ୱାରା ପାଇଥିଲେ ଓ ନିଜାମତ୍ (ରାଜ୍ୟ ଶାସନ ଓ ବିଚାର) ବଙ୍ଗର ନବାବଙ୍କଠାରେ ପୂର୍ବପରି ରଖାଯାଇଥିଲା । ଲର୍ଡ଼ କ୍ଲାଇବଙ୍କ ଏହି ଦ୍ୱୈତଶାସନ ଚଳିଲା ପରେ ବଙ୍ଗ ବିହାର ଓଡ଼ିଶାର ନିଜାମତ୍ ମଧ୍ୟ ଇଂରାଜଙ୍କର ହସ୍ତଗତ ହେଲା ।]

ନିଜାମତ୍ ଅଦାଲତ—ବୈଦେ. ବି. (ଆ)—ଶାସନବିଭାଗୀୟ ବିଚାରାଳୟ—
Nijāmat adālata Court of the executive govern-
নিজামত আদালত निजामतअदालत ment of a country.

ନିଜାମତି—ବୈଦେ. ବି. (ଫା. ନିଜାମତ)—ନିଜାମଙ୍କ ପଦବୀ—
Nijāmati The position of a Nizam.
নিজামতি निजामती

ନିଜାରତ୍—ବୈଦେ. ବି. (ଫା)—ନାଜରଙ୍କ କାର୍ଯ୍ୟ—
Nijārat The duties or post of a Nazir.
(ନିଜାରତି, ନାଜରାତି—ଅନ୍ୟରୂପ)
নিজারত; নাজরাতি निजारत

ନିଜା(ଜ୍ଞା)ସ—ଦେ. ବିଣ. (ସଂ. ନିର୍ଯ୍ୟାସ)—ନିଶ୍ଚିତ—
Nijā (jjā)sa Certain.
নিজাস ବି.—୧ । ଆନ୍ତରିକ ଭାବ—
नियुक्त बात् 1. Actual wish.
୨ । ସାର ମର୍ମ—2. Gist; purport.
୩ । ନିଶ୍ଚୟ—3. Certainty; fixity.
୪ । ଶେଷ ସିଦ୍ଧାନ୍ତ—4 Final decision.

ନିଜେ—ଦେ ଅ.—(ସଂ. ନିଜ)—୧ । ସ୍ୱୟଂ; ଖୋଦ୍—
Nije 1. By one's self.
নিজে ୨ । ସ୍ୱେଚ୍ଛାରେ—2. Voluntarily; of one's own accord.
खुद्, निज

ନିଜେଇ—ଦେ. ଅ. (ସଂ. ନିଜ+ହି)—(ବଙ୍ଗଳାରୁ ଅନୁକୃତ)—
Nije i নিজের ନିଜେ (ଦେଖ)—Nije (See)

ନିଜେ ନିଜେ—ଦେ. ଅ.—୧ । ଆପଣା ଇଚ୍ଛାରେ; ସ୍ୱେଚ୍ଛାରେ—
Nije nije 1. Of one's own accord; voluntarily.
নিজে নিজে ୨ । ସେମାନେ କିମ୍ବା ଆମ୍ଭେମାନେ ବା ତୁମ୍ଭେମାନେ
खुद्, निजनिज ସ୍ୱୟଂ—Themselves, ourselves or yourselves.

ନିଜୋର୍—ଦେ. ବିଣ (ସଂ. ନିର୍+ଆ. ଜୋର୍)—୧ । ଦୁର୍ବଳ; ବଳ-
Nijora ହୀନ; ଦୁର୍ବଳ—1. Powerless; weak.
(ନିର୍ଜୋର; ନିଜୋରିଆ—ଅନ୍ୟରୂପ) ୨ । ଅସମର୍ଥ—2 Unable.
কমজোর निजोर

ନିଜୋରି—ଦେ. ବି.—(ଓ. ନିଜୋରର ବିଶେଷ୍ୟ)—ବଳହୀନତା;
Nijori ଦୁର୍ବଳତା— Weakness.
কমজোরী कमजोरी (ନିର୍ଜୋର—ଅନ୍ୟରୂପ)

ନିଜ୍ଜନ—ଦେ. ବିଣ. (ସଂ. ନିର୍ଜନ; ପ୍ରା. ନିଜ୍ଜଣ)—ନିର୍ଜନ (ଦେଖ)
Nijjana Nirjana (See)
নিঝুম ନିଜ୍ଜନ ନିକୁଞ୍ଜେ ନଟି ଅନାରେ ଗୃହ ତେଜ ହେଲ ବାହାର—ଗ୍ରାଠୀ. ରସକଲ୍ପ
छक्का

ନିଜ୍ୟମାନ—ସଂ. ବିଣ. (ନିଜ୍ ଧାତୁ=ଶୋଧନ କରିବା+କର୍ମବାଚ୍ୟ. ଶାନଚ୍) ୧ । ଧୌତ—1. Washed.
Nijyamāna
୨ । ଶୋଧିତ—2. Rectified; refined.

ନିଝାନ ମାରିବା—ପ୍ରାଦେ. (ଜୟପୁର) କ୍ରି—(ଧାନ) ବେଉଷଣ କରିବା—
Nijhāna māribā To puddle paddy plants.

ନିଝାମ—ପ୍ରାଦେ. (ପୁରୀ) ବି—ଜାଗାଘରେ କୁସ୍ତି କରିବାର ଯନ୍ତ୍ରବିଶେଷ-
Nijhāma An appliance used in athletic exercises.

ନିଝୁମ—ସଂ. ବିଣ. (ସଂ. ନିର୍ଧୂତ)—୧ । ନିଷ୍କମ୍ପ; ନିଶ୍ଚଳ—
Nijhum 1. Motionless; still.
নিজ্ঝুম ୨ । ନିର୍ବାତ—2. Calm; serene; windless.
सुनसान ୩ । ନିଶବ୍ଦ; ନିସ୍ତବ୍ଧ 3. Silent; quiet.
(ଯଥା—ନିଝୁମ୍ ରାତି ।)

ନିଝୋଲିଆ—ପ୍ରାଦେ. (ଯାଜପୁର) ବିଣ—ଦୁର୍ବଳ—
Nijholiā Weak.

ନିଟ୍—ବୈଦେ. ବି. (ଇଂ. ନେଟ୍, ଭୁଲ. ସ ନିଷ୍ଠା)—
Niṭ ୧ । ହାରାହାରି; ଖରଚ୍ଚଥିବ ବାଦ୍ ଦେଇ ପଡ଼ିଥିବା—
(ନିଟ୍—ଅନ୍ୟରୂପ) 1. Nett.
নিট ୨ । ନିଶ୍ଚିତ—2. Certain.
खालिस ୩ । (ଇଂ. ନାଟ୍) ଠିକ୍; ଯଥାର୍ଥ—
3. Exact; neat

ନିଟ୍ ଆୟ—ଦେ. ବି—ଖର୍ଚ୍ଚ ଓ ଖତ ବାଦ୍ ବାକି ମିଳିବା ଆୟ—
Niṭ āya Nett profit; clear profit.
(ନିଟ୍ଲାଭ, ନିଟ୍ଲଭ୍ୟ, ନିଟ୍ମୁନାଫା—ଅନ୍ୟରୂପ)
(ମୋଟଆୟ—ବିପରୀତ) নিটলাভ खालिसनफा

ନିଟଲ—ସଂ. ବି. (ନି+ଟଲ୍ ଧାତୁ=କମ୍ପିବା+କର୍ତ୍ତୃ. ଅ)—
Niṭala କପାଳ; ଭାଲଦେଶ—Forehead.
(ନିଟାଳ, ନିଟଲ—ଅନ୍ୟରୂପ) ଦେ. ବିଣ. (ସଂ. ଅଟଲ)—ଅଟଲ;
অটল अटल ସ୍ଥିର—Steady; fixed.

ନିଟଳା—ଦେ. ବି. (ସଂ. ଲଲାଟ)—କପାଳ; ଭାଲ ଦେଶ—
Niṭaḷā Forehead.
ମିଳେ ଏକ ନିଟଳା ଅର୍ଦ୍ଧଚନ୍ଦ୍ର ନାଚା,
ଶୋଭଗ୍ନ କର ବସେଚନ । ଉପେନ୍ଦ୍ର କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ନିଟଳାକ୍ଷ—ସଂ. ବି. ପୁଂ (ବହୁବ୍ରୀହି; ଲଲାଟରେ ଅକ୍ଷି ଯାହାର)—
Niṭaḷāksha ମହାଦେବ—Siba.
(ନିଟଳାକ୍ଷୀ—ସ୍ତ୍ରୀ) ବିଣ. ପୁଂ.—ଯାହାର ତୃତୀୟ ଅକ୍ଷି ଭାଲ ଦେଶରେ ଥାଏ—Having one eye on the brow.

ନିଟା—ଦେ. ବିଣ. ପୁଂ.—ନିଠା (ଦେଖ)—
Niṭā Niṭhā (See).

ନିଟାଣୁଆ(ଆଁ)—ଦେ. ବିଣ.—୧ । ଅଟାଣୁଆ; ଯେ ଟାଣ ନୁହେଁ—
Niṭāṇuā(āṅ) 1. Not hard.
୨ । ହାଲୁକା—2. Light.
୩ । ଦୁର୍ବଳ—3. Weak.

ନିଟା(ଟି)ଳ—ସଂ. ବି.—ନିଟଳ (ଦେଖ)—
Niṭā(ṭi)ḷa Niṭaḷa (See).
ନିଟଳେ ମୃଗମଦ ବହୁ ଲହୁଲ ଜାତ ହୋଇ ସ୍ୱେଦପଙ୍କରେ । ଉପେ. ଲାବଣ୍ୟବତୀ ।

ନିଟିଳାକ୍ଷ—ସଂ. ବି. ପୁଂ.—ନିଟଳାକ୍ଷ (ଦେଖ)—
Niṭiḷāksha Niṭaḷāksha (See).

ନିଟୋଲ—ଦେ. ବି. (ସଂ. ଲଲାଟ)—କପାଳ; ଭାଲ ପ୍ରଦେଶ—
Niṭoḷa Forehead.
ଦେ. ବିଣ. (ସଂ. ନିସ୍ତୁଲ; ପାଳି—ନିତ୍ତୁଲ = ବର୍ତ୍ତୁଳ)—
୧ । ପ୍ରଶସ୍ତ—1. Broad; spacious.
निटोल ଶୁଭ୍ର ସମୁଜ୍ଜ୍ୱଳ ନିଟୋଳ ଲଲାଟ ତଳେ ଦିବା ଅନ୍ଧ ଦୃଶ୍ୟ ।—ରାଧାନାଥ
୨ । ସୁଗୋଲ—2. Round.

ନିଠା—ଦେ. ବିଣ. ପୁଂ.—୧ । ଯେ ଦାନ୍ତ ଚାପିକର କଥା କହେ—
Niṭhā 1. One who speaks by shutting the teeth.
निटपिटे, निड़बिड़ ୨ । (ନିନ୍ଦାସୂଚକ) ଯେ ସବୁ କଥା ତନ୍ନ ତନ୍ନ
धीमा କର ଦେଖେ—2. Fastidious; thorough-going; unduly scrupulous; over-nice.
ନିଟେଇ } ସ୍ତ୍ରୀ
ନିଠେଇ }
୩ । ମଠୁଆ; ଅଳସୁଆ; ଦୀର୍ଘସୂତ୍ରୀ—
(ନିଠା, ନିଠୁଆ—ଅନ୍ୟରୂପ) 3 Lazy; slow; tardy.
ଗ୍ରା. ବି. (ସଂ. ନିଷ୍ଠା)—ନିଷ୍ଠା; ଅଧ୍ୟବସାୟ—
Devotion; perseverance.
ପ୍ରାଦେ. (ସମ୍ବଲପୁର) ବିଶେଷ ବିଣ—୧ । ଅତି; ଅତ୍ୟନ୍ତ—
1. Very; much.
(ଯଥା—ନିଠା ବିଲମ୍ବ ହେଲା ନେ = ଅତ୍ୟନ୍ତ ବିଲମ୍ବ ହେଲାଣି)
୨ । ଅତ୍ୟଧିକ—2. Excessively.

ନିଠାଇ—ଦେ. କ୍ରି. ବିଣ—୧ । ଅଳସୁଆଭାବରେ—
Niṭhāi 1. Lazily.
ନିଟାଇ
ନିଟେଇ
ନିଠାଇ କରି
ନିଟିଆଇ
ନିଠେଇ
ନିଠେଇକରି } ଅନ୍ୟରୂପ
୨ । ଧୀରେ ଧୀରେ ଓ ଉତ୍ତମରୂପେ—
2. Thoroughly and slowly; slowly and surely; fastidiously.
୩ । ଦାନ୍ତ ଚାପି କରି ଧୀର ଭାବରେ (କଥା କହିବା)—
निटिस निटिस 3. (to speak) By shutting the jaws.
धीमेसे ୪ । ଜୋର୍ କରି—4. Forcibly; with force.
ଟାଣିଲେ ସେ ଧନୁକୁ ନିଠାଇ—କୃଷ୍ଣସିଂହ. ମହାଭାରତ, ବନ ।
୫ । ବାରମ୍ବାର—5. Repeatedly.
ଅନୁକ୍ରମରେ ଘା ଯୋଷିଲେ ନିଠାଇ—କୃଷ୍ଣସିଂହ. ମହାଭାରତ, ବନ ।
୬ । ଦୃଢ଼ ଭାବରେ—6. Firmly.
ଦ୍ରୌପଦୀଙ୍କର କେଶ ଧରିଲେ ନିଠାଇ—କୃଷ୍ଣସିଂହ. ମହାଭାରତ, ସଭା ।
୭ । ଧୀରେ ସୁସ୍ଥେ; ବିଳମ୍ବରେ—7. Slowly.
୮ । ଭଲ କରି; ଅଭିନିବେଶପୂର୍ବକ—8. Closely.
ନିଠାଇଁ ଗୁହିଁଲେ ମନେ ଜୁଏ ପ୍ରଭେ—ମଧୁସୂଦନ, ଭକ୍ତିରସାମୃତଚନ୍ଦ୍ର ।
୯ । ଯତ୍ନପୂର୍ବକ—9. Carefully.
ଚନ୍ଦ୍ରହିଁ ପିଠି ବଂଶକେ ଥୋଇଲେ ନିଠାଇ—କୃଷ୍ଣସିଂହ, ମହାଭାରତ, ବନ
୧୦ । ତନ୍ନ ତନ୍ନ କରି—10. Minutely; thoroughly.
ଖୋଜିଲେ ଖରପଟେ ସେ ଫୁଲ ନିଠାଇ—କୃଷ୍ଣସିଂହ, ମହାଭାରତ, ବନ ।
୧୧ । ଜୋର୍‌ରେ; ବିଶେଷରୂପେ—11. Strongly.
ବହୁଇ ସମୀରଣ ଅତି ନିଠିଆଇ—କୃଷ୍ଣସିଂହ, ମହାଭାରତ, ବନ ।
୧୨ । ବହୁ ପରିମାଣରେ—12. Profusely.
ଗୋପାଳେ ଦୁର୍ଯ୍ୟୋଧନ ବାକ୍ୟେ ବଶ ହୋଇ
ଦୁଧ ଛେନା ଯେ ବହୁ ଦେଲେ ନିଠିଆଇ—କୃଷ୍ଣସିଂହ, ମହାଭାରତ, ବନ ।
୧୩ । (ସଂ. ନିଷ୍ଠୁର) ନିଷ୍ଠୁର ଭାବରେ—13. Cruelly.
ତାହାଙ୍କୁ ତୁମ୍ଭେ ଦଣ୍ଡ ଦେବ ନିଠିଆଇ—କୃଷ୍ଣସିଂହ, ମହାଭାରତ, ବନ ।
୧୪ । ନିଷ୍ଠାସହକାରେ—14. Perseveringly.

ନିଠାଇବା—ଦେ. କ୍ରି. (ସଂ. ନିଷ୍ଠା; ପ୍ରା. ନିଟ୍ଠା)—
Niṭhāibā ୧ । ଦୃଢ଼ଭାବରେ କୌଣସି କଥା କରିବା—
निड़बिड़ करा 1. To do a thing thoroughly or
धीमाना firmly.
ନିଟାଇବା, ନିଟେଇବା }
ନିଠିଆଇବା, ନିଠେଇବା } ଅନ୍ୟରୂପ
୨ । ଧୀରଭାବରେ ଦୃଢ଼ ଉଚ୍ଚାରଣପୂର୍ବକ କଥା କହିବା—
2. To speak a thing with emphasis and slowness.
୩ । କୌଣସି କାର୍ଯ୍ୟ ତନ୍ନ ତନ୍ନ କରି ବୁଝି କରିବା—
3. To do a thing deliberately.
୪ । ଦାନ୍ତ ଚାପି କରି କଥା କହିବା—
4. To speak by shutting the jaws.
୫ । ନିଷ୍ଠାର ସହିତ କାର୍ଯ୍ୟ କରିବା—
5. To persevere.
୬ । ମଠେଇବା; ବିଳମ୍ବ କରିବା—
6. To do a thing slowly or tardily.
୭ । ଜୋର୍ କରିବା—7. To use force.
ବାଜିଲେ ମାରଗଣ ଗଣ ନିଠିଆଇ
ପଳାଇଲେ ବାଜବେ ରସ୍ୱେ ପିଠିଆଇ—କୃଷ୍ଣସିଂହ, ମହାଭାରତ, ବନ ।

ନିଠାର୍—ପ୍ରାଦେ. (ସମ୍ବଲପୁର) ବିଶେଷ ବିଣ—୧ । ଅତି; ଖୁବ୍—
Niṭhār 1. Very; much.
୨ । ଅନ୍ୟୂନ—2 Big; great; large.

ନିଠୁଆ—ଦେ. ବିଣ. ପୁଂ. —୧ । ନିଠା (ଦେଖ)
Niṭhuā 1. Niṭhā (See).

(ନିଠୁରପଣ—ବି ୨ । ସାର୍ଘସୂତ୍ରିତା—2. Tardiness.
(ନିଠୋର—ସ୍ତ୍ରୀ) ୩ । ଧୀଟପଣ; ନିର୍ଲଜ୍ଜତା—3. Shamelessness.

ନିଠୁର—ଦେ. ବିଣ. (ସଂ ନିଷ୍ଠୁର; ପ୍ରା. ନିଟ୍ଠୁର)—
Nithura ୧ । ନିର୍ଦ୍ଦୟ; କଷ୍ଟୁର—
निठुर निठुर 1. Cruel; hard-hearted.
(ନିଟୁରିଆ—ଅନ୍ୟରୂପ) (ନିଠୁରପଣ, ନିଠୁରପଣିଆ[ଅଁ]—ବି)

ନିଡର—ଦେ. ବିଣ. (ସଂ ନିର୍+ଦର)—୧ । ନିର୍ଭୟ; ନିଃଶଙ୍କ—
Nidara 1. Fearless; undaunted.
निःशङ्क ୨ । ଧୀଟ—2. Brozen-faced; impudent.
निडर ୩ । ନିର୍ଲଜ୍ଜ—3. Shameless
(ନିଡରୁଆ—ଅନ୍ୟରୂପ) (ନିଡରପଣ; ନିଡରପଣିଆ[ଅଁ]—ବି)

ନିଡୀନ—ସଂ. ବି. (ନି+ଡୀ ଧାତୁ+ଭାବ. ତ)—ପକ୍ଷୀମାନଙ୍କର ତଳ
Nidina ଆଡ଼କୁ ମୁହଁ କରି ଉଡ଼ିବା—The downward flight or swoop of a bird (Apte).

ନିତମ୍ବ—ସଂ. ବି. (ନି+ତମ୍ ଧାତୁ=ଗମନ କରିବା+କର୍ମ. ଅ)—
Nitamba ୧ । ପାଣ୍ଡି; ପିଚ୍ଛ—
1. Buttocks; rump; hips.
୨ । ସ୍ତ୍ରୀ କଟୀର ପଶ୍ଚାଦ୍‌ଭାଗ—2. Buttocks of a woman; the posteriors of a woman.
୩ । କଟିଦେଶ—3. Side or flank; the loins.
୪ । ପର୍ବତର ସାନୁ ବା ପାର୍ଶ୍ୱଦେଶ; ପର୍ବତର ଗାଲୁଆ ବା ଗଡ଼ାଣିଆ ପାଖ—4. The side or slope or swell of a mountain.
୫ । କୁଜ—5. Gibbosity.
୬ । ଚୂଳ—6. Hump.
୭ । ସ୍କନ୍ଧ—7. Shoulder.
୮ । ନଦୀର ଗାଲୁଆ ତୀର ବା କୂଳ—8. The sloping bank or shore of a river (M. W).
୯ । ବୀଣାର ଯେଉଁ ପଟା ଉପରେ ତାରମାନ ଟଣା ହୋଇଥାଏ—
9. The sounding board of a harp (Apte).
୧୦ । ଅତଡ଼ା—10. Precipice (Apte).
୧୧ । ତୀର; ତଟ (ଦ୍ର. ଶବ୍ଦସାଗର)—
11. Shore; bank.
୧୨ । ନୃତ୍ୟକାଳରେ ହସ୍ତର ମୁଦ୍ରାବିଶେଷ—
12. A particular pose of the hand during dancing (M. W).

ନିତମ୍ବ ଗୁର୍ବୀ—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ନିତମ୍ବ+ଗୁରୁ+ସ୍ତ୍ରୀ. ଈ)—
Nitamba gurbi ଗୁରୁ ବା ପୃଥୁଳ ନିତମ୍ବଯୁକ୍ତା (ସ୍ତ୍ରୀ)—
(ନିତମ୍ବବତୀ—ଅନ୍ୟରୂପ) (a woman) Having big or
(ନିତମ୍ବଗୁରୁ—ପୁଂ) heavy buttocks; having beautiful hips.
[ଦ୍ର—ଭାରତରେ ନିତମ୍ବଗୁର୍ବୀ ସ୍ତ୍ରୀ, ସୁନ୍ଦରୀ ମଧ୍ୟରେ ପରିଗଣିତା]

ନିତମ୍ବ ଦେଶ—ସଂ. ବି. (ଷଷ୍ଠୀ ତତ୍; ନିତମ୍ବ+ଦେଶ)—ଶରୀରର
Nitamba desa ଯେଉଁ ଅଂଶରେ ନିତମ୍ବ ବା ପିଚ୍ଛ ଥାଏ—
(ନିତମ୍ବସ୍ଥଳ, ନିତମ୍ବସ୍ଥଳୀ—ଅନ୍ୟରୂପ). The region of the buttocks or hips (M. W).

ନିତମ୍ବ ବିମ୍ବ—ସଂ. ବି. (ନିତମ୍ବ+ବିମ୍ବ=ମଣ୍ଡଳ ପରି ଗୋଲାକାର)—
Nitamba bimba ଗୋଲାକୃତିବିଶିଷ୍ଟ ସ୍ତ୍ରୀମାନଙ୍କ ପିଚ୍ଛ—
Round hips of women.
(ନିତମ୍ବବିମ୍ବା—ସ୍ତ୍ରୀ) ସଂ. ବିଣ. ପୁଂ. (ବିମ୍ବ=ମଣ୍ଡଳ ପରି ଗୋଲ
(ନିତମ୍ବବାନ୍—ଅନ୍ୟରୂପ) ନିତମ୍ବ ଯାହାର; ବହୁବ୍ରୀହି)—ବର୍ତ୍ତୁଳ ନିତମ୍ବବିଶିଷ୍ଟ (ବ୍ୟକ୍ତି)—Having round hips.

ନିତମ୍ବିନୀ—ସଂ. ବିଣ. ସ୍ତ୍ରୀ. (ନିତମ୍ବ+ଅସ୍ତ୍ୟର୍ଥରେ ଇନ୍+ସ୍ତ୍ରୀ.ଈ)—
Nitambini ପ୍ରଶସ୍ତ ନିତମ୍ବଯୁକ୍ତା (ସ୍ତ୍ରୀ)—(a woman)
(ନିତମ୍ବୀ—ପୁଂ) Having round and prominent (and thus fascinating) hips.
ସଂ. ବି. ସ୍ତ୍ରୀ—୧ । ସୁନ୍ଦର ନିତମ୍ବବତୀ ସ୍ତ୍ରୀ—
1. A woman with handsomely large hips.
୨ । ସ୍ତ୍ରୀ—2. A woman (in general) (Apte.)

ନିତରାଂ—ସଂ. ଅ—୧ । ସର୍ବଦା—
Nitaram 1. Always.
୨ । ସର୍ବଥା; ସର୍ବତୋଭାବରେ—2. Continuously.
୩ । ଅତ୍ୟନ୍ତ—3. Much; excessively.
୪ । ଅବଶ୍ୟ—4. Of course.
୫ । ଅଧିକନ୍ତୁ—5. Moreover.
୬ । ବିଶେଷରୂପେ—6. Specially.
[ଦ୍ର—ଏ ଶବ୍ଦର ବ୍ୟବହାର ଭାଷାରେ ବିରଳ ।]

ନିତଳ—ସଂ. ବି. (ନି=ଅଶ୍ଚାତ+ତଳ)—ବିଷ୍ଣୁପୁରାଣ ମତରେ ପାତାଳ
Nitala ମଧ୍ୟସ୍ଥ କସ୍ୟ ପାତାଳ—One of the 7 infernal regions of the Hindu mythology.
ଏଥିରେ ନୃତ୍ୟ୍ୟାଠାବ ବଳେ ପଶି ତଳେ ସିବ
ଅତଳ ନତଳ ବିତଳକୁ ହେ—ଉତ୍ତ., ଲାବଣ୍ୟବତୀ ।
[ଦ୍ର—ପାତାଳ ତଳେ ଠୀକା ଦେଖ । କେବଳ ବିଷ୍ଣୁପୁରାଣରେ 'ନିତଳ' ନାମକ ପାତାଳର ନାମୋଲ୍ଲେଖ ମିଳେ । ଅନ୍ୟ ପୁରାଣମାନଙ୍କରେ ମିଳେ ନାହିଁ ।]

ନିତା(ତେ)ଇ—ଦେ. ବି. ପୁଂ. (ନାମ)—୧ । ଚୈତନ୍ୟଙ୍କ ସହଚର;
Nita(te)i ନବଦ୍ୱୀପର ମହାପୁରୁଷ ନିତ୍ୟାନନ୍ଦଙ୍କ ଡାକ ନାମ—
1. Name for calling Nityananda, the associate of Sri Chaitanya.
ନିତା
ନିତିଆ } ଅନାଦରାର୍ଥକରୂପ ୨ । (ଅନାଦରାର୍ଥକ) ନିତ୍ୟାନନ୍ଦର ଡାକ ନାମ—2. A name for calling Nityananda.
[ଦ୍ର—ସାଧାରଣତଃ ନିତ୍ୟାନନ୍ଦ ଶ୍ରୀ ଚୈତନ୍ୟଙ୍କ ଅଗ୍ରଜ ବୋଲି ପରିଚିତ । କିନ୍ତୁ ପ୍ରକୃତରେ ଏ ବୀରଭୂମ ଜିଲ୍ଲାର ଏକଚକ୍ରା ଗ୍ରାମର ହାଡ଼ାଇ ପଣ୍ଡିତଙ୍କର ପୁତ୍ର ଥିଲେ । ପରେ ଏକ ସନ୍ନ୍ୟାସୀଙ୍କ ସଙ୍ଗେ ବହୁତୀର୍ଥ ଭ୍ରମଣ କରି ନବଦ୍ୱୀପରେ ଗୌରାଙ୍ଗ (ଚୈତନ୍ୟ)ଙ୍କ

ସଙ୍ଗେ ମିଳିତ ହେଲେ । ଶ୍ରୀ ଗୌରାଙ୍ଗ ଏହାଙ୍କୁ ଦାଦା ବା ବଡ଼ ଭାଇ ବୋଲି ସମ୍ବୋଧନ କରୁଥିଲେ । ନିତ୍ୟାନନ୍ଦ ଗୃହୀ ଥିଲେ । କଥିତ ଅଛି ଯେ ଚୈତନ୍ୟଦେବଙ୍କ ଅଗ୍ରଜ ବିଶ୍ୱରୂପ ସନ୍ନ୍ୟାସ ଗ୍ରହଣ କରିବା ପରେ ଦେହତ୍ୟାଗ କରି ସ୍ୱକୀୟ ତେଜଃକୁ ନିତ୍ୟାନନ୍ଦଙ୍କଠାରେ ସଞ୍ଚରିତ କରିଥିଲେ । ଶଚୀ ଦେବୀ ନିତ୍ୟାନନ୍ଦଙ୍କୁ ବିଶ୍ୱରୂପଙ୍କଠାରୁ ଅଭିନ୍ନ ଜ୍ଞାନ କରୁଥିଲେ—ଯୋଗେଶ୍ଚନ୍ଦ୍ର ।]

ନିତା(ତେ)ଇ ଗୌର—ଦେ. ବି. (ନାମ; ନିତ୍ୟାନନ୍ଦ+ଗୌରାଙ୍ଗ)—
Nitā(te)i gaura (ନବଦ୍ୱୀପର ମହାପୁରୁଷ ଦ୍ୱୟ)
[ନିତା(ତେ)ଇ ଗଉର—ଅନ୍ୟରୂପ] ନିତ୍ୟାନନ୍ଦ ଓ ଗୌରାଙ୍ଗ;
নিতাই গৌর ସଙ୍କୀର୍ତ୍ତନରେ ମତ୍ତ ନବଦ୍ୱୀପର ମହାପୁରୁଷ ସହଚର ଦ୍ୱୟ ଶ୍ରୀ ନିତ୍ୟାନନ୍ଦ ଓ ଶ୍ରୀଚୈତନ୍ୟ—
The two devoted apostles of Nabadwipa (viz. Nityānanda and Gaurānga).

ନିତା(ତେ)ଇ ଗୌର ରାଧେ ଶ୍ୟାମ—ଦେ. ଅ—
Nitā(te)i gaura rādhe śyāma ସ୍ୱର୍ଗୀୟ ରାଧାରମଣ ଚରଣ
নিতাই গৌর রাধে শ্যাম ଦାସ ବାବାଜୀଙ୍କ ପ୍ରବର୍ତ୍ତିତ ସଙ୍କୀର୍ତ୍ତନ ପଦର ଶେଷ ଚରଣ—The last line of a couplet of Sankirtan promulgated by the late Bābāji Rādhāramana Charana Dāsa.
[ଦ୍ର—ଏହାର ପୂର୍ବପଦ :—(ଜପ) ହରେ କୃଷ୍ଣ ହରେ ରାମ (ବୋଲ) ନିତାଇ ଗୌର ରାଧେ ଶ୍ୟାମ ।]

ନିତାନ୍ତ—ସଂ. ଅ (ନି+ତମ୍ ଧାତୁ+ତ)—
Nitānta ୧ । ଅତ୍ୟନ୍ତ; ଅତିଶୟ—
नितान्त 1. Very much; too much.
नितान्त ୨ । ଆଦୌ—2. At all.
୩ । ସୁତରାଂ—3. Of course; as a matter of course.
୪ । ଫଳତଃ; କାର୍ଯ୍ୟତଃ—
4. Consequently; at any rate.
୫ । ନିଶ୍ଚେ; ଅବଶ୍ୟ—
5. Certainly; surely; verily.
୬ । ଅତ୍ୟଧିକ ରୂପେ—
6. Excessively; exceedingly.
ସଂ. ବିଣ—୧ । ଅତ୍ୟଧିକ; ନିହାତି—
1. Excessive; intense; very much.
୨ । ନିଶ୍ଚିତ—2. Certain; true.
୩ । ଅସାଧାରଣ—3. Extraordinary.
୪ । ନିପଟ—4. Downright.
ଦେ. ଅ—ଯେ କୌଣସି ପ୍ରକାରେ; ଯାହା ସତ୍ତ୍ୱା ନାଁ କାହିଁକି—At any cost.
(ଯଥା—ମୁଁ ସେଠାକୁ ନିତାନ୍ତ ନ ଗଲେ ଯେବେ କାମ ନ ଚଳିବ ତେବେ ବାଧ ହୋଇ ମୁଁ ଯିବି ।)

ନିତାନ୍ତ ପକ୍ଷରେ—ଦେ. ଅ—୧ । ଅତି ସାମାନ୍ୟରେ; ନିଇଚ୍ଛରେ—
Nitānta pakshare 1. In the least; at least.
(ନିତାନ୍ତ ପକ୍ଷେ—ଅନ୍ୟରୂପ) ୨ । ଖୁବ ଅଧିକ ହେଲେ—
নিতান্ত পক্ষে **कमसेकम** 2. At the utmost.

ନିତି—ଦେ. ଅ. (ସଂ. ନିତ୍ୟ)—
Niti ୧ । ପ୍ରତି ଦିନ; ଅହରହଃ; ପ୍ରତ୍ୟହ—
নিতি, নিত্ 1. Every day; daily.
नित, निति ନାଥ ଚକ୍ଷୁ ଦୂରେର ମୋ ନିତି ମୋ ପଦେ ଭଜେ ।
କବିସୂର୍ଯ୍ୟ. ଭଗୋଷଭକ୍ତି ୫ ଗୀତ ।
୨ । ସର୍ବଦା; ନିତ୍ୟ—2. Constantly; always.
ନବ ହେମ କ୍ଷୀଣ ଅମଳେ ନିତି ନାଥକୁ ଫୁଲ ଏ ବନ୍ଦି ।
କବିସୂର୍ଯ୍ୟ. ଭଗୋଷଭକ୍ତି ୮ ଗୀତ ।
ଦେ. ବିଣ—ଦୈନିକ (ମୂଲିଆ)—Daily (labourer).
ବି—(ନାମ)ଭାରତରୁ ତିବ୍ବତକୁ ଯିବା ଆସିବାର ପଥ, ହିମାଳୟର ଗୋଟିଏ ଗିରିସଙ୍କଟ—Name of a pass in the Himalayan mountain.
[ଦ୍ର—ଏହା ଭାରତରୁ ତିବ୍ବତକୁ ପ୍ରବେଶ କରିବାର ଦ୍ୱାର; ଏହି ବାଟେ ସାଧୁମାନେ ଭାରତରୁ ତିବ୍ବତକୁ ଯିବା ବେଳେ ତିବ୍ବତର ରାଜଧାନୀ ଲାସାରୁ ପ୍ରଚାରିତ ରାଜାଦେଶ ଅନୁସାରେ ସେମାନଙ୍କୁ ଜାମିନ୍ ଦେବା ପାଇଁ ପଡ଼େ ।]

ନିତି ଦିନ—ଦେ. ଅ—ନିତି ନିତି (ଦେଖ)
Niti dina Niti niti (See)

ନିତି ନିତି—ଦେ. ଅ. (ସଂ. ନିତ୍ୟ ର ଦ୍ୱିବ୍ୟବହାର)—
Nitiniti ୧ । ପ୍ରତି ଦିନ; ସର୍ବଦା—
ନିତିପ୍ରତି / ନିତିପ୍ରତିଦିନ } ଅନ୍ୟରୂପ 1. Every day; daily.
নিতি নিতি ୨ । ଦିନକୁ ଦିନ—2. Day by day; day after day
୩ । ବାରଂବାର ପ୍ରତିଦିନ—3. Repeatedly for days.
नितनित ଦେଖୁଥିଲେ ଦେଖିବାକୁ ମୋ ମନ ଧାଇଁ ଆସେ ନିତନିତ ।
କବିସୂର୍ଯ୍ୟ. ସଙ୍ଗୀତ ।

ନିତି ବାପା—ପ୍ରାଦେ. (ଗଡ଼ଜାତ) ବି—ସଙ୍ଗାତଙ୍କ ପିତା—
Niti bāpā The father of one's Sangāta.

ନିତିବାର—ଦେ. ବି—ଉତ୍କଳର ନୂତନ ବ୍ୟାୟାମ ପଦ୍ଧତିର ପ୍ରବର୍ତ୍ତକ
Nitibāra ଯୁବକ ଶ୍ରୀ ରାଧାଶ୍ୟାମ ଦାସଙ୍କ ପ୍ରବର୍ତ୍ତିତ ସକଳ ଶ୍ରେଣୀର ଓ ସକଳ ବୟସର ବ୍ୟକ୍ତି (ବିଶେଷତଃ ଯୁବକ)ଙ୍କର ପ୍ରତିଦିନ ୨୦ ମିନିଟ ପାଇଁ କର୍ତ୍ତବ୍ୟ ବାର ଗୋଟି ବ୍ୟାୟାମ ସାଧନ—The daily dozen; a dozen special physical exercises to be practised daily by persons old and young, devised by the young Oria physical expert Rādhāsyāma Dāsa.
[ଦ୍ର—ଏହା ୧୯୨୪ ମସିହାରେ ଶ୍ରୀମାନ୍ ରାଧାଶ୍ୟାମ ଦାସଙ୍କଦ୍ୱାରା ଉଦ୍‌ଭାବିତ । ଭାରତୀୟ ଯୋଗ ଆସନ, ନାଟ୍ୟକଳାର ଭାବଭଙ୍ଗୀ ଓ ଅଙ୍ଗପ୍ରତ୍ୟଙ୍ଗର ସାଧାରଣ ପ୍ରାକୃତିକ ସଞ୍ଚାଳନ ଉପରେ ଏହି ନିତିବାରର ବାରଟି ବ୍ୟାୟାମ ଗୁଡ଼ିକ ପ୍ରତିଷ୍ଠିତ । ପ୍ରତ୍ୟେକ

ବ୍ୟାୟାମରେ 'ପ୍ରାଣାୟାମ' ବା ନିଶ୍ୱାସଦ୍ୱାରା ପବନ ନେବା ଓ ଛାଡ଼ିବାର ବ୍ୟବସ୍ଥା ଅଛି । ଶରୀରର ସକଳ ଅଙ୍ଗପ୍ରତ୍ୟଙ୍ଗର ସଂଚାଳନ ଓ ଉନ୍ନତି ବିଧାନ ନିମନ୍ତେ ଏଗୁଡ଼ିକ ବିଶେଷ ଉପଯୋଗୀ । ଶରୀରର ବାହ୍ୟ ଓ ଆଭ୍ୟନ୍ତରିକ ସକଳ ଅଙ୍ଗପ୍ରତ୍ୟଙ୍ଗ ଓ ଯନ୍ତ୍ର ସମୂହ (ଯଥା—ମାଂସପେଶୀ, ଚର୍ମ, ଅସ୍ଥି, ସ୍ନାୟୁମଣ୍ଡଳୀ, ଫୁସ୍ ଫୁସ୍, ହୃଦ୍‌ଯନ୍ତ୍ର, ପାକସ୍ଥଳୀ, ଅନ୍ତ୍ର, ଯକୃତ୍, ପ୍ଲୀହା ଓ ବିଭିନ୍ନ ଗ୍ରନ୍ଥି ସକଳ), ଏପରି କି ଦୃଷ୍ଟିଶକ୍ତି ଓ ମସ୍ତିଷ୍କ ପ୍ରଭୃତିକୁ ସୁସ୍ଥ, ସବଳ ଓ କାର୍ଯ୍ୟକ୍ଷମ ରଖିବା ନିମନ୍ତେ ଏହି ନିତିବାର ବ୍ୟାୟାମ ପ୍ରଣାଳୀଟି ବଡ଼ ଉପାଦେୟ ଅଟେ । ଶରୀର ଓ ମନର କ୍ରମବିକାଶ ଏହାଦ୍ୱାରା ସାଧିତ ହୁଏ । ଶାରୀରିକ ସ୍ୱାସ୍ଥ୍ୟ, ଶକ୍ତି ଓ ସୌନ୍ଦର୍ଯ୍ୟ ରକ୍ଷା ଓ ବୃଦ୍ଧି ଏହି ବ୍ୟାୟାମର ପ୍ରଧାନ ଉଦ୍ଦେଶ୍ୟ । ଆବାଳ-ବୃଦ୍ଧ-ବନିତା ସମସ୍ତେ ବିଭିନ୍ନ ବୟସରେ ବିଭିନ୍ନ ବ୍ୟାୟାମ ଏହି ପ୍ରଣାଳୀରେ କରି ପାରନ୍ତି । ଏହା ସମୟ, ଅର୍ଥ ଓ ଉପକରଣସାପେକ୍ଷ ନୁହେଁ ।

ଉତ୍କଳରେ ଓ ଉତ୍କଳର ବାହାରେ ବହୁ ଶତ ଲୋକଙ୍କ ଦ୍ୱାରା ଏହା ଅଭ୍ୟାସ କରି ଯାଉଅଛି । କେବଳ ଓଡ଼ିଶାର ଗଡ଼ଜାତ ରାଜ୍ୟ-ମାନଙ୍କରେ ଓ ମୋଗଲବନ୍ଦିର କେତେକ ମ୍ୟୁନିସିପାଲିଟିର ସ୍କୁଲ ମାନଙ୍କରେ ଏହି ବ୍ୟାୟାମ ବାଧ୍ୟତାମୂଳକ ଭାବରେ ପ୍ରଚଳିତ ହେବା ଦ୍ୱାରା ଏହି ଅଳ୍ପ ସମୟ ମଧ୍ୟରେ ପ୍ରାୟ ତିରିଶ ହଜାର ଛାତ୍ର ନିତ୍ୟ ନିୟମିତ ଭାବରେ ଏହା ଅଭ୍ୟାସ କରୁଅଛନ୍ତି—ଶ୍ରୀମାନ୍ ରାଧାଶ୍ୟାମଙ୍କ ଲିଖିତ ନୋଟ୍ ।]

ନିତ ମଲ୍ଲି—ଦେ. ବି.—ବର୍ଷଯାକ ଫୁଲ ଫୁଟିବା ମଲ୍ଲୀ ଗଛ—
Niti malli A kind of jasmine flowering throughout the year.

ନିତ ମଲୁ— ଦେ. ବିଣ.—ଚିର ରୋଗୀ; ଚିର ରୁଗ୍ଣ—
Nitimalu Suffering from chronic disease; a confirmed patient.
दिनि रोगी
ନିତ ମଲୁକୁ ଗୁହାରି ନାହିଁ । ଢଗ ।

ନିତ ମାଗଣ୍ଟା—ଦେ. ବିଣ.—ଯେଉଁ ବ୍ୟକ୍ତି ପ୍ରତି ଦିନ ମାଗିବାକୁ ଆସେ
Niti māgantā (a person) Who comes to beg for any thing every day.
(ନିତମଗା —ଅନ୍ୟରୂପ)
ନିତ ମାଗଣ୍ଟାକୁ ଦିଅନ୍ତା ନାହିଁ । ଢଗ ।

ନିତ ମୂଲିଆ—ଦେ. ବି.—ପ୍ରତିଦିନ ମୂଲ ଲାଗି ମଜୁରି ଆଣି ଯେ ପେଟ ପୋଷେ—Day labourer; a journeyman.
Niti mūliā
दिनमजुर **रोजीना मजदुर**

ନିତୁଟିବା—ଦେ. କ୍ରି.—କ୍ଷୟ ନ ହେବା—
Nitutibā Not to decay.
তুটে না যাওয়া ଅପେ ହୁଏ ନିଶେ ମୋତ ଅପଣେ ନିତୁଟେ ।
नटूटना
ପ୍ରାଚୀ. ଚନ୍ଦ୍ରକଳଭୂଷଣ ଗୀତା ।

ନିତେ—ଦେ. ବି.—ଏକପ୍ରକାର କଣ୍ଟାଳିଆ ଲମ୍ବ ଲତା—
Nite A kind of thorny long creeper; Meneuron Cucullatum.

ନିତେଇ—ଦେ. ବି.—୧ । ନିତେ (ଦେଖ)
Nitei 1. Nite (See)

୨ । ନିତ୍ୟାନନ୍ଦର ଡାକ ନାମ—2. The name by which a person named Nityānanda is called.
নিতাই

ନିତ୍ୟ—ସଂ. ଅ. (ନି=ନିଶ୍ଚିତ+ଭବାର୍ଥେ ତ୍ୟ)—୧ । ଅନନ୍ତକାଳ—
Nitya 1. Eternally; perpetually.
୨ । ସର୍ବଦା; ନିରନ୍ତର; ସତତ—
2. Constantly; always.
୩ । ଅହରହଃ; ପ୍ରତିଦିନ—3. Daily; everyday.

(ନିତ୍ୟା—ସ୍ତ୍ରୀ) ବିଣ. ୧ । ଚିରସ୍ଥାୟୀ—1. Perpetual; permanent; constant.
(ନିତ୍ୟତା, ନିତ୍ୟତ୍ୱ—ବି)
୨ । କାଳତ୍ରୟ ବ୍ୟାପୀ; ଚିରନ୍ତନ—
2 Eternal; ever-lasting.
୩ । ଅବିରାମ; ଧାରାବାହିକ—
3. Continuous; uninterrupted; incessant.
୪ । ପ୍ରାତ୍ୟହିକ; ଦୈନନ୍ଦିନ—4 Daily; diurnal.
୫ । ଅକ୍ଷୟ; ଅବିନଶ୍ୱର—
5. Imperishable; indestructible.
୬ । ଯାହାର ଉଲ୍ଲଙ୍ଘନ ବା ଅନ୍ୟଥାଭାବ ଘଟେ ନାହିଁ—
6 Not admitting of transgression or transformation; invariable.
୭ । ଯାହା ନିୟମିତରୂପେ ଘଟେ ବା କରାଯାଏ (ବିପରୀତ ନୈମିତ୍ତିକ)—
7. Regular; usual; ordinary.
୮ । ଯାହା ପ୍ରତିଦିନ କରିବାର ବିଧାନ ଅଛି (ବିପରୀତ—କାମ୍ୟ)—8. Prescribed to be performed regularly; fixed for everyday.
୯ । ଯାହା ଅବଶ୍ୟ କର୍ତ୍ତବ୍ୟ—
9. Obligatory; compulsory; not optional.
୧୦ । ଅପରିହାର୍ଯ୍ୟ; ଅତ୍ୟାବଶ୍ୟକ—
10. Necessary; essential (Apte).
ବି.—ସମୁଦ୍ର—The Ocean.
ଦେ. ବି. (ସଂ. ନିତ୍ୟସ୍ଥଳ)—ନିତ୍ୟସ୍ଥଳ; ବୈକୁଣ୍ଠ —
Heaven; Bishnu's abode.
ତାଙ୍କ ମଧ୍ୟରେ ଭୁଞ୍ଜି ଏକା, ନିତ୍ୟରେ ହୋଇବୁ ନାୟକା ।
ଯଶୋବନ୍ତ. ପ୍ରେମଭକ୍ତିଗୀତା ।

[ଦ୍ର—ନିତ୍ୟ ଶବ୍ଦ ଅନ୍ୟ ଶବ୍ଦ ପରେ ସମାସରେ ଯୁକ୍ତ ହେଲେ ଅମୁକ ସ୍ଥାନରେ ସତତ ବାସ କରୁଥିବା (ଯଥା—ଅରଣ୍ୟନିତ୍ୟ, ଜାଲଗୀରୀକନିତ୍ୟ), ଅମୁକ କାର୍ଯ୍ୟ ସତତ କରୁଥିବା (ଯଥା—ଧ୍ୟାନ ନିତ୍ୟ, ଅଧ୍ୟାନ ନିତ୍ୟ ଅର୍ଥ ହୁଏ—ଆପ୍ତେ]

ନିତ୍ୟ କର୍ମ—ସଂ. ବି. (ନିତ୍ୟ କରାଯିବା କର୍ମ)—
Nityakarma ୧ । ମନୁଷ୍ୟ ଜୀବନର ଦୈନନ୍ଦିନ କର୍ତ୍ତବ୍ୟ କର୍ମ—
ନିତ୍ୟକୃତ୍ୟ } —ଅନ୍ୟରୂପ
ନିତ୍ୟକ୍ରିୟା }
1. The daily duties of a man; daily routine.
ଯାଅ ଯେ ଯାହା ର ଲୁବଧ । ନିତ୍ୟ କର୍ମରେ ବଧ ମନ ।
ଭୂପତି. ପ୍ରେମପଞ୍ଚାମୃତ ।

୨ । ଦୈନିକ ସନ୍ଧ୍ୟାବନ୍ଦନାଦି—2. Daily prayers.

୩ । ଦନ୍ତଧାବନ, ବହିର୍ଦେଶ ଗମନ ଓ ସ୍ନାନ ଆଦି ଦୈନିକ କାର୍ଯ୍ୟମାନ—

3. Washing of face and body, answering calls of nature and ablution wich one performs daily.

[ଦ୍ର—ଯେଉଁ ସବୁ କର୍ମ ମନୁଷ୍ୟର ଶକ୍ତି ଥାଉ ଥାଉ କରି ନ ଗଲେ ପ୍ରତ୍ୟବାୟୀ ହୁଏ, ଅଥଚ ପ୍ରତ୍ୟହ ନିୟମିତ ଭାବରେ କଲେ ପୁଣ୍ୟ ଲାଭ ହୁଏ ନାହିଁ ସେ ସବୁ କର୍ମ ନିତ୍ୟକର୍ମ ନାମରେ ଅଭିହିତ—ପ୍ରକୃତିବାଦ ।

ହିନ୍ଦୁଶାସ୍ତ୍ର (ଯଥା ମୀମାଂସା) ଅନୁସାରେ ଧର୍ମାନୁଷ୍ଠାନ ବା କର୍ମକୁ ୩ ଶ୍ରେଣୀରେ ବିଭକ୍ତ କରି ଯାଇଅଛି ଯଥା—୧ । ନିତ୍ୟ କର୍ମ—ଯାହା ପ୍ରତିଦିନ କରିବାକୁ ହେବ ଓ ନ କଲେ ପ୍ରତ୍ୟବାୟ ବା ପାପ ହୁଏ,ଯଥା—ପଞ୍ଚ ଯଜ୍ଞ, ସନ୍ଧ୍ୟା ବନ୍ଦନାଦି; ୨ । ନୈମିତ୍ତିକ କର୍ମ—ଯାହା ବିଶିଷ୍ଟ ଉପଲକ୍ଷରେ ଅନୁଷ୍ଠିତ ହୁଏ, ଯଥା—ଦ୍ୱିଜାତିର ସଂସ୍କାରାଦି କର୍ମ, ପିତୃ ଯଜ୍ଞ କର୍ମ, ପ୍ରାୟଶ୍ଚିତ୍ତ ଓ ୩ । କାମ୍ୟକର୍ମ—ଯାହା କୌଣସି ବିଶିଷ୍ଟ କାମନା ବା ଉଦ୍ଦେଶ୍ୟ ଲାଭ ଆଶାରେ ଅନୁଷ୍ଠିତ ହୁଏ, ଯଥା—ପୁତ୍ରେଷ୍ଟି ଯଜ୍ଞ, ଗ୍ରହଯଜ୍ଞ—ହି. ଶ]

ନିତ୍ୟ କ୍ଷୌର—ସଂ. ବି. (ନିତ୍ୟ+କ୍ଷୌର) ୧ । ପ୍ରତିଦିନ କ୍ଷୁର ହେବା—1. Daily shave.
Nitya kshaura

୨ । ଅବୈଧ କେଶାଦି ଛେଦନ (ପ୍ରକୃତିବାଦ)—2. Shaving of the hair on prohibited days.

ନିତ୍ୟଗତି—ସଂ. ବି. (ବହୁବ୍ରୀହି; ନିତ୍ୟ+ଗତି)—ବାୟୁ; ପବନ—Air; wind.
Nityagati

ବିଣ. (ବହୁବ୍ରୀହି) ଅବିରତ ଗମନଶୀଳ—Constantly moving.

ନିତ୍ୟ ଜ୍ୱର—ସଂ.ବି.-ଅବିରାମ ଜ୍ୱର;ଯେଉଁ ଜ୍ୱରରେ ତାତି ଓହ୍ଲାଏ ନାହିଁ—
Nitya jwara Uninterrupted fever; unremittent fever; fever which has no remission.

ନିତ୍ୟଦା—ସଂ. ଅ. (ନିତ୍ୟ+କାଳାର୍ଥେ ଦା.)—ସଦା; ସର୍ବଦା—
Nityadā Always. (M. W).

ନିତ୍ୟ ଧାମ—ସଂ. ବି.—ନିତ୍ୟବୈକୁଣ୍ଠ; ଭଗବାନଙ୍କର ନିତ୍ୟଲୀଳାସ୍ଥଳ—
Nitya dhāma The place of eternal pleasure; the abode of Bishṇu.

ସେଠାରେ ମୋ ଅଛି ବସତି,
ବାହାରେ ଆଉ ନିତ୍ୟଧାମେ । ଭକ୍ତ. ପ୍ରେମପଞ୍ଚାମୃତ ।

ନିତ୍ୟନର୍ତ୍ତ—ସଂ. ବି. (ନିତ୍ୟ+ନୃତ୍ ଧାତୁ+ କର୍ତ୍ତୃ. ଅ)—
Nityanartta ଶିବ—Siba.

ନିତ୍ୟ ନାରୀ—ଦେ. ବି.—ନିତ୍ୟସ୍ଥଳରେ ବିଷ୍ଣୁଙ୍କ ସହିତ ନିତ୍ୟଲୀଳା କରୁଥିବା ନାରୀଗଣ—The nymphs keeping company of Bishṇu in his eternal abode.
Nitya nārī

ଶୁଣିଲେ ନିତ୍ୟ ନାରୀ ସଙ୍ଗ,
ବଢ଼ଇ ସ୍ପୃହାରଙ୍ଗ ରଙ୍ଗ । ଭକ୍ତ. ପ୍ରେମପଞ୍ଚାମୃତ ।

ନିତ୍ୟ ନିତ୍ୟ—ଦେ. କ୍ରି. ବିଣ—ପ୍ରତିଦିନ—
Nityanitya Every day; daily.

ନିତ୍ୟନୈମିତ୍ତିକ—ସଂ. ବିଣ. (ଦ୍ୱନ୍ଦ୍ୱ; ନିତ୍ୟ+ନୈମିତ୍ତିକ)—
Nitya naimittika ପ୍ରତିଦିନର ଅନୁଷ୍ଠେୟ ଓ ବିଶେଷ ବିଶେଷ ନିମିତ୍ତ ବା ଅନୁଷ୍ଠାନ ଉପଲକ୍ଷରେ ଅନୁଷ୍ଠେୟ (କ୍ରିୟା)—Daily and occasional (ceremonies).

[ଦ୍ର—ପ୍ରତିଦିନ ଅନୁଷ୍ଠେୟ ସନ୍ଧ୍ୟା ବନ୍ଦନାଦି ନିତ୍ୟ ଓ ବିଶେଷ କାର୍ଯ୍ୟ ଉପଲକ୍ଷରେ ଅନୁଷ୍ଠେୟ ବ୍ରତ, ପ୍ରାୟଶ୍ଚିତ୍ତ ଆଦି ନୈମିତ୍ତିକ କ୍ରିୟା ଅଟେ ।]

୨ । ଯେଉଁ ଅନୁଷ୍ଠାନ ବା କର୍ମ ବିଶେଷ ଉପଲକ୍ଷରେ ନିୟମିତରୂପେ କରାଯାଏ (ଯଥା—ପାର୍ବଣ ଶ୍ରାଦ୍ଧ, ମହାଳୟା, ବାର୍ଷିକ ପିତୃଶ୍ରାଦ୍ଧ)—2. Occasional (act) and regularly recurring (Apte).

ନିତ୍ୟପ୍ରତି—ସଂ. ଅ (ନିତ୍ୟ+ପ୍ରତି)—ପ୍ରତିଦିନ (ହି. ଶ.)—
Nityaprati Every day.

ନିତ୍ୟ ପ୍ରତ୍ୟକ୍ଷ—ସଂ. ବିଣ—ପ୍ରତିଦିନ ଆଖି ଆଗରେ ଘଟୁଥିବା—
Nitya pratyaksha Happening daily before one's eyes.

ନିତ୍ୟପ୍ରବୃତ୍ତ ବର୍ତ୍ତମାନ—(ବ୍ୟାକରଣ)—ଯେଉଁ ବର୍ତ୍ତମାନ କାଳବାଚକ କ୍ରିୟାଦ୍ୱାରା ସର୍ବଦା ଘଟିବା ବିଷୟ ବୁଝାଏ—(grammar) The first aorist; the indefinite present tense.
Nityaprabṛutta barttamāna

(ଯଥା—ଆଷାଢ଼ ମାସରେ ବର୍ଷା ହୁଏ; ବର୍ଷାଦିନେ ନଈ ବଢ଼େ; କୁକୁଡ଼ା ବାପା ପାଖେ ଶୁଏ ।)

ନିତ୍ୟ ପ୍ରଳୟ—ସଂ.ବି (କର୍ମଧା; ନିତ୍ୟ+ପ୍ରଳୟ)—୧ । ନିଦ୍ରା; ସୁଷୁପ୍ତି—1. Sleep.
Nitya praḻaya

୨ । ପ୍ରତିଦିନ ଘଟୁଥିବା ଜୀବମାନଙ୍କର ମୃତ୍ୟୁ—2. The constant dissolution of living beings (M. W.).

ନିତ୍ୟ ବୈକୁଣ୍ଠ—ସଂ. ବି—ଗୋଲୋକଧାମ; ବିଷ୍ଣୁଙ୍କ ବାସସ୍ଥାନ—
Nityabaikuṇṭha The perpetual abode of Bishṇu in heaven.

ନିତ୍ୟବ୍ୟୟ—ସଂ. ବିଣ. ପୁଂ(ବହୁବ୍ରୀହି; ନିତ୍ୟ+ବ୍ୟୟ)—ଯେ ସର୍ବଦା ବ୍ୟୟ କରୁଥାଏ—Always expending; ever laying out (M. W.).
Nitya byaya
(ନିତ୍ୟବ୍ୟୟା—ସ୍ତ୍ରୀ)

ନିତ୍ୟ ବ୍ରତ—ସଂ. ବି—ଆମରଣ ଅନୁଷ୍ଠିତ ବ୍ରତ—
Nitya brata A prepetual observance; penance lasting for life (M. W.).

ନିତ୍ୟ ମୁକ୍ତ—ସଂ. ବିଣ. ପୁଂ—ନିତ୍ୟନିର୍ଲିପ୍ତ; କାଳାତୀତଭାବରେ ବନ୍ଧନ ମୁକ୍ତ—
Nitya mukta
(ନିତ୍ୟମୁକ୍ତା—ସ୍ତ୍ରୀ) Emancipated or freed from all bonds for all time.

ବି—ପରମାତ୍ମା—The Universal or Supreme Soul.

ନିତ୍ୟ ଯଜ୍ଞ—ସଂ. ବି (ସ. ପ. ଲୋ.)—ପ୍ରତିଦିନ ଅନୁଷ୍ଠେୟ ଯଜ୍ଞ କର୍ମ (ଯଥା—ଅଗ୍ନିହୋତ୍ର)—
Nitya jajña Regular or daily religious sacrifice.

ନିତ୍ୟ ଯୁକ୍ତ—ସଂ. ବିଣ—ସର୍ବଦା କାର୍ଯ୍ୟରେ ଲାଗିଥିବା—
Nitya jukta Always engaged; ever active; always busy.

ନିତ୍ୟ ଯୌବନ—ସ. ବ—ଚିରଯୌବନ; ଚିରକାଳ ବାର୍ଦ୍ଧକ୍ୟରହିତ
Nitya jaubana ଅବସ୍ଥା; ସ୍ଥିରଯୌବନ—
Perpetual youth; unfading youth.
(ନିତ୍ୟଯୌବନା—ସ୍ତ୍ରୀ) ବିଣ. ପୁଂ (ବହୁବ୍ରୀହି)—ଯେ ସର୍ବଦା ଯୁବା ଥାଏ; ଯାହାର ବାର୍ଦ୍ଧକ୍ୟ ହୁଏନାହିଁ; ଚିର ଯୁବା—
Ever youthful; possessing perpetual youth

ନିତ୍ୟଯୌବନା—ସ. ବିଣ (ସ୍ତ୍ରୀ)—(ନିତ୍ୟଯୌବନ+ଆ)—
Nityajaubanā ନିତ୍ୟଯୌବନର ସ୍ତ୍ରୀଲିଙ୍ଗ—
The feminine of Nityajaubana.
ବି. ସ୍ତ୍ରୀ—ଦ୍ରୌପଦୀ—An epithet of 'Draupadi'.

ନିତ୍ୟ ରାସ—ସ. ବ—(ବୈଷ୍ଣବ ସାହିତ୍ୟ)—ଗୋଲୋକଧାମ ବା
Nitya rāsa ବୈକୁଣ୍ଠରେ ଶ୍ରୀକୃଷ୍ଣ ଓ ଗୋପୀମାନଙ୍କ ଦ୍ୱାରା ପ୍ରତିଦିନ ଅହରହଃ ସମ୍ପାଦିତ ରାସକ୍ରୀଡ଼ା—The ball dance said to be performed every day in the Baikuntha by Bishnu and his consorts.

ନିତ୍ୟ ରହାସ—ଦେ. ବ. (ସ. ନିତ୍ୟରାସ)—୧ । ନିତ୍ୟ ରାସ (ଦେଖ)—
Nitya rahāsa 1. Nitya rāsa (See)
ନିତ୍ୟ ରହାସ ଭୂମିକୁ ହୋଇଛି ପ୍ରାପତ ।
ପ୍ରୀତି ଗୁରୁଙ୍କୁ ଗାଁଭ ।
୨ । (ବ୍ୟଙ୍ଗ୍ୟାର୍ଥ) କୌଣସି ଠାରେ ପ୍ରତି ଦିନ ହେଉଥିବା ମଉଜ ଓ ଆନନ୍ଦ ଉତ୍ସବ—2 (ironical) A daily round of festivities and merrymaking.

ନିତ୍ୟରେ—ଗ୍ରା. କ୍ରି. ବିଣ (ପଦ୍ୟ)—ସର୍ବଦା; ନିରନ୍ତର—
Nityare Constantly.
ନିତ୍ୟରେ ମୋର ପ୍ରଭୁପଣ । ରୂପଚ. ପ୍ରେମପଞ୍ଚାମୃତ ।

ନିତ୍ୟର୍ତ୍ତୁ—ସ. ବିଣ. (ନିତ୍ୟ+ଋତୁ)—ପ୍ରତିବର୍ଷ ନିର୍ଦ୍ଦିଷ୍ଟ ଋତୁରେ
Nityartu ଘଟୁଥିବା—Regularly recurring at the seasons; annual. (M. W).

ନିତ୍ୟଶଃ—ସ. କ୍ରି. ବିଣ. (ନିତ୍ୟ+ଶସ୍)—୧ । ସର୍ବଦା—
Nityasaḥ 1. Constantly.
୨ । ଚିରକାଳ—2. Perpetually; ever; eternally.
୩ । ଅହରହଃ—3. Every day; daily.

ନିତ୍ୟ ଶ୍ରାଦ୍ଧ—ସ. ବ—ପ୍ରତିଦିନ କରାଯିବା ଶ୍ରାଦ୍ଧ—
Nitya śrāddha A daily performed Śrāddha.

ନିତ୍ୟଶ୍ରୀ—ସ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ନିତ୍ୟା+ଶ୍ରୀ)—
Nityaśri ଚିରସୁନ୍ଦର; ଯାହାର ସୌନ୍ଦର୍ଯ୍ୟ ମଉଳେ ନାହିଁ—
Of lasting beauty (M. W.).

ନିତ୍ୟସଙ୍ଗୀ—ସ. ବ. ପୁ—ଯେ ସର୍ବଦା ସଙ୍ଗରେ ଥାଏ—
Nitya sangi Constant companion.
(ନିତ୍ୟସହଚର—ଅନ୍ୟରୂପ) (ଯଥା—ବସନ୍ତ କାମଦେବଙ୍କର ନିତ୍ୟ
(ନିତ୍ୟସଙ୍ଗିନୀ—ସ୍ତ୍ରୀ) ସଙ୍ଗୀ ।)

ନିତ୍ୟ ସମାସ—ସ. ବ. (ବ୍ୟାକରଣ)—ଏକପ୍ରକାର ସମାସ; ଯେଉଁ
Nitya samāsa ସମାସରେ ସମସ୍ତ ପଦର ଅବୟବଭୂତ ପଦମାନଙ୍କୁ ସ୍ୱତନ୍ତ୍ର ବ୍ୟବହାର କଲେ ଅର୍ଥବୋଧ ହୁଏ ନାହିଁ—
(Sanscrit grammar) A class of compound; a compound of which the meaning cannot be expressed by its component members used separately, the separate ideas having merged in one.
[ନିତ୍ୟସମାସର ଉଦାହରଣ—ପ୍ରତିଦିନ;—ଏଠାରେ ସମସ୍ତ ପଦର ଅବୟବଭୂତ ୨ଟି ଶବ୍ଦ ପ୍ରତି ଓ ଦିନକୁ ସ୍ୱତନ୍ତ୍ର ବ୍ୟବହାର କଲେ ଦିନେ ଦିନେ ଏହି ଅର୍ଥର ବୋଧ ହେବ ନାହିଁ । ଖଟ୍ୱାରୂଢ଼;—୨ୟ ଉଦାହରଣ ଖଟ୍ୱାରୂଢ଼ ଶବ୍ଦର ଅର୍ଥ ଯେ ଖଟରେ ଚଢ଼ିଛି । କିନ୍ତୁ ନିତ୍ୟସମାସ ନିଷ୍ପନ୍ନ ଖଟ୍ୱାରୂଢ଼ ଶବ୍ଦର ଅର୍ଥ ମୂଢ଼ । ଭୋଜନାର୍ଥ—ଏଠାରେ ଭୋଜନ ଓ ଅର୍ଥ ଏ ଦୁଇ ଶବ୍ଦର ସ୍ୱତନ୍ତ୍ର ପ୍ରୟୋଗଦ୍ୱାରା ସମସ୍ତ ପଦର ଅର୍ଥର ବୋଧ ହେବ ନାହିଁ । ଏ ପଦର ଅର୍ଥ ଭୋଜନ ନିମନ୍ତେ । ଗତ୍ୟନ୍ତର—ଏଥିର ଅର୍ଥ ଅନ୍ୟ ଗତି ।]

ନିତ୍ୟ ସିଦ୍ଧ—ସ. ବିଣ. ପୁଂ—ଯେ ସର୍ବଦା ସିଦ୍ଧିଯୁକ୍ତ—
Nitya siddha Ever perfect; ever accomplished.

ନିତ୍ୟ ସେବକ—ସ. ବ. ପୁଂ. (କର୍ମଧା; ନିତ୍ୟ+ସେବକ)—
Nitya sebaka ୧ । ଅହରହଃ ସେବାକାରୀ ବ୍ୟକ୍ତି; ଦିନଯାକ
ନିତ୍ୟସେବକୀ } ସ୍ତ୍ରୀ ପ୍ରଭୁଙ୍କ କାର୍ଯ୍ୟରେ ନିଯୁକ୍ତ ଭୃତ୍ୟ—
ନିତ୍ୟସେବିକା } 1. A whole time servant.
୨ । ଯେ ସର୍ବଦା ପରର ସେବାରେ ନିଯୁକ୍ତ—
2. Always serving others (M. W.).

ନିତ୍ୟସ୍ନାୟୀ—ସ. ବିଣ. ପୁଂ. ନିତ୍ୟ+ସ୍ନା ଧାତୁ+କର୍ତ୍ତୃ ଇନ୍, ୧ମା.
Nityasnāyi ୧ବ)—ଯେ ପ୍ରତିଦିନ ସ୍ନାନ କରନ୍ତି—
(ନିତ୍ୟସ୍ନାୟିନୀ—ସ୍ତ୍ରୀ) Bathing daily or constantly.
(ନିତ୍ୟସ୍ନାନ—ବ)

ନିତ୍ୟ ହୋମ—ସ. ବ. (କର୍ମଧା; ନିତ୍ୟ=ପ୍ରତିଦିନ+ହୋମ)—
Nitya homa ପ୍ରତିଦିନ କରାଯିବା ହୋମ—
(ନିତ୍ୟହୋମୀ—ବିଣ) Burnt offerings offered daily; daily performed sacrifice.

ନିତ୍ୟା—ସ. ବ. ସ୍ତ୍ରୀ. (ନିତ୍ୟ+ସ୍ତ୍ରୀ+ଆ)—୧ । ପାର୍ବତୀ—
Nityā 1. Goddess Pārbati.
୨ । ମନସା ଦେବୀ—2. Goddess Manasā.
୩ । ଶକ୍ତିବିଶେଷ—3. The name of the Generating Power of the universe.
୪ । ଲଙ୍ଗଳ ଲୁହା—4. Ploughshare (M. W.).
୫ । ନିତ୍ୟ ଅବଶ୍ୟ କର୍ତ୍ତବ୍ୟ କର୍ମ—Constant and indispensable rite or act (M. W.).
ସ. ବିଣ. ସ୍ତ୍ରୀ—ନିତ୍ୟର ସ୍ତ୍ରୀଲିଙ୍ଗ—Feminine of Nitya.

ନିତ୍ୟାଗ୍ରହ—ସ. ବ. (କର୍ମଧା; ନିତ୍ୟ+ଆଗ୍ରହ)—୧ । ସର୍ବଦା କରଣୀୟ
Nityāchāra ସଦାଗ୍ରହ—1. Constant good conduct.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଶାଳ' ନ ମିଳିଲେ 'ସାଳ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ପ୍ରତିଦିନ କର୍ତ୍ତବ୍ୟ କର୍ମ—
2. Daily acts and rituals.

ନିତ୍ୟାନଧ୍ୟାୟ—ସଂ. ବି (କର୍ମଧା; ନିତ୍ୟ+ଅନଧ୍ୟାୟ)—
Nityānadhyāya ବେଦାଧ୍ୟୟନ ଓ ବେଦାଧ୍ୟାପନର ନିତ୍ୟ ସ୍ଥଗିତତା; ଯେଉଁ ଅବସ୍ଥାରେ ବା ସ୍ଥାନରେ ନିତ୍ୟ (ସର୍ବଦା) ବେଦାଧ୍ୟୟନ ଓ ବେଦାଧ୍ୟାପନ ନିଷିଦ୍ଧ—
Invariable suspension of the study of the Bedas.
[ଦ୍ର—ଅନଧ୍ୟାୟ ଶବ୍ଦ ତଳେ ଟୀକା ଦେଖ । ମନୁସଂହିତାର ୪ର୍ଥ ଅଧ୍ୟାୟ ୧୦୭ ଶ୍ଳୋକରେ ନିତ୍ୟାନଧ୍ୟାୟ ବିଷୟକ ଉପଦେଶ ଅଛି । ଧର୍ମନୈପୁଣ୍ୟକାମୀ ଲୋକମାନଙ୍କ ପକ୍ଷରେ ଗ୍ରାମ, ନଗର ଓ ପୂତିଗନ୍ଧମୟ ସ୍ଥାନରେ ନିତ୍ୟାନଧ୍ୟାୟ ହୁଏ । ଅର୍ଥାତ୍ ଗ୍ରାମରେ, ନଗରରେ ଓ ଯେଉଁଠାରୁ ପୂତିଗନ୍ଧ ବାହାରୁଥିବ ସେଠାରେ କେବେହେଁ ବେଦାଧ୍ୟୟନ ବା ବେଦାଧ୍ୟାପନ କରିବ ନାହିଁ ।]

ନିତ୍ୟାନନ୍ଦ—ସଂ. ବି. ପୁଂ. (ବହୁବ୍ରୀହି; ନିତ୍ୟ+ଆନନ୍ଦ)—
Nityānanda ସଦାନନ୍ଦ; ଯାହାର ଚିତ୍ତ ସର୍ବଦା ସନ୍ତୁଷ୍ଟ—
(ନିତ୍ୟାନନ୍ଦା—ସ୍ତ୍ରୀ) Ever happy.
ବି. (କର୍ମଧାରୟ)—ଚିରସ୍ଥାୟୀ ସୁଖ—
Eternal happiness.
ଦେ. ବି (ନାମ) ସଂ—୧ । ଶ୍ରୀ ଚୈତନ୍ୟ ଦେବଙ୍କର ପ୍ରଧାନ ଭକ୍ତ ଓ ସଙ୍ଗୀ—1. Name of the principal associate of Śrī Chaitanya.
नित्यानन्द
नितयानन्द
[ଦ୍ର—ନିତାଇ ତଳେ ନୋଟ୍ ଦେଖ । ଏହାଙ୍କ ପିତାଙ୍କ ନାମ ହାଡ଼ାଇ ପଣ୍ଡିତ ।]
୨ । (ନାମ) ସିଦ୍ଧାନ୍ତତତ୍ତ୍ୱ ଗ୍ରନ୍ଥର ପ୍ରଣେତା (୧୫୬୧ ଶକାବ୍ଦ; ଗୌଡ଼ ବ୍ରାହ୍ମଣ)—2. Name of a Sanscrit author.
୩ । ପୁରୁଷଙ୍କୁ ଦିଆଯିବା ନାମ—
3. A name given to males.

ନିତ୍ୟାନି—ଦେ. ଅ. (ସଂ. ନିତ୍ୟ)—ପ୍ରତିଦିନ—
Nityāni Every day.
नित, निति ବିଣ—ପ୍ରତିଦିନ ଘଟୁଥିବା—
नित, निति Occuring daily.
ପ୍ରାଦେ (ପୁରୀ ଓ ଗଡ଼ଜାତ) ବି. ଦୁଧ—Milk.
[ଦ୍ର—ଦୁଗ୍ଧକୁ ପୁରୀରେ ଦୁଧ ନ କହି 'ନିତ୍ୟାନି', 'କ୍ଷୀର' ଓ ଗଡ଼ଜାତରେ 'ନିତ୍ୟାନି', 'କ୍ଷୀର', 'ଓଗର', 'ନଳାପାଣି' ଆଦି ଶବ୍ଦ ଲୋକେ ବ୍ୟବହାର କରି ଥାଆନ୍ତି । ଦୁଧ ଶବ୍ଦ ଗଡ଼ଜାତରେ ସ୍ତ୍ରୀ ସ୍ତନକୁ ବୁଝାଏ ।]

ନିତ୍ୟାନିତ୍ୟ—ସଂ. ବିଣ. (ବିପରୀତାର୍ଥବୋଧକ ସହଚର ଶବ୍ଦ; ନିତ୍ୟ+ଅନିତ୍ୟ)—ସ୍ଥାୟୀ ଓ ଅସ୍ଥାୟୀ; ଚିର ଓ ଅଚିର—
Nityānitya Permenent and transient; eternal and temporal (matters).

ନିତ୍ୟାନିତ୍ୟ ବସ୍ତୁ ବିବେକ—ସଂ. ବି—ବ୍ରହ୍ମ ଏକମାତ୍ର ସତ୍ୟ, ତଦ୍‌ଭିନ୍ନ ସମସ୍ତ ଅନିତ୍ୟ, ଏହିଭଳି ବିଚାର—
Nityānitya bastu bibeka The differentiation between the Eternal Brahma and the perishable universe.

ନିତ୍ୟାନି ଭୋଗ—ଦେ. ବି.—୧ । ପ୍ରତିଦିନ ଦେବତାଙ୍କ ନିକଟରେ ଖଞ୍ଜା ଥିବା ନୈବେଦ୍ୟ—
Nityāni bhoga 1. Daily offerings fixed for a Deity.
୨ । ଦେବତାଙ୍କୁ ନୈବେଦ୍ୟ ଦିଆଯିବା ଦୁଗ୍ଧ—
2. Milk offered to a Deity.

ନିତ୍ୟାଭିଯୁକ୍ତ—ସଂ. ବିଣ. ପୁଂ. (ନିତ୍ୟ+ଅଭିଯୁକ୍ତ)—ଯେଉଁ ଯୋଗୀ ଯେତିକି ପରିମିତ ଖାଦ୍ୟରେ ଦେହ ରକ୍ଷା ହେବ ସେତିକିମାତ୍ର ଭୋଜନ କରି ଓ ତହୁଁ ଅଧିକ ପରିତ୍ୟାଗ କରି ଯୋଗସାଧନ କରନ୍ତି (ହି. ଗ)—
Nityābhijukta (an ascetic) Subsisting on the minimum quantity of food necessary for living and practising penance.
(ନିତ୍ୟାଭିଯୁକ୍ତା—ସ୍ତ୍ରୀ)

ନିତ୍ୟାରିତ୍ର—ସଂ. ବିଣ (ବହୁବ୍ରୀହି; ନିତ୍ୟ+ଅରିତ୍ର)—(ବୈଦିକ) ଯେଉଁ ବୋଇତ ବା ନାବ ନିଜସଂଲଗ୍ନ ଅରିତ୍ରଦ୍ୱାରା ଚଳେ (ଋଗ୍‌ବେଦ)—
Nityāritra (a boat or ship) Propelled by its own oars; self-propelled having its own oars. (M.W.).

ନିତ୍ୟୋଦକ—ସଂ. ବିଣ (ବହୁବ୍ରୀହି; ନିତ୍ୟ+ଉଦକ)—
Nityodaka ଯେଉଁ ଜଳାଶୟରେ ସବୁଦିନେ ପାଣି ଥାଏ—
Always having water; perennial (river or reservoir).

ନିତ୍ୟୋଦ୍ୟୁକ୍ତ—ସଂ. ବିଣ. ପୁଂ (ନିତ୍ୟ+ଉଦ୍ୟୁକ୍ତ)—ସର୍ବଦା ଉଦ୍ୟମଶୀଳ; ସର୍ବଦା ଉଦ୍‌ଯୋଗୀ—
Nityodyukta Always energetic.
(ନିତ୍ୟୋଦ୍‌ଯୁକ୍ତ—ଅନ୍ୟରୂପ)
(ନିତ୍ୟୋଦ୍ୟୁକ୍ତା—ସ୍ତ୍ରୀ) (ନିତ୍ୟୋଦ୍ୟୁକ୍ତତା—ବି)

ନିଦ୍(ଧାତୁ)—ସଂ.—ନିନ୍ଦା କରିବା—
Nid(root) To blame.

ନିଦ— ସଂ. ବି.(ନି=ନିଶ୍ଚୟ+ଦୋ. ଧାତୁ=ଛେଦନ କରିବା+ କର୍ତ୍ତୃ. ଅ)—ବିଷ—Poison; venom. (M. W.)
Nida
निंद, नीद ଦେ. ବି. (ସଂ. ନିଦ୍ରା; ପ୍ରା. ନିଦ)—
निंद ନିଦ୍ରା; ଶୟନ—Sleep.
[ଦ୍ର—ଅବସ୍ଥାବିଶେଷରେ ନିଦର ନାନାପ୍ରକାର ନାମ ଅଛି, ଯଥା—କଞ୍ଚା ନିଦ, ଘୋର ନିଦ, ଘମାଘୋଟ ବା ନିଘୋଡ଼ ନିଦ ଗହମ ନିଦ, ଭୁତ ନିଦ ଇତ୍ୟାଦି ।]

୧	ଇ	ଊ	ଋ,ୠ	୮	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଷ	କ୍ଷି	ଇଘ୍ର	ଊଥ	ଘ
୨	ଈ	ଉ	ରୁ	ଲୃ	ଯୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ଯ	ଚ୍ୟଁ	ଇଅ	●	ନ୍

ନିଦକ(କା)—ଦେ. ବି. (ସଂ. ନିର୍ଦର)—ନିର୍ଭୟ; ଭୟଶୂନ୍ୟତା—
Nidaka(kā) Fearlessness.
(ନିଦକୀ—ସ୍ତ୍ରୀ) ଦେ. ବିଣ. ପୁଂ—୧ । ନିର୍ଭୟ—1. Fearless.
निडर ୨ । ନିଶ୍ଚିନ୍ତ—Free from anxiety.

ନିଦ ଘାରିବା—ଦେ. କ୍ରି.—ନିଦ୍ରାସକ୍ତ ହୋଇ ଢୁଲାଇବା—
Nida ghāribā Dozing.
(ନିଦ ଝାଙ୍କିବା, ନିଦ ଘାଲିବା—ଅନ୍ୟରୂପ)

ନିଦଦ୍ରୁ—ସଂ. ବି. (ନିଦ=ବିଷ+ଦ୍ରୁ=ବୃକ୍ଷ)—ମନୁଷ୍ୟ (ଶବ୍ଦକଳ୍ପଦ୍ରୁମ)—
Nidadru Man.
ସଂ. ବିଣ. (ନି=ନାହିଁ+ଦଦ୍ରୁ=ଦାଦୁ)—ଦଦ୍ରୁଶୂନ୍ୟ—
Free from ringworm.

ନିଦ ଧୂଳି—ଦେ. ବି. (ସଂ. ନିଦ୍ରା+ଧୂଳି)—ନିଦ ମାଟି (ଦେଖ)
Nida dhūḷi Nida māṭi (See)

ନିଦ ନିଦ—ଦେ. ବିଣ—ନିଦ ମଳ ମଳ (ଦେଖ)
Nida nida Nida maḷa maḷa (See)

ନିଦ ବାଉଳା—ଦେ. ବି. (ସଂ. ନିଦ୍ରା ଓ ବାତୁଳ)—
Nida bāuḷā ଗାଢ଼ ନିଦ୍ରାରେ ଶୋଇଥିବା ବ୍ୟକ୍ତି କୌଣସି
ঘুমের ঘোর ଶବ୍ଦ ବା ଡାକ ଆଦି ଶୁଣି ହଠାତ୍ ନିଦରୁ
नींदका घबराहट ଉଠିଲେ ତାହାର ଯେଉଁ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା
ଓ ହାତ ଏଣେ ତେଣେ ବୁଲାଇ ଦଉଡ଼ିବା ଅବସ୍ଥା ଘଟେ—
The dazed condition of a person suddenly roused from deep slumber.

ମାଇକିନିଆଁ ମାନେ ନିଦ ବାଉଳାରେ ହାଉଳି ଖାଇ
ଦେହ ଲୁଗା ଘେନି × × × ଗଛ ମୂଳରେ ବସି ଅଛନ୍ତି ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

ନିଦ ଭଙ୍ଗା(ଙ୍ଗେ)ଇବା—ଦେ. କ୍ରି—ସୁପ୍ତ ବ୍ୟକ୍ତିକୁ ନିଦ୍ରାରୁ ଉଠାଇବା—
Nida bhaṅgā(ṅge)ibā To awaken a sleeping person.
ঘুমভাঁগান जगाना, नींद उचाटना

ନିଦ ଭାଙ୍ଗିବା—ଦେ. କ୍ରି—୧ । ନିଦ ଭଙ୍ଗାଇବା (ଦେଖ)
Nida bhāṅgibā 1. Nida bhaṅgāibā (See)
ঘুম ভাঁগা ୨ । ନିଜେ ଚେଷ୍ଟା ପୂର୍ବକ ନିଦ୍ରାର ଆଳସ୍ୟକୁ ତ୍ୟାଗ
जगना କରିବା—2. To shake off one's slumber.
ঘুম ভাঁগা ଦେ. ବି. (ସଂ. ନିଦ୍ରା ଭଙ୍ଗ)—
नींद छटना, नींद उचटना ୧ । ଜାଗରଣ; ନିଦ୍ରାଭଙ୍ଗ ହେବା—
1. Awaking from sleep.
୨ । (ଲକ୍ଷଣାର୍ଥ) ପ୍ରକୃତ ଅବସ୍ଥାର ଉପଲବ୍ଧି—
2. (figurative) Realisation of one's actaul position.
(ଯଥା—ତେଣେ ମାହାଲ ଲାଟରେ ଗଲାଣି, ବାବୁଙ୍କର ଏବେ ବେଳଯାଏଁ ନିଦ ଭାଙ୍ଗୁ ନାହିଁ ।)

ନିଦ ମନ୍ତର—ଦେ. ବି. (ସଂ. ନିଦ୍ରା+ମନ୍ତ୍ର)—
Nida mantra ଗାଢ଼ ନିଦ୍ରାଜନକ ମନ୍ତ୍ର; ଚୋରମାନେ ଯେଉଁ
(ନିଦ ମନ୍ତ୍ର—ଅନ୍ୟରୂପ) ମନ୍ତ୍ରରେ ମାଟି ବା ଧୂଳି ଅଭିମନ୍ତ୍ରିତ କରି
নিদুটী, নিদালী ଗୃହରେ ଶୋଇ ଥିବା ବ୍ୟକ୍ତିମାନଙ୍କ ଦେହକୁ
ପିଙ୍ଗିଲେ ସେମାନେ ଗାଢ଼ ନିଦ୍ରାଭିଭୂତ ହୁଅନ୍ତି ଓ ଚୋରମାନେ ଏହି ଅବସରରେ ନିରାପଦରେ ଚୋରି କରନ୍ତି—
Esoteric formulæ with which thieves are said to consecrate dust which they throw on the sleeping inmates of a house and which is said to induce profound sleep in them.

ନିଦ ମଳମଳ—ଦେ. ବିଣ. (ସଂ. ନିଦ୍ରାକ୍ତ)—
Nida maḷa maḷa ନିଦ୍ରାକ୍ତ; ନିଦ୍ରାସକ୍ତ; ସମ୍ପୂର୍ଣ୍ଣ ରୂପେ
নিদন্ত ନିଦ୍ରାସକ୍ତି ଛାଡ଼ି ନ ଥିବା (ବ୍ୟକ୍ତି)—
निंदासा Sleepy (persons).

ସେ ନିଦ ମଳ ମଳ ଆଖିରେ ତାଙ୍କୁ କେତେବେଳ
ଚାହିଁ ପଚାରିଲା, ମୋତେ କାହିଁକି ଉଠାଇଲ ?—ନୀଳକଣ୍ଠ ପିଲାଙ୍କ ସମର୍ପଣ ।

ନିଦ ମାଟି—ଦେ. ବି—ମୋହଚୂର୍ଣ୍ଣି; ମନ୍ତ୍ରସିଦ୍ଧ ହୋଇଥିବା ଯେଉଁ ଧୂଳିକୁ
Nida māṭi ଚୋରମାନେ ଶୋଇଥିବା ବ୍ୟକ୍ତିଙ୍କ ଉପରେ ପକାଇ
নিদাটি ଚୋରି କରନ୍ତି—Charmed dust used by thieves to throw on sleeping inmates of a house and which is said to induce profound sleep, thus giving the thieves opportunity to steal.
ପ୍ରାଦେ. (ଗଡ଼ଜାତ) ବି—ପୂର୍ବାହ୍ନରେ ପଡ଼ିଥିବା ଇନ୍ଦ୍ରଧନୁର କୋଟି ବା ଅଗ୍ରଭାଗ, ଯେଉଁଠାରେ ଭୂମିରେ ଛୁଇଁଥିବାପରି ଦିଶେ, ଚୋରମାନେ ସେହିଠାରୁ ଆଣିଥିବା ମାଟି—The earth collected by thieves from the place where a rainbow appears to touch the earth.
[ଦ୍ର—ଏହି ମାଟିକୁ ସାଧାରଣତଃ ଚୋରମାନେ ନିଦ ମାଟିରୂପେ ବ୍ୟବହାର କରନ୍ତି । ଯେଉଁ ଘରୁ ସେମାନେ ଚୋରି କରିବାକୁ ଇଚ୍ଛା କରନ୍ତି, ସେ ଘରେ ଶୋଇଥିବା ଲୋକଙ୍କ ଉପରେ ଏହି ମାଟିକୁ ପକାଇ ଦେଲେ ସେମାନେ ଗାଢ଼ ନିଦ୍ରାରେ ଶୋଇ ପଡ଼ନ୍ତି ଓ ଚୋରମାନେ ସେହି ସୁଯୋଗରେ ଘରର ସମସ୍ତ ପଦାର୍ଥ ଚୋରି କରି ନିଅନ୍ତି ।]

ନିଦ ମାଡ଼ିବା—ଦେ. ବି—ନିଦ୍ରାକର୍ଷଣ—
Nida māṛibā Drowsiness; feeling sleepy.
ঘুম পাওয়া नींद आना

ନିଦମ୍ଭ—ଦେ. ବିଣ. (ସଂ. ନିର୍ ଓ ଦମ୍ଭ)—୧ । ଯାହା ଶକ୍ତ ନୁହେ
Nidambha (ପଦାର୍ଥ); ଶିଥିଳ; ଅଦୃଢ଼—
বেমজবুত 1. Not strong (thing).

गरमजबुत ୨ । ଧୈର୍ଯ୍ୟହୀନ (ବ୍ୟକ୍ତି); ଅଧୀର—
(ନିଦମ୍ଲିନ—ଅନ୍ୟରୂପ) 2. Impatient (person); having no patience.

୩ । ସାହସହୀନ (ବ୍ୟକ୍ତି)—
3. Courageless (person).

ନିଦୟ—ସଂ. ବିଣ. (ନି+ଦୟା)—ନିର୍ଦ୍ଦୟ—
Nidaya Cruel; unkind; inhuman; merciless.
निदय निर्दय

ନିଦୟା—ଗ୍ରା. ବିଣ. (ପୁଂ. ଓ ସ୍ତ୍ରୀ)—ନିଦୟ (ଦେଖ)
Nidayā Nidaya (See)
निदया ବି.—ନିର୍ଦ୍ଦୟତା; ଦୟାହୀନତା; ନିଷ୍ଠୁରତା—
निर्दय, निर्दई Unkindness; cruelty.

ନିଦୟା ପୁରୁଷ—ଗ୍ରା. ବି.—ନିଷ୍ଠୁର ବ୍ୟକ୍ତି—
Nidayā purusha Hard-hearted person.

ନିଦ ଯିବା—ଦେ. କ୍ରି.—ନିଦ୍ରିତ ହେବା; ଶୋଇ ରହିବା—
Nida jibā To go on sleeping; to lie asleep.
सुमान नीदजाना ମୋହନ ମାଧୁରୀ ଦେଖିଥିବା ନାରୀ ନିଦ ଯିବ କି ଅହର । ସଙ୍ଗୀତ

ନିଦର—ଦେ ବିଣ. ପୁଂ. (ସଂ. ନିର୍+ଡର)—୧ । ନିର୍ଭୟ—
Nidara 1. Fearless.
निडर ବୋଲେ ସୁମା ଶୋଦର ବଢ଼ାଇ କ ଅଦର ନିଦର କହୁରୁ କବାହ ।
निडर ଭଞ୍ଜ: ବୈଦେହୀଶବିଳାସ ।

୨ । ନିଶ୍ଚିନ୍ତ—2. Free from anxiety.

ବି.—ଭୟଶୂନ୍ୟତା—Want of fear.

ନିଦର୍ଶନ—ସଂ. ବି. (ନି=ସମ୍ୟକ୍ ବା ନିଶ୍ଚୟରୂପେ+ଦୃଶ୍ ଧାତୁ+ଅଣ୍ କ ଅନ)—୧ । ପ୍ରମାଣ—1. Proof; evidence.
Nidarśana

୨ । ଚିହ୍ନ—2. Sign; vestige; mark.

୩ । ଉଦାହରଣ; ଦୃଷ୍ଟାନ୍ତ—3. Example; instance; illustration.

୪ । ପ୍ରତିରୂପ; ନମୁନା—
4. Sample; type; specimen.

୫ । ଆଦର୍ଶ—5. Model; pattern.

୬ । ଆଜ୍ଞା; ବିଧାନ—6. Order; ordinance; injunction; precept; statute.

୭ । ବିବରଣ—7. Description.

୮ । ଦେଖାଇଦେବା—8. Pointing; showing.

୯ । ପ୍ରକଟନ; ଘୋଷଣା କରିବା—
9. Announcing; proclaiming.

୧୦ । ପଦ୍ଧତି; ଯୋଜନା—
10. Scheme; system (M. W.).

୧୧ । ଶାସ୍ତ୍ରପ୍ରମାଣ; ପ୍ରାମାଣିକ ଶାସ୍ତ୍ର ବଚନ—
11. Text; authority; scriptural authority (Apte).

୧୨ । ଦୃଷ୍ଟି; ଦୃଶ୍ୟବସ୍ତୁଚୟ—
12. View; sight; vision (Apte).

୧୩ । କଥିତ ପ୍ରତିଜ୍ଞାର ବା ଯୁକ୍ତିର ପ୍ରତିବାଦ—
13. Refutation of a stated argument (M. W.).

୧୪ । ଅର୍ଦ୍ଧ୍ୟ ନ୍ୟାୟଶାସ୍ତ୍ରରେ ଅନୁମାନର ୫ଟି ଅବୟବ ମଧ୍ୟରୁ ତୃତୀୟ ଅବୟବ (ନିଗମନ ୨ ତଳେ ଟୀକା ଦେଖ)—
14. (logic) Name of the 3rd member of a complete syllogism.

୧୫ । ପୂର୍ବ ଲକ୍ଷଣ; ଶକୁନ—
15. Prognostic; omen (M. W.).

ସଂ. ବିଣ—୧ । ପ୍ରଦର୍ଶନକାରୀ; ଯେ ଦେଖାଇଦିଏ—
1. Showing; pointing to.

୨ । ଯେ ଶିକ୍ଷାଦିଏ—2. Teaching.

୩ । ପ୍ରକଟନକାରୀ—
3. Proclaiming; announcing.

୪ । ସନ୍ତୋଷବିଧାୟକ; ପ୍ରିୟ—
4. Suiting; pleasing (Apte).

ନିଦର୍ଶନ ପତ୍ର—ସଂ. ବି— କୌଣସି ବିଷୟ ପ୍ରମାଣିତ କରିବା ନିମନ୍ତେ ବ୍ୟବହୃତ ଦଲିଲ ବା ଲେଖା—
Nidarśana patra
(ନିଦର୍ଶନଲିପି—ଅନ୍ୟରୂପ) A document in proof of some fact; a writing which is evidence of a certain fact (e. g. of payment).

ନିଦର୍ଶନା—ସଂ. ବି—କାବ୍ୟାଳଂକାରବିଶେଷ—
Nidarśanā A kind of rhetorical figure; a kind of simile or comparision.

[ଦ୍ର—ବିଷୟର ବିଷୟାନ୍ତର ସହିତ ସମ୍ବନ୍ଧ ସଙ୍ଗତ ହେବା ନିମନ୍ତେ ସାଦୃଶ୍ୟର ଅଧ୍ୟାହାର ହେଉଥିଲେ ନିଦର୍ଶନାଲଙ୍କାର ହୁଏ । ଏହି ନିଦର୍ଶନାଲଙ୍କାର ଦ୍ବିବିଧ ଯଥା—ସମ୍ଭବଦ୍‌ବସ୍ତୁସମ୍ବନ୍ଧ ନିଦର୍ଶନା ଓ ଅସମ୍ଭବଦ୍‌ବସ୍ତୁସମ୍ବନ୍ଧ ନିଦର୍ଶନା । ଯେଉଁଠାରେ ପ୍ରସ୍ତୁତ ପଦାର୍ଥର ବର୍ଣ୍ଣନାରେ ଅପ୍ରସ୍ତୁତ ପଦାର୍ଥର ଗୁଣ ଓ କ୍ରିୟାଦି ତୁଲ୍ୟରୂପେ କଳ୍ପିତ ହୁଏ, ସେଠାରେ ସମ୍ଭବଦ୍‌ବସ୍ତୁସମ୍ବନ୍ଧ ନିଦର୍ଶନା ହୁଏ । ଯଥା—
ପରପୀଡ଼ାକାରୀ କେଉଁ ଜନ ଏ ସଂସାରେ
ଚିରଦିନ ସୁଖଭୋଗ କରଣ ନ ପାରେ;
ଜଣାଇ ଏ ଭାବ ସନ୍ଧ୍ୟା ମୁଖେ ଦିବାକର
ଅସ୍ତ କରନ୍ତି ଅସ୍ତ ପର୍ବତଶିଖର ।
ଯେଉଁଠାରେ ଯଥାଶ୍ରୁତ ଅର୍ଥର ଅନ୍ବୟ ଅସମ୍ଭବ ଦେଖି ଗୋଟିଏ ଉପମା କଳ୍ପନା କରାଯାଏ ସେଠାରେ ଅସମ୍ଭବଦ୍‌ବସ୍ତୁସମ୍ବନ୍ଧ ନିଦର୍ଶନା ହୁଏ । ଯଥା—
ରବିକରେ ଦର ଫୁଲ୍ଲ ଅରବିନ୍ଦେ ଯେଉଁ ଆଖି କରେ କ୍ରୀଡ଼ା
ସେ ଆଖି ସଘନେ ସ୍ତ୍ରୀଡ଼ାବତୀ ଗଣ୍ଡେ ବୋଳ ଦେଉଥିଲି ବ୍ରୀଡ଼ା—
ରାଧାନାଥ ଯଯାତିକେଶରୀ ।
ନିଦର୍ଶନା ଓ ଦୃଷ୍ଟାନ୍ତର ଭେଦ—ନିଦର୍ଶନାରେ ଉପମାନ ଓ ଉପମେୟର ବିମ୍ବ ପ୍ରତିବିମ୍ବ ଭାବ ବ୍ୟଞ୍ଜିତ ବାକ୍ୟାର୍ଥ ପର୍ଯ୍ୟବସିତ ହୁଏ ନାହିଁ; ମାତ୍ର ଦୃଷ୍ଟାନ୍ତରରେ ସାମର୍ଥ୍ୟ ବଶତଃ ପର୍ଯ୍ୟବସିତ ବାକ୍ୟାର୍ଥଦ୍ୱାରା ବିମ୍ବ ପ୍ରତିବିମ୍ବ ଭାବ ପ୍ରତ୍ୟାୟିତ ହୁଏ ।
ଭୁଲମଣି. ଅଳଙ୍କାରତରଙ୍ଗିଣୀ ।]

ଯେଉଁ ଅଳଙ୍କାରରେ ପରି, ତୁଲ୍ୟ, ସଦୃଶ ଆଦି ଶବ୍ଦର ପ୍ରୟୋଗ ନ କରି ପ୍ରସଙ୍ଗ ବିଷୟକୁ ଅନ୍ୟ ସମ୍ଭବ ବା ଅସମ୍ଭବ ବିଷୟର ନିଦର୍ଶନଦ୍ୱାରା ବାକ୍ୟାର୍ଥ ସମାପ୍ତ ହେବା ପୂର୍ବରୁ ବିମ୍ବ ପ୍ରତିବିମ୍ବ ଭାବଦ୍ୱାରା ବୁଝାଇ ଦିଆଯାଏ ତାହାକୁ ନିଦର୍ଶନା ଅଳଙ୍କାର ବୋଲି ଯାଏ । କିନ୍ତୁ ଯଦି ଏହା ଏକାଧିକ ବାକ୍ୟରେ ବୁଝାଇ ଦିଆଯାଏ ତେବେ ଦୃଷ୍ଟାନ୍ତ ଅଳଙ୍କାର ହୁଏ । ପ୍ରତିବସ୍ତୂପମା, ଦୃଷ୍ଟାନ୍ତ ଓ ନିଦର୍ଶନା ଏ ତିନିଗୋଟି ଅଳଙ୍କାର ଏକଜାତୀୟ ।

କାଳିଦାସ ରଘୁବଂଶ କାବ୍ୟର ପ୍ରଥମ ସର୍ଗ ୨ୟ ଶ୍ଳୋକରେ କହିଅଛନ୍ତି 'କାହିଁ ସୂର୍ଯ୍ୟପ୍ରଭବ ରଘୁବଂଶ ? କାହିଁ ବା ମୋର ସ୍ୱଳ୍ପ ବୁଦ୍ଧି ? ମୋହ ବଶତଃ ମୁଁ ଭେଳାଦ୍ୱାରା ଦୁସ୍ତର ସାଗର ପାର ହେବାକୁ ଇଚ୍ଛା କରୁଅଛି କିନା ।' ଏଠାରେ କାଳିଦାସଙ୍କ ରଘୁବଂଶ ବର୍ଣ୍ଣନେଚ୍ଛା ଓ ଭେଳାଧାରୀ ବ୍ୟକ୍ତିର ସମୁଦ୍ରତରଣେଚ୍ଛା ଏହି ଦୁଇ ବିଷୟର ସାମ୍ୟ ବିମ୍ବାନୁବିମ୍ବଭାବରେ ପ୍ରଣିଧାନଯୋଗ୍ୟ ଥିବାରୁ ଏଠାରେ ନିଦର୍ଶନା ଅଳଙ୍କାର ହୋଇଅଛି—

ନିଦ ଲାଗିବା—ଦେ. କ୍ରି—୧ । ନିଦ ମାଡ଼ିବା; ନିଦ୍ରାକର୍ଷଣ; ଘୁମ ମାଡ଼ିବା—
Nida lāgibā 1. Sleepiness; drowsiness.
ଘୁମଲାଗା ୨ । ନିଦ୍ରିତ ହେବା; ଗାଢ଼ ନିଦ୍ରାରେ ଶୋଇବା ଅବସ୍ଥା—
नींद लगना 2. Being asleep.

ନିଦା—ଦେ. ବିଣ. (ସଂ. ନିର୍ଦଢ଼—କ୍ଳାନେନ୍ଦ୍ର; ନିର୍ଦଢ଼=ଦୃଢ଼—
Nidā ଯୋଗେଶ୍ଚନ୍ଦ୍ର; ସଂ. ନିର୍ଦ୍ଧାରଣ=ଛିଦ୍ରହୀନ M. W.)—
निरेट ୧ । ଘନ; ଯାହା ଫମ୍ପା ନୁହେଁ; ନିବିଡ଼—
ठोस, निरेट 1. Solid; thick; not hollow; compact.
(ଫମ୍ପା, ପୋଲା—ବିପରୀତ) ନିଦାମଣି ତୁମେ କଣ୍ଠା ନଥ ପୋଲ—
ରାଧାନାଥ. ଦରବାର ।
୨ । ଦୃଢ଼; ଅଟଳ; ସ୍ଥିର—2. Firm; fixed.
ଭୂମିର ପୁଅ ମଧ୍ୟ ବୁଲଇଲେ ଶଙ୍ଖ
ଅଟେ ତ ଘାଇର ବୁଦ୍ଧି ଯୁଦ୍ଧେ ନିଦା—କୃଷ୍ଣସିଂହ, ମହାଭାରତ, ଶଲ୍ୟ
କ୍ରି. ବିଣ—୧ । ନିବିଡ଼, ଅତ୍ୟନ୍ତ—1. Very much.
୨ । ଘନଭାବରେ—2. Thickly.
୩ । ଦୃଢ଼ରୂପେ—3. Firmly.
(ନିଦେଇ—ସ୍ତ୍ରୀ) ଦେ. ବିଣ. ପୁଂ. (ସଂ. ନିଦ୍ରାଳୁ)—
ନିଦ୍ରାଳୁ (ଦେଖ)—Nidrāḻu (See)

ନିଦା(ଦେ)ଇବା—ପ୍ରାଦେ. (ଗଡ଼ଜାତ) କ୍ରି—୧ । ଶୋଇପଡ଼ିବା—
Nidā(de)ibā 1. To fall asleep.
(ନିଦା[ଦେ]ଇ ପଡ଼ିବା—ଅନ୍ୟରୂପ) ୨ । ଘୁମାଇବା—
2. To doze.
୩ । ନିଦ୍ରାସକ୍ତ ହେବା—3. To feel sleepy.

ନିଦା ଗୁଆ—ଦେ. ବି—ଯେଉଁ ଗୁଆ ଭିତରେ ପୋଲ ନାହିଁ—
Nidā guā 1. A nut which is not hollow inside.
୨ । (ଲକ୍ଷଣାର୍ଥ) ଟଙ୍କା—
2. (figurative) Coin; money; rupee.
ଏ ପ୍ରଭୁରେ ଡାକେ ଶୁଆ
କାହା ଘରେ ଅଛି ନିଦାଗୁଆ – ପ୍ରହେଳିକା ।

ନିଦାଘ—ସଂ. ବି. (ନି=ନିଶ୍ଚିତ+ଦହ୍ ଧାତୁ=ପୋଡ଼ିବା+କର୍ତ୍ତୃ.ବା
Nidāgha ଅଧିକରଣେ+ଅ)—୧ । ଖରାଦିନ; ଗ୍ରୀଷ୍ମକାଳ—
1. Summer; the hot season.
୨ । (+କରଣ. ଅ) ଘର୍ମ; ଝାଳ—
2. Sweat; perspiration.
୩ । ଉତ୍ତାପ—3. Heat.
୪ । ଉଷ୍ମା—4. Warmth
ବିଣ—୧ । (+କର୍ମ. ଅ) ଉଷ୍ଣ—1. Hot; warm.
୨ । ତପ୍ତ—2. Heated.
ଦେ. ବିଣ—୧ । କୃପଣ—1. Niggardly.
୨ । ନିଦା ମୂର୍ଖ (ଦେଖ)—
2. Nidā mūrkha (See)
୩ । (ସଂ. ନିର୍ଦ୍ଦୟ) ନିଷ୍ଠୁର; ନିର୍ଦ୍ଦୟ—
3. Cruel; hard hearted.

ନିଦାଘକର—ସଂ. ବି. (ନିଦାଘ=ଗ୍ରୀଷ୍ମକାଳ+କୃ ଧାତୁ+କର୍ତ୍ତୃ. ଅ)—
Nidāghakara ସୂର୍ଯ୍ୟ; ତପନ—The sun.
(ନିଦାଘଧାମା—ଅନ୍ୟରୂପ)

ନିଦାଘ କାଳ—ସଂ. ବି—ଗ୍ରୀଷ୍ମକାଳ; ଖରାଦିନ—
Nidāgha kāḻa The summer season.

ନିଦାଘ ମୂର୍ଖ—ଦେ. ବିଣ—ନିଦା ମୂର୍ଖ (ଦେଖ)
Nidāgha mūrkha Nidā mūrkha (See)

ନିଦାଘ ରୁଚି—ସଂ. ବିଣ. (ବହୁବ୍ରୀହି; ନିଦାଘ+ରୁଚି)—ଯାହାର କିରଣ
Nidāgha ruchi ଗରମ—Hot-rayed (M. W).
ସଂ. ବି.—ସୂର୍ଯ୍ୟ—The sun.

ନିଦାଘ ସିନ୍ଧୁ—ସଂ. ବି—୧ । ଗ୍ରୀଷ୍ମକାଳରେ ଯେଉଁ ନଦୀରେ (ବରଫ
Nidāgha sindhu ତରଳିବା ଯୋଗୁଁ) ଜଳ ବଢ଼େ—
1 A river rising in summer (due to melting snow).
୨ । ଖରାଦିନେ ଶୁଖିଲା ନଈ; ଶୁଷ୍କ ନଦୀ—
2. A river nearly dry in summer.

ନିଦା ଦି(ଦେ)ହ—ଦେ. ବି—ବଳିଷ୍ଠ ଶରୀର—
Nidā di(de)ha Muscular body.

ନିଦାନ୍—ପ୍ରାଦେ. (ସମ୍ବଲପୁର) ଅ (ତୁଳ. ହି. ନିଦାନ୍=ଶେଷରେ)—
Nidān
୧ । ନିଶ୍ଚୟ; ଅବଶ୍ୟ—1. Certainly; surely.
୨ । ନିଃସନ୍ଦେହରେ—2. Doubtlessly.
୩ । ଯାହାଶେଷରେ; ଅଖେର୍—3. At last.
ବିଣ—ନିଶ୍ଚିତ—Certain.
ବିଣର ବିଣ—ଅତ୍ୟନ୍ତ; ନିତାନ୍ତ—
Much; very; very much.
(ଯଥା—ତୁ ନିଦାନ୍ ଗଢ଼ୁଲଅଛେ=ତୁ ନିତାନ୍ତ ଗାଢ଼ିଲ ଠାଏ ।)

ନିଦାନ—ସଂ. ବି. (ନି=ନିଶ୍ଚୟ ରୂପେ+ଦା ଧାତୁ+କରଣ. ଅନ)—
Nidāna ୧ । ମୂଳ କାରଣ; ଆଦି କାରଣ—
1. Root cause; primary cause.
୨ । କାରଣ—2. Cause.

୩ । (ନି+ଦୋ ଧାତୁ=ଛେଦନ କରିବା+କରଣ ଅନ.) ବସ୍ତ୍ରଦାମ; ବାଛୁରି ବାନ୍ଧିବା ଦଉଡ଼ି—
3. A rope to tie a calf.
୪ । ଅନ୍ତିମ ଅବସ୍ଥା—
4. Last extremity; last stage.
୫ । (+ଭାବ. ଅନ) ଅବସାନ; ଅନ୍ତ—
5. End; termination.
୬ । ସୂକ୍ଷ୍ମତା—6. Minuteness.
୭ । ବିରାମ; ନିବୃତ୍ତି—7. Cessation.
୮ । (ନି+ଦୈ ଧାତୁ=ଶୁଦ୍ଧ କରିବା+ଭାବ. ଅନ) ପବିତ୍ରତା; ବିଶୁଦ୍ଧତା—8. Purity.
୯ । ରୋଗର ଲକ୍ଷଣ ଦେଖିବା । ଦ୍ୱାରା ରୋଗର କାରଣ ନିର୍ଣ୍ଣୟ; ରୋଗ ନିର୍ଣ୍ଣୟ—9. Diagnosis; the ascertainment of the causes of a disease by observing its symptoms.
୧୦ । ରୋଗର ସମସ୍ତ କାରଣ, ଲକ୍ଷଣ ଓ ଅବସ୍ଥା ବର୍ଣ୍ଣନାତ୍ମକ ଶାସ୍ତ୍ର—10. Pathology (M. W.); the science of the nature, causes and remedies of a disease.
୧୧ । ମାଧବ କର କୃତ ରୋଗମାନଙ୍କ ମୂଳ କାରଣ ଓ ଲକ୍ଷଣ ନିର୍ଣ୍ଣାୟକ ସଂସ୍କୃତ ଗ୍ରନ୍ଥବିଶେଷ—
12. A Sanscrit work on pathology by Mādhaba Kara.
୧୩ । ରୋଗର ଆନୁପୂର୍ବିକ ଓ ଆନୁସଙ୍ଗିକ ଲକ୍ଷଣମାନ—
13. The whole of the morbid conditions of a disease.
୧୪ । ପବିତ୍ରୀକରଣ; ଶୋଧନ—
14. Purification (Apte).
୧୫ । ଯଥାର୍ଥତା—15. Correctness (M. W.).
୧୬ । ତପଃ ଫଳ କାମନା (ବୃ. ଶବ୍ଦସାଗର)—
16 Claiming the reward of penitential acts. (M. W.)
୧୭ । ମୌଳିକ ଆକାର ବା ସାର—
17 Original form or essence. (M. W.)
ଦେ. ବି—୧ । ଶେଷ ଫଳ—1. Ultimate result.
୨ । ସ୍ଥିରୀକୃତ ଶେଷ ବିଷୟ—
2. Finally settled matter.
୩ । ମରିବାର ପୂର୍ବ ଲକ୍ଷଣ—3. Sure symptoms of a dying person.
ବିଣ—୧ । ନିଃସନ୍ଦେହ—1. Doubtless.
୨ । ନିଶ୍ଚୟ—2. Certain.
ଏହି । ଭଣ ନାଦ୍ୟ !
ଅଗତିଙ୍କ କମାଣ ନିଦାନ । ଭକାର. ୭୫୭ ଚିନ୍ତା ।

ନିଦାନ କାଳ—ଦେ. ବି—ମୃତ୍ୟୁ ସମୟ; ଅନ୍ତିମ କାଳ—
Nidāna kāḷa The time of death.

ନିଦାନ ପୂରିବା—ଦେ. କ୍ରି—ଅସନ୍ନ ମୃତ୍ୟୁ ଅବସ୍ଥା ପହଞ୍ଚିବା—
Nidāna pūribā Appearance of the symtoms or conditions of one's approaching death.
ନିଦାନ ଘୋଟିବା } —ଅନ୍ୟରୂପ
ନିଦାନପହଞ୍ଚିବା }

ନିଦାନ ସଙ୍କଟ—ସଂ. ବି—ରୋଗର ମାରାତ୍ମକ ଅବସ୍ଥା—
Nidāna saṅkaṭa The mortal or critical condition of a disease; a crisis during illness.

ନିଦାନ ସ୍ଥାନ—ସଂ. ବି—ଆର୍ଯ୍ୟ ଚିକିତ୍ସା ଶାସ୍ତ୍ର ବର୍ଣ୍ଣିତ ୮ଟି ଶାଖା ମଧ୍ୟରୁ ଏକତମ; ରୋଗର କାରଣ ସମ୍ବନ୍ଧୀୟ ବିଷୟ—
Nidāna sthāna Pathology; the subject of the detection of the causes of a disease; one of the 8 departments of Hindu medical science.
[ଦ୍ର—ଚରକ ତଳେ ନୋଟ୍ ଦେଖ ।]

ନିଦାନୁଆ—ଦେ. ବିଣ—୧ । ଅକାମିକା—
Nidānuā 1. Worthless.
୨ । ଅବ୍ୟବହାର୍ଯ୍ୟ—2. Useless.

ନିଦାବିଷ୍ଣୁ—ଦେ. ବି—୧ । (ଓଡ଼ିଆ ନୃସିଂହ ପୁରାଣୋକ୍ତ) ପ୍ରକୃତରେ
Nidābishṇu ବିଷ୍ଣୁ ନ ହୋଇ ଆପଣାକୁ ବିଷ୍ଣୁଙ୍କ ଅବତାର ବୋଲି ପରିଚୟ ଦେଉଥିବା ଜଣେ ବ୍ୟକ୍ତି—
1 The name of a person passing himself off as an incarnation of Bishṇu.
୨ । ଧର୍ମଧ୍ୱଜ; ବିଡ଼ାଳ ବ୍ରତୀ; ଯେ ଆପଣାର କପଟତାକୁ ଘୋଡ଼ାଇ ବାହାରେ ଭଲପଣ ଦେଖାଇ ହୁଏ—
2. A hypocrete.
୩ । ଅଳସୁଆ ଲୋକ—3. An idle person.
୪ । ଉଦାସୀନ ବ୍ୟକ୍ତି—
4 An indifferent person.

ନିଦା ମୂର୍ଖ—ଦେ. ବିଣ—ଗଣ୍ଡମୂର୍ଖ; ନିରାଟ ମୂର୍ଖ; ଯି ଅକ୍ଷର ବର୍ଜିତ
Nidāmūrkha (ବ୍ୟକ୍ତି)—Totally illiterate; ignorant.
ମୁଖଖୁ ସୁଖଖୁ (ନିଦାମୂରଖ—ଅନ୍ୟରୂପ)
ସେହି ନିଦାମୂର୍ଖ ଅଣ ଅନୁଭବୀ
ହେଲ ଭୋଡ଼ ବରେ କବିକୁଳେ ରବ । ଚନ୍ଦ୍ରାମଣି, ମହୋଦଧି ।

ନିଦାରୁଣ—ସଂ. ବିଣ. (ନି=ବିଶେଷ ରୂପେ+ଦାରୁଣ)—
Nidāruṇa ୧ । ଘୋର; ଅତି ଭୟାନକ—
(ନିଦାରୁଣତା—ବି) 1. Fierce; awful.
୨ । ଅତି ନିଷ୍ଠୁର—2. Very cruel.
୩ । ଅତି କଠିନ—3. Very hard; very harsh.
୪ । ଅସହ୍ୟ—4 Unbearable; severe.

ନିଦଗ୍ଧ—ସଂ. ବିଣ. (ନି=ବିଶେଷ ରୂପେ+ଦିହ୍ ଧାତୁ=ଲେପିବା+
Nidigdha କର୍ମ. ତ)—୧ । ଲେପିତ; ପ୍ରଲିପ୍ତ; ବୋଳା ହୋଇଥିବା—1. Smeared; anointed; plastered.
୨ । ଉପଚିତ; ସଞ୍ଚିତ—2. Stored up.

୩ । ଗଦା କରି ଯାଇଥିବା; ସ୍ତୂପୀକୃତ —
3. Heaped up; piled up.

ନିଦଗଧା — ସଂ ବି. (ସ୍ତ୍ରୀ) — ଛୋଟ ଅଳାଇଚ —
Nidigdhā — Small cardamom.

ନିଦଗ୍ଧିକା — ସଂ. ବି. ସ୍ତ୍ରୀ — ୧ । କଣ୍ଟକାରିକା; (ଦେଖ) —
Nidigdhikā — 1. Kanṭakārikā (See).
୨ । ଛୋଟ ଅଳେଇଚ — 2. Small cardamom.

ନିଦଦ୍ରାସୁ — ସଂ. ବିଣ. [ନି + ଦ୍ରା ଧାତୁ ଇଚ୍ଛାର୍ଥେ. ଅ; (ସନ୍) + ଉ] —
Nididrāsu ଶୋଇବାକୁ ଇଚ୍ଛୁକ — Wishing to sleep; sleepy (M. W.)

ନିଦଧ୍ୟାସ — ସଂ. ବି. (ନି + ଧ୍ୟୈ ଧାତୁ = ଚିନ୍ତା କରିବା + ସନ୍ + ଭାବ.
Nididhyāsa ଅ) — ୧ । ପ୍ରଗାଢ଼ ଭାବରେ ଧାରାବାହିକ ଚିନ୍ତା; ଏକାଗ୍ର ଗମ୍ଭୀର ଧ୍ୟାନ — 1. Profound and concentrated meditation.
୨ । ପୁନଃ ପୁନଃ ପରମାର୍ଥ ଚିନ୍ତା — 2. Repeated spiritual contemplation.
୩ । ସତତ ଚିନ୍ତନ; ନିରନ୍ତର ବିଚାର —
3. Constant musing.

ନିଦଧ୍ୟାସନ — ସଂ. ବି. (ନି + ଧ୍ୟୈ ଧାତୁ = ଚିନ୍ତା କରିବା + ସନ୍ + ଭାବ
Nididhyāsana ଅନ) — ୧ । ନିଦଧ୍ୟାସ (ଦେଖ)
1. Nididhyāsa (See)
[ଦର୍ଶନ, ଶ୍ରବଣ, ମନନ ଓ ନିଦଧ୍ୟାସନ ଅନୁଷ୍ଠାନ ପାଇଁ ଆବଶ୍ୟକ ଥିବାର ଶ୍ରୁତିରେ ଲେଖା ଅଛି — ହି. ଶ ।]

ନିଦଧ୍ୟାସୁ — ସଂ. ବିଣ. (ନି + ଧ୍ୟୈ ଧାତୁ + ସନ୍ + କର୍ତ୍ତୃ. ଉ) — ପୁନଃ
Nididhyāsu ପୁନଃ ସ୍ମରଣେଚ୍ଛୁ; ଗାଢ଼ ଚିନ୍ତା କରିବାକୁ ଇଚ୍ଛୁକ — Bent on concentrated meditation; desirous of meditating on.

ନିଦଷ୍ଟ — ସଂ. ବିଣ. (ନି + ଦିଶ୍ ଧାତୁ = କହିବା + କର୍ମ. ତ) —
Nidishṭa ୧ । ଆଦିଷ୍ଟ; ନିର୍ଦ୍ଦେଶିତ —
1. Ordered; enjoined.
୨ । କଥିତ — 2. Spoken.
୩ । ନିରୂପିତ — 3. Fixed.
୪ । ଉପଦିଷ୍ଟ — 4. Instructed.
୫ । ପ୍ରଦର୍ଶିତ; ନିଦର୍ଶିତ — 5 Pointed out.

ନିଦେଶ — ସଂ ବି. (ନି + ଦିଶ୍ ଧାତୁ = କହିବା; ଅନୁମତି କରିବା +
Nidesa ଭାବ. ଅ) — ୧ । ଆଦେଶ; ଆଜ୍ଞା —
1. Order; command.
୨ । ଅନୁମତି — 2. Permission.
୩ । ଉକ୍ତି; କଥନ —
3. Saying; speech; utterance.
୪ । ଉପଦେଶ — 4 Advice; instruction.
୫ । ଅନୁରୋଧ — 5. Request.
୬ । ଉପାନ୍ତ; ସାମୀପ୍ୟ; ନୈକଟ୍ୟ —
6. Vicinity; precincts; proximity.
୭ । ବର୍ଣ୍ଣନ — 7. Description; relation.
୮ । ପାତ୍ର — 8. Receptacle; vessel.
୯ । କଥୋପକଥନ — 9. Conversation.

ନିଦେଶକାରକ — ସଂ. ବିଣ. ପୁଂ (ନିଦେଶ + କୃ ଧାତୁ + କର୍ତ୍ତୃ. ଅକ)
Nideśakāraka — ୧ । ଯେ ଆଜ୍ଞା ଦିଏ — 1. Directing; ordering.
(ନିଦେଶୀ — ଅନ୍ୟରୂପ) ୨ । ନିର୍ଦ୍ଦେଶକ — 2. Pointing out; showing.
(ନିଦେଶ କାରିକା, ନିଦେଶିନୀ — ସ୍ତ୍ରୀ)

ନିଦେଶକାରୀ — ସଂ. ବିଣ. ପୁଂ — ୧ । ଆଜ୍ଞାନୁବର୍ତ୍ତୀ; ଆଜ୍ଞାବହ —
Nideśakārī 1. Obedient; servile; subservient.
ନିଦେଶକୃତ୍, ନିଦେଶବର୍ତ୍ତୀ, ନିଦେଶଭାକ୍ } ଅନ୍ୟରୂପ
୨ । ଯେ ଆଜ୍ଞା ଅନୁସାରେ କାର୍ଯ୍ୟ କରେ — 2 Carrying out an order.
(ନିଦେଶକାରିଣୀ, ନିଦେଶବର୍ତ୍ତିନୀ — ସ୍ତ୍ରୀ)

ନିଦେଶିନୀ — ସଂ. ବି. ସ୍ତ୍ରୀ. (ନିଦେଶ + ଇନ୍ + ସ୍ତ୍ରୀ. ଈ) — ୧ । ଦିକ୍; ଦିଗ-
Nideśinī 1. A point of the compass.
୨ । ଦେଶାଂଶ; ଅଞ୍ଚଳ — 2. A region (Apte).

ନିଦେଶ୍ୟ — ସଂ ବିଣ. (ନି + ଦିଶ ଧାତୁ + କର୍ମ. ଯ) — ଆଦେଶ ଯୋଗ୍ୟ
Nideśya (ବସ୍ତୁ ବା ବ୍ୟକ୍ତି) — (a person or matter) Fit to be commanded or ordered.

ନିଦେଷ୍ଟା — ସଂ. ବିଣ. ପୁଂ (ନି + ଦିଶ୍ ଧାତୁ + କର୍ତ୍ତୃ. ତୃ; ନିଦେଷ୍ଟୃ ଶବ୍ଦ
Nideshṭā ୧ମା. ୧ବ.) — ୧ । ନିର୍ଦ୍ଦେଶକାରକ; ଯେ ଆଜ୍ଞା
(ନିଦେଷ୍ଟ୍ରୀ — ସ୍ତ୍ରୀ) ଦିଏ — 1. Giving orders; commanding.
୨ । ଯେ ଦେଖାଇ ଦିଏ — 2 Pointing out.

ନିଦୋଷ — ଗ୍ରା. ବି. (ସଂ. ନିର୍ଦ୍ଦୋଷ) — ୧ । ଦୋଷଶୂନ୍ୟତା; ଅପରାଧ-
Nidosha ଶୂନ୍ୟତା — Want of fault; freedom from vice.
ନିଦୋଷ निदोष
ବିଣ. — ନିଦୋଷୀ (ଦେଖ) — Nidoshī (See)

ନିଦୋଷୀ — ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ନିର୍ଦ୍ଦୋଷ) — ନିରପରାଧ —
Nidoshī Not guilty; innocent.
ନିଦୋଷୀ निदोषी

ନିଦ୍ରା — ସଂ. ବି. ସ୍ତ୍ରୀ — (ନି + ଦ୍ରା ଧାତୁ = ଶୋଇବା + ଭାବ. ଅ) —
Nidrā ୧ । ଶୟନ; ସୁପ୍ତି; ଶୋଇବା; ନିଦ — 1. Sleep.
[ଦ୍ର — ନିଦ୍ରାର ଗାଢ଼ ଅବସ୍ଥାକୁ ନିଦ୍ରା ଓ କ୍ଷୀଣ ନିଦ୍ରାକୁ ତନ୍ଦ୍ରା ବୋଲି ଯାଏ ।]
୨ । ଆଳସ୍ୟ — 2 Idleness.
୩ । ନିମୀଳନ — 3. Closing; the budding state of a flower.

ନିଦ୍ରାକର — ସଂ. ବି. — ଯେଉଁ ପଦାର୍ଥ ବା କାର୍ଯ୍ୟଦ୍ୱାରା ନିଦ ମାଡ଼େ —
Nidrākara Soporific; inducing sleep; narcotic.

ନିଦ୍ରାକର୍ଷଣ — ସଂ. ବି. (୬ଷ୍ଠୀ ତତ୍; ନିଦ୍ରା + ଆକର୍ଷଣ) — ନିଦ ମାଡ଼ିବା —
Nidrākarshaṇa Sleepiness; drowsiness.

ନିଦ୍ରାକାରକ — ସଂ. ବି. — ନିଦ୍ରାକର (ଦେଖ)
Nidrākāraka Nidrākara (See)
(ନିଦ୍ରାକାରୀ, ନିଦ୍ରାକୃତ୍ — ଅନ୍ୟରୂପ)

ନିଦ୍ରାକାଳ—ସଂ. ବି. (୬ଷ୍ଠୀ ତତ୍; ନିଦ୍ରା+କାଳ)—
Nidrākāḷa ଶୟନ କାଳ; ଶୋଇବାର ସମୟ—
Time of sleep; time for going to bed.

ନିଦ୍ରାକୁଳ—ସଂ. ବିଣ. ପୁଂ. (୩ୟା ତତ୍; ନିଦ୍ରା+ଆକୁଳ)—
Nidrākuḷa ନିଦ ଯୋଗୁଁ କାତର ବା ବ୍ୟସ୍ତ)—
ନିଦ୍ରାକୁଳିତ, ନିଦ୍ରାକୃଷ୍ଟ, ନିଦ୍ରାକ୍ରାନ୍ତ }—ଅନ୍ୟରୂପ
Distressed with sleep; feeling sleepy.
(ନିଦ୍ରାକୁଳା—ସ୍ତ୍ରୀ)

ନିଦ୍ରାଗମ—ସଂ. ବି. (୬ଷ୍ଠୀ ତତ୍; ନିଦ୍ରା+ଆଗମ)—
Nidrāgama ୧ । ନିଦ ମାଡ଼ିବା ଅବସ୍ଥା—
1. The approach of sleep.
୨ । ଶୋଇବା ବେଳ—2. The time of sleep.

ନିଦ୍ରାଗତ—ସଂ. ବିଣ. ପୁଂ. (୨ୟା ତତ୍; ନିଦ୍ରା+ଗତ)—ଯେ ନିଦରେ
Nidrāgata ଶୋଇଅଛି; ନିଦ୍ରିତ; ନିଦ୍ରାକ୍ରାନ୍ତ—Asleep; sleepy;
(ନିଦ୍ରାଗତା—ସ୍ତ୍ରୀ) drowsy.

ନିଦ୍ରାଗାର—ସଂ. ବିଶ. (ମ. ପ. ଲୋ; ନିଦ୍ରା+ଆଗାର)—
Nidrāgāra ଶୟନ କକ୍ଷ; ଯେଉଁ ଘରେ ଲୋକେ ଶୁଅନ୍ତି; ଶୋଇଲା ଘର—Bedroom; dormitory.

ନିଦ୍ରାଗ୍ରସ୍ତ—ସଂ. ବିଣ. ପୁଂ.—(୩ୟା ତତ୍; ନିଦ୍ରା+ଗ୍ରସ୍ତ)—
Nidrāgrasta ୧ । ନିଦ୍ରାକୁଳ (ଦେଖ)—
(ନିଦ୍ରାଗ୍ରସ୍ତା—ସ୍ତ୍ରୀ) 1. Nidrākuḷa (See).
୨ । ନିଦ୍ରାଗତ (ଦେଖ)—2. Nidrāgata (See).

ନିଦ୍ରାଜନକ—ସଂ. ବି.—ନିଦ୍ରାକର (ଦେଖ)—
Nidrājanaka Nidrākara (See).

ନିଦ୍ରାଣ—ସଂ. ବିଣ. ପୁଂ. (ନି+ଦ୍ରା ଧାତୁ=ଶୋଇବା+କର୍ତ୍ତୃ. ତ)—
Nidrāṇa ୧ । ନିଦ୍ରିତ—1. Asleep.
(ନିଦ୍ରାଣା—ସ୍ତ୍ରୀ) ୨ । ଅଳସ—2. Lazy; idle.
୩ । ନିମୀଳିତ—3. Closed; shut.
୪ । ଘୁମାଉଥିବା—4. Dozing.
୫ । ଯାହାକୁ ନିଦ ମାଡ଼ୁଅଛି—5. Drowsy.

ନିଦ୍ରାତୁର—ସଂ. ବିଣ. ପୁଂ. (୩ୟା ତତ୍; ନିଦ୍ରା+ଆତୁର)—
Nidrātura ନିଦ୍ରାକୁଳ (ଦେଖ)—
(ନିଦ୍ରାତୁରା—ସ୍ତ୍ରୀ) Nidrākuḷa (See).
(ନିଦ୍ରାତୁରତା—ବି)

ନିଦ୍ରାଦରିଦ୍ର—ସଂ. ବିଣ. ପୁଂ. (୭ମୀ ତତ୍; ନିଦ୍ରା+ଦରିଦ୍ର)—
Nidrādaridra ଯେ ଶୋଇ ନ ପାରିବାରୁ କ୍ଲିଷ୍ଟ ହୋଇଥାଏ—
(ନିଦ୍ରାଦରିଦ୍ରା—ସ୍ତ୍ରୀ) Suffering from want of sleep. (M. W.).

ନିଦ୍ରାନ୍ୱିତ—ସଂ. ବିଣ. ପୁଂ. (୩ୟା ତତ୍; ନିଦ୍ରା+ଅନ୍ୱିତ)—
Nidrānwita ନିଦ୍ରାଗତ (ଦେଖ)—
(ନିଦ୍ରାନ୍ୱିତା—ସ୍ତ୍ରୀ) Nidrāgata (See).

ନିଦ୍ରା ପଦ—ସଂ. ବି. (୬ଷ୍ଠୀ ତତ୍; ନିଦ୍ରା+ପଦ)—ନିଦ୍ରାବସ୍ଥା—
Nidrā pada The state of sleep.

ଅର୍ଦ୍ଧ ରାତ୍ରକାଳେ ଚଣ୍ଡାଳ ନଂଶବଦ,
ହୋଇଲେ ସଜନ ନ ଭଜ ନିଦ୍ରାପଦ । କୃଷ୍ଣସିଂହ ମହାଭାରତ ଶାନ୍ତି ।

ନିଦ୍ରା ପ୍ରିୟ—ସଂ. ବିଣ. ପୁଂ. (ବହୁବ୍ରୀହି; ନିଦ୍ରା+ପ୍ରିୟ)—
Nidrā priya ଯେ ଶୋଇବାକୁ ସୁଖ ପାଏ—Loving sleep.
(ନିଦ୍ରାପ୍ରିୟା—ସ୍ତ୍ରୀ; ନିଦ୍ରାପ୍ରିୟତା —ବି)

ନିଦ୍ରାବତୀ—ସଂ. ବି. ସ୍ତ୍ରୀ—ନିଦର ଅଧିଷ୍ଠାତ୍ରୀ ଦେବୀ—
Nidrābati The Goddess of sleep.

ନିଦ୍ରାବତୀ ପେଟି ଧାଇଁକାର, ବଳେ କଲେ ଲକ୍ଷ୍ମଣ ଜୋହାର ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ନିଦ୍ରାବସ୍ଥା—ସଂ. ବି. (୬ଷ୍ଠୀ ତତ୍; ନିଦ୍ରା+ଅବସ୍ଥା)—
Nidrābasthā ଶୋଇବା ଅବସ୍ଥା—The state of sleep

ନିଦ୍ରା ବିମୁଖ—ସଂ. ବିଣ. (୭ମୀ ବା ୫ମୀ ତତ୍; ନିଦ୍ରା+ବିମୁଖ)—
Nidrā bimukha ଉନ୍ନିଦ୍ର; ଅନିଦ୍ରା—
(ନିଦ୍ରାବିମୁଖା—ସ୍ତ୍ରୀ) Keeping awake.

ନିଦ୍ରା ବିରହିତ—ସଂ. ବିଣ. (୩ୟା ତତ୍; ନିଦ୍ରା+ବିରହିତ)—
Nidrābirahita ନିଦ୍ରାଶୂନ୍ୟ—Sleepless.
(ନିଦ୍ରାବିହୀନ, ନିଦ୍ରାରହିତ)—ଅନ୍ୟରୂପ

ନିଦ୍ରାବିଷ୍ଟ—ସଂ. ବିଣ. ପୁଂ. (୩ୟା ତତ୍, ନିଦ୍ରା+ଆବିଷ୍ଟ)—
Nidrābishṭa ନିଦ୍ରାଗତ (ଦେଖ)—
(ନିଦ୍ରାବିଷ୍ଟା—ସ୍ତ୍ରୀ) Nidrāgata (See).

ନିଦ୍ରା ବୃକ୍ଷ—ସଂ. ବି (୬ଷ୍ଠୀ ତତ୍; ନିଦ୍ରା+ବୃକ୍ଷ; ଶୋଇବା ଯାହାର ଫଳ)-
Nidrā bruksha ଅନ୍ଧକାର—Darkness. (Apte)

ନିଦ୍ରାବେଶ—ସଂ. ବି (୬ଷ୍ଠୀ ତତ୍; ନିଦ୍ରା+ଆବେଶ)—
Nidrābeśa ୧ । ନିଦ୍ରାର ଉପକ୍ରମ; ନିଦ ମାଡ଼ିବା—
1. Tendency to sleep; drowsiness.
୨ । ଶୋଇପଡ଼ିବା—2. Falling asleep.

ନିଦ୍ରା ଭଙ୍ଗ—ସଂ. ବି (୬ଷ୍ଠୀ ତତ୍; ନିଦ୍ରା+ଭଙ୍ଗ)—
Nidrā bhaṅga ୧ । ନିଦ ଭାଙ୍ଗିଯିବା; ଜାଗରଣ—
1. Waking up.
୨ । ନିଦ୍ରାରେ ବାଧା—
2. Interruption in sleep.
ବିଣ (ବହୁବ୍ରୀହି)—୧ । ଜାଗରିତ; ଅସୁପ୍ତ—1. Awake.
୨ । ପ୍ରବୋଧିତ—2. Aroused; awakened.

ନିଦ୍ରା ଭଞ୍ଜନ—ସଂ. ବି—କୌଣସି ବ୍ୟକ୍ତିଙ୍କୁ ନିଦରୁ ଉଠାଇବା—
Nidrā bhañjana Awakening.

ନିଦ୍ରା ଭାଙ୍ଗିବା—ଦେ. କ୍ରି. ଓ ବି—ନିଦ ଭାଙ୍ଗିବା (ଦେଖ)
Nidrā bhāṅgibā Nida bhāṅgibā (See)

ନିଦ୍ରାଭାବ—ସଂ. ବି (୬ଷ୍ଠୀ ତତ୍; ନିଦ୍ରା+ଅଭାବ)—ଅନିଦ୍ରା; ଜାଗରଣ—
Nidrābhāba Wakefulness.
ଦେ. ବି (ସଂ. ନିଦ୍ରା+ଭାବ)—ନିଦ୍ରାବେଶ—
Sleepiness; drowsiness.

ନିଦ୍ରାଭିଭୂତ—ସଂ. ବିଣ. ପୁଂ (୩ୟା ତତ୍; ନିଦ୍ରା+ଅଭିଭୂତ)—
Nidrābhibhūta ନିଦ୍ରାଗତ (ଦେଖ)
(ନିଦ୍ରାଭିଭୂତା—ସ୍ତ୍ରୀ) Nidrāgata (See)

ନିଦ୍ରାମଗ୍ନ—ସ. ବିଣ. ପୁଂ (୭ମୀ ତତ୍; ନିଦ୍ରା+ମଗ୍ନ) ନିଦ୍ରାରେ ଅଭିଭୂତ—
Nidrāmagna Immersed in sleep.
(ନିଦ୍ରାମଗ୍ନା—ସ୍ତ୍ରୀ)

ନିଦ୍ରାୟମାଣ(ଣ)—ସ. ବିଣ. ପୁଂ [ନିଦ୍ରା+ଯ=ନିଦ୍ରାୟ ନାମଧାତୁ+
Nidrāyamāna(ṇa) କର୍ତ୍ତୃ. ମାନ (ଶାନଚ୍)]—
[ନିଦ୍ରାୟମାନା(ଣା)—ସ୍ତ୍ରୀ] ୧ । ନିଦ୍ରାଣ; ନିଦ୍ରିତ; ଯେ ଶୋଇଅଛି—
1. A sleep; sleeping.

ନିଦ୍ରା ଯିବା—ଦେ. କ୍ରି—ଶୋଇବା—
Nidrā jibā To sleep; to lay asleep.
निंद जाओआ ।ପ୍ଲ ଗଇଲଣି ଏ ଶୁଭ ରଜନୀ
नींद जाना କେତେ ନିଦ୍ରାଯାଇଛ ବେଳୁ ଯାଣି—ପ୍ରଭାତଅବକାଶ ଭଜନ ।

ନିଦ୍ରାଳସ—ସ. ବିଣ. ପୁଂ—୧ । ନିଦ ମାଡିବା ଯୋଗୁଁ ଅଳସ—
Nidrālasa 1. Slothful from drowsiness (M. W.)
(ନିଦ୍ରାଳସା—ସ୍ତ୍ରୀ) ୨ । ଘୋରନିଦ୍ରାଭିଭୂତ; ଖୁବ୍ ନିଦ୍ରିତ—
(ନିଦ୍ରାଳସ୍ୟ, ନିଦ୍ରାଳସତା—ବି) 2. Fast asleep (M. W.)

ନିଦ୍ରାଳୁ—ସ. ବିଣ (ନିଦ୍ରା+ଶୀଳାର୍ଥେ ଆଳୁ, ଭୂଇ. ଦୟାଳୁ,
Nidrālu ଭୟାଳୁ)—୧ । ନିଦ୍ରାସକ୍ତ—1. Sleepy.
୨ । ଘୁମା—2. Drowsy.
୩ । ଅଳସୁଆ—3 Lethargic.
୪ । ନିଦ୍ରାଶୀଳ; ଯେ ଅଧିକାଂଶ ସମୟ ଶୋଇବାକୁ ସୁଖପାଏ-
4. Fond of sleep; given to sleep.
୫ । ନିଦ୍ରାବସ୍ଥ; ଯେ ଶୋଇଅଛି—5. Asleep.
ବି—୧ । ବାଇଗଣ; ବାଇଗଣ—
1. Brinjal; eggplant; Solanum Melongena (M. W.)
୨ । ବନ ବର୍ବରିକା; ଏକପ୍ରକାର ବଣ ତୁଳସୀ ଗୁଳ୍ମ—
2. A kind of wild Basil plant.

ନିଦ୍ରାଶୀଳ—ସ. ବିଣ. ପୁଂ (ବହୁବ୍ରୀହି, ନିଦ୍ରା ଅଟେ ଶୀଳ=ସ୍ୱଭାବ
Nidrāsīla ଯାହାର) ୧ । ଯେ ଅଧିକାଂଶ ସମୟ ଶୁଏ—
(ନିଦ୍ରାଶୀଳା—ସ୍ତ୍ରୀ) 1. Sleepy; habituated to passing
(ନିଦ୍ରାଶୀଳତା—ବି) most of one's time in sleeping.
୨ । ଘୁମା—2. Drowsy.

ନିଦ୍ରାସଂଜନ—ସ. ବି (ନିଦ୍ରା+ସମ୍+ଜନ ଧାତୁ+କର୍ତ୍ତୃ. ଅ)—
Nidrāsamjana କଫର ବୃଦ୍ଧି ନିଦ୍ରାକାରକ ଥିବାରୁ)—
କଫ; ଶ୍ଳେଷ୍ମା—Phlegm

ନିଦ୍ରିତ—ସ. ବି. ପୁଂ. (ନି+ଦ୍ରା ଧାତୁ+କର୍ତ୍ତୃ. ତ, ବା ନିଦ୍ରା+
Nidrita ସଞ୍ଜାତାର୍ଥେ ଇତ)—୧ । ସୁପ୍ତ; ଶୋଇ ପଡ଼ିଥିବା;
(ନିଦ୍ରିତା—ସ୍ତ୍ରୀ) ଶୋଇଥିବା—1. Asleep.
୨ । ଘୁମାଉଥିବା—2. Drowsy
୩ । ଅଳସ—3. Idle.

ନିଧଡ଼କ—ଦେ. ବିଣ—୧ । ବେଧଡ଼କ; ନିର୍ଭୟ; ନିଃଶଙ୍କ—
Nidhardaka 1. Fearless.
বেধড়ক ୨ । ନିଶ୍ଚିନ୍ତ; ବେପରୁଆ—
निधड़क 2. Free from anxiety or care.
୩ । ନିଃସନ୍ଦେହ—3. Doubtless.
୪ । ଅଶଂକାଗ୍ରସ୍ତ—4. Free from apprehension.
୫ । ଅପ୍ରତିବନ୍ଧ—5. Free from any impediment.
ବି—ଭୟଶୂନ୍ୟତା—Want of fear; fearlessness.
କ୍ରି. ବିଣ—ନିର୍ଭୟଭାବରେ—Fearlessly.

ନିଧନ—ସ. ବି. (ନି+ଧନ୍ ଧାତୁ=ନଷ୍ଟ ହେବା+ଭାବ ଅ)—
Nidhana ୧ । ମୃତ୍ୟୁ—1. Death.
୨ । ବିନାଶ—2. Destruction; annihilation.
୩ । ଲୋପ—3. Disappearance.
୪ । ଶେଷ; ସମାପ୍ତି—4. End; finish; conclusion.
୫ । କୁଳ—5. Race; family.
୬ । କୁଳର ପ୍ରଧାନ ବ୍ୟକ୍ତି; କୁଳର ଅଧିପତି—
6. The head of a family.
୭ । (ଫଳିତ ଜ୍ୟୋତିଷ)—ଲଗ୍ନର ୮ମ ସ୍ଥାନ—
7. (astrology) The eighth mansion counted from one's Lagna.
୮ । (ଫଳିତ ଜ୍ୟୋତିଷ) ଜନ୍ମ ନକ୍ଷତ୍ରର ୭ମ, ଷୋଡ଼ଶ ଓ ତ୍ରୟୋବିଂଶ ନକ୍ଷତ୍ର—8. (astrology) The 7th, 16th and 23rd asterisms counted from one's natal asterism.
୯ । ବିଷ୍ଣୁ (ହି. ଶ)—9. Bishṇu.
୧୦ । ପାଞ୍ଚ ବା ସାତ ଅବୟବ ଯୁକ୍ତ ସାମର ଅନ୍ତିମ ଅବୟବ (ହି. ଶ)—10. The concluding passage at the end of a Sāma sung in chorus (Apte).
ସ. ବିଣ. (ନି+ଧନ=ଅର୍ଥ; ବହୁବ୍ରୀହି)—ଧନହୀନ; ଦରିଦ୍ର—
Poor; indigent.
ନିଧନତା } ବି
ନିଧନତ୍ୱ }
ନିଧନ ସଙ୍ଗାତ ମୋର ଦରିଦ୍ର ପଣର । ଅଭିମନ୍ୟୁ. ଚନ୍ଦ୍ରକୋଟିମଣି ।
ବି. (ସ. ନିର୍ଦ୍ଧନ)—ଧନାଭାବ; ଧନହୀନତା—
Want; poverty; no property.
କଂସାଧନ ଅଧ ଧନ, ଗୋରୁଧନ ନିଧନ । ଢଗ ।
ପ୍ରାଦେ. (ଯାଜପୁର) ବିଣ—ଯାହା ଫମ୍ପା ନୁହେଁ; ନିବିଡ଼—
Solid; which is not hollow inside.
ସାଉରେ ଶୁଅ ! ବାହା ହାତରେ ଅଛି ନିଧନ ଗୁଅ ! ପ୍ରହେଳିକା ।

ନିଧନ ତାର—ସ. ବି. (ଫଳିତ ଜ୍ୟୋତିଷ)—ଜନ୍ମ ଲଗ୍ନଠାରୁ ୭ମ
Nidhana tāra ସ୍ଥାନରେ ଥିବା ତାରା; ବଧତାରା—(astrology)
(ନିଧନତାରା—ଅନ୍ୟରୂପ) The 7th stellar mansion reckoned from one's star of nativity.

ନିଧନତା—ସ. ବି—ନିର୍ଧନତ୍ୱ; ଦରିଦ୍ରତା—
Nidhanatā Poverty.
(ନିଧନତ୍ୱ—ଅନ୍ୟରୂପ)

ନିଧନାଧିପତି—ସ. ବି. (ଫଳିତ ଜ୍ୟୋତିଷ)—ମନୁଷ୍ୟର ଜନ୍ମଲଗ୍ନଠାରୁ
Nidhanādhipati ଅଷ୍ଟମ ସ୍ଥାନରେ ଥିବା ଗ୍ରହ—
(astrology) The planet situated in the 8th mansion from one's 'lagna'.

[ଦ୍ର—ନିଧନାଧିପତି ଉଚ୍ଚ ଉଚ୍ଚ ଗ୍ରହଙ୍କ ଅବସ୍ଥାନ ଅନୁସାରେ ମନୁଷ୍ୟ ସ୍ୱଳ୍ପାୟୁଃ ବା ଦୀର୍ଘାୟୁଃ ହୁଏ ।]

ନିଧନୀ—ଦେ. ବିଣ. (ସଂ ନିର୍ଦ୍ଧନ)—ଗରିବ; ନିର୍ଦ୍ଧନ—
Nidhanī Poor; penniless.
ନିଦ୍‌ଧନୀ **ନିଦ୍ଧନୀ**

ନିଧାନ—ସଂ. ବି. (ନି=ଭିତରେ+ଧା ଧାତୁ=ଧାରଣ କରିବା+କର୍ମ. ଅନ)—୧ । ନିଧି—1. A gem.
Nidhāna
୨ । ଭୂଗର୍ଭସ୍ଥ ଅସ୍ୱାମିକ ଧନରତ୍ନାଦି—
2. Treasure trove; hidden treasure.
୩ । କୁବେରଙ୍କ ସମ୍ପତ୍ତିବିଶେଷ—
3. One of Kubera's treasure.
୪ । (+ଅଧିକରଣ. ଅନ) ପାତ୍ର; ଆଧାର; ଭଣ୍ଡାର—
4. Receptacle.
୫ । ଧନ; ସମ୍ପତ୍ତି—5. Wealth; riches.
୬ । ବିଶ୍ରାମ ସ୍ଥାନ—6. Resting place.
୭ । (+ଭାବ. ଅନ) ଅର୍ପଣ; ନ୍ୟାସ—7. Depositing.
୮ । ତିରୋଧାନ—8. Disappearance.
୯ । ରକ୍ଷଣ—9. Preserving.

ନିଧାନୀ—ଦେ. ବିଣ. ସ୍ତ୍ରୀ. (ସଂ. ନିଧାନ)—ବହନ ବା ଧାରଣ କରୁଥିବା
Nidhānī (ସ୍ତ୍ରୀ)—Containing or carrying anything.
ନିଧାତା ନିଧାନୀ ଉଚିତ ନିଧାନୀ ନୋହେ ସାବଧାନୀ ହୋଇଲେ ।
ଉକ୍ତ. ବୈଦେହୀଶବିଳାସ ।
ସଂ. ବିଣ. (ନିଧାନ+ଇନ୍; ୧ମା. ୧ବ)—ସହିଁ ମଧ୍ୟରେ କୌଣସି ବସ୍ତୁ ଥାଏ—Containing anything in itself (M. W.).

ନିଧାନୁଆ—ଦେ. ବିଣ. (ସଂ. ନିର୍ ଓ ଧାନ୍ୟ)—ଯେଉଁ ଚାଉଳ ସଙ୍ଗେ
Nidhānuā ଧାନ ରହି ଯାଇ ନ ଥାଏ; ଯେଉଁ ଚାଉଳରୁ ସବୁଧାନ ଯାକ ବଛା ହୋଇଥାଏ—Husked (rice); free from any admixture of grains of paddy.

ନିଧାନ୍ୟ—ସଂ. ବିଣ. (ନି+ଧା ଧାତୁ+କର୍ମ. ଯ)—ରଖାଯିବାର ଯୋଗ୍ୟ—
Nidhānya Fit for being laid or put down

ନିଧାର୍ଯ୍ୟ—ଦେ. ବିଣ. (ସଂ. ନିର୍ଧାର୍ଯ୍ୟ)—ନିର୍ଧାର୍ଯ୍ୟ (ଦେଖ)
Nidhārjya Nirdhārjya (See)
ନିଧାର୍ଯି } ଅନ୍ୟରୂପ (ଯଥା—ମତେ ବିନା ଗୋଟାଏ ନିଧାର୍ଯ୍ୟ
ନିଧାରଜ } ଜବାବ ମିଳିଲେ ମୁଁ ସ୍ଥିର ହୋଇ ବସନ୍ତି ।)

ନିଧାସ—ଦେ. ବିଣ—ନିର୍ଧାର୍ଯ୍ୟ (ଦେଖ)
Nidhās Nirdhārjya (See)

ନିଧି—ସଂ. ବି. (ନି+ଧା ଧାତୁ+କର୍ମ. ଇ)—୧ । ରତ୍ନ—
Nidhi 1. Gem.
୨ । ଧନ; ସମ୍ପତ୍ତି—2. Wealth; riches; treasure.
୩ । (+ଅଧି.ଅ)—ଆଧାର, ଭଣ୍ଡାର—3. Receptacle.
୪ । ଆଶ୍ରୟ ସ୍ଥାନ—4. Asylum.
୫ । ନାଳିକା ନାମକ ଗନ୍ଧ ଦ୍ରବ୍ୟ—
5. Name of a perfume.
୬ । ଜୀବକ ନାମକ ଔଷଧି—
6. Name of a rare medicinal herb.
୭ । ବହୁମୂଲ୍ୟ ଦ୍ରବ୍ୟ—7. Valuable thing.
୮ । ସମୁଦ୍ର—8. Ocean.
୯ । ଧାନାଗାର; ଅମାର—9 Granary; treasury.
୧୦ । ନୀଡ଼; ପକ୍ଷୀର ବସା—10. Bird's nest.
୧୧ । ଭୂଗର୍ଭସ୍ଥ ଅସ୍ୱାମିକ ଧନ—
11. Treasure trove.
୧୨ । ଗଚ୍ଛିତ ବସ୍ତୁ—12 A deposit; a trust.
୧୩ । ବନ୍ଧକ—13. A pledge.
୧୪ । କୁବେରଙ୍କ ନିକଟରେ ଥିବା ୯ ପ୍ରକାର ରତ୍ନ—
14. The nine gems said to be in possession of 'Kubera', the God of wealth.
[ଦ୍ର—ପଦ୍ମ, ମହାପଦ୍ମ, ଶଙ୍ଖ, ମକର, କଚ୍ଛପ, ମୁକୁନ୍ଦ, କୁନ୍ଦ, ନୀଳ ଓ ଖର୍ବ ଏମାନଙ୍କୁ ନବନିଧି ବୋଲାଯାଏ ।]
୧୫ । ନିକ୍ଷେପ; ନ୍ୟାସ; ଗଚ୍ଛିତ ରଖିବା—
15. Depositing; entrusting.
ଦେ. ବି.—୧ । (ପ୍ରିୟତମ ବ୍ୟକ୍ତି ପ୍ରତି ବାତ୍ସଲ୍ୟାର୍ଥେ ପ୍ରଯୁକ୍ତ ଶବ୍ଦ) ନିଧି ପରି ପ୍ରିୟତମ ବ୍ୟକ୍ତି (ପୁରୁଷ ଓ ସ୍ତ୍ରୀ)—
1. (a term addressed to one's dearest person My treasure).
୨ । (ପୁଂ) ଲୋକଙ୍କୁ ଡକାଯିବା ନାମ—
2. A name given to males.
୩ । (ପୁଂ) ଦୟାନିଧି, ଗୁଣନିଧି, ବାଞ୍ଛାନିଧି ଆଦିଙ୍କ ଡାକ ନାମ—
3. A name used for calling persons whose names end with nidhi.

ନିଧିଗୋପ—ସଂ. ବି. (ନିଧି+ଗୁପ ଧାତୁ+କର୍ତ୍ତୃ. ଅ)—୧ । ଧନରକ୍ଷକ-
Nidhigopa 1. A guardian or protector of riches.
୨ । ନିଧୀଶ (ଦେଖ)—2. Nidhīśa (See)

ନିଧି ନାଥ—ସଂ. ବି. (୬ଷ୍ଠୀ ତତ୍; ନିଧି+ନାଥ)—ନିଧୀଶ (ଦେଖ)
Nidhi nātha Nidhīśa (See)
(ନିଧିପ, ନିଧିପତି, ନିଧିପାଳ—ଅନ୍ୟରୂପ)

ନିଧି ନିଖାତ—ଦେ. ବି. (ତତ୍‌ଭବ; କବଲା ଆଦିରେ ବ୍ୟବହୃତ)—
Nidhi nikhāta ୧ । କୌଣସି ଜମିର ପୃଷ୍ଠ ଦେଶରେ ବା ଗର୍ଭରେ ଥିବା ଧନ—1. (a term used in conveyances) Riches on the surface of or inside any land.
୨ । ଗୁପ୍ତ ଧନ; ପ୍ରୋଥିତ ଧନରତ୍ନାଦି—2 Hidden treasure to be found in any land; treasure trove.
(ଯଥା—ଏ ଜମି ମଧ୍ୟ ତହିଁରେ ଥିବା ପୋଖରୀ ଡୋବା, ନିଧିନିଖାତ, କାଷ୍ଠ ପାଷାଣ, ତରୁ ଲତା, ସ୍ଥାପ୍ୟ ଉପସ୍ଥାପ୍ୟ କୁଲ୍ ହକୁବାକ୍ କୁ ସହେ ଠଙ୍କା ଜରସମନରେ ଆପଣ ମୁ ଗ୍ରହଙ୍କ ହସ୍ତେ ବିକି କଲୁଁ ।)

ନିଧି ରଥ—ଦେ. ବି. (ନାମ)—ଜଣେକ ଉତ୍କଳୀୟ ପ୍ରାଚୀନ କବି—
Nidhi ratha Name of a classic poet of Orissa.
[ଦ୍ର—ଗଞ୍ଜାମ ଜିଲ୍ଲାରେ ଏହାଙ୍କର ଘର । କବି କାଳିଦାସଙ୍କ 'ରଘୁ ସଂହାର' କାବ୍ୟ ଏହାଙ୍କଦ୍ୱାରା ଓଡ଼ିଆଭାଷାରେ ଅନୁବାଦିତ ହୋଇଅଛି । ତାରିଣୀ ଉତ୍କଳ ସାହିତ୍ୟ. ଇତିହାସ । ଏ ୩୦୦ ବର୍ଷ ତଳର କବି । ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।]

ନିଧୀୟମାନ—ସ. ବି. [ନି+ଧା ଧାତୁ+କର୍ମିମାନ; (ଶାନଚ)]—
Nidhiyamāna ସ୍ଥାପ୍ୟମାନ; ଯାହା ରଖା ଯାଇଅଛି ବା ଗଚ୍ଛିତ ରଖାଯାଇଅଛି—Which has been placed or deposited.

ନିଧୀଶ—ସ. ବି. (୬ଷ୍ଠୀ ତତ୍, ନିଧି+ଈଶ)—କୁବେର—
Nidhiśa The Hindu God of wealth; the Lord of treasures.
(ନିଧୀଶ୍ୱର—ଅନ୍ୟରୂପ)

ନିଧୁବନ—ସ. ବି. (ନି=ନିଶ୍ଚିତ+ଧୁବନ=କମ୍ପନ)—୧ । କମ୍ପନ—
Nidhubana 1. Trembling; shaking.
୨ । ମୈଥୁନ; ରମଣ; ରତିକ୍ରୀଡ଼ା—
2. Coition; copulation.
୩ । ଉପଭୋଗ—3. Enjoyment.
୪ । କ୍ରୀଡ଼ା; ବିଳାସ—
4. Sport; pastime; dalliance.
୫ । ଆଲୋଡ଼ନ; ଘାଣ୍ଟିବା; ମନ୍ଥନ—
5. Agitation; churning.
୬ । ହାସ କୌତୁକ—6. Merriment.
ଦେ. ବି—ବୃନ୍ଦାବନସ୍ଥ ଉଦ୍ୟାନବିଶେଷ—Name of a garden in Bṛundābana.

[ଦ୍ର—ଏ ଉଦ୍ୟାନ ତମାଳ, କଦମ୍ବ ଓ ଏକଜାତୀୟ କ୍ଷୁଦ୍ର କଣ୍ଟକଯୁକ୍ତ ନତଶାଖ ବୃକ୍ଷରେ ପୂର୍ଣ୍ଣ । ଏ ଉଦ୍ୟାନ ମଧ୍ୟରେ ଖଣ୍ଡିଏ ଛୋଟ ପକ୍କା (କୁଟୀର) ଅଛି । ଏହା ରାଧାକୃଷ୍ଣଙ୍କର ନିତ୍ୟ ମିଳନ ସ୍ଥଳ (ସେବାକୁଞ୍ଜ) ବୋଲି ଲୋକବିଶ୍ୱାସ । ଏଠାରେ ରାତ୍ରିରେ କେହି ରହନ୍ତି ନାହିଁ । ଏମନ୍ତ କି, ସୂର୍ଯ୍ୟାସ୍ତ ପୂର୍ବରୁ ଏ ଉଦ୍ୟାନକୁ ଯାତ୍ରୀମାନଙ୍କ ଛିଡ଼ା ଚୁଟି, ଡଣା ଆଦି ଖାଇବା ଲୋଭରେ ବନଯାକ ଆସି ବୁଲୁଥିବା ଶତ ଶତ ମାଙ୍କଡ଼ ଏ ଉଦ୍ୟାନ ଛାଡ଼ି ଚାଲିଯିବାର ଦେଖାଯାଏ ।]

ନିଧୂମ—ଦେ. ବିଣ—ନିର୍ଧୂମ (ଦେଖ)
Nidhūma Nirdhūma (See)

ନିଧେୟ—ସ. ବିଣ. (ନି+ଧା ଧାତୁ+କର୍ମି. ଯ)—
Nidheya ୧ । ସ୍ଥାପନଯୋଗ୍ୟ; ସ୍ଥାପନୀୟ—1. Capable of being placed; fit to be laid in a receptacle.
୨ । ଗଚ୍ଛିତ ରଖିବାର ଯୋଗ୍ୟ—
2. Fit to be deposited.

ନିଧୋଇଆ—ଦେ. ବିଣ. (ସ. ନିର+ଧୌତ)—ଯେଉଁ ସ୍ଥାନ, ଜମି ବା
Nidhoiā ଅଞ୍ଚଳ ଧୋଇ ବା ନଇବଢ଼ି ବା ଅତିବୃଷ୍ଟି ଦ୍ୱାରା ନଷ୍ଟ ବା
(ନିଧୋୟା—ଅନ୍ୟରୂପ) ଅନାବାଦ ହୁଏ ନାହିଁ—(a place)
(ଧୋଇଆ—ବିପରୀତ) Which is not ravaged or visited by floods; uninundated; not subject to the ravages of flood and rain.
(ଯଥା—କଟକ ଜିଲ୍ଲାର ସିଦ୍ଧେଶ୍ୱରପୁର ନିଧୋଇଆ ମଉଜା ଅଟେ ।)

ନିଧ୍ୱାନ—ସ. ବି. (ନି+ଧ୍ୱନ୍ ଧାତୁ=ଶବ୍ଦ କରିବା+ଭାବ. ଅ)—
Nidhwāna ଧ୍ୱନି; ଶବ୍ଦ—Sound.

ନିଧ୍ୟାତ—ସ. ବିଣ. (ନି+ଧ୍ୟୈ ଧାତୁ+କର୍ମି. ତ)—
Nidhyāta ୧ । ଅବଲୋକିତ—1. Observed.
୨ । ଧ୍ୟାତ—2. Meditated; thought of.

ନିଧ୍ୟାନ—ସ. ବି. (ନି+ଧ୍ୟୈ ଧାତୁ+ଭାବ. ଅନ)—
Nidhyāna ୧ । ଦର୍ଶନ; ଅବଲୋକନ—1. Seeing; observing.
୨ । ଗମ୍ଭୀର ଧ୍ୟାନ—2 Meditation.

ନିନ୍ବ (ଧାତୁ)—ସ—ପାଣି ଛିଞ୍ଚିବା—
Nin-ba (root) To sprinkle water.

ନିନଂକ୍ଷୁ—ସ. ବିଣ. (ନି+ନଶ୍ ଧାତୁ+ସନ୍+କର୍ତ୍ତୃ. ଉ)—ନାଶ
Ninamkshu କରିବାକୁ ଇଚ୍ଛୁକ—Desirous of killing; intending to destroy.

ନିନଦ—ସ. ବି. (ନି+ନଦ୍ ଧାତୁ=ଶବ୍ଦ କରିବା+ଭାବ. ଅ)—
Ninada ୧ । ଶବ୍ଦ—1. Sound; cry.
୨ । ଗର୍ଜନ—2. Roar.
୩ । ଗୋଳମାଳ—3. Noise.
୪ । ଗୁଣୁ ଗୁଣୁ ଶବ୍ଦ—
4. Buzzingi; humming.

ନିନଦ୍ଧ—ସ. ବିଣ. (ନି+ନହ ଧାତୁ=ବାନ୍ଧିବା+କର୍ମି. ତ)—
Ninaddha ବନ୍ଧା ଯାଇଥିବା—Fastened on; tied to.

ନିନୟ—ସ. ବି. (ନି+ନୀ ଧାତୁ+ଭାବ. ଅ)—ନମ୍ରତା (ହୁ.ଶ.)—
Ninaya Humility.

ନିନୟନ—ସ. ବି. (ନି+ନୀ ଧାତୁ+ଭାବ. ଅନ)—
Ninayana ୧ । ନିଷ୍ପାଦନ; ସମ୍ପାଦନ—
1. Performance; accomplishing.
୨ । ଅଜାଡ଼ିବା—2. Pouring out.
୩ । ପ୍ରଣୀତାର ଜଳକୁ କୁଶ ଦ୍ୱାରା ଯଜ୍ଞବେଦି ଉପରେ ଛିଞ୍ଚିବା କର୍ମ (ହୁ. ଶ.)—3. The act of sprinkling water on the sacrificial altar.

ନିନା—ପ୍ରାଦେ. (ଗଡ଼ଜାତ ଓ ରାଜପରିବାର) ବି—୧ । ନନା; ବଡ଼
Ninā ଭାଇ—1. Elder brother (used by some Raj families in the Orissa States).
୨ । ଆପଣାଠାରୁ ବୟସରେ ବା ମର୍ଯ୍ୟାଦାରେ ବଡ଼ ବ୍ୟକ୍ତିଙ୍କ ପ୍ରତି ସମ୍ମାନ ଓ ଗୌରବସୂଚକ ସମ୍ବୋଧନ—
2. An address of respect addressed to one's elder or superior.

ନିନାଦ—ସଂ. ବି. (ନି = ନଦ୍ ଧାତୁ = ଶବ୍ଦ କରିବା + ଭାବ. ଅ)—
Nināda ନିନଦ (ଦେଖ)—Ninada (See)

ନିନାଦିତ—ସଂ. ବିଣ. (ନି + ନଦ୍ ଧାତୁ ଣିଚ୍ = ନାଦି ଧାତୁ + କର୍ମ. ତ)—
Ninādita ୧ । ଶବ୍ଦିତ—1. Sounded; noised.
୨ । ଶବ୍ଦପୂର୍ଣ୍ଣ—2. Noisy.
୩ । ମୁଖରିତ—3. Resounding; resonant.
୪ । ଯେଉଁ ବାଦ୍ୟଯନ୍ତ୍ର ବଜା ଯାଇଅଛି; ବାଦିତ—4. (a musical instrument) Set to music; played upon.

ନିନାଦୀ—ସଂ. ବି. (ନି + ନଦ୍ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ)—
Ninādī ୧ । ଶବ୍ଦାୟମାନ—1. Sounding; resounding.
(ନିନାଦିନୀ—ସ୍ତ୍ରୀ) ୨ । କାନ୍ଦୁଥିବା—2. Crying.
୩ । ବାଦ୍ୟାଦିକୁ ବଜାଉଥିବା—3. Tuning; playing upon (a musical instrument). (M.W.)

ନିନା ବାବୁ—ପ୍ରାଦେ. (ଜୟପୁର) ବି—ଶିଶୁମାନଙ୍କ ପ୍ରତି ସ୍ନେହ ସମ୍ବୋଧନ—
Ninā bābu A term of endearment for small boys.
(ନିନମା—ସ୍ତ୍ରୀ)

ନିନି—ପ୍ରାଦେ. (ଗଡ଼ଜାତ, ଜୟପୁର ଓ ସିଂହଭୂମ) ବି. ପୁଂ ଓ ସ୍ତ୍ରୀ—
Nini ଶିଶୁ ବା ସାନ ପିଲାମାନଙ୍କ ପ୍ରତି ସ୍ନେହ ସମ୍ବୋଧନ—A term of endearment applied to children.

ନିନୀଷା—ସଂ. ବି. (ନୀ ଧାତୁ = ନେବା + ସନ୍ + ଭାବ. ଅ + ଆ)—
Ninishā ସ୍ଥାନାନ୍ତରକୁ ନେବାର ଇଚ୍ଛା; ଗ୍ରହଣେଚ୍ଛା—Desire to take a thing from one place to another; desire to take.

ନିନୀଷୁ—ସଂ. ବିଣ. (ନୀ ଧାତୁ + ସନ୍ + କର୍ତ୍ତୃ. ଉ)—ଗ୍ରହଣେଚ୍ଛୁ—
Ninishu Desirous of taking.

ନିନ୍ଦ୍ (ଧାତୁ)—ସଂ—ଲୁଚ୍ଛା କରିବା; ଦୁର୍ନାମ କରିବା—
Nind (root) To blame; to revile.

ନିନ୍ଦ୍‌ହା—ପ୍ରାଦେ (ବସ୍ତର) ବିଣ—ଅକୃତଜ୍ଞ; କୃତଘ୍ନ—
Nind-hā Ungrateful.

ନିନ୍ଦ—ପ୍ରାଦେ. (କଟକ) ବି (କଟକ ସହରଅଙ୍କ ବ୍ୟବହାର; ସଂ. ନିଦ୍ରା ଭୁଲ. ହିନ୍ଦି ନିନ୍ଦ୍)—ନିଦ (ଦେଖ)
Ninda Nida (See)

ନିନ୍ଦକ—ସଂ. ବିଣ. ପୁଂ. (ନିନ୍ଦ୍ ଧାତୁ + କର୍ତ୍ତୃ. ଅକ)—
Nindaka ୧ । ନିନ୍ଦାକାରୀ; ଅପବାଦକ—1. One who blames; blasphemous; reviling.
(ନିନ୍ଦିକା—ସ୍ତ୍ରୀ)
୨ । ଭର୍ତ୍ସନାକାରୀ—2 Abusive; censorious.
[ଦ୍ର—କେତେକ ଲେଖକ 'ନିନ୍ଦୁକ' ଶବ୍ଦ ବ୍ୟବହାର କରନ୍ତି । ତାହା ଭ୍ରାନ୍ତ ଅଟେ ।]

ନିନ୍ଦନ—ସଂ. ବି. (ନିନ୍ଦ୍. ଧାତୁ + ଭାବ. ଅନ)—
Nindana ୧ । ନିନ୍ଦା; ଅପବାଦ—1 Defamation.
୨ । ଲୁଚ୍ଛା କରିବା—2. Reviling;
୩ । ଭର୍ତ୍ସନା—Censure; rebuke.

ନିନ୍ଦନୀୟ—ସଂ. ବିଣ. (ନିନ୍ଦ୍. ଧାତୁ + କର୍ମ. ଅନୀୟ)—
Nindaniya ୧ । ନିନ୍ଦିତ ହେବାର ଉପଯୁକ୍ତ; ନିନ୍ଦା ଯୋଗ୍ୟ—1. Blameworthy; blameable
(ନିନ୍ଦନୀୟା—ସ୍ତ୍ରୀ)
୨ । ଦୂଷଣୀୟ—2. Reproachable.
୩ । ଘୃଣ୍ୟ—3. Contemptible.

ନିନ୍ଦା—ସଂ. ଡ (ନିନ୍ଦ୍. ଧାତୁ + ଭାବ. ଅ + ଆ)—
Nindā ୧ । ଦୁର୍ନାମ; ଅପବାଦ—1. Libel; slander; defamation.
ପ୍ରଶଂସା } ବିପରୀତ
ସ୍ତୁତି }
୨ । ଲୁଚ୍ଛା—2. Accusation; reviling.
୩ । ଗାଳି; ଭର୍ତ୍ସନା—3. Reproach; censure; abuse.
୪ । ଦୋଷ ଦେବା—4. Blaming; condemnation; vilification.
[ଦ୍ର—ଅବିଦ୍ୟମାନ ଦୋଷର ପ୍ରକାଶକୁ ନିନ୍ଦା ଓ ବିଦ୍ୟମାନ ଦୋଷର ପ୍ରକାଶକୁ ପରୀବାଦ ବୋଲାଯାଏ—ମନୁ, କୁଲ୍ଲୁକ ଭଟ୍ଟ]
ଦେ. ବିଣ.—ନିନ୍ଦ୍ୟ; ନିନ୍ଦିତ—Blameworthy.

ବିପ୍ର କ୍ଷତ୍ରିୟ ବୈଶ୍ୟ ବର୍ଣ୍ଣ,
ବର୍ଜିବ ନିନ୍ଦା ବୃତ୍ତମାନ । ଜଗନ୍ନାଥ ଭାଗବତ ।

ପ୍ରାଦେ (ସମ୍ବଲପୁର) ବି (ଭୁଲ. ଏହି ଅର୍ଥରେ ହି. ନିଂଦାଇ) ଧାନ ବିଲରୁ ଘାସ ବଛା—The weeding out of grass etc. from paddy fields.

ନିନ୍ଦାଉଳି—ଦେ. ବିଣ. (ସଂ. ନିନ୍ଦାର୍ହ)—ନିନ୍ଦନୀୟ—
Nindāuli Blameable.

ନିନ୍ଦାକର—ସଂ. ବି. (ଉପପଦ ତତ୍ପୁରୁଷ; ନିନ୍ଦା + କୃ ଧାତୁ + କର୍ତ୍ତୃ. ଅ)
Nindākara —ନିନ୍ଦାଜନକ—Blameworthy.

ନିନ୍ଦା କରିବା—ଦେ.କ୍ରି (ସଂ. ନିନ୍ଦ. ଧାତୁ) —୧ । ଦୋଷ ଦେବା—
Nindā karibā 1. To blame.
নিন্দাকরা ୨ । ଅପବାଦ କରିବା—2. To defame.
निन्दा करना ୩ । ଅନ୍ୟ ବସ୍ତୁ ବା ବ୍ୟକ୍ତିକୁ ଗୁଣରେ ପରାଜିତ କରିବା ବା ଜିଣିବା—3. To excel another in good quality or grace.

ତାହା ଶୁଣି କଉତ ଗହିଁଲ ତାହାଙ୍କୁ,
ଦେଖିଲ ମୁଖ ନିନ୍ଦା କରୁଛି ଚନ୍ଦ୍ରକୁ । କୃଷ୍ଣସିଂହ. ମହାଭାରତ ବନ ।

୪ । ବଳ ପଡ଼ିବା; ବଳିଯିବା—4. To surpass.

ନିନ୍ଦା ତୁଷ୍ଟି—ଗ୍ରା. ବି. (ସହିତର ବିପରୀତାର୍ଥକ ଶବ୍ଦ ସଂ. ନିନ୍ଦାସ୍ତୁତି)—
Nindā tusti ନିନ୍ଦା ଓ ସାଧୁବାଦ—Blame and praise.

ନିନ୍ଦା ଦେବା—ଦେ. କ୍ରି.—ଅନ୍ୟଠାରେ କଳଙ୍କ ବା ଅପବାଦ ଆରୋପ କରିବା—To lay the blame on another.
Nindā debā
নিন্দা দেওয়া **निन्दा करना**

ନିନ୍ଦାନ୍ୱିତ—ସଂ. ବିଣ. (୩ୟା ତତ୍; ନିନ୍ଦା + ଅନ୍ୱିତ)—
Nindānwita ନିନ୍ଦିତ—Reviled; blamed.

ନିନ୍ଦାବାଦ—ସଂ ବି. (ନିନ୍ଦା + ବଦ୍ ଧାତୁ = କହିବା + ଭାବ. ଅ)—
Nindābāda ନିନ୍ଦନ; ଲୁଚ୍ଛା; ନିନ୍ଦା କରିବା—Reviling; raillery.

ନିନ୍ଦା ବିହୁଡ଼ା—ପ୍ରାଦେ (ସମ୍ବଲପୁର) ବି.—(ତୁଳନା କର. ହି. ନିଂଦାଇ=କାଳବଛା)—ଧାନକ୍ଷେତର ବଛା ଓ ବେଉଷଣ ଆଦି କାର୍ଯ୍ୟ—
Nindā bihurdā The agricultural operations of weeding and puddling of paddy fields.

ନିନ୍ଦାର୍ହ—ସଂ. ବିଣ. ପୁଂ. ନିନ୍ଦା+ଅର୍ହ୍ ଧାତୁ+କର୍ତ୍ତୃ. ଅ)—
Nindārha ନିନ୍ଦା ପାଇବାର ଯୋଗ୍ୟ—Blamable.
(ନିନ୍ଦାର୍ହା—ସ୍ତ୍ରୀ) (ନିନ୍ଦାର୍ହତା—ବି)

ନିନ୍ଦାସୂଚକ—ସଂ. ବିଣ—ଯାହା ଦ୍ୱାରା ନିନ୍ଦା ହୁଏ—
Nindā sūchaka Causing blame; which brings blame on a person.

ନିନ୍ଦା ସ୍ତୁତି—ସଂ. ବି—୧ । (ଅଳଙ୍କାରବିଶେଷ) ଯେଉଁ ସ୍ଥଳରେ ନିନ୍ଦା-
Nindāstuti ଛଳରେ ପ୍ରଶଂସା ଓ ପ୍ରଶଂସା ଛଳରେ ନିନ୍ଦା କରାଯାଏ
1. A figure of speech in which a person is praised under the guise of raillry and vice versa;
୨ । ନିନ୍ଦା ଓ ପ୍ରଶଂସା—2. Blame and praise.
୩ । ବ୍ୟାଜସ୍ତୁତି; ନିନ୍ଦା କରିବା ବାହାନାରେ ପ୍ରଶଂସା—
Praising a person while feigning to revile him.

ନିନ୍ଦିତ—ସଂ. ବିଣ. (ନିନ୍ଦ୍ ଧାତୁ+କର୍ମ. ତ)—୧ । ଗର୍ହିତ—
Nindita 1. Blameworthy; reproachable.
ନିନ୍ଦିତ କର୍ମେ ସେ ରତ,
ନିଜର ତାକୁ ଲଜ୍ଜା କହୁ । ଜଗନ୍ନାଥ, ଭାଗବତ ।
୨ । ତିରସ୍କୃତ—2. Reproached; censured.
୩ । ଯାହାକୁ ନିନ୍ଦା କରାଯାଏ—3. Blamed; vilified.
୪ । ଅନୁଚିତ—4. Improper.
୫ । ନୀଚ; ମନ୍ଦ; ଅଧମ—5. Low; mean; bad; vile.
୬ । ଘୃଣିତ 6. Despicable.
୭ । ନିଷିଦ୍ଧ—7. Forbidden; prohibited.

ନିନ୍ଦିତବ୍ୟ—ସଂ. ବିଣ. (ନିନ୍ଦ୍ ଧାତୁ+କର୍ମ ତବ୍ୟ)—ନିନ୍ଦନୀୟ—
Ninditabya (ନିନ୍ଦିତବ୍ୟା—ସ୍ତ୍ରୀ) Reproachable.

ନିନ୍ଦିବା—ଦେ. କ୍ରି. (ପଦ୍ୟ) (ସଂ. ନିନ୍ଦ୍ ଧାତୁ)—୧ । ନିନ୍ଦା କରିବା—
Nindibā 1. To blame.
निन्दा ନିନ୍ଦିବସ୍ତ ନିନ୍ଦିଲେ ତୁ ତାହା—କବିସୂର୍ଯ୍ୟ ବଳେରାମଦାସ, ଷ-ଗୀତ ।
निंदना ୨ । ବଳିପଡ଼ିବା—2. To exceed.
ଦୁନ୍ଦଭିକାଶକୁ ନିନ୍ଦିବା ହାସକୁ ଖେଳାଇ ଦେଉଛି ଗେଲେ—
କବିସୂର୍ଯ୍ୟ, ସଙ୍ଗୀତ ।
୩ । ଉତ୍କୃଷ୍ଟତର ହେବା—3 To excel.
ଅଙ୍ଗୁପର୍ଣ୍ଣେ ଗାପ ନିନ୍ଦେ ଉପବନ—ରାଧାନାଥ, ନନ୍ଦିକେଶ୍ୱରୀ ।
ପ୍ରାଦେ. (ସମ୍ବଲପୁର) କ୍ରି—ଧାନକ୍ଷେତ ବାଛିବା—
To weed out grass etc from paddy fields.

ନିନ୍ଦୁ—ସଂ. ବି. ସ୍ତ୍ରୀ. (ନିନ୍ଦ୍ ଧାତୁ+କର୍ମ. ଉ; ଏପରି ସ୍ତ୍ରୀ ସଂସାରରେ
Nindu ଲୋକମୁଖରେ ନିନ୍ଦା ଶୁଣିବାରୁ)—ମୃତବତ୍ସା ସ୍ତ୍ରୀ—
A woman who brings forth still-born children.

ନିନ୍ଦୁକ—ଦେ. ବିଣ. ପୁଂ (ସଂ. ନିନ୍ଦକ—ନିନ୍ଦକ (ଦେଖ)
Ninduka. Nindaka (See)
(ନିନ୍ଦୁକା—ସ୍ତ୍ରୀ) [ଦ୍ର—ସଂସ୍କୃତ ଭାଷାରେ 'ନିନ୍ଦୁକ' ଶବ୍ଦର ପ୍ରୟୋଗ ନାହିଁ, ବଙ୍ଗଳାରେ ଏ ଶବ୍ଦର ପ୍ରୟୋଗ ଦେଖି କେହି କେହି ଓଡ଼ିଆରେ 'ନିନ୍ଦକ' ଅର୍ଥରେ ଏ ଶବ୍ଦ ପ୍ରୟୋଗ କରୁଅଛନ୍ତି; କିନ୍ତୁ ଏହା ଭ୍ରାନ୍ତ ପ୍ରୟୋଗ ।]

ନିନ୍ଦେଇବା—ପ୍ରାଦେ. (କଟକ ସଦର) କ୍ରି. (ସଂ ନିଦ୍ରା; ତୁଳ. ବ.
Nindeibā ନିନ୍ଦାନ)—୧ । ନିଦେଇବା; ଢୁଲାଇବା; ନିଦ୍ରାସକ୍ତ ହେବା—1. To feel sleepy or drowsy.
୨ । ଶୋଇ ପଡ଼ିବା—2. To fall asleep.

ନିନ୍ଦ୍ୟ—ସଂ. ବିଣ. (ନିନ୍ଦ୍ ଧାତୁ+କର୍ମ. ଯ)—୧ । ନିନ୍ଦନୀୟ—
Nindya 1. Blameable.
(ନିନ୍ଦ୍ୟା—ସ୍ତ୍ରୀ) ୨ । ଦୂଷିତ; ଗର୍ହିତ; ଅନୁଚିତ—
2. Bad; improper

ନିପ—ସଂ. ବି. (ନି=ନିଶ୍ଚୟ+ପା ଧାତୁ=ପିଇବା+କରଣେ. ଅ)—
Nipa ୧ । କଳସ; ଘଟ; ମାଠିଆ—1. Water jug.
୨ । କଦମ୍ବଗଛ—2. A tree; Nauclea Cadumba.

ନିପଟ—ଦେ ଅ.(ସଂ. ନିତାନ୍ତ)—୧ । ନିତାନ୍ତ; ଅତ୍ୟନ୍ତ; ଅତିଶୟ—
Nipaṭa 1. Very; quite.
निपट ନିପଟ ନିଷ୍ଠୁର କି ବଶ ହେଉ ଅଛି ନାରଳସ ଚନ୍ଦ୍ରମୁଖ—
निपट କବିସୂର୍ଯ୍ୟ, ବଳେରାମଦାସ, ଚଂ-ଗୀତ ।
୨ । ସମ୍ପୂର୍ଣ୍ଣରୂପେ; ସମ୍ୟକ୍‌ରୂପେ—
2. Wholly; utterly; completely.
କେଉଁ ସଖୀ ସେ ସୂକ୍ଷ୍ମ ଭେଦନେ ଅଛି କିଟ ବର ସ୍ନେହ ନିପଟ ହୋଇ ନଗ୍ନ
କବିସୂର୍ଯ୍ୟ, ସଙ୍ଗୀତ ।
୩ । ନିଶ୍ଚେ; ନିଃସନ୍ଦେହରେ; ସ୍ପଷ୍ଟରୂପେ—
3. Clearly; undoubtedly; certainly.
ଚନ୍ଦ୍ରପରିକଳ୍ପନା ସେ ଗୁଣକୁ ମନା କରି ଦେଲୁ କି ନିପଟ—
କବିସୂର୍ଯ୍ୟ, ସଙ୍ଗୀତ ।
୪ । କେବଳମାତ୍ର; ଖାଲି—4 Only.
ବଚନ ସୁଧାସାର ପ୍ରତିଭଟ, ପେଟୁ ଛଡ଼ାଉ ନିପଟ କପଟ—
କବିସୂର୍ଯ୍ୟ, କବିତା ।
୫ । କେବେହେଁ; ଆଦୌ—
5. Ever; at all; at any time.
ଚନ୍ଦ୍ରେ ବୋଲିବା ବାଣୀ, ନିପଟ କାହିଁ ଶୁଣି
କବିସୂର୍ଯ୍ୟ, ବଳେରାମଦାସ, ନ-ଗୀତ ।
୬ । ପ୍ରକୃତରେ; ସତେ—
6. Truly; indeed.

ନିପଟ ଗାଲୁ—ଦେ. ବି—ଅତ୍ୟନ୍ତ ଭୁଡୁଡ଼ି ବା ମିଥ୍ୟା ବାହାଦୁରୀ—
Nipaṭa gālu Empty or vain bragging.

ନିପଟ ଗାଲୁଆ—ଦେ. ବିଣ—୧ । ନିପଟ ମିଛୁଆ; ଘୋର ମିଛୁଆ—
Nipaṭa gālua 1. One who is an inveterate liar.
(ନିପଟ ଗାଲେ[ଲୋ]ଇ—ସ୍ତ୍ରୀ) ୨ । ଭୁଡୁଡ଼ା—
2. Vainglorious; braggart

ନିପଟ ମିଛ—ଦେ. ବିଣ—ସମ୍ପୂର୍ଣ୍ଣରୂପେ ମିଥ୍ୟା; ଡାହା ମିଥ୍ୟା; କଳାମିଛ—
Nipaṭa michha Totally false.
ଡାହାମିଥ୍ୟା ବି—ସମ୍ପୂର୍ଣ୍ଣରୂପେ ମିଥ୍ୟା କଥା—A black lie.

ନିପଟ ମିଛୁଆ—ଦେ. ବିଣ. ପୁଂ—କାଁଗିଲା; ସମ୍ପୂର୍ଣ୍ଣରୂପେ ମିଥ୍ୟାବାଦୀ
Nipaṭa michhuā (ବ୍ୟକ୍ତି)—Inveterate liar.
ডাহা মিথ্যাবদী लालबुजक्कड (ନିପଟ ମିଛେ[ଛୋ]ଇ—ସ୍ତ୍ରୀ)

ନିପଟି—ଦେ. ଅ—ନିପଟ (ଦେଖ)
Nipaṭi (ନିପଟିଆ—ଅନ୍ୟରୂପ) Nipaṭa (See)

ନିପଟୁ—ଦେ. ବିଣ. (ସ. ନିଷ୍ଠ)—୧। ଅକର୍ମଣ୍ୟ—
Nipaṭu 1. Worthless.
୨। ଅଯୋଗ୍ୟ—2. Unfit.
୩। ଅଳସୁଆ; ନିଷ୍ଠ—3. Idle; indolent; lazy.

ନିପଠ—ସ. ବି. (ନି=ସମ୍ୟକ+ପଠ୍ ଧାତୁ=ପଢ଼ିବା+ଭାବ. ଅ)—
Nipaṭha ୧। ଅଧ୍ୟୟନ; ପାଠ—1. Reading; studying.
(ନିପାଠ—ଅନ୍ୟରୂପ) ୨। ଆବୃତ୍ତି—2. Reciting.

ନିପଠିତ—ସ. ବିଣ. (ନି=ସମ୍ୟକ୍+ପଠିତ)—
Nipaṭhita ୧। ପଠିତ—1. Read.
୨। ଅଧୀତ—2. Learnt; studied.
୩। ଆବୃତ୍ତ—3. Recited.
ବି—(+ଭାବ. ତ)—ଅଧ୍ୟୟନ; ପଢ଼ିବା—Reading

ନିପଣ—ଦେ. ବିଣ. (ସ. ନିର୍ବାଣ)—୧। ନିସ୍ତେଜ—
Nipaṇa 1. Lustreless.
୨। ହତବୁଦ୍ଧି—2. Dumbfounded; at a loss.

ନିପତ—ସ. ବି. (ନି=ସାକଲ୍ୟାର୍ଥକ+ପତ୍ ଧାତୁ=ପଡ଼ିବା+ଭାବ
Nipata ଅ)—୧। ମୃତ୍ୟୁ—1. Death.
୨। ବିନାଶ—2. Destruction.
୩। ଧ୍ୱଂସ; ଅଧଃପତନ—3. Ruin; down fall.

ନିପତନ—ସ. ବି. (ନି=ସାକଲ୍ୟାର୍ଥକ+ପତ୍ ଧାତୁ+ଭାବ. ଅନ)—
Nipatana ୧। ତଳକୁ ପଡ଼ିବା—1. Falling down.
୨। ଅଧଃପତନ; ଧ୍ୱଂସ—2. Down-fall; ruin.
୩। କ୍ଷୟ ପାଇବା—3. Decay.

ନି ପତିଆରା—ଦେ. ବି (ସ. ନିର୍+ପ୍ରତ୍ୟୟ)—ଅବିଶ୍ୱାସ; ବିଶ୍ୱାସର
Ni patiārā ଅଭାବ; ଅପତିଆରା—Want of confi-
(ନିପତ୍ୟାରା—ଅନ୍ୟରୂପ) dence, credit or trust.
নিপতিয়ারা ବିଣ—୧। ଅବିଶ୍ୱାସୀ—1. Faithless.
बेपतियारा ୨। ବିଶ୍ୱାସର ଅଯୋଗ୍ୟ—2. Not deserving to be trusted.
୩। ନିରାଶ୍ରୟ—3. Helpless.
୪। ଯାହାଠାରୁ ପତିଆରା ବା ଆସ୍ଥା ଉଠି ଯାଇଅଛି—
4 Having no credit.

ନିପତିତ—ସ. ବିଣ. (ନି=ସାକଲ୍ୟାର୍ଥକ+ପତିତ)—
Nipatita ୧। ବିଧ୍ୱସ୍ତ—1. Ruined; overthrown.
(ନିପତିତା—ସ୍ତ୍ରୀ) ୨। ତଳକୁ ଖସିଥିବା—2 Descended.
୩। ଅଧଃ ପତିତ—3. Fallen down.
୪। ସ୍ଥାନ ଚ୍ୟୁତ; ଭ୍ରଷ୍ଟ—4. Fallen; displaced.

ନିପତୁରିଆ—ଦେ. ବିଣ. (ସ. ନିଷ୍ପତ୍ର)—ନିପତ୍ରିଆ (ଦେଖ)
Nipaturiā Nipatriā (See)
(ନିପତୁରିଆ—ଅନ୍ୟରୂପ)

ନିପତ୍ୟା—ସ. ବି. (ନି+ପତ୍ ଧାତୁ+ଅଧିକରଣେ ଯ+ସ୍ତ୍ରୀ. ଆ)—
Nipatyā ୧। ଯୁଦ୍ଧ ଭୂମି—1. Battle field.
୨। କର୍ଦ୍ଦମ—2. Mud.
୩। ପିଚ୍ଛିଳ ବା ଖସଡ଼ା ଭୂମି—3. Slippery ground.

ନିପତ୍ରିଆ—ଦେ. ବିଣ—୧। ପତ୍ରହୀନ—
Nipatriā 1. Leafless.
ନିପତ୍ର } ଅନ୍ୟରୂପ ୨। ଧୂଆଁ ପତ୍ର ବା ଗୁଣ୍ଡି ଦିଆଯାଇ ନଥିବା
ନିପତର } (ପାନ ଖିଲ)—
निपाती, निपत्र 2. (betel packet) Having no tobacco or tobacco mixture in it.

ନିପଦ—ଦେ. ବିଣ (ସ. ନିଷ୍ପଦ) ପଦହୀନ; ନିଷ୍ପଦ—
Nipada Footless.
ବିପଦ ଚତୁଷ୍ପଦ ଯେତେ
ନିପଦେ ତାହାଙ୍କ ଅଧିକେ। ଜଗନ୍ନାଥ. ଭାଗବତ।

ନିପରବା—ବୈଦେ. ବିଣ. ପୁଂ ଓ ସ୍ତ୍ରୀ (ଫା. ନାପରବାହ୍)—
Niparabā ୧। ବେପରୁଆ; ନିଶ୍ଚିନ୍ତ—
বেপরোয়া 1. Free from anxiety.
लापरवा ୨। ଅସାବଧାନ—2 Careless.
ନିପରୁଆ } ଅନ୍ୟରୂପ ୩। ନିର୍ଭୀକ—3. Fearless;
ନିପରେଇ } undaunted.

ନିପରବାଇ(ୟ)—ବୈଦେ. ବି. (ଫା. ନାପରବାୟୀ)—
Niparabāi(ya) ୧। ନିଶ୍ଚିନ୍ତ ହେବାର ଅବସ୍ଥା—
বেপরোয়াই 1. Freedom from anxiety.
लापरवाही ୨। ଅସାବଧାନତା—2. Carelessness.
ନିପରେଇ } ଅନ୍ୟରୂପ ୩। ନିର୍ଭୀକତା—3. Fearlessness.
ନିପରୱାଇ }
ବୈଦେ. ବିଣ. (ଫା. ନାପରବାହ୍)—ନିପରବା (ଦେଖ)
Niparabā (See)

ନିପା (ଇତ୍ୟାଦି)—ଗ୍ରା. ବି ଓ ବିଣ—ଲିପା ଇତ୍ୟାଦି (ଦେଖ)
Nipā (etc) Lipā etc. (See)
নেপা लिपाई

ନିପା(ପେ)ଇବା—ଗ୍ରା. କ୍ରି. (ସ. ଲିପ ଧାତୁର ଣିଜନ୍ତ)—
Nipā(pe)ibā ଲିପାଇବା (ଦେଖ)—Lipāibā (See)
নেপান लिपवाना

ନିପାକ—ସ. ବି. (ନି=ସମ୍ପୂର୍ଣ୍ଣ+ପଚ ଧାତୁ+ଭାବ. ଅ)—
Nipāka ୧। ଅନ୍ନାଦି ପାକ କରିବା—1. Cooking food.
୨। ପରିପକ୍ୱତା—2. Ripeness; development.

ନିପାଠି(ଠୁ)ଆ—ଦେ. ବିଣ. ପୁଂ. (ସ. ନିର୍ ଓ ପାଠ)—
Nipāṭhi(ṭhu)ā ଅପାଠୁଆ; ମୂର୍ଖ—Illiterate.
অপড় अनपढ़ [ନିପାଠେ(ଠୋ)ଇ—ସ୍ତ୍ରୀ]

ନିପାଣିଆ(ଆଁ)—ଦେ. ବିଣ—୧ । ନିରସ; ନିସ୍ତେଜ—
Nipāṇiā(ān) 1. Lustreless; pale.

ହୋଇ ଯାଇଥିଲା ବଦନ ନିପାଣିଆ ।
କୃଷ୍ଣସିଂହ. ମହାଭାରତ ଉଦ୍ୟୋଗ ।

୨ । ନିର୍ଜଳ; ଜଳହୀନ—2. Waterless.
୩ । ନୀରସ; ରସହୀନ—3 Devoid of juice.
୪ । ଶୁଷ୍କ—4. Dry.
୫ । ଯହିଁରୁ ଜଳୋଦ୍ଗମ ନ ହୁଏ—
5. Not emitting water.
୬ । ଯେଉଁ ବଳଦ ଗୋରୁକୁଣ୍ଡରେ କୁଣ୍ଡା ପାଣି ପିଏ ନାହିଁ—
6. (a bullock) Which does not take food and water from a trough.

ନିପାତ—ସଂ. ବି. (ନି=ସମ୍ପୂର୍ଣ୍ଣ ରୂପେ+ପତ୍ ଧାତୁ+ଭାବ. ଅ)—
Nipāta ୧ । ମୃତ୍ୟୁ—1. Death.
୨ । ବିନାଶ—2. Destruction.
୩ । ଅଧଃପତନ—3. Downfall; overthrow.
୪ । ଅବତରଣ—4. Alighting.
୫ । (ବ୍ୟାକରଣ) ନିପାତନ; ସାଧାରଣ ନିୟମର ବ୍ୟତିକ୍ରମ—
5. (grammar) Anomaly; grammatical exception or irregularity.
୬ । ସମୂଳେ ବିନାଶ; ସମ୍ପୂର୍ଣ୍ଣ ଲୋପ; ଯେଉଁ ବିନାଶରେ ଚିହ୍ନ ମାତ୍ର ବାକି ନ ଥାଏ—6. Eradication; extinction.
୭ । ଆକ୍ରମଣ—7. Attack; onslaught.
୮ । ପତନ—8. Fall.

ବ୍ରହ୍ମ ହତ୍ୟା କଲେ ବରଷ ଦଶ ଶତ
ଘୋର ନରକରେ ସେ ହୁଅଇ ନିପାତ । କୃଷ୍ଣସିଂହ. ମହାଭାରତ ଶାନ୍ତି ।

୯ । ନିପାତନ (ଦେଖ)—9. Nipātana (See)

निपात ଦେ. ବିଣ—୧ । ନିପତିତ (ଦେଖ)
निपात 1. Nipatita (See)
୨ । ମୃତ—2. Dead.
୩ । ସମୂଳେ ଧ୍ୱସ୍ତ—3. Eradicated; extinct.

ନିପାତ କରିବା—ଦେ. କ୍ରି—୧ । ନାଶ କରିବା; ବିନାଶ କରିବା; ବିଧ୍ୱଂସ କରିବା—1. To annihilate; to destroy; to ruin.
Nipāta karibā
निपात् करना
निपात करना ୨ । ବଧ କରିବା—2. To kill.
୩ । ମୂଳରୁ ମାରିବା; ମୂଳୋତ୍ପାଟନ କରିବା—
3. To uproot; to eradicate.

ନିପାତନ—ସଂ. ବି. (ନି+ପତ ଧାତୁ ଣିଚ୍ ପାତି ଧାତୁ=ପକାଇବା+ଭାବ. ଅନ)—୧ । ଉନ୍ମୂଳନ; ମୂଳୋଚ୍ଛେଦନ—
Nipātana 1. Uprooting; eradication.
୨ । କୌଣସି ବସ୍ତୁକୁ ତଳେ ପକାଇବା—2. Causing a thing to fall down; knocking down.
୩ । ବିନାଶ ବା ଧ୍ୱଂସ କରଣ—3. Over-throw; causing ruin.
୪ । ମାରି ପକାଇବା; ବଧ; ହନନ—
4. Killing; slaughter.
୫ । ପ୍ରହାର; ଆଘାତ—5. Stroke; blow.
୬ । (ବ୍ୟାକରଣ) ସାଧାରଣ ନିୟମର ବ୍ୟତିକ୍ରମ—
6. (grammar) Anomaly; an exception; irregularity in grammatical form.

ନିପାତନ ସିଦ୍ଧ—ସଂ. ବିଣ. (୩ୟା ତତ୍; ନିପାତନ+ସିଦ୍ଧ)—ବ୍ୟାକରଣର ସାଧାରଣ ନିୟମଦ୍ୱାରା ଯାହା ନିଷ୍ପନ୍ନ ହୁଏ ନାହିଁ—grammatically anomalous; exceptional; irregular in formation.
Nipātana siddha

ନିପାତନୀୟ—ସଂ.ବିଣ.—(ନି=ସମ୍ପୂର୍ଣ୍ଣ+ପତ୍ ଣିଚ୍ ପାତି ଧାତୁ+କର୍ମ. ଅନୀୟ)—ଧ୍ୱଂସନୀୟ—Capable of being overthrown, cast down, killed or destroyed.
Nipātaniya

ନିପାତିତ—ସଂ. ବିଣ. (ନି=ସମ୍ପୂର୍ଣ୍ଣରୂପେ+ପତ୍ ଧାତୁ ଣିଚ୍ ପାତି ଧାତୁ କର୍ମ+ତ.)—୧ । ଅଧୋଗତ—
Nipātita 1. Brought down
୨ । ପାତିତ—2. Thrown down.
୩ । ହତ—3. Killed.
୪ । ବିନାଶିତ—4. Destroyed; ruined.
୫ । ବ୍ୟତିରିକ୍ତ—5. Excepted.

ନିପାତିବା—ଦେ. (ପଦ୍ୟ) କ୍ରି. (ସଂ. ନିପାତନ)—ନିପାତ କରିବା; ବିନାଶ କରିବା—To destroy; to eradicate.
Nipātibā
নিপাতা ଗଦା ପ୍ରହାରେଣ ଭୀମ ମାରଇ ନିପାତି ।
निपातना ମଧୁସୂଦନ—ଛନ୍ଦ ।

ନିପାତି ହେବା—ଦେ. କ୍ରି.—ସମ୍ପୂର୍ଣ୍ଣରୂପେ ବିନଷ୍ଟ ହେବା—
Nipāti hebā To be destroyed or eradicated.
নিপাত হওয়া ସେ ସବୁ ଭୂପତି ତାଙ୍କୁ ଭଜି ବିପତ୍ତି ନିପାତି ହୋଇଲେ ନିପାତ ।
निपात होना (ନିପାତ ହେବା—ଅନ୍ୟରୂପ) ବଳଃ କୋଷ୍ଠବୃନ୍ଦାବନସୁନ୍ଦରୀ ।

ନିପାତୀ—ସଂ. ବିଣ. ପୁଂ (ନି+ପତ୍ ଧାତୁ; ଣିଚ ପାତି ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ)—୧ । ଯେ ପକାଇ ଦିଏ—
Nipāti 1. Overthrowing.
(ନିପାତିନୀ—ସ୍ତ୍ରୀ)
୨ । ବିନାଶକାରୀ—2. Ruining; destroying.
୩ । ମୂଳ ଉତ୍ପାଟନକାରୀ—3. Eradicating.
ସଂ. ବି.—ଶିବ (ହ. ଶ.)—Siba.

ନିପାଦ—ଦେ. ବିଣ. (ସଂ. ନିଷ୍ପଦ)—ପାଦ ନ ଥିବା—
Nipāda Footless; having no legs.

ଚର ଅଚର ଅଛ ଯେତେ, ପାଦ ନିପାଦର ସହିତେ—ଜଗନ୍ନାଥ ଭାଗବତ ।

ନିପାନ—ସଂ. ବି. (ନି+ପା ଧାତୁ=ପିଇବା+ଅଧିକରଣ. ଅନ)—
Nipāna ୧ । କୂପ ସମୀପରେ ପଶୁମାନଙ୍କ ଜଳପାନାର୍ଥ ନିର୍ମିତ କୁଣ୍ଡ—1. A water trough made near a well for cattle drinking water therefrom.

୨ । ପରିଖା—2 Trench.
୩ । କୂପ—3. Well.
୪ । କ୍ଷୁଦ୍ର ଜଳାଧାର—4. Small cistern or tank.
୫ । ଚୌବାଚ୍ଚା; ଛୋଟ ଗଡ଼ିଆ—
5. Water reservoir; tank.
୬ । (+ଅପାଦାନ.ଅନ)ଦୁଧ ଦୋହିବା ଠେକି; ଗୋଦୋହନ ପାତ୍ର—
6. Milking pail
୭ । ଦୁଗ୍ଧ ଭାଣ୍ଡ—7. Milk pail.
୮ । (+ଭାବ. ଅନ) ପାନ—8. Drinking.

ନିପାନିପି—ଗ୍ରା. ବି. (ସମ୍ବଲପୁର ଶବ୍ଦ)—ଲିପାପୋଛା (ଦେଖ)
Nipānipi (ନିପାପୋଛା—ଅନ୍ୟରୂପ) Lipāpochhā (See)

ନିପାରିଲା—ଦେ. ବିଣ.—୧ । କାର୍ଯ୍ୟ କରିବାକୁ ଅଶକ୍ତ; ଅକ୍ଷମ;
Nipārilā ଅଯୋଗ୍ୟ—1 Unfit or unable to do any work
नालायेक
नालायक ୨ । ବଳହୀନ; ଦୁର୍ବଳ—2. Weak.
(ନିପାରିବାର, ନିପାରିଲାର—ଅନ୍ୟରୂପ) ୩ । ଅସମର୍ଥ—
3. Incapable.

ନିପୀଡ଼କ—ସଂ. ବିଣ. (ନି+ପୀଡ଼୍ ଧାତୁ=କ୍ଲେଶ ଦେବା+କର୍ତ୍ତୃ. ଅକ)-
Nipirḍaka ୧ । ପୀଡ଼ାଦାୟକ; ଅତ୍ୟନ୍ତ କଷ୍ଟଦାୟକ—
(ନିପୀଡ଼କା—ସ୍ତ୍ରୀ) 1. Hurtful; vexatious; troublesome; painful; afflicting.
୨ । ଉତ୍ପୀଡ଼ନକାରୀ—2. Persecuting; oppressive.
୩ । ଯେ କୌଣସି ବସ୍ତୁକୁ ଚିପି ଜଳ ବା ରସ ବାହାର କରିଦିଏ—3. Squeezing; wringing out juice.

ନିପୀଡ଼ନ—ସଂ. ବି.—(ନି+ପୀଡ଼୍ ଧାତୁ+ଭାବ. ଅନ)—୧ । ଦଳନ;
Nipirḍana ମର୍ଦ୍ଦନ; ଚିପିବା; ମଳିବା; ପେଡ଼ିବା—
1. Squeezing; pressing.
୨ । ନିଷ୍ପୀଡ଼ନ; ଚିପୁଡ଼ିବା—2 Wringing out.
୩ । ଉତ୍ପୀଡ଼ନ; ଅତ୍ୟାଚାର—
3 Oppression; persecution
୪ । ଅଭିବାଦନ—4. Bowing; saluting.
୫ । କଷ୍ଟ ଦେବା; ପୀଡ଼ା ଦେବା—
5. Hurting; giving pain
୬ । ଆଲିଙ୍ଗନ—6 Embracing.

ନିପୀଡ଼ିତ—ସଂ. ବିଣ—(ନି+ପୀଡ଼୍ ଧାତୁ+କର୍ମ. ତ)—
Nipirḍita ୧ । ଦଳିତ; ମର୍ଦ୍ଦିତ—1. Squeezed; pressed.
୨ । ଉତ୍ପୀଡ଼ିତ—2. Oppressed.
୩ । ପୀଡ଼ା ପ୍ରାପ୍ତ; ଆହତ—3. Hurt.
୪ । ଆଲିଙ୍ଗିତ—4 Embraced.

ନିପୀତ—ସଂ. ବିଣ—(ନି+ପା ଧାତୁ+କର୍ମ. ତ)—
Nipita ୧ । ନିଃଶେଷ ରୂପେ ପାନ କରାଯାଇଥିବା—
1. Imbibed; drunk or quaffed to the last drop.

୨ । ଉପଲବ୍ଧ; ଗ୍ରସ୍ତ—2. Absorbed.

ନିପୁଣ—ସଂ. ବିଣ. ପୁଂ (ନି+ପୁଣ୍ ଧାତୁ=ସତ୍କର୍ମ କରିବା+
Nipuṇa କର୍ତ୍ତୃ. ଅ)—୧ । କୁଶଳ; ପଟୁ; ଦକ୍ଷ—
(ନିପୁଣା—ସ୍ତ୍ରୀ) 1. Dexterous; skilful; expert; adroit.
(ନୈପୁଣ୍ୟ—ବି)
୨ । କାର୍ଯ୍ୟକ୍ଷମ; ସମର୍ଥ—2. Able.
୩ । ବିଚକ୍ଷଣ; ଚାଲାକ—3. Clever.
୪ । ପ୍ରଧାନ—4. Eminent.
କଷ୍ଟ ଶିବସେବା କାହା ଭବରେ ନିପୁଣ—ଉକ୍ତ. ବୈଦେହୀଶବିଳାସ ।

ନିପୁଣତା—ସଂ. ବି—(ନିପୁଣ+ଭାବ. ତା)—
Nipuṇatā ନୈପୁଣ୍ୟ; ବିଚକ୍ଷଣତା; ପଟୁତା—
(ନିପୁଣତ୍ୱ—ଅନ୍ୟରୂପ) Expertness; cleverness; skilfulness.

ନିପୁଣଦୃକ୍—ସଂ. ବିଣ—(ନିପୁଣ+ଦୃଶ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Nipuṇadṛuk କୃତଜ୍ଞ—Grateful.

ନିପୁତ୍ରୀ—ଦେ. (ପ୍ରାଚୀନ) ବିଣ ପୁଂ. ଓ ସ୍ତ୍ରୀ—(ସଂ. ନିଷ୍ପୁତ୍ର)—ପୁତ୍ରହୀନ
Niputri ନିଃସନ୍ତାନ—Issueless; having no son.
অপুত্রিক
निपूत, निपुत्री ନିପୁତ୍ରୀ ହୋଇ ଏ ସଂସାରେ,
କେ ଅବା ଦେହ ଧରିପାରେ । ପ୍ରାଚୀ, ନିର୍ବାଣମାହାତ୍ମ୍ୟ ।
(ନିପୁତ, ନିପୁତ୍ର, ନିପୁତା-ପୁଂ, ନିପୁଝି-ସ୍ତ୍ରୀ—ଅନ୍ୟରୂପ)

ନିପୁର—ସଂ. ବି. (ନି+ପୁର)—୧ । (ଦର୍ଶନ) ଲିଙ୍ଗ ଶରୀର—
Nipura (philosophy The subtle frame in which the soul is settled.
୨ । (ଦର୍ଶନ ଶାସ୍ତ୍ର) ସୂକ୍ଷ୍ମ ଶରୀର—2. The etherial body; the subtle vehicle of the sentien soul.

ନି : ପ୍ରା—ଦେ. ବିଶ—(ସାଙ୍କେତିକ) ନିମ୍ନ ପ୍ରାଥମିକ(ସ୍କୁଲ)ର ସାଙ୍କେତିକ
Ni : prā ରୂପ—Lower primary; (school) L. P.

ନିପ୍ରୋଧ—ଦେ. ବି. ଓ ବିଣ—ନିଉପରୋଧ (ଦେଖ)—
Niprodha Niuparodha (See)

ନିପ୍ରୋଧିଆ—ଦେ. ବିଣ. ପୁଂ. ଓ ସ୍ତ୍ରୀ—ନିଉପରୋଧିଆ (ଦେଖ)—
Niprodhiā Niuparodhiā (See)
(ନିପ୍ରୋଧି, ନିପ୍ରୋହି)—ଅନ୍ୟରୂପ

ନିପ୍ରୋଧିବା—ଦେ. କ୍ରି. (ପଦ୍ୟ) (ସଂ. ନିର୍ ଓ ଉପରୋଧ)—
Niprodhibā ୧ । ଅନ୍ୟର ଅନୁରୋଧ ନ ରଖିବା—
(ନିପ୍ରୋହିବା—ଅନ୍ୟରୂପ) 1 Not to respond to the requests of others.
୨ । ଚକ୍ଷୁଲଜ୍ଜା ବା ମୁଲାହିଜା ନ କରିବା—
2. Not to respect other peoples' feelings; to have no scruples.
୩ । ମମତା ନ ରଖି କାର୍ଯ୍ୟ କରିବା—
3. To act without respect or sympathy for others.

ନଫରଡ଼ିବା—ଦେ. କ୍ରି. (ସ. ନିଷ୍ଫଟ୍; ପ୍ରା. ନିଫ୍ଫୁଡ଼)—
Niphardiba ଲେଫଡ଼ିବା (ଦେଖ)—
निपुरना Lephardiba (See)
ନଫିଡ଼ିବା } ଅନ୍ୟରୂପ [ଦ୍ର—ଦାନ୍ତ ପରେ ଏ ଶବ୍ଦ ବ୍ୟବହୃତ
ନଫେଡ଼ିବା } ହୁଏ]

ନଫଳ(ଳା)—ଦେ. ବିଣ (ସ. ନିଷ୍ଫଳ)—ନିଷ୍ଫଳ (ଦେଖ)—
Niphala(la) Nishphala (See).
অফল নফল

ନଫଳା—ସ. ବି. ସ୍ତ୍ରୀ—(ବହୁବ୍ରୀହି; ନି=ନିକୃଷ୍ଟ+ଫଳ+ଆ)—
Niphala ଜ୍ୟୋତିଷ୍ମତୀ ଲତା; ଫୁଟ୍‌ଫୁଟିକା—
A creeper; the heartpea; Helicacabum.
ଦେ. ବିଣ—ନଫଳ (ଦେଖ)—Niphala (See).

ନଫାଳନ—ସ. ବି. (ନି+ଫଲ୍ ଧାତୁ+ଭାବ. ଅନ)—
Niphalana ୧ । ଦେଖିବା —1. Seeing.
୨ । ଦୃଷ୍ଟି—2. Sight; vision.
୩ । ଦେଖାଇବା—3 Showing; exhibiting.

ନଫେନ—ସ. ବି—(ବହୁବ୍ରୀହି; ନି=ନିକୃଷ୍ଟ+ଫେନ)—
Niphena ଅଫେନ; ଅହିଫେନ; ଅଫିମ—Opium.

ନବ୍—ବୈଦେ. ବି. (ଇଂ)—ଲେଖିବାପାଇଁ କଲମରେ ଲଗାଯିବା ଧାତୁ
Nib ପର ପତଳା ମୁନିଆ ଧାତୁ ଫଳକ; ଧାତୁମୟ ଲେଖନୀମୁଖ—
नीब निब Nib.
[ଦ୍ର—କାଠ, ଧାତୁ ଓ କାଚ ଆଦିର ସରୁ ବେଣ୍ଟର ମୁହଁ ପାଖେ ଗୋଟିଏ ଚଉଡ଼ା ବଳୟ (ହୋଲ୍‌ଡର) ଥାଏ; ସେହି ହୋଲ୍‌ଡରରେ ଘର ହୋଇଥାଏ; ସେହି ଘର ମଧ୍ୟରେ ଧାତୁ ପର ଦୁଇ ଫାଳିଆ ଓ ମୁନିଆ ଲମ୍ବା ଯେଉଁ ଲେଖନୀକୁ ଭରତି କରି ଯାଇପାରେ ଓ କାଢ଼ା ଯାଇପାରେ ତାକୁ ନିବ୍ କହନ୍ତି । ଲେଖକର ସରୁ ବା ମୋଟା ଅକ୍ଷର ଲେଖିବା ଅଭ୍ୟାସକୁ ଦୃଷ୍ଟି ନିବ୍‌ର ମୁନ ସରୁ ବା ମୋଟା କରି ଗଢ଼ାଯାଏ ।]

ନବକ୍ଷଃ—ସ. ବି—ଯଜ୍ଞ ନିମନ୍ତେ ଉତ୍ସୃଷ୍ଟ ପଶୁ (ହ. ଶ.)—
Nibakshah Victim; a beast offered or consecrated for sacrifice (M. W.).

ନବଡ଼ା(ଡ଼େ)ଇବା—ଦେ. କ୍ରି (ସ. ନି+ବୃତ୍ ଧାତୁ—ନିବର୍ତ୍ତିନ; ପ୍ରା. Nibarda(rde)iba ନିବଟ୍ଟନ)—୧ । (କାର୍ଯ୍ୟ) ନିଷ୍ପାଦନ କରିବା; ସମାଧା କରିବା—1. To accomplish.
निवड़ान ୨ । ସାରିବା; ତୁଲାଇବା; ସମାପ୍ତ କରିବା—
निबटाना 2. To bring to a successful termination; to complete a work.

ନବଡ଼ିବା—ଦେ. କ୍ରି. (ସ. ନିବାହ; ନିବର୍ତ୍ତିନ; ପ୍ରା. ନିବଟ୍ଟନ)—
Nibardiba ୧ । (କାର୍ଯ୍ୟ) ସମାପ୍ତ ହେବା—
निवड़ो 1. To terminate.
निबटना, निबड़ना ୨ । ଶେଷ ହେବା; ସରିବା—2. To be
(ନବଡ଼ିବା—ଅନ୍ୟରୂପ) finished; to end; to be brought to a close.
୩ । ସମ୍ପାଦିତ ହେବା—3. To be accomplished.

ନବଦ୍ଧ—ସ. ବିଣ. (ନି+ବନ୍ଧ୍ ଧାତୁ=ବାନ୍ଧିବା+କର୍ମ. ତ)—
Nibaddha ୧ । ଆବଦ୍ଧ; ନିରୁଦ୍ଧ—1. Confined; shut up.
୨ । ରଚିତ—2. Composed.
୩ । ଖୁଣ୍ଟ ଆଦିରେ ଛନା ଯାଇଥିବା—
3. Fastened to.
୪ । ଆବଦ୍ଧ—4. Bound; tied.
୫ । ପିନ୍ଧା ଯାଇଥିବା (ପୋଷାକ; ସାଜ); ପରିହିତ—
5. Worn; put on.
୬ । ଆଲୋଚିତ—6. Discussed.
୭ । ମୀମାଂସିତ—7. Decided.
୮ । ଆବୃତ—
8. Coverd with; vieled in; enveloped.
୯ । ସଂଯତ—9. Restrained; controlled.
୧୦ । ଆଶ୍ରିତ—10. Dependent; relying on.
୧୧ । ଗ୍ରଥିତ—11. Arranged orderly.
୧୨ । ନିବେଶିତ—12. Inserted; placed.
୧୩ । ସ୍ଥିରୀକୃତ—
13. Resolved; ascertained; settled.
୧୪ । ନିବେଶିତ; ଜଡ଼ା ହୋଇଥିବା—
14. Set in; inlaid with.
୧୫ । ଶୃଙ୍ଖଳିତ—15. Chained; fettered (M. W.)
୧୬ । ଅମୁକ ଉପରେ ନିର୍ଭର କରୁଥିବା—
16. Dependent on (M. W.)
୧୭ । ଅମୁକ ମଧ୍ୟରେ ଅବସ୍ଥିତ—
17. Contained in (M. W).
୧୮ । ଅମୁକ ସମ୍ବନ୍ଧୀୟ—
18. Relating to (M. W).
୧୯ । ଅଳଙ୍କୃତ—19. Adorned with (M. W.)
୨୦ । ବାଧାପ୍ରାପ୍ତ—20. Obstructed.
୨୧ । ମୁଦା ଯାଇଥିବା—21. Closed (M. W.).
୨୨ । ନିର୍ମିତ—22. Constructed, built (M. W).
୨୩ । ବ୍ୟବହୃତ (ଯଥା—ବାକ୍ୟ)—
23. Used; employed (as a word.) (M. W.)
୨୪ । ସାକ୍ଷୀ ମନା ଯାଇଥିବା (ବ୍ୟକ୍ତି)—
24. Called as a witness (M. W.)
୨୫ । ସଫା ହୋଇ ଝାଡ଼ା ହେଉ ନଥିବା; କୋଷ୍ଠବଦ୍ଧ—
25. Costive (M. W.)
୨୬ । ଜମା କରି ଯାଇଥିବା; ନ୍ୟସ୍ତ—
26. Committed; entrusted (M. W.)

ନବନ୍ଧ—ସ. ବି. (ନି+ବନ୍ଧ୍ ଧାତୁ+କର୍ମ. ଅ)—୧ । ପ୍ରବନ୍ଧ—
Nibandha 1. Essay.
(ନିବନ୍ଧିତ—ବିଣ) ୨ । ସାହିତ୍ୟିକ ରଚନା—
2. Literary composition.
୩ । ଗ୍ରନ୍ଥ—3. Treatise; monograph.

୪ । ଗ୍ରନ୍ଥବୃତ୍ତି; ଟୀକା—4. Commentary.
୫ । ପ୍ରସ୍ତାବ—5. Proposal.
୬ । ସଂଗ୍ରହ—
6. Compilation; compendium.
୭ । ନିୟମିତକାଳରେ ଦେୟ ଅର୍ଥାଦି—
7. Money or due payable periodically.
୮ । ନିର୍ଦ୍ଦିଷ୍ଟ ବୃତ୍ତି; ଖଞ୍ଜା; ପେନ୍‌ସନ୍—
8. Stipend; a grant of money, pension; allowance
୯ । ଦାନ—9. Gift; grant of property.
୧୦ । କୌଶଳ—10. Stratagem.
୧୧ । ଉପାୟ—11. Means.
୧୨ । ବାଧ୍ୟତା—12. Obligation.
୧୩ । ନିୟମ—13. Rule.
୧୪ । ବ୍ୟବସ୍ଥା—14. Law; statute; regulation.
୧୫ । (+ଭାବ. ଅ ନିର୍ଦ୍ଧାରଣ; ସ୍ଥିରୀକରଣ—
15. Ascertainment; resolution.
୧୬ । ଏକାଗ୍ରତା—
16. Close or concentrated attention.
୧୭ । ବାନ୍ଧିବା କର୍ମ—
17. Binding; tying; fastening.
୧୮ । ଗୀତ; ଗାନ—18. Song; singing.
୧୯ । ପଦ୍ୟ—19. Verse; poetry.
୨୦ । ମୂତ୍ରକୃଚ୍ଛ୍ର ରୋଗ; ଅନାହ ରୋଗ—
20. Strangury; constipation or suppression of urine.
୨୧ । ନିମ୍ବଗଛ—
21. The Neem tree; Melia Azadirechta.
୨୨ । ବ୍ରତ; ସଙ୍କଳ୍ପ—
22. A voluntary obligation; a vow.
୨୩ । କର୍ତ୍ତବ୍ୟ କର୍ମ—23. Duty.
୨୪ । ବୀଣା ଆଦି ତାର ଗୁଡ଼ାଯିବା ଖୁଣ୍ଟି; ଉପନାହ—
24. The peg to which the string of a lute is tied.
୨୫ । ଶୃଙ୍ଖଳ; ବନ୍ଧନ—
25. Chain; fetter; bondage. (M. W.)
୨୬ । ଅନୁରକ୍ତି; ଆସକ୍ତି—
26. Attachment to; intentness (M. W).
୨୭ । ମୂଳ—
27. Basis; root; origin; foundation. (M.W).
୨୮ । ଧନ ବା ଗବାଦିର ବନ୍ଧକ—
28. Assignment of cattle or money (M. W).
୨୯ । ନିର୍ଦ୍ଦିଷ୍ଟ ସମ୍ପତ୍ତି—29. Fixed property (M. W).
୩୦ । ପ୍ରତିବନ୍ଧକ; ଅଟକ—
30. Restraint; obstruction (M. W.).
୩୧ । କାରଣ; ହେତୁ—
31. Cause; reason (Apte).
୩୨ । ଶବ୍ଦସଂଗ୍ରହ—32. Compilation of words.

ନିବନ୍ଧକାର—ସଂ. ବିଣ. (ନିବନ୍ଧ + କୃ ଧାତୁ + କର୍ତ୍ତୃ. ଅ)—
Nibandhakāra ୧ । ଗ୍ରନ୍ଥକାର—1. Author.
୨ । ରଚୟିତା—2. Essayist; composer.
୩ । ଟୀକାକାର—3. Commentator.
୪ । ସଂଗ୍ରାହକ—4. Compiler.
୫ । ଶବ୍ଦସଂଗ୍ରାହକ—5 Lexicographer.

ନିବନ୍ଧନ—ସଂ. ବି. (ନି + ବନ୍ଧ୍ ଧାତୁ + ଭାବ. ଅନ)—
Nibandhana ୧ । ବନ୍ଧନ—1. Binding; fastening; fettering.
୨ । ଶୃଙ୍ଖଳ—2. Band; bond; fetter.
୩ । ରୁଦ୍ଧ କରିବା; ଅଟକାଇବା—
3. Confining; restraining.
୪ । (+କର୍ତ୍ତୃ. ଅନ) କାରଣ; ହେତୁ—
4. Cause; origin.
୫ । ଉପଲକ୍ଷ—5. Occasion.
୬ । ଉଦ୍ଦେଶ୍ୟ—6. Motive.
୭ । ଅବସ୍ଥା—7. Condition.
୮ । (ବ୍ୟାକରଣ) ବାକ୍ୟରେ ଶବ୍ଦର ସ୍ଥାନାଦି ନିର୍ଣ୍ଣୟ—
8. (grammar) Syntax.
୯ । (+କର୍ମ. ଅ) ଗ୍ରନ୍ଥ—
9. Literary work; treatise.
୧୦ । ନିୟମ; ବ୍ୟବସ୍ଥା—10. Rule; regulation.
୧୧ । ରଚନା; ଗ୍ରଥନ—
11. Composition; arrangement.
୧୨ । ବୀଣାର ତାର ଗୁଡ଼ାଯିବା ଖୁଣ୍ଟି—
12. The peg of a lute (Apte).
୧୩ । ପାରିତୋଷିକ ଦାନ—
13. Giving of a prize; awarding.
୧୪ । ନିୟମିତ କାଳରେ ଦେୟ ବସ୍ତୁ ବା ଧନ—
14. Money or thing payable at a fixed time.
୧୫ । ନିର୍ମାଣ—
15. Construction; building. (M.W.)
୧୬ । ଅବଲମ୍ବନ; ଭରସା—16. Support; stay (M.W.)
୧୭ । ମୂଳ—17. Basis; foundation (M. W.).
୧୮ । ଆଧାର—18. Receptacle; seat (M. W.).
୧୯ । ବୃତ୍ତି; ଖଞ୍ଜା—
19. Grant; assignment of royal gift.
୨୦ । ଟୀକା—20. Commentary.
୨୧ । ସମ୍ପର୍କ—
21. Dependence; connection (Apte).
ସଂ. ବିଣ—୧ । ବନ୍ଧନକାରୀ; ଯାହା ବାନ୍ଧି ରଖେ—
1. Binding; fastening (M W.)

୨ । ଅମୁକ ଉପରେ ନିର୍ଭର କରୁଥିବା—
2. Dependent on (M. W.)
୩ । ଅମୁକ ସଙ୍ଗେ ସଂଯୁକ୍ତ—
3. Connected with; relating to (M.W.)
୪ । ଅମୁକ ସଙ୍ଗେ ବନ୍ଧା ଯାଇଥିବା—
4. Fastened to.
निबन्धन — ଦେ. ଅ—ହେତୁରୁ; କାରଣରୁ—
का बास्ते — On account of.
(ଯଥା—ମୁଁ ସେଠାରୁ କାର୍ଯ୍ୟ ନିବନ୍ଧନ ଯାଇଥିଲି ।)

ନିବନ୍ଧଣୀ—ସଂ. ବି. (ନିବନ୍ଧନ+ଈ)—ଶୃଙ୍ଖଳ; ବେଡ଼ୀ—
Nibandhanī — Bond; fetter.

ନିବନ୍ଧା—ସଂ. ବିଣ. ପୁଂ. (ନି+ବନ୍ଧ୍ ଧାତୁ+କର୍ତ୍ତୃ. ତୃ=ନିବନ୍ଧୃ ଶବ୍ଦ; ୧ମା. ୧ବ)—ନିବନ୍ଧକାର (ଦେଖ)
Nibandhā — Nibandhakāra (See)
(ନିବନ୍ଧ୍ରୀ—ସ୍ତ୍ରୀ)

ନିବନ୍ଧିତ—ସଂ. ବିଣ. (ନି+ବନ୍ଧ୍ ଧାତୁ+କର୍ମ. ତ)—
Nibandhita — ୧ । ବଦ୍ଧ—1. Tied; bound; fastened.
୨ । ଆବଦ୍ଧ—2. Confined.

ନିବନ୍ଧୀ—ସଂ. ବିଣ. ପୁଂ. (ନି+ବନ୍ଧ୍ ଧାତୁ+କର୍ତ୍ତୃ. ଇନ୍, ୧ମା.୧ବ)—
Nibandhī — ୧ । ଯେ ବାନ୍ଧେ; ବନ୍ଧନକାରୀ—
(ନିବନ୍ଧିନୀ—ସ୍ତ୍ରୀ) 1. Binding; fastening.
୨ । ଯେ ଆବଦ୍ଧ ରଖେ—2. Confining.
୩ । ସଂଯୁକ୍ତ; ସମ୍ବଦ୍ଧ—3. Connected with.
୪ । ସଂଯୁକ୍ତ—4. Joined by.
୫ । ଯାହା ଘଟାଏ—
5. Causing; producing. (M. W.)

ନିବପନ—ସଂ. ବି. (ନି+ବପ୍ ଧାତୁ+କର୍ମ. ଅନ)—
Nibapana — ୧ । ପିତୃଲୋକଙ୍କ ଉଦ୍ଦେଶ୍ୟରେ ଦାନ—
1. Gifts in honour of one's deceased ancestors.
୨ । ଶ୍ରାଦ୍ଧ—2 Offering of cakes to the manes.
୩ । ଉପର ଅଡ଼େ ବୁଣିବା—
3. Scattering down (Apte).
୪ । ମଞ୍ଜି ବୁଣିବା—4. Sowing (Apte).
୫ । ଅଜାଡ଼ିବା; ଢାଳିବା—5. Pouring out (Apte).

ନିବର—ସଂ. ବିଣ. ପୁଂ—ଯେ ବାଧା ଦିଏ—
Nibara — Preventing; warding off.
(ନିବରା—ସ୍ତ୍ରୀ) ସଂ. ବି—୧ । ରକ୍ଷଣ—1. Protection.
୨ । ଆବରଣ—2. Covering (Apte).

ନିବରତି(ତୁ)ଆ—ଗ୍ରା. ବିଣ—ଅବରତିଆ (ଦେଖ)
Nibarati(tu)ā — Abaratiā (See)
[ନିବର୍ତ୍ତି(ତୁ)ଆ—ଅନ୍ୟରୂପ]

ନିବରତିବା—ଗ୍ରା. (ପଦ୍ୟ) କ୍ରି (ସଂ. ନି+ବୃତ୍ ଧାତୁ)—
Nibaratibā — ନିବର୍ତ୍ତିବା (ଦେଖ)—Nibarttibā (See)

निबरता — ଦୁର୍ଯ୍ୟୋଧନ ବୋଇଲେ ଶୁଣ ନିବରତ
निबटना — ମୋହର କାର୍ଯ୍ୟ ଅର୍ପି ପଣ୍ଡୁ ମହତ । କୃଷ୍ଣସିଂହ, ମହାଭାରତ ଉଦ୍ୟୋଗ ।

ନିବରା—ସଂ. ବି. ସ୍ତ୍ରୀ. (ନି+ବର+ଆ)—
Nibarā — କୁମାରୀ; ଅବିବାହିତା ବାଳିକା—A virgin; an unmarried girl (Apte).

ନିବର୍ତ୍ତ—ଦେ. ବିଣ. (ସଂ. ନିବୃତ୍ତ)—
Nibartta — ୧ । ନିବୃତ୍ତ; ଶାନ୍ତ; ବିରତ—1. Ceased; stopped.
ଏ ବାଣୀ ଯହୁଁ ନିବର୍ତ୍ତ ବୋଇଲେ । କୃଷ୍ଣସିଂହ, ମହାଭାରତ ଆଦି ।
୨ । ପ୍ରତ୍ୟାବୃତ୍ତ—2. Returned.
୩ । ଶାନ୍ତ; ଶାନ୍ତ ପ୍ରକୃତିକ—3. Mild; serene.
୪ । ଫଳକାମନାରହିତ—4. Having no hankering for the result of one's action.
ଦୟା ବିନୟ ଦାନ କ୍ଷମା, ନିବର୍ତ୍ତ ଧର୍ମ ପ୍ରେମ ସୀମା ।
ଉପେନ୍ଦ୍ର, ପ୍ରେମପଞ୍ଚାମୃତ ।
ଦେ. ବି—ନିବୃତ୍ତି—Cessation; restraint.

ନିବର୍ତ୍ତକ—ସଂ. ବିଣ. ପୁଂ. (ନି+ବୃତ୍ ଧାତୁ+କର୍ତ୍ତୃ ଅକ)—
Nibarttaka — ୧ । ନିବୃତ୍ତକାରୀ—1. Preventing.
(ନିବର୍ତ୍ତିକା—ସ୍ତ୍ରୀ) ୨ । ଯେ ପଛକୁ ବୁଲି ପଡ଼େ—
2. Turning back.
୩ । ପଳାତକ—3. Fleeing (M. W.)

ନିବର୍ତ୍ତନ—ସଂ. ବି. (ନି+ବୃତ୍ ଧାତୁ+ଭାବ. ଅନ)—
Nibarttana — ୧ । ଶାନ୍ତି; ନିବୃତ୍ତି—
1. Cessation; abstention.
୨ । ଶାନ୍ତ କରାଇବା; ନିବାରଣ—
2. Causing to cease; prevention.
୩ । ଅକ୍ରିୟତା—3. Inactivity.
୪ । ରଦ କରିବା—4. Undoing; rescinding.
୫ । ପ୍ରତ୍ୟାବର୍ତ୍ତନ—5. Return; coming back.
୬ । ଫେରାଇ ଆଣିବା—6. Bringing back.
୭ । ନିବାରଣ—7. Preventing; restraining.
୮ । ପ୍ରତ୍ୟର୍ପଣ—9. Giving back.
୯ । (+ଅଧି. ଅନ) କୋଡ଼ିଏ ପଦିକା ଲମ୍ବ ଓ ଚଉଡ଼ା ଜମି; ଯେଉଁ ଜମିର ଦୈର୍ଘ୍ୟ ୨୦୦ ଓ ପ୍ରସ୍ଥ ୨୦୦ ହାତ—
10. A land 20 poles long and 20 poles broad or 200 cubits square.
୧୦ । (+ଭାବ. ଅନ) ପଶ୍ଚାତ୍‌ପଦ ହେବା; ପଛଆଡ଼କୁ ଲେଉଟିବା—10. Turning back; retreating
୧୧ । ପଳାୟନ—11. Flying away (M. W.)
୧୨ । ଅନୁତାପ କରିବା—12. Repenting (M. W.).
୧୩ । ପଛକୁ ହଟାଇବା—13. Pushing back.

ନିବର୍ତ୍ତା(ର୍ତ୍ତେ)ଇବା—ଦେ. କ୍ରି. (ସଂ. ନି+ବୃତ୍ ଧାତୁ ଣିଜନ୍ତ)—
Nibarttā (rtte)ibā — ୧ । ନିବୃତ୍ତ କରାଇବା—
निवर्तन **निबटाना** — 1. To dissuade.
(ପ୍ରବର୍ତ୍ତାଇବା—ବିପରୀତ) ୨ । ବାରଣ କରିବା—
2. To prevent.

୩ । ଶାନ୍ତ କରାଇବା—3. To cause to stop.

ତେବେ ନ ପାରିଲେ ସେ ସ୍ନେହ ନିବର୍ତ୍ତାଇ ।
କୃଷ୍ଣସିଂହ, ମହାଭାରତ, ବନ ।

୪ । ଶାନ୍ତ କରାଇବା—
4. To assuage; to calm.

କହିଲେ ନଳଠାରୁ କ୍ରୋଧ ନିବର୍ତ୍ତାଇ ।
କୃଷ୍ଣସିଂହ, ମହାଭାରତ, ବନ ।

୫ । ଫେରାଇବା—5. To cause to come back.

ପ୍ରତିଗ୍ରହରୁ ସେହୁ ନିବର୍ତ୍ତାଇ ମନ ।
କୃଷ୍ଣସିଂହ, ମହାଭାରତ, ବନ ।

ନିବର୍ତ୍ତିତ—ସଂ. ବିଣ. —(ନି+ବର୍ତ୍ତିତ)—୧ । ଶାନ୍ତ; ବିରତ; ଅନ୍ୟ-
Nibarttita ଦ୍ୱାରା କୌଣସି କାର୍ଯ୍ୟରୁ ରହିତ—1. Stopped.
୨ । ପ୍ରତ୍ୟାବୃତ୍ତ—2. Returned.
୩ । ଅଟକା ଯାଇଥିବା—3. Restrained.
୪ । ନିବାରିତ—4. Prevented; dissuaded.

ନିବର୍ତ୍ତିବା—ଦେ. କ୍ରି.—(ସଂ. ନି+ବୃତ୍ ଧାତୁ)—୧ । ନିବୃତ୍ତ ହେବା;
Nibarttibā ଶାନ୍ତ ହେବା—1. To cease; to stop.
निवर्त्ती **निबटना**

ନିବର୍ତ୍ତି ରହିବେ କେବେ ମୋ କହିବାର ।
କୃଷ୍ଣସିଂହ, ମହାଭାରତ, ବନ ।

୨ । ପଶ୍ଚାତ୍‌ପଦ ହେବା—2. To fall back; to shrink.

ଡାକିଲେ ରଣେ କି କ୍ଷତ୍ରପଣେ ନିବର୍ତ୍ତେ ନାହିଁ ଛନ୍ଦିସ୍ୱ ।
ଉପେନ୍ଦ୍ର, ବୈଦେହୀଶବିଳାସ ।

୩ । ଶାନ୍ତ ହେବା—3. To become calm.

ଶବର ଦେହ ଭୃଣବନ ଭସ୍ମ କଲେ,
ବ୍ୟାଧ ନାଶେ ସେକ୍ଷଣି ନିବର୍ତ୍ତି ସେ ଗଲେ । କୃଷ୍ଣସିଂହ, ମହାଭାରତ, ବନ ।

ନିବର୍ହଣ—ସଂ. ବି.—(ନି+ବର୍ହ ଧାତୁ=ବଧ କରିବା+ଭାବ. ଅନ)—
Nibarhaṇa ୨ । ମାରଣ; ବଧ—
2. Slaughter; killing.
୨ । ବିନାଶସାଧନ; ଉଚ୍ଛେଦ ସାଧନ—
2. Crushing; destruction; overthrow.
ବିଣ.—(+କର୍ତ୍ତୃ. ଅନ) ଉଚ୍ଛେଦକ—
1. Ruinous; crushing.
୨ । ବିନାଶକ—2. Destroying.

ନିବର୍ହିତ—ସଂ. ବିଣ.—(ନି+ବର୍ହ ଧାତୁ+କର୍ମ. ତ)—୧ । ଅପହୃତ—
Nibarhita 1. Stolen; plundered.
୨ । ନିହତ—2. Killed; murdered.
୩ । ବିନଷ୍ଟ; ଉଚ୍ଛିନ୍ନ—
3. Ruined; crushed; destroyed.

ନିବଳ—ଦେ. ବିଣ. ପୁଂ ଓ ସ୍ତ୍ରୀ—(ସଂ. ନିର୍ବଳ)—ବଳହୀନ—
Nibaḷa Powerless; impotent.
निर्बल **निबर, निबल**
(ନିବଳୁଆ—ଅନ୍ୟରୂପ) [ନିବଳେ(ଳୋ)ଇ—ସ୍ତ୍ରୀ]

ନିବସତି—ସଂ. ବି. (ନି+ବସ୍ ଧାତୁ+ଅଧିକରଣେ. ଅତି)—ଗୃହ;
Nibasati ବାସସ୍ଥାନ; ଆବାସ—Residence; dwelling; habitation.

ନିବସଥ—ସଂ. ବି. (ନି+ବସ୍ ଧାତୁ+ଅଧିକରଣେ. ଅଥ)—
Nibasatha ୧ । ଜନପଦ; ଗ୍ରାମ; ବସ୍ତି—1. Village.
୨ । ସୀମା; ସରହଦ (ହ୍ର. ଶ)—2. Boundary.

ନିବସନ—ସଂ. ବି.—(ନି+ବସ୍ ଧାତୁ=ବାସ କରିବା+ଅଧିକରଣେ.
Nibasana ଅନ)—୧ । ନିବାସ; ଗୃହ—1. Dwelling.
୨ । (+ଭାବ. ଅନ)ବିଦେଶବାସ; ପ୍ରବାସ—2. Sojourn.
୩ । (+ବସ୍ ଧାତୁ=ଆଚ୍ଛାଦନ କରିବା+କରଣ. ଅନ)
ପରିଚ୍ଛଦ; ବସ୍ତ୍ର; ପୋଷାକ—
3. Clothes; dress; garment.
୪ । (+ଭାବ. ଅନ) ବସ୍ତ୍ରାଦି ପରିଧାନ—
4. Putting on clothes; wearing.

ନିବସିବା—ଦେ. ପଦ୍ୟ) (ସଂ. ନି+ବସ୍ ଧାତୁ)—୧ । ବାସକରିବା—
Nibasibā 1. To dwell.
निवसा

ଧର୍ମନିଷ୍ଠ ରାଜସୁତ ନିବସୁଣ ଥିଲେ ସହିଁ ।

निवसना

ରାଧାନାଥ, ସାବିତ୍ରୀଚରିତ ।

ନିବହ—ସଂ. ବି. (ନି+ବହ୍ ଧାତୁ+କର୍ମ. ଅ)—୧ । ସମୂହ; ରାଶି—
Nibaha 1. Collection; crowd; heap; multitude of.
୨ । (+କର୍ତ୍ତୃ. ଅ) ବାୟୁବିଶେଷ; ନାତି ପ୍ରଖର ବାୟୁ—
2. Name of a moderately high wind, moderate tempest.

[ଦ୍ର—ଜ୍ୟୋତିଷୋକ୍ତ ୭ ବାୟୁ ମଧ୍ୟରୁ ଏହା ଏକତମ । ଏହା ଖୁବ୍ ଜୋରରେ ବହେ ନାହିଁ; କିମ୍ବା ଖୁବ୍ ଧୀର ନୁହେଁ । ଯେଉଁ ବର୍ଷ ଜ୍ୟୋତିଷ ଗଣନାମତେ ଏ ବାୟୁ ପୃଥିବୀରେ ବହେ, ସେ ବର୍ଷ ସଂସାରରେ କେହି ସୁଖୀ ହୁଅନ୍ତି ନାହିଁ—ହ୍ର. ଶ.]

ନିବହନ—ଦେ. ବି. (ପଦ୍ୟ) (ସଂ. ନିବର୍ହ)—ନିଧନ; ମାରଣ—
Nibahana Killing; murdering; slaughter.

କାମ୍ବ ମ୍ଳେଚ୍ଛ ନିବହନେ ପରବଳ,
ମୋକ୍ଷ ଦେବା ପାଇଁ କରେ କରବାଳ । ପ୍ରାଚୀ· ରସବାରିଧି

ନିବାଡ଼—ଦେ. ବିଣ. (ସଂ. ନିବଡ଼)—୧ । ମଜ୍‌ବୁତ୍; ଦୃଢ଼—
Nibārḍa 1. Strong; firm.
নিরেট

ଥିପେ ଅପେ ଗଡ଼ି ଣ ହୋଇଛ ନବୀଡ଼—ପ୍ରାଚୀ· ବ୍ରହ୍ମନିରୂପଣଗୀତା ।

अच्छा, निरा, निपट ୨ । ଘନ—2. Thick set.
୩ । ଅତ୍ୟନ୍ତ; ଅତ୍ୟଧିକ—3. Excessive; great.

ଅବଲମ୍ବନ କର ଗରୁଡ଼ ନୀଡ଼,
ଭଣ୍ଡ ଭକ୍ତ ହେଲେ ଭସ୍ମ ନିବାଡ଼ । କବିସୂର୍ଯ୍ୟ, କବିତା ।

୪ । ନିଶ୍ଚିତ—4. Ascertained.
୫ । ସୁସଜ୍ଜିତ; ରଚିତ—5. Arranged; arrayed; set in order.

ନିବାଡ଼ ହୋଇଛି ମହା ନାଟ୍ୟର ମଣ୍ଡଳ—ପ୍ରାଚୀ. ବ୍ରହ୍ମନିରୂପଣ ଗୀତା

୬ । (ସଂ.ନିର୍ବାହିତ)ସୁସମ୍ପନ୍ନ—6. Complete; thorough (Howells).
୭ । ସୁନ୍ଦର—7. Beautiful; graceful.

निवड़ाई ବି—୧ । ସମାପନ—1. Completion.
निबटारा ୨ । ସମାପ୍ତି—2. Conclusion (Howells).
୩ । ରଚନା—3. Composition.
୪ । ସୁସମ୍ପନ୍ନତା—4. Thoroughness (Howells).

ନିବାଢ଼ିବା—ଦେ. କ୍ରି. (ସଂ. ନିବର୍ଦ୍ଧନ; ପ୍ରା. ନିବଡ୍ଢନ)—
Nibārdiba ୧ । ଗଢ଼ିବା—1. To tighten.
निबड़ान ୨ । ଦୃଢ଼ କରିବା—2. To make firm.
निघटाना ୩ । ଟାଣ କରିବା—3. To strengthen.
୪ । ସୁସମ୍ପନ୍ନ କରିବା; ସିଦ୍ଧ କରିବା—
4. To bring about; to complete; to do a work thoroughly; to accomplish.
୫ । ନିର୍ମାଣ କରିବା—5. To make; to construct.
ରଚି ଜନ ସବୁ ନିପୁଣ ଭଲ,
କାହୁଁ ନିବାଢ଼ିଲ ଓଁକାର ଘର । ପ୍ରାଚୀ ପରଦେଶୀଲା ।
୬ । ନିର୍ବାହ କରିବା; ଚଳାଇବା—6. To conduct.
ବଡ ଅଡ଼ଣୀ ଅଛି ଅଡ଼ୁମ୍ବରେ,
ନିବାଢ଼ି ସାଧ ସମ୍ପଦ ଗଲେ ଗଲେ । ଭକ୍ତ ବୈଦେହୀଶ ବିଳାସ ।

ନିବାତ—ସଂ. ବି.(ନି=ନିବୃତ୍ତ ହୋଇଅଛି+ବାତ=ବାୟୁ, ଯହିଁରୁ;ବହୁବ୍ରୀହି)—୧ । ଯେଉଁ ସ୍ଥାନ ପବନର ଅଗୋଚରରେ ଥାଏ—
Nibāta
1. A place sheltered from the wind.
୨ । ବାୟୁଶୂନ୍ୟ ସ୍ଥାନ—2. Airless place.
୩ । ବାୟୁ ନିଶ୍ଚଳ ଥିବା ଅବସ୍ଥା—
3. A calm (Howells); calmness (Apte).
୪ । ଦୃଢ଼ ବା ଅଭେଦ୍ୟ କବଚ—4. A strong or impenetrable armour.
୫ । ନିରାପଦ ସ୍ଥାନ—5. A place of security.
୬ । ଆଶ୍ରୟ ସ୍ଥାନ—6. A place of refuge; asylum.
୭ । ବାସସ୍ଥାନ—7. Residence; abode; dwelling.
ବିଣ.—୧ । ବାୟୁଶୂନ୍ୟ—1. Airless; vacuous.
୨ । ପବନର ଅଗୋଚର—2. Sheltered from the wind (Howells).
୩ । ଦୃଢ଼; ଘନ—3. Dense; firm.
୪ । ଅଭେଦ୍ୟ—4. Impenetrable.
୫ । ଅନାହତ—5. Unhurt; uninjured (Apte).
୬ । ଅପ୍ରତିହତ—6. Unobstructed (Apte).
୭ । ନିରାପଦ—7. Safe; secure (Apte).
୮ । କବଚ ଦ୍ୱାରା ସୁରକ୍ଷିତ—8. Well armed; accoutred in strong mail (Apte).

ନିବାତ କବଚ—ସଂ. ବି. (ବହୁବ୍ରୀହି; ନିବାତ+କବଚ; ଯାହାର କବଚ ବା ସାଞ୍ଜୁ ଅଭେଦ୍ୟ)—
Nibāta kabacha
୧ । ଦୈତ୍ୟବିଶେଷ; ହିରଣ୍ୟକଶିପୁର ପୌତ୍ର; ପ୍ରହ୍ଲାଦର ପୁତ୍ର—1. Name of a demon; a grandson of Hiranyakaśipu.
୨ । ସମୁଦ୍ର ତୀରବାସୀ ମହାପରାକ୍ରମୀ ୩ କୋଟି ଅସୁର—
2. A collective name of 30 millions of mythological demons said to live in the seacoast.
ନିବାତ କବଚେ ଅଛନ୍ତି ତିନିକୋଟି,
କେତେକ ମଲେ କେତେ ନ ଯାନ୍ତି ଯୁଦ୍ଧ । କୃଷ୍ଣସିଂହ ମହାଭାରତ ବନ ।

ନିବାନ୍ୟା—ସଂ. ବି. ସ୍ତ୍ରୀ—ଯେଉଁ ଗାଈର ବାଛୁରି ମରିଅଛି ଓ ଯାହାଠାରୁ
Nibānyā ଅନ୍ୟ ବାଛୁରି ସାହାଯ୍ୟରେ ଦୁଧ ଦୁହାଁ ଯାଉଅଛି—
A cow whose calf is dead and which is milked by means of another calf (Apte.)

ନିବାପ—ସଂ. ବି. (ନି+ବପ୍ ଧାତୁ+କର୍ମ. ଅ)—
Nibāpa ୧ । ପିତୃଲୋକଙ୍କ ଉଦ୍ଦେଶ୍ୟରେ ଦାନ—
1. A gift in honour of one's departed ancestors.
୨ । ପିତୃତର୍ପଣ—2. An oblation to the manes.
୩ । ଦାନ—3. Gift.

ନିବାର—ସଂ. ବି. (ନି+ବୃ ଧାତୁ=ଆଚ୍ଛାଦନ କରିବା+ଭାବ. ଅ)—
Nibāra ୧ । ନିଷେଧ; ବାରଣ; ମନା କରିବା—
1. Prohibitation; restriction.
୨ । ପ୍ରତିବନ୍ଧକ—
2. Obstruction; obstacle; hindrance.
୩ । ପ୍ରତିରୋଧ; ଅଟକାଇବା—
3. Restraint; hindering; checking.
୪ । ବାଧା ଦେବା—4. Resistance.
୫ । ନିରାକରଣ; ପ୍ରତିଷେଧ; ଅଡ଼ିବା—
5. Opposing; warding off.
୬ । ବନ୍ଦ କରିବା—6. Stopping; prevention.
୭ । ଦମନ—7. Controlling; check.
କ୍ରୋଧ ହେଲେ ବୁଦ୍ଧିରେ ନିବାର ଯେ କରେ ।
ତେଜସ୍ୱୀ ଯେ ତାକୁ ବୋଲନ୍ତି ବୁଧ ନରେ । କୃଷ୍ଣସିଂହ.ମହାଭାରତ ବନ ।

ନିବାରକ—ସଂ. ବିଣ. ପୁଂ. (ନି+ବୃ ଧାତୁ ଣିଚ+କର୍ତ୍ତୃ. ଅକ)—
Nibāraka ୧ । ଯେ ନିବାରଣ କରେ—
(ନିବାରିକା—ସ୍ତ୍ରୀ) 1. Prohibiting; preventing.
୨ । ବିରୋଧୀ—2. Opposing; resisting.
୩ । ପ୍ରତିବନ୍ଧକ—3. Obstructing.
୪ । ଯେ ଅଟକାଏ—4. Restraining.
୫ । ଯାହା ଦୂର କରେ—5. Removing.

ନିବାରଣ—ସଂ. ବି. (ନି+ବୃ ଧାତୁ ଣିଚ+ଭାବ. ଅନ)—
Nibārana ନିବାର (ଦେଖ)—Nibāra (See)

ନିବାରଣୀୟ—ସଂ. ବିଣ. (ନି+ବୃ ଧାତୁ ଣିଚ+କର୍ମ. ଅନୀୟ)—
Nibāraniya ଯାହା ନିବାରଣ କରାଯାଇ ପାରେ; ନିବାରଣ
(ନିବାର୍ଯ୍ୟ—ଅନ୍ୟରୂପ) କରିବାର ଯୋଗ୍ୟ—Preventible; resistible; deserving to be checked.

ନିବାରିତ—ସଂ. ବିଣ. (ନି+ବୃ ଧାତୁ ଣିଚ୍ ବାର ଧାତୁ+କର୍ମ. ତ)—
Nibārita ୧ । ପ୍ରତିଷିଦ୍ଧ; ନିଷିଦ୍ଧ—1. Prevented.
୨ । ବିରୁଦ୍ଧ—2. Resisted; opposed; obstructed.

ନିବାରିବା—ଦେ. (ପଦ୍ୟ) କ୍ରି. (ସଂ. ନିବାରଣ)—
Nibāriba ୧ । ନିବାରଣ କରିବା; ଦମନ କରିବା—
निवारना 1. To control; to check.
निबारना *ଏ ଦୁଃଖ ସୁଖ ସମ କରି, ଇନ୍ଦ୍ରିୟମାନଙ୍କୁ ନିବାରି ।*
ଜଗନ୍ନାଥ. ଭାଗବତ ।

୨ । ନିଷେଧ କରିବା—2. To prohibit.

ଏଥିଅନ୍ତେ ଧୃଷ୍ଟଦ୍ୟୁମ୍ନ ମହାବୀର
ନିବାରିଲେକ ବାଦ୍ୟମାନ ସେ ସଭାର । କୃଷ୍ଣସିଂହ. ମହାଭାରତ ଆଦି ।

୩ । ଅଟକାଇବା; ପ୍ରତିରୋଧ କରିବା; ବାଧାଦେବା—
2. To restrain; to obstruct; to oppose.

ତେବେ ସବୁ ଯୋଦ୍ଧାମାନଙ୍କୁ ନିବାରିଲେ
କେହି ତାଙ୍କୁ କଷ୍ଟ କରି ନ ପାରିଲେ । କୃଷ୍ଣସିଂହ. ମହାଭାରତ ଆଦି ।

୪ । ବିନାଶ କରିବା—4. To kill; to destory.

ବୋଲେ ଏହା ଦେବଲ ଦେବ ସୃଜନ ପର ପରମ ଛଳିସୁ ନିବାରି !
ଭକ୍ତ. ବୈଦେହୀଶବିଳାସ ।

ନିବାରି—ସଂ. ବିଣ. (ନି+ବୃ ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ)—
Nibāri ଯେ ନିବାରଣ କରେ; ନିବାରଣକାରୀ—
(ନିବାରିଣୀ—ସ୍ତ୍ରୀ) Preventing; checking; obstructing.

ଜୟ ବିଡପୁତ୍ର ଦାନବ ନିବାରି । କୃଷ୍ଣସିଂହ ମହାଭାରତ ବିରାଟ ।

ନିବାର୍ଯ୍ୟ—ସଂ. ବିଣ. (ନି+ବୃ ଧାତୁ+କର୍ମ. ଯ)—ନିବାରଣୀୟ (ଦେଖ)
Nibārjya Nibāraṇiya (See)

ନିବାର୍ଯ୍ୟମାଣ—ସଂ. ବିଣ. ପୁଂ. [ନି+ବୃ ଧାତୁ ଣିଚ୍+କର୍ମ. ଶାନଚ୍
Nibārjyamāṇa (ମାନ)]—ଯାହାକୁ ବାରଣ କରାଯାଏ—
(ନିବାର୍ଯ୍ୟମାଣା—ସ୍ତ୍ରୀ) Being prevented or checked.

ନିବାସ—ସଂ ବି.—(ନି+ବସ୍ ଧାତୁ=ବାସକରିବା+ଅଧିକରଣ. ଅ)
Nibāsa ୧ । ଗୃହ; ବାସସ୍ଥାନ—1. House; dwelling place; residence; abode.

୨ । ଆଧାର—2. Receptacle.

୩ । (+ଭାବ. ଅ)—ବିଦେଶ ବାସ; ପ୍ରବାସ—
3. Sojourn.

୪ । କୌଣସିସ୍ଥାନରେ ରାତ୍ରି ଯାପନ—
4. Passing the night (Apte).

୫ । ଆଶ୍ରୟ—
5. Refuge; asylum; support.

୬ । କୌଣସିସ୍ଥାନରେ ବାସ କରିବା—
6. Residing; living.

୭ । (ବସ ଧାତୁ=ପିନ୍ଧିବା+କର୍ମ ଅ) ପୋଷାକ; ପରିଚ୍ଛଦ—
7. Dress; cloth; garment (Apte).

୮ । ରାତ୍ରିରେ ରହିବା ସ୍ଥାନ—
8 Night quarters (Apte).

ନିବାସୀ—ସଂ. ବିଣ. ପୁଂ. (ନି+ବସ୍ ଧାତୁ+ଇନ୍; ନିବାସିନ୍; ୧ମା. ୧ବ)—୧ । ଯେ ବାସ କରେ—
Nibāsi
(ନିବାସିନୀ—ସ୍ତ୍ରୀ) 1. Dwelling; residing.

୨ । ପରିଧାନକାରୀ—2 Wearing; dressed or clothed in.

ବି—ବାସିନ୍ଦା ବ୍ୟକ୍ତି—A resident; an inhabitant.

ନିବିଡ଼—ସଂ ବିଣ.(ନି=ନାହିଁ+ବିଲ=ଛିଦ୍ର, ଯାହା ଯହିଁରେ; ଲ ସ୍ଥାନରେ
Nibirḍa ଡ଼ ଆଗମ)—୧ । ସାନ୍ଦ୍ର; ଘନ; ନିରନ୍ଧ୍ର; ନିବାଡ଼—
ନିବିଡ଼ତା } ବିଶେଷ୍ୟ 1, Impervious; thick set; close-set; compact.
ନିବିଡ଼ତ୍ୱ }

୨ । ଦୁର୍ଭେଦ୍ୟ; ଗହନ—2. Impenetrable; dense.

୩ । ଦୃଢ଼—3. Strong; tight; firm; fast.

ରମଣୀୟ ହେମକୁ ସୁବୃଣାରେ,
ରଖିଲୁ କେଡ଼େ ନିବଡ଼େ ମସାରେ । କବିସୂର୍ଯ୍ୟ. ବଳୋଗୋବିନ୍ଦ ର. ଗୀତ ।

୪ । ସ୍ଥୂଳ; ମୋଟା—4. Thick; coarse; gross.

୫ । ବକ୍ର ନାସିକ; ବଙ୍କା ନାକୁଆ—
5. Having a crooked nose.

୬ । ବୃହତ୍—6. Bulky; large.

୭ । ଚେପଟା ନାକା; ନତ ନାସିକ (ହ୍ର. ଶ.)—
7. Flat-nosed; snub-nosed.

ନିବିଡ଼ ଅନ୍ଧକାର—ସଂ. ବି.—ନିଷ୍ଟ ବିଟଅ ଅନ୍ଧାର; ଘନ ଅନ୍ଧକାର—
Nibirḍa andhakāra Deep darkness.
(ନିବିଡ଼ାନ୍ଧକାର—ସନ୍ଧିନିଷ୍ପନ୍ନ ରୂପ)

ନିବିଡ଼ କାନନ—ସଂ. ବି.—ଗହନ ବନ—Dense forest.
Nibirḍa kānana (ନିବିଡ଼ାରଣ୍ୟ—ଅନ୍ୟରୂପ)

ନିବିଷ୍ଟ—ସଂ. ବି. (ନି+ବିଶ୍ ଧାତୁ=ପ୍ରବେଶ କରିବା+କର୍ତ୍ତୃ. ତ)—
Nibishṭa ୧ । ପ୍ରବିଷ୍ଟ; ଯାହା ଭିତରକୁ ପଶି ଅଛି—
(ନିବିଷ୍ଟା—ସ୍ତ୍ରୀ) 1. Entered; thrust; gone into
(ନିବିଷ୍ଟତା—ବି) ୨ । (କାର୍ଯ୍ୟରେ) ଲାଗିଥିବା; ଆବିଷ୍ଟ—
2. Engaged in; devoted to.

୩ । ସଂଲଗ୍ନ—3. Joined; attached; fixed.

୪ । ବସିଥିବା; ଉପବିଷ୍ଟ; ଅଧିରୂଢ଼—
4. Seated; sitting upon; installed on.

୫ । ପ୍ରାପ୍ତ; ଲବ୍ଧ—
5. Gained; obtained; acquired; got.

୬ । ମନୋଯୋଗୀ; ଏକାଗ୍ର—
5. Concentrated; intent; attentive.

୭ । ନିମଜ୍ଜିତ—7. Plunged into.

୮ । ଅସ୍ଥାୟୀଶିବିରରେ ରହୁଥିବା—
8. Encamped (Apte).

୯ । ବଶୀଭୂତ—9. Subdued; controlled (Apte).

୧୦ । ବ୍ୟବସ୍ଥିତ—10. Arranged.

ନିବିଷ୍ଟ ଚିତ୍ତ—ସଂ. ବି. ପୁଂ (କର୍ମଧା. ନିବିଷ୍ଟ+ଚିତ୍ତ)—ଏକାଗ୍ର ଚିତ୍ତ—
Nibishṭa chitta Concentrated attention.
(ନିବିଷ୍ଟଚିତ୍ତା—ସ୍ତ୍ରୀ) ବିଣ. ପୁଂ. (ବହୁବ୍ରୀହି) ଦତ୍ତମନାଃ—
Having the heart set on any matter; with concentrated mind.

ନିବିଷ୍ଟତା—ସଂ. ବି.—ଏକାଗ୍ରତା; ମନୋଯୋଗ—
Nibishṭatā Concentration; close attention.

ନିବୀତ—ସଂ. ବି.—(ନି=ଅଧଃ+ବି ଉପସର୍ଗ+ଇ ଧାତୁ=ଗମନ
Nibita କରିବା+କର୍ତ୍ତୃ ତ)—୧ । କଣ୍ଠ ଲମ୍ବିତ ଯଜ୍ଞସୂତ୍ର; କଣ୍ଠରେ ମାଳ ପରି ଲମ୍ବି ଥିବା ବ୍ରାହ୍ମଣର ପଇତା—
1. A Brāhmaṇa's sacred thread suspended from the neck like a garland.

୨ । (ନି+ବେ୍ୟ ଧାତୁ=ଆଚ୍ଛାଦନ କରିବା+କରଣେ. ତ)
ଉତ୍ତରୀୟ; ଚଦର—2. A sheet.
୩ । ଓଢ଼ଣୀ—3. A veil.
୪ । ଆଚ୍ଛାଦନ ବସ୍ତ୍ର—4. A cover; a wrapper.
୫ । ଘୋଡ଼ା—5. A mantle.
୬ । (+ଭାବ. ତ) ପଇତାକୁ ବେକରେ ମାଳା ପରି ଲମ୍ବାଇବା—6. Wearing the sacred thread round the neck, making it hang down like a garland (Apte).
ବିଣ.—୧ । (+କର୍ମ. ତ) ଆଚ୍ଛାଦିତ—1. Covered.
୨ । ମାଳାକାରରେ କଣ୍ଠରୁ ଲମ୍ବିତ—2. Suspended from the neck like a garland.

ନିବୀତୀ—ସଂ. ବିଣ. ପୁଂ (ନିବୀତ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ.)—
Nibītī ଯେଉଁ ଲୋକ ପଇତାକୁ ମାଳା ପରି ବେକରୁ ଲମ୍ବାଇ ଥାଏ—Wearing the sacred thread like a garland.
[ଦ୍ର—ତର୍ପଣ ଓ ଶ୍ରାଦ୍ଧାଦିରେ ଋଷିମାନଙ୍କ ଉଦ୍ଦେଶ୍ୟରେ ତର୍ପଣ କରିବା ସମୟରେ ପଇତାକୁ 'ନିବୀତ' କରିବାକୁ ହୁଏ, ଅର୍ଥାତ୍ ମାଳ ପରି ବେକରେ ଲମ୍ବାଇବାକୁ ହୁଏ ।]

ନିବୁଜ୍—ଦେ. ବିଣ. (ସଂ. ନିବିଡ଼)—୧ । ନିବିଡ଼; ଯହିଁରେ ଫାଙ୍କ ନ
Nibuj ଥାଏ—1 Dense; close; without vent or opening.
୨ । ଯେଉଁ ସ୍ଥାନର ଚାରିଆଡ଼େ ଘନ ବା ସାନ୍ଦ୍ର ହୋଇ ବାଡ଼ ବୁଜା ଯାଇ ଥାଏ—2. (a place) Enclosed with thick-set fencing.

ନିବୃତ—ସଂ. ବିଣ (ନି+ବୃ ଧାତୁ=ଆବରଣ କରିବା+କର୍ମ. ତ)—
Nibṛuta ୧ । ଆବୃତ; ଆଚ୍ଛାଦିତ—1. Covered.
୨ । ପରିବେଷ୍ଟିତ—2. Surrounded; enclosed.
ବି—୧ । (+କରଣ ତ) ଓଢ଼ଣା—1. Veil.
୨ । ଘୋଡ଼ା—2. Mantle.
୩ । ଉତ୍ତରୀୟ ବସ୍ତ୍ର—3. A sheet; scarf.

ନିବୃତ୍ତ—ସଂ. ବିଣ (ନି+ବୃତ ଧାତୁ=ଶାନ୍ତ ହେବା+କର୍ତ୍ତୃ. ତ)—
Nibṛutta ୧ । ବିରତ; ଶାନ୍ତ—1. Ceased; desisted; discontinued.
(ନିବୃତ୍ତା—ସ୍ତ୍ରୀ)
(ପ୍ରବୃତ୍ତ—ବିପରୀତ) ୨ । ଶମିତ—2. Appeased; assuaged; moderated.
୩ । ସଂଶୋଧିତ—3. Corrected; reformed.
୪ । ବନ୍ଦ କରା ଯାଇଥିବା—4. Stopped.
୫ । ଦମିତ—5. Checked; controlled; subdued.
୬ । ବାଧାପ୍ରାପ୍ତ—6. Obstructed; hindered.
୭ । ପ୍ରତ୍ୟାବୃତ୍ତ—7. Returned; turned back.
୮ । ସମାପ୍ତ—8. Finished; completed.
୯ । ଗତ; ଚଳିତ—9. Gone; departed.
୧୦ । ସଂସାର ବିଷୟରେ ବିରକ୍ତ; ଉଦାସୀନ—
10. Abstaining from worldly concerns; abstracted from worldly affairs (Apte).
୧୧ । ଅନୁଚିତ କର୍ମ ପାଇଁ ଅସନ୍ତୁଷ୍ଟ; ଅନୁତପ୍ତ—
11. Repenting of improper conduct (Apte).
୧୨ । ଅନ୍ତର୍ହିତ—12. Disappearing; vanished (Apte)
ବି—(+ଭାବ. ତ)—୧ । ନିବୃତ୍ତି—1. Cessation; stoppage.
୨ । ପ୍ରତ୍ୟାବର୍ତ୍ତନ—2. Return (Apte).
୩ । ରିପୁଗଣର ପରାକ୍ରମରୁ ମୁକ୍ତ ମନ—
3. A mind free from the influence of passions (Apte).

ନିବୃତ୍ତ କରା(ରେ)ଇବା—ଦେ. କ୍ରି—୧ । ଶାନ୍ତ କରାଇବା;
Nibṛutta karā(re)ibā ନିବର୍ତ୍ତାଇବା; ବନ୍ଦକରିବା; ଫେରାଇବା—1. To stop; to check; to bring back.
निवृत्त करान
निबटाना
୨ । ଶାନ୍ତ କରାଇବା—
2. To appease; to moderate.

ନିବୃତ୍ତ କାରଣ—ସଂ. ବିଣ (ବହୁବ୍ରୀହି; ନିବୃତ୍ତ+କାରଣ)—
Nibṛutta kāraṇa ୧ । ନିଷ୍ପ୍ରୟୋଜନ—1. Needless.
୨ । ନୀଚ ପ୍ରବୃତ୍ତି ବିହୀନ—
2. Without any mean motive,
(ନିବୃତ୍ତ କାରଣା—ସ୍ତ୍ରୀ) ସଂ. ବି. ପୁଂ—୧ । ଧର୍ମପ୍ରାଣ ବ୍ୟକ୍ତି—
1 A virtuous man (Apte)
୨ । ସଂସାର କାମନା ବିରହିତ ବ୍ୟକ୍ତି—2. A man uninfluenced by worldly desires (Apte)

ନିବୃତ୍ତ କୋପ—ସଂ. ବିଣ. ପୁଂ (ବହୁବ୍ରୀହି; ନିବୃତ୍ତ+କୋପ)—
Nibṛutta kopa ୧ । ସଦୟ—1. Kind.
(ନିବୃତ୍ତକୋପା—ସ୍ତ୍ରୀ) ୨ । ପ୍ରସନ୍ନ—2. Gratified; pleased; gracious.
୩ । ଯାହାର ରାଗ ଥଣ୍ଡା ପଡ଼ିଅଛି—
3. With one's anger abated; appeased.
୪ । ଅନୁକୂଳ—4. Favourable.

ନିବୃତ୍ତ ପାପ—ସଂ. ବିଣ. (ପୁଂ) (ବହୁବ୍ରୀହି; ନିବୃତ୍ତ+ପାପ)—
Nibṛutta pāpa ଗତପାପ; ଶୁଦ୍ଧୀକୃତ—Purged of sin; purified.
(ନିବୃତ୍ତ ପାପା—ସ୍ତ୍ରୀ)

ନିବୃତ୍ତ ବୃତ୍ତି—ସଂ. ବିଣ. (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି; ନିବୃତ୍ତ+ବୃତ୍ତି)—
Nibṛutta bṛutti ଯେ ଆପଣାର ବୃତ୍ତି ବା ବ୍ୟବସାୟ ଛାଡ଼ିଅଛି; ବେକାର୍—Having given up one's trade or profession; quitting any practice or occupation.

ନିବୃତ୍ତ ମାଂସ—ସଂ. ବିଣ. (ପୁଂ.) (ବହୁବ୍ରୀହି; ନିବୃତ୍ତ+ମାଂସ)—ଯେ
Nibṛutta māṁsa ମାଂସାହାର ତ୍ୟାଗ କରି ଅଛି; ନିରାମିଷାଶୀ—One who has abstained from eating meat.
(ନିବୃତ୍ତ ମାଂସା—ସ୍ତ୍ରୀ)

ନିବୃତ୍ତ ରାଗ—ସଂ. ବିଣ. ପୁଂ. (ବହୁବ୍ରୀହି; ନିବୃତ୍ତ+ରାଗ)—
Nibṛutta rāga ବୀତରାଗ—Having one's passions subdued.
(ନିବୃତ୍ତରାଗା—ସ୍ତ୍ରୀ)

ନିବୃତ୍ତ ହେବା—ଦେ. କ୍ରି—କ୍ଷାନ୍ତ ହେବା—
Nibṛutta hebā To desist; to cease.

ନିବୃତ୍ତାତ୍ମା—ସଂ. ବିଣ. (ବହୁବ୍ରୀହି; ନିବୃତ୍ତ+ଆତ୍ମନ୍; ୧ମା. ୧ବ)—
Nibṛuttātmā ୧ । ପରାଙ୍ମୁଖ—1. Reluctant.
୨ । ବିଷୟ ବିରତ; ବୈରାଗୀ—
2. Retired from worldly concerns.
ବି.—ବିଷ୍ଣୁଙ୍କ ନାମ—A name of Bishṇu.

ନିବୃତ୍ତି—ସଂ. ବି. (ନି+ବୃତ୍ ଧାତୁ+ଭାବ. ତି)—
Nibṛutti ୧ । ବିରତି; କ୍ଷାନ୍ତି—1. Cessation; stoppage.
(ପ୍ରବୃତ୍ତି—ବିପରୀତ) ୨ । ବିଶ୍ରାମ—2. Repose; rest.
୩ । ଉପଶମ; ଶାନ୍ତଭାବ ଧାରଣ—3. Relaxation; appeasement.
୪ । ବନ୍ଦ ହେବା—4. Suspension; abstaining from; abolition; discontinuance.
୫ । କର୍ମରୁ ବିରତି—5. Inaction; inactivity.
୬ । ସମାପନ; ନିଷ୍ପତ୍ତି—6. Finish; completion; termination; final disposal.
୭ । ଅସ୍ୱୀକାର—7. Denial; refusal.
୮ । ଅମତ—8. Dissent.
୯ । ସାଂସାରିକ କାର୍ଯ୍ୟରୁ ବିରତି; ବିଷୟ ବୈରାଗ୍ୟ—
9. Retirement from worldly concerns; cessation of worldly ties.
୧୦ । ପ୍ରତ୍ୟାବର୍ତ୍ତନ; ଫେରି ଆସିବା—
10. Return; coming back.
୧୧ । ଅନ୍ତର୍ଦ୍ଧାନ—11. Disappearance; vanishing (Apte).
୧୨ । କୌଣସି କର୍ମର ତ୍ୟାଗ—12. Leaving off; desisting from; resignation.
୧୩ । ମୋକ୍ଷ; ମୁକ୍ତି—13. Beatitude (Apte).
୧୪ । ନିବାରଣ—14. Prevention; (Apte).
୧୫ । (ନ୍ୟାୟ ମତରେ) ଯତ୍ନ ବିଶେଷ—
15. (Logic) A kind of effort.
୧୬ । ମତ୍ସ୍ୟ ଦେଶ (ପ୍ରକୃତିବାଦ)—
16. The name of an ancient kingdom of India.

ନିବେଦ—ସଂ ବି. (ନି+ବିଦ୍. ଧାତୁ. ଣିଚ୍ ବେଦ. ଧାତୁ=ଜଣାଇବା
Nibeda +ଭାବ. ଅ)—ନିବେଦନ (ଦେଖ)—
Nibedana (See);
ମନ ବଚନ ତା ଚରଣେ,
ନିବେଦ କଲି ଅନୁକ୍ଷଣେ । ଜଗନ୍ନାଥ. ଭାଗବତ ।

ନିବେଦକ—ସଂ. ବିଣ. ପୁଂ. (ନି+ବିଦ. ଧାତୁ. ଣିଚ+କର୍ତ୍ତୃ. ଅକ)—
Nibedaka ୧ । ଦେବତାଙ୍କୁ ଭୋଗ ଅର୍ପଣକାରୀ—
(ନିବେଦିକା—ସ୍ତ୍ରୀ) 1. One who offers 'Bhoga' or offering to a Deity.
୨ । ନିବେଦନକାରୀ; ଦରଖାସ୍ତକାରୀ—
2. Soliciting; applying; petitioning.
୩ । ଜ୍ଞାପକ—3. Informing; communicating.
[ଦ୍ର—ଏଥିର ସାଙ୍କେତିକ ' । ନି । ପ୍ରଦାନରେ ଲେଖାଯାଏ ଯଥା—। ନି । ଅମୁକ ପତ୍ରଲେଖକ ।]

ନିବେଦନ—ସଂ. ବି. (ନି+ବିଦ୍. ଧାତୁ. ଣିଚ ବେଦ ଧାତୁ=ଜଣାଇବା+
Nibedana ଭାବ. ଅନ)—୧ । ଜଣାଇବା; ଜ୍ଞାପନ; ବିଜ୍ଞାପନ—
1. Giving of information; reporting.
୨ । ଭୋଗ ବା ପୂଜା କରିବା—2. Offering; oblation.
୩ । ସମର୍ପଣ—3. Entrusting; delivering.
୪ । କଥନ; ବର୍ଣ୍ଣନ—4. Describing.
୫ । ପ୍ରାର୍ଥନା; ସବିନୟ ଅନୁରୋଧ—
5. Humble request.
୬ । ଜଣାଣ—6. Prayer; soliciting.
୭ । ଆବେଦନ; ଦରଖାସ୍ତ—
7. Application; petition; representation.
୮ । ଉତ୍ସର୍ଗ କରିବା—8. Dedication.
[ଦ୍ର—ପତ୍ରାଦିରେ ନିବେଦନର ସାଙ୍କେତିକ । ନି । ଲେଖାଯାଏ । ଯଥା, । ନି । ଏ କାରଣ ଏହିକ ।]

ନିବେଦନ କରିବା—ଦେ. କ୍ରି—୧ । (ଭୋଗାଦି ଦେବତାଙ୍କୁ) ସମର୍ପଣ
Nibedana karibā କରିବା—1. To offer.
নিবেদন করা ୨ । ଦରଖାସ୍ତ କରିବା—2. To petition.
निवेदनकरना ୩ । ପ୍ରାର୍ଥନା କରିବା—3. To pray.
୪ । (କୌଣସି ବିଷୟ) ଜଣାଇବା; ଜ୍ଞାପନ କରିବା—
4. To inform; to report; to represent.

ନିବେଦନ ପତ୍ର—ସଂ ବି—ଯେଉଁ ପତ୍ର ବା କାଗଜ ପ୍ରଭୃତିରେ ପ୍ରାର୍ଥନା
Nibedana patra ଲେଖା ହୋଇ ଥାଏ—
Written application; petition.

ନିବେଦନା—ଦେ. ବି. (ପ୍ରାଚୀନ ପଦ୍ୟ)—ନିବେଦନ (ଦେଖ)
Nibedanā Nibedana (See)
ବେଦନା ନିବେଦନା କଲେ ଯେତେକ
ବେଦ ପଢ଼ିଲେ ହେବ କହୁଁ ପୁସ୍ତକ ସେ । ଭଞ୍ଜ, ବୈଦେହୀଶବିଳାସ ।

ନିବେଦନୀୟ—ସଂ. ବିଣ. (ନି+ବିଦ୍ ଧାତୁ ଣିଜନ୍ତ ବେଦ ଧାତୁ+କର୍ମ
Nibedanīya ଅନୀୟ)—୧ । ଜ୍ଞାପନୀୟ—1. Reportable.
୨ । ନିବେଦନ କରିବା ଯୋଗ୍ୟ; ସମର୍ପଣୀୟ (ବିଷୟ)—
2. Fit to be offered.
୩ । ଯାହା ଜଣାଇବାକୁ ହେବ—
3. What is to be reported.

ନିବେଦିତ—ସଂ. ବିଣ. (ନି+ବିଦ୍ ଧାତୁ ଣିଚ+କର୍ମ. ତ)—
Nibedita ୧ । ବିଜ୍ଞାପିତ—1. Reported; represented; made known.

୨ । ସମର୍ପିତ—2. Offered; delivered.
୩ । ପ୍ରକାଶିତ; କଥିତ—3. Announced; stated.
୪ । ପ୍ରାର୍ଥିତ—4. Solicited.
୫ । ଅନୁରୁଦ୍ଧ—5. Requested; entreated.

ନିବେଦିବା—ଦେ. କ୍ରି (ପଦ୍ୟ)—ନିବେଦନ କରିବା (ଦେଖ)
Nibedibā Nibedana karibā (See)
କର୍ତ୍ତିବଂଶର ଅନୁରୋଧେ ନିବେଦିଲ ସବୁ । ନନ୍ଦକିଶୋର, ସୀତାବନବାସ ।

ନିବେଦ୍ୟ—ସ. ବିଣ (ନି+ବିଦ୍ ଧାତୁ ଣିଚ ବେଦି ଧାତୁ+କର୍ମ. ଯ)—
Nibedya ନିବେଦନୀୟ (ଦେଖ)—Nibedanīya (See)
ସ. ବି—ଦେବତାଙ୍କୁ ଭୋଗ ଅର୍ପଣ; ନୈବେଦ୍ୟ—
Offering of food to a Deity (Apte).

ନିବେଶ—ସ. ବି. (ନି+ବିଶ୍ ଧାତୁ=ପ୍ରବେଶ କରିବା+ଭାବ. ଅ)—
Nibeśa ୧ । ପ୍ରବେଶ—1. The entering into a thing; entry.
୨ । ସଜ୍ଜୀକରଣ; ବିନ୍ୟାସ—
2. Arrangement; array; equipment.
୩ । ଉପବେଶନ—3. Sitting.
୪ । ଲିଖନ; ଲେଖିବା—
4. Insertion; entering in a book.
୫ । ଅଭିନିବେଶ; ମନୋଯୋଗ—
5. Attention; concentration of mind.
୬ । ଏକାଗ୍ରତା—6. Devotion; devotedness to a pursuit.
୭ । ସୈନ୍ୟବିନ୍ୟାସ—7. Battle array; military array.
୮ । ଔତ୍ସୁକ୍ୟ; ବ୍ୟଗ୍ରତା—8. Earnestness.
୯ । ସମର୍ପଣ—9. Offering.
୧୦ । (+ଅଧିକରଣେ. ଅ) ତମ୍ବୁ; ଶିବିର; ଛାଉଣି—
10. Camp; halting place; encampment.
୧୧ । ସ୍ଥାନ—11. Place; position.
୧୨ । ବିବାହ—12. Marriage.
୧୩ । ଯୁଦ୍ଧ—13. Fight.
୧୪ । (+କରଣ. ଅ)—ପ୍ରବେଶଦ୍ୱାର
14. Entrance.
୧୫ । ନକଲ; ପ୍ରତିଲିପି—
15. Impression; copy (Apte).
୧୬ । ଗୃହ; ଆବାସ—16. House; abode (Apte).
୧୭ । ଅଳଙ୍କାର—
17. Ornament; decoration (Apte).
୧୮ । ନଗରାଦିର ପ୍ରତିଷ୍ଠା—
18. Founding of a town (Apte).
୧୯ । ପରିସର—
19. Expanse; contour (of the breast)(Apte)

ଦେ. ବିଣ. (ପ୍ରାଚୀନ ପ୍ରୟୋଗ)—ବ୍ୟସ୍ତ—
ପୁଣି କୁଞ୍ଜେ ଭାବ ପାଇ ପୁଣି ଶଯ୍ୟା ଅତରଇ
ପୁଣି କୁଞ୍ଜଁ ପର୍ଯ୍ୟା ଅଙ୍କଲେ ଅତ ନିବେଶେ—ପ୍ରାଚୀ. ଉପକାରିଥି ।

ନିବେଶନ—ସ. ବି. (ନି+ବିଶ୍ ଧାତୁ ଣିଚ ବେଶି ଧାତୁ+ଅଧିକରଣେ. ଅନ)—
Nibeśana
୧ । ଗୃହ; ନିବାସ—1. House; residence; abode.
୨ । ବସିବା ସ୍ଥାନ—2. Seat.
୩ । ନଗର—3. Town; city.
୪ । (+କରଣେ. ଅନ) ପ୍ରବେଶ ଦ୍ୱାର—4. Entrance.
୫ । (+ଭାବ. ଅନ) ବିନ୍ୟାସକରଣ—
5. Arrangement; array.
୬ । ହିସାବ ଚଢ଼ାଇବା; ଲେଖି ରଖିବା—
6. Entering into account; inscribing.
୭ । ଉପବେଶନ—7. Sitting.
୮ । (ନି+ବିଶ୍ ଧାତୁ+ଭାବ. ଅନ)
ସ୍ଥାପନ—8. Placing; fixing.
ମଧ୍ୟେ କର ନିବେଶନ ଯେଉଁ ଶୋଭିବ ବସନ
ବରଙ୍ଗ କେଶ ବସନ କେତେ ପ୍ରସନ୍ନ—ଉଦ୍ଧ, ପ୍ରେମସୁଧାନିଧି ।
୯ । ସଙ୍କ୍ରମଣ—9. Passing by.
୧୦ । ଅଳ୍ପକାଳ ପାଇଁ ବାସ କରିବା—
10. Halting; encamping (Apte).
୧୧ । ବସା; ଛାଉଣି—11. Lodgings; camp.
୧୨ । ନୀଡ଼—12. Nest.

ନିବେଶନାର୍ହ—ସ. ବିଣ. (ନିବେଶନ+ଅର୍ହ ଧାତୁ+କର୍ତ୍ତୃ. ଅ)—
Nibeśanārha ୧ । ନିବେଶ କରିବାର ଯୋଗ୍ୟ—1. Fit to be
(ନିବେଶନୀୟ—ଅନ୍ୟରୂପ) entered, engaged in, inserted, placed or fixed.
୨ । ମନୋଯୋଗ କରିବା ଯୋଗ୍ୟ—
2. Deserving attention.

ନିବେଶନୀ—ସ. ବି. (ନି+ବିଶ୍ ଧାତୁ. ଣିଚ+ଅଧିକରଣ ଅନ+
Nibeśanī ସ୍ତ୍ରୀ. ଈ)—ପୃଥିବୀ—The earth (Apte).

ନିବେଶୟ—ସ. କ୍ରି. (ନି+ବିଶ୍ ଧାତୁ; ଅନୁଜ୍ଞା; ୨ୟ ପୁ. ୧ବ; ସଂସ୍କୃତରୁ
Nibeśaya ଅନୁକୃତ)—ସ୍ଥାପିତ କର—Do place.
ମମ ହୃଦେ ନିବେଶୟ ଭୂତ ଦ୍ୱୟ ବେନ—ପ୍ରାଚୀ, ଉପକାରିଥି ।

ନିବେଶିତ—ସ. ବିଣ. (ନି+ବିଶ୍ ଧାତୁ ଣିଚ. ବେଶି ଧାତୁ=ପ୍ରବେଶ
Nibeśita କରାଇବା+କର୍ମ. ତ)—
୧ । ସଂସ୍ଥାପିତ—1. Placed; fixed.
୨ । ବିନ୍ୟସ୍ତ—2. Arranged; arrayed.
୩ । ପ୍ରବେଶିତ—3. Thrust into; thrown into.
୪ । ପ୍ରେରିତ—4. Sent.
୫ । ଲେଖା ଯାଇଥିବା—5. Inscribed; wirtten.
୬ । ସଙ୍କ୍ରାମିତ—
6. Passed; made to come in contact.
୭ । ଏକାଗ୍ରଭାବରେ ଲାଗିପଡ଼ିଥିବା—
7. Devoted to; bent upon.

୮ । ଜ୍ଞାପିତ—3. Communicated.

ନିବେଶିବା—ଦେ. (ପଦ୍ୟ) କ୍ରି. (ନି+ବିଶ୍ ଧାତୁ ଣିଚ) —
Nibesiba ୧ । ପୁରାଇବା—1. To thrust.
निवेशा ସେହି ଅସ୍ତ୍ରକୁ ଶତ୍ରୁ ମଧ୍ୟରେ ନିବେଶି – କୃଷ୍ଣସିଂହ, ମହାଭାରତ, ବନ ।
୨ । ସ୍ଥାପନ କରିବା; ରଖିବା—
2 To place; to set
ଯହିଁରେ ମନ ନେଇ ଏକା ନିବେଶିଲେ—କୃଷ୍ଣସିଂହ, ମହାଭାରତ ବନ ।
୩ । ନିୟୋଜିତ କରିବା—3. To apply.
ପୁଣି ବସଇ ପଦ୍ମ ପରେ, ଚିତ୍ତ ନିବେଶଇ ଶୂନ୍ୟରେ—
ଭୂପତି, ପ୍ରେମପଞ୍ଚାମୃତ ।
୪ । ଅର୍ପଣ କରିବା—4. To entrust.
ବହୁଧା ପ୍ରଭୁଙ୍କେ ଧରଣୀ, ସୁତଙ୍କ ନିବେଶି ନୃପମଣି—
ଜଗନ୍ନାଥ, ଭାଗବତ ।

ନିବେଶ୍ୟ—ସଂ. ବିଣ. (ନି+ବିଶ୍ ଧାତୁ ଣିଚ+କର୍ମ. ଯ)—
Nibesya ନିବେଶନାର୍ହ (ଦେଖ) —Nibesanārha (See)

ନିବେଷ୍ଟ—ସଂ. ବି—ଯେଉଁ ଲୁଗାରେ କୌଣସି ବସ୍ତୁ ଘୋଡ଼ାଯାଏ (ହି.
Nibeshta ଶ.)—Covering cloth.

ନିବେଷ୍ୟ—ସଂ. ବି—୧ । ବ୍ୟାପ୍ତି (ହି. ଶବ୍ଦସାଗର)—
Nibeshya 1. Expanse.
୨ । ବରଫରୁ ଉତ୍ପନ୍ନ ଜଳ (ହି. ଶ.)—
2. Water got from ice.
୩ । ଜଳସ୍ତମ୍ଭ (ହି. ଶ.)—3. Waterspout.

ନିବ୍ୟୂଢ଼—ସଂ. ବି. (ନି+ବି+ବହ୍ ଧାତୁ=ଶ୍ରେଣୀବଦ୍ଧ କରିବା+
Nibyurdha ଭାବ. ତ)—୧ । ଅଭିନିବେଶ—
1. Close attention
୨ । ଅଧ୍ୟବସାୟ—2. Observance.

ନିଭ—ସଂ. ବିଣ. ପୁଂ (ନି+ଭା ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ)—
Nibha ତୁଲ୍ୟ; ସଦୃଶ; ସମାନ; ପରି—
(ନିଭା—ସ୍ତ୍ରୀ) Resembling; like; similar.
[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ପରେ ବ୍ୟବହୃତ ହୁଏ । ଯଥା—
ଦୁଗ୍ଧଫେନନିଭ, ପୂର୍ଣ୍ଣଚନ୍ଦ୍ରନିଭାନନା ।]
ବି—୧ । (+କରଣେ. ଅ) ପ୍ରକାଶ—
1. Display; manifestation.
୨ । ତେଜେସ୍—2. Appearance (Howells).
୩ । ଆଲୋକ; ତେଜଃ—
3. Light; illumination; lustre.
୪ । କପଟ—4. Disguise; mask; deceit.
୫ । ବ୍ୟାଜ—5. Fraud; guise.
୬ । ଦୀପ୍ତି; ପ୍ରଭା—6, Brightness; lustre.

ନିଭୟ—ଗ୍ରା. ବି. ଓ ବିଣ—ନିର୍ଭୟ (ଦେଖ)
Nibhaya (ନିଭୟା—ଅନ୍ୟରୂପ) Nirbhaya (See)

ନିଭର—ଗ୍ରା. ବି. ଓ ବିଣ—ନିର୍ଭର (ଦେଖ)
Nibhara Nirbhara (See)

ନିଭରସା—ଦେ. ବି ଓ ବିଣ—ନିର୍ଭରସା (ଦେଖ)
Nibharasā Nirbharasā (See)
निभरसा निभरोसा

ନିଭା—ସଂ. ବିଣ. (ସମାସରେ ବ୍ୟବହୃତ)—
Nibhā (ସଂ. ନିଭ ଶବ୍ଦର ସ୍ତ୍ରୀ ଲିଙ୍ଗାନ୍ତ) ତୁଲ୍ୟ—
Like: similar.
ଧୂର୍ଜ୍ଜଟୀ-ଜଟା-ବହ୍ନିଭା ନିଭା । ଲକ୍ଷ୍ମୀ, କବିତା ।
ଦେ. ବି. (ସଂ. ନିର୍ବାହ)—ନିର୍ବାହ (ଦେଖ)
निवड़ान निभाव Nirbāha (See)

ନିଭା(ଭେ)ଇବା —ଦେ. କ୍ରି. (ସଂ. ନିର୍ବାପଣ)—
Nibhā(bhe)ibā ୧ । ନିଭିବା କ୍ରିୟାର ଣିଜନ୍ତ ରୂପ—
निबान, निभान 1. The causative from of
बुझाना 'Nibhibā'
୨ । (ପ୍ରଦୀପ ଅଗ୍ନି ଆଦି) ଲିଭେଇବା; ନିର୍ବାଣ କରିବା—
2. To extinguish; to put out; to blow out (a light or fire).
ନିଭାଇ ଦାବାନଳ ବସନ୍ତ ବାଇ । ଜଗନ୍ନାଥ, ମେଘଦୂତ ।
୩ । ପୋଛି ଅଦୃଶ୍ୟ କରି ଦେବା—3. To cause to disappear; to rub out; to suppress.
୪ । ଲେଖାକୁ ପୋଛି ଦେବା—
4. To wipe out; to blot out.
निभाना ୫ । (ସଂ. ନିର୍ବାହ) କୌଣସି କାର୍ଯ୍ୟକୁ ନିର୍ବାହ କରିବା;
ପରିଚାଳିତ କରିବା—5. To conduct.
୬ । ଅନୁଭବ କରିବା—6. To experience.
ଦୁଃଖ କହିବ କି ସୁଖ କହିବ
ଯାହା ଅଙ୍ଗେ ନିଭେଇଛି ତାହା କହିବ—ଭଗ ।
୭ । ପୋଷିବା; ପାଳନ କରିବା—
7. To maintain; to cherish.
୮ । (ଲକ୍ଷଣାର୍ଥ) (ସୁନାମ) ଲୋପ କରିବା—
8. (figurative) To blot out (one's good name).

ନିଭାନିଭି କରିବା—ଦେ. କ୍ରି—୧ । ନିର୍ବାପିତ କରିବା—
Nibhānibhi karibā 1. To extinguish; to put out.
बुझा बुझि करना ୨ । ପୋଛି ଦେବା—2. To wipe out.

ନିଭାଳନ—ସଂ. ବି. (ନି+ଭାଳ ଧାତୁ=ଦେଖିବା+ଭାବ. ଅନ)—
Nibhālana ଦର୍ଶନ; ଅବଲୋକନ—Seeing; sight.

ନିଭିବା —ଦେ. କ୍ରି (ସଂ. ନିର୍ବାଣ)—
Nibhibā ୧ । ଲିଭିବା; ନିର୍ବାପିତ ହେବା—
(ନିଭିଯିବା—ଅନ୍ୟରୂପ) 1. To go out; to be extingui-
निबा, निभा shed (as a light or fire).
ଏକ ଏକ ହୋଇ ପ୍ରଦୀପ ଆଲୋକ ନିଭିଗଲ ଘରେ ଘରେ ।
ଜଗନ୍ନାଥ- ରାବଣ ।
बुझना ୨ । ପୋଛି ହେବା—2. To be wiped off.
୩ । ଅନ୍ତର୍ହିତ ହେବା; ଅଦୃଶ୍ୟ ହେବା—
3. To vanish; to disappear.
୪ । ଲୁଚିଯିବା—4. To be hidden.

୫ । ଲୁପ୍ତ ହେବା—5. To be extinct.
୬ । (ସଂ. ନିର୍ବାହ) ନିର୍ବାହ ହେବା; ନିର୍ଭର ହେବା; ଚଳିବା—
ନଭଲା 6. To get on.
ନ ଦୃଢ଼ ଓ ପ୍ରଫୁଲ୍ଲ ନ ହେଲେ ନଭିବାର କଠିନ ।
ଜଗନ୍ନାଥ, ବହେଣା ।

ନିଭିଲା—ଦେ· ବଣ—୧ । ନିର୍ବାପିତ—1. Extinguished.
Nibhilā (ଯଥା—ନିଭିଲା ନିଆଁ ।)
নিভাউ ୨ । ଅନ୍ତର୍ହିତ—2. Disappeared; vanished.
बुझाहुआ ଦେ. କ୍ରି (ନିଭିବା କ୍ରିୟାର ଅତୀତକାଳ, ନାମ ପୁରୁଷ ଅନାଦରାର୍ଥ; ୧ ବଚନରେ ବ୍ୟବହୃତ ରୂପ)—
ନିର୍ବାପିତ ହେଲା—Was extinguished.

ନିଭୁଲ—ସଂ. ବଣ. (ସଂ. ନିର୍+ଭୁଲ)—ଭ୍ରମଶୂନ୍ୟ—
Nibhula Correct; free from mistake.
নির্ভুল निर्भूल

ନିଭୂତ—ସଂ. ବଣ. (ନି+ଭୂ ଧାତୁ ହେବା+କର୍ତ୍ତୃ. ତ)—
Nibhūta ୧ । ଅତୀତ; ଗତ—1. Past; gone.
୨ । ପରୋକ୍ଷ; ଅନୁପସ୍ଥିତ—2. Absent.
୩ । ବିନୀତ—3. Humble; modest.
୪ । ନିର୍ଜନ—4. Solitary.
୫ । ଗୁପ୍ତ; ଲୁକ୍କାୟିତ—
5. Hidden; concealed; secret; private.
୬ । ପ୍ରଚ୍ଛନ୍ନ—6. Disguised; latent.
୭ । ଅସ୍ତମିତ—7. Set.
୮ । ନିଶ୍ଚଳ—8. Fixed; stationary.

ନିଭୃତ—ସଂ. ବଣ. (ନି+ଭୃ ଧାତୁ=ପୋଷିବା+କର୍ମ. ତ)—
Nibhṛuta ୧ । ଲୁକ୍କାୟିତ; ଗୁପ୍ତ—
1. Secret; hidden; secluded; private.
୨ । ବିରଳ; ନିର୍ଜନ—2. Solitary; lonely.
୩ । ବିନୀତ; ନମ୍ର—0. Humble; modest.
୪ । ଅପ୍ରକାଶିତ—4. Latent; not apparent.
୫ । ନିଶ୍ଚଳ—5 Fixed.
୬ । ଧୃତ; ସ୍ଥାପିତ; ରକ୍ଷିତ (ହ୍ର. ଶ.)—7. Placed.
୭ । ବନ୍ଦ କରି ଯାଇଥିବା (ହ୍ର. ଶ.)—8 Closed.
୯ । ନିଶ୍ଚିତ (ହ୍ର. ଶ.)—9. Ascertained.
୧୦ । ଅସ୍ତୋନ୍ମୁଖ (ହ୍ର)—10. About to set.
ଦେ. କ୍ରି. ବଣ—୧ । ନିର୍ଜନରେ—
1. In a lonely manner.
୨ । ଗୁପ୍ତ ଭାବରେ—2. Secretly.
୩ । ଗୋପନରେ—3. In private; aside.

ନିଭେଲା—ଦେ. ବଣ—ନିରାଶ୍ରୟ; ଅଶରଣ—
Nibhelā Helpless.
ଭାବିଲ କାମ କଲେ ନିଭେଲା ହୋଇ । ଭକ୍ତ. କୋଷ ବଷ୍ଠାଣ ସ୍ତବସ ।

ନିମ୍କି—ବୈଦେ. ବ ଓ ବଣ—ନିମକି (ଦେଖ)
Nim-ki Nimaki (See)

ନିମ୍-ଅସ୍ତିନ୍—ବୈଦେ. ବ. (ଫା. ନିମ୍=ଅର୍ଦ୍ଧ+ଅସ୍ତିନ୍=ହାତ)—
Nim-āstin ୧ । କୁର୍ତ୍ତାର ଅଧ ହାତ—
নিমাস্তিন 1. Half sleeves of a coat.
निमास्तीन ୨ । ଯେଉଁ କୁର୍ତ୍ତାର ହାତ ଅଧେ ଥାଏ; ଫତେଇ;
ଜାକେଟ୍—2. Half-sleeved jacket.

ନିମ୍‌ରାଜି—ବୈଦେ. ବଣ. (କଡ଼ରଥିଆ) (ଫା)—ଅର୍ଦ୍ଧସ୍ୱୀକୃତ; ପ୍ରାୟ ସ୍ୱୀକୃତ—
Nim-rāji Nearly agreed; half agreed.
নিমরাজি निमराजा

ନିମ—ସଂ. ବ.—ଶଲାକା; ଶଙ୍କୁ (ହ୍ର. ଶ.)—
Nima Stake; pin (M. W.)
ଦେ. ବ.—(ସଂ. ନିମ୍ବ)—ନିମ୍ବ; ତିକ୍ତପତ୍ର ପ୍ରସିଦ୍ଧ ଗ୍ରାମ୍ୟ ତରୁ-
নিম ବିଶେଷ—The margosa; Neem tree;
निम; निम्ब, कटुनिम्ब Melia Azadirachta.

ସଂ—ନିମ୍ବ, ଅରିଷ୍ଟ, ସର୍ବତୋ
ଭଦ୍ର, ହିଙ୍ଗୁନିର୍ଯ୍ୟାସ, ମାଳକ,
ପିଚୁମର୍ଦ୍ଦ, ପକ୍ୱକୃତ, ପୂୟାର,
ଛର୍ଦ୍ଦନ, କୀଟକ, ଅର୍କପାଦପ,
ପୂକମାଳକ, ନିବକ, ନିମ୍ବକ,
କୈଟର୍ଯ୍ୟ, ବରତ୍ୱକ୍,
ଛର୍ଦ୍ଦିଘ୍ନ, ପ୍ରଭଦ୍ର, ନେତା
ଧାରୁଭଦ୍ରକ, କାକଫଳ,
ନିଭେଷ୍ଟ, ସୁମନା, ବିଶୀର୍ଣ୍ଣପତ୍ର
ଯବନେଷ୍ଟ; ପୀତସାରକ,
ଶୀତ, ସୁଜଭଦ୍ରକ,
ପିଚୁମନ୍ଦକ, ତିକ୍ତକ ।
ମ. ନିମ୍ବ, କଡୁନିମ୍ବ
ତେ. ସେପଚେଟ୍ଟୁ, ବେମ୍ବୁ,
ବେମ୍ପୁ
ତା. ବେମ୍ବୁମ ଗରମ
ଫା. ନେନବ୍, ନିମ୍

[ଦ୍ର—ଏହାର ପତ୍ର ଓ ଛାଲ ପିତା; ଫୁଲ ଧଳା ଓ ଛୋଟ ଏବଂ ସୁଗନ୍ଧଯୁକ୍ତ, ମଞ୍ଜି କାଠ ନାଲିଆ । ଫଳ କୋଳି ପରି । ପାଚିଲା ନିମ ଫଳକୁ କୁଆ ଗିଳି ଦେଇ ବିଷ୍ଠା ସଙ୍ଗରେ ଯେଉଁ ନିମ ମଞ୍ଜି ତ୍ୟାଗ କରେ ସେହି ମଞ୍ଜିରୁ ଗଛ ଉଠିବାର ଦେଖା ଯାଏ । ନିମର ପତ୍ର, ମଞ୍ଜି ଓ ତେଲ ଔଷଧରେ ଲାଗେ । ବୈଦ୍ୟଶାସ୍ତ୍ର ମତରେ ଏହା ଶୀତବୀର୍ଯ୍ୟ, ଲଘୁ, ଧାରକ, କଟୁବିପାକ, ଅଗ୍ନି, ଓ ବାୟୁନାଶକ, ଅହୃଦ୍ୟ । ଏହା ଶ୍ରାନ୍ତି, ତୃଷ୍ଣା, କାସ, ଜ୍ୱର, ଅରୁଚି, କୃମି, ବ୍ରଣ, ପିତ୍ତ, କଫ, ବମି, କୁଷ୍ଠ, ହୃଲ୍ଲାସ ଓ ପ୍ରମେହନାଶକ । ନିମ ପତ୍ରର ରସ ଚକ୍ଷୁର ହିତକର । ନିମଫଳ ତିକ୍ତ ରସ, ଭେଦକ, ସ୍ନିଗ୍ଧ । ଏହା ଗୁଳ୍ମ, ଅର୍ଶ, କୃମି ଓ ପ୍ରମେହନାଶକ । ଗୃହ ନିକଟରେ ଥିବ ନିମଗଛର ପବନ ଦେହରେ ବାଜିଲେ ଶରୀର ରୋଗଶୂନ୍ୟ ହୁଏ; ଏପରି କି, ବହୁଦିନ ନିମ୍ବଗଛ ନିକଟରେ ବାସ କଲେ କୁଷ୍ଠରୋଗ ଭଲ ହୁଏ । ନିମକାଠକୁ କେହି କେହି ଚନ୍ଦନ କାଠ ଅଭାବରେ ଘୋରି ଚନ୍ଦନ ପରି ବ୍ୟବହାର କରନ୍ତି । ନିମକାଠକୁ ଘୋରିଲେ ଚନ୍ଦନପରି ଈଷତ୍ ସୁବାସଯୁକ୍ତ ଲେପ ବାହାରେ । ନିମ ଫୁଲ ଓ ପତ୍ରକୁ ଭାଜି ଓ ତରକାରିରେ ମିଶାଇ ଖାଇଲେ ଚର୍ମରୋଗ ଭଲ ହୁଏ । ନିମ ପତ୍ରକୁ ହଳଦ ସଙ୍ଗେ ବାଟି ଲଗାଇଲେ ଚର୍ମରୋଗ ଭଲ ହୁଏ । ବସନ୍ତ ରୋଗୀର ଦେହରେ ରୋଗର ୭ମ ଦିନ ହଳଦ ସଙ୍ଗେ ନିମ୍ବକୁ ବାଟି ଲଗାନ୍ତି । ନିମପତ୍ର ବା ଛାଲକୁ ପାଣିରେ ସିଝାଇ ସେଥିରେ ଦୁଷ୍ଟ ବ୍ରଣ, କାଛୁ ଓ କ୍ଷତ ଧୋଇଲେ ତାହା ଦୁଷ୍ଟ-କୀଟାଣୁଶୂନ୍ୟ ହୁଏ । ବସନ୍ତ ରୋଗୀକୁ ନିମ ଡାଳରେ ବିଞ୍ଚା ଯାଏ । ନିମକାଠରୁ କମାରମାନେ ଅଙ୍ଗାର ତିଆରି କରନ୍ତି । ବୈଷ୍ଣବୀ-ମାନେ ନିମ ଡାଳ ଦାନ୍ତକାଠି ଘଷନ୍ତି ଓ ତଦ୍ୱାରା କାମ କ୍ରୋଧାଦ

ରୂପ ବଶୀଭୂତ ହୁଅନ୍ତି । ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କର ଦାରୁମୂର୍ତ୍ତି ନିମ କାଠରେ ତିଆରି ହୁଏ । ମହାଲ (ମହାନିମ୍ବ) ଏକପ୍ରକାର ନିମ ଗଛ ।]

ନିମକ—ବୈଦେ. ବି. (ଫା. ନମକ୍)—୧ । ଲବଣ; ଲୁଣ—
Nimaka 1. Salt
निमक ୨ । (ଲୁଣ ଅନ୍ନର ପ୍ରଧାନ ସହାୟ ଥିବାରୁ ଲକ୍ଷଣାର୍ଥ)
नमक निमक ଦାନା ପାଣି—2. (figurative) Fooding; maintenance.

୩ । (ଲକ୍ଷଣାର୍ଥ) ଜୀବିକା—
3. (figurative) Livelihood.
୪ । (ଲକ୍ଷଣାର୍ଥ)—ଚାକିରି—
4. (figurative) Service.

ବିଣ.—ନିମକି (ଦେଖ)—Nimaki (See)

ନିମକ ଉଠିବା—ଦେ. କ୍ରି.—୧ । କୌଣସି ବ୍ୟକ୍ତିର ଚାକିରି ଯିବା—
Nimaka uṭhibā 1. Loss of service.
निमक उठा ୨ । ଚାକିରି ଯିବାର ଆସନ୍ନ ଅବସ୍ଥା ଘଟିବା—
निमक उठना 2. Imminent loss of service.

ନିମକ ଖାଇବା—ଦେ. କ୍ରି.—୧ । ଅନ୍ୟ ବ୍ୟକ୍ତିଙ୍କ ଅଧୀନରେ ଚାକିରି
Nimaka khāibā କରି ଜୀବିକା ନିର୍ବାହ କରିବା—
निमक खाओया 1. To eat the salt of another; to get
नमक खाना a living under a person.
୨ । ପ୍ରଭୁଙ୍କର ଅଧୀନରେ ଚାକିରି କରିବା—
2. To serve a master.

ନିମକ(କି) ଗୋଲା—ବୈଦେ. ବି. (ଫା)—ଲୁଣ ପ୍ରସ୍ତୁତ ହୋଇ ଯେଉଁ
Nimaka(ki) golā ଠାରେ ବ୍ୟବସାୟ ପାଇଁ ଜମା ହୋଇ
निमकीगोला ରହେ—Salt golah; salt warehouse; a
निमक गोला salt mart.

ନିମକଣ୍ଟା—ଦେ. ବି. (ଫା ନିମ୍=ଶ୍ରେଷ୍ଠ + ସଂ. କଣ୍ଟକ)—
Nima kaṇṭā କବାଟର ପଟାମାନ ଯୋଡ଼ିବା ପାଇଁ ବ୍ୟବହୃତ
निमकांटा, गर्भकीला ଦୁଇ ଅଡ଼ ମୁନିଆଁ ଲୁହାକଣ୍ଟା; ଗୋଡ଼ଖିଲ—
नीमकांटा Nails pointed on both ends and used in joining the planks of a door.

ନିମକଦାନ୍—ବୈଦେ. ବି. (ଫା ନମକ୍ ଦାନ୍)—
Nimakadān ୧ । ଯେଉଁ ପାତ୍ରରେ ଲୁଣ ରଖାଯାଏ—
निमकदान 1. A pot for keeping salt.
नमकदान ୨ । ଲୁଣ ରହିବାସ୍ଥାନ—2. Salt cellar.
(ନିମକଦାନୀ—ଅନ୍ୟରୂପ)

ନିମକ(କି) ଦାରୁ(ରୋ)ଗା—ବୈଦେ. ବି. (ଫା. ନମକ୍ + ଦାରୋଗା)—
Nimaka(ki) dāru(ro)gā ନିମକ ବିଭାଗୀୟ ତତ୍ତ୍ୱାବଧାରକ
निमकी दारोगा କର୍ମଚାରୀ—Salt Inspector.
नमकदारोगा

ନିମକ ପୋକ୍ତାନ(ନି)—ବୈଦେ. ବି. (ଫା. ନମକ୍ ପୋଖ୍ତାନୀ)—
Nimaka poktāna(ni) ସମୁଦ୍ର ପାଣିରୁ ଲୁଣ ତିଆରି ହେବା—
निमक पोक्तानी Manufacture or preparation of salt
नमकपोखतानी from sea water.

ବାଲେଶ୍ୱର ବନ୍ଦରର ଦୁର୍ଦ୍ଦଶାର ମୂଳ କାରଣ ନିମକ ପୋକ୍ତାନ ବନ୍ଦ ।
ଫକୀରମୋହନ ଗଳ୍ପସ୍ୱଳ୍ପ ।

ନିମକ(କି) ବିଭାଗ—ଦେ. ବି.—ସଲ୍ଟ୍ ବିଭାଗ; ଯେଉଁ ସରକାରୀ
Nimaka(ki) bibhāga ବିଭାଗରେ ଲବଣର ପୋକ୍ତାନ,
निमकीविभाग ଆମଦାନି ଓ ରପ୍ତାନି ସମ୍ବନ୍ଧେ କାର୍ଯ୍ୟ କରାଯାଏ—
नमकी बिभाग The Salt Department of Government.
[ନିମକ(କି) ମହକୁମା—ଅନ୍ୟରୂପ]

ନିମକ ମାରିବା—ଦେ. କ୍ରି—୧ । କୃତ୍ରିମ ଉପାୟରେ ସମୁଦ୍ର ପାଣିକୁ
Nimaka māribā ନିଆଁରେ ବା ସୂର୍ଯ୍ୟ କିରଣରେ ଶୁଖାଇ ଲୁଣ
निमक मारा ପ୍ରସ୍ତୁତ କରିବା—
निमक तयार करना 1. To manufacture salt.
[ଦ୍ର—ସମୁଦ୍ର ପାଣିକୁ ନିଆଁ ଉପରେ ବସାଇ ତହିଁରୁ ପାଣି ମାରି ଯେଉଁ ଲୁଣ ପ୍ରସ୍ତୁତ କରାଯାଏ ତାକୁ 'ପଙ୍ଗାଲୁଣ' ଓ କିଆରି କରି କିଆରିକୁ ସମୁଦ୍ର ପାଣି ମଡ଼ାଇ ଉକ୍ତ କିଆରିରୁ ପାଣି ଶୁଖି ଗଲା ପରେ ଯେଉଁ ଲୁଣ ଦାନା ବାନ୍ଧି ଜମିଯାଏ ତାକୁ 'ଗୋଡ଼ାଲୁଣ' କହନ୍ତି ।]
୨ । ଦାନା ମାରିବା; ଚାକିରି ଛଡ଼ାଇବା—
2 To cause loss of service to a person,

ନିମକ(କି)ମାହାଲ—ବୈଦେ. ବି. (ଫା. ନମକ୍ ମହଲ୍)—
Nimaka(ki)māhāla ୧ । ଯେଉଁ ଅଞ୍ଚଳରୁ ସରକାରଙ୍କ
निनकमहाल ତତ୍ତ୍ୱାବଧାନରେ ଲୁଣ ମରାଯାଏ ଓ ଗଭର୍ଣ୍ଣମେଣ୍ଟଙ୍କର
नमकमहल ଶୁଳ୍କ ଆମଦାନି ହୁଏ—
1. An estate from which Government derives salt revenue for manufacture of salt.

ଅନ୍ୟାନ୍ୟ ମହକୁମାରେ ନିଯୁକ୍ତ କର୍ମଚାରୀଠାରୁ ନିମକ ମାହାଲରେ ନିଯୁକ୍ତ ଅମଲା ସଂଖ୍ୟା ଅଧିକ । ଫକୀର ମୋହନ. ଗଳ୍ପସ୍ୱଳ୍ପ ।

୨ । ନିମକ ବିଭାଗ—2. Salt Department.

ନିମକର ଚାକର—ଦେ. ବି.—ପ୍ରଭୁଙ୍କ ଅନ୍ନରେ ପ୍ରତିପାଳିତ ଆଜ୍ଞାକାରୀ
Nimakara chākara ଭୃତ୍ୟ—A servant true to
निमकेर चाकर his salt; a servant dependent on the
निमकका नौकर master's salt.

ନିମକ ଶୁଝିବା—ଦେ. କ୍ରି.—କାର୍ଯ୍ୟରେ ପ୍ରଭୁବତ୍ସଳ ହେବା—
Nimaka śujhibā To be faithful to one's master.
नमक अदाकरना
ଏବେ ମୋର ନିମକ ଶୁଝିବାର ପାଇଁ,
ଯିବ ହେ ସୁଗ୍ରୀବଙ୍କୁ ଯୁଦ୍ଧରେ ବଢ଼ାଇ ।
କୃଷ୍ଣସିଂହ ମହାଭାରତ ବନ ।

ନିମକ ସଚ୍ଚ(ଚ୍ଛା)—ବୈଦେ. ବିଣ. (ଫା; ନମକ୍ ସଚ୍ଚା)—
Nimaka sachā(chhā) କୃତଜ୍ଞ ବା ବିଶ୍ୱାସୀ (ଭୃତ୍ୟ)—
निमक साचा Faithful or grateful; loyal (servant)
नमकसचा, नमकहलाल true to one's salt.
ନିମକ ଛଚ୍ଚ(ଚ୍ଛା), ନିମକ ଛଚ୍ଛା, ନିମକ ସଚ୍ଛା, ନିମକ ସଚ୍ଚିଆ, ନିମକ ସତ୍ୟା, ନିମକ ସଚ୍ଚିକ } ଅନ୍ୟରୂପ
କୋଡ଼ିଏ ବର୍ଷର ଚାକର ଖୁବ୍ ବିଶ୍ୱାସୀ, ଖୁବ୍ ନିମକ ସଚ୍ଚା ।
[ନିମକ ସଚା(ଚ୍ଛେ)ଇ, ନିମକ ସଚ୍ଚାପଣ—ବି] ଫକୀର ମୋହନ ଗଳ୍ପସ୍ୱଳ୍ପ ।

ନିମକ ହରାମ୍—ବୈଦେ. ବିଣ—(ଫା. ନମକ୍ ହରାମ୍)—
Nimaka harām ଯେ ପ୍ରଭୁର ଦାନା ଖାଇ କୃତଘ୍ନତା କରେ;
निमक हराम କୃତଘ୍ନ (ଭୃତ୍ୟ)—Ungrateful; disloyal;
नमक हराम treacherous (servant).
ନିମକ ହାରାମ୍ } ଅନ୍ୟରୂପ
ନିମକା ହାରାମ୍
ଆମ୍ଭେମାନେ କେମନ୍ତ ନିମକହରାମ୍ ।
ଉତ୍କଳ ସଂସାର ଚିତ୍ର ।

ନିମକହରାମ୍ ଜାଗିରଦାର୍—ବୈଦେ. ବି.ଫା.—ପ୍ରଭୁଙ୍କ ଅପକାର କରିବା
Nimakaharām jāgirdār ଯୋଗୁଁ ପ୍ରଭୁଙ୍କ ବିପକ୍ଷଙ୍କ ଠାରୁ ପୁରସ୍କାର ସ୍ୱରୂପ ଜାଗିର ପାଇଥିବା ନିମକହରାମ ଭୃତ୍ୟ—A service-tenureholder who has got his tenure as a reward from his master's enemy for his perfidious action.
[ଦ୍ର—ମରହଟ୍ଟାଙ୍କର ଉତ୍କଳାଧିକୃତ ରାଜ୍ୟର ଚିଲିକା ନିକଟବର୍ତ୍ତୀ ସୀମାନ୍ତକୁ ରକ୍ଷା କରିବା ନିମନ୍ତେ ଚିଲିକା ମଧ୍ୟସ୍ଥ ମାଲୁଦ ଦ୍ୱୀପକୁ ପ୍ରଥମେ ଜଣେ ବ୍ୟକ୍ତି ଜାଗିରସ୍ୱରୂପ ପାଇଥିଲେ । ୧୮୦୩ ସାଲରେ ସେହି ମରହଟ୍ଟା ଜାଗିରଦାର୍ ଇଂରେଜ ସୈନିକମାନଙ୍କୁ ରାସ୍ତା ଛାଡ଼ି ଦେଇ ସକଳ ରହସ୍ୟ ଖୋଲି ଦେଇଥିବାରୁ ମରହଟ୍ଟାମାନଙ୍କଠାରୁ ଏହି ନାମ ପାଇଥିଲେ ।]

ନିମକ ହ(ହା)ରାମୀ—ବୈଦେ. ବି. (ଫା. ନମକ୍ ହରାମୀ)—
Nimaka ha(hā)rāmī ପ୍ରଭୁଙ୍କ ନିକଟରେ ଭୃତ୍ୟର କୃତଘ୍ନତା—
निमकहरामी Ingratitude of a servant to a master;
नमकहरामी disloyalty; perfidy; treachery of a servant.

ନିମକ ହରାମୀ ଜାଗିର୍(ରି) —ବୈଦେ.ବି. (ଫା. ନମକ୍ ହରାମୀ ଜାୟଗୀର୍)
Nimaka harāmī jāgir(ri) —ପ୍ରଭୁଙ୍କ ଅପକାର କରିବା
(ନିମକହରାମ ଜାଗିର—ଅନ୍ୟରୂପ) ଯୋଗୁଁ ପ୍ରଭୁଙ୍କ ଶତ୍ରୁଠାରୁ ନିମକହରାମ୍ ଭୃତ୍ୟ ପୁରସ୍କାର ସ୍ୱରୂପ ଯେଉଁ ଜାଗିର ପାଇ ଥାଏ—Service-tenure got by a servant as a reward from the enemy of his master for betraying the latter.

ନିମକ ହଲାଲ୍—ବୈଦେ. ବିଣ. (ଫା. ନମକ୍+ଆ.ହଲାଲ)—
Nimaka halāl ନିମକ ସଚ୍ଚା (ଦେଖ)
(ନିମକହାଲାଲ—ବି) Nimaka sachchā (See)

ନିମ କାଠି—ଦେ. ବି. (ସ. ନିମ୍ବ+କାଷ୍ଠ)—୧ । ନିମଡାଳର କ୍ଷୁଦ୍ର
Nima kāṭhi ଭାଗ—1. Twig from a small branch
निमकाठ़ि of a Nimba tree.
୨ । ଅଳଙ୍କାର ପିନ୍ଧିବା ପାଇଁ ଫୋଡ଼ା ଯାଇଥିବା କାନ ଓ ନାକର ଛିଦ୍ରରେ ଅଳଙ୍କାର ଅଭାବରେ ଦିଆଯାଇ ଥିବା ନିମ୍‌କାଠି—2. A small bit of nimba twig thrust into the bore of the nose or ear so that it remains open·
ଅଳଙ୍କାର ମଧ୍ୟେ ନାକରେ ନିମ୍‌କାଠି ଥାଳେ । ଚଗ ।
[ଦ୍ର—କାନ ଓ ନାକରେ ଅଳଙ୍କାର ପିନ୍ଧିବା ଉଦ୍ଦେଶ୍ୟରେ କରାଯାଇ ଥିବା ଫୋଡ଼ ବା ଛିଦ୍ରରେ ଯଦି ଅଳଙ୍କାର ପିନ୍ଧା ନ ହୁଏ ତେବେ କେତେଦିନ ପରେ ତାହା ରୁନ୍ଧ ବା ବୋଜ ହୋଇଯାଏ । ଏଥିପାଇଁ ଅଳଙ୍କାର ପିନ୍ଧିବା ପର୍ଯ୍ୟନ୍ତ ସେ ରନ୍ଧ୍ରରେ ଖଣ୍ଡିଏ ନିମକାଠି ବା ସୋଲ ପୂରାଇ ଦିଆଯାଇ ଥାଏ ।]

ନିମକି—ବୈଦେ. ବି. (ଫା. ନମକ୍କାନ୍; ନମକୀ)—
Nimaki ୧ । ସରକାରୀ ସଲ୍ଟ ବିଭାଗ—
निमकी 1. The Salt Department of Government.
नमकीन, निमकी ୨ । ମଇଦା, ଘିଅ, ଲୁଣ, କଳାଜୀରା ଆଦିରେ ପ୍ରସ୍ତୁତ ଏକପ୍ରକାର ଲୁଣିଆ ଗଜା—2. A kind of biscuit flavoured with salt.
ବିଣ—୧ । ନିମକ ବିଭାଗ ସମ୍ବନ୍ଧୀୟ—
1. Appertaining to the Salt Department.
୨ । ଲବଣ ସଂଯୁକ୍ତ; ଲବଣ ଘଟିତ—
2. Seasoned with salt.
୩ । ଲୁଣିଆ; ଖାରଆ—
3. Saline; having a saline taste.

ନିମଗନ—ଗ୍ରା. (ପଦ୍ୟ) ବିଣ—ନିମଗ୍ନ (ଦେଖ)
Nimagana Nimagna (See)
ଖର ସୌରକରେ ତାରକା ଯେସନ
ଅସ୍ପଷ୍ଟ ଦିଶୁଥିଲେ ହୋଇ ନିମଗନ । ରାଧାନାଥ. ଚିଲିକା ।

ନିମଗ୍ନ—ସ. ବି. (ନି+ମସ୍‌ଜ୍ ଧାତୁ=ବୁଡ଼ିବା+କର୍ତ୍ତୃ. ତ)—
Nimagna ୧ । ବୁଡ଼ିଯାଇ ଥିବା—
(ନିମଗ୍ନା—ସ୍ତ୍ରୀ) 1. Drowned; sunk; immersed.
(ନିମଜ୍ଜନ—ବି) ୨ । ଅନ୍ତଃ ପ୍ରବିଷ୍ଟ—2. Absorbed in.
୩ । ଏକାଗ୍ରଭାବରେ ନିବିଷ୍ଟ; ତନ୍ମୟ (ଚିତ୍ତ; ମନ)—
3. Devoted to a particular thing.

ନିମଗ୍ନ ହେବା—ଦେ. କ୍ରି. (ସ. ନିମଗ୍ନ)—୧ । ବୁଡ଼ିଯିବା—
Nimagna hebā 1. To sink down.
निमग्नहओया ୨ । ଅତ୍ୟନ୍ତ ଶୋକ ବା ଚିନ୍ତାରେ ଅଭିଭୂତ ବା ଅଭିଭୂତ ହେବା—2. To be overwhelmed with grief or anxiety.
निमग्न होना
୩ । ଏକାଗ୍ରଭାବରେ ଚିନ୍ତା କରିବା—
3. To be absorbed in thought.

ନିମଗ୍ନେ—ଦେ. କ୍ରି. ବିଣ—ଏକାଗ୍ରଚିତ୍ତରେ; ମନୋଯୋଗ ସହକାରେ—
Nimagne Intently; very attentively.
ବସ୍ତ୍ର ଦେବ ସଖୀଗଣ ସେନ ସଙ୍କେଶ
ନିମଗ୍ନେ ଶୁଣନ୍ତୁ ହରଷ ମନେଣ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ନିମଜ୍ଜକ—ସ. ବି. ପୁଂ (ନି+ମସ୍‌ଜ୍ ଧାତୁ+କର୍ତ୍ତୃ. ଅକ)—
Nimajjaka ଡୁବରୀ; ଯେ ସମୁଦ୍ର, କୂପ ଆଦି ଗଭୀର ଜଳରେ ବୁଡ଼ି
(ନିମଜ୍ଜିକା—ସ୍ତ୍ରୀ) କୌଣସି ବସ୍ତୁ ଖୋଜେ ବା ଆଣେ—Diver.

ନିମଜ୍ଜଥୁ—ସ. ବି. (ନି+ମସ୍‌ଜ୍ ଧାତୁ+ଭାବ. ଅଥୁ)—୧ । ଶୟନ—
Nimajjathu 1. Sleeping.
୨ । ଅବଗାହନ; ସ୍ନାନ. ପାଣିରେ ମୁଣ୍ଡ ବୁଡ଼ାଇ ଗାଧୋଇବା—
2. Bathing; bathing by immersion in water.
୩ । ଅନ୍ତର୍ନିବେଶ; ନିମଜ୍ଜନ; ବୁଡ଼ିଯିବା—
3. Immersion; sinking.

ନିମଜ୍ଜନ—ସଂ. ବି. (ନି+ମସ୍ଜ୍ ଧାତୁ+ଭାବ. ଅନ)—
Nimajjana ୧ । ନିମଗ୍ନ ହେବା—1. Immersion.
୨ । ବୁଡ଼ିଯିବା—2. Sinking; drowning.
୩ । ସ୍ନାନ; ଅବଗାହନ—3. Bathing.
୪ । (ନି+ମସ୍ଜ ଧାତୁ ଣିଚ୍ ମଜ୍ଜି ଧାତୁ+ଅନ)—
ବଳପୂର୍ବକ ପାଣିରେ ବୁଡ଼ାଇବା—
4. The act of drowning or immersing a person.

ନିମଜ୍ଜିତ—ସଂ. ବିଣ. (ନି+ମସ୍ଜ ଧାତୁ+କର୍ତ୍ତୃ. ତ, ଓ ନି+ମସଜ୍
Nimajjita ଧାତୁ ଣିଜନ୍ତ ମଜ୍ଜି ଧାତୁ+କର୍ମ. ତ)—
୧ । ନିମଗ୍ନ—1. Drowned.
୨ । ପାଣିରେ ବୁଡ଼ାଇ ଦିଆଯାଇ ଥିବା—
2. Made to sink; immersed.
୩ । ସ୍ନାତ—4. Bathed.

ନିମଜ୍ଜିବା—ଦେ. (ପଦ୍ୟ) କ୍ରି. (ସଂ. ନି+ମସ୍ଜ୍ ଧାତୁ; ନିମଜ୍ଜନ)—
Nimajjibā ୧ । ନିମଗ୍ନ ହେବା—1. To sink.
নিমজ্জা ୨ । ଏକାନ୍ତଚିତ୍ତରେ ମଗ୍ନ ହେବା—
निमजना 2. To be intent on.

ନିମଞ୍ଜା(ଞ୍ଜେ)ଈ—ଦେ. ବି. ସ୍ତ୍ରୀ—ଗ୍ରାମଦେବୀବିଶେଷ—
Nimañjā(ñje)ī Name of a popular village-Goddess.

ନିମତା—ଦେ. ବି. (ସଂ. ନିମନ୍ତ୍ରଣ)—ନିଉଁତା (ଦେଖ)
Nimatā Niuñtā
ତୁମ ବନ୍ଧୁବାନ୍ଧବ ଘରେ ନିମତା ଦେଇ ଆସିବ କି ?
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ନିମତେ—ଗ୍ରା. ଅ (ସଂ. ନିମିତ୍ତଂ)—ନିମନ୍ତେ (ଦେଖ)
Nimate Nimante (See)

ନିମତ୍ରଣ—ଗ୍ରା. ବି (ସଂ. ନିମନ୍ତ୍ରଣ)—ନିମନ୍ତ୍ରଣ—
Nimatraṇa (ନିମିତ୍ରଣ—ଅନ୍ୟରୂପ) Invitation.

ନିମନ୍ତରେ—ଦେ. (ସଂ. ନିମିତ୍ତ)—ନିମନ୍ତେ (ଦେଖ)
Nimantare Nimante (See)
নিমিত্ত ଚନ୍ଦ୍ର ଦିଆଯିବା ନିମନ୍ତରେ
के निमित्त ରଜା ଯେ ଥାଏ ଶବାଇରେ । ଜଗନ୍ନାଥ. ଭାଗବତ ।

ନିମନ୍ତେ—ଦେ. ଅ (ସଂ. ନିମିତ୍ତଂ)—୧ । (ଅମୁକ) ଯୋଗୁଁ—
Nimante 1. Owing to; on account of; for the sake of.
নিমিত্ত
के निमित्त ୨ । (ଅମୁକ) ପାଇଁ; ଲାଗି—2. For.
୩ । (ଅମୁକର) ଉଦ୍ଦେଶ୍ୟରେ—3. For the purpose of; with a view to.

ନିମନ୍ତେଣ—ଦେ. ଅ (ପ୍ରାଚୀନ ପଦ୍ୟ) (ସଂ. ନିମିତ୍ତଂ)—ନିମିତ୍ତ (ଦେଖ)
Nimanteṇa Nimitta (See)

ନିମନ୍ତ୍ର—ସଂ. ବି (ନି+ମନ୍ତ୍ର ଧାତୁ=ଡାକିବା+ଭାବ. ଅ)—
Nimantra ନିମନ୍ତ୍ରଣ (ଦେଖ)—Nimantraṇa (See)

ନିମନ୍ତ୍ରକ—ସଂ. ବିଣ. ପୁଂ (ନି+ମନ୍ତ୍ର ଧାତୁ+କର୍ତ୍ତୃ. ଅକ)—ଯେ ନିମନ୍ତ୍ରଣ
Nimantraka କରେ—Inviting; one who invites
(ନିମନ୍ତ୍ରିକା—ସ୍ତ୍ରୀ) guests to a feast.

ନିମନ୍ତ୍ରଣ—ସଂ. ବି (ନି+ମନ୍ତ୍ର ଧାତୁ=ଡାକିବା+ଭାବ. ଅନ)—
Nimantraṇa ୧ । ଭୋଜନ ବା ଉତ୍ସବରେ ଯୋଗ ଦେବାପାଇଁ
ସବିଧି ଆହ୍ୱାନ—1. Ceremonial or formal invitation to a dinner or social function.
(ଯଥା—ମହୁଲା ନିମନ୍ତ୍ରଣ; ଛୋଟ ନିମନ୍ତ୍ରଣ ଇତ୍ୟାଦି ।)
୨ । ଆବାହନ; ଆହ୍ୱାନ; ଡାକ; ଡାକରା—
2. A call; summons.
[ଦ୍ର—ସତରାଚର ଭୋଜନ ନିମିତ୍ତ ଆହ୍ୱାନ ଅର୍ଥରେ 'ନିମନ୍ତ୍ରଣ' ଶବ୍ଦ ପ୍ରଯୁକ୍ତ ହୁଏ, ପ୍ରତ୍ୟୁତ ଯାହାର ଅକରଣରେ ପ୍ରତ୍ୟବାୟ ହୁଏ ତାହାକୁ ନିମନ୍ତ୍ରଣ କୁହାଯାଏ ଓ ଯାହା ନ କଲେ ପ୍ରତ୍ୟବାୟ ନ ହୁଏ ତାହା ଆମନ୍ତ୍ରଣ ।]

ନିମନ୍ତ୍ରଣ କରିବା—ଦେ. କ୍ରି (ସଂ. ନିମନ୍ତ୍ରଣ) ସାଦର ଆହ୍ୱାନ କରିବା—
Nimantraṇa karibā To invite.
নিমন্ত্রণকরা निमंत्रणकरना

ନିମନ୍ତ୍ରଣ କାର୍ଡ଼—ଦେ. ବି (ଆଧୁନିକ ପ୍ରୟୋଗ; ସଂ. ନିମନ୍ତ୍ରଣ
Nimantraṇa kārṛda ଓ ଇଂ. କାର୍ଡ଼)—ଉତ୍ସବାଦି
(ନିମନ୍ତ୍ରଣ କାର୍ଡ଼—ଅନ୍ୟରୂପ) ଉପଲକ୍ଷରେ ନିମନ୍ତ୍ରିତ
নিমন্ত্রন কার্ড ବ୍ୟକ୍ତିମାନଙ୍କ ନିକଟକୁ ପଠାଯିବା ଖଣ୍ଡିଏ
निमंत्रन कारड पତ୍ର କାଗଜ ବା କାର୍ଡ଼—
Invitation card.
[ଦ୍ର—ଆଜିକାଲି ନବ୍ୟ ସଭ୍ୟତାପାଳିତ ଓ ଟଙ୍କାଟଙ୍କ ଧନୀ ବ୍ୟକ୍ତି ପାଶ୍ଚାତ୍ୟ ରୀତି ଅନୁସାରେ କାର୍ଡ଼ ବା ପତ୍ରଦ୍ୱାରା ନିମନ୍ତ୍ରଣ କରିବା ପ୍ରଥା ଚଳାଉଅଛନ୍ତି ।]

ନିମନ୍ତ୍ରଣ ପତ୍ର—ସଂ. ବି (୬ଷ୍ଠୀ ତତ୍; ନିମନ୍ତ୍ରଣ+ପତ୍ର)—
Nimantraṇa patra ୧ । ଉତ୍ସବାଦିରେ ଯୋଗ ଦେବା ନିମନ୍ତେ ବନ୍ଧୁଆଦିଙ୍କ ଠାକୁ ପ୍ରେରିତ ଅନୁରୋଧ ପତ୍ର—
1. Invitation letter; a letter of invitation.
୨ । (ହିନ୍ଦୁ ସ୍ମୃତି; ଯାଜ୍ଞବଲ୍କ୍ୟ)—କଚେରୀଆଦିରେ ଉପସ୍ଥିତ ହେବାପାଇଁ କୌଣସି ବ୍ୟକ୍ତି ନିକଟକୁ ପଠାଯିବା ଆଦେଶପତ୍ର; ସମନ—
2. (Hindu law) Summons (Apte).

ନିମନ୍ତ୍ରିତ—ସଂ. ବିଣ (ନି+ମନ୍ତ୍ର ଧାତୁ+କର୍ମ. ତ)—୧ । ଆହୂତ—
Nimantrita Summoned.
(ନିମନ୍ତ୍ରିତା—ସ୍ତ୍ରୀ) ୨ । ଯାହାକୁ ନିମନ୍ତ୍ରଣ କରା ଯାଇଅଛି—
2. Invited.

ନିମନ୍ତ୍ରିବା—ଦେ. କ୍ରି (ପଦ୍ୟ)—(ସଂ. ନି+ମନ୍ତ୍ର ଧାତୁ)—
Nimantribā ୧ । ନିମନ୍ତ୍ରଣ କରିବା—
নিমন্ত্রা निमंत्रना 1. To invite.
୨ । ଔଷଧ ବା ତାନ୍ତ୍ରିକ ପ୍ରୟୋଗାର୍ଥ ବୃକ୍ଷାଦି ନିକଟକୁ ଯାଇ ତାକୁ ସଜୀବ ଜ୍ଞାନକରି ଆବାହନ କରିବା—
2. To invite a tree or inanimate being formally by means of incantations.

ନିମନ୍ତ୍ର୍ୟ—ସଂ. ବିଣ. ପୁଂ (ନି+ମନ୍ତ୍ର ଧାତୁ+କର୍ମ. ଯ)—
Nimantrya ଯାହାଙ୍କୁ ନିମନ୍ତ୍ରଣ କରାଯିବ—
(ନିମନ୍ତ୍ର୍ୟା—ସ୍ତ୍ରୀ) To be invited or called.

ନିମ ତିତା—ଦେ. ବିଣ—ନିମ ପତ୍ର ପରି ତିକ୍ତସ୍ୱାଦବିଶିଷ୍ଟ—
Nima pitā Of a bitter taste (like the Nimba leaves).
(ନିମିପିତା—ଅନ୍ୟରୂପ)
ତୁକ୍ତନୀ **नीतशाग** ବି—ନିମପତ୍ରକୁ ଭାଜି ମିଶାଇ ତିଅର କରାଯିବା ତିକ୍ତ ବ୍ୟଞ୍ଜନ—
Curry made bitter by adding fried Nimba leaves to it.

ନିମ ଭାଜି—ଦେ. ବି (ସଂ. ନିମ୍ବ+ଭର୍ଜିତ)—ନିମ ପତ୍ରର ଭଜା—
Nima bhāji Roasted or fried Nimba leaves.
ନିମଭାଜା **नीमभाजी**

ନିମୟ—ସଂ. ବି (ନି+ମି ଧାତୁ=ମାପିବା+ଭାବ. ଅ)—
Nimaya ୧ । ବିନିମୟ; ବଦଳ—
1. Exchange; barter.
୨ । ପରିବର୍ତ୍ତନ—2. Change; alteration.

ନିମସାର—ଦେ. ବି (ସଂ. ନୈମିଷାରଣ୍ୟ)—
Nimasāra ନୈମିଷାରଣ୍ୟ (ନନ୍ଦେ) (ଦେଖ)
Naimishāraṇya (See).

ନିମ ହଳଦୀ—ଦେ. ବି (ସଂ. ନିମ୍ବ ଓ ହରିଦ୍ରା)—
Nima haḷadi ନିମ ପତ୍ର ମିଶାଇ ବଟା ଯାଇଥିବା ହଳଦୀ—
(ନିମିହଳଦୀ—ଅନ୍ୟରୂପ) Turmeric paste mixed with margosa leaves.
ନିମହଲୁଦ **नीमहल्दी**
[ଦ୍ର—କାକୁ ଭୁଣ୍ଡିଆ ବା ବସନ୍ତ ହେଲେ ରୋଗୀର ଦେହରେ ନିମ ହଳଦୀ ଲଗାନ୍ତି । ବସନ୍ତ ରୋଗାକ୍ରମଣର ନବମ ବା ଦ୍ୱାଦଶ ଦିବସରେ ରୋଗୀ ନିମ ହଳଦୀ ଲଗାଇ ସ୍ନାନ କରେ ।]

ନିମା—ଦେ. ବି. ପୁଂ—୧ । ନିମାଇ (ଦେଖ)
Nimā Nimāi (See).
୨ । (ସ୍ତ୍ରୀ)—ନିମାଇ (ଦେଖ)
2. Nimāi (See).

ନିମା **नीमा** ବୈଦେ. ବି (ଫା)—କୁର୍ତ୍ତା ତଳେ ପିନ୍ଧାଯିବା ଏକପ୍ରକାର କୁର୍ତ୍ତା—
A kind of long under-garment.

ପିନ୍ଧିଥିବା ଜାମା ନିମା ଷ୍ଟକ୍ଷ
ଗୁପତ ଅଙ୍ଗ ଢାଙ୍କିଲେ ଝଲକ—ବିଦଗ୍ଧ ଚିନ୍ତାମଣି । ବନଭା

[ଦ୍ର—ନିମାକୁ ଜାମାର ତଳେ ମୁସଲମାନ୍‌ମାନେ ପିନ୍ଧନ୍ତି । ଏହାର ବେକ ପାଖେ ବୋତାମ ନ ଥାଏ ଓ ଏହା ଅଣ୍ଟୁ ଉପରକୁ ଲମ୍ବି ଥାଏ । ଏହାର ହାତ (ଅସ୍ତିନ୍) ଅଧା । ଏହାର ଦୁଇପାଖରେ କଳି ଥାଏ—ହି. ଶବ୍ଦସାଗର
ଭାଷାକୋଷର ଜୟ ଖଣ୍ଡରେ 'ଜାମାନିମା' ଶବ୍ଦର ବ୍ୟୁତ୍ପତ୍ତି ରୂପେ 'ନିମା' ଶବ୍ଦକୁ ଜାମାର ଅନର୍ଥକ ସହଚର ଶବ୍ଦ ବୋଲି ଯାହା ଲେଖା ଯାଇଅଛି ତାହା ଠିକ୍ ନୁହେଁ ।]

ନିମାଇ—ଦେ. ବି—୧ । ଶ୍ରୀଚୈତନ୍ୟ ଦେବଙ୍କ ମାତୃଦତ୍ତ ନାମ—
Nimāi 1. A name by which Śrī Chaitanya was called.
(ନିମେଇ—ଅନ୍ୟରୂପ)
ନିমାই ୨ । ପୁରୁଷଙ୍କୁ ଦିଆଯିବା ନାମ—
2. A name given to males.
[ଦ୍ର—ବଙ୍ଗଦେଶରେ ଅପତ୍ୟଜୀବୀ ପିଲାଙ୍କୁ 'ନିମାଇ' (=ନିମ ପରି ତିକ୍ତ) ନାମ ଦିଆଯାଏ । ଶ୍ରୀଚୈତନ୍ୟ ଦେବଙ୍କ ମାଆ ତାଙ୍କୁ ନିମାଇ ନାମ ଦେଇଥିଲେ ।]

ନିମାଇ ସନ୍ନ୍ୟାସୀ—ଦେ. ବି—ଶ୍ରୀଚୈତନ୍ୟ ଦେବଙ୍କ ଶ୍ରଦ୍ଧା ନାମ—
Nimāi sannyāsī A name by which Chaitanya was fondly called.
নিমাই সন্ন্যাসী

ନିମାଈ—ଦେ. ବି. ସ୍ତ୍ରୀ. (ସଂ. ନିମିପ୍ରିୟା)—ଗ୍ରାମଦେବୀବିଶେଷ—
Nimāī Name of a popular Goddess

ନିମାଉତ(ତି)—ଦେ. ବି—ନିମ୍ବାଦିତ୍ୟ ବା ନିମ୍ବାର୍କଙ୍କ ପ୍ରବର୍ତ୍ତିତ ବୈଷ୍ଣବ
Nimāuta(ti) ସମ୍ପ୍ରଦାୟ—A sect of Baishṇabas.
নিমাইৎ **निमावत** [ଦ୍ର—ନିମ୍ବାଦିତ୍ୟ ତଳେ ନୋଟ ଦେଖ ।]
(ନିମଉତ[ତି], ନିମାଇତ[ତି], ନିମାଏତ[ତି]—ଅନ୍ୟରୂପ)

ନିମାଜ (ଇତ୍ୟାଦି)—ବୈଦେ. ବି. (ଆ. ନିମାଜ୍ ହି. ଷ.)—
Nimāja (etc) ନମାଜ ଇତ୍ୟାଦି (ଦେଖ)
নমাজ **निमाज** Namāja etc (See)

ନିମାଜୀ—ବୈଦେ. ବିଣ ଓ ବି. (ଆ.)—ନମାଜୀ (ଦେଖ)
Nimāji Namāji (See)
নমাজী **निमाजी** (ନିମାଜିଆ—ଅନ୍ୟରୂପ)

ନିମାନ—ସଂ. ବି. (ନି+ମା ଧାତୁ=ମାପିବା+କରଣ. ଅନ)—
Nimāna ୧ । ମୂଲ୍ୟ; ଦାମ—1. Price; value.
୨ । ପରିମାଣ; ମାପ—
2. Measure (M. W.).
ଦେ. ବିଣ—ସମାନ—Equal.

ନିମାନୁ—ପ୍ରାଦେ. (ଗଞ୍ଜାମ) ଅ—ମୋଟେ; ଆଦୌ; ନିମାନୁ—
Nimānu At all.

ନିମାୟା—ସଂ. ବିଣ. (ସଂ. ନିର୍ମାୟ)—୧ । ଅମାୟିକ—
Nimāyā 1. Simple.
নিমায়া ୨ । ସରଳ—2. Guileless; frank.
निमाया, निर्मोह (ଯଥା—ନିମାୟା ପୁରୁଷ ।)

ନିମାୟା ପୁରୁଷ—ଦେ. ବି. (ସଂ. ନିର୍ମାୟ ଓ ପୁରୁଷ)—ଅମାୟିକ ବ୍ୟକ୍ତି—
Nimāyā purusha Guileless person.

ନିମାସ୍ତିନ୍—ବୈଦେ. ବି (ଫା.)—ନିମ୍ ଅସ୍ତିନ୍ (ଦେଖ)
Nimāstin Nim āstin (See)

ନିମି—ସଂ. ବି. (ନାମ)—୧ । ଇକ୍ଷ୍ୱାକୁ ରାଜପୁତ୍ର; ଦଶରଥଙ୍କର ପୂର୍ବପୁରୁଷ—Name of a king; ancestor of
Nimi king Daśaratha and son of Ikshwāku.
[ଦ୍ର—ନିମି ବଶିଷ୍ଠଙ୍କ ଅଭିଶାପରେ ନିଜର ଦେହକୁ ହରାଇବାରେ ଦେବତାମାନଙ୍କ ବରରେ ସେ ସବୁ ଜୀବଙ୍କର ଆଖିର ପଲକରେ ରହିଲେ; ଏଥିପାଇଁ ଆଖିର ପଲକର ନାମ ନିମିଷ । ହି.ଶ]

୨ । ଦତ୍ତାତ୍ରେୟ ଋଷିଙ୍କ ପୁତ୍ର (ମହାଭାରତ)—
2. Name of a son of sage Dattātreya. (M.W)
୩ । ବର୍ତ୍ତମାନ ଅବସର୍ପିଣୀର ଏକବିଂଶ ଜୈନ ଅର୍ହତ୍—
3. Name of the 21st. Jaina Arhat of the present Abasarpiṇī. (M. W)
୪ । ଭଜମାନ ଋଷିଙ୍କ ପୁତ୍ର—
4. Name of a son of sage Bhajamāna.(M.W)
୫ । ଦଣ୍ଡପାଣିଙ୍କ ପୁତ୍ର—
5. Name of a son of Daṇḍapāṇi. (M.W)
୬ । ହରିବଂଶ ଲିଖିତ ଦାନବବିଶେଷ—
6 Name of a Dānaba.
୭ । ଆଖି ପିଛୁଳା—7. The shutting and opening of the eyes; twinkling (M, W.)

ନିମିକି—ବୈଦେ. ବି. ଓ ବିଣ.—ନିମକି (ଦେଖ)
Nimiki Nimaki (See)

ନିମିଟି—ପ୍ରାଦେ. (ଗଡ଼ଜାତ) ବି.—ଏକ ପ୍ରକାର ଛୋଟ ଡାଉଁଶ—
Nimiṭi A kind of small gadfly.

ନିମିଟି ବାଘ—ପ୍ରାଦେ. (ଗଡ଼ଜାତ) ବି.—ଏକ ପ୍ରକାର ଛୋଟ ବାଘ;
Nimiṭi bāgha ନେପାଳୀ ବାଘ—A kind of small leopard.
[ଦ୍ର—ଏମାନେ ରାତିରେ ଘରେ ପଶି ଛେଳି, ମେଣ୍ଢା, ବାଛୁରୀ, ଶିଶୁ ଆଦିଙ୍କ ତଣ୍ଟି ଚିପି ମାରି ପକାନ୍ତି ଓ ତଣ୍ଟିର କଣାରେ ମୁହଁ ଲଗାଇ ରକ୍ତ ପିଇସାରି ଶବକୁ ବୋହି ନେଇ ଜଙ୍ଗଲକୁ ଚାଲି ଯାଆନ୍ତି (ଗଡ଼ଜାତବାସିନୀ. ୨୮.୭. ୧୯୩୦)]

ନିମିତା—ଗ୍ରା. ବି.—ନିମନ୍ତ୍ରଣ—
Nimitā Invitation.
(ଯଥା—ଅପେ କର୍ମୀରଙ୍କୁ ଆପଣା ଘର ଉତରକୁ ନିମିତା କରି ଡାକି ଆଣିଛି । ସହକାର ପତ୍ରିକା ।)

ନିମିତ (ଇତ୍ୟାଦି)—ଦେ. ବି.—ନିମିତ୍ୟ ଇତ୍ୟାଦି (ଦେଖ)
Nimita (etc) Nimitya etc (See)

ନିମିତା ନିମିତ—ଦେ. ବି. (ସହଚର ଶବ୍ଦ)—୧ । ପାରିବାରିକ
Nimitā nimita ଶୁଭାନୁଷ୍ଠାନ ବା ଉତ୍ସବ; ବିବାହ ବ୍ରତ ଆଦି ଶୁଭକର୍ମମାନ—1. Social ceremonies.
୨ । ଉତ୍ସବ ଓ ବ୍ରତାଦି—
2. Festivals and religious ceremonies.
न्योतान्योतो; परबत्योहार
(ନିମେତାନିମିତ୍ୟ; ନିତ୍ୟାନିମିତ୍ୟ—ଅନ୍ୟରୂପ)

ନିମିତ୍ତ—ସଂ. ବି. (ନି+ମିଦ୍ ଧାତୁ=ସ୍ନିଗ୍ଧ ହେବା+କରଣ. ତ)—
Nimitta ୧ । ହେତୁ; କାରଣ—1. Cause; reason; ground.
ଏ ନିମିତ୍ତ ମାତ୍ରକୁ ପାର୍ଥ ହାତେ ବଧ,
ହେବେ କର୍ଣ୍ଣ ବୋଲି ସକଳ ହେଲେ ବୋଧ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।
୨ । ଉପଲକ୍ଷ—2 Occasion.
୩ । ଅଭିପ୍ରାୟ; ଉଦ୍ଦେଶ୍ୟ—3. Motive; intention.
୪ । ପ୍ରୟୋଜନ—4. Need; necessity.
୫ । ଲକ୍ଷଣ; ଚିହ୍ନ—
5. Sign; mark; indication; token.
୬ । ଉତ୍ପତ୍ତି—6. Source; rise.
୭ । ଶକୁନ; ଶୁଭାଶୁଭ ଲକ୍ଷଣ; ଯେଉଁ ଲକ୍ଷଣଦ୍ୱାରା ଘଟଣା ଘଟିବା ପୂର୍ବରୁ ଶୁଭାଶୁଭ ସୂଚିତ ହୁଏ—
7. Omen; premonitory sign.
୮ । ଦାଗ—8. Spot; speck.
୯ । ଶରବ୍ୟ; ଲକ୍ଷ୍ୟ—9. Aim; target; butt.
୧୦ । (ଦର୍ଶନ ଶାସ୍ତ୍ର) କୌଣସି ଘଟଣାର ମୁଖ୍ୟ ବା କାର୍ଯ୍ୟକାରୀ କାରଣ—10. (Hindu philosophy) Instrumental or efficient cause (opposed to ଉପାଦାନ the operative or material cause). (M. W.)
୧୧ । ପ୍ରକାଶ୍ୟ କାରଣ—
11. Any apparent cause (Apte).
ଦେ. ଅ—୧ । ନିମନ୍ତେ—1. For; on account of.
୨ । ଲାଗି; ପାଇଁ—2. For the sake of.
୩ । ହେତୁରୁ; କାରଣରୁ—3. Owing to.
ଦେ. ବି—ନିମିତ୍ୟ (ଦେଖ)—Nimitya (See)

ନିମିତ୍ତକ—ସଂ. ବି. (ନିମିତ୍ତ+ସ୍ୱାର୍ଥେ. କ)—
Nimittaka ୧ । ନିମିତ୍ତ; କାରଣ—1. Cause.
୨ । ଚୁମ୍ବନ—2. Kissing.
ବିଣ—ଜନିତ; ଉତ୍ପନ୍ନ—
Caused; occasioned; produced.

ନିମିତ୍ତ କାରଣ—ସଂ. ବି—୧ । ଉପକରଣ; କୌଣସି କାର୍ଯ୍ୟରେ ତୃତୀୟ
Nimitta kāraṇa କାରଣ; କର୍ତ୍ତା ଯାହା ସାହାଯ୍ୟରେ କର୍ମ ସାଧନ କରେ; ସମବାୟୀ ଓ ଅସମବାୟୀ କାରଣ ଭିନ୍ନ ତୃତୀୟ କାରଣ—
Instrumental cause; immediate agent.
(ଯଥା—ବଢ଼େଇ (କର୍ତ୍ତା) ହତିଆର ଦ୍ୱାରା (ନିମିତ୍ତ କାରଣ ଦ୍ୱାରା) ଚଉକି (କର୍ମ) ତିଆରି କଲା । ଏ ସ୍ଥଳରେ ଯେଉଁ କାଠ ଦ୍ୱାରା ଚଉକି ତିଆରି ହେଲା ତାହା ସମବାୟୀ କାରଣ ଓ ଭିନ୍ନ ଭିନ୍ନ କାଠମାନଙ୍କର ସଂଯୋଗ ଅସମବାୟୀ କାରଣ ଓ ହତିଆର ନିମିତ୍ତ କାରଣ ।)

ନିମିତ୍ତ କାଳ—ସଂ. ବି—ନିର୍ଦ୍ଧାରିତ ସମୟ—
Nimitta kāḷa Fixed time.

ନିମିତ୍ତକୃତ୍—ସଂ. ବି. (ନିମିତ୍ତ=କୃ ଧାତୁ+କର୍ତ୍ତୃ. କ୍ୱିପ୍; ଏହାର ଶବ୍ଦ
Nimittakṛut ଶୁଭ ଅଶୁଭ ଶକୁନ ଜ୍ଞାପକ ଥିବାରୁ)—
କାକ; କୁଆ—A crow; a raven.

ନିମିତ୍ତଜ୍ଞ—ସଂ. ବି. ପୁଂ (ନିମିତ୍ତ+ଜ୍ଞା ଧାତୁ+କର୍ତ୍ତୃ. ଅ)—
Nimittajña ଦୈବଜ୍ଞ; ଗଣକ—
(ନିମିତ୍ତଜ୍ଞା—ସ୍ତ୍ରୀ) A seer; astrologer, an auger.
ସଂ. ବିଣ. ପୁଂ—୧ । ଯେ ଶକୁନ ବିଷୟ ଜାଣେ—1. Versed in the interpretation of omens.

୨ । ଯେ କାରଣ ଜାଣେ—
2. Having knowledge of the causes.

ନିମିତ୍ତତା—ସ. ବି (ନିମିତ୍ତ+ତା)—କାରଣ ସମ୍ବନ୍ଧ—
Nimittatā Casualty.
(ନିମିତ୍ତତ୍ୱ—ଅନ୍ୟରୂପ)

ନିମିତ୍ତ ଧର୍ମ—ସ. ବି. (୬ଷ୍ଠୀ ତତ୍; ନିମିତ୍ତ+ଧର୍ମ)—
Nimitta dharma ୧ । ପାପ ମାର୍ଜନା—1. Absolution.
୨ । ପ୍ରାୟଶ୍ଚିତ୍ତ—2 Expiation.

ନିମିତ୍ତବିତ୍—ସ. ବିଣ. ପୁଂ (ନିମିତ୍ତ+ବିଦ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Nimittabit ନିମିତ୍ତଜ୍ଞ (ଦେଖ)—Nimittajña (See)

ନିମିତ୍ତ ମାତ୍ର—ସ. ବି—କାରଣ ମାତ୍ର; କାରଣ ରୂପେ ପ୍ରତୀୟମାନ—
Nimitta mātra Immediate cause; patent cause; apparent cause.
[ଦ୍ର—'କ' ସଙ୍ଗେ 'ଖ' ର ବହୁକାଳରୁ ବିବାଦ ଅଛି, ଓ 'କ'କୁ ଯବତ କରିବା ପାଇଁ 'ଖ' ନିମିତ୍ତ ଖୋଜୁଛି । ହଠାତ୍ ବାଟରେ ଯାଉଁ ଯାଉଁ ଅଜାଣତରେ 'କ'ର ଦେହ 'ଖ'ର ଦେହରେ ବାଜିଗଲା । ଏଥିରେ 'ଖ' କୋପାନ୍ୱିତ ହୋଇ 'କ'କୁ ପ୍ରହାର କଲା । ଏଠାରେ 'କ'ର ଦେହ 'ଖ'ର ଦେହରେ ବାଜିବା ଏ ମାଡ଼ର ନିମିତ୍ତ ମାତ୍ର ହେଲା ।]

ନିମିତ୍ତେ—ଦେ. ଅ. (ସ. ନିମିତ୍ତଂ)—ନିମନ୍ତେ (ଦେଖ)
Nimitte Nimante (See)

ନିମିତ୍ୟ—ଗ୍ରା. ବି. (ସ. ନିମନ୍ତ୍ରଣ)—୧ । ପାରିବାରିକ ଶୁଭାନୁଷ୍ଠାନ—
Nimitya 1. Family ceremonies and festivals.
निमन्त्रण, भोज ୨ । ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଧାରିତ ସ୍ଥାନରେ
त्योहार ଭୋଜନାର୍ଥ ଉପସ୍ଥିତ ହେବା ପାଇଁ ନିମନ୍ତ୍ରଣ—
(ନିମିତ୍ୟଘର—ଅନ୍ୟରୂପ) 2. Invitation to a dinner.
୩ । ଭୋଜି—3. Feast.
୪ । ଆଶୀର୍ବାଦଘର; ଦ୍ୱିରାଗମନ ଅନୁଷ୍ଠାନ—
4. Consummation of marriage.
ଗ୍ରା. ଅ. (ସ. ନିମିତ୍ତଂ)—ନିମନ୍ତେ; ପାଇଁ—For.

ନିମିତ୍ୟ ଗ୍ରାହୀ—ଦେ. ବିଣ—ମାଙ୍ଗଳିକ ଅନୁଷ୍ଠାନର ଗୃହକର୍ତ୍ତା—
Nimitya grāhī The host in a festival.
নিমিত্তের ভাগী, কর্তা भोजी

ନିମିତ୍ୟ ଚଳା(ଲେ)ଇବା—ଗ୍ରା.କ୍ରି—୧ । କୌଣସି ଉତ୍ସବରେ ଗୃହସ୍ୱାମୀଙ୍କୁ
Nimitya chaḷā(ḷe)ibā ସାହାଯ୍ୟଦେଇ ତାହା ସମାଧା କରାଇବା—
भोज संभालना 1. To help the host in bringing a festival to a successful termination.
ନିମିତ୍ୟ ଗୁଳିବା / ନିମିତ୍ୟ ଚଳାଁ(ଲେ)ଇବା } ଅନ୍ୟରୂପ
୨ । ଉତ୍ସବରେ ଗୃହସ୍ୱାମୀଙ୍କୁ ସାହାଯ୍ୟ କରିବା—
2. To render help to the host of a festival.

ନିମିତ୍ୟ ପର୍ବ—ଗ୍ରା. ବି. (ସହରର ଶବ୍ଦ)—ନିମିତା ନିମିତ୍ୟ (ଦେଖ)
Nimitya parba Nimitā nimitya (See)

ନିମିତ୍ୟରେ—ଗ୍ରା. ଅ—ନିମନ୍ତେ (ଦେଖ)
Nimityare Nimante (See)

ନିମିତ୍ରଣ—ଗ୍ରା. ବି. (ସ. ନିମନ୍ତ୍ରଣ)—ନିମନ୍ତ୍ରଣ—
Nimitraṇa Invitation.

ନିମିଷ—ସ. ବି. (ନି+ମିଷ୍ ଧାତୁ=ସ୍ପର୍ଦ୍ଧା କରିବା; ଆଖି ପିଛୁଳିବା +ଭାବ. ଅ)—
Nimisha
(ନିମେଷ—ଅନ୍ୟରୂପ) ୧ । ଆଖି ପିଛୁଳିବା; ଚକ୍ଷୁପଲକ; ଆଖିବୁଜିବା—
1. Twinkling of the eye; shutting of the eye; wink.
୨ । ନିମିମାଏ ସମୟ ଅତି ସୂକ୍ଷ୍ମ ସମୟ; ଆଖି ପିଛୁଳିବାକୁ ଯେତିକି ସମୟ ଲାଗେ ସେତିକି ସମୟ—
2 A moment; twinkling; twinkle; an instant.
୩ । ବିଷ୍ଣୁ—3. Bishṇu.

ନିମିଷ କ୍ଷେତ୍ର—ସ. ବି—ନୈମିଷାରଣ୍ୟ (ଦେଖ)
Nimishakshetra Naimishāraṇya (See)

ନିମିଷିତ—ସ. ବି. (ନି+ମିଷ୍ ଧାତୁ+ଭାବ. ତ)—ଆଖି ପିଛୁଳିବା—
Nimishita Momentary shutting of the eye; blink.
ସ. ବିଣ—ନିମୀଳିତ (ଚକ୍ଷୁଃ)—Closed (eyelid).

ନିମିଷେ—ଦେ. କ୍ରି. ବିଣ—୧ । ଆଖି ପିଛୁଳିବା ମାତ୍ରକେ—
Nimishe 1. At the twinkling of an eye.
একনিମିষ ଯେବେ ବହୁର୍ଦ୍ଦିଶେ ହରେ ନୟନ ନିମିଷେ ମିଶେ
एकनिमिष ବେଗେ ଭସ୍ମ କଲା ଥରେ ଥରେ—ଭକ୍ତ. ପ୍ରେମସୁଧାନିଧି
୨ । ଏକ ମୁହୂର୍ତ୍ତ ମାତ୍ର—2. Only a moment

ନିମୀଳ—ସ. ବି. (ନି+ମୀଲ୍ ଧାତୁ+ଭାବ. ଅ)—ନିମୀଳନ (ଦେଖ)
Nimīḷa Nimīḷana (See)

ନିମୀଳକ—ସ. ବିଣ. (ନି+ମୀଲ୍ ଧାତୁ+କର୍ତ୍ତୃ. ଅକ)—ଯାହା ମୁଦ୍ରିତ କରେ—Which shuts; shutting.
Nimīḷaka
(ନିମୀଳକା—ସ୍ତ୍ରୀ) ବି. (ଅଧୁନିକ ବିଜ୍ଞାନ ପରିଭାଷା)—ସଙ୍କୋଚକ ପେଶୀ; ଯେଉଁ ପେଶୀ ଚକ୍ରିକଟସ୍ଥ ଶରୀରର ଛିଦ୍ରକୁ ମୁଦ୍ରିତ କରେ—
A sphincter; contracting muscle.

ନିମୀଳନ—ସ. ବି. (ନି+ମୀଲ୍ ଧାତୁ=ଆଖି ବୁଜିବା+ଭାବ. ଅନ)—
Nimīḷana ୧ । (ଆଖି) ବୁଜିବା; ମୁଦିବା—1. Closing or shutting (as of the eyes); winking.
(ଉନ୍ମୀଳନ—ବିପରୀତ)
୨ । ନିମେଷ, ନିମିଷମାତ୍ର ସମୟ; କ୍ଷଣ—
2. Twinkling of the eye; an instant.
୩ । ଫୁଟିଲା ଫୁଲର ମୁଦ ହେବା—
3. Closing of a flower.
୪ । ସଙ୍କୋଚନ—4. Contracting.
୫ । ମୋହ—5. Stupefaction; fainting.
୬ । ସମ୍ମୋହନ—6. Fascination; enchantment.
୭ । ମରଣ—7. Death.
୮ । (ଣିଜନ୍ତ+ଭାବ ଅନ) ବନ୍ଦ କରିବା; ମୁଦ୍ରିତ କରିବା—
8. Closing; shutting.

ନିମୀଳିକା—ସ. ବି. ସ୍ତ୍ରୀ. (ନିମୀଳକ+ସ୍ତ୍ରୀ. ଆ)—
Nimīlikā ୧ । ବ୍ୟାଜ; ଛଳ—1. Pretence.
୨ । ନିମୀଳନ; ଅକ୍ଷିମିଟିକା—
2 Winking; twinkling.
ବିଣ. ସ୍ତ୍ରୀ—ନିମୀଳକର ସ୍ତ୍ରୀଲିଙ୍ଗ—
The feminine of Nimīlaka.

ନିମୀଳିତ—ସ. ବିଣ. (ନି+ମିଲ୍ ଧାତୁ+କର୍ମ. ତ)—୧ । ମୁଦ୍ରିତ—
Nimīlita 1. Closed; shut.
୨ । ସଙ୍କୁଚିତ—2. Contracted.
୩ । ଆଚ୍ଛାଦିତ—3. Covered.
୪ । ମୃତ—4. Dead.
୫ । ନିଷ୍ପନ୍ଦ—5. Still; motionless.
୬ । ବିମୋହିତ—6. Fascinated; stupefied.
୭ । ମୂର୍ଚ୍ଛିତ—7. Fainted.
୮ । ଅବନତ—8. Bent.
୯ । (ଣିଜନ୍ତ+କର୍ମ ତ) ଯାହା ମୁଦ୍ରିତ କରାଯାଇଅଛି—
9. Which has been shut up.
ସ. ବି. (+ଭାବ. ତ) ନିମୀଳନ—
Closing; winking; twinkling.

ନିମୁଣ୍ଡିଆ—ଦେ. ବିଣ. ପୁଂ—୧ । ଅନାଥ—1. Protectorless.
Nimundiā ୨ । ବନ୍ଧୁହୀନ—2. Friendless.
(ନିମୁଣ୍ଡୀ—ସ୍ତ୍ରୀ) ୩ । ନିରାଶ୍ରୟ—3. Helpless.
নিমুড়িআ, নিমুড়ে, নিমুড্যা ୪ । ପରିତ୍ୟକ୍ତ—4. Forlorn.
अनाथ

ନିମୁଣ୍ଡୀ ଲୋ ତୋର କେହି ନାହିଁ ! ମୋର କେହିନାହିଁ
ମେଣ୍ଟ ମାଣ୍ଡି ହୋଇ ଗୋ—ଉସ ।

୫ । ଅଭିଭାବକହୀନ—5. Guardianless.

ନିମୂଳ—ସ ବିଣ—ମୂଳରହିତ; ମୂଳହୀନ (ହି. ଶ.)—
Nimūla Rootless.
ସ. ବି—ପ୍ରକାଶନ (ହି. ଶବ୍ଦସାଗର)—
Exhibition; manifestation.

ନିମେଷ—ସ. ବି—ନିମିଷ (ଦେଖ)
Nimesha Nimisha (See)

ନିନକ ବୋଇଲେ ଦେ ଶୋଇଲେ ନିମେଷ
ନ ପକାଏ ଏହା ଜାଣ ନ ରୁଷି ଈଶ । କୃଷ୍ଣସିଂହ. ମହାଭାରତ, ବନ ।

ନିମେଷକ—ସ. ବି. (ନିମେଷ+ସ୍ୱାର୍ଥେ କ)—୧ । ନିମିଷ (ଦେଖ)
Nimeshaka 1. Nimisha (See)
୨ । (ନି+ମିଷ୍ ଧାତୁ+କର୍ତ୍ତୃ. ଅକ) ଖଦ୍ୟୋତ—
2. Firefly.

ନିମେଷକୃତ୍—ସ. ବି. (ନିମେଷ+କୃ ଧାତୁ+କର୍ତ୍ତୃ. କ୍ୱିପ୍; ଯାହା ଅକ୍ଷିକୁ ବୁଜାଇ ଦିଏ)—ବିଦ୍ୟୁତ୍; ବିଜୁଳି—
Nimeshakṛut
Lightning.

ନିମେଷଣ—ସ. ବି. (ନି=ନାହିଁ+ମିଷ୍ ଧାତୁ=ବୁଜିବା+ଭାବ. ଅନ)-
Nimeshaṇa ୧ । ଉନ୍ମୀଳନ; ଅକ୍ଷି ଫିଟେଇବା—
1. Opening of the eyelids.
୨ । (ନି+ମିଷ୍ ଧାତୁ+ଭାବ. ଅନ) ଅକ୍ଷି ବୁଜିବା—
2. Shutting of the eyelids.

ନିମେଷ ପକା(କେ)ଇବା—ଦେ. କ୍ରି—ଅକ୍ଷି ମିଟିକିବା—
Nimesha pakā(ke)ibā To twinkle the eyelids.
চোখ মটকান अख मिचना

ନିମେଷ ରୁକ୍—ସ. ବି. (ନିମେଷ=ଉନ୍ମୀଳନ+ରୁଚ୍ ଧାତୁ=
Nimesha ruk ଦୀପ୍ତି ପାଇବା+କର୍ତ୍ତୃ. କ୍ୱିପ୍)—
ଜିଭୁଜିଭୁଆ ପୋକ; ଖଦ୍ୟୋତ—Firefly.

ନିମେଷ ଶୂନ୍ୟ—ସ. ବିଣ. (ତୃତୀୟା ତତ୍; ନିମେଷ+ଶୂନ୍ୟ)—
Nimesha śūnya ପଲକ ରହିତ; ଅନିମେଷ; ନିର୍ନିମେଷ—
ନିମେଷହୀନ, ନିମେଷରହିତ } ଅନ୍ୟରୂପ
Winkless; with a fixed or steadfast gaze; staring.

ନିମ୍ନ—ସ. ବିଣ. (ନି+ମ୍ନା ଧାତୁ=ଅଭ୍ୟାସ କରିବା+କର୍ତ୍ତୃ. ଅ)—
Nimna ୧ । ତଳ; ଅନୁଚ୍ଚ; ନୀଚ—1. Low.
୨ । ଅଗାଧ; ଗମ୍ଭୀର—2. Deep.
୩ । ନତ; ଖାଲୁଆ—3. Depressed; sunk.
୪ । ହୀନ—4. Base; mean.
୫ । ନିକୃଷ୍ଟ—5. Inferior.
୬ । ତଳେ ଅବସ୍ଥିତ; ଅଧସ୍ଥ—
6. Low lying; placed below; lowly.
ବି—୧ । ଉତ୍ସଙ୍ଗ; କୋଳ—1. Lap; the part of the legs between the thighs and hips.
୨ । ପ୍ରବଣ ଭୂମି; ଅଡ଼ଡ଼ା—2. Precipice.
ଦେ. ବି—୧ । ନିମ୍ନଲିଖିତ ବା ତଳଲିଖିତ ସ୍ଥାନ—
1. The following place.
୨ । ଭୂତଳ; ତଳ ଦେଶ—2. Ground; earth.
নিম্ন ଦେ. ବିଣ—ତଳଲିଖିତ—Written below;
नीचा specified below.

ନିମ୍ନ ଅଦାଲତ—ଦେ. ବି. (ସ. ନିମ୍ନ+ଫା. ଅଦାଲତ୍)—
Nimna adālata ଅପିଲ ଅଦାଲତର ନିମ୍ନସ୍ଥାନୀୟ ବା ତଳ ଅଦାଲତ—Subordinate court;
নিম্ন আদালত
निम्न अदालत lower court.

ନିମ୍ନଗ—ସ. ବିଣ. (ନିମ୍ନ+ଗମ ଧାତୁ+କର୍ତ୍ତୃ. ଅ)—
Nimnaga ୧ । ନିମ୍ନଗାମୀ; ଯାହା ତଳ ଆଡ଼କୁ ବୋହି ଯାଉଅଛି; ଅଧୋଗାମୀ—
(ନିମ୍ନଗା—ସ୍ତ୍ରୀ)
1. Flowing downwards; descending.
୨ । ଗମ୍ଭୀର—2. Deep.

ନିମ୍ନଗା—ସ. ବି. ସ୍ତ୍ରୀ. (ନିମ୍ନଗ+ସ୍ତ୍ରୀ. ଆ)—
Nimnagā ନଦୀ—A river
ବିଣ. ସ୍ତ୍ରୀ—ଯାହା ତଳ ଆଡ଼କୁ ଗତି କରେ ବା ବୋହିଯାଏ—
Flowing downwards.

ନିମ୍ନ ଜାତି—ଦେ. ବି—୧ । ନୀଚ ଜାତି—1. Low caste.
Nimna jāti ୨ । ନୀଚ ଶ୍ରେଣୀ—2. Low class.
নীচ জাতি नीच जात (ନିମ୍ନ ଜାତୀୟ—ବିଣ)

ନିମ୍ନତା – ସଂ. ବି. (ନିମ୍ନ + ଭାବ. ତା) —
Nimnatā ୧ । ନୀଚତା—1. Lowness.
(ନିମ୍ନତ୍ୱ—ଅନ୍ୟରୂପ) ୨ । ଗମ୍ଭୀରତା—2. Depth.
୩ । ଖାଲ—3. Depression; cavity.

ନିମ୍ନ ପ୍ରବଣ – ସଂ. ବିଣ—ନିମ୍ନଗ; ନିମ୍ନାଭିମୁଖ; ତଳ ଆଡ଼କୁ ଗତି କରୁଥିବା—Going downwards.
Nimna prabaṇa
(ନିମ୍ନ ପ୍ରବଣା—ସ୍ତ୍ରୀ) (ନିମ୍ନ ପ୍ରବଣତା—ବି)

ନିମ୍ନ ପ୍ରାଇମେରି —ଦେ. ବିଣ. (ଆଧୁନିକ ବ୍ୟବହାର; ସଂ. ନିମ୍ନ ଓ ଇଂ. ପ୍ରାଇମେରି)—
Nimna prāimeri
ନିମ୍ନ প্রাইমেরী ଲୋୟର୍ ପ୍ରାଇମେରି (ବିଦ୍ୟାଳୟ); ଯେଉଁଠାରେ
निम्न प्राइमेरी ଛାତ୍ର ଛାତ୍ରୀମାନେ ବିଦ୍ୟାରମ୍ଭ କରନ୍ତି—
(ନିମ୍ନପ୍ରାଥମିକ—ଅନ୍ୟରୂପ) Lower primary (school).

ନିମ୍ନରେ— ଦେ. କ୍ରି. ବିଣ. (ସଂ. ନିମ୍ନ)—
Nimnare ୧ । ତଳେ—1. Below.
নীচে ୨ । ଏଥି ପରେ—Further on; afterwards.
नीचे

ନିମ୍ନ ଲି(ଲେ)ଖିତ—ଦେ. ବିଣ. (ସଂ. ନିମ୍ନ + ଲିଖିତ)—
Nimna li(le)khita ପରେ ଲେଖା ଯାଉଥିବା—
নিম্ন লিখিত Mentioned below; undermentioned.
नीचे लिखाहुआ

ନିମ୍ନ ଶ୍ରେଣୀ—ଦେ. ବି. (ସଂ. ନିମ୍ନ + ଶ୍ରେଣୀ)—୧ । ନିମ୍ନ ଜାତି (ଦେଖ)
Nimna śreṇī 1. Nimna jāti (See)
নিম্নশ্রেণী ୨ । ବିଦ୍ୟାଳୟର ପ୍ରାଥମିକ ଶ୍ରେଣୀ—
निम्न श्रेणी 2. Primary class of a school.
୩ । ବିଦ୍ୟାଳୟର ନୀଚଭର ଶ୍ରେଣୀ—
3. Lower class of a school.

ନିମ୍ନାଙ୍କିତ—ସଂ. ବି.—ନିମ୍ନଲିଖିତ (ଦେଖ)
Nimnāṅkita Nimna likhita (See)

ନିମ୍ନାଭିମୁଖ--ସଂ. ବିଣ.— ନିମ୍ନ ପ୍ରବଣ (ଦେଖ)
Nimnābhimukha Nimna prabaṇa (See)
(ନିମ୍ନାଭିମୁଖା—ସ୍ତ୍ରୀ) (ନିମ୍ନାଭିମୁଖୀ—ଅନ୍ୟରୂପ)

ନିମ୍ନେ—ଦେ. କ୍ରି. ବିଣ. (ସଂ. ନିମ୍ନ)—ନିମ୍ନରେ (ଦେଖ)
Nimne Nimnare (See)
নিম্নে **निचे**

ନିମ୍ନୋଦ୍ଧୃତ—ସଂ ବିଣ. (ନିମ୍ନ + ଉଦ୍ଧୃତ)—ଏଥି ପରେ ଉଦ୍ଧୃତ କରାଯିବା ବିଷୟ—Quoted below.
Nimnoddhruta

ନିମ୍ନୋନ୍ନତ—ସଂ. ବିଣ. (ବିପରୀତ ସହିତର ପଦ)—୧ । ଉଚ ନୀଚ; ଉଚ୍ଚାବଚ; ଉଚ୍ଚାବଚ — 1. High and low; up and down.
Nimnonnata
୨ । ବନ୍ଧୁର—2. Uneven; undulating.

ନିମ୍ବ—ସଂ. ବି.—(ନିନ୍ଵ୍ ଧାତୁ = ପାଣି ଛିଞ୍ଚିବା + କର୍ତ୍ତୃ. ଅ)—
Nimba ନିମ (ଦେଖ)—Nima (See)

ନିମ୍ବକ—ସଂ. ବି. (ନିମ୍ବ + ସ୍ୱାର୍ଥେ କ)—୧ । ନିମ (ଦେଖ)
Nimbaka 1. Nima (See)
୨ । ମହାନିମ୍ବ (ଦେଖ)—2. Mahānimba (See)

ନିମ୍ବ ତରୁ—ସଂ. ବି.—୧ । ନିମ (ଦେଖ)
Nimba taru 1. Nima (See)
୨ । ପାରିଭଦ୍ର; ପାଲଧୁଆ—
2. The Indian coral tree.

ନିମ୍ବ ତୈଳ—ସଂ. ବି.—ନିମ୍ବ ମଞ୍ଜିରୁ ନିଷ୍କାଷିତ ତୈଳ—
Nimba taila Oil extracted from Nimba seeds.

ନିମ୍ବାଦିତ୍ୟ—ସଂ. ବି. (ନାମ) ବୈଷ୍ଣବ ଧର୍ମ ସମ୍ପ୍ରଦାୟବିଶେଷ (ନିମାଇତ)ର ପ୍ରବର୍ତ୍ତକ—Name of a Baishṇaba reformer.
Nimbāditya

[ବି—ନିମ୍ବାଦିତ୍ୟ ବୃନ୍ଦାବନପାଖରେ ଧ୍ରୁବ ନାମକ ପାହାଡ଼ରେ ବାସ କରୁଥିଲେ । ଏଠାରେ ଏହାଙ୍କ ଶିଷ୍ୟମାନେ ଗୋଟିଏ ମଠ ସ୍ଥାପନ କରି ଅଛନ୍ତି । ଏହାଙ୍କ ପିତାଙ୍କ ନାମ ଜଗନ୍ନାଥ । ବାଲ୍ୟାବସ୍ଥାରେ ଏହାଙ୍କ ନାମ ଭାସ୍କରାଚାର୍ଯ୍ୟ ଥିଲା । ଏହାଙ୍କର ଅନ୍ୟ ନାମ ଅରୁଣି ଥିଲା । ଏହାଙ୍କୁ କେହି କେହି ସୁଦର୍ଶନଙ୍କ ଚକ୍ରଙ୍କର ଅବତାର ଓ କେହି କେହି ସୂର୍ଯ୍ୟଙ୍କ ଅଂଶରୁ ଜାତ ବୋଲି କହନ୍ତି । ଏ ବିଶେଷ କୃଷ୍ଣ ଭକ୍ତ ଥିଲେ । ଏହାଙ୍କ ସମ୍ବନ୍ଧେ ହିନ୍ଦୀ ଭକ୍ତମାଳ ଗ୍ରନ୍ଥରେ ଲେଖା ଅଛି ଯେ ଥରେ ଜଣେ ସନ୍ନ୍ୟାସୀ ବା ଜୈନ ସାଧୁ ଏହାଙ୍କ ସଙ୍ଗେ ବିଚାରକ ଶାସ୍ତ୍ରବିଚାର କରୁ କରୁ ସୂର୍ଯ୍ୟାସ୍ତ ସମୟ ଉପସ୍ଥିତ ହେଲା । ନିମ୍ବାଦିତ୍ୟ ଉକ୍ତ ସାଧୁଙ୍କୁ ଭୋଜନ କରିବା ପାଇଁ ଅନୁରୋଧ କରିବାରୁ ସାଧୁ ସୂର୍ଯ୍ୟାସ୍ତ ପରେ ଭୋଜନ କରନ୍ତି ନାହିଁ ବୋଲି ପ୍ରକାଶ କଲେ । ଏହା ଶୁଣି ନିମ୍ବାଦିତ୍ୟ ସ୍ୱୀୟ ଯୋଗ ବଳରେ ଅସ୍ତୋନ୍ମୁଖ ସୂର୍ଯ୍ୟଙ୍କୁ ଅଟକାଇ ରଖିଲେ ଓ ସନ୍ନ୍ୟାସୀଙ୍କର ଭୋଜନ ଶେଷ ନ ହେବା ପର୍ଯ୍ୟନ୍ତ ସୂର୍ଯ୍ୟଦେବତା ଗୋଟିଏ ନିମ୍ବ ଗଛ ଉପରେ ଅଟକି ରହିଲେ । ଏଥିପାଇଁ ଏହାଙ୍କ ନାମ ନିମ୍ବାଦିତ୍ୟ ବା ନିମ୍ବାର୍କ ହୋଇ ଥିଲା । ଏ ନିମାଇତ୍ ନାମକ ଗୋଟିଏ ବୈଷ୍ଣବ ସମ୍ପ୍ରଦାୟର ଆଦି ଗୁରୁ । (ହି. ଶବ୍ଦସାଗର)
ଏହି ସମ୍ପ୍ରଦାୟର ବୈଷ୍ଣବମାନେ ବ୍ରହ୍ମବୈବର୍ତ୍ତପୁରାଣ ବର୍ଣ୍ଣିତ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିଙ୍କର ଉପାସନା କରନ୍ତି । ଏମାନେ କପାଳରେ କେଶ ମୂଳଠାରୁ ଭ୍ରୂ ମୂଳ ପର୍ଯ୍ୟନ୍ତ ଦୁଇଟି ସମାନ୍ତର ଗୋପୀଚନ୍ଦନ ରେଖା ସାମ୍ପ୍ରଦାୟିକ ଚିହ୍ନ ସ୍ୱରୂପ ଧାରଣ କରନ୍ତି । ଗୀତଗୋବିନ୍ଦରଚୟିତା ଜୟଦେବ ଗୋସ୍ୱାମୀ ଏହି ସମ୍ପ୍ରଦାୟଭୁକ୍ତ ଥିଲେ । ମାଧବାଚାର୍ଯ୍ୟ ମଧ୍ୟ ଏହି ସମ୍ପ୍ରଦାୟଭୁକ୍ତ ଥିଲେ । କେହି କେହି ନିମାଇତ ସମ୍ପ୍ରଦାୟକୁ ମାଧବାଚାର୍ଯ୍ୟଙ୍କ ସମ୍ପ୍ରଦାୟ ନାମରେ ଡାକନ୍ତି ।]

ନିମ୍ବାର୍କ—ସଂ. ବି. (ନାମ)—ନିମ୍ବାଦିତ୍ୟ (ଦେଖ)
Nimbārka Nimbāditya (See)

ନିମ୍ବୁ(ମ୍ବୂ)—ସଂ. ବି. (ନିନ୍ଵ ଧାତୁ + ଉ; ଊ)—୧ । ନେମ୍ବୁ; ଲେମ୍ବୁ—
Nimbu (mbū) 1. Lemon; citron; Citrus Medica.
ସଂ. ଅମ୍ଳଜମ୍ବୀର, ବହ୍ନି, ଦୀପ୍ତ, ବହ୍ନିବୀଜ, ଅମ୍ଳସାର, ଦନ୍ତାଘାତ, ଶୋଧନ, ଜନ୍ତୁମାରି, ରେଚନ ।
୨ । କାଗଜୀ—2. Lime (fruit and tree.)
୩ । ନାରଙ୍ଗ; କମଳା—
3. Orange.

ନିମ୍ବୁ(ମ୍ବୂ)କ—ସଂ. ବି. (ନିମ୍ବୁ; ନିମ୍ବୂ + ସ୍ୱାର୍ଥେ. କ)—ନିମ୍ବୁ (ଦେଖ)
Nimbu (mbū)ka Nimbu (See)

ନିମ୍ବୁ ପାନକ—ସଂ. ବି. (ବୈଦ୍ୟକ) (ନିମ୍ବୁ+ପାନକ)—ଛଅ ଭାଗ ଚିନି
Nimbu pānaka ସଙ୍ଗେ ଏକ ଭାଗ ଲେମ୍ବୁ ରସ ମିଶା ଯାଇ ମରିଚ ଓ ଲବଙ୍ଗ ଗୁଣ୍ଡା ପଡ଼ି ପ୍ରସ୍ତୁତ ହୋଇଥିବା ପଣା ବା ସରବତ୍—Lemonade; lemon syrup.

ନିମ୍ଲୋଚ—ସଂ. ବି.—(ନି+ମ୍ଲୁଚ୍ ଧାତୁ+ଭାବ.ଅ)-ସୂର୍ଯ୍ୟଙ୍କର ଅସ୍ତହେବା
Nimlocha (ହ୍ର. ଶ.)—The setting of the sun.

ନିମ୍ଲୋଚନୀ—ସଂ. ବି.—(ନାମ)—ବରୁଣଙ୍କ ନଗରୀ ବା ରାଜଧାନୀ—
Nimlochanī The name of the capital of Baruṇa. [ଦ୍ର—ଏହା ମାନସୋତ୍ତର ପର୍ବତର ପଶ୍ଚିମରେ ଅବସ୍ଥିତ— ହ୍ର. ଶବ୍ଦସାଗର ।]

ନିୟତ—ସଂ. ବିଣ. (ନି+ଯମ୍ ଧାତୁ=ନିବୃତ୍ତି କରିବା+କର୍ମ. ତ)—
Niyata ୧ । ବଦ୍ଧ—1. Restrained.
୨ । ଅଟକା ଯାଇଥିବା—2. Checked.
୩ । ଦମିତ; ସଂଯତ—3. Curbed; suppressed.
୪ । ଶାସିତ—4. Controlled
୫ । ବଶୀକୃତ—5. Subdued.
୬ । ସ୍ଥିରୀକୃତ; ସ୍ଥିର—6. Settled; fixed.
୭ । ନିଶ୍ଚିତ—7. Sure; certain.
୮ । ମନୋଯୋଗୀ—8 Attentive; intent.
୯ । ଜିତେନ୍ଦ୍ରିୟ—9. Continent; temperate; abstemious; having self control.
୧୦ । ଅବଶ୍ୟଂଭାବୀ—10. Inevitable; unavoidable; doomed.
୧୧ । ଅବିଶ୍ରାନ୍ତ; ଅବିଚ୍ଛିନ୍ନ—11. Incessant; continuous.
୧୨ । ନିୟମିତ; ନିୟମ ଦ୍ୱାରା ପରିମିତ—12. Regulated; regular.
୧୩ । ସସୀମ; ଛନ୍ଦିଷ୍ଟ—13. Limited.
୧୪ । ନିତ୍ୟ; ସର୍ବଦା ଘଟୁଥିବା—14. Perpetual; constant; eternal.
୧୫ । ନିଯୋଜିତ; ତୈନାତ୍ (ହ୍ର. ଶ.)—15. Employed; engaged; deputed.
୧୬ । ପାଳିତ (ବ୍ରତାଦି)—16. Observed; maintained (as a vow) (Apte.)
୧୭ । ସ୍ଥାପିତ; ପ୍ରତିଷ୍ଠିତ (ହ୍ର. ଶ.)—17 Established; set; placed.

ସଂ. ବି—୧ । ନିତ୍ୟକର୍ମ (ପ୍ରକୃତିବାଦ)—1. One's daily rituals; one's daily round of duties.
୨ । ଶିବ; ମହାଦେବ (ହ୍ର. ଶ.)—2. Siba.
ଦେ. ବିଣ.—ଶେଷ; ଅନ୍ତିମ—Final.
ଏମନ୍ତେ ମରଣ ନିୟତ—କାଳ ହୋଇଲା ଉପଗତ ।
ଜଗନ୍ନାଥ. ଭାଗବତ ।
ଦେ. ବି.—୧ । ମୃତ୍ୟୁ—1. Death.
ମୋ ସଙ୍ଗତେ ଯୁଦ୍ଧ ଇଚ୍ଛା ଯୁଦ୍ଧ ସୁତ,
କରିବାକୁ ଜାଣୁଛ ହେବ ତା ନିୟତ । କୃଷ୍ଣସିଂ. ମହାଭାରତ ଉଦ୍ୟୋଗ ।
୨ । ଶେଷ—2. End.
୩ । (ସଂ. ନିୟତି) ଅଦୃଷ୍ଟ; ଭାଗ୍ୟ—3 Providence; luck.
ସଂ. କ୍ରି. ବିଣ. (ସଂ. ନିୟତଂ) ୧ । ସତତ; ସର୍ବଦା—1. Constantly.
୨ । ଚିରକାଳ ପାଇଁ—2. Perpetually; eternally.
୩ । ନିତ୍ୟ—3. Daily; every day.
୪ । ଅବିଶ୍ରାନ୍ତ ଭାବରେ—4. Continually; uninterruptedly.
୫ । ଅବଶ୍ୟ; ଅନିବାର୍ଯ୍ୟରୂପେ—5. Inevitably.
୬ । ବଳପୂର୍ବକ—6. Forcibly (Apte).
ବୈଦେ. ବି. (ଅ. ନୀୟତ୍=ସଂକଳ୍ପ; ଲକ୍ଷ୍ୟ)—
नियत ୧ । ସଂକଳ୍ପ ପାଳନ—1. Acting up to one's resolution.
नियत
୨ । କର୍ତ୍ତବ୍ୟ ପାଳନ—2. Discharge of one's duties.
୩ । ବ୍ରତ ପାଳନ; ସତ୍ୟ ପାଳନ—3. Fidelity; strictly following one's vow.
୪ । ଧର୍ମାନୁମୋଦିତ ଭାବରେ ବା ବିଶ୍ୱାସର ସହକାରେ କାର୍ଯ୍ୟ କରିବା—4. Righteousness.
୫ । ଉଦ୍ଦେଶ୍ୟ; ଲକ୍ଷ୍ୟ—5. Aim; intention; motive.
୬ । ସଂକଳ୍ପ; ବ୍ରତ—6. Resolution; vow.
ବିଣ.—୧ । କର୍ତ୍ତବ୍ୟପରାୟଣ—1. Dutiful.
୨ । ଧର୍ମପରାୟଣ—2 Righteous.

ନିୟତ(ତି) କରିବା—ଦେ. କ୍ରି—୧ । ଧର୍ମ ଅନୁସାରେ କାର୍ଯ୍ୟ କରିବା—
Niyata(ti) kariba 1. To act according to righteousness.
नियत करना
नियत करना ୨ । ଏକମାତ୍ର ଧର୍ମାନୁମୋଦିତ ପନ୍ଥାକୁ ଅବଲମ୍ବନ କରିବା—2. To stick to the righteous path.
ନିୟତ ଛାଡ଼ିବା } ଅନ୍ୟରୂପ
ନିୟତ ରଖିବା }
୩ । ମନରେ ସତ୍‌ସଂକଳ୍ପ କରିବା—3. To form righteous resolution in the mind.
୪ । ଦେବତାଙ୍କ ଉଦ୍ଦେଶ୍ୟରେ ମାନସିକ କରିବା—4. To make a religious vow.

ନିୟତ(ତି)କୁ ବରକତ—ଦେ. ପ୍ରବଚନ (ଫା. ନୀୟତ୍+ଫା. ବରକତ୍
Niyata(ti)ku barakata =ଲାଭ, ବୃଦ୍ଧି)—
नियते बरकत ଯେ ଧର୍ମ ପ୍ରମାଣେ ବା କର୍ତ୍ତବ୍ୟ ପାଳନ କରି କାର୍ଯ୍ୟ
नियतको बरकत କରେ ତାକୁ ଧର୍ମ ସହେ, ଅର୍ଥାତ୍ ତାର ବୃଦ୍ଧି ହୁଏ—(Proverb) God favours one who faithfully discharges his duties; 'Righteousness exalteth a person'.

ନିୟତ(ତି)ଖରାପ କରିବା—ଦେ. କ୍ରି. (ସଂ. ନିୟତ୍+ଫା. ଖରାବ୍)
Niyata(ti) kharāpa karibā ଚରିତ୍ରଗତ ନିୟମ ଭଙ୍ଗ କରିବା; ଆପଣାର ଦୃଢ଼ ବ୍ରତ ବା ସଂକଳ୍ପ ଭଙ୍ଗ କରିବା—
নিয়ত খারাপ করা
नीयत बिगाड़ना To infringe strict principles of morality or righteousness.
[ନିୟତ(ତି)ବଗାଡ଼ିବା—ଅନ୍ୟରୂପ]

ନିୟତ(ତି)ଖରାପ ହେବା—ଦେ. କ୍ରି.—୧ । ଚରିତ୍ରଗତ ନିୟମ ଭଙ୍ଗ ହେବା; ଶୁଦ୍ଧସଂକଳ୍ପ ଅଟଳ ନ ରହିବା—
Niyata(ti)kharāpa heba
नीयतडिगना, नीयतबिगड़ना 1 Infringement of one's strict principles of morality, righteousness or fidelity.
ନିୟତ(ତି) ବିଗିଡ଼ିବା } ଅନ୍ୟରୂପ
ନିୟତ(ତି) ବଦ୍ ହେବା }

୨ । ମନରେ ମନ୍ଦ ସଂକଳ୍ପ ଜନ୍ମିବା—2. The arising of bad resolutions in the mind.

ନିୟତ(ତି)ପୂରିବା—ଦେ. କ୍ରି. (ସଂ. ନିୟତି)—ମୃତ୍ୟୁ ନିକଟବର୍ତ୍ତୀ ହେବା; ଆୟୁଷ ପୂରିବା—
Niyata(ti) pūribā
Being on the point of death.

ନିୟତ ମାନସ—ସଂ. ବିଣ. ପୁଂ (ବହୁବ୍ରୀହି; ନିୟତ+ମାନସ)—
Niyata mānasa ଜିତାତ୍ମା; ଜିତେନ୍ଦ୍ରିୟ—Continent; of subdued passions; having one's passions under control.
(ନିୟତମାନସା—ସ୍ତ୍ରୀ)

ନିୟତାତ୍ମା—ସଂ. ବିଣ. (ବହୁବ୍ରୀହି; ନିୟତ+ଆତ୍ମନ୍; ୧ମା. ୧ବ)—
Niyatātmā ନିୟତ ମାନସ (ଦେଖ)
Niyata mānasa (See)

ନିୟତାଶନ—ସଂ. ବିଣ. ପୁଂ. (ବହୁବ୍ରୀହି; ନିୟତ+ଅଶନ=ଭୋଜନ)—
Niyatāśana ନିୟତାହାରୀ (ଦେଖ)
(ନିୟତାଶନା—ସ୍ତ୍ରୀ) Niyatāhāri (See)

ନିୟତାହାର—ସଂ. ବିଣ. ପୁଂ. (ବହୁବ୍ରୀହି; ନିୟତ+ଆହାର)—
Niyatāhāra ନିୟତାହାରୀ (ଦେଖ)
(ନିୟତାହାରା—ସ୍ତ୍ରୀ) Niyatāhāri (See)
ସଂ. ବି. (କର୍ମଧା)—ପରିମିତ ଆହାର—
Regulated diet.

ନିୟତାହାରୀ—ସଂ. ବିଣ. ପୁଂ. (ନିୟତ+ଆହାର+ଇନ୍ ୧ମା. ୧ବ)—
Niyatāhāri ପରିମିତାହାରୀ—Abstemious; regular in matters of diet.
(ନିୟତାହାରିଣୀ—ସ୍ତ୍ରୀ)

ନିୟତି—ସଂ. ବି. (ନି+ଯମ୍ ଧାତୁ+କରଣ. ତି)—
Niyati ୧ । ଅଦୃଷ୍ଟ; ଭାଗ୍ୟ—1 Luck.
୨ । ବିଧାତାଙ୍କ ନିର୍ଦ୍ଧାରିତ ବିଷୟ; ଐଶିକ ନିୟମ—
2. Pre-ordained matter.
୩ । ଦୈବ; ବିଧିବିଧାନ—
3. Destiny; Fate; Providence.
୪ । ପୂର୍ବଜନ୍ମରେ ଅନୁଷ୍ଠିତ ଶୁଭାଶୁଭ କର୍ମାନୁସାରେ ତତ୍-ତତ୍ କର୍ମର ଈଶ୍ୱର ନିର୍ଦ୍ଧାରିତ ଫଳଭୋଗାବସ୍ଥା—
4. Preordination; the enjoyment of the result of one's actions in a previous existence, as ordained by God.
୫ । ନିର୍ଦ୍ଧାରିତ ଶୃଙ୍ଖଳା—5. Fixed order of things.
୬ । ନିୟମ—6. Regulation; law.
୭ । ମୃତ୍ୟୁ—7. Death.
୮ । ଅନିବାର୍ଯ୍ୟ ଘଟଣା—
8. Inevitable circumstance.
୯ । ଆକସ୍ମିକ ଘଟଣା; ଅଚିନ୍ତିତ ବା ଅନପେକ୍ଷିତ ଘଟଣା—
9. Accident.
୧୦ । (+ଭାବ. ତି) ସଂଯମ; ଦମନ—
10. Restraint; restriction (Apte).
୧୧ । ଜିତେନ୍ଦ୍ରିୟତା—
11. Self-restraint; self-control (Apte).
୧୨ । ଧର୍ମଦୃଷ୍ଟିରେ କର୍ତ୍ତବ୍ୟ କର୍ମ—
12. Religious duty or obligation (Apte).
୧୩ । ସ୍ଥିରତା—13. Fixity.

ନିୟତିକୁ ବଳ କାହାର—ଦେ. ପ୍ରବଚନ (ସଂ. ନିୟତିଃ କେନ ବାଧ୍ୟତେ)—ଦୈବ ଉପରେ ମନୁଷ୍ୟର ହାତ ନାହିଁ—
Niyatiku bala kāhāra ?
নিয়তির উপর বল কার ?
(proverb) Who can stay the course of Fate ?

ନିୟତୀ—ସଂ. ବି. ସ୍ତ୍ରୀ. (ନିୟତ+ସ୍ତ୍ରୀ. ଈ)—ଦୁର୍ଗା—
Niyatī Goddess Durgā.

ନିୟତେନ୍ଦ୍ରିୟ—ସଂ. ବିଣ. ପୁଂ. (ବହୁବ୍ରୀହି; ନିୟତ+ଇନ୍ଦ୍ରିୟ)—
Niyatendriya ନିୟତ ମାନସ (ଦେଖ)
(ନିୟତେନ୍ଦ୍ରିୟା—ସ୍ତ୍ରୀ) Niyata mānasa (See)

ନିୟନ୍ତବ୍ୟ—ସଂ. ବିଣ. (ନି+ଯମ୍ ଧାତୁ+କର୍ମ. ତବ୍ୟ)—
Niyantabya ନିୟନ୍ତ୍ରିତ ହେବାର ଯୋଗ୍ୟ—
Fit to be regulated or restrained.

ନିୟନ୍ତା—ସଂ. ବି. (ନି+ଯମ୍ ଧାତୁ=ବିରତ ହେବା+କର୍ତ୍ତୃ. ତୃ; ନିୟନ୍ତୃ ଶବ୍ଦ; ୧ମା. ୧ବ)—୧ । ନିୟାମକ—
Niyantā
(ନିୟନ୍ତ୍ରୀ—ସ୍ତ୍ରୀ) 1. Controller; regulator; controller.
୨ । ଶାସ୍ତା; ଶାସକ—2. Governor; ruler.
୩ । ପରିଚାଳକ; ନେତା—3. Leader.
୪ । ବ୍ୟବସ୍ଥାପକ—4. Legislator; lawmaker.
୫ । ଦଣ୍ଡଦାତା—5. Punisher; chastiser (Apte).
୬ । ସାରଥି; ରଥଚାଳକ—6. Driver; charioteer.
୭ । ବିଷ୍ଣୁଙ୍କ ନାମ (ସହସ୍ର ନାମ)—
7. A name of Bishnu.
୮ । ପରମାତ୍ମା—8. The Supreme Being (Apte).

ନିୟନ୍ତ୍ରଣ—ସଂ. ବି. (ନି+ଯନ୍ତ୍ର୍ ଧାତୁ=ବିରତ ହେବା; ସଙ୍କୁଚିତ ହେବା +ଭାବ. ଅନ)—୧ । ସଂଯମନ—
Niyantraṇa
1. Checking; controlling; restraint.
୨ । ଶାସନ—2. Governing.
୩ । ନିୟମନ—3. Regulating; restricting.
୪ । ପ୍ରତିବନ୍ଧ ଦୂରୀକରଣ—
4. Removal of obstruction.

୫ । ସଂଜ୍ଞା ନିରୂପଣ—5. Defining.
୬ । ନିବାରଣ—6. Preventing.
୭ । ଅନେକାର୍ଥ ଶବ୍ଦର ଏକ ଅର୍ଥ ନିରୂପଣ—
7. Confining of a word to a particular sense (Apte).
୮ । ପରିଚାଳନ—8. Conducting.

ନିୟନ୍ତ୍ରିତ—ସ. ବିଣ. (ନି+ଯନ୍ତ୍ର ଧାତୁ=ସଙ୍କୁଚିତ ହେବା+କର୍ମ.ତ)—
Niyantrita ୧ । ନିୟମିତ—1. Rugulated.
୨ । ଦମିତ; ସଂଯତ—
2. Controlled; checked; curbed; restrained.
୩ । ଶୃଙ୍ଖଳିତ; ବଦ୍ଧ—3. Tied; bound.
୪ । ନିବାରିତ—4. Prevented.
୫ । ପରିଚାଳିତ—5. Guided.
୬ । ଶାସିତ—6. Governed.
୭ । ସଙ୍କୋଚିତ—7. Caused to contract.
୮ । ଗୋଟିଏ ଅର୍ଥରେ ଆବଦ୍ଧ ହୋଇଥିବା (ଶବ୍ଦ)—
8. (a word) Confined to a particular sense.

ନିୟମ—ସ. ବି.—(ନି+ଯମ୍ ଧାତୁ=ଅଙ୍ଗୀକାର କରିବା+ଭାବ. ଅ)—
Niyama ୧ । ବିଧି—1. Rule; maxim.
୨ । ନିର୍ଦ୍ଦିଷ୍ଟ ବିଧି—2 Fixed rule; discipline.
୩ । ଆଇନ୍—3. Regulation; law.
୪ । ପ୍ରତିଜ୍ଞା; ଅଙ୍ଗୀକାର—4. Promise; resolution; agreement; vow.
୫ । ବ୍ରତ; ଧର୍ମାନୁଷ୍ଠାନ—5. Penance; devotion; religious austerities.
[ଦ୍ର—ଶୌଚ, ସନ୍ତୋଷ, ତପସ୍ୟା, ବେଦାଧ୍ୟୟନ, ଈଶ୍ୱରପ୍ରଣିଧାନ ଏହି ପାଞ୍ଚ ଗୋଟି କର୍ମ ନିୟମର ଅନ୍ତର୍ଭୁକ୍ତ ।]
୬ । ଉପବାସାଦି ବ୍ରତ—
6. Religious vow; penance.
୭ । ପ୍ରକୃତି; ସ୍ୱଭାବ—7. Nature.
୮ । ଅଭ୍ୟାସ—8. Habit.
୯ । ରୀତି; ପ୍ରଥା—9. Custom; usage.
୧୦ । ଆଜ୍ଞା; ଆଦେଶ; ଅନୁଶାସନ—
10. Precept; edict; order.
୧୧ । ଦମନ—11. Restraint; restraining; checking
୧୨ । ଇନ୍ଦ୍ରିୟନିରୋଧ; ସଂଯମ—12. Self-control; self-denial; forbearance.
୧୩ । ନିରୋଧ—13. Obstruction; restriction.
୧୪ । ଶୃଙ୍ଖଳା; ଧାରା; ରୀତି; ପଦ୍ଧତି; ପ୍ରଣାଳୀ—
14. Mode; system; method.
୧୪ । ସୂତ୍ର—14. Thread; clue.
୧୫ । ଲକ୍ଷଣ—15. Sign.
୧୭ । ବଶୀଭୂତ କରିବା; ଆୟତ୍ତ କରିବା—
17. Taming; subduing (Apte).
୧୮ । ଆବଦ୍ଧ କରିବା—18. Confining (Apte).
୧୯ । ବାଧା ଦେବା—19. Preventing (Apte).
୨୦ । ନିୟନ୍ତ୍ରଣ; ସୀମା ନିର୍ଦ୍ଦେଶ—
20. Restriction; limitation (Apte).
୨୧ । ନିୟମାନୁବର୍ତ୍ତିତା—21. Regularity (Apte).
୨୨ । ସ୍ଥିରତା—22. Certainty.
୨୩ । ନିର୍ଦ୍ଧାରଣ—23. Ascertainment.
୨୪ । ଆବଶ୍ୟକତା—24. Necessity.
୨୫ । ବାଧ୍ୟତା—25. Obligation.
୨୬ । ଓଷା; ଯେଉଁ ବ୍ରତ ଯମ ପରି ଅବଶ୍ୟକରଣୀୟ ନୁହେଁ ନିନ୍ତୁ ଯାହା ପାଳନ କରିବା ପାଇଁ ଶାସ୍ତ୍ର ନିର୍ଦ୍ଦେଶ ଅଛି—
26. Any minor observance or lesser vow; a duty prescribed to be done but which is not so obligatory as Jama (Apte).
୨୭ । (ପୁରାଣ) ଧର୍ମରାଜଙ୍କ ପୁତ୍ର; ଧୃତିଙ୍କ ଗର୍ଭରେ ଧର୍ମଙ୍କ ଔରସରେ ଜାତ ପୁତ୍ର—27. Name of the son of Dharmarāja; necessity or law personified; The God of Justice as a son of Dharma and Dhṛuti.
୨୮ । କବିପ୍ରସିଦ୍ଧି—28. Poetic usage; a poetical common place or convention.
[ଦ୍ର—କବିମାନେ କଳ୍ପନାରେ ଯାହା ଯାହା ବର୍ଣ୍ଣନା କରିଥାନ୍ତି ତାହାକୁ ନିୟମ ବୋଲଯାଏ । ଯଥା—ଚକୋର ଚନ୍ଦ୍ର କିରଣ ପାନ କରେ; ଚାତକ ବର୍ଷା ଜଳ ମାତ୍ର ପାନ କରେ; ଯଶଃ, କୀର୍ତ୍ତି ଓ ହାସ୍ୟ ଧବଳବର୍ଣ୍ଣ; ରାଗ ରକ୍ତବର୍ଣ୍ଣ; ରମଣୀମାନେ ଗୋଇଠା ମାଇଲେ ଅଶୋକ ଫୁଲ ଫୁଟେ ଓ କୁଳୁକୁଞ୍ଚା ପାଣି ପକାଇଲେ ବକୁଳ ଫୁଲ ଫୁଟେ; ସ୍ତ୍ରୀମାନଙ୍କ କଟାକ୍ଷରେ ଯୁବକର ହୃଦୟ ଶତଧା ବିଦାରିତ ହୁଏ; କନ୍ଦର୍ପର ଧନୁ କୁସୁମନିର୍ମିତ; କୋକିଳମାନେ ଆମ୍ବ ବଉଳର ରସ ପାନ କରି କୁହୁ ନାଦ କରନ୍ତି; ଚନ୍ଦ୍ର ସଙ୍ଗେ କୁମୁଦମାନର ଓ ସୂର୍ଯ୍ୟଙ୍କ ସଙ୍ଗେ ପଦ୍ମମାନର ପ୍ରୀତି; ଚକ୍ରବାକ ମିଥୁନ ରାତ୍ରି ହେଲାରୁ ବିରହ ଭୋଗ କରନ୍ତି; ବିରହତାପରେ ଦେହ ଜଳଯାଏ; ଇତ୍ୟାଦି । ଏଗୁଡ଼ିକ କବିପ୍ରସିଦ୍ଧିର ଉଦାହରଣ ।]
୨୮ । (ଯୋଗ ଦର୍ଶନ)—ମନୋନିରୋଧ—
28. Restraint of the mind; the second of the eight principal steps of meditation in Joga (Apte).
୨୯ । (ମୀମାଂସାଦର୍ଶନ) ଯେଉଁ ଅନ୍ୟଥା ଇଚ୍ଛାଧୀନ ନିୟମ ପାଳନ କରିବାପାଇଁ ଶାସ୍ତ୍ରନିର୍ଦ୍ଦେଶ ଅଛି—
29. A rule or precept which 'lays down something which, but for the rule, would be optional (Apte).

୩୦ । ସଜ୍ଞା ନିର୍ଦ୍ଦେଶ—
30. Defining; definition (Apte).

୩୧ । ସ୍ୱରକୁ କମାଇବା—
31. Keeping down or lowering (as of the voice (Apte).

୩୨ । ବିଷ୍ଣୁଙ୍କର ନାମ (ସହସ୍ରନାମୋକ୍ତ)—
32. One of the names of Bishṇu.

ଦେ. ବି—ଶପଥ; ସୁଣ; ହଲପ—Oath.
ଗୁଣି ସାହସେ ନିୟମକୁ ହିଂ—କବୀନ୍ଦ୍ର ସି. ଭଜା ।

ନିୟମ କରିବା—ଦେ. କ୍ରି—୧ । ବିଧି ପ୍ରଣୟନ କରିବା—
Niyama karibā 1. To make a rule.
नियमकरना ୨ । ବିଧି ପ୍ରକଟନ କରିବା—
नियमकरना 2. To publish a rule.
୩ । ହଲପ କରିବା—
3. To swear; to take oath.
ଅନାସୃଷ୍ଟି ହେବା ସିବାକୁ ନିୟମ କରିବ ବଂଶଗମନା—ଭକ୍ତ. ପ୍ରେମସୁଧାନିଧି ।

ନିୟମ ଜାରି—ଦେ. ବି (ସ. ନିୟମ+ଫା. ଜାରି)—ବିଧି ପ୍ରକଟନ—
Niyama jāri Publication or promulgation
नियमजारी **नियमजारी** of rules.

ନିୟମ ତନ୍ତ୍ର—ସ. ବିଣ—୧ । କଡ଼ା—1. Strict.
Niyama tantra ୨ । ନିର୍ଦ୍ଦିଷ୍ଟ ନିୟମର ବଶୀଭୂତ—
2. Constitutional; following certain fixed rules.
୩ । ଆଇନର ବଶୀଭୂତ—
3. Subject to law.
ବି—ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ପରିଚାଳିତ ରାଜ୍ୟଶାସନ ପ୍ରଣାଳୀ—
Constitutional form of government; limited form of monarchy.

ନିୟମ ଧର୍ମ—ସ. ବି (ହିନ୍ଦୁ ସ୍ମୃତି)—ପ୍ରତିଷେଧାତ୍ମକ ବିଧାନ ବା ନିୟମ—
Niyama dharma (Hindu law)—A law prescribing restraint (M.W.).

ନିୟମନ—ସ ବି (ନି+ଯମ୍ ଧାତୁ+ଭାବ. ଅନ)—
Niyamana ୧ । ନିୟମ ବନ୍ଧନ—
1. Laying down rules.
୨ । ବିଧି; ବିଧାନ—2. Regulation.
୩ । ଦମନ—3. Checking; restraining.
୪ । ବାରଣ—4. Prevention; restriction.
୫ । ବନ୍ଧନ—5. Binding; tying down.
୬ । ନିୟମ—6 Fixed rule.
୭ । ବଶୀଭୂତକରଣ—7. Subduing.
୮ । ଅବମାନନ—8. Humiliation (Apte).
୯ । ଉପଦେଶ—9. Precept.

ନିୟମନିଷ୍ଠ—ସ. ବିଣ. ପୁଂ (ବହୁବ୍ରୀହି; ନିୟମ+ନିଷ୍ଠା)—
Niyamanishṭha ୧ । ନିୟମରତ—
(ନିୟମନିଷ୍ଠା—ସ୍ତ୍ରୀ) 1. Strict in following fixed
(ନିୟମନିଷ୍ଠତା—ବି) rules.
୨ । ବ୍ରତପାଳନକାରୀ—
2. Strict in the observance of religious rites.

ନିୟମ ନିଷ୍ଠା—ସ. ବି—୧ । ନିୟମ ପାଳନରେ ଦୃଢ଼ତା—
Niyama nishṭhā 1. Strictness in following rules; rigid observance of prescribed rites.
ଦେ. ବି—୧ । ବ୍ରତାଚରଣ—
1. Observance of religious vows.
୨ । ବ୍ରତ ଓ ଉପବାସାଦି—
2. Religious vows and austerities.

ନିୟମ ପତ୍ର—ସ. ବି (ମ. ଘ. ଶ୍ଳୋ; ନିୟମନିର୍ଦ୍ଦେଶକ ପତ୍ର)—
Niyama patra (ହିନ୍ଦୁସ୍ମୃତି; ଚୁକ୍ତିପତ୍ର; ସ୍ୱୀକାରପତ୍ର—
(Hindu law) Covenant; deed of agreement.

ନିୟମ ପର—ସ. ବିଣ. ପୁଂ (ବହୁବ୍ରୀହି; ନିୟମ+ପର)—
Niyama para ନିୟମନିଷ୍ଠ (ଦେଖ)
(ନିୟମପରା—ସ୍ତ୍ରୀ) Niyamanishṭha (See)
(ନିୟମପରତା—ବି) (ନିୟମପରତନ୍ତ୍ର—ଅନ୍ୟରୂପ)

ନିୟମ ପରାୟଣ—ସ. ବିଣ. ପୁଂ (ବହୁବ୍ରୀହି; ନିୟମ+ପର+ଅୟନ)—
Niyamaparāyaṇa ନିୟମନିଷ୍ଠ (ଦେଖ)
(ନିୟମପରାୟଣା—ସ୍ତ୍ରୀ) Niyamanishṭha (See)
(ନିୟମପରାୟଣତା—ବି)

ନିୟମପାଳ—ସ. ବି. ପୁଂ (ନିୟମ+ପାଳ ଧାତୁ+କର୍ତ୍ତୃ. ଅ)—
Niyamapāḷa ୧ । ବ୍ରତପାଳନକାରୀ ବ୍ୟକ୍ତି—
1. Observer of vows.
୨ । ଏକ ଋଷିଙ୍କ ନାମ—
2. Name of a sage (M. W.).
[ଦ୍ର—ଏହାଙ୍କ ନାମ ଅନୁସାରେ ନେପାଳ ଦେଶର ନାମକରଣ ହୋଇଅଛି—M. W. ।]

ନିୟମ ପାଳନ—ସ. ବି—ନିୟମ ଅନୁସାରେ କାର୍ଯ୍ୟକରଣ—
Niyama pāḷana Observance of a rule.

ନିୟମପୂର୍ବକ—ଦେ. କ୍ରି. ବିଣ—ନିୟମାନୁସାରେ (ଦେଖ)
Niyamapūrbaka Niyamānusāre (See)

ନିୟମ ପ୍ରମାଣ—ଦେ. ବି—ଶପଥ କରି ପ୍ରମାଣ କରିବା; ହଲପାନ୍
Niyama pramāṇa ଜବାନବନ୍ଦୀ—Evidence on oath.

ନିୟମ ପ୍ରମାଣେ—ଦେ. କ୍ରି. ବିଣ—ନିୟମାନୁସାରେ (ଦେଖ)
Niyama pramāṇe Niyamānusāre (See)

ନିୟମବତୀ—ସ. ବି. ସ୍ତ୍ରୀ. (ନିୟମ+ବତ୍+ସ୍ତ୍ରୀ. ଈ)—ଯେଉଁ ସ୍ତ୍ରୀର
Niyamabatī ମାସିକ ଋତୁସ୍ରାବ ଘଟୁଅଛି—A woman having
(ନିୟମବାନ୍—ପୁଂ) the monthly courses (Apte).
ସ. ବିଣ. ସ୍ତ୍ରୀ—ନିୟମ ବା ବ୍ରତ ପାଳନକାରିଣୀ ସ୍ତ୍ରୀ—
(woman) Practising religious observances.

ନିୟମ(ମା)ବଦ୍ଧ—ସ. ବିଣ (ତୃତୀୟା ତତ୍; ନିୟମ+ଅବଦ୍ଧ)—
Niyama(mā)baddha ୧ । ବିଧିବଦ୍ଧ—1. Regulated.
୨ । ନିୟମିତ—2. Regular.

୩ । ବିଧିଦ୍ୱାରା ପରିଚାଳିତ —
3. Guided or controlled by rules.

ନିୟମ ବାନ୍ଧିବା—ଦେ. କ୍ରି—ନିର୍ଦ୍ଦିଷ୍ଟ ବିଧି ପ୍ରଣୟନ କରିବା—
Niyama bāndhibā To lay down certain rules.
নিয়ম বাঁধা नियम बाँधना (ନିୟମ ବନ୍ଧାହେ[ଯି]ବା—କ)

ନିୟମ ବିଧାନ—ସଂ. ବି (୬ଷ୍ଠୀ ତତ୍; ନିୟମ+ବିଧାନ)—୧ । ବିଧି
Niyama bidhāna ବାନ୍ଧିବା—1. Act of framing rules.
୨ । ବ୍ୟବସ୍ଥା ପ୍ରଣୟନ—
2 Legislation; act of framing laws.

ନିୟମ ବିଧି—ସଂ. ବି—ଦୈନିକ ଧର୍ମାନୁଷ୍ଠାନ—Daily ritual;
Niyama bidhi Religious rites (M. W).

ନିୟମ ବିରୁଦ୍ଧ—ସଂ. ବିଣ. (୫ମୀ ତତ୍; ନିୟମ+ବିରୁଦ୍ଧ)—
Niyama biruddha ୧ । ଅବୈଧ—1. Illegal; ultra vires.
୨ । ଅନିୟମିତ—2. Irregular.

ନିୟମ ଭଙ୍ଗ—ସଂ. ବି. (୬ଷ୍ଠୀ ତତ୍; ନିୟମ+ଭଙ୍ଗ)—
Niyama bhanga ୧ । ନିର୍ଦ୍ଦିଷ୍ଟ ନିୟମର ବ୍ୟତିକ୍ରମ—
(ନିୟମ ଭଞ୍ଜନ—ଅନ୍ୟରୂପ) 1. Deviation from fixed rules.
୨ । ବିଧାନକୁ ଲଙ୍ଘିବା—2. Violating a rule.
୩ । ବ୍ରତ ପାଳନରେ ବ୍ୟାଘାତ—
3. Interruption of a religious observance.
୪ । ଚୁକ୍ତିଭଙ୍ଗ—
4. Breach of a contract or stipulation.

ନିୟମ ଭଙ୍ଗନ—ଦେ ବି (ସଂ. ନିୟମଭଙ୍ଗ)—ନିୟମଭଙ୍ଗ (ଦେଖ)
Niyama bhangana Niyamabhanga (See)

ନିୟମ ଲଙ୍ଘନ—ସଂ. ବି—୧ । ବିଧିକୁ ଅତିକ୍ରମ କରିବା; ବିଧିଅତିକ୍ରମଣ—
Niyama langhana 1. Infringement of rules; transgression of a fixed rule or obligation.
୨ । ଅନିୟମ—
2 Irregularity; doing ultra vires acts.
୩ । ପ୍ରତିଜ୍ଞାର ଅନ୍ୟଥା କରଣ; ଚୁକ୍ତିଭଙ୍ଗ—3 Violation of a covenant; breach of a contract.

ନିୟମ ଲଙ୍ଘିବା—ଦେ. କ୍ରି—ବିଧିକୁ ଅତିକ୍ରମ କରିବା—
Niyama langhibā To infringe a rule.
নিয়ম লংঘা नियम लंघना

ନିୟମ ସେବା—ସଂ. ବି—କାର୍ତ୍ତିକ ମାସରେ ଶାସ୍ତ୍ରବିଧି ପାଳନପୂର୍ବକ ବିଷ୍ଣୁ
Niyama sebā ବା ଦାମୋଦରଙ୍କ ଉପାସନା—Worship of Bishnu during the month of Kārttika according to sastric rules.

ନିୟମ ସ୍ଥିତି—ସଂ. ବି. (୭ମୀ ତତ୍; ନିୟମ+ସ୍ଥିତି)—
Niyama sthiti ତପଶ୍ଚରଣ; ତପସ୍ୟା (ହି. ଶ.)—
Steady observance of religious obligations; asceticism (M.W.).

ନିୟମ ହେତୁ—ସଂ. ବି.—(ନ୍ୟାୟଶାସ୍ତ୍ର) ନିୟାମକ କାରଣ—
Niyama hetu (logic) A regulating cause (M.W.).

ନିୟମାତିକ୍ରମ—ସଂ. ବି. (୬ଷ୍ଠୀ ତତ୍, ନିୟମ+ଅତିକ୍ରମ)—
Niyamātikrama ନିୟମ ଲଙ୍ଘନ—Infraction of rules.
(ନିୟମାତିକ୍ରମଣ—ଅନ୍ୟରୂପ)

ନିୟମାନନ୍ଦ—ସଂ. ବି. (ନାମ)—ନିମ୍ବାଦିତ୍ୟଙ୍କର ଅନ୍ୟ ନାମ—
Niyamānanda Another name of Nimbāditya (M.W.).

ନିୟମାନୁଯାୟୀ—ସଂ. ବିଣ. (ନିୟମ+ଅନୁ+ଯା+କର୍ତ୍ତୃ ଇନ୍)—
Niyamānujāyī ୧ । ନିୟମାନୁସାରେ କୃତ, ଅନୁଷ୍ଠିତ ବା
ନିୟମାନୁସାରୀ } ଅନ୍ୟରୂପ ସମ୍ପାଦିତ—1. Done according
ନିୟମାନୁବର୍ତ୍ତୀ } to fixed rules.
ନିୟମାନୁଯାୟିନୀ } ସ୍ତ୍ରୀ ୨ । ଯେ ନିୟମାନୁସାରେ ଚଳେ—
ନିୟମାନୁସାରିଣୀ } 2. Following fixed rules.
ନିୟମାନୁବର୍ତ୍ତିନୀ }

ନିୟମାନୁସାରେ—ଦେ. କ୍ରି. ବି.ଣ—୧ । ବିଧିପୂର୍ବକ—
Niyamānusāre 1. Methodically; according to rules.
୨ । ଶପଥପୂର୍ବକ—2. On oath; solemnly.

ନିୟମିତ—ସଂ. ବିଣ. (ନି+ଯମ୍ ଧାତୁ+କର୍ମ. ତ)—
Niyamita ୧ । ବ୍ୟବସ୍ଥାପିତ—1 Prescribed.
୨ । ଧରାବନ୍ଧା; ନିୟମ ବଦ୍ଧ; ନିର୍ଦ୍ଦିଷ୍ଟ—
2. Regulated; regular.
୩ । ବଦ୍ଧ—3. Bound.
୪ । ସଂଯତ—4. Controlled; checked.
୫ । ନିବାରିତ—5. Restrained.
୬ । ଦମିତ; ଶାସିତ—6. Governed.
୭ । ନିରୂପିତ; ଅବଧାରିତ—7. Settled; fixed on; appointed.
୮ । ଚୁକ୍ତି କରାଯାଇଥିବା—8. Stipulated; agreed upon.
୯ । ଅଙ୍ଗୀକାର ଦ୍ୱାରା ଚଳିତ—9. Covenanted.
୧୦ । ପରିଚାଳିତ—10. Guided; conducted.
୧୧ । ଭାଗ୍ୟକ୍ରମେ ଅଭିପ୍ରେତ—11. Destined to be (M. W,)
୧୨ । ଅକୃଷ୍ଟ—12. Attracted.
୧୩ । ବନ୍ଦ କରାଯାଇଥିବା—13. Stopped; suppressed. (M.W.)
୧୪ । ପାଳିତ (ବ୍ରତ)—14. Observed as a vow or penance. (Apte)
୧୫ । ନିର୍ଦ୍ଦିଷ୍ଟ ସୀମାଦ୍ୱାରା ଆବଦ୍ଧ—
15. Moderated; tempered. (Apte)
୧୬ । କମାଇ ଦିଆ ଯାଇଥିବା; ହ୍ରସ୍ୱୀକୃତ—
16. Lessened. (Apte).
୧୭ । ଅପସାରିତ—17. Removed (Apte).

ନିୟମିତ ସମୟ—ସଂ. ବି—ନିର୍ଦ୍ଧାରିତ ସମୟ—
Niyamita samaya Appointed or fixed time.

ନିୟମିତ ରୂପେ—ଦେ. କ୍ରି. ବଣ.—ନିର୍ବାଚିତମତେ—
Niyamita rupe   Regularly; as a rule; without variation.
নিয়মিত রূপে **नियमितरूपसे**

ନିୟମିବା—ଦେ. କ୍ରି. (ସଂ. ନିୟମ)—ଦୃଢ଼ ସଂକଳ୍ପ କରିବା—
Niyamibā   To make a firm resolve.
ଆଜ୍ଞେ କିଛ ନାନକୁ ନିୟମି କଷ୍ଟ ଛାଡ଼ି—ପ୍ରାଚୀ ଶିବସ୍ୱରୋଦୟ ।

ନିୟମୀ—ସଂ. ବଣ. ପୁଂ (ନିୟମ+ଇନ୍; ୧ମା.୧ବ.)—୧ ସଂଯମୀ—
Niyami   1. Practising self control or self denial.
୨ । ନିୟମ ପାଳକ—2. Obeying rules.
୩ । ନିୟମ ପ୍ରବର୍ତ୍ତକ—3. Diciplinariam.
୪ । କଡ଼ା—4. Strict.
ଦେ. ବଣ.—ଶପଥକାରୀ; ହଲପିଆ—Habituated to taking oath.

ନିୟମୋପମା—ସଂ. ବି—ଉପମାଳଙ୍କାରବିଶେଷ; ଯେଉଁ ଉପମାଳଙ୍କାରରେ
Niyamopamā   ଶଂସିତ ବସ୍ତୁକୁ କେବଳ ଅନ୍ୟ ଗୋଟିଏ ମାତ୍ର ବସ୍ତୁ ସଙ୍ଗେ ତୁଳନା କରାଯାଏ—A simile which expressly states that some thing can be compared only with some thing else. (M. W.).

ନିୟମ୍ୟ—ସଂ. ବଣ. (ନି+ଯମ୍ ଧାତୁ+କର୍ମ. ଯ)—
Niyamya   ୧ । ଶିକ୍ଷଣୀୟ—1. Teachable.
୨ । ଶାସନୀୟ—2. Corrigible; governable; controllable.
୩ । ନିୟମ ଯୋଗ୍ୟ—
3. To be defined or limited.
୪ । ନିଗ୍ରାହ୍ୟ-4 To be restrained or restricted.

ନିଯାତନ—ସଂ. ବି. (ନି+ଯତ୍ ଧାତୁ ଣିଜନ୍ତ ଯତି ଧାତୁ=ବଧ କରିବା +ଭାବ. ଅନ)—
Nijātana
ବିନାଶକରଣ; ନିଯାତନ—Destruction.
ସଂ. ବଣ. (+କର୍ତ୍ତୃ. ଅନ)—ଭୟଯୁକ୍ତ (ପ୍ରକୃତିବାଦ)—Fearful.

ନିଯାନ—ସଂ. ବି. (ନି+ଯା ଧାତୁ+ଅଧିକରଣ. ଅନ)—
Nijāna   ୧ । ଗୋଚାରଣ ସ୍ଥାନ—1 Cow-pasture.
୨ । ଗୋଷ୍ଠ—2. An enclosure for cows.

ନିୟା (ଇତ୍ୟାଦି)—ନିଆ ଇତ୍ୟାଦି (ଦେଖ)
Niyā (etc)   Niā etc (See)

ନିୟାମ—ସଂ. ବି. (ନି+ଯମ୍ ଧାତୁ=ପ୍ରତିରୋଧ କରିବା+ଭାବେ. ଅ)—
Niyāma   ୧ । ନିୟମ (ଦେଖ)—1. Niyama (See)
୨ । (+କର୍ତ୍ତୃ. ଅ) ନାବିକ—
2. A sailor; boatman (M. W).
ଗ୍ରା. ବି—
୧ । ବଡ଼ା ନିୟମ; କଡ଼ା ନିୟମ—
1. Strict or rigid rule.
୨ । ଶପଥ—2. Oath.
୩ । ଆଚାରନିଷ୍ଠା—
3. Observance of religious purity.
୪ । ଧର୍ମ ଶପଥ; ମାନସିକ—4. Religious vow.

ନିୟାମକ—ସଂ. ବଣ. ପୁଂ. (ନି+ଯମ୍ ଧାତୁ+କର୍ତ୍ତୃ. ଅକ; ଯେ ନିୟମ କରେ; ନିୟମର ସମସ୍ତ ଅର୍ଥ ଦେଖ)—
Niyāmaka
(ନିୟାମିକା—ସ୍ତ୍ରୀ)   ୧ । ପରିଚାଳନକାରୀ—
1. Controlling; regulating.
୨ । ଦମନକାରୀ—2. Restraing; checking.
ବି—୧ । ପଥପ୍ରଦର୍ଶକ; ଚାଳକ—1. Guide; leader.
୨ । ନୌକାର କର୍ଣ୍ଣଧାର—
2. Helmsman; steersman.
୩ । ଜଳପଥ ପ୍ରଦର୍ଶକ; କଡ଼ୁଆଳ—3. A pilot.
୪ । ବ୍ୟବସ୍ଥାପକ—4. Legislator.
୫ । ସାରଥି—5. Charioteer.
୬ । ନାବିକ—6. Sailor; boatman. (M. W).
୭ । ଶାସକ—7. A ruler. (M.W).
୮ । ନିଶ୍ଚାୟକ; ନିରୂପକ—8. Ascertainer.

ନିୟାମକ ଗଣ—ସଂ. ବି. (ବୈଦ୍ୟକ)—ରସାୟନରେ ପାରଦକୁ ଶୋଧନ କରିବାରେ ବ୍ୟବହୃତ ଦ୍ରବ୍ୟମାନ—
Niyāmaka gaṇa
(Hindu medicine) A generic name of the herbs used in purifying mercury.

ନିୟାମ କରିବା—ଗ୍ରା. କ୍ରି—ହଲପ କରିବା—
Niyāma karibā   To swear; to take oath.
হলপ করা   ମୁଁ ଖାଇ ନାହିଁ, ପାଞ୍ଚ ଖାଇଛି ନିୟାମ କରିବା ଆସ—ଢଗ ।
सौगतखाना   (ନିୟାମ ଖାଇବା—ଅନ୍ୟରୂପ)

ନିୟାମ ଦେବା—ଦେ. କ୍ରି—ଅନ୍ୟକୁ ହଲପ ଦେବା—
Niyāma debā   To administer oath.
হলপ দেওয়া   **शपथ देना**

ନିୟାମ ଲଙ୍ଘିବା—ଦେ. କ୍ରି—ହଲପ ଅନୁସାରେ କାର୍ଯ୍ୟ ନ କରିବା; ଶପଥ
Niyāma laṅghibā   ଭଙ୍ଗ କରିବା; ମିଥ୍ୟା କହିବା—To forswear; not to actaccording to one's vow.

ନିୟାମୀ—ଦେ. ବଣ. ପୁଂ. ଓ ସ୍ତ୍ରୀ (ସଂ. ନିୟମୀ)—୧ । ଆଚାରନିଷ୍ଠ—
Niyāmi   1. Orthodox; rigidly adhering to religious observanees.
୨ । ଅତି ଧାର୍ମିକ—2. Very religious.
୩ । ହଲପିଆ—3. Habituated to take oath and speak falsehood.

ନିୟାମୀ ନାନୀ—ଦେ. ବି. ସ୍ତ୍ରୀ. (ବ୍ୟଙ୍ଗୋକ୍ତି)—ଯେଉଁ ସ୍ତ୍ରୀ ଅତିରିକ୍ତ
Niyāmi nāni   ଭାବରେ ଆଚାର ନିଷ୍ଠା ପାଳନ କରେ—
(ironical expression) A woman who is given to excessive observance of purity; a rigidly orthodox woman.
ନିୟାମୀ ନାନୀ, ବାଡ଼ରେ ମାରୁଛି ଗୋବର ପାଣି—ଢଗ ।

ନିୟାର (ଇତ୍ୟାଦି)—ଦେ. ବଣ. ଓ କ୍ରି. ବଣ. (ସଂ. ନିର୍ନିକଟ; ପ୍ରା. ନିନିଅଡ଼)—ନିଆର ଇତ୍ୟାଦି (ଦେଖ)
Niyārā (etc)   Niārā etc (See)
আলাদা **नियारा**

ନିୟାରିଆ—ଦେ. ବି. ଓ ସ୍ତ୍ରୀ—୧ । ଯେଉଁ ବଂକ୍ତି ବଣିଆ ଦୋକାନର ଝାଡ଼ୁ ଧୂଳି, ଅଙ୍ଗାର, ପାଉଁଶରୁ ସୁନା, ରୁପା ଗୁଣ୍ଡ ବାଛେ—
Niyāria
नियारिया 1. One who searches for tiny grains of gold and silver out of the dust and sweepings of a goldsmith's shop.
(ନିୟାରିଣୀ—ସ୍ତ୍ରୀ)
୨ । ଯେ ବହୁ ମିଶ୍ରିତ ପଦାର୍ଥ ବା ଅଳଅରୁ ଭିନ୍ନ ଭିନ୍ନ ବସ୍ତୁ ମାନ ପୃଥକ କରେ—
2. A person who picks out different articles from a miscellaneous heap.

ନିଯୁକତ—ଗ୍ରା. (ପଦ୍ୟ) ବିଣ. (ସ. ନିଯୁକ୍ତ)—ନିଯୁକ୍ତ (ଦେଖ)
Nijukata Nijukta (See)
ନଲସିଂହ ବ୍ରାହ୍ମଣମାନଙ୍କୁ ଡାକଲେ
ସେ ଘର ଗୁରପଟେ ନିଯୁକତ କଲେ—କୃଷ୍ଣସିଂହ. ମହାଭାରତ. ଅଦ ।

ନିଯୁକ୍ତ—ସଂ. ବିଣ. (ନି+ଯୁଜ୍ ଧାତୁ=ଆଜ୍ଞା କରିବା, ଯୋଗ କରିବା +କର୍ମ. ତ)—୧ । ପ୍ରବୃତ୍ତ; ବ୍ୟାପୃତ—
Nijukta
(ନିଯୁକ୍ତା—ସ୍ତ୍ରୀ) 1. Devoted to; engaged in.
୨ । କାର୍ଯ୍ୟରେ ମୁକରର ହୋଇଥିବା; ନିଯୋଜିତ—
2. Appointed to an office; employed.
୩ । ବିଶିଷ୍ଟ କର୍ମ ପାଇଁ ଅଧିକାର ବା କ୍ଷମତାପ୍ରାପ୍ତ—
3. Authorised; deputed.
୪ । ଆଦେଶପ୍ରାପ୍ତ; ଆଦିଷ୍ଟ; ଆଜ୍ଞପ୍ତ—4. Directed; ordered; commanded; commissioned.
୫ । ଅଧିକୃତ—5. Possessed; enjoyed.
୬ । ପ୍ରବର୍ତ୍ତିତ - 6. Constituted.
୭ । ସଂଯୁକ୍ତ—7. Joined to.
୮ । ଅନୁମତି ପ୍ରାପ୍ତ—8 Permitted; allowed.
୯ । ନିର୍ଦ୍ଦିଷ୍ଟ; ଅବଧାରିତ—
9. Fixed; settled; prescribed.
୧୦ । ଉତ୍ତେଜିତ—10. Prompted; incited (Apte).
୧୧ । ଆବଦ୍ଧ; ବନ୍ଧା ହୋଇଥିବା—
11. Bound; chained; fettered (M. W).
୧୨ । ସଂଲଗ୍ନ—
12. Fastened; attached (M. W).
୧୩ । ସ୍ଥାପିତ—13 Put; placed (M W).
୧୪ । କୌଣସି କାର୍ଯ୍ୟରେ ବ୍ୟବହୃତ—
14. Used or employed for; utilised (M.W).
୧୫ । (ହିନ୍ଦୁସ୍ମୃତି) ନିଯୋଗ ବିଧି ଅନୁସାରେ ଅନ୍ୟର ସ୍ତ୍ରୀ ଗର୍ଭରେ ସନ୍ତାନ ଉତ୍ପାଦନ କରିବା ପାଇଁ ଅନୁମତି ପ୍ରାପ୍ତ—
15. (Hindu law) Permitted to raise issue on a childless widow (Apte).

ନିଯୁକ୍ତି—ସଂ. ବି. (ନି+ଯୁଜ୍ ଧାତୁ+ଭାବ. ତି)—
Nijukti ୧ । କୌଣସି ଚାକିରି ପାଇବା; କାର୍ଯ୍ୟରେ ମୁକରର ହେବା—
1. Appointment; employment.
୨ । ଅଧିକାର ପ୍ରାପ୍ତି—
2. Commission; authority.
୩ । ପ୍ରବର୍ତ୍ତନ; ଗଠନ—3. Constitution.
୪ । କୌଣସି ବିଶିଷ୍ଟ କର୍ମ ପାଇଁ ପ୍ରେରିତ ହେବା—
4. Deputation.
୫ । ବିଶିଷ୍ଟ ଆଦେଶ—5. Injunction; order; command; charge (M. W.)

ନିଯୁକ୍ତି ପତ୍ର—ସଂ. ବି. (ଅଧୁନାତନ ବ୍ୟବହାର)—
Nijukti patra କୌଣସି କାର୍ଯ୍ୟରେ ନିଯୁକ୍ତ ହେବା ବ୍ୟକ୍ତିକୁ କର୍ତ୍ତୃପକ୍ଷଙ୍କଠାରୁ ମିଳିବା ଲେଖା; ପରୁଆନା—
Appointment letter; a writ of appointment; a writ of commission.

ନିଯୁଜ୍ୟ—ସଂ. ବିଣ. (ନି+ଯୁଜ୍ ଧାତୁ+କର୍ମ. ଯ)—
Nijujya ନିଯୁକ୍ତ ହେବାର ଯୋଗ୍ୟ—
Fit for being appointed or attached.

ନିଯୁଞ୍ଜାନ—ସଂ. ବିଣ. ପୁଂ (ନି+ଯୁଜ୍ ଧାତୁ+କର୍ତ୍ତୃ. ଶାନଚ୍)—
Nijuñjāna ୧ । ନିଯୋଜକ—1. Engaging; appointing.
(ନିଯୁଞ୍ଜାନା—ଅନ୍ୟରୂପ)
୨ । ଆଦେଶକ—2. Commanding.

ନିଯୁତ—ସଂ. ବି ଓ ବିଣ—ନିୟୁତ (ଦେଖ)
Nijuta Niyuta (See)
ଗ୍ରା. ବିଣ—ନିଯୁକ୍ତ (ଦେଖ)—Nijukta (See)

ନିୟୁତ—ସଂ. ବି. (ନି+ଯୁଜ୍ ଧାତୁ=ମିଶ୍ରିତ ହେବା+କର୍ତ୍ତୃ. ତ)—
Niyuta ଦଶ ଲକ୍ଷ—One million; ten lakhs.
ବିଣ— ଦଶ ଲକ୍ଷ ସଂଖ୍ୟକ—
Numbering a million.

ନିଯୁଦ୍ଧ—ସଂ. ବି. (ନି+ଯୁଧ ଧାତୁ=ଯୁଦ୍ଧ କରିବା+ଭାବ. ତ)—
Nijuddha ୧ । ମଲ୍ଲ ଯୁଦ୍ଧ; ବାହୁ ଯୁଦ୍ଧ; ନିରସ୍ତ୍ର ଯୁଦ୍ଧ—
1. Hand to hand fight; a fight without weapon; boxing; wrestling.
୨ । ଦ୍ୱନ୍ଦ୍ୱ ଯୁଦ୍ଧ—2. Duel.

ନିଯୁଦ୍ଧଭୂ—ସଂ. ବି (୬ଷ୍ଠୀ ତତ୍; ନିଯୁଦ୍ଧ+ଭୂ)—ମଲ୍ଲ ଯୁଦ୍ଧ ଭୂମି—
Nijuddhabhū A place for pugilistic combat.

ନିଯୋ(ୟୋ)କ୍ତବ୍ୟ—ସଂ. ବି. (ନି+ଯୁଜ ଧାତୁ=ଯୋଗ କରିବା +କର୍ମ. ତବ୍ୟ)—
Nijo(yo)ktabya
୧ । ନିଯୋଗ କରିବାର ଯୋଗ୍ୟ—1. Fit to be appointed, placed or joined.
୨ । ଯାହାକୁ ଦଣ୍ଡିତ ବା ଅତ୍ୟାଚାରିତ କରାଯିବ—
2. To be harassed or persecuted (M. W.)

ନିଯୋ(ୟୋ)କ୍ତା—ସଂ. ବିଣ. ପୁଂ. (ନି+ଯୁଜ୍ ଧାତୁ+କର୍ତ୍ତୃ. ତୃ ୧ମା. ୧ବ)—୧ । ସଂଯୋଗକାରୀ
Nijo(yo)ktā
(ନିଯୋକ୍ତ୍ରୀ—ସ୍ତ୍ରୀ) 1. Joining; fastening; attaching.
୨ । ନିଯୋଗକର୍ତ୍ତା—2. Appointing; employing; a person who appoints another to any office.
୩ । ଆଦେଷ୍ଟା; ଆଦେଶକ—3. Commanding.

୪ । ଯେ ଉପଭୋଗ କରେ—4. Enjoying.
୫ । ପ୍ରବର୍ତ୍ତକ—5. Stimulating; inciting.
୬ । କୌଣସି ବିଷୟର ଭାର ଅର୍ପଣକାରୀ—
6. Commissioning; authorising; charging.

ବି—୧ । ଚାକରରେ ମୁକରର କରିବା ବ୍ୟକ୍ତି—
1. Employer.
୨ । ଆଦେଶ ଦେବା ବ୍ୟକ୍ତି—
2. Commander; director.
୩ । ପ୍ରଭୁ; ମୁନିବ; ସ୍ୱାମିନ୍—3. Lord; master.
୪ । ଶାସନକର୍ତ୍ତା—4. Ruler.

ନିଯୋ(ୟୋ)ଗ—ସ. ବି (ନି+ଯୁଜ୍ ଧାତୁ+ଭାବ. ଅ)—
Nijo(yo)ga ୧ । ହୁକୁମ; ଆଜ୍ଞା; ଆଦେଶ—
1. Order; command; injunction.
୨ । ଉପଦେଶ—2. Advice; precept.
୩ । ଅନୁମତି—3. Permission; authority.
୪ । କୌଣସି ଭାରାର୍ପଣ—4. Charge; Commission.
୫ । ପ୍ରେଷଣ; ପ୍ରେରଣ—5. Sending.
୬ । ନିବେଶ; ମନୋଯୋଗ—6. Attention.
୭ । ପ୍ରବୃତ୍ତି—7. Propensity.
୮ । ଅଧିକାର—8. Authority; possession.
୯ । ବିଧାନ; ବ୍ୟବସ୍ଥା—9. Rule; regulation.
୧୦ । ବ୍ୟବହାର—10. Use.
୧୧ । ଅଧୀଶତା—11. Supremacy.
୧୨ । ଚେଷ୍ଟା—12. Effort; exertion (Apte)
୧୩ । ନିଶ୍ଚୟ—13. Certainty.
୧୪ । ଅବଧାରଣ; ସ୍ଥିରୀକରଣ—14. Settlement; resolution; ascertainment; determination.

୧୫ । କୌଣସି କାମରେ ନିଯୁକ୍ତି; ଚାକିରି—
15. Employment; appointment.
୧୬ । ସ୍ୱଭାବ—16. Constitution; nature.
୧୭ । (ବ୍ୟାକରଣ) ଅନୁଜ୍ଞା—
17. (grammar) Imperative mood.
୧୮ । (ହିନ୍ଦୁ ସ୍ମୃତି) ନିଯୋଗ ଧର୍ମ (ଦେଖ)
18. Nijoga dharma (See)
୧୯ । କୌଣସି କାର୍ଯ୍ୟରେ ପ୍ରେରଣ—19. Deputation.
୨୦ । କୌଣସି ବିଷୟରେ ନିଯୁକ୍ତି; ବ୍ୟବହାର—
20. Application; use (M. W.)
୨୧ । ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କର୍ମ—
21. Appointed task or duty (M. W.)
୨୨ । ଆବଶ୍ୟକତା—22. Necessity (M. W.)
୨୩ । ଅଦୃଷ୍ଟ; ଭାଗ୍ୟ—23. Fate; destiny (M. W.)
୨୪ । ପ୍ରେରଣା (ହି. ଶ.)—24. Urging; impulse.
୨୫ । ଅନ୍ୟ ଉପରେ କୌଣସି କ୍ଷମତା ଅର୍ପଣ—
25. Authorisation.

ଦେ. ବି—କୌଣସି ଦେବତା ବା ରାଜାଙ୍କ ନିକଟରେ ସେବା କରୁଥିବା ଏକ ଶ୍ରେଣୀର ସେବକମାନଙ୍କର ଦଳ—
The society of one class of servants serving a particular Deity or a king.
(ଯଥା—ଜଗନ୍ନାଥଙ୍କ ସୁଆର ନିଯୋଗ; ଲିଙ୍ଗରାଜଙ୍କ ବଡୁ ନିଯୋଗ ।)

ଗଲେ ରାଜେନ୍ଦ୍ର ସହ ଲକ୍ଷ ଲକ୍ଷ ପ୍ରଜା।
ପାତ୍ର, ମନ୍ତ୍ରୀ, ସଭାସଦ ନବର ନିଯୋଗ । ପ୍ରଧାନାଥ, ମହାଯାତ୍ରା ।

ବିଣ.—ଓଡ଼ିଶୀ; ଅମୁକଙ୍କ ପାଇଁ ଅଭିପ୍ରେତ ବା ଉତ୍ସର୍ଗୀକୃତ—
Meant for; dedicated.

ରେ କ୍ଷମାଧର ନିଯୋଗ ପାନ ଧର ନଜାର ସନାଳ ଶିରସ ।
ଉକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ନିଯୋ(ୟୋ)ଗ ଧର୍ମ—ସ. ବି.—(ହିନ୍ଦୁ ସ୍ମୃତି)—ଅସ୍ୱାମିକା ସ୍ତ୍ରୀ ବା
Nijo(yo)ga dharma ଅସ୍ୱାମ (ଭ୍ରାତୃ ଜାୟା ଆଦି)ର ଗର୍ଭରେ
ନିଯୋଗ ପ୍ରଥା } ଅନ୍ୟରୂପ ଅନ୍ୟପୁରୁଷ (ଦେବର ଆଦି) ଦ୍ୱାରା
ନିଯୋଗ ବିଧି } ପୁତ୍ର ଉତ୍ପାଦନ ପୂର୍ବକ ବଂଶରକ୍ଷା
କରିବାର ପ୍ରଥା—(Hindu jurisprudence)
The custom of begetting an heir or a child on a childless widow through the husband's brother (formerly prevalent amongst the Hindus).

[ଦ୍ର—ମୃତ ଅପୁତ୍ରକ ବ୍ୟକ୍ତିଙ୍କ ବିଧବା ସ୍ତ୍ରୀଙ୍କ ଗର୍ଭରେ ବିଧବାଙ୍କ ଦେବର ବା ସ୍ୱାମୀଙ୍କ ସପିଣ୍ଡ କୌଣସି ବ୍ୟକ୍ତିଙ୍କ ଔରସରେ ସନ୍ତାନ ଉତ୍ପାଦନ କରି ବଂଶ ରକ୍ଷା କରିବା ପ୍ରଥା ପ୍ରାଚୀନ ଆର୍ଯ୍ୟ ସମାଜରେ ଚଳୁ ଥିଲା ଓ ଏହି ପ୍ରଥା ଅନୁସାରେ ବ୍ୟାସଙ୍କ ଔରସରେ ଅପୁତ୍ରକ ମୃତ ରାଜା ବିଚିତ୍ରବୀର୍ଯ୍ୟଙ୍କ ଦୁଇ ସ୍ତ୍ରୀ ଅମ୍ବା ଓ ଅମ୍ବାଳିକାଙ୍କ ଗର୍ଭରେ ଯଥାକ୍ରମେ ଧୃତରାଷ୍ଟ୍ର ଓ ପାଣ୍ଡୁ ଉତ୍ପାଦିତ ହୋଇ ବିଚିତ୍ରବୀର୍ଯ୍ୟଙ୍କ ବଂଶ ରକ୍ଷା କରିଥିଲେ । ହିନ୍ଦୁ ସ୍ମୃତିମାନଙ୍କରେ (ଯଥା ମନୁ ୯।୫୯ ଇତ୍ୟାଦି) ଏହି ପ୍ରଥାର ବର୍ଣ୍ଣନା ଅଛି, କିନ୍ତୁ କଳିଯୁଗରେ ଏ ପ୍ରଥା ନିଷିଦ୍ଧ ଥିବାର ପରାଶର ଉଲ୍ଲେଖ କରିଅଛନ୍ତି ।]

ନିଯୋ(ୟୋ)ଗପତ୍ର—ସ. ବି. (ଆଧୁନିକ ବ୍ୟବହାର)—୧ । ଆଦେଶ
Nijo(yo)ga patra ପତ୍ର—1. An order slip.
(ନିୟୋଗ ଲିପି—ଅନ୍ୟରୂପ) ୨ । ନିଯୁକ୍ତି ପତ୍ର; ପରୱାନା—
2. Appointment letter.
୩ । ସନନ୍ଦ—3. Sanad; firman.

ନିଯୋ(ୟୋ)ଗିବା—ଦେ. (ପଦ୍ୟ) କ୍ରି.—(ସ. ନିଯୋଗ)—ନିଯୁକ୍ତ
Nijo(yo)gibā କରିବା—To appoint; to engage.
ନିଯୋଗୀ ଜାବ ବୋହିବାକୁ ନିଯୋଗିଛନ୍ତି ପିତା ।
ନିଯୋଗକରନା କୃଷ୍ଣସିଂହ. ମହାଭାରତ. ଆଦି ।

ନିଯୋଗୀ—ସ. ବିଣ. ପୁଂ (ନି+ଯୁଜ ଧାତୁ+କର୍ତ୍ତୃ, ଇନ୍ ୧ମା. ୧ବ.)
Nijogī ୧ । ନିଯୁକ୍ତ; ନିଯୋଜିତ—1. Appointed; authorised; commissioned.
(ନିୟୋଗୀ—ଅନ୍ୟରୂପ)

[ନିଯୋ(ଯ୍ୟୋ)ଜିତା—ସ୍ତ୍ରୀ] ୨ । ଆଦିଷ୍ଟ—
2. Directed; deputed; ordered.
ସ. ବି.—୧ । କର୍ମସଚିବ—1. Minister; officer.
୨ । ଦଲାଲ—2. Commission agent.
୩ । ନିଯୁକ୍ତ କର୍ମଚାରୀ—3. A functionary.
୪ । (ହିନ୍ଦୁ ସ୍ମୃତି) ନିଯୋଗ ବିଧି ଦ୍ୱାରା ଅପୁତ୍ର ବିଧବା ଗର୍ଭରେ ସନ୍ତାନ ଉତ୍ପାଦନାର୍ଥ ନିଯୋଜିତ ବ୍ୟକ୍ତି(ହି.ଶ.)
4. (Hindu law) A person authorised to raise issue on a childless widow.
ଦେ. ବି.—ଭୃତ୍ୟ—Servant.

ବଂଶର ଅଃଛ ନିଯୋଗୀ
କରଇ ଦେହେ ଶକ ଲାଗି । ଜଗନ୍ନାଥ. ଭାଗବତ ।

ନିଯୋ(ଯ୍ୟୋ)ଗ୍ୟ—ସ. ବି.—(ନି+ଯୁଜ୍ ଧାତୁ+କର୍ତ୍ତୃ. ଯ)—ନିଯୋଗ
Nijo(yo) gya କର୍ତ୍ତା; ପ୍ରଭୁ—Lord; master;
(ନିଯ୍ୟୋଗ୍ୟା—ସ୍ତ୍ରୀ) employer.
ବିଣ.—(ନି+ଯୁଜ୍ ଧାତୁ+କର୍ମ. ଯ)—ନିଯ୍ୟୋଗାର୍ହ—
Worthy or fit to be appointed.

ନିଯ୍ୟୋ(ଯୋ)ଜକ—ସ. ବିଣ. (ନି+ଯୁଜ୍. ଧାତୁ+କର୍ତ୍ତୃ. ଅକ)—
Niyo(jo jaka ନିଯୋକ୍ତା—Appointing; commanding; enjoining.
[ନିଯ୍ୟୋ(ଯୋ)ଜିକା—ସ୍ତ୍ରୀ] ବି—୧ । ପ୍ରଭୁ; ମାଲିକ; ଯେ ଭୃତ୍ୟ ନିଯୁକ୍ତ କରେ—1. Employer; master.
୨ । ଆଦେଶକର୍ତ୍ତା—2. Commander.

ନି(ଯୋ)ଯ୍ୟୋଜନ—ସ. ବି. (ନି+ଯୁଜ୍. ଧାତୁ+ଭାବ. ଅନ)—
Ni(jo)yojana ୧ । ମୁକରର; ନିଯ୍ୟୋଗକରଣ—
1. Appointment; employing.
୨ । କର୍ମରେ ପ୍ରତିଷ୍ଠିତ କରିବା—
2. Establishing some one in a work.
୩ । ପ୍ରେରଣ—3. Sending; entrusting; commissioning.
୪ । ଆଜ୍ଞା ଦେବା—4. Commanding; enjoining; ordering.
୫ । ବାନ୍ଧିବା; ବନ୍ଧନ କର୍ମ—5. Act of tying or fastening.
୬ । ପ୍ରେରଣା—6. Urging; impelling.
୭ । (+କରଣ. ଅନ) ଯାହାଦ୍ୱାରା ବନ୍ଧା ଯାଏ—
7. That with which any thing is tied or fastened.

ନିଯୋ(ଯ୍ୟୋ)ଜନୀ—ସ. ବି. (ନି+ଯୁଜ୍. ଧାତୁ+କରଣ. ଅନ+ଈ)—
Ni(jo yojanī ପଘା—Halter (M.W.).

ନିଯୋ(ଯ୍ୟୋ)ଜନୀୟ—ସ. ବିଣ. (ନି+ଯୁଜ୍. ଧାତୁ+କର୍ମ. ଅନୀୟ)—
Nijo(yo)janīya ନିଯୋଜ୍ୟ (ଦେଖ)—
[ନିଯୋ(ଯ୍ୟୋ)ଜନୀୟା—ସ୍ତ୍ରୀ] Nijojya (See).
[ନିଯ୍ୟୋ(ଯୋ)ଜୟିତବ୍ୟ—ଅନ୍ୟରୂପ]

ନିଯୋ(ଯ୍ୟୋ)ଜୟିତା—ସ. ବିଣ. ପୁଂ. (ନି+ଯୁଜ୍. ଧାତୁ. ଣିଚ ଯୋଗ
Nijo(yo)jayitā ଧାତୁ+କର୍ତ୍ତୃ. ତୃ ୧ମା. ୧ବ)—୧ । ନିଯୋକ୍ତା—
(ନିଯ୍ୟୋଜୟିତ୍ରୀ—ସ୍ତ୍ରୀ) 1. Employing; engaging; appointing.
୨ । ପ୍ରବର୍ତ୍ତକ—2. Prevailing upon.

ନିଯୋ(ଯ୍ୟୋ)ଜିତ—ସ. ବିଣ. (ନି+ଯୁଜ୍. ଧାତୁ. ଣିଚ+କର୍ମ ତ)—
Nijo(yo)jita ୧ । ଅନ୍ୟ ଦ୍ୱାରା କର୍ମରେ ନିଯୁକ୍ତ କରା ଯାଇଥିବା—
(ନିଯ୍ୟୋଜିତା—ସ୍ତ୍ରୀ) 1. Appointed to an office.
୨ । ନିଯୁକ୍ତ—2. Engaged.
୩ । ପ୍ରବର୍ତ୍ତିତ—3. Stimulated.
୪ । ପ୍ରେରିତ—4. Sent.
୫ । ଭାର ପ୍ରାପ୍ତ; କ୍ଷମତା ପ୍ରାପ୍ତ—5. Entrusted; authorised.
୬ । ଆଦିଷ୍ଟ—6. Commanded; enjoined; commissioned.
୭ । ସଂଯୁକ୍ତ; ପ୍ରଯୁକ୍ତ—7. Connected with; joined to; attached to; tied on.
୮ । ବ୍ୟବହୃତ—8. Used; utilised.
୯ । ଆଦେଶ ଦ୍ୱାରା ବ୍ୟବହୃତ—9. Commandeered.
୧୦ । ସ୍ଥାପିତ—10. Placed; laid.
୧୧ । କୌଣସି କର୍ମ କରିବାକୁ ଉତ୍ତେଜିତ—
11. Urged; impelled; incited; instigated.

ନିଯୋ(ଯ୍ୟୋ)ଜିବା—ଦେ. କ୍ରି (ସଦ୍ୟ) ୧ । ନିଯୁକ୍ତ କରିବା—
Nijo(yo)jibā 1. To employ.

ଦଶ ଶତ ଧନ୍ୱୀ ପଦାତ ସଙ୍ଗରେ ନିଯ୍ୟୋଜିଲେ ନରସାଇଁ—
ଉଦ୍ଧାନାଥ. ପାର୍ବତୀ ।

নিয়োজা ୨ । ଯୋଗାଇବା—2 To supply
नियोजना

ତାଙ୍କ ଡାକ୍ତରଙ୍କ ନିଯୋଜନ୍ତି,
ମଧ୍ୟରେ ସେବକ ବୋଲନ୍ତି । ଜଗନ୍ନାଥ. ଭାଗବତ ।

୩ । ଯୁକ୍ତ କରିବା—3 To attached

ସେ ମାର୍ଗ ମୋତେ ଦେଖାଇଲେ,
ବସ୍ତୁ ଶରରେ ନିଯ୍ୟୋଜିଲେ । ଜଗନ୍ନାଥ. ଭାଗବତ ।

ନିଯୋ(ଯ୍ୟୋ)ଜ୍ୟ—ସ. ବିଣ. (ନି+ଯୁଜ୍. ଧାତୁ+କର୍ମ ଯ)—
Nijo(yo)jya ୧ । ଯାହାକୁ ନିଯୁକ୍ତ କରାଯିବ—
(ନିଯ୍ୟୋଜ୍ୟା—ସ୍ତ୍ରୀ) 1. To be employed.
୨ । ନିଯୁକ୍ତ ହେବାର ଯୋଗ୍ୟ—2. Fit to be employed.
୩ । ଉପଦେଶାର୍ହ—3. Requiring to be advised.
୪ । ଦଣ୍ଡ୍ୟ—4. To be punished; punishable.
୫ । ସଲଗ୍ନ ହେବାର ଯୋଗ୍ୟ—5. To be fastened or attacted to; fit to be joined with.
ବି.—୧ । ଭୃତ୍ୟ—1. Servant; employee.
୨ । କାରପରଦାଜ; ଏଜେଣ୍ଟ—2. Agent.
୩ । ଦାସ—3. A slave.
୪ । କର୍ମଚାରୀ—4. Functionary; official.

ନିଯୋଦ୍ଧା—ସଂ. ବି. (ନି—ସମ୍ମୁଖରେ + ଯୁଧ୍ ଧାତୁ = ଯୁଦ୍ଧ କରିବା Nijoddhā + କର୍ତ୍ତୃ ତୃ, ନିଯୋଦ୍ଧୃ. ଶବ୍ଦ ୧ମା ୧ବ)— (ନିଯୋଧକ—ଅନ୍ୟରୂପ) ୧ । କୁକ୍କୁଟ—1. A cock.

୨ । ମଲ୍ଲ ଯୋଦ୍ଧା; ପହଲ୍‌ବାନ୍—2. A wrestler; a pugilist.

୩ । ଯୋଦ୍ଧା—3. Combatant; warrior.

ନିର୍—ସଂ. (ଉପସର୍ଗ) ଅ—(ନୃ ଧାତୁ = ନେଇଯିବା + କର୍ତ୍ତୃ. କ୍ୱିପ୍) Nir ଏହି ଉପସର୍ଗ ଧାତୁ ପୂର୍ବେ ନିମ୍ନଲିଖିତ ଅର୍ଥମାନଙ୍କରେ ବ୍ୟବହୃତ ହୁଏ—A prefix denoting the following senses and corresponding to the English prefix un as in uncertain, in as in incessant and to the particle less as in formless.

୧ । ନିଶ୍ଚୟ—(ଯଥା—ନିରତ)—1. Certainty.

୨ । ନିଷେଧ— (ଯଥା—ନିରାଶ, ନିରସନ)— 2. Prohibition.

୩ । ନିକୃଷ୍ଟ—(ଯଥା—ନିରୟ)—3. Inferior.

୪ । ଅଭାବ—(ଯଥା—ନିରଂଶ)— 4. Want; negation; absence; privation.

୫ । ନିଃଶେଷ—(ଯଥା—ନିର୍ବଳ)— 5. Without remainder

୬ । ଅତ୍ୟନ୍ତ; ନିତାନ୍ତ (ଯଥା—ନିଷ୍ପୀଡ଼ନ)— 6. Too much; excessive.

୭ । ବହିଷ୍କରଣ (ଯଥା—ନିର୍ବାସିତ)— 7. Expulsion.

୮ । ପଦାକୁ ବାହାରିବା; (ଯଥା—ନିର୍ଗମନ)— 8. Going out.

୯ । ବହିଃ; ବାହାର (ଯଥା—ନିର୍ବହାଳିକା)— 9. External.

୧୦ । ସମ୍ପୂର୍ଣ୍ଣତା (ଯଥା—ନିରତିଶୟ)—10. Totality; entirety; completeness,

[ଦ୍ର—ନିଃ ବା ନିସ୍ ଉପସର୍ଗ ପରେ ସ୍ୱରବର୍ଣ୍ଣ, ଗ, ଘ, ଜ, ଝ, ଦ, ଧ, ନ, ବ, ଭ, ମ, ଯ, ର, ଲ, ୱ ଓ ହ ଥିଲେ ନିଃ ବା ନିସ୍ ସ୍ଥାନରେ ନିର୍ ହୁଏ ।]

ନିର୍‌ଖିବା—ଗ୍ରା. କ୍ରି.—ନିରେଖିବା (ଦେଖ)
Nir-khibā Nirekhibā (See)

ନିରଂକୁଶ—ସଂ. ବିଣ.—ନିରଙ୍କୁଶ (ଦେଖ)
Niraṁkuśa Niraṅkuśa (See)

ନିରଂଶ—ସଂ. ବିଣ. (ବହୁବ୍ରୀହି; ନିର୍ = ନାହିଁ + ଅଂଶ; ଯାହାର)— Niraṁśa ୧ । ଅଂଶରହିତ; ଭାଗହୀନ—1. Destitute of a share; not entitled to a share.

୨ । ଶାସ୍ତ୍ର ଅନୁସାରେ ଯେଉଁ ଉତ୍ତରାଧିକାରୀ ପୈତୃକ ସମ୍ପତ୍ତିରୁ ହିଂସା ପାଏ ନାହିଁ—2. Not entitled to a share in the ancestral property.

[ଦ୍ର—ଯାଜ୍ଞବଲ୍କ୍ୟଙ୍କ ମତରେ—ପତିତ, ପତିତର ପୁତ୍ର, କ୍ଳୀବ, ପଙ୍ଗୁ, ଉନ୍ମତ୍ତ, ଜଡ଼, ଅଚିକିତ୍ସ୍ୟ ରୋଗରେ ପୀଡ଼ିତ—ଏମାନେ ନିରଂଶ ଅର୍ଥାତ୍ ପୈତୃକ ସମ୍ପତ୍ତିରୁ ଭାଗ ପାଆନ୍ତି ନାହିଁ ।]

୩ । ସମୁଦାୟ—3. Whole; entire; (Apte).

ବି· (ଜ୍ୟୋତିଷ) ରାଶିର ଭୋଗ କାଳର ପ୍ରଥମ ଓ ଶେଷ ଦିନ; ସଂକ୍ରାନ୍ତି; ସୂର୍ଯ୍ୟଙ୍କର ଏକ ରାଶିରୁ ଅନ୍ୟ ରାଶିକୁ ଗମନ— 3. (Astronomy) The sun's entering into a new sign; the passage of the sun from one sign to the next.

ଦେ. ବିଣ.—ନିରଂଶିଆ (ଦେଖ)—Niraṁśiā (See)

ବି.—ନିର୍ବଂଶ ଅବସ୍ଥା—Issueless condition.

ନିରଂଶ ଡିହ—ଦେ. ବି.—ଯେଉଁ ଡିହ ବା ଘରତଳ ଜମିର ମାଲିକ Niraṁśa ḍiha ନିଃସନ୍ତାନ ହୋଇ ମରିଯିବା ପରେ ତାହାର କେହି ଉତ୍ତରାଧିକାରୀ ନ ଥାଏ— A homestead, the owner of which died leaving no heirs.

ନିରଂଶିଆ—ଦେ. ବିଣ. ପୁଂ (ସଂ· ନିର୍ବଂଶ)— Niraṁśiā ୧ । ନିର୍ବଂଶ; ଯାହାର ବଂଶ ଲୋପ ପାଇଥାଏ—
निवंश 1. One who leaves no family member,
(ନିରଂଶୀ—ସ୍ତ୍ରୀ) ୨ । ବେୱାରସ— 2. Heirless; leaving no successor.

୩ । ନାୱାରସ; ଯେଉଁ ସମ୍ପତ୍ତିର କେହି ଉତ୍ତରାଧିକାରୀ ନାହିଁ—3. Having no body to succeed to it (property).

୫ । (ଗାଳି ବା ଅଭିଶାପ) ଆଣ୍ଟକୁଡ଼ା; ଅପୁତ୍ରକ— 5. (a term of cursing) Childless.

୬ । (ଗାଳି) ଅଳ୍ପାୟୁଷ— 6. (a term of cursing) Short lived.

କେ ବାଇଶ ବର୍ଷିଆ କେ ପନ୍ଦର ବର୍ଷିଆ
କେ ସାତ ସତର କେ ଅଠର ନିରଂଶିଆ—ପୀତାମ୍ବର· ନୃସିଂହପୁରାଣ ।

ନିରଂଶିଘର ଝିଅ—ଦେ. ବି. ସ୍ତ୍ରୀ (ଗାଳି)—ଯେଉଁ କନ୍ୟାର ପିତୃ- Niraṁśighara jhia ବଂଶରେ ଆଉ କେହି ଉତ୍ତରାଧିକାରୀ ନାହିଁ—(a term of abuse) A woman whose father's family is or will become extinct.

ନିରଂଶୀ—ସଂ. ବିଣ ପୁଂ (ନିରଂଶ + ଇନ୍; ୧ମା. ୧ବ.)— Niraṁśī ୧ । ଅଂଶ ବା ଭାଗଶୂନ୍ୟ—
(ନିରଂଶିନୀ—ସ୍ତ୍ରୀ) 1. Destitute of a share.

୨ । ଏକାକୀ—2. Single; unattended (M, W),

ନିରଂଶୁ—ସଂ. ବିଣ (ବହୁବ୍ରୀହି; ନିର୍ + ଅଂଶୁ)— Niraṁśu ୧ । ନିଷ୍ପ୍ରଭ; ଜ୍ୟୋତିର୍ହୀନ—1. Pale; lustreless.

୨ । କିରଣହୀନ—2. Rayless.

ନିରକତ—ଗ୍ରା (ପଦ୍ୟ) ବିଣ—ନିରକ୍ତ (ଦେଖ)
Nirakata Nirakta (See)

ନିରକତ } ଅନ୍ୟରୂପ
ନିରକତିଆ }

ନିରକତ ଲୋକ ସହିତ ବିନା ଏହା
ଉକତ ଥିଲେ କିହା ନ ଯାଏଟି କାହା
କୃଷ୍ଣସିଂହ. ମହାଭାରତ. ସଭା ।

ନିରକ୍ତ—ଦେ. ବିଣ ପୁଂ (ସଂ. ନୀରକ୍ତ)—୧ । ରକ୍ତହୀନ—
Nirakta 1. Bloodless; sallow.
ନିରକ୍ତ } ଅନ୍ୟରୂପ— ୨ । ଦୁର୍ବଳ; ନିର୍ବଳ—
ନିରକ୍ତିଆ } 2. Having no strength; weak.
(ନିରକ୍ତୀ; ନିରକ୍ତେଇ—ସ୍ତ୍ରୀ) ୩ । ସାହସହୀନ; ଭୀରୁ—
3. Timid; having no courage.

ନିରକ୍ଷ—ସଂ. ବିଣ (ନିର୍+ଅକ୍ଷ)—୧ । ଅକ୍ଷଶୂନ୍ୟ—
Niraksha 1. Without dice.
୨ । (ଜ୍ୟୋତିଷ) ଯେଉଁ ସ୍ଥାନର ଅକ୍ଷାଂଶ ନାହିଁ—
2. (astronomy) (a place) Of no latitude.
ବି—(ଭୂଗୋଳ ପରିଭାଷା) ନିରକ୍ଷବୃତ୍ତ (ଦେଖ)
Nirakshabrutta(See)
ଦେ. ବିଣ (ସଂ. ନିର୍+ରକ୍ଷକ)—୧ । ରକ୍ଷକବିହୀନ—
1. Having no protector.
୨ । ଅସହାୟ—2 Helpless.

ନିରକ୍ଷ ଦେଶ—ଦେ. ବି (ଭୂଗୋଳ ପରିଭାଷା)—୧ । ବିଷୁବ ରେଖାର
Niraksha desa ସନ୍ନିହିତ ସ୍ଥାନ; ଯେଉଁଠାରେ ଦିବା ଓ ରାତ୍ରି ସମାନ—1. The equatorial regions.
୨ । ଯେଉଁଠାରୁ ଜ୍ୟୋତିଷ ମତରେ ୧ମ ଦ୍ରାଘିମା ଗଣନା କରାଯାଏ—2. The first meridian (as Laṅka in Hindu astronomy (Apte)

ନିରକ୍ଷବୃତ୍ତ—ସଂ. ବି (ଭୂଗୋଳପରିଭାଷା)—୧ । ଭୂମଧ୍ୟରେଖା; ବିଷୁବ
Niraksa bṛutta ରେଖା; ନାଡ଼ୀମଣ୍ଡଳ—
(ନିରକ୍ଷରେଖା—ଅନ୍ୟରୂପ) 1. The terrestrial equator.
[ଦ୍ର—ଯେଉଁ ରେଖାଦ୍ୱାରା ପୃଥିବୀକୁ ଉତ୍ତରାର୍ଦ୍ଧ ଓ ଦକ୍ଷିଣାର୍ଦ୍ଧ ଏହି ଦୁଇ ଭାଗରେ ବିଭକ୍ତ କରାଯାଏ, ସେ ରେଖାକୁ ନିରକ୍ଷ ବୃତ୍ତ ବା ନିରକ୍ଷ ରେଖା କହନ୍ତି । ଏହି ରେଖାର ଉତ୍ତର ଓ ଦକ୍ଷିଣର କତିପୟଂଶ ସ୍ଥାନକୁ ନିରକ୍ଷଦେଶ ବୋଲାଯାଏ ।]
୨ । ଅକ୍ଷାଂଶ—2. Latitude (Apte).

ନିରକ୍ଷମଣ୍ଡଳ—ଦେ. ବି (ଭୁଗୋଳପରିଭାଷା)—୧ । ନିରକ୍ଷବୃତ୍ତ—
Niraksha maṇḍaḷa 1. The equator.
୨ । ନିରକ୍ଷ ଦେଶ—2, The equatorial region.
ନିରକ୍ଷମଣ୍ଡଳ-ଅଗ୍ନେୟ ଉତ୍ସଙ୍ଗେ – ରାଧାନାଥ. କବିତାବଳୀ ।

ନିରକ୍ଷର—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍+ଅକ୍ଷର)—ମୂର୍ଖ; ଅକ୍ଷର ଜାଣି
Nirakshara ନ ଥିବା; ଆଦୌ ବିଦ୍ୟାଭ୍ୟାସ କରି ନ ଥିବା
(ନିରକ୍ଷରା—ସ୍ତ୍ରୀ) (ବ୍ୟକ୍ତି)—Unlettered. (ନିରକ୍ଷରତା—ବି)

ନିରକ୍ଷାନ୍ତର—ସଂ. ବି (ଭୁଗୋଳପରିଭାଷା, ନିରକ୍ଷ+ଅନ୍ତର)—
Nirakshāntara ବିଷୁବରେଖାଠାରୁ ପୃଥିବୀର କୌଣସି ଗୋଟିଏ ସ୍ଥାନର ଦୂରତ୍ୱ—The latitude of a place.
[ଦ୍ର—ଏହି ସ୍ଥାନ ବିଷୁବରେଖାର ଉତ୍ତରରେ ହେଲେ ଉତ୍ତର ନିରକ୍ଷାନ୍ତର ଓ ଦକ୍ଷିଣରେ ହେଲେ ଦକ୍ଷିଣ ନିରକ୍ଷାନ୍ତର ପରିଗଣିତ ହୁଏ ।]

ନିରଖ—ବୈଦେ. ବି (ଫା. ନିର୍ଖ୍; ଭୁଲ. ସଂ. ନିରୀକ୍ଷଣ)—
Nirakha ୧ । କୌଣସି ପଦାର୍ଥର ସ୍ଥିରୀକୃତ ଦର—
নিরিখ, দর 1. Tariff; fixed price of a thing;
निरख authorised market-rate.
୨ । ବଜାର ଦର; ଭାଉ—
2. Market rate; current price.
୩ । ନିଶ୍ଚୟତା—3. Certainty.
୪ । ସ୍ଥିରୀକରଣ—4. Ascertainment.
ବିଣ—୧ । ଅରକ୍ଷକ—1. Protectorless.
୨ । ଅସହାୟ—2. Helpless.

ନିରଖନାମା—ବୈଦେ. ବି (ଫା. ନିର୍ଖ୍ ନାମାହ୍)—ଭିନ୍ନ ଭିନ୍ନ
Nirakhanāmā ପଣ୍ୟଦ୍ରବ୍ୟର ବଜାରଭାଉର ତାଲିକା—
নিরিখনামা निर्खनामा A list of the market-rates of commodities.

ନିରଖ ବନ୍ଦି—ବୈଦେ. ବି. (ଫା. ନିର୍ଖ୍‌ବନ୍ଦୀ)—
Nirakha bandi ବଜାର ପ୍ରଚଳିତ ଦରର ନିର୍ଦ୍ଧାରଣ—
নিরিখ বন্দী Fixing of the market price of
निर्ख्‌ बन्दी commodities.

ନିରଗ୍ନି—ସଂ. ବିଣ. (ବହୁବ୍ରୀହି; ନିର=ନାହିଁ+ଅଗ୍ନି)—
Niragni ୧ । ଅଗ୍ନି ଶୂନ୍ୟ; ଅନଗ୍ନି—1. Fireless.
୨ । ନିସ୍ତେଜ—2. Devoid of vigour or brightness.
ବି—ଯେଉଁ ବ୍ରାହ୍ମଣର ଗୃହରେ ଯଜ୍ଞାଗ୍ନି ସଞ୍ଚିତ ହୋଇ ରଖାଯାଇ ନ ଥାଏ—A Brāhmaṇa who does not maintain the consecrated sacrificial fire in his home.

ନିରଙ୍କୁଶ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର=ନାହିଁ+ଅଙ୍କୁଶ=
Niraṅkusa ହସ୍ତି ଶାସନ ଦଣ୍ଡ)—
(ନିରଙ୍କୁଶା—ସ୍ତ୍ରୀ) ୧ । ଅନିବାର୍ଯ୍ୟ—1. Unavoidable;
(ନିରଙ୍କୁଶତା—ବି) irresistible.
୨ । ବାଧା ଶୂନ୍ୟ; ପ୍ରତିବନ୍ଧକଶୂନ୍ୟ—
2. Unrestricted; unchecked; uncontrolled; unrestrained; unfettered.
୩ । ସ୍ୱେଚ୍ଛାଗ୍ରସ୍ତ—3. Wilful.
୪ । ସ୍ୱାଧୀନ—4. Independent; free.
୫ । ଅଶାସ୍ୟ—5. Unruly (M. W.)
୬ । ଅପବ୍ୟୟୀ—6. Extravagant.

ନିରଙ୍କୁଶତା(ତ୍ୱ)—ସଂ. ବି. (ନିରଙ୍କୁଶ+ଭାବ. ତା; ତ୍ୱ)—୧ । ସ୍ୱାତନ୍ତ୍ର୍ୟ—
Niraṅkusatā(twa) 1. Freedom; liberty.
(ନିରଙ୍କୁଶତ୍ୱ—ଅନ୍ୟରୂପ) ୨ । ବାଧା ଶୂନ୍ୟତା—
2. Want of restraint.
୩ । ସ୍ୱେଚ୍ଛାଗ୍ରସ୍ତତା—3. Wilfulness.

ନିରଙ୍ଗ—ସଂ. ବିଣ. (ବହୁବ୍ରୀହି; ନିର୍+ଅଙ୍ଗ)—
Niraṅga ୧ । ଅଙ୍ଗହୀନ—1. Limbless.

୨ । ନିରାକାର—
2. Shapeless; without form.
୩ । ଅଶରୀରୀ; ନିରବୟବ—3. Incorporeal,
୪ । ଅସମ୍ପୂର୍ଣ୍ଣ—4. Incomplete (M, W,)
୫ । ନିରୁପାୟ; ଉପାୟାନ୍ତର ହୀନ—5. Having no resources or expedients. (M.W.)
ସଂ. ବି—ଏକ ପ୍ରକାର ରୂପକ ଅଳଙ୍କାର (ପୂ. ଶ.)—
A kind of simile.
[ଦ୍ର—ଯେଉଁ ରୂପକ ଅଳଙ୍କାରରେ ଉପମେୟର ସବୁ ଅଙ୍ଗ ନିର୍ଦ୍ଦେଶ କରାଯାଏ ନାହିଁ ତାକୁ ନିରଙ୍ଗ ରୂପକ ବୋଲାଯାଏ—ପୂ. ଶବ୍ଦସାଗର ।]
ପ୍ରାଦେ. (ଗଡ଼ଜାତ) ବି—ମହର୍ଗ କାଳ; କାନ୍ତାର; ଦୁର୍ଭିକ୍ଷ—
Famine; a time of rise in prices of food grains,

ନିରଙ୍ଗୁଳ—ସଂ. ବି. (ନିର୍+ଅଙ୍ଗୁଳ)—
Nirangula ୧। ଯାହା ଅଙ୍ଗୁଳିରୁ ନିର୍ଗତ ହୋଇଅଛି (ପ୍ରକୃତିବାଦ)-
(ନିରଙ୍ଗୁଳ—ଅନ୍ୟରୂପ) 1. Growing out of the fingers.
୨ । ଅଙ୍ଗୁଳିହୀନ—2. Fingerless.

ନିରଙ୍ଗ ରୂପକ—ସଂ. ବି—ଏକ ପ୍ରକାର ରୂପକ ଅଳଙ୍କାର—
Niranga rūpaka A kind of simile.
(ଯଥା—ରୂପକ ତଳେ ନୋଟ ଦେଖ ।)

ନିରଜନ— ଗ୍ରା. (ପଦ୍ୟ) ବିଣ. ଓ ବି.—ନିର୍ଜନ (ଦେଖ)
Nirajana Nirjana (See)
(ନିରଜନ—ଅନ୍ୟରୂପ) ପୁଷ୍ପବନ କେମାନଶି ବଣାବନି,
ନିରଜନେ ଯେଣ ଯାପିବ ଯାମିନୀ । ଅଜୟବନ୍ଧ . ଶେଷବନ୍ଧୀ ।

ନିରଜିନ—ସଂ. ବିଣ. (ବହୁବ୍ରୀହି; ନିର୍+ଅଜିନ)—ଯାହାର ଚମଡ଼ା
Nirajina ନାହିଁ—Without a skin or hide.

ନିରଞ୍ଜନ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍=ନାହିଁ+ଅଞ୍ଜନ=କଜ୍ଜଳ
Nirañjana ବା ମଳ)—୧ । ବିଶୁଦ୍ଧ—1. Pure.
(ନିରଞ୍ଜନା—ସ୍ତ୍ରୀ) ୨ । ନିଷ୍କଳଙ୍କ—2. Stainless; spotless; unstained.
୩ । କଜ୍ଜଳହୀନ—3. Free from or having no collyrium.
୪ । ପବିତ୍ର—4. Holy; sacred.
୫ । ଅନ୍ଧକାରହୀନ —5. Free from darkness.
୬ । ନିଷ୍ପାପ; ପାପହୀନ—6. Sinless.
୭ । ରାଗାଦି ଦୋଷ ରହିତ—
7. Free from passions or emotion.
୮ । ତେଜୋମୟ—8. Bright; luminous.
ବି.—୧ । ଭଗବାନ୍—
1. God.
[ଦ୍ର—'କୁମ୍ଭୀପାଟୁଆ' ବା ଅଲେଖ ଧର୍ମାବଲମ୍ବୀମାନେ ନିରାକାର ନିରଞ୍ଜନ ଠାକୁରଙ୍କୁ ପୂଜା କରନ୍ତି ।]
୨ । ମହାଦେବ—2. God Siba,
୩ । ପରଂବ୍ରହ୍ମ—3. The Suprime Brahma.

ନିରଞ୍ଜନା—ସଂ. ବି· ସ୍ତ୍ରୀ (ନିରଞ୍ଜନ+ଆ)—୧ । ପୂର୍ଣ୍ଣିମା ତିଥି—
Nirñjanā 1. Fullmoon day.
୨ । ଦୁର୍ଗା—2. Durgā.

ନିରଞ୍ଜନୀ—ଦେ. ବି. (ନିରଞ୍ଜନଙ୍କ) ଉପାସକ ସମ୍ପ୍ରଦାୟବିଶେଷ—
Niranjanī Name of a sect of devotees.
[ଦ୍ର—ନିତ୍ୟାନନ୍ଦ ସ୍ୱାମୀ ଏହି ସମ୍ପ୍ରଦାୟର ପ୍ରବର୍ତ୍ତକ; ସେ ନିରଞ୍ଜନ ନିରାକାର ପରବ୍ରହ୍ମଙ୍କର ଉପାସନା କରୁଥିଲେ, ତେଣୁ ତତ୍ପ୍ରବର୍ତ୍ତିତ ଶାଖା ନିରଞ୍ଜନୀ ନାମରେ ଅଭିହିତ; କିନ୍ତୁ ଆଜିକାଲି ନିରଞ୍ଜନୀ ସାଧୁମାନେ ରାମାନନ୍ଦଙ୍କ ମତାନୁସାରେ ସାକାର ଉପାସନା ଗ୍ରହଣ କରି ଉଦାସୀ ବୈଷ୍ଣବ ହୋଇ ଅଛନ୍ତି ଓ କୌପୀନ, ତିଳକ ଓ କଣ୍ଠି ଧାରଣ କରୁ ଅଛନ୍ତି । ମାରବାଡ଼ ଦେଶରେ ଏମାନଙ୍କର ଅନେକ ଆଖଡ଼ା ଅଛି । ପୂ. ଶ.]

ନିରତ—ସଂ. ବିଣ. ସ୍ତ୍ରୀ—(ନି+ରମ୍ ଧାତୁ+କର୍ତ୍ତୃ. ତ)—୧ । ବ୍ୟାପୃତ;
Nirata ନିଯୁକ୍ତ—1. Engaged; engrossed.
(ନିରତା—ସ୍ତ୍ରୀ) ୨ । ପ୍ରବୃତ୍ତ—2. Commenced; engaged in; occupied with.
୩ । ଆସକ୍ତ—3. Attached.
୪ । ଅନୁରକ୍ତ—4. Devoted to; very fond of.
୫ । ଅତି ଆନନ୍ଦିତ—
5. Extermely delighted with.
୬ । ସନ୍ତୁଷ୍ଟ—6. Pleased; satisfied.
୭ । ବିରତ—7. Rested; ceased (Apte).
(ନିରତେ—ଅନ୍ୟରୂପ) ଦେ. କ୍ରି. ବିଣ. (ସଂ. ନିରନ୍ତର)—
୧ ସର୍ବଦା—1. Incessantly.
ନିରତେ ଅଷ୍ଟ ଗ ତେବା, ଅସନ୍ ଅସନେ,
ନିରତେ କରନ୍ତି ସ୍ତୁତି, ସ୍ୱଭାବେ ଚପଳା—ରଥାନାଥ ମହାଯାତ୍ରା ।
୨ । ଦିବା ନିଶି—2. Day and night.

ନିରତି—ସଂ. ବି.—(ନି+ରମ୍ ଧାତୁ+ଭାବ. ତି)—ଅତିଶୟ; ଅନୁରକ୍ତି
Nirati Excessive fondness or attachment.

ନିରତିଚାର—ସଂ. ବିଣ. (ବହୁବ୍ରୀହି, ନିର୍+ଅତିଚାର)—
Niratichāra ଯାହାକୁ ଅପବିତ୍ର କରି ଯାଇ ନ ପାରେ—
Inviolable.

ନିରତିଶୟ—ସଂ. କ୍ରି. ବିଣ. ଓ ବିଣ (ନିର୍=ନିତାନ୍ତ+ଅତିଶୟ=
Niratiśaya ଆଧିକ୍ୟ)—୧ । ଅତ୍ୟଧିକ—
1. Excessive; greatest; extreme; too much.
୨ । ଅନତିକ୍ରମଣୀୟ—2. Unsurpassable; insurmountable.
୩ । ଅତ୍ୟନ୍ତ; ଅତିରିକ୍ତ ରୂପେ—3. Exceedingly.
ବି·—ପରମେଶ୍ୱର—God.

ନିରତେ—ଦେ. କ୍ରି. ବିଣ—ନିରତ (ଦେଖ)—
Nirate Nirata (See)
ମୋହନ ଭୋଗରି ନିରତେ ଫଳୁଛିରେ—ସଙ୍ଗୀତ ।

ନିରତ୍ୟୟ—ସଂ. ବିଣ. (ବହୁବ୍ରୀହି; ନିର୍=ନାହିଁ+ଅତ୍ୟୟ=ଦୋଷ,
Niratyaya ବିନାଶ)—୧ । ନିର୍ଦ୍ଦୋଷ—
1. Faultless; flawless.

୨ । ନିଷ୍ପାପ; ଅନଘ—2. Sinless.
୩ । ଅବିନଶ୍ୱର—3. Immortal; industructible.
୪ । ବାଧାଶୂନ୍ୟ—4. Unrestrained; unchecked;
୫ । ଅନିବାର୍ଯ୍ୟ—5. Irresistible.
୬ । ବିପଦଶୂନ୍ୟ; ନିରାପଦ—6. Free from danger; secure (M. W.)
୭ । ଯାହା କୌଣସି କଷ୍ଟ ଦିଏ ନାହିଁ—
7. Causing no pain (M.W.)

ନିରଦୟ—ଗ୍ରା. (ପଦ୍ୟ) ବିଣ—ନିର୍ଦ୍ଦୟ (ଦେଖ)—
Niradaya Nirddaya (See)
निरदय निर्दई (ନିରଦୟା—ଅନ୍ୟରୂପ)

ନିରଦୟା—ଗ୍ରା (ପଦ୍ୟ) ବିଣ—୧ । ନିର୍ଦ୍ଦୟ—
Niradayā 1. Not merciful.
ବି—ନିର୍ଦ୍ଦୟତା—Unkindness; cruelty.

ନିର ଦୋଷ—ଗ୍ରା. (ପଦ୍ୟ) ବିଣ—ନିର୍ଦ୍ଦୋଷ (ଦେଖ)—
Nira dosa Nirddosha (See)

ନିରଧିକାର—ସ. ବିଣ (ବହୁବ୍ରୀହି; ନିର୍=ନାହିଁ+ଅଧିକାର—
Niradhikāra ୧ । ଅଧିକାର ବର୍ଜିତ—
1. Having no authority.
୨ । ବେଦଖଲ—2. Disposessed.
୩ । ସମ୍ବନ୍ଧହୀନ—3. Having no connection.

ନିରଧ୍ୱ—ସ. ବିଣ. ପୁଂ. (ବହୁବ୍ରୀହି, ନିର୍+ଅଧ୍ୱନ୍)—
Niradhwa ଯେ ବାଟ ଭୁଲିଛି; ଯେ ଭୁଆଁ ବୁଲୁଛି—
One who has lost one's way.

ନିରନୁକ୍ରୋଶ—ସ. ବିଣ. ପୁଂ (ବହୁବ୍ରୀହି; ନିର୍+ଅନୁକ୍ରୋଶ)
Niranukrōsa ୧ । ନିଷ୍କରୁଣ—
(ନିରନୁକ୍ରୋଶା—ସ୍ତ୍ରୀ) 1. Unkind; hardhearted.
(ନିରନୁକ୍ରୋଶତା—ବି) ୨ । ନିଷ୍ଠୁର; ନିର୍ଦ୍ଦୟ; କଠୋର—
2. Cruel; pitiless.
୩ । ନିଃସ୍ନେହ; ସ୍ନେହହୀନ—3. Unfeeling.
ସ. ବି.—ନିଷ୍ଠୁରତା—Cruelty; hardheartedness.

ନିରନୁଗ—ସ. ବିଣ. ପୁଂ. (ବହୁବ୍ରୀହି; ନିର୍+ଅନୁଗ)—
Niranuga ଯାହାର କେହି ଅନୁଚର ବା ସଙ୍ଗୀ ଭୃତ୍ୟ ନାହିଁ—
(ନିରନୁଗା—ସ୍ତ୍ରୀ) Having no followers; unattended.
(ନିରନୁଚର—ଅନ୍ୟରୂପ)

ନିରନୁଗ୍ରହ—ସ. ବିଣ. (ବହୁବ୍ରୀହି; ନିର୍+ଅନୁଗ୍ରହ)—
Niranugraha ୧ । ଅନୁଗ୍ରହଶୂନ୍ୟ—1. Ungracious.
(ନିରନୁଗ୍ରହା—ସ୍ତ୍ରୀ) ୨ । ପ୍ରତିକୂଳ—2. Unfavourable.
(ନିରନୁଗ୍ରହତା—ବି) ୩ । ନିର୍ଦ୍ଦୟ—3. Unkind.

ନିରନୁନାସିକ—ସ. ବିଣ. (ନିର୍=ନୁହେଁ+ଅନୁନାସିକ)—
Niranunāsika ଅନନୁନାସିକ; ଯାହା ନାସିକାର ସହାୟରେ ଉଚ୍ଚାରିତ ହୁଏ ନାହିଁ—Not nasal.

ନିରନୁବନ୍ଧ—ସ. ବିଣ. ପୁଂ (ବହୁବ୍ରୀହି; ନିର୍+ଅନୁବନ୍ଧ)—
Niranubandha ଅନନୁବନ୍ଧ; ବେମୋହବଢ଼ଅ—
(ନିରନୁବନ୍ଧା—ସ୍ତ୍ରୀ) Having no symptomatic
(ନିରନୁବନ୍ଧତା—ବି) affection.

ନିରନୁଯୋଜ୍ୟ—ସ. ବି. (ନିର୍+ଅନୁଯୋଜ୍ୟ)—
Niranujojya ୧ । ନିର୍ଦ୍ଦୋଷ 1. Faultless.
(ନିରନୁଯୋଜ୍ୟା—ସ୍ତ୍ରୀ) ୨ । ଅନିନ୍ଦ୍ୟ—2. Unblamable.
(ନିରନୁଯୋଜ୍ୟତା—ବି)

ନିରନୁଯୋଜ୍ୟାନୁଯୋଗ—ସ. ବି (୬ଷ୍ଠୀ ତତ୍; ନିରନୁଯୋଜ୍ୟ+ଅନୁଯୋଗ)—
Niranujojyānujoga
ନିର୍ଦ୍ଦୋଷ ବସ୍ତୁର ନିନ୍ଦା—The blaming of any thing faultless (M. W.)

ନିରନୁରୋଧ—ସ. ବିଣ. (ବହୁବ୍ରୀହି; ନିର୍=ନାହିଁ+ଅନୁରୋଧ)—
Niranurodha ୧ । ଯେ ଅନୁରୋଧର ଅପେକ୍ଷା ନ ରଖେ;
[ନିରନୁରୋଧତ୍ୱ(ତା)-ବି] ବେମୋହବଢ଼ଅ; ଯେ ମୁଲ୍ଲାହିଜାକୁ
(ନିରନୁରୋଧା—ସ୍ତ୍ରୀ) ଗୁହେଁ ନାହିଁ; ନିରପେକ୍ଷ—
1. One who does not accede to request; having no regard for the request or feeling of others.
୨ । ଅପ୍ରିୟ—2. Disagreeable; unamiable.
୩ । ନିଷ୍କୃପ; ନିର୍ଦ୍ଦୟ—3. Unkind.
୪ । ପ୍ରତିକୂଳ—4. Unfavourable.

ନିରନ୍ତର—ସ. ବିଣ. (ବହୁବ୍ରୀହି; ନିର୍=ନାହିଁ+ଅନ୍ତର=ଅବକାଶ)—
Nirantara ୧ । ସାନ୍ଦ୍ର; ନିବିଡ଼; ଘନ—1. Thick; dense; compact; close.
୨ । ନିରବକାଶ; ଅନବସର—
2. Without leisure; having no interval in space or time (M. W.)
୩ । ଅସୀମ—3. Unlimited.
୪ । ଅପରିଧାନ; ନଗ୍ନ—4. Naked.
୫ । ଅଚ୍ଛିଦ୍ର—5. Impervious.
୬ । ଅନାତ୍ମୀୟ—
6. Not pertaining to one's self.
୭ । ଅମଧ୍ୟ; ବ୍ୟବଧାନରହିତ—7. Having no space between.
୮ । ପ୍ରକାଶିତ—
8. Manifest; not hidden from view.
୯ । ଅଭ୍ୟନ୍ତରିକ—
9. Inner; internal.
୧୦ । ଅବିରତ—
10. Incessant; continuous; uninterrupted.

୧୧ । ବିଶ୍ୱାସୀ—11. Faithful; true. (M.W.)

୧୨ । (ଅମୁକରେ) ପୂର୍ଣ୍ଣ—
12. Abounding in; full of. (M.W.)

୧୩ । ସେହି; ଅପୃଥକ୍—
13. Not different; same; identical. (M.W.)

୧୪ । ମୋଟା—14. Coarse; gross. (Apte).

୧୫ । ସରଳ; ନିଷ୍କପଟ—15 Sincere. (Apte)

କ୍ରି. ବିଣ—୧ । ଅବିରତ—
1. Incessantly; continually.

୨ । ସତତ; ନିରତ; ସର୍ବଦା—2. Always.

୩ । ନିରବଚ୍ଛିନ୍ନ ରୂପେ—
3. Continuously; uninterruptedly.

୪ । ଦୃଢ଼ରୂପେ—
4. Closely; tightly; firmly. (M.W.)

୫ । ତତ୍କ୍ଷଣାତ୍—
5. Immediately; at once (M. W.)

ନିରନ୍ତର ଗୃହବାସୀ—ସ. ବିଣ. ପୁଂ—ପ୍ରତିବେଶୀ; ସନ୍ନିକଟବର୍ତ୍ତୀ ଘରେ ରହୁଥିବା—Living in the next house (M. W.)
Nirantara gṛuhabāsi
(ନିରନ୍ତର ଗୃହବାସିନୀ—ସ୍ତ୍ରୀ)

ନିରନ୍ତରାଳ—ସ. ବିଣ. (ବହୁବ୍ରୀହି; ନିର୍=ନାହିଁ+ଅନ୍ତରାଳ=ବ୍ୟବଧାନ)—୧ । ଗାଢ଼; ଘନ; ନିବିଡ଼; ସାନ୍ଦ୍ର—
Nirantarāla
1. Thick; close set; solid impervious.

୨ । ଅଭେଦ୍ୟ—2. Inpenetrable.

୩ । ବ୍ୟବଧାନରହିତ—
3. Having no intervening space.

୪ । ସଂକୀର୍ଣ୍ଣ—4. Narrow.

ନିରନ୍ନ—ସ. ବିଣ. (ବହୁବ୍ରୀହି; ନିର୍=ନାହିଁ+ଅନ୍ନ=ଖାଦ୍ୟ)—
Niranna ୧ । ଖାଦ୍ୟାଭାବଗ୍ରସ୍ତ—
1. Foodless; destitute of food.

୨ । ଅତି ଦୀନ—2. Very poor; needy.

୩ । ଅନ୍ନ ସଂସ୍ଥାନ ହୀନ—3. Having no provision for one's meals.
(ନିରନ୍ନତା—ବି)

୪ । ନିରାହାର; ଉପବାସୀ—
4. Wanting food; starving.

ନିରନ୍ୱୟ—ସ. ବିଣ. ପୁଂ (ବହୁବ୍ରୀହି; ନିର୍=ନାହିଁ+ଅନ୍ୱୟ)—
Niranwaya ୧ । ଅସଲଗ୍ନ; ସମ୍ବନ୍ଧହୀନ—1. Unrelated; unmethodical; unconnected.
(ନିରନ୍ୱୟା—ସ୍ତ୍ରୀ)

୨ । (ବ୍ୟାକରଣ) ଅନ୍ୱୟରହିତ—2. (grammar) Not agreeing with the context of a sentence.
(ନିରନ୍ୱୟତା—ବି)

୩ । ନିରପତ୍ୟ; ନିଃସନ୍ତାନ—3. Childless; issueless; having no descendants.

୪ । ବଂଶହୀନ; ନିର୍ବଂଶ—4. Without posterity.

୫ । ଅଯୌକ୍ତିକ—5. Illogical; without logical sequence.

୬ । ଅନୁଚରହୀନ—
6. Without retinue; unattended (M,W.)

୭ । ଅଦୃଶ୍ୟ—
7. Without being seen; out of sight(Apte)

୮ । ଅପ୍ରତ୍ୟାଶିତ—8. Sudden; unexpected.

ନିରପ—ସ. ବିଣ (ବହୁବ୍ରୀହି; ନିର୍=ନାହିଁ+ଅପ=ଜଳ)—ନିର୍ଜଳ—Waterless (M. W,)
Nirapa

ନିରପତ୍ୟ—ସ. ବିଣ. ପୁଂ (ବହୁବ୍ରୀହି: ନିର୍=ନାହିଁ+ଅପତ୍ୟ)—
Nirapatya Childless; issueless.
(ନିରପତ୍ୟା—ସ୍ତ୍ରୀ) (ନିରପତ୍ୟତା—ବି)

ନିରପତ୍ରପ—ସ. ବିଣ. ପୁଂ. (ବହୁବ୍ରୀହି; ନିର୍=ନାହିଁ+ଅପତ୍ରପା=ଲଜ୍ଜା)—୧ । ନିର୍ଲଜ୍ଜ; ବେହିଆ—
Nirapatrapa
(ନିରପତ୍ରପା—ସ୍ତ୍ରୀ) 1 Shameless; immodest.
(ନିରପତ୍ରପତା—ବି) ୨ । ଧୃଷ୍ଟ—2. Insolent.

ନିରପବର୍ତ୍ତ—ସ. ବିଣ.—(ବହୁବ୍ରୀହି; ନିର୍+ଅପବର୍ତ୍ତ)—
Nirapabartta ୧ । ଅପ୍ରତ୍ୟାବୃତ୍ତ—
(ନିରପବର୍ତ୍ତନ—ଅନ୍ୟରୂପ) 1. Not turning back. (Apte)

୨ । (ଗଣିତ) ଯେଉଁ ସଂଖ୍ୟାର ଲଘିଷ୍ଠ ସାଧାରଣ ବିଭାଜକ ନାହିଁ—1. (arithmetic) Leaving no common deviser; reduced to the lowest terms (Apte).

ନିରପରାଧ—ସ. ବିଣ. ପୁଂ (ବହୁବ୍ରୀହି; ନିର୍=ନାହିଁ+ଅପରାଧ)—
Niraparādha ୧ । ଅକୃତାପରାଧ; ନିର୍ଦ୍ଦୋଷ; ବେକସୁର—
(ନିରପରାଧା—ସ୍ତ୍ରୀ) 1. Faultless; innocent; guiltless.
(ନିରପରାଧତା—ବି) ୨ । ନିରୀହ—2. Harmless.

ସ. ବି.—ଅପରାଧହୀନତା—Faultlessness.

କ୍ରି. ବିଣ.—ବିନାପରାଧରେ; ବିନା ଦୋଷରେ—
Without any fault.

ନିରପରାଧୀ—ଦେ. ବିଣ. ପୁଂ (ଅଶୁଦ୍ଧ ବ୍ୟବହାର)—ନିର୍ଦ୍ଦୋଷ—Innocent; guiltless.
Niraparādhi
(ନିରପରାଧିନୀ—ସ୍ତ୍ରୀ) [ଦ୍ର—ନିରପରାଧୀ ଓ ନିରପରାଧିନୀ ଶବ୍ଦ ସଂସ୍କୃତ ଭାଷାରେ ଚଳେ ନାହିଁ, 'ନିର୍' ଉପସର୍ଗ ସଙ୍ଗେ
নিরপরাধী
निरपराधी
ବହୁବ୍ରୀହି ସମାସ ହେଲେ 'ନିରପରାଧ' ଶବ୍ଦ ବିଶେଷ୍ୟ ରୂପେ ସିଦ୍ଧ ହୁଏ, ଅତଏବ 'ନିରପରାଧ' ଏହି ବିଶେଷ୍ୟରେ ଇନ୍ ପ୍ରତ୍ୟୟ କରି ବିଶେଷଣ ପଦ ସିଦ୍ଧ କରିବା ବ୍ୟାକରଣବିରୁଦ୍ଧ; ସେହିପରି ନିର୍ଦ୍ଦୋଷୀ ଓ ନିରୋଗୀ ପ୍ରଭୃତି ମଧ୍ୟ ଅଶୁଦ୍ଧ ।]

ନିରପାୟ—ସ. ବିଣ. (ନିର୍+ଅପାୟ; ବହୁବ୍ରୀହି)—୧ । ଅନିଷ୍ଟହୀନ; ନିରାପଦ—1. Free from harm or evil. (Apte).
Nirapāya
(ନିରପାୟା—ସ୍ତ୍ରୀ)

୨ । ଅକ୍ଷୟ; ଅବିନାଶୀ; ଅବିନଶ୍ୱର—
2. Imperishable; infallible; free from decay.

ନିରପାୟୀ—ଦେ. ବିଣ. ପୁଂ (ଅଶୁଦ୍ଧ ବ୍ୟବହାର; ସଂ. ନିରପାୟ)—ଅକ୍ଷୟ; ଅବିନାଶୀ; ଅବିନଶ୍ୱର—Imperishable; unfailing.
Nirapāyī

ନିରପେକ୍ଷ—ସଂ. ବିଣ (ବହୁବ୍ରୀହି; ନିର୍=ନାହିଁ+ଅପେକ୍ଷା)—
Nirapeksha
(ନିରପେକ୍ଷା—ସ୍ତ୍ରୀ)
[ନିରପେକ୍ଷତା(ତ୍ୱ)—ବି]
୧ । ଅନପେକ୍ଷ; ଅପେକ୍ଷାରହିତ—1. Not expecting anything from any one, regardless.
୨ । ତଟସ୍ଥ; ଉଦାସୀନ—2. Indifferent.
୩ । ଅନବହିତ—3. Inattentive.
୪ । ସ୍ୱାଧୀନ; ସ୍ୱତନ୍ତ୍ର—4. Independent of; unconnected with; unencumbered by.
୫ ଅପକ୍ଷପାତ—5. Impartial; upright.
୬ । ସଂସାର ବନ୍ଧନ ପ୍ରତି ନିର୍ବିପ୍ତ—6. Indifferent to worldly attachments or pursuits. (Apte).
୭ । ଅସ୍ୱାର୍ଥପର—7. Disinterested (Apte)
୮ । ଯେ ଅନ୍ୟ କାହା ଠାରୁ ପୁରସ୍କାର ପ୍ରତ୍ୟାଶା କରେ ନାହିଁ—8. Not expecting any reward from another. (Apte)
୯ । ଉଦ୍ଦେଶ୍ୟହୀନ—9. Without purpose (Apte).

ନିରପେକ୍ଷ ଗତି—ସଂ. ବି.—ଅନ୍ୟ ବସ୍ତୁର ଗତି ସଙ୍ଗେ ଯେଉଁ ଗତିର କୌଣସି ସମ୍ବନ୍ଧ ନ ଥାଏ; ସ୍ୱତନ୍ତ୍ର ଗତି—Free motion.
Nirapeksha gati
ବିଣ.—ସ୍ୱାଧୀନ ଗତିବିଶିଷ୍ଟ—Having free motion.

ନିରପେକ୍ଷତା(ତ୍ୱ)—ସଂ. ବି.—୧ । ସ୍ୱାଧୀନତା—1. Independence.
Nirapekshatā(twa)
୨ । ଉଦାସୀନତା—2. Indifference.
୩ । ଅପକ୍ଷପାତିତା—3. Impartiality.

ନିରପେକ୍ଷ ବିଚାର—ସଂ. ବି.—ଅପକ୍ଷପାତ ବିଚାର—Impartial consideration.
Nirapeksha bichāra

ନିରପେକ୍ଷା—ସଂ. ବି.—ନିରପେକ୍ଷତା (ଦେଖ) Nirapekshatā (See)
Nirapekshā

ନିରପେକ୍ଷିତ—ସଂ. ବିଣ. (ନିର୍+ଅପେକ୍ଷିତ)—୧ । ଉପେକ୍ଷିତ—1. Disregarded.
Nirapekshita
୨ । ଉପେକ୍ଷାକାରୀ—2. Regardless.

ନିରପେକ୍ଷୀ—ସଂ. ବିଣ. ପୁଂ (ନିରପେକ୍ଷ+ଇନ୍; ୧ମା. ୧ବ.)—
Nirapekshī
(ନିରପେକ୍ଷିଣୀ—ସ୍ତ୍ରୀ)
୧ । ଉପେକ୍ଷାକାରୀ—1. Disregarding (Apte).
୨ । ଉଦାସୀନ—2. Indifferent (Apte).

ନିରବ—ସଂ. ବିଣ. (ବହୁବ୍ରୀହି; ନି=ନାହିଁ+ରବ=ଶବ୍ଦ)—
Niraba
(ନୀରବ—ଅନ୍ୟରୂପ)
(ନିରବତା—ବି)
୧ । ନିଃଶବ୍ଦ; ନୀରବ; ମୌନୀ—1. Silent; quiet.
୨ । ଗୋଳମାଳଶୂନ୍ୟ—2. Noiseless.

ନିରବକାଶ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍=ନାହିଁ+ଅବକାଶ)—
Nirabakāśa
(ନିରବକାଶା—ସ୍ତ୍ରୀ)
୧ । ଅବସରହୀନ—1. Having no leisure.
୨ । ସୁବିଧାହୀନ—2. Without any opportunity.
୩ । ସାନ୍ଦ୍ର; ନିରନ୍ତର—3. Dense; close set.
୪ । ଗହଳିଆ—4. Crowded (M.W.).
୫ । ଅସୁବିଧାଜନକ—5. Inconvenient. (M. W.)
୬ । ଅସମୟ ବା ଅସ୍ଥାନରେ ଘଟିବା—6. Unseasonable; out of place or time (M. W.)
ବି.—ଅବସରର ଅଭାବ—Want of leisurs.

ନିରବଗ୍ରହ—ସଂ. ବିଣ. (ବହୁବ୍ରୀହି; ନିର୍=ନାହିଁ+ଅବଗ୍ରହ=ଅବରୋଧ)—
Nirabagraha
୧ । ଅପ୍ରତିହତ; ବାଧାହୀନ; ପ୍ରତିବନ୍ଧକବିହୀନ—1. Unchecked; unrestrained; unobstructed.
୨ । ବିଘ୍ନରହିତ—2. Without any obstacle.
୩ । ଅବ୍ୟାହତ—3. Uncontrolled; irresistible.
୪ । ସ୍ୱତନ୍ତ୍ର; ସ୍ୱାଧୀନ—4. Independent.
୫ । ଏକଗୁଁୟା; ଏକଜିଦିଆ—5. Self-willed; headstrong (M.W.).
ବି—ଅବିରତ ବୃଷ୍ଟି—Incessant raining.

ନିରବଚ୍ଛିନ୍ନ—ସଂ. ବିଣ. (ନିର୍+ନୁହେଁ=ଅବଚ୍ଛିନ୍ନ)—
Nirabachchhinna
(ନିରବଚ୍ଛିନ୍ନତା—ବିଶେଷ୍ୟ)
୧ । ନିରନ୍ତର—1. Uninterrupted.
୨ । ଧାରାବାହିକ—2. Incessant; constant; continuous,
୩ । ନିର୍ଭେଜାଲ; କେବଳ—3. Pure and simple.
୪ । ବିଶୁଦ୍ଧ—4. Pure; unalloyed.
୫ । ଅବ୍ୟବହିତ—5. Immediate.
କ୍ରି. ବିଣ—ନିରନ୍ତର; ନିରନ୍ତର—Incessantly.

ନିରବଦ୍ୟ—ସଂ. ବିଣ. (ବହୁବ୍ରୀହି; ନିର+ଅବଦ୍ୟ=ଅକଥ୍ୟ)—
Nirabadya
(ନିରବଦ୍ୟା—ସ୍ତ୍ରୀ)
(ନିରବଦ୍ୟତା—ବିଶେଷ୍ୟ)
୧ । ନିର୍ଦ୍ଦୋଷ—1. Faultless.
୨ । ବିଶୁଦ୍ଧ—2. Pure.
୩ । ଅନିନ୍ଦ୍ୟ—3. Blameless.
୪ । ଅତୁଚ୍ଛ—4. Not mean or low.
୫ । ସମ୍ପୂର୍ଣ୍ଣ—5. Complete.
୬ । ଉତ୍କୃଷ୍ଟ—6. Excellent.
ସଂ. ବି.—ପରମେଶ୍ୱର; ପରମାତ୍ମା—The Supreme Being (Apte).

ନିରବଧି—ସଂ. ବିଣ. (ବହୁବ୍ରୀହି; ନିର=ନାହିଁ+ଅବଧି=ସୀମା)—
Nirabadhi
୧ । ଅନନ୍ତ; ଅସୀମ—1. Uulimited; without bounds; unbounded; endless.
୨ । ନିରବଚ୍ଛିନ୍ନ—2. Uninterrupted; continuous.
କ୍ରି. ବିଣ—୧ । ନିରନ୍ତର; ସର୍ବଦା—1. Incessantly.

 କ୍ଷତ୍ରିୟମାନଙ୍କ ଅଟେ ତ ବ୍ରତ ବଧ,
ବୋଲି କରି ଯୁଦ୍ଧେ କହନ୍ତି ନିରବଧି । କୃଷ୍ଣସିଂହ. ମହାଭାରତ, ଉଦ୍ୟୋଗ ।

୨ । ସର୍ବଦା; ସର୍ବକ୍ଷଣ—2. Continually; always.

ସବେ ଧର୍ମରେତ ରହିଲେ ନିରବଧି—କୃଷ୍ଣସିଂହ. ମହାଭାରତ. ସଭା ।

ନିରବନ୍ଧ—ଗ୍ରା (ପଦ୍ୟ) ବି—ନିର୍ବନ୍ଧ (ଦେଖ)—
Nirabandha Nirbandha (See)

ବଳାଇ ମାନସମାନ ଅନା ପ୍ରାଣବନ୍ଧୁ,
ବନ୍ଧୁକ ଭଞ୍ଜନ ଅତ ରଙ୍ଗ ନିରବନ୍ଧୁ । ଭଞ୍ଜ. ବୈଦେହୀଶ ବିଳାସ ।

ନିରବୟବ—ସଂ. ବିଣ (ବହୁବ୍ରୀହି; ନିର୍=ନାହିଁ+ଅବୟବ)—
Nirabayaba ୧ । ନିରାକାର—1. Shapeless.
(ନିରବୟବା —ସ୍ତ୍ରୀ) ୨ । ଅଙ୍ଗପ୍ରତ୍ୟଙ୍ଗ ବିହୀନ—
(ନିରବୟବତା—ବି) 2. Destitute of limbs.
୩ । ଅବୟବବିହୀନ—3. Destitute of component parts.
୪ । ସରଳ; ସହଜ—4. Simple.
୫ । ଅସଙ୍କୀର୍ଣ୍ଣ—5. Not narrow.
୬ । ଅବିଭାଜ୍ୟ—6. Indivisible (Apte).
ବି—୧ । ପରମାଣୁ—2. Molecule; atom.
୨ । ପରବ୍ରହ୍ମ—2. The Supreme Being.

ନିରବରୋଧ—ସଂ. ବିଣ. (ବହୁବ୍ରୀହି; ନିର୍=ନାହିଁ+ଅବରୋଧ=
Nirabarodha ବାଧା)—୧ । ଅବରୁଦ୍ଧ—
1. Not opposed to a thing; unopposed.
୨ । ଅପ୍ରତିହତ—2. Unrestrained.

ନିରବଲ୍—ପ୍ରାଦେ. (ବସ୍ତର) ବିଣ—(ଭୁଲ. ହି. ନିରବଲ୍)—
Nirabal ନିର୍ବଳ; ଦୁର୍ବଳ—Weak.

ନିରବଲମ୍ବ—ସଂ. ବିଣ. (ବହୁବ୍ରୀହି; ନିର୍+ଅବଲମ୍ବ=ଆଶ୍ରୟ—
Nirabalamba ୧ । ଅବଲମ୍ବନବିହୀନ—
1. Having nothing to depend upon.
(ନିରବଲମ୍ବା—ସ୍ତ୍ରୀ) ୨ । ଆଶ୍ରୟ ବିହୀନ—2. Shelterless.
(ନିରବଲମ୍ବତା—ବି) ୩ । ନିରୁପାୟ—3. Resourceless.
୪ । ନିଃସହାୟ—4. Helpless.
୫ । ଯାହା ଅନ୍ୟକୁ ଆଶ୍ରୟ ଦିଏ ନାହିଁ—
5. Not affording support (Apte).
୬ । ସ୍ୱାଧୀନ; ଯେ ଅନ୍ୟ ଉପରେ ନିର୍ଭର କରେ ନାହିଁ—
6. Not depending or relying on another; independent; free. (Apte).

ନିରବଲମ୍ବନ—ସଂ. ବିଣ.—୧ । ନିରବଲମ୍ବ (ଦେଖ)—
Nirabalambana Nirabalamba (See)
(ନିରବଲମ୍ବନା—ସ୍ତ୍ରୀ) ୨ । ଅସ୍ୱାମିକ—
2. Belonging to nobody (M. W).
ବି—(ନିର୍+ଅବଲମ୍ବନ)—୧ । ଅବଲମ୍ବନ ବା ଆଶ୍ରୟର ଅଭାବ—1. Lack of support or protection.
୨ । ଅସ୍ଥାର ଅଭାବ—2. Want of reliance (M. W.).
ଦେ. ବିଣ—ବେକାର; ଯାହାର କୌଣସି ବ୍ୟବସାୟ ବା ବୃତ୍ତି ନାହିଁ; ଜୀବିକାହୀନ—Unemployed; having no means of living.

ନିରବଲମ୍ବୀ—ଦେ. ବିଣ. ପୁଂ. (ସଂ. ନିରବଲମ୍ବନ)—୧ । ସ୍ୱାଧୀନ—
Nirabalambi 1. Independent.
୨ । ବେକାର—2. Unemployed.

ନିରବଶେଷ—ସଂ. ବିଣ. (ବହୁବ୍ରୀହି; ନିର୍=ନାହିଁ+ଅବଶେଷ)—
Nirabaśesha ୧ । ସମ୍ପୂର୍ଣ୍ଣ; ସମଗ୍ର—
1. Whole; entire; complete.
୨ । ନିଃଶେଷ—2. Without a remainder.
୩ । ଯହିଁରୁ କିଛି ବଳି ନାହିଁ—
3. Leaving no remnant.
ଦେ. କ୍ରି. ବିଣ. (ସଂ. ନିରବଶେଷେଣ)—
୧ । ସମ୍ପୂର୍ଣ୍ଣରୂପେ—1. Completely.
୨ । ନିଃଶେଷରୂପେ—2. Without leaving any remainder.

ନିରବଶେଷିତ—ସଂ. ବିଣ (ନିରବଶେଷ+ସମ୍ପନ୍ନେ ଇତ)—
Nirabaśeshita ଯାହାର ଶେଷ ରଖା ଯାଇନାହିଁ; ନିଃଶେଷିତ—
Emptied to the dregs; exhausted to last remains.

ନିରବସନ୍ନ—ସଂ. ବିଣ (ନିର୍+ଅବ+ସଦ୍ ଧାତୁ+କର୍ତ୍ତୃ. ତ)—
Nirabasanna ୧ । ଅବସାଦରହିତ; ଅନବସନ୍ନ—1. Not
(ନିରବସନ୍ନା—ସ୍ତ୍ରୀ) dejected; not cast down.
୨ । ଅକ୍ଲାନ୍ତ; କ୍ଲାନ୍ତିହୀନ—
2. Not fatigued; not wearied.
୩ । ପ୍ରଫୁଲ୍ଲ—3. Cheerful.
୪ । ଉଦ୍‌ବିଗ୍ନ—4. Anxious; eager (M. W.)

ନିରବସର—ସଂ. ବିଣ (ବହୁବ୍ରୀହି; ନିର୍+ଅବସର)—୧ । ଅନବକାଶ;
Nirabasara ଅବସରହୀନ—1. Leisureless.
(ନିରବସରା—ସ୍ତ୍ରୀ) ୨ । ବ୍ୟସ୍ତ; ବ୍ୟାପୃତ—2. Busy.

ନିରବସାଦ—ସଂ. ବିଣ (ନିର୍+ଅବସାଦ; ବହୁବ୍ରୀହି)—ନିରବସନ୍ନ (ଦେଖ)
Nirabasāda Nirabasanna (See)

ନିରବସିତ—ସଂ. ବିଣ. ପୁଂ(ନିର୍+ଅବ+ସୋ ଧାତୁ=ନାଶ କରିବା+
Nirabasita କର୍ମ. ତ)—୧ । ବହିଷ୍କୃତ—1. Expelled;
(ନିରବସିତା—ସ୍ତ୍ରୀ) exiled; driven out.

ନିରବସ୍ତାର—ସଂ. ବିଣ (ନିର୍+ଅବସ୍ତାର)—୧ । ଅନାବୃତ—
Nirabastāra 1. Uncovered; bare.
୨ । ଯାହା ବୁଣା ଯାଇ ନାହିଁ—
2. Not strewn. (M. W.)
୨ । ଜାତିଭ୍ରଷ୍ଟ—2. Excommunicated.
୩ । ଅତି ନୀଚଜାତୀୟ—3. Of very low caste.
[ଦ୍ର—ଯେ ଭୋଜନ କଲେ କୌଣସି ପାତ୍ରରେ ଉକ୍ତ ପାତ୍ର ସଂସ୍କାର ଦ୍ୱାରା ମଧ୍ୟ ଶୁଦ୍ଧ ହୁଏ ନାହିଁ, ତାହାକୁ ନିରବସିତ ଶୂଦ୍ର ବୋଲାଯାଏ—ପ୍ରକୃତିବାଦ ।]

ନିରବହାଳିକା—ସଂ. ବି (ନିର୍=ବାହାରେ+ଅବହାଳିକା=ବାଡ଼)
Nirabahālikā ୧ । ଘେରବନ୍ଦୀ—1. Enclosure.

୨ । ପ୍ରାକାର; ବହିଃପ୍ରାଚୀର—2. Outer wall.
୩ । ବାଡ଼—3. Fence; hedge.

ନିରବା—ପ୍ରାଦେ (ବସ୍ତ୍ର) ବିଣ(ଭୁଲ. ହି. ନିରା)—ଅକୃତ୍ରିମ—
Nirabā Natural.

ନିରବାଁ—ପ୍ରାଦେ (ବସ୍ତ୍ର) ବିଣ—ଅଖଣ୍ଡ—
Nirabā̃ Unbroken; uncut.

ନିରବ୍ୟୟ—ସଂ. ବିଣ (ବହୁବ୍ରୀହି; ନିର୍+ଅବ୍ୟୟ)—୧ । ଅଜାତ କ୍ଷୟ; ଅଶୀର୍ଣ୍ଣ—1. Undecayed
Nirabyaya
(ନିରବ୍ୟୟା—ସ୍ତ୍ରୀ) ୨ । ଅକ୍ଷୟ; ଅବିନାଶୀ—
(ନିରବ୍ୟୟତା—ବି) 2. Undecaying.
୩ । ଚିରସ୍ଥାୟୀ—3. Eternal (M. W.)

ନିରଭିପ୍ରାୟ—ସଂ. ବିଣ (ବହୁବ୍ରୀହି, ନିର୍+ଅଭିପ୍ରାୟ)—ଉଦ୍ଦେଶ୍ୟହୀନ; ଅଭିପ୍ରାୟହୀନ—Purposeless.
Nirabhipraya
(ନିରଭିପ୍ରାୟା—ସ୍ତ୍ରୀ)
[ନିରଭିପ୍ରାୟତା(ତ୍ୱ)—ବି]

ନିରଭିମାନ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍+ଅଭିମାନ)—
Nirabhimāna ନିରହଂକାର (ଦେଖ)
(ନିରଭିମାନା—ସ୍ତ୍ରୀ; ନିରଭିମାନତା—ବି) Nirahamkāra (See)

ନିରଭିମାନୀ—ଦେ. ବିଣ. ପୁଂ (ସଂ. ନିରଭିମାନ; ଅଶୁଦ୍ଧ ପ୍ରୟୋଗ)—
Nirabhimāni ନିରହଂକାର (ଦେଖ)
(ନିରଭିମାନିନୀ—ସ୍ତ୍ରୀ) Nirahamkāra (See)

ନିରଭିଲପ୍ୟ—ସଂ. ବିଣ (ନିର୍+ଅଭିଲପ୍ୟ)—ଅକଥ୍ୟ—
Nirabhilapya Inexpressible; unutterable.

ନିରଭିସନ୍ଧାନ—ସଂ. ବି (ବହୁବ୍ରୀହି; ନିର୍+ଅଭିସନ୍ଧାନ)—ଅଭିସନ୍ଧି ବା ସ୍ୱାର୍ଥପୂର୍ଣ୍ଣ ଉଦ୍ଦେଶ୍ୟର ଅଭାବ—
Nirabhisandhāna
Absence of design (M. W.)
(ନିରଭିସନ୍ଧି—ଅନ୍ୟରୂପ) ସଂ. ବିଣ. ପୁଂ—ଅଭିସନ୍ଧି ରହିତ;
(ନିରଭିସନ୍ଧାନା—ସ୍ତ୍ରୀ) ସ୍ୱାର୍ଥପର ଉଦ୍ଦେଶ୍ୟ ବିହୀନ—Free from egoistic designs.

ନିରଭ୍ର—ସଂ. ବିଣ—୧ । ଅଭ୍ରରହିତ—
Nirabhra 1. Micaless.
୨ । ମେଘରହିତ—2. Cloudless.

ନିରମାଖୀ—ଦେ (ପଦ୍ୟ) ବିଣ—ନିର୍ମାଖୀ (ଦେଖ)
Niramākhi Nirmākhi (See)
ନିରମାଖୀ ନିରଞ୍ଜନ ପରମକୃପାଳୁ ସ—ଲ୍ୟାନାଥ. ସାବିତ୍ରୀଚରିତ ।

ନିରମ୍ବର—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍+ଅମ୍ବର)—ନଗ୍ନ; ଲଙ୍ଗଳା—
Nirambara Naked; undressed; nude
(ନିରମ୍ବରା—ସ୍ତ୍ରୀ) (ନିରମ୍ବରତା—ବି)

ନିରମ୍ବୁ—ସଂ. ବିଣ (ବହୁବ୍ରୀହି; ନିର୍+ଅମ୍ବୁ)—୧ । ନିର୍ଜଳ; ଶୁଷ୍କ—
Nirambu 1. Waterless; dry.
୨ । ଜଳବର୍ଜିତ; ଜଳହୀନ—
2. Without water; destitute of water.
୩ । ଯେ ଜଳ ପାନ କରେ ନାହିଁ—
3. Abstaining from water. (M. W.)
(ନିରମ୍ବୁ ଉପବାସ=ଯେଉଁ ଉପବାସରେ ଉପବାସୀ ବ୍ୟକ୍ତି ଜଳ ସୁଦ୍ଧା ପାନ କରେ ନାହିଁ ।)

ନିରୟ—ସଂ. ବି. (ନିର୍=ନିକୃଷ୍ଟ+ଅୟ=ଗତି, ସ୍ଥାନ; ଅଥବା ନିର୍=ନିର୍ଗତ ହୋଇଅଛି+ଅୟ=ଶୁଭ, ସୌଭାଗ୍ୟ ଯେଉଁଠାରୁ; ବହୁବ୍ରୀହି)—୧ । ନରକ; ପରଲୋକରେ ପାପର ଦଣ୍ଡଭୋଗ ସ୍ଥାନ—1. Hell.
Niraya
୨ । ଦୁର୍ଦ୍ଦଶା—2. Misery; distress.
ଜାଣନ୍ତୁ ଏ ନିରୟେ ସିଦ୍ଧ ବୁଡ଼ । କୃଷ୍ଣସିଂହ. ମହାଭାରତ ସଭା ।

ନିରୟଗାମୀ—ସଂ. ବିଣ. ପୁଂ. (ନିରୟ+ଗମ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—୧ । ପାପୀ—1. Sinful.
Nirayagāmi
(ନିରୟଗାମିନୀ—ସ୍ତ୍ରୀ) ୨ । ନରକଗାମୀ; କୃତକୃତ ପାପ ଯେ ନରକକୁ ଯାଏ—2. Going to be punished in hell for one's sins.

ନିରର୍ଗଳ—ସଂ. ବିଣ (ବହୁବ୍ରୀହି; ନିର୍=ନାହିଁ+ଅର୍ଗଳ=ପ୍ରତିବନ୍ଧକ)—
Nirargala ୧ । ଅର୍ଗଳହୀନ; ଅନର୍ଗଳ—1. Unbarred.
୨ । ଅପ୍ରତିବନ୍ଧ; ନିର୍ବିଘ୍ନ—
2. Without indepedement; without obstacles.
୩ । ଅବାଧ; ମୁକ୍ତ; ଉଦ୍ଦାମ—
3. Unrestrained; wild; free.
୪ । ଅବାଧ—4. Uncontrollable; irresistible. (M. W.).
କ୍ରି. ବିଣ—୧ । ଅବାଧରେ; ଅନର୍ଗଳ ରୂପେ—1. In an unrestrained manner; irresistibly.
ଜ୍ୱାଳାବଳି-ଜିହ୍ୱା ଘେନି ଘୋରେ ଘରବେଗେ
ଦାବାନଳ ନିରର୍ଗଳ ଯେହ୍ନେ ମହାବନେ । ରାଧାନାଥ, ମହାଯାତ୍ରା ।
୨ । ସ୍ୱାଧୀନ ଭାବରେ—2. Freely.

ନିରର୍ଥକ—ସଂ. ବିଣ. (ବହୁବ୍ରୀହି; ନିର୍=ନାହିଁ+ଅର୍ଥ=ପ୍ରୟୋଜନ+କ)—୧ । ଯାହାର ଅର୍ଥ ବା ମାନେ ନାହିଁ—
Nirarthaka
(ନିରର୍ଥ—ଅନ୍ୟରୂପ) 1. Meaningless; nonsensical.
ନିରର୍ଥିକା } ସ୍ତ୍ରୀ ୨ । ଅକାରଣ; ନିଷ୍ପ୍ରୟୋଜନ—
ନିରର୍ଥା } 2. Useless; vain; unnecessary.
୩ । ନିଷ୍ଫଳ; ପଣ୍ଡ—4. Futile; unsuccessful.
୪ । ଉଦ୍ଦେଶ୍ୟବିହୀନ—4. Aimless.
୫ । ପାଦପୂରଣାର୍ଥ ବ୍ୟବହୃତ ଅର୍ଥବିହୀନ (ବାକ୍ୟ)—
5. Expletive (word) (M. W.).
କ୍ରି. ବିଣ—ବୃଥା; ଅକାରଣେ—
In vain; unnecessarily.

ନିରର୍ଥକତା—ସଂ. ବି—ରଚନାର ଦୋଷବିଶେଷ—A defect in composition where an unnecessary and unsuitable word is used.
Nirarthakatā
[ଦ୍ର—ରଚନାରେ ପ୍ରକୃତ ବିଷୟର ଅନୁପଯୋଗୀ ଓ ନିଷ୍ପ୍ରୟୋଜନ ଶବ୍ଦ ପ୍ରଯୁକ୍ତ ହେଲେ ନିରର୍ଥକତା ଦୋଷ ହୁଏ ।]

ଅସ୍ତ ହେଲେ ତେବେ ଗ୍ରହଗଣ ଜନମଣି
ତାରାମଣ୍ଡଳର ଶିର ଅସିଲ ରଜନୀ । ଉପେନ୍ଦ୍ର. ବଇଦେହୀଶ ।
ଏଠାରେ 'ଗ୍ରହଗଣ' ଶବ୍ଦର ପ୍ରୟୋଗ ନିରର୍ଥକ ।]

ନିରଳଙ୍କାର—ସଂ. ବିଣ. (ବହୁବ୍ରୀହି; ନିର୍ + ଅଳଙ୍କାର)—
Niralaṅkāra ୧ । ଆଭରଣବର୍ଜିତ—Without ornaments; plain; unadorned.
(ନିରଳଙ୍କାରା—ସ୍ତ୍ରୀ)
(ନିରଳଙ୍କୃତ—ବି) ୨ । ଶବ୍ଦାଳଂକାର ବା ଅର୍ଥାଳଂକାର ଯେଉଁ ରଚନାରେ ନ ଥାଏ—2. (composition) In which there is no rhetorical figure.

ନିରଳସ(ସି)—ଦେ. ବିଣ. ପୁଂ. (ସଂ. ନିରାଳସ୍ୟ)—୧ । ଆଳସ୍ୟଶୂନ୍ୟ—
Niraḷasa(si) 1. Not idle.
(ନିରଳସୀ—ସ୍ତ୍ରୀ) ତା ସଙ୍ଗେ ଯୁଝି ହୋଇ ନିରଳସି ।
নিরালস্যি କୃଷ୍ଣସିଂହ. ମହାଭାରତ. ବନ ।
निरालस, निरालसी ୨ । ଶ୍ରମଶୀଳ; ଅଧ୍ୟବସାୟୀ—
2. Diligent; persevering.

ନିରଲୋଭା—ଗ୍ରାଦେ. (ବସ୍ତୁର) ବିଣ—ନିର୍ଲୋଭ (ଦେଖ)
Niralobhā Nirlobha (See)

ନିରଶନ—ସଂ. ବି. (ନିର୍=ନାହିଁ+ଅଶନ=ଭୋଜନ)—
Niraśana ଅନଶନାବସ୍ଥା—Fasting; starvation; abstinence.

ବିଣ. ପୁଂ (ବହୁବ୍ରୀହି)—୧ । ଯେ ଭୋଜନ କରି ନାହିଁ;
(ନିରଶନା—ସ୍ତ୍ରୀ) ନିରାହାର—1. Going without food; fasting.
୨ । ସଂଯତାହାର—2. Abstaining from food.

ନିରଶନୀ—ସଂ. ବିଣ. (ନିରଶନ+ଇନ୍; ୧ମା. ୧ବ)—୧ । ଅନାହାରୀ—
Niraśanī 1. Fasting, starving.
୨ । ଉପବାସୀ—2. Abstaining from food.

ନିରସ—ସଂ. ବିଣ (ବହୁବ୍ରୀହି; ନି=ନାହିଁ+ରସ)—
Nirasa ୧ । ରସଶୂନ୍ୟ; ନୀରସ—1. Juiceless, sapless, insipid.
(ନିରସା—ସ୍ତ୍ରୀ)
(ସରସା—ବିପରୀତ) ୨ । ଶୁଷ୍କ—2. Dry.
(ନୀରସ—ଅନ୍ୟରୂପ) ୩ । ଅରସିକ—3. Unwitty.
୪ । ଅପ୍ରୀତିକର—4. Unplesant.
୫ । କଠୋର—5. Hard.
୬ । ବିସ୍ୱାଦ—6. Insipid.
ଦେ. ବିଣ—ନିରସା (ଦେଖ) Nirasā (See)

ନିରସନ—ସଂ. ବି (ନିର୍=ବାହାରକୁ+ଅସ୍ ଧାତୁ=କ୍ଷେପଣ କରିବା+ଭାବ. ଅନ)—୧ । ନିରାକରଣ; ଦୂରୀକରଣ;
Nirasana ବହିଷ୍କରଣ—1. Driving away; expulsion.
୨ । ନିକ୍ଷେପ—2. Throwing.
୩ । ପ୍ରତ୍ୟାଖ୍ୟାନ; ମନା କରିବା—3. Denial.
୪ । ଖଣ୍ଡନ; ପ୍ରତିବାଦ—
4. Contradiction; refutation.
୫ । ସ୍ଥାନାନ୍ତରକରଣ, ନିର୍ବାସନ—
5. Removal; banishment (M. W.).
୬ । ହନନ—6. Killing.
୭ । ନାମଞ୍ଜୁର କରିବା—7. Rejection; refusal.
୮ । ନିବାରଣ—8. Remonstrance.
୯ । ପ୍ରତ୍ୟାଦେଶ—9. Oracular saying; revelation.
୧୦ । ନିଷ୍ଠୀବନ; ଛେପ ପକାଇବା—10. Spitting out.
୧୧ । ବମନ—11. Vomiting.
୧୨ । ବୁଣି ଦେବା; ଇତସ୍ତତଃ ବିକ୍ଷେପକରଣ—
12. Scattering; dispersing (M. W.).
୧୩ । ବିନାଶନ—13. Destruction; extermination (M. W.).

ସଂ. ବିଣ. ପୁଂ—ଯେ ବହିଷ୍କରଣ କରେ—
(ନିରସନା—ସ୍ତ୍ରୀ) Expelling; driving out (M. W.).

ନିରସନୀୟ—ସଂ. ବିଣ (ନିର୍+ଅସ୍ ଧାତୁ+କର୍ମ. ଅନୀୟ)—
Nirasanīya ୧ । ନିରସନ ଯୋଗ୍ୟ; ବହିଷ୍କରଣୀୟ—
(ନିରସନୀୟା—ସ୍ତ୍ରୀ) 1. Deserving expulsion; fit to to be driven away.
୨ । ନିବାରଣୀୟ; ନିବର୍ତ୍ତନୀୟ—2 Preventible.
୩ । ଖଣ୍ଡନ କରାଯିବା ଯୋଗ୍ୟ—
3. Fit to be refuted.

ନିରସା—ଦେ. ବିଣ (ସଂ. ନିରସ)—୧ । ରସହୀନ—
Nirasā 1. Sapless.
(ସରସା—ବିପରୀତ) ୨ । ମନ୍ଦ; ଅନୁତ୍ତମ—
(ନିରସିଆ—ଅନ୍ୟରୂପ) 2. Not good; bad.
নিরসা ୩ । ଦୁଃଖିତ; ବିରସ—3. Sorry; morose.
निरस ୪ । ନିକୃଷ୍ଟ; ଅନୁତ୍କୃଷ୍ଟ—4. Inferior.
୫ । ଊଣା—5. Less than; defective.
୬ । ସାମାନ୍ୟ—6. Petty.
୭ । ଅପ୍ରଫୁଲ୍ଲ—7. Not cheerful.

ନିରସ୍ତ—ସଂ. ବିଣ (ନିର୍=ବାହାରେ+ଅସ୍ ଧାତୁ=କ୍ଷେପଣ+କର୍ମ. ତ)
Nirasta ୧ । ଖଣ୍ଡିତ; ମୀମାଂସିତ—1. Refuted; decided.
(ନିରସ୍ତା—ସ୍ତ୍ରୀ) ୨ । ଶାନ୍ତ; ବିରତ; ନିବୃତ୍ତ—
2. Desisting; desisted; ceasing.
୩ । ନିକ୍ଷିପ୍ତ—3. Thrown.
୪ । ବର୍ଜିତ; ପରିତ୍ୟକ୍ତ—4 Abandoned.
୫ । ତ୍ୱରିତୋଚ୍ଚ; ଶୀଘ୍ର ଉଚ୍ଚାରିତ (ବାକ୍ୟ)—
5. Ejaculated; uttered rapidly.
୬ । ପ୍ରତ୍ୟାଖ୍ୟାତ—6. Disowned.
୭ । ପରାସ୍ତ; ପ୍ରତିହତ—7. Defeated.
୮ । ବହିଷ୍କୃତ; ଦୂରୀକୃତ—
8. Expelled; driven away.
୯ । ନିଷ୍ଠ୍ୟୂତ; ବମିତ—9. Spit out; vomited.
୧୦ । ଦମିତ; ନିବାରିତ—
10. Prevented; restrained.*

୧୧ । ଶମିତ—11. Calmed; appeased.
୧୨ । ନିକ୍ଷିପ୍ତ—12. Thrown out.
୧୩ । ହତ; ବିଧ୍ୱଂସିତ—
13. Killed; exterminated.
୧୪ । ନାମଞ୍ଜୁର କରି ଯାଇଥିବା—14. Rejected.
୧୫ । ଭର୍ତ୍ସିତ—15, Censured; reviled.
୧୬ । ପ୍ରେରିତ—16. Sentforth.
(ନିରସ୍ତି—ବି) ୧୭ । ଅତୀତ; ଗତ—17. Past.
୧୮ । ନଷ୍ଟ—28. Destroyed; devoid.

ନିରସ୍ତକ—ସଂ ବିଣ. (ନିରସ୍ତ+କ)—
Nirastaka ୧ । ବିଜୟୀ—1. Victorious.
୨ । ଶାନ୍ତିକାରୀ—2. Calming; appeasing; allaying.
୩ । ନିବର୍ତ୍ତକ—3. Preventing.

ନିରସ୍ତ କୁହକ—ସଂ ବିଣ. (ବହୁବ୍ରୀହି; ନିରସ୍ତ=ଦୂରୀଭୂତ+କୁହକ =ମାୟା)—
Nirasta kuhaka
ମାୟା ସମ୍ପର୍କରୁ ବହିର୍ଭୂତ—
Removed from the connection of delusion
ଅସ୍ଥ-ପ୍ରକାଶେ ସଦା ଥାଇ
ନିରସ୍ତ କୁହକ ବୋଲଇ । ଜଗନ୍ନାଥ, ଭାଗବତ ।

ନିରସ୍ତ ପାଦପ—ସଂ ବିଣ. (ବହୁବ୍ରୀହି; ନିରସ୍ତ=ହତ ହୋଇଅଛି+ପାଦପ=ବୃକ୍ଷ; ଯହିଁରେ)—ବୃକ୍ଷହୀନ—
Nirasta pādapa
Treeless; devoid of trees.

ନିରସ୍ତ ବିଷୟ—ସଂ ବିଣ. ପୁଂ. (ବହୁବ୍ରୀହି; ନିରସ୍ତ=ବିରତ ହୋଇଅଛି ବିଷୟରୁ ଯେ)—
Nirasta bishaya
(ନିରସ୍ତ ବିଷୟା—ସ୍ତ୍ରୀ) ପାର୍ଥିବ ବସ୍ତୁ ବିଷୟରେ ସ୍ପୃହାହୀନ; ବିଷୟ ବୈରାଗୀ—Indifferent to mundane matters.

ନିରସ୍ତ ହେବା—ଦେ. କ୍ରି—ଥକ୍କାଯିବା—To be overpowered; to be at one's wits end.
Nirasta hebā
निरस्त हओया ନିରସ୍ତ ହେବାକୁ ଡରେ ହେଲ ପୁଣି ଦାରୁଣ କୋପଭରସୁ ।
निरस्त होना ରଘୁନାଥ, ପାବନୀ ।

ନିରସ୍ତ୍ର—ସଂ ବିଣ. (ନିର୍=ନାହିଁ+ଅସ୍ତ୍ର ଯାହାର)—
Nirastra ୧ । ଅସ୍ତ୍ରହୀନ—1. Weaponless; unarmed.
(ନିରସ୍ତ୍ରା—ସ୍ତ୍ରୀ) ୨ । ଯାହାଠାରୁ ଅସ୍ତ୍ର କାଢ଼ି ନିଆ ଯାଇଅଛି—
2. Disarmed.

ନିରସ୍ତ୍ର କରିବା—ଦେ. କ୍ରି—ଅସ୍ତ୍ର କାଢ଼ି ନେବା—
Nirastra karibā To disarm.

ନିରସ୍ତ୍ରୀ କରଣ—ସଂ ବି. (ନିରସ୍ତ୍ର+ଅଭୂତ ତଦ୍ଭାବେ ଚ୍ୱି+କରଣ)—
Nirastri karaṇa କୌଣସି ବ୍ୟକ୍ତିଠାରୁ ଅସ୍ତ୍ର ଶସ୍ତ୍ର କାଢ଼ିନେବା—
(ନିରସ୍ତ୍ରୀକୃତ—ବିଣ) Disarming (any person).

ନିରସ୍ଥି—ସଂ ବିଣ. (ନିର୍=ନାହିଁ+ଅସ୍ଥି ଯାହାର ବା ଯହିଁରୁ)—
Nirasthi ୧ । ଅସ୍ଥିହୀନ; ଯହିଁରୁ ହାଡ଼ ବାହାର କରି ଯାଇଅଛି—
1. Boneless; from which bone has been taken away.
୨ । ଯାହାର ଦେହରେ ହାଡ଼ ନାହିଁ—
2. Having no bone in the body.

ନିରସ୍ୟ—ସଂ ବିଣ. (ନିର୍+ଅସ୍ ଧାତୁ+କର୍ତ୍ତୃ. ଯ)—
Nirasya ୧ । ଯେ ଫିଙ୍ଗି ଦେଇଅଛି—1. Having cast or thrown out (M. W.)
(ନିରସ୍ୟା—ସ୍ତ୍ରୀ)
୨ । (+କର୍ମ. ଯ) ନିରସ୍ତ କରାଯିବା ଯୋଗ୍ୟ (ହ୍ମ. ଶ.)—
2. Fit to be expelled or thrown out.

ନିରସ୍ୟମାନ—ସଂ ବିଣ. ପୁଂ. (ନିର୍+ଅସ୍ ଧାତୁ=କ୍ଷେପଣ କରିବା +କର୍ମ. ଶାନଚ୍)—ଖଣ୍ଡ୍ୟମାନ—
Nirasyamāna
(ନିରସ୍ୟମାନା—ସ୍ତ୍ରୀ) 1. Which is being refuted.
୨ । ଦୂରୀକ୍ରିୟମାଣ—2. Abandoned.
୩ । ନିବାର୍ଯ୍ୟମାଣ—3. Prohibited.

ନିରହଂ—ସଂ ବିଣ. (ବହୁବ୍ରୀହି; ନିର୍+ଅହଂ)—
Niraham̐ ଅହଂକାରଶୂନ୍ୟ; ଅହଂଭାବଶୂନ୍ୟ (ହ୍ମ. ଶ.)—
Free from self-conceit or selfishness (M. W.).

ନିରହଂକାର—ସଂ ବିଣ. ପୁଂ (ବହୁବ୍ରୀହି; ନିର୍+ଅହଂକାର)—
Nirahamkāra ୧ । ଅହଂକାରଶୂନ୍ୟ; ଗର୍ବଶୂନ୍ୟ—
(ନିରହଂକାରା—ସ୍ତ୍ରୀ) 1. Free from egotism or arrogance.
(ନିରହଂମ୍ମନ୍ୟ, ନିରହଂଭାବ—ଅନ୍ୟରୂପ)
୨ । ନିରଭିମାନ—2. Humble; modest.
ବି—ଗର୍ବଶୂନ୍ୟତା—Freedom from egotism or pride.

ନିରହଂକାରୀ—ଦେ. ବିଣ. ପୁଂ (ସଂ. ନିରହଂକାର)—ଗର୍ବଶୂନ୍ୟ—
Nirahamkārī Modest.
(ନିରହଂକାରିଣୀ—ସ୍ତ୍ରୀ)

ନିରହଂକୃତ—ସଂ ବିଣ. ପୁଂ (ନିର୍+ଅହଂକୃତ) ଅହଂକାରଶୂନ୍ୟ—
Nirahamkruta Humble; modest.
(ନିରହଂକୃତା—ସ୍ତ୍ରୀ)
(ନିରହଂକ୍ରିୟ—ଅନ୍ୟରୂପ)

ନିରା—ଗ୍ରା (ଇତର) ବି (ଇତରଜନଙ୍କର ଲ ସ୍ଥାନରେ ର ଉଚ୍ଚାରଣଜନିତ ବ୍ୟବହାର)— ୧ । ନୀଳା (ଦେଖ)—
Nirā 1. Nilā (See)
୨ । ଲୀଳା (ଦେଖ)—2. Lilā (See)
୩ । (ପୁଂ) ନୀଳମଣି ନାମକ ପୁରୁଷର ଡାକ ନାମ—
3. Name for calling a male named Nilamaṇi.
୪ । (ସ୍ତ୍ରୀ) ନୀଳମଣି, ଲୀଳାବତୀ ନାମ୍ନୀ ସ୍ତ୍ରୀର ଡାକନାମ—
4. Name for calling a woman named Nilamaṇi or Lilābati.

ନିରା ଅହାର(ରୀ)—ଗ୍ରା. ବିଣ (ସଂ. ନିରାହାର)—ନିରାହାର (ଦେଖ)
Nirā ahāra(ri) Nirāhāra (See)
ଯଜ୍ଞ ଦାନ ତପ କର୍ମ ଅଚର
ନାନା ପର୍ବ ବ୍ରତ ନିରା ଅହାରୀ—ପ୍ରାଚୀ, ରହସ୍ୟମଞ୍ଜରୀ ।

ନିରାଇଁଷ—ଗ୍ରା. ବଣ ଓ ବି (ସଂ. ନିରାମିଷ)—ନିରାମିଷ (ଦେଖ)
Nirāiṅsha Nirāmisha (See)
(ନିରେଇଁଷ—ଅନ୍ୟରୂପ) ଦୀ. ଅଇଁଷ ଦେଖ ନିରଇଁଷ—ଭଗ

ନିରାଇନିରା—ଗ୍ରା (ଇତର) ବି (ଇତରଜନମାନଙ୍କର ଉଚ୍ଚାରଣଦୋଷ ଲ
Nirāinirā ସ୍ଥାନରେ ର ଉଚ୍ଚାରଣ ଓ ଗ୍ରାମ୍ୟଙ୍କଠାରେ ଲ ସ୍ଥାନରେ
(ନିରେଇନିରା—ଅନ୍ୟରୂପ) ନ ଉଚ୍ଚାରଣ ସ୍ ଲୀଳାହିଁ ଲୀଳା)—
ଅବଶ୍ରାନ୍ତ ମଉଜ ମଜଲିସ—A round of merriment or festivities.
(ଯଥା—ଗମ୍ଭୀରଦାଆନ୍ତଙ୍କ ଜନମଦିନଠାରୁ ଏବେଯାଏ ଯାଏ ରାଇଜଯାକ ନିରାଇନିରା ନାଚିଛି।)

ନିରାକରଣ—ସଂ. ବି (ନିର+ଆ+କୃ ଧାତୁ+ଭାବ. ଅନ)—
Nirākaraṇa ୧। ନିରସନ (ଦେଖ)
(ନିରାକୃତ; ନିରାକରଣୀୟ—ବଣ) 1. Nirasana (See)
୨। ବହିଷ୍କରଣ—2. Expulsion; driving out.
୩। ବିନାଶନ—3. Exterminating.
୪। ଦୂରୀକରଣ—4. Driving away.
୫। ନିବାରଣ—5. Prevention; restraining.
୬। ପ୍ରତିବନ୍ଧ—6. Obstruction.
୭। ଖଣ୍ଡନ—7 Refutation.
୮। ସିଦ୍ଧାନ୍ତ; ମୀମାଂସା—
8. Arriving at a conclusion.
୯। ପୃଥକ୍କରଣ—9. Separating.
୧୦। ରଦ୍ଦ୍ କରିବା (ବୃ. ଶବ୍ଦସାଗର)—
10. Setting aside; nullifying.

ନିରାକରିଷ୍ଣୁ—ସଂ. ବଣ (ନିର+ଆ+କୃ ଧାତୁ+ଶୀଳାର୍ଥେ ଇଷ୍ଣୁ)—
Nirākarishṇu ୧। ନିରାକରଣଶୀଳ—
1. Exterminative; destructive; refuting; removing
୨। ବାଧାଜନକ—
2. Obstructive; preventive.

ନିରାକାଙ୍କ୍ଷ—ସଂ. ବଣ. ପୁଂ (ବହୁବ୍ରୀହି; ନିର+ଆକାଙ୍କ୍ଷା)—୧। ସ୍ପୃହା
Nirākāṅksha ରହିତ; ନିଃସ୍ପୃହ—1. Indifferent;
(ନିରାକାଙ୍କ୍ଷା—ସ୍ତ୍ରୀ) desireless.
ନିରାକାଙ୍କ୍ଷତା } ବି— ୨। ନିଷ୍କାମ—2. Expecting
ନିରାକାଙ୍କ୍ଷତ୍ୱ } nothing; having no desire.
୩। ସନ୍ତୁଷ୍ଟ—3. Contented.
୪। ନିର୍ଲୋଭ—4 Free from lust or desire.
୫। ଆଶାରହିତ—5. Expecting or wishing nothing (M. W.)
୬। (ବ୍ୟାକରଣ) ଯେଉଁ ବାକ୍ୟର ପୂର୍ଣ୍ଣାର୍ଥ ଅନ୍ୟ ଶବ୍ଦ ଲୋଡ଼ା ନ ଥାଏ—6 (grammar) Wanting nothing to fill up; complete.

ନିରାକାଙ୍କ୍ଷା—ସଂ. ବି. (ନିର+ଆକାଙ୍କ୍ଷା)—୧। ଆକାଙ୍କ୍ଷାରହିତ ଅବସ୍ଥା
Nirākāṅkshā 1. Indifference.
୨। ସନ୍ତୋଷ—2. Contentment.
ସଂ. ବଣ. ସ୍ତ୍ରୀ—(ନିରାକାଙ୍କ୍ଷ+ସ୍ତ୍ରୀ. ଆ)—ନିରାକାଙ୍କ୍ଷର ସ୍ତ୍ରୀଲିଙ୍ଗ-
Feminine of Nirākāṅksha.

ନିରାକାଙ୍କ୍ଷୀ—ସଂ. ବଣ. ପୁଂ (ନିରାକାଙ୍କ୍ଷା+ଇନ୍; ୧ମା. ୧ବ.)—
Nirākāṅkshi ୧। ଆକାଙ୍କ୍ଷାରହିତ—1. Indifferent.
(ନିରାକାଙ୍କ୍ଷିଣୀ—ସ୍ତ୍ରୀ) ୨। ସନ୍ତୁଷ୍ଟ—2. Contented

ନିରାକାର—ସଂ. ବଣ. ପୁଂ (ବହୁବ୍ରୀହି; ନିର+ଆକାର)—୧। ଆକାର
Nirākāra ବିହୀନ—1. Shapeless; formless.
(ନିରାକାରା—ସ୍ତ୍ରୀ) ୨। ମୂର୍ତ୍ତିହୀନ—
(ନିରାକାରତା(ତ୍ୱ)—ବି) 2. Incorporeal.
ସଂ. ବି.—୧। ଆକାଶ—1. The sky.
୨। ବିଷ୍ଣୁ—2 A name of Bishṇu.
୩। ଶିବ—3. Śiba.
୪। ପରମାତ୍ମା—4. The Supreme Soul.
୫। (ନିର+ଆକାର=ଆହ୍ୱାନ) ନିର୍ଗତାହ୍ୱାନ; ଯାହାକୁ ଆହ୍ୱାନ କରାଯାଏ ନାହିଁ (ପ୍ରକୃତିବାଦ)—
5. Uninvited.
୬। ତିରସ୍କାର—6. Rebuke; reprimand.
୭। ହେୟ—7. Insignificant; unimportant. (M. W.)
୮। ସ୍ୱର୍ଗ—8. Heaven (M. W.)

ନିରାକାରତା—ସଂ. ବି. (ନିରାକାର+ଭାବ. ତା)—ମୂର୍ତ୍ତିହୀନତା—
Nirākāratā Shapelessness.
(ନିରାକାରତ୍ୱ—ଅନ୍ୟରୂପ)

ନିରାକାର ଦାସ—ଦେ. ବି. (ନାମ)—ପ୍ରାଚୀନ ଓଡ଼ିଆ କବିବିଶେଷ—
Nirākāra dāsa Name of an ancient Oria poet.
[ଦ୍ର—ଏ 'ଭ୍ରମର ସହୁଡା' ନାମକ ପୁସ୍ତକ ଲେଖି ଅଛନ୍ତି—ପ୍ରାଚୀନ. ଉତ୍କଳ।]

ନିରାକାର ବାଦ—ସଂ. ବି.—ଈଶ୍ୱର ନିରାକାର ଅଟନ୍ତି ବୋଲି ଯେଉଁ
Nirākāra bāda ଧର୍ମମତ ପ୍ରଚାରରେ ଥିଲେ—The belief in the incorporeal nature of God.

ନିରାକାର ବାଦୀ—ସଂ. ବଣ. ପୁଂ—ଈଶ୍ୱର ନିରାକାର ଥିବାର ମତ ଯେଉଁ
Nirākāra bādi ମାନେ ପ୍ରଚାର ବା ପ୍ରଚୁର କରନ୍ତି—
(ନିରାକାରବାଦିନୀ—ସ୍ତ୍ରୀ) Preaching the incorporeal nature of God; believing in the incorporeality of the Godhead.

ନିରାକୁଳ—ସଂ. ବଣ. ପୁଂ (ନିର=ନିର୍ଦ୍ଦେ+ଆକୁଳ)—୧। ଅବ୍ୟାକୁଳ
Nirākuḷa 1. Unperplexed,
(ନିରାକୁଳା—ସ୍ତ୍ରୀ) ୨। ଧୀର; ଅବ୍ୟଗ୍ର—2. Temperate; deliberate.
୩। ନମ୍ର—3. Docile.

୪ । ଯେଉଁ ସ୍ଥାନକୁ ବହୁଲୋକ ଗମନାଗମନ କରନ୍ତିନାହିଁ—
4, Not frequented (M W)
୫ । ପ୍ରଶାନ୍ତ—5. Calm.
୬ । ନିର୍ମଳ—6. Clear.
୭ । ସ୍ଥିର—7. Steady (M. W.)
ସ. ବି.—୧ । ସ୍ଥିରତା—1. Steadiness.
୨ । ପ୍ରଶାନ୍ତତା—2. Calmness (M. W.).

ନିରାକୁଳଦ୍ୱାର—ସ. ବିଣ. (ବହୁବ୍ରୀହି; ନିରାକୁଳ+ଦ୍ୱାର)—
Nirākula dwāra ଯେଉଁ ଗୃହ ବା ନଗରର ଦ୍ୱାର ବା ଫାଟକରେ ବେଶି ଲୋକ ଗହଳ ନାହିଁ—
(a house or city) Whose gates are not too much crowded (M. W.).
୨ । (ନିର୍=ଅତିଶଯ୍+ଆକୁଳ ପରିପୂର୍ଣ୍ଣ)—
ଅତ୍ୟନ୍ତ ଆକୁଳ ବା ପରିପୂର୍ଣ୍ଣ—2. Full of.
(ଯଥା—କୁସୁମ ସମୂହ ନିରାକୁଳ ବକୁଳ କଳାପେ—ଗୀତଗୋବିନ୍ଦ)

ନିରାକୃତ—ସ. ବିଣ. (ନିର୍+ଆ+କୃ. ଧାତୁ+କର୍ମ. ତ)—
Nirā kruta ୧ । ନିବାରିତ; ପ୍ରତ୍ୟାଖ୍ୟାତ; ନିରସ୍ତ—
1. Prevented; disowned.
୨ । ବହିଷ୍କୃତ—2. Expelled.
୩ । ଖଣ୍ଡିତ—3. Refuted.
ନିର୍ଣ୍ଣିତ; ଅବଧାରିତ—4. Ascertained.
୫ । ମୀମାଂସିତ; ସିଦ୍ଧାନ୍ତିତ—5. Settled.

ନିରାକୃତି—ସ. ବି. (ନିର୍+ଆ+କୃ ଧାତୁ+ଭାବ. ତି)—
Nirākruti ନିରାକରଣ (ଦେଖ)—
Nirākarana (See).
ବିଣ—(ବହୁବ୍ରୀହି; ନିର୍=ନାହିଁ+ଆକୃତି)—
୧ । ନିରାକାର; ଆକାରଶୂନ୍ୟ—
1. Shapeless; incroporeal.
୨ । ଉତ୍ପାଟିତ—2. Eradicated; uprooted.
୩ । ଧ୍ୱସ୍ତ—3. Ruined.
୪ । ବହିଷ୍କୃତ—4. Expelled.
୫ । ବେଦାଧ୍ୟୟନଶୂନ୍ୟ; ସ୍ୱାଧ୍ୟାୟଶୂନ୍ୟ—
5. Not given to meditating on or studying the vedas.
୬ । ପଞ୍ଚଯଜ୍ଞ ତ୍ୟାଗୀ—6. Forsaking the five daily duties of a Hindu householder.

ନିରାକ୍ରୋଶ—ସ. ବିଣ. (ବହୁବ୍ରୀହି; ନିର୍=ନାହିଁ+ଆକ୍ରୋଶ)—
Nirākrosa ୧ । ସନ୍ତୁଷ୍ଟ—1. Contented.
୨ । ଆନନ୍ଦିତ—2. Pleased.
୩ । ଅକ୍ରୋଧଶୂନ୍ୟ—3. Free from malice or grudge.
୪ । ଅନଭିଯୁକ୍ତ; ଅନିନ୍ଦିତ—
4. Unaccused; unreviled (M. W.).

ନିରାଚାର—ସ. ବିଣ. ପୁଂ. (ବହୁବ୍ରୀହି; ନିର୍+ଆଚାର)—
Nirāchāra ୧ । ଅନାଚାର—1. Impure; unclean.
(ନିରାଚାରା—ସ୍ତ୍ରୀ) ୨ । ଆଚାରଭ୍ରଷ୍ଟ—
2. Depraved; corrupt.
୩ । ନିରାଚାର, ସଦାଚାରଶୂନ୍ୟ—3. Barbarian.
୪ । ବ୍ୟବସ୍ଥାଶୂନ୍ୟ—4. Lawless.

ନିରାଚ୍ଛନ୍ନ—ସ. ବିଣ. (ବହୁବ୍ରୀହି; ନିର୍+ଆଚ୍ଛନ୍ନ)—
Nirāchhanna ୧ । ଅନାଚ୍ଛାଦିତ—
1. Bare; uncovered.
୨ । ନଗ୍ନ—2. Naked.

ନିରାଟ—ଦେ. ବିଣ. (ସ. ନିର୍ବଟ=ଦୃଢ଼)—୧ । ଅଚ୍ଛିଦ୍ର—
Nirāta 1. Having no holes.
नराट, निरेट ୨ । ଟାଣ; ଦୃଢ଼—2. Solid; firm; hard.
निराट ୩ । ନିଦା; ଯାହା ଫମ୍ପା ନୁହେ—
3. Not hollow; substantial.
୪ । ଯାହା ଦଦରା ନୁହେଁ—4. Sound.
୫ । ନିର୍ଦ୍ଦୟ—5. Cruel; merciless.
୬ । ତୀକ୍ଷ୍ଣ—6. Sharp.
ଭୁଜ୍ଞ ବୁଦ୍ଧିବଳ ପର ନିରାଟ, ନାହିଁ ଫିଙ୍ଗି ଦେଇ ତୋର କପାଟ ।
କବିସୂର୍ଯ୍ୟ, କବିତାବଲ୍ଲୋଳ ।
୭ । ପ୍ରଖର—7. Acute; keen.
ଅଦୃଶ୍ୟ ଭବରେ କେତେ ଲୁଚନ୍ତି ସେ ନିବାସ ନିରାଟ ଖର ।
ନନ୍ଦକିଶୋର. ନିର୍ଝରିଣୀ ।
୮ । ଶୁଷ୍କ; ନୀରସ; ନିର୍ଜଳ—8. Dry; waterless
ନିରାଟ ସେ ଦେଶ ନ ମିଳେ ଜଳ
ହସ ମୃଗ ତୃଷ୍ଣା ଦେଖାଏ ଛଳ । ନନ୍ଦକିଶୋର ନିର୍ଝରିଣୀ ।
ବିଣର ବିଣ ଓ କ୍ରି. ବିଣ—୧ । ଅତ୍ୟନ୍ତ ନିପଟ—
1. Very much.
୨ । କେବଳ ମାତ୍ର; ଭୁଛା—2. Solely; merely.
୩ । ସମ୍ପୂର୍ଣ୍ଣ ରୂପେ—3. Wholy; completely.

ନିରାଟଙ୍ଗ—ଦେ. ବିଣ. (ନିରାତଙ୍କ)—ନିରାତଙ୍କ (ଦେଖ)
Nirātanga Nirātanka (See).

ନିରାଣ—ଦେ. ଚିଣ—୧ । ନିରାଶ୍ରୟ—
Nirāna 1. Helpless; shelterless.
୨ । ଆଶ୍ରୟଶୂନ୍ୟ—2. Without protection.

ନିରାତଙ୍କ—ସ. ବିଣ. (ବହୁବ୍ରୀହି; ନିର୍+ଆତଙ୍କ)—
Nirātanka ୧ । ନିଃଶଙ୍କ; ନିର୍ଭୟ—
(ନିରାତଙ୍କା—ସ୍ତ୍ରୀ) 1. Undaunted; fearless.
୨ । ଯାହା ଠାରୁ କୌଣସି ଶଙ୍କା ନାହିଁ—
2. Safe; sensure.
୩ । ନିଶ୍ଚିନ୍ତ—
3. Free from anxiety or care.
୪ । ନୀରୋଗ—
4. Free from ailment; hale.

୫ । ଯେ କଷ୍ଟପ୍ରଦ ନୁହେଁ—
5. Not causing pain (M. W.)
୬ । ଯେ କଷ୍ଟ ବୋଧ ନ କରେ—
6. Not feeling pain (M. W).
ସଂ. ବି—ଶିବ—Śiba (M. W.)

ନିରାତପ—ସଂ. ବିଣ. (ବହୁବ୍ରୀହି; ନିର୍ + ଆତପ)—
Nirātapa ୧ । ଆତପଶୂନ୍ୟ—1. Heatless.
୨ । ରୌଦ୍ରହୀନ; ଖରା ନଥିବା—2. Sunless; not penetrated by sun's rays.
୩ । ଛାୟାଯୁକ୍ତ—3. Shady.

ନିରାତ ପତ୍ର—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍ + ଆତପତ୍ର)—
Nirāta patra ଛତ୍ରହୀନ—
(ନିରାତପତ୍ରା—ସ୍ତ୍ରୀ) Without umbrella (M. W.).

ନିରାତପା—ସଂ. ବି. ସ୍ତ୍ରୀ. (ନିର୍ = ନାହିଁ + ଆତପ = ସୂର୍ଯ୍ୟ)—
Nirātapā ରାତ୍ରି—Night.

ନିରାଦର—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍ + ଆଦର)—
Nirādara ଆଦରଶୂନ୍ୟ—Disrespectful; showing no respect.
(ନିରାଦରା—ସ୍ତ୍ରୀ)

ନିରାଦେଶ—ସଂ. ବି—୧ । ଋଣ ପରିଶୋଧ—
Nirādesa 1. Payment of debt; liquidation.
୨ । ପ୍ରତିଦାନ—2. Repayment.
୩ । ପ୍ରତ୍ୟର୍ପଣ—3. Discharge.

ନିରାଧାର—ସଂ. ବିଣ. (ବହୁବ୍ରୀହି; ନିର୍ + ଆଧାର)—
Nirādhāra ୧ । ନିରାଶ୍ରୟ—1. Helpless.
(ନିରାଧାରା—ସ୍ତ୍ରୀ) ୨ । ଆଧାର ବା ପାତ୍ର ଶୂନ୍ୟ—
2. Destitute of a reception.
୩ । ନିରାଲମ୍ବ; ଅବଲମ୍ବନଶୂନ୍ୟ—3. Having no prop or support; self supporting; having no fulcrum; not relying on others.

ଦେ. ବିଣ. (ସଂ. ନିର୍ଦ୍ଧାରିତ)—୧ । ନିର୍ଦ୍ଧାରିତ; ନିଶ୍ଚିତ—
1. Certain; sure; categorical; determined; undoubted.

ଅଛି ସେ କଥା ଅଟଇ ନିରାଧାର । କୃଷ୍ଣସିଂହ. ମହାଭାରତ. ଅବ ।

୨ । (ଯାହାର ରହିବାର ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ) ଯେ ସବୁଠାରେ ଅଛି—2. Omnipresent.

ହେ ନିରଞ୍ଜନ ନିରାକାର
ନିରବଲମ୍ବ ନିରାଧାର । ଭୂପତି. ପ୍ରେମପଞ୍ଚାମୃତ ।

୩ । (ସଂ. ନିରାହାର) ଯେ ଆଧାର ଅର୍ଥାତ୍ ଆହାର ଗ୍ରହଣ କରି ନାହିଁ; ଅଭୁକ୍ତ; ଉପବାସୀ; ନିରାହାର—
3. Fasting; having had no food.

ଯଥା—ଏକାଦଶୀ ନିରାଧାର, ଦିନରେ ଦିନରେ ବୁଢ଼ା ମର—ପ୍ରବଚନ ।

ନିରାଧାର ବାଣୀ—ଦେ. ବି—୧ । ନିଶ୍ଚିତ ଭାବପ୍ରକାଶକ ବାକ୍ୟ—
Nirādhāra bāṇī 1. Certain expression; categorical words.

୨ । ନିରପେକ୍ଷ କଥା; ଯାହା କୌଣସି ଉତ୍ତରକୁ ଅପେକ୍ଷା କରେ ନାହିଁ—2. A saying which does not wait for any reply.
୩ । ସଙ୍କଳ୍ପପ୍ରକାଶକ ବାକ୍ୟ—3. Words giving vent to a determination,

ସୀତାର ଏତେକ ନିରାଧାର ବାଣୀ ଶୁଣି
କରେ କର ଦେଇ ଅସ୍ଥିର ହୋଇଲେ ରଘୁମଣି । ବଳରାମଦାସ. ରାମାୟଣ ।

ନିରାଧାରିବା—ଦେ. କ୍ରି. (ସଂ. ନିର୍ଦ୍ଧାରଣ)—ନିର୍ଦ୍ଧାରଣ କରିବା; ନିଶ୍ଚୟ କରିବା—To ascertain; to fix; to settle to decide.
Nirādhāribā
নির্ধার্য্য করা निरधारना

ଯେତେକ ସେ ଅଙ୍କ ମୁହିଁ ବୋଲଇ ନିରାଧାର
ସାକ୍ଷେହେଁ ଗୃହୀତ କୃଷ୍ଣ ତ୍ରୁପଦ କୁମାରୀ । ସାରଳା, ମହାଭାରତ. ଅବ ।

ନିରାଧି—ସଂ. ବିଣ. (ବହୁବ୍ରୀହି; ନିର୍ + ଆଧି)—
Nirādhi ୧ । ରୋଗଶୂନ୍ୟ—1. Free from disease.
୨ । ନିଶ୍ଚିନ୍ତ—2. Free from anxiety; secure (M. W.).

ନିରାନନ୍ଦ—ସଂ. ବିଣ. (ବହୁବ୍ରୀହି; ନିର୍ + ଆନନ୍ଦ)—
Nirānanda ୧ । ଆନନ୍ଦହୀନ—1. Joyless; cheerless.
(ନିରାନନ୍ଦା ବା ନିରାନନ୍ଦୀ—ସ୍ତ୍ରୀ) ୨ । ଦୁଃଖିତ—2. Sad; sorrowful.
୩ । ଯାହା ଆନନ୍ଦଦାୟକ ନୁହେଁ—
3. Causing no pleasure (M. W.).
ଦେ. ବି.—୧ । ବିଷାଦ—1. Sadness; gloom; sorrow.
୨ । ଅସନ୍ତୋଷ—2. Displeasure.
୩ । ଶୋକ—3. Sorrow.

ନିରାନନ୍ଦିତ—ଦେ. ବିଣ. ପୁଂ.—ନିରାନନ୍ଦୀ (ଦେଖ)—
Nirānandita Nirānandī (See).
(ନିରାନନ୍ଦୀ—ଅନ୍ୟରୂପ)—

ନିରାପକ୍ଷ—ଗ୍ରା. ବିଣ—(ସଂ. ନିରପେକ୍ଷ)—୧ । ନିର୍ଦ୍ଦୟ; ନିଷ୍ଠୁର—
Nirāpaksha 1. Unkind; cruel; hardhearted.

ସଂହାରରେ ପ୍ରବେଶିଲ ନିରାପକ୍ଷ ମନ—ସାରଳା, ମହାଭାରତ. ସଭା ।

(ସାହାପକ୍ଷ—ବିପରୀତ) ୨ । କଠିନ—2. Hard.
୩ । ଅପକ୍ଷପାତୀ—3. Impartial; righteous.
୪ । ବିପକ୍ଷ; ପ୍ରତିକୂଳ—
4. Opposing; unfavourable.

ନିରାପଦ—ସଂ. ବିଣ. (ବହୁବ୍ରୀହି; ନିର୍ + ଆପଦ)—
Nirāpada ୧ । ଆପଦରହିତ—
1. Free from danger or mishap.
୨ । ବିପନ୍ମୁକ୍ତ— Free from calamity.
୩ । ନିର୍ବିଘ୍ନ—3. Safe; secure.
୪ । ନିଷ୍କଣ୍ଟକ—4. Free from trouble.
୫ । ଯାହାଠାରୁ କୌଣସି ଆପଦ ବିପଦର ଆଶଙ୍କା ନାହିଁ—
5. (a person) From whom no danger is apprehended.

୬ । ଯେଉଁଠାରେ ବିପତ୍ତିର ଆଶଙ୍କା ନାହିଁ—
6. (a place) Where there is no fear of danger or mishap.

ନିରାପଦରେ—ଦେ. କ୍ରି. ବିଣ—ନିର୍ବିଘ୍ନରେ—
Nirāpadare Safely; freely; in safety; without any mishap.
निरापदे

ନିରାବରଣ—ସ. ବିଣ. (ବହୁବ୍ରୀହି; ନିର୍ + ଆବରଣ)—
Nirābarana ୧ । ଯାହାର ଘୋଡ଼ଣୀ ବା ଓଢ଼ଣା ନାହିଁ—
1. Unveiled; uncovered.
୨ । ପ୍ରକାଶିତ—2. Manifest; evident. (M. W.

ନିରାବର୍ଷ—ସ. ବିଣ. (ବହୁବ୍ରୀହି; ନିର୍ + ଆବର୍ଷ)—ଯାହା ଯୋଗୁଁ
Nirābarsha ତଳେ ଥିବା ବ୍ୟକ୍ତି ବା ବସ୍ତୁରେ ବର୍ଷା ପାଣି ପଡ଼େ ନାହିଁ (ଯଥା—ଗଛ, ଛତା)—(a tree or umbrella) Sheltering from rain (M. W)

ନିରାବାଧ—ସ. ବିଣ—୧ । ବାଧାହୀନ—
Nirābādha 1. Unobstructed; unopposed.
୨ । ବ୍ୟାଧିଶୂନ୍ୟ—2. Free from disease.
୩ । ଯାହାକୁ କେହି ବାଧା ଦେଉନାହିଁ—
3. Undisturbed; unmolested (M.W).
୪ । ଛଳଶୂନ୍ୟ—4. Guileless (M.W).
୫ । ଯାହା ଅନିଷ୍ଟକର ନୁହେଁ—5. Harmless (M. W.)

ନିରାବୃତ—ଦେ. ବିଣ—୧ । ଅନାବୃତ—
Nirābruta 1. Uncovered; bare.
୨ । ଅନାଚ୍ଛାଦିତ—2 Exposed.
୩ । ବିବସ୍ତ୍ର—3. Naked; nude.

ନିରାଭରଣ—ସ. ବିଣ. ପୁଂ (ବହୁବ୍ରୀହି; ନିର୍ + ଆଭରଣ)—ଅଳଙ୍କାର
Nirābharana ଶୂନ୍ୟ—Without any ornaments.
(ନିରାଭରଣା—ସ୍ତ୍ରୀ)

ନିରାମୟ—ସ. ବିଣ. ପୁଂ. (ବହୁବ୍ରୀହି; ନିର୍ + ଆମୟ = ରୋଗ)—
Nirāmaya ୧ । ନୀରୋଗ; ରୋଗରହିତ—
1. Free from sickness.
୨ । ସୁସ୍ଥ—2. Healthy; well.
୩ । ସ୍ୱାସ୍ଥ୍ୟକର— Salubrious; wholesome.
୪ । ଅକଳୁଷିତ; ପବିତ୍ର—4. Untainted; pure (M. W.).
ବି—୧ । ବନ୍ୟଛାଗ—1 Wild goat.
୨ । ଶୂକର—2. A hog; boar.
୩ । ସ୍ୱାସ୍ଥ୍ୟ—3. Health.
୪ । ମଙ୍ଗଳ—4. Welfare.

ନିରାମିଷ—ସ. ବିଣ (ବହୁବ୍ରୀହି; ନିର୍ + ଆମିଷ)—
Nirāmisha ୧ । ଆମିଷଶୂନ୍ୟ; ମାଛମାଂସହୀନ—
(ନିରାମିଷା—ସ୍ତ୍ରୀ) 1. Meatless; fishless.
୨ । ଆମିଷବର୍ଜିତ—2. Destitute of. flesh; fleshless
୩ । ଯହିଁରେ ମାଛ ମାଂସ ଆଦି ପଡ଼ି ନାହିଁ (ତରକାରି)—
3. (curry) Not composed of fish or meat; without animal food.
୪ । ଯେ ବେତନ ନିଏ ନାହିଁ; ମାଗଣା—
4. Receiving no booty or wages (M.W).
୫ । ନିର୍ଲୋଭ—5. Free from covetuousness (M. W.).
୬ । ନିଷ୍କାମ—6. Free from sensual desires (M.W)
୭ । ପୁରସ୍କାର ନିମନ୍ତେ ଯେ ଲାଳାୟିତ ନୁହେଁ—
7. Not striving after any reward (M. W.).
ବି—ଆମିଷପରିତ୍ୟକ୍ତ ଖାଦ୍ୟ—
Vegetable diet; meatless food.

ନିରାମିଷ ମହୁର—ଦେ. ବି—ଯେଉଁ ମହୁର ରନ୍ଧଣରେ ଆମିଷ ମିଶି ନ
Nirāmisha mahura ଥାଏ—Meatless curry.

ନିରାମିଷାଶୀ—ସ. ବିଣ. ସ୍ତ୍ରୀ. (ନିରାମିଷ + ଅଶ୍ ଧାତୁ = ଭକ୍ଷଣ କରିବା
Nirāmishāshi + କର୍ତ୍ତୃ ଇନ୍; ୧ମା ୧ବ)—
(ନିରାମିଷାଶିନୀ—ସ୍ତ୍ରୀ) ୧ । ନିରାମିଷ ଭୋଜୀ; ଯେଉଁ ବ୍ୟକ୍ତି ଆମିଷ (ନିରାମିଷ ଭୋଜୀ ଅନ୍ୟରୂପ) ଛଡ଼ା ଅନ୍ୟ ବସ୍ତୁ ଆହାର କରେ—
1. Vegetarian; living on a meatless diet
୨ । ନିୟତାହାରୀ—2 Temperate in diet.

ନିରାମୋଦ—ସ. ବି—(ବହୁବ୍ରୀହି; ନିର୍ + ଆମୋଦ)—ଆମୋଦଶୂନ୍ୟ;
Nirāmoda ଆନନ୍ଦରହିତ—Joyless; gloomy.

ନିରାୟ—ସ. ବିଣ. (ବହୁବ୍ରୀହି; ନିର୍ + ଆୟ)—୧ । ଆୟରହିତ—
Nirāya Yielding no income; profitless
୨ । ଯହିଁରୁ ସୁଧ ମିଳେ ନାହିଁ—
2. Yielding no interest.

ନିରାୟତ—ସ. ବିଣ. (ନିର୍ + ଆୟତ)—୧ । ଅବିସ୍ତୃତ—
Nirāyata 1. Not expanded; unextended.
୨ । ସଙ୍କୁଚିତ—2. Contracted.

ନିରାୟତି—ସ. ବିଣ. (ବହୁବ୍ରୀହି; ନିର୍ + ଆୟତି)—ଯାହାର ବିନାଶ
Nirāyati ବା ଅନ୍ତ ଅତି ନିକଟ—One whose end or destruction is at hand.

ନିରାୟାସ—ସ. ବିଣ. (ବହୁବ୍ରୀହି; ନିର୍ + ଆୟାସ)—
Nirāyāsa ୧ । ଅନାୟାସ; ସୁସାଧ୍ୟ—1. Easy; not causing trouble or fatigue (M. W.).
୨ । ପ୍ରସ୍ତୁତ—2. Ready.
୩ । ସଦୟ—3. Kind (M. W.).

ନିରାୟୁଧ—ସ. ବିଣ. (ବହୁବ୍ରୀହି; ନିର୍ + ଆୟୁଧ)—
Nirāyudha ୧ । ଆୟୁଧହୀନ—1. Weaponless; destitute of weapons.
(ନିରାୟୁଧା—ସ୍ତ୍ରୀ)
୨ । ଅଶସ୍ତ୍ର—2. Unarmed.
୩ । ନିରସ୍ତ୍ର—3. Disarmed.

ନିରାୟୁଧ ହୋଇବା ବେଳେ ଉଚ୍ଚ ଅସ୍ତ୍ର
ଧର ନାଶୁ ଅରଣ୍ୟ ଶବ୍ଦ କର ଗାନ—କୃଷ୍ଣସିଂ. ମହାଭାରତ. କର୍ଣ୍ଣ ।

ନିରାରମ୍ଭ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍ + ଆରମ୍ଭ)—ଅଶକ୍ତ; କର୍ମ—
Nirārambha ଛୋଡ଼ିଥିବା—Abstaining from all work.
(ନିରାରମ୍ଭା—ସ୍ତ୍ରୀ) M. W).

ନିରାଲମ୍ବ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍=ନାହିଁ+ଆଲମ୍ବ=
Nirālamba ଅବଲମ୍ବନ)—୧ । ଅବଲମ୍ବନରହିତ—
(ନିରାଲମ୍ବା—ସ୍ତ୍ରୀ) 1. Having no support
(ନିରାଲମ୍ବତା(ତ୍ୱ)—ବି) ୨ । ସମସ୍ତଙ୍କଠାରୁ ପୃଥକ୍; ଏକାକୀ—
2. Isolated; alone.
ନିରାଲମ୍ବନ, ନିରାବଲମ୍ବ, ନିରାବଲମ୍ବନ } ଅନ୍ୟରୂପ
୩ । ନିରାଶ୍ରୟ—3. Helpless
୪ । ଶୂନ୍ୟରେ ଝୁଲୁଥିବା—
4 Suspended in the air
୫ । ଆତ୍ମାବଲମ୍ବ; ସ୍ୱାଧୀନ—
5. Self-relying; not depending on another; self-supported; independent
୬ । ବାସଶୂନ୍ୟ—
6. Having no habitation or domicile.
୭ । ବନ୍ଧୁହୀନ—7. Friendless.
ଦେ. ବିଣ—ନିର୍ଜନ—Solitary; lonely.

ନିରାଲମ୍ବା—ସଂ. ବି—କ୍ଷୁଦ୍ର ଜଟାମାଂସୀ—
Nirālambā Spikenard.

ନିରାଳୟ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ଆଳୟ)—
Nirāḷaya ୧ । ବାସଶୂନ୍ୟ—1. Homeless.
(ନିରାଳୟା—ସ୍ତ୍ରୀ) ୨ । ଗୃହଶୂନ୍ୟ; ମରୁମୟ—2. Desert.
୩ । ଉଦାସୀନ—3. Wandering.

ନିରାଳସ୍ୟ—ସଂ. ବିଣ. (ବହୁବ୍ରୀହି; ନିର୍+ଆଳସ୍ୟ)—ଅନଳସ;
Nirāḷasya ଅଳସହୀନ—Diligent; not idle; not slothful.
(ନିରାଳସ୍ୟା—ସ୍ତ୍ରୀ)
ସଂ. ବି—ଆଳସ୍ୟର ଅଭାବ (ହି. ଶ.)—
Absence of idleness.

ନିରାଳାପ—ସଂ. ବିଣ. ପୁଂ.—(ବହୁବ୍ରୀହି; ନିର୍+ଆଳାପ)—ଯେ କଥା
Nirāḷāpa କହୁ ନାହିଁ—Not talking (M. W).
(ନିରାଳାପା—ସ୍ତ୍ରୀ)

ନିରାଲୋକ—ସଂ. ବିଣ.—(ବହୁବ୍ରୀହି; ନିର୍+ଆଲୋକ)—୧ । ଆଲୋକ-
Nirāloka ହୀନ—1. Devoid of light; lightless.
୨ । ଅନ୍ଧାରୁଆ—2. Dark; gloomy.
୩ । ଅନ୍ଧ—3 Blind (M. W.).

ନିରାଶ—ସଂ. ବିଣ. (ବହୁବ୍ରୀହି; ନିର୍+ଆଶା)—୧ । ଆଶାଶୂନ୍ୟ—
Nirāśa 1. Hopeless
(ନିରାଶା—ସ୍ତ୍ରୀ) ୨ । ହତାଶ—2. Despairing; despondent; disappointed;
(ନୈରାଶ୍ୟ; ନିରାଶତ୍ୱ—ବି)
୩ । ନିସ୍ପୃହ— Free from desire; indifferent

ନିଷ୍କାମ ନିର୍ମୋହ ନିରାଶ
ଯହୁଁ ଶୁଣିଲେ ପ୍ରୀତବାସ । ଭୂପତି. ପ୍ରେମ ପଞ୍ଚାମୃତ ।

୪ । ବଞ୍ଚିତ—4. Deprived of; denied.
କେବେଁ ସତୀ ସେ ସ୍ତ୍ରୀ, ଭେଦିଲେ ଅଛି ଜଟ ବର ସେହି ନାଗଣ ହୋଇ ନିରାଶ ।
କବିସୂର୍ଯ୍ୟ. ସଙ୍ଗୀତ ।

୫ । ନିର୍ମମ—5. Pitiless.
ଦାସୀ ସ୍ୱାମ୍ୟେ ମୁହିଁ ମୋରେ କାହିଁକି ନିରାଶ । ଭକ୍ତ. ପ୍ରେମସୁଧାନିଧି ।

୬ । ନିଷ୍କାମ; କାମନାବିରହିତ—6. Without any wish or desire (M. W.).
ଦେ. କ୍ରି. ବିଣ.—୧ । ନିଷ୍ଠୁର ଭାବରେ; ନିର୍ଦ୍ଦୟ ରୂପରେ—
1. Cruelly.

ମୁରଲୀ ବଜାଇ ଭାବେ ଯହୁଁ ମାଇ,
ଅବରେ ବଡ଼ ନିରାଶ ଗୋ । କବିସୂର୍ଯ୍ୟ. ସଙ୍ଗୀତ ।

ଦେ. ବି.—୧ । କୌଣସି ବସ୍ତୁରୁ ବଞ୍ଚିତ ହେବା ଅବସ୍ଥା—
1. Deprivation.
୨ । ଜଙ୍ଗଲୀ ତରୁବିଶେଷ—
2. Memocylon Eonla (Haines).

ନିରାଶ କରିବା—ଦେ. କ୍ରି.—୧ । ଆକାଂକ୍ଷିତ ବ୍ୟକ୍ତିର ଆଶାକୁ ପୂର୍ଣ୍ଣ ନ
Nirāśa kariba କରିବା—1. Not to fulfil another
निराश करा person's hopes or expectations.
निराश करना ୨ । ଅନ୍ୟ ବ୍ୟକ୍ତିକୁ ହତାଶ କରିବା—
2. To disappoint another.
୩ । ନିର୍ଦ୍ଦୟ ହେବା—
3. To be unkind; to another.

କଲେ ନିରାଶ ହୋଇ ଗ୍ରୀଷ୍ମ କାଳ,
ତାକୁ ନାଲି ଦେଖ ଦାବାନଳ । ଭକ୍ତ. ଲବଣ୍ୟବତୀ ।

୪ । ତ୍ୟାଗ କରିବା—4. To forsake.

ନିରାଶ କଲ ମୋର ଘର,
ମୁଁ ଏବେ ଶରଣ ତୁମ୍ଭର । ଭାଗବତ ।

୫ । କୌଣସି ବ୍ୟକ୍ତିର ତତ୍ତ୍ୱ ନ ନେବା—
5. Not to take care of.
[ଦ୍ର—ଝିଅମାନେ ଶାଶୁ ଘରକୁ ଗଲାବେଳେ ଅର୍ଥାତ୍ ବାପ ମାଆ ଆଦିଙ୍କ ଠାରୁ ବିଦାୟ ହେଲା ବେଳେ ବାହୁନି କରି କାନ୍ଦ କହନ୍ତି, ବାପା ହେ ! ମତେ ନିରାଶ କରିବ ନାହିଁ ।]

ନିରାଶ କୋଳି—ପ୍ରାଦେ. (ଗଡ଼ଜାତ) ବି.—ଏକ ପ୍ରକାର ବନ୍ୟ କୋଳି-
Nirāśa koḷi A kind of wild plum
[ଦ୍ର—ଏହି କୋଳି ନେଳିଆ ଦଶେ ଓ ପାଚିଲେ ମଧୁର ଲାଗେ ।]

ନିରାଶଙ୍କ—ସଂ. ବିଣ. (ବହୁବ୍ରୀହି; ନିର୍+ଆଶଙ୍କା)—ନିଃଶଙ୍କ—
Nirāśaṅka Fearless.
(ନିରାଶଙ୍କା—ସ୍ତ୍ରୀ)

ନିରାଶୟ—ସଂ.ବିଣ.—(ବହୁବ୍ରୀହି; ନିର୍ + ଆଶୟ)—୧ । ଉଦ୍ଦେଶ୍ୟହୀନ—
Nirāśaya 1. Aimless; having no objector view.
୨ । ଅଗଭୀର (କ୍ଷତ)—
2. Superficial; not deep (wound) (M.W).
ବି.—ଉଦ୍ଦେଶ୍ୟହୀନତା—Aimlessness.

ନିରାଶ ହେବା—ଦେ. କ୍ରି.—ହତାଶ ହେବା—
Nirāśa hebā To despair of a thing; to be disappointed.
निराश हओया **निराश होना**

ନିରାଶା—ସଂ. ବି. (ନିର୍ + ଆଶା; ଆଶାର ଅଭାବ; ପ୍ରାଦିସମାସ)—
Nirāśā ୧ । ନୈରାଶ୍ୟ—1. Despair; disappointment.
(ଯଥା—କରେଛି ନିରାଶା-ବଶେ ନ କୁଅ ଜର୍ଜର—ମଧୁସୂଦନ. ଜୀବନଚରିତ ।)
୨ । ବିଷାଦ—2. ejection.
୩ । ଚିତ୍ତବୈକ୍ଲବ୍ୟ—3 Despondency.
ବିଣ. ସ୍ତ୍ରୀ.—ନିରାଶର ସ୍ତ୍ରୀଲିଙ୍ଗ—
The feminine of Nirāśa.
ଦେ. ବିଣ.—(ସଂ. ନିରାଶ)—ହତାଶ; ଆଶାଶୂନ୍ୟ; ନିରାଶ—
Desperate; hopeless.

ସିନ୍ଧୁରାଜ ଜୀବନେ ହୋଇଣ ନିରାଶା,
ଲଭ ଦେଲେକ ଦେଖିଲେ ଯେ ଭରସା । କୃଷ୍ଣସିଂହ ମହାଭାରତ, ଦ୍ରୋଣ

ନିରାଶିଆ—ଦେ. ବିଣ. (ସଂ. ନିରାଶ)—୧ । ଆଶାହୀନ—
Nirāśiā 1 Hopeless; desperate.
୨ । ନିର୍ମମ; ନିର୍ଦ୍ଦୟ—
2 Unkind; cruel; unsympathetic.
(ଯଥା—ନିରାଶିଆ ପ୍ରହାର ।)
୩ । ନୈରାଶ୍ୟପୂର୍ଣ୍ଣ—3 Causing despondency.
(ଯଥା—ନିରାଶିଆ କଥା ।)

ନିରାଶିତ୍ୱ—ସଂ. ବି.—ନିରାଶ ହେବାର ଅବସ୍ଥା—
Nirāśitwa Hopelessness; despair.

ନିରାଶୀଃ—ସଂ. ବିଣ.—୧ । (ବହୁବ୍ରୀହି; ନିର୍ + ଆଶିସ୍ —ଆଶୀର୍ବାଦ-
Nirāśih ରହିତ)—1 Without a blessing.
(ନିରାଶୀଷ୍—ବି. M.W.) ୨ । (ନିର୍ + ଆଶା) ଆଶାହୀନ; ନିରାଶ; ହତାଶ—2. Hopeless; Despairing (M. W.)
୩ । ନିଷ୍କାମ—3 Free from desire (M. W.).
୪ । ନିର୍ମମତାହୀନ—4. Indifferent (M. W.).

ନିରାଶେ—ଦେ. କ୍ରି. ବିଣ—୧ । ନିର୍ଦ୍ଦୟଭାବରେ; ନିର୍ମମଭାବରେ—
Nirāśe 1. Cruelly.

ପୁଣି ଶ୍ରମ ସୁଯୋଧନଙ୍କ ଭଲୁବେଗେ
ବୁଲାଉ ଗଦାକର ଫିଙ୍ଗିଲେ ନିରାଶେ । କୃଷ୍ଣସିଂହ. ମହାଭାରତ. ଶଲ୍ୟ

ନିରାଶ୍ୱାସ—ସଂ. ବି. (ନିର୍ + ଆଶ୍ୱାସ)—୧ । ଆଶାଭଙ୍ଗ—
Nirāśwāsa 1. Discouragement.
୨ । ନୈରାଶ୍ୟ—2. Hopelessness.

ନିରାଶ୍ୱାସୀ—ସଂ. ବିଣ. ପୁଂ. (ନିର୍ + ଆଶ୍ୱାସିନ୍ ୧ମା. ୧ବ)—
Nirāśwāsi ୧ । ହତାଶ—1. Despairing.
(ନିରାଶ୍ୱାସିନୀ—ସ୍ତ୍ରୀ) ୨ । ବିଷଣ୍ଣ; ଖିନ୍ନ—2. Dejected.
୩ । ନୈରାଶ୍ୟ ଜର୍ଜରିତ—3. Disconsolate.

ନିରାଶ୍ରୟ—ସଂ. ବିଣ. (ବହୁବ୍ରୀହି; ନିର୍ + ଆଶ୍ରୟ)—
Nirāśraya ୧ । ଆଶ୍ରୟବିହୀନ; ନିଃସହାୟ; ଆଶ୍ରୟରହିତ—
(ନିରାଶ୍ରୟା—ସ୍ତ୍ରୀ) 1. Destitute; helpless; shelterless.
୨ । ଅଶରଣ—2. Without a refuge.
୩ । ଏକାକୀ—3. Alone.
୪ । ଅଗଭୀର (କ୍ଷତ)—4. Not deep (sore) (M.W.).

ନିରାଶ୍ରିତ—ସଂ. ବିଣ. ପୁଂ. (ନିର୍ + ଆଶ୍ରିତ)—ଯେ ଅନ୍ୟର ଆଶ୍ରିତ
Nirāśrita ନୁହେଁ—Unprotected; unsupported.
(ନିରାଶ୍ରିତା—ସ୍ତ୍ରୀ)

ନିରାସ—ସଂ. ବି. (ନିର୍ = ବାହାରକୁ + ଅସ୍ ଧାତୁ = କ୍ଷେପଣ କରିବା +
Nirāsa ୧ । ନିରସନ; ନିରାକରଣ; ବିନାଶନ—
1, Destruction; rejection; extermination.
୨ । ଦୂରୀକରଣ—2. Expulsion.
୩ । ନିଃକ୍ଷେପ—3. Throwing away.
୪ । ତ୍ୟାଗ—4. Abandonment; desertion.
୫ । ଖଣ୍ଡନ—5. Refutation; contradiction; dashing to pieces.
୬ । ବିଫଳକରଣ—6. Thwarting.
ସଂ. ବିଣ—୧ । ନିରାଶ୍ରୟ—1. Shelterless (M. W.).
୨ । ଆସନହୀନ—2. Seatless (M. W.).

ନିରାସକ—ସଂ. ବିଣ. ପୁଂ. (ନିର୍ + ଅସ୍ ଧାତୁ = କ୍ଷେପଣ + କର୍ତ୍ତୃ. ଅକ)—ବହିଷ୍କର୍ତ୍ତା—Repulsive; repelling.
Nirāsaka
(ନିରାସିକା—ସ୍ତ୍ରୀ)

ନିରାସଙ୍ଗ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍ + ଆସଙ୍ଗ)—
Nirāsanga ନିଜ ଶକ୍ତିର ବ୍ୟବହାର କରିବା ବିଷୟରେ ବାଧା
(ନିରାସଙ୍ଗା—ସ୍ତ୍ରୀ) ପାଇ ନ ଥିବା (ବ୍ୟକ୍ତି)—Unhindered in the use of one's forces (M. W.).

ନିରାସନ—ସଂ. ବିଣ. ପୁଂ. (ନିର୍ + ଆସନ)—ଆସନଶୂନ୍ୟ; ଉପବେଶନ
Nirāsana ସ୍ଥାନ ଶୂନ୍ୟ—Without a seat; seatless.
ସଂ. ବି—ନିରାସ (ଦେଖ)—Nirāsa (See)

ନିରାସ୍ଥ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍ + ଆସ୍ଥା)—
Nirāstha ୧ । କୌଣସି ବିଷୟରେ ଯାହାର ଆସ୍ଥା ନାହିଁ—
(ନିରାସ୍ଥା—ସ୍ତ୍ରୀ) 1. Not interested in any thing (M. W.).
୨ । ଯେ ଦତ୍ତଚିତ୍ତ ନୁହେଁ—2. Not intent upon (M. W.).

ନିରାସ୍ପଦ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍ + ଆସ୍ପଦ)—
Nirāspada ୧ । ସତତ ଗତିବିଶିଷ୍ଟ; ଚଞ୍ଚଳ—
(ନିରାସ୍ପଦା—ସ୍ତ୍ରୀ) 1. Restless; constantly moving.
୨ । ଅଶାନ୍ତ—2. Unstable.
୩ । ନିରାଲୟ; ବାସହୀନ—3 Homeless.
୪ । ଭାଗହୀନ; ନିରଂଶ—4 Portionless.
୫ । ଉଦ୍ଦେଶ୍ୟବିହୀନ—5. Objectless (M. W.).

ନିରାସ୍ୱାଦ—ସଂ. ବିଣ. (ବହୁବ୍ରୀହି; ନିର୍ + ଆସ୍ୱାଦ)—୧ । ସ୍ୱାଦହୀନ—
Nirāswad 1. Tasteless; insipid.
୨ । ଅରୁଚିକର—2. Unsavoury (M. W.).

ନିରାହାର—ସଂ. ବିଣ. (ବହୁବ୍ରୀହି; ନିର୍ + ଆହାର)—
Nirāhar ଅନାହାରୀ ଉପବାସୀ—
(ନିରାହାରା—ସ୍ତ୍ରୀ) Fasting; abstaining from food.

(ନିରାହାରତା—ବି) ବି—୧ । ଭୋଜନାଭାବ; ଉପବାସ—
1. Starvation; fasting; want of food.
୨ । ଲଙ୍ଘନ—2. Abstaning from food.

ନିରାହାରି—ଦେ. ବିଣ. ପୁଂ. (ସଂ. ନିରାହାର)—୧ । ଅନାହାରୀ—
Nirāhāri 1. Fasting; starving.
୨ । ଜଳମାତ୍ରାହାରୀ—
2. Subsisting on water only.

ନିରାହ୍ଲାଦ—ସଂ. ବିଣ. (ବହୁବ୍ରୀହି; ନିର୍ + ଆହ୍ଲାଦ)—ନିରାନନ୍ଦ—
Nirāhlāda Cheerless.

ନିରିଖ୍—ବୈଦେ. ବି—ନିରଖ୍ (ଦେଖ)
Nirikh Nirakh (See)

ନିରିଖା—ଦେ. ବି. (ସଂ. ନିରୀକ୍ଷଣ)—୧ । ନିରୀକ୍ଷଣ; ଅବଲୋକନ
Nirikhā ସହକାରେ—1. Observation.
निरखा ୨ । ତନ୍ନତନ୍ନ କରି ଦେଖିବା—
निरखना 2. Minute inspection; insight.

ନିରିଖା ନିରିଖି—ଦେ. ବି. (ସଂ. ନିରୀକ୍ଷଣ)—ବାରମ୍ବାର ନିରୀକ୍ଷଣ—
Nirikhā nirikhi Repeated observation.

ନିରିଖିବା—ଦେ. କ୍ରି. (ନିରୀକ୍ଷଣ)—୧ । ନିରୀକ୍ଷଣ କରିବା; ଦେଖିବା—
Nirikhibā 1. To look at.
निरखा ୨ । ମନୋଯୋଗ ସହକାରେ ଦେଖିବା—
निरखना 2. To observe.
୩ । ତନ୍ନ ତନ୍ନ କରି ଦେଖିବା—
3. To inspect minutely.
୪ । ଏକଦୃଷ୍ଟିରେ ଚାହିଁବା—4. To stare at.

ନିରିଗୁଣ - ଗ୍ରା. (ପଦ୍ୟ) ବିଣ—ନିର୍ଗୁଣ (ଦେଖ)
Niriguṇa Nirguṇa (See)
निरिगुन ନିର୍ଗୁଣ ନୁହଇ ବ୍ରହ୍ମ ମହା ନିରିଗୁଣ—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।
निरगुन

ନିରିଘାତ—ଗ୍ରା. (ପଦ୍ୟ) ବି - ନିର୍ଘାତ (ଦେଖ)
Nirighāta Nirghāta (See)
(ନିରଘାତ—ଅନ୍ୟରୂପ) ୧ । ବଜ୍ର—1. Thunder.
ଗୋବିନ୍ଦ ଶିରେ ଘୋଷାଇ
ପଡ଼ିଲା ଯେହ୍ନେ ନିରିଘାତ—ଜଗନ୍ନାଥ. ଭାଗବତ ।
୨ । ବଜ୍ରଧ୍ୱନି—2. The sound of thunder.
୩ । ବଜ୍ର ପରି ବିକଟ ଶବ୍ଦ—
3. A thundering sound.
ବୋଲେ ବେଗେ ହାରିଲି ମୁଁ ନିରିଘାତ ଶୁଣି – ସାରଳା. ମହାଭାରତ. ବ
ବିଣ —ନିରିଘାତିଆ (ଦେଖ)—Nirighātiā (See)
କ୍ରି. ବିଣ—୧ । ନିଷ୍ଠୁରଭାବରେ—1. Cruelly.
୨ । ଭୟଙ୍କରରୂପେ—2 Seriously.
ବେନି ବୃକ୍ଷ ହସ୍ତେ ଧରି ପିଟେ ନିରିଘାତ—ସାରଳା ମହାଭାରତ ଅବ ।

ନିରିଘାତିଆ—ଗ୍ରା. ବିଣ (ସଂ. ନିର୍ଘାତ)—୧ । ନିଷ୍ଠୁର—
Nirighātiā 1. Cruel.
୨ । ଭୟଙ୍କର—2. Frightful; terrific.
୩ । ନିଦାରୁଣ—3. Severe; violent.

ନିରିଙ୍ଗ—ସଂ. ବିଣ—୧ । ଅଚଳ—
Niringa 1. Immovable (M. W.)
୨ । ନିଷ୍କମ୍ପ—2. Not fleckering (M W.).

ନିରିଙ୍ଗିଣୀ—ସଂ. ବି—ପରଦା; ଚକ; ଝିଲମିଲି (ହି. ଶ.)—
Niringiṇi Screen.

ନିରିଚ୍ଛା—ସଂ. ବିଣ (ବହୁବ୍ରୀହି; ନି + ଇଚ୍ଛା)—୧ । ନିଷ୍କାମ—
Nirichchhā 2. Without wish or desire (M.W.)
୨ । ଉଦାସୀନ—2. Indifferent (M. W.)

ନିରିଜଳ—ଗ୍ରା. ବିଣ (ସଂ. ନିର୍ଜଳ)—ନିର୍ଜଳ (ଦେଖ)
Nirijaḷa Nirjaḷa (See)
निरजल **निरजल**

ନିରିଜୋର୍—ଗ୍ରା. ବିଣ—ନିଜୋର୍ (ଦେଖ)
Nirijor Nijor (See)
निजोर **निजोर**
(ନିରଜୋରିଆ—ଅନ୍ୟରୂପ)

ନିରିଦୟ—ଗ୍ରା (ପଦ୍ୟ) ବିଣ—(ସଂ. ନିର୍ଦ୍ଦୟ) - ନିର୍ଦ୍ଦୟ—
Niridaya Cruel.
निरदय **निरदय**

ନିରିଦୟା - ଗ୍ରା. ବି (ସଂ. ନିର୍ଦ୍ଦୟତା)—ଦୟାହୀନତା; ନିର୍ଦ୍ଦୟତା;
Niridayā ନିଷ୍ଠୁରତା—Cruelty; unkindness.
ବିଣ (ସଂ. ନିର୍ଦ୍ଦୟ)—Unkind; cruel.

ନିରିନ୍ଦ୍ରିୟ—ସଂ. ବିଣ. ପୁଂ—୧ । ଚକ୍ଷୁକର୍ଣ୍ଣାଦି ଇନ୍ଦ୍ରିୟରହିତ—
Nirindriya 1. Devoid of the organs of sense.
(ନିରିନ୍ଦ୍ରିୟା – ସ୍ତ୍ରୀ) ୨ । ନିର୍ବଳ; ଦୁର୍ବଳ—
(ନିରିନ୍ଦ୍ରିୟତା – ବି) 2. Weak; frail.
୩ । ବିକଳାଙ୍ଗ—3. Maimed; multilated.
୪ । ନପୁଂସକ—4. Eunoch; neuter impotent; destitute of manly vigour or strength.
୫ । ବନ୍ଧ୍ୟ —5. Barren (M.W.)
୬ । ପ୍ରମାଣରହିତ—
6. Without evidence (M. W.)
୭ । ବ୍ୟକ୍ତିତ୍ୱହୀନ—
7. Without status or individuality.
[ଦ୍ର—ଜନ୍ମାନ୍ଧ, ପତିତ, କ୍ଲୀବ, ଜନ୍ମବଧିର, ଉନ୍ମତ୍ତ, ଜଡ଼, ମୂକ ଓ ନିରିନ୍ଦ୍ରିୟ (ବିକଳାଙ୍ଗ ବ୍ୟକ୍ତି) ଏମାନେ ପିତୃଧନରେ ଅଧିକାରୀ ହୋଇ ପାରନ୍ତି ନାହିଁ—ମନୁସଂହିତା ୯।୨୦୧ ।]

ନିରିବଂଶ—ଗ୍ରା. ବିଣ (ସଂ. ନିର୍ବଂଶ)— ନିର୍ବଂଶ (ଦେଖ)
Niribaṁśa Nirbaṁśa (See)
(ନିରବଂଶି, ନିରବଂଶିଆ—ଅନ୍ୟରୂପ)
ପ୍ରଜାଙ୍କୁ ନିଦାଇଲେ ହୁଅଇ ନିରବଂଶ—ସାରଳା ମହାଭାରତ. ଅବ

ନିରିବାଣ - ଗ୍ରା. ବି—ଦେବୀବିଶେଷ—
Niribāṇa Name of a Goddess.
ମହାବିଦ୍ୟା ଉପରେଣ ନିଗମ ଗୃହିନ
ଶମ୍ଭୁ ଅଙ୍ଗେ ବସନ୍ତି ସେ ଦେବୀ ନିରବାଣ—ଶ୍ରୀଗୁରୁଭକ୍ତିଗୀତା ।

ଗ୍ରା—୧ । ନିର୍ମାଣ (ଦେଖ)—Nirmāna (See)
୨ । ନିର୍ବାଣ (ଦେଖ)—Nirbāna (See)

ନିରଭା (ଇତ୍ୟାଦି)—ଗ୍ରା. ବି (ସଂ. ନିର୍ବାହ)—ନିର୍ଭା ଇତ୍ୟାଦି (ଦେଖ)
Niribhā (etc) Nirbhā etc (See)

ନିରଭା(ଭେ)ଇବା—ଗ୍ରା. କ୍ରି. (ସଂ. ନିର୍ବାହ)—ନିର୍ଭାଇବା; ସମ୍ପାଦନ
Niribhā(bhe)ibā କରିବା; ନିର୍ବାହ କରିବା; ସମ୍ପାଦନ କରିବା—
To make; to accomplish.
ମାସ ଦିନ ଭିତରେ ବେଭଳ ନିରଭଇ । ଗ୍ରନ୍ଥାପ. ଅଭିଯେଣା ।

ନିରଭା ପଡ଼ିବା—ଗ୍ରା. (ପଦ୍ୟ) କ୍ରି—ସମ୍ଭାଳ ହୋଇ ଯିବା—
Niribhā pardibā To subsist; to exist.
କର୍ମିବ ନ ଭଲେ ଶଙ୍କର ଭରିବାର
ନିରଭା ନ ପଡ଼ିବ କେବେଁ ହୃଷ୍ଟର । କୃଷ୍ଣସିଂହ. ମହାଭାରତ ଶାନ୍ତି ।

ନିରମଳ—ଗ୍ରା. (ପଦ୍ୟ) ବିଣ. (ସଂ. ନିର୍ମଳ)—ନିର୍ମଳ (ଦେଖ)
Nirimala Nirmāla (See)
निरमल ଚନ୍ଦ୍ର ବାଲୁରୀ ଚନ୍ଦ୍ର ମହାନିରମଳ । ସାରଳା. ମହାଭାରତ ଅଦି ।
निरमल

ନିରମଳା—ଦେ. ବି—କତକ ଫଳ; ଜଳ ପରିଷ୍କାରକ ଫଳବିଶେଷ—
Nirimalā Strychnos Potatorum; the clearing nut.
ସଂ. ନିର୍ମଳା, କତ, କତକ
ପୟଃପ୍ରସାଦ, ଅମ୍ବୁପ୍ରସାଦ
ଛିଦ୍ରଫଳ, ଗୁଚ୍ଛଫଳ
निर्मला, निर्मली
निर्मली, पयपसारी
ମ. ନିବଲୀଚ୍ୟା,
ବିସ୍ତାଗଜରି
ଗୁ. ନିର୍ମଲି
[ଦ୍ର—ଏହି ଫଳ କୋଚିଲା ପରି ବିହାର, ଓଡ଼ିଶା, ମଧ୍ୟ ଓ ପଶ୍ଚିମ ଭାରତର ଅରଣ୍ୟରେ ଜନ୍ମେ । ଏହାର ଫଳ କୃଷ୍ଣବର୍ଣ୍ଣ, ମଞ୍ଜି ଗୋଲ ଓ ଚେପ୍ଟା ଓ କୋଚିଲା ମଞ୍ଜିଠାରୁ ସାନ । ଏହି ମଞ୍ଜିକୁ ଘୋର ଗୋଳିଆ ପାଣିରେ ପକାଇଲେ, ପାଣିରେ ଥିବା କାଦୁଅ ପାତ୍ରର ତଳକୁ ବସିଯାଏ; ତେଣୁ ପାଣି ସ୍ୱଚ୍ଛ ହୁଏ । ବୈଦ୍ୟକମତରେ ଏହା ଚକ୍ଷୁର ହିତକର, ବାତଘ୍ନ, କଫନାଶକ, ମଧୁରକଷାୟରସ ଓ ଗୁରୁ ।]

ନିରମାଇଲ—ଗ୍ରା. ବି. (ସଂ. ନିର୍ମାଲ୍ୟ)—୧ । ନିର୍ମାଲ୍ୟ (ଦେଖ)
Nirimāila 1. Nirmālya (See)
(ନିରମାଲ୍ୟ—ଅନ୍ୟରୂପ) ଅଙ୍ଗାଏ ମହାର୍ଘ ଛୁଇଁଲେ ଯେ,
निरमायल ଚଣିକାଏ ନିରମାଇଲ ଛୁଇଁଲେ ସେ । ଭଃ ।
୨ । ଦୁଇଜଣ ବ୍ୟକ୍ତି ପରସ୍ପରକୁ ନିର୍ମାଲ୍ୟ ଶୁଖା ଯାଉଥିବା ଜଗନ୍ନାଥଙ୍କ ଅନ୍ନ ମହାପ୍ରସାଦ ଚଣିକା ଆଦାନ ପ୍ରଦାନଦ୍ୱାରା କରିଥିବା ବନ୍ଧୁତା—2 The friendship set up between two persons by exchange of dried boiled rice which hasbeen offered to the Deity Jagannath of Puri or Lingaraj of Bhubaneswar
ନିରମାଇଲ । କାହିଁ କଥା ନେଇ କାହିଁ ଥୋଇଲ । ଭଃ ।

ନିରମାଖୀ—ଦେ. ବିଣ. (ପୁଂ ଓ ସ୍ତ୍ରୀ) (ସଂ. ନିର୍+ଉପେକ୍ଷ)—୧ । ନିଃସହାୟ
Nirimākhi 1. Helpless.
(ନିରମାଖୀ—ଅନ୍ୟରୂପ) ବିଦ୍ର ବ୍ରାହ୍ମଣ ନିରମାଖୀ, ତ୍ରିଭୁବନପାଳକ ଗୋଚ୍ଛ ଦୁଃଖୀ ।
ଜଗନ୍ନାଥ, ଭାଗବତ ।
୨ । ପରିତ୍ୟକ୍ତ—2. Abandoned.

ନିରମାଣ—ଗ୍ରା. (ପଦ୍ୟ)—ନିର୍ମାଣ (ଦେଖ)
Nirimāna Nirmāna (See)
ସର୍ବ ଦ୍ରବ୍ୟେ ସଭାକୁ ନିରମାଣ କଲ ।
ଶ୍ରମଙ୍କୁ ଭବା ଅର୍ଜୁନଙ୍କୁ ଶେଷ ଦେଲ । କୃଷ୍ଣସିଂହ, ମହାଭାରତ ସଭା ।

ନିରୀକ୍ଷକ—ସଂ. ବିଣ. ପୁଂ. (ନିର୍=ବିଶେଷଭାବରେ+ଈକ୍ଷ ଧାତୁ=
Nirikshaka ଦେଖିବା+କର୍ତ୍ତୃ. ଅକ)—ନିରୀକ୍ଷଣକାରୀ; ପରି-
ଦର୍ଶନକାରୀ; ପର୍ଯ୍ୟବେକ୍ଷଣକାରୀ—Observing; visiting; viewing; seeing.
ବି.—୧ । ଦର୍ଶକ; ଦେଖଣାହାରୀ—
1. Visitor; spectator.
୨ । ପରିଦର୍ଶକ—2. Inspector.
୩ । ତତ୍ତ୍ୱାବଧାରକ—3. Supervisor.

ନିରୀକ୍ଷଣ—ସଂ. ବି. (ନିର୍=ବିଶେଷ ଭାବରେ+ଈକ୍ଷ ଧାତୁ=ଦେଖିବା
Niriksnana +ଭାବ. ଅନ)—୧ । ଅବଲୋକନ; ସମ୍ୟକ୍
(ନିରୀକ୍ଷା—ଅନ୍ୟରୂପ) ଦର୍ଶନ; ବିଶେଷଭାବରେ ପରିଦର୍ଶନ—
1. Inspection; observation; the looking at a thing steadily.
୨ । ଦୃଷ୍ଟି—2. Sight; view.
୩ । (ଜ୍ୟୋତିଷ)—ଗ୍ରହମାନଙ୍କର ପରିଦୃଶ୍ୟମାନ ଅବସ୍ଥା—
3 (astronomy) The aspect of the planets.
୪ । ଏକ ଦୃଷ୍ଟିରେ ବା ମନୋଯୋଗ ସହକାରେ ଦେଖିବା—
4. Gazing at.

ନିରୀକ୍ଷମାଣ—ସଂ. ବିଣ. ପୁଂ (ନିର୍+ଈକ୍ଷ ଧାତୁ+କର୍ତ୍ତୃ. ଶାନଚ୍)—ଯେ
Nirikshamāna ଦେଖୁଅଛି—Gazing; inspecting
(ନିରୀକ୍ଷମାଣା—ସ୍ତ୍ରୀ) carefully; observing; observant.

ନିରୀକ୍ଷା—ସଂ. ବି. (ନିର୍+ଈକ୍ଷ ଧାତୁ+ଭାବ. ଅ+ଆ)—୧ । ପରିଦର୍ଶନ;
Niriksha ଚାହିଁବା—Looking at; regarding.
୨ । ଆଶା—2. Hope; expectation (M, W)

ନିରୀକ୍ଷିତ—ସଂ. ବିଣ. (ନିର୍+ଈକ୍ଷ ଧାତୁ+କର୍ମ. ତ)—ଅବଲୋକିତ;
Nirikshita ଦୃଷ୍ଟ—Observed; seen; looked at.

ନିରୀକ୍ଷ୍ୟ—ସଂ ବିଣ. (ନିର୍+ଈକ୍ଷ ଧାତୁ+କର୍ମ. ଯ)—ଯାହାକୁ ନିରୀକ୍ଷଣ
Nirikshya କରାଯିବ—To be looked at.
(ନିରୀକ୍ଷ୍ୟା—ସ୍ତ୍ରୀ)

ନିରୀକ୍ଷ୍ୟମାଣ—ସଂ. ବିଣ. (ନିର୍+ଈକ୍ଷ ଧାତୁ+କର୍ମ ବାଚ୍ୟରେ ଶାନଚ୍)
Nirikshyamāna ଦୃଶ୍ୟମାନ; ଯାହାକୁ ନିରୀକ୍ଷଣ କରାଯାଉ
(ନିରୀକ୍ଷ୍ୟମାଣା—ସ୍ତ୍ରୀ) ଅଛି—Seen; being looked at; which is being gazed at.

ନିରୀଖ—ଦେ. ବି. (ସଂ. ନିରୀକ୍ଷଣ)—ନିରୀକ୍ଷଣ—
Nirikhā Observation.
(ନିରେଖ—ଅନ୍ୟରୂପ)

ନିରୀଖିବା—ଦେ. କ୍ରି—ନିରେଖିବା (ଦେଖ)
Nirikhibā Nirekhibā (See)
(ନିରୀଖେଇବା; ନିରୀଖିବା—ଅନ୍ୟରୂପ)

ନିରୀତି—ସଂ. ବିଣ (ବହୁବ୍ରୀହି; ନିର୍ + ଇତି = କୃଷିପ୍ରତିବନ୍ଧ)—
Niriti ଇତିଶୂନ୍ୟ; କୃଷିପ୍ରତିବନ୍ଧକ ବୃଷ୍ଟ୍ୟାଦିରହିତ—
Free from agricultural calamities or afflictions,

ନିରୀତିକ—ସଂ. ବିଣ (ନିର୍ + ଇତି + କ)—ଶୁଭସୂଚକ; ଶୁଭଲକ୍ଷଣବିଶିଷ୍ଟ—
Niritika Auspicious (M. W.)
(ନିରୀତିକା—ସ୍ତ୍ରୀ)

ନିରୀଶ—ସଂ. ବି (ବହୁବ୍ରୀହି; ନିର୍ = ନିର୍ଗତ ହୋଇଅଛି + ଈଶା = ଲଙ୍ଗଳଦଣ୍ଡ ଯହିଁରୁ)—ଲଙ୍ଗଳମୁଣ୍ଡା—
Nirisa The body of a plough without the pole or shaft (M. W)
ବି. ଓ ବିଣ (ନିର୍ + ଈଶ)—ନିରୀଶ୍ୱର (ଦେଖ)
Niriswara (See)

ନିରୀଶ୍ୱର—ସଂ. ବିଣ (ବହୁବ୍ରୀହି; ନିର୍ + ଈଶ୍ୱର)—୧ । ଈଶ୍ୱରଶୂନ୍ୟ—
Niriswara 1. Godless; destitute of God.
୨ । ନାସ୍ତିକ—2. Denying the existence of God; atheistic.
ବି—ଈଶ୍ୱରଙ୍କ ଅସ୍ତିତ୍ୱ ଅସ୍ୱୀକାର; ନିରୀଶ୍ୱରବାଦ; ନାସ୍ତିକତା—
Denial of the existence of God, atheism.

ନିରୀଶ୍ୱରବାଦ—ସଂ. ବି—୧ । ଈଶ୍ୱର ନାହାନ୍ତି ଏହି ମତ ବା ସିଦ୍ଧାନ୍ତ—
Niriswarabāda 1. Denial of the existence of God; atheism; materialism; atheistic doctrine.

ନିରୀଶ୍ୱରବାଦୀ—ସଂ. ବିଣ. ପୁଂ (ନିରୀଶ୍ୱରବାଦ + ଇନ୍)—
Niriswarabādi ଈଶ୍ୱର ନାହାନ୍ତି ଏହି ମତ ଯେ ସିଦ୍ଧାନ୍ତ କରେ;
(ନିରୀଶ୍ୱରବାଦିନୀ—ସ୍ତ୍ରୀ) ନାସ୍ତିକ—Atheist; ascerting the nonexistence of God; holding atheistic doctrine.

ନିରୀଷ—ସଂ. ବି—ନିରୀଶ (ଦେଖ)।
Nirisha Nirisa (See)

ନିରୀହ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍ = ନାହିଁ + ଈହା = ଚେଷ୍ଟା ଯାହାର)—୧ । ନିଶ୍ଚେଷ୍ଟ; ନିଷ୍ପ୍ରଯତ୍ନ—
Niriha 1. Destitute of exertion; inactive.
(ନିରୀହା—ସ୍ତ୍ରୀ)
ନିରୀହତା } ବି
ନିରୀହତ୍ୱ }
୨ । ଗତିହୀନ—2. Motionless.
୩ । ଯେ ଅନ୍ୟ ବିଷୟରେ ହସ୍ତକ୍ଷେପ କରେ ନାହିଁ; ଯେ ଅନଧିକାର ଚର୍ଚ୍ଚା କରେ ନାହିଁ—
3. One who does not pry into others affairs.
୪ । ନିର୍ବିରୋଧ; ଯେ ଅନ୍ୟର ହିଂସା କରେ ନାହିଁ—
4. Harmless.
୫ । ଧୀର; ଶିଷ୍ଟ; ଶାନ୍ତ; ସ୍ଥିର—
5. Quiet; still; peaceful.
୬ । ନିସ୍ପୃହ; ଉଦାସୀନ—
6. Disinterested; indifferent.
୭ । ନିର୍ମଳ—7. Fine; clear.
୮ । ଶାନ୍ତିପ୍ରିୟ (ହି. ଶ.)—8. Loving peace.
୯ । ତଟସ୍ଥ (ହି. ଶ.)—7. Neutral.
ବି—୧ । ବିଷ୍ଣୁ—1. Bishṇu.
୨ । ପରମାତ୍ମା—2. The supreme soul.

ନିରୁଆଁ—ପ୍ରାଦେ. (ସମ୍ବଲପୁର) ବିଣ. (ତୁଳ. ହି. ନିରା = ବିଶୁଦ୍ଧ)—
Niruāṅ ନିରୋଳା; ଅମିଶ୍ରିତ; ଖାଣ୍ଟି; ନିଛୋଳା—
Unadulterated.

ନିରୁକତ—ପ୍ରା. (ପଦ୍ୟ) ବି. (ସଂ. ନିରୁକ୍ତ)—ନିରୁକ୍ତ (ଦେଖ)
Nirukata Nirukta (See)

ଶିକ୍ଷା କଳ୍ପ ବ୍ୟାକରଣ ଯେ ନିରୁକତ
ଜ୍ୟୋତିଷ ଛନ୍ଦ ଷଡ଼ ଅଙ୍ଗରେ ଅଧୀତ । କୃଷ୍ଣସିଂହ, ମହାଭାରତ, ସଭା ।

ନିରୁକ୍ତ—ସଂ. ବିଣ. (ବହୁବ୍ରୀହି; ନିର୍ = ନିଶ୍ଚୟ + ଉକ୍ତ = କଥିତ)—
Nirukta ୧ । ସମ୍ୟକ୍ କଥିତ; ବ୍ୟାଖ୍ୟାତ—
1. Explained; interpreted.
୨ । ବର୍ଣ୍ଣିତ—2. Defined; described.
୩ । ଚତୁର—3. Crafty.
୪ । କୁଟିଳ—4. Wicked.
୫ । ଅବ୍ୟବହାର୍ଯ୍ୟ—5. Obsolete; uncommon.
୬ । ପୁରାତନ—6. Old.
୭ । ଉଚ୍ଚାରିତ—7. Uttered; pronounced.
୮ । ପ୍ରକାଶିତ—8. Expressed; declared.
୯ । (ନିର୍ + ଉକ୍ତ) ଅକଥିତ—
9. Unspoken; unmentioned.
୧୦ । ଅପ୍ରକାଶିତ—10. Unpublished.
୧୧ । ଦୁର୍ବୋଧ୍ୟ—11. Abstruse; obstinate.
୧୨ । ମୀମାଂସିତ—12. Adjudged; decided; settled.
ବି—୧ । ବୈଦିକ ଅଭିଧାନ; ବେଦୋକ୍ତ ନିଘଣ୍ଟୁ ବା ଶବ୍ଦମାନଙ୍କର ଯାସ୍କକୃତ ବ୍ୟାଖ୍ୟାଗ୍ରନ୍ଥ—1. A treatise by Jāska explaining the meaning of abstruse or obsolete words used in the Vedas; a glossary of the Vedas.
୨ । ଶବ୍ଦର ପ୍ରକୃତିଗତ ଅର୍ଥବାଦ—2. Etymological interpretation of a word.
୩ । ଯେଉଁ ଗ୍ରନ୍ଥରେ ଏକ ଶବ୍ଦର ଏକାଧିକ ଅର୍ଥ ବା ପର୍ଯ୍ୟାୟ ଲେଖାଯାଇଥାଏ (ସାଧୁନାଗ୍ରର୍ଯ୍ୟ)—
3. A compilation giving the words which have more than one meaning and synonyms of words.

ନିରୁକ୍ତକାର—ସଂ. ବି. (ନିରୁକ୍ତ + କୃ ଧାତୁ + କର୍ତ୍ତୃ. ଅ)—
Niruktakāra ନିରୁକ୍ତ ଗ୍ରନ୍ଥକର୍ତ୍ତା ମୁନି—
The author of the Vedic Dictionary.

[ଦ୍ର—ବୈଦିକ ଶବ୍ଦମାନଙ୍କର ନିଘଣ୍ଟୁର ଯେଉଁ ବ୍ୟାଖ୍ୟା ଯାସ୍କ ମୁନି ସଂକଳନ କରିଥିଲେ, ତାହା ନିରୁକ୍ତ ନାମରେ ଖ୍ୟାତ । ଯାସ୍କ ମୁନି ତାଙ୍କ ଗ୍ରନ୍ଥରେ ଶାକପୂର୍ଣ୍ଣି, ଊର୍ଣ୍ଣନାଭ ଓ ସ୍ଥୌଲଷ୍ଠୀବୀ ବା ସ୍ଥୌଲାଷ୍ଠୀବୀ ନାମକ ତିନି ଜଣ ପ୍ରାଚୀନ ନିରୁକ୍ତକାରଙ୍କ ନାମ ଉଲ୍ଲେଖ କରିଅଛନ୍ତି । କିନ୍ତୁ ସେମାନଙ୍କ ଗ୍ରନ୍ଥ ଆଜିକାଲି ମିଳୁ ନାହିଁ । ସାୟନାଚାର୍ଯ୍ୟ କହିଅଛନ୍ତି ଯେ, ଯେଉଁ ଗ୍ରନ୍ଥରେ ଏକ ଶବ୍ଦର ଏକାଧିକ ଅର୍ଥ ଓ ପର୍ଯ୍ୟାୟ ଲେଖାଯାଏ, ତାହା ନିରୁକ୍ତ । କାଶିକା ବୃତ୍ତି ଅନୁସାରେ ନିରୁକ୍ତ ୫ ପ୍ରକାର । ଯଥା—ବର୍ଣ୍ଣାଗମ (ଅକ୍ଷର ବଢ଼ାଇବା) ବର୍ଣ୍ଣବିପର୍ଯ୍ୟୟ (ଅକ୍ଷରମାନଙ୍କୁ ଆଗ ପଛ କରିବା); ବର୍ଣ୍ଣବିକାର (ଅକ୍ଷର ପରିବର୍ତ୍ତନ); ବର୍ଣ୍ଣ ନାଶ (ଅକ୍ଷରର ଲୋପ) ଓ ଧାତୁର ଗୋଟିଏ ଅର୍ଥ ସିଦ୍ଧ କରିବା) । ଯାସ୍କଙ୍କ ନିରୁକ୍ତରେ ୧୨ଟି ଅଧ୍ୟାୟ ଅଛି । ୧ମରେ ବ୍ୟାକରଣ ଓ ଶବ୍ଦଶାସ୍ତ୍ର ସମ୍ବନ୍ଧୀୟ ସୂକ୍ଷ୍ମ ବିଚାର ଅଛି । ୨ୟ ଓ ୩ୟ ଅଧ୍ୟାୟରେ ଯାସ୍କଙ୍କ ପୂର୍ବବର୍ତ୍ତୀ ୩ ଜଣ ନିରୁକ୍ତକାରଙ୍କ ନିଘଣ୍ଟୁରେ ଥିବା ଶବ୍ଦମାନଙ୍କ ବ୍ୟାଖ୍ୟା ସହିତ ଅର୍ଥ ଅଛି । ୪।୫ ଓ ୬ ଅଧ୍ୟାୟରେ ତାଙ୍କ ପ୍ରଣୀତ ନବ୍ୟ ନିଘଣ୍ଟୁର ଶବ୍ଦ ବିଷୟ ଅଛି । ୭ମଠାରୁ ଦ୍ୱାଦଶ ଅଧ୍ୟାୟରେ ବୈଦିକ ଦେବତାମାନଙ୍କର ବ୍ୟାଖ୍ୟା ଅଛି । ହି· ଶବ୍ଦସାଗର ।]

ନିରୁକ୍ତି—ସଂ. ବି. (ନିର୍+ଉକ୍ତି)—
Nirukti ୧ । ନିରୁକ୍ତ; ବେଦାଙ୍ଗବିଶେଷ—
1. A glossary of the Vedas.
୨ । ନିଃଶେଷରେ କଥନ—
2. Exposition; description.
୩ । ପଦଭଞ୍ଜନ; ପଦର ପ୍ରକୃତି ପ୍ରତ୍ୟୟ ନିର୍ଣ୍ଣୟ—
3. Derivation of a word.
୪ । ନିର୍ବାଚନ— 4. Election.
୫ । ନିର୍ଣ୍ଣୟ; ମୀମାଂସା—
5. Decision; determination of a question.

ନିରୁଚ୍ଛାହ(ହା)—ଗ୍ରା. ବିଣ. (ସଂ. ନିରୁତ୍ସାହ)—ନିରୁତ୍ସାହ (ଦେଖ)
Niruchchhāha(hā) Nirutsāha (See)

ନିରୁଚ୍ଛ୍ୱାସ—ସଂ. ବି. (ବହୁବ୍ରୀହି; ନିଃ+ଉଚ୍ଛ୍ୱାସ)—
Niruchchhwāsa ୧ । ଲହରୀ ରହିତ—
1. Waveless; without upheaval.
୨ । ନିଶ୍ୱାସରହିତ; ନିଚେତନ—2. Breathless.
୩ । ଅପ୍ରଶସ୍ତ; ସଙ୍କୀର୍ଣ୍ଣ—3. Narrow; scanty.
୪ । ଜନାକୀର୍ଣ୍ଣ—4. Crowded.

ନିରୁଜ— ଦେ. ବିଣ—ରୋଗରହିତ; ସୁସ୍ଥ—
Niruja Hale; free from disease; healthy (M. W.)

ମାତା ତୁମ୍ଭ ବଧୂ ଅଛି ମହା ନିରୁଜ । ଅଭିମନ୍ୟୁ ବଦନ୍ତିଡ଼ନ୍ତାମଙ୍କି ।

ନିରୁତା – ଦେ. ବିଣ.—୧ । ନିରୋଳା; ଅମିଶ୍ରିତ; ଖାଣ୍ଟି—
Nirutā 1. Unalloyed; unadulterated.
(ନିରୋତା—ଅନ୍ୟରୂପ) ଦଶ ସେର ନିରୁତା ଦୁଧ ଅବଶ୍ୟ ଅଛି ଘରେ ରହିବ।
ଖାଁଟୀ ନିଘ ଫକୀରମୋହନ, ଗଳ୍ପସ୍ୱଳ୍ପ ।
୨ । ବିଶୁଦ୍ଧ—2. Pure.

୩ । ଅସଲ; ଅକୃତ୍ରିମ—3. Geunine.

ନିରୁତ୍ତର—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍=ନାହିଁ+ଉତ୍ତର ଯାହାର)—
Niruttara ୧ । ଯେ ଉତ୍ତର ଦେଇ ପାରେ ନାହିଁ—
(ନିରୁତ୍ତରା—ସ୍ତ୍ରୀ) 1. Unable to give an answer.
୨ । ନିର୍ବାକ୍; ଯାହାକୁ ଚୁପ କରି ଦିଆଯାଏ—
2. Answerless; silenced; nonplussed.
୩ । ପ୍ରତ୍ୟୁତ୍ତରରହିତ—3. Unable to answer.
୪ । ମୂକ—4. Speechless; mute.
୫ । ମୌନୀ—5 Silent.
୬ । ଯାହା ଅପେକ୍ଷା ବଡ଼ କେହି ନାହିଁ—
6 Having no superior (M. W.)

ନିରୁତ୍ତାପ—ସଂ. ବିଣ. (ବହୁବ୍ରୀହି; ନିର୍+ଉତ୍ତାପ)—୧ । ଉତ୍ତାପଶୂନ୍ୟ—
Niruttāpa 1. Free from heat.
୨ । ଶୀତଳ—2. Cool; cold.
୩ । ରାଗଦ୍ୱେଷାଦିଶୂନ୍ୟ—
3. Free from passion.

ନିରୁତ୍ପାତ—ସଂ. ବିଣ. (ବହୁବ୍ରୀହି;=ନିର୍+ଉତ୍ପାତ)—୧ । ଉପଦ୍ରବଶୂନ୍ୟ—
Nirutpāta 1. Free from oppression or complications.
୨ । ଦୁଃଖ ଶୂନ୍ୟ—2 Free from distress.

ନିରୁତ୍ସାହ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍+ଉତ୍ସାହ)—
Nirutsāha ୧ । ଉତ୍ସାହଶୂନ୍ୟ—
(ନିରୁତ୍ସାହା—ସ୍ତ୍ରୀ) 1. Devoid of zeal.
୨ । ଉଦ୍ୟମଶୂନ୍ୟ—2. Having no exertion.
୩ । ଅଳସ—3. Indolent.
ବି —ଉତ୍ସାହର ଅଭାବ—Want of zeal.

ନିରୁତ୍ସାହା—ଗ୍ରା. (ପଦ୍ୟ) ବିଣ.—ନିରୁତ୍ସାହ (ଦେଖ)
Nirutsāhā Nirutsāha (See)

ତୁମ୍ଭେ ସବାଗଣ୍ଡୁ ସହିଲୁ ଅମ୍ଭେ ଯାହା,
ସୁଯୋଧନ ଜାଣ ହେଲେ ନିରୁତ୍ସାହା—କୃଷ୍ଣସିଂହ. ମହାଭାରତ ବନ ।

ନିରୁତ୍ସୁକ—ସଂ. ବିଣ. ପୁଂ (ନିର୍=ଅତିଶୟ+ଉତ୍ସୁକ)+
Nirutsuka ୧ । ନିରତିଶୟ ବା ଅତ୍ୟନ୍ତ ଆଗ୍ରହଯୁକ୍ତ—
(ନିରୁତ୍ସୁକା—ସ୍ତ୍ରୀ) 1. Very ardent; over zealous.
୨ । (ନିର୍=ନିଷେଧ+ଉତ୍ସୁକ)—ଆଗ୍ରହହୀନ—
2. Without eagerness.
ସଂ. ବି.—୧ । (ନାମ)—ରୈବତକ ମନୁଙ୍କର ପୁତ୍ରବିଶେଷ—
1. Name of a son of Raibataka manu.
୨ । ତ୍ରୟୋଦଶ ମନ୍ୱନ୍ତରରେ ସପ୍ତର୍ଷି ମଧ୍ୟରେ ଭାର୍ଗବ ଋଷି—
2. Name of a Sage.

ନିରୁଦ୍ଦେଶ—ସଂ. ବିଣ.—(ନିର୍+ଉଦ୍ଦେଶ=ସନ୍ଧାନ; ବାର୍ତ୍ତା; ସମ୍ବାଦ, ବହୁବ୍ରୀହି)—୧ । ଅଜ୍ଞାତ—1. Unknown.
Niruddeśa
୨ । ଯାହାର କୌଣସି ସନ୍ଧାନ ମିଳୁ ନାହିଁ—
2. Untraceable

ନିରୁଦ୍ଦେଶ ହେବା—ଦେ. କ୍ରି.—ଅଜ୍ଞାତବାସ କରିବା; ପଳାତକ ହେବା—
Niruddeśa hebā To go away and live at a place which cannot be traced; to abscond.

ନିରୁଦ୍ଧ—ସଂ. ବିଣ. ପୁଂ. (ନି=ସମ୍ୟକ୍+ରୁଧ୍ ଧାତୁ=ରୋଧ କରିବା+କର୍ମବାଚ୍ୟରେ. ତ)—୧ । ଆବଦ୍ଧ; ଅବରୁଦ୍ଧ—
Niruddha
(ନିରୁଦ୍ଧା—ସ୍ତ୍ରୀ) 1. Confined.
୨ । ବାଧାପ୍ରାପ୍ତ—
2. Restrained; obstructed; impeded.
୩ । ନିବାରିତ—3. Prevented; hindered.
୪ । ବେଷ୍ଟିତ—4. Encompassed; blockaded; beseiged; surrounded on all sides.
୫ । ପ୍ରତିବଦ୍ଧ—5. Blocked up.
୬ । ସ୍ଥଗିତ—6. Stcpped.

ନିରୁଦ୍ୱିଗ୍ନ—ସଂ. ବିଣ. ପୁଂ (ନିର୍=ନୁହେଁ+ଉଦ୍ୱିଗ୍ନ)—୧ । ନିରାକୁଳ—
Nirudbigna 1. Not perplexed.
(ନିରୁଦ୍ୱିଗ୍ନା—ସ୍ତ୍ରୀ) ୨ । ନିଶ୍ଚିନ୍ତ; ସ୍ଥିର; ଶାନ୍ତ—2. Sedate; free from alarm or anxiety.
୩ । ଅଶଙ୍କିତ—3. Unalarmed.

ନିରୁଦ୍ବେଗ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍+ଉଦ୍‌ବେଗ)—୧ । ନିଶ୍ଚିନ୍ତ
Nirudbega 1. Free from anxiety.
(ନିରୁଦ୍ବେଗା—ସ୍ତ୍ରୀ) ୨ । ସ୍ଥିର—2. Calm; tranquil.
୩ । ଅକାତର; ଅଚଞ୍ଚଳ—3. Unperturbed; undisturbed; unagitated.
ବି.—ନିରୁଦ୍ୱିଗ୍ନତା—Freedom from perplexity or anxiety or sorrow.
ଦେ. କ୍ରି. ବିଣ.—୧ । ଉଦ୍‌ବେଗରହିତ ହୋଇ—
1. Being free from anxiety.
ଯବନର ବେଶ ଧରି ଭଣ ନିରୁଦ୍‌ବେଗ,
ଯବନର ଛନ୍ଦ ଭଲେ ଚେତିବୁ ଅବେଗ— ରଘୁନାଥ, ମହାଯାତ୍ରା।
୨ । ସ୍ଥିରଭାବରେ—2. Calmly.

ନିରୁଦ୍ୟତ—ସଂ. ବିଣ. ପୁଂ. (ନିର୍+ଉଦ୍ୟତ)—୧ । ଅନୁଦ୍ୟତ; ଅପ୍ରସ୍ତୁତ—
Nirudyata 1. Unready; not ready for; not prepared for.
(ନିରୁଦ୍ୟତା—ସ୍ତ୍ରୀ)
୨ । ଅପ୍ରବୃତ୍ତ—2. Not engaged in.

ନିରୁଦ୍ୟତି—ସଂ. ବିଣ. (ନିର୍+ଉଦ୍ୟତି=ଉଦ୍ଯୋଗ)—
Nirudyati ୧ । ନିରୁଦ୍ୟୋଗ—1. Without zeal; having no eagerness or effort.
୨ । ନିରୁଦ୍ୟତ—2. Unready.
୩ । ଅପ୍ରସ୍ତୁତ—3. Unprepared.
ବି—ନିରୁଦ୍ୟମ—Want of zeal or exertion.

ନିରୁଦ୍ୟମ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ଉଦ୍ୟମ)—
Nirudyama ୧ । ଉଦ୍ୟମହୀନ; ନିଶ୍ଚେଷ୍ଟ—
(ନିରୁଦ୍ୟମା ସ୍ତ୍ରୀ) 1. Zealless; effortless.
(ନିରୁଦ୍ୟମତା—ବି) ୨ । ଅଳସ—2. Lazy; idle.
ବି—୧ । ନିଶ୍ଚେଷ୍ଟତା—1. Want of effort or exertion.
୨ । ଆଳସ୍ୟ—2. Laziness.

ନିରୁଦ୍ୟମି—ସଂ. ବିଣ. ପୁଂ. (ନିର୍+ଉଦ୍ୟମିନ୍; ୧ମା. ୧ବ)
Nirudyami ନିରୁଦ୍ୟମ (ଦେଖ)
Nirudyama (See)

ନିରୁଦ୍ୟୋଗ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ଉଦ୍ଯୋଗ)—
Nirudyoga ୧ । ଉଦ୍ୟମଶୂନ୍ୟ; ନିରୁଦ୍ୟମ—
(ନିରୁଦ୍ୟୋଗା—ସ୍ତ୍ରୀ) 1. Making no effort or exertion.
୨ । ଅଳସ—2. Lazy.
ବି—୧ । ଉଦ୍ୟମର ଅଭାବ—
1. Want of zeal or effort.
୨ । ଆଳସ୍ୟ—2. Laziness.

ନିରୁପକାରୀ—ସଂ. ବିଣ. ପୁଂ. (ନିର୍+ଉପକାରିନ୍; ୧ମା. ୧ବ)—
Nirupakārī ଅନୁପକାରୀ—Not benefiting; not helping.
(ନିରୁପକାରିଣୀ ସ୍ତ୍ରୀ)

ନିରୁପଚାର—ସଂ. ବିଣ. ପୁଂ—୧ । ଚିକିତ୍ସାହୀନ; ସେବାଶୂନ୍ୟ—
Nirupachāra 1. Without medical attendance or treatment.
(ନିରୁପଚାରା—ସ୍ତ୍ରୀ)
୨ । ସଜ୍ଜାହୀନ—2. Unequipped.
୩ । ଅପ୍ରଚଳିତ—3. Not in vogue.
୪ । ଉପାୟହୀନ—4. Helpless; remediless.
ବି—୧ । ଅନଭ୍ୟାସ—1. Want of practice.
୨ । ସେବାଶୂନ୍ୟତା—
2. Want of service or attendance.

ନିରୁପଦ୍ରବ—ସଂ. ବି. (ନିର୍+ଉପଦ୍ରବ; ବହୁବ୍ରୀହି)—
Nirupadraba ୧ । ଉତ୍ପାତରହିତ; ଆପଦ୍‌ହୀନ; ଦୌରାତ୍ମ୍ୟହୀନ—
1. Free from outrage or oppression or distress.
୨ । ଶାନ୍ତ—2. Tranquil; peaceful.
(ନିରୁପଦ୍ରବା—ସ୍ତ୍ରୀ) ୩ । (ପୁଂ.) ଯେ ଉତ୍ପାତ କରେ ନାହିଁ—
3. Not committing any oppression.
ବି ୧ । ବିଷ୍ଣୁ—1. A name of Bishṇu.
୨ । ଶାନ୍ତି—2. Security.
୩ । ଉପଦ୍ରବର ଅଭାବ—3 Absence of oppression or outrage.

ନିରୁପଦ୍ରବୀ—ସଂ. ବିଣ. ପୁଂ. (ନିର୍+ଉପଦ୍ରବିନ୍; ୧ମା. ୧ବ)—
Nirupadrabī ଯେ ଉପଦ୍ରବ କରେ ନାହିଁ (ହି. ଶ)—
Not oppressive.

ନିରୁପଦ୍ରୁତ—ସଂ. ବିଣ. (ନିର୍+ଉପ+ଦ୍ରୁ ଧାତୁ+କର୍ତ୍ତୃ. ତ)—
Nirupadruta ଉପଦ୍ରବଶୂନ୍ୟ—
(ନିରୁପପ୍ଲବ—ଅନ୍ୟରୂପ) Free from outrage or distress.

ବି—୧ । ଉପଦ୍ରବର ଅଭାବ—1. Absence of outrage.
୨ । ଶାନ୍ତି—2. Security; peace.

ନିରୁପମ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍=ନାହିଁ+ଉପମା ଯାହାର)—
Nirupama ଅନୁପମ; ଅତୁଳନୀୟ; ଅପ୍ରତିମ—
(ନିରୁପମା—ସ୍ତ୍ରୀ) Incomparable; matchless; peerless; paragon; unparalleled; unequalled.

ନିରୁପରୋଧ—ସଂ. ବି—ଉପରୋଧହୀନତା—
Niruparodha Impartiality.
(ନିରୁପରୋଧା—ସ୍ତ୍ରୀ) ବିଣ—୧ । ଅପକ୍ଷପାତ—1. Impartial.
୨ । ମଧ୍ୟସ୍ଥ—2. Situated between.

ନିରୁପାଖ୍ୟ—ସଂ. ବିଣ. (ବହୁବ୍ରୀହି; ନିର୍+ଉପ+ଆଖ୍ୟା)—
Nirupākhya ୧ । ଅନିର୍ବଚନୀୟ—1. Indescribable;
(ନିରୁପାଖ୍ୟା—ସ୍ତ୍ରୀ) unutterable; unspeakable.
୨ । ଅବାସ୍ତବ—2. Unreal.
ବି—୧ । ପରଂବ୍ରହ୍ମ—1. Supreme Soul.
୨ । ଅବାସ୍ତବ ପଦାର୍ଥ—2. Any unreal thing.

ନିରୁପାଧି—ସଂ. ବିଣ. (ବହୁବ୍ରୀହି; ନିର୍+ଉପାଧି)—
Nirupādhi ୧ । ଉପାଧିବର୍ଜିତ—1. Destitute of selfishness.
(ନିରୁପାଧିକ—ଅନ୍ୟରୂପ)
୨ । ନିର୍ଗୁଣ—2. Selfless; unselfish.
୩ । ଉଦ୍ଦେଶ୍ୟହୀନ—3. Disinterested.
୪ । ନିର୍ଦ୍ଦୋଷ—4. Blameless.
୫ । ଅକାରଣ; ଅହେତୁକ—5. Causeless.
୬ । ସତ୍‌ପ୍ରକୃତିକ—6. Honest.
୭ । ଅକପଟ; ଅମାୟିକ—7. Sincere; guileless.
୮ । ପରଶୁଦ୍ଧ—8. Pure.
ବି—୧ । ବିଷ୍ଣୁ—1. A name of Bishnu.
୨ । ପରଂବ୍ରହ୍ମ—2. The Supreme Sou.

ନିରୁପାମ—ଗ୍ରା. (ପଦ୍ୟ) ବିଣ. (ସଂ. ନିରୁପମ)—ନିରୁପମ (ଦେଖ)
Nirupāma Nirupama (See)

ଶବଦ ବ୍ରହ୍ମ ଘୋର ନାମ
ସେ ନିତ୍ୟ ସତ୍ୟ ନିରୁପାମ । ଭୂପତି. ପ୍ରେମପଞ୍ଚାମୃତ ।

ନିରୁପାୟ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ଉପାୟ)—
Nirupāya ୧ । ଉପାୟରହିତ—
(ନିରୁପାୟା—ସ୍ତ୍ରୀ) 1. Left without resources.
୨ । ଉପାୟହୀନ—2. Remediless.
୩ । ନିରାଶ୍ରୟ—3. Helpless.
୪ । ଆୟହୀନ—
4. Without resource or expedients.
୫ । ନିରବଲମ୍ବନ—
5. Having no means of support.
ବି.—ଉପାୟର ଅଭାବ—Resourcelessness.

ନିରୁପେକ୍ଷ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍+ଉପେକ୍ଷା)—
Nirupeksha ୧ । ଉପେକ୍ଷାଶୂନ୍ୟ—
(ନିରୁପେକ୍ଷା—ସ୍ତ୍ରୀ) 1. Free from indifference.
୨ । ସାଧୁ—2. Honest; righteous.

ନିରୁପେକ୍ଷା—ସଂ. ବି. (ନିର୍+ଉପେକ୍ଷା)—୧ । ଆଦର; ସମ୍ଭ୍ରମ—
Nirupekshā 1 Regard; respect.
୨ । ମନୋଯୋଗ—2. Attention.

ନିରୁଢ଼—ସଂ. ବିଣ. ପୁଂ (ନି+ରୁହ୍ ଧାତୁ+ତ; ଅଥବା ନିର୍+ଊଢ଼=ବିବାହିତ)—୧ । ଅବିବାହିତ—
Nirūrdha
(ନିରୂଢ଼ା—ସ୍ତ୍ରୀ) 1. Unmarried.
୨ । ଉତ୍ପନ୍ନ—2. Produced; grown.
୩ । ପ୍ରସିଦ୍ଧ—3. Famous.
୪ । ଲୋକପ୍ରଚଳିତ; ସର୍ବସାଧାରଣ—
4. Current; common; conventional; usual; in popular usage.
୫ । ସମବେତ—5. Assembled.
୬ । ମିଶ୍ରିତ—6. Mixed.
୭ । ସ୍ୱତଃସିଦ୍ଧ—7. Inherent.
୮ । (ବ୍ୟାକରଣ) ଯେଉଁ ଶବ୍ଦର ଅର୍ଥ ପ୍ରକୃତିପ୍ରତ୍ୟୟଗତ ଅର୍ଥ ସଙ୍ଗେ ମିଳେ ନାହିଁ—8. (grammar) Unetymological; not etymologically explainable.
ବି.—୧ । ରୂଢ଼ି ଲକ୍ଷଣଦ୍ୱାରା ଅର୍ଥ ପ୍ରତିପାଦକ ଶବ୍ଦ—
1. A word with metaphorical meaning.
୨ । ଶବ୍ଦର ଲୋକପ୍ରଚଳିତ ଅର୍ଥ—2. A word having a conventional meaning; the common acceptance of words.
୩ । ପଶୁଯାଗବିଶେଷ—3. Name of a kind of animal sacrifice.

ନିରୁଢ଼ ମୂଳ—ସଂ. ବିଣ.—ଯାହାର ମୂଳ ଦୃଢ଼ଭାବରେ ଥାଏ—
Nirūrdha mūla Firmly rooted.

ନିରୁଢ଼ ଲକ୍ଷଣା—ସଂ. ବି.—(ବ୍ୟାକରଣ;—୧ । ଶକ୍ତି ତୁଲ୍ୟ ଲକ୍ଷଣା—
Nirūrdha lakshaṇā 1. A metaphor.
୨ । ଯେଉଁ ଲକ୍ଷଣା ପ୍ରକୃତିପ୍ରତ୍ୟୟ ସଙ୍ଗେ ସମ୍ପର୍କରହିତ—
2. Conventional nature; the secondary use of a word which is based not on the particular intention of the speaker but on its accepted and popular usage. (M. W.)

ନିରୁଢ଼ା—ସଂ. ବି. (ବ୍ୟାକରଣ)—୧ । ରୂଢ଼ି ହେତୁକ ଲକ୍ଷଣା—
Nirūrdhā 1. A sort of metaphor or ellipsis in composition.
୨ । ନିରୁଢ଼ ଲକ୍ଷଣା (ଦେଖ)
2. Nirūrdha lakshaṇā (See)

ନିରୂଢ଼ି—ସଂ. ବି. (ନି + ରୁହ୍ + ଭାବ. ତି)—୧ । ଲୋକପ୍ରସିଦ୍ଧି—
Nirūḍhi Celebrity; convention; popular usage.
୨ । ଯୋଗ୍ୟତା; ପାରଗତା—
2. Proficiency (Apte).

ନିରୂପ—ସଂ. ବି.—୧ । ବାୟୁ (ହି. ଶ.)—
Nirūpa 1. Air.
୨ । ଦେବତା (ହି. ଶ.)—2. Deity.
୩ । ଆକାଶ (ହି. ଶ.)—3. Sky.

ନିରୂପକ—ସଂ. ବିଣ. (ନି + ରୂପ୍ ଧାତୁ = ରୂପ ଯୁକ୍ତ କରିବା, ଣିଚ୍ ରୂପି ଧାତୁ + କର୍ତ୍ତୃ. ଅକ)—୧ । ନିରୂପଣକାରୀ;
Nirūpaka
ନିର୍ଣ୍ଣାୟକ—1. Ascertaining; determining.
୨ । ନିୟାମକ—
2. Regulation; directing; agreeing.
ବି—ନିୟାମକ ବ୍ୟକ୍ତି—
A director; a regulator.

ନିରୂପଣ—ସଂ. ବି. (ନି + ରୂପ୍ ଧାତୁ ଣିଚ ରୂପି ଧାତୁ + ଭାବ. ଅନ)—
Nirūpaṇa ୧ । ନିର୍ଣ୍ଣୟ; ନିର୍ଦ୍ଧାରଣ; ସ୍ଥିରୀକରଣ; ଅବଧାରଣ—
(ନିରୂପଣା—ଅନ୍ୟରୂପ) 1. Ascertaining; determination; fixing.
୨ । ନିୟୋଗ—2. Prescription; appointing.
୩ । ବିବରଣ—3. Description; discussion.
୪ । ଅବଲୋକନ; ଦର୍ଶନ—
5. Sight; looking at.
୬ । ବିତର୍କ—6. Inference; reasoning.
୭ । ଅନୁସନ୍ଧାନ; ଅନ୍ୱେଷଣ—
7. Search; inquiry; investigation.
୮ । ରୂପ; ଆକାର—
8. Form; shape (Apte).

ନିରୂପଣୀୟ—ସଂ. ବିଣ. (ନି + ରୂପି ଧାତୁ + କର୍ମ. ଅନୀୟ)—
Nirūpaṇiya ୧ । ନିରୂପଣ ଯୋଗ୍ୟ; ଅବଧାରଣ ଯୋଗ୍ୟ—
(ନିରୂପ୍ୟ—ଅନ୍ୟରୂପ) 1. Fit to be determined;
(ନିରୂପଣୀୟା—ସ୍ତ୍ରୀ) ascertainable.
୨ । ଅବଲୋକନୀୟ—2. Fit to be looked at.
୩ । ଚିନ୍ତନୀୟ; ବିଚାର୍ଯ୍ୟ—
3. Worthy of consideration.
୪ । ନିଦର୍ଶନୀୟ—4. Assignable.
୫ । ବିତର୍କନୀୟ—5. Inferable.
୬ । ବର୍ଣ୍ଣନୀୟ—6. Describable.
୭ । ନିୟୋଗ୍ୟ—
7. Fit to be regulated or appointed.

ନିରୂପିତ—ସଂ. ବିଣ. (ନି + ରୂପି ଧାତୁ + କର୍ମ. ତ)—
Nirūpita ୧ । ନିର୍ଣ୍ଣୀତ; ନିଶ୍ଚିତ; ସ୍ଥିରୀକୃତ—
(ନିରୂପିତା—ସ୍ତ୍ରୀ) 1. Ascertained; determined.
(ନିରୂପିତ—ବି) ୨ । ଅବଧାରିତ—
2. Confirmed; fixed; settled; prescribed.
୩ । ଦୃଷ୍ଟ—3. Observed; seen; beheld.
୪ । ବିଚାରିତ; ବିବେଚିତ—
4. Judged; considered.
୫ । ଆଲୋଚିତ—5. Discussed.
୬ । ନିଯୁକ୍ତ—
6. Appointed; regulated; deputed.
୭ । ଆରୋପିତ—7. Assigned.
୮ । ସ୍ଥାପିତ—8. Established.

ନିରେଇଁଶ—ଦେ. ବି ଓ ବିଣ—ନିରାଇଁଶ (ଦେଖ)
Nireiṅśa Niraiṅśa (See)
(ନିରେଇଁଶି—ଅନ୍ୟରୂପ)

ନିରେଖ—ବୈଦେ. ବି—ନିରଖ (ଦେଖ)
Nirekha Nirakha (See)
ଦେ. ବିଣ. (ସଂ. ନାରକ୍ଷ)—ନିରାଶ୍ରୟ; ଅରକ୍ଷକ—
Helpless.

ନିରେଖା—ଦେ. ବି. (ସଂ. ନିରୀକ୍ଷଣ)—ନିରୀକ୍ଷଣ (ଦେଖ)
Nirekhā Nirikshaṇa (See)

ନିରେଖିବା—ଦେ. କ୍ରି. (ସଂ. ନିରୀକ୍ଷଣ)—
Nirekhibā ୧ । ନିରୀକ୍ଷଣ କରିବା; ଚାହିଁବା—
নিরীক্ষণ করা 1. To look at.
নিরখনা, ୨ । ଅତ୍ୟନ୍ତ ମନୋଯୋଗପୂର୍ବକ ଚାହିଁବା—
निरच्छना 2. To observe.

ନିରେଖି ଚାହାନ୍ତୁ ଥରେ ଅହା । ବନସ୍ପର୍ଶ୍ୟ. କଣୋପସିଂହ. ୫ ଗୀତ ।

ନିରୋ—ଦେ. ବି. (ନାମ)—ରୋମର ଜଣେକ ନିଷ୍ଠୁର ରାଜା—
Niro Name of a very cruel Emperor of Rome.
নিরো नियो [ଦୃ—ରୋମ ନଗର ନିଆଁ ଲାଗି ଭସ୍ମୀଭୂତ ହେଉଥିବାବେଳେ ଏ ତାହା ଦେଖି ଆନନ୍ଦିତ ହୋଇ ବେହେଲା ବଜାଉ ଥିଲେ]—

ନିରୋଗ(ଗା)—ଦେ. ବି.—ନୀରୋଗ (ଦେଖ)—
Niroga(gā) Niroga (See).
নিরোগ ବିଣ—ନୀରୋଗୀ (ଦେଖ)—
Nirogi (See).

ନିରୋଗା(ଗୀ)—ଦେ. ବିଣ.—ନୀରୋଗୀ (ଦେଖ)—
Nirogā(gi) Nirogi (See).
নিরোগা ନିରୋଗୀ ହୋଇଣ ବରଷ ଶତ ଜୀବଁ ।
निरोग, निरोगी ବୃନ୍ଦାବ. ଦ. ମହାଭାରତ. ଖଣ୍ଡ ।

ନିରୋଧ—ସଂ. ବି. (ନି = ବିଶେଷ ଭାବରେ + ରୁଧ୍ ଧାତୁ = ବନ୍ଦ କରିବା—+ ଭାବ. ଅ)—
Nirodha
୧ । ବାଧା; ବିଘ୍ନ; ଅଟକ—
1. Obstruction; restraint; hindrance.
୨ । ଅବରୋଧ; ଚାରିଆଡ଼େ ଘେରିବା; ଘେର—
2. Beseiging; blocking up.
୩ । କ୍ଷତି; ବିନାଶ; ଧ୍ୱଂସ—
3. Injury; destruction; loss.

୪ । ବାରଣ—4. Probihibition; prevention.

୫ । ନିଗ୍ରହ—5. Persecution.

୬ । ପ୍ରତିରୋଧ; ପ୍ରତିକୂଳତା—6. Opposition.

୭ । ବାଧ୍ୟକରଣ—7. Coercion.

୮ । ଘୃଣା – 8. Antipathy; abhorrence.

୯ । କାରାବନ୍ଧନ—9. Confinement; imprisonment.

୧୦ । ପ୍ରଳୟ—10. Dissolution.

ସହର ଅସାର ଶବଦ, ଜଳେ ଶସ୍ୟକ ଯୋଗପଣ,
ନିରୋଧ ବୋଲି ତାର ନାମ, ନିଜ ସ୍ୱଭାବେ ପୂର୍ଣ୍ଣଧାମ । ଜଗନ୍ନାଥ. ଭାଗବତ ।

୧୧ । ଯୋଗସାଧନର ଅଙ୍ଗବିଶେଷ; ସମସ୍ତ ଚିତ୍ତବୃତ୍ତିମାନଙ୍କୁ ବିଷୟମାନଙ୍କରୁ ଫେରାଇ ଆଣିବା—
11. Restraining one's mind from following any object; suspension of mental operations.

ନିରୋଧକ—ସଂ. ବିଣ. (ନି+ରୁଧ୍. ଧାତୁ+କର୍ତ୍ତୃ. ଅକ)—
Nirodhaka ପ୍ରତିରୋଧକ; ବାଧା ଦେଉଥିବା—
(ନିରୋଧିକା—ସ୍ତ୍ରୀ) Obstructing; restraining; preventing; persecuting; blocking up.

ନିରୋଧନ—ସଂ. ବି. (ନି+ରୁଧ୍. ଧାତୁ+ଭାବ. ଅନ)—
Nirodhana ନିରୋଧକରଣ—Obstruction.
ରୋକିବା—Restraining.

ନିରୋଧିବା—ଦେ. କ୍ରି. (ସଂ. ନି+ରୁଧ୍. ଧାତୁ)—
Nirodhibā ୧ । ଅଟକାଇବା; ବାଧା ଦେବା—
1. To restrain; to obstruct.

ନିରୋଧିଲେ ପାଣ୍ଡୁ ସେନାଙ୍କୁ ଜୟଦ୍ରଥ,
ମହାଯୁଦ୍ଧ ପ୍ରବର୍ତ୍ତିଲ ନିରବାଧ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ

निरोधी ୨ । ବନ୍ଦୀ କରିବା—2. Confine.

निरोधना ୩ । ଅବରୋଧ କରିବା—
3. To beseige; to block up.

୪ । ବାରଣ କରିବା—4. To prohibit.

୫ । ବାଧ୍ୟ କରିବା—5. To coerce.

ନିରୋଧୀ—ସଂ. ବିଣ. ପୁଂ. (ନି+ରୁଧ୍ ଧାତୁ+କର୍ତ୍ତୃ ଇନ୍; ୧ମା ୧ବ)
Nirodhī ନିରୋଧକ (ଦେଖ)—
(ନିରୋଧିନୀ—ସ୍ତ୍ରୀ) Nirodhaka (See).

ନିରୋପିବା—ଦେ. (ପଦ୍ୟ) କ୍ରି. (ସଂ. ନିରୂପଣ)—
Niropibā ୧ । ନିରୂପଣ କରିବା; ନିର୍ଣ୍ଣୟ କରିବା—
(ନିରୂପିବା—ଅନ୍ୟରୂପ) 1. To ascertain; to settle.

निरोपी ସକଳ ଧର୍ମ ପ୍ରଜା ଅଙ୍ଗେ, ନିରୋପି ଶାସ୍ତ୍ର ଅନୁରାଗେ—

निरूपना ଜଗନ୍ନାଥ. ଭାଗବତ ।

୨ । ଯୁକ୍ତ କରିବା—
2. To fix; to join to; to attach.

ଏରୂପେ ସାଧନ ସେ କଲେ
କଣ୍ଠରେ ଅସ୍ତ୍ର ନିରୋପିଲେ—ଜଗନ୍ନାଥ. ଭାଗବତ ।

୩ । ନିଶ୍ଚଳରୂପେ ସ୍ଥାପିବା—
3. To place any thing fixedly.

ପଞ୍ଚୀସ୍ୱରୂପ ମନଗଣେ
ମନ ନିରୋପି ତୋ ଚରଣେ—ଜଗନ୍ନାଥ, ଭାଗବତ ।

୪ । ନିରୀକ୍ଷଣ କରିବା—4. To observe.

ଅପଶ୍ରୀ କୃଷ୍ଣ ଅଛ ଅଙ୍ଗ ଶ୍ରୀ ଆକାର
ନିରୋପି ଗୃହଁଲେ ଜଣେ ଶୂନ୍ୟର ଆକାର—ପ୍ରାଚୀ, ବ୍ରହ୍ମନିରୂପଣଗୀତା ।

ନିରୋଲ୍—ପ୍ରାଦେ. (ସମ୍ବଲପୁର) ବିଣ—ନିରୋଲା; ଅମିଶ୍ରିତ; ଖାଣ୍ଟି—
Nirol Genuine; unadulterated.

ନିରୋଳ(ଳା)—ଦେ. ବିଣ. (ସଂ. ନୀରୋଳ ବା ନିରାଳୟ)—
Niroḷa(ḷā) ୧ । ବିଜନ; ନିର୍ଜନ—1. Solitary; lonely.

निराला ୨ । ସୁସ୍ପଷ୍ଟ—2. Conspicuous.

निरा; निराला ୩ । ଅବିମିଶ୍ରିତ; ନିରୁତା—
3. Unadulterated; pure.

ନିରୋଳିବା—ଦେ. କ୍ରି—୧ । ଉନ୍ମୀଳନ କରିବା—
Niroḷibā 1. To open.

ताकना ୨ । ପ୍ରକାଶ କରିବା—2. To exhibit.

घूरना, ताकना ୩ । ଏକ ଦୃଷ୍ଟିରେ ଚାହିଁ ରହିବା; ନିରେଖିବା—
3. To gaze at; to stare; to look at with a fixed look.

ଅବର୍ଣ୍ଣେ ସେ ବେଦବର ତୋଷ
ଚାହିଁସ ଯେବେ ନିରୋଳ—ଜଗନ୍ନାଥ, ଭାଗବତ ।

ନିରୋଳେ—ଦେ. କ୍ରି. ବିଣ—୧ । ନୀରବ ହୋଇ; ନିଃଶବ୍ଦରେ—
Niroḷe 1. Silently; without making any noise.

ଉଡ଼ କୋଡ଼େ ବସି ସାରସ-ଚକ୍ଷୁ ଚାହିଁ ନିରୋଳେ
ପାଂଶୁ-ଭୂଷଣେ ଚୋଳୁଥାନ୍ତି ସିନ୍ଧୁ-ବାୟୁ-ହିଲ୍ଲୋଳେ—
ରାଧାନାଥ, ଉଷା ।

୨ । ଏକାଗ୍ର ଚିତ୍ତରେ—
2. Attentively; with close attention.

ବାଗ୍‌ଦେବୀଙ୍କ ଭଳେ ପୂଜନ ନିରୋଳେ—ରାଧାନାଥ, ଉଷା ।

୩ । ଏକୁଟିଆ ହୋଇ; ନିର୍ଜନରେ—
3. Alone; in a solitary place.

ଯୁବତୀ ଦେଖିଲେ ନିରୋଳେ ତକ୍ଷଣେ ତୁଅଇ ତରୁଣ—
ଭୂପତି, ପ୍ରେମପଞ୍ଚାମୃତ ।

୪ । ଉଦାସୀନଭାବରେ—4. Unconcernedly.

ଉତ୍କଳ ନଦ ଗୁମ୍ଫମେଳେ
ଅଥାନ୍ତ୍ ରହଇ ନିରୋଳେ—ଜଗନ୍ନାଥ, ଭାଗବତ ।

ନିରୋଷ୍ଠକ—ଦେ. ବି—୧ । ଶବ୍ଦାଲଙ୍କାରବିଶେଷ; ଯେଉଁ ପଦ୍ୟରେ
Niroshṭhaka ବ୍ୟବହୃତ ଶବ୍ଦମାନଙ୍କରେ ଓଷ୍ଠ୍ୟ ବର୍ଣ୍ଣର ଅକ୍ଷର
(ଅର୍ଥାତ୍ ଉ, ଊ, ପ, ଫ, ବ, ଭ, ମ—ଏ ସବୁ)
ନ ଥାଏ—1. A kind of composition in which no labial letter is used.

୨ । ଓଷ୍ଠ୍ୟବର୍ଣ୍ଣରହିତ ବାକ୍ୟ—
2. A word having no labial letter.

ନିର୍ଋତି—ସଂ ବି. ସ୍ତ୍ରୀ (ନିର୍=ବିପରୀତ+ଋତ=ଶୁଭ)—
Nir-ṛuti ୧ । ଅଲକ୍ଷ୍ମୀ; ଉଦ୍ଦାଳକ ଋଷିପତ୍ନୀ; ଲକ୍ଷ୍ମୀଙ୍କ ବଡ଼ ଭଉଣୀ—
1. The elder sister of Lakshmī and the wife of sage Uddālaka.

୨ । ଅସୌଭାଗ୍ୟ—
2. Misfortune; adversity; calamity.
୩ । ଦୁଃଖ –
3. Affliction; distress; calamity.
୪ । ଉପଦ୍ରବ—4. Oppression. harassment.
୫ । ଦକ୍ଷିଣପଶ୍ଚିମ କୋଣର ଅଧିଷ୍ଠାତ୍ରୀ ଦେବୀ—
5. The goddess presiding over the south western corner of the earth.
ପୁଂ—ନୈର୍‌ଋତ ଦିକ୍‌ପାଳ—
The God guarding the S. W. quarter of the earth.
ବି—ଉପଦ୍ରବପୂର୍ଣ୍ଣ—
Full of harassment or oppression.

ନିର୍‌ଋଥ—ସଂ. ବି. (ନିର୍+ଋ ଧାତୁ=ଗତି କରିବା+ସଂଜ୍ଞାର୍ଥେ. ଥ)—
Nirrutha ସାମବେଦ—The Sāma beda.

ନିର୍ଗ—ସଂ. ବି—ଦେଶ (ହି. ଶବ୍ଦସାଗର)—
Nirga Country.

ନିର୍ଗତ—ସଂ. ବିଣ. (ନିର୍+ଗମ୍ ଧାତୁ+କର୍ତ୍ତୃ. ତ)—୧ । ବହିର୍ଗତ—
Nirgata 1. Gone forth; issued.
(ନିର୍ଗତା—ସ୍ତ୍ରୀ) ୨ । ଅପଗତ; ନିସୃତ
1. Gone out; extracted.
୩ । ନିଷ୍କ୍ରାନ୍ତ—3. Expelled.
୪ । ଏକଆଡ଼େ ଭିତରେ ପଶି ଅନ୍ୟଆଡ଼େ ବାହାରିଯିବା—
5. Entexed at one side and come out at the other.

ନିର୍ଗତି—ସଂ. ବି. (ନିର୍+ଗତି)—ନିର୍ଗମ; ବହିର୍ଗମନ ସ୍ଥାନ—
Nirgati An outlet; an exit.

ନିର୍ଗନ୍ଧ—ସଂ. ବିଣ. (ବହୁବ୍ରୀହି; ନିର୍+ଗନ୍ଧ)—ଗନ୍ଧହୀନ; ଗନ୍ଧଶୂନ୍ୟ—
Nirgandha (ନିର୍ଗନ୍ଧତା—ବି) Scentless; odourless.

ନିର୍ଗମ—ସଂ. ବି. (ନିର୍+ଗମ୍ ଧାତୁ+କରଣ. ଅନ)—
Nirgama ୧ । ବହିର୍ଗମନଦ୍ୱାର—1. An exit; an outlet.
(ନିର୍ଗମନ—ଅନ୍ୟରୂପ) ୨ । (+ଭାବ. ଅ) ବାହାରିଯିବା—
2. Going out; out-flow.
୩ । ନିଷ୍କ୍ରମଣ—3. Departure; issue
୪ । ନାଶ—4. Loss.

ନିର୍ଗମିବା—ଦେ. (ପଦ୍ୟ) କ୍ରି—ବାହାରିବା—
Nirgamibā To go out.
ନିର୍ଗମା କଷ୍ଟରେ କର୍ଣ୍ଣ ଅବଗାହନ
ନିର୍ଗମିଲ କହି ପ୍ରଭାମଣ୍ଡଳ । ନନ୍ଦକିଶୋର. ସୀତାବନବାସ ।

ନିର୍ଗର୍ବ—ସଂ. ବିଣ. (ବହୁବ୍ରୀହି; ନିର୍+ଗର୍ବ)—ଗର୍ବହୀନ—
Nirgarba Free from pride.

ନିର୍ଗଳନ—ସଂ. ବି. (ନିର୍+ଗଳନ)—
Nirgalana ୧ । ଦ୍ରବୀକରଣ; ତରଳାଇବା; ବିଗଳନ—
1. Act of melting or dissolving.
୨ । ନିଗାଡ଼ିବା—2. Pouring out.

ନିର୍ଗୁଣ—ସଂ. ବିଣ. (ବହୁବ୍ରୀହି; ନିଃ+ଗୁଣ)—
Nirguna. ୧ । ଗୁଣରହିତ; ଗୁଣହୀନ—
(ନିର୍ଗୁଣା—ସ୍ତ୍ରୀ) 1. Without qualities or attributes.
ନିର୍ଗୁଣତା } ବି
ନିର୍ଗୁଣତ୍ୱ }
୨ । ଅଯୋଗ୍ୟ—2. Worthless; useless
୩ । ସତ୍ତ୍ୱ, ରଜ, ତମ ଏହି ତ୍ରିଗୁଣରହିତ—
3. Destitute of attributes.
୪ । ଯହିଁରେ ଗୁଣ ବା ରଜ୍ଜୁ ନାହିଁ—
4. Stringless.
୫ । ଧନୁର୍ଗୁଣରହିତ—
5. Destitute of the bow string.
୬ । ସୁଗୁଣହୀନ—
6. Destitute of good qualities.
ବି—ତ୍ରିଗୁଣାତୀତ ପରମେଶ୍ୱର—God who is above worldly attributes; the Supreme Being.

ନିର୍ଗୁଣତା—ସଂ. ବି—ଗୁଣହୀନ; ନୈର୍ଗୁଣ୍ୟ—
Nirgunatā Freedom from all mortal passions
(ନିର୍ଗୁଣତ୍ୱ—ଅନ୍ୟରୂପ) or attributes; worthlessness.

ନିର୍ଗୁଣ୍ଠୀ—ସଂ. ବି—ନିର୍ଗୁଣ୍ଡୀ (ଦେଖ)
Nirgunthi Nirgundi (See)

ନିର୍ଗୁଣ୍ଡୀ—ସଂ. ବି. (ନିର୍=ବାହାରେ+ଗୁଣ୍ଡ୍ ଧାତୁ=ବେଷ୍ଟନ କରିବା+ଅ+ସ୍ତ୍ରୀ. ଈ)—
Nirgundi
ସଂ. ନୀଳପୁଷ୍ପୀ, ଶେଫାଳୀ
ସୁବହା
ଓ. ବେଗୁନିଆଁ
नीलनिसिन्दा
निल्गोरी; मेउडी; सम्बाल
ଫା. ମିସ୍‌ବାନ
ତେ. ନାଲଲବେଣ୍ଡୁ; ତେଲ୍ଲବ
ସଂ. ସିନ୍ଧୁବାର, ଶ୍ୱେତପୁଷ୍ପ,
ଅର୍ଥସିଦ୍ଧକ, ସିଦ୍ଧକ,
ସିନ୍ଧୁକ, ସିନ୍ଧୁବାରକ,
ଇନ୍ଦ୍ରସୁରସ, ସ୍ଥିରସାଧକ,
ଇନ୍ଦ୍ରାଣିକା, ସିନ୍ଧୁକ,
ଅନନ୍ତ ସିନ୍ଧୁବାର; ସିନ୍ଧୁବାରକ,
ଇନ୍ଦ୍ରାଣୀ, ପୌଲମୀ,
ଶକ୍ରାଣୀ, କାଶନାଶିନୀ
ଓ. ବେଗୁନିଆଁ
श्वेत निसिन्दा
सम्बालु, सिहरु
ପା. ପଞ୍ଜନ୍‌ଙ୍ଗୁଷ୍ଟ
ଅ. ଅସଲୁକ୍

୧ । ନେଳ ବେଗୁନିଆଁ; ଭଣ୍ଡୀରାଦି ବର୍ଗର କ୍ଷୁପବିଶେଷ—
1. Vitex Negundo.
[ଦ୍ର—ଏ ଗଛର ଫୁଲ ନେଳଆ ବା ବାଇଗଣୀ ରଙ୍ଗର ଓ ପତ୍ର ସୁଗନ୍ଧଯୁକ୍ତ ଅଟେ ।]
୨ । ଧଳା ବେଗୁନିଆଁ; ଭଣ୍ଡୀରାଦି ବର୍ଗର ବଡ଼ କ୍ଷୁପବିଶେଷ—
2. Vitex Trifolia; a wild plant; five leaved chaste tree.
[ଦ୍ର—ଏହାର ଡାଳ ଶ୍ଳେଷ୍ମଘ୍ନ, ପତ୍ର ସୁଗନ୍ଧ ଓ ୩ ରୁ ୫ ଅଙ୍ଗୁଳ ପର୍ଯ୍ୟନ୍ତ ଲମ୍ବ ହୁଏ । ଫୁଲ ଛୋଟ ଛୋଟ ଧଳା ରଙ୍ଗର ଓ ଗ୍ରୀଷ୍ମକାଳରେ ଫୁଟେ । ଏହି ଦୁଇ ଗଛର ପତ୍ର ଓ ଫଳ ବାତ ରୋଗର ଔଷଧରେ ଲାଗେ । ଏହାର ପତ୍ର ସଙ୍ଗେ ପାଉଁଶ ମିଶାଇ ମୁଗରେ ପକାଇଲେ ସେଥିରେ ପୋକ ଲାଗନ୍ତି ନାହିଁ ।

ତେ. ନାବାବଲ — ବୈଦ୍ୟଶାସ୍ତ୍ରରେ ଆଉ ଦୁଇ ପ୍ରକାର
ତା. ନିର୍ମେଚ — ସିନ୍ଧୁବାରର ଉଲ୍ଲେଖ ଅଛି । କର୍ତ୍ତୀ
ମ. ନିଗୁଁର — ସିନ୍ଧୁବାର ଓ ଆରଣ୍ୟ ସିନ୍ଧୁବାର ।
ଏମାନଙ୍କର ପତ୍ର ଓ ପୁଷ୍ପ ଔଷଧରେ ଲାଗେ ।

ବୈଦ୍ୟଶାସ୍ତ୍ର ମତରେ ଏହା କଟୁତିକ୍ତ, ଲଘୁ, କଫ, ବାତ, କ୍ଷୟ, କୁଷ୍ଠ, କଣ୍ଡୂ ଓ ଶୂଳନାଶକ, କାମୁସିଦ୍ଧକ, ସ୍ମୃତିଦ, କେଶବର୍ଦ୍ଧକ, ନେତ୍ରହିତକର, ବାତଶ୍ଳେଷ୍ମହର ଓ କଫଘ୍ନ ଅଟେ ।

ନିର୍ଗୂଢ଼—ସଂ. ବଣ. (ନିର୍=ଉତରେ+ଗୁହ୍ ଧାତୁ=ଆଚ୍ଛାଦନ+କର୍ମ. ତ)—୧ । ସଂବୃତ; ସମାଚ୍ଛାଦିତ—
Nirgūrdha 1 Covered; enveloped.
୨ । ଅତିଶୟ ଗୂଢ଼—
2. Very secret; confidential.
ସଂ. ବି—ବୃକ୍ଷକୋଟର—The hollow of a tree.

ନିର୍ଗ୍ରନ୍ଥ—ସଂ. ବଣ. (ନିର୍=ନାହିଁ+ଗ୍ରନ୍ଥ=ଗଣ୍ଠି ସହିତରେ)—
Nirgrantha ୧ । ଗ୍ରନ୍ଥିଶୂନ୍ୟ—1. Without knots; knotless.
୨ । ଯାହାର ପରିଧେୟ ବାସ ଗ୍ରନ୍ଥିହୀନ —
2 Wearing cloth with no knots.
୩ । ସଂସାରବନ୍ଧନହୀନ; ଅନାସକ୍ତ; ଉଦାସୀନ —
3. Free from worldly ties or hindrances.
୪ । ଦିଗମ୍ବର --4. Naked; nude.
୫ । ନିଃସହାୟ – 5. Helpless.
୬ । ନିର୍ବେଦଗ୍ରସ୍ତ; ଉଦାସୀନ—6 Indifferent.
୭ । ଦରିଦ୍ର; ନିଃସମ୍ବଳ—7. Poor.
୮ । ମୂର୍ଖ – 8. Illiterate.
ବି –୧ । କ୍ଷପଣକ; ନଗ୍ନ ମୁନି—
1. A mendicant; a nude sage.
୨ । ପରିଚ୍ଛଦବସ୍ତ୍ରହୀନତା—2. Want of cloth or covering for one's body.
୩ । ଦ୍ୟୂତକର; ଜୁଆଡ଼ୀ—3. A gamester.
୪ । ନିର୍ବୋଧ ବ୍ୟକ୍ତି—4. A fool; an idiot.
୫ । ନରହତ୍ୟା —
5 Murder; man-slaughter (M. W.)

ନିର୍ଗ୍ରନ୍ଥ(ନ୍ଥି)କ—ସଂ. ବି. (ନିର୍+ଗ୍ରନ୍ଥ+କ)—କ୍ଷପଣକ; ନଗ୍ନ ସନ୍ନ୍ୟାସୀ—
Nirgrantha(nthi)ka A nude ascetic.
ସଂ. ବଣ—୧ । ନିପୁଣ; ଦକ୍ଷ —
1 Skilful; clever; expert.
୨ । ହୀନ; ନୀଚ—2. Mean; low.
୩ । ଏକାକୀ—3. Alone; unattended.
୪ । ନିଷ୍ଫଳ—4. Fruitless.

ନିର୍ଗ୍ରନ୍ଥନ—ସଂ. ବି. (ନିର୍+ଗ୍ରନ୍ଥ ଧାତୁ=ବଧ କରିବା+ଭାବ. ଅନ)—
Nirgranthana ମାରଣ; ବଧ—Killing; slaughter.

ନିର୍ଗ୍ରନ୍ଥି—ସଂ ବଣ. (ନିର୍+ଗ୍ରନ୍ଥି)—୧ । ଗ୍ରନ୍ଥିହୀନ—
Nirgranthi 1. Free from knots.
୨ । ନିର୍ଦ୍ଦୋଷ—2. Without blemish; perfect

ନିର୍ଗ୍ରାହ୍ୟ—ସଂ. ବଣ. (ନିର୍+ଗ୍ରହ୍ ଧାତୁ=ଗ୍ରହଣ କରିବା+କର୍ମ. ଯ)+
Nirgrāhya ଯାହାକୁ ନିଶ୍ଚିତରୂପେ ଗ୍ରହଣ କରାଯାଏ—
Which is accepted definitely.

ନିର୍ଘଟ୍ଟ—ସଂ. ବି. (ନିର୍+ଘଟ୍ଟ ଧାତୁ ଚେଷ୍ଟା କରିବା+ଅ)+
Nirghaṭa ୧ । ରାଜକରଶୂନ୍ୟ ହଟ୍ଟ—A market where no toll is taken.
୨ । ହାଟ; ବଜାର ପ୍ରଭୃତି—2. Market; bazar.
୩ । ଯେଉଁଠାରେ ଘାଟ ବା ପାହାଚ ନାହିଁ—3. A place having no quay or steps (M. W.)

ନିର୍ଘଣ୍ଟ—ସଂ. ବି. (ନିର୍+ଘଣ୍ଟ ଧାତୁ=ଚେଷ୍ଟା କରିବା+କରଣ. ଅ)—
Nirghaṇṭa ୧ । ସୂଚିପତ୍ର—1. Index; table of contents.
ନିର୍ଘଣ୍ଟନ, ନିର୍ଘଣ୍ଟୁ } ଅନ୍ୟରୂପ
୨ । ତାଲିକା—
2. List; catalogue.
୩ । ନିର୍ଣ୍ଣୟ; ମୀମାଂସା; ସିଦ୍ଧାନ୍ତ—
3. Thorough investigation.
୪ । ଶବ୍ଦସଂଗ୍ରହ—4. Vocabulary; a collection of words (M. W.)

ନିର୍ଘାତ—ସଂ. ବି. (ନିର୍=ସମ୍ୟକ୍; ଅତିଶୟ+ହନ୍ ଧାତୁ+ଭାବ. ଅ)—
Nirghāta ୧ । ବାୟୁର ପରସ୍ପର ସଂଘାତଜନିତ ଭୟାନକ ଶବ୍ଦ)—
1. The roaring sound caused by the conflict of opposite winds; noise of contending winds in the sky.
୨ । ଦୃଢ଼ ଆଘାତ—
2. Violent stroke; severe blow.
୩ । ଗମ୍ଭୀର ଶବ୍ଦ—3. Rumbling sound.
୪ । (+କରଣ+ଅ) ବଜ୍ର—4. Thunderbolt.
ଉଲ୍କାଭୂଲେ ନିର୍ଘାତ ଅକାଶୁ ପଡ଼ଇ—କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ
୫ । ବଜ୍ରାଘାତ—5. Thunder stroke.
୬ । ପ୍ରଚଣ୍ଡ ବାୟୁ; ପ୍ରଭଞ୍ଜନ—6. Tempest; gust of wind; hurricane.
୭ । ଶୂନ୍ୟ ଗର୍ଜ୍ଜନ—
7. A roar heard from the wind.
ଶତ ଶତ ହୋଇଣ ଶୁଭଇ ନିର୍ଘାତ—କୃଷ୍ଣସିଂହ. ମହାଭାରତ. ବନ ।
୮ । ଘୂର୍ଣ୍ଣିବାୟୁ—8. Whirl wind.
୯ । ଘଡ଼ଘଡ଼ି—9. Thunder.
ନିର୍ଘାତ ଭୂଲେ ଖସି ପଡ଼ିଲେ ଉଲ୍କା ।
କୃଷ୍ଣସିଂହ. ମହାଭାରତ. ବନ ।
୧୦ । ବିନାଶ—10. Destruction; ruin.
୧୧ । ଭୂମିକମ୍ପ—11. Earthquake (M. W.).
ବଣ.—୧ । ବିଷମ; ପ୍ରବଳ; ପ୍ରଚଣ୍ଡ—1. Violent.
୨ । ଭୟାନକ; ଭୀଷଣ—
2. Fierce; terrible; ferocious.
୩ । ନିଷ୍ଠୁର—3. Cruel.
୪ । ବିନାଶକ—4. Destructive.

ନିର୍ଘାତନ— ସଂ. ବି.—(ନିର୍ + ଘାତନ)—ଜୋରରେ ବାହାର କରିବା—
Nirghātana Forcing out; bringing out (M.W.)

ନିର୍ଘାତେ—ଦେ. କ୍ରି. ବିଣ.—୧ । ଭୀଷଣଭାବରେ; ଭୟଙ୍କରରୂପେ—
Nirghāte 1. Terribly.
ଏତେବେଳେ କହେ ଭୀମ ଗର୍ଜିଣ ନିର୍ଘାତେ—ଜଗନ୍ନାଥ, ବେଣୀସଂହାର ।
୨ । ଜୋରରେ—2. With force.
ନ କହୁ ଯଦୁବଂଶ ନାଶ
ନିର୍ଘାତେ ସଭିଙ୍କ ନଶ୍ୱାସ— ଜଗନ୍ନାଥ, ଭାଗବତ ।

ନିର୍ଘୃଣ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍ + ଘୃଣା)—୧ । ଘୃଣାଶୂନ୍ୟ—
Nirghruṇa 1. Having no repulsion.
(ନିର୍ଘୃଣା—ସ୍ତ୍ରୀ) ୨ । ନିର୍ଲଜ୍ଜ—2. Shameless; immodest.
(ନିର୍ଘୃଣତା—ବି) ୩ । ନିଷ୍ଠୁର; ନିର୍ଦ୍ଦୟ—
3. Cruel; pitiless; unmerciful.

ନିର୍ଘୋଷ—ସଂ. ବି. (ନିର୍=ବିଶେଷ + ଘୁଷ୍ ଧାତୁ=ଶବ୍ଦ କରିବା + ଭାବ.
Nirghosha ଅ)—୧ । ନିନାଦ; ଗମ୍ଭୀର ଶବ୍ଦ—1. Rumbling sound; rattling sound.
(ଯଥା—ବଜ୍ର ନିର୍ଘୋଷ ।)
୨ । ଭୀଷଣ ଶବ୍ଦ—2. Terrible sound.
ସଂ. ବିଣ.—(ନିର୍ + ଘୋଷ; ବହୁବ୍ରୀହି)—ଶବ୍ଦଶୂନ୍ୟ—
Soundless; noiseless.

ନିର୍ଘୋଷଣା—ଦେ. ବି. (ସଂ. ନିର୍ଘୋଷ)—ଗମ୍ଭୀରଧ୍ୱନି ବା ଶବ୍ଦ—
Nirghoshaṇā Loud sound.
ମୃଦଙ୍ଗ ଶଙ୍ଖ ଭେରୀ ବୀଣା,
ବଜେ ଦୁନ୍ଦୁଭି ନିର୍ଘୋଷଣା । ଜଗନ୍ନାଥ, ଭାଗବତ ।

ନିର୍ଜଞ୍ଜାଳି—ଦେ. ବିଣ—ନିଜଂଜାଳ (ଦେଖ)—
Nirjañjāḷi Nijañjāḷa (See).
ବରଷା ଶୀତ ଗର୍ଭ ଋତୁରେ ଜାଳିକ,
ରହିଥାନ୍ତି ପଦାରେ ହୋଇ ନିର୍ଜଞ୍ଜାଳୀ । କୃଷ୍ଣସିଂହ, ମହାଭାରତ, ଶାନ୍ତି ।

ନିର୍ଜ(ର୍ଜ୍ଜ)ନ—ସଂ. ବିଣ. (ବହୁବ୍ରୀହି; ନିର୍ + ଜନ)—
Nirja(rjja)na ୧ । ଜନଶୂନ୍ୟ; ନିଭୃତ—
1. Lonely; deserted; desolate.
୨ । ଏକାକୀ—2. Solitary.
୩ । ବିଜନ—3. Uninhabited.
ବି—ବିଜନସ୍ଥାନ—Lonely place; solitude; wilderness.
ଦେ. ବିଣ—ନିସ୍ତବ୍ଧ—Silent.
ନିର୍ଜନ **ନିର୍ଜନ** (ଯଥା—ନିର୍ଜନ ସ୍ୱର)

ନିର୍ଜନ କାରାବାସ—ଦେ. ବି—ଗୁରୁତର ଅପରାଧୀ ପ୍ରତି ପ୍ରଯୁଜ୍ୟ ଅନ୍ୟ
Nirjana kārābāsa ବନ୍ଦୀମାନଙ୍କଠାରୁ ପୃଥକ୍ ବାସରୂପ
କାରାବାସ—Solitary confinement.
[ଦ୍ର—ଏଥିରେ ବନ୍ଦୀ କାହାରି ସଙ୍ଗେ ଦେଖା ଦେବାର ସୁବିଧା ପାଏ ନାହିଁ ।]

ନିର୍ଜ(ର୍ଜ୍ଜ)ୟ—ସଂ. ବି—୧ । ଅଜେୟତ୍ୱ—
Nirja(rjja)ya 1. Unconquerableness;
(ନିର୍ଜିତି—ଅନ୍ୟରୂପ) invincibility.
୨ । ପୂର୍ଣ୍ଣ ଜୟ—Complete victory or subjugation (Apte).

ନିର୍ଜ(ର୍ଜ୍ଜ)ର—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍ + ଜରା=ବୃଦ୍ଧତ୍ୱ)—
Nirja(rjja)ra ୧ । ଜରାରହିତ—1. Undecaying.
(ନିର୍ଜ(ର୍ଜ୍ଜ)ରା—ସ୍ତ୍ରୀ) ୨ । ବିନାଶ ବା କ୍ଷୟରହିତ—
2 Free from decrepitude; imperishable.
୩ । ଯୁବକ —3. Young
୪ । ମରଣରହିତ; ଅମର—4. Immortal.
ବି—୧ । ଦେବତା —1 Deity.
୨ । ସୁଧା; ଅମୃତ—2. Nectar; ambrosia.
ଦେ. ବି—ଯୁବକ —Grown-up man.
ବାଲ୍ୟ ଅବସ୍ଥା ମୁଁଇ । ନିର୍ଜରେ ଯାଉଁ । ତିଳିକ ପଦ ରେ—
ଭକ୍ତ, ବୈଦେହୀଶବିଳାସ ।

ନିର୍ଜ(ର୍ଜ୍ଜ)ରା—ସଂ. ବି. (ନିର୍ଜର + ଆ)—୧ । ଗୁଳୁଚି ଲତା—
Nirja(rjja)rā 1. A medicinal plant; Cocculus Cordifolius; Menispermum Glabrum.
୨ । ତାଳପର୍ଣ୍ଣୀ (ଦେଖ)—2. Tālaparṇṇī (See).

ନିର୍ଜ(ର୍ଜ୍ଜ)ଳ—ସଂ. ବିଣ—(ନିର୍ + ଜଳ)—
Nirja(rjja)ḷa ୧ । ଜଳଶୂନ୍ୟ
(ନିର୍ଜଳା—ସ୍ତ୍ରୀ) 1. Waterless.
ଏ ବାହାରେ ସୁଖ ପୁଣି ନ ଲଭେ ସବେ,
ଯେ ପରକାରେ ମତ୍ସ୍ୟ ନିର୍ଜଳ ପଙ୍କରେ । କୃଷ୍ଣସିଂହ, ମହାଭାରତ, ଶାନ୍ତି ।
୨ । ଶୁଷ୍କ—2 Dry; arid.
୩ । ଜଳଦ୍ୱାରା ଅବିମିଶ୍ରିତ—3. Unadulterated with water; not mixed with water.
୪ । ନିରମ୍ବୁ; ଜଳପାନରହିତ; ଯେଉଁ ବ୍ରତ ଆଦି ଉପଲକ୍ଷରେ ବ୍ରତଧାରୀ ବ୍ୟକ୍ତି ଜଳସୁଦ୍ଧା ପାନ କରେ ନାହିଁ—
4. Subsisting without even taking water.
କରନ୍ତି ଏକାଦଶୀ ବ୍ରତ, ନିର୍ଜଳ ଯାମିନୀ ଜାଗ୍ରତ—ଭୂପତି, ପ୍ରେମ.ପଞ୍ଚାମୃତ ।
ବି—ଜଳଶୂନ୍ୟ ମରୁଭୂମି—Waterless desert.
ଦେ. ବି—ନିର୍ଜଳା (ଦେଖ)—Nirjaḷā (See).

ନିର୍ଜ(ର୍ଜ୍ଜ)ଳା—ଦେ. ବି. (ସଂ. ନିର୍ଜଳ)—ନିରମ୍ବୁବ୍ରତ ବା ଉପବାସାଦି—
Nirja(rjja)ḷā Religious fasting in which not a drop of water should be taken.

ନିର୍ଜ(ର୍ଜ୍ଜ)ଳୈକାଦଶୀ—ସଂ. ବି—(ନିର୍ଜଳ + ଏକାଦଶୀ)—
Nirja(rjja)ḷaikādasī ଜ୍ୟୈଷ୍ଠ ଶୁକ୍ଳ ଏକାଦଶୀ—
The eleventh day of the bright fortnight of Jyieshṭha.

ନିର୍ଜି(ର୍ଜ୍ଜି)ତ—ସଂ. ବିଣ. (ନିର୍=ନିଶ୍ଚୟ + ଜି. ଧାତୁ=ଜୟ କରିବା +
Nirji(rjji)ta କର୍ମ. ତ)—୧ । ପରାଭୂତ; ପରାଜିତ—
(ନିର୍ଜିତା—ସ୍ତ୍ରୀ) 1. Defeated; vanquished; overcome; crushed.
୨ । ବଶୀକୃତ—2. Entirely subdued
କୋଟି ମଦନଙ୍କ ରୂପ ଅଗୋଚର ରମଣୀ ଉପରେ ନିର୍ଜିତ—
ଡାଗୀ, ରସବାରିଧି ।

୩ । ଅର୍ଜିତ—3. Acquired; gained.
୪ । ଯାହା ଜିଣି କର ଅର୍ଜନ କରାଯାଇ ଥାଏ—
4. Won.
୫ । ଦାବୀ କରାଯିବା—5. Claimed (Apte).
ଏ ସଂସାର ଘୋ ଛାଡ଼ାରେ ନିର୍ଜିତ ମୂର୍ତ୍ତି ମୋର ଶବଳ—
ଗ୍ରାମ୍ୟ ରସକାରୁଧି ।

ନିର୍ଜିହ୍ୱ—ସ. ବଣ. ପୁଂ. (ବହୁବ୍ରୀହି; ନିର୍ + ଜିହ୍ୱା)—
Nirjihwa ୧ । ଯାହାର ଜିଭ ନାହିଁ—1. Tongueless.
(ନିର୍ଜିହ୍ୱା—ସ୍ତ୍ରୀ) ୨ । ଯାହାର ଜିହ୍ୱା ନିର୍ଗତ ହୋଇଅଛି—
2. Having a protruding tongue.
ସ. ବି. (ନିର୍ =ନାହିଁ + ଜିହ୍ୱା)—
ଭେକ; ବେଙ୍ଗ—Frog.

ନିର୍ଜୀ(ର୍ଜ୍ଜୀ)ବ—ସ. ବଣ. ପୁଂ. (ବହୁବ୍ରୀହି; ନିର୍ + ଜୀବ)—
Nirjī(rjjī)ba ୧ । ଜୀବନଶୂନ୍ୟ—
(ନିର୍ଜୀବା—ସ୍ତ୍ରୀ) 1. Lifeless; inanimate.
୨ । ନିସ୍ତେଜ—2. Vigourless; lanquid.
୩ ଅତି ଦୁର୍ବଳ—3. Very weak.
୪ । ମୃତ—4 Dead.

ନିର୍ଜୀବା—ଦେ. ବି. (ପୁଂ ଓ ସ୍ତ୍ରୀ) (ସ. ନିର୍ଜୀବ)—
Nirjība ୧ । ନିସ୍ତେଜ—1. Lanquid.
নির্জীব ୨ । ଅତି ଦୁର୍ବଳ—2. Very weak.
निजीव ୩ । ଅତି କ୍ଷୀଣ—3. Very emaciated.
(ଯଥା—ନିର୍ଜୀବା ପିଲା)

ନିର୍ଜୋର—ବୈଦେ. ବଣ (ସ. ନିଃ ଉପସର୍ଗ + ଅ. ଜୋର)—
Nirjora ନିଜୋର (ଦେଖ)—
নিজোর निजोर Nijora (See).
(ନିଜୋରଅଥ—ଅନ୍ୟରୂପ)—

ନିର୍ଝର—ସ. ବି. (ନିର୍ + ଝୃ ଧାତୁ = କ୍ଷୀଣ ହେବା + କର୍ତ୍ତୃ. ଅ)—
Nirjhara ୧ । ଝରଣା; ଉତ୍ସ—1. A spring; fountain; a cascade.
୨ । ଜଳପ୍ରପାତ—2. Waterfall.
୩ । ତୁଷାନଳ—3. Fire of chaff.
୪ । ବାରିପ୍ରବାହ—4. A current of water.
୫ । ସୂର୍ଯ୍ୟଙ୍କ ଘୋଟକ—
5. A horse of the Sun-god.
୬ । ହସ୍ତୀ—6. An elephant (Apte).

ନିର୍ଝରିଣୀ—ସ. ବି. ସ୍ତ୍ରୀ (ନିର୍ଝର + ଇନ୍ + ସ୍ତ୍ରୀ. ଈ)—୧ । ଗିରି ନଦୀ—
Nirjharinī 1. A mountain torrent.
୨ । ପ୍ରବାହବତୀ ନଦୀ—2. River; stream.
୩ । ଝରଣା—3. A spring.

ନିର୍ଝରୀ—ସ. ବି. (ନିର୍ଝର + ଇନ୍; ୧ମା. ୧ବ.)—୧ । ନିର୍ଝର—
Nirjharī 1. A fountain.
୨ । ନଦୀ—2. A river.
୩ । ପର୍ବତ—3. Mountain.

ନିର୍ଣ୍ଣୟ—ସ. ବି (ନିର୍ = ନିଶ୍ଚୟ + ନୀ ଧାତୁ = ଗ୍ରହଣ କରିବା + ଭାବ. ଅ)—୧ । ନିୟୋଗ—
Nirnnaya 1. Engagement.
(ନିର୍ଣ୍ଣୟନ, ନିର୍ଣ୍ଣୀତ—ଅନ୍ୟରୂପ)
୨ । ଅବଧାରଣ—2. Ascertaining; settlement.
୩ । ନିୟମପତ୍ର—3. Agreement.
୪ । ସ୍ଥିରତା—4. Certainty.
୫ । ପ୍ରମାଣ—5. Demonstration.
୬ । ତର୍କ; ନିଷ୍ପତ୍ତି; ସିଦ୍ଧାନ୍ତ—
6. Determination; resolution; conclusion; deduction; inference.
୭ । ତର୍କ—7. Argument; discussion.
୮ । ରାଏ; ଫଏସଲା—8. Decree; judgment.
୯ । ବିଚାରପତିଙ୍କ ଶେଷ ହୁକୁମ—
9. The verdict or sentence of a judge.
୧୦ । ଅପସାରଣ—10. Removal (Apte).
୧୧ । ଶେଷ ନିଷ୍ପତ୍ତି—11. Decision.
୧୨ । ଅନୁସନ୍ଧାନ—12 Investigation (Apte).
୧୩ । ବିବେଚନା—13. Consideration.
୧୪ । (ଅଳଙ୍କାରଶାସ୍ତ୍ର)—ଘଟନାର ବର୍ଣ୍ଣନ—
14. (rhetoric) Narration of events (Apte).

ନିର୍ଣ୍ଣୟପାଦ—ସ. ବି (ନ୍ୟାୟଶାସ୍ତ୍ର)—୧ । ସମବେତ ସଭାସଦମାନଙ୍କର ନିଷ୍ପତ୍ତି—1. A verdict of assembled persons.
Nirnnayapāda
୨ । (ହିନ୍ଦୁସ୍ମୃତି) ବିଚାରପତିଙ୍କ ଶେଷ ଆଦେଶ—
2. A sentence; decree; verdict (Apte).

ନିର୍ଣ୍ଣାୟକ—ସ. ବଣ. ପୁଂ (ନିର୍ = ନିଶ୍ଚିତରୂପେ + ନୀ ଧାତୁ = ନେବା + କର୍ତ୍ତୃ. ଅକ)—
Nirnnāyaka
(ନିର୍ଣ୍ଣାୟିକା—ସ୍ତ୍ରୀ) ୧ । ନିରୂପକ—1. Determining; ascertaining.
୨ । ନିର୍ଦ୍ଧାରକ—2. Certifying.
୩ । ନିଷ୍ପାଦକ—3. Ascertaining; leading to a decision.
୪ । ମୀମାଂସକ—4. Deciding; decisive.
୫ । ଯହିଁରୁ କୌଣସି ବିଷୟ ନିର୍ଣ୍ଣୟ କରାଯାଏ—
5. Leading to a decision; conclusive.

ନିର୍ଣ୍ଣିକ୍ତ—ସ. ବଣ (ନିର୍ = ନିଃଶେଷରୂପେ + ନିଜ୍ ଧାତୁ ପରିଷ୍କାର କରିବା + କର୍ମ. ତ)—
Nirnnikta
(ନିର୍ଣ୍ଣିକ୍ତ—ବିଶେଷ୍ୟ) ୧ । ଅପଗତ ମଳ; ପ୍ରକ୍ଷାଳିତ—
1. Washed.
୨ । ପରିଷ୍କୃତ—2. Cleansed.
୩ । ଶୋଧିତ—3. Rectified.
୪ । ପବିତ୍ରୀକୃତ—4. Purified.
୫ । ବିଗତପାପ—5. Purged of sin.

ନିର୍ଣ୍ଣିମେଷ—ସଂ. ବିଣ. ପୁଂ (ନିର୍+ନିମେଷ; ବହୁବ୍ରୀହି)—
Nirṇnimesha ୧ । ନିମେଷଶୂନ୍ୟ—1. Winkless.
(ନିର୍ଣ୍ଣିମେଷା—ସ୍ତ୍ରୀ) ୨ । ଯାହା ଆଖିରେ ପଲକ ପଡ଼େ ନାହିଁ —
(ନିର୍ନିମେଷ – ଅନ୍ୟରୂପ) 2. One whose eyes do not wink.
ସଂ. ବି – ବିଷ୍ଣୁ—A name of Bishṇu.

ନିର୍ଣ୍ଣୀତ—ସଂ. ବିଣ (ନିର୍+ନୀ ଧାତୁ=ନେବା+କର୍ମ. ତ) —
Nirṇnita ୧ । ଅବଧାରିତ; ନିର୍ଦ୍ଦିଷ୍ଟ; ସ୍ଥିରୀକୃତ—
1. Ascertained; settled; fixed upon; confirmed; decided.
୨ । ନିରୂପିତ—2. Determined.
୩ । ସଂସ୍ଥାପିତ—3. Established.
୪ । ପ୍ରମାଣିତ—4. Demonstrated; proved.
୫ । ଅନୁସନ୍ଧାନଦ୍ୱାରା ଯାହାର ପତା ମିଳିଅଛି—
5 Traced out.

ନିର୍ଣ୍ଣେ—ଗ୍ରା. ବି. (ପ୍ରାଚୀନ ବ୍ୟବହାର)—ନିର୍ଣ୍ଣୟ; ଅବଧାରଣ—
Nirṇne Ascertainment.
ଏରୂପେ ବେଦେ ବ୍ରହ୍ମପୂର
ବେଦ ନ ଜାଣେ ନିର୍ଣ୍ଣେ କରି । ଭୂପତି. ରମେଶାମୃତ ।
କ୍ରି. ବିଣ—ସମ୍ପୂର୍ଣ୍ଣରୂପେ; ବିଶଦ ଭାବରେ—
Clearly; fully.
ଥୋକାଏ ଥୋକାଏ ଜାଣନ୍ତି
ନିର୍ଣ୍ଣେ କେ ଜାଣି ନ ପାରନ୍ତି । ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

ନିର୍ଣ୍ଣେଜକ—ସଂ. ବି. ପୁଂ. (ନିର୍+ନିଜ୍ ଧାତୁ+କର୍ତ୍ତୃ. ଅକ)—
Nirṇnejaka ଧୋବା; ରଜକ—Washerman.
ସଂ. ବିଣ—ପରିଷ୍କାରକ—Clearing; cleansing.

ନିର୍ଣ୍ଣେଜନ—ସଂ ବି. (ନିର୍+ନିଜ ଧାତୁ+ଭାବ. ଅନ)—୧ । ପ୍ରକ୍ଷାଳନ—
Nirṇnejana 1. Washing.
୨ । ପରିଷ୍କାର କରିବା—2. Cleansing.
୩ । (+କରଣ. ଅନ) ଶୁଦ୍ଧି—
3. Purification; expiation.

ନିର୍ଣ୍ଣେତବ୍ୟ—ସଂ. ବିଣ. (ନିର୍+ନୀ ଧାତୁ+କର୍ମ ତବ୍ୟ)—
Nirṇnetabya ନିର୍ଦ୍ଧାରଣୀୟ—Ascertainable; assignable; determinable.

ନିର୍ଣ୍ଣେତା—ସଂ. ବିଣ. ପୁଂ. (ନିର୍+ନୀ ଧାତୁ+କର୍ତ୍ତୃ. ତୃ ୧ମା. ୧ବ)—
Nirṇnetā ନିର୍ଣ୍ଣୟକାରୀ—Demonstrating; ascertaining.
(ନିର୍ଣ୍ଣେତ୍ରୀ—ସ୍ତ୍ରୀ) ବି - ୧ । ନାୟକ—1 Hero.
୨ । ଚାଳକ—2. A guide.
୩ । ବିଚାରକ—3. Judge; umpire; arbitrator.
୪ । (+କରଣ. ତୃ) ରସିଦ—4. A receipt; voucher.
୫ । ଦଲିଲ—5. A document.
୬ । ପ୍ରମାଣକ—6. A demonstrator.

ନିର୍ଣ୍ଣେୟ—ସଂ. ବିଣ. (ନିର୍+ନୀ ଧାତୁ+କର୍ମ. ଯ)—
Nirṇneya ନିର୍ଦ୍ଧାରଣଯୋଗ୍ୟ—Ascertainable; capable of being ascertained.

ନିର୍ଦ୍ଦଣ୍ଡ—ସଂ. ବିଣ. (ବହୁବ୍ରୀହି; ନିର୍+ଦଣ୍ଡ)—ସର୍ବଥା ଦଣ୍ଡାର୍ହ (ବ୍ୟକ୍ତି)
Nirdaṇda Punishable in all ways.
(ନିର୍ଦ୍ଦଣ୍ଡ—ଅନ୍ୟରୂପ) ସଂ. ବି – ଶୂଦ୍ର । ଯାହା ଉପରେ ସବୁ ପ୍ରକାର ଦଣ୍ଡ ପ୍ରୟୋଗ କରାଯାଏ)—A Śūdra.

ନିର୍ଦ୍ଦୟ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍=ନାହିଁ+ଦୟା)—
Nirddaya ୧ । ନିଷ୍କରୁଣ—1. Merciless; unkind; unfeeling.
(ନିର୍ଦ୍ଦୟ—ଅନ୍ୟରୂପ)
(ନିର୍ଦ୍ଦୟା—ସ୍ତ୍ରୀ) ୨ । ନିଷ୍ଠୁର; କ୍ରୂର; ହିଂସ୍ର—
(ନିର୍ଦ୍ଦୟତା—ବି) 2. Cruel; hard-hearted.
୩ । କଠୋର—3. Severe; harsh.
ବି—(ପ୍ରାଚୀନପଦ୍ୟ) ନିର୍ଦ୍ଦୟତା; ନିଷ୍ଠୁରତା—
Cruelty; hard heartedness.
ସେହି ହୃଦୟ ଏବେ ହୃଦୟ ନହିଁ ନିର୍ଦ୍ଦୟ ଦାର ।
ଭକ୍ତ. ପ୍ରେମସୁଧାନିଧି ।

ନିର୍ଦ୍ଦୟା(ୟୀ)—ଗ୍ରା. ବିଣ. (ସଂ. ନିର୍ଦ୍ଦୟ)—ନିଷ୍ଠୁର; ଦୟାହୀନ—
Nirddayā(yi) Cruel; merciless.
[ନିର୍ଦ୍ଦୟା(ୟୀ)—ଅନ୍ୟରୂପ] ହା ହା ଦଇବ ରୁ ନିର୍ଦ୍ଦୟା
ନିର୍ଦ୍ଦୟ निर्दयी ମୋର ବଶରେ କଲୁ ମାୟା । ଜଗନ୍ନାଥ, ଭାଗବତ ।

ନିର୍ଦ୍ଦୟାବନ୍ତ—ଗ୍ରା. ବିଣ—ନିର୍ଦ୍ଦୟ (ଦେଖ)
Nirddayābanta Nirddaya (See)
(ନିର୍ଦ୍ଦୟାବନ୍ତ—ଅନ୍ୟରୂପ) ମହାପାପୀ ନିର୍ଦ୍ଦୟାବନ୍ତ ସେ ହୋଇବ ।
କୃଷ୍ଣସିଂହ. ମହାଭାରତ. ଅଦି ।

ନିର୍ଦ୍ଦର—ସଂ.ବିଣ. (ନିର୍=ନାହିଁ+ଦୃ ଧାତୁ=ଆଦର କରିବା+କର୍ମ.ଅ)—
Nirddara ୧ । ନିର୍ଭୟ—1. Fearless.
(ନିର୍ଦ୍ଦର—ଅନ୍ୟରୂପ) ୨ । କଠୋର—2. Harsh.
୩ । ନିର୍ଲଜ୍ଜ—3. Shameless; immodest.
ସଂ. ବି—ନିର୍ଝର; ଝରଣା—Fountain; spring.

ନିର୍ଦ୍ଦଳ—ସଂ. ବିଣ. (ବହୁବ୍ରୀହି; ନିର୍+ଦଳ=ପତ୍ର)—
Nirddaḷa ଦଳ ବା ପତ୍ରରହିତ—
(ନିର୍ଦ୍ଦଳ—ଅନ୍ୟରୂପ) Leafless; petalless.

ନିର୍ଦ୍ଦଶନ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍+ଦଶନ)—
Nirddaśana ଯାହାର ଦାନ୍ତ ବାହାରି ନାହିଁ ବା ପଡ଼ିଯାଇ ଅଛି;
(ନିର୍ଦ୍ଦଶନ—ଅନ୍ୟରୂପ) ଦନ୍ତହୀନ—Toothless.
(ନିର୍ଦ୍ଦଶନା—ସ୍ତ୍ରୀ)

ନିର୍ଦ୍ଦହନ—ସଂ. ବି. (ନିର୍+ଦହ୍ ଧାତୁ+କର୍ତ୍ତୃ. ଅନ)—
Nirddahana ଭଲ୍ଲିଆ (ହ. ଶବ୍ଦସାଗର)—
(ନିର୍ଦ୍ଦହନ—ଅନ୍ୟରୂପ) The marking nut tree.

ନିର୍ଦ୍ଦିଗ୍ଧ—ସଂ. ବିଣ. (ନିର୍+ଦିହ୍ ଧାତୁ+କର୍ମ. ତ)—
Nirddigdha ୧ । ଲେପିତ—1. Anointed.
(ନିର୍ଦ୍ଦିଗ୍ଧ—ଅନ୍ୟରୂପ) ୨ । ବଳବାନ୍—2. Powerful; strong.

ନିର୍ଦ୍ଦିଶ୍ୟମାନ—ସଂ. ବିଣ. (ନିର୍+ଦିଶ୍ ଧାତୁ+କର୍ମ. ଶାନଚ୍)—
Nirddiśyamāna ୧ । ଯାହା ଉଲ୍ଲେଖ କରି ଯାଉଅଛି—
(ନିର୍ଦ୍ଦିଶ୍ୟମାନ—ଅନ୍ୟରୂପ) 1. Which is being mentioned.

୬ । ଆଦିଶ୍ୟମାନ—
2. Under orders; being ordered.

ନିର୍ଦ୍ଦିଷ୍ଟ—ସ. ବିଣ. (ନିର୍ + ଦିଶ୍ ଧାତୁ = ଦେଖାଇବା + କର୍ମ. ତ)—
Nirddishṭa ୧ । ନିଶ୍ଚିତ—1. Certain.
(ନିର୍ଦିଷ୍ଟ—ଅନ୍ୟରୂପ) ୨ । ଅବଧାରିତ—2. Determined;
(ନିର୍ଦ୍ଦିଷ୍ଟତା—ବିଶେଷ୍ୟ) settled; ascertained; fixed upon.
୩ । କଥିତ; ଉଲ୍ଲିଖିତ—3. Aforesaid; mentioned.
୪ । ବର୍ଣ୍ଣିତ—4. Described.
୫ । ପ୍ରଦର୍ଶିତ—5. Pointed out.
୬ । ଉପଦିଷ୍ଟ; ଆଦିଷ୍ଟ—6. Commanded; ordered.

ନିର୍ଦ୍ଦେଶ—ସ. ବି. (ନିର୍ + ଦିଶ୍ ଧାତୁ + ଭାବ. ଅ)—
Nirddesa ୧ । ଆଦେଶ; ଆଜ୍ଞା—1. Command;
(ନିର୍ଦେଶ—ଅନ୍ୟରୂପ) order; mandate.
ନାଥ ବୋଲି ନୃପଙ୍କୁ ବୋଲେ ସେ ନିର୍ଦ୍ଦେଶ । କୃଷ୍ଣସିଂହ. ମହାଭାରତ. ସଭା ।
୨ । ଅବଧାରଣ; ନିରୂପଣ—2. Determination.
୩ । କଥନ—3. Mention; statement.
୪ । ପ୍ରଦର୍ଶନ—4. Exhibition.
୫ । ଉପଦେଶ—5. Advice.
୬ । ଉଲ୍ଲେଖ—6 Reference.
୭ । ବର୍ଣ୍ଣନ—7. Description; narration.
୮ । ସାକ୍ଷ୍ୟ—8. Testimony.
୯ । ନିଯୋଜନ—9 Appointment.
୧୦ । ବେତନ—10. Salary.
୧୧ । ସଂଜ୍ଞା—11. Definition; designation.
୧୨ । (+ କରଣ. ଅ) ନାମ—12. Name.
ବି—ନିର୍ବାସିତ—Exiled; banished.

ନିର୍ଦ୍ଦେଶକ—ସ. ବିଣ. ପୁଂ. (ନିର୍ + ଦିଶ୍ ଧାତୁ + କର୍ତ୍ତୃ. ଅକ)—
Nirddesaka ୧ । ଆଜ୍ଞାପକ—1. Commanding;
(ନିର୍ଦ୍ଦେଶିକା—ସ୍ତ୍ରୀ) ordering.
(ନିର୍ଦେଶକ—ଅନ୍ୟରୂପ) ୨ । ବର୍ଣ୍ଣନକାରୀ—2. Describing.
୩ । ପରିଚାଳକ—3. Guiding; conducting.
୪ । ପ୍ରଦର୍ଶକ—4. Showing.
୫ । ଉପଦେଶକ—5. Instructing.
୬ । ଅବଧାରକ; ନିର୍ଣ୍ଣାୟକ—
6. Ascertaining; settling; determining.
୭ । ଯାହା ବା ଯେ କୌଣସି ପଦାର୍ଥର ସଂଜ୍ଞା ନିର୍ଦ୍ଦେଶ କରେ—
7. Designating; defining.

ନିର୍ଦ୍ଦେଶକାରୀ—ସ. ବିଣ. ପୁଂ.—ଆଜ୍ଞାକାରୀ—
Nirddesakāri Obedient.
(ନିର୍ଦ୍ଦେଶକାରିଣୀ—ସ୍ତ୍ରୀ) (ନିର୍ଦ୍ଦେଶକାରିତା—ବି)

ନିର୍ଦ୍ଦେଶନ—ସ. ବି. (ନିର୍ + ଦିଶ୍. ଧାତୁ + ଭାବ. ଅନ)—
Nirddesana ୧ । ନିର୍ଣ୍ଣୟକରଣ—1. Ascertainment.
(ନିର୍ଦ୍ଦେଶନ—ଅନ୍ୟରୂପ) ୨ । ନିଯୋଗକରଣ—
2. Appointing.
୩ । ବର୍ଣ୍ଣନ—3 Description.
୪ । ଆଦେଶ—4. Command; order.
୫ । କୌଣସି ବିଶେଷ କାର୍ଯ୍ୟ ନିମନ୍ତେ ବିଷୟ ସମ୍ପତ୍ତିକୁ ନିଯୋଜିତ କରିବା—5. Appropriation of property to a particular purpose.

ନିର୍ଦ୍ଦେଶନୀୟ—ସ. ବିଣ. (ନିର୍ + ଦିଶ୍. ଧାତୁ + କର୍ମ. ଅନୀୟ)—
Nirddesaniya ୧ । ବର୍ଣ୍ଣନୀୟ—1. Describable.
(ନିର୍ଦ୍ଦେଶନୀୟ—ଅନ୍ୟରୂପ) ୨ । ପ୍ରମାଣସାଧ୍ୟ—
2. Capable of proof.
୩ । ବ୍ୟାଖ୍ୟେୟ—3. Explicable; explainable.

ନିର୍ଦ୍ଦେଶିବା—ଦେ. (ପଦ୍ୟ) କ୍ରି. (ସ. ନିର୍ଦ୍ଦେଶ)—
Nirdesibā ନିର୍ଦ୍ଦେଶ କରିବା; ପ୍ରଦର୍ଶନ କରିବା—
(ନିର୍ଦ୍ଦେଶିବା—ଅନ୍ୟରୂପ) To point out.
ନିଦେଶୀ ଦେବ ବୈଷ୍ଣବଙ୍କର ଚିହ୍ନ
ନିଦ୍ଦେଶନା ବୋଇଲେ ବାରୁଣୀବିଗେ ଅଙ୍ଗ ନିର୍ଦ୍ଦେଶି ।
ସର୍ବନାଥ. ମହାଯାତ୍ରା

ନିର୍ଦ୍ଦେଶୀ—ସ. ବିଣ. ପୁଂ. (ନିର୍ଦ୍ଦେଶ + ଇନ୍. ୧ମା. ୧ବ)—
Nirddesi ପ୍ରଦର୍ଶକ—One who shows.
(ନିର୍ଦ୍ଦେଶୀ—ଅନ୍ୟରୂପ; ନିର୍ଦ୍ଦେଶିନୀ—ସ୍ତ୍ରୀ)—

ନିର୍ଦ୍ଦେଶ୍ୟ—ସ. ବିଣ. (ନିର୍ + ଦିଶ୍ ଧାତୁ + କର୍ମ. ଯ)—
Nirddesya ୧ । ବର୍ଣ୍ଣନୀୟ—1 Describable.
(ନିର୍ଦ୍ଦେଶ୍ୟ—ଅନ୍ୟରୂପ) ୨ । ନିର୍ଣ୍ଣେୟ—2. Ascertainable.

ନିର୍ଦ୍ଦେଷ୍ଟା—ସ. ବିଣ. ପୁଂ. (ନିର୍ + ଦିଶ୍. ଧାତୁ + କର୍ତ୍ତୃ. ତୃ. ୧ମା.
Nirddeshṭā ୧ବ)—୧ । ନିର୍ଦ୍ଦେଶକ (ଦେଖ)—
(ନିର୍ଦ୍ଦେଷ୍ଟା—ଅନ୍ୟରୂପ) 1. Explaining; showing.
(ନିର୍ଦ୍ଦେଷ୍ଟ୍ରୀ—ସ୍ତ୍ରୀ) ୨ । ଉପଦେଶକ—2. Advising.

ନିର୍ଦ୍ଦୋଷ—ସ. ବିଣ. ପୁଂ (ବହୁବ୍ରୀହି; ନିର୍ + ଦୋଷ)—
Nirddosha ୧ । ଦୋଷହୀନ—1. Faultless; free from
(ନିର୍ଦୋଷ—ଅନ୍ୟରୂପ) blemish or complications.
(ନିର୍ଦ୍ଦୋଷା—ସ୍ତ୍ରୀ) ୨ । ନିରପରାଧ—2 Innocent; guiltless.
(ନିର୍ଦ୍ଦୋଷତା—ବି) ୩ । ବିଶୁଦ୍ଧ—3. Pure.
୪ । ଅନିନ୍ଦ୍ୟ—4 Blameless.
୫ । ଠିକ୍—5. Accurate.
୬ । ସମ୍ପୂର୍ଣ୍ଣ—6. Complete; radical.
ନିଷ୍ପାପ—7. Sinless.
୮ । ରୋଗଶୂନ୍ୟ—8. Free from illness.

ନିର୍ଦ୍ଦୋଷୀ—ଦେ. ବିଣ. (ସ. ନିର୍ଦ୍ଦୋଷ)—୧ । ଦୋଷହୀନ—
Nirddoshi Faultless.
ନିର୍ଦ୍ଦୋଷୀ ୨ । ନିରପରାଧ—2. Innocent; faultless.
ନିର୍ଦୋଷୀ [ଦ୍ର—ଏ ପ୍ରୟୋଗ ଶିଷ୍ଟସମ୍ମତ ନୁହେଁ ।]

ନିର୍ଦ୍ୱନ୍ଦ —ଦେ. ବଣ. (ସ. ନିର୍ଦ୍ୱନ୍ଦ)—୧ । ନିର୍ଦ୍ୱନ୍ଦ୍ୱ (ଦେଖ)—
Nirddwanda 1. Nirddwandwa (See)
(ନିର୍ଦ୍ୱନ୍ଦ—ଅନ୍ୟରୂପ) ୨ । ନିଶ୍ଚିନ୍ତ—
2. Free from care or anxiety.
୩ । ବିବାଦରହିତ—2. Free from dispute.
୪ । ନିଃସନ୍ଦେହ—4. Doubtless.

ନିର୍ଦ୍ୱନ୍ଦ୍ୱ—ସ. ବଣ. (ବହୁବ୍ରୀହି; ନିର୍‌+ଦ୍ୱନ୍ଦ୍ୱ)—
Nirdwandwa ୧ । ଦ୍ୱନ୍ଦ୍ୱ ବା ବିବାଦଶୂନ୍ୟ; ନିର୍ବିବାଦ—
(ନିର୍ଦ୍ୱନ୍ଦ୍ୱ—ଅନ୍ୟରୂପ) 1. Free from troubles; undisputed.
୨ । ଦ୍ୱିତ୍ୱରହିତ—2. Unequable.
୩ । ସୁଖ ଦୁଃଖ ବା ଶୀତୋଷ୍ଣାଦି ପ୍ରତି ମମତାରହିତ—
3 Indifferent in regard to opposite pairs of feelings and sensations.
୪ । ଉଦାସୀନ; ମମତାଶୂନ୍ୟ—4. Indifferent.
୫ । ଈର୍ଷାରହିତ—5. Free from jealousy.
୭ । ବାଧାରହିତ—7. Free from obstacles.

ନିର୍ଧନ—ସ. ବଣ. ପୁଂ (ବହୁବ୍ରୀହି; ନିର୍‌+ଧନ)—୧ । ଧନଶୂନ୍ୟ—
Nirdhana 1. Penniless; without riches.
(ନିର୍ଦ୍ଧନ—ଅନ୍ୟରୂପ) ୨ । ଦରିଦ୍ର—2 Indigent; poor; needy.
[ନିର୍ଧନତା(ତ୍ୱ)—ବି] (ନିର୍ଦ୍ଧନା—ସ୍ତ୍ରୀ)
ବି.—ଜରଦ୍‌ଗବ; ବୃଦ୍ଧ ବୃଷ—An old bull.

ନିର୍ଧାର—ସ. ବି. (ନି+ଧୃ ଧାତୁ+ଭାବ. ଅ)—ନିର୍ଧାରଣ (ଦେଖ)
Nirdhāra Nirdhāraṇa (See)
(ନିର୍ଦ୍ଧାର—ଅନ୍ୟରୂପ)

ନିର୍ଧାରକ—ସ. ବଣ. ପୁଂ (ନିର୍‌+ଧୃ ଧାତୁ+କର୍ତ୍ତୃ. ଅକ)—ନିର୍ଦ୍ଧାରଣ-
Nirdhāraka କାରୀ; ମୀମାଂସକ—Ascertaining; determining; resolving; settling; deciding.
(ନିର୍ଦ୍ଧାରକ—ଅନ୍ୟରୂପ)
(ନିର୍ଦ୍ଧାରକା—ସ୍ତ୍ରୀ)

ନିର୍ଧାରଣ—ସ. ବି. (ନିର୍‌+ଧୃ ଧାତୁ+ଭାବ. ଅନ)—୧ । ନିରୂପଣ;
Nirdhāraṇa ନିର୍ଣ୍ଣୟ—1. Ascertainment.
(ନିର୍ଦ୍ଧାରଣ—ଅନ୍ୟରୂପ) ୨ । ସ୍ଥିରୀକରଣ—2. Determination.
୩ । ସଭା ଆଦିର ସିଦ୍ଧାନ୍ତ—
3. Resolution of a meeting; decision.
୪ । ଅନେକ ବିଷୟରୁ ଗୋଟିଏ ସ୍ଥିର କରିବା—
4 Specification or choice of one out of many.
୫ । ବଇନା ନେବା—
5. Advancing of earnest money.
୬ । ଚୁକ୍ତି—
6. Agreement; contract; covenant.

ନିର୍ଧା(ର୍ଦ୍ଧା)ରଣ ପୁସ୍ତକ—ଦେ. ବି.—ଯେଉଁ ପୁସ୍ତକରେ ସଭାର ନିର୍ଦ୍ଧାରଣ
Nirdhā (rddhā)raṇa pustaka ମାନ ଲିପିବଦ୍ଧ ଥାଏ—
Proceeding-books of a meeting.

ନିର୍ଧା(ର୍ଦ୍ଧା)ରଣୀୟ—ସ. ବଣ.—(ନିର୍‌+ଧୃ ଧାତୁ+କର୍ମ. ଅନୀୟ)—
Nirdhā(rddhā)raṇiya ୧ । ନିରୂପଣୀୟ—
1. Ascertainable.
୨ । ଅନିବାର୍ଯ୍ୟ—2. Unavoidable; irresistible.

ନିର୍ଧା(ର୍ଦ୍ଧା)ରିତ—ସ. ବଣ. (ନିର୍‌+ଧୃ ଧାତୁ+କର୍ମ. ତ)—୧ । ସ୍ଥିରୀକୃତ-
Nirdhā (rddhā)rita 1. Ascertained; confirmed-ratified; fixed.
୨ । ମୀମାଂସିତ—2. Determined; settled; resolved; decided.
୩ । ନିଶ୍ଚିତ—3. Sure; certain.

ନିର୍ଧା(ର୍ଦ୍ଧା)ରିତବ୍ୟ—ସ. ବଣ.—ନିର୍ଦ୍ଧାରଣୀୟ—
Nirdhā (rddhā)ritabya Ascertainable.

ନିର୍ଧାରିବା—ଦେ. (ପଦ୍ୟ) କ୍ରି. (ସ. ନିର୍ଧାରଣ)—ନିର୍ଦ୍ଧାରଣ କରିବା—
Nirdhāribā To ascertain.
ନିର୍ଦ୍ଧାରା ୨ । ସ୍ଥିର କରିବା—To determine to fix.

ନିର୍ଧା(ର୍ଦ୍ଧା)ର୍ଯ୍ୟ—ସ. ବଣ.—(ନିର୍‌+ଧୃ ଧାତୁ+କର୍ମ. ଯ)—୧ । ନିର୍ଣ୍ଣେୟ—
Nirdhā(rddhā)rjya 1. Ascertainable.
୨ । ନିଶ୍ଚିତ—2. Certain; settled.
୩ । ନିଷ୍ପତ୍ତି ଯୋଗ୍ୟ—
3. Capable of being decided.
୪ । ନିର୍ଭୟ କର୍ମକର୍ତ୍ତା—4. Acting fearlessly.
୫ । ଅନଳସ; ପରିଶ୍ରମୀ—5. Industrious.
୬ । ଉଦ୍‌ଯୋଗୀ—6. Active; energetic.
୭ । ଅଟଳ; ଅଭଙ୍ଗନୀୟ—7. Invoilable.
୮ । ନିଶ୍ଚିତ—8. Sure; certain.
୯ । ସାହସୀ—9. Bold (M. W.)
୧୦ । ନିର୍ଭୟ—10. Fearless (M. W.)

ନିର୍ଧୂ(ର୍ଦ୍ଧୂ)ତ—ସ. ବଣ (ନିର୍‌+ଧୂ ଧାତୁ=କମ୍ପିତହେବା+କର୍ତ୍ତୃ.ତ)—
Nirdhū(rddhū)ta ୧ । ବିଧୂନିତ; ବିକମ୍ପିତ—
1. Shaken; agitated.
୨ । ପରିବର୍ଜିତ; ତ୍ୟକ୍ତ—
2. Abandoned; deserted.
୩ । ଦୂରୀକୃତ; ବିଦୂରିତ—3. Removed; cast off.
୪ । ନିରାକୃତ; ବିନଷ୍ଟ—
4 Exterminated; eradicated.
୫ । ବହିଷ୍କୃତ—5. Expelled; removed.
୬ । ଖଣ୍ଡିତ—6. Refuted.
୭ । ବିନଷ୍ଟ—7. Destroyed.
୮ । ବଞ୍ଚିତ—8. Deprived; bereft of (M. W.).
୯ । ଅନୁଭୂତ—9. Sufferd; undergone (M. W.).
ସ. ବି. ପୁଂ—ବନ୍ଧୁମାନଙ୍କଦ୍ୱାରା ପରିତ୍ୟକ୍ତ ବ୍ୟକ୍ତି—A man, abandoned by his relatives and friends (M. W.).

ନିର୍ଧୂ(ର୍ଦ୍ଧୂ)ତ ପାପ—ସ. ବଣ. (ବହୁବ୍ରୀହି; ନିର୍ଧୂତ+ପାପ)—ଯାହାର
Nirdhū(rddhū)ta pāpa ପାପ ଖଣ୍ଡିତ ହୋଇଅଛି—
(ନିର୍ଧୂ[ର୍ଦ୍ଧୂ]ତ କଲ୍ମଷ—ଅନ୍ୟରୂପ) Having one's sins wholly removed.
(ନିର୍ଧୂତପାପା—ସ୍ତ୍ରୀ)

ନିର୍ଧୂ(ର୍ଦ୍ଧୂ)ମ—ସ. ବିଣ. (ବହୁବ୍ରୀହି; ନିର୍+ଧୂମ)—୧ । ଧୂମରହିତ—
Nirdhū(rddhū)ma 1. Smokeless.
ମନେ ହେଲେ ଶଲ୍ୟଙ୍କ ଦେହୁଁ ଶୋଭ
ଭାର୍ଗ ପବାଉର ନିର୍ଧୂମ ଜ୍ୱଳନ ପ୍ରଭା—କୃଷ୍ଣସିଂହ. ମହାଭାରତ. ଶଲ୍ୟ ।
୨ । ନିର୍ମଳ—2. Clear.
୩ । ନିଃଶେଷ—3. Emptied.
୪ । ଶାନ୍ତ—4. Calm.
ଖୁବ ଖୁବ ଦେ. ବିଣ—୧ । ଅତ୍ୟନ୍ତ—1. Excessive
ଶୋଇ ବସି ହୁଇ ଅବାଠିଅ ହୋଇ ନଇ
ନିର୍ଧୂମ ସମ୍ବରେ ଚିନ୍ତ ବଜାଇ ବୋଃ – ଫକୀରମୋହନ. ଉତ୍କଳଭ୍ରମଣ ।
୨ । ବେଦମ୍—2. Breathless.
ବିଣର ବିଣ. ଓ କ୍ରି. ବିଣ—ଅତ୍ୟନ୍ତରୂପେ—Excessively.
(ଯଥା—ନିର୍ଧୂମ ମାଡ଼ୁ ଅଛି ।)

ନିର୍ଧୌ(ର୍ଦ୍ଧୌ)ତ—ସ. ବିଣ. (ନିର୍=ନିଃଶେଷ+ଧୌତ=କ୍ଷାଳିତ)—
Nirdhau(rddhau)ta ୧ । ପ୍ରକ୍ଷାଳିତ—1. Washed off.
୨ । ପାଲିସ କରାଯାଇଥିବା—2. Polished.
୩ । ପରିମାର୍ଜିତ—3. Refined; rectified.
୪ । ପରିଷ୍କୃତ—4. Cleansed.
୫ । ଉଜ୍ଜ୍ୱଳ—5. Bright (M. W.).

ନିର୍ଧ୍ୱଂସ—ସ. ବି. (ନିର୍+ଧ୍ୱନ୍ସ୍ ଧାତୁ+ଭାବ. ଅ)—
Nirdhwamsa ନିଃଶେଷରେ ନାଶ; —Sure ruin.
ଦେ. ବିଣ—ନିଶ୍ଚିତ—Certain.
ଦେବତା ଅସୁର ହେଉ ଅଥବା ମନୁଷ୍ୟ
ଏ ନଷ୍ଟେ ନାଶ ହୋଇଯିବ ଏକଥା ନିର୍ଧ୍ୱଂସ—ପ୍ରାଚୀ. ଶିବସ୍ୱରୋଦୟ ।

ନିର୍ନମସ୍କାର—ସ. ବିଣ. ପୁଂ. (ବହୁବ୍ରୀହି; ନିର୍+ନମସ୍କାର)—
Nirnamaskāra ୧ । ଯେ ଦେବତା ଓ ଗୁରୁ ଆଦିଙ୍କୁ ନମସ୍କାର
(ନିର୍ନମସ୍କାରା—ସ୍ତ୍ରୀ) କରେ ନାହିଁ—1. Offering no homage (to the Gods or elders).
୨ । ଅଭଦ୍ର—
2. Disrespectful; uncourteous (M. W.).
୩ । ଅସମ୍ମାନିତ—3 Unrespected (M. W.)
୪ । ସମସ୍ତଙ୍କଦ୍ୱାରା ଘୃଣିତ—
Despised by all (M. W.).

ନିର୍ନର—ସ. ବିଣ. (ନିର୍+ନର; ବହୁବ୍ରୀହି)—ମନୁଷ୍ୟମାନଙ୍କଦ୍ୱାରା
Nirnara ପରିତ୍ୟକ୍ତ—Abandoned by man; deserted by man.

ନିର୍ନାଥ—ସ. ବିଣ. ପୁଂ. (ବହୁବ୍ରୀହି; ନିର୍+ନାଥ)—ଅନାଥ—
Nirnātha Without protector or guard; without master.
(ନିର୍ନାଥା—ସ୍ତ୍ରୀ) (ନିର୍ନାଥତା—ବି)

ନିର୍ନାଥତା—ସ. ବି—୧ । ବୈଧବ୍ୟ ଦଶା—
Nirnāthatā 1. Widowhood.
୨ । ଅସ୍ୱାମିକ ଅବସ୍ଥା—
2. The state of being masterless.
୩ । ପିତୃମାତୃହୀନତା; ଛେଉଣ୍ଡପଣ—
3. Orphanage (Apte).

ନିର୍ନାଭି—ସ. ବିଣ. (ନିର୍+ନାଭି; ବହୁବ୍ରୀହି)—ଯେଉଁ ପିନ୍ଧା ଲୁଗା
Nirnābhi ନାଭି ପର୍ଯ୍ୟନ୍ତ ପିନ୍ଧା ଯାଇ ନାହିଁ—(a cloth) Not reaching to the navel (M. W.).

ନିର୍ନାମ—ସ. ବିଣ (ବହୁବ୍ରୀହି; ନିର୍+ନାମନ୍ —
Nirnāma ୧ । ନାମହୀନ—1. Nameless.
୨ । ସମ୍ମାନହୀନ—2. Without honour.
୩ । ଅପ୍ରସିଦ୍ଧ—3. Unreputed.
୪ । ସାମାନ୍ୟ; କ୍ଷୁଦ୍ର—4. Insignificant

ନିର୍ନାୟକ—ସ. ବିଣ (ବହୁବ୍ରୀହି; ନିର୍+ନାୟକ)—୧ । ନେତାହୀନ—
Nirnāyaka 1. Having no leader.
(ନିର୍ନାୟିକା—ସ୍ତ୍ରୀ) [ନିର୍ନାୟକତା(ତ୍ୱ)—ବି] ୨ । ଅରାଜକ—
2. Anarchic (M. W.)

ନିର୍ନିଦ୍ର—ସ. ବିଣ. ପୁଂ (ବହୁବ୍ରୀହି; ନିର୍+ନିଦ୍ରା)—ଉନ୍ନିଦ୍ର—
Nirnidra Sleepless; wakeful.
(ନିର୍ନିଦ୍ରା—ସ୍ତ୍ରୀ) [ନିର୍ନିଦ୍ରତା(ତ୍ୱ)—ବି]

ନିର୍ନିମିତ୍ତ—ସ. ବିଣ (ବହୁବ୍ରୀହି; ନିର୍+ନିମିତ୍ତ)—
Nirnimitta ୧ । ଅକାରଣ; ହେତୁଶୂନ୍ୟ—1. Causeless
୨ । ନିରର୍ଥକ—2. Useless.
୩ । ଆକସ୍ମିକ; ଅପ୍ରତ୍ୟାଶିତ—3. Unexpected; produced without a visible cause.
୪ । ନିଃସ୍ୱାର୍ଥ—4. Having no egoistic motive; disinterested (M. W.)

ନିର୍ନିମେଷ—ସ. ବିଣ (ବହୁବ୍ରୀହି; ନିର୍+ନିମେଷ)—
Nirnimesha ୧ । ନିମେଷଶୂନ୍ୟ; ପଲକହୀନ (ଦୃଷ୍ଟି)—
(ନିର୍ନିମେଷା—ସ୍ତ୍ରୀ) 1. Winkless; staring; with a fixed gaze.
[ନିର୍ନିମେଷତା(ତ୍ୱ)—ବି]
୨ । ଯେ ଚକ୍ଷୁ ବୁଜେ ନାହିଁ—
2. Not closing the eyes.

ନିର୍ନିମେଷ ଲୋଚନ—ସ. ବିଣ. ପୁଂ (ବହୁବ୍ରୀହି; ନିର୍ନିମେଷ+ଲୋଚନ
Nirnimesha lochana ଯାହାର)—ଯାହାର ପଲକ ପଡ଼େନାହିଁ;
(ନିର୍ନିମେଷଲୋଚନା—ସ୍ତ୍ରୀ) ଆଖିପଲକ ନ ପକାଇ ଚାହିଁବା ବ୍ୟକ୍ତି—
With a fixed gaze; one who does not wink.
ବି—୧ । (କର୍ମଧା) ଅନିମେଷ ଦୃଷ୍ଟି—1. Fixed gaze.
୨ । (ବହୁବ୍ରୀହି) ଦେବତା—2 The Gods.

ନିର୍ବଂଶ—ସ. ବିଣ. ପୁଂ (ବହୁବ୍ରୀହି; ନିର୍+ବଂଶ)—
Nirbamsa ୧ । ବଂଶହୀନ—1 Leaving no progeny; without posterity.
(ନିର୍ବଂଶା—ସ୍ତ୍ରୀ)
[ନିର୍ବଂଶତା(ତ୍ୱ)—ବି] ୨ । ନିଃସନ୍ତାନ; ଯାହାର କେହି ବଂଶଧର ନ ଥାଏ—2. Issueless; childless.

ନିର୍ବଂଶ ଯିବା—ଦେ. କ୍ରି (ଗାଳିରେ ବ୍ୟବହୃତ)—
Nirbamsa jibā ବଂଶହୀନ ହେବା—To leave no issue.

নির্বংশ যাওয়া to become extinct in progeney.
নির্বংশ হানা (ନିର୍ବଂଶ ହେବା—ଅନ୍ୟରୂପ)

ନିର୍ବଂଶିଆ—ଦେ. ବିଣ. ପୁଂ. (ଗାଳରେ ବ୍ୟବହୃତ; ସଂ. ନିର୍ବଂଶ)—
Nirbamsia ନିର୍ବଂଶ (ଦେଖ)—Nirbamsa (See)
নির্বংশে (ନିର୍ବଂଶୀ—ସ୍ତ୍ରୀ)

ନିର୍ବକ୍ତବ୍ୟ—ସଂ. ବିଣ. (ନିର୍+ବକ୍ତବ୍ୟ)—ଯାହା ବ୍ୟାଖ୍ୟାତ ହେବ—
Nirbaktabya To be interpereted or explained (M. W).

ନିର୍ବ(ର୍ବ୍ବ)ଚନ ସଂ. ବି. (ନିର୍=ନିଶ୍ଚୟ+ବଚନ=ବାକ୍ୟ)—
Nirba(rbba)chana ୧ । କଥନ—
1. Speaking out; utterance; pronouncement.
୨ । ନିଶ୍ଚୟ ବାକ୍ୟ—2. Sure promise.
୩ । ମୀମାଂସା—3. Settlement; decision.
୪ । ନିରୂପଣ—4. Ascertainment.
୫ । ବ୍ୟାଖ୍ୟା—5 Explanation; interpretation.
୬ । ପ୍ରବଚନ; ଆପ୍ତବାକ୍ୟ—
6. Proverb; a saying; adage.
୭ । ଶବ୍ଦ ବ୍ୟୁତ୍ପତ୍ତି ବିଦ୍ୟା—
7. Etymology (M. W).
(ନିର୍ବଚନା - ସ୍ତ୍ରୀ) ସଂ. ବିଣ—୧ । ନିର୍ବାକ୍; ମୌନ—
1. Speechless; silent.
୨ । ଅନିନ୍ଦ୍ୟ—2. Blameless; unobjectionable.

ନିର୍ବଚନୀୟ—ସଂ. ବିଣ. (ନିର୍+ବଚ୍ ଧାତୁ+କର୍ମ. ଅନୀୟ)—
Nirbachaniya ୧ । ଯାହା ବାକ୍ୟରେ ପ୍ରକାଶ କରାଯାଇ ନ (ନିର୍ବାଚ୍ୟ—ଅନ୍ୟରୂପ) ପାରେ—1. Not capable of being expressed or described; inexpressible; indescribable.
[ଦ୍ର—ନିର୍ବଚନୀୟ ଓ ଅନିର୍ବଚନୀୟର ଏକ ଅର୍ଥ ।]
୨ । ଯାହା ବ୍ୟାଖ୍ୟାତ ହେବ—
2. To be explained (M. W).

ନିର୍ବ(ର୍ବ୍ବ)ନ୍ଧ—ସଂ. ବି. (ନିର୍+ବନ୍ଧ ଧାତୁ=ବାନ୍ଧିବା+ଭାବ. ଅ)
Nirba(rbba)ndha ୧ । ଆଗ୍ରହ; ଔତ୍ସୁକ୍ୟ; ବ୍ୟଗ୍ରତା—
1. Eagerness; zeal.

ବ୍ରାହ୍ମଣ କୁଳରେ ସ ଉତ ଦଶରେ
ମାତ ବହୁରେ ଗୁହ୍ୟ ନିର୍ବନ୍ଧରେ—କୃଷ୍ଣସିଂହ, ମହାଭାରତ, ଶାନ୍ତି ।

୨ । ଅତିଶୟ ଅନୁରୋଧ; ଅତିଶୟ ପ୍ରାର୍ଥନା—2. Importunity; pressing request; pertinacity.
୩ । ବ୍ୟବସ୍ଥା; ବିଧାନ—
3. Arrangement; settlement.
୪ । ଅଭିନିବେଶ—4. Close attention; devotion; tenacity of purpose; pertinacity in the pursuit of an object.
୫ । ଜିଦ୍; ଜିଗର -5 Zid.
୬ । ଚତ୍ତୋଦ୍ଭବ ଅକସ୍ମାତ୍ ବାସନା; ଖାମଖିଆଲ—
6. Whim; caprice.
୭ । ବାଧ୍ୟତା—7. Obligation
୮ । ଦାସତ୍ୱ—3. Slavery; bondage.
୯ । କାରାବନ୍ଧନ—
6. Imprisonment; confinement.
୧୦ । ନିଶ୍ଚୟ—10. Certainty.
୧୧ । ସଂଯୋଗ; ଘଟନା—
11. Conjunction; occurrence.
୧୨ । ଅଟକ—12. Restraint.
ଦେ. ବି—୧ । ବରକନ୍ୟା ବିବାହ ସମ୍ବନ୍ଧରେ ଉଭୟ ପକ୍ଷର କର୍ତ୍ତାମାନଙ୍କ ମଧ୍ୟରେ ବାଗ୍ଦାନ—
1. Marriage engagement; betrothal (between the guardians of the bride and the bridegroom elect); engagement for marriage.

ଉତ୍ତର ଫାଲଗୁନୀ ନକ୍ଷତ୍ର ଯେଉଁ ଦିନ
ସେ ଦିନକୁ ନିର୍ବନ୍ଧ କଲେ ତପୋଧନ—କୃଷ୍ଣସିଂହ, ମହାଭାରତ, ଅଦି ।

୨ । ବନ୍ଧନ—2. Bond; binding.

ରୁଧିର ମାଂସ ମଜ୍ଜା ଅଛ
ଶିର ନିର୍ବନ୍ଧ ମଧ୍ୟେ ସ୍ଥିତ—ଜଗନ୍ନାଥ, ଭାଗବତ ।

ବିଣ—(ସଂ. ନିର୍ବନ୍ଧ) ବନ୍ଦୀ—Confined.

ଗୋବୁ ଗର୍ଭର ଅନ୍ଧକୂପେ
ନିର୍ବନ୍ଧ ଗୃହ ଅନ୍ଧକୂପେ—ଜଗନ୍ନାଥ, ଭାଗବତ ।

ନିର୍ବ(ର୍ବ୍ବ)ନ୍ଧନ—ସଂ. ବି. (ନିର୍+ବନ୍ଧ୍ ଧାତୁ+ଭାବ. ଅନ)—
Nirba(rbba)ndhana ୧ । ପ୍ରତିବନ୍ଧକଦ୍ୱାରା ବନ୍ଧକରଣ; ଅଟକାଇବା—1. Restraining; obstructing.
୨ । ଅଭିପ୍ରାୟ—2. Intention.
୩ । ନିୟମ—3. Rule; maxim.
୪ । ଦାସ୍ୟ—4. Servitude.
୫ । ଦାସତ୍ୱ—5. Slavery.

ନିର୍ବ(ର୍ବ୍ବ)ନ୍ଧାତିଶଯ୍ୟ—ସଂ. ବି. (୬ଷ୍ଠୀ ତତ୍; ନିର୍ବନ୍ଧ+ଅତିଶଯ୍ୟ)—
Nirba(rbba)ndhātisajya ଅତ୍ୟନ୍ତ ଜିଗର; ପ୍ରାର୍ଥନାତିଶଯ୍ୟ—Pressure; importunity; pressing request.

ନିର୍ବ(ର୍ବ୍ବ)ନ୍ଧିତ—ସଂ. ବିଣ. (ନିର୍ବନ୍ଧ+ସଞ୍ଜାତାର୍ଥେ. ଇତ)—
Nirba(rbba)ndhita ୧ । ସନିର୍ବନ୍ଧ—
1. Importune; pertinacious.
୨ । ନିଶ୍ଚିତ—2. Certain.
୩ । ନିୟମିତ—3. Regular.

ନିର୍ବ(ର୍ବ୍ବ)ପଣ(ନ)—ସଂ. ବି. (ନିର୍+ବପ ଧାତୁ=ଦାନ କରିବା+ଭାବ. ଅନ)—୧ । ଦାନ—
Nirba(rbba)paṇa(na)
1. Giving; donation.
୨ । ଅନ୍ନାଦି ପରିବେଷଣ—2. Serving of food.
୩ । ଶ୍ରାଦ୍ଧରେ ପିଣ୍ଡାଦି ଦାନ—3. Offering of cooked rice balls to the manes of the deceased ancestors.

ନିର୍ବର—ସ. ବଣ. ପୁଂ. (ନିର୍ + ବର)—୧ । ନିର୍ଲଜ୍ଜ (ବ୍ର. ଶ.)—
Nirbara 1. Shameless.
(ନିର୍ବରା—ସ୍ତ୍ରୀ) ୨ । ନିର୍ଭୟ (ବ୍ର. ଶ.)—2 Fearless.

ନିର୍ବ(ର୍ବ)ର୍ଣ୍ଣନ—ସ. ବ. (ନିର୍ + ବର୍ଣ୍ଣନ)—ଦର୍ଶନ—
Nirba(rbba)rṇṇana Act of seeing.

ନିର୍ବ(ର୍ବ)ର୍ତ୍ତକ—ସ. ବଣ. (ନିର୍ + ବୃତ୍ ଧାତୁ + କର୍ତ୍ତୃ. ଅକ)—
Nirba(rbba)rttaka ନିର୍ବାହକ; ସମ୍ପାଦନକର୍ତ୍ତା—
Accomplishing.

ନିର୍ବର୍ତ୍ତନ—ସ. ବ. (ନିର୍ + ବୃତ୍ ଧାତୁ + ଭାବ. ଅନ)—
Nirbarttana ସମ୍ପାଦନ; ନିଷ୍ପାଦନ—Accomplishment.

ନିର୍ବର୍ତ୍ତିତ—ସ. ବଣ. (ନିର୍ + ବୃତ୍ ଧାତୁ ଣିଚ୍ = ବର୍ତ୍ତି ଧାତୁ + କର୍ମ. ତ)—
Nirbarttita ସମ୍ପାଦିତ; ନିଷ୍ପାଦିତ—Accomplished.

ନିର୍ବର୍ଷ—ସ. ବଣ. (ବହୁବ୍ରୀହି; ନିର୍ + ବର୍ଷ = ବୃଷ୍ଟି)—
Nirbarsha ବୃଷ୍ଟିହୀନ—Rainless.

ନିର୍ବର୍ହଣ—ସ. ବ. (ନିର୍ + ବର୍ହ ଧାତୁ = ହିଂସା କରିବା + ଭାବ. ଅନ)—
Nirbarhaṇa ୧ । ମାରଣ—1 Killing; slaughter.
୨ । ସମାପ୍ତି—2. Completion.

ନିର୍ବ(ର୍ବ)ଳ—ସ. ବଣ. (ବହୁବ୍ରୀହି; ନିର୍ + ବଳ)—୧ । ବଳହୀନ—
Nirba(rbba)ḷa 1 Powerless; impotent.
(ନିର୍ବଳା—ସ୍ତ୍ରୀ) [ନିର୍ବଳତା(ତ୍ୱ)—ବ]
୨ । ଦୁର୍ବଳ—2 Weak; feeble.
୩ । କ୍ଷୀଣ—3. Emaciated.
୪ । ନିସ୍ତେଜ—4. Vigourless.
୫ । ଅସହାୟ—5. Helpless.

ନିର୍ବଳୁଆ—ଦେ. ବଣ. (ସ. ନିର୍ବଳ)—ଦୁର୍ବଳ—
Nirbaḷuā Powerless; weak; impotent.
निर्बल निबल
(ନିର୍ବଳଆ—ଅନ୍ୟରୂପ) [ନିର୍ବଳେ(ଳୋ)ଇ—ସ୍ତ୍ରୀ]

ନିର୍ବ(ର୍ବ)ହଣ(ନ)—ସ. ବ. (ନିର୍ + ବହ୍ ଧାତୁ + ଭାବ. ଅନ)—
Nirba(rbba)haṇa(na) ୧ । ହିଂସା; ମାରଣ (ଗାଉଲି)—
1. Killing; slaughter.
୨ । ନିର୍ବାହ (ବ୍ର. ଶ.)—2. Carrying on.
୩ । ସମାପ୍ତି (ବ୍ର. ଶ.)—3. Completion;
accomplishment.
୪ । ନାଟକାଦିର ସମାପ୍ତି (ପ୍ରକୃତିବାଦ)—
4. The end of a drama.

ନିର୍ବା(ର୍ବା)କ୍—ସ. ବଣ. ପୁଂଓସ୍ତ୍ରୀ (ବହୁବ୍ରୀହି; ନିର୍ + ବାକ୍; ୧ମା. ୧ବ)—
Nirbā(rbbā)k ବାକ୍ୟ ଶୂନ୍ୟ; ତୁନି—Silent; speechless.
ଦେଖିଲେ ସେ ଜନ ନିର୍ବାକ । ଉତ୍ତ, ବୈଦେହୀଶବିଳାସ ।

ନିର୍ବା(ର୍ବା)କ୍ୟ—ସ. ବଣ. ପୁଂ. (ବହୁବ୍ରୀହି; ନିର୍ + ବାକ୍ୟ)—
Nirbā(rbbā)kya ବାକ୍ଶକ୍ତିରହିତ; ମୂକ (ବ୍ର. ଶ.)—
(ନିର୍ବାକ୍ୟା - ସ୍ତ୍ରୀ) (ନିର୍ବାକ୍ୟତା—ବ) Dumb.

ନିର୍ବା(ର୍ବା)ଚନ—ସ. ବ. (ନିର୍ + ବଚ୍ ଧାତୁ ଣିଚ୍ ବାଚ ଧାତୁ =
Nirbā(rbbā)chana ବୋଲାଇବା + ଭାବ. ଅନ)—
୧ । ନିର୍ଦ୍ଧାରଣ; ସ୍ଥିରୀକରଣ—1. Determination.
୨ । ଅନେକଙ୍କ ମଧ୍ୟରୁ ବାଛି ବାହାର କରିବା—
2. Selection from amongst many; picking out; choice; election.

ନିର୍ବା(ର୍ବା)ଚିତ—ସ. ବଣ. (ନିର୍ + ବାଚ ଧାତୁ + କର୍ମ. ତ)—
Nirbā(rbbā)chita ସ୍ଥିରୀକୃତ; ବଛା ଯାଇଥିବା—
(ନିର୍ବାଚିତା—ସ୍ତ୍ରୀ) Selected; elected; appointed.

ନିର୍ବା(ର୍ବା)ଚ୍ୟ—ସ. ବ. (ନିର୍ + ବାଚ ଧାତୁ + କର୍ମ. ଯ)—
Nirbā(rbbā)chya ୧ । ନିରୂପଣୀୟ—1. Ascertainable.
(ନିର୍ବାଚ୍ୟା—ସ୍ତ୍ରୀ) ୨ । ବ୍ୟାଖ୍ୟେୟ—2. Explainable.
୩ । ଅନିନ୍ଦନୀୟ—3. Unblamable.
୪ । ଅକଥ୍ୟ—4. Improper to be said.
୫ । ଅନିର୍ବଚନୀୟ—5 Unspeakable.
୬ । ନିର୍ବାଚିତ ହେବା ଯୋଗ୍ୟ—
6 Fit to be selected.
୭ । ନିର୍ବଚନୀୟ (ଦେଖ)—Nirbachaniya (See)

ନିର୍ବା(ର୍ବା)ଣ—ସ. ବ. (ନିର୍ + ବା ଧାତୁ = ନାଶ କରିବା + ଭାବ. ତ)—
Nirbā(rbbā)ṇa ୧ । ଉଚ୍ଛେଦ; ବିନାଶ—
1. Extinction; annihilation.
୨ । ଭବ ସନ୍ତାପରୁ ନିଷ୍କୃତି ଲାଭ—2. Emancipation from the material existence.
୩ । ମୁକ୍ତି; ମୋକ୍ଷ—3. Salvation; liberation; final beatitude.
୪ । ଶାନ୍ତି—4. Quetitude; peace.
୫ । ବିଶ୍ରାମ—5. Rest; repose.
୬ । ସମାପ୍ତି—
6. Completion; finish; the end.
୭ । ହସ୍ତୀର ସ୍ନାନ—
7. The bathing of an elephant.
୮ । ମୃତ୍ୟୁ—8. Death; dissolution.
୯ । ମିଳନ—9. Union.
୧୦ । ଜୀବାତ୍ମାର ପରମାତ୍ମାରେ ମିଳନ—
10 Absorption of the individual soul with the Universal Soul (God).
୧୧ । ସଙ୍ଗମ—11. Association; confluence.
୧୨ । ମିଶ୍ରଣ—12. Blending; absorption.
୧୩ । ପ୍ରସ୍ଥାନ—13. Departure.
୧୪ । ନିଭିଯିବା—14. Extinction (of a light).
୧୫ । (ଜ୍ୟୋତିଷ୍କଙ୍କର) ଅସ୍ତଗମନ—
15. Setting down (of luminaries).
୧୬ । ଅଦୃଶ୍ୟ ହେବା—16. Disappearance.
୧୭ । ଉପଦେଶୋପଦେଶନ—17. Instruction.
୧୮ । ନିରସ୍ତ ହେବା—18. Desisting; cessation.
୧୯ । ଶୂନ୍ୟତା—11. Vacuity; space; vacum.

ଦେ. ବି. (ସଂ. ନିର୍ମାଣ)—ନିର୍ମାଣ—
Formation; making.

ପାତେର କାଙ୍ଗାଲୁ ନିର୍ବାଣ । ଗଣୋଶଚନ୍ଦ୍ର, ପ୍ରେମଭକ୍ତି ଗୀତା ।

ସଂ. ବିଣ (+କର୍ତ୍ତୃ. ତ)—୧ । ମୁକ୍ତ; ମୋକ୍ଷପ୍ରାପ୍ତ—
1. Liberated; emancipated.
୨ । ନିଶ୍ଚଳ—2. Fixed; still; stationary.
୩ । ନିର୍ବାପିତ; ନିଭି ଯାଇଥିବା—
3. Extinguished; blown out.

ନିର୍ବାଣର ମଝଣ୍ଡେ ଯେ ଅଗାଧ ଜଳ ।
ଅଗ୍ନି ନିର୍ବାଣ ହୋଇଲ ନାହିଁ ପାର ବଳ ହେ । ବିଶ୍ୱନାଥ, ବିଚିତ୍ରରାମାୟଣ ।

୪ । ପ୍ରଶାନ୍ତ—4. Appeased; reposed.
୫ । ନିର୍ବୃତ୍ତ; ସନ୍ତୁଷ୍ଟ—5. Contented; satisfied.
୬ । (ନିର୍+ବାଣ) ଯାହାର ବାଣ ସରଯାଇଅଛି—
6. With the arrows exhausted.
୭ । ପ୍ରସ୍ଥିତ—7. Gone; departed.
୮ । ମୃତ—8. Defunct; dead.
୯ । ବିଲୁପ୍ତ—9. Extinct; annihilated.
୧୦ । ଅବସନ୍ନ—10. Worn out.
୧୧ । ନିବୃତ୍ତ—11. Stopped; ceased.
୧୨ । ଅସ୍ତଗତ—12. Set down.
୧୩ । ନଷ୍ଟ—13. Spoiled.
୧୪ । ନିମଗ୍ନ—14. Immersed.

ନିର୍ବାଣ ଭୂୟିଷ୍ଠ—ସଂ. ବିଣ.—ନିର୍ବାଣୋନ୍ମୁଖ (ଦେଖ)
Nirbāṇa bhuyishṭha Nirbāṇonmukha (See).

ନିର୍ବାଣ ମଣ୍ଡପ—ସଂ. ବି.—କାଶୀସ୍ଥିତ ମୁକ୍ତିମଣ୍ଡପ ନାମକ ତୀର୍ଥ—
Nirbāṇa maṇḍapa Name of a holy platform or shrine at Benares.

ନିର୍ବାଣୀ—ସଂ. ବିଣ. (ବହୁବ୍ରୀହି; ନିର୍=ନାହିଁ+ବାଣୀ=ବାକ୍ୟ)—
Nirbāṇi ବାକ୍ୟହୀନ; ମୌନ—Silent; speechless.
ସଂ. ବି.—ଜୈନମାନଙ୍କର ଦେବତାବିଶେଷ—
Name of a Jaina Deity.
ଦେ. ବି.—ସନ୍ନ୍ୟାସୀ ବା ବୈରାଗୀମାନଙ୍କ ଶାଖାବିଶେଷ—
A sect of anchorites.

ନିର୍ବାଣୋନ୍ମୁଖ—ସଂ. ବିଣ.—ନିର୍ବାଣପ୍ରାୟ; ଯାହା ନିଭ ଗଲା ପରି
Nirbāṇonmukha ହୋଇଅଛି—About to be extinguished.

ନିର୍ବା(ର୍ବ୍ବା)ତ—ସଂ. ବିଣ. (ବହୁବ୍ରୀହି; ନିର୍+ବାତ)—୧ । ବାୟୁଶୂନ୍ୟ—
Nirbā(rbbā)ta 1. Windless.
୨ । ପବନ ଆଢୁଆଳରେ ଥିବା—
2. Sheltered from wind.
୩ । ଅଚଞ୍ଚଳ; ସ୍ଥିର—3. Calm; still.
୪ । ନିଭ ଯାଇଥିବା—4. Blown out.

ନିର୍ବା(ର୍ବ୍ବା)ଦ—ସଂ. ବି. (ନିର୍+ବାଦ=କଥା)—୧ । ଅପବାଦ; ନିନ୍ଦା—
Nirbā(rbbā)da 1. Accusation; slander; blame.
୨ । ତିରସ୍କାର—2. Reproach.
୩ । ଅବଜ୍ଞା; ଅନାଦର—
3 Contempt; slight; disregard
୪ । ଜନରବ—4. Rumour.
୫ । ପରମ୍ପରାଗତ ଜନଶ୍ରୁତି—5 Tradition.
୬ । ନିଶ୍ଚିତ ବାଦ—6. Affirmation.
୭ । ବିବାଦ; କଳହ—7. Dispute; quarrel.
୮ । ନିର୍ବିବାଦ; ଅବିରୋଧ—
8. Absence of dispute or opposition.
୯ । (ଅବ୍ୟୟୀଭାବ)—ବାଦାଭାବ—Want of dispute.
ବିଣ.—(ବହୁବ୍ରୀହି) ବିବାଦଶୂନ୍ୟ—Undisputed.

ନିର୍ବା(ର୍ବ୍ବା)ଧ—ସଂ. ବିଣ. (ବହୁବ୍ରୀହି; ନିର୍+ବାଧା)—୧ । ଅବାଧ;
Nirbā(rbbā)dha ବାଧାହୀନ—1. Undisturbed; without obstacles; unobstructed; unfettered; without hindrance.
(ନିର୍ବାଧତା—ବି)
୨ । ସ୍ୱାଧୀନ—2. Free; independent.

ନିର୍ବା(ର୍ବ୍ବା)ପ—ସଂ. ବି. (ନିର୍+ବପ୍ ଧାତୁ=ବୁଣିବା; ଦାନ କରିବା+
Nirbā(rbbā)pa ଭାବ. ଅ)—୧ । ନିବାପ; ମୃତ ବ୍ୟକ୍ତିର ଉଦ୍ଦେଶ୍ୟରେ ଦାନ—1. Offerings to one's dead ancestors; funeral gifts; oblation.
୨ । ଦାନ—2. Gift.
୩ । ନିଭାଇ ଦେବା—
3. Extinguishing (of a light).
୪ । ବିନାଶ; ବଧ—
4 Killing; murder; slaughter.
୫ । ଶାନ୍ତ କରାଇବା—5. Satiating; allaying.
୬ । ବିନାଶନ—6. Destruction.
୭ । ସୁଖୀ କରିବା—
7. Satisfying; making happy.

ନିର୍ବା(ର୍ବ୍ବା)ପକ—ସଂ. ବିଣ. ପୁଂ (ନିର୍+ବପ୍ ଧାତୁ+କର୍ତ୍ତୃ. ଅକ)—
Nirbā(rbbā)paka ୧ । ବିନାଶକ—1. Destroying.
(ନିର୍ବାପିକା—ସ୍ତ୍ରୀ) ୨ । ହନ୍ତା—2. Killing; murdering.
୩ । ଯେ ନିଭାଇ ଦିଏ—3. Extinguishing

ନିର୍ବାପକ ଘଣ୍ଟା—ଦେ. ବି. (ଆଧୁନିକ ବ୍ୟବହାର)—ଘରୁ ଅଗ୍ନି ନିଭାଇବା
Nirbāpakaghaṇṭā ପାଇଁ ପ୍ରାଚୀନ କାଳରେ ଇଂଲଣ୍ଡରେ ବାଜୁଥିବା ଘଣ୍ଟା—The curfew bell of old England.

ନିତ୍ୟ ଅବସାନେ ଅଗତ ରଜନୀ,
ନିର୍ବାପକ ଘଣ୍ଟା ବାଜଇ ଏକଣି । ଅନନ୍ତପଟ୍ଟନାୟକ, ଶେଷବେଳା ।

[ଦ୍ର—ପୂର୍ବେ ଇଂଲଣ୍ଡରେ ବହୁତ ଘରପୋଡ଼ ହେଉଥିଲା । ଇଂଲଣ୍ଡର ପ୍ରସିଦ୍ଧ ରାଜା ପ୍ରଥମ ୱିଲିୟାମ୍ ଏହି ଗୃହଦାହ ନିବାରଣାର୍ଥ ଆଜ୍ଞା ପ୍ରଚାର କରଥିଲେ ଯେ ସନ୍ଧ୍ୟା ୮ ଘଣ୍ଟା ବେଳେ ପ୍ରତ୍ୟେକ ଗୃହରେ ନିଆଁ ଓ ଆଲୁଅ ନିଭାଇବାକୁ ହେବ । ଏଥିପାଇଁ ବଡ଼ ବଡ଼ ସହରରେ ସନ୍ଧ୍ୟା ୮ଟା ବାଜିଲାକ୍ଷଣି ରାଜକର୍ମଚାରୀମାନେ ଗୋଟିଏ ଘଣ୍ଟା ବଜାଉଥିଲେ । ଏହି ଘଣ୍ଟା ଶୁଣି ଗୃହସ୍ଥମାନେ

ଆପଣା ଆପଣା ଘରର ନିଆଁ ନିଭାଇ ଦେଉଥିଲେ । ଯେ ଏହି ନିୟମ ଭଙ୍ଗ କରୁଥିଲେ ତାଙ୍କୁ ରାଜଦଣ୍ଡ ଭୋଗିବାକୁ ହେଉଥିଲା ।]

ନିର୍ବା(ର୍ବ୍ବା)ପଣ—ସଂ. ବି.—(ନିର୍+ବାପି ଧାତୁ ଗମନ କରିବା+ଭାବ. Nirbā (rbbā)paṇa ଅନ)—ନିର୍ବାପ (ଦେଖ)—Nirbāpa (See)

ନିର୍ବା(ର୍ବ୍ବା)ପିତ—ସଂ. ବିଣ. (ନିର୍+ବପ୍ ଧାତୁ ଣିଚ୍. ବାପି ଧାତୁ+କର୍ମ.ତ) Nirbā (rbbā)pita ୧ । ନାଶିତ—1. Destroyed.
୨ । ନିହତ—2. Killed; slaughtered.
୩ । ଦତ୍ତ—3. Given up; offered.
୪ । ଲିଭାଇ ଦିଆ ଯାଇଥିବା—
4. Extinguished; put out.
୫ । ପ୍ରଶମିତ—5. Cooled; allayed; alleviated.

ନିର୍ବା(ର୍ବ୍ବା)ର୍ଯ୍ୟ—ସଂ. ବିଣ. (ନିର୍+ବୃ ଧାତୁ+କର୍ମ. ଯ)—୧ । ନିଃଶଙ୍କ— Nirbā (rbbā rjya 1. Fearless.
୨ । ଦୁଃସାହସୀ—2. Fool hardy.

ନିର୍ବାଳ—ସଂ. ବିଣ. (ବହୁବ୍ରୀହି; ନିର୍+ବାଳ)—ବାଳ ବା ଲୋମଶୂନ୍ୟ— Nirbāḷa Hairless; woolless.
ମେଣ୍ଢା ଧୋଇ ଧୋଇ ନିର୍ବାଳ—ଭଣ ।

ନି(ର୍ବ୍ବା)ବାସ—ସଂ. ବି. (ନିର୍+ବସ୍ ଧାତୁ=ବାସ କରିବା+ଅ)— Nirbā(rbbā)sa ୧ । ଦୂରୀକରଣ—1. Expulsion; exile.
୨ । ନିର୍ବାସନ; ଦେଶାନ୍ତରୀକରଣ—2. Exile.
୩ । ପ୍ରବାସ; ବିଦେଶବାସ—3. Sojourn.

ନିର୍ବା(ର୍ବ୍ବା)ସକ—ସଂ. ବିଣ. ପୁଂ; (ନିର୍+ବସ୍. ଧାତୁ ଣିଚ୍. ବାସି. ଧାତୁ Nirbā(rbbā)saka =ବାସ କରାଇବା+କର୍ତ୍ତୃ. ଅକ)— (ନିର୍ବାସିକା—ସ୍ତ୍ରୀ) ନିର୍ବାସନକାରୀ—Exiling; banishing.

ନିର୍ବା(ର୍ବ୍ବା)ସନ—ସଂ. ବି. (ନିର୍+ବାସି. ଧାତୁ+ଭାବ. ଅନ)— Nirbā(rbbā)sana ୧ । ଦେଶାନ୍ତରୀକରଣ—1. Banishment; expulsion from one's country.
୨ । ଅପରାଧୀର ଦଣ୍ଡସ୍ୱରୂପ ସ୍ୱଦେଶରୁ ବିତାଡ଼ନ—
2. Expatriation; exile; transportation of an offender.
୩ । ବଧ—3. Slaughter.
୪ । ତଡ଼ି ଦେବା—4. Driving away; expulsion.
୫ । ବିସର୍ଜନ—5. Abandonment.

ନିର୍ବା(ର୍ବ୍ବା)ସିତ—ସଂ. ବିଣ. (ନିର୍+ବାସି. ଧାତୁ+କର୍ମ. ତ)— Nirbā(rbbā)sita ୧ । ଦେଶାନ୍ତର ଦଣ୍ଡରେ ଦଣ୍ଡିତ; ଦେଶରୁ (ନିର୍ବାସିତା—ସ୍ତ୍ରୀ) ବିତାଡ଼ିତ; ରାଜ୍ୟବାହାର—
1. Transported; exiled; banished.
୨ । ବହିଷ୍କୃତ—2. Expelled; driven away.
୩ । ବିନାଶିତ—3. Exterminated.

ନିର୍ବାସିବା—ଦେ. (ପଦ୍ୟ) କ୍ରି—ବାହାର କରିଦେବା— Nirbāsibā To exile.
निर्वासना
देशनिकाला करना
ଅବଶେଷେ ମହୃଷୀଙ୍କୁ ବିଜନ କାନନେ,
ନିର୍ବାସିବେ ବୋଲି ଲଙ୍କା ସ୍ଥିର କଲେ ମନେ ।
ନନ୍ଦକିଶୋର. ସୀତାବନବାସ ।

ନିର୍ବାସ୍ୟ—ସଂ. ବିଣ. (ନିର୍+ବାସି. ଧାତୁ+କର୍ମ. ଯ)— Nirbāsya ୧ । ନିର୍ବାସିତ ହେବାର ଯୋଗ୍ୟ—
1. Deserving to be exiled.
୨ । ଯାହାକୁ ନିର୍ବାସିତ କରାଯିବ—
2. To be exiled or transported.

ନିର୍ବା(ର୍ବ୍ବା)ହ—ସଂ. ବି. (ନିର୍+ବହ୍. ଧାତୁ=ବହନ କରିବା+ଭାବ. Nirbā(rbbā)ha ଅ)—୧ । ନିଷ୍ପାଦନ; ସମ୍ପାଦନ; ସମାପନ—
1. Accomplishing.
୨ । ସମାପ୍ତି—2. Completion.
୩ । ଜୀବିକା—3. Livelihood.
୪ । ନିଷ୍ପତ୍ତି—4. Decision.
୫ । ପ୍ରାଚୁର୍ଯ୍ୟ—5. Sufficiency; abundance.
୬ । କାର୍ଯ୍ୟ ଚାଳନ—6. Carrying on of a work.
୭ । କାର୍ଯ୍ୟସାଧନର ଉପକରଣ—
7. Provision for supply for a work.
ଦେ. ବିଣ—୧ । ନିର୍ବାହିତ; ସମ୍ପାଦିତ—Accomplished.
ଏ କଥା କେହି ମୋରେ ନିର୍ବାହ ହୋଇବ—କୃଷ୍ଣସିଂହ. ମହାଭାରତ ଅଦି ।
୨ । ନିର୍ମାଣ—2. Construction; build.
ଘର ମଧ୍ୟ ସୁବର୍ଣ୍ଣ ରତ୍ନରେ ନିର୍ବାହ,
ଭଦ୍ରଦେ.ଲ ବିଜନ୍ତୁ ଲୂଦେ ବହୁ ସ୍ନେହ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ନିର୍ବାହକ—ସଂ. ବିଣ. (ନିର୍+ବହ୍. ଧାତୁ+କର୍ତ୍ତୃ. ଅକ)— Nirbāhaka ସମ୍ପାଦନକାରୀ; ଯେ ନିର୍ବାହ କରେ— (ନିର୍ବାହିକା—ସ୍ତ୍ରୀ) Accomplishing; finishing; performing.
ବି—ସମ୍ପାଦକ; ମେନେଜର—Manager; secretary.

ନିର୍ବାହ କରିବା—ଦେ. କ୍ରି—୧ । ସମ୍ପାଦନ କରିବା— Nirbāhakaribā 1. To accomplish.
निर्व्वाहकरना ୨ । କୌଣସି କାର୍ଯ୍ୟ ସମାଧାନ କରିବା; ଚଳାଇ କରିବା—
निबाहना 2. To bring about a work to an end; to accomplish; to manage; to carry on.
[ଦ୍ର—ଏହା ଅନ୍ୟ ଶବ୍ଦ ପରେ ପ୍ରାୟଶଃ ବ୍ୟବହୃତ ହୁଏ, ଯଥା— ବ୍ୟୟ ନିର୍ବାହ କରିବା; ଜୀବିକା ନିର୍ବାହ କରିବା; କାର୍ଯ୍ୟ ନିର୍ବାହ କରିବା ଇତ୍ୟାଦି ।

ନିର୍ବାହିତ—ସଂ. ବିଣ. (ନିର୍+ବହ୍. ଧାତୁ ଣିଚ୍ ବାହି. ଧାତୁ= Nirbāhita ସମ୍ପାଦନ କରାଇବା+କର୍ମ. ତ)—
୧ । ସମ୍ପାଦିତ—1 Finished.
୨ । ନିଷ୍ପାଦିତ—2. Accomplished; brought to a close.

ନିର୍ବି(ର୍ବ୍ବି)କଳ୍ପ—ସଂ. ବିଣ. (ବହୁବ୍ରୀହି; ନିର୍=ନାହିଁ+ବିକଳ୍ପ=ନାଶ, Nirbi(rbbi)kaḷpa ଶେଷ)—୧ । ପରିବର୍ତ୍ତନରହିତ— (ସବିକଳ୍ପ—ବିପରୀତ) 1. Not admitting of an alteration.
୨ । ନିତ୍ୟ; ଅପରିବର୍ତ୍ତନୀୟ 2. Unchangeable; constant; changeless.

୩ । ଅଭ୍ରାନ୍ତ; ସନ୍ଦେହରହିତ—3. Unconditional; free from doubt.

୪ । ଜ୍ଞାତୃ ଜ୍ଞେୟରୂପ ଭେଦରହିତ; ବିଶେଷ୍ୟ ବିଶେଷଣଭାବ ସମ୍ବନ୍ଧରହିତ—4. Having no difference between the subject and object; indifferentiated.

୫ । ସ୍ଥିର; ନିଶ୍ଚିତ—5. Settled; certain.

ସଂ. ବି—ଅଖଣ୍ଡ ଜ୍ଞାନ—Fixed knowledge.

ନିର୍ବିକଳ୍ପକ—ସଂ. ବିଣ. (ନିର୍+ବିକଳ୍ପ+କ)—ନିର୍ବିକଳ୍ପ (ଦେଖ)—
Nirbikalpaka Nirbikalpa (See).

ସଂ. ବି—୧ । ବେଦାନ୍ତ ଅନୁସାରେ ଯୋଗସାଧକର ଯେଉଁ ଅବସ୍ଥାରେ ଜ୍ଞାତା ଓ ଜ୍ଞେୟର ଭେଦ ରହେନାହିଁ, ଅର୍ଥାତ୍ ଯହିଁରେ ଜ୍ଞାତା ଜ୍ଞେୟରେ ତଦ୍ଗତ ହୋଇଥାଏ—
1. A state of contemplation in which the devotee becomes one with God.

୨ । ଅତୀନ୍ଦ୍ରିୟଜ୍ଞାନ; ଅଲୌକିକ ଆଲୋଚନାତ୍ମକ ଜ୍ଞାନ—
2. Knowledge which transcends the senses.

ନିର୍ବିକଳ୍ପ ସମାଧି—ସଂ. ବି—ଯୋଗସାଧନାର ଅବସ୍ଥାବିଶେଷ; ଜୀବାତ୍ମା
Nirbikalpa samādhi ପରମାତ୍ମାରେ ପୂର୍ଣ୍ଣଭାବରେ ଲୀନ ହେବାର ଅବସ୍ଥା—Total absorption of the soul into the Divine Spirit; absolute identification of the human soul with God (i.e. when man in God is one with God in man,-Tennyson).

[ଦ୍ର—ଯୋଗସାଧକର ଏହି ଅବସ୍ଥା ଉପସ୍ଥିତ ହେଲେ ସେ ସଚ୍ଚିଦାନନ୍ଦ ବ୍ରହ୍ମର ଅନ୍ତରକୁ ଅନ୍ୟ କୌଣସି ସତ୍ତା ଅନୁଭବ କରେନାହିଁ ଓ ନିର୍ବାଣ ଲାଭକରେ ।]

ନିର୍ବିକାର—ସଂ.ବିଣ.ପୁଂ(ବହୁବ୍ରୀହି; ନିର୍+ବିକାର)—୧ । ଅପରିବର୍ତ୍ତନୀୟ—
Nirbikāra 1. Unchangeable.
(ନିର୍ବିକାରା—ସ୍ତ୍ରୀ) ୨ । ବିକାରହୀନ—2. Immutable; unaffected.
(ନିର୍ବିକାରତା—ବି)

୩ । ଅବିକୃତ—3. Uniform; undeteriorated.

୪ । ଘୃଣାହୀନ—4. Free from hatred.

ବି— ପରବ୍ରହ୍ମ—The Universal Soul; God.

ନିର୍ବିକାଳି(ଳୀ)—ଦେ. ବିଣ(ସଂ. ନିର୍ବିକାର)—ବିକାରରହିତ—
Nirbikāli(ī) Unaffected.

ସେ ଗୃହପାଶେ ଅର୍ଦ୍ଧ ଜାତ
ମଧ୍ୟେ ବସିଲେ ନିର୍ବିକାଳୀ । ଜଗନ୍ନାଥ, ଭାଗବତ ।

ନିର୍ବିଘ୍ନ—ସଂ. ବି. (ନିର୍+ବିଘ୍ନ)—ବିଘ୍ନର ଅଭାବ—
Nirbighna Absence of impediment (Apte).

ବିଣ. (ବହୁବ୍ରୀହି)—୧ । ବାଧାରହିତ—
1. Without hinderance; unobstructed.

୨ । ନିରାପଦ; ନିରୁପଦ୍ରବ—
2. Safe; free from calamity.

ନିର୍ବିଘ୍ନରେ—ଦେ. କ୍ରି ବିଣ—୧ । ନିରାପଦରେ—
Nirbighnare 1. Without danger; safely.
निर्विघ्ने ୨ । ଅବାଧରେ—2. Without obstacle.
निर्विघ्न ୩ । ସ୍ୱଚ୍ଛନ୍ଦରେ—3. Voluntarily; spontaneously.

୪ । ସହଜରେ—4. Easily.

ନିର୍ବିଚାର—ସଂ. ବିଣ. (ବହୁବ୍ରୀହି; ନିର୍+ବିଚାର)—ବିବେଚନା ଶୂନ୍ୟ—
Nirbichāra Thoughtless; indiscreet.

ନିର୍ବି(ର୍ବି)ଣ୍ଣ—ସଂ. ବିଣ. (ନିର୍+ବିଦ୍ ଧାତୁ=ଜାଣିବା+କର୍ତ୍ତୃ. ତ)—
Nirbi(rbbi)ṇṇa ୧ । ଚେତନାଶୂନ୍ୟ—1. Senseless.

ନିର୍ବିନ୍ଦ / ନିର୍ବିନ୍ନ } ଅନ୍ୟରୂପ ୨ । ଭୟଶୋକାଦିଦ୍ୱାରା ଅତି କାତର—
2. Overcome with grief or fear.

୩ । ଦୁର୍ଦ୍ଦଶାଗ୍ରସ୍ତ; କ୍ଲିଷ୍ଟ—3. Afflicted; distressed.

୪ । ଅନୁତପ୍ତ; ଖିନ୍ନ—4. Sorrowing; penitent; despondent; depressed.

ନିର୍ବିଦ୍ୟ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ବିଦ୍ୟା)—
Nirbidya ଅକୃତବିଦ୍ୟ; ବିଦ୍ୟାହୀନ—Illiterate.
(ନିର୍ବିଦ୍ୟା—ସ୍ତ୍ରୀ) (ନିର୍ବିଦ୍ୟତା—ବି)

ନିର୍ବିବର—ସଂ. ବିଣ. (ବହୁବ୍ରୀହି; ନିର୍+ବିବର)—
Nirbibara ୧ । ସମୀପ; ସନ୍ନିକଟ—
1. Approximate; contiguous.

୨ । ନୀରନ୍ଧ୍ର; ନିଶ୍ଛିଦ୍ର—2. Not porous; impervious.

ନିର୍ବିବାଦ—ସଂ. ବିଣ. (ବହୁବ୍ରୀହି; ନିର୍+ବିବାଦ)—
Nirbibāda ୧ । ବିବାଦରହିତ—1. Free from strife; undisputed.

୨ । ନିଃସନ୍ଦେହ—2. Undoubted.

୩ । ଆପତ୍ତିହୀନ—3. Without objection.

ବି ବିବାଦର ଅଭାବ—Absence of contention or dispute.

ନିର୍ବିବାଦୀ—ଦେ ବିଣ (ସଂ. ନିର୍ବିବାଦ)—୧ । ନିଃସନ୍ଦେହ—
Nirbibādi 1. Undoubted.

ସୁଗନ୍ଧୀ ଶତକୁମ୍ଭୀ ଜୈପଷା ନଦୀ
ଯେ ଦେଖନ୍ତି ତା ପୁଣ୍ୟ ହୁଏ ନିର୍ବିବାଦୀ । କୃଷ୍ଣସିଂହ. ମହାଭାରତ ବନ ।

୨ । ଶତ୍ରୁ ଶୂନ୍ୟ—2. Free from enemies.

ଶତେକ ଅଶ୍ୱମେଧ ବାଜପେୟ ଆଦି
ଯାଗ ସମ କଲେ ହୋଇଣ ନିର୍ବିବାଦୀ । କୃଷ୍ଣସିଂହ. ମହାଭାରତ ବନ ।

ନିର୍ବିବେକ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ବିବେକ)—
Nirbibeka ୧ । ବିବେକ ବା ହିତାହିତ ଜ୍ଞାନଶୂନ୍ୟ; ଅବିବେକ—
(ନିର୍ବିବେକା—ସ୍ତ୍ରୀ) 1. Unconscientious; indiscriminating.
[ନିର୍ବିବେକତା(ତ୍ୱ)—ବି]

୨ । ନିର୍ବୋଧ; ଅବିଚକ୍ଷଣ—2. Foolish.

୩ । ଅବିଜ୍ଞ; ଅଜ୍ଞ—3. Ignorant; stupid.

ନିର୍ବିଭେଦ—ସଂ. ବିଣ. (ବହୁବ୍ରୀହି; ନିର୍+ବିଭେଦ)—ଅଭିନ୍ନ—
Nirbibheda Without distinction or difference.

ନିର୍ବିରୋଧ—ସଂ. ବିଣ. (ବହୁବ୍ରୀହି; ନିର୍+ବିରୋଧ)—
Nirbirodha ୧। ବିରୋଧରହିତ—1. Unopposed; undisputed; free from strife or opposition.
୨। ଶାନ୍ତ—2. Calm; peaceful; peacable.

ନିର୍ବିଶଙ୍କ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ବିଶଙ୍କା)—ନିଃଶଙ୍କ—
Nirbisaṅka Fearless; undaunted.
(ନିର୍ବିଶଙ୍କା—ସ୍ତ୍ରୀ) [ନିର୍ବିଶଙ୍କତା(ତ୍ୱ)—ବି]

ନିର୍ବିଶେଷ—ସଂ. ବିଣ. (ବହୁବ୍ରୀହି; ନିର୍+ବିଶେଷ)—
Nirbisesha ୧। ଅଭିନ୍ନ; ପ୍ରଭେଦରହିତ—1. Without any distinction being made; same.
୨। ଅବିଶେଷ—2. Indiscriminate.
୩। ସଦୃଶ—3. Similar.

ନିର୍ବିଷ—ସଂ. ବିଣ. (ବହୁବ୍ରୀହି; ନିର୍+ବିଷ)—ବିଷହୀନ—
Nirbisha Free from venom; innocuous; non-poisonous.
(ନିର୍ବିଷା—ସ୍ତ୍ରୀ) [ନିର୍ବିଷତା(ତ୍ୱ)-ବି]

ନିର୍ବିଷୟ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍+ବିଷୟ)—
Nirbishaya ୧। ଚକ୍ଷୁକର୍ଣ୍ଣାଦି ବହିରିନ୍ଦ୍ରିୟର ଅଗୋଚର—
(ନିର୍ବିଷୟା—ସ୍ତ୍ରୀ) 1. Imperceptible to the senses.
୨। ବିଷୟବିମୁଖ; ବିରାଗୀ; ଦ୍ଧ—
2. Indifferent to worldly affairs.

ନିର୍ବିଷା(ଷୀ)—ସଂ. ବି—ତୃଣବିଶେଷ—
Nirbishā(shī) A kind of grass.
ସଂ. ପର୍ଯ୍ୟାୟ—ନିର୍ବିଷା(ଷୀ), ଅବିବିଷା ବିବିଷା, ବିଷହା, ବିଷହନ୍ତ୍ରୀ, ବିଷାଭାବା, ଅବିଷା, ବିଷବୈରିଣୀ—जदवार
[ଦ୍ର—ଏହା ପଶ୍ଚିମୋତ୍ତର ହିମାଳୟ, କାଶ୍ମୀର ଓ ମଳୟଗିରିରେ ଜନ୍ମେ। ଏହାର ମୂଳ ସର୍ପାଦିଙ୍କର ଓ ଅନ୍ୟପ୍ରକାର ବିଷର ଦୋଷ ନାଶ କରେ। ବୈଦ୍ୟକ ମତରେ ଏହାର ଚେର କଟୁ, ଶୀତଳ, ବ୍ରଣାରୋଗ୍ୟକାରୀ, ବିଷହର, କଫ, ବାତ, ପିତ୍ତ ଓ ରୁଧିର ବିକାରନାଶକ—ଶ. ସାଗର ।]

ନିର୍ବିଷ୍ଟ—ସଂ. ବିଣ.(ନିର୍+ବିଶ୍ ଧାତୁ=ପ୍ରବେଶ କରିବା+କର୍ତ୍ତୃ. ତ)—
Nirbishṭa ୧। ଲବ୍ଧ—1. Gained; attained.
୨। ଅନୁଭୂତ—2. Felt; experienced.
୩। ଉପଭୁକ୍ତ—3. Enjoyed.
୪। ପ୍ରାପ୍ତ—4. Got.
୫। ସ୍ଥିତ—5. Situated.
୬। ନିଯୁକ୍ତ—6. Engaged; employed.
୭। ଉପାର୍ଜିତ—7. Earned.
୮। ବିବାହିତ—8. Married.
୯। ପୁଷ୍ଟ—9. Nourished; brought up.
୧୦। ଯେ ଅଗ୍ନିହୋତ୍ର କରିଅଛନ୍ତି—
10. One who has performed the Agnihotra sacrifice.
୧୧। ଯେ ଭୋଗ କରି ସାରିଅଛି—
11. One who has enjoyed already.

ନିର୍ବୀଜ—ସଂ. ବିଣ. (ବହୁବ୍ରୀହି; ନିର୍+ବୀଜ)—୧। ବୀଜଶୂନ୍ୟ—
Nirbīja 1. Seedless.
୨। ପୁରୁଷତ୍ୱହୀନ—2. Impotent.
୩। କାରଣରହିତ—3. Causeless.
ସଂ. ବି—ଯୋଗର ସମାଧିବିଶେଷ—
A kind of mental concentration in Joga.
[ଦ୍ର—ଏ ଅବସ୍ଥାରେ ମନୁଷ୍ୟର ସୁଖ ଦୁଃଖର ଅନୁଭୂତ ରହେ ନାହିଁ ଓ ମୋକ୍ଷଲାଭ ହୁଏ—ଶ. ଶବ୍ଦସାଗର ।]

ନିର୍ବୀଜା—ସଂ. ବି. (ନିର୍ବୀଜ+ଆ)—କାକଲୀ ଦ୍ରାକ୍ଷା; କିସମିସ୍—
Nirbījā Seedless grape; raisin.

ନିର୍ବୀର—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ବୀର)—୧। ବୀରଶୂନ୍ୟ—
Nirbīra 1. Destitute of heroes.
(ନିର୍ବୀରା—ସ୍ତ୍ରୀ) ୨। ଭୀରୁ—2. Timid.

ନିର୍ବୀରା—ସଂ. ବି. ସ୍ତ୍ରୀ—ପତିପୁତ୍ରହୀନା ସ୍ତ୍ରୀ; ଅବୀରା—
Nirbīrā A childless widow.

ନିର୍ବୀର୍ଯ୍ୟ—ସଂ. ବି. (ବହୁବ୍ରୀହି; ନିର୍+ବୀର୍ଯ୍ୟ)—୧। ଦୁର୍ବଳ; ବଳହୀନ—
Nirbīrjya 1. Powerless.
(ନିର୍ବୀର୍ଯ୍ୟା—ସ୍ତ୍ରୀ) ୨। ପୁରୁଷତ୍ୱହୀନ—2. Impotent.
୩। କ୍ଷୀଣ—3. Feeble; weak.
୪। ନିସ୍ତେଜ—4. Vigourless.

ନିର୍ବୁଦ୍ଧି—ସଂ. ବିଣ. (ବହୁବ୍ରୀହି; ନିର୍+ବୁଦ୍ଧି)—୧। ବୁଦ୍ଧିହୀନ—
Nirbuddhi 8. Witless; foolish.
୨। ବୋକା; ଓଲୁ—2. Silly; stupid.

ନିର୍ବୁଦ୍ଧିଆ—ଦେ. ବିଣ. (ସଂ. ନିର୍ବୁଦ୍ଧି)—ନିର୍ବୁଦ୍ଧି (ଦେଖ)
Nirbuddhiā Nirbuddhi (See)
(ନିର୍ବୁଦ୍ଧିଆଣୀ—ସ୍ତ୍ରୀ)
ନିର୍ବୁଦ୍ଧିଆ ଲୋକମାନେ ବୁଦ୍ଧିମନ୍ତ ହେବେ ।
ପ୍ରାଚୀ. ନିର୍ଗୁଣ ମାହାତ୍ମ୍ୟ

ନିର୍ବୁଦ୍ଧିତା—ସଂ. ବି. (ନିର୍ବୁଦ୍ଧି+ଭାବ. ତା)—ବୁଦ୍ଧିହୀନତା—
Nirbuddhitā Folly; dulness; want of intellect; silliness.
(ନିର୍ବୁଦ୍ଧିତ୍ୱ—ଅନ୍ୟରୂପ)

ନିର୍ବୃତ—ସଂ. ବିଣ. (ନିର୍+ବୃ ଧାତୁ=ବରଣ କରିବା+କର୍ମ. ତ)—
Nirbṛuta ୧। ସନ୍ତୁଷ୍ଟ—1. Contented; satisfied.
୨। ସୁଖୀ—2. Happy.
୩। କୁଶଳ—3. Good; proficient.
୪। ଅବସନ୍ନ—4. Decayed; worn; out.
ସଂ. ବି.- ଗୃହ—House.

ନିର୍ବୃତି—ସଂ. ବି. (ନିର୍+ବୃ ଧାତୁ+ଭାବ. ତି)—୧। ସନ୍ତୋଷ—
Nirbṛuti 1. Contentment; satisfaction.
୨। ଶାନ୍ତି—2. Peace; tranquility.
୩। ସୁଖ—3. Happiness; bliss.

୪ । ନିର୍ବାଣ; ମୁକ୍ତି—4. Emancipation; liberation; deliverance.

୫ । (ଆଲୋକାଦି) ନିଭି ଯିବା; ନିର୍ବାଣ—
5. Extinction (of a light).

୬ । ମୃତ୍ୟୁ—6. Death.

୭ । ମୋକ୍ଷ—7. Beatitude; final emancipation.

୮ । ବିରାମ - 8. Cessation.

୯ । ବିଶ୍ରାମ—9. Repose; rest.

୧୦ । ଅଭୟ; ନିରାପଦ—10 Safety.

୧୧ । ସିଦ୍ଧି—11. Accomplishment.

୧୨ । ଅସ୍ତଗମନ—12. Setting down.

୧୩ । ଅକ୍ଷୟତା—13 Imperishableness.

୧୪ । ବେଶ୍ୟା—14. Harlot.

ନିର୍ବୃତ୍ତ—ସଂ. ବିଣ. (ନିର୍+ବୃତ୍ ଧାତୁ+କର୍ମ. ତ)—୧ । ସମ୍ପନ୍ନ; ସୁସିଦ୍ଧ—1. Accomplished; completed.
Nirbrutta

୨ । (+କର୍ତ୍ତୃ. ତ) ଜାତ; ଉତ୍ପନ୍ନ—
2. Born; engendered.

୩ । ସମାପ୍ତ; ବିରତ—3 Ceased; come to an end.

୪ । ଯାହାର ନିଷ୍ପତ୍ତି ହୋଇ ଅଛି—
4. Disposed of; decided.

ନିର୍ବୃତ୍ତି—ସଂ. ବି. (ନିର୍+ବୃତ୍ ଧାତୁ+ଭାବ. ତି)—୧ । ସମାପ୍ତି; ନିଷ୍ପତ୍ତି—1. Completion; final accompishment; disposal.
Nirbrutti

୨ । ସିଦ୍ଧି—2. Success.

୩ । ଶେଷ—3. Cessation.

୪ । ଆଗମନ—4 Approach.

୫ । ସନ୍ତୋଷ—
5. Satisfaction; contentment.

୬ । ତୃପ୍ତି—6. Gratification.

୭ । ମୋକ୍ଷ; ମୁକ୍ତି—7. Emancipation; beatitude.

ବିଣ. (ବହୁବ୍ରୀହି; ନିର୍+ବୃତ୍ତି)—ବୃତ୍ତି ବା ଜୀବିକା ରହିତ; ଜୀବିକା ଶୂନ୍ୟ—Destitute of livelihood or employment; resourceless.

ନିର୍ବୃଷ୍ଟି—ସଂ. ବି. (ବହୁବ୍ରୀହି; ନିର୍+ବୃଷ୍ଟି)—ଅନାବୃଷ୍ଟି—Drought.
Nirbrushti

ନିର୍ବେଦ—ସଂ. ବି. (ନିର୍+ବିଦ୍ ଧାତୁ+ଭାବ. ଅ)—
Nirbeda ୧ । ଆତ୍ମଗ୍ଲାନି; ବିରକ୍ତି; ସ୍ୱାବମାନନା; ଆପଣାକୁ ଧିକ୍କାର ଦେବା—1. Mortification; regret; disgust; self reproof.

ଏଣ ନିର୍ବେଦକୁ ତାର ସେ ନିରସାଇଁ । କୃଷ୍ଣସିଂହ, ମହାଭାରତ ସଭା ।

୨ । ଔଦାସୀନ୍ୟ—
2. Indifference; faintheartedness.

କର୍ମିଷ୍ଠ ପଥରେ ସଂଙ୍ଗ ଅତପାତ ହେଲେ
ଅଲେଶ ପୁରୁଷ ସ୍ୱାମୀ ନିର୍ବେଦେ ରହିଲେ । ପ୍ରାଚୀ, ବ୍ରହ୍ମନିରୂପଣ ଗୀତା ।

୩ । ବୈରାଗ୍ୟ—3. Apathy; indifference to mundane affairs.

ବଳ ନ ଥିବାର ଲୋକଙ୍କ ନିର୍ବେଦକୁ
ସହାୟକୁ କରଣ ହରନ୍ତୁ ଦାନକୁ । କୃଷ୍ଣସିଂହ, ମହାଭାରତ ବନ ।

୪ । ଅନୁତାପ—4. Repentance; remorse.

୫ । ନିରହଙ୍କାର—5. Humility.

୬ । ଖେଦ; ଦୁଃଖ—6. Sorrow; grief.

ବିଣ (ବହୁବ୍ରୀହି; ନିର୍+ବେଦ)—୧ । ବେଦ ବହିର୍ଭୂତ—
1. Not according to the Bedas.

୨ । ବେଦର ସୀମା ବହିର୍ଭୂତ—
2. Beyond the jurisdiction of the Bedas.

ନିର୍ବେଦ ଭୁବନ ସେ ଯେ ନ ଦେଖଇ ବେଦ । ପ୍ରାଚୀ, ବ୍ରହ୍ମନିରୂପଣ ଗୀତ ।

ଦେ. ବି—କିଂକର୍ତ୍ତବ୍ୟବିମୂଢ଼ତା—
Being at a loss; bewilderment.

ଏ ସବାଣୁଁ ନିର୍ବେଦ ହେଲେ ଲୋକଙ୍କର
ମନେ କଲେ କାହିଁକି ଆଇଲେଁ ଘର । କୃଷ୍ଣସିଂହ, ମହାଭାରତ, ବନ ।

ବିଣ—୧ । କିଂକର୍ତ୍ତବ୍ୟବିମୂଢ଼—1. Dumbfounded; at a loss; taken aback; bewildered.

୨ । ଅତି ଦୁଃଖିତ—2. Afflicted; distressed.

ନିର୍ବେଦ ହୋଇ ପୁଣି ବନରୁ ବାହୁଡ଼ିଲେ
ଏହି କଥାମାନ ସେ ବଡ଼କେ ବୋଇଲେ । କୃଷ୍ଣସିଂହ. ମହାଭାରତ ଆଦି ।

୩ । କ୍ଲାନ୍ତ; ଶ୍ରାନ୍ତ—3. Tired; overpowered.

୪ । ସ୍ଥିର—4. Motionless; calm; quiet.

ନିର୍ବେଦନ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍+ବେଦନା)—
Nirbedana ୧ । ବେଦନା ରହିତ—1. Painless.

୨ । ଅଚେତନ—2. Insensible.

(ନିର୍ବେଦନା—ସ୍ତ୍ରୀ) ୩ । ନିରିନ୍ଦ୍ରିୟ—
3. Destitute of sensibility or organ.

ବି—୧ । ବିବାହ—1. Marriage.

୨ । ଭୋଗ—2. Enjoyment.

୩ । ମୂର୍ଚ୍ଛା—3. Fit; insensibility.

୪ । ଲାଭ—4. Profit.

ନିର୍ବେଧିମ—ସଂ. ବି—ସୁଶ୍ରୁତରେ ବର୍ଣ୍ଣିତ କାନ ଫୋଡ଼ିବାର ସୂଚୀବିଶେଷ
Nirbedhima (ହି. ଶବ୍ଦସାଗର)—
A kind of ear-boring needle.

ନିର୍ବେଶ—ସଂ. ବି. (ନିର୍+ବିଶ୍ ଧାତୁ=ପ୍ରବେଶ କରିବା+ଭାବ.ଅ)—
Nirbesa ୧ । ଭୋଗ—1. Enjoyment.

୨ । ବେତନ—2. Salary; wages.

୩ । ବିବାହ—3. Marriage.

୪ । ଭୋଜନ—4. Eating.

୫ । ସୁଖ—5. Felicity.

୬ । ପାଳନ—6. Supporting; bringing up.

୭ । ମୂର୍ଚ୍ଛା—7. Fainting.

୮ । ଲାଭ—8. Gain.

ନିର୍ବେଷ୍ଟନ—ସଂ. ବିଣ. (ବହୁବ୍ରୀହି; ନିର୍ + ବେଷ୍ଟନ)—
Nirbeshtana ବେଷ୍ଟନ ରହିତ—Girdless; beltless.
ବି—ତନ୍ତୀମାନଙ୍କ ବ୍ୟବହୃତ ସୂତ୍ର ଯନ୍ତ୍ର—
A small reed used by weavers as a shuttle.

ନିର୍ବୈର—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍ + ବୈର)—
Nirbaira ଦ୍ୱେଷରହିତ—Free from malice.
(ନିର୍ବୈରା—ସ୍ତ୍ରୀ; ନିର୍ବୈରତା—ବି)

ନିର୍ବୋଧ—ସଂ. ବିଣ. (ବହୁବ୍ରୀହି; ନିର୍ + ବୋଧ = ବୁଦ୍ଧି; ଜ୍ଞାନ)—
Nirbodha ୧ । ବୁଦ୍ଧିହୀନ—
1. Void of intellect; dull; silly; foolish.
୨ । ମୂଢ଼; ଅଜ୍ଞ—2. Ignorant.
୩ । ମେଧାହୀନ—3. Idiotic; stupid.

ନିର୍ବଇର—ଦେ. ବିଣ. (ସଂ. ନିର୍ + ବୈରୀ)—
Nirbbaira ଶତ୍ରୁଶୂନ୍ୟ—Free from enemies.
(ନିବଇର, ନିବଇରି—ଅନ୍ୟରୂପ)
ଜଗତ ନିର୍ବଇର ଦେଖେ
ନିରତେ ରହେ ଅସ୍ପୃହେ । ଜଗନ୍ନାଥ, ଭାଗବତ ।

ନିର୍ବ୍ୟଥ—ସଂ. ବିଣ. (ବହୁବ୍ରୀହି; ନିର୍ + ବ୍ୟଥା)—
Nirbyatha ବ୍ୟଥା ବା ଦୁଃଖଶୂନ୍ୟ—Free from pain.
ବି.—ନିର୍ବ୍ୟଥା (ଦେଖ)—Nirbyathā (See).

ନିର୍ବ୍ୟଥନ—ସଂ. ବି. (ନିର୍ + ବ୍ୟଥ୍ ଧାତୁ = ପୀଡ଼ା ଦେବା; ଭୟ
Nirbyathana ପାଇବା + ଅଧିକରଣ. ଅନ)—୧ । ଛିଦ୍ର—
1. Hole.
୨ । ଖୋଲ; ବିବର—2. Chasm; cavity; cave.
୩ । ଗାତ; ଗର୍ତ୍ତ—3. Excavation; pit.
୪ । (ଭାବ. ଅନ)—ପୀଡ଼ନ; ନିଗ୍ରହ—4. Persecution; pain.
୫ । ବ୍ୟଥାର ଅଭାବ—5. Want of pain.

ନିର୍ବ୍ୟଥା—ସଂ. ବି. (ନିର୍ + ବ୍ୟଥା)—୧ । ସୁଖ; ସ୍ୱାଚ୍ଛନ୍ଦ୍ୟ—
Nirbyathā 1. Ease; comfort.
୨ । ସ୍ୱାସ୍ଥ୍ୟ—2. Health.
୩ । ବେଦନାଶୂନ୍ୟତା—3. Freedom from pain.

ନିର୍ବ୍ୟଳୀକ—ସଂ. ବିଣ. ପୁଂ. (ନିର୍ + ବ୍ୟଳୀକ = ଛଳ; ବହୁବ୍ରୀହି)—
Nirbyalīka ୧ । ଛଳହୀନ—1. Free from guile.
(ନିର୍ବ୍ୟଳୀକା—ସ୍ତ୍ରୀ) ୨ । ନିଷ୍କପଟ—
(ନିର୍ବ୍ୟଳୀକତା—ବି) 2. Frank.

ନିର୍ବ୍ୟାଜ—ସଂ. ବିଣ. (ବହୁବ୍ରୀହି; ନିର୍ + ବ୍ୟାଜ)—୧ । ଅକପଟ—
Nirbyāja 1. Sincere; upright; guileless.
୨ । ନିର୍ବିବାଦ—2 Undisputed.
୩ । ବାଧାରହିତ—3. Free from obstacles.

ନିର୍ବ୍ୟାଧି—ସଂ. ବିଣ. (ବହୁବ୍ରୀହି; ନିର୍ + ବ୍ୟାଧି)—୧ । ସୁସ୍ଥ—
Nirbyādhi 1. Healthy.
୨ । ନୀରୋଗ—2. Free from disease.

ନିର୍ବ୍ୟୂଢ଼—ସଂ. ବିଣ. (ନିର୍ + ବି + ବହ୍ ଧାତୁ + କର୍ମ. ତ)—
Nirbyūrdha ୧ । ନିର୍ଣ୍ଣୀତ—1. Ascertained.
୨ । ପ୍ରମାଣିତ—2. Demonstrated; proved.
୩ । ପରିତ୍ୟକ୍ତ—3. Abandoned; deserted.
୪ । ସମାପ୍ତ—4. Ended; finished.
୫ । ପର୍ଯ୍ୟାପ୍ତ—5. Sufficient.
୬ । ସମ୍ୟକ୍; ପୂର୍ଣ୍ଣ—6. All; whole; entire; absolute.

ନିର୍ବ୍ରଣ—ସଂ. ବିଣ. (ବହୁବ୍ରୀହି; ନିର୍ + ବ୍ରଣ)—୧ । ବ୍ରଣରହିତ—
Nirbraṇa 1. Free from abscess.
୨ । ଅକ୍ଷତ; ଅନାହତ—2. Unhurt; not smitten.

ନିର୍ଭୟ—ସଂ. ବିଣ. (ବହୁବ୍ରୀହି; ନିର୍ + ଭୟ)—
Nirbhaya ୧ । ନିର୍ଭୀକ; ନିଃଶଙ୍କ—1. Fearless; undaunted.
(ନିର୍ଭୟା—ସ୍ତ୍ରୀ)
(ନିର୍ଭୟତା—ବି) ୨ । ସାହସୀ—2. Bold.
୩ । ଅଭୟ; ଭୟଶୂନ୍ୟ—3. Free from fear.
ବି. ପୁଂ—୧ । ଶ୍ରେଷ୍ଠ ଅଶ୍ୱ—1. An excellent horse.
୨ । ଭୟଶୂନ୍ୟତା—2. Security; fearlessness.

ନିର୍ଭୟରେ—ଦେ. କ୍ରି. ବିଣ—ଭୟଶୂନ୍ୟ ଭାବରେ—
Nirbhayare Fearlessly; without fear.
নির্ভয়ে बेधड़क

ନିର୍ଭୟା—ଦେ. ବିଣ. ପୁଂ. ଓ ସ୍ତ୍ରୀ (ସଂ. ନିର୍ଭୟ)—ନିର୍ଭୀକ—
Nirbhayā Fearless.
নিডর निडर

ନିର୍ଭର—ସଂ. ବିଣ (ନିର୍ + ଭୃ ଧାତୁ = ଭରଣ, ପୂରଣ କରିବା + କର୍ମ.
Nirbhara ଅ)—୧ । ପରିପୂର୍ଣ୍ଣ—1. Full; filled up.
୨ । ପ୍ରତ୍ୟୟୀ—2. Confident; relying on.
୩ । ଅତିରିକ୍ତ—3. Excessive.
୪ । ସ୍ଥାୟୀ—4. Permanent.
୫ । ଅବଲମ୍ବିତ (ହି. ଶ.)—6. Resorted to.
୬ । ଯୁକ୍ତ; ମିଳିତ (ହି. ଶ.)—7. Joined to.
ବି—୧ । ସାରଭାଗ—1. Essence.
୨ । ଅତିରେକ—2. Surplus.
୩ । ଗୋଟିଏ ଭାର ଯେଉଁ ବିନ୍ଦୁ ଉପରେ ସମାନଭାବରେ ରହେ; ଭାରକେନ୍ଦ୍ର—
3. Fulcrum; centre of gravity.
୪ । ଅବଲମ୍ବନ—4. Prop; hinge.
୫ । ବିଶ୍ୱାସ; ଆସ୍ଥା—5. Confidence; trust; reliance.
୬ । ଦାୟିତ୍ୱ; ଭାର—6. Responsibility.
୭ । ବେଠିଆ; ବେଗାରି—7. An impressed labourer.

ନିଭର **निभर** ଦେ. ବିଣ -୧ । ସ୍ଥିର; ଅଟଳ — Unchanging; fixed.
(ଯଥା—ନିର୍ଭର ଯବାବ ।)
୨ । ନିର୍ଭୟ—2. Fearless.

ଭରୋସା ବି (ସଂ. ଭରସା) - ୧ । ଆଶା; ଭରସା —1. Hope.
भरोसा ୨ । ଆଶ୍ରୟ—2. Shelter.
୩ । ଅବଲମ୍ବନ—3. Dependence.

ନିର୍ଭର କରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତି ଉପରେ ପୂର୍ଣ୍ଣଭାବରେ ଆସ୍ଥା ରଖିବା —1. To solely rely or depend on a person.
Nirbhara kariba
ନିଭର କରା
भरोसाकरना ୨ । ଅନ୍ୟଠାରେ ଭାର ରଖିବା —
2. To rest on; to hinge on.

ନିର୍ଭରସା—ସ ବି.—(ନିର୍ + ଭରସା)—ନୈରାଶ୍ୟ —
Nirbharasā Despair; hopelessness.
ବିଣ.—ନିରାଶ—
Hopeless; desperate.

ନିର୍ଭର ସାକ୍ଷୀ—ଦେ. ବି—ଏକପକ୍ଷର ଯେଉଁ ସାକ୍ଷୀ ଯାହା କହିବ ସେଥିରେ ଅପର ପକ୍ଷ ବାଧ୍ୟ ହେବା ପାଇଁ ରାଜି ହେବାରୁ ଯେଉଁ ସାକ୍ଷୀ ଜବାନବନ୍ଦ ହୁଏ—A witness of one party whose evidence is, by agreement, binding on the opposite party.
Nirbhara sākshī

ନିର୍ଭରିବା—ଦେ. (ପଦ୍ୟ) କ୍ରି—ନିର୍ଭର କରିବା—
Nirbhariba To rely; to depend.
ନିର୍ଭରେ ଜୀବନେ ଯାଉ କଉତ ଜୀବନ
ବାଞ୍ଛାଗୟ ଦିବା ଯିର ଜୀବନ ତାହାର—ଚିନ୍ତାମଣି, ଚକ୍ଷୁଦାନଦୟ ।

ନିର୍ଭରେ—ଦେ. କ୍ରି. ବିଣ—୧ । ନିଶ୍ଚୟ—
Nirbhare 1. Surely.
ଲଭକେ ପଢ଼ିବ ନିର୍ଭରେ
ଅଜାତ ହୋଇବ ନାତରେ—ଭୂପ୍ତ. ପ୍ରେମପଞ୍ଚାମୃତ ।
୨ । ଭୟଙ୍କରଭାବରେ; ଅତ୍ୟନ୍ତ—
2. Very much; excessively.
ଉତ୍ପାତ ଦେଖି ଗୁରୁଙ୍କରେ
ପ୍ରକାଶ କହିଲେ ନିର୍ଭରେ—ଜଗନ୍ନାଥ. ଭାଗବତ ।

ନିର୍ଭର୍ତ୍ସନ(ନା)—ସ. ବି. (ନିର୍ + ଭର୍ତ୍ସନ)—୧ । ତିରସ୍କାର —
Nirbhartsana(nā) 1. Rebuke; reproach; reprimand; abuse.
୨ । ନିନ୍ଦା—2. Blame.
୩ । ଅଲକ୍ତକ; ଅଲତା — 3. Lac-dye.

ନିର୍ଭା—ଦେ. ବି. (ସ. ନିର୍ବାହ)—୧ । ନିଷ୍ପତ୍ତି; ମୀମାଂସା —
Nirbhā 1. Decision.
ନିର୍ବାନ ୨ । ସମ୍ପାଦନ; ନିର୍ବାହ—2. Completion;
निमाओ accomplishment.
ମୁଁ ଲେ ଯାଗ ନିର୍ଭା କେବେହେଁ ନୋହିବ—
କୃଷ୍ଣସିଂହ. ମହାଭାରତ. ସଭା ।
ଦେ. ବିଣ—୧ । ନିଷ୍ପନ୍ନ; ସମ୍ପାଦିତ —1. Accomplished
୨ । ପରିଚାଳିତ—2. Managed.
୩ । ନିର୍ମିତ—3. Made.

ନିର୍ଭା(ର୍ଭେ)ଇବା—ଦେ. କ୍ରି—ନିର୍ଭା କରିବା (ଦେଖ)
Nirbhā(rbhe)iba .Nirbhā kariba (See)

ନିର୍ଭା କରିବା—ଦେ. କ୍ରି. (ସ. ନିର୍ବାହ)—୧ । ନିଷ୍ପନ୍ନ କରିବା —
Nirbhā kariba 1. To accomplish.
ନିର୍ବାହ କରା ଯେଉଁ ପ୍ରକାରେ ଲୋକେ ହୋଇବ ବଶ୍ୟ
निमाना ନଷ୍ଟ କଲ୍ପଅଛ ମୁଁ କରିବ ନିର୍ଭା—ପ୍ରାଚୀ. କଳଚରିତ ।
୨ । ଚଳାଇବା; ପରିଚାଳନ କରିବା —
2. To manage; to carry on.
ତାହାଙ୍କୁ ସେବକ ହୋଇଣ ପ୍ରବଳ
ବସନ୍ତୁ ନିର୍ଭା କରୁ ସବୁ କାର୍ଯ୍ୟମାନ—କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ
୩ । ନିର୍ମାଣ କରିବା—3. To build.
ଚିତ୍ତେ ଏ ଦେବତାମାନଙ୍କ ସର ସର
ଦେଲେ ଯାଗଶାଳା ନିର୍ଭା କରି—କୃଷ୍ଣସିଂହ. ମହାଭାରତ ସଭ ।

ନିର୍ଭାଗତ—ଦେ. ବିଣ. (ସ. ନିର୍ବାହିତ)—୧ । ନିଷ୍ପାଦିତ; ନିଷ୍ପନ୍ନ—
Nirbhāgata 1. Accomplished.
୨ । ପ୍ରଚଳିତ—2. Current.
୩ । ସଂସାରରେ ବା ସମାଜରେ ଚଳ ଯାଉଥିବା —
3. Getting on in the world or society.

ନିର୍ଭାଗ୍ୟ—ସ. ବିଣ. ପୁଂ (ବହୁବ୍ରୀହି; ନିର୍ + ଭାଗ୍ୟ)—ଦୁର୍ଭାଗ୍ୟ —
Nirbhāgya Unfortunate; unlucky.
(ନିର୍ଭାଗ୍ୟା—ସ୍ତ୍ରୀ)

ନିର୍ଭାଜନ—ସ. ବିଣ. (ବହୁବ୍ରୀହି; ନିର୍ + ଭାଜନ)—୧ । ପାତ୍ରହୀନ—
Nirbhājana 1. Destitute of vessel.
୨ । ପଦଚ୍ୟୁତ—2. Dismissed; discharged; degraded from an office.

ନିର୍ଭାବନା—ସ. ବି. (ନିର୍ + ଭାବନା)—ନିଶ୍ଚିନ୍ତତା—
Nirbhābanā Freedom from anxiety.

ନିର୍ଭା ହେବା—ଦେ. କ୍ରି—୧ । ଚଳାଚଳ ହେବା—
Nirbhā heba 1. To get on in the world.
୨ । ସମ୍ପନ୍ନ ହେବା—2. To be accomplished.
ଏ ମର୍ତ୍ତ୍ୟରେ ଅଳ ହାତରେ ଏହି କଥା
ନିର୍ଭା ହେବା ଅସମ୍ଭବ ହେବ ବଳବନ୍ତ—କୃଷ୍ଣସିଂହ. ମହାଭାରତ, ବନ ।
୩ । ଜୀବନ ଯାପନ କରିବା—
3. To pass one's time.
୪ । ସମାପ୍ତ ହେବା—4. To be completed.
କେଁ ନିର୍ଭା ହେବେ ଭାରତ ମୋ ମୁଖରେ—
କୃଷ୍ଣସିଂହ. ମହାଭାରତ. ସଭା ।
୫ । ନିର୍ମିତ ହେବା—5. To be built.

ନିର୍ଭିନ୍ନ—ସ. ବିଣ. (ନିର୍ + ଭିନ୍ନ)—୧ । ଅଭିନ୍ନ—1. Unseparated; alike; selfsame; identical.
Nirbhinna
୨ । ଯୁକ୍ତ - 2. Joined.
୩ । ବିଭକ୍ତ; ଖଣ୍ଡିତ—3. Cleft; divided.
୪ । ବିଦଳିତ — 4 Trodden.
୫ । ବିଦ୍ଧ — 5 Pierced.

୬ । ବିକସିତ—
6. Expanded; unfolded; blown.

ନିର୍ଭୀକ—ସଂ. ବଣ. (ବହୁବ୍ରୀହି; ନିର୍=ନାହିଁ+ଭୀ=ଭୟ+କ)—
Nirbhika ୧ । ନିଃଶଙ୍କ—1. Fearless; undaunted.
(ନିର୍ଭୀକା—ସ୍ତ୍ରୀ) ୨ । ସାହସୀ—2. Bold.
(ନିର୍ଭୀକତା—ବ) (ନିର୍ଭୀତ—ଅନ୍ୟରୂପ)

ନିର୍ଭୁଲ—ଦେ. ବଣ—୧ । ଅଭ୍ରାନ୍ତ—
Nirbhula 1. Free from error or mistake.
ନିର୍ଭୁଲ ଠୀକ ୨ । ଶୁଦ୍ଧ—2. Correct; right.

ନିର୍ଭୃତି—ସଂ. ବଣ. (ବହୁବ୍ରୀହି; ନିର୍=ନାହିଁ+ଭୃତି=ବେତନ)—
Nirbhṛuti ବିନା ମୂଲ୍ୟରେ କାମ କରିବାବାଲା; ବେଠିଆ—
Working without remuneration.
ବ – ବେଠି—Impressed labour.

ନିର୍ଭେଇବା - ପ୍ରାଦେ (ଯାଜପୁର) କ୍ରି—ନିଭେଇବା; ଅନୁଭବ କରିବା—
Nirbheibā To experience.
(ଯଥା—ମୁଁ ଅଙ୍ଗରେ ନିର୍ଭେଇଛି ।)

ନିର୍ଭେଦ—ସଂ. ବ. (ନିର୍+ଭେଦ)—୧ । ବିଦାରଣ—
Nirbheda 1. Tearing; piercing
୨ । ଫାଟିଯିବା—2. Cracking; bursting.

ନିର୍ଭ୍ରମ—ସଂ. ବଣ.—(ବହୁବ୍ରୀହି; ନିର୍+ଭ୍ରମ)—୧ । ଭ୍ରମରହିତ—
Nirbhrama 1. Free from error.
(ନିର୍ଭ୍ରାନ୍ତ—ଅନ୍ୟରୂପ) ୨ । ନିଃସନ୍ଦେହ—
2. Doubtless; unmistaken.
ପୁଂ—୩ । ଯେ ଭ୍ରମ କରେ ନାହିଁ—
(ନିର୍ଭ୍ରମା—ସ୍ତ୍ରୀ) 3. Not committing mistakes.

ନିର୍ମକ୍ଷିକ—ସଂ. ବଣ. (ବହୁବ୍ରୀହି; ନିର୍+ମକ୍ଷିକା)—୧ । ମକ୍ଷିକା ଶୂନ୍ୟ—
Nirmakshika 1. Free from fleas.
୨ । ନିଭୃତ; ନିର୍ଜନ—2. Lonely; private.
ସଂ. ବ.—୧ । ମକ୍ଷିକାର ଅଭାବ—1. Want of flies.
୨ । ମକ୍ଷିକାଶୂନ୍ୟ ସ୍ଥାନ—
2. A place free from fleas.
୩ । ନିର୍ଜନ ସ୍ଥାନ—3. Lonely place.

ନିର୍ମଞ୍ଛନ—ସଂ. ବ. (ନିର୍+ମଞ୍ଛ ଧାତୁ=ଆରାଧନା କରିବା; ପୋଛିବା+
Nirmañchhana ଭାବ. ଅନ)—୧ । ନୀରାଜନ; ଆଳତିକରିବା—
1. Waving of lamps before an image during worship.
୨ । ପୋଛିବା—2. Wiping.
୩ । ସେବା; ପୂଜନ—3. Worship.

ନିର୍ମତ୍ସର—ସଂ. ବଣ. ପୁଂ (ବହୁବ୍ରୀହି; ନିର୍+ମତ୍ସର)—୧ । ନିରହଙ୍କାର;
Nirmatsara ଗର୍ବଶୂନ୍ୟ—1. Free from arrogance or pride.
(ନିର୍ମତ୍ସରା ସ୍ତ୍ରୀ) (ନିର୍ମତ୍ସରତା—ବ)
୨ । ଦ୍ୱେଷଶୂନ୍ୟ—
2. Free from envy or malice.

ନିର୍ମଥ—ସଂ. ବ. (ନିର୍+ମଥ୍ ଧାତୁ+ଅଧିକରଣ. ଅ)—ଅରଣୀ; ଯେଉଁ
Nirmatha କାଠ ଦୁଇଖଣ୍ଡକୁ ଘଷି କରି ଯଜ୍ଞ ପାଇଁ ଅଗ୍ନି ବାହାର କରାଯାଏ—A contrivance consisting of a stick and plank which produce fire by friction.

ନିର୍ମଦ—ସଂ. ବଣ. ପୁଂ (ବହୁବ୍ରୀହି; ନିର୍+ମଦ)—୧ । ମତ୍ତତାଶୂନ୍ୟ
Nirmada 1. Sober; unintoxicated.
(ନିର୍ମଦା—ସ୍ତ୍ରୀ) ୨ । ଗର୍ବହୀନ—2. Free from pride.
୩ । ମଦ ଜଳ ରହିତ (ହସ୍ତୀ)—3. (elephant) Destitute of the juice which flows from its temples when in rut.
ସଂ. ବ. ପୁଂ—ମଦକ୍ଷରଣରହିତ ହସ୍ତୀ—
A male elephant which emits no juice from its temples when in rut.

ନିର୍ମନୁଷ୍ୟ—ସଂ. ବଣ. (ବହୁବ୍ରୀହି; ନିର୍+ମନୁଷ୍ୟ)—୧ । ଜନଶୂନ୍ୟ—
Nirmanushya 1. Depopulated.
୨ । ନିର୍ଜନ—2. Solitary; lonely.
୩ । ଜନବସତିହୀନ—3. Desolate; uninhabited.

ନିର୍ମନ୍ଥ—ସଂ. ବ.—(ନିର୍+ମନ୍ଥ ଧାତୁ+ଭାବ. ଅ)—୧ । ମନ୍ଥିବା;
Nirmantha ଆଲୋଡ଼ନ; ମୋହିଁବା—1. Churning.
୨ । ମର୍ଦ୍ଦନ—2. Act of rubbing.
୩ । ନିଗାଡ଼ିବା; ଚିପୁଡ଼ିବା—
3. Act of wringing out or squeezing.

ନିର୍ମନ୍ଥନ—ସଂ. ବ.—(ନିର୍+ମନ୍ଥ ଧାତୁ+ଭାବ. ଅନ)—
Nirmanthana ନିର୍ମନ୍ଥ (ଦେଖ)—Nirmantha (See)

ନିର୍ମନ୍ଥ୍ୟ—ସଂ. ବ. (ନିର୍+ମନ୍ଥ ଧାତୁ+କର୍ମ. ଯ)—ଯଜ୍ଞାଗ୍ନି
Nirmanthya ଉତ୍ପାଦନାର୍ଥ ବ୍ୟବହୃତ ଘୃଷ୍ୟମାଣ ମନ୍ଥନକାଷ୍ଠ—
A piece of drywood used to procure fire for vedic sacrifice by friction.

ନିର୍ମମ—ସଂ. ବଣ.ପୁଂ (ବହୁବ୍ରୀହି; ନିର୍=ନାହିଁ+ମମ=ମମତା ଯାହାର)—
Nirmama ୧ । ମମତାଶୂନ୍ୟ; ନିଃସ୍ୱାର୍ଥ—1. Unselfish.
(ନିର୍ମମା—ସ୍ତ୍ରୀ) ୨ । ବାସନାରହିତ—
2. Disinterested; having no desire.
୩ । ନିର୍ଦ୍ଦୟ—3. Cruel; unkind.
୪ । କୃପାହୀନ—4. Pitiless; relentless; severe.

ନିର୍ମମତା—ସଂ. ବ. (ନିର୍ମମ+ଭାବ.ତା)—୧ । ମମତାହୀନତା; ନିଃସ୍ୱାର୍ଥତା-
Nirmamatā 1. Unselfishness; disinterestedness.
(ନିର୍ମମତ୍ୱ—ଅନ୍ୟରୂପ) ୨ । ସ୍ନେହହୀନତା—
2. Want of attachment or affection

ନିର୍ମର୍ଯ୍ୟାଦ—ସଂ. ବଣ. (ବହୁବ୍ରୀହି; ନିର୍+ମର୍ଯ୍ୟାଦା)—ମର୍ଯ୍ୟାଦା ବା
Nirmarjyāda ସମ୍ଭ୍ରମଶୂନ୍ୟ—Destitute of honor; dishonourable.
(ନିର୍ମର୍ଯ୍ୟାଦା—ସ୍ତ୍ରୀ)

ନିର୍ମର୍ଯ୍ୟାଦା—ଦେ. ବ. (ସଂ. ଅମର୍ଯ୍ୟାଦା)—ମର୍ଯ୍ୟାଦାର ଅଭାବ;
Nirmarjyādā ଅମର୍ଯ୍ୟାଦା—Want of due respec

ସ୍ୱଶି ନାର୍ମର୍ଯ୍ୟାଦାରେ ପ୍ରବର୍ତ୍ତିଲ ପୃଷ
ହେଲେ ସେ ଦୁଇକୁଳ ଶୀରମାନେ ବଧ । କୃଷ୍ଣସିଂହ, ମହାଭାରତ, କର୍ଣ୍ଣ

ଦେ. ବିଣ—ନିମର୍ଯ୍ୟାଦ (ଦେଖ)—Nimarjyāda (See)

ଏଥିରୁ ଯେବେ ଅନ୍ଧ ହୁଅଇ ବେଭାର,
ତେବେ ହିଁ ନିର୍ମର୍ଯ୍ୟାଦା ହୁଅଇ ସଂସାର । କୃଷ୍ଣସିଂହ, ମହାଭାରତ, ବନ ।

ନିର୍ମଳ—ସ. ବି. (ବହୁବ୍ରୀହି; ନିର୍+ମଳ)—୧ । ମଳହୀନ; ବିମଳ—
Nirmala 1. Clear; pellucid.
(ନିର୍ମଳା – ସ୍ତ୍ରୀ) ୨ । ଯହିଁରେ ଦାଗ ନ ଥାଏ—2. Spotless; stainless.
(ନିର୍ମ୍ମଳ—ଅନ୍ୟରୂପ)
୩ । ସ୍ୱଚ୍ଛ—3. Transparent; lucid.
୪ । ଶୁଚ—4. Purified.
୫ । ପରିଷ୍କୃତ—5. Clean.
୬ । ବିଶୁଦ୍ଧ; ପବିତ୍ର—6. Pure.
୭ । ଦୋଷହୀନ—7. Faultless;
୮ । ଉଜ୍ଜ୍ୱଳ—8. Bright; limpid.
୯ । ସୁନ୍ଦର—9. Fair.
୧୦ । ନିଷ୍ପାପ; ପାପହୀନ—10. Sinless.

ହରିଚରଣ ଯୁଗ ଦେଖି
ନିର୍ମ୍ମଳ ହେଲ ଚର୍ମ ଅକ୍ଷି । ଜଗନ୍ନାଥ, ଭାଗବତ ।

ବି.—୧ । ନିର୍ମାଲ୍ୟ; ଠାକୁରଙ୍କ ଛଡ଼ାଫୁଲ—1. Flowers taken out from the body of an image.
୨ । ଅଭ୍ର—2. Mica; talc.
୩ । ନିରମଳା (ଦେଖ)—3. Nirimalā (See)

ନିର୍ମଳ ଝର—ଦେ. ବି—ଖଲ୍ଲିକୋଟ ରାଜଧାନୀର ନିକଟବର୍ତ୍ତୀ ପାର୍ବତ୍ୟ
Nirmala jhara ଝରଣାବିଶେଷ—Name of a mountain-spring near Khallikota in Ganjam.
(ନିର୍ମଳା ନିର୍ଝର—ଅନ୍ୟରୂପ)

ଖଲ୍ଲୀକୋଟ ଯହିଁ ଶ୍ରେଷ୍ଠ ମଣ୍ଡମାନେ, ନିର୍ମଳା ନିର୍ଝର ଜଳାମୃତ ପାନେ ।
ରାଧାନାଥ, ଚନ୍ଦ୍ରଭାଗା ।

[ଦ୍ର—ଏହା ପର୍ବତରୁ ବାହାରି କିଛି ଦୂର ବହି ଅଦୃଶ୍ୟ ହୋଇ ନିମ୍ନ ଦେଶକୁ ଗତି କରୁଅଛି । ଖଲ୍ଲିକୋଟର ଭୂତପୂର୍ବ ରାଜା ଏଠାରେ ଗୋଟିଏ ନଅର ତୋଳାଇଥିଲେ । ଝର ପାଣି ନଅରର ସବୁ ଘର ବାଟେ କୃତ୍ରିମ ନାଳଦ୍ୱାରା ଯାଇ ଆବଶ୍ୟକ ସ୍ଥାନମାନଙ୍କରେ ପାଣି ଯୋଗାଉଥିଲା ।]

ନିର୍ମଳତା—ସ. ବି. (ନିର୍ମଳ+ଭାବ. ତା)—
Nirmalatā ୧ । ବୈମଲ୍ୟ; ବିମଳତା—1. Clearness.
(ନିର୍ମଳତ୍ୱ—ଅନ୍ୟରୂପ) ୨ । ଶୁଚିତା—2. Purity.

ନିର୍ମଳା—ଦେ. ବି. (ନିର୍ମଳ+ଆ)—୧ । ନିରମଳା (ଦେଖ)
Nirmalā 1. Nirimalā (See)
୨ । ନିର୍ମଳ ଝର (ଦେଖ)
2. Nirmala jhara (See)

ନିର୍ମଳା-ନିର୍ଝର-ଜଳାମୃତ-ପାନେ । ରାଧାନାଥ, ଚନ୍ଦ୍ରଭାଗା ।

ନିର୍ମଳୀ—ସ. ବି—ନିରମଳା (ଦେଖ)
Nirmalī Nirimalā (See)

ନିର୍ମଳୋପଳ—ସ ବି—ସ୍ଫଟିକ—
Nirmalopala Crystal.
(ନିର୍ମଳୋପମ—ଅନ୍ୟରୂପ)

ନିର୍ମାଇବା—ଦେ. (ପଦ୍ୟ) କ୍ରି. (ସ. ନିର୍ମାଣ)—
Nirmāibā ନିର୍ମାଣ କରିବା; ସୃଷ୍ଟି କରିବା—
निर्माण करना To build; to raise; to construct; to create.
निर्माना

ବିଶାଳ ପୁର ସେ ନିର୍ମାଇ
ଦିଏ ଭକ୍ତ ହେମ ଭଳ ହୋଇ । ଜଗନ୍ନାଥ, ଭାଗବତ ।

ନିର୍ମାଇଲ—ଗ୍ରା. ବି. (ସ. ନିର୍ମାଲ୍ୟ)—ନିରମାଇଲ (ଦେଖ)
Nirmāila Nirimāila (See)

ନିର୍ମାଂସ—ସ. ବିଣ (ବହୁବ୍ରୀହି; ନିର୍+ମାଂସ)—୧ । ମାଂସହୀନ—
Nirmāmsa 1. Fleshless; meatless.
୨ । ଖାଦ୍ୟାଭାବରୁ ଅତି କ୍ଷୀଣଶରୀର—
2. Emaciated for want of food.

ନିର୍ମାକ୍ଷୀ—ଦେ. ବିଣ. (ପୁଂ ଓ ସ୍ତ୍ରୀ) (ସ. ନାରକ୍ଷକ)—
Nirmākshi ୧ । ନିରାଶ୍ରୟ—1. Helpless; shelterless.
(ନିର୍ମାଖୀ—ଅନ୍ୟରୂପ)
ବେଚାରା(ରୀ) ୨ । ଅରକ୍ଷିତ—2. Unprotected.
बेचारा

ସେ ଯେ ହେବଇ ଯେଉଁ ନିର୍ମାକ୍ଷୀ ।
ପ୍ରାଚୀ ଭ୍ରାତା ଶଶିସେଣା ।

ନିର୍ମାଣ—ସ. ବି. (ନିର୍+ମା ଧାତୁ=ମାପିବା+ଭାବ. ଅନ)—
Nirmāṇa ୧ । ଗଠନ—1. Formation; creation.
୨ । ପ୍ରସ୍ତୁତକରଣ—2. Making.
୩ । ରଚନା—3. Construction; make
୪ । ଉତ୍ଥାନ—4. Raising; fabrication.
୫ । ଘର ତିଆରି—5. Building of a house
୬ । ସାର—6. Essence; similarity.
୭ । ସାମଞ୍ଜସ୍ୟ—7. Fitness.
୮ । ପରିଚ୍ଛେଦ—8. Chapter.
ଦେ. ବିଣ—ନିର୍ମିତ—Made; constructed.

ତ୍ରିଧିକ ? ଗୁଣ ଉପମା ପୁଣ ନିର୍ମାଣ ପଶୁ ଚର୍ମେ ।
ଉପେନ୍ଦ୍ର, ବୈଦେହୀଶବିଳାସ ।

ନିର୍ମାଣ ବିଦ୍ୟା—ସ. ବି—ବାସ୍ତୁ ବିଦ୍ୟା—
Nirmāṇa bidyā Engineering; the art of building construction.

ନିର୍ମାଣିବା—ଦେ. କ୍ରି—ନିର୍ମାଇବା (ଦେଖ)
Nirmāṇibā Nirmāibā (See)

ଅନେକ ବାସ ଗୃହ ଥିଲେ ଯେ ନିର୍ମାଣି ।
କୃଷ୍ଣସିଂହ, ମହାଭାରତ ସଭା ।

ନିର୍ମାତା—ସ. ବିଣ. ପୁଂ (ନିର୍+ମା ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Nirmātā ୧ । ନିର୍ମାଣକାରୀ—1. Building.
(ନିର୍ମାତ୍ରୀ—ସ୍ତ୍ରୀ) ୨ । ରଚୟିତା—2. Composing.
ବି—୧ । ସ୍ରଷ୍ଟା; ସୃଷ୍ଟିକର୍ତ୍ତା—
1 Builder; creator; maker.
୨ । କାରିଗର—2. Architect; artisan.

୩ । ଗ୍ରନ୍ଥକାର; ରଚକ ବ୍ୟକ୍ତି—
3 Composer; author.

ନିର୍ମାତ୍ରିକ—ସଂ. ବିଣ. (ନିର୍+ମାତ୍ରା+ଇକ)—ଯହିଁରେ ମାତ୍ରା ନ ଥାଏ—
Nirmātrika Having no mātrā.

ନିର୍ମାୟ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍=ନାହିଁ+ମାୟା)—
Nirmāya ୧ । ଅମାୟିକ; ମାୟା ବିରହିତ; ଛଳହୀନ—
(ନିର୍ମାୟା—ସ୍ତ୍ରୀ) 1. Not deceitful.
୨ । ସରଳ—2. Frank.

ନିର୍ମାୟା—ଦେ. ବିଣ. (ସଂ. ନିର୍ମାୟ)—୧ । ନିର୍ମାୟ (ଦେଖ)
Nirmāyā 1. Nirmāya (See)
निमाया
निमाया

ଅହେ ଧୃତରେ ଏହିରୂପେ ନିର୍ମାୟା
ବଚନ କହୁଣ ଗଲେ ସେ ମହାମାୟା ।
କୃଷ୍ଣସିଂହ. ମହାଭାରତ. ସ୍ୱର୍ଗ ।

୨ । ଯାହାକୁ ସଂସାରର ମାୟା ଛୁଇଁ ନାହିଁ—
2. Free from worldly illusion; not concerned with the worldly concerns.

ନିର୍ମାଳି(ଲି)—ଦେ. ବି—ନାନକ ପନ୍ଥୀ ଶିଖ ସମ୍ପ୍ରଦାୟବିଶେଷ;
Nirmāli(li) (ଏମାନେ ଏକାନ୍ତ ଈଶ୍ୱରନିଷ୍ଠ ଓ ଜୀବହିଂସାଦି
निर्माली ନ କରି ଅତି ପବିତ୍ର ଭାବରେ ଜୀବନ ଅତି-
निर्मली ବାହିତ କରନ୍ତି; କେହି କେହି ଏମାନଙ୍କୁ ବୈଷ୍ଣବ ସମ୍ପ୍ରଦାୟଭୁକ୍ତ ବୋଲି କହନ୍ତି; ଏଥିର ପ୍ରବର୍ତ୍ତକ ରାମ ଦାସ ନାମକ ଜଣେ ସାଧୁ ଥିଲେ; ଏମାନେ ଗେରୁଆ ଲୁଗା ପିନ୍ଧନ୍ତି ଓ ସନ୍ନ୍ୟାସୀଙ୍କ ପରି ଚଳନ୍ତି)—
A sect of Sikhs.

ନିର୍ମାଲ୍ୟ—ସଂ. ବି. (ନିର୍+ମାଲ୍ୟ)—
Nirmālya ୧ । ଦେବତାଙ୍କର ପ୍ରସାଦୀ ମାଳା ଓ ଫୁଲ ଆଦି—
1. Garlands and flowers taken out from the immage of a Deity.

[ଦ୍ର—ଦେବତାଙ୍କୁ ଅର୍ପିତ ବସ୍ତୁ ବିସର୍ଜନ ପୂର୍ବରୁ ନୈବେଦ୍ୟ ଓ ବିସର୍ଜନ ପରେ ନିର୍ମାଲ୍ୟ ହୁଏ । ହି ଶ.]

୨ । ଦେବତାଙ୍କ ଛଡ଼ାଫୁଲ—
2 Flowers put off from a Deity.
୩ । ଦେବତାଙ୍କ ପ୍ରସାଦ—
3. Offerings to a Deity.

ଦେବଙ୍କ ନିର୍ମାଲ୍ୟ ଦେଇ ପିଙ୍ଗା ପାରେ,
ଠିଆ ହୋଇଲେ ହସ୍ତ ଯୋଡ଼ି ଭକ୍ତିବଶେ । କୃଷ୍ଣସିଂହ. ମହାଭାରତ. ବନ ।

୪ । (ନିର୍ମଳ+ଭାବ. ଯ)—ନିର୍ମଳତା—
4 Purity; stainlessness.

ଦେ. ବି—ପୁରୀର ଜଗନ୍ନାଥ ବା ଭୁବନେଶ୍ୱରର ଲିଙ୍ଗରାଜ ମହାପ୍ରଭୁଙ୍କ ମହାପ୍ରସାଦ ଅନ୍ନକୁ ଶୁଖାଇ କରି ରଖାଯିବା ପ୍ରସାଦ—Boiled rice-offering of the Deity Jagannātha (of Puri) and of Limgarāja (of Bhubaneswar) which is dried in the sun and kept for being partaken of in lieu of Mahāprasāda when it is not available.

[ଦ୍ର—ଦୂର ଦେଶରେ ଓ ଯେଉଁ ସ୍ଥାନରେ ବା ସମୟରେ ଅନ୍ନ ମହାପ୍ରସାଦ ମିଳିବ ନାହିଁ ଏପରି ସ୍ଥଳରେ ମହାପ୍ରସାଦ ପରିବର୍ତ୍ତରେ ବ୍ୟବହାର କରାଯିବା ଲାଗି ଲୋକେ ଅନ୍ନ ମହାପ୍ରସାଦକୁ ଶୁଖାଇକରି ରଖି ଥାଆନ୍ତି । କେହି କେହି ପ୍ରତିଦିନ ପୂଜା ବନ୍ଦନାଦି କରି ସାରି କଣିକାଏ ନିର୍ମାଲ୍ୟ ସେବନ କରନ୍ତି । ଏହି ନିର୍ମାଲ୍ୟ ପରସ୍ପରଙ୍କ ମୁଖରୁ ବାଅଦେଇ ହୋଇ ଲୋକେ 'ନିର୍ମାଲ୍ୟ' ବନ୍ଧୁତା ବସନ୍ତି ।]

ବିଣ—୧ । (ନିର୍+ମଳ+ଯ) ନିର୍ମଳ; ପରିଷ୍କୃତ—
1. Clean; limpid.
୨ । (ନିର୍+ମାଲ୍ୟ) ମାଲ୍ୟରହିତ—
2. Destitute of garland.

ନିର୍ମାଲ୍ୟା—ସଂ. ବି—ନିର୍ମଳୀ ଫଳ—
Nirmālyā The clearing nut.

ନିର୍ମିତ୍ସା—ସଂ. ବି. (ନିର୍+ମା. ଧାତୁ+ଇଚ୍ଛାର୍ଥେ. ସନ୍+ଭାବ. ଅ+ଆ)—ନିର୍ମାଣେଚ୍ଛା—Intention to build.
Nirmitsā

ନିର୍ମିତ—ସଂ. ବିଣ. (ନିର୍+ମା. ଧାତୁ+କର୍ମ. ତ)—
Nirmita ୧ । ଗଠିତ; ରଚିତ—1. Made; consrutcted.
୨ । କୃତ; ତିଆରି—2. Manufactured.

ନିର୍ମିତ୍ସୁ—ସଂ. ବିଣ. (ନିର୍+ମା ଧାତୁ ଇଚ୍ଛାର୍ଥେ ସନ୍+କର୍ତ୍ତୃ. ଉ)—
Nirmitsu ନିର୍ମାଣେଚ୍ଛୁକ—Intending to build.

ନିର୍ମିତି—ସଂ. ବି. (ନିର୍+ମା. ଧାତୁ+ଭାବ. ତି)—୧ । ନିର୍ମାଣ—
Nirmiti 1. Construction.
୨ । ରଚନା—2. Make.
୩ । ଔଚିତ୍ୟ—3. Fitness; propriety.

ନିର୍ମିବା—ଦେ. (ପଦ୍ୟ) କ୍ରି—ନିର୍ମାଇବା (ଦେଖ)—
Nirmibā Nirmāibā (See).

ରଚିଥିଲେ ସ୍ୱର୍ଣ୍ଣ ନିର୍ମି ଯାଗ ପାଇଁ
ଏଣୁ କାଣ ଅଛି ମୁଁ କର୍ମୁ ବଡ଼ ନାହିଁ । କୃଷ୍ଣସିଂହ. ମହାଭାରତ ଶାନ୍ତି ।

ନିର୍ମୁକ୍ତ—ସଂ. ବି. (ନିର୍+ମୁଚ୍ ଧାତୁ+କର୍ମ. ତ)—୧ । ବିମୁକ୍ତ—
Nirmukta 1. Freed.
୨ । ପୃଥକ୍‌ଭୂତ—2. Separated; disjoined.
୩ । ସଙ୍ଗବର୍ଜିତ—3. Isolated from company.
୪ । ନିର୍ମୋକଶୂନ୍ୟ; ଖୋଳ ବା କାତି ଛାଡ଼ିଥିବା (ସାପ)—
4. Having cast the slough or skin (a serpent).
୫ । ବନ୍ଧନମୁକ୍ତ—5. Released; set free.
୬ । ମୁକ୍ତିପ୍ରାପ୍ତ—6. Liberated.
୭ । ବହିର୍ଗତ—7. Departed; come out.

ନିର୍ମୁଟ—ସଂ. ବି. (ନିର୍+ମୁଟ୍ ଧାତୁ=ଚୂର୍ଣ୍ଣ କରିବା+କର୍ତ୍ତୃ. ଅ)—
Nirmuṭa ୧ । ସୂର୍ଯ୍ୟ—1. The sun.
୨ । ଅପୁଷ୍ପ ବୃକ୍ଷ; ବନସ୍ପତି—2. A tree bearing fruits without flowers.
୩ । ନିଷ୍କର ହାଟ—3. Rentfree fair or market.
୪ । ଖର୍ପର—4. Skull.
୫ । ଶଠବ୍ୟକ୍ତି; ଠକ—5. A knave; a cheat.

୬ । ତସ୍କର—6. A thie .

ନିର୍ମୂଳ—ସ. ବ. (ବହୁବ୍ରୀହି; ନିର୍ + ମୂଳ)—୧ । ମୂଳହୀନ—
Nirmūḻa 1. Destitute of root, origin or foundation.

୨ । ସମୂଳେ ବିନଷ୍ଟ—2. Extinct; eradicated, extirpated.

୩ । ମୂଳୋତ୍ପାଟିତ; ଉତ୍ଖାତ—3. Uprooted; pulled up by the root.

କରିବେ ସମସ୍ତ ପ୍ରାଣୀଙ୍କି ନିର୍ମୂଳ—କୃଷ୍ଣସିଂହ. ମହାଭାରତ. ସଭା ।

ଦେ. ବଣ—ନିର୍ବଂଶ—Issueless.

ନିର୍ମୂଳ କରିବା—ଦେ. କ୍ରି—ଉତ୍ପାଟନ କରିବା—
Nirmūḻa kariba To extirpate; to eradicate; to uproot.
निर्मूल करना जड़से उखाड़ना

ନିର୍ମୂଳନ—ସ. ବ. (ନିର୍ + ମୂଳନ)—୧ । ସମୂଳ ଉତ୍ପାଟନ—
Nirmūḻana 1. Eradication; uprooting.

୨ । ବିନାଶନ—2. Extirpation.

ନିର୍ମୂଳ ହେବା—ଦେ. କ୍ରି—୧ । ସମୂଳେ ବିନଷ୍ଟ ହେବା—
Nirmūḻa heba 1. To become extinct, root and all.
निर्मूल होना ୨ । ନିର୍ବଂଶ ହେବା—
जड़से उखड़ना 2. To be extinct in progeny.

ନିର୍ମୂଳିଆ—ଦେ ବଣ. ପୁଂ. (ଗାଳିରେ ବ୍ୟବହୃତ)—୧ । ନିର୍ବଂଶିଆ—
Nirmūḻiā 1 Issueless; progenyless.
(ନିର୍ମୂଳୀ—ସ୍ତ୍ରୀ) ୨ । ଯାହାର ମୂଳ ନାହିଁ—
2. Having no root.

ବ—ନିର୍ମୂଳୀ ଲତା (ଦେଖ)—Nirmūḻi lata (See).

ନିର୍ମୂଳୀ—ସ. ବ—ନିର୍ମୂଳୀ ଲତା (ଦେଖ)—
Nirmūḻi Nirmūḻi lata (See).

ନିର୍ମୂଳୀ ଲତା—ସ. ବ—ପରାଙ୍ଗପୁଷ୍ଟ ଲତାବିଶେଷ; ଗଛ ଉପରେ ମାଡ଼ି
Nirmūḻi lata ଥିବା ମୂଳହୀନ ଲତାବିଶେଷ; ଆକାଶ ବଲ୍ଲୀ—
ସ. ଆକାଶବଲ୍ଲୀ, ଅମରବଲ୍ଲୀ A sort of parasite creeper; Cuscuta Reflexa.
आलगालता, अमरबेल [୪—ଏହା ସରୁ ହଳଦିଆ ତେନ୍ତା-
गगनबेल, अमरबेल ବିଶିଷ୍ଟ ଏକପ୍ରକାର ଲତା । ଏହାର ପତ୍ର
ଗଞ୍ଜାମ—ଗଗନସିନ୍ଧୁ ନାହିଁ । ଏହା ବିନାଚେରରେ ଗଛ ଉପରେ
ମାଡ଼େ । ଏହା ଧାରକ, ତିକ୍ତ କଷାୟ ରସ, ପିଚ୍ଛିଳ, ନେତ୍ରରୋଗଘ୍ନ, ଅଗ୍ନି ବର୍ଦ୍ଧକ ଓ ପିତ୍ତକଫ ଓ ଆମନାଶକ ।]

ନିର୍ମୃଷ୍ଟ—ସ. ବଣ. (ନିର୍ + ମୃଜ୍ ଧାତୁ = ମାଜିବା + କର୍ମ. ତ)—
Nirmṛushṭa ୧ । ମାର୍ଜିତ—1. Rubbed out.

୨ । ପାଲସ୍ କରାଯାଇଥିବା—2. Polished.

୩ । ପୋଛି ହୋଇଥିବା—3. Wiped out.

ନିର୍ମେଦ—ସ. ବଣ. (ବହୁବ୍ରୀହି; ନିର୍ + ମେଦ)—୧ । ଚର୍ବିହୀନ—
Nirmeda 1. Without fat.

୨ । କୃଶ—2. Weak; emaciated.

ନିର୍ମେଧା—ସ. ବଣ. (ନିର୍ + ମେଧସ୍, ୧ମା.୧ବ)—୧ । ମେଧାହୀନ—
Nirmedhā 1. Dull; blunt.

୨ । ମୂଢ଼—2. Stupid.

ନିର୍ମୋକ—ସ. ବ. (ନିର୍ + ମୁଚ୍ ଧାତୁ = ତ୍ୟାଗ କରିବା + କର୍ମ. ଅ)—
Nirmoka ୧ । ସାପର କାତି—1. Slough of a serpent.

୨ । ସାଞ୍ଜୁ—2. Coat of arms; armour; mail.

୩ । ଆକାଶ—3. The sky.

୪ । (+ଭାବ.ଅ)—ମୁକ୍ତି; ମୋକ୍ଷ—
4. Final beatitude.

୫ । (ନାମ) ସାବର୍ଣ୍ଣି ମନୁଙ୍କର ଏକ ପୁତ୍ର—
5. Name of a son of Sābarṇni Manu.

ନିର୍ମୋକ୍ଷ—ସ. ବ. (ନିର୍ + ମୋକ୍ଷ)—୧ । ତ୍ୟାଗ—
Nirmoksha 1. Abandonment; renunciation.

୨ । ପୂର୍ଣ୍ଣ ମୋକ୍ଷ—2. Complete emancipation.

ନିର୍ମୋଚ୍ୟ—ସ. ବଣ. (ନିର୍ + ମୁଚ୍ ଧାତୁ + କର୍ମ. ଯ)—
Nirmochya ମୁକ୍ତିପାଇବାର ଯୋଗ୍ୟ—
Deserving to be liberated.

ନିର୍ମୋହ—ସ. ବଣ. ପୁଂ. (ନିର୍ + ମୋହ; ବହୁବ୍ରୀହି)—ମୋହହୀନ—
Nirmoha Free from illusion.
(ନିର୍ମୋହା—ସ୍ତ୍ରୀ) (ନିର୍ମୋହତା—ବ)

ନିର୍ଯନ୍ତ୍ରଣ—ସ.ବ. (ନିର୍ + ଯନ୍ତ୍ର ଧାତୁ = ସଙ୍କୁଚିତ କରିବା + ଭାବ. ଅନ)—
Nirjantraṇa ସ୍ୱାତନ୍ତ୍ର୍ୟ—Independence.

ବଣ—୧ । (ବହୁବ୍ରୀହି; ନିର୍ + ଯନ୍ତ୍ରଣା)—ଉଚ୍ଛୃଙ୍ଖଳ—
1. Unrestrained; perverse.

୨ । ଅବାଧ; ଅନର୍ଗଳ—
2. Without hindrance; unimpeded.

୩ । ଅନିବାରିତ—3. Unobstructed; uncontrolled.

୪ । ଯନ୍ତ୍ରଣାରହିତ—4. Painless.

ନିର୍ଯନ୍ତ୍ରିତ—ସ. ବଣ. (ନିର୍ + ଯନ୍ତ୍ରିତ)—୧ । ଉଚ୍ଛୃଙ୍ଖଳ—
Nirjantrita 1. Loose; irregular.

୨ । ବାଧାରହିତ—2. Unobstructed.

୩ । ଅନିବାରିତ—3. Unrestricted.

ନିର୍ଯା(ର୍ଯ୍ୟା)ଣ—ସଂ. ବ. (ନିର୍ + ଯା ଧାତୁ = ଯିବା + ଭାବ. ଅନ)—
Nirjā(rjyā)ṇa ୧ । ନିର୍ଗମନ; ବହିର୍ଗମନ—
1. Setting out; going forth.

୨ । ନିଷ୍କ୍ରମଣ; ନିଃସରଣ; ପ୍ରସ୍ଥାନ—2. Departure.

୩ । ଲୋପ ହେବା—3. Vanishing.

୪ । ନିର୍ବାଣ; ମୁକ୍ତି—4. Emancipation, beatitude.

୫ । ପ୍ରାଣବାୟୁର ଦେହ ପରିତ୍ୟାଗ; ମୃତ୍ୟୁ—5. Death.

୬ । (+ଅଧିକରଣ. ଅନ)—ପଶୁର ପୃଷ୍ଠାସନ; ଜିନ୍—
6. Saddle.

୭ । ଗଜାପାଙ୍ଗ; ହସ୍ତୀର ଚକ୍ଷୁ କୋଣର ପ୍ରାନ୍ତ—
7. The outer corner of an elephant's eye.

୮ । (+କରଣ. ଅନ) ପଶୁର ପାଦ ବାନ୍ଧିବା ରଜ୍ଜୁ—
8. Rope for tying the feet of animals.

୯ । ଗଦି—9. Pad; cushion.

ନିର୍ଯା(ର୍ଯ୍ୟା)ତ—ସଂ. ବିଣ. (ନିର୍ + ଯା ଧାତୁ + କର୍ତ୍ତୃ. ତ)—୧ । ନିର୍ଗତ;
Nirjā(rjyā)ta ବହିର୍ଗତ—1. Gone forth; gone out; started; departed.
୨ । ନିଃସାରିତ—2. Extracted.
୩ । ଅପସାରିତ—3 Expelled.
୪ । ଲୁପ୍ତ—4 Vanished.
୫ । ମୃତ—5. Deceased.

ନିର୍ଯା(ର୍ଯ୍ୟା)ତନ—ସଂ. ବି. (ନିର୍ + ଯତ୍ ଧାତୁ = ଣିଜନ୍ତ; ଯାତି ଧାତୁ +
Nirjā(rjyā)tana ଭାବ. ଅନ)—୧ । ପ୍ରତିଶୋଧ; ପ୍ରତିହିଂସା; ବୈରି ଶୁଦ୍ଧି—1. Revenge; requital.
୨ । ନିଗ୍ରହ—2. Persecution.
୩ । ମାରଣ; ବଧ—3. Slaughter.
୪ । ପ୍ରହାର—4. Beating.
୫ । ଦାନ—5. Gift; donation.
୬ । ପ୍ରତ୍ୟର୍ପଣ—6. Redelivery.
୭ । ପୁନଃ ସ୍ଥାପନ—7. Replacing.
୮ । ଋଣ ପରିଶୋଧ—
8. Repayment of a loan; liquidation.
୯ । ଅର୍ଥଦାନ—9. Payment.
୧୦ । ବହିଷ୍କରଣ—10. Removal.
୧୧ । ତ୍ୟାଗ—
11. Abandonment; renunciation.

ନିର୍ଯା(ର୍ଯ୍ୟା)ମ—ସଂ. ବି.—(ନିର୍ + ଯମ୍ ଧାତୁ = ନିବୃତ୍ତ କରିବା + କର୍ତ୍ତୃ.
Nirjā(rjyā)ma ଅ)—ପୋତବାହ; ନାବିକ—Sailor.

ନିର୍ଯା(ର୍ଯ୍ୟା)ସ—ସଂ ବି. (ନିର୍ + ଯସ୍ ଧାତୁ = ଚେଷ୍ଟା କରିବା + କର୍ମ. ଅ)—
Nirjā(rjyā)sa ୧ । କ୍ଷରଣ; ନିସ୍ୟନ୍ଦ—1. Exudation; infusion; oozing of juice.
୨ । ପାଚନ; କ୍ୱାଥ—2. Decoction; solution.
୩ । ଅଠା—3. Gum; resin.
୪ । ଗଛର ରସ—4. Juice; sap.
୫ । ଗୂଢ଼ାର୍ଥ—5. Implied or secret meaning.
୬ । ସାର ମର୍ମ—6. Purport.
୭ । ନିଷ୍କର୍ଷ; ସିଦ୍ଧାନ୍ତ—7. Final decision.

निर्याश ଦେ. ବିଣ.—୧ । ଠିକ୍; ସତ୍ୟ—
निर्यास 1. True; correct.
୨ । ସୁଦୃଢ଼—2. Firm.
୩ । କଠିନ—3. Hard; harsh.
୪ । ସ୍ପଷ୍ଟ—4. Plain; clear; positive.
୬ । ନିଶ୍ଚିତ—6. Certain, conclusive.

ନିର୍ଯୂ (ର୍ଯ୍ୟୂ)ହ—ସଂ. ବି.—୧ । ଗବାକ୍ଷ—
Nirju(jyu)ha 1. Latticed window.
୨ । ଦ୍ୱାର—2. Door.
୩ । ମୁକୁଟ; ପାଗ—3. Crown; turban.

ନିର୍ଲକ୍ଷ—ଦେ. ବିଣ.—ଅନିଶ୍ଚିତ—
Nirlaksha Indefinite.
ଦେ. ବି. ବେଖାତିର; ଅନାସ୍ଥା—Disregard.

ନିର୍ଲକ୍ଷଣ—ସଂ. ବିଣ. (ବହୁବ୍ରୀହି; ନିର୍ + ଲକ୍ଷଣ)—
Nirlashana ୧ । ସୁଲକ୍ଷଣହୀନ; ଅଲକ୍ଷଣ—1 Without any auspicious sign.
(ନିର୍ଲକ୍ଷଣା—ସ୍ତ୍ରୀ)
୨ । ଅଲକ୍ଷିତ—2. Unmarked.

ନିର୍ଲଜ୍ଜ—ସଂ ବିଣ. ପୁଂ. (ବହୁବ୍ରୀହି; ନିର୍ + ଲଜ୍ଜା)—୧ । ଲଜ୍ଜାହୀନ—
Nirlajja 1. Shameless; impudent; brazenfaced.
(ନିର୍ଲଜ୍ଜା—ସ୍ତ୍ରୀ) ୨ । ମାନନାହୀନ; ଅମାନିଆ—2. Immodest.
୩ । ଅଶ୍ଳୀଳ—3. Indecent.

ନିର୍ଲଜ୍ଜତା—ସଂ. ବି. (ନିର୍ଲଜ୍ଜ + ଭାବ. ତା)—୧ । ଲଜ୍ଜାହୀନତା—
Nirlajjatā 1. Impudence; shamelessness.
(ନିର୍ଲଜ୍ଜତ୍ୱ—ଅନ୍ୟରୂପ) ୨ । ଅଶ୍ଳୀଳତା—2. Indecency.

ନିର୍ଲିପ୍ତ—ସଂ. ବିଣ. (ନିର୍ + ଲିପ୍ ଧାତୁ = ଲେପନ କରିବା + କର୍ମ. ତ)—
Nirlipta ୧ । ନିଃସମ୍ପର୍କ; ସମ୍ବନ୍ଧଶୂନ୍ୟ—1. Unconnected; unrelated; unconcerned.
୨ । ଅନାସକ୍ତ—2. Indifferent; unattached.
୩ । ପ୍ରଲେପହୀନ—3. Unanointed; unsmeared.
୪ । ସ୍ୱାଧୀନ; ମୁକ୍ତ—4. Freed; liberated.
୫ । ନିର୍ମଳ—5. Undefiled; stainless.
୬ । ସ୍ୱତନ୍ତ୍ର—6. Separate.
୭ । ରାଗ ଦ୍ୱେଷ ଆଦିରୁ ମୁକ୍ତ—7. Free from passions.

ନିର୍ଲିପ୍ସ—ସଂ. ବିଣ. (ବହୁବ୍ରୀହି; ନିର୍ + ଲିପ୍ସା)—ସ୍ପୃହାଶୂନ୍ୟ; ନିଃସ୍ପୃହ—
Nirlipsa Free from desire; indifferent.
(ନିର୍ଲିପ୍ସା—ସ୍ତ୍ରୀ; ନିର୍ଲିପ୍ସତା—ବି)

ନିର୍ଲିପ୍ସୁ—ସଂ. ବିଣ. (ନିର୍ + ଲିପ୍ସୁ)—୧ । ଲୋଭଶୂନ୍ୟ—
Nirlipsu 1. Not covetuous.
୨ । ଅନିଚ୍ଛୁକ—2. Unwilling.
୩ । ସନ୍ତୁଷ୍ଟ—3. Contented.

ନିର୍ଲୁବ୍ଧ—ସଂ. ବିଣ. ପୁଂ. (ନିର୍ + ଲୁବ୍ଧ)—ନିର୍ଲୋଭ—
Nirlubdha Not covetuous.
(ନିର୍ଲୁବ୍ଧା—ସ୍ତ୍ରୀ; ନିର୍ଲୁବ୍ଧତା—ବି)

ନିର୍ଲେଖନ—ସଂ. ବି. (ନିର୍ + ଲେଖନ)—୧ । କୌଣସି ବସ୍ତୁ ଉପରୁ
Nirlekhana ମଳ ଚାଞ୍ଛିବା—1 Scraping off of dirt from a thing.
୨ । ଚାଞ୍ଛିବା ଯନ୍ତ୍ର—2. Scraping instrument.

ନିର୍ଲେପ—ସଂ. ବିଣ. (ବହୁବ୍ରୀହି; ନିର୍ + ଲେପ)—
Nirlepa ୧ । ନିର୍ମଳ; କଳଙ୍କହୀନ—1. Spotless; stainless
୨ । ନିର୍ଲିପ୍ତ—2. Unconcerned.
୩ । ତେଲ ବା ଚର୍ବିରୁ ମୁକ୍ତ—3. Free from greasy or oily matter.

୪ । ଲିପ୍ତ—4. Anointed.

୫ । ସ୍ୱତନ୍ତ୍ର—5 Separate.

୬ । ପାପଶୂନ୍ୟ—6. Sinless.

୭ । ଲେପନଶୂନ୍ୟ—7. Unsmeared.

ବି—୧ । ସମ୍ବନ୍ଧଶୂନ୍ୟତା—1. Unconcern; want of connection; indifference.

୨ । ମୁକ୍ତ; ସାଧୁ—2. A sage; a saint.

ନିର୍ଲୋଡ଼ିତ—ସଂ. ବିଣ. (ନିର୍ + ଲୋଡ଼ିତ)—୧ । ସମାଲୋଚିତ—
Nirlordita 1. Criticised.

୨ । ସମ୍ୟକ୍ ବିବେଚିତ—2. Well considered.

୩ । ତଦନ୍ତ କରି ଯାଇଥିବା—3. Investigated.

ନିର୍ଲୋଭ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍ + ଲୋଭ)—
Nirlobha ୧ । ଲୋଭଶୂନ୍ୟ—1. Uncovetuous; free
(ନିର୍ଲୋଭା - ସ୍ତ୍ରୀ) from covetuousness or avarice.

୨ । ସନ୍ତୁଷ୍ଟ—2. Contented.

ବି—ସନ୍ତୋଷ; ତୁଷ୍ଟି—Contentment.

ନିର୍ଲୋଭୀ—ଦେ ବିଣ. (ସଂ. ନିର୍ଲୋଭ)—ଲୋଭଶୂନ୍ୟ—
Nirlobhi Free from avarice.
निर्लोभी निर्लोभी

ନିର୍ଲୋମ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍ + ଲୋମନ୍)—
Nirloma ୧ । ଲୋମଶୂନ୍ୟ—1. Furless; devoid of
(ନିର୍ଲୋମା—ସ୍ତ୍ରୀ) furs or downs.

୨ । ମାଖୁନା; ଝାଙ୍ଗରା; କେଶଶୂନ୍ୟ—
2. Hairless; bald.

ନିର୍ସା—ଗ୍ରା. ବିଣ. (ସଂ. ନୀରସ)—ନିରସା (ଦେଖ)
Nirsā ନିର୍ସ୍ମା; निरसा Nirasā (See)

ନିର୍ହରଣ—ସଂ. ବି. (ନିର୍ = ନିଃଶେଷ ରୂପେ + ହରଣ)—
Nirharana ୧ । ସତ୍କାରାର୍ଥ ଶବକୁ ଘରୁ ବାହାର କରି ନେବା—
1. Carrying a dead body out of the house for cremation.

୨ । ନିଷ୍କାସନ—2. Bringing out.

୩ । ଶବ ଦାହ—3. Cremation.

ନିର୍ହାର—ସଂ. ବି. (ନିର୍ + ହୃ ଧାତୁ + ଭାବ. ଅ)—
Nirhāra ୧ । ବହିଷ୍କରଣ—1. Bringing out.

୨ । ଉତ୍ପାଟନ—2. Taking out by the root.

୩ । ସତ୍କାରାର୍ଥ ଶବ ବହିଷ୍କରଣ—
3. Bringing out a dead body of the house for cremation.

୪ । ମୂଳୋତ୍ପାଟନ—4. Eradication.

୫ । ଶବଦାହ—5. Cremation.

୬ । ଅଗ୍ନିଦାହ—6. Combustion; burning.

୭ । ବିଦ୍ଧ ଶଲ୍ୟାଦି ଶରୀରରୁ ବାହାର କରିବା—
7. Extraction of arrow etc. pierced into the body.

୮ । ଯଥେଷ୍ଟ ବିନିଯୋଗ—
8 Sufficient application.

୯ । ମଳ ମୂତ୍ରାଦି ତ୍ୟାଗ—9. Answering the calls of nature; discharge of refuse matters from the body.

୧୦ । ବହୁ ଦୂର ପ୍ରସାରିତ ସୁଗନ୍ଧ—
10. A far diffused fragrance.

୧୧ । ସମ୍ପତ୍ତି—11. Wealth.

ନିର୍ହାରକ—ସଂ. ବିଣ. (ନିର୍ + ହୃ ଧାତୁ + କର୍ତ୍ତୃ. ଅକ)—
Nirhāraka ୧ । ବହୁ ଦୂରବ୍ୟାପକ ଗନ୍ଧବିଶିଷ୍ଟ—
(ନିର୍ହାରିକା—ସ୍ତ୍ରୀ) 1. With fragrance diffused far.

୨ । ନିର୍ହରଣକର୍ତ୍ତା; ଯେ ବାହାର କରେ—
2. Extracting; bringing out; drawing out.

୩ । ମଡ଼ାସାଙ୍ଗିଆ; ଶବବାହକ—
3 Carrying the dead body.

୪ । ଶବଦାହକ—4. Cremating.

୫ । ଧନୀ—5 Wealthy.

୬ । ଅପହାରକ—6. Stealing.

ନିର୍ହାରୀ—ସଂ. ବିଣ. (ନିର୍ + ହୃ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ)—
Nirhāri ନିର୍ହାରକ (ଦେଖ)
(ନିର୍ହାରିଣୀ—ସ୍ତ୍ରୀ) Nirhāraka (See)

ନିର୍ହୃତ—ସଂ. ବିଣ. (ନିର୍ + ହୃତ)—
Nirhruta ୧ । ଅପହୃତ—1 Stolen.

୨ । ଉଦ୍ଧୃତ—2. Extracted.

ନିର୍ହେତୁକ—ସଂ. ବିଣ. (ବହୁବ୍ରୀହି; ନିର୍ + ହେତୁ + କ)—
Nirhetuka ଅହେତୁକ; ଅକାରଣ; ବୃଥା—
(ନିର୍ହେତୁ—ଅନ୍ୟରୂପ) Without cause or reason.

ନିର୍ହ୍ରାଦ—ସଂ. ବି. (ନିର୍ + ହ୍ରଦ ଧାତୁ = ଶବ୍ଦ କରିବା + ଭାବ. ଅ)—
Nirhrāda ନିନାଦ; ଧ୍ୱନି—Sound.

ଛଠି - ନିର୍ହ୍ରାଦ କର୍ଣ୍ଣ ବିବର ବଦାରି । ରଥାକାଥ, ମହାଯାନା ।

ନିଲ (ଧାତୁ)—ସଂ—ବହୁ କଷ୍ଟରେ ବୁଝି ପାରିବା—
Nil (root) To understand with difficulty.

ନିଲ—ସଂ. ବି. (ନାମ)—ବିଭୀଷଣର ମନ୍ତ୍ରୀ, ରାକ୍ଷସବିଶେଷ—
Nila Name of a demon.

[ଦ୍ର—ଏ ମାଲୀ ରାକ୍ଷସ ଓ ବସୁଦା ରାକ୍ଷସୀର ପୁତ୍ର ଥିଲେ । ହି. ଶବ୍ଦସାଗର ।]

ନିଲକ୍ଷଣ—ଦେ. ବିଣ. ପୁଂ. (ସଂ. ନିର୍ଲକ୍ଷଣ)—୧ । ସୁଲକ୍ଷଣହୀନ—
Nilakshana 1. Having no auspicious sign.
(ନିଲକ୍ଷଣା—ଅନ୍ୟରୂପ) ନିଲକ୍ଷଣୀ ପାଇଁ କଷ୍ଟ ଏତେ ଭୁଞ୍ଜିଲ ସହି—
(ନିଲକ୍ଷଣୀ—ସ୍ତ୍ରୀ) ଅଭିମନ୍ୟୁ ବଦରଥଚନ୍ଦ୍ରମାଳି ।

୨ । ଅଲକ୍ଷଣା; ମନ୍ଦ ଆଚରଣବିଶିଷ୍ଟ—
2. Having bad or cursed habits.

ମୁଁ ଥିଲି ନିଲକ୍ଷଣୀ ମଲି,
ତୋତେ ଏକାକୀ ଛାଡ଼ି ଗଲି—ବନଦାସ, ଦାର୍ଢ୍ୟଭକ୍ତି ।

୩ । କୁତ୍ସିତ—3 Bad; evil.
୪ । ହୀନ; ତୁଚ୍ଛ—4. Mean; low.

ନିଲଜ(ଜ୍ଜ)—ଦେ. ବିଣ (ସଂ. ନିର୍ଲଜ୍ଜ)—ନିର୍ଲଜ୍ଜ (ଦେଖ)
Nilaja(jja) Nirlajja (See)
निलाज निलज ନିସ୍ପନ୍ନ ଇସ୍ପନ୍ଦ ଗଲ ନିଲଜ ଚାକୁଣି—ପ୍ରାଚୀ, ଋହସ୍ୟମଣ୍ଡଳ ।
(ନିଲଜା, ନିଲଜିଆ, ନିଲଜ୍ୟା—ଅନ୍ୟରୂପ) (ନିଲଜୀ—ସ୍ତ୍ରୀ)

ନିଲଜପଣ—ଦେ. ବି—ଲଜ୍ଜାହୀନତା—
Nilajapaṇa Shameless-ness.
निलाजपना ତଥାପି ନିଲଜପଣେ ପ୍ରକୃତ ମୁହଁ—ପ୍ରାଚୀ, ଋହସ୍ୟମଣ୍ଡଳ ।
निलजई (ନିଲଜପଣିଆ[ଆଁ]—ଅନ୍ୟରୂପ)

ନିଲଠା—ଦେ. ବିଣ. ପୁଂ. ଓ ସ୍ତ୍ରୀ (ସଂ. ନିର୍ଲଜ୍ଜ) (ଗାଳିବିଶେଷ)—
Nilaṭhā ଅଁଲଜ୍ଜୁକ; ଲଜ୍ଜାହୀନ—Shameless.
(ନିଲଠିଆ—ଅନ୍ୟରୂପ) (ନିଲଠୀ, ନିଲଠେଇ—ସ୍ତ୍ରୀ)

ନିଲଠାପଣିଆ(ଆଁ) ଦେ. ବି—ଲଜ୍ଜାହୀନତା—
Nilaṭhāpaṇiā(āṅ) Shameless-ness.
(ନିଲଠାପଣ—ଅନ୍ୟରୂପ) କରଣ ଘର ବୋଲି ଥିଲୁ ୧ତୁନ୍ତୁ ବସ ଘରେ ରଖିବା ସେଇଟା ନାହାନ୍ତି ନିଲଠାପଣିଆ—ଫକୀରମୋହନ, ଗଳ୍ପ । ।

ନିଲ(ଲ)ୟ—ସଂ. ବି. (ନି=ମଧ୍ୟରେ+ଲୀ ଧାତୁ=ଆଲିଙ୍ଗନ କରିବା; ଲୀନ ହେବା+ଅଧିକରଣେ. ଅ)—
Nila(la)ya
୧ । ନିକେତନ; ଗୃହ—1. House; habitation; habitat; dwelling; abode.
ଜାଣ ତୁ ଏ ନିଲୟ ନରସ୍ୱେ ଯିବ ବୃନ୍ତ—କୃଷ୍ଣସିଂହ. ମହାଭାରତ. ସଭା ।
୨ । (ନି+ଲୟ) ନିଃଶେଷ ଲୟ; ଅଦର୍ଶନ—
2. Disappearance; the state of being out of sight.
୩ । ଆଧାର—3. Receptacle.
୪ । ବିଶ୍ରାମ ନେବାର ସ୍ଥାନ—
4. A resting place (M. W.).
୫ । ପଶୁପକ୍ଷୀଙ୍କ ବସା—5. Lair; nest; den
୬ । ଲୁଚିବାର ସ୍ଥାନ—6. A hiding place.

ନିଲ(ଲ)ୟନ—ସଂ. ବି. (ନି=ମଧ୍ୟରେ+ଲୀ ଧାତୁ=ଲୀନ ହେବା+ଅଧି. ଅନ)—୧ । ନିବାସ—
Nila(la)yana 1. Habitation; abode.
୨ । (+ଭାବ ଅନ) ନାଶ; ବିଲୟ—
2. Annihilation; perdition; ruin.
୩ । ଶୋଷଣ—3. Imbibing; sucking.
୪ । ମୋକ୍ଷ—4. Final beatitude.
୫ । ଊର୍ଦ୍ଧ୍ୱରୁ ତଳକୁ ଓହ୍ଲାଇବା; (ପକ୍ଷୀ) ତଳେ ବସିବା—
5. Settling down; alighting in or on (said of a bird). (M.W.)
୬ । ଲୁଚିବାର ସ୍ଥାନ—6. Hiding place. (M W.)

ନିଲା—ଗ୍ରା. ବି.—୧ । (ସଂ. ଲୀଳା)—ଲୀଳା (ଦେଖ)
Nilā 1. Līlā (See)
୨ । (ସଂ. ନୀଳ)—ନୀଳା (ଦେଖ)—2. Nīlā (See)
୩ । ନୀଳମଣି ନାମକ ପୁରୁଷ ବା ସ୍ତ୍ରୀର ଡାକନାମ—
3. A name for calling a male or female named Nīlamaṇi.

ନିଲାଇ—ଗ୍ରା. ବି—ନିଲେଇ (ଦେଖ)
Nilāi Nilei (See)

ନିଲାଜ୍—ପ୍ରାଦେ (ସିଂହଭୂମ) ବିଣ (ଭୁଲ. ହି. ନିର୍ଲଜ)—ନିର୍ଲଜ୍ଜ—
Nilāj Shameless.

ନିଲାମ—ବୈଦେ. ବି (ଆ. ନିଲାମ୍; ଭୁଲ. ପର୍ତ୍ତୁଗୀଜ୍. ନିଲାମ୍, ଲିଲାମ୍)—
Nilāma ପୂର୍ବରୁ ସର୍ବସାଧାରଣଙ୍କୁ ଜଣାଇବା ପରେ ନିର୍ଦ୍ଦିଷ୍ଟ
निलाम निलाम ସମୟରେ ଓ ସ୍ଥାନରେ କୌଣସି ବସ୍ତୁ ବା ସମ୍ପତ୍ତିକୁ କିଣିବାକୁ ଇଚ୍ଛୁକ ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେ ସର୍ବୋଚ୍ଚ ମୂଲ୍ୟରେ କିଣିବାକୁ ଡାକ ଦିଅନ୍ତି ତାଙ୍କୁ ପ୍ରକାଶ୍ୟରେ ବିକ୍ରୟ କରିବାର ରୀତି—
Auction sale; public sale.
ବିଣ—ନିଲାମି (ଦେଖ)—Nilāmi (See).

ନିଲାମ ଅସିଦ୍ଧ—ଦେ. ବିଣ (କଚେରିଆ)—ନିଲାମ ରଦ୍ (ଦେଖ)
Nilāma asiddha Nilāma rad (See).

ନିଲାମ(ମି) ଇସ୍ତି(ସ୍ତା)ହାର—ବୈଦେ.ବିଣ (ଆ) (କଚେରିଆ) (ଆ. ନିଲାମ୍+ଇସ୍ତାହାର୍)—କୌଣସି
Nilāma(mi) isti(stā)hāra
निलामईश्तिहार निलामइश्तहार ସମ୍ପତ୍ତି ନିଲାମ ହେବା ସମ୍ବନ୍ଧେ ପୂର୍ବରୁ ସର୍ବସାଧାରଣଙ୍କୁ ନିଲାମର ତାରିଖ ଓ ସର୍ତ୍ତ ଓ ସ୍ଥାନ ଆଦି ଜଣାଇବା ପାଇଁ ପ୍ରକାଶିତ ବିଜ୍ଞାପନ—Proclamation for sale by auction of a certain property.

ନିଲାମ ଉଠା(ଠେ)ଇବା—ଦେ. କ୍ରି (କଚେରିଆ)—ଆପଣାର ପ୍ରାପ୍ୟ ଆଦାୟ
Nilāma uṭhā(ṭhe)ibā ନିମନ୍ତେ ଅନ୍ୟ ବ୍ୟକ୍ତିର କୌଣସି
निलामे उठाना निलामपरचढ़ाना ସମ୍ପତ୍ତି ନିଲାମ ହେବାର ଉପାୟ କରିବା—To bring another's property to auction.
ନିଲାମରେ ଉଠା(ଠେ)ଇବା } ଅନ୍ୟରୂପ
ନିଲାମରେ ଆଣିବା }

ନିଲାମ ଉଠିବା—ଦେ. କ୍ରି. (କଚେରିଆ)—(କୌଣସି ସମ୍ପତ୍ତି) ନିଲାମରେ
Nilāma uṭhibā ବିକି କରାଯିବା ନିମନ୍ତେ ବିଜ୍ଞାପିତ ହେବା—
निलाम उठा (any property) To be advertised
निलामपर चढ़ना for being sold by auction.
(ନିଲାମରେ ଉଠିବା; ନିଲାମରେ ଆସିବା—ଅନ୍ୟରୂପ)

ନିଲାମ କରିବା—ଦେ. କ୍ରି. (କଚେରିଆ)—କୌଣସି ସମ୍ପତ୍ତିକୁ ନିଲାମ
Nilāma karibā ରୀତିରେ ବିକ୍ରୟ କରିବା—To sell a
निलाम करा निलाम करना property by auction.
(ନିଲାମ କରାଇବା—ଣିଜନ୍ତରୂପ)

ନିଲାମ କାଏମ—ବୈଦେ. ବି. (କଚେରିଆ) (ଆ. ନିଲାମ୍+ଫା. କାଏମ୍)—
Nilāma kāema ନିଲାମ ହୋଇଥିବା ସମ୍ପତ୍ତିର ନିଲାମ ଡାକ
निलाम कायेम ହେବା ପରେ ନିଲାମ ଖରିଦଦାର୍ ନିର୍ଦ୍ଧାରିତ
निलाम कायेम ଜରସମନ ଦାଖଲ କଲେ ଓ ଦେଣଦାର୍ ନିର୍ଦ୍ଧାରିତ ସମୟ ମଧ୍ୟରେ ଟଙ୍କା ଦାଖଲ ନ କଲେ ବା ନିଲାମ

ବିରୁଦ୍ଧରେ କୌଣସି ଆପତ୍ତି ଦାଏର ହୋଇ ତାହା ବିଚାର ହେବା ପରେ ଆପତ୍ତି ନାମଞ୍ଜୁର ହେଲେ ନିଲାମ ଖରିଦଦାର ଉକ୍ତ ସମ୍ପତ୍ତିର ନ୍ୟାଯ୍ୟ ମାଲିକ ହେବା ବିଷୟ ଅଦାଲତଙ୍କ ଦ୍ୱାରା ସିଦ୍ଧାନ୍ତ ହେବା— Confirmation of an auction sale.

ନିଲାମ କୋରଖ(ଖି)— ବୈଦେ. ବି. (କଚେରୀଆ) (ଆ. ନିଲାମ୍ ଓ Nilāma korakha(khi) ତୁର୍କୀ. କୁର୍କ୍)—କୌଣସି ସମ୍ପତ୍ତି ନିଲାମକ୍ରୋକ ନିଲାମଦ୍ୱାରା ବିକ୍ରି ହେବ ଓ ନିଲାମ ପୂର୍ବରୁ ତାହା ଅନ୍ୟ **निलाम कुर्क** କେହି ବ୍ୟକ୍ତି ଖରିଦ କରିବେ ନାହିଁ ବୋଲି ସର୍ବସାଧାରଣଙ୍କୁ ଜଣାଇ ଦେବା— Attachment of a property pending its auction sale.

ନିଲାମ ଖତମ—ବୈଦେ. ବି. (କଚେରୀଆ) (ଆ. ନିଲାମ୍ ଓ ଫା. ଖତମ୍)— Nilāma khatama ପ୍ରକାଶ୍ୟ ନିଲାମରେ ସର୍ବୋଚ୍ଚ ଜରସମନରେ निलाम खतम ଖରିଦ କରିବା ପାଇଁ ଗ୍ରହଣେଚ୍ଛୁ ବ୍ୟକ୍ତିର ଡାକ ଗୃହୀତ **निलाम खत्म** ହେବା—The acceptance of the highest bid by the auctioning authority.

ନିଲାମ ଖରିଦ(ଦି)—ବୈଦେ. ବି. (କଚେରୀଆ) (ଆ. ନିଲାମ ଓ ଫା. Nilāma kharida(di) ଖରିଦ୍)—କୌଣସି ସମ୍ପତ୍ତିକୁ ନିଲାମ निलाम खरिद ରୀତିରେ କିଣିବା— **निलाम खरीद** Auction-purchase.

(ନିଲାମ ଖରିଦ—ଅନ୍ୟରୂପ) **ବିଣ—**ନିଲାମ ରୀତିରେ କିଣା ଯାଇଥିବା (ସମ୍ପତ୍ତି)—Purchased at auction.

ନିଲାମ ଖରିଦଦାର—ବୈଦେ. ବିଣ. (କଚେରୀଆ) (ଆ. ନିଲାମ୍ ଓ ଫା. Nilāma kharidadāra ଖରିଦ୍‌ଦାର୍)—କୌଣସି ସମ୍ପତ୍ତିକୁ निलाम खरिददार ନିଲାମ ରୀତିରେ କିଣିଥିବା ବ୍ୟକ୍ତି— **निलाम खरिद्दार** Auction purchaser.

(ନିଲାମ ଖରିଦାର —ଅନ୍ୟରୂପ)

ନିଲାମ(ମି) ଜରସମନ—ବୈଦେ. ବି. (କଚେରୀଆ) (ଆ. ନିଲାମ ଓ ଆ. Nilāma(mi) jarasamana ଜର୍‌ସମନ୍)—କୌଣସି ସମ୍ପତ୍ତିର निलाम जरसंमन ନିଲାମ ରୀତିରେ ସ୍ୱୀକୃତ ସର୍ବୋଚ୍ଚ ମୂଲ୍ୟ— **निलाम जरसमन** The highest price of a thing sold by auction.

ନିଲାମ ଡାକ—ଦେ. ବି. (କଚେରୀଆ)—୧ । ନିଲାମ ସମୟରେ ପ୍ରତ୍ୟେକ Nilāma ḍāka ଗ୍ରହଣେଚ୍ଛୁ ଯେତେ ଟଙ୍କାରେ ଉକ୍ତ ସମ୍ପତ୍ତିକୁ निलाम डाक ନେବାକୁ ଇଚ୍ଛା କରନ୍ତି ତାହା ଉଚ୍ଚୈଃସ୍ୱରରେ **निलामको बोली** ପ୍ରକାଶ କରିବା—1. A purchaser's (ନିଲାମ ଡାକର—ଅନ୍ୟରୂପ) bidding at an auction sale.

୨ । କୌଣସି ସମ୍ପତ୍ତି ପ୍ରକାଶ୍ୟ ନିଲାମ ହେଉଥିବା ବିଷୟ ନିଲାମ ସ୍ଥଳରେ ପିଆଦା ଦ୍ୱାରା ଉଚ୍ଚୈଃସ୍ୱରରେ ପ୍ରକଟନ— 2. The peon's announcement at the place of auction that a particular property is going to be auctioned.

ନିଲାମ ଡାକିବା— ଦେ. କ୍ରି. (କଚେରୀଆ)—ନିଲାମ ସମୟରେ ଉପସ୍ଥିତ Nilāma ḍākibā ହୋଇ (ଗ୍ରହଣେଚ୍ଛୁ) ଈପ୍ସିତ ମୂଲ୍ୟ ପ୍ରକାଶ निलाम डाका करबा—(a bidder) To bid at an auction.

निलामको बोली बोलना [ଦ୍ର—କୌଣସି ସମ୍ପତ୍ତି ପ୍ରକାଶ୍ୟ ନିଲାମ ହେଉଥିବା ସ୍ଥଳରେ ହାକମଙ୍କ ଉପସ୍ଥିତିରେ ଜଣେ ପିଆଦା ଉଚ୍ଚୈଃସ୍ୱରରେ ନିଲାମ ହେଉଥିବା ସମ୍ପତ୍ତିର ନାମ ଓ ସଂକ୍ଷିପ୍ତ ବିବରଣ ଏବଂ ସରକାରୀ ଡାକ (ଅର୍ଥାତ୍ ସରକାରଙ୍କ ତରଫରୁ ଉକ୍ତ ସମ୍ପତ୍ତି କେତେ ମୂଲ୍ୟରେ ଗୃହୀତ ହେବ ତହିଁର ପରିମାଣର ଉଲ୍ଲେଖ) କହେ । ଏହା ଶୁଣି ସେଠାରେ ଉପସ୍ଥିତ ଗ୍ରହଣେଚ୍ଛୁମାନେ କିଏ କେତେ ମୂଲ୍ୟରେ ନେବେ ତାହା, ଉଚ୍ଚୈଃସ୍ୱରରେ ପ୍ରକାଶ କରନ୍ତି । ଗ୍ରହଣେଚ୍ଛୁମାନଙ୍କ ନିଲାମ ଡାକରେ ଯେଉଁ ଲୋକର ଡାକ ସର୍ବୋଚ୍ଚ ହୁଏ ଅର୍ଥାତ୍ ଯେ ଅନ୍ୟ ସମସ୍ତଙ୍କଠାରୁ ବେଶି ମୂଲ୍ୟରେ କିଣିବାକୁ ଡାକ ଦିଏ ତାହା ନାମରେ ନିଲାମ ଖତମ ହୁଏ; ଅର୍ଥାତ୍ ସେ ନିଲାମ ଖରିଦଦାର ବୋଲି ସ୍ୱୀକୃତ ହୁଏ ଓ ତାହାଠାରୁ ନିଲାମ ଜରସମନ ନିଆ ଯାଇ ତାକୁ ନିଲାମ ସମ୍ପତ୍ତିରେ ଦଖଲ ଦିଆଯାଏ ।]

ନିଲାମଦାର୍—ବୈଦେ ବିଣ. (କଚେରୀଆ) (ଆ. ନିଲାମ ଓ ଫା. ଦାର୍)— Nilāmadār ୧ । ନିଲାମ ଖରିଦଦାର (ଦେଖ) निलामदार 1. Nilāma kharidadāra (See) **निलामदार** ୨ । ଯେଉଁ ବ୍ୟକ୍ତି କୌଣସି ସମ୍ପତ୍ତିକୁ ନିଲାମ ରୀତିରେ ବିକ୍ରୟ କରେ—2. Auctioneer.

୩ । ଯେଉଁ ବ୍ୟକ୍ତି ଆପଣାର ପ୍ରାପ୍ୟ ପାଇବା ପାଇଁ ଦେଣଦାରର ସମ୍ପତ୍ତିକୁ ନିଲାମ ଉଠାଏ— 3. One who brings the property of his debtor to auction sale to satisfy his dues.

ନିଲାମ ଧରିବା—ଦେ. କ୍ରି. (କଚେରୀଆ)—କୌଣସି ସମ୍ପତ୍ତିକୁ ନିଲାମ Nilāma dharibā ସମୟରେ ସର୍ବୋଚ୍ଚ ଦରରେ କ୍ରୟ କରିବା— निलामे धरा To purchase a property at **निलाम धरना** an auction sale.

(ନିଲାମରେ ଧରିବା; ନିଲାମରେ ନେବା—ଅନ୍ୟରୂପ)

ନିଲାମ ନା(ଲା)ଟବନ୍ଦୀ—ବୈଦେ. ବି. (କଚେରୀଆ) (ଆ. ନିଲାମ; ଇଂ. Nilāma nā(lā)ṭabandi ଲଟ୍+ଫା. ବନ୍ଦୀ)—ଏକାଧିକଲାଟ निलाम लाटबन्दी ବା ଦଫାରେ ବିଭକ୍ତ କରି ଥରକେ ଗୋଟିଏ ଗୋଟିଏ **निलाम लाटबन्दी** ଲାଟ୍ ବାବଦ ସମ୍ପତ୍ତିକୁ ନିଲାମ କରାଇବାର ରୀତି— Auction sale of properties by serial lots.

ନିଲାମ ବନ୍ଦ—ଦେ. ବି. (କଚେରୀଆ)—ନିର୍ଦ୍ଧାରିତ ସମୟରେ କୌଣସି Nilāma banda ସମ୍ପତ୍ତି ନିଲାମ ହେବା ପୂର୍ବରୁ କୌଣସି ବୈଧ निलाम बन्द କାରଣ ଯୋଗୁଁ ବା ଉଚ୍ଚତର ଅଦାଲତଙ୍କ ଆଦେଶରେ **निलाम बन्द** ନିଲାମ ସ୍ଥଗିତ ହେବା—The stay of an auction sale.

(ନିଲାମ ସ୍ଥଗିତ, ନିଲାମ ରହିତ, ନିଲାମ ଅଟକିତ—ଅନ୍ୟରୂପ)

ନିଲାମ ରଦ୍(ଦ୍ଦ)—ବୈଦେ. ବିଣ. (କଚେରୀଆ)—(ଆ. ନିଲାମ୍+ରଦ୍ Nilāma rada(dda) ନିଲାମ ରୀତି ଦ୍ୱାରା ବିକ୍ରି ହୋଇଥିବା ସମ୍ପତ୍ତିର निलाम रद्द ବିକ୍ରୟ ମକଦ୍ଦମା ଦ୍ୱାରା ବା ନିର୍ଦ୍ଧାରିତ ସମୟ ମଧ୍ୟରେ ଦେୟ

निलाम रद्द ଟଙ୍କା ଦାଖଲ କରିବା ଦ୍ୱାରା ବା ଅନ୍ୟ ଆଇନସଙ୍ଗତ ଆପତ୍ତି ଯୋଗୁ ଅସିଦ୍ଧ ବା ଅବୈଧ ବୋଲି ନିର୍ଦ୍ଧାରିତ (ନିଲାମ ଅସିଦ୍ଧ – ଅନ୍ୟରୂପ) ହେବା—The setting aside of an auction sale.

ନିଲାମ ସିଦ୍ଧ—ଦେ. ବି.—(କଚେରୀ) (ଆ. ନିଲାମ+ସଂ. ସିଦ୍ଧ)—ନିଲାମ
Nilāmasiddha ହେବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ
निलाम सिद्ध ନିଲାମ ରଦ କରି ନ ଗଲେ ଉକ୍ତ ନିଲାମ ସିଦ୍ଧ ବା
निलाम सिद्ध ସ୍ୱୀକୃତ ହେବାର ଆଦେଶ—Confirmation of an auction sale.

ନିଲାମ ହେବା—ଦେ. କ୍ରି.—(କଚେରୀ) (କୌଣସି ସମ୍ପତ୍ତି) ନିଲାମଦ୍ୱାରା
Nilāma hebā ବିକ୍ରି ହେବା—To be sold by auction.
निलाम हओया **निलाम होना**

ନିଲାମି—ବୈଦେ. ବିଣ. (ଆ.)—(କଚେରୀ)—୧ । ନିଲାମ ହେବାର
Nilāmi ଯୋଗ୍ୟ—1. Auctionable.
निलामी ୨ । ଯାହା ନିଲାମ ହେବ—
निलामी 2. Going to be sold by auction.
୩ । ନିଲାମରେ କ୍ରୀତ ବା ବିକ୍ରୀତ—
3. Purchased or sold at auction.
୪ । ନିଲାମ ସମ୍ବନ୍ଧୀୟ—4. Relating to auction sale.
ବି.—ନିଲାମ (ଦେଖ)—Nilāma (See)

ନିଲା(ଳ)ୟ—ସଂ. ବି. (ନି+ଲୀ ଧାତୁ+କର୍ମ. ଅ)—ଆଶ୍ରୟ ସ୍ଥାନ—
Nilā(ḷā)ya A place of refuge (M.W.).

ନିଲା(ଳ)ୟନ—ସଂ. ବି. (ନି+ଲୀ ଧାତୁ+ଭାବ. ଅନ)—୧ । ନିଜକୁ
Nilā(ḷā)yana ଲୁଚାଇବା—1. Hiding one's self. (M.W.)
୨ । ଲୁଚକାଳି ଖେଳ—
2. Playing at hide and seek.

ନିଲିଛ—ପ୍ରାଦେ. (ଗଞ୍ଜାମ) ବି.—ଖାସୀ; ପୁଂସ୍ତ୍ୱ ନଷ୍ଟ କରି ଯାଇ ଥିବା
Niḷichha ଛେଳି ବା ମେଣ୍ଢା (ନନ୍ଦେ)—
Castrated goat or sheep.

ନିଳିବା—ଦେ. କ୍ରି.—(ସଂ. ନିନାଦିତ)—୧ । ନିନାଦିତ ହେବା; ଅମୁକ
Niḷibā (ରବ) ପରି ଶୁଣା ଯିବା—To be heard (as a sound); to seem like (some sound).
ସେ କାଳରେ ଏକା ଶୁଭଇ ଏକା ରବ,
ନିଳଇ ଭୁବନ ପ୍ରଳୟ ଘନସବ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ନିଲିମ୍ପ—ସଂ. ବି. (ନି=ଉପରେ ବା ଉପରେ+ଲିମ୍ପ୍ ଧାତୁ=ଲେପନ
Nilimpa କରିବା+କର୍ତ୍ତୃ. ଅ)—୧ । ଦେବତା—1. Deity.
୨ । ମରୁତ ଦେବତାଗଣ—
2 A troop of Marut Deitie so (M. W.)

ନିଲିମ୍ପ ନିର୍ଝରୀ—ସଂ. ବି. ସ୍ତ୍ରୀ (ନିଲିମ୍ପ+ନିର୍ଝର+ଈ)—ଗଙ୍ଗା; ଭାଗୀରଥୀ;
Nilimpa nirjharī ଦେବ ନଦୀ—The Ganges.

ନିଲିମ୍ପା—ସଂ. ବି. ସ୍ତ୍ରୀ. (ନିଲିମ୍ପ+ଆ)—୧ । ଗାଭୀ; ଗାଈ—
Nilimpā 1. Cow.
(ନିଲିମ୍ପିକା—ଅନ୍ୟରୂପ) ୨ । ଦୁଗ୍ଧ ଭାଣ୍ଡ—
2. A milk pail. (M. W.)

ନିଲୀନ—ସଂ. ବିଣ. (ନି+ଲୀ ଧାତୁ=ଲୟ ପ୍ରାପ୍ତହେବା+କର୍ତ୍ତୃ. ତ)
Nilīna ୧ । ସମ୍ପୂର୍ଣ୍ଣରୂପେ ମିଶି ଯିବା ବା ଅଦୃଶ୍ୟ ହୋଇ ଯାଇ
(ନିଲୀନା—ସ୍ତ୍ରୀ) ଥିବା; ବିଲୀନ—1. Dissolved; fused into; absorbed.
୨ । ସଂଲଗ୍ନ; ଲଗ୍ନ—
2. Stuck together; clinging to.
୩ । ବେଷ୍ଟିତ—3. Encompassed; wrapped up.
୪ । ଜଡ଼ିତ—4. Embraced; entwined.
୫ । ନିମଗ୍ନ—5. Immersed; plunged; drowned.
୬ । ବିନଷ୍ଟ—6. Destroyed; annihilated.
୭ । ଲୁପ୍ତ—7. Disappeared.
୮ । ଅବସ୍ଥିତ—8. Situated.
୯ । ପରିବର୍ତ୍ତିତ—9 Changed; transformed.
୧୦ । ମୋକ୍ଷପ୍ରାପ୍ତ—10. Having attained salvation or final beatitude.
୧୧ । ଲୁକ୍କାୟିତ—11. Hidden in.
୧୨ । ନିରତ—12. Quite intent upon; devoted to (M. W.).
୧୩ । ଆଶ୍ରିତ—Resorted to.

ନିଲୀୟମାନ—ସଂ. ବିଣ. ପୁଂ (ନି+ଲୀ ଧାତୁ+କର୍ତ୍ତୃ. ଶାନଚ୍)—ଲୁଚି
Nilīyamāna ରହିଥିବା—Hiding; lying concealed in. (M.W.)
(ନିଲୀୟମାନା—ସ୍ତ୍ରୀ)

ନିଳେଇ—ଗ୍ରା. ବି. ପୁଂ.—(ଆଦରାର୍ଥକ) ନୀଳମଣି ନାମକ ବ୍ୟକ୍ତିର ଡାକ
Niḷei ନାମ—A nama for calling a male named Niḷamaṇi.
(ନିଳ, ନିଳୀ, ନିଳୁ, ନିଳାଇ—ଅନ୍ୟରୂପ)
(ନିଳା – ଅନାଦରାର୍ଥକ ରୂପ)

ନିଶ୍ (ଧାତୁ)—ସଂ. –ଚିନ୍ତା କରିବା—
Niś (root) To think over.

ନିଶ୍—ସଂ. ବି.—(ନିଶ୍ ଧାତୁ+ଅଧିକରଣ. କ୍ୱିପ୍)—୧ । ରାତ୍ରି; ନିଶା—
Niś 1. The night.
୨ । ହଳଦୀ—2. Turmeric.
୩ । ମେଷାଦି ରାଶି—3. Zodiacal sign.

ନିଶ—ଦେ. ବି. (ସଂ ଶ୍ମଶ୍ରୁ)—
Nisa ୧ । ମୁଛ; ଉପରଓଠର ଉପର ଭାଗରେ ବଢ଼ିବା
गोंप, गौफ ବାଳ ସୂକ୍ଷ୍ମ ଲୋମ—1. Mustache.
मूँछ ଦୁଇ କରେ ଅଇଁସି ଦେଲେ ଧରେ ନିଶ ।
କୃଷ୍ଣସିଂହ, ମହାଭାରତ, ବନ ।

[ଦ୍ର— ନାକ ତଳେ ଉପରଓଠର ଦୁଇ ପାଖର ନିଶକୁ 'ଦୁଇ ପଟା' ନିଶ ବୋଲାଯାଏ । ଆମ ଦେଶରେ ନିଶ ରଖିବା ଓ ନିଶ ମୋଡ଼ିବା ଶୌର୍ଯ୍ୟର ପରିଚାୟକ ଅଟେ ।]
୨ । (ଲକ୍ଷଣାର୍ଥ) କ୍ଷତ୍ରିୟ—2. (figurative) The caste of the Kshatriyas.

ନିଶ ଆଉଁସିବା— ଦେ. କ୍ରି—ନିଶରେ ହାତ ପକାଇବା; ନିଶକୁ ହାତରେ ସାଉଁଳିବା—To stroke or trim one's mustaches.
Nisa āuṅsibā
গোঁপে তা দেওয়া
मूँछों पर तावदेना
ଏହା କହି ନିଶ ଅଉଁସି ହୋଇଲେ ।
କୃଷ୍ଣସିଂହ. ମହାଭାରତ, ବନ ।

[ଦ୍ର—ଲୋକେ ସାହସର ଆସ୍ଫାଳନ କରିବା ସମୟରେ ନିଶକୁ ଆଉଁସନ୍ତି ।]

ନିଶଙ୍କ— ଦେ. ବିଣ. (ସଂ. ନିଃଶଙ୍କ) - ୧ । ନିର୍ଭୀକ—
Nisaṅka 1. Fearless; dauntless.
নিশঙ্ক ୨ । ଆଶଙ୍କାଶୂନ୍ୟ—2. Having no apprehension.
निशङ्क
୩ । ଅସମସାହସିକ—3. Foolhardy.

ନିଶଙ୍କ ପଲ୍ଲୀ(ଲ୍ଲି) - ଦେ. ବିଣ—ନିଶଙ୍କ ୩ (ଦେଖ)
Nisaṅka palī(llī) Nisaṅka 3 (See)

ନିଶଙ୍କ ପହରାଜ—ପ୍ରାଦେ. (ଯାଜପୁର) ବି—ଯାଜପୁରର କୁଳୀନ ବ୍ରାହ୍ମଣ ବଂଶବିଶେଷ—
Nisaṅka paharāja Name of a family of respectable Brāhmaṇas in Jajpur.

ନିଶଙ୍କ ରାୟ ରାଣୀ—ଦେ. ବି. (ନାମ)—
Nisaṅka rāya rāṇi ପୁରାତନ ଓଡ଼ିଆ ନାରୀ କବିବିଶେଷ— Name of a female classical Oria poet.

[ଦ୍ର—ଏ ଗଞ୍ଜାମ ବୁଢ଼ାରସିଙ୍ଗି ରାଜା ନିଶଙ୍କରାୟଙ୍କର ରାଣୀ ଥିଲେ ଓ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ବା ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜୀବିତା ଥିଲେ । ଏ 'ପଦ୍ମାବତୀ ଅଭିଳାଷ' ନାମକ ଗ୍ରନ୍ଥ ପ୍ରଣୟନ କରିଥିଲେ—ଚାରଣୀ. ଉତ୍କଳ ସାହିତ୍ୟ ଇତିହାସ ।]

ନିଶଙ୍କା - ଦେ. ବି. (ସଂ. ନିର୍ + ଶଙ୍କା)—
Nisaṅkā ୧ । ଶଙ୍କା ବା ଭୟ ଶୂନ୍ୟତା—
নিশঙ্কা 1. Fearlessness.
असंक, निशङ्का ୨ । ଆଶଙ୍କାର କାରଣର ଅନୁପସ୍ଥିତି—
2. Absence of cause for apprehension.

ନିଶ ଛାଡ଼ିବା—ଦେ. କ୍ରି—ନିଶ ରଖିବା (ଦେଖ)
Nisa chhārdibā Nisa rakhibā (See)
[ନିଶ ବଢ଼ା(ଢ଼େ)ଇବା—ଅନ୍ୟରୂପ]

ନିଶଠ— ସଂ. ବିଣ. ପୁଂ (ନି + ଶଠ)—ଅକପଟ—
Nisaṭha Guileless; sincere.
(ନିଶଠା—ସ୍ତ୍ରୀ) ଦେ. (ନାମ)—ରେବତୀଙ୍କ ଗର୍ଭଜାତ ବଳରାମଙ୍କ ପୁତ୍ର— Name of the son of Balarāma by his wife Rebatī.

ନିଶ ଦାଢ଼ି—ଦେ. ବି—ମୁଛ ଓ ଦାଢ଼ି—
Nisa dārḍhi Mustache and beard.
গোঁপদাড়ী **मूँछ डाढ़ी**

ନିଶ ପଟ(ଟା)—ଦେ. ବି—ନିଶର ଏକ ପାଖ—
Nisa paṭa(ṭā) One side of the mustaches.
ଦୁର୍ଯୋଧନ ଏ କଥା ଶୁଣିଣ ହସିଲେ
ହାତକୁ ନେଇ ନିଶ ପଟରେ ଘଷିଲେ । କୃଷ୍ଣସିଂହ, ମହାଭାରତ. ବନ ।

ନିଶ ଫୁଲା(ଲେ)ଇବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଗର୍ବସ୍ଫୀତ ହେବା—
Nisa phulā(le)ibā 1. (figurative) To be puffed up with pride.
୨ । (ଲକ୍ଷଣାର୍ଥ) କ୍ରୁଦ୍ଧ ହେବା—
2. (figurative) To be angry.

ନିଶ ବଢ଼ା(ଢ଼େ)ଇବା—ଦେ. କ୍ରି—ନିଶ ରଖିବା (ଦେଖ)
Nisa barḍhā(rḍhe)ibā Nisa rakhibā (See)

ନିଶବଦ (ଇତ୍ୟାଦି)— ଦେ. (ପଦ୍ୟ) ବିଣ. (ସଂ. ନିଃଶବ୍ଦ)—
Nisabada (etc) ନିଶବ୍ଦ ଇତ୍ୟାଦି (ଦେଖ) Nisabda etc. (See)
ନିଶବଦ ହୋଇ ବସିଲେ ରହିଁ ବର୍ଷେ । କୃଷ୍ଣସିଂହ. ମହାଭାରତ, ବନ ।

ନିଶବଦେ—ଦେ. (ପଦ୍ୟ) କ୍ରି. ବିଣ—ନୀରବରେ—
Nisabade Silently; noiselessly.
ନିଶବଦେ ପେଲୁ ସୁଡ଼ଙ୍ଗ ଦୁଆର । ରାଧାନାଥ. ନନ୍ଦିକେଶରୀ ।

ନିଶବ୍ଦ—ଦେ. ବିଣ. (ସଂ. ନିଃଶବ୍ଦ)—
Nisabda ୧ । ନୀରବ; ଶବ୍ଦଶୂନ୍ୟ—1. Soundless; silent; noiseless.
নিশব্দ
सुनसान ୨ । ନିସ୍ତବ୍ଧ—2. Motionless.

ନିଶବ୍ଦ ରାତି—ଦେ. ବି (ସଂ. ନିଃଶବ୍ଦ + ରାତ୍ରି)—
Nisabda rāti ୧ । ନିସ୍ତବ୍ଧ ରାତ୍ରି; ଶବ୍ଦଶୂନ୍ୟ ରଜନୀ—
নিশব্দ রাত 1. Dead of night; silence of night.
सुनसान रात ୨ । ଅଧରାତ୍ର—2. Midnight.

ନିଶମନ—ସଂ. ବି. (ନି + ଶମ୍ ଧାତୁ ଣିଜନ୍ତ = ଶମି ଧାତୁ = ଶାନ୍ତ ହେବା, ଦେଖିବା; ଶୁଣିବା + ଭାବ. ଅନ)—
Nisamana ନିଶାମନ (ଦେଖ)—Nisāmana (See)

ନିଶ ମୋଡ଼ିବା—ଦେ. କ୍ରି—ନିଜର ସାହସ ପ୍ରକାଶପୂର୍ବକ ମୁଛକୁ ଆଉଁସିବା—To trim the moustaches.
Nisa morḍibā
গোঁফে তা দেওয়া ଯୁଧିଷ୍ଠିରଙ୍କୁ ମନେ କଲେ ସେ ନିଶ ମୋଡ଼ି ।
मूँछो मे ताव देना କୃଷ୍ଣସିଂହ. ମହାଭାରତ. ବନ ।

ନିଶ ରଖିବା—ଦେ. କ୍ରି—ନାସିକା ନିମ୍ନରେ ଉତ୍ଥିତ ଲୋମକୁ ବଢ଼ାଇବା-
Nisa rakhibā To grow the mustaches.,
গোঁপ রাখা **मूँछें रखना**

ନିଶରମ—ଦେ. (ପଦ୍ୟ) ବିଣ (ସଂ. ନିଃ + ଆ. ଶର୍ମ)—ନିର୍ଲଜ୍ଜ—
Nisarama Shameless.
বেশরম ଗୁରୁ ବର୍ଣ୍ଣ ଯାହାରେ ଯାଇ ଯେଉଁ କର୍ମ
बेशरम ତାହାଙ୍କ ଶୁଣ ଏ ହ କର୍ଣ୍ଣ ନିଶରମ ।
(ନିଶରମା, ନିଶର୍ମୀ—ଅନ୍ୟରୂପ) କୃଷ୍ଣସିଂହ. ମହାଭାରତ ବନ ।

ନିଶରେ ହାତ ପକା(କେ)ଇବା —ଦେ. କ୍ରି —ନିଶ ମୋଡ଼ିବା (ଦେଖ)—
Nisare hāta pakā(ke)ibā Nisa morḍibā (See).

ନିଶସ୍ତ୍ର(ସ୍ର) -ଦେ. ବିଣ. (ସଂ. ନିଃଶସ୍ତ୍ର)—୧ । ଶସ୍ତ୍ରହୀନ—
Nisastra(sra) 1. Unarmed; disarimed.
নিশস্ত্র ନିଶସ୍ତ୍ର ହୋଇ ଶସ୍ତ୍ରଘାତେ,
निशस्तर ସଂଗ୍ରାମେ ଭାଙ୍ଗିଲେ ସମସ୍ତେ । ଜଗନ୍ନାଥ. ଭାଗବତ ।

୨ । ନିରୁପାୟ; ଉପାୟାନ୍ତର ରହିତ—
2. Having no other alternative or means.
(ଯଥା—ସେ ଲୋକଙ୍କୁ ମୁଁ ଖୋଜି ଖୋଜି ନିଶସ୍ତ ହେଲିଣି ।)
୩ । କିଂକର୍ତ୍ତବ୍ୟବିମୂଢ଼—3. Dumbfounded.
ନିଶସ୍ତ ହୋଇ ଅନାସୁଛେ,
ଧାଇଁଲେ ଶସ୍ତ ସେନ ହସ୍ତେ । ଜଗନ୍ନାଥ, ଭାଗବତ ।
୪ । (ସଂ. ନିରାଶ୍ରୟ) ନିରାଶ୍ରୟ—4. Helpless.

ନିଶା—ସଂ. ବି. (ନି+ଶୋ ଧାତୁ=ଅଳ୍ପ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Nisā ୧ । ରାତ୍ରି—1. Night.
୨ । ହରିଦ୍ରା; ହଳଦୀ—2. Turmeric.
୩ । ଅବସାନ; ଶେଷ—3. End.
୪ । (ଜ୍ୟୋତିଷ)—ମେଷ, ବୃଷ, ମିଥୁନ, କର୍କଟ, ଧନୁ ଓ ମକର ଲଗ୍ନ—4. (Astronomy) A particular time which is connected with the six zodiacal signs of Aries, Taurus, Gemini, Cancer, Sagittarius and Capricorn.
୫ । ସ୍ୱପ୍ନ—5. A vision; dream (M.W.).
ବୈଦେ. ବି. (ଆ. ନଶା)—୧ । ଉନ୍ମାଦକାରକ ଗଞ୍ଜାଇ, ମଦ,
নেশা ଅଫିମ ଆଦିର ସେବନଜନିତ ଉନ୍ମାଦନା; ମାଦକ—
नशा 1. Intoxication.
୨ । ନିଶା ଉତ୍ପାଦନ କରିବା ଦ୍ରବ୍ୟର ଅଭ୍ୟାସ; ଅମଲ—
2. Intoxicating drug habit.
୩ । ମାଦକ ଦ୍ରବ୍ୟ—3. Intoxicating drug.
ଦେ. ବି—୧ । ଅର୍ଦ୍ଧରାତ୍ର—1. Dead of night; midnight
୨ । ବଡ଼ ଦେଉଳର ସଦର ଦୁଆର ଛଡ଼ା ଅନ୍ୟ ତିନି ପାଖେ ଦେଉଳର ଗାତ୍ରକୁ ଲଗାଇ ନିର୍ମିତ ଛୋଟ ଛୋଟ ଦେଉଳ—2. Small temples attached to the three sides of a big temple, except the front door side.
୩ । ଖଣ୍ଡା ପ୍ରଭୃତିଙ୍କୁ ତୀକ୍ଷ୍ଣଧାର କରିବା; ପହଜାଇବା; ଶାଣ ଦେବା—3. Sharpening or whetting of swords and other weapons.
୪ । (ପୁଂ ଓ ସ୍ତ୍ରୀ) ନିଶାମଣିର ଡାକ ନାମ—
4. Name for calling Nisāmaṇi.
ପ୍ରାଦେ (ଘୁମୁସର) ବି—ରେଜାଇ—Quilt.

ନିଶାକର—ସଂ. ବି. (ବହୁବ୍ରୀହି; ନିଶା+କର=କିରଣ, ନିଶାରେ
Nisākara କିରଣ ଯାହାର; କିମ୍ବା ଉପପଦ; ନିଶା=ରାତ୍ରି+କୃ. ଧାତୁ+କର୍ତ୍ତୃ ଅ; ନିଶାକୁ କରେ ଯେ)—୧ । ଚନ୍ଦ୍ର—
1. The moon lit. (the night maker).
୨ । କୁକ୍କୁଟ—2. The cock.
୩ । ଋଷିବିଶେଷ—3. Name of a sage.
୪ । ମହାଦେବ (ହ. ଶ.)—4. Śiba.
୫ । କର୍ପୂର—5. Camphor.

ନିଶା କାନ୍ତ—ସଂ. ବି. (୬ଷ୍ଠୀ ତତ୍; ନିଶା+କାନ୍ତ)—ଚନ୍ଦ୍ର—
Nisā kānta The moon.

ନିଶା କେତୁ—ସଂ. ବି. (ନିଶା+କିତ୍. ଧାତୁ=ବାସ କରିବା+କର୍ତ୍ତୃ. ଉ;
Nisā ketu କିମ୍ବା ନିଶା+ଗୃଧ୍ର ଧାତୁ=ପୂଜା କରିବା+କର୍ମ.ଉ)
ଚନ୍ଦ୍ର—The moon.

ନିଶା କ୍ଷୟ—ସଂ. ବି. (୬ଷ୍ଠୀ ତତ୍; ନିଶା+କ୍ଷୟ)—ରାତ୍ରିର ଶେଷ—
Nisā kshaya The close of the night.

ନିଶାଖା—ଦେ. ବିଣ(ସଂ. ନିଃଶାଖ)—୧ । ଶାଖାହୀନ—
Nisākhā ୨ । ଆଶ୍ରୟହୀନ—2. Supportless; helpless.
নিশাখা ୩ । ଉପାୟହୀନ—3. Resourceless.
ମଦନ ପଞ୍ଚରେ ରହିଲ ଚେଡ଼ ହୋଇଲ ଅତ ନିଶାଖା—ପ୍ରୀତି, ରସକୋଇଥ ।
୪ । (ସଂ. ନିଃସଖା) ବନ୍ଧୁହୀନ—4. Friendless.

ନିଶାଖୋର—ବୈଦେ. ବିଣ. (ଆ. ନଶାଖୋର୍)—
Nisākhor ୧ । ମାଦକ ଦ୍ରବ୍ୟ ସେବନରତ; ମଉଆଲ୍—
নেশাখোর 1. Addicted to intoxicating drugs.
नशाखोर ୨ । ନିଶାଖୋରି (ଦେଖ)—
(ନିଶାଖୋରଆ; ନିଶାଖିଆ—ଅନ୍ୟରୂପ) 2. Nisākhori (See).
(ନିଶାଖୋରଣୀ—ସ୍ତ୍ରୀ)

ନିଶାଖୋରି—ଦେ. ବିଣ. (ଆ. ନଶାଖୋରୀ)—
Nisākhori ନିଶାଖୋରର ଉପଯୁକ୍ତ—
নেশাখুরী Befitting a person addicted to drug
नशाखोरी habit.
ବି—ମାଦକଦ୍ରବ୍ୟ ସେବନ ଅଭ୍ୟାସ—
Habit of taking intoxicating drugs.

ନିଶାଗମ—ସଂ. ବି. (୬ଷ୍ଠୀ ତତ୍; ନିଶା+ଆଗମ)—
Nisāgama ସନ୍ଧ୍ୟା; ରାତ୍ରିର ପ୍ରାକ୍‌କାଳ—Nightfall.

ନିଶା ଗରଜନ—ଦେ. ବି. (ସଂ. ନିଶା ଓ ଗର୍ଜନ)—
Nisā garajana ଅର୍ଦ୍ଧରାତ୍ରରେ ଅନୁମିତ ହେବା ଗମ୍ଭୀର ଅବ୍ୟକ୍ତ
ନିଶା ଗରଜିବା, ନିଶା ଗର୍ଜିବା, ନିଶା ଡାକିବା } ଅନ୍ୟରୂପ ସାଇଁ ସାଇଁ ଶବ୍ଦ—A muffled sound heard at dead of night.
[ଦ୍ର—ସମ୍ଭବତଃ ଏହା ଝିଙ୍କାରମାନଙ୍କ ଶବ୍ଦ ।]

ନିଶା ଗୃହ—ସଂ. ବି.—ଶୟନାଗାର—
Nisā gṛuha Sleeping room (M. W.).

ନିଶାଚର—ସଂ. ବି. ପୁଂ. (ନିଶା+ଚର୍. ଧାତୁ=ବିଚରଣ କରିବା+
Nisāchara କର୍ତ୍ତୃ. ଅ)—୧ । ରାକ୍ଷସ—1. Demon.
(ନିଶାଚରୀ—ସ୍ତ୍ରୀ) ୨ । ଶୃଗାଳ—2. Jackal.
୩ । ପେଚକ—3. Owl.
୪ । ସର୍ପ—4. Serpent; snake.
୫ । ଚକ୍ରବାକ—5. The ruddy goose; Anas Carrasca.
୬ । ପିଶାଚ; ଭୂତ—6. A goblin; ghost.
୭ । ଚୋର—7. A thief.
୮ । ପ୍ରହରୀ—8. A watchman.
୯ । ଲମ୍ପଟ ବ୍ୟକ୍ତି—9. A lewd person.
୧୦ । ଗ୍ରନ୍ଥିପର୍ଣ୍ଣିବିଶେଷ—10 A kind of herb.

୧୧ । ଶିବ—11. Śiba (M. W.).

ବଣ. ସ—ରାତ୍ରିଚର; ରାତ୍ରିରେ ବିଚରଣକାରୀ—
(ନିଶାଚରୀ—ସ୍ତ୍ରୀ) Prowling or roaming about in the night.

ନିଶାଚର ପତି—ସ. ବି(ଷଷ୍ଠୀ ତତ୍; ନିଶାଚର+ପତି)—ଭୂତାଧିପ; ଶିବ—
Nisāchara pati Śiba.

ନିଶାଚର୍ମ—ସ. ବି. (ନିଶା+ଚର୍ମନ୍=ଚର୍ମ)—ଅନ୍ଧକାର—
Nisācharma Darkness.

ନିଶାଚରୀ—ସ. ବଣ. ସ୍ତ୍ରୀ—ରାତ୍ରିଚାରିଣୀ—
Nisachari Roving in the night.

ବି. ସ୍ତ୍ରୀ—୧ । ରାକ୍ଷସୀ—1. Demoness.

୨ । ପିଶାଚୀ—2. A ghostess; a she goblin.

୩ । କୁଳଟା ସ୍ତ୍ରୀ—3. An adulteress.

୪ । ବେଶ୍ୟା—4 A prostitute.

୫ । ଅଭିସାରିକା—5. A young woman who goes to tryst to meet her sweetheart in the night.

୬ । କେଶୀ ନାମକ ଗନ୍ଧ ଦ୍ରବ୍ୟ—
6. Name of medicinal scent.

ନିଶାଚାରୀ—ସ. ବି. ଓ ବଣ. ପୁଂ. (ନିଶା+ଚର ଧାତୁ+କର୍ତ୍ତୃ. ଇନ୍)—
Nisāchāri ନିଶାଚର (ଦେଖ)
(ନିଶାଚାରିଣୀ—ସ୍ତ୍ରୀ) Nisāchara (See)

ନିଶାଜଳ—ସ. ବି. (ମ. ପ. ଲୋ; ନିଶାକାଳରେ ଉଦ୍ଭବ ଜଳ)—
Nisājala ଶିଶିର; କାକର—Dew; hoarfrost.

ନିଶା ଝୁଙ୍କ—ଦେ. ବି—୧ । ନିଶାରେ ଘାରି ହେବା—
Nisā jhunka 1. Reeling due to being intoxicated.
ନେশାরঝোঁক ୨ । ମାଦକଦ୍ରବ୍ୟଜନିତ ଉନ୍ମାଦନା—
नशाकाचक्कर 2. Intoxication due to taking drugs.

ନିଶାଟ—ସ.ବି. ପୁଂ. (ନିଶା+ଅଟ୍ ଧାତୁ+କର୍ତ୍ତୃ. ଅ)—ନିଶାଚର (ଦେଖ)
Nisāṭa Nisāchara (See)

ନିଶାଟନ—ସ. ବି. ପୁଂ. (ନିଶା+ଅଟ୍ ଧାତୁ+ଭାବ. ଅନ)—ରାତ୍ରିରେ
Nisāṭana ଭ୍ରମଣ—Roving in the night.

ସ. ବଣ—ରାତ୍ରିରେ ଯେ ଭ୍ରମଣ କରେ—
One who roves in the night.

ନିଶାଣ(ଣି)—ବୈଦେ. ବି. (ଫା. ନିଶାନ୍=ଚିହ୍ନ ମୂଳ ସ. ନିଦର୍ଶନ)—
Nisāṇa(ṇi) ୧ । ଧ୍ୱଜ; ପତାକା—1. Ensign; flag; standard.
নেশান
निशाना ୨ । (ଫା. ନିଶାନା) ବନ୍ଧୁକ ଓ ତୀରଆଦିର ଲକ୍ଷ୍ୟ ବସ୍ତୁ ବା ଚିହ୍ନ—2. Target.

୩ । ନିଦର୍ଶନ; ଶଙ୍କୁ; ଚିହ୍ନ—3. Mark; sign.

୪ । ଦସ୍ତଖତ କରି ନ ଜାଣିବା ବ୍ୟକ୍ତିର ସଙ୍କେତ—
4. A mark made by an illiterate person on a document.

୫ । ଆନକ ବାଦ୍ୟବିଶେଷ; ଗୋଟିଏ ଲୁହାର ବଡ଼ ହାଣ୍ଡି ଉପରେ ଚମଡ଼ା ଛାଉଣି କରାଯାଇଥିବା ଏକପ୍ରକାର ଢୋଲ—5. A kind of drum.

ଚକ୍ରପାଣି ଘୋଷ ନିଶାଣ ରବେ
ନିଶାଚ ବଳ କାତ ହୁଅବେ । ଭକ୍ତ. ବୈଦେହୀଶବିଳାସ ।

୬ । (କଚେରୀ) ହାକିମଙ୍କ ନିକଟରେ କୌଣସି ବ୍ୟକ୍ତିଙ୍କୁ ଚିହ୍ନାଇ ଦେବା—6. Identifying a person before a public servant.

୭ । ସଙ୍କେତ; ସୂଚନା—7. A hint; indication.

୮ । ବାଦ୍ୟ; ବାଜା—8. Musical instrument.

ନିଶାଣ(ଣି)ଦାର—ବୈଦେ. ବି. (କଚେରୀ) (ଆ. ନିଶାନାଦାର୍)—
Nisāṇa(ṇi)dāra ଯେଉଁ ବ୍ୟକ୍ତି କୌଣସିପକ୍ଷ ବା ବସ୍ତୁକୁ
নেশানদার ହାକିମଆଦିଙ୍କ ନିକଟରେ ଚିହ୍ନାଇ ଦିଏ—
निशानादार Identifier; person pointing out or identifying a thing or a party before a public servant.

ନିଶାଣ(ଣି) ଦେବା—ଦେ. କ୍ରି. (କଚେରୀ)—କୌଣସି ବ୍ୟକ୍ତିଙ୍କୁ ବା ବସ୍ତୁକୁ
Nisāṇa(ṇi)debā ହାକିମଙ୍କନିକଟରେ ଚିହ୍ନାଇ ଦେବା—
নেশানদেওআ To identify a person or thing before
निशानादेना a public servant.

ନିଶାଣ(ଣି) ପରେଟ୍—ବୈଦେ. ବି (କଚେରୀ; ଆ. ନିଶାନ୍+ଇଂ. ପାରେଡ୍)
Nisāṇa(ṇi) paret ବନ୍ଧୁ ଲୋକଙ୍କ ମଧ୍ୟରେ ଅପରାଧୀକୁ
নেশানপরেট সাକ୍ଷୀ ଚିହ୍ନିବାର ପ୍ରମାଣାର୍ଥ କରାଯିବା ସମ୍ମିଳନ—
नेशानापरेट Identification parade.

ନିଶାତ—ସ. ବି. (ନି=ବିଶେଷ ରୂପେ+ଶୋ ଧାତୁ=ତୀକ୍ଷ୍ଣ କରିବା+
Nisāta କର୍ମ. ତ)—୧ । ଶାଣିତ; ଧାରୁଆ—
1. Sharp; keen edged.

୨ । ଶାଣ ଦିଆଯାଇ ଥିବା; ପଜା ହୋଇଥିବା—
2. Sharpened; whetted.

୩ । ଉଜ୍ଜ୍ୱଳ—3. Bright.

ନିଶାତଳ—ପ୍ରାଦେ. (ପୁରୀ) ବି—ପୁରୀ ବଡ଼ ଦେଉଳର ପଶ୍ଚିମକୁ ଲାଗି-
Nisātala ଥିବା ନିଶା ଦେଉଳର ତଳ; ପୁରୀ ବଡ଼ଦେଉଳର ପଶ୍ଚିମ ପଟରେ ଥିବା ଗଣେଶ ମୂର୍ତ୍ତିଙ୍କ ସମ୍ମୁଖସ୍ଥ ଖୋଲା ଯାଗା—The open space in front of the idol Gaṇesa on the back of the Jagannath temple at Puri.

ନିଶାତିକ୍ରମ—ସ. ବି. (ଷଷ୍ଠୀ ତତ୍; ନିଶା+ଅତିକ୍ରମ)—
Nisātikrama ରାତ୍ରିର ଅବସାନ—The passing away of the night.

ନିଶାତ୍ୟୟ—ସ ବି. (ଷଷ୍ଠୀ ତତ୍; ନିଶା+ଅତ୍ୟୟ=ଅବସାନ)—
Nisātyaya ୧ । ଶେଷ ରାତ୍ରି—1. The small hours of the night.

୨ । କାଳଅବାସ୍ତ; ବଡ଼ଭୋର୍—2. Daybreak.

୩ । ଉଷା—3. Morning; twilight.

ନିଶାଦ — ସଂ. ବି. ପୁଂ. (ନି + ଷଦ୍ ଧାତୁ = ପତିତ ହେବା + କର୍ତ୍ତୃ. ଅ; କିମ୍ବା ନିଶା = ରାତ୍ରି + ଅଦ୍ ଧାତୁ = ଖାଇବା + କର୍ତ୍ତୃ. ଅ)
Nisāda
(ନିଷାଦୀ - ସ୍ତ୍ରୀ) ୧ । ନିଷାଦ; ବ୍ୟାଧ; ଜୀବହିଂସକ ଜାତି—
1. A low caste hunter.
୨ । ଚଣ୍ଡାଳ; ଶୂଦ୍ର ଔରସଜାତ ବ୍ରାହ୍ମଣୀ ସନ୍ତାନ—
2. A low caste hybrid; the offspring of a Śūdra by a Brāhmaṇa woman.
ବିଣ. ପୁଂ — ରାତ୍ରିଭୁକ୍; ଯେ ରାତିରେ ଆହାର କରେ—
(ନିଶାଦା—ସ୍ତ୍ରୀ) Taking food in the night only.

ନିଶାଦଳ — ବୈଦେ. ବି. (ଫା. ନୌସାଦର୍; ମୂଳ ସଂ. ନରସାର)—
Nisādaḷa ମୃତ୍ତିକାଜ ଲବଣଜାତୀୟ ଦ୍ରବ୍ୟବିଶେଷ —
ସଂ ନରସାର Ammonia; smelling salt; sal ammoniac; ammonium chloride.
निशादल
नौसादर [ଦ୍ର—ଏହାର ଦାନା ଲମ୍ବ ଲମ୍ବ ଓ ଧଳା
ତେ. ନବସାଗର ଏବଂ ମୋଟ ସୂତାପରି ଦେଖାଯାଏ । ଏହାକୁ ଚୂନ ସଙ୍ଗେ ମିଶାଇ ଶିଶିରେ ରଖନ୍ତି । ସେ ଶିଶିର ଠିପି ଫିଟାଇଲେ ସେଥିରୁ ଏକପ୍ରକାର ଉଗ୍ର ଗନ୍ଧ ବାହାରେ, ସେହି ଗନ୍ଧକୁ ଶୁଙ୍ଘିଲେ ଶର୍ଦ୍ଦି କମିଯାଏ ଓ ମୂର୍ଚ୍ଛିତ ଲୋକର ଚେତନା ମଧ୍ୟ ହୁଏ ।]

ନିଶାଦି — ସଂ. ବି. (୬ଷ୍ଠୀ ତତ୍; ନିଶା + ଆଦି) — ସନ୍ଧ୍ୟା—
Nisādi Twilight; nightfall.

ନିଶା ଧରିବା — ଦେ. କ୍ରି. ମାଦକଦ୍ରବ୍ୟର (ସେବନକାରୀ) ଅଭିଭୂତ ହେବା-
Nisa dharibā The taking effect of any intoxicating drug on a person
নেশাধরা नशापकड़ना

ନିଶାନ୍ — ପ୍ରାଦେ. (ସମ୍ବଲପୁର) ବି — ବାଜା; ବାଦ୍ୟ; ଢୋଲ—
Nisān Drum.

ନିଶା ନାଥ — ସଂ ବି. (୬ଷ୍ଠୀ ତତ୍; ନିଶା + ନାଥ) - ନିଶାପତି; ଚନ୍ଦ୍ର—
Nisā nātha The moon.

ନିଶାଣି — ପ୍ରାଦେ. (ସମ୍ବଲପୁର) ବି. (ସଂ. ନିଃଶ୍ରେଣୀ) — ନିଶୁଣୀ—
Nisāṇi Ladder.
ବୈଦେ. ବି. (ଫା. ନିଶାନା) — ନିଶାଣ (ଦେଖ)
Nisāṇa (See)

ନିଶାନ୍ତ — ସଂ. ବିଣ. (ନି + ଶାନ୍ତ) — ଅତିଶାନ୍ତ—
Nisānta Very tranquil.
ବି. (ନିଶା + ଅମ ଧାତୁ = ଗମନ କରିବା + ଅଧି. ତ)—
୧ । ଗୃହ—1. House.
୨ । (୬ଷ୍ଠୀ ତତ୍; ନିଶା + ଅନ୍ତ) — ନିଶାତ୍ୟୟ (ଦେଖ)
2. Nisātyaya (See)

ନିଶାନ୍ତ ନାରୀ — ସଂ. ବି. ସ୍ତ୍ରୀ. — (ମ. ପ. ଲୋ; ନିଶାନ୍ତ = ଗୃହ + ନାରୀ;
Nisānta nāri ଗୃହର ଅଧିଷ୍ଠାତ୍ରୀ ରୂପା ନାରୀ) - ଗୃହମେଧିନୀ; ଗୃହିଣୀ—A housewife.

ନିଶାନ୍ଧ — ସଂ. ବିଣ. ପୁଂ (୭ମୀ ତତ୍; ନିଶା = ରାତ୍ରିରେ + ଅନ୍ଧ)—
Nisāndha ଅନ୍ଧାରକଣା; ନକ୍ତାନ୍ଧ—Not able to see
(ନିଶାନ୍ଧା—ସ୍ତ୍ରୀ) things distinctly after nightfall; night blind; nyctalops.

ନିଶାନ୍ଧତା - ସଂ. ବି. (ନିଶାନ୍ଧ + ତା)—ରାତିରେ ଦେଖା ନ ଯିବା;
Nisāndhatā ଅନ୍ଧାରକଣା ରୋଗ—Night blindness;
(ନିଶାନ୍ଧ୍ୟ — ଅନ୍ୟରୂପ) nyctalopia.

ନିଶାପ — ବୈଦେ. ବି. (ଫା. ଇନ୍‌ସାଫ୍) — ୧ । ପଞ୍ଚାଏତ ବିଚାର—
Nisāpa 1. Arbitration; judgment by arbitration.
পঞ্চায়ত, সালিস ୨ । ନ୍ୟାୟ—2. Justice
इनसाफ [ଦ୍ର—ନ୍ୟାୟ ଶବ୍ଦ ପରେ ସହଚର ରୂପେ ମଧ୍ୟ ଏ ବ୍ୟବହୃତ ହୁଏ ।]

ନିଶାପ କରିବା — ଦେ. କ୍ରି. - ପଞ୍ଚାୟତରେ କୌଣସି ବିଷୟ ବିଚାର
Nisāpa karibā କରିବା; ଅଦାଲତଙ୍କ ବିନା ସାହାଯ୍ୟରେ
সালিসি করা ଆପୋଷିରେ ବିଚାର କରିବା—To arbitrate;
इनसाफ करना to make an award; to consider a matter amicably.

ନିଶାପତି — ସଂ. ବି. (୬ଷ୍ଠୀ ତତ୍; ନିଶା + ପତି) — ୧ । ଚନ୍ଦ୍ର—
Nisāpati 1. The moon.
୨ । କର୍ପୂର—2. Camphor

ନିଶା ପାଣି — ଦେ. ବି. — ୧ । ପାନୀୟ ମାଦକ ଦ୍ରବ୍ୟ; ମଦ—
Nisāpāṇi 1. Intoxicating drink; wine.
নেশাপানি ୨ । (ସହଚର) ମାଦକ ଦ୍ରବ୍ୟ—
नशापानी 2. Any intoxicating drug.
ଶୁଣା ଯାଏ ପୁଅମାନେ ନିଶା ପାଣିରେ କହ ଉଡ଼ାଇ ଦେଇ ରୁ ବାପ ପୁଅଙ୍କର ଅପଢ଼ । ଫକୀରମୋହନ, ଛମାଣ ଅଠଗୁଣ୍ଠ ।

ନିଶାପାଳ — ସଂ. ବି. ପୁଂ (ନିଶା + ପାଳ ଧାତୁ + କର୍ତ୍ତୃ. ଅ)—ଚୌକିଆ;
Nisāpāḷa କଟୁଆଳ — Night watchman.

ନିଶାପିଆ — ଦେ. ବିଣ. - ୧ । (ଅ. ନିଶା + ସଂ. ପାୟୀ) ଯେଉଁ ବ୍ୟକ୍ତି
Nisāpiā ନିଶାପାଣି ବା ମଦ, ତାଡ଼ି ଆଦି ଖାଇବାରେ ଅଭ୍ୟସ୍ତ—
1. Addicted to intoxicating liquors.
୨ । (ଅ. ଇନ୍‌ସାଫ୍) ଯେଉଁ ବ୍ୟକ୍ତି ପଞ୍ଚାୟତରେ ବସି କୌଣସି ବିଷୟ ନିଶାପ କରେ — 2. Forming a panchayet; being a member of an arbitration board
ଦେ. ବି. — ୧ । ପଞ୍ଚାୟତ ଦଳର ଜଣେ ବ୍ୟକ୍ତି—
1 Member of an arbitration board.
୨ । ପଞ୍ଚାୟତ—2. Board of arbitration

ନିଶାପୁଷ୍ପ — ସଂ. ବି.—(ମ. ପ. ଲୋ; ନିଶାରେ ଫୁଟିବା ପୁଷ୍ପ)—୧ । କୁମୁଦ;
Nisā pushpa କଇଁ—1. Waterlily.
୨ । କାକର; ନୀହାର—2. Dew; hoarforst.
୩ । ରଜନୀଗନ୍ଧା ଫୁଲ—3. The tube rose.

ନିଶାବସାନ — ସଂ. ବି. (୬ଷ୍ଠୀ ତତ୍; ନିଶା + ଅବସାନ) - ସକାଳ; ଭୋର;
Nisābasāna ନିଶାନ୍ତ—Early morning.

ନିଶାବାଘ୍ — ପ୍ରାଦେ. (ବାଲେଶ୍ୱର) ବି.—ଅଧରାତି; ମଧ୍ୟ ରାତ୍ରି—
Nisābāgh Midnight

ନିଶାବାଜ୍ — ସଂ. ବିଣ — (ଫା. ନିଶା + ବାଜ୍) ମାଦକ ଦ୍ରବ୍ୟ ସେବନ-
Nisābāj ରତ; ମାଦକ ସେବୀ; ନିଶା ଖାଇବାରେ ଅଭ୍ୟସ୍ତ—
নেশাবাজ Addicted to intoxicating
नशाबाज drugs.

ନିଶାବାଜୀ—ଦେଦେ. ବି.(ଫା.)— ମାଦକ ସେବନ ଅଭ୍ୟାସ—
Nisābāji Habitual drug taking;
নেশাবাজী **नशाबाजी** drug-habit

ନିଶା ବିହାର— ସଂ. ବି. (୭ମୀ ତତ୍; ନିଶାରେ ବିହାର)—
Nisā bihāra ରାତ୍ରି ଭ୍ରମଣ; ରାତ୍ରିରେ ବିଚରଣ—
Prowling or walking in the night.

ନିଶାବେଦୀ— ସଂ. ବି. ପୁଂ. (ନିଶା + ରାତ୍ରି+ବିଦ୍. ଧାତୁ=ଜାଣିବା+ କର୍ତ୍ତୃ. ଇନ୍. ୧ମା. ୧ବ)—କୁକ୍କୁଟ—Cock.
Nisābedi

ନିଶାଭାଗ - ସଂ. ବି. (ନିଶା+ଭାଗ=ସମୟ; ୬ଷ୍ଠୀ ତତ୍)ରାତ୍ରି ସମୟ—
Nisābhāga Night time.

ନିଶାମଣି— ସଂ. ବି. (ରୂପକ; ନିଶାର ମଣି ସ୍ୱରୂପ) ଚନ୍ଦ୍ର—
Nisāmani The moon (lit.the jewel of the night).
ଦେ. ବି —ସ୍ତ୍ରୀ ଓ ପୁରୁଷଙ୍କୁ ଦିଆଯିବା ନାମ—
A name given to males and females.

ନିଶାମନ - ସଂ. ବି. (ନି+ଶମ୍. ଧାତୁ ଣିଚ୍ ଶାମି. ଧାତୁ=ଶାନ୍ତ କରାଇବା+ଭାବ. ଅନ)—୧। **ପୁନଃ ପୁନଃ** ଦର୍ଶନ—1. Beholding; observing.
Nisāmana
୨ । ଶ୍ରବଣ—2. Hearing.
୩ । ଆଲୋଚନା—3. Discussion.
୪ । ଛାୟା—4. A shadow.
୫ । ଅତୀତ ବିଷୟର ସ୍ମରଣ—5 Retrospect; recollection; reminiscence.

ନିଶା ମୃଗ—ସଂ. ବି (ମ.ପ. ଲୋ; ନିଶାବିହାରୀ ମୃଗ)— ଶୃଗାଳ; ବିଲୁଆ—
Nisā mruga Jackal.

ନିଶା ମୋଦକ—ଦେ. ବି (ଅ. ନିଶା+ସଂ. ମୋଦକ)—ଯେଉଁ ମୋଦକରେ ନିଶା ପଦାର୍ଥ (ଗଞ୍ଜାଇ ଆଦି) ପଡ଼ିଥାଏ ଓ ଯାହା ଖାଇଲେ ନିଶା ଧରେ—
Nisā modaka
নেশামোদক
नशाकीगोली Any medicinal ball containing intoxicating ingredients.

ନିଶା ଯୋଗେ—ଦେ. କ୍ରି ବିଣ—ରାତ୍ରି କାଳରେ; ରାତିରେ—
Nisā joge Uuder cover of night; in the night.
নিশাযোগে ସେଥିଲାଗି ନିଶା—ଯୋଗେ ଅଧୁଥିଲା ତହିଁ ନର ମଣ୍ଡଳୀଙ୍କୁ କେ —
ରାଧାନାଥ. ଯାତ୍ରା ।

ନିଶାରଣ—ସଂ. ବି —୧ । (ନି+ଶୃ ଧାତୁ ଣିଜନ୍ତ=ଶାର ଧାତୁ=ବଧ କରିବା+ଭାବ ଅନ) ମାରଣ; ବଧ—
Nisārana
1. Killing; murder; slaughter.
୨ । (ନିଶା+ରଣ=ଯୁଦ୍ଧ)—ରାତ୍ରି ଯୁଦ୍ଧ; ରାତିରେ କରାଯିବା ଯୁଦ୍ଧ—2. Night-battle; night-attack..

ନିଶାରତ୍ନ ସଂ. ବି. (୬ଷ୍ଠୀ ତତ୍; ନିଶା+ରତ୍ନ=ମଣି; ନିଶାର ରତ୍ନ ସ୍ୱରୂପ)
Nisāratna ୧ । ଚନ୍ଦ୍ର—1. The moon.
୨ । କର୍ପୂର—2. Camphor.
[ଦ୍ର— ଚନ୍ଦ୍ର ଶବ୍ଦର ପ୍ରତିଶବ୍ଦମାନ ବୈଦ୍ୟଶାସ୍ତ୍ରରେ କର୍ପୂର ପାଇଁ ବ୍ୟବହୃତ ହୁଏ ।]

ନିଶାରାତି—ଦେ. ବି —। ସଂ. ନିଶା+ରାତ୍ରି ;—ଅର୍ଦ୍ଧରାତ୍ର—
Nisārāti Dead of night; midnight.
নিশারাত **आधीरात**

ନିଶାହସ—ସଂ. ବି. (ନିଶା+ହସ୍ ଧାତୁ=ହସିବା+କର୍ତ୍ତୃ. ଅ; ଯେ ରାତିରେ ହସେ ବା ଫୁଟେ)—ଶ୍ୱେତ କୁମୁଦ; ଧଳା କଇଁ—White waterlily.
Nisāhasa

ନିଶାହ୍ୱା - ସଂ. ବି. (ବହୁବ୍ରୀହି; ନିଶା+ଆହ୍ୱା=ନାମ; ନିଶାହ୍ୱ+ସ୍ତ୍ରୀ.ଆ)
Nisāhwā ୧ । ହଳଦି - 1. Turmeric.
[ଦ୍ର— ନିଶା ଶବ୍ଦର ପ୍ରତିଶବ୍ଦମାନ ବୈଦ୍ୟ ଶାସ୍ତ୍ରରେ ହଳଦି ପାଇଁ ବ୍ୟବହୃତ ହୁଏ ।]
୨ । ଜତୁକା ଲତା—2. A creeper.

ନିଶି—ସଂ. ଅ. (ସଂ. ନିଶ୍ ଶବ୍ଦର ୭ମୀ ବିଭକ୍ତି ୧ ବଚନ; ଅବ୍ୟୟରୂପେ ବ୍ୟବହୃତ) —୧ । ରାତ୍ରିରେ —1 In the night.
Nisi
୨ । ରାତ୍ରି କାଳପାଇଁ; ରାତି ବେଳ ନିମନ୍ତେ—
For the night.
ସଂ. ବି—(ନିଶ୍+ଇ) ରାତ୍ରି (ହି. ଶବ୍ଦସାଗର)—Night.
ଦିନମ ଶଶିରେ ଘୋର ନିଶିରେ ଦୁଃଖ ରାଶିରେ ଭାସି ।
ଉପେନ୍ଦ୍ର, ଲାବଣ୍ୟବତୀ ।

ନିଶିକର—ସଂ. ବି. (ବହୁବ୍ରୀହି; ନିଶି+କର)—ଚନ୍ଦ୍ର (ହି. ଶ.)—
Nisikara The moon.
(ନିଶିନାଥ, ନିଶିନାୟକ, ନିଶିପତି, ନିଶିପାଳ, ନିଶିପାଳକ — ଅନ୍ୟରୂପ)

ନିଶି ଜଳ—ସଂ. ବି. (ମ. ପ. ଲୋ; ନିଶି=ନିଶାରେ ରଖା ଯାଇଥିବା ଜଳ)—ବାସି ପାଣି; ପୂର୍ବ ରାତ୍ରିରୁ ପାତ୍ରରେ ରକ୍ଷିତ ଯେଉଁ ଜଳକୁ ଲୋକେ ପ୍ରତ୍ୟୁଷରେ ଶଯ୍ୟା ତ୍ୟାଗ ପରେ ମଳ ମୂତ୍ର ତ୍ୟାଗ କରି ସାର ନାସିକା ରନ୍ଧ୍ର ଦ୍ୱାରା (ବା ମୁଖ ଦ୍ୱାରା) ପାନ କରନ୍ତି—Water kept in a vessel overnight which is drunk or drawn in through the nostrils early in the morning after one rises from the bed and answers the calls of nature.
Nisi jala
[ଦ୍ର—ବୈଦ୍ୟ ଶାସ୍ତ୍ର ମତରେ ନିଶି ଜଳ ପାନ କଲେ ମନୁଷ୍ୟ ନୀରୋଗ, ବୁଦ୍ଧିମାନ୍, ତୀକ୍ଷ୍ଣଦୃଷ୍ଟି ଓ ବାର୍ଦ୍ଧକ୍ୟ ହୀନ ହୁଏ ।]
୨ । ହଳଦି (ହି. ଶ.)—2. Turmeric.

ନିଶିଡ଼ା—ଦେ. ବିଣ. ପୁଂ ଓ ସ୍ତ୍ରୀ. (ଗାଳରେ ବ୍ୟବହୃତ; ଯେ ଦାନ୍ତ ନିଶିଡ଼େ)—ଦନ୍ତହସା; ଯେ ସବୁ ବେଳେ ସାମାନ୍ୟ କଥାରେ ଦାନ୍ତକୁ ଦେଖାଇ କରି ହସେ—
Nisirdā
(ନିଶଡ଼ା—ଅନ୍ୟରୂପ)
[ନିଶି(ଶ)ଡ଼ୀ— ସ୍ତ୍ରୀ] Given to inordinate laughing.
দেখনহাসী

ନିଶିଡ଼ା(ଡ଼େ)ଇବା—ଦେ. କ୍ରି (ଦାନ୍ତ ଶବ୍ଦ ପରେ ବ୍ୟବହୃତ)—ନିଶିଡ଼ିବା
Nisirdā(rde)ibā (ଦେଖ) Nisirdibā (See)
[ନିଶଡ଼ା(ଡ଼େ)ଇବା —ଅନ୍ୟରୂପ]

ନିଶିଡ଼ିବା—ଦେ.କ୍ରି. (ସଂ. ନିଷ୍ଠୁର; ନିଷ୍କାସନ)—(ଦାନ୍ତ ଶବ୍ଦ ପରେ ବ୍ୟବହୃତ)
Nisirdibā (ଦାନ୍ତ) ନେଫେଡ଼ିବା; ଦାନ୍ତପାଟି ଦେଖାଯିବା

(ନିଶଡ଼ିହେବା—ଅନ୍ୟରୂପ) ଭଲ ଦୁଇ ଓଠ ମେଲି କରିବା—
দাঁতদেখান **निपोड़ना, निकोसना** To grin.

ଘୋଡ଼ାସୁଆର ମଧ୍ୟ ଦାନ୍ତ ନିର୍ଶିଡ଼ି ଦେହର ସ୍ଥାନ ଅସ୍ଥାନର ଜାଦୁଯୁଗଳ
ଲୁଗେଇ ଚକାଇଲେ । ଫକୀରମୋହନ, ଛ ମାଣ ଆଠ ଗୁଣ୍ଠ ।

ନିଶିଡ଼ି ହେବା—ଦେ. କ୍ରି—ଦାନ୍ତ ପାନ୍ତି ଦେଖାଯିବା ଭଲ ଦୁଇ ଓଠ
Nisirdi hebā ମେଲା ହୋଇଯିବା—Grinning.
(ନିଶଡ଼ି ହେବା, ନିଶିଡ଼ି ହୋଇଯିବା— ଅନ୍ୟରୂପ)

ନିଶିଣି—ଦେ. ବି. (ସଂ. ନିଃଶ୍ରେଣୀ; ନିଃଶ୍ରୟଣୀ)—ନିଶୁଣି—
Nisiṇi Ladder.
সিঁড়ি **निसेनी**

ନିଶିତ—ସଂ. ବିଣ. (ନି+ଶୋ ଧାତୁ=ତୀକ୍ଷ୍ଣ କରିବା+କର୍ମ. ତ)—
Nisita ୧ । ଶାଣିତ; ତୀକ୍ଷ୍ଣୀକୃତ; ପକା ହୋଇଥିବା—
1. Sharpened; whetted.
୨ । ତୀକ୍ଷ୍ଣ—2. Sharp.

ଗୃଧ୍ର ପକ୍ଷ ଲଗା ନିଶିତ ପାଞ୍ଚ ବାଣ
ବିନ୍ଧିଲେ ସୁଯୋଧନ ଜାଣ କୋପେ ପିଣ୍ଡ । କୃଷ୍ଣସିଂହ, ମହାଭାରତ ବନ ।

ସଂ. ବି. କ୍ଲୀ—ଲୌହ; ଲୁହା—Iron.

ନିଶି ଦିନ—ଦେ. କ୍ରି. ବିଣ. (ସଂ. ନିଶି+ଦିନ)—
Nisi dina ୧ । ଦିନରେ ଓ ରାତିରେ; ରାତି ଦିନ—
নিশিদিন 1. During the day and the night.
रातदिन

ନିଶି ଦିନ ଯେବେ ନ ଜାଣଇ
ନିକଟ ବଣିକ ତଲ ଶେଷ ଯାଏ ନାହିଁ । ବନ୍ଦେ ଦୂର୍ଯ୍ୟ, ନିଶୋଗଲକ୍ଷ୍ମୀ ନ ଗୀତ ।

୨ । ସର୍ବଦା; ଅହର୍ନିଶ—2. Incessantly; always.
(ନିଶିବାସର, ନିଶିଦିବା, ନିଶି ଦିବସ—ଅନ୍ୟରୂପ)
[ଦ୍ର—ଏହି ଶବ୍ଦ ହି. ଶବ୍ଦସାଗରରେ ସଂସ୍କୃତ ଶବ୍ଦରୂପେ ଗୃହୀତ
ହୋଇଅଛି ।]

ନିଶିପୁଷ୍ପ—ସଂ. ବି. ସ୍ତ୍ରୀ. (ମ. ପ. ଲୋ; ନିଶି=ରାତିରେ ଫୁଟିବା+ପୁଷ୍ପ)—
Nisipushpa ୧ । ଶେଫାଳିକା; ଗଙ୍ଗ ଶିଉଳୀ ଫୁଲ—
ନିଶିପୁଷ୍ପା, ନିଶିପୁଷ୍ପିକା, ନିଶିପୁଷ୍ପୀ } ଅନ୍ୟରୂପ
1. Name of a flower; Nyctanthes Tristes.
୨ । ନିର୍ଗୁଣ୍ଡୀ (ହି. ଶବ୍ଦସାଗର) (ଦେଖ)
2. Nirguṇḍi (See)

ନିଶି ଯାପନ କରିବା—ଦେ. କ୍ରି.—ରାତି କଟେଇବା; ରାତ୍ରି ଅତିବାହିତ
Nisi jāpana karibā କରିବା—To pass or spend a
নিশি যাপন করা night.

ନିଶୀଥ— ସଂ. ବି— (ନି=ସର୍ବଦା+ଶୀ ଧାତୁ=ଶୋଇବା+ଅଧି. ଥ=
Nisitha ଯେଉଁ ସମୟରେ ସମସ୍ତେ ଶୋଇ ଥାଆନ୍ତି)—
୧ । ଅର୍ଦ୍ଧରାତ୍ର— 1. Midnight; dead of night.
୨ । ରାତ୍ରି—2. Night.

ନିଶୀଥିନୀ—ସଂ. ବି.—(ନିଶୀଥ+ଅସ୍ତ୍ୟର୍ଥେ ଇନ୍+ସ୍ତ୍ରୀ. ଈ.)—ରାତ୍ରି—
Nisithini The night.

ନିଶୀଥ୍ୟା—ସଂ. ବି—(ନିଶୀଥ+ଅସ୍ତ୍ୟର୍ଥେ. ଯ+ସ୍ତ୍ରୀ. ଆ)—ରାତ୍ରି—
Nisithyā The night.

ନିଶୁଆ—ଦେ. ବିଣ. ପୁଂ—ଯାହାର ମୁଛ ଥାଏ—Wearing or
Nisuā having moustaches
গুঁফো **मोछवाला;** ସେତ ହିଏ, ଅଛ ବାଇପଡ଼ା ନିଶୁଆ କଏ । ଇଗ—

ନିଶୁଆସ (ଇତ୍ୟାଦି)—ଗ୍ରା. ବି—(ସଂ. ନିଶ୍ୱାସ)—୧ । ନିଶ୍ୱାସ ଇତ୍ୟାଦି
Nisuāsa (etc) (ଦେଖ)—1. Niswāsa etc (See)
নিশাস্; নিশোয়াস্ ୨ । ବେଦନା ଜନିତ ଦୀର୍ଘ ନିଃଶ୍ୱାସ—
निसास 2. Sigh due to pain.

ନିଶୁଣୀ—ଦେ. ବି (ସଂ. ନିଃଶ୍ରେଣୀ)—ନୀଚ ସ୍ଥାନରୁ କୌଣସି ଉଚ୍ଚ ସ୍ଥାନର
Nisuṇi ଉପରକୁ ଉଠିବା ପାଇଁ ବ୍ୟବହୃତ କାଠ ବା ବାଉଁଶରେ
মইসীঁড়ী; **निसेन** ନିର୍ମିତ ସିଡ଼ି—A ladder made of wood or bamboo.

ନ ଶୁଣି କାଷ୍ଠରେ ହେ ସୁଖ ସ୍ୱର୍ଗ ନିଶୁଣୀତ, ଏକ ଦଣ୍ଡ—
କବିସୂର୍ଯ୍ୟ. ସଙ୍ଗୀତ ।

ନିଶୁନ—ଦେ. ବିଣ (ସଂ. ନିଃଶୂନ୍ୟ; ନିଃସ୍ୱନ)—୧ । ନିଃଶବ୍ଦ—
Nisun 1. Soundless; noiseless.
নিশুতি **सुनसान** ୨ । ନିର୍ଜନ—2. Solitary.

ନିଶୁମ୍ଭ—ସଂ ବି (ନି+ଶୁମ୍ଭ୍ ଧାତୁ=ବଧ କରିବା+ଭାବ.ଅ)—୧ । ବଧ—
Nisumbha 1. Slaughter; slaying.
୨ । ମର୍ଦ୍ଦନ—2. Crushing.
୩ । ହିଂସା—3 Harming.
୪ । (ନି+ଶୁମ୍ଭ୍ ଧାତୁ=ବଧ କରିବା+କର୍ତ୍ତୃ. ଅ)—
ଦାନବବିଶେଷ; ଶୁମ୍ଭ ଦୈତ୍ୟର କନିଷ୍ଠ ଭ୍ରାତା—
4. Name of demon killed by Durgā.
[ଦ୍ର—ଏ କଶ୍ୟପଙ୍କ ଔରସରେ ଦନୁଗର୍ଭଜାତ ପୁତ୍ର । ଏହାର
ବଧ ବୃତ୍ତାନ୍ତ ଦେବୀ ମାହାତ୍ମ୍ୟ ବା ଚଣ୍ଡୀର ୯ମ ଅଧ୍ୟାୟରେ ବର୍ଣ୍ଣିତ
ହୋଇଅଛି ।]

ନିଶୁମ୍ଭନ—ସଂ. ବି (ନି+ଶୁମ୍ଭ୍ ଧାତୁ=ବଧ କରିବା+ଭାବ. ଅନ)—
Nisumbhana ମାରଣ; ବଧ; ହନନ—
Slaying; slaughter.

ନିଶୁମ୍ଭମଥନୀ—ସଂ. ବି. ସ୍ତ୍ରୀ (ନିଶୁମ୍ଭ=ଦୈତ୍ୟବିଶେଷ+ମଥନୀ=
Nisumbhamathani ବିନାଶକର୍ତ୍ତ୍ରୀ)—ଦୁର୍ଗା—
ନିଶୁମ୍ଭନାଶିନୀ, ନିଶୁମ୍ଭମର୍ଦ୍ଦିନୀ, ନିଶୁମ୍ଭଶୁମ୍ଭମଥନୀ, ନିଶୁମ୍ଭଶୁମ୍ଭମର୍ଦ୍ଦିନୀ } ଅନ୍ୟରୂପ
Goddess Durgā.

ନିଶେଷ—ଦେ. ବିଣ. (ସଂ. ନିଃଶେଷ)—ନିଃଶେଷ (ଦେଖ)
Nisesha Nihsesha (See).
নিশেষ **निशेष**

ନିଶୈତ—ସଂ. ବି—ବକ (ହି. ଶ)—
Nisaita The Ardea bird.

ନିଶୋତ୍ସର୍ଗ—ସଂ. ବି (ନିଶା+ଉତ୍ସର୍ଗ)—ପ୍ରଭାତ (ହି. ଶ.)—
Nisotsarga Dawn; daybreak.

ନିଶୋଧନ—ସଂ. ବି (ନି+ଶୁଧ୍ ଧାତୁ=ଶୁଦ୍ଧକରିବା+ଭାବ. ଅନ)—
Nisodhana ସମୂଳେ ବିନାଶ—
Utter destruction; eradication.

ମାୟା ଉଦ୍ଧାର ଉଦ୍ଦୋଗ
ଯୀତବ କଲେ ନିଶୋଧନ—ଜଗନ୍ନାଥ. ଭାଗବତ ।

ନିଶୋପଶାୟ—ସଂ. ବି. (ନିଶା+ଉପଶାୟ)—୧ । ନିଦ୍ରାବସ୍ଥା—
Nisopaśāya 1. The state of sleep.
୨ । ରାତ୍ରିରେ ବିଶ୍ରାମ କରିବା—
2. Nightly rest; sleeping in the night.

ନିଷ୍କୁଳା—ସଂ. ବିଣ. ସ୍ତ୍ରୀ—ଆପଣା କୁଳରୁ ବାହାର ଯାଇଥିବା (ସ୍ତ୍ରୀ)
Niskuḷā (ବ୍ର. ସ୍ତ୍ରୀ.)— a woman) Who has forsaken her family.

ନିଶ୍ଚନ୍ଦ୍ର—ସଂ. ବିଣ.—(ନିର୍+ଚନ୍ଦ୍ର)—୧ । ଚନ୍ଦ୍ରମାହୀନ—
Niśchandra 1. Moonless.
୨ । ଚାକଚକ୍ୟହୀନ—2. Lustreless.

ନିଶ୍ଚଏ—ଗ୍ରା. କ୍ରି. ବିଣ.—*ନିଶ୍ଚୟ (ଦେଖ)
Niśchae Niśchaya (See)
निश्चय ଅନ୍ଧ ହୋଇ ଥିଲେ ଚକ୍ଷୁ ଦିଶଇ ନିଶ୍ଚଏ ।
निश्चै ପ୍ରାଚୀ. ଚୁଣ୍ଟନରୂପଣ ଗୀତା ।

ନିଶ୍ଚଞ୍ଚଳ—ସଂ. ବିଣ. ପୁଂ (ନିର୍+ଚଞ୍ଚଳ; ର ସ୍ଥାନରେ ଶ୍ ଆଦେଶ)—
Niśchañchaḷa ଅଚଳ; ସ୍ଥିର—Steady; firm.
(ନିଶ୍ଚଞ୍ଚଳା—ସ୍ତ୍ରୀ) (ନିଶ୍ଚଞ୍ଚଳତା—ବି)

ନିଶ୍ଚୟ—ସଂ. ବି.—(ନିର୍+ଚି ଧାତୁ=ଏକତ୍ର କରିବା+ଭାବ. ଅ)—
Niśchaya ୧ । ସନ୍ଦେହଶୂନ୍ୟ ଜ୍ଞାନ; ନିଃସନ୍ଦେହ ଜ୍ଞାନ—
1. Certainty; certitude; clear knowledge of a thing.
ଗହନ କି ବନ ହୋଇବ ସନ୍ଦେହ ନିଶ୍ଚୟ ହୋଇ ବଢୁର ।
କବିସୂର୍ଯ୍ୟ କିଶୋର ଚମ୍ପୂ, ଗ ଟୀକା ।
୨ । କାବ୍ୟର ଅଳଙ୍କାରବିଶେଷ; ଅନ୍ୟ ବସ୍ତୁର ନିଷେଧଦ୍ୱାରା ପ୍ରକୃତ ବସ୍ତୁର ସ୍ଥାପନ—2. A figure of speech in which the truth is established by proving an assumption to be false.
୩ । ନିର୍ଣ୍ଣୟ; ନିର୍ଦ୍ଧାରଣ—3. Ascertaining.
୪ । ମନରେ ଦୃଢ଼ ଧାରଣା—4. Conviction.
୫ । ସଙ୍କଳ୍ପ—5. Resolution; determination.
୬ । ସିଦ୍ଧାନ୍ତ; ମୀମାଂସା—6. Settlement; decision.
୭ । ଅଧ୍ୟବସାୟ—7. Perseverance.
ଦେ. ବିଣ.—(ସଂ. ନିଶ୍ଚିତ)—୧ । ନିଃସନ୍ଦେହ; ସଂଶୟରହିତ—
1. Undoubted; doubtless.
୨ । ସ୍ଥିର—2. Certain.
ଦେ. କ୍ରି. ବିଣ.—(ସଂ. ନିଶ୍ଚୟେଣ; ନିଶ୍ଚୟାତ୍)—ନିଶ୍ଚେ; ନିଃସନ୍ଦେହରେ—Certainly; surely; without doubt.
निश्चय निश्चै

ନିଶ୍ଚୟ କଥା—ଦେ. ବି.—(ସଂ. ନିଶ୍ଚିତ+କଥା)—୧ । ଦୃଢ଼ୋକ୍ତି—
Niśchaya kathā 1. Assertion; affirmation; emphatic statement.
निश्चित कथा
नियत बात ୨ । ସ୍ଥିର ବିଷୟ—2. Settled matter.
୩ । ଅଟଳ ଜବାବ୍—3. Inviolable promise

ନିଶ୍ଚୟ କରିବା—ଦେ. କ୍ରି.—୧ । ସ୍ଥିର କରିବା—
Niśchaya karibā 1. To ascertain.
निश्चय करा ୨ । କୃତସଙ୍କଳ୍ପ ହେବା; ମନରେ ସଂକଳ୍ପ କରିବା—
नियत करना 2. To determine; to resolve.
୩ । ମୀମାଂସା କରିବା—3. To settle.

ନିଶ୍ଚୟ ଜାଣିବା—ଦେ. କ୍ରି.—ନିଃସନ୍ଦେହରୂପେ ଜାଣିବା—
Niśchaya jāṇibā To know for certain; to be sure of.
निश्चय जाना निश्चय जानना

ନିଶ୍ଚୟ ଜ୍ଞାନ—ସଂ. ବି.—(ନିଶ୍ଚୟ+ଜ୍ଞାନ)—୧ । ଦୃଢ଼ ବିଶ୍ୱାସ—
Niśchaya jñāna 1. Certain knowledge; conviction.
୨ । ଆସ୍ଥା—2. Confidence.
୩ । ଶ୍ରଦ୍ଧା—3. Devotion.

ନିଶ୍ଚୟତା—ଦେ. ବି.—(ସଂ. ନିଶ୍ଚିତତା)—୧ । ଯଥାର୍ଥତା—
Niśchayatā 1. Rightness.
୨ । ସ୍ଥିରତା—2. Certainty.

ନିଶ୍ଚୟାତ୍ମକ—ସଂ. ବିଣ.—(ବହୁବ୍ରୀହି; ନିଶ୍ଚୟ+ଆତ୍ମନ୍+କ)—ଯାହା
Niśchayātmaka (ଯେଉଁ ଜ୍ଞାନ ବା ବୁଦ୍ଧି ବା ବିଷୟ)
(ନିଶ୍ଚୟାତ୍ମକତା—ବି) ନିଃସନ୍ଦେହ ଅଟେ; ଦୃଢ଼—Certain;
(ନିଶ୍ଚୟାତ୍ମିକା—ସ୍ତ୍ରୀ) fixed; based on certainty.

ନିଶ୍ଚୟାତ୍ମକ ଜ୍ଞାନ—ସଂ. ବି.—(ନିଶ୍ଚୟାତ୍ମକ+ଜ୍ଞାନ)—ଦୃଢ଼ ବିଶ୍ୱାସ—
Niśchayātmaka jñāna Firm conviction; certain knowledge.
୨ । ଯେଉଁ ଜ୍ଞାନରେ ଆଦୌ ସଂଶୟ ନ ଥାଏ—
2. Knowledge which is free from all doubt.

ନିଶ୍ଚଳ—ସଂ. ବିଣ. ପୁଂ (ନିର୍=ନାହିଁ+ଚଲ୍ ଧାତୁ=ଗତି କରିବା—
Niśchaḷa +କର୍ତ୍ତୃ. ଅ)—୧ । ସ୍ଥିର; ଅଚଳ—
(ନିଶ୍ଚଳା—ସ୍ତ୍ରୀ) 1. Firm; immoveable; steady.
[ନିଶ୍ଚଳତା(ତ୍ୱ)—ବି.] ୨ । ଅଟଳ—2. Fixed; unwavering.

ନିଶ୍ଚଳା—ସଂ. ବି. ସ୍ତ୍ରୀ.—(ନିଶ୍ଚଳ+ଆ)—୧ । ପୃଥିବୀ—
Niśchaḷā 1. The earth.
[ଦ୍ର—ପୂର୍ବେ ବିଶ୍ୱାସ ଥିଲା ଯେ ପୃଥିବୀ ଅଚଳ ଅଟେ ଏବଂ ସୂର୍ଯ୍ୟ ଏହାର ଚାରି ପାଖେ ବୁଲୁଛନ୍ତି ।]
୨ । ଶାଳପର୍ଣ୍ଣୀ ଗଛ—2. A medicinal plant; Hedysarum Gangeticum.

ନିଶ୍ଚଳାଙ୍ଗ—ସଂ. ବିଣ. ପୁଂ (ବହୁବ୍ରୀହି; ନିଶ୍ଚଳ ଅଟେ ଅଙ୍ଗ ଯାହାର)—
Niśchaḷāṅga ୧ । ନିସ୍ପନ୍ଦ—1. Motionless; still.
(ନିଶ୍ଚଳାଙ୍ଗୀ—ସ୍ତ୍ରୀ) ୨ । ସ୍ଥାୟୀ—
2. Permanent; firm; fixed.
ସଂ. ବି.—୧ । ବକପକ୍ଷୀ—1. A crane; the Ardea.
୨ । ପର୍ବତ—2. Mountain.

ନିଶ୍ଚାୟକ—ସଂ. ବିଣ.—(ନିର୍+ଚି ଧାତୁ=ଏକତ୍ର କରିବା+କର୍ତ୍ତୃ. ଅକ)—
Niśchāyaka ନିର୍ଣ୍ଣାୟକ; ନିର୍ଣ୍ଣୟକାରକ; ନିର୍ଦ୍ଦେଶ୍ଟା; ନିର୍ଦ୍ଧାରକ—
(ନିଶ୍ଚାୟିକା—ସ୍ତ୍ରୀ) Deciding; ascertaining; determining; decisive.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଥିବା ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗ୍ଘ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ନିଶ୍ଚାରକ—ସଂ.ବି.—(ନିର୍ + ଚର୍ ଧାତୁ = ଗମନ କରିବା + ସଂଜ୍ଞା. ଅକ)-
Niśchāraka ୧ । ପୁରୀଷ ବର୍ଜନ; ଝାଡ଼ା ଫେରିବା—
1. Evacuation by stool.
୨ । (+ କର୍ତ୍ତୃ. ଅକ) ବାୟୁ—2. Wind.
୩ । (+ ଭାବ. ଅକ) ସ୍ୱାସ୍ଥ୍ୟ—3. Health.
୪ । ସ୍ୱାଚ୍ଛନ୍ଦ୍ୟ—4. Happiness; ease; comfort.

ନିଶ୍ଚିତ—ସଂ. ବିଣ. (ନିର୍ + ଚି ଧାତୁ = ଗମନ କରିବା + କର୍ମ. ତ)—
Niśchita ୧ । ସ୍ଥିରୀକୃତ; ନିର୍ଣ୍ଣୀତ—
1. Ascertained; settled.
(ନିଶ୍ଚିତି—ବି) ୨ । ମୀମାଂସିତ—
2. Decided; determined.
୩ । ନିଃସନ୍ଦେହ—3. Sure; certain; undoubted.
୪ । ପରିଜ୍ଞାତ—4. Known.
୫ । (+ କର୍ତ୍ତୃ. ତ)—ନିଶ୍ଚୟବାନ୍—
5. Having firm conviction.
କ୍ରି. ବିଣ—ନିଃସନ୍ଦେହରୂପେ; ନିଶ୍ଚେ—
Certainly; surely; decidedly.

ନିଶ୍ଚିତକର୍ମା—ସଂ. ବିଣ. (ବହୁବ୍ରୀହି; ନିଶ୍ଚିତ + କର୍ମନ୍; ୧ମା ୧ବ)—
Niśchitakarmā ୧ । ସ୍ଥିରଧୀ; ସ୍ଥିର ବିବେକୀ—
1 Having sure knowledge.
୨ । ଯେ ସ୍ଥିର ବୁଦ୍ଧି ଅନୁସାରେ କର୍ମ କରେ—
2. Acting on sure knowledge.

ନିଶ୍ଚିନ୍ତ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍ = ନାହିଁ + ଚିନ୍ତା)—
Niśchinta ୧ । ଭାବନାଶୂନ୍ୟ; ନିରୁଦ୍ବେଗ—
(ନିଶ୍ଚିନ୍ତା—ସ୍ତ୍ରୀ) 1. Free from anxiety or care.
୨ । ଚିନ୍ତାହୀନ—2. Thoughtless; careless.
ଦେ. ବିଣ—ସନ୍ତୁଷ୍ଟ—Fully satisfied; content.

ନିଶ୍ଚିନ୍ତ ହେବା—ଦେ. କ୍ରି—୧ । ଚିନ୍ତାରୁ ମୁକ୍ତ ହେବା—
Niśchinta hebā 1. To be free from anxiety.
নিশ্চিন্তি হওআ ୨ । ସନ୍ତୁଷ୍ଟ ହେବା—
निश्चिन्त होना 2. To be fully satisfied or content.

ନିଶ୍ଚିନ୍ତା—ଦେ. ବିଣ. (ସଂ. ନିଶ୍ଚିନ୍ତ)—୧ । ନିଶ୍ଚିନ୍ତ—
Niśchintā 1. Free from anxiety; careless.
নিশ্চিন্তি, নিশ্চিন্দ ୨ । ଚିନ୍ତାହୀନ—2. Devoid of thinking.
निश्चिन्त (ନିଶ୍ଚିନ୍ତ—ଅନ୍ୟରୂପ)

ନିଶ୍ଚୀୟମାନ—ସଂ. ବିଣ. (ନିର୍ + ଚି ଧାତୁ = ଗମନ କରିବା + କର୍ମ. ଶାନଚ୍)—୧ । ଯାହାକୁ ନିଶ୍ଚିତ କରାଯାଉଅଛି—
Niśchīyamāna
1. Which is being ascertained.
୨ । ବିଚାରାଧୀନ—2. Under consideration.

ନିଶ୍ଚୁକ୍କଣ—ସଂ. ବି.—ଦାନ୍ତଘସା ମିସି (ହ୍ରି. ଶବ୍ଦସାଗର)—
Niśchukkaṇa Black dentrifice.

ନିଶ୍ଚେ—ଦେ. କ୍ରି. ବିଣ—(ସଂ. ନିଶ୍ଚୟେନ)—
Niśche ୧ । ନିଶ୍ଚୟରେ; ଅବଶ୍ୟ; ମୁକର୍—
(ନିଶ୍ଚେଁ, ନିଶ୍ଚେଇଁ—ଅନ୍ୟରୂପ) 1. Certainly; surely;
নিশ্চয় **ज़रुर निश्चै** without fail.
ଚଉଠାରେ ନିଶ୍ଚେ ସେ କ୍ରୂର ଲକ୍ଷିତ—ସ୍ୱଧାନାଥ. ମେଘଦୂତ ।
୨ । ନିଃସନ୍ଦେହରେ—2. Undoubtedly.

ନିଶ୍ଚେଁ କରିବା—ଦେ. କ୍ରି—ସ୍ଥିର କରିବା—
Niśchen̐ karibā To ascertain; to settle.
নিশ্চয় করা ଦମୟନ୍ତୀ ବୋଲି ମନରେ ନିଶ୍ଚେ କଲେ—
नियतकरना କୃଷ୍ଣସିଂହ. ମହାଭାରତ. ବନ ।

ନିଶ୍ଚେତନ—ସଂ. ବି. (ବହୁବ୍ରୀହି; ନିର୍ + ଚେତନା)—
Niśchetana ୧ । ଜଡ଼; ଅଚେତନ; ପ୍ରାଣହୀନ—
1. Lifeless; void of sensation.
(ନିଶ୍ଚେତନା—ସ୍ତ୍ରୀ) ୨ । ଅଜ୍ଞାନ—2. Insensible.
(ନିଶ୍ଚେତନତା—ବି) ୩ । କ୍ରୋଧାଦିହୀନ—3. Dispassionate.

ନିଶ୍ଚେଷ୍ଟ—ସଂ. ବିଣ. ପୁ. (ବହୁବ୍ରୀହି; ନିର୍ = ନାହିଁ + ଚେଷ୍ଟା = ଯତ୍ନ)—
Niścheshṭa ୧ । ଚେଷ୍ଟାହୀନ—
(ନିଶ୍ଚେଷ୍ଟା—ସ୍ତ୍ରୀ) 1. Listless; without exertion.
୨ । ଅଳସ—2. Lethargic.
୩ । ଅଜ୍ଞାନ—3. Unconscious.
୪ । ନିରୁଦ୍ୟମ—4. Effortless.
୫ । ନିସ୍ପନ୍ଦ—5. Motionless; still.

ନିଶ୍ଚେଷ୍ଟତା—ସଂ. ବି. (ନିଶ୍ଚେଷ୍ଟ + ଭାବାର୍ଥେ. ତା)—୧ । ଗତିରାହିତ୍ୟ—
Niścheshṭatā 1. Inertia; motionlessness
[ଦ୍ର—ଯେଉଁ ଗୁଣ ଥିବାରୁ ଜଡ଼ବସ୍ତୁମାନେ ନିଜେ ନିଜେ ଚଳି ପାରନ୍ତି ନାହିଁ ବା ଗତିଶୀଳ ହେଲେ ନିଜେ ନିଜେ ସ୍ଥିର ହୋଇ ରହି ପାରନ୍ତି ନାହିଁ, ତାହାକୁ 'ନିଶ୍ଚେଷ୍ଟତା' ବୋଲାଯାଏ ।]
(ନିଶ୍ଚେଷ୍ଟତ୍ୱ—ଅନ୍ୟରୂପ) ୨ । ଆଳସ୍ୟ—2. Laziness;
indolence; slothfulness; lethargy.

ନିଶ୍ଚେଷ୍ଟା—ଦେ. ବିଣ. (ସଂ. ନିଶ୍ଚେଷ୍ଟ)—୧ । ନିରୁଦ୍ୟମ—
Niścheshṭā 1. Effortless.
নিচেষ্ট ୨ । ନିସ୍ପନ୍ଦ—2. Motionless; still.
निचेष्टा ୩ । ଅଜ୍ଞାନ—3. Unconscious.

ନିଶ୍ଛଳ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍ + ଛଳ)—ଛଳରହିତ—
Niśchhaḷa Free from guile.
(ନିଶ୍ଛଳା—ସ୍ତ୍ରୀ; ନିଶ୍ଛଳତା—ବି)

ନିଶ୍ଛିଦ୍ର—ସଂ. ବିଣ. (ବହୁବ୍ରୀହି; ନିର୍ + ଛିଦ୍ର)—୧ । ଛିଦ୍ରରହିତ—
Niśchhidra 1. Without holes; free from
(ନିଶ୍ଛିଦ୍ରତା—ବି) holes, cracks or fractures.
୨ । ନିଷ୍କଳଙ୍କ—2. Stainless; spotless;
immaculate.

୧	ଇ	ଜ	ର୍,ଋ	୮	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ସ	ଜ	ଶ,ଷ	କ୍ଷ	ଇଯ୍	ହ୍ୟ	ଘ
୨	ଈ	ଭ	ରୁ	ଲ୍	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ୱ	ଙ୍ୟ	ଇଥ	●	ନ

୩ । ଦୋଷଶୂନ୍ୟ; ନିର୍ଦ୍ଦୋଷ—3. Faultless; free from defect or weak point; perfect.

ନିଶ୍ଛେଦ୍ୟ—ସ. ବିଣ —(ନିର୍+ଛେଦ୍ୟ)—(ଗଣିତ) ଯେଉଁ ରାଶି
Nischhedya ଅନ୍ୟ ରାଶି ଦ୍ୱାରା ବିଭକ୍ତିତ ହୋଇ ନ ପାରେ— (arithmetic) Indivisible (number).

ନିଶ୍ୱସିତ - ସ. ବିଣ. (ନି=ବାହାରକୁ+ଶ୍ୱସ୍ ଧାତୁ=ନିଶ୍ୱାସ
Niśwasita ମାରିବା+କର୍ତ୍ତୃ. ତ)—
୧ । ଯେ ନିଶ୍ୱାସ ମାରିଅଛି—1. Having exhaled.
୨ । ନିଶ୍ୱାସ ମାରୁଥିବା—2. Breathing.
ସ, ବି. (ନି+ଶ୍ୱସ୍ ଧାତୁ+ଭାବ. ତ)—
୧ । ନିଶ୍ୱାସ; ନାକବାଟେ ବାହାରକୁ ପବନ ଛାଡ଼ିବା—
1. Breathing; exhaling.
୨ । ନିଶ୍ୱାସ ପ୍ରଶ୍ୱାସ—2. Respiration; breath; expiration and inspiration (M. W.).

ନିଶ୍ୱାସ—ସ. ବି. (ନି=ବାହାରକୁ+ଶ୍ୱସ୍ ଧାତୁ=ନିଶ୍ୱାସ ପ୍ରଶ୍ୱାସ
Niśwāsa ପକାଇବା+ଭାବ. ଅ)—୧ । ନାକ ବାଟେ ବାୟୁ ଟାଣିବା—1. Inspiration; drawing in of breath.
୨ । ନାକବାଟେ ଭିତରକୁ ଟାଣାଯିବା ବାୟୁ—
2. Inhalation; inhaled air.
୩ । ନାକବାଟେ ବାୟୁ ବାହାରକୁ ଛାଡ଼ିବା —
3. Exhalation.
୪ । ନାକବାଟେ ବାହାରକୁ ଛଡ଼ା ଯିବା ବାୟୁ—
4. Exhaled air.
ନବ ନିଶ୍ୱାସରେ ପଡ଼ିଲେ ଚଳ—ଚନ୍ଦ୍ରପୂର୍ବ. ସଙ୍ଗୀତ ।
୫ । ପ୍ରାଣବାୟୁ; ନାସାଗତ ବାୟୁ—
5. Breath; respiration; the breath of life.
୬ । ଦୁଃଖଜନିତ ଦୀର୍ଘନିଶ୍ୱାସ—6. Sigh; (M. W.)
ଦେ. ବି—୧ । ବଳବାନ୍ ଅତ୍ୟାଚାରୀ ବ୍ୟକ୍ତି ପ୍ରତି ଦୁର୍ବଳ ଅତ୍ୟାଚାରିତ ବ୍ୟକ୍ତିର ଦୀର୍ଘ ନିଶ୍ୱାସଯୁକ୍ତ ଅଭିଶାପ—
1. Curse uttered by the weak oppressed against the strong oppressor, accompanied with deep sighs.
(ଯଥା—ଦୁଃଖୀ ଲୋକଙ୍କ ଉପରେ ତୁ ଜୁଲମ କଲେ ତୋ ଉପରେ ଦୁଃଖୀଙ୍କ ନିଶ୍ୱାସ ପଡ଼ିଯିବ)
୨ । ଶେଷ ଭରସା—2. Last hope.
[ଯଥା—ଆମ ପୋଷଣାକାରୀଙ୍କୁ ପ୍ରଭୁ ଏ ରୋଗରୁ ବଞ୍ଚାଇବାରୁ ଗରିବ ଗୁରୁବାଙ୍କ ନିଶ୍ୱାସ ରହିଗଲା ।]
୩ । ଆଶ୍ରୟ; ଶେଷ ଆଶ୍ରୟ ସ୍ଥଳ—3. Last refuge.
[ଯଥା—ସାଆନ୍ତଙ୍କ ପୁରୁଣା ଘରଟି ଭାଙ୍ଗି ଯିବାରୁ ଶହ ଶହ ଲୋକଙ୍କ ଶେଷିଙ୍କ ନିଶ୍ୱାସ ବୁଡ଼ିଗଲା ।
୪ । ଗରିବଙ୍କର ଶେଷ ଆଶ୍ରୟ ଦାତା—
4. Ultimate shelter of the needy.
(ଯଥା—ଅମୁକ ବ୍ୟକ୍ତି ଆମର ଏ ଅଞ୍ଚଳର ଏକମାତ୍ର ନିଶ୍ୱାସ ।)
[ଦ୍ର—'ନିଶ୍ୱାସ' ଓ 'ପ୍ରଶ୍ୱାସ'ର ଅର୍ଥ ସମ୍ବନ୍ଧରେ ପଣ୍ଡିତମାନଙ୍କ ମଧ୍ୟରେ ମତ ଭେଦ ଦେଖାଯାଏ ।

ଯଥା— ନିଶ୍ୱାସ=ବାହାରକୁ ଛାଡ଼ିବା ଶ୍ୱାସ; ପ୍ରଶ୍ୱାସ=ଭିତରକୁ ନେବା ଶ୍ୱାସ । ମହାମହୋପାଧ୍ୟାୟ ଗଣନାଥ ସରସ୍ୱତୀ ଓ କଲିକତାର କେତେକ ବରିଷ୍ଠ ପଣ୍ଡିତ ୧୯୧୧ ମସିହାରେ ଏହି ମତ ଦେଇଥିଲେ । ତିନି ଚାରି ବର୍ଷ ତଳେ ଉତ୍କଳ ସାହିତ୍ୟରେ 'ନିଶ୍ୱାସ-ପ୍ରଶ୍ୱାସ' ନାମକ ପ୍ରବନ୍ଧରେ—ନିଶ୍ୱାସ=ଶ୍ୱାସ ନେବା; ପ୍ରଶ୍ୱାସ=ଶ୍ୱାସ ଛାଡ଼ିବା; ଏହି କଥା ଆଲୋଚନାରେ ସିଦ୍ଧ ହୋଇଥିଲା । ହିନ୍ଦୀ ଶବ୍ଦସାଗରରେ ନାକ ବା ମୁହଁ ବାଟେ ବାହାରକୁ ଛଡ଼ା ଯିବା ଶ୍ୱାସକୁ ନିଶ୍ୱାସ ବୋଲାଯାଇଅଛି ।]

ନିଶ୍ୱାସ ଅଟକିବା—ଦେ. ବି—ଦମ୍ ଅଟକି ଯିବା; ବେଦମ୍ ହେବା; ପବନ
Niśwāsa akaṭiba ଅଟକି ଯିବା ଯୋଗୁଁ ଶ୍ୱାସ ପ୍ରଶ୍ୱାସ ବନ୍ଦ
निश्वास आटका **दम अटकना** ହୋଇଯିବା; ଶ୍ୱାସରୋଧ —

ନିଶ୍ୱାସ ଅଟକିବା, ନିଶ୍ୱାସ ରୁନ୍ଧିଦେବା, ନିଶ୍ୱାସ ଅଟକିଯିବା } ଅନ୍ୟରୂପ — Stoppage of breathing; suspension of breath; being out of breath.

ନିଶ୍ୱାସ ଅଟକା(କେ)ଇବା—ଦେ. କ୍ରି—ନିଶ୍ୱାସ ରୋକିବା—
Niśwāsa aṭakā(ke)ibā To stop breathing.
निशासआटकान; दमअटकाना

ନିଶ୍ୱାସ ଛାଡ଼ିବା—ଦେ. କ୍ରି— ନାସା ଦ୍ୱାରା ଶ୍ୱାସ ବାୟୁ ବାହାରକୁ ଛାଡ଼ିବା—
Niswasa chhardiba To breathe out;
निशासछाड़ा, निशासफेला; **निसासछोड़ना** to exhale.

ନିଶ୍ୱାସ ଡୁବିବା—ଦେ. ବି—୧ । ଲୋକଙ୍କର ଶେଷ ଭରସା ଲୁପ୍ତ ହେବା—
Niśwāsa dubiba 1. The dying out of the last hope of people.

ନିଶ୍ୱାସ ଡୁବିଯିବା, ନିଶ୍ୱାସ ବୁଡ଼ିବା, ନିଶ୍ୱାସ ବୁଡ଼ିଯିବା } ଅନ୍ୟରୂପ

୨ । ଲୋକଙ୍କ ଶେଷ ଆଶ୍ରୟସ୍ଥଳ ଲୁପ୍ତହେବା—
आशा भरसा डुबेयाओआ 2. The cessation of the last
भरोसालोपहोना refuge of people.

ନିଶ୍ୱାସ ନେବା—ଦେ. କ୍ରି—ନାସାଦ୍ୱାରା ଶ୍ୱାସ ବାୟୁକୁ ଶରୀର ଭିତରକୁ
Niśwasa neba ନେବା; ଦମ୍‌ନେବା—
निशासलओ्या **निसासलेना** To inhale; to breathe in.

ନିଶ୍ୱାସ ପକା(କେ)ଇବା—ଦେ. କ୍ରି—୧ । ନିଶ୍ୱାସ ମାରିବା—
Niśwāsa pakā(ke)ibā 1. To breathe.
निश्वासफेला
୨ । ବାହାରକୁ ଶ୍ୱାସ ବାୟୁ ଛାଡ଼ିବା—
2. To emit breath; to exhale.

୩ । (ସବଳ ଅତ୍ୟାଚାରୀ ବ୍ୟକ୍ତିପ୍ରତି ଦୁର୍ବଳ ଅତ୍ୟାଚାରିତ ବ୍ୟକ୍ତି) ଦୀର୍ଘନିଶ୍ୱାସ ଛାଡ଼ିବାବେଳେ ଅଭିଶାପ ଦେବା—
3. To curse the strong oppressor with the sigh which is the outcome of oppression.

୪ । ଦୁଃଖରେ ଖର ନିଶ୍ୱାସ ଛାଡ଼ିବା—
4. To sigh with grief.

ନିଅଁସ୍ ପୁଜେଇରେ ଘରେ ପିଠାଟିଏ ହେଲା ନାହିଁ ହେଲେ ଖାଲିଅ ନିଶ୍ୱାସ ପକାଏ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ନିଶ୍ୱାସ ପଡ଼ିବା—ଦେ. କ୍ରି—୧ । କୌଣସି ଅତ୍ୟାଚାରୀ ବ୍ୟକ୍ତି ଉପରେ ଦୁଃଖାର୍ତ୍ତ ବା ପ୍ରପୀଡ଼ିତ ବ୍ୟକ୍ତିର ଅସନ୍ତୋଷ-ଜନିତ ଅଭିଶାପ ସଫଳ ହେବା—
Niśwāsa pardibā
(ନିଶ୍ୱାସ ପଡ଼ିଯିବା—ଅନ୍ୟରୂପ)
निशासपड़ा शापगीरना
1. The taking effect of a curse by the oppressed on the oppressor.

୨ । ଅତ୍ୟାଚାରିତ ବ୍ୟକ୍ତିଦ୍ୱାରା ଅତ୍ୟାଚାରୀ ଅଭିଶପ୍ତ ହେବା—
2. The utterance of a curse, accompanied with a sigh, by an oppressed person.

ନିଶ୍ୱାସ ପ୍ରଶ୍ୱାସ—ସଂ. ବି (ଦ୍ୱନ୍ଦ୍ୱ; ନିଶ୍ୱାସ+ପ୍ରଶ୍ୱାସ)—ନାସାଦ୍ୱାରା ଶରୀରଭ୍ୟନ୍ତରକୁ ଟାଣିଯିବା ଓ ବାହାରକୁ ଛଡ଼ାଯିବା ପ୍ରାଣବାୟୁ; ରେଚକ ଓ ପୂରକ—
Niśwāsa praśwāsa
Respiration; breath; inhalation and exhalation of breath

ନିଶ୍ୱାସ ବନ୍ଦ—ଦେ. ବି (ସଂ. ନିଶ୍ୱାସ+ବନ୍ଧନ)—
Niśwāsa banda
१ । ନିଶ୍ୱାସ ରୋଧ (ଦେଖ)
निश्वासबन्द निसासबंद
1. Niśwāsa rodha (See)

୨ । ପ୍ରାଣହୀନ ବ୍ୟକ୍ତିର ନିଶ୍ୱାସର ଗତି ସ୍ଥଗିତ ହେବା—
2. Stoppage of respiration after death

ନିଶ୍ୱାସ ମାରିବା—ଦେ. କ୍ରି—୧ । ନାସାଦ୍ୱାରା ବାୟୁ ପେଟ ଭିତରକୁ ନେବା ଓ ବାହାରକୁ ଛାଡ଼ିବା—
Niśwāsa māribā
1. To breathe.

୨ । ସ୍ୱସ୍ତି ଓ ସୁଖ ବୋଧ କରିବା—
2. To feel at ease; to feel comfortable.
(ଯଥା—କାମର ଝଞ୍ଜଟରୁ ମୁକ୍ତ ହୋଇ ମୁଁ ନିଶ୍ୱାସ ମାରିଲି ।)

ନିଶ୍ୱାସ ରହିବା—ଦେ. କ୍ରି—୧ । ନିଶ୍ୱାସରୋଧ—
Niśwāsa rahibā
1. Suffocation.
(ନିଶ୍ୱାସ ରହିଯିବା—ଅନ୍ୟରୂପ)

୨ । ଲୋକଙ୍କର ଶେଷ ଭରସା ବା ଆଶ୍ରୟସ୍ଥଳ ବଜାୟ ରହିବା-
2. Continuance of the last refuge of people.

ନିଶ୍ୱାସରୁଦ୍ଧ—ସଂ. ବିଣ. ପୁଂ (ବହୁବ୍ରୀହି; ନିଶ୍ୱାସ+ରୁଦ୍ଧ ଯାହାର)—ରୁଦ୍ଧଶ୍ୱାସ; ଅଣନିଶ୍ୱାସି—Suffocated.
Niswāsaruddha
(ନିଶ୍ୱାସରୁଦ୍ଧା—ସ୍ତ୍ରୀ)

ନିଶ୍ୱାସ ରୁନ୍ଧିବା—ଦେ. କ୍ରି.—ଦ୍ଧୁମୂକ କରିବା—
Niśwāsa rundhibā
To hold up one's bereath.

निश्वास आटकान दम अटकाना
ଦେ. ବି.—ନିଶ୍ୱାସ ରୋଧ ଅବସ୍ଥା ଘଟିବା—
Suffocation.

ନିଶ୍ୱାସ ରୋଧ—ସଂ. ବି.—(୬ଷ୍ଠୀ ତତ୍; ନିଶ୍ୱାସ+ରୋଧ)—୧ । କୁମ୍ଭକ; ପ୍ରାଣାୟାମଦ୍ୱାରା ଶ୍ୱାସର ଅବରୋଧ—
Niśwāsa rodha
1. Act of restraining or holding up one's breath for a long time.

୨ । ନିଶ୍ୱାସର ଗତି ବନ୍ଦ ହେବା—2. Suffocation.

ନିଶ୍ୱାସ ରୋଧିବା—ଦେ. କ୍ରି.—ନିଶ୍ୱାସ ରୁନ୍ଧିବା; ପ୍ରାଣାୟାମଦ୍ୱାରା ଶ୍ୱାସ ପ୍ରଶ୍ୱାସକୁ ଅଟକାଇବା—
Niśwāsa rodhibā
दम आटकान दम अटकाना
To restrain one's breath by exertion.

ନିଶ୍ୱାସିବା—ଦେ. (ପଦ୍ୟ)—(ସଂ. ନିଶ୍ୱାସ)—ନିଶ୍ୱାସ ମାରିବା (ଦେଖ)—
Niśwāsibā
Niśwāsa māribā (See)
निश्वासा

ଚମ୍ପ ଡ୍ରାଘ୍ରେ ଫଁ ଫଁ ସ୍ୱନେ ନିଶ୍ୱାସି ସଘନେ; ଅସୂଚନ୍ତି ପଦ୍ମଜନେ ।
ରାଧାନାଥ. ମହାଯାତ୍ରା

ନିଶ୍ରମ—ଦେ. ବିଣ.—(ସଂ. ନିଃଶ୍ରମ)—ଶ୍ରମ ବିହୀନ—.
Niśrama Without exertion; requiring no effort.

ନିକ୍ଷତ୍ର ପ୍ରାତ୍ୟେକ ସର୍ଗି ଜସିବା ନିଶ୍ରମ,
ପାଳନ୍ତ ବର୍ଷିବା ଅତି ଶ୍ରମ । ଗ୍ରାଚୀ, ରହସ୍ୟମଞ୍ଜରୀ ।

ସଂ. ବି.—ଅଧ୍ୟବସାୟ (ହି. ଶବ୍ଦସାଗର)—Perseverance.

ନିଶ୍ରମରେ—ଦେ. କ୍ରି. ବିଣ—୧ । ଅକ୍ଳାନ୍ତଭାବରେ; କ୍ଳାନ୍ତ ନ ହୋଇ—
Niśramare
1. Untiringly.

୨ । ଅଧ୍ୟବସାୟ ସହକାରେ—2. Perseveringly.

ଜର ନ ଗ୍ରସ୍ତ ବଦଗ୍ରୀ ଅଶ୍ରମରେ,
ଶଗଡ଼ରେ ବର୍ଷି ଭପନ୍ତି ନିଶ୍ରମରେ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ନିଶ୍ରୟଣୀ—ସଂ. ବି.—(ନି+ଶ୍ରୟଣୀ)—ସିଢ଼ି; ନିଶୁଣୀ (ହି. ଶ)—
Niśrayaṇi
Ladder.

ନିଶ୍ରେଣୀ—ସଂ. ବି.—(ନି+ଶ୍ରେଣୀ)—ନିଶୁଣୀ; ସିଢ଼ି (ହି. ଶ.)—
Niśreṇi
Ladder.

ଭଲୋକ ସ୍ୱର୍ଗ ଆରୋହଣ ନିଶ୍ରେଣୀ ।
ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।

ନିଶ୍ରେୟ—ଦେ. ବି.—(ସଂ. ନିଃ ଓ ଶ୍ରେୟଃ)—୧ । ଅନୁପକାର; ଅପକାର
Niśreya
Want of benefit.
निश्रेय
୨ । (ସଂ. ନିଃଶ୍ରେୟସ)—ମୁକ୍ତି; ମୋକ୍ଷ—
निश्रेयस
Liberation; deliverance.

ନିଶ୍‌ଶଙ୍କ—ସଂ. ବିଣ.—ନିଃଶଙ୍କ (ଦେଖ)
Niś-śaṅka
Nihśaṅka (See)

ନିଶ୍‌ଶକ୍ତ—ସଂ. ବିଣ. (ନିର୍+ଶକ୍ତ)—ନିର୍ବଳ (ହି. ଶ.)—
Niś-śakta
Weak.

ନିଶ୍‌ଶୀଳ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ଶୀଳ)—ମନ୍ଦ ସ୍ୱଭାବ-ବିଶିଷ୍ଟ—Ill-natured.
Niś-śīḷa
(ନିଶ୍‌ଶୀଳା—ସ୍ତ୍ରୀ; ନିଶ୍‌ଶୀଳତା—ବି)

ନିଶ୍‌ଶେଷ—ସଂ. ବିଣ.—ନିଃଶେଷ (ଦେଖ)
Niś-śesha
Nihśesha (See)

ନିଷ୍ (ଧାତୁ)—ସଂ.—ସେଚନ କରିବା—
Nish (root)
To sprinkle.

ନିଷକ୍ତ—ସଂ. ବଣ.—(ନି+ସନ୍ଜ୍ ଧାତୁ=ଆସକ୍ତ ହେବା+କର୍ତ୍ତୃ. ତ)
Nishakta ୧ । ସଲଗ୍ନ; ନିକଟବର୍ତ୍ତୀ—
Adjoining; attached.
୨ । ସମ୍ପର୍କିତ—2. Related; connected.

ନିଷକ୍ତୁ—ସଂ. ବି. ପୁଂ—ପିତା; ବାପ (ହି. ଶ.)—
Nishaktu Father.

ନିଷଙ୍ଗ—ସଂ., ବି.—(ନି+ସନ୍ଜ୍ ଧାତୁ=ଆଲିଙ୍ଗନ କରିବା+ଭାବ.
Nishanga ଅ) ୧ । ସଂସର୍ଗ; ସମ୍ମିଳନ; ସଙ୍ଗ—
1. Association.
୨ । (+ଅଧି. ଅ) ଶରମୁଣୀ; ତୂଣୀର—2. A quiver.
୩ । ମୁହଁରେ ଫୁଙ୍କା ଯାଇ ବଜା ଯାଉ ଥିବା ଏକ ପ୍ରକାର ବାଜା
(ହି. ଶବ୍ଦସାଗର)—3. A kind of flute.
୪ । ଖଡ୍ଗ—4. Sword.

ନିଷଙ୍ଗଥି—ସଂ. ବି.—(ନିଷଙ୍ଗ+ଥି)—୧ । ଆଲିଙ୍ଗନ—
Nishangathi 1. Embrace.
୨ । ସଙ୍ଗମ—2. Union.
୩ । ଧାନୁଷ୍କ; ଧନୁର୍ଦ୍ଧର—3. Archer; bowman.
୪ । ରଥ—4. Car.
୫ । ସାରଥି—5. Charioteer.
୬ । ତୃଣ—6. Grass.
୭ । ସ୍କନ୍ଧ—7. Shoulder.

ନିଷଙ୍ଗଧି—ସଂ. ବି.—(ନିଷଙ୍ଗ+ଧା ଧାତୁ+ଅଧି. ଇ)—ଖଣ୍ଡା ଯେଉଁ
Nishangadhi ଖୋଳରେ ରହେ; ଖଡ୍ଗକୋଷ—
Scabbard; sheath.

ନିଷଙ୍ଗୀ—ସଂ. ବଣ. ପୁଂ.—(ନିଷଙ୍ଗ+ଅସ୍ତ୍ୟର୍ଥେ. ଇନ୍. ନିଷଙ୍ଗିନ୍);
Nishangi ୧ମା. ୧ବ.)—୧ । ଧନୁର୍ଦ୍ଧାରୀ—
(ନିଷଙ୍ଗିନୀ—ସ୍ତ୍ରୀ) 1. Holding a bow.
୨ । ତୂଣୀରଧାରୀ—2. Wearing a quiver; furnished with a quiver.
୩ । ଖଡ୍ଗଧାରୀ (ହି. ଶ.)—3. Holding a sword.
ସଂ. ବି. ପୁଂ—୧ । ଧୃତରାଷ୍ଟ୍ରଙ୍କ ପୁତ୍ରବିଶେଷ—
1. A son of Dhṛutarāshtra.
୨ । ଧନୁର୍ଦ୍ଧର ବ୍ୟକ୍ତି—2. An archer.
୩ । ଖଡ୍ଗଧାରୀ ବ୍ୟକ୍ତି—3. A swordsman.

ନିଷଙ୍ଗୀନ—ସଂ. ବଣ. ପୁଂ.—(ନିଷଙ୍ଗ+ଅସ୍ତି ଅର୍ଥରେ ଇନ୍.)—
Nishangina ଧନୁର୍ଦ୍ଧାରୀ—Holding a bow.
(ନିଷଙ୍ଗୀନା—ସ୍ତ୍ରୀ)

ନିଷଣ୍ଣ—ସଂ ବଣ. ପୁଂ—(ନି+ସଦ୍ ଧାତୁ=ଅବସ୍ଥାନ କରିବା, ଗମନ
Nishanna କରିବା+କର୍ତ୍ତୃ. ତ)—୧ । ଉପବିଷ୍ଟ—
1. Seated; perched.
୨ । ସ୍ଥାପିତ—2. Placed.
୩ । ନିବେଶିତ—3 Inserted.
୪ । ତଳ ପଡ଼ିଥିବା; ଶାୟିତ—4. Reclined.
୫ । ଆଉଜିଥିବା—5. Leaning on.
୬ । ବିଶ୍ରାନ୍ତ—6. Reposed.
୭ । ଅବଲମ୍ବିତ—7. Supported.
୮ । ସ୍ଥିତ—8. Situated.
୯ । ବହିର୍ଗତ—9. Gone out; emerged.
୧୦ । ବିଷଣ୍ଣ—10. Sad; dejected.

ନିଷତ—ଦେ. ବଣ (ସଂ. ନିଃ+ଶକ୍ତ)—୧ । ଶକ୍ତିହୀନ;—
Nishata 1. Powerless.
୨ । ଅତ୍ୟନ୍ତ କ୍ଳାନ୍ତ—2. Too much tired.

ଅତି ତେଲେ ଅପେ ଭୁଲେ ଅପଣେ ନିଷତ ।
ପ୍ରାଚୀ, ବନ୍ଧୁନବକୁଶଗୀତା ।

୩ । (ସଂ. ନିଃସତ୍ତ୍ୱ) ନିର୍ବଳ—3. weak.

ନିଷଦ—ସଂ. ବି. (ନି+ସଦ୍ ଧାତୁ=ଅବସ୍ଥାନ କରିବା+ଅଧି. ଅ)—
Nisada ୧ । ନିଷାଦସ୍ୱର; ସଙ୍ଗୀତର ସପ୍ତମ ସ୍ୱର—
1. The seventh musical note in the gamut.
୨ । ଆସନ—2. A seat.

ନିଷଦ୍ବର—ସଂ. ବି. (ନି+ସଦ୍ ଧାତୁ+କର୍ତ୍ତୃ. ବର)—
Nishadbara କର୍ଦ୍ଦମ; ପଙ୍କ—Mud; mire.

ନିଷଦ୍ବରୀ—ସଂ. ବି. (ନି+ସଦ୍ ଧାତୁ+କର୍ତ୍ତୃ. ବର+ସ୍ତ୍ରୀ. ଈ)—
Nishadbari ରଜନୀ; ରାତ୍ରି—Night.

ନିଷଦ୍ୟ—ସଂ. ବି. (ନି+ସଦ୍ ଧାତୁ=ଅବସ୍ଥାନ କରିବା+ଅଧି. ଯ)—
Nishadya ଆଧାର; ପାତ୍ର—Receptacle; reservoir.

ନିଷଦ୍ୟା—ସଂ. ବି. ସ୍ତ୍ରୀ (ନିଷଦ୍ୟ+ସ୍ତ୍ରୀ. ଆ)—
Nishadyā ୧ । ପଣ୍ୟ ବିକ୍ରୟଶାଳା; ହାଟ—
1. Market; mart.
୨ । ଛୋଟ ଖଟ; ଖଟିଆ—
2. A small bedstead; charpoy.

ନିଷଧ—ସଂ. ବି. (ନି+ସଦ୍ ଧାତୁ=ଗମନ କରିବା+ଅଧି. ଅ; ଦ=ଧ)
Nishadha ୧ । ସୌରାଷ୍ଟ୍ର ରାଜ୍ୟର ଉତ୍ତରସ୍ଥ ପ୍ରାଚୀନ ଦେଶ-
ବିଶେଷ—1. Name of a country of
ancient India.
[ଦ୍ର—ନଳ ଏ ରାଜ୍ୟର ରାଜା ଥିଲେ । ପ୍ରାଚୀନ ନିଷଧ ଦେଶ
ବିନ୍ଧ୍ୟ ପର୍ବତର ଉତ୍ତରବର୍ତ୍ତୀ ଆଧୁନିକ କୁମାୟୁନ ଅଞ୍ଚଳ ବୋଲି
ପଣ୍ଡିତମାନେ ନିର୍ଦ୍ଦେଶ କରନ୍ତି ।]
୨ । (+କର୍ତ୍ତୃ. ଅ) ଇଳାବୃତର ଦକ୍ଷିଣରେ ହରିବର୍ଷ
ଦେଶର ସୀମା ପର୍ବତ—2. Name of a
mythological mountain of India.
[ଦ୍ର—ଏହା ହିମାଳୟର ଉତ୍ତରରେ ଅବସ୍ଥିତ ଥିବାର କଥିତ ।]
୩ । ସୂର୍ଯ୍ୟବଂଶୀୟ ନୃପତି କୁଶଙ୍କର ପୌତ୍ର—
3. Name of a king, grandson of Kuśa.
୪ । ନିଷାଦ ସ୍ୱର—4. The seventh musical note.
୫ । ନିଷଧଦେଶୀୟ ଲୋକ—
5. The people of the Nishadha country.
୬ । କୁରୁଙ୍କର ଏକ ପୁତ୍ର—
6. Name of a son of king Kuru.

ସ. ବିଣ – (+କର୍ମ. ଅ) – ୧ । ଅଧର୍ଷଣୀୟ—
1. Impregnable.
୨ । କଠିନ –2. Hard.
୩ । ଦୃଢ଼; ଘନ—3. Solid.

ନିଷାଣ (ଇତ୍ୟାଦି)—ଦେ. ବି – ନିଶାଣ ଇତ୍ୟାଦି (ଦେଖ)—
Nishāṇa (etc) Nisāṇa etc. (See).
ଓଡ଼ିଆ ଜାତି ନିଷାଣ,
ଯୋଦ୍ଧା ଜାତିର ଧାଣ । ଉତ୍କଳ. ଗୀତଲହରୀ ।

ନିଷାଣ ଦେବା—ଦେ. କ୍ରି – ନିଶାଣ ଦେବା (ଦେଖ)—
Nishāṇa debā Nisāṇa debā (See).
ମଣିଲେ ଲୋକେ କାମ ଦେଲକ ନିଶାଣ—କୃଷ୍ଣସିଂହ. ମହାଭାରତ ଅଦି ।

ନିଷାଦ—ସ. ବି. ପୁଂ. (ନି+ସଦ୍ ଧାତୁ=ଅବସ୍ଥାନ କରିବା + କର୍ତ୍ତୃ. Nishāda ଅ) – ୧ । ବେଣ ରାଜାଙ୍କ ଶରୀରରୁ ଜାତ ନୀଚ ଜାତି (ନିଷାଦୀ— ସ୍ତ୍ରୀ) ବିଶେଷ —1. A low caste said to have sprung from the body of king Beṇa.
[ଦ୍ର—ଭାଗବତ ଚତୁର୍ଥସ୍କନ୍ଧ ଚତୁର୍ଦ୍ଦଶ ଅଧ୍ୟାୟରେ ନିଷାଦମାନଙ୍କ ପୂର୍ବ କାହାଣୀ ବର୍ଣ୍ଣିତ ହୋଇଅଛି । ବେଣ ନାମକ ଜଣେ ଅତି ଦୁଷ୍ଟ ରାଜା ବ୍ରାହ୍ମଣମାନଙ୍କ ଅଭିଶାପରେ ମୃତ ହେଲା ପରେ ବ୍ରାହ୍ମଣମାନେ ତାଙ୍କ ଶବକୁ ମନ୍ଥନ କରିବାରୁ ତହିଁରୁ ପ୍ରଥମେ ଗୋଟିଏ ଭୟଙ୍କର ପୁରୁଷ ଉତ୍ପନ୍ନ ହେଲା । ତାହାଙ୍କ ରୂପ ଓ ଆଚରଣ ଦେଖି ସେ ରାଜା ହେବାର ଅନୁପଯୁକ୍ତ ମନେ କରି ବ୍ରାହ୍ମଣମାନେ କହିଲେ ତୁମ୍ଭେ ବଣକୁ ଯାଇ ସେଠାରେ ବାସ କର । ବ୍ରାହ୍ମଣମାନେ ତାଙ୍କୁ କହିଲେ ନିଷୀଦ—ଏଥିରୁ ତାହାଙ୍କ ନାମ ହେଲା ନିଷାଦ ଓ ଏହାଙ୍କ ବଂଶଧରମାନେ ନିଷାଦ ନାମରେ ପରିଚିତ ହେଲେ ।]
୨ । ଭାରତର ପ୍ରାଚୀନ ଅନାର୍ଯ୍ୟ ଜାତିବିଶେଷ—
2. Name of an aboriginal non-aryan tribe described as fishermen, hunters and robbers.
[ଦ୍ର—ଏମାନଙ୍କ ବ୍ୟବସାୟ ମାଛ ମାରିବା, ଶିକାର ଓ ଚୋରି କରିବା । ଆର୍ଯ୍ୟମାନଙ୍କର ଭାରତ ଆଗମନ ପୂର୍ବେ ଏମାନେ ଭାରତର ଆଦିମ ନିବାସୀ ଥିଲେ ।]
୩ । ଶୂଦ୍ର ଔରସରେ ବ୍ରାହ୍ମଣୀ ଗର୍ଭଜାତ ଜାତିବିଶେଷ; ଚଣ୍ଡାଳ—3. A low caste people considered as very degraded.
[ଦ୍ର—ଏମାନେ ପତିତ ବୋଲି ବିବେଚିତ ।]
୪ । କିରାତ; ବ୍ୟାଧ; ଶିକାରୀ—4. A hunter.
୫ । ଧୀବର ଜାତିବିଶେଷ—5. A fisherman caste.
୬ । ସପ୍ତସ୍ୱରାନ୍ତର୍ଗତ ଶେଷ ସ୍ୱର—'ନି'—
6. The seventh note in the musical gamut
୭ । ହସ୍ତୀର ବୃଂହିତ ସ୍ୱର—7. Sound resembling the braying of an elephant.
୮ । ରାମାୟଣ ଓ ମହାଭାରତରେ ଉଲ୍ଲିଖିତ ଦେଶବିଶେଷ—
8. Name of a country of ancient India.
[ଦ୍ର - ସମ୍ଭବତଃ ରାମାୟଣୋକ୍ତ ଶୃଙ୍ଗବେରପୁର ଏ ରାଜ୍ୟର ରାଜଧାନୀ ଥିଲା –ହ. ଶ.]

ନିଷାଦୀ—ସ. ବି. ପୁଂ. (ନି+ସଦ୍ଧାତୁ=ଗମନ କରିବା+କର୍ତ୍ତୃ. ଇନ୍= Nishādi ନିଷାଦିନ୍;)–୧ । ହସ୍ତ୍ୟାରୋହୀ ବ୍ୟକ୍ତି—
(ନିଷାଦିନୀ—ସ୍ତ୍ରୀ) 1. Elephant-rider.
ନିଷାଦୀ ନିଷାଦୀ ସହ ମିଶିଲେ ଅହବେ—ରାଧାନାଥ. ମହାଯାତ୍ରା ।
୨ । ହାତୀଅଳ; ମାହୁନ୍ତ—2. An elephant driver
ସ. ବିଣ—୧ । ବିଷଣ୍ଣ –1. Dejected.
୨ । ଶୟିତ; ବିଶ୍ରାନ୍ତ—2. Reposed; asleep.
୩ । ଆଉଜି ଥିବା—3. Reclined; leaning on.
୪ । ଉପବିଷ୍ଟ—4. Seated.
୫ । ସ୍ଥିତ—5. Placed, set; established; situated.

ନିଷିକର—ଗ୍ରା. ବିଣ. (ସ. ନିଷ୍କର)—
Nishikara ନିଷ୍କର; ଯେଉଁ ଭୂମିର କର ଦିଆଯାଏ ନାହିଁ—
निष्कर निसकर Rent-free (land).
(ନିସକର—ଅନ୍ୟରୂପ) ଗ୍ରା. ବି – ନିଷ୍କର ଜମି—
Rent-free holding.

ନିଷିକ୍ତ—ସ. ବିଣ. (ନି+ସିଚ୍ ଧାତୁ=ଛିଞ୍ଚିବା+କର୍ମ. ତ)—
Nishikta ୧ । ଜଳାଭିଷିକ୍ତ; ସିକ୍ତ—1. Wet; moistened.
୨ । କ୍ଷରିତ—2. Distilled; oozing.
୩ । ପାଣି ଛିଞ୍ଚା ହୋଇଥିବା—
3. Sprinkled with water.
୪ । ପାଣି ମଡ଼ା ଯାଇଥିବା—3. Irrigated.
ସ. ବି—ବୀର୍ଯ୍ୟରୁ ଉତ୍ପନ୍ନ ଗର୍ଭ—
Impregnation due to semen.

ନିଷିଦ୍ଧ—ସ. ବିଣ. (ନି+ସିଧ୍ ଧାତୁ=ସମ୍ପନ୍ନ କରିବା + କର୍ମ. ତ)—
Nishiddha ୧ । ନିବାରିତ (ବ୍ୟକ୍ତି ବା କର୍ମ)—
ନିଷିଦ୍ଧି } ବି
ନିଷେଧ }
1. Prohibited; forbidden; prevented.
୨ । ବାଧାପ୍ରାପ୍ତ—2. Interdicted; restrained.
୩ । ତିରସ୍କୃତ—3. Rebuked.
୪ । ପରିହାର୍ଯ୍ୟ—4. Avoidable; to be shunned.
୫ । ମନ୍ଦ; ଖରାପ—5 Bad.

ନିଷୁପ୍ତ—ସ. ବିଣ. ପୁଂ (ନି+ସ୍ୱପ୍ ଧାତୁ=ନିଦ୍ରିତ ହେବା + କର୍ତ୍ତୃ.ତ)—
Nishupta ନିଦ୍ରିତ—Asleep.
(ନିଷୁପ୍ତା—ସ୍ତ୍ରୀ)

ନିଷୁପ୍ତି—ସ. ବି. (ନି + ସ୍ୱପ୍ ଧାତୁ+ଭାବ ତି)—ନିଦ୍ରା—
Nishupti Sleep.

ନିଷୂଦନ—ସ. ବି. କ୍ଲୀ (ନି+ସୂଦ୍ ଧାତୁ=ବଧ କରିବା+ଭାବ. ଅନ)—
Nishūdana ୧ । ହତ୍ୟା; ବଧ; ମାରଣ—
(ନିସୂଦନ—ଅନ୍ୟରୂପ) 1. Killing ;slaughter; murder.
୨ । ନିବାରଣ; ନିଷେଧ—2. Prohibition.
ସ. ବିଣ.—(ନି+ସୂଦ୍ ଧାତୁ+କର୍ତ୍ତୃ. ଅନ)—
୧ । ବିନାଶକ—1. Destroying.

୨ । ନିବାରକ—2. Preventing.
୩ । ବଧକାରକ—3. Killing.

ନିଷେକ—ସଂ. ବି. (ନି+ସିଚ୍ ଧାତୁ=ପାଣି ଛିଞ୍ଚିବା+ଭାବ. ଅ)—
Nisheka ୧ । ସେଚନ; ଛିଞ୍ଚିବା—1. Sprinkling.
୨ । ବର୍ଷଣ—2. Raining; showering.
୩ । କ୍ଷରଣ; ନିସ୍ରାବ—3. Effusion; exudation.
୪ । ଗର୍ଭଧାରଣାର୍ଥ ସ୍ତ୍ରୀ ଗର୍ଭରେ ପୁରୁଷର ବୀର୍ଯ୍ୟ ସେଚନ—4. Coition for the purpose of impregnation.
୫ । ହିନ୍ଦୁମାନଙ୍କର ଦଶବିଧ ସଂସ୍କାର ମଧ୍ୟରୁ ଏକ; ଗର୍ଭାଧାନ—5. One of the 10 rituals of a Hindu.
୬ । ଆଶୀର୍ବାଦ ଘର—6. A ceremony to ensure conception; consummation of marriage.
୭ । ସେବନ—7. Serving; partaking.
୮ । ଆଧାନ—8. The containing or being put in possession of a thing.
୯ । ରେତଃ; ବୀର୍ଯ୍ୟ (ହି. ଶ.)—9. Semen; virile.

ନିଷେଚନ—ସଂ. ବି. (ନି+ସିଚ୍ ଧାତୁ+ଭାବ. ଅନ)—
Nishechana ୧ । ଛିଞ୍ଚିବା—1. Sprinkling.
୨ । ଓଦା କରିବା—2. Moistening.

ନିଷେଦିବାନ୍—ସଂ. ବିଣ. ପୁଂ [ନି+ସଦ୍ ଧାତୁ+କର୍ତ୍ତୃ.ବସ୍ (କ୍ୱସୁ) ନିଷେଦିବସ୍;]—
Nishedibān
(ନିଷେଦୁଷୀ—ସ୍ତ୍ରୀ) ୧ । ଆସୀନ; ଉପବିଷ୍ଟ—1. Seated.
୨ । ସ୍ଥିତ—2. Situated.

ନିଷେଦ୍ଧା—ସଂ. ବିଣ. ପୁଂ (ନି+ସିଧ୍ ଧାତୁ=ନିଷେଧ କରିବା+କର୍ତ୍ତୃ. ତୃ; ୧ମା. ୧ବ)—ନିବାରକ—
Nisheddhā
(ନିଷେଦ୍ଧ୍ରୀ—ସ୍ତ୍ରୀ) Prohibiting; forbidding.

ନିଷେଧ—ସଂ. ବି. (ନି+ସିଧ୍ ଧାତୁ+ଭାବ. ଅ)—
Nishedha ୧ । ନିବାରଣ; ବାରଣ; କୌଣସି କାର୍ଯ୍ୟ କରିବାକୁ ମନା କରିବା—1. Forbidding; prohibition.
୨ । ପ୍ରତିଷେଧ; ବିଧିବୈପରୀତ୍ୟ—2. Exception to a rule; restriction.
୩ । ନିବୃତ୍ତି—3. Stoppage; cessation.
୪ । ବାଧା; ରୋଧ—4. Prevention; restraint.
୫ । ତିରସ୍କାର—5. Censure.
ଗ୍ରା. ବି. (ସଂ. ନିଷଧ)—ନଳଙ୍କ ରାଜ୍ୟ; ନିଷଧ—The kingdom of King Naḷa.
ବାସବନ ଜଳ ପ୍ରାପ୍ତ ନିଂଷେଧ ଅଧିପ । ଉପେ. ବୈଦେହୀଶବିଳାସ ।

ନିଷେଧକ—ସଂ. ବିଣ. ପୁଂ. (ନି+ସିଧ୍ ଧାତୁ+କର୍ତ୍ତୃ. ଅକ)—
Nishedhaka ୧ । ନିବାରକ—1. Prohibiting; forbidding; preventing.
(ନିଷେଧିକା—ସ୍ତ୍ରୀ)
୨ । ପ୍ରତିରୋଧକ—2. Obstructing.

ନିଷେଧନ—ସଂ. ବି. (ନି+ସିଧ୍ ଧାତୁ+ଭାବ ଅନ)—
Nishedhana ବାରଣ; ମନା କରିବା—Prevention; forbidding.

ଯାଚଣ ନିଘନ ଘନ ବିଘ୍ନ ନିଷେଧନ ଧନ ନିତେ ତାଙ୍କ ସେଓ ପୁନଃ ପୁନଃ ।
ଉପେ. ପ୍ରେମସୁଧାନିଧି ।

ନିଷେଧ ବିଧି—ସଂ. ବି. (ହିନ୍ଦୁ ସ୍ମୃତି)—କୌଣସି ନିଷେଧ ଥିବା ବିଧି—
Nishedha bidhi A prohibitory rule.

ନିଷେଧିତ—ସଂ. ବିଣ. (ନି+ସିଧ୍ ଧାତୁ+କର୍ମ. ତ)—ନିବାରିତ—
Nishedhita Prohibited; forbidden.

ନିଷେଧିନୀ—ସଂ. ବି. ସ୍ତ୍ରୀ (ନି+ସିଧ୍ ଧାତୁ+କର୍ତ୍ତୃ. ଇନ୍; ସ୍ତ୍ରୀ. ଈ)—
Nishedhini ୧ । ନିବାରଣକର୍ତ୍ତ୍ରୀ—1. Preventing; prohibiting (female).
(ନିଷେଧୀ—ପୁଂ)
୨ । ଯେ କୌଣସି ବସ୍ତୁକୁ ନ ଦେଇ ଅଟକାଏ—2. Withholding; keeping back.
୩ । ଯେ ବାଧା ଦିଏ—3. Obstructing.

ନିଷେଧିବା—ଦେ. (ପଦ୍ୟ) (ସଂ. ନି+ସିଧ୍ ଧାତୁ)—
Nishedhibā ନିବାରଣ କରିବା—To prevent.
निषेधा नିବ ଲତା ସେଜ ଶାଖେ ନିଷେଧିଲେ; ଲଭ ସମୀରଣ ସଙ୍ଗ;
निषेधना ମଦନର ପାନ ଉତ୍ସବରେ ମନ୍ଦ ନ କରଇ ନବ ଭୃଙ୍ଗ ।
କବିସୂର୍ଯ୍ୟ. ସଙ୍ଗୀତ ।

ନିଷେଧ୍ୟ—ସଂ. ବିଣ. (ନି+ସିଧ୍ ଧାତୁ+କର୍ମ. ଯ)—ନିବାର୍ଯ୍ୟ—
Nishedhya Prohibitable.

ନିଷେବଣ(ନ)—ସଂ. ବି (ନି+ସେବ୍ ଧାତୁ=ଶୁଶ୍ରୂଷା କରିବା+ଭାବ. ଅନ)—
Nishebaṇa(na) ୧ । ସେବା; ଶୁଶ୍ରୂଷା; ପରିଚର୍ଯ୍ୟା—1. Service
୨ । ସେବନ; ଖାଇବା—2. Eating; partaking;
୩ । ରୋଗିଚର୍ଯ୍ୟା—3. Attendance on a patient, tending.
୪ । ଅଭ୍ୟାସନ; ଆଚରଣ—4. Observance; practice.
୫ । ଉପାସନା; ଆରାଧନା—5. Worshipping; praying; adoration.
୬ । ବ୍ୟସନାଦିରେ ରତ ହେବା—6. Addictedness to.
୭ । ବ୍ୟବହାର—7. Use.

ନିଷେବଣୀ(ଣୀ)ୟ—ସଂ. ବିଣ (ନି+ସେବ୍ ଧାତୁ=ସେବା କରିବା+କର୍ମ. ଅନୀୟ)—ଉପାସନୀୟ—
Nishebaṇi(ṇi)ya
[ନିଷେବଣୀ(ଣୀ)ୟା—ସ୍ତ୍ରୀ] 1. Worshipable.
୨ । ସେବନୀୟ—2. Fit to be partaken of.
୩ । ଆଚରଣୀୟ—3. Fit to be observed or practised.

ନିଷେବିତ—ସଂ. ବିଣ (ନି+ସେବ୍ ଧାତୁ=ସେବା କରିବା+କର୍ମ. ତ)—
Nishebita ୧ । ସେବିତ—1. Attended upon; served.
(ନିଷେବିତା—ସ୍ତ୍ରୀ)
୨ । ଉପାସିତ; ଆରାଧିତ—2. Worshipped.
୩ । ଆଚରିତ—3. Practised; observed.
୪ । ଅନୁସୃତ—4. Pursued.
୫ । ଅନୁଯାତ—Followed.

୬ । ବ୍ୟବହୃତ—6. Used.

୭ । ଭୁକ୍ତ—7 Partaken; eaten.

ନିଷେବୀ—ସ. ବିଣ. ପୁଂ (ନି + ସେବ୍ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ)—
Nishebi (ନିଷେବିନୀ—ସ୍ତ୍ରୀ) ସେବାକାରୀ—Serving.

ନିଷେବ୍ୟ—ସ. ବିଣ (ନି + ସେବ୍ ଧାତୁ + କର୍ମ. ଯ)—ସେବନୀୟ—
Nishebya That which should be served, followed, practised or observed.

ନିଷ୍କ(ଧାତୁ)—ସ—ପରମାଣ କରିବା; ମାପିବା—
Nishka (root) To measure.

ନିଷ୍କ—ସ. ବି. ପୁଂ ଓ କ୍ଲୀ (ନିର୍ + କୈ ଧାତୁ = ଦୀପ୍ତିପାଇବା + କର୍ତ୍ତୃ. ଅ; Nishka ନିପାତନ)—୧ । ସ୍ୱର୍ଣ୍ଣମୁଦ୍ରା; ମୋହର—
1. Gold coin; gold mohar.

୨ । ଦୀନାର; ୩୨ ରତିପରିମିତ ସ୍ୱର୍ଣ୍ଣ—
2. Gold weighing 32 Ratis.

୩ । ୧୦୮ ମଷା ସୁବର୍ଣ୍ଣର ପରମାଣ—
3. Gold weighing 108 Mashās.

୪ । ୧୬ କାହାଣ କଉଡ଼ି ପରିମାଣ—
4. A sum equal to 16 Kāhāṇas of cowries or shell-money.

୫ । ସୁବର୍ଣ୍ଣ—Gold

୬ । ସ୍ୱର୍ଣ୍ଣର ବକ୍ଷୋଭୂଷଣ—
6. A gold ornament for the breast.

୭ । ସ୍ୱର୍ଣ୍ଣର କଣ୍ଠଭୂଷଣ—
7. A gold ornament for the neck.

୮ । ଚାରି ମଷା ଓଜନ—
8. A standard weight of 4 Mashās.

୯ । ସ୍ୱର୍ଣ୍ଣପାତ୍ର (ହେ. ଶ)—9. Golden utensil.

୧୦ । ହୀରା (ହେ. ଶ.)—10. Diamond.

ନିଷ୍କଣ୍ଟକ—ସ. ବିଣ (ବହୁବ୍ରୀହି; ନିର୍ = ନାହିଁ + କଣ୍ଟକ = Nishkanṭaka ବାଧା)—୧ । କଣ୍ଟକରହିତ; ଅକଣ୍ଟା—
1. Thornless.

୨ । ଶତ୍ରୁଶୂନ୍ୟ—2. Free from enemies.

୩ । ନିର୍ଦ୍ୱନ୍ଦ୍ୱ—3. Undisputed.

୪ । ପ୍ରତିବନ୍ଧକରହିତ; ବାଧାହୀନ; ନିର୍ବିଘ୍ନ—
4. Free from obstacles or impedements.

୫ । ନିରୁପଦ୍ରବ—
5. Painless; free from trouble or danger.

୬ । ନିରାପଦ—6. Safe.

୭ । ପ୍ରତିଦ୍ୱନ୍ଦ୍ୱିଶୂନ୍ୟ—
7. Having no rival; unrivalled.

ନିଷ୍କଣ୍ଟକ ରାଜତ୍ୱ—ସ. ବି (ନିଷ୍କଣ୍ଟକ + ରାଜତ୍ୱ)—ଯେଉଁ ରାଜାଙ୍କର Nishkanṭaka rājatwa ରାଜତ୍ୱ କରିବାରେ କେହି (ନିଷ୍କଣ୍ଟକ ରାଜ୍ୟ—ଅନ୍ୟରୂପ) ଶତ୍ରୁ ବା ପ୍ରତିଦ୍ୱନ୍ଦ୍ୱୀ ନ ଥାଏ—
A reign free from enemies or rivals.

ନିଷ୍କଣ୍ଟକ ହେବା—ଦେ. କ୍ରି—ଶତ୍ରୁଶୂନ୍ୟ ହେବା; ବାଧାଶୂନ୍ୟ ହେବା—
Nishkanṭaka heba To be free from
निष्कण्टकहओआ निष्कंटकहोना enemies

ନିକଟରେ ତୁମ୍ଭେ ତ ନିଷ୍କଣ୍ଟକ ହୋଇ
ହେବ ଭୁକ୍ତ ରାଜ୍ୟଯାକରେ ନରସାଇଁ ।
କୃଷ୍ଣସିଂହ ମହାଭାରତ, ବନ ।

ନିଷ୍କଣ୍ଠ—ସ. ବି. (ବହୁବ୍ରୀହି; ନିର୍ + ନାହିଁ = କଣ୍ଠ)—ବରୁଣ ଗଛ—
Nishkanṭha A tree, Caparis Trifoliata.

ନିଷ୍କପଟ—ସ. ବିଣ. ପୁଂ (ବହୁବ୍ରୀହି; ନିର୍ = ନାହିଁ + କପଟ)—
Nishkapaṭa ଅକପଟ—Sincere; guileless.
(ନିଷ୍କପଟା—ସ୍ତ୍ରୀ) (ନିଷ୍କପଟତା—ବି)

ନିଷ୍କପଟୀ—ଦେ. ବିଣ. ପୁଂ ଓ ସ୍ତ୍ରୀ. (ସ. ନିଷ୍କପଟ)—ନିଷ୍କପଟ—
Nishkapaṭi Sincere, free from hypocricy; frank.
निष्कपट निष्कपटी
(ନିଷ୍କପଟିଆ—ଅନ୍ୟରୂପ)

ନିଷ୍କପି—ସ. ବିଣ—ମର୍କଟ ଶୂନ୍ୟ—Monkey-less; devoid of
Nishkapi all monkeys.

ହେବ ଦେଶ କରିଲେ ନିଷ୍କପି କହନ୍ତ ଅନ୍ତ ସମ୍ବାଦ ।
ଉପେ. ବୈଦେହୀଶବିଳାସ ।

ନିଷ୍କମ୍ପ—ସ. ବିଣ. (ବହୁବ୍ରୀହି; ନିର୍ = ନାହିଁ + କମ୍ପ)—୧ । କମ୍ପହୀନ—
Nishkampa 1. Motionless; unshaking.
୨ । ସ୍ଥିର; ନିଶ୍ଚଳ—2. Still; calm; steady.

ନିଷ୍କର—ସ. ବିଣ. (ବହୁବ୍ରୀହି; ନିର୍ + କର)—ଯେଉଁ ରଏତ ଜମିର
Nishkara ଖଜଣା ଦେବାକୁ ହୁଏ ନାହିଁ; ମିଲ୍ଲା—
Rent-free (land).

ଦେ. ବି—ଖଜଣା ଦେବା ଦାୟିତ୍ୱରୁ ମାଫ୍ ପାଇଥିବା ରଏତ
ବୃତ୍ତି—Rent-free holding.

[ଦ୍ର—ଯେଉଁ ଜମିର ଖଜଣା ଜମିଦାର ପ୍ରଜାଙ୍କୁ ମାଫ୍ ଦେଇଥାନ୍ତି ତାହାକୁ ନିଷ୍କର ଓ ଯେଉଁ ଜମି ନିମନ୍ତେ ରାଜାଙ୍କୁ ବା ସରକାରଙ୍କୁ ରାଜସ୍ୱ ଦିଆଯାଏ ନାହିଁ, ତାକୁ ଲାଖରାଜ (revenue free) ବୃତ୍ତି ବୋଲାଯାଏ ।]

ନିଷ୍କରୁଣ—ସ. ବିଣ. (ବହୁବ୍ରୀହି; ନିର୍ + କରୁଣା)—୧ । ନିର୍ଦ୍ଦୟ—
Nishkaruṇa 1. Unkind; merciless.
(ନିଷ୍କରୁଣା—ସ୍ତ୍ରୀ) ୨ । ନିଷ୍ଠୁର—2. Cruel;
(ନିଷ୍କରୁଣତା—ବି)

ନିଷ୍କର୍ମକ—ସ. ବିଣ. ପୁଂ. (ବହୁବ୍ରୀହି; ନିର୍ + କର୍ମନ୍ + କ)—
Nishkarmaka ଅକର୍ମା; କର୍ମରହିତ—
(ନିଷ୍କର୍ମିକା—ସ୍ତ୍ରୀ) Without work; unemployed.
(ନିଷ୍କର୍ମଣ୍ୟ—ଅନ୍ୟରୂପ) ସ. ବି—ଅଳସୁଆ ଲୋକ—
A loafer; an idle fellow.

ନିଷ୍କର୍ମା—ସ. ବିଣ (ନିଷ୍କର୍ମନ୍; ବହୁବ୍ରୀହି; ନିର୍ = ନାହିଁ + କର୍ମନ୍ =
Nishkarmā କାର୍ଯ୍ୟ)—୧ । ନିର୍ବ୍ୟାପାର; କର୍ମରହିତ; ନିକମା—
1. Unemployed; unoccupied.
୨ । ଅଳସ; ଅକର୍ମଣ୍ୟ—
2. Lazy; slothful; indolent; idle.

୩ । ନିଶ୍ଚେଷ୍ଟ; ନିରୁଦ୍ୟମ—3. Destitute of exertion.
[ଦ୍ର—ଏଥିର ଅପଭ୍ରଂଶ—ନିକମା ।]
ଦେ. ବଣ—ଅକାମିକା—
Wortbless; useless; fit for nothing.

ନିଷ୍କର୍ଷ—ସ. ବି. (ନିର୍+କୃଷ୍ ଧାତୁ=ଟାଣିବା+ଭାବ. ଅ)—
Nishkarsha ୧ । ନିଶ୍ଚୟ—1. Certainty.
୨ । ଇୟତ୍ତା; ସ୍ଥିରୀକରଣ—2. Ascertainment.
୩ । ସାର; ନିର୍ଯ୍ୟାସ—
3. Essence; extract; substance.
୪ । ନିଃସାରଣ; ନିଗାଡ଼ିବା; ବାହାର କରିବା—
4. Extraction; drawing out.
୫ । ସାରମର୍ମ—5. Essential meaning or import.
ଦେ. ବଣ—୧ । ନିଶ୍ଚିତ—1. Certain.
୨ । ସ୍ଥିର; ଅଟଳ—2. Firm; fixed.

ନିଷ୍କର୍ଷ ଜବାବ—ଦେ. ବି—୧ । ସ୍ଥିର ଉତ୍ତର—
Nishkarsha jabāba 1. Certain reply.
୨ । ଅନ୍ତିମ ଉତ୍ତର—2. Final reply.

ନିଷ୍କର୍ଷଣ—ସ. ବି. (ନିର୍+କୃଷ୍ ଧାତୁ=କୃଷ କରିବା+ଭାବ ଅନ)—
Nishkarshaṇa ୧ । ନିଷ୍ପତ୍ତିକରଣ;ମେଣ୍ଟାଇବା—
1. Deciding; coming to a decision.
୨ । ଉଦ୍ଧାରଣ; ନିଃସାରଣ—
2. Act of drawing or pulling out; extraction; extrication.
୩ । ନିଯୋଜନ—3. Appointing.
୪ । ବିଶ୍ୱାସ କରିବା—4. Trusting.
୫ । ନିଶ୍ଚୟକରଣ—5. Ascertaining.
୬ । ନିଷ୍କାସନ; ବହିଷ୍କରଣ—6. Expelling.
୭ । ଅପନୋଦନ; ଅପନାୟକ—
7. Obliteration; removal.

ନିଷ୍କଳ—ସ. ବଣ. ପୁଂ. (ବହୁବ୍ରୀହି, ନିର୍=ନାହିଁ+କଳା=ଅଂଶ)—
Nishkaḷa ୧ । କଳାଶୂନ୍ୟ—1. Waned.
(ନିଷ୍କଳା, ନିଷ୍କଳୀ—ସ୍ତ୍ରୀ) ୨ । ଅଙ୍ଗହୀନ—2. Lacking limbs.
[ନିଷ୍କଳତା(ତ୍ତ୍ୱ)—ବି] ୩ । କ୍ଷୟପ୍ରାପ୍ତ—3. Diminished; decayed.
୪ । ନିରଂଶ; ଅଂଶଶୂନ୍ୟ—4. Without parts.
୫ । ବନ୍ଧ୍ୟ; ନଷ୍ଟବୀର୍ଯ୍ୟ—5. Barren; impotent.
୬ । ବୃଦ୍ଧ—6. Old; decrepit.
୭ । ନିଷ୍ଫଳ—7. Fruitless.
୮ । ଅବଶ୍ୟ—8. Sure; certain.
୯ । ପୂର୍ଣ୍ଣ; ଅବିଭକ୍ତ—9. Whole; undivided.
୧୦ । ଅବିନାଶୀ—10. Indestructible.
ସ. ବି—୧ । ଆଧାର—1. Receptacle.
୨ । ବ୍ରହ୍ମ; ଈଶ୍ୱର—2 God.
୩ । ବ୍ରହ୍ମା (ହି. ଶ)—3. Brahmā.

ନିଷ୍କଳଙ୍କ—ସ. ବଣ. (ବହୁବ୍ରୀହି, ନିର୍+କଳଙ୍କ)—୧ । କଳଙ୍କଶୂନ୍ୟ—
Nishkaḷaṅka 1. Spotless; flawless; stainless; unblemished.
(ନିଷ୍କଳଙ୍କା—ସ୍ତ୍ରୀ, ନିଷ୍କଳଙ୍କତା—ବି)
୨ । ନିର୍ଦ୍ଦୋଷ—2. Faultless.
୩ । ଶୁଦ୍ଧ—3. Immaculate.

ନିଷ୍କଳଙ୍କି—ଦେ. ବଣ. (ସ. ନିଷ୍କଳଙ୍କ)—କଳଙ୍କଶୂନ୍ୟ—
Nishkaḷaṅki Unblemished; faultless
निष्कलंकी निकलङ्क

ନିଷ୍କଳା—ସ. ବଣ. ସ୍ତ୍ରୀ. (ନିଷ୍କଳ+ସ୍ତ୍ରୀ. ଆ)—୧ । ବନ୍ଧ୍ୟା—
Nishkaḷā 1. Barren (woman).
(ନିଷ୍କଳୀ—ଅନ୍ୟରୂପ) ୧ । ବିଗତାର୍ତ୍ତବା; ନିବୃତ୍ତରଜସ୍କା—
2. (a woman) Past menstruation; past childbearing.
ସ. ବି. ସ୍ତ୍ରୀ—୧ । ନିବୃତ୍ତରଜସ୍କା ସ୍ତ୍ରୀ—1. A woman whose menses have ceased to appear; a woman past menstruation or child bearing.
୨ । ବୁଢ଼ୀ—2. An old woman.

ନିଷ୍କଳ୍ମଷ—ସ. ବଣ. (ନିର୍+କଳ୍ମଷ; ବହୁବ୍ରୀହି)—
Nishkaḷmasha ୧ । କଳ୍ମଷ ବା ପାପଶୂନ୍ୟ—1. Sinless.
୨ । ନିଷ୍କଳଙ୍କ—2. Spotless.

ନିଷ୍କାମ୍—ପ୍ରାଦେ. (ସମ୍ବଲପୁର) ଅ—ବିଲ୍‌କୁଲ୍; ଆଦୌ; ଜମାରୁ—
Nishkām At all; totally.

ନିଷ୍କାମ—ସ. ବଣ. (ବହୁବ୍ରୀହି; ନିର୍+କାମ=ସ୍ପୃହା)—
Nishkāma ୧ । କାମନାଶୂନ୍ୟ; କାମନାରହିତ—
(ନିଷ୍କାମା—ସ୍ତ୍ରୀ) 1. Free from lust or desire.
(ନିଷ୍କାମତା—ବି) ୨ । ନିସ୍ପୃହ; ନିର୍ମମ—
2. Indifferent; disinterested.
୩ । ବିଷୟ ଭୋଗେଚ୍ଛାଶୂନ୍ୟ—
3. Free from the desire of worldly enjoyment.
୪ । ଅନିଚ୍ଛୁକ—3. Unwilling; reluctant.

ନିଷ୍କାମ କର୍ମ—ସ. ବି. (କର୍ମଧା; ନିଷ୍କାମ+କର୍ମ)—ଫଳଲାଭର ଆଶା ନ
Nishkāma karma ରଖି ଯେଉଁ କାର୍ଯ୍ୟ କରାଯାଏ—
Disinterested action.

ନିଷ୍କାମ ଧର୍ମ—ସ. ବି. (ନିଷ୍କାମ+ଧର୍ମ)—କୌଣସି କାମନା ପ୍ରତି ଲକ୍ଷ
Nishkāma dharma ନ ରଖି ଯେଉଁ ଧର୍ମ ସାଧନ କରାଯାଏ—
Virtue practised for its own sake, and not for any ultimate reward.

ନିଷ୍କାମୀ—ସ. ବଣ. ପୁ.—୧ । ନିଷ୍କାମ; କାମନାରହିତ—
Nishkāmi 1. Free from lust or irregular desire.
(ନିଷ୍କାମିନୀ—ସ୍ତ୍ରୀ) ୨ । ନିଃସ୍ୱାର୍ଥ—2. Unselfish; selfless.

ନିଷ୍କାରଣ—ସ. ବଣ. (ବହୁବ୍ରୀହି; ନିର୍+କାରଣ)—
Nishkāraṇa ୧ । ଅକାରଣ; କାରଣଶୂନ୍ୟ; ଅହେତୁକ—
1. Causeless; groundless.

(ଯଥା—ନିଷ୍କାରଣ ଶତ୍ରୁ; ନିଷ୍କାରଣବନ୍ଧୁ ।)
ଗୁରୁ ଯେବେ ଶିଷ୍ୟଙ୍କୁ ନିଷ୍କାରଣେ ମାରେ
ହଂସ ଜନ୍ମ ହୋଇଣ ଜନ୍ମଇ ମସ୍ତରେ—
କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

୨ । ନିଷ୍କାମ—2. Disinterested.

୩ । ବ୍ୟର୍ଥ; ବୃଥା—3. Vain.

ନିଷ୍କାଳକ—ସଂ. ବଣ. ପୁଂ. (ବହୁବ୍ରୀହି; ନିର୍=ନିର୍ଗତ+କାଳକ= କେଶାଦ)—ମୁଣ୍ଡିତମସ୍ତକ, ଘୃତାକ୍ତ ଦେହ, ପ୍ରାୟଶ୍ଚିତ୍ତ ଯୋଗ୍ୟ (ବ୍ୟକ୍ତି)—(a penitent)
Nishkā̱laka
(ନିଷ୍କାଳକା—ସ୍ତ୍ରୀ)
Shaved and besmeared with ghee, preparatory to undergoing a penance.

ନିଷ୍କାଳନ—ସଂ. ବି. (ନିର୍+କଲ୍ ଧାତୁ+ଅନ)—
Nishkā̱lana ୧ । ଚଳାଇବା କର୍ମ (ହି. ଶ.)—
1. Act of conducting.

୨ । ମାରଣ (ହି. ଶବ୍ଦସାଗର)—
2. Killing; slaughter.

ନିଷ୍କାଶ—ସଂ. ବି. (ନିର୍+କଶ୍ ଧାତୁ=ଗମନ କରିବା+ଅଧି. ଅ)—
Nishkāśa ୧ । ପ୍ରାସାଦର ବାହାରକୁ ଥିବା ଅଂଶ; ପ୍ରାସାଦର ବାରଣ୍ଡା; ପିଣ୍ଡା—
(ନିଷ୍କାସ—ଅନ୍ୟରୂପ)
1. Varanda; a portico; porch; balcony.

୨ । (+ଭାବ. ଅ) ନିଃସରଣ—2. Coming out.

୩ । ବହିର୍ଦ୍ୱାରସ୍ଥ ମଣ୍ଡପ (ଜ୍ଞାନେନ୍ଦ୍ର)—
3. A pavillion outside a house.

୪ । ନିଷ୍କାଶନ (ଜ୍ଞାନେନ୍ଦ୍ର) (ଦେଖ)
4. Nishkāśana (See)

ନିଷ୍କାଶନ—ସଂ. ବି. (ନିର୍=ବାହାରକୁ+କଶ୍ ଧାତୁ=ଗମନ କରିବା +ଭାବ. ଅନ)—
Nishkāsana
(ନିଷ୍କାସନ—ଅନ୍ୟରୂପ) ୧ । ଫଟାଇ ବାହାରିବା; ଫୁଟିବା—
1. Blowing (as of a flower).

୨ । ବହିଷ୍କରଣ; ଦୂରୀକରଣ—
2. Expelling; driving away; turning out.

୩ । ନିଃସାରଣ—3. Expulsion.

୪ । ନିର୍ବାସନ—
4. Act of exiling or banishing.

ନିଷ୍କାଶିତ—ସଂ. ବଣ. (ନିର୍+କଶ୍ ବା କସ୍ ଧାତୁ, ଣିଚ୍+କର୍ମ. ତ)—
Nishkāśita ୧ । ବହିଷ୍କୃତ; ଦୂରୀକୃତ; ତାଡ଼ିତ—1. Expelled; driven out; turned out.
(ନିଷ୍କାସିତ—ଅନ୍ୟରୂପ)
ନିଷ୍କାଶିତା, ନିଷ୍କାସିତା } ସ୍ତ୍ରୀ

୨ । ନିର୍ବାସିତ—
2. Exiled; banished.

୩ । ନିଃସାରିତ—3. Drawn out; removed.

୪ । ସ୍ଥାପିତ—4. Established; placed.

୫ । ଅଧିକୃତ—5. Possessed.

୬ । ବିକଶିତ; ପ୍ରସ୍ଫୁଟିତ—
6 Blown; expanded.

୭ । ଭର୍ତ୍ସିତ—7. Censured.

୮ । ନିନ୍ଦିତ—8. Blamed; reviled.

ନିଷ୍କାଶିନୀ—ସଂ. ବି. ସ୍ତ୍ରୀ. (ନିର୍+କଶ୍ ଧାତୁ+କର୍ତ୍ତୃ. ଇନ୍+ସ୍ତ୍ରୀ. ଈ)—
Nishkāśini ଅବାରିତା ଦାସୀ; ଯେଉଁ ପରିଚାରିକା ଅନ୍ତଃପୁରରୁ ବାହାରକୁ ଯିବା ବିଷୟରେ ସ୍ୱାଧୀନା—A female servant who freely goes outside the harem.

ନିଷ୍କାଶୀ—ସଂ. ବଣ. ପୁଂ. (ନିର୍+କଶ୍ ଧାତୁ ଣିଚ୍+କର୍ତ୍ତୃ. ଇନ୍; ୧ମା. ୧ବ.)—ନିଃସାରକ; ବହିଷ୍କାରକ—Expelling.
Nishkāśi
(ନିଷ୍କାଶିନୀ—ସ୍ତ୍ରୀ)

ନିଷ୍କିଞ୍ଚନ—ସଂ. ବଣ. ପୁଂ. (ବହୁବ୍ରୀହି; ନିର୍=ନିର୍ଗତ+କିଞ୍ଚନ= ଧନମାତ୍ର)—୧ । ଦରିଦ୍ର; ଅକିଞ୍ଚନ—
Nishkiñchana
(ନିଷ୍କିଞ୍ଚନା—ସ୍ତ୍ରୀ) 1. Poor.

୨ । ଧନହୀନ—2 Penniless.

୩ । ବିଷୟବିରାଗୀ—
3. Indifferent to worldly affairs.

ନିଷ୍କିଲ୍ବିଷ—ସଂ. ବଣ. ପୁଂ. (ବହୁବ୍ରୀହି; ନିର୍+କିଲ୍ବିଷ)—କିଲ୍ବିଷଶୂନ୍ୟ; ପାପରହିତ—Sinless.
Nishki̱lbisha (ନିଷ୍କିଲ୍ବିଷା—ସ୍ତ୍ରୀ)

ନିଷ୍କୁଟ—ସଂ. ବି. (ନିର୍+କୁଟ=ଗୃହ)—
Nishkuṭa ୧ । ଗୃହସମୀପସ୍ଥ ଉପବନ; ନଜର ବଗିଚା—
1. A grove adjoining a house; pleasure-garden attached to a mansion.

୨ । କୁଞ୍ଜ—2. Grove; arbour.

୩ । କ୍ଷେତ୍ର; ବିଲ—3. Field.

୪ । କବାଟ—4. Door.

୫ । ଅନ୍ତଃପୁର; ଅବରୋଧ; ପର୍ଦ୍ଦାଘାଟ—
5. Female apartment; seraglio; the Zenana.

ନିଷ୍କୁମ୍ଭ—ସଂ. ବଣ. (ବହୁବ୍ରୀହି; ନିର୍+କୁମ୍ଭ)—କୁମ୍ଭଶୂନ୍ୟ—
Nishkumbha Without vessel.

ନିଷ୍କୁଳ—ସଂ. ବଣ. (ନିର୍=ନାହିଁ+କୁଳ=ସପିଣ୍ଡାଦି, ବଂଶ; ବହୁବ୍ରୀହି)-
Nishku̱la ୧ । ନିର୍ବଂଶ; କୁଳରହିତ; ଜ୍ଞାତିହୀନ—
1. Having no family or agnates; having no family connection.

୨ । କରଚରଣରହିତ—2 Limbless.

୩ । କୁଳଚ୍ୟୁତ—
3. Expelled from the family.

୪ । ବିଷୟତ୍ୟାଗୀ; ସଂସାରତ୍ୟାଗୀ—
4. One who has renounced the world.

ନିଷ୍କୁଷିତ—ସଂ. ବଣ. (ନିର୍+କୁଷ୍ ଧାତୁ=ନିର୍ଗତ କରିବା+କର୍ମ.ତ)—
Nishkushita ୧ । ନିଷ୍କାଶିତ; ଦୂରୀକୃତ—1. Expelled; banished; driven out.
(ନିଷ୍କୁଶିତ—ଅନ୍ୟରୂପ)

୨ । ଗତ—2 Departed.

୩ । ନିଃସାରିତ—3. Drawn out.

୪ । ଆକୃଷ୍ଟ—4. Drawn; attracted.

୫ । ନିଷ୍ଚର୍ମୀକୃତ; ଚମଡ଼ା ଉତାରି ଯାଇଥିବା—
5. Flayed; skinned.

୬ । ବହିର୍ଗତ—5. Issued.
୭ । ଷତବିଷତ—7. Wounded.
୮ । ଖଣ୍ଡିତ—8. Cut.

ନିଷ୍କୁହ—ସ. ବ. (ନିର୍+କୁହ ଧାତୁ=ବିସ୍ମୟାପନ୍ନ କରିବା+କର୍ତ୍ତୃ. ଅ)—
Nishkuha ବୃକ୍ଷର କୋଟର—The hollow of a tree.

ନିଷ୍କୂଳ—ସ. ବଣ. (ବହୁବ୍ରୀହି; ନିର୍+କୂଳ)—
Nishkūla କୂଳଶୂନ୍ୟ; ତଟଶୂନ୍ୟ; ଅକୂଳ—
Shoreless; having no visible shore.

ନିଷ୍କୃତ—ସ. ବଣ. (ନିର୍+କୃତ)—
Nishkṛuta ୧ । ଅସମ୍ପାଦିତ; ଅକୃତ—
1. Undone; unperformed.
୨ । ଅସମାପ୍ତ—2. Unfinished.
୩ । ପରିତ୍ୟକ୍ତ—3. Neglected; abandoned.
୪ । ମୁକ୍ତ—4. Relieved; freed; liberated.
୫ । ଅବ୍ୟାହତି ପ୍ରାପ୍ତ—5. Excused.

ନିଷ୍କୃତି—ସ. ବ. (ନିର୍+କୃତି)—
Nishkṛuti ୧ । ନିର୍ମୁକ୍ତି; ନିସ୍ତାର; ପରିତ୍ରାଣ—
1. Acquittance; salvation.
୨ । ଉଦ୍ଧାର; ମୁକ୍ତି; ଅବ୍ୟାହତି—
2. Liberation; deliverance; relief.
୩ । ପରିତ୍ରାଣୋପାୟ—3. Means of deliverance.
୪ । କ୍ଷମା; ମାର୍ଜ୍ଜନା—4. Excuse; pardon.
୫ । ମୋଚନ; ରିହାଇ—
5. Discharge; clearance; remission.
୬ । ଅକୃତି—6. Undoing.
୭ । ଉପେକ୍ଷା—7. Neglect.
୮ । କ୍ଷତି ପୂରଣ—8. Compensation.
୯ । ପୂର୍ବାବସ୍ଥାରେ ଉପସ୍ଥାନ—9. Restitution;
restoration to the status quo ante.
୧୦ । ଋଣ ପରିଶୋଧ—10. Discharge of a debt
or obligation; acquittance.
୧୧ । ଉପକାରିବର ପ୍ରତିଶୋଧ; ପ୍ରତ୍ୟୁପକାର—
11. Return of kindness or benefit received.
୧୨ । ପ୍ରାୟଶ୍ଚିତ୍ତ—12. Expiation.

ନିଷ୍କୃତି ଲାଭ କରିବା—ଦେ. କ୍ରି—ପରିତ୍ରାଣ ପାଇବା; ରିହାଇ ପାଇବା;
Nishkṛuti lābha karibā ମୁକ୍ତିଲାଭ କରିବା—
निष्कृतिलाभकरना To obtain liberty; to be liberated or
निष्कृतिलाभकरना discharged.
(ନିଷ୍କୃତିପାଇବା, ନିଷ୍କୃତିଲଭିବା—ଅନ୍ୟରୂପ)

ନିଷ୍କୃତ୍ରିମ—ସ. ବଣ (ନିର୍+କୃତ୍ରିମ)—ଅକୃତ୍ରିମ; ପ୍ରକୃତ—
Nishkṛutrima Genuine; true; not artificial

ନିଷ୍କୃଷ୍ଟ—ସ. ବଣ (ନିର୍+କୃଷ୍ ଧାତୁ=ନିର୍ଗତକରିବା+ତ)—
Nishkṛushta ୧ । ନିଷ୍ପୀଡ଼ିତ; ମର୍ଦ୍ଦିତ—
1. Pressed; squeezed; wrung out.
୨ । ନିର୍ଗଳିତ—2. Extracted; drawn forth.
୩ । କ୍ଷରିତ—3. Distilled; dripping; oozing.
୪ । ସ୍ଥିରୀକୃତ; ନିଶ୍ଚିତ—
4. Certain; ascertained; sure.
୫ । ପ୍ରକୃତ; ଯଥାର୍ଥ—5. Real.
୬ । ସାରଭୂତ—6. Essential.
୭ । ନିଃସନ୍ଦେହ—7. Undoubted; doubtless.
୮ । ସ୍ପଷ୍ଟ; ପରିସ୍ଫୁଟ—
8. Clear; plain; patent.
୯ । ପ୍ରମାଣିତ—9. Evident; proven.

ନିଷ୍କୃଷ୍ଟାର୍ଥ—ସ. ବ (କର୍ମଧା; ନିଷ୍କୃଷ୍ଟ+ଅର୍ଥ)—ସ୍ପଷ୍ଟାର୍ଥ; ପରିସ୍ଫୁଟାର୍ଥ—
Nishkṛushṭārtha A clear import; an ascertained
or decided meaning; the plain meaning
of an obscure passage; the long and
short of a matter.

ନିଷ୍କେଶ—ସ. ବଣ (ବହୁବ୍ରୀହି; ନିର୍=ନାହିଁ+କେଶ ଯାହାର)—
Nishkesa କେଶଶୂନ୍ୟ—Without hair; hairless.
[ନିଷ୍କେଶତା(ତ୍ୱ)—ବ] (ନିଷ୍କେଶା—ସ୍ତ୍ରୀ)

ନିଷ୍କୋଷ—ସ. ବ (ନିର୍=ବାହାରକୁ+କୁଷ୍ ଧାତୁ=ବାହାର କରିବା
Nishkosha +ଭାବ. ଅ)—୧ । ବହିଷ୍କରଣ—
1. Expelling; drawing forth.
୨ । ବହିର୍ନିଃସାରଣ—2. Pulling out.
୩ । କୋଷମୁକ୍ତକରଣ—3. Unsheathing.
ସ. ବଣ (ନିର୍+କୁଷ୍ ଧାତୁ=ବାହାରକରିବା+କର୍ମ. ଅ)—
୧ । ବହିଷ୍କୃତ—1. Driven out; expelled.
୨ । ନିଷ୍କାଶିତ—
2. Drawn or pulled out from the sheath.

ନିଷ୍କୋଷଣ—ସ. ବ (ନିର୍+କୁଷ୍ ଧାତୁ=ବାହାରକରିବା+ଭାବ. ଅନ)-
Nishkoshaṇa ନିଷ୍କୋଷ (ଦେଖ)—Nishkosha (See)

ନିଷ୍କୋଷିତ—ସ. ବଣ (ନିର୍+କୁଷ୍ ଧାତୁ=ବାହାରକରିବା+କର୍ମ.ତ)-
Nishkoshita ନିଷ୍କୋଷ (ଦେଖ)—Nishkosha (See)

ନିଷ୍କ୍ୱାଥ—ସ. ବ (ନିର୍+କ୍ୱଥ୍ ଧାତୁ=ପାକ କରି ରସ ବାହାର କରିବା+
Nishkwātha କର୍ମ. ଅ)—ସୋରୁଆ; ମାଂସାଦିର ଝୋଳ—
Soup.

ନିଷ୍କ୍ରମ—ସ. ବ (ନିର୍+କ୍ରମ୍ ଧାତୁ=ଗମନକରିବା+ଭାବ. ଅ)—
Nishkrama ୧ । ବୁଦ୍ଧିବୃତ୍ତି; ଧୀଶକ୍ତି—1. Intelligence.
୨ । ନିଷ୍କ୍ରମଣ (ଦେଖ)—2. Nishkramaṇa (See)
୩ । ନୀଚତା—3. Lowness; inferiority.

ନିଷ୍କ୍ରମଣ—ସ. ବ (ନିର୍=ବାହାରକୁ+କ୍ରମ୍ ଧାତୁ=ଗମନ କରିବା+
Nishkramaṇa ଭାବ. ଅନ)—୧ । ବହିର୍ଗମନ—
1. Coming out; going out.
୨ । ପ୍ରସ୍ଥାନ—2. Departure.
୩ । ଶିଶୁର ଜନ୍ମହେବାର ୪ର୍ଥ ମାସରେ କର୍ତ୍ତବ୍ୟ—ଶିଶୁର
ସୂତିକାଗୃହରୁ ବାହାରକୁ ଆସିବା ଉପଲକ୍ଷେ କରାଯିବା—

ସଂସ୍କାରବିଶେଷ—3. A ceremony performed on the 4th month of a child's birth on the occasion of its being taken out of the lying-in room.
୪ । ନିର୍ଗମ; ବହିର୍ଗମନ ଦ୍ୱାର—4. outlet; exit.

ନିଷ୍କ୍ରୟ—ସ. ବ.—(ନିର୍=ନିଃଶେଷରେ+କ୍ରୀ ଧାତୁ=କିଣିବା+କରଣ. ଅ)—୧ । ବେତନ—1. Salary.
Nishkraya
୨ । ମୂଲ; ମଜୁରି—2. Wages.
୩ । ଭଡ଼ା—3. Hire; rent.
୪ । ମୂଲ୍ୟ; ଦାମ—4. Value; price.
୫ । (+ଭାବ. ଅ) ମନୋଯୋଗ—5. Attention.
୬ । ସାମର୍ଥ୍ୟ—6. Strength; ability; power.
୭ । ନିଷ୍କୃତି—
7. Liberation; deliverance; acquittal.
୮ । ବିନିମୟ—8. Exchange; barter.
୯ । ବିକ୍ରୟ—9 Sale.
୧୦ । ନିର୍ଗମନ—10. Going forth.
୧୧ । ପ୍ରସ୍ଥାନ—18. Departure.
୧୨ । ପ୍ରତ୍ୟୁପକାର—12. Return for benefits received; a kind return.

ନିଷ୍କ୍ରାନ୍ତ—ସ. ବିଣ.—(ନିର୍+କ୍ରମ୍ ଧାତୁ+କର୍ତ୍ତୃ. ତ)—୧ । ନିର୍ଗତ—
Nishkrānta 1. Gone out; come out.
୨ । ପ୍ରସ୍ଥିତ—2. Departed.
୩ । (କ୍ରମ୍ ଧାତୁ ଣିଚ୍+କର୍ମ. ତ)—ବହିଷ୍କୃତ; ତଡ଼ାଭିତ; ନିଃସାରିତ—3. Expelled; driven out; removed.

ନିଷ୍କ୍ରାମକ—ସ. ବିଣ. ପୁଂ—(ନିର+କ୍ରମ୍ ଧାତୁ+କର୍ତ୍ତୃ. ଅକ)—
Nishkrāmaka ନିଃସାରକ; ତଡ଼ାଉକ—Expelling.
(ନିଷ୍କ୍ରାମିକା—ସ୍ତ୍ରୀ)

ନିଷ୍କ୍ରିୟ—ସ. ବିଣ. ପୁଂ—(ବହୁବ୍ରୀହି; ନିର୍=ନାହିଁ+କ୍ରିୟା=କାର୍ଯ୍ୟ)-
Nishkriya ୧ । କ୍ରିୟାହୀନ; କର୍ମରହିତ—
(ନିଷ୍କ୍ରିୟା—ସ୍ତ୍ରୀ) 1. Without any work or action.
୨ । ନିଷ୍କର୍ମୀ; ନିକମା—2. Inactive; useless.
୩ । ଅଳସୁଆ; ଜଡ଼—3. Idle; indolent.
୪ । ନିରର୍ଥକ—4. Useless.
ସ. ବି.—ପରଂବ୍ରହ୍ମ; ଈଶ୍ୱର—God.

ନିଷ୍କ୍ରିୟ ପ୍ରତିରୋଧ—ସ. ବି.—(ଆଧୁନିକ ପ୍ରୟୋଗ; କର୍ମଧା; ନିଷ୍କ୍ରିୟ+ପ୍ରତିରୋଧ)—କୌଣସି କାର୍ଯ୍ୟ ନ କରିବାଦ୍ୱାରା ଆଦେଶ ପାଳନ ହେବାରେ କାର୍ଯ୍ୟତଃ ବାଧା ଦେବା—Passive resistance.
Nishkriya pratirodha

ନିଷ୍କ୍ରିୟାତ୍ମତା ସ. ବି. (ନିଷ୍କ୍ରିୟ+ଆତ୍ମନ୍+ଭାବାର୍ଥେ. ତା)—ଜଡ଼ତା—
Nishkriyātmatā Idleness; indolence.

ନିଷ୍ଟ—ଗ୍ରା. ବି.—(ଇଂ. ଲିଷ୍ଟ)—୧ । ନିର୍ଦ୍ଧାରିତ ଦୃଢ଼ ନିୟମ—
Nisht 1. Fixed rule.
नि‍ष्ट लिष्ट लिष्ट ୨ । ନିୟମାଧୀନତା—
(ନିଷ୍ଟି—ଅନ୍ୟରୂପ) 2. Regularity.
୩ । ତାଲିକା—3. A list or schedule.
୪ । ନିର୍ଦ୍ଧାରିତ ସମୟ—4. Fixed time.
୫ । (କଚେରିଆ) ଶୁଣାଣି ତାରିଖରେ ଅଦାଲତ ଯେଉଁ ଯେଉଁ ମକଦମାମାନ ଶୁଣିବେ ତାହାର ତାଲିକା—
5. Daily cause-list of cases to be heard by a court.

ନିଷ୍ଟା—ଗ୍ରା. ବି. (ସ. ନିଷ୍ଠା)—ନିଷ୍ଠା (ଦେଖ)
Nishṭā Nishṭhā (See)

ନିଷ୍ଟା ନାହିଁ କରିବା—ଗ୍ରା. କ୍ରି—ନିଷ୍ଠା ନାହିଁ କରିବା (ଦେଖ)—
Nishṭā nahiñ karibā Nishṭhā nāhiñ karibā (See).

ନିଷ୍ଟାପର—ଗ୍ରା. ବିଣ. (ସ. ନିଷ୍ଠାପର)—ନିଷ୍ଠାପର (ଦେଖ)—
Nishṭāpara Nishṭhāpara (See)

ନିଷ୍ଟି ଉଠିବା—ଦେ. କ୍ରି. (କଚେରିଆ; ଇଂ. List.)
Nishṭi uṭhibā ୧ । କୌଣସି ତାଲିକାରେ କୌଣସି ବିଷୟ
लिष्टे उठा ପ୍ରକାଶିତ ହେବା—1. Appearing in a list.
୨ । (କଚେରିଆ) କୌଣସି ତାରିଖରେ ଶୁଣାଣି ହେବା ମକଦ୍ଦମାମାନ ତାଲିକାରେ ଉଠିବା—2. The appearing in the cause-list of cases to be heard by a court on a certain date.

ନିଷ୍ଟି କଣ୍ଟା—ଦେ. ବି. (ସ. ମେନ୍ଧିକା; ମେନ୍ଧୀ)—କଣ୍ଟା ମେହେନ୍ଦି—
Nishṭi kaṇṭā Henna; Lawssonia Alba.
ମେନ୍ଦି [ଦ୍ର—ଏହା ଧାତକ୍ୟାଦିବର୍ଗର କଣ୍ଟାଳ କ୍ଷୁପ; ବଗିଚାରେ ବାଡ଼ ହି. ମେହେନ୍ଦି ଫା. ହେନା ଦିଆଯାଏ ।]

ନିଷ୍ଟି କରିବା—ଦେ. କ୍ରି—୧ । ଦୃଢ଼ ନିୟମ କରିବା—
Nishṭi karibā 1. To make a hard and fast rule.
लिष्टीकरना ୨ । ତାଲିକା ପ୍ରସ୍ତୁତ କରିବା—
लिष्ट करना 2. To prepare a list.

ନିଷ୍ଟି ମୁତାବକ—ବୈଦେ. କି. ବିଣ (ଇଂ. ଓ ଫା.)—୧ । ଧାରା ଅନୁସାରେ;
Nishṭi mutābak ଠିକ ସମୟ ଅନୁସାରେ—1. Regularly.
लिष्ट मोताबेक ୨ । ନିୟମ ଅନୁସାରେ—
लिष्ट मोताबक 2. According to rules.
୩ । ତାଲିକା ଅନୁସାରେ—3. As per list.

ନିଷ୍ଟ୍ୟ—ସ. ବି—୧ । ଚଣ୍ଡାଳ (ହି. ଶବ୍ଦସାଗର)—
Nishṭya 1. The sweeper caste.
୨ । ବେଦରେ ଉଲ୍ଲେଖିତ ମ୍ଳେଚ୍ଛଜାତିବିଶେଷ (ହି. ଶ.)—
2. A class of Mlechchhas mentioned in Bedas.

ନିଷ୍ଠ—ସ. ବିଣ. ପୁଂ (ନି=ନିଶ୍ଚୟରୂପେ+ସ୍ଥା ଧାତୁ+କର୍ତ୍ତୃ. ଅ)—
Nishṭha ୧ । ସ୍ଥିତ—1. Established; fixed.
୨ । ଅବସ୍ଥାପିତ—2 Situated; placed.
୩ । ବିଶ୍ୱସ୍ତ—3. Trusted; trusty.

୪ । ଆସକ୍ତ; ପରାୟଣ; ଅଭିନିବିଷ୍ଟ; ନିଷ୍ଠାବାନ୍—
4. Devoted to; bent on; attached to.
୫ । ତତ୍ପର—5. Prompt; diligent; sedulous.
୬ । ଧାର୍ମିକ—6. Religious.
୭ । ନ୍ୟାୟପରାୟଣ—7. Upright.
୮ । ମଗ୍ନ—8. Sunk; immersed.
[ଦ୍ର—ଏହି ଶବ୍ଦ ସମାସରେ ଅନ୍ୟ ଶବ୍ଦ ପରେ ଯୁକ୍ତ ହୋଇ ବ୍ୟବହୃତ ହୁଏ । ନ୍ୟାୟ, କର୍ମ, ଧର୍ମ ଆଦି ଶବ୍ଦ ପରେ ତତ୍ତଦ୍ ବିଷୟ ପ୍ରତି ନିଷ୍ଠାବାନ୍ ବା ଶ୍ରଦ୍ଧାବାନ୍ ଏହି ଅର୍ଥରେ ପୁଂଲିଙ୍ଗରେ ଏହି ଶବ୍ଦମାନଙ୍କ ସଙ୍ଗେ ଯୁକ୍ତ ହୁଏ । ଯଥା—କର୍ମନିଷ୍ଠ, ନ୍ୟାୟନିଷ୍ଠ, ଧର୍ମନିଷ୍ଠ, ଆଗ୍ରହନିଷ୍ଠ, ସ୍ୱାମିନିଷ୍ଠ, କର୍ତ୍ତବ୍ୟନିଷ୍ଠ ।]

ନିଷ୍ଠା—ସଂ. ବି. ସ୍ତ୍ରୀ. (ନି=ନିଶ୍ଚୟ ରୂପେ+ସ୍ଥା ଧାତୁ=ରହିବା+ଭାବ. ଅ
Nishṭhā +ସ୍ତ୍ରୀ. ଆ)—୧ । ନିଷ୍ପତ୍ତି—1. Decision.
୨ । ନାଶ; ଧ୍ୱଂସ—2. Destruction; annihilation; ruin.
୩ । ଅନ୍ତ; ଶେଷ; ସମାପ୍ତି—3. Completion; finish; termination; end.
୪ । ଯାଚଞ୍ଚା—4. Begging.
୫ । ଧର୍ମାଦିରେ ଶ୍ରଦ୍ଧା; ଭକ୍ତି—
5. Religious devotion.
୬ । ଦୃଢ଼ଜ୍ଞାନ—
6. Firm knowledge; conviction.
୭ । ଏକାଗ୍ରତା—7. Constancy; devotedness to a pursuit.
୮ । ଅଟଳ ବିଶ୍ୱାସ; ପ୍ରତ୍ୟୟ—8. Firm belief; reliance; faith; confidence.
୯ । ପୂର୍ଣ୍ଣ ଜ୍ଞାନ—9. Perfect knowledge.
୧୦ । ଧର୍ମ ଜ୍ଞାନ—10. Firm religious belief; stability of faith.
୧୧ । ଦୃଢ଼ତା—11. Steadiness; firmness.
୧୨ । ଏକାନ୍ତ ଭକ୍ତି; ଦୃଢ଼ ଭକ୍ତି—12. Devotion.
୧୩ । ଏକାନ୍ତ ଶ୍ରଦ୍ଧା—
13. Firm attachment or love.
୧୪ । ନିଶ୍ଚୟ—14. Certainty.
ଯାହା ହୋଇ ଯେ ନିଷ୍ଠା ସେ ଫଳ ।
ଉଷ. କୋଟବ୍ରହ୍ମାଣ୍ଡସୁନ୍ଦରୀ ।
୧୫ । ନିଶ୍ଚିତ ସ୍ଥିତି—15. Stability.
୧୬ । ଉତ୍କର୍ଷ—16. Excellence.
୧୭ । ପ୍ରତିଷ୍ଠା—17. Establishment.
୧୮ । ବ୍ୟବସ୍ଥା; ଆଇନ୍; ବିଧି; ନିୟମ—
18. Statute; law; rule.
୧୯ । ବ୍ରତାଦି କ୍ଲେଶ—19. Penance; suffering undergone for a religious vow.
୨୦ । ମନୋଯୋଗ—2. Attention; intentness.
୨୧ । ନିର୍ବହଣ; ନାଟ୍ୟୋକ୍ତିର ପ୍ରସ୍ତୁତ କଥା ବା ସମାପ୍ତି—
21. The catastrophe of a drama.
୨୨ । (ବ୍ୟାକରଣ) କ୍ତ (ତ) ଓ କ୍ତବତୁ (ତବତ୍) ପ୍ରତ୍ୟୟ—
22. (Grammar) The sufixes 'kta and 'ktabatu'.
୨୩ । ସ୍ଥିତି; ଅବସ୍ଥା; (ହି. ଶ.)—
23. Condition; state of being.
୨୪ । ସିଦ୍ଧାବସ୍ଥାର ଅନ୍ତିମ ସ୍ଥିତି; ଜ୍ଞାନର ଯେଉଁ ଚରମ ଅବସ୍ଥାରେ ଆତ୍ମା ଓ ବ୍ରହ୍ମର ଏକତା ହୁଏ (ହି. ଶବ୍ଦସାଗର)—
24. The final state attained in spiritual exercise when the soul is immersed in God.
୨୫ । ନିର୍ବାହ (ହି. ଶ.)—25. Accomplishment; management; carrying on or out.
ଦେ. କ୍ରି. ବିଣ.—(ସଂ. ନିଷ୍ଠା=ସମାପ୍ତି; ନିଷ୍ପତ୍ତି)—୧ । ନିଶ୍ଚିତଭାବରେ—1. Certainly.
୨ । ପରଶେଷରେ—2. Finally; once for all.
(ଯଥା—ସେ ମତେ ୮ ଦିନ ହେଲା ଦମ୍ଦିଲାସା ଦେଇ ଦେଇ ଆଜି ନିଷ୍ଠା ନାହିଁ କରି ଦେଲା ।)
୩ । ପ୍ରକୃତରେ; ଠିକ୍; ଯଥାର୍ଥରେ—
3. Surely; rightly; truly.
ଉତ୍ତର କରେ କେ ହୁଏ ନିଷ୍ଠା ।
ଉଷ. କୋଟବ୍ରହ୍ମାଣ୍ଡସୁନ୍ଦରୀ ।
ଦେ. ବିଣ.—୧ । ଦୃଢ଼; ଅଟଳ—1. Firm.
୨ । ନିଶ୍ଚିତ—2. Certain; final.
(ଯଥା—ମୁଁ ଗୁରୁବାରଦିନେ ମହାଜନଙ୍କୁ ଟଙ୍କା ପରିଶୋଧ କରିବି ବୋଲି ନିଷ୍ଠା ଜବାବ୍ ଦେଇଛି ।)
ଦେ. ବି.—ଧର୍ମ ବିଧିମାନ ପାଳନ କରିବାରେ ଦୃଢ଼ତା—
Strict observance of religious ceremonials and forms.

ନିଷ୍ଠାନ—ସଂ. ବି.—(ନି+ସ୍ଥା ଧାତୁ+ଅଧି. ଅନ)—୧ । ବ୍ୟଞ୍ଜନର
Nishṭhāna ଉପକରଣ; ତିଅଣର ମସଲା—
(ନିଷ୍ଠାନକ—ଅନ୍ୟରୂପ) 1. Condiments.
୨ । ଚଟ୍ଣୀ—2. Sauce; pickle.
୩ । ବ୍ୟଞ୍ଜନ; ତରକାରି; ତିଅଣ—3. Curry.
୪ । (ନି+ସ୍ଥା ଧାତୁ+ଭାବ. ଅନ)—ମୃତ୍ୟୁ—
4. Death; dissolution.

ନିଷ୍ଠା ନାହିଁ କରିବା—ଦେ. କ୍ରି.—ନାହିଁ ସୂର୍ଯ୍ୟ ନାହିଁ କରିବା; ନିଶ୍ଚିତ-
Nishṭhā nāhiñ kariba ଭାବରେ ମନା କରି ଦେବା—
নিশ্চিত বারণ করা To finally or repeatedly
आखिर मना करदेना refuse or deny a thing.

ନିଷ୍ଠା ନିଷ୍ଠି - ଦେ. ଅ.—ସାଗ୍ସାର; ନିଷ୍ଠା—
Nishṭhā nishṭhi Settled; finally.
ঠিক ঠাক (ଯଥା—ଏ ଜିନିଷର ଦାମ ନିଷ୍ଠା ନିଷ୍ଠି ପଦେ କହି ଦେ ।)
ठीकठाक

ନିଷ୍ଠାପର—ସଂ. ବିଣ. ପୁଂ—(ବହୁବ୍ରୀହି; ନିଷ୍ଠା+ପର)—
Nishṭhāpara ୧ । ଐକାନ୍ତିକ—1. Firmly devoted to a pursuit.
(ନିଷ୍ଠାପରା—ସ୍ତ୍ରୀ; ନିଷ୍ଠାପରତା—ବି)
୨ । ଖାଣ୍ଟି ଧାର୍ମିକ—2. Orthodox; rigid.
୩ । ଯେ ସମସ୍ତ ଧର୍ମବିଧି ପାଳନ କରେ—3. Scrupulous in observing religious forms and practices; fulfilling all religious duties.

ନିଷ୍ଠାବାନ୍—ସଂ. ବିଣ. ପୁଂ—(ନିଷ୍ଠା+ଅସ୍ତି ଅର୍ଥରେ ବତ୍)—
Nishṭhābān ନିଷ୍ଠାପର (ଦେଖ)—Nishṭhāpara (See)
(ନିଷ୍ଠାବତୀ—ସ୍ତ୍ରୀ; ନିଷ୍ଠାବତ୍ତ୍ୱ—ବି)

ନିଷ୍ଠିତ—ସଂ. ବିଣ. (ନି+ସ୍ଥା ଧାତୁ+କର୍ମ. ତ)—
Nishṭhita ୧ । ସ୍ଥାପିତ; ପ୍ରତିଷ୍ଠିତ—1. Established.
୨ । ନିଷ୍ଠାପର—2. Religiously devoted to a matter.
୩ । ନିଶ୍ଚିତ—3. Certain.
୪ । ଦୃଢ଼ ଭକ୍ତିଯୁକ୍ତ—
4. Deeply and religiously devoted.
୫ । ନିବିଷ୍ଟ; ଅନୁରକ୍ତ—5. Devoted; attached.
୬ । ଅବଗାହିତ—6. Immersed; plunged into.

ନିଷ୍ଠୀବ—ସଂ. ବି. (ନି+ଷ୍ଠୀବ୍ ଧାତୁ=ଛେପ ପକାଇବା+କର୍ମ. ଅ)—
Nishṭhība ୧ । (+କର୍ମ. ଅ) ଛେପ; ପାଟିର ନାଳ ଅଦ;
(ନିଷ୍ଠୀବନ—ଅନ୍ୟରୂପ) ଖଙ୍କାର; ମୁଖ କଣ୍ଠ ନିର୍ଗତ ଶ୍ଳେଷ୍ମାଦି; ଥୁକ—
1. Spitted phlegm; spit; saliva.
୨ । (+ଭାବ. ଅ) ଛେପ ପକାଇବା; ଥୁକିବା—
2. Act of spitting.
୩ । ଉଦ୍ଗୀରଣ; ବମନ—3. Vomiting.
୪ । (+କରଣ. ଅ) ଯେଉଁ ଔଷଧ ଦ୍ୱାରା ପାଟିରୁ ଖୁବ ଛେପ ଓ ଖଙ୍କାର ବାହାରେ (ହି. ଶବ୍ଦସାଗର)—
4. Expectorative medicine.

ନିଷ୍ଠୀବନ ତ୍ୟାଗ—ସଂ. ବି. (୬ଷ୍ଠୀ ତତ୍; ନିଷ୍ଠୀବନ+ତ୍ୟାଗ)—
Nishṭhībana tyāga ଛେପ ପକାଇବା; ଥୁକିବା—
Act of spitting; salivating.

ନିଷ୍ଠୀବନ ପାତ୍ର—ସଂ. ବି. (ନିଷ୍ଠୀବନ+ପାତ୍ର)—ପିକଦାନୀ—
Nishṭhībana pātra Spitting vessel; spittoon.
(ନିଷ୍ଠୀବନ ସରାପ—ଅନ୍ୟରୂପ)

ନିଷ୍ଠୁର—ସଂ. ବିଣ. (ନି+ସ୍ଥା ଧାତୁ+କର୍ତ୍ତୃ. ଉର)—
Nishṭhura ୧ । କ୍ରୂର—1. Cruel.
(ନିଷ୍ଠୁରା—ସ୍ତ୍ରୀ) ୨ । ନୃଶଂସ—2. Inhuman.
(ନିଷ୍ଠୁରତା, ନିଷ୍ଠୁରତ୍ୱ, ନୈଷ୍ଠୁର୍ଯ୍ୟ—ବି) ୩ । ନିର୍ଦ୍ଦୟ; ନିଦାରୁଣ—
3. Unfeeling; merciless; hard hearted; ruthless.
୪ । କଠିନ; ପରୁଷ; କର୍କଶ—3. Harsh; hard.
୫ । କଠୋର—5. Rough; severe; coarse.
୬ । ହୃଦୟବିଦାରକ—6. Heart-rending.
୭ । ବର୍ବର—7. Barbarous; rude.
ସଂ. ବି. (ନି+ସ୍ଥା ଧାତୁ+ଭାବ. ଉର)—
୧ । କଠୋର ବଚନ—1. Harsh words; heart-rending or cruel words.
ଜୀବନ ତୁହିଲୁ ଅସୁର
ଏବେ ତ କହିଲୁ ନିଷ୍ଠୁର । ଜଗନ୍ନାଥ. ଭାଗବତ ।
୨ । ଅଶ୍ଳୀଳ ବାକ୍ୟ—
2. Indecent words; obscene language.

ନିଷ୍ଠୁରତା—ସଂ. ବି. (ନିଷ୍ଠୁର+ଭାବାର୍ଥେ. ତା)—
Nishṭhuratā ୧ । କ୍ରୂରତା—1. Cruelty; hard-heartedness.
(ନିଷ୍ଠୁରତ୍ୱ—ଅନ୍ୟରୂପ)
୨ । କର୍କଶତା—2. Harshness.
୩ । ନିଦାରୁଣତା—3. Severity.
୪ । ନିର୍ଦ୍ଦୟତା—4. Inhumanity.
୫ । ବର୍ବରତା—5. Barbarity.

ନିଷ୍ଠେବ(ବା)—ସଂ. ବି. (ନି+ଷ୍ଠୀବ୍ ଧାତୁ=ଛେପ ପକାଇବା+କର୍ମ ଓ ଭାବ. ଅ)—ନିଷ୍ଠୀବ (ଦେଖ)
Nishṭheba (bā) Nishṭhība (See)
(ନିଷ୍ଠେବନ, ନିଷ୍ଠୈବ, ନିଷ୍ଠୈବନ—ଅନ୍ୟରୂପ)

ନିଷ୍ଠ୍ୟୂତ—ସଂ. ବି. (ନି+ଷ୍ଠୀବ୍ ଧାତୁ=ଛେପ ପକାଇବା+କର୍ମ. ତ)—
Nishṭhyūta ୧ । ପ୍ରେରିତ—1. Sent.
୨ । କ୍ଷିପ୍ତ—2. Cast out.
୩ । ଉଦ୍ଗୀର୍ଣ୍ଣ—3. Vomitted.
୪ । ଛେପ ପକା ଯାଇଥିବା; ପାଟିରୁ କଢ଼ା ଯାଇଥିବା; ପାଟି କଢ଼ା—4. Spit out.
ସଂ. ବି. (ନି+ଷ୍ଠୀବ୍ ଧାତୁ+ଭାବ. ତ)—ଛେପ ପକାଇବା—
Act of spitting out.

ନିଷ୍ଠ୍ୟୂତି—ସଂ. ବି. (ନି+ଷ୍ଠୀବ୍ ଧାତୁ+ଭାବ. ତି)—
Nishṭhyūti ନିଷ୍ଠ୍ୟୂତ (ଦେଖ)—Nishṭhyūta (See)

ନିଷ୍ଣ—ସଂ. ବିଣ. ପୁଂ. (ନି+ସ୍ନା ଧାତୁ=ସ୍ନାନ କରିବା+କର୍ତ୍ତୃ. ଅ)—
Nishṇa ୧ । ନିପୁଣ; କୁଶଳ; ପଟୁ—
(ନିଷ୍ଣା—ସ୍ତ୍ରୀ) 1. Expert; clever; skilful.
(ନିଷ୍ଣତା—ବି) ୨ । ବିଜ୍ଞ; ବିଚକ୍ଷଣ—2. Learned; wise.
୩ । ପାରଙ୍ଗମ; ପ୍ରବୀଣ—3. Experienced; deeply versed in; conversant with.
୪ । ପ୍ରଧାନ—4. Eminent.

ନିଷ୍ଣାତ—ସଂ. ବିଣ. ପୁଂ. (ନି+ସ୍ନା ଧାତୁ=ସ୍ନାନ କରିବା+କର୍ତ୍ତୃ. ତ)—
Nishṇāta ନିଷ୍ଣ (ଦେଖ)—Nishṇa (See)
(ନିଷ୍ଣାତା—ସ୍ତ୍ରୀ)

ନିଷ୍ପକ୍ୱ—ସଂ. ବିଣ. (ନିର୍=ଅତିଶୟ+ପକ୍ୱ)—
Nishpakwa ୧ । ସୁପକ୍ୱ; ଅତି ପକ୍ୱ—1. Very ripe.
୨ । ଉତ୍ତମ ରୂପେ ପାକ ହୋଇଥିବା; ସୁସିଦ୍ଧ—
2. Well boiled; well cooked.

୩ । କ୍ୱଥିତ; ଜଳସିଦ୍ଧ—3. Decocted.
୪ । (ନିର୍—ନୁହେଁ+ପକ୍ୱ)—ଅପକ୍ୱ; କଞ୍ଚା—
4. Unripe; raw.

ନିଷ୍ପକ୍ଷ—ସଂ. ବିଣ. ପୁଂ—ପକ୍ଷପାତରହିତ; ଅପକ୍ଷପାତୀ—
Nishpaksha Impartial.
(ନିଷ୍ପକ୍ଷା—ସ୍ତ୍ରୀ; ନିଷ୍ପକ୍ଷତା—ବି)

ନିଷ୍ପକ୍ଷପାତ—ସଂ. ବି. (ନିର୍+ପକ୍ଷପାତ)—
Nishpakshapāta ଅପକ୍ଷପାତ—Impartiality.
ସଂ. ବିଣ—ନିଷ୍ପକ୍ଷ (ଦେଖ)—Nishpaksha (See).

ନିଷ୍ପକ୍ଷପାତିତା—ସଂ. ବି. (ବହୁବ୍ରୀହି; ନିର୍+ପକ୍ଷପାତିତା)—
Nishpakshapātitā ଅପକ୍ଷପାତ—Impartiality.
(ନିଷ୍ପକ୍ଷପାତିତ୍ୱ—ଅନ୍ୟରୂପ)

ନିଷ୍ପକ୍ଷପାତୀ—ଦେ. ବିଣ. ପୁଂ. (ସଂ. ନିଷ୍ପକ୍ଷପାତ)—
Nishpakshapāti ଅପକ୍ଷପାତୀ; ଯେ ପକ୍ଷପାତୀ ନୁହେଁ—
(ନିଷ୍ପକ୍ଷପାତିନୀ—ସ୍ତ୍ରୀ) Impartial.

ନିଷ୍ପଙ୍କ—ସଂ. ବିଣ. (ବହୁବ୍ରୀହି; ନିର୍=ନାହିଁ+ପଙ୍କ)—
Nishpanka ୧ । ପଙ୍କରହିତ—1. Free from filth or mud.
୨ । ବିମଳ; ନିର୍ମଳ—2. Clean.
୩ । ପବିତ୍ର—3. Pure.

ନିଷ୍ପଟ୍—ପ୍ରାଦେ. (ସମ୍ବଲପୁର) ବିଣ—
Nishpat ୧ । ନିପଟ—1. Entire.
୨ । ଅତ୍ୟନ୍ତ—2. Very much.
୩ । ଗାଢ଼ତମ—3. Thickest.

ନିଷ୍ପତନ—ସଂ. ବି (ନିର୍=ବାହାରକୁ+ପତ୍ ଧାତୁ=ପଡ଼ିବା+ଭାବ. ଅନ)—ନିର୍ଗମନ; ନିଃସରଣ; ନିଷ୍କ୍ରମଣ—
Nishpatana Issuing forth.

ନିଷ୍ପତି—ଗ୍ରା. ବି (ସଂ. ନିଷ୍ପତ୍ତି)—ନିଷ୍ପତ୍ତି (ଦେଖ)
Nishpati Nishpatti (See)

ନିଷ୍ପତିଷ୍ଣୁ—ସଂ. ବିଣ (ନିର୍+ପତ୍ ଧାତୁ+କର୍ତ୍ତୃ. ଇଷ୍ଣୁ)—
Nishpatishnu ପତନଶୀଳ; ଯାହା ନିପତିତ ହେଉଅଛି—
Falling down; issuing forth.

ନିଷ୍ପତ୍ତି—ସଂ. ବି (ନିର୍+ପଦ୍ ଧାତୁ=ଗମନ କରିବା+ଭାବ. ତି)—
Nishpatti ୧ । ସମାପ୍ତି—1. Completion; accomplishment.
୨ । ସିଦ୍ଧି—2. Success.
୩ । ସିଦ୍ଧାନ୍ତ; ମୀମାଂସା; ଫଏସଲା—
3. Final adjudication; settlement; decision; decree; award.
(ନିଷ୍ପନ୍ନ—ବିଣ) ୪ । ଅବଧାରଣ; ନିଶ୍ଚୟ—
4. Ascertainment; determination.
୫ । ନିର୍ବାହ—
5. Finishing; carrying on; management.
୬ । ଉତ୍ପତ୍ତି—6 Birth.
୭ । ଆଦେଶ—
7. Injunction; precept; ordinance; order.
୮ । ପୂରଣ—8. Filling up.
୯ । ନିର୍ଗଳନ; ନିର୍ଗମନ—
9 Going out; issuing forth.
୧୦ । ପୁରସ୍କାର—10. Reward.
୧୧ । ଅନୁପାତ—11. Ratio.
୧୨ । ଚୁକ୍ତି—12. Agreement; contract.

ନିଷ୍ପଦ—ସଂ. ବିଣ (ବହୁବ୍ରୀହି; ନିର୍+ପଦ)—ପଦହୀନ—
Nishpada Having no legs.
(ନିଷ୍ପଦା—ସ୍ତ୍ରୀ; ନିଷ୍ପଦତା—ବି)

ନିଷ୍ପନ୍ଦ—ସଂ. ବିଣ (ବହୁବ୍ରୀହି; ନିର୍=ନାହିଁ+ସ୍ପନ୍ଦ=କମ୍ପ)—
Nishpanda ସ୍ପନ୍ଦ ବା କମ୍ପରହିତ; ସ୍ଥିର; ସ୍ତବ୍ଧ—
(ନିଷ୍ପନ୍ଦତା—ବି) (ନିଷ୍ପନ୍ଦା—ସ୍ତ୍ରୀ) Motionless; still.

ନିଷ୍ପନ୍ନ—ସଂ. ବିଣ (ନିର୍+ପଦ୍ ଧାତୁ=ଯିବା+କର୍ମ. ତ)—
Nishpanna ୧ । ସମ୍ପାଦିତ; ସମ୍ପନ୍ନ; ସିଦ୍ଧ—
1. Accomplished; brought about; effected.
୨ । ସମାପ୍ତ—2. Finished; ended.
୩ । ସମ୍ପୂର୍ଣ୍ଣ—3. Completed.
୪ । ନିବୃତ୍ତ—4. Concluded.
୫ । ଅବଧାରିତ; ନିଶ୍ଚିତ—
5. Ascertained.
୬ । ପୁରସ୍କୃତ—6. Rewarded.
୭ । ମୀମାଂସିତ—
7. Decided; settled; awarded; adjudicated.
୮ । ଆଦିଷ୍ଟ—8. Ordered; decreed.
୯ । ଉତ୍ପନ୍ନ—9. Produced; derived.
୧୦ । ଅଚଳ—10. Motionless.
୧୧ । ରଚିତ—11. Formed; composed.

ନିଷ୍ପରାକ୍ରମ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍+ପରାକ୍ରମ)—
Nishparākrama ୧ । ପରାକ୍ରମହୀନ; ଦୁର୍ବଳ—
(ନିଷ୍ପରାକ୍ରମତା—ବି) 1. Weak; feeble.
୨ । ଅକ୍ଷମ—2. Unfit.
(ନିଷ୍ପରାକ୍ରମା—ସ୍ତ୍ରୀ) ୩ । କୃଶ—3. Lean.

ନିଷ୍ପରିଗ୍ରହ—ସଂ. ବି. ପୁଂ. (ବହୁବ୍ରୀହି; ନିର୍=ନାହିଁ+ପରିଗ୍ରହ=ଅଧୀନବ୍ୟକ୍ତି; ସ୍ତ୍ରୀ)—୧ । ପରିବ୍ରାଜକ—
Nishparigraha 1. A wandering mendicant.
୨ । ପରମହଂସ—2. An ascetic.
୩ । ବାନପ୍ରସ୍ଥ—
3. Hermit; a householder who has retired from the world.
୪ । ଯତି; ମୁନି—4. Sage.

୫ । ସନ୍ନ୍ୟାସୀ—
5. One who has renounced the world.

ସଂ. ବିଣ. ପୁଂ—୧ । ପତ୍ନୀଶୂନ୍ୟ; ନଷ୍ଟପତ୍ନୀକ—
1. Widower.

୨ । ଅବିବାହିତ; ଅକୃତଦାର—
2. Bachelor; unmarried.

୩ । ନିର୍ଲିପ୍ତ—3. Indifferent; unconcerned.

୪ । ମୁକ୍ତସଙ୍ଗ; ବୈରାଗୀ; ବିଷୟାସକ୍ତିଶୂନ୍ୟ—
4. Having renounced the world.

୫ । ସମ୍ପତ୍ତିହୀନ—5. Without property.

୬ । ଯାହାର କେହି ପୋଷ୍ୟ ବା ପରିବାର ନାହିଁ—
6. Having no family or dependent.

ନିଷ୍ପଳକ—ସଂ. ବି (ନିର୍+ପଳକ)—୧ । ଏକଦୃଷ୍ଟି—
Nishpalaka 1. Fixed gaze.

ସଂ. ବିଣ (ବହୁବ୍ରୀହି; ନିର୍+ପଳକ)—
୧ । ନିର୍ନିମେଷ; ପଳକଶୂନ୍ୟ (ଦୃଷ୍ଟି)—
1. Steady or fixed (gaze); winkless.

୨ । ଅବିରତ—2. Incessant; uninterrupted.

ନିଷ୍ପାଦ—ଦେ. ବିଣ (ନିର୍+ପାଦ; ବହୁବ୍ରୀହି)—ପାଦବିହୀନ—
Nishpāda Having no legs; without legs.

କେ ଏକ ଚକ୍ର ବେନି ପାଦ
ବହୁ ଚଳାଇ କେ ନିଷ୍ପାଦ । ଜଗନ୍ନାଥ, ଭାଗବତ ।

ନିଷ୍ପାଦକ—ସଂ. ବିଣ. ପୁଂ (ନିର୍+ପଦ୍ ଧାତୁ ଣିଚ=ପାଦ ଧାତୁ+କର୍ତ୍ତୃ. ଅକ)—୧ । ନିର୍ବାହକ—1. Accomplishing; managing.
Nishpādaka
(ନିଷ୍ପାଦିକା—ସ୍ତ୍ରୀ)

୨ । ନିଷ୍ପତ୍ତିକାରକ—2. Deciding; determining.

୩ । ସମ୍ପାଦନକାରୀ—3. Completing.

୪ । ଆଦେଶକାରୀ—4. Ordering; directing.

ନିଷ୍ପାଦନ—ସଂ. ବି (ନିର୍+ପାଦ ଧାତୁ=ଗମନ କରାଇବା+ଭାବ. ଅନ)—
Nishpādana ୧ । ନିଷ୍ପତ୍ତିକରଣ—1. Settlement; deciding; award of a decision or decree.

୨ । ସାଧନ; ସମ୍ପାଦନ; ନିର୍ବାହ—2. Accomplishing; management.

୩ । ସମାପନ—3. Finishing; completing.

୪ । ପ୍ରତିଜ୍ଞା ପୂରଣ—4. Fulfilling of a promise or vow.

୫ । ସୁବନ୍ଦୋବସ୍ତ କରିବା—
5. Rugulating of a work.

ନିଷ୍ପାଦନୀୟ—ସଂ. ବିଣ (ନିର୍+ପାଦ ଧାତୁ+କର୍ମ. ଅନୀୟ)—ନିଷ୍ପନ୍ନ ହେବାର ଯୋଗ୍ୟ; ସାଧନଯୋଗ୍ୟ—Accomplishable; capable of being accomplished or brought about; to be decided or brought to a completion.
Nishpādaniya

ନିଷ୍ପାଦିତ—ସଂ. ବିଣ.—(ନିର୍+ପାଦ ଧାତୁ+କର୍ମ. ତ)—୧ । ସମ୍ପାଦିତ; ନିର୍ବାହିତ—1. Accomplished.
Nishpādita

୨ । ସମାପ୍ତ—2. Brought to completion; finished; concluded.

ନିଷ୍ପାଦ୍ୟ—ସଂ. ବିଣ (ନିର୍+ପାଦ ଧାତୁ+କର୍ମ. ଯ)—
Nishpādya ନିଷ୍ପାଦନୀୟ (ଦେଖ)
Nishpādaniya (See)

ନିଷ୍ପାଦ୍ୟମାନ—ସଂ. ବିଣ. (ନିର୍+ପଦ୍ ଧାତୁ ଣିଚ୍+କର୍ମ. ମାନ)—
Nishpādyamāna ଯାହା ସମ୍ପାଦିତ ହେଉଅଛି—Being accomplished.

ନିଷ୍ପାନ—ସଂ. ବି (ନିର୍=ନିଃଶେଷରେ+ପାନ)—ନିଃଶେଷରେ ପାନ; ପାତ୍ରରେ ଅବଶେଷ ନ ରଖି ପିଇବା—
Nishpāna Drinking to the last drop.

ନିଷ୍ପାପ—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍+ପାପ)—୧ । ପାପଶୂନ୍ୟ—
Nishpāpa 1. Sinless; innocent; guiltless.
(ନିଷ୍ପାପା—ସ୍ତ୍ରୀ; ନିଷ୍ପାପତା—ବି) ୨ । ପବିତ୍ର—2. Pure.

ନିଷ୍ପାପୀ—ଦେ. ବିଣ (ସଂ. ନିଷ୍ପାପ)—ନିଷ୍ପାପ—
Nishpāpi Sinless; pure.

ସବୁ ସିଦ୍ଧି ପାଇବା ହୋଇଣ ନିଷ୍ପାପୀ—କୃଷ୍ଣସିଂହ, ମହାଭାରତ, ବନ ।

ନିଷ୍ପାବ—ସଂ. ବି ନିର୍+ପୂ ଧାତୁ=ଧୂଷ ଉଡ଼ାଇବା, ପବିତ୍ର କରିବା+ଭାବ ଅ)—୧ । ଶସ୍ୟାଦି ନିଷ୍ଟୁଷୀକରଣ, ଶସ୍ୟରୁ ଧୂଷ ପରିଷ୍କାର କରିବା; ପାଛୁଡ଼ିବା—
Nishpāba
1. Winnowing or clearing the chaff from the corn.

ସଂ. ନାମାନ୍ତର:—ରାଜଶିମ୍ବୀ, ବଲ୍ଲକ, ନିଷ୍ପାବକ, ଶ୍ୱେତଶିମ୍ବିକ
ସାଧାସୀମ
ଅଁଟରାସ୍ତୁ
ତେ. ଅନପଟେନ୍ଟୁ

୨ । ରାଜଶିମ୍ବୀ; ଧଳାଶିମ୍ବ—
2. White bean, Phaseolus Radiatus (a sort of pulse).

[ଦ୍ର—ଏହା ଏକପ୍ରକାର ଲତା ଓ ଲତାଜାତ ଛୁଇଁ । ଏହା ମଧୁରକଷାୟ, ପାଚକ ଅମ୍ଳ, ରୁକ୍ଷ, ଉଷ୍ଣବୀର୍ଯ୍ୟ, ଗୁରୁପାକ, ସାରକ, ବିଦାହୀ, ଶୁକ୍ରନାଶକ, ବାତନାଶକ, ଦୃଷ୍ଟି ହାନିକର, ମୂତ୍ରରୋଧକ, କଫ, ଶୋଥ ଓ ବିଷଦୋଷରେ ଉପକାରକ; ଏହାର ଭଜା ମଞ୍ଜି ଗୁରୁପାକ ଓ ମଳରୋଧକ ।]

୩ । (+କରଣ. ଅ) ସମୀରଣ; ପବନ—3. Wind.

୪ । (+କର୍ମ. ଅ) ଶସ୍ୟର ଧୂଷ ବା ଭୂଷି; କଡ଼ଙ୍ଗର; ଅଗାଡ଼ି—4. Chaff; husk of corn.

୫ । ନଡ଼ା—5. Straw.

୬ । (+କରଣ. ଅ) ସୂର୍ପବାୟୁ; କୁଲାବାଆ; ଶସ୍ୟର ଭୁଷ ଉଡ଼ାଇବା ନିମନ୍ତେ କୁଲାଦ୍ୱାରା ବତାସ—6. Wind produced by the winnowing fan while moved for cleansing grains.

ସଂ. ବିଣ—୧ । ନିର୍ବିକଳ୍ପ; ନିଶ୍ଚିତ—1. Positive; certain.

୨ । ପବ ବା ଗଣ୍ଠିହୀନ—
2. Without knots or joints.

ନିଷ୍ପାବି—ସ. ବି. (ନିଷ୍ପାବ+ଇ)—୧ । ବରଗୁଡ଼ି (ଦେଖ)
Nishpābi 1. Baragurdi (See)
(ନିଷ୍ପାବୀ—ଅନ୍ୟରୂପ) ୨ । ବରଗଡ଼ା (ଦେଖ)
ଓ. ବରଗୁଡ଼ି 2. Baragarda (See)
बर्वटी, बोड़ा, बरबुटी लोबिया, बबटो, बीड़ा
ମ. ଭୁଡ଼ବଣ୍ଡି ତେ. ଡାକୁବରେ

ନିଷ୍ପି—ବୈଦେ. ବି. (ଅ. ନିସ୍ଫ୍=ଅର୍ଦ୍ଧ)—୧ । ଅର୍ଦ୍ଧେକ—
Nishpi 1. Half.
निष्पी ୨ । ଯେଉଁ ଜମିରେ ପୂର୍ଣ୍ଣ ଖଜଣାର ଅର୍ଦ୍ଧେକ ପରମାଣରେ
निस्फी ଜମା ଧାର୍ଯ୍ୟ ହୋଇଅଛି—2. A holding on which
(ନିଷ୍ଟି—ଅନ୍ୟରୂପ) half of the full rent is assessed.
ଦେ. ବିଣ—ପୂର୍ଣ୍ଣ ଖଜଣାର ଅର୍ଦ୍ଧେକ ପରମିତ ଖଜଣା ଧାର୍ଯ୍ୟ ହୋଇଥିବା (ଯୋତ)—(tenure) Assessed with half the full rent.

ନିଷ୍ପି ବାଯ୍ୟାପ୍ତି—ଦେ. ବି. (ଅ. ନିସ୍ଫ୍+ଫା. ବାଜେସ୍ଥାପ୍ତ)—
Nishpi bājyāpti ଯେଉଁ ଲାଖରାଜ ଜମି ବା ମଧ୍ୟସ୍ୱତ୍ୱକୁ ଇଂରାଜ
निष्फीबायाप्ति ଗଭର୍ଣ୍ଣମେଣ୍ଟ ବାଯ୍ୟାପ୍ତି କରି ତହିଁ ଉପରେ
निस्फोबाजेयाप्त ଅଧାଜମା ଧାର୍ଯ୍ୟ କରି ଅଛନ୍ତି—
(ନିଷ୍ଟି ବାଯ୍ୟାପ୍ତି—ଅନ୍ୟରୂପ) Resumed Lakhraj holding or undertenure assessed with half the full rate of rent by the British Government.

ନିଷ୍ପିତି—ଗ୍ରା. ବି. (ସ. ନିଷ୍ପତ୍ତି)—ନିଷ୍ପତ୍ତି; ମୀମାଂସା; ଫଏସଲ—
Nishpiti Decision; final settlement.
निष्पत्य निबटेरा (ନିଷ୍ଟିତି; ନିଷ୍ପିତ୍ତି—ଅନ୍ୟରୂପ)

ନିଷ୍ପିଷ୍ଟ—ସ. ବିଣ. (ନିର୍=ନିଃଶେଷରେ+ପିଷ୍ ଧାତୁ=ଚୂର୍ଣ୍ଣ କରିବା+
Nishpishta କର୍ମ. ତ)—୧ । ବିଚୂର୍ଣ୍ଣିତ—1. Powdered; ground to dust; pulverised.
୨ । ବିମର୍ଦ୍ଦିତ; ଦଳିତ—
2. Pressed; trampled; crushed.
୩ । ଘୃଷ୍ଟ—3. Pounded; bruised.

ନିଷ୍ପୀଡ଼ନ—ସ. ବି. (ନିର୍+ପୀଡ଼୍ ଧାତୁ=କ୍ଳେଶଦେବା+ଭାବ. ଅନ)—
Nishpirdana ୧ । ଚିପୁଡ଼ିବା—1. Act of squeezing or wringing out.
୨ । ମର୍ଦ୍ଦନ; ନିଷ୍ପେଷଣ; ବାଟିବା—
2. Pressing; pounding.
୩ । ଚୂରିବା—3. Pulverising; grinding.
୪ । ଅତ୍ୟାଚାର; ଜୁଲମ—4. Oppression.
୫ । କଠୋରତା—5. Severity.

ନିଷ୍ପୀଡ଼ିତ—ସ. ବିଣ. (ନିର୍+ପୀଡ଼୍ ଧାତୁ+କର୍ମ. ତ)—
Nishpirdita ୧ । ଚିପୁଡ଼ାଯାଇଥିବା—
1. Squeezed; wrung.
୨ । ଚୂରାଯାଇଥିବା—2. Ground to powder; pulverised.
୩ । ଅତ୍ୟାଚାରିତ—3. Oppressed.

ନିଷ୍ପୁତ୍ର—ସ. ବିଣ. ପୁଂ. (ବହୁବ୍ରୀହି; ନିର୍+ପୁତ୍ର)—ଅପୁତ୍ରକ—
Nishputra Sonless.
(ନିଷ୍ପୁତ୍ରା—ସ୍ତ୍ରୀ) (ନିଷ୍ପୁତ୍ରତା—ବି)

ନିଷ୍ପୁରୁଷ—ସ. ବିଣ. ପୁଂ. (ନିର୍+ପୁରୁଷ; ବହୁବ୍ରୀହି)—୧ । ନପୁଂସକ—
Nishpurusha 1. Eunoch.
୨ । କାପୁରୁଷ—2. Coward.

ନିଷ୍ପେଷ—ସ. ବି. (ନିର୍+ପିଷ୍ ଧାତୁ+ଭାବ. ଅ)—୧ । ଘର୍ଷଣ—
Nishpesha 1. Friction.
ନିଷ୍ପିଷ୍ଟ } ବିଣ ୨ । ପେଷଣ; ବାଟିବା—
ନିଷ୍ପେଷିତ } 2. Rubbing; pressing; bruising.
(ନିଷ୍ପେଷଣ—ଅନ୍ୟରୂପ) ୩ । ଚୂରିବା; ଚୂର୍ଣ୍ଣନ—
3. Pounding; grinding; pulverising.

ନିଷ୍ପେଷକ—ସ. ବିଣ. ପୁଂ. (ନିର୍+ପିଷ୍ ଧାତୁ=ପେଷିବା+କର୍ତ୍ତୃ.
Nishpeshaka ଅକ)—୧ । ଅତ୍ୟାଚାରୀ—1. Oppressing.
(ନିଷ୍ପେଷିକା—ସ୍ତ୍ରୀ) ୨ । ଚୂର୍ଣ୍ଣକାରୀ—2. Pounding.
୩ । ବାଟୁଥିବା—3. Bruis.

ନିଷ୍ପ୍ରଚାର—ସ. ବିଣ. (ବହୁବ୍ରୀହି; ନିର୍+ପ୍ରଚାର)—ଗତିଶୂନ୍ୟ—
Nishprachāra Motionless.

ନିଷ୍ପ୍ରତିଭ—ସ. ବିଣ. ପୁଂ. (ବହୁବ୍ରୀହି; ନିର୍+ପ୍ରତିଭା)—
Nishpratibha ୧ । ପ୍ରଭାଶୂନ୍ୟ; ଦୀପ୍ତିରହିତ—
(ନିଷ୍ପ୍ରତିଭା—ସ୍ତ୍ରୀ) 1. Destitute of radiance or
(ନିଷ୍ପ୍ରତିଭତା—ବି) splendour; lustreless; gloomy.
୨ । ନିର୍ବୁଦ୍ଧି—2. Stupid.
୩ । ନିସ୍ତେଜ—3. Dull.
୪ । ଅସ୍ୱଚ୍ଛ—4. Opaque.
୫ । ପ୍ରତିଭାଶୂନ୍ୟ—5. Having no talent or genius; untalented.
୬ । ଅଜ୍ଞ; ମୂର୍ଖ—6. Illiterate; ignorant.

ନିଷ୍ପ୍ରତ୍ୟୂହ—ସ. ବିଣ. (ବହୁବ୍ରୀହି; ନିର୍=ନାହିଁ+ପ୍ରତ୍ୟୂହ=ବିଘ୍ନ)—
Nishpratyūha ନିର୍ବିଘ୍ନ—Unobstructed; free from hinderance.

ନିଷ୍ପ୍ରଦୀପ—ସ. ବିଣ. (ବହୁବ୍ରୀହି; ନିର୍+ପ୍ରଦୀପ)—୧ । ପ୍ରଦୀପହୀନ—
Nishpradipa 1 Without a lamp, not lighted by a lamp.
୨ । ଆଲୋକହୀନ; ଅନ୍ଧକାର—
2. Dark; without a light.

ନିଷ୍ପ୍ରବାଣି—ସ. ବିଣ. (ବହୁବ୍ରୀହି; ନିର୍=ନିର୍ଗତ+ପ୍ରବାଣି=ତନ୍ତୁବାୟ
Nishprabāni ଶଳାକା)—ତନ୍ତରୁ ନୂତନ ବହିର୍ଗତ; ତନ୍ତନିର୍ମିତ
(ନିଷ୍ପ୍ରବାଣ—ଅନ୍ୟରୂପ) (ବସ୍ତ୍ର); ନବ (ବସ୍ତ୍ର)—New and unbleached (cloth); recently woven (cloth).

ନିଷ୍ପ୍ରଭ—ସ. ବିଣ. ପୁଂ. (ବହୁବ୍ରୀହି; ନିର୍+ପ୍ରଭା=ତେଜ)—
Nishprabha ୧ । ପ୍ରଭା ବା ଦୀପ୍ତିହୀନ; ତେଜୋହୀନ—
(ନିଷ୍ପ୍ରଭା—ସ୍ତ୍ରୀ) 1. Deprived of splendour or radiance
(ନିଷ୍ପ୍ରଭତା—ବି) ୨ । ନିଷ୍ପ୍ରତିଭ—2. Dull; stupid.

ନିଷ୍ପ୍ରୟୋଜନ—ସଂ. ବି (ବହୁବ୍ରୀହି; ନିର୍+ପ୍ରୟୋଜନ)—୧ । ଅନର୍ଥକ; ଅକାରଣ—1. Causeless; groundless.
Nishprayojana
୨ । ବ୍ୟର୍ଥ; ବୃଥା—2. Serving no purpose; needless; unnecessary; useless.
୩ । ଉଦ୍ଦେଶ୍ୟ ହୀନ—3. Having no intention; aimless.

ନିଷ୍ପ୍ରାଣ—ସଂ. ବିଣ (ବହୁବ୍ରୀହି; ନିର୍+ପ୍ରାଣ)—୧ । ନିର୍ଜୀବ—1. Lifeless.
Nishprāṇa
(ନିଷ୍ପ୍ରାଣତା—ବି) ୨ । ମୃତ—2. Dead.

ନିଷ୍ଫଳ—ସଂ. ବିଣ (ବହୁବ୍ରୀହି; ନିର୍+ଫଳ)—୧ । ଫଳ ନ ଥିବା—1. Not bearing fruit.
Nishphaḷa
(ନିଷ୍ଫଳା—ସ୍ତ୍ରୀ) ୨ । ଫଳଶୂନ୍ୟ—2. Fruitless; abortive.
(ନିଷ୍ଫଳତା—ବି) ୩ । ବିଫଳ; ନିରର୍ଥକ—3. Ineffective; futile; ineffectual.
୪ । ବ୍ୟର୍ଥ; ଅକୃତକାର୍ଯ୍ୟ—4. Unsuccessfull.
୫ । ବୃଥା—5. Useless; vain.
୬ । ବନ୍ଧ୍ୟ—6. Barren; impotent.
୭ । ଅଣ୍ଡକୋଷରହିତ (ହି. ଶବ୍ଦସାଗର)—7. Having no testicle.
ସଂ. ବି—ନଡ଼ା; ପାଳ—Straw.
ଦେ. ବି—କୌଣସି କାର୍ଯ୍ୟରେ ଫଳର ଅପ୍ରାପ୍ତି—Fruitlessness; infructuous condition; the state of abortiveness.

ନିଷ୍ଫଳତା(ତ୍ୱ)—ସଂ. ବି (ନିଷ୍ଫଳ+ଭାବାର୍ଥେ. ତା)—୧ । ଫଳହୀନତା—1. Fruitlessness.
Nishphaḷatā(twa)
୨ । ନିଷ୍ପ୍ରୟୋଜନତା—2. Uselessness.
୩ । ବନ୍ଧ୍ୟତ୍ୱ—3. Barrenness; sterility.

ନିଷ୍ଫଳ ହେବା—ଦେ. କ୍ରି—୧ । ବିଫଳ ହେବା; ଫଳ ନ ଫଳିବା—1. To be abortive; not to bear any fruit.
Nishphaḷa hebā
निष्फल होना
निफल होना
୨ । କୌଣସି ଫଳ ନ ପାଇବା—2. To get nothing in the long run.
୩ । ବ୍ୟର୍ଥ ମନୋରଥ ହେବା—3. To fail in attaining one's wishes.
୪ । ଅଭିପ୍ସିତ ଫଳ ଉତ୍ପାଦନ ନ କରିବା—4. Not to produce the desired result.
୫ । ଅକୃତକାର୍ଯ୍ୟ ହେବା—5. To fail; not to succeed.

ନିଷ୍ଫଳା—ସଂ. ବି. ସ୍ତ୍ରୀ (ନିଷ୍ଫଳ+ସ୍ତ୍ରୀ. ଆ)—୧ । ବନ୍ଧ୍ୟା ନାରୀ—1. A barren woman.
Nishphaḷā
(ନିଷ୍ଫଳୀ—ଅନ୍ୟରୂପ) ୨ । ନିବୃତ୍ତ ରଜସ୍ୱା ନାରୀ—2. A woman past child-bearing or menstruation.
[ଦ୍ର—ସାଧାରଣତଃ ୫୦ଠାରୁ ୫୫ବର୍ଷ ବୟସ ପରେ ସ୍ତ୍ରୀମାନଙ୍କର ମାସିକ ରଜଃସ୍ରାବ ବନ୍ଦ ହୁଏ ।]

ସଂ. ବିଣ. ସ୍ତ୍ରୀ—ନିଷ୍ଫଳର ସ୍ତ୍ରୀ ଲିଙ୍ଗ—Feminine of Nishphaḷa.
निष्फला
निफला
ଦେ. ବିଣ (ସଂ. ନିଷ୍ଫଳ)—ନିଷ୍ଫଳ (ଦେଖ) Nishphaḷa (See)

ନିଷ୍ଫଳି—ସଂ. ବି—ଅସ୍ତ୍ରମାନଙ୍କୁ ନିଷ୍ଫଳ କରିବା ଅସ୍ତ୍ର (ହି. ଶ.)—A weapon which makes other weapons futile.
Nishphaḷi
[ଦ୍ର—ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ ଆପଣା ସଙ୍ଗେ ବନକୁ ନେବା ବେଳେ ରାମଚନ୍ଦ୍ରଙ୍କୁ ଅନ୍ୟ ଅସ୍ତ୍ରମାନଙ୍କ ସହିତ ଏହି ଅସ୍ତ୍ର ପ୍ରଦାନ କରିଥିଲେ । ହି. ଶବ୍ଦସାଗର ।]

ନିଷ୍ଫେନ—ସଂ. ବିଣ (ବହୁବ୍ରୀହି; ନିର୍+ଫେନ)—ଫେନରହିତ—Foamless; frothless.
Nishphena

ନିଷ୍ୟନ୍ଦ—ସଂ. ବି (ନି+ସ୍ୟନ୍ଦ୍ ଧାତୁ=କ୍ଷରିତ ହେବା+ଭାବ. ଅ)—
Nishyanda ୧ । ଝରିବା; ଗଳନ; କ୍ଷରଣ—1. Leaking; oozing out; exudation.
୨ । ବର୍ଷଣ—2. Raining; dribbling.
୩ । ଧାର ବହିବା—3. Flowing down in current.
୪ । ନିର୍ଝର—4. Fountain.

ନିଷ୍ୟନ୍ଦିତ—ସଂ. ବିଣ (ନି+ସ୍ୟନ୍ଦ୍ ଧାତୁ+କର୍ତ୍ତୃ. ତ)—୧ । କ୍ଷରିତ—1. Oozing; leaking.
Nishyandita
୨ । ବର୍ଷିତ—2. Raining.
୩ । ନିଷ୍ୟନ୍ଦଯୁକ୍ତ; ଧାରରେ ବହି ଯାଉଥିବା—3. Flowing down.

ନିଷ୍ୟୁତ—ସଂ. ବିଣ (ନି+ସିବ୍ ଧାତୁ=ଗୁନ୍ଥିବା+କର୍ମ. ତ)—ସୁଗ୍ରଥିତ—1. Well strung; well sewn.
Nishyūta
୨ । ଉତ୍ତମରୂପେ ବୁଣାଯାଇଥିବା—2. Well woven.

ନିସ୍ବତ୍—ବୈଦେ. ବି (ଆ)—୧ । ସମ୍ବନ୍ଧ; ସମ୍ପର୍କ—1. Connection.
Nis-bat
निसबत ୨ । ତୁଳନା—2. Comparision.
निसबत

ନିସ୍ସୀମ—ସଂ. ବିଣ (ବହୁବ୍ରୀହି; ନିଃ+ସୀମା)—ଅସୀମ—Boundless; limitless.
Nissima
(ନିଃସୀମ—ଅନ୍ୟରୂପ; ନିସ୍ସୀମତା—ବି)

ନିସଂସିଆ—ଦେ. ବିଣ. ପୁଂ—୧ । (ସଂ. ନିର୍ବଂଶ; ନିରଂଶ)—ନିରଂଶିଆ—1. Niramsiā (See)
Nisamsiā
निर्वंशी ୨ । (ସଂ. ନୃଶଂସ)—କ୍ରୂର; ଖଳ; ନିଷ୍ଠୁର—2. Wicked; cruel.
निर्वंश
निसंस (ନିସଂସୀ; ନିସଂସେଇ—ସ୍ତ୍ରୀ)

ନିସଖା—ଦେ. ବିଣ.—(ସଂ. ନିଃସଖ)—ନିରାଶ୍ରୟ; ବନ୍ଧୁହୀନ—Friendless; helpless.
Nisakhā
निसखा,
निराश्रय
ନିସଖା ହୋଇ ପାଣ୍ଡୁସୁତେ ତ ଅଛନ୍ତି,
ସେହାଙ୍କୁ ଦେଖାଇବା ଅମ୍ଭେ ପ୍ରେତପଥ—କୃଷ୍ଣସିଂହ, ମହାଭାରତ ବନ

ନିସଙ୍କୁଡ଼—ଦେ. ବିଣ.—(ସଂ. ନିର୍+ସଂସ୍କୃତ ବା ସଙ୍କର ବା ସଂସ୍କାର)—
Nisankurdi ଯାହା ସଙ୍କୁଡ଼ି ନୁହେଁ; ଯାହା ଜଳ ଓ ଲବଣଦ୍ୱାରା ପକ୍ୱ
ষা সঁকড়ি নয় କରାଯାଇ ନାହିଁ—1. (food) Which has
निखरी not been boiled in water nor seasoned with salt.
(ନିସଙ୍କୁଡ଼ି - ଅନ୍ୟରୂପ)
(ସଙ୍କୁ(ଙ୍ଖୁ)ଡ଼—ବିପରୀତ) ୨ । ଯାହା ଅଇଁଠା ନୁହେଁ—
2. (food) Which has not been previously partaken of by any one.

ଦେ. ବି.—(ଜଳ ପକ୍ୱ ଓ ଲବଣମିଶ୍ରିତ) ଅନ୍ନ ତରକାରି ଆଦି ଛଡ଼ା ଅନ୍ୟାନ୍ୟ (ଘୃତପକ୍ୱ) ମିଷ୍ଟାନ୍ନାଦି—
Sweetmeats and food other than rice and curry boiled in water and seasoned into salt.

[ଦ୍ର—ଯେଉଁ ଖାଦ୍ୟ ଜଳରେ ପକ୍ୱ ହୋଇ ଥାଏ ବା ଯହିଁରେ ଲୁଣ ମିଶା ଯାଇ ପାକ କରା ଯାଇ ଥାଏ ତାହା ସଙ୍କୁଡ଼ି (ଯଥା ଅନ୍ନ; ଭଅଣ; ଉତ୍ତରଭାରତରେ ରୁଟିକୁ ମଧ୍ୟ ସଙ୍ଖୁଡ଼ି କହନ୍ତି) ଓ ଯାହା ଘୃତପକ୍ୱ ହୋଇ ନ ଥାଏ କିମ୍ବା ଜଳ ଓ ଲୁଣରେ ସିଦ୍ଧ ହୋଇ ନ ଥାଏ ତାହା ନିସଙ୍କୁଡ଼ି (ଯଥା ପୁରୀ, ମିଠାଇ) । ଅଇଁଠା ଓ ସଙ୍ଖୁଡ଼ି ପୃଥକ୍ ଅଟେ । ଉଚ୍ଛିଷ୍ଟ ଖାଦ୍ୟ ଦ୍ରବ୍ୟକୁ ଅଇଁଠା ବୋଲାଯାଏ ।]

ନିସତ୍—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ନିଃସତ୍ତ୍ୱ)—ଅଳସୁଆ—
Nisat Idle; lazy.

ନିସତ—ଦେ. ବିଣ.—(ସଂ. ନିଃସତ୍ତ୍ୱ)—୧ । ନିର୍ବଳ; ବଳହୀନ—
Nisata 1. Powerless.

ନୃପ ଯୁଦ୍ଧେ କେବେହେଁ ନୋହୁବ ନିସତ ।
କୃଷ୍ଣସିଂହ. ମହାଭାରତ. ସଭା ।

୨ । ଅସମର୍ଥ—2. Unable.
୩ । ଆଶ୍ରୟହୀନ—3. Helpless.
୪ । ନିରୁପାୟ; ନାଚାର—4. Having no other alternative or expedient.

ବସେ ଏକ ଘାର ଏ ନିସତ ଗାର ତାଙ୍କର କ ସତ ।
ଭକ୍ତ. ବୈଦେହୀଶବିଳାସ ।

୫ । ବିପନ୍ନ—5. In danger; involved in trouble.
୬ । (ସଂ. ନିର୍+ସତ୍ୟ)—ନିମକହାରାମ; ବିଶ୍ୱାସଘାତକ—
6. False to one's salt; perfidious; faithless.

ନିସତିଆ, ନିସତୁଆ, ନିସତ୍ୟ, ନିସତ୍ୟା } ଅନ୍ୟରୂପ
୭ । ମିଥ୍ୟାବାଦୀ—7. Lying.
୮ । ଅସତ୍ୟ; ସତ୍ୟହୀନ—
8. Untrue; false.
অসত
निसत ୯ । ସତ୍ୟ ପାଳନରେ ପରାଙ୍ମୁଖ; ସତ୍ୟ ଲଙ୍ଘନକାରୀ—
9. Untrue to one's words; infringing one's promise.
୧୦ । (ସଂ. ନିଃସତ୍ତ୍ୱ) କ୍ଳାନ୍ତ; ଅବସନ୍ନ—10. Tired.

ସେହୁକାଳେ ଅର୍ଜୁନ ବୋଇଲେ ହେ ଭ୍ରାତ,
ତୁମ୍ଭେ ଯେବେ ଯୁଦ୍ଧରେ ହୋଇଲ ନିସତ । କୃଷ୍ଣସିଂହ ମହାଭାରତ ଅଦି ।

ଦେ. ବି. (ସଂ. ନିଃସତ୍ତ୍ୱ)—୧ । ନାଚାର ଅବସ୍ଥା; ନିରୁପାୟ ଅବସ୍ଥା—1. Helpless condition; a condition in which there is no other alternative.

ନିସତକୁ ଖଣ୍ଡିଅ ସରତା
ପେଟ୍ଟପୋଲ କର ବନ କରିଥା । ଚଗ ।

୨ । ବଳହୀନ ଅବସ୍ଥା—2. Powerless condition.
୩ । ଅସାମର୍ଥ୍ୟ; ଅକ୍ଷମତା; ଶକ୍ତିରାହିତ୍ୟ—
3. Want of strength; inability.

ଶକ୍ତି ସୁଦ୍ଧ କୂଳରେ ତ ହୋଇଅଛ ଜାତ
ଯୁଦ୍ଧ କରିବାକୁ ନାହିଁ ମୋ ନିସତ । କୃଷ୍ଣସିଂହ. ମହାଭାରତ ସଭା ।

୪ । (ସଂ. ନିର୍+ସତ୍ୟ) ଅସତ୍ୟ—
4. Untruth; falsehood.

ଯେବେ ତୁମ୍ଭେ ମାଗିଲ ଜାନକୀ ନେବାକୁ
ତେବେ ଅମ୍ଭେ ଭଜନ୍ତୁଁ ନକ ନିସତକୁ । କୃଷ୍ଣସିଂହ. ମହାଭାରତ ବନ ।

୫ । ପ୍ରତିଜ୍ଞାପାଳନ ନ କରିବା; ପ୍ରତିଜ୍ଞାଲଙ୍ଘନ—
5. Breach of promise.

ତୁ ଯେ ପ୍ରିୟେ ସତ୍ୟ କର ନିସତ ଅଟନ
ମଳିନ ହୋଇଲୁ କୁଳେ କଳଙ୍କ ଦେଇବ । ପ୍ରାଚୀ. ପ୍ରତାପ ଶଶିରେଖା ।

ନିସତୀ—ଦେ ବିଣ. ସ୍ତ୍ରୀ. (ସଂ. ନିଃସତ୍ୟା)—୧ । ମିଥ୍ୟାବାଦିନୀ—
Nisati 1. Lying (woman).
(ନିସତେଇ—ଅନ୍ୟରୂପ) ୨ । ସତ୍ୟ ପାଳନରେ ପରାଂମୁଖୀ—
2. (a woman) Not true to her words.
୩ । ଅସତୀ—3. Unchaste (woman).
ପ୍ରାଦେ. (ସମ୍ବଲପୁର) ବିଣ. ସ୍ତ୍ରୀ—ଅଳସେଇ (ସ୍ତ୍ରୀ)—
Idle (woman).

ନିସତ୍ୱ—ଦେ. ବିଣ. (ସଂ. ନିଃସତ୍ତ୍ୱ)—
Nisatwa ୧ । ସତ୍ତ୍ୱ ବା ସାରହୀନ; ଅସାର—
নিসত্ব 1. Marrowless; unsubstantial.
निसत्व

ଏ କୁଳେ ନାହିଁ ବଳହୀନ, ନିସତ୍ୱ କୃପଣ ଜୀବନ ।
ଜଗନ୍ନାଥ, ଭାଗବତ ।

୨ । (କଟକିଆ) ସଂ. ନିଃସତ୍ତ୍ୱ) ନିଃସତ୍ତ୍ୱବାନ୍ (ଦେଖ)
2. Nihsatwaban (See)

ନିସତ୍ୱବାନ୍—ଦେ. ବିଣ. (କଟକିଆ; ସଂ. ନିଃସତ୍ତ୍ୱ)—
Nisatwaban ଯାହାର କୌଣସି ସମ୍ପତ୍ତିରେ କିଛି ସ୍ୱତ୍ୱ ନଥାଏ—
নিসত্ববান Having no proprietory right over a
निसत्वबान property.
[ଯଥା—ଆଜିଠାରୁ ଏ ବସ୍ତୁ ସମ୍ପତ୍ତିରେ ଅମ୍ଭେ ନିସତ୍ୱବାନ୍ ଓ ବେଦଖଲ୍‌କାଦାର୍ ହେଲୁଁ (କବଲାର ସରେଭ)]

ନିସନ୍ତାନ—ଗ୍ରା. ବିଣ. (ସଂ. ନିଃସନ୍ତାନ)—
Nisantāna ୧ । ଅପୁତ୍ରକ—1. Sonless.
নিসন্তান ୧ । ସନ୍ତାନ ସନ୍ତତିହୀନ—1. Issueless.
निसन्तान

ତପସ୍ୱୀ ହେଉ ନିସନ୍ତାନ, ବହୁବା ଜନ୍ତୁ ବଶ ଗୁଣ ।
ଜଗନ୍ନାଥ, ଭାଗବତ ।

ନିସନ୍ଦେହ—ଗ୍ରା. ବିଣ. (ସଂ. ନିଃସନ୍ଦେହ)—
Nisandeha ନିଃସନ୍ଦେହ (ଦେଖ)
নিসন্দেহ Nihsandeha (See)

ନିସନ୍ଧି—ଦେ. ବଣ. (ସଂ. ନିଃସନ୍ଧି)—
Nisandhi ୧ । ଯହିଁରେ ସନ୍ଧି ବା ବ୍ୟବଧାନ ନ ଥାଏ—
घन 1. Having no interstics.
घना ୨ । ଅଗଣ୍ଠିଆ—2. Jointless; seamless.
୩ । ଘନ; ସାନ୍ଦ୍ର—3. Dense.
୪ । ଯହିଁରେ ଆଦୌ ଛିଦ୍ର ନ ଥାଏ—
4. Poreless; impervious.

ନିସମ୍ପର୍କ—ଗ୍ରା. ବଣ. (ସଂ. ନିଃସମ୍ପର୍କ)—
Nisamparka ନିଃସମ୍ପର୍କ (ଦେଖ)
নিসম্পর্ক Nihsamparka (See)
(ନିସମ୍ପର୍କୀୟ—ଅନ୍ୟରୂପ)

ନିସର୍ଗ—ସଂ. ବି. (ନି=ନିଶ୍ଚୟ+ସୃଜ୍ ଧାତୁ=ସୃଷ୍ଟି କରିବା+ଭାବ. ଅ)—
Nisarga ୧ । ସ୍ୱଭାବ; ପ୍ରକୃତି—1. Nature.
୨ । ସ୍ୱାଭାବିକ ଅବସ୍ଥା—2. Natural condition.
୩ । ସ୍ୱାଭାବିକ ଗୁଣ—3. Natural property.
୪ । ରୂପ—4. Form; shape.
୫ । ସୃଷ୍ଟି—5. Creation.
୬ । ତ୍ୟାଗ—6. Abandonment; relinquishment.
୭ । ବଦଳ; ବଦଳା ବଦଳି—7. Barter; exchange.

ନିସର୍ଗ କୃପାଳୁ—ସଂ. ବଣ. (ନିସର୍ଗ+କୃପାଳୁ)—ସ୍ୱଭାବତଃ ଦୟାଶୀଳ—
Nisarga krupālu Kind by nature.
ବ୍ୟବସ୍ଥ ନିସର୍ଗ କୃପାଳୁ । ବିଦଗ୍ଧ. ବଦେଶ୍ୱରତନ୍ ବ ଶୀଘ ।

ନିସର୍ଗଜ—ସଂ. ବଣ. (ନିସର୍ଗ+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ. ଅ)—
Nisargaja ସ୍ୱଭାବଜାତ; ନୈସର୍ଗିକ—Natural.

ନିସସ୍ତ୍ର(ସ୍ତ୍ର)—ଗ୍ରା. ବଣ. (ସଂ. ନିଃଶସ୍ତ୍ର)—ନିଃଶସ୍ତ୍ର (ଦେଖ)
Nisastra(sra) Nihsastra (See)

ନିସହାୟ—ଗ୍ରା. ବଣ. (ସଂ. ନିଃସହାୟ)—
Nisahāya ନିଃସହାୟ (ଦେଖ)
Nihsahāya (See)

ନିସାଖା—ଦେ. ବଣ—୧ । (ସଂ. ନିଃସହାୟ)—ନିଃସହାୟ; ଅସହାୟ—
Nisākha । Helpless; shelterless.
নিশাখা निसहाय; लाचार ୨ । (ସଂ. ନିଃସଖ)-ବନ୍ଧୁହୀନ—
. Friendless.
୩ । ନିରାଶ୍ରୟ—3. Supportless.
୪ । (ସଂ. ନିଃଶାଖ) ଶାଖାହୀନ (ବୃକ୍ଷ ବା କାଣ୍ଡ)—
4. Branchless (tree or trunk).
୫ । ଉପାୟାନ୍ତରହୀନ—5. Resourceless.

ନିସାସ (ଇତ୍ୟାଦି)—ଗ୍ରା. ବି (ସଂ. ନିଶ୍ୱାସ)—ନିଶ୍ୱାସ ଇତ୍ୟାଦି (ଦେଖ)
Nisāsa (etc) Niswāsa etc (See)
নিসাস निसाँस; निसास

ନିସାହା—ଗ୍ରା. ବଣ (ସଂ. ନିଃସହାୟ)—ନିଃସହାୟ; ଅସହାୟ—
Nisāha Helpless.

ନିସାହାସି—ଦେ. ବଣ (ସଂ. ନିଃସାହସ)—୧ । ସାହସହୀନ; ଅସାହସିକ—
Nisāhāsi 1. Courageless.
নিসাহস (ନିସାହାସିଆ—ଅନ୍ୟରୂପ)
୨ । ଭୟାଳୁ; ଭୀରୁ—
2. Coward, timid.

ନିସାହି—ଦେ. ବଣ. ପୁଂ ଓ ସ୍ତ୍ରୀ (ସଂ. ନିଃସହାୟ)—୧ । ଅସହାୟ—
Nisāhi 1. Helpless.
অসহায় ୨ । (ସଂ. ନିଃସଖ) ବନ୍ଧୁଶୂନ୍ୟ—2. Friendless.
निसहाय

ନିସିବା—ପ୍ରାଦେ (ସମ୍ବଲପୁର) କ୍ରି (ସଂ. ନିଶ୍ ଧାତୁ)—
Nisibā ଶାଣିତକରିବା; ଧାରକରିବା; ପଜେଇବା—
To sharpen; to whet.

ନିସୁଆସ (ଇତ୍ୟାଦି) ଗ୍ରା. ବି (ସଂ. ନିଶ୍ୱାସ)—୧ । ନିଶ୍ୱାସ ଇତ୍ୟାଦି (ଦେଖ)
Nisuāsa (etc) 1. Niswāsa etc (See)
নিসাস ୨ । ବେଦନାଜନିତ ଦୀର୍ଘନିଶ୍ୱାସ—
निसाँस 2. Sigh of pain.
୩ । ଅଭିଶାପ—3. Curse.

ନିସୁନ ରାତି—ଦେ. ବି (ସଂ. ନିଃସ୍ୱନ+ରାତ୍ରି)—
Nisun rāti ନିର୍ଜ୍ଜନ ଅର୍ଦ୍ଧରାତ୍ରି—
নিশুতিরাত सुनसानरात Dead of night.

ନିସୂଦକ—ସଂ. ବଣ. ପୁଂ (ନି+ସୂଦ୍ ଧାତୁ=ବଧକରିବା+କର୍ତ୍ତୃ. ଅକ)—
Nisūdaka (ନିସୂଦକା—ସ୍ତ୍ରୀ) ବଧକାରୀ—Killing.

ନିସୂଦନ—ସଂ. ବି (ନି+ସୂଦ୍ ଧାତୁ=ବଧ କରିବା+ଭାବ. ଅନ)
Nisūdana ବଧ; ମାରଣ—Killing; slaughter.
ସଂ. ବଣ (ନି+ସୂଦ୍ ଧାତୁ+କର୍ତ୍ତୃ. ଅନ)—
ବଧକାରକ; ବଧକାରୀ—Killing, slaying.
(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ—ଯଥା—କଂସନିସୂଦନ ।)

ନିସୃତା—ସଂ. ବି—ତିହୁଡ଼ି (ଦେଖ)
Nisrutā Tihurdi (See)

ନିସୃଷ୍ଟ—ସଂ. ବଣ (ନି+ସୃଜ୍ ଧାତୁ=ସୃଷ୍ଟି କରିବା, ତ୍ୟାଗ କରିବା
Nisrushta +କର୍ମ. ତ)—୧ । ଦତ୍ତ; ଅର୍ପିତ—
1. Bestowed; given.
୨ । ନ୍ୟସ୍ତ—2. Deposited; entrusted.
୩ । ସମର୍ପିତ—3. Delivered.
୪ । ପ୍ରେରିତ—4. Sent; commissioned.
୫ । ମଧ୍ୟସ୍ଥ—5. Standing between; intermediate; acting as an intermediary.
୬ । ତ୍ୟକ୍ତ—6. Abandoned.

ନିସୃଷ୍ଟାର୍ଥ—ସଂ. ବି ପୁଂ—(ବହୁବ୍ରୀହି; ନିସୃଷ୍ଟ=ପ୍ରେରିତ ହୋଇଅଛି;
Nisrushtārtha ଅର୍ଥ=ଅଭିପ୍ରାୟ ଯାହାଦ୍ୱାରା)—୧ । ଉତ୍ତମଦୂତ; ଯେଉଁ ଦୂତ ପ୍ରେରକ ଓ ଯାହାଙ୍କ ନିକଟକୁ ପ୍ରେରିତ ହୋଇ ଅଛି, ଏହି ଉଭୟଙ୍କ ଅଭିପ୍ରାୟ ବୁଝି ସ୍ୱୟଂ ଉତ୍ତର ଦାନରେ ସମର୍ଥ—1. Ambassador; envoy; a messenger who is able to answer all questions put to him, by understanding the intention of both parties.

୨ । ମେନେଜର; କର୍ମାଧ୍ୟକ୍ଷ; ଧନର ଆୟବ୍ୟୟ, କୃଷି ଓ ବାଣିଜ୍ୟାଦି ବିଷୟ ତଦାରଖିବା କର୍ମଚାରୀ—2. Manager.
୩ । ଧୀର; ସ୍ଥିରମତି, ଶୂର ଓ ସ୍ୱାମିକାର୍ଯ୍ୟରେ ଆୟୁକ୍ତ ଓ ସ୍ୱପୌରୁଷପ୍ରକାଶୀ ଭୃତ୍ୟ ବା ଏଜେଣ୍ଟ—3. A servant who is calm, steady, brave and loyal to his employer; a very able agent.

ନିସୋର—ଦେ. ବିଣ—(ସଂ. ନିଃସ୍ୱର)—ନିଃଶବ୍ଦ—
Nisora Calm and quiet.
निशूती ଅଧରାତ ବେଳେ ଗ୍ରାମ ନିସୋର ହେବାରେ ସେମାନଙ୍କୁ ଡାକଅଣି ପୂଜାକଲ—
सुनसान ଫକୀରମୋହନ ଛମାଣ ଅଠଗୁଣ୍ଠ ।

ନିଷ୍କିଞ୍ଚନ—ଦେ. ବିଣ—(ସଂ. ନିଷ୍କିଞ୍ଚନ) ନିର୍ଲିପ୍ତ—
Niskiñchana Indifferent.
ନିଷ୍କିଞ୍ଚନ ଯେ ଅଗ୍ରାଶ୍ରମ
ଏମନ୍ତ ସେହି ମୁନି ଜନ
ମୋକ୍ଷ ନିମନ୍ତେ ସେହି ଧର୍ମୀ
କରନ୍ତି ନିତ୍ୟେ ଉପାସନ । ଜଗନ୍ନାଥ, ଭାଗବତ ।

ନିସ୍ତନିତ—ଦେ. ବିଣ (ନିର୍+ସ୍ତନିତ)—ମେଘଗର୍ଜନରହିତ—
Nistanita Having no roar of cloud.
ହୋଇ ତୁମ୍ଭେ ନିସ୍ତନିତ ନ କରି ସମ୍ପାତ ପଥ ନ ଦେଖାଇ ନିଷ୍ପନ୍ଦିତ ସ୍ୱତଃ—
ଉଷ୍ଣ, ମେଘଦୂତାନୁବାଦ ।

ନିସ୍ତନୀ—ସଂ. ବିଣ. ସ୍ତ୍ରୀ—(ବହୁବ୍ରୀହି; ନିର୍+ସ୍ତନ+ଈ)—
Nistanī ସ୍ତନହୀନା—(Woman) Having no breasts.
ସଂ. ବି—ବଟିକା—Pill.

ନିସ୍ତନ୍ତୁ—ସଂ. ବିଣ—ନିଃସନ୍ତାନ (ହି. ଶବ୍ଦସାଗର)—
Nistantu Issueless.

ନିସ୍ତନ୍ଦ୍ର—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ତନ୍ଦ୍ରା)—
Nistandra ୧ । ଅତନ୍ଦ୍ରିତ; ଅନିଦ୍ର—1. Sleepless.
(ନିସ୍ତନ୍ଦ୍ରା—ସ୍ତ୍ରୀ) ୨ । ଅନଳସ—2. Vigilant; diligent.
(ନିସ୍ତନ୍ଦ୍ରତା—ବି) ୩ । ବଳବାନ (ହି. ଶ.)—3. Strong.

ନିସ୍ତନ୍ଦ୍ରି—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ତନ୍ଦ୍ରି=ଆଳସ୍ୟ)—
Nistandri ନିସ୍ତନ୍ଦ୍ର (ଦେଖ)—Nistandra (See).

ନିସ୍ତବ୍ଧ—ସଂ. ବିଣ. (ନି+ସ୍ତନ୍‌ଭ ଧାତୁ=ସ୍ଥିର ହେବା+କର୍ତ୍ତୃ. ତ)—
Nistabdha ୧ । ନିଷ୍ପନ୍ଦ; ନିଶ୍ଚଳ—
(ନିସ୍ତବ୍ଧତା—ବି) 1. Motionless; still; fixed.
୨ । ଜଡ଼ବତ୍; ଚଳତ୍‌ଶକ୍ତି ରହିତ—
2. Paralysed; numbed.
୩ । ନୀରବ; ନିଃଶବ୍ଦ—3. Silent; still.
୪ । ସ୍ତମ୍ଭିତ—4. Benumbed; stopped.
୫ । ଗଣ୍ଠି ଗଣ୍ଠି ହୋଇଯିବା—5. Stiffened.

ନିସ୍ତରଙ୍ଗ—ସଂ. ବିଣ (ବହୁବ୍ରୀହି; ନିର୍+ତରଙ୍ଗ)—ତରଙ୍ଗହୀନ—
Nistaranga Waveless.
(ନିସ୍ତରଙ୍ଗା—ସ୍ତ୍ରୀ) ନିସ୍ତରଙ୍ଗ ହୃଦୟର ଗମ୍ଭୀର ମୂରତ 'କାମଦେବ'—
ରାଧାନାଥ, ମହାଯାତ୍ରା ।

ନିସ୍ତରଣ—ସଂ. ବି.—(ନିର୍+ତୃ ଧାତୁ= ପାର ହେବା+ଭାବ. ଅନ)—
Nistaraṇa ୧ । ପାର ହେବା; ଉତ୍ତରିବା—1. Crossing.
୨ । ଉଦ୍ଧାର—2. Deliverance; rescue.
୩ । ମୁକ୍ତି—3. Liberation; salvation.
୪ । ନିର୍ଗମନ—4. Outlet.
୫ । ସିଦ୍ଧି—5. Success.
୬ । ରକ୍ଷା—6. Preservation.
୭ । (ନିର୍+ତୃ ଧାତୁ=ପାର ହେବା+କରଣ. ଅନ)—
କାର୍ଯ୍ୟ ସିଦ୍ଧିର ଉପାୟ—7. Expedient; means for attaining the end.

ନିସ୍ତରିବା—ଦେ. କ୍ରି.—(ନିର୍+ତୃ ଧାତୁ)—୧ । ପାର ହେବା—
Nistariba 1. To cross over.
निस्तरा ଏ କଥା ଏକମନେ ଶୁଣି, ନିସ୍ତର ଦୁଃଖ ତରଙ୍ଗିଣୀ ।
निस्तरना ଜଗନ୍ନାଥ, ଭାଗବତ ।
୨ । ଉଦ୍ଧାର ପାଇବା—2. To be delivered.
୩ । ମୁକ୍ତି ପାଇବା—3. To be liberated.
୪ । ମୋକ୍ଷଗତି ପ୍ରାପ୍ତ ହେବା—
4. To attain salvation.
କି କରିବି କାହିଁ ଯିବି, କେମନ୍ତେ ହେ ନିସ୍ତରିବି ।
ମଧୁସୂଦନ, ସଙ୍ଗୀତମାଳା ।

ନିସ୍ତଳ—ସଂ. ବିଣ.—(ବହୁବ୍ରୀହି; ନିର୍+ତଳ)—୧ । ଅତଳ; ତଳଶୂନ୍ୟ
Nistaḷa ସୁଗଭୀର—1. Bottomless; very deep.
୨ । ନିମ୍ନ—2. Low.
୩ । ବର୍ତ୍ତୁଳ; ଗୋଲାକାର—3. Round; spherical.
୪ । ଚଞ୍ଚଳ—4. Moving quickly; fickle.
୫ । କମ୍ପମାନ—5. Trembling.

ନିସ୍ତଳୀ—ସଂ. ବି. ସ୍ତ୍ରୀ.—(ନିସ୍ତଳ+ସ୍ତ୍ରୀ. ଈ)—ବଟିକା—
Nistaḷī Pill.

ନିସ୍ତାଇବା—ପ୍ରାଦେ. (ସମ୍ବଲପୁର) କ୍ରି—(ସଂ. ନିସ୍ତେଜାଃ)—ନିସ୍ତେଜ
Nistāiba ହେବା—To grow or become dull.

ନିସ୍ତାର—ସଂ. ବିଣ.—(ନିର୍+ତୃ ଧାତୁ=ପାର ହେବା+ଭାବ. ଅ)—
Nistāra ୧ । ପାର ହେବା—1. Crossing; passing over.
୨ । ଉଦ୍ଧାର; ତ୍ରାଣ—2. Salvation; deliverance.
୩ । ସମୁଦ୍ର ପାର ହେବା—
3. Crossing the sea.
୪ । ମୁକ୍ତି—4. Liberation; emancipiation.
୫ । ଅବ୍ୟାହତି—5. Release; escape.
୬ । ନିର୍ଗମନ—6 Issuing forth.
୭ । କାର୍ଯ୍ୟ ସିଦ୍ଧି—7. Accomplishment; success.
୮ । ରକ୍ଷା—8. Preservation.
୯ । ମୋକ୍ଷ; ପରିତ୍ରାଣ—9. Salvation.
୧୦ । ଉପାୟ—10. Means; expedient.

୧୧ । ଦେଣା ପରିଶୋଧ—
11. Liquidation; repayment of debt.
ଦେ. ବିଣ.—ମୁକ୍ତ—Delivered.
ଏଥି ମହତ କଳ ଭୁମ୍ଭେ, ବେଗି ନିସ୍ତାର ହେଲୁ ଅମ୍ଭେ ।
ପ୍ରାଚୀ. ନର୍ମଦା ମାହାତ୍ମ୍ୟ ।
ପ୍ରାଦେ. (ସମ୍ବଲପୁର) ବି.—ଗୁଡ ବା କୋଠିଅଳୁ ଧାନଜମି ହେବା ପରିବର୍ତ୍ତରେ ବର୍ଷ ଶେଷରେ ଦିଆଯିବା ଧାନର ବର୍ତ୍ତନ—Allowance of paddy given to a labourer at the end of the year instead of service-holding.

ନିସ୍ତାରକ—ସଂ. ବିଣ. ପୁଂ—(ନିର୍+ତୃ ଧାତୁ+କର୍ତ୍ତୃ. ଅକ)—
Nistāraka ୧ । ତ୍ରାଣକର୍ତ୍ତା—1. Delivering.
(ନିସ୍ତାରିକା—ସ୍ତ୍ରୀ) ୨ । ରକ୍ଷାକର୍ତ୍ତା—2. Preserving.
ସଂ. ବି.—୧ । ତ୍ରାଣକାରୀ ବ୍ୟକ୍ତି—1. Savior.
୨ । ରକ୍ଷାକାରୀ ବ୍ୟକ୍ତି—2. Preserver.

ନିସ୍ତାର କରିବା—ଦେ. କ୍ରି.—ମୁକ୍ତ କରିବା; ଉଦ୍ଧାର କରିବା—
Nistārakaribā To liberate; to deliver.
(ନିସ୍ତାରିବା—ଅନ୍ୟରୂପ)
निस्तार करा निस्तारना; निस्तार करना

ନିସ୍ତାରଗତି ପାଇବା—ଦେ. କ୍ରି.—ଗତି ମୁକ୍ତି ପାଇବା—
Nistāragati pāibā To be delivered; to attain salvation.
নিস্তারগতি পাওয়া निस्तारगति पाना
ସେ ବନ୍ଧୁ ଚର୍ଚ୍ଚିଲେ ସେ ନିସ୍ତାର ଗତି ପାଇଁ ।
ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ନିସ୍ତାରଣ—ସଂ. ବି.—(ନିର୍+ତୃ ଧାତୁ ଣିଚ=ପାର କରିବା+ଭାବ. ଅନ)—୧ । ଉଦ୍ଧାରକରଣ—
Nistāraṇa
1. Delivering; rescuing.
୨ । ଖଲାସ କରିବା—2. Acquitting.
୩ । ରକ୍ଷାକରଣ—3. Preserving.

ନିସ୍ତାର ପର୍ବ—ଦେ. ବି. (ବାଇବଲ ଓଡ଼ିଆ ଅନୁବାଦରେ ବ୍ୟବହୃତ)—
Nistāra parba ଇହୁଦୀମାନଙ୍କର ପର୍ବବିଶେଷ—The feast of Pass over amongst the Jews.
निस्तार पर्व

ନିସ୍ତାର ପାଇବା—ଦେ. କ୍ରି.—୧ । ଉଧୁରିବା; ନିସ୍ତରିବା—
Nistāra pāibā 2. To be released.
নিস্তারপাওয়া ୨ । ଅବ୍ୟାହତି ଲାଭ କରିବା—
निस्तारपाना 2. To be relieved.

ନିସ୍ତାରିବା—ଦେ. କ୍ରି.—(ସଂ. ନିସ୍ତାରଣ) ନିସ୍ତାର କରିବା; ଉଦ୍ଧାର କରିବା; ରକ୍ଷା କରିବା; ମୁକ୍ତ କରିବା—
Nistāribā To deliver; to save; to liberate.
নিস্তারা ବଢ଼ଟି ନିସ୍ତାରିଲ ସାଧୁ ସଜ୍ଜନ ।
निस्तारना ରାଧାନାଥ—ମେଘଦୂତ

ନିସ୍ତାରୀ—ସଂ. ବିଣ. ପୁଂ. (ନିର୍+ତୃ ଧାତୁ ଣିଚ୍+କର୍ତ୍ତୃ.ଇନ୍; ୧ମା. ୧ବ; ଅନ୍ୟ ଶବ୍ଦ ସହିତ ବ୍ୟବହୃତ)—ଉଦ୍ଧାରକାରୀ—
Nistārī
(ନିସ୍ତାରିଣୀ—ସ୍ତ୍ରୀ) Delivering; saving.
ଜୟ ଉଦ୍ଧବଜନ ପାତକ ନିସ୍ତାରୀ । କୃଷ୍ଣସିଂହ—ମହାଭାରତ—ବନ ।

ନିସ୍ତି—ଦେ. ବି.—ନିଷ୍ଠିକାନ୍ତା (ଦେଖ)
Nisti Nishṭikāntā (see)

ନିସ୍ତିଅ—ପ୍ରାଦେ (ସମ୍ବଲପୁର) ବିଣ—ନିସତ୍ (ଦେଖ)
Nistiā Nisat (See)

ନିସ୍ତିମିର—ସଂ. ବିଣ.—(ବହୁବ୍ରୀହି; ନିର୍+ତିମିର)—ଅନ୍ଧକାରଶୂନ୍ୟ—
Nistimira Free from darkness.

ନିସ୍ତୀର୍ଣ୍ଣ—ସଂ. ବିଣ.—(ନିର୍+ତୃ ଧାତୁ+କର୍ତ୍ତୃ. ତ)—
Nistirṇṇa ୧ । ପାରହୋଇ ଯାଇଥିବା—1. Crossed over.
୨ । ମୁକ୍ତ; ଉଦ୍ଧାର ପାଇଥିବା—
2. Delivered; liberated.
୩ । ରକ୍ଷା ପାଇଥିବା—3. Saved; rescued.

ନିସ୍ତୁକ—ଦେ. ବିଣ.—ନିର୍ଧୁମ; ଅତ୍ୟଧିକ—
Nistuka (ନିସ୍ତୋକ—ଅନ୍ୟରୂପ) Excessive; severe.
খুব, বিলক্ষণ अच्छा, खूब (ଯଥା—ମୁଁ ତାକୁ ନିସ୍ତୁକ ଠାକେ ଛେଚିଲି)

ନିସ୍ତୁକ ମାଡ଼—ଦେ. ବିଣ.—ଗୋଟଗୋଟବାଡ଼ଅ; ଖୁବ୍ ପ୍ରହାର—
Nistuka mārḍa A shower of blows.
গোবাড্ডান [ଦ୍ର—ଏହିପରି ନିସ୍ତୁକ ଛେଚ୍; ନିସ୍ତୁକପିଠା; ନିସ୍ତୁକ
बेहदमार ପାହାର ଅବ ହୁଏ ।]

ନିସ୍ତୁଷ—ସଂ. ବିଣ. (ବହୁବ୍ରୀହି; ନିର୍+ତୁଷ)—୧ । ତୁଷ ମୁକ୍ତ—
Nistusha 1. Freed from chaff.
୨ । ପାଛୁଡ଼ା ହୋଇ ଅଗାଡ଼ୁ ସଫା ହୋଇଥିବା—
2. Husked; cleansed.
୩ । ନିର୍ମଳ—3. Clean; cleansed.

ନିସ୍ତୁଷିତ—ସଂ. ବିଣ. (ନିର୍+ତୁଷ୍ ଧାତୁ+କର୍ମ ତ)—ନିସ୍ତୁଷ (ଦେଖ)
Nistushita Nistusha (See)

ନିସ୍ତେଜ—ଦେ. ବିଣ.—(ସଂ. ନିସ୍ତେଜାଃ)—୧ । ତେଜୋହୀନ; ଅପ୍ରଭ—
Nisteja 1. Lustreless.
নিস্তেজ ୨ । ଦୁର୍ବଳ—2. Feeble; weak.
निस्तेज ୩ । ସ୍ଫୁର୍ତ୍ତିହୀନ—3. Without vigour.
୪ । ପ୍ରଭାବଶୂନ୍ୟ—4. Spiritless.
୫ । ନିର୍ବୀର୍ଯ୍ୟ—5. Impotent.
୬ । ଅତୀକ୍ଷ୍ଣ; ମୁଣ୍ଡା—6. Blunt.
୭ । ଅନୁଜ୍ଜ୍ୱଳ—7. Gloomy; not bright.

ନିସ୍ତେଜାଃ—ସଂ. ବିଣ. (ବହୁବ୍ରୀହି; ନିର୍+ତେଜସ୍) ୧ । ତେଜୋହୀନ—
Nistejāh 1 Vigourless; destitute of energy.
୨ । ପ୍ରଭାବଶୂନ୍ୟ—2 Spiritless.
୩ । ଦୀପ୍ତିଶୂନ୍ୟ—3. Lustreless; devoid of lustre.
୪ । ଭୀରୁ—4. Coward.
୫ । ଅବସନ୍ନ—5. Pulled down; dull.
୬ । ଦୁର୍ବଳ—6. Weak.

ନିସ୍ତ୍ରପ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍+ତ୍ରପା=ଲଜ୍ଜା)—ନିର୍ଲଜ୍ଜ; ଅଲାଜୁକ—Shameless; immodest.
Nistrapa
(ନିସ୍ତ୍ରପା—ସ୍ତ୍ରୀ, ନିସ୍ତ୍ରପତା—ବି)

ନିସ୍ତ୍ରିଂଶ—ସଂ. ବି.—(ନିର୍ + ତ୍ରିଂଶତ୍ + ଅ.)—୩୦ ଅଙ୍ଗୁଳିରୁ ଅଧିକ ଲମ୍ବ ଖଡ୍ଗ; ଖଡ୍ଗ—A sword measuring more than 30 digits; scimitar.
Nistriṁśa
ସଂ. ବିଣ.—ନିର୍ଦ୍ଦୟ (ହି. ଶ.)—Unkind.

ନିସ୍ତ୍ରିଂଶତ୍—ସଂ. ବିଣ.—(ନିର୍ + ତ୍ରିଂଶତ୍)—୧ । ନିର୍ଦ୍ଦୟ—1. Merciless.
Nistriṁśat
୨ । ନିଷ୍ଠୁର—2. Cruel.

ନିସ୍ତ୍ରିଂଶ ପତ୍ରିକା—ସଂ. ବି. (ବୈଦ୍ୟକ)—ପତ୍ରସିଜ୍ଜୁ ଗଛ; ସ୍ନୁହୀ ବୃକ୍ଷ—Euphorbia Ligularia.
Nistriṁśa patrikā

ନିସ୍ତ୍ରୈଗୁଣ୍ୟ—ସଂ. ବିଣ. (ବହୁବ୍ରୀହି, ନିର୍ + ତ୍ରୈଗୁଣ୍ୟ=ଗୁଣତ୍ରୟ)—
Nistraiguṇya ସତ୍ତ୍ୱ; ରଜଃ ଓ ତମଃ ଏହି ଗୁଣତ୍ରୟର ଅତୀତ—Above or beyond the three primodial attributes of matter.

ନିସ୍ନେହ—ସଂ. ବିଣ. (ବହୁବ୍ରୀହି; ନିର୍ + ସ୍ନେହ)—
Nisneha ୧ । ଯାହା ତେଲିଆ ବା ଚିକ୍କଣ ନୁହେଁ—1. Not unctuous; not oily.
୨ । ସ୍ନେହ ବା ଅନୁରାଗହୀନ—2 Unkind; unfeeling
(ନିଃସ୍ନେହ—ଅନ୍ୟରୂପ) ୩ । ଯାହାକୁ ସ୍ନେହ କରାଯାଏ ନାହିଁ—3. Not loved.

ନିସ୍ପନ୍ଦ—ସଂ. ବିଣ. (ନି + ସ୍ପନ୍ଦ୍ ଧାତୁ=ଈଷତ୍ କମ୍ପିତ ହେବା + କର୍ତ୍ତୃ. ଅ)—୧ । ସ୍ପନ୍ଦନ ବା କମ୍ପନରହିତ; ନିଷ୍କମ୍ପ—1 Motionless, without vibration.
Nispanda
ନିଃସ୍ପନ୍ଦ } ଅନ୍ୟରୂପ
ନିସ୍ସ୍ପନ୍ଦ }
୨ । ସ୍ଥିର—2. Calm; still.
ସଂ. ବି—ସ୍ପନ୍ଦନ—Vibration; fluttering.

ନିସ୍ପୃହ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍ + ସ୍ପୃହା=ବାଞ୍ଛା)—
Nispṛuha ୧ । ନିଷ୍କାମ—1. Having no desire.
(ନିଃସ୍ପୃହ—ଅନ୍ୟରୂପ) ୨ । ସ୍ପୃହାହୀନ—2. Free from hankering.
(ନିସ୍ପୃହା—ସ୍ତ୍ରୀ)
(ନିସ୍ପୃହତା—ବି) ୩ । ନିର୍ଲୋଭ—3. Free from covetuousness or avarice.

ନିସ୍ପୃହା—ସଂ. ବି. (ନିର୍ + ସ୍ପୃହା)—୧ । ସ୍ପୃହାର ଅଭାବ—1. Want of hankering.
Nispṛuhā
(ନିଃସ୍ପୃହା—ଅନ୍ୟରୂପ) ୨ । ତସି; ପେଶୁ 2. Linseed.
ସଂ. ବିଣ. ସ୍ତ୍ରୀ. (ନିସ୍ପୃହ + ସ୍ତ୍ରୀ. ଆ)—ନିସ୍ପୃହର ସ୍ତ୍ରୀଲିଙ୍ଗ—Feminine of Nispṛuha.

ନିସ୍ପୃହୀ—ଦେ. ବିଣ. (ସଂ. ନିସ୍ପୃହ)—ସ୍ପୃହାହୀନ—Free from desire.
Nispṛuhī
(ନିସ୍ପୃହୀ—ଅନ୍ୟରୂପ) ଉଦ୍ଧବମାନଙ୍କର ଅର୍ଥେ ନିସ୍ପୃହୀ । ପରବେଟୀକା ।

ନିସ୍ୱ—ସଂ. ବିଣ. ପୁଂ. (ବହୁବ୍ରୀହି; ନିର=ସ୍ୱ=ଧନ)—
Niswa ଧନହୀନ; ଗରିବ; ନିର୍ଦ୍ଧନ—Penniless; destitute; poor.
(ନିସ୍ୱା—ସ୍ତ୍ରୀ)

ନିସ୍ୱନ—ସଂ. ବି. (ନି + ସ୍ୱନ୍ ଧାତୁ=ଶବ୍ଦ କରିବା + ଭାବ. ଅ)—
Niswana ୧ । ଧ୍ୱନି; ଶବ୍ଦ—1. Sound; noise.
(ନିସ୍ୱାନ ଅନ୍ୟରୂପ) ୨ । ଉଚ୍ଚ ଶବ୍ଦ—2. Loud sound.
୩ । ନାଦ; ଗର୍ଜ୍ଜନ—3. Bellow; roar.
୪ । ନିଃଶବ୍ଦତା—4. Silence

ନିସ୍ୱନିତ—ସଂ. ବିଣ. (ନି + ସ୍ୱନିତ)—୧ । ଶବ୍ଦିତ—1. Sounded.
Niswanita
୨ । ସ୍ୱରିତ—2. Accented.
୩ । ଉଚ୍ଚାରିତ—3 Articulated; uttered.

ନିସ୍ୟନ୍ଦ—ସଂ. ବି—ନିଷ୍ୟନ୍ଦ (ଦେଖ)—
Nisyanda Nishyanda (See)
ଦେ. ବି—ନିଷ୍ୟନ୍ଦିତ; କ୍ଷରିତ—Flowing down.
ଏ ସଂସାର ପଣ୍ଡିତ ଜନଙ୍କେ ଅନନ୍ତ
କ୍ଷରିତ ଜଳ ତୁଚ୍ଛ ଗିରିରୁ ନିସ୍ୟନ୍ଦ । କୃଷ୍ଣସିଂହ. ମହାଭାରତ ବନ ।

ନିସ୍ରବ—ସଂ ବି. (ନି + ସ୍ରୁ ଧାତୁ=ଗଳିତ ହେବା + କର୍ମ ଅ)—
Nisraba ୧ । ଭାତର ପେଜ—1. Rice gruel.
(ନିସ୍ରାବ—ଅନ୍ୟରୂପ) ୨ । (ନି + ସ୍ରୁ ଧାତୁ=ଗଳିତ ହେବା + ଭାବ. ଅ)—ତଳକୁ ବୋହିଯିବା—2. Flowing down.
୩ । ସ୍ରାବ; କ୍ଷରଣ—3. Oozing out; trickling.
୪ । ନିର୍ଗମନ—4. Issuing forth.

ନିସ୍ସଙ୍କୋଚ—ସଂ. ବିଣ—ନିଃସଙ୍କୋଚ (ଦେଖ)
Nissaṅkocha Niḥsaṅkocha (See)

ନିସ୍ସନ୍ତାନ—ସଂ. ବିଣ—ନିଃସନ୍ତାନ (ଦେଖ)
Nissantāna Niḥsantana (See)
[ଦ୍ର—ଏହିପରି ନିସ୍ସଙ୍ଗ, ନିସ୍ସରଣ, ନିସ୍ସାର, ନିସ୍ସାରିତ, ନିସ୍ସୀମ, ନିସ୍ସୃତ, ନିସ୍ସ୍ୱାଦୁ, ନିସ୍ସ୍ୱାର୍ଥ ଶବ୍ଦମାନ ହୁଏ ।]

ନିହଙ୍ଗ(ଙ୍ଗୀ)—ଦେ. ବି. (ସଂ. ନିଃସଙ୍ଗ)—
Nihaṅga(ṅgī) ବୈଷ୍ଣବମାନଙ୍କ ସମ୍ପ୍ରଦାୟବିଶେଷ—A class of Baishṇabas who do not marry; celibate anchorites.
चिरकुमार
निहंग
[ଦ୍ର—ଏମାନେ ବିବାହ କରନ୍ତି ନାହିଁ ।]
ଦେ. ବିଣ—ଯାବଜ୍ଜୀବନ ଅବିବାହିତ (ବୈଷ୍ଣବ); ଚିରକୁମାର—Celibate; observing celibacy.

ନିହଙ୍ଗ(ଙ୍ଗୀ) ମଠ—ଦେ. ବି—ଯେଉଁ ମଠର ବାବାଜି ଓ ମହନ୍ତମାନେ ଚିରକୁମାର ବ୍ରତଧାରଣ କରନ୍ତି—A Maṭha where the Mahants observe celibacy.
Nihaṅga(ṅgī) maṭha
ब्रह्मचारीमठ
निहंगमठ

ନିହଣ—ଦେ. ବି. (ସଂ. ଲୌହ ଭମ୍ବା ନିଖନିତ୍ରୀ)—ବଢ଼େଇମାନଙ୍କର ଚଉଡ଼ା ଦାନ୍ତ ଥିବା ବେଧନାସ୍ତ୍ର (ଏଥିରେ କାଠର ବେଣ୍ଟ ନ ଥାଏ); ଲୁହାର ବଟାଳି—Iron chisel.
Nihaṇa

निहानी; नीन; निग्रानि ପ୍ରାଦେ. (ଗଞ୍ଜାମ) ବି—କଡରା; ଧାନଗଛଧାନ ଗଛକୁ ମୂଳରୁ ଦାଆରେ କାଟି ସେଥିରୁ ନଡ଼ା ଅଂଶ କଟା ନ ଯିବା ପୂର୍ବରୁ କିଆରରେ ଶ୍ରେଣୀବଦ୍ଧ ଭାବରେ ମେଲିଆ ହୋଇ ରଖାଯାଇ ଥିବା ଅବସ୍ଥା—The state of the paddy plants being spread in rows in the field immediately.
निहानी

after they are reaped and before the lower portions are cut out from them for straw.

ନିହତ—ସଂ. ବିଣ. ପୁଂ. (ନି=ନିଶ୍ଚୟ+ହନ୍ ଧାତୁ=ବଧ କରିବା+କର୍ମ. ତ)—୧ । ବିନାଶିତ; ହତ—1. Killed; slain.
Nihata
(ନିହତା—ସ୍ତ୍ରୀ) ୨ । ଆହତ; ଆଘାତପ୍ରାପ୍ତ—2. Smitten; struck.
୩ । ନଷ୍ଟ—3 Spoiled; destroyed.
୪ । ଫିଙ୍ଗା ଯାଇଥିବା (ହ୍ରି. ଶ)—4. Thrown away.

ନିହନନ—ସଂ. ବି. (ନି+ହନ୍ ଧାତୁ=ବଧ କରିବା+ଭାବ. ଅନ)—
Nihanana ହତ୍ୟା; ବଧ—Killing; slaying.

ନିହନ୍ତା—ସଂ. ବିଣ. ପୁଂ (ନି+ହନ୍ ଧାତୁ=ବଧ କରିବା+କର୍ତ୍ତୃ. ତୃ=
Nihantā ନିହନ୍ତୃ, ୧ମା. ୧ବ)—ଘାତକ; ହନନକାରୀ; ବିନାଶକ—
(ନିହନ୍ତ୍ରୀ—ସ୍ତ୍ରୀ) Killing; destroying; slaughtering.

ଦୁଷ୍ଟମାନଙ୍କର ଅଟନ୍ତି ସେ ନିହନ୍ତା । କୃଷ୍ଣସିଂହ. ମହାଭାରତ ଉଦ୍ଯୋଗ ।

ନିହନ୍ୟମାନ—ସଂ. ବିଣ. ପୁଂ. (ନି+ହନ୍ ଧାତୁ=ବଧ କରିବା+କର୍ମ.
Nihanyamāna ଅନ)—ଯାହାକୁ ବଧ କରାଯାଉ ଅଛି—
(ନିହନ୍ୟମାନା—ସ୍ତ୍ରୀ) Being killed.

ନିହାଇ—ଦେ. ବି. (ସଂ. ନିହାନୀ, ନିଘାତ; ଭୂଲ. ଫା. ନିହାଲୀ)—
Nihāi ନେହାଇ; ନେହି; ଲେହି; ଯେଉଁ ଲୌହ ମୁଣ୍ଡା ଉପରେ ତାତିଲା ଲୁହା, ସୁନା, ରୂପାଆଦିକୁ ରଖି କମାର ଓ ବଣିଆମାନେ ହାତୁଡ଼ିରେ ପିଟନ୍ତି—Anvil.

ନିହାଇତ(ତି)—ବୈଦେ. ଅ. (ଆ. ନିହାଯତ୍)—ନିହାତି (ଦେଖ)
Nihait(ti) Nihāti (See)
नेहात; नेहाईत
निहायत

ଶୁଣିବା କଥା ବା ଅନୁମାନ କଥା ପ୍ରମାଣରୂପେ
ଗ୍ରହଣ କରିବାକୁ ଆମ୍ଭେମାନେ ନିହାଇତ ନାରାଜ ।
ଫକୀରମୋହନ. ଭ୍ରମଣଆଠଗୁଣ୍ଡି ।

(ନିହାଏତ୍, ନିହାଏତ ନ୍ୟାହାତ, ନ୍ୟାହିତ; ନିହେଇତ—ଅନ୍ୟରୂପ)

ନିହାକା—ସଂ. ବି. (ନି+ହା ଧାତୁ=ପରିତ୍ୟାଗ କରିବା+କର୍ତ୍ତୃ. ଅକ
Nihākā +ଆ; ଯେ କେତେବେଳେ ଜଳଭାଗ କେତେବେଳେ ସ୍ଥଳଭାଗ ପରିତ୍ୟାଗ କରେ)—ଉଭୟଚର ଜନ୍ତୁ ବିଶେଷ; ଗୋଧିସାପ—An iguana.

ନିହାଜ—ଦେ· ବି—ନିଆଜ (ଦେଖ)
Nihāja Niāja (See)

ନିହାଣ(ଣୀ)—ଦେ ବି—ନିହଣ (ଦେଖ)
Nihāṇa(ṇi) Nihaṇa (See)

ନିହାତି—ବୈଦେ. ଅ. (ଆ. ନିହାଯତ୍=ଆଧିକ୍ୟ)—
Nihāti ୧ । ଅତ୍ୟନ୍ତ; ଅତ୍ୟଧିକ—1. Excessive.
नेहात, निहायत ୨ । ଅତି; ନିତାନ୍ତ—
निहायत 2. Very; very much; extremely; excessively.

ଗୁରୁଙ୍କୁ ଗରଦ୍ଦୀ ଅସ୍ତ୍ର ନିହାତି ମୂର୍ଖ ।
ଫକୀରମୋହନ. ଭ୍ରମଣଆଠଗୁଣ୍ଡି ।

୩ । ପରିଶେଷରେ—3. At last; finally.
୪ । ନିଶ୍ଚିତ ଭାବରେ—4. Certainly.
୫ । ନିତାନ୍ତ ପକ୍ଷରେ—5. At all.

ଦେ. ବିଣ.—୧ । ନଗଣ୍ୟ—1. Insignificant.
୨ । ଅଯୋଗ୍ୟ—2. Unfit.
୩ । ଯଥେଷ୍ଟରୁ ଅଧିକ; ଅତ୍ୟଧିକ—
3. Excessive; too much; very much.

ନିହାଣି—ସଂ. ବି.—୧ । କର୍ଣ୍ଣାଭ୍ୟନ୍ତରସ୍ଥ ଅସ୍ଥିବିଶେଷ—
Nihāni 1. The incus; the largest and the strongest of the bones of the ear in the tympanum (shaped like the anvil)
୨ । ନିହାଇ—2. Anvil.

ନିହାର—ସଂ. ବି. (ନି+ହୃ ଧାତୁ+କର୍ତ୍ତୃ. ଅ)—୧ । କାକର—
Nihara 1. Dew.
(ନୀହାର—ଅନ୍ୟରୂପ) ୨ । ତୁଷାର; ବରଫ—2. Snow; ice.
୩ । କୁହୁଡ଼ି (ହ୍ରି. ଶ.)—Fog.

ଯେରୂପେ ନିହାରେ ଆବୃତ ହୋଏ ସୂର୍ଯ୍ୟ,
ସେ ରୂପରେ ସେ ଶରେ ହୋଇଲେ ଅଗର୍ଦ୍ଧେ । କୃଷ୍ଣସିଂହ. ମହାଭାରତ ବନ ।

ନିହାର କର—ସଂ. ବି.—(ବହୁବ୍ରୀହି; ନିହାର+କର)—ଚନ୍ଦ୍ର—
Nihāra kara The moon.

ଓଷ୍ଠେ ସୁଧା ସୁଦେହାର ଥାଇଁ ଅମରେ ନିହାରକର କରନ୍ତି ଆହାର ତାଙ୍କୁ ଜୁହାର
ଭକ୍ତ. ପ୍ରେମସୁଧାନିଧି

ନିହାରିକା—ସଂ. ବି. (ନିହାର+କ+ସ୍ତ୍ରୀ. ଅ; ନିହାର ବା କୁହୁଡ଼ି ପରି
Nihārikā ଆଖିକୁ ଦେଖା ଯିବାରୁ)—ଆକାଶରେ ଥିବା ଏକ
(ନିହାରିକା—ଅନ୍ୟରୂପ) ପ୍ରକାର କ୍ଷୀଣାଲୋକବିଶିଷ୍ଟ କ୍ଷୁଦ୍ର
ଜ୍ୟୋତିଷ୍କପୁଞ୍ଜ—Nebula

ନିହାରିବା—ଦେ. କ୍ରି.—(ସଂ. ନିଶ୍ରୀକ୍ଷଣ; ନିଭାଳନ)—ନିରେଖିବା—
Nihāribā To gaze; to look at with attention.

କଂସର ମିତ୍ର ବକାସୁର,
ସଧୀରେ ନିହାରଇ କାର—ଜଗନ୍ନାଥ. ଭାଗବତ ।

ନିହାଲ—ବୈଦେ. ବିଣ. (ଫା.)—୧ । ଐଶ୍ୱର୍ଯ୍ୟଶାଳୀ; ଧନବାନ୍—
Nihāl 1. Rich.
नेहाल, निहाल ୨ । ସୁଖୀ—2. Happy.
निहाल ୩ । ସୌଭାଗ୍ୟବାନ୍—3. Fortunate; prosperous.
୪ । କୃତାର୍ଥ; ପୂର୍ଣ୍ଣମନୋରଥ— Having one's wishes fulfilled; satisfied; sucessful; having nothing more to hanker after.
୫ । ଯାହାକୁ ଯଥେଷ୍ଟ ବସ୍ତୁ ମିଳିଅଛି—
5. Blessed with plenty.

ନିହାଲି—ପ୍ରାଦେ. (ଗଡ଼ଜାତ) ବି. (ଫା. ନିହାଲୀ=ଗଦି; ତୋଷକ)—
Nihāli ସେଜ; ରେଜେଇ—Quilt.

ନିହିଂସନ—ସଂ. ବି.+(ନି+ହିନ୍ସ୍ ଧାତୁ=ବଧ କରିବା+ଭାବ.
Nihiṁsana ଅନ)—ବଧ; ବିନାଶନ; ମାରଣ—
Killing; slaying.

ନିହିତ—ସଂ. ବିଣ.—(ନି+ଧା ଧାତୁ=ଧାରଣ କରିବା+କର୍ମ. ତ)—
Nihita ୧ । ସ୍ଥାପିତ—1. Placed; laid.

୨ । ଅର୍ପିତ—2. Deposited; entrusted to; delivered.
୩ । ଗୁପ୍ତ—3. Private; secluded.
୪ । କ୍ଷିପ୍ତ—4. Cast away.
୫ । କୃତ—5. Performed.
୬ । ସମାପ୍ତ—6. Finished.
୭ । ପ୍ରଦତ୍ତ—7. Bestowed on; given unto.
୮ । ଅଭିହିତ—8. Named; said; denominated.

ନିହିବା—ଦେ. (ପଦ୍ୟ) କ୍ରି.—(ସଂ. ନି+ଧା ଧାତୁ; ନିହିତ)—
Nihiba ସ୍ଥାପନ କରିବା—To place.
ନିହା ଦେବାଦେଶ ମତେ ମୁହିଁ ତାଙ୍କ ପାଶେ ଯାଇ ଅର୍ଣ୍ଣ, ହେ ପାଣ୍ଡବଗଣ.
ଘରେ ନିହିବି ଭଳରେ । ସ୍ୱଧାନାଥ, ମହାଭାରତ ।

ନିହିମା—ଦେ. ବି. (ସଂ. ନିମିଷ; ଅ. ଲହମହ୍)—
Nihimā ନିମିଷ; ମୁହୂର୍ତ୍ତ; କ୍ଷଣମାତ୍ର—
ଲହମା ଲହମା Moment.
(ନିହିମା—ଅନ୍ୟରୂପ) ଅ.—ନିହିମାଏ (ଦେଖ)—Nihimāe (See)

ନିହିମାଏ—ଦେ. କ୍ରି ବିଣ. (ସଂ. ନିମିଷ; ଅ. ଲହମହ୍)—
Nihimāe ୧ । ପଲକମାତ୍ରେ; ମୁହୂର୍ତ୍ତକେ—
ଲହମାୟ 1. In a trice; in a moment; in a twinkle.
ଏକଲହମାମେ ୨ । ହଠାତ୍—2. At once.
ନିହିମାକେ } ଅନ୍ୟରୂପ ୩ । ଢିଲାରେ; ଅବସରକ୍ରମେ—
ନିହିମାସ୍ତେ } 3 At leisure.
୪ । ଏକ ମୁହୂର୍ତ୍ତମାତ୍ର—4. For a moment.

ନିହିଲିଷ୍ଟ—ବୈଦେ. ବି. (ଇଂ; ଲାଟିନ୍. ନିଲ୍=କିଛି ନୁହେଁ)—
Nihilist ଆଧୁନିକ ସମାଜକୁ ସମୂଳ ବିନାଶ ସାଧନକାରୀ ରୁଷିଆର
ନିହିଲିଷ୍ଟ ରାଜନୀତିକ ଦଳବିଶେଷ—
ନିହିଲିଷ୍ଟ Nihilist; a revolutionary socialistic party in Russia aiming at the overthrow of all the existing institutions in society.
[ଦ୍ର—ଏମାନଙ୍କ ପ୍ରଚାରିତ ବାଦକୁ Nihilism ନିହିଲିଜ୍ମ୍ ବୋଲାଯାଏ ।]

ନିହୀନ—ସଂ. ବିଣ. (ନି+ହୀନ)—୧ । ଇତର; ନୀଚ—
Nihīna 1. Low; mean; base.
୨ । ବର୍ଜିତ—2. Shunned.
୩ । ପାମର—3. Vile; wretched.

ନିହେ—ପ୍ରାଦେ. (ଗଡ଼ଜାତ) ଅ—ନାଁ; ନାହିଁ; ନୁହେଁ—
Nihe No; not.

ନିହେତାଲ୍—ପ୍ରାଦେ. (ସମ୍ବଲପୁର) ବାକ୍ୟ—ଏତେବେଳ ପର୍ଯ୍ୟନ୍ତ
Nihetāl ନୁହେଁ; ଏତାବତ୍କାଲ ପର୍ଯ୍ୟନ୍ତ ନୁହେଁ—
Not up to this time; not yet.
(ଯଥା—ସେ ନିହେତାଲ୍ ଦେଖାବାକେ=ସେ ଏତେବେଳଯାଏ ଦେଖାଯାଉ ନାହାନ୍ତି ।)

ନିହ୍ନବ—ସଂ. ବି. (ନି+ହ୍ନୁ ଧାତୁ=ସତ୍ୟ ଗୋପନ କରିବା+ଭାବ ଅ)
Nihnaba ୧ । କୌଣସି ବିଷୟ ଗୋପନ କରିବା—
1. Concealment of a fact.
୨ । ଅପହ୍ନୁତି; ଅସ୍ୱୀକାର—2. Denial.
୩ । ଅବିଶ୍ୱାସ—3. Mistrust; distrust.
୪ । କ୍ରୂରତା—4. Wickedness.
୫ । ବଞ୍ଚନା—5. Deception.
୬ । ବକ୍ରବାଦ—6. Prevarication; insinuation, innuendo.
୭ । ଶୁଦ୍ଧ; ପବିତ୍ରତା (ହି. ଶ.)—7. Purity.

ନିହ୍ନବ ବାଦୀ—ସଂ. ବିଣ. ପୁଂ. (ନିହ୍ନବ+ବାଦିନ୍; ୧ମା; ୧ବ)—
Nihnababādi ବକ୍ରବାଦୀ—Prevaricating; evasive;
(ନିହ୍ନବବାଦିନୀ—ସ୍ତ୍ରୀ.) insinuating.

ନିହ୍ନବାପହାର—ସଂ. ବି. (ମ. ପ. ଲୋ. ନିହ୍ନବ+ଅପହାର)—
Nihnabāpahāra ତହବିଲ ତୋଷରୂପ—Defalcation; embezzlement; misappropriation.

ନିହ୍ନବୋତ୍ତର—ସଂ. ବି. (ମ. ପ. ଲୋ; ନିହ୍ନବ+ଉତ୍ତର)—ଛଦ୍ମବାଦ;
Nihnabottara ଛଳପୂର୍ଣ୍ଣ ଉତ୍ତର—Evasive answer.

ନିହ୍ନୁତ—ସଂ. ବିଣ. (ନି+ହ୍ନୁ ଧାତୁ+କର୍ମ. ତ)—୧ । ଅସ୍ୱୀକୃତ—
Nihnuta 1. Denied.
୨ । ଗୋପିତ; ଅପ୍ରକାଶିତ—2. Kept secret.
୩ । ଲୁକ୍କାୟିତ—3. Concealed.

ନିହ୍ନୁତି—ସଂ. ବି. (ନି+ହ୍ନୁ ଧାତୁ+ଭାବ. ତି)—୧ । ନିହ୍ନବ; ଗୋପନ-
Nihnuti କରଣ—1. Concealment of a fact.
୨ । ଅସ୍ୱୀକାର—2. Denial.
୩ । ଅବିଶ୍ୱାସ—3. Mistrust.

ନିହ୍ନୁବାନ—ସଂ. ବିଣ. ପୁଂ. (ନି+ହ୍ନୁ ଧାତୁ+କର୍ତ୍ତୃ. ଆନ)—
Nihnubāna ୧ । ଅପହ୍ନବକାରୀ; ଅସ୍ୱୀକାରକାରୀ—
(ନିହ୍ନୁବାନା—ସ୍ତ୍ରୀ) 1. Denying.
୨ । ବକ୍ରୋକ୍ତିକାରୀ—2. Insinuating; evasive.

ନିହ୍ରାଦ—ସଂ. ବି. (ନି+ହ୍ରାଦ୍ ଧାତୁ=ଶବ୍ଦ କରିବା+ଭାବ. ଅ)—ଶବ୍ଦ;
Nihrāda ନିନାଦ—Sound; noise.

ନୀକାର—ସଂ. ବି. (ନି+କୃ ଧାତୁ=କରିବା+ଭାବ. ଅ)—୧ । ଘୃଣା—
Nikāra 1. Disgust; hatred; contempt; abhorrence; loathing.
୨ । ଅବଜ୍ଞା—2. Disregard; disrespect.
୩ । ଅବମାନନ—
3. Humiliation; degradation.
୪ । ଉକାର; ବମନେଚ୍ଛା—4 Nausea.

ନୀକାଶ—ସଂ. ବିଣ. (ନି+କାଶ୍ ଧାତୁ=ଦୀପ୍ତି ପାଇବା+ଭାବ. ଅ)—
Nikāśa ସଦୃଶ; ତୁଲ୍ୟ—Like; resembling; similar.
(ନୀକାସ—ଅନ୍ୟରୂପ) ଏତା ତ କହ ନାହିଁ ତା ନୀକାଶ,
ନିରୂପେ ହେବ ସେପରି ପ୍ରକାଶ । କବିସୂର୍ଯ୍ୟ ସଙ୍ଗୀତ ।

ସ ବ.—ସାଦୃଶ୍ୟ; ତୁଲ୍ୟତା—Likeness; resemblance.

ନୀକୋ—ପ୍ରାଦେ. (ଭକ୍ତି) ବଣ.—(ସ. ନିକ୍ତ=ସ୍ୱଚ୍ଛ, ସଫା; ତୁଲ. ଏହି Niko ଅର୍ଥରେ ଫା. ନେକ୍; ହି. ନୀକୋ)—ସରୁ; ନକ—Fine.

ନୀଚ—ସ. ବଣ. (ନି=ନୁହେଁ+ଇ=ସୌଭାଗ୍ୟ+ଚ ଧାତୁ=ଏକତ୍ର Nicha କରିବା+କର୍ତ୍ତୃ. ଅ)—୧ । ନିକୃଷ୍ଟ—
(ଉଚ୍ଚ—ବିପରୀତ) 1. Inferior; base; mean.
(ନୀଚତା[ତ୍ୱ]—ବି) ୨ । ଇତର—2. Vulgar; plebian.
୩ । ଅଶ୍ଳୀଳ—3. Indecent.
୪ । ଘୃଣ୍ୟ; ତୁଚ୍ଛ—4. Vile; despicable.
୫ । ଅତି ମନ୍ଦ; ଅଧମ—5. Wretched.
୬ । ବର୍ବର—6. Barbarian.
୭ । ଖର୍ବ; ବାମନ; ହ୍ରସ୍ୱ—
7. Dwarfish; stunted.
୮ । ନିମ୍ନ; ଅନୁଚ୍ଚ—8. Low; depressed.
୯ । ଗମ୍ଭୀର—9. Deep.
୧୦ । ନ୍ୟୂନ—10. Small; defective.

ନୀଚକ—ସ. ବଣ. ପୁଂ. (ନୀଚ+ସ୍ୱାର୍ଥେ. କ)—୧ । ଖର୍ବ; ବାମନ—
Nichaka Dwarfish.
୨ । ହୀନ; ନୀଚ—2. Mean; vile.
୩ । ନିମ୍ନ—3. Low; depressed.
୪ । ଗମ୍ଭୀର—4. Deep.

ନୀଚ କଥା—ସ ବ (ନୀଚ+କଥା)—୧ । ଇତର ଜନ ବ୍ୟବହୃତ କଥା—
Nicha kathā 1. Vulgar expression.
୨ । ଅଶ୍ଳୀଳ ଭାଷା—2. Vile language; indecent language.

ନୀଚକା—ସ. ବ. ସ୍ତ୍ରୀ (ନୀଚକ+ସ୍ତ୍ରୀ. ଆ)—ଉତ୍କୃଷ୍ଟା ଗାଭୀ—
Nichakā An excellent cow.
(ନୀଚକୀ, ନୈଚକୀ—ଅନ୍ୟରୂପ)

ନୀଚକୀ—ସ. ବଣ. ପୁଂ. (ନୀଚକା+ଇନ୍)—୧ । ଉଚ୍ଚ; ଶ୍ରେଷ୍ଠ; (ହି.ଶ)
Nichaki 1. High; excellent.
(ନୀଚକିନୀ—ସ୍ତ୍ରୀ) ୨ । ଯାହା ପାଖରେ ଭଲ ଗାଈ ଅଛି—
2. Owning an excellent cow.
ସ. ବ.—ଉପରଭାଗ (ହି. ଶବ୍ଦସାଗର)—The upper part.

ନୀଚ କୁଳ—ସ. ବ. (ନୀଚ+କୁଳ)—ନିମ୍ନଶ୍ରେଣୀ; ନିକୃଷ୍ଟ ଜାତି—
Nicha kula Low caste; the depressed class; person of humble birth.

ନୀଚଗ—ସ. ବଣ. ପୁଂ. (ନୀଚ+ଗମ୍ ଧାତୁ+କର୍ତ୍ତୃ. ଅ)—
Nichaga ୧ । ନିମ୍ନଗାମୀ; ଅଧୋଗାମୀ—1. Descending;
[ନୀଚଗା—ସ୍ତ୍ରୀ] running downwards.
୨ । ଅଧମ; ପାମର—2. Low; mean; base; vile.
ବ. (ଯାହା ତଳଆଡ଼କୁ ବହେ) ଜଳ—Water.

ନୀଚଗା—ସ. ବ. ସ୍ତ୍ରୀ. (ନୀଚଗ+ସ୍ତ୍ରୀ. ଆ)—ନିମ୍ନଗା; ନଦୀ—
Nichagā River; stream.

ନୀଚଗାମୀ—ସ. ବଣ. ପୁଂ. (ନୀଚ+ଗମ ଧାତୁ+କର୍ତ୍ତୃ ଇନ)—
(ନୀଚଗାମିନୀ—ସ୍ତ୍ରୀ) ୧ । ନିମ୍ନଗାମୀ—1. Descending;
[ନୀଚଗାମିତା(ତ୍ୱ)ବ] preceeding downwards.
୨ । ଯେଉଁ ପୁରୁଷ ନିମ୍ନଜାତୀୟା ସ୍ତ୍ରୀ ସଙ୍ଗେ ସହବାସ କରେ—
2. Cohabiting with a woman of lower caste.

ନୀଚ ଗୃହ—ସ. ବ—(ଫଳିତ ଜ୍ୟୋତିଷ)—କୌଣସି ଗ୍ରହର ଉଚ୍ଚସ୍ଥାନ
Nicha gṛuha ବା ରାଶିରୁ ୭ମ ଗୃହ—(astrology) The 7th house from the highest altitude of a planet.

ନୀଚ ଗ୍ରହ—ସ. ବ. (ଫଳିତ ଜ୍ୟୋତିଷ)—ଗ୍ରହର ଉଚ୍ଚ ସ୍ଥାନ ଠାରୁ ୭ମ
Nicha graha ରାଶିସ୍ଥ ରବିଗ୍ରହ ପ୍ରଭୃତି—(Astrology) A planet (sun etc) situate on the 7th sign from its highest altitude.

ନୀଚ ଜାତ—ସ. ବଣ. ପୁଂ. (ନୀଚ+ଜାତ)—୧ । ନୀଚକୁଳୋଦ୍ଭବ—
Nicha jāta 1. Of low caste.
(ନୀଚଜାତୀୟ—ଅନ୍ୟରୂପ) ୨ । ନିମ୍ନତରଜାତୀୟ—
(ନୀଚଜାତା, ନୀଚଜାତୀୟା—ଅନ୍ୟରୂପ) 2. Belonging to a lower caste.

ନୀଚ ଜାତି—ସ. ବ. (ନୀଚ+ଜାତି)—ନୀଚକୁଳ (ଦେଖ)
Nicha jāti Nichakula (See)

ନୀଚତର—ସ. ବଣ. (ନୀଚ+ତୁଳନା ଅର୍ଥରେ ତର)—
Nichatara ଦୁଇଙ୍କ ମଧ୍ୟରେ ନିମ୍ନ—Lower.

ନୀଚତମ—ସ. ବଣ. (ନୀଚ+ତୁଳନା ଅର୍ଥରେ ତମ)—
Nichatama ଅନେକଙ୍କ ମଧ୍ୟରେ ସର୍ବନିମ୍ନ—Lowest.

ନୀଚତା(ତ୍ୱ)—ସ. ବ. (ନୀଚ+ଭାବାର୍ଥେ ତା, ତ୍ୱ)—୧ । ହୀନତା;ନିକୃଷ୍ଟତା
Nichatā(twa) 1. Inferiority.
୨ । ନିମ୍ନତା—2. Lowness.

ନୀଚ ପଦ—ସ. ବ. (କର୍ମଧା; ନୀଚ+ପଦ)—ଅଧମ ପଦ—
Nicha pada Low station or position; humble position.

ନୀଚ ପ୍ରଦେଶ—ସ. ବ. (କର୍ମଧା; ନୀଚ+ପ୍ରଦେଶ)—ନିମ୍ନଭୂମି—
Nicha pradeṣa Low country; low land.

ନୀଚ ବୁଦ୍ଧି—ସ. ବ. (ନୀଚ+ବୁଦ୍ଧି)—ହୀନବୁଦ୍ଧି—
Nicha buddhi Mind bent on insignificant or mean things.
ସ. ବଣ—ହୀନବୁଦ୍ଧି (ବ୍ୟକ୍ତି)—Mean-minded.

ନୀଚ ଭାବ—ସ. ବ. (କର୍ମଧା; ନୀଚ+ଭାବ)—ହୀନଚିନ୍ତା—
Nicha bhāba Lowly or mean thoughts.
୨ । ନୀଚତା—2. Lowness.

ନୀଚ ଭାଷା—ସ. ବ. (ନୀଚ+ଭାଷା)—୧ । ଇତର ଜନ ବ୍ୟବହୃତ ଭାଷା—
Nicha bhāshā 1. Vulgar or rustic language.
୨ । ଅଶ୍ଳୀଳ ଭାଷା—2. Indecent language.

ନୀଚ ଭୋଜ୍ୟ—ସ. ବଣ. (ନୀଚ+ଭୋଜ୍ୟ)—୧ । (କର୍ମଧା) ହୀନ (ଖାଦ୍ୟ)
Nicha bhojya Nasty or despicable (food).

୨ । (ତସ୍ଯ ତତ୍) ନୀଚ ବ୍ୟକ୍ତିଙ୍କ ବ୍ୟବହୃତ (ଖାଦ୍ୟ)—
2. (food) Eaten by low people.
ସ. ବ—ପଲାଣ୍ଡୁ; ପିଆଜ—Onion.

ନୀଚମନା(ନାଃ)—ସଂ. ବଣ. (ବହୁବ୍ରୀହି; ନୀଚ+ମନସ୍)—ହୀନବୁଦ୍ଧି
Nichamanā(nāh) ବିଶିଷ୍ଟ—Low minded; mean minded.

ନୀଚ ଯୋନି—ସ. ବ. (କର୍ମଧା; ନୀଚ+ଯୋନି)—
Nicha joni ନିକୃଷ୍ଟଜୀବର ବା ଜାତିର ବା ମନୁଷ୍ୟର ଗର୍ଭ—
The uterus of base animal or caste or people

ନୀଚଯୋନିଜ—ସ. ବଣ. (ନୀଚ+ଯୋନି+ଜନ୍ ଧାତୁ+କର୍ତ୍ତୃ. ଅ)—
Nichajonija ୧ । ନୀଚକୁଳ ସମ୍ଭୂତ—
1. Base born; of humble birth.
୨ । ପଶ୍ୱାଦି ନିମ୍ନ ପ୍ରାଣିସମ୍ଭୂତ—
2. Born of low animals or beings.

ନୀଚଯୋନୀ—ସ. ବଣ. (ନୀଚ+ଯୋନି+ଅସ୍ତ୍ୟର୍ଥେ ଇନ୍)—
Nichajoni ନୀଚଯୋନିଜ (ଦେଖ)
Nichajonija (See)

ନୀଚ ଲୋକ—ସ. ବ. (ନୀଚ+ଲୋକ)—୧ । ଇତର ଲୋକ—
Nicha loka 1. A man who does not belong to a higher caste; a vulgar person.
୨ । ନିମ୍ନବଂଶରେ ଜାତ ବ୍ୟକ୍ତି—
2. Man of low birth.
୩ । ମନ୍ଦବୁଦ୍ଧି ବା ନୀଚପ୍ରକୃତିକ ବ୍ୟକ୍ତି—
3. A mean minded person.

ନୀଚୁ—ଦେ. ବଣ—୧ । ନିମ୍ନ—1. Low; depressed.
Nichā ୨ । ନିକୃଷ୍ଟ—2. Inferior; base; mean.
निचु ସ. ବଣ—ନୀଚର ସ୍ତ୍ରୀଲିଙ୍ଗ—
नाचा (ନୀଚୁଆ—ଅନ୍ୟରୂପ) Feminine of Nicha.

ନୀଚାଚାର—ସ. ବ. (କର୍ମଧା; ନୀଚ+ଆଚାର)—୧ । ହୀନ ବ୍ୟବହାର—
Nichāchāra 1. Low or mean conduct.
୨ । ଇତରଜନୋଚିତ ବ୍ୟବହାର—
2. Vulgar conduct.

ନୀଚାଶୟ—ସ. ବଣ. ପୁଂ. (ବହୁବ୍ରୀହି; ନୀଚ+ଆଶୟ)—୧ । ନୀଚମନା—
Nichāsaya 1. Mean minded.
(ନୀଚାଶୟା—ସ୍ତ୍ରୀ) ୨ । ସଙ୍କୀର୍ଣ୍ଣମନା—
(ନୀଚାଶୟତା—ବ) 2. Narrow minded.
୩ । ହୀନ ସ୍ୱାର୍ଥପର—3. Lowly selfish.
୪ । ଦାସଭାବାପନ୍ନ—4. Servile; having a slave mentality

ନୀଚେ—ଦେ. ଅ. (ସ. ନୀଚୈଃ)—ନିମ୍ନରେ; ଅଧୋଭାଗରେ—
Niche Below; lower down.
नीचे निचे

ନୀଚୈଃ—ସ. ଅ—୧ । ଅସ୍ତେ; ଧୀରେ ଧୀରେ—
Nichaih 1. Softly; slowly.
୨ । ଅନୁଚ୍ଚ ସ୍ୱରରେ—2. In a low voice.
୩ । ଅଳ୍ପ ଅଳ୍ପ; ଅଳ୍ପଶଃ—3. Little by little.

ନୀଡ଼—ସ. ବ. (ନି+ଈଡ଼୍ ଧାତୁ=ସ୍ତୁତି କରିବା+ଅଧି ଅ; କିମ୍ବା ନି+
Nirda ଇଲ୍ ଧାତୁ=ଗମନ, କ୍ଷେପଣ, ଶୟନ କରିବା+ଅଧି. ଅ)—୧ । ପକ୍ଷୀର ବସା—1. Bird's nest.
୨ । ସ୍ଥାନ—2. Place.
୩ । ଆଶ୍ରୟ ସ୍ଥାନ—3. Shelter.
୪ । ରଥମଧ୍ୟରେ ଆରୋହୀଙ୍କ ବସିବା ସ୍ଥାନ (ହ. ଶ)—
4. The place inside a car where the passengers sit.

ନୀଡ଼କ—ସ. ବ. (ନୀଡ଼+କୈ ଧାତୁ=ପ୍ରକାଶିତ ହେବା+କର୍ତ୍ତୃ. ଅ)—
Nirdaka ପକ୍ଷୀ—A bird.

ନୀଡ଼ଜ—ସ. ବ. (ନୀଡ଼+ଜନ୍ ଧାତୁ=ଜନ୍ମ ହେବା+କର୍ତ୍ତୃ. ଅ)—
Nirdaja ପକ୍ଷୀ—A bird.

ନୀଡ଼ୋଦ୍ଭବ—ସ. ବ. (୫ମୀ ତତ୍; ନୀଡ଼+ଉଦ୍ଭବ)—ପକ୍ଷୀ—
Nirdodbhaba A bird.

ନୀତ—ସ. ବଣ. (ନୀ ଧାତୁ=ନେବା+କର୍ମ. ତ)—୧ । ପ୍ରାପ୍ତ; ଗୃହୀତ—
Nita 1. Obtained; gained; received.
୨ । ନିଆ ହେବା; ବାହିତ—2. Taken; carried.
୩ । ଅତିବାହିତ—3. Spent; passed.
୪ । ଉତ୍ତମାଚରଣବିଶିଷ୍ଟ—4. Well behaved.
ସ. ବ.—୧ । ଅର୍ଥ; ଧନ—1. Wealth; riches.
୨ । ଶସ୍ୟ—2. Corn.

ନୀତି—ସ. ବ. (ନୀ ଧାତୁ=ନେବା+ଭାବ. ତି)—୧ । ନୟ; ରାଜନୀତି
Niti ଶାସ୍ତ୍ର; ରାଜା ଓ ପ୍ରଜାଙ୍କ ରକ୍ଷା ପାଇଁ କର୍ତ୍ତବ୍ୟ ବ୍ୟବସ୍ଥା—
1. Polity; politics.
୨ । ହିତାହିତ ବିଷୟର ବିଷୟକ ଶାସ୍ତ୍ର—
2. Ethics; morals.
୩ । ଚାଲିଚଳନ—3. Conduct; course of action.
୪ । ନ୍ୟାୟ—4. Justice; right.
୫ । ନ୍ୟାୟାନୁଗତ ଆଚରଣ—
5. Just or righteous conduct.
୬ । ସାଧୁତା; ଧାର୍ମିକତା—6. Righteousness.
୭ । ରୀତି; ପ୍ରଥା; ଆଚାର ପଦ୍ଧତି—
7. Custom; manners.
୮ । ପ୍ରାପ୍ତି—8. Obtaining; receipt; attainment.
୯ । ସାଂସାରିକ ସଦାଚରଣ; ଲୋକମର୍ଯ୍ୟାଦାନୁଗତ ବ୍ୟବହାର—
9. Practical morality; approved course of action.
୧୦ । ଯାପନ—10. Passing; whiling away; causing to pass.
୧୧ । ସଦାଚରଣ—
11. Good behaviour; morality.
ନୀତ ଛନ୍ଦ ସେବେ ଅଜାତ ସେବ କରେ । କୃଷ୍ଣସିଂହ, ମହାଭାରତ ବନ

୧୨ । ସାଂସାରିକ ଜ୍ଞାନ; ବିଷୟ ଜ୍ଞାନ—
12. Worldly wisdom.
୧୩ । ବିଶିଷ୍ଟ ଉଦ୍ଦେଶ୍ୟ ପାଇଁ ଅବଲମ୍ବିତ ପନ୍ଥା—13. Policy.
୧୪ । ନିୟମ—14. Rule; code.
୧୫ । ଦୈନନ୍ଦିନ କାର୍ଯ୍ୟକ୍ରମ—15. Daily duties.
୧୬ । ନେବା କର୍ମ ବା ରୀତି—16. The act or mode of taking or carrying.
୧୭ । କାର୍ଯ୍ୟ ସିଦ୍ଧି ପାଇଁ ଅବଲମ୍ବିତ ଉପାୟ—
17. Means; expedient.

ସେବା, ଦେ. ବି.—(ସଂ. ନିତ୍ୟ)—୧ । ରାଜା ଓ ଦେବତାଙ୍କର **ସେବା, ରସମ** ଦୈନିକ କାର୍ଯ୍ୟାବଳି—1. Daily routine of **नीति** kings or Deities; ritual.
नोति ୨ । (ସଂ. ନୀତି) ଭଲ କାର୍ଯ୍ୟ—2. Good act.
नित ଦେ. ଅ. (ସଂ. ନିତ୍ୟ)—
नितग Daily; every day.

ନୀତି କଥା—ସଂ. ବି. (ମ. ପ. ଲୋ. ନୀତି+କଥା)—୧ । ହିତୋପଦେଶ—
Niti katha 1. A moral discourse; moral precept.
ନୀତିବଚନ, ନୀତିବାକ୍ୟ } ଅନ୍ୟରୂପ ୨ । ନ୍ୟାୟ୍ୟ ବାକ୍ୟ—2 Polity; morals; a discourse on ethics.
୩ । ରୀତି; ପ୍ରବଚନ—3. Proverb; a wise saying.
୪ । ନୀତି ଉପଦେଶକ କାହାଣୀ—4. Moral tale; fable.

ନୀତି କୁଶଳ—ସଂ. ବିଣ. ପୁଂ. (୭ମୀ ତତ୍; ନୀତି+କୁଶଳ)—ନୀତିଶାସ୍ତ୍ରଜ୍ଞ—
Niti kusala Well versed in ethics or politics; (ନୀତିକୁଶଳତା—ବି) politic; prudent.
(ନୀତିବିଶାରଦ, ନୀତିନିପୁଣ, ନୀତିଦକ୍ଷ—ଅନ୍ୟରୂପ)
(ନୀତିକୁଶଳା, ନୀତିବିଶାରଦା, ନୀତିନିପୁଣା, ନୀତିଦକ୍ଷା—ସ୍ତ୍ରୀ)

ନୀତିଜ୍ଞ—ସଂ. ବିଣ. ପୁଂ. (ନୀତି+ଜ୍ଞା ଧାତୁ=ଜାଣିବା+କର୍ତ୍ତୃ. ଅ)—
Nitijna ନୀତିଶାସ୍ତ୍ରଜ୍ଞ—Well versed in ethics or politics; prudent.
(ନୀତିଜ୍ଞା—ସ୍ତ୍ରୀ; ନୀତିଜ୍ଞତା—ବି)

ନୀତି ତତ୍ତ୍ୱ—ସଂ. ବି. (ନୀତି+ତତ୍ତ୍ୱ)—୧ । ନୟଶାସ୍ତ୍ର; ହିତୋପଦେଶକ
Niti tattwa ଶାସ୍ତ୍ର—1. Ethics; the science of morals.
ନୀତିବିଦ୍ୟା, ନୀତିଶାସ୍ତ୍ର } ଅନ୍ୟରୂପ ୨ । ରାଜନୀତି ଶାସ୍ତ୍ର—
2. Politics; polity.
[ଦ୍ର—ଶରଶଯ୍ୟାରେ ଆସୀନ ଭୀଷ୍ମ ଯୁଧିଷ୍ଠିରଙ୍କୁ ନୀତିଶାସ୍ତ୍ର ସମ୍ବନ୍ଧେ ଉପଦେଶ ଦେଇଥିବା ବିଷୟ ମହାଭାରତରେ ଅଛି । ପ୍ରଜାମାନେ ସୁଖରେ କପରି ରହିବେ ଓ ରାଜା କପରି ଭାବରେ ରାଜ୍ୟପାଳନ, ରାଜ୍ୟଶାସନ ଓ ରାଜ୍ୟ ରକ୍ଷା କରିବେ ଏ ବିଷୟ ଭୀଷ୍ମ କହିଛନ୍ତି ।]

ନୀତି ପ୍ରୟୋଗ—ସଂ. ବି. (୬ଷ୍ଠୀ ତତ୍; ନୀତି+ପ୍ରୟୋଗ)—
Niti prayoga ଦୈନନ୍ଦିନ ବ୍ୟାପାରରେ ନୀତିଶାସ୍ତ୍ରର ନିର୍ଦ୍ଦିଷ୍ଟ ନିୟମମାନ ଖଟାଇବା—The practical application of moral, political or ethical principles in daily life.

ନୀତି ବଢ଼ାଇ(ଢେ)ଇବା—ଦେ. କ୍ରି—(ରାଜାଙ୍କର ବା ଦେବତାଙ୍କର
Niti bardha(rdhe)iba ନିତ୍ୟକର୍ମ ସମାପନ କରିବା—
ସେବା ଶେଷ କରା To finish the daily personal rites and services (of an idol or a Raja.)
ଚକ୍ରର ଗଗନେ ଉଦେ ହୋଇ,
ସକ୍ରର ନୀତି ବଢ଼ାଇ ଦେଇ । ଭକ୍ତ. କୋଇଁବ୍ରହ୍ମାଣ୍ଡର ଦଶା ।

ନୀତି ବଢ଼ିବା—ଦେ. କ୍ରି—ରାଜା ଓ ଦେବତାଙ୍କର ଦୈନନ୍ଦିନ ନିର୍ଦ୍ଧାରିତ
Niti bardhiba କାର୍ଯ୍ୟବିଶେଷର ସମାଧା ହେବା—
ସେବା ଶେଷ ହওয়া The completion or finish of the items of daily routine of a Raja or a Deity.

ନୀତି ବହିର୍ଭୂତ—ସଂ. ବିଣ. (୫ମୀ ତତ୍; ନୀତି+ବହିର୍ଭୂତ)—
Niti bahirbhuta ୧ । ଅନୈତିକ—
ନୀତିବିରୁଦ୍ଧ, ନୀତିବିରୋଧୀ, ନୀତିଗର୍ହିତ, ନୀତିବିଗର୍ହିତ } ଅନ୍ୟରୂପ 1. Immoral; impolitic.
୨ । ନୈତିକ ବିଧିବିରୁଦ୍ଧ—
2. Against a policy.

ନୀତିବିତ୍—ସଂ. ବିଣ. (ନୀତି+ବିଦ୍ ଧାତୁ+କର୍ତ୍ତୃ. କ୍ୱିପ୍ ୧ମା. ୧ବ)—
Nitibit ନୀତିଶାସ୍ତ୍ରଜ୍ଞ—Well versed in politics.

ନୀତିବେତ୍ତା—ସଂ. ବିଣ. ପୁଂ. (ନୀତି+ବିଦ୍ ଧାତୁ=ଜାଣିବା+କର୍ତ୍ତୃ. ତୃ;
Nitibetta ୧ମା. ୧ବ)—ନୀତିଶାସ୍ତ୍ରଜ୍ଞ—
(ନୀତିବେତ୍ରୀ—ସ୍ତ୍ରୀ) Well versed in ethics or politics.

ନୀତିବେଦୀ—ସଂ. ବିଣ. ପୁଂ. (ନୀତି+ବିଦ୍ ଧାତୁ ଜାଣିବା+କର୍ତ୍ତୃ. ଇନ
Nitibedi ୧ମା. ୧ବ)—ନୀତିବେତ୍ତା (ଦେଖ)—
(ନୀତିବେଦିନୀ—ସ୍ତ୍ରୀ) Nitibetta (See).

ନୀତିମନ୍ତ—ଦେ. ବିଣ. (ସଂ. ନୀତିମାନ୍)—ନୀତିଜାଣିଥିବା (ବ୍ୟକ୍ତି)—
Nitimanta (person) Well versed in ethics.
(ନୀତିବନ୍ତ—ଅନ୍ୟରୂପ) କୀର୍ତ୍ତିମନ୍ତ ଯେ ନୀତିମନ୍ତ ସେ ହୋଇବ,
नीतिमन्त ଶର୍ନିସ୍ୱନ୍ଧରେ ବଳ ବଳରେ ଚଳିବ ।
नीतिवंत କୃଷ୍ଣସିଂହ, ମହାଭାରତ ଆଦି ।

ନୀତିମାନ୍—ସଂ. ବିଣ. ପୁଂ. (ନୀତି+ମତ୍; ୧ମା. ୧ବ)—ନୀତିକୁଶଳ—
Nitiman Well versed in politics or ethics.
(ନୀତିମତୀ—ସ୍ତ୍ରୀ; ନୀତିମତ୍ତା—ବି)

ନୀତି ଶିକ୍ଷା—ସଂ. ବି. (୭ମୀ ତତ୍; ନୀତି+ଶିକ୍ଷା)—ଧର୍ମ ଓ ନ୍ୟାୟ
Niti siksha ସମ୍ବନ୍ଧୀୟ ଶିକ୍ଷା—Moral instruction.

ନୀତି ସଙ୍ଗତ—ସଂ. ବିଣ. (ନୀତି+ସଙ୍ଗତ)—ନୀତିର ଅନୁକୂଳ—
Niti sangata Conformable to morality;
(ନୀତିସମ୍ମତ—ଅନ୍ୟରୂପ) consistent with right; ethical.

ନୀତ୍ତ—ସଂ. ବିଣ. (ନି+ଦା ଧାତୁ+କର୍ମ. ତ)—ଦତ୍ତ—
Nitta Given away.

ନୀଧ୍ର—ସଂ. ବି. (ନି+ଧୃ ଧାତୁ=ଧାରଣ କରିବା, ପିନ୍ଧିବା+କର୍ମ. ଅ)—
Nidhra ୧ । ଘର ଚାଳର ଓଳ—1. The eaves of a house; the drip; the lower edge of a thatch.
୨ । ବନ—2. Wood; forest.

୩ । ନେମି; ଚକ୍ରଧାର; ପହୁଆ—
3. The circumference or rim of a wheel.
୪ । ଚନ୍ଦ୍ର—4. The moon.
୫ । (ଜ୍ୟୋତିଷ) ରେବତୀ ନକ୍ଷତ୍ର—
5. (astronomy) The last or 27th lunar mansion.

ନୀନାଗୀତ—ପ୍ରାଦେ (ଗଞ୍ଜାମ) ବ—ଶିଶୁରଞ୍ଜନ ଗୀତ; ନାନାବାୟାଗୀତ—
Ninägita Infant song; lullaby.
(ନୀନାଗୀତ—ଅନ୍ୟରୂପ)

ନୀପ—ସଂ. ବ (ନୀ ଧାତୁ=ପାଇବା+ଅପାଦାନ ଅ; ଯହିଁରୁ ସନ୍ତୋଷ ମିଳେ)—୧ । କଦମ୍ବଗଛ ଓ ଫୁଲ—1. The Kadamba tree and its flower; Nauclea Cadumba.
Nipa
୨ । ପର୍ବତର ପାଦଦେଶ—2. The foot of a mountain.
୩ । ବନ୍ଧୂକ ପୁଷ୍ପ; ବଧୂଲି (ଦେଖ) (ହି. ଶବ୍ଦସାଗର)—
3. Badhūli (See)
୪ । ଅଶୋକ (ଦେଖ) (ହି. ଶବ୍ଦସାଗର)—
4. Asoka (See)

ନୀବାର—ସଂ. ବ (ନ+ବୃ ଧାତୁ=ପ୍ରାର୍ଥନା କରିବା+କର୍ମ. ଅ)—
Nibāra ବାଲୁଙ୍ଗାଧାନ—Paddy growing wild or without culture.

ନୀବି—ସଂ. ବ (ନି+ବ୍ୟେ ଧାତୁ=ଆଚ୍ଛାଦନ କରିବା+କରଣ. ଇ)—
Nibi ୧ । ବଣିକର ମୂଳଧନ; ପୁଞ୍ଜି; ପାଣ୍ଠି—1. Capital;
(ନୀବୀ—ଅନ୍ୟରୂପ) stock in trade; the principal invested in a business.
୨ । ବାଜି; ପଣ—2. Wager.
୩ । କଟିବସ୍ତ୍ର ଗ୍ରନ୍ଥି—3. Cloth tied round the waist; waist cloth; the knot which keeps loin cloth tight.
୪ । ସ୍ତ୍ରୀ କଟିବସ୍ତ୍ର ବା ବନ୍ଧନୀ—
4. Girdle worn by females.
୫ । ସ୍ତ୍ରୀ କଟିଦେଶସ୍ଥ ପରିଧାନ ବସ୍ତ୍ରର ଗଣ୍ଠି; କଛା; ଖୋସଣୀ—
5. A knot into which a woman's cloth is gathered at the waist.
୬ । ଶାଢ଼ୀ (ହି. ଶବ୍ଦସାଗର)—
6. The cloth worn by women.

ନୀବିବନ୍ଧ—ସଂ. ବ (ସଂ. ନୀବି+ବନ୍ଧ)—ଅଣ୍ଟାରେ ଥିବା ପିନ୍ଧା ଲୁଗାର ଗଣ୍ଠି; ସ୍ତ୍ରୀମାନଙ୍କ ଲୁଗାର ଖୋସଣୀ; କଚ୍ଛମୁଠି—
Nibibandha The knot into which the cloth round a woman's waist is gathered together or tied securely.
(ନୀବିବନ୍ଧନ—ଅନ୍ୟରୂପ)

ସୂକ୍ଷ୍ମ ଶାଢ଼ୀ ବାନ୍ଧ ଚିହ୍ନଛନ୍ତି
ନୀବିବନ୍ଧ ଖୋଲିବାକେ ଚଗଳ ମେ ହସ୍ତ । କୃଷ୍ଣସିଂହ, ମହାଭାରତ, ଅଦ ।

ନୀବି ମୋକ୍ଷଣ—ସଂ. ବ. (୬ଷ୍ଠୀ ତତ୍; ନୀବି+ମୋକ୍ଷଣ)—
Nibi mokshana କଚ୍ଛମୁଠି ଫିଟାଇବା—The loosening of
(ନୀବିମୋଚନ—ଅନ୍ୟରୂପ) the waist-knot of the loin cloth.

ନୀବ୍ର—ସଂ. ବ (ନି+ବୃ ଧାତୁ=ବିଦ୍ୟମାନ ଥିବା+କର୍ତ୍ତୃ. ଅ)—
Nibra ୧ । ବନ—1. Wood; forest.
୨ । ନୀଧ୍ର; ଛାଞ୍ଚର ଓଳ—
2. The eaves of the thatch.
୩ । ଚକ୍ରଧାର—3. The rim of a wheel.
୪ । ଚନ୍ଦ୍ର—4. The moon.
୫ । ରେବତୀ ନକ୍ଷତ୍ର—5. The 27th lunar mansion.

ନୀମାଂସା—ଗ୍ରା. ବ—(ସଂ. ମୀମାଂସାର ଅପଭ୍ରଂଶ)—ମୀମାଂସା—
Nimāmsā Decision.

ନୀୟନ୍ତା—ସଂ. ବଣ. ପୁଂ (ନୀ ଧାତୁ+କର୍ତ୍ତୃ. ତୃ; ୧ମା ୧ବ)—
Niyantā ୧ । ଗ୍ରହୀତା—1. Receiving.
(ନୀୟନ୍ତ୍ରୀ—ଅନ୍ୟରୂପ) ୨ । ବହନକାରୀ—2. Carrying.
୩ । ନେତା—3. Leading.
ସଂ. ବ—୧ । ବେପାରୀ—1. Trader
୨ । ନେବା ବ୍ୟକ୍ତି—2. Leader.
୩ । ଗ୍ରହଣକାରୀ ବ୍ୟକ୍ତି—3. Receiver.
୪ । ବହନକାରୀ ବ୍ୟକ୍ତି—4. Carrier.
୫ । ବିଷ୍ଣୁଙ୍କ ନାମ—5. A name of Bishnu.

ନୀୟମାନ—ସଂ. ବଣ. ପୁଂ (ନୀ ଧାତୁ+କର୍ମ. ଅନ)—୧ । ଯାହା ନିଆ ହେଉଅଛି—1. Being led; being taken or conveyed.
Niyamāna
(ନୀୟମାନା—ସ୍ତ୍ରୀ)
୨ । ଗୃହ୍ୟମାନ—2. Being received.

ନୀର—ସଂ. ବ (ନୀ ଧାତୁ=ପାଇବା+କର. ର; କିମ୍ବା ନିର୍=ନିର୍ଗତ+ ର=ଅଗ୍ନି; ଯହିଁରୁ ବାଡ଼ବାଗ୍ନି ଉଠେ)—୧ । ଜଳ; ପାଣି—1. Water.
Nira
୨ । ରସ—2. Juice.
୩ । ଦ୍ରବପଦାର୍ଥ—3. Liquid.
[ଦ୍ର—ଏହା ଦ୍ରାବିଡ଼ ଭାଷା ନୀରୁ (ଜଳ)ରୁ ସଂସ୍କୃତକୁ ଆସିଅଛି ବୋଲି ପଣ୍ଡିତମାନେ କହନ୍ତି ।]

ନୀରକ୍ତ—ସଂ. ବଣ. ପୁଂ (ବହୁବ୍ରୀହି; ନିର୍+ରକ୍ତ)—୧ । ରକ୍ତହୀନ—
Nirakta 1. Bloodless; anaemic.
(ନୀରକ୍ତା—ସ୍ତ୍ରୀ) ୨ । ପାଣ୍ଡୁରବର୍ଣ୍ଣ—
2. Pale; livid; sallow.

ନୀରକ୍ତିଆ—ଦେ. ବଣ. ପୁଂ ଓ ସ୍ତ୍ରୀ (ସଂ. ନୀରକ୍ତ)—ନୀରକ୍ତ (ଦେଖ)
Niraktiā Nirakta (See)
(ନୀରକ୍ତୀ; ନୀରକ୍ତେଇ—ସ୍ତ୍ରୀ)

ନୀରକ୍ଷ—ଦେ. ବଣ—ଅରକ୍ଷିତ; ଆଶ୍ରୟଶୂନ୍ୟ; ଅରକ୍ଷ; ନିରାଶ୍ରୟ—
Niraksha Helpless.
ଅରକ୍ଷିତ ଅରକ୍ଷ ଚଳ ଏ ନୀରକ୍ଷକେ ଘୋର ସଙ୍କଟୁ ଉଦ୍ଧାର । ମଧୁସୂଦନ, ସଙ୍ଗୀତମାଳା ।

ନୀରଜ—ସଂ. କ୍ଲୀବ (ନୀର୍=ଜଳ+ଜନ୍ ଧାତୁ=ଜାତହେବା+କର୍ତ୍ତୃ. ଅ)—
Niraja ୧ । ପଦ୍ମ; ଜଳଜ—1. Lotus.

୨ । ମୁକ୍ତା—2. Pearl.
୩ । ଓଧ; ଉଦ୍ବିଡ଼ାଲ—3. Otter.
୪ । କୁଡ଼—4. A medicinal herb.
ସଂ. ବିଣ—ଜଳଜାତ—Aquatic.

ନୀରଜା—ସଂ. ବିଣ. ପୁଂ (ବହୁବ୍ରୀହି; ନିର୍=ନାହିଁ+ରଜସ୍=ଧୂଳି)—
Nirajā ୧ । ରଜୋହୀନ; ଧୂଳିଶୂନ୍ୟ—1. Free from dust.
(ନୀରଜ, ନୀରଜସ୍କ—ଅନ୍ୟରୂପ)
(ନୀରଜାଃ—ସ୍ତ୍ରୀ) ୨ । ପରାଗହୀନ (ଫୁଲ)—3. Pollenless.
୪ । ରଜୋଗୁଣବର୍ଜିତ—4. Free from darkness or gross worldly passions and attributes.
ସଂ. ବି. ପୁଂ – ମହାଦେବ—God Śiba.
ସ୍ତ୍ରୀ—୧ । ଯେଉଁ ସ୍ତ୍ରୀ ଋତୁମତୀ ହୋଇ ନାହିଁ—
1. A woman who has not had her menses.
୨ । ଯେଉଁ ସ୍ତ୍ରୀର ରଜୋଦ୍ଗମ ସ୍ଥଗିତ ହୋଇଅଛି—
2. A woman whose menstrual flow has ceased.

ନୀରଜାଃ—ସଂ. ବିଣ. ସ୍ତ୍ରୀ (ନୀରଜସ୍; ନିର୍=ନାହିଁ+ରଜସ୍=ଧୂଳି)—
Nirajāḥ ୧ । ଅରଜସ୍କା (ନାରୀ); ଯେଉଁ ସ୍ତ୍ରୀର ଋତୁସ୍ରାବ ହୁଏ ନାହିଁ—1. Not menstruating (woman); (a woman) who has no menses.
(ନୀରଜସ୍କା – ଅନ୍ୟରୂପ)
୨ । ଧୂଳିରହିତା—2. Free from dust.
୩ । ରଜୋଗୁଣରହିତା—3. Free from gross worldly passions or attributes.
୪ । ଅନାଗତାର୍ତ୍ତବା; ଯେଉଁ ବାଳକାର ରଜୋଦର୍ଶନ ହୋଇ ନାହିଁ; ଅରଜସ୍ୱଳା—4. Not yet menstruated (girl).
ସଂ. ବି—୧ । ଦୁର୍ଗା—1. Goddess Durgā.
୨ । କୁମାରୀ—2. Maiden.
୩ । ଅନାଗତାର୍ତ୍ତବା କନ୍ୟା—
3. A girl before the age of puberty.

ନୀରଥୀ—ସଂ. ବିଣ. (ନିର୍+ରଥିନ୍)—ରଥସ୍ୱାମିହୀନ; ଯେଉଁ ରଥର ରଥୀ
Nirathī ନ ଥାଏ—Destitute of a charioteer; driverless (car).

ନୀରଦ—ସଂ. ବି (ନୀର+ଦା ଧାତୁ=ଦାନ କରିବା+କର୍ତ୍ତୃ. ଅ)—
Nirada ୧ । ମେଘ—1. Cloud.
୨ । ମୁଥା—2. Bulbous rooted grass; Cyperus Rotundus.
(ନୀରଦା—ସ୍ତ୍ରୀ) ସଂ. ବିଣ. ପୁଂ—୧ । (ବହୁବ୍ରୀହି; ନି=ନାହିଁ+ରଦ=ଦନ୍ତ)—୧ । ଦନ୍ତହୀନ—1. Toothless.
୨ । (ନୀର+ଦା ଧାତୁ+କର୍ତ୍ତୃ. ଅ)—ଜଳ ଦାତା—
2. Giving water.

ନୀରଧର—ସଂ. ବି. (ନୀର+ଧୃ ଧାତୁ=ଧାରଣ କରିବା+କର୍ତ୍ତୃ. ଅ)—
Niradhara ଜଳଧର; ମେଘ—Cloud.
ସାଥ ମୋ ବାର୍ତ୍ତା ଭେଜ ହେ ନୀରଧର ।
ରାଧାନାଥ. ମେଘଦୂତ ।

ନୀରଧି—ସଂ. ବି. (ନୀର+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଇ)—
Niradhi ଜଳଧି; ସମୁଦ୍ର—Ocean.

ନୀରନିଧି—ସଂ. ବି. (ନୀର+ନି+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଇ)
Niranidhi ଜଳଧି; ସମୁଦ୍ର—Ocean.

ନୀରନ୍ଧ୍ର—ସଂ. ବିଣ. (ବହୁବ୍ରୀହି; ନିର୍+ରନ୍ଧ୍ର)—୧ । ଛିଦ୍ରରହିତ—
Nirandhra 1. Without a hole.
୨ । ନିବିଡ଼; ଘନ—2. Thick; dense.
ମହାବେଗେ ଘନ ଅର୍ଯ୍ୟେ ପ୍ରଚଣ୍ଡ ବଳରେ,
ନୀରନ୍ଧ୍ର ସେ ଶତ୍ରୁଦଳ ପକାଇଲେ ପାଣ୍ଡି । ରାଧାନାଥ. ମହାଯାତ୍ରା ।
୩ । ଗାଢ଼—3. Solid.
୪ । ଦୋଷହୀନ—
4 Faultless; flawless; defectless.

ନୀରପତି—ସଂ. ବି. (୬ଷ୍ଠୀ ତତ୍; ନୀର+ପତି)—ବରୁଣ ଦେବ—
Nirapati Baruṇa, the God of water.

ନୀରବ—ସଂ. ବିଣ. (ବହୁବ୍ରୀହି; ନିର୍+ରବ)—୧ । ଅବାକ୍—
Niraba 1. Mute; speechless.
(ନୀରବା – ସ୍ତ୍ରୀ) ୨ । ନିଃଶବ୍ଦ—2. Silent; noiseless.
(ନୀରବତା – ବି) ୩ । ନିସ୍ତବ୍ଧ—3. Calm; still; quiet.

ନୀରବିବା—ଦେ. (ପଦ୍ୟ) କ୍ରି.—(ସଂ. ନୀରବ)—ନୀରବ ହେବା—
Nirabibā To be silent.
ନୀରବନ୍ତେ ଆଖଣ୍ଡଳ, ସେହି ମୁହୂର୍ତ୍ତରେ, ଗର୍ବି ଅଭ୍ରଗତ୍ର ସ୍ୱର୍ଗ ଷୀଣପୁଣ୍ୟ ଯଥା—
ଚନ୍ଦ୍ରାମଣି. ବଚ୍ଚମାବଧ ।

ନୀରସ—ସଂ. ବିଣ. (ବହୁବ୍ରୀହି; ନିର୍+ରସ)—୧ । ରସହୀନ—
Nirasa 1. Sapless; juiceless.
(ନୀରସା—ସ୍ତ୍ରୀ) ୨ । କାମନାଶୂନ୍ୟ—
(ନୀରସତା – ବି) 2. Free from desire
୩ । ଶୁଷ୍କ—3. Dry.
୪ । ରାଗହୀନ—4. Passionless.
୫ । ସ୍ୱାଦହୀନ; ବିସ୍ୱାଦ—5. Insipid; tasteless.
୬ । ମାଧୁର୍ଯ୍ୟହୀନ—6. Devoid of charm
୭ । ନିରସ (ଦେଖ)—7. Nirasa (See)
ସଂ. ବି.—ଡାଳିମ୍ବ—
Pomegranate; Punica Granata.

ନୀରସା—ଦେ. ବିଣ. (ସଂ. ନୀରସ)—ନିରସା (ଦେଖ)
Nirasā Nirasā (See)
(ନୀରସିଆ – ଅନ୍ୟରୂପ)

ନୀଳ ଗ୍ରା. ବି. (ଇତର ଜନୋଚ୍ଚାରିତ; ଲ ସ୍ଥାନରେ ନ ଓ ଳ ସ୍ଥାନରେ
Nirā ର ଉଚ୍ଚାରଣ)—୧ । ଲୀଳା (ଦେଖ)—1. Lilā (See)
୨ । ନୀଳା (ଦେଖ)—2. Nilā (See)
ପ୍ରାଦେ. (ମେଦିନୀପୁର) ବି.—ମହୁରାଳି ମାଛ (ଦେଖ)
Mahurāli māchha (See)

ନୀରାଜନ— ସଂ. ବି. (ବହୁବ୍ରୀହି; ନୀର=ଶାନ୍ତି ଜଳ+ଅଜନ=କ୍ଷେପଣ;
Nirājana ଯେଉଁ ସମୟରେ ଶାନ୍ତି ଜଳ କ୍ଷେପଣ ହୁଏ)—
୧ । ଆରତ୍ରିକ; ଆରତି; ଦେବତାଙ୍କୁ ଓ ନବବିବାହିତ ବରକନ୍ୟାଙ୍କୁ ଦୀପ ଦେଖାଇବା ପୂର୍ବକ ଆରାଧନା; ବନ୍ଦାପନା—1. The ritual of waving lighted or a newly marrud couple wicks before an idol.
[ଦ୍ର—ଦୀପମାଳା; ସଜଳ ପଦ୍ମ, ଧୌତ ବସ୍ତ୍ର, ତୁଳସୀ ବା ବିଲ୍ୱଦଳାଦି ଓ ସାଷ୍ଟାଙ୍ଗ ପ୍ରଣାମ ଏହି ପଞ୍ଚ ଉପଚାରଦ୍ୱାରା ଆରାଧନାକୁ ନୀରାଜନ ବା ନୀରାଜନା ବୋଲି ଯାଏ ।]

୨ । (ନିର୍=ସମ୍ୟକ୍‌ରୂପେ+ରାଜ୍ ଧାତୁ=ଦୀପ୍ତି ପାଇବା+ଭାବ. ଅନ)—ଅସ୍ତ୍ରଶସ୍ତ୍ରାଦି ପରିଷ୍କାରକରଣ—
2. Cleansing of arms and weapons; polishing of weapons.
୩ । ପ୍ରତିମା ବିସର୍ଜନ—
3. The ceremonial casting off of an image.
୪ । ଶାନ୍ତି ଜଳ ସେଚନ କର୍ମ—4. The ceremony of sprinkling consecrated water for purification.
୫ । ଆଶ୍ୱିନ ବା କାର୍ତ୍ତିକ ମାସରେ ରାଜା ଓ ସେନାପତିଙ୍କ ଦ୍ୱାରା ଯୁଦ୍ଧାସ୍ତ୍ରାଦିର ମନ୍ତ୍ର ଦ୍ୱାରା ପବିତ୍ରୀକରଣ—
5. Lustration or consecrated polishing of arms; a kind of military and religious ceremony performed by kings or generals of armies in the month of Āświna or Kārttika before they took the field (Apte).
[ଦ୍ର— ରାଜା ଓ ସେନାପତିମାନେ ପୂର୍ବେ ଯୁଦ୍ଧଯାତ୍ରା କରିବାକୁ ଅନୁକୂଳ କରିବା ପୂର୍ବରୁ ଆଶ୍ୱିନ ବା କାର୍ତ୍ତିକ ମାସରେ ସମସ୍ତ ଅସ୍ତ୍ରଶସ୍ତ୍ରାଦିକୁ ପୁରୋହିତଙ୍କଦ୍ୱାରା ଅଭିମନ୍ତ୍ରିତ ଓ ପରିଷ୍କୃତ କରୁଥିଲେ । ଏହି ବିଧିକୁ ନୀରାଜନ ବୋଲିଯାଉଥିଲା ।]

ନୀରାଜନା— ସଂ. ବି. ସ୍ତ୍ରୀ. (ନୀରାଜନ+ଆ)— ନୀରାଜନ (ଦେଖ).
Nirājanā Nirājana (See)
ସମ୍ପାଦିଲେ ହସ୍ତୀ ଶ୍ରେଣୀ ନୀରାଜନା ବିଧି । ରାଧାନାଥ. ମହାଯାତ୍ରା ।

ନୀରାଜିତ— ସଂ. ବିଣ. (ନୀର+ଅଜ୍ ଧାତୁ+କର୍ମ. ତ)—
Nirājita ୧ । ବନ୍ଦାପନା କରି ଯାଇଥିବା (ଦେବତା)—
1. (a Deity) Worshipped with the waving of lights.
୨ । ମନ୍ତ୍ରାଦି ଦ୍ୱାରା ପବିତ୍ରୀକୃତ ଓ ପରିଷ୍କୃତ (ଅସ୍ତ୍ରଶସ୍ତ୍ରାଦି)—
2. Lustrated (weapons).

ନୀରିନ୍ଦୁ— ସଂ. ବି— ଏକ ପ୍ରକାର ସିଜୁ—
Nirindu A kind of Euphorbia; Trophis Aspera.

ନୀରୁଜ— ସଂ. ବିଣ. ପୁଂ (ବହୁବ୍ରୀହି; ନିର୍+ରୁଜା=ରୋଗ)—
Niruja ୧ । ନୀରୋଗ; ସୁସ୍ଥ—1. Well; hale.
(ନୀରୁଜା— ସ୍ତ୍ରୀ) ୨ । ପୀଡ଼ାହୀନ—2. Free from disease.

ନୀରୂପ - ସଂ. ବିଣ. ପୁଂ. (ବହୁବ୍ରୀହି; ନିର୍=ନିର୍ଗତ ବା ନାହିଁ+ରୂପ)—
Nirūpa ୧ । ରୂପହୀନ—1. Shapeless; formless; incorporeal.
(ନୀରୂପା—ସ୍ତ୍ରୀ)
(ନୀରୂପତା— ବି) ୨ । ସୌନ୍ଦର୍ଯ୍ୟହୀନ; ଅସୁନ୍ଦର—
2. Destitute of beauty.
ସଂ. ବି—୧ । ବ୍ରହ୍ମ—1. The Supreme Soul.
୨ । ଆକାଶ—2. The heavens.
୩ । ଶୂନ୍ୟ—3. The etherial space.

ନୀରୋ —ବୈଦେ. ବି. (ନାମ)— ପ୍ରାଚୀନ ରୋମର ନିଷ୍ଠୁର ସମ୍ରାଟବିଶେଷ—
Niro Nero; name of a cruel emperor of ancient Rome.
नीरो **नीरो**

ନୀରୋଗ—ସଂ. ବିଣ. (ବହୁବ୍ରୀହି; ନିର୍+ରୋଗ)—
Niroga ୧ । ସୁସ୍ଥ—1. Healthy; hale.
୨ । ରୋଗହୀନ—2. Free from disease.
ସଂ. ବି—ସ୍ୱାସ୍ଥ୍ୟ—Health.

ନୀରୋମ—ସଂ. ବିଣ. (ବହୁବ୍ରୀହି; ନିର୍+ରୋମନ୍)—ରୋମ ଶୂନ୍ୟ—
Niroma Devoid of fur or down.
ନୀରୋମ ହୋଇ ହୋଇଛ ସେ ମନୋରମ
ତା ଦେଖି ବଢ଼ି ବଳ ପଡ଼ିଲା ମୋ ପ୍ରେମ । କୃଷ୍ଣସିଂହ. ମହାଭାରତ. ବନ ।

ନୀର୍ବନ୍ଧ —ଗ୍ରା. ବିଣ—ନିବୁଜ—
Nirbandha Dense; compact.
निबुंज ଅପ୍ରଗିର ସେନ ମେରୁ କଗିଲା, ନୀର୍ବନ୍ଧ କରୁ ଘର ଓଗାଳନ୍ତି ।
ठोस ପ୍ରାଚୀ, ପରତେ ଗୀତା ।

ନୀଲ୍ (ଧାତୁ)—ସଂ—୧ । ଅନ୍ଧକାରମୟ ହେବା—
Nil (root) 1. To be dark (M. W.).
୨ । କଳା ରଙ୍ଗ କରିବା—2. To dye dark.

ନୀଲ୍ ଡାଉନ୍ - ବୈଦେ. ବି (ଇଂ. ନୀଲ୍ ଡାଉନ୍=କ୍ରିୟା; ଆଣ୍ଠୁ ମାଡ଼ି ବସିବା)—ଶିଶୁ ଛାତ୍ରମାନଙ୍କୁ ଦଣ୍ଡ ସ୍ୱରୂପ ଦିଆଯିବା ଆଣ୍ଠୁ ମାଡ଼ି ବସିବା ଦଣ୍ଡ—
Nil ḍāun
नील डाउन्
Kneeling down for some time meted as a punishment to offending children in schools.
ବୈଦେ. ବିଣ— ଆଣ୍ଠୁ ମାଡ଼ି ବସିବା ଦଣ୍ଡ ପ୍ରାପ୍ତ (ଛାତ୍ର)—
(a child student) Punished by being made to kneel down.

ନୀଳ —ସଂ. ବି. (ନୀଲ୍ ଧାତୁ=କଳା ରଙ୍ଗ କରିବା+କରଣ. ଅ)—
Nila ୧ । ନେଳ ରଙ୍ଗ—1. Blue colour.
୨ । ନୀଳ ଗୁଳ୍ମ—2. Indigo plant; Indigofera Tinctoria.

[ଦ୍ର—ନୀଳ ଗୁଳ୍ମ ଉଚ୍ଚରେ ୨।୩ ହାତ ବଢ଼େ । ଏହା ଶିମ୍ବାଦି ବର୍ଗର କୃଷିଜାତ ଗୁଳ୍ମ; ଏ ଗୁଳ୍ମ ପ୍ରାୟ ୩୦୦ ଜାତିର । ପତ୍ରମାନ ଡାଳର ଦୁଇ ପାଖରେ ପଂକ୍ତିବଦ୍ଧ ହୋଇ ଲାଗିଥାଏ । ମଞ୍ଜରୀରେ ଫୁଲ ଧରେ ଓ ମୋଟ ମୋଟ ଛୁଇଁ ହୁଏ । ପ୍ରତ୍ୟେକ ଛୁଇଁରେ ୮।୧୦ଟି ଶିମ୍ବ ମଞ୍ଜି ପରି ମଞ୍ଜି ଥାଏ । ଏ ଗଛକୁ ଶୁଖାଇ କିଛି ଦିନ ପାଣିରେ

କୁଡ଼ୁଆଇ ସଢ଼ାଇଲେ ନୀଳ ରଙ୍ଗ ତଳେ ବସିଯାଏ ଓ ସେ ପାଣିକୁ ନିଗାଡ଼ି କରି ରଙ୍ଗ ବାହାର କରାଯାଏ । ବହୁ ପୂର୍ବ କାଳରେ ଭାରତରେ ପ୍ରଥମେ ଏ ଗୁଳ୍ମରୁ ନୀଳ ରଙ୍ଗ ଆମଦାନି କରା ଯାଉଥିଲା । ଖ୍ରୀଷ୍ଟ ଜନ୍ମର ୮୦ ଅବ୍ଦରେ ଭାରତରୁ ବିଦେଶକୁ ନୀଳ ରଙ୍ଗ ପଠା-ଯାଉଥିବାର ଗ୍ରୀକ୍ ଲେଖକମାନେ ଲେଖି ଅଛନ୍ତି । ପୂର୍ବେ ଗୁଜରାଟ ଅଞ୍ଚଳରୁ ଇଉରୋପକୁ ନୀଳ ରଙ୍ଗ ପଠା ଯାଉଥିଲା । ଇଷ୍ଟ ଇଣ୍ଡିଆ କୋମ୍ପାନି ବଙ୍ଗ ବିହାର ଓଡ଼ିଶାରେ ନୀଳର କୃଷି କରି ଅନେକ ସ୍ଥାନରେ ନୀଳ ତିଆରି କରିବା ପାଇଁ କୋଠିମାନ କଲେ । ନୀଳ ଫସଲ ଗଛର ଜାତି ଓ ଦେଶ ଅନୁସାରେ ୩ ମାସଠାରୁ ୧୮ ମାସ ପର୍ଯ୍ୟନ୍ତ ରହେ ଓ ଥରେ ଗଛକୁ କାଟି ନେଲେ ପୁଣି ସେଥିରୁ କୁଆଁ ବାହାରେ । କଞ୍ଚା ବା ଶୁଖିଲା ଗଛକୁ ୧୨।୧୪ ଘଣ୍ଟା ବତୁରାଇଲେ ପାଣି ନେଳି ହୁଏ, ସେ ପାଣିକୁ ମନ୍ଥନ କରି ଜଳ ଉପରେ ରଶ୍ମି ଫୁଟାଇଲେ ନୀଳ ପାତ୍ରର ତଳକୁ ବସି ଯାଏ । ସେହି କାଦୁଅ ନୀଳକୁ ପଟ୍ଟ ଉପରେ ରଖି ଚାପ ଦେଲେ ପାଣି ନିଗିଡ଼ି ଯାଏ ଓ ନୀଳ ପରସ୍ପର ପରସ୍ପର ହୋଇ ବସି ଯାଏ । ତାହାକୁ ଖଣ୍ଡ ଖଣ୍ଡ କରି କାଟି ବାଣିଜ୍ୟାର୍ଥ ପଠାଯାଏ । ବଙ୍ଗଦେଶର ସାହେବମାନେ ୧୫୦।୨୦୦ ବର୍ଷ ତଳେ ନୀଳ ଚାଷ ଓ ଆମଦାନି କରିବାର ଏକଚେଟିଆ ଅଧିକାର ସରକାରଙ୍କଠାରୁ ପାଇ ପ୍ରଜାମାନଙ୍କ ଦ୍ୱାରା ନୀଳ ଚାଷ କରାଇ ଆପଣାର କୋଠିମାନଙ୍କରେ ନୀଳ ତିଆରି କରାଉଥିଲେ । ବର୍ତ୍ତମାନ ବୈଜ୍ଞାନିକ ପ୍ରଣାଳୀରେ ନୀଳ ରଙ୍ଗ ତିଆରି ହେବାରୁ ଭାରତରୁ ନୀଳର କୃଷି ଉଠି ଯାଇଅଛି ।]

୩ । ନୀଳାଚଳ—3. Name of a range of mountains; the Nilgiris.

[ଦ୍ର—ଆସାମରେ ଉତ୍ତର ନୀଳାଚଳ ଓ ଓଡ଼ିଶାରେ ଦକ୍ଷିଣ ନୀଳାଚଳ ଓ ଦାକ୍ଷିଣାତ୍ୟର ନୀଳଗିରି ପର୍ବତମାଳାକୁ 'ନୀଳ' ନାମରେ ଅଭିହିତ କରାଯାଏ ।]

୪ । ଇନ୍ଦ୍ର ନୀଳମଣି—4. A gem; sapphire.

୫ । କୁବେରଙ୍କର ନୀଳ ନାମକ ନିଧି—5. One of the 9 divine treasures God Kubera.

[ଦ୍ର—କୁବେରଙ୍କର ନବ ନିଧି ମଧ୍ୟରୁ ଏହା ଏକ ।]

୬ । ରାମାୟଣ ବର୍ଣ୍ଣିତ ବାନର ସେନାପତି—
6. Name of a monkey general mentioned in the Rāmāyaṇa.

[ଦ୍ର—ଏ ଅଗ୍ନିଙ୍କର ପୁତ୍ର ଥିବାର କଥିତ ।]

୭ । ନିର୍ଗୁଣ୍ଡୀ ବା ବେଗୁନିଆ ଗଛ—
7. A small tree; Vitex Nigundi.

୮ । ଲାଞ୍ଛନ; ଚିହ୍ନ—8. A spot or mark.

୯ । ବଟ ବୃକ୍ଷ—9. The banyan tree; Ficus Indica.

୧୦ । କାଚ ଲବଣ—10. The black salt.

୧୧ । ବିଷ—11. Poison

୧୨ । ଭୂଇଁଅଁଳା; ତାଳୀଶପତ୍ର—
12. A species of plant; Flacourtia Cataphracta.

୧୩ । ସୌବୀରାଞ୍ଜନ—13. Antimony; collyrium.

୧୪ । ତୁତ୍ଥ; ତୁତିଆ—14. Blue vitriol.

୧୫ । ଏକପ୍ରକାର ନେଳିଆ ଶାରୀ—
15. The blue or hill maina bird. (M.W.)

୧୬ । କଳା ରଙ୍ଗର ଷଣ୍ଢ ବା ବଳଦ—
16. An ox or bull of dark colour(M.W).

୧୭ । (ନାମ) ରାଜା ଯଦୁଙ୍କର ଏକ ପୁତ୍ର—
17. Name of a son of king Jadu.

୧୮ । (ନାମ) ଅଜାମୀଢ଼ର ଏକ ପୁତ୍ର—
18. Name of a son of Ajāmirḍha.

୧୯ । (ନାମ) ଇଳାବୃତ ଦେଶର ଉତ୍ତରକୁ ଲାଗିଥିବା ପୌରାଣିକ ପର୍ବତବିଶେଷ—19. Name of a mythological mountain immediately north of Iḷābṛuta or the central division of ancient India.

୨୦ । (ମହାଭାରତୋକ୍ତ) ମାହିଷ୍ମତୀର ଏକ ରାଜା—
20. Name of a king of Mahishmatī.

୨୧ । ଦଶ ହଜାର ଅର୍ବୁଦ ସଂଖ୍ୟା (ହି. ଶ.)—
21. A number; ten trillions.

[ନୀଳତା (ଭ୍ବ)—ବି] ବି. ବିଣ—୧ । ନୀଳବର୍ଣ୍ଣବିଶିଷ୍ଟ—
1. Blue.

୨ । କାଳିଆ—2. Of a dark colour.

୩ । ନୀଳ ରଙ୍ଗରେ ରଞ୍ଜିତ—
3. Dyed with indigo.

ଦେ. ବି. ପୁଂ—୧ । ନୀଳମଣିର ଡାକନାମ—
1. Name for calling Niḷamaṇi.

୨ । ଆଫ୍ରିକାର ବୃହତ୍ତମ ନଦୀ—
2. The river Nile of Africa.

[ଦ୍ର—ଏହା ଭିକ୍ଟୋରିଆ ନାଏଞ୍ଜା ହ୍ରଦରୁ ବାହାରି ମିଶର ବାଟେ ଆଲେକ୍‌ଜାଣ୍ଡ୍ରିଆଠାରେ ଭୂମଧ୍ୟସାଗରରେ ପଡ଼ିଅଛି ।]

(ନୀଲ୍—ଅନ୍ୟରୂପ) ୩ । ନୀଳ ଗାଈ (ଦେଖ)
3. Nilagāi (See)

ନୀଲଂ—ଦେ. ବି (ନାମ)—ହିମାଳୟର ଗିରିସଙ୍କଟବିଶେଷ—
(ନୀଲମ୍—ଅନ୍ୟରୂପ) A pass in the Himalayas.

[ଦ୍ର—ଏହି ବାଟରେ ଭାରତରୁ ତିବ୍ବତକୁ ଯାଆନ୍ତି । ଏହା ୬ ମାସ ଖୋଲାଥାଏ । ଏଥିର ନିମ୍ନରେ ଶତଦ୍ରୁ ନଦୀ ପ୍ରବାହିତ ବରଫ ପଡ଼ିଲେ ଏଠାର ବାସିନ୍ଦାମାନେ ଗଙ୍ଗୋତ୍ରୀକୁ ଚାଲିଆସନ୍ତି । ସ୍ୱାମୀ ରାମାନନ୍ଦ ।]

ନୀଳକ—ସଂ. ବି (ନୀଳ+ସଂଜ୍ଞାର୍ଥେ. କ)—୧ । କାଚ ଲବଣ—
Niḷaka 1. The black salt.

୨ । ତୁତିଆ— . Blue vitriol.

୩ । ବୀଜଗଣିତର ଅଜ୍ଞାତ ରାଶିବିଶେଷ; ତୃତୀୟ ଅଜ୍ଞାତ ରାଶି ବା ତହିଁର ବର୍ଗ—3. An unknown quantity in Algebra; the third unknown quantity or its square.

୪ । ଅସନ ବୃକ୍ଷ—4. Name of a timber tree; Terminalia Tomentosa.

୫ । ପିଅଶାଳ ଗଛ—5. A timber tree; Pentaptera Tomentosa.

୬ । କୃଷ୍ଣସାର ମୃଗ—6. A species of antelope.

୭ । (ନୀଳ+ଙ୍କେ ଧାତୁ=ଶୋଭାପାଇବା+କର୍ତ୍ତୃ. ଅ)— ଭ୍ରମର—7. Black bee.

୮ । କଳା ରଙ୍ଗର ଘୋଡ଼ା—
8. A dark coloured horse. (M.W.)

୯ । ନୀଳ ଗୁଳ୍ମ—9. Indigo plant. (M.W.)

୧୦ । ଶେଫାଳିକା; ଗଙ୍ଗଶିଉଳି ଫୁଲ—
10. Nyctanthes Arbortrestes (M. W.)

୧୧ । ମୁହଁରେ କଳା ଓ ନେଳ ଦାଗ ହେବା ରୋଗବିଶେଷ—
11. A kind of malady; black and blue marks in the face. (M.W.)

୧୨ । ଆଖିର ଡୋଳାର ରୋଗବିଶେଷ—
12. A particular disease of the lens of the eye. (M.W.)

୧୩ । ନେଳ ଇସ୍ପାତ; ବର୍ତ୍ତ ଲୌହ (ହି. ଶ.)—
13. Blue steel (M. W.)

ସଂ. ବିଣ—ନେଳିଆ; ନୀଳବର୍ଣ୍ଣବିଶିଷ୍ଟ—Blue.

ନୀଳ କଇଁ—ଦେ. ବି (ସଂ. ନୀଳ+କମଳ; କୁମୁଦ)—
Nila kain — ନୀଳୋତ୍ପଳ; ନୀଳବର୍ଣ୍ଣ କଇଁ ଫୁଲ—
नीलकमल — Blue waterlily; Nymphæa Cyana.
नीलकमल, नीलोफर

ନୀଳକଣା—ସଂ. ବି—କଳାଜୀରା (ହି. ଶ.)—
Nilakana — Black cumin seed. (M.W.)

ନୀଳକଣ୍ଠ—ସଂ. ବି (ବହୁବ୍ରୀହି; ନୀଳ=ନୀଳବର୍ଣ୍ଣବିଶିଷ୍ଟ+କଣ୍ଠ)—
Nilakantha — ୧ । ମହାଦେବ—1. God Mahādeba.

[ଦ୍ର—ସମୁଦ୍ର ମନ୍ଥନ ସମୟରେ ମହାଦେବ ସମୁଦ୍ରୋଦ୍ଭୂତ କାଳକୂଟ ପାନ କରିବାରୁ ବିଷଜ୍ୱାଳାରେ ତାଙ୍କର କଣ୍ଠଦେଶ ନୀଳବର୍ଣ୍ଣ ଧାରଣକଲା ।]

୨ । ମୟୂର—2. Peacock.

ବନଲରେ ନୀଳକଣ୍ଠ ନୃତ୍ୟେ ଶ୍ରବାପର ।
ଉପେ. ବୈଦେହୀଶବିଳାସ ।

୩ । ଚନ୍ଦନବିଶେଷ—
3. A kind of sandal wood.

୪ । ଦାତ୍ୟୂହ; ଡାହୁକ ପକ୍ଷୀ—
4. The gallinule (bird); the water hen.

୫ । ଏକପ୍ରକାର ଗଦ—
5. A kind of medicinal root.
[ଦ୍ର—ଏହାର ମୂଳ ନୀଳବର୍ଣ୍ଣ ।]

୬ । ଘରଚଟିଆ ଚଢ଼େଇ—6. Sparrow.

୭ । ଭଦଭଦଳିଆ; ଖଞ୍ଜ ପକ୍ଷୀ—
7. The blue-necked jay; the Indian roller bird; Coracis Indica.

୮ । ଖଞ୍ଜନ ପକ୍ଷୀ—
8. The common wagtail; Motacilla Alba.

୯ । ଏକପ୍ରକାର ବଗ—
9. Ardea Sibirica. (M. W.)

୧୦ । ମୂଳା (ହି. ଶ.)—10. Radish. (M. W.)

୧୧ । (ନାମ) ମହାଭାରତର ପ୍ରସିଦ୍ଧ ଟୀକାକାର—
11. Name of a commentator of the Mahābhārata.

ସଂ. ବିଣ—ନୀଳକଣ୍ଠଯୁକ୍ତ—
Having a blue neck.

ଦେ. ବି—୧ । ଦେଶୀ ଆଳୁ—1. Yam.

୨ । ଲୋକଙ୍କ ନାମ—
2. A name given to males.

ନୀଳକଣ୍ଠ ନାଥ—ଦେ. ବି—ପ୍ରତିଷ୍ଠିତ ଶିବଲିଙ୍ଗଙ୍କ ନାମବିଶେଷ—
Nilakantha nātha — Name of an idol of Siba.
(ନୀଳକଣ୍ଠେଶ୍ୱର; ନୀଳକଣ୍ଠଦେବ—ଅନ୍ୟରୂପ)

ନୀଳକଣ୍ଠ ବଂଶ—ଦେ. ବି (ନାମ)—ଷୋଡ଼ଶ ଶତାବ୍ଦୀର ବିଦର୍ଭ (ବେରାର) ଦେଶବାସୀ ଜ୍ୟୋତିଷଜ୍ଞ ବ୍ରାହ୍ମଣ ବଂଶ—
Nilakantha bamśa — Name of a family of successive astrologers of Berar of the 16th century.

ନୀଳକଣ୍ଠା—ଦେ. ବିଣ—ନୀଳକଣ୍ଠଯୁକ୍ତ—
Nilakanthā — Blue necked.
ଗୋଚର ନୀଳକଣ୍ଠା ଉଦରେ—ସ୍ୱାତୀ. ପ୍ରତାପ ଶଶିରେଖା ।

ନୀଳକଣ୍ଠୀ—ସଂ. ବି. ସ୍ତ୍ରୀ (ନୀଳକଣ୍ଠ+ସ୍ତ୍ରୀ. ଈ)—ମୟୂରୀ—
Nilakanthi — Peahen. (M.W.)

ନୀଳକନ୍ଦ—ସଂ. ବି—ଏକପ୍ରକାର ଆଳୁ—
Nilakanda — A species of edible bulbous root.

ନୀଳ କନ୍ଦର—ସଂ. ବି—ନୀଳଗିରି ପର୍ବତର କନ୍ଦର ବା ଗୁମ୍ଫା—
Nila kandara — The cave of the Nilagiri mountain.

ନୀଳକନ୍ଦର ବିହାରୀ—ସଂ. ବି (ନୀଳକନ୍ଦର+ବିହାରୀ)—
Nilakandara bihāri — ପୁରୀର ଜଗନ୍ନାଥ ମହାପ୍ରଭୁ—
A name of the idol Jagannātha of Puri.

ନୀଳକନ୍ୟା—ଦେ. ବି—ଲକ୍ଷ୍ମୀ—
Nilakanyā — Goddess Lakshmi.
[ଦ୍ର—ସତ୍ୟଯୁଗରେ ଦୈତ୍ୟଗ୍ରାସକାଳରେ ସୁଧାଙ୍କ ଅଙ୍ଗରୁ ଶ୍ରମବାରି ବୋହି କ୍ଷୀରସମୁଦ୍ରରେ ପଡ଼ିଲାରୁ ଗୋଟିଏ କନ୍ୟା ଜାତ ହେଲା । ତାହାର ନାମ ଲକ୍ଷ୍ମୀ—
ବୈଷ୍ଣବ ସାହିତ୍ୟ ।]

ନୀଳ କମଳ—ସଂ. ବି (ନୀଳ+କମଳ)—ନୀଳୋତ୍ପଳ; ନୀଳକଇଁ—
Nila kamala — Blue lotus; blue water lily.
(ନୀଳକୁମୁଦ—ଅନ୍ୟ ନାମ)

ନୀଳକର—ଦେ. ବ. (ଭୁଲନାକର—ସୁଧାକର)—ନୀଳଗଛରୁ ନୀଳରଙ୍ଗ
Nilakara ଆବାଦକାରୀ ବ୍ୟକ୍ତି—Indigo planter.
नीलकर नीलकर

ନୀଳକାନ୍ତ—ସଂ. ବ. (ନୀଳ+କାନ୍ତ=କମନୀୟ)—ନୀଳମଣି; ଇନ୍ଦ୍ରନୀଳମଣି
Nilakānta Sapphire.

ନୀଳକୁନ୍ତଳା—ସଂ. ବଣ. ସ୍ତ୍ରୀ. (ବହୁବ୍ରୀହି; ନୀଳ+କୁନ୍ତଳ+ସ୍ତ୍ରୀ. ଆ)—
Nilakuntalā ଯେଉଁ ସ୍ତ୍ରୀର କେଶ ଗାଢ଼ ନୀଳବର୍ଣ୍ଣ—
(a woman) Having dark-blue hair.
ସଂ. ବ. ସ୍ତ୍ରୀ—ଦୁର୍ଗାଙ୍କ ସଖୀବିଶେଷ—
Name of a female friend of Durgā.

ନୀଳକେଶୀ—ସଂ. ବ—ନୀଳଗଛ—
Nilakesi The indigo plant.

ନୀଳ କୋଠି—ଦେ. ବ. (ସଂ. ନୀଳ+କୋଷ୍ଠ)—ଯେଉଁ କାରଖାନାରେ
Nila kothi ନୀଳ ଗଛରୁ ନୀଳରଙ୍ଗ ଆମଦାନୀ କରାଯାଏ—
नीलकुठि नीलकोठी Indigo factory.

ନୀଳକ୍ରାନ୍ତା—ସଂ. ବ—ନେଳ ଅପରାଜିତା—Clitoria Ternatia
Nilakrāntā (the blue-flowering variety).

ନୀଳ କ୍ରୌଞ୍ଚ—ସଂ. ବ—କାଣ୍ଡିବଗ—The blue heron (M. W.);
Nila krauñcha Ardea Sibirica.

ନୀଳଗଦ—ଦେ. ବ—ଏକପ୍ରକାର ଗଦ—
Nilagada A kind of medicinal root.
[ଦ୍ର—ଏହାର ମୂଳ ନେଳ; ଏହାର ଅନ୍ୟନାମ ନୀଳକଣ୍ଠ ।]

ନୀଳଗାଈ—ଦେ. ବ. (ସଂ. ନୀଳଗୌ)—କୃଷ୍ଣସାର ଜାତୀୟ ଗବାଦି ପଶୁ
Nilagāi ପରି ଘନନୀଳାଭ ଧୂସରବର୍ଣ୍ଣ ବନ୍ୟପଶୁବିଶେଷ—
निलगाई A large species of Asiatic antelope
नीलगाय Boselaphus Tragocamelus; the Nylghau.
[ଦ୍ର—ଏମାନଙ୍କ ଦେହର ବର୍ଣ୍ଣ ନୀଳାଭ ପାଉଁଶିଆ; କାନ ଗାଈ ପରି, ଶିଂଘ ବଙ୍କା ଓ ଛୋଟ; ବେକ ଉପରେ କଳାବାଳର କ୍ଷୁଦ୍ର କେଶର ଅଛି । ବେକ ତଳେ କେତେ ୮।୧୦ ଅଙ୍ଗୁଳ ଲମ୍ବ ବାଳ ଓହୋଳ ଥାଏ; ଏହାର ଚମଡ଼ା ଖୁବ ଟାଣୁଆ; ବେକର ଚମଡ଼ାରେ ଢାଲ ହୁଏ । ବୈଦ୍ୟକମତରେ ଏହାର ମାଂସ ମଧୁର, ବଳକାରକ, ଉଷ୍ଣବୀର୍ଯ୍ୟ, କଫ ଓ ପିତ୍ତବର୍ଦ୍ଧକ ଓ ସ୍ନିଗ୍ଧ; ଏମାନେ ଭଳରେ ଅପୁଷ୍ଟ ବଢ଼ନ୍ତି ଓ ପୋଷା ମାନନ୍ତି ।]

ନୀଳଗିରି—ସଂ. ବ. (ନୀଳ+ଗିରି)—୧ । ଉତ୍କଳର ଦକ୍ଷିଣଦିଗସ୍ଥ ପର୍ବତ
Nilagiri ବିଶେଷ; ଦାକ୍ଷିଣାତ୍ୟର ପର୍ବତବିଶେଷ—
1. A range of hills to the south of Orissa; the Nilgiris.
୨ । ପୁରାଣାଦିରେ ବର୍ଣ୍ଣିତ ପୁରୀର ଜଗନ୍ନାଥ ଯେଉଁ ଗିରିରେ ବିରାଜିତ—2. A mythological mountain said to be the seat of Jagannātha of Puri.
୩ । ଆସାମର କାମାଖ୍ୟା ଦେଶସ୍ଥ ପାହାଡ଼—
3. A range of hills in Assam.
ଦେ. ବ—୧ । ଓଡ଼ିଶାର ଗଡ଼ଜାତବିଶେଷ—
1. Name of a hilly state of Orissa.
[ଦ୍ର—ଏହା ବାଲେଶ୍ୱରର ପଶ୍ଚିମରେ । ଛୋଟନାଗପୁରର ଜଣେ ରାଜପୁତ୍ ବୀର ଉତ୍କଳର ସ୍ୱାଧୀନ ରାଜା ପ୍ରତାପରୁଦ୍ରଦେବଙ୍କ କନ୍ୟାଙ୍କ ପାଣିଗ୍ରହଣ କରି, ରାଜାଙ୍କ ସାହାଯ୍ୟରେ ଉକ୍ତ ରାଜ୍ୟ ସ୍ଥାପନ କରିଥିଲେ । କୃପାସିନ୍ଧୁ—ଉତ୍କଳ ଇତିହାସ ।]
୨ । ଖଣ୍ଡଗିରିକୁ ଲାଗିଥିବା ଗୋଟିଏ ଅନୁଚ୍ଚ ପାହାଡ଼—
2. Name of a hill adjoining the Khandagiri hill.
[ଦ୍ର—ଏଥିରେ କୌଣସି ବୌଦ୍ଧକୀର୍ତ୍ତି ନାହିଁ । ଏହି ପାହାଡ଼ ଓ ଖଣ୍ଡଗିରି ପାହାଡ଼ର ମଧ୍ୟଦେଇ ଖୋର୍ଦ୍ଧା ସଡ଼କ ଯାଇଅଛି ।]

ନୀଳଗୌ—ସଂ. ବ. (କର୍ମଧା; ନୀଳା+ଗୌ)—ନୀଳଗାଈ (ଦେଖ)
Nilagau Nilagāi (See)

ନୀଳଗ୍ରୀବ—ସଂ. ବ ଓ ବଣ. (ବହୁବ୍ରୀହି; ନୀଳ=ନୀଳବର୍ଣ୍ଣ ବିଶିଷ୍ଟ+
Nilagriba ଗ୍ରୀବା)—ନୀଳକଣ୍ଠ (ଦେଖ)
Nilakantha (See)

ନୀଳ ଚକ୍ର—ସଂ. ବ—୧ । ପୁରୀର ଜଗନ୍ନାଥ ମନ୍ଦିର ଓ ବିଷ୍ଣୁମନ୍ଦିରମାନଙ୍କର
Nila chakra ଶିଖରରେ ଥିବା ଧାତୁମୟ ଚକ୍ର—The metal discus put on the top of the temple of Jagannātha of Puri and of other temples of Bishnu.
୨ । ୩୦ ଅକ୍ଷରର ଦଣ୍ଡକବୃତ୍ତ (ହି. ଶବ୍ଦସାଗର)—
2. Name of a Sanscrit metre.

ନୀଳଚୋଳି—ଦେ. ବ. (ସଂ. ନୀଳ+ଚୋଳକ)—ନୀଳବର୍ଣ୍ଣ କାଞ୍ଚୁଲା—
Nilacholi A jacket of blue-colour.
କଞ୍ଚୁକ ସ୍ୱର୍ଣ୍ଣଜରି-ନୀଳଚୋଳି । . ଲକ୍ଷ୍ମ ବୈଦେହୀଶବିଳାସ ।

ନୀଳଚ୍ଛଦ—ସଂ. ବଣ. (ବହୁବ୍ରୀହି; ନୀଳ+ଛଦ; ସନ୍ଧି ଯୋଗୁଁ ଛର ଦ୍ୱିତ୍ୱ)
Nilachchhada ୧ । ନେଳିଆ ପତ୍ରବିଶିଷ୍ଟ—
1. Blue-leaved.
୨ । ନେଳିଆ ପକ୍ଷବିଶିଷ୍ଟ—2. Blue-winged.
ସଂ. ବ—୧ । ଖଜୁରିଗଛ—1. The date tree. (M.W.).
୨ । ଗରୁଡ଼—2. A name of Garurda. (M. W.).

ନୀଳଝିଣ୍ଟୀ—ସଂ. ବ—ନେଳ ଫୁଲବିଶିଷ୍ଟ କୁରଣ୍ଟ ଗଛ; ବାଣା—
Nilajhinti The blue flowered variety of Barleria.

ନୀଳ ତରୁ—ସଂ. ବ—୧ । ନଡ଼ିଆଗଛ; ନାରକେଳ ବୃକ୍ଷ—
Nila taru 1. The cocoanut tree.
୨ । ନୀଳବର୍ଣ୍ଣ ବୃକ୍ଷ—2. A blue tree.

ନୀଳତାଳ—ସଂ. ବ—ହେନ୍ତାଳ—Xanthochymus Pictorius or
Nilatāla (ନୀଳଧ୍ୱଜ—ଅନ୍ୟରୂପ) Palludosa. (M. W.).

ନୀଳତୁତ୍ଥ—ସଂ. ବ—ତୁତିଆ—
Nilatuttha Blue vitriol.

ନୀଳଦୂର୍ବା—ସଂ. ବ—ଆନୀଳ ଦୂବଘାସ—
Niladūrbā A species of Dūba grass.

ନୀଳଧର—ଦେ. ବି (ସଂ. ନୀଳ ମହୀଧର)—ନୀଳପର୍ବତ—
Nilādhara Blue mountain.
' ଏବେ ନୀଳଧର ବରଣବ ତା ଅଙ୍ଗରେ । ପ୍ରାଚୀ, ରସବାରିଧି ।

ନୀଳନ୍ଦି—ଗ୍ରା. ବି. (ସଂ. ନୀଳେନ୍ଦୀବର)—ନୀଳପଦ୍ମ—
Nilandi The blue water lily.

ନୀଳନ୍ଦିଦଳ—ଦେ. ବି. (ସଂ. ନୀଳେନ୍ଦୀବର ଦଳ)—ନୀଳକଇଁର ପାଖୁଡ଼ା—
Nilandidala The petal of a blue water lily.
ନୀଳନ୍ଦିଦଳ ପଦ୍ମ ଅଶି ମାଳା କରନ୍ତୁ ସଙ୍ଗେ ଡେଣି ।
(ନୀଳେନ୍ଦିଦଳ—ଅନ୍ୟରୂପ) କମଳଲୋଚନ, ଚଉତିଶା ।

ନୀଳପକ୍ଷୀ—ଦେ. ବି. (ନୀଳ + ପକ୍ଷୀ)—ଭଦଭଦଳିଆ (ଦେଖ)
Nilapakshi Bhadabhadaliā (See)
ଜୟପାଖୀ ଦେଖିଶୁଣି ! ଅବଧୂତ ଉଡ଼ଗଲା ନୀଳପକ୍ଷୀ ।
ବାଷପକ୍ଷୀ ଅଚ୍ୟୁତାନନ୍ଦ—ଦଦଗ୍ ଧରଣୀମଣି ।

ନୀଳପଙ୍କ—ସଂ. ବି. (ନୀଳ ପଙ୍କ)—୧ । ନେଳଆପଙ୍କ—
Nilapanka 1. Black mud.
୨ । ଅନ୍ଧକାର—2. Darkness (M. W.).

ନୀଳପତ୍ର—ସଂ. ବିଣ. (ବହୁବ୍ରୀହି; ନୀଳ+ପତ୍ର)—ନେଳଆପତ୍ରବିଶିଷ୍ଟ—
Nilapatra Dark or blue-leaved.
ସଂ. ବି —୧ । ନୀଳକମଳ (ହି. ଶବ୍ଦସାଗର)—
1. The blue water-lily.
୨ । କେଶୁର ତୃଣ (ହି. ଶବ୍ଦସାଗର)—
2. Scirpus Kysor grass. (M. W.).
୩ । ଏକପ୍ରକାର ଶାଳଗଛ—
3. Bauhinea Tomentosa tree. (M. W.).
୪ । ଡାଳିମ୍ବ (ହି. ଶ.)—4 Pomegranate. (M. W.).

ନୀଳପତ୍ରୀ—ସଂ. ବି—ନୀଳଗୁଳ୍ମ—Indigo plant.
Nilapatri (ନୀଳପତ୍ରିକା—ଅନ୍ୟରୂପ)

ନୀଳପଦ୍ମ—ସଂ. ବି. (ନୀଳ+ପଦ୍ମ) - ନୀଳ କମଳ—
Nilapadma Blue waterlily.

ନୀଳପିଚ୍ଛ—ସଂ. ବି.(ବହୁବ୍ରୀହି; ନୀଳ + ପିଚ୍ଛ)—ବାଜ ପକ୍ଷୀ—
Nila pichchha Falcon.

ନୀଳପୁଷ୍ପା—ସଂ. ବି. (ବହୁବ୍ରୀହି; ନୀଳପୁଷ୍ପ + ଆ) ନେଳ ଅପରାଜିତା—
Nila pushpā Clitoria Ternatea (plant and flower).

ନୀଳ ପୁଷ୍ପିକା—ସଂ. ବି. (ନୀ+ପୁଷ୍ପ+କ+ଆ)—
Nila pushpikā ୧ । ନୀଳ ଗୁଳ୍ମ—1. Indigo plant.
୨ । ଅତସୀ ଗୁଳ୍ମ—
2. Linum Usitatissimum (plant).

ନୀଳ ପୃଷ୍ଠ—ସ.ବି. (ବହୁବ୍ରୀହି; ନୀଳ + ପୃଷ୍ଠ)—ଅଗ୍ନି (ହି.ଶବ୍ଦସାଗର) —
Nila prushtha Fire. (M. W.)

ନୀଳ ବଡ଼ି—ଦେ. ବି. (ସଂ. ନୀଳ+ବଟୀ)—
Nila bardi ନୀଳ ରଙ୍ଗର ଗୁଣ୍ଡ ବା ଗୋଳି—
ନୀଲବଡ଼ି A ball of indigo.
ନୀଲବଟୀ [ଦ୍ର—ପୂର୍ବେ ଧୋବାମାନେ ବାସିଧୋବ ଲୁଗାକୁ ନେଳ ରଙ୍ଗ କରବା ପାଇଁ ଏହାକୁ ବ୍ୟବହାର କରୁଥିଲେ ।]

ନୀଳବର୍ଣ୍ଣ—ସଂ. ବି. (ନୀଳ + ବର୍ଣ୍ଣ, କର୍ମଧା) —ନେଳ ରଙ୍ଗ—
Nila barnna Blue colour.
ସଂ. ବିଣ. (ବହୁବ୍ରୀହି) - ନେଳଆ—Blue.

ନୀଳବଲ୍ଲୀ—ସଂ. ବି—ନିର୍ମୂଳୀ; ମଲଙ୍ଗ—
Nilaballi Parasitic plant.

ନୀଳ ବସନ—ସଂ. ବି. (ବହୁବ୍ରୀହି; ନୀଳ+ବସନ)—
Nila basana ୧ । ବଳରାମ—1 A name of Balarāma.
୨ । ଶନିଗ୍ରହ—2. The planet Saturn.
[ଦ୍ର—ପୁରାଣ ମତରେ ଏହାଙ୍କର ପରିଧାନ ନୀଳବସ୍ତ୍ର । ଏ ଗ୍ରହର ବର୍ଣ୍ଣ ମଧ୍ୟ ନୀଳାଭ ।]
ସଂ. ବିଣ ପୁଂ—ଯାହାର ବସନ ନୀଳ ବର୍ଣ୍ଣ—
(ନୀଳବସନା—ସ୍ତ୍ରୀ) Wearing a blue cloth.

ନୀଳ ବାନର—ଦେ. ବି—ଏକ ପ୍ରକାର ନୀଳ ବର୍ଣ୍ଣ ମର୍କଟ—
Nila bānara A kind of monkey of blue colour.

ନୀଳ ବାସାଃ—ସଂ. ବି ଓ ବିଣ. (ନୀଳ + ବାସସ୍ = ବହୁବ୍ରୀହି)
Nila bāsāh ନୀଳ ବସନ (ଦେଖ)
Nila basana (See)

ନୀଳବୃନ୍ତ—ସଂ. ବି. (ବହୁବ୍ରୀହି;ନୀଳ + ବୃନ୍ତ)—ତୂଳା (ହି.ଶବ୍ଦସାଗର)—
Nilabrunta Cotton.

ନୀଳବୃଷ—ସଂ. ବି—ଶ୍ରାଦ୍ଧରେ ଉତ୍ସର୍ଗ କରାଯିବା ଏକ ପ୍ରକାର ବୃଷ, ଯାହାର
Nila brusha ବର୍ଣ୍ଣ ନାଲି, ପୁଚ୍ଛ ଓ ଖୁରା ଶଙ୍ଖ ବର୍ଣ୍ଣ (ହି.ଶ.)—
A bull of red colour with white tail and hoofs.

ନୀଳବୃଷା—ସଂ. ବି—ବାଇଗଣ (ହି. ଶ.)—
Nila brushā Brinjal; egg plant.

ନୀଳମ୍—ବୈଦେ. ବି. (ଫା. ଭୁଲ. ସଂ. ନୀଳ)—ଇନ୍ଦ୍ରନୀଳମଣି—
Nilam Sapphire.

ନୀଳମଣି—ସଂ. ବି—ନୀଳକାନ୍ତ ବା ନୀଳା—
Nilamani Sapphire.
[ଦ୍ର—ରତ୍ନ ତଳେ ନୋଟ ଦେଖ ।]
नीलमणि ଦେ. ବି—୧ । ସ୍ତ୍ରୀ ଓ ପୁରୁଷଙ୍କ ନାମ—
1. Name given to males and females.
୨ । ଶ୍ରୀକୃଷ୍ଣଙ୍କର ବାତ୍ସଲ୍ୟ ସୂଚକ ନାମ—
2. A term of endearment given to Srikrushna while a boy.

ନୀଳମଣି ବିଦ୍ୟାରତ୍ନ—ଦେ. ବି. (ନାମ)—ଉତ୍କଳର ଜନୈକ ସୁପରିଚିତ
Nilamani bidyāratna ସ୍ୱର୍ଗୀୟ ସାହିତ୍ୟ ସେବକ—
Name of a well known literate man of Orissa.
[ଦ୍ର—ସେ 'ସମ୍ବଲପୁର ହିତୈଷିଣୀ'ର ଭୂତପୂର୍ବ ପ୍ରବୀଣ ସମ୍ପାଦକ ବୋଲି ଉତ୍କଳରେ ପରିଚିତ ଥିଲେ । ସେ ଉତ୍କଳ ସାହିତ୍ୟର ଉନ୍ନତି ପାଇଁ ଆଜୀବନ ଚେଷ୍ଟା କରିଥିଲେ । କେତେକ ଉପାଦେୟ ପୁସ୍ତକ ଏହାଙ୍କଦ୍ୱାରା ରଚିତ ହୋଇଥିଲା । ତାରଣୀ—ଉତ୍କଳସାହିତ୍ୟ । କଟକ ଜିଲ୍ଲାର ଭଗପଡ଼ା ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା । ସେ ଓଡ଼ିଆ ବ୍ରାହ୍ମଣ । ବାମଣ୍ଡାର ସର୍ ସୁଢ଼ଳଦେବଙ୍କ ରାଜସଭାରେ

ରହି ସେ ପ୍ରଥମେ ସମ୍ବଲପୁର ହିତୈଷିଣୀ ପରେ ଖଲ୍ଲିକୋଟର ହରହର ମର୍ଦ୍ଦରାଜ ରାଜାଙ୍କ ନିକଟରେ ରହି ପ୍ରଜାବନ୍ଧୁ ଓ ତତ୍ପରେ ବଡ଼ଖେମୁଣ୍ଡିର ରାଜା କୃପାମୟ ଅନଙ୍ଗଭୀମଦେବଙ୍କ ନିକଟରେ ରହି ଗଞ୍ଜାମ ଗୁଣଦର୍ପଣ ସମ୍ବାଦପତ୍ର ପ୍ରକାଶ କରିଥିଲେ । ଅନେକଗୁଡ଼ିଏ ଗଦ୍ୟ ଓ ପଦ୍ୟ ପୁସ୍ତକ ଏହାଙ୍କ ରଚିତ; କିଛିଦିନ ଏ କଟକର ଉତ୍କଳ ଦୀପିକାର ସମ୍ପାଦକ କର୍ମ କରିଥିଲେ ।]

ନୀଳମାଧବ— ସଂ. ବି. (କର୍ମଧା; ନୀଳ + ମାଧବ)—୧ । ଶ୍ରୀକୃଷ୍ଣ; ବିଷ୍ଣୁ—
Nilamādhaba 1. Bishnu; Srikrushna.
[ଦ୍ର— ଖଣ୍ଡପଡ଼ା ଅନ୍ତର୍ଗତ ମହାନଦୀ ତୀରବର୍ତ୍ତୀ ସୁପ୍ରସିଦ୍ଧ କଣ୍ଟିଲୋପାଟଣାଗ୍ରାମର ଗୋଟିଏ ପର୍ବତର ଶିଖର ଦେଶରେ ନୀଳମାଧବଙ୍କ ମନ୍ଦିର ପ୍ରତିଷ୍ଠିତ ।]
୨ । ପ୍ରୟାଗ ରେ ଥିବା ବିଷ୍ଣୁ ପ୍ରତିମା—
2. An image of Bishnu at Allahabad.
[ଦ୍ର—ତ୍ରିବେଣୀରେ ସ୍ନାନ କରି ସାରି ନୀଳମାଧବଙ୍କୁ ଦର୍ଶନ କଲେ ଯାତ୍ରୀ ତ୍ରିବେଣୀ ସ୍ନାନର ଫଳ ଲାଭ କରେ ।]
ଦେ. ବି. ପୁଂ—ପୁରୁଷଙ୍କ ନାମ—
A Name given to males.

ନୀଳମୀଳକ—ସଂ. ବି. (ନୀଳ = ଗାଢ଼ କୃଷ୍ଣବର୍ଣ୍ଣ ବା ନୀଳବର୍ଣ୍ଣ + ମୀଲ୍ ଧାତୁ ଚକ୍ଷୁ ମୁଦ୍ରିତ କରିବା + କର୍ତ୍ତୃ. ଅକ)—ଖଦ୍ୟୋତ, ଜୁଳୁଜୁଳିଆ ପୋକ— Firefly.
Nilamilaka

ନୀଳମେଘୀ—ଦେ. ବିଣ.—(ସଂ. ନୀଳ + ମେଘ)—ନୀଳମେଘର ବର୍ଣ୍ଣ ବିଶିଷ୍ଟ (ଶାଢ଼ୀ)—Azure coloured (cloth).
Nilameghi
नीलाम्बर ନୀଳମେଘୀ ଶାଢ଼ୀ ଉପରେ ଉଡ଼ି ଖସାଇ ଲହସା ଖୋସା ।
नीलाम्बर ବହୁସୂର୍ଯ୍ୟ ସଙ୍ଗୀତ ।

ନୀଳରାଜି—ସଂ. ବି. (୬ଷ୍ଠୀ ତତ୍; ନୀଳ+ରାଜି)—ଘନାନ୍ଧକାର—
Nilarāji Deep darkness.

ନୀଳ ଲୋହିତ—ସଂ. ବି. (ବହୁବ୍ରୀହି; ନୀଳ = କଣ୍ଠ ନୀଳବର୍ଣ୍ଣ + ଲୋହିତ = କେଶ ଲୋହିତ ବର୍ଣ୍ଣ ଯାହାର)—
Nila lohita
୧ । ମହାଦେବ; ଶିବ—1 God Siba.
୨ । (ଯେ ନୀଳ ସେ ମଧ୍ୟ ଲୋହିତ) ନୀଳ ଓ ଲୋହିତବର୍ଣ୍ଣ; ବାଇଗଣି ରଙ୍ଗ—2. Violet colour.

ନୀଳଲୋହିତା—ସଂ. ବି. ସ୍ତ୍ରୀ. (ନୀଳଲୋହିତ+ଆ)—୧ । ପାର୍ବତୀ (ହି.ଶ.)
Nilalohitā 1. Pārbati.
୨ । ଭୁଇଁଜାମୁ (ହି. ଶବ୍ଦସାଗର)—
. A kind of blackberry.

ନୀଳସନ୍ଧ୍ୟା—ସଂ. ବି.— ନେଳି ଅପରାଜିତା (ହି. ଶବ୍ଦସାଗର)—
Nilasandhyā The flowered variety of Aparājitā.

ନୀଳସାର—ସଂ. ବି.—କେନ୍ଦୁ (ଦେଖ)
Nilasāra Kendu (See)
[ଦ୍ର—ଏହାର ମଞ୍ଜିରୁ ଅବଲୁସ୍ କାଠ ବାହାରେ ।]

ନୀଳା—ସଂ. ବି.—(ନୀଳ+ସ୍ତ୍ରୀ. ଆ)—୧ । ନୀଳବର୍ଣ୍ଣ ମକ୍ଷିକା—
Nilā 1. The blue bottle.
୨ । ନୀଳ ପୁନର୍ନବା—2. A kind of pot herb.
୩ । ନୀଳ ଗୁଳ୍ମ—3. Indigo plant.
୪ । ମାଳବ ରାଗର ପତ୍ନୀ, ରାଗିଣୀବିଶେଷ—
4. Name of a minor musical tune.
ଦେ. ବି. (ସଂ. ନୀଳମଣି) — ନୀଳମଣି —
Sapphire.
ଗ୍ରା— ୧ । (ସଂ. ଲୀଳା); କ୍ରୀଡ଼ା—1. Sport.
୨ । ଯାତ୍ରା; ପୌରାଣିକ ଆଖ୍ୟାନର ନାଟ—2. Dance representing mythological subjects.
(ଯଥା—ରାମଲୀଳା; କୃଷ୍ଣଲୀଳା, ଭାରତଲୀଳା ଇତ୍ୟାଦି)
୩ । ନୀଳମଣି ନାମକ ପୁରୁଷର ଓ ସ୍ତ୍ରୀର ଡାକନାମ—
3. Name for calling a male or female named Nilamani.
ଦେ. ବିଣ—(ସଂ. ନୀଳ) ନେଳିଆ; ନୀଳବର୍ଣ୍ଣଯୁକ୍ତ—
नीला नीला Blue.
ନୀଳା ଭେଳା କରିବାକୁ କହାର—ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ନୀଳାଇ—ଗ୍ରା. ବି. ପୁଂ.—ନୀଳମଣି ବା ନୀଳାଦ୍ରିର ଡାକନାମ—
Nilāi Name for calling Nilamani or Nilādri.
नीला (ନୀଳେଇ—ଅନ୍ୟରୂପ)

ନୀଳାଇ ନୀଳା—ଦେ. ବି —ଆମୋଦ ଉତ୍ସବର ସ୍ରୋତ—
Nilāi nilā A round of festivities.
(ନୀଳେଇନୀଳା—ଅନ୍ୟରୂପ) (ଯଥା — ରାଜାଙ୍କ ବିଭାଘରେ ରାଇଜଯାକ ନୀଳାଇନୀଳା ଲାଗିଛି ।)

ନୀଳାଚଳ—ସଂ. ବି—(କର୍ମଧା; ନୀଳ + ଅଚଳ) —୧ । ଆସାମର ନୀଳଗିରି ପର୍ବତ—1. The Nilgiri hills in Assam.
Nilāchala
୨ । ପୁରୀ ଜଗନ୍ନାଥ ଯେଉଁ ପୌରାଣିକ ପର୍ବତରେ ଅବସ୍ଥିତ—
2. A mythological hill on which the temple of Jagannātha at Puri is said to stand.
୩ । ପୁରୀ ଶ୍ରୀକ୍ଷେତ୍ର—3. The town of Puri.
୪ । ଦକ୍ଷିଣଭାରତର ପୂର୍ବଘାଟ ପର୍ବତ—
4. The Eastern ghat mountains in South India.
[ଦ୍ର— ପୌରାଣିକ ନୀଳାଚଳ ପୁରୀରେ, ଉତ୍ତରନୀଳାଚଳ ଆସାମର କାମାକ୍ଷ୍ୟା ପାହାଡ଼ ଓ ଦକ୍ଷିଣ ନୀଳାଚଳ ଦାକ୍ଷିଣାତ୍ୟ ପୂର୍ବଘାଟ ନୀଳଗିରି ପର୍ବତ; ସମ୍ଭବତଃ ଏହି ପୂର୍ବଘାଟ ପାହାଡ଼ର ଉତ୍ତରସୀମା ପୁରୀ ଜିଲ୍ଲାକୁ ଲାଗି ଥିବାରୁ ପୁରୀର ନାମ ନୀଳାଚଳ ହୋଇଅଛି ।]

ନୀଳାଚଳ ଚନ୍ଦ୍ର—ସଂ. ବି. (୬ଷ୍ଠୀ ତତ୍; ନୀଳାଚଳ + ଚନ୍ଦ୍ର)—
Nilāchala chandra ପୁରୀରେ ବିରାଜିତ ଜଗନ୍ନାଥ ମହାପ୍ରଭୁ—
ନୀଳାଚଳନାଥ } ଅନ୍ୟରୂପ The idol Jagannātha of Puri.
ନୀଳାଚଳବିହାରୀ
ନୀଳାଚଳ ଚନ୍ଦ୍ର ହେ; କର ତ୍ରିଜନାଥ ବଡ଼ପେଳା ଉପରେ ଏ ଦୃଷ୍ଟି ଉଚିତ ।
ବ୍ରଜନାଥ ସମରତରଙ୍ଗ ।

ନୀଳାଞ୍ଚଳ— ଗ୍ରା. ବି. (ସଂ. ନୀଳାଚଳ)—ପୁରୀ; ଶ୍ରୀକ୍ଷେତ୍ର—
Nilānchala Puri, the seat of Lord Jagannath.
नीलाचल, नीलाचल
ଜପୋଦେଶ୍ବର ଶିବଥିବ,
ନିକଟେ ପୁଣି ନୀଳାଞ୍ଚଳ । ଭୂପତି ଚନ୍ଦ୍ରମପଞ୍ଚାମୃତ

ନୀଳାଞ୍ଜନ – ସ. ବ (କର୍ମଧା; ନୀଳ+ଅଞ୍ଜନ)—୧ । ତୁତ୍ଥ; ତୁତିଆ·
Nīlāñjana 1. The blue vitriol.
ସ. ନାମ—ସୌବୀରାଞ୍ଜନ; ୨ । ସୌବୀରାଞ୍ଜନ—
ପାଦଚକ୍ଷୁ; ବାରସମୃଦ୍ଧ 2. Antimony.
ନୀଲଶର୍ମା ୩ । ନେଳ ସୁରମା—
ନୀଲଶର୍ମା 3. Collyrium.
ଚେ.–ନୀଳାଞ୍ଜନମ୍

ନୀଳାଞ୍ଜନା—ସ. ବ. ସ୍ତ୍ରୀ. (ନୀଳାଞ୍ଜନ+ସ୍ତ୍ରୀ. ଆ)—ବିଦ୍ୟୁତ୍—
Nīlāñjanā Lightning.

ନୀଳାଦ୍ରି—ସ. ବ. (କର୍ମଧା; ନୀଳ+ଅଦ୍ରି)—୧ । ନୀଳାଚଳ (ଦେଖ)
Nīlādri 1. Nīlāchala (See)
୨ । (ପୁଂ) ଲୋକଙ୍କ ନାମ—2. A name given to males.

ନୀଳାଦ୍ରି ନାଥ—ସ. ବ.—(ନୀଳାଦ୍ରି+ନାଥ)—ନୀଳାଚଳନାଥ—
Nīlādri nātha The idol Jagannātha at Puri.
(ନୀଳାଦ୍ରିଚନ୍ଦ୍ର, ନୀଳାଦ୍ରିବିହାରୀ—ଅନ୍ୟରୂପ)

ନୀଳାଦ୍ରି ମହୋଦୟ—ସ. ବ.—ପୁରୀ ଶ୍ରୀ ଜଗନ୍ନାଥ କ୍ଷେତ୍ରର ମାହାତ୍ମ୍ୟ ଓ
Nīlādri mahodaya ଜଗନ୍ନାଥଙ୍କ ପୂଜା ଓ ଉତ୍ସବ ବିଧି ଆଦି ବର୍ଣ୍ଣିତ ହୋଇଥିବା ସଂସ୍କୃତ ଗ୍ରନ୍ଥବିଶେଷ—Name of a Sanskrit work dealing with the sacred pilgrimage centre of Puri.

ନୀଳାପରାଜିତା—ସ. ବ. (ନୀଳା+ଅପରାଜିତା)—ନୀଳବର୍ଣ୍ଣ ଅପରାଜିତା—
Nīlaparājitā The blue Clitoris flower.

ନୀଳାବ୍ଜ—ସ. ବ. (ନୀଳ+ଅବ୍ଜ)—ନୀଳକଇଁ—
Nīlābja The blue water lily.
(ନୀଳାମ୍ବୁଜ, ନୀଳେନ୍ଦୀବର, ନୀଳୋତ୍ପଳ; ନୀଳକମଳ—ଅନ୍ୟରୂପ)

ନୀଳାଭ—ସ. ବଣ. (ବହୁବ୍ରୀହି; ନୀଳ+ଆଭା)—ନୀଳବର୍ଣ୍ଣବିଶିଷ୍ଟ—
Nīlābha (ନୀଳାଭା—ସ୍ତ୍ରୀ; ନୀଳାଭତା—ବ) Blue.

ନୀଳାମ୍ବର—ସ. ବ. (କର୍ମଧା; ନୀଳ+ଅମ୍ବର)—୧ । ନେଳଥିଲୁଗା—
Nīlāmbara 1. A blue cloth.
୨ । (ବହୁବ୍ରୀହି) ଭୁଇଁ ଅଇଁଳା—2. A species of plant; Flacourtia Cataphracta.
୩ । (ନେଳଲୁଗା ପିନ୍ଧିଥିବାରୁ) ବଳରାମ—3 Balarāma; the elder step brother of Srikrushna.
୪ । ଶନିଗ୍ରହ—4. The planet Saturn.
୫ । ରାକ୍ଷସ—5. A giant; a cannibal.
୬ । (କର୍ମଧା) ନୀଳ ଆକାଶ—6. The blue sky.
(ନୀଳାମ୍ବରୀ—ସ୍ତ୍ରୀ) ସ. ବଣ. ପୁଂ—ନୀଳବସ୍ତ୍ରଧାରୀ—
Dressed in blue.

ନୀଳାମ୍ବର ଦାସ—ଦେ. ବ. (ନାମ)—ଜନୈକ ଓଡ଼ିଆ କବି—
Nīlāmbara dāsa An Oria poet.
[ଦ୍ର—ଏ କବି 'ଜୈମିନୀ ଭାରତ' ଓ 'ପଦ୍ମପୁରାଣ' ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ । 'ରୁଦ୍ରସୁଧା' ଓ 'ପୁରୁଷୋତ୍ତମ ଦେଉଳ କାର୍ଯ୍ୟ' ଏହାଙ୍କର ଅନ୍ୟତମ ଗ୍ରନ୍ଥ ।
ଭାରଣୀ—ଉତ୍କଳ. ଇତିହାସ ।]

ନୀଳାମ୍ବର ଭଞ୍ଜ—ଦେ. ବ. (ନାମ)—ଜନୈକ ଓଡ଼ିଆ କବି—
Nīlāmbara bhañja An Oria poet.
[ଦ୍ର—ଏ କବି ଢଳଦଣ୍ଡର ରାଜା ଥିଲେ । 'କୃଷ୍ଣଲୀଳାମୃତ' ଓ 'ପଞ୍ଚସାୟକ' ନାମକ ଦୁଇଟି ଗ୍ରନ୍ଥ ଏହାଙ୍କଦ୍ୱାରା ରଚିତ ।
ଭାରଣୀ—ଉତ୍କଳ. ଇତିହାସ ।]

ନୀଳାମ୍ବର ଶର୍ମା—ସ. ବ. (ନାମ)—ଜନୈକ ପଣ୍ଡିତ—
Nīlāmbara śarmā Name of a learned man.
[ଦ୍ର—ପାଶ୍ଚାତ୍ୟ ପଦ୍ଧତି ଅନୁସାରେ ଏ ଗୋଲ ପ୍ରକାଶ ନାମକ ସଂସ୍କୃତ ଗଣିତ ଗ୍ରନ୍ଥ ରଚନା କରିଥିଲେ; ଅଧିକନ୍ତୁ ସେଥିରେ ଲୀଳାବତୀଙ୍କ ପ୍ରଣୀତ ଗଣିତ ଶାସ୍ତ୍ରର ଟୀକା କରିଥିଲେ । ଏହାଙ୍କର ଜନ୍ମସ୍ଥାନ ପାଟନା ଗଡ଼ଜାତ ।]

ନୀଳାମ୍ବରୀ—ଦେ. ବ. (ସ. ନୀଳାମ୍ବର)—ନୀଳ ଶାଢ଼ୀ—
Nīlāmbarī A blue cloth for ladies.
नीलाम्बरी नीला कपड़ा

ନୀଳାମ୍ବୁ—ସ. ବ. (ବହୁବ୍ରୀହି; ନୀଳ+ଅମ୍ବୁ)—ସମୁଦ୍ର—
Nīlāmbu The ocean.
ସ. ବଣ.—ଯାହାର ପାଣି ନୀଳବର୍ଣ୍ଣ—
Having the water of blue colour.

ନୀଳାମ୍ବୁଜ—ସ. ବ. (ନୀଳ+ଅମ୍ବୁଜ)—ନୀଳକଇଁ—
Nīlāmbuja The blue lily; the blue water-lily.
(ନୀଳାମ୍ବୁଜନ୍ମ - ଅନ୍ୟରୂପ)

ନୀଳା ରତ୍ନ - ଦେ. ବ.—ନୀଳମଣି; ଇନ୍ଦ୍ରନୀଳମଣି—
Nīlā ratna Sapphire.
नीलारत्न नीलम

ନୀଳାସୁଣୀ—ଦେ. ବ. ସ୍ତ୍ରୀ—ଦେବୀବିଶେଷ—
Nīlāsuṇī Name of a popular Goddess.

ନୀଳି—ଦେ. ବଣ. ଓ ବ. (ସ. ନୀଳ)—ନେଳି—(ଦେଖ)
Nīli Neḷi (See)
ଦେ. ବ. (ସ. ନୀଳ)—ପାଣି ଉପରେ ମାଡ଼ିବା ଅତି କ୍ଷୁଦ୍ର ନେଳୀ; ଶିଉଳୀ—A kind of blue moss consisting of small particles spread over the surface of water.
ଭାଙ୍ଗ

ନୀଳିଆ—ବଣ. (ସ. ନୀଳ)—ନେଳିଆ; ନୀଳବର୍ଣ୍ଣବିଶିଷ୍ଟ—
Nīlia नील नीला Blue; indigo-coloured.

ନୀଳିକା—ସ. ବ. ସ୍ତ୍ରୀ. (ନୀଳ+କ+ଆ)—୧ । ନୀଳ ଗଛ—
Nīlikā 1. The indigo plant.
୨ । ଆଖିର ମୋତିଆବିନ୍ଦୁ ରୋଗ—
2. Cataract of the eye.
(ଦ୍ର—ଯେଉଁ ରୋଗରେ ଆକାଶରେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ତାରା, ବିଦ୍ୟୁତ୍ ଆଦି ଦେଖା ଯାଏ ନାହିଁ ପୃଥିବୀର ବସ୍ତୁମାନ ଦେଖାଯାଏ ନାହିଁ ତାକୁ ନୀଳିକା କହନ୍ତି । ଦ୍ର. ଶବ୍ଦସାଗର ।)
୩ । ବେଗୁନିଆ (ଦେଖ)—3. Beguniā (See)

ନୀଳିମା—ସ. ବ. (ନୀଳ+ଭାବାର୍ଥେ. ଇମନ୍; ୧ମା. ୧ବ.)—
Nīlimā ୧ । ନୀଳବର୍ଣ୍ଣ—1. Blue colour.

୨ । ନୀଳତ୍ୱ—2. Blueness; the state of being blue.

ନୀଳୀ— ସଂ. ବଣ (ନୀଳ+ ଅସ୍ତ୍ୟର୍ଥେ. ଇନ୍; ନୀଳନ୍; ୧ମା. ୧ବ.)—
Nili ନୀଳବର୍ଣ୍ଣବିଶିଷ୍ଟ—Blue.
ସଂ. ବ.– ୧ । ନୀଳ ଗୁଳ୍ମ—1. Indigo plant.
୨ । ନୀଳରଙ୍ଗ—2. Indigo colour.

ନୀଳୀରାଗ—ସଂ. ବ. (କର୍ମଧା; ନୀଳୀ + ରାଗ)—
Nilirāga ୧ । ସ୍ଥିର ସୌହାର୍ଦ୍ଦ୍ୟ—
1. Firm attachment; constant friendship.
୨ । ନୀଳବର୍ଣ୍ଣ—2. Blue colour.
୩ । ନାୟକ ନାୟିକାଙ୍କର ମିଳନ ପୂର୍ବରୁ ପୂର୍ବରାଗବିଶେଷ—
3. Attachment between the lover and the beloved before they are actually united.

ନୀଲୋତ୍ପଳ—ସଂ. ବ. (କର୍ମଧା; ନୀଳ + ଉତ୍ପଳ)—ନୀଳ କଇଁ—
Nilotpala The blue water-lily.

ନୀଲୋପଳ—ସଂ. ବ. (କର୍ମଧା; ନୀଳ + ଉପଳ)—ନୀଳମଣି—
Nilopala Sapphire.

ନୀଶାର—ସଂ. ବ. (ନି + ଶୃ ଧାତୁ =ହିଂସା କରିବା + କର୍ମ. ଅ)—
Nisāra ୧ । କମ୍ବଳ—1. Blanket.
୨ । କନାତ; ପର୍ଦ୍ଦା—2. Screen.
୩ । ମଶାରି—3. Mosquito-curtain.
୪ । ଶୀତ ଲୁଗା; ଶୀତନିବାରକ ବସ୍ତ୍ର —
4. Winter-clothing.
ଘୋଡ଼ାଇ ଦେଇ ନୀଶାର ଶୋଇଲେ ସ୍ଥିର ନ ରହିଲେ । ଭକ୍ତ. ପ୍ରେମସୁଧାନିଧି ।

ନୀହାର—ସଂ.ବ. (ନି + ହୃ ଧାତୁ =ହରଣ କରିବା + କର୍ମ.ଅ; ନିପାତନ)—
Nihāra ୧ । ହିମ; ଶିଶିର—1. Dew.
୨ । ତୁଷାର—2. Snow.
୩ । ବରଫ—3. Ice.
୪ । କୁହୁଡ଼ି; କୁଜ୍ଝଟିକା—
4. Hoarfrost; fog; mist.

ନୀହାର ସ୍ଫୋଟ—ସଂ. ବ. (୬ଷ୍ଠୀ ତତ୍; ନୀହାର + ସ୍ଫୋଟ)—
Nihāra sphota ବରଫର ବିଶାଳ ଖଣ୍ଡ ବା ଚକଡ଼ା—
An avalanche.

ନୀହାରିକା—ସଂ. ବ. (ନୀହାର + କ + ସ୍ତ୍ରୀ. ଆ)—
Nihārikā ନୀହାର ସ୍ତୂପବତ୍ ପ୍ରତୀୟମାନ ଘନସନ୍ନିବିଷ୍ଟ ନକ୍ଷତ୍ରପୁଞ୍ଜ—The Nebula.
[ଦ୍ର—ହିନ୍ଦୁ ଜ୍ୟୋତିଷର ୨୭ ନକ୍ଷତ୍ର ମଧ୍ୟରୁ ୮ମ ବା ପୁଷ୍ୟା ନକ୍ଷତ୍ର ଗୋଟିଏ ନୀହାରିକା ଅଟେ ।]

ନୀହେଲେ—ପ୍ରାଦେ. (ସମ୍ବଲପୁର) ଅ—
Nihele ୧ । ନୋହିଲେ—1. Otherwise; if not.
୨ । ଅଥବା—2. Or; else.

ନୁ (ଧାତୁ) – ସଂ—୧ । ସ୍ତବ କରିବା—
Nu (root) 1. To pray.
୨ । ପ୍ରଶଂସା କରିବା—2. To praise.

ନୁ (ନୁଁ)—ପ୍ରାଦେ. (ସମ୍ବଲପୁର) ବିଭକ୍ତ୍ୟନ୍ତ ପ୍ରତ୍ୟୟ—
Nu (nuñ) ୧ । ନୁଁ; ଠାରୁ; ରୁ—1. From.
୨ । ଅମୁକ ସମୟରୁ ଆରମ୍ଭ କରି—2. Since.
୩ । ଅପେକ୍ଷା—3. Than.

ନୁ(ନୋ)ଆଇଁବା – ଦେ. କ୍ରି. (ସଂ. ନମ୍ ଧାତୁ; ନଇଁବାର ଣିଜନ୍ତ ରୂପ)—
Nu(no)āiñbā ୧ । ନମ୍ର କରିବା; ନତ କରିବା –
(ନୋଇଁବା – ଅନ୍ୟରୂପ) 1. To bend.
ଝୁକାନା, ନୋୱାନା ୨ । ବଙ୍କାଇବା – 2. To curve; to make
ନିବାନା crooked.
୩ । ତଳକୁ କରିବା—3. To lower.
ସବନସେ ନଜ ପଦ୍ମବପୁ ଦେଇ ଶିର ନୁଆଁଇ । ସ୍ୱାର୍ଥାକାଥ. ଭଗା ।

ନୁଆ(ଆଁ)ଣ – ଦେ. ବ. (ସଂ. ନମ୍ ଧାତୁ)—
Nuā(āñ)na ୧ । ନମ୍ର କରଣ; ନତ କରିବା—
ଝୁକନ, ଝୁକାନ 1. Act of bending.
ନିଚାନ ୨ । ନିମ୍ନ ସ୍ଥାନ—2. Low place.
ଦେ. ବଣ—୧ । ନମ୍ର; ନତ—1. Bent.
୨ । ନୁଆଣିଆଁ (ଦେଖ)—2 Nuāniāñ (See)

ନୁଆ(ଆଁ)ଣି—ଦେ. ବଣ—ନୁଆଣିଆଁ (ଦେଖ)
Nuā(āñ)ni Nuāniāñ (See)

ନୁଆ(ଆଁ)ଣିଆଁ – ଦେ. ବଣ. (ସଂ. ନତ)—୧ । ଈଷତ୍ ନତ—
Nuā(āñ)niāñ 1. Slightly bent.
ନୋଆନା ୨ । ଯେଉଁ ଘରର ଛାତର ନିମ୍ନତା ଯୋଗୁଁ ମୁଣ୍ଡକୁ ନୁଆଁଇ
ନୀଚା ସେ ଘରେ ପଶିବାକୁ ହୁଏ—
2. Low-roofed (house); where a person has to bend his head before entering.

ନୁଆରିବା – ଦେ. କ୍ରି – ୧ । ନ ପାରିବା; ସମର୍ଥ ନ ହେବା –
Nuāribā 1. Not to be able.
ନାରା ୨ । ଜାଣି ନ ପାରିବା—
2. Not to be able to know.
୩ । ନିବେଦନ କରିବା; କହିବା—
3. To speak; to inform.

ନୁଉଙ୍ଗା—ଦେ. ବ—ମେହେଙ୍ଗା (ଦେଖ)
Nu-ungā Mehengā (See)

ନୁକ୍(କୁ)ସାନ୍(ନି) – ପ୍ରାଦେ. (ସମ୍ବଲପୁର; ମେଦିନୀପୁର; ବାଲେଶ୍ୱର)—
Nuk(ku)sān(ni) ବୈଦେ. (ଆ. ନୁକ୍‌ସାନ୍) ବି—
୧ । ଲୋକସାନ୍; କ୍ଷତି; ଖଚ୍ଚ—1. Loss; injury.
୨ । ହାନି—2. Mischief.
୩ । ବ୍ୟବସାୟରେ ଖଚ୍ଚ—3. Loss in business.

ନୁକା(କେ)ଇବା – ପ୍ରାଦେ. (ସମ୍ବଲପୁର ଓ ବାଲେଶ୍ୱର) କ୍ରି. (ସଂ. ଲୁକ୍କ୍
Nukā(ke)ibā ଧାତୁ; ଲୁଚିବାର ଣିଜନ୍ତ ରୂପ; ଭୁଲ. ବ. ଲୁକାନ)—ଲୁଚାଇବା—
To conceal; to hide.

ନୁକିବା— ପ୍ରାଦେ. (ସମ୍ବଲପୁର ଓ ବାଲେଶ୍ୱର) କ୍ରି. (ସଂ. ଲୁକ୍କ ଧାତୁ ଭୁଲ. ବ. ନୁକା)—ଲୁଚିବା—
Nukibā
To hide one's self.

ନୁକୋ - ପ୍ରାଦେ (ସମ୍ବଲପୁର) ବିଣ—୧ । ଭଲ; ସୁନ୍ଦର—
Nuko
1. Good; fine.
୨ । ଉତ୍କୃଷ୍ଟ—2. Superior; excellent.

ନୁଖୁରା—ଦେ. ବିଣ. (ସଂ. ରୁକ୍ଷ)—
Nukhurā ୧ । ତୈଳଶୂନ୍ୟ—1. Destitute of oil; not oily
ଉସ୍କାଖୁସ୍କା
ରୁଖା ୨ । ଯହିଁରେ ତେଲ ମିଶି ନ ଥାଏ—
(ନୁଖୁରୀ—ସ୍ତ୍ରୀ) 2. Not mixed with oil.
୩ । ଅଚିକ୍କଣ; ଅସ୍ନିଗ୍ଧ—
3. Unsmooth; not glossy.
୪ । ଯେ ଦେହରେ ତେଲ ଲଗାଇ ନ ଥାଏ—
4. Not anointed with oil.

ନୁଖୁରା ହଳଦି—ଦେ. ବି (ସଂ. ରୁକ୍ଷ ଓ ହରିଦ୍ରା)—ଦେହରେ ବୋଳା ହେବାପାଇଁ ଉଦ୍ଦିଷ୍ଟ ଯେଉଁ ବଟା ହଳଦୀରେ ତେଲ ଗୋଳିଆ ହୋଇ ନ ଥାଏ—
Nukhurā haḷadi
Pasted turmeric not mixed with oil.

ନୁଗା (ଇତ୍ୟାଦି) - ଗ୍ରା. ବି—ଲୁଗା ଇତ୍ୟାଦି (ଦେଖ)
Nugā (etc) Lugā etc (See)

ନୁଙ୍(ଙ୍ଗୁ)ପୁଙ୍(ଙ୍ଗୁ)ହେବା—ଦେ. କ୍ରି—୧ । ଗଡାଗଡ ହେବା; ଫେର୍ ଫାର୍ ହେବା—
Nuṅg(ṅgu)puṅg(ṅgu)hebā
[ନୁଙ୍ଗୁର୍(ରୁ)ପୁଙ୍ଗୁର୍(ରୁ)ହେବା— ଅନ୍ୟରୂପ] 1. To go about.
୨ । ଲୁକ୍କାୟିତଭାବରେ ବୁଲିବା—
2. To walk to and fro stealthily
୩ । କିଛି କାର୍ଯ୍ୟ ନ ଥାଇ କୌଣସି ସ୍ଥାନରେ ବୁଲିବା—
3. To rove; to loiter; to loaf about.

ନୁଙ୍ଗୁଡ଼ା—ଦେ. ବିଣ. ପୁଂ—୧ । ଲୁଙ୍ଗୁଡ଼ା; ଯେଉଁ ଲୋକ ସାନ ସାନ ବସ୍ତୁ ଚୋରିକରେ (ବ୍ୟକ୍ତି)—
Nuṅgurḍā
(ନୋଙ୍ଗଡ଼ା—ଅନ୍ୟରୂପ) 1. Pilfering.
(ନୁଙ୍ଗୁଡ଼ୀ, ନୋଙ୍ଗଡ଼ୀ—ସ୍ତ୍ରୀ) ୨ । ଲମ୍ପଟ—
2. Lewd; lecherous.
୩ । ଦୁଷ୍ଟ; ମନ୍ଦ—3. Wicked; vile.
ଦେ. ବି—୧ । କ୍ଷୁଦ୍ର କ୍ଷୁଦ୍ର ବସ୍ତୁ ଚୋର କରିବା ବ୍ୟକ୍ତି—
1. Pilferer
୨ । ଲମ୍ପଟ ବ୍ୟକ୍ତି—2. Lecher.
୩ । ମନ୍ଦ ବା ଖଳ ଲୋକ—
3. Vile or wicked person.

ନୁଙ୍ଗୁରା—ଦେ. ବିଣ. ପୁଂ—୧ । ଅପରିଷ୍କୃତ; ଅପରିଚ୍ଛନ୍ନ; ଅତି ମଇଳା—
Nuṅgurā 1. Very filthy; dirty; soiled
(ନୋଙ୍ଗରା—ଅନ୍ୟରୂପ) ୨ । ନିନ୍ଦ୍ୟ—
(ନୁଙ୍ଗୁରୀ, ନୋଙ୍ଗରୀ—ସ୍ତ୍ରୀ) 2. Foul; blame-worthy.
ନୋଙ୍ଗରା ଗନ୍ଧ
୩ । ମନ୍ଦ; ଦୁଷ୍ଟ—3. Wicked; bad.
୪ । ଘୃଣ୍ୟ—4. Detestible.
୫ । ହୀନ—5. Mean.
୬ । ନୁଙ୍ଗୁଡ଼ା (ଦେଖ)—6 Nuṅgurḍā (See)
୭ । ଅଳିଆପୂର୍ଣ୍ଣ—
7. Full of refuse matter.
ଦେ. ବି—୧ । ଅଳିଆ—1. Refuse.
୨ ନୁଙ୍ଗୁଡ଼ା (ଦେଖ)—2. Nuṅgurḍā (See)

ନୁଚ(ଚୁ)କାଳି (ଇତ୍ୟାଦି)—ଦେ. ବି—ଲୁଚକାଳି ଇତ୍ୟାଦି (ଦେଖ)
Nucha(chu)kāḷi (etc) Luchakāḷi etc (See)

ନୁଚା (ଇତ୍ୟାଦି)—ଦେ. ବି. ଓ ବିଣ—ଲୁଚା ଇତ୍ୟାଦି (ଦେଖ)
Nuchā (etc) Luchā etc (See)

ନୁଚା(ଚେ)ଇବା - ଦେ. କ୍ରି—ଲୁଚାଇବା (ଦେଖ)
Nuchā(che)ibā Luchāibā (See)

ନୁଚିଏ(କ)—ଦେ. ବିଣ—ଲୁଚିଏ (ଦେଖ)
Nuchie(ka) Luchie (See)

ନୁଚିକା(କୁ)ଚି(ଛି) ହେବା—ଦେ. କ୍ରି—ଲୁଚିକୁଚି ହେବା (ଦେଖ)
Nuchikā(ku)chi(chhi)hebā Luchikuchi hebā (See)

ନୁଛିଯିବା—ଦେ. କ୍ରି—୧ । ଅନ୍ୟର ଶୋଭାଦ୍ୱାରେ ମୁଗ୍ଧ ହେବା—
Nuchhi jibā 1. To be charmed with another's beauty.
୨ । ଅନ୍ୟର ମଙ୍ଗଳ କାମନା କରି ତାହାର ଅମଙ୍ଗଳକୁ ଆପଣା ଉପରକୁ ପକାଇବା ପାଇଁ ମନାସିବା—
2. To invoke blessings on a person by wishing his evil to descend upon one's self.

ନୁଟ୍ (ଇତ୍ୟାଦି)—ଦେ. ବି—ଲୁଟ୍ ଇତ୍ୟାଦି (ଦେଖ)
Nuṭ (etc) Luṭ etc (See)

ନୁଟ(ଡ଼)—ଦେ. ବି—ସ୍ତ୍ରୀଲୋକମାନଙ୍କର ଏକପ୍ରକାର ଖେଳ—
Nuṭa(rḍa) A kind of indoor game at hazards.
[ଦ୍ର—ଏଥିରେ ଚୌରକୋଣିଆ ଖଣ୍ଡିଏ କାଠିର ୪ ପାଖେ ଚିହ୍ନ ଥାଏ । ତାକୁ ଭୂଇଁରେ ପକାଇଲେ ଯେଉଁ ପାଖ ଉପରକୁ ରହେ ସେଥିରେ ଥିବା ସଂଖ୍ୟା ଅନୁସାରେ ପାଲିରେ ସାର ଚଳାଯାଏ ।]

ନୁଟି (ଇତ୍ୟାଦି)—ଦେ. ବି—ଲୁଟି ଇତ୍ୟାଦି (ଦେଖ)
Nuṭi (etc) Luṭi etc (See)

ନୁଟୁରୁ—ପ୍ରାଦେ (ଗଡ଼ଜାତ) ବି—ବନ୍ୟଲତାବିଶେଷ—
Nuṭuru A kind of wild creeper.
(ନୁଟୁରୁ ନଇ —ଅନ୍ୟରୂପ) [ଦ୍ର—ବର୍ଷାକାଳରେ ଏହାର ଡଙ୍କ କଅଁଳେ। ଏହା ଭାଙ୍ଗ ମସକା ଓ ଖାଇବାକୁ ଖଟା । ଲୋକେ ଏହାକୁ ଡାଲିରେ ପକାଇ ଖାଆନ୍ତି ।]

ନୁଡ଼ୁ(ଡ଼ୁ)କା(କି)—ଲୁଡ଼ୁକା (ଦେଖ)
Nurḍ(rḍu)kā(ki) Lurḍukā (See)

ନୁଡ଼(ଡ଼ୁ)ନୁଡ଼ି—ପ୍ରାଦେ (ସିଂହଭୂମ) ବି (ଭୁଲ. ହି. ନୁନ୍ଦୁଡ଼ି)—ଘଣ୍ଟିକା—
Nurd(rdu)nurdi — Uvula.

ନୁଣ (ଇତ୍ୟାଦି)— ଗ୍ରା. ବି—ଲୁଣ ଇତ୍ୟାଦି (ଦେଖ)
Nuna (etc) — Luna etc (See)

ନୁଣା (ଇତ୍ୟାଦି)—ଦେ. ବି. ଓ ବିଣ—ଲୁଣା ଇତ୍ୟାଦି (ଦେଖ)
Nunā (etc) — Lunā ete (See)

ନୁଣି (ଇତ୍ୟାଦି)—ଦେ. ବି. ଓ ବିଣ—ଲୁଣି ଇତ୍ୟାଦି (ଦେଖ)
Nuni (etc) — Luni etc (See)

ନୁଣିଆ(ଆଁ) ଦେ. ବିଣ. ଓ, ବି— ଲୁଣିଆ ଇତ୍ୟାଦି (ଦେଖ)
Nuniā(āñ) — Luniā eto (See)

ନୁଣ୍ଡା (ଇତ୍ୟାଦି)—ଦେ. ବି (ସଂ. ନଡ଼)—ଲୁଣ୍ଡା ଇତ୍ୟାଦି (ଦେଖ)
Nundā (etc) — Lundā etc (See)

ନୁଣ୍ଡି (ଇତ୍ୟାଦି) - ଦେ. ବି—ଲୁଣ୍ଡି ଇତ୍ୟାଦି (ଦେଖ)
Nundi (etc) — Lundi etc (See)

ନୁତ—ସଂ. ବିଣ. (ନୁ ଧାତୁ=ସ୍ତବ କରିବା+କର୍ମ. ତ)—୧ । ପୂଜିତ—
Nuta — 1. Worshipped.
୨ । ପ୍ରଶଂସିତ; ସ୍ତୁତ—
2. Praised; eulogised; extolled.
୩ । ପ୍ରଣତ—3. Humble; obedient.

ନୁତି—ସଂ. ବି. (ନୁ ଧାତୁ+ଭାବ. ତି)—୧ । ସ୍ତୁତି; ପ୍ରଶଂସା—
Nuti — 1. Praise; eulogy.
୨ । ପୂଜା—2. Worship; adoration.
୩ । ପ୍ରଣାମ—3. Obeisance; bowing in respect

ନୁତ୍ତ—ସଂ. ବିଣ. (ନୁଦ୍ ଧାତୁ=ପ୍ରେରଣ କରିବା+କର୍ମ. ତ)—
Nutta — ୧ । ପ୍ରେରିତ—1. Sent.
(ନୁନ୍ନ—ଅନ୍ୟରୂପ) ୨ । ପରିତ୍ୟକ୍ତ—2. Abandoned.
୩ । କ୍ଷିପ୍ତ—3. Scattered; thrown.
୪ । ନିରସ୍ତ—4. Ceased; stopped.
୫ । ଛିନ୍ନ—5. Torn.

ନୁଦ୍(ଦୁ)ବୁଦ୍(ଦୁ)—ଦେ. ବିଣ—୧ । ଲୁଦ୍‌ବୁଦ୍; ପେଟୁଆ; ସ୍ଥୂଳୋଦର—
Nud-(du)bud(du) — 1. Pot-bellied.
ହୁଦି, নাদুসনুদুস — ୨ । ପୃଥୁଳ; ସ୍ଥୂଳକାୟ—
মোটা — 2. Fat; corpulent.

ନୁଦ୍‌ବୁଦ୍ ବ୍ୟାଧି—ଦେ. ବି—ସ୍ଥୂଳକାୟ ହେବା ବା ଚର୍ବି ବଢ଼ିବା ରୋଗ-
Nud-bud byādhi — ବିଶେଷ; ମେଦବୃଦ୍ଧି—A disease ending in corpulence; obesity; corpulency.

ନୁନ୍—ପ୍ରାଦେ. (କଳାହାଣ୍ଡି) ବି—ଲୁଣ—
Nun — Salt.

ନୁନ୍‌ଚୂନ୍—ପ୍ରାଦେ. (ସମ୍ବଲପୁର) ବି—ଗୁଣ୍ଡ; ଗୁଣ୍ଡା—
Nun-chūn — Powder.

ନୁନ୍ ନଗେଇବା—ପ୍ରାଦେ. (କଳାହାଣ୍ଡି) କ୍ରି—ତରକାରିଆଦିରେ ଲୁଣ
Nun nageibā — ପକାଇବା—To put salt into carry etc.

ନୁନ— ପ୍ରାଦେ. (ଗଡ଼ଜାତ) ବି— ଲୁଣ; ଲବଣ—
Nuna — Salt.

ନୁନି(ନ୍ନି)—ଦେ. ବି. (ସଂ. ନନ୍ଦ ଧାତୁ=ଆନନ୍ଦିତ କରିବା; ଶିଶୁବଚନ)—
Nuni(nni) — ୧ । ସ୍ତ୍ରୀମାନଙ୍କ ସ୍ତନ—1. The breasts of young women.
ହুনী
নুনী — ୨ । ଶିଶୁବାଳକଙ୍କର ଲିଙ୍ଗ—
2. The penis of infants.
ପ୍ରାଦେ. (ସମ୍ବଲପୁର) ବି. ସ୍ତ୍ରୀ —୧ । ପରିବାରର ବଡ଼ ଝିଅ—
1. The eldest daughter in the family.
୨ । ଅବ୍ରାହ୍ମଣ ପରିବାରର ଶ୍ରେଷ୍ଠ କନ୍ୟା—
2. A small non-Brāhmana girl

ନୁନିଆରି—ପ୍ରାଦେ. (ଅନୁଗୁଳ) ବି—କାଠ ମଡ଼ମଡ଼ି (ଦେଖ)
Nuniāri — Kātha mardamardi (See)

ନୁନିଆ(ଆଁ)ଶାଗ୍—ପ୍ରାଦେ. (ସମ୍ବଲପୁର) ବି—ବର୍ଷାଋତୁ ପରେ ପଡ଼ିଆରେ
Nuniā(āñ) sāg — ମନକୁ ଉଠିବା ଶାକବିଶେଷ—A kind of wild kitchen herb.
(ନୁନଶାଗ୍—ଅନ୍ୟରୂପ)

ନୁନୁ—ପ୍ରାଦେ. (ସିଂହଭୂମ) ବି—ପୁଅ—
Nunu — Son.
[ଦ୍ର—ରାଜପରିବାରରେ ଏ ଶବ୍ଦ ପ୍ରଚଳିତ ।]

ନୁବାଡ଼ି—ପ୍ରାଦେ. (ଗଡ଼ଜାତ) ବି—ବନ୍ୟ ଗୁଳ୍ମବିଶେଷ—
Nubārdi — Dalbergia Volubilis (Haines).

ନୁର୍—ବୈଦେ. ବି. (ଫା. ନୂର୍=ଜ୍ୟୋତିଃ)—୧ । ଜ୍ୟୋତିଃ—
Nur — 1. Radiance.
নূর নূর — ୨ । ଦାଢ଼ି—2. Beard.
୩ । ଈଶ୍ୱର—3. God.
୪ । ଶ୍ରୀ; ସୌନ୍ଦର୍ଯ୍ୟ—4. Grace; beauty.

ନୁର୍ ଆଲ୍ଲା—ବୈଦେ. ବି. (ଆ)—ଈଶ୍ୱରଙ୍କ ଜ୍ୟୋତିଃ—
Nur ālla — Divine light.

ନୁର୍‌ଜାହାନ୍—ବୈଦେ. ବି. (ଫା.ନାମ)—ମୋଗଲ ସମ୍ରାଟ ଜାହାଙ୍ଗିରଙ୍କ
Nur-jāhān — ପାଟରାଣୀ—The queen of Jahangir, the Moghal Emperor of India.
নুরজাহান
नूरजाहान
[ଦ୍ର—ଏ ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ ଜଗଜ୍ଜ୍ୟୋତିଃ । ଏହାଙ୍କର ବାଲ୍ୟକାଳର ନାମ ଥିଲା ମେହେରୁଉନ୍ନିସା; ଏ ଜଣେ ଦରିଦ୍ର କନ୍ୟା ଥିଲେ । ଆକବରଙ୍କ ଉଆସରେ ଆବାଲ୍ୟ ପ୍ରତିପାଳିତ ହୋଇ ଏ ନିଜର ଅପୂର୍ବ ସୌନ୍ଦର୍ଯ୍ୟରେ ରାଜକୁମାର ସେଲିମଙ୍କର ପ୍ରୀତି ଆକର୍ଷଣ କରିଥିଲେ । ଆକବର ଏହା ଜାଣିପାରି ଏ ବୟଃପ୍ରାପ୍ତା ହେଲା ପରେ ଏହାଙ୍କୁ ସେର୍‌ଅଫଗାନ୍ ନାମକ ଆପଣାର ଜଣେ ସେନାପତିଙ୍କ ସଙ୍ଗେ ବିବାହ ଦେଇ ଦମ୍ପତିଙ୍କୁ ବଙ୍ଗପ୍ରଦେଶକୁ ପଠାଇ ଦେଲେ । ଆକବରଙ୍କ ପରେ ଜାହାଙ୍ଗିର ସମ୍ରାଟ ହୋଇ ସେରଅଫଗାନ୍‌ଙ୍କୁ ଷଡ଼ଯନ୍ତ୍ରଦ୍ୱାରା ହତ୍ୟା କରାଇ ମେହେରୁଉନ୍ନିସାଙ୍କୁ ବିବାହ କରି ପାଟରାଣୀରୂପେ ନିଜ ଉଆସକୁ ଆଣିଲେ । ତଦ୍ଧରେ ଏହାଙ୍କର ନୁରଜାହାନ୍ ନାମ ହେଲା । ଏ ବଡ଼ ବୁଦ୍ଧିମତୀ ଓ ବିଳାସପ୍ରିୟା ଥିଲେ । ରାଜକାର୍ଯ୍ୟର ଅର୍ଦ୍ଧେକ ଭାର ଏହାଙ୍କ ଉପରେ ନ୍ୟସ୍ତ ଥିଲା ।

ଜାହାଙ୍ଗିରଙ୍କ ଛବି ସଙ୍ଗେ ଏହାଙ୍କ ମୂର୍ତ୍ତି ମଧ୍ୟ ମୋଗଲ ମୁଦ୍ରା ଉପରେ ଅଙ୍କିତ ହୋଇଥିଲା; ଏ ଗୋଲ୍ପ ଅକ୍ଷରର ପ୍ରଥମ ଅବର୍ତ୍ତୀ ବୋଲି ପ୍ରସିଦ୍ଧ ।]

ନୁଲା—ଦେ. ବିଣ. (ସଂ. ଲୁଳିତ = ମର୍ଦ୍ଦିତ; ବା ଲୂନ = ଛିନ୍ନ; ତୁଲ. ଫା. ଲୁନ୍‌ଜା)—ଯାହାର ହାତ ଭଙ୍ଗା; କେଣ୍ଟା—
Nulā — Having a disabled hand; maimed in the hand.
ନୁଲା; ନୁଲୋ ଲୁଲା

ନୁହ (ଇତ୍ୟାଦି)—ଗ୍ରା. କ୍ରି—ଲୁହ ଇତ୍ୟାଦି (ଦେଖ)
Nuha (etc) Luha etc (See)

ନୁହିଲେ—ପ୍ରାଦେ. (ସମ୍ବଲପୁର) ଅ—ନୋହିଲେ; ନଇଲେ—
Nuhile Otherwise; else; if not.

ନୂ (ଧାତୁ)—ସଂ—୧ । ସ୍ତବ କରିବା—
Nū (root) 1. To pray.
୨ । ପ୍ରଶଂସା କରିବା—2. To praise.

ନୂଆ—ଦେ.ବିଣ.(ସଂ. ନବ; ନୂତନ; ତୁଲ. ଫା. ନୌ; ଲାଟିନ୍-ନୋଭସ୍)—
Nūā
୧ । ନୂତନ—1. New.
ନୂତନ; ନୟା ନୟା
୨ । ନବ୍ୟ; ନବଜାତ—2. Novel.
୩ । ଅଳ୍ପଦିନ ହେଲା ଘଟିଥିବା—3. Recent.
୪ । ଅଳ୍ପବୟସ୍କ—4. Young.
୫ । ଟଟକା—5. Fresh.
ଦେ. ବି—ଚଳିତବର୍ଷର ପ୍ରଥମ ଉତ୍ପନ୍ନ ଧାନ୍ୟ—
Newly harvested paddy for the current year.
(ଯଥା—ନୂଆଖିଆ ।)

ନୂଆ କଳେବର—ଦେ. ବି. (ସଂ. ନବ ଓ କଳେବର)—୧୨ ବର୍ଷରେ ଥରେ ଦୋ-ଅଷାଢ଼ି ପଡ଼ିଲେ ଶ୍ରୀଜଗନ୍ନାଥଆଦି ଠାକୁରଙ୍କ କାଷ୍ଠପ୍ରତିମାର ସର୍ବ ପରିବର୍ତ୍ତନରୂପ ଉତ୍ସବ—The ceremony of renewing the wooden image of the idols Jagannātha, Balabhadra and Subhadrā once in 12 years.
Nūākaḷebara
(ନୂଆକଲବର[ଲ]—ଗ୍ରାମ୍ୟରୂପ)

ନୂଆ ଖବର—ଦେ. ବି—ନୂତନ ସମ୍ବାଦ; ସଜ ଖବର—
Nūā khabara Fresh or recent news.
नूतनखबर नयाखबर

ନୂଆ ଖାଇ—ପ୍ରାଦେ. (ସମ୍ବଲପୁର) ବି. (ତୁଲ. ହି. ଏହି ଅର୍ଥରେ ନୟା କରନା)—ନବାନ୍ନ ଉତ୍ସବ; ନୂଆଖିଆ—
Nūā khāi
The ceremony of taking the new rice for the year.

[ଦ୍ର—ଗ୍ରାମର ସବୁ ଗୃହସ୍ଥ ପ୍ରତିବର୍ଷ ଭାଦ୍ର ଶୁକ୍ଳପକ୍ଷରେ ଶୁଭଦିନ ସ୍ଥିର କରି ସେ ବର୍ଷର ନୂଆଧାନର ଚାଉଳ ରାନ୍ଧି ଭୋଜି କରନ୍ତି ଏବଂ ଗାଉଣା ବାଜଣା କରି ଉତ୍ସବ ପାଳନ୍ତି । ସନ୍ଧ୍ୟାବେଳେ ସମସ୍ତେ ଆମିଷ ଭୋଜନ କରି ଶୁଅନ୍ତି । ଆମିଷ ଖାଇ ନ ଥିବା ବ୍ୟକ୍ତି ପର ଜନ୍ମରେ ବକ ଯୋନିରେ ଜନ୍ମ ହେବ ବୋଲି ସେମାନଙ୍କର ବିଶ୍ୱାସ ।]

ନୂଆ ଖାଇବା—ଦେ. କ୍ରି.—ବର୍ଷର ପ୍ରଥମ ଅମଳର ନୂତନ ଧାନର ଚାଉଳର ଅନ୍ନ ବା ଚୂଡ଼ା ଆଦି ଦେବତାଙ୍କୁ ପୂଜା କରି ପ୍ରଥମେ ଭୋଜନ କରିବା—To take the new rice for the first time in the year.
Nūā khāibā

ନୂଆ ଖିଆ—ଦେ. ବି.—ନବାନ୍ନ ଭକ୍ଷଣ; ବର୍ଷର ପ୍ରଥମ ଲବ୍ଧ ଧାନ୍ୟର ଅନ୍ନ-ଭୋଜନରୂପ ଗୃହସ୍ଥର ଉତ୍ସବବିଶେଷ—The feast of taking the new rice for the year.
Nūā khiā

ନୂଆଗଡ଼—ଦେ. ବି. (ନାମ)—ଓଡ଼ିଶାର ଗଡ଼ଜାତବିଶେଷ—
Nūāgarḍa A State of Orissa.

[ଦ୍ର—ଖ୍ରୀଷ୍ଟ ଚତୁର୍ଦ୍ଦଶ ଶତାବ୍ଦୀ ବା ତହିଁର ପୂର୍ବରୁ ରେବା ରାଜବଂଶର ଜଣେ ରାଜପୁତ୍ର ମହାନଦୀ ବାଟେ ଜଗନ୍ନାଥ ଦର୍ଶନ କରିବାକୁ ଆସୁଥିଲେ । ପଥରେ ଏହି ଅଞ୍ଚଳର ଲୋକେ ବାଘ ଭୟରେ ବଡ଼ ଆତୁର ହେଉଥିବାର ଜାଣି ରାଜପୁତ୍ର ବାଘଙ୍କୁ ମାରିଲେ । ଆଦିମ ଅଧିବାସୀମାନେ କୃତଜ୍ଞତା ସ୍ୱୀକାର କରି ସେମାନଙ୍କର ରାଜା ହେବାକୁ ତାହାଙ୍କୁ ଅନୁରୋଧ କରିବାରୁ ସେ ଏ ରାଜ୍ୟର ରାଜା ହୋଇଥିଲେ । ବର୍ତ୍ତମାନ ସୁଦ୍ଧା ବ୍ୟାଘ୍ରମସ୍ତକ ଏ ରାଜବଂଶର ସଙ୍କେତ ହୋଇ ଅଛି । (କୃପାସିନ୍ଧୁ ଇତିହାସ) ।]

ନୂଆ ଡାହାଣୀ(ଣୀ)—ଦେ. ବି. ସ୍ତ୍ରୀ—(ସଂ. ନବ+ଡାକିନୀ)—ଯେଉଁ ସ୍ତ୍ରୀ ଲୋକ ଅଳ୍ପଦିନ ହେଲା ଡାହାଣୀ ହୋଇଅଛି—A woman who has recently taken to witchcraft.
Nūā ḍāhāṇā(ṇī)
ନୂଆ ଡାହାଣୀ ଗୃହ ଖାଏ । ଚଗ ।

ନୂଆ ନଇ—ପ୍ରାଦେ. (ଯାଜପୁର) ବି.—କେନାଲ୍—
Nūā nai Canal.

ନୂଆ ପାଞ୍ଜି—ଦେ. ବି. (ସଂ. ନବ ପଞ୍ଜିକା)—ନବ ବର୍ଷର ପଞ୍ଜିକା—
Nūā pāñji The almanac for the new year.

ନୂଆ ପାଣି—ଦେ. ବି—ନୂତନ ବର୍ଷାଜଳ; ବର୍ଷା ଋତୁର ଆରମ୍ଭରେ ହେବା ବର୍ଷାର ପାଣି—Water of the first shower of the rains.
Nūā pāṇi

ନୂଆ ବୋହୂ—ଦେ. ବି. ସ୍ତ୍ରୀ. (ସଂ. ନବବଧୂ)—୧ । ନବବଧୂ—
Nūā bohū 1. A bride newly come to her husband's house.
୨ । ବଡ଼ଭାଇଙ୍କ ସ୍ତ୍ରୀ; ଭାଉଜ—
2. Elder brother's wife.

ନୂଆ ଭୂଆ—ଦେ. ବିଣ. (ସହଚର; ୨ୟ ଶବ୍ଦ ନିରର୍ଥକ)—ନୂତନ ଓ ଅନଭିଜ୍ଞ (ବ୍ୟକ୍ତି)—Stranger; (a) man) new to a place.
Nūā bhuā

ନୂତନ—ସଂ. ବିଣ. (ନବ+ସ୍ୱାର୍ଥରେ ତନ; 'ନବ' ସ୍ଥାନରେ 'ନୂ')—
Nūtana ୧ । ନବୀନ; ଅଭିନବ; ନୂଆ—
(ନୂତ୍ନ—ଅନ୍ୟରୂପ) 1. New; novel; recent.
(ନୂତନତା, ନୂତନତ୍ୱ—ବି) ୨ । ସଦ୍ୟ; ଟଟକା—2. Fresh.
(ନୂତନା—ସ୍ତ୍ରୀ) ୩ । ଅପୂର୍ବ; ଅଦ୍ଭୁତ—
3. Extraordinary; wonderful.

ନୂତନ ବ୍ରତୀ—ସ. ବଣ. ପୁଂ. (ନୂତନ+ବ୍ରତ+ଇନ୍; ୧ମା. ୧ବ.)—
Nūtana brati ନୂତନ ବ୍ରତଧାରୀ—A person newly initiated into a vow.

ନୂତ୍ନ—ସ. ବଣ. (ନବ+ସ୍ୱାର୍ଥରେ ତ୍ନ)—ନୂତନ (ଦେଖ)
Nūtna Nūtana (See)

ନୂନ—ଦେ. ଅ. (ସ. ନୂନଂ)—ନିଃସନ୍ଦେହଭାବରେ—
Nūna Undoubtedly.

ନୂନ ଭବେ ଯୋଗଜନା ଅଛ ତୋର ସଙ୍ଗ । ପ୍ରାଚୀ. ରସବାରିଧି ।

ନୂପୁର - ସ. ବ. (ନୂ=ନୂନମ୍=ନିଶ୍ଚିତ+ପୃ ଧାତୁ=ପୂରଣ କରିବା+
. Nūpura କର୍ତ୍ତୃ. ଅ)—ନେପୁର; ଘୁଙ୍ଗୁରଲଗା ବଳା—
A tinkling ring or ornament for the ankle; a tinkling anklet.

ନୃ—ସ. ବ. ପୁଂ. (ନୀ ଧାତୁ=ନେବା+ସଂଜ୍ଞାର୍ଥରେ ଋ)—
Nṛu ନର; ମନୁଷ୍ୟ—Man.
[ଦ୍ର—ଏହା ନର ଅର୍ଥରେ ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଲାଗେ ଯଥା—ନୃଘ୍ନ, ନୃମୁଣ୍ଡ, ନୃସିଂହ, ନୃକେଶରୀ, ନୃପତି ଇତ୍ୟାଦି ।]

ନୃକପାଲ—ସ. ବ (୬ଷ୍ଠୀ ତତ୍; ନୃ+କପାଲ)—
Nṛukapāḷa ୧ । ନରପାଳ; ନରମୁଣ୍ଡ—1. Human head.
(ନୃକରୋଟିକା—ଅନ୍ୟରୂପ) ୨ । ନରମୁଣ୍ଡର ଖପୁରି—
2. Human skull.

ନୃକେଶରୀ—ସ. ବ—ନରକେଶରୀ (ଦେଖ)—
. Nṛukesari Narakesari (See)

ନୃତ୍ (ଧାତୁ)—ସ.—ନାଚିବା—
Nṛut (root) To dance.

ନୃତି—ସ. ବ (ନୃତ୍ ଧାତୁ+ଭାବେ. ଇ)—ନୃତ୍ୟ; ନାଟ—
Nṛuti Dance.

ନୃତୁ—ସ. ବ (ନୃତ୍ ଧାତୁ+କର୍ତ୍ତୃ. ଉ)—୧ । ନର୍ତ୍ତକ—
Nṛutu 1. A dancer.
୨ । (+ଅଧିକରଣ.ଉ) ଭୂମି—2. Earth.
୩ । କୃମି—3. A worm.
୪ । ଦୈର୍ଘ୍ୟ—4. Length.

ନୃତୂ—ସ. ବ. (ନୃ ଧାତୁ+କର୍ତ୍ତୃ. ତୂ)—୧ । ନର୍ତ୍ତକ—
Nṛutū 1 Dancer.
୨ । ନରହିଂସକ ବ୍ୟକ୍ତି—2. Murderer; assassin.

ନୃତ୍ତ—ସ. ବ (ନୃତ୍ ଧାତୁ+ଭାବ. ତ)—୧ । ଅଭିନୟ—
Nṛutta 1. An acting.
୨ । ନାଟ—2. Dancing
ସ. ବ (+କର୍ତ୍ତୃ ତ) ନର୍ତ୍ତନକାରୀ—Dancing.

ନୃତ୍ୟ—ସ. ବ (ନୃତ୍ ଧାତୁ+ଭାବ. ଯ)—୧ । ତାଳ; ମାନ; ରସାଶ୍ରୟ ଓ
Nṛutya ବିଳାସସମନ୍ୱିତ ଅଙ୍ଗବିକ୍ଷେପ; ନାଟ; ନାଚ; ନର୍ତ୍ତନ—
1. Dancing.
[ଦ୍ର—ପୁରୁଷର ନୃତ୍ୟକୁ 'ତାଣ୍ଡବ' ଓ ସ୍ତ୍ରୀର ନୃତ୍ୟକୁ 'ଲାସ୍ୟ' ବୋଲାଯାଏ ।]
୨ । ତାମସା—Mimicry; sports.
୩ । ଅଚେତନ ପଦାର୍ଥର କମ୍ପନ—
3. The shaking of an inanimate object.

ନୃତ୍ୟ ଦେ. ବ—୧ । ଅଙ୍ଗବିକ୍ଷେପ ସହ କଳହ—
1. A quarrel accompanied with jumping and waving of the limbs.
୨ । ଲୀଳା; ଖେଳ; କ୍ରୀଡ଼ା—2. Game; sport.

ନୃତ୍ୟ କାରକ—ସ. ବ. ପୁଂ (ନୃତ୍ୟ+କୃ ଧାତୁ+କର୍ତ୍ତୃ.ଅକ)—ନାଟୁଆ—
Nṛutya kāraka A dancer.
(ନୃତ୍ୟକାରୀ—ଅନ୍ୟରୂପ) (ନୃତ୍ୟକାରିକା; ନୃତ୍ୟକାରଣୀ—ସ୍ତ୍ରୀ)
ସ. ବଣ. ପୁଂ—ନାଚୁଥିବା—Dancing.

ନୃତ୍ୟକୀ – ସ. ବ. ସ୍ତ୍ରୀ (ନୃତ୍ୟ+କ+ସ୍ତ୍ରୀ. ଇ)—ନର୍ତ୍ତକୀ—
Nṛutyaki Female dancer.

ନୃତ୍ୟ ଗୁରୁ—ସ. ବ (୬ଷ୍ଠୀ ତତ୍; ନୃତ୍ୟ+ଗୁରୁ)—ନାଚର ଗୁରୁ—
Nṛutya guru Dancing master.

ନୃତ୍ୟ ବିଦ୍ୟା—ସ. ବ (ରୂପକ; ନୃତ୍ୟ+ବିଦ୍ୟା)—ନାଚବାବିଦ୍ୟା—
Nṛutya bidyā The science or art of dancing.

ନୃତ୍ୟ ରାମାୟଣ—ଦେ. ବ. (ନାମ)—କେଶବଚନ୍ଦ୍ରଙ୍କ କୃତ ନାଟ୍ୟ
Nṛutya rāmāyaṇa ରାମାୟଣ (କେଶବଚନ୍ଦ୍ର ପଟ୍ଟନାୟକ ଦେଖ)—The name of the Oria Rāmāyaṇa composed by Kesabachandra. (See Kesabachandra paṭṭanāyaka.)

ନୃତ୍ୟ ଶାଳା—ସ. ବ. (୬ଷ୍ଠୀ ତତ୍; ନୃତ୍ୟ+ଶାଳା)—୧ । ନାଟଘର;
Nṛutya sāḷā ନାଚଶାଳା—1. Dancing hall; ball-room.
(ନୃତ୍ୟାଗାର—ଅନ୍ୟରୂପ)
୨ । ଅଭିନୟାଗାର; ଥିଏଟର୍; ରଙ୍ଗଶାଳା—
2. Theatrical stage.

ନୃତ୍ୟାଗାର—ସ. ବ. (୬ଷ୍ଠୀ ତତ୍; ନୃତ୍ୟ+ ଆଗାର)-ନୃତ୍ୟଶାଳା
Nṛutyāgāra (ଦେଖ)—Nṛutyasāḷā (See).

ନୃତ୍ୟାଚାର୍ଯ୍ୟ—ସ. ବ. (୬ଷ୍ଠୀ ତତ୍; ନୃତ୍ୟ+ଆଚାର୍ଯ୍ୟ)—
Nṛutyāchārjya ନୃତ୍ୟଗୁରୁ—Dancing master.

ନୃଦୁର୍ଗ—ସ. ବ (ମ ପ. ଲୋ.)—ସେନାର ଚାରିପାଖେ ଘେରିଥିବା
Nṛudurga ମନୁଷ୍ୟରୂପ ଦୁର୍ଗ—Surrounding an army on all sides; an impenetrable barrier formed by men.

ନୃଦେବ—ସ. ବ. (୭ମୀ ତତ୍; ନୃ+ଦେବ)—
Nṛudeba ୧ । ନରଦେବ; ରାଜା—1. King.
୨ । ବ୍ରାହ୍ମଣ—2 A Brāhmaṇa.

ନୃପ—ସ. ବ. (ନୃ=ମନୁଷ୍ୟ+ପା ଧାତୁ=ପାଳନ କରିବା+କର୍ତ୍ତୃ. ଅ)—
Nṛupa ୧ । ରାଜା; ନୃପତି—1. King; a ruler of men.
୨ । କୁବେର (ପ୍ରକୃତିବାଦ)—
2. The Hindu God of riches.

ନୃପକନ୍ଦ—ସ. ବ.—ପିଆଜ (ହି. ଶ.)—
Nṛupakanda Onion.

ନୃପତା(ତ୍ୱ)—ସଂ. ବି. (ନୃପ+ଭାବ. ତା, ତ୍ୱ)—ରାଜତ୍ୱ; ରାଜପଣ—
Nṛupatā (twa) Kingship; reign.

ନୃପତି—ସଂ. ବି. (୬ଷ୍ଠୀ ତତ୍; ନୃ+ପତି)—୧ । ନରପତି; ରାଜା—
Nṛupati 1. King (literally the lord of men).
୨ । କୁବେର (ପ୍ରକୃତିବାଦ)—
2. The Hindu God of riches.

ନୃପପ୍ରିୟ—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; ନୃପ+ପ୍ରିୟ) ରାଜାଙ୍କ ପ୍ରିୟ—
Nṛupa priya Beloved or liked by the king; in the favour of a king.
ସଂ. ବି—୧ । ବଂଶବିଶେଷ; ଏକଜାତୀୟ ବାଉଁଶ ଗଛ—
1. A kind of bamboo.
୨ । ରାଜପଲାଣ୍ଡୁ—2. Onion.
୩ । ଶାଳି ଧାନ୍ୟ—3. Winter paddy.
୪ । ଆମ୍ବ—4. Mango.
୫ । ପାହାଡ଼ୀଶୁଆ; ନାହାକ ଶୁଆ (ହି. ଶ)—
5. A kind of big parrot.
୬ । କାଣ୍ଡଶର (ହି. ଶ)—6. A kind of reed.

ନୃପ ବଲ୍ଲଭ—ସଂ. ବିଣ ପୁଂ—ନୃପପ୍ରିୟ (ଦେଖ)
Nṛupa ballabha Nṛupa priya (See).

ନୃପ ମଣି—ସଂ. ବି (୭ମୀ ତତ୍; ନୃପ+ମଣି)—ଶ୍ରେଷ୍ଠ ରାଜା—
Nṛupa maṇi A great king.

ନୃପମାନ— ସଂ. ବି—ପୂର୍ବେ ରାଜାଙ୍କ ଭୋଜନ ସମୟରେ ବଜା ଯାଉଥିବା
Nṛupamāna ଏକପ୍ରକାର ବାଜା (ହି. ଶବ୍ଦସାଗର)—
(ନୃପାଭୀର—ଅନ୍ୟରୂପ) A kind of musical instrument which was sounded during royal meal in ancient times.

ନୃପ ସୁତା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ନୃପ+ସୁତା)—୧ । ରାଜକନ୍ୟା—
Nṛupasutā (ନୃପସୁତ—ପୁଂ.) 1. A king's daughter.
୨ । ଛୁଚୁନ୍ଦ୍ରୀ (ହି. ଶ)—2. Shrew; mole.

ନୃପାମୟ—ସଂ. ବି. (ନୃପ+ଆମୟ)—ରାଜଯକ୍ଷ୍ମା (ହି. ଶ) —
Nṛupāmaya Pthisis; consumption.

ନୃପାଳ—ସଂ ବି (୬ଷ୍ଠୀ ତତ୍; ନୃ+ପାଳ=ପାଳକ)—ରାଜା—
Nṛupāla King.

ନୃପାସନ—ସଂ. ବି (୬ଷ୍ଠୀ ତତ୍; ନୃପ+ଆସନ)—ରାଜସିଂହାସନ—
Nṛupāsana Throne.

ନୃବାହନ—ସଂ. ବି (ବହୁବ୍ରୀହି; ନୃ+ବାହନ)—(ମନୁଷ୍ୟମାନେ ଏହାଙ୍କର
Nṛubāhana ଶିବିକା ବହନ କରିବା ହେତୁ) କୁବେର—
Kubera.

ନୃମଣି— ସଂ. ବି (୭ମୀ ତତ୍; ନୃ+ମଣି)—୧ । ନରଶ୍ରେଷ୍ଠ—
Nṛumaṇi 1. Chief amongst men.
୨ । ନୃପତି; ରାଜା—2. King.

ନୃମୁଣ୍ଡ—ସଂ. ବି (୬ଷ୍ଠୀ ତତ୍; ନୃ+ମୁଣ୍ଡ)—୧ । ନରମୁଣ୍ଡ—
Nṛumuṇḍa 1. Man's head.
୨ । ନରକପାଳ—Human skull.

ନୃମୁଣ୍ଡମାଳିନୀ—ସଂ. ବି. ସ୍ତ୍ରୀ (ନୃମୁଣ୍ଡମାଳା+ଇନ୍+ସ୍ତ୍ରୀ. ଈ)—କାଳୀ—
Nṛumuṇḍmālini Goddess Kāli.

ନୃମେଧ—ସଂ. ବି—ନରମେଧ (ଦେଖ)
Nṛumedha Naramedha (See).

ନୃଯଜ୍ଞ—ସଂ. ବି. (୬ଷ୍ଠୀ ତତ୍; ନୃ+ଯଜ୍ଞ)—ଗୃହସ୍ଥର ପ୍ରତ୍ୟହକର୍ତ୍ତବ୍ୟ
Nṛujajña ପଞ୍ଚଯଜ୍ଞର ଅନ୍ତର୍ଗତ ଅତିଥିପୂଜନରୂପ କର୍ମ—
Hospitality; one of the five duties enjoined on a householder.

ନୃଲୋକ – ସଂ. ବି. (୬ଷ୍ଠୀ ତତ୍; ନୃ+ଲୋକ)—ପୃଥିବୀ; ମର୍ତ୍ତ୍ୟଲୋକ—
Nṛuloka The inhabited earth.

ନୃଶଂସ—ସଂ. ବିଣ. ପୁଂ. (ନୃ=ନର+ଶଂସ୍ ଧାତୁ=ହିଂସା କରିବା+
Nṛuśaṁsa କର୍ତ୍ତୃ. ଅ)—୧ । ନିର୍ଦ୍ଦୟ; କ୍ରୂର—
(ନୃଶଂସା—ସ୍ତ୍ରୀ) 1. Cruel; unkind; merciless; noxious.
(ନୃଶଂସତା—ବି) ୨ । ହିଂସ୍ର; ହିଂସାପରାୟଣ—2. Malicious.
୩ । ପରାନିଷ୍ଟକାରୀ —3. Malevolent; malignant.

ନୃଶଂସକ—ସଂ. ବିଣ. (ନୃଶଂସ+ସ୍ୱାର୍ଥେ. କ)—ନୃଶଂସ (ଦେଖ)
Nṛuśaṁsaka Nṛuśaṁsa (See)
ନାହି ସ୍ୱଭାବେ ନୃଶଂସକ
ଅସୁରେ କହନ୍ତି ଦବେକ । ଜଗନ୍ନାଥ. ଭାଗବତ ।

ନୃଶୃଙ୍ଗ – ସଂ. ବି—ମନୁଷ୍ୟଶୃଙ୍ଗ ପରି ଅସମ୍ଭବ ବସ୍ତୁ (ହି. ଶ)—
Nṛuśṛuṅga An impossibility; a chimera.

ନୃସିଂହ—ସଂ. ବି. (୭ମୀ ତତ୍; ନୃ+ସିଂହ)—୧ । ନରସିଂହ; ବିଷ୍ଣୁଙ୍କର
Nṛusiṁha ଚତୁର୍ଥ ଅବତାର (ଅର୍ଦ୍ଧାଙ୍ଗ ନରାକାର ଓ ଅପରାର୍ଦ୍ଧ ସିଂହାକାର)—1. The 4th incarnation of Bishṇu (half man and half lion).
[ଦ୍ର—ଏ ଅବତାରରେ ବିଷ୍ଣୁ ହିରଣ୍ୟକଶିପୁ ଓ ମୁରାସୁରକୁ ବଧ କରିଥିଲେ ।]
୨ । ବିଷ୍ଣୁ—2. Bishṇu.
୩ । ନରଶ୍ରେଷ୍ଠ—3 Chief among men; an excellent man.
୪ । ରତିବନ୍ଧବିଶେଷ—4. A kind of posture at the time of coition.
ଦେ. ବି. ପୁଂ—ଲୋକଙ୍କ ନାମ—
Name given to males.

ନୃସିଂହ ଚତୁର୍ଦ୍ଦଶୀ—ସଂ. ବି—ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ—
Nṛusiṁha chaturddaśi The 14th day of the bright lunar fortnight of the month of Baiśākha.
[ଦ୍ର—ଏ ଦିନ ନୃସିଂହ ଅବତାରରେ ବିଷ୍ଣୁ ପୃଥିବୀରେ ଜନ୍ମ ଗ୍ରହଣ କରିଥିଲେ । ଏହା ହିନ୍ଦୁଙ୍କର ଗୋଟିଏ ପବିତ୍ର ଉତ୍ସବଦିବସ ।]

ନୃସିଂହ ଜନ୍ମ—ସଂ. ବି—୧ । ନୃସିଂହ ଅବତାରରେ ବିଷ୍ଣୁଙ୍କର ପୃଥିବୀରେ
Nṛusiṁha janma ଜନ୍ମଗ୍ରହଣ—
1. The incarnation of Bishṇu in his Nṛusiṁha form.

୨ । ନୃସିଂହ ଚତୁର୍ଦ୍ଦଶୀ (ଦେଖ)
2. Nrusimha chaturddasi (See)

ନୃସିଂହ ପୁରାଣ—ସଂ. ବି—ବିଷ୍ଣୁଙ୍କ ନୃସିଂହ ଅବତାରର ଲୀଳା ବର୍ଣ୍ଣନାତ୍ମକ ଉପପୁରାଣବିଶେଷ—Name of a secondary Purāna enumerating the exploits of the incarnation of Nrusimha.
Nrusimha purāna
[ଦ୍ର—ପୀତାମ୍ବର ଦାସଙ୍କ ରଚିତ ସପ୍ତରତ୍ନାକର ବା ଖଣ୍ଡବିଶିଷ୍ଟ ଓଡ଼ିଆଭାଷାର ନୃସିଂହ ପୁରାଣରେ ନୃସିଂହ ଅବତାରରେ ମୁରାସୁରବଧ ବିଷୟ ବର୍ଣ୍ଣିତ ହୋଇଅଛି; କିନ୍ତୁ ହିରଣ୍ୟକଶିପୁ ବଧ ବିଷୟ ନାହିଁ । ଏହା କୌଣସି ସଂସ୍କୃତ ଗ୍ରନ୍ଥର ଅନୁବାଦ ନୁହେଁ ବୋଲି ଅନୁମିତ ହୁଏ, କିନ୍ତୁ ନୃସିଂହପୁରାଣ ନାମରେ ସଂସ୍କୃତରେ ଏକ ଉପପୁରାଣ ଥିବାର ହି. ଶବ୍ଦସାଗରରେ ଉଲ୍ଲେଖ ଅଛି ।]

ନୃହରି—ସଂ. ବି—ନୃସିଂହ ୧।୨ (ଦେଖ)
Nruhari Nrusimha 1.2 (See)

ନେ—ପ୍ରାଦେ. (କଳାହାଣ୍ଡି) ଅ—ରେ—
Ne At; in.
(ଯଥା—ହାତନେ=ହାତରେ ।)

ନେଆଣ—ଦେ. ବି—ନିଆଁ-ଅଣା (ଦେଖ)
Neāna Niā'anā (See)

ନେଇ—ଦେ. ବି—ଲେଇ (ଦେଖ)
Nei Lei (See)
ଦେ. ଅ—ବିଷୟରେ; ସମ୍ବନ୍ଧରେ; ସଂପର୍କରେ—Concerning.
(ଯଥା—ଏ କଥା ନେଇ ତାଙ୍କର ମୋର ବହୁତ ବିବାଦ ଲାଗିଲା ।)
ପ୍ରାଦେ. (ସମ୍ବଲପୁର) ଅ—ନଞର୍ଥକ ନ; ନାଁ; ନାହିଁ—Not.
(ନେଇଁ—ଅନ୍ୟରୂପ)
[ଦ୍ର—ଏହା କ୍ରିୟାର ପୂର୍ବରେ ଲାଗେ ଯଥା—ଇଯୁଗେ କଁଠି (ଲଙ୍ଗଳ କଣ୍ଡିରେ) ହାତ ନେଇ ଦେଲେ ଆର୍ କାମ୍ ନେଇ ଚଲେ । କ୍ରିୟାପରେ ମଧ୍ୟ ଏହା ଲାଗେ ଯଥା କହନେଇଁ—କହନା ।]

ନେଇ ଆଣି ଥୋଇବା—ଦେ. କ୍ରି—୧ । କୌଣସି ପଦାର୍ଥକୁ ଯତ୍ନପୂର୍ବକ ନେବା, ଆଣିବା ଓ ରଖିବା—1. To take, to bring and to keep a thing with care.
Nei ānithoibā
୨ । ସାବଧାନତାସହ କାର୍ଯ୍ୟ କରିବା—
2. To act with care and caution.
ନେଇ ଅଣି ଥୋଇ ଜାଣିଲେ ଗେରସ୍ତପଣ ଭଲ ।—ଢଗ

ନେଇ ଆଣିବା—ଦେ କ୍ରି—ନେବା ଓ ଆଣିବା—
Nei ānibā To take and bring.
नेओया आना लेना लाना

ନେଇ କରିବା—ଦେ. କ୍ରି—ପହଞ୍ଚାଇବା—
Nei karibā To cause to reach.
[ନେଇ ପହଞ୍ଚା (ଞ୍ଚେ) ଇବା—ଅନ୍ୟରୂପ] ଗ୍ରାମକୁ ବଳନ ସାରଥି ପେଲକ
নিয়ে পহুঁছান ହିରୁ ସେନା ମଧ୍ୟରେ ରଥ ନେଇ କଲା ।
लेकर पहुँचाना କୃଷ୍ଣସିଂହ. ମହାଭାରତ; କର୍ଣ୍ଣ

ନେଇ ଛାଡ଼ିବା—ପ୍ରାଦେ. (ଗଡ଼ଜାତ) କ୍ରି—କୌଣସି ସ୍ଥାନରୁ ଚାଲି ଯାଉଥିବା ବ୍ୟକ୍ତିଙ୍କୁ ବାଟେଇଦେବା; ବାଟ ବଳେଇ ଦେବା—To see a man off; to accompany a departing man to a certain distance.
Nei chhārdibā

ନେଉ(ହୁ)ଆ—ବୈଦେ. ବି (ପର୍ତ୍ତୁଗୀଜ୍. ଅନୋନା)—ଆତଜାତୀୟ ଫଳ-ବିଶେଷ; ଲେଉଆ—A kind of apple; the bullock's heart; Anona Reticulata.
Neu(hu)ā
নোনা, নোআত
रामफल
ଗୁ. ରାମଫଳ
ତା. ରାମ ସୀତା; ରାମସୀତ୍ତୁ ପଲମ
ତେ. ରାମପାଣ୍ଡୁ; ରାମ ଫଲମ
ରାମତନକର ପାଣ୍ଡୁ
[ଦ୍ର—ଏ ଗଛ ପୂର୍ବେ ବିଦେଶରୁ ଅଣାଯାଇ ଏ ଦେଶରେ ବର୍ତ୍ତମାନ ଉଠୁଥିବାର ପଣ୍ଡିତମାନେ କହନ୍ତି; ଏହାର ମଞ୍ଜି ଆତମଞ୍ଜି ପରି କିନ୍ତୁ ଉପର ଚୋପା ମସୃଣ ।]

ନେଉଆର—ବୈଦେ. ବି (ଫା. ନେୱାର୍)—୧ । ଲେବାର; ସୂତାର ମୋଟ ଓ ଚଉଡ଼ା ଫିତା—1. Cotton tape.
Neuār
[ଦ୍ର—ଏଥିରେ ପଲଙ୍କ ଆଦି ବୁଣାଯାଏ ।]
নেয়াড় ୨ । ନେପାଳର ଆଦିମ ଅଧିବାସୀଗଣ—
नेवार,निवार 2. The orginal inhabitants of Nepal.
(ନେଓ୍ୱାର୍; ନେବାର୍—ଅନ୍ୟରୂପ)

ନେଉଟ (ଇତ୍ୟାଦି)—ଦେ. ବି ଓ ବିଣ—ଲେଉଟ ଇତ୍ୟାଦି (ଦେଖ)
Neuta (etc.) Leuta etc. (See)

ନେଉଟିଆ (ଇତ୍ୟାଦି)—ଦେ. ବି—ଲେଉଟିଆ ଇତ୍ୟାଦି (ଦେଖ)
Neutiā (etc.) Leutiā etc. (See)

ନେଉଟିବା—ଦେ. କ୍ରି—ଲେଉଟିବା (ଦେଖ)
Neutibā Leutibā (See)

ନେଉତା—ପ୍ରାଦେ. (ସମ୍ବଲପୁର) ବି. (ସଂ. ନିମନ୍ତ୍ରଣ; ତୁଳ.ହି.ନେୟାତା)—
Neutā ୧ । ନିମନ୍ତ୍ରଣ—1. Invitation
୨ । ଭୋଜି—2. Feast.
୩ । ବିବାହଆଦି ଉତ୍ସବରେ ଯୋଗ ଦେବାପାଇଁ ବନ୍ଧୁ-ବାନ୍ଧବଙ୍କୁ ନିମନ୍ତ୍ରଣ—3. Invitation to friends & relatives to attend a family-festival.

ନେଉର୍ ମୂଷା—ପ୍ରାଦେ. (ଗଡ଼ଜାତ) ବି—ନେଉଳ—
Neur mūshā An ichneumon.

ନେଉର (ଇତ୍ୟାଦି)—ଗ୍ରାମ୍ୟ (ଇତର) ବି. (ନୀଚଲୋକଙ୍କ ଉଚ୍ଚାରଣ ଦୋଷରୁ ଳ ସ୍ଥାନରେ ର ଉଚ୍ଚାରଣ)—ନେଉଳ (ଦେଖ)—Neula etc. (See).
Neura (etc.)

ନେଉରି(ଳି) ମାଛ—ଦେ. ବି—ବାଲିଗରଡ଼ାମାଛଙ୍କର ଜାଆଁଳ—
Neuri(li)māchha The fry of Bāligarardā fish.
[ନେଉରି(ଳି)—ଅନ୍ୟରୂପ] [ଦ୍ର—ଏମାନେ ପଞ୍ଝା ପଞ୍ଝା ହୋଇ ଅଳ୍ପ ସ୍ରୋତୋବିଶିଷ୍ଟ ଅଗଭୀର ଜଳରେ ସ୍ରୋତର ପ୍ରତିକୂଳରେ ଗତି କରନ୍ତି । ଏମାନେ ପ୍ରାୟ ଏକ ଇଞ୍ଚ ଲମ୍ବ ହୁଅନ୍ତି ।]

ନେଉଳ—ଦେ. ବ (ସ. ନକୁଲ; ପ୍ରା. ନଉଲ)--ସର୍ପନାଶକ ବିଳେଶୟ
Neula ଚତୁଷ୍ପଦ ଜନ୍ତୁବିଶେଷ—An ichneumon;
नेउल,बेंजी mongoose; Herpestes Mongo.
बीजी,नेवला [ଦ୍ର—ନେଉଳ ଲମ୍ବରେ ହାତେ ଦେଢ଼ହାତ ହୁଏ । ଏହାର ଲାଞ୍ଜ ଦେହଠାରୁ ଲମ୍ବ ଓ ମୁହଁ ଗୋଜିଆ; ରୋମ ପାଣ୍ଡୁର । ଏହା ମାଂସାହାରୀ । ଏହାର ଦାନ୍ତ ଖୁବ୍ ଦାଢ଼ୁଆ; ଏମାନେ ପୁରୁଣାଡହ, ବୁଦା, ନଈଅଡ଼ା ଆଦିରେ ଗାତ ଖୋଳ ରହନ୍ତି । ବସନ୍ତ ଋତୁରେ ମାଈନେଉଳ ଏକାଥରକେ ୨।୩ ଟି ଛୁଆ ଦିଏ । ନେଉଳ ସାଧାରଣତଃ ମୂଷା, ମାଛଆଦି ଖାଆନ୍ତି । କିନ୍ତୁ ସାପକୁ ମାରିବା ବିଷୟରେ ଏମାନଙ୍କର ପ୍ରସିଦ୍ଧି ଅଛି । ସାପକୁ ଏମାନେ ଖଣ୍ଡ ଖଣ୍ଡ କରି ଦାନ୍ତରେ କାଟି ପକାନ୍ତି । ନେଉଳଙ୍କୁ ପାଳଲେ ନେଉଳ ପୋଷା ମାନେ । ଯେଉଁ ଘରେ ପୋଷା ନେଉଳ ଥାଏ ସେ ଘରେ ସାପ ଓ ମୂଷାଙ୍କ ଉପଦ୍ରବ ରହେ ନାହିଁ ।]

ନେଉଳ ଫାଶ—ଦେ. ବ—ନେଉଳ ଧରିବା ସକାଶେ ଶିକାରୀର ବସାଇବା
Neula phāsa ଫାଶ—A trap set to entrap an ichneumon.

ନେଉଳ ଭାଇ—ଦେ. ବ—(କାହାଣୀ)—ଯେଉଁ ବ୍ୟକ୍ତି କାହାଣୀକଥିତ
Neula bhāi ନେଉଳ ପରି ଅପ୍ରତ୍ୟାଶିତ ଭାବରେ ସବୁଠାରେ ଉପସ୍ଥିତ ହେବାର ଦେଖାଯାଏ—A person (like the mongoose in the folktale) who is found wherever and whenever he is wanted to save a situation.
[ଦ୍ର—କାହାଣୀରେ ଅଛି ଯେ ନେଉଳ ଭାଇଙ୍କୁ ଅନ୍ୟ ସଙ୍ଗୀ ଭାଇମାନେ ଆଦର କରନ୍ତି ନାହିଁ ଏବଂ ସାଙ୍ଗରେ ଯିବାକୁ ଡାକନ୍ତି ନାହିଁ; କିନ୍ତୁ ଯେତେବେଳେ ସେମାନଙ୍କୁ ଅସମୟ ବା ଆପଦ ପଡ଼େ ସେତେବେଳେ ପୁଣି ସେମାନେ ନେଉଳଭାଇଙ୍କୁ ଖୋଜନ୍ତି ଓ ଖୋଜିଲାବେଳକୁ ନେଉଳଭାଇ ଖୋଜାପଡ଼ିବା ସ୍ଥାନରେ ହାଜର ହୁଏ ଏବଂ ସେମାନଙ୍କୁ ଆପଦରୁ ରକ୍ଷା କରେ ।]

ନେଉଳ ମୁହାଁ—ଦେ. ବଣ.—ଯେଉଁ ବଳଦ ଶଗଡ଼ ବା ହଳରେ ମୁଣ୍ଡ
Neula muhā̃ ତଳକୁ ପୋତି ଟାଣେ—(a bullock) Dragging loads with its head bent downwards.

ନେଉଳା—ଦେ. ବଣ. ପୁଂ.—୧ । ନେଉଳମୁହାଁ (ଦେଖ)
Neulā 1. Neula muhā̃ (See
ଦେ. ବ.—ଦୀପିଦଣ୍ଡୀ—
The central post in a tank.

ନେଉଳା ଦାଣ୍ଡି—ଦେ. ବ.—ଦୀପିଦଣ୍ଡୀ (ଦେଖ)
Neulā dāndi Dipidandi (See

ନେକ୍—ବୈଦେ. ବଣ. (ଫା.)—୧ । ଅଚ୍ଛା; ଉତ୍ତମ—
Nek 1. Good.
नेक २ । ସଦାଚରଣବିଶିଷ୍ଟ—
नेक 2. Of good conduct.
[ଦ୍ର—ଏହା ଅନ୍ୟ ଶବ୍ଦ ପୂର୍ବେ ଯୁକ୍ତ ହୋଇ ବ୍ୟବହୃତ ହୁଏ; ଯଥା—ନେକ୍ ନଜର, ନେକ୍ ନାମ ।]

ନେକ୍ ଚଳନ—ଦେ. ବଣ. (ଫା. ନେକ୍+ସ. ଚଳନ)—
Nek chalana ସଦାଚାରୀ (ବ୍ୟକ୍ତି)—
नेकचलन **नेकचलन** (a person) Of good conduct.

ନେକ୍ ଚଳଣୀ—ଦେ. ବ. (ଫା. ନେକ୍+ସ. ଚଳନ)—ସଦାଚରଣ—
Nek chalani नेक चलनी **नेकचलनी** Good conduct.

ନେକ୍ଟାଇ—ବୈଦେ. ବ. (ଇଂ.)—ସାହେବଙ୍କ କମିଜ ଉପରେ ବେକ
Nektāi ଗଳାପାଖେ ବନ୍ଧା ହେବା ଲମ୍ବ ସରୁଆ କନା; ଗଳାବନ୍ଧ—
नेकटाई **नेक टाइ** Neck-tie.

ନେକ୍ ନଜର୍—ବୈଦେ. ବ. (ଫା. ନେକ୍=ଉତ୍ତମ+ନଜର୍=ଦୃଷ୍ଟି)-
Nek najar ୧ । ଶୁଭ ଦୃଷ୍ଟି—
सुनजर 1. Auspicious look.
नेक नजर ୨ । ଅନୁଗ୍ରହ ଦୃଷ୍ଟି—2. Favourable look.
୩ । କୃପାଦୃଷ୍ଟି—3. Kind eye.
୪ । ଅନୁଗ୍ରହ—4. Favour; good grace.
୫ । କୃପା; ଦୟା—5. Kindness; mercy.

ନେକ୍ନାମ୍(ମି)—ବୈଦେ. ବ. (ଫା. ନେକ୍ନାମୀ)—୧ । ସୁନାମ;
Neknām(mi) ସୁଯଶଃ; ସୁଖ୍ୟାତି—1. Good name;
नेक नाम **नेक नामी** reputation.
୨ । ଯଶଃ; ପ୍ରସିଦ୍ଧି—2. Fame; renown.
୩ । ବାହାଦୁର; ପ୍ରଶଂସା—3. Praise.
ହଜୁରଙ୍କ କେବଳମାତ୍ର ନେକନାମି ଦୁନିଆରେ ବାହେର ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

नेकनामी ବୈଦେ. ବଣ. (ଫା. ନେକ୍ନାମ)—ସୁଖ୍ୟାତିଯୁକ୍ତ—
नेकनाम Renowned.

ନେକ(ଙ୍କ)(ଙ୍କୁ)ଡ଼ା(ଡ଼ି) (ଇତ୍ୟାଦି)—ଦେ. ବ. ଓ ବଣ—
Neka(ṅka) (ṅku) rdā (rdi) (etc)
ଲେଙ୍କଡ଼ା ଇତ୍ୟାଦି(ଦେଖ)—Leṅkardā etc (See)

ନେକ୍ନିୟତ(ତି)—ବୈଦେ. ବଣ (ଫା. ନେକ୍+ଅ. ନିୟତ୍=ସଂକଳ୍ପ)
Nek-niyat(ti) ୧ । ଉତ୍ତମ ସଂକଳ୍ପକାରୀ ବ୍ୟକ୍ତି; ଯାହାର ଉଦ୍ଦେଶ୍ୟ
नेकनियत (ती) ସାଧୁ—1. Of good intention.
नेकनियत(ती) ୨ । ବିଶ୍ୱାସୀ – 2. Faithful.
ବୈଦେ. ବ. (ଫା. ନେକ୍ନିୟତି)—୧ । ସଦୁଦ୍ଦେଶ୍ୟ—
1. Good intention.
୨ । ବିଶ୍ୱାସିତା—
2. Trustworthiness; faithfulness.

ନେକା(ଙ୍କା)—ଦେ. ବ.—ଲେଙ୍କା (ଦେଖ)
Nekā(ṅkā) Leṅkā (See)

ନେକା(ଙ୍କା)ପ—ଦେ. ବ.—ମେକାପ (ଦେଖ)
Nekā(ṅkā)pa (ନେପାକ—ଅନ୍ୟରୂପ) Mekāpa (See)

ନେକାର—ଦେ. ବ. (ସ. ନ୍ୟକ୍କାର)—୧ । ବମନ—
Nekāra 1. Vomiting.
नेकार, न्याकार ୨ । (ସ. ଧିକ୍କାର) ଧିକ୍କାର; ଅବଜ୍ଞା—
कै 2. Disregard; contempt.
୩ । ଧିକ୍କାର ବଚନ—3. Contemptuous words.

୪ । ଛକାର; ବମନେଚ୍ଛା— 3. Tendency to vomit; nausea.

ନେକି—ବୈଦେ. ବ. (ଫା. ନେକୀ)—୧ । ଭଲପଣ— Neki 1. Goodness.
नेकी ୨ । ସୁନାମ—2. Good name.
नेकी (ନେକେଇ—ଅନ୍ୟରୂପ)

ନେକି ବଦି—ବୈଦେ. ବ.(ଫା. ନେକୀ ବଦୀ)—୧ । ପ୍ରଶଂସା ଓ ନିନ୍ଦା— Neki badi 1. Praise and blame.
ନେକବଦ, ନେକବଦି, ନେକେଇବଦେଇ } ଅନ୍ୟରୂପ ୨ । ଦାୟିତ୍ୱ— 2. Responsibility.
नेकीबदी नेकीवदी ୩ । ହିତ ଓ ଅହିତ— 3. Benefit and injury.

ନେଖନ (ଇତ୍ୟାଦି)—ଗ୍ରା. ବ.—ଲେଖନ ଇତ୍ୟାଦି (ଦେଖ) Nekhana (etc) Lekhana etc (See)

ନେଖା (ଇତ୍ୟାଦି)—ଗ୍ରା. ବ.—ଲେଖା (ଇତ୍ୟାଦି) (ଦେଖ)— Nekhā (etc) Lekhā etc (See)

ନେଖା(ଖେ)ଇବା - ଗ୍ରା. କ୍ରି.—ଲେଖାଇବା (ଦେଖ) Nekhā(khe)ibā Lekhāibā (See)

ନେଖିବା—ଗ୍ରା. କ୍ରି.—ଲେଖିବା (ଦେଖ) Nekhibā Lekhibā (See)

ନେଗି—ପ୍ରାଦେ. (ସମ୍ବଲପୁର) ବ.—କିରାଣି— Negi A clerk.
[ଦ୍ର—ହିନ୍ଦୀରେ ନେଗ୍ ଶବ୍ଦର ଅର୍ଥ ଶୁଭ କର୍ମରେ ଭୃତ୍ୟାଦିଙ୍କୁ ଦିଆ ଯିବା ବକ୍ସିସ୍ ବା ବଧେଇ ଓ ନେଗୀ ଶବ୍ଦର ଅର୍ଥ ଯେଉଁମାନଙ୍କୁ ବଧେଇ ଦିଆଯାଏ ଅର୍ଥାତ୍ ଭୃତ୍ୟାଦି ।]

ନେଙ୍କଡ଼ା (ଇତ୍ୟାଦି)—ଦେ. ବ—ଲେଙ୍କଡ଼ା ଇତ୍ୟାଦି (ଦେଖ) Neṅkardā (etc) Leṅkardā etc (See)

ନେଙ୍କ(ଙ୍କି)(ଙ୍କୁ)(ଙ୍କେ)ଡ଼ିଆ ଦେ. ବିଣ—ଲେଙ୍କଡ଼ିଆ (ଦେଖ) Neṅka(ṅki)(ṅku)(ṅke)rdiā Leṅkardiā (See)

ନେଙ୍ଗ(ଙ୍ଗେ)ଡ଼ା (ଇତ୍ୟାଦି)—ଦେ. ବ ଓ ବିଣ— Neṅga(ṅge)rdā (etc) ଲେଙ୍ଗଡ଼ା ଇତ୍ୟାଦି (ଦେଖ) Leṅgardā etc. (See)

ନେଙ୍ଗୁଟି (ଇତ୍ୟାଦି)—ଦେ. ବ—ଲେଙ୍ଗୁଟି ଇତ୍ୟାଦି (ଦେଖ) Neṅguṭi (etc) Leṅguṭi etc. (See)

ନେଜକ—ସଂ. ବ. ପୁଂ. (ନିଜ୍ ଧାତୁ=ଧୌତ କରିବା+କର୍ତ୍ତୃ. ଅକ)— Nejaka ଧୋବା; ରଜକ—Washerman.
(ନେଜକା—ସ୍ତ୍ରୀ) ସଂ. ବିଣ. ପୁଂ—ଶୋଧକ; ପରିଷ୍କାରକ— Purifying; cleansing.

ନେଜନ—ସଂ. ବ. (ନିଜ୍ ଧାତୁ=ଧୌତ କରିବା+ଭାବ. ଅନ)— Nejana ୧ । ଶୋଧନ; ପରିଷ୍କରଣ— 1. Purification; cleansing.
୨ । ଧୌତକରଣ; ଧୋଇବା—2. Washing.
୩ । ଚିପୁଡ଼ିବା—3. Rinsing.
୪ । (+ଅଧିକରଣ. ଅନ) ଯେଉଁଠାରେ ଲୁଗା ଧୁଆଯାଏ; ଧୋବା ଘର—4. Washing house; washerman's house.
୫ । ଧୋବା ଘାଟ—5. Washing place.

ନେଞ୍ଚ—ଗ୍ରା (ଇତର) ବିଣ - ନୀଚ (ଦେଖ) Neñcha Nīcha (See)
नींच (ନୀଞ୍ଚ—ଅନ୍ୟରୂପ)

ନେଞ୍ଜ—ପ୍ରାଦେ. (ସିଂହଭୂମ) ବ (ସଂ. ଲଞ୍ଜ=ପୁଚ୍ଛ; ବ. ନେଜ)— Neñja ୧ । ଲାଙ୍ଗୁଡ଼—1. Tail.
୨ । ଢିଙ୍କି ଲାଞ୍ଜି— 2. The back end of a threshing jack.

ନେଞ୍ଜରା (ଇତ୍ୟାଦି)—ଦେ ବ—ଲେଞ୍ଜରା ଇତ୍ୟାଦି (ଦେଖ) Neñjarā (etc) Leñjarā etc. (See)

ନେଞ୍ଜରା(ରେ)ଇବା—ଦେ. କ୍ରି—ଲେନ୍ଦରାଇବା (ଦେଖ) Neñjarā(re)ibā Lendarāibā (See)

ନେଟ୍—ବୈଦେ. ବ. (ଇଂ. ନେଟ୍)— Neṭ ୧ । ଜାଲ—1. Net.
नेट ୨ । ଜାଲ ପରି ଛିଦ୍ର ରଖି ବୁଣା ହୋଇଥିବା ଲୁଗା—
नेट 2. Net cloth.
नीट ବୈ. ବିଣ. (ଇଂ. ନେଟ୍)—ନିଟ୍ (ଦେଖ)
नीट Niṭ (See)

ନେତ୍ରିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ନେତ୍ର)— Netribā ଅପଲକ ନେତ୍ରରେ ଚାହିଁ ରହିବା— To stare at.
(ଯଥା—ମୋଉଦ୍ଧ (ମୋ ଆଡ଼କୁ) କାହିଁ ଯେ (କିପାଇଁ) ନେତ୍ରୁଛେ (ଅପଲକଦୃଷ୍ଟିରେ ଚାହିଁ ରହିଛ ?)
[ଦ୍ର—ଏହା ଘୃଣାର୍ଥରେ ପ୍ରଯୁକ୍ତ ହୁଏ ।]

ନେଡ଼ (ଇତ୍ୟାଦି)—ଦେ. ବ—ଲେଡ଼ ଇତ୍ୟାଦି (ଦେଖ) Nerda (etc) Lerda etc. (See)

ନେଡ଼ା—ଦେ. ବ—ଲେଡ଼ା (ଦେଖ) Nerdā Lerdā (See)

ନେଡ଼ି (ଇତ୍ୟାଦି)—ଦେ. ବ—ଲେଡ଼ି ଇତ୍ୟାଦି (ଦେଖ) Nerdi (etc) Lerdi etc. (See)

ନେଢ଼େଇବା—ପ୍ରାଦେ (ସିଂହଭୂମ) କ୍ରି—ଖୋଟେଇବା— Nerdheibā To limp.

ନେଣ୍(ଣା)(ଣୀ)—ଦେ. ବ. (ସଂ. ନୀ ଧାତୁ; ନୟନ)— Neṇ(ṇā)(ṇi) ୧ । ନେବା କ୍ରିୟା—
लेन, लेना 1. Act of taking.
लेन, लेना ୨ । ପ୍ରାପ୍ୟ ଧନ ବା ବସ୍ତୁ—2. Money or thing which is due.
[ଦେଣ(ଣା)(ଣୀ) – ବିପରୀତ]
(ନେଏଣ, ନେଏଣା, ନେଏଣୀ—ଅନ୍ୟରୂପ)

ନେଣ୍ ଦେଣ୍—ଦେ. ବ. (ସହଚର; ସଂ. ନୟନ ଓ ଦାନ; ସଂ. ଲଭନ ଓ ଦାନ)— Neṇ deṇ
लेनदेन, लेनादेना ୧ । ନେବା ଓ ଦେବା; ନିଆଦିଆ—
लेनदेन 1. Giving and taking.
ନେଏଣ ଦେଏଣ, ନେଣା ଦେଣା, ନେଣୀ ଦେଣୀ } ଅନ୍ୟରୂପ ୨ । ବ୍ୟବସାୟଗତ ଅଦଳବଦଳ— 2. Exchange; barter.

୩ । ବାଣିଜ୍ୟ; ବ୍ୟବସାୟ; କାରବାର (ଯହିଁରେ ପଣ୍ୟ ଓ ଧନାଦିର ଆଦାନ ପ୍ରଦାନ ହୁଏ)—
3. Business transaction; trade; mercantile transaction.
୪ । ବିକ୍ରି ଖରିଦ—
4. Sale and purchase of things.
୫ । ବିକ୍ରି ସମ୍ପତ୍ତି ପାଇଁ କ୍ରେତା ବିକ୍ରେତା ମଧ୍ୟରେ ମୂଲ୍ୟର ଆଦାନ ପ୍ରଦାନ—5. Passing of consideration for a property sold.
୬ । ପାଉଣା ଦେଣା; କୌଣସି ବ୍ୟକ୍ତିର ଅନ୍ୟଠାରୁ ପ୍ରାପ୍ୟ ଓ ଅନ୍ୟକୁ ଦେୟ ଧନ ବା ବସ୍ତୁ—
6 Dues and debts of a person; assets and liabilities of a person.

ନେଣ୍ଟା(ଣ୍ଠା)—ଦେ. ବି—୧ । ଲେଞ୍ଜରା (ଦେଖ)
Nenta(nta) 1. Lenjarā (See)
ନେଟା, लाठा ୨ । ଅଳଆ—2. Refuse matter.
टंटा ୩ । ଗୋଳମାଳ—3. Noise; confusion.

ନେଣ୍ଟି—ଦେ. ବି ଓ ବିଣ – ଲେଣ୍ଟି (ଦେଖ)
Nenti Lenti (See)

ନେଣ୍ଡ—ପ୍ରାଦେ. (ବାଲେଶ୍ୱର, ପାରଲାଖେମୁଣ୍ଡି ଓ କୁଜଙ୍ଗ) ବି (ସଂ. ଲେଣ୍ଡ)—
Nenda ଲେଣ୍ଡ (ଦେଖ)—Lenda (See)

ନେତ—ଦେ. ବି. (ସଂ. ନେତ୍ର=ବସ୍ତ୍ରବିଶେଷ; ଓଢ଼ଣା)—
Neta ୧ । ବାଳିକାମାନଙ୍କର ପିନ୍ଧିବା ଏକ ପ୍ରକାର ସୂକ୍ଷ୍ମ ପଟ୍ଟବସ୍ତ୍ର;
ନେତ ଅଂଶୁକ—1. A kind of thin silk cloth worn
ओढ़ना by girls.
ଦେ ବାଛି ପିନ୍ଧଅଛି ନେତ—ଭୂପତି, ପ୍ରେମପଞ୍ଚାମୃତ ।
पताका झुमरनो ୨ । ପତାକା—2. Flag.
୩ । (ସଂନେତ୍ର=ମନ୍ଥନରଜ୍ଜୁ; ଏହା ମନ୍ଥନରଜ୍ଜୁପରି ଲମ୍ବ ଥିବାରୁ) ଦେଉଳ ଉପରେ ପତାକା ତଳେ ବନ୍ଧା ଥିବା ୧୦-୧୫ ହାତ ଲମ୍ବ, ସରୁଆ ପତାକା—
3. A long and narrow flag; streamer.
ସେ ତଳେ ନେତ ବନ୍ଧା ହୋଇ,
ପତିତ ଜନଙ୍କର ପାଇଁ । ଯଶୋବନ୍ତ, ପ୍ରେମଭକ୍ତି ବ୍ରହ୍ମଗୀତା ।
୪ । ବିଷ୍ଣୁଙ୍କ ରଥଯାତ୍ରାର ପୂର୍ବଦିନ ହେବା ଉତ୍ସବବିଶେଷ; ନେତ୍ରଉତ୍ସବ—4. A festival of the Deity Jagannātha on the eve of the car festival.
୫ । (ସ୍ତ୍ରୀ) ସ୍ତ୍ରୀଲୋକଙ୍କ ନାମ; ନେତ୍ରମଣି ନାମ୍ନୀ ସ୍ତ୍ରୀର ଡାକନାମ—5. A name given to females.
୬ । (ପୁଂ.) ନେତ୍ରାନନ୍ଦର ଡାକନାମ—
6. Name for calling Netrānanda.
ପ୍ରାଦେ. (ପୁରୀ ସହର) ବି –କନ୍ୟାମାନଙ୍କ ଉତ୍ସବବିଶେଷ—
Name of a festival observed by girls.
ଖୋକାଙ୍କ ସୁନ୍ଦର ବସନ୍ତପଞ୍ଚମୀ ଝୋଙ୍କାଙ୍କି ସୁନ୍ଦର ନେତ । ତଦ୍ଧ ।

[ଦ୍ର—ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ପଣ୍ଡା ସେବକଙ୍କ କନ୍ୟାମାନେ ଏ ଉତ୍ସବ ପାଳନ୍ତି । ଆଶ୍ୱିନ ଶୁକ୍ଳ ଚତୁର୍ଥୀଠାରୁ ସପ୍ତମୀ ପର୍ଯ୍ୟନ୍ତ ଚାରି ଦିନ ଅବିବାହିତା କନ୍ୟାମାନେ ବେଶଭୂଷା ପିନ୍ଧି ମାର୍କଣ୍ଡେଶ୍ୱରଙ୍କୁ ଦର୍ଶନ କରି ଆପଣା ଆପଣା ବନ୍ଧୁବାନ୍ଧବଙ୍କ ଘରକୁ ଯାଆନ୍ତି । ସେଠାରେ ସେମାନେ ଭୋଜନ କରି ସୁନ୍ଦର ଛନ୍ଦଆଦି ଗୀତ ବୋଲନ୍ତି ।]

ନେତା—ସଂ. ବିଣ ପୁଂ. (ନୀ ଧାତୁ=ନେବା+କର୍ତ୍ତୃ. ତୃ; ୧ମା. ୧ବ)
Netā ୧ । ନାୟକ—1. Leader.
(ନେତ୍ରୀ—ସ୍ତ୍ରୀ) ୨ । ପରିଚାଳକ ବ୍ୟକ୍ତି—2. Conductor.
୩ । ପଥ ପ୍ରଦର୍ଶକ ବ୍ୟକ୍ତି—3. Guide.
୪ । ସ୍ୱାମୀ; ମାଲିକ—4. Owner.
୫ । ପ୍ରଭୁ; ଖାମିନ୍ଦ—5. Master.
୬ । ସର୍ଦ୍ଦାର—6. Headman.
୭ । କାର୍ଯ୍ୟନିର୍ବାହକ ବ୍ୟକ୍ତି—
7. Superintendent; manager.
୮ । ନିମ ଗଛ (ହି. ଶ.)—8. The Nim tree.
୯ । ବିଷ୍ଣୁଙ୍କର ଏକନାମ (ସହସ୍ରନାମୋକ୍ତ)—
9. A name of Bishnu.
ସଂ. ବିଣ—୧ । ଯେ ନିଏ—1. Taking.
୨ । ପଥପ୍ରଦର୍ଶକ—
2. Leading; guiding; conducting.
୩ । ପ୍ରେରକ—3 Sending.
୪ । ପ୍ରାପକ—4. Receiving; procuring.
୫ । କାର୍ଯ୍ୟ ନିର୍ବାହକ—5. Superintending a work.

ନେତାରଂମନ୍ୟ—ସଂ. ବିଣ. ପୁଂ. (ନେତାରଂ='ନେତୃ' ଶବ୍ଦର ୨ୟା, Netāram-manya ୧ବ+ମନ୍ ଧାତୁ+କର୍ତ୍ତୃ. ଯ)—
ଯେ ପ୍ରକୃତରେ ନେତା ନୁହନ୍ତି ଅଥଚ ନେତା ବୋଲି ଗର୍ବ କରନ୍ତି—One who gives one's self the airs of a leader; one who calls himself a leader though he is not actually so.

ନେତି—ସଂ. ବି. (ସଂ. ନ. ଇତି; ଯାହାଙ୍କର ଇତି ବା ଅନ୍ତ ନାହିଁ)
Neti ଈଶ୍ୱର; ପରଂବ୍ରହ୍ମ—The Supreme Spirit; God.

ନେତି(ତୀ) ଧୋ(ଧୌ)ତି(ତୀ)—ଦେ. ବି. (ସଂ. ନେତ୍ର=ମନ୍ଥନରଜ୍ଜୁ
Neti(tī) dho(dhau)ti(tī) +ଧୋଇବା=ଧୋଇବା) —
नेतिधोति ହଠ ଯୋଗ ସାଧନର ପ୍ରକ୍ରିୟାବିଶେଷ; ଖଣ୍ଡିଏ ସରୁ ଲମ୍ବ କନା
नेती घोती ପେଟରେ ଭରତି କରି ଅନ୍ତ ସଫା କରିବାର ଯୌଗିକ ପ୍ରଣାଳୀ—An exercise done by Jogis by thrusting a long and narrow strip of cloth into the belly and bringing it out to cleanse the intestines.
(ଧୋତି ୪ ଦେଖ)

ନେତୃତ୍ୱ—ସଂ. ବି. (ନେତୃ+ଭାବାର୍ଥରେ ତ୍ୱ)—୧ । ନାୟକତ୍ୱ—
Netrutwa 1. Leadership.
(ନେତୃତା—ବି)

୨ । ତତ୍ତ୍ୱାବଧାରଣ—
2. Guidance; management.

ନେତ୍ର—ସ. ବ. (ନୀ ଧାତୁ=ପାଇବା+କରଣ. ତ୍ର) ୧ । ଚକ୍ଷୁ; ଅକ୍ଷି—
Netra 1. The eye.
୨ । ସୂକ୍ଷ୍ମ ପଟ୍ଟବସ୍ତ୍ରବିଶେଷ—
2. A kind of fine silk cloth.
୩ । ବସ୍ତ୍ର; ଅଂଶୁକ—3. Cloth.
୪ । ବୃକ୍ଷମୂଳ—4. The root of a tree.
୫ । ରଥ—5. Car; chariot; carriage.
୬ । ପଥ—6. Path; road.
୭ । ମନ୍ଥନଦଣ୍ଡବନ୍ଧ ରଜ୍ଜୁ—7. Churning string; the string of a churning stick.
୮ । ନାଡ଼ୀ—8. Tubular blood vessel; vein.
୯ । ବସ୍ତିଶଳାକା—9. Enema pipe.
୧୦ । ଜଟା—10. Matted hair.
୧୧ । ୩ ସଂଖ୍ୟା—11. The number '3'.
୧୨ । ଦୃଷ୍ଟି—12. Sight; view.
୧୩ । କସ୍ତୁରୀ—13. Musk.
୧୪ । ଦୁଇ ସଂଖ୍ୟା—14. The number two.(Apte).
୧୫ । ନକ୍ଷତ୍ରପୁଞ୍ଜ; ତାରକା—
15. A constellation; star (Apte).
ସ ବିଣ.—୧ । ପଥପ୍ରଦର୍ଶକ—1. Leading.
୨ । ଚାଳକ—2. Guiding.
୩ । ପ୍ରେରକ—3. Sending
୪ । ପ୍ରାପକ—4. Procuring.
୫ । ରକ୍ଷକ—5. Guarding.
୬ । ପ୍ରବର୍ତ୍ତକ—6. Engaging.
ଦେ. ବି—୧ । ଛିଦ୍ର—1. Hole.

ଗଣ୍ଡି ସ୍ୱଭାବେ ନବ ନେତ୍ର,
ଶସ୍ତ୍ରାର ହୋଇ ଦଶ ପତ୍ର । ଜଗନ୍ନାଥ, ଭାଗବତ ।

୨ । (ପୁଂ ଓ ସ୍ତ୍ରୀ) ନେତ୍ରାନନ୍ଦ ଓ ନେତ୍ରମଣିର ଡାକନାମ—
2. Name for calling (male) Netrānanda and (female) Netramaṇi.

ନେତ୍ର କୋଣ—ସ. ବ. (୬ଷ୍ଠୀ ତତ୍; ନେତ୍ର+କୋଣ)—ନାକକୁ
Netra koṇa ଲାଗିଥିବା ଆଖିର ଶେଷଭାଗ—The inner corner of the eye.
ନେତ୍ର ପର୍ଯ୍ୟନ୍ତ, ନେତ୍ର ସନ୍ଧି } ଅନ୍ୟରୂପ

ନେତ୍ର କୋଷ—ସ. ବ (୬ଷ୍ଠୀ ତତ୍; ନେତ୍ର+କୋଷ)—ନେତ୍ରପଟଳ—
Netra kosha Eyelid.

ନେତ୍ର ଗତ—ସ. ବିଣ - ୧ । ନେତ୍ର ଗୋଚର (ଦେଖ)
Netra gata Netra gochara (See)
୨ । ଆଖିରେ ପଶିଥିବା—2. Which has entered into the eye.

ନେତ୍ର ଗୋଚର—ସ. ବିଣ (୬ଷ୍ଠୀ ତତ୍; ନେତ୍ର+ଗୋଚର)—ଦେଖା
Netra gochara ଯାଉଥିବା; ଦୃଷ୍ଟିଗୋଚର—Seen; visible; come under sight.

ନେତ୍ରଗୋଚର କରିବା—ଦେ. କ୍ରି—ଦେଖିବା—
Netragochara karibā To see.
নেত্রগোচর করা नेत्रगोचर करना

ନେତ୍ର ଗୋଚର ହେବା—ଦେ. କ୍ରି—ଦେଖା ଯିବା—
Netra gochara hebā To be seen; to come to view.
নেত্রগোচর হওয়া नेत्रगोचर होना

ନେତ୍ର ଗୋଲକ—ସ. ବ (ନେତ୍ର+ଗୋଲକ)—୧ । (୬ଷ୍ଠୀ ତତ୍)—
Netra golaka ଆଖିର ଡୋଳା—1. Eyeball
ନେତ୍ର ପିଣ୍ଡ, ନେତ୍ର ମଣ୍ଡଳ } ଅନ୍ୟରୂପ
୨ । (ବହୁବ୍ରୀହି) —ବିରାଡ଼ି—
2. The cat.

ନେତ୍ରଚ୍ଛଦ—ସ. ବ (୬ଷ୍ଠୀ ତତ୍; ନେତ୍ର+ଛଦ୍ ଧାତୁ=ଆଚ୍ଛାଦନ
Netrachchhada କରିବା+କରଣ ଅ)—ଆଖିପତା; ଚକ୍ଷୁ-
(ନେତ୍ରପଟଳ, ନେତ୍ରପତ୍ର, ନେତ୍ରପକ୍ଷ୍ମ—ଅନ୍ୟରୂପ) ପକ୍ଷ୍ମ—Eyelid.

ନେତ୍ରଜ—ସ. ବ (ନେତ୍ର+ଜନ୍ ଧାତୁ+କର୍ତ୍ତୃ. ଅ)—ଅଶ୍ରୁ; ଲୋତକ;
Netraja ନେତ୍ରଜଳ—Tear.

ନେତ୍ର ଜଳ—ସ. ବ (୬ଷ୍ଠୀ; ନେତ୍ର+ଜଳ)—ନେତ୍ରଜ (ଦେଖ)
Netra jala Netraja (See)

ନେତ୍ର ତାରା—ସ. ବ (୬ଷ୍ଠୀ ତତ୍; ନେତ୍ର+ତାରା)—ନୟନ ତାରା (ଦେଖ)
Netra tārā Nayana tārā (See)
(ନେତ୍ର କନୀନକା—ଅନ୍ୟରୂପ) ବୋଲଇଲ ଏହିକ ନାମ ତାର
ତହୁଁ ବହୁଁ ହୋଇଲ ନେତ୍ରତାରା । ଭକ୍ତ ବୈଦେଶ୍ୱରବିଳାସ –

ନେତ୍ରନାଡ଼ୀ—ସ. ବ—ଚକ୍ଷୁରୋଗବିଶେଷ—Loechrymal fistula;
Netra nāṛdi a disease of the eye.

ନେତ୍ର ପଥ—ସ. ବ (୬ଷ୍ଠୀ ତତ୍; ନେତ୍ର+ପଥ)—ନୟନ ପଥ (ଦେଖ)
Netrapatha Nayana patha (See).

ନେତ୍ରପଥରେ ପଡ଼ିବା—ଦେ. କ୍ରି—ଦୃଷ୍ଟିଗୋଚର ହେବା—
Netrapathare paṛdibā To be seen.
নেত্রপথে পড়া ନେତ୍ରପଥେ ପଡ଼ି ଗଲେ କ ସେ ଛନ୍ଦ ।
नेत्रपथमेंपड़ना କବିସୂର୍ଯ୍ୟ, ଦଶୋଷ ଚମ୍ପୁ କ ଗୀତ ।

ନେତ୍ର ପାତ—ସ. ବ (୬ଷ୍ଠୀ ତତ୍; ନେତ୍ର+ପାତ)—ଦୃଷ୍ଟିପାତ—
Netra pāta Casting an eye upon.

ନେତ୍ର ପିତୁଳା—ଦେ. ବ (ସ.ନେତ୍ର+ପୁତ୍ତଳ)—ନୟନ ପିତୁଳା (ଦେଖ)
Netra pitulā Nayanapitulā (See)
ପ୍ରିୟମ୍ବଦା, ତୁହି ମୋ ନେତ୍ରପିତୁଳା ।
କବିସୂର୍ଯ୍ୟ, ବୋଉକଲ୍ଲୋଳ—

ନେତ୍ରପୁଷ୍କର—ସ. ବ—ରୁଦ୍ରଜଟା ନାମକ ଲତା (ହି. ଶ.)—
Netra pushkara A kind of creeper

ନେତ୍ର ପ୍ରାନ୍ତ—ସ. ବ. (୬ଷ୍ଠୀ ତତ୍; ନେତ୍ର+ପ୍ରାନ୍ତ)—
Netra prānta ନୟନୋପାନ୍ତ; ଆଖି ଲଞ୍ଜି—
(ନେତ୍ରୋପାନ୍ତ—ଅନ୍ୟରୂପ) The outer corner of the eye.

ନେତ୍ରବନ୍ଧ—ସ. ବ - ଆଖି ବୁଜାବୁଜି ଖେଳ (ହି. ଶ.)—
Netrabandha The Blind man's Buff (game).

ନେତ୍ରମଣି—ସ. ବ. (୬ଷ୍ଠୀ ତତ୍; ନେତ୍ର+ମଣି)—ଚକ୍ଷୁର ତାରା—
Netramani The pupil of the eye.
ଦେ. ବ—ସ୍ତ୍ରୀ ଲୋକଙ୍କ ନାମ—
A name given to females.

ନେତ୍ର ମଳ—ସ. ବ. (୬ଷ୍ଠୀ ତତ୍; ନେତ୍ର+ମଳ)—
Netra mala ଆଖିର ଲେନେସ୍; ଆଖିମଧ୍ୟରୁ ବାହାରବା ମଳ—
(ନେତ୍ରବସ୍—ଅନ୍ୟରୂପ) The concrete rheum of the eyes

ନେତ୍ର ମାର୍ଗ—ସ. ବ—୧ । ନେତ୍ରଗୋଳକକୁ ମସ୍ତିଷ୍କ ସଙ୍ଗେ ସଂଯୁକ୍ତ କର
Netra mārga ଥିବା ସୂତ୍ର (ହି. ଶ)—The nerve connecting the eyeball with the brain.
୨ । ନୟନପଥ (ଦେଖ)—2 Nayanapatha (See)

ନେତ୍ର ଯୋନି—ସ. ବ—୧ । (ବହୁବ୍ରୀହି; ନେତ୍ର+ଯୋନି=ଉତ୍ପତ୍ତିସ୍ଥାନ)
Netra joni (ଅତ୍ରିମୁନିଙ୍କ ନୟନରୁ ଚନ୍ଦ୍ରଙ୍କ ଉତ୍ପତ୍ତି ହୋଇଥିବାରୁ)
ଚନ୍ଦ୍ର—1. The moon.
୨ । (ଯୋନି ଚିହ୍ନମାନ ନେତ୍ରରୂପେ ପରିଣତ ହେଲା ଯାହାଙ୍କର)—ଇନ୍ଦ୍ର—2. Indra.
[ଦ୍ର—ଗୁରୁ ଗୌତମଙ୍କ ଶାପରୁ ଇନ୍ଦ୍ରଙ୍କ ଶରୀରଯାକ ସହସ୍ର ଯୋନିଚିହ୍ନଦ୍ୱାରା ଆବୃତ ହୋଇଥିଲା । ପରେ ଉକ୍ତ ଚିହ୍ନମାନ ନେତ୍ରରୂପେ ପରିଣତ ହେଲା ।]

ନେତ୍ର ରଞ୍ଜନ—ସ. ବ. (୬ଷ୍ଠୀ ତତ୍; ନେତ୍ର+ରଞ୍ଜନ)—ଅଞ୍ଜନ; କଜ୍ଜ୍ୱଳ—
Netra rañjana Collyrium.
ସ. ବଣ—ନୟନ ପ୍ରୀତିକର—
Pleasing to the eye.

ନେତ୍ର ରୋଗ—ସ. ବ. (୬ଷ୍ଠୀ ତତ୍; ନେତ୍ର+ରୋଗ)—ଚକ୍ଷୁର ରୋଗ—
Netra roga Disease of the eye.
[ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ନେତ୍ରରୋଗ ୭୬ ପ୍ରକାର । ତନ୍ମଧ୍ୟରୁ ୧୦ ବାୟୁଜନ୍ୟ, ୧୩ କଫଜନ୍ୟ, ୧୬ ରକ୍ତଜନ୍ୟ, ୧୦ ପିତ୍ତଜ, ୨୫ ସନ୍ନିପାତଜ ଓ ୨ ବାହ୍ୟ ଅଟେ । ଏହି ୭୬ ରୋଗମଧ୍ୟରୁ ୯ ସନ୍ଧିଗତ, ୨୧ ବର୍ତ୍ମଗତ, ୧୧ ଶୁକ୍ଳଭାଗ ସ୍ଥିତ, ୪କୃଷ୍ଣଭାଗ ସ୍ଥିତ, ୧୭ ସର୍ବାଙ୍ଗଗତ, ୧୨ ଦୃଷ୍ଟିଗତ ଓ ୨ ବାହ୍ୟ ଅଟେ ।
ହି. ଶବ୍ଦସାଗର ।]

ନେତ୍ରରୋଗହା—ସ. ବଣ. (ନେତ୍ର+ରୋଗ+ହନ ଧାତୁ+କ୍ୱିପ୍)—
Netrarogahā ନେତ୍ରରୋଗର ଆରୋଗ୍ୟକର—
Curing eye-diseases.
ସ. ବ—ବଛୁଆତି ଗୁଳ୍ମ (ହି. ଶବ୍ଦସାଗର)—
The stinging nettle plant.

ନେତ୍ର ସ୍ତମ୍ଭ—ସ. ବ. (୬ଷ୍ଠୀ ତତ୍; ନେତ୍ର+ସ୍ତମ୍ଭ)—
Netra stambha ଆଖିର ପଲକ ପଡ଼ିବା ବନ୍ଦ ହେବା—
(ନେତ୍ରସ୍ତମ୍ଭ—ଅନ୍ୟରୂପ) The stoppage of the winking or twinkling of the eye.

ନେତ୍ର ସ୍ରାବ—ସ. ବ. (୬ଷ୍ଠୀ ତତ୍; ନେତ୍ର+ସ୍ରାବ)—
Netra srāba ଆଖିରୁ ପାଣି ବୋହିବା—
The watering of the eyes.

ନେତ୍ରା—ଦେ. ବ. ପୁଂ—ନେତ୍ରାନନ୍ଦଙ୍କ ଅନାଦରାର୍ଥକ ଡାକନାମ—
Netrā A name for calling Netrānanda.

ନେତ୍ରାଞ୍ଚଳ—ସ. ବ. (୬ଷ୍ଠୀ ତତ୍; ନେତ୍ର+ଅଞ୍ଚଳ)—୧ । ନେତ୍ରପ୍ରାନ୍ତ—
Netrāñchala 1. The outer corner of the eye.
(ନେତ୍ରାନ୍ତ—ଅନ୍ୟରୂପ) ୨ । ଚକ୍ଷୁର ପ୍ରାନ୍ତ ଓ କାନର ମଧ୍ୟବର୍ତ୍ତୀ ଅଂଶ—2. The part between the outer corner of the eye and the ear.

ନେତ୍ରାନନ୍ଦ—ସ. ବଣ. (ବହୁବ୍ରୀହି; ନେତ୍ର+ଆନନ୍ଦ)—ନେତ୍ର ପ୍ରୀତିକର—
Netrānanda Pleasing to the eye.
नेत्रानन्द ଦେ. ବ. ପୁଂ—ଲୋକଙ୍କ ନାମ—
A name given to males.

ନେତ୍ରାଭିଷ୍ୟନ୍ଦ—ସ. ବ—ଆଖିଦରା ରୋଗ—
Netrābhishyanda Ophthalmia.
[ଦ୍ର—ଏ ରୋଗରେ ଆଖି ଡୋଳା ନାଲି ହୁଏ ଓ ବଢ଼େ, ଆଖିଭିତରେ ବାଲି ପଶିଲାପରି ପୀଡ଼ା ଜଣାଯାଏ, ଆଖିଭିତରକୁ ଛୁଞ୍ଚିମାରଲାଭଳି ବେଦନା ହୁଏ, ମୁଣ୍ଡ ବିନ୍ଧେ, ଆଖିରୁ ପାଣି ଓ ଲେନସ୍ ବୁହେ । ଏ ରୋଗର ଚିକିତ୍ସା ନ କଲେ ଏହା ମାରାତ୍ମକ ଅଧିମନ୍ଥ ରୋଗରେ ପରିଣତ ହୋଇ ଆଖି ପାଚଯାଏ ଓ ଆଖି ଫୁଟିଯାଏ । ଏ ରୋଗ ଡଆଁ ରୋଗ ।]

ନେତ୍ରାମୟ—ସ. ବ (୬ଷ୍ଠୀ ତତ୍; ନେତ୍ର+ଆମୟ)—ଚକ୍ଷୁର ରୋଗ—
Netrāmaya Eye-disease.

ନେତ୍ରାମ୍ବୁ—ସ. ବ. (୬ଷ୍ଠୀ ତତ୍; ନେତ୍ର+ଅମ୍ବୁ)—ଅଶ୍ରୁ; ଲୋତକ—
Netrāmbu Tear.

ନେତ୍ରାରି—ସ. ବ (୬ଷ୍ଠୀ ତତ୍; ନେତ୍ର+ଅରି; ଏଥିର କ୍ଷୀର ଆଖିରେ
Netrari ପଡ଼ିଲେ ଆଖି ଫୁଟିଯାଏ)—ସିଜୁ—Enphorbia.

ନେତ୍ରିକ—ସ. ବ—ଏକପ୍ରକାର ଛୋଟ ପିଚକାରୀ (ସୁ. ଶ ତ୍ର)—
Netrika A kind of small syringe.

ନେତ୍ରୀ—ସ. ବଣ ଓ ବ. (ନୀ ଧାତୁ+କର୍ତ୍ତୃ ତୃ=ନେତୃ+ସ୍ତ୍ରୀ. ଈ)—
Netri ନେତାର ସ୍ତ୍ରୀଲିଙ୍ଗ—Feminine of Netā.
ବ. ସ୍ତ୍ରୀ—୧ । ଶିକ୍ଷୟିତ୍ରୀ—1. A female teacher.
୨ । ଲକ୍ଷ୍ମୀ—2. Goddess Lakshmi.
୩ । ନଦୀ—3. River.

ନେତ୍ରୋତ୍ସବ—ସ. ବ. (୬ଷ୍ଠୀ ତତ୍; ନେତ୍ର+ଉତ୍ସବ)—
Netrotsaba ୧ । ଚକ୍ଷୁର ଆନନ୍ଦଦାୟକ ବସ୍ତୁ—
1. A feast to the eyes; any beautiful object; a delight of the eye.
୨ । ଦେଖିବାର ମଜା—2. Delightful feeling experienced on seeing a lovely object.
ଦେ. ବ—ରଥଯାତ୍ରାର ପୂର୍ବଦିନ ଜଗନ୍ନାଥ ମହାପ୍ରଭୁଙ୍କର ହେବା ଉତ୍ସବ—A festival of the Deity Jagannātha on the eve of the car festival.
[ଦ୍ର—ଏ ଦିନ ନୂତନ ଚିତ୍ରିତ ଜଗନ୍ନାଥ ପ୍ରଭୃତିଙ୍କର ଚକ୍ଷୁ ରଙ୍ଗାଯାଏ (ଚକ୍ଷୁର୍ଦାନ ହୁଏ) ।]

ନେତ୍ରୋପମ ଫଳ—ସ. ବ—ବାଦାମ (ଭାବପ୍ରକାଶ)—
Netropama phaḷa Almond.

ନେତ୍ର୍ୟ—ସ. ବଣ. (ନେତ୍ର+ଯ)—୧ । ନେତ୍ରର ହିତକର—
Netrya 1. Beneficial to the eye.
୨ । ନେତ୍ରରୋଗର ହିତକର—
2. Effective in the cure of eye-diseases.

ନେଥେଇ ଫୁଲି—ପ୍ରାଦେ. (କଟକ ଓ ପୁରୀ) ବ—
Nethei phuli ୧ । ଅହଂକାରଣୀ ନାରୀ; ଗର୍ବିଣୀ ସ୍ତ୍ରୀ —
(ନେଥେଇ ଫୁଲେଇ—ଅନ୍ୟରୂପ) 1. An arrogant woman.
୨ । ଯେଉଁ ସ୍ତ୍ରୀ ନିଜର ବିଭବ ବା ନିଜର ଅନ୍ୟ ପ୍ରତି ସ୍ନେହ ବାହାରେ ଦେଖାଇ ହୁଏ—2. A vain glorious woman.

ନେଦ(ଦା)—ଦେ. ବ. (ସ. ଲେଣ୍ଡ)—୧ । ବିଷ୍ଠାର ଲଣ୍ଡ; ମଳୋତ୍ସର୍ଗ
Neda(da) ସମୟରେ ଗୁହ୍ୟଦ୍ୱାରରୁ ନିର୍ଗତ ବନ୍ଧ ମଳପିଣ୍ଡ—
ন্যাদ, নেদ 1. A solid cylindrical piece of
लेंड़, नेंड़ nightsoil.
୨ । ବିଷ୍ଠାର ପୁଳା ବା ମେଦ—
2. A mass of ordure.

ନେଦି—ଦେ. ବ. (ସ. ଲେଣ୍ଡ)—ଲେଦି; ଘୋଡ଼ାଆଦି ପଶୁଙ୍କ ଲଣ୍ଡି—
Nedi Circular bits of the dung of horses and
নেদী लेंड़ी other beasts.

ନେଦି କାଢ଼ିବା—ଦେ. କ୍ରି.—(ଘୋଡ଼ା) ହଗିବା; ଲେଦି କାଢ଼ିବା—
Nedi kaṛhibā (a horse) To pass dung.
নেদিছাড়া लेंड़ी छोड़ना

ନେଦିଷ୍ଠ—ସ. ବଣ. (ଅନ୍ତିକ=ସମୀପ+ଅତିଶୟାର୍ଥେ ଇଷ୍ଠ;ନେଦାଦେଶ)
Nedishṭha ୧ । ଅତି ନିକଟବର୍ତ୍ତୀ; ନିକଟତମ—
(ନେଦିଷ୍ଠା—ସ୍ତ୍ରୀ) 1. Nearest; adjacent.
୨ । ନିପୁଣ—2. Clever.
ସ. ବ ଅଙ୍କୋଟ ବୃକ୍ଷ (ଦେଖ)—
Aṅkoṭa tree (See)

ନେଦିଷ୍ଠୀ—ସ. ବଣ—ନିକଟସ୍ଥ (ହି. ଶ)—Adjacent.
Nedishṭhi ସଂ. ବ. ପୁଂ—ସହୋଦର ଭାଇ (ହି. ଶ)—
Uterine brother.

ନେଦୀୟାନ—ସ. ବଣ. ପୁଂ. (ଅନ୍ତିକ+ଅତ୍ୟର୍ଥେ. ଈୟସ୍; ନେଦୀୟସ୍ ଶବ୍ଦ
Nediyān ୧ମା. ୧ବ.)—ନିକଟତର—
(ନେଦୀୟସୀ—ସ୍ତ୍ରୀ) Nearer.

ନେନ୍ତା(ନ୍ଥା)—ଦେ. ବ.—ଲେନ୍ତା (ଦେଖ)
Nentā (nthā) Lentā (See)

ନେନ୍ଦ(ନ୍ଦେ)ରା—ଦେ. ବ.—ଲେନ୍ଦରା (ଦେଖ)
Nenda(nde)rā Lendarā (See)

ନେପ୍‌ଚୁନ—ବୈଦେ. ବ. (ଫାରସୀ ଭାଷା)—ଗ୍ରହବିଶେଷ—
Nep-chun Neptune, the name of a planet.
নেপচুন नेपच्युन [ଦ୍ର—ଏ ଗ୍ରହର ଅବସ୍ଥିତି ପୂର୍ବେ ଜଣା ନ ଥିଲା; ୧୮୪୬ ଖ୍ରୀଷ୍ଟାବ୍ଦରେ ପାଶ୍ଚାତ୍ୟ ପଣ୍ଡିତମାନେ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଏ ଗ୍ରହର ଅବସ୍ଥିତି ଆବିଷ୍କାର କଲେ । ଏହା ଆକାରଦୃଷ୍ଟିରେ ଗ୍ରହମାନଙ୍କ ମଧ୍ୟରେ ତୃତୀୟ ଶ୍ରେଣୀର । ଏହା ସୌର ଜଗତରେ ସୂର୍ଯ୍ୟଙ୍କଠାରୁ ଦୂରତମ ଗ୍ରହ ଅଟେ । ଏଥିର ବ୍ୟାସ ୩୭ ହଜାର ମାଇଲ୍; ଏହା ସୂର୍ଯ୍ୟଙ୍କ ଠାରୁ ୨୮୦ କୋଟି ମାଇଲ୍ ଦୂରରେ ଅବସ୍ଥିତ । ଏହା ୧୬୪ ବର୍ଷରେ ସୂର୍ଯ୍ୟଙ୍କ ଚାରି ଆଡ଼େ ଥରେ ଘୂରି ଆସେ । ପୃଥିବୀ ଚାରି ପାଖେ ଚନ୍ଦ୍ର ବୁଲିଲା ପରି ଏ ଗ୍ରହର ମଧ୍ୟ ଗୋଟିଏ ଚନ୍ଦ୍ର ଅଛି; ଏହି ଚନ୍ଦ୍ର ନେପଚୁନର ଚାରିପାଖେ ୫ ଦିନ ୨୧ ଘଣ୍ଟାରେ ଥରେ ଘୂରିଆସେ । (ହି. ଶବ୍ଦସାଗର ।)]

ନେପ—ଗ୍ରା. ବ. ଲେପ (ଦେଖ)
Nepa Lepa (See)

ନେପଟିବା—ଗ୍ରା. କ୍ରି—ଲେପଟିବା (ଦେଖ)
Nepaṭibā Lepaṭibā (See)
[ନେପଟା(ଟେ)ଇବା—ଅନ୍ୟରୂପ]

ନେପଥ୍ୟ—ସ. ବ. (ନେ=ନାୟକ+ପଥ୍ୟ=ଯୋଗ୍ୟ ବା ମନୋହର)—
Nepathya ୧ । ବେଶ; ସଜ୍ଜା—1. Dress; attire.
୨ । ଅଳଙ୍କାର—2. Ornament.
୩ । ବେଶ ରଚନା ଗୃହ; ଅଭିନେତୃ ଦଳ ଯେଉଁ ଘରେ ସଜ୍ଜିତ ହୁଅନ୍ତି—3. Dressing room; green room.
୪ । ରଙ୍ଗଭୂମି; ରଙ୍ଗଶାଳା—4. Stage; theatre.
୫ । ଅଭିନୟ ସ୍ଥଳର ଅନ୍ତରାଳ—5. The part of the theatre behind the scene.
୬ । ନଟ ଓ ନଟୀଙ୍କ ବେଶ—6. Stage costume.

ନେପଥ୍ୟ ବିଧାନ—ସ. ବ.—ସଜ୍ଜା ଗୃହରେ ଅଭିନେତା ଓ ଅଭିନେତ୍ରୀ-
Nepathya bidhāna ମାନଙ୍କର ବେଶ ପରିଧାନ—
Dressing in the tiring room.

ନେପଥ୍ୟେ—ସ. ଅ.—ରଙ୍ଗମଞ୍ଚର ଅନ୍ତରାଳରେ ଅର୍ଥାତ୍ ବେଶ ଗୃହ
Nepathye ମଧ୍ୟରେ—Behind the scene.
[ଦ୍ର—ଅଭିନୟ ହେବା ସମୟରେ ରଙ୍ଗମଞ୍ଚର ପଛ ଆଡ଼ୁ କେହି କିଛି କଥା କହିବାର ହେଲେ ତାହାକୁ ନାଟକୀୟ ଭାଷାରେ 'ନେପଥ୍ୟେ' ବୋଲିଯାଏ ।]

ନେପାଳ—ସ. ବ. (ନେ+ପାଳ)—ହିମାଳୟ ପର୍ବତର ସାନୁଦେଶସ୍ଥ
Nepāḷa ଭାରତୀୟ ସ୍ୱାଧୀନ ରାଜ୍ୟବିଶେଷ—Nepal; an independent kingdom in the Himalayas.
[ଦ୍ର—ଏ ରାଜ୍ୟ ଭାରତ ସରକାରଙ୍କର ଗୋଟିଏ ସ୍ୱାଧୀନ ମିତ୍ର ରାଜ୍ୟ; ଏହାର ଉତ୍ତରରେ ତିବ୍ବତ, ପଶ୍ଚିମରେ ଯୁକ୍ତପ୍ରଦେଶ, ଦକ୍ଷିଣରେ ଯୁକ୍ତପ୍ରଦେଶ ଓ ବିହାର ପ୍ରଦେଶ, ପୂର୍ବରେ ବିହାର ପ୍ରଦେଶ ଓ ସିକିମ; କାଠମାଣ୍ଡୁ ଏ ରାଜ୍ୟର ରାଜଧାନୀ; ଏ ରାଜ୍ୟବାସୀ ଗୁରୁଖାମାନେ ଇଂରାଜଙ୍କ ଭାରତୀୟ ସେନା କର୍ମ କରନ୍ତି । ଏଠାର ରାଜା କ୍ଷତ୍ରିୟ । ହିମାଳୟର ଧବଳଗିରି ଓ ଏଭେରେଷ୍ଟ (ଗୌରୀଶଙ୍କର) ଶୃଙ୍ଗ ଏହି ରାଜ୍ୟରେ ଅବସ୍ଥିତ । ନେମିପାଳ ନାମକ ଋଷିଙ୍କ ନାମରୁ ଏ ଦେଶର ନାମ ନେପାଳ ହୋଇଥିବାର କେହି କେହି ଅନୁମାନ କରନ୍ତି । କେହି କେହି କହନ୍ତି ତିବ୍ବତବାସୀମାନେ ଗୁରୁଖାଙ୍କ ଅଧ୍ୟୁଷିତ ଦେଶକୁ ପାଲ କହନ୍ତି ଓ ସିକିମ ଓ ଭୁଟାନ ଅଧିବାସୀମାନେ ନେପାଳର ପୂର୍ବ ଭାଗକୁ ନେ କହନ୍ତି । ଏହି ଦୁଇ

ଶବ୍ଦର ମିଶ୍ରଣରେ ନେପାଳ ଶବ୍ଦ ହୋଇଅଛି । ତିବତୀ ଭାଷାରେ ପାଲ ଶବ୍ଦର ଅର୍ଥ ପଶମ ଓ ଲେପଚା ଭାଷାରେ ନେ ଶବ୍ଦର ଅର୍ଥ ଗିରିଗୁହା; ଏହି ଦୁଇ ଶବ୍ଦର ସମ୍ମିଶ୍ରଣରେ ଏ ନାମ ହେବାର କେହି କେହି କହନ୍ତି । ରାମାୟଣ ମହାଭାରତ ଆଦିରେ ନେପାଳ ନାମ ମିଳେ ନାହିଁ । ସ୍କନ୍ଦ ପୁରାଣର ରେବା ଖଣ୍ଡ, ନାଗର ଖଣ୍ଡ ଓ ସହ୍ୟାଦ୍ରି ଖଣ୍ଡରେ ଓ ଗରୁଡ଼ ପୁରାଣରେ ଏ ଦେଶର ଉଲ୍ଲେଖ ଅଛି । ଶକ୍ତି ସଙ୍ଗମ ତନ୍ତ୍ର, ବୃହନ୍ନୀଲତନ୍ତ୍ର ଓ ବାରାହୀତନ୍ତ୍ରରେ ଏ ଦେଶର ନାମ ଓ ବର୍ଣ୍ଣନ ମିଳେ । ନେପାଳରେ ବୌଦ୍ଧ ଧର୍ମ ପ୍ରଚଳିତ; ହଜାରେ ବର୍ଷ ପୂର୍ବେ ଏଠାରୁ ଓଡ଼ିଆ କୃଷ୍ଣାଚାର୍ଯ୍ୟ ବା କାହ୍ନୁ ପାଦ ଆଚାର୍ଯ୍ୟ ଯାଇ ତାନ୍ତ୍ରିକ ମତ ପ୍ରଚାର କରିଥିବାର ପ୍ରମାଣ ଅଛି । ନେପାଳର ସେନାପତି ରାଜାଙ୍କ ନାମରେ ରାଜ୍ୟ ଶାସନ କରନ୍ତି । ରାଜାମାନେ ହିନ୍ଦୁ । ଏବେ ଓଡ଼ିଶାର ନୂଆଗଡ଼ ରାଜାଙ୍କ ସଙ୍ଗେ ନେପାଳର ରାଜବଂଶର ବିବାହ ସମ୍ବନ୍ଧ ସ୍ଥାପିତ ହୋଇଅଛି ।]

ନେପାଳ ନିମ୍ବ ସଂ. ବି—ନେପାଳ ଜାତ ତିକ୍ତ ତରୁବିଶେଷ—
Nepāla nimba Dirachta tree of Nepal.
[ଦ୍ର—ଏହାର ଅନ୍ୟ ସଂ. ନାମ ନୈପାଲ, ଜ୍ୱରାନ୍ତକ, ଅର୍ଦ୍ଧତିକ୍ତ ନାଡ଼ୀର, ସନ୍ନିପାତହା ଓ ତୃଣ ନିମ୍ବ; ଏହା ଜ୍ୱରର ପ୍ରଧାନ ଔଷଧ ।]

ନେପାଳି—ଦେ. ବିଣ—୧ । ନେପାଳଦେଶବାସୀ—
Nepāli 1. Nepalese.
ନେପାଳୀ ୨ । ନେପାଳଦେଶୀୟ—
नेपाली 2. Belonging to Nepal.
ତମକ ଉଜଳି ଖଣ୍ଡା ନେପାଳି କଟାର । ରଘୁନାଥ, ମହାଯାତ୍ରା ।

ନେପାଳିକା—ସଂ. ବି. (ନେପାଳ+କ+ସ୍ତ୍ରୀ. ଆ; ନେପାଳ ଦେଶରେ
Nepālikā ଏହାର ଉତ୍ପତ୍ତି ହୁଏ ବୋଲି)—
୧ । ମନଃଶିଳା—Red arsenic.

ନେପାଳି ବାଘ—ଦେ. ବି. (ତୁଳ. ଇଂ. ଲି(ଲେ)ଓପାର୍ଡ୍ =
Nepāli bāgha କେଳୁଆ ବାଘ)—
ଚିତାବାଘ ୧ । ହେଟା ବାଘ—1. Hyena.
नेपाली बाघ ୨ । (ସଂ. ଚିତ୍ର ବ୍ୟାଘ୍ର; ଦ୍ୱୀପୀ)—କେଳୁଆ; କଲରା ପତ୍ରିଆ ବାଘ; ଚିତା ବାଘ—2. Leopard; Felis Pardus; Felis Leopardus.
[ଦ୍ର—ଏମାନେ ମହାବଳ ବାଘ ଅପେକ୍ଷା ଛୋଟ ଓ ଏମାନଙ୍କ ଦେହଯାକ କଲରା ପତ୍ର ପରି କଳା ଟେକା ଟେକା ଦାଗ ଥାଏ ।]

ନେପାଳି ମୂଷା—ଦେ. ବି—ଏକ ପ୍ରକାର ବଡ଼ ପାର୍ବତ୍ୟ ମୂଷା—
Nepāli mūshā A species of big mountain-mouse.
नेपाली चूहा पाहाड़ी इन्दुर

ନେପାଳୀ—ସଂ. ବି. (ବୈଦ୍ୟକ) (ପ୍ରା. ଶୋମାଳିଆ)—
Nepāli ୧ । ନବ ମାଳିକା; ନଆଳି ଫୁଲ—
ସଂ. ପର୍ଯ୍ୟାୟ—ସପ୍ତଲା 1. Zambac Floribus
ନବମାଳିକା, ବାସନ୍ତୀ Multifli.
୨ । ମନଃଶିଳା—2. Red arsenic.

ନେପୁର—ଦେ. ବି—ନୂପୁର (ଦେଖ)
Nepura Nūpura (See)
ନେପୁର ପ୍ରାଦେ. (ଗଞ୍ଜାମ) ବି—ଗୁଣ୍ଡୁଚିମୂଷା—
नेपुर A squirrel.

ନେପୋଲିଅନ୍—ବୈଦେ. ବି. (ନାମ)—ଖ୍ୟାତନାମା ଫ୍ରାନ୍ସ-ସମ୍ରାଟ—
Nepolian The Emperor Nepoleon of France.
ନେପୋଲିଅନ **नेपोलियन**
(ନେପୋଲିଅନ୍ ବୋନାପାର୍ଟ—ଅନ୍ୟରୂପ) [ଦ୍ର—ଏ ଖ୍ରୀ:୧୭୬୯ ରେ କର୍ସିକା ଦ୍ୱୀପରେ ଜନ୍ମଗ୍ରହଣ କରି ୧୦ ବର୍ଷ ବୟସରେ ସୈନିକ ବିଦ୍ୟାଳୟରେ ପ୍ରବିଷ୍ଟ ହୋଇ ୧୬ ବର୍ଷ ଶିକ୍ଷା ଲାଭକରି ଫ୍ରାନ୍ସର ସେନାଭୁକ୍ତ ହୋଇ ପରେ ସେନାପତି ହେଲେ । ୧୭୯୬ ଖ୍ରୀଷ୍ଟାବ୍ଦରେ ପାରିସ୍‌ନଗରୀର ବିଦ୍ରୋହ ଦମନ କରି ଏ ବିଖ୍ୟାତ ହେଲେ ଓ ଫରାସୀ ସେନାପତିରୂପେ ଇଟାଲୀକୁ ଜୟ କଲେ । ଖ୍ରୀ:୧୭୯୮ରେ ଏ ମିଶର ଦେଶ ଜୟ କଲେ । ଖ୍ରୀ:୧୭୯୯ରେ ଏ ଫ୍ରାନ୍ସରେ 'କନ୍‌ସଲ୍' ଉପାଧି ଗ୍ରହଣ କରି ରାଜକାର୍ଯ୍ୟ ପରିଚାଳନର ଭାର ନେଲେ । ୧୮୦୪ ଖ୍ରୀଷ୍ଟାବ୍ଦରେ ଏ ନିଜକୁ ଫ୍ରାନ୍ସର ସମ୍ରାଟ ଘୋଷଣା କଲେ ଓ ଇଉରୋପର ରାଜାମାନଙ୍କୁ କ୍ରମଶଃ ପରାସ୍ତ କଲେ । ଖ୍ରୀ:୧୮୧୨ ରେ ଏ ରୁଷିଆ ଆକ୍ରମଣ କରି ଅକୃତକାର୍ଯ୍ୟ ହେଲେ । ଖ୍ରୀ: ୧୮୧୪ ରେ ଇଉରୋପର ରାଜଗଣ ଏହାଙ୍କ ବିରୋଧରେ ସମ୍ମିଳିତ ହେଲେ ଓ ଏହାଙ୍କୁ ପରାସ୍ତ କରି ଏଲ୍‌ବା ଦ୍ୱୀପକୁ ପଠାଇଲେ । ଏ ସେଠାରୁ ପଳାଇ ଆସିଲେ । ବିଖ୍ୟାତ ଓ୍ୱାଟର୍‌ଲୁ ଯୁଦ୍ଧକ୍ଷେତ୍ରରେ ଇଂରାଜ ସେନାନାୟକ ଓ୍ୱେଲିଙ୍ଗ୍‌ଟନଙ୍କ ଦ୍ୱାରା ୧୮୧୫ ଖ୍ରୀଷ୍ଟାବ୍ଦରେ ନେପୋଲିଅନ୍ ପରାସ୍ତ ହୋଇ ଇଂରେଜମାନଙ୍କଠାରେ ଆତ୍ମସମର୍ପଣ କଲେ ଓ ଇଂରେଜମାନଙ୍କ ଦ୍ୱାରା ସେଣ୍ଟ୍‌ହେଲେନା ଦ୍ୱୀପକୁ ନିର୍ବାସିତ ହୋଇ ସେଠାରେ ବନ୍ଦୀ ଅବସ୍ଥାରେ ୧୮୨୧ ଖ୍ରୀଷ୍ଟାବ୍ଦରେ ଇହଲୀଳା ସାଙ୍ଗ କଲେ ।]

ନେଫ(ଫେ)ଡ଼ା—ଦେ. ବି ଓ ବିଣ—ଲେଫଡ଼ା (ଦେଖ)
Nepha(phe)rdā Lephardā (See).

ନେଫ(ଫେ)ଡ଼ିବା – ଦେ. କ୍ରି—ଲେଫଡ଼ିବା (ଦେଖ)
Nepha(phe)rdibā Lephardibā (See)

ନେବା—ଦେ. କ୍ରି (ସଂ. ନୀ ଧାତୁ)—୧ । ଗ୍ରହଣ କରିବା—
Nebā 1. To take or receive.
ନେଓ୍ୱା **लेना** ୨ । ସ୍ଥାନାନ୍ତର କରିବା—2. To remove.
लेना ୩ । (ଦିନ ବା କାଳ) କଟାଇବା; ସାରିବା—
(ନେବା—ବିପରୀତ) 3. To spend or pass (time).
(ନବା—ଗ୍ରାମ୍ୟରୂପ) ବୁଢ଼ୀ ସଙ୍ଗେ ନାନା ଭବରଙ୍ଗେ ରଜନୀ ଦିବସ ନେଉ—ଭକ୍ତଚରଣ—ମଥୁରାମଙ୍ଗଳ ।
୪ । ବଳପୂର୍ବକ ହରଣ କରିବା—
4. To snatch away by force; to kidnap.

ନେବା ଆଣିବା – ଦେ. କ୍ରି (ବିପରୀତାର୍ଥକ ସହଚର; ନୟନ+ଆନୟନ)
Nebā ānibā କୌଣସି ପଦାର୍ଥକୁ ଏକ ସ୍ଥାନରୁ ସ୍ଥାନାନ୍ତରକୁ
ନେଓ୍ୱାଆନା ନେବା ଓ ତାହା ପୁଣି ଫେରାଇ ଆଣିବା—To
लेनालाना take and bring back a thing
(ନବା ଆଣିବା—ଗ୍ରାମ୍ୟରୂପ) from one place to another.

ନେବା ଦେବା—ଦେ. କ୍ରି (ବିପରୀତାର୍ଥକ ସହଚର)—କୌଣସି ପଦାର୍ଥକୁ
Nebā debā କୌଣସି ବ୍ୟକ୍ତିଠାରୁ ନେବା ଓ ତାହା ପୁଣି ଫେରାଇ
ନେଓ୍ୱା ଦେଓ୍ୱା ଦେବା—To take and give back a
लेनादेना (ନବା ଦବା—ଗ୍ରାମ୍ୟରୂପ) thing.

ଦେ. ବ—୧ । ଆଦାନ ପ୍ରଦାନ—
1. Taking and giving.
୨ । ବ୍ୟବସାୟରେ ବିନିମୟ—
2. Exchange in business; barter.
୩ । କରଜ ନେବା ଓ ସୁଝିବା—
3. Taking a loan and repaying it.
୪ । ବ୍ୟବସାୟୀ ଓ ଖରିଦଦାରଙ୍କ ମଧ୍ୟରେ ଧନ ଓ ପଣ୍ୟ ଦ୍ରବ୍ୟାଦିର ପରସ୍ପର ଆଦାନ ପ୍ରଦାନ—
4. Business transaction.

ନେଭ(ଭେ)ଡ଼ା(ଢ଼ା)—ଦେ. ବିଣ—ଲେବ୍‌ଭେଡ଼ା (ଦେଖ)
Nebha(bhe)ṛā(ṛā) Lebherḍā (See)

ନେମ—ସଂ. ବ (ନୀ ଧାତୁ+କର୍ମ. ଅମ୍)—
Nema ୧ । କାଳ; ସମୟ—1. Time.
୨ । ଅବଧି; ସୀମା—2. Limit.
୩ । ଖଣ୍ଡ—3. Piece.
୪ । ପ୍ରାକାର; କାନ୍ଥ—4. Wall.
୫ । କୈତବ; ଛଳ—5. Guile.
୬ । ଅର୍ଦ୍ଧ; ଅଧ—6. Half.
୭ । ଗର୍ତ୍ତ; ଗାତ—7. Hole, pit.
୮ । ସାୟଂକାଳ—8. Evening.
୯ । ମୂଳ; ଚେର—9. Root.
୧୦ । ଅନ୍ୟ (ବି. ଣ)—10. Another.

ନେମା ଗ୍ରା. କ୍ରି.—ନେବା (ଦେଖ)—
Nemā Nebā (See)
ଏ ଉଦସାଗରୁ ମତେ ଉଦ୍ଧାରଣ ନେମା । ପ୍ରାଚୀ. ରହସ୍ୟମଞ୍ଜରୀ ।
ଧୂଳଆସ୍ତରିଗି କାଦୁଅ ଗଣ୍ଡା, ଚଷା ବୋଲେ ଧାନ ହାତକୁ ନେମା ।
କୃଷିବଚନ ।

ନେମା(ମ୍ବା)ଳ—ଦେ. ବ. (ନାମ)—ଲେମାଲ (ଦେଖ)
Nemā(mbā)ḷa Lemāḷa (See)
ନେମ୍ବାଳ ଭୁବନେ ଚଣ୍ଡୋପୁରାର ଯେ ଗ୍ରାମ । ପ୍ରାଚୀ. ସୁଭଦ୍ରଙ୍କ ଗୀତା ।

ନେମି (ମୀ)—ସଂ. ବ (ନୀ ଧାତୁ=ପାଇବା+କରଣ. ମି)—
Nemi (mī) ୧ । ଚକ୍ରର ପରିଧି; ପଟ୍ଟି; ଚକ୍ରର ଧାର ବା ପ୍ରାନ୍ତ—
1. Circumference of a wheel; rim of a wheel.
ଚକ୍ର ନେମି କ୍ରମେ ଭଗ୍ୟେ ଭ୍ରମେ ଏ ଜଗତେ
କେବେ ତଳେ ଉପରେ ବା କେବେ ଏହିମତେ । ମଧୁସୂଦନ—କର୍ଣ୍ଣବଧ ।
୨ । କୂଅକନ୍ଧର ଫନ୍ଦ; ଘୋଡ଼ାନନ୍ଦ—
2. The edge of the upper ring surrounding well.
୩ । କୂପୋପରିସ୍ଥ କାଠର ଚଉକାଠ ବା ତେକାଠ—
3. The trangular or rectangular wooden frame fitted on the mouth of a well (for facility of drawing water).
୪ । ତିନିଶ ଗଛ; ବାନ୍ଧଣ ଗଛ (ଏଥିରେ ରଥ ଓ ଶଗଡ଼ ଚକର ନେମି ତିଆରି ହେଉଥିବାରୁ)—
4. A timber tree; Ougenia Dalbergioides.
୫ । (+ଅଷ୍ଟ. ମି)—ତୀର୍ଥସ୍ଥାନ—
5. A place of pilgrimage.
୬ । ବଜ୍ର—6. Thunder.

ନେମ୍ବୁ—ଦେ. ବ (ସଂ. ଜମ୍ବୁକ)—ଲେମ୍ବୁ (ଦେଖ)
Nembu Lembu (See).
নেবু नीबु

ନେମ୍ବୁର—ପ୍ରାଦେ (ଗଡ଼ଜାତ) ବ—ଲେମ୍ବୁର (ଦେଖ)
Nembura Lembura (See)

ନେୟାର୍ଥତା—ସଂ. ବ ଶବ୍ଦଦୋଷବିଶେଷ (କବି ସଙ୍କେତ କରି ଯେଉଁ
Neyārthatā କଳ୍ପିତାର୍ଥ ପ୍ରୟୋଗ କରନ୍ତି ତାହା ଯେବେ କୌଣସି ବିଶେଷ ଶବ୍ଦ-ଶକ୍ତିଦ୍ୱାରା ଗୃହୀତ ନ ହୁଏ, ଅର୍ଥାତ୍ ସେଇଁଠାରେ ଟଣା ଓଟରା କରି ଅର୍ଥ କରାଯାଏ ସେଠାରେ ନେୟାର୍ଥତା ଦୋଷ ହୁଏ)—
A defect in composition where the meaning is farfetched.

ନେଢ଼ି—ପ୍ରାଦେ (ଯାଜପୁର) ବ—ଲେଢ଼ି; କରତଳ—
Neri Palm of the hand.
ଗ୍ରା. (ଇତର) ବିଣ—ନେଳି (ଦେଖ)
Neḷi (See)

ନେଳ—ଦେ. ବ (ସଂ. ନୀଳ)—ନୀଳ ଗଛ
Neḷa Indigo plant.

ନେଳି—ଦେ. ବ—୧ । (ସଂ. ନୀଳ)—ନୀଳବର୍ଣ୍ଣ—
Neḷi 1. Blue colour.
নীল ୨ । ନୀଳବଟି—2. Indigo-ball.
नील ୩ । (ସଂ. ନୀଳୀ)—ପାଣି ଉପରେ ମାଡ଼ିଯିବା
ତେ. ନୀଳୀ ଏକପ୍ରକାର ଅତି କ୍ଷୁଦ୍ର ଦଳ ବା ଶିଉଳି—
(ସଂ.ପର୍ଯ୍ୟାୟ—ନୀଳିକା, 3. A kind of bluish moss which
ରଙ୍ଗପତ୍ରୀ, ନୀଳପୁଷ୍ପୀ) spreads rapidly on the surface of stagnant water.
[ଦ୍ର—ସାନ ବଡ଼ ଭେଦରେ ଏହା ୨ ପ୍ରକାର ।]
ଦେ. ବିଣ—ନେଳିଆ—Blue.

ନେଳିଆ—ଦେ. ବିଣ (ସଂ. ନୀଳ)—୧ । ନୀଳବର୍ଣ୍ଣବିଶିଷ୍ଟ—
Neḷiā 1. Blue.
নীল ୨ । ଈଷତ୍ ନୀଳ—
नीला 2. Bluish.

ନେଳି କଇଁ—ଦେ. ବ (ସଂ. ନୀଳକୁମୁଦ)—ନୀଳକଇଁ; ନୀଳୋତ୍ପଳ—
Neḷi kain̐ A kind of water-lily
নীল কমল blue in colour; Nymphea
नील कमल Stellatta (Kirtikar)
ଗୁଜରାଟି. ନୀଳକମଲ [ଦ୍ର—ଭାରତର ଗ୍ରୀଷ୍ମପ୍ରଧାନ
ମ. ପେଣ୍ଡ୍ରାଳ, କୃଷ୍ଣକମଲ ଅଞ୍ଚଳ ଓ ଲଙ୍କାରେ ଏହା ଜନ୍ମେ । ଅଳ୍ପ ପାଣିଥିବା ପୋଖରୀରେ ସନ୍ଧ୍ୟାବେଳେ ଓ ସୂର୍ଯ୍ୟୋଦୟର ଅବ୍ୟବହିତ ପୂର୍ବରୁ ଓ ପରେ ଏହାର ଫୁଲ ଫୁଟେ । ଫୁଲ ଈଷତ୍ ନୀଳ ଏବଂ ସାଧାରଣ କଇଁ ଫୁଲଠାରୁ ଶ୍ରେଷ୍ଠ । ଏଥିର ଚେର ଓ ମଞ୍ଜି ଔଷଧରେ ବ୍ୟବହୃତ ହୁଏ ।]

ନେଲଛ—ପ୍ରାଦେ (ଗଡ଼ଜାତ) ବ—ଖାସୀ (ଦେଖ)
Nelichha Khasi (See)

ନେଲି ଦଳ—ଦେ. ବ (ସଂ. ନୀଳ) ପାଣିରେ ଭାସିବା ଏକପ୍ରକାର ସୂକ୍ଷ୍ମ ଉଦ୍ଭିଦ—A kind of minute weed floating on water; duck weed; Lemna.
Neli dala
हड़ीअड़ो; हरीयाली
[ଦ୍ର—ଏହାର ଧଳା ଧଳା ଓ ସୂତା ପରି ସୂକ୍ଷ୍ମ ଚେର ଥାଏ; ପତ୍ର ମାଛ କାତି ପରି ଅତି ଛୋଟ । ଏହା ପାଣି ଉପରେ ବଡ଼ ବେଗରେ ମାଡ଼ିଯାଏ—Kirtikar]

ନେଶମା—ଦେ. ବଣ (ସଂ. ଶ୍ଳେଷ୍ମନ୍)—୧ । ଲେଶମା; ଯାହାର ସ୍ଫୂର୍ତ୍ତି ନ ଥାଏ—1. Inactive; dull; lethargic.
Nesama
माँदा
[ନେଶମାପଣ, ନେଶମାପଣିଆ(ଆଁ)—ବି] ୨ । ଶରଦ ଯୋଗୁଁ ଆଳସ୍ୟଯୁକ୍ତ—2 Feeling lazy on account of cold.

ନେଷ୍ଟୁ—ସ. ବ—ମାଟିଢେଲା; ଲୋଷ୍ଟ୍ର—
Neshtu A clod of earth (M. W.)

ନେସ(ସେ)ଡ଼ିବା—ଦେ. କ୍ରି—ଲେସେଡ଼ିବା (ଦେଖ)
Nesa(se)rdiba Leserdiba (See)

ନେସନ୍—ବୈଦେ. ବ (ଇଂ.)—ଏକଦେଶ ବା ରାଜ୍ୟବାସୀସମୂହଙ୍କ ଜାତି—
Nesan नेसन **नेसन** Nation.

ନେସନ(ନା)ଲ—ଦେ. ବଣ (ଇଂ. ନେସନାଲ୍)—ଜାତୀୟ; ଜାତିସମ୍ବନ୍ଧୀୟ—National.
Nasana(na)l
नेसनाल **नेशनाल**

ନେସିବା—ଦେ. କ୍ରି.—ଲେସିବା (ଦେଖ)
Nesiba Lesiba (See)

ନେହର୍ ବିନ୍ତି—ପ୍ରାଦେ. (ସିଂହଭୂମ) ବ. (ଭୁଲ. ହି. ଏହି ଅର୍ଥରେ ନହୋର ବିନତି)—ନେହୁରା ନମସ୍ତେ; ବାରମ୍ବାର ସବିନୟ ପ୍ରାର୍ଥନା—Repeated humble requests.
Nehar bin-ti

ନେହାଇ—ଦେ. ବ.—୧ । ନିହାଇ (ଦେଖ)
Nehai 1. Nihai (See)
(ନେହି—ଅନ୍ୟରୂପ) ୨ । ଲେହି (ଦେଖ)
2. Lehi (See)

ନେହାତି—ବୈଦେ. ଅ. (ଆ. ନିହାୟତ୍)—ନିହାତି; ଅତ୍ୟନ୍ତ—
Nehati Very much; excessive.
नेहात **निहायत** (ନିହାତି; ନିହାଇତି—ଅନ୍ୟରୂପ)

ନେହୁଡ଼ା(ଡ଼ି)—ଦେ. ବ.—୧ । ଆଣ୍ଠୁମାଡ଼ି ବସିବା—
Nehurda (rdi) 1. Kneeling down.
हाँटु गाड़ा ୨ । ନେହୁଡ଼ିବା (ଦେଖ)
निहुड़ना, घुटनाटेकना 2. Nehurdiba (See)
୩ । ହେଟାଗୁଡ଼ି (ଦେଖ)—3. Hetagurdi (See)

ନେହୁଡ଼ା(ଡ଼େ)ଇବା—ଦେ. କ୍ରି.—'ନେହୁଡ଼ିବା'ର ଣିଜନ୍ତ ରୂପ—
Nehurda(rde)iba Causative form of Nehurdiba.
(ନେଉଡ଼ା[ଡ଼େ]ଇବା—ଅନ୍ୟରୂପ)
हाँटु गाड़ान **निहुड़ादेना, घुटना टेकाना**

ନେହୁଡ଼ିବା—ଦେ. କ୍ରି.—ନେଉଡ଼ିବା; ଆଣ୍ଠୁମାଡ଼ି ବସିବା—
Nehurdiba 1. To kneel down.
(ନେଉଡ଼ିବା—ଅନ୍ୟରୂପ) ଦେ. ବ.—୨ । ପୂର୍ବକାଳରେ ଗୁରୁଜୀଙ୍କ ଚାଟଶାଳୀରେ ପିଲାଙ୍କୁ ଦଆଯିବା ଦଣ୍ଡବିଶେଷ—2. A kind of punishment for children of village schools in olden times.
हाटुगाड़ा
निहुड़कर बैठना, घुटना टेकना
[ଦ୍ର—ଏ ଦଣ୍ଡ ଭୋଗିବା ପିଲା ଗୋଡ଼ଙ୍କୁ ସିଧା କରି ବା ଅଣ୍ଠେଇ କରି ଅଣ୍ଟା ଲୁଆଇଁ ଦୁଇ କରତଳକୁ ଭୂଇଁରେ ରଖି କିଛିକ୍ଷଣକାଳପର୍ଯ୍ୟନ୍ତ ଅବସ୍ଥାନ କରେ ।]

ନେହୁରା—ଦେ. ବ. (ସ. ମନୋହରଣ)—୧ । ସବିନୟ ପ୍ରାର୍ଥନା—
Nehura 1. Humble prayer; humble request.
(ନେଉରା—ଅନ୍ୟରୂପ) ୨ । ଗୁହାରି; ଖୋସାମତ—
अनुनय विनय, काकुति मिनति 2. Flattery.
निहोरा ଦେ. ବଣ—ସବିନୟ ପ୍ରାର୍ଥନାକାରୀ; ସ୍ତାବକ—
Beseeching.

ନେହୁରା କରିବା—ଦେ. କ୍ରି.—ବିନୀତ ପ୍ରାର୍ଥନା କରିବା; ସ୍ତୁତି କରିବା—
Nehura kariba To beseech; to request humbly.
(ନେଉରା କରିବା—ଅନ୍ୟରୂପ) मिनति करा **निहोरना**

ନେହୁରା ନମସ୍ତେ ହେବା—ଦେ. କ୍ରି—ଅତି ଦୀନ ଭାବରେ ପ୍ରାର୍ଥନା କରିବା; ଲଳସ୍ତକ ହେବା—To pray in a very humiliating tone.
Nehura namaste heba
(ନେହୁରା ନମସ୍ତେ ହେବା—ଅନ୍ୟରୂପ)
काकुति मिनति करा **निहोरा बिनति करना**

ନେହୁରା ପଡ଼ିବା—ଦେ. କ୍ରି.—ବିନୀତ ପ୍ରାର୍ଥନା କରିବା—
Nehura pardiba To request humbly.
ଦେ. ବ.—ଖୋସାମତ; ବିନତି—
Beseeching; humble request.

ନେହୁରା ହେବା—ଦେ. କ୍ରି.—ନେହୁରା କରିବା (ଦେଖ)
Nehura heba Nehura kariba (See)
(ନେଉରା ହେବା—ଅନ୍ୟରୂପ)

ନେହୁରି(ଲି)ଆ—ଦେ. ବଣ. ପୁଂ.—ଯେ ଖୋସାମତ କରେ; ଖୁସାମତିଆ
Nehuri(li)a (ପୁରୁଷଙ୍କୁ ଦଆଯିବା ଗାଳି)—(a term of abuse applied to males)
खुशामुदे **चापलूस** (ନେହୁରା[ଲୀ]—ସ୍ତ୍ରୀ)
Flathering.

ନୈଁ—ପ୍ରାଦେ. (ସମ୍ବଲପୁର) ଅ.—ନେଇ (ଦେଖ)
Nain Nei (See)

ନୈକ—ସ. ବଣ. (ନ+ଏକ)—ଅନେକ; ବହୁ—
Naika Many; various; more than one.
ସ. ବ.—ବିଷ୍ଣୁ—Bishnu (M. W.)

ନୈକଚର—ସ. ବଣ ପୁଂ—ଯେ ଦଳବଦ୍ଧ ହୋଇ ରହିବାକୁ ସୁଖ ପାଏ—
Naikachara Living in society; gregarious (M. W.)
(ନୈକଚରୀ—ସ୍ତ୍ରୀ)

ନୈକଟିକ—ସ. ବଣ. (ନିକଟ+ସ୍ଥିତାର୍ଥେ. ଇକ)—୧ । ନିକଟବର୍ତ୍ତୀ—
Naikatika 1. Near by.
୨ । ସନ୍ନିହିତ—2. Adjacent; contiguous.

ସ. ବ —ଗ୍ରାମ ନିକଟସ୍ଥ ଆଶ୍ରମବାସୀ ଋଷି—A sage having his hermitage near a village.

ନୈକଟ୍ୟ—ସ. ବ. (ନିକଟ+ଭାବାର୍ଥରେ ଯ)—ସାମୀପ୍ୟ; ସନ୍ନିଧି—
Naikatya Vicinity; nearness; proximity.

ନୈକଧା—ସ. ଅ. (ନୈକ+ପ୍ରକାରାର୍ଥେ. ଧା)—ନାନାପ୍ରକାରରେ—
Naikadhā Variously.

ନୈକଭେଦ—ସ. (ବିଣ. ନ+ଏକ ଭେଦ)—୧ । ନାନାବିଧ—
Naikabbeda 1. Many; several; various.
୨ । ଉଚ୍ଚାବଚ; ଉଣ୍ଡାଳିଆ; ଉଚ୍ଚନୀଚ—
2. Uneven; irregular.

ନୈକରୂପ—ସ. ବିଣ(ବହୁବ୍ରୀହି; ନ+ଏକରୂପ)—୧ । ବହୁପ୍ରକାରର—
Naikarūpa 1. Various; multifarious.
୨ । ନାନାକୃତିବିଶିଷ୍ଟ—2. Multiform.
ସ. ବି—ବିଷ୍ଣୁଙ୍କ ନାମ—A name of Bishṇu.

ନୈକଷେୟ—ସ. ବ. ପୁଂ (ନିକଷା=ରାକ୍ଷସୀବିଶେଷ+ଅପତ୍ୟାର୍ଥରେ ଏୟ)—୧ । ରାବଣ—1. Rābaṇa,
Naikasheya
୨ । କୁମ୍ଭକର୍ଣ୍ଣ—2. Kumbhakarṇṇa (brother of Rābaṇa.)
୩ । ବିଭୀଷଣ—3. Bibhīshaṇa.
୪ । ରାକ୍ଷସ—4. A cannibal; a demon.

ନୈକଷେୟୀ—ସ. ବ. ସ୍ତ୍ରୀ (ନୈକଷେୟ+ସ୍ତ୍ରୀ. ଈ)—
Naikasheyī ରାବଣର ଭଉଣୀ ସୂର୍ପଣଖା ରାକ୍ଷସୀ—
Sūrpaṇakhā; sister of Rābaṇa.

ନୈକୃତିକ—ସ. ବିଣ. ପୁଂ. (ନିକୃତି+ଜୀବିକାର୍ଥେ. ଇକ; ଯେ ନିଷ୍ଠୁର କାର୍ଯ୍ୟ କରି ଜୀବିକା ଚଳାଏ)—
Naikṛutika
(ନୈକୃତିକୀ—ସ୍ତ୍ରୀ) ୧ । ନିଷ୍ଠୁର—1. Cruel.
୨ । ନିକୃଷ୍ଟ—2. Bad; inferior.
୩ । ରୁକ୍ଷ ସ୍ୱଭାବବିଶିଷ୍ଟ—
3. Harsh; surly; sullen.
୪ । ଅଧାର୍ମିକ—4. Irreligious.
୫ । ପାପୀ—5. Sinful.
୬ । ଅସତ୍—6. Dishonest.
୭ । କଟୁଭାଷୀ—7. Harsh-speaking.
୮ । ନୀଚ; ହୀନ; ନଷ୍ଟ—
8. Low; vile; wicked. (M. W.)

ନୈଗମ—ସ. ବିଣ. (ନିଗମ+ଅ)—
Naigama ୧ । ନିଗମ ସମ୍ବନ୍ଧୀୟ; ବେଦ ସମ୍ବନ୍ଧୀୟ—
1. Pertaining to Nigama or the Bedas.
୨ । ବାଣିଜ୍ୟକାରୀ—2 Trading.
୩ । ନାଗରିକ—3. Living in a town.
ସ. ବି—୧ । (+ସ୍ୱାର୍ଥେ. ଅ) ବେଦାନ୍ତ ଶାସ୍ତ୍ର; ଉପନିଷଦ୍—
1. Theology.
୨ । ନଗରବାସୀ; ନାଗରିକ—
2. Citizen; townsman.
୩ । ନୟ ଶାସ୍ତ୍ର—3. Politics.
୪ । ନୀତି ଶାସ୍ତ୍ର—4. Ethics.
୫ । ସୁଖ—5 Felicity.
୬ । ସମୃଦ୍ଧି—6. Prosperity; affluence.
୭ । ପଥ—7. Road; way.
୮ । ଗତି—8 Going; motion.
୯ । ଦୁର୍ଭାଗ୍ୟ—9. Misfortune; ill luck
୧୦ । ଈର୍ଷା—10. Envy.
୧୧ । ନିନ୍ଦା—11. Reproach; blame.
୧୨ । ନାୟକ—
12. A leader; the hero of a plot.
୧୩ । ବେଦର ବ୍ୟାଖ୍ୟାକାରୀ ବ୍ୟକ୍ତି—
13. An interpreter of the Bedas.
୧୪ । କାର୍ଯ୍ୟସାଧନୋପାୟ—
14. Means; expedient. (M.W.)
୧୫ । ଦୂରଦୃଷ୍ଟିଯୁକ୍ତ ଆଚରଣ—
15. Prudent conduct (M. W.)
୧୬ । ବଣିକ—16. Trader; merchant (M. W.)

ନୈଚ୍ୟ—ବୈଦେ. ବ. (ଫା:—ନଇଚ୍) (ଦେଖ)
Naichā نیچا नैचा . Naichā (See)

ନୈଚିକ—ସ. ବ. (ନୀଚୈଃ+ଚର୍ ଧାତୁ+ଅକ; ନିପାତନ)—
Naichika ବୃଷର ଶିରୋଦେଶ—
The head of an ox or bull.

ନୈଚକୀ—ସ. ବ. ସ୍ତ୍ରୀ. (ନୈଚକ+ସ୍ତ୍ରୀ. ଈ)—
Naichikī ନୀଚକୀ; ନୀଚକା; ଉତ୍ତମା ଗାଈ; ସୁଧାର ଗାଈ—
(ନୈଚକୀ—ଅନ୍ୟରୂପ) An excellent cow.

ନୈଜ—ସ. ବିଣ. (ନିଜ+ସମ୍ବନ୍ଧାର୍ଥରେ ଅ)—
Naija ନିଜର; ନିଜ ସମ୍ବନ୍ଧୀୟ; ସ୍ୱୀୟ—
Own; pertaining to one's self.

ନୈତିକ—ସ. ବିଣ. (ନୀତି+ସମ୍ବନ୍ଧେ. ଇକ)—
Naitika ନୀତି ସମ୍ବନ୍ଧୀୟ—
Relating to morality; moral.

ନୈତିକ ଜୀବନ—ସ. ବ. (ଆଧୁନିକ ପ୍ରୟୋଗ)—
Naitika jībana ୧ । ଯେଉଁ ଜୀବନ ସୁନୀତି ଅନୁସରଣ କରି ଅତିବାହିତ ହୁଏ—1 A life passed in following morality.
୨ । ନୀତି ଦୃଷ୍ଟିରେ ପରୀକ୍ଷିତ ଜୀବନ; ସୁନୀତି ବା କୁନୀତି ଅନୁସରଣ କରୁଥିବା ବ୍ୟକ୍ତିର ଜୀବନ—
2. Life as judged from a moral standpoint.

ନୈତିକ ବଳ—ସ. ବ. (ଆଧୁନିକ ପ୍ରୟୋଗ)—
Naitika bala ୧ । ସୁନୀତି ଅନୁସାରେ କର୍ମ କରିବା ମନୁଷ୍ୟର ଯେଉଁ ବଳ ଜାତ ହୁଏ—1. Moral force; moral strength.
୨ । ମାନସିକ ବଳ—2. Mental strength.

ନୈତିକ ସାହସ—ସଂ. ବି. (ଆଧୁନିକ ପ୍ରୟୋଗ)—
Naitika sāhasa ୧ । ସୁନୀତି ଅବଲମ୍ବନ କରିବା ଯୋଗୁଁ ମନୁଷ୍ୟର ମନରେ ଯେଉଁ ସାହସ ଜାତ ହୁଏ—
1. Moral courage.
୨ । ଉତ୍ତମ ବା ସୁନୀତି-ଅନୁମୋଦିତ କର୍ମ କରିବା ପାଇଁ ମନୁଷ୍ୟ ମନରେ ଯେଉଁ ନିର୍ଭୀକତା ଜନ୍ମେ—
2. Courage of one's convictions; fearlessness to do or die, resulting from one's adherance to morality.

ନୈତ୍ୟ—ସଂ. ବି. (ନିତ୍ୟ+ଭାବାର୍ଥରେ ଅ)—
Naitya ୧ । ନିତ୍ୟତା—1. Perpetuity; eternity.
୨ । ସ୍ଥୈର୍ଯ୍ୟ—2. Constancy.
୩ । ନିତ୍ୟ କର୍ତ୍ତବ୍ୟ କର୍ମ (ହି. ଶବ୍ଦସାଗର)—
3. Daily duty.
ସଂ. ବିଣ—ନୈତିକ (ଦେଖ)—Naitika (See)

ନୈତ୍ୟକ—ସଂ. ବିଣ. (ନିତ୍ୟ+ଭାବାର୍ଥେ. ଇକ)—
Naityika ୧ । ପ୍ରତିଦିନ କର୍ତ୍ତବ୍ୟ—
1. Performable daily.
୨ । ଦୈନିକ—2. Repeated daily.
୩ । ସନ୍ତତ; ନିୟମିତ ରୂପେ ବା ପ୍ରତିଦିନ ଘଟୁଥିବା—
3. Perpetual; constant; regularly recurring.

ନୈଦାଘ—ସଂ. ବିଣ. (ନିଦାଘ+ସମ୍ବନ୍ଧେ. ଅ)—
Naidāgha ଗ୍ରୀଷ୍ମକାଳ ସମ୍ବନ୍ଧୀୟ—
Pertaining to the summer season.
ନୈଦାଘିକ, ନୈଦାଘୀୟ } ଅନ୍ୟରୂପ

ନୈଦାନ—ସଂ. ବିଣ. (ନିଦାନ+ସମ୍ବନ୍ଧେ. ଅ)—
Naidāna ୧ । ନିଦାନ ସମ୍ବନ୍ଧୀୟ—
(ନୈଦାନିକ—ଅନ୍ୟରୂପ) 1. Pertaining to Nidāna.
୨ । ନିଦାନାଧ୍ୟାୟୀ—
2. Reading the Nidāna.
୩ । ନିଦାନାଭିଜ୍ଞ—
3. Versed in the Nidāna.

ନୈଦେଶିକ—ସଂ. ବି (ନିଦେଶ+କରିବା ଅର୍ଥରେ. ଇକ)—
Naideśika ଚାକର; ଦାସ; ଅର୍ଦ୍ଦଳି—
Slave; servant; orderly.

ନୈଦ୍ର—ସଂ. ବିଣ. ପୁଂ (ନିଦ୍ରା+ଅ)—ନିଦ୍ରାଳୁ—
Naidra (ନୈଦ୍ରୀ—ସ୍ତ୍ରୀ) Sleepy.

ନୈଧାନ—ସଂ. ବିଣ (ନିଧାନ+ଅ)—ନିଧାନସମ୍ବନ୍ଧୀୟ—
Naidhāna Pertaining to Nidhāna.
(ନୈଧାନିକ—ଅନ୍ୟରୂପ)

ନୈଧାନୀ—ସଂ. ବି (ନିଧାନ+ଈ)—(ସ୍ମୃତି)—ଯେଉଁ ସୀମାର ଚିହ୍ନ
Naidhānī ଭୂମିରେ ପୋତାଯିବା କୋଇଲା ବା ତୁଷଦ୍ୱାରା
(ନୈଧାନିକ—ଅନ୍ୟରୂପ) ଚିହ୍ନିତ ହୁଏ (ହି. ଶ.)—
(Hindu Law) A boundary line which is distinguished by carbon or chaff buried in the ground.

ନୈପାଲ—ସଂ. ବିଣ (ନେପାଳ+ଭବାର୍ଥେ. ଅ)—
Naipāla ନେପାଳୀ; ନେପାଳଦେଶୀୟ—
Nepalese.
ସଂ. ବି—୧ । ନେପାଳୀ ନିମ୍ବ ଗଛ—
1. The Dirachta tree of Nepal.
୨ । ଏକପ୍ରକାର ଆଖୁ—
2. A species of sugarcane.

ନୈପାଳିକ—ସଂ. ବିଣ (ନେପାଳ+ଭବାର୍ଥେ. ଇକ)—ନେପାଳଦେଶୀୟ—
Naipālika Nepalese.
ସଂ. ବି – ତାମ୍ର; ତମ୍ବା—Copper.

ନୈପାଳୀ—ସଂ. ବି. ସ୍ତ୍ରୀ (ବୈଦ୍ୟକ) (ନେପାଳ+ଅ+ସ୍ତ୍ରୀ. ଈ)—
Naipālī ୧ । ଶେଫାଳିକା; ଗଙ୍ଗଶିଉଳି ଗଛ—
1 A flowering tree; Nyctanthes Arbortrestes.
୨ । ନୀଳ ଗୁଳ୍ମ—2. Indigo plant.
୩ । ମନଃଶିଳା—3. Red arsenic.
୪ । ନବମଲ୍ଲିକା; ନିଆଳି—
4. Double jasmine.

ନୈପୁଣ—ସଂ. ବି (ନିପୁଣ+ଭାବାର୍ଥରେ. ଅ)—
Naipuna ୧ । ନିପୁଣତା; ଦକ୍ଷତା; ପଟୁତା—
(ନୈପୁଣ୍ୟ—ଅନ୍ୟରୂପ) 1 Skill; dexterity; cleverness.
୨ । ଯୋଗ୍ୟତା—2 Ability.
୩ । ପ୍ରାଧାନ୍ୟ; ଉତ୍କୃଷ୍ଟତା—
3. Superiority; eminence.
୪ । ପାରିପାଟ୍ୟ—
4. Neatness; elegance; method; orderliness.

ନୈବିଡ୍ୟ—ସଂ. ବି (ନିବିଡ଼+ଭାବାର୍ଥରେ. ଯ)—୧ । ନିବିଡ଼ତା—
Naibidya 1. Denseness.
୨ । ଘନତା—2. Compactness.

ନୈବିଦ୍ୟ—ଦେ. ବି (ସଂ. ନୈବେଦ୍ୟ)—ଦେବତାଙ୍କୁ ଭୋଗକରାଯିବା
Naibidya ଖାଦ୍ୟବସ୍ତୁ—Offerings of food to a Deity.
नैवेद्य निवेद
[ଦ୍ର—ଦେବତାଙ୍କୁ ଭୋଗ ଦେବାପାଇଁ ଅଭିପ୍ରେତ ସାମଗ୍ରୀ ନୈବେଦ୍ୟ ଦିଆଯିବା ପୂର୍ବରୁ ଅମୁଣ୍ଡିଆ ଏବଂ ନିବେଦିତ ହୋଇ ସରିଲେ ନୈବେଦ୍ୟ, ନିର୍ମାଲ୍ୟ ବା ପ୍ରସାଦ ଆଖ୍ୟା ପାଏ ।]

ନୈବିଦ୍ୟ କରିବା—ଦେ. କ୍ରି (ସଂ. ନୈବେଦ୍ୟ)—ଦେବତାଙ୍କୁ ଭୋଗ
Naibidya karibā ଲଗାଇବା—To offer food to a Deity.
ନୈବିଦ୍ୟଦେବା, ନୈବିଦ୍ୟ ଲଗା(ଗେ)ଇବା } ଅନ୍ୟରୂପ
नैवेद्यअर्पणकरना नैवेद्यचढ़ाना

ନୈବଦ୍ୟ ସାମଗ୍ରୀ—ଦେ. ବି. (ସଂ. ନୈବେଦ୍ୟ ସାମଗ୍ରୀ)—ଦେବତାଙ୍କୁ
Naibidya sāmagri ଭୋଗ ଦିଆଯିବା ପାଇଁ ପ୍ରସ୍ତୁତ ବସ୍ତୁଚୟ;
ଅମୁଣ୍ଡିଆ—Things kept ready for being offered to a Deity.

ନୈବେଦ୍ୟ—ସଂ. ବି. (ନିବେଦ+ସୋଗାର୍ଥେ ଯ)—
Naibedya ୧ । ଦେବତାଙ୍କ ଭୋଗ—
1. Offering to a Deity; oblation.
[ଦ୍ର—ଦେବତାଙ୍କୁ ଅର୍ପିତ ହେବା ପରେ ନୈବେଦ୍ୟ ନିର୍ମାଲ୍ୟ ହୁଏ ।]
୨ । ଉପହାର—2. Present.

ନୈବେଶିକ—ସଂ. ବିଣ. (ନିବେଶ+ହିତାର୍ଥେ. ଇକ)—ବିବାହସମ୍ବନ୍ଧୀୟ;
Naibeśika ବୈବାହିକ—Marital; matrimonial.
ସଂ. ବି—୧ । ଉପହାର—1. Present.
୨ । ନିବେଶ ବା ବିବାହ ଉଦ୍ଦେଶ୍ୟରେ କନ୍ୟାଦାନ—
2. Act of presenting one's daughter to a man for marriage

ନୈମୟ—ସଂ. ବି. (ନିମୟ+ଅ)—ବଣିକ୍; ବେପାରୀ—
Naimaya Trader; merchant.

ନୈମିତ୍ତିକ—ସଂ. ବିଣ. (ନିମିତ୍ତ+କୃତ ବା ଦତ୍ତ ଅର୍ଥରେ ଇକ)—
Naimittika ୧ । ନିମିତ୍ତ ବା କାରଣଦ୍ୱାରା ଉତ୍ପନ୍ନ—
1. Produced by a cause.
୨ । ପ୍ରୟୋଜନାର୍ଥକ—2. Casual; incidental.
୩ । ସାମୟିକ—3. Occasional.
୪ । ଯାହା କୌଣସି ନିମିତ୍ତ ବା ପ୍ରୟୋଜନ ଉପସ୍ଥିତ ହେଲେ କରାଯାଏ—4. Done for some present purpose or occasion.
(ଯଥା—ନୈମିତ୍ତିକ ଦାନ, ନୈମିତ୍ତିକ ସ୍ନାନ; ନୈମିତ୍ତିକ କର୍ମ)
୫ । ନିମିତ୍ତଜ୍ଞ; ଶକୁନଜ୍ଞ—
5. Expert in divining into auguries.

ନୈମିତ୍ତିକ ଅନୁଷ୍ଠାନ—ସଂ. ବି. (କର୍ମଧା; ନୈମିତ୍ତିକ+ଅନୁଷ୍ଠାନ)—
Naimittika anushṭhāna ଶାସ୍ତ୍ର-ନିର୍ଦ୍ଦିଷ୍ଟ ବିଶିଷ୍ଟ ଘଟଣା
ନୈମିତ୍ତିକ କ୍ରିୟା } ଅନ୍ୟରୂପ
ନୈମିତ୍ତିକ କର୍ମ }
ଉପଲକ୍ଷେ ଆଚରିତ କ୍ରିୟା—
Ceremonies prescribed by the Śāstras for particular occasions.

ନୈମିତ୍ତିକ ପ୍ରଳୟ—ସଂ. ବି—ବ୍ରହ୍ମାଙ୍କ ଦିନର ଅବସାନରେ ଯେଉଁ ପ୍ରଳୟ
Naimittika pralaya ହୁଏ; କଳ୍ପାନ୍ତ ପ୍ରଳୟ—
The incidental deluge which takes place at the end of one day of God Brahmā (when Brahmā, the Creator slumbers).

ନୈମିଷ—ସଂ. ବିଣ. (ନିମିଷ=ସୂକ୍ଷ୍ମ ସମୟ ବା ଚକ୍ଷୁର ପଲକ ପଡ଼ିବା
Naimisha ସମୟ+ଭବାର୍ଥେ. ଅ)—
୧ । କ୍ଷଣିକ—1. Momentary; transient.
୨ । ନିମିଷମାତ୍ର ସ୍ଥାୟୀ—2. Lasting for a moment or twinkling of the eye.
ସଂ. ବି—ନୈମିଷାରଣ୍ୟ (ଦେଖ)
Naimishāraṇya (See)

ନୈମିଷାରଣ୍ୟ—ସଂ. ବି. (ନୈମିଷ+ଅରଣ୍ୟ; ନେମି+ଶୃ ଧାତୁ+
Naimishāraṇya ଅନ୍ୟ; ନିପାତନ)—ଋଷିଗଣ ଅଧ୍ୟୁଷିତ ପ୍ରାଚୀନ ଅରଣ୍ୟବିଶେଷ—Name of a sacred forest inhabited by sages.
[ଦ୍ର—ଏହା ହିନ୍ଦୁମାନଙ୍କର ଗୋଟିଏ ତୀର୍ଥ । କଥିତ ଅଛି ଯେ ଏଠାରେ ଶୁକ, ଶୌତିଆଦି ଋଷିମାନେ ସମବେତ ଋଷିବୃନ୍ଦଙ୍କୁ ମହାଭାରତ, ଭାଗବତ ଓ ପୁରାଣଆଦି ଶୁଣାଇଥିଲେ ।
ବରାହ ପୁରାଣ ମତରେ ଭଗବାନ୍ ଦାନବ-କୁଳ ନିର୍ମୂଳ କରି ଗୌରମୁଖ ନାମକ ଋଷିଙ୍କୁ କହିଥିଲେ, "ମୁଁ ଏହି ସ୍ଥାନରେ ନିମିଷ ମଧ୍ୟରେ ଦୈତ୍ୟକୁଳକୁ ନାଶ କଲି । ଅତଏବ ଆଜିଠାରୁ ଏହି ସ୍ଥାନ ନୈମିଷାରଣ୍ୟ ନାମରେ ପ୍ରସିଦ୍ଧ ହେବ ।"
ବାୟୁ, ବ୍ରହ୍ମାଣ୍ଡ ଓ କୂର୍ମପୁରାଣ ମତରେ ଭଗବାନ୍ ସୂର୍ଯ୍ୟଙ୍କ ସମ ପ୍ରଭାବଶାଳୀ ଗୋଟିଏ ଚକ୍ର ସୃଷ୍ଟି କରି ତାହା ଚାଳନପୂର୍ବକ ଋଷିମାନଙ୍କୁ କହିଥିଲେ ଯେ ଏ ଚକ୍ରର ନେମି ଯେଉଁଠାରେ ଶୀର୍ଣ୍ଣ ହେବ ସେହି ସ୍ଥାନହିଁ ତପଶ୍ଚରଣର ଉପଯୁକ୍ତ ସ୍ଥାନ ବୋଲି ଜଣାଯିବ । ଏହା ଶୁଣି ବ୍ରାହ୍ମଣ ଓ ଋଷିମାନେ ସେହି ଚକ୍ରର ପଛେ ପଛେ ଦଉଡ଼ିଲେ ଏବଂ ଯେଉଁ ସ୍ଥାନରେ ଚକ୍ରନେମି ଶୀର୍ଣ୍ଣ ହେଲା ସେହି ସ୍ଥାନରେ ତପସ୍ୟା କଲେ । ଏହା ନୈମିଷାରଣ୍ୟ ନାମରେ ବିଖ୍ୟାତ ହେଲା । (ହି. ଶ.)
ଏହା ହାବଡ଼ା ରେଲଷ୍ଟେସନଠାରୁ ଇ. ଆଇ. ଆର୍ ରେଲର ମୋଗଲସରାଇ ଜଙ୍କସନ୍ ବାଟେ ୬୨୫ ମାଇଲ ଦୂର । ଅଯୋଧ୍ୟାର ସୀତାପୁର ଜିଲ୍ଲାରେ ଏହା ଅବସ୍ଥିତ । ବିଷ୍ଣୁପୁରାଣ ମତରେ ଏ କ୍ଷେତ୍ରସ୍ଥ ଗୋମତୀ ନଦୀରେ ସ୍ନାନ କଲେ ସକଳ ପାପ କ୍ଷୟ ହୁଏ ।]

ନୈମିଷି—ସଂ. ବିଣ—ନୈମିଷାରଣ୍ୟବାସୀ—
Naimishi Inhabiting the Naimishāraṇya.

ନୈମିଷିକ—ସଂ. ବିଣ. (ନିମିଷ+ଇକ)—ନିମିଷ ସମ୍ବନ୍ଧୀୟ—
Naimishika Relating to a Nimisha.
(ନୈମିଷୀୟ—ଅନ୍ୟରୂପ)

ନୈମେୟ—ସଂ. ବି. (ନି+ମି ଧାତୁ=ମାପିବା+କର୍ମ. ଏୟ=ନିମେୟ;
Naimeya ନିମେୟ+ଅ)—
୧ । ବିନିମୟ; ବଦଳ—1. Exchange; barter.
୨ । ବାଣିଜ୍ୟ—2 Trade.

ନୈୟଗ୍ରୋଧ—ସଂ. ବି. (ନ୍ୟଗ୍ରୋଧ=ବରଗଛ+ଭବାର୍ଥେ. ଅ)—
Naiyagrodha ୧ । ବରଫଳ—
1. The fruit of Ficus Indica.
୨ । ବଟବୃକ୍ଷ—2. Banyan tree; Ficus Indica.

ନୈୟଙ୍କବ—ସଂ. ବିଣ. (ନ୍ୟଙ୍କୁ=ମୃଗଚର୍ମ+ଅ)—ମୃଗଚର୍ମ ନିର୍ମିତ—
Naiyaṅkaba Made of deer skin.

ନୈୟତ୍ୟ—ସଂ. ବି. (ନିୟତ+ଯ)—ଆତ୍ମସଂଯମ—
Naiyatya Self control.

ନୈୟମିକ—ସଂ. ବିଣ. (ନିୟମ+ଆଗତ ଅର୍ଥେ ଇକ)—୧ । ନିୟମିତ—
Naiyamika 1. Regular.

୨ । ବିଧିନିର୍ଦ୍ଦିଷ୍ଟ—2. Enjoined by rules.

୩ । ବୈଧ—3. Conformable to rules.

ନୈୟାୟିକ—ସଂ. ବିଣ. (ନ୍ୟାୟ+ଜ୍ଞାତାର୍ଥେ. ଇକ)—
Naiyāyika ୧ । ତାର୍କିକ; ନ୍ୟାୟଶାସ୍ତ୍ରଜ୍ଞ—
1. Versed in logic; dialectic.

୨ । ନ୍ୟାୟଶାସ୍ତ୍ର ସମ୍ବନ୍ଧୀୟ—
2. Pertaining to logic.

ସଂ. ବି— ନ୍ୟାୟଶାସ୍ତ୍ର ଅଧ୍ୟୟନକାରୀ ବ୍ୟକ୍ତି; ନ୍ୟାୟଦର୍ଶନ ବେତ୍ତା ବ୍ୟକ୍ତି—Follower of the Nyāya system of Hindu philosophy; a student of the Nyāya philosophy; a logician.

ନୈରନ୍ତର୍ଯ୍ୟ—ସଂ. ବି. (ନିରନ୍ତର+ଭାବେ. ଯ)—୧ । ଅବିଚ୍ଛିନ୍ନତା—
Nairantorjya 1. Continuity

ନୈରପେକ୍ଷ୍ୟ—ସଂ. ବି. (ନିରପେକ୍ଷ+ଭାବ. ଯ)—ନିରପେକ୍ଷତା—
Nairapekshya Independence; impartiality.

ନୈରୟିକ—ସଂ. ବିଣ. (ନିରୟ+ସମ୍ବନ୍ଧାର୍ଥେ. ଇକ)—
Nairayika ୧ । ନିରୟ ବା ନରକ ସମ୍ବନ୍ଧୀୟ—
1. Hellish.

୨ । ପାପୀ—2. Sinful.

୩ । (ବାସକାରୀ ଅର୍ଥରେ ଇକ—ନରକବାସୀ—
3. Living in hell.

ନୈରର୍ଥ୍ୟ—ସଂ. ବି. (ନିରର୍ଥ+ଯ)—ନିରର୍ଥକତା—
Nairarthya The state of being meaningless.

ନୈରାକାର—ସଂ. ବି. (ନିରାକାର+ଅ)—ନିରାକାର ଅବସ୍ଥା—
Nairākāra The state of being incorporeal.

ନୈରାଶ(ଶ୍ୟ)—ସଂ. ବି. (ନିରାଶ+ଅ; ଯ)—ଆଶାଶୂନ୍ୟତା; ଅଭରସା—
Nairāśa(śya) Desperation; hopelessness; despair; despondency; disappointment.

ନୈରୁକ୍ତ—ସଂ. ବିଣ (ନିରୁକ୍ତ+ସମ୍ବନ୍ଧାର୍ଥେ. ଅ)—
Nairukta ୧ । ନିରୁକ୍ତ ସମ୍ବନ୍ଧୀୟ (ନିରୁକ୍ତ ଦେଖ)—
(ନୈରୁକ୍ତିକ—ଅନ୍ୟରୂପ) 1. Pertaining to the glossary of the Bedas.

୨ । ନିରୁକ୍ତାଧ୍ୟାୟୀ—2. Studying the Nirukta.

ନୈରୁତ—ଦେ. ବି. (ସଂ. ନୈର୍ଋତ)—ଦକ୍ଷିଣପଶ୍ଚିମ କୋଣ—
Nairuta The south-western point of the compass.

ଦେ. ବିଣ—ନୈର୍ଋତକୋଣସ୍ଥ—Pertaining to the south western corner; southwestern.

ନୈର୍ଋତ—ସଂ. ବି. (ନିର୍ଋତ=ଦକ୍ଷିଣ ପଶ୍ଚିମ ଦିଗ+ଅପତ୍ୟାର୍ଥେ. ଅ)—
Nairṛuta ୧ । ରାକ୍ଷସ—1. A demon; giant.

୨ । ଦକ୍ଷିଣ ପଶ୍ଚିମ କୋଣ—
2. The southwest.

୩ । (ଜ୍ୟୋତିଷ) ନୈର୍ଋତ କୋଣାଧିପତି ରାହୁ—
3. The ascending node or Dragon's head.

୪ । ଦକ୍ଷିଣ ପଶ୍ଚିମକୋଣର ଅଧିପତି ଦେବ—
4. The Deity presiding over the south-west quarter of the globe.

୫ । ଅସଭ୍ୟ ଜାତିବିଶେଷ—
5. Name of a wild tribe.

୬ । ମୂଳାନକ୍ଷତ୍ର (ହି. ଶ)—6. The 19th asterism.

ନୈର୍ଋତି—ସଂ. ବି. ସ୍ତ୍ରୀ. (ନୈର୍ଋତ+ସ୍ତ୍ରୀ. ଈ)—ନୈର୍ଋତ କୋଣ—
Nairṛuti The south west quarter.

ନୈର୍ଗୁଣ୍ୟ—ସଂ. ବି. (ନିର୍ଗୁଣ+ଭାବେ. ଯ)—
Nairguṇya ୧ । ନିର୍ଗୁଣତ୍ୱ; ଗୁଣହୀନତା—
1. Absence of attributes.

୨ । ମୂର୍ଖତା—2. Illiteracy.

ନୈର୍ବାହିକ—ସଂ. ବିଣ. (ନିର୍ବାହ+ଇକ)—ନିର୍ବାହଯୋଗ୍ୟ—
Nairbāhika Accomplishable.

ନୈର୍ମଲ୍ୟ—ସଂ. ବି. (ନିର୍ମଳ+ଭାବେ. ଯ)—୧ । ନିର୍ମଳତା—
Nairmalya 1. Transparency.

୨ । ବିଶୁଦ୍ଧତା—2. Purity; spotlessness.

୩ । ବିଷୟ ବୈରାଗ୍ୟ—3. Indifference to worldly affairs.

ନୈର୍ଲଜ୍ଜ—ସଂ. ବି. (ନିର୍ଲଜ୍ଜ+ଭାବେ. ଅ)—ନିର୍ଲଜ୍ଜତା—
Nairlajja Shamelessness.

ନୈଶ—ସଂ. ବି. (ନିଶା+ଭାବ ବା ସମ୍ବନ୍ଧାର୍ଥେ ଅ)—
Naiśa ୧ । ରାତ୍ରି ବା ନିଶାସମ୍ବନ୍ଧୀୟ—
1 Nocturnal; nightly.

୨ । ରାତ୍ରିକାଳୀନ—2. Taking place in the night.

ନୈଶ ବିଦ୍ୟାଳୟ—ଦେ. ବି. (ଆଧୁନିକ ବ୍ୟବହାର)—
Naiśa bidyālaya ଯେଉଁ ବିଦ୍ୟାଳୟରେ ରାତ୍ରିରେ ଶିକ୍ଷା ଦିଆଯାଏ—Night school.

[ଦ୍ର—ଶିଳ୍ପୀ, ମୂଲିଆ ଓ କୃଷକ ଶ୍ରେଣୀର ଲୋକେ ଦିନଯାକ ନିଜ ନିଜ ଧନ୍ଦାରେ ଲାଗିଥିବାରୁ ପାଠ ପଢ଼ିବାକୁ ଅବସର ପାଆନ୍ତି ନାହିଁ । ଏଣୁ ସେମାନଙ୍କ ଲାଗି ଏହିସବୁ ବିଦ୍ୟାଳୟରେ ସନ୍ଧ୍ୟା ପରେ ପାଠପଢ଼ାର ସୁବିଧା କରାଯାଏ ।]

ନୈଶିକ—ସଂ. ବିଣ (ନିଶା+ଭବାର୍ଥେ. ଇକ)—ନୈଶ (ଦେଖ)
Naiśika Naiśa (See)

ନୈଶୀଥ—ସଂ. ବିଣ. (ନିଶୀଥ+ଭବାର୍ଥେ. ଅ)—ନିଶାକାଳୀନ—
Naiśitha Happening in the mid-night.

ନୈଶ୍ଚିତ୍ୟ—ସଂ. ବି. (ନିଶ୍ଚିତ+ଭାବେ. ଯ)—୧ । ନିଶ୍ଚୟ—
Naiśchitya 1. Certainty.

୨ । ସ୍ଥିରତା—2. Fixedness.

ନୈଷଦିକ—ସଂ ବିଣ. (ନି+ସଦ୍ ଧାତୁ+କର୍ତ୍ତୃ. ଇକ)—
Naishadika ୧ । ଉପବେଶନକାରୀ—1. Sitting.

୨ । ନିଷଦ ଦେଶବାସୀ (ହି. ଶ)—
2. Residing in the Nishada country.

ନୈଷଧ—ସଂ. ବଣ. (ନିଷଧ+ଇଦାର୍ଥେ. ଅ)—୧ । ନିଷଧଦେଶୀୟ—
Naishadha Pertaining to the country of Nishadha.
୨ । ନିଷଧ ଦେଶବାସୀ—
2. Residing in the Nishadha country.
ସଂ. ବି—୧ । ନିଷଧଦେଶର ରାଜା—
1. A king of Nishadha.
୨ । ନଳ ରାଜା—2. King Nala, the husband of Damayanti.
୩ । ଶ୍ରୀହର୍ଷରଚିତ ନଳଚରିତ ସମ୍ୱଳିତ ସଂସ୍କୃତ ମହାକାବ୍ୟ-ବିଶେଷ—3. Title of a Sanskrit poem written by poet Sriharsha.

ନୈଷଧକାର—ସଂ. ବି— ନୈଷଧ କାବ୍ୟ ପ୍ରଣେତା ଶ୍ରୀହର୍ଷ କବି—
Naishadhakāra The poet Sriharsha, the author of Naishadha.

ନୈଷାଦ(ଦି)—ସଂ. ବି. ପୁଂ. (ନିଷାଦ+ଅପତ୍ୟାର୍ଥରେ ଅ; ଇ)—
Naishāda(di) ନିଷାଦ ବା ବ୍ୟାଧର ପୁତ୍ର—
Son of a hunter.

ନୈଷ୍କର୍ମ୍ୟ—ସଂ. ବି. (ନିଷ୍କର୍ମନ୍+ଭାବେ. ଯ)—୧ । ନିଷ୍କର୍ମତା—
Naishkarmya 1. Neglect of work.
୨ । ନିକମାପଣ; ଆଳସ୍ୟ ···
2. Laziness; inactivity; idleness.
୩ । ସର୍ବକର୍ମ ତ୍ୟାଗ—3. The giving up of work; complete cessation of activity.
୪ । ମୁକ୍ତି—4. Final beatitude; liberation.

ନୈଷ୍କିକ—ସଂ. ବି. ପୁଂ. ନିଷ୍କ=ସୁନା ମୋହୋର+ରକ୍ଷାର୍ଥେ. ଇକ)—
Naishkika ୧ । ଟଙ୍କାଶାଳାର ଅଧ୍ୟକ୍ଷ—1. Mint-master.
୨ । କୋଷାଧ୍ୟକ୍ଷ—2. Treasurer.
ସଂ. ବଣ—୧ । ନିଷ୍କକ୍ରୀତ—
1. Purchased with a Nishka.
୨ । ନିଷ୍କସମ୍ବନ୍ଧୀୟ—2. Relating to Nishka.

ନୈଷ୍କିଞ୍ଚନ୍ୟ—ସଂ. ବି. (ନିଷ୍କିଞ୍ଚନ+ଭାବ. ଯ)—ନିଷ୍କିଞ୍ଚନତା; ଦରିଦ୍ରତା—
Naishkiñchanya Poverty; indigence.

ନୈଷ୍କୃତିକ—ସଂ. ବଣ. ପୁଂ. (ନିଷ୍କୃତି+ଇକ)—୧ । ନୈକୃତିକ; ଅଧାର୍ମିକ; ପାପୀ—Impious; wicked; sinful.
Naishkrutika
(ନୈଷ୍କୃତିକା; ନୈଷ୍କୃତିକୀ—ସ୍ତ୍ରୀ)
୨ । ପରବୃତ୍ତି ଛେଦନତତ୍ପର; ଯେ ପରର ଦାନାରେ ଧୂଳି ଦିଏ (ହି. ଶ)—3. Bent on depriving others of their livelihood.
୩ । ଅନ୍ୟର ହାନି କରି ଆପଣାର ସ୍ୱାର୍ଥସାଧନରେ ରତ—
3. Engaged in furthering one's self interest by harming others.

ନୈଷ୍ଠିକ—ସଂ. ବଣ. (ନିଷ୍ଠା+ଇକ)—୧ । ନିଷ୍ଠାପର—
Naishthika 1. Devoted; given to strict observance of rites.
ନୈଷ୍ଠିକା } ସ୍ତ୍ରୀ
ନୈଷ୍ଠିକୀ }
୨ । ଦୃଢ଼ ଭାବରେ ପ୍ରତିଷ୍ଠିତ—
2. Firmly established.
୩ । ଦୃଢ଼—3. Firm; strict; fixed.
୪ । ଯେ ଚିରକାଳ ପାଇଁ ସଂଯମ ବ୍ରତ ଗ୍ରହଣ କରେ; ଆଜୀବନ ବ୍ରହ୍ମଚାରୀ—4. Vowing life long abstention and continence.
୫ । ସ୍ଥାୟୀ—5. Constant.
୬ । ଅନ୍ତିମ—6. Ulterior; last; final.
୭ । ମରଣକାଳରେ କର୍ତ୍ତବ୍ୟ (କର୍ମ) (ହି. ଶ)—
7. (acts) Proper to be done at the time of one's death.
ସଂ. ବି.—ଗୁରୁଗୃହରେ ଯାବଜ୍ଜୀବନ ବାସ କରି ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରିବା ଛାତ୍ର—A student who lives at his preceptor's house for life and observes lifelong continence.

ନୈଷ୍ଠୁର୍ଯ୍ୟ—ସଂ. ବି. (ନିଷ୍ଠୁର+ଭାବେ. ଯ)—ନିଷ୍ଠୁରତା; କ୍ରୂରତା—
Naishthurjya Cruelty; severity.

ନୈଷ୍ଠ୍ୟ—ସଂ. ବି. (ନିଷ୍ଠା+ଭାବେ. ଯ)—୧ । ସ୍ଥାୟିତ୍ୱ—
Naishthya 1. Permanence.
୨ । ସ୍ଥିତି—2. Establishment.

ନୈସର୍ଗିକ—ସଂ. ବଣ. (ନିସର୍ଗ+ଇଦାର୍ଥେ. ଇକ)—୧ । ସ୍ୱାଭାବିକ;
Naisargika ପ୍ରାକୃତିକ—1 Natural; constitutional.
(ନୈସର୍ଗିକୀ—ସ୍ତ୍ରୀ) ୨ । ନିସର୍ଗଜାତ; ସ୍ୱଭାବଜ—1. Inborn; innate; inherent; instinctive.

ନୈସର୍ଗିକ ପ୍ରବୃତ୍ତି—ସଂ. ବି. (କର୍ମଧା; ନୈସର୍ଗିକ+ପ୍ରବୃତ୍ତି)—ଜୀବ
Naisargika prabrutti ଜନ୍ମରୁ ଯେଉଁ ପ୍ରବୃତ୍ତି ପାଇ ଥାଏ—
(ନୈସର୍ଗିକ ବୃତ୍ତି—ଅନ୍ୟରୂପ) Instinct.

ନୈସର୍ଗିକ ବିଧାନ—ସଂ. ବି. ଐଶ୍ୱରିକ ନିୟମ; ପ୍ରାକୃତିକ ବିଧି—
Naisargike bidhāna Natural or divine law; law of nature.
(ନୈସର୍ଗିକ ବିଧି—ଅନ୍ୟରୂପ)

ନୈସ୍ତ୍ରିଂଶିକ—ସଂ. ବଣ. (ନିସ୍ତ୍ରିଂଶ+ଧାରଣାର୍ଥେ. ଇକ)—
Naistrimśika ଖଡ୍ଗଧାରୀ—Bearing a sword.
ସଂ. ବି.—ଖଡ୍ଗଧାରୀ ଯୋଦ୍ଧା—Swordsman.

ନୈସ୍ନେହ—ସଂ. ବି. (ନିସ୍ନେହ+ଭାବେ. ଅ)—୧ । ଶୁଷ୍କତା—
Naisneha 1. Dryness,
୨ । ବିରସତା—2. Juicelessness.
୩ । ନିଃସ୍ନେହତା; ସ୍ନେହହୀନତା—3. Disaffection.

ନୈହାରିକ ନକ୍ଷତ୍ର—ସଂ. ବି. (ଆଧୁନିକ ବିଜ୍ଞାନ ପରିଭାଷା; ନୀହାରିକା+
Naihārika nakshatra ଅ=ନୈହାରିକ+ନକ୍ଷତ୍ର)—
ନୀହାରିକା ଅନ୍ତର୍ଗତ ନକ୍ଷତ୍ରପୁଞ୍ଜ—
Nebulous stars.
[ଦ୍ର—ହିନ୍ଦୁ ଜ୍ୟୋତିଷୋକ୍ତ ୮ମ ବା ପୁଷ୍ୟା ନକ୍ଷତ୍ର ନୈହାରିକ ନକ୍ଷତ୍ର ଅଟେ ।]

ନୋଇ—ଦେ. ବି. (ସଂ. ନାବିକ; ନୌବାହୀ)—
Noi ୧ । ନାବିକ; ନାଉରୀ—1 Boatman.
नाउड़े ୨ । ନାବିକଙ୍କ ସର୍ଦ୍ଦାର—2. Head boatman.
मल्लाह

ନୋକ୍‌ସାନ୍(ନ) — ବୈଦେ. ବ. (ଆ. ନୁକ୍‌ସାନ୍)— କ୍ଷତି—
Noksān(ni) নোকসান **नुकसान** Loss.

ନୋକ (ଇତ୍ୟାଦ) ଗ୍ରା. (ଇତର) ବ—ଲୋକ ଇତ୍ୟାଦ (ଦେଖ)
Noka (etc) Loka etc. (See)

ନୋଚା(ଚି) (ଇତ୍ୟାଦ)—ଦେ. ବ ଓ ବଣ —
Nochā(chi) (etc) ଲୋଚ୍ଚ ଇତ୍ୟାଦ (ଦେଖ)
Locha etc. (See)

ନୋଚ(ଚେ)ଇବା—ଗ୍ରା. କ୍ରି - ଲୋଚଇବା (ଦେଖ)
Nochā(che)ibā Lochāibā (See)

ନୋଚେତ୍—ସଂ ଅ (ନୋ+ଚେତ୍) - ୧ । ନୋହିଲେ; ନହୁବା—
Nochet 1. If not.
୨ । ଅନ୍ୟଥା ନୁହେଁ—2. Otherwise; or else not

ନୋଟ୍— ବୈଦେ. ବ. (ଇଂ.)—୧ । ସ୍ମାରକ ଲିପି—
Noṭ 1. Memorandum notes.
নোট ୨ । ଟିପ୍ପଣୀ—2. Notes; jottings.
नोट ୩ । ଟିପ୍ପଣୀ ବହି—3. Note book.
୪ । ମୁଦ୍ରା ପରିବର୍ତ୍ତରେ ପ୍ରଚଳିତ ସରକାରୀ କାଗଜ —
4. Bank note; currency note.

ନୋଟ୍ କରିବା—ଦେ. କ୍ରି—ଟିପି ରଖିବା; ଟିପି ନେବା; ଟିପାଟିପି କରିବା-
Noṭ karibā To jot down; to note down.
নোট করা **नोट करना**
(ନୋଟ୍ ରଖିବା, ନୋଟ୍ ଲେଖିବା, ନୋଟ୍‌ନାଟ୍ କରିବା—ଅନ୍ୟରୂପ)

ନୋଟ୍ ପେପର—ବୈଦେ. ବ. (ଇଂ)—
Noṭ pepar ଚିଠି ଲେଖିବା ପାଇଁ ଅଭିପ୍ରେତ କାଗଜ—
নোট পেপর **नोट पेपर** Note paper; letter paper.

ନୋଟ୍ ବନ୍ଧା(ନ୍ଧେ)ଇବା—ଦେ. କ୍ରି—ମୁଦ୍ରା ଆଦିକୁ ବଦଳାଇ ନୋଟ୍
Noṭ bandhā(ndhe)ibā ରୂପେ ପରିଣତ କରିବା—
নোট বাঁধান **नोट भँजाना** To change money into notes.

ନୋଟ୍ ବହି—ବୈଦେ. ବ. (ଇଂ. ନୋଟ୍ ଓ ଆ. ବହୀ)
Noṭ bahi ୧ । ଟିପ୍ପଣୀ ବହି—1. Note book.
নোট বহি ୨ । ପକେଟ୍ ବହି—2. Pocket book
नोट बही (ନୋଟ୍ ବୁକ୍—ଅନ୍ୟରୂପ)

ନୋଟ୍ ଭଙ୍ଗା(ଙ୍ଗେ)ଇବା—ଦେ. କ୍ରି—ନୋଟକୁ ବଦଳାଇ ଟଙ୍କାରେ
Noṭ bhaṅgā(ṅge)ibā ପରିଣତ କରିବା—
নোটভাঙ্গান To exchange notes into money.
नोट भंजाना

ନୋଟଣ(ଣି) (ଇତ୍ୟାଦ)—ଦେ. ବ. ଓ ବଣ —
Noṭaṇa(ṇi) (etc) ଲୋଟଣ ଇତ୍ୟାଦ (ଦେଖ)
Loṭaṇa etc. (See)

ନୋଟଣି ଲଇ—ପ୍ରାଦେ. (ଗଡ଼ଜାତ) ବ ବନ୍ୟ ଲତାବିଶେଷ —
Noṭaṇi lai A kind of wild creeper.
[ଦ୍ର—ଏହାର ଡାଙ୍ଗ ଖଟା ଏବଂ ତରକାରିରେ ବ୍ୟବହୃତ ହୁଏ ।]

ନୋଟା—ଦେ. ବ—ଲୋଟା; ଠାଳ—
Noṭā ঘটী **लोटा** A small brass water jug.

ନୋଟି—ଦେ. ବ—୧ । ଛୋଟ ଲୋଟା; ଅବଖୁରି; ଗାମଡେଇ —
Noṭi 1. A small metal jug.
ঘটী ୨ । ନୁଟୀ; ନଟେଇ; ନଠୀ—2. A wooden reel for
लोटिया winding silk or cotton thread.
୩ । ଲୁଟି; ଡକାଇତି—3 Dacoity; looting.

ନୋଟିଆ—ଦେ. ବ—ନୋଟ (୧) (ଦେଖ)
Noṭiā Noṭi (1) (See)

ନୋଟିଫିକେସନ୍—ବୈଦେ. ବ (ଇଂ. ନୋଟିଫିକେଶନ୍)—ଇସ୍ତାହାର;
Noṭiphikesan ନୋଟିସ୍—Notification.
নোটিফিকেসন **नोटिफिकेशन्**

ନୋଟିବା—ଗ୍ରା. କ୍ରି—ଲୋଟିବା (ଦେଖ)
Noṭibā Loṭibā (See)

ନୋଟିସ(ସି)—ବୈଦେ. ବ ଇଂ ନୋଟିସ୍)—୧ । ଇସ୍ତାହାର—
Noṭis si) 1. A notice; advertisement.
নোটিস ୨ । ଇସ୍ତିହାର—2. A notice issued by a
नोटिस public servant; proclamation.

ନୋଟିସ୍ ଜାରି—ବୈଦେ. ବ (ଇଂ. ନୋଟିସ୍ ଓ ଫା. ଜାରୀ)—କୌଣସି
Noṭis jāri ଇସ୍ତାହାରକୁ ପକ୍ଷମାନଙ୍କଠାରେ ବା ସର୍ବସାଧାରଣରେ
নোটিসজারী ପ୍ରକାଶ କରିବା—Publication or service of
नोटिसजारी a notice.

ନୋଟିସ୍ ବୋର୍ଡ୍—ବୈଦେ. ବ (ଇଂ)—କଚେରି ଆଦିର ବାରଣ୍ଡାରେ
Noṭis bord ବା କୌଣସି ପ୍ରକାଶ୍ୟ ସ୍ଥାନରେ ଯେଉଁ ପଟାରେ
নোটিসবোর্ড ସାଧାରଣଙ୍କ ଅବଗତି ନିମନ୍ତେ ନୋଟିସମାନ
नोटिसबोर्ड ମରାଯାଏ—Notice board.
(ନୋଟିସବୋର୍ଡ଼—ଅନ୍ୟରୂପ)

ନୋଟିସୁ—ପ୍ରାଦେ (ଗଞ୍ଜାମ) ବୈଦେ. ବ (ଇଂ)—ନୋଟିସ୍ (ଦେଖ)
Noṭisu Notis (See)

ନୋଡ଼ା(ଇତ୍ୟାଦ)—ଗ୍ରା. ବ - ଲୋଡ଼ା ଇତ୍ୟାଦ (ଦେଖ)
Norḍā (etc) Lorḍā etc (See).

ନୋଡ଼ିବା—ଗ୍ରା. କ୍ରି - ଲୋଡ଼ିବା (ଦେଖ)
Norḍibā Lorḍibā (See)

ନୋତକ—ଗ୍ରା. ବ (ସଂ. ଲୋତକ) ଲୁହ—
Notaka নোতক Tears.

ନୋତରା(ଇତ୍ୟାଦ)—ଦେ. ବଣ—ଲୋତରା ଇତ୍ୟାଦ (ଦେଖ)
Notarā (etc) (ନୋତରୀ - ସ୍ତ୍ରୀ) Lotarā etc (See).

ନୋତରିବା—ଦେ. କ୍ରି—ଲୋତରିବା (ଦେଖ)
Notaribā Lotaribā (See)

ନୋତା—ଦେ. ବଣ (ସଂ. ଲୋତ)—୧ । ଚୋରି (ମାଲ)—
Nota 1. Stolen (property).
୨ । ଗୁପ୍ତ (ଧନ)—2. Hidden (property).
୩ । ପ୍ରୋଥିତ (ଧନ)—3. Buried (treasure).
ଦେ. ବ—୧ । ଗୁପ୍ତଧନ—1. Hidden treasure
୨ । ପ୍ରୋଥିତ ଧନ—2. Buried treasure.
[ଦ୍ର—କେବଳରେ ଏହି ଅର୍ଥରେ ନୋତା ଶବ୍ଦ ପୋତା ଶବ୍ଦର ସହଚରରୂପେ ବ୍ୟବହୃତ ହୁଏ । ଯଥା, ପୋତାନୋତା ଜିନିଷଖାତ ।]

ନୋଥ—ଦେ. ବ (ସଂ. ନସ୍ତ—ନାସିକା)—ନୋଥ; ନଥ; ସ୍ତ୍ରୀଲୋକଙ୍କର
Notha ବାଆଁ ନାକରେ ପିନ୍ଧାଯିବା ଗୋଲାକାର ଅଳଙ୍କାର—
नथ A kind of circular nose ring.
नथ [ଦ୍ର—ନୋଥ ଅନେକ ପ୍ରକାର, ଯଥା—କଢ଼ି
ମ. ନଥ ନୋଥ, ଦକ୍ଷିଣୀ ନୋଥ, ଯାଉଁଳ ନୋଥ,
ଜାଲି ନୋଥ, ଭାର ନୋଥ ଓ ରତ୍ନ ନୋଥ ।]

ନୋଥ ନାକ—ଦେ. ବ—ନାକର ଯେଉଁ ପୁଡ଼ାରେ ନୋଥ ପିନ୍ଧାଯାଏ—
Notha nāka The outer skin of that side of the
नथनाक nostril in which Notha is worn.
नथपुड़ा [ଦ୍ର—ଦେଶବଦେଶରେ ନାକର ଭଲ୍ଲ ଭଲ୍ଲ ପୁଡ଼ାରେ
ନୋଥ ପିନ୍ଧାଯାଏ । ଓଡ଼ିଶାରେ ସ୍ତ୍ରୀଲୋକମାନେ ଡାହାଣ ପୁଡ଼ାରେ
ଗୁଣା ଓ ବାଆଁ ପୁଡ଼ାରେ ନୋଥ ଓ ବସଣୀ ପିନ୍ଧନ୍ତି; କୌଣସି
କୌଣସି ଅଞ୍ଚଳରେ ଡାହାଣ ପୁଡ଼ାରେ ମଧ୍ୟ ନୋଥ ପିନ୍ଧାଯାଏ ।]

ନୋଥ(ଥୁ)ରା—ଦେ. ବ. ପୁଂ. (ସଂ. ସ୍ଥୂଳକାୟ)—୧ । ନପୁଂସକ
Notha(thu)rā ବ୍ୟକ୍ତି—1. Impotent person; eunoch.
[ନୋଥ(ଥୁ) (ଥେ)(ଥୋ)ରୀ—ସ୍ତ୍ରୀ]
୨ । ଅଧିକ ବୟସ୍କ ହୋଇ ସୁଦ୍ଧା ଯେ ବିବାହ କର ନ ଥାଏ—
2. A grown up bachelor.
୩ । ଅତି ସ୍ଥୂଳକାୟ ବ୍ୟକ୍ତି—
3. A fat or corpulent person.

ନେଥ(ଥି)(ଥୁ)(ଥେ)(ଥୋ)ରି ପଟା—ଦେ. ବ.—ଶଗଡ଼ ଉପରେ ଛାଇ
Notha(thi)(thu)(the)(tho)ri paṭā ରଖିବା ସକାଶେ ଯେଉଁ
गाड़ीकावाला କାଠର ବା ବାଉଁଶର ଫର୍ମା ବା ଚଉକାଠ ସଗଡ଼ର
ଦଣ୍ଡା ଉପରେ ରଖା ହୋଇଥାଏ—A wooden frame
put on and tied to the beams of a bullock
cart over which a thatch is adjusted.

ନୋଥ(ଥି)(ଥୁ)(ଥେ)(ଥୋ)ରୀ—ଦେ. ସ୍ତ୍ରୀ—('ନୋଥରା'ର ସ୍ତ୍ରୀଲିଙ୍ଗ)—
Notha(thi)(thu)(the)(tho)rī ୧ । ସ୍ତ୍ରୀସ୍ୱଭାବରହିତା ନାରୀ;
हिजरी ହେଙ୍ଗେଡ଼ୀ—1. A woman showing no
external signs of femininity.
୨ । ବୟସ୍କା କୁମାରୀ; ଅଭଅଡ଼ୀ ଦରବୁଢ଼ୀ—
2. A grown up maid.
୩ । ଅତି ସ୍ଥୂଳକାୟା ସ୍ତ୍ରୀ—
3. Very corpulent woman.
୪ । ନୋଥରି ପଟା (ଦେଖ)—4. Nothari paṭā (See).

ନୋଦ—ସଂ. ବ. (ନୁଦ୍ ଧାତୁ=ପ୍ରେରଣ କରିବା+କର୍ମ. ଅ)—
Noda ୧ । ଆଜ୍ଞା—1. Command; order.
୨ । ଅନୁମତି—2. Permission.
୩ । (+ଭାବ. ଅ) ପ୍ରେରଣା—3. Commissioning.

ନୋଦ ଦୁକା—ଦେ. ବଣ. ପୁଂ.—ଲଦୁକା (ଦେଖ)—
Noda(du)kā [ନୋଦ(ଦୁ)କୀ—ସ୍ତ୍ରୀ] Lādukā (See).

ନୋଦନ—ସଂ. ବ (ନୁଦ୍ ଧାତୁ+ଭାବ. ଅନ)—୧ । ଛେଦନ—
Nodana 1. Cutting.
୨ । ନିବାରଣ—2. Prevention; prohibition.
୩ । ଅପସାରଣ; ତଡ଼ିଦେବା—
3. Removing; driving away.
୪ । ପ୍ରେରଣ—4. Sending.
୫ । (+କର୍ମ. ଅନ) ଆଦେଶ—5. Command, order.
୬ । ଚାଳନ—6. Conducting.
୭ । ଯାନାଦିରେ ଯୋଚିତ ପଶୁମାନଙ୍କୁ ଚଳାଇବା କର୍ମ (ହ୍ର.ଶ.);
ଅଡ଼ାଇବା—7. The act of driving beasts
yoked to a conveyance.
୮ । ମଡ଼ାଇବା—8. Impelling; goading.
୯ । (+କରଣ. ଅନ) ପାଞ୍ଚଣ; ପ୍ରତୋଦ (ହ୍ର. ଶ.)—
9. A stick used for goading beasts yoked
to a conveyance or plough.

ନୋଦା(ଧା)—ଦେ. ବ—କଣ୍ଟଆ ବା ତାଳଗଛର ଗଣ୍ଡିକୁ ଲମ୍ବ ଭାବରେ
Nodā(dhā) ମଝିରୁ ଚିର ତହିଁ ମଧ୍ୟରୁ ଶସ ଯାକ କାଢ଼ି ଯେଉଁ
सिऊनी ଫାଳକଅଁ ନଳା ପ୍ରସ୍ତୁତ କରାଯାଏ (ଯହିଁରେ ପାଣି ଯିବା
कढ़ौन ଆସିବା କରପାରେ) ନୋଧା—A semicircular
tunnel or pipe made from the trunk of a
palm or cocoanut tree by splitting it
lengthwise into two and grooving
it and which is used for the purpose
of passing water through it.
[ଦ୍ର—ଏହି ନୋଦାକୁ ଘରର ଓଳତଳେ ଓଳର ସମାନ୍ତରରେ
ଲମ୍ବ ଭାବରେ ବାନ୍ଧି ଦେଲେ ଓଳରୁ ଗଡ଼ିବା ବର୍ଷାଜଳ ନୋଦା
ଉପରେ ପଡ଼ି ନୋଦାର ମୁଣ୍ଡକୁ ଗଡ଼ି ଯାଇ ତଳକୁ ପଡ଼େ ।
କ୍ଷେତକୁ ପାଣି ବୋହିବା ବେଳେ ଏହି ନୋଦାର ଏକ
ମୁଣ୍ଡରେ ଜଳାଶୟରୁ ଟେଣ୍ଡାରେ ପାଣି ଉଠାଇ ଢାଳି ଦେଲେ ସେ
ପାଣି ବୋହି ଆସି ଅନ୍ୟ ମୁଣ୍ଡରେ ଥିବା ପାଣି ମାହାଳରେ ପଡ଼େ ।
ନୋଦାର ମଝିକୁ ଗୋଟିଏ ଆଡ଼ଧାରଣା ଉପରେ ସଂଲଗ୍ନ କରି ଏବଂ
ତାହାର ଗୋଟିଏ ମୁଣ୍ଡକୁ ବନ୍ଦ କରି ପାଣିରେ ବୁଡ଼ାଇ ଟେକିଦେଲେ
ସେ ପାଣି ସେହି ନୋଦାରେ ଗଡ଼ି ଆସି ନୋଦାର ଅନ୍ୟ ମୁଣ୍ଡରେ
ଖୋଲା ହୋଇଥିବା ପଦଣୀରେ ଜମା ହୋଇ କଅରରେ ମାଡ଼େ ।
ଏହିପରି ଏକମୁଣ୍ଡ ବୁଜା ନୋଦାକୁ ଜନ୍ତ କହନ୍ତି ।]

ନୋଦିତ—ସଂ. ବଣ (ନୁଦ୍ ଧାତୁ ଣିଚ୍+କର୍ମ. ତ)—୧ । ଆଜ୍ଞାପିତ—
Nodita 1. Commanded.
୨ । ପ୍ରେରିତ—2. Sent; commissioned.
୩ । ଅପସାରିତ—3. Removed; driven away
୪ । ଉତ୍ତେଜିତ—4. Goaded; impelled.

ନୋପସ୍ଥାତା—ସଂ. ବଣ (ନ=ନୁଦେଁ+ଉପ+ସ୍ଥା ଧାତୁ+କର୍ତ୍ତୃ. ତୃ;
Nopasthātā ୧ମା. ୧ବ)—ଅସମୀପସ୍ଥ; ଦୂରସ୍ଥ—Distant;
(ନୋପସ୍ଥାତ୍ରୀ ସ୍ତ୍ରୀ) remote.

ନୋବେଲ୍ ପୁରସ୍କାର—ବୈଦେ.ବ (ସ୍ୱିଡେନ୍‌ଦେଶୀୟ ନାମ ନୋବେଲ୍+
Nobel puraskāra ସଂ. ପୁରସ୍କାର)—ସ୍ୱିଡେନ୍ ରାଜ୍ୟରେ ପ୍ରତିଷ୍ଠିତ
नोबेलप्राइज **नोबेमप्राइज** ୫ଟି ବାର୍ଷିକ ପୁରସ୍କାର—
Nobel prize; five annual prizes given in
(ନୋବେଲ ପ୍ରାଇଜ୍ ଅନ୍ୟରୂପ) Sweden.

[ଦ୍ର—ଏହି ପୁରସ୍କାର ସ୍ୱର୍ଗୀୟ ଡାକ୍ତର ଆଲ୍‌ଫ୍ରେଡ୍ ବି. ନୋବେଲ୍ (ମୃତ ଖ୍ରୀ ୧୮୯୬) ଙ୍କ ଦ୍ୱାରା ପ୍ରତିଷ୍ଠିତ । ସେ ସ୍ୱିଡେନ ରାଜ୍ୟର ସରକାରଙ୍କ ହସ୍ତରେ ଗଚ୍ଛିତ ଧନ ସମର୍ପଣ କରି ଯାଇଅଛନ୍ତି ଓ ଉଇଲ ଦ୍ୱାରା ସେଥିର ସୁଧରୁ ପ୍ରତିବର୍ଷ ୫ଟି ବୃତ୍ତି ଦିଆଯିବାର ଖଞ୍ଜା କରଅଛନ୍ତି । ପ୍ରତ୍ୟେକ ବୃତ୍ତିର ପରିମାଣ ୮ ହଜାର ପାଉଣ୍ଡ ବା ପ୍ରାୟ ଏକଲକ୍ଷ ଟଙ୍କା । ତାଙ୍କ ନିଯୁକ୍ତ କମିଟି ନିମ୍ନଲିଖିତ ୫ଟି ବିଷୟରେ ଯାହାଙ୍କୁ ପୃଥିବୀରେ ସର୍ବୋତ୍କୃଷ୍ଟ ବ୍ୟକ୍ତି ବୋଲି ସ୍ଥିର କରବେ ସେମାନଙ୍କୁ ପ୍ରତିବର୍ଷ ଏହି ପୁରସ୍କାର ଦେବେ ବୋଲି ସେ କଟକଣା କରି ଯାଇ ଅଛନ୍ତି ଓ ତଦନୁସାରେ ଏ ପୁରସ୍କାର ପ୍ରତିବର୍ଷ ଦିଆ ଯାଉଅଛି ।

୧. ବୈଜ୍ଞାନିକ ଆବିଷ୍କାର, ୨. ରାସାୟନିକ ଆବିଷ୍କାର, ୩. ଜୀବ ବିଜ୍ଞାନ ସମ୍ବନ୍ଧୀୟ ଆବିଷ୍କାର, ୪. ଆଦର୍ଶ ସାହିତ୍ୟିକ ଗ୍ରନ୍ଥର ରଚନା, ୫. ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେବା ପାଇଁ ସର୍ବୋତ୍କୃଷ୍ଟ ଉଦ୍ୟମ । ଭାରତବାସୀଙ୍କ ମଧ୍ୟରେ କବିବର ରବୀନ୍ଦ୍ରନାଥ ଓ ବୈଜ୍ଞାନିକ ସର୍ ରମଣ ଏ ପୁରସ୍କାର ପାଇଅଛନ୍ତି ।]

ନୋଭ (ଇତ୍ୟାଦ)—ଗ୍ରା. ବି—ଲୋଭ ଇତ୍ୟାଦ (ଦେଖ)
Nobha (etc) Lobha etc (See)

ନୋଭି—ଗ୍ରା. ବିଣ—ଲୋଭି (ଦେଖ)
Nobhi Lobhi (See)

ନୋଳ—ପ୍ରାଦେ. (ଗଡ଼ଜାତ) ବି—ଓଳିଆରେ ବ୍ୟବହୃତ ମଳା ପର
Noḷa ଢଥିର କସାଯାଇଥିବା ପାଳ ଦଉଡ଼ିର ମୋଡ଼ା—
Coiled rope of straw used for tying up Olias or straw packets for storing corn.

ନୋଲକ—ଦେ. ବି. (ସଂ. ଲୋଲକ)—୧ । ନାକପୁଡ଼ାର ମଝି ଦଣ୍ଡିରେ
Nolaka କସାଯାଇଥିବା ଛିଦ୍ରରେ ପିନ୍ଧାଯିବା ଏକପ୍ରକାର ଦଣ୍ଡି
नोलक (ଯହିଁରେ ଗୋଟିଏ ନୁଡ଼ୁକା ଲାଗିଥାଏ); ନୁଡ଼ୁକା—1. A
लोलक kind of nose ring with a pendant gem.
ନୁଲକ, ନୁଲୁକ } ଅନ୍ୟରୂପ ୨ । କାନ ଓ ନାକର ଦଣ୍ଡି ବା
ନୁଲକ, ନୁଲକା } ଫାସିଅରେ ଝୁଲୁଥିବା କ୍ଷୁଦ୍ର ଅଣ୍ଡାକାର
ସୁନା ବା ରତ୍ନଖଣ୍ଡ—2. A bit of gem or gold hanging as a pendant from an ear-ring or nose-ring.

ନୋଳା—ଦେ ବି—(ସଂ. ଲୋଳ=ଶିଥିଳ)—
Noḷā ୧ । ମାଛ ପେଟରେ ଥିବା ମଞ୍ଜିର ଏକ ଚରୁଡ଼ା—
दाग 1. One of the twin cylinder-like cells of
बद्धी the roe or spawn found in the belly of big fishes.
दाग; नील ୨ । ବେତ ପ୍ରହାରଦ୍ୱାରା ଦେହରେ ବସିଯିବା ଲମ୍ବ ନେଳ ନେଳ ଦାଗ—2. The long bluish marks left on the body after a cane beating.

ନୋଳା ଫଟା(ଟେ)ଇବା—ଦେ. କ୍ରି—ବେତଦ୍ୱାରା ଖୁବ୍ ମାଡ଼ ଦେବା,
Noḷā phaṭā(ṭe)iba ଯେପରି କି ଦେହରେ ପ୍ରହାରର ଲମ୍ବ
दाग बसाना नील डालना ଲମ୍ବ ଦାଗମାନ ରହିଯାଏ —
[ନୋଳା ବସା(ସେ)ଇବା—ଅନ୍ୟରୂପ] To leave marks on the body after a cane-thrashing.

ନୋଳା ଫାଟିଯିବା—ଦେ. ବି—ବେତମାଡ଼ର ଫଳସ୍ୱରୂପ ଦେହରେ
Noḷā phāṭijibā ଦାଗ ରହିଯିବା—The marks on the
दाग बाना body being left as a result of
दाग पड़ना cane beating.
[ନୋଳା ବସିଯିବା; ନୋଳା ଫାଟିବା; ନୋଳା ରହିବା—ଅନ୍ୟରୂପ]

ନୋଲି—ଦେ. ବି. (ସଂ. ଲୁଲ ଧାତୁ=ଦୋହଲିବା; ଦୋଳିବା)—
Noli କାନରେ ପିନ୍ଧାଯିବା ବଳୟାକାର ଅଳଙ୍କାରବିଶେଷ—
मकड़ी Ear-ring; a ring for the ear.
बाली ଯାହାଉଠାରେ ଦେଖୁଥାନ୍ତେ କର୍ଣ୍ଣୀ ନୋଲି
ନେଉଥାନ୍ତେ ତାହା ଛଡ଼ାଇ ଦେଇ ଗାଳ । କୃଷ୍ଣସିଂ ହ. ମହାଭାରତ, ଶାନ୍ତି

ନୋଳିଆ—ଦେ ବି. ପୁଂ—ତେଲଙ୍ଗା ଅନାର୍ଯ୍ୟ ଧୀବରଜାତିବିଶେଷ—
Noḷiā A class of Telgu fishermen.
मुलिआ ଟୋକାଠି ପୁଣି ତଳଙ୍କେ ନୋଳିଆ ଗାଏ 'ଜୟ ଗଙ୍ଗେଶ୍ୱର' ।
(ନୋଳିଆଣୀ—ସ୍ତ୍ରୀ) ରଘୁ ନାଥ, ଫାବଡ଼ା ।

बाली पहरनेवाला ଦେ. ବିଣ—କାନରେ ନୋଳି ପିନ୍ଧିଥିବା (ବ୍ୟକ୍ତି)—(a person) Wearing ear-rings.

ନୋହ(ହୁ)(ହୋ)ତି—ଦେ. ବି. (ସଂ. ନ ଭବତି)—
Noha(hu)(ho)ti ୧ । ନ ହେବା କଥା—1. Negation; no.
नाँ; ना हुआ (ଯଥା—ସେ ମୋତେ ହୋଇ ନୋହତି କହି
नहीं कहिल्ला ନାହିଁ ।)
[ନହୁ(ହୋ)ତି—ଅନ୍ୟରୂପ] ୨ । (ଅଶୁଭ କଥାର ଶୁଭବାଚନ)
(ହୋତି—ବଚସାତି) ଅନହୋତି; ହଇଜା; ଓଲଉଠା; ଝାଡ଼ାବାନ୍ତି—
2. (euphemism) Cholera.
(ଯଥା—ସେ ନୋହୋତିରେ ଗଲା ।)

ନୋହି—ଗ୍ରା. ବି—ଲୋହି (ଦେଖ)
Nohi Lohi (See)

ନୋହିବା—ଦେ. କ୍ରି. (ସଂ. ନ+ଭୂ ଧାତୁ)—୧ । ନ ହେବା—
Nohibā 1. Not to be.
ना होना ଖଳଙ୍କ'ର ନୋହି ବଳାନାଗରୁ ଗୁଲୁଲୁ ନେ—କଚସ୍ୱର୍ଣ୍ଣ. କଣୋସ୍ୱତନ୍ତ୍ର ।
नहोना; अनहोत ୨ । ନ ଘଟିବା --2. Not to happen.
ଦେ. ବିଣ—ହୋଇ ନଥିବା—Undone; unperformed.
ନୋହିବା କଥା କେହି ହୋଇବ ନୋହର —
କୃଷ୍ଣସିଂ ହ. ମହାଭାରତ, ଅବ ।

ନୋହିଲେ—ଦେ. ଅ. (ସଂ. ନୋଚେତ୍)—ନ ହେଲେ; ନଭୁବା—
Nohile If not; otherwise; nor; else.
नाहुले ତାହା ପାରଲେ ମୋତେ କହ, ନୋହିଲେ ଭୂଳ ହୋଇ ରହ—
नहीं तो ଭୂପତ, ପ୍ରେମପଞ୍ଚାମୃତ ।

ନୋହିଲେ ନାହିଁ—ଦେ. ଅ—ନ ହେଲେ ନାହିଁ—
Nohile nāhiñ Or else not; if not no.
ना हले नेई नहीतो नहीं

ନୋହୁ—ଗ୍ରା. ବି. (ସଂ. ଲୋହ)—ଲହୁ; ରକ୍ତ—
Nohu (ନହୁ—ଅନ୍ୟରୂପ) Blood.
ना हउक ଦେ. କ୍ରି. (ଭବିଷ୍ୟତ ଇଚ୍ଛାସୂଚକ ଅନାଦରାର୍ଥ ତୃତୀୟ ପୁ.
नेहहा ଏକ)—(ସେ ବା ତାହା) ନ ହେଉ—
Let (him) be not; be it not.

(ଯଥା—ମୁଁ ଉଣରଙ୍କୁ ଡାକୁଛି ମୋ ପିଲାଙ୍କ ଅନ୍ୟ ଇସ୍କୁଲଅ ପିଲାଙ୍କ ପର ଅମାନଅ ନୋହୁ ।)
ଦେ. ଅ—ନୋହୁଣୁ (ଦେଖ)—Nohuṇu (See)

ନୋହୁଁ — ଦେ. କ୍ରି (ବର୍ତ୍ତମାନ କାଳ; ୧ମ ପୁ. ମାନ୍ୟାର୍ଥରେ 'ନ ହେଉଁ' Nohun̐ ଏହି କ୍ରିୟାର ସଂକ୍ଷିପ୍ତ ଆକାର—
ନହିଁ ୧ । (ଅମ୍ଭେ) ନ ଅଛୁଁ—1. (I) Am not.
ନହୁଁ ୨ । (ଅମ୍ଭେମାନେ) ନ ଅଛୁଁ—2. (we) Are not.
(ଯଥା—ଅମ୍ଭେମାନେ ପରର ଅଳସ୍ଥଳକାରୀ ନୋହୁଁ ।)
ନାହତେ ଦେ. ଅ.—ନୋହୁଣୁ (ଦେଖ)
ନେହହୋତେ Nohuṇu (See)
ସେକାଳ ନୋହୁଁ ଅସ ସମସ୍ତେ ଚଳବା,
ପାଣ୍ଡବଙ୍କ ସଙ୍ଗେ ବନରେ ରହବା । କୃଷ୍ଣସିଂ ମ. ମହାଭାରତ. ବନ ।

ନୋହୁଣୁ(ଣୁଁ)—ଦେ. ଅ.—ନ ହେଉଣୁ ; ନ ହେବା ପୂର୍ବେ—
Nohuṇu(ṇun̐) Before (such a thing) happens or takes place.
ନାହତେ ହତେ
ନହୋତେ होते (ଯଥା—ଏ ବର୍ଷ କାର୍ତ୍ତିକ ମାସ ନୋହୁଣୁ ଶୀତ ପଡ଼ିଗଲା ।)

ନୌ—ସ. ବ. (ନୁଦ୍ ଧାତୁ=ପ୍ରେରଣ କରିବା+କର୍ମ. ଔ)—ନୌକା; Nau ଡଙ୍ଗା—Boat.
[ଦ୍ର—ସଂସ୍କୃତ 'ନୌ' ଶବ୍ଦ ସଙ୍ଗେ ତୁଳନା କର ଗ୍ରୀକ୍ ଭାଷାର ନୌସ୍, ଲାଟିନ୍ ନାଭସ୍ (Navis), ପ୍ରାଚୀନ ଜର୍ମାନ୍ (Nacho) ନାଚୋ । ଇଂରାଜୀରେ ନାଭି (Navy)ର ଅର୍ଥ ରଣତରୀ ସମୂହ ।]

ନବ୍ବଇ ଦେ. ବ. ଓ ବଣ. (ସ. ନବତି)—ନବ୍ବେ; ନବେ; ୯୦— Ninety; 90.
ନବ୍ବେ

ନୌଅ—ଦେ. ବଣ. (ସ. ନବମ)—ନବମ—
Naua Ninth.
ନଅଇ ଦେ. ବ.—ନଅଟି ବିନ୍ଦୁଯୁକ୍ତ ତାସ୍; ନହଲା; ନହ—
ନବାଁ A playing card with 9 points on it.
ନହଲା नहला

ନୌଅଶଏ(ହେ)—ଦେ. ବ. ଓ ବଣ. (ସ. ନବତ୍ୟୁତ୍ତର ଶତ) (ସଂଖ୍ୟା-
Nauāsae(he) ବାଚକ)—ଏକଶତ ନବେ—One hundred and ninety.
एकश नब्बई नौसै
(ଯଥା— ଉଣେଇଶି ଦଶଁ ନୌଅଶହେ ପଣ ଏଗାର କାହାଣ ଚଉଦ ପଣ— ପଣିକିଆ ।)

ନୌକର—ବୈଦେ. ବ. (ଫା. ନଉକ୍କର୍; ନୌକର୍)—୧ । ଚାକର—
Naukara 1. Servant.
ନୋକର, নৌকর ୨ । ଗୃହ କର୍ମକାରୀ ଭୃତ୍ୟ—
नौकर 2. Domestic menial servant.
(ନୌକରାଣୀ—ସ୍ତ୍ରୀ)

ନୌକର ଚାକର—ଦେ. ବ. (ଏକାର୍ଥକ ସହଚର)—ପରିଜନ; ଭୃତ୍ୟାଦି—
Naukara chākara Servants; attendants; retinue.
নোকর চাকর नौकर चाकर

ନୌକର ସାହି—ଦେ. ବ. (ଆଧୁନିକ ପ୍ରୟୋଗ)—ଭୃତ୍ୟତନ୍ତ୍ର; ଭୃତ୍ୟ
Naukara sāhi ସମାଜ; ରାଜକାର୍ଯ୍ୟ ଶାସନ ଚଳାଇବା ଭୃତ୍ୟ
নোকর সাহী ମଣ୍ଡଳୀ—Bureaucracy; the body of
नौकर साही officials and servants carrying on administration; officialdom.

ନୌକରାଣୀ—ଦେ. ବ. ସ୍ତ୍ରୀ (ଫା. ନୌକର+ଓଡ଼ିଆ ପ୍ରତ୍ୟୟ ଆଣୀ);
Naukarāṇi ଦାସୀ; ଚାକରାଣୀ—Maid servant.
নোকরানী नौकरानी

ନୌକରାନ୍—ବୈଦେ. ବଣ. (ଫା)—୧ । ନୌକର ବା ଚାକରଗଣ
Naukarān ସମ୍ବନ୍ଧୀୟ—1. Relating to servants.
୨ । ଚାକରୀ ସମ୍ବନ୍ଧୀୟ—2. Relating to service.
(ଯଥା—ନୌକରାନ୍ ଜାଗିରୀ ।)
ବ.— (ବହୁବଚନ)—ଚାକରମାନେ—Servants.

ନୌକରି - ଦେ. ବ. (ଫା. ନୌକର୍+ଓ. ଇ ପ୍ରତ୍ୟୟ)—୧ । ଦାସତ୍ୱ—
Naukari 1. Slavery.
নোকরি ୨ । ଚାକିରି—2 Service.
नौकरी ୩ । ଚାକର ବୃତ୍ତି—3. The profession of service; service as a profession.

ନୌକରେନ୍—ପ୍ରାଦେ. (ସମ୍ବଲପୁର)—ବ. (ଭୁଲ. ହି. ନୌକରାଣୀ)—
Naukaren ଚାକରାଣୀ—A maid servant.

ନୌକା—ସ. ବ. (ନୌ+ସ୍ୱାର୍ଥରେ କ+ସ୍ତ୍ରୀ. ଆ)—୧ । ନାବ;
Naukā ଡଙ୍ଗା—Boat.
୨ । ଜାହାଜ—2. Ship.

ନୌକା ଦଣ୍ଡ—ସ. ବ. (୬ଷ୍ଠୀ ତତ୍; ନୌକା+ଦଣ୍ଡ)—୧ । କ୍ଷେପଣୀ;
Naukā daṇḍa ବାଉ—1. A bamboo to propel a boat.
୨ । ଆହୁଲା—2. An oar; paddle

ନୌକା ପଟ—ସ. ବ. (୬ଷ୍ଠୀ ତତ୍; ନୌକା+ପଟ)—ଡଙ୍ଗାରେ ଟଣା
Naukā paṭa ଥିବା ପାଲ—The sail of a boat.

ନୌଚର—ସ. ବଣ. ପୁଂ. (ନୌ+ଚର୍ ଧାତୁ+କର୍ତ୍ତୃ. ଅ)—ନାବିକ;
Nauchara ନୌକାରେ ବିଚରଣକାରୀ—Using boats for travelling.
(ନୌଚରୀ—ଅନ୍ୟରୂପ)

ନୌଚାଳନ—ସଂ. ବ. (୬ଷ୍ଠୀ ତତ୍; ନୌ+ଚାଳନ)—ଡଙ୍ଗା ଚଳାଇବା
Nauchālana କର୍ମ ବା କୌଶଳ—Navigation; the art of plying a boat.

ନୌଜୀବକ—ସଂ. ବ. ପୁଂ. (ବହୁବ୍ରୀହି; ନୌ+ଜୀବକା)—ଯେ
Naujibika ନୌକା ସାହାଯ୍ୟରେ ଜୀବିକା ନିର୍ବାହ କରେ—
(ନୌଜୀବୀ—ଅନ୍ୟରୂପ) A sailor; a boatman.

ନୌତନ—ଗ୍ରା. ବଣ. (ସଂ. ନୂତନ; ନବତନ)—୧ । ନୂତନ—
Nautan 1. New.
নোতন नौतुन ୨ । ତାଜା; ଟଟକା—2. Fresh.

ନୌତି(ତ)—ଦେ ବ — ନଉତି (ଦେଖ)
Nauta ti) Nauti (See)

ନୌତାର୍ଯ୍ୟ—ସ. ବଣ. (୬ଷ୍ଠୀ ତତ୍; ନୌ=ନୌକା+ତାର୍ଯ୍ୟ)—
Nautārjya ନାବ୍ୟ; ନୌକାଦ୍ୱାରା ପାର ହେବା ଯୋଗ୍ୟ—
Navigable.

ନୌବତ୍ (ଇତ୍ୟାଦି) — ବୈଦେ. ବି (ଆ. ନଓବତ୍; ପା. ନୌବତ୍)—
Naubat (etc) ନଉବତ୍ ଇତ୍ୟାଦି (ଦେଖ)
नौवत नौबत Naubat etc (See)

ନୌବଳ—ସଂ. ବି (ରୂପକ ବା ୬ଷ୍ଠୀ ତତ୍; ନୌ+ବଳ)—
Naubala ୧ । ନୌକାରୋହୀ ସୈନ୍ୟ; ଯୁଦ୍ଧାର୍ଥ ପ୍ରସ୍ତୁତ ନୌକାଚୟ—Naval force; navy; armada.
୨ । ସତରଞ୍ଜ ଖେଳ—2. A game of chess.

ନୌବାହ—ସଂ. ବି. (ନୌ+ବହ୍ ଧାତୁ ଣିଚ୍+କର୍ତ୍ତୃ. ଅ)—
Naubāha ୧ । ଯେ ଡଙ୍ଗା ଚଳାଏ; ନାବିକ—
ନୌବାହକ } ଅନ୍ୟରୂପ 1. Sailor; navigator.
ନୌବାହୀ
୨ । ଅରିତ୍ର—2. An oar.
ସଂ. ବିଣ—ଯେ ଡଙ୍ଗା ଚଳାଉ ଥାଏ—
Flying a boat.

ନୌବାହିନୀ—ସଂ. ବି. (ରୂପକ କର୍ମଧା; ନୌ+ବାହିନୀ)—
Naubāhini ୧ । ନୌସେନା (ଦେଖ)
1. Nausenā (See)
୨ । ନୌସେନାବାହୀ ନୌକା ସମୂହ—2. The navy.

ନୌବିଦ୍ୟା—ସଂ. ବି. (ମ. ପ. ଲୋ. କର୍ମଧା; ନୌ+ବିଦ୍ୟା)—
Naubidyā ନୌକା ଚାଳନ ବିଦ୍ୟା—The science or art of navigation.

ନୌବୁଡି—ପ୍ରାଦେ. (ଗଞ୍ଜାମ) ବି—ଭଣ୍ଡାର ଆଦି ହାଣ୍ଡିଆ ଜାତିଙ୍କ ବିବାହ
Naubuti ଉପଲକ୍ଷରେ ଜାତିଭୋଜ ବେଳେ ବର ଓ କନ୍ୟା ପକ୍ଷର ଲୋକଙ୍କ ମଧ୍ୟ ସ୍ଥଳରେ ଖଣ୍ଡିଏ ପୀଢ଼ା ଉପରେ ଉଭୟ ପକ୍ଷରୁ ଭେଟି ସ୍ୱରୂପ ଯେଉଁ ଧନ ରଖାଯାଏ; କୁଳମର୍ଯ୍ୟାଦା ସ୍ୱରୂପ ଦିଆଯିବା ଭେଟି ଧନ—
A present of cash put on a wooden board by the bride's and bride-groom's parties on the occassion of a marriage before the feast is held, amongst some Śūdra castes. (e.g. barbers).
[ଦ୍ର—ଏହି ଧନ ପୀଢ଼ା ଉପରେ ରଖି ଦେଇ ବର ଓ କନ୍ୟା ଉଭୟଙ୍କ ପକ୍ଷୀୟ ମୁରବୀ ପ୍ରଣାମ କରନ୍ତି । ବ୍ରାହ୍ମଣ ସମାଜରେ ମଧ୍ୟ ଏହିପରି ସ୍ଥଳରେ ସମ୍ମାନିତ ମର୍ଯ୍ୟାଦା ଦିଆ ଯାଏ ।]

ନୌ ବ୍ୟସନ—ସଂ. ବି. (୬ଷ୍ଠୀ ତତ୍; ନୌ+ବ୍ୟସନ=ବିପଦ୍)—
Nau byasana ଜାହାଜ ଭାଙ୍ଗିଯିବା ବା ଜାହାଜର କୌଣସି ପ୍ରକାର ବିପଦ—Shipwreck or any calamity befalling a ship.

ନୌ ଯାତ୍ରୀ—ସଂ. ବି. (ନୌ+ଯାତ୍ରିନ୍; ୧ମା. ୧ବ)—
Nau jātri ନୌକାରେ ଯେଉଁମାନେ ଯାତ୍ରା କରନ୍ତି—
The passengers of a boat.
ସଂ. ବିଣ.—ନୌକାରେ ଗମନକାରୀ—
Travelling by boat

ନୌ ଯାନ—ସଂ. ବି. (ନୌ+ଯାନ)—
Nau jāna ୧ । (୭ମୀ ତତ୍)ନୌକାଦ୍ୱାରା ଗମନ—
1. Navigation
୨ । (ରୂପକ କର୍ମଧା) ଜଳରେ ଯିବା ଆସିବା ପାଇଁ ବ୍ୟବହୃତ ନାବ ଆଦି—2. Boats used as conveyance on water.

ନୌଯାୟୀ —ସଂ. ବି. ଓ ବିଣ (ନୌ+ଯା ଧାତୁ+କର୍ତ୍ତୃ.ଇନ୍; ୧ମା.୧ବ)
Naujāyi ନୌଯାତ୍ରୀ (ଦେଖ)—Naujātri (See)

ନୌରୋଜ୍—ବୈଦେ. ବି. (ପା)—୧ । ପାରସିକମାନଙ୍କର ନବବର୍ଷାରମ୍ଭ;
Nauroj ମୁସଲମାନମାନଙ୍କର ବର୍ଷର ପ୍ରଥମ ଦିନ—
नौरोज 1. Mahomedan or Persian New Year's day.
୨ । ମୁସଲମାନମାନଙ୍କ ନବବର୍ଷାରମ୍ଭ ଦିନ କରାଯିବା ଉତ୍ସବ—
2. The festival observed by the Mahomedans on the Persian New year's day.

ନୌଲଖା—ଦେ. ବିଣ. (ସଂ. ନବ+ଲକ୍ଷ; ଯହିଁର ମୂଲ୍ୟ ନଅ ଲକ୍ଷ ମୁଦ୍ରା)—
Naulakhā
ন লাখের ବହୁ ମୂଲ୍ୟ (ହାର ଆଦି)—
नौलखा Very valuable (necklace etc).
(ନୌଲକ୍ଷୀ—ଅନ୍ୟରୂପ)

ନୌସେନା ସଂ. ବି. (ମ. ପ. ଲୋ. କର୍ମଧା; ନୌ+ସେନା)—
Nausenā ଜଳଯୁଦ୍ଧକାରୀ ସୈନ୍ୟ; ନୌବଳ—
(ନୌସୈନ୍ୟ – ଅନ୍ୟରୂପ) Naval force; navy.

ନ୍ତ—ଗ୍ରା. ବି. (ପ୍ରାଚୀନ ପଦ୍ୟ)—୧ । ପ୍ରତ୍ୟୟ (ବହୁବଚନ) ମାନ; ଗଣ—
Nta Plural suffix.
ପୁରେ ପୁରେ ଅନ୍ତଃପୁର ଦ୍ୱାଃ ଫେରାଇନ୍ତ ଫେର
ମୋନ ଦେଇ ମାଲୁଣୀକି ଦେଖିଲେ ଯାଇ । ଦ୍ରଉପ, ଶର୍ଶସେଣ ।
୨ । ଦ୍ୱିତୀୟା ବିଭକ୍ତିର ପ୍ରତ୍ୟୟ—
2. An inflection for the dative case.

ନ୍ୟକ୍କାର—ସଂ. ବି. (ନ୍ୟକ୍=ଘୃଣାର୍ଥରେ ଅବ୍ୟୟ+କୃ ଧାତୁ+ଭାବ ଅ)
Nyakkāra ୧ । ଘୃଣା; ଅବଜ୍ଞା—
1. Abhorrence; contempt.
୨ । ବମନ; ବାନ୍ତି—2. Vomiting.
୩ । ଧିକ୍କାର—3. Contemptuous words.

ନ୍ୟକ୍କାର ଜନକ—ସଂ. ବିଣ. (ନ୍ୟକ୍କାର+ଜନ ଧାତୁ+ଅକ)—
Nyakkāra janaka ୧ । ଘୃଣାଜନକ—1. Contemptuous; producing aversion.
୨ । ବମନୋଦ୍ବେଗକାରକ—2. Producing a tendency to vomit.

ନ୍ୟକ୍କୃତ —ସଂ. ବିଣ. (ନ୍ୟକ୍+କୃତ)—ଧିକ୍କୃତ; ଅବଜ୍ଞାତ—
Nyakkṛuta Abhorred; loathed.

ନ୍ୟକ୍ଷ—ସଂ. ବିଣ. (ନି+ଅକ୍ଷ)—
Nyaksha ୧ । ନିକୃଷ୍ଟ —1. Base; inferior.
୨ । ନୀଚ—2. Low; mean; vile.

୩ । ସମସ୍ତ—3. Whole; entire.

ସ. ବି—୧ । ମହିଷ—1. Buffalo.

୨ । ପରଶୁରାମ—2. Parasurāma.

୩ । ତୃଣ—3. Grass.

ନ୍ୟଗ୍ରୋଧ—ସ. ବି. (ନ୍ୟକ୍=ନିମ୍ନ+ରୁଧ୍ ଧାତୁ=ରୋଧ କରିବା+ କର୍ତ୍ତୃ. ଅ; ଯେ ବୃକ୍ଷ ମୂଳ ଦ୍ୱାରା ନିମ୍ନଦେଶକୁ ରୋଧ କରେ)—୧ । ବଟ ବୃକ୍ଷ; ବର ଗଛ—
Nyagrodha
1. The Banyan tree; Indian fig; Ficus Indica.

୨ । ଶମୀ ବୃକ୍ଷ—2. A tree; Accacia Suma.

୩ । ଚାରି ହାତ ପରମାଣ—3. A measure of 4 cubits; fathom.

୪ । ବିଷ୍ଣୁ—4. A name of Bishṇu.

୫ । ଉଗ୍ରସେନ ରାଜାଙ୍କର ପୁତ୍ର—5. Name of a son of Ugrasena.

୬ । ଦୁଇ ବାହୁକୁ ସମ୍ପୂର୍ଣ୍ଣରୂପେ ବିପରୀତ ଦିଗକୁ ବିସ୍ତୃତ କଲେ ଯେଉଁ ପରିମିତ ଦୂରତା ହୁଏ (ହି. ଶ.)—6. A measure of the two arms extended in opposite directions.

୭ । ମହାଦେବ (ହି. ଶ.)—7. Siba.

୮ । ମୂଷିକପର୍ଣ୍ଣୀ; ମୂଷାକାଣୀ (ହି. ଶ.) (ଦେଖ)—8. Mūshākāṇi (See)

ନ୍ୟଗ୍ରୋଧନ—ସ. ବି (ନ୍ୟକ୍+ରୁଧ୍ ଧାତୁ+ଭାବ. ଅନ)—ଅବଜ୍ଞାନ—
Nyagrodhana
Despising.

ନ୍ୟଗ୍ରୋଧ ପରିମଣ୍ଡଳ—ସ. ବି. ପୁଂ (ବହୁବ୍ରୀହି; ନ୍ୟଗ୍ରୋଧ+ପରିମଣ୍ଡଳ)- ସୁନ୍ଦର ବପୁଷ୍ମାନ୍ ପୁରୁଷ; ୪ ହାତ ଉଚ୍ଚ ପରମସୁନ୍ଦର ପୁରୁଷ—
Nyagrodha parimaṇḍaḷa
A tall man with proportionate limbs.

ନ୍ୟଗ୍ରୋଧପରିମଣ୍ଡଳା—ସ. ବି. ସ୍ତ୍ରୀ—ବିଶାଳନିତମ୍ବା, କ୍ଷୀଣମଧ୍ୟା, କଠିନ- କୁଚ୍ଚ, ସୁନ୍ଦରୀ ଅଙ୍ଗନା—
Nyagrodhaparimaṇḍaḷā
A fair woman with symmetrical and graceful limbs, firm brests and lean waist.

[ଦ୍ର—ଏପରି ସ୍ତ୍ରୀର ଶରୀରର ସ୍ପର୍ଶ ଗ୍ରୀଷ୍ମକାଳରେ ଶୀତଳ ଓ ଶୀତକାଳରେ ଉଷ୍ଣ ବୋଧହୁଏ ।]

ନ୍ୟଗ୍ରୋଧା(ଧୀ)—ସ. ବି ସ୍ତ୍ରୀ (ବୈଦ୍ୟକ)—ମୂଷାକାଣୀ ଗୁଳ୍ମ—
Nyagrodhā(dhi)
A medicinal plant; Mimosa Albida.
(ନ୍ୟଗ୍ରୋଧିକା—ଅନ୍ୟରୂପ)

ନ୍ୟଙ୍କୁ—ସ. ବି (ନି=ନିଶ୍ଚିତ+ଅନ୍ଚ୍ ଧାତୁ=ଗମନକରିବା+କର୍ତ୍ତୃ ଉ). ୧ । ବହୁଶୃଙ୍ଗ ମୃଗବିଶେଷ; ଶାଖାପ୍ରଶାଖାବିଶିଷ୍ଟ ଶୃଙ୍ଗଯୁକ୍ତ ମୃଗ—1. A sort of antelope; a deer with branching antlers.
Nyaṅku

୨ । ଖୁରୁଣ୍ଡି; ଅତି କ୍ଷୁଦ୍ରକାୟଦେହ ମୃଗବିଶେଷ—2. A very small variety of deer; Oragulus Meminna.

[ଦ୍ର—ଏହା ପ୍ରାୟ ୮ ଅଙ୍ଗୁଳ ଉଚ୍ଚ ହୁଏ । ଏହାର ଗୋଡ଼ ଅତି ସରୁ; ପଛଆଡ଼ ଉଚ୍ଚା; ଗଳାର ଲୋମ ଦେହ ଲୋମ ଅପେକ୍ଷା ବଡ଼ । ଏହା ଶୃଙ୍ଗହୀନ ।]

୩ । ମୁନିବିଶେଷ—3. The name of a sage.

ସ. ବିଣ—କ୍ଷିପ୍ରଗମନଶୀଳ—Moving swiftly.

ନ୍ୟଚ୍ଛ—ସ. ବି—ଚର୍ମରୋଗବିଶେଷ, ଯହିଁରେ ଦେହରେ ଚକା ଚକା କଳା ଦାଗମାନ ଦେଖାଯାଏ; ଉଙ୍ଗରୋଗ (ହି.ଶ.)—
Nyachchha
A skin disease in which black circular spots appear on the body.

ନ୍ୟଞ୍ଚ—ସ. ବିଣ (ନି+ଅନ୍ଚ୍ ଧାତୁ+କର୍ତ୍ତୃ. କ୍ୱିପ୍)—୧ । ନୀଚ—
Nyañch
1. Vile; mean.

୨ । କ୍ଷୁଦ୍ର—2. Little.

୩ । ନିମ୍ନ—3. Low.

୪ । (+କର୍ମ. କ୍ୱିପ୍)—ହେୟ—4. Contemptible.

୫ । ଖର୍ବ—5. Dwarfish; short.

ନ୍ୟଞ୍ଚିତ—ସ. ବିଣ (ନି+ଅନଚ୍ ଧାତୁ+କର୍ମ. ତ)—ଅଧଃକ୍ଷିପ୍ତ—
Nyañchita
Thrown down.

ନ୍ୟଞ୍ଜଳିକା—ସ. ବି (ନି+ଅଞ୍ଜଳ+କ+ଆ)—ତଳଆଡ଼କୁ ପ୍ରସାରିତ ଅଞ୍ଜଳି (ହି. ଶ)—The folded palms extended downwards.
Nyañjaḷikā

ନ୍ୟୟ—ସ. ବି (ନି+ଇ ଧାତୁ+ଭାବ. ଅ)—୧ । ଅପଚୟ; କ୍ଷତି—
Nyaya
1. Loss.

୨ । ବ୍ୟୟ—2. Expense.

୩ । ନାଶ—3. Destruction.

ନ୍ୟସନ—ସ. ବି. (ନି+ଅସ୍ ଧାତୁ=କ୍ଷେପଣ କରିବା+ଭାବ. ଅନ)—
Nyasana ୧ । ଦାନ—1. Giving.
(ନ୍ୟସ୍ତ—ବିଣ) ୨ । ଅର୍ପଣ—2. Depositing.

୩ । ତ୍ୟାଗ—3. Abandonment; relinquishment.

୪ । ରଖିବା; ସ୍ଥାପନ—4. Placing; putting.

ନ୍ୟସ୍ତ—ସ. ବିଣ. (ନି+ଅସ୍ ଧାତୁ+କର୍ମ. ତ)—୧ । ନିହିତ; ସ୍ଥାପିତ—
Nyasta
1. Placed; set down.
(ନ୍ୟସ୍ତା—ସ୍ତ୍ରୀ) ୨ । ପ୍ରେରିତ—2. Sent.

୩ । ନିକ୍ଷିପ୍ତ—3. Thrown.

୪ । ନ୍ୟାସରୂପେ ରକ୍ଷିତ—4. Placed in trust.

୫ । ସମର୍ପିତ—5. Deposited.

୬ । ବିନ୍ୟସ୍ତ; ସଜ୍ଜିତ—6. Arranged; arrayed.

୭ । ତ୍ୟକ୍ତ—7. Abandoned; relinquished.

୮ । ହସ୍ତାନ୍ତରିତ—8 Assigned; transferred.

୯ । ରଚିତ—9. Composed.

୧୦ । ବିସ୍ତାରିତ—10 Expanded; spread.

୧୧ । ବନ୍ଧକ ରଖାଯାଇଥିବା—
11. Pledged; pawned.

ନ୍ୟସ୍ତ ଶସ୍ତ୍ର—ସଂ. ବିଣ. ପୁଂ. (ବହୁବ୍ରୀହି; ନ୍ୟସ୍ତ + ଶସ୍ତ୍ର)—୧ । ଯେଉଁ ଲୋକ
Nyasta śastra ଶସ୍ତ୍ରାଦି ଛାଡ଼ିଦେଇଅଛି—1. Unarmed; having laid down one's arms.

୨ । ଯୁଦ୍ଧ କରିବାକୁ ପରାଙ୍ମୁଖ—
2. Averse from strife.

ସଂ. ବି—ପିତୃଲୋକ—The souls of the departed ancestors.

ନ୍ୟସ୍ୟ—ସଂ. ବିଣ. (ନି + ଅସ୍ ଧାତୁ + କର୍ମ. ଯ)—୧ । ତ୍ୟକ୍ତବ୍ୟ; କ୍ଷେପ୍ୟ—
Nyasya 1. Fit to be thrown away or abandoned.

୨ । ନ୍ୟସ୍ତହେବାର ଯୋଗ୍ୟ—
2. Fit to be deposited.

୩ । ସ୍ଥାପନୀୟ—3. Fit to be placed.

ନ୍ୟାଏ—ଗ୍ରା. (ପ୍ରାଚୀନ ପଦ୍ୟ) ବି ଓ ବିଣ—ନ୍ୟାୟ (ଦେଖ)
Nyāe Nyāya (See)

न्याए नयाइ ଅପେ କରୁଥାଇ ଦୋଷ ଅପେ ବୁଝେ ନ୍ୟାଏ । ପ୍ରାଚୀ. ଚୈତନ୍ୟଭାଗବତ ।

ନ୍ୟାକ୍ୟ—ସଂ. ବି—ଭୃଷ୍ଟତଣ୍ଡୁଳ; ଭୃଷ୍ଟଲଜା; ମୁଢ଼ି—
Nyākya Fried rice.

ନ୍ୟାଙ୍କବ—ସଂ. ବି. (ନ୍ୟଙ୍କୁ + ଅ) ନ୍ୟଙ୍କୁ ମୃଗଚର୍ମ—
Nyāṅkaba The hide of Nyaṅku deer.

ନ୍ୟାଜ—ବୈଦେ. ବି. ଓ ବିଣ. (ଫା. ନିହାଜ)—ନିଆଜ (ଦେଖ)
Nyāja Niāja (See)

निहाज ତନ୍ମାତ୍ରବତୀ ଶ୍ୟାମ ଦୁହିଁଙ୍କର ପ୍ରେମ ହେଲା ନାହିଁ ନ୍ୟାଜ ।
लिहाज ବୈଦେହୀଶ, ସଙ୍ଗୀତ ।

ନ୍ୟାଦ—ସଂ. ବି. (ନି + ଅଦ୍ ଧାତୁ + କର୍ମ. ଅ)—ଆହାର (ହେ. ଶ)—
Nyāda Food.

ନ୍ୟାୟ—ସଂ. ବି. (ନି = ନିଶ୍ଚୟ, ସତ୍ୟ + ଇ ଧାତୁ = ଗମନ କରିବା + କର୍ତ୍ତୃ ଅ; ଯାହା ମନୁଷ୍ୟକୁ ସତ୍ୟଆଡ଼କୁ ନେଇଯାଏ)
Nyāya ୧ । ବିଷ୍ଣୁ—1. Bishṇu.

୨ । ଯୁକ୍ତି; ବିତର୍କ—2. Reasoning; argument.

୩ । ବିଚାର—3. Judgment; consideration; adjudication.

୪ । ଯାଥାର୍ଥ୍ୟ; ଔଚିତ୍ୟ—4. Propriety; fitness.

୫ । ସୁବିଚାର; ଧର୍ମବିଚାରଣା—
5. Righteousness; equity; justice.

୬ । ଆଇନ୍—6. Law.

୭ । ସତ୍ୟ—7. Truth.

୮ । ସତ୍ୟ ନିର୍ଦ୍ଧାରଣ—
8. Ascertainment of truth.

୯ । ଷଡ଼୍‌ଦର୍ଶନାନ୍ତର୍ଗତ ଗୌତମ ପ୍ରଣୀତ ଦର୍ଶନଶାସ୍ତ୍ର ବା ଅନ୍ୱୀକ୍ଷିକୀ ଶାସ୍ତ୍ର—9. One of the six systems of Hindu philosophy.

୧୦ । ତର୍କଶାସ୍ତ୍ର; ନ୍ୟାୟଶାସ୍ତ୍ର; ନ୍ୟାୟଦର୍ଶନ—
10. Logic; dialectics.

[ଦ୍ର - ଯୁକ୍ତି ଓ ତର୍କଦ୍ୱାରା କୌଣସି ବିଷୟର ଖଣ୍ଡନମଣ୍ଡନ ଓ ସିଦ୍ଧାନ୍ତ ନ୍ୟାୟଶାସ୍ତ୍ରର ଉଦ୍ଦେଶ୍ୟ । ଏହି ଶାସ୍ତ୍ର ପ୍ରତିଜ୍ଞା, ହେତୁ, ଉଦାହରଣ, ଉପନୟ ଓ ନିଗମନ ଏହି ପଞ୍ଚାଙ୍ଗବିଶିଷ୍ଟ ।]

୧୧ । ଯୁକ୍ତିମୂଳକ ଦୃଷ୍ଟାନ୍ତବିଶେଷ; ନୀତି—11. Moral precept; the moral of a tale or subject.
(ଯଥା—ଗଡ୍ଡୁଳିକା ପ୍ରବାହ ନ୍ୟାୟ; କାକତାଳୀୟ ନ୍ୟାୟ ।)

୧୨ । ଦୃଷ୍ଟାନ୍ତଦ୍ୱାରା ଆରୋପିତ ତୁଳନା ବା ସାଦୃଶ୍ୟ—
12. Analogy.

୧୩ । ଭିନ୍ନ ଭିନ୍ନ ପ୍ରସଙ୍ଗ ବା ଘଟନା ସମ୍ପର୍କରେ ତୁଳନା ବା ସାଦୃଶ୍ୟ ସୂଚନାକାରୀ ଦୃଷ୍ଟାନ୍ତବାକ୍ୟ—13. Analogical sayings establishing comparision or similarity of one matter with another.

[ଦ୍ର—ଉପସ୍ଥିତ ଘଟନା ବା ବିଷୟ ସଙ୍ଗେ ଅନ୍ୟ ସମ୍ଭବ ବା ଅସମ୍ଭବ ବିଷୟର ଦୃଷ୍ଟାନ୍ତଦ୍ୱାରା ତୁଳନା ବା ଉପମା ଓ ସାଦୃଶ୍ୟସୂଚକ ଯେଉଁ ଆପ୍ତବଚନମାନ ଦେଶରେ ବହୁକାଳରୁ ପ୍ରଚଳିତ ଅଛି ତାକୁ ନ୍ୟାୟ ବୋଲାଯାଏ । ଏହି ନ୍ୟାୟବଚନମାନଙ୍କର ବ୍ୟାଖ୍ୟା ଏ ଗ୍ରନ୍ଥର ଅକ୍ଷରାଦିକ୍ରମରେ ଦିଆଯାଇ ଅଛି ।]

ଦେ. ବି—୧ । ଇନସାଫ; ପଞ୍ଚାୟତ ବିଚାର—1. Arbitration.

इनसाफ; नयाय ୨ । ବିଚାରଣା—2. Adjudication.

ଦେ. ବିଣ—୧ । ପରି—1. Like; similar; resembling; analogous.
मतन

माफिक ୨ । ନ୍ୟାଯ୍ୟ—2. Proper; reasonable.

ଦେ କ୍ରି. ବିଣ—ସଦୃଶ—Similarly; like.

ନ୍ୟାୟକ—ସଂ. ବି. ପୁଂ. (ନ୍ୟାୟ + କୃ ଧାତୁ + କର୍ତ୍ତୃ. ଅ)—
Nyāyaka ୧ । ବିଚାରକ—1. Judge.

୨ । ତାର୍କିକ—2. A reasoner; logician.

ନ୍ୟାୟକର୍ତ୍ତା—ସଂ. ବିଣ. ପୁଂ. (ଉପପଦ ତତ୍; ନ୍ୟାୟ + କର୍ତ୍ତୃ)—
Nyāyakarttā ସୁବିଚାରକ—One who does justice; just; equitable.
(ନ୍ୟାୟକର୍ତ୍ତ୍ରୀ—ସ୍ତ୍ରୀ)

ସଂ. ବି—ବିଚାରପତି—Judge.

ନ୍ୟାୟଗତ—ସଂ.ବିଣ. (୨ୟା ତତ୍; ନ୍ୟାୟ + ଗତ)—ନ୍ୟାଯ୍ୟ; ନ୍ୟାୟସଙ୍ଗତ—
Nyāyagata Equitable; righteous.

ନ୍ୟାୟତଃ—ସଂ. ଅ. (ନ୍ୟାୟ + ତସ୍)—୧ । ନ୍ୟାୟାନୁସାରେ—
Nyāyataḥ 1. Equitably.

୨ । ଧର୍ମତଃ—2. In justice.

୩ । ଯୁକ୍ତିସଙ୍ଗତରୂପେ—3. Reasonably; rationally.

ନ୍ୟାୟତା—ସଂ. ବି. (ନ୍ୟାୟ + ତା)—୧ । ଉପଯୁକ୍ତତା—1. Fitness.
Nyāyatā ୨ । ଔଚିତ୍ୟ—2. Propriety.

ନ୍ୟାୟନିଷ୍ଠ—ସଂ. ବିଣ. ପୁଂ. (ବହୁବ୍ରୀହି; ନ୍ୟାୟ + ନିଷ୍ଠା)—
Nyāyanishṭha ୧ । ନ୍ୟାୟପରାୟଣ—
(ନ୍ୟାୟନିଷ୍ଠା—ସ୍ତ୍ରୀ) 1. Righteous; just.

ନ୍ୟାୟନିଷ୍ଠତା / ବି ୨ । ଅପକ୍ଷପାତ—
ନ୍ୟାୟନିଷ୍ଠତ୍ୱ / 2. Impartial in judgment.

ନ୍ୟାୟନିଷ୍ଠା—ସଂ. ବି. (୭ମୀ ତତ୍; ନ୍ୟାୟ+ନିଷ୍ଠା)—
Nyāyanishthā ୧ । ନ୍ୟାୟପରାୟଣତା — 1. Justice; righteousness; rectitude.
୨ । ଅପକ୍ଷପାତିତା—2. Impartiality; equity.
ସଂ. ବିଣ—'ନ୍ୟାୟନିଷ୍ଠ'ର ସ୍ତ୍ରୀଲିଙ୍ଗ— Feminine of Nyāyanishtha.

ନ୍ୟାୟ ନିସାପ—ଦେ. ବି. (ଏକାର୍ଥକ ସହଚର)—ପଞ୍ଚାଏତ ବିଗ୍ଭର—
Nyāyanisāpa Arbitration.
ন্যায়নিসাপ नयायनिसाफ

ନ୍ୟାୟ ନିସାପ କରିବା—ଦେ. କ୍ରି. (ସଂ. ନ୍ୟାୟ; ଫା. ଇନ୍‌ସାଫ୍)—
Nyāya nisāpa karibā କୌଣସି ବିଷୟକୁ ପଞ୍ଚାୟତରେ
(ନ୍ୟାୟ କରିବା—ଅନ୍ୟରୂପ) ପକାଇ ବିଗ୍ଭରଣା କରିବା—
ন্যায় নিসাপ করা To arbitrate; to judge a matter
नयाय निसाफ करना by arbitration.

ନ୍ୟାୟ ପଥ—ସଂ. ବି.) ୬ଷ୍ଠୀ ତତ୍; ନ୍ୟାୟ+ପଥ)—
Nyāya patha ୧ । ଧର୍ମ ମାର୍ଗ; ନ୍ୟାଯ୍ୟ ଉପାୟ; ନ୍ୟାୟସମ୍ମତ ମାର୍ଗ- 1. The path of rectitude; the way of
(ନ୍ୟାୟମାର୍ଗ—ଅନ୍ୟରୂପ) righteousness.
୨ । ଆଇନ୍ ସଙ୍ଗତ ଉପାୟ—2 Legitimate means

ନ୍ୟାୟପର ସଂ. ବିଣ. (ବହୁବ୍ରୀହି; ନ୍ୟାୟ+ପର)—ନ୍ୟାୟପଥଗାମୀ—
Nyāyapara Righteous; just; equitable.
(ନ୍ୟାୟପରା—ସ୍ତ୍ରୀ) (ନ୍ୟାୟପରତା—ବି)

ନ୍ୟାୟ ପରାୟଣ - ସଂ. ବିଣ. ପୁଂ. (ବହୁବ୍ରୀହି; ନ୍ୟାୟ+ପର=ପ୍ରଧାନ,
Nyāya parāyaṇa ଶ୍ରେଷ୍ଠ+ଅୟନ)—ନ୍ୟାୟପର (ଦେଖ)
(ନ୍ୟାୟପରାୟଣା—ସ୍ତ୍ରୀ; ନ୍ୟାୟପରାୟଣତା—ବି) Nyāyapara (See)

ନ୍ୟାୟବନ୍ତ—ଦେ. ବିଣ. (ସଂ. ନ୍ୟାୟବାନ୍)—ନ୍ୟାୟପରାୟଣ—
Nyāyabanta Just; equitable.
ন্যায়বন্ত ନ୍ୟାୟବନ୍ତ ହୋଇ ଯେ ହରୁଥିବ ଧନ
नयायबन्त ମାଗିଲେ ଅର୍ଥ ଦେଉଥିବ ଦୁଃଖୀ ଜନ । କୃଷ୍ଣସିଂ. ମହାଭାରତ ଶ୍ୟେ ।

ନ୍ୟାୟ ବଳ—ଦେ. ବି—ସତରଞ୍ଚ ଖେଳ ପରି ଏକ ପ୍ରକାର ଖେଳ—
Nyāya baḷa A kind of game at chess.

ଚତୁଃସ୍ଥଳେ ଅନୁକ୍ଷଣ ଖାକରେ ଯାଙ୍କର
ନ୍ୟାୟବଳ ବଳ ରୂପେ କୋଣି କୋଣି ପ୍ରାଣୀ । ଯଥାଳାଂ, ମହାପାନ୍ନ ।

[ଦ୍ର—ସତରଞ୍ଚ ଖେଳରେ ବିପକ୍ଷ ଖେଳାଳର ସାରର ବଳ ଥିଲେ ମଧ୍ୟ ତାକୁ ମାରିବାକୁ ହୁଏ; କିନ୍ତୁ ନ୍ୟାୟବଳ ଖେଳରେ ତାହା ମନା । ବିପକ୍ଷ ପକ୍ଷର ସାରକୁ ନ୍ୟାୟାନୁମୋଦିତ ଭାବରେ ମାରିବାକୁ ହୁଏ ବୋଲି ଏହାର ନାମ ନ୍ୟାୟବଳ ।]

ନ୍ୟାୟବାନ୍—ସଂ. ବିଣ. ପୁଂ. (ନ୍ୟାୟ+ବତ୍; ୧ମା. ୧ବ)—
Nyāyabān ନ୍ୟାୟପରାୟଣ—Just; righteous.
(ନ୍ୟାୟବତୀ—ସ୍ତ୍ରୀ) (ନ୍ୟାୟବତ୍ତା—ବି).

ନ୍ୟାୟ ବିଗ୍ଭର—ସଂ. ବି. (ମ. ପ. ଲୋ; ନ୍ୟାୟାନୁମୋଦିତ ବିଗ୍ଭର)—
Nyāya bichāra ୧ । ଧର୍ମ ବିଗ୍ଭରଣା—1. Adjudication.
୨ । ଅପକ୍ଷପାତ ବିଗ୍ଭରଣା—2. Impartial adjudication.

ନ୍ୟାୟ ବିରୁଦ୍ଧ—ସଂ. ବି. (୩ୟା ତତ୍; ନ୍ୟାୟ+ବିରୁଦ୍ଧ)—୧ । ଅନ୍ୟାଯ୍ୟ—
Nyāya biruddha 1. Unfair; opposed to fairness.
(ନ୍ୟାୟ ବିରୋଧୀ—ଅନ୍ୟରୂପ) ୩ । ଅଯୌକ୍ତିକ— 3. Unreasonable; absurd; irrational.
୪ । ଅବୈଧ—4. Illegitimate; illegal.
(ନ୍ୟାୟବିରୁଦ୍ଧତା—ବି)

ନ୍ୟାୟ ବୁଦ୍ଧି—ସଂ. ବି. (ମ. ପ. ଲୋ. କର୍ମଧା ବା ୬ଷ୍ଠୀ ତତ୍; ନ୍ୟାୟ+
Nyāya buddhi ବୁଦ୍ଧି)—ନ୍ୟାୟାନ୍ୟାୟ ବୋଧଶକ୍ତି; ବିବେକ—
Conscience.

ନ୍ୟାୟରତ୍ନ—ଦେ. ବି.—୧ । ନ୍ୟାୟଶାସ୍ତ୍ର ପାରଦର୍ଶୀ ପଣ୍ଡିତଙ୍କୁ ପ୍ରଦତ୍ତ
Nyāya ratna ଉପାଧିବିଶେଷ—1. A title given to
ন্যায়রত্ন Sanskrit scholars for proficiency in
नयायरतन logic.
(ନ୍ୟାୟଭୂଷଣ, ନ୍ୟାୟାଲଙ୍କାର, ନ୍ୟାୟବାଗୀଶ, ନ୍ୟାୟତୀର୍ଥ—ଅନ୍ୟରୂପ)
୨ । ଶ୍ରେଷ୍ଠ ନୈୟାୟିକ—2. A master logician.

ନ୍ୟାୟ ଶାସ୍ତ୍ର—ସଂ. ବି.—୧ । ଗୌତମ ଋଷି ପ୍ରଣୀତ ତର୍କଶାସ୍ତ୍ରବିଶେଷ—
Nyāya śāstra 1. The Hindu philosophy started by sage Gautama.
୨ । ଯୁକ୍ତିଶାସ୍ତ୍ର—Logic; dialectics.

ନ୍ୟାୟଶୀଳ—ସଂ. ବିଣ. (ବହୁବ୍ରୀହି; ନ୍ୟାୟ+ଶୀଳ)—
Nyāyaśiḷa ନ୍ୟାୟପର (ଦେଖ)—Nyāyapara (See).
(ନ୍ୟାୟଶୀଳା—ସ୍ତ୍ରୀ) (ନ୍ୟାୟଶୀଳତା—ବି)

ନ୍ୟାୟସଙ୍ଗତ—ସଂ. ବିଣ. (୩ୟା ତତ୍; ନ୍ୟାୟ+ସଙ୍ଗତ)—୧ । ନ୍ୟାଯ୍ୟ;
Nyāya saṅgata ନ୍ୟାୟାନୁଗତ—1. Right; conform-
(ନ୍ୟାୟସମ୍ମତ—ଅନ୍ୟରୂପ) able to the rules of logic or the dictates of justice and equity.
୨ । ଯୁକ୍ତିଯୁକ୍ତ; ଯୁକ୍ତିସଙ୍ଗତ—1. Reasonable. equitable; rational

ନ୍ୟାୟ ସଭା—ସ. ବି.—୧ । ଅଦାଲତ—
Nyāya sabhā 1. Court of justice.
୨ । ପଞ୍ଚାଏତ ବିଗ୍ଭରସ୍ଥାନ—2. Court of arbitration.

ନ୍ୟାୟସାରୀ—ସଂ. ବିଣ. ପୁଂ. (ନ୍ୟାୟ+ସୃ ଧାତୁ+କର୍ତ୍ତୃ. ଇନ୍)—ନ୍ୟାୟ
Nyāyasārī ବା ଯୁକ୍ତିପୂର୍ବକ କାର୍ଯ୍ୟ କରିବା ବ୍ୟକ୍ତି—Acting
(ନ୍ୟାୟସାରିଣୀ—ସ୍ତ୍ରୀ) rightly, justly or reasonably.

ନ୍ୟାୟ ସୂତ୍ର—ସଂ. ବି. (୬ଷ୍ଠୀ ତତ୍; ନ୍ୟାୟ+ସୂତ୍ର)—ନ୍ୟାୟଶାସ୍ତ୍ରକଥିତ
Nyāya sūtra ଯୁକ୍ତିଯୁକ୍ତ ପଦ ବା ବାକ୍ୟ—Syllogism; logical proposition or aphorism.

ନ୍ୟାୟାଗତ—ସଂ. ବିଣ. (୩ୟା ତତ୍; ନ୍ୟାୟ+ଆଗତ)—ନ୍ୟାଯ୍ୟ—
Nyāyāgata Rational; equitable.

ନ୍ୟାୟାଗ୍ଭର—ସଂ. ବି (ମ. ପ. ଲୋ କର୍ମଧା; ନ୍ୟାୟାନୁଗତ ଆଗ୍ଭର)—
Nyāyāchāra ସଦାଗ୍ଭର; ଧର୍ମାଚରଣ—Virtuous course of action; good conduct.

ନ୍ୟାୟାଧିକରଣ—ସଂ. ବି. (୭ଷ୍ଠୀ ତତ୍; ନ୍ୟାୟ+ଅଧିକରଣ)—କୋର୍ଟ; Nyāyādhikaraṇa ଅଦାଲତ—A court of justice.

ନ୍ୟାୟାଧୀଶ—ସଂ. ବି. (୬ଷ୍ଠୀ ତତ୍; ନ୍ୟାୟ+ଅଧୀଶ) ବିଚାରପତି; ଜଜ- Nyāyādhīśa (ନ୍ୟାୟାଧିପତି—ଅନ୍ୟରୂପ) A judge.

ନ୍ୟାୟାନୁଗତ—ସଂ. ବିଣ. (୩ୟା ତତ୍; ନ୍ୟାୟ+ଅନୁଗତ)— Nyāyānugata ୧ । ଯୁକ୍ତିଯୁକ୍ତ—1. Rational; logical.
ନ୍ୟାୟାନୁମତ, ନ୍ୟାୟାନୁମୋଦିତ } ଅନ୍ୟରୂପ ୨ । ବିବେକସମ୍ମତ— 2. Conscientious.
୩ । ନ୍ୟାୟସମ୍ମତ—3. Conformable to the principles of justice, equity or logic.

ନ୍ୟାୟାନ୍ୟାୟ—ସଂ. ବି (ଦ୍ୱନ୍ଦ୍ୱ; ନ୍ୟାୟ+ଅନ୍ୟାୟ)—୧ । ନ୍ୟାୟ ଓ Nyāyānyāya ଅନ୍ୟାୟ—1. Right and wrong.
୨ । ବିଚାର ଓ ଅବିଚାର—2. Justice and injustice.
ବିଣ—ନ୍ୟାଯ୍ୟ ଓ ଅନ —Right & wrong.

ନ୍ୟାୟାଳୟ—ସଂ. ବି. (୬ଷ୍ଠୀ ତତ୍; ନ୍ୟାୟ+ଆଳୟ)—କଚେରି; Nyāyālaya ଅଦାଲତ—A court of justice.

ନ୍ୟାୟୀ—ସଂ. ବିଣ. ପୁଂ. (ନ୍ୟାୟ+ଅସ୍ତ୍ୟର୍ଥେ ଇନ୍; ୧ମା. ୧ବ.)— Nyāyī ୧ । ନ୍ୟାୟପର—1 Righteous; just.
(ନ୍ୟାୟିନୀ—ସ୍ତ୍ରୀ) ୨ । ନ୍ୟାୟକର୍ତ୍ତା—2. Doing justice

ନ୍ୟାୟୋପେତ—ସଂ. ବିଣ. ପୁଂ. (୩ୟା ତତ୍; ନ୍ୟାୟ+ଉପେତ= Nyāyopeta ଗତ; ପ୍ରାପ୍ତ)—ନ୍ୟାୟନିଷ୍ଠ—Righteous. (ନ୍ୟାୟୋପେତା—ସ୍ତ୍ରୀ)

ନ୍ୟାଯ୍ୟ—ସଂ. ବିଣ. (ନ୍ୟାୟ+ଅନପେତାର୍ଥେ. ଯ)—୧ । ନ୍ୟାୟସଙ୍ଗତ; Nyājya ଯୁକ୍ତିଯୁକ୍ତ—1. Reasonable; just; equitable, right
(ନ୍ୟାଯ୍ୟତା, ନ୍ୟାଯ୍ୟତ୍ୱ—ବି)
୨ । ଯଥାର୍ଥ—2. True.
୩ । ଯୋଗ୍ୟ—3. Fit.
୪ । ଉଚିତ—4. Proper.
୫ । ବୈଧ; ଆଇନସଙ୍ଗତ— 5. Legitimate; legal.
୬ । ଯାହା ନ୍ୟାୟ ବା ଆଇନଦ୍ୱାରା ଲଭ୍ୟ— 6. Legally recoverable or receivable

ନ୍ୟାଯ୍ୟ ଦାବି—ଦେ. ବି. (କଚେରିଆ)—ଆଇନ୍‌ସଙ୍ଗତ ଦାବି— Nyājya dābi Legitimate claim.

ନ୍ୟାଯ୍ୟ ଦେଏଣ(ଣା)—ଦେ. ବିଣ. (କଚେରିଆ)—ଯେଉଁ ଧନ ଆଇନ Nyājya de-eṇa(ṇā) ଅନୁସାରେ ଦେୟ ଅଟେ—
[ନ୍ୟାୟ ଦେୟ (ଣ)(ଣା)—ଅନ୍ୟରୂପ] Legally payable (due).
ଦେ. ବି. (କଚେରିଆ)—ଆଇନ ଅନୁସାରେ ଦେୟ ଧନ— Legally enforceable due

ନ୍ୟାଯ୍ୟ ପାଉଣା—ଦେ. ବି. (କଚେରିଆ)—ଆଇନଦ୍ୱାରା ଲଭ୍ୟ ପ୍ରାପ୍ୟ— Nyājya pāuṇā Legally recoverable dues; legitimate dues.
(ନ୍ୟାଯ୍ୟପ୍ରାପ୍ୟ—ଅନ୍ୟରୂପ)
ଦେ. ବିଣ. (କଚେରିଆ)—ଆଇନ ଅନୁସାରେ ଯାହା କୌଣସି ବ୍ୟକ୍ତିର ପ୍ରାପ୍ୟ—Legally due to a person.

ନ୍ୟାସ—ସଂ. ବି. (ନି+ଅସ୍ ଧାତୁ=କ୍ଷେପଣ କରିବା+ଭାବ. ଅ)— Nyāsa ୧ । ଅର୍ପଣ; ଉପାଜନ୍ତ; ସଂରକ୍ଷଣାର୍ଥ ଧନାଦି ଅର୍ପଣ—
1. Commitment; depositing; entrusting.
୨ । ସ୍ଥାପନ; ଥୋଇବା; ରଖିବା—
2. Setting down; placing.
୩ । ନିକ୍ଷେପ—3. Throwing.
୪ । ଶ୍ୱାସ-ପୂରଣ, ଧାରଣ ଓ ରେଚନପୂର୍ବକ ମନ୍ତ୍ରଜପ;ପୂରକ, କୁମ୍ଭକ ଓ ରେଚକପୂର୍ବକ ମନ୍ତ୍ରଜପ—
4. The act of repeating a formula while regulating the breath.
୫ । (+କର୍ମ. ଅ) ଗଚ୍ଛିତ ଦ୍ରବ୍ୟ—
5. A deposit; a pledge.
୬ । ବନ୍ଧକ ଦେବା—6. Mortgaging; pledging
୭ । ବନ୍ଧକ ଦିଆଯିବା ସମ୍ପତ୍ତି—
7. Mortgaged property; pledge; pawn.
୮ । ତ୍ୟାଗ; ବର୍ଜନ—
8. Abandonment; renunciation.
୯ । ମନରେ କୌଣସି ଭାବର ଦୃଢ଼ାଧିଷ୍ଠାନ; ଧାରଣା—
9. Mental impression; conviction.
୧୦ । ସନ୍ନ୍ୟାସ—10 Renunciation of the world.
୧୧ । (ସଙ୍ଗୀତ) ରାଗର ବିଶ୍ରାମକ ସ୍ୱର (ପ୍ରକୃତିବାଦ)—
11. (music) The tune which ends a musical air.
୧୨ । ପୂଜା କରିବା ସମୟରେ ତାନ୍ତ୍ରିକ ପଦ୍ଧତି ଅନୁସାରେ ମନ୍ତ୍ରପାଠପୂର୍ବକ ଦେବତାଙ୍କ ଭିନ୍ନ ଭିନ୍ନ ଅଙ୍ଗରେ (ଯଥା—କର, ହୃଦୟ, ଶିରଃ, ଶିଖା, କବଚ, ନେତ୍ରାଦି ଧ୍ୟାନପୂର୍ବକ ଭକ୍ତ ଅଙ୍ଗମାନଙ୍କରେ) ଭିନ୍ନ ଭିନ୍ନ ବର୍ଣ୍ଣ ସ୍ଥାପନ—
12. The symbolical placing of different letters in the different parts of the body of a Deity during esoteric worship.
୧୩ । ଯଥାସମୟରେ ପ୍ରତ୍ୟର୍ପିତ ହେବା ବା ବ୍ୟୟିତ ହେବାପାଇ କୌଣସି ବ୍ୟକ୍ତିଙ୍କଠାରେ ଅର୍ପିତ ଧନ—13. Deposit on trust for a particular purpose.
୧୪ । କୌଣସି ବାଧା ବା ରୋଗର ଶାନ୍ତ୍ୟର୍ଥେ ବାଧାଗ୍ରସ୍ତ ବା ରୋଗୀର ଭିନ୍ନ ଭିନ୍ନ ଅଙ୍ଗରେ ହସ୍ତ ସ୍ଥାପନପୂର୍ବକ ମନ୍ତ୍ରପାଠ (ହି. ଶ)—14. The act of reciting set formulae by touching the different parts of the body of a patient or a person affected by evil influence, to drive away the evil influence; the act of making hypnotic passes with the hand.
ଦେ. ବି - ପରମ୍ପରାଗତ ବ୍ୟବସ୍ଥା—Rule obtaining from time immemorial.

ବଧୂ ଅଧିକ କ ଶାସ୍ତ୍ରଠାବରୁ
ବୋଧ ତାକୁ ବାଣୀ ଏହୁ ନ୍ୟାସରୁ । ଉତ୍ତ. ବୈଦେହୀଶବିଳାସ ।

ନ୍ୟାସ ଧାରକ—ସ. ବି. ପୁଂ (ଉପପଦତତ୍; ନ୍ୟାସ+ଧାରକ)—
Nyāsa dhārka ୧ । ବନ୍ଧକଗ୍ରାହୀ—1. Mortgagee; pledgee.
(ନ୍ୟାସଧାରୀ, ନ୍ୟାସରକ୍ଷକ—ଅନ୍ୟରୂପ)
୨ । ଗଚ୍ଛିତବସ୍ତୁର ଜିମ୍ମାଦାର—
2. Trustee; a holder of a deposit.

ନ୍ୟାସ ଧାରଣ—ସ. ବି (୬ଷ୍ଠୀ ତତ୍; ନ୍ୟାସ+ଧାରଣ)—୧ । ଗଚ୍ଛିତ
Nyāsa dhārana ବସ୍ତୁର ସଂରକ୍ଷଣ—1. Holding in trust.
ନ୍ୟାସରକ୍ଷଣ, ନ୍ୟାସରକ୍ଷା } ଅନ୍ୟରୂପ
୨ । କୌଣସି ବସ୍ତୁକୁ ନ୍ୟାସରୂପେ ରଖିବା—2. Safe custody of a deposit; keeping in trust.

ନ୍ୟାସାପହ୍ନବ—ସ. ବି (୬ଷ୍ଠୀ ତତ୍; ନ୍ୟାସ+ଅପହ୍ନବ=ଅସ୍ୱୀକାର)—
Nyāsāpahnaba ୧ । ନ୍ୟାସର ଅସ୍ୱୀକାର—1. The denial of a deposit
(ନ୍ୟାସାପହ୍ନୁତି—ଅନ୍ୟରୂପ)
୨ । ନ୍ୟସ୍ତ ବସ୍ତୁ ବା ଧନର ଅପବ୍ୟବହାର—
2. Abuse of trust; breach of trust

ନ୍ୟାସିକ—ସ. ବି. ପୁଂ (ନ୍ୟାସ+କ; ଇ ଆଗମ)—
Nyāsika ୧ । ଗଚ୍ଛିତ ବସ୍ତୁ ବା ଧନର ରକ୍ଷକ—1. Trustee.
(ନ୍ୟାସିକା—ସ୍ତ୍ରୀ) ୨ । ବନ୍ଧକଗ୍ରହୀତା—2. Mortgagee.
୩ । ସନ୍ନ୍ୟାସୀ—3. A person who has renounced the world.
୪ । ନ୍ୟାସକାରୀ—4. A person who entrusts a thing with another.
ସ. ବିଣ—ଯାହା ନିକଟରେ ଗଚ୍ଛିତ ବସ୍ତୁ ରଖାଯାଏ—
Entrusted with a trust property.

ନ୍ୟାସିବା—ଦେ. (ପଦ୍ୟ) କ୍ରି (ସ. ନ୍ୟାସ)—୧ । (କଥା) ପ୍ରୟୋଗ
Nyāsiba କରିବା—To apply (words).
ন্যাসা
न्यसना
ବାଣୀ ନ୍ୟାସେ କେ ଅନ୍ୟାସେ ସେ ଭାରତୀ ଭଳ ଯେ ।
ରଷ୍ଟ, ବୈଦେହୀଶବିଳାସ ।
୨ । ଯଥା ସ୍ଥାନରେ ସନ୍ନିବେଶିତ କରିବା—
2. To place or adjust in the proper place
ପବନ ନ୍ୟାସି ସମୀରଣେ
ସେ କଳ୍ପ ଦେହାତ ଧାରଣେ । ଜଗନ୍ନାଥ, ଭାଗବତ ।
୩ । ଅର୍ପଣ କରିବା—3. To entrust.
ସେ ମୂର୍ତ୍ତି ଶରୀର ଧାରନେ
ନ୍ୟାସିବ ପରମକାରଣେ । ଜଗନ୍ନାଥ, ଭାଗବତ
୪ । ଦେବା; ଦାନ କରିବା—
4. To give; to make over.

ନ୍ୟାସୀ—ସ. ବି ଓ ବିଣ. ପୁଂ. (ନ୍ୟାସ+ଅସ୍ତ୍ୟର୍ଥେ ଇନ୍, ୧ମା. ୧ବ)—
Nyāsi ନ୍ୟାସିକ (ଦେଖ)—Nyāsika (See)
(ନ୍ୟାସିନୀ—ସ୍ତ୍ରୀ)

ନ୍ୟାହି—ଦେ. ବି—ନିହାଇ (ଦେଖ)
Nyāhi Nihāi (See)

ନ୍ୟୁବ୍ଜ—ସ. ବିଣ (ନି=ନ୍ୟୁବ୍ଦେଁ+ଉବ୍ଜ୍ ଧାତୁ=ସରଳ ହେବା+କର୍ତ୍ତୃ. ଅ)—୧ । ବଙ୍କା; ବକ୍ର—1. Crooked; bent.
Nyubja
(ନ୍ୟୁବ୍ଜା—ସ୍ତ୍ରୀ) ୨ । ଉପରଆଡ଼କୁ ବାଙ୍କିଥିବା ବା ଗୋଲ
(ନ୍ୟୁବ୍ଜତା—ବି) ହୋଇଥିବା—2. Bent upwards; convex.
୩ । ଅଧୋମୁଖ—3. Stooping; looking downwards.
୪ । ବକ୍ରୀକୃତ—4. Warped
୫ । ଓଲଟି ପଡ଼ିଥିବା—5. Reversed.
୬ । କୁଜା—6. Hump-backed; crook-backed.
ସ. ବି—୧ । ଡଟୁ; ଅଣକ—1. A ladle.
୨ । ଗୋଲାକାର ପଦାର୍ଥର ପିଠିଭାଗ—
2. The convex surface of a round thing.
୩ । କରମଙ୍ଗା (ଫଳ) (ଦେଖ)
3. Karamanga (fruit) (See)
୪ । କୁଶ—
4. A kind of sacrificial grass; Poa Cynosuroides.
୫ । ମାଳା (ହି. ଶ)—Rosary of beads.

ନ୍ୟୁବ୍ଜଦେହ—ସ. ବିଣ (ବହୁବ୍ରୀହି; ନ୍ୟୁବ୍ଜ+ଦେହ)—୧ । କୁଜା
Nyubjadeha ପିଠିଆ—1. Hump backed.
ନ୍ୟୁବ୍ଜଦେହା—ସ୍ତ୍ରୀ
ନ୍ୟୁବ୍ଜପୃଷ୍ଠ, ନ୍ୟୁବ୍ଜଦେହୀ—ଅନ୍ୟରୂପ
୨ । ଉପର ଆଡ଼କୁ କୁଜା—2. Convex.

ନ୍ୟୂନ—ସ. ବିଣ (ନି+ଊନ୍ ଧାତୁ=କମ୍ ହେବା+କର୍ତ୍ତୃ. ଅ)—
Nyūna ୧ । ଜଘନ୍ୟ—2. Vile; detestable.
(ନ୍ୟୂନା—ସ୍ତ୍ରୀ) ୨ । ହୀନ; ନୀଚ—2 Low; mean
(ନ୍ୟୂନତା, ନ୍ୟୂନତ୍ୱ—ବି) ୩ । ଅଳ୍ପ; କ୍ଷୁଦ୍ର—3. Small; little.
୪ । ଅଭାବଯୁକ୍ତ—4. Deficient.
୫ । ଅଭାବଗ୍ରସ୍ତ; କମତି—5 Wanting; deficient
୬ । ଅଳ୍ପତର—6. Less.

ନ୍ୟୂନକଳ୍ପେ—ଦେ. କ୍ରି. ବିଣ—୧ । ନିତାନ୍ତ ପକ୍ଷରେ; ଅନ୍ତ କମରେ—
Nyūnakalpe 1. At the least computation.
न्यूनकल्पे; न्यूनपक्षे ୨ । ଅତି କ୍ଷୁଦ୍ରଭାବରେ—
कमसे कम 2. On a small scale.
(ନ୍ୟୂନକଳ୍ପରେ; ନ୍ୟୂନପକ୍ଷରେ, ନ୍ୟୂନପକ୍ଷେ—ଅନ୍ୟରୂପ)

ନ୍ୟୂନଧୀ—ସ. ବିଣ. (ବହୁବ୍ରୀହି; ନ୍ୟୂନ+ଧୀ)—୧ । ଅଜ୍ଞ—
Nyūnadhi 1. Ignorant.
୨ । ହୀନବୁଦ୍ଧିଆ—2. Lowminded; ignoble.

ନ୍ୟୂନପଞ୍ଚାଶଦ୍ଭାବ—ସ. ବିଣ—୧ । ଊନପଞ୍ଚାଶତ୍ ବାୟୁଗ୍ରସ୍ତ; ପାଗଳ;
Nyūnapanchāśadbhāba ବାତୁଳ—1. Mad; lunatic.
୨ । ହତଜ୍ଞାନ—2. Idiotic; stupid.

ନ୍ୟୂନାଙ୍ଗ—ସ. ବିଣ. ପୁଂ. (ବହୁବ୍ରୀହି; ନ୍ୟୂନ+ଅଙ୍ଗ)—ବିକଳାଙ୍ଗ—
Nyūnānga (ନ୍ୟୂନାଙ୍ଗୀ—ସ୍ତ୍ରୀ) Maimed; mutilated.

ନ୍ୟୂନାତିରିକ୍ତ—ସ. ବିଣ. (କର୍ମଧା; ନ୍ୟୂନ+ଅତିରିକ୍ତ)—ଅଳ୍ପାଧିକ;
Nyūnātirikta କମ ବେଶୀ; ଅଳ୍ପ ବହୁତ—More or less.
ବିଣ ର ବିଣ—ପ୍ରାୟ—Nearly; almost; about.

ନ୍ୟୂନାତିରେକ—ସଂ. ବି. (ନ୍ୟୂନ+ଅତିରେକ)—ସାମାନ୍ୟରେ କମ ବେଶୀ ଅବସ୍ଥା; ଅଳ୍ପାଧିକ୍ୟ; କମ ବେଶୀ; ତାରତମ୍ୟ—Deficiency or excess; desparity.
Nyūnātireka

ନ୍ୟୂନାଧିକ—ସଂ. ବିଣ. (ନ୍ୟୂନ+ଅଧିକ)—ନ୍ୟୂନାତିରିକ୍ତ (ଦେଖ) Nyūnātirikta (See)
Nyūnādhika

ନ୍ୟୂନାଧିକ୍ୟ—ସଂ. ବି. (ନ୍ୟୂନ+ଆଧିକ୍ୟ)—ନ୍ୟୂନାତିରେକ (ଦେଖ) Nyūnātireka (See)
Nyūnādhikya

ନ୍ୟୂନେନ୍ଦ୍ରିୟ—ସଂ. ବିଣ. ପୁଂ. (ବହୁବ୍ରୀହି; ନ୍ୟୂନ+ଇନ୍ଦ୍ରିୟ)—ବିକଳେନ୍ଦ୍ରିୟ; ଯାହାର କେତେକ ଇନ୍ଦ୍ରିୟ ନାହିଁ—Deprived of some organs; wanting some of the organs.
Nyūnendriya
(ନ୍ୟୂନେନ୍ଦ୍ରିୟତା—ବି)
(ନ୍ୟୂନେନ୍ଦ୍ରିୟା—ସ୍ତ୍ରୀ)

ପ

ପ—ଏକବିଂଶ ବ୍ୟଞ୍ଜନବର୍ଣ୍ଣ; 'ପ' ବର୍ଗର ପ୍ରଥମ ବର୍ଣ୍ଣ—The 21st consonant of the alphabet corresponding to 'P'.
Pa

[ଦ୍ର—ଏହାର ଉଚ୍ଚାରଣ ସ୍ଥାନ ଓଷ୍ଠ । ଏଥିପାଇଁ ଏହାକୁ ଓଷ୍ଠ୍ୟ ବର୍ଣ୍ଣ ବୋଲାଯାଏ । ଏହା ଦୁଇ ଓଷ୍ଠ ସାହାଯ୍ୟରେ ଉଚ୍ଚାରିତ ହୁଏ । ଏହାକୁ ସ୍ପର୍ଶ ବର୍ଣ୍ଣ ବୋଲାଯାଏ ।]

ସଂ. ବି. (ପା ଧାତୁ=ପାଳନ କରିବା+କର୍ତ୍ତୃ. ଅ)—

୧ । ରାଜା—1. King.

୨ । ରାଜପୁତ୍ର—2. Prince.

୩ । ଶାସ୍ତା; ଶାସନକର୍ତ୍ତା—3. Ruler.

୪ । (ପତ୍ ଧାତୁ=ପଡ଼ିବା+କର୍ତ୍ତୃ. ଅ)—୧ । ବାୟୁ—4. Air.

୫ । ଅଣ୍ଡ—5. Egg.

୬ । (ପା ଧାତୁ=ପାନ କରିବା+ଭାବ. ଅ) ପାନ—6. Drinking.

୭ । (+କରଣ. ଅ) ପାତ୍ର—7. Vessel.

୮ । ରକ୍ଷା—8 Protection.

(ପା—ସ୍ତ୍ରୀ) [ଦ୍ର—ଏହା ଅନ୍ୟ ଶବ୍ଦ ପରେ ପଦାଂଶରୂପେ ବ୍ୟବହୃତ ହୋଇ ପୁଂଲିଙ୍ଗ ବିଶେଷଣ ଶବ୍ଦ ହୋଇ ନିମ୍ନଲିଖିତ ଅର୍ଥ ପ୍ରକାଶ କରେ—୧. ଯେ ପାନ କରେ (ଯଥା—ମଧୁପ, ଦ୍ୱିପ, ପାଦପ); ୨. ଯେ ପାଳନ କରେ ବା ରକ୍ଷା କରେ (ଯଥା—ଗୋପ, ନୃପ, ଭୂପ ।]

ଦେ. ବି—ପଅ (ଦେଖ)—Pa-a (See)

ପଅ—ଦେ. ବି. (ସଂ. ପାଦ)—ପୁଅ; ପଶାଖେଳରେ କାଠିରେ ପଡ଼ିବା ଏକସଂଖ୍ୟକ ଦାନ—The turn of dice representing the number 1 (one).
Pa-a
ପোয়া
পঅ (ଯଥା—ପଅ ବାଆର=୧+୧୨=୧୩ ।)

ପଅଁ—ଦେ. ଅ (ଧ୍ୱନ୍ୟନୁକରଣ)—ପଁ (ଦେଖ) Paṅ (See)
Pa-an̄ (ପଅଁ ପଅଁ—ଅନ୍ୟରୂପ)

ପଅଁଜମ୍—ବୈଦେ. ବି. (ଫା) ପାଉଁଜମ୍ (ଦେଖ) Pāun̄jam (See)
Pa-an̄jam

ପଅଁତିଶ(ଶି)—ଦେ. ବି. ଓ ବିଣ. (ସଂଖ୍ୟାବାଚକ) —ପଇଁତିରିଶ (ଦେଖ) Pain̄tiriśa (See)
Pa an̄tisa śi)
(ପଅଁତିରିଶ[ଶି], ପଅଁତିଶ[ଶି] ଅନ୍ୟରୂପ)

ପଅଁତିଶାଶଏ(ହେ)—ଦେ. ବି ଓ ବିଣ (ସଂଖ୍ୟାବାଚକ)—ଏକଶତ ପଞ୍ଚତିରିଶ—One hundred thirtyfive
Pa-an̄tiśāśae(he)
[ପଅଁତିରିଶାଶଏ(ହେ); ପଅଁତିଶାଶଏ(ହେ)—ଅନ୍ୟରୂପ]

ପଅଁରା (ଇତ୍ୟାଦି)—ଦେ. ବି—ପହଁରା ଇତ୍ୟାଦି (ଦେଖ) Pahan̄rā etc (See)
Pa-an̄rā (etc)

ପଅଁରି—ପ୍ରାଦେ. (ସମ୍ବଲପୁର) ବି (ତୁଳ. ହି. ପୈଞ୍ଜି) —ଗୋଡ଼ର ବଳା—Anklet.
Pa-an̄ri

ପଅଁଷଠାଶଏ(ହେ)—ଦେ. ବି ଓ ବିଣ. (ସଂ. ପଞ୍ଚଷଷ୍ଟ୍ୟୁତ୍ତରଶତ)—ଏକଶ ପଅଁଷଠୀ; ୧୬୫—One hundred and sixty five.
Pa-an̄shaṭhāśae(he)

ପଅଁଷଠୀ—ଦେ. ବି ଓ ବିଣ (ସଂଖ୍ୟାବାଚକ; ସଂ. ପଞ୍ଚଷଷ୍ଟି; ପ୍ରା. ପଞ୍ଚସଠ୍ଠି)—ଷାଠିଏ ଅପେକ୍ଷା ୫ ଊର୍ଦ୍ଧ୍ୱ ସଂଖ୍ୟା; ୬୫—Sixty five; 65.
Pa-an̄shaṭhi
পয়ঁষঠি **पैंसठ** (ପଁଷଠୀ—ଅନ୍ୟରୂପ)

ପଅଣ୍ଡ—ଦେ. ବି—ପରଣ୍ଡ (ଦେଖ) Paranda (See)
Pa-anda

ପଅ ଫାଟିବା—ପ୍ରାଦେ. (ଯାଜପୁର) ବି.—ଫସର ଫାଟିବା—Daybreak; dawn
Pa-a phāṭiba

ପଅ ବାଆର—ଦେ. ବି. (ସଂ. ପାଦ)—୧ । ପଶାଖେଳର କାଠିରେ ପଡ଼ିବା ୧୩ ସଂଖ୍ୟକ ଦାନ—1. The turn of dice resulting in 13.
Pa-a bā-āra
পোয়াবার, পঅ'বার; প'বার
पऔबार [ଦ୍ର—୩ଖଣ୍ଡ ପଶାକାଠି ମଧ୍ୟରୁ ଏକ ଖଣ୍ଡରେ '୧' ଏବଂ ଅନ୍ୟ ଦୁଇଖଣ୍ଡର ପ୍ରତ୍ୟେକରେ '୬' ଦାନ ପଡ଼ିଲେ ପଅ ବାଆର ହୁଏ । ଏପରି ଦାନ ସହଜରେ ପଡ଼େ ନାହିଁ ।]

ପଅବାର, ପ ବାର, ପହବାର, ପୁଅବାର ପୋବାଆର, ପୋବାର } ଅନ୍ୟରୂପ

୨ । (ଲକ୍ଷଣାର୍ଥ) ଆନନ୍ଦର ସମୟ; ସୌଭାଗ୍ୟବେଳ; ସୁଯୋଗ; ମଉଜ ମଜଲିସର ବେଳ—2 A good opportunity; a time of merriment or joy.
(ଯଥା ଅବଧାନେ ଆଜ ଗାଆଁକୁ ଯାଇଛନ୍ତି ବୋଲି ପିଲାଙ୍କ ପଅ ବାଆର ପଡ଼ିଛି ।)

ପଅରଦିନ—ଦେ. ବି. (ସଂ. ପରେଦ୍ୟୁଃ)—ପରଶୁ; ଗତ କାଲିର ପୂର୍ବ ଦିନ ଓ ଆଗାମୀ କାଲିର ପର ଦିନ—Day after tomorrow; day before yesterday.
Pa-aradina
পরশু **परसों**
(ପଅରଦିନ—ଅନ୍ୟରୂପ) ମୋ ବାଇଧନ ! ପିଠା କରିଦେବ ପଅରଦିନ—କେତେକାଳ ଥିବୁ କା ଗାଁରେ ।

ସାଧାରଣ ଜେବେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ କ୍ରମଭେଦ ରକ୍ଷା କରନ୍ତୁ ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, 'କୃଷ' ନ ମିଳିଲେ 'କୃଷି' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଦ୍ଧ ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

ପଇ—ଦେ. ବ. (ସଂ. ପ୍ରଧି)—୧ । ପହି; ଶଗଡ଼ଚକର ପରିଧିକୁ ଘେରି ଥିବା ଲୌହମୟ ବଳୟ—1. The iron-ring surrounding the rim of a cart.
Pai
ସାମା
पहिएका घुरा, पहिया ୨ । ଶଗଡ଼ ଚକର ପରିଧିରେ ଯୋଡ଼ା ହୋଇଥିବା କାଠ ଖଣ୍ଡମାନ; ନେମି—2. The wooden arcs forming the circumference of a wheel.
୩ । ଶଗଡ଼ ଚକଦ୍ୱାରା ଭୂମିରେ ଅଙ୍କିତ ରେଖା—3. The track or mark left by the wheels of a cart; cart-track.
ବଡ଼ଆଳ ୪ । (ସଂ. ପରିଧି) କ୍ଷେତର ଶସ୍ୟ ପାଖେ ଦିଆ ଯିବା ମାଟିର ଉଚ୍ଚ ହିଡ଼—4. A high wall of earth raised round a field with crops in it.
मेंड़ो

ପଇଆ—ଦେ. ବ (ସଂ. ପରିଧି)—ଶଗଡ଼ ଚକ—Cart wheel; the whole circumference of the wheel.
Paiā
ଚାକା (ପୈଆ; ପହିଆ—ଅନ୍ୟରୂପ)

ପଇଆ ମାରିବା—ଦେ. କ୍ରି.—ଶଗଡ଼ର ଚକ ପଙ୍କରେ ଲାଗି ଗଲେ ଓ ବଳଦ ଥକି ଗଲେ ଶଗଡ଼କୁ ଚଲାଇବା ନିମନ୍ତେ ଚକର ପରିଧିକୁ ହାତଦ୍ୱାରା ଠେଲିବା—To push on a cart by applying the hands to the wheel.
Paiā māriba
ଚାକାଠେଲା
पहिया मारना
(ପଇଆ ଠେଲିବା—ଅନ୍ୟରୂପ)

ପଇ ଆମ୍ବଗଛ—ପ୍ରାଦେ. (ଗଞ୍ଜାମ)—ବ.—କଲମୀ ଅମ୍ବଗଛ—Mango graft.
Pai āmba gachha

ପଇ ଉଠା(ଠେ)ଇବା—ଦେ. କ୍ରି.—କ୍ଷେତର ଶସ୍ୟ ପାଖେ ମାଟିର ଢେକା ଦ୍ୱାରା ବାଡ଼ କରିବା—To raise a wall or high ridge of sods round a field.
Pai uthā(the)iba
ଆଲ ଦେଓୟା
(ପଇ ଟେକିବା, ପଇ ଦେବା; ପଇ ବସା[ସେ]ଇବ—ଅନ୍ୟରୂପ)

ପଇଁଚାଳିଶ(ଶି) (ଇତ୍ୟାଦି)—ଦେ.ବ. ଓ ବିଣ.—ପଇଞ୍ଚାଳିଶ ଇତ୍ୟାଦି (ଦେଖ)
Paiñchā lisa(si) (etc) Paiñchālisa etc (See)

ପଇଁତିରିଶ(ଶି)—ଦେ. ବ. ଓ ବିଣ. (ସଂଖ୍ୟାବାଚକ) (ସଂ. ପଞ୍ଚତ୍ରିଂଶ; ପ୍ରା. ପଞ୍ଚତ୍ତିଂସ୍)—ତିରିଶ ଅପେକ୍ଷା ୫ ଊର୍ଦ୍ଧ୍ୱ ସଂଖ୍ୟା; ୩୫ ସଂଖ୍ୟା—35; Thirty five.
Paiñtirisa(si)
पयँत्रिश पँतीश
ପଇଁତ୍ରିଶ(ଶି),ପଞ୍ଚତିରିଶ(ଶି)ପୈଁତିଶ, ପୈଁତିରିଶ(ଶି), ପୈଁତିଶ, ପଇଁତିଶ(ଶି) } ଅନ୍ୟରୂପ

ପଇଁତିରିଶାଶଏ(ହେ)—ଦେ. ବ. ଓ ବିଣ. (ସଂଖ୍ୟାବାଚକ; ସଂ. ପଞ୍ଚତ୍ରିଂଶୋତ୍ତରଶତ)—ଏକ ଶତ ପଇଁତିରିଶ; ୧୩୫—135; One hundred and thirtyfive.
Paiñ tirisā sae(he)
[ପଇଁତିଶାଶଏ(ହେ]—ଅନ୍ୟରୂପ)
(ଯଥା—ପଦର ନୁଆଁ ପଇଁତିରଶାଶହେ ପଣ ଆଠ କାହାଣ ସାତପଣ—ପଣିକିଆ; ଏହିପରି ପଇଁତିରଶା ଦୁଇଶ (ଶ;ଶଅ;ଶହ.) =୨୩୫)

ପଇଁରି—ପ୍ରାଦେ. (ସମ୍ବଲପୁର) ବ.—ପଅଁରି (ଦେଖ)
Paiñri Pa-añri. (See)

ପଇକାର(ରୀ)—ବୈଦେ. ବ. (ଫା. ପୈକାର୍)—କୋଗ୍ ବିକ୍ରି କରିବା ବେପାରୀ; ଯେଉଁ ବେପାରୀ ବଡ଼ ମହାଜନ ଠାରୁ ସଉଦା ଆଣି ଗ୍ରାହକମାନଙ୍କୁ ଅଳ୍ପ ଅଳ୍ପ ପରିମାଣରେ ବିକ୍ରି କରେ—1. Retail trader; a hawker trading in retail.
Paikār (rī)
ପାଇକାରି
पँकार(री)
(ପଇକାରିଆ—ଅନ୍ୟରୂପ)
୨ । ଅଳ୍ପ ମୂଳ ଧନ ବାଲା ବେପାରୀ—2. A petty trader.
ଦେ. ବିଣ.—କୋଗ୍ ବିକ୍ରି ସମ୍ବନ୍ଧୀୟ—Relating to retail sale or trade.

ପଇକାରି—ବୈଦେ. ବ. (ଫା. ପୈକାରୀ)—୧ । କୋଗ୍ ବିକ୍ରି; ପଣ୍ୟଦ୍ରବ୍ୟର ଅଳ୍ପ ଅଳ୍ପ ପରିମାଣରେ ବିକ୍ରୟ—1. Retail sale or trade.
Paikāri
ପାଇକାରୀ; ପଇକାରୀ **पँकारी**
(ପଇକାରିଆ—ଅନ୍ୟରୂପ) ୨ । ଯେଉଁ ପ୍ରଜା ଅନ୍ୟର ଜମିକୁ ଭାଗରେ ଚାଷ କରେ—2. A royat holding another person's land on half of the produce rent

ପଇକାସ୍ତ—ବୈଦେ. ବ. (କଚେରିଆ) (ଫା. ପୈକାସ୍ତ୍)—ପାହି ରଇତ; ଆପଣା ନିବାସ ମଉଜା ଛଡ଼ା ଅନ୍ୟ ମଉଜାରେ ଜମି ଚାଷ କରିବା ପ୍ରଜା—A non-resident royat.
Paikāsta
पयकास्त पँकास्त

ପଇଖାନା—ବୈଦେ. ବ. (ଫା. ପାଖାନା; ପାୟଖାନା)—୧ । ପାଇଖାନା; ମଳ ତ୍ୟାଗର ସ୍ଥାନ—1. Latrine; privy.
Paikhānā
ପାୟଖାନା
୨ । ଝାଡ଼ା ଫେରିବା—2. Passing of stools
पाखाना, पायखाना, पँखाना
(ଯଥା—ପଇଖାନାକୁ ଯିବା ।)
୩ । ମଳ; ବିଷ୍ଠା—3. Ordure; stools
(ଯଥା— ପଇଖାନା ଫେରିବା ।)

ପଇଖାନାକୁ ଯିବା—ଦେ. କ୍ରି.—୧ । ଝାଡ଼ା ଫେରିବାକୁ ଯିବା—To go to the latrine to ease oneself.
Paikhānā ku jibā
ପାୟଖାନାୟ ଯାଓୟା **पाखाना फिरना**
୨ । ଝାଡ଼ା ଫେରିବା—2. To ease one self.
(ପାଇଖାନା ଫେରିବା—ଅନ୍ୟରୂପ)

ପଇଖାନା ଖଟିବା—ଦେ. କ୍ରି.—(ମେହେନ୍ତର ବା ମେହେନ୍ତରାଣୀ) ପାଇଖାନାର ବିଷ୍ଠା ଆଦି ସଫା କରିବା—To cleanse a privy.
Paikhānā khatibā
ପାୟଖାନା ସାଫ କରା **पाखाना साफ करना**
(ପଇଖାନା ସଫା [ସାଫ୍] କରିବା ଅନ୍ୟରୂପ)

ପଇଖାନା ତଲବ—ବୈଦେ. ବ. (ଫା)—ମଳୋତ୍ସର୍ଗର ବେଗ—A tendency to pass stools; call of nature.
Paikhānā talaba
ପାୟଖାନା ତଲବ **पाखाना लगना**

ପଇଖାନା ପରିସ୍ରା—ଦେ. ବ (ଫା. ପାଖାନା ଓ ସଂ. ପ୍ରସ୍ରାବ)—୧ । ମଳ ତ୍ୟାଗ ଓ ପ୍ରସ୍ରାବ ତ୍ୟାଗ—1. Passing of stools and urine.
Paikhānā parisrā
ପାୟଖାନା ପିସାବ
पाखाना पेसाब ୨ । ମଳ ଓ ପରିସ୍ରା—2. Stools and urine.

ପଇଗମ୍ବର—ବୈଦେ. ବ. (ଫା)—ପଏଗମ୍ବର୍ (ଦେଖ)
Paigambar Paegambar. (See)

୧	ଈ	ଜ	ର୍‌,ର୍ଭ	୮	ଏ	ସ୍ୱର ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଝ	କ୍ଷ	ଷ,ଶ	ଙ୍କ	ଇଯ୍	ଉ୍ୱ	ଈ
୨	ଈ	ଉ	ଭ୍ର	ନ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ୍ୱ	ଙ୍ୟ	ଇଥ	●	ନ୍

ପଇଚଲ୍ଲ—ପ୍ରାଦେ. (ହିନ୍ଦୋଲ) ବ—କନଲ; ଶଗଡ଼ ଦଣ୍ଡାର ଶେଷ ଫଳ-
Paichalā — The uttermost long bit of wood joining the hind ends of the poles of a cart.

ପ(ପା)ଇଚାରି କରିବା—ଦେ. କ୍ରି. (ସଂ. ପାଦଚାରୀ)—
Paipaichāri kariba — ଗୋଡ଼ରେ ଚାଲିବା; ପାଦଚାରଣକରିବା—
ପାଇଚାରୀ କରା — **दल चलना** To walk on foot.

ଜୁ—ବୈଦେ. ବ. (ଫା. ପୈଜାର)—
Paijār — ୧ । ଜୋତା—1. Shoes.
ପୟଜାର **पैज़ार** — ୨ । ଚଟି ଜୋତା—2. Slippers.

ପଇଞ୍ଚ(ଞ୍ଚି)—ଦେ. ବ. (ସଂ. ପ୍ରକୋଷ୍ଠ=ହାତର ମଣିବନ୍ଧ ବା କଚଟି)—
Paiñcha(ñchi) — ପହୁଞ୍ଚି; ଏକ ପ୍ରକାର ଖଡ଼ୁ—
ପଇଁଚ(ଚି), ପଉଞ୍ଚି, ପହୁଁଚ, ପୈଞ୍ଚି } ଅନ୍ୟରୂପ — A kind of bracelet.
ପଇଛା, ପଇଁଛା(ଛୀ) — କଚଟିରେ ପଡେ ଖଡ଼ୁ କ ଭଲ ବାହାରଲେ ବାହାମାନଙ୍କ ହେଉଛ ।
पौंछी, पहुँची, पहुँचा — କୃଷ୍ଣସିଂହ ମହାଭାରତ ବନପ ।

ପଇଞ୍ଚାଳିଶ(ଶି)—ଦେ. ବ ଓ ବଣ. (ସଂଖ୍ୟାବାଚକ) (ସଂ. ପଞ୍ଚଚତ୍ୱା-
Paiñchaḷisa(si) — ରିଂଶତ୍; ପ୍ରା. ପଞ୍ଚଚତ୍ତାଲିସଇ; ପଞ୍ଚଚାଳିସା)—
ପୟ୍‌ତାଲିସ — ଚାଳିଶ ଅପେକ୍ଷା ପାଞ୍ଚ ଅଧିକ; ୪୫—
पैँतालिस — Forty five, 45.

ପଇଞ୍ଚାଳିଶାଶଏ(ହେ)—ଦେ. ବ ଓ ବଣ. (ସଂଖ୍ୟାବାଚକ)
Paiñchāḷisāsae(he) — (ସଂ. ପଞ୍ଚଚତ୍ୱାରିଂଶଦ୍ଭ୍ୟଧିକଶତ)—
ଏକ ଶହ ପଇଞ୍ଚାଳିଶ; ୧୪୫ —
One hundred forty five, 145.
(ଏହିପରି ପଇଞ୍ଚାଳିଶାଦୁଇଶ=ଦୁଇଶ ପଇଞ୍ଚାଳିଶ; ୨୪୫)

ପଇଞ୍ଚେଇବା—ପ୍ରାଦେ. (ସିଂହଭୂମ) କ୍ରି—ଖଇଞ୍ଚେଇବା; ମାଛ ଆଦ
Paiñcheiba — ଧରିବା ପାଇଁ ପାଣିରେ ଖଇଞ୍ଚ ଚଳାଇବା—
To stir a fishing contrivance or trap in water for catching fish.

ପଇଟ—ଦେ. ବ. (ସଂ. ପୁନରାବୃତ୍ତ; ସଂ. ପ୍ରବିଷ୍ଟ) –
Paiṭa — (କୌଣସି ପାଠ ବା ବିଦ୍ୟା) ମୁଖସ୍ଥ ହେବା—
ମୁଖସ୍ଥ — The state of being got by heart or
पइठ, बरजबान — committed to memory.
ଦେ. ବଣ— ମୁଖସ୍ଥ; କଣ୍ଠସ୍ଥ—Learnt or got by heart.

ପଇଟା—ଦେ. ବ (ସଂ. ପୁନରାବୃତ୍ତି)—ପୁନରାବୃତ୍ତି; ମୁଖସ୍ଥୀକରଣ —
Paiṭā — Getting by heart.
(ପଇଠା, ପୈଠା—ଅନ୍ୟରୂପ) ବଣ—ମୁଖସ୍ଥ—Got by heart; learnt by rote.
ମୁଖସ୍ଥ **पइठ**

ପଇଟା(ଟେ)ଇବା—ଦେ. କ୍ରି. (ସଂ. ପୁନରାବୃତ୍ତି)—୧ । ମୁଖସ୍ଥ କରିବା—
Paiṭā(ṭe)iba — 1. To get by heart; to commit to memory; to learn by rote.
ପଇଠାଇବା, ପେଟାଇବା, ପୈଠାଇବା } ଅନ୍ୟରୂପ — ୨ । କୌଣସି ପାଠକୁ ବାରମ୍ବାର ଘୋଷିବା—
ମୁଖସ୍ଥକରା **पइठाना** — 2. To go on reading a passage till it is mastered.

ପଇଟିଣ୍(ନ୍)—ବୈଦେ. ବ. (ଇଂ. Pointing ପଏଣ୍ଟିଙ୍ଗ୍)—
Paiṭiṇ(n) — କାନ୍ଥର ଇଟା ଉପରେ ବଡ଼ାକ୍ ଚୂନ ପଲସ୍ତରା ନ କରି ଇଟା ବା ପଥରର ସନ୍ଧି ରେଖା ଗୁଡ଼ିକ ଚୂନ ବା ସିମେଣ୍ଟ ଦ୍ୱାରା ପରିଷ୍କାର ଭାବରେ ଦେଖାଇବା କର୍ମ—
ପଇଟିଣି, ପଇଟିନ୍, ପେଟିନ୍ } ଅନ୍ୟରୂପ
ପଏଣ୍ଟିଙ୍ଗ୍ **टीपकारी** — The act of 'pointing' the edges of the bricks or stones in a brick or stone masonry.

ପଇଟିବା—ଦେ. କ୍ରି. (ସଂ. ପ୍ରବିଷ୍ଟ) – ୧ । ମୁଖସ୍ଥ ହେବା—
Paiṭiba — 1. To be committed to memory; to be got by heart.
(ପଇଠିବା— ଅନ୍ୟରୂପ)
ମୁଖସ୍ଥ ହଓଆ — ୨ । (କୌଣସି ବିଦ୍ୟା) ଆୟତ୍ତ ହେବା —
बरजबान होना, पइठजाना — 2. To come under one's control, so that one can recite the passage; to be mastered.
ମନେ ଆସା — ୩ । (ଘୋଷିଥିବା ବିଷୟ) ସ୍ମୃତିପଥାରୂଢ଼ ହେବା —
(ପଇଟିଯିବା - ଅନ୍ୟରୂପ) — 3. To be remembered, to occur to one's memory.
(ଯଥା—ଶ୍ଳୋକଟି ମତେ ପଇଟୁ ନାହିଁ ।)

ପଇଠ—ଦେ. ବ. (ସଂ. ପୀଠ; ପୃଷ୍ଠ) —୧ । କର ପୃଷ୍ଠ; ହାତ ପାପୁଲି—
Paiṭha — 1. The back of the palm.
ହାତେର ପିଠ — ୨ । ହାତର ତଳକୁ କୌଣସି ସ୍ଥାନରେ ସ୍ଥାପନ କରି
हथेलीकि पीछे भाग — କର ପୃଷ୍ଠକୁ ଉପର ଆଡ଼କୁ ରଖିବା—
ପଇଟ, ପୈଠ, ପଇଠି, ପଏଠ, ପୈଠି } ଅନ୍ୟରୂପ — 2. Placing of the palm of the hand on a place with its back upwards.
পৈঠান, দাখল
जमा, दाखिल — ୩ । (ସଂ. ପ୍ରବିଷ୍ଟ, ପ୍ରା. ପାଇଠୁ; ଭୁଲ. ଫା. ପଏଠ)
(ଧନ ବା ବସ୍ତୁର) ଦାଖଲ—
3. Paying; depositing; delivering.
୪ । ମହାଜନୀ ଖାତାର ଯେଉଁ ଅଂଶରେ ଅନ୍ୟ ବ୍ୟକ୍ତି ଦେବା ଟଙ୍କା ବା ଜମା ଲେଖାଯାଏ—4. The credit side of a business-account.
୫ । ଖାତକର ମହାଜନକୁ ଦେବା ଧନ—5. Payments made to a creditor or trader by a debtor.
୬ । ଟଙ୍କା ଦେବାର ଥର; କିସ୍ତି—
6 Instalment of payment of money
[ଦ୍ର—ମହାଜନମାନଙ୍କଠାରୁ ଖରିଦବାର ଯେଉଁ ପଦାର୍ଥ ବା ଧନ ନିଏ ତାହା 'ବସ୍ତୁ' ବା 'ବଏ'—ଏବଂ ସେ ଯାହା ଧନ ଦିଏ ତାହା 'ପଇଠ' ଘରେ ଲେଖାଯାଏ ।]
୭ । ପଇଟ (ଦେଖ)—7. Paiṭa (See)
ବଣ —୧ । ମୁଖସ୍ଥ—1. Got by heart; learnt by rote.

୨ । ଦାଖଲ କରି ଯାଇଥିବା—
2. Paid; handed over; delivered.

ପଇଠ କରିବା— ଦେ. କ୍ରି—(ସ. ପ୍ରବିଷ୍ଟ)—୧ । ଦାଖଲ କରିବା—
Paitha kariba 1. To make payment.
पैठान ୨ । ଅନ୍ୟ ବ୍ୟକ୍ତି ନିକଟରେ ପହଞ୍ଚାଇବା; ଅର୍ପଣ କରିବା —
दाखलकरना; जमाकरना 2. To deliver.
(ପଏଠ କରିବା–ଅନ୍ୟରୂପ) (ଯଥା–ଟ୍ରେଜେରିରେ ଖଜଣା ପଇଠ କରିବା)
मुखस्थकरना ୩ । ମୁଖସ୍ଥ କରିବା; କଣ୍ଠସ୍ଥ କରିବା—
बरजबानकरना, पइठाना 3. To get by heart.

ପଇଠ ଦେବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତି ନିକଟରେ ଧନ ବା ବସ୍ତୁ
Paitha debā ପହଞ୍ଚାଇବା—1. To pay or deliver a
पैठान thing or money to a person.
जमादेना, दाखलदेना ୨ । (ଖାତକ) ଋଣ କାଗଜର ପୃଷ୍ଠରେ
[ପଇଠ ପକା(କେ)ଇବା—ଅନ୍ୟରୂପ] ମହାଜନ ନିକଟରେ ଦାଖଲ
କରିଥିବା ଋଣ ବାବଦ୍ ଟଙ୍କା ବା ଧାନର ପରିମାଣ
ଉଲ୍ଲେଖ କରିବା —2. To endorse the part-payment of a loan on the back of a bond.

ପଇଠ ନେବା—ଦେ. କ୍ରି—ଅନ୍ୟ ବ୍ୟକ୍ତିଠାରୁ ଧନ ବା ବସ୍ତୁ ଗ୍ରହଣ
Paitha nebā କରିବା—To receive payment; to
पैठलेआ **दाखललेना** take delivery of a thing.

ପଇଠି—ଦେ. ବି (ସ. ପ୍ରତିଷ୍ଠା; ପ୍ରା. ପଇଠ୍ଠା)—୧ । ଭର; ନିର୍ଭର—
Paithi 1. Reliance; dependance.
भार ୨ । କରତଳର ଭର—2. Support by means of the
सहारा palms; resting or propping on the palms.
ଦୁଇଗାଲ ପଇଠି କର, କଲନ୍ତ ପୂର ଯେ । ଗ୍ରାମୀ. ପ୍ରତାପ—ଶଶିସେଣା ।
पइठा ୩ । (ସ. ପାଦପୀଠ) ସିଡ଼ି ବା ପାହାଚର ଧାପ—
पैड़ी, खड़ी 3. A step of a stair-case.
୪ । ପଇଠ (ଦେଖ)—4. Paitha (See)
ବିଣ—ପଇଠ (ଦେଖ,—Paitha (See)

ପଇଠିଏ—ଦେ. କ୍ରି. ବିଣ—ନିରୂପିତ ସମୟମାନଙ୍କରେ— At stated
Paithie periods; periodically (Howells).
ठिकसमये **ठिकवखतमें**

ପଇଠି ବୋଝ -ଦେ. ବି—ଝିଅ ଶାଶୁଘରକୁ ଯିବାର ୧ ସପ୍ତାହ
Paithi bojha ମଧ୍ୟରେ ବାପଘରୁ ଝିଅର ଶାଶୁଘରକୁ ପଠାଯିବା
प्रथमतत्व ସଙ୍ଗୁଲା ବେଭାର । (ଏଥିରେ ଗୋଟିଏ ପେଡ଼ିରେ ଅଳତା
मरकौरिकासन्देस ଫରୁଆ, ସିନ୍ଦୂର, ଦର୍ପଣ ଆଦି ଦିଆଯାଏ ଓ
ତାହିଁ ସଙ୍ଗେ ଚାଉଳ, ବଡ଼ି, ପରିବା, ମିଷ୍ଟାନ୍ନ ଆଦି ଦ୍ରବ୍ୟ ମଧ୍ୟ
ପଠାଯାଏ)—A tray or basket of presents sent to a daughter by her father within the first week of her going to her husband's house for the 1st time.

ପଇଡ଼— ଦେ. ବି [ସ. ପୟଃ=ନଡ଼ିଆ ଗଛ (Apte); ପୟୋଧର=
Pairda ନଡ଼ିଆ (M W); ପୟଃପେଟିକ; ପୟଃପେଟୀ =ନଡ଼ିଆ (ହି.
ଭାବ ଶ); ପଇଡ଼ର ସ. ନାମ—ସ୍ରେତ (ଦ୍ରବ୍ୟଗୁଣ)]—କଅଁଳ ନଡ଼ିଆ
डाब फल; କଞ୍ଚି ନଡ଼ିଆ—Young cocoanut fruit.

ମଲ୍ଲ ପୋକଙ୍କର ପଇଡ଼ପାଣି । ଦେବ ବୋଇଲ ପୀଠ ଚୋଡ଼ାଣି । ଦାନ—
[ଦ୍ର—ନଡ଼ିଆର ଗୋଟିମା ବଡ଼ ହୋଇଗଲେ ତା ମଧ୍ୟରେ ଥିବା ଶସ କ୍ରମଶଃ ଟାଣୁଆ ହେଉଥାଏ ଓ ତହିଁ ମଧ୍ୟରେ ଥିବା ଜଳର ପରିମାଣ କମି ଯାଉଥାଏ । ଶସ ଲହୁଣୀପରି କୋମଳ ଥିବା ଅବସ୍ଥାରେ ଓ ନଡ଼ିଆ ମଧ୍ୟରେ ବେଶି ଜଳଥିବା ଅବସ୍ଥାରେ ଉକ୍ତ ନଡ଼ିଆକୁ ପଇଡ଼ ବୋଲାଯାଏ । ଏହାର ଜଳ ସୁସ୍ୱାଦୁ ଓ କାନ୍ତି-କାରକ । ପଇଡ଼ ଭିତରେ ଥିବା କୋମଳ ଶସ ବା ନାଳ ମଧ୍ୟ ଖାଇବାକୁ ରୁଚିକର ହୁଏ; ପଇଡ଼ ପାଣିରେ କର୍ପୂର ମିଶାଇ ତାକୁ କିଛିକ୍ଷଣ କଂସାପାତ୍ରରେ ରଖିଲେ ତାହା କଷାକ୍ତ ହୁଏ; ଯେଉଁ ପଇଡ଼ରେ ନାଳ ଲାଗି ନ ଥାଏ ତହିଁର ପାଣି କଷାଳିଆ ଓ କୁସ୍ୱାଦ ।
ନାଳପଇଡ଼=ଯେଉଁ ପଇଡ଼ର ମଧ୍ୟସ୍ଥ ଶସ ଅତି କୋମଳ ଓ ନାଳୁଆ ହୋଇଥାଏ—A raw cocoanut, the kernel of which is very soft.]

ପଇଡ଼ା—ଗ୍ରା. ବି. (ସ. ପ୍ରତିହାର)—ଶୂଦ୍ରଙ୍କ ଉପାଧି ପରିଡ଼ା ଶବ୍ଦର
Pairdā ଅନ୍ୟତର ଆକାର—The family title of some Sūdras.

ପଇତକ୍ ପଡ଼ା—ଦେ. ବି. (ସ. ପୈତ୍ତିକ+ପ୍ରଦାହ)—ପ୍ରସ୍ରାବଜ୍ୱାଳା;
Paitak pardā ପ୍ରସ୍ରାପୋଡ଼ା; ପ୍ରସ୍ରାବ ଯନ୍ତ୍ରଣା ରୋଗ; ପରିସ୍ରା
ପଇଭୁକ ପଡ଼ା; ପଇଭୁକ ପୋଡ଼ା; ପଇତକ୍ ପଡ଼ିବା; ପଇଭୁକ ପୋଡ଼ିବା; ପୈତ୍ତିକ ପୋଡ଼ା; ପୈତକ ପୋଡ଼ା }—ଅନ୍ୟରୂପ] କରିବା ସମୟରେ ପରିସ୍ରାନାଳୀରେ ଯନ୍ତ୍ରଣା ବୋଧ—
प्रस्राव जाला Painful urination.
पेसाब जलन (ଦ୍ର—ଏହା ମେହରୋଗର ପୂର୍ବାବସ୍ଥା ।]

ପଇତା—ଦେ. ବି. (ସ. ପବିତ୍ର; ଉପବୀତ)—୧ । ବ୍ରାହ୍ମଣ କ୍ଷତ୍ରିୟ ଓ
Paitā ବୈଶ୍ୟଙ୍କର ଯଜ୍ଞସୂତ୍ର; ଯଜ୍ଞୋପବୀତ—1. The sacred
(ପୈତା—ଅନ୍ୟରୂପ) thread worn by Brāhmaṇas,
पैता Kshatriyas and Baiśyas.
जनेउ ଦପଟ୍ଟ କଲେ ପଇତାରେ ହାତ ଦେଇ । କୃଷ୍ଣସିଂହ. ମହାଭାରତ ବନ ।
୨ । ଯଜ୍ଞୋପବୀତ ଗ୍ରହଣ ଅନୁଷ୍ଠାନ; ବ୍ରତରୂପ ସଂସ୍କାର—
2. The ceremony of being invested with the sacred thread.

[ଦ୍ର—ବ୍ରାହ୍ମଣମାନଙ୍କର ପିନ୍ଧିବା ପଇତାକୁ କଷିଆ ଲେଖାଏଁ କରି ଗଣ୍ଠି ପକାଇବାକୁ ହୁଏ । ଯେଉଁମାନଙ୍କର ପିତା ବଞ୍ଚିଥାନ୍ତି ସେମାନେ ୨ଗଣ୍ଠିଯୁକ୍ତ ୬ କଷିଆ ଓ ମୃତ ପିତୃକମାନେ ୩ଗଣ୍ଠିଯୁକ୍ତ ୯ କଷିଆ ପଇତା ପିନ୍ଧନ୍ତି । ବେଦଭେଦରେ ଓ ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଭେଦରେ ପଇତାର ଗଣ୍ଠି ବଦଳେ । ପଇତାରେ ଗଣ୍ଠି ପକାଇବା ପରେ ତାହାକୁ ଅଭିମନ୍ତ୍ରିତ କରି ପିନ୍ଧିବାକୁ ହୁଏ । ସାଧାରଣତଃ ପଇତା ବାମକାନ୍ଧରୁ ଡାହାଣ ପାଖ ଅଣ୍ଟା ପର୍ଯ୍ୟନ୍ତ (ଶାସ୍ତ୍ରୋକ୍ତମତେ ନାଭି-ପର୍ଯ୍ୟନ୍ତ ଲମ୍ବା ହୋଇ) ଲମ୍ବିଥାଏ । ଏ ପ୍ରକାର ପରିଧାନକୁ 'ସବ୍ୟ' ବୋଲାଯାଏ । ପ୍ରେତକର୍ମ ଓ ପିତୃକର୍ମ କରିବାବେଳେ କେବେ କେବେ ପଇତାକୁ ଡାହାଣ କାନ୍ଧରୁ ବାଆଁ ଅଣ୍ଟା ପର୍ଯ୍ୟନ୍ତ ଲମ୍ବାଇବାକୁ ପଡ଼େ; ଏହାକୁ 'ଅପସବ୍ୟ' ବୋଲାଯାଏ ଏବଂ ସନକାଦି ମୁନିମାନଙ୍କୁ ତର୍ପଣ କରିବା ସମୟରେ ଓ ଶୁଦ୍ଧଶ୍ରାଦ୍ଧରେ ମଧ୍ୟେ ମଧ୍ୟେ କର୍ମ-ବିଶେଷରେ ପଇତାକୁ ମାଳପରି ବେକରେ ଲମ୍ବାଇବାକୁ ହୁଏ;

ଏହାକୁ ନବୀତ ବୋଲାଯାଏ । ପ୍ରସ୍ରାବ କରିବା ଓ ଝାଡ଼ା ଫେରି ବସିବା ସମୟରେ ପଇତା କାଳେ ଭୂମିରେ ଲାଗିବ, ଏଥିପାଇଁ ପଇତାକୁ ଅଣ୍ଟାପାଖରୁ ଟେକି ଡାହାଣ କାନରେ ଗୁଡ଼ାଇ ରଖିବାକୁ ହୁଏ । ସବୁ ବ୍ରାହ୍ମଣଙ୍କର ୬ଖିଅ ପଇତାଦ୍ୱାରା ଧର୍ମାନୁଷ୍ଠାନ କରାଯାଏ । ମୃତପିତୃକଙ୍କର ନଅଖିଅ ପଇତା ମଧ୍ୟରୁ ୩ଖିଅ 'ଉତ୍ତରୀୟ' ରୂପେ କଳ୍ପିତ ହୁଏ ।

ବିବେକାନନ୍ଦ ସ୍ୱାମୀ କହିଅଛନ୍ତି ଯେ ବେଦରେ ସୂତ୍ରନିର୍ମିତ ଉପବୀତ ବିଷୟରେ କୌଣସି ଉଲ୍ଲେଖ ନାହିଁ । ବେଦର ପରବର୍ତ୍ତୀ ଗୋଭିଲ ଗୃହ୍ୟସୂତ୍ରରେ ମଧ୍ୟ ସୂତ୍ର ନିର୍ମିତ ଉପବୀତର ଉଲ୍ଲେଖ ନାହିଁ । ମାତ୍ର ତତ୍‌ପରବର୍ତ୍ତୀ ପୁରାଣାଦିରେ ଏହାର ଉଲ୍ଲେଖ ଦେଖାଯାଏ ।

ବୈଦିକଯୁଗରେ ଆଠବର୍ଷ ପୂରିବା ଆଗେ ପିତା ବା ଅଭିଭାବକ ବାଳକକୁ ଗୁରୁଗୃହରେ ଛାଡ଼ିଦେଇ ଆସୁଥିଲେ । ସେହିଠାରେ ରହି ବାଳକ ବ୍ରହ୍ମଚର୍ଯ୍ୟବ୍ରତ ପାଳନ କରୁଥିଲା । ଗୁରୁ ଶିଷ୍ୟଙ୍କୁ ପାଇ ପ୍ରଥମେ ତାହାର ସଂସ୍କାରବିଧାନ କରୁଥିଲେ । ଏହାହିଁ ଆଜିକାଲିର ଉପନୟନ । ଏହି ଉପନୟନର ମନ୍ତ୍ର ଓ ଶ୍ଳୋକଗୁଡ଼ିକରୁ ମଧ୍ୟ ପ୍ରମାଣ ମିଳେ ଯେ ଶିଷ୍ୟକୁ ତାହାର ବ୍ରହ୍ମଚର୍ଯ୍ୟାବସ୍ଥାରେ କିପରି କଠୋର ନିୟମମୟ ଜୀବନ ଯାପନ କରିବାକୁ ହେବ ସେ ଗୁଡ଼ିକ ତାହାର ବ୍ୟବସ୍ଥା ମାତ୍ର ।

ଏହି ସଂସ୍କାର ସମୟରେ ଗୁରୁ ଶିଷ୍ୟର ଅଣ୍ଟାରେ ତ୍ରିଗୁଣବୃତ୍ତ ମୁଞ୍ଜମେଖଳ ବାନ୍ଧି ଦେଉଥିଲେ । ଶିଷ୍ୟ ଏହି ବ୍ରହ୍ମଚର୍ଯ୍ୟାବସ୍ଥାରେ 'କାୟେନ ମନସା ବାଚା' ଅର୍ଥାତ୍ ଶରୀରଦ୍ୱାରା, ମନଦ୍ୱାରା ଓ ବାକ୍ୟଦ୍ୱାରା ଅସତ୍ ବା ଅନ୍ୟାୟ କରିବ ନାହିଁ, ଏହି ସଙ୍କଳ୍ପର ଉଦ୍‌ବୋଧନ ପାଇଁ ଦୀକ୍ଷିତ ବାଳକକୁ ଏହି ତ୍ରିଗୁଣବୃତ୍ତ ମେଖଳା ପିନ୍ଧାଇ ଦିଆଯାଉଥିଲା । କ୍ରମେ ବୈଦିକଯୁଗ ପରେ ଯେତେବେଳେ ସନାତନ ବୈଦିକ ଧର୍ମର ଅବନତି ଘଟିଲା, ଏହି ତ୍ରିଗୁଣବୃତ୍ତ ମୁଞ୍ଜମେଖଳା ପରିବର୍ତ୍ତେ ସୂତ୍ରୋପବୀତର ସୃଷ୍ଟି ହେଲା । ମାତ୍ର ତହିଁରେ ସୂତ୍ରସଂଖ୍ୟା (୩) ଠିକ୍ ରଖାଗଲା—ସ୍ୱାମୀ ବିବେକାନନ୍ଦଙ୍କ ସ୍ୱାମିଶିଷ୍ୟ ସମ୍ବାଦ ।]

ପଇତା କାଟିବା—ଦେ. କ୍ରି—ତୂଳାରୁ ସୂତା କାଟି ଉକ୍ତ ସୂତାରେ ପଇତା
Paitā kātibā ତିଆରି କରିବା—To spin and prepare
ପୈତାକାଟା **जनेउकातना** the thread for Paitā from cotton.

ପଇତା ଗଣ୍ଠି—ଦେ. ବି—ଯଜ୍ଞୋପବୀତର ୩ ଖିଅରେ ପକାଯିବା ବିଶିଷ୍ଟ
Paitā ganṭhi ଗ୍ରନ୍ଥି—The knot with which ୩
(ପୈତାଗଣ୍ଠି—ଅନ୍ୟରୂପ) rounds or strings of thread are
ପୈତାର গাঁঠ made up into one garland to
जनेउका गाँठ form Paitā.

[ଦ୍ର—ଭିନ୍ନ ଭିନ୍ନ ବେଦୀୟ ବ୍ରାହ୍ମଣମାନଙ୍କର ପଇତାର ଗଣ୍ଠି ଭିନ୍ନ ଭିନ୍ନ ପ୍ରକାର ଅଟେ । ଗୋଟିଏ ଅଖଣ୍ଡ ସୂତ୍ରକୁ ୩ ମୋଡ଼ କରି ଗଣ୍ଠି ପକାଇ ପଇତା ଉପଯୋଗୀ କରାଯାଏ ।]

ପଇତା ଘର—ଦେ. ବି—ବ୍ରତ ଉତ୍ସବ; ଉପନୟନ ଉତ୍ସବ; ଦ୍ୱିଜବାଳକର
Paitā ghara ଯଜ୍ଞୋପବୀତ ସଂସ୍କାର—The ceremony of
(ପୈତାଘର—ଅନ୍ୟରୂପ) a twice-born boy of wearing
ପୈতাঘর **जनेउ** the sacred thread for the 1st time.

ପଇତା ଘି(ଘେ)ନିବା—ଦେ. କ୍ରି—ଯଜ୍ଞୋପବୀତ ଧାରଣ କରିବା—
Paitāghi(ghe)nibā To put on a new set of
পইতাপরা **जनेउपहिनना** sacred threads.
(ପଇତା ପିନ୍ଧିବା—ଅନ୍ୟରୂପ)

ପଇତା ଧାରୀ—ଦେ. ବିଣ—ପଇତା ପକାଇଥିବା (ବ୍ୟକ୍ତି)—
Paitā dhārī (a person) Wearing the sacred
পৈতাধারী **जनेउधारी** thread.

ପଇତା ପକା(ଟେ)ଇବା—ଦେ. କ୍ରି—୧ । ଦେହରେ ଯଜ୍ଞୋପବୀତ ଧାରଣ
Paitā pakā(ṭe)ibā କରିବା—1. To put on the
পৈতাপরা **जनेउपहिनना** sacred thread.
পইতাফেল দেওয়া ୨ । ପିନ୍ଧିଥିବା ପଇତାକୁ କାଢ଼ି ପକାଇବା—
जनेउ फेंकदेना 2. To put off the sacred thread.

ପଇତା ମନ୍ତ୍ର—ଦେ. ବି—ଯଜ୍ଞୋପବୀତରେ ଗଣ୍ଠି ପକାଇ ସାରି ପିନ୍ଧିବା
Paitā mantra ପୂର୍ବରୁ ଯେଉଁ ମନ୍ତ୍ରଦ୍ୱାରା ତାକୁ ସଂସ୍କାର କରାଯାଏ—
(ପଇତାମନ୍ତ୍ର—ଅନ୍ୟରୂପ) The incantations with which
পৈতামন্ত্র the sacred thread is consecrated
जनेउका मंतर before being worn.

ପଇତା ସୂତା—ଦେ. ବି—ଯେଉଁ ସୂତାରେ ପଇତା ତିଆରି ହୁଏ—
Paitā sūtā The yarn with which the Paitā is
পৈতার সুতো **जनेउका सूत** made.

ପଇତି—ଦେ. ବି—ମୁଗ, ବିରି କୋଳଥ ଆଦିର ପାଣିଆ ଡାଲି—
Paiti Soup or broth of moong or other pulse.
(ପୈତି—ଅନ୍ୟରୂପ) ମାରକଣ୍ଡଣର ତକାପଥର ଉପରେଇ ମୁଗଳାଇ
ଜୁସ୍ **पतलोदाल** ସେହି ମୁଗଳାଇ ପଇତି କରି ଖାଇଗଲେ ବାପ ଭାଇ । ତଗ ।

ପଇତୃକ—ଗ୍ରା. ବିଣ. (ସଂ. ପୈତୃକ)—ପୈତୃକ (ଦେଖ)
Paitṛuka Paitṛuka (See)

ପଇତ୍ରିକ—ପ୍ରାଦେ. (ମେଦନୀପୁର; ବଙ୍ଗଳା ତୃ ର ତ୍ରି ଉଚ୍ଚାରଣ) ବିଣ—
Paitrika ପୈତୃକ (ଦେଖ)—Paitṛuka (See)

ପଇଦ—ଦେ. ବି. (ସଂ. ପଦାତିକ)—ରାଜସେବକବିଶେଷ; ପିଆଦା—
Paida A peon; a class of servants attending
পেয়াদা **प्यादा सिपाही** on a king.

ପଇଦଲ(ଳ)—ଦେ. ବି. (ସଂ. ପାଦଚଳନ; ପ୍ରା=ପାୟଚଲ; ଉଲ=ଫା.
Paidala(ḷa) ପୈଦଲ୍)—୧ । ପାଦରେ ଚାଲିବା; ପାଦଚାରଣ—
(ପୈଦଲ—ଅନ୍ୟରୂପ) 1. Walking by foot.
পয়দল ୨ । ଗୋଡ଼ରେ ଚାଲିବା ବ୍ୟକ୍ତି—
पैदल 2. Walker; foot passenger.
୩ । ପଦାତି ସୈନ୍ୟ—3. Infantry regiment.
ଦେ. ବିଣ—୧ । ପାଦଗମ୍ୟ—1. Walking.
(ଯଥା—ପଇଦଲ ସିପେଇ ।)
୨ । ଯେଉଁ ରାସ୍ତା ଗୋଡ଼ରେ ଚାଲିବା ଲୋକଙ୍କ ବ୍ୟବହାର ପାଇଁ ବ୍ୟବହୃତ (ଯାନାଦିର ବ୍ୟବହାର ପାଇଁ ନୁହେଁ)—
2. (road) Intended for foot passengers.
(ଯଥା—ପଇଦଲ ବାଟ; ପଇଦଲ ରାସ୍ତା)]

କ୍ରି. ବଣ—ପାଦରେ ଚାଲିକରି—By walking; going on foot.

(ଯଥା—ମୁଁ କଟକରୁ ପଇଦଲ୍ ପୁରୀ ଗଲି ।)

ପଇଦା—ବୈଦେ. ବି (ଫା. ପୈଦା=ଉତ୍ପନ୍ନ; ପୈଦାଇଶ୍=ଉତ୍ପତ୍ତି)—
Paidā ୧ । ଜନ୍ମ; ଉତ୍ପତ୍ତି—1. Birth; production.
ପୟଦା,ପୟଦାଈସ ୨ । ଲାଭ; ଆୟ—2. Profit; income
पैदा, पदाइस ବଣ—୧ । ଜାତ; ପ୍ରସୂତ—1. Born; begotton.
୨ । ପ୍ରାପ୍ତ; ଅର୍ଜିତ—2. Earned; got.
(ପଇଦାସ୍, ପୈଦା, ପୈଦାସ୍—ଅନ୍ୟରୂପ)

ପଇଦା କରିବା—ଦେ. କ୍ରି—୧ । ଜନ୍ମ କରିବା—1. To give birth; to beget.
Paidā karibā
ପୟଦାକରা ୨ । ଉତ୍ପାଦନ କରିବା—2. To produce.
पैदाकरना ନଜ ବୁଦ୍ଧି, ନଜ ଚାତୁରୀରେ ମାଟିରୁ ସୁନା ପଇଦା କରୁଅଛନ୍ତି । ଫକୀରମୋହନ—ଛମାଣ ଅଠଗୁଣ୍ଠ ।
(ପଇଦାସ୍ କରିବା—ଅନ୍ୟରୂପ) ୩ । ଆୟ କରିବା; ଅର୍ଜନ କରିବା—3. To get; to earn.

ପଇଦାୱାର(ରି)—ବୈଦେ. ବି. (ଫା. ପୈଦୱାର୍)—କ୍ଷେତ୍ରର ଉତ୍ପନ୍ନ
Paidāwār(ri) ଦ୍ରବ୍ୟ; ଫସଲ—Produce of a field.
ପୟଦାବାର पैदावार(री)

ପଇଦା ହେବା—ଦେ. କ୍ରି—୧ । ଜନ୍ମିବା—1. To be born.
Paidā hebā ୨ । ଉତ୍ପନ୍ନ ହେବା—2. To be produced.
ପୟଦାହওয়া ୩ । ଉପାର୍ଜିତ ହେବା—
पैदाहोना 3. To be earned.

ପଇଦି—ପ୍ରାଦେ. (ମାନ୍ଦ୍ରାଜ) ବି—୧ । ମାନ୍ଦ୍ରାଜ ପ୍ରଦେଶରେ ପଇଦି ନାମକ
Paidi ଅଞ୍ଚଳରେ ପ୍ରଚଳିତ ଏକପ୍ରକାର ବିକୃତ ଓଡ଼ିଆ ଭାଷା । (ମାନ୍ଦ୍ରାଜ ୧୯୨୧ସାଲର ସେନ୍ସସ୍ ରିପୋର୍ଟ)—1. A form of the Oriya language spoken by the inhabitants of Paidi in the Madras presidency. (Census Report of 1921).
ପ୍ରାଦେ. (ପୁରୀ) ବି—୨ । ପିଆଦା; ପୁଲିସ୍ କନ୍‌ଷ୍ଟବଲ—2. Peon; constable.

ପଇନା—ପ୍ରାଦେ. (ଗଞ୍ଜାମ) ବି—କମାଣ—
Painā Cannon.

ପଇଁତରା—ଦେ. ବି (ସଂ. ପଣବୃତ; ପ୍ରା. ପଣାଇତ; ହି. ପୈଂତ୍=
Paintarā ଖେଳରେ ବାଜି ରଖିବା)—ମଲ୍ଲଯୁଦ୍ଧ କରିବା ପୂର୍ବରୁ
ପএঁতরা ପ୍ରତ୍ୟେକ ଯୋଦ୍ଧା ବା ମଲ୍ଲଙ୍କର ଛକାଛକି ହୋଇ ବାହୁରେ
तालठोँकना: ललकारा ଫାଟି କି ମାରି ଭିନ୍ନ ଭିନ୍ନ ସ୍ଥାନରେ ଠିଆହେବା
(ପଇଁତରି—ଅନ୍ୟରୂପ) ଠାଣି—The preparatory pose of wrestlers before wrestling.

ପଇବନ୍ଦ—ବୈଦେ. ବି. (ଫା)—୧ । ଛିଆ; ତାଳି; ଲୁଗାର ଛିଦ୍ର ବନ୍ଦ
Paiband କରିବାପାଇଁ ବ୍ୟବହୃତ କ୍ଷୁଦ୍ର ବସ୍ତ୍ରଖଣ୍ଡ—1. A small
ପয়বন্দ patch of cloth sewn over a hole in a
पैबन्द cloth.
୨ । ଏକ ଗଛର ଡାଳକୁ କଲମ କରି କାଟି ଅନ୍ୟ ଗଛର ଡାଳରେ ଯୋଡ଼ି ଉତ୍କୃଷ୍ଟ ଫଳ ଉତ୍ପାଦକ ଗଛ ଉତ୍ପାଦନ କରିବାର ରୀତି—3. The system of grafting of a branch on the branch or trunk of another tree for producing good fruits.

ପଇବସ୍ତ(ସ୍ତି)—ବୈଦେ. ବି (କଚେରୀ) (ଫା. ପୈବସ୍ତ=ଜଳ ଆଦି
Paibasta(sti) ଦ୍ରବ ପଦାର୍ଥ କୌଣସି ଭୂମିରେ ବା ପଦାର୍ଥରେ
ପয়ন্তি, পৈয়ন্তি ମାଡ଼ିଯିବା ବା ଭେଦିବା)—ପଟୁ ପଡ଼ି ଆବାଦ ଯୋଗ୍ୟ
पयबस्त, पैवस्त ହୋଇଥିବା ଭୂମି—Alluvion; land be-
(ପଇବସ୍ତି—ଅନ୍ୟରୂପ) come fit for cultivation by the
(ପଏବସ୍ତ, ପୟୁବସ୍ତ; ପୈବସ୍ତ—ଅନ୍ୟରୂପ) deposit of riversilt
(ସିକସ୍ତ—ବିପରୀତ) on it.
(ସିକସ୍ତ ପଇବସ୍ତ—ନଈବଢ଼ିରେ ଧୋଇ ହୋଇ ନଦୀ ଗର୍ଭରେ ଯାଇଥିବା ଜମି ଓ ନଈବଢ଼ି ଦ୍ୱାରା ପଟୁ ପଡ଼ିଥିବା ଜମି=Alluvion & diluvion).

ପଇମାସ୍—ବୈଦେ. ବି. (ଫା. ପୈମାଇସ୍=ଭୂମିମାପ; ସେଟେଲମେଣ୍ଟ
Paimās ଯୋଗୁଁ ପ୍ରଚଳିତ ଶବ୍ଦ)—ରାଜସ୍ୱ ବନ୍ଦୋବସ୍ତ ସକାନ୍ତ ଭୂମିର
পয়মাস ଜରିପ—Revenue survey of land; cadastra.
पयमाइस survey
(ପୈମାସ, ପଇମାଶ, ପଏମାସ୍—ଅନ୍ୟରୂପ)

ପଇମାସ୍ କମ୍ପାସ୍—ବୈଦେ. ବି (ଫା. ପୈମାଇସ୍+ଇଂ. କମ୍ପାସ୍)—
Paimās kampās ରାଜସ୍ୱ ସମ୍ବନ୍ଧୀୟ ବନ୍ଦୋବସ୍ତର ଭୂମି-
पैमाइस जरीब ଜରିପ—Cadastral survey.
(ପଇମାସ କୁମ୍ପାସ, ପଇମାସ ମାପ, ପଇମାସ ଜରିବ—ଅନ୍ୟରୂପ)

ପଇମାସ୍ ବନ୍ଦୋବସ୍ତ—ଦେ. ବି—ରାଜସ୍ୱ ବନ୍ଦୋବସ୍ତ ସକାନ୍ତ ଭୂମି-
Paimās bandobasta ମାପ—Cadastral measure-
পএমাস বন্দোবস্ত ment in connection with Revenue
पैमाइस प्रबन्ध settlement.

ପଇମାସି—ବୈଦେ. ବଣ. (ଫା. ପୈମାଇସୀ)—ପଇମାସ୍ ସମ୍ବନ୍ଧୀୟ—
Paimāsi Cadastral; relating to cadastral survey.
পৈমইসী (ପଇମାସିଆ—ଅନ୍ୟରୂପ)
पैमाइसी ବି—ପଇମାସ୍ (ଦେଖ)—Paimās (See)

ପଇରନ—ପ୍ରାଦେ. (ସମ୍ବଲପୁର) ବି—ପଏରନ୍ (ଦେଖ)
Pairan Paeran (See)

ପଇରବ(ବୀ)—ବୈଦେ. ବି. (କଚେରୀ) (ଫା)—ପଏରବ୍ (ଦେଖ)
Pairab bī) Paerab (See)

ପଇରି—ପ୍ରାଦେ. (ସମ୍ବଲପୁର) ବି—୧ । (ଭୁଲ. ହି. ପୈରୀ) ବେଙ୍ଗଳା
Pairi (ଦେଖ)—1. Beṅgaḷā (See)
୨ । (ହି. ପୈଁରୀ)—ପାଇଁରି (ଦେଖ)—2. Pāiñri (See)

ପଇଲମ୍—ଦେ. ବି. (ସଂ. ପାତ୍ରଲୀ; ପ୍ରା. ପାଇଲୀ)—ପଲମ; ମାଟିର ବଡ଼
Pailam ସରା—An earthen pan.
পলম ढेंढी; ढँकना (ପଏଲମ୍—ଅନ୍ୟରୂପ)

ପଇଲା—ପ୍ରାଦେ. (ସିଂହଭୂମ) ବି. (ଭୁଲ. ହି. ପୈଲା=୪ ସେର ମାପ-
Pailā ପାତ୍ର)—ଏକସେର ଓଜନର ଶସ୍ୟ ମାପିବା ଗଉଣୀ—A measure (of one seer only) of corn.
পয়লা ଗ୍ରା. ବି—୧ । ମାସର ପ୍ରଥମ ତାରିଖ—
पहला 2. The first day of a month.

୨ । ପ୍ରଥମ ବସ୍ତୁ ବା ବ୍ୟକ୍ତି—2. The first one.
ବିଣ—ପ୍ରଥମ—First; earliest.
(ଯଥା—ପହିଲି କଚେରୀରେ ଏ ମୋକଦ୍ଦମା ପଡ଼ିଲା; ପହିଲି ନମ୍ବର ।)
ଗ୍ରାମ୍ୟ. (ଇତର) କ୍ରି.—ପଡ଼ିବା କ୍ରିୟାର ଇତର ଜନ ବ୍ୟବହୃତ ଅତୀତ କାଳର ରୂପ; ପଡ଼ିଲା—(a form of the verb to 'fall' in the past tense used by the lower class people) Fell; did fall; has fallen.
[ଦ୍ର—ଏହା ତୃତୀୟ ପୁରୁଷ ଏକବଚନର କ୍ରିୟା; ଯଥା—ଏହା ବା ସେ ପଇଲା, ସେମାନେ ପଇଲେ, ମୁଁ ପଇଲି, ତୁ ପଇଲୁ, ତୁମେ ପଇଲ, ଆମେ ପଇଲୁଁ ।]

ପଇଲି—ଦେ. ବିଣ.—ପହିଲି (ଦେଖ)
Paili — Pahili (See)
(ପଇଲୁ[ଲେ]—ଅନ୍ୟରୂପ) ଦେ. ଅ—ପହିଲୁ (ଦେଖ) Pahilu (See)

ପଇଶ୍—ଦେ. ବି. (ସଂ. ପ୍ରବେଶ, ପ୍ରା. ପଇସ)—୧ । ପ୍ରବେଶ (ଦେଖ)
Pais — 1. Prabesa (See)
ପ୍ରବେଶ **पइसार** ୨ । ପୟସ୍ (ଦେଖ)—2. Payas (See)
ବିଣ—ପଶ୍ୟ (ଦେଖ)—Pasya (See)

ପଇସା—ଦେ. ବି. (ସଂ. ପାଦରୁ ପାଈ; ପାଈ ସଦୃଶ=ପଇସା, ବା ସଂ. ପାଦ+ଅଂଶ=ପାଦାଂଶ; ତୁଳ. ଇଂ. ପାଇସ)—
Paisā
পয়সা ୧ । ଏକ ଅଣାର ଚତୁର୍ଥାଂଶ ଓ ଟଙ୍କାର ୬୪ଭାଗରୁ ଏକଭାଗ
पैसा ମୂଲ୍ୟର ତାମ୍ରମୁଦ୍ରା—1. One pice.
୨ । ଧନ—2. Wealth; riches.
ଅଛେ ମଇସା, ଭଡ଼ ପଇସା - ଚଗ ।
୩ । ନଗଦ ଅର୍ଥ—3. Cash; money.
(ଯଥା—ତା ହାତରେ ବର୍ତ୍ତମାନ କିଛିର ପଇସା ଅଛି ।)

ପଇସା ଅଜାଡ଼ିବା—ଦେ. କ୍ରି—ଅଜସ୍ର ଧନ ବ୍ୟୟ କରିବା—To spend money copiously or unceasingly; to pour out money like water.
Paisā ajārdibā
অজস্র পয়সা খরচ করা
पैसा उड़ेलना (ପଇସା ଢ଼ାଳି(ଢ଼ାଳେ)ଇବା—ଅନ୍ୟରୂପ)

ପଇସା ଉଡ଼ା(ଡ଼େ)ଇବା—ଦେ. କ୍ରି—ବୃଥାର ଅର୍ଥ ଅପବ୍ୟୟ କରିବା—
Paisā urdā(rde)ibā — To squander away money.
টাকা উড়ান **पैसा उड़ाना**
(ପଇସା ଉଜାଡ଼ିବା; ପଇସା ବୁହାଇବା—ଅନ୍ୟରୂପ)
(ପଇସା ଉଡ଼ା; ପଇସା ଉଡ଼ିବା; ପଇସା ଉଡ଼ସିବା; ପଇସା ଉଜୁଡ଼ିବା; ପଇସାରେ ପକ୍ଷି ଲାଗିବା—ବିଶେଷ୍ୟରୂପ)

ପଇସାକ—ଦେ. ବି—ଏକ ପଇସା ମାତ୍ର—
Paisāka **এক পয়সা** **एक पैसा** One pice only.

ପଇସା କଉଡ଼ି—ଦେ. ବି (ସହଚର ଶବ୍ଦ)—୧ । ଟଙ୍କା ଠୋକିର; ଧନ—
Paisā kaurdi — 1. Riches
পয়সা কড়ি ୨ । ମୁଦ୍ରା ଅଛ ଧନ—2. Money.
पैसा कौड़ि ୩ । ନଗଦ ଟଙ୍କା—3. Hard cash.
(ପଇସା ପଇସି, ପଇସା ଫଇସା, ପୈସା କଉଡ଼ି—ଅନ୍ୟରୂପ)

ପଇସା କମା(ମେ)ଇବା—ଦେ. କ୍ରି—୧ । ଧନ ଅର୍ଜନ କରିବା—
Paisā kamā(me)ibā — 1. To earn money.
পয়সা কামান ୨ । ଅନ୍ୟକୁ ଦିଆ ଯାଉଥିବା ଧନର ପରିମାଣ ଊଣା
पैसा कमाना କରିଦେବା—2. To diminish the amount
পয়সাকমান of money which one is in the habit of
पैसाघटाना paying to another

ପଇସାକର—ଦେ. ବିଣ—ଏକ ପଇସା ମୂଲ୍ୟର—
Paisākara **এক পয়সার** **पैसाका** Worth one pice only.
(ପଇସାଟକର, ପଇସୁଙ୍କର, ପଇସିଙ୍କର—ଅନ୍ୟରୂପ)

ପଇସା କରିବା—ଦେ. କ୍ରି—୧ । ଧନ ଅର୍ଜନ କରିବା—
Paisā kaiibā — 1. To earn money.
পয়সা করা ୨ । ବହୁଧନ ସଞ୍ଚୟ କରିବା—
पैसा करना 2. To hoard up a large amount.

ପଇସା କାଢ଼ିବା—ଦେ. କ୍ରି—ଧନ ବ୍ୟୟ କରିବା; ଧନ ମୁକୁଳିବା—
Paisā kārdhibā — To spend money; to be liberal in spending money.
পয়সা বাহির করা ଅଣ୍ଟାରୁ ପଇସା କାଢ଼ିବ ନାହିଁ, କ ହର ଲୁଡ଼ିବ,
पैसा निकालना ଖଡ଼ିବ ନାହିଁ—ଚଗ ।
(ପଇସା ବାହାର କରିବା—ଅନ୍ୟରୂପ)

ପଇସା କାଢ଼ୁଆ—ଦେ. ବିଣ—ଯେ ଅକୁଣ୍ଠିତଭାବରେ ଧନ ବ୍ୟୟ କରେ—
Paisā kārdhuā — Spending money without murmur.
খরচী **पैसा उड़ानेवाला**
ଅଗ୍ରିମ **दादनी** ବି—କାମ କରିବା ପାଇଁ ଆଣିବା ଆଗତୁରା ମୂଲ ବା କୌଣସି ଦ୍ରବ୍ୟ ବିକିବା ପାଇଁ ଆଣିବା ଆଗତୁରା ମୂଲ—Money taken in advance towards one's wages or towards the price of things to be sold.

ପଇସାକିଆ—ଦେ. ବିଣ—୧ । ଏକ ପଇସା ମୂଲ୍ୟର—
Paisākiā — 1. Worth one pice only.
পয়সা পয়সা,এক এক পয়সার ୨ । ସବୁରି ପ୍ରତ୍ୟେକର ମୂଲ୍ୟ ଏକ
पैसेका ପଇସା—2. Worth one pice each.
(ପଇସ୍କିଆ, ପଇସିକିଆ, ପୈସାକିଆ—ଅନ୍ୟରୂପ)

ପଇସା ଖାଇବା—ଦେ. କ୍ରି—୧ । ଅବୈଧଭାବରେ ଅନ୍ୟର ଧନ
Paisā khāibā — ଅପହରଣ ବା ଆତ୍ମସାତ୍ କରିବା—
পয়সা খাওয়া 1. To misappropriate another's money.
पैसाखाना, पैसा ढो लेना ୨ । ଲାଞ୍ଚ ନେବା—2. To take bribe
(ପଇସା ବୁହାଇବା; ପଇସା ବୋହିବା—ଅନ୍ୟରୂପ)
୩ । ଆୟକୁ ନିଜେ ନେବା—3. To appropriate the income.

ପଇସାଖିଆ—ଦେ. ବିଣ—ଘୁଷ୍‌ଖୋର୍; ଉତ୍କୋଚଗ୍ରାହୀ—
Paisākhiā — Addicted to taking bribe.
पैसा खानेवाला ଦେ. ବି—ଘୁଷ୍‌ଖୋରୀ—Bribery.

ପଇସାଖୋର୍—ଦେ. ବିଣ—୧ । ଧନ ଅର୍ଜନରେ ଅନୁରକ୍ତ—
Paisākhor — 1. Addicted to earning money.
পয়সাখোর ୨ । ପଇସାଖିଆ (ଦେଖ)
पैसाखोर Paisākhiā (See)

ପଇସା ଗର୍ବ—ଦେ. ବି—ଧନଗର୍ବ; ଧନମଦ—Pride of wealth.
Paisā garba
ପয়সার গর্ব **पइसेकी गर्मी**
ପଇସା ଗରବ, ପଇସା ଗରମ, ପଇସା-ଗରମି, ପଇସା ଦମ୍ଭ, ପଇସା ଦମାକ } ଅନ୍ୟରୂପ

ପଇସା ଗମା(ମେ)ଇବା—ଦେ. କ୍ରି—୧ । ଆପଣା ଧନ ନଷ୍ଟ କରିବା—
Paisā gamā(me)ibā 1. To lose one's money.
পয়সা উড়ান **पैसा गँवाना** ୨ । ଅପବ୍ୟୟ କରିବା—
2. To squander away money.

ପଇସା ଜୋର୍—ଦେ. ବି—ଧନବଳ—
Paisā jor Power of wealth.
পয়সার জোর **पैसाका जोर** (ପଇସାର ଜୋର୍—ଅନ୍ୟରୂପ)

ପଇସା ଧାଉଡ଼ି—ଦେ. ବି.—୧ । ଅପବ୍ୟୟ—1. Extravagant
Paisā dhāurḍi expenditure (Howells).
খরচের স্রোত ୨ । ଖର୍ଚ୍ଚର ସ୍ରୋତ—2. A flow of expenditure; successive expenditures.
पैसाका बहाव
(ପଇସା ସୁଅ, ପଇସାବୁହା—ଅନ୍ୟରୂପ)

ପଇସା ପଇସି—ଦେ. ବି. (ନିରର୍ଥକ ଧ୍ୱନ୍ୟନୁକାରୀ ସହଚର ଶବ୍ଦ)—ପଇସା
Paisā paisi କଉଡ଼ି; ନଗଦ ଧନ—Cash.
(ପୈସା ପୈସି—ଅନ୍ୟରୂପ) টাকা পয়সা **रुपैया पयसा**

ପଇସା ପାଣିକି ପକେଇବା—ଦେ. କ୍ରି.—ଧନ ଅପବ୍ୟୟ କରିବା—
Paisā pāniki pakeibā To squander away money.
টাকা পয়সা জলে ফেলা **पैसाको पानि करना, पैसापानिमे फेकना**
ପଇସା ପାଣିକି ଫୋପାଡ଼ି ଦେବା, ପଇସା ପାଣିକି ଫିଙ୍ଗିବା, ପଇସା ପାଣିରୁ ଫୋପଡ଼େଇ ଦେବା } ଅନ୍ୟରୂପ

ପଇସା ପାଣିରେ ପଡ଼ିବା—ଦେ. ବି.—ଖର୍ଚ୍ଚ କରିବାଦ୍ୱାରା ଇପ୍ସିତ ଫଳ
Paisā pānire parḍibā ଲାଭ ନ ହେବା; ଅକାରଣ ଅର୍ଥ
টাকা পয়সা জলে পড়া ବ୍ୟୟ ହେବା—Useless expendi-
पैसा पानीमे पड़जाना ture; expenditure incurred without bearing any fruit.

ପଇସା ପାରି(ଡ଼ି) ଶୋଇବା—ଦେ. କ୍ରି. (ଅକ୍ଷରିକ ଅର୍ଥ—ପଇସାକୁ
Paisā pāri(rḍi) śoibā ବିଛଣାରେ ବିଛାଇ ଶୋଇବା)—
पैसापर सोना ୧ । ଖୁବ୍ ଧନୀ ହେବା—1. To be immen-
পয়সা বিছিয়ে শোআ sely rich.
୨ । ଧନ ପ୍ରତି ଅତ୍ୟନ୍ତ ଲୋଭାସକ୍ତ ବା ମାୟାଗ୍ରସ୍ତ ହେବା—
2. To have an inordinate attachment for money.
୩ । ଅତି କୃପଣ ହେବା—3. To be very parsimonius or miserly.

ପଇସା ପୋକ—ପ୍ରାଦେ. (ସମ୍ବଲପୁର) ବି.—ଢେଲୁଣି ପୋକ (ଯାହାକୁ
Paisā poka ଧଇଲେ ବା ଆଘାତ କଲେ ପଇସା ପରି ଚକ୍ରାକାରରେ କୁଣ୍ଡଳିତ ହୋଇ ଯାଏ)—Galley worm.

ପଇସା ଫଣ୍ଡ୍—ଦେ. ବି.—କୌଣସି ଦେଶହିତକର କାର୍ଯ୍ୟ ପାଇଁ ଦେଶର
Paisā phanḍ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ଗୋଟିଏ ଲେଖାଏଁ
পয়সা ফণ্ড **पैसाफण्ड** ପଇସା ଆଦାୟ କରି ଯାଇ ସଂଗୃହୀତ ପାଣ୍ଠି—Pice-fund.

ପଇସା ବନ୍ଧା (ନ୍ଧେ)ଇବା—ଦେ. କ୍ରି.—ପଇସାକୁ ଦେଇ ତହିଁ ବଦଳରେ
Paisā bandhā(ndhe)ibā ଟଙ୍କା ଆଣିବା; ଟଙ୍କା ବନ୍ଧାଇବା—
টাকা বান্ধান To exchange copper into silver or
पैसा बन्धाना other coins; to change copper into currency notes.

ପଇସା ବାଲା—ଦେ. ବଣ. ପୁଂ—୧ । ଧନବାନ୍; ଧନୀ—
Paisā bālā 1. Wealthy; rich.
(ପଇସା ବୁଆଲା—ଅନ୍ୟରୂପ) ୨ । ଯାହାଠାରେ ଅନେକ ନଗଦ
(ପଇସାବାଲୀ, ପଇସାବୁଆଲୀ—ସ୍ତ୍ରୀ) ଟଙ୍କା ଅଛି—2. Possessing
পয়সাআলা **पैसावाला** a large amount of ready cash.
୩ । ମୂଲ୍ୟବାନ୍—3. Costly; valuable.

ପଇସା ବୁଡ଼ା(ଡ଼େ)ଇବା—ଦେ. କ୍ରି.—୧ । ଅନ୍ୟର ପ୍ରାପ୍ୟ ଧନକୁ ଚାଲୁ
Paisā burḍā(rḍe)ibā ନ ଦେବା—1. To permanently
পয়সা ডুবানা withhold paying a person his dues.
पैसा डुबाना ୨ । ଅନ୍ୟର ପ୍ରାପ୍ୟ ଧନକୁ ତମାଦି କରାଇବା—
(ପଇସା ଡୁବା(ବେ)ଇବା—ଅନ୍ୟରୂପ) 2. To cause another's dues to become time-barred or unrealisable.
୩ । ପଇସା ଗମାଇବା (ଦେଖ)—
3. Paisā gamāibā (See)

ପଇସା ବୁଡ଼ି ଯିବା—ଦେ. ବି.—ଆପଣାର ପ୍ରାପ୍ୟ ଧନ ଅନ୍ୟ ବ୍ୟକ୍ତିଠାରୁ
Paisā burḍi jibā ଆଦାୟ ହେବାର ସମ୍ଭାବନା ଲୋପ ହେବା—
পয়সা ডুবা **पैसाडुबाना** The state of one's dues
ପଇସା ବୁଡ଼ିବା, ପଇସା ଡୁବିବା, ପଇସା ଡୁବିଯିବା } ଅନ୍ୟରୂପ becoming barred or unrealisable.
୨ । ଧନରେ ବିଶେଷ ଷତିଗ୍ରସ୍ତ ହେବା—2. Suffering of a great loss of money.

ପଇସାବୁହାଇବା—ଦେ. କ୍ରି—୧ । ପଇସା ଉଡ଼ାଇବା (ଦେଖ)
Paisā buhāibā 1. Paisā urḍāibā (See)
(ପଇସା ବୋହିବା—ଅନ୍ୟରୂପ) ୨ । ଅନ୍ୟଠାରୁ ବହୁପରିମାଣରେ ଅର୍ଥ ନେବା—2. To take a large amount of money from another.
୩ । ଅନ୍ୟକୁ ବହୁଧନ ଦେବା—
3. To give a large sum to another.
(ପଇସା ବୁହା—ବିଶେଷ୍ୟରୂପ)

ପଇସା ଭଙ୍ଗା(ଙ୍ଗେ)ଇବା—ଦେ. କ୍ରି.—ଟଙ୍କା ବା ନୋଟ ଦେଇ ତହିଁ
Paisā bhangā(nge)ibā ପରିବର୍ତ୍ତରେ ପଇସା ଆଣିବା; ଟଙ୍କା
টাকা ভাঙ্গান ଭଙ୍ଗାଇବା—To exchange notes or
रुपिया तोड़वाना silver coins into copper coins.
[ଦ୍ର—ଏହା ପ୍ରକୃତରେ ଟଙ୍କା ବା ନୋଟ ଭଙ୍ଗାଇବା ଅଟେ ।]

ପଇସା ମାଡ଼ି ବସିବା—ଦେ. କ୍ରି—ଅନ୍ୟର ପ୍ରାପ୍ୟକୁ ଜବରଦସ୍ତି ନେଇ
Paisā mārḍi basibā ଯିବା ବା ନ ଦେବା—To forcibly
পাওনা চেপেরাখা take another's money; to undeser-
पैसा पचारलेना vingly refuse or hush up or appropriate another's money or dues; wrongfully not to pay one's dues.

ପଇସା ମୁଡ଼ୀ—ପ୍ରାଦେ. (ସମ୍ବଲପୁର) ବି. (ଯେ ପଇସା ପାଇଁ ମୁଣ୍ଡ ବିକେ;
Paisā murḍi ଭୁଲ. ହି. ପୈସା ମୁଁଡ଼ୀ=ଯେଉଁ ସ୍ତ୍ରୀ ଠକି କରି
(ପଇସା ମୁଁଡ଼ୀ—ଅନ୍ୟରୂପ) ଧନ ନିଏ)—ବେଶ୍ୟା; ଦାସୀ—
Prostitute.

ପଇସା ରଖିବା—ଦେ. କ୍ରି—ପ୍ରଭୃତ ଧନ ସଞ୍ଚୟ କରିବା—
Paisā rakhibā To hoard money or cash.
(ପଇସା ସଞ୍ଚିବା – ଅନ୍ୟରୂପ) पयसा राखना पैसा बटोरना

ପଇସା ଲଢ଼ା(ଢ଼େ)ଇ—ଦେ. ବି—ଦୁଇ ଜଣ ଧନୀଙ୍କ ମଧ୍ୟରେ ଧନ
Paisā laṛhā(ṛhe)i ବ୍ୟୟରେ ପ୍ରତିଯୋଗିତା—Rivalry
पयसार लड़ाइ पैसेकि लड़ाइ between two rich men as regards financial matters.

ପଉଗଣ୍ଡ – ଗ୍ରା. (ପଦ୍ୟ)—ପୌଗଣ୍ଡ (ଦେଖ)
Pauganḍa Pauganḍa (See)
କାହିଁ ପଉଗଣ୍ଡ ଜୁମାରେ, ପ୍ରକାଶ ହୋଇ ସେ କିଶୋରେ ।
ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

ପଉଚ—ଗ୍ରା. ବିଣ—ବିସ୍ତୃତ ବା ଉଚ୍ଚ—
Paucha Extensive or high.
ଅଲେଖ ମନ୍ଦିର ଷୋଳ ଯୋଜନ ପଉଚ । ବ୍ରହ୍ମନିରୂପଣ ଗୀତା ।

ପଉଞ୍ଚା(ଞ୍ଚେ)ଇବା-- ଗ୍ରାମ୍ୟ. କ୍ରି—ପହଞ୍ଚାଇବା (ଦେଖ)
Pauñchā(ñche)ibā Pahañchāibā (See)

ପଉଞ୍ଚି – ଦେ. ବି—ପଇଞ୍ଚି (ଦେଖ)
Pauñchi Paiñchi (See)

ପଉଞ୍ଚିବା—ଗ୍ରା. କ୍ରି—ପହଞ୍ଚିବା (ଦେଖ)
Pauñchibā Pahañchibā (See)

ପଉଟି – ଦେ. ବି. (ସଂ. ପୌଟିକ)—
Pauṭi ଶସ୍ୟାଦିର ୨୦ ଗୌଣି ପରିମାଣ—A measure of
पौटी, पउटी corn measuring 20 Gauṇis.

ପଉତ୍ର – ଗ୍ରା. ବି. (ପଦ୍ୟ) (ସଂ. ପୌତ୍ର)—ପୋତ୍ର; ନାତି—
Pautra Grand-son; son's son.
ଏହାଙ୍କଠାରୁ ବଂଶ ଯେତେ
ପୁତ୍ର ପଉତ୍ର ଅଛନ୍ତିତେ । ଜଗନ୍ନାଥ- ଭାଗବତ ।

ପଉନେ—ଦେ. ବିଣ. (ସଂ. ପାଦୋନ; ପ୍ରା. ପାଓନ)—
Paune ପାଏ ଊଣା; ଏକ ପାଆ କମ—
पौने Less by one quarter.
पौन, पौने (ଯଥା – ମୋଟେ ପଉନେ ଦୁଇ ଟଙ୍କା ଦିଅ=
ପୌନେ -- ଅନ୍ୟରୂପ) ଟ ୧।୳ ଦିଅ ।)
[ଦ୍ର—'ପଉନେ' ଶବ୍ଦ ଓଡ଼ିଆରେ ଚଳୁ ନଥିଲା । ଏବେ ହିନ୍ଦି ଓ ବଙ୍ଗଳା ଅନୁକରଣରେ ଗଣିତର ପାଠ୍ୟ ପୁସ୍ତକମାନଙ୍କରେ ଏହି ଶବ୍ଦର ବ୍ୟବହାର ଦେଖାଯାଏ ।]

ପଉରବ – ଗ୍ରା. ବି. (ପଦ୍ୟ)—ପୌରବ (ଦେଖ)
Pauraba Pauraba (See)
ପଉରବ ଦଳର ବଳଧର ହୋଇ । କୃଷ୍ଣସିଂହ ମହାଭାରତ. ଅଦି ।

ପଉରଷ—ଦେ. ବିଣ. (ପଦ୍ୟ) (ସଂ. ପୌରୁଷ)—
Paurasha ୧ । ପ୍ରଶଂସା—1. Praise.
ପଉରୁଷ } ଅନ୍ୟରୂପ
ପୌରିଷ }
ବନ୍ଧୁଙ୍କହାତୁ ଅଣାଇଣ ପାଣ କରି ଭାହାକୁ କହନ୍ତି ପଉରୁଷ
ବଳନାଥ, ବଉଦ ଭୂଷଣ ।

पौरुष ୨ । ବାହାଦୁରି—2. Excellence; credit.
पुरुषार्थ ପଉରୁଷ ମୋହର ନଛୁଟେ ତାହାର ତରଣ ମଜବାର ଶୁଣିଲାରେ ।
କବିସୂର୍ଯ୍ୟ. ସଙ୍ଗୀତ ।
୩ । ସାମର୍ଥ୍ୟ; ଶକ୍ତି—3. Power; might.
ଦେଖାଅ ଅଛି କେତେ ତୋର ଅଛି ପଉରୁଷ । କୃଷ୍ଣସିଂହ, ମହାଭାରତ. ବନ ।

ପଉର୍ଣ୍ଣମୀ—ଗ୍ରା. ବି. (ପଦ୍ୟ) (ସଂ. ପୌର୍ଣ୍ଣମୀ)—
Paurṇṇami ଶୁକ୍ଳ ମାସର ଶେଷ ଦିନ, ଯେଉଁ ଦିନ ଚନ୍ଦ୍ର
पूर्णिमा ପୂର୍ଣ୍ଣକଳାବିଶିଷ୍ଟ ହୋଇ ଉଦିତ ହୁଅନ୍ତି—
पूर्णिमा Full-moon day.

ପଉଲିବା — ପ୍ରାଦେ. (ସମ୍ବଲପୁର) କ୍ରି - ପରିବା ଆଦିକୁ ପନିକିରେ
Paulibā କାଟି ରନ୍ଧନୋପଯୋଗୀ କରିବା –
To chop the kitchen vegetables with a Paniki (stationary chopper).

ପଏଁରି—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଏହି ଅର୍ଥରେ ପୈରୀ)—
Paeñri ଗୋଡ଼ର ବଳା; ଅଳଙ୍କାରବିଶେଷ—
A species of anklet for the leg.

ପଏଁଶିଲ—ପ୍ରାଦେ. (ସମ୍ବଲପୁର, ଲରିଆ) ବି. (ଭୁଲ. ହି. ପହଁସୁଲ)—
Paeñsilā ପନିକି—Fish knife; stationary chopper.

ପଏକାର ଦେ. ବି. (ସଂ. ପଦାତି)—ପଦାତି ସୈନ୍ୟ—
Paekāra Infantry soldier.
पदातिक पैदल

ପଏଖ—ପ୍ରାଦେ. (ସମ୍ବଲପୁର) ବି—ଶୁକ୍ଳପକ୍ଷ; ଶୁକ୍ଳମାନ ମାସର ପ୍ରଥମ ବା
Paekh ଶେଷ ୧୫ ଦିନ—Lunar fortnight.

ପଏଖ୍ ପାତର – ପ୍ରାଦେ (ସମ୍ବଲପୁର) ବି (ସଂ. ପକ୍ଷପାତ)—୧ । ପକ୍ଷପାତ—
Paekh pātar 1. Partiality.
ବିଣ—ପକ୍ଷପାତୀ—Partial.

ପଏଗମ୍ବର୍—ବୈଦେ. ବି (ଫା. ପୈଗମ୍ବର୍)—ପଯ୍ଯଗମ୍ବର (ଦେଖ)—
Paegambar Payagambara (See)
(ପଏମ୍ବର୍, ପୈଗମ୍ବର୍, ପଇଗମ୍ବର୍—ଅନ୍ୟରୂପ)
पयगम्बर पैगम्बर

ପଏଗୁ—ଦେ. ବି (ସ୍ଥାନର ନାମ)—ପେଗୁ (ଦେଖ)
Paegu Pegu (See)

ପଏଟିଣ୍ – ବୈଦେ. ବି (ଇଂ. ପଏଣ୍ଟିଙ୍ଗ୍)—ପଇଟିଣ୍ (ଦେଖ)
Paeṭin Paiṭin (See)
(ପଏଟ୍ଟିଣି, ପଏଟ୍ଟିଙ୍ଗ୍—ଅନ୍ୟରୂପ)

ପଏଠ—ଦେ. ବି—ପଇଠ (ଦେଖ)
Paeṭha Paiṭha (See)

ପଏଡ୍ – ଦେ. ବି (ସଂ. ପ୍ରତିବନ୍ଧକ)—
Paerd ୧ । ବ୍ୟାଘାତ; ବାଧା; ପ୍ରତିବନ୍ଧକ—
रोक 1. Obstacle; obstruction.
दाब ୨ । କୌଣସି ପଦାର୍ଥ ଉପରେ ମାଡ଼ିବସିବା ରୂପ—
2. A pressure put on a thing or covering it.
पग; डेग ୩ । (ସଂ. ପଦକ; ପ୍ରା ପଅଗ, ପଗ) ପାଦ ଦ୍ୱାରା ଚାଲିଲେ ଯେତେ ସ୍ଥାନ ଅକ୍ରାନ୍ତ ହୁଏ; ପାହୁଣ୍ଡ—3. The space enclosed by one step of a person while walking; one step; a pace.

ପଏଣ୍ଟ—ବୈଦେ.ବ (ଇଂ.ପଏଣ୍ଟ)—୧ । (ରେଲଲାଇନ ଶବ୍ଦ) ଯେଉଁ ସ୍ଥାନରେ
Paent ଗୋଟିଏ ରେଲ୍‌ଲାଇନ୍ ସଙ୍ଗେ ଅନ୍ୟ ଗୋଟିଏ ରେଲ୍‌ଲାଇନ୍
पएण्ट ମିଶିଥାଏ—1. The point of railway line.
पॅइंट; पॉइंट ୨ । (କ୍ରିକେଟ୍‌ଖେଳ) ବାଟ୍ ଧର ଖେଳୁଥିବା ଖେଳାଳିର ସମ୍ମୁଖର ଦକ୍ଷିଣ ଦିଗରେ ଯେଉଁ ବିପକ୍ଷ ପକ୍ଷର ଲୋକ ଜଗିଥାଏ—
2. The point of a cricket ground.
୩ । କୌଣସି ବିଷୟର ଉଦ୍ଦିଷ୍ଟ ତର୍କସ୍ଥଳ; କୌଣସି ତର୍କର ବିବାଦାସ୍ପଦ ସ୍ଥଳ—
3. The point of an argument or dealing.
ଯଥା—(ମୁଁ ପଏଣ୍ଟ ଛାଡ଼ି କଥା କହିବି ନାହିଁ)

ପଏଣ୍ଟର—ବୈଦେ. ବ (ଇଂ. ପଏଣ୍ଟର୍)—୧ । ଏକପ୍ରକାର ଶିକାରୀ
Paentar ଶ୍ରେଷ୍ଠ ବଳିଷ୍ଠ କୁକୁର—1. A pointer (dog).
पएण्टर ୨ । ଯଦ୍ଦ୍ୱାରା କୌଣସି ସ୍ଥାନ ବା ବସ୍ତୁ ନିର୍ଦ୍ଦେଶ କରାଯାଏ—
पॅइंटर 2. Pointer; a pointing stick.

ପଏଣ୍ଟମାନ୍—ବୈଦେ ବ. (ଇଂ. ପଏଣ୍ଟସ୍‌ମାନ)—ଯେଉଁ ଲୋକ ଦୁଇ
Paent-mān ରେଲଲାଇନର ସଂଯୋଗସ୍ଥଳକୁ ଜଗିବାର ଭାର ଗ୍ରହଣ
पएण्टस्मान् କରିଥାଏ—Pointsman.
पॅइंटसमॅन [ଦ୍ର—ପଏଣ୍ଟସମାନ୍ ପଏଣ୍ଟରେ ଥାଇ ଯନ୍ତ୍ର (ପଏଣ୍ଟସ୍‌ମାନ୍—ଅନ୍ୟରୂପ) ମୋଡ଼ିଦେଲେ ରେଲଗାଡ଼ି ଉଦ୍ଦିଷ୍ଟ ଲାଇନ୍ ବାଟେ ଗତି କରେ ।]

ପଏଣ୍ଟିଙ୍ଗ(ଣ)—ବୈଦେ. ବ (ଇଂ. ପଏଣ୍ଟିଙ୍ଗ)—ପଇଟିଣ୍ (ଦେଖ)
Paenting(n) Paitin (See)

ପଏତା—ପ୍ରା. ଦେ (ସମ୍ବଲପୁର) ବ—ପଇତା—
Paetā Sacred thread.

ପଏଦଲ୍—ଦେ. ବ—ପଇଦଲ (ଦେଖ)
Paedal Paidala (See)

ପଏଦା—ବୈଦେ. ବ. (ଫା)—ପଇଦା (ଦେଖ)
Paedā (ପଏଦାଇସ୍—ଅନ୍ୟରୂପ) Paidā (See)

ପଏଦାର—ଦେ. ବ. (ସଂ. ପଦାତିକ)—ପାଇକ—
Paedāra A foot soldier.
प्याइक ସକଳ ମାତ୍ର ପାଇକ ସେ ପଏଦାର
पैदल ସୈନ୍ୟ ସେନାପତିମାନେ ହୋଇଲେ ବାହାର—ସାରଳା, ମହାଭାରତ ।

ପଏପାଟି—ଦେ. ବଣ—ପରିପାଟି (ଦେଖ)
Paepāti Paripāti (See)

ପଏର(ରି)—ପ୍ରାଦେ. (ସମ୍ବଲପୁର)ବ. (ଭୁଲ. ହି. ଏହି ଅର୍ଥରେ ପୈରା)—
Paer(ri) ବେଙ୍ଗଲା—Threshing or treading of paddy sheaves by bullocks.

ପଏରଚ୍ଛ—ପ୍ରାଦେ. (ସମ୍ବଲପୁର) ବଣ. (ସଂ. ପ୍ରତ୍ୟକ୍ଷ; ତୁଲ. ହି.
Paer-chhā ପରତ୍ୟକ୍ଷ)—୧ । ପରିଷ୍କାର; ନିର୍ମଳ—1 Clear.
୨ । ସ୍ୱଚ୍ଛ—2. Transparent.
୩ । ଅମ୍ଳାନ—3. Not pale.
୪ । ଉଜ୍ଜ୍ୱଳ—4. Bright.
୫ । ମେଘଦ୍ୱାରା ଅନାବୃତ—5. Unclouded.

ପଏରନ୍—ପ୍ରାଦେ. (ସମ୍ବଲପୁର)ବ—ଠାକୁରଙ୍କଠାରେ ଅଧିଆ ପଡ଼ିବା—
Paeran Lying prostrate before a Deity till one's wishes are granted.

ପଏରବ(ବୀ)—ବୈଦେ. ବ. (କଚେରିଆ) (ଫା)—୧ । ସତ୍ତ; ତଦ୍‌ବିର;
Paerab(bi) ଯୋଗାଡ଼—1. Suitable arrangements
पय़रबी **पैरवी** taken for an aim.
୨ । ମକଦମା ପାଇଁ ଆନୁସଙ୍ଗିକ ଉଦ୍ୟମ ବା ତଦ୍‌ବିର୍—
2. Arrangements necessary for the conduct of a case.

ପଏରବ(ବୀ)କାର୍—ଦେ. ବ. (କଚେରିଆ) (ଫା. ପୈରବ୍+ସଂ. କାର)—
Paerab(bi)kār ମକଦମାରେ ଯେଉଁ ଲୋକ ସମସ୍ତ ଆନୁସଙ୍ଗିକ
पय़रबीकार ତଦ୍‌ବିର୍ କରେ; ତଦ୍‌ବିରକାର—A person who
पैरवीकार looks after the necessary arrangements of a case.

ପଏଶ୍—ଦେ. ବ. (ସଂ. ପ୍ରବେଶ)—୧ । ପଇଶ୍ (ଦେଖ)
Paes **हूँस ख़याल, याद** Pais (See)
୨ । ସ୍ମରଣ—2. Rememberance; recollection.

ପଏଶ୍ ହେବା—ଦେ.କ୍ରି—୧ । ମନେ ପଡ଼ିବା; ସ୍ମୃତିପଥାରୂଢ଼ ହେବା—
Paes heba To be remembered.
हूँस हओा याद होना ୨ । ପ୍ରବେଶ ହେବା—2. To arrive; to enter.

ପଏଶନ୍—ପ୍ରାଦେ. (ସମ୍ବଲପୁର ବ—ଲୁଗାର ଭରଣି ସୂତା—
Paesan The woof of a cloth.
ଦେ ବ. (ଲରିଆ; ତୁଲ. ହି. ପସୀନା)—ଝାଳ; ସ୍ୱେଦ—
Sweat; perspiration.

ପଏସା (ଇତ୍ୟାଦି)—ପ୍ରାଦେ. (ସମ୍ବଲପୁର) ବ—ପଇସା ଇତ୍ୟାଦି (ଦେଖ)
Paesā (etc) Paisā etc (See)

ପଁ—ଦେ. ଅ. (ଧ୍ୱନ୍ୟନୁକରଣ)—ଅଧୋବାୟୁ ନିଃସରଣକାଳୀନ ନାତିଉଚ୍ଚ
Pan ଶବ୍ଦ—A moderate sound due to the issuing
पं पैं out of wind through the anus.
[ଦ୍ର—'ପୁଁ' ଶବ୍ଦ 'ପଁ' ଶବ୍ଦଠାରୁ କ୍ଷୀଣତର । 'ପେଁ' ଶବ୍ଦ 'ପଁ' ଅପେକ୍ଷା ବହୁକାଳସ୍ଥାୟୀ ।]

ପଁଥୁ—ପ୍ରାଦେ. (ବାଲେଶ୍ୱର) ବ (ତୁଲ. ହି. ପଁଖୁଡ଼ୀ)—ମାଛର ଡେଣା—
Panthu The fins of fishes.

ପକଡ଼—ଦେ. ବ—ପଗଡ଼ (ଦେଖ)
Pakarda Pagarda (See)

ପକଡ଼ା—ଦେ. ବ—ପଗଡ଼ା (ଦେଖ)
Pakarda Pagarda (See)

ପକଡ଼ା(ଡ଼େ)ଇବା—ଦେ. କ୍ରି—ପଗଡ଼ାଇବା (ଦେଖ)
Pakarda(rde)iba Pagardiba (See)
ବୃଦ୍ଧି-କାରଣ ଛାଡ଼ ନ ପକଡ଼
ନ ମାନେ ନବମାସ ନଗାଢ଼େ । କବିସୂର୍ଯ୍ୟ, ବଢ଼ତା ।

ପକା(କ୍କା)—ଦେ.ବ.(ସଂ. ପକ୍ୱ)—କୋଠାଘର—Masonry building.
Pakā(kkā) ଦେ. ବଣ(ସଂ.ପକ୍ୱ)—୧ । ସୁପରିପକ୍ୱ—1. Ripe.
पाका ୨ । ଘୃତପକ୍ୱ—2. Boiled or fried in ghee.

ପକ୍କା ୩ । ରନ୍ଧା ହୋଇଥିବା—3. Cooked.
(କଞ୍ଚା—ବିପରୀତ) ୪ । (ଫା.ପକ୍କା) ଚିରସ୍ଥାୟୀ—4. Permanent.
୫ । ଚୂନ ଓ ପଥର ବା ଇଟାରେ କାମ କରାଯାଇଥିବା—
5. Masonry; brick-and-lime built
୬ । ମଜଭୁତ; ସୁଦୃଢ଼—6. Strong; substantial; firm.
୭ । ପ୍ରବୀଣ; ସୁଦକ୍ଷ—7. Experienced; expert.
୮ । ଯେ ସବୁକଥାକୁ ଭଲ ଭଲ କରି ଦେଖି କରେ—
8. Thorough; square.
୯ । ଉତ୍ତମରୂପେ କରାଯାଇଥିବା—9. Well done.
୧୦ । ଉତ୍କୃଷ୍ଟ—10. Excellent.

ପକା(କେ)ଇବା—ଦେ. କ୍ରି. (ସଂ. ପ୍ରକ୍ଷେପ; ଭୁଲ. ପାଲ୍. ପକ୍ଖିଅ; ପଡ଼ିବାର ଣିଜନ୍ତରୂପ)—୧ । ସ୍ଥାପନ କରିବା—
Pakā(ke)ibā
ଫେଲା 1 To place; to put.
ଫେଙ୍କନା ୨ । ପିନ୍ଧିବା—2. To put on; to wear.
୩ । ଫୋପାଡ଼ିବା; ଫିଙ୍ଗିବା; କ୍ଷେପ କରିବା—
3. To throw away.
ସେ ପଦ ତୁସ୍ତି ପକାଇଲ
ଦେଖ ଅଦ୍ଭୁତ କର୍ମ କଲ । ଜଗନ୍ନାଥ. ଭାଗବତ ।
୪ । ଭୂମିସାତ୍ କରିବା—4. To fell; to throw down on the ground.
(ଯଥା—ଦୁଇଜଣ ଧୋବା ଗଛଟାକୁ ପକାଇଲେ ।)
୫ । ଖାଇବା—5. To eat; to take.
(ଯଥା—ସେ ଆଜି ଅଫିମ ଟେଳାଏ ପକାଇଛି ।)
୬ । କୌଣସି ପ୍ରସଙ୍ଗ ଉପସ୍ଥାପିତ କରିବା; ଉତ୍ଥାପନ କରିବା—
6. To put up or introduce a subject; to broach a matter.
ତେବେଁ ଭୀଷ୍ମଙ୍କୁ ଦେଖି ଗଲେ
ପଣ୍ଡିତ କଥା ପକାଇଲେ । ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।
୭ । (ପଙ୍ଖାଆଦି) ସଞ୍ଚାଳନ କରିବା—7. To wave; to move.
ଚାମର ପଂଖାଇ ମାନସ କଲ ପୂର୍ଣ୍ଣ । କୃଷ୍ଣସିଂହ. ମହାଭାରତ. ବନ ।
୮ । ପୋତିବା; ରୋପିବା—8. To plant.
(ଯଥା—ସେ ବଗିଚାରେ ବହୁତ କଦଳୀ ପୁଅ ପକାଇଛି ।)
୯ । (ଶତରଞ୍ଜଆଦି) ଭୂମିରେ ବିଛାଇବା; ପାରିବା—
9. To spread on the ground.
ସେଖା ସୁଖେ କମ୍ବଳ ପକାଇ ଶୋଇଲେ । କୃଷ୍ଣସିଂହ. ମହାଭାରତ. ବନ ।
୧୦ । (ଅନ୍ୟ କ୍ରିୟାର ଅସମାପିକାରୂପ ସଙ୍ଗେ ଲାଗେ; ଯଥା:—କରି ପକାଇବା, କୁଣ୍ଡାଇ ପକାଇବା)—ଶୀଘ୍ର କୌଣସି କ୍ରିୟା କରିବା—10. To do an act without delay.
ତୁହତା ଭୁଲେ ମରା ଭୂଣ୍ଡଅର ତାଙ୍କୁ
ପକାଇ ଲ କସ୍ତେ ବରଜ ବନଙ୍କୁ । କୃଷ୍ଣସିଂହ. ମହାଭାରତ. ବନ ।
୧୧ । ବୁଜିବା—11. To close; to shut.
ନୟନ ଫୋଡ଼ିଲେ କେ ଫୋଲିଲେ ନମେଷ
ନ ପକାଏ, ଏହା ଜାଣିବ ବୃଷ୍ଣିଇଶ । କୃଷ୍ଣସିଂହ. ମହାଭାରତ. ବନ ।
୧୨ । (ଧୋବାକୁ ଲୁଗାଆଦି) ଦେବା—12.
(ଯଥା—ସେ ଆଜି ଧୋବାଘରେ ଲୁଗା ପକାଇଛି ।)
୧୩ । ଖଡ଼ିରେ ଲେଖି ଗଣନା କରିବା;—
13. To calculate by writing.
(ଯଥା—ହରନାଦ୍ବାର କାଲି ଖଡ଼ି ପକାଇବ ।)
୧୪ । ତ୍ୟାଗ କରିବା—14. To part with.
(ଯଥା—ସେ ତୀର୍ଥରେ ନଖବାଳ ପକାଇବ ।)
୧୫ । ବିସ୍ତୃତ କରିବା—15. To cast; to spread; to lay.
(ଯଥା—କେଉଟ ନଈରେ ଜାଲ ପକାଇବ ।)
୧୬ । ଆଘାତ କରିବା—16. To strike.
(ଯଥା—କାହିଁକି ପିଲାଟାକୁ ବାଡ଼ିଏ ପକେଇଲୁ ?)
୧୭ । ଜନ୍ମ କରିବା; ଉତ୍ପାଦନ କରିବା—
17. To give birth to; to bring forth.
(ଯଥା—ଗାଈଟି ଏଥର ମାଈ ବାଛୁରୀଟିଏ ପକେଇଛି; ଏ ବର୍ଷ ନାଲି କଦଳୀ ଗଛ କାନ୍ଦିଏ କଦଳୀ ପକାଇଛି ।)
୧୮ । ମଳ ନିଃସାରଣ କରିବା—
18. To discharge faeces or ordure.
(ଯଥା—ପିଲାଟି ପାଣିଆ ପାଣିଆ ପକାଉଛି ।)
୧୯ । ନିଯୁକ୍ତ କରିବା; ଲଗାଇବା—19. To engage; to employ.
(ଯଥା—ଦଶ ଜଣ ଲୋକ ପକାଇଲେ ଏକା ଦିନେକେ ଏ ବିଲଆରିଟି ଧାନ କଟା ସରି ଯିବ ।)
୨୦ । ଯୋଗ କରିବା—20. To join; to add to.
(ଯଥା—ତମ୍ବାରେ ଦସ୍ତା ପକାଇ ଅଉଟିଲେ ପିତ୍ତଳ ହୁଏ ।)
୨୧ । ସ୍ଥାପନ କରିବା—21. To place; to put.
(ଯଥା—ସେ ବଳଦ ଉପରେ ପଲାଣ ପକାଇଲା; ସେ ତା ପିଠିରେ ହାତ ପକାଇ ଗ୍ଭଲିଲା ।)
୨୨ । ଦୁଃଖ ଆଦି ଭୋଗ କରାଇବା—22. To cause to suffer or undergo.
(ଯଥା—ମତେ ତୁମେ ଆଣି ଏ ଦଣ୍ଡରେ ପକାଇଲ ।)
୨୩ । ଉଦେଶ୍ୟରେ ବା ଦଗରେ ପ୍ରେରଣ କରିବା—23. To direct towards.
(ଯଥା—ସେ ମୋ ଉପରେ ବନ୍ଧୁକଗୁଳି ପକେଇଲା ।)

ପକା ଉଠା—ଦେ. ବି.—ବାରଂବାର ପକାଇବା ଓ ଉଠାଇବା କର୍ମ—
Pakāuṭhā The acts of repeatedly throwing
ଫେଲାତୁଲା ଉଠାପଟକ down and lifting up.

ପକାଉଠା କରିବା—ଦେ. କ୍ରି.—୧ । ଲକ୍ଷଣାର୍ଥ) କୌଣସି ସ୍ଥାନକୁ ଉପର୍ଯ୍ୟୁପରି ଗର୍ଜନ ବା ଉଚ୍ଚ ଶବ୍ଦଦ୍ବାରା କମ୍ପମାନ କରିବା—1. (fig) To shake a place by repeated roarings and loud sounds.
Pakā uṭhā karibā
ଫେଲାତୁଲା
ଉଠାନା ପଟକନା
(ପକାଇବା ଉଠାଇବା—ଅନ୍ୟରୂପ)
(ଯଥା—ସେ ଦୁହେଁ କଳି କଜିଆରେ ଗାଆଁକୁ ପକାଉଠା କରୁଛନ୍ତି ।)
୨ । (ଲକ୍ଷଣାର୍ଥ) ବିଶେଷ ଭାବରେ ଆନ୍ଦୋଳିତ କରିବା—
2. (fig) To create a violent agitation or commotion.

୩ । (ରୋଗର ଯନ୍ତ୍ରଣା) କୌଣସି ବ୍ୟକ୍ତିକୁ ଅସ୍ଥିର କରିବା; ଛଟପଟ କରାଇବା—3. To make a person restless through pangs.
(ଯଥା—ଏ ରୋଗ ପିଲାଟିକୁ ଭାରି ପକା ଉଠା କରୁଛି ।)

ପକା ଉ(ଓ)ପର—ଦେ. ବି—୧ । କୋଠାର ଛାତ—1. The roof of a building.
Pakā u(o) para
পাকাঘরের ছাত ୨ । କୋଠାର ଦ୍ୱିତୀୟ ତଲ—
पक्काऊपर 2. The second storey of a building.

ପକା କୋଠା—ଦେ. ବି—ପଥର ବା ଇଟା ଓ ଚୂନ ଗାନ୍ଥିକରେ ନିର୍ମିତ କୋଠା—Brick or stone and lime masonry building.
Pakā koṭhā
পাকাবাড়ি **पक्काकोठा**

ପକା ଗାନ୍ଥ(ନ୍ଥି)ନି—ଦେ. ବି—କାନ୍ଥ ପ୍ରସ୍ତୁତରେ ଚୂନ ସାହାଯ୍ୟରେ ଇଟା ବା ପଥର ବସିବା—Brick and lime masonry.
Pakā gāntha(nthi)ni
পাকাগাম্থনী **पक्कामिलेवा**

ପକା ଘର—ଦେ. ବି—୧ । ଇଟା ଓ ଚୂନ ଦ୍ୱାରା ପ୍ରସ୍ତୁତ କାନ୍ଥବିଶିଷ୍ଟ ଛପରଘର—1. A thatched house of brick and lime masonry.
Pakā ghara
পাকাবাড়ি
पक्काघर ୨ । ଘର—2. A masonry building.

ପକା ଡୋଲା—ଦେ. ବି (ସଂ. ପ୍ରକ୍ଷେପ + ଡୋଳନ)—
Pakā doḷā ୧ । ପକାଉଠା (ଦେଖ)—1. Pakā uṭhā (See)
(ପକାଡୋଳା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ଅଣଦେଖା—
2. (fig). Neglect.

ପକାଣ—ଦେ. ବି (ସଂ. ପକ୍ବଣ)—ଶବରପଲ୍ଲୀ; ଶବରମାନଙ୍କ କୁଡ଼ିଆ—
Pakāṇa A woodman's hut;a hamlet of woodmen's huts.

ପକାପକି—ଦେ. ବି—୧ । ଦୁଇଜଣ ଧସ୍ତାଧସ୍ତି ହୋଇ ପରସ୍ପରକୁ ତଳେ ପକାଇବା—1. Mutual throwing down of two combatants.
Pakāpaki
ফেলাফেলি
फेंकाफेंकी ୨ । ଦୁଇଜଣ ପରସ୍ପର ଉପରକୁ କୌଣସି ପଦାର୍ଥ ପକାଇବା—2. Mutual throwing of things at each other.
পাকাপাকী ଦେ. ବିଣ—ପକ୍କା ବା ଠିକଣା ହୋଇଥିବା (ବିଷୟ);
पक्कापक्की ସୁସ୍ଥିରୀକୃତ—(any matter) Made permanent or fixed; well settled.

ପକା(କ୍କା) ମାଲ—ଦେ. ବି—୧ । ଅତି ଉତ୍କୃଷ୍ଟ ପଦାର୍ଥ—1. Very excellent thing.
Pakā(kkā) māla
পাকামাল ୨ । ଘିଅପକ୍ୱ ସୁଖାଦ୍ୟ—2. Ghee-boiled food.
पक्का(क्की)माल ୩ । ସୁଦୃଢ଼ ବସ୍ତୁ—3. A strong built thing.
[ପକ୍‌(କ୍କ)ମାଲ—ଅନ୍ୟରୂପ]

ପକୁ—ଗ୍ରା. ବିଣ (ସଂ ପକ୍ୱ)—ସୁଜୀର୍ଣ୍ଣ; ପରିପକ୍ୱ (ଖାଦ୍ୟଦ୍ରବ୍ୟ)—
Paku ; Well digested (food).

ପକେଟ୍—ବୈଦେ. ବି (ଇଂ.)—ପାକେଟ୍; ଜାମାରେ ଲାଗି ଥିବା ଥଳି ବା ମୁଣି—Pocket of a coat.
Paket
পকেট **जेब, पाकीट**

ପକେଟ୍ ଅଭିଧାନ—ଦେ. ବି (ଇଂ. ପକେଟ୍ ଓ ସଂ. ଅଭିଧାନ) କ୍ଷୁଦ୍ରତାର ପକେଟ୍‌ରେ ରହି ପାରିବାଭଳି ଆକାରର ଅଭିଧାନ—A pocket dictionary.
Paket abhidhāna
পকেট অভিধান **जेवी अभिधान**
(ପକେଟ ଡିକ୍ସନାରୀ—ଅନ୍ୟରୂପ)

ପକେଟ୍ ଆଲାଓ୍ୱାନ୍ସ—ବୈଦେ, ବି (ଇଂ.)—ପକେଟ ଖରଚ; ବଡ଼ଲୋକଙ୍କ ପିଲାଙ୍କୁ ଖୁଚୁରା ଖରଚ କରିବା ପାଇଁ ଅଭିଭାବକଙ୍କ ଦ୍ୱାରା ଦିଆଯିବା ନିର୍ଦ୍ଦିଷ୍ଟ ଧନ—Pocket allowance.
Paket ālāwāns
পকেটআলাউআনস
जेब खरच

ପକେଟ୍ ଏଡିସନ୍—ବୈଦେ. ବି (ଇଂ.)—କୌଣସି ପୁସ୍ତକର ପକେଟରେ ରହି ପାରିବାଭଳି ଛୋଟ ଆକାରରେ ପ୍ରକାଶିତ ହୋଇଥିବା ସଂସ୍କରଣ—
Paket edisan
পকেট এডিসন
जेबी संस्करण Pocket edition.
(ପକେଟ୍ ସଂସ୍କରଣ—ଅନ୍ୟରୂପ)

ପକେଟ୍ ୱାଚ୍—ବୈଦେ. ବି (ଇଂ.)—ଯେଉଁ ଛୋଟ ଘଣ୍ଟା କୁର୍ତ୍ତା ପକେଟ୍‌ରେ ରଖାଯାଏ—Pocket watch.
Paket wāch
পকেটওয়াচ **जेबघड़ी** (ପକେଟ୍‌ଘଡ଼ି—ଅନ୍ୟରୂପ)

ପକେଟ୍‌କଟା—ଦେ. ବି—୧ । କୌଣସି ବ୍ୟକ୍ତିର ପିନ୍ଧିଥିବା ଜାମାର ପକେଟରୁ କୌଶଳ କ୍ରମେ କୌଣସି ଦ୍ରବ୍ୟ ଚୋରି କରିବା ଚୋର—1. A pickpocket.
Paket kaṭā
পকেটকাটা
पाकिटमार ୨ । ପକେଟ୍‌ରୁ କୌଶଳ ପୂର୍ବକ ଚୋରି କରିବା—2. Pick pocketing.
(ପକେଟ୍‌ମାରୁ, ପକେଟ୍ ଚୋର, ପକେଟ୍‌ମାର୍—ଅନ୍ୟରୂପ)

ପକେଟ୍ ଖରଚ—ବୈଦେ. ବି (ଇଂ. ପକେଟ୍ ଓ ଆ. ଖର୍ଚ)—
Paket kharacha ୧ । ବଡ଼ଲୋକଙ୍କ ପିଲାଙ୍କୁ ବାଜେ ବା ସଉକୀନ ଖରଚ କରିବାପାଇଁ ଦିଆଯିବା ନିର୍ଦ୍ଦିଷ୍ଟ ଧନ—1. Pocket allowance.
পকেট খরচ
जेबखर्च
୨ । ବଡ଼ ଲୋକଙ୍କ ଖାଦ୍ୟ, ପୋଷାକ ଓ ବହିପତ୍ର ଆଦି ପାଇଁ ନିର୍ଦ୍ଧାରିତ ଖରଚ ଛଡ଼ା ବାଜେ ଖରଚ—2. Private expenses; miscellaneous expenses

ପକେଟ୍ ଗୀତା—ଦେ. ବି (ଇଂ. ପକେଟ୍ ଓ ସଂ. ଗୀତା)—ପକେଟରେ ରହିପାରିବା ଭଳି ଆକୃତିର ଛୋଟ ଭଗବଦ୍‌ଗୀତା ଗ୍ରନ୍ଥ; ଭଗବଦ୍‌ଗୀତାର ପକେଟ୍ ସଂସ୍କରଣ—
Paket gitā
পকেটগীতা
पकेटगीता Pocket Gita.
[ଦ୍ର—ଏହିପରି 'ପକେଟ୍‌ଚଣ୍ଡୀ' ଆଦି ଶବ୍ଦ ମଧ୍ୟ ହୁଏ ।]

ପକେଟ ଘଡ଼ି—ବୈ. ବି (ଇଂ. ପକେଟ୍ ଓ ସଂ. ଘଟି)—ୱାଚ୍; ଗୁନ୍ ଘଡ଼ି—Pocket watch.
Paket ghaṛi
পকেটঘড়ি **जेबघाड़** (ପକେଟ୍ ଘଣ୍ଟା—ଅନ୍ୟରୂପ)

ପକେଟ୍ ବହି—ବୈଦେ. ବି—ପକେଟରେ ରହି ପାରିବାଭଳି ପୁସ୍ତକ—
Paket bahi Pocket book.
পকেটবই **पकेटबही** (ପକେଟବୁକ୍—ଅନ୍ୟରୂପ)

ପକେଟ୍‌ମାରିବା—ଦେ. କ୍ରି—କୌଶଳପୂର୍ବକ ମନୁଷ୍ୟର ପକେଟରୁ ଧନ ଚୋରି କରିବା—To pick one's pocket.
Paket māribā
পকেটমারা **पकेटमारना** (ପକେଟ କାଟିବା—ଅନ୍ୟରୂପ)

ପକୋଡ଼—ଦେ. ବି. (ସଂ. ପକ୍ୱବଟକ)—ଫେଣ୍ଟା ହୋଇଥିବା ବୁଟ
Pakordi ବେସନ ବା ବୁଟ ବଟାକୁ ଘିଅ ବା ତେଲରେ ଛାଙ୍କି
ପକୋଡୀ; ଫୁଲୁରି ଫୁଲବଡ଼ି ଆକାରରେ ତିଆର କରିବା ଖାଦ୍ୟ—
पकौड़ी Small globules of gram-flour mixed with water, made into paste and fried in ghee or oil.

[ଦ୍ର—ଦାକ୍ଷିଣାତ୍ୟରେ ଲଙ୍କାମରିଚ ଫଳକୁ ବୁଟବେସନ ଆଦିରେ ବୁଡ଼ାଇ ତାକୁ ଘିଅ ବା ତେଲରେ ଛାଣନ୍ତି। ସମୟେ ସମୟେ ବୁଟ ସଙ୍ଗେ ଲଙ୍କା ଓ ପିଆଜ ଆଦି ବଟା ହୋଇ ମଧ୍ୟ ପକୋଡ଼ି ତିଆର ହୁଏ ।]

ପକ୍କଣ—ସଂ. ବି. (ପଚ୍ ଧାତୁ=ପାକ କରିବା + ଅଧିକରଣ. କଣ=ଚଣ୍ଡାଳ-
Pakkana କଣା; ଯେଉଁ ଘରେ ଚଣ୍ଡାଳକଣା ବା ଖାଦ୍ୟ ରନ୍ଧା ଯାଏ)—୧ । ଶବରଗୃହ—1. Woodman's hut.
୨ । ଚଣ୍ଡାଳ କୁଟୀର —2. A poor man's hut.
୩ । (+ କରଣ. କଣ)ଅଗ୍ନି—3. Fire.

ପକ୍କା—ଦେ. ବିଣ. ସଂ. ପକ୍ୱ—୧ । ଚିରସ୍ଥାୟୀ; ସ୍ଥାୟୀ—
Pakkā 1. Permanent.
पाका ୨ । ମଜବୁତ୍—2. Strong.
पक्का ୩ । ଚୂନ ଗନ୍ଥନିରେ ତିଆରି—
3. Made with lime masonry.
(କଚ୍ଚା—ବିପରୀତ) ୪ । ଘୃତପକ୍ୱ—4. Fried in ghee
୫ । ନିପୁଣ; ଚତୁର—5. Clever; skilful.
୬ । ଦେଶଜାତ ବସ୍ତୁରୁ କୌଶଳ ପ୍ରୟୋଗପୂର୍ବକ ନିର୍ମିତ—
6 Manufactured from raw articles.
୭ । ଚାକିରିରେ ସ୍ଥାୟୀ ଭାବରେ ନିଯୁକ୍ତ—
7. Confirmed in a service.

ପକ୍କି—ବୈଦେ. ବିଣ. (ଫା. ପକ୍କୀ)—୧ । ଅତି ଉତ୍କୃଷ୍ଟ—
Pakki 1. Excellent
पाकी **पक्की** ୨ । ଘୃତପକ୍ୱ—2. Boiled in ghee.

ପକ୍କିମାଲ୍—ଦେ. ବି—୧ । ଘୃତପକ୍ୱ ଉତ୍କୃଷ୍ଟ ଖାଦ୍ୟ—
Pakki māl 2. Excellent or rich food fried in ghee.
पाकीमाल ୨ । ଉତ୍କୃଷ୍ଟ ପଦାର୍ଥ—2. Excellent thing.
୩ । ଦେଶଜାତ ମୌଳିକ ଦ୍ରବ୍ୟରୁ କୌଶଳ ପ୍ରୟୋଗଦ୍ୱାରା ନିର୍ମିତ—
पक्कीमाल 3. Manufactured articles manufactured from raw materials.

ପକ୍ତା—ସଂ. ବିଣ. ପୁଂ. (ପଚ୍ ଧାତୁ=ପାକ କରିବା+କର୍ତ୍ତୃ. ତୃ)—
Paktā (ପକ୍ତ୍ରୀ—ସ୍ତ୍ରୀ) ପାକକାରୀ; ପାଚକ—One who cooks.

ପକ୍ତି—ସଂ. ବି (ପଚ୍ ଧାତୁ+ଭାବ. ତି)—୧ । ପାକ; ରନ୍ଧନ—
Pakti 1. Cooking
୨ । ପାଚିବା—2. Ripening.

ପକ୍ୱ—ସଂ. ବିଣ. (ପଚ୍ ଧାତୁ=ପାକ କରିବା+ତ)—
Pakwa ୧ । ପରିଣତ; ପାଚିଲା—1. Ripe; mature.
(ପକ୍ୱତା, ପକ୍ୱତ୍ୱ—ବି) ୨ । ସମ୍ପୂର୍ଣ୍ଣରୂପେ ବର୍ଦ୍ଧିତ—
2 Fully developed.
୩ । ପାକଜନିତ; ସୁସିଦ୍ଧ—3. Well boiled; baked.
୪ । ଯୁଜୀର୍ଣ୍ଣ—4. Digested.
୫ । ଦୃଢ଼—5. Strong.
୬ । ସାରଯୁକ୍ତ—6. Substantial.
୭ । ବିନାଶୋନ୍ମୁଖ—7. Decadent.
୮ । ଶୁଭ୍ର (କେଶ)—8. Grey; white (hair).
୯ । ବୁଦ୍ଧିମାନ୍—2. Intelligent.

ପକ୍ୱଣ—ସଂ. ବି. (ପଚ୍ ଧାତୁ+ଅଧିକରଣ ବଣ; ଯେଉଁଠାରେ ପାକ
Pakwana କରାଯାଏ)—କୁଟୀର—Hut; cottage.

ପକ୍ୱାଧାନ—ସଂ. ବି. (ଷ. ତ. ଲୋ; କର୍ମଧା; ପକ୍ୱ+ଆଧାନ)—ପାକସ୍ଥଳୀ;
Pakwādhāna ପାକାଶୟ—The stomach; the digestive organs.
(ପକ୍ୱାଧାର, ପକ୍ୱାଶୟ—ଅନ୍ୟରୂପ)

ପକ୍ୱାନ୍ନ—ସଂ. ବି. (କର୍ମଧା; ପକ୍ୱ+ଅନ୍ନ)—୧ । ରନ୍ଧା ଯାଇଥିବା ଖାଦ୍ୟ—
Pakwānna 1. Cooked food.
୨ । ଘୃତପକ୍ୱ ମିଷ୍ଟାନ୍ନ; ପଲଉ—2. Dainty sweets prepared with ghee; rich food.

ପକ୍ଷ (ଧାତୁ)—ସଂ—ଗ୍ରହଣ କରିବା—
Paksh (root) To take.

ପକ୍ଷ—ସଂ. ବି. (ପକ୍ଷ ଧାତୁ=ଗ୍ରହଣ କରିବା+କର୍ମ. ଅ)—
Paksha ୧ । ମାସାର୍ଦ୍ଧ; ପଞ୍ଚଦଶ ଦିବାରାତ୍ରି—1. Fortnight.
[ଦ୍ର ଶୁକ୍ଲ ପ୍ରତିପଦଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶୁକ୍ଲପକ୍ଷ ଓ କୃଷ୍ଣ ପ୍ରତିପଦଠାରୁ ଅମାବାସ୍ୟା ପର୍ଯ୍ୟନ୍ତ କୃଷ୍ଣପକ୍ଷ ।]
୨ । ପକ୍ଷୀର ଡେଣା—2. Wing of a bird.
୩ । ବାଣ ବା ଶରରେ ଲାଗିଥିବା ପକ୍ଷ ବା ପୁଚ୍ଛ—
3. The feather of an arrow.
୪ । ପାଖ; ପାର୍ଶ୍ୱ—4. Side; flank.
୫ । ଗୁଚ୍ଛ; ସମୂହ—5. Collection; cluster.
୬ । ଭିତ୍ତି; କାନ୍ଥ—6. Wall.
୭ । ବରଣ୍ଡା; ପିଣ୍ଡା—7. Varanda; aisle.
୮ । ପାର୍ଶ୍ୱଗୃହ—8. Side room.
୯ । ରାଜହସ୍ତୀ—9. A king's elephant.
୧୦ । ବିରୋଧ 10. Opposition.
୧୧ । ଥର; ବାର—11. Time.
୧୨ । ସୈନ୍ୟ; ବଳ—12. Army.
୧୩ । ପ୍ରଶ୍ନ ବା ଉତ୍ତର—13. Question or answer.
୧୪ । ପ୍ରତ୍ୟୁତ୍ତର —14. Reply.
୧୫ । ସହାୟ—15. Help; support.
୧୬ । ସମ୍ପ୍ରଦାୟ; ଗଣ; ଦଳ; ୨ଟି ବିପକ୍ଷ ଦଳ ମଧ୍ୟରୁ ଏକ—
16. Party; one of the contending parties.
୧୭ । ଏକପକ୍ଷଭୁକ୍ତ ବ୍ୟକ୍ତି—17. Partisan.
୧୮ । ଚୁଲିର ପଞ୍ଜା ବା ମୁହଁ—
18. The mouth of an oven.
୧୯ । ଦୁଇ ସଂଖ୍ୟାବୋଧକ ଅଙ୍କ—19. Dual number; two.

୨୦ । ମତ—20. Opinion.

୨୧ । ଦ୍ୱନ୍ଦ୍ୱ; ଯୋଡ଼ା—21. Couple; pair.

୨୨ । ବିରୁଦ୍ଧ ଯୁକ୍ତିର ଏକ ଦିଗ – 22. One side of an argument.

୨୩ । (ନ୍ୟାୟଦର୍ଶନ) ଅନୁମେୟ ବସ୍ତୁର ଆଧାର—23. The subject of a logical proposition.

ଦେ. ବି.—୧ । ଏକ କଡ଼ାର ୨ ଭାଗରୁ ଏକ ଭାଗ—1. ½ of a karḍā.

୨ । ଘଟଣା; ଅବସ୍ଥା —2. State; event.

ହେବାରୁ ତୁମ୍ଭେ ମ୍ନେହେ ଲଂପଟ,
ଭଲ ପକ୍ଷ ଗଢ଼ିବାର ଘଟ । ଜଗନ୍ନାଥ. ଜଗଦ୍ଭାବସ୍ତୋତ୍ର ।

୩ । ଚକ୍ଷୁର ଡୋଳା—3. Eye-ball.

ଏମନ୍ତ ନୟନ ମଧ୍ୟ ପକ୍ଷ ଅନ୍ତରେ ରହିବ ।
ଉପେ. ପ୍ରେମସୁଧାନିଧି ।

ଦେ. ବିଣ.—ବିପକ୍ଷ; ପ୍ରତିକୂଳ—Unfavourable.

ଏବେ ମୁ କହୁଅଛି ଶିଙ୍ଗ ନାହିଁ ପକ୍ଷ ହେତୋରୁ ଭୁ ଅହଂକାରେ ।
ଜଗନ୍ନାଥ. ସଙ୍ଗୀତ ।

ପକ୍ଷକ—ସଂ. ବି.—୧ । ସହାୟ; ସପକ୍ଷ—
Pakshaka 1. Partisan; supporter.

୨ । ପାର୍ଶ୍ୱଦ୍ୱାର; ବାଡ଼ି ଦୁଆର—2. Back door; side door.

୩ । ପାର୍ଶ୍ୱ—3. Side; flank.

ପକ୍ଷକ ଲୋକ—ଦେ. (ପଦ୍ୟ) ବି.—ଭକ୍ତ—
Pakshaka loka A devotee.

পক্ষের লোক ବଇଷ୍ଣବ-ପକ୍ଷକ-ଲୋକ ଚେତିଛି ।
পক্ষকা অদমা ଉପ. ବୈଦେହୀଶବିଳାସ ।

ପକ୍ଷ ଗ୍ରହଣ—ସଂ. ବି. (୭ମୀ ତତ୍; ପକ୍ଷ+ଗ୍ରହଣ)—୧ । ଦୁଇ ବିପକ୍ଷୀୟ
Paksha grahaṇa ପକ୍ଷ ମଧ୍ୟରୁ ଗୋଟିଏ ପକ୍ଷକୁ ଆଶ୍ରୟ କରିବା
(ପକ୍ଷାବଲମ୍ବନ—ଅନ୍ୟରୂପ) 1. Taking one of the two sides.

୨ । ପକ୍ଷପାତ—2. Partiality towards one party.

ପକ୍ଷଚର—ସଂ. ବି. (ପକ୍ଷ+ଚର୍ ଧାତୁ+କର୍ତ୍ତୃ. ଅ)—୧ । ଚନ୍ଦ୍ର—
Pakshachara 1. The moon.

୨ । ଅନୁଚର –2. Follower; attendant.

୩ । ସହଚର—3. Companion.

୪ । ଚକ୍ରବାକ; ଚକ୍ରବାକ ପକ୍ଷୀ—4. The ruddy gooes.

୫ । ହସ୍ତୀ –5. Elephant.

ପକ୍ଷତି—ସଂ. ବି. (ପକ୍ଷ+ମୂଳାର୍ଥରେ. ତି)—୧ । ପକ୍ଷୀ ଡେଣାର ମୂଳ—
Pakhsati 1. The root of a brid's wing.

୨ । ପ୍ରତିପଦ—2. The Ist. day of the moon's wane or increase.

ପକ୍ଷ ଦ୍ୱାର—ସଂ. ବି. (ପକ୍ଷ+ଦ୍ୱାର)—୧ । ବାଡ଼ିଦୁଆର; ଗଳି କବାଟ—
Paksha dwāra 1. Back door;

୨ । ପାର୍ଶ୍ୱ ଦ୍ୱାର—2. Side door.

୩ । ଗଳି କବାଟ; ଗୁପ୍ତ କବାଟ—3. Trap door.

ପକ୍ଷଧର—ସଂ. ବି. (ପକ୍ଷ+ଧୃ ଧାତୁ+କର୍ତ୍ତୃ. ଅ)—୧ । ଚନ୍ଦ୍ର—
Pakshadhara 1. The moon.

୨ । ପକ୍ଷୀ 2. Bird.

ସଂ. ବିଣ.—ପକ୍ଷଯୁକ୍ତ—Winged.

ପକ୍ଷ ଧରିବା—ଦେ. କ୍ରି.—୧ । ବିବାଦରେ କୌଣସି ପକ୍ଷ ଗ୍ରହଣ କରିବା-
Paksha dharibā 1. To take a side in a dispute.

পক্ষ ধরা ପାଣ୍ଡୁସୁତଙ୍କର ଦୁର୍ମ୍ମତି ହେଲେ ଶୋକ,
पक्ष धरना ପକ୍ଷ ଧରି ରହିବାକୁ ମୋର ନାହିଁ ବଳ । କୃଷ୍ଣସିଂହ. ମହାଭାରତ ।

(ପକ୍ଷ ନେବା—ଅନ୍ୟରୂପ) ୨ । ପକ୍ଷପାତୀ ହେବା; ଏକ ପକ୍ଷ ପ୍ରତି ଅନ୍ୟାୟରେ ଆସକ୍ତ ହେବା—2. To be partial to one party.

ପକ୍ଷପାତ—ସଂ. ବି. (ପକ୍ଷ+ପାତ)—୧ । ଏକ ପକ୍ଷ ପ୍ରତି ଅନ୍ୟାୟ ଆସକ୍ତି
Pakshapāta 1. Partiality.

୨ । ଗୋଟିଏ ପାଖକୁ ଆଉଜିବା—2. Inclining to ones

ଦେ. ବିଣ.—ପକ୍ଷପାତୀ—
Partial; one sided; prejudiced.

ପକ୍ଷପାତୀ—ସଂ. ବିଣ. ପୁଂ. (ପକ୍ଷ+ପାତିନ୍; ୧ମା. ୧ବ.)—ଏକ ପକ୍ଷ
Pakshapāti ପ୍ରତି ଅନ୍ୟାୟଭାବରେ ଆସକ୍ତ—Partial;
(ପକ୍ଷପାତିନୀ—ସ୍ତ୍ରୀ) (ପକ୍ଷପାତିତା—ବି.) biased.

ପକ୍ଷପୁଟ—ସଂ. ବି. (୬ଷ୍ଠୀ ତତ୍; ପକ୍ଷ+ପୁଟ)—ଡେଣା—
Paksha pūṭa Wing.

ପକ୍ଷବାନ୍—ସଂ. ବିଣ. ପୁଂ (ପକ୍ଷ+ବତ୍; ୧ମା. ୧ବ.)—ପକ୍ଷବିଶିଷ୍ଟ—
Pakshabān Winged.

ପକ୍ଷ ମୂଳ—ସଂ. ବି. (୬ଷ୍ଠୀ ତତ୍; ପକ୍ଷ+ମୂଳ)—ପକ୍ଷତି (ଦେଖ)—
Paksha mūḷa Pakshati (See)

ପକ୍ଷ ସଞ୍ଚାଳନ—ସଂ. ବି. (୬ଷ୍ଠୀ ତତ୍; ପକ୍ଷ+ସଞ୍ଚାଳନ)—ଡେଣାକୁ
Paksha sañchāḷana ଇତସ୍ତତଃ ଚଳାଇବା; ଡେଣା ଝାଡ଼ିବା—
Moving the wings to and fro.

ପକ୍ଷ ସମର୍ଥନ—ସଂ. ବି. (୬ଷ୍ଠୀ ତତ୍; ପକ୍ଷ+ସମର୍ଥନ)—ଏକ ପକ୍ଷର
Paksha samarthana ସହାୟତା—Supporting one
(ପକ୍ଷସମର୍ଥକ—ବିଣ) party.

ପକ୍ଷାଘାତ—ସଂ. ବି. (୬ଷ୍ଠୀ ତତ୍; ପକ୍ଷ+ଆଘାତ)—ବାତ ବ୍ୟାଧିବିଶେଷ;
Pakshāghāta ଏକାଙ୍ଗୀ ବାତ (ଯହିଁରେ ଅଙ୍ଗପ୍ରତ୍ୟଙ୍ଗ ଅବଶ ହୁଏ)—Paralysis; palsey.

ପକ୍ଷାଘାତୀ—ସଂ ବିଣ. ପୁଂ. (ପକ୍ଷାଘାତ+ଇନ୍; ୧ମା. ୧ବ.)—ପକ୍ଷାଘାତ
Pakshāghāti (ପକ୍ଷାଘାତିନୀ—ସ୍ତ୍ରୀ) ରୋଗାକ୍ରାନ୍ତ—
Paralytic; paralysed.

ପକ୍ଷାନ୍ତ—ସଂ. ବି. (୬ଷ୍ଠୀ ତତ୍; ପକ୍ଷ+ଅନ୍ତ)—ପକ୍ଷର ଶେଷ ଦିନ;
Pakshānta ପୌର୍ଣ୍ଣିମୀ ବା ଅମାବାସ୍ୟା—The last day of a lunar fortnight.

ପକ୍ଷାନ୍ତର—ସଂ. ବି. (ନିତ୍ୟ ସମାସ; ଅନ୍ୟ ପକ୍ଷ=ପକ୍ଷାନ୍ତର)—
Pakshāntara ଅନ୍ୟ ପକ୍ଷ; ଅପର ପକ୍ଷ—The other side; another view of an argument.

ପକ୍ଷାନ୍ତରେ—ଦେ. କ୍ରି. ବିଣ —ଅପର ପକ୍ଷରେ; ଅନ୍ୟଥା; ପରନ୍ତୁ—
Pakshāntare Otherwise; on the other side;
(ପକ୍ଷାନ୍ତରରେ—ଅନ୍ୟରୂପ) on the other hand.

পক্ষান্তরে पक्षान्तरमे

ପକ୍ଷିଆ—ପ୍ରାଦେ. (ଗଡ଼ଜାତ) ବ—ଡେଣ୍ଡାର ଦୁଇ ଖମ୍ବ ଉପରେ ପଡ଼ିଥିବା
Pakshiā ଆଡ଼ଧାରଣା—
ଦେ. ବ—ପକ୍ଷିଆ (ଦେଖ)—Pakhiā (See)

ପକ୍ଷିଚ(ଜ)ଟା—ଦେ. ବ. (ସଂ. ପକ୍ଷୀ ଓ ଜଟାୟୁ)—
Pakshicha ja)ṭā ଶ୍ରୀମାୟଣବର୍ଣ୍ଣିତ ଜଟାୟୁ ନାମକ ଗୃଧ୍ରରାଜ—
जटायु, जटायु Name of the King of vultures mentioned in the Rāmāyaṇa.
[ଦ୍ର— ଏ ଦଶରଥଙ୍କର ମିତ୍ର ଥିଲେ ।]

ପକ୍ଷିଣୀ—ସଂ. ବ. ସ୍ତ୍ରୀ. (ପକ୍ଷ+ଇନ୍+ସ୍ତ୍ରୀ. ଈ)—
Pakshiṇī ୧ । ସ୍ତ୍ରୀ ପକ୍ଷୀ—1. A she-bird.
(ପକ୍ଷୀ—ପୁଂ) ୨ । ଦୁଇ ଦିବା ଓ ତନ୍ମଧ୍ୟସ୍ଥ ରାତ୍ରି—
2. Two days and the night between them; a period of 36 hours beginning from dawn.

ପକ୍ଷି ଧରା—ଦେ. ବ—ବ୍ୟାଧ; ଚଢ଼େଇମାରୁ—
Pakshi dharā A bird-catcher; a fowler.
(ପକ୍ଷିମରା—ଅନ୍ୟରୂପ) পক্ষিমার पक्षी पकड़ने वाला

ପକ୍ଷି ପାଣି—ଦେ. ବ—ଗୁକୁକାଳକା ଓ କୋଚଲଖାଇ ଆଦି ପକ୍ଷୀଙ୍କ
Pakshi pāṇi ପକ୍ଷକୁ ପାଣିରେ ସିଝି କରି ସନ୍ଧିବାତ ଓ ଆମବାତ
পাখীর সুরুআ ଆଦି ରୋଗରେ ଦିଆଯିବା ପାନୀୟବିଶେଷ—
A broth prepared by boiling the wing of certain birds and used as a medicine for certain diseases (e.g. rheumatism).

ପକ୍ଷି ବିଦ୍ୟା—ସଂ. ବ—ପକ୍ଷୀମାନଙ୍କ ବିବରଣ ସମ୍ବନ୍ଧୀୟ ବିଦ୍ୟାବିଶେଷ—
Pakshi bidyā Ornithology.

ପକ୍ଷି ମଞ୍ଜାରି—ପ୍ରାଦେ. (ଗଡ଼ଜାତ) ବ—ରାତିରେ ବୋବାଳି ଛାଡ଼ିବା
Pakshi manjāri ପକ୍ଷୀବିଶେଷ—A kind of wild bird whose scream is heard in night and is deemed ominous.
[ଦ୍ର— ଏମାନଙ୍କ ଡାକ ଅଶୁଭ ସୂଚକ ।]

ପକ୍ଷିରା—ଦେ. ବିଣ. (ସଂ. ପକ୍ଷ; ପକ୍ଷ ପରି ପତଳା ହେବା ଯୋଗୁଁ)—
Pakshirā ଜୀର୍ଣ୍ଣ ଶୀର୍ଣ୍ଣ (କବାଟ, ଚକି ଆଦି)—
পাতলা खिआया हुआ Worn out and emaciated.
(ଯଥା— କବାଟଟି ପକ୍ଷିରା ହୋଇ ଗଲାଣି ।)
ଦେ. ବ—ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥା—
The state of being worn out.
(ଯଥା—ଏ କବାଟକୁ ପକ୍ଷିରା ବାଧିଲାଣି ।)

ପକ୍ଷିରାଜ—ସଂ. ବ. ପୁଂ. (୬ଷ୍ଠୀ ତତ୍; ପକ୍ଷିନ୍+ରାଜନ୍; ୧ମା. ୧ବ) –
Pakshirāja ୧ । ଶ୍ରେଷ୍ଠ ପକ୍ଷୀ—1. An excellent bird.
୨ । ଗରୁଡ଼—2. Garurda.
୩ । ମୟୂର—3. Peacock.
ଦେ. ବ—କାହାଣୀରେ ବର୍ଣ୍ଣିତ ପକ୍ଷବିଶିଷ୍ଟ ଘୋଟକ—
The winged horse of the folktales.

ପକ୍ଷିରାଜ ଘୋଡ଼ା—ଦେ.ବ—କାହାଣୀ ଓ ପୁରାଣରେ ବର୍ଣ୍ଣିତ ଉଡ୍ଡୟନଶୀଳ
Pakshirāja ghorda ପକ୍ଷଯୁକ୍ତ ଘୋଟକବିଶେଷ—
পক্ষিরাজ ঘোড়া The winged horse of mythology and folktales.
पक्षिराज घोड़ा

ପକ୍ଷି ଶାବକ—ସ. ବ—ଚଢ଼େଇ ଛୁଆ—
Pakshi śābaka The young ones of a bird.

ପକ୍ଷିଶାଳା—ସଂ. ବ. (୬ଷ୍ଠୀ ତତ୍; ପକ୍ଷୀ+ଶାଳା)—ଚଢ଼େଇଶାଳା—
Pakshiśāḷā An aviary; a bird-house.

ପକ୍ଷୀ—ସଂ. ବ. ପୁଂ. (ପକ୍ଷ+ଇନ୍; ୧ମା. ୧ବ)—
Pakshī ୧ । ଚଢ଼େଇ; ବିହଗ; ବିହଙ୍ଗମ—1. Bird.
(ପକ୍ଷିଣୀ—ସ୍ତ୍ରୀ) ୨ । ବାଣ; ଶର—2. Arrow.
ଦେ. ବ - ପକ୍ଷୀ (ଦେଖ)—Pakhī (See)
ପ୍ରାଦେ. (ଯାଜପୁର) ବ—ମୁଖା (ଦେଖ)—Mukhā (See)

ପକ୍ଷୀନ୍ଦ୍ର ସଂ. ବ. (୬ଷ୍ଠୀ ତତ୍; ପକ୍ଷୀ+ଇନ୍ଦ୍ର)—ଗରୁଡ଼; ଖଗେଶ୍ୱର—
Pakshīndra Garurda; the king of birds.

ପକ୍ଷୀୟ— ସଂ. ବିଣ. ପୁଂ. (ପକ୍ଷ+ସମ୍ବନ୍ଧାର୍ଥରେ ଈୟ)—
Pakshiya ପକ୍ଷଭୁକ୍ତ; ଦଳଭୁକ୍ତ—Belonging to a party or side.

ପକ୍ଷୋଦ୍ଗମ—ସଂ. ବ. (୬ଷ୍ଠୀ ତତ୍; ପକ୍ଷ+ଉଦ୍ଗମ)—
Pakshodgama ପକ୍ଷୀର ଦେହରେ ପକ୍ଷର ଉଦ୍‌ଭବ—The coming out of the wings on the body of a bird.
ପକ୍ଷୋଦ୍ଭବ, ପକ୍ଷୋଦ୍ଭେଦ } ଅନ୍ୟରୂପ

ପକ୍ଷ୍ମ—ସଂ. ବ. (ପକ୍ଷ୍ ଧାତୁ=ଗ୍ରହଣ କରିବା+କର୍ମ. ମନ୍; ପକ୍ଷ୍ମନ୍ ଶବ୍ଦ
Pakshma ୧ମା. ୧ବ)—୧ । ନେତ୍ରଚ୍ଛଦ ଲୋମ; ଆଖିର ପତାର ଲୋମ—1. The eyelashes.
୨ । ଲୋମ—2. Small hair.
୩ । ପକ୍ଷୀର ପାଲକ—3. The down of a bird.
୪ । ପୁଷ୍ପକେଶର—4. The filaments of a flower.
୫ । ସୂକ୍ଷ୍ମାଂଶ—5. Fibre.
୬ । ସୂତାର ଅଗ୍ରଭାଗ—6. The end of a thread.

ପକ୍ଷ୍ମଳ—ସଂ. ବିଣ. (ପକ୍ଷ୍ମନ୍+ଅସ୍ତ୍ୟର୍ଥରେ. ଲ)—
Pakshmaḷa ନେତ୍ରଲୋମବିଶିଷ୍ଟ—
ଗହଳ ପକ୍ଷ୍ମ ଉଚ୍ଚଳ ପକ୍ଷ । ଭକ୍ତ, ପ୍ରେମସୁଧାନିଧି ।

ପଖ—ଦେ. ବ. (ସଂ. ପକ୍ଷ; ପ୍ରା. ପକ୍ଖ)—ମାସାର୍ଦ୍ଧ—
Pakha Fortnight
পখ ସେ ଚନ୍ଦ୍ରମାଙ୍କର ଶାପ ପାଇ, ବଢ଼ଇ ପଖରେ ହରାଇ ।
पख ଯଶୋବନ୍ତ, ପ୍ରେମଭକ୍ତି ବ୍ରହ୍ମଗୀତା ।
୨ । ଚନ୍ଦ୍ରମାନ ପକ୍ଷ—2. Lunar fortnight.

ପଖ(ଖା)ଉଜ—ଦେ. ବ. (ସଂ. ପକ୍ଷ=ପାର୍ଶ୍ୱ+ଅ ଅବାଜ୍=ଶବ୍ଦ;
Pakha(khā)uja ପାର୍ଶ୍ୱ ଦେଶରେ ଏହା ବାଜିବା ହେତୁ)—
ପଖୋଜ, ପଖାଉଜ୍ } ଅନ୍ୟରୂପ ଦୁଇ ପାଖରେ ଚର୍ମନଦ୍ଧ ଗୋଲ ଓ ଲମ୍ବ ବାଦ୍ୟବିଶେଷ; ଢୋଲକି; ମର୍ଦ୍ଦଳ—
পাখোয়াজ A cylindrical drum covered with skin
पखावज on both ends; Tambourine.

ପଖଡ଼—ଦେ. ବ (ସଂ. ପର୍କଟ; ପ୍ଲକ୍ଷ)—ପର୍କଟ (ଦେଖ)
Pakharda পাকুড় पाकर Parkaṭa (See)

ପଖାନ୍—ପ୍ରାଦେ. (ସମ୍ବଲପୁର) ବ (ସଂ. ପାଷାଣ; ଭୁଲ; ହି. ପାଖାନ୍; ଷ
Pakhan ସ୍ଥାନରେ ଖ ଉଚ୍ଚାରଣ)—ପାଷାଣ; ପଥର—Stone.
ଜଳେଡ଼ ବୁଡ଼ି ଅଛେ, ପଖନ୍ ବୁଡ଼େ ଗୁରେ —ତ୍ରିବନକ ।

ପଖନା—ପ୍ରାଦେ. (ବସ୍ତର) ବ (ସଂ. ପାଷାଣ; ଭୁଲ ହି. ପାଖାନ୍)—ପଥର;
Pakhanā ପାଷାଣ—Stone.

ପଖଲ୍—ପ୍ରାଦେ. (ମେଦନାପୁର) ବ (ବ. ପାଖାଲ) - ପଖାଳ (ଦେଖ)
Pakhal Pakhāḷa (See)

ପଖଳା—ଦେ. ବ. (ସଂ. ପ୍ରକ୍ଷାଳନ)—୧ । ପ୍ରକ୍ଷାଳନ; ଧୋଇବା—
Pakhaḷā Washing.
ପାଖଲାନ ୨ । ଭାତ ପଖାଳିବା —
ପଖାରନା 2. Wetting boiled rice.
ଦେ. ବଣ—ଧୌତ; ପ୍ରକ୍ଷାଳିତ—Washed.

ପଖଳା(ଲେ)ଇବା—ଦେ. କ୍ରି—'ପଖାଳିବା'ର ଣିଜନ୍ତରୂପ—
Pakshḷā(le)ibā Causative form of pakhāḷibā.
ପାଖଲାନ ପଖରାନା

ପଖା—ଦେ. ବ. (ସଂ. ପକ୍ଷ)—୧ । କଡ଼; ପାର୍ଶ୍ୱ—
Pakhā 1. Side; flank.
ଖାଖା ପଖା ପିଠି ମଣ୍ଡ ନାକ ତାଳରେ ଘର,
ପାଁଜୁରା ମର୍ଣ୍ଣ ହୋଇଲେ ହରଙ୍କୁଳ ଘୋଡା କର । କୃଷ୍ଣସିଂହ, ମହାଭାରତ, ଦ୍ରୋ—
୨ । ଖୁଆମୁଣ୍ଡି; ବାହୁର ମୂଳ—2. The root of the arm
୩ । କାକପାଖ ହାଡ଼—3. Shoulder blade.
ପାଖା ୪ । ଚୁଲିର ଉହ୍ନ ବା ମୁଖ—
4. The mouth of an oven.
ପଂଖା ୫ । ବ୍ୟଜନ; ପଙ୍ଖା—5. Fan.
ସ୍ତ୍ରିଗମାନେ ଯେ ପଙ୍ଖାମାନ ପବାଇଲେ ।
ସୁଖେହିତ ସାମନ୍ତଙ୍କ ଅଙ୍ଗରେ—କୃଷ୍ଣସିଂହ. ମହାଭାରତ ।

ପଖାଇବା—ପ୍ରାଦେ. (ଗଞ୍ଜାମ) କ୍ରି (ସଂ. ପାର୍ଶ୍ୱ)—ପାଖେଇବା; ଏକପାଖକୁ
Pakhāibā ଘୁଞ୍ଚିଯିବା; ଆଡ଼େଇଯିବା—To move to a side.

ପଖା କାଢ଼ିବା—ପ୍ରାଦେ. (ଗଞ୍ଜାମ) କ୍ରି—୧ । ଗାଡ଼ିକୁ ରାସ୍ତାର ଏକପାଖକୁ
Pakhā kārdhiba ଚଳାଇବା—2. To move a cart
to a side of the road.
୨ । ବାଟର ଗୋଟିଏ ପାଖକୁ ଘୁଞ୍ଚିଯିବା; ପାଖେଇବା—
2. To move to a side of the road.

ପଖା ଖସା(ସେ)ଇବା—ଦେ. କ୍ରି—ମାଡ଼ ଦ୍ୱାରା ହାତର ଡେଣାକୁ
Pahhā khasā(se)ibā ସ୍ୱସ୍ଥାନଚ୍ୟୁତ କରିବା—To displace
ଡେନାଭାଙ୍ଗା the arm from its socket by blows.
ପାଁଜୁରତୋଡ଼ନା ତାହାର ଉଷାର ଚୋଖ, ନଇ ଖଜ ଖ ପଖା—
ତେବେ ସେ ଯାଇ ତେବେ ଦେଖା । ଉଷ ।
[ପଖା ଖସା(ସେ)ଇ ଦେବା, ପଖା ଭାଙ୍ଗିବା] } ଅନ୍ୟରୂପ
ପଖା ଭାଙ୍ଗିଦେବା,

ପଖା ପଡ଼ିବା—ଦେ. ବ.—ବ୍ୟଜନ ଚାଳନ—
Pakhā pardibā The going on of a fan
ପାଖାଚଲୋ ପଂଖାଚଲନା

ପଖାବାଡ଼ି—ଦେ. ବ (ଜାହାଜିଆ ଭାଷା)—ଜାହାଜର ଚକ୍ରଯନ୍ତ୍ର ପରିଧିରେ
Pakhā bārdi ଧରିବାପାଇଁ ବାହାରିଥିବା କାଠି—'nautical)
ପଂଖାଡାଁଡ଼ The handles on the periphery of the
wheel which controls the rudder of a ship.
ବାହାର ପଖାବାଡ଼ି ଧରିଥିବା ଜଣ ଜଣକି ଡାକିଲେ । ଫକୀରମୋହନ, ଗଳ୍ପସ୍ୱଳ୍ପ ।

ପଖାଳ—ଦେ. ବ. (ସଂ. ପ୍ରକ୍ଷାଳ; ଭୁଲ. ପ୍ରା. ପକ୍ଖାଳ)—୧ । ପାଣିରେ
Pakhāḷa ବତୁରି ହୋଇ ପରେ ଖିଆ ଯିବା ପାଇଁ ରଖାଯାଇ-
ପାନ୍ତାଭାତ, ପଖାଲ, ଭିଜାଭାତ୍, ପାକାଲ୍ ଥିବା ଭାତ; ପ୍ରକ୍ଷାଳିତ
ପକ୍ଖାଲ୍, ପନ୍‌ଭାତ୍, ପନ୍‌ମତା ଅନ୍ନ—1. Stale watered rice;
(ଉଦକ—ଭପସ୍ୱିତ) boiled rice moistened
with water.
[ଦ୍ର—ଆଜ ପଖାଳ ହୋଇଥିବା ଭାତକୁ ସଜ ପଖାଳ ଏବଂ ଗତ କାଲି
ପଖାଳ ହୋଇଥିବା ଭାତକୁ ବାସି ପଖାଳ ବୋଲାଯାଏ । ଗରମ
ଭାତରେ ପାଣି ଦିଆ ଯିବା ପରେ ସଙ୍ଗେ ସଙ୍ଗେ ତାକୁ
ବ୍ୟବହାର କଲେ ତାକୁ ଗୃହଁ ପଖାଳ କୁହାଯାଏ ।]
୨ । ପ୍ରକ୍ଷାଳନ; ଧୋଇବା—2 Washing.

ପଖାଳ କରିଆ—ଦେ. ବ. (ସଂ. ପ୍ରକ୍ଷାଳନ) - ଘରେ ପିନ୍ଧା ଯିବା ଲୁଗା;
Pakhāḷa kariā ଗୃହପିନ୍ଧା; ଯେଉଁ ଲୁଗା ପ୍ରତିଦିନ ଧୁଆଯାଏ —
ଆଟ୍ ପଉରେ A cloth worn every day at home and
ପଖାଳକେର୍ washed daily.
ପଖାଳକେରିଆ ଅନ୍ୟରୂପ

ପଖାଳଖିଆ—ଦେ. ବ. (ସଂ ପ୍ରକ୍ଷାଳନ ଓ ଖାଦ୍ୟ)—ପଖାଳଭାତ ଖାଇବା
Pakhāḷa khiā Eating of stale watered rice.
ପକାଲଖାଓୟା ଦେ. ବଣ.—୧ । ଯେ ପଖାଳଭାତ ଖାଇବାରେ
ପନଭାତ ଖାନା ଅଭ୍ୟସ୍ତ—1. Habituated to taking stale
water rice.
୨ । ମୋଟାବୁଦ୍ଧିଆ—2. Dull headed.
୩ । ଗରିବ—3. Poor.

ପଖାଳିଆ—ଦେ. ବଣ.—ପଖାଳଖିଆ (ଦେଖ)
Pakhāḷiā Pakāḷakhiā (See)
ଖାଇବାକୁ କୁହ ଭ୍ରମ ଅଛ ରେ ମାଂସ,
ପଖାଳିଆ ଆମେ ଯାଇ କହିବା ବା କସ । ଦ୍ୱାରକା. ବଂଶକେଶ୍ ।

ପଖାଳିବା—ଦେ. କ୍ରି. (ସଂ. ପ୍ରକ୍ଷାଳନ)—୧ । ଧୋଇବା; ପ୍ରକ୍ଷାଳନ
Pakhāḷibā କରିବା—1. To wash.
ପାଖାଲା କଳିମିଳା ଜଳେ ମୁଖ ପଖାଳି ।
ପଖାଲନା, ପଖାରନା ଖାଳକୃଷ୍ଣ. ଭକ୍ତଶ୍ଳୋକ ।
୨ । ଉଦକଭାତରେ ପାଣି ପୂରାଇବା—2. To moisten
boiled rice with water

ପଖୋହାଡ଼—ଦେ. ବ.—ପିଠି ଓ ପେଟ ମଧ୍ୟରେ ଥିବା ହାଡ଼—
Pakhā harda Ribs.
ହାତୀ ଘୋଡ଼ା ପଦାତ ପଡ଼ି ଉଡ଼ଉଡ଼,
ନ ରହିଲେ କେହୁ ଗୋଟିଏ ପଖା ହାଡ଼ । କୃଷ୍ଣସିଂହ, ମହାଭାରତ, କର୍ଣ୍ଣ ।

ପଖିଆ—ଦେ. ବ. (ସଂ. ପକ୍ଷ; ଏହା ପକ୍ଷ ଆକୃତିର ଥିବାରୁ)—
Pakhiā ୧ । ବର୍ଷାରୁ ରକ୍ଷା ପାଇବା ନିମନ୍ତେ ବ୍ୟବହୃତ ମୁଣ୍ଡ ଠାରୁ
ପାଁଖା; ପଖିଆ ଜଙ୍ଘ ପର୍ଯ୍ୟନ୍ତ ପଡ଼ୁଥିବା ତାଳପତ୍ର ନିର୍ମିତ ଏକପ୍ରକାର
ଯୋଡ଼ଣୀ—1. A covering made of palm-
leaves matted together extending from
the head to the things for protecting the
body from rain.

୨ । ଘରର କାନ୍ଥ ଓ ଖୁଣ୍ଟ ଉପରେ ଥିବା କାଷ୍ଠଖଣ୍ଡ—
2. A plate of wood passing over the wall and the pillars of a house.

ପ୍ରାଦେ. (ସମ୍ବଲପୁର) ବି.—ଆନୁକୂଲ୍ୟ—Favourableness.

ପ୍ରାଦେ. (ସମ୍ବଲପୁର) ବିଣ.—୧ । ଅନୁକୂଳ—
1 Favourable.

୨ । ପକ୍ଷୀୟ—2. Belonging to a party.

ପକ୍ଷିଆ ଘୋଡ଼ା—ପ୍ରାଦେ. (ଯାଜପୁର) ବି.—ପକ୍ଷିଆ ଅଙ୍କୁରର ପୂର ଇଣ୍ଡୁରି—A kind of steamboiled sandwich.
Pakhiā ghorḍā

ପକ୍ଷୀ—ଦେ. ବି. (ସଂ. ପକ୍ଷୀ)—୧ । ଚଢ଼େଇ—
Pakhi 1. Bird.
ପାଖୀ **पंखी(खी)** ୨ । ଚଢ଼େଇର ପକ୍ଷ—2. Bird's wing.
କଦମ୍ବ ଗଛରେ ଚଢ଼ ପକ୍ଷୀ ପ୍ରସାର—ପ୍ରାଚୀ. ଉତ୍ସବମଣ୍ଡଳ ।
୩ । ପୁଚ୍ଛ—3. Tail.
୪ । ଢିଙ୍କି ଲାଞ୍ଜ—4. The tail of a husking-jack.
୫ । ଲଙ୍ଗଳର ପଶ୍ଚାତ୍‌ଭାଗ ଫଳ (ଯାହା ଭୂମି ଉପରେ ଘୁସୁରେ)—
5. The blade of a plough.
୬ । କବାଟର ଉପର ଦଣ୍ଡୀ—6. The lintel.
ପ୍ରାଦେ. (ଅଲ) ବି.—କହୁଣିଆ (ଦେଖ)
Kahunia (See)

ପଗ—ଦେ. ବି (ସଂ ପର୍ବ)—୧ । ପର୍ବ; ଆଙ୍ଗୁଳର ଦୁଇ ଗଣ୍ଠିର ମଧ୍ୟସ୍ଥ ଅଂଶ—1. Inter-node; phalanx of fingers.
Paga
ପାବ, ପବ ୨ । ବାଉଁଶ ଓ ବେତର ଦୁଇ ଗଣ୍ଠି ମଧ୍ୟରେ ଥିବା ଅଂଶ—
पोर 2. The part between two joints of a piece of bamboo or cane.
(ପବ—ଅନ୍ୟରୂପ)

ପଗ ଛଡ଼ା—ଦେ. ବି—(ଆଖୁ ବେତ ଆଦି ଗଛର) ପବ ଡେଙ୍ଗା ହୋଇ ବଢ଼ିଯିବା ଅବସ୍ଥା—The state of the stem of a growing tree becoming long or tall.
Paga chharḍā
पाड़दार
(ପବଛଡ଼ା—ଅନ୍ୟରୂପ)
ଦେ. ବିଣ—ପଗ ଡେଙ୍ଗା ହୋଇ ବଢ଼ିଥିବା(ବୃକ୍ଷ ଆଦି)—With the stem growing tall.
୨ । ଯେଉଁ ଲୋକ ଲମ୍ବରେ ବେଶି ବଢ଼ିଯାଏ—(a person) Who grows taller than ordinary people.

ପଗଛଡ଼ା ଦେବା—ଦେ. କ୍ରି—୧ । ଗଛର ପବ ଡେଙ୍ଗା ହୋଇ ବଢ଼ିବା—
Pagachharḍā debā 1. (the stem of a plant) To grow tall.
(ପବଛଡ଼ା ଦେବା—ଅନ୍ୟରୂପ)
୨ । ଡେଙ୍ଗା ହୋଇ ବଢ଼ିବା—
2 To grow tall; to grow in tallness.

ପଗଡ଼—ଦେ. ବି. (ସଂ. ପ୍ରଗ୍ରହ)—୧ । ବଡ଼ ବଡ଼ ଦାନା; ଗୋଲା; ଗୁଳା—1. A ball.
Pagarḍa ପାକଡ଼ାନ **पकड**
୨ । ଅପରାଧୀଙ୍କୁ ଧରିବନ୍ଧା କରିବା—
2. Arresting; seizure.
୩ । ଧରିବା; ଧରାଧର—3. Catching; holding.

[ଦ୍ର—ଏହା 'ଧର' ଶବ୍ଦ ସଙ୍ଗେ ସହଚରରୂପେ ବ୍ୟବହୃତ ହୁଏ ।]
୪ । ମାଡ଼ ଆଦିର ବୃଷ୍ଟି—
4. A shower or volley of blows or beating.
(ଯଥା—ସେ ତାଙ୍କୁ ଅଷ୍ଟ ପଗଡ଼େ ମାଡ଼ ଦେଲା ।)

ପଗଡ଼ା—ଦେ. ବି—୧ । ଧରିବା; ଆୟତ୍ତାଧୀନ କରିବା—
Pagarḍā 1. Holding tight.
ପାକଡ଼ା **पकड़ा** ୨ । ଗିରଫଦାର କରିବା—
2. Arresting; seizing.

ପଗଡ଼ା(ଡ଼େ)ଇବା—ଦେ. କ୍ରି—ପଗଡ଼ିବାର ଣିଜନ୍ତରୂପ—
Pagarḍā(rḍe)ibā Causative form of pagarḍibā.
ପାକଡ଼ାନ **पकडाना**

ପଗଡ଼ି—ଦେ. ବି (ସଂ. ପ୍ରଗ୍ରହ)—୧ । ପାଗ; ଠେକା; ଉଷ୍ଣୀଷ—
Pagarḍi 1. Turban; head-dress; a pugree.
ପାଗଡ଼ୀ, ପାଗ୍, ପଗ ଶିବ ବାନ୍ଧିଲେ ଲୋ ସ୍ୱାମିର ପଗଡ଼ି—ସ୍ୱଧାନାଥ. ଦରବାର ।
पगड़ि, पगया, पाग, पगरी
୨ । କାନର ଚୋଳ—2. A kind of ear-ring.
[ଦ୍ର—ଏହା ତଳ କାନରେ ପିନ୍ଧାଯାଏ । ଏହା ସାଧାରଣତଃ ବଡ଼ ବଡ଼ ହୋଇଥାଏ ।]

ପଗଡ଼ିବା—ଦେ. କ୍ରି.(ସଂ. ପ୍ରଗ୍ରହ)—୧ । ଧରିବା; ଗିରଫଦାର କରିବା—
Pagarḍibā 1. To arrest; to seize.
ପାକଡ଼ା ଗଜଲେ ହିଜକୁ ବାହରେ ପଗଡ଼ି
पकड़ना ଅଛିଲେ ବାବୁଠାକୁ ଲୋଧେ ଦାନ୍ତ ଘଡ଼—କୃଷ୍ଣସିଂ. ମହାଭାରତ. ବନ ।
୨ । ଜୋର କରି ଧରିବା—2. To hold tight.
୩ । ଆକ୍ରମଣ କରିବା—3. To attack.

ପଗତା—ଦେ. ବିଣ—ପୋଖତ; ପ୍ରବୀଣ—Experienced.
Pagatā ପୋଖତା **पोखता**

ପଗର—ଦେ. ବି. (ବଣିଆ ଶବ୍ଦ)—ସୁନା ରୁଦ୍ରାକ୍ଷ କଣ୍ଠି କମ୍ବା ସୁନା ବା ରୁପା କଙ୍କଣ ସୁନର ଦଶିବା ଲାଗି ଯେଉଁ ସରୁ ସରୁ ଗାର କଟା ଯାଇଥାଏ; ନକାସି—Artistic lines drawn on ornaments consisting of golden balls.
Pagarā
नक्काशी

ପଗଲା(ଲ)—ଦେ. ବିଣ. ପୁଂ.(ସଂ. ପାଗଲ)—ବାୟା; ପାଗଲ; ବାଉଳ—
Pagalā(la) ପାଗଲା **पगला** Mad; lunatic.
(ପଗଲି - ସ୍ତ୍ରୀ)

ପଗଲା(ଲେ)ଇବା—ଦେ. କ୍ରି—୧ । ବାଉଳିଆଙ୍କ ଭଳି କଥା କହିବା; ପାଗଲ ପରି କଥା କହିବା—1. To talk like a mad man.
Pagalā(le)ibā
ପାଗଲାମିକରା **पागलपना करना**
(ପଗଲା(ଲ)ମି କର—ଅନ୍ୟରୂପ) ୨ । କଥାରେ ଭଣ୍ଡାଇ ଦେବା—
2. To inveigle.

ପଗଲ କୋଠି—ଦେ. ବି—ବାତୁଳାଶ୍ରମ; ପାଗଳମାନଙ୍କର ରହିବା ସ୍ଥାନ—
Pagalā kothi Lunatic assylum.
ପାଗଲଖାନା, ପାଗଲା ଗାରଦ **पागलखाना**
(ପାଗଲଖାନା, ପାଗଲା ଗାରଦ—ଅନ୍ୟରୂପ)

ପଗଲ ବୁଦ୍ଧିଆ—ଦେ. ବିଣ - ବାତୁଳବୁଦ୍ଧିଯୁକ୍ତ—
Pagalā buddhiā Idiotic; lunatic.
ପାଗଲ **पागलबुद्धिका**

ପଗଲା(ଲ୍ଲା)ମି—ଦେ. ବ. (ବଙ୍ଗଳାରୁ ଅନୁକୃତ)—ବାଭୁଲତା—
Pagaḷā(lā)mi Madness; lunacy.
पगलामि पागलपना
(ପଗଲା(ଲ୍ଲା)ପଣ, ପଗଲା ପଣିଆ[ଆଁ]—ଅନ୍ୟରୂପ)

ପଗାର—ଦେ. ବ. (ସଂ. ପ୍ରାକାର ବା ପ୍ରାଗାର)—୧ । କ୍ଷେତ୍ରର ହୁଡ଼ା;
Pagāra ସୀମାବନ୍ଧ—1. Ridge round a field.
पगार ୨ । କ୍ଷେତ୍ରର ସୀମା ହୁଡ଼ା ଉପରେ ଦିଆଯାଇଥିବା ବାଡ଼—
मेड़ 2. A fence raised over the ridge of a field.
ପ୍ରାଦେ. (ମେଦିନୀପୁର) ବ—ଉଦ୍ୟାନ ବା କ୍ଷେତ୍ରର ଚାରିପାଖେ ଖୋଳାଯିବା ଚଉଡ଼ା ଓ ଗଭୀର ଗାତ—Deep and wide ditch round a cornfield or a garden.

ପଗୁ(ବୁ)ଆରି—ଦେ. ବ—ହାଡ଼ଭଙ୍ଗା (ଦେଖ)
Pagu(bu)āri Hāṛdabhaṅgā (See)
(ପଗ(ବ)ଅଇରି; ପଗୌ(ବୌ)ରି—ଅନ୍ୟରୂପ)

ପଘା—ଦେ. ବ. (ସଂ. ପ୍ରଗ୍ରହ)—ଗୋମେଷାଦି ବାନ୍ଧିବା ରଜ୍ଜୁ—
Paghā A halter or rope for tying cattle.
पागा, पागादड़ि ଚଳିତ ହିନ୍ଦୀରେ ଏହାର ବ୍ୟବହାର ନାହିଁ ।
पगहा, पाघा ତଦ୍ଭବ ଶବ୍ଦ ।

ପଘାରିବା—ପ୍ରା. ଦେ. (ସିଂହଭୂମ) କ୍ରି—ବଘାରିବା; ଛୁଙ୍କିବା—
Paghāribā To smoke curry with condiments and ghee or oil.

ପଙ୍କ—ପ୍ରାଦେ. (ସମ୍ବଲପୁର) ବ—ପଙ୍କ; କାଦୁଅ—
Pank Mud; soft clay.

ପଙ୍କ୍ତି—ଦେ. ବ.—(ରାଧାଶ୍ୟାମ ଦାସଙ୍କ)—ବ୍ୟାୟାମ ଆଦେଶ ବଚନ—
Paṅkti A term of drill-fall in.

ପଙ୍କ—ସଂ. ବ (ପଚ୍ ଧାତୁ=ବିସ୍ତାର କରିବା+ଅ)—୧ । କର୍ଦ୍ଦମ;
Paṅka କାଦୁଅ—1. Mud; mire; soft clay.
୨ । ଚନ୍ଦନାଦି କାଷ୍ଠ ମର୍ଦ୍ଦନରୁ ଜାତ ପଙ୍କବତ୍ ପ୍ରଲେପ — 2. Soft paste.
୩ । ପାପ—3. Sin; guilt.

ପଙ୍କ ଉଝ(ଝୁ)ଳା—ଦେ. ବ (ସଂ. ପଙ୍କ ଓ ଉଦ୍ଧାର)—
Paṅka ujha(jhu)ḷā ପୋଖରୀ ବା କୂଅର ତଳରୁ ପଙ୍କ କାଢ଼ିବା
पङ्कोद्धार କର୍ମ; ପଙ୍କୋଦ୍ଧାର—Cleaning of mud from
पंकउड़ाह the bottom of a tank or well.

ପଙ୍କଉଝଳା ଏକାଦଶୀ—ଦେ. ବ—ଫାଲ୍ଗୁନ କୃଷ୍ଣ ଏକାଦଶୀ—
Paṅkaujhaḷā ekādaśi The 11th day of the black fortnight in the month of Fālguna.

ପଙ୍କ ଉଝାଳିବା—ଦେ. କ୍ରି (ସଂ. ପଙ୍କ ଓ ଉଦ୍ଧାର)—ପୋଖରୀ ବା କୂଅ
Paṅka ujhāḷibā ତଳୁ ପଙ୍କ ଉଠାଇବା—To clear mud
पङ्कोद्धारकरा **पङ्कउड़ाहना** from the bottom of a tank or well.

ପଙ୍କଗ୍ରାହ—ସଂ. ବ (ପଙ୍କ+ଗ୍ରହ୍ ଧାତୁ+କର୍ତ୍ତୃ. ଅ)—ହିଂସ୍ର ଜଳଜନ୍ତୁ-
Paṅkagrāha ବିଶେଷ; ମକର; ମଗର—Shark.

ପଙ୍କଜ—ସଂ. ବ (ପଙ୍କ+ଜନ୍ ଧାତୁ+କର୍ତ୍ତୃ. ଅ)—୧ । ପଦ୍ମ—
Paṅkaja 1. Lotus.
୨ । ସାରସପକ୍ଷୀ—2. A kind of Indian crane.
ଦେ. ବ. ପୁଂ—ଲୋକଙ୍କ ନାମ—Name given to males.
[ଦ୍ର—ଏହା ଯୋଗରୂଢ଼ ଶବ୍ଦ ।]

ପଙ୍କଜନୟନ—ସଂ. ବଣ. ପୁଂ (ବହୁବ୍ରୀହି; ପଙ୍କଜ+ନୟନ)—ପଦ୍ମ ପରି
Paṅkajanayana ସୁନ୍ଦର ଚକ୍ଷୁଯୁକ୍ତ—Lotus-eyed; with
ପଙ୍କଜନୟନା, ପଙ୍କଜନୟନୀ—ସ୍ତ୍ରୀ) eyes as beautiful as the lotus petals.

ପଙ୍କଜନ୍ମ—ସଂ. ବ (ପଙ୍କ+ଜନ୍ ଧାତୁ+ମନ୍)—ପଙ୍କଜ (ଦେଖ)
Paṅkajanma Paṅkaja (See).

ପଙ୍କଜିନୀ—ସଂ. ବ. ସ୍ତ୍ରୀ (ପଙ୍କଜ+ଇନ୍+ସ୍ତ୍ରୀ. ଈ)—୧ । ପଦ୍ମିନୀ—
Paṅkajini 1. Collection of lotuses.
୨ । ପଦ୍ମ ପୋଖରୀ—2. A tank grown with lotuses.

ପଙ୍କତି—ଦେ (ପଦ୍ୟ) ବ (ସଂ. ପଂକ୍ତି)—ପଂକ୍ତି (ଦେଖ)
Paṅkati Paṅkti (See)
[ଜିଙ୍ଗଡ ଛନ୍ଦରେ ଚୋଡ଼-ପଙ୍କତି—ଉପାଧ୍ୟାୟ ।

ପଙ୍କପର୍ପଟୀ—ସଂ. ବ (ଷଷ୍ଠୀ ତତ୍; ପଙ୍କ+ପର୍ପଟୀ=ପିଠା)—କାଦୁଅ
Paṅkaparpaṭi ଶୁଖିଗଲେ ତା ଉପରେ ପିଠା ଭଳି ଯେଉଁ
ଖୋଳ ବା ଚେପା ଉଠେ—Cakes formed on the surface of dried mud.

ପଙ୍କପ୍ରକ୍ଷାଳନ ନ୍ୟାୟ—ସଂ. ନ୍ୟାୟ—ପ୍ରଥମେ ପଙ୍କରେ ପଶି ଦେହରେ
Paṅkaprakshāḷana nyāya ପଙ୍କ ବୋଳ ହୋଇ ପରେ
ଦେହରୁ ତାହା ଛଡ଼ାଇବାଲାଗି ଧୋଇଧାଇ ହେବା ଅପେକ୍ଷା ପଙ୍କରେ ନ ପଶିବା ଭଲ; ଏହିପରି କୌଣସି ଜଟିଳ ବା ଅନିଷ୍ଟଜନକ ବିଷୟରେ ପ୍ରବେଶ ନ କଲେ ପରେ ତଜ୍ଜନିତ ଆପଦ ବିପଦରୁ ନିଜକୁ ମୁକ୍ତ କରିବା ଦରକାର ପଡ଼େ ନାହିଁ; 'କାଦୁଅରେ ପଶ ରେ ଗୋଡ଼ ଧୋ ରେ' ନ୍ୟାୟ—A simile used in a case where a man should not enter into any inextricable difficulty.

ପଙ୍କରୁହ—ସଂ. ବ. (ପଙ୍କ+ରୁହ୍ ଧାତୁ=ଜନ୍ମିବା+କର୍ତ୍ତୃ. ଅ; ଯୋଗରୂଢ଼
Paṅkaruha ଶବ୍ଦ)—ପଙ୍କଜ (ଦେଖ)—Paṅkaja (See)
(ପଙ୍କେରୁହ—ଅନ୍ୟରୂପ)

ପଙ୍କା—ପ୍ରାଦେ. (ସମ୍ବଲପୁର) ବ—ଅନାର୍ଯ୍ୟ ଗଣ୍ଡାଜାତିଙ୍କ ଗୁରୁ ଓ
Paṅkā ପୁରୋହିତଜାତିବିଶେଷ—A caste which officiate as priests for Gaṇḍās of Sambalpur.

ପଙ୍କିଳ—ସଂ. ବଣ. (ପଙ୍କ+ଯୁକ୍ତାର୍ଥରେ ଇଲ)—ପଙ୍କଯୁକ୍ତ—
Paṅkiḷa Muddy; miry.

ପଙ୍କୁ—ଦେ. ବ. (ସଂ. ପଙ୍କ)—ପଙ୍କ—
Paṅku পাংক Mud; mire.

ପଙ୍କୁଆ—ଦେ. ବଣ—ପଙ୍କିଳ; ପଙ୍କଯୁକ୍ତ—
Paṅkuā Muddy; miry.
पेंको **कीचड़वाला; गदला**

ପଙ୍କେଇ—ଦେ. ବ. (ପାନବରଜ)—ପାନର ରୋଗବିଶେଷ—
Paṅkei A disease attacking betel creepers.

[ଦ୍ର—ପାନ ବରଜ ଉପରେ ପାଣି ଜମିଗଲେ ପାନଲତାମୂଳ ସଢ଼ିଯାଇ ଏହି ରୋଗ ଜନ୍ମେ ।]

ପଙ୍କେଇ ଯିବା—ଦେ. କ୍ରି. (ପାନବରଜ)—ବରଜରେ ବହୁତ ପାଣି
Pankei jibā ଜମିଗଲେ ପାନଗଛ ରୋଗାକ୍ରାନ୍ତ ହେବା—
(betel plant) To be attacked with a disease on account of excess watering.

ପଙ୍କେରୁହ—ସ. ବି. (ପଙ୍କେ=ପଙ୍କରେ+ରୁହ୍ ଧାତୁ+ଅ)—
Pankeruha ପଙ୍କଜ (ଦେଖ)—Pankaja (See)

ପଙ୍କୋଦ୍ଧାର—ସ. ବି. (୬ଷ୍ଠୀ ତତ୍; ପଙ୍କ+ଉଦ୍ଧାର)—ପଙ୍କଉଦ୍ଧାର—
Pankoddhāra Clearing a tank or well of its mud or mire.

ପଙ୍କ୍ତି—ସ.ବି.(ପଚ୍ ଧାତୁ=ବିସ୍ତୃତ ହେବା+ଭାବ.ତି—୧ । ଶ୍ରେଣୀ—
Pankti 1. Row; range.
(ପଂକ୍ତି—ଅନ୍ୟରୂପ) ୨ । ଦଳ—2. Cluster.
୩ । ସମୂହ—3. Collection.
୪ । ପଲ୍ଲି; ଧାଡ଼ି—4. Line.
୫ । ପାକ—5. Cooking.
୬ । ପଞ୍ଚାକ୍ଷରପରିମିତ ଚରଣବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ—
6. A sort of Sanskrit metre.
[ଦ୍ର—ଏହାର ଦ୍ୱିତୀୟ ଓ ତୃତୀୟ ବର୍ଣ୍ଣ ଲଘୁ ।]
୭ । ପୃଥିବୀ—7. The earth.
୮ । ଜାତିଆଣ ଭୋଜନରେ ଖାଇ ବସିବା ଲୋକଙ୍କ ଧାଡ଼ି—
8. Row of eaters in a caste-feast.
୯ । ଗୌରବ—9. Respect.

ପଙ୍କ୍ତି ଦୂଷକ—ସ. ବିଣ. (ପଂକ୍ତି+ଦୂଷକ)—ପତିତ ବା ସମାଜଚ୍ୟୁତ
Pankti dūshaka (ବ୍ୟକ୍ତି); ଯେ ପଂକ୍ତିଭୋଜନରେ ବସିଲେ ତା ସଙ୍ଗେ ବସିବା ବ୍ୟକ୍ତିମାନେ ପତିତ ବା ଦୂଷିତ ହୁଅନ୍ତି—
Excommunicated (person).

ପଙ୍କ୍ତିପାବନ—ସ. ବି ପୁଂ. (ବହୁବ୍ରୀହି; ପଂକ୍ତି+ପାବନ —ସର୍ବବେଦଜ୍ଞ
Pankti pābana ବ୍ରାହ୍ମଣ; ଯେଉଁ ବ୍ୟକ୍ତି ପଂକ୍ତିରେ ଭୋଜନ
(ପଂକ୍ତିଶୋଧନ—ଅନ୍ୟରୂପ) କଲେ ତାଙ୍କ ସଙ୍ଗେ ବସିବା ବ୍ୟକ୍ତିମାନେ ପବିତ୍ର ହୁଅନ୍ତି; ଯେଉଁ ବ୍ରାହ୍ମଣ ସମସ୍ତ ବେଦବେଦାଙ୍ଗରେ ବ୍ୟୁତ୍ପନ୍ନ ଓ ଯାହାଙ୍କର ୧୦ ପୁରୁଷ ମଧ୍ୟରେ ବେଦାଧ୍ୟୟନ ଅବିଚ୍ଛିନ୍ନଭାବରେ ଚଳି ଆସୁଅଛି—A Brāhmana versed in all the Bedas and in whose family the study of the Bedas has become an ancestral pursuit.

[ଦ୍ର—ସର୍ବବେଦରେ ଅଗ୍ରଗାମୀ, ସମୁଦାୟ ବେଦାର୍ଥବେତ୍ତା, ବ୍ରହ୍ମଚାରୀ, ବହୁପ୍ରଦ ଓ ଷଟ୍ଶତବର୍ଷବୟସ୍କ ବେଦାଙ୍ଗରେ ବ୍ୟୁତ୍ପନ୍ନ, ବଂଶପରମ୍ପରାକ୍ରମେ ବେଦାଧ୍ୟୟନଶୀଳ, ଶ୍ରୋତ୍ରିୟ, ପଞ୍ଚାଗ୍ନିକାରୀ, ବ୍ରାହ୍ମବିବାହଜାତ ସନ୍ତାନ ଓ ସାମବେଦ ଆରଣ୍ୟକ ବ୍ରାହ୍ମଣ, କଠୋପନିଷଦ୍ କଥିତ ନଚିକେତ ବ୍ରତଧାରୀ ବ୍ରାହ୍ମଣଙ୍କୁ ପଂକ୍ତିପାବନ ବୋଲାଯାଏ । ଏ ବ୍ରାହ୍ମଣମାନେ ଯେଉଁ ପଂକ୍ତିରେ ବସି ଭୋଜନ କରନ୍ତି, ତାହା ପବିତ୍ର ହୁଏ । ମନୁ ୩।୧୮୪—୧୮୬ ।]

ପଙ୍କ୍ତି ଭୋଜନ—ଦେ. ବି (୭ମୀ ତତ୍; ପଂକ୍ତି+ଭୋଜନ)—ଭୋଜି ଓ
Pankti bhojana ମଉଛବରେ ବହୁ ଲୋକ ଏକ ଧାଡ଼ିରେ ଭୋଜନ କରିବା—Taking food while sitting in a row; eating seated in a row.

ପଙ୍ଖା—ଦେ. ବି (ସ. ପକ୍ଷ)—୧ । ପକ୍ଷ—1. Wing.
Pankhā ୨ । ପଙ୍ଖା; ବ୍ୟଜନ—2. Fan.
পাখা ୩ । ପକ୍ଷାକୃତି ଆହୁଲା—
पंखा पंख 3. An oar shaped like a wing.
୪ । ଘରର ଛାତରୁ ଝୁଲୁଥିବା ବ୍ୟଜନ—4. The pankhā.
୫ । କାନ୍ଧର ହାଡ଼—5. Shoulder blade.
୬ । ବାହୁର ମୂଳ; ଖୁଆମୁଣ୍ଡି—
6. The root of the arms.
୭ । ଚୁଲ୍ଲିର ରନ୍ଧ୍ର—7. The mouth of an oven.

ପଙ୍ଖୁ—ଦେ. ବି—ନଡ଼ିଆ ଫଳର ଶୁଷ୍କ ବା ଅସାର ଅଂଶ—The dried
Pankhu and useless portion of a cocoanut.

ପଙ୍ଗତ—ଦେ. ବି (ସ. ପଂକ୍ତି)—୧ । ପଂକ୍ତି ଭୋଜନ—
Pangata 1. Dining while seated in a row.
পঙ্গত ୨ । ଅନେକ ଲୋକଙ୍କର ଏକତ୍ର ଭୋଜନ—
पङ्गत 2 Dining together.
୩ । ଜାତିଆଣ ଭୋଜରେ ଓ ବାବାଜି ବୈଷ୍ଣବଙ୍କ ମଉଛବରେ ବହୁ ଲୋକଙ୍କର ଏକତ୍ର ଭୋଜନ—3. Dining together of many persons in a feast.
ଅପରହ୍ନ ସମୟରେ ଥରେ ମାତ୍ର ପଙ୍ଗତ ହୁଏ । ଫକୀରମୋହନ, ଗଳ୍ପସ୍ୱଳ୍ପ ।

ପଙ୍ଗତ ବଢ଼ିବା—ଦେ. ବି—ବହୁ ବ୍ୟକ୍ତିଙ୍କର ଏକ ପଂକ୍ତିରେ ଭୋଜନକ୍ରିୟା
Pangata bardhibā ସମାପନ—The finishing of a
পঙ্গতশেষ হওআ caste dinner in a row.

ପଙ୍ଗପାଳ—ଦେ. ବି—(ସ. ପତଙ୍ଗ ଓ ପାଳ=ପଂକ୍ତି)—ଝିଣ୍ଟିକା; ଋଜୁ ।
Pangapāla ପକ୍ଷୀ ଶସ୍ୟଭୋଜୀ ପତଙ୍ଗବିଶେଷ—Locust;
পঙ্গপাল टीड़ी grasshopper; Acridium.
[ଦ୍ର—ଏମାନେ ଦଳ ଦଳ ହୋଇ ଦେଶଦେଶାନ୍ତରରୁ ଉଡ଼ି ଆସି ଶସ୍ୟକ୍ଷେତ୍ରରେ ପଡ଼ି ଶସ୍ୟଆଦି ଖାଇ ନିଃଶେଷ କରନ୍ତି । ଏମାନେ ୬ଟି 'ଈତି' ବା ବିପଦ ମଧ୍ୟରୁ ଏକତମ ।]

ପଙ୍ଗା—ଦେ. ବି—୧ । ଉଦ୍ଭିଦ ପାଂଶୁରୁ ଉତ୍ପନ୍ନ ଲୁଣ—
Pangā 1. A kind of salt manufactured from
পাঙ্গা নুন vegetable ashes.
पङ्गा ୨ । ସମୁଦ୍ରପାଣିକୁ ନିଆଁରେ ସିଝା ଇଲେ ପାକ ତଳେ ଯେଉଁ ଲୁଣ ବସିଯାଏ—2 Salt prepared by boiling.
[ଦ୍ର—ଗୋଡ଼ା ଲୁଣ ରୁଆରୁଆ ଓ ଈଷତ୍ ପାଣ୍ଡୁର, ମାତ୍ର ପଙ୍ଗା ଲୁଣ ସଫା ଓ ଚୂନା ଚୂନା ।]
୩ । ପଙ୍ଗା ମାଛ (ଦେଖ)—Pangā māchha (See)

ପଙ୍ଗା ମାଛ—ଦେ. ବି (ସ. ପିଙ୍ଗଶ, ପିଙ୍ଗାଶ)—ଜଳଙ୍ଗ ବା ଅଡ଼ୀଜାତୀୟ
Pangā māchha ଏକପ୍ରକାର ମଧୁର ମାଛ—A kind of
পাঙ্গাস बुआ, धुआड़ि fresh-water-fish; Pangasius
(ପଡ଼ଙ୍ଗା, ପଡ଼ଙ୍ଗା ମାଛ—ଅନ୍ୟରୂପ) Buchanani.
[ଦ୍ର—ଏମାନେ ପଙ୍କରେ ରହନ୍ତି । ଏମାନଙ୍କ ଦେହ ପାଉଁଶିଆ । ଏମାନେ ଅକାତିଆ ବଡ଼ ମାଛ; ଏମାନଙ୍କ ମୁହଁ ଚଉଡ଼ା, ପ୍ରାୟ

୬୫ ହାତ ଲମ୍ବ ଓ ୪୦୦ ସେର ଓଜନ । ଏମାନଙ୍କ ମୁହଁ ଚଉଡ଼ା ଏବ ୪ଟା ନଖ ଥାଏ । ଏମାନେ ଭାର ତେଜଶ ମାଛ । ଏମାନଙ୍କୁ ଭଦ୍ରଶ୍ରେଣୀର ଲୋକେ ଖାଆନ୍ତି ନାହିଁ ଏମାନେ ବିଷ୍ଠା ଓ ଶବ ଭକ୍ଷଣ କରନ୍ତି ।]

ପଙ୍ଗିବା ପ୍ରାଦେ (ସମ୍ବଲପୁର ଓ ଗଡ଼ଜାତ)—ଅଯଥା ଗପିବା— Pangiba To talk inconsistently.

ପଙ୍ଗୁ—ସଂ. ବିଣ—୧ । ଖଞ୍ଜ; ଛୋଟା—1. Lame; halt. Pangu (ପଙ୍ଗୁଡ଼ା—ବି)
୨ । ପାଦବିକଳ; ଯାହାର ପାଦ କେମ୍ପା ହୋଇଥାଏ—2. Maimed in the leg; crippled.
୩ । କୁଷ୍ଠରୋଗଜନିତ ବିକଳପାଦ—3. Maimed by leprosy.
ସଂ. ବି—ଶନିଗ୍ରହ—The planet Saturn.

ପଚ୍(ଧାତୁ)—ସଂ—ପାକ କରିବା— Pach (root) (ପଚନୀୟ—ବିଣ) To cook.

ପଚ୍‌ପଚ୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । କାଦୁଅ ପରି ଲଚଲଚ ଓ କୋମଳ—1. Miry and soft. Pach pach
पचपच পচপচ ୨ । ଭୁଣ୍ଡରୁ ବାରମ୍ବାର ପିକ ପକାଇବାର ଶବ୍ଦ—2. The sound of spitting repeatedly. (ପଚପଚ, ପଚର୍‌ପଚର୍—ଅନ୍ୟରୂପ)
୩ । କର୍ଦ୍ଦମମୟ (ସ୍ଥାନ)—3. Muddy (place).

ପଚ—ସଂ. ବିଣ. ପୁଂ (ପଚ୍ ଧାତୁ+କର୍ତ୍ତୃ. ଅ)—ପାଚକ— Pacha Cook.

ପଚକିଲା—ଦେ. ବି. (ସଂ. ସ୍ଥିତ+କୀଲକ)—ସଂ. ପଚଳ=ସୁଦୃଢ଼ଲଗ୍ନ+କୀଲକ)—ଶଗଡ଼ଚକର ଉଦ୍ଧ ଉଦ୍ଧ ଖଣ୍ଡମାନ ଜମା ଶଗଡ଼ ଚକରୁ ଲୁହା ହାଲ ଢିଲାଗଲେ ଅଥବା ଶଗଡ଼ର କୌଣସି ଅଂଶ ଢିଲା ହୋଇଗଲେ ସେ ସ୍ଥାନକୁ ଦୃଢ଼ କରିବାପାଇଁ ତା ନିକଟରେ ଥିବା ଛିଦ୍ରରେ ଯେଉଁ ପତଳା କାଠ ଖିଲ ବାଡ଼ିଆ ହୋଇ ଭର୍ତ୍ତି କରାଯାଏ—Thin wooden wedges driven into the holes or slackned parts of a cart to make them tight.
Pachakila
ପଚକିଲା, ପିଚକିଲା, ପିଚକିଲା, ପୁଚକିଲା, ପୁଚକିଲା, ପୁଚୁକିଲା
गोंजाखील पीचकीला পচ্চর

ପଚକିଲା ମାରିବା—ଦେ. କ୍ରି. (ଲକ୍ଷଣାର୍ଥ)—କୌଣସି ବ୍ୟକ୍ତିକୁ କଷ୍ଟ ଦେବାର ଉପାୟ କରିବା—To take up means of putting a person in trouble.
Pachakila mariba
गोंजाखील मारना পচ্চর ঠুঁকনা

ପଚନ—ସଂ. ବି. (ପଚ୍ ଧାତୁ+ଅନ)—୧ । ରନ୍ଧନ; ପାକ— Pachana 1. Cooking.
୨ । ଅଗ୍ନି—2. Fire.
୩ । ପାଚକ—3. Cook.
୪ । ପଚିଯିବା; ସଢ଼ିଯିବା—4. Rotting; putrefaction.
୫ । ପାଚିଯିବା—5. Ripening.
୬ । ପରିପକ୍ୱ ହେବା—6. Maturing.

ପଚନାଗାର—ସଂ. ବି. (ପଚନ+ଆଗାର)—ପାକଶାଳା— Pachanagara Cook room.

ପଚନାଗ୍ନି—ସଂ. ବି. (ବହୁବ୍ରୀହି; ପଚନ କର୍ମ ସମ୍ପନ୍ନ ହୁଏ ଯେଉଁ ଅଗ୍ନି ଦ୍ୱାରା)—ଜଠରାଗ୍ନି—The gastric heat; the digestive fire of the belly.
Pachanagni

ପଚନିକା—ସଂ. ବି. (ପଚନ+ଇକ+ଆ)—କରେଇ (ହି. ଶ.)— Pachanika Frying pan.

ପଚଣୀ—ସଂ. ବି. (ପଚ୍ ଧାତୁ+କରଣ ଅନ)—କାଗଜୀ; କାଗଜୀନେମ୍ବୁ (ହି. ଶ.)—Lime fruit.
Pachani

ପଚପଚିଆ—ଦେ. ବିଣ—୧ । ଘିଅରେ ଓ କୋମଳ (ଖାଦ୍ୟ) (ଯାହାକୁ ଚିପିଲେ ଘିଅ ବାହାରେ)—1. (food) Soaked with ghee; rich (food).
Pachapachia
পচপচে पचपचा
୨ । କର୍ଦ୍ଦମାକ୍ତ—2. Muddy.
୩ । କାଦୁଅ ପରି ଲଚପଚ—3. Soft and yielding like mud.

ପଚପଚିଆ ମାଲ—ଦେ. ବି. (ବ୍ୟଙ୍ଗୋକ୍ତି ବା ରସୋକ୍ତି)—ଘୃତପକ୍ୱ ବା ଘୃତଦୁଗ୍ଧାଦି ମିଶ୍ରିତ କୋମଳ ସୁଖସେବ୍ୟ ମିଷ୍ଟାନ୍ନାଦି—(witticism) Delicacies and sweets soft to the taste and fried in or mixed with ghee, milk etc.
Pachapachia mala
পচপচে মাল पचपचा माल

ପଚମ୍ପଚା—ସଂ. ବି. (ବୈଦ୍ୟକ) – ଦାରୁହରିଦ୍ରା (ଦ୍ରବ୍ୟଗୁଣ)— Pachampacha Cascinium Fenestratum.

ପଚରା—ଦେ. ବିଣ. (ସଂ. ପଚ୍ ଧାତୁ)—୧ । ପଚା; ପୋଚଆ; ପୋଚରା; ସଢ଼ା; ପର୍ଯ୍ୟୁଷିତ—1. Rotten; putrefied; putrid.
Pachara
পচা खराहुआ
୨ । ମଇଳା—2. Dirty; filthy.
(ପୋଚରା—ଅନ୍ୟରୂପ)
ଜିଜ୍ଞାସା पचरा ଦେ. ବି. (ସଂ. ପ୍ରଚ୍ଛ୍ ଧାତୁ)—୧ । ପ୍ରଶ୍ନ କରିବା; ପଚାରିବା—1. Enquiring; questioning.
ବୋଲେ ଜଗଦେବ ସଙ୍କୋଚରେ ବାଳା କଶୋରଙ୍କର ପଚରାରେ—
କବିସୂର୍ଯ୍ୟ, ସଙ୍ଗୀତ ।
କୂଁଚୀ कूंची ୨ । (ସଂ. କୂର୍ଚ୍ଚୀ; କୂର୍ଚ୍ଚିକା) କାନ୍ଥ ଆଦିକୁ ଚୂନପାଣିଦ୍ୱାରା ସଫେଦ କରିବା ପାଇଁ ବ୍ୟବହୃତ ଶଣର ପରି ଛୋଟର ବୁରୁସ—2. A brush made of jute fibres used in white-washing walls; a white-washing brush.
পচ্চর ୩ । ଶଗଡ଼ଚକର ପୁଠୀକୁ ଅର ସହିତ ଦୃଢ଼ଭାବରେ ଆବଦ୍ଧ ରଖିବା ପାଇଁ ବ୍ୟବହୃତ ଖିଲ—3. A peg used to set the spokes tightly to the rim.

ପଚରା(ରେ)ଇବା—ଦେ. କ୍ରି—ପଚାରିବାର ଣିଜନ୍ତରୂପ— Pachara(re)iba Causative form of Pachariba.
জিগিসান ଏମାନେ କୁଶଳରେ ଥାଆନ୍ତି ଭୂମ୍ଭଙ୍କୁ
पुच्छवाना ପଚରାଇଲେ ସିନା ଜାଣି କୁଶଳକୁ – କୃଷ୍ଣସିଂହ, ମହାଭାରତ. ବନ ।

ପଚରା ଉଚରା—ଦେ. ବି. (ସହଚର; ଦ୍ୱିତୀୟ ଶବ୍ଦ ଅନର୍ଥକ)— Pachara uchara ୧ । କୁହାବୋଲା; ଗପ; ଗଳ୍ପ—1. Talk.

बलाकहा ୨ । ତଦାରଖ; ତତ୍ତ୍ୱ ନେବା —
पुच्छताछ 2. Enquiry; interrogatories.

ପଚର୍ ପଚର୍—ଦେ. ବ - ୧ । ଅନ୍ୟୋନ୍ୟରେ ପ୍ରଶ୍ନ କର୍ବାକର୍—
Pachara pachari 1. Mutual questioning or interrogating
बलाबलि पुच्छताछ
୨ । ଉପର୍ଯ୍ୟୁପର ପ୍ରଶ୍ନ କରିବା—
2. Repeated questionings.

ପଚାର୍ ମାରିବା—ଦେ. କ୍ରି - ୧ । ପଚର୍ଦ୍ୱାର୍ କାନ୍ଥ ଆଦିରେ ଚୂନପାଣି ବୋଳିବା—1. To whitewash a wall with a brush made of jute fibres.
Pacharā māribā
कूंची लगाना
पच्चर मारना ୨ । ଶଗଡ଼ର ପୁଠୀ ସଙ୍ଗେ ଅରକୁ ଖିଲ୍‌ଦ୍ୱାର୍ ଦୃଢ଼ଭାବରେ ସଲଗ୍ନ କରିବା—2. To tightly set a pin to the rim of a wheel by means of a peg.

ପଚା—ଦେ. ବଣ. (ସ. ପଚ୍ ଧାତୁ)—୧ । ପୋଚଆ; ସଢ଼ା; ଗଳିତ—
Pachā 1. Putrid; rotten.
पचा सड़ा ୨ । ନଷ୍ଟ; ବିକୃତ—
2. Spoiled; decayed; putrefied.
ଡଇବେ ଭୁଶଙ୍ଗେ ହୃଦ ଦ୍ୱାର ହାତ
ଉଷ୍ଟ ଭୁ ପଚା ହୋଇ ବହୁଇ ରକତ—କୃଷ୍ଣସିଂହ. ମହାଭାରତ. ବନ ।
पचा आसमान ୩ । ପୂଜପୂର୍ଣ୍ଣ ହୋଇଥିବା ଘାଉ—
3. Gangrenous.
୪ । ଈଷତ୍ ନୀଳବର୍ଣ୍ଣ—
4. Bluish; of bluish colour.
ଦେହି ଗଜଭଜର ବସଲକ୍ଷକ, ପଚା ଭୁଷଣେ ଅତ ଗୋରବ ତେଜ—
ଜଗନ୍ନାଥ, ସ୍ୱମଦଭଙ୍ଗ ।
ଦେ. ବ - ୧ । ରତ୍ନବିଶେଷ—1. A kind of gem.
पचान सड़ाना ୨ । ପଚାଇବା କ୍ରିୟା—
2. The act of ripening

ପଚା(ଚେ)ଇବା—ଦେ. କ୍ରି. (ସ. ପଚ୍ ଧାତୁ ଣିଜନ୍ତ) - ୧ । (ପାଚିବାର ଣିଜନ୍ତ) ପକ୍ୱ କରାଇବା—
Pachā(che)ibā 1. To cause to ripen.
पाकाना पचाना
୨ । (ଲକ୍ଷଣାର୍ଥ) ଫଳରେ ପରିଣତ କରାଇବା—
2. (fig) To cause to be effected.
ମୋ ସୁକୃତ ଫଳ ପଚାଇ—ଉଦନ୍ତୁର୍ଣ୍ଣ. ସଙ୍ଗୀତ ।
पचान ୩ । (ପଚିବାର ଣିଜନ୍ତ) ସଢ଼ାଇବା—3. To cause to rot; to promote putrefaction.
सड़ाना
रंगाना ୪ । ('ପାଚିବା'ର ଣିଜନ୍ତ)—ରଞ୍ଜିତ କରିବା—
4. To dye.
ଇଷାଦୋଷା ଉଦେ ପଚାଇ ତନ୍ତ-ଜ୍ଜ । ଉତ୍ତ. ପ୍ରବନ୍ଧ. ଗ ।
धिपाना ୫ । ଲୁହାକୁ ନିଆଁରେ ନାଲ କରିବା—
लालकरना 5. To redden a piece of iron by fire.
୬ । କଉଡ଼ି ଓ ପଶାଖେଳରେ ଖେଳାଳର ଦାନ ପକାଇବାଦ୍ୱାର୍ ଆପଣାର ସାର ପାଚିବାର ଉପାୟ କରିବା—
6. To cause one's bits to pass the ring in a game of dice or cowries.

ହେମ ପଶାସାର ପଞ୍ଚ ପାଲେରେ ଟେକିବା ସାନ୍ତ ଶିଖାଇଲୁ ।
ଉଦନ୍ତୁର୍ଣ୍ଣ. ସଙ୍ଗୀତ ।
पचाना ୭ । ଶରୀରକୁ ଦରଜ କରାଇବା—
7. To cause the body to be painful.
ପ୍ରାଦେ. (ସମ୍ବଲପୁର) କ୍ରି—ଗୋଡ଼ ହାତଆଦି ଘଷିବା—
To massage.
ଗଢ଼ଅ ଉପରେ ଗୋଡ଼ଣ ଉଣା
ପଚାଇ ପଚାଇ ତ-ନ ମଗା । ଘଗ ।

ପଚା ଘା—ଦେ. ବ—ଯେଉଁ ଘା ଅନେକଦିନ ପର୍ଯ୍ୟନ୍ତ ନ ଶୁଖି ଦୂଷିତ ହୋଇଯାଇ ଥାଏ ଏବଂ ଯାହାର ନିକଟସ୍ଥ ମାଂସଆଦି ସଢ଼ି ଯାଇଥାଏ—Gangrene; mortification.
Pachā ghā
(ପଚାଘାଅ—ଅନ୍ୟରୂପ)
पचाघा सड़ाघव

ପଚାଦି—ସ. ବଣ. (ସ. ବ୍ୟାକରଣ)—ସଂସ୍କୃତରେ ପଚ୍ଆଦି କେତେକ ଧାତୁ—A class of verbal roots in Sanscrit Grammar.
Pachādi
(ପଚାଦିଗଣ, ପଚାଦିଗଣୀୟ—ଅନ୍ୟରୂପ)

ପଚା ପତ୍ର—ଦେ. ବ. (ସ. ବାଲେନ୍ଦ୍ର ପତ୍ର)—୧ । ଏକପ୍ରକାର ସୁବାସିତ ପତ୍ର—1. A kind of scented leaf; Pagostemon Patchouli.
Pachā patra
पचापात।
पंचपात, पँचौली, पंचपानड़ी [ଦ୍ର—ଏହା ତୁଳସୀଆଦି ବର୍ଗର କଦାକାର ଶାକବିଶେଷ । ପତ୍ର ଶୁଖିଲେ ମଧ୍ୟ ଉହିଁରେ ସୁଗନ୍ଧ ଥାଏ ଏହାକୁ ତେଲରେ ପକାଇଲେ ତେଲ ସୁଗନ୍ଧିତ ହୁଏ—ଯୋଗେଶଚନ୍ଦ୍ର ।
ଏ ଗୁଳ୍ମ ପଶ୍ଚିମଘାଟ, ମଧ୍ୟପ୍ରଦେଶ, ବୋମ୍ବାଇ ଓ ବେଙ୍ଗଲରେ ଜନ୍ମେ । ଏହାର ପତ୍ରରୁ ଓ ଡାଙ୍ଗରୁ ଏକପ୍ରକାର ସୁବାସିତ ତେଲ ବାହାରେ । ଏ ତେଲର ଇଉରୋପରେ ଖୁବ୍ ଆଦର । ଏ ଗଛ ପାନ ବରଜର ଉଚ୍ଚ ଉର୍ବ ଜମିରେ ଦୁଇହାତ ଛଡ଼ାରେ ପୋତାଯାଏ । ଏକ ଗଛରୁ ୬ମାସ ଅନ୍ତରରେ ଦୁଇଥର ଡାଳ କଟାଯାଏ ଓ ଶୁଖିଲା ଡାଳକୁ ବଡ଼ ବଡ଼ ଗୋଛ ବାନ୍ଧି ବିଦେଶକୁ ରପ୍ତାନି କରାଯାଏ । ୬୬ ସେର ଡାଙ୍ଗ ଓ ପତ୍ରରୁ ୧୫ ସେର ପର୍ଯ୍ୟନ୍ତ ତେଲ ବାଷ୍ପୀଭବନଦ୍ୱାର୍ ବାହାର କରାଯାଏ—ହି. ଶବ୍ଦସାଗର ।]
୨ । ସଢ଼ା ପତ୍ର—2. Putrefied or rotten leaf.

ପଚା ପାଡ଼ିଆ—ଦେ. ବଣ—ପିଚା ପାଡ଼ିଆ (ଦେଖ)
Pachā pardiā Pichā pardiā (See)
पाचापाड़ तोनपढ़िया

ପଚା ପାଣି—ଦେ. ବ - ୧ । ପଚାଫଳଆଦିରୁ ବୋହିବା ପାଣି—
Pachā pāni 1. Water oozing out from rotten fruits.
पचानि
सड़ापानी ୨ । ପୂତିଗନ୍ଧଯୁକ୍ତ ମଇଳା ପାଣି—
2. Foetid water.

ପଚା ପ୍ରବନ୍ଧ—ଦେ. ବ. (ସ. ପକ୍ୱ+ପ୍ରବନ୍ଧ)—ଉତ୍କୃଷ୍ଟ ରୀତି ବା ପଦ୍ଧତି—
Pachā prabandha Excellent mode or arrangement.
ସେତେ ବୋଲ ପଚା ପ୍ରବନ୍ଧେ ଭୁମେ
ଉଗିଲେ ଦନ୍ତଧ ବେଶ । ପ୍ରାଚୀ. ରହସ୍ୟମଞ୍ଜରୀ ।

ପଚୁଇବା—ପ୍ରାଦେ. (ଭଞ୍ଜି) କ୍ରି—ପଚାରିବା (ଦେଖ)
Pacharba Pachāribā (See)

ପଗ୍ଭରିବା— ଦେ. କ୍ରି. (ସଂ. ପ୍ରଚ୍ଛ୍ ଧାତୁ)—୧ । ପ୍ରଶ୍ନ କରିବା—
Pachāriba 1. To question; to ask.
जिज्ञासा करना ପଗ୍ଭରିବନ୍ତ କନ୍ତ କୃଶାଙ୍ଗୁରେ । ଉପେନ୍ଦ୍ରଭଞ୍ଜ. ରସିକ...
पूछना ୨ । ତତ୍ତ୍ୱ ନେବା—2. To enquire; to make enquiries.
ଗୋ ପ୍ରିୟ ସତ୍ୟ, କଣ୍ଢଗଲେ ପଗ୍ଭରୁ ନାହିଁ । ଗୋଲୋକ. ଉଦ୍ଧବ...।

ପଗ୍(ଞ୍ଚା)ଶ— ଦେ. ବି ଓ ବିଣ. (ସଂ. ପଞ୍ଚାଶତ୍; ପ୍ରା. ପଞ୍ଚାସା)—
Pachā(ñchā)śa ପାଞ୍ଚର ଦଶଗୁଣ ସଂଖ୍ୟା; ୫୦—
पञ्चाश पचास Fifty; 50.
ଅର ପଗ୍ଭଶ ପ୍ରବସାନ
ତାହାକୁ କଲେ କେଣ୍ଟ ମାନ୍ୟ । ଜଗନ୍ନାଥ. ଭାଗବତ ।

ପଚିବା—ଦେ. କ୍ରି. (ସଂ. ପଚ୍ ଧାତୁ)—ସଡ଼ିବା; ପର୍ଯ୍ୟୁଷିତ ହେବା—
Pachibā To rot; to putrefy.
पचा सड़ना [ପଗ୍(ଚେ)ଇବା—ଣିଜନ୍ତ]

ପଚିଶ(ଶି)—ଦେ. ବି ଓ ବିଣ (ସଂ. ପଞ୍ଚବିଂଶ, ପ୍ରା. ପଚୀସ)—୨୫—
Pachiśa(śi) 25; Twentyfive.
[ପଞ୍ଚିଶ(ଶି)—ଅନ୍ୟରୂପ) ଦେ. ବି—କଉଡ଼ିଖେଳରେ ୫ଟି ଯାକ
पचिस କଉଡ଼ି ଚିତ୍ ହୋଇ ପଡ଼ିବା ଦାଉ—The number
पचीस or value assigned to 5 cowries being thrown with the ventral side up in a game of cowries.

ପଚିଶ ସଓ୍ୱାଲ୍—ଦେ. ବି. (ଓ. ପଚିଶ ଓ ଫା. ସଵାଲ୍=ପ୍ରଶ୍ନ)—
Pachiśa sawāl ଗଡ଼ଜାତ ମାହାଲର ସୁପରିଣ୍ଟେଣ୍ଡେଣ୍ଟ ବା କମିଶନର
पचिस सवाल ସାହେବ ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କର ଉତ୍ତରାଧି-
पचीस सवाल କାରିତ୍ୱ ବିଷୟକ ପ୍ରଚଳିତ ପ୍ରଥା ସମ୍ବନ୍ଧରେ ୧୮୧୪ ସାଲରେ ତଦାନୀନ୍ତନ ୧୬ ଗୋଟି ଗଡ଼ଜାତର ରାଜାଙ୍କୁ ପଗ୍ଭରିଥିବା ୨୫ଟି ପ୍ରଶ୍ନ ଓ ରାଜାମାନେ ଦେଇଥିବା ଉକ୍ତ ପ୍ରଶ୍ନମାନଙ୍କର ଉତ୍ତର—The answers to 25 questions put by the Superintendent of the Orissa Tributary Māhāls to the Rājās in 1814 and the replies thereto regarding succession and customs which are taken as authority in questions of succession in the States of Orissa.

[ଦ୍ର—ଏ ପ୍ରଶ୍ନ ଓ ଉତ୍ତରମାନ ଲିପିବଦ୍ଧ ହୋଇ ଖଣ୍ଡିଏ ପୁସ୍ତକ ସଙ୍କଳିତ ହୋଇଅଛି । ଗଡ଼ଜାତର ରାଜଗାଦିର ଉତ୍ତରାଧିକାରିତ୍ୱ ବା ରାଜବଂଶ ପ୍ରଚଳିତ ପ୍ରଥା ସମ୍ବନ୍ଧେ କୌଣସି ପ୍ରଶ୍ନ ଉଠିଲେ ତାହା ଏହି 'ପଚିଶ ସୱାଲ' ଅନୁସାରେ ମୀମାଂସା କରାଯାଏ ଏବଂ କଲିକତା ହାଇକୋର୍ଟ ମଧ୍ୟ ଉକ୍ତ ପୁସ୍ତକକୁ ଗଡ଼ଜାତ ପ୍ରଚଳିତ ପ୍ରଥା ସମ୍ବନ୍ଧେ ନଜିର ବୋଲି ଗ୍ରହଣ କରି ଅଛନ୍ତି । ଭିନ୍ନ ଭିନ୍ନ ରାଜାଙ୍କର ମଧ୍ୟ କେତେକ ପ୍ରଥା ଭିନ୍ନ ଭିନ୍ନ । ଉଦାହରଣ ସ୍ୱରୂପ ଗୋଟିଏ ପ୍ରଥା ଏହି କି କୌଣସି ମୃତ ରାଜାଙ୍କର ବିବାହିତା ରାଣୀଙ୍କ ଗର୍ଭଜାତ ପୁତ୍ର ନ ଥିଲେ ତାଙ୍କ ସହୋଦର ରାଜଗାଦି ପାଇବେ; ସହୋଦର ନଥିଲେ ସହୋଦରଙ୍କ ପୁତ୍ର ପୌତ୍ର, ସେମାନେ ନ ଥିଲେ ଫୁଲବାଈ (ଗାନ୍ଧର୍ବ ମତରେ ବିବାହିତା ସ୍ତ୍ରୀ)'ର ପୁତ୍ର ପାଇବେ । ଗଡ଼ଜାତ ରାଜାଙ୍କର ପୋଇଲି ପୁଅ ବା ଦାସୀପୁତ୍ର ରାଜା ହୋଇ ପାରିବ ନାହିଁ; କିନ୍ତୁ ଖୋରଧା ଛଡ଼ା ଅନ୍ୟ କଣ୍ଟାଜାତ ବା ମୋଗଲବନ୍ଦି ମାହାଲରେ ଦାସୀ ପୁତ୍ର ରାଜା ହୋଇ ପାରିବେ ।]

ପଚିଶା କୁଟା—ଦେ. ବି—'କୁଟା' ତଳେ ନୋଟ୍ ଦେଖ—
Pachiśā kuṭā See notes under 'Kuṭā'.
ଦେ. ବି—୨୫ ଗୌଣୀ ଧାନ କୁଟାଳିକୁ ଦେଲେ ସେ ୧୦ ଗୌଣୀ ଉସୁନା ଗ୍ଭଉଳ ଦେବାର ରୀତି—The practice of delivery of 10 measures of parboiled rice on receipt of 25 measures of paddy.

ପଚୁରି—ପ୍ରାଦେ. (ଗଡ଼ଜାତ ଓ ଅନୁଗୁଳ) ବି—ଧାନକୁ ବର୍ଷକୁ ଗ୍ଭରି
Pachuri (¼) ସୁଧରେ କରଜ ଲଗାଇବା—
Investment of paddy on 25 per cent interest per season.

ପଚେଲିମ— ସଂ. ବିଣ. (ପଚ+ଏଲିମ)—ସ୍ୱୟଂ ପକ୍ୱ—
Pachelima That which ripens of its own accord.

ପଛ-ବୁଲ୍—ଦେ. ବି—ଯୁବକ ରାଧାଶ୍ୟାମଙ୍କ ପ୍ରବର୍ତ୍ତିତ ଡ୍ରିଲସମ୍ବନ୍ଧୀୟ
Pachh-bul ଆଦେଶ ବଚନ—A term of Drill 'Aboutturn.

ପଛ୍‌ରା—ପ୍ରାଦେ. (ସମ୍ବଲପୁର ଓ ବାମଣ୍ଡା) ବି. (ତୁଳ. ହି. ପଛୌରା; ସଂ
Pachhrā ପକ୍ଷ, ପଟ; ପ୍ରା. ପଚ୍ଛ ବଡ଼)—୧ । ପାଛୁଡ଼ା; ଗ୍ଭଦର—
1. An upper cloth.
୨ । ବିଛଣା ଚଦର—2. Bed-sheet.

ପଛ—ଦେ. ବି. (ସଂ. ପଶ୍ଚାତ୍; ପ୍ରା. ପଚ୍ଛା)—୧ । ପୃଷ୍ଠ ଦେଶ—
Pachha 1. Back; hind part.
पेछून, पिछू ୨ । ପୂର୍ବବର୍ତ୍ତୀ କାଳ—2. Past time.
पींछा, पीछे ୩ । ପରବର୍ତ୍ତୀ କାଳ—3. Future time.
(ଆଗ—ବିପରୀତ) ୪ । ଶେଷ ଭାଗ—4. The latter part.
ଦେ. ବିଣ—୧ । ପଶ୍ଚାଦ୍ୱର୍ତ୍ତୀ—1. Situate behind.
पेछूली ୨ । ପଶ୍ଚାଦ୍ ଗମନକାରୀ—2. Following.
छिपला ୩ । ପରେ ଆସିବା—3. Coming later.
୪ । ଅତୀତ; ପୂର୍ବେ ଘଟିଥିବା—4. Past; previous.
୫ । ଅନ୍ୟର ପରେ ବା ବିଳମ୍ବରେ କୌଣସି କାର୍ଯ୍ୟକାରୀ(ବ୍ୟକ୍ତି)-
5. Performing a work later than another; behind hand; tardy.
(ଯଥା—ଆଗ ସୁନା ପାଗ, ପଛ ଗୁହ ପୋଛ—ଶିଶୁବଚନ)

ପଛଅଡ଼—ଦେ. ବି—୧ । ପଶ୍ଚାତ୍ ଭାଗ—
Pachha arḍa 1. Hind part; back side.
ପଛ ପଟ } ଅନ୍ୟରୂପ ପେକ୍ଷର୍ଣ ଉଠି ମୃଣ୍ଡେ ... ବାନ୍ଧିଲ
ପଛ ବାଗ } ଅଗ ଟାଣ ପଛ ଅଡ଼କୁ ... ଦେଇ ।
पेछन दिग ବୃନ୍ଦାବନ. ହୋଇରାତ. ଦ୍ରୋଣ ।
पिछे तरफ, पिछाड़ी, पिछवाड़ा, पिछला तरफ
(ଆଗଅଡ଼—ବିପରୀତ) ୨ । ବାଡ଼ିଅଡ଼; ଘରର ସଦର ପାଖର ବିପରୀତ ଦିଗର ଅଂଶ—2. The back part of a house.

ପଛ ଆଡୁଆ—ଦେ. ବି—୧ । ପଶ୍ଚାଦ୍ଭାଗ ସମ୍ବନ୍ଧୀୟ—
Pachha ārduā 1. Pertaining to the back side.
পেছন দিগের ୨ । ପଶ୍ଚାଦ୍‌ବର୍ତ୍ତୀ—2. Back ward.
पिछला तरफका

ପଛ ଓରିଆ—ଦେ. ବି—ବଡ଼ ଲୋକଙ୍କ ଘରେ ଚାକର ବାକରଙ୍କୁ ଯେଉଁ
Pachha oriā ମୋଟା ଭାତ ଖାଇବାକୁ ଦିଆଯାଏ—
মোটা ভাত Coarse boiled rice served to the
मोटा भात servants in rich families.

ପଛ କଥା—ଦେ. ବି—୧ । ଅତୀତ ବିଷୟ; ଅତୀତ ଘଟଣା; ପୂର୍ବବର୍ତ୍ତୀ
Pachha kathā ବିଷୟ—1. Things of the past;
গতকথা previous matters.
पिछेकी बात ୨ । ଯେଉଁ ବିଷୟ ପରେ କରିବା ଉଚିତ—
1. A thing which should be done afterwards.

ପଛ କରିବା—ଦେ. କ୍ରି—୧ । ପିଠି ବୁଲାଇ ଦେବା—
Pachha kariba 1. To turn one's back upon.
(ପଛ ଫେରାଇବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ଅନାସ୍ଥା କରିବା—
পেছন ফিরা 2. (figurative) To neglect.
पिछा दिखाना କୃଷ୍ଣ କୃଷ୍ଣ କହି କେତେ, କୃଷ୍ଣ ଦେଖି ପୁରୁଣା ଚାଖୋର ଜେଲୁ, ପଛ କରି ଜେଲୁ ମତେ—ଭଗ ।

ପଛକରେ—ଦେ. ଅ—ପଛକେ (ଦେଖ)
Pachhakare Pachhake (See)
ପଛ ପଛକରେ କରିବ ପ୍ରଣୋଦ । କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।

ପଛ କାଟ—ଦେ. ବିଣ—ପଛେ କଟା ହେବା (ଫଳ)—
Pachha kāṭa (fruit) Taken latterly.
পিছুকাট पिछे काटा हुआ, दौंजी

ପଛକୁ—ଦେ. ଅ—୧ । ପଶ୍ଚାତ୍; ପରେ—1. Afterwards.
Pachhaku ୨ । ପୃଷ୍ଠ ଦିଗକୁ—2. Backwards.
পরে ୩ । (ଅମୁକର) ପୃଷ୍ଠ ଦେଶରେ—
बाद 3. To the back of; behind.
(ବିପରୀତ—ଆଗକୁ) ୪ । ଶେଷରେ—4. At last.
পিঠে ୫ । ତତ୍ ପଶ୍ଚାତ୍—5. After that.
पीछे ୬ । ଭବିଷ୍ୟତକୁ—6. In future.
୭ । ଅମୁକର ଉତ୍ତରାଧିକାରୀ ରୂପେ—
7. As one's successor.
(ଯଥା—ଓଡ଼ିଶାରେ ମଧୁବାବୁଙ୍କ ପଛକୁ ଆମ ଆଖିରେ କେହି ପଡ଼ୁ ନାହିଁ ।)

ପଛକୁ ପକା(କେ)ଇବା—ଦେ. କ୍ରି—୧ । ନିକୃଷ୍ଟ ବୋଲି ବିଚାର କରିବା—
Pachhaku pakā(ke)ibā 1 To consider as
পেছু ফেলা inferior.
पीछे छोड़ना ୨ । ଅନାଦର କରିବା—2 To disregard.
ଦଧିବେଳେ ଅଛ ପଛେ ପକାଇ ଅବଧାରକୁ ନ ଅଛିତ—
ଭକ୍ତ. କୋଟିବ୍ରହ୍ମସୁନ୍ଦର ।
୩ । ମନରେ ନ ଧରିବା—3. Not to mind.
ପାଶୋର ବାସର ଗୃହ, ପଛକୁ ପକାଇ ନ ଦେଲେ—
ନ ବଳେ, ବଧ ନରେନ୍ଦ୍ରକୁ ଅକ । କବିସୂର୍ଯ୍ୟ, ରଘୁନାଥ ।
୪ । ପାଶୋରି ଦେବା—4. To forget.

୫ । କୌଣସି କାର୍ଯ୍ୟକୁ ପରେ କରିବା ପାଇଁ ସ୍ଥଗିତ ରଖିବା—
5. To put off a work to be done afterwards.
୬ । କୌଣସି ବ୍ୟକ୍ତିକୁ ଟପି ଚାଲିଯିବା; କୌଣସି ବ୍ୟକ୍ତିକୁ ପଛରେ ଛାଡ଼ି ଚାଲିଯିବା—6. To go ahead of a person by leaving him behind.

ପଛ କୁହା—ଦେ. ବିଣ—୧ । ଯେ ସମସ୍ତଙ୍କ ପଛରେ କଥା କହେ—
Pachha kuhā 1. One who opens one's mouth
चुगलखोर; पीछेमे बोलनेवाला last.
୨ । ଯେ ପରୋକ୍ଷରେ ନିନ୍ଦା କରେ; ଚୁଗୁଲିଆ; ଚୁଗୁଲିଖୋର—
2. Back-biting; tell-tale.
ଏଣୁ ଏ ପଛକୁହା ଲୋକ, ତେଣୁ ଅତ ଅବହେଳ ।
ଭୂପତି, ପ୍ରେମପଞ୍ଚାମୃତ ।

ପଛକେ—ଦେ. ଅ—୧ । ବାଲେ—1. Lest.
Pachhake ୨ । ଯଦ୍ୟପି—2. Even if.
বরং, পাছে ୩ । ବରଂ—3. Even.
बरन्, शायद ଛେ ପଛକେ ସିନ ଛନ୍ଦ କରନ୍ତୁ—କୃଷ୍ଣସିଂହ, ମହାଭାରତ, ବନ ।
(ପଛକେ—ଅନ୍ୟରୂପ) ୪ । ହେଲେ ମଧ୍ୟ—4. Inspite of.

ପଛ ଗୋଡ଼ାଣିଆ(ଆଁ)—ଦେ. ବିଣ—୧ । ଅନୁସରଣିଆ—
Pachha gordaniā(āṅ) 1. Dancing attendance on another.
୨ । ଖୋସାମଦିଆ; ସ୍ତାବକ—2. Flattering; meanly servile.

ପଛ ଘୁଞ୍ଚା—ଦେ. ବି—୧ । ପଶ୍ଚାତ୍ପଦ ହେବା—1. Back sliding;
Pachha ghunchā shrinking back.
সরে পড়া ୨ । (ଲକ୍ଷଣାର୍ଥ) ଅନିଚ୍ଛା ପ୍ରକାଶ—
पीछे घुस्सना 2. (fig) Unwillingness.
ପ୍ରାଣୀମାନଙ୍କରେ ଦଣ୍ଡସ କେତେ ହାଣ, ପାଇ ପଛଘୁଞ୍ଚା କେବେ ଅଛ ।
କୃଷ୍ଣସିଂହ, ମହାଭାରତ, ସ୍ତ୍ରୀ ।

ପଛଘୁଞ୍ଚା ଦେବା—ଦେ. କ୍ରି—୧ । ପଶ୍ଚାତ୍ପଦ ହେବା—
Pachhaghunchā deba 1. To shrink back; backslide.
সরেপড়া ୨ । କୁଣ୍ଠିତ ହେବା; ଅନିଚ୍ଛା ପ୍ରକାଶ କରିବା—
2. To be unwilling.
୩ । ଅସ୍ୱୀକୃତ ହେବା—3. To disagree.

ପଛ ଦେଖା(ଖେ)ଇବା—ଦେ. କ୍ରି (ସଂ. ପଶ୍ଚାଦ୍ଭାଗ+ପ୍ରଦର୍ଶନ)—ପୃଷ୍ଠ
Pachha dekhā(khe)ibā ପ୍ରଦର୍ଶନ କରିବା—ହାରି କରି ଯୁଦ୍ଧ
পিঠটান দেওয়া ଭୂମିରୁ ପଳାଇବା—To run away from the
पीठ दीखाना field.

ପଛ ଧରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ପଛରେ ଯିବା;
Pachha dharibā ଅନୁସରଣ କରିବା—1. To follow
পিছন ধরা person; to walk behind a person.
पीछु पकड़ाना पीछे छुटना ୨ । କୌଣସି ବ୍ୟକ୍ତିଙ୍କ ନିକଟରେ ଫଳପ୍ରାପ୍ତି ବା ଆଶ୍ରୟାର୍ଥ ଅନୁସରଣ କରିବା—2. To follow a person for help; to attend upon a person for help.
୩ । ପଛରେ ଲାଗିବା (ଦେଖ)—
3. Pachhare lāgibā (See).

୪ । କୌଣସି କାର୍ଯ୍ୟ ପାଇଁ ବାରମ୍ବାର କୌଣସି ବ୍ୟକ୍ତିକୁ ଜଗର କରିବା—4. To insist on a person doing anything.

ପଛନ୍ତେ - ଦେ. ଅ. (ସ. ପଶ୍ଚାତ୍)—୧ । ପଛରେ; ପୃଷ୍ଠଭାଗରେ—
Pachhante 1. On the back.
ପରେ ୨ । ପରେ—2. Afterwards.
पिछे ଚନ୍ଦ୍ରାଂଶବେ ଅଗ ଏ ସ୍ତବ୍ଧକ ଥିଲେ,
ପଛନ୍ତେ ବେଦଲେଦେ ପ୍ରକାଶ ହୋଇଲେ ।
୩ । ଶେଷକୁ—3. At last; in the long run.
୪ । ପଛେ ପଛେ; ପଛରେ—4. Behind.

ପଛନ୍ଦ—ଦେ ବି—ପସନ୍ଦ (ଦେଖ)
Pachhanda Pasanda (See)

ପଛ ପକେଇ ନେବା—ଦେ. କ୍ରି (ନାବିକଙ୍କ ଭାଷା)—ଡଙ୍ଗାର ପଛମଙ୍ଗକୁ
Pachha pakei nebā କୂଳ ଆଡ଼କୁ ଆଉଜାଇବା—
(nautical) To ply a boat in such a manner that the back end will approach the shore.

ପଛ ବୁଣା—ଦେ. ବିଣ—(ସ. ପଶ୍ଚାତ୍ ବପନ)—୧ । ପଛରେ ବୁଣାଯାଇ-
Pachha buṇā ଥିବା—1. Sown after the proper
ପରେ ବୁଣା season.
पिछे बोआवुआ ୨ । ପଛରେ ବପନ କରିଥିବା (ବ୍ୟକ୍ତି)—
2 One who has sown seeds after season

ପଛ ବୁଦ୍ଧି(ଧି)ଆ—ଦେ. ବିଣ—ଯାହାର ଉପସ୍ଥିତ ବୁଦ୍ଧି ନ ଥାଏ; ଯଥା—
Pachha buddhi(dhi)ā ସମୟରେ ଯାହାକୁ ବୁଦ୍ଧି ଦିଶେ ନାହିଁ—
प छुबुधिया; बुद्धु One who has no presence of mind; not ready-witted.

ପଛ ବୁହା—ଦେ. ବିଣ—ଯାହା ହାତ ପଛଆଡ଼କୁ ବନ୍ଧା ହୋଇଥାଏ—
Pachha buhā 1. With hands pinioned.
পিছমোড়া, পটমোড়া ଦେ. କ୍ରି—୧ । ପଛଆଡ଼ୁଆ—
उल्टा बाँध Backward.
୨ । ଦୁଇ ହାତକୁ ପିଠିଆଡ଼କୁ ବୁଲାଇ ବାନ୍ଧିବା ବା ଧରିବା ଅବସ୍ଥାରେ—2. With hands pinioned or tied at the back.

ପଛଭର—ଦେ. ବିଣ—୧ । ପଶ୍ଚାଦ୍‌ବର୍ତ୍ତୀ—1. Behindhand;
Pachha bhara situated to the rear; going to
পেছিএ পড়া the rear or back side.
पछलग ୧।୨ ଚରଣ ପଛ ଭର, ଚେଣେ ନାଂସ୍ୱ ମୂକାଧାର ।
ଜଗନ୍ନାଥ. ଭାରତ ।
୨ । ପଛରେ ଆସୁଥିବା—2. Following.

ପଛରେ—ଦେ. ଅ (ସ. ପଶ୍ଚାତ୍)—୧ । ଅମୁକ ଉଦ୍ଦେଶ୍ୟ ସାଧନ ପାଇଁ—
Pachhare ଯଥା—ପିଲାର ପଢ଼ାପଢ଼ି ପଛରେ ବାପ ଶହ ଶହ
(ଆଗରେ—ବିପରୀତ) ଟଙ୍କା ଖର୍ଚ୍ଚ କରୁଛି—1. For; in.
পিছনে पाछे ୨ । ଅମୁକର ନିମନ୍ତେ—2. For.
୩ । ଅମୁକକୁ ପ୍ରବର୍ତ୍ତାଇବା ବା ମଙ୍ଗାଇବା ପାଇଁ—
(ଯଥା—ଅମୁକଙ୍କ ପାଇଁ ଭୋଟ ଦେବାକୁ ମୋ ପଛରେ ୪ ଜଣ ଗୋଡ଼େଇଛନ୍ତି ।).
୪ । ଅମୁକର ପାଳନ, ରକ୍ଷଣ ବା ବ୍ୟୟ ନିର୍ବାହାର୍ଥ—
(ଯଥା—ନାତୁଅଙ୍କ ପଛରେ ବାବୁଙ୍କର ଶହ ଶହ ଟଙ୍କା ଉଡ଼ୁଛି)
୫ । ପୃଷ୍ଠ ଭାଗରେ—5. On the bock; on the back side of.
୬ । ପରବର୍ତ୍ତୀ କାଳରେ; ଭବିଷ୍ୟତରେ—
6. In future.
(ଯଥା— ସେ ତାକୁ ପଛରେ ଶୋଧିବ ।)
୭ । ଅମୁକର ଅନୁପସ୍ଥିତିରେ; ପରୋକ୍ଷରେ—7. In the absence of; behind the back of.
୮ । ଅମୁକର ଅଧିନାୟକତ୍ୱରେ—
8. Under the leadership of.
୯ । ଅମୁକକୁ ସାହାଯ୍ୟ ଦେବା ପାଇଁ—
9. In the support of; to support him.
୧୦ । ବହୁ ପୂର୍ବବର୍ତ୍ତୀ କାଳରେ—
10 Far behind in time.
୧୧ । ବହୁ ଦୂରରେ—
11. Far behind in place.

ପଛରୁ ଡାକିବା—ଦେ. କ୍ରି—ଗମନୋଦ୍ୟତ ବା କୌଣସି ଉଦ୍ଦେଶ୍ୟରେ
Pachharu ḍākibā ଅନୁକୂଳ କରୁଥିବା ବ୍ୟକ୍ତିକୁ ପଛଆଡ଼ୁ
পেছুনে ডাকা ଡାକ ଦେବା (ଏହା ଅଶୁଭ ସୂଚକ ଓ ଏପରି କେହି
पीछेसे फुकारना ପଛରୁ ଡାକିଲେ ଅନୁକୂଳ ବିଗିଡ଼େ ବୋଲି ଲୋକେ ବିଶ୍ୱାସ କରନ୍ତି— To call a person from behind while he is going on some mission.

ପଛରେ କହିବା—ଦେ. କ୍ରି—୧ । ପରୋକ୍ଷରେ କୌଣସି ବ୍ୟକ୍ତିର ନିନ୍ଦା
Pachhare kahibā କରିବା—1. To blame a person
পেছনে বোলা behind his back.
पीछेसे कहना ୨ । ଚୁଗୁଲି କରିବା—2. To back-bite a person.
୩ । କୌଣସି ବ୍ୟକ୍ତି କଥା କହି ସାରିବା ପରେ କଥା କହିବା—
3. To speak after a person.

ପଛରେ ଗୋଡ଼ା(ଡ଼େ)ଇବା—ଦେ. କ୍ରି—୧ । ପ୍ରାର୍ଥନା ସିଦ୍ଧି ପାଇଁ
Pachhare gorḍā(rḍe)ibā କୌଣସି ବ୍ୟକ୍ତିର ଅନୁସରଣ
পেছু দৌড়ন କରିବା—1. To dance attendance on a
पीछे छुटना person for the fulfilment of one's
(ପଛରେ ଛୁଟିବା—ଅନ୍ୟରୂପ) prayer; to be tied to the purse-strings of another.
୨ । ସ୍ତାବକତା କରିବା; ଖୋସାମତ କରିବା—
2. To flatter a person
୩ । ଶିକାରକୁ ଆକ୍ରମଣ କରିବା ପାଇଁ ପଶ୍ଚାଦ୍ଧାବନ କରିବା—
3. To chase a prey.

ପଛରେ ଛାଡ଼ିବା—ଦେ. କ୍ରି—୧ । ଚାଲିବା ସମୟରେ କୌଣସି ସ୍ଥାନକୁ
Pachhare chhārḍibā ବା ବ୍ୟକ୍ତିକୁ ବହୁ ଦୂର ପଛରେ ରଖି
পেছনে ছাড়া ଚାଲି ଆସିବା—1. To leave a place or
पीछे छोड़ना person far behind.

୬ । କୌଣସି ସ୍ଥାନ ତ୍ୟାଗ କରିବା ସମୟରେ ସେ ସ୍ଥାନକୁ ରକ୍ଷା କରିବା ବା ସେଠାର ତତ୍ତ୍ୱ ନେବା ପାଇଁ କୌଣସି ବ୍ୟକ୍ତିକୁ ରଖି ଆସିବା—୬. To leave a person at a place to look after the affairs there.

ପଛରେ ପଡ଼ିବା—ଦେ. କ୍ରି—୧ । ସଙ୍ଗୀ ଲୋକମାନଙ୍କ ସଙ୍ଗେ ଚାଲି ନ ପାରି ପଛରେ ରହିଯିବା—
Pachhare phrdiba
ପେଛନେ ପଡ଼ା 1. To lag behind.
पीछे पड़ना(रहना) ୨ । ସଙ୍ଗୀମାନଙ୍କ ସଙ୍ଗେ ପ୍ରତିଯୋଗିତାରେ ନ ପାରିବା—2. To be behindhand one's mates in progress.

ପଛରେ ଲଗା(ଗେ)ଇବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ଗତିବିଧି ପ୍ରତି ଦୃଷ୍ଟି ରଖିବା ପାଇଁ ଅନ୍ୟ ବ୍ୟକ୍ତିକୁ ନିଯୁକ୍ତ କରିବା—1. To employ a person to watch the movements of another.
Pachhare lagā(ge)ibā
ପେଛନେ ଲାଗାନ
पीछे लगाना

୨ । କୁକୁର ଆଦିକୁ ଶିକାର ପଛରେ ଦଉଡ଼ାଇବା—2. To set a dog on a prey.

୩ । ଅମୁକ କାର୍ଯ୍ୟ ବା ବ୍ୟକ୍ତି ପାଇଁ ଧନ ବ୍ୟୟ କରିବା—3. To spend money for a certain thing or person.

ପଛରେ ଲାଗିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ଗତିବିଧିକୁ ସାବଧାନତା ସହକାରେ ଓ ତାହାର ଅଜ୍ଞାତରେ ଲକ୍ଷ୍ୟ କରିବା—1. To watch the movements of a person.
Pachhare lāgibā
ପିଛନେ ଲାଗା
पीछे लगना

(ଯଥା—ସନ୍ଦେହୀ ଆସାମୀ ପଛରେ ଡିଟେକ୍ଟିଭ୍ ଲାଗିଛନ୍ତି ।)

୨ । କୌଣସି ବ୍ୟକ୍ତି ବା ଜୀବ ଯେଉଁ ବାଟେ ଯାଇଛି ତାହାର ଖୋଜ ବା ଚିହ୍ନକୁ ଲକ୍ଷ୍ୟ କରି ଅନୁସରଣ କରିବା—2. To track a person.

(ଯଥା—ଘାଢ଼ୁଆ ବାଘ ପଛରେ ଶିକାରୀମାନେ ଲାଗିଛନ୍ତି ।)

୩ । କୌଣସି ବ୍ୟକ୍ତିର ଅନିଷ୍ଟାଚରଣ କରିବାକୁ ତାହାର ଛିଦ୍ର ଓ ଦୋଷ ସନ୍ଧାନ କରିବା—3. To be on the look out for the faults of another with a view to injure him.

(ଯଥା—ଜଣକ ପଛରେ ଅଫିସରମାନେ ସମସ୍ତେ ଲାଗିଲେ ସେ କେତେଦିନ ଚଳିପାରିବ ?)

୪ । କୌଣସି ବ୍ୟକ୍ତିର ସେବାରେ ନିଯୁକ୍ତ ହେବା—4. To be engaged in serving a person

(ଯଥା—ଦିନରାତି ରଜାଙ୍କ ପଛରେ ୧୦ ଜଣ ସେବାକାରୀ ଲାଗିଛନ୍ତି ।)

୫ । କୌଣସି ବ୍ୟକ୍ତି ବା ବସ୍ତୁ ପାଇଁ (ଏତେ ଧନ) ବ୍ୟୟିତ ହେବା—5. To be spent for a certain purpose.

(ଯଥା—ଏ ପିଲାର ପଢ଼ା ପଛରେ ମୋର ବର୍ଷକେ ହଜାରେ ଟଙ୍କା ଲାଗୁଛି ।)

୬ । ପଛରେ ଗୋଡ଼ାଇବା (ଦେଖ)
6. Pachhare gordāibā (See)

୭ । କୌଣସି ବ୍ୟକ୍ତିକୁ ବାରମ୍ବାର ଅନୁରୋଧ କରିବା ବା ପ୍ରବର୍ତ୍ତାଇବା—7. To be engaged in pressing or requesting or inducing or inciting a person to do something.

(ଯଥା - ଭୋଟ ପ୍ରାର୍ଥୀମାନେ ଇଲେକ୍‌ସନ ପୂର୍ବରୁ ଭୋଟରମାନଙ୍କ ପଛରେ ଲାଗନ୍ତି ।)

ପଛ ମଙ୍ଗ—ଦେ. ବି—ଡଙ୍ଗାର ପଛଭାଗର ତ୍ରିକୋଣାକାର ମୁଣ୍ଡ—
Pachha manga The triangular head of a boat on the hind side.
पीछेका माथा
(ଆଗ ମଙ୍ଗ—ବିପରୀତ) [ଦ୍ର—ଏହା ଉପରେ ପଟା ପଡ଼ିଥାଏ । ଏହାର ମୁଣ୍ଡରେ ମଙ୍ଗଧର ବା ସୁକାନ ଲାଗିଥାଏ ଏବଂ ମଙ୍ଗଧର ବ୍ୟକ୍ତି ଏହିଠାରେ ବସେ ।]

ପଛଲା(ଲି)—ଦେ. ବିଣ—ପିଛଲା(ଲି) (ଦେଖ)
Pachhalā(li) Pichhalā(li) (See)

ପଛ ହେବା—ଦେ. କ୍ରି—ଦୂର ହେବା—
Pachha hebā To be gone.
पिछिए याओा ତମଲଙ୍ଗେଥେ ବୃପାବୃନାବର୍ଣ୍ଣ ମଛ
पिछे हटना ଅଛ ଚେଣିଲେ ତାହା ବୁଝିଣ ହୁଏ ପଛ—କୃଷ୍ଣସିଂହ. ମହାଭାରତ. ବନ

ପଛା—ପ୍ରାଦେ. (ସିଂହଭୂମ) ବି—ଶଗଡ଼ର ପଛ ଫଳ—
Pachhā The back side cross-bits put across the shafts of a bullock cart.

ପଛା(ଛେ)ଇବା—(ସଂ. ପଶ୍ଚାତ୍)—୧ । ପିଛେଇବା; ପଛଆଡ଼କୁ ଘୁଞ୍ଚିବା; ପଛକୁ ହଟିବା—1. To back up; to move backward.
Pachhā(chhe)ibā
ପେଛେନ, ପିଛାନ
पिछे चलजाना ୨ । ପଶ୍ଚାତ୍‌ପଦ ହେବା—2. To shrink from a work.

୩ । ଅନ୍ୟମାନଙ୍କ ପଛରେ ଆସିବା—3 To be late; to be behindhand.

୪ । ଅନ୍ୟ ସଙ୍ଗୀମାନଙ୍କ ସଙ୍ଗେ ଚାଲି ନ ପାରି ସେମାନଙ୍କ ପଛରେ ରହିବା—4. To lag behind.

୫ । ନିୟମିତ ଋତୁରେ ନ ହୋଇ ବହୁ ବିଲମ୍ବରେ ହେବା—5 To be late in the season than ordinary.

(ଯଥା—ଏ ବର୍ଷ ଚଇତ୍ର ମାସରେ ବର୍ଷା ନ ହେବାରୁ ଧାନ-ବୁଣା ଖୁବ୍ ପଛେଇଲା ।)

ପଛାଡ଼—ଦେ. ବିଣ—ପଛଆଡ଼; ପଶ୍ଚାଦ୍‌ଭାଗ—
Pachhārda ପିଛେରଦିକ **पिछाड़ी** Back side

ପଛି—ଦେ. (ପ୍ରାଚୀନ ପଦ୍ୟ) ବି. (ମୂଳ. ହି. ପଞ୍ଛୀ; ପକ୍ଷୀ)—ପକ୍ଷୀ—
Pachhi Bird.
ସେସନେ ତହୋପ୍ରା ପଛ ବାତୁଣ ବରଉ ଜଣ ଚେସନ ମୋ
ଅନ୍ତର୍ଥନା ତଃପୋବରେ । ପ୍ରାଚୀ. ଭରବାଦ୍ଧ ।

ପଛି(ଛୁ)ଆଣି—ଦେ. ବି—ପଛଆଡ଼—
Pachhi(chhu)āṇi Back side.

ଦେ. ବଣ—୧ । ପଚ୍ଛଆଡ଼ୁ ଆସିଥିବା—1. That which has come or entered through the back side. (ଯଥା—ଆମ ଗ୍ରାମକୁ ନଈବଢ଼ିର ପଚ୍ଛଆଣି ପାଣି ମାଡ଼େ ।)
୨ । ପଚ୍ଛଆଡ଼େ ଥିବା—2. Situated behind.

ପଚ୍ଛି(ଚ୍ଛୁ)ଆଣି ପାଣି—ଦେ. ବ—ନଈବଢ଼ିର ଯେଉଁ ପାଣି ବନ୍ଧବାଟେ କୂଳ Pachhi(chhu)āṇi pāṇi ଆସିବାରୁ ସ୍ରୋତର ବିପରୀତ ଦିଗ ପେଛুন দিগের জল ଦେଇ ଗ୍ରାମ ବା କ୍ଷେତ୍ର ମଧ୍ୟକୁ ଆସେ—Back **पिछला पानी** water of a flood.

ପଚ୍ଛିମ—ଦେ. ବ ଓ ବଣ (ସଂ. ପଶ୍ଚିମ)— ପଶ୍ଚିମ (ଦେଖ)
Pachhima পচিম, পছিম **पच्छिम** Paśchima (See)

ପଚ୍ଛିମା—ଦେ. ବ ଓ ବଣ. ପୁଂ.—ପଶ୍ଚିମା (ଦେଖ)
Pachhimā পছিমা **पच्छिवाँ** Paśchimā (See)
(ପଚ୍ଛିମାଣୀ—ସ୍ତ୍ରୀ)

ପଚ୍ଛିଲ—ଦେ. ବ ଓ ବଣ—ପିଚ୍ଛିଲ (ଦେଖ)
Pachhilā Pichhilā (See)

ପଚ୍ଛୁଆ—ଦେ. ବଣ. ପୁଂ—୧ । ପଶ୍ଚାଦ୍‌ବର୍ତ୍ତୀ—
Pachhuā 1. Backward.
পেছনের ୨ । ପଶ୍ଚାତ୍ ଆଗତ—2. Arrived later.
पिछला, फिसड्डी ୩ । ଯେ ପଚ୍ଛଘୁଞ୍ଚା ହଏ—
3. One who moves backward.
୪ । ଯେ ସବୁ କାର୍ଯ୍ୟ ସମସ୍ତଙ୍କ ପଚ୍ଛରେ କରେ; ଅଳସୁଆ—
4. Lazy; laggard.
ପ୍ରାଦେ. (ସମ୍ବଲପୁର) ବ—ଅନୁଚର; ଭୃତ୍ୟ—
Attendant; retinue.
ପ୍ରା'ଦେ. (ଗଡ଼ଜାତ) ବ—ମଞ୍ଚା ଉପରେ ବାଣୁଆକୁ ସାହାଯ୍ୟ କରିବାପାଇଁ ଓ ବିପଦବେଳେ ଗୁଳି ଆଦି ଚଳାଇବା ସକାଶେ ସମର୍ଥ ଅର୍ଦ୍ଦଳିବିଶେଷ—An orderly to help the hunter on the mañchā.
ପ୍ରାଦେ. (ଗଡ଼ଜାତ) ବଣ—ଯେ ବିଳମ୍ବରେ ଶେଯରୁ ଉଠେ—
Rising from bed late in the morning.

ପଚ୍ଛୁଆ(ଏ)ଇବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ପଛେଇ ଯିବା—
Pachhuā(e)ibā 1. To fall back.
পিছান ୨ । ସମସ୍ତଙ୍କ ପଚ୍ଛରେ ଯିବା—
पिछलना 2. To go behind.

ପଛେ—ଦେ. ଅ. (ସଂ. ପଶ୍ଚାତ୍; ପ୍ରା. ପଚ୍ଛା)—୧ । ପଚ୍ଛକୁ (ଦେଖ)
Pachhe 1. Pachhaku (See)
পরে; পাছে ପଛେ ମାରେଣ କଥା ଦେଇଛୁ ଅମ୍ଭ ।
पीछे କୃଷ୍ଣସିଂହ. ମହାଭାରତ. ବନ ।
୨ । ପଚ୍ଛକେ (ଦେଖ)—2. Pachhake (See)
ସେବେ ଶୁଦ୍ଧ ହେଲ ପଛେ ଭଜନା ଭୂଷର ।
ମଧୁସୂଦନ. ଭକ୍ତରତ୍ନମାଳା ।

ପଛେ ପଛେ—ଦେ. ଅ—୧ । ପଚ୍ଛରେ—1. Behind.
Pachhe pachhe ୨ । ଅବ୍ୟବହିତ ପରେ—
পাছে পাছে; পেছনে পেছনে 2. Immediately after.
पीछे पीछे ୩ । ଅନୁସରଣ କରି—3. Following.

ଅସ୍ତୁଳନ୍ତ ଯୋଦ୍ଧା ବେଗେ କଲ ପଛେ ପଛେ ଜଳ-ଅନୁଚରବୃନ୍ଦ ।
ରାଧାନାଥ. ମହାଯାତ୍ରା ।

ପଜା—ଦେ. ବ. (ସଂ. ପିଜ୍ ବା ପିଞ୍ଜ୍ ଧାତୁ=ପ୍ରାପ୍ତି ପାଇବା)—୧ । ଶସ୍ତ୍ରାଦିକୁ
Pajā ଦାଢ଼ କରିବା—1. Sharpening or whetting an শাণ দেওয়া instrument.
पैजाना ୨ । ପଝା (ଦେଖ)—2. Pajhā (See)

ପଜା(ଜେ)ଇବା—ଦେ. କ୍ରି. (ସଂ. ପିଜ ଧାତୁ)—୧ । ଶସ୍ତ୍ରାଦିକୁ ପଥର
Pajā(je)ibā ଉପରେ ଘଷି ଦାଢ଼ୁଆ କରିବା—1. To whet পাজন, শানদেওয়া or sharpen an instrument.
टेना; पैनाना ୨ । ଲୁହା ଶସ୍ତ୍ରାଦିର ଦନ୍ତୁରା ଅଗକୁ ନିଆଁରେ ପୋଡ଼ି ପିଟି ବାଡ଼େଇ ଦାଢ଼ୁଆ କରିବା—2. To whet a blunt weapon by heating and beating its edge.

ପଜ୍ଝଟି—ଦେ. ବ. (ସଂ. ପଜ୍ଝଟିକା)—ପଜ୍ଝଟିକା (ଦେଖ)
Pajjhaṭi Pajjhaṭikā (See)
[ଦ୍ର—ଏ ଛନ୍ଦର କବିତା ଭାଷାରେ ସୁଲଭ ନୁହେଁ । ଫକୀରମୋହନଙ୍କ 'ଛମାଣଆଠଗୁଣ୍ଠ'ରେ ଏ ଛନ୍ଦର ଗୋଟିଏ ଉଦାହରଣ ଦିଆଯାଇଅଛି; କିନ୍ତୁ ତାହା ଛନ୍ଦଟିର ଅବିକଳ ଅନୁରୂପ ହୋଇ ନାହିଁ । ଏଠାରେ ଉଦାହରଣସ୍ୱରୂପ ପଜ୍ଝଟିକା ଛନ୍ଦାନୁକରଣରେ ଗୋଟିଏ ଓଡ଼ିଆ ଶ୍ଳୋକ ଦିଆଗଲା :— ଧାଇଁଛି ସୁନ୍ଦରୀ ମୁକୁଳିତ-କେଶା
ବନ୍ଧୁଅଛି ଲୋଚକ ସୁମଳିନ-ବେଶା
ଧାଇଁଛି ଶୁଳିଛି ଗଭି କର ଦାଣ୍ଡେ
କବିତା ରଚନ ଶୁଣ ପଜ୍ଝଟି ଛନ୍ଦେ ।]

ପଜ୍ଝଟିକା—ସଂ. ବ. ସ୍ତ୍ରୀ—ମାତ୍ରାବୃତ୍ତ ସଂସ୍କୃତ ଛନ୍ଦୋବିଶେଷ—
Pajjhaṭikā A Sanskrit metre with 16 syllables.
[ଦ୍ର—ଏହାର ପ୍ରତ୍ୟେକପଦରେ ୧୬ ମାତ୍ରା । ହ୍ରସ୍ୱବର୍ଣ୍ଣ ହେଲେ ୧ ମାତ୍ରା, ଦୀର୍ଘବର୍ଣ୍ଣ ୨ ମାତ୍ରା ଓ ବ୍ୟଞ୍ଜନବର୍ଣ୍ଣ ଅର୍ଦ୍ଧମାତ୍ରା ଏହିପରି ୧୬ ମାତ୍ରା ଗଣନା କରାଯାଏ । ଏଥିରେ ୯ମ ମାତ୍ରା ଗୁରୁ ହେବା ଆବଶ୍ୟକ । ଏହାର ଲକ୍ଷଣ :—
ପ୍ରତିପଦ ଯମକିତ ଷୋଡ଼ଶ ମାତ୍ରା
ନବମ ଗୁରୁତ୍ୱ ବିଭୂଷିତ ଗାତ୍ରା ।]

ପଝା—ଦେ. ବ—ପଜା; ରୋମନ୍ଥ; ଚର୍ବିତଚର୍ବଣ; ପାଗୁଳି—
Pajhā Ruminating; chewing the cud.
জাবর **पागुर**

ପଝା କରିବା—ଦେ. କ୍ରି. (ଭୁଲ. ସଂ. ପର୍ ଧାତୁ)—ପାଗୁଳି କରିବା;
Pajhā karibā ପାଗୁଳିବା; ରୋମନ୍ଥ କରିବା—
জাবর কাটা To chew the cud; to ruminate.
पागुर करना

ପଝା ଗଡ଼େଇବା—ପ୍ରାଦେ. (ସିଂହଭୂମ) କ୍ରି—ପାଗୁଳିବା—
Pajhā gaṛeibā To ruminate.

ପଝାରି—ଦେ. ବ—ଡଙ୍ଗାରେ ଚଢ଼ି ପାର ହେଉଥିବା ଯାତ୍ରୀ; ନୌକା-
Pajhāri ଦେଶୀ ବ୍ୟକ୍ତିଗଣ—Passengers in a ferry
যাত্রী · **सवार** boat.
ପହାଡ଼ିଆ ସଙ୍ଗ ଶତ୍ରୁ ନାଇରିଆ
କରୁଛ ପଝାରି ପାର । ନନ୍ଦକିଶୋର. କର୍ଣ୍ଣହରଣୀ ।

ପଞ୍ଚ (ଧାତୁ)—ସଂ—ବିସ୍ତାର କରିବା —
Pañch (root) To spread.

ପଞ୍ଚ —ବୈଦେ. ବି. (ଇଂ. ପଞ୍ଚ)—ଛେଣି ୨ (ଦେଖ)
Pañch পঞ্চ पंच Chheṇi 2 (See)

ପଞ୍ଚ୍ କରିବା — ଦେ. କ୍ରି—ବ୍ୟବହୃତ କାଗଜ କୋର୍ଟଫିସ୍ ଆଦିରେ ଲୌହ-
Pañch kariba ଯନ୍ତ୍ରଦ୍ୱାରା ଛିଦ୍ର କରିବା—To punch a
পঞ্চকরা पंच करना paper or used courtfees.

ପଞ୍ଚ୍ ଲାଇଟ୍— ବୈଦେ. ବି. (ଇଂ. ପଞ୍ଚ୍ = ଗୁଚ୍ଛ + ଲାଇଟ୍ = ଆଲୋକ;
Pañch lāiṭ ଆଧୁନିକ ବ୍ୟବହାର)—କେରୋସିନ୍ ବା ପେଟ୍ରୋଲ୍
পঞ্চলাইট ତେଲର ବାଷ୍ପକୁ ଜଳାଇ ଅତି ଉଜ୍ଜ୍ୱଳ ଆଲୋକ
पंचलाइट ଜଳାଇବା ପ୍ରଦୀପବିଶେଷ—A very bright incandescent petrol lamp.

ପଞ୍ଚ ସଂ. ବି. (ପଚିର୍ ଧାତୁ + ଅନ; ପଞ୍ଚନ୍ ଶବ୍ଦ ୧ମା. ୧ବ)—
Pañcha ଚାରିରୁ ଏକ ଅଧିକ ସଂଖ୍ୟା; ପାଞ୍ଚ ସଂଖ୍ୟା—
Five; 5.

ସଂ. ବିଣ—ପଞ୍ଚସଂଖ୍ୟକ – Numbering five.

পঞ্চায়েৎ ଦେ. ବି—୧ । ପଞ୍ଚାୟତ—1. Panchayet; a
पंच board of arbitrators.

[ଦ୍ର—ଏ ଶବ୍ଦ ପାଞ୍ଚ ସଂଖ୍ୟାରୁ ଉତ୍ପନ୍ନ ହୋଇଥିଲେ ମଧ୍ୟ ଏଥିରେ ପାଞ୍ଚରୁ ଅଧିକ ବା କମ୍ ମେମ୍ବର ରହନ୍ତି ।]

୨ । ଚୌକିଦାରି ପଞ୍ଚାୟତ—2. The body of members of a chawkidari union.

୩ । ଗ୍ରାମ୍ୟ ସହଯୋଗ ସମିତିର ପଞ୍ଚାୟତ—3. The body of members of village co-operative society.

୪ । ସାଲିସ; କୌଣସି ମକଦ୍ଦମାକୁ ଅପୋସରେ ନିଷ୍ପତ୍ତି କରିବାପାଇଁ ଉଭୟ ପକ୍ଷ ରାଜି ହୋଇ ଯାହାଙ୍କୁ ଭଲଲୋକ ମାନି ଥାଆନ୍ତି—
4. Arbitrators.

୫ । ଏକ ସ୍ଥାନରେ ଏକ ଉଦ୍ଦେଶ୍ୟରେ ବସିଥିବା ୫ଜଣ ବ୍ୟକ୍ତି —
5. Five persons sitting together to discuss a particular subject.

ପଞ୍ଚମୁଖେ ପରମେଶ୍ୱର । ଚଳ ।

୬ । ଏକାଧିକ ବ୍ୟକ୍ତି—6. Many persons.

୭ । ସାମାଜିକ ଅପରାଧ ବିଚାରାର୍ଥ ମନୋନୀତ ଜାତିଭାଇଙ୍କ ମଧ୍ୟରୁ କେତେଜଣ—7. A board of members of a society who judge about social offences.

ଜାତ ମଧ୍ୟେ କେହୁ ଉଲମ୍ଭ କଲେ
ପଞ୍ଚମାନେ ତ ତାକୁ ଜରିମାନା କରନ୍ତି । ପଦ୍ମଲୋଚନ. ହନୁମତ୍ଚରିତ ।

ପ୍ରାଦେ. (ସମ୍ବଲପୁର) ବି—ଚାରିଗୋଟି ଗ୍ରାମର ଗ୍ରାମବାସିଙ୍କ ଦ୍ୱାରା ମନୋନୀତ ପଞ୍ଚାୟତ—A board of members elected by the villagers of four different villages.

[ଦ୍ର—ଏଥିରେ ଗଉନ୍ତିଆଙ୍କର ମେମ୍ବର ହୋଇ ରହିବା ଆବଶ୍ୟକ ବୋଲି ବିବେଚିତ ହୁଏ ।]

ପଞ୍ଚଇ — ଦେ. ବିଣ. (ସଂ. ପଞ୍ଚ ଓ ହିଁ)—ପାଞ୍ଚଗୋଟି ମାତ୍ର; କେବଳ ୫ଟି —
Pañchai Five only (neither more nor less)
পাঁচই पाँचही

ପଞ୍ଚକ—ସଂ. ବିଣ. (ପଞ୍ଚନ୍ + କ)— ୧ । ପାଞ୍ଚସଂଖ୍ୟା ସମ୍ବନ୍ଧୀୟ—
Pañchaka 1. Pertaining to the number 5.

୨ । ପାଞ୍ଚସଂଖ୍ୟକ —2. Five in number; consisting of five.

୩ । ପାଞ୍ଚଜଣଙ୍କ ଦ୍ୱାରା କ୍ରୀତ —
3. Purchased by 5 persons.

୪ । ପଞ୍ଚଦିବସ ବୟସ୍କ—4. Five days old (Howells).

୫ । ପଞ୍ଚପରିମିତ—5. Measuring five.

୬ । ପଞ୍ଚଅଙ୍ଗ, ଅବୟବ ବା ଭାଗବିଶିଷ୍ଟ—6. Having five limbs or parts or components.

ସଂ. ବି—୧ । ପାଞ୍ଚର ସମୂହ —1. A collection of fives,

୨ । ପାଞ୍ଚର ସମାହାର—2. An aggregate of five; a pentad.

୩ । ପଞ୍ଚାଏତ—3. A board of arbitrators.

୪ । ପଞ୍ଚାଏତି —4. Arbitration.

୫ । ଅନେକ ଲୋକଙ୍କୁ ନେଇ କରାଯିବା ପରାମର୍ଶ—
5. Consultation amongst many persons.

୬ । ପଞ୍ଚୁକ; କାର୍ତ୍ତିକମାସର ଶେଷ ପାଞ୍ଚଦିନ—6. The last 5 days of the month of Kartik.

୭ । ଜାତିବିଶେଷ—7. A particular caste (M. W)

୮ । ସ୍କନ୍ଦଙ୍କ ଅନୁଚରବିଶେଷ—8. Name of an attendant of Skanda (M. W)

୯ । ନହୁଷଙ୍କ ପୁତ୍ରବିଶେଷ —
9. Name of a son of King Nahusha (M. W)

୧୦ । ଗୌତମ ବୁଦ୍ଧଙ୍କର ପ୍ରଥମ ପାଞ୍ଚଜଣ ଶିଷ୍ୟ—10. The first five disciples of the Buddha

୧୧ । ପଞ୍ଚାଧ୍ୟାୟବିଶିଷ୍ଟ ଗ୍ରନ୍ଥ—
11. A book consisting of five chapters (M. W)

୧୨ । ପାଞ୍ଚକଉଡ଼ିରେ ଖେଳାଯିବା ଖେଳ; କସିପାଞ୍ଚି—
12. Name of a game played with five shells (M. W)

୧୩ । ଯୁଦ୍ଧଭୂମି—13. A field of battle (M. W)

୧୪ । ଶତକଡ଼ା ପାଞ୍ଚ ହିସାବେ ସୁଧ—
14. Interest at five per cent.

୧୫ । ଶକୁନ ଶାସ୍ତ୍ର—15. The science of augery.

ପଞ୍ଚକନ୍ୟା — ସଂ. ବି — (ଦ୍ୱିଗୁ; ପଞ୍ଚ + କନ୍ୟା) ଗୌତମପତ୍ନୀ ଅହଲ୍ୟା, ପାଣ୍ଡବପତ୍ନୀ ଦ୍ରୌପଦୀ, ବାଲିପତ୍ନୀ ତାରା, ପାଣ୍ଡୁପତ୍ନୀ କୁନ୍ତୀ ଓ ରାବଣପତ୍ନୀ ମନ୍ଦୋଦରୀ—Names of 5 women named in Hindu mythology as ever virgins.
Pancha kanyā

[ଦ୍ର—ପ୍ରତିଦିନ ସକାଳେ ପଞ୍ଚକନ୍ୟାଙ୍କ ନାମ ସ୍ମରଣ କଲେ ମନୁଷ୍ୟର ପାତକ ନାଶ ହୁଏ । ଏ ପାଞ୍ଚଜଣଯାକ ଏକାଧିକ ସ୍ୱାମୀଙ୍କ ଭୋଗ୍ୟା ହୋଇଥିଲେହେଁ ଏମାନଙ୍କର ସତୀତ୍ୱ ନଷ୍ଟ ହୋଇ ନ ଥିଲା ବୋଲି ପୁରାଣରେ କଥିତ ।]

ପଞ୍ଚ କବଳ—ସଂ. ବ (ଦ୍ୱିଗୁ; ପଞ୍ଚ+କବଳ)—ସ୍ମୃତି ଅନୁସାରେ ଭୋଜନ
Pañch kabaḷa ପୂର୍ବରୁ ଗୃହସ୍ଥ କୁକୁର, ପତିତ ବା ଚଣ୍ଡାଳ, କୋଢ଼ୀ, ରୋଗୀ ଓ କୁଆଙ୍କ ପାଇଁ ଯେଉଁ ପାଞ୍ଚଗ୍ରାସ ବା ପାଞ୍ଚ ମୁଣ୍ଡା ଅନ୍ନ କାଢ଼ି ଦିଏ (ହି. ଶ)—The five handfuls of rice kept separate for the dogs, the pariah, the lepers, the sick & the crows by every Hindu house-holder.

ପଞ୍ଚକର୍ଣ୍ଣ—ସଂ. ବଣ (ବହୁବ୍ରୀହି; ପଞ୍ଚ+କର୍ଣ୍ଣ)—ଯେଉଁ ଗୋରୁର କାନରେ
Pañcha karṇṇa ପାଞ୍ଚ ଅଙ୍କପରି ଚିହ୍ନରେ ଛେଙ୍କ ଦିଆଯାଏ—Branded in the ear with the figure five (as cattle) (M. W)

ପଞ୍ଚକର୍ମ—ସଂ. ବଣ (ଦ୍ୱିଗୁ; ପଞ୍ଚ+କର୍ମ)—ଆର୍ଯ୍ୟ ଚିକିତ୍ସା ଶାସ୍ତ୍ରମତରେ
Pañcha karma ରୋଗ ଚିକିତ୍ସାର ପାଞ୍ଚ ଗୋଟି କ୍ରିୟା—The five-kinds of medical treatment (1. giving emetics, 2. purging, 3. giving strenutatories, 4. administering oily enema & 5. administering an emena which is not oily.

ପଞ୍ଚ କଲ୍ୟାଣ(ଣୀ)—ସଂ. ବ (ବହୁବ୍ରୀହି; ପଞ୍ଚ+କଲ୍ୟାଣ)—୧ । ଯେଉଁ
Pañha kalyāṇa(ṇi) ଘୋଡ଼ାର ଚାରି ଗୋଡ଼ ଓ କପାଳରେ
(ପଞ୍ଚ କଲ୍ୟାଣକ-ଅନ୍ୟରୂପ) ଧଳା ଲୋମ ଥାଏ—1. A horse with 5 patches of white hair at 5 places (e. g. the 4 legs and the brow)

୨ । ଯେଉଁ ଘୋଡ଼ାର ଚାରିଗୋଡ଼ର ଲୋମ ଓ ମୁଖରଲୋମ ଧଳା—2. A horse with white feet & a white mouth (M.W)

ଦେ. ବଣ—ଚାରି ଗୋଡ଼ ଓ କପାଳରେ ଧଳାଲୋମ ଥିବା (ଘୋଡ଼ା)—Having white hair on the brow and the 4 legs.

ପଞ୍ଚ କଷାୟ—ସଂ. ବ (ସମାହାର ଦ୍ୱିଗୁ)—ବୈଦ୍ୟ ଶାସ୍ତ୍ରୋକ୍ତ କଷାୟ
Pañcha kasbāy ସ୍ୱାଦଯୁକ୍ତ ପାଞ୍ଚ ଗୋଟି ବସ୍ତୁ (ଯଥା—ଜାମୁ, ଶିମିଳ, ବାହୁଅଁଳା, ବଉଳ ଓ ବରକୋଳ ଏହି ପାଞ୍ଚଟି ବୃକ୍ଷର ବକଳ ବା ଫଳ)ର କ୍ୱାଥ—A decoction prepared by boiling in water 5 particular astringent fruits or barks.

[ଦ୍ର—ମତାନ୍ତରେ—ବାସଙ୍ଗ, ପଟୋଳ, ବର, ପ୍ରିୟଙ୍ଗୁ ଓ ନିମ୍ବ, ଏହି ପାଞ୍ଚ ଦ୍ରବ୍ୟର କ୍ୱାଥ ।]

ପଞ୍ଚ କୃତ୍ୟ—ସଂ. ବ. (ଦ୍ୱିଗୁ)—୧ । ଈଶ୍ୱରଙ୍କ ସୃଷ୍ଟି ସମ୍ବନ୍ଧେ ପାଞ୍ଚଟି
Pañcha kṛutya କର୍ମ (ସୃଷ୍ଟି, ସ୍ଥିତି ବା ପାଳନ, ଧ୍ୱଂସ ବା ସଂହାର, ତିରୋଭାବ ଓ ଅନୁଗ୍ରହ କର୍ମ)—1. The five actions by which the Supreme Being manifests itself.

୨ । ପ୍ଲକ୍ଷ (ଦେଖ)—2. Plaksha (See)

ପଞ୍ଚକୋଣ—ସଂ ବ. (ବହୁବ୍ରୀହି; ପଞ୍ଚ+କୋଣ)—୧ । ପାଞ୍ଚକୋଣ ବା
Pañchakoṇa ପାଞ୍ଚବାହୁବିଶିଷ୍ଟ କ୍ଷେତ୍ର—1. A pentagon.

୨ । (ଜ୍ୟୋତିଷ) ଲଗ୍ନଠାରୁ ୯ମ ଓ ୫ମ ସ୍ଥାନ—2. (astrology) The 9th and the 5th places computed from the 'Lagna'.

ସଂ. ବଣ—ପାଞ୍ଚକୋଣିଆ; ପାଞ୍ଚକୋଣବିଶିଷ୍ଟ—Pentagonal.

ପଞ୍ଚକୋଲ-ସଂ. ବ. (ସମାହାର ଦ୍ୱିଗୁ; ପଞ୍ଚ=୫+କୋଳ=ପିପ୍ପଳ)—
Pañchakoḷa ବୈଦ୍ୟଶାସ୍ତ୍ରୋକ୍ତ ୫ ଗୋଟି ପିପ୍ପଳଜାତୀୟ ଔଷଧ
(ପଞ୍ଚକୋଲକ—ଅନ୍ୟରୂପ) ଦ୍ରବ୍ୟ (ଯଥା—ପିପ୍ପଳ, ବଣପିପଳାମୂଳ, ଗୁଇକାଠ, ଧଳାଚିତାମୂଳ ଓ ଶୁଣ୍ଠି)ର ସମାହାର—A collection or aggregate of 5 bitter drugs mentioned in Hindu medical books (viz long pepper, its root, piper chaba, plumbago; and dry ginger).

ପଞ୍ଚକୋଶୀ—ଦେ. ବଣ. (ସଂ. ପଞ୍ଚକ୍ରୋଶୀ)—୧ । ତୀର୍ଥଠାରୁ ୫ କ୍ରୋଶ
Pañchakosi ସୀମା ମଧ୍ୟରେ ଅବସ୍ଥିତ—1. Situated
ପାଞ୍ଚକୁଶୀ within 5 kros or 10 miles of a sacred place.
पचकोसी, पंचकोसी ୨ । ତୀର୍ଥଠାରୁ ୫ କୋଶ ସୀମା ମଧ୍ୟରେ
(ପଞ୍ଚକୋଶୀ—ଅନ୍ୟରୂପ) ବାସ କରୁଥିବା—2. Inhabiting a tract of country within 10 miles of a sacred place.

୩ । ପୁରୀଠାରୁ ୫ କ୍ରୋଶ ମଧ୍ୟରେ ବାସ କରୁଥିବା—3. Inhabiting or hailing from within a radius of 10 miles from Puri.

ଦେ. ବ—କାଶୀତୀର୍ଥର ପରିକ୍ରମା—Circumambulation of the sacred city of Benares.

ପଞ୍ଚକୋଷ(ଶ)—ସଂ. ବ. (ପଞ୍ଚ+କୋଷ=ଆବରଣ)—ବେଦାନ୍ତ-
Pañchakosha(sa) ବର୍ଣ୍ଣିତ ଆତ୍ମାର ୫ ଗୋଟି ଆବରଣ (ଯଥା—ଅନ୍ନମୟ କୋଷ; ପ୍ରାଣମୟ କୋଷ; ମନୋମୟ କୋଷ, ବିଜ୍ଞାନ କୋଷ ଓ ଆନନ୍ଦମୟ କୋଷ—(vedanta) The five fold vestures sheathing the human soul in a living man.

ପଞ୍ଚକ୍ରୋଶ—ସଂ. ବ—୧ । ପାଞ୍ଚକ୍ରୋଶ ଦୂରତ୍ୱ—
Pañchakrosa 1. A distance of 5 krosas or 10 miles

୨ । ବନାରସ ବା କାଶୀର ଚାରି ଦିଗରେ ୫ କ୍ରୋଶ ଆକ୍ରାନ୍ତ ଭୂମି—2. The ground extending to 5 kros around Benares (M. W.).

୩ । କାଶୀ; ବାରାଣସୀ—3. The name of the sacred city of Benares (Apte).

ପଞ୍ଚକ୍ରୋଶୀ—ସଂ. ବଣ.(ବହୁବ୍ରୀହି; ପଞ୍ଚ+କ୍ରୋଶ)—ପଞ୍ଚକ୍ରୋଶ ପରିମିତ
Pañchakrosi ଦୈର୍ଘ୍ୟ ଓ ପ୍ରସ୍ଥରେ ୫ କ୍ରୋଶବ୍ୟାପୀ—Extendning over a length and breadth of 10 miles.

ସଂ. ବ—ବାରାଣସୀ; ପଞ୍ଚକ୍ରୋଶୀ କାଶୀ—Benares (counted as a sacred place with a radius of 10 miles).

ପଞ୍ଚ କ୍ଷାର—ସଂ. ବି—ପଞ୍ଚ ଲବଣ (ଦେଖ)—
Pañcha kshāra Pañcha labaṇa (See)

ପଞ୍ଚଗଙ୍ଗା—ସଂ. ବି. (ପଞ୍ଚ+ଗଙ୍ଗା=ନଦୀ)—୧ । ହିନ୍ଦୁଶାସ୍ତ୍ରୋକ୍ତ ୫ଗୋଟି
Pañcha gangā ତୀର୍ଥନଦୀ (ଯଥା—ଗଙ୍ଗା, ଗୋମତୀ, କୃଷ୍ଣା, ପିନାକିନୀ ଓ କାବେରୀ; ମତାନ୍ତରେ ଗଙ୍ଗା, ଯମୁନା, ଗୋଦାବରୀ, କୃଷ୍ଣା ଓ କାବେରୀ; ମତାନ୍ତରେ ଗଙ୍ଗା, ଯମୁନା, ସରସ୍ୱତୀ, କିରଣା ଓ ଧୂତପାପା)—
1. The 5 sacred rivers according to the Hindu śāstras.
୨ । କାଶୀକ୍ଷେତ୍ର ମଧ୍ୟସ୍ଥ ତୀର୍ଥବିଶେଷ (ହି. ଶବ୍ଦସାଗର)—
2. Name of a sacred place in Benares.

ପଞ୍ଚଗତ—ସଂ. ବିଣ. (ବୀଜଗଣିତ)—ଯେଉଁ ରାଶିକୁ ପଞ୍ଚଗୁଣିତ କରି
Pañchagata ଯାଇଅଛି—(algebra) Raised to the fifth power (M. W.).

ପଞ୍ଚଗବ୍ୟ—ସଂ. ବି. (ସମାହାର ଦ୍ୱିଗୁ; ପଞ୍ଚ+ଗବ୍ୟ=ଗୋଠାରୁ ଉତ୍ପନ୍ନ
Pañchagabya ବସ୍ତୁ)—ପଞ୍ଚଗୋବର; ପଞ୍ଚୁଗୋବର; ଗୋରୁଠାରୁ ପ୍ରାପ୍ତ ୫ ଗୋଟି ଦ୍ରବ୍ୟର ସମ୍ମିଶ୍ରଣରେ ପ୍ରସ୍ତୁତ ପବିତ୍ର ପଦାର୍ଥ—
A mixture of the 5 productions of the cow (milk, curd, ghee, urine and dung).
[ଦ୍ର—ଦଧି, ଦୁଗ୍ଧ, ଘୃତ, ଗୋମୂତ୍ର ଓ ଗୋମୟ ଏହି ୫ ଗୋଟି ଦ୍ରବ୍ୟର ସମ୍ମିଶ୍ରଣରେ ପଞ୍ଚଗବ୍ୟ ପ୍ରସ୍ତୁତ ହୁଏ । ଏହା ପାନ କଲେ ପ୍ରାୟଶ୍ଚିତ୍ତୀ ବ୍ୟକ୍ତି ପାପମୁକ୍ତ ହୁଏ । ଏଥିରେ ଘିଅ, ଦୁଧ ଓ ଗୋମୂତ୍ର ଏକଏକ ପଲ, ଦହି ପାଞ୍ଚ ସେର ଓ ଗୋବର ୭ ତୋଳା ମିଶାଯାଏ—ହି. ଶବ୍ଦସାଗର ।]
ଦେ. ବି—ପଞ୍ଚଗବ୍ୟ ପାନପୂର୍ବକ ପ୍ରାୟଶ୍ଚିତ୍ତ ବିଧିବିଶେଷ—
An expiatory ceremony consisting of taking a mixture of the above 5 ingredients.

ପଞ୍ଚଗୁଣ—ସଂ. ବି—ପଦାର୍ଥର ୫ ଗୋଟି ଇନ୍ଦ୍ରିୟଗ୍ରାହ୍ୟ ଗୁଣ (ଯଥା—
Pañchaguṇa ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ)—The five attributes of a thing perceptible to the organs of sense; the five objects of sense
ସଂ. ବି—ପାଞ୍ଚଗୁଣା—Five fold.

ପଞ୍ଚ ଗୁପ୍ତ—ସଂ. ବି. (ବହୁବ୍ରୀହି)—୧ । ପାଞ୍ଚଟି ଅଙ୍ଗ ଯାହାର ଗୁପ୍ତ;
Pañcha gupta କଚ୍ଛପ – 1. Tortoise.
୨ । (ଯହିଁରେ ପଞ୍ଚ ଇନ୍ଦ୍ରିୟର ଗୋପନ ଉପଦିଷ୍ଟ ହୋଇଅଛି) ଚାର୍ବାକ ଦର୍ଶନ—2. The materialistic system of philosophy; the doctrines of Chārbāka.

ପଞ୍ଚ ଗୋବରି—ଦେ. ବି. (ସଂ. ପଞ୍ଚଗବ୍ୟ)—ପଞ୍ଚଗବ୍ୟ (ଦେଖ)
Pañcha gobari Pañchagabya (See)
ପଞ୍ଚଗବ୍ୟ पंचगव्य

ପଞ୍ଚ ଗୋସାଇଁ—ଦେ. ବି—ପଞ୍ଚ (ଦେଖ)
Pañcha gosāiṅ Pañcha (See)
ପଞ୍ଚାଏତ ଦେଖୁ ଗରବ କାହା ଉତ ଦେଇ ନ ପାରଇ ପଞ୍ଚ ଗୋସାଇଁ
ପଞ୍ଚ କଛ ମାନ୍ୟ ଜେଉ ତାହାକୁ ଛଡାଇ ବଇଛୁ ।
ପଦ୍ମାକରମୋହନ, ଛାନ୍ଦ ଅଠଗୁଣ ।

ପଞ୍ଚ ଗୌଡ଼—ସଂ. ବି—୧ । ପ୍ରାଚୀନ ଗୌଡ଼ ବା ବଙ୍ଗ ଦେଶର ୫ଗୋଟି
Pañcha gaurda ପ୍ରଦେଶ (ଯଥା—ରାଢ଼, ବରେନ୍ଦ୍ର, ବଙ୍ଗ, ବାଗଡ଼ୀ ଓ ମିଥିଳା)—1. The five provinces of ancient Bengal.
୨ । ବିନ୍ଧ୍ୟ ପର୍ବତର ଉତ୍ତରରେ ବାସ କରୁଥିବା ବ୍ରାହ୍ମଣମାନଙ୍କର ୫ ଭେଦ (ଯଥା—ସାରସ୍ୱତ, କାନ୍ୟକୁବ୍ଜ, ଗୌଡ଼, ମୈଥିଳ ଓ ଉତ୍କଳ (ହି.ଶ.)—2. Five classes of Brāhmaṇas inhabiting the north of the Bindhyas.

ପଞ୍ଚ ଗୌଡ଼ୀୟ—ଦେ. ବିଣ—ପଞ୍ଚ ଗୌଡ଼ସମ୍ବନ୍ଧୀୟ—
Pañcha gaurḍiya Pertaining to the Pañcha Gaurda.

ପଞ୍ଚଗ୍ରାସ—ସଂ. ବି—୧ । ପଞ୍ଚ କବଳ (ଦେଖ)
Pañcha grāsa 1. Pañcha kabaḷa (See)
୨ । ବ୍ରାହ୍ମଣ ଭକ୍ଷ କର ସାର ଭୋଜନ ପୂର୍ବରୁ ପଞ୍ଚପ୍ରାଣ ବାୟୁଙ୍କ ନାମ ଧର ଯେଉଁ ୫ ଗୁଣ୍ଡା ଅନ୍ନ ଖାଏ—2. The five morsels of food taken by a Brāhmaṇa before taking his meal.

ପଞ୍ଚ ଗ୍ରାସୀ—ଦେ. ବି. (ସଂ. ପଞ୍ଚଗ୍ରାସ)—ପଞ୍ଚୁଗ୍ରାସୀ (ଦେଖ)
Pañcha grāsi Pañchugrāsi (See)

ପଞ୍ଚ ଚକ୍ଷୁଃ—ସଂ. ବି. (ବହୁବ୍ରୀହି; ପଞ୍ଚ+ଚକ୍ଷୁ)—ବୁଦ୍ଧଙ୍କ ନାମ—
Pañcha chakshuḥ A name of the Buddha.
[ଦ୍ର—ଏହାଙ୍କର ମାଂସ ଚକ୍ଷୁ, ଧର୍ମ ଚକ୍ଷୁ, ପ୍ରଜ୍ଞା ଚକ୍ଷୁ, ଦିବ୍ୟ ଚକ୍ଷୁ ଓ ବୁଦ୍ଧ ଚକ୍ଷୁ ଥିବାରୁ ଏହି ନାମ ।]

ପଞ୍ଚ ଚତ୍ୱାରିଂଶ—ସଂ. ବି—ପଇଁଚାଳିଶ ସଂଖ୍ୟାର ପୂରକ—
Pañcha chatwārimśa Forty five.
(ପଞ୍ଚ ଚତ୍ୱାରିଂଶୀ—ସ୍ତ୍ରୀ)

ପଞ୍ଚ ଚତ୍ୱାରିଂଶତ୍—ସଂ. ବି ଓ ବିଣ (ସଂଖ୍ୟାବାଚକ; ପଞ୍ଚ+ଚତ୍ୱାରିଂଶତ୍)-
Pañcha chatwārimśat ଚାଳିଶରୁ ପାଞ୍ଚ ଅଧିକ ସଂଖ୍ୟା; ପଇଁଚାଳିଶ—Forty-five.

ପଞ୍ଚ ଚାମର—ସଂ. ବି—ଷୋଡ଼ଶାକ୍ଷରଯୁକ୍ତ ୪ ପାଦବିଶିଷ୍ଟ ବୃତ୍ତ
Pañcha chāmara ଛନ୍ଦୋବିଶେଷ—A Sanscrit metre of 16 syllables in each of the 4 lines.
[ଦ୍ର—ଉଦାହରଣ—
ଜଗାଦ ନେତ୍ରନେତ୍ରକ, ଦ୍ୱିଶାଂପତେ କଲେବର ।
ଜଗାଦ ନେତ୍ରମୋଚକ, ପ୍ରଭେ ସୁଧାଂଶୁଃଶେଖର ।]

ପଞ୍ଚ ଚାଳିଶ(ଶି)—ଦେ. ବି ଓ ବିଣ. (ସଂ. ପଞ୍ଚଚତ୍ୱାରିଂଶତ୍; ପ୍ରା. ପଞ୍ଚ-
Pañcha chaḷisa(si) ଚତ୍ତାଳିସା)—ପଇଁଚାଳିଶ; ୪୫—
पैंतालीस 45; Forty-five.
पैंतालीस
ପଞ୍ଚ ଚାଳିଶେ କଳକାଳ, ସଂଚିନ୍ତ ସମାଜସ୍ୱ କାଳ ।
ଗ୍ରାଟୀ. ପୁର୍ଣ୍ଣଚନ୍ଦ୍ରଦେ ।ଉଦ୍ୟ ।

ପଞ୍ଚଚୂଡ଼—ସଂ. ବିଣ. (ବହୁବ୍ରୀହି; ପଞ୍ଚ+ଚୂଡ଼ା)—
Pañcha chūrḍa ପାଞ୍ଚଟି ଶିଖାବିଶିଷ୍ଟ; ପଞ୍ଚଶିଖ—
(ପଞ୍ଚଚୂଡ଼କ—ଅନ୍ୟରୂପ) Five-tufted.
(ପଞ୍ଚଚୂଡ଼ା—ସ୍ତ୍ରୀ)

ପଞ୍ଚଚୂଡ଼ା—ସ. ବ. ସ୍ତ୍ରୀ—ସ୍ୱର୍ଗର ଅପ୍ସରାବିଶେଷ—The name
Pañcha churda of a heavenly nymph.
(ପଞ୍ଚଶିଖା—ଅନ୍ୟରୂପ)

ପଞ୍ଚଜନ—ସ. ବଣ. (ପଞ୍ଚ=ପଞ୍ଚଭୂତ+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ. ଅ; ଯେ ପଞ୍ଚଭୂତରୁ ଜନ୍ମିଅଛି)—ପଞ୍ଚ ମହାଭୂତରୁ ଜାତ—
Pañcha jana Born of the 5 elements.

ସ. ବ—୧ । ପ୍ରାଣୀ—1. Animal.

[ଦ୍ର—ଏମାନେ ୫ ଶ୍ରେଣୀରେ ବିଭକ୍ତ । ଯଥା—ଜରାୟୁଜ, ଅଣ୍ଡଜ, ସ୍ୱେଦଜ, ଉଦ୍ଭିଜ୍ଜ ଓ ଉଦ୍ଭିଜ୍ଜ ।]

୨ । ମନୁଷ୍ୟ—2. Man.

୩ । ଦୈତ୍ୟବିଶେଷ—3. Name of a demon killed by Sree Krushna.

[ଦ୍ର—ଏ ହିରଣ୍ୟକଶିପୁର ପୌତ୍ର; ଶଙ୍ଖରୂପେ ସମୁଦ୍ରରେ ବାସ କରୁଥିଲା ଓ ଶ୍ରୀକୃଷ୍ଣଙ୍କ ଗୁରୁ ସାନ୍ଦୀପନାଚାର୍ଯ୍ୟଙ୍କ ପୁତ୍ରଙ୍କୁ ଚୋରି କରି ନେଇ ଯାଇଥିଲା । ଶ୍ରୀକୃଷ୍ଣ ଏହାକୁ ବଧ କରି ଗୁରୁପୁତ୍ରଙ୍କୁ ଉଦ୍ଧାର କଲେ । ଏହାର ଅସ୍ଥିକୁ ପାଞ୍ଚଜନ୍ୟ ଶଙ୍ଖ କରି ସ୍ୱୟଂ ବଜାଉଥିଲେ ।]

୪ । ମନୁଷ୍ୟ—4. Mankind (M. W.)

୫ । ଆତ୍ମା—5. The soul (M. W.)

୬ । ପାଞ୍ଚ ପ୍ରକାର ମହାପ୍ରାଣୀ—
6. The five classes of sentient beings.

(ଯଥା—ଦେବ, ଗନ୍ଧର୍ବ, ମନୁଷ୍ୟ, ନାଗ (ମତାନ୍ତରେ ଅସୁର) ଓ ପିତୃଗଣ ।)

୭ । ପ୍ରାଚୀନ ଆର୍ଯ୍ୟମାନଙ୍କ ଗଣନାକ୍ରମେ ୫ ଜାତି—7. The 5 castes according to the calculation of the ancient Aryans.

(ଯଥା—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଓ ନିଷାଦ ବା ଅନାର୍ଯ୍ୟ ।)

୮ । ରାଜା ସଗରଙ୍କର କେଶିନୀଙ୍କ ଗର୍ଭଜାତ ଏକ ପୁତ୍ର—
8. The name of a son of King Sagara.

୯ । ପଞ୍ଚ ମହାଭୂତ—9. The five elements (M. W.)

୧୦ । ଏକ ପ୍ରଜାପତିଙ୍କ ନାମ (ହ୍ର. ଷ.)—
10. Name of a progenitor of mankind.

ପଞ୍ଚଜନୀ—ସ. ବ. (ସମାହାର ଦ୍ୱିଗୁ; ପଞ୍ଚ+ଜନ)—ପାଞ୍ଚଜଣ ମନୁଷ୍ୟଙ୍କ
Pañchajani ମଣ୍ଡଳୀ; ପଞ୍ଚାଏତ—An assemblage of 5 persons.

ପଞ୍ଚଜନୀନ—ସ. ବଣ. (ପଞ୍ଚଜନ+ଈନ)—ପାଞ୍ଚ ଜଣସମ୍ବନ୍ଧୀୟ; ପାଞ୍ଚଜଣିଆ—
Pañcha janina Pertaining to 5 person.

ସ. ବି. ପୁଂ.—୧ । ଅଭିନେତା—1. An actor.

୨ । ବିଦୂଷକ—2. A buffoon

ପଞ୍ଚଜନ୍ୟ—ସ. ବ.—୧ । ଶଙ୍ଖାସୁରର ପୁତ୍ର—1. Name of the
Pañcha janya son of Sankhasura.

ନାମ ତାହାର ପଞ୍ଚଜନ୍ୟ; ମାୟାବୀ ଅସୁର ନନ୍ଦନ । ଜଗନ୍ନାଥ. ଭାଗବତ ।

୨ । ଶଙ୍ଖରୂପଧାରୀ ପଞ୍ଚଜନ୍ୟ ଅସୁରର ଅସ୍ଥି ଯାହାକୁ ଶ୍ରୀକୃଷ୍ଣ ଶଙ୍ଖରୂପେ ବ୍ୟବହାର କରୁଥିଲେ (ହ୍ର. ଷ.)—2. Name of the conch which Krushna was in the habit of carrying with him and blowing.

ପଞ୍ଚତିଆ—ଦେ. ବଣ—ପାଞ୍ଚୋଟି ବସ୍ତୁ ବା ସଂଖ୍ୟା ସମ୍ବନ୍ଧୀୟ—
Pañchatia Relating to the number five or five things.

ପଞ୍ଚତତ୍ତ୍ୱ—ସ. ବ.—(ପଞ୍ଚ+ତତ୍ତ୍ୱ)—୧ । କ୍ଷିତି, ଅପ୍, ତେଜ, ମରୁତ୍ ଓ
Pañcha tattwa ବ୍ୟୋମ ଏହି ପଞ୍ଚ ମହାଭୂତ—1. The five primary or essential elements of the universe

୨ । ତନ୍ତ୍ରୋକ୍ତ ବାମ ମାର୍ଗର ପଞ୍ଚ ମକାର (ଯଥା—ମତ୍ସ୍ୟ, ମାଂସ, ମଦ୍ୟ, ମୈଥୁନ ଓ ମୁଦ୍ରା)—2. The five rituals prescribed in the 'Tantras.

୩ । ତନ୍ତ୍ରୋକ୍ତ ୫ଟି ତତ୍ତ୍ୱ (ଯଥା—ଗୁରୁତତ୍ତ୍ୱ, ମନ୍ତ୍ରତତ୍ତ୍ୱ, ମନସ୍ତତ୍ତ୍ୱ, ଦେବତତ୍ତ୍ୱ ଓ ଧ୍ୟାନତତ୍ତ୍ୱ)—3. The five essentials of the Tantric exercise.

ପଞ୍ଚତନ୍ତ୍ର—ସ. ବ. (ପଞ୍ଚ+ତନ୍ତ୍ର=ନୀତି)—ପ୍ରାଚୀନ ମିହିଲାରୋପ୍ୟନଗରର
Pañcha tantra ରାଜପୁତ୍ରମାନଙ୍କ ନୀତିଶିକ୍ଷା ନିମନ୍ତେ ପଣ୍ଡିତ ବିଷ୍ଣୁଶର୍ମାଙ୍କ କର୍ତ୍ତୃକ ରଚିତ (ମିତ୍ରଭେଦ,ମିତ୍ରପ୍ରାପ୍ତି,କାକୋଲୂକ, ଲବ୍ଧନାଶ ଓ ଅସମ୍ପ୍ରେକ୍ଷ୍ୟକାରିତା) ଏହି ପଞ୍ଚଭାଗରେ ବିଭକ୍ତ ନୀତିଶାସ୍ତ୍ରବିଶେଷ—Title of a Sanskrit moral reader by Bishun Sarma.

[ଦ୍ର—ଏହି ଗ୍ରନ୍ଥ ବହୁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭାଷାରେ ଅନୁଦିତ ହୋଇଅଛି । ୬ଷ୍ଠ ଶତାବ୍ଦୀରେ ପାରସ୍ୟ ଭାଷାରେ, ୯ମ ଶତାବ୍ଦୀରେ ଆରବୀ ଭାଷାରେ ଏବଂ ପରେ ହିବ୍ରୁ, ଗ୍ରୀକ୍, ଲାଟିନ, ଗିରିୟ ପ୍ରଭୃତି ଏବଂ ଆଧୁନିକ ଜର୍ମାନ୍, ଇଂରାଜୀ, ଫରାସୀ ଆଦି ଇଉରୋପୀୟ ପ୍ରାୟ ସମସ୍ତ ଭାଷାରେ ଏହା ଅନୁଦିତ ହୋଇ ଇଂରାଜୀରେ 'ପିଲ୍ପେଙ୍କ ଗଳ୍ପ' (Pilpay's fable) ନାମରେ ପ୍ରଚଳିତ ହେଲା । ଏହାର ଆରବୀ ଅନୁବାଦର ନାମ 'ବିଦ୍ ପାଇ' । ଏହି ଗ୍ରନ୍ଥରୁ ସଂସ୍କୃତ ହିତୋପଦେଶର କାହାଣୀମାନ ସଂଗୃହୀତ ।]

ପଞ୍ଚତନ୍ତ୍ରୀ—ସ. ବ.—(ପଞ୍ଚ+ତନ୍ତ୍ର+ଈ)—ପାଞ୍ଚଟି ତାରଯୁକ୍ତ ବୀଣା (ହ୍ର.ଷ.)—
Pañcha tantri A five stringed harp.

ପଞ୍ଚତନ୍ମାତ୍ର—ସ. ବ.—(ପଞ୍ଚ+ତନ୍ମାତ୍ର = ସୂକ୍ଷ୍ମଭୂତାଦି)—(ସାଂଖ୍ୟଦର୍ଶନ)
Pañcha tanmātra ପଞ୍ଚ ମହାଭୂତ (କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ) ଓ ସେମାନଙ୍କର ଯଥାକ୍ରମ ଗୁଣ (ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ)—(sāñkhya philosophy) The five primordial matters and their respective attributes.

ପଞ୍ଚତପ—ସଂ. ବ. (ପଞ୍ଚ+ତପ = ଅଗ୍ନି) – ୧ । (ବହୁବ୍ରୀହି) ଊର୍ଦ୍ଧ୍ୱରେ
Pañchatapa ଗ୍ରୀଷ୍ମର ମଧ୍ୟାହ୍ନ ସୂର୍ଯ୍ୟ ଓ ଭୂତଳରେ ଆପଣାର ଚାରିପାଖେ ଚାରି ଦିଗରେ ଅଗ୍ନିରାଶି ସ୍ଥାପନ କରି ତପସ୍ୟାସାଧନ କରିବା—Practising austerities with the burning noon-sun overhead and four fires lit on one's 4 sides.

୨ । ଆପଣା ଚାରି ପାଖେ ୪ଗଦା ନିଆଁ ଓ ମୁଣ୍ଡ ଉପରେ ସୂର୍ଯ୍ୟ ଏହି ପାଞ୍ଚ ପଞ୍ଚାଗ୍ନି—2. The five fires to which an ascetic exposes himself.

ପଞ୍ଚ ତପାଃ—ସଂ. ବଣ. (ବହୁବ୍ରୀହି; ପଞ୍ଚ + ତପସ୍)—ପଞ୍ଚାଗ୍ନି ସ୍ଥାପନପୂର୍ବକ ତପଃସାଧନକାରୀ—Practising austerities with five burning bodies (viz the sun over head and fire burning on 4 sides) around and above.
Pañcha tapāḥ

ପଞ୍ଚ ତରୁ—ସଂ. ବି. (ଦ୍ୱିଗୁ)—ସ୍ୱର୍ଗରେ ଥିବା ୫ଟି ବୃକ୍ଷ (ଯଥା—ମନ୍ଦାର, ପାରିଜାତ, ସନ୍ତାନ, କଳ୍ପବୃକ୍ଷ ଓ ହରିଚନ୍ଦନ)—Five heavenly trees said to thrive in the heavenly garden of Indra.
Pañcha taru

ପଞ୍ଚତା(ତ୍ୱ)—ସଂ. ବି. (ପଞ୍ଚ + ଭାବ. ତା [ତ୍ୱ])—୧ । ପାଞ୍ଚ ସଂଖ୍ୟକ ହେବା ଅବସ୍ଥା—1. Fiveness.
Pañchatā (twa)

୨ । ପଞ୍ଚଭୂତରେ ମିଶିବା; ପଞ୍ଚଭୂତରେ ଶରୀରର ମିଶ୍ରଣ; ମୃତ୍ୟୁ—2. Death; dissolution into the 5 elements of which the animal body is composed.

୩ । ପାଞ୍ଚ ଅଂଶରେ ବିଭାଗ—3. Division of a thing into five parts.

ପଞ୍ଚତିକ୍ତ—ସଂ. ବି. (ସମାହାର ଦ୍ୱିଗୁ; ପଞ୍ଚ + ତିକ୍ତ)—୧ । ବୈଦ୍ୟଶାସ୍ତ୍ରୋକ୍ତ ୫ ଗୋଟି ତିକ୍ତ ପଦାର୍ଥ (ନିମ୍ବର ଚେରର ବକଳ, ଗୁଳୁଚ, ବାସଙ୍ଗ, ଶୁଣ୍ଠି ଓ ଚିରେଇତା; ମତାନ୍ତରରେ ଗୁଳୁଚ, କଣ୍ଟକାରୀ, ଶୁଣ୍ଠି, ପୋଟଳ ପତ୍ର ବା ଚେର ଓ କଣ୍ଟକାରୀର ସମ୍ମିଶ୍ରଣ—1. A combination of five bitter drugs mentioned in the Hindu medical science.
Pañcha tikta

[ଦ୍ର—ଏହା ଜ୍ୱର, ବିସର୍ପ ଓ କୁଷ୍ଠ ଆଦି ଚର୍ମ ରୋଗରେ ଉପକାରୀ ।]

୨ । (ମତାନ୍ତରେ) ମହିଷ, ବରାହ, ଛାଗ, ମୟୂର ଓ ରୋହିତ ମତ୍ସ୍ୟ ଏମାନଙ୍କ ପିତ୍ତର ସମ୍ମିଶ୍ରଣରେ ଉତ୍ପନ୍ନ ଦ୍ରବ୍ୟ—2. A combination of the bile of five animals.

ପଞ୍ଚତିରିଶ(ଶି)—ଦେ. ବି ଓ ବିଣ—ପଇଁତିରିଶ (ଦେଖ)
Pañchatirisa(si) Paiñtirisa (See)
[ପଞ୍ଚତିଶ(ଶି); ପଞ୍ଚତିଶ(ଶି)—ଅନ୍ୟରୂପ]

ପଞ୍ଚତିରିଶାଶଏ(ହେ)—ଦେ. ବି ଓ ବିଣ—ପଇଁତିରିଶାଶଏ (ଦେଖ)
Pañchatirisāsae(he) Paiñtirisāsae (See)
[ପଇଁତିଶାଶଏ(ହେ), ପଞ୍ଚତିଶାଶଏ(ହେ)—ଅନ୍ୟରୂପ]

ପଞ୍ଚ ତୀର୍ଥ—ସଂ. ବି. (ପଞ୍ଚ + ତୀର୍ଥ = ପୁଣ୍ୟସ୍ଥାନ)—୧ । ବରାହପୁରାଣ ମତରେ ୫ ଗୋଟି ପୁଣ୍ୟ ସ୍ଥାନ (ଯଥା—ବିଶ୍ରାନ୍ତି, ଶୌକର, ନୈମିଷ, ପ୍ରୟାଗ ଓ ପୁଷ୍କର—1. The five sacred places mentioned in the Barāha Purāṇa.
Pañchatīrtha

୨ । କାଶୀସ୍ଥ ୫ ଗୋଟି ଶିବାଧିଷ୍ଠିତ ପୁଣ୍ୟସ୍ଥାନ (ଯଥା—ଜ୍ଞାନବାପୀ, ନନ୍ଦିକେଶ୍ୱର, ତାରକେଶ୍ୱର, ମହାକାଳେଶ୍ୱର ଓ ଦଣ୍ଡପାଣି—2. The five sacred places in Benares.

୩ । ପୁରୀକ୍ଷେତ୍ରସ୍ଥ ୫ଗୋଟି ପୁଣ୍ୟସ୍ଥାନ (ଯଥା—ମାର୍କଣ୍ଡେୟ, ଶ୍ୱେତଗଙ୍ଗା, ରୋହିଣୀକୁଣ୍ଡ, ସମୁଦ୍ର ଓ ଇନ୍ଦ୍ରଦ୍ୟୁମ୍ନ)—3. The five sacred places in Puri
[ଦ୍ର—ଏଥିର ବଚନ—ମାର୍କଣ୍ଡେୟ୍ର ବଟକୃଷ୍ଣ ରୋହିଣୀ ତ ମହୋଦଧି, ଇନ୍ଦ୍ରଦ୍ୟୁମ୍ନ ସରଃସ୍ନାୟୀ ପୁନର୍ଜନ୍ମ ନ ଲଭ୍ୟତେ ।]

ପଞ୍ଚତୀର୍ଥ କରିବା—ଦେ. କ୍ରି – ପଞ୍ଚତୀର୍ଥ-ଦର୍ଶନ ବା ପଞ୍ଚତୀର୍ଥରେ ସ୍ନାନଦାନାଦି କରିବା—To visit or bathe in the 5 sacred places.
Pañchatīrtha karibā
পঞ্চতীর্থ করা, **पंचतीर्थ करना**

ପଞ୍ଚ ତୃଣ—ସଂ. ବି. (ବୈଦ୍ୟକ) (ସମାହାରଦ୍ୱିଗୁ; ପଞ୍ଚ + ତୃଣ)—କୁଶ, କାଶତଣ୍ଡି, ଶରକୁଆ, କାଣ୍ଡଶର ଓ ଆଖୁ ଏହି ପାଞ୍ଚଗୋଟି ତୃଣଜାତୀୟ ଗୁଳ୍ମ-ମୂଳର ସମାହାର—A collection of three roots of 5 grasses (plants) used in medicine.
Pañcha truṇa
[ଦ୍ର—ଏହା ପାଚନରୂପେ ବ୍ୟବହୃତ ହୁଏ । ଭାବପ୍ରକାଶମତରେ ଶାଳ, ଆଖୁ, କୁଶ, କାଶ ଓ କାଣ୍ଡଶରକୁ ପଞ୍ଚତୃଣ ବୋଲାଯାଏ ।]

ପଞ୍ଚତୃଣ କଷାୟ—ସଂ. ବି. (ବୈଦ୍ୟକ) (୬ଷ୍ଠୀ ତତ୍; ପଞ୍ଚତୃଣ + କଷାୟ)—ପଞ୍ଚତୃଣର ସମାନ ଓଜନ (ପ୍ରତ୍ୟେକ ୨ ତୋ)ର ମୂଳ ସିଦ୍ଧ ହୋଇ ପ୍ରସ୍ତୁତ ହେବା କଷାୟଜଳ ବା ପାଚନବିଶେଷ—A decoction made of the roots of Pañchatruṇa boiled in water.
Pañchatruṇa kashāya

ପଞ୍ଚତ୍ରିଂଶ—ସଂ. ବିଣ. (ପଞ୍ଚତ୍ରିଂଶତ୍ + ପୂରଣାର୍ଥେ. ଅ)—ପଇଁତିରିଶ ସ୍ଥାନୀୟ—Thrity fifth.
Pañchatrimsa

ପଞ୍ଚତ୍ରିଂଶତ୍—ସଂ. ବି ଓ ବିଣ. (ସଂଖ୍ୟାବାଚକ; ପଞ୍ଚ ଅଧିକ ତ୍ରିଂଶତ୍)—ତିରିଶରୁ ପାଞ୍ଚ ଅଧିକ ସଂଖ୍ୟା; ୩୫—Thirtyfive; 35
Pañchatrmsat

ପଞ୍ଚଥୁ—ସଂ. ବି – କୋକିଳ; କୋଇଲି (ହି. ଶ)—Indian cuckoo.
Pañchathu

ପଞ୍ଚଦଶ—ସଂ. ବି ଓ ବିଣ. (ପଞ୍ଚନ୍ + ଦଶନ୍)—୧ । ୧୫; ପନ୍ଦର—1. 15; fifteen.
Pañchadasa

୨ । ପନ୍ଦରସ୍ଥାନୀୟ—2. Fifteenth.

ପଞ୍ଚଦଶାହ—ସଂ. ବି. (ପଞ୍ଚଦଶ + ଅହନ୍)—ପନ୍ଦରଦିନ ବ୍ୟାପୀ କାଳ; ପକ୍ଷ—Fortnight; a period of fifteen days.
Pañchadasāha

ପଞ୍ଚଦଶାହିକ—ସଂ. ବିଣ. (ପଞ୍ଚଦଶାହ + ଇକ)—୧ । ୧୫ ଦିନରେ ସାଧ୍ୟ ବା କରଣୀୟ—1. Performable in a fortnight.
Pañchadasāhika

୨ । ପାକ୍ଷିକ—2. Fortnightly

୩ । ପକ୍ଷବ୍ୟାପୀ—3. Extending over a fortnight.

ପଞ୍ଚଦଶୀ—ସଂ. ବି. ସ୍ତ୍ରୀ. (ପଞ୍ଚଦଶ + ଈ)—୧ । ବେଦାନ୍ତଗ୍ରନ୍ଥବିଶେଷ—1. Name of a treatise on vedānta.
Pañchadasi

୨ । ପକ୍ଷର ପଞ୍ଚଦଶ ତିଥି; ଅମାବାସ୍ୟା ଓ ପୂର୍ଣ୍ଣିମା—2. The new moon and the full moon of a mouth.

ପଞ୍ଚ ଦେବତା—ସଂ. ବି—ସୂର୍ଯ୍ୟ, ଗଣେଶ, ପାର୍ବତୀ, ମହାଦେବ ଓ ବିଷ୍ଣୁ—The five Deities :—the Sun, Gaṇesha, Pārbati, Mahādeba and Bishṇu.
Pañcha debatā
ପଞ୍ଚଦେବ } ଅନ୍ୟରୂପ
ପଞ୍ଚଦେବତ }

[ଦ୍ର—ଏଥିମଧ୍ୟରୁ ଆଦିତ୍ୟ ରୁଦ୍ର (ମହାଦେବ) ଓ ବିଷ୍ଣୁ ବୈଦିକ ଦେବତା ଅଟନ୍ତି ।]

ପଞ୍ଚ ଦ୍ରାବିଡ଼—ସଂ. ବି—ବିନ୍ଧ୍ୟାଚଳର ଦକ୍ଷିଣବାସୀ ବ୍ରାହ୍ମଣମାନଙ୍କର ୫ଟି ଶାଖା (ଯଥା—ମହାରାଷ୍ଟ୍ର, ତେଲଙ୍ଗ, କର୍ଣ୍ଣାଟ, ଗୁର୍ଜ୍ଜର ଓ ଦ୍ରାବିଡ଼)—The five different sects of Brāhmaṇas inhabiting the south of the Bindhya range.
Pañcha drabirḏa
(ପଞ୍ଚଦ୍ରାବିଡ଼—ଅନ୍ୟରୂପ)

ପଞ୍ଚ ଦ୍ରାବକ—ସଂ. ବି. (ପଞ୍ଚ + ଦ୍ରାବକ = ରସସାର)—ଗୁଞ୍ଜା, ଟାଙ୍ଗଣା, ମହୁ, ଘିଅ ଓ ଗୁଡ଼—The five solvents (red and black berry borax; honey, ghee and molasses).
Pañcha drābaka

ପଞ୍ଚଧା—ସଂ. ବି. (ପଞ୍ଚ + ପ୍ରକାରାର୍ଥରେ ଧା)—୧ । ପାଞ୍ଚପ୍ରକାର—1. Five kinds of; of five kinds.
Pañchadhā
୨ । ପାଞ୍ଚଥର—2. Five times.
୩ । ପାଞ୍ଚଦିଗକୁ—3. To five directions.
୪ । ପାଞ୍ଚଭାଗରେ—4. Into five parts.
୫ । ପାଞ୍ଚବିଷୟ—5. Five subjects.
୬ । ପାଞ୍ଚଗୁଣ—6. Fivefold.

ପଞ୍ଚ ଧାର—ଦେ. ବି—ଓଡ଼ିଶା ଗଡ଼ଜାତ ଆଠମଲ୍ଲିକର ସର୍ବୋଚ୍ଚ ପର୍ବତବିଶେଷ—The highest mountain in Āṭhamallik State of Orissa.
Pañchadhāra
ପଞ୍ଚଧାର ଜଳଦର କେତ-ମଞ୍ଜୁରୀ । ସ୍ୱାଧୀନ- ମହାପାତ୍ର ।

ପଞ୍ଚ ନଖ—ସଂ. ବିଣ. (ବହୁବ୍ରୀହି; ପଞ୍ଚ + ନଖ)—ଯେଉଁ ଜୀବର ପ୍ରତ୍ୟେକ ହାତ ବା ଗୋଡ଼ରେ ୫ ଗୋଟି ନଖ ଥାଏ—Having 5 nails on each foot and hand.
Pañcha nakha
ସଂ; ବି—ପଞ୍ଚନଖବିଶିଷ୍ଟ ଜନ୍ତୁ (ଯଥା—ମନୁଷ୍ୟ, ବାନର, କୂର୍ମ୍ମ, ହସ୍ତୀ, ବ୍ୟାଘ୍ର, କୁକ୍କୁର ଆଦି)—An animal having 5 nails or claws (e.g. man, ape, tortoise, elephant, tiger and dog).
[ଦ୍ର—ପଞ୍ଚନଖଯୁକ୍ତ ୫ ପ୍ରକାର ପଶୁ ମନୁସଂହିତା ମତେ ଭକ୍ଷ୍ୟ; ଯଥା—ଠେକୁଆ, କୂର୍ମ୍ମ, ଗଣ୍ଡାର, ଗୋଧି ଓ ସଜାରୁ ବା ଝିଙ୍କ । ଅନ୍ୟ ପଞ୍ଚନଖ ଜୀବମାନଙ୍କ ମାଂସ ଅଖାଦ୍ୟ ।]

ପଞ୍ଚ ନଦ—ସଂ. ବି. (ପଞ୍ଚ + ନଦ = ନଦୀ)—ଶତଦ୍ରୁ (ବା ସତଲଜ୍) ବିପାଶା (ବା ବ୍ୟାସ ବା ସିନ୍ଧୁ), ଇରାବତୀ (ବା ରାବୀ), ଚନ୍ଦ୍ରଭାଗା (ବା ଚେନାବ) ଓ ବିତସ୍ତା (ବା ଝେଲମ୍) ନାମକ ୫ ଗୋଟି ନଦୀ ସିନ୍ଧୁନଦ ଓ ତାହାର ୪ଟି ଶାଖା—The five rivers—The Sutlej, the Indus or the westernmost branch, the Rabi, the Chenab and the Jhelum.
Pañcha nada
୨ । ପଞ୍ଚନଦୀ-ମିଳନ-ଦେଶ; ଯେଉଁ ଦେଶରେ ୫ ଗୋଟି ନଦୀ ମିଳିତ ହୋଇଅଛନ୍ତି—2. A country of 5 rivers.
୩ । ପଞ୍ଜାବ ପ୍ରଦେଶ—3. The province of Punjab.
୪ । ହିନ୍ଦୁମାନଙ୍କର ତୀର୍ଥବିଶେଷ—
4. A sacred place for the Hindus.
ପଞ୍ଚନଦେ ଗେଲେଟ ପ୍ରୟାଗ ଫଳ । କୃଷ୍ଣସିଂହ, ମହାଭାରତ ବନ ।
୫ । ପଞ୍ଚଗଙ୍ଗା; କାଶୀର ଅନ୍ତର୍ଗତ ତୀର୍ଥବିଶେଷ—
5. Name of a sacred place in Benares.

ପଞ୍ଚନବତ—ସଂ.ବିଣ. (ପଞ୍ଚନବତି + ପୂରଣାର୍ଥେ. ଅ)—ପଞ୍ଚାନବେ ସ୍ଥାନୀୟ—Ninety fifth.
Pañchanabata

ପଞ୍ଚନବତି—ସଂ. ବି ଓ ବିଣ. ସଂଖ୍ୟାବାଚକ; ପଞ୍ଚ ଅଧିକ ନବତି)—ପଞ୍ଚାନବେ; ନବେରୁ ପାଞ୍ଚ ଅଧିକ ସଂଖ୍ୟା; ୯୫—Ninety-five; 95.
Pañchanabati

ପଞ୍ଚନାଥ—ଦେ. ବି. (ସଂ. ପଞ୍ଚ + ନାଥ)—ଭାରତରେ ଥିବା ପ୍ରସିଦ୍ଧ ୫ ଗୋଟି ଦେବ—Five famous idols in India.
Pañchanātha
পঞ্চনাথ पंचनाथ
(ଯଥା—ପୁରୀରେ ଜଗନ୍ନାଥ, ବଦରୀକାରେ ବଦରୀନାଥ, ଦ୍ୱାରକାରେ ଦ୍ୱାରକାନାଥ, ରାମେଶ୍ୱରରେ ରାମନାଥ ଓ ଶ୍ରୀରଙ୍ଗପଟ୍ଟନରେ ରଙ୍ଗନାଥ ।)

ପଞ୍ଚନାମା—ଦେ. ବି. (ସଂ. ପଞ୍ଚ + ଫା. ପ୍ରତ୍ୟୟନାମାହ୍)—ପଞ୍ଚାଏତ ଫଇସଲା—Arbitrator's award.
Pañchanāmā
পঞ্চায়েত ফয়সলা पंचनामा

ପଞ୍ଚନିମ୍ବ—ସଂ. ବି. (ବୈଦ୍ୟକ)—ନିମ୍ବଗଛର ମୂଳ, ଛାଲ, ପତ୍ର, ଫୁଲ ଓ ଫଳ ଏହି ୫ଟି ଅଙ୍ଗ—The root, bark, leaves, flower and fruit of the neem tree.
Pañchanimba
[ଦ୍ର—ଏହା ଔଷଧରେ ବ୍ୟବହୃତ ହୁଏ ।]

ପଞ୍ଚ ନୀରାଜନ—ସଂ. ବି. (ପଞ୍ଚ + ନୀରାଜନ = ଆରତି)—ପ୍ରଦୀପ, ପଦ୍ମ, ବସ୍ତ୍ର, ଆମ୍ର ବା ତାମ୍ବୁଲପତ୍ର ଏହି ଚତୁର୍ବିଧ ଦ୍ରବ୍ୟ ଓ ସାଷ୍ଟାଙ୍ଗ ପ୍ରଣିପାତଦ୍ୱାରା ଦେବତାଙ୍କର ଆରତି—The worship of a deity with a lamp, lotus, cloth and betel leaf and with recumbent posture.
Pañcha nirājana

ପଞ୍ଚପକ୍ଷୀ—ସଂ. ବି. (ପଞ୍ଚ=୫ + ପକ୍ଷିନ୍; ୫ ଗୋଟି ପକ୍ଷୀ ଅଭେଦ୍ୟ ଗଣିତ ଯହିଁରେ ଅଛି)—ଶୁଭାଶୁଭ ପ୍ରଶ୍ନସମାଧାୟକ ଶକୁନ ଗ୍ରନ୍ଥବିଶେଷ—Name of a treatise or augury or divination.
Pañchapakshī
[ଦ୍ର—ଅ, ଇ, ଉ, ଏ, ଓ ଏହି ୫ଟି ବର୍ଣ୍ଣ ଯଥାକ୍ରମେ ଶ୍ୟେନ, ପେଚକ, ବାୟସ, କୁକ୍କୁଟ ଓ ମୟୂରରୂପେ କଳ୍ପନା କରାଯାଇ ଏହି ପଞ୍ଚସ୍ୱର ସାହାଯ୍ୟରେ ବର୍ଣ୍ଣ, ଗ୍ରହ, ନକ୍ଷତ୍ର, ବାର, ତିଥି, ଦେବତା ଆଦି ପ୍ରାପ୍ତ ହୋଇ ବିବିଧ ପ୍ରଶ୍ନସମାଧାନର ଉପାୟ ଏ ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି । ଇଂରାଜୀର ଅଗରୀ (augury) ଶକୁନ ଶାସ୍ତ୍ର ବ୍ୟୁତ୍ପତ୍ତି ପକ୍ଷୀମାନଙ୍କ ଗତିବିଧିରୁ ହୋଇଥିବା ବିଷୟ ଏ ସମ୍ବନ୍ଧେ ତୁଳନୀୟ ।]

ପଞ୍ଚ ପବନ—ସଂ. ବି—ପଞ୍ଚପ୍ରାଣ (ଦେଖ) Pañchaprāṇa (See)
Pañcha pabana

ପଞ୍ଚ ପରମେଶ୍ୱର—ଦେ. ବି—୧ । ଧର୍ମଚର୍ଚ୍ଚାର୍ଥ ପାଞ୍ଚ ବା ଏକାଧିକ ବ୍ୟକ୍ତିଙ୍କର ସମାଗମ—1. A religious gathering of 5 or many persons.
Pañcha parameśwara
পঞ্চপরমেশ্বর
पंचपरमेश्वर
(ପଞ୍ଚୁପରମେଶ୍ୱର—ଅନ୍ୟରୂପ)
୨ । ପଞ୍ଚାଏତ—2. Arbitrators.
ଏହି ପଞ୍ଚପରମେଶ୍ୱର ଶୁଣନ୍ତୁ, ମୁଁ ପଢ଼ତା ଚୁଇଁ କହୁଛି—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପଞ୍ଚ ପର୍ବ—ସଂ. ବ—ମାସମଧ୍ୟସ୍ଥ ୫ ଗୋଟି ବଶିଷ୍ଟ ଦିନ (ଯଥା—ଅଷ୍ଟମୀ, **Pañcha parba** ଚତୁର୍ଦ୍ଦଶୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ସଂକ୍ରାନ୍ତି)—Five special ceremonial days of the month.

ପଞ୍ଚ ପଲ୍ଲବ—ସଂ. ବ—୧ । (ବୈଦିକ କର୍ମରେ ପ୍ରଯୁକ୍ତ) ଆମ୍ବ, ଅଶ୍ୱତ୍ଥ, **Pañcha pallaba** ବଟ, ପ୍ଲକ୍ଷ (ଜରିଗଛ) ଓ ଯଜ୍ଞଡୁମ୍ବୁରି ଏହି ଗଛମାନଙ୍କ ପତ୍ର—1. The five kinds of leaves sanctified to be used in vedic rites.

୨ । (ତାନ୍ତ୍ରିକ କର୍ମରେ) ପଣସ, ଆମ୍ବ, ଅଶ୍ୱତ୍ଥ, ବଟ ଓ ବଉଳ ଗଛର ପତ୍ର—2. The 5 kinds of leaves to be used on special occasions as prescribed in the Tantras.

[ଦ୍ର—ଏ ଗଛମାନଙ୍କ ପତ୍ର ପୂଜାବେଳେ କଳସ ଉପରେ ସ୍ଥାପିତ କରାଯିବାର ବିଧି ଅଛି ।]

୩ । (ଔଷଧରେ) ଆମ୍ବ, ଜାମ୍ବୁ, କଇଥ, ଟଭା ଓ ବେଲଗଛର ପତ୍ର—3. The 5 kinds of leaves specified to be used in medicine.

ପଞ୍ଚପଲ୍ଲବ ଲାଗି—ଦେ. ବ—ମାଘ ଶୁକ୍ଳ ଶ୍ରୀପଞ୍ଚମୀ ଦିନ ପୁରୀ ଶ୍ରୀଜଗନ୍ନାଥଙ୍କ **Pañchapallaba lāgi** ଉପରେ ୫ ଗୋଟି ଗଛର ପତ୍ର ଅର୍ପଣ କରିବାର ଉତ୍ସବବିଶେଷ—A ceremony of putting the leaves of 5 trees on the idol Jagannātha of Puri on the bright 5th day of Māgha.

ପଞ୍ଚ ପାଣ୍ଡବ—ସଂ. ବ. (ଦ୍ୱିଗୁ; ପଞ୍ଚ+ପାଣ୍ଡବ)—ଯୁଧିଷ୍ଠିର, ଭୀମ, ଅର୍ଜୁନ, **Pañcha pāṇḍaba** ନକୁଳ ଓ ସହଦେବ ଏହି ପାଞ୍ଚଜଣ ପାଣ୍ଡୁପୁତ୍ର—The five Pāṇḍaba brothers.

ପଞ୍ଚ ପାଣ୍ଡବା—ଦେ. ବ—ନୂଆଗଡ଼ ଓ ଦଶପଲ୍ଲା ମଧ୍ୟରେ ଥିବା ୫ ଗୋଟି **Pañcha pāṇḍabā** ଶୃଙ୍ଗଯୁକ୍ତ ପର୍ବତବିଶେଷ—A mountain with 5 peaks between Nuāgarḍa and Daśapallā.

ପଞ୍ଚ ପାତକ—ସଂ. ବ.—ପଞ୍ଚ ମହାପାତକ (ଦେଖ)
Pañcha pātaka Pañcha mahāpātaka (See)

ପଞ୍ଚ ପାତ୍ର—ସଂ. ବ.—୧ । ଅମାବାସ୍ୟା ଓ ପିତୃପକ୍ଷରେ ଏବଂ ମୃତ ବ୍ୟକ୍ତିର **Pañcha pātra** ସାମ୍ବତ୍ସରିକ ପିଣ୍ଡୀକରଣ ଶ୍ରାଦ୍ଧରେ ଯେଉଁ ୫ଟି ପାତ୍ର ବା ପକ୍ଷ (ଯଥା—୨ ଦେବପକ୍ଷ ଓ ୩ ପିତୃପକ୍ଷ) ପିଣ୍ଡ ଦିଆ ଯାଏ—1. The five parties to whom oblations are made at śrāddhas.

୨ । ପୂଜାର୍ଥ ବ୍ୟବହୃତ ପଞ୍ଚ ଧାତୁ (ତମ୍ବା, ସୁନା, ରୁପା, ପିତଳ ଓ କଂସା) ନିର୍ମିତ ଜଳପାତ୍ର; ପଞ୍ଚପାତ୍ରୀ—2. A glass made of 5 metals used during worship.

୩ । ୫ ଗୋଟି ପାତ୍ର—3. A collection of 5 water vessels or pots.

୪ । ପାର୍ବଣ ଶ୍ରାଦ୍ଧ (ଦେଖ) (ହି. ଶବ୍ଦସାଗର)
4. Pārbaṇa śrāddha (See)

ପଞ୍ଚପିତୃ—ସଂ. ବ.—ପିତା ଓ ପିତୃସ୍ଥାନୀୟ ଆଉ ୪ ଜଣ ଗୁରୁଜନ (ଯଥା—**Pañcha pitṛu** ଜନ୍ମଦାତା, ଉପନେତା, ଶ୍ୱଶୁର, ବିଦ୍ୟାଗୁରୁ ଓ (ପଞ୍ଚପିତା—ଅନ୍ୟରୂପ) ଅନ୍ନଦାତା—Five persons (father, protector from danger, father-in-law, religious preceptor and master), standing in relation of a father to a person.

[ଦ୍ର—ଜନ୍ମଦାତା ଉପନେତା ଯସ୍ୟ କନ୍ୟା ବିବାହିତା
ବିଦ୍ୟାଦାତାନ୍ନଦାତା ଚ ପଞ୍ଚୈତେ ପିତରଃ ସ୍ମୃତାଃ ।]

ପଞ୍ଚ ପିତ୍ତ—ସଂ. ବ.—ଔଷଧାର୍ଥ ବ୍ୟବହୃତ ବୈଦ୍ୟଶାସ୍ତ୍ରୋକ୍ତ ୫ ଗୋଟି **Pañcha pitta** ଜୀବ (ଯଥା—ବରାହ, ଛାଗ, ମହିଷ, ରୋହିମାଛ ଓ ମୟୂରୀର ପିତ୍ତ—The gall or bile of 5 animals used as medicine.

ପଞ୍ଚ ପୁଷ୍ପ—ସଂ ବ. (ଦ୍ୱିଗୁ)—ଦେଶୀ ପୁରାଣ ମତରେ ଦେବତାଙ୍କ ପ୍ରିୟ ୫ **Pañcha pushpa** ପ୍ରକାର ଫୁଲ (ଯଥା—ଚମ୍ପା, ଆମ୍ବ, ଶମୀ, ପଦ୍ମ ଓ କନିଅର)—Five kinds of flowers of which the Deities are very fond.

ପଞ୍ଚ ପ୍ରଦୀପ—ସଂ. ବ.—ପାଞ୍ଚ ଗୋଟି ପ୍ରଦୀପଯୁକ୍ତ ଆଳତିଦାନ; ଆଳତି **Pañcha pradīpa** ସମୟରେ ବ୍ୟବହୃତ ପଞ୍ଚମୁଖ ପ୍ରଦୀପବିଶେଷ—A lamp with 5 wicks used at the time of the ceremonial waving of lights before a deity.

ପଞ୍ଚ ପ୍ରାଣ—ସଂ. ବ—ଶରୀରସ୍ଥ ପାଞ୍ଚଗୋଟି ପବନ (ଯଥା—ପ୍ରାଣ, ଅପାନ, **Pañcha prāṇa** ବ୍ୟାନ, ଉଦାନ ଓ ସମାନ)—The 5 (ପଞ୍ଚପ୍ରାଣବାୟୁ—ଅନ୍ୟରୂପ) internal winds essential to the life of man.

[ଦ୍ର—ହୃଦୟସ୍ଥ ପ୍ରାଣବାୟୁଦ୍ୱାରା ରକ୍ତସଞ୍ଚାଳନ, ଗୁହ୍ୟସ୍ଥ ଅପାନବାୟୁଦ୍ୱାରା ଆହାର୍ଯ୍ୟଚାଳନ, କଣ୍ଠସ୍ଥ ଉଦାନବାୟୁଦ୍ୱାରା ସର୍ବାଙ୍ଗରେ ସାମଞ୍ଜସ୍ୟରକ୍ଷା ଏବଂ ନାଭିସ୍ଥ ସମାନବାୟୁଦ୍ୱାରା ପାଚନକ୍ରିୟା ସାଧିତ ହୁଏ ।]

ପଞ୍ଚ ବଲ୍କଳ—ସଂ. ବ. (ବୈଦ୍ୟକ)(ଦ୍ୱିଗୁ; ପଞ୍ଚ+ବଲ୍କଳ)—ଅଶ୍ୱତ୍ଥ, ପ୍ଲକ୍ଷ **Pañcha balkala** (ଜରିଗଛ) ଓ ବେତ (ମତାନ୍ତରରେ ପଳାଶ, ଶିରୀଷ), ବଟ, ଯଜ୍ଞଡୁମ୍ବୁରି ଏହି ଗଛମାନଙ୍କ ଛେଲି—The barks of 5 specified trees.

ପଞ୍ଚବକ୍ତ୍ର—ସଂ. ବ. ପୁଂ (ବହୁବ୍ରୀହି; ପଞ୍ଚ+ବକ୍ତ୍ର)—୧ । ପଞ୍ଚାନନ; **Pañcha baktra** ମହାଦେବ—1. Mahādeba.

୨ । ପଞ୍ଚମୁଖି ରୁଦ୍ରାକ୍ଷ—
2. A rudrāksha with 5 heads.

ସଂ. ବଣ.—ପଞ୍ଚମୁଖବିଶିଷ୍ଟ—Having five faces.

ପଞ୍ଚ ବଟ—ସଂ. ବ. (ଦ୍ୱିଗୁ; ପଞ୍ଚ+ବଟ)—୧ । ଅଶ୍ୱତ୍ଥ, ବେଲ, ବର, **Pañcha baṭa** ଅଁଳା ଓ ଅଶୋକ ଏହି ପାଞ୍ଚଗୋଟି ଗଛ—1. The five specified trees.

୨ । ପଞ୍ଚବଟୀ (ଦେଖ)—2. Pañchabaṭi (See)

ପଞ୍ଚବଟୀ— ସ. ବ. (ସମାହାର ଦ୍ୱିଗୁ; ପଞ୍ଚ+ବଟ)—
Pañchabaṭi ୧ । ପଞ୍ଚବଟ ରୋପିତ ହୋଇଥିବା ବନ—
1. A forest where the five specific trees are planted side by side.
[ଦ୍ର—ପୂର୍ବରେ ଅଶ୍ୱତ୍ଥ, ଉତ୍ତରରେ ବେଲ, ପଶ୍ଚିମରେ ବର, ଦକ୍ଷିଣରେ ଅଁଳା ଓ ଅଗ୍ନିକୋଣରେ ଅଶୋକ ରୋପଣ କଲେ ପଞ୍ଚବଟୀ ହୁଏ ।]
୨ । ଦଣ୍ଡକାରଣ୍ୟର ଅନ୍ତର୍ଗତ ଗୋଦାବରୀ ତୀରସ୍ଥ ଜନସ୍ଥାନ ମଧ୍ୟବର୍ତ୍ତୀ ବନବିଶେଷ—2. Name of the forest whence Rāvana carried off Sitā.
[ଦ୍ର—ଏହି ବନରେ ରାମଚନ୍ଦ୍ର ବାସ କରୁଥିବା ସମୟରେ ରାବଣ ସୀତାଙ୍କୁ ହରଣ କରିଥିଲେ । ଏହା ଆଧୁନିକ ମଧ୍ୟଭାରତର ନାଗପୁର ଅଞ୍ଚଳସ୍ଥ ନାସିକ ବିଭାଗ ବୋଲି ଅନୁମିତ ହୁଏ ।]

ପଞ୍ଚ ବର୍ଗ—ସ. ବ.(ଦ୍ୱିଗୁ; ପଞ୍ଚ+ବର୍ଗ)—୧ । ବ୍ୟଞ୍ଜନବର୍ଣ୍ଣମାଳା ମଧ୍ୟସ୍ଥ
Pañcha barga କ, ଚ, ଟ, ତ, ପ ଏହି ପାଞ୍ଚଗୋଟି ବର୍ଗ—
1. The 5 classes or groups of consonants containing 5 letters each
୨ । ପାଞ୍ଚୋଟି ବସ୍ତୁର ସମୂହ—
2. A collection or aggregate of 5 articles.

ପଞ୍ଚ ବର୍ଣ୍ଣ— ସ. ବ—୧ । (ଦ୍ୱିଗୁ; ପଞ୍ଚ+ବର୍ଣ୍ଣ)—ଧଳା, କଳା, ନାଲି,
Pañcha barṇṇa ହଳଦି ଓ ନେଳ ଏହି ପାଞ୍ଚଗୋଟି ରଙ୍ଗ—
1 The five colours (e. g. white, black, red, yellow and blue).
୨ । (ବହୁବ୍ରୀହି) ପାଞ୍ଚବର୍ଣ୍ଣର ମୁରୁଜ; ପଞ୍ଚବର୍ଣ୍ଣୀ ମୁରୁଜ—
2. Powders of 5 colours.
୩ । ଓଁକାର ପ୍ରଣବର ୫ ଗୋଟି ବର୍ଣ୍ଣ (ଯଥା—ଅ, ଉ, ମ ନାଦ ଓ ବିନ୍ଦୁ—ହି. ଶବ୍ଦସାଗର)—3. The five component letters of sound of the mystic syllable 'Om'.
୪ । ଅରଣ୍ୟବିଶେଷ (ହି. ଶବ୍ଦସାଗର)—
4. Name of a forest.
୫ । ପର୍ବତବିଶେଷ (ହି. ଶବ୍ଦସାଗର)—
5. Name of a mountain.
୬ । ପଞ୍ଚମହାଯଜ୍ଞ (ଦେଖ)—
6. Pañcha mahājajña (See)
୭ । ଶରୀରର ପଞ୍ଚେନ୍ଦ୍ରିୟ—
7. The five organs of sense (Apte).
୮ । ଶରୀରର ପାଞ୍ଚଟି ଉପାଦାନ; ପଞ୍ଚଭୂତ—
8. The 5 essential elements of the body(Apte)

ପଞ୍ଚ ବଳା—ସ. ବ—ବୈଦ୍ୟଶାସ୍ତ୍ରୋକ୍ତ ବଳା, ଅତିବଳା, ମହାବଳା,
Pañcha baḷā ନାଗବଳା ଓ ରାଜବଳା (ହି.ଶବ୍ଦସାଗର)—
Five particular herbs prescribed in Hindu medical treatises.

ପଞ୍ଚବର୍ଷ ଦେଶୀୟ— ସ. ବିଣ. ପୁଂ —ଯାହାର ବୟସ ଅନାଜ ୫ ବର୍ଷ—
Pañchabarsha desiya About 5 years old.
(ପଞ୍ଚବର୍ଷ ଦେଶୀୟା—ସ୍ତ୍ରୀ)

ପଞ୍ଚବାଣ— ସ. ବ—୧ । (ବହୁବ୍ରୀହି; ପଞ୍ଚ+ବାଣ)—ମଦନ; କାମ;
Pañchabāṇa କନ୍ଦର୍ପ—1. Cupid; the God of amour.
ପଞ୍ଚବିଶିଖ, ପଞ୍ଚଶାୟକ, ପଞ୍ଚଶର } ଅନ୍ୟରୂପ
୨ । (ଦ୍ୱିଗୁ) କନ୍ଦର୍ପଙ୍କର ସନ୍ମୋହନ (ଅରବିନ୍ଦ), ଉନ୍ମାଦନ (ଅଶୋକ), ଶୋଷଣ (ଆମ୍ର), ତାପନ (ନଅଳ) ଓ ସ୍ତମ୍ଭନ (ନାଳକଇଁ ବା ମାଲୋପୂଲ) ନାମକ ୫ ଗୋଟି ପୁଷ୍ପଯୁକ୍ତ ବାଣ—2. The arrow of cupid consisting of 5 flowers with 5 amorous attributes.

ପଞ୍ଚ ବାତ—ସ. ବ—ପଞ୍ଚ ପ୍ରାଣ (ଦେଖ)—
Pañcha bāta Pañcha prāṇa (See.)
(ପଞ୍ଚବାୟୁ—ଅନ୍ୟରୂପ)

ପଞ୍ଚ ବାହୁ—ସ. ବିଣ. (ବହୁବ୍ରୀହି; ପଞ୍ଚ+ବାହୁ)—ଯେଉଁ କ୍ଷେତ୍ରର
Pañcha bāhu ପାଞ୍ଚଟି ବାହୁ ଥାଏ—Pentagonal.
ସ. ବ – ପଞ୍ଚବାହୁବିଶିଷ୍ଟ କ୍ଷେତ୍ର—Pentagon.

ପଞ୍ଚ ବିଂଶ—ସ. ବ. ଓ ବିଣ. (ପଞ୍ଚବିଂଶତି+ପୂରଣାର୍ଥେ. ଅ)—ପଚିଶି
Pañcha biṁsa ସ୍ଥାନୀୟ—Twenty-fifth.

ପଞ୍ଚ ବିଂଶତି—ସ. ବିଣ. ଓ ବ (ସଂଖ୍ୟାବାଚକ; ପଞ୍ଚ ଅଧିକ ବିଂଶତି)—
Pañcha biṁsati କୋଡ଼ିଏ ଅପେକ୍ଷା ପାଞ୍ଚ ଅଧିକ ସଂଖ୍ୟା; ପଚିଶ;
୨୫—Twenty five.

ପଞ୍ଚ ବିଂଶତିକା—ସ. ବ—ପଚିଶ ସଂଖ୍ୟା ବା ବସ୍ତୁର ସଂଗ୍ରହ—
Pañcha biṁsatikā A collection of twenty five.
(ଯଥା—ବେତାଳ ପଞ୍ଚବିଂଶତିକା ।)

ପଞ୍ଚ ବିଧ—ସ. ବିଣ. (ବହୁବ୍ରୀହି; ପଞ୍ଚ+ବିଧା)— ପାଞ୍ଚପ୍ରକାରର—
Pañcha bidha (ପଞ୍ଚବିଧା—ସ୍ତ୍ରୀ) Of five kinds.

ପଞ୍ଚ ଭଦ୍ର—ସ. ବ. (ବହୁବ୍ରୀହି; ପଞ୍ଚ+ଭଦ୍ର=ଶୁଭଚିହ୍ନ)—
Pañcha bhadra ୧ । ଯେଉଁ ଘୋଡ଼ାର ମୁହଁ, ପିଠି, ହୃଦୟ ଓ ଦୁଇ ପାର୍ଶ୍ୱରେ ଶୁଭଲକ୍ଷଣସୂଚକ ଆବର୍ତ୍ତ ବା ରୋମଭଉଁରୀ ଥାଏ—1. A horse having 5 gyrating fur on 5 specified spots of the body (considered as auspicious to its owner).
୨ । ପାଚନବିଶେଷ (ଏଥିରେ ୫ଟି ଉପାଦାନ ଥାଏ; ଯଥା—ଗୁଳୁଚ, କ୍ଷେତପାପଡ଼ା, ମୁଥା, ଚିରେଇତା ଓ ଶୁଣ୍ଠି)—
2. Name of a particular decoction made from 5 ingredients
୩ । ପଞ୍ଚ କଲ୍ୟାଣ (ଦେଖ)—
3. Pañcha kalyāṇa (See)

ପଞ୍ଚ ଭୁଜ—ସଂ. ବ. ଓ ବିଣ—ପଞ୍ଚ ବାହୁ (ଦେଖ)
Pañch bhuja Pañcha bāhu (See)

ପଞ୍ଚଭୂତ—ସଂ. ବ. (ପଞ୍ଚ+ଭୂତ)—ସୃଷ୍ଟିର ୫ ଗୋଟି ମୌଳିକ
Pañchabhūta ଉପାଦାନ(ଯଥା—କ୍ଷିତି, ଅପ, ତେଜଃ, ଓ ମରୁତ୍

ବ୍ୟୋମ)—The 5 primary elements of matter in the creation (e. g. earth, water, light, air and ether).

ପଞ୍ଚଭୂତାତ୍ମା—ସଂ. ବି. (ପଞ୍ଚଭୂତ+ଆତ୍ମନ୍)—ଜୀବାତ୍ମା; ପଞ୍ଚଭୂତରେ
Pañcha bhūtātmā ଗଠିତ ଆତ୍ମା ବା ଶରୀର—
The individual or the body consisting of the 5 primary elements of matter.

ପଞ୍ଚ ଭୌତିକ ଚିକିତ୍ସା—ଦେ. ବି. (ଆଧୁନିକ ପ୍ରୟୋଗ)—
Pañcha bhautika chikitsā ସ୍ୱଭାବ ଚିକିତ୍ସା (ଦେଖ)
Swabhāba chikitsā (See)

ପଞ୍ଚମ—ସଂ. ବିଣ. (ପଞ୍ଚନ୍+ପୂରଣାର୍ଥରେ ମ)—
Pañchama ୧ । ପାଞ୍ଚ ସଂଖ୍ୟାର ପୂରକ—1. Fifth.
(ପଞ୍ଚମୀ—ସ୍ତ୍ରୀ)· ୨ । ଦକ୍ଷ—2. Skilful; clever
୩ । ସୁଶ୍ରୀ; ମନୋହର; ସୁନ୍ଦର—2. Beautiful; pleasing.
ସଂ. ବି—୧ । ସଙ୍ଗୀତର ସପ୍ତ ସ୍ୱର; ଗ୍ରାମର ପଞ୍ଚମ ସ୍ୱର; 'ପା'ସ୍ୱର—
1. The 5th of the 7 musical notes of the gamut
[ଦ୍ର—ଏହି ସ୍ୱର ନାଭିରୁ ବାହାର ବକ୍ଷ, ହୃଦୟ, କଣ୍ଠ ଓ ମସ୍ତକ ଏପରି ପାଞ୍ଚ ସ୍ଥାନରେ ବିଚରଣ କରେ । ଏହା କୋକିଳ କଣ୍ଠରୁ ଶୁଣାଯିବା ସ୍ୱରର ଅନୁରୂପ ବୋଲି କଳ୍ପିତ ।]
୨ । ଛଅ ରାଗ ମଧ୍ୟରୁ ତୃତୀୟ ରାଗ—
2. The 3rd of the 6 tunes of music.
[ଦ୍ର—କେହି କେହି ଏହାକୁ ହିନ୍ଦୋଳ ରାଗର, କେହି କେହି ଏହାକୁ ଭୈରବ ରାଗର ପୁତ୍ର କହନ୍ତି । ଏହାର ଗାନ ସମୟ ଶରତ୍ ଋତୁର ପ୍ରାତଃକାଳ ବୋଲି କଥିତ ।]
୩ । ମୈଥୁନ—3. Copulation.

ପଇଞ୍ଚମ } ଅନ୍ୟରୂପ ଦେ. ବି. (ଧ୍ୱନ୍ୟନୁକରଣ) – ପାହୁଡ଼ ଉପରେ ଗୋଡ଼ର ପେଣ୍ଡାରେ ପିନ୍ଧାଯିବା ଅଳଂକାର
ପଞ୍ଚମ }
ପଞ୍ଚମ ବିଶେଷ—A kind of ornament worn over the anklet round the tibia.

ପାଞ୍ଜର ବୈଦେ. ବି. (ଫା. ପାଜେବ୍; ଭୁଲ. ସଂ ପାଦ ପଞ୍ଜରୀ—
ପଁଜନୀ ପାହିଜମ; ଏକ ପ୍ରକାର ନୂପୁର—A kind of broad tinkling anklet.

ପଞ୍ଚମ ଅବସ୍ଥା—ଦେ. —ଶେଷାବସ୍ଥା; ମୃତ୍ୟୁ—
Pañchama abasthā ପଞ୍ଚମ ଦଶା Death.
ପତିର ଦେଖି କରି ପଞ୍ଚମ ଅବସ୍ଥା, ହୃଦୟରେ ସେନଭେ ମହାଶୋକ ବ୍ୟଥା ।
କୃଷ୍ଣସିଂହ, ମହାଭାରତ, ବନ ।

ପଞ୍ଚ ମକାର—ସଂ. ବି. (ବହୁବ୍ରୀହି; ପଞ୍ଚ+ମକାର='ମ' ବର୍ଣ୍ଣ)—
Pañcha makāra ତନ୍ତ୍ରୋକ୍ତ ବାମ ମାର୍ଗ ଅନୁସାରେ ଉପାସନାରେ ବ୍ୟବହୃତ ମଦ୍ୟ, ମାଂସ, ମତ୍ସ୍ୟ, ମୈଥୁନ ଓ ମୁଦ୍ରା ନାମକ ସାଧନାବିଶେଷ—A tantric ritual consisting of wine, meat, fish, cohabitation and money.

ପଞ୍ଚମ ତାନ—ସଂ. ବି—ପଞ୍ଚମ ୧ (ଦେଖ)
Pañchama tāna Pañchama 1 (See)

ପଞ୍ଚ ମନ—ଦେ. ବି—ପଞ୍ଚଭୂତାତ୍ମା (ଦେଖ)
Pañcha mana Pañcha bhūtātmā (See)
ବତ୍ସର ପଞ୍ଚଭୁ ଏହିକଣି ହେବ ପଞ୍ଚ ମନେ ଏହା କଲ୍ଲ ।
ଭକ୍ତ. ବୈଦେହୀଶବିଳାସ ।

ପଞ୍ଚମ ବେଦ—ଦେ. ବି—ମହାଭାରତ—
Pañchama beda The epic Mahābhārata.

ପଞ୍ଚମ ସ୍ୱର—ସଂ. ବି—୧ । (ଫଳିତ ଜ୍ୟୋତିଷ ଗଣନା) ସ୍ୱରୋଦୟ ଶାସ୍ତ୍ର
Pañchama swara ଅନୁସାରେ ମୃତ୍ୟୁ ସ୍ୱର—
1 (astrology) Name of an inauspicious astrological combination.
[ଦ୍ର— ଜ୍ୟୋତିଷର ସ୍ୱରୋଦୟ ଶାସ୍ତ୍ରରେ ୫ ସ୍ୱର । ବାଳସ୍ୱର, କୁମାର ସ୍ୱର, ଯୁବା ସ୍ୱର, ବୃଦ୍ଧ ସ୍ୱର ଓ ମୃତ୍ୟୁ ସ୍ୱର ।]
୨ । ପଞ୍ଚମ ୧ (ଦେଖ)—1. Pañchama (See)
ପଞ୍ଚ ବେଳରେ ରେଉଛନ୍ତି ସ୍ୱରେ ପଞ୍ଚମ ପଞ୍ଚଭୁ ଅଧରେ ସେ ।
ଭକ୍ତ, ବୈଦେହୀଶବିଳାସ ।

ପଞ୍ଚ ମହାପାତକ—ସଂ. ବି. (ଦ୍ୱିଗୁ; ପଞ୍ଚ+ମହାପାତକ)—
Pañcha mahāpātaka ବ୍ରହ୍ମ ହତ୍ୟା, ସୁରାପାନ, ବ୍ରହ୍ମସ୍ୱ ହରଣ,
ପଞ୍ଚ ମହାପାତକୀ—ପୁଂ } ବିଣ ଗୁରୁ ପତ୍ନୀ ଗମନ ଓ ଉପରୋକ୍ତ
ପଞ୍ଚ ମହାପାତକିନୀ—ସ୍ତ୍ରୀ } ପାପରେ ଲିପ୍ତ ବ୍ୟକ୍ତି ସହିତ ବାସ-
ରୂପ ୫ ଗୋଟି ଗୁରୁତର ପାପ (ମନୁସଂହିତା ୧୧।୫୪)—
The five great sins (viz. murdering a Brāhmaṇa, drinking spirits, stealing from a Brāhmaṇa, adultery with the wife of one's elders and association with the above 4 classes of offenders,

ପଞ୍ଚ ମହାବ୍ୟାଧି—ସଂ. ବି—ବୈଦ୍ୟଶାସ୍ତ୍ର ମତରେ ପାଞ୍ଚଟି ବଡ଼ ରୋଗ
Pañcha mahā byādhi (ଯଥା—ଅର୍ଶ, କୁଷ୍ଠ, ଯକ୍ଷ୍ମା, ପ୍ରମେହ ଓ ଉନ୍ମାଦ)—Five major diseases according to Hindu Medical books (e.g. piles, leprosy, pthisis, gonorrhoea and insanity).

ପଞ୍ଚ ମହାବ୍ରତ—ସଂ. ବି—ଯୋଗଶାସ୍ତ୍ର ମତରେ ଯତିମାନଙ୍କର ୫ଟି ଅବଶ୍ୟ
Pañcha mahābrata ଅନୁଷ୍ଠେୟ କର୍ମ (ଯଥା—ଅହିଂସା, ସୂନୃତା, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ)—The duties strictly enjoined on ascetics (viz. want of hurtfulness, truthfulness, freedom from stealing, continence and non-acceptance of gifts from others).

ପଞ୍ଚ ମହାଭୂତ—ସଂ. ବି—ପଞ୍ଚଭୂତ (ଦେଖ)
Pañcha mahābhūta Pañcha bhūta (See)

ପଞ୍ଚ ମହାଯଜ୍ଞ—ସଂ. ବି. (ଦ୍ୱିଗୁ; ପଞ୍ଚ+ମହାଯଜ୍ଞ)—
Pañcha mahājajña ବ୍ରହ୍ମଯଜ୍ଞ (ବେଦାଧ୍ୟୟନ), ଦେବଯଜ୍ଞ (ଅଗ୍ନିହୋତ୍ର), ପିତୃଯଜ୍ଞ (ତର୍ପଣ), ଭୂତଯଜ୍ଞ (ବୈଶ୍ୱଦେବ) ଓ ନୃଯଜ୍ଞ (ଅତିଥି ପୂଜା) ଗୃହସ୍ଥର ଅନୁଷ୍ଠେୟ ଏହି ୫ ଗୋଟି ଯାଗ ବା ପୂଜା—The five great sacraments enjoined on every house-holder by

the vedas (viz. reading the vedas, performing vedic sacrifice, offering manes, offering oblations to the spirits and hospitality).

[ଦ୍ର—ଗୃହ କର୍ମ ପାଇଁ—୧. ଚୁଲୀ, ୨. ଚକୀ ଓ ଶିଳ ଶିଳପୁଆ, ୩. ପହଁଙ୍ଗ (ଝାଡୁ), ୪. ଢିଙ୍କି ଓ ଉଦୁଖଳ ମୂଷଳ ଓ ୫. ପାଣି ମାଠିଆ ଏସବୁକୁ ଗୃହସ୍ଥଙ୍କୁ ପ୍ରତ୍ୟହ ବ୍ୟବହାର କରବାକୁ ହୁଏ। ଏମାନଙ୍କର ନାମ ପଞ୍ଚ ସୂନା;—ଏହି ସବୁରେ ବହୁ ଜୀବହତ୍ୟା ବା ଜୀବହିଂସା ଅଜ୍ଞାତ ଭାବରେ କରାଯାଏ. ଗୃହସ୍ଥଙ୍କୁ ଏହି ପଞ୍ଚସୂନାଜନିତ ଜୀବହତ୍ୟା ପାପରୁ ମୁକ୍ତ କରବା ପାଇଁ ମହର୍ଷିମାନେ ପଞ୍ଚଯଜ୍ଞର ବ୍ୟବସ୍ଥା କରଅଛନ୍ତି। ବେଦାଧ୍ୟୟନ ଓ ବେଦାଧ୍ୟାପନ ବ୍ରହ୍ମଯଜ୍ଞ, ଶ୍ରାଦ୍ଧ ଓ ତର୍ପଣ ପିତୃଯଜ୍ଞ, ହୋମ-ଦେବଯଜ୍ଞ; ଅନ୍ନଦାନ ଓ ବୈଶ୍ୱଦେବ-ଭୂତଯଜ୍ଞ ଓ ଅତିଥି ସେବା ନୃଯଜ୍ଞ। ଯେଉଁ ଗୃହସ୍ଥ ଆପଣା ଶକ୍ତି ଅନୁସାରେ ପ୍ରତିଦିନ ଏହି ପଞ୍ଚଯଜ୍ଞ କରନ୍ତି ସେ ଗୃହରେ ବାସକର ସୁଦ୍ଧା ପଞ୍ଚସୂନା ଦୋଷରେ ଲିପ୍ତ ହୁଅନ୍ତି ନାହିଁ (ମନୁ ୩। ୬୯—୭୧ ଓ ୮୦—୮୧)

ପଞ୍ଚ ମହାଶବ୍ଦ—ସଂ. ବି.—ଶଙ୍ଖ, ଭେରୀ, କାହାଳୀ, ଢକ୍କା ଓ ଦୁନ୍ଦୁଭି ବା **Pañcha mahāśabda** ଡମରୁ ଏହି ପଞ୍ଚବାଦ୍ୟର ଶବ୍ଦ—The sounds of five kinds of musical instruments.

[ଦ୍ର—ପୂର୍ବେ ଏହି ପଞ୍ଚବାଦ୍ୟ ରାଜମର୍ଯ୍ୟାଦା ଥିଲା।]

ପଞ୍ଚ ମହିଷ—ସଂ. ବି.—ସୁଶ୍ରୁତ ଅନୁସାରେ ମଇଁଷିଠାରୁ ପ୍ରାପ୍ତ ପାଞ୍ଚ ପଦାର୍ଥ **Pañcha mahisha** (ଯାହା ଔଷଧରୂପେ ବ୍ୟବହୃତ ହୁଏ; ଯଥା—ଗୋବର, ମୂତ୍ର, ଦୁଧ, ଦହି ଓ ଘିଅ)—Five things got from the buffaloes and used as medicine.

ପଞ୍ଚମା—ପ୍ରାଦେ. (ଗଞ୍ଜାମ) ବି. (ସଂ. ପଞ୍ଚମ; ହିନ୍ଦୁର ଚାରବର୍ଣ୍ଣରୁ ବହିର୍ଭୂତ **Pañchamā** ଥିବାରୁ)—ନୀଚ ଅସ୍ପୃଶ୍ୟ ଚଣ୍ଡାଳାଦି ଜାତି (ଯଥା—ଦଣ୍ଡାସୀ ଜାତି)—Pariah; the untouchables.

ପଞ୍ଚ ମାଥ—ଦେ. ବି. (ସଂ. ପଞ୍ଚ+ମସ୍ତକ)—ପଞ୍ଚାନନ; ଶିବ; ମହାଦେବ—**Pañcha mātha** Śiba.

ଭୂମି ଦେହ ଛାଣ କରି ବଶେ ପଞ୍ଚମାଥ। ଉତ୍କଳାଥ. ୦୦୫ ପ୍ରମାପ୍ରଣ।

ପଞ୍ଚମାସ୍ୟ—ସଂ. ବିଣ.—୧। (ପଞ୍ଚମାସ+ଯ)—ପ୍ରତି ପାଞ୍ଚ ମାସରେ **Pañchamāsya** ଘଟୁଥିବା—1. Happening every fifth month.

୨। ପଞ୍ଚମାସ ବ୍ୟାପୀ—Containing five months (M. W.)

୩। (ବହୁବ୍ରୀହି; ପଞ୍ଚମ+ଅସ୍ୟ)—ପଞ୍ଚମ ସ୍ୱରରେ ଗୀତ ଗାଉଥିବା—3. Singing in the fifth note of the gamut.

ସଂ. ବି.—କୋଇଲ—The Indian cuckoo.

ପଞ୍ଚମୀ—ସଂ. ବି. ସ୍ତ୍ରୀ (ପଞ୍ଚମ+ସ୍ତ୍ରୀ. ଈ)—୧। ଚାନ୍ଦ୍ରମାନ ଚତୁର୍ଥୀର **Pañchamī** ପର ତିଥି—1. The 5th. day of the lunar fortnight.

[ଦ୍ର—ନିମ୍ନଲିଖିତ ପଞ୍ଚମୀମାନଙ୍କରେ ବ୍ରତ ଓ ଉପବାସାଦି କରାଯାଏ। ଜ୍ୟେଷ୍ଠ ଶୁକ୍ଳପଞ୍ଚମୀ—ମହାଦେବଙ୍କ ବିବାହ। ଶ୍ରାବଣ କୃଷ୍ଣ ପଞ୍ଚମୀ—ନାଗ ପଞ୍ଚମୀ ବା ମନସା ପଞ୍ଚମୀ—ନାଗପୂଜା। ଶ୍ରାବଣ ଶୁକ୍ଳ ପଞ୍ଚମୀ—ଜାଗ୍ରଦ୍‌ଗୌରୀ ପଞ୍ଚମୀ; ଗ୍ରାମଦେବତୀ ପୂଜା। ଭାଦ୍ର କୃଷ୍ଣ ପଞ୍ଚମୀ—ରକ୍ଷା ପଞ୍ଚମୀ ବା ରେଖା ପଞ୍ଚମୀ; କବାଟରେ ଚିତ୍ରିତ ଘଣ୍ଟାକର୍ଣ୍ଣ ଓ ଭୈରବପୂଜା; ଜଗନ୍ନାଥଙ୍କର ରେଖା ଲାଗି। ଭାଦ୍ର ଶୁକ୍ଳ ପଞ୍ଚମୀ—ଋଷିପଞ୍ଚମୀ। ଗୁରୁପଞ୍ଚମୀ—ଶୁକ୍ଳପକ୍ଷ ଗୁରୁବାର ଦିନ ପଞ୍ଚମୀ ତିଥି ପଡ଼ିଲେ ଲକ୍ଷ୍ମୀ ପୂଜା। ଆଶ୍ୱିନ କୃଷ୍ଣପଞ୍ଚମୀ—ଅଶ୍ୱପଞ୍ଚମୀ ବା ନାହାଣ ପଞ୍ଚମୀ—ଅଶ୍ୱପୂଜା। ଆଶ୍ୱିନ ଶୁକ୍ଳ ପଞ୍ଚମୀ—ନବପତ୍ରୀ, ଦୁର୍ଗାପୂଜାରମ୍ଭ (ପଞ୍ଚମୀଠାରୁ ନବମୀ ପର୍ଯ୍ୟନ୍ତ)। ମାଘ ଶୁକ୍ଳ ପଞ୍ଚମୀ—ବସନ୍ତପଞ୍ଚମୀ ବା ଶ୍ରୀପଞ୍ଚମୀ—ସରସ୍ୱତୀ ପୂଜା, ଜଗନ୍ନାଥ ମହାପ୍ରଭୁଙ୍କ ପଞ୍ଚପଲ୍ଲବ ଲାଗି।]

୨। ପଞ୍ଚମୀ ବିଭକ୍ତି—2. The ending of the 5th or ablative case of a noun.

୩। ସଙ୍ଗୀତର ରାଗିଣୀବିଶେଷ—3. Name of a musical tune.

୪। ପଶାର ଛକ—4. corner-spots of a dice-plate.

୫। ବ୍ରତବିଶେଷ (ଏହାକୁ ପ୍ରଥମେ ଶ୍ରୀପଞ୍ଚମୀ ଆରମ୍ଭ କରି ୬ ବର୍ଷ ପର୍ଯ୍ୟନ୍ତ ପ୍ରତି ଶୁକ୍ଳ ପଞ୍ଚମୀରେ କରବାକୁ ହୁଏ)—5. A ceremony observed on every 5th day of the bright fortnight of every month for 6 years beginning from śripañchamī.

୬। ଦ୍ରୌପଦୀ (ହି. ଶବ୍ଦସାଗର)—6 A name of Draupadī (M. W.).

୭। (ତାନ୍ତ୍ରିକ ପଞ୍ଚମକାରର ପଞ୍ଚମ ତତ୍ତ୍ୱ)—ମୈଥୁନ—7. Copulation (as the 5th tantrik tatwa) (M. W.)

୮। ଏକ ପୁରୁଷର ଦୈର୍ଘ୍ୟର ଏକ ପଞ୍ଚମାଂଶପରିମିତ ଇଷ୍ଟକ (ଏହା ଯଜ୍ଞବେଦୀର ନିର୍ମାଣରେ ବ୍ୟବହୃତ ହେଉଥିଲା)—8. A brick having the length of $\frac{1}{5}$ of a man's height (used in the construction of sacrificial altar) (M. W.)

୯। ପଶାପାଲି—10. A chequered board for playging at draugts (M. W.)

ପଞ୍ଚମୀ ତିଥି—ସଂ. ବି. ସ୍ତ୍ରୀ—ଚାନ୍ଦ୍ରମାନ ପକ୍ଷର ୫ମ ଦିନ—**Pañchamī tithi** The 5th day of lunar fortnight.

ପଞ୍ଚମୀ ବିଭକ୍ତି—ସଂ. ବି. ସ୍ତ୍ରୀ.—(ବ୍ୟାକରଣ) ବିଶେଷ୍ୟର ଅପାଦାନ **Pañchamī bibhakti** ବିଭକ୍ତି (ଏହାର ଚିହ୍ନ 'ରୁ', 'ଠାରୁ')—The ending of the 5th or ablative case of a noun.

ପଞ୍ଚ ମୁଖ—ସଂ. ବିଣ. ପୁଂ. (ବହୁବ୍ରୀହି; ପଞ୍ଚ+ମୁଖ)—ପାଞ୍ଚଗୋଟି ମୁଖ **Pañcha mukha** (ପଞ୍ଚମୁଖୀ) ବିଶିଷ୍ଟ—Five-faced.

ସଂ. ବି.—୧। ପଞ୍ଚାନନ; ମହାଦେବ; ଶିବ—1 Śiba.

[ଦ୍ର—ଏହାଙ୍କର ୪ ଦିଗରୁ ୪ ମୁହଁ ଓ ଆକାଶ ଆଡ଼ରୁ ଏକ ମୁହଁ ଥାଏ ।]

୨ । ପଞ୍ଚାସ୍ୟ; ସିଂହ (ହି. ଶବ୍ଦସାଗର)—
2. The lion (M. W.)

୩ । ପାଞ୍ଚଟି ମୁନ ଥିବା ଶର—
3. An arrow with 5 points (M. W.)

୪ । ପାଞ୍ଚ ରେଖାବିଶିଷ୍ଟ ରୁଦ୍ରାକ୍ଷ ବୀଜ (ହି. ଶବ୍ଦସାଗର)—
4. A rudrāksha seed with five lines on it.

ଦେ. ବି.—ପାଞ୍ଚଜଣଙ୍କ ମୁହଁ ବା କଥା; ଏକାଧିକ ବ୍ୟକ୍ତିଙ୍କ ମୁଖନିଃସୃତ ବାକ୍ୟ—Words uttered by five i.e. many persons.

ପଞ୍ଚମୁଖେ ପରମେଶ୍ୱର । ଢଗ ।

ପଞ୍ଚମୁଖୀ—ସଂ. ବି. (ପଞ୍ଚମୁଖ+ସ୍ତ୍ରୀ. ଈ)—୧ । (ଏହାର ୫ ଟି ପାଖୁଡ଼ା ଥିବାରୁ)—ସାଧାରଣ ଗେଣ୍ଡୁ କୁସୁମ ଫୁଲ—
Pañcha mukhī Gendarusa vulgaris (M. W.)
पञ्चमुखी
(ପଞ୍ଚମୁଖା—ଅନ୍ୟରୂପ) ୨ । ଜବା; ମନ୍ଦାରଫୁଲ—
2. China rose.

ଦେ. ବି—୧ । ପାଞ୍ଚଗୋଟି ଥଳଯୁକ୍ତ ପୂଜା ହୋଥଳି—
1. A bag of cloth with 5 pockets used in storing the ingredients of pūjā.

୨ । ପଞ୍ଚମୁଖୀ ମନ୍ଦାର (ଦେଖ)
2. Pañcha mukhī mandāra (See)

୩ । ବାସଙ୍ଗ (ହି. ଶ.) (ଦେଖ)—3. Bāsaṅga.

୪ । ପାର୍ବତୀ (ହି. ଶ.)—4. Pārbatī.

୫ । ସିଂହୀ (ହି. ଶ)—5. A lioness.

ସଂ. ବିଣ. ସ୍ତ୍ରୀ ପଞ୍ଚମୁଖର ସ୍ତ୍ରୀଲିଙ୍ଗ—
Feminine of pañchamukha.

ପଞ୍ଚମୁଖୀ ମନ୍ଦାର—ସଂ. ବି (ସଂ. ପଞ୍ଚମୁଖୀ ଓ. ମନ୍ଦାର)—ଏକ ପରସ୍ତିଆ ନାଲି ମନ୍ଦାର ଫୁଲ—A kind of single petalled china rose.
Pañchamukhī mandāra
(ପଞ୍ଚମୁଖୀ ଜବା—ଅନ୍ୟରୂପ)

[ଦ୍ର—ଏହାର ପାଞ୍ଚଟି ପାଖୁଡ଼ା; ଏଥିରୁ ଯେଉଁ ଗର୍ଭଦଣ୍ଡ ବାହାରି ଥାଏ ତାହାର ଅଗ୍ରଭାଗରେ ପାଞ୍ଚଟି ଶାଖା ଥାଏ ।]

ପଞ୍ଚମୁଣ୍ଡୀ—ସଂ. ବି (ପଞ୍ଚମୁଣ୍ଡ+ସମାହାରାର୍ଥରେ. ଈ)—ତନ୍ତ୍ରମତରେ ପାଞ୍ଚଟି ମୁଣ୍ଡ (ଦୁଇଟି ଚଣ୍ଡାଳର+ଏକ ଶୃଗାଳର+ଏକ ବାନରର+ଏକ ସର୍ପର) ଉପରେ ଆସନ ପ୍ରସ୍ତୁତ କରି ଯୋଗସାଧନ—A kind of performing joga while sitting on a seat supported by 5 heads or skulls of dead persons and animals.
Pañchamuṇḍī

[ଦ୍ର—ତନ୍ତ୍ରଶାସ୍ତ୍ରମତରେ ଏହା ଏକ ବିଶିଷ୍ଟ ଯୋଗସାଧନ ।]

ପଞ୍ଚମୁଦ୍ରା—ସଂ. ବି (ଦ୍ୱିଗୁ; ପଞ୍ଚ+ମୁଦ୍ରା)—ତନ୍ତ୍ରୋକ୍ତ ପାଞ୍ଚପ୍ରକାର ଅଙ୍ଗୁଳିବିନ୍ୟାସ—(ଯଥା—ଆବାହନୀ, ସ୍ଥାପନୀ, ସନ୍ନିଧାପନୀ, ସମ୍ବୋଧନୀ ଓ ସମ୍ମୁଖୀକରଣୀ)—Five poses of the fingers or gestures exhibited during worship of a Deity
Pacñha mudrā

ପଞ୍ଚ ମୁଷ୍ଟିକ—ସଂ. ବି—ବୈଦ୍ୟକ ମତରେ ସନ୍ନିପାତ ରୋଗପାଇଁ ବ୍ୟବହୃତ ପାଞ୍ଚଟି ପଦାର୍ଥ ଏକମୁଠା ଲେଖାଏଁ ଏକତ୍ର ସିଝିଥିବା ପାଚନ (ଯଥା—ଯବ, ବରକୋଳି, କୋଳଥ, ମୁଗ, ଓ ଅଁଳା କୋଳି)—A decoction made of one handful of each of 5 particular ingredients used as antedote for collapse.
Pañcha mushṭika

ପଞ୍ଚ ମୂତ୍ର—ସଂ. ବି (ପଞ୍ଚ+ମୂତ୍ର)—ଔଷଧାର୍ଥେ ବ୍ୟବହୃତ ପାଞ୍ଚ ପ୍ରକାର ସ୍ତ୍ରୀ ପଶୁ (ଗୋରୁ, ମେଷ, ମହିଷ, ଗଧ ଓ ଛାଗଳ)ଙ୍କ ମୂତ୍ର—The urines of 5 female animals (cow, sheep, buffalo, ass and goat) used as medicine.
Pañcha mūtra

ପଞ୍ଚମୂଳ—ସଂ. ବି—୧ । (ବହୁବ୍ରୀହି; ପଞ୍ଚ+ମୂଳ) ବୈଦ୍ୟଶାସ୍ତ୍ରମତେ ପାଞ୍ଚ ପ୍ରକାର ବିଭିନ୍ନ ଗଛର ମୂଳଦ୍ୱାରା ପ୍ରସ୍ତୁତ ପାଚନବିଶେଷ—1. A decoction made up of 5 roots.
Pañcha mūḷa

୨ । (ସମାହାର ଦ୍ୱିଗୁ) (ବୈଦ୍ୟଶାସ୍ତ୍ର) ପାଞ୍ଚ ଗୋଟି ବିଶିଷ୍ଟ ମୂଳର ସମଷ୍ଟି—2. A collection of 5 kinds of roots for medicinal purposes.

[ଦ୍ର—ଆୟୁର୍ବେଦରେ ୯ ପ୍ରକାର ପଞ୍ଚମୂଳ ବର୍ଣ୍ଣିତ ଅଛି—୧ । ସ୍ୱଳ୍ପ ପଞ୍ଚମୂଳ ବା ଲଘୁ ପଞ୍ଚମୂଳ—ଶାଳପର୍ଣ୍ଣୀ, କୃଷ୍ଣପର୍ଣ୍ଣୀ, ଲଠାବେଁକୋଳି, ଅଙ୍କରାନ୍ତ ଓ ଗୋଖରା ମୂଳ—୨ । ବୃହତ୍ ପଞ୍ଚମୂଳ—ବେଲ, ପାଟେଳି, ଗମ୍ଭାରୀ, ଫଣଫଣା ଓ ଅଗବଥୁ ମୂଳ—୩ । ତୃଣ ପଞ୍ଚମୂଳ—କୁଶ, କାଶ, ଶର, ଆଖୁ ଓ ଶାଳିଧାନ ମୂଳ—୪ । ଘତାବର୍ଯ୍ୟାଦି ପଞ୍ଚମୂଳ—ଛଟୋରୀ, ଭୂଇଁକଖାରୁ, ଜୀବନ୍ତୀ, ଯୀରକାକୋଲୀ ଓ ଜୀବକ ବୃକ୍ଷର ମୂଳ—୫ । ଜୀବକାଦି ପଞ୍ଚମୂଳ—ଜୀବକ, ମେଦା, ମହାମେଦା, ଋଷଭକ ଓ ଜୀବନ୍ତୀମୂଳ—୬ । ବଲାଦି ପଞ୍ଚମୂଳ—ବାଡ଼ି ଅଁଳା, ପୁରୁଣୀ, ଗବ, ମୁଗପର୍ଣ୍ଣୀ ବା ମୁଦ୍ଗପର୍ଣ୍ଣୀ ଓ ମାଷପର୍ଣ୍ଣୀ ମୂଳ ୭ । ଗୋକ୍ଷୁରାଦି ପଞ୍ଚମୂଳ—ଗୋଖୁରା, ଶୋଯ୍ୟାକୁଳ, ମହାକାଳ, ସୋରଷ ଓ କୁଳୁଣ୍ଡାମୂଳ—୮ । ଗୁଡୁଚ୍ୟାଦି ବା ବଲ୍ଲୀ ପଞ୍ଚମୂଳ—ଗୁଳୁଚି, ମେଷଶୃଙ୍ଗୀ, ତେମେଢ଼ାଲରମୂଳ, ଭୂଇଁକଖାରୁ ଓ ହଳଦୀମୂଳ—୯ । କଣ୍ଟକ ପଞ୍ଚମୂଳ—କରଞ୍ଜ, ଗୋଖୁରା, ଶତମୂଳୀ ବ୍ରାହ୍ମଣଙ୍କାଟିଆ ଓ କଣ୍ଟାଲେଉଟିଆ ମୂଳ ।]

ପଞ୍ଚ ମୂଳୀ—ସଂ. ବି—୧ । ପଞ୍ଚମୂଳ ୨ (ଦେଖ)—
Pañcha mūḷī 1. Pañchamūḷa 2 (See)

୨ । ସ୍ୱଳ୍ପ ପଞ୍ଚମୂଳ ବା ଲଘୁ ପଞ୍ଚମୂଳ (ଶାଳପର୍ଣ୍ଣୀ, କୃଷ୍ଣପର୍ଣ୍ଣୀ, ଲଠାବେଁକୋଳି, ଅଙ୍କରାନ୍ତ ଓ ଗୋଖୁରା ମୂଳ—
2. An aggregate or decoction of 5 herbs.

ପଞ୍ଚ ଯଜ୍ଞ—ସଂ. ବି—ପଞ୍ଚ ମହାଯଜ୍ଞ (ଦେଖ)
Pañcha jajña Pañcha mahājajña (See)

ପଞ୍ଚ ଯାମ—ସଂ. ବି. (ବହୁବ୍ରୀହି; ପାଞ୍ଚ+ଯାମ; ଯହିଁରେ ୫ଟି ଯାମ ବା ପ୍ରହର ଅଛି; ରାତିର ପ୍ରଥମ ୪ ଦଣ୍ଡ ଓ ଶେଷ ୪ ଦଣ୍ଡକୁ ଦିନ ମଧ୍ୟରେ ଗଣାଯାଏ)—ଦିନ; ଦିବସ—
Pañcha jāma Day.

ପଞ୍ଚ ରଙ୍ଗ—ଦେ. ବି. (ସଂ. ପଞ୍ଚ ଓ ରଙ୍ଗ)—୧ । ଏକପ୍ରକାର ସତରଞ୍ଜ
Pañcha ranga ଖେଳ—1. A kind of game at chess.
পঞ্চরংগ [ଦ୍ର—ଏଥିରେ ରାଜା କ୍ରମଶଃ ହସ୍ତୀ, ପଦାତି, ଦାବା, ଅଶ୍ୱ
पञ्चरंग ଓ ନୌକା ଏହି ୫ ବଳର ୫ କସ୍ତିରେ ମାତ୍ ହୋଇ-
ଯାଏ ।]
୨ । ରଙ୍ଗରସ; ରହସ୍ୟ; ତାମସା—2. Sports.
୩ । ପାଞ୍ଚପ୍ରକାର ବର୍ଣ୍ଣ—3. Five colours.

ପଞ୍ଚ(ଞ୍ଚୁ)ରଙ୍ଗା(ଙ୍ଗୀ)—ଦେ.ବିଣ. (ସଂ. ପଞ୍ଚ ଓ ରଙ୍ଗ)—ବିବିଧବର୍ଣ୍ଣରଞ୍ଜିତ—
Pañcha(ñchu)rangā(ngī) Multicoloured.
পাঁচরংগী **पंचरंगा** [ପଞ୍ଚ(ଞ୍ଚୁ)ରଙ୍ଗିଆ—ଅନ୍ୟରୂପ]

ପଞ୍ଚ ରତ୍ନ—ସଂ. ବି—୫ ପ୍ରକାର ଉତ୍କୃଷ୍ଟ ମଣି, (ଯଥା—ହୀରା, ନୀଳା, ମୋତି
Pañcha ratna ମାଣିକ ଓ ପୋହଳା)—The five gems (viz. diamond, sapphire, ruby, pearl and coral).

ପଞ୍ଚ ରସା—ସଂ. ବି. (ପଞ୍ଚ+ରସ+ଆ)—ଅଁଳା (ହି. ଶ)—
Pañcha rasā Embellic Myrobalan.

ପଞ୍ଚ ରାତ୍ର—ସଂ. ବି—୧ । ୫ ଦିନ ଓ ୫ ରାତ୍ରି-ବ୍ୟାପୀ ହରିକୀର୍ତ୍ତନ—
Pañcha rātra 1. The chanting of hymns for 5 days and nights continually.
୨ । ପାଞ୍ଚପ୍ରକାର ଜ୍ଞାନ-ଉପଦେଶକ ବେଦାନ୍ତ ଗ୍ରନ୍ଥ—
2. A treatise on Vedānta.
[ଦ୍ର—ଏଥିମଧ୍ୟରେ ନାରଦ, ବ୍ରାହ୍ମ, ଗୌତମ, ବାଶିଷ୍ଠ, ଶୈବ, କୌମାର ଓ କାପିଳ ଏହି ୭ଟି ପଞ୍ଚରାତ୍ର ଗ୍ରନ୍ଥମାନ ପ୍ରସିଦ୍ଧ ।]
୩ । ପାଞ୍ଚ ଦିନ ଓ ପାଞ୍ଚ ରାତ୍ରବ୍ୟାପୀ ସମୟ—
3. A period of 5 successive days and nights.
୪ । ପାଞ୍ଚ ଦିନରେ ସମ୍ପାଦନୀୟ ଯଜ୍ଞବିଶେଷ—
4. A vedic sacrifice performable in 5 days.
ଦେ. ବି—ଦିବାନିଶିବ୍ୟାପୀ କିଛି ସମୟ—
A continuous period of time.
(ଯଥା—ମୁଁ ତ ତାଙ୍କ ସଙ୍ଗେ ପଞ୍ଚରାତ୍ର ଚଳୁଛି, ମୁଁ ତାଙ୍କ ପ୍ରକୃତି ଉତ୍ତମରୂପେ ଜାଣାଇଛି ।)

ପଞ୍ଚ ରାଶିକ—ସଂ.ବି. (ପଞ୍ଚ+ରାଶି+କ)—ଗଣିତରେ ୪ ରାଶି ଦତ୍ତ ଥିଲେ
Pañcha rāsika ଅଜ୍ଞାତ ପଞ୍ଚମ ରାଶି ବାହାର କରିବାର ପ୍ରଣାଳୀ—(mathematics) The method by which an unknown number is found when 4 numbers are given; the mathematical Rule of Five.

ପଞ୍ଚଲ—ସଂ ବି—ଶକରକନ୍ଦ (ଦେଖ)
Pañchala Sakarakanda (See)

ପଞ୍ଚ ଲବଣ—ସଂ. ବି. (ବୈଦ୍ୟକ) (ସମାହାର ଦ୍ୱିଗୁ; ପଞ୍ଚ+ଲବଣ—
Pañcha labana ୫ ପ୍ରକାର ଲୁଣ (ଯଥା—ସୈନ୍ଧବ, ସୌବର୍ଚ୍ଚଳ, ବିଟ, ପଙ୍କା ବା ଔଦ୍ଭିଜ୍ଜ ଓ ସାମୁଦ୍ର—The five salts.

ପଞ୍ଚ ଲୁଣ—ଦେ. ବି—ପଞ୍ଚଲବଣ (ଦେଖ)
Pañcha luna Pañchalabana (See)

ଲୋକପାଳ—ସଂ. ବି. (ଦ୍ୱିଗୁ; ପଞ୍ଚ+ଲୋକପାଳ)—ଗଣେଶ, ଦୁର୍ଗା
Pañcha lokapāla ବାୟୁ, ଆକାଶ ଓ ଅଶ୍ୱିନୀକୁମାରଦ୍ୱୟ—
Five protectors of the creation according to the Hindus.

ପଞ୍ଚ ଲୋହି—ଦେ. ବି. (ସଂ. ପଞ୍ଚଲୌହ)—ପଞ୍ଚଲୌହ (ଦେଖ)
Pañcha lohi Pañchalauha (See)
ଦେ. ବିଣ—ପଞ୍ଚଲୌହ ମିଶାଯାଇ ପ୍ରସ୍ତୁତ (ତେଇଁରିଆ)—
Made of five metals.

ପଞ୍ଚ ଲୌହ—ସଂ. ବି—୧ । ୫ ପ୍ରକାର ଧାତୁ (ଯଥା—ସୁନା, ରୁପା, ତମ୍ବା,
Pañcha lauha ରଙ୍ଗ ଓ ସୀସା)—1. The 5 metals:
(ପଞ୍ଚଲୋହ; ପଞ୍ଚଲୋହକ—ଅନ୍ୟରୂପ) gold, silver, copper, tin and lead.
୨ । ପଞ୍ଚପ୍ରକାର ଲୁହା (ଯଥା—ବଜ୍ରଲୌହ, କାନ୍ତଲୌହ, ପିଣ୍ଡଲୌହ, କ୍ରୌଞ୍ଚଲୌହ ଓ ସାଧାରଣ ଲୌହ)—
2. Five kinds of iron.

ପଞ୍ଚଶବ୍ଦ—ସଂ. ବି—୧ । ମଙ୍ଗଳ କାର୍ଯ୍ୟରେ ବାଦିତ ୫ ପ୍ରକାର ବାଦ୍ୟର
Pañcha sabda ଶବ୍ଦ (ଯଥା—ଢକ୍କା, ଢାଲ, ଝାଂଜ, ନାଗରା ଓ ତୁରୀ)—1. The sounds of 5 musical instruments sounded on festive occasions.
୨ । (ବ୍ୟାକରଣ) ସୂତ୍ର, ବାର୍ତ୍ତିକ, ଭାଷ୍ୟ, କୋଷ ଓ ମହାକବି ପ୍ରୟୋଗ ନାମକ ପାଞ୍ଚପ୍ରକାର ଶବ୍ଦ—2. (grammar) The classification of words into 5 classes.
୩ । ବେଦଧ୍ୱନି, ବନ୍ଦୀଧ୍ୱନି, ଜୟଧ୍ୱନି, ଶଂଖଧ୍ୱନି ଓ ବାଦ୍ୟଧ୍ୱନି—
3. Five kinds of sounds produced by men.

ପଞ୍ଚ ଶର—ସଂ. ବି—ପଞ୍ଚବାଣ (ଦେଖ)
Pañcha sara Pañchabāna (See)

ପଞ୍ଚ ଶସ୍ୟ—ସଂ. ବି—୫ପ୍ରକାର ଶସ୍ୟ (ଯଥା ଧାନ, ବିରି, ଯବ, ରାଶି ବା
Pañcha sasya ଶ୍ୱେତସର୍ଷପ ଓ ମୁଗ)—The 5 grains (viz. paddy, biri, barey, linseed or white mustard and mung.

ପଞ୍ଚ ଶାଖ—ସଂ. ବିଣ (ବହୁବ୍ରୀହି; ପଞ୍ଚ+ଶାଖା)—ପଞ୍ଚଶାଖାବିଶିଷ୍ଟ—
Pañcha sākha Having 5 branches; five-branched.
(ପଞ୍ଚଶାଖା—ସ୍ତ୍ରୀ) ସଂ. ବି—୧ । (୫ଟି ଅଙ୍ଗୁଳି ଥିବାରୁ) କର; ହସ୍ତ—Hand.
୨ । ପାଞ୍ଚଶାଖାଯୁକ୍ତ ମସାଲ (ହି. ଶ.)—
2. A torch with 5 prongs.

ପଞ୍ଚ ଶାଖା—ସଂ. ବି—ପଞ୍ଚଶାଖାଯୁକ୍ତ ମସାଲ (ହି. ଶ.)—
Pañcha sākhā A torch with five prongs.

ପଞ୍ଚ ଶାସନ—ଦେ. ବି—ପଞ୍ଚାଏତ—Pañchayet; a board of
Pañcha sāsana arbitrators.
ଅଡ଼ବାଇ ଅଡ଼ାଇଛ ଭୁଅର ମେଲ
ପଞ୍ଚଶାସନ କଏ ମାନୁଛ । ଫକୀରମୋହନ- ଛମାଣଅଠଗୁଣ୍ଠ ।

ପଞ୍ଚ ଶିଖ—ସଂ. ବିଣ. ପୁଂ. (ବହୁବ୍ରୀହି; ପଞ୍ଚ+ଶିଖ)—ପଞ୍ଚଚୂଡ଼; ଯାହାର
Pañcha sikha ୫ ଗୋଟି ଚୂଡ଼ା ବା ଅଗ୍ରଭାଗ ଅଛି—
Having five tufts.
ସଂ. ବି-୧ । ସିଂହ—1. Lion.

୨ । ଧର୍ମଙ୍କ ଔରସରେ ହଂସାର ଗର୍ଭସଂଭୂତ ମୁନିବିଶେଷ—
2. Name of a sage.
୩ । ଶିଂଘା ବାଜା (ହ୍ଵ. ଶ.)—3. Horn blown as a musical instrument.
୪ । ମହର୍ଷି କପିଳଙ୍କ ପୁତ୍ର ଓ ସାଂଖ୍ୟଦର୍ଶନର ଜଣେ ପ୍ରଧାନ ଆଚାର୍ଯ୍ୟ (ହ୍ଵ. ଶ.)—4. Name of a son of sage Kapila and a great philosopher.

ପଞ୍ଚ ଶିଖୀ—ସଂ. ବିଣ (ପଞ୍ଚନ୍+ଶିଖା+ଇନ୍)—ପଞ୍ଚଶିଖ—
Pancha sikhi — Having five tufts.

ପଞ୍ଚଶୀର୍ଷ—ସଂ. ବିଣ (ବହୁବ୍ରୀହି; ପଞ୍ଚ+ଶୀର୍ଷ)—ପାଞ୍ଚ ମୁଣ୍ଡିଆ—
Pancha sirsha — Five headed.
ସଂ. ବି—ମହାଦେବ—Siba.

ପଞ୍ଚ ଷଠି—ଦେ. ବି ଓ ବିଣ (ସଂଖ୍ୟାବାଚକ)—ପଞ୍ଚଷଷ୍ଠି (ଦେଖ)
Pancha shathi — Pancha shashti (See)
पचँषठी पैंसठ (ପଅଁଷଠି—ଅନ୍ୟରୂପ)
(ପଞ୍ଚଷଠାଶଏ(ହେ)=ଏକଶତ ପଞ୍ଚଷଠି=One hundred and sixty five.

ପଞ୍ଚଷଷ୍ଟ—ସଂ.ବିଣ (ପଞ୍ଚଷଷ୍ଠି+ପୂରଣାର୍ଥେ. ଅ)—ପଞ୍ଚଷଷ୍ଠି ସଂଖ୍ୟାର ପୂରକ—
Pancha shashta — Sixty fifth.

ପଞ୍ଚଷଷ୍ଠି—ସଂ. ବି. ଓ ବିଣ (ସଂଖ୍ୟାବାଚକ; ପଞ୍ଚ ଅଧିକ ଷଷ୍ଠି)—ପଅଁଷଠି;
Pancha sha°' — ଷାଠିଏରୁ ୫ ଅଧିକ—Sixty five.

ପଞ୍ଚ ସୁରୀ—ଦେ. ବି ଓ ବିଣ—(ସଂଖ୍ୟାବାଚକ ପଞ୍ଚସପ୍ତତି) ପଞ୍ଚସ୍ତରୀ (ଦେଖ)
Panchasturi — Panchastari (See)

ପଞ୍ଚସପ୍ତତ—ସଂ. ବିଣ. (ପଞ୍ଚସପ୍ତତି+ପୂରଣାର୍ଥେ. ଅ)—ପଞ୍ଚସପ୍ତତି ସ୍ଥାନୀୟ
Pancha saptata — Seventy fifth.

ପଞ୍ଚସପ୍ତତି—ସଂ. ବି. ଓ ବିଣ.—(ସଂଖ୍ୟାବାଚକ; ପଞ୍ଚ ଅଧିକ ସପ୍ତତି)—
Pancha saptati — ପଞ୍ଚସ୍ତରୀ; ସତୁରି ଅପେକ୍ଷା ପାଞ୍ଚ ଅଧିକ ସଂଖ୍ୟା ୭୫—Seventy five; 75.

ପଞ୍ଚସିଦ୍ଧାନ୍ତିକା—ସଂ. ବି.—ଶକ ୫ମ ଶତାବ୍ଦୀର ମଧ୍ୟଭାଗରେ ବରାହ-
Pancha siddhantika — ମିହିର ବ୍ରାହ୍ମ, ବାଶିଷ୍ଠ, 'ରୋମକ, ପୌଲିଶ ଓ ସୌର ଏହି ପୁରାତନ ପଞ୍ଚସିଦ୍ଧାନ୍ତ ଅବଲମ୍ବନରେ ଯେଉଁ ଜ୍ୟୋତିଷ-କରଣ ଗ୍ରନ୍ଥ ରଚନା କରିଥିଲେ—
The title of a Sanskrit astronomical treatise compiled by Barahamihira and based on the conclusions of five ancient Indian and foreign astronomical systems in the 5th century of Saka era.

ପଞ୍ଚ ସୁଗନ୍ଧକ—ସଂ. ବି. (ଦ୍ଵିଗୁ; ପଞ୍ଚ+ସୁଗନ୍ଧକ) ପାଞ୍ଚ ଗୋଟି ସୁଗନ୍ଧଦ୍ରବ୍ୟ
Pancha sugandhika — (ଯଥା—କର୍ପୂର, କଙ୍କୋଲ ବା ଶୀତଳ
ପଞ୍ଚସୁଗନ୍ଧକ—ଅନ୍ୟରୂପ) ଚିନି, ଲବଙ୍ଗ, ଗୁଆ ଓ ଜାଇଫଳ; ମତାନ୍ତରରେ ଲବଙ୍ଗ, ଶୀତଳ ଚିନି, ଅଗରୁ ଚନ୍ଦନ, ଜାଇଫଳ ଓ କର୍ପୂର)—Five scented things.

ପଞ୍ଚ ସୂନା—ସଂ. ବି. (ଗୃହସ୍ଥର କର୍ତ୍ତବ୍ୟ କର୍ତ୍ତବ୍ୟ ଗୃହକାର୍ଯ୍ୟ କରିବା
Pancha suna — ଉପଲକ୍ଷରେ ପାଞ୍ଚଟି ଦ୍ରବ୍ୟ ବ୍ୟବହାର କରିବା-
ବେଳେ (ଅର୍ଥାତ୍ ୧. ଚୂଲ୍ଲୀ ଜାଳିବା, ୨. ଚକି ପେଷିବା ବା ବାଟିବା, ୩. ଘର ଓଳାଇବା, ୪. ଢିଙ୍କି କୁଟିବା ଓ ୫. ପାଣି ମାଠିଆ ବ୍ୟବହାର କରିବାରେ) ଗୃହସ୍ଥ ଅଜ୍ଞାତରୂପେ ଯେଉଁ ଜୀବହିଂସା କରେ (ପଞ୍ଚ ମହାଯଜ୍ଞ ତଳେ ନୋଟ ଦେଖ)—
The unintentional injury to animals which a person commits daily while performing his domestic dutes (viz. 1. lighting the oven 2. grinding & pestling, 3. sweeping the floors 4. husking corn etc. 5. Using the water jar)
[ଦ୍ର—ଏ ପଞ୍ଚସୂନାଜନିତ ପାପରୁ ମୁକ୍ତ ହେବା ପାଇଁ ପଞ୍ଚ ମହାଯଜ୍ଞ କରାଯାଏ ।]

ପଞ୍ଚସ୍ତରୀ—ଦେ. ବି ଓ ବିଣ (ସଂଖ୍ୟାବାଚକ; ସଂ ପଞ୍ଚସପ୍ତତି; ପ୍ରା. ପଞ୍ଚହତ୍ତରି
Panchastari — ୭୫; ସତୁରିରୁ ୫ ଅଧିକ—75; seventy five.
पचहत्तर पचहत्तर
(ପଞ୍ଚ ସତୁରି, ପଞ୍ଚସ୍ତୁରି, ପଞ୍ଚସ୍ତୋରି—ଅନ୍ୟରୂପ)

ପଞ୍ଚ ସ୍ନେହ—ସଂ. ବି—ପାଞ୍ଚପ୍ରକାର ଚିକ୍କଣଦ୍ରବ୍ୟ (ଯଥା—ଘିଅ, ତେଲ,
Pancha sneha — ଚର୍ବି, ମଜ୍ଜା ଓ ମହଣ)—Five kinds of oily things (viz. ghee, oil, fat, marrow and wax.

ପଞ୍ଚ ସ୍ଵର—ସଂ. ବିଣ (ବହୁବ୍ରୀହି; ପଞ୍ଚ+ସ୍ଵର+ଅ)—ପଞ୍ଚସ୍ଵରଯୁକ୍ତ
Panch swara — (ରାଗିଣୀ)—(a melody) With 5 tunes.
ସଂ. ବି—ଫଳିତ ଜ୍ୟୋତିଷ ଗ୍ରନ୍ଥବିଶେଷ—Name of a work on astrology.

ସ୍ଵରୋଦୟ—ସଂ. ବି—ଅ, ଇ, ଉ, ଏ, ଓ ଏହି ୫ଟି ସ୍ଵରଘଟିତ
Pancha swarodaya — ଗଣନାପଦ୍ଧତିନିର୍ଣ୍ଣାୟକ ଜ୍ୟୋତିଷ ଗ୍ରନ୍ଥବିଶେଷ—Name of a treatise on astrology.

ପଞ୍ଚସ୍ଵେଦ—ସଂ. ବି—ହିନ୍ଦୁବୈଦ୍ୟଶାସ୍ତ୍ର ମତରେ ପାଞ୍ଚ ପ୍ରକାରର ସେକ
Panchasweda — (ଯଥା—ଲୋଷ୍ଟ୍ରସ୍ଵେଦ, ବାଲୁକା ସ୍ଵେଦ, ବାଷ୍ପ ସ୍ଵେଦ, 'ଘଟସ୍ଵେଦ ଓ ଜ୍ଵାଳାସ୍ଵେଦ)—Five kinds of heating operations prescribed in the Hindu medical treatises.

ପଞ୍ଚ ହତା—ଦେ. ବିଣ (ସଂ. ପଞ୍ଚହସ୍ତ)—୧ । ପାଞ୍ଚହାତ ଉଚ୍ଚ—
Pancha hata — 1. Five cubits high.
पाँचहात लम्बा ୨ । ଖୁବ୍ ଲମ୍ବ; ଅତି ଡେଙ୍ଗା—2. Very tall.
पचहत्था ପାଞ୍ଚହତା ମର୍ଦ୍ଦ. ଗାଲ ଓଠ ଗଡରେ ଲାଗିଯାଉଛି—ଫକୀରମୋହନ. ଗଲ୍ପସ୍ଵଳ୍ପ ।

ପଞ୍ଚା—ଦେ. ବିଣ (ସଂ. ପଞ୍ଚନ୍)—'ପାଞ୍ଚ' ସଂଖ୍ୟା ଦ୍ଵାରା ଗୁଣିତ—
Pancha — Multiplied by 5.
पाँचे पाँचे ତିନି ପଞ୍ଚା ପନ୍ଦରଗୋଟି—ପଣକିଆ ।

ପଞ୍ଜା — ଦେ. ବି—୧ । ପାଞ୍ଚଟିପ ଯୁକ୍ତ ତାସ୍—
पंजा 1. A card with 5 points.
୨ । ପଶାଖେଳରେ ୫ ସଙ୍କେତ ସାର—2. A throw of dice resulting in 5 points.
विचार ୩ । ବିଚାର; ପାଞ୍ଚ—
बजार 3. Consultation; adjudication.

କଥରେ ଚଳଣ ରୂଅର ସଞ୍ଚା, ବଢଶିଲ ସୂଷ୍ମ ପଇସ୍ତେ ପଞ୍ଚା—
ଭକ୍ତ, କୈବେଲ୍ଯକୋଶ ।

চান্দা ୪ । ଗ୍ରାମର ପାଞ୍ଚଜଣ ବା ସମସ୍ତଙ୍କଠାରୁ ସାଧାରଣ କାର୍ଯ୍ୟ
चंदा ନିମନ୍ତେ ଆଦାୟ କରାଯିବା ଭେଦା; ଚାନ୍ଦା—
4 Subscription raised from villagers for a common purpose.

বাহিরের কুঠরী ୫ । ଘରର ଚାଳକୁ ବଢ଼ାଇ ପିଣ୍ଡାରେ କରାଯାଇଥିବା
पौली କୋଠରୀ—5. A room made in the veranda by elongating the thatch; out room.

दुबधा ୬ । ସନ୍ଦେହ—6. Doubt.
ଏହି ସଭାରୁ ବାହାରେ ବସା ସଞ୍ଚା
କରିଅ ତାଙ୍କ ପାଇଁ ନ କର କିଛି ପଞ୍ଚା—କୃଷ୍ଣସିଂହ ମହାଭାରତ. ଉଦ୍ଯୋଗ

ପଞ୍ଚାଅଶି—ଦେ. ବି. ଓ ବିଣ (ସଂଖ୍ୟାବାଚକ; ସଂ. ପଞ୍ଚାଶୀତି; ପ୍ରା. ପଞ୍ଚାସାଇ; Pañchaasi ପଚାଶି)—୮୫, ଅଶୀରୁ ୫ ଅଧିକ—Eighty
পচাঁশী **पचासी** (ପଞ୍ଚାଶି—ଅନ୍ୟରୂପ) five; 85.
(ଯଥା—ପଞ୍ଚାଅଶିଅଶିଏ(ଦେ) = ଏକପଦ ପଞ୍ଚାଅଶି = ୮୫)

ପଞ୍ଚା(ଞ୍ଚେ)ଇବା—ଦେ. କ୍ରି—୧ । (ପଞ୍ଚିବାର ଣିଜନ୍ତରୂପ) ଦୋଳରେ
Pañcha(ñche)ibā ବସାଇ ହଲାଇବା—
দোলান **हिलाना** 1. To rock as in a cradle.
(ପଥଞ୍ଚା(ଞ୍ଚେ)ଇବା—ଅନ୍ୟରୂପ) ୨ । ଜାଲବୁଣା ସୂତାକୁ ବଳିବା—
2. To prepare threads for nets by rolling.
୩ । ଜାଲବୁଣା ସୂତାକୁ ବଳିବା ପାଇଁ ଟାକୁଡ଼ିକୁ ଘୁରାଇବା—
3. To roll a spindle in order to prepare threads for nets.
୪ । ପାଞ୍ଚିବାର ଣିଜନ୍ତରୂପ—
4. To cause to think or infer.

ପଞ୍ଚାଏତ—ଦେ. ବି. (ସଂ. ପଞ୍ଚାୟତନ = ପାଞ୍ଚ ଦେବତାଙ୍କ ସମୂହ)—
Pañchaeta ୧ । କୌଣସି ବିବାଦ ଆପୋସରେ ତୁଟାଇବା ପାଇଁ
পঞ্চায়ত ଏକାଧିକ (ସାଧାରଣତଃ ୫ ବା ଅଯୁଗ୍ମସଂଖ୍ୟକ) ବ୍ୟକ୍ତିଙ୍କ
पञ्चायत ଦଳ—1. A board of arbitrators.
[ଦ୍ର—ପୂର୍ବକାଳରେ ଭାରତର ଗ୍ରାମପ୍ରାଚୀର ମଧ୍ୟରେ ୫ ଜାତି (ସଂ. ପଞ୍ଚଜାତି) (ଯଥା—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଓ ଶଙ୍କର) ବାସ କରୁଥିଲେ । ଏ ୫ ଜାତି ମଧ୍ୟରୁ ପ୍ରତିନିଧିରୂପେ ନିର୍ବାଚିତ ୫ ଜଣଙ୍କଦ୍ୱାରା ଗଠିତ ସଭାକୁ ପଞ୍ଚାଏତ ବୋଲାଯାଉଥିଲା । ସେହି ସଭା ଗ୍ରାମର ବିଷୟ ବୁଝାସୁଝା କରୁଥିଲେ । ସେହି ପ୍ରଥାରୁ ସାଧାରଣ ବିବାଦ ମୀମାଂସା ପାଇଁ ଉପଯୁକ୍ତ ନିର୍ବାଚିତ ଏକାଧିକ ବ୍ୟକ୍ତିଙ୍କ କମିଟିକୁ ପଞ୍ଚାଏତ ବୋଲାଯାଏ । Havell's Indian allegory in art].
୨ । କୌଣସି ବିଷୟର ବିଚାର ନିମନ୍ତେ ନିର୍ବାଚିତ ଏକାଧିକ ଭଲଲୋକଙ୍କ ବୈଠକ—
2. Panchayet; a meeting of arbitrators.
୩ । ଏ ଶବ୍ଦର ଅବଶିଷ୍ଟ ଅର୍ଥ ପାଇଁ ପଞ୍ଚ ଶବ୍ଦର ଅନ୍ୟ ଅର୍ଥମାନ ଦେଖ—3. For the other meanings see under the word Pañcha

ପଞ୍ଚାଏତଦାର—ଦେ. ବି. (ପଞ୍ଚାଏତ୍ + ଫା. ପ୍ରତ୍ୟୟ ଦାର)—ପଞ୍ଚାଏତର
Pañchaetadār ସଭ୍ୟ—Members of a Pañchayata.
পঞ্চাএত **पञ्चायतदार**

ପଞ୍ଚାଏତ ନାମା—ଦେ. ବି. (ପଞ୍ଚାଏତ୍ + ଫା. ନାମାହ୍)—ଯେଉଁ
Pañchaeta nāma ଦଲିଲଦ୍ୱାରା ପକ୍ଷମାନେ କୌଣସି ବିବାଦ ନିଷ୍ପତ୍ତି
পঞ্চাএত নামা କରିବା ପଞ୍ଚାଏତ ମୁକରର କରନ୍ତି—A deed
पञ्चायतनामा appointing a board of arbitrators.

ପଞ୍ଚାଏତ(ତି) ଫଇସଲା—ଦେ. ବି—୧ । ପଞ୍ଚାଏତଙ୍କ ମୀମାଂସା—
Pañchaeta(ti) phaisalā 1. Adjudication by
পঞ্চাএত ফয়সলা **पञ्चायती फैसला** arbitrators.
୨ । ପଞ୍ଚାୟତମାନଙ୍କ ରାୟ—
2. Arbitrator's award or judgment.

ପଞ୍ଚାଏତି—ଦେ. ବି—୧ । ପଞ୍ଚାଏତଙ୍କ ବୈଠକ—
Pañchaeti 1. A meeting of arbitrators.
পঞ্চায়তি ୨ । ଭଲଲୋକଙ୍କଦ୍ୱାରା ବିବାଦ ମୀମାଂସା—
पञ्चायती 1. Arbitration.
ଦେ. ବିଣ—ପଞ୍ଚାୟତ ସମ୍ବନ୍ଧୀୟ—
Pertaining to a Pañchayet.

ପଞ୍ଚାକ୍ଷର—ସଂ. ବିଣ (ବହୁବ୍ରୀହି; ପଞ୍ଚ + ଅକ୍ଷର)—ପାଞ୍ଚଟି ଅକ୍ଷରଯୁକ୍ତ
Pañchākshara (ମନ୍ତ୍ର)—(a mantra) Consisting
(ପଞ୍ଚାକ୍ଷରୀ—ସ୍ତ୍ରୀ) of 5 letters.
[ଦ୍ର—ଶିବ ପଞ୍ଚାକ୍ଷର ମନ୍ତ୍ରଃ—ନମଃ ଶିବାୟ; ବିଷ୍ଣୁ ପଞ୍ଚାକ୍ଷର—ବିଷ୍ଣବେ ନମଃ ।]
ସଂ. ବି—୧ । ପଞ୍ଚ ଅକ୍ଷରବିଶିଷ୍ଟ ପ୍ରତିଷ୍ଠା ନାମକ ବୃତ୍ତ (ହ୍ର.ଶ.)—
1. Name of a Sanscrit metrie.
୨ । ଶିବ ପଞ୍ଚାକ୍ଷର ମନ୍ତ୍ରଃ; ନମଃ ଶିବାୟ—
2. A formula of Siba coosisting of 5 letters.

ପଞ୍ଚାଗ୍ନି—ସଂ. ବି—୧ । (ଦ୍ୱିଗୁ; ପଞ୍ଚ + ଅଗ୍ନି) ବେଦୋକ୍ତ ୫ ଗୋଟି
Pañchāgni ଯଜ୍ଞାଗ୍ନି—1. The five sacrificial fires.
[ଦ୍ର—ଅନ୍ୱାହାର୍ଯ୍ୟ, ପଚନ ବା ଗାର୍ହପତ୍ୟ, ଆହବନୀୟ, ସଭ୍ୟ ଓ ଅବସଥ୍ୟ ଏହି ପାଞ୍ଚଗୋଟି ଅଗ୍ନି ।]
୨ । ତପସ୍ୱୀମାନଙ୍କର ଚାରି ଦିଗରେ ଜଳୁଥିବା ଚାରିଗୋଟି ଅଗ୍ନି ଓ ଉପରେ ସୂର୍ଯ୍ୟ ଏପରି ପାଞ୍ଚଗୋଟି ଉତ୍ତାପଦାୟକ ତେଜ—
2 The four fires lighted on the 4 sides of a devotee and the blazing sun overhead.
୩ । (ବହୁବ୍ରୀହି) ତପସ୍ୱୀବିଶେଷ; ଗୁରୁପାଖରେ ଚାରି ଗଦା କରି ଜାଳ ଉପରେ ସୂର୍ଯ୍ୟଙ୍କୁ ଚାହିଁ ଯେଉଁ ତପସ୍ୱୀ ତପଃ ସାଧନ କରନ୍ତି—3. A devotee performing austerities with 4 fires around and with the sun overhead.

ପଞ୍ଚାଙ୍ଗ—ସଂ. ବିଣ. ପୁଂ. (ବହୁବ୍ରୀହି; ପଞ୍ଚ + ଅଙ୍ଗ)—
Pañchānga ୧ । ପଞ୍ଚ ଅବୟବବିଶିଷ୍ଟ—
1 Having 5 limbs or parts.
୨ । ବାହୁଦ୍ୱୟ, ଜାନୁଦ୍ୱୟ, ମସ୍ତକ, ବକ୍ଷସ୍ଥଳ ଓ ଚକ୍ଷୁଦ୍ୱାରା ସାଧନୀୟ (ପ୍ରଣାମ)—2. (obeisance) Done with the 5 parts of the body.

ସଂ. ବ—୧ । ରାଜ୍ୟ ରକ୍ଷାର ୫ଟି ଉପାୟ—1. The five expendients for maintaining a kingdom; the 5 terms of political expedients.
[ଦ୍ର—ସହାୟ, ସାଧନୋପାୟ, ଦେଶକାଳ ଭେଦ, ବିପତ୍ର ପ୍ରତିକାର ଓ ସିଦ୍ଧି ଏହି ପାଞ୍ଚ ଗୋଟି ରାଜ୍ୟ ରକ୍ଷାର ଉପାୟ ବା ପଞ୍ଚାଙ୍ଗ; ମତାନ୍ତରରେ ସହାୟ, ସାଧନ ଉପାୟ, ଦେଶକାଳ ଭେଦ, ବିପତ୍ ପ୍ରତିକାର ପଞ୍ଚାଙ୍ଗ ଅଟେ ।]
୨ । କଚ୍ଛପ—2. Tortoise.
୩ । ଘୋଡ଼ା—3. Horse
୪ । ଜପ, ତପ (ବା ହୋମ), ତର୍ପଣ, ଅଭିଷେକ ଓ ବ୍ରାହ୍ମଣ ଭୋଜନ ଏହି ପାଞ୍ଚ ଗୋଟି ତାନ୍ତ୍ରିକ କର୍ମ—4. The fivefold duties of a devotee according to the Tantric rites.
୫ । (ବୈଦ୍ୟକ) ଗଛର ମୂଳ, ଛାଲ, ପତ୍ର, ଫୁଲ ଓ ଫଳ—
5. The five parts of a tree.
୬ । ମନୁଷ୍ୟର ପାଞ୍ଚଟି ଅଙ୍ଗ—6. The 5 limbs of man.
[ଦ୍ର—ବାହୁ, ଜାନୁ, ମସ୍ତକ, ବକ୍ଷସ୍ଥଳ ଓ ଚକ୍ଷୁ, ମନୁଷ୍ୟର ଏହି ପାଞ୍ଚ ଗୋଟି ଅଙ୍ଗ ପ୍ରଣାମ କରିବା ସମୟରେ ଭୂମିରେ ଲଗା ହୁଅନ୍ତି ।]
୭ । (ଜ୍ୟୋତିଷ) ତିଥି, ବାର, ନକ୍ଷତ୍ର, ଯୋଗ ଓ କରଣ—
7. (astrology) The five ascertainable data of a particular time.
୮ । ଦୁଇ ହାତ, ଦୁଇ ଆଣ୍ଠୁ ଓ ମୁଣ୍ଡକୁ ଭୂମିରେ ଲଗାଇ କରାଯିବା ପ୍ରଣାମ (ହି. ଶ.)—8. Obeisance done by touching the ground with one's two hands, two knees and the head.
୯ । ପଞ୍ଚକଲ୍ୟାଣ ଘୋଡ଼ା (ହି. ଶ.)—9. A horse whose 4 legs and head are white.
୧୦ । ନ୍ୟାୟ ଶାସ୍ତ୍ରର ୫ଟି ଅଙ୍ଗ (ପ୍ରତିଜ୍ଞା, ହେତୁବାଦ, ଉଦାହରଣ ଉପନୟ ଓ ନିଗମନ)—10 (Logic) The 5 component processes of arriving at a logical conclusion; the 5 members of a syllogism.

ପଞ୍ଚାଙ୍ଗ ପ୍ରଣାମ—ସଂ. ବ. (ମ ପ. ଲୋ; ପଞ୍ଚାଙ୍ଗ ଯୁକ୍ତ ପ୍ରଣାମ)—
Pañchānga pranāma ୧ । ବାହୁ, ଜାନୁ, ମସ୍ତକ, ବକ୍ଷସ୍ଥଳ ଓ ଚକ୍ଷୁ ଦ୍ୱାରା ପ୍ରଣତି—1. Obeisance with the 5 limbs of the body.
୨ । ଦୁଇ ହାତ, ଦୁଇ ଆଣ୍ଠୁ ଓ ମୁଣ୍ଡକୁ ଭୂମିରେ ଲଗାଇ କରାଯିବା ପ୍ରଣାମ—2. The obeisance done by touching the ground with one's two hands, two knees and the brow.

ପଞ୍ଚାଙ୍ଗ ଯୋଗ—ସଂ. ବ. (ଜ୍ୟୋତିଷ)—ବାର, ତିଥି, ନକ୍ଷତ୍ର, ଯୋଗ ଓ
Pañchānga joga କରଣ ଏହି ପାଞ୍ଚ ଗୋଟିର ଅନୁକୂଳ ଅବସ୍ଥା—Auspicious time as regards the 5 items required by astrology.

ପଞ୍ଚାଙ୍ଗ ଶୁଦ୍ଧି—ସଂ. ବ. (୬ଷ୍ଠୀ ତତ୍; ପଞ୍ଚାଙ୍ଗ+ଶୁଦ୍ଧି)—
Pañchānga suddhi ନ୍ୟାସବିଶେଷ; ପୂଜା ସମୟରେ ହୃଦୟ, ଶିରଃ, ଶିଖା, ବାହୁମୂଳ ଓ ନେତ୍ର ଏହି ୫ ଗୋଟି ଅଙ୍ଗକୁ ମନ୍ତ୍ର ଦ୍ୱାରା ଶୋଧନ କରିବା ପ୍ରକ୍ରିୟା—The ritual of consecrating the 5 limbs of the worshipper.

ପଞ୍ଚାଙ୍ଗୀ—ସଂ. ବ—ହାତୀର ଅଣ୍ଟାରେ ବନ୍ଧାଯିବା ରଜ୍ଜୁବିଶେଷ—
Pañchāngi A rope for tying an elephant on the waist.

ପଞ୍ଚାଙ୍ଗୁଳ—ସଂ. ବ. (ଦ୍ୱିଗୁ; ପଞ୍ଚ+ଅଙ୍ଗୁଳ)—୧ । ପଞ୍ଚ ଅଙ୍ଗୁଳ ପରିମିତ
Pañchāngula ଦୈର୍ଘ୍ୟ—1 A length of five digits.
୨ । (ବହୁବ୍ରୀହି) ଗଛ ଗଛ; ଏରଣ୍ଡ ବୃକ୍ଷ—
2. The castor seed plant.
[ଦ୍ର—ଏହାର ପତ୍ରର ଆକୃତି ୫ଟି ଅଙ୍ଗୁଳ ପରି ।]
୩ । ତେଜପତ୍ର (ହି. ଶ.)—3. Cassia leaves.

ପଞ୍ଚାଣ—ଦେ. ବ. (ସଂ. ପଞ୍ଚାନନ)—
Pañchāṇa ୧ । ସିଂହ—1. Lion.
୨ । ପାଞ୍ଚ; ବିଚାର—2 Adjudication; consideration.
୩ । ଆଲୋଚନା—3. Consultation; review.
୪ । ପଞ୍ଚାଣ ଉରା (ଦେଖ)—4. Pañchāṇa, urā (See)
୫ । ଯେଉଁ ତାଲୁଡ଼ ଦ୍ୱାରା ଜାଲ ବୁଣା ସୂତା ବଳାଯାଏ—
5 A spindle to spin thread for fishing nets.
ଦେ. ବଣ—ଶ୍ରେଷ୍ଠ; ଉତ୍କୃଷ୍ଟ—Excellent.

ପଞ୍ଚାଣ ଉରା—ଦେ. ବ—ପାଞ୍ଚ ଶ୍ରେଣିଆ ଚାଳଘରର ଉପରର ଶେଷ ଉରା—
Pañchāṇa urā The topmost cross-beam of a thatched house.

ପଞ୍ଚାତପା—ସଂ. ବ. (ବହୁବ୍ରୀହି; ପଞ୍ଚ+ଆତପ+ଆ)—
Pañchātapā ଯୋଗୀର ଆସନର ୧ ହସ୍ତ ପରିମିତ ଦୂରରେ ୪ ଦିଗରେ ୪ ଗଦା ନିଆଁ ଓ ଊର୍ଦ୍ଧ୍ୱରେ ସୂର୍ଯ୍ୟ, ଏପରି ୫ଟି ଆତପ ଯୁକ୍ତ ସ୍ଥାନରେ ତପସ୍ୟା—Austerity undergone in the midst of 4 fires around and with the blazing sun overhead.

ପଞ୍ଚାତ୍ମକ—ସଂ. ବଣ. (ପଞ୍ଚ+ଆତ୍ମନ୍+କ)—
Pañchātmaka ୧ । ପଞ୍ଚଭୂତ ସମ୍ବନ୍ଧୀୟ—1. Pertaining to
(ପଞ୍ଚାତ୍ମିକା—ସ୍ତ୍ରୀ) the five primary elements of the creation.
୨ । ସାଂସାରିକ—2. Material; mundane.
୩ । ପାଞ୍ଚ ସଂଖ୍ୟକ—3. Consisting of five.

ପଞ୍ଚାନ—ଦେ. (ପ୍ରାଚୀନ ପଦ୍ୟ) ବ ଓ ବଣ—ପଞ୍ଚାବନ (ଦେଖ)
Pañchāna Pañchābana (See)

ପଞ୍ଚାନ ସୁଣ ଯେ ସୁଜନ ସମସ୍ତ ବିଦ୍ଧି ନିଶେତନ ।
ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

ପଞ୍ଚାନନ—ସଂ. ବଣ. (ବହୁବ୍ରୀହି; ପଞ୍ଚ+ଆନନ)—ପଞ୍ଚମୁଖବିଶିଷ୍ଟ—
Pañchānana Five-faced.
(ପଞ୍ଚାସ୍ୟ—ଅନ୍ୟରୂପ) ସଂ. ବ.—୧ । ମହାଦେବ; ଶିବ—Siba.
୨ । ସିଂହ—2. Lion.

[ଦ୍ର—ହିନ୍ଦି ପଞ୍ଚାନନ ବୋଲିବାର ବ୍ୟୁତ୍ପତ୍ତି କେହି କେହି 'ପଞ୍ଚ ଅର୍ଥାତ୍ ବିସ୍ତୃତ ଆନନ ଯାହାର' ଏପରି କରନ୍ତି; କେହି କେହି ସିଂହର ଏକମୁଖ ଓ ଶ୍ୱେତ ପଞ୍ଚା ତାହାର ମୁଖର କାର୍ଯ୍ୟ କରେ-ବୋଲି କହନ୍ତି—(ହି. ଶ.) ।]

୩ । ସଙ୍ଗୀତରେ ସ୍ୱରସାଧନର ଏକ ପ୍ରଣାଳୀ—3. A kind of exercise of the scales of music.

[ଦ୍ର—ଆରୋହୀ ପଞ୍ଚାନନ ଯଥା;—ସାରେଗମପ, ରେଗମପଧ, ଗମପଧନ, ମପଧନସା

ଅବରୋହୀ ପଞ୍ଚାନନ ଯଥା;—ସାନଧପମ, ନଧପମଗ, ଧପମଗରେ, ପମଗରେସା—ହି. ଶବ୍ଦସାଗର ।]

ପଞ୍ଚାନନ ମେଳା ପ୍ରାଦେ.(ଯାଜପୁର)ବି.— ପାଞ୍ଚଅଣାର ବା ପାଞ୍ଚ ପଇସାର **Pañchānana melā** ୫ଟି ଜିନିଷ (ଯଥା—ଗଞ୍ଜେଇ,ପାଚିଲାକଦଳୀ, ପାନ, ଗୁଆ ଓ ତେଲ) ମହାଦେବଙ୍କୁ ଭୋଗ କରିବା ଉତ୍ସବବିଶେଷ — A festival of offering 5 articles (ganja, ripe plantain, betel, areca nut and oil) each worth five pice or five annas to God Śiba.

[ଦ୍ର—କଟକ ଜିଲ୍ଲାର କେତେକ ସ୍ଥାନରେ କିନାଥ ମେଳା ହେବା ପର ଏ ମେଳାରେ ତେଲ ତକ ପାପରେ ଜଳା ଯାଏ, ସମବେତ ଭକ୍ତମାନେ ଗଞ୍ଜେଇକୁ ଧୂଆଁ ଖାଆନ୍ତି ଓ ଶେଷରେ କଦଳୀ, ପାନ ଓ ଗୁଆ ଖାଆନ୍ତି ଓ ଏ ମେଳା ବିଷୟକ ରଚିତ ଗୀତ ବୋଲନ୍ତି ।]

ପଞ୍ଚାନନୀ—ସଂ. ବି. ସ୍ତ୍ରୀ (ପଞ୍ଚାନନ+ସ୍ତ୍ରୀ. ଈ)—ପାର୍ବତୀ; ଦୁର୍ଗା— **Pañchānanī** Goddess Durgā.

ପଞ୍ଚାନବେ—ଦେ.ବି. ଓ ବିଣ. (ସଂ. ପଞ୍ଚନବତି, ପ୍ରା.ପଞ୍ଚନଉଇ)—୯୫— **Pañchānabe** पँचानब्बे पंचानबे 95.

(ପଞ୍ଚାନୋଇ; ପଞ୍ଚାଣୋଇ, ପଞ୍ଚାଁନୋଇ, ପଞ୍ଚାଲବେ, ପଞ୍ଚାନବେ—ଅନ୍ୟରୂପ)

ପଞ୍ଚାପଞ୍ଚି—ଦେ. ବି.—୧ । ଅନ୍ୟୋନ୍ୟରେ ବଳ କଷାକଷି ହୋଇ ଯୁଦ୍ଧ **Pañchāpañchi** କରିବା—1. Hand to hand fight; duel. বল কসাকসি; পাঞ্জাপাঞ্জি

(ପାଞ୍ଚାପାଞ୍ଚ—ଅନ୍ୟରୂପ) ୨ । ଅନ୍ୟୋନ୍ୟରେ ବିଚାର—2. Consultation; taking counsel of each other.

ପଞ୍ଚାପ୍ସରଃ—ସଂ. ବି. (ପଞ୍ଚ+ଅପ୍ସରସ୍; ୧ମା. ୧ବ.)—୧ । ଦଣ୍ଡକାରଣ୍ୟସ୍ଥ **Pañchāpsaraḥ** ସରୋବରବିଶେଷ—1. Name of a tank in the forest of Daṇḍakā.

[ଦ୍ର—ମନ୍ଦକର୍ଣ୍ଣି ଋଷି ଏହି ସରୋବର ଖନନ କରାଇଥିଲେ—(ଆପ୍ଟେ) । କେହି କେହି ଏହାକୁ ପମ୍ପା ସରୋବର ବୋଲି କହନ୍ତି । ଏହା ଦାକ୍ଷିଣାତ୍ୟରେ ଅବସ୍ଥିତ । ଏଠାରେ ଶାତକର୍ଣ୍ଣି ବା ମନ୍ଦକର୍ଣ୍ଣି ନାମକ ଋଷି ତପସ୍ୟା କରୁଥିଲେ, ତାଙ୍କ ତପସ୍ୟାର କଠୋରତାରେ ଭୀତ ହୋଇ ତାଙ୍କ ତପୋଭଙ୍ଗ କରିବା ପାଇଁ ଇନ୍ଦ୍ର ପାଞ୍ଚୋଟି ଅପ୍ସରାଙ୍କୁ ପଠାଇ ଥିଲେ;(ହି. ଶ.) । ଏହି ସରୋବରର ଜଳ ଉପରେ ଶାତକର୍ଣ୍ଣି ଋଷି ଉକ୍ତ ୫ ଗୋଟି ଅପ୍ସରାଙ୍କ ପାଇଁ ଗୋଟିଏ ଗୁପ୍ତ ଘର ନିର୍ମାଣ କରି ଥିଲେ (M. W) । ଏହି ହ୍ରଦ ଗର୍ଭରୁ ସର୍ବଦା ଅପ୍ସରାମାନଙ୍କ ଗୀତବାଦ୍ୟ ଧ୍ୱନି ଶୁଣା ଯାଏ ବୋଲି ପ୍ରବାଦ ଅଛି । ମଧୁସୂଦନ ତାଙ୍କ କବିତାବଳୀର 'ଅଯୋଧ୍ୟା ପ୍ରତ୍ୟାଗମନ'ରେ ଏହି ଧ୍ୱନିକୁ ଲକ୍ଷ କରି ଲେଖି ଅଛନ୍ତି—

ପଞ୍ଚାପ୍ସର ସରେ ସ୍ୱର୍ଗ ରମଣୀ;
ବୀଣାଧ୍ୱନି ଶୁଣି ଏଣୀ ନଯିଛି ।]

୨ । ପଞ୍ଚତୀର୍ଥ (ଯଥା—ଦକ୍ଷିଣସାଗର ସନ୍ନିହିତ ଅଗସ୍ତ୍ୟ ତୀର୍ଥ, ସୌଭଦ୍ର ତୀର୍ଥ, ପୌଲୋମ, କାରନ୍ଧମ ଓ ଭାରଦ୍ୱାଜ ତୀର୍ଥ; ୫ ଟି ଅପ୍ସରା ଏହିଠାରେ ବାସ କରୁଥିବାରୁ); ବାରିତୀର୍ଥ—2. Name of asacred place in South India.

ପଞ୍ଚାବଟ—ସଂ. ବି.—ଯଜ୍ଞୋପବୀତ—The sacrificial cord worn **Pañchābaṭa** across the shoulder (Apte)

ପଞ୍ଚାବନ—ଦେ. ବି. ଓ ବିଣ. (ସଂ. ପଞ୍ଚ ପଞ୍ଚାଶତ୍; ପ୍ରା. ପଞ୍ଚପଣ୍ଣ)—୫୫; **Pañchābana** ପଚାଶରୁ ୫ ଅଧିକ—Fifty five; 55. पँचान्न पचपन

ପଞ୍ଚାବୟବ—ସଂ. ବି.—ପଞ୍ଚାଙ୍ଗ ୧୦ (ଦେଖ) **Pañchābayaba** Pañchāṅga 10 (See)

ପଞ୍ଚାମରା—ସଂ. ବି. (ପଞ୍ଚ=୫+ଅମରା=ଦୀର୍ଘଜୀବୀ ଗଛ)—ପାଞ୍ଚ ଗୋଟି **Pañchāmarā** ଦୀର୍ଘଜୀବୀ ବୃକ୍ଷ [ଯଥା—ଦୁବ୍ବା, ବିଜୟା (ଗଞ୍ଜେଇ) ବେଲ, ଜୟନ୍ତୀ (ବେଙ୍ଗୁନିଆ) ଓ କଳା ତୁଳସୀ]—Five long-lived plants and trees.

ପଞ୍ଚାମୃତ—ସଂ. ବି. (ଦ୍ୱିଗୁ; ପଞ୍ଚ+ଅମୃତ)—୧ । ଦହି, ଦୁଧ, ଘିଅ, ମହୁ **Pañchāmṛuta** ଓ ଗୁଡ଼ ମିଶ୍ରିତ ପାନୀୟବିଶେଷ—1. A drink prepared by mixing together milk, curd, honey, ghee and molasses.

[ଦ୍ର—ଏଥିରେ ଦେବତାମାନଙ୍କୁ ସ୍ନାନ ଓ ପ୍ରତିଷ୍ଠା କରାଯାଏ । ଏହା ମଧ୍ୟ ଗର୍ଭବତୀମାନଙ୍କୁ ଗର୍ଭ ଶୋଧନାର୍ଥ ସେବନ କରିବାକୁ ଦିଆଯାଏ ।]

୨ । (ବୈଦ୍ୟକ) ଗୁଳୁଚି, ଗୋଖରୁ, ତାଳମୂଳୀ, ଗୋରଖମୁଣ୍ଡୀ ଓ ଶତାବରୀ; ଗୁଣକର ୫ ଦ୍ରବ୍ୟ—2. Five particular herbs prescribed in the Hindu medical books.

ପଞ୍ଚାମୃତ ଯୂଷ—ସଂ. ବି. (ବୈଦ୍ୟକ) (ପଞ୍ଚାମୃତ+ଯୂଷ)—କୋଳଥ, ମୁଗ, **Pañchāmṛuta jūsha** ବିରି, ହରଡ଼ ଓ ବରଗୁଡ଼ିକୁ ସିଝାଇ ପ୍ରସ୍ତୁତ କରାଯିବା କ୍ୱାଥବିଶେଷ—A decoction made by boiling together 5 kinds of particular pulse.

ପଞ୍ଚାମ୍ନାୟ—ସଂ. ବି. (ପଞ୍ଚ+ଆମ୍ନାୟ=ବେଦ)—ଶିବଙ୍କ ପଞ୍ଚମୁଖରୁ ଜାତ **Pañchāmnāya** ତନ୍ତ୍ର ଶାସ୍ତ୍ର—The Tantras.

ପଞ୍ଚାମ୍ର—ସଂ. ବି. (ଦ୍ୱିଗୁ; ପଞ୍ଚ+ଆମ୍ର)—୧ । ଅଶ୍ୱତ୍ଥ, ଜାମୁ, ଚମ୍ପକ, **Pañchāmra** ବଉଳ ଓ ନାରକେଳ ଏହି ୫ଟି ଗଛ—1. Five particular trees.

୨ । ୧ ଅଶ୍ୱତ୍ଥ, ୧ ଜାମୁ, ୨ ଚମ୍ପା, ୩ ନାଗେଶ୍ୱର, ୭ ତାଳ ଓ ୯ ନଡ଼ିଆ, ଏହିପରି ଏକତ୍ର ଲାଗିଥିବା ୨୩ ଗଛ (ଜ୍ଞାନେନ୍ଦ୍ର ଓ ପ୍ରକୃତିବାଦ)—2. Five kinds of trees planted together and 23 in number.

ପଞ୍ଚାମ୍ଳ—ସଂ. ବ (ଦ୍ୱିଗୁ; ପଞ୍ଚ + ଅମ୍ଳ)—ପାଞ୍ଚଗୋଟି ଖଟା ଜିନିଷ—
Pañchāmḻa Five acid vegetables.
[ଦ୍ର—ବରକୋଳି, ଡାଳିମ୍ବ, ତେନ୍ତୁଳି, ଖଟାପାଲଙ୍ଗ ଓ ଚାଙ୍ଗେରି ଏମାନେ ପଞ୍ଚାମ୍ଳ; ମତାନ୍ତରରେ ଅମ୍ଳ ବେତସ, ଚାଙ୍ଗେରି, ଜମ୍ବୀରଲେମ୍ବୁ କାଗଜୀ ଓ ତେନ୍ତୁଳି ପଞ୍ଚାମ୍ଳ ଅଟେ - ହି. ଶ]

ପଞ୍ଚାୟତ (ଇତ୍ୟାଦି)—ଦେ. ବ. ପଞ୍ଚାଏତ ଇତ୍ୟାଦି (ଦେଖ)
Pañchāyata (etc) Pañchāeta etc (See)

ପଞ୍ଚାୟତନ—ସଂ., ବ.—କୌଣସି ଦେବତାଙ୍କ ୫ଟି ମୂର୍ତ୍ତିର ସମାହାର—
Pañchāyatana A collection of five idols or
(ଯଥା—ଶିବ ପଞ୍ଚାୟତନ) images of a Deity.

ପଞ୍ଚାୟତି (ଇତ୍ୟାଦି)—ଦେ. ବ ଓ ବିଣ—ପଞ୍ଚାଏତି ଇତ୍ୟାଦି (ଦେଖ)
Pañchāyati (etc) Pañchāeti etc (See).

ପଞ୍ଚାରି—ସଂ. ବ—ପଶା ପାଲି—
Pañchāri Chess-board (Apte).

ପଞ୍ଚାଳ—ସଂ. ବ (ପଞ୍ଚ୍ ଧାତୁ=ବିସ୍ତାର କରିବା + ସଂଜ୍ଞାର୍ଥରେ ଆଳ; କମ୍ବା
Pañchāḻa ପଞ୍ଚ+ଅଳ)—୧ । ଗଙ୍ଗାର ଉତ୍ତର ଓ ଦକ୍ଷିଣରେ
(ପଞ୍ଚାଳକ—ଅନ୍ୟରୂପ) ଅବସ୍ଥିତ ପ୍ରାଚୀନ ଦେଶବିଶେଷ; ଦ୍ରୁପଦ ରାଜ୍ୟ—1. Name of an ancient kingdom on both sides of the Ganges.
[ଦ୍ର—ବର୍ତ୍ତମାନ ହେମାଳୟଠାରୁ ବୁନ୍ଦେଲଖଣ୍ଡ; ସିନ୍ଧିଆ ଇତ୍ୟାଦି ଏ ଦେଶର ଅନ୍ତର୍ଗତ । ସରସ୍ୱତୀ ଓ ଦୃଷଦ୍ୱତୀ ନଦୀ ଦ୍ୱୟର ମଧ୍ୟବର୍ତ୍ତୀ ଦେଶର ନାମ ବ୍ରହ୍ମାବର୍ତ୍ତ; କୁରୁକ୍ଷେତ୍ର, ମତ୍ସ୍ୟ, ପଞ୍ଚାଳ ଓ ଶୂରସେନକ ଦେଶର ନାମ ବ୍ରହ୍ମର୍ଷି ଦେଶ । ଏମାନ ବ୍ରହ୍ମାବର୍ତ୍ତର ସମୀପସ୍ଥ ଦେଶ । ଏତଦ୍‌ଦେଶପ୍ରସୂତ ବ୍ରାହ୍ମଣମାନଙ୍କଠାରୁ ପୃଥିବୀର ସମସ୍ତ ଲୋକମାନେ ସ୍ୱ ସ୍ୱ ଚରିତ୍ର ଶିକ୍ଷା କରିବେ । ମନୁସଂହିତା ୨ । ୧୮—୨୦ । ରାଜା ହର୍ଯ୍ୟକ୍ଷ ଅଯୋଧ୍ୟାର ପଶ୍ଚିମ ଦେଶର ରାଜ୍ୟ ଅଧିକାର କଲେ ଏବଂ କହିଲେ ଯେ ମୋର ପଞ୍ଚ ପୁତ୍ର (ମୁଦ୍ଗଳ, ସୃଂଜୟ, ବୃହଦିଷୁ, ପ୍ରବୀର ଓ କାଂପିଲ୍ୟ) ମୋ ରାଜ୍ୟ ରକ୍ଷା ପାଇଁ ଅଳଂ (ଯଥେଷ୍ଟ) ଅଟନ୍ତି । ଏହି ଉପାଖ୍ୟାନରୁ (ପଞ୍ଚ+ଅଳଂ) ପଞ୍ଚାଳ ଶବ୍ଦର ଉତ୍ପତ୍ତି ହୋଇ ଥିବାର ପଣ୍ଡିତମାନେ କହନ୍ତି । ମହାଭାରତରେ ହିମାଳୟଠାରୁ ଚର୍ମଣ୍ୱତୀ ବା ଚମ୍ବଲ ନଦୀପର୍ଯ୍ୟନ୍ତ ବିସ୍ତୃତ ଗଙ୍ଗାର ଉଭୟ ପାର୍ଶ୍ୱସ୍ଥ ଦେଶକୁ ପଞ୍ଚାଳ ଦେଶ ବୋଲି ଯାଇଅଛି । ଦ୍ରୁପଦ ପଞ୍ଚାଳର ରାଜା ଥିବାରୁ ତାଙ୍କ କନ୍ୟା ଦ୍ରୌପଦୀଙ୍କୁ ପାଞ୍ଚାଳୀ ବୋଲାଯାଏ ।]
୨ । ପଞ୍ଚାଳଦେଶବାସୀ ବ୍ୟକ୍ତି—
2 An inhabitant of Pañchāḻa.
୩ । ପଞ୍ଚାଳ ଦେଶର ରାଜା—3. A king of Pañchāḻa.
୪ । ମହାଦେବ; ଶିବ (ହି. ଶ)—4. Siba.
୫ । ବଢ଼େଇ ଓ କମାର କାମ କରୁଥିବା ଦକ୍ଷିଣ ଦେଶର ଏକ ଜାତି (ହି. ଶ)—5. Name of a caste of men of S. India who work as carpenters & smiths.
୬ । ଋଷିବିଶେଷ—6. Name of a sage.
୭ । ବିଷଧର କୀଟବିଶେଷ (ହି: ଶ)—
7. A particular venomous insect (M. W).
୮ । ରାଗ ବା ଛନ୍ଦବିଶେଷ—
8. Name of a metre (M. W)
୯ । ନାଗ ରାକ୍ଷସବିଶେଷ—
9. Name of a serpent demon.
ସଂ. ବିଣ—୧ । ପଞ୍ଚାଳ ଦେଶୀୟ—
1. Pertaining to the Pañchāḻa country.
୨ । ପଞ୍ଚାଳ ଦେଶବାସୀ—
2. Residing in the Pañchāḻa country.

ପଞ୍ଚାଳି—ଦେ. କ୍ରି—୧ । ବିଷମ ସମସ୍ୟା; ଦୋଫାଇ—
Pañchāḻi 1. Dilemma.
हेयाँली ଶୁଣି ତେବେ ଗୋପବାଳୀ, ବୋଲନ୍ତି ତନ୍ତ୍ରୀଙ୍କୁ ପଞ୍ଚାଳି—
भंवरजाल, पहेली ଜଗନ୍ନାଥ, ଭଗବତ ।
୨ । ପ୍ରହେଳିକା; ପହଳି—2. Riddle.

ପଞ୍ଚାଳିକା—ସଂ. ବ (ପଞ୍ଚାଳ + ଇକ + ସ୍ତ୍ରୀ. ଆ) ୧ । ପିତୁଳା; ପୁତୁଳି—
Pañchāḻikā 1 A doll
(ପଞ୍ଚାଳୀ—ଅନ୍ୟରୂପ) ୨ । ପଶାର ଛକ—2. The corner posts of a dice board.
୩ । ଗୀତବିଶେଷ—3. A popular song.

ପଞ୍ଚାଳିବା—ଦେ. କ୍ରି—ଦୁଇ ହାତରେ ମକ୍ଷିବା ବା ମଳିବା; ମଞ୍ଚାଳିବା;
Pañchāḻiba ଚକଟିବା—To work or press a thing
कचलाना with both palms into a mass; to knead.
गुँधना, सानना

ପଞ୍ଚାଳିଶ(ଶି)—ଦେ. ବ ଓ ବିଣ (ସଂ. ପଞ୍ଚ ଚତ୍ୱାରିଂଶ ପ୍ରା. ପଞ୍ଚଚତ୍ତାଳିଶ)
Pañchāḻisa(si) ୪୫; ଚାଳିଶରୁ ଅଧିକ—Fortyfive; 45.
[ପଅଁ(ଇଁ)ଚାଳିଶ(ଶି), ପେଁଞ୍ଚାଳିଶ(ଶି), ପେଁଚାଳିଶ(ଶି)—ଅନ୍ୟରୂପ]
पचँतालिश् पैंतालिस

ପଞ୍ଚାଳୀ—ସଂ. ବ (ପଞ୍ଚାଳ + ଈ)—୧ । ପିତୁଳା; କଣ୍ଢେଇ—1. Doll.
Pañchāḻi ଯେବେ ପଞ୍ଚାଳୀ ଯେତେ ତାହିଁ କ—ବହୁଧର୍ମ, କେଶୋକଳ୍ପ ୪ ଗୀତ ।
୨ । ଦ୍ରୌପଦୀ—2. A name of Draupadi.
୩ । ପଶାଖେଳର ପାଲି—3. Diceboard; mat on which the dice is played.
୪ । ଏକପ୍ରକାର ଗୀତ; ପାଞ୍ଚାଳୀ—
4. A kind of popular song or poem.

ପଞ୍ଚାଶ—ଦେ. ବ ଓ ବିଣ (ସଂଖ୍ୟାବାଚକ; ସଂ. ପଞ୍ଚାଶତ୍—ପଚାଶ (ଦେଖ)
Pañchāsa (ପଞ୍ଚାଶୀ—ସ୍ତ୍ରୀ) Pachāsa (See)
ସଂ. ବିଣ—(ପଞ୍ଚାଶତ୍+ପୂରଣାର୍ଥେ. ଅ)—ପଚାଶ ସ୍ଥାନୀୟ—
Fiftyfifth.
(ପଞ୍ଚାଶିତ—ଅନ୍ୟରୂପ) [ଦ୍ର—ହିନ୍ଦୀ ଶବ୍ଦସାଗରରେ 'ପଞ୍ଚାସ' ଶବ୍ଦର ଏହି ଅର୍ଥ ଲେଖା ଯାଇଅଛି, ଚାକ୍ଷୁ ବର୍ଣ୍ଣକ୍ରମରେ ଏହା 'ପଞ୍ଚାଶତ୍' ଶବ୍ଦର ପୂର୍ବେ ସ୍ଥାନ ପାଇଥିବାରୁ 'ପଞ୍ଚାଶ' ସ୍ଥଳରେ 'ପଞ୍ଚାସ' ମୁଦ୍ରାକର ପ୍ରମାଦରୁ ଘଟିଅଛି । ମନିଅର୍ ଉଇଲିୟମ୍ସଙ୍କ ଶବ୍ଦକୋଷରେ 'ପଞ୍ଚାଶ' ଶବ୍ଦର ଏହି ଅର୍ଥ ଅଛି ।]

ପଞ୍ଚାଶକ—ସଂ. ବ. (ପଞ୍ଚାଶତ୍ + କ)—
Pañchāsaka ପଚାଶ ସଂଖ୍ୟକ ବସ୍ତୁର ସମାହାର—
(ପଞ୍ଚାଶିକା—ସ୍ତ୍ରୀ) A collection or aggregate of fifty.

ପଞ୍ଚାଶତ୍ — ସ. ବି ଓ ବିଣ. (ପଞ୍ଚ ଗୁଣିତ ଦଶତ୍; ପଞ୍ଚନ୍ + ଦଶତ୍; ଭୂଲ.
Pañchāśat ତ୍ରିଂଶତ୍, ଚତ୍ୱାରିଂଶତ୍ ଇତ୍ୟାଦି —ପଚାଶ—
Fifty; 50.

ପଞ୍ଚାଶୀତି—ଦେ. ବି ଓ ବିଣ (ପଞ୍ଚ + ଅଶୀତି) – ପଞ୍ଚାଅଶୀ; ୮୫—
Pañchāśiti Eighty five; 85.
(ପଞ୍ଚାଶି, ପଞ୍ଚା ଅଶି—ଦେଶଜ ରୂପ)

ପଞ୍ଚାସ୍ୟ—ସ. ବି ଓ ବିଣ. (ବହୁବ୍ରୀହି, ପଞ୍ଚ + ଆସ୍ୟ = ମୁଖ) —
Pañchāsya ୧ । ପଞ୍ଚାନନ (ଦେଖ) —
1. Pañchānana (See)
୨ । ପାଞ୍ଚଟି ମୁନଥିବା (ଶର) — 2. Five-pointed (arrow).

ପଞ୍ଚାସ୍ର – ସ. ବି. (ବହୁବ୍ରୀହି; ପଞ୍ଚ + ଅସ୍ର = କୋଣ) —
Pañchāsra ପଞ୍ଚଭୁଜ କ୍ଷେତ୍ର—Pentagon.
ସ. ବିଣ—ପଞ୍ଚଭୁଜସମ୍ବନ୍ଧୀୟ; ପଞ୍ଚଭୁଜାକୃତି; ପାଞ୍ଚ କୋଣିଆ—
Five cornered; pentagonal.

ପଞ୍ଚାହ – ସ. ବି. (ପଞ୍ଚ + ଅହନ୍)—୧ । ପାଞ୍ଚ ଦିନ ସମୟ—
Pañchāha 1. A period of 5 days. (M.W.)
୨ । ପାଞ୍ଚ ଦିନରେ ସମ୍ପାଦନୀୟ ଯଜ୍ଞବିଶେଷ (ହି. ଶ.)—
2. A vedic sacrifice performable in 5 days.
ସ. ବିଣ – ପାଞ୍ଚ ଦିନ ସମୟ ବ୍ୟାପୀ—
Lasting five days (M. W.).

ପଞ୍ଚାହିକ—ସ. ବିଣ. (ପଞ୍ଚାହ + ଇକ)—
Pañchāhika ପାଞ୍ଚ ଗୋଟି ପର୍ବ ବା ଉତ୍ସବ ଦିନ ସହିତରେ ଥାଏ—
Containing 5 feast days or festivals. (M W)

ପଞ୍ଚି ତନମାତ୍ର—ଗ୍ରା. (ପଦ୍ୟ) ବି—ପଞ୍ଚତନ୍ମାତ୍ର (ଦେଖ)
Pañchi tanamātra Pañchatanmātra (See)
ମହତ୍ତ୍ୱ ଅହଂକାର ଜାତ, ତା ତହୁଁ ପଞ୍ଚି ତନମାତ୍ର ।
ପ୍ରାଚୀ. ପୁଣ୍ଡ୍ରିନ ଚନ୍ଦ୍ରୋଦୟ ।

ପଞ୍ଚୀ—ସ. ବିଣ. (ପଞ୍ଚନ୍ + ଇନ୍)—ପଞ୍ଚ ପରିମାଣ ଯୁକ୍ତ—
Pañchi Measuring 5; pertaining to 5.

ପଞ୍ଚୀକରଣ—ସ. ବି. (ପଞ୍ଚ + ଅଭୂତ ତଦ୍ଭାବେ ଚ୍ଚି + କରଣ)—
Pañchikaraṇa ବେଦାନ୍ତ ମତରେ ପଞ୍ଚଭୂତର ବିଭାଗବିଶେଷ—
(ପଞ୍ଚୀକୃତ—ବିଣ) (in Bedānta philosophy) The combination of the 5 primary elements of nature in certain definite proportions.

ପଞ୍ଚୁ—ଦେ. ବି. (ସ. ପଞ୍ଚ)—
Pañchu ୧ । ପଞ୍ଚାଏତ—1. Panchayet.
ପଞ୍ଚାଏତ ୨ । '୫' ସଂଖ୍ୟା—2. The number '5'.
पञ्चायत ୩ । ବୈଷ୍ଣବମାନଙ୍କର ଏକତ୍ର ପଙ୍କ୍ତି—
3. The dining together of Baishnabas.
୪ । ୫ ଜଣ ଭଲଲୋକ —4. Five arbitrators.
୫ । (ଆଦରାର୍ଥକ) (ସ. ପଞ୍ଚାନନ) ଲୋକଙ୍କ ନାମ -
5. Name given to males.
(ପଞ୍ଚୁଆ- ଅନାଦରାର୍ଥକ) [ଦ୍ର- ଅପତ୍ୟିଆଣୀ ବାଳକମାନଙ୍କୁ ଛକିଦିଆ, (ପଞ୍ଚୀ, ପଞ୍ଚେଇ ସ୍ତ୍ରୀ) ନବଜାତ ନାମ ଦିଆଯିବା ପରେ ପାଞ୍ଚକଉଡ଼ି ବା ପଞ୍ଚୁ ନାମ ଦିଆଯାଏ । ବାଳକାଙ୍କୁ ପଞ୍ଚୀ, ପଞ୍ଚେଇ ନାମ ଦିଆଯାଏ ।]
ଗ୍ରା. ବିଣ—ପାଞ୍ଚ ସଂଖ୍ୟକ—Numbering five.
ସେ ସ୍ଥାନେ ପଞ୍ଚୁ ତୀର୍ଥ ଦିଶେ ପଞ୍ଚୁଅ ପାତକ ବିନାଶେ ।
ଯଶୋବନ୍ତ- ପ୍ରେମଭକ୍ତିବ୍ରହ୍ମଗୀତ ।
(ପଞ୍ଚୁଆ—ଅନ୍ୟରୂପ)

ପଞ୍ଚୁଆତ—ଗ୍ରା. ବି. (ସ. ପଞ୍ଚ ଜାତି)—ପଞ୍ଚାଏତ—
Pañchuāta Panchayet.
...ଅଲ ପଞ୍ଚୁଆତଙ୍କ ଆଗରେ ଧୂଳ ପକାଇବାର ବାଟ ନାହିଁ ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

ପଞ୍ଚୁଆତି—ଦେ ବି. (ସ. ପଞ୍ଚମ ଓ ରାତ୍ରି)—
Pañchuāti ୧ । ନବଜାତ ଶିଶୁର ଜନ୍ମର ୫ମ ଦିବସ—
1. The 5th day of an infant's birth.
୨ । ପଞ୍ଚମ ରାତ୍ରି କୃତ୍ୟ ଜାତକର୍ମବିଶେଷ; ଶିଶୁର ଜନ୍ମର ୫ମ ଦିବସରେ ପ୍ରତିବେଶୀ ଓ ବାଳକ ବାଳିକାମାନଙ୍କୁ ଖଇଲିଆ ଆଦି ବାଣ୍ଟିବା ଉତ୍ସବବିଶେଷ—2. A ceremony performed on the 5th day of a child's birth when fried rice is distributed.
ପଞ୍ଚୁଆତ ଷଠୀ ସବୁ ଉତ୍ସବ ଗଲା, ଏକବିଂଶ ଦିବସ ପ୍ରବେଶ ହୋଇଲା ।
ଜଗନ୍ନାଥ, ଚତୁରବିନୋଦ ।
୩ । ଶିଶୁର ଜନ୍ମର ୫ମ ଦିବସରେ ବଣ୍ଟାଯିବା ଭର୍ଜିତ ପଞ୍ଚ ଶସ୍ୟ ମିଶ୍ରିତ ଭୋଗ—3. An offering of 5 kinds of fried grain distributed on the 5th day of a child's birth.
ଦ୍ରବ୍ୟ ଅଛ ପଞ୍ଚୁଆତ ପଞ୍ଚୁଆତ ସେ । ଭକ୍ତ, ବୈଦେହୀଶବିଳାସ ।
୪ । ପଶା ଖେଳରେ ୫ ସଂଖ୍ୟକ ଦାନ –4. The turning up of the dice resulting in 5 points.

ପଞ୍ଚୁଆତି ଚାଉଳ—ଦେ. ବି—୧ । ଶିଶୁ ଜନ୍ମର ୫ମ ଦିବସରେ ବଣ୍ଟାଯିବା
Pañchuāti chāuḷa ମୁଢ଼ି ଆଦି—1. Fried rice distributed on the 5th day of a child's birth.
୨ । ପଞ୍ଚୁଆତି ୩ (ଦେଖ)—2. Pañchuāti 3 (See)

ପଞ୍ଚୁଆ ଫତୁରି—ପ୍ରାଦେ. (ପୁରୀ) ବି—ଇଂରାଜ ସରକାରଙ୍କ ବିପକ୍ଷରେ
Pañchuā phaturi ୧୮୧୮ ସାଲରେ ଘଟିଥିବା ଖୋର୍ଦ୍ଧା ବାଣପୁରର ପାଇକ ବିଦ୍ରୋହ—The name of the rising of the Pāikas of Khurda (in Puri district) in the year 1818.
[ଦ୍ର—'ପଞ୍ଚୁ' ନାମକ ଜଣେ ବ୍ୟକ୍ତି ଏହାର ନେତା ଥିବାରୁ ଏହାର ଏପରି ନାମ ହୋଇଅଛି ।]

ପଞ୍ଚୁଆଳ—ଗ୍ରା. ବି. ଓ ବିଣ. (ସଂ. ପଞ୍ଚ)—ପାଞ୍ଚ; ୫—
Pañchuāḷa Five; 5.
ପଞ୍ଚୁଆଳ ବର୍ଷ ସେଠାରେ ଗଲା ସବୁ । କୃଷ୍ଣସିଂହ, ମହାଭାରତ, ବନ ।

ପଞ୍ଚୁକ—ଦେ. ବି. (ସଂ. ପଞ୍ଚକ)—ପଞ୍ଚକ (ଦେଖ)
Pañchuka Pañchaka (See)
पंचक पञ्चक

ପଞ୍ଚୁ କୁ(କୋ)ଳ—ଦେ. ବି. (ସଂ. ପଞ୍ଚକୋଲ)—ପଞ୍ଚକୋଲ (ଦେଖ)
Pañchu ku(ko)ḷa Pañchakoḷa (See)

ପଞ୍ଚୁକୋଶ(ଶୀ)— ଗ୍ରା. ବଣ. (ସଂ. ପଞ୍ଚକ୍ରୋଶୀ)—ପଞ୍ଚକୋଶୀ (ଦେଖ)
Pañchukośa (śi) Pañchakośi (See)
পাঞ্চকুশী ପଞ୍ଚକୋଶ ପୁଣ୍ୟକ୍ଷେତ୍ର ସିଦ୍ଧର ଭଟେ,
पचकोशी ତାଙ୍କୁ ରୂପେ ଦକେ ଚଣ୍ଡୀ ଦେବଙ୍କ ଶ୍ରେଷ୍ଠ । ପ୍ରାଚୀ: ଗଣେସେଣ ।

ପଞ୍ଚୁଗବ୍ୟ—ଗ୍ରା. ବ. (ସଂ. ପଞ୍ଚଗବ୍ୟ)—ପଞ୍ଚଗବ୍ୟ (ଦେଖ)
Pañchugabya Pañchagabya (See)

ପଞ୍ଚୁଗୋବର—ଗ୍ରା. ବ. (ସଂ. ପଞ୍ଚଗବ୍ୟ)—ପଞ୍ଚଗବ୍ୟ (ଦେଖ)
Pañchu gobari Pañchagabya (See)
(ପଞ୍ଚୁଗୁବୁର, ପଞ୍ଚୁଗୋବୁର—ଅନ୍ୟରୂପ) পঞ্চগব্ব **पञ्चगव्य**

ପଞ୍ଚୁଗ୍ରାସୀ—ଗ୍ରା. ବ. (ସଂ. ପଞ୍ଚଗ୍ରାସୀ) –୧ । ବିବାହ ଦିନ ବରକନ୍ୟାଙ୍କର
Pañchugrāsi ବିବାହ ବେଦିରୁ ଉଠିଗଲା ପରେ ଏକତ୍ରରେ ୫
পঞ্চগ্রাসী ଗୁଣ୍ଡା ଭୋଜନ କରିବା—1. The taking of 5 handfuls of food by the married couple just after the marriage rites.
୨ । ବ୍ରାହ୍ମଣମାନେ ଚଳୁ କରି ସାରିବା ପରେ ଭୋଜନ କରିବା ପୂର୍ବରୁ ପଞ୍ଚ ପ୍ରାଣବାୟୁଙ୍କ ଉଦ୍ଦେଶ୍ୟରେ ଯେଉଁ ପ୍ରଥମ ୫ ଗୁଣ୍ଡା ଅନ୍ନ ଖାଆନ୍ତି—2. The first five morsels of rice taken by a Brāhmaṇa before beginning his meal.
୩ । ବ୍ରତଘର ଦିନ ଯଜ୍ଞୋପବୀତ ଗ୍ରହଣ ପରେ ନୂଆ ବ୍ରାହ୍ମଣ ଯେଉଁ ୫ ଗୁଣ୍ଡା ଅନ୍ନ ଖାଏ—3. The first five morsels of rice taken by the newly initiated Brahmaṇa just after his initiation.

ପଞ୍ଚୁତୀର୍ଥ—ଗ୍ରା. ବ. (ସଂ. ପଞ୍ଚତୀର୍ଥ)—ପଞ୍ଚତୀର୍ଥ (ଦେଖ)
Pañchutirtha Pañchatirtha (See)

ପଞ୍ଚୁଦୋଳ—ଦେ. ବ.—ଦୋଳପୂର୍ଣ୍ଣିମା ପରେ ପ୍ରତିପଦାଠାରୁ ୫ ଦିନ ଭିନ୍ନ
Pañchu doḷa ଭିନ୍ନ ସ୍ଥାନରେ ରାଧାକୃଷ୍ଣ ବିଗ୍ରହମାନଙ୍କର ମିଳନ—
পঞ্চদোল Exhibitions of the images of Rādhā and Krushṇa during the five days after Dolapūrṇnimā.

ପଞ୍ଚୁନରିଆ—ଦେ. ବଣ. (ସଂ. ପଞ୍ଚନ୍+ସଂ. ଲତିକା)—ପାଞ୍ଚନର; ପାଞ୍ଚ-
Pañchu naria ସରିଆ; ପାଞ୍ଚ ସୂତ୍ରବିଶିଷ୍ଟ—Five stringed (necklace).
পাঁচনরী **पचलड़ी**
ପଞ୍ଚୁନର, ପଞ୍ଚୁସର, ପଞ୍ଚୁସରିଆ } ଅନ୍ୟରୂପ •ଦେ. ବ.—ପାଞ୍ଚସରିଆ ହାର—Five stringed necklace.

ପଞ୍ଚୁପରାଣ—ଗ୍ରା. ବ. (ସଂ. ପଞ୍ଚପ୍ରାଣ)—ପଞ୍ଚପ୍ରାଣ (ଦେଖ)
Pañchu parāṇa Pañcha prāṇa (See)
ତୁହି ମୋ ଭବେ ଭୂଷଣ, ତୁହି ମୋ ପଞ୍ଚୁପରାଣ । ପ୍ରାଚୀ, ରସବାରିଧ ।

ପଞ୍ଚୁପଲବ—ଗ୍ରା. ବ. (ସଂ. ପଞ୍ଚପଲ୍ଲବ)—ପଞ୍ଚପଲ୍ଲବ (ଦେଖ)
Pañchu palaba Pañcha pallaba (See)
পঞ্চপল্লব

ପଞ୍ଚୁପାଣ୍ଡବ(ବେ)—ଗ୍ରା. ବ. (ସଂ. ପଞ୍ଚପାଣ୍ଡବ)—୧ । ପଞ୍ଚପାଣ୍ଡବ (ଦେଖ)
Pañchu pāṇḍaba(be) 1. Pañcha pāṇḍaba (See)
পঞ্চপাণ্ডব ୨ । (ପ୍ରହେଳିକା) ୫ ଫର୍ଦ୍ଦାବିଶିଷ୍ଟ ଓଉ ଫଳ—2. (a riddle) Dillenia Speciosa (a sour fruit with 5 petals).

ତ-ଧର କହେ ଜଳଧରକୁ ଚକ୍ରଧର କାଁ ମଲେ
ସ୍ୱର୍ଗକୁ ଚଢ଼ିଲେ ପଞ୍ଚୁପାଣ୍ଡବ ମାର ବନ୍ଧବ ସ ଗଲେ । ପ୍ରହେଳିକା ।

ପଞ୍ଚୁପାତ୍ରୀ—ଗ୍ରା. ବ. (ସଂ. ପଞ୍ଚପାତ୍ର)—ପଞ୍ଚପାତ୍ର (୨) (ଦେଖ)
Pañchu pātri Pañchapātra (2) (See)

ପଞ୍ଚୁବଟୀ—ଗ୍ରା. ବ. (ସଂ. ପଞ୍ଚବଟୀ)—ପଞ୍ଚବଟୀ (ଦେଖ)
Pañchubaṭi Pañchabaṭi (See)

ପଞ୍ଚୁବର୍ଣ୍ଣୀ(ର୍ଣ୍ଣୀ)—ଗ୍ରା. ବଣ. (ସଂ. ପଞ୍ଚବର୍ଣ୍ଣ)—୫ ବର୍ଣ୍ଣର (କଳା, ଧଳା,
Pañchubaṇi (ṇṇi) ନେଳ, ରଙ୍ଗ ଓ ହଳଦିଆ) (ମୁରୁଜ)—
পঞ্চগুঁড়ি **पचरंग** (powder) Of 5 colours.
(ପଞ୍ଚୁବର୍ଣ୍ଣୀ; ପଞ୍ଚବର୍ଣ୍ଣୀ—ଅନ୍ୟରୂପ) ଗ୍ରା. ବ.—ପାଞ୍ଚପ୍ରକାର ଭିନ୍ନ ଭିନ୍ନ ବର୍ଣ୍ଣର ମୁରୁଜ—Powder of five different colours.

ପଞ୍ଚୁବାଣ—ଗ୍ରା. ବ. (ସଂ. ପଞ୍ଚବାଣ)—ପଞ୍ଚବାଣ (ଦେଖ)
Pañchubāṇa Pañchabāṇa (See)
ମଳୟାନିଳ ପଞ୍ଚୁବାଣ ଦ୍ୱାଦଶକ ସାଙ୍ଗେ ଶତ୍ରୁଭରମାରେ ।
ପ୍ରାଚୀ, ରସବାରିଧି ।

ପଞ୍ଚୁଭୂତ—ଗ୍ରା. ବ. (ସଂ. ପଞ୍ଚଭୂତ)—ପଞ୍ଚଭୂତ (ଦେଖ)
Pañchubhūta Pañchabhūta (See)

ପଞ୍ଚୁମନ—ଦେ. ବ.—ପଞ୍ଚଭୂତାତ୍ମା (ଦେଖ)
Pañchu mana Pañchabhūtātmā (See)
ଜୀବଅସ୍ଥା ପଞ୍ଚ ମନ ହେଉଅଛ ବୋଧ ।
ପ୍ରାଚୀ, ବ୍ରହ୍ମବଳୁପଣ ଗୀତା ।
[ଦ୍ର—ପାଞ୍ଚ ମନ, ଯଥା—ମନ; ସୁମନ, ବିମନ, ଭ୍ରମନ ଓ ଅମନ ।]

ପଞ୍ଚୁମୁଖ—ଗ୍ରା. ବ. (ସଂ. ପଞ୍ଚମୁଖ)—ପଞ୍ଚମୁଖ (ଦେଖ)
Pañchu mukha Pañchamukha (See)
ପଞ୍ଚମୁଖେ ହର । ପ୍ରବଚନ ।

ପଞ୍ଚୁମୂଳ(ଳି)—ଗ୍ରା. ବ. (ସଂ. ପଞ୍ଚମୂଳ)—ପଞ୍ଚମୂଳ (ଦେଖ)
Pañchu mūḷa(ḷi) পঞ্চমূল Pañchamūḷa (See)

ପଞ୍ଚୁମେଳ—ଗ୍ରା. ବ—ପାଞ୍ଚ ଗୋଟି ଭିନ୍ନ ଭିନ୍ନ ବସ୍ତୁର ସମ୍ମିଶ୍ରଣ—
Pañchumeḷa The mixing together of 5 different things.
পঞ্চমেল **पचमेल**
ଗ୍ରା. ବଣ—୧ । ଯହିଁରେ ପାଞ୍ଚୋଟି ବସ୍ତୁ ମିଶ୍ରିତ ହୋଇଥାଏ—1. Consisting of a mixture of 5 things.
୨ । ବହୁ ପଦାର୍ଥର ସମ୍ମିଶ୍ରଣରେ ପ୍ରସ୍ତୁତ—2. Consisting of a mixture of many things.

ପଞ୍ଚୁରଙ୍ଗ(ଙ୍ଗା, ଙ୍ଗୀ)—ଗ୍ରା. ବଣ—୧ । ପାଞ୍ଚବର୍ଣ୍ଣବିଶିଷ୍ଟ—
Pañchurañga(ñgā, ñgi) 1. Having 5 colours.
পাঞ্চ রঙ্গের ୨ । ବହୁବର୍ଣ୍ଣବିଶିଷ୍ଟ; ବହୁରଙ୍ଗୀ—
पचरंगा (ପଞ୍ଚୁରଙ୍ଗିଆ—ଅନ୍ୟରୂପ) 2 Multicoloured.

ପଞ୍ଚୁଲବଣ—ଗ୍ରା. ବ—(ସଂ. ପଞ୍ଚଲବଣ)—ପଞ୍ଚଲବଣ (ଦେଖ)
Pañchulabaṇa Pañchalabaṇa (See)
পঞ্চলবণ **पचलोना**

ପଞ୍ଚେଇ—ଦେ. ବ. ସ୍ତ୍ରୀ—୧ । 'ପଞ୍ଚୁଆ'ର ସ୍ତ୍ରୀଲିଙ୍ଗରୂପ—
Panchei 1. Feminine form of 'Pañchua'.

୨ । ବାଟମଙ୍ଗଳା (ଦେଖ)—2. Bāṭamaṅgaḷā (See).

ପଞ୍ଚେନ୍ଦ୍ରିୟ—ସଂ.ବି. (ଦ୍ୱିଗୁ; ପଞ୍ଚ+ଇନ୍ଦ୍ରିୟ)—୧ । ଚକ୍ଷୁ, କର୍ଣ୍ଣ, ନାସିକା
Pañchendriya ଜିହ୍ୱା ଓ ତ୍ୱକ୍, ପ୍ରାଣୀର ଏହି ୫ଟି ଜ୍ଞାନେନ୍ଦ୍ରିୟ—1. The five organs of sense, (viz the eye, the ear, the nose, tongue and the skin).
[ଦ୍ର—ଚକ୍ଷୁ- ଦର୍ଶନେନ୍ଦ୍ରିୟ, କର୍ଣ୍ଣ—ଶ୍ରବଣେନ୍ଦ୍ରିୟ, ନାସିକା—ଘ୍ରାଣେନ୍ଦ୍ରିୟ, ଜିହ୍ୱା- ରସନେନ୍ଦ୍ରିୟ, ତ୍ୱକ୍—ସ୍ପର୍ଶେନ୍ଦ୍ରିୟ ।]
୨ । ବାକ୍ ବା ଗଳା, ପାଣି, ପାଦ, ପାୟୁ ଓ ଉପସ୍ଥ, ପ୍ରାଣୀର ଏହି ୫ ଗୋଟି କର୍ମେନ୍ଦ୍ରିୟ—2. The five organs of action, (viz the layrnx, the hands, the legs, the anus and the organ of generation)
(ପଞ୍ଚେନ୍ଦ୍ରିୟା—ସ୍ତ୍ରୀ) ସଂ. ବିଣ. ପୁଂ (ବହୁବ୍ରୀହି) ଯାହାର ୫ ଇନ୍ଦ୍ରିୟ ଅଛି—Having the five organs of sense.

ପଞ୍ଚେଷୁ—ସଂ. ବି (ବହୁବ୍ରୀହି; ପଞ୍ଚ+ଇଷୁ=ବାଣ)—ପଞ୍ଚଶର; କନ୍ଦର୍ପ
Pañcheshu ମଦନ—Cupid.

ପଞ୍ଚୋପଚାର—ସଂ. ବି. (ପଞ୍ଚ+ଉପଚାର)—ପାଞ୍ଚପ୍ରକାର ଉପକରଣସଯୁକ୍ତ
Pañchopachāra ଦେବପୂଜା—1. Worshipping a
(ପଞ୍ଚୋପଚାରକ—ଅନ୍ୟରୂପ) Deity with five kinds of oblations.
୨ । ଦେବପୂଜାରେ ବ୍ୟବହୃତ ୫ ପ୍ରକାର ଉପକରଣ, ଯଥା—ଆସନ, ଅର୍ଘ୍ୟ, ଗନ୍ଧ, ପୁଷ୍ପ ଓ ନୈବେଦ୍ୟ—2. The five kinds of oblations offered to a Deity.
[ଦ୍ର—ଦେବପୂଜା ନିମନ୍ତେ ଷୋଡ଼ଶ ଉପଚାରର ବିଧି ଅଛି, କିନ୍ତୁ ସାଧାରଣରେ ସଂକ୍ଷେପରେ ଲୋକେ ପଞ୍ଚୋପଚାରରେ ଦେବପୂଜା କରି ଥାଆନ୍ତି ।]

ପଞ୍ଚୋଷଣ—ସଂ. ବି. (ଦ୍ୱିଗୁ; ପଞ୍ଚ+ଉଷଣ)—ପିପ୍ପଳୀ, ପିପ୍ପଳୀ ମୂଳ, ଚବ୍ୟ,
Pañchoshaṇa ମରିଚ ଓ ଚିତ୍ରକ ଏହି ୫ଟି ଔଷଧ ଦ୍ରବ୍ୟ—Five particular medicinal articles mentioned in the Hindu medical treatises.

ପଞ୍ଜ୍ (ଧାତୁ)—ସଂ—ବାସ କରିବା—To live.
Pañj (root)

ପଞ୍ଜ୍‌ନା—ପ୍ରାଦେ. (ସମ୍ବଲପୁର) ବି—ଗୋଡ଼ ବଳାଗଣ୍ଠି ଉପରେ ପିନ୍ଧାଯିବା
Pañj-nā ଏକପ୍ରକାର ଅଳଙ୍କାର—A kind of anklet.

ପଞ୍ଜଡ଼—ଦେ. ବି—୧ । ପଞ୍ଜଡ଼ି (ଦେଖ)—
Pañjarda 1. Pañjarḍi (See)
୨ । ପଞ୍ଜମ (ଦେଖ)—2. Pañjama (See)

ପଞ୍ଜଡ଼ା—ଦେ. ବି. (ସଂ. ପଞ୍ଚ)—୧ । ମହୋତ୍ସବ ବା ଆମୋଦ ପ୍ରମୋଦ
Pañjarḍā ଉପଲକ୍ଷରେ ବହୁଲୋକଙ୍କର ମେଳ—1. A gathering for the sake of an amusement or a festival.
୨ । ପଞ୍ଜଡ଼ି (ଦେଖ)—2. Pañjarḍi (See)
୩ । ପଞ୍ଜରା ୪ (ଦେଖ)—3. Pañjarā 4 (See)

ପଞ୍ଜଡ଼ି—ଦେ. ବି ୧ । ପଞ୍ଜମ (ଦେଖ)—
Pañjarḍi 1. Pañjama (See)
୨ । (ସଂ. ପଞ୍ଚ; ଫା. ପଞ୍ଜ)—ପଶା ଓ କଉଡ଼ି ଖେଳରେ ୫ ସଂଖ୍ୟକ
ପଞ୍ଜଡ଼ୀ; ପଞ୍ଜୁଡ଼ୀ ଦାନ—2. The throw of dice or cowrie
पँजड़ो, पांजुरी resulting in the turning up of 5
(ପଞ୍ଜୁଡ଼ି—ଅନ୍ୟରୂପ)

ପଞ୍ଜମ—ଦେ. ବି. (ସଂ. ପାଦମଞ୍ଜୀର, ଫା. ପାଜେବ୍)—ପାଉଞ୍ଜମ୍; ପାଉଞ୍ଜବ;
Pañjama ପାଉଞ୍ଜେର; ପାଦନୂପୁର; ବାଜେଣୀ—A woman's
पाञ्जर, पाञ्जड़ पैजना tinkling anklet.
(ପଞ୍ଜବ, ପଞ୍ଜେବ, ପଞ୍ଜଡ଼, ପଞ୍ଜଡ଼—ଅନ୍ୟରୂପ)

ପଞ୍ଜର—ପ୍ରାଦେ. (ସମ୍ବଲପୁର) ବି. (ସଂ. ପଞ୍ଜର)—ପିଞ୍ଜରାହାଡ଼—
Pañjar Rib.

ପଞ୍ଜର—ସଂ. ବି. (ପଞ୍ଜ୍‌ଧାତୁ+ଅଧିକରଣେ ଅର, ଯହିଁ ମଧ୍ୟରେ ମନୁଷ୍ୟ
Pañjara ବାସ କରେ)—୧ । ଅସ୍ଥି କଙ୍କାଳ—
1. Skeleton.
୨ । ଶରୀର; ଠାଟ—2. Body; frame.
ଫେନିଳ ଲହରୀ ତୋଳୁଥିଲା ଥାଇ ତୋର ପଞ୍ଜର । ଉଧାନାଥ. ଋଷା ।
୩ । ପଞ୍ଜୁରି—3. A cage; aviary.
୪ । ପିଞ୍ଜରାହାଡ଼—4. The ribs.
୫ । ଜାଲ—5. Net (M. W.).
୬ । କେତେକ ସ୍ତବ ଓ କବଚର ନାମ (ଯଥା—ବଜ୍ର ପଞ୍ଜର)—6. Name of particular prayers and formularies (M. W.).
୭ । କଳିଯୁଗ—7. The Kali Age (M. W.).
୮ । ଗାଈମାନଙ୍କର ସଂସ୍କାରବିଶେଷ (ହି. ଶ.)—8. A purificatory ceremony performed on cows (M. W.).
୯ । କୋଳକନ୍ଦ; ବାରାହୀକନ୍ଦ; ଭୂଇଁକଖାରୁ (ହି. ଶ.)—9. A kind of bulbous plant (M.W.); Disocorea.
ଦେ. ବି—୧ । ଗୃହ—1. House; abode.
ଶ୍ରୀ ଜଗନ୍ନାଥଙ୍କ ଚିନ୍ତା ଲିପ୍ତ ଧ୍ୟାନ କରି
ବୃନ୍ଦାବନକୁ ଛେଡୁ ଅଦ୍ୟ ପଞ୍ଜର । ପ୍ରତାପ. ଶଶିଷେଣା ।
୨ । ଜାଳକବାଟି; ଝରକା—2. Window; latticed window.
୩ । ସ୍ଥାନ—3. Place.
୪ । ଭାଜନ; ପାତ୍ର—4. Receptacle.
ପ୍ରାଦେ. (ଗଡ଼ଜାତ) ବି—କୌଣସି ବଡ଼ ବିଆଲିର ଗୁରପଟରେ ଥିବା ଛିପ ବିଆଲିମାନ, ଯହିଁରୁ ପାଣି ବହି ଆସି ବଡ଼ ବିଆଲିରେ ପଡେ—Sloping fields on the sides of a big field from which water flows down into the latter.

ପଞ୍ଜରକ—ସଂ. ବି—(ପଞ୍ଜର+ସ୍ୱାର୍ଥେ କ)—୧ । ପଞ୍ଜୁରି—1. Cage.
Pañjaraka ୨ । ପଞ୍ଜୁରି ପରି ବୁଣା ଯାଇଥିବା ଟୋକେଇ—A basket woven like a cage.

ପଞ୍ଜର ଖେଟ—ସଂ. ବି—ଖଇଣ୍ଡି—A sort of basket or wicker
Pañjara kheṭa trap in which fish are caught. (M. W.)

ପଞ୍ଜର ଚ଼ାଳନ ନ୍ୟାୟ—ସଂ. (ଉଦାହରଣ ବଚନ ବା ନ୍ୟାୟ)—ପଞ୍ଜୁରି
Panjara chālana nyāya ମଧ୍ୟରେ ଥିବା ଅନେକଗୁଡ଼ିଏ ପକ୍ଷୀଙ୍କ ଦ୍ୱାରା ପଞ୍ଜୁରି ହଲିବା ନ୍ୟାୟ—The analogy of many birds being able to shake a cage.

ପଞ୍ଜର ମୂଳ - ଦେ. ବ—୧ । ଝରକାର ପାଖ—1. The side of a
Panjara mūla window.
ଝରକାର ପାଶ ୨ । ଝରକାର ଭିତର ପାଖ—
झरकाका पास 2. The inner side of a window.
(ଯଥା—ବଡ଼ଲୋକଙ୍କ ମାଇପେ ପଞ୍ଜର ମୂଳେ ଠିଆ ହୋଇ ଦାଣ୍ଡରେ ହେଉଥିବା ତମାସା ଦେଖୁଛନ୍ତି ।)

ପଞ୍ଜରା—ଦେ. ବ—(ସଂ. ପଞ୍ଜର)—୧ । ଅସ୍ଥି କଙ୍କାଳ—
Panjarā 1. Skeleton
পাঁজরা, পাঁজরা ୨ । କଙ୍କାଳ ହାଡ଼—2. The ribs.
पसलि, पंजरी ୩ । ଜାଲିକବାଟ—2. Window.
୪ । ଘର ଚ଼ାଳର ଏକପାଖ—
4. One of the sloping halves of a thatch.

ପଞ୍ଜରା ହାଡ଼—ଦେ. ବ (ସଂ. ପଞ୍ଜର)—ଅସ୍ଥି କଙ୍କାଳ—
Panjarā hārda পাঁজর ठठरी The skeleton.

ପଞ୍ଜରି—ଦେ. ବ (ସଂ. ପଞ୍ଜର)—ପଞ୍ଜୁରି; ଆବଦ୍ଧ ପକ୍ଷୀର ବନ୍ଧନଶାଳା;
Panjari ପିଞ୍ଜରା—Cage; aviary.
পিঞ্জরা ରତ୍ନର ମାଙ୍କଡ଼ ଶୁଆ ପଞ୍ଜର ଯେଉଁବେ—
पिंजड़ा; पञ्जरी ପ୍ରାଚୀ—ଶ୍ରୀଗୁରୁଭକ୍ତି ଗୀତା ।
ପ୍ରାଦେ (ସିଂହଭୂମ) ବ—ଶଗଡ଼ର ଫଳ—The rib-like cross pieces in the ground-frame of a cart.

ପଞ୍ଜରିଆ—ଦେ. ବଣ—ଶଠ; ଧୂର୍ତ୍ତ; ଠକ—
Panjariā Deceptive; fraudulent.
ଦେ. ବ—ଅନେକ ଗୋବରା ଚଢ଼େଇଙ୍କୁ ଜିଣିଥିବା ଯେଉଁ ଗୋବରାକୁ ପିଞ୍ଜରାରେ ରଖାଯାଏ—
The bulbul kept in a cage after having vanquished many other rival birds.
[ଦ୍ର—ଯେଉଁ ଚଢ଼େଇ ହାରଯାଏ ତାର ପେଟକୁ କାଟି ତାକୁ ଉଡ଼ାଇ ଦଅନ୍ତି; ତାକୁ ପେଟକଟା ବୋଲାଯାଏ ।]

ପଞ୍ଜା (ଇତ୍ୟାଦ)—ଦେ. ବ (ସଂ. ପଞ୍ଚ; ଫା. ପଂଜା)—୧ । ପଞ୍ଝା
Panjā (etc) (ଇତ୍ୟାଦ) (ଦେଖ)—1. Panjhā (etc) (See)

ପଞ୍ଜାବ୍—ବୈଦେ. ବ. (ଫା. ପଂଜାବ୍; ଭୁଲ. ସଂ ପଞ୍ଚ+ଅପ୍=ଜଳ ବା
Panjāb ଜଳଭାଗ; ଯେଉଁ ପ୍ରଦେଶରେ ପାଞ୍ଚ ଗୋଟି ନଦୀ ବହି ଯାଉଅଛି)—୧ । ଭାରତର ଉତ୍ତର ପଶ୍ଚିମସ୍ଥ ପଞ୍ଚନଦ ପ୍ରଦେଶ—
1. The Panjāb; the country of the five rivers in N. W. India.
[ଦ୍ର—ଭାରତର ମାନଚିତ୍ରରୁ ଦେଖାଯାଏ ଯେ ପଞ୍ଜାବ ବା ପଞ୍ଚନଦ ପ୍ରଦେଶରେ ଯେଉଁ ୫ଟି ନଦୀ ବହି ଯାଉଅଛି ତନ୍ମଧ୍ୟରୁ ସର୍ବା ପଶ୍ଚିମରେ ସିନ୍ଧୁ (ଯହିଁରେ କାବୁଲ ନଦୀ ପଡ଼ୁଅଛି) ତହିଁର ପୂର୍ବକୁ ଝେଲମ(ବିତସ୍ତା, ଯାହା ଚେନାବ୍ ସଙ୍ଗେ ମିଶି ଅଛି), ତା ପୂର୍ବକୁ ଚେନାବ(ଚର୍ମନ୍ୱତୀ ବା ଚନ୍ଦ୍ରଭାଗା, ଝେଲମ ଓ ଚେନାବ ଦୁଇ ନଦୀ ମିଳିତ ହୋଇ ଚେନାବ ନାମ ଧାରଣ କରିଅଛି), ତା ପୂର୍ବକୁ ରାବୀ (ଇରାବତୀ), ତା ପୂର୍ବକୁ ସଟ୍‌ଲେଜ ଶତଦ୍ରୁ (ଏହାହିଁ ପୂର୍ବତମ ନଦୀ ଅଟେ) ଅଛି । ଶତଦ୍ରୁର ବ୍ୟାସ ନାମରେ ଗୋଟିଏ କ୍ଷୁଦ୍ର ଉପନଦୀ ଅଛି, କିନ୍ତୁ ତାହା ଅତି କ୍ଷୁଦ୍ର ନଦୀ ଅଟେ । ଏପରି ଅବସ୍ଥାରେ ବିପାସା ବା ବ୍ୟାସା ନଦୀର ଠିକଣା କରି ହେଉ ନାହିଁ; ସମ୍ଭବତ ୫ସିନ୍ଧୁ ନଦର ପଶ୍ଚିମତମ ଧାରର ଅନ୍ୟ ନାମ ବିପାସ ଅଟେ ?]
୨ । ଇଂରେଜ ସରକାରଙ୍କ ପ୍ରତିଷ୍ଠିତ ପଞ୍ଜାବ ପ୍ରଦେଶ—
2. The Province of Panjab.
[ଦ୍ର—ଏଥିର ଉତ୍ତରରେ କାଶ୍ମୀର ରାଜ୍ୟ, ପୂର୍ବରେ ଆଗ୍ରା ଓ ଅଯୋଧ୍ୟା ଯୁକ୍ତପ୍ରଦେଶ, ଦକ୍ଷିଣରେ ରାଜପୁତାନା ଓ ସିନ୍ଧୁ ପ୍ରଦେଶ ଓ ପଶ୍ଚିମରେ ଉତ୍ତରପଶ୍ଚିମ ସୀମାନ୍ତ ପ୍ରଦେଶ ଓ ବେଲୁଚସ୍ଥାନ ଅବସ୍ଥିତ । ଏହା ଜଣେ ଲାଟଙ୍କ ଦ୍ୱାରା ଶାସିତ । ଏଥିର ରାଜଧାନୀ ଲାହୋର ।]

ପଞ୍ଜାବି—ଦେ. ବଣ—୧ । ପଞ୍ଜାବ ଦେଶୀୟ—
Panjābi 1. Pertaining to the Panjab.
পাঞ্জাবী ୨ । ପଞ୍ଜାବ ଦେଶବାସୀ—
पञ्जाबी 2. Inhabiting the Panjab.
ଦେ. ବ—୧ । ପଞ୍ଜାବ ଦେଶବାସୀ—1. A Panjabese.
୨ । ଫରଗ୍‌ମୁହାଁ ଆସ୍ତୀନ୍ (ହାତ) ଓ ବେକ ପାଖେ ବୋତାମ ଥିବା ଏକପ୍ରକାର କୁର୍ତ୍ତା—2. A kind of coat with wide sleeves.

ପଞ୍ଜାଡ଼ି—ଦେ. ବ—ପଦାଡ଼ି (ଦେଖ)
Panjāri Pandārdi (See)

ପଞ୍ଜି(ଞ୍ଜୀ)—ସଂ. ବ. (ପିନ୍‌ଜ ଧାତୁ=ସଂଯୁକ୍ତ ହେବା+ଇ, ଈ)—
Panji (nji) ୧ । ପାଞ୍ଜି; ଦିବସ ଓ କାଳଜ୍ଞାପକ ଗ୍ରନ୍ଥ; ପଞ୍ଚାଙ୍ଗ (ପଞ୍ଜିକା—ଅନ୍ୟରୂପ) ପଞ୍ଜିକା—1. Calendar; almanac.
୨ । ହିସାବ ଖାତା—2. Account book.
୩ । ପ୍ରତ୍ୟେକ ଶବ୍ଦର ବ୍ୟାଖ୍ୟାଯୁକ୍ତ ଟୀକା—3. Commentary explaining and analysing every word.
୪ । ତୁଳାର ବଳଣୀ—4. A roll of carded cotton.
୫ । ପ୍ରସ୍ତାବନା—5. Prologue.
୬ । ବ୍ୟାକରଣର ବୃତ୍ତିଗ୍ରନ୍ଥ ବିଶେଷ—
6 A grammatical commentary.

ପଞ୍ଜି(ଞ୍ଜୀ)କ(କା)ର - ସ.ବ—(ପଞ୍ଜୀ+କୃ ଧାତୁ+କର୍ତ୍ତୃ.ଅ)—୧ । ପଞ୍ଜିକା
Panji(nji)ka(kā)ra ପ୍ରଣେତା—1. The author or
(ପଞ୍ଜିକାକାର—ଅନ୍ୟରୂପ) compiler of an almanac.
୨ । ପାଞ୍ଜିଆ କରଣ—2. An accountant; a clerk in charge of accounts.

ପଞ୍ଜିରି—ପ୍ରାଦେ. (ସମ୍ବଲପୁର) ବ—ପଇଁରି (ଦେଖ)
Panjiri Paiñri (See)

ପଞ୍ଜୁଡ଼ି(ରି)—ଦେ. ବ. (ସଂ. ପିଞ୍ଜର)—୧ । ଆବଦ୍ଧ ପକ୍ଷୀ ରହିବାର
Panjurdi(ri) ଆଧାର; ପିଞ୍ଜରା—1. Cage.
পিঞ্জরা; খাঁচা ୨ । ଅଟା ସଙ୍ଗେ ଚିନି ଓ ଧନିଆ ପ୍ରଭୃତି ମସଲାର ଚୂର୍ଣ୍ଣ
पिंजरा, पंजीरी ମିଶାଯାଇ ପ୍ରସ୍ତୁତ ହୋଇଥିବା ଏକପ୍ରକାର ଖାଦ୍ୟ—
2. A kind of powder made of coriander seeds and sugar pounded together.

[ଦ୍ର—ଏହା ପଶ୍ଚିମା ବାବାଜୀମାନେ ହରିଜନ୍ମାଷ୍ଟମୀ ଓ ସତ୍ୟନାରାୟଣ ପୂଜା ସମୟରେ ଠାକୁରଙ୍କୁ ଭୋଗ କରନ୍ତି । ଅଟାକୁ ଘିଅରେ ଭାଜି ତହିଁରେ ଧନିଆଁ, ଚିନି, ଶୁଣ୍ଠି, ଜଗର ଚୂନା ମିଶାଇ ଏହା କରାଯାଏ । ଏହା ଭାରତର ପଶ୍ଚିମ ଭାଗରେ ପ୍ରସୂତା ସ୍ତ୍ରୀମାନଙ୍କ ପାଇଁ ମଧ୍ୟ ତିଆର ହୁଏ ଓ ଘର ବେଭାର ଅବସରେ ମଧ୍ୟ ପଠାଯାଏ। ହି. ଶବ୍ଦସାଗର ।]

ପଞ୍ଜୁରିଆ— ଦେ. ବି—ପଞ୍ଜରିଆ (ଦେଖ)
Panjuriā Panjariā (See)

ପଞ୍ଜୁରିପାଣି – ପ୍ରାଦେ. (ପୁରୀ) ବି—ସ୍ୱଚ୍ଛ ଓ ନିର୍ମଳ ତରଳ ବସ୍ତୁ—
Panjuripāni Clear and transparent liquid.
(ଯଥା—ଏ ମାଲପା ପଞ୍ଜୁରିପାଣି ଭଳି ଦିଶୁଛି ।)

ପଞ୍ଝା—ଦେ. ବି. (ସଂ. ପୁଞ୍ଜ ବା ପଞ୍ଚ; ପା. ପଂଜା)—୧ । ପାଞ୍ଚ ଅଙ୍ଗୁଠି
Panjhā ଯୁକ୍ତ କରତଳର ଦାଗ ବା ଛାପ—1. The mark
पंझा, पंजा or impression left on a surface by the
पंजा extended palm.
୨ । ଦଳ; ସମୂହ—
2. A herd; group; a party; flock; club; crowd.
ପଞ୍ଝାଏ ଖଣ୍ଡ ବଇଁ ବନି, କଥା କହନ୍ତି ଦୁଇ ଦୁଇ—
ମଧୁସୂଦନ, ବର୍ଣ୍ଣବୋଧ ।
୩ । ପାଞ୍ଚ ଅଙ୍ଗୁଠିଯୁକ୍ତ କରତଳ—3. The palm of the hand with the five fingers.
୪ । ଦୁଇ ଜଣ ମଲ୍ଲ ପରସ୍ପରଙ୍କ ହାତର ପଞ୍ଝା ଉଡ଼ାଉଡ଼ି ଓ ଚପାଚପି କରି ଅନ୍ୟୋନ୍ୟରେ ବଳ ପରୀକ୍ଷା କରିବା—
4. The squeezing and twisting of the palms of each other by two athlets.
[ଦ୍ର—ଏଥିରେ ଦୁହେଁ ପରସ୍ପରର ଅଙ୍ଗୁଳମାନ ଛନାଛନି କରନ୍ତି ଓ କରତଳକୁ ଜୋରରେ ଚପନ୍ତି, ଯେ ସମ୍ଭାଳି ନ ପାରେ ସେ ହାରିଯାଏ ।]
୫ । ଗଞ୍ଜପା ବା ତାସ ଖେଳର ପାଞ୍ଚ ଚିହ୍ନଯୁକ୍ତ ପାର—
5. The card with five points.
୬ । ପଶା ଖେଳରେ ପାଞ୍ଚ ସଂଖ୍ୟକ ଦାନ—
6. The throw of dice resulting in five.
୭ । ପଶୁପକ୍ଷୀଙ୍କ ନଖଯୁକ୍ତ ପାଦତଳ—
7. The claw of birds and the paw of beasts.
୮ । ଦୋମୁହାଁ କୋଡ଼ି ବା ଖୁରୁପି—2. Fork-hoe.
୯ । ମନୁଷ୍ୟର ହାତର ପଞ୍ଝା ଆକାରରେ କଟା ହୋଇ ଲମ୍ବ ବେଣ୍ଟ ଲାଗିଥିବା ଧାତୁମୟ ପତ୍ର—
9. A thin metal plate cut in the shape of the extended palm and carried in the Tajia procession by the Mahomedans.
[ଦ୍ର— ଏହାକୁ ପତାକା ପରି ମୁସଲମାନମାନେ ତାଜିଆ ଶୋଭାଯାତ୍ରାରେ ବହନ କରନ୍ତି ।]
୧୦ । ଦେହରେ ଯେଉଁ ଅଂଶକୁ ହାତ ନ ପାଇବ (ଯଥା - ପିଠି) ସେ ଅଂଶକୁ କୁଣ୍ଡାଇବା ପାଇଁ ମନୁଷ୍ୟର ପଞ୍ଝା ଆକାରର ଲମ୍ବ ବେଣ୍ଟଲଗା ଯନ୍ତ୍ର—
10. A kind of twiglike pick shaped like the extended palm with which men scratch the itching back.
ପ୍ରାଦେ. (ସିଂହଭୂମ)—ପଝା (ଦେଖ)—
Pajhā (See)

ପଞ୍ଝାଏ—ଦେ. ବି ଓ ବିଣ - ଏକଦଳ—
Panjhāe A herd or company of.

ପଞ୍ଝା ଛକା(କ୍କା)—ଦେ. ବି—୧ । ଦୁଇ ଜଣଙ୍କର ପରସ୍ପର ପ୍ରତି ସତର୍କ
Panjhā chhakā(kkā) ଓ କପଟ ବ୍ୟବହାର; ଗୁଲ୍‌ବାଜୀ—
पंजा छक्का 1. Mutual tactics between two persons.
छक्का पंजा ୨ । ଓଉଆର; ପରସ୍ପରକୁ ଜିଣିବା ପାଇଁ ବା ହାରଗୁଣରେ ପକାଇବା ପାଇଁ ସୁବିଧା ବା ଦାଉ ଅନ୍ୱେଷଣ—2. Being on the look-out to over reach one another.

ପଞ୍ଝା ଧରିବା—ଦେ. କ୍ରି.—ତାସ ଖେଳରେ ଉପର୍ଯ୍ୟୁପରି ପାଞ୍ଚ ଥର ଜୟ
Panjhā dharibā ଲାଭ କରିଥିବା ଦଳ ଜୟର ଚିହ୍ନ ସ୍ୱରୂପ ପାଞ୍ଚ
पंजाधरना ବିନ୍ଦୁଯୁକ୍ତ କାଗଜ ଖଣ୍ଡେ ରଖିବା—To put a card
पंजा धरना with five tips as a trophy to show
(ପଞ୍ଝା ଧରିବା—ଅନ୍ୟରୂପ) that a party has been the winning party for five times consecutively.

ପଞ୍ଝା ପଞ୍ଝା—ଦେ. କ୍ରି. ବିଣ.—ଦଳ ଦଳ ହୋଇ—
Panjhā panjhā In clusters or groups.

ପଞ୍ଝା ମାରିବା—ଦେ. କ୍ରି.—ପଶୁପକ୍ଷୀଙ୍କର ପଞ୍ଝା ସାହାଯ୍ୟରେ ଆକ୍ରମଣ କରିବା
Panjhā māribā To strike with the claws or
पंजामारना पंजा मारना talons or paw.

ପଞ୍ଝା ଲଢ଼ା (ଢ଼ା,ଢ଼େ)ଇ—ଦେ. ବି. (ସଂ. ପଞ୍ଚ+ପା. ଲଡ଼ାଇ) ଦୁଇ-
Panjhā larḍā(rḍhā, rḍhe)i ଜଣଙ୍କର ବଳ କଷାକଷି
पंजा लड़ान ହେବା ପାଇଁ ପରସ୍ପରର ପଞ୍ଝା ଚିପା ଚିପି—Mutual
पंजा लड़ाइ squeezing of the palms to test each other's strength.
ପଞ୍ଝା ଲଢ଼ା(ଢ଼େ, ଢ଼ା ଢ଼ୋ)ଇବା } ଅନ୍ୟରୂପ
ପଞ୍ଝା ପକା(କେ)ଇବା

ପଟ୍‌—ଦେ. ବି. (ସଂ. ପଟ ଧାତୁ ବା ପଶ୍ଚାତ)—କୌଣସି ଚେପ୍ଟା ପଦାର୍ଥର
Paṭ ପଛଭାଗ—The back side of a flat thing.
ଦେ. ଅ.—(ଧ୍ୱନ୍ୟନୁକରଣ)—ପଟ୍ ପଟ୍ (ଦେଖ)
Paṭ paṭ (See).
ପ୍ରାଦେ. ସମ୍ବଲପୁର)— ବି. (ସଂ. ପଟ୍ଟ; ଭୂଲ. ହି. ପଟ୍)—
୧ । ଝୋଟ—1. Flax.
୨ । ଅଂଶୁ—2. Fibre.

ପଟ୍‌କନ (ଣ)(ଣି)—ଦେ. ବି.—(ସଂ. ପଟ୍ ଧାତୁ) (ସଂ. ପାତନ)—
Paṭ-kan(ṇa) (ṇi) ୧ । ଫୋପାଡ଼ି ଦେବା; କଚାଡ଼ିବା—
पटकन पटकन(नी) 1. Dashing of a thing on the ground.
୨ । (ସଂ. ପତନ) ଭୂମିରେ ପଡ଼ିବା ହେବା; କଚଡ଼ା—
2. Falling down; being dashed to the ground with a thud.

ପଟ୍କା—ଦେ. ବି.—୧ । ପଟ୍କନ୍ (ଦେଖ)
Paṭkā
পটকা पुटकी 1. Paṭ-kan (See)
୨ । ଅଗ୍ନି ସଂଯୋଗରେ ପଟ୍ ଶବ୍ଦପୂର୍ବକ ଫାଟିଯାଉଥିବା ଫାଳ-ଫଟକା; ଫାଳଫଟକା; ଫୁଟକ; ଫୋଟକା—2. A cracker.
୩ । ପଟକା (ଦେଖ)—3. Paṭakā (See)
୪ । (ଧ୍ୱନ୍ୟନୁକରଣ) ଉଚ୍ଚ ପଟ୍ ଶବ୍ଦ—
4. A loud cracking or bursting sound.
ପ୍ରାଦେ. (ସମ୍ବଲପୁର)—ବି.—ଗାମୁଛା—Napkin.

ପଟ୍କନ—ଦେ. କ୍ରି. ବିଣ. (ଧ୍ୱନ୍ୟନୁକରଣ; ସଂ. ପଟତ୍)—୧ । ପଟ୍ ଶବ୍ଦ
Paṭ-kini କରି; ପଟାପଟ୍; ପଟ୍ପଟ୍ (ପଡ଼ିଯିବା)—
পটকরে, পটাতকরে 1. With a snapping sound.
पटकरने, पटसे ୨ । ଉପର୍ଯ୍ୟୁପରି ଅତିଶୀଘ୍ର—2. In quick succession.
ପଟ୍କରି, ପଟ୍କରି, ପଟ୍କନା, ପଟାକ୍କନ, ପଟ୍ପାଟ, ପଟ୍ଦସ୍, ପଟାକ୍ଦସ୍; ପଟାଡଦସ୍ } ଅନ୍ୟରୂପ

ପଟ୍କୁଡ—ପ୍ରାଦେ. (ବସ୍ତର) ବି.—୧ । ପିଠି—
Paṭ-kuti 1. Back.
୨ । ପିଠି ଆଡ଼—2 Back side.

ପଟ୍ନି—ପ୍ରାଦେ. (ସମ୍ବଲପୁର) ବି.—୧ । ଫଲି (ଦେଖ)
Paṭ-ni 1. Phali (See)
୨ । ଅଟୁ ବା ଛଟା ଘରର ଛାତରେ ପକାଯିବା ରୁଅ, ଯହିଁ ଉପରେ ମାଟି ବା ଟାଇଲ ଦିଆଯାଏ—2. The beams or rafters of a two-thatched house, on which tiles are fixed.
୩ । ଅଡ଼ି କାଠ (ଦେଖ)—3. Ārdi kāṭha (See)

ପଟ୍ପଟ୍—ଦେ. ଅ. (ଧ୍ୱନ୍ୟନୁକରଣ) (ସଂ. ପଟତ୍; ପଟ୍)—୧ । ଅଠାଳିଆ
Paṭ-paṭ ବା ନାଳୁଆ ପଦାର୍ଥରେ ଘନ ବସ୍ତୁ ଲାଗି ଛାଡ଼ିଲାଗି ଓ ଛାଡ଼ିଏ
পট পট পট ଛାଡ଼ ଘଷିହେବାର ଶବ୍ଦ; ପଟ୍ ପଟ୍ ଶବ୍ଦ—
पट 1. The sound of a hard substance rolling
(ପଟର ପଟର—ଅନ୍ୟରୂପ) or moving along a gummy substance by coming in contact with it and by being separated from it at times.
୨ । ଦଉଡ଼ି ଆଦି ଜୋରରେ ଛିଣ୍ଡିଯିବା ଶବ୍ଦ—
2. Snapping sound of a rope.

ପଟ୍ (ଧାତୁ)—ସଂ.—୧ । ବେଷ୍ଟନ କରିବା—
Paṭ (root) 1. To envelop; to surround.
୨ । ଛେଦନ କରିବା—2. To cut.
୩ । ବିଦାରଣ କରିବା—3. To pierce.
୪ । ଗମନ କରିବା—4. To go.

ପଟ—ସଂ. ବି. (ପଟ୍ ଧାତୁ=ବେଷ୍ଟନ କରିବା+କରଣ ଅ)—(ତୁଳ.
Paṭa ଢା. ପଟ୍ଟଇ)—୧ । ବସ୍ତ୍ର—1. Cloth.
୨ । (+କର୍ତ୍ତୃ ଅ) ଯେଉଁ ବସ୍ତ୍ର ବା କାଗଜ ଆଦି ଉପରେ ଛବି ଅଙ୍କା ଯାଏ—2. Ground of a picture; plate; canvas or screen or paper on which a picture is drawn.
୩ । ଚିତ୍ରପଟ; ଛବି—3. Picture
ଆପଣ ସେ ତ ପଟ ପଟକେ ଚୋଇଥର ଛୁଟ ହେ—
କବିସୂର୍ଯ୍ୟ—କବିତା ।
୪ । ପିଆଲ ଗଛ—4. A timber tree; Buchanania Latifolia.
୫ । ଅଖା; ଘାଲ—5 Canvas; gunny.
୬ । ଛାତ; ଚାଳ—6. Thatch; roof.
୭ । ଗଛର ଛାଲ; ବଳ୍କଳ—7. Bark of a tree.
୮ । ପରଦା—8. Screen.
୯ । ଗଛର ଅଂଶୁମୟ ବଳ୍କଳ—
9. Fibrous bark of a tree
ଦେ. ବି. (ସଂ. ପଟ୍ଟ)—୧ । ପଶା ଖେଳରେ ପଶା କାଠିକୁ
দান ଗଡ଼ାଇଲେ ଯେଉଁ ଦାନ ପଡ଼େ—1. The throw of
पट dice resulting in the turning up of certain points.
୨ । ଦିଗ; ତରଫ; ଆଡ଼—2. Direction; quarter.
ସେହି ବନର ଶୁଭ ପଟ ଯାଇ ମାଡ଼ । କୃଷ୍ଣସିଂହ. ମହାଭାରତ. ବନ ।
୩ । କଦଳୀ ଗଛର ଛାଲ; ପଟୁକା; ବାସୁଙ୍ଗା—3. The fibre of the bark of a plantain tree.
୪ । ଫୁଲ ଗୁନ୍ଥାଯିବାର ପଟୁକା—4. The fibre or thread with which flowers are strung into a garland
୫ । ପାର୍ଶ୍ୱ; ପାଖ—5. Side.
ଶୁଭ ଦୋ ନର୍ଥ ଶୁଭ ପଟରେ କାଚ
ସୂର୍ଯ୍ୟଙ୍କ ଶୁହିଁ ଉପ କଲେ ଧର ମାନ । କୃଷ୍ଣସିଂହ. ମହାଭାରତ. ବନ ।
୬ । ବ୍ୟକ୍ତି—6. Person.
୭ । ପକ୍ଷ; ତରଫ—7. Party; side.
ବହୁ ଯାହାକୁ ରତ ବାହାପଟ
କହୁ କ ଦୋଷେ କୁହଁ ତାହା ପଟ । କବିସୂର୍ଯ୍ୟ, କବିତା ।
୮ । ଅଖା; ବସ୍ତା; ପଲ୍ଲଣ; ଅଖାରେ ନିର୍ମିତ ମୁଣା—
8. Gunny bag.
୯ । ଦୁଇ ବା ବହୁ ଖଣ୍ଡ ମଧ୍ୟରୁ ଏକ ଖଣ୍ଡ; ଏକ ଗୋଟା—
9. One piece of many or a pair of things.
(ଯଥା—ଏକ ପଟ ଚଟି, ପଟେ ବଳଦ, ଏକ ପଟ କାନ ।)
୧୦ । କବାଟର ଏକ ଖଣ୍ଡ—
10. A piece or panel of a door.
୧୧ । ସୁବିଧା—11. Opportunity.
୧୨ । କିଆପଟ; କିଆ ଗଛର ଶିଅ—
12 The æreal root of a screwpine tree.
୧୩ । ଛଣ ପଟ—13. Hemp.
୧୪ । ଥର; ବାର—14. Times.
ଅଗଣ୍ଡୁ ଅଭୁର କହି, ଦୁଇ ଶୁଭ ପଟ ସହ । ଚକ୍ରନାଥ, ସଂଗରତୁରଙ୍ଗ ।
୧୫ । ପଟୁ (ଦେଖ)—15. Paṭu (See)
୧୬ । ପ୍ରତିଯୋଗିତା—16. Rivalry; competition.
(ଯଥା—ସେ ମୋ ସଙ୍ଗେ ପଟ ପକାଇ ପାରିବ ନାହିଁ ।)

୧୭ । ପ୍ରତିଯୋଗୀ ବା ସହକର୍ମୀମାନଙ୍କ ମଧ୍ୟରେ ସମାନସ୍ଥିତି—
17. Equality between rivals or calleagues.

୧୮ । ଏକ ସଂଖ୍ୟା; ଗୋଟା—18. Unit; individual.
(ଯଥା—ପଦ୍ମବଂଶ ସ୍ଵଧୀନ ଶାସନରେ ଭଟ୍ଟମିଶ୍ରଙ୍କ ଘରେ ୩ ପଟ ବନ୍ଧ ବାନ୍ଧିଲେ ।)

୧୯ । (ସଂ. ପୃଷ୍ଠ) ଦୁଇ ପାଖଥିବା ବସ୍ତୁର ପୃଷ୍ଠ ଭାଗ; ପିଠି—
19. The back side of a double-faced thing.

୨୦ । କୁସ୍ତି କଲାବେଳେ ପହଲ୍‌ବାନ୍‌ର ଭୂମିକୁ ମୁହଁ ବା ପେଟ (ଚିତ—ବିପରୀତ) ପାଖ ରହିବା ଅବସ୍ଥିତି—20. The position of a wrestler when he faces downwards and not upwards.

[ଦ୍ର— ଖେଳାଳୀ ପ୍ରତିଦ୍ୱନ୍ଦ୍ୱୀକୁ ଚିତ କରି ନ ପାରିଲେ ଅର୍ଥାତ୍ ପ୍ରତିଦ୍ୱନ୍ଦ୍ୱୀର ପଟ ହୋଇଥିବା ପର୍ଯ୍ୟନ୍ତ ପ୍ରତିଦ୍ୱନ୍ଦ୍ୱୀ ହାରିଲା ବୋଲି ବୁଝାଯାଏ ନାହିଁ ।]

ଦେ. ବିଣ. (ସଂ. ପଟ)—ଶ୍ରେଷ୍ଠ; ଉତ୍କୃଷ୍ଟ—
Best; excellent.

କର୍ଣ୍ଣରେ ଲମ୍ବିତ ଏ ଜାଣେ କିପଟ ବହେ ଅମୂଲ୍ୟ ପଟ ମଣ୍ଡିତ ।
ଭଞ୍ଜ, ବୈଦେହୀଶବିଳାସ ।

ପ୍ରାଦେ. (ପୁରୀ) ବି—ନଡ଼ିଆର ସଂଖ୍ୟାବିଶେଷ; ଚାରି ପଣ ୧୦ ଗଣ୍ଡା ବା ୩୬୦ କଡ଼ା ନଡ଼ିଆ—A unit of 360 cocoanuts.

[ଦ୍ର—୨ ପଟ=୧ ଛେଲି=୯ ପଣ (ନଡ଼ିଆ)]

ପ୍ରାଦେ. (ଗଡ଼ଜାତ) ବି—ଜଙ୍ଗଲରେ ବାର୍ହା ସମ୍ବର ଆଦି ଗଡ଼ୁଥିବା କାଦୁଅ ଭୂମି—Muddy soil where deer and wild hogs wallow.

ପଟକ—ସଂ. ବି. (ପଟ୍ ଧାତୁ+କର୍ତ୍ତୃ. ଅକ)—
Pataka ୧ । ତମ୍ବୁ; ଶିବିର—1. Tent.
୨ । ସୂତା ଲୁଗା (ହି. ଶ.)—2. Cotton cloth.
ଦେ. ବି—ଏକପଟ ବା ଗୋଟାମାତ୍ର—
One only; one piece only.

ପଟ କରିବା—ଦେ. କ୍ରି—୧ । ପଟକିବା (ଦେଖ)
Paṭa kariba 1. Paṭakiba (See)
୨ । (ତୁମ୍ବ ବାଣର) ତୁମ୍ବ କାଠକୁ ସମତଳ ଭାବରେ ଭୂମିଉପରେ ସଂଲଗ୍ନ କରି ସ୍ଥାପନ କରିବା—2. To place the log of a tumba firework horizontally on the ground.

ପଟକା— ଦେ. ବି. (ସଂ. ପଟ୍ଟ)—୧ । କଟି ବସ୍ତ୍ର; କମର ପଟି—
Paṭakā 1. A cloth tied at the waist; belt.
पटका ୨ । କଦଳୀ ଗଛର ଅଂଶୁମୟ ସୂକ୍ଷ୍ମ ବଲ୍କଳ—
2. The fibre of plantain tree.
୩ । ମସ୍ତକରେ ବନ୍ଧା ହେବା ପାଗ—
3. Turban tied round the head.

କଷ୍ଟରେ ଅତ ବୃଦ୍ଧ ଭଗ ଦର
ଉଷ୍ଣୀଷ ହୋଇଥାଏ ଚର୍ମରେ ଅବୃତ.
ଏ ସବାଶୁଁ ସେ ଚର୍ମ ଟେକ କରିଦେଲେ
ବାନ୍ଧିଥାନ୍ତି କପାଳେ ପଟକା ଗୋଟିଏ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

୪ । ପଟ୍‌କା (ଦେଖ)—4. Paṭ-kā (See)

ପଟକା(କେ)ଇବା—ଦେ. କ୍ରି—୧ । ପଟକିବା (ଦେଖ)
Paṭakā(ke)iba 1 Paṭakiba (See)
୨ । ପଟକିବାର ଣିଜନ୍ତ ରୂପ—
2. Causative of Paṭakiba.

ପଟକାଣିଆ—ଦେ. ବିଣ—ଦୁଇ ପଟ ବା ଏକ ଯୋଡ଼ା ପଦାର୍ଥ ମଧ୍ୟରୁ
Paṭakāṇiā ଏକ ପଟ ପଦାର୍ଥ ନ ଥିବା ଅବସ୍ଥା ଯୁକ୍ତ—
Wanting one thing out of a pair.

ପଟକା ପଟକି କରିବା—ଦେ.କ୍ରି—୧ । ବହଲାଇବା; ଭଣ୍ଡାଇବା; ଫୁସୁଲାଇବା—
Paṭakā paṭaki kariba 1. To inveigle.
୨ । ଭୁଲାଇ ଦେବା; ଭଣ୍ଡାଇ କରି ରାଜି କରାଇବା—
2. To persuade a person by sweet words.
୩ । ଖୋସାମତ କରିବା—3. To flatter.

ପଟକାର—ସଂ. ବି. (ପଟ୍+କୃ ଧାତୁ+କର୍ତ୍ତୃ. ଅ)—
Paṭakāra ୧ । ଚିତ୍ରକର—1. Painter.
୨ । ତନ୍ତୁବାୟ—2. Weaver.

ପଟକିବା—ଦେ. କ୍ରି—(ସଂ. ପତନ)—୧ । ଅନ୍ୟକୁ ଭୂମିରେ କଚାଡ଼ିବା—
Paṭakiba 1. To dash another on the ground; to
पटकान throw down on the ground with force.
पटकना ୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଫୁସୁଲାଇ ନିଜର
ପଟକି ଦେବା, ପଟକାଇବା, ପଟକେଇବା } ଅନ୍ୟରୂପ — ପକ୍ଷକୁ ଟାଣି ଆଣିବା; ପଟକାଇବା—
2. (figurative) To bring a person to one's party by persuation or fraud.
୩ । (ଲକ୍ଷଣାର୍ଥ) କୌଣସି ଦ୍ରବ୍ୟକୁ କଳ କୌଶଳରେ ବିକ୍ରି ଆଦି ଦ୍ୱାରା ଆପଣା ହସ୍ତରୁ ଛଡ଼ାଇ ଦେବା—3. (figurative) To get rid of a thing by hook or crook.
୪ । ଭୂମିରେ (ନିଜର ମୁଣ୍ଡ ଆଦି) ବାଡ଼େଇବା—
4. To strike (one's head) on the ground.
୫ । କୁସ୍ତିରେ ପ୍ରତିଦ୍ୱନ୍ଦ୍ୱୀ ମଲ୍ଲକୁ ଭୂମିରୁ ଟେକି ଭୂମିରେ କଚାଡ଼ି ଦେବା—5. To dash one's adversary wrestler on the ground after making him lose his foothold.

ପଟଚ୍ଚର—ସଂ. ବି—(ପଟତ୍=ଶବ୍ଦାନୁକରଣ+ଚର ଧାତୁ=ଆଚରଣ
Paṭachchara କରିବା+କର୍ତ୍ତୃ. ଅ)—୧ । ଚୋର—1. Thief.
୨ । ଜୀର୍ଣ୍ଣ ବସ୍ତ୍ର—
2. Rag; worn grament; torn cloth.
୩ । ମହାଭାରତ ଓ ପୁରାଣରେ ବର୍ଣ୍ଣିତ ଭାରତର ପ୍ରାଚୀନ ଦେଶବିଶେଷ—3. Name of a country of ancient India.

[ଦ୍ର—ମହାଭାରତରେ ଏ ଦେଶର ଉଲ୍ଲେଖ ଅଛି । କେହି କେହି ଏହାକୁ ପ୍ରାଚୀନ ଚେଦି, କେହି କେହି ମଦ୍ର ଦେଶର ଅଂଶ,

କେହି କେହି ମତ୍ସ୍ୟ ଦେଶର ଦକ୍ଷିଣରେ ଓ ଚେଦି ଦେଶ ନିକଟରେ ଥିବାର କହନ୍ତି—ହି. ଶ ।]

୪ । ଉକ୍ତ ଦେଶର ଅଧିବାସୀ—
4. Name of the people residing in the above country.

ପଟ୍ଟଣା(ନା) – ଦେ. ବି (ସଂ. ପତ୍ତନ)—୧ । ପାଟଣା; ଗ୍ରାମ—
Patanā(nā) 1. Village.
ପାଟନା ୨ । ବଡ଼ ଗ୍ରାମକୁ ଲାଗିଥିବା କ୍ଷୁଦ୍ର ଗ୍ରାମ—2. A hamlet
पटना on the outskirts of a big village.

୩ । ନଗର—3. Town.
(ଯଥା—ବଣାଖା ପଟ୍ଟଣା)

୪ । ଅନେକ ପାହି ଜମିର ରଯ୍ୟତଙ୍କ ସମ୍ମିଶ୍ରଣରେ ଗଠିତ ଉପନିବେଶ—4. A colony of non-resident tenants.

୫ । (ନାମ) (ପ୍ରାଚୀନ ସଂସ୍କୃତ ନାମ ପାଟଳିପୁତ୍ର) ବିହାର ପ୍ରଦେଶାନ୍ତର୍ଗତ ପାଟଣା ବିଭାଗ, ଜିଲ୍ଲା ଓ ବିହାର ପ୍ରଦେଶର ରାଜଧାନୀ—5. Patna; the name of a town, district and division in the Province of Bihar and Orissa.

[ଦ୍ର—ପ୍ରାଚୀନ ନାମ 'ପାଟଳୀ ପୁତ୍ର ପତ୍ତନ' ଶବ୍ଦରୁ 'ପାଟଳୀ ପୁତ୍ର' ଲୋପ ପାଇ କେବଳ 'ପତ୍ତନ' ବା 'ପଟ୍ଟଣା' ବାକି ରହି ଯାଇଅଛି ।]

ପଟତନ – ଦେ. ବି. (ସଂ. ପଟ୍ଟତଳ ବା ପଟ୍ଟାଚ୍ଛାଦନ)—୧ । ନୌକାରେ ବା ଗାଡ଼ି ଆଦିରେ ସୁବିଧାରୂପେ ବସିବା ବା ଶୋଇବା ନିମନ୍ତେ ବିଛା ହୋଇଥିବା ପଟା—1. Planks spread over a boat or in carts and carriages to enable men to sit or lie down at ease.
Patatana
ପାଟାତନ
तख्ता, पाटरा
ପଟାତନ, ପଟୋତନ } ଅନ୍ୟରୂପ

ପାଟୋଲୀ ୨ । ପଟା ବିଛା ହୋଇଥିବା ବଡ଼ ଡଙ୍ଗା—2. A big
पटैला country-boat spread over with planks.
(ଯଥା—ଏ ଡଙ୍ଗାରେ ଘୋଡ଼ା, ଗୋରୁ ଓ ଗାଡ଼ି ଆଦିଙ୍କୁ ପାର କରାଯାଏ ।)

୩ । ଘର ଆଦିର ତଳରେ ପଟା ବିଛାଇବା—
3. Planking of a floor.

ପଟତନ କରିବା—ଦେ. କ୍ରି—ଡଙ୍ଗାରେ ପଟା ବିଛାଇବା—
Patatana kariba To spread planks over a boat.
ପାଟାତନ କରା **पटप बिछाना**

ପଟ ଧରିବା—ଦେ. କ୍ରି—୧ । ଏକପକ୍ଷ ପ୍ରତି ଅଯଥା ଆସକ୍ତି ଦେଖାଇବା; ପକ୍ଷପାତ କରିବା—1. To be partial; to lean to one party.
Pata dhariba
पक्षधरा पक्ष लेना
ପଟ ନେବା, ପଟ ମାଡ଼ିବା } ଅନ୍ୟରୂପ

୨ । ପକ୍ଷ ସମର୍ଥନ କରିବା—2 To take sides; to support a party.

ସାହିବେ ପଟ ଧରି ଅବଶ୍ୟ କହିବୁ
ଚତୁର୍ଦ୍ଦିଗ ଲାଗରୁକ ଥିବ ଲଗରେ
କୃଷ୍ଣସିଂ ହ. ମହାଭା. ଶାନ୍ତି ।

୩ । ସାହାଯ୍ୟ କରିବା; ସହାୟତା କରିବା—3 To support.

ପଟନାୟକ—ଦେ. ବି (ସଂ. ପଟ୍ଟ ଓ ନାୟକ)—ଉଚ୍ଚବଂଶୀୟ କରଣମାନଙ୍କ ଉପାଧିବିଶେଷ—The family-title of some high class Karanas of Orissa.
Patanāyaka
ପଟ୍ଟନାୟକ, ପଟନାଏକ, ପଟ୍ଟନାହାକ } ଅନ୍ୟରୂପ

ପଟ ପକା(କେ)ଇବା—ଦେ. କ୍ରି—୧ । ସମକକ୍ଷ ହେବା—
Pata pakā(ke)iba **बाजी राखा** 1. To compete.
होड़ करना ୨ । ସମକକ୍ଷ ହେବାକୁ ଯତ୍ନ କରିବା; ପ୍ରତିଯୋଗିତା (ପଟ ମାରିବା—ଅନ୍ୟରୂପ) 2. To emulate; to vie; to try to be equal.

ପଟ ପଟ – ଦେ. ବିଣ. (ଏହା ନାଲ ଶବ୍ଦ ପରେ ଯୁକ୍ତ ହୁଏ, ଯଥା—ନାଲ ପଟପଟ)—ସରସର; (ଲାଳହାରା) ଦେହ ଭମାମ ଆବୃତ—Covered over with (saliva or slime).
Patapata

ପଟପଟ ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଲାଳାମୟ ମସୃଣ ବସ୍ତୁ କୌଣସି ଛିଦ୍ରରେ ଉପର୍ଯ୍ୟୁପରି ପଶିବା ଓ ବାହାରିବାବେଳେ ଉତ୍ପନ୍ନ ଶବ୍ଦ—1. The sound produced by a slimy thing being thrust into and brought out from a hole.
पटपट

୨ । ପଟପାଟ (ଦେଖ) –2. Patapāta (See)

ପଟପାଟ—ଦେ. ଅ.(ଧ୍ୱନ୍ୟନୁକରଣ)—୧ । ଦଉଡ଼ି ଛିଣ୍ଡିଯିବାର ଶବ୍ଦ – 1. Snapping sound.
Patapāta
ପଟପାଟ ୨ । ଉପର୍ଯ୍ୟୁପରି ଠକ୍ଠାକ ଶବ୍ଦ କରିବା—
पटपाट, पटापट 2. Producing repeated snapping sounds.
(ପଟପଟ, ପଟପାଟେ, ପଟାପଟ—ଅନ୍ୟରୂପ)

ଭୂମେ ପଟପାଟେ ହେଉହେଲେ ପିଠିହାଡ଼ – କୃଷ୍ଣସିଂ ହ. ମହାଭାରତ. ସଭା ।

୩ । ଉପର୍ଯ୍ୟୁପରି—3. In quick succession.

ତା ହସ୍ତୁ ଗଣବେ ଧନୁଶର ପିନ୍ଧି
ପଟପାଟେ ଗଳନ୍ତେ ସୁଗ୍ରୀବ ଶରୀର – କୃଷ୍ଣସିଂ ହ. ମହାଭାରତ. ବନ ।

୪ । (ସ. ତ୍ୱରିତ) ଝଟପଟ; ଅତିଶୀଘ୍ର—4. Quickly.

ପଟବାଦ୍ୟ—ସଂ. ବି—ଗୀତ ଆଦି ବୋଲା ଯିବାବେଳେ ତାଳ ଦେବା ପାଇଁ ପ୍ରାଚୀନକାଳରେ ବ୍ୟବହୃତ ଏକପ୍ରକାର ଝାଞ୍ଜ (ହି. ଶବ୍ଦସାଗର)—A kind of cymbals used in ancient times to beat measure during singing
Pata bādya

ପଟ ବାସ —ସ. ବି. (ମଧ୍ୟପଦଲୋପୀ କର୍ମଧା; ପଟ ନିର୍ମିତ ବାସ)—
Pata bāsa ୧ । ବସ୍ତ୍ରଗୃହ; ତମ୍ବୁ; ରାବଟି—1. Tent.
(ପଟ୍ଟବାସକ—ଅନ୍ୟରୂପ) ୨ । ଚଉଡ଼ା ଧଡ଼ି ଥିବା ପାଟଶାଢ଼ୀ—
2. A broad bordered silk cloth for women.

୩ । ଗନ୍ଧଚୂର୍ଣ୍ଣ; ଫଗୁଚୂର୍ଣ୍ଣ, ସୁଗନ୍ଧ ଅବିର—
3. Scented powder (which is sprinkled over people in festivals).

୪ । ପିଠଉ; ବଟା ଚାଉଳ—
4. Rice paste; dough for preparing cake.

୫ । ଲୁଗା ଆଦିକୁ ସୁଗନ୍ଧିତ କରାଯିବା ବସ୍ତୁ (ହି. ଶ.)—
5. Thing used for perfuming clothes.
୬ । ଲହଙ୍ଗା (ହି. ଶବ୍ଦସାଗର) (ଦେଖ)
6. Lahangā (See)

ପଟ୍ଟ ବେଶ୍ମ—ସଂ. ବି. (ମ. ପ. ଲୋ. କର୍ମଧା, ପଟ୍ଟନିର୍ମିତ ବେଶ୍ମ)—
Paṭa besma ବସ୍ତ୍ରଗୃହ; ତମ୍ବୁ—Tent.

ପଟ୍ଟଭକ୍ଷ – ସଂ. ବି—ଦେଖିବା ବିଷୟରେ ଆଖିକୁ ସାହାଯ୍ୟ କରିବା ପାଇଁ
Paṭabhāksha ପ୍ରାଚୀନକାଳରେ ବ୍ୟବହୃତ ଯନ୍ତ୍ରବିଶେଷ (ହି. ଶବ୍ଦସାଗର)—A kind of optical instrument used in ancient India.

ପଟମ୍– ଦେ. ବି. (ସଂ. ପତ୍ତନ; ଏହା ଅନ୍ୟ ଶବ୍ଦ ପରେ ଲାଗି ସ୍ଥାନ ବା
Paṭam ନଗରମାନଙ୍କ ନାମରୂପେ ବ୍ୟବହୃତ ହୁଏ)—ନଗର—
पाटना—पटना Town.
ପଟ୍ଟଣ, ପାଟ୍ଟଣା, ପଟ୍ଟନ, ପଟ୍ଟନା, ପଟ୍ଟମ୍, ପଟ୍ଟୁନ, ପଟ୍ଟାମ, ପାଟ୍ଟମା, ପଟ୍ଟନା } ଅନ୍ୟରୂପ (ଯଥା—ବିଶାଖାପଟ୍ଟମ୍ ବା ବିଶାଖାପଟ୍ଟଣ, ମଛଲିପଟ୍ଟମ୍ ।)

ପଟ୍ଟ ମଞ୍ଜରୀ—ସଂ. ବି —ରାଗିଣୀବିଶେଷ—
Paṭa mañjari Name of a secondary musical air.
[ଦ୍ର—ଏହା ସମ୍ପୂର୍ଣ୍ଣ ଜାତିର ଏକ ଶୁଦ୍ଧ ରାଗିଣୀ । ଏହା ପଞ୍ଚମ ରାଗର, ମତାନ୍ତରେ ଶ୍ରୀରାଗର ଓ ମତାନ୍ତରରେ ହିନ୍ଦୋଲରାଗର ପତ୍ନୀରୂପେ କଳ୍ପିତ । ଦିନର ୬ ଦଣ୍ଡଠାରୁ ୧୦ ଦଣ୍ଡ ପର୍ଯ୍ୟନ୍ତ ଏହା ଗେୟ; କେହି କେହିଁକହନ୍ତି ଯେ ନଟ ଓ ମାଳଶ୍ରୀ ରାଗଦ୍ୱୟର ମିଳନରେ ଏହା ଉତ୍ପନ୍ନ—ହି. ଶ. ।]

ପଟ୍ଟ ମଣ୍ଡପ—ସଂ. ବି.(ମ. ପ. ଲୋ. କର୍ମଧା, ପଟ୍ଟ ବା ବସ୍ତ୍ର ନିର୍ମିତ ମଣ୍ଡପ)—
Paṭa maṇḍapa ତମ୍ବୁ; ରାଉଟି; ବସ୍ତ୍ରଗୃହ—Tent.
(ପଟ୍ଟଶାଳା—ଅନ୍ୟରୂପ)

ପଟ୍ଟମସୁ—ପ୍ରାଦେ. (ଗଡ଼ଜାତ) ବି—ଦେବଦାରୁଜାତୀୟ ବନ୍ୟବୃକ୍ଷ-
Paṭamasu ବିଶେଷ—Pinus Ceraceoides. (Haines).

कुड़मी
ପଟ୍ଟମୁ—ଦେ. ବି (ସଂ. ପତ୍ତନ=ନଗର; ପତ୍ତନବାସୀ)—କୁମୁଟୀମାନଙ୍କ
Paṭamu ଉପାଧିବିଶେଷ—A family title of a trading caste.

ପଟ୍ଟର ପଟ୍ଟର—ଦେ. ଅ (ଧ୍ୱନ୍ୟନୁକରଣ)—ଚଟି ଯୋତା ମାଡ଼ି ଚଞ୍ଚଳ
Paṭara paṭara ଚାଲିଯିବାର ଶବ୍ଦ—The sound
चटर पटर produced by briskly walking with slippers on.
[ଦ୍ର—ଗୋଡ଼ର ଗୋଇଠି ଚଟିଜୋତାର ତଳାର ଉପର ଅଂଶରେ ବାରଂବାର ବାଜି ଏହି ଶବ୍ଦ ଉତ୍ପନ୍ନ ହୁଏ ।]

ପଟ୍ଟଳ—ସଂ. ବି (ପଟ୍ ଧାତୁ=ଛେଦନ, ବିଦାରଣ, ଆଚ୍ଛାଦନ+କରଣେ.
Paṭaḷa ଅଳ)—୧ । ଅଂଶ; ବିଭାଗ—1. Part; division.
(ପଟ୍ଟଳକ—ଅନ୍ୟରୂପ) ୨ । ତନ୍ତ୍ରର ପରିଚ୍ଛେଦ—2. Chapter of a Tantra.
୩ । ବେଦାଂଶ—3. A portion of the Bedas.
୪ । ଧାନ୍ୟାଦି ରଖିବାର ଆଧାର—
4. A receptacle for storing corn.
୫ । ଚାନ୍ଦୁଆ—5. Canopy.
୬ । ବହୁ – 6. Many; multitude; assemblage.
୭ । ରାଶି; ସ୍ତୂପ—7. Heap; conglomeration; mass.
ମଧୁ ଲକ୍ଷ୍ମଣ ପ୍ରାପ୍ତେ କପଟ ପଟ୍ଟଳ ପଟଳ ତ । ଭକ୍ତ, ପ୍ରେମସୁଧାନିଧି ।
୮ । ଛାତ; ଚାଳ—8. Roof; thatch of a house.
୯ । ପେଟରା—9. A wooden box or trunk.
୧୦ । ତିଳକ; ଚିତା—10. A mark of sandal paste put on the forehead.
୧୧ । ଗ୍ରନ୍ଥର ଅଂଶ—11. Section of a book.
୧୨ । ନେତ୍ରରୋଗବିଶେଷ, ପରଲ, ମୋତିଆ ବିନ୍ଦୁ—12. Film in the eye; cataract; pearl in the eye.
୧୩ । ଓଢ଼ଣୀ; ଘୋଡ଼ଣ—13. A veil or cover.
୧୪ । ଟୋକେଇ—14. A basket.
୧୫ । ସିନ୍ଦୁକ; ବାକ୍ସ—15. A chest; a box.
୧୬ । ରାଜାଙ୍କ ସଙ୍ଗରେ ଥିବା ଲୋକଙ୍କ ଚାକର, ପରିଚର, ଅନୁଚରବର୍ଗ—
16. Train; retinue.
୧୭ । ଗଛ; ବୃନ୍ତ—17. Tree; stalk.
୧୮ । ପରଦା (ହି. ଶ.)—18. Screen.
୧୯ । ପରସ୍ତ; ଭାଙ୍ଗ (ହି. ଶ)—19. Layer; fold.
୨୦ । ପହଲ; ପାର୍ଶ୍ୱ; ବସ୍ତୁର ଭିନ୍ନ ଭିନ୍ନ ପାଖ (ହି. ଶ.)—
20. Face or side of a thing.
୨୧ । କାଠର ପଟା (ହି. ଶ.)—21. Wooden plank.
ଦେ. ବି—ଚିଲିକାରେ ମିଳୁଥିବା ଏକପ୍ରକାର ମାଛ—
A kind of fish found in Chilkā.
ପ୍ରାଦେ (ଆଠମଲ୍ଲିକ) ବି.—ଛଚିନ୍ଦା; ଛଚିଦା—
Snake gourd.

ପଟ୍ଟଳପ୍ରାନ୍ତ—ସଂ. ବି. (୬ଷ୍ଠୀ ତତ୍; ପଟ୍ଟଳ+ପ୍ରାନ୍ତ)—୧ । ଚାଳର ଶେଷ-
Paṭaḷa prānta ଭାଗ; ଓଳ—1. The eaves of a thatch.
(ପଟ୍ଟଳାନ୍ତ—ଅନ୍ୟରୂପ)
୨ । ଛାତର ଶେଷଭାଗ—2. The edge of a roof.
୩ । ଆଚ୍ଛାଦନ ବସ୍ତ୍ରର ଶେଷଭାଗ—3. The end or hem of a covering cloth.

ପଟ୍ଟଳା—ପ୍ରାଦେ (ଭଦ୍ରକ) ବି.—ପଟ୍ଟଛନ ଡଙ୍ଗା—A boat covered
Paṭaḷā over with planks; a boat with a planked deck.

ପଟ୍ଟଳୀ—ସଂ. ବି. (ପଟ୍ଟଳ+ଈ)—୧ । ସମୂହ; ଗଣ—
Paṭaḷi Many; assemblage; collection.
କୁଞ୍ଜ ନଟ ପଟ୍ଟଳୀ ମୁଦ୍ରିତ ହେ । ବଳଦେବ, ସଙ୍ଗୀତ ।
୨ । ବେଦାଂଶ—2. A portion of Beda.
୩ । ତନ୍ତ୍ରର ପରିଚ୍ଛେଦ—3. A chapter of Tantra.
୪ । ସଞ୍ଚୟ—4. Saving.
୫ । ବାକ୍ସ—5. Box.
୬ । ପେଟରା—6. Trunk.
୭ । ଛପର; ଛାତ (ହି. ଶ)—7. Thatch; roof.

ପଟହ—ସ. ବ (ପଟ୍=ଟଟଶବ୍ଦ+ହା ଧାତୁ=ତ୍ୟାଗ କରିବା+କର୍ତ୍ତୃ. ଅ; ଯେ ପଟ୍ ପଟ୍ ଶବ୍ଦ କରେ)—୧ । ନାଗରା; ଢୋଲ; ଢାଙ୍କୁ—1. Drum; kettle drum.
Pataha

୨ । ରଣ ଢକ୍କା—2. War-drum.

୩ । (ଅଧିକରଣ. ଅ) ଆଡ଼ମ୍ବର—3. Ado.

୪ । ମାରଣ; ବଧ—4. Killing; murder.

୫ । କର୍ଣ୍ଣ ପଟହ; କାନ ଭିତରର ଝିଲ୍ଲି, ଯହିଁରେ ଶବ୍ଦ ଯାଇ ବାଜେ—5. Ear-drum; tympanum; the drum-like membrane of the ear on which external sounds strike; tympanic membrane of the ear.

ପଟା(ଟ୍ଟା)—ଦେ. ବ (ସ. ପଟ୍ଟ)—୧ । କାଠର ପତଳା ଲମ୍ବଖଣ୍ଡ—1. Plate; wooden plank.
Pata(tta)
पाटा

୨ । ଅଧିକାର ପତ୍ର; ସନନ୍ଦ (ପୂର୍ବେ ଧାତୁ ଫଳକ ଉପରେ ଏହା ଅଙ୍କିତ ହେଉଥିଲା)—2. Sanad; a deed of gift or authority.
पटा, पटड़ा, पटरा

୩ । ପାଢ଼ିଆ—3. Strip.

୪ । ଲମ୍ବା ଓ ସରୁଆ ଭୂଖଣ୍ଡ—4. A long and narrow strip of land; a narrow belt of land.

୫ । ଚଉଡ଼ା ରେଖା—5. A broad line.

୬ । ଓଢ଼ଣୀ; ଗୁଦର—Sheet; scarf.

୭ । (ସ. ପଟ୍ଟ) ଜମିଦାର ରୟତଙ୍କୁ ଉପଭୋଗ ଭୂମି ଦେବାର ସନନ୍ଦ ପତ୍ର—7. Lease of rayati holding given by the landlord.

ପଟା ଦେଇ ପରଜାଙ୍କୁ ବୁଝିଲେ କେବେ—ପ୍ରାଚୀ ଗ୍ରାମଲୁ ଉକ୍ତି ଗୀତା ।

୮ । ଲମ୍ବା ଓ ଚଉଡ଼ା ଦାଗ—
8. A long broad line; a stripe.
(ଯଥା—ତା ଦେହରେ ନାଲି ପଟା ବସିଛି ।)

୯ । ଥର—9. Time.
(ଯଥା—ଏ ଖେଳରେ ଗୁଡ଼ ପଟା ମଇ ଦେଲଣି ।)

୧୦ । ବସ୍ତ୍ରାଦି—10. Clothes.
(ଯଥା—ଲୁଗାପଟା; କନାପଟା ।)

୧୧ । ରଙ୍ଗ ବା ନାଲି ପାଟଲୁଗା—11. Red silk cloth.

ବୁଢ଼ ସେନା ଯାବର ବସନେ ଉଚଟେ
ଭୂତଳେ ପଟାପର ଘଣିଲେ ସେ କେବେ । କୃଷ୍ଣସିଂହ ମହାଭାରତ ଦ୍ରୋଣ ।

୧୨ । ଏକପ୍ରକାର ଲୁଣି ମାଛ—
12. A kind of sea fish.

ଦେ. ବଣ—ପଟା ପରି ସମଭୁଲ ବା ଚେପଟା—
Flat or level like a plank.
(ଯଥା—ରୋଗ ଓ ବୟସ ଯୋଗୁଁ ତା ହଦହାଡ ପଟା ହୋଇ ଗଲାଣି ।)

ଦେ. ବ—ତରବାର ଖେଳ ଶିଖିବାପାଇଁ ବ୍ୟବହୃତ ଅଦାନ୍ତୁଆ ଖଣ୍ଡା—Foil; blunt sword used in fencing.
पटा

ପ୍ରାଦେ. (ଗଡ଼ଜାତ) ବ—ମଲ୍ଲକ୍ରୀଡ଼ାରେ ଆତ୍ମରକ୍ଷା ବା ଶତ୍ରୁକୁ ଆକ୍ରମଣ କରିବା ପାଇଁ ମଲ୍ଲର ଦୁଇ ହାତରେ ଧରଥିବା ଯଷ୍ଟିଦ୍ୱୟ—A pair of sticks held by both hands for defence and attack in fencing.

ପ୍ରାଦେ. (ସମ୍ବଲପୁର) ବ—୧ । ମଇ (ଦେଖ)—
1. Mai (See)

୨ । ସଙ୍ଗା; ଭାଡ଼ି—2. Scaffolding used as a loft.

ପଟା ଆଟୁ—ଦେ. ବ—ପଟା ଭାଡ଼ି (ଦେଖ)—
Pata atu Pata bhardi (See)

ପଟାଇ—ଦେ. ବଣ. (କଟକଆ)—୧ । ପଟ୍ଟାସମ୍ବନ୍ଧୀୟ—1. Appertaining to a lease.
Patai
पाटाई

୨ । ପଟ୍ଟାଦ୍ୱାରା ରଇତଙ୍କୁ ଦତ୍ତ—2. Leased out.
पट्टाइ (ଯଥା—ପଟାଇ ଜମି; ପଟାଇ ସ୍ୱତ୍ୱ ।)

ପଟା(ଟେ)ଇବା—ଦେ. କ୍ରି. (ସ. ପୁଟ୍ ଧାତୁ=ମିଳନ)—
Pata(te)iba

୧ । ଧନ ବା ବସ୍ତୁଆଦି ଦାଖଲ କରିବା—1. To pay or deliver money or things.

ପଟାଇଦେବା } ଅନ୍ୟରୂପ
ପଟେଇଦେବା }

पटान (ଯଥା—ଖଜଣାଖାନାରେ ମୁଁ ଲାଟବନ୍ଦୀ ଖଜଣା ପଟାଇ ଦେଲି ।)
पटाना

୨ । ମିଷ୍ଟବାକ୍ୟ ବା ପ୍ରଲୋଭନଦ୍ୱାରା କୌଣସି ବ୍ୟକ୍ତିଙ୍କୁ ବଶୀଭୂତ କରିବା; ପଟେଇବା—2. To win over a person by oily words; to seduce.

୩ । ସମ୍ମତ କରାଇବା—3. To make one agree.

ପଟାଏ—ଦେ. ଅ—ଥରେ—Once.
Patae ଏଥରକ ବୁଢ଼ାକୁ ଅଚ୍ଛା କରି ପଟାଏ ଶିକ୍ଷାଦେବାକୁ ହେବ ।
एकबार **एकदफा** ଉତ୍କଳ. ଯୌତୁକ ।

ପଟାଏତ—ପ୍ରାଦେ. (ଗଡ଼ଜାତ) ବ. (ସ. ପଟ୍ଟପୁତ୍ରକ)—
Pataeta ରାଜାଙ୍କର ମଝିଆଁ ପୁଅ ବା ଜ୍ୟେଷ୍ଠପୁତ୍ରଙ୍କ ତଳପୁଅ—
Younger prince; a Raja's second son.
(ପଟାଇତ, ପଟେଇତ, ପଟ୍ଟାଇତ, ପଟ୍ଟାଏତ, ପଟ୍ଟାସ୍ୱତ, ପଟ୍ଟାସ୍ୱିତ, ପଟ୍ଟାସ୍ୱୈତ—ଅନ୍ୟରୂପ)

ପଟାକ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ପଟ୍ ପଟ୍ ଶବ୍ଦ; ଦୁଇଟି କୋମଳ ପଟାପରି ବସ୍ତୁର ଉପର୍ଯୁପରି ଆଘାତ ଜନିତ ଶବ୍ଦ—1. With a plattering sound.
Patak

ପଟାତ୍ } ଅନ୍ୟରୂପ
ପଟାକ୍(ତ୍)ଦ(ଧ)ସ୍ }

पटाद ୨ । କୋରଡ଼ା ମାରିବାର ଶବ୍ଦ—
पटाक् 2. Smacking sound of whipping.

ପଟା କରି ଦେବା—ଦେ. କ୍ରି—ରଇତଙ୍କୁ ଜମି ପଟା ଦେବା—
Pata kari deba To lease out a land.
पाटा देओआ **पट्टा देना**

ପଟା କରିବା—ଦେ. କ୍ରି—ପଟ୍ଟାଦ୍ୱାରା ଜମି ଗ୍ରହଣ କରିବା; ପଟ୍ଟାନେବା—
Pata kariba To take a piece of land on lease.
पाटाकरा **पट्टालेना** (ପଟା କରିନେବା—ଅନ୍ୟରୂପ)

ପଟା କବୁଲିୟତ୍—ଦେ. ବ. (କଟକଆ; ବ୍ୟବହୃତ ସହଚରଶବ୍ଦଦ୍ୱୟ)
Pata kabuliyat (ସ. ପଟ୍ଟା+ଫା. କବୁଲିୟତ୍)—ଜମିଦାର

পাটা কবুলিয়ৎ — ରଏତଙ୍କୁ ଲେଖିଦେବା ରଇଭଜମିର ସନନ୍ଦ
पट्टा कबुलियत — ଓ ରଇତ ଜମିଦାରଙ୍କୁ ଲେଖିଦେବା ସ୍ୱୀକାର
ପଟ୍ଟା କବଲତ, ପଟ୍ଟା କବୁଲତ, ପଟ୍ଟା କବୁଲ୍ୟତ, ପଟ୍ଟା କବୁଲଅତ — ଅନ୍ୟରୂପ — ପତ୍ର—Lease and counterpart of a lease; Patta and Kabuliat.

ପଟା କବୁଲୟତ ଆଦାନ ପ୍ରଦାନ —ଦେ. ବ. (କଚେରୀଆ)—ରଏତଭୂମି ପ୍ରଜାଙ୍କୁ ଦିଆଯିବା ସମୟରେ ଜମିଦାର ଓ ପ୍ରଜା ମଧ୍ୟରେ ପଟ୍ଟା ଓ କବୁଲୟତର ଦିଆ ନିଆ—The exchange of Patta and Kabuliat between the landlord and the tenant on the occassion of granting a lease.
Paṭa kabuliyata ādāna pradāna
পাটা ও কবুলিয়তের আদানপ্রদান
पट्टा कबुलियतोंका आदान प्रदान

ପଟା ଖେଳ —ପ୍ରାଦେ. (ଗଡ଼ଜାତ) ବ—୧। ଦୁଇ ହାତରେ ଯଷ୍ଟିଦ୍ୱୟ ବା ଅଦାଢ଼ୁଆ ଖଣ୍ଡାଦ୍ୱୟ ଏକ ସମୟରେ ବୁଲାଇବା ରୂପ ମଲ୍ଲ କ୍ରୀଡ଼ା—1. Athletic sport consisting of brandishing two sticks or foils simultaneously with both hands.
Paṭā khel̤a
୨। ଦୁଇ ମଲ୍ଲଙ୍କର ଅଦାଢ଼ୁଆ ଖଣ୍ଡା ଦ୍ୱାରା କ୍ରୀଡ଼ା—2. Fencing with foils.

ପଟା ଗଜ—ଦେ. ବ—ରାଜମିସ୍ତ୍ରୀମାନେ ଯେଉଁ ପଟ୍ଟା ଖଣ୍ଡ ଦ୍ୱାରା ପଲସ୍ତରାକୁ ସମତଳ କରନ୍ତି—A long and thin plank of wood used by masons to plane a plastering.
Paṭā gaja

ପଟା ଗ୍ରହୀତା— ଦେ. ବ. (କଚେରୀଆ; ସଂ. ପଟ୍ଟ+ଗ୍ରହୀତା)—ଯେ ପଟ୍ଟା ନେଇ ଥାଏ —A lessee; lease-holder.
Paṭā grahitā
পাট্টা গ্রহীতা पट्टादार

ପଟାଙ୍ଗିର—ଦେ. ବ (ବଣିଆ ଶବ୍ଦ)—ଏକପ୍ରକାର ମୁନିଆ ଚିମୁଟା—A kind of pointed tongs.
Paṭāṅgir

ପଟା ଚାନ୍ଦୁଆ—ଦେ. ବ—କାଠ ପଟାରେ ଛାଅର ହେବା ଚାନ୍ଦୁଆ—An awning made of planks.
Paṭā chāndua

ପଟା ଜଗତି ଦେ. ବ—ଯେଉଁ ଜଗତି ବା ଚୁର୍କି ଘରର ଛାତ ପଟାରେ ଛାଅର ହୋଇଥାଏ—A room thatched with planks.
Paṭā jagati

ପଟା ଝାଉଁ—ଦେ. ବ—ଏକ ପ୍ରକାର ଝାଉଁ ଗଛ—Thurja Orientalis (tree).
Paṭā jhāuṅ
[ଦ୍ର—ଏହାର ପତ୍ର ଚେପ୍ଟା ଓ ଏହା ଚିରହରିତ୍ ।]

ପଟା ଟପ୍ —ଦେ. କି. ବଣ. (ଧ୍ୱନ୍ୟନୁକରଣ)—
Paṭā ṭāp — ୧। ପଟ୍‌ପାଟ୍; ପଟ୍ ପଟ୍ ଶବ୍ଦ କରି; ଟପଟପ ଶବ୍ଦ କରି—1. With a plattering sound.
পটাপট
पटापट
(ପଟ୍ଟପଟ୍ଟ - ଅନ୍ୟରୂପ)
୨। କ୍ରମାଗତ ପଟ୍ ପାଟ୍ ଶବ୍ଦ କରି—2. With repeated clattering sounds.
୩। ଅତି ଶୀଘ୍ର; ଟପାଟପ୍; ଝଟ ପଟ—
3. Quickly; in quick succession.

ଅଗ ବୁଢ ଲଙ୍ଗର ପଚ୍ଛ ଲଗାଡ଼ ପକେଇ ଦେଲ, ପଟାପଟ୍ ଛିଡ଼ିଗଲ ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

୪। ବାରଂବାର—4. Repeatedly.

ପଟା ଟପ—ଦେ. ବ. ଓ ଅ. (ସଂ. ପଟ୍ଟ ଓ ଆଟୋପ)—
Paṭā ṭapa — ଆଡ଼ମ୍ବର; ଘନଘଟା—Ado; pomp; ostentation; grandeour.

ପଟା ଟୋପ—ଦେ. ବ. ଓ ଅ.— ୧। ପଟା ଟପ (ଦେଖ)
Paṭā ṭopa — 1. Paṭā ṭapa (See)

ସଭାରେ କଥା ପଡ଼ିଥିଲେ ଗୁରୁ ଚୋପ
କର କହିବାକୁ ଅସନ୍ତ ପଟା ଟୋପ । କୃଷ୍ଣସିଂହ. ମହାଭାରତ ବନପର୍ବ ।

୨। ଘରର ଚଟାଣ ତଳେ ଧନ ଆଦି ଲୁଚାଇ ରଖିବା ପାଇଁ ଖୋଳା ଯାଇଥିବା ଗର୍ତ୍ତ (ଯାହା ଉପରେ ପଟା ପଡ଼ିଥାଏ)—2. A hole dug in the floor of a house to conceal things, over which planks are laid.
[ଦ୍ର—ଲୋକେ ପୂର୍ବକାଳରେ ଘର ତଳେ ଗାତ ଖୋଳି ସେଥିରେ ଧନ ଆଦି ଲୁଚାଇ ରଖୁଥିଲେ ଓ ସେ ଗାତର ମୁହଁକୁ ପଟା ଦ୍ୱାରା ଘୋଡ଼ାଇ ରଖୁଥିଲେ । ଧନ ଆଦି କାଢ଼ିବାର ଦରକାର ହେଲେ ପଟାକୁ କାଢ଼ୁଥିଲେ । ଅନ୍ୟ ସମୟରେ ଉକ୍ତ ଟୋପରର ମୁହଁ ପଟାରେ ବନ୍ଦ ରହୁଥିଲା ଓ ବାହାରର ଲୋକେ ଏହାକୁ ଠଉରାଇ ପାରୁ ନ ଥିଲେ ।]

ପଟା ତାଲିକା—ଦେ. ବ—ଜମିଦାରଙ୍କର ରଏତମାନଙ୍କଠାରୁ ଅସୁଲ ହେବା ଖଜଣାର ତାଲିକା—Rent roll; list of assests realisable from rayats of an estate.
Paṭā tālikā

ପଟା ଦାତା—ଦେ. ବ. (କଚେରୀଆ)—ଯେ ପଟ୍ଟା ଦେଇ ଥାଏ—A lessor.
Paṭā dātā পাট্টাদাতা पट्टा देने वाला
(ପଟ୍ଟାଗ୍ରହୀତା—ବିପରୀତ)

ପଟାଦାର—ଦେ. ବ. (କଚେରୀଆ)—ପଟ୍ଟା ଗ୍ରହୀତା (ଦେଖ)
Paṭādāra — Paṭā grahitā (See)
পাট্টাদার पट्टादार

ପଟା ଦେବା—ଦେ. କ୍ରି—ପଟ୍ଟା ଦ୍ୱାରା ରଏତଙ୍କୁ ଜମି ବନ୍ଦି କରିବା—To lease out a land to a tenant.
Paṭā debā
পাট্টা দেওয়া पट्टा देना

ପଟା ଦୋଲି —ଦେ. ବ. (ସଂ. ପଟ୍ଟ+ଦୋଲି)—
Paṭā doḷi — ପଟା ଲାଗିଥିବା ଦୋଳି—A swing with a planked seat.

ପଟା ନେବା—ଦେ. କ୍ରି—ପଟ୍ଟା ଦ୍ୱାରା ଜମିକୁ ଗ୍ରହଣ କରିବା—To take a land on lease.
Paṭā nebā
পাট্টা লওয়া पट्टा लेना

ପଟାନ୍ତର—ଦେ. ବ. (ସଂ. ପଟ୍ଟ=ଚିତ୍ରପଟ୍ଟ+ଅନ୍ତର=ଅନ୍ୟ, ଏଥିର ଅକ୍ଷରିକ ଅର୍ଥ; ଏହି ବସ୍ତୁର ଚିତ୍ରର ଅନ୍ୟ ଚିତ୍ର)—
Paṭāntara
୧। ତୁଳନା; ଉପମା—1. Comparision.

ଦେଖ ଏ ବେହୁଣୀ ତୁଳର
କୋଷ୍ଟ ବର୍ଣ୍ଣ ପଟାନ୍ତର । ଜଗନ୍ନାଥ, ଭାଗବତ ।

୨। ସମତା—2. Similitude; similarity.

୩ । ଉପମା ଯୋଗ୍ୟ ବସ୍ତୁ—
3. A thing worthy of comparision.
ତୁମ୍ଭେ ସେ ତାଙ୍କ ପଟାନ୍ତର । ଉପେନ୍ଦ୍ର, ପ୍ରେମପଞ୍ଚାମୃତ ।

ପଟା ପଟା—ଦେ. ଅ – ଲମ୍ବ ଲମ୍ବ ଦାଗ ବା ରେଖାଯୁକ୍ତ ହୋଇ—
Paṭā paṭa With long stripes; striped.
(ପଟାଲୁ ପଟା—ଅନ୍ୟରୂପ)

ପଟାପଟି—ଦେ. ବ—ଫୁସୁଲା ଫୁସୁଲ; ଭଣ୍ଡାଇବା; ଫୁସୁଲାଇବା—
Paṭāpaṭi Gaining over; seduction; inveigling.
ପାଟାପଟୀ **पटापटी**
ଏହି ରୂପେ ଭଜ, କରନ୍ତେ ପଟାପଟ
ମନେ ସବୁ ସ୍ନେହ ହୋଇ ପିଟାପିଟ । କୃଷ୍ଣସିଂହ, ମହାଭାରତ ଶାନ୍ତି ।

ପ୍ରାଦେ. (ଗଞ୍ଜାମ) ବ—କଳହ—Quarrel.

ପଟା ପତ୍ର—ଦେ. ବ. (ସ. ପଟ୍ଟା ଓ ପତ୍ର)—
Paṭā patra ୧ । ସନନ୍ଦ—1. A royal grant.
ପାଟ୍ଟା ୨ । ଦାନପତ୍ର—2. Deed of gift.
पट्टा ୩ । ଅଧିକାର ପତ୍ର—2. Title deed.

ପଟା ପଥର—ଦେ. ବ. (ସ. ପଟ୍ଟ+ପ୍ରସ୍ତର)—
Paṭā pathara ପଥରର ଚଉରସ ଓ ପତଳା ଖଣ୍ଡ—A slab of stone.
ପାଟା|ପାଥର **पटिया**

ପଟା ପୋଶ – ପ୍ରାଦେ (ଗଡ଼ଜାତ) ବଣ—ଗୁହାଳିଆ (ଦେଖ)
Paṭā posa Guhāḷiā (See)

ପଟା ବଦଳ(ଳି)—ଦେ. ବ—ମିଆଦ ପଟାର ନିର୍ଦ୍ଧାରିତ ସମୟ ପୂରିଯିବା ପରେ ଜମିଦାରଙ୍କର ପ୍ରଜାକୁ ନୂଆ ପଟା ଲେଖିଦେବା—Renewal of a lease.
Paṭā badaḷa(ḷi)

ପଟା ବାଜ୍—ବୈଦେ. ବଣ—ଯେ ଲୋକ ଗଞ୍ଜପା ଅବା କୌଣସି ପ୍ରକାର ଖେଳରେ ମାତେ—(A person) Addicted to playing at card.
Paṭābāj
(ପଟାବାଜା—ବ)

ପଟା ବାଡ଼—ପ୍ରାଦେ. (ସମ୍ବଲପୁର) ବ—ଗ୍ରାମବାସୀମାନେ ପ୍ରତ୍ୟହ ସମବେତ ହେବା ପାଇଁ ବା ସଭା କରିବା ପାଇଁ ଗଛ ମୂଳେ ବନ୍ଧା ହୋଇଥିବା ମାଟିର ପିଣ୍ଡି—
Paṭā bārḍa
(ପଟାବାନ୍ଧ—ଅନ୍ୟରୂପ)
An earthen platform at the foot of a tree where the villagers assemble daily to hold meetings.

ପଟା ଭିଡ଼ି—ଦେ. ବ—ପଟା ଅଟୁ ; କାଠ ପଟାରେ ତିଆରି ହୋଇଥିବା ଭିଡ଼ି ବା ଘରର ଉପର ଛାତ—An inner roof of a thatched house made of planks.
Paṭā bhārḍi

ପଟା ମଇ—ଦେ. ବ—କାଦୁଅ କ୍ଷେତକୁ ସମତୁଲ କରିବା ନିମନ୍ତେ ବ୍ୟବହୃତ ଏକ ପ୍ରକାର ମଇ—A harrow or small ladder drawn over a muddy field to make it smooth.
Paṭā mai

ପଟା ମଣ୍ଡୋଇ—ଦେ. ବ. (ସ. ପଟ୍ଟ+ମଣ୍ଡପ)—ଯେଉଁ ମଣ୍ଡପର ଉପରେ ଛାତତଳେ ପଟା ବିଛା ହୋଇଥାଏ—A pavillion laid over with planks below the roof.
Paṭā manḍoi
(ପଟା ମୁଣ୍ଡୋଇ—ଅନ୍ୟରୂପ)
ପଟା ମଣ୍ଡୋଇ ତଳେ ବୁଲୁ ଭଙ୍କର ରାଜନ ନାଃ ମନ୍ଦର ।
ପ୍ରାଚୀ – ରହସ୍ୟ ମଞ୍ଜରୀ ।

ପଟା ମାରିବା—ପ୍ରାଦେ (ସମ୍ବଲପୁର) କ୍ରି.—ମଇ ଦ୍ୱାରା କର୍ଷିତ କ୍ଷେତ୍ରର ଢେଲା ଆଦି ଭାଙ୍ଗି ଭୂମିକୁ ସମତଳ କରିବା; ମଇ ଦେବା-
Paṭā māribā To level up a ploughed field with a ladder.

ପଟା ମୁଣ୍ଡାଇ—ଦେ. ବ (ନାମ)—୧ । କଟକ ଜିଲ୍ଲାରେ ଥିବା ପ୍ରାଚୀନ ବନ୍ଦରବିଶେଷ—1. An ancient port in the Cuttack district.
Paṭāmunḍāi
୨ । କେନ୍ଦ୍ରାପଡ଼ା ସବ୍‌ଡିଭିଜନରେ ଥିବା ଅଧିକ୍ଷକ ଥାନା ଓ ଗ୍ରାମବିଶେଷ—2. Name of a Police Station and village in the Kendrapara subdivision of Cuttack.
୩ । ପଟାମଣ୍ଡୋଇ (ଦେଖ)—3. Paṭāmanḍoi (See)

ପଟାମୁଣ୍ଡି—ଦେ. ବ – ବାନା ପଟା ଖେଳ; ଖେଳ ପଟା ଦ୍ୱାରା ଏକପ୍ରକାର ଖେଳ—A kind of game with foils; wrestling with foils.
Paṭā mundi
ଚଢ଼ନ୍ତି ଯାଚି ଯାଉଛନ୍ତି ପଟାମୁଣ୍ଡି ଖେଳ – ପୀତାମ୍ବର; ନୃସିଂହ ପୁରାଣ ।

ପଟାମ୍ବର—ସ. ବ (ପଟ୍ଟ+ଅମ୍ବର) – ପାଟ ଖଦ; ପଟ୍ଟ ବସ୍ତ୍ର—Silk cloth.
Paṭāmbara
ପୀତ ପଟାମ୍ବର କାଚ୍ଛନୀ
ସଂଗ ବ ଗ୍ରନ୍ଥିତ ଦାମଣୀ – ଭୂପତେ, ପ୍ରେମପଞ୍ଚ ମୃତ ।

ପଟାଲମ୍—ବୈଦେ. ବ—(ଇଂ. ପ୍ଲାଟୁନ୍; ବାଟାଲିଅନ୍ = ସେନାଦଳ; ଫା. ବଟେଲନ୍)—ପଲଟନ; ସିପାହୀ—Army; a body of soldiers; platoon; batallion.
Paṭālam
ପଲ୍ଟନ
पलटन କଟକରୁ ନନେ ଭୂଷଣ ପଟାଲମ ସେନ ଅଛିବି,
ଗାଁଲୋକେ ଯେ ବନ୍ଧା ଛଡ଼ା ହେବେ ଏହା ନାଃସନ୍ଦେହ ।
ଫଳାର ମୋହନ – ଛମାଣ ଆଠଗୁଣ୍ଠ ।

ପଟାଳି—ଦେ. ବ (ସ. ପଟ୍ଟଲ)—୧ । ସାଗ କିଆରି—A plot or square of land prepared for growing kitchen-vegetables.
Paṭāḷi
ମାଡ଼
वेड़ा ୨ । ନଦୀରେ ଭାସି ଆସିବାର ଉପଯୋଗୀ ଏକତ୍ର ଆବଦ୍ଧ କାଠ ବା ବାଉଁଶର ସମଷ୍ଟି—A raft of bamboos or logs; a float of logs or bamboos for transportation; a fleet of logs.

ପଟାଳିଆ—ଦେ. ବଣ—୧ । ପଟାପରି ପତଳା ବା ଚେପଟା—
Paṭāḷia 1. Flat like a plank.
୨ । ପଟାହାରିଆ (ଦେଖ)—2. Paṭāhāriā (See)

ପଟାଳି ଛାଡ଼ିବା—ଦେ. କ୍ରି.—କାଠ ବା ବାଉଁଶକୁ ଏକତ୍ର ପଟାଳି ବାନ୍ଧି ନଦୀ ଆଦିରେ ଭସାଇ ଦେବା—To raft; to transport logs etc by forming a raft.
Paṭāḷichchārdibā

ପଟାଳି ପଡ଼ିବା—ଦେ. କ୍ରି.—(ଲକ୍ଷଣାର୍ଥ) ସଂକ୍ରାମକ ଜ୍ୱର ବା ଓଲାଉଠା ଦ୍ୱାରା ଏକ ସମୟରେ ମୃତ ହୋଇ ଥିବା ଲୋକଙ୍କର ଶବ କାଠ ପଟାଳି ପରି ଲଗାଲଗି ହୋଇ ଏକସ୍ଥାନରେ ପଡ଼ିବା—
Paṭāḷi parḍibā
ପଟାଳି ପରି ପଡ଼ିବା;
ପଟାଳି ପରି ଶୋଇବା } ଅନ୍ୟରୂପ
ପଟାଳି ପରି ମରିବା
पटाहोजाना (figurative) To lie down like logs in a raft (said of people dying in large numbers).

ପଟାଳିବା—ଦେ. କ୍ରି.—(ଭୁଲ. ଓ. ପୋଟାଳିବା) – ସମ୍ବର ଯୁଗ୍ମ (ମିଥୁନ)
Paṭāḷibā ଲୁଣି ବା କାଦୁଅ ମାଟିରେ ଗଡ଼ାଗଡ଼ି ହେବା—
(a couple of Sambhar deer) To wallow together in a muddy ground.
[ଦ୍ର—ସମ୍ବର ମିଥୁନ ଯୋଡ଼ା ପଡ଼ିବା ଋତୁରେ ଏହିପରି ଗଡ଼ାଗଡ଼ି ହେବାର ଦେଖାଯାଏ ।]

ପଟାଳି ବାନ୍ଧିବା—ଦେ. କ୍ରି.—୧ । ଗୁଡ଼ିଏ କାଠ ବାଉଁଶକୁ ଏକତ୍ର କରି
Paṭāḷi bāndhibā ପଟାଳି କରିବା—1. To make logs into a raft; to raft.
୨ । ଶାଗ ଆଦି ଲଗାଇବା ନିମନ୍ତେ କ୍ଷେତକୁ ଖଣ୍ଡ ଖଣ୍ଡ ପଟାଳିରେ ପରିଣତ କରିବା ବା କ୍ଷୁଦ୍ର ସୀମାବଦ୍ଧ ଭୂଖଣ୍ଡରେ ବିଭକ୍ତ କରିବା—2 To make a field into small plots or blades for growing kitchen-vegetables.

ପଟା ଶିମ୍ବ— ଦେ. ବି.— ଏକପ୍ରକାର ଶିମ—A kind of bean.
Paṭā śimba [ଦ୍ର—ଏଥିର ଛୁଇଁ ପଟାଳିଆ ବା ଚେପ୍ଟା ଓ
(ପଟାଶିମ—ଅନ୍ୟରୂପ) ଚଉଡ଼ା ।]

ପଟାସ୍—ବୈଦେ. ବି. (ଇଂ. ପଟାସ୍)—ବୃକ୍ଷର ପାଉଁଶରୁ ଉତ୍ପନ୍ନ ଏକ
Paṭās ପ୍ରକାର କ୍ଷାର—Potash
(ପୋଟାସ୍—ଅନ୍ୟରୂପ) পটাস **पटास**

ପଟା ସଲାମି—ଦେ. ବି.—(ଦ. ପଟ୍ଟା ଓ ପା. ସଲାମୀ)—ରଇତ
Pāṭā salāmi ଜମିଦାରଠାରୁ ଜମି ପଟା ନେବା ବେଳେ ଯେଉଁ
পাটা সেলামী ଟଙ୍କା ଭେଟି ଦିଏ—Premium paid to a land-
पटा सलामी lord by a rayat for a lease.

ପଟାସିଅମ୍—ବୈଦେ. ବି (ଇଂ. ପୋଟାସିଅମ୍)—
Paṭāsiam ଏକ ପ୍ରକାର ଧାତବ ମୌଳିକ ପଦାର୍ଥ—
পটাসিঅম **पटासिअम** Potassium.

ପଟା ହାଡ଼—ପ୍ରାଦେ. (ବାଲେଶ୍ୱର) ବି.—ପଲାଣ ବାନ୍ଧିବା ବେଳେ
Paṭā hārḍa ବଳଦର ପେଟତଳ ଦେଇ ବନ୍ଧା ହୋଇଥିବା ଦଉଡ଼ିର
(ପଟାହାଡ଼—ଅନ୍ୟରୂପ) ଗୋଛ—A bunch of strings passed below the belly of a pack-bullock.

ପଟାହାରିଆ—ଦେ. ବିଣ.—ଯାହା ଦେହରେ ପଟା ପଟା ବା ଚଉଡ଼ା ଓ
Paṭā hāriā ଲମ୍ବ ଗାରମାନ ଥାଏ—Striped.
धारीदार

ପଟାହାରିଆ ବାଘ ଦେ. ବି. (ଦ ନାମ. ଶାର୍ଦ୍ଦୂଳ)—ଯେଉଁ ବାଘର
Paṭāhāriā bāgha ଦେହସାକ ପଟା ପଟା ଡୋରିଆ କଳାଦାଗ-
গোবাঘ **शेर** ମାନ ଥାଏ—Striped tiger; Felis Tigris.
ପଟାହାରିଆ ମହାବଳ, ପଟାରିଆ ମହାବଳ, ପଟାଳିଆ ବାଘ, ପଟାଳିଆ ମହାବଳ } ଅନ୍ୟରୂପ

ପଟି—ସ ବି. (ପଟ୍ ଧାତୁ=ବେଷ୍ଟନ କରିବା+ଇ)—୧ । ବସ୍ତ୍ରବିଶେଷ-
Paṭi 1. A kind of cloth.
୨ । ପଲ୍ଲୀ; ପଡ଼ା—
2. Hamlet; quarter of a town or village.
୩ । ସମ ବ୍ୟବସାୟୀମାନଙ୍କର ଦୋକାନ ଶ୍ରେଣୀ—3. A row of shops vending the same commodity.

ପାଟି ଦେ. ବି. (ସ. ପଟ୍ଟ; ପଟ୍ଟୀ କିମ୍ବା ପାଟ୍ଟୀ)—୧ । କ୍ଷୁଦ୍ର ଚିତ୍ରପଟ—
पटी 1. A small picture.
(ପଟ୍ଟି—ଅନ୍ୟରୂପ) ୨ । ପାଲ; କେରେପାଲ—
2. Gunny; tarpaulin.
୩ । କ୍ଷୁଦ୍ର ପଟା—3. A small plank or plate.
୪ । ପଟା—4. Strip; plank; plate.
୫ । ପଟା ପଟା ଦାଗ—5. Stripe.
୬ । ଅଳ୍ପ ଚଉଡ଼ା ଲମ୍ବା ଭୂଖଣ୍ଡ—
6. A long & narrow strip of land.
୭ । ତାଳ ଖଜୁରି ଆଦି ପତ୍ରରେ ବୁଣା ହୋଇଥିବା ବିଛଣା ବା ଆସନ—7. A mat made of palm leaves.
(ଯଥା—ଶୀତଳପଟି; ଖଜୁରି ପଟି)
୮ । ଶ୍ରେଣୀ; ଧାଡ଼ି—1. Row.
୯ । ବଣ୍ଟନରେ କୌଣସି ପକ୍ଷର ହିସାବରେ ଦିଆଯିବା ଲମ୍ବ ଭୂଖଣ୍ଡ; ସିମ୍ମ—9. A long strip alloted to a party during partition; a cosharer's particular allotment.
୧୦ । କ୍ଷତ ଉପରେ ଔଷଧ ପ୍ରଲେପ ଦେଇ ତହିଁ ଉପରେ ସ୍ଥାପିତ ବସ୍ତ୍ର ଖଣ୍ଡ—10. Poultice; bandage; a rag covering a wound rubbed with ointments.
୧୧ । ଚିରା ଲୁଗାରେ ସିଆଁ ହେବା ତାଳି—
11. A patch of cloth patched over a hole.
୧୨ ଛଳ; ଛଳନା—
12. Feigning; pretence; fraud.
୧୩ । ଜମିଦାରଙ୍କ ଅଧୀନ ଏକପ୍ରକାର ମଧ୍ୟ ସ୍ୱତ୍ୱ ବିଶିଷ୍ଟ ଭୂମି—
13. An under tenure.
୧୪ । ପିଟିଡ଼ା—14. Glance; wink.
୧୫ । ଲମ୍ବ ଓ ଅଳ୍ପ ଚଉଡ଼ା ଲୁଗାର ଖଣ୍ଡ—
15. A long & narrow strip of cloth
ପ୍ରାଦେ. (ସମ୍ବଲପୁର) ବି—୧ । ବଣ୍ଟନ ଆଇନ୍ ଅନୁସାରେ ସରକାରଙ୍କ ଦ୍ୱାରା ବଣ୍ଟା ହେବା ଭୂସମ୍ପତ୍ତିର ମଧ୍ୟରୁ ଯେଉଁ ଏକତ୍ର ସଂଲଗ୍ନ ଅଂଶ ଜଣେ ହିସାଦାରଙ୍କୁ ଦିଆଯାଏ—
1 A compact block alloted to one cosharer in a partition by Government,
୨ । କ୍ଷେତ କିଆରିର ଅଂଶ—
2. Part of a field of corn.
ପ୍ରାଦେ. (ବସ୍ତର). ବି—କର; ଖଜଣା—Tax; rent.

ପଟିଆ—ଦେ. ବି—୧ । ପଟାହାରି ଏକପ୍ରକାର ଖେଳ—
Paṭiā A kind of game with bats or foils

୨ । କଟକ ଜିଲ୍ଲାର ଗୋଟିଏ ଲାଖରାଜ ବଜା—2. Name of a revenue-free estate in the Cuttack district.
୩ । ଏକପ୍ରକାର ମୋଟ ଧାନ—
3. Name of a coarse kind of paddy.
ଦେ. ବଣ—୧ । ଯେ ପକ୍ଷ ନଏ—
1. Partisan; siding with one party.
୨ । ସହାୟକ—
2. Supporting; helping; propping up.
୩ । ପାର୍ଶ୍ୱରେ ଥିବା—3. Pertaining to a side.
[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା—କଡ଼ପଟିଆ; ପଛପଟିଆ; ଡାହାଣପଟିଆ ।]
୪ । ପଟିକିଆ (ଦେଖ)—4. Paṭikiā (See)
ପ୍ରାଦେ. (ସମ୍ବଲପୁର). ବ. (ସଂ. ପଟ)—୧ । ଚଟେଇ; ମସିଣା-(ପଟିଆ—ଅନ୍ୟରୂପ) 1. Mat.
୨ । ଖଜୁରି ପଟ—2. Mat made of date leaves.
୩ । ଖ୍ୱଣ୍ଡା; ଛଲେଇ—3 Bamboo-matting.
ପ୍ରାଦେ. (ବାଲେଶ୍ୱର) ବ—ପଟାତଳ ଡଙ୍ଗା—A boat floored with wooden planks.

ପଟିଆମ—ପ୍ରାଦେ. (ଗଡ଼ଜାତ) ବ—କାପ; କର୍ଣ୍ଣାଳଙ୍କାରବିଶେଷ—
Paṭiāma   Name of a ear-ornament.

ପଟିଆ ମୂଷା—ପ୍ରାଦେ. (ସମ୍ବଲପୁର) ବ—ଖଡ଼ିଆ ମୂଷା—
Paṭiā mūshā   Rats frequenting thatches.

ପଟିଆ ହେବା—ଦେ. କ୍ରି—କୌଣସି ବ୍ୟକ୍ତିର ପକ୍ଷ ସମର୍ଥନ କରିବା—
Paṭiā hebā   To take up or support the cause or side of a person.
(ପଟିଆ ବାହାରିବା—ଅନ୍ୟରୂପ)

ପଟିକା—ସଂ. ବ-(ପଟି+ସ୍ୱାର୍ଥେ କ+ସ୍ତ୍ରୀ. ଆ)—୧ । ପଟି (ଦେଖ)
Paṭikā   Paṭi (See)
୨ । ବୁଣା ଲୁଗା—2. Woven cloth. (Apte)

ପଟିକିଆ—ଦେ. ବଣ—୧ । ଦୁଇଟି ବା ଯୋଡ଼ା ମଧ୍ୟରୁ ଗୋଟିକିଆ ହୋଇ ରହିବା—1. Being one left out of a pair.
Paṭikiā
ପଟିଆ, ପଟକିଆ, ପଟକା } ଅନ୍ୟରୂପ   ୨ । ପଟକାଣିଆ; ଏକାକୀ; ଗୋଟିକିଆ—
2. Single; singular.

ପଟିଦାର—ପ୍ରାଦେ. (ସମ୍ବଲପୁର) ବ—୧ । ପଟି ନାମକ ମଧ୍ୟସ୍ୱତ୍ୱର ଅଧିକାରୀ ବ୍ୟକ୍ତି—1. An undertenant.
Paṭidār
पटीदार   ୨ । କ୍ଷୁଦ୍ର ଜମିଦାର—2. A small zamindar.
पट्टीदार   ୩ । ଲମ୍ବା ଭୂମିର ଅଧିକାରୀ—2 Owner of a long strip of land.
(ପଟିଦାର୍—ଅନ୍ୟରୂପ)

ପଟି ଦେବା—ଦେ. କ୍ରି—୧ । ଧପ୍ପା ମାରିବା; ଧପାଇବା—
Paṭi debā   1. To win a thing fraudulently or slyly; to defraud.
पटी देओं
पटी देना   ୨ । ଛଳନା କରିବା—2. To feign.
(ପଟି ମାରିବା—ଅନ୍ୟରୂପ)   ୨ । କ୍ଷତ ଆଦିର ପ୍ରଲେପ ଉପରେ କନା ମାରିବା—3. To apply poultice or bandage over a wound.
୪ । କନାରେ ତାଳି ପକାଇବା—4. To patch up.

ପଟି ପକା(କେ)ଇବା—ଦେ. କ୍ରି—ଚିରା ଲୁଗାରେ ତାଳି ଦେବା—
Paṭi pakā(ke)ibā   To put patches on a torn cloth.

ପଟିବା—ଦେ. କ୍ରି. (ସଂ. ପଟୁ ଧାତୁ ମିଳନେ)—
Paṭibā   ୧ । ରାଜି ହେବା; ମନର ମେଳ ହେବା; ଏକମତ ହେବା—
पटा   2. To be of one mind; to agree.
पटना
(ଯଥା—ତୁମ ସଙ୍ଗେ ମୋର ପଟିବ ନାହିଁ ।)
୨ । ମେଳ ଖାଇବା; ଜୋଡ଼ ଖାଇବା—2. To suit.
୩ । ଉଦ୍ଦେଶ୍ୟର ଅନୁକୂଳ ହେବା—
3. To suit one's purpose.
ମୁଁ ଜନମେକ ଭୁଲିଲିଣି କଛ କାହିଁ ପଟଇ କାହିଁ ।
ଫକୀରମୋହନ- ଛମାଣ ଅଠଗୁଣ୍ଠ ।
୪ । ଖାପ ଖାଇବା—4. To tally; to coincide.
୫ । ମନୋମତ ହେବା—5 To meet one's choice.
(ଯଥା—ଏ ଲୁଗାର ଭାଉ ନ ପଟିବାରୁ ମୁଁ କିଣିଲି ନାହିଁ ।)

ପଟିବାଜ୍—ଦେ. ବଣ—୧ । ଯେ କୌଶଳ ବା ଛଳନା ଦ୍ୱାରା କାର୍ଯ୍ୟ ହାସଲ କରେ; କୌଶଳୀ—
Paṭibāj
पटीबाज   1. Ingeneous; feigning; sly.
पटेबाज   ୨ । ଲମ୍ପଟ—2. Lecherous; adulterous.
(ପଟିବାଜ୍—ଅନ୍ୟରୂପ)   [ପଟି(ଟ୍ଟି)ବାଜୀ - ବିଶେଷ୍ୟ]

ପଟିମା—ସଂ. ବ. (ପଟୁ+ଭାବାର୍ଥେ. ଇମନ୍)—୧ । ପଟୁତା—
Paṭimā   1. Dexterity; cleverness.
୨ । ଖଟା ପଣ—2. Acidity; sourness. (Apte)

ପଟି ଯିବା—ଦେ. କ୍ରି—୧ । (ଦୁଇ ଜଣଙ୍କ କଳି ବା ବିବାଦ) ମେଣ୍ଣିଯିବା-
Paṭi jibā   1. To be settled (said of a quarrel or dispute).
पटे जाओ
पट्जाना   ୨ । ଅନ୍ୟର କଥାରେ ବଶୀଭୂତ ହେବା—2. To be won over by another; to be inveigled.
(ଯଥା—ହାକିମ ମୋ କଥାରେ ପଟି ଗଲେଣି ।)

ପଟିଷ୍ଠ—ସଂ. ବଣ. ପୁଂ (ପଟୁ+ଅତିଶୟାର୍ଥେ ଇଷ୍ଠ)—
Paṭishṭha   ପଟୁତମ; ଖୁବ୍ ପଟୁ—Very dexterous; very expert.

ପଟୀ—ସଂ. ବ. (ପଟ ଧାତୁ+ଇ)—ପଟି (ଦେଖ)
Paṭī   Paṭi (See)
ଦେ. ଓ ପ୍ରାଦେ. ବ—ପଟି (ଦେଖ)—Paṭi (See)

ପଟୀ ମାଫ—ପ୍ରାଦେ. (ବସ୍ତର) ବଣ—ନିଷ୍କର (ଜମି)—
Paṭī māpha   Rent-free (holding).

ପଟୀୟାନ୍—ସଂ. ବଣ. ପୁଂ (ପଟୁ+ଅତିଶୟାର୍ଥେ. ଈୟସ୍, ୧ମା. ୧ବ.)—
Paṭiyān   ପଟୁତର; ଦୁଇ ଜଣଙ୍କ ମଧ୍ୟରେ ବେଶି ପଟୁ—
(ପଟୀୟସୀ—ସ୍ତ୍ରୀ)   More dexterous.

ପଟୀର—ସଂ. ବ (ପଟ୍ ଧାତୁ ଗମନ କରିବା+ଅଧିକରଣେ ଈର)—
Paṭira   ୧ । କ୍ଷେତ—1. Field.

୨ । (+ଭାବ. ଋର) ଉଚ୍ଚତା—2. Height; eminence.
୩ । ଗେଣ୍ଡୁ—3. A ball to play with.
୪ । ଚନ୍ଦନ—4. Sandal.
୫ । ମେଘ—5. Cloud.
୬ । କାମଦେବ—6. Cupid.
୭ । ଉଦର—7. Belly.
୮ । ମୂଳା—8. Radish.
୯ । ଖଦିର—9. Catechu.
୧୦ । (+କର୍ତ୍ତୃ. ଋର) ଚାଲୁଣି—10. Seive.
୧୧ । ଆମବାତ—11. Rheumatism. (Apte).
୧୨ । ଶର୍ଦ୍ଦି—12. Catarrh. (Apte).
ସଂ. ବିଣ - ୧ । ସୁନ୍ଦର—1. Beautiful. (Apte).
୨ । ଉଚ୍ଚ—2. High. (Apte).
୩ । ଡେଙ୍ଗା—3. Tall.

ପଟୁ—ସଂ. ବିଣ. (ପାଟ୍ ଧାତୁ = ବ୍ୟାପ୍ତି ପାଇବା + କର୍ତ୍ତୃ. ଉ)—
Paṭu ୧ । ନିପୁଣ—1. Expert, dexterous; skilful; proficient.
ପଟୁ, ପଟ୍ଵୀ } ସ୍ତ୍ରୀ ୨ । ସମର୍ଥ—2. Able.
୩ । ନୀରୋଗ; ସୁସ୍ଥ—3. Healthy; sound.
୪ । ଚତୁର—4. Clever.
୫ । ଧୂର୍ତ୍ତ—5 Cunning; sly; roguish.
ପଟୁତା, ପଟୁତ୍ଵ } ବି ୬ । ଉଷ୍ଣ—6. Warm.
୭ । ଉଜ୍ଜ୍ୱଳ—7. Bright.
୮ । ତୀକ୍ଷ୍ଣବୁଦ୍ଧି—8. Sharp; smart.
୯ । ଶକ୍ତ; ସବଳ—9. Strong.
୧୦ । ପ୍ରସ୍ଫୁଟିତ—10. Blown; expanded.
୧୧ । ନିଷ୍ଠୁର—11. Cruel.
୧୨ । ଅତ୍ୟଧିକ - 12. Violent; intense. (Apte).
୧୩ । ତୀକ୍ଷ୍ଣ ସ୍ୱରଯୁକ୍ତ—13. Shrill; sharp sounding.
୧୪ । ବାବଦୂକ—14. Eloquent; talkative.
ସଂ. ବି—୧ । କଲରା—1. Memordica Charantia (a bitter fruit).
୨ । ପଟୋଳ—2. Trichosanthes Dioeca (an edible fruit).
୩ । ଛତ୍ରାକ; ଛତୁ—3. Mushroom.
୪ । ଲବଣ—4. Salt.
ଦେ. ବି—୧ । (ସଂ. ପତ୍ ଧାତୁ)—ନଈବଢ଼ିରେ ପାଣିରେ
ପଲି ଗୋଳ ହୋଇ ଆସି ଭୂମିରେ ପଡ଼ିଯିବା ପଙ୍କ ଓ ବାଲୁଆ
ରେତ ମାଟିର ସ୍ତର—1. Silt; alluvial deposit.
୨ । ମଳ; ମଇଳା—2. Dirt.
ପଟୁ ୩ । (ସଂ. ପଟ୍ଟ)—ଏକପ୍ରକାର ମୋଟ ପଶମ ଲୁଗା—
ପଟ୍ଟୁ 3. Worsted; coarse wollen stuff.
(ପଟ୍ଟୁ—ଅନ୍ୟରୂପ) ଦେ. ବିଣ—୧ । ଚେମଡ଼ା—
1. Tenacious.
୨ । କୋଚଟ; ମଇଳା—2. Dirty; filthy
୩ । ପଟୁମାଟି ଯୁକ୍ତ—3. Alluvial.

ପଟୁଆ—ଦେ. ବିଣ—୧ । ପଟୁମାଟି ଯୁକ୍ତ—1. Alluvial.
Paṭuā ୨ । କୋଚଟ; ମଇଳା—2. Dirty.
୩ । ଚେମଡ଼ା—3. Tenacious.
୪ । ଯେ ପକ୍ଷ ଧରିଥାଏ—4. Partisan; avowing the cause of one party.
୫ । ଏକ ପାଖକୁ ଆଉଜି ଥିବା—
5. Leaning to a side.
ଦେ. ବି—୧ । ଦୁଧ ବା ଦହି ମାଠିଆ—
1. Milk or butter jug or pitcher.
[ଦ୍ର—ଏହା ମାଠିଆରୁ ଛୋଟ ଓ ଠେକିଠାରୁ ବଡ଼ ।]
୨ । ଛୋଟ ଡଙ୍ଗା—2. Small country boat.
୩ । କଦଳୀପଟୁକା—3. The fibre of plantain tree.
ପ୍ରାଦେ. (ଗଡ଼ଜାତ) ବି—ଏକଜାତୀୟ କଣ୍ଟାଳିଆ ଗଛ—
A thorny plant.
[ଦ୍ର—ଏହାର ଫଳ କମଳା ପରି କିନ୍ତୁ ଅଖାଦ୍ୟ ।]
ପ୍ରାଦେ. (ବାଲେଶ୍ୱର) ବି—କଦଳୀଗଛର କଣ୍ଡ କାଣ୍ଡର ଖଣ୍ଡିତ
ଅଂଶ; କଦଳୀ ଗୋଡ଼ା—A piece cut from the trunk of a plantain tree.

ପଟୁଆର—ଦେ. ବି—୧ । ନୃତ୍ୟ ବାଦ୍ୟାଦିସହ ଶୋଭାଯାତ୍ରା—
Paṭuāra 1, Ceremonial procession attended with music and dancing.
ପଟୁଆର, ପଟୋଆର, ପଟ୍ଟୋଆର } ଅନ୍ୟରୂପ (ଯଥା—ଓଲକଣା ମେଳଣକୁ ଯିବା ସମୟରେ
ଭଦ୍ରେଶ୍ୱରଙ୍କର ପଟୁଆର ସମସ୍ତଙ୍କର ଚିତ୍ତ ହରଣ
କରେ ।) শোভাযাত্রা ঠাঠ; জুলুস
୨ । ପଟୁଆରରେ ଯାଉଥିବା ଲୋକେ; ପାଇକଦଳ—
2. Retinue accompanying a procession.
ପଟୁ ଆରଟ ରହି ଅଛନ୍ତି ପାଇକେ
ପରି ଶଣ୍ଡା ଧରଣ ସାଜନ୍ତି ଥୋକେ । କୃଷ୍ଣସିଂ. ମହାଭାରତ ଅବ ।
ପ୍ରାଦେ. (ପୁରୀ) ବି—ଚନ୍ଦନଯାତ୍ରାରେ ନୌକାରୁ ଜଗନ୍ନାଥଙ୍କ ବିଜେ-
ପ୍ରତିମା ମଦନମୋହନ ବିମାନରେ ଫେରି ଆସିଲାବେଳେ ସ୍ଥାନେ
ସ୍ଥାନେ ରହି ରହି ପାର୍ଶ୍ୱସ୍ଥ ଘରର ପିଣ୍ଡାରେ ଦିଆଯିବା ଭୋଗ ଗ୍ରହଣ
କରି ଧୀରେ ଧୀରେ ଗତି କରିବାବେଳେ ନୃତ୍ୟ, ଗୀତ,
କୀର୍ତ୍ତନ ଆଦି ହେଉଥିବା ଶୋଭାଯାତ୍ରା—The very slowly marching procession of the idol Madanamohana (of Puri) while returning from the boat during the Chandanajātrā festival.

ପଟୁଆର କରିବା—ଦେ. କ୍ରି—ନୃତ୍ୟ ବାଦ୍ୟାଦି ସମଭିବ୍ୟାହାରରେ ଶୋଭା-
Paṭuāra karibā ଯାତ୍ରା କରିବା—To go in a procession accompanied with music and dancing.
ଲକ୍ଷ ଲକ୍ଷ ବୀର ଗମନ ପଟୁଆର
ପଟୁ ଆର କରି ମୋ ନଗରକୁ ଯିବା । କୃଷ୍ଣସିଂ. ମହାଭାରତ ଅବ ।

ପଟୁଆର୍—ଦେ. ବ—୧ । ପଟୁଆର (ଦେଖ)—
Paṭuāri 1. Paṭuāra (See)
ପାଟୋୟାରି ୨ । (ସ. ପଟ୍ଟବାରକ; ହି. ପଟ୍‌ବାରୀ)—ଗ୍ରାମର ରାଜସ୍ୱ
पटवारी ସଂକ୍ରାନ୍ତ କାଗଜ ପତ୍ର ଓ ହିସାବ ରଖିବା
(ପଟୋଆର୍—ଅନ୍ୟରୂପ) କର୍ମଚାରିବିଶେଷ—2. A village officer in charge of revenue papers; village accountant.
୩ । ଅମିନ; ଗ୍ରାମସ୍ଥ ସରକାରୀ ମାପ କର୍ମଚାରୀ—
3. A village surveyor.

ପଟୁଆର୍ ଜାଗିର୍—ଦେ. ବ—ପଟୁଆରମାନଙ୍କୁ ଦରମା ପରିବର୍ତ୍ତେ ଦଆ-
Paṭuāri jāgiri ଯାଉଥିବା ଭୂମି—Service land granted
ପାଟୋୟାରି ଯାଏଗୀର **पटवारी जायगीर** to a Paṭuāri.

ପଟୁକ—ସ. ବ. (ପଟୁ + ସ୍ୱାର୍ଥେ. କ)—ପଟୋଳ—An edible fruit
Paṭuka and its creeper; Trichosanthes Dioeca.

ପଟୁକା—ଦେ. ବ. (ସ. ପଟ୍ଟକ)—
Paṭukā ୧ । ଅଣ୍ଟାରେ ଭିଡ଼ିବା ଲମ୍ବବସ୍ତ୍ର ଖଣ୍ଡ; କଟିବନ୍ଧ; ପେଟି—
ପଟୁକା **पटका** 1. Belt; girdle; sash.
ପାଟୁୟା **रेस** ୨ । କଦଳୀ ଗଛର ପଟୁ—
ପାଗଡ଼ୀ 2. Fibre of plantain plant.
पगड़ी ୩ । ପଗଡ଼ି—3. Turban.
ସେକ୍ଷଣି ଉଠି ମସ୍ତେ ପଟୁକା ବାନ୍ଧିଲ,
ଅଗ ଅଗ୍ନି ପଛ ଅର୍ଜୁନ ଘୋଷି ଦେଲ । କୃଷ୍ଣସିଂହ, ମହାଭାରତ ଦ୍ରୋଣ ।

ପଟୁତା—ସ. ବ. (ପଟୁ + ଭାବାର୍ଥେ. ତା)—
Paṭutā ୧ । ଦକ୍ଷତା—1. Dexterity.
(ପଟୁତ୍ୱ—ଅନ୍ୟରୂପ) ୨ । ଚତୁରତା—2. Cleverness; skilfulness.

ପଟୁ ପଡ଼ିବା—ଦେ. ବ—ଜମି ଉପରେ ପଟୁମାଟିର ସ୍ତର ବିସ୍ତୃତ ହେବା—
Paṭu paṛibā Deposit of silt on a land after
ପଲିପଡ଼ା **रेत जमना** flood.
(ପଟୁ ବସିବା; ପଟୁ ଜମିବା—ଅନ୍ୟରୂପ)

ପଟୁ ବଉଳ—ବ. (ବୈଦ୍ୟକ)—ଏକ ପ୍ରକାର ବନ୍ୟଗଛ—
Paṭu bauḷa A kind of wild tree.
[ଦ୍ର—କୌଣସି ଅଙ୍ଗ ଶସ୍ତ୍ର ଦ୍ୱାରା ଛିନ୍ନ ହେଲେ ଏହି ଗଛର ଛେଲି ବାଟି ଛିନ୍ନ ଅଙ୍ଗରେ ଲେପନ କରନ୍ତି । ଦ୍ରବ୍ୟଗୁଣ. କଳ୍ପଦ୍ରୁମ]

ପଟେ—ଦେ. ବ—୧ । ଏକ ପଟ ମାତ୍ର; ଏକ ଗୋଟି ମାତ୍ର—
Paṭe 1. One only.
ବାଦ୍ୟ ନାଦ ହେଲେ ବୋଲେ ଲଗା ଲଗା ଅଛ ପଟେ କାହିଁ ହିନ୍ତ ଯେ ।
ଭକ୍ତ, ବୈଦେହୀଶବିଳାସ ।
୨ । ଯୋଡ଼ାକ ମଧ୍ୟରୁ ଗୋଟିଏ—2. One of a pair.
ପଟେ ଶଙ୍ଖା ବନ୍ଧୁ କୁମାର ଥାଇ ଭୁଞ୍ଜ
ସୁରଦ୍ୱାରେ ମହା ସୁଖକୁ କଲ ଲୁଞ୍ଚ । କୃଷ୍ଣସିଂହ, ମହାଭାରତ ଶାନ୍ତି ।
୩ । ସମକକ୍ଷ ଲୋକ—3. One's equal.
ଦେ. କ୍ରି. ବଣ—ବଗଲରେ; ଆଡ଼ରେ; ପାଖେ; ପାଖରେ; ପାର୍ଶ୍ୱରେ—On a side.
ସହସ ବଳ ହାତ ଲୋଟେ ଗରୁ ପଟେ ।
କୃଷ୍ଣସିଂହ, ମହାଭାରତ, ସଭା ।

ପଟେରକ—ସ. ବ—ପାଣି କୂଳେ ଜନ୍ମିବା ଏକ ପ୍ରକାର ତୃଣ; ପରୁଡ଼
Pateraka ସରୁଗ୍ର—A kind of reed.
ସ. ନାମ—ପଟେରକ, ଗୁନ୍ଦ୍ର, ରହ୍ଲ, ଶରୀ, ଶିବ, ଶୃଙ୍ଗବେରାଭ-ମୂଳକ, ଏରକା
ସାନ୍ତରା, ହୋଗଲା
पटेर, गोंज पटेर
[ଦ୍ର—ଏହାର ପତ୍ର ଏକ ଇଞ୍ଚ ଚଉଡ଼ା ଓ ୪୮ ଫୁଟ ଲମ୍ବ, ଏବ ମୋଟା; ଏହି ପତ୍ରକୁ ଶୁଖାଇ ଲୋକେ ପରୁଡ଼ ମସିଣା ବୁଣନ୍ତି । ଏଥିରେ ବାଜରା ପରି କେଣ୍ଡା ଥିବା ଶସ୍ୟ ଫଳେ । ବୈଦ୍ୟକ ମତରେ ଏହା କଷାୟ, ମଧୁର, ଶୀତଳ, ରକ୍ତପିତ୍ତ ନାଶକ ଓ ମୂତ୍ର, ଶୁକ୍ର, ରଜଃ ଓ ସ୍ତନ୍ୟର ଶୁଦ୍ଧିକର । ହି.ଶ.]

ପଟେଲ୍—ଦେ. ବଣ—ପଟୁ ବାଜ୍; ଧୂର୍ତ୍ତ—
Patel Sly; cunning.
(ପଟେଲ—ଅନ୍ୟରୂପ) ପ୍ରାଦେ. (ସମ୍ବଲପୁର) ବ. (ଭୁଲ.ହି. ପଟେଲ୍)-
୧ । ବଂଶୋପାଧିବିଶେଷ—1. A family-title.
୨ । ଗ୍ରାମର ମୁଖିଆ ବ୍ୟକ୍ତି; ସରକାରୀ ରଇତମାନଙ୍କର ରାଜକାର୍ଯ୍ୟ କାର୍ଯ୍ୟ ପରିଚାଳନ ପାଇଁ ନିଯୁକ୍ତ ପ୍ରତିନିଧି—
2. A person appointed to represent a body of government royats in their dealings with the authorities.
[ଦ୍ର—ସମ୍ବଲପୁର ମାନୁଆଲ୍ (୧୯୨୮) ଅନୁସାରେ 'ପଟେଲ' ଉପାଧି ଓ ଅଧିକାର ବଂଶାନୁକ୍ରମିକ, ମାତ୍ର ମନ୍ଦ ଆଚରଣ ଯୋଗୁଁ ଏ ଅଧିକାର କାଢ଼ି ନିଆଯାଏ । ଗଭର୍ଣ୍ଣମେଣ୍ଟ ଗ୍ରାମର ପଟେଲ ନିଯୁକ୍ତ କରନ୍ତି ।]

ପଟୋଟଜ୍—ସ. ବ. (ପଟ + ଉଟଜ=ଗୃହ)—ବସ୍ତ୍ର ଗୃହ; ତମ୍ବୁ—
Paṭotaja Tent.

ପଟୋଳ—ସ. ବ. (ପାଟ ଧାତୁ=ଉତ୍ପାଟନ କରିବା; ଖ୍ୟାତି ପାଇବା + କର୍ତ୍ତୃ
Paṭoḷa ଓଲ; ଏହା ଶାରୀରିକ ଦୋଷମାନଙ୍କୁ ଉତ୍ପାଟନ କରେ)—
ଅନ୍ୟ ସଂସ୍କୃତ ନାମ—ପଟଲ, ଲତା ଫଳ, ତିକ୍ତକ, କୁଳକ, ପଟୁ, ପଟୁକ, କର୍କଶଦଳ, କୁଳଜ, ରାଜମାନ୍ୟ, ରାଜଫଳ, ରାଜ-ପଟୋଳ, ବରତିକ୍ତ, ଅମୃତ ଫଳ, ତିକ୍ତ ଭଦ୍ରକ, କଟୁଫଳ, କଟୁକ, କଟୁ, କର୍କଶଚ୍ଛଦ, ପ୍ରତୀକ, ରାଜେୟ, ରାଜନାମା, ପାଣ୍ଡୁ, ପାଣ୍ଡୁ ଫଳ, ବୀଜଗର୍ଭ, ନାଗ ଫଳ, କୁଷ୍ଠାରି, କାଶ ମର୍ଦ୍ଦନ, ପଞ୍ଚମ, ଜ୍ୟୋତ୍ସ୍ନୀ, କଚ୍ଛୁଘ୍ନୀ,
पटोल
परवल, परवर
ମ. ପଡ଼ୱଲ୍
ତେ. କୋଟୁ ପୋଟଲ୍
ଓ. ପୋଟଲ, ପଟୋଲ
କୁଷ୍ମାଣ୍ଡାଦି ବର୍ଗର ଫଳ ଶାକ ବିଶେଷ—A kind of edible kitchen fruit of a creeper, Trichosanthes Dioeca.
[ଦ୍ର—ପୁଂ. ଓ ସ୍ତ୍ରୀ ଗଛ ପୃଥକ; ଫୁଲ ଧଳା; ପତ୍ର ତିଖା; ଫଳ ମଧ୍ୟ ତିକ୍ତ, କୃଷି ଯୋଗେ ସ୍ୱାଦ ବଢ଼ିଥାଏ । ଏହାର ପତ୍ର ଓ ଲତା ଔଷଧରେ ବ୍ୟବହୃତ ହୁଏ; ଏହା ଜ୍ୱରଘ୍ନ । ଏହା କଟୁ ତିକ୍ତ ମଧୁର ରସ, ଉଷ୍ଣବୀର୍ଯ୍ୟ, ଲଘୁପାକ, ଅଗ୍ନି ବର୍ଦ୍ଧକ, ସ୍ନିଗ୍ଧ, ସାରକ, ପାଚକ, ରୁଚିକର, ଶୁକ୍ର ବର୍ଦ୍ଧକ ଏବ କଫ, ପିତ୍ତ, କଣ୍ଡୁ, କୁଷ୍ଠ, ଜ୍ୱର, ଦାହ, କାଶ, କୃମି, ରକ୍ତ ଓ ତ୍ରିଦୋଷର ଉପକାରକ । ପଟୋଳର ପତ୍ର ପିତ୍ତନାଶକ ଏବ ମୂଳ ବିରେଚକ ।]
ପ୍ରାଦେ. (ଗଞ୍ଜାମ) ବ—ଚଚିଣ୍ଡା; ସାପୁଅ—Snake gourd.

ପଟୋଲକ— ସଂ. ବି. (ପଟୋଲ+ସାଦୃଶ୍ୟାର୍ଥେ. କ)—ଶାମୁକା; ଶୁକ୍ତି—
Patolaka Oyster-shell.

ପଟୋଲିକା—ସଂ. ବି. ସ୍ତ୍ରୀ. (ପଟୋଲ+କ୍ଷୁଦ୍ରାର୍ଥେ କ+ସ୍ତ୍ରୀ. ଆ)—
Patolikā ୧ । ଛୋଟ ପଟୋଲ; ଭୁଆସରଢା—1. A species (ପଟୋଲି—ଅନ୍ୟରୂପ) of Patola of small size.
୨ । କନ୍ଦି—2. A kitchen fruit of a creeper.

ପଟ୍ଟ—ସଂ. ବି. (ପଟ୍ ଧାତୁ=ଗମନ କରିବା+କର୍ମ. ତ)—୧ । ପଟ୍ଟା;
Patta ଚଟ୍ଟା—1. Plank; plate.
୨ । ରାଜକୀୟ ଶାସନ; ସନନ୍ଦ—
2. Sanad; firman; a royal grant.
୩ । ଧୋବା ଗଣ୍ଡି—
3. Washerman's washing board.
୪ । ଚାଦର; ଓଢ଼ଣା—4. Sheet; upper garment.
୫ । ପେଷଣାର୍ଥ ବ୍ୟବହୃତ ଶିଳାପଟ୍ଟ—5. Pestling stone; stone-slab for grinding.
୬ । ଗ୍ରାମ—6 Village; hamlet.
୭ । ନଗର—7. Town; city.
୮ । ପୀଠ; ପୀଢ଼ା—8. A wooden seat or slab.
୯ । ଚତୁଷ୍ପଥ; ଛକ—9. A crossing of roads; a place where four roads meet.
୧୦ । ରାଜାସନ; ସିଂହାସନ—10. Throne.
୧୧ । ଯବନିକା—11. Curtain.
୧୨ । ଟସର; ପାଟ; ରେଶମ—12. Silk; tussar.
୧୩ । ପଗଡ଼ି—13. Turban.
୧୪ । ଢାଲ—14. Shield.
୧୫ । ଲୁଗା—15. Cloth; garment.
୧୬ । ଝୋଟ—16. Jute; hemp.
୧୭ । ନାର—17. Town; city. (Apte)
୧୮ । କ୍ଷତାଦି ବନ୍ଧନାର୍ଥ ବ୍ୟବହୃତ ବସ୍ତ୍ର ଖଣ୍ଡ; ପଟ୍ଟି—
18. Bandage; ligature.
୧୯ । ଜମିଦାର ପ୍ରଜାକୁ ଜମି ଖଜଣାରେ ଦେବାର ନିଦର୍ଶନ ପତ୍ର (ହି. ଘ)—19. Lease.
୨୦ । ମୁକୁଟ—20. Tiara; diadem. (Apte).
୨୧ । ପଟ୍ଟି; ଲମ୍ବ ସରୁଖଣ୍ଡ; ପାଢ଼ିଆ—21. Strip. (Apte).
୨୨ । କାଷ୍ଠାସନ; ଚଉକି—22. Chair; stool. (Apte).
୨୩ । ଘୋଡ଼ାର ପେଟି—24. A horse's girth. (Apte).
[ଦ୍ର—ଶ୍ରେଷ୍ଠ ବା ପ୍ରଧାନ ଅର୍ଥରେ ଓ ରାଜକୀୟ ପ୍ରଧାନ ବ୍ୟକ୍ତି ଆଦିଙ୍କ ପୂର୍ବରେ ସଂ 'ପଟ୍ଟ' ଓ ଓଡ଼ିଆ 'ପାଟ' ଯୁକ୍ତ ହୁଏ । ଯଥା—ପଟ୍ଟ ଜ୍ୟୋତିଷୀ; ପଟ୍ଟଶିଷ୍ୟ; ପାଟଯୋଶୀ; ପାଟ ମହାଦେଇ; ପାଟହାତୀ; ପାଟ ଅଗଣା ।]

ପଟ୍ଟକ—ସଂ. ବି. (ପଟ୍ଟ+ସ୍ୱାର୍ଥେ. କ)—
Pattaka ୧ । ପାଟଲୁଗା—1. Silk cloth.
୨ । ସନନ୍ଦ ଲେଖିବାରେ ବ୍ୟବହୃତ ଧାତୁ ଫଳକ—
2. A plate of metal for inscription of royal edicts.
୩ । କ୍ଷତାଦିରେ ବନ୍ଧାଯିବା ପଟ୍ଟି—3. Bandage (Apte).
୪ । ଦଲିଲ; ଲେଖ—4. Document (Apte).

ପଟ୍ଟ ଗୃହ—ସଂ. ବି—ତମ୍ବୁ; ରାଉଟି—Tent.
Patta gruha (ପଟ୍ଟବାସ—ଅନ୍ୟରୂପ)

ପଟ୍ଟଜ—ସଂ. ବି. (ପଟ୍ଟ+ଜନ୍ ଧାତୁ+କର୍ତ୍ତୃ. ଅ)—
Pattaja ରେଶମି ବସ୍ତ୍ର; ପାଟଲୁଗା—Silken cloth.
(ପଟ୍ଟଜାତ—ଅନ୍ୟରୂପ)

ପଟ୍ଟ ଜ୍ୟୋତିଷୀ—ସଂ. ବି - ରାଜାଙ୍କର ପ୍ରଧାନ ଜ୍ୟୋତିଷୀ ପଣ୍ଡିତ—
Patta jyotishi Raja's chief astronomer; the (ପଟ୍ଟ ଜ୍ୟୋତିଷିକ—ଅନ୍ୟରୂପ) astronomer royal.
ତାଙ୍କ ପରେ ସୁରୁ ପ୍ରସେନ୍ଦ୍ର ପଟ୍ଟ ଜ୍ୟୋତିଷ । ରାଧାନାଥ. କଥା ।

ପଟ୍ଟ ଦେବୀ—ସଂ. ବି. ସ୍ତ୍ରୀ—ସିଂହାସନ ଯୋଗ୍ୟା କୃତାଭିଷେକା ରାଣୀ; ପାଟ-
Patta debi ରାଣୀ; ରାଜାଙ୍କର ପ୍ରଧାନ ରାଣୀ—The Raja's first Ranee; the queen consort.

ପଟ୍ଟନ—ସଂ. ବି. (ପଟ୍ ଧାତୁ+ଅଧିକରଣେ. ଅନ)—
Pattana ୧ । ନଗର—1. Town; city.
(ପଟ୍ଟନୀ—ଅନ୍ୟରୂପ) ୨ । ଗ୍ରାମ; ପଟଣା—2. Village; hamlet.

ପଟ୍ଟ ନାୟକ—ସଂ. ବି. (ପଟ୍ଟ=ପ୍ରଧାନ+ନାୟକ=ଚାଳକ)—
Patta nāyaka ରାଜକର୍ମଚାରୀଙ୍କ ଉପାଧିବିଶେଷ—
The title of a king's officer.
ଦେ. ବି—ପଟନାୟକ (ଦେଖ)—Patanāyaka (See)

ପଟ୍ଟ ବସ୍ତ୍ର—ସଂ. ବି—୧ । ପାଟ ଲୁଗା—
Patta bastra 1. Silk cloth.
(ପଟ୍ଟବାସଃ—ଅନ୍ୟରୂପ) ୨ । ପଟ୍ଟଭବନ; ତମ୍ବୁ—2. Tent.

ପଟ୍ଟ ଭବନ—ସଂ. ବି—ତମ୍ବୁ; ରାଉଟି; ବସ୍ତ୍ର ଗୃହ—
Patta bhabana Tent.

ପଟ୍ଟ ମହିଷୀ—ସଂ. ବି—ପଟ୍ଟ ଦେବୀ (ଦେଖ)
Patta mahishi Patta debi (See)
(ପଟ୍ଟରାଜ୍ଞୀ—ଅନ୍ୟରୂପ)

ପଟ୍ଟଶାକ—ସଂ. ବି—ନଳିତା ଶାଗ—
Pattaśāka The leaves of jute plant.

ପଟ୍ଟ ଶିଷ୍ୟ—ସଂ. ବି. ପୁଂ—ଗୁରୁଙ୍କର ପ୍ରଧାନ ଶିଷ୍ୟ; ବଡ଼ ଚାଟ—
Patta sishya The seniormost or chief disciple; the head scholar.
ପଟ୍ଟ ଶିଷ୍ୟ ମହିଁ ହୁଅ ଗୁରୁଙ୍କର । ରାଧାନାଥ. ଚଉଦି ।

ପଟ୍ଟାବାସ—ସଂ. ବି—ତମ୍ବୁ; ପଟ୍ଟ ଗୃହ—
Pattabāsa Tent.

ପଟ୍ଟାମ୍ବର—ସଂ. ବି—ପାଟ ଖଦି—
Pattāmbara Silken cloth.

ପଟ୍ଟିକା—ସଂ. ବି. (ପଟ୍ଟ+କ+ସ୍ତ୍ରୀ. ଆ)—
Pattikā ୧ । ପାଟ—1. Silk.

୨ । ପାଟ ଲୁଗା—2. Silken cloth.
୩ । ଫଳକ ପଟା—3. Tablet.
୪ । ଘାଆଦି ଉପରେ ବନ୍ଧାଯିବା ପଟ୍ଟି—4. Bandage (Apte).
ଦେ. ବି—ଅସ୍ଥାଳ—Sail.
ଅଦୂରେ ଜାହାଜ ଧ୍ୱଜେ ଆଗେ ଫର ଜେତେ
ଯାଉଛନ୍ତି, ଉଜେ ଚୋଳ ଧବଳ ପଟ୍ଟିକା । ସ୍ୱଧାରାଧ. ମହାଯାତ୍ରା ।

ପଟ୍ଟିକା ଲୋଧ୍ର—ସଂ. ବି—ନାଲି ଲୋଧ୍ର; ରକ୍ତ ଲୋଧ୍ର (ଗଛ)—
Pattikā lodhra Red Symplocos Racemosa (used
(ପଟ୍ଟିକାଖ୍ୟ—ଅନ୍ୟନାମ) in colouring yarn).
ପାଟି ଲୋଧ ପଠାଣୀ ଲୋଧ

ପଟ୍ଟିଲ—ସଂ. ବି—ପୂତି କରଞ୍ଜ (ଦେଖ) (ହ୍ର. ଶ.)
Pattila Pūti karañja (See)

ପଟ୍ଟିଶ(ସ)—ସଂ. ବି. [ପଟ୍ଟ୍ ଧାତୁ+ଇଶ(ସ)]—ଦୁଇ ଆଡ଼େ ଧାରଥିବା
Pattiśa(sa) ତରବାରି ବିଶେଷ—A very long double-
[ପଟ୍ଟୀଶ(ସ)—ଅନ୍ୟରୂପ] bladed sword.
ବ୍ୟାକୋଷ ପୃଷ୍ଠ ମଣ୍ଡଳ କୋଦଣ୍ଡର ପଟ୍ଟିଶ ଭେଦ ହୋଇଛି ଯେ ।
ଭକ୍ତ. ବୈଦେହୀଶବିଳାସ ।
[ଦ୍ର—ଏହା ଛଅ ଗୁର ହାତ ଲମ୍ବା; ଏଥିର ଦୁଇ ପାଖ ଧାରୁଆ,
ଅଗ ଅଛି ସରୁ ଓ ମୂଳଆଁ, ଏଥିର ମୂଠାରେ ହସ୍ତତ୍ରାଣ ଥାଏ ।]

ପଟ୍ଟୁ—ଦେ. ବି. (ସଂ. ପଟ୍ଟ) —ଏକ ପ୍ରକାର ଖୁବ ମୋଟା ଓ କମ ଓସାରର
Pattu ପଶମୀ ଲୁଗା—A kind of coarse wollen cloth
ପଟୁ ପଟ୍ଟୁ of small breadth.

ପଟ୍ଟୋଲିକା—ସଂ. ବି (ପଟ୍ଟ—ରାଜକୀୟ ସନନ୍ଦ+ଉଲ+କ+ଆ)—
Pattolikā ୧ । ଜମିର ପଟ୍ଟା—1. A lease of a land.
୨ । ଆଇନ୍ ବିଷୟକ ଲିଖିତ ମନ୍ତବ୍ୟ—
2. A written legal opinion (Apte)

ପଟ୍ୱାରି—ଦେ. ବି—ପଟୁଆରି (ଦେଖ)
Patwāri Paṭuāri (See)

ପଠ୍ (ଧାତୁ)—ସଂ—୧ । ପାଠ ପଢ଼ିବା—
Path (root) 1. To read; to study.
(ପାଠି ଧାତୁ—ଣିଜନ୍ତ ରୂପ) ୨ । ଉଚ୍ଚୈଃସ୍ୱରରେ ପାଠ କରିବା—
2. To read aloud.
୩ । ଦେବତାଙ୍କୁ ଡାକିବା—3. To invoke a Deity.
୪ । ଗ୍ରନ୍ଥାଦିରେ ଲିଖିତ ବିଷୟର ଉଲ୍ଲେଖ କରିବା—
4. To cite; to quote; to mention (Apte).
୫ । ପ୍ରକାଶ କରିବା—5. To declare; to describe; to express. (Apte).
୬ । ପଢ଼ାଇବା—6. To teach (Apte).
୭ । ଗୁରୁଙ୍କଠାରୁ ଶିକ୍ଷା କରିବା—
7. To learn from a teacher. (Apte).

ପଠ୍‌ଚ୍ଛ—ପ୍ରାଦେ. (ଲରଆ) ବି—କାନ୍ଥକୁଲି—
Path-chā Niche in the wall.

ପଠଉଣୀ—ଦେ. ବି. ସ୍ତ୍ରୀ—ପଠାଣ ସ୍ତ୍ରୀ—
Paṭhauṇi Pathān woman.
ପଠାନ୍‌ନୀ, ପାଠାନୀ ପଠାନିନ, ପଠାନୀ
(ପଠାଉଣୀ, ପଠଉଣୀ, ପଠୋଣୀ, ପଠୌଣୀ—ଅନ୍ୟରୂପ)

ପଠକ—ସଂ. ବିଣ. (ପଠ୍ ଧାତୁ+କର୍ତ୍ତୃ ଅକ)—ପଢ଼ୁଥିବା ବ୍ୟକ୍ତି; ପାଠକ
Paṭhaka (ହ୍ର. ଶ.)—Reading; studying.

ପଠଦ୍ଦଶା—ସଂ. ବି. (ପଠ୍ ଧାତୁ+ଅତ୍=ପଠତ୍+ଦଶା)—ପଢ଼ିବା
Paṭhaddśā ଅବସ୍ଥା; ଛାତ୍ରାବସ୍ଥା; ପାଠାବସ୍ଥା—Student life;
(ପଠଦବସ୍ଥା—ଅନ୍ୟରୂପ) the time when a person is engaged in his studies; studentship career.

ପଠନ—ସଂ. ବି. (ପଠ୍ ଧାତୁ+ଭାବ ଅନ)—୧ । ପଢ଼ିବା; ଅଧ୍ୟୟନ—
Paṭhana 1. Reading; studying.
୨ । ଲେଖାକୁ ପାଠ କରିବା—
2. Perusal of a written matter.
୩ । ମୁହଁରେ ବୋଲିବା; ଆବୃତ୍ତି—3. Recital.

ପଠନ ପାଠନ(ନା)—ସଂ.ବି. (ପଠ୍ ଧାତୁ+ଅନ ଓ ପଠ୍ ଧାତୁ ଣିଚ୍+ଅନ)—
Paṭhana pāṭhana(nā) ନିଜେ ପଢ଼ିବା ଓ ଅନ୍ୟକୁ ପଢ଼ାଇବା;
ଅଧ୍ୟୟନ ଓ ଅଧ୍ୟାପନା—Learning and teaching.

ପଠନୀୟ—ସଂ. ବିଣ. (ପଠ୍ ଧାତୁ+କର୍ମ ଅନୀୟ)—୧ । ପାଠ୍ୟ—
Paṭhaniya 1. Readable.
୨ । ଶିକ୍ଷଣୀୟ—2. Fit to be learnt; deserving to be studied.

ପଠନେଚ୍ଛୁ(ଚ୍ଛୁକ)—ସଂ.ବିଣ. ପୁଂ. (୭ମୀ ତତ୍; ପଠନ+ଇଚ୍ଛୁ)—ପଢ଼ିବାକୁ
Paṭhanechchhu(chchhuka) ଇଚ୍ଛୁକ;ପଠନାଭିଳାଷୀ—
Wishing to study; desirous of reading.
(ପଠନେଚ୍ଛା—ବି)

ପଠା—ଦେ. ବି—୧ । (ସଂ. ପୃଷ୍ଠ ବ୍ରଣ)—ପିଠିରେ ହେବା ମାରାତ୍ମକ ବ୍ରଣ
Paṭhā ବିଶେଷ; ପୃଷ୍ଠ ବ୍ରଣ—1. Carbuncle; a boil on
ଚୋଟବ୍ରଣ, ଚାଁଚନି the back; wasp's nest; furuncle.
ପିଠିଆଘାବ [ଦ୍ର—ଏହି ବ୍ରଣ ସାଧାରଣତଃ ମଣିଷ ପିଠିରେ ଅର୍ଥାତ୍
ମେରୁହାଡ଼ଉପରେ ଉଠେ ଓ ଏହା କ୍ରମଶଃ ଗୋଟିଏ ଚଉଡ଼ ପିଠାର
ଆକାର ଧାରଣ କରେ ଓ ଚଉଡ଼ ପିଠାପରି ତାର ବହୁ ସଂଖ୍ୟକ ଛିଦ୍ର
ହୋଇଯାଏ । ବହୁମୂତ୍ର ରୋଗୀଙ୍କୁ ଏ ବ୍ରଣ ବିଶେଷ ଭାବରେ
ଆକ୍ରମଣ କରେ ଓ ଏହା ଅଧିକାଂଶ ସମୟରେ ମାରାତ୍ମକ ହୁଏ ।]
ଟାପୁ ୨ । (ସଂ. ପ୍ରସ୍ଥ) ନଦୀ ଗର୍ଭସ୍ଥ ତୃଣମୟ ଉଚ୍ଚ ଭୂମି ବା କ୍ଷୁଦ୍ର ଦ୍ୱୀପ—
2. An is let or a small grassy eminence in the bed of a river.
ବଳୁଆ ଚହଲ ଉର୍ଣ୍ଣ ପଠାବୃକ୍ଷ ଉଥାଳ-ବଧୂ-ତୋଦ ।
ଉଦ୍ଧାରାଧ. ଯଯାତ ।
୩ । (ସଂ. ପ୍ରସ୍ଥାପନ) ପ୍ରେରଣ—3. Sending
ଦେ. ବିଣ—ପ୍ରେରିତ—Sent.

ପଠା(ଠେ)ଇବା—ଦେ. କ୍ରି. (ସଂ. ପ୍ର+ସ୍ଥା ଧାତୁ ଣିଚ୍=ସ୍ଥାପି ଧାତୁ)—
Paṭhā(the)ibā ୧ । ପ୍ରେରଣ କରିବା—1. To send.
ପାଠାନ ୨ । ଅନ୍ୟଦ୍ୱାରା ପ୍ରେରଣ କରାଇବା—
ପଠାନା, ଭେଜନା 2. To cause to be sent.

ପଠାଣ—ବୈଦେ. ବି. (ପୁଷ୍ଟୁ ଭାଷା—ପୁଖ୍‌ତାନା ଶବ୍ଦରୁ ଉର୍ଦ୍ଦୁ. ପଠାନ)—
Paṭhāṇa ୧ । ଭାରତର ଉତ୍ତର ପଶ୍ଚିମ ସୀମାନ୍ତ, ଅଫଗାନସ୍ଥାନ ଓ
ପାଠାନ ଲାହୋରର ଉତ୍ତରପଶ୍ଚିମବାସୀ ମୁସଲମାନ ଜାତିବିଶେଷ—
ପଠାନ 1. The Pathans.

[ଦ୍ର—ପଠାଣମାନେ ଡେଙ୍ଗା ଓ ଦୀର୍ଘକାୟ ଅଟନ୍ତି । ଏମାନେ ମୁସଲମାନଧର୍ମାବଲମ୍ବୀ । ଏମାନଙ୍କ ସାମାଜିକ ବନ୍ଧନ ଖୁବ୍ ଦୃଢ଼ ଅଟେ । ସ୍ତ୍ରୀମାନଙ୍କ ସତୀତ୍ୱ ରକ୍ଷା ପ୍ରତି ଏମାନଙ୍କର ତୀବ୍ର ଦୃଷ୍ଟି ଥାଏ । ଏମାନଙ୍କ ମଧ୍ୟରେ ଅଧିକାଂଶ ବିବାଦ ସ୍ତ୍ରୀଘଟିତ ଅଟେ । ଏମାନଙ୍କ ଉତ୍ତରାଧିକାର କୋରାନ୍ ଅନୁସାରେ ନ ହୋଇ ସାମାଜିକ ପ୍ରଥା ଅନୁସାରେ ହୁଏ । ଏମାନଙ୍କ ପୂର୍ବ ପୁରୁଷମାନେ ପ୍ରାଚୀନ ଗାନ୍ଧାର, କାମ୍ବୋଜ, ବାହ୍ଲିକ ଆଦିରେ ରହୁଥିଲେ । ଏମାନେ ଆଫଗାନିସ୍ଥାନର ଅଧିକାଂଶ, ଭାରତର ସୀମାନ୍ତ ପ୍ରଦେଶ, ପଞ୍ଜାବ ଓ ରୋହିଲ୍ଲଖଣ୍ଡର ଅଧିବାସୀ ଅଟନ୍ତି । ଏମାନେ କ୍ରୂର ଓ ହିଂସ୍ର, ଯୁଦ୍ଧପ୍ରିୟ ଓ ସ୍ୱାଧୀନତା ପ୍ରିୟ ଅଟନ୍ତି । ଏ ଜାତି ଅନେକ ସମ୍ପ୍ରଦାୟ ଓ ଶାଖାରେ ବିଭକ୍ତ; ଏ ସମ୍ପ୍ରଦାୟମାନଙ୍କ ନାମ ସଙ୍ଗେ ସମ୍ପ୍ରଦାୟ ସୂଚକ ଶବ୍ଦ, ଯଥା ଖେଲ୍ (ଜକ୍କା ଖେଲ୍), ଜାୟୀ (ଭୁରଙ୍ଗ ଜାୟୀ; ଗୀଲଜାୟୀ) ଲଗାଯାଏ । ପ୍ରତ୍ୟେକ ସମ୍ପ୍ରଦାୟର ଜଣେ ସର୍ଦାର ଥାଆନ୍ତି । ତାଙ୍କୁ ମାଲିକ୍ ବୋଲାଯାଏ । ଭାରତର ଉତ୍ତରପଶ୍ଚିମ ସୀମାନ୍ତ ଅଞ୍ଚଳରେ ଏହି ମାଲିକ୍‌ମାନେ ଶାସକ ଅଟନ୍ତି । ସୀମାନ୍ତ ପ୍ରଦେଶର ପଠାଣମାନେ ପ୍ରାୟଶଃ ଅସଭ୍ୟ; ମୃଗୟା, ଡକାଇତି ଓ ଯୁଦ୍ଧ ଏମାନଙ୍କର ପ୍ରିୟ ବସ୍ତୁ । ଅଫଗାନିସ୍ଥାନର ପଠାଣମାନେ ଅପେକ୍ଷାକୃତ ସଭ୍ୟ । ଭାରତବାସୀ ପଠାଣମାନେ ଉକ୍ତ ଦୁଇ ସ୍ଥାନର ପଠାଣମାନଙ୍କ ଠାରୁ ଅଧିକତର ସଭ୍ୟ ଓ କ୍ଷେତ ଓ ଚାକରି କରି ଜୀବିକା ନିର୍ବାହ କରନ୍ତି । ପଠାଣମାନେ ଉଗ୍ର (fanatic) ମୁସଲମାନ୍ ଅଟନ୍ତି (ହି. ଶ.) ।]

୨ । ମୁସଲମାନ୍—2. Mahomedan; Muslim.

୩ । ମ୍ଳେଚ୍ଛ; ବିଜାତୀୟ—Non-Hindu.

ସୁଯୋଧନ ରାଜା ପଠାଣ ଅଟି ମଲେ
ବୋଲି ଯେବେ ଶୁଣିବ କାନ୍ଦିବ ସେ ଭଲେ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

୪ । (ଲକ୍ଷଣାର୍ଥ; ମୁସଲମାନଙ୍କ ଦୁଷ୍ଟାମି ହିନ୍ଦୁମାନଙ୍କର ଚିରାନୁଭୂତ ଥିବାରୁ) ଦୁଷ୍ଟ ବ୍ୟକ୍ତି—4. Wicked person.

ମୁର ମରଦର ତା କଟନ ପାଇଁ ଦଶମଣର ପଠାଣ—କବିସୂର୍ଯ୍ୟ. ସଙ୍ଗୀତ ।

ପଠାଣ କେଳା—ଦେ. ବି—ଏକପ୍ରକାର କେଳା—
Paṭhāṇa kel̲a A kind of Kel̲ā.

[ଦ୍ର—ଏମାନଙ୍କ ପୁରୁଷମାନେ ବାଉଁଶ ଉପରେ ନାନାପ୍ରକାର କସରତ୍ ଓ ଖେଳୀ ଦେଖାନ୍ତି ।]

ପଠାଣ ଗେହିପ(ପୋ)—ଗ୍ରା. ବି (ଅଶ୍ଳୀଳ ଗାଳି)—ଯେଉଁ ହିନ୍ଦୁ
Paṭhāṇa gehipa(po) ସନ୍ତାନର ମାତା ମୁସଲମାନ୍ ପୁରୁଷ
ପଠାଣ ଗେହ୍ନୀପୁଅ } ଅନ୍ୟରୂପ ସଙ୍ଗେ ସହବାସ କରିଥାଏ—
ପଠାଣ ବେହି ପ (ପୋ) } (A vile term of
পাঠানের ছেলে abuse) Son of a Hindu mother by
पठनैटा a Mahomedan male.

ପଠାଣି—ଦେ. ବିଣ—ଅପତ୍ରିଁଆଣିଙ୍କୁ ଦିଆଯିବା ନାମ—
Paṭhāṇi A name given to persons whose elders were dead before they were born.

(ଯଥା—ପଠାଣି ସାଆନ୍ତ)

[ଦ୍ର—ଅପତ୍ରିଁଆଣି ଶବ୍ଦ ଟୀକା ଦେଖ ।]

ଦେ. ବିଣ—୧ । ପଠାଣସମ୍ବନ୍ଧୀୟ—
(ପଠାଣିଆ—ଅନ୍ୟରୂପ) 1. Pertaining to a Pathan
পাঠানে ୨ । ମୁସଲମାନ୍ ସମ୍ବନ୍ଧୀୟ—
पठानी 2. Muslim; Mahomedan.

ପଠାଣି ଯିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ପ୍ରଥମ+ପ୍ରସ୍ଥାନ)—
Paṭhāṇi jibā ବିବାହିତା କନ୍ୟା ରଜସ୍ୱଳା ହେବା ପରେ ପ୍ରଥମେ ସ୍ୱାମୀଘରକୁ ଯିବା; ପହିଲିପାଳି ଯିବା—(said of a matured girl) To go to the husband's house for the first time after puberty.

ପଠାଣି ସାଆନ୍ତ—ଦେ. ବି. (ନାମ)—ଉତ୍କଳର ପ୍ରସିଦ୍ଧ ଜ୍ୟୋତିଷୀ
Paṭhāṇi sā-ānta ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସାମନ୍ତଙ୍କ
(ପଠାଣି ସାମନ୍ତ—ଅନ୍ୟରୂପ) ଡାକନାମ—Name by which the great Oria astronomer, the late Chandraśekhara Sāmanta was popularly known.

[ଦ୍ର—ସେ ଅପତ୍ରିଁଆଣି ଥିବାରୁ ପିତାମାତା ଶିଶୁକୁ ପଠାଣି ନାମ ଦେଇଥିଲେ ।]

ପଠିଆ—ଦେ. ବି. (ସଂ. ପ୍ରସ୍ଥାପନ)—ପ୍ରେରଣ—
Paṭhiā Sending.
পাঠান (ପଠିଆ ପଠେଇ, ପଠିଆପଠି—ଅନ୍ୟରୂପ)
पठावनी ଦେ. ବିଣ—ପ୍ରେରିତ—Sent.

ପଠିଆଇବା—ଦେ. କ୍ରି—ପଠାଇବା (ଦେଖ)—
Paṭhiāibā Paṭhāibā (See)

କାଇଁକି ରହିବ ପଠିଆଇ ଏବେ ତୋର
ଶ୍ରୀକର ମୁଦ୍ରିକୁ । ଭଞ୍ଜ. ପ୍ରେମସୁଧାନିଧି ।

ପଠିତ—ସଂ. ବିଣ. (ପଠ୍ ଧାତୁ+କର୍ମ. ତ)—୧ । ପଢ଼ାଯାଇଥିବା—
Paṭhita 1. Read; learnt; studied.

୨ । ବୋଲା ଯାଇଥିବା; ଆବୃତ୍ତ—2. Recited.

୩ । ଉଚ୍ଚୈଃସ୍ୱରରେ ପୁସ୍ତକାଦିରୁ ପଢ଼ାଯାଇଥିବା—
3. Read aloud from a writing.

ପଠିନୀ—ଦେ. ବିଣ. ସ୍ତ୍ରୀ. (ସଂ. ପାଠିନୀ; ସମାସରେ ଅନ୍ୟଶବ୍ଦ ସଙ୍ଗେ
Paṭhinī ଲାଗେ)—ପାଠକାରିଣୀ—Reading.

ସଙ୍ଗୀତ ପଠିନୀ ଇଙ୍ଗିତ ଗୀତରେ
ଇତି ପୁନଃ ପୁନଃ ଗାଇବେ । ଭଞ୍ଜ. ପ୍ରେମସୁଧାନିଧି ।

ପଠିବା—ଦେ.(ପଦ୍ୟ) କ୍ରି. (ସଂ. ପଠ୍ ଧାତୁ)—୧ । ପଢ଼ିବା; ପାଠକରିବା—
Paṭhibā 1. To read.
পড়া ପଠହେ ମଠରୁ ଅଧିକ କାରଣ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
पढ़ना ୨ । କହିବା; ଉଚ୍ଚାରଣ କରିବା; ବୋଲିବା—
2. To say; to utter.

ବଚନ ହର ସଙ୍ଗେ ହରି ହେଲ
କଲେକ ରାମ ରାମ ପଠିଲ । ଭଞ୍ଜ. ବୈଦେହୀଶବିଳାସ ।

ପଡ଼୍ ପଡ଼୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ପଡ଼ ପଡ଼ ଶବ୍ଦ—
Par̲d par̲d 1. Crackling sound.
পড়পড় (ଯଥା—ସେ ବେତରେ ରାମକୁ ପାଞ୍ଚପାହାର ପଡ଼୍ ପଡ଼୍
पड़पड़ କରି ପିଟି ପକେଇଲା ।)

ପଡ଼୍ | ୨ । ଲୁଗା ଚିରିଯିବା ବା ଫାଟିଯିବାର ଶବ୍ଦ—
ପଡ଼ର୍ ପଡ଼ର୍, ପଡ଼୍ପାଡ଼୍, ପଡ଼ାକ୍, ପଡ଼ାଡ଼୍ (ଅନ୍ୟରୂପ) 2. Sound produced by the ripping of a cloth.
୩ । ବାରଂବାର ଅଧୋବାୟୁ ନିର୍ଗମନର ଶବ୍ଦ— 3. Sound made by repeated loud discharge of wind from the anus.
[ଦ୍ର—ପଡ଼ ପଡ଼ ଅପେକ୍ଷା ଛୋଟ ଶବ୍ଦ ପୁଡ଼୍ପାଡ଼୍; ପୁଡ଼୍ ପୁଡ଼୍ ।]

ପଡ଼ଚ୍ଛ(ଚେ)ଇବା—ଦେ. କ୍ରି. (ସକର୍ମକ) (ସଂ. ପର+ଚକ୍ଷ ଧାତୁ)—
Pardachā(che)ibā ୧ । ନିନ୍ଦା କରିବା—1. To blame.
छेड़ना ୨ । ଛିଗୁଲେଇବା; ବ୍ୟଙ୍ଗ କରିବା; ଉପହାସ କରିବା— 2. To jeer at; to gibe.
ପଡ଼ଚ୍ଛେଇବା, ପଡ଼ଚିବା, ପଡ଼ୁଚେଇବା, ଧଡ଼ଚୁଆ ଦେବା (ଅନ୍ୟରୂପ)
୩ । ଗାଳିଦେବା—3. To rebuke.
୪ । ପରୋକ୍ଷରେ ହୋଇଥିବା ନିନ୍ଦାବାଦକୁ କହିଥିବା ବ୍ୟକ୍ତି ସଙ୍ଗେ ମୁକାବିଲା ବା ମୁଖାମୁଖି କରିବା—4. To confront a slanderer with the person slandered about what the former had reported behind the latter.

ପଡ଼ଚୁଆ—ଦେ. ବି. (ସଂ. ପରଚକ୍ଷା=ଦୋଷୀ ବୋଲି ଘୋଷଣା କରିବା)—
Pardachuā ୧ । ନିନ୍ଦା—1. Blame.
ଯେବେ ଦଇବେ ହୃଡ଼ ନ ଜାଣ ଯାଇଁ
କେତେ ଠାରେ କେତେ ପଡ଼ଚୁଆ ପାଇଁ । ଶ୍ରୀପଞ୍ଚମୀ ଗୀତ ।
बोलिठोली, छेड़छाड़ ୨ । ଛିଗୁଲା; ବ୍ୟଙ୍ଗ— 2. Irony; gibe.
(ପରଚୁଆ—ଅନ୍ୟରୂପ)
୩ । ପ୍ରତ୍ୟକ୍ଷରେ ପ୍ରମାଣ—3. Direct evidence.

ପଡ଼ଣ—ଦେ. ବି. (ସଂ. ପତ୍ ଧାତୁରୁ ପତନ; ପ୍ରା. ପଡ଼ଣ)—ପଡ଼ିବା—
Pardana পড়ন **पड़ना** Falling.

ପଡ଼ତାଲ—ଦେ. ବି. (ସଂ. ପରତୋଳନ; ବନ୍ଦୋବସ୍ତ ଇଲାକାରେ ବ୍ୟବହୃତ
Pardatāla ଶବ୍ଦ)—ପ୍ରତାଲ (ଦେଖ)—Pratāla (See)
पड़ताल (ପରତାଲ—ଅନ୍ୟରୂପ)

ପଡ଼ତାଲିବା—ଦେ. କ୍ରି—ପ୍ରତାଲ କରିବା (ଦେଖ)—
Pardatāliba **पड़तालना** Pratāla kariba (See)

ପଡ଼ା—ଦେ. ବି. (ସଂ. ପତ୍ତନ)—୧ । ପଲ୍ଲୀଗ୍ରାମ—
Pardā 1. Village; hamlet.
পাড়া (ଯଥା—ବିଶ୍ୱାଳପଡ଼ା; କଲପଡ଼ା ।)
पाड़ा, टोला ୨ । ଗ୍ରାମ ବା ସହରରେ କୌଣସି ବିଶିଷ୍ଟ ଜାତି ବାସ କରିବା ଅଂଶ—2. Quarter of a town or village inhabited by a particular class.
(ଯଥା—ପଟ୍ଟନାୟକ ପଡ଼ା, ମୋଚି ପଡ଼ା ।)
୩ । (ସଂ. ପତନ; ପ୍ରା. ପଡ଼ଣ)—ପଡ଼ିବା; ପତନ— 3. Falling; fall.
୪ । ପରି; ଅନ୍ୟଦ୍ୱାରା ଗଛରୁ ଫଳ ତୋଳାଇବା— 4. Having the fruits plucked through others.
୫ । ନଡ଼ିଆଆଦି ଗଛରୁ ଫଳ ତୋଳାଯିବାର ବାର ବା ଥର— 5. The plucking of fruits (cocoanuts) from trees.
(ଯଥା —ଆମ ବାଡ଼ିଗଛରୁ ଏ ବରଷ ନଡ଼ିଆ ତିନି ପଡ଼ା ହେଲା ।)

ପଡ଼ା(ଡ଼େ)ଇବା—ଦେ. କ୍ରି. (ସଂ. ପତ୍ ଧାତୁ ଣିଚ୍=ପାତି ଧାତୁ)—
Pardā(rde)iba ୧ । ପକାଇବା—1. To fell.
পাতান ୨ । ଅନ୍ୟ ଦ୍ୱାରା ଫଳ ତୋଳାଇବା— 2. To have the fruits plucked from trees by others.
पड़ाना
ପରାଇବା, ପରେଇବା (ଅନ୍ୟରୂପ)
୨ । ଅନ୍ୟ ଦ୍ୱାରା ଶଯ୍ୟାଦି ପକାଇବା— 2. To have the bedding laid by another.
ସେଦିନ ଅଳୀନ୍ଦ ଚନ୍ଦ୍ରଶାଳରେ ରହି ଶଯ୍ୟାକୁ ପଡ଼ାଇବ ।
ଭକ୍ତ ପ୍ରେମସୁଧାନିଧି ।

ପଡ଼ାଂ—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ବେତ ବା ଚାବୁକ ମାରିବା
Pardām ଶବ୍ଦ—1. Loud crackling sound.
পড়াং ୨ । ହଠାତ୍ (ପଡ଼ିଯିବା)—
पड़ाक् 2. Suddenly (to fall down).
(ପଡ଼ାକ୍, ପଡ଼ାଙ୍ଗ୍, ପଡ଼ାଂକିନା, ପଡ଼ାଂକିନି, ପଡ଼ାଙ୍ଗ୍କିନା, ପଡ଼ାଙ୍ଗ୍ କରି ପଡ଼ାଙ୍ଗ୍କିନି, ପଡ଼ାଙ୍ଗ୍ ଦିଶ୍, ପଡ଼ାଙ୍ଗ୍ ଧସ୍—ଅନ୍ୟରୂପ)

ପଡ଼ା ଗାଁ(ଗାଆଁ)—ଦେ. ବି. (ସଂ. ପତ୍ତନ+ଗ୍ରାମ)—କ୍ଷୁଦ୍ର ଗ୍ରାମ—
Pardā gāñ(gā-āñ) Small village; hamlet.
পাড়া গাঁ **पुरवा** (ପଡ଼ା ଗାଆଁ—ଅନ୍ୟରୂପ)

ପଡ଼ାଣିଆଁ (ଆ)—ଦେ. ବିଣ—ଗଡ଼ାଣିଆ; କ୍ରମନିମ୍ନ—
Pardāniāñ(ā) Sloping.
ঢালু **उतारा हुआ** ଦେ. ବି—ନିମ୍ନ ଭୂମି—Low land.
(ଉଠାଣିଆଁ—ବିପରୀତ)

ପଡ଼ାପଡ଼୍—ଦେ. ଅ. (ଧ୍ୱନ୍ୟନୁକରଣ) —ପଡ଼୍ପଡ଼୍—
Pardāpard Pard-pard.

ପଡ଼ାପଡ଼ି—ଦେ. ବି—ଧରାପରା; ଅନ୍ୟୋନ୍ୟରେ ଗଡ଼ାଗଡ଼ି ହେବା—
Pardāpardi Throwing each other on the ground; tussle; felling together.
पकड़ौवल
(ପରାପରି—ଅନ୍ୟରୂପ)

ପଡ଼ା ପଡ଼ିସା—ଦେ. ବି. (ସଂ. ପତ୍ତନ+ପ୍ରତିବାସୀ)—୧ । ସାଇ ପଡ଼ିଶା—
Pardā pardisā 1. Neighbours.
পাড়া পড়সে ୨ । ନିଜ ଗୃହର ସମୀପବର୍ତ୍ତୀ ସ୍ଥାନମାନ— 2. Places adjoining one's residence.
अड़ोसी पड़ोसी, पास पड़ोस
[ପଡ଼ା ପଡ଼ୋସ, ପଡ଼ା ପ୍ରତିବାସୀ, ପଡ଼ାପଡ଼(ଡ଼ୋ)ସି—ଅନ୍ୟରୂପ]

ପଡ଼ି—ଦେ. ବି. (ସଂ. ପତ୍ ଧାତୁ)—
Pardi ୧ । କୌଣସି ଲୋକର ଭରଣପୋଷଣାର୍ଥ ଦିଆଯିବା ଦୈନିକ
পাতড়া ଖାଦ୍ୟ ଧାନ୍ୟ ବା ଖାଦ୍ୟସାମଗ୍ରୀ—1. Daily quota of
पेट खर्ची, रोजाना paddy or provisions supplied for the maintenance of a person; a dole; a daily ration.
୨ । ଗୀତର ଶେଷରେ ବୋଲାଯିବା ଅନ୍ୟ ରାଗାତ୍ମକ ପଦ— 2. The diverted refrain of a song.

୩ । ଏକ ଜଣର ଉପଯୁକ୍ତ ଖାଦ୍ୟ ଭଣ୍ଡାର; ସଞ୍ଜା—
3. Victuals sufficient for one person.
ଘା ପଡ଼ି ତୋର କୋଠ୍ଁ ଦେଇ
ଅବର୍ମ ଦାମା ଭୁ ବୋଲଇ । ରୂପର. ପ୍ରେମପଞ୍ଚାମୃତ ।
ପ୍ରାଦେ. (ସମ୍ବଲପୁର, ଗଡ଼ଜାତ) ବି—ପରି (ଦେଖ)
Pari (See)

ପଡ଼ିଆ—ଦେ. ବି. (ସଂ. ପତିତ)—୧ । ପତିତ ଭୂମି; ଅନାବାଦ ଜମି—
Pardiā 1. Fallow land; uncultivated field;
পড়ো, পড়া, পড়ত waste land.
पड़ती ୨ । ସମତଳ ଘାସ ଭୂମି—2. Meadow.
୩ । ଫାଙ୍କା ଜାଗା; ଉନ୍ମୁକ୍ତ ସ୍ଥାନ—3. Open field.
୪ । ନିମ୍ନ ଭୂମି—4. Low land.
୫ । ନଦୀର ଅଳ୍ପ ଜଳ ଥିବା ସ୍ଥାନ—
5. Shallow part of a river.
୬ । ହଳିଆ ବା ମୂଲିଆ ଯେଉଁ ଦିନ କାମ କରିବାକୁ ନ ଆସେ ସେ ଦିନର ଅନୁପସ୍ଥିତି—6. Abesence of a labourer from work on any day
୭ । ଲୁଗାର ଯେଉଁ ଅଂଶର ସୂତା ଠିକ୍‌ରୂପେ ବୁଣା ହୋଇ ପାରି ନ ଥାଏ—7. Part of a cloth where the woof and the warp threads have not been woven regularly.
୮ । ଶଗଡ଼ର ଗୋଟିଏ ଚକ ଉଚ୍ଚ ଜାଗାରେ ଓ ଅନ୍ୟ ଚକ ଖାଲ ଜାଗାରେ ପଡ଼ିବା ଅବସ୍ଥା—8. The condition of one wheel of a cart being on a lower ground than the other.
ଦେ. ବିଣ—୧ । ପତିତ; ଅକର୍ଷିତ—
(ଉଠିଆ—ବିପରୀତ) 1. Uncultivated; waste; fallow.
পড়ৎ ପଡ଼ିଆ ଭୂଇଁ ଆଉଁ ଉଠିଆ ଭୂମି ଦେଲେ
पड़ती ସେ ସୁକୃତ କହି ନ ପାରଇ ଭଲେ । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।
୨ । ଅନିଯୋଜିତ—2. Unemployed.
(ଯଥା ଆଜି ମୋର ଚାକୁ ପଡ଼ିଆ ।)
୩ । (ବାଛୁରୀ ବଡ଼ିଯାଇ ଥିବାରୁ) ଯେଉଁ ଗାଈ ବସିକି ଯାଇଥାଏ ଅର୍ଥାତ୍ ଯାହାର ଦୁଧ କମି ଯାଇଥାଏ—3. (a milch cow) That has become dry.
୪ । ଦୋକାନରେ ପଦାର୍ଥ ବିକ୍ରି ନ ହେବା (ସମୟ)—
4. Slack (season).
୫ । ନିରସା; ନିକୃଷ୍ଟ—5. Inferior.
୬ । ଯେଉଁ ବ୍ୟକ୍ତି ଖାଇବା ସକାଶେ ପ୍ରତିଦିନ ପଡ଼ି ପାଏ—
6. Depending on a dole of rice.
୭ । ବାସ ପରିତ୍ୟକ୍ତ; ଯେଉଁ ସ୍ଥାନରେ କେହି ବାସ କରୁ ନାହିଁ. (ଯଥା—ପଡ଼ିଆ ଘର)—7. Uninhabited; abandoned (house); untenanted.
୮ । ବିକ୍ରି ନ ହୋଇ ଦୋକାନରେ ପଡ଼ି ରହିଥିବା (ପଣ୍ୟଦ୍ରବ୍ୟ)
8. (any commodity) Which remains undisposed of in the shop

ପଡ଼ିଆ ଉଠିଆ—ଦେ. ବିଣ. (ବିପରୀତାର୍ଥକ ସହଚର)—୧ । ଉଚ୍ଚ ନୀଚ
Pardiā uṭhiā (ଭୂମି)—1. Undulating (ground).
पड़ती आबादी ୨ । ଅନାବାଦୀ ଓ ଆବାଦୀ (ଜମି)—
20. Waste and arable (land).

ପଡ଼ିଆ ଗାଈ—ଦେ. ବି—ବାଛୁରୀ ବଡ଼ିଗଲେ ଯେଉଁ ଦୁଧିଆଳୀ ଗାଈଠାରୁ
Pardiā gāi ଦୁଧ ଦୁହାଁ ବନ୍ଦ କରି ଦିଆଯାଏ—A milch cow
बिषखी हुई गाय which has become dry.

ପଡ଼ିଆ ଜୁଆର—ଦେ. ବି—ପୂର୍ଣ୍ଣିମା ଅମାବାସ୍ୟା ଛଡ଼ା ଅନ୍ୟ ତିଥିରେ
Pardiā juāra ହେବା ଅଳ୍ପ କ୍ଷୀଣଯୁକ୍ତ ଜୁଆର—Ebb tide;
घटतोज्वार (ଉଠିଆ ଜୁଆର—ବିପରୀତ) low tide.

ପଡ଼ିଆଣ - ଦେ. ବି. (ସଂ. ପ୍ରତିବାଣୀ କମ୍ବା ପ୍ରତିତନ୍ତ୍ର)—ଲୁଗାର ଭରଣୀ
Pardiāṇa ବା ଚଉଡ଼ା ବାଗର ସୂତା—The woof of a
পড়িয়ান, পড়্যান **भरनी, बाना** cloth; weft.

ପଡ଼ିଆଣି ଜୁଆର—ଦେ. ବି. (ଜାହାଜିଆ ଭାଷା)—ପାଣିର ଉଚ୍ଚତା କମି
Pardiāni juāra ଯାଉଥିବା ଜୁଆରର ଅବସ୍ଥା; ଭାଟ୍ଟେଣୀ—
ज्वारकी घटती The subsiding state of a flow tide; the ebbing of a tide.
ଚେତେବେଳେ ପଡ଼ିଆଣି ଜୁଆର,
ଜାହାଜ ନହାତ ମାଇଚଡ଼ାରେ ବଳି ଯାଉଛି । ଫକୀରମୋହନ—ଗଳ୍ପସ୍ୱଳ୍ପ ।

ପଡ଼ିଆ ଭୂଇଁ—ଦେ. ବି. (ସଂ. ପତିତ ଭୂମି)—୧ । ପତିତ ଜମି—
Pardiā bhuiṅ Fallow ground.
পড়ত জমি ୨ । ଗୋଚର ଜମି—
पड़ती जमीन 2. Grazing ground.
ପଡ଼ିଆ ବାଡ଼ି } ୩ । ଗ୍ରାମ୍ୟ ସାଧାରଣଙ୍କର ଗାଈ ଚରିବା ସ୍ଥାନ—
ପଡ଼ିଆ ଜମି } ଅନ୍ୟରୂପ] 3. The common easing ground
ପଡ଼ିଆ ଭୂମି } of a village.
ଦେବ, ଡାକିବ, ଦେ ପଦ ବୋଲିବ,
ଡେଉଁ ଭୂଇଁରେ ଗୋଧନ ଚରଇବ ହେ—ଚକୁଳିଆ ପଣ୍ଡା ଗୀତ ।

ପଡ଼ିଆରୀ—ଦେ. ବି—ପଢ଼ିଆରୀ (ଦେଖ)
Pardiārī Pardhiārī (See)

ପଡ଼ିଆ ସୁନା—ଦେ. ବି.—ନିରସା ବା ଭେଲ ସୁନା—Mixed gold.
Pardiā sunā নিরসা সুনা **गोबराहा सोना**

ପଡ଼ି ଉଠି ଧାଇଁବା—ଦେ. କ୍ରି—ବାଧା ବିପଦକୁ ନ ଗଣି ଅତିଶୟ
Pardiuthi dhāiṅbā ବ୍ୟଗ୍ର ହୋଇ ଖୁବ୍ ବେଗରେ ଗତି
पड़ते उठते आना କରିବା—To run very quickly by ignoring all the difficulties.

ପଡ଼ି ଉଠି ପଳା(ଲେ)ଇବା—ଦେ. କ୍ରି—ଅତି ଉଦ୍‌ବେଗରେ ବାଧା ବିଘ୍ନ
Pardi uṭhi paḷā(ḷe)ibā ନ ଗଣି କୌଣସି ସ୍ଥାନ ତ୍ୟାଗ
କରିବା—To leave a place in hot haste.
ସଂଯୋଜିତ ସଙ୍ଗରୁ ସୁଦ୍ଧ ଛାଡ଼ି ଦେଇ,
ନୋଇଲେ ପଡ଼ି ଉଠି ହେ ନଗରାଁ । କୃଷ୍ଣସିଂହ. ମହାଭାରତ. ସ୍ତ୍ରୀ ।

ପଡ଼ି କାଟ—ଦେ. ବି—୧ । ଦୈନିକ ଖଞ୍ଜା ଥିବା ପଡ଼ି ବା ଖାଦ୍ୟର
Pardi kāṭa ଅପ୍ରାପ୍ତି—1. Lack or deprivation of the
खुराक बन्द daily supply or dole given out to a person; non-receipt of one's daily dole.

୨ । (ଲକ୍ଷଣାର୍ଥ) ଭୋଜନାଭାବ—2. (figurative)
Lack of one's daily food or supply.

ପଡ଼ି ଖିଆ—ଦେ. ବଣ—ଯେଉଁ ବ୍ୟକ୍ତିଙ୍କୁ ପ୍ରତିଦିନ ପଡ ବା ଖଞ୍ଜା ଖାଦ୍ୟ
Pardi khiā ସାମଗ୍ରୀ ମିଳେ—A person who gets dole.

ପଡ଼ିଚ୍ଛା—ଦେ. ବ—ପରଛା (ଦେଖ)
Pardichhā Parichhā (See).

ପଡ଼ି ଦାତା—ଦେ. ବଣ—ଯେ ପଡ଼ିଖିଆ ଲୋକଙ୍କୁ ଦୈନିକ ଖୋରାକ
Pardi dātā ଦଏ—Almoner; one who distributes doles; distributer of provisions.

ପଡ଼ିବା—ଦେ. କ୍ରି. (ସଂ. ପତ୍ ଧାତୁ; ସଂ. ପତନ; ପ୍ରା. ପଡ଼ନ)—
Pardibā ୧ । ପତିତ ହେବା—1. To fall.

ପଡ଼ା ତୋଳାଇଲ ପଦ୍ ତଳ ତଳେ ପଡ଼ିଯିବା ଭଳ
ପଡ଼ନୀ ଜଗଦ୍ଦୁର୍ଦ୍ଦେବ. ଦଶୋପବକ୍ଷ, ତ ଗୀତ ।
(ପଡ଼ିଯିବା ଅନ୍ୟରୂପ) ୨ । ଝଡ଼ିବା; ଭୂମିରେ ପତିତ ହେବା—
2. To drop down; to fall to the ground.

୩ । (ସମୟ) ଉପସ୍ଥିତ ହେବା—3. (a time) To arrive.
ଯଥା—ଆଜକାଲି ବଡ଼ ମହର୍ଗକାଳ ପଡ଼ୁଛି—

୪ । ଲୋଟିବା; ଗଡ଼ିବା; ଭୂମିରେ ଲୁଣ୍ଠିତ ହେବା—4. To roll on the ground; to wallow on the ground.

୫ । ଅନ୍ୟର ଗୋଡ଼ତଳେ ଦଣ୍ଡବତ୍ ପତିତ ହେବା—
5. To lie prostrate at one's feet.

୬ । ସ୍ଖଳିତ ହେବା; ସ୍ୱସ୍ଥାନରୁ ନିମ୍ନକୁ ଖସିବା—
6. To slip down.
ଯଥା—ଘୋଡ଼ାରୁ ପଡ଼ିଯାଇ ରାମର ଅଣ୍ଟା ଭାଙ୍ଗିଗଲା ।

୭ । (ନଦୀ) ବହିଯାଇ ସାଗର ଆଦିରେ ମିଶିବା—
7. (a river) To flow and fall into (the sea).
ଯଥା—ଏ ନଈ ଚିଲିକାରେ ପଡ଼ୁଛି ।

୮ । ନିଷ୍କ୍ରାନ୍ତ ହେବା; ବାହାରିବା—
8. To come out; to issue.
ଯଥା—ମେଘରୁ ବର୍ଷା ପଡ଼ୁଛି; ତା ପାଟିରୁ ରକ୍ତ ପଡ଼ୁଛି ।

୯ । ଶୋଇବା; ଶଯ୍ୟାଗତ ହେବା—
9. To lie down; to be confined to bed.
ଯଥା—ତା ଘରେ ତିନି ପ୍ରାଣୀଯାକ ରୋଗରେ ପଡ଼ିଛନ୍ତି ।

୧୦ । ଧୃତ ହେବା; ଧରା ହେବା—10. To be caught.
'କାଳିଆ ଫାନ୍ଦେ ମିତ ଲେ ! ନ ପଡ଼ିବୁଟି'—ସଙ୍ଗୀତ ।

୧୧ । ହସ୍ତଗତ ହେବା; ଅଧିକାରକୁ ଆସିବା—
11. To come under one's control or disposal.

୧୨ । ଉପସ୍ଥିତ ହେବା; ଆସିବା—
12 To come; to arrive at.
ଚଉଲ ଧାଇଁ ପଡ଼ିଲ କାହିଁ ସୁଅଦ ଶବଦ ହିଁବ ନାହିଁ—ଗୀତ ।

୧୩ । ମନ ମିଳିବା ବା ସଙ୍ଗହୋଇ ଚଳିବା—
13. To be on friendly or good terms.
ଯଥା—ସେ ଘଇଭାମାଇପଙ୍କର ଭାବ ପଡ଼ୁଛି ।

୧୪ । ଚାଳିତ ହେବା; କଥା ଅନୁସାରେ କାର୍ଯ୍ୟ କରିବା—
14. To be led or guided by; to act according to the advice of.
ଯଥା—ତା କଥାରେ ପଡ଼ି ଆଜ ମୋର ଏ ଦଶା ହେଲା ।

୧୫ । ଆସକ୍ତ ହେବା; ଅନୁରକ୍ତ ହେବା—
15. To be attached or addicted to.
ଯଥା—କୁସଙ୍ଗରେ ପଡ଼ି ସେ ପଢ଼ାପଢ଼ି ଛାଡ଼ି ଦେଲା ।

୧୬ । ମିଳିବା; ମେଳ ହେବା—16. To tally with.
ଯଥା—ତୋ କଥାକୁ ମୋ କଥା ପଡ଼ିଗଲା ।

୧୭ । ସମକକ୍ଷ ହେବା; ଅନୁକୂଳ ହେବା—
17. To be equal to; to fit in with.
ଯଥା—ବରପାତ୍ର ଜାତକ ସଙ୍ଗେ କନ୍ୟାପାତ୍ର ଜାତକ ଭଲ ପଡ଼ୁଛି ।

୧୮ । ଅପେକ୍ଷା କରି ରହିବା—18. To stay waiting.
ଯଥା—ଆମ ମାମଲା ଧରାଯିବ ବୋଲି ଆମେ କଚିକରେ ତିନି ଦିନ ହେଲା ପଡ଼ିଛୁଁ ।

୧୯ । ଲୋଡ଼ା ହେବା; ଆବଶ୍ୟକ ହେବା—
19. To be necessary; to be wanted.
ଯଥା—ଏ ବର୍ଷ ଶୀତ ପାଇଁକି ଖଣ୍ଡିଏ ମାଠ କିଣିବାକୁ ପଡ଼ିଲାଣି ।

୨୦ । ଦନ୍ତୁର ହେବା—20. To become blunt.
ଯଥା—ଏ କଟୁରୀର ଦାଢ଼ ପଡ଼ିଗଲାଣି ।

୨୧ । ଲାଗିବା; ବ୍ୟୟ ହେବା—21. To cost.
ଯଥା—ଦେଉଳଟିଏ ତୋଳାଇବାକୁ ହଜାରେ ଟଙ୍କା ପଡ଼ିବ ।

୨୨ । ହେବା—22. To be.
ଯଥା—ଏ ଲୁଗାର ଦାମ କେତେ ଟଙ୍କା ପଡ଼ିବ ? ଏ କଥା କାଅଣ ମୋଫତ୍ ପଡ଼ୁଛି କି ?

୨୩ । ଆଲୋଚିତ ହେବା; ପ୍ରସଙ୍ଗକ୍ରମେ ଉତ୍ଥାପିତ ହେବା—
23. To be discussed; to be raised during a discourse or conversation.
ଚନ୍ଦ୍ରକୂଟେ ଅନୁସୂୟାଙ୍କର ସଙ୍ଗତେ
ସମ୍ବାଦ ଯା ପଡ଼ିଲା କହିବା ତା କେତେ । କୃଷ୍ଣସିଂହ. ମହାଭାରତ. ବନ ।

୨୪ । ଭାବର ଆଦାନ ପ୍ରଦାନ ହେବା; ପ୍ରଶ୍ନୋତ୍ତର କ୍ରମେ ଚର୍ଚ୍ଚା କରାଯିବା—24.To be dealt with in the shape of questions & answers thereto.
(ଯଥା—ତାର ମୋର ବହୁତ ଦୁଃଖ ସୁଖ ପଡ଼ିଲା ।)

୨୫ । ବ୍ୟାଖ୍ୟାତ ହେବା; ପ୍ରକଟିତ ହେବା—
25. To be published.
କାଠରେ ହଗିଲେ ନାଁ ପଡ଼େ, ଦେଉଳ ତୋଳେଇଲେ ନାଁ ପଡ଼େ—ଢଗ—

୨୬ । ବିଲମ୍ବିତ ହେବା; ଲମ୍ବିବା—26. To hang down.
ଓଢ଼ଣୀ ପଡ଼ିଛି ଦୁଇ ସରିକି
ପାଟ ଶୁଖିଅଛି ଚଉପାଡ଼ିକି—ଢଗ ।

୨୭ । ଚଢ଼ାଉ କରିବା; ଉଜାଡ଼ କରିବା—27. To attack; to commit depredations upon.
ଧୂମାଲି କରି ମୁଲକ ଯାକ, ଧନ କାଢ଼ିନ ଲୁଟି ଅନେକ
ଯାଇଁ ପଡ଼ିଲେ ଖାଟିଏ ବାଛି ବନ ଭିତର ସେ । ବ୍ରଜନାଥ—ସମର ତରଙ୍ଗ ।

୨୮ । ଅନୁଭୂତ ହେବା—
28. To be felt or experienced.
ଯଥା—ଏ ବର୍ଷ ଭାରି ଶୀତ ପଡ଼ୁଛି ।

୨୯ । ଘଟିବା—29. To happen; to occur.
ପଡ଼ିଲା ଏବେ ଅତି ଦାବାଗ୍ନି ବଚନ—କୃଷ୍ଣସିଂହ, ମହାଭାରତ, ବନ ।

୩୦ । ପ୍ରସ୍ତାବିତ ହେବା—30. To be proposed.
ଗୋବର୍ଦ୍ଧନ ନାଗଙ୍କ କଥା ପଡ଼ିଛି ଅର ସାହ ବଣଭୂଅ—ଭଗ ।

୩୧ । ମୁଦା ହେବା; ବନ୍ଦ ହେବା—
31. To be closed or shut up.
ଯଥା—ସନ୍ଧ୍ୟା ନ ବୁଡ଼ୁଣୁ ଗାଆଁ ଯାକ ତାଟି କବାଟ ପଡ଼ିଲାଣି ।

୩୨ । ଫଳ ଘଟିବା—32. To result.
ଯଥା—ପଚାଶଙ୍କୁ ପାଞ୍ଚରେ ହରଲେ କେତେ ପଡ଼ିବ ?

୩୩ । ଇତସ୍ତତଃ ସଞ୍ଚାଳିତ ହେବା—
33. To be waved to and fro.
ଟୁପ୍ଲି ଉପାଣ ବଳୁଳ ଚାମର ଢ଼ାଳ ପାଦୁକରେ ପଡ଼େ—ଦୀନକୃଷ୍ଣ· ଜଗମୋହନ ।

୩୪ । ଉପର୍ଯ୍ୟୁପରି ପ୍ରହାରିତ ହେବା—
34. To be struck repeatedly.
ଢ଼ୋଳି ପଡ଼େ ଧମ ଧମ, ସାହାନ ଗୁଳଲ ଭଦ କଠିନ,
ଝାଳ ବୁହେ ଗମ ଗମ—ଭଗ ।

୩୫ । ରହିତ ହେବା; ଅକ୍ଷମ ହେବା; ଅବଶ ହେବା—
35. To become useless or unfit for work.
ଯଥା—ସ୍ୱରପାକ ଗୀତ ଗାଇଗାଇ ମୋ କଣ୍ଠ ପଡ଼ିଲାଣି ।

୩୬ । ଖିଆ ପିଆ ହେବା—
36. To be eaten; to be partaken.
ଯଥା—ଆଜ ଟୋପାଏ ନାଲି ପାଣି ପଡ଼ିବାରୁ ତାଙ୍କୁ ଉନପୁର କଥା ଦିଶୁଛି ।

୩୭ । (ସୁବିଧା) ଜୁଟିବା—37. To come to pass; (an-opportunity) to present itself.
ଯଥା—ଖଞ୍ଜ ପଡ଼ିଲେ ସେ ତାଙ୍କୁ ଗେଟେ ଦବ ।

୩୮ । ପଡ଼ିଆ ହେବା; ଅକର୍ଷିତ ହୋଇ ରହିବା—
38 To lie fallow.
ଯଥା—ବିହନ ଅଭାବରୁ ମୋର ଏ ବର୍ଷ ୪ ମାଣ ଜମି ପଡ଼ି ରହିଲା ।

୩୯ । ଭୂମି ଉପରେ ବିସ୍ତୃତ ହେବା—33. To be spread on the ground.
ଯଥା—ବିଛଣା ପଡ଼ିଛି ।

୪୦ । ଆଶ୍ରୟ କରି ରହିବା—
40. To remain as a dependant on.
ଯଥା—ମୁଁ ତ ସାଆନ୍ତଙ୍କ ପାଖେ ପଡ଼ିଛି, ସେ ରଖିବେ ରଖନ୍ତୁ, ମାରଲେ ମାରନ୍ତୁ ।

୪୧ । ଫଳରେ ଜଣା ଯିବା; ଦେଖାଯିବା—
41. To turn out to be; to be found.
ଯଥା—ଏ ବଳଦଟି ଭାରି ଠାଣୁଆ ପଡ଼ିଲା ।

୪୨ । ତଳକୁ ଓହ୍ଲାଇବା; ଅଧୋଗାମୀ ହେବା—
42. To descend; to go down.
ଯଥା—ତରଜୁର ଗୋଟାଏ ପଲା ପଡ଼ି ଯାଇଛି ।

୪୩ । ଦେଖା ଯିବା—43. To appear; to be seen.
ଯଥା—ମେଘ ଛାଡ଼ିଯିବାରୁ ଆକାଶରେ ତାରା ପଡ଼ିଲେଣି ।

୪୪ । (ଗଛରେ ଫଳ) ଧରିବା—44. (said of a fruit) To appear on a tree; to be borne by a tree.
ଯଥା—ମୋ ବାଡ଼ିରେ ଛଅ କାନ୍ଦି କଦଳୀ ପଡ଼ିଲାଣି ।

୪୫ । ଅଭିଭୂତ ହେବା—45. To be overtaken.
ଭକତ ଘରେ କୃଷ୍ଣ ପାଦେ,
ନ ପଡ଼େ ଲୋକ ମୋହ ହଦେ । ଜଗନ୍ନାଥ, ଭାଗବତ ।

୪୬ । ଉଚ୍ଚାରିତ ହେବା—
46. To be pronounced or uttered.
ଯଥା—ସତ୍ୟନାରାୟଣ ପୂଜାରେ ଆଜ ଖୁବ୍ ହରିବୋଲ ହୁଳହୁଳି ପଡ଼ିଲା ।

୪୭ । (ଦାନ୍ତଆଦ) ସ୍ଥାନଚ୍ୟୁତ ହେବା—
47. To be dislocated.
ଯଥା—ବୃଦ୍ଧାବସ୍ଥାରେ ଅଧିକାଂଶ ଲୋକଙ୍କର ଦାନ୍ତ ପଡ଼ିଯାଏ ।

୪୮ । (ଶାପ ଆଦ) କୌଣସି ବ୍ୟକ୍ତିଠାରେ ଫଳିବା—
48. (a curse) To bear fruit on a person.
ଯଥା—ତା ଉପରେ ମୋ ନିଶ୍ୱାସ ପଡ଼ିଲା ।

୪୯ । ପ୍ରେରିତ ହେବା—49. To be sent or issued.
ଯଥା—ବିଭାଘରକୁ ସମୁଦିଙ୍କ ଘରେ ଆମର ଗୁଆ ପଡ଼ିଛି ।

୫୦ । କୌଣସି ସ୍ଥାନରେ ସ୍ଥାପିତ ହେବା—
50. To be raised or pitched at a place.
ଯଥା—ବଡ଼ ପଡ଼ିଆରେ ତମ୍ବୁ ପଡ଼ିଛି ।

୫୧ । ଆରବ୍ଧ ହୋଇଥିବା—51. To be begun.
ଯଥା—ବର୍ତ୍ତମାନ ଅଯୋଧ୍ୟାକାଣ୍ଡ ପଡ଼ିଛି ।

୫୨ । ଉପୁଜିବା; ଜାତ ହେବା—
52. To be born; to grow.
ଯଥା—ଆମ ଗାଈର ଗୋଟିଏ ମାଈ ବାଛୁରୀ ପଡ଼ିଛି ।

୫୩ । (ରାସ୍ତା ଆଦ) ନୂତନ ତିଆରି ହେବା—
53. (a road) To be constructed or laid.
ଯଥା—ଚୈତ୍ରମାସ ହେଲା ଆମ ଗାଁଆଁକୁ ପକା ସଡ଼କ ପଡ଼ୁଛି ।

୫୪ । (ରୋଗ) ଆକ୍ରମଣ କରିବା—54. To attack.
ଯଥା—ମୋର ପିଲୁଲ ପଡ଼ିଛି; ଗୋବିନ୍ଦ ମାଆଙ୍କର ଅନାହାରୀ ପଡ଼ିଛି ।

୫୫ । ପାତିତ ହେବା—55. To be laid.
ଯଥା—ଖାଇବାକୁ ପତର ପଡ଼ିଛି ।

୫୬ । ଛାଉଣି ପକାଇବା—56. To encamp.
ଯଥା—ଆମ୍ଭ ତୋଟାରେ ବନ୍ଦୋବସ୍ତ ହାକିମ ପଡ଼ିଛନ୍ତି ।

୫୭ । ମିଶ୍ରିତ ହେବା—57. To be mixed.
ଘିଅରେ ପଡ଼ିଛି କର୍ପୂର ବାସ,
ସବୁ ଖାଇଲେ ଯିବ ବାସ । ଶିଶୁଗୀତ ।

୫୮ । ତଳକୁ ଖସାଯିବା—58. To be lowered.

ଯଥା—ଜାହାଜର ଲଙ୍ଗର ପଡ଼ିଲା; ରେଲର ସିଗ୍ନାଲ୍ ପଡ଼ିଲାଣି ।
୫୯ । (ଘରର ଶୁଭଆଦ) ଦିଆଯିବା—
59. (a foundation) To be laid.
ଯଥା—ଆଜି ଘରେ ଶୁଭ ପଡ଼ିଲା ।
୬୦ । କୌଣସି ସ୍ଥାନରେ ଉପସ୍ଥିତ ହେବା—
60. To arrive at a place.
ଯଥା—ମୁଗ କଅଁରରେ ପଙ୍କେ ମାଙ୍କଡ଼ ପଡ଼ିଛନ୍ତି
୬୧ । ଚିତ୍ର ବା କାରୁକାର୍ଯ୍ୟରୂପେ ଖଚିତ ହେବା—
61. To be decorated with ornamental works.
ଯଥା—ଏ ଶାଢ଼ୀରେ ଲୁମ୍ବ ପଡ଼ିଛି ।
୬୨ । ଇତସ୍ତତଃ ବିକ୍ଷିପ୍ତ ହେବା—
62. To be strewn or scattered about.
ଯଥା—ଲୁଗା ପଟାଯାକ ଘରେ ଏଣେ ତେଣେ ପଡ଼ିଛି ।
୬୩ । ସଂଯୋଜିତ ହେବା—6. To be set or joined to.
ଯଥା—ଏଥର ତନ୍ତରେ ଗୋଟାଏ ବାରହାତିଆ ଶାଢ଼ୀ ପଡ଼ିଛି ।
୬୪ । ନିମ୍ନସ୍ଥ ବସ୍ତୁକୁ ସ୍ପର୍ଶ କରିବା—
64 To touch a thing which is below.
ବାଳ ଗଣ୍ଡିବଅ ଭୂଇଁରେ ପଡ଼ୁ, ଲକ୍ଷେ କର୍ଣ୍ଣଫୁଲ ଝଡ଼ୁ । ଢଗ ।
୬୫ । ଉକ୍ତି ପ୍ରତ୍ୟୁକ୍ତିରୂପେ କଥିତ ହେବା—
65. To be exchanged as questions & replies.
ଯଥା—ସେ ଦୁହିଙ୍କ ସଧ୍ୟରେ ଭାର ଡାହକା ପଡ଼ିଛି ।
୬୬ । ଶବ୍ଦିତ ହେବା—66. To be sounded.
ଯଥା—ତୋପ ପଡ଼ିଲା ।
୬୭ । ରୋପିତ ହେବା; ବୁଣା ହେବା—
67. To be planted; to be sown.
ଯଥା—ଏ ବିଲରେ ଚଳ ପଡ଼ିଛି; କୁଣ୍ଡରେ କୋବି ଗଛ ପଡ଼ିଛି ।
୬୮ । ପ୍ରଦତ୍ତ ହେବା—4 To be given.
ଯଥା—ଚୁଡ଼ା ପାଇଁ କେଉଁଠି ଘରେ ୫ ଗୌଣି ଧାନ ପଡ଼ିଛି;
ଧୋବାଘରେ ଲୁଗା ପଡ଼ିଛି ।
୬୯ । ଟଣା ଯିବା—69. To be drawn; to be dragged.
ଯଥା—ପୋଖରୀରେ ଜାଲ ପଡ଼ିଛି ।
୭୦ । ବାଜିବା; ଲାଗିବା—70. To touch.
ପଦ୍ମୋତ୍ପଳ ଜଳ ପଡ଼ଇ ଯାର ଦେହେ
ସେ କେବେ ନ ପଡ଼ଇ ଏ ସଂସାର ମୋହେ । କୃଷ୍ଣସିଂହ. ମହାଭାରତ. ବନ ।
୭୧ । କମିବା—To come down.
ଯଥା—ଭାବ ପଡ଼ିଲା ।
୭୨ । ବରଷିବା; (ଅମୁକ) ଉପରେ ଊର୍ଦ୍ଧ୍ୱରୁ ପତିତ ହେବା—
72. To be showered upon; to rain.
ଯଥା—ତୋ ମୁଣ୍ଡରେ ବର୍ଷା ପାଣି ପଡ଼ୁଛି ।
୭୩ । ମାଗଣାରେ ମିଳିବା—
73. To be available for nothing.
ଯଥା—ଏଠେଇଁ କଅଣ ସଦାବର୍ତ୍ତ ପଡ଼ିଛି ଯେ, ତୁମେ ନିତି ଏଠାକୁ ଦଉଡ଼ୁଛ ?

୭୪ । (ବ୍ରଣ, ବିଛୁଲ, ବାଘୀ ଆଦି ସ୍ଫୀତିଯୁକ୍ତ ରୋଗ) ଦେହରେ ଦେଖାଯିବା—74. To come out (said of boils & swellings).
୭୫ । (କୋଲପ, ଶିକୁଳି ଆଦି ଦ୍ୱାରା) ଗୃହର କବାଟ ବନ୍ଦ ହେବା—75. To be locked up with pad-lock or chain (said of the door of a house).
ଯଥା—ଦୋକାନରେ କୋଲପ ପଡ଼ିଛି ।
[ଦ୍ର—ଅନ୍ୟ ଧାତୁ ସଙ୍ଗେ ପଡ଼ିବା ଯୋଗ ହେଲେ ସେ ଧାତୁର ଅର୍ଥକୁ ଦୃଢ଼ତର କରେ । ଯଥା—ଧାଇଁ ପଡ଼ ହୋ; ଓହ୍ଲାଇ ପଡ଼ିବା; ବସିପଡ଼ିବା; ଉଠିପଡ଼ିବା ଓ ଶୋଇ ପଡ଼ିବା ଇତ୍ୟାଦି ।
ପଡ଼ିବା ପୂର୍ବେ ବ୍ୟବହୃତ ଅସମାପିକା କ୍ରିୟା; ଯଥା—ଧାଇଁ ପଡ଼ିବା; ଉଠି ପଡ଼ିବା; ବସି ପଡ଼ିବା; ଶୋଇ ପଡ଼ିବା; ଗଡ଼ି ପଡ଼ିବା; ନଇଁ ପଡ଼ିବା; ଡେଇଁ ପଡ଼ିବା; ଚମକି ପଡ଼ିବା; ମାତି ପଡ଼ିବା; ଭୁଙ୍ଗି ପଡ଼ିବା ଝଡ଼ି ପଡ଼ିବା ଇତ୍ୟାଦି ।
ପଡ଼ିବାର ଅସମାପିକା ରୂପ ପରେ ବ୍ୟବହୃତ କ୍ରିୟା—ଯଥା ପଡ଼ିଯିବା; ପଡ଼ି ଉଠି ଧାଇଁବା; ପଡ଼ି ମରିବା ଓ ପଡ଼ି ରହିବା ଇତ୍ୟାଦି ।
ପଡ଼ିବାର ସହଚର କ୍ରିୟା—ପଡ଼ିବା ଉଠିବା; ଉଠିବା ପଡ଼ିବା]

ପଡ଼ିବା ଉଠିବା—ଦେ. କ୍ରି—ବିକ୍ଷିପ୍ତ ହେବା ଓ ଉତ୍କ୍ଷିପ୍ତ ହେବା—
Pardibā uthibā 1. To be thrown up and down.
পঁড়াউঠা ୨ । ଦଉଡ଼ିଲାବେଳେ ଅସମତଳ ବା ଖସଡ଼ା ଭୂମିରେ ପଡ଼ି
पड़ना उठना ଯିବା ଓ ପୁଣି ଉଠିବା—2. To fall down and get up while running over an uneven or slippery surface.
ଯଥା—ଜମିଦାରଙ୍କର ତଲବ ହୋଇଛି ବୋଲି ଅନ୍ଧାର ରାତିରେ ପ୍ରଜାମାନେ ପଡ଼ି ଉଠି ଧାଇଁଛନ୍ତି ।
୩ । (ଲକ୍ଷଣାର୍ଥ) ଘନ ଘନ ଗର୍ଜ୍ଜନ ବା ଉଚ୍ଚୈଃସ୍ୱର ବା ଅଭ୍ୟାଘାତ ଯୋଗୁଁ କମ୍ପମାନ ବା ଅସ୍ଥିର ହେବା—3. (a place) To shake violently owing to repeated loud roaring or loud reports.
ଯଥା—ବାମ୍ବାଜି ଫୁଟିବାରୁ ସେ ଗାଁ ପଡ଼ୁଛି ଉଠୁଛି ।
୪ । (କୌଣସି ବ୍ୟକ୍ତି) ରୋଗର ଯନ୍ତ୍ରଣାରେ ଅସ୍ଥିର ହେବା; ଯନ୍ତ୍ରଣାରେ ଦେହ ହାତ ଗୋଡ଼ ବାଡ଼େଇବା କଚାଡ଼ିବା—
4 (a person) To strike one's arms and legs in the paroxysms of a disease.

ପଡ଼ି ବାଣୁଆ—ପ୍ରା. ଦେ (ଗଡ଼ଜାତ)—ବି—ପେଣ୍ଠିଆ (ଦେଖ)
Pardi bānuā Penthiā (See)

ପଡ଼ି ଭାତ—ଦେ. ବି—ଦୈନିକ ଖଞ୍ଜା ବା ନର୍ଦ୍ଦିଷ୍ଟ ଅନ୍ନ—
Pardi bhāta Daily quota or dole of boiled rice.
ଚଉଦ ବ୍ରହ୍ମାଣ୍ଡେ ଯେତେକ
ସବୁଙ୍କ ଦେଉ ପଡ଼ି ଭାତ । ପ୍ରାଚୀ, ନର୍ଗୁଣ ମାହାତ୍ମ୍ୟ ।

ପଡ଼ି ମରିବା—ଦେ. କ୍ରି—୧ । କୌଣସି ସ୍ଥାନରେ ଜୋରରେ ପତିତ
Pardi maribā ହେବା—1. To fall down with force.
୨ । ଅତି ଦୁଃଖ ବା କଷ୍ଟରେ କୌଣସି ସ୍ଥାନରେ ପଡ଼ି ରହିବା—
2. To continue to stay at a place with great difficulty.

ପଡ଼ି ରହିବା—ଦେ. କ୍ରି—୧ । ବହୁକାଳ ଏକସ୍ଥାନରେ ପଡ଼ିବା—
Pardi rahibā 1. To lie at one place for a long time.
୨ । କାର୍ଯ୍ୟ ଅସମାପ୍ତ ବା ଅକୃତ ହୋଇ ବହୁକାଳ ରହିବା—
2. To be pending; (a work) to remain undone or unfinished.
୩ । ବହୁକାଳ ଅପେକ୍ଷା କରିବା—
3. To wait for a long time.
୪ । ବହୁକାଳ ରୋଗ ଯୋଗୁଁ ଶଯ୍ୟାଗତ ହୋଇ ରହିବା—
4. To be confined to bed for a long time.

ପଡ଼ିଶା—ଦେ. ବି. ପୁଂ. (ସଂ. ପ୍ରତିବେଶୀ; ପ୍ରତିବାସୀ, ପ୍ରା. ପଡ଼ିବେସ)—
Pardisā ୧ । ପ୍ରତିବାସୀ; ସାଇପଡ଼ିଶା—
ପଡ଼ଶ, ପଡ଼ଶୀ 1. Neighbour.
ପଡ଼ୋସ
ଡାକୁଥିଲେ ପଡ଼ିଶାଏ ମହାଶ୍ରଦ୍ଧା କରି । ସ୍ୱଧାନାଥ. ଫୁଲବଣୀ ।
ପଡ଼ଶି, ପଡ଼ୋଶ, ପଡ଼ୋଶି } ଅନ୍ୟରୂପ
୨ । ପାଖରେ ଥିବାଲୋକ—
2. A person living close by.
ବୈଷ୍ଣବ ପଡ଼ିଶା ଯେ ଜନ
ସେ । ଚାହିଁ ନାହିଁ ମୋ ପଣ ।ରୂପଚ. ପ୍ରେମପଞ୍ଚାମୃତ ।
ପଡ଼ିଶୁଣୀ, ପଡ଼ଶୁଣୀ, ପଡ଼ୋଶୁଣୀ, ପଡ଼ିଶାଣୀ } ସ୍ତ୍ରୀ
ଦେ. ବିଣ—ପ୍ରତିବେଶୀ; ପାର୍ଶ୍ୱସ୍ଥ—
Neighbouring; adjoining.

ପଡ଼ିହାରି—ଦେ. ବି—ପଢ଼ିଆରି (ଦେଖ)—
Pardihāri Pardhiāri (See)
ମୁଁ କି କୋଇଲା ଖଣ୍ଡ ଥିବି
କରିବ ପଡ଼ିହାରି ଦୃତି । ରୂପଚ. ପ୍ରେମପଞ୍ଚାମୃତ ।

ପଡ଼େକ୍—ପ୍ରାଦେ. (ମେଦିନାପୁର) ବି—ପାଠଶାଳାରେ ପଢ଼ିବା ପିଲା—
Pardek A student.

ପଡ଼ୋତି—ପ୍ରାଦେ. (ଯାଜପୁର) ବିଣ—ପଡ଼ିଥିବା (ମାଲ); ବିକ୍ରି ନ ହୋଇ
Pardoti ଦୋକାନରେ ପଡ଼ି ରହିଥିବା (ପଣ୍ୟଦ୍ରବ୍ୟମାନ)—
(commodities) Which lie unsold in the shop.

ପଡ଼୍ୟା—ପ୍ରାଦେ. (ମେଦିନାପୁର) ବିଣ. (ସଂ. ପତିତ)—ପଡ଼ିଆ—
Pardyā Waste (land).

ପଢ଼ଉ—ଦେ. ବି. (ହି. ପଡ଼ଓ)—୧ । ଛୋଟଡ଼ଙ୍ଗା; ଡଙ୍ଗୀ—
Pardhau 1. Small boat; lifeboat.
ଜାଲିବୋଟ ୨ । ଜାଲିବୋଟ—2. Jollyboat; lifeboat.
ଜାଲୀ

ପଢ଼ଣ—ଗ୍ରା. ବି. (ସଂ. ପଠ୍ ଧାତୁ)—ପଠନ—Reading.
Pardhana ପଢ଼ା **ପଢ଼ନ**

ପଢ଼ରେନ୍—ପ୍ରାଦେ. (ସମ୍ବଲପୁର) ବି—ଗଡ଼ାଣି; ତଳଆଡ଼କୁ ଢାଲୁ—
Pardharen Downward slope.
(ଢ଼ରେନ୍—ବିପରୀତ) ପ୍ରାଦେ. (ସମ୍ବଲପୁର) ବିଣ—ତଳଆଡ଼କୁ ଢାଲୁ ହୋଇଥିବା; ଗଡ଼ାଣିଆଁ—Sloping downward.

ପଢ଼ା—ଦେ. ବି. (ସଂ. ପଠ୍ ଧାତୁ)—୧ । ପଠନ—
Pardha 1. Reading.
ପଢ଼ା; ପଢ଼ା ୨ । ଶୁଆସାରୀଙ୍କର ପଦ ବୋଲିବା—
ପଢ଼ାଇ 2. Recitation by parrots and myna birds.
୩ । ଶିକ୍ଷା—3. Learning.
୪ । ସନ୍ଥ; ଛାତ୍ରଙ୍କୁ ଦିଆଯିବା ଦୈନିକ ପାଠ—4. Lesson.
ଦେ. ବିଣ—୧ । ପଠିତ; ପଠିତ ହୋଇଥିବା—
ପଢ଼ା 1. Read; learnt.
ପଢ଼ାହୁଆ ୨ । ପଢ଼ୁଆ; ପଢ଼ୁଥିବା—2. Reading.
୩ । ଯେଉଁ ଶୁଆ ବା ସାରୀ ପଦ ଧରି ବୋଲୁଥାଏ—
3. Reciting words; talking (parrot or myna)
ପିଞ୍ଜରେ ମଣ୍ଡନ ପଢ଼ା ସାରିକା
ପଢ଼ା ଶୁଆ କଲେ ମଣ୍ଡୁକ ଡକା । କବିସୂର୍ଯ୍ୟ. କଳସା ।
୪ । ପାଠୁଆ; ଶିକ୍ଷିତ—4. Learned; educated.

ପଢ଼ା(ଢ଼େ)ଇବା—ଦେ. କ୍ରି—୧ । (ପଢ଼ିବାର ଣିଜନ୍ତରୂପ)—ଅଧ୍ୟାପନା
Pardha(rdhe)ibā କରିବା—1.Causative of Pardhibā;
ପଢ଼ାନ୍; ପଢ଼ାନ୍ To teach.
ପଢ଼ାନା; ପଢ଼ବାନା ୨ । ପରାମର୍ଶ ଦେବା—2. To advise.
ବନ ଗ୍ରହନ ଗ୍ରହନ ଏକାକରେ ଭଲ ପଢ଼ାଇଛ କି ଧଃସ ଗୋ ବାମାଏ ।
ଉପେ. ବୈଦେହୀଶବିଳାସ ।

ପଢ଼ାକ—ଦେ. (ପ୍ରାଚୀନ ପଦ୍ୟ) ବିଣ—ଶିକ୍ଷିତ—
Pardhaka Learned; educated.
ଅଟେ ପଢ଼ାକ ପଣ୍ଡିତ ଅପଣେ ମୂର୍ଖଙ୍କ ଲାଗି. ବ୍ରହ୍ମନରୂପଗୀତା ।

ପଢ଼ା କରିବା—ଦେ· କ୍ରି—ପଠନ କରିବା; ବିଦ୍ୟାଶିକ୍ଷା କରିବା—
Pardha kariba To study; to learn.

ପଢ଼ା ଘେନିବା—ଦେ. କ୍ରି—(ଶିଷ୍ୟ) ଗୁରୁଙ୍କଠାରୁ ସନ୍ଥ ଘେନିବା—
Pardhā ghenibā To take a lesson from the teacher for preparing it.
ପଢ଼ାସିକିବା, ପଢ଼ାଆଣିବା } ଅନ୍ୟରୂପ

ପଢ଼ା ପଢ଼ି—ଦେ.ବି—ପଠନକର୍ମ; ବିଦ୍ୟାଶିକ୍ଷା; ଲେଖାପଢ଼ା. ପାଠଶାଠ—
Pardhā pardhi Learning; studying; education.
ପଢ଼ାପଢ଼ି; ପଢ଼ାପଢ଼ି **ପଢ଼ାପଢ଼ୀ**

ପଢ଼ାବନ୍ତି—ଦେ (ପ୍ରାଚୀନ ପ୍ରୟୋଗ) କ୍ରି. (ସଂ. ପଠ୍ ଧାତୁ)—
Pardhābanti (ପଢ଼ିବା କ୍ରିୟାର ଣିଜନ୍ତ ପଢ଼ାନ୍ତିର ବିକଳ୍ପରୂପ) (ସେ ବା ସେମାନେ) ଅଧ୍ୟାପନ କରନ୍ତି—Do teach (An obsolete form of Pardhānti).
ଅନେକ ଯତନ କରି ପଢ଼ାବନ୍ତି ମନ୍ତ୍ର । ପ୍ରତାପ ଶଶିରେଖା ।

ପଢ଼ାଯିବା—ଦେ. କ୍ରି. (ପଢ଼ିବା କ୍ରିୟାର କର୍ମବାଚ୍ୟରୂପ)—ପଠିତ ହେବା—
Pardhājibā To be read; to be deciphered.
ପଢ଼ାଯାଓଆ **ପଢ଼ାଜାନା** (ପଢ଼ାହେବା—ଅନ୍ୟରୂପ)

ପଢ଼ାର—ଦେ. ବି. (ସଂ. ପଟହ)—ବାଦ୍ୟ; ଢାକ—
Pardhāra Drum.

ପଢ଼ା ସଙ୍ଗ—ଦେ. ବି (ସଂ. ପଠନ ସଙ୍ଗୀ)—ସହାଧ୍ୟାୟୀ; ସହପାଠୀ—
Pardhā sanga Class-mate; class-friend.
(ପଢ଼ାସଙ୍ଗୀ, ପଢ଼ାସାଙ୍ଗ, ପଢ଼ାସାଙ୍ଗୀ, ପଢ଼ୁଆସଙ୍ଗୀ, ପଢ଼ୁଆସାଙ୍ଗ, ପଢ଼ୁଆସାଙ୍ଗୀ—ଅନ୍ୟରୂପ)

ପଢ଼ି—ପ୍ରାଦେ. (ବାଲେଶ୍ୱର) ବ—ମୂଲଆଙ୍କ ବର୍ତ୍ତନ; ମୂଲ—
Pardhi Wages,

ପଢ଼ିଆରୀ—ଦେ. ବଣ. (ସଂ. ପ୍ରତିହାରୀ)—୧ । ଦ୍ୱାରୀ; ଦ୍ୱାରରକ୍ଷକ—
Pardhiāri 1. Door-keeper.
ପଡ଼ିହାରୀ ୨ । ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ସେବକବିଶେଷ—
परहारी 2. A class of servants of the idol Jagannātha at Puri.
[ଦ୍ର—ଏମାନେ ଦେଉଳରେ ଡାକରା ହାକରା (ଅର୍ଦ୍ଦଳ କାମ) କରନ୍ତି ଓ ଦେଉଳରେ ଗୃହ ଖୋଲି ସେବକମାନଙ୍କୁ ସ୍ୱ ସ୍ୱ କାର୍ଯ୍ୟ କରିବାପାଇଁ ଡାକନ୍ତି ।]
୩ । ରାଜାଙ୍କ ଅନ୍ତଃପୁରରୁ ଖବର ନେବା ଆଣିବା କରିବା ଭୃତ୍ୟ—
3. A servant or orderly of a Raja's harem.
୪ । କେତେକ ବ୍ରାହ୍ମଣଙ୍କର ଉପାଧି—4. The family-title of certain Brāhmaṇas.

ପଢ଼ିକି—ଗ୍ରା. ବଣ—ପାଠ ପଢ଼ିଥିବା; ପଢ଼ୁଆ—
Pardhiki Learned.

ପଢ଼ିବା—ଦେ. କ୍ରି. (ସଂ. ପଠ୍ ଧାତୁ) (ସକର୍ମକ; ଅକର୍ମକ)—
Pardhibā ୧ । ପାଠ କରିବା—
ପଢ଼ା पढ़ना 1. To read.
(ପଢ଼ାଇବା - ଣିଜନ୍ତ) ୨ । ଅଧ୍ୟୟନ କରିବା; ବିଦ୍ୟାଶିକ୍ଷା କରିବା—
2. To learn.
୩ । ଉଚ୍ଚାରଣ କରିବା; ଆବୃତ୍ତି କରିବା—
3. To recite; to speak; to utter.
କେତେ ସତ ଅସି ବେଦକୁ ପଢ଼ନ୍ତି । କୃଷ୍ଣସିଂହ, ମହାଭାରତ. ଅଦି ।
୪ । ଲେଖା ଅକ୍ଷରକୁ ପାଠ କରିବା—
4. To decipher a writing.

ପଢ଼ି ହେବା—ଦେ. କ୍ରି. (ପଢ଼ିବା କ୍ରିୟାର କର୍ମବାଚ୍ୟ)—
Pardhi hebā କୌଣସି ଅକ୍ଷର ସ୍ପଷ୍ଟରୂପେ ପଠିତ ହୋଇପାରିବା—(a writing) To be legible.

ପଢ଼ୁଆ—ଦେ. ବଣ (ସଂ. ପଠ୍ ଧାତୁ)—୧ । ପାଠାଧ୍ୟାୟୀ—
Pardhwā 1. Reading; studying.
ପଢ଼ୁଆ; ପଢ଼ୋ ୨ । ଯେ ଭଲ ପଢ଼େ; ପାଠରେ ମନୋଯୋଗୀ—
पढ़वैया; पढ़ैया 2. Attentive to his studies.
୩ । ଯେ ପଢ଼ିଥାଏ —3. Read.
(ଯଥା—ଇଂରାଜୀ ପଢ଼ୁଆ) ।
ଦେ. ବ – ୧ । ଛାତ୍ର—1. Student; scholar.
୨ । ଶିଷ୍ୟ—2. Pupil.
୩ । ଛୋଟ ଡଙ୍ଗା; ପଢ଼ାଉ—
3. A small boat; a jolly boat.

ପଢ଼ୁଆଁ—ଦେ. ବଣ. (ସଂ. ପ୍ରଥମ; ପ୍ରା. ପଢ଼ଅ ଁ)—ପୋଢ଼ୁଆଁ; ପ୍ରଥମ
Pardhuān ଜାତ ସନ୍ତାନ—First born; eldest (son).
ଦେ. ବ. – ପ୍ରଥମଜାତ ସନ୍ତାନ—Eldest born child.
(ପୋଢ଼ୁଆଁ, ପୋଢ଼ୁଆଁ, ପୋରୁଆଁ, ପୋରୁଆଁ—ଅନ୍ୟରୂପ)

ପଢ଼ୁଆଁ ଅଷ୍ଟମୀ— ଦେ. ବ. (ସଂ. ପ୍ରଥମାଷ୍ଟମୀ)—ମାର୍ଗଶିର କୃଷ୍ଣ ଅଷ୍ଟମୀ—
Pardhuān ashṭami The 8th day of the dark fortnight of the month of Mārgaśira.
[ଦ୍ର—ଏ ଦିନ ପରିବାରର ଜ୍ୟେଷ୍ଠ ସନ୍ତାନମାନେ ନୂଆ ଲୁଗା ପିନ୍ଧନ୍ତି ଓ ପରିବାରରେ ପିଠାପଣା ହୁଏ ।]

ପଢ଼ୁଆଁ ଗାଈ—ଦେ. ବ—ଯେଉଁ ଗାଈ ପ୍ରଥମ ଗର୍ଭମାତ୍ର ପ୍ରସବ କରିଥାଏ—
Pardhuān gāi A cow which has given birth to a calf for the 1st time.

ପଢ଼ୁଆଁ ପଦା—ଦେ. ବ—ପ୍ରଥମା ପଦା (ଦେଖ)
Pardhuān padā Prathamā padā (See).

ପଢ଼େଇଁ—ପ୍ରାଦେ (ସମ୍ବଲପୁର) ବ (ଭୁଲ. ହି. ପନହୀ)—ଯୋତା—
Pardheiñ Shoe.

ପଢ଼ୋଉ—ଦେ. ବ. (ସଂ. ପଟ୍ଟ)—ପଢ଼ାଉ; (ଦେଖ)
Pardhou Pardhau (See).

ପଣ୍(ଧାତୁ)—ସଂ.—୧ । କ୍ରୟ ବିକ୍ରୟ କରିବା; ବେପାର କରିବା—
Paṇ (root) 1. To trade.
୨ । ସ୍ତୁତି କରିବା—2. To pray.

ପଣ୍କା—ପ୍ରାଦେ. (ସମ୍ବଲପୁର) ବ (ଭୁଲ.ହି. ପଣ୍ଡୁକ୍)—କପୋତ; କାପ୍ତା—
Paṇ-kā Dove.

ପଣ୍ଚୁ— ପ୍ରାଦେ. (ସିଂହଭୂମ) ବ. (ସଂ. ପତଂଚିକା)—ଧନୁର୍ଗୁଣ —
Paṇ-chu Bow-string.

ପଣ—ସଂ. ବ. (ପଣ୍ ଧାତୁ=କିଣିବା; ସ୍ତୁତି କରିବା + କର୍ତ୍ତୃ. ଅ)—
Paṇa ୧ । ଅଶି ସଂଖ୍ୟା; କୋଡ଼ିଏ ଗଣ୍ଡା କଉଡ଼ି; କାହାଣର ଏକ ଷୋଡ଼ଶାଂଶ—1. Eighty of anything; eighty cowries.
୨ । ଅଣା; ବିଶ୍ୱା—2. One anna or biswā.
୩ । (+ କର୍ମ. ଅ)—ବାଜି—
3. Wager; a stake at play.
୪ । ସର୍ତ୍ତ—4. Stipulation; condition.
ସେ କନ୍ୟା ବୋଇଲେ ମୋ ପଣଟିଏ ଅଛି,
ତା ଭାଙ୍ଗିଲେ ମୋତେ ପାଇବ ନୃପବରଶ୍ରୀ । କୃଷ୍ଣସିଂହ. ମହାଭାରତ. ବନ ।
୫ । କ୍ରୟ ବିକ୍ରୟ ଦ୍ରବ୍ୟ—5. Merchandise.
୬ । ଚୁକ୍ତି—6. Contract; pact.
୭ । ପ୍ରତିଜ୍ଞା—7. Vow; resolution; resolve.
କେତେ ନ ସହିବ ଏ ମୋ ପଣ ବଳେ ।ଣି । ଦଧାନାଥ. ବେଣୀସଂହାର ।
୮ । ବାଜି ରଖି ଯେଉଁ ଖେଳ ଖେଳାଯାଏ; ଦ୍ୟୂତ; ଜୁଆଖେଳ—
8. Gambling; a game at hazards.
୯ । ଭଡ଼ା—9. Hire.
୧୦ । ମୂଲ୍ୟ—10. Price; purchase-money; consideration money.
୧୧ । ବିବାହରେ ବର ବା କନ୍ୟା ପାଇଁର ମୂଲ୍ୟସ୍ୱରୂପ ଗୃହୀତ ଅର୍ଥ ବା ଶୁଳ୍କ; କନ୍ୟାପଣ; ବରପଣ—
11. Marriage fee; price taken for giving a boy or girl in marriage.
୧୨ । ବେପାର; ବେଭାର; ଆଦାନ ପ୍ରଦାନ—12. Bargain; trade; barter; exchange.
୧୩ । ବ୍ୟବହାର—13. Treatment; use.
୧୪ । ବେତନ—14. Wages, salary.

୧୫ । ବଦ୍ଧ ମୁଷ୍ଟି—15. Closed fist.
୧୬ । ସତ୍ତ୍ୱ—16. Existence.
୧୭ । ସ୍ତୁତି; ପ୍ରଶଂସା (ହ୍ରୁ. ଶ.)—17. Eulogy; praise.
୧୮ । ପ୍ରାଚୀନ କାଳର ଏକମୁଠା ଶସ୍ୟର ପରମାଣ (ହ୍ରୁ. ଶ.)—
18. An ancient standard measure equal to the weight of one handful of grain.
୧୯ । ପ୍ରାଚୀନ କାଳରେ ମୁଦ୍ରାରୂପେ ପ୍ରଚଳିତ ୧୧ ମସା (ମତାନ୍ତରରେ ୨୦ ମସା) ଓଜନର ତମ୍ବା ଖଣ୍ଡ (ହ୍ରୁ. ଶବ୍ଦସାଗର)—
19. A bit of copper used in ancient India as currency weighing 11 or 20 Masās.
୧୭ । କାର୍ଷାପଣ; କାହାଣ; ଷୋଳପଣ—
17. One Kāhaṇa or sixteen Paṇas.
ଦେ. ବ—୧ । (ସ. ପ୍ରଜ୍ଞା; ଭୁଲ ଅନ୍ତ. ପଜ୍ଞା) ବାଲ୍‌ଗିଁ; ଦମ୍ଭ; ମୁହଁ ଭୁରୁଡ଼ୁ—1. Bragging.

ଗ୍ରାଣ ଦ୍ୱଏ ପଣ ସରେ ନାହିଁ । ତଜ ।

୨ । (ବିଶେଷ୍ୟ ଓ ବିଶେଷଣ ସଙ୍ଗେ ଯୁକ୍ତ) (ଅମୁକ) କାର୍ଯ୍ୟ—
(ପଣିଆ—ଅନ୍ୟରୂପ) 2. The act of.
ପନା ଯଥା—ଗେ଼ରପଣ ବୁଷ୍ଟପଣ ।
୩ । ଶ୍ଳେଷ ଭାଷା—3. A pun (Howells).
୪ । ଅଣା; ଷୋଳ ଭାଗର ଏକ ଭାଗ—
4. One sixteenth of any thing
୫ । (ସ. ପଣ=ବ୍ୟବହାର) ଅବସ୍ଥା—
5. State; condition.

କାମାତୁର ନବାଳାଙ୍କ କାମନା ପୁରଇ,
ସାର୍ଥକ ପୁରୁଷପଣ କର ଏ ବୟସେ । ସ୍ୱର୍ଣ୍ଣାଦ୍ରୀ. ମହୋଦୟ ।

[ଦ୍ର—ସ. ଧ୍ୱ ଓ ତା ପ୍ରତ୍ୟୟର ଅର୍ଥ ।]
୬ । ଅଧିକାର—6. Authority.

ତାହାଙ୍କ ଅଜ୍ଞା ପରମାଣେ ବୈଷ୍ଣବ ମଧ୍ୟେ ହେଇ ଜଣେ
ଉକତ ଥାଇ ବା ନ ଥାଉ ଅମ୍ଭର ପଣ ନାହିଁ ଅଛି ।
ଭୂପତି, ପ୍ରେମପଞ୍ଚାମୃତ ।

୭ । କିଛି ଧନ—7. Some money.

ପାଇଲେ ପଣେ କ୍ଷଣେ ଟେକ ସେ କହନ୍ତି—କୃଷ୍ଣସିଂହ. ମହାଭାରତ. ସଭା ।
ବ୍ରାହ୍ମଣେତ ସବୁ ଅଡ଼ରେ ବୁଲୁଥାନ୍ତି,
ପାଇଲେ ପଣେ କ୍ଷଣେ ଟେକ ସେ କହନ୍ତି । କୃଷ୍ଣସିଂ. ମହାଭାରତ. ସଭା ।

ପନ ବୈଦେ. ବ. (ଇଂ ପାଉଣ୍ଡ; ଅନ୍ୟ ସଂଖ୍ୟାବାଚକ ଶବ୍ଦ ସଙ୍ଗେ
ପୌନ ପ୍ରଯୁକ୍ତ; ଯଥା—୧୬ ପଣ କାଗଜ; ୧୮ ପଣ କାଗଜ)—
ଅଧସେରରୁ ଏକ ଦୋପଇସା କମ ଓଜନ ପରମାଣ—
A pound; a weight little less than ½ seer.

ପଣ ଅଜା—ଦେ. ବ. ପୁଂ—ବୃଦ୍ଧ ପ୍ରମାତାମହ; ବୃଦ୍ଧ ପ୍ରପିତାମହ; ଅଜାଙ୍କ
Paṇa ajā ଅଜା—One's great great grand father.
(ପଣଆଈ—ସ୍ତ୍ରୀ) [ଦ୍ର—ଅଜାଙ୍କ ପିତାଙ୍କୁ ଅଣଅଜା ବୋଲାଯାଏ ।]
पड़दादा

ପଣ କରିବା—ଦେ. କ୍ରି—ପ୍ରତିଜ୍ଞା କରିବା—
Paṇa kariba To vow.

पणकरना ସତ୍ୟ କରି ପଣ କରୁଛ ତୁମ୍ଭ ଅଟେ,
पन करना ପାଣ୍ଡବେ ଠାଣେ ଲେ ହେ ରହିଲେ ମୋ ଭାଗେ ।
କୃଷ୍ଣସିଂହ. ମହାଭାରତ. ଦ୍ରୋଣ

ପଣ କାହାଣିଆ(ଆଁ)—ଦେ. ବଣ—୧ । କପର୍ଦ୍ଦରୁ ରକ୍ଷା ପାଇବା ପାଇଁ
Paṇa kāhāṇiā(āṅ) ଯେଉଁ ବ୍ୟକ୍ତି ଉଚିତ ସମୟରେ ପଣେ
(ପଣ କାହାଣିକିଆ—ଅନ୍ୟରୂପ) ଖରଚ ନ କରି କଥା ବଳ ପଡ଼ିଲେ
କାହାଣେ ଖରଚ କରିବାକୁ ବାଧ୍ୟ ହୁଏ; କୃପଣ (ବ୍ୟକ୍ତି)—
1. Penny-wise pound-foolish (person); close-fisted; one who instead of spending one anna in time spends one rupee when the proper time is over, to save himself from danger.
୨ । (ଲକ୍ଷଣାର୍ଥ) ଅତ୍ୟଧିକ ଆଡ଼ମ୍ବରଯୁକ୍ତ (ଯେ ପଣେ ଖରଚ ହେବା ସ୍ଥାନରେ କାହାଣେ ଖରଚ କରେ)—
2. (figurative) Ostentatious; unduly showy.
ଯଥା—ଭୁମର ଏ ପଣକାହାଣିଆ ବେଭାରକୁ ମୁଁ କ'ଣ ପାଇ ?

ପଣକିଆ—ଦେ. ବ—୧ । ପଣ ସମ୍ବନ୍ଧୀୟ ଗଣିତ—
Paṇakiā 1. Arithmetical multiplication table
पणकिया; नामता for computing paṇas or annas.
पहाड़ा (ପଣିକିଆ—ଅନ୍ୟରୂପ)

[ଦ୍ର—ଗଣିତ ଗୁଣନ ଓ ହିସାବ ମୁଖସ୍ଥ କରିବାର ନାନାପ୍ରକାର ପଣକିଆ ଅଛି । ଯଥା—ସାଧା ପଣକିଆ; ପାହି ପଣିକିଆ; କଡ଼ାଗଣ୍ଡା ପଣିକିଆ ।]

ପଣକିଆ ପ୍ରତି ସଂଖ୍ୟାର ଏକଗୁଣ ଠାରୁ ଦଶ ଗୁଣ ପର୍ଯ୍ୟନ୍ତ ଥାଏ । ପ୍ରତି ସଂଖ୍ୟା ବା ଅଙ୍କାର ପଣିକିଆକୁ ଉକ୍ତ ସଂଖ୍ୟାରେ 'କ' ଲଗାଇ ଏକକ, ଦୁଇକ, ତିନିକ ଏହିପରି ପଚଶିକ ପଣିକିଆ ପର୍ଯ୍ୟନ୍ତ ଶିଶୁମାନେ ମୁଖସ୍ଥ କରନ୍ତି ।

ଦୁଇକ ସାଧା ପଣକିଆ ଯଥା—

৵	।	।৵	॥	॥৵	।॥	।॥৵	୧	୧৵	୧।
୨	୪	୬	୮	୧୦	୧୨	୧୪	୧୬	୧୮	୨୦
୧	୨	୩	୪	୫	୬	୭	୮	୯	୧୦
୨	୨	୨	୨	୨	୨	୨	୨	୧	୨

୧ମ ଖଣ୍ଡା ଦୁଇ କେ ଦୁଇ ପଣ । ୨ୟ ଖଣ୍ଡା ଦୁଇ ଦୁଣେ ଚାରି ପଣ । ୩ୟ ଖଣ୍ଡା ଦୁଇ ତିନି ଛଅ ପଣ । ୪ର୍ଥ ଖଣ୍ଡା ଦୁଇ ଚଉ ଆଠ ପଣ । ୫ମ ଖଣ୍ଡା ଦୁଇ ପଞ୍ଚା ଦଶ ପଣ । ୬ଷ୍ଠ ଖଣ୍ଡା ଦୁଇ ଷୋହୋ ବାର ପଣ । ୭ମ ଖଣ୍ଡା ଦୁଇ ସତାଁ ଚଉଦ ପଣ । ୮ମ ଖଣ୍ଡା ଦୁଇ ଅଷ୍ଟାଁ ଷୋଳ ପଣ କାହାଣେ । ୯ମ ଖଣ୍ଡା ଦୁଇ ନୁଆଁ ଅଠର ପଣ କାହାଣେ ଦୁଇ ପଣ । ୧୦ମ ଖଣ୍ଡା ଦୁଇ ଦଶାଁ କୋଡ଼ିଏ ପଣ କାହାଣେ ଚାରି ପଣ । ଏହିପରି ପିଲାମାନେ ପଢ଼ିଥାନ୍ତି ।

ଶିଶୁମାନେ ଏହିପରି ପଢ଼ି ପଣକିଆମାନ ମୁଖସ୍ଥ କରନ୍ତି । ଭିନ୍ନ ଭିନ୍ନ ପଣକିଆମାନଙ୍କର ଭିନ୍ନ ଭିନ୍ନ ଡାକ ଅଛି । (ପାହି ପଣକିଆ; କଡ଼ାଗଣ୍ଡା ପଣକିଆ)

୨ । ଏକ ପ୍ରକାର ମାଇପଙ୍କର କାଚ—
2. A kind of glass bangles.
ଦେ. ବଣ—ପଣ ସମ୍ବନ୍ଧୀୟ—Pertaining to one paṇa.

ପଣ ଗୋସାଇଁ ବାପ(ପା)—ଦେ. ବି. ପୁଂ—୧ । ପିତାମହଙ୍କ ପିତାମହ, ବୃଦ୍ଧ ପ୍ରପିତାମହ—1. Great great grand-father.
Pana gosāiṅ bāpa(pā)

ପଣ ଗୋସେଇଁ ବାପ (ପା)
ପଣ ଘେଘେ ବାପ (ପା)
ପଣ ଗୁସ ବାପ (ପା)
} ଅନ୍ୟରୂପ

୨ । ପ୍ରପିତାମହ—2. Great grand-father; father of grand-father.

ପଣ ଗୋସାଇଁ ମାଆ—ସ୍ତ୍ରୀ
परदादा; पड़दादा

ବୋଇଲ ରେ ପିଲେ ନ କର ଅଭ ଚପ
ଅଟିଲ ମୁଁ ତୁମ୍ଭ ପଣ ଗୋସେଇଁ ବାପ । କୃଷ୍ଣସିଂହ. ମହା ଭାରତ. ବନ ।

ପଣ ଗ୍ରନ୍ଥି—ସଂ. ବି.—ବଜାର; ହାଟ—
Pana granthi Market.

ପଣତ(ନ୍ତ)—ଦେ. ବି. (ସଂ. ପଟ୍ଟାନ୍ତ; ପଟ୍ଟପ୍ରାନ୍ତ; ପ୍ରା. ପଡ଼ନ୍ତ; ପାଲି. ପନ୍ତ)
Panata (nta) ୧ । ପିନ୍ଧିବା ବସ୍ତ୍ରର ଶେଷଭାଗ; ବସ୍ତ୍ରାଞ୍ଚଳ—
आँचल 1. The end of a wearing cloth.
अँचल, अँचला ୨ । ଲୁଗାର ଗୋଟିଏ ଅଂଶ ବା ଅର୍ଦ୍ଧ—

ପଣତ କାନି
ପଣନ୍ତ କାନି
} ଅନ୍ୟରୂପ

2. One half of a cloth.
ଦମୟନ୍ତୀଙ୍କ ଲୁଗା ପଣତ ପିନ୍ଧିଲେ ।
କୃଷ୍ଣସିଂହ. ମହାଭାରତ. ବନ ।

ଦେ. ବିଣ. (ସଂ. ଅନ୍ତ)—ଅନ୍ତ୍ୟ; ଅନ୍ତିମ—Last.
(ଯଥା —ପଣତ କାଳ)
ପ୍ରାଦେ. (ଗଡ଼ଜାତ) ବି—ଯେଉଁ ପଟାମାନ ଯୋଡ଼ା ହୋଇ ଗୋଟିଆ ଶଗଡ଼ର ଅରହୀନ ଚକ ତିଆରି ହୋଇଥାଏ—
The planks which form the solid wheel of a Gotiā cart.

ପଣତ(ନ୍ତ) କାଳ—ଦେ. ବି—୧ । ଅନ୍ତିମ ସମୟ; ବାର୍ଦ୍ଧକ୍ୟ—
Panata(nta) kāla 1. Last days, old age.
୨ । ମୃତ୍ୟୁର ସମୟ—2. The time of death.

ପଣତ ଗୁଡ଼ି—ଦେ. ବି—ସ୍ତ୍ରୀଲୋକମାନେ ପିନ୍ଧିଥିବା ଶାଢ଼ିର ଶେଷ କାନି
Panata gurdi ବା ପଣତରେ ପକା ଯାଇଥିବା ଗଣ୍ଠି—A knot
(ପଣନ୍ତ ଗୁଡ଼ି—ଅନ୍ୟରୂପ) made up of the free end of a woman's cloth.

ପଣନ—ସଂ. ବି. (ପଣ୍ ଧାତୁ + ଅନ)—୧ । ବିନିମୟ; ପଣ୍ୟଦ୍ରବ୍ୟର ବଦଳ—
Panana 1. Exchange; barter.
୨ । ବିକ୍ରୟ—2. Sale.

ପଣ ନାତି—ଦେ. ବି. ପୁଂ—(ସଂ. ପରପୌତ୍ର; ପ୍ରନପ୍ତା)—୧ । ନାତିର ନାତି-
Pana nāti 1. Grandson's grandson.
पड़ पोता, पनाती ୨ । ନାତୁଣୀର ନାତି—
ପଣ ନାତୁଣୀ—ସ୍ତ୍ରୀ 2. Grand-daughter's grandson.
[ଦ୍ର—ନାତିର ପୁଅକୁ ଅଣନାତି ବୋଲାଯାଏ]

ପଣନୀୟ—ସଂ. ବିଣ (ପଣ୍ ଧାତୁ + କର୍ମ ଅନୀୟ)—୧ । ବିକ୍ରୟ ଯୋଗ୍ୟ—
Pananiya 1. Fit for sale; vendible.
୨ । ଯାହା କ୍ରୟ ବିକ୍ରୟ କରାଯାଇ ପାରେ—2. Negotiable.
୩ । ଯାହା ପଣରୂପେ ରଖାଯାଇ ପାରେ—
3. Proper to be laid as a wager.

ପଣ ପଣ—ଦେ. ବିଣ—୧ । ଅସଂଖ୍ୟ—
Pana pana 1. Innumerable; countless.
୨ । ଏକ ପଣ ବା ଅଶୀ ସଂଖ୍ୟାରେ ଗଣିତ—
2. In groups of eighties.
ଦେ. ବି—ଅସଂଖ୍ୟ ବସ୍ତୁ ବା ଜୀବ—
Innumerable things or animals.

ପଣ ଫର—ସଂ. ବି. (ଜ୍ୟୋତିଷ)—
Pana phara ଜନ୍ମ ପତ୍ରିକାରେ ଲଗ୍ନର ୨ୟ, ୫ମ, ୮ମ ଓ ୧୧ଶ ସ୍ଥାନ—(astrology) The 2nd, 5th, 8th and 11th places computed from one's Lagna in the horoscope.

ପଣବ—ସଂ. ବି. (ପଣ୍ ଧାତୁ = ସ୍ତୁତି କରିବା + କରଣାର୍ଥେ ଅବ; ଯାହା
Panaba ସାହାଯ୍ୟରେ ସ୍ତୁତି କରାଯାଏ)—
୧ । ଆନକ ବାଦ୍ୟବିଶେଷ; ପଖୋଜ; ଛୋଟ ଢୋଲ—
1. A kind of small drum.
ଦୁହିଁଙ୍କ ଯୁଦ୍ଧ ଦେଖି ପଣବ ଝର୍ଝର
ମର୍ଦ୍ଦଳ ମୃଦଙ୍ଗ ବଜାଇଲେ ନର । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।
୨ । ସଂସ୍କୃତ ଭାଷାର ଦଶାକ୍ଷର ଛନ୍ଦୋବିଶେଷ—
2. A Sanskrit metre of ten letters.
୩ । ଛୋଟ ନାଗରା—3. A small kettle drum.
ଦେ. ବି—ଯୁଦ୍ଧାସ୍ତ୍ରବିଶେଷ—
A kind of weapon of war.
ତୋମର ଅଙ୍କୁଶ ସେ ପଣବ ଲାଙ୍ଗଳ । କୃଷ୍ଣସିଂହ. ମହାଭାରତ ବନ ।

ପଣ ବନ୍ଧ—ସଂ. ବି. (୬ଷ୍ଠୀ ତତ୍; ପଣ + ବନ୍ଧ)—
Pana bandha ୧ । ସନ୍ଧି—1 Treaty.
୨ । ବାଜି ରଖିବା—2. Laying a wager.
ସଂ. ବିଣ—କୃତପ୍ରତିଜ୍ଞ (କ୍ଲୀନେକ୍)—Resolved.

ପଣବାନକ—ସଂ. ବି—ନାଗରା (ହି ଶ.)—
Panabānaka Kettle drum.

ପଣସ—ଦେ. ବି. (ସଂ. ପନସ; ପ୍ରା. ପଣସ)—
Panasa ବୃହତ୍ କଣ୍ଟକାଚ୍ଛାଦିତ ଖାଦ୍ୟ ଫଳ ଓ ତହିଁର ଅବଲମ୍ବକ ଗଛ—Jack fruit; Autocarpus Integrifolius.
ସଂ. ରସାଳ, ମୃଦଙ୍ଗ ଫଳ,
କଣ୍ଟକ ଫଳ, କଣ୍ଟକୀ ଫଳ,
କଣ୍ଟା ଫଳ
काँटाल, काँठाल
कटहल, कठल, पनस, कटहर,
ତେ. ପନସ
[ଦ୍ର—ଏହା କଞ୍ଚା ଥିଲେ ତରକାରୀ ହୁଏ । ପାଚିଲେ ଏଥିର ଫୁଟିରୁ ମଞ୍ଜିକୁ କାଢ଼ି ପକାଇ କୋଷା ଖିଆଯାଏ ଓ ମଞ୍ଜିକୁ ତରକାରୀ କରି ଖିଆଯାଏ । ଏଥିର କାଠ ହଳଦିଆ ଓ ଗଣ୍ଠିଆ । କଷି ପଣସକୁ ପଣସ କଠା ବୋଲାଯାଏ ।]
ସଂ. ବି—କ୍ରୟ ବିକ୍ରୟର ବସ୍ତୁ; ପଣ୍ୟ ଦ୍ରବ୍ୟ; ସଉଦା (ହି.ଶ)—
Commodity; merchandise.

ପଣସ ଅଠା—ଦେ. ବି—ପଣସ ଫଳରେ ଥିବା ଅଠାମୟ ପଦାର୍ଥ—
Panasa athā The gum inside the jack fruit.

ପଣସ କଠା—ଦେ. ବି—କଷି ପଣସ ଫଳ—
Panasa kathā Young jack fruit.

ପଣସ କଢ଼ିଆ—ଦେ. ବିଣ—ପଣସ ଫୁଲର କଢ଼ର ଆକୃତିବିଶିଷ୍ଟ
Panasa kardhiā (ଅଳଙ୍କାର)—(ornament) Shaped like the bud of the flower of jack fruit.

ପଣସ କୋଷା—ପ୍ରାଦେ. (ସମ୍ବଲପୁର, ଯାଜପୁର) ବି—ପଣସ ଖୋଷା
Panasa koshā (ଦେଖ)—Panasa khoshā (See)

ପଣସ କୋଷା ମାଳ—ପ୍ରାଦେ. (ଯାଜପୁର) ବି—ଚମ୍ପାଫୁଲର ପାଖୁଡ଼ାମାନଙ୍କୁ
Panasa koshā mālа ଅଗ ଅଡ଼ୁ ଚପି ଦେଇ ପଣସ-ଫୁଟ ପରି କରି ଡହିଁରେ ଗୁନ୍ଥା ଯାଇଥିବା ଫୁଲ ମାଳ—A garland made by stringing Champaka flowers the ends of which are pressed to resemble the capsules of a ripe jack fruit.

ପଣସ ଖୋଷା—ଦେ. ବି. (ସଂ. ପନସ+କୋଷ)—
Panasa khoshā ୧ । ଯେଉଁ ସୁସ୍ୱାଦୁ ଖୋଲ ମଧ୍ୟରେ ପଣସ ମଞ୍ଜି
କାঁঠালের কোয়া ଥାଏ—1. The juicy capsules en-
कटहलका कोआ closing the seeds of the jack fruit.
୨ । ଚିନି ଓ ଅଟାରେ ପ୍ରସ୍ତୁତ ଏକ ପ୍ରକାର ମିଠେଇ—2. A kind of sweetmeat made of sugar & flour.

ପଣସ ଚକଟା—ଦେ. ବି—ପାଚିଲା ପଣସ ଭିତରେ ଥିବା ସୁସ୍ୱାଦୁ ଫୁଟି
Panasa chakatā ଗୁଡ଼କ ପାଣି ବା ଦୁଧ ସଙ୍ଗେ ଚକଟି ପ୍ରସ୍ତୁତ କରାଯିବା ତରଳ ଖାଦ୍ୟ – A gruelly food prepared by pressing the juice out of the pulpy capsule of the jack fruit.

ପଣସ ପିଠିଆ ଖଡ଼ୁ— ଦେ. ବି. (ବିଣିଆ ଶବ୍ଦ)—ଏକପ୍ରକାର ଖଡ଼ୁ—
Panasa pithiā khardu A kind of bracelet.

ପଣସ ପେଟା—ଦେ. ବିଣ. ପୁଂ—ପୁରୁଷଙ୍କୁ ଦିଆଯିବା ଏକପ୍ରକାର ଗାଳି;
Panasa petā ବଡ଼ପେଟୁଆ—A term of abuse
(ପଣସ୍ ପେଟୁଆ—ଅନ୍ୟରୂପ) applied to males; potbellied.
(ପଣସ ପେଟୀ, ପଣସ ପେଟେଈ—ସ୍ତ୍ରୀ)

ପଣସ ଫୁଟ—ଦେ. ବି—ପଣସ ଖୋଷା (ଦେଖ)
Panasa phuta Panasa khosā (See)

ପଣସ ବୋଡା—ଦେ. ବି—ପାଚିଲା ପଣସର ଚୋପା—
Panasa botā The outer rind of a ripe jack fruit.
(ପଣସ ବୋଡ଼—ଅନ୍ୟରୂପ)

ପଣସ ଭଣ୍ଡା—ଦେ. ବି—ପଣସ ଫଳର ଡେମ୍ଫକୁ ଲାଗିଥିବା ଫଳ ମଧ୍ୟସ୍ଥ
Panasa bhandā ମୁଦ୍ଗରାକୃତି ଅଂଶ—
ପଣସ ଭଣ୍ଡି, ପଣସ ଭୁଣ୍ଡି } ଅନ୍ୟରୂପ A cylindrical part inside the jack fruits (which is really a part of the stem).

ପଣ ସୁନ୍ଦରୀ—ସଂ. ବି. (ମ. ପ. ଲୋ; ପଣ = ମୂଲ୍ୟ ଦ୍ୱାରା ଗୃହୀତା ସୁନ୍ଦରୀ)-
Pana sundari ବେଶ୍ୟା—Whore; prostitute.
(ପଣ ସ୍ତ୍ରୀ, ପଣଯୋଷିତ୍, ପଣନାରୀ—ଅନ୍ୟରୂପ)

ପଣସ୍ଥି—ସଂ. ବି—କପର୍ଦ୍ଦକ; କଉଡ଼ି (ହି. ଶ.)—
Panasthi Sea-shell.

ପଣା—ଦେ. ବି. (ସଂ. ପ୍ରପାନକ)—
Panā ୧ । ଗୁଡ଼ ବା ନବାତ ମିଶ୍ରିତ ପାନୀୟ; ସରବତ—
পানা 1. Sherbat; syrup; solution of sugar.
पन्ना, पना ଏହା କହି ପଣା ପଇଡ଼ ଝାଳ ଝଳ
ଖାଉଲଲ ହରି କେବାରୁ ତାଙ୍କ ମନ୍ଥା—କୃଷ୍ଣସିଂହ. ମହାଭାରତ. ବନ ।

[ଅନେକ ପ୍ରକାରର ପଣା ହୁଏ; ଯଥା—ଛେନାପଣା, ଗୁଡ଼ପଣା, କଦଳୀପଣା, ଚିନିପଣା, ପଇଡ଼ପଣା, ଦୁଧପଣା ଇତ୍ୟାଦି । ଜଗନ୍ନାଥଙ୍କ ଭୋଗ ହେବା ପ୍ରପାନକକୁ ଅଧରପଣା କହନ୍ତି ।]
୨ । ପେୟ ଦ୍ରବ୍ୟ—2. A drink.
୩ । ପଣିବା (ଦେଖ)—3. Panibā (See)
୪ । ପଣା ସଙ୍କ୍ରାନ୍ତି (ଦେଖ)
4. Panā samkrānti (See)
ପଣା । ଅସ ପାଚେ ବଣା । ଚଗ ।
ଦେ. ବିଣ—କୁଟିବା ନିମନ୍ତେ ଡିଙ୍କିମୁଣ୍ଡା ଗାତରେ ଭର୍ତ୍ତି ହୋଇଥିବା—Filled in the pounding receptacle of a Dhinki.
ପ୍ରାଦେ. (ସମ୍ବଲପୁର) ବି—ଆଖୁ ଦୋରୁଅ—
Juice pressed from sugarcane.

ପଣା(ଣେ)ଇବା—ଦେ. କ୍ରି—ପଣିବାର ଣିଜନ୍ତରୂପ—
Panā(ne)ibā Causative of Panibā.

ପଣା(ଣେ)ଇ ହେବା—ଦେ. କ୍ରି. (ସଂ. ପଣ)—୧ । କୌଣସି କାର୍ଯ୍ୟ
Panā(ne)i hebā କରିବାକୁ ପ୍ରତିଜ୍ଞା କରିବା—1. To resolve to do a thing; to vow to do a thing.
୨ । ଦୃଢ଼ ପ୍ରତିଜ୍ଞା ସହ କାର୍ଯ୍ୟ କରିବା—
2. To act with a resolve.

ପଣାଙ୍ଗନା—ସଂ. ବି. ସ୍ତ୍ରୀ. (ମ. ପ. ଲୋ. କର୍ମଧା; ପଣ = ମୂଲ୍ୟଦ୍ୱାରା ଗୃହୀତା
Panāngana ଅଙ୍ଗନା)—୧ । ବରପକ୍ଷଠାରୁ ମୂଲ୍ୟ ଗ୍ରହଣପୂର୍ବକ ପିତା ଯେଉଁ କନ୍ୟାକୁ ଦେଇଥାନ୍ତି—1. A bride for whom thefather receives price.
୨ । ବେଶ୍ୟା—2. Prostitute.

ପଣାପଣ—ସଂ. ବି. (ପଣ + ଆପଣ)—କୌଣସି ପଣ୍ୟର ଦରଦାମ
Panāpana ନିରୂପଣ; ମୂଲଚାଲ କରିବା—
Settling the price of a commodity.

ପଣାୟିତ—ସଂ. ବିଣ. (ପଣ୍ ଧାତୁ + ଆୟ + କର୍ମ. ତ)—
Panāyita ୧ । ସ୍ତୁତ—1. Prayed.
୨ । ପ୍ରଶଂସିତ—2. Praised.
୩ । ବ୍ୟବହୃତ – 3. Used.
୪ । ବିକ୍ରୀତ—4. Sold.
୫ । କ୍ରୀତ—5. Purchased.
୬ । ବର୍ଣ୍ଣିତ—6. Described.

ପଣା ସଂକ୍ରାନ୍ତି—ଦେ. ବି. (ସଂ. ପ୍ରପାନକ+ଓ. ସଙ୍କ୍ରାନ୍ତି)—ମହାବିଷୁବ
Panā samkrānti ସଙ୍କ୍ରାନ୍ତି; ମେଷ ସଙ୍କ୍ରାନ୍ତି; ବୈଶାଖ ମାସର
চড়ক সংক্রান্তি ପ୍ରଥମ ଦିନ—The sun's equinoxial
चरख सँक्रान्ति passage in summer; the first day
(ପଣାସଙ୍କରାନ୍ତି—ଅନ୍ୟରୂପ) of the solar month of Baisākha.
[ଦ୍ର—ଏହିଦିନ ଚଡ଼କ ପୂଜା ହୁଏ ଓ ପାଟୁଆ ନାଚନ୍ତି । ଏହିଦିନ ପଣା ପ୍ରସ୍ତୁତ କରି ବ୍ରାହ୍ମଣଙ୍କୁ ଛତା ଓ ପଙ୍ଖା ଆଦି ସହିତ ଦାନ କରାଯାଏ । ଦେବତା ଓ ତୁଳସୀ ଗଛ ଉପରେ ଜଳପୂର୍ଣ୍ଣ ବସୁନ୍ଧରା ଘଟ ଦିଆଯାଏ । ଗଡ଼ଜାତରେ ଝାମୁଯାତ ଏହି ଦିନଠାରୁ ହୁଏ ।]

ପଣି—ଦେ. ବି. (ସଂ. ପଣ) – ଟଙ୍କାମୁଣ୍ଡେ ଅଣାଏ ବା କାହାଣମୁଣ୍ଡେ
Paṇi ପଣେ ହିସାବରେ ନିର୍ଦ୍ଧାରିତ ରାଜସ୍ୱ ବା କମିଶନ୍—Rent or commission calculated at the rate of one Paṇa for every Kāhāṇa of one sixteenth.
ଦେ. ବିଣ—ପଣିଆ (ଦେଖ)—Paṇiā (See)
ବୈଦେ. ବି - ପଣ (ଦେଖ)—Paṇa (See)
ବିଣ—ଏତେ ପାଉଣ୍ଡ ଓଜନର—Of the weight of so many pounds.

ପଣିଅଜା—ଦେ. ବି. ପୁଂ—ପଣଅଜା—
Paṇiajā Great great grandfather.
(ପଣିଅଈ – ସ୍ତ୍ରୀ) ଭୂସ୍ୱର ପଣିଅଜା ସହଦେବଙ୍କର
ପରଦାଦା ନୋହୁଁ ତ ସବୁ ପୂର୍ବ, ଏ କଥା ଗୋଚର ।
କୃଷ୍ଣସିଂହ. ମହାଭାରତ. ସଭା ।

ପଣିଆ(ଆଁ)—ଦେ. ବି—(ବିଶେଷ୍ୟ ଓ ବିଶେଷଣ ପରେ ଭାବାର୍ଥ ପ୍ରତ୍ୟୟ; **Paṇiā(āṅ)** ଯଥା – ମନୁଷ୍ୟପଣିଆ; ସୁନ୍ଦରପଣିଆଁ)—An Oria
ପାନା ପନା suffix meaning the state of (like the
(ପଣିସ୍ୱା – ଅନ୍ୟରୂପ) English ness in manliness).
ଦେ. ବିଣ—୧ । (ଅନ୍ୟ ସଂଖ୍ୟାବାଚକ ଶବ୍ଦ ସଙ୍ଗେ ଯୁକ୍ତ)— ପଣ ସମ୍ବନ୍ଧୀୟ—1. Relating to a paṇa.
(ଯଥା—ଏ ବର୍ଷ ଆମଅଡ଼େ ଶୂରପଣିଆ ଫସଲ ହୋଇଅଛି ।)
ଗନୀ ୨ । ପାଉଣ୍ଡିଆ; ପାଉଣ୍ଡସମ୍ବନ୍ଧୀୟ—
2. Relating to pound (weight).
(ଯଥା—୨୦ ପଣି ଫୁଲସ୍କାପ୍ କାଗଜ । [ଯେଉଁ ଏକ ରିମ୍ କାଗଜର ଓଜନ ୨୦ ପାଉଣ୍ଡ] ।)

ପଣିକା—ଦେ. ବି. (ସଂ. ପଣ)—ଦୁଇ ପାହୁଲା—
Paṇikā Two pies; ⅔ of a pice.

ପଣିକିଆ – ଦେ. ବି—ପଣକିଆ (ଦେଖ)
Paṇikiā Paṇakiā (See)

ପଣିତ – ସଂ. ବିଣ. (ପଣ୍ ଧାତୁ+କର୍ମ. ତ)—ପଣାୟିତ (ଦେଖ)
Paṇita Paṇāyita (See)

ପଣିତବ୍ୟ—ସଂ. ବିଣ (ପଣ୍ ଧାତୁ + କର୍ମ. ତବ୍ୟ)—
Paṇitabya ୧ । ପଣ୍ୟ; କ୍ରୟ ବିକ୍ରୟ ଯୋଗ୍ୟ—
1. Negotiable; vendible; saleable.
୨ । ବାଜୀରୂପେ ରଖାଯିବାର ଉପଯୁକ୍ତ—
2. Fit to be placed as a wager or bet.

ପଣିତା—ସଂ. ବିଣ. ପୁଂ. (ପଣ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)—
Paṇitā ୧ । ସ୍ତୋତା—1. Praying.
(ପଣିତ୍ରୀ – ସ୍ତ୍ରୀ) ୨ । କ୍ରେତା—2. Vendee; purchaser.
୩ । ବିକ୍ରେତା – 3. Vendor.
ସଂ. ବିଣ. ସ୍ତ୍ରୀ. (ପଣ୍ ଧାତୁ+କର୍ମ. ତ+ସ୍ତ୍ରୀ. ଆ)—
୧ । କ୍ରୀତା—1. Purchased.
୨ । ବିକ୍ରୀତା—2. Sold.

ପଣିବା—ଦେ. କ୍ରି. (ଡା. ପଣ = ବ୍ୟବହାରୋପଯୋଗୀ କରିବା) —
Paṇibā ୧ । କୁଟିବା ନିମନ୍ତେ କୌଣସି ବସ୍ତୁକୁ ଢିଙ୍କିମୁଣ୍ଡାରେ ସଞ୍ଚିତ କରିବା ବା ଭରିବା—
1. To put or push in a thing for pounding into the pounding hole of a Ḍhiṅki.
୨ । ଢିଙ୍କି ଗାତରେ କୁଟିବା ଦ୍ରବ୍ୟ ପୂରାଇବା ପରି ବହୁ ପରିମାଣରେ କୌଣସି ଖାଦ୍ୟକୁ ମୁଖଗହ୍ୱରକୁ ନିକ୍ଷେପ କରିବା ଓ ତାହା ଗିଳିବା—2. To gulp in large quantities; to put large quantities of food into the mouth voraciously; to swallow greedily or voraciously.
୩ । ବିଧାଆଦିଦ୍ୱାରା ଉପର୍ଯ୍ୟୁପରି ବହୁ ପ୍ରହାର କରିବା—
3. To administer a volley of fists or strokes.
୪ । କୁଟିବା—4. To pound.
୫ । କୌଣସି ବସ୍ତୁକୁ ପଣ ପଣ କରି ଗଣିବା—5. To count things by groups of one paṇa or 80
୬ । ବହୁତଗୁଡ଼ାଏ କଥା ଉପର୍ଯ୍ୟୁପରି କହିବା; ନିଦ୍ରାଇବା—
6. To bable forth a volley of words.
୭ । କୌଣସି ସ୍ଥାନରେ କୌଣସି ବସ୍ତୁକୁ ବହୁ ପରିମାଣରେ ଭରିବା—7. To fill up a place with any thing.
୮ । କୌଣସି ସ୍ଥାନରେ କୌଣସି ବସ୍ତୁ ବହୁ ପରିମାଣରେ ଯୋଗାଇବା—8. To supply anything abundantly at a place.

ପଣେ—ଦେ. ବି—କିଛି ଧନ—
Paṇe Some money.
ବସ୍ତ ପଣେ ନିମନ୍ତେଣ ଗୁରୁ ବୋଲାଇବେ । ଗ୍ରାଚୀ. ଶ୍ରୀଗୁରୁ ଭକ୍ତିଗୀତା ।
ଦେ. ଅ—୧ । ସଂଖ୍ୟାରେ ଏକପଣ ବା ୮୦ ଗୋଟା—
1. Eighty in number.
୨ । ଏକ ଷୋଡ଼ଶାଂଶ—2. One sixteenth.
୩ । ବହୁସଂଖ୍ୟକ—3. Many.
ଢିଙ୍କି ପଡ଼ନ୍ତି ପଣେ । ଶୁଖେଇ ଦବାକୁ ଜଣେ । ପ୍ରହେଳିକା ।

ପଣ୍ଡ୍ (ଧାତୁ)—ସଂ.—ଗମନ କରିବା—
Paṇḍ (root) To go.

ପଣ୍ଡ୍‌କା—ପ୍ରାଦେ. (ସମ୍ବଲପୁର) ବି. (ସଂ. ପଣ୍ଡୁକ; ପେଣ୍ଡୁକା)—
Paṇḍ-kā କପୋତ; କାପ୍ତା—Dove.
[ଦ୍ର—ପଣ୍ଡ୍‌କା ତିନ ପ୍ରକାରର, ଯଥା—୧ । ଟାମଟୁରିକୁ—ଧୂସର ବର୍ଣ୍ଣ ଓ ସାନ; କୁବର । ୨ । ଛିଦ୍‌କେଲ୍—କଲାବିନ୍ଦୁଯୁକ୍ତ, ଈଷତ୍ ନାଲି । ୩ । ବୁଢ଼େଲ୍—ପାସ୍ ପରି ବଡ଼ ।]

ପଣ୍ଡ—ସଂ. ବିଣ. (ପଣ୍ଡ ଧାତୁ+କର୍ତ୍ତୃ ଅ; କିମ୍ବା ପଣ୍ ଧାତୁ + ଡ) —
Paṇḍa ୧ । ବ୍ୟର୍ଥ; ବିଫଳ—
ପଣ୍ଡକ } ଅନ୍ୟରୂପ 1. Fruitless; ineffectual.
ପଣ୍ଡଗ ୨ । ନପୁଂସକ—2. Impotent.
(ପଣ୍ଡତା, ପଣ୍ଡତ୍ୱ—ବି) ୩ । ନିଷ୍ଫଳ (ବୃକ୍ଷ)—3. Barren (tree)
୪ । ଅଣ୍ଡିରା ଗଛ—4. Male (plant).
ଦେ. ବି—୧ । ଗର୍ବ —1. Pride; arrogance.
ଦେ. ବି. ପୁଂ—୨ । ନପୁଂସକ ବ୍ୟକ୍ତି—2. An eunoch.

ପଣ୍ଡତା—ଦେ. ବି—(କାମକୁ ବଶୀଭୂତ କରିଥିବାରୁ)—ଋଷି—
Paṇḍatā Sage.

ବୋଳିକ ବୋଲେ ଭୋ ପଣ୍ଡ ।,
କହ ତୁ ଅବଧୂତ କଥା । ପ୍ରାଚୀ, ନର୍ମଦାମାହାତ୍ମ୍ୟ ।

ପଣ୍ଡରା—ପ୍ରାଦେ. (ଗଞ୍ଜାମ) ବି—ଗଞ୍ଜାମ ଜିଲ୍ଲାର ଶୂଦ୍ରବିଶେଷ—
Paṇḍarā Name of a Śūdra caste in the Ganjam district.

ପ୍ରାଦେ. (ଭତ୍ରଭାଷା; ବସ୍ତର) ବିଣ—ଧଳା—White.

ପଣ୍ଡ ଶ୍ରମ—ସଂ. ବି (କର୍ମଧା)—ନିଷ୍ଫଳ ପରିଶ୍ରମ; ବୃଥା ଆୟାସ—
Paṇḍa śrama Ineffectual or fruitless labour; labour in vain.

ପଣ୍ଡା—ସଂ. ବି. (ପଣ୍ଡ୍ ଧାତୁ + କର୍ତ୍ତୃ ଅ + ଆ)—୧ । ତୀକ୍ଷ୍ଣ ବୁଦ୍ଧି—
Paṇḍā 1. Sharp intellect.
୨ । ଜ୍ଞାନ—2. Wisdom.
୩ । ଶାସ୍ତ୍ରଜ୍ଞାନ—3. Insight into the śāstras.
୪ । ବିଦ୍ୟା—4. Learning.
୫ । ବିଜ୍ଞାନ—5. Science, spiritual knowledge.
୬ । ବେଦୋଜ୍ଜ୍ୱଳା ବୁଦ୍ଧି—6. Intellect sharpened by the study of the Bedas.

ପାଣ୍ଡା ଦେ. ବି. (ସଂ. ପଣ୍ଡା=ବେଦୋଜ୍ଜ୍ୱଳା ବୁଦ୍ଧି)—୧ । ଦେବ-
पण्डा ପୂଜକ ନିମ୍ନ ଶ୍ରେଣୀର ବ୍ରାହ୍ମଣ; ପୂଜାହାରୀ ବ୍ରାହ୍ମଣ—
1. Priest; a Brāhmaṇa of lower status in society whose occupation is the worship and service of idols.
[ଦ୍ର—ଏମାନେ ଅଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କର ଭିନ୍ନ ଶ୍ରେଣୀ ମଧ୍ୟରୁ ଏକ ଶ୍ରେଣୀର ଅନ୍ତର୍ଗତ । ଶ୍ରୋତ୍ରୀୟ ବ୍ରାହ୍ମଣମାନେ ଏମାନଙ୍କ ସହିତ ବୈବାହିକ ସମ୍ବନ୍ଧ କରନ୍ତି ନାହିଁ । ଦେବସେବା ଏମାନଙ୍କର ପ୍ରଧାନ କାର୍ଯ୍ୟ (କୃପାସିନ୍ଧୁ, ଇତିହାସ) । ଏମାନେ ଆଜିକାଲି ଅନ୍ୟ ଲୋକଙ୍କର ପାଚକ କାର୍ଯ୍ୟ ବ୍ୟବସାୟ କରିବାର ମଧ୍ୟ ଦେଖାଯାଏ ।]
୨ । ବ୍ରାହ୍ମଣମାନଙ୍କର ବଂଶୋପାଧିବିଶେଷ—
2. The family-title of certain Brāhmaṇas.
[ଦ୍ର—ସମ୍ଭବତଃ ପୂର୍ବେ 'ପଣ୍ଡା' ଉପାଧି ବେଦାଧ୍ୟାୟୀ ଓ ଉଚ୍ଚଶ୍ରେଣୀୟ ବ୍ରାହ୍ମଣଙ୍କୁ ଦିଆଯାଉଥିଲା । ପୁରୀ ରାଜାମାନେ 'ସାମନ୍ତ' ବ୍ରାହ୍ମଣଙ୍କୁ ବଡ଼ପଣ୍ଡା ଉପାଧି ଦେଉଥିଲେ ।]
୩ । ତୀର୍ଥରେ ଦର୍ଶନାଦି କରାଇବା ପାଇଁ ନିଯୁକ୍ତ ପ୍ରତ୍ୟେକ ଯାତ୍ରୀର ନିର୍ଦ୍ଦିଷ୍ଟ ତୀର୍ଥଗୁରୁ—
3. The particular priest of a pilgrim at a sacred place of pilgrimage.
୪ । ଅଣ୍ଡିରା ମଇଁଷି; ପୋଡ଼ୁଅ—4. Male buffalo.

ମୁଣ୍ଡରେ ବଡ଼ପଣ୍ଡା ମୁଣ୍ଡ ପରି ନିପଟ କଳା—
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

୫ । ଶଗଡ଼ ଆଦିରେ ମଣା ହୋଇ ନ ଥିବା ଅଣ୍ଡିରା ବାଛୁରି—
5. A male calf not yet broken to the plough or cart.
୬ । (ସଂ. ପଣ୍ଡ) ଅଣ୍ଡିରା ଗଛ—6 A male tree.
୭ । ଛଣ, ନଡ଼ା ବା ଧାନ ଦଲାକୁ ଗଦା ମାରିଲେ ସେହି ଗଦାର ଯେଉଁ ଚଉକୋଣ ଅଂଶ ଭୂମି ଓ ଛପରର ତ୍ରିକୋଣ ଢାଲୁ ଅଂଶ ମଧ୍ୟରେ ଥାଏ—7. The main body of a straw rick from the ground upto the part from where the thatch begins to taper.
[ଦ୍ର—ଗଦାର ସର୍ବୋର୍ଦ୍ଧ୍ୱସ୍ଥ ରେଖାକୁ ମୁଣ୍ଡ ବା ମଥାନ କହନ୍ତି । ଗଦାର ଯେଉଁ ଅଂଶ କ୍ରମଶଃ ଢାଲୁ କରାଯାଇ ଛପର କରାଯାଏ ସେହି ତ୍ରିଭୁଜାକାର ଅଂଶକୁ ଗଭା ବୋଲାଯାଏ । ଗଭାର ନିମ୍ନସ୍ଥ ଭୂମି ପର୍ଯ୍ୟନ୍ତ ଲାଗିଥିବା ଚଉରସ ଅଂଶକୁ ପଣ୍ଡା ବୋଲାଯାଏ]

ଦେ. ବିଣ—୧ । (ସଂ. ପଣ୍ଡ) ଅଣ୍ଡିରା (ଗଛ)—
1. Male (tree).
(ଯଥା—ପଣ୍ଡା ତାଳଗଛ ।)
୨ । ରସ ବା ଶାଙ୍ଗହୀନ (ରୁଗ୍ଣ ଫଳ)—
2. Sapless or seedless (diseased fruit).
(ଯଥା—ପଣ୍ଡା ପଣସ ।)

ପଣ୍ଡା ଗଛ—ଦେ. ବି—ଯେଉଁ ଗଛରେ ଫଳ ହୁଏ ନାହିଁ; ଅଣ୍ଡିରା ଗଛ—
Paṇḍā gachha A tree which bears no fruit; a male tree.
(ଯଥା—ପଣ୍ଡା ତାଳ; ପଣ୍ଡା ଅମୃତଭଣ୍ଡା ।)

ପଣ୍ଡା ଗୋସା(ସେ)ଇଁ—ଦେ. ବି.(ପଣ୍ଡାଙ୍କ ପ୍ରତି ସମ୍ମାନାର୍ଥକ ସମ୍ବୋଧନ)—
Paṇḍā gosā(se)iñ ୧ । ପଣ୍ଡା—1. Paṇḍā.
पाण्डाठाकुर ୨ । ସାଧାରଣତଃ ବ୍ରାହ୍ମଣଙ୍କୁ ବା ପଣ୍ଡାଙ୍କୁ ସମ୍ବୋଧନ—
पण्डाजी 2. A name by which a Paṇḍā or Brāhmaṇa is generally addressed to.
(ପଣ୍ଡା ଠାକୁର, ପଣ୍ଡାଜୀ—ଅନ୍ୟରୂପ)

ପଣ୍ଡା ଜଗାଳି—ପ୍ରାଦେ. (ଗଞ୍ଜାମ) ବି—ପୋଢ଼ୁଅ ମାହାର (ଦେଖ)
Paṇḍā jagāli Porḍhua māhāra (See)

ପଣ୍ଡା ପଢ଼ିଆରି—ଦେ. ବି. (ସହଚର ଶବ୍ଦ)—ଦେବପୂଜକ ବ୍ରାହ୍ମଣ ଓ ଶୂଦ୍ର ସେବକମାନେ—
Paṇḍā parḍhiāri Brāhmaṇas and Śūdras serving in a temple.

ପଣ୍ଡା ପଣସ—ଦେ. ବି. (ସଂ. ପଣ୍ଡ ଓ ପନସ)—ରସହୀନ ବା ଅସ୍ୱାଦୁ ପଣସ—
Paṇḍā panasa A juiceless jack fruit.

ପଣ୍ଡା ମଇଁଷି—ଦେ. ବି. (ସଂ. ପଣ୍ଡ ଓ ମହିଷ)—ଅଣ୍ଡିରା ମଇଁଷି—
Paṇḍā maiñshi Male buffalo.

ପଣ୍ଡା ମଢ଼ିଆ—ଦେ. ବି. (ସହଚର ଶବ୍ଦ; ଅନାଦରାର୍ଥକ ବ୍ୟବହାର)—
Paṇḍā marḍhia ନିମ୍ନଶ୍ରେଣୀୟ ବ୍ରାହ୍ମଣଗଣ—
Brāhmaṇas of lower order.

ପଣ୍ଡା ମାରିବା—ଦେ. କ୍ରି. (ସଂ. ପଣ୍ଡ)—(ଧାନଗଛ ପ୍ରଭୃତି) ଅତିରିକ୍ତ
Paṇḍā māribā ରୂପେ ବଢ଼ିବା; ବଲ୍ଲା ହୋଇ ବଢ଼ିବା—
(said of paddy plants) To grow up very luxuriantly.
[ଦ୍ର—ଯେଉଁ ଧାନ ଗଛର ପତ୍ର ଆଦି ଅତିରିକ୍ତରୂପେ ବଢ଼ିଯାଏ ଫଳତଃ ସେ ଗଛରେ ଧାନ ଅଳ୍ପ ଫଳେ ।]

ପଣ୍ଡା ସୁଆଳି—ଦେ. ବି—ଏକପ୍ରକାର ସିଧା ସଳଖ ଘାସ—
Paṇḍā suāli Iseilema Lexum (grass).
[ଦ୍ର—ଏହା ଉଚ୍ଚରେ ୧ ଠାରୁ ୩ ଇଞ୍ଚ ପର୍ଯ୍ୟନ୍ତ ବଢ଼େ—Haines.]

ପଣ୍ଡିଆ—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବିଣ—ପାଣ୍ଡୁର—
Pandiā Grey.

ପଣ୍ଡିଆଣୀ— ଦେ. ବି. ସ୍ତ୍ରୀ—ପଣ୍ଡାଜାତର ସ୍ତ୍ରୀ—A female of the
Pandiāṇi Paṇḍā Brāhmaṇa class.

ପଣ୍ଡିକ—ପ୍ରାଦେ. (ବସ୍ତର) ବି. (ଭୁଲ. ହି. ପେଣ୍ଡୁକୀ)—କପୋତ—
Pandiki Dove.

ପଣ୍ଡିଚେରି—ଦେ. ବି—ଭାରତର ମାନ୍ଦ୍ରାଜ ପ୍ରେସିଡେନ୍ସିରେ ଫ୍ରାନ୍ସଦେଶ
Pandi cheri ଶାସିତ ସମୁଦ୍ରକୂଳବର୍ତ୍ତୀ ନଗର—

[ଦ୍ର—ଏହା ଫ୍ରେଞ୍ଚ ଭାରତର ରାଜଧାନୀ । ମାନ୍ଦ୍ରାଜର ଦକ୍ଷିଣକୁ ୧୨୨ ମାଇଲ ଦକ୍ଷିଣଆର୍କଟ୍ର ଜିଲ୍ଲାଦ୍ୱାରା ଏ ନଗର ଘେରିଅଛି ଓ ଏହାର ପଶ୍ଚିମରେ ଆରବସାଗର । ଭିଲ୍ଲିପୁରମ୍‌ଠାରୁ ଏସ୍. ଆଇ. ଆର୍. ରେଲର ଗୋଟିଏ ଶାଖା ପେଣ୍ଡିଚେରି ପର୍ଯ୍ୟନ୍ତ ଯାଇଅଛି । ଖ୍ରୀ.୧୬୮୩ ସାଲରେ ଏଠାରେ ପ୍ରଥମେ ଫରାସି ବସ୍ତି ସ୍ଥାପିତ ହୋଇଥିଲା । ଯୁଦ୍ଧବିଗ୍ରହ ଓ ଅଶାନ୍ତିରେ ଏହା ବହୁବାର ଇଂରାଜଙ୍କ ହସ୍ତଗତ ହୋଇ ଶେଷରେ ଖ୍ରୀ.୧୮୧୬ ଠାରୁ ଏହା ସ୍ଥାୟୀରୂପେ ଫ୍ରାନ୍ସର ହସ୍ତଗତ ହୋଇଅଛି । ଏହା ଗୋଟିଏ ସମୃଦ୍ଧିଶାଳୀ ବଡ଼ ସହର ଓ ସ୍ୱାସ୍ଥ୍ୟକର ସ୍ଥାନ । ଏହା ମଧ୍ୟ ଗୋଟିଏ ବାଣିଜ୍ୟ କେନ୍ଦ୍ର ଓ ବନ୍ଦର । ପ୍ରତିବର୍ଷ ସମୁଦ୍ର ବାଟେ ଏ ବନ୍ଦରରେ ୫୦୦ ଜାହାଜ ଲାଗେ । ଫ୍ରାନ୍ସ ତିଆରି ଜିନିସ ଏଠାରେ ଭାରତର ଅନ୍ୟ ସ୍ଥାନ ଅପେକ୍ଷା ଶସ୍ତାରେ ମିଳେ । ଫରାସୀ ସେନାପତି ଡୁପ୍ଲେଙ୍କ ମର୍ମର ମୂର୍ତ୍ତି ଏଠାରେ ଅଛି । ଭାରତରେ ଫରାସୀ ଅଧିକୃତ ଅନ୍ୟସ୍ଥାନମାନ ଯଥା— ଚନ୍ଦନ ନଗର, ମାହି, କରାଇକାଲ ଓ ୟେନାମ୍]

ପଣ୍ଡିତ—ସଂ. ବିଣ. ପୁଂ. (ପଣ୍ଡା = ଶାସ୍ତ୍ରଜ୍ଞାନ + ଇତ=ଯୁକ୍ତ) —
Paṇḍita ୧ । ଶାସ୍ତ୍ରଜ୍ଞ—1. Versed in the sacred lore.
(ପଣ୍ଡିତା—ସ୍ତ୍ରୀ; ମୂର୍ଖ—ବିପରୀତ)

୨ । ବିଦ୍ୱାନ୍—2. Learned.

୩ । ଜ୍ଞାନୀ—3. Wise.

[ଦ୍ର—ବିବେକ ଦ୍ୱାରା ସଦସତ୍ ଜ୍ଞାତା, ଧର୍ମାତ୍ମା, ସତ୍ୟବାଦୀ, ସତ୍ୟପ୍ରିୟ, ଜିତେନ୍ଦ୍ରିୟ, ବିଦ୍ୱାନ୍ ଓ ସର୍ବ ହିତକାରୀ ବ୍ୟକ୍ତିଙ୍କୁ ଶାସ୍ତ୍ରରେ ପଣ୍ଡିତ ବୋଲାଯାଇ ଅଛି ।]

୪ । କୌଣସି ବିଦ୍ୟାରେ ନିପୁଣ; କୁଶଳ; ଦକ୍ଷ—4. Versed in or skilled in any art; adept; proficient

ତେଲ ଗ୍ରେର ପଣ୍ଡିତ ବୋଲି ପ୍ରସରୁଛି ଯାହା ନାମ ।
କବିସୂର୍ଯ୍ୟ ସଙ୍ଗୀତ ।

୫ । ସଙ୍ଗୀତ, ନୃତ୍ୟ ଓ ବାଦ୍ୟରେ ଦକ୍ଷ—5. Versed in the arts of singing, dancing and music.

ସଂ. ବି—୧ । ବିଦ୍ୱାନ୍ ବ୍ୟକ୍ତି—
1. A scholar; a seer; a learned man.

୨ । ବୁଧ ଗ୍ରହ—2. The planet Mercury.

୩ । ନୃତ୍ୟ ବାଦ୍ୟଜ୍ଞ ବ୍ୟକ୍ତି; ଓସ୍ତାଦ୍—
3. A master musician; a professor of music.

ଦେ. ବିଣ—ସଂସ୍କୃତ ଭାଷାଭିଜ୍ଞ—Learned in Sanskrit

ଦେ. ବି—୧ । ସଂସ୍କୃତ ଓ ଓଡ଼ିଆ ଭାଷାର ଶିକ୍ଷକ—
1. A Sanskrit teacher; an Oriya teacher.

୨ । ଗୁରୁ; ଅବଧାନ—2. A teacher of primary school.

୩ । ସରକାରଙ୍କ ଗୁରୁ ଟ୍ରେନିଂ ବା ପଣ୍ଡିତଟ୍ରେନିଂ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଶିକ୍ଷକ—3. A passed or trained teacher.

[ଦ୍ର—ପ୍ରାଥମିକ ଓଡ଼ିଆ ଶିକ୍ଷା ଦେବା ଶିକ୍ଷକଙ୍କୁ ଗୁରୁ ବା ଅବଧାନ; ଉଚ୍ଚ ଓଡ଼ିଆ ଓ ସଂସ୍କୃତ ଶିକ୍ଷା ଦେବା ଶିକ୍ଷକଙ୍କୁ ପଣ୍ଡିତ ଓ ଇଂରାଜୀ ଶିକ୍ଷା ଦେବା ଶିକ୍ଷକଙ୍କୁ ମାଷ୍ଟର ବୋଲାଯାଏ । ପ୍ରାଥମିକ ଫାରସୀ ଓ ଆରବୀ ଶିକ୍ଷା ଦେବା ଶିକ୍ଷକଙ୍କୁ ମିଆଁଜୀ, ଉଚ୍ଚ ଫାରସୀ ଓ ଆରବୀ ଶିକ୍ଷା ଦେବା ଶିକ୍ଷକଙ୍କୁ ମୌଲବୀ ବୋଲାଯାଏ । କଲେଜରେ ଇଂରାଜୀ ଭାଷାରେ ଶିକ୍ଷା ଦେବା ଶିକ୍ଷକଙ୍କୁ ଲେକ୍‌ଚରର ବା ପ୍ରୋଫେସର ବୋଲାଯାଏ । ଗୁରୁ, ପଣ୍ଡିତ, ମାଷ୍ଟର, ମିଆଁଜୀ ଓ ମୌଲବୀମାନଙ୍କୁ ତାଲିମ୍ କରିବା ପାଇଁ ଗଭର୍ଣ୍ଣମେଣ୍ଟ ସ୍ଥାନେ ସ୍ଥାନେ ଟ୍ରେନିଂ ସ୍କୁଲ ଓ ଟ୍ରେନିଂ କଲେଜମାନ ପ୍ରତିଷ୍ଠିତ କରି ଅଛନ୍ତି ।]

୪ । ଜ୍ୟୋତିଷଜ୍ଞ ବ୍ରାହ୍ମଣ—
4. An astrologer Brāhmaṇa.

୫ । ଏକ ପ୍ରକାର ଶୂଦ୍ର ଜାତି—5. A class of Śūdras.
[ଦ୍ର—ଏ ଜାତିଙ୍କର ଆଦିପୁରୁଷ ପଣ୍ଡିତ ବା ବୁଧଗ୍ରହ ।]

୬ । କାଶ୍ମୀରୀ ବ୍ରାହ୍ମଣଙ୍କର ବଂଶୋପାଧିବିଶେଷ—
6. A family title of some Kashmiree Brāhmaṇas.

୭ । ବିହାରୀ ବ୍ରାହ୍ମଣଙ୍କର ବଂଶୋପାଧିବିଶେଷ—
7. A family title of some Brāhmaṇas of Bihar.

୮ । ସାଧାରଣ ଭଦ୍ର ବ୍ରାହ୍ମଣଙ୍କ ନାମ ପୂର୍ବରେ ଲାଗିବା ମାନ୍ୟାର୍ଥକ ପଦ—8. A title attached before the names of educated Brāhmaṇas.
(ଯଥା—ପଣ୍ଡିତ ଗୋପବନ୍ଧୁ ଦାଶ; ପଣ୍ଡିତ ନୀଳକଣ୍ଠ ଦାଶ ।)

୯ । ପଣ୍ଡିତ ବାର (ଦେଖ)—9. Paṇḍita bāra (See)

ରବି ଦଶଘଡ଼ି, ସୋମ ବଇଠା, ବାର ମଙ୍ଗଳ, ପଣ୍ଡିତ ଷଠା,
ଗୁରୁ ଚଇତ, ମନ୍ଦା ଅଠ, ଉଦୟ ଅସ୍ତ ଶନିର ସାତ । ଖନ.ବଚନ ।

ପ୍ରାଦେ. (ଗଞ୍ଜାମ) ବି—୧ । ପଣ୍ଡିତ ବଂଶୋପାଧିବିଶିଷ୍ଟ ଏକ ଜ୍ୟୋତିଷୀ ଶୂଦ୍ରଜାତି—1. A class of Śūdras who are astrologers by profession.

୨ । କମା ବ୍ରାହ୍ମଣ—2. A generic title for Telugu Brāhmaṇas.

[ଦ୍ର—ଏ ସଂସ୍କୃତ ଶବ୍ଦ ଇଂରାଜୀ ଭାଷାରେ ମଧ୍ୟ ଚଳନ୍ତି ।]

ପଣ୍ଡିତକ—ସଂ. ବି—୧ । (ନାମ) ଧୃତରାଷ୍ଟ୍ରଙ୍କ ଏକପୁତ୍ର—
Paṇḍitaka 1. Name of a son of Dhrutarāshṭra.

୨ । (ପଣ୍ଡିତ + କ) —ପଣ୍ଡିତ (ଦେଖ)—2. Paṇḍita (See)

ସଂ. ବିଣ. ପୁଂ—ପଣ୍ଡିତ (ଦେଖ) —Paṇḍita (See)

ପଣ୍ଡିତ ଗୋଷ୍ଠୀ—ସଂ. ବି. (୬ଷ୍ଠୀ ତତ୍; ପଣ୍ଡିତ + ଗୋଷ୍ଠୀ) —
Paṇḍita goshṭhi ୧ । ପଣ୍ଡିତମାନଙ୍କର ସମ୍ମିଳନୀ; ପଣ୍ଡିତସଭା—
1. An assemblage of Pandits.

ପଣ୍ଡିତ ମଣ୍ଡଳ, ପଣ୍ଡିତ ମଣ୍ଡଳୀ, ପଣ୍ଡିତ ସମାଜ } ଅନ୍ୟରୂପ

୨ । ବିଦ୍ୱନ୍ମଣ୍ଡଳୀ—
2. Learned men collectively, the wise.

ପଣ୍ଡିତ ଜାତୀୟ—ସ. ବିଣ. ପୁଂ. (ପଣ୍ଡିତ+ଈଷଦର୍ଥେ ଜାତୀୟ)—
Pandita jātiya ସାମାନ୍ୟରେ ଚତୁର—Somewhat
(ପଣ୍ଡିତ ଜାତୀୟା—ସ୍ତ୍ରୀ) clever (Apte).

ପଣ୍ଡିତ ଟ୍ରେନିଂ—ଦେ. ବି. (ସ. ପଣ୍ଡିତ ଓ ଇଂ. ଟ୍ରେନିଙ୍ଗ୍)—
Pandita trenim ଯେଉଁ ବିଦ୍ୟାଳୟରେ ଓଡ଼ିଆ ପଢ଼ାଇବା
(ପଣ୍ଡିତ ଟ୍ରେନିଙ୍ଗ୍—ଅନ୍ୟରୂପ) ଶିକ୍ଷକମାନଙ୍କୁ ତାଲିମ୍ ଦିଆଯାଏ—
A school or class for training pandits or vernacular teachers; a vernacular teacher-training institution.

ପଣ୍ଡିତ ପ୍ରବର—ସ. ବିଣ—ଶ୍ରେଷ୍ଠ ପଣ୍ଡିତ—A chief Pandit.
Pandita prabara (ପଣ୍ଡିତବର—ଅନ୍ୟରୂପ)

ପଣ୍ଡିତ ବାର—ସ. ବି—ବୁଧବାର—Wednesday.
Pandita bāra (ପଣ୍ଡିତବାସର—ଅନ୍ୟରୂପ)

ପଣ୍ଡିତ ବିଦାକ—ଦେ. ବି—ରାଜା ଓ ବଡ଼ଲୋକଙ୍କ ସଭା ଓ ଉତ୍ସବାଦିକୁ
Pandita bidāki ନିମନ୍ତ୍ରିତ ପଣ୍ଡିତମାନଙ୍କୁ ଦିଆଯିବା ଉପଢୌକନ—
Presents given to Pandits invited on special occasions by rich men.

ପଣ୍ଡିତ ବିଭାଗ—ଦେ. ବି—ପଣ୍ଡିତ ଟ୍ରେନିଂ (ଦେଖ)—
Pandita bibhāga Pandita trenim (See)

ପଣ୍ଡିତ ବିଶ୍ୱନାଥ—ଦେ. ବି—ଜଣେ ଉତ୍କଳର ପ୍ରସିଦ୍ଧ ସଂସ୍କୃତଜ୍ଞ ପଣ୍ଡିତ—
Pandita biswanātha A famous Sanskrit Pandit of Orissa.
[ଦ୍ର—ଏ 'ସାହିତ୍ୟ ଦର୍ପଣ' ଓ 'ସାହିତ୍ୟ ଦର୍ପଣାଲୋଚନା' ନାମକ ପ୍ରାମାଣିକ ସଂସ୍କୃତ ଅଲଙ୍କାର ଗ୍ରନ୍ଥ ପ୍ରଣୟନ କରିଥିଲେ । ଏ କିଳିଙ୍ଗାଧିପତିଙ୍କ ମନ୍ତ୍ରୀ ଥିଲେ (ଜଗବନ୍ଧୁ-ପ୍ରାଚୀନ ଉତ୍କଳ) । ଏହାଙ୍କର ପୂର୍ଣ୍ଣ ନାମ ପଣ୍ଡିତ ବିଶ୍ୱନାଥ କବିରାଜ ।]

ପଣ୍ଡିତ ମଣ୍ଡଳ(ଳୀ)—ସ. ବି. (୬ଷ୍ଠୀ ତତ୍; ପଣ୍ଡିତ+ମଣ୍ଡଳ)—
Pandita mandala(lī) ପଣ୍ଡିତ ଗୋଷ୍ଠୀ (ଦେଖ)—
Pandita goshthi (See)

ପଣ୍ଡିତ ମହାଶୟ—ସ. ବି.—ପଣ୍ଡିତଙ୍କୁ ମାନ୍ୟାର୍ଥକ ସମ୍ବୋଧନ—
Pandita mahāsaya A respectful address to a
পণ্ডিত মশাই पण्डित जी Pandit.

ପଣ୍ଡିତମାନୀ—ସ. ବିଣ. ପୁଂ. (ପଣ୍ଡିତ+ମନ୍ ଧାତୁ=ବୋଧ କରିବା+
Panditamāni ଇନ୍; ୧ମା. ୧ବ)—୧ । ସାମାନ୍ୟ ପାଣ୍ଡିତ୍ୟ
(ପଣ୍ଡିତ ମାନିକ—ଅନ୍ୟରୂପ) ହୋଇ ଯେ ମହାପଣ୍ଡିତ ବୋଲି ଅଭିମାନ
(ପଣ୍ଡିତ ମାନିନୀ—ସ୍ତ୍ରୀ) କରନ୍ତି—1. Pedantic; pedagoguic; fancying one's self to be a big Pandit.
୨ । ମୂର୍ଖ—2. Unlettered; ignorant.

ପଣ୍ଡିତ ମାଷ୍ଟର—ଦେ. ବି. (ସ. ପଣ୍ଡିତ+ଇଂ. ମାଷ୍ଟର)—
Pandita māshtara ସଂସ୍କୃତ ଶିକ୍ଷକ ଓ ଇଂରାଜୀ ଶିକ୍ଷକ—
পণ্ডিত মাষ্টর Sanskrit teacher and English teacher.
पण्डित मास्टर

ପଣ୍ଡିତ ମୂର୍ଖ—ସ. ବି. (ବ୍ୟଙ୍ଗ୍ୟ)—ବିଦ୍ୱାନ୍ ଅଥଚ ନିର୍ବୁଦ୍ଧି ବ୍ୟକ୍ତି—
Pandita mūrkha A learned fool; an impractical learned man.

ପଣ୍ଡିତମ୍ମନ୍ୟ—ସ. ବିଣ. ପୁଂ. (ପଣ୍ଡିତଂ+ମନ୍ ଧାତୁ+ଯ; ଯେ ଆପଣାକୁ
Panditammanya ପଣ୍ଡିତ ବୋଲି ଗର୍ବ କରେ)—
(ପଣ୍ଡିତମ୍ମନ୍ୟା—ସ୍ତ୍ରୀ) ପଣ୍ଡିତ ମାନୀ(ଦେଖ)—
(ପଣ୍ଡିତଂ ମନ୍ୟ—ଅନ୍ୟରୂପ) Pandita māni (See).

ପଣ୍ଡିତ ସଭା—ସ. ବି. (୬ଷ୍ଠୀ ତତ୍; ପଣ୍ଡିତ+ସଭା)—୧ । ସଂସ୍କୃତଜ୍ଞ
Pandita sabhā ପଣ୍ଡିତମାନଙ୍କ ସମ୍ମିଳନୀ—1. Pandit-sabha; a gathering or association of learned men.
(ଯଥା—ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା)
୨ । ଶାସ୍ତ୍ର ଚର୍ଚ୍ଚା, ବ୍ୟବସ୍ଥା ବା ନ୍ୟାୟ ଦର୍ଶନାଦି ଆଲୋଚନା କରିବା ପାଇଁ ରାଜା ଓ ଧନୀମାନଙ୍କ ଦ୍ୱାରା ନିମନ୍ତ୍ରିତ ପଣ୍ଡିତମାନଙ୍କର ସମ୍ମିଳନ—
2. A gathering of Pandits invited by Rajas and rich men for holding learned discussions.

ପଣ୍ଡିତା—ସ. ବିଣ. ସ୍ତ୍ରୀ—(ପଣ୍ଡିତ+ସ୍ତ୍ରୀ. ଆ)—ବିଦୁଷୀ; ବିଦୁଷୀ (ନାରୀ)—
Panditā Learned (woman).

ପଣ୍ଡିତାଣୀ—ଦେ. ବି. ସ୍ତ୍ରୀ. (ସ. ପଣ୍ଡିତା)—
Panditāni ୧ । ପଣ୍ଡିତଙ୍କ ସ୍ତ୍ରୀ—1. A Pandit's wife.
পণ্ডিতানী ୨ । ବିଦୁଷୀ—2. A learned woman.
पण्डितानी
(ପଣ୍ଡିତଆଣୀ, ପଣ୍ଡିତୁଣୀ—ଅନ୍ୟରୂପ)

ପଣ୍ଡିତାଭିମାନୀ—ସ. ବିଣ. ପୁଂ. (ପଣ୍ଡିତ+ଅଭିମାନ+ଇନ୍; ୧ମା.୧ବ)
Panditābhimāni ପଣ୍ଡିତମାନୀ (ଦେଖ)
Panditamāni (See).

ପଣ୍ଡିତାୟମାନ—ସ. ବିଣ. ପୁଂ. (ପଣ୍ଡିତ+ଆଚରଣାର୍ଥେ ଆୟ=ପଣ୍ଡିତାୟ
Panditāyamāna ନାମ ଧାତୁ+ଶାନ)—ଯେ ପୂର୍ବେ ପଣ୍ଡିତ ନ ଥିଲେ କିନ୍ତୁ ବର୍ତ୍ତମାନ ପଣ୍ଡିତ ପାଲଟି ଅଛନ୍ତି, ମିଥ୍ୟା ପଣ୍ଡିତ ପରି ଆଚରଣ କରୁ ଅଛନ୍ତି; ହଠାତ୍ ପଣ୍ଡିତ (ବ୍ୟକ୍ତି); ଭୁଇଁ ପଣ୍ଡିତ—
A person who was not formerly a Pandit but has now turned out to be a Pandit; a person who shows himself off as a Pandit; a person professing himself to be a Pandit or passing himself off
(ପଣ୍ଡିତାୟମାନା—ସ୍ତ୍ରୀ) as a Pandit; pedagoguic.

ପଣ୍ଡିତି—ଦେ. ବି. (ସ. ପାଣ୍ଡିତ୍ୟ)—୧ । ପଣ୍ଡିତ ପଣିଆ—1. The
Panditi state or quality of being a pandit.
পণ্ডিতাই पण्डिताई
୨ । ପଣ୍ଡିତ ଚାକିରି—2. The post of a retained
(ପଣ୍ଡିତାଇ, ପଣ୍ଡିତେଇ—ଅନ୍ୟରୂପ) Pandit.
୩ । ଶିକ୍ଷକତା—3. Teachership.
୪ । ପାଣ୍ଡିତ୍ୟ; ବିଦ୍ୱତ୍ତା—4. Learning; the state of being learned.
ଦେ. ବିଣ—୧ । ପଣ୍ଡିତ ସୁଲଭ; ପଣ୍ଡିତ ଯୋଗ୍ୟ—
পণ্ডিতী पण्डिताऊ 1. Pedantic; becoming a
(ପଣ୍ଡିତଆ, ପଣ୍ଡିତେଇ—ଅନ୍ୟରୂପ) learned man.
୨ । ପଣ୍ଡିତ ସମ୍ବନ୍ଧୀୟ—2. Pertaining to a Pandit

ପଣ୍ଡିତିଆ—ଦେ. ବଣ—ପଣ୍ଡିତ (ଦେଖ)
Panditia Panditi (See)

ପଣ୍ଡିତିମା—ସଂ. ବ. (ପଣ୍ଡିତ+ଭାବାର୍ଥେ ଇମନ୍; ୧ମା. ୧ବ)—
Panditimā ପାଣ୍ଡିତ୍ୟ—Learning (Apte).

ପଣ୍ଡିତିଆ କଥା—ଦେ. ବ—ସଂସ୍କୃତ ପଣ୍ଡିତମାନେ ସାଧାରଣତଃ ଲେଖା ଓ
Panditiā kathā କଥାରେ ବ୍ୟବହାର କରିବା ସଂସ୍କୃତ ଶବ୍ଦ-
ପଣ୍ଡିତୀ ଭାଷା ବହୁଳ ଓ ଆଡ଼ମ୍ବରପୂର୍ଣ୍ଣ ଓଡ଼ିଆ ଭାଷା—
पण्डिताउ भाषा High flown Oria language as
(ପଣ୍ଡିତେଇ ଭାଷା—ଅନ୍ୟରୂପ) used by Pandits; affected or pedantic Oria language.

[ଦ୍ର—ଏହିପରି ପଣ୍ଡିତିଆ ବଙ୍ଗଳା, ପଣ୍ଡିତିଆ ହିନ୍ଦି ଆଦି ଶବ୍ଦ ବ୍ୟବହୃତ ହୁଏ ।]

ପଣ୍ଡୁ—ଦେ. ବ—୧ । ମାର୍ଗଶିର ପୂର୍ଣ୍ଣିମା; ପଣ୍ଡୁ ପୂର୍ଣ୍ଣିମା—
Pandu 1. The fullmoon day of Mārgasira.
ଯଥା—ଅଇଲେ ଶ୍ରେ ମରେ ମଣା,
ଗୋଡ଼ଫାଟୁ ଚେଇଲ ମନୁଷ ଦିଶା – ଢଗ ।
[ଦ୍ର—ଏ ଦିନ ସ୍ତ୍ରୀଲୋକମାନଙ୍କର ଗୋଟିଏ ଓଷା ।]
୨ । ଶୀତ ଋତୁର ଆରମ୍ଭ—
2. The beginning of winter.
ସଂ. ବଣ – ୧ । ପାଣ୍ଡୁର; ମାଟିଆ ମିଶା ଧଳଦିଆ (ହି. ଶ) —
1. Brown.
୨ । ଫିକା ଧଳା—2. Greyish white.
୩ । ଈଷତ୍ ହଳଦିଆ—3. Yellowish.
ସଂ. ବ.—ପାଣ୍ଡୁର ବର୍ଣ୍ଣ—Brown or grey colour.

ପଣ୍ଡୁଆ—ଦେ. ବଣ—ପଣ୍ଡ (ଦେଖ)
Panduā Panda (See)
ନେ ପଣ୍ଡୁଆ ବୁଦ୍ଧି ପଟଣରେ
ଭାର ହାଣି ସେ ଧରଣ କରେ । ପ୍ରାଚୀ. ପରଦେ ଗୀତ ।

ପଣ୍ଡୁଆ କାବତା—ପ୍ରାଦେ (ଗଡ଼ଜାତ) ବ. (ଭୁଲ. ହି. ପଣ୍ଡୁକ୍)—କୁଆପର
Panduā kābatā ବଡ଼ ଅଣ୍ଡିରା କପୋତ—A kind of big he-dove.

ପଣ୍ଡୁ ଓଷା—ଦେ. ବ—ପଣ୍ଡୁ (ଦେଖ)
Pandu osā Pandu (See)

ପଣ୍ଡୁ କାଆଁଳ—ଦେ. ବ—ମାର୍ଗଶିର ମାସରେ ମେଘ ଘୋଡ଼ାଘୋଡ଼ି
Pandu kā-ānla କରିବା ଧାଗ—Cloudy weather
ପଣ୍ଡୁ କାଆଳ, ପଣ୍ଡୁ-
କାହାଳ, ପଣ୍ଡୁ କାହାଁଳ } ଅନ୍ୟରୂପ appearing in the month of Mārgasira.

ପଣ୍ଡୁ ପୁନେଇ(ଇଁ)—ଦେ. ବ—ପଣ୍ଡୁ (ଦେଖ)
Pandu punei in) Pandu (See)
[ପଣ୍ଡୁ ପୁନଅ (ଅଁ), ପଣ୍ଡୁ ପୁନ(ନ୍ନ)ମୀ; ପଣ୍ଡୁ ପୂର୍ଣ୍ଣିମୀ—ଅନ୍ୟରୂପ]

ପଣ୍ଡୁ ପୂର୍ଣ୍ଣିମା—ସଂ. ବ—ମାର୍ଗଶିର ପୂର୍ଣ୍ଣିମା—
Pandu pūrnnimā The fullmoon day of Mārgasira.

ପଣ୍ଡୁର—ଦେ. ବ. ଓ ବଣ—ପାଣ୍ଡୁର (ଦେଖ)
Pandura Pāndura (See)
ପାଣ୍ଡୁରା ପଣ୍ଡୁର ବଳେ ପତ୍ର ପତ୍ର
पंडरा ଧମ ମଣ୍ଡଳ ଶ୍ୟାବତ୍ର – ଜଗନ୍ନାଥ-ଭଗବତ ।

ପଣ୍ଢେଇ—ପ୍ରାଦେ (ସମ୍ବଲପୁର) ବ. (ଭୁଲ. ହି. ପନହୀ)—ଯୋତା—
Pandhei Shoe.

ପଣ୍ୟ—ସଂ. ବଣ. (ପଣ୍ ଧାତୁ+କର୍ମ. ଯ)—୧ । ବିକ୍ରେୟ; ଯାହା ବିକାଯାଇ
Panya ପାରେ ବା ବିକାଯାଇ ପାରେ—1. Saleable; vendible; marketable; venal.
୨ । ବ୍ୟବହାର୍ଯ୍ୟ; ଚଳନ୍ତି—2. Useful; current.
୩ । ପଣ ବା ମୂଲ୍ୟ ଦ୍ୱାରା ଗୃହୀତ; କ୍ରୀତ—3. Obtained by payment of price; purchased.
୪ । ଯାହା ବଜାରରେ କଣିବାକୁ ମିଳେ —
4. Available in the market.
୫ । ବିକ୍ରୀତ—5. Sold.
୬ । ପ୍ରଶଂସନୀୟ (ହି. ଶ.)—
7. Praiseworthy; commendable.
ସଂ. ବ – ୧ । ବିକ୍ରେୟ ବସ୍ତୁ—1. A thing sold or offered in the market.
୨ । ସଉଦା—
2. Ware; merchandise; commodity.
୩ । ମୂଲ୍ୟ—3. Price.
୪ । ମାସୁଲ; ଶୁଳ୍କ—4. Fee; customs.
୫ । ଭଡ଼ା—5. Hire.
୬ । ବେପାର; ବ୍ୟବସାୟ (ହି. ଶ.)—6. Trade.
୭ । ବଜାର; ହାଟ (ହି. ଶ.)—7. Market; mart.
୮ । ଦୋକାନ (ହି. ଶ.)—8. Shop.

ପଣ୍ୟଜୀବ—ସଂ. ବ. ପୁଂ. (ବହୁବ୍ରୀହି; ପଣ୍ୟ+ଜୀବ୍ ଧାତୁ+ଅ)—
Panyajiba ୧ । ବ୍ୟବସାୟୀ; ବେପାରୀ—1. Tradesman.
ପଣ୍ୟଜୀବା—ସ୍ତ୍ରୀ ୨ । ସଉଦାଗର; ବଣିକ—
ପଣ୍ୟଜୀବୀ; ପଣ୍ୟ-
ଜୀବକ, ପଣ୍ୟାଜୀବ } ଅନ୍ୟରୂପ 2. Trader; merchant.

ପଣ୍ୟ ଦାସୀ—ସଂ. ବ. (ମ ପ. ଲୋ; ପଣ୍ୟ ଦ୍ୱାରା କ୍ରୀତା ଦାସୀ)—
Panya dāsi ଯୋଇଲୀ—A hired maid servant.

ପଣ୍ୟ ଦ୍ରବ୍ୟ—ସଂ. ବ. (କର୍ମଧା; ପଣ୍ୟ+ଦ୍ରବ୍ୟ)—
Panya drabya ସଉଦା; ସଉଦା ପାତ୍ର; ମାଲ; ବଜାରରେ ବିକା
(ପଣ୍ୟବସ୍ତୁ—ଅନ୍ୟରୂପ) କଣା ହେବା ଦ୍ରବ୍ୟ—
Ware; commodity; merchandise.

ପଣ୍ୟ ପତି—ସଂ. ବ. (୬ଷ୍ଠୀ ତତ୍; ପଣ୍ୟ+ପତି)—
Panya pati ବଡ଼ ବେପାରୀ; ସଉଦାଗର (ହି. ଶବ୍ଦସାଗର)—
A merchant; big trader.

ପଣ୍ୟ ଫଳ—ସଂ. ବ. (୬ଷ୍ଠୀ ତତ୍; ପଣ୍ୟ+ଫଳ)—
Panya phala ବେପାରରୁ ଉତ୍ପନ୍ନ ଲାଭ—
Profit derived from trade.

ପଣ୍ୟ ବୀଥିକା—ସଂ. ବ. (୬ଷ୍ଠୀ ତତ୍; ପଣ୍ୟ+ବୀଥିକା)—
Panya bithikā ୧ । ଦୋକାନ—1. Shop; stall.
ପଣ୍ୟବୀଥୀ
ପଣ୍ୟଶାଳା } ଅନ୍ୟରୂପ ୨ । ହାଟ—2. Market; fair.
୩ । ଶ୍ରେଣୀବଦ୍ଧ ଦୋକାନ; ବଜାର—
3. Bazar; a row of shops.

୪ । ଗୋଦାମ—4. Godown; warehouse.

ପଣ୍ୟ ଭୂମି—ସ. ବି.—ଯେଉଁଠାରେ ସଉଦା ପଣ ଜମା ରଖାଯାଏ; ଗୋଦାମ; ଗୋଲା; ଗଞ୍ଜ (ହି. ଶ)—
Panya bhūmi
Mart; warehouse.

ପଣ୍ୟ ଯୋଷିତା—ସ. ବି. ସ୍ତ୍ରୀ. (ମ. ପ. ଲୋ; ପଣ୍ୟ=ମୂଲ୍ୟ ଦ୍ୱାରା ଗୃହୀତା+ଯୋଷିତା)—ବେଶ୍ୟା—
Panya joshitā
Prostitute; harlot; courtesan.
(ପଣ୍ୟ ବିଳାସିନୀ, ପଣ୍ୟ ସ୍ତ୍ରୋଷିତ୍, ପଣ୍ୟ ସ୍ତ୍ରୀ, ପଣ୍ୟାଙ୍ଗନା—ଅନ୍ୟରୂପ)

ପଣ୍ୟାଜୀବ—ସ. ବି. (ବହୁବ୍ରୀହି; ପଣ୍ୟ+ଆଜୀବ)—
Panyājiba — ପଣ୍ୟଜୀବ (ଦେଖ)
(ପଣ୍ୟାଜୀବା—ସ୍ତ୍ରୀ) — Panyajiba (See)

ପତ୍ (ଧାତୁ)—ସ—୧ । ପଡ଼ିବା—1. To fall.
Pat (root) ୨ । ଯିବା; ଗତି କରିବା—
2. To go; to move (Apte).
୩ । ଅଧୋଗମନ କରିବା—3. To descend.
୪ । ତଳକୁ ଖସି ପଡ଼ିବା—4. To drop; to fall down
୫ । ଓହ୍ଲାଇବା; ଉଚ୍ଚ ସ୍ଥାନରୁ ତଳକୁ ଅବତରଣ କରିବା—
5. To get down; to alight (Apte).
୬ । ଉଡ଼ିବା; ଶୂନ୍ୟକୁ ଉଠିବା—
6. To fly; to soar (Apte).
୭ । (ସୂର୍ଯ୍ୟାଦି) ଅସ୍ତଗତ ହେବା—
7. (a luminary) To set (Apte).
୮ । ସ୍ୱସ୍ଥାନରୁ ବା ସ୍ୱଜାତିରୁ ବା ସ୍ୱସମାଜରୁ ଚ୍ୟୁତ ହେବା—
8. To forfeit or lose one's caste, position or rank (Apte).
୯ । ଘଟିବା—9. To come to pass; to occur (Apte).
୧୦ । (ଦୃଷ୍ଟି) ପାତିତ ହେବା—10. (one's look) To be directed to (Apte).
୧୦ । ନିଜର ଭାଗ୍ୟରେ ବା ହିସ୍ସାରେ ମିଳିବା—
10. To fall to one's lot or share (Apte).
୧୨ । ନିଜର ଶରୀରକୁ ଭୂମିରେ ପାତିତ କରିବା—
12. To lay oneself on the ground.

ପତ—ସ. ବି. (ପତ୍ ଧାତୁ=ଯିବା+କରଣ. ଅ)—
Pata ୧ । ପକ୍ଷ—1. Wing.
୨ । (+ଭାବ. ଅ ଉଡ଼ିବା—2. Flight; flying (Apte).
୩ । ପତନ—4. Falling.
୪ । ଅବତରଣ—4. Alighting (Apte).
୫ । ଗମନ—5. Going (Apte).
ସ. ବିଣ—ସୁପରିପୁଷ୍ଟ—Cherished; wellfed (Apte).

ପତକ—ସ. ବିଣ. (ପତ୍ ଧାତୁ+କର୍ତ୍ତୃ. ଅକ)—ପଡ଼ୁଥିବା—
Pataka — Falling (Apte).
ସ. ବି—ଜ୍ୟୋତିଷିକ ତାଲିକା—
An astronomical table (Apte).

ପତକା—ଦେ. ବି. (ସ. ପତାକା)—
Patakā ୧ । ବାନା; ପତାକା—1. Flag.
୨ । ଛୋଟ ବାଳିଆ ମାଛ—2. Small Bālia fish.
[ଦ୍ର—ଛୋଟ ଅର୍ଥରେ ଏ ଶବ୍ଦ ଅନ୍ୟ ମତ୍ସ୍ୟବାଚକ ଶବ୍ଦ ସଙ୍ଗେ ବ୍ୟବହୃତ ଯଥା—ବାଳିଆ ପତକା—Corresponding to the English suffix 'let' as in brook-let; rivulet; stream-let.]
୩ । ଛୋଟ ମାଛ—3. A small fish.

ପତକା ମାଛି—ପ୍ରାଦେ. (ଗଡ଼ଜାତ) ବି—
Patakā mācbhi — ଯୋତକ ପରି ଏକ ପ୍ରକାର ସାନ ମାଛି—
A kind of very small fly.

ପତଗ—ସ. ବି. (ପତ= ପକ୍ଷ+ଗମ ଧାତୁ+କର୍ତ୍ତୃ. ଅ; ଯେ ପକ୍ଷ ଦ୍ୱାରା ଗତି କରେ କିମ୍ବା ପତନ=ଆକାଶରେ ଉଡ଼ି କରି+
Pataga
(ପତଙ୍ଗ—ଅନ୍ୟରୂପ) ଗମ୍ ଧାତୁ+ଅ)—
୧ । ପକ୍ଷୀ—1. Bird.
୨ । ଶଲଭ; ଟିଙ୍କିଟିକା—2. Locust; a grasshopper.
୩ । ଉଡ଼ା ପୋକ—3. Moth.
୪ । ସୂର୍ଯ୍ୟ—4. The sun.
୫ । ଅଗ୍ନି—5. Fire.
୬ । ବାଣ—6. Arrow.
୭ । ପାରଦ—7. Mercury.
୮ । ଚନ୍ଦନବିଶେଷ—8. A kind of sandal wood.
୯ । ଶାଳି ବା ଶାରଦ ଧାନବିଶେଷ—
9. A kind of winter paddy.
୧୦ । ଲେଖା ଆଦିରେ ବ୍ୟବହୃତ ଯୁକ୍ତ '+' ଚିହ୍ନ; ଛକ—
10. A cross mark made in writing.
୧୧ । ମହୁମାଛି—11. Bee (Apte).
୧୨ । ଖେଳିବାର ପେଣ୍ଡୁ—
12. A ball for playing with (Apte).
୧୩ । ଶ୍ରୀକୃଷ୍ଣଙ୍କ ନାମ—
13. A name of Śrikrushna (Apte).

ପତଙ୍ଗ — ଦେ. ବି. (ସ. ପତଙ୍ଗ=ଯାହା ଉଡ଼େ)—
ପତଙ୍ଗ ୧ । ପିଲାମାନଙ୍କର କାଗଜର ଖେଳନା ବିଶେଷ—
1. A kind of plaything made of paper.

ସେ ଚୋର କର ପଡ଼େ ଧର
ପତଙ୍ଗ ଶୋଭାଏ ସୁନ୍ଦର । କବିକଲ୍ପଲତା ଭାଗବତ ।

[ଦ୍ର—ଏହା କାଗଜ ବା ତାଳପତ୍ରରେ ନିର୍ମିତ ପକ୍ଷଯୁକ୍ତ ଗୋଲାକାର ଫୁଲ । ଏହା ଖଣ୍ଡିଏ କାଠିର ଅଗରେ ହୁଗୁଳା ହୋଇ ଗୁନ୍ଥା ହୋଇଥାଏ ଓ ପବନ ଆଡ଼କୁ ତାକୁ ଦେଖାଇ କାଠି ଖଣ୍ଡି ଧଇଲେ ସେ ଫୁଲଟି ପବନ ବେଗରେ ଘୂରୁଥାଏ ।]
୨ । କାଗଜର ଗୁଡ଼ି—2. Paper kite.
୩ । (ସ. ପତଙ୍ଗ) ବକମ (ଦେଖ) (ହରେକୃଷ୍ଣ—ଦ୍ରବ୍ୟଗୁଣ).
3. Bakama (See).

ପତଙ୍ଗ ବୃତ୍ତ— ସଂ. ବଣ. ପୁଂ. (ବହୁବ୍ରୀହି; ପତଙ୍ଗ ପର ବୃତ୍ତ=ବ୍ୟବହାର
Patanga brutta ଯାହାର)—ପତଙ୍ଗ ପ୍ରକୃତିକ; ପତଙ୍ଗ ଯେପରି
(ପତଙ୍ଗ ବୃତ୍ତା—ସ୍ତ୍ରୀ) ଆଲୋକ ଦେଖି ଅଗ୍ନିକି ତେଣେ ପଡ଼େ ସେହିପ୍ରକାର ବିପଦ ବା ମୃତ୍ୟୁ ନିଶ୍ଚୟ ଜାଣି ମଧ୍ୟ ଯେଉଁ ବ୍ୟକ୍ତି ଆପାତମନୋରମ ବସ୍ତୁ ପ୍ରତି ଆକୃଷ୍ଟ ହୁଏ—Following the ways of the moth; jumping into danger knowing beforehand the dire result.

ପତଙ୍ଗ ବୃତ୍ତି— ସଂ. ବି. (୬ଷ୍ଠୀ ତତ୍; ପତଙ୍ଗ+ବୃତ୍ତି)—ପତଙ୍ଗ ନିଆଁକୁ
Patanga brutti ଯେଉଁ ପଡ଼ିବାପରି ଅବଶ୍ୟମ୍ଭାବୀ ବିପଦକୁ ଆକୃଷ୍ଟ ହେବା—The state of being knowingly attracted to a danger (like a moth).

ପତଙ୍ଗ ଭବ—ସଂ. ବଣ. (ପତଙ୍ଗ=ସୂର୍ଯ୍ୟ+ଭୂ ଧାତୁ+କର୍ତ୍ତୃ. ଅ)—ସୂର୍ଯ୍ୟଙ୍କଠାରୁ ଉତ୍ପନ୍ନ—Born of the sun.
Patanga bhaba
(ପତଙ୍ଗ ଭବା—ସ୍ତ୍ରୀ) ଦେ. ବି.—କାଳନ୍ଦୀ; ଯମୁନା—The Kālandi or Jamunā river.

ଅଥ ପତଙ୍ଗ ଭବ ହ୍ରଦ ଜଳ
କମଳ ଦଳ ପର ତଳ ତଳ । ଇତ୍ୟ. ଦେବନ୍ଧ ।

ପତଙ୍ଗମ—ସଂ. ବି. (ପତ=ପକ୍ଷ+ଗମ୍ ଧାତୁ+କର୍ତ୍ତୃ. ଅ)—ପତଗ (ଦେଖ)
Patangama Pataga (See
(ପତଙ୍ଗମୀ—ଅନ୍ୟରୂପ)

ପତଙ୍ଗିକା—ସଂ. ବି. ସ୍ତ୍ରୀ (ପତଙ୍ଗ+କ+ସ୍ତ୍ରୀ ଆ)—୧ । ଛୋଟ ମହୁମାଛି;
Patangikā କ୍ଷୁଦ୍ର ମହୁମାଛି—1. Tiny bee; a kind of small bee.
୨ । ଛୋଟ ପକ୍ଷୀ—2. A small bird.

ପତଞ୍ଚିକା—ସଂ. ବି.—ଧନୁର ଡୋର (ହ. ଶ.)
Patanchikā Bowstring

ପତଞ୍ଜଳି—ସଂ. ବି. (ନାମ) (ଅପତତ୍=ପଡ଼ିଥିଲେ+ଅଞ୍ଜଳ=କରପୁଟ;
Patanjali ନିପାତନ)—ମୁନିବିଶେଷ; ପାତଞ୍ଜଳ ବା ଯୋଗ ଦର୍ଶନ ଓ ପାଣିନି ବ୍ୟାକରଣର ମହାଭାଷ୍ୟ ପ୍ରଣେତା—The name of a sage; the founder of the system of the Hindu joga philosophy and the commentator of the aphorisms of the Sanskrit Grammar of Pānini.

[ଦ୍ର—ପ୍ରବାଦ ଅଛି ଯେ ସ୍ୱର୍ଗରୁ ପାଣିନି ମୁନିଙ୍କର ଅଞ୍ଜଳି ମଧ୍ୟକୁ ଏ ମୁନି ସର୍ପାକାରରେ ପତିତ ହୋଇଥିଲେ । ଏହାଙ୍କର ଦର୍ଶନଗ୍ରନ୍ଥର ନାମ ଯୋଗସୂତ୍ର । ସାଧାରଣତଃ ଯୋଗଦର୍ଶନକାର ଓ ମହାଭାଷ୍ୟକାର ପତଞ୍ଜଳି ଜଣେ ଥିବାର ଲୋକେ ବିଶ୍ୱାସ କରନ୍ତି; କିନ୍ତୁ ପାଣିନି ବ୍ୟାକରଣର କାତ୍ୟାୟନଙ୍କ କୃତ ବାର୍ତ୍ତିକର ମହାଭାଷ୍ୟର ରଚୟିତା ପତଞ୍ଜଳି ଦର୍ଶନକାର ପତଞ୍ଜଳିଙ୍କଠାରୁ ସ୍ୱତନ୍ତ୍ର ଓ ଦର୍ଶନକାରଙ୍କର ବହୁ ବର୍ଷ ପରେ ଥିବାର ପ୍ରମାଣ ମିଳଅଛି । ହ. ଶ.]

ପତଡ଼ା ଜଙ୍ଗଲ୍— ପ୍ରାଦେ (ସିଂହଭୂମ) ବି. ଛୋଟ ଛୋଟ ବୁଦାଥିବା ବଣ—
Patardā jangal A jungle of small bushes.

ପତତ୍—ସଂ. ବଣ. (ପତ୍ ଧାତୁ+ଅତ୍; ପୁଂ. ପତନ୍; ସ୍ତ୍ରୀ. ପତନ୍ତୀ)—
Patat ୧ । ପତନଶୀଳ—2 Fallible.
୨ । ତଳକୁ ପଡ଼ୁଥିବା—
2. Falling down; descending.
୩ । ଉଡ଼ୁଥିବା—3. Flying.
ସଂ. ବି—ପକ୍ଷୀ—Bird.

ପତତ୍ ପତଙ୍ଗ—ସଂ. ବି. (କର୍ମଧା; ପତତ୍+ପତଙ୍ଗ)—ଅସ୍ତ ହେଉଥିବା
Patat patanga ସୂର୍ଯ୍ୟ—The setting sun.

ପତତ୍ ପ୍ରକର୍ଷତା— ସଂ. ବି. (ପତତ୍+ପ୍ରକର୍ଷ+ତା)—ରଚନାର ଦୋଷବିଶେଷ—
Patat prakarshatā
A defect in composition.

[ଦ୍ର—ଯେଉଁଠାରେ ଅନୁପ୍ରାସାଦିର ପ୍ରକର୍ଷ କ୍ରମେ କମିଯାଏ ବା ରଚନାର ଭଙ୍ଗୀ ଶିଥିଳ ହୋଇପଡ଼େ ସେଠାରେ ପତତ୍ପ୍ରକର୍ଷତା ଦୋଷ ହୁଏ ।
ଯଥା—୧ । ସ୍ୱଳ୍ପ କାଳେ ଶିଳ୍ପ କଳାଦରେ ମାନ ହେଲ କୁଶଳା,
ମାତ୍ର ଶକ୍ତିଶିକ୍ଷା ପ୍ରତି ମନ ଭାର ସ୍ୱଭାବେ ଚଳେ । ରାଧାନାଥ, ଉଷା ।
ଏଠାରେ ପ୍ରଥମ ପାଦର 'ଳ' ଗତ ଅନୁପ୍ରାସ ଦ୍ୱିତୀୟ ପାଦରେ ରହି ପାରିଲା ନାହିଁ, ତେଣୁ କବିତାର ପ୍ରକର୍ଷ ପତିତ ହେଲା ।
୨ । ମହାଶର ପ୍ରୋତସ୍ୱତୀ ପୂତ ଶିଳାମୟୀ
ଗଙ୍ଗାର ଧାର ଛାଡ଼ି ଭୂଶାୟିତ ଅସି
ନର୍ମୋକ ଚର୍ମକୁ ଉତ୍ପାଟଣେ ବକ୍ଷତ୍ରଦ
ମାଲ୍ୟବଧାରଣୀ ସାରଳାକ୍ଷିତ ଧ୍ୱଜମା
ମୈଥିଳାଦ୍ୟ, ମହାଦକ୍ଷ ଵପକ୍ଷ ପତନେ । ରାଧାନାଥ, ମହାଯାତ୍ରା ।
ଏଠାରେ ରଚନାର ଭଙ୍ଗୀ କ୍ରମେ ଶିଥିଳ ହୋଇ ଯାଇଥିବାରୁ ଭଙ୍ଗୀ ଶୈଥିଲ୍ୟ ଦୋଷ ହେଲା ଅର୍ଥାତ୍ ପ୍ରତତ୍ ପ୍ରକର୍ଷତା ଦୋଷ ହେଲା ।]

ପତତ୍ର— ସଂ. ବି. (ପତ=ପକ୍ଷ+ତ୍ରୈ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ
Patatra କିମ୍ବା ପତ୍ ଧାତୁ=ପଡ଼ିବା+ତ୍ରୈ ଧାତୁ+କର୍ତ୍ତୃ ଅ; ଯାହା ପକ୍ଷୀକୁ ପଡ଼ିଯିବାରୁ ରକ୍ଷା କରେ; କିମ୍ବା ପତ୍ ଧାତୁ=ଉଡ଼ିବା+କରଣ. ଅତ୍ର)—୧ । ପକ୍ଷ; ପକ୍ଷୀର ଡେଣା—
1. The wing of a bird; pinion.
୨ । ପକ୍ଷୀର ପର—2. Feather (Apte).

ପତତ୍ରି (ତ୍ରୀ)—ସଂ. ବି. (ପତ୍ ଧାତୁ+ଅତ୍ରି; ପତତ୍ର+ଇନ୍; ୧ମା. ୧ବ)—
Patatri (trī) ୧ । ପକ୍ଷୀ—1. Bird.
୨ । ଶର; ବାଣ—2. Arrow.
୩ । ଘୋଡ଼ା—3. Horse (Apte).
ସଂ. ବଣ—୧ । ଉଡ଼ୁଥିବା—1. Flying.
୨ । ଡେଣାବିଶିଷ୍ଟ—2. Winged.

ପତତ୍ରିରାଜ—ସଂ. ବି. (୬ଷ୍ଠୀ ତତ୍; ପତତ୍ରି+ରାଜନ୍)—
Patatrirāja ପକ୍ଷୀରାଜ; ଗରୁଡ଼—Garurda.

ପତଦ୍‌ଗ୍ରହ—ସଂ. ବି. (ପତତ୍=ପଡ଼ୁଥିବା ଅର୍ଥାତ୍ ମୁଖଗରିତ ଜଳାଦି+
Patad-graha ଗ୍ରହ୍ ଧାତୁ+କର୍ତ୍ତୃ ଅ; ଯାହା ମୁହଁରୁ ପଡ଼ିବା ଥୁକଆଦିକୁ ଗ୍ରହଣ କରେ)—୧ । ପିକଦାନୀ—
1. Spittle pot; spittoon.
୨ । ଅସମୟରେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ହୋଇ ରଖାଯାଇଥିବା ସେନ୍ୟଦଳ—
2. The reserve of an army (Apte).

୩ । ଯେଉଁ କମଣ୍ଡଳୁରେ ସନ୍ନ୍ୟାସୀମାନେ ଭିକ୍ଷାନ୍ନ ଗ୍ରହଣ କରନ୍ତି— 3. The bowl in which ascetics receive their doles.

ପତଦ୍ ଭୀରୁ—ସଂ. ବି. (ପତତ୍+ଭୀରୁ)—ଛଞ୍ଚାଣ—
Patad-bhiru Hawk; falcon (Apte).

ପତନ—ସଂ. ବି. (ପତ୍ ଧାତୁ+ଭାବ. ଅନ)—୧ । ଉଡ଼ିବା—
Patana 1. Flying.
୨ । ଚଳନ—2. Motion.
୩ । ସ୍ଖଳନ—3. Slipping.
୪ । ଓହ୍ଲାଇବା—4 Descent.
୫ । ଖସିପଡ଼ିବା; ତଳକୁ ପଡ଼ିଯିବା; ଅଧଃପତନ— 5. Falling down; downfall.
୬ । ଭ୍ରଂଶ—6. Decay; decline.
୭ । ନାଶ—7. Ruin; destruction.
୮ । ପାପ—8. Sin.
୯ । ସ୍ୱଧର୍ମରୁ ସ୍ଖଳନ ବା ଚ୍ୟୁତି—9. Apostacy.
୧୦ । ଅସ୍ତଗମନ – 10. Setting (as of the sun) (Apte).
୧୧ । ଭୂମିରେ ନିଜ ଦେହକୁ ଦଣ୍ଡବତ୍ ପକାଇବା; ଗୋଡ଼ତଳେ ପଡ଼ିବା—11. Laying one's self prostrate on the ground.
୧୨ । ସ୍ୱାଧିକାରରୁ ବା ଧର୍ମରୁ ବା ସମ୍ମାନରୁ ଚ୍ୟୁତି; ସ୍ୱସ୍ଥାନଚ୍ୟୁତି— 12 Falling from dignity, virtue or position.
୧୩ । ମୃତ୍ୟୁ—13 Death (Apte).
୧୪ । (ସ୍ତନ) ତଳକୁ ଓହଳି ପଡ଼ିବା—14. Hanging down; becoming flaccid (as breasts) (Apte).
୧୫ । ଗର୍ଭପାତ—15. Miscarriage (Apte).
୧୬ । (ଗଣିତ) ବିୟୋଗ; ଫେଡ଼ାଣ— 16. (arithmetic) Subtraction (Apte).
୧୭ । (ଜ୍ୟୋତିଷ) ଗ୍ରହର ଅକ୍ଷାଂଶ— 17. (astronomy) The latitude of a planet (Apte).

ଦେ. ବି. (ସଂ ପତ୍ତନ=ମୂଳଦୁଆ)—୧ । ସମତଳତା—
ପତ୍ତନ **पत्तन; पाटन** 1. Level.
ଯଥା—ମୋଟିଆ ପତନ ।
୨ । ମୂଳଦୁଆ—2. Foundation.

ପତନଶୀଳ—ସଂ. ବିଣ. (ବହୁବ୍ରୀହି; ପତନ+ଶୀଳ)—ବିନାଶ୍ୟ; ଯାହାର ପତନ ବା ବିନାଶ ଅବଶ୍ୟଂଭାବୀ—
Patanasila
ପତନଶୀଳା—ସ୍ତ୍ରୀ
ପତନଶୀଳତା—ବି } Fallible; subject to decay.

ପତନି—ଦେ. ବି. (ସଂ. ପଟ୍ଟନ)—୧ । ଲୁଗା—
Patani 1. Cloth.
୨ । ସରୁ ଲୁଗା—2 Fine cloth.
ପୁଅକୁ ପିନ୍ଧାଏ ପାଟ ପତନି
ଝିଅକୁ ପିନ୍ଧାଏ କନ୍ଥା । ଖୋଟରେ ବାନ୍ଧି ଥୋଇ ଦେଇ ।
୩ । (ସଂ. ପତ୍ନୀ)—ଭାର୍ଯ୍ୟା—3. Wife.

ପତନ ୪ । (ସଂ. ପତ୍ତନ) ବଙ୍ଗ ଦେଶର ଏକ ପ୍ରକାର ମଧ୍ୟସ୍ୱତ୍ୱ; ପତ୍ତନି— 4. An under tenure in Bengal.
[ଦ୍ର—ପତନିର ଅଧୀନ ମଧ୍ୟସ୍ୱତ୍ୱକୁ ଦରପତନି ଓ ଦରପତନିର ଅଧୀନ ମଧ୍ୟସ୍ୱତ୍ୱକୁ ସେ-ପତନି ବୋଲାଯାଏ ।]
ପୁଆଳ ପ୍ରାଦେ. (ପୁରୀ) ବି—୫ । (ସଂ. ପତନ) ବେଙ୍ଗଲା ପଡ଼ିବା ପରେ ମେଳ ଗୁଡ଼ପାଖରେ ବିସ୍ତୃତ ହୋଇ ପଡ଼ିଥିବା କୁଟା ବା ପାଳ—5. Crushed straw lying scattered round the central threshing post.

ପତନି ଆଞ୍ଜି ହେବା—ଦେ. ବି. (ମାଦଳାପାଞ୍ଜି)—କୌଣସି ବ୍ୟକ୍ତିକୁ
Patani ānjā hebā ରାଜାଙ୍କଠାରୁ ଶାଢ଼ୀ ବା ଅଧିକାର ଦିଆଯିବା—A person being granted a cloth in token of a certain honour or office.

ପତନି ଉଠା(ଠେ)ଇବା—ପ୍ରାଦେ. (ପୁରୀ) କ୍ରି—୧ । ବେଙ୍ଗଲା
Patani uthā(the)ibā ପଡ଼ିବା ଉତ୍ତାରୁ ବଳଦ ଫିଟିଗଲା ପରେ (ପତୁନି ଉଠା[ଠେ]ଇବା—ଅନ୍ୟରୂପ) ମେଳ ଗୁଡ଼ପାଖରେ ବିସ୍ତୃତ ହୋଇ ପଡ଼ିଥିବା କୁଟା ଓ ଧାନକୁ ଉଠାଇ ନେବା—
1. To pick up the straw lying scattered round the threshing post after threshing.
୨ । ଗୃହିର ଯେଉଁ କିଆରରେ ପ୍ରଥମ ଅନୁକୂଳ ହୋଇ ଅକ୍ଷିମୁଠ ବୁଣା ଯାଇଥାଏ ଓ ଶୁକ୍ରବାର ଦିନ ଉକ୍ତ କିଆରରୁ ଧାନ କଟା ଅନୁକୂଳ ହୋଇଥାଏ, ସେ କିଆରରୁ କଟା ହୋଇ ଆସି ଖଳାରେ ଯେଉଁ ଧାନ ଦଲା ପୃଥକରୂପେ ଗଦାମରା ଯାଇଥାଏ, ଗୃହିର ଅନ୍ୟ ସମସ୍ତ ଖଳର ଧାନ ବେଙ୍ଗଲା ପଡ଼ି ସାରିଲା ପର ଉକ୍ତ ଅନୁକୂଳ ଜମିର ଧାନକୁ ଗଦାରୁ ଭାଙ୍ଗି ବେଙ୍ଗଲା ପକାଇବା, ଅର୍ଥାତ୍ ଗୃହିର ବର୍ଷକର ଧାନ ଅମଳ କାମର ସର୍ବଶେଷ ବେଙ୍ଗଲା ପକାଇ ଧାନକୁ ଅମଳ କରିବା—
2. To thresh and garner the last paddy sheaves of the season.

ପତନୀୟ—ସଂ. ବିଣ. (ପତ୍ ଧାତୁ+କର୍ମ. ଅନୀୟ)—୧ । ପତନାର୍ହ—
Pataniya 1. Deserving to fall down.
୨ । ପତନଶୀଳ—2. Liable to fall.

ପତନୋଦ୍ୟତ ସଂ. ବିଣ. (୭ମୀ ତତ୍; ପତନ+ଉଦ୍ୟତ)–ପଡ଼ିବାକୁ
Patanodyata ଯାଉଥିବା; ଯାହା ଶୀଘ୍ର ପଡ଼ିଯିବ—
(ପତନୋନ୍ମୁଖ ଅନ୍ୟରୂପ) About to fall.

ପତପତ—ଦେ. ଅ. (ଧ୍ୱନ୍ୟନୁକରଣ) ୧ । ବାୟୁ ଚାଳିତ ପତ୍ରାଦିର
Patapata ଶବ୍ଦ—1. The rustling sound of moving leaves.
ମରମର ପତପତ ତରୁ ପତ୍ରେ—କବିକେ.।ଜ. କର୍ଣ୍ଣ ଶ ।
पटपट, लाहालुट ୨ । ଭୋକ ଶୋଷରେ ଅତି ଅକାନ୍ତ—
2. Overpowered with hunger and thirst.
(ଯଥା—ସେ ପିଲାଟି ଭୋକରେ ପତପତ ହେଉଅଛି ।)
୩ । (ଭୟାଦିରେ) ଥରଥର; କାନ୍ତ—
3. Enervated through fear.

ପତପତ ହେବା—ଦେ. କ୍ରି—କ୍ଷୁଧାରେ ଅବଶ ହେବା; କ୍ଷୁଧାକ୍ରାନ୍ତ
Patapata hebā ହେବା—To be overpowered with hunger.
पटपट होना
(ପତପତହେଇବା; ପତପତେଇ ଯିବା—ଅନ୍ୟରୂପ)

ପତପତ ହୋଇଯିବା—ପ୍ରାଦେ. (ଯାଜପୁର) କ୍ରି—ଡରିଯିବା—
Patapata hoijibā To become nervous.

ପତପତା—ଦେ. ବି—ଚିଲିକା ହ୍ରଦରେ ମିଳୁଥିବା ଏକପ୍ରକାର ମାଛ—
Patapatā A class of salt water fish found in the Chilkā lake.

ପତର—ସଂ. ବି. (ପତ୍ ଧାତୁ + କର୍ତ୍ତୃ. ଅର) —ଗମନଶୀଳ—
Patara Moving.
ସଂ. ବି—ଲୌହ ପିତ୍ତଳାଦି ଧାତୁର ପାତଅ (କ୍ଷୀରନେତ୍ର)—
Thin plate of metal.
ପାତା **पत्ता** ଦେ. ବି. (ସଂ. ପତ୍ର)—୧ । ଗଛର ପତ୍ର—1. Leaf.
ପଦ୍ମପତରର ପରି ଅଛଇ ନୟନ—କୃଷ୍ଣସିଂହ. ମହାଭାରତ. ଆଦି ।
[ଦ୍ର—ଯେଉଁ ଗଛର ପତର ସେ ପତର ସେ ଗଛର ନାମଦ୍ୱାରା ଚିହ୍ନାଯାଏ; ଯଥା—କଲରାପତର, ଆମ୍ବପତର ଇତ୍ୟାଦି ।]
ପାং **पत्ती** ୨ । ପାତ; ଧାତୁ ଆଦିର ପାତଅ—
2. Thin slip of metal.
ପତ୍ର **पत्र** ୩ । ପତ୍ର; ଚିଠି—3. Letter.
୪ । ଲେଖ—4. A writing.
ପାତା **पन्ना** ୫ । ପୁସ୍ତକର କାଗଜ—5. The leaf of a book.
[ଦ୍ର—ପୁସ୍ତକର ପ୍ରତ୍ୟେକ ପତରରେ ୨ ପୃଷ୍ଠା ଥାଏ ।]
ପାତା ୬ । ଖାଇବା ପାଇଁ ପକାଯିବା ପଦ୍ମ ଓ କଦଳୀପତ୍ର—
पत्तल 6. A plantain or lotus leaf on which food is served.
ପାং **पत्ती** ୭ । ଛୁରୀ ବା ଖଣ୍ଡାଦିର ଲମ୍ବ ଓ ପତଳା ଫଳକ—
7. Thin blade of knife or sword.
୮ । ଧୂଆଁପତ୍ର—8. Tobacco leaves.
୯ । ଲେଖନଦ୍ୱାରା ଲେଖିବା ପାଇଁ ବ୍ୟବହୃତ ତାଳପତ୍ର—
9. Palm leaf used for writing upon with iron stylos.
ପ୍ରାଦେ. (ଆଠମଲ୍ଲିକ) ବି—ପାନ—Betel-leaf.

ପତର ଉଠା(ଠେ)ଇବା—ଦେ. କ୍ରି—ଖାଇସାରିବା ପରେ ଅଇଁଠା ପତ୍ରକୁ
Patara uṭhā (ṭhe) ibā ଖାଇବା ସ୍ଥାନରୁ ଉଠାଇ ନେବା—
ପାତା ଓଠାନ To clear away the leaves on which people have eaten.
पत्ता उठाना

ପତର କଟା—ପ୍ରାଦେ. (ସମ୍ବଲପୁର) ବି—(ଯେଉଁମାନେ ତାଳପତ୍ର କାଟି
Patara kaṭā ଲେଖନ୍ତି) କରଣଜାତି—The writer or Karaṇa caste.
ପତର କଟା, ଚଲ୍ଲର କଟା, ଗଉଡ଼ ଣୀ, ମାଇ
ଏ ଗୁରୁ ଜାତକ ବିଶ୍ୱାସ ନାହିଁ—ସମ୍ବଲପୁର ପ୍ରବଚନ ।

ପତର କାଟିବା—ଦେ. କ୍ରି—୧ । ଭୋଜନ ପାଇଁ ବ୍ୟବହୃତ ହେବା
Patara kāṭibā ନିମନ୍ତେ କଦଳୀ ଗଛରୁ ପତ୍ର ଦାଆ ଆଦିଦ୍ୱାରା
ପାତା କାଟା କାଟିବା—1. To cut plantain leaves
पत्ता काटना from the trees for being used as plates during meal.
୨ । ଲେଖିବା ପାଇଁ ତାଳପତ୍ରର ପାର୍ଶ୍ୱସ୍ଥ ଅଂଶମାନ ଲେଖନଦ୍ୱାରା ସଜାଡ଼ି କରି କାଟିବା—2. To cut the edges of a palm leaf with the blade of a Lekhana (iron pen) to make it of proper size for writing upon.

ପତର କୁଡ଼ିଆ—ଦେ. ବି. (ସଂ. ପତ୍ର କୁଟୀ)—ପତ୍ର କୁଟୀର; ପର୍ଣ୍ଣ—
Patara kuṛiā A hut of leaves.
ପাতার কুড়ে ঘর **पत्रकुटी**

ପତରଖଣ୍ଡି ଦିଖଣ୍ଡି କରିବା—ଦେ. କ୍ରି—କିଛି ମାତ୍ର କାମ ନ କରି ନିଷ୍କର୍ମା
Patara khaṇḍi dikhaṇḍi karibā ହୋଇ ବସି ରହିବା—
(ପତର ଖଣ୍ଡିକ ଦଖଣ୍ଡି ନ କରିବା—ଅନ୍ୟରୂପ) To idle way one's time.
ମାମୁଁ ଘରେ ବସି ସେ ପତର ଖଣ୍ଡି ଦିଖଣ୍ଡି କରୁଛି—ଚଗ ।

ପତର ଗୋଟା(ଟେ)ଇବା—ଦେ. କ୍ରି—ଜାଳ କରିବା ପାଇଁ ଗଛରୁ
Patara goṭā(ṭe)ibā ଝଡ଼ିଥିବା ଶୁଖିଲା ପତ୍ରମାନ ଓଲାଇ କରି
পাতা গুটান ସଂଗ୍ରହ କରିବା—To gather the fallen leaves
पत्ता बिछाना, पत्ता खररना which have dropped from trees for the purpose of fuel.

ପତର ଗୋଟିଆ--ଦେ. ବିଣ. ପୁଂ--୧ । କାଷ୍ଠ ଅଭାବରୁ ଚୁଲିରେ ଜାଳିବା
Patara goṭiā ନିମନ୍ତେ ଯେ ଗଛରୁ ଝଡ଼ିଥିବା ଶୁଖିଲା ପତ୍ର
ପତର ଗୋଟେଇ } ସ୍ତ୍ରୀ ସଂଗ୍ରହ କରେ—1. One who gathers dry leaves fallen from
ପତର ସାଉଁଣୀ }
(ପତର ସାଉଁଣ୍ଟା—ଅନ୍ୟରୂପ) trees to use as fuel.
पत्ता खररनेवाला ୨ । ଅତି ଗରିବ—2. Very poor.

ପତର ଚଟା—ଦେ. ବି ଓ ବିଣ. ପୁଂ ଓ ସ୍ତ୍ରୀ. (ଗାଳିରେ ବ୍ୟବହୃତ)—
Patara chaṭā ଅଇଣ୍ଠାଖିଆ (ଦେଖ)—Ainṭhākhiā (See)
পাতা চাটা **जुठाखाना, जुठाखोर**

ପତର ଚାଟିବା—ଦେ. କ୍ରି—ଅଇଣ୍ଠା ଖାଇବା (ଦେଖ)
Patara chāṭibā Ainṭhā khāibā (See)
পাতা চাটা **जुठाखाना**

ପତର ଝଡ଼ା ଦେ. ବି—ଶୀତ ଋତୁରେ ଗଛମାନଙ୍କରୁ ପତ୍ରସବୁ ଝଡ଼ି
Patara jhaṛā ପଡ଼ିବା—1. The falling of leaves from trees in winter.
পাতা ঝড়া **पत झड़**
[ଦ୍ର—ପୁଷ ଓ ମାଘ ମାସରେ ଅଧିକାଂଶ ଗଛରୁ ପୁରୁଣା ପତ୍ରମାନ ଝଡ଼ି ପଡ଼େ ଓ ବସନ୍ତ ଋତୁ (ଫଗୁଣ ଓ ଚୈତ୍ର) ରେ ଗଛରେ ନୂଆ ପତ୍ରମାନ କଅଁଳେ ।]
୨ । (ଲକ୍ଷଣାର୍ଥ) ଶୁଖିଯିବା—2. The state of becoming shrivelled and shrunk.
(ପତରଝଡ଼ାହେବା—କ୍ରିୟା)
(ଯଥା—ଏତେ ଖାଇ ଏତେ ପିଇ ସେ ପିଲାଟା ପତରଝଡ଼ା ହଉଚି ।)

ପତର ତୁରୁକି—ପ୍ରାଦେ. (ବସ୍ତର) ବି—ଗଧିଆ ବାଘ—
Patara turuki Wolf; hyena.

ପତର ନନ୍ଦା—ଦେ. ବି—କୃତଘ୍ନତା—
Patara nindā (ପତର ନନ୍ଦିବା—କ୍ରିୟା) Ungratefulness.

ପତର ନନ୍ଦୁରା ଦେ. ବିଣ. ପୁଂ—ନମକ ହାରାମ; ଅକୃତଜ୍ଞ—
Patara nindurā Ungrateful.
(ପତର ନନ୍ଦୁରୀ— ସ୍ତ୍ରୀ) (ପତର ହଗା, ପତର ହଗୁରା—ଅନ୍ୟରୂପ)

ପତର ପକା(କେ)ଇବା—ଦେ. କ୍ରି—୧ । ଖାଇବା ପାଇଁ କଦଳୀ ଆଦର
Patara pakā(ke)ibā ପତ୍ର ତଳେ ବିଛାଇବା—
পাতা পাড়া, পাতাকরা 1. To spread plantain or other
पत्तल डालना leaves on the ground over which meal will be served.
୨ । ଅଇଁଠା ପତ୍ରକୁ ଉଠାଇ ନେଇ ବାହାରକୁ ନିକ୍ଷେପ କରିବା—
2. To throw the leaves used as plates during a meal.

ପତର ପାଣି—ଦେ. ବି—୧ । ଖାଇବା ନିମନ୍ତେ ପତର ବିଛାଇବା ଓ ତହିଁ
Patara pāṇi ଉପରେ ପାଣି ଛିଞ୍ଚିବା—The spreading of plantain leaves and sprinkling water over them preparatory to the serving of food thereon.
୨ । ଖାଇବା ପତ୍ର ଉପରେ ପାଣି ଛିଞ୍ଚିଲା ପରି ସାମାନ୍ୟ ବିନ୍ଦୁପାତ ସହ ବର୍ଷା ହେବା—2. Raining in very small drops.

ପତର ପାଣିଆ(ଆଁ)—ଦେ. ବି—ଖାଇବା ପତ୍ରରେ ପାଣି ଛିଞ୍ଚିବା ଭଳି
Patara pāṇiā(āṅ) ଅତି ସାମାନ୍ୟ ବର୍ଷା—A sprinkling shower; drizzle.

ପତର ପୋଡ଼ା—ଦେ.ବି—ଶାଗ ବା ଚୂନା ମାଛ ଆଦିରେ ଲୁଣ, ବେସର,
Patara poṛā ହଳଦି, ତେଲ ଆଦି ଗୋଳାଇ ପତ୍ରରେ ପୁଡ଼ା
(ପତରପୁଡ଼ା—ଅନ୍ୟରୂପ) ବାନ୍ଧି ନିଆଁରେ ପୋଡ଼ି ପ୍ରସ୍ତୁତ କରାଯିବା ବ୍ୟଞ୍ଜନ—Curry prepared by putting pot-herbs, or small fish etc in a packet wound over with leaves and burnt in charcoal fire.

ପତର ଫଳ—ପ୍ରାଦେ. (ମେଦିନୀପୁର) ବି—ଜହ୍ନି—
Patara phala Luffa Acutangula

ପତର ଫୁଟା—ପ୍ରାଦେ. (ସମ୍ବଲପୁର)ବି—ରାତି ପାହିବା; ଫମର ଫାଟିବା—
Patara phuṭā Dawn; break of day.

ପତର ମୂଷା(ଷି) ଦେ. ବି. (ସଂ. ପତ୍ର ଓ ମୂଷିକ)—କାହାଣୀରେ
Patara mūshā(shi) ବର୍ଣ୍ଣିତ ଛେଳି (ଏ ଛେଳି ପଙ୍କରେ ଲୋଟି ଶୁଖିଲାରେ ପତର ଝଡ଼ିଥିବା ସ୍ଥାନରେ ଗଡ଼ି ଦେହସାକ ପତ୍ରରେ ଆବୃତ ହୋଇ ଗୋଟିଏ କିଂଭୂତ ରୂପ ଧାରଣ କରିଥିଲା—
(folk tale) A goat (which rolled in mud and then rolled over ground strewn leaves which struck to the mud on its body and made it very weird-looking.
ପ୍ରଶ୍ନ—ପତର ମୂଷି ଲୋ ପତର ମୂଷି ! ମିଁ କ ଦେଖିଛୁ କ ?
ଉତ୍ତର—ମୁଁ କ ଜାଣେ ମିଁ ଫିଁ, ମୁଁ ଯାଉଥିଲି ରଜ ଘର
ପତର ଛିଁ - କାହାଣୀ ।

ପତର ଲଛା—ପ୍ରାଦେ. (ଗଡ଼ଜାତ) ବି—ସମ୍ବାଳୁଆ ପରି ଏକପ୍ରକାର
Patara lachhā ପୋକ—A kind of poisonous caterpillar; geometrid worm.
(ପତର ଲେଛା – ଅନ୍ୟରୂପ)
[ଦ୍ର—ଏମାନେ ଭେଣ୍ଡି ଓ ଜହ୍ନି ପତରରେ ଥାଆନ୍ତି । ତାଙ୍କ ଦେହରେ ରୁମ ନ ଥାଇ କଣ୍ଟା ଥାଏ । ସେହି କଣ୍ଟା ମନୁଷ୍ୟ ଦେହରେ ଲାଗିଗଲେ ଲକ୍ଷଣ ଛାଇଲା (ଯୋଡ଼ା ଲୁହାରେ ଚଆଁ ଦେଲା) ଭଳି ଜ୍ୱାଳା ଜଣାଯାଏ । ଏମାନେ ୨।୩ ଅଙ୍ଗୁଳ ଲମ୍ବ ଓ ଏମାନଙ୍କ ଆଗରେ ଓ ପଛରେ ପୁଞ୍ଚାଏ ଲେଖାଏ ଟିକିଟିକି ଗୋଡ଼ ଥାଏ । ଏହି ଗୋଡ଼ଦ୍ୱାରା ଏମାନେ ଡେଇଁ ଡେଇଁ ଚାଲନ୍ତି ।]

ପତର ଶଉରା—ଦେ. ବି. ପୁଂ. (ସଂ. ପତ୍ର ଶବର)—ଏକପ୍ରକାର
Patara śaurā ଜଙ୍ଗଲୀ ଅସଭ୍ୟ ଜାତି; ବନ୍ୟ ଶବରଜାତି—
ପତର ଶଉରାଣୀ }
ପତର ଶଉରୁଣୀ } ସ୍ତ୍ରୀ An aboriginal hill-tribe.
ବଣ ଡେଙ୍ଗାଙ୍କ ପତର ଶଉରୁଣୀ ଜୁଆଁ—ଢଗ ।

ପତର ସାଉଣ୍ଟା ଦେ. ବି ଓ ବିଣ. ପୁଂ—ପତର ଗୋଟିଆ (ଦେଖ)
Patara sāunṭā Patara goṭiā (See)
(ପତର ସାଉଣ୍ଟୀ; ପତର ସାଉଣ୍ଟେଣି—ସ୍ତ୍ରୀ)
(ପତର ସାଉଣ୍ଟିବା କ୍ରିୟା)

ପତର ସିଇଁବା—ଦେ. କ୍ରି—ଶାଳ ଆଦି ଗଛର ପତରମାନଙ୍କୁ ବଡ଼
Patara si-iṅbā ଖଲିପତ୍ର କରିବା ସକାଶେ ଖଡ଼ିକାଦ୍ୱାରା
(ପତର ସେଇଁବା—ଅନ୍ୟରୂପ) ସେଇଁବା—To sew small sāla leaves on their edges to make up larger circular plates for meal.

ପତର ସିଜୁ(ଝୁ)—ଦେ. ବି. (ସଂ. ପତ୍ର + ସୀହୁଣ୍ଡ)—ପତରିଆ ସିଜୁ
Patara siju(jhu) (ଦେଖ)—Patariā siju (See)

ପତର ସୁନା—ଦେ. ବି—ପତଳା ପତ୍ର ଆକାରରେ ପ୍ରସ୍ତୁତ ଉତ୍କୃଷ୍ଟ ସୁନା—
Patara sunā Leaf gold; excellent gold made into thin leaves.
পাৎ সোনা **पत्तर सोना**
(ଉତ୍ତମ ସୁନା—କପଞ୍ଚିତ)

ପତରିଆ ସିଜୁ(ଝୁ)— ଦେ. ବି. (ସଂ. ପତ୍ର + ସୀହୁଣ୍ଡ)—ସୀଜ କଣ୍ଟକୀ
Patariā siju(jhu) ତରୁବିଶେଷ—Euphorbia Nivulia; Euphorbia Lengularia.
ସଂ. ମନସା, ସ୍ନୁହୀ, ବଜ୍ର, ସେହୁଣ୍ଡ
মনসাসিজ; পাতাসিজ [ଦ୍ର—ଏ ଗଛ ଝାମ୍ପୁଡ଼ା, ବକଲ ମୋଟା,
थुहर କଣ୍ଟା ଯୋଡ଼ା ଯୋଡ଼ା, ପତ୍ର ମୋଟ, ମସୃଣ, ମସକା ଓ ଲମ୍ବ ଓ ପତ୍ରର ଅଗ ଗୋଲ ।]

ପତରୁ—ସଂ. ବିଣ. (ପତ୍ ଧାତୁ + କର୍ତ୍ତୃ. ଅରୁ)—ଗମନଶୀଳ—
Pataru Moving.

ପତଲ—ପ୍ରାଦେ. (ବସ୍ତର) ବିଣ—ପତଳା—
Patala Thin.

ପତଲନ୍(ମ୍)—ବୈଦେ. ବି. (ଇଂ ପାଣ୍ଟାଲୁନ୍)—ପାଇଜାମା—
Patalan(m) পেন্টুল **पतलून** Trousers; drawers.
[ପେଣ୍ଟାଲୁନ୍(ମ୍); ପଟଲୁନ୍(ମ୍)—ଅନ୍ୟରୂପ]

ପତଳା—ଦେ. ବିଣ.(ସଂ.ପତ୍ରତୁଲ୍ୟ ବା ପତ୍ରଲ; ସଂ. ପ୍ରାକୃତ; ପା. ପାତ୍ତଡ଼)—
Patalā ୧ । ପାତଳ; ସରୁ; ଯାହାର ବେଧ ଅତି କମ—
পাতলা **पतला, पतोल** 1. Thin; fine

(ପତଳୀ—ସ୍ତ୍ରୀ) (ଯଥା—ପତଳା ଲୁଗା ।)
ପତଳାପଣ
ପତଳାପଣିଆ(ଆଁ) } ବି ୨ । ଛଡ଼ାଛଡ଼ା; ଅଘନ—2. Sparse.
(ଯଥା—ପତଳା ବାଳ ।)
୩ । ଶୀର୍ଣ୍ଣ—3. Lean.
(ଯଥା—ପତଳା ଦେହ; ପତଳା ମନୁଷ୍ୟ ।)
୪ । କ୍ଷୀଣ; ଦୁର୍ବଳ—4. Slender; weak.
୫ । ଅତ୍ୟନ୍ତ ତରଳ—5. Very watery; liquid.
(ଯଥା—ପତଳା ଝାଡ଼ା ।)
୬ । ଧୈର୍ଯ୍ୟହୀନ (ମନ)—
6. Impatient; nervous (mind).

ପତଳା କରିବା—ଦେ. କ୍ରି—ଗାଢ଼ ପଦାର୍ଥକୁ କୌଣସି କ୍ରିୟାରେ ତରଳ କରି ଦେବା—To liquefy a solid.
Patalā kariba
পাতলা করা **पतला करना**

ପତଳା କାନ—ଦେ. ବି—୧ । ଗୁଜୁବ ଶୁଣିବା ପ୍ରବୃତ୍ତି; ଅଯଥା ବିଶ୍ୱାସ କରିବା ଖୋଇ—1. Credulousness.
Patalā kāna
কান পাতলা ୨ । ଅତି ଚୁପ୍‌ଚୁପ୍ କଥା ଶୁଣି ପାରିବାର ଶକ୍ତି—
पतला कान 2. The power of hearing very lowly uttered talk.

ପତଳା କାନି(ନୁ)ଆ(ଆଁ)—ଦେ. ବିଣ. ପୁଂ—୧ । ଯେଉଁ ଲୋକ ଗୁଜୁବ ଶୁଣି ହଠାତ୍ ବିଶ୍ୱାସ କରେ—1 Credulous.
Patalā kāni(nu)ā(ān)
কান পাতলা **कान पतला**
(ପତଳା କାନା)—ଅନ୍ୟରୂପ) ୨ । ଯେଉଁ ଲୋକ ଅତି ଚୁପ୍ ଚୁପ୍ କଥା ଶୁଣି ପାରେ—
ପତଳାକାନୀ
ପତଳା କାନେଇ(ଈଁ) } ସ୍ତ୍ରୀ 2. Having the power of hearing very low sound.

ପତଳା ଚମ—ଦେ. ବି. (ସଂ. ପାତ୍ରଳ+ଚର୍ମ)—ପତଳା ଚମଡ଼ା—
Patalā chama Thin skin.
পাতলা চমড়া **पतला चमड़ा** (ପତଳା ଚମଡ଼ା—ଅନ୍ୟରୂପ)

ପତଳା ଝାଡ଼ା—ଦେ. ବି—ତରଳଥିବା ଝାଡ଼ା—
Patalā jhārdā Loose stools.
পাতলা দাস্ত **पतला झाड़ा**
(ପତଳା ଦସ୍ତ, ପତଳା ବାହାରକୁ, ପତଳା ପୋଖରୀ—ଅନ୍ୟରୂପ)

ପତଳା ନିଦ—ଦେ. ବି—ଯେଉଁ ନିଦ ଅତି ସାମାନ୍ୟ ଓ କ୍ଷୀଣ ଶବ୍ଦରେ ମଧ୍ୟ ଭାଙ୍ଗି ଯାଏ; ଛଇ ନିଦ—
Patalā nida
পাতলা ঘুম **पतला नींद** Very light sleep.

ପତଳା ଲୁଗା—ଦେ. ବି—ସୂକ୍ଷ୍ମ ବସ୍ତ୍ର—
Patalā lugā Fine texture; fine cloth.
পাতলা কাপড় **पतला कपड़ा** (ପତଳା କପଡ଼ା—ଅନ୍ୟରୂପ)

ପତଳୀ—ଦେ. ବି—ପତଳାର ସ୍ତ୍ରୀଲିଙ୍ଗ—
Patalī Feminine of Patalā
পাতলী ପ୍ରାଦେ. (ସମ୍ବଲପୁର) ବି—ବେଙ୍ଗଲା (ଦେଖ)
पतली Bengalā (See)

ପତା—ଦେ. ବି. (ସଂ. ପତ୍ର)—୧ । ଆଖିର ଉପରସ୍ଥ ପିଛଡ଼ା, ପଲକ—
Patā পাতা **पपोटा** 1 Eye lid.

পাত্তা, পত্তা ୨ । ସାନ ବାଲଥିବା ମାଛ ବା ବାଲଥିବା ପତକା—
पत्ता, पता 2. Small Bālia fish.
୩ । (ସଂ. ପ୍ରତ୍ୟୟ; ପ୍ରା. ପତ୍ତଅ=ଜ୍ଞାତ ହି. ଶ.) ବସ୍ତୁର ବା ବ୍ୟକ୍ତିର ଅବସ୍ଥିତି ସମ୍ବନ୍ଧେ ପରିଚୟ ବା ସୂଚନା; ଠିକଣା—
3. The whereabouts of a person or thing.
୪ । ଚିହ୍ନ—4. Trace; token.
୫ । ଖବର; ସମ୍ବାଦ—5. News.
ମାଛ ବାପ ମାଉ ନାହି କୁଳ ଓ ଦେଶର ପତା ନ ଲଗିବାରୁ ବର କନ୍ଯୁସ ନାହିଁ ।
ଫକୀରମୋହନ. ଗଳ୍ପସ୍ବଳ୍ପ ।
୬ । ହଜିଥିବା ବସ୍ତୁର ସନ୍ଧାନ; ଖୋଜ—6. Information about a lost or missing thing; clue.
୭ । କୌଣସି ବ୍ୟକ୍ତିଙ୍କର ରହିବା ସ୍ଥାନର ଠିକଣା—
7. The address of a person.
୮ । ଗୂଢ଼ ତତ୍ତ୍ୱ; ରହସ୍ୟ—8. Secret.

ପତା(ତେ)ଇବା—ଦେ. କ୍ରି. (ସଂ. ପାତି ଧାତୁ)—
Patā(te)ibā ୧ । ପାତିତ କରିବା—1. To lay down.
পাতান, পাতা ୨ । (କର) ପ୍ରସାରିତ କରିବା; ବଢ଼ାଇବା—
फैलाना 2. To extend.
କେ କଥରେ କର କ ପିଙ୍ଗି କର ପତାଇ । ରଘୁନାଥ- ଭକ୍ତ,ଲୀଳା ।
୩ । ଆଘାତ ଅପେକ୍ଷାରେ ମୁଣ୍ଡକୁ ବା ଶରୀରର କୌଣସି ଅଙ୍ଗକୁ ଦେଖାଇବା; ଆଡ଼ିବା—2. To show one's head or other limb ready to receive a blow.
୪ । (ସଂ. ପ୍ରତ୍ୟୟ) ପ୍ରତ୍ୟୟ କରିବା; ବିଶ୍ୱାସ କରିବା—
4. To be confident; to trust.
(ଯଥା—ଏଡ଼େ ବଡ଼ କାମ କରିବାକୁ ମୋ ଛାତି ପତାଉ ନାହିଁ । ଛାତି ପତାଇବା=ମନରେ ସାହସ ହେବା)

ପତାକା—ସଂ. ବି. (ପତ୍ ଧାତୁ=ଯିବା+କର୍ତ୍ତୃ. ଅକ+ଆ)—
Patākā ୧ । ନିଶାଣୀ; ଧ୍ୱଜା; ଅଗରେ ଇତସ୍ତତଃ ସଞ୍ଚାଳିତ ବସ୍ତ୍ର ଖଣ୍ଡ ଯୁକ୍ତ ଦଣ୍ଡ—1. Flag; ensign; banner; standard.
୨ । ନିଶାଣ; ଚିହ୍ନ; ଲକ୍ଷଣ—
2. Mark; sign; symbol; emblem; token.
୩ । ନାଟକର ଅଙ୍ଗବିଶେଷ—3. Episode or episodical incident in a drama. (M. W)
[ଦ୍ର—ଯେଉଁ ସ୍ଥଳରେ ନାଟକୀୟ କଣେ ପାତ୍ରର ଚିନ୍ତାଗତ ଭାବର ବା ବିଷୟର ଅନ୍ୟ ଆଗନ୍ତୁକ ପାତ୍ରର ଭାବ ବା ବିଷୟଦ୍ୱାରା ପୋଷଣ ହୁଏ ସେଠାରେ ପତାକା ହୁଏ । ହି. ଶ.]
୪ । ସୌଭାଗ୍ୟ—4. Prosperity; good fortune.
୫ । ଜ୍ୟୋତିଷିକ ରକ୍ଷା-ଚକ୍ରବିଶେଷ—5. An astrological figure employed as a charm.
୬ । ଦଶ ଖର୍ବ ସଂଖ୍ୟା; ଦଶ ହଜାର କୋଟି ସଂଖ୍ୟା—
6. One trillion (number).
ଦେ. ବି—ଶ୍ରେଷ୍ଠତା; ପ୍ରତିଷ୍ଠା; ଉତ୍କର୍ଷ—
Distinction; excellence; superiority,

ରୂପରେ କେଳଡ଼ ଉପରେ ପତାକା ବନ୍ଧଥିଲ ଯେ କ୍ଷଣକ ।
କବିସୂର୍ଯ୍ୟ, ଖତୋଦକଲ୍ଲୋଳ ।

ପତାକା ଦଣ୍ଡ—ସଂ. ବି. (୬ଷ୍ଠୀ ତତ୍; ପତାକା+ଦଣ୍ଡ)—
Patākā daṇḍa ଯେଉଁ ବାଉଁଶ ବା କାଠର ଲମ୍ବ ସରୁ ଦଣ୍ଡର ଅଗରେ ପତାକାର କନା ଲଗିଥାଏ—Flagstaff.

ପତାକିକ—ସଂ. ବିଣ (ପତାକା+ଇକ)—
Patākika ୧ । ଧ୍ୱଜ ଯୁକ୍ତ—1. Furnished with a flag.
୨ । ଧ୍ୱଜଧାରୀ—2 Carrying a flag.

ପତାକୀ—ସଂ. ବିଣ. (ପତାକା+ଇନ୍; ୧ମା. ୧ବ.)—
Patākī ପତାକାଧାରୀ—Having a standard; standard-bearing.
(ପତାକିନୀ—ସ୍ତ୍ରୀ)
ସଂ. ବି—୧ । ପତାକୀ ଚକ୍ର (ଦେଖ)
1. Patākī chakra (See)
୨ । ରଥ—2. Car; chariot.
୩ । ସେନା—3. Army.
୪ । ପତାକାଧାରୀ ବ୍ୟକ୍ତି—4. Standard-bearer.
୫ । ପତାକା—5. Flag. (M. W)

ପତାକୀ ଚକ୍ର—ସଂ. ବି—(ଜ୍ୟୋତିଷ) ଶିଶୁର ରିଷ୍ଟ ଗଣନାର୍ଥେ ଅଙ୍କିତ ଗ୍ରହ ଚକ୍ରବିଶେଷ—(astrology) A
Patākī chakra circle drawn to calculate the evil influence on a child of planets at its birth.

ପତାଙ୍ଗି—ପ୍ରାଦେ. (ସମ୍ବଲପୁର) ବି. (ସଂ. ପତଙ୍ଗ)—କାଗଜର ଗୁଡ଼ି—
Patāṅgi Flying kite; paper-kite.

ପତାଣ୍ଡି—ପ୍ରାଦେ. (ଗଡ଼ଜାତ) ବି—ମାଣ୍ଡିଆ ଓ ଧାନର ଅଗାଡ଼ି—
Patāṇḍ Chaff of paddy or Māṇḍiā grain.

ପତାଣ୍ଡି ଅଗାଡ଼ି—ପ୍ରାଦେ. (ଗଡ଼ଜାତ) ବି—ଯେଉଁ ଧାନର ଅଗାଡ଼ି
Patāṇḍi agāṛḍi ଭିତରେ କିଛି ମାତ୍ର ଶସ୍ୟ ନ ଥାଏ—
Empty chaff of paddy.

ପତା ଲାଗିବା—ଦେ. ବି.—ସନ୍ଧାନ ମିଳିବା; ଠିକଣା ମିଳିବା—
Patā lāgiba Trace of one's whereabouts; clue to some matter.
(ପତା ମିଳିବା—ଅନ୍ୟରୂପ)

ମାଙ୍କ ବାପ ମାଉ ଜାତି କୁଳ ଓ ଦେଶର ପତା ନ ଲାଗିବାରୁ ବର କୁଆଡ଼େ ନାହିଁ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପତାଲେଇ(ହି)—ଦେ. ବି. (ସଂ. ପତ୍ର ଓ ଲିହ ଧାତୁ=ଚାଟିବା; ଏମାନେ
Patalei(hi) ଗଛର ପତ୍ର ଖାଇବାରୁ)—ସମ୍ବାଳୁଅ—
Caterpillar.

[ଦ୍ର—ଏମାନେ ଗଛର ଡାଳ ପତ୍ର ଆଦିରେ ଜାବୁଡ଼ି କରି ଲାଗି ରହି ପତ୍ରକୁ ଖାଇ ଯାଆନ୍ତି । ଏଥିପାଇଁ ଯେଉଁ ଲୋକ ଅନ୍ୟ ଲୋକ ସଙ୍ଗରେ ନାଛୋଡ଼ବନ୍ଦା ହୋଇ ଲାଗି ଥାଏ ଓ ତାର ସର୍ବନାଶ ଘଟାଏ ତାକୁ କହନ୍ତି ସେ ତା ସାଙ୍ଗେ ପତାଲେଇ ଭଳିଆ ଲାଗିଛି ।]

ପତି—ସଂ. ବି. ପୁଂ. (ପା ଧାତୁ=ରକ୍ଷା କରିବା+କର୍ତ୍ତୃ. ଅତି)—
Pati ୧ । ପାଳକ; ରକ୍ଷକ—1. Protector; preserver.
(ପତ୍ନୀ—ସ୍ତ୍ରୀ) ୨ । ପ୍ରଭୁ; ମାଲିକ—2. Lord; master.
୩ । ଭର୍ତ୍ତା; ସ୍ୱାମୀ—3. Husband.
୪ । ନାୟକ; ନେତ୍ରୀ; ଚାଳକ—4. Leader; guide.
୫ । ଦ୍ରବ୍ୟାଦିର ଅଧିକାରୀ—5. Owner; possessor.
୬ । ରାଜା—6. King; sovereign.

କହଇ କୃଷ୍ଣବିହ ଧର୍ମକୋଷ ପତି ।
କୃଷ୍ଣସିଂହ. ମହାଭାରତ. ବନ ।

ଦେ. ବି. (ସଂ. ପତ୍ର) ଗଞ୍ଜେଇ ଗଛର ପତ୍ର—
सिद्धि सबजी भांग 2. The leaves of Cannabis Sativa.
୩ । (ସଂ. ପଦ୍ଧତି) ବ୍ରାହ୍ମଣଙ୍କ ଉପାଧିବିଶେଷ—
3. Family title of some Brāhmaṇs.
ଯଥା—କୁଣ୍ଡି ନାହିଁ, ବାଡ଼ି ନାହିଁ ଶଙ୍ଖବାସ ପତି ।)
୪ । (ଜାତି ଶବ୍ଦ ସଙ୍ଗେ ସହଚର ରୂପେ ବ୍ୟବହୃତ; ଜାତିପତି)—
ସମାଜ—4 Society.
(ଯଥା—ସେ ମଦ ଖାଇ ଜାତିରୁ ଗଲା ପତିରୁ ଗଲା ।)
ଦେ. (ପ୍ରାଚୀନ ପଦ୍ୟ) ବିଣ.—ପତିତ—Fallen.

ଲୁଚିଲୁ ଚନ୍ଦ୍ରଗଣର ଅନ୍ତରେ ସୁମନ୍ତ ମଣ୍ଡଳ ଲଭି କି କପରିପତି ହେ
ଜଳଧର ! ଭଞ୍ଜ. ପ୍ରେମସୁଧାନିଧି ।

ପ୍ରାଦେ. (ଗଡ଼ଜାତ) ବି.—ଏକ ପ୍ରକାର ଅଭିମନ୍ତ୍ରିତ ଜଡ଼ି—
A kind of charm.

[ଦ୍ର—ଶ୍ୱେତ ଅପରାଜିତା ପତ୍ରକୁ ଅଭିମନ୍ତ୍ରିତ କରି ବାଘର ଖୋଜକୁ ଉଣ୍ଡି, ଅକ୍ଷତ ଖୋଜ ଚିହ୍ନ ଉପରେ ଉକ୍ତ ପତ୍ରକୁ ପକାଇଲେ, ବାଘ ସେହି ବାଟେ ଫେରି ଆସେ ଓ ଶିକାରୀ ସେହି ବାଟକୁ ଜଗି ରହି ବାଘକୁ ମାରେ ।]

ପତିଆରା—ଦେ. ବି. (ସଂ. ପ୍ରତ୍ୟୟ; ପ୍ରା. ପତ୍ତିଆ)—୧ । ବିଶ୍ୱାସ; ଆସ୍ଥା—
Patiārā 1. Confidence; trust; reliance; faith.
पत्यारा ପତିଆରା ଯେବେ ନୋହୁଛ ତୁମ୍ଭର,
पतआरा ଲମ୍ପୁଦ ଭଗ ହେଲେ । ଉଦ୍ଧବ, ସାଆନ୍ତିଆ ବାହା ।
(ପତିଆର, ପତ୍ୟାସ—ଅନ୍ୟରୂପ) ୨ । ଜାମିନ୍; ପ୍ରତିଭୂ—
2. Surety; security.
୩ । ଖାତିର; ବ୍ୟବସାୟଗତ ସୁନାମ—
3. Credit in business; good will.
ଦେ. ବିଣ.—ବିଶ୍ୱସ୍ତ—Trust worthy; trusty.

ପତିଆରା ଉଠିଯିବା—ଦେ. ବି.—୧ । ଅନାସ୍ଥା—
Patiārā uṭhi jibā 1. Loss of confidence.
पत्यारा उठे जाना ୨ । ବ୍ୟବସାୟଗତ ସୁନାମର ଲୋପ—
पतआरा छूटजाना 2. Loss of business-credits.
(ପତିଆରା ବୁଡ଼ି ଯିବା; ପତିଆରା ଡୁବିଯିବା—ଅନ୍ୟରୂପ)

ପତିଆରା କରିବା—ଦେ. କ୍ରି.—ବିଶ୍ୱାସ କରିବା; ଆସ୍ଥା ରଖିବା—
Patiārā kariba To have trust in; to believe; to rely on.
पतियाना पत्याबाकरना पतिआना
(ପତିଆରା ଯିବା—ଅନ୍ୟରୂପ)

ପତିଆରା ଜାମିନ୍—ଦେ. ବି. (କଚିରଆ)—କୌଣସି ବ୍ୟକ୍ତିର କାର୍ଯ୍ୟ
Patiāra jāmin ନିମନ୍ତେ ଅନ୍ୟ ବ୍ୟକ୍ତି ଜାମିନ୍ ବା ପ୍ରତିଭୂ
पत्यारा जामिन ହେବା—1. Personal security.
पतआरा जामिनि ୨ । ଅନ୍ୟର କାର୍ଯ୍ୟ ପାଇଁ ଜାମିନ୍ ହେବା ବ୍ୟକ୍ତି—
(ପତିଆରା ଜାମିନ—ଅନ୍ୟରୂପ) 2, A person who stands surety for another.

ପତିଆଲା—ଦେ. ବି. (ନାମ)—ଉତ୍ତର ଭାରତର ରାଜପୁତ ରାଜ୍ୟବିଶେଷ—
Patiālā Patiala, name of a Rajput state in N. India.
(ପଟିଆଲା—ଅନ୍ୟନାମ)
[ଦ୍ର—ଏ ରାଜବଂଶ ସଙ୍ଗେ ଅଧୁନା ଉତ୍କଳର ଢେଙ୍କାନାଳ ଓ ସରାଇକଳା ରାଜବଂଶମାନଙ୍କର ବୈବାହିକ ସମ୍ବନ୍ଧ ସ୍ଥାପିତ ହୋଇଅଛି ।]

ପତିଂବରା—ସଂ. ବି. ସ୍ତ୍ରୀ. (ପତିଂ=ପତିଙ୍କୁ+ବୃ ଧାତୁ=ବରଣ କରିବା +କର୍ତ୍ତୃ. ଅ; ସ୍ତ୍ରୀ. ଆ)—୧ । ସ୍ୱୟଂବରା; ଯେଉଁ ସ୍ତ୍ରୀ ସ୍ୱୟଂ ପତି ନିର୍ବାଚନ କରି ବିବାହ କରନ୍ତି—1. A woman choosing a partner or husband for herself.
Patiṁbarā
(ପତିମ୍ବରା—ଅନ୍ୟରୂପ)
୨ । କଳାଜୀରା (ହି. ଶ.)—2. Black cuminseed.

ପତିକ—ସଂ. ବି—କାର୍ଷାପଣ ନାମକ ଏକ ପ୍ରାଚୀନ ମୁଦ୍ରା—
Patika An ancient coin of India

ପତିକାମା—ସଂ. ବିଣ. (ପତି+କାମ+ଆ)—ସ୍ୱାମୀ ପ୍ରାପ୍ତି ନିମନ୍ତେ ଇଚ୍ଛୁକା (ସ୍ତ୍ରୀ)—(a woman) Desiring to get a husband.
Patikāmā

ପତିଗତପ୍ରାଣ—ସଂ. ବିଣ. ପୁଂ. (ବହୁବ୍ରୀହି; ପତିଗତ ପ୍ରାଣ ଯାହାର)—
Patigataprāṇa ପତିଙ୍କଠାରେ ଏକାନ୍ତ ଅସକ୍ତ—Attached to one's lord or master.
(ପତିଗତପ୍ରାଣା—ସ୍ତ୍ରୀ)

ପତିଗତପ୍ରାଣା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି)—୧ । ପତିଗତପ୍ରାଣର ସ୍ତ୍ରୀଲିଙ୍ଗ—1. Feminine of Patigata prāṇa.
Patigataprāṇā
୨ । ସତୀ (ସ୍ତ୍ରୀ); ଯେଉଁ ସ୍ତ୍ରୀର ପ୍ରାଣ ପତିଙ୍କ ପ୍ରାଣ ସଙ୍ଗେ ଆବଦ୍ଧ, ଅର୍ଥାତ୍ ପତିଙ୍କ ପ୍ରାଣ ଗଲେ ଯେ ବଞ୍ଚି ପାରେ ନାହିଁ—2. (a woman) Whose life is exclusively dedicated to the service of her husband; devoted and chaste (woman).

ପତିଘାତି—ସଂ. ବିଣ. ପୁଂ—ଯେ ଅପଣା ପ୍ରଭୁ ବା ସ୍ୱାମୀଙ୍କୁ ହତ୍ୟା କରେ—
Patighāti Murdering one's master or lord.

ପତିଘାତିନୀ—ସଂ. ବିଣ. ସ୍ତ୍ରୀ. (ପତି+ହନ୍ ଧାତୁ+କର୍ତ୍ତୃ. ଇ; ନିପାତନ)—
Patighātini ୧ । ସ୍ୱାମୀ ହତ୍ୟାକାରିଣୀ—
(ପତିଘ୍ନୀ—ଅନ୍ୟରୂପ) 1. Killing her husband; murderess of her husband.
୨ । ଜ୍ୟୋତିଷ ବା ସାମୁଦ୍ରିକ ଅନୁସାରେ ଯେଉଁ ସ୍ତ୍ରୀର ଭାଗ୍ୟରେ ବୈଧବ୍ୟ ଯୋଗ ଥାଏ—2. (a woman) Who according to astrology or palmistry is destined to be a widow.

ପତିଘ୍ନ—ସଂ. ବିଣ. ପୁଂ—ପତିଘାତି (ଦେଖ)
Patighna Patighāti (See)
ସଂ. ବି—ଜ୍ୟୋତିଷ ବା ସାମୁଦ୍ରିକ ମତରେ ବୈଧବ୍ୟସୂଚକ ଯୋଗ ବା ଲକ୍ଷଣ (ହି. ଶ.)—Astrological indication of a woman becoming a widow.

ପତିତ—ସଂ. ବିଣ. (ସଂ. ପତ୍ ଧାତୁ+କର୍ତ୍ତୃ. ତ)—୧ । ପଡ଼ିଯାଇଥିବା—
Patita 1. Fallen.
(ପତିତା—ସ୍ତ୍ରୀ) ୨ । ପରାଜିତ—2. Defeated.
୩ । ଅଧୋଗତ; ଅଧୋଗାମୀ ହୋଇଥିବା—
3. Descended; lowered; fallen down.
୪ । ଚ୍ୟୁତ; ସ୍ଖଳିତ—4. Slipped.
୫ । ଅକର୍ଷିତ; ପଡ଼ିଆ—
5. Waste; uncultivated; fallow.
୬ । ଜାତିଚ୍ୟୁତ; ସମାଜ ବହିର୍ଭୂତ—6. Outcasted.
(ପତିତତା[ତ୍ୱ]—ବି) ୭ । ଜାତି ବା ବର୍ଣ୍ଣର ଉପଯୁକ୍ତ କ୍ରିୟାକର୍ମ କରୁ ନ ଥିବା; ଆଶ୍ରମଚ୍ୟୁତ—7. Not observing the duties of one's caste or society.
୮ । ଚଳିତ—8. Moved.
୯ । ଗଳିତ; କ୍ଷରିତ—
9. Oozed; flowing down.
୧୦ । ଧର୍ମଭ୍ରଷ୍ଟ; ପାପୀ—
10. Sinful; sinning; fallen from virtue.
୧୧ । ଆଗତ—11. Come; arrived.
୧୨ । ସ୍ୱଧର୍ମତ୍ୟାଗୀ—12. Apostate.
୧୩ । ଅତି ଅପବିତ୍ର (ହି. ଶ.)—
13. Very unholy or impure.
୧୪ । ଅତି ନୀଚ—14. Very low or mean.

ପତିତ ଜମି—ଦେ. ବି—୧ । ପଡ଼ିଆ ଜମି—1. Waste land; land which is lying fallow.
Patita jami
পতিত জমি ୨ । ଅନାବାଦ ଜମି; ଯେଉଁ ଜମିରେ କୃଷି ହୋଇ
पतती जमीन ପାରେ ନାହିଁ—2. Uncultivable waste land.
(ପତିତଭୂମି—ଅନ୍ୟରୂପ)

ପତିତ ଜାତି—ଦେ. ବି—୧ । ଅସ୍ପୃଶ୍ୟ ବା ନୀଚ ଜାତି—
Patita jāti 1. Low caste.
পতিতজাত ୨ । ପାପୀ ଜାତି—2. Sinning people.
पतितजात ୩ । ପଦପଦଦଳିତ ଜାତି—
3. Downtrodden people.

ପତିତତ୍ରାହି—ଦେ. ବି. (ସଂ. ପତିତ+ତ୍ରୈ ଧାତୁ)—ପତିତପାବନ; ରାମ;
Patitatrāhi ବିଷ୍ଣୁ—Rāma; Saviour of the sinful.
(ପତିତତ୍ରାଣ—ଅନ୍ୟରୂପ) ବଡେଇ ମୋ ପତିତତ୍ରାହି ଦୂତ ସୁବେଳେ ସୁ-ବଳ ଗଁଭ ଯେ—ଉଷ. ଚୌଦେଶୀଗରକାସ ।

ପତିତ ପାବନ—ସଂ. ବିଣ. ପୁଂ—ପାପୀର ତ୍ରାଣକାରୀ; ପାପୀର ଉଦ୍ଧାରକାରୀ; ପାପୀଙ୍କୁ ଯେ ଉଦ୍ଧାର କରେ—
Patita pābana
(ପତିତ ପାବନୀ—ସ୍ତ୍ରୀ) Saviour; purifying the sinful.
(ପତିତତ୍ରାତା—ଅନ୍ୟରୂପ)
[ଦ୍ର—ଦେବମାନଙ୍କୁ ପତିତପାବନ ଓ ଦେବୀମାନଙ୍କୁ ପତିତପାବନୀ ସମ୍ବୋଧନ କରାଯାଏ ।]
ସଂ. ବି. ପୁଂ—ପାପୀର ତ୍ରାଣକର୍ତ୍ତା; ଈଶ୍ୱର—
God; the Saviour of the sinful.

ଦେ. ବି—୧ । ପୁରୀ ଜଗନ୍ନାଥଙ୍କ ସିଂହଦ୍ୱାର ଗୁମୁଟର କାନ୍ଥରେ ପ୍ରତିଷ୍ଠିତ ଜଗନ୍ନାଥଙ୍କ ମୂର୍ତ୍ତି—1. The image of the Deity Jagannātha just inside the lions-gate of the Puri temple.

[ଦ୍ର—ଅସ୍ପୃଶ୍ୟ ଜାତିମାନେ ମନ୍ଦିର ବା ବେଢ଼ା ଭିତରକୁ ଯାଇ ନ ଥିବାରୁ ସିଂହଦ୍ୱାର ନିକଟରେ ଏହି ପତିତପାବନଙ୍କୁ ଦର୍ଶନ କରନ୍ତି]

୨ । ଦେବାଳୟମାନଙ୍କରେ ପ୍ରତିଷ୍ଠିତ କେବଳ ଜଗନ୍ନାଥଙ୍କ ମୂର୍ତ୍ତି—2. The image of Lord Jagannātha only set up and worshipped in a temple.

[ଦ୍ର—ପୁରୀ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ୩ ମୂର୍ତ୍ତି ଅଛନ୍ତି, କିନ୍ତୁ ସିଂହଦ୍ୱାରସ୍ଥ ଗୁମୁଟରେ କେବଳ ଜଗନ୍ନାଥଙ୍କ ମୂର୍ତ୍ତି ସ୍ଥାପିତ । ଯେଉଁ ଦେଉଳମାନଙ୍କରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ୩ ମୂର୍ତ୍ତି ପ୍ରତିଷ୍ଠିତ ନ ହୋଇ କେବଳ ଜଗନ୍ନାଥଙ୍କ ମୂର୍ତ୍ତି ପୂଜା ପାଉ ଥାଆନ୍ତି, ସେ ଦେଉଳରେ ପତିତପାବନ ଅଛନ୍ତି ବୋଲି ବୋଲାଯାଏ ।]

ପତିତ ପାବନ ବାନା—ଦେ. ବିଣ—(ସଂ. ପତିତ ପାବନ+ଫା. ବାନା) Patita pābana bānā ପାପୀ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଯେ ପ୍ରସିଦ୍ଧ, ଅର୍ଥାତ୍ ପ୍ରଭୁ ପରମେଶ୍ୱର; ଭଗବାନ ବା ବିଷ୍ଣୁ (ଦେବତାଙ୍କୁ, ବିଶେଷତଃ ବିଷ୍ଣୁଙ୍କୁ ସ୍ତବ କରିବା ସମୟରେ ପ୍ରଯୁକ୍ତ ସମ୍ବୋଧନ)—(a term addressed to a Deity specially to Bishṇu in prayer) An epithet of God Bishṇu; One who holds the banner of delivering the fallen.

ପତିତ ବୃତ୍ତ—ସଂ. ବିଣ—ଜାତିଚ୍ୟୁତ ହୋଇ ଯେ ଜୀବନ ଯାପନ କରେ— Patita brutta Passing one's life in a fallen or outcasted condition.

ପତିତବ୍ୟ—ସଂ. ବିଣ. (ପତ୍ ଧାତୁ+କର୍ତ୍ତୃ ତବ୍ୟ)—୧ । ପତନଯୋଗ୍ୟ— Patitabya 1. Fit to fall.

୨ । ଯାହା ପଡ଼ିଯିବ—2. About to fall.

ପତିତ ସାବିତ୍ରୀକ—ସଂ. ବିଣ. (ବହୁବ୍ରୀହି)—ଯେଉଁ ଦ୍ୱିଜ ବଂଶଜାତ ବ୍ୟକ୍ତି Patita sābitrika ଉପଯୁକ୍ତ ବୟସରେ ବ୍ରତ ହୋଇ ନ ଥିବାରୁ ପତିତ ହୋଇଅଛି; ସାବିତ୍ରୀଭ୍ରଷ୍ଟ (ଦ୍ୱିଜାତି)—(a twice born) On whom the ceremony of investiture has not been performed in due time.

ପତିତୋତ୍ପନ୍ନ—ସଂ. ବିଣ. ପୁଂ. (ବହୁବ୍ରୀହି)—ପତିତା ବା କୁଳଭ୍ରଷ୍ଟା ନାରୀ Patitotpanna ଗର୍ଭଜାତ (ସନ୍ତାନ)—Born of a fallen (ପତିତୋତ୍ପନ୍ନା—ସ୍ତ୍ରୀ) woman.

ପତିତୋଦ୍ଧାରଣ—ସଂ. ବିଣ. ପୁଂ. (ବହୁବ୍ରୀହି)—ପତିତପାବନ (ଦେଖ)— Patitoddhāraṇa Patitapābana (See)

(ପତିତୋଦ୍ଧାରିଣୀ—ସ୍ତ୍ରୀ) ସଂ. ବି—ପତିତପାବନ (ଦେଖ) Patitapābana (See)

ପତିତ୍ୱ—ସଂ. ବି. (ପତି+ଭାବେ ତ୍ୱ)—୧ । ପ୍ରଭୁତ୍ୱ— Patitwa 1. Mastery.

୨ । ପାଣିଗ୍ରହଣ ଦ୍ୱାରା ସ୍ତ୍ରୀର ସ୍ୱାମୀ ହେବାର ଭାବ— 2. The state of being a husband.

ପତି ଦେବତା—ସଂ. ବି. (ରୂପକ; ପତିରୂପ ଦେବତା)—ଦେବତାଙ୍କ ପରି Fati debatā ସ୍ତ୍ରୀ ଦ୍ୱାରା ପୂଜିତ ସ୍ୱାମୀ—A husband worshipped as a Deity by the wife.

ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ପତି ଅଟନ୍ତି ଦେବତା ଯାହାର)— ପତି ଦେବା, ପତି-ଦେବତା, ପତି ଧର୍ମବତୀ } ଅନ୍ୟରୂପ ପତିପ୍ରାଣା (ଦେଖ) Patiprāṇā (See)

ପତି ଧର୍ମ—ସଂ. ବି—୧ । (ଷଷ୍ଠୀ ତତ୍; ପତି+ଧର୍ମ) ପତିର ସ୍ତ୍ରୀ ପ୍ରତି Pati dharma କର୍ତ୍ତବ୍ୟ—1. The duties of a husband towards his wife.

୨ । (ମ. ପ. ଲୋ) ପତି ପ୍ରତି ପତ୍ନୀର କର୍ତ୍ତବ୍ୟ (ହି. ଶ.)— 2. The duties of a married woman towards her husband.

ପତି ପତ୍ନୀ—ଦେ. ବି.(ସହଚର)—ସ୍ୱାମୀ ଓ ସ୍ତ୍ରୀ; ଦମ୍ପତି; ଗେରସ୍ତ ଭାରିଯା; Pati patnī ଘଇତା ମାଇପ—Husband and wife; a married couple.

ପତିପଦା—ଗ୍ରା. ବି. (ସଂ. ପ୍ରତିପଦ୍)—ଶୁକ୍ଳ ବା କୃଷ୍ଣ ପକ୍ଷର ପ୍ରଥମ ଦିବସ— Patipadā The first day of the lunar fortnight. प्रतिपद पड़वा (ପଡ଼ିପ, ପତିପଦ—ଅନ୍ୟରୂପ)

ପତିପ୍ରାଣା—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ପତି ଅଟନ୍ତି ପ୍ରାଣ ଯାହାର)— Patiprāṇā ପତିଙ୍କଠାରେ ଏକାନ୍ତ ଆସକ୍ତା; ସାଧ୍ୱୀ (ସ୍ତ୍ରୀ)— ପତି ପରାୟଣା, ପତିଗତ ପ୍ରାଣା } ଅନ୍ୟରୂପ (a wife) Devoted to her husband; chaste and devoted (woman); virtuous and doting (wife).

ପତିବତ୍ନୀ—ସଂ. ବିଣ. ସ୍ତ୍ରୀ. (ପତି+ବତ୍+ସ୍ତ୍ରୀ. ଈ)— Patibatnī ସଧବା; ଅହୁଅ (ସ୍ତ୍ରୀ); ସଭର୍ତ୍ତୃକା— (ପତିବତୀ—ଅନ୍ୟରୂପ) (a woman) Having her husband living.

ପତି ବରତ—ଗ୍ରା. ବି. (ସଂ. ପତିବ୍ରତ)—ପତିବ୍ରତ (ଦେଖ) Pati barata Patibrata (See)

ପତିବରତା—ଗ୍ରା. ବିଣ. ସ୍ତ୍ରୀ. (ପଦ୍ୟ) (ସଂ. ପତିବ୍ରତା)— Patibaratā पतिबर्ता ପତିବ୍ରତା (ଦେଖ) Patibratā (See)

ପତିବ୍ରତ—ସଂ. ବି. (ମ. ପ. ଲୋ)—ସ୍ତ୍ରୀର ପତି ସେବା ଓ ସତୀତ୍ୱ ରୂପ Patibrata ବ୍ରତ; ପାତିବ୍ରତ୍ୟ—Chastity; devotion to one's husband.

ପତିବ୍ରତା—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ପତି ଅଟନ୍ତି ବ୍ରତ ଯାହାର)— Patibratā ପତିଙ୍କଠାରେ ଏକାନ୍ତ ଆସକ୍ତା; ପତିପ୍ରାଣା; ସତୀ; ସାଧ୍ୱୀ- (ପାତିବ୍ରତ୍ୟ—ବି) (a wife) Devoted to her husband; chaste and devoted (woman).

ପତିମତୀ—ସଂ. ବିଣ. ସ୍ତ୍ରୀ. (ପତି+ମତ୍+ସ୍ତ୍ରୀ. ଈ)—Having her Patimati ସଧବା; ସଭର୍ତ୍ତୃକା— husband living.

ପତି ମହାପାତ୍ର—ଦେ. ବି. (ନାମ)—ଜଗନ୍ନାଥଙ୍କ ସେବକବିଶେଷ; ବିଦ୍ୟା- Pati mahāpātra ପତିଙ୍କର ବଂଶଧର—The descendants of Bidyāpati who had brought the idol of Jagannātha from the village of the Sabara in the forest to Puri.

[ଦ୍ର—ଜଗନ୍ନାଥ ମହାପ୍ରଭୁ ଅଣସର ଘରେ ଥିଲାବେଳେ ଏହି ପତି ମହାପାତ୍ରମାନେ ମହାପ୍ରଭୁଙ୍କ ସେବା ଓ ଭୋଗଆଦି କରନ୍ତି । ଏମାନେ ଜଗନ୍ନାଥ ମହାପ୍ରଭୁଙ୍କର ପ୍ରଥମ ସେବକ । ଜେଷ୍ଠ ଦେବସ୍ନାନ ପୂର୍ଣ୍ଣିମାଠାରୁ ଗୁଣ୍ଡିଚ୍ଚା ଯାତ୍ରାର ଶେଷ ପର୍ଯ୍ୟନ୍ତ ଜଗନ୍ନାଥ ମହାପ୍ରଭୁ ସେମାନଙ୍କର ଖାସ୍ ମାରଫତରେ ରହନ୍ତି ଓ ଜଗନ୍ନାଥ ମହାପ୍ରଭୁଙ୍କର ବାର୍ଷିକ ଆୟରୁ ଏକ ମାସର ଆୟ ଏମାନେ ପାଆନ୍ତି । ଏ ବ୍ୟବସ୍ଥା ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ସମୟରେ ଛତିଶା ନିଯୋଗ ସୃଷ୍ଟି-କାଳରୁ ରହିଅଛି ।]

ପତି ମିଶ୍ର—ପ୍ରାଦେ. (ଯାଜପୁର) ବି—ଯାଜପୁରର କୁଳୀନ ବ୍ରାହ୍ମଣ ବଂଶ-
Pati misra ବିଶେଷ—A respectable Brāhmaṇa family of Jajpur.

ପତିମ୍ବରା—ସ. ବି. ସ୍ତ୍ରୀ—ପତିଂବରା (ଦେଖ)
Patimbarā Patimbarā (See)

ପତି ସହଗମନ—ସ. ବି. (୭ମୀ ତତ୍; ପତି+ସହ ଗମନ)—
Pati sahagamana ପତିଙ୍କ ମୃତ୍ୟୁ ପରେ ପତିଙ୍କ ଚିତାନଳରେ (ପତି ସହମରଣ—ଅନ୍ୟରୂପ) ଜୀବିତା ପତ୍ନୀଙ୍କର ଆରୋହଣପୂର୍ବକ ମରଣ—A widow's voluntary sacrifice by ascending the funeral pyre of her dead husband.

ପତିଷ୍ଠ—ସ. ବିଣ. (ପତ୍ ଧାତୁ+ଶୀଳାର୍ଥେ. ଇଷ୍ଠ)—
Patishṭha ପତନଶୀଳ—Fallible.

ପତୁଆ—ପ୍ରାଦେ. (ବାଲେଶ୍ୱର) ବି—ଦନା ପୁର୍ଡୁଗା (ଦେଖ)
Patuā Danā purḍugā (See)

ପତୁଆ ପୁଅ—ପ୍ରାଦେ. (ସମ୍ବଲପୁର) ବି. ପୁଂ—
Patuā pua ପରିବାରର ବା ପିତା ମାତାଙ୍କର ଜ୍ୟେଷ୍ଠ ସନ୍ତାନ—The eldest son of the parents.

ପତୁରି—ଦେ. ବି. (ସ. ପତ୍ର)—ଧାନ ଗଛର ପତ୍ରମାନ ଖୁବ ଲମ୍ବ ଲମ୍ବ
Paturi ହୋଇ ବଢ଼ିଯିବା ଅବସ୍ଥା—The state of the leaves of paddy plants growing inordinately long.
ପତୁରି ପଡ଼ିବା, ପତୁରି ପଡ଼ିଯିବା, ପତୁରି ମାରିବା, ପତୁରି ମାରିଯିବା } ଅନ୍ୟରୂପ
[ଦ୍ର—ଏଥିରେ ଧାନ ଭଲ ଫଳେ ନାହିଁ ।]

ପତୁରିଆ—ଦେ. ବିଣ. (ସ. ପତ୍ର)—ପତ୍ର ସମ୍ବନ୍ଧୀୟ—
Paturiā Leafy.
(ପତରିଆ—ଅନ୍ୟରୂପ) (ଯଥା—ପତୁରିଆ ସିଝୁ ।)

ପତୁରିଆ ଶଅର—ଦେ. ବି—ପତର ଶଉରା (ଦେଖ)
Paturia śa-ara Patara saurā (See)
(ପତୁରିଆ ଶବର—ଅନ୍ୟରୂପ)

ପତୁରିଆ ସିଜୁ(ଝୁ)—ଦେ. ବି—ପତରିଆ ସିଜୁ(ଝୁ) (ଦେଖ)
Paturiā siju(jhu) Pataria siju(jhu) (See)

ପତୁରି ଖଇର—ଦେ. ବି—ପତ୍ରି ଖଇର (ଦେଖ)
Paturi khaira Patri khaira (See)

ପତୁଳି—ଦେ. ବି. (ସ. ପାତ୍ର; ପ୍ରା. ପାତ୍ତଲୀ=ହାଣ୍ଡି; ଭୁଲ. ଫା. ପାତୀଲ୍; ମ. ପାତେଲୀ; ପର୍ତୁଗାଲ୍. ଭିଜେଲା)—
Patuḷi ପାତିଲ, ତିଜେଲ ୧ । ବଡ଼ମୁହାଁ ଚେପ୍ଟା ଛୋଟ ହାଣ୍ଡି—
ପତିଲି 1. A small flat earthen pot.
(ପାତୁଲ—ଅନ୍ୟରୂପ) ୨ । ବେଙ୍ଗଲା—2. Thrashing of paddy with bullocks treading on the sheaves in a circle.
୩ । ଧାନ ମଳା ହୋଇ ଉଡ଼ା ହେବା ପରେ କରାଯିବା ଧାନ ଗଦା—3. A heap of winnowed and cleansed paddy.

ପତ୍ତଙ୍ଗ—ସ. ବି—ପତ୍ରାଙ୍ଗ (ଦେଖ)
Pattaṅga Patrāṅga (See)

ପତ୍ତନ—ସ. ବି. (ପଦ୍ ଧାତୁ=ଗମନ କରିବା+କର୍ମ. ତନ)—
Pattana ୧ । ନଗର—1. City.
୨ । ଗ୍ରାମ; ପଟଣା—2. Village; hamlet.
ବିଚେତନ ପତନ ଶୋଭା ଦେଖୁଁ ପତ୍ତନ—ବାହୁଡ଼ାନ୍ତ୍ ଅବର ସେ ।
ଉପେ. ବୈଦେହୀଶବିଳାସ ।
୩ । ମୃଦଙ୍ଗ—3. A drum of earth.
୪ । ମୂଳଦୁଆ (କ୍ଷୀରେନ୍ଦ୍ର) 4. Foundation.
୫ । ସୂତ୍ରପାତ; ଆରମ୍ଭ (କ୍ଷୀରେନ୍ଦ୍ର)—5. Beginning.
୬ । ଉପନିବେଶ (କ୍ଷୀରେନ୍ଦ୍ର)—6. Colony.
ଦେ. ବି—୧ । ପତନ; ସମତଳ—1. Level
୨ । ମୂଳଦୁଆ ପକାଇବା—2. Laying the foundation

ପତ୍ତନି—ପ୍ରାଦେ. (ମେଦିନୀପୁର) ବି. (ସ. ପତ୍ତନ=ଗ୍ରାମ; ବ. ପତ୍ତନୀ)—
Pattani ଏକ ପ୍ରକାର ମକଦମୀ ମଧ୍ୟ ସ୍ୱତ୍ୱ—The Pattni tenure in Bengal; a kind of middleman's tenure
[ଦ୍ର—୧ମ ପତ୍ତନିର ଅଧୀନ ମଧ୍ୟସ୍ୱତ୍ୱକୁ ଦରପତ୍ତନି ଓ ତନ୍ନିମ୍ନସ୍ଥ ସ୍ୱତ୍ୱକୁ ସେପତ୍ତନି ବୋଲିଯାଏ ।]

ପତ୍ତନି ତାଲୁକ—ପ୍ରାଦେ. (ମେଦିନୀପୁର) ବି.—ପତ୍ତନି (ଦେଖ)
Pattani tāluka Pattani (See)
(ପତ୍ତନିମାହାଲ—ଅନ୍ୟରୂପ)

ପତ୍ତନିଦାର—ପ୍ରାଦେ. (ମେଦିନୀପୁର) ବି.—ମକଦମ; ମଧ୍ୟସ୍ୱତ୍ୱାଧିକାରୀ—
Pattanidār Under tenure holder.

ପତ୍ତର—ଦେ. ବି. (ମୁସଲମାନୀ ଅଳଙ୍କାର)—ଫାଶିଆରେ ଓହଳ ଥିବା
Pattara ଧାତୁର ପାନ-ଆକୃତି ପତଳା ଖଣ୍ଡ—A betel leaf-shaped bit of metal which is attached to an earring as a pendant.

ପତ୍ତା—ଦେ. ବି.—ପତା (ଦେଖ)
Pattā Patā (See)

ପତ୍ତି—ସ. ବି. (ପଦ୍ ଧାତୁ=ଗମନ କରିବା+ଭାବ. ତି)—୧ । ଗମନ;
Patti ଗତି—1. Motion.
୨ । (+କର୍ତ୍ତୃ. ତି) ବୀର—2. Hero.
୩ । ପଦାତିକ; ସୈନ୍ୟ—
3. Infantry; foot soldier.
ଯେତି ହୋଇ ଗଲେ ପତ୍ତି ଅଶ୍ୱ, ଅଶ୍ୱ ରଥେ । ଭକ୍ତକବି. ମହାଭାରତ ।
୪ । ଯୋଦ୍ଧା—4 Warrior.

୫ । ୧ ହସ୍ତୀ, ୧ ରଥ, ୩ ଅଶ୍ୱ, ୫ ପଦାତିକ ସମନ୍ୱିତ ସେନା—
5. A detachment of army consisting of one elephant, one car, three horses and five footmen.

୬ । ୫୫ ଜଣ ପଦାତିକ—6. 55 foots-soldiers.
ପଞ୍ଚାବନ ପଦାତିରେ କୁହଅନ୍ତି ପତ୍ତି ।
କୃଷ୍ଣସିଂହ, ମହାଭାରତ, ଉଦ୍ୟୋଗ ।

ପତ୍ତିକ—ସଂ. ବି. (ପତ୍ତି+କ)—୧ । ଦଶ ଘୋଡ଼ା, ୧୦ ହାତୀ, ୧୦ ରଥ ଓ ୧୦ ପଦାତି ସମନ୍ୱିତ ସେନାଦଳ (ହି. ଶ.)—
Pattika
1. A company of soldiers consisting of 10 horsemen; 10 elephant riders; 10 cars and 10 foot-soldiers.
(ଯଥା—ପ୍ରାଚୀନ କାଳରେ ୧୦ ପତ୍ତିକକୁ ସେନା ଓ ୧୦ ସେନାକୁ ବଳ ବୋଲାଯାଉଥିଲା ।)
୨ । ଉପର୍ଯ୍ୟୁକ୍ତ ସେନାର ଅଧ୍ୟକ୍ଷ—
2. The commander of the above company.

ପତ୍ନୀ—ସଂ. ବି. ସ୍ତ୍ରୀ (ପତି+ସ୍ତ୍ରୀ. ଈ)—ଆପଣାର ବିବାହିତା ସ୍ତ୍ରୀ; ଭାର୍ଯ୍ୟା; ସହଧର୍ମିଣୀ—One's married wife; spouse.
Patni
(ପତ୍ନୀର ଅନ୍ୟ ସଂ. ନାମ—ଜାୟା, ଭାର୍ଯ୍ୟା, ଦୟିତା, କଳତ୍ର, ବଧୂ, ସହଧର୍ମିଣୀ, ଦାରା, ଦାର, ଗୃହିଣୀ, ପାଣିଗୃହୀତା, କ୍ଷେତ୍ର, ଜନି, ଗୃହ ହି. ଶବ୍ଦସାଗର ।]

ପତ୍ନୀ ବତ୍ସଳ—ସଂ. ବିଣ. ପୁଂ.—ଆପଣା ଭାର୍ଯ୍ୟା ପ୍ରତି ଏକାନ୍ତ ଅନୁରକ୍ତ—
Patni batsala Attached to one's wife.

ପତ୍ନୀବ୍ରତ—ସଂ. ବି. (ମ. ପ. ଲୋ; ପତ୍ନୀ+ବ୍ରତ)—ଆପଣାର ବିବାହିତା ସ୍ତ୍ରୀ ଛଡ଼ା ଅନ୍ୟ ସ୍ତ୍ରୀ ଅଭିଗମନ ନ କରିବାରୂପ ବ୍ରତ ବା ସଙ୍କଳ୍ପ—The vow of fidelity to one's married wife
Patni brata

ପତ୍ୟାର (ଇତ୍ୟାଦି)—ଦେ. ବି.—ପତିଆର ଇତ୍ୟାଦି (ଦେଖ)
Patyārā (etc) Patiārā etc (See)

ପତ୍ର—ସଂ. ବି. (ପତ୍ ଧାତୁ+କର୍ତ୍ତୃ. ତ୍ର)—୧ । ଦଳ; ଗଛର ପତ୍ର—
Patra 1. Leaf of a tree
୨ । ବହିର କାଗଜ—2. Leaf of a book.
୩ । ଚିଠି—3. Letter.
୪ । ଲେଖ; ଲିପି; ଦଲିଲ—
4. Document; deed; a writing.
୫ । ହୁକୁମନାମା—5. Order.
୬ । ଅଙ୍ଗୀକାର ପତ୍ର—
6. Deed of agreement or contract.
୭ । ପକ୍ଷ; ଡେଣା—7. Wing of a bird.
୮ । ଧାତୁର ପାତିଆ—8. Foil of metal.
୯ । ବାଣର ପକ୍ଷ—9. The feather of an arrow.
୧୦ । ଯାନ; ବାହନ—10. Vehicle; conveyance.
୧୧ । ଶସ୍ତ୍ରାଦିର ପାତ—11. Blade of a weapon.
୧୨ । ଦେହରେ ପତ୍ରାକୃତି ରଚନାବଳୀ—
12. Leaf-like painting on the body.
୧୩ । ଅନ୍ନାଦି ଖାଇବା ପାଇଁ ଭୂମିରେ ପାରିବା ପତ୍ର—
13. Leaves used as plates for meal.
୧୪ । ତେଜପତ୍ର (ହି. ଶ.)—14. Cassia leaf.
୧୫ । ପକ୍ଷୀ (ହି. ଶ.)—15. Bird.
ଦେ. ବି. (ଅନ୍ୟ ଶବ୍ଦ ସଙ୍ଗେ ସହିତର ରୂପେ ବ୍ୟବହୃତ, ଯଥା—ପଇସା ପତ୍ର; ହିସାବ ପତ୍ର; ଚିଠି ପତ୍ର; କାଗଜ ପତ୍ର; ଜିନିଷ ପତ୍ର; ପାଉଣା ପତ୍ର)—
୧ । ସମୂହ—1. Collection.
୨ । ଆଦି; ଇତ୍ୟାଦି—2. Etcetra.
ଦେ. ବି (ଜାହାଜିଆ ଶବ୍ଦ)—ନୌକାରେ ବ୍ୟବହୃତ ଆହୁଲାର ଚଟୁ ପରି ଚଉଡ଼ା ଅଗ୍ରଭାଗ ବା ଆହୁଲାର ପଙ୍ଖା—
The fan-shaped end of an oar; the spoon-shaped blade of an oar.

ପତ୍ରକ—ସଂ. ବି. (ପତ୍ର+ସ୍ୱାର୍ଥ. କ)—୧ । ପତ୍ରର—2. Leaf.
Patraka ୨ । ତେଜ ପତ୍ର—2. The Cassia leaf.
୩ । ପତ୍ରାବଳ ରଚନା—
3. Leaf-like paintings on the body.

ପତ୍ର କୀଟ—ସଂ. ବି—ବହି ଓ କାଗଜରେ ଯେଉଁ ପୋକ ଲାଗନ୍ତି—
Patra kita Moths attacking books.

ପତ୍ର କୁଟୀ—ସଂ. ବି. (ମ. ପ. ଲୋ)—ପତ୍ରକୁଡ଼ିଆ—
Patra kuti A hut of leaves and branches.
(ପତ୍ରକୁଟୀର—ଅନ୍ୟରୂପ)

ପତ୍ର କୁଡ଼ିଆ—ଦେ. ବି. (ମ. ପ. ଲୋ)—
Patra kurdia ଗଛର ଡାଳିଆ ପତ୍ରରେ ନିର୍ମିତ ହୋଇଥିବା କୁଟୀର; ପର୍ଣ୍ଣ କୁଟୀର—A hut of leaves and branches.
পাতার কুঁড়ে
परनकुटी

ପତ୍ର କୋବି—ଦେ. ବି. (ବୈଦ୍ୟକ)—ଏକ ପ୍ରକାର ବନ୍ଧା କୋବି—
Patra kobi A kind of cabbage.
বাঁধাকপি [ଦ୍ର—ଏହା ଘିଅରେ ଭାଜି ଖାଇଲେ ରକ୍ତ ପୁଷ୍ଟି ଓ
बंधगोभी ଅଗ୍ନିବୃଦ୍ଧି ହୁଏ ।]

ପତ୍ର ଗୁଣ୍ଡି—ଦେ. ବି—ପନାସିଆ (ଦେଖ)
Patra gundi Panāsiā (See)

ପତ୍ରଦାରକ—ସଂ. ବି. (ମ. ପ. ଲୋ; ପତ୍ର ବିଶିଷ୍ଟ ଦାରକ)—କରତ—
Patradāraka A saw.

ପତ୍ର ପରଶୁ—ସଂ. ବି. (ଅନ୍ୟ ସଂସ୍କୃତ ନାମ—ଛେଦନୀ)—
Patra paraśu ସ୍ୱର୍ଣ୍ଣାଦି ଧାତୁ ଛେଦକ ଶସ୍ତ୍ର; ଛେଣି—
(ପତ୍ର ପର୍ଶୁ—ଅନ୍ୟରୂପ) A tool for cutting metal.

ପତ୍ରପାଠେ—ଦେ. କ୍ରି. ବିଣ—ପତ୍ର ପାଠ ମାତ୍ରକେ—
Patrapāthe Immediately on reading the letter.
পত্রপাঠে (ଯଥା, ପତ୍ରପାଠେ ଆପଣ ଆସିବେ)

ପତ୍ରପାଳ—ସଂ. ବି—ଲମ୍ବ ଛୁରି ବା କଟାର (ହି. ଶ.)—
Patrapāla A long knife or dagger.

ପତ୍ରପାଳୀ—ସଂ. ବି—୧ । ବାଣର ପଛ ଭାଗ (ହି. ଶ.)—
Patrapāli 1. The hind part of an arrow.

୨ । କଇଞ୍ଚି; କଞ୍ଚୁର (ହି. ଶ.)—2. Scissors.

ପତ୍ରପୁଟ—ସଂ. ବି. (୬ଷ୍ଠୀ ତତ୍; ପତ୍ର+ପୁଟ)—ଡଉପତ୍ର; ପତ୍ରର ଠୋଲା—
Patraputa A cup made of leaves.

ପତ୍ରପୁଣ୍ଡା—ଦେ. ବି—ପ୍ରାଚୀନ ଜଳଯାନବିଶେଷ—
Patrapurda A kind of ancient boat.
[ଦ୍ର—ଭୋଜରାଜାଙ୍କ ପ୍ରଣୀତ 'ଯୁକ୍ତିକଳ୍ପତରୁ' ଗ୍ରନ୍ଥ ଦ୍ରଷ୍ଟବ୍ୟ—ଜଗବନ୍ଧୁ, ପ୍ରାଚୀନ ଉତ୍କଳ ।]

ପତ୍ରପୁଷ୍ପ(ଷ୍ପା)—ସଂ. ବି—ରକ୍ତ ତୁଳସୀ; କଳାତୁଳସୀ—
Patrapushpa(shpā) Ocimum Sanctum..

ପତ୍ରପୁଷ୍ପକ—ସଂ. ବି— ଭୂର୍ଜପତ୍ର ଗଛ—
Patrapushpaka Birch tree; Betula Utilus.

ପତ୍ର ବନ୍ଧ—ସଂ. ବି. (ବହୁବ୍ରୀହି; ପତ୍ର ପରି ବନ୍ଧ=ରଚନା ଯାହାର)—
Patra bandha ୧ । ପତ୍ରପୁଷ୍ପାଦିର ଚିତ୍ର—1. Painting or drawing of flowers and leaves.
୨ । ଚିତ୍ରକାବ୍ୟବିଶେଷ –
2. Name of a pictorial composition.

ପତ୍ରବାହ—ସଂ. ବି—ବାଣ—
Patrabāha Arrow.
(ପତ୍ରବାହକ-ଅନ୍ୟରୂପ) ୨ । ଲିପିବାହୀ; ଯେ ଚିଠି ବୁହାଏ—
2. Messenger; bearer of a letter; letter-carrier.
ଦେ. ବି—ଡାକହରକରା—Postman.

ପତ୍ର ବିଶେଷ—ସଂ. ବି—୧ । ଚିତା ଯେଉଁକି; ତିଳକ ଚିହ୍ନ; ଦେହରେ
Patra biśesha ପତ୍ରାଦି ଚିତ୍ରଣ—1. Painting of foliage on the body.
ପତ୍ରବିଶେଷକ, ପତ୍ରଲେପ, ପତ୍ରାଙ୍ଗୁଳି } ଅନ୍ୟରୂପ ୨ । ସ୍ତ୍ରୀମାନଙ୍କ ସ୍ତନ କପୋଳାଦିରେ କସ୍ତୁରୀ ଚନ୍ଦନଦ୍ୱାରା ପତ୍ର ରଚନା—
2. Painting of various designs on the breasts and cheeks of women.

ପତ୍ର ବେଷ୍ଟ—ସଂ. ବି. (ପତ୍ର=ପତ୍ରାକାର+ବେଷ୍ଟ=ବଳୟ)—
Patra beshta ୧ । ତାଡ଼—1. Amulet.
(ପତ୍ରତ୍ରୁମ— ଅନ୍ୟରୂପ) ୨ । ଢାଟିଙ୍କି—
2. A kind of earring.

ପତ୍ର ବ୍ୟବହାର—ସଂ. (୬ଷ୍ଠୀ ତତ୍; ପତ୍ର+ବ୍ୟବହାର)—ଦୁଇ ଜଣଙ୍କ
Patra byabahāra ମଧ୍ୟରେ ପତ୍ରର ଆଦାନ ପ୍ରଦାନ—
Exchange of letters between two persons; carrying on of correspondence.

ପତ୍ର ଭଙ୍ଗ—ସଂ. ବି—ପତ୍ରବିଶେଷ (ଦେଖ)
Patra bhanga Patrabiśesha (See)
[ପତ୍ରଭଙ୍ଗି(ଙ୍ଗୀ), ପତ୍ରରଚନା, ପତ୍ରଲେଖ(ଖା), ପତ୍ରବଲ୍ଲରୀ]—ଅନ୍ୟରୂପ

ପତ୍ରମଞ୍ଜରୀ—ସଂ. ବି. (୬ଷ୍ଠୀ ତତ୍)—୧ । ପତ୍ରର ଅଗ୍ରଭାଗ—
Patramañjari 1. The apex of a leaf.
୨ । (ବହୁବ୍ରୀହି; ପତ୍ରର ମଞ୍ଜରୀ ପରି ମଞ୍ଜରୀ ଯାହାର) ପତ୍ରର ଅଗପରି ତିଳକ ରଚନା—2. Painting on the body resembling the apex of leaves.

ପତ୍ରମୁଦ—ଦେ. ବି. (ସଂ. ପତ୍ର+ମୁଦ୍ରା)—ମୁଦ୍ରିତ ପତ୍ର; ମୁଦା ଚିଠି—
Patramuda An enveloped or sealed letter.
मुंदाचिठि ଏମନ୍ତ ବାଳକା କ୍ଷୁଦ୍ରମାଳକା ଛେକୁଁ ପତ୍ରମୁଦେ ପାଇଲ ।
मुंदचिट्ठी ଭକ୍ତ. କୋଟବ୍ରହ୍ମାଣ୍ଡସୁନ୍ଦରୀ ।

ପତ୍ର ରଥ—ସଂ. ବି. (ବହୁବ୍ରୀହି; ପତ୍ର ଅଟେ ରଥ ଯାହାର)—୧ । ପକ୍ଷୀ—
Patra ratha 1. Bird.
୨ । ବାଣ—2. Arrow.

ପତ୍ରଲ—ସଂ. ବି. (ପତ୍ ଧାତୁ+ରଲ)—ପାତଳ ଦହି; ଘୋଳଦହି—
Patrala Whey; churned curd.

ପତ୍ର ଲିଖନ—ସଂ. ବି—ଚିଠି ଲେଖିବା—Writing of letters.
Patra likhana (ପତ୍ରଲେଖନ—ଅନ୍ୟରୂପ)

ପତ୍ର ଲେଖ—ସଂ. ବି—ପତ୍ରବିଶେଷ (ଦେଖ)
Patra lekha (ପତ୍ରଲେପ—ଅନ୍ୟରୂପ) Patrabiśesha (See)
ଦେ. ବି—ଚିଠି—Letter.

ପତ୍ର ଲେଖା—ସଂ. ବି—ପତ୍ରବିଶେଷ (ଦେଖ)
Patra lekhā Patrabiśesha (See)
ଦେ ବି - ଚିଠି ଲେଖିବା—Writing of a letter.

ପତ୍ର ଶବର—ସଂ. ବି (ମ. ପ. ଲୋ; ପତ୍ର ପରିଧାନକାରୀ ଶବର)—ପତର
Patra śabara ଶଉରା (ଦେଖ) Patara śaurā (See)
(ପତ୍ର ଶବରୀ—ସ୍ତ୍ରୀ) (ପତ୍ରଶଉରା-ଦେଶଜରୂପ)

ପତ୍ର ଶିରା—ସଂ. ବି. (୬ଷ୍ଠୀ ତତ୍; ପତ୍ର+ଶିରା)—ପତ୍ରରେ ଥିବା ଉଚ୍ଚ
Patra śirā ଶିରା ବା ରେଖାମାନ—The lines or ridges
(ପତ୍ରନାଡ଼ିକା – ଅନ୍ୟରୂପ) on a leaf.

ପତ୍ର ଶ୍ରେଷ୍ଠ—ସଂ. ବି. (୭ମୀ ତତ୍; ପତ୍ର+ଶ୍ରେଷ୍ଠ)—ବେଲପତ୍ର (ହି.
Patra śreshtha ଶ.)—The leaves of the Bela tree.

ପତ୍ରସିଜୁ(ଝୁ)—ଦେ. ବି—ପତରସିଜୁ (ଦେଖ)
Patrasiju(jhu) Patarasiju (See)

ପତ୍ର ସୂଚୀ—ସଂ. ବି—୧ । କଣ୍ଟା; କଣ୍ଟକ (ହି. ଶବ୍ଦସାଗର)—
Patra sūchi 1. Thorn.
୨ । ସୂଚୀପତ୍ର (ଦେଖ)—2. Sūchipatra (See)

ପତ୍ରା—ପ୍ରାଦେ. (ସମ୍ବଲପୁର) ବି—୧ । ସାନ ସାନ ବୁଦା—
Patrā 1. Small bushes.
୨ । ସାନ ସାନ ବୁଦା ଥିବା ସ୍ଥାନ –
2. A place overgrown with bushes.

ପତ୍ରାଖ୍ୟ—ସଂ. ବି. (ପତ୍ର+ଆଖ୍ୟା—ନାମ ଯାହାର)—୧ । ତେଜପତ୍ର—
Patrākhya 1. Cassia leaf.
୨ । ତାଳୀଶପତ୍ର—2. The leaf of the Silver fir; Abies Webbiana.

ପତ୍ରାଙ୍କ—ସଂ. ବି. (୬ଷ୍ଠୀ ତତ୍)—ପୁସ୍ତକର ପୃଷ୍ଠାଙ୍କ; ବହିର ପ୍ରତ୍ୟେକ
Patrānka ପୃଷ୍ଠାରେ ଯେଉଁ କ୍ରମିକ ସଂଖ୍ୟା ଲେଖା ଯାଇଥାଏ—
The figure or number of a page of a book; page-number of book.

ପତ୍ରାଙ୍ଗ—ସଂ. ବି.—୧ । ରକ୍ତ ଚନ୍ଦନ—
Patrāṅga 1. Red sandal;
(ପତ୍ରାଢ୍ୟ, ପତ୍ରାଢ୍ୟ—ଅନ୍ୟନାମ) Pterocarpus Santalinus.
୨ । ବକମ ଗଛ—2. Caesalpinia Sappan.

ପତ୍ରାବଳି(ଳୀ)—ସଂ. ବି.—୧ । ପତ୍ରବିଶେଷ (ଦେଖ)
Patrābaḻi(ḻi) 1. Patra bisesha (See)
୨ । ପତ୍ର ସମୂହ—2. A collection of leaves.
୩ । ଚିଠିମାନଙ୍କ ସମୂହ—3. A collection of letters.
୪ । ଗେରୁ (ହି. ଶ.)—4. Red ochre.

ପତ୍ରାଳି—ପ୍ରାଦେ (ସମ୍ବଲପୁର). ବି.—ଛୋଟ ଛୋଟ ବୁଦାଆଦି ଥିବା ସ୍ଥାନ—
Patrāḻi A place full of small bushes.

ପତ୍ରି—ଦେ. ବି—୧ । ବନ୍ୟ ଗୁଳ୍ମବିଶେଷ—
Patri 1. Flueggea Obovata.
୨ । ପଣ୍ଡା ଜାତୀୟ ବ୍ରାହ୍ମଣବିଶେଷ—
2. A caste of Brāhmṇas.
୩ । ଦେବତାଙ୍କର ସେବକବିଶେଷ; ପତ୍ରିବଡୁ—
3. A class of Sebaks or attendants of idols.
[ଦ୍ର—ଏମାନେ ପୂଜାପଣ୍ଡାଙ୍କୁ ପୂଜାର ଉପକରଣ ଓ ତୁଳସୀ, ବେଲପତ୍ର, ପୁଷ୍ପାଦି ଯୋଗାନ୍ତି ।]
ପ୍ରାଦେ (ସମ୍ବଲପୁର) ବି.—ଖଲି ପତ୍ର—Leaves sewn together and used as plate for taking meals on.

ପତ୍ରିକା—ସଂ. ବି. (ପତ୍ର + କ + ସ୍ତ୍ରୀ. ଆ)—୧ । ଚିଠି—
Patrikā 1. Letter.
୨ । ଗେଜେଟ୍; ସମ୍ବାଦପତ୍ର—
2 Gazette; newspaper.
୩ । ସାମୟିକ ପତ୍ର—3. Magazine.

ପତ୍ରି ଖଇର—ଦେ. ବି—ତାଳ ପତ୍ର ଗୁଡ଼ା ହୋଇଥିବା କଳା ଖଇର—
Patri khaira Blocks of black catechu wound round with palm leaves.

ପତ୍ରିଙ୍ଗା—ଦେ. ବି. (ସଂ. ପତଙ୍ଗ)—ଶାଖାଶ୍ରୟୀ ବର୍ଗର କ୍ଷୁଦ୍ର ପକ୍ଷି
Patriṅgā ବିଶେଷ; ବାଉଁଶ ପତ୍ରୁରିଆ ପକ୍ଷୀ—The Indian Bee-eater.

ପତ୍ରିଣୀ—ସଂ. ବି. (ପତ୍ର + ଇନ୍ + ସ୍ତ୍ରୀ. ଈ)—କଶଳୟ; ନବ ପଲ୍ଲବ—
Patriṇi Tender leaf.

ପତ୍ରି ବଡୁ—ଦେ. ବି—ଭୁବନେଶ୍ୱର ଓ ଜଗନ୍ନାଥଙ୍କର ନିଯୋଗ ବା
Patri baṛdu ସେବକବିଶେଷ—A class of attendants of the idols at Puri and Bhubaneswar.
[ଦ୍ର—ଏମାନେ ପୂଜା ସମୟରେ ପୂଜା ପଣ୍ଡାଙ୍କ ନିକଟରେ ଫୁଲ, ତୁଳସୀ ପତ୍ର, ବେଲ ପତ୍ର ନେଇ ଯୋଗାନ୍ତି ।]

ପତ୍ରି ମସିଣା—ପ୍ରାଦେ (ବାଲେଶ୍ୱର). ବି.—ପତ୍ରୁଡ଼ି ମସିଣା—
Patri masiṇā A mat made of a wide-bladed reed.

ପତ୍ରୀ—ସଂ. ବି. (ପତ୍ର + ଇନ୍; ୧ମା, ୧ବ)—୧ । ପକ୍ଷୀ—
Patrī 1. Bird.
୨ । ଶର; ବାଣ—2. Arrow.
୩ । ପର୍ବତ—3. Mountain.
[ଦ୍ର—ପୁରାଣମତେ ପର୍ବତମାନଙ୍କର ପୂର୍ବେ ପକ୍ଷ ଥିଲା ।]
୪ । ରଥ—4. Car.
୫ । ବୃକ୍ଷ—5. Tree; plant.
୬ । ତାଳ ଗଛ—6. Palm tree.
୭ । (ପତ୍ର + ସ୍ତ୍ରୀ ଈ) ପତ୍ରିକା; ଚିଠି—Letter.
୮ । ଶ୍ୟେନ; ଛଞ୍ଚାଣ (ହି. ଶ.)—8. Falcon.
ସଂ. ବିଣ.—ପତ୍ରବିଶିଷ୍ଟ—Leafy.

ପତ୍ରୋର୍ଣ୍ଣ—ସଂ. ବି. (ପତ୍ର + ଊର୍ଣ୍ଣା + ଅ)—୧ । ଧୌତ କୌଶେୟ—
Patrorṇṇa 1. Washed silken cloth.
୨ । ଫଣଫଣା; ଶ୍ୟୋନାକ—
2. Bignonia Indica (plant).

ପତ୍ରୋପସ୍କର—ସଂ. ବି—କାସମର୍ଦ୍ଦ (ଦେଖ)
Patropaskara Kāsamardda (See)

ପତ୍ରୋଲ୍ଲାସ—ସଂ. ବି. (୬ଷ୍ଠୀ ତତ୍; ପତ୍ର + ଉଲ୍ଲାସ)—
Patrollāsa ଫୁଲର କଢ଼ି; ମୁକୁଳ—
Flower-bud; blossom.

ପଥ୍ (ଧାତୁ)—ସଂ—ଗମନ କରିବା—
Path (root) To go.

ପଥିରିଆ—ପ୍ରାଦେ. (ସମ୍ବଲପୁର) ବି—ପଥୁରିଆ—
Path-riā Stone-mason.

ପଥ—ସଂ. ବି. (ପଥ୍ ଧାତୁ + ଅ; ତୁଲ. ଇଂ. ପାଥ୍; ଗ୍ରୀକ୍ ପୋଟୋସ୍)—
Patha ୧ । ରାସ୍ତା; ବାଟ; ମାର୍ଗ—1. Path; road; way.
୨ । ରନ୍ଧ୍ର; ଛିଦ୍ର—2. Hole.
୩ । ଦ୍ୱାର—3. Exit; door.
୪ । କୌଶଳ; ଉପାୟ; କାର୍ଯ୍ୟ ସାଧନର ଉପାୟ—
4. Contrivance; means; ways and means.

କି କରିବି ନ ଦିଶଇ ପଥ । କବିସୂର୍ଯ୍ୟ. ସଙ୍ଗୀତ ।

୫ । ଶୈଳି; ଚଳନ—
5. Line of conduct; mode of living.
୬ । ରୀତି; ପଦ୍ଧତି; କାର୍ଯ୍ୟ ସାଧନର ବିଧାନ—
5. Manner; mode of work.
୭ । ଦୃଷ୍ଟି ଆଦିର ସୀମା—
7. Reach (of the eye).
(ଯଥା—ନୟନ ପଥ; ଦୃଷ୍ଟି ପଥ; କର୍ଣ୍ଣ ପଥ ।)
୮ । କାର୍ଯ୍ୟର ଗତି ବା ଧାରା—8. Course.
(ଯଥା—ଧର୍ମ ପଥ, ନୀତି ପଥ ।)

ପଥକ—ସଂ. ବି. (ପଥ + କ)—
Pathaka ୧ । ଯେ ବାଟ ଦେଖାଏ; ପଥ ଦର୍ଶକ—
1. A guide.
୨ । ଜିଲ୍ଲା; ପ୍ରଦେଶ—
2. A district; canton (M. W.)

ପଥ କଢ଼ା(ଢ଼େ)ଇବା—ଦେ. କ୍ରି—ଆଗରେ ଥାଇ ପଶ୍ଚାଦ୍‌ବର୍ତ୍ତୀ ବ୍ୟକ୍ତିଙ୍କୁ
Patha kardhā(rdhe)ibā ବାଟ ଦେଖାଇବା—
पथ देखाना To lead the way; to guide.
राह बताना ବୋଲନ୍ତି କଢ଼ାଅ ହେ ପଥ, ଅଗ ହୋଇଲେ ଗୋପୀନାଥ ।
[ପଥ ଦେଖା(ଖେ)ଇବା—ଅନ୍ୟରୂପ] ଜଗନ୍ନାଥ- ଭାଗବତ ।

ପଥ କର—ଦେ. ବ.(ଇଂ. ରୋଡ୍ ସେସ୍‌ର ଅନୁବାଦ; ଆଧୁନିକ ବ୍ୟବହାର)—
Patha kara ରୋଡ୍ ସେସ୍; ରାଜ୍ୟର ସାଧାରଣ ରାସ୍ତାମାନ ତିଆର
पथकर ଓ ମରାମତି କରିବା ନିମନ୍ତେ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା
रोड सैस ଭୂସ୍ୱାମୀମାନଙ୍କ ଉପରେ ନିର୍ଦ୍ଧାରିତ ଟାକ୍ସ—
Road-cess.

ପଥ କଳ୍ପନା—ସଂ. ବି—ଇନ୍ଦ୍ରଜାଲ—
Patha kalpanā Juggling tricks: conjuring.

ପଥ ଖରଚ—ଦେ. ବ. (ସଂ. ପଥ+ଫା. ଖର୍ଚ୍ଚ)—
Patha kharacha ପାଥେୟ; ବାଟ ଖରଚ; କୌଣସି ସ୍ଥାନକୁ
पथ खरच ଯାଉଥିବା ବ୍ୟକ୍ତିର ବାଟରେ ଯାହା ବ୍ୟୟ ହୁଏ—
राह खर्चा Journey-expenses; travelling expenses.

ପଥଗାମୀ—ସଂ. ବଣ. ପୁଂ (ପଥ+ଗମ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)-
Pathagāmi ବାଟରେ ଯାଉଥିବା—Travelling in a road.
(ପଥଗାମିନୀ—ସ୍ତ୍ରୀ) ସଂ. ବ. ପୁଂ—ପଥିକ; ବାଟୋଇ—
(ପଥଗୃତ୍ତା—ଅନ୍ୟରୂପ) Traveller; passenger; wayfarer.

ପଥ ଦର୍ଶକ—ସଂ. ବ. (୬ଷ୍ଠୀ ତତ୍)—ପଥପ୍ରଦର୍ଶକ; ଯେ ବାଟ କଢ଼ାଏ—
Patha darśaka A leader; a guide; a conductor.

ପଥ ଦେଖା(ଖେ)ଇବା—ଦେ. କ୍ରି—୧ । ବାଟ ଦେଖାଇବା; ବାଟ
Patha dekhā(khe)ibā କଢ଼ାଇବା—1. To lead the way; to guide.
୨ । (ଲକ୍ଷଣାର୍ଥ) ପରବର୍ତ୍ତୀ ବ୍ୟକ୍ତିମାନଙ୍କ ପାଇଁ ଗୋଟିଏ ନୂଆ ଉପାୟ ବା ରୀତି ଆରମ୍ଭ କରିବା—2. (figurative) To do a new thing which others will follow
ତାଙ୍କୁ ପ୍ରଣମି ଦେଖାଇଲେ ପଥ
ଏବେ ଜନଙ୍କ ସ୍ନେହ କ୍ରମତ । ଦ୍ୱିଜାସ- ଗୀତ ଲହରୀ ।

ପଥ ପାର୍ଶ୍ୱ—ସଂ. ବ. (୬ଷ୍ଠୀ ତତ୍; ପଥ+ପାର୍ଶ୍ୱ)—ବାଟ ପାଖ—
Patha pārśwa Wayside.

ପଥ ପ୍ରାନ୍ତ—ସଂ. ବ. (୬ଷ୍ଠୀ ତତ୍; ପଥ+ପ୍ରାନ୍ତ)—
Patha prānta ୧ । ବାଟ ପାଖ—1. Wayside; side of the road.
୨ । ପଥର ସୀମା—2. The end of a road; terminus.

ପଥ ବାହିବା—ଦେ. କ୍ରି—ବାଟ ଚାଲିବା—
Patha bāhibā To walk.
पथचला ମୋତେ ପରମ ଜ୍ଞାନ ଦେଇ, ତତ୍ପରେ ଯେ ଗଲେ ପଥ ବାହି ।
रास्ता चलना ଜଗନ୍ନାଥ- ଭାଗବତ ।

ପଥ ଭୁଲିବା—ଦେ. କ୍ରି—୧ । ବାଟ ଭୁଲିବା; ଭୁଆଁ ବୁଲିବା—
Patha bhulibā 1. To lose one's track; to make
पथ हारान mistake about the road one has
पथ भूलना to take.
୨ । ଅବାଟରେ ଯିବା—
2. To go on a wrong track.

ପଥ ଭ୍ରାନ୍ତ—ସଂ. ବଣ. ପୁଂ—୧ । ଯେ ବାଟ ଭୁଲିଛି—
Patha bhrānta 1. One who has lost his way.
(ପଥଭ୍ରାନ୍ତା—ସ୍ତ୍ରୀ) ୨ । ବିପଥଗାମୀ—2. Proceeding in a wrong path.

ପଥର—ଦେ. ବ. (ସଂ. ପ୍ରସ୍ତର; ପ୍ରାକୃତ ପତ୍ଥର)—
Pathara **পাথর** **पत्थर** ୧ । ପ୍ରସ୍ତର; ପାଷାଣ—1. Stone.
[ଦ୍ର— ପଥର ଅନେକ ପ୍ରକାରର; ଯଥା—୧. ମୁଗୁନି (chlorite), ୨. ବାଲିଆ ପଥର (କଳା ବା କୁଣ୍ଡା) (sandstone), ୩. ଶଙ୍ଖମର୍ମର (marble), ୪. ଖଡ଼ିପଥର (ଦୁଧିଆ ଓ ମାଟିଆ ଆଦି) (chalkstone, soapstone), ୫. ମାକଡ଼ା ପଥର (laterite), ୬. ସ୍ଫଟିକ ବା ସ୍ୱଚ୍ଛିକ (quartz), ୭. ଅଗ୍ନିଶିଳା ପଥର (volcanic stone), ୮. ଗେଙ୍ଗୁଟି (ghooting), ୯. ସ୍ଲେଟପଥର (slate stone), ୧୦. ବାଲିଗରଡ଼ା (pebble, gravel), ୧୧. ବଉଳମାଳା (spotted stone) । ଏ ପ୍ରତ୍ୟେକଙ୍କର ମଧ୍ୟ ଅନେକ ଶ୍ରେଣୀ ଅଛି ।
ବାବୁ ଚନ୍ଦ୍ରମଣି ଆଚାର୍ଯ୍ୟ ତାଙ୍କର 'ଭୁବନେଶ୍ୱର ନାମକ ଗ୍ରନ୍ଥରେ ପଥରକୁ ନିମ୍ନଲିଖିତ ଶ୍ରେଣୀରେ ବିଭକ୍ତ କରିଅଛନ୍ତି । ଯଥା—(୧) ଡାଳମ୍ବା—(କ) ଶୁକ୍ଳ (ଖ) ରଙ୍ଗ, (୨) ରାଜରାଣିଆ—(କ) ରଙ୍ଗ (ଖ) ହଳଦିଆ, (୩) କଳା—(କ) ଖଡ଼ିଆ (୧) ଚିକଣ (୨) ନରମ, (ଖ) ବଗଡ଼ା କଳା—(୧) ସରୁ (୨) ମୋଟ, (୪) ମାଙ୍କଡ଼ା (୫) ବଉଳମାଳା, (୬) କୁଣ୍ଡାପଥର (୭) ମୁଗୁନି ପଥର (୮) ଖଡ଼ିପଥର ଓ (୯) ଚକ୍ ।]
୨ । ପଥର ପରି ଟାଣୁଆ ବସ୍ତୁ—
2. Any hard thing compared to stone.
ଦେ. ବଣ.—୧ । (ପଥର ପରି) ଦୁଃଖ ସହନଶୀଳ (ହୃଦୟ)—
1. Capable of endurance (heart)
ଛଡ଼ ପଥର କଲଣ ସବୁ ସହ, ଆରେ ହୃଦୟ ସହ । ସଙ୍ଗୀତ ।
୨ । ଧୈର୍ଯ୍ୟଶୀଳ—2. Patient.
୩ । ନିର୍ଦ୍ଦୟ; ନିଷ୍ଠୁର; ନିଷ୍କରୁଣ—
3. Hard-hearted; cruel; unfeeling.
୪ । ଅତ୍ୟନ୍ତ ସାହସୀ; ନିର୍ଭୀକ—
4. Courageous; dauntless.

ପଥର ଖଡ଼ି—ଦେ. ବ.—(ସଂ. ପ୍ରସ୍ତର+ଖଟି)—ଚକ୍ ଖଡ଼ିଠାରୁ ଟାଣୁଆ
Pathara khardi ପଥର; ଖଡ଼ିପଥର—Chalk stone.

ପଥର ଗାର—ଦେ. ବ.—ପଥର ଉପରେ ପକା ଯିବା ରେଖା—
Pathara gāra A line drawn on stone.
পাথরের উপর দাগ ଦେ. ବଣ.—(ଲକ୍ଷଣାର୍ଥ); ପଥର ଉପରେ ଗାର
पत्थरकी लकीर ପଡ଼ିଲେ ଯେପରି ଦୃଢ଼ଭାବରେ ରହେ ଓ ଲିଭେ
ପଥରର ଗାର } ଅନ୍ୟରୂପ ନାହିଁ ସେହିପରି)—୧ । ଚିରସ୍ଥାୟୀ—
ପଥରରେ ଗାର 1 (figurative) Long last-
(ପାଣିର ଗାର—ଅନ୍ୟରୂପ) ing; permanent; firm as a rock.

୨ । ଅଟଳ (ଅଙ୍ଗୀକାର ବା ପ୍ରତିଜ୍ଞା), ଅପରିବର୍ତ୍ତନୀୟ—
2. Inviolable (promise); unchangeable.

ପଥର ଗୁଠୁ—ଦେ. ବି.—ଏକ ପ୍ରକାର ମଧୁରଜଳଜାତୀୟ ମାଛ—
Pathara guṭu A kind of freshwater fish.
[ଦ୍ର— ଏମାନେ ପାଣିରେ ପଥର ସଙ୍ଗରେ ରହନ୍ତି; ଦେହ କଳଲ ପରି କଳା ।]

ପଥର ଗେରୁ—ଦେ. ବି. (ବୈଦ୍ୟକ)—ଗୈରିକ (୧) (ଦେଖ)
Pathara geru Gairika (1) (See)

ପଥର ଚି(ଚୁ)ପୁଡ଼ିବା—ଦେ. କ୍ରି.—(ଲକ୍ଷଣାର୍ଥ; ପଥରକୁ ଚିପୁଡ଼ିବା
Pathara chi(chu)purdibā ଯେଉଁପରି ଅସମ୍ଭବ ସେହିପରି)—
ପାଥର ନିঙড়ান ୧ । ଯେଉଁ କର୍ମରୁ ଫଳ ଲାଭ ନ ହେବ, ଫଳ ଲାଭ
पत्थर निचोड़ना ଆଶାରେ ସେପରି କାର୍ଯ୍ୟ କରିବା—1. To do a thing from which it is imposible to get any result.
୨ । ଅତି କୃପଣ ଓ ଅଦାତା ଠାରୁ କିଛି ଦାନ ଆଶା କରିବା—
2. To hope for any gift from a miser.

ପଥର ଚୂନ—ଦେ ବି.—ପଥର ପୋଡ଼ି କରି ତହିଁରୁ ପ୍ରସ୍ତୁତ ଚୂନ—
Pathara chūna Stone lime.
ପାথরচুন **पत्थरकाचूना**

ପଥର ଟାଶରା—ପ୍ରାଦେ. (ଗଡ଼ଜାତ) ବି.—ସମତଳ ବିସ୍ତୃତ ପଥର—
Pathara ṭāsarā A big level slab of stone.

ପଥର ପାଣି ହୋଇ ଯିବା—ଦେ. ବି.—(ଲକ୍ଷଣାର୍ଥ) ଅତ୍ୟନ୍ତ ନିଷ୍ଠୁର
Pathara pāṇi hoi jibā ହୃଦୟ ମଧ୍ୟ ଦୟାରେ ତରଳିଯିବା—
पत्थर पिघलना, पत्थर पसीजना The melting of a very hard heart.
ପଥର ପାଣି ହେବା } ଅନ୍ୟରୂପ
ପଥର ପାଣେଇବା }
ସେ କାନ୍ଦ ଶୁଣିଲେ ପଥର ବି ପାଣି ହୋଇଯିବ ।
ମଳକଣ୍ଠଦାସ. ପିଙ୍ଗଳ ସମ୍ପୂର୍ଣ ।

ପଥର ଫୋଡ଼—ଦେ. ବି. (ସଂ. ନାମ, ପାଷାଣଭେଦୀ) ତୁଳସୀ ଜାତ ପୋଷ
Pathara phorḍa ଗୁଳ୍ମ—Coleus Aromaticus.
ପାথর চূর **पत्थरचूर** (a herbarious plant).
[ଦ୍ର—ତୁଳସୀୟାଦ ବର୍ଗର ଶାକବିଶେଷ, ପତ୍ର ସୁଗନ୍ଧ, ମୋଟା ଓ ମାଂସଳ ଏବଂ ଶିରାଯୁକ୍ତ । ପତ୍ର ଓ ଡାଳ ଭାଙ୍ଗିବା ସହଜ । ଫୁଲ ଛୋଟ ଛୋଟ ଓ ଈଷତ୍ ନାଲି । ପେଟ ବିଗିଡ଼ିଲେ ଏ ପତରକୁ ମରିଚ ସଙ୍ଗେ ବାଟି ପିଅନ୍ତି ।]

ପଥର ବାଉରାଣୀ—ଦେ. ବି ସ୍ତ୍ରୀ—ନିରାଶ୍ରୟା ସ୍ତ୍ରୀଲୋକ—
Pathara bauraṇi A helpless woman.

ପଥର ବାସନ—ଦେ. ବି.—ପଥରରେ ନିର୍ମିତ ପାତ୍ରାଦ—
Pathara bāsana Stone utensils.
ପাথরে বাসন **पत्थरका बरतन**

ପଥର ଭିକା(ଖା)ରି—ଦେ. ବି. ପୁଂ—୧ । ଗୃହହୀନ ଭିକ୍ଷୁକ; ଯେ ବାଟରେ
Patbara bhikā(khā)ri ବୁଲି ଭିକ୍ଷା କରେ—1. A homeless beggar.
ପথের ভিকারী **पथका भिखारी**
[ପଥର ଭିକା(ଖା)ରୁଣୀ—ସ୍ତ୍ରୀ] ୨ । ଅତ୍ୟନ୍ତ ଗରିବ ଓ ବାସସ୍ଥାନ ହୀନ ବ୍ୟକ୍ତି—2. An utterly destitute and homeless person.

ପଥର ମୁଣ୍ଡି—ଦେ. ବି.—ଲୁଣି ମାଛ ବିଶେଷ—
Pathara muṇḍi A kind of fish found in the sea
[ଦ୍ର—ଏହାର କାତି ଥାଏ । ଏହା ୭ ଇଞ୍ଚ ଲମ୍ବ । ଏ ମାଛର ମୁଣ୍ଡ ଉପରୁ ବାଲିଗରଡ଼ା ପରି ପଥର ବାହାରେ ।]

ପଥର ମୁଣ୍ଡେଇ—ଦେ. ବି.—ଏକପ୍ରକାର ନାଲି ବିଷାକ୍ତ ସାପ—
Pathara muṇḍei A kind of red coloured poisonous snake

ପଥରର ଛାତି—ଦେ. ବି.—୧ । ଅତି ନିଷ୍ଠୁର ହୃଦୟ—
Pathārara chhāti 1. Hard heart.
ପাথরের বুক ୨ । ଦୁଃଖ ଶୋକାଦିରେ ଅବିଚଳିତ ମନ—
पत्थरकी छाती 2. A mind which is not moved by any feeling; unperturbed mind
ପଥରର ବୁକୁ }
ପଥର ହୃଦୟ } ଅନ୍ୟରୂପ
ପଥର ଛାତି }
୩ । ଅତ୍ୟନ୍ତ ଧୈର୍ଯ୍ୟଶୀଳ ମନ—
3. Very patient mind.
୪ । ଅତ୍ୟନ୍ତ ସହନଶୀଳ ହୃଦୟ—4. A mind which can bear much suffering.

ପଥର ଶଙ୍ଖାଳି—ଦେ. ବି—ବାଟରେ ସହାୟ ହେବା ପଦାର୍ଥ—
Pathara śaṅkhāḷi Help on the way.
(ପଥରୁ ଶଙ୍ଖାଳି—ଅନ୍ୟରୂପ) ତୋ ନାମ ପଥରୁ ଶଙ୍ଖାଳି —
ଜଗନ୍ନାଥ. ଭାଗବତ ।

ପଥରୋଧ—ସଂ. ବି. (୬ଷ୍ଠୀ ତତ୍; ପଥ+ରୋଧ)—ଯିବା ବାଟରେ
Patharodha ଉପସ୍ଥିତ ବାଧା—Obstruction of one's path.

ପଥଶରମ—ଦେ. ବି. (ସଂ. ପଥଶ୍ରମ)—୧ । ପଥଶ୍ରମ; ବାଟ ଚାଲିବା
Pathaśarama ଯୋଗୁଁ ଜନ୍ମିବା କ୍ଳାନ୍ତି—
1. Fatigues of journey.
ପଥଶର୍ମ }
ପନ୍ଥଶରମ } ଅନ୍ୟରୂପ ୨ । (ସଂ. ପରିଶ୍ରମ) ପରିଶ୍ରମ—
ପନ୍ଥଶର୍ମ }
2. Labour; toil.

ପଥଶରମି—ଦେ. ବିଣ. (ସଂ. ପଥଶ୍ରମୀ)—୧ । ପଥଶ୍ରାନ୍ତ; ଭ୍ରମଣକ୍ଳାନ୍ତ—
Pathaśarami 1. Tired or fatigued with journey.
(ପଥଶର୍ମି—ଅନ୍ୟରୂପ) ୨ । (ସଂ. ପରିଶ୍ରମୀ) ପରିଶ୍ରମଶୀଳ—
2. Laborious.

ପଥଶ୍ରମ—ସଂ. ବି. (ମ. ପ. କ୍ଳୋ; ପଥଶ୍ରାନ୍ତ)—୧ । ଭ୍ରମଣଜନିତ କ୍ଳେଶ—
Pathaśrama 1 Troubles of a journey.
୨ । ଭ୍ରମଣଜନିତ କ୍ଳାନ୍ତି—
2. Fatigues of a journey.
ଗ୍ରା. ବି—ପରିଶ୍ରମ—Labour; exertion.

ପଥଶ୍ରମୀ—ସଂ. ବିଣ. ପୁଂ. (ପଥଶ୍ରମ+ଇନ୍; ୧ମା.୧ବ.)—ପଥଶ୍ରାନ୍ତ—
Pathaśrami Fatigued by a journey.
(ପଥଶ୍ରମିଣୀ—ସ୍ତ୍ରୀ) ଗ୍ରା. ବିଣ—ପରିଶ୍ରମୀ—Laborious.
ଦେଖ ପଣ୍ଡିତ ମୋର ସ୍ୱାମୀ
ତପ ସାଧନେ ପଥଶ୍ରମୀ — ଜଗନ୍ନାଥ. ଭାଗବତ ।

ପଥଶ୍ରାନ୍ତ—ସଂ. ବିଣ. ପୁଂ—ବାଟ ଚାଲି ଚାଲି କ୍ଳାନ୍ତ—
Pathaśrānta Tired with the journey; way worn.

ପଥଶ୍ରାନ୍ତି—ସଂ. ବି · ବାଟ ଚାଲିବା ଯୋଗୁଁ କ୍ଳାନ୍ତି—
Pathaśrānti Fatigues due to a journey

ପଥହରା—ଦେ. ବଣ—(ସ. ପଥ + ହୃ ଧାତୁ)—ଯେଉଁ ଲୋକ ଗନ୍ତବ୍ୟ
Patha harā ପଥକୁ ଭୁଲି ଅବାଟରେ ଯାଉଛି; ପଥ ହରାଇଥିବା;
ପଥହାର ବାଟ ବଣା—Having lost one's way.

ପଥି—ଦେ. ବି—୧ । (ସ. ପଥ୍ୟ) ରୋଗୀର ଯୋଗ୍ୟ ଖାଦ୍ୟ; ସୁପଥ୍ୟ—
Pathi 1. Invalid's diet; food beneficial for an
ପତ୍ତି invalid; regimen.
परहेज ୨ । ସଦ୍ୟ ପ୍ରସୂତିର ପଥ୍ୟ ଖାଦ୍ୟ—2. Fit diet for the newlly delivered mother.
୩ । (ସ. ପଥିନ୍) ପଥିକ—
3. Traveller; wayfarer.
ସ. ବି. ୧ । (ପଥ୍ ଧାତୁ=ଗମନ କରିବା+ଅଧିକରଣ. ଇ)
ପଥ; ମାର୍ଗ—1. Path; road; course.
ପରକୁ ଏହି ପ୍ରକାର ରୀତି, ପଠନେ ଗାନେ ଭାଳର ଗତି
ପାଇବା ତଥା ବୈକୁଣ୍ଠପଥି, ପାଇବା ସାଧ ହେ—ଅନନ୍ତ ଦାସ, ଭକ୍ତି ଉଲ୍ଲାସ,
୨ । ମତବାଦ; ମତବାଦୀ ସମ୍ପ୍ରଦାୟ—
2. Sect; doctrine (M. W)
୩ । ନରକବିଶେଷ—3. A divisicn of hell. (M. W)
ଦେ. ବଣ—ରୋଗୀର ପଥ୍ୟ (ଖାଦ୍ୟ)—(food) Beneficial for an invalid

ପଥିକ—ସ. ବଣ. ପୁଂ. (ସ. ପଥିନ୍=ପଥ+ଗତ୍ୟର୍ଥରେ. କ)—
Pathika ୧ । ପଥଭ୍ରମଣକାରୀ—1. Wayfaring; travel-
(ପଥିକା—ସ୍ତ୍ରୀ) ling.
୨ । ଗୃହଠାରୁ ବହୁଦୂରସ୍ଥ ବିଦେଶବାସୀ; ପ୍ରବାସୀ—
2. Sojourning.
ସ. ବି—୧ । ପାନ୍ଥ; ବାଟୋଇ—1. Traveller; wayfarer.
୨ । ବିଦେଶବାସୀ ବ୍ୟକ୍ତି; ପ୍ରବାସୀ—2. Sojourner.
୩ । ପଥଦର୍ଶକ—A guide (M. W,)

ପଥିକଜନ ବଧୂ—ସ. ବି (କର୍ମଧା ଓ ୬ଷ୍ଠୀ ତତ୍; ପଥିକ+ଜନ+ବଧୂ)
Pathikajana badhū ଯେଉଁ ସ୍ତ୍ରୀର ସ୍ୱାମୀ ପ୍ରବାସୀ—Wif- of a sojournere.

ପଥିକ ନିବାସ—ସ. ବି (୬ଷ୍ଠୀ; ପଥିକ+ନିବାସ)—ପାନ୍ଥ ନିବାସ; ଚଟି—
Pathika nibāsa A serai; traveller's resting place;
(ପଥିକ ବାସ, ପଥିକ ଶାଳା, ପଥିକାଶ୍ରୟ—ଅନ୍ୟରୂପ) an inn.

ପଥି କରିବା—ଦେ. କ୍ରି—(ରୋଗୀ) ପଥ୍ୟ ଖାଇବା—
Pathi kariba To take diet (said of an invalid).
(ପଥି ଧରିବା—ଅନ୍ୟରୂପ) ପତ୍ତିକରା **पथ्य करना**

ପଥିକା—ସ. ବି. ଓ ବଣ. ସ୍ତ୍ରୀ (ପଥିକ+ଆ)-ପଥିକର ସ୍ତ୍ରୀଲିଙ୍ଗ—
Pathikā Feminine of Pathika.
ସ. ବି—ମୁନକ୍କା; ନାଲି ଦ୍ରାକ୍ଷାଫଳ (ହ, ଷ.)—
Red grapes. (M. W)

ପଥି ଜଗିବା—ଦେ. କ୍ରି—(ରୋଗୀ) କୁପଥ୍ୟ ତ୍ୟାଗ କରି ସୁପଥ୍ୟ ଖାଇବା-
Pathi jagibā To live on a regular diet which is
ପଥ୍ୟେତେଥାକା **पथ्यसेरहना** beneficial for an invalid.
(ପଥି ଜଗି ଚଳିବା, ପଥି ଧାରି ରକ୍ଷିବା, ପଥିରେ ରହିବା—ଅନ୍ୟରୂପ)

ପଥି ଦେୟ—ସ. ବି. (୬ଷ୍ଠୀ ତତ୍; ପଥିନ୍ + ଦେୟ)—ରାଜପଥରେ ଯିବା
Pathi deya ବ୍ୟକ୍ତିମାନଙ୍କଠାରୁ ଆଦାୟ କରାଯିବା ଶୁଳ୍କ—
A toll levied on a public road. (M. W)

ପଥି ଦ୍ରୁମ—ସ. ବି.—ଖଇର ଗଛ—
Pathi druma Acacia Catechu (tree).

ପଥି ପଥ—ଦେ. ବି—ବଡ଼ ରାସ୍ତାକୁ ଲାଗିଥିବା ଛୋଟ ରାସ୍ତା ବା ଗଳି—
Pathi patha Lane
କାନ୍ତ କଳାନ୍ତ ଅଥବା ଯେଣ
ପଥି ପଥେ ମିଳିଲେ ତେଣ—ପ୍ରାଚୀ. ରସବାରିଧି ।

ପଥି ମଧ୍ୟରେ—ଦେ. ଅ (ସ. ପଥିମଧ୍ୟ ଶବ୍ଦର ୭ମୀ ବିଭକ୍ତି)—ଅଧ
Pathi madhyare ବାଟରେ; ବାଟରେ—Half way on
(ପଥି ମଧ୍ୟେ—ଅନ୍ୟରୂପ) the road; on one's way.
ପଥିମଧ୍ୟେ **पथिमधेर**

ପଥିଲ—ସ. ବି—(ପଥି+ଲା ଧାତୁ+କର୍ତ୍ତୃ. ଅ)—ପଥିକ; ପାନ୍ଥ—
Pathila Traveller; wayfarer. (M. W)

ପଥୀ—ସ. ବି. ପୁଂ. (ପଥ+ଇନ୍; ୧ମା. ୧ବ)—୧ । ପଥିକ—
Pathī Traveller.
୨ । ପଥ ଦର୍ଶକ—2. Guide.
କୃଷ୍ଣ ଯାହା ହୁଦେ ପଥୀ, କୃଷ୍ଣ ପଞ୍ଚମୀ ଯେ ତଥି ।
(ପଥିନୀ—ସ୍ତ୍ରୀ) ଭକ୍ତ, କୋଟୀବ୍ରହ୍ମାଣ୍ଡସୁନ୍ଦରୀ ।

ପଥୀୟ—ସ. ବଣ. (ପଥ+ଇୟ) ୧ । ପଥ ସମ୍ବନ୍ଧୀୟ—
Pathīya 1. Relating to the road.
୨ । ସମ୍ପ୍ରଦାୟ ସମ୍ବନ୍ଧୀୟ—
2. Sectorial; relating to a sect.

ପଥୁକି—ଗ୍ରା. ବି (ସ. ପଥିକ)—ପଥିକ; ପାନ୍ଥ—
Pathuki way farer; traveller.
ପଥୁୟା ଫୁଟିଲୁ ସଙ୍ଗ ବାଂଟେ ଭୂମି
मुसाफीर, राहगोर ପଥିକ ପ୍ରାୟେ ପଥଶ୍ରମୀ—ଜଗନ୍ନାଥ. ଭାଗବତ ।
ଗ୍ରା· ବଣ—୧ । ପଥ ଭ୍ରମଣକାରୀ; ପଥିକ—
1. Travelling; wayfaring.
୨ । ଅନୁଭବୀ—2. Experienced.

ପଥୁକି ବଧୂ-ଗ୍ରା. ବି. (ସ. ପଥିକ ବଧୂ)—ଯେଉଁ ସ୍ତ୍ରୀର ସ୍ୱାମୀ ପ୍ରବାସୀ—
Pathuki badhū Wife of a sojourner.
ମଦନ ପ୍ରବଳ ମନରେ ଜାତ
ପଥିକବଧୂ ବଳାପର ତତ—ପ୍ରାଚୀ, ରହସ୍ୟମଞ୍ଜରୀ ।

ପଥୁରିଆ—ଦେ. ବି (ସଂ. ପ୍ରସ୍ତର)—୧ । ପଥର କାଟିବା ମିସ୍ତ୍ରୀ—
Pathuriā 1. A stone cutter; stone-mason.
ପାଥୁରେ ୨ । ପଥୁରିଆ ରୋଗ (ଦେଖ)—
पत्थर फोड़ा 2. Pathuriā roga (See)
ପାଥରିୟା ଦେ. ବଣ—୧ । ପଥରପରି ଟାଣୁଆ—
पथरीला 1. Hard as stone.
୨ । ପ୍ରସ୍ତରମୟ—2. Stony.

ପଥୁରିଆ ଟିଙ୍କ—ଦେ. ବି—(ପଥର ପରି) ଦୃଢ଼ ଶରୀର ଓ ଚେପ୍ଟା
Pathuriā ṭinka ଟିଙ୍କ—A kind of flat-bodied tick.
(ଦ୍ର—ଟିଙ୍କ ତଳେ କୋଠ ଦେଖ ।)

ପଥୁରିଆ ରୋଗ—ଦେ. ବି—ମୂତ୍ରାଶୟର ଅଶ୍ମରୀ ରୋଗ—
Pathuriā roga Gravel; the calculus of the
पाथरी पत्थरी bladder or the kidneys.
(ପଥୁରି ରୋଗ—ଅନ୍ୟରୂପ) [ଦ୍ର—ଏ ରୋଗୀର ମୂତ୍ରାଶୟରେ ପଥରର କ୍ଷୁଦ୍ର ରେଣୁମାନ କ୍ରମଶଃ ସମାଭୂତ ହୋଇ କାଳକ୍ରମେ ବଡ଼ ହୋଇଯାଏ ଓ ମୂତ୍ରାଶୟର ଦ୍ୱାରରେ ଏହା ଅଟକି ଯାଇଁ ପ୍ରସ୍ରାବ ନିର୍ଗମନରେ ବାଧା ଦିଏ ।]

ପଥୁରୀ—ଦେ. ବି. (ସଂ. ପ୍ରସ୍ତରଣୀ)—୧ । ପଥର ବାସନ—
Pathuri 1. Stoneware; stone utensil.
पाथरी ୨ । ପଥରର କଂସା, ଗିନା ବା ଛୁଣ୍ଡୀ—
पथरौटा, पथरौटी, पथरी 2. A cup of stone.

ପଥ୍ୟ—ସଂ. ବିଣ. (ପଥ୍ ଧାତୁ=ଗମନ କରିବା+ଯୋଗ୍ୟାର୍ଥେ ଯ)—
Pathya ୧ । ଉପକାରକ; ହିତକର—1. Beneficial.
୨ । ଯୋଗ୍ୟ—2. Fit; proper.
୩ । ସ୍ୱାସ୍ଥ୍ୟକର—3. Healthy; wholesome.
୪ । (ପଥ+ଯ) ପଥସମ୍ବନ୍ଧୀୟ—
4. Belonging to the way.
ସଂ. ବି—୧ । ରୋଗୀର ଯୋଗ୍ୟ ଆହାର; ପଥି—
1. Invalid's diet; regimen.
୨ । ସୁପଥ୍ୟ ଖାଦ୍ୟ—2. Beneficial diet.
୩ । ସୈନ୍ଧବଲୁଣ (ପ୍ର. ଶ.)—3. Rock salt.
୪ । ହିତ; ମଙ୍ଗଳ—4. Good; benifit.
୫ । ଶ୍ରେଷ୍ଠ ହରିଡ଼ା ଗଛ—5. Small myrobalan tree; Terminalia or Citrina. (M. W).

ପଥ୍ୟା—ସଂ. ବି. ସ୍ତ୍ରୀ. (ପଥ୍ୟ+ସ୍ତ୍ରୀ. ଆ)—୧ । ହରିଡ଼ା; ହରିତକୀ—
Pathyā 1. Myrobalan
୨ । ରାସ୍ତା; ବାଟ—
2. Path; way; road. (M. W).
୩ । ସଂସ୍କୃତ ଛନ୍ଦୋବିଶେଷ—
3. Name of a Sanscirt metre.
୪ । ଚିର୍ଭିଟା (ପ୍ର. ଶ.); କାକୁଡ଼ି—4. Cucumber.
୫ । ଗଙ୍ଗା (ପ୍ର. ଶ.)—5. The river Ganges.
୬ । ଲବଣବିଶେଷ—6. A kind of salt (M. W).

ପଥ୍ୟାପଥ୍ୟ—ସଂ ବିଣ. (ଦ୍ୱନ୍ଦ୍ୱ; ପଥ୍ୟ+ଅପଥ୍ୟ)—ପଥ୍ୟ ଓ ଅପଥ୍ୟ
Pathyāpathya (ଖାଦ୍ୟ)—(foods) Wholesome and unwholesome.

ପଥ୍ୟାଶୀ—ସଂ. ବିଣ. ପୁଂ. (ପଥ୍ୟ+ଅଶ୍ ଧାତୁ+ଇନ୍; ୧ମା. ୧ବ)—
Pathyāsi ଯେ ପଥ୍ୟ ଖାଏ—Eating wholesome diet.
(ପଥ୍ୟାଶିନୀ—ସ୍ତ୍ରୀ)

ପଦ୍ (ଧାତୁ)—ସଂ—୧ । ଗମନ କରିବା—
Pad (root) 1. To go.
୨ । ଦୃଢ଼ରୂପେ ଠିଆ ହେବା—
2. To stand fast or fixed. (M. W).

ପଦ୍ରା—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—ପାଦୁଡ଼ା; ପାଦୁରା—
Pad-rā Given to much breaking wind.
(ପଦ୍ରୀ—ସ୍ତ୍ରୀ)

ପଦ୍ରା ପୋକ—ପ୍ରାଦେ. (ସମ୍ବଲପୁର)—ପାଦୁରା ପୋକ (ଦେଖ)
Pad-rā poka Pārdurā poka (See)

ପଦ—ସଂ. ବି. (ପଦ୍ ଧାତୁ=ଗମନ କରିବା+କରଣ. ଅ)—
Pada ୧ । ଚରଣ; ଗୋଡ଼—1. Leg.
୨ । ତଳପା; ପାଦ—2. Foot; sole of the foot.
୩ । ପଦଚିହ୍ନ—3. Foot print.
୪ । ଲକ୍ଷ୍ୟ—4. Aim.
୫ । (ବ୍ୟାକରଣ) ବାଚକ ଶବ୍ଦ; ବିଭକ୍ତିଯୁକ୍ତ ଶବ୍ଦ—
5. An inflected word; a word derived from a root.
[ଦ୍ର—ଶବ୍ଦରେ ବିଭକ୍ତି ଯୁକ୍ତ ହେଲେ ତାହାକୁ ପଦ ବୋଲାଯାଏ ।]
୬ । ଅବସ୍ଥାନ; ସ୍ଥାନ—6 Spot; station.
୭ । ଶ୍ଳୋକର ଚରଣ; ଶ୍ଳୋକର ପାଦ—
7. Foot of a verse; quarter of a verse.
୮ । ଉପାଧି; ପଦବୀ—
8. Rank; title; position in life.
୯ । ଆଧିପତ୍ୟ—9. Mastery.
୧୦ । ଚିହ୍ନ—10. Trace; mark.
୧୧ । ସମ୍ମାନସୂଚକ ଅଧିକାର; ଚାକିରି—
11. Office; employment.
୧୨ । ଐଶ୍ୱର୍ଯ୍ୟ; କ୍ଷମତା—12. Power; affluence.
୧୩ । ସମ୍ମାନ; ମର୍ଯ୍ୟାଦା; ଗୌରବ—13. Dignity.
୧୪ । ଛଳ; କପଟ—14. Guile; deceit.
୧୫ । ନିନ୍ଦା, ପ୍ରଶଂସା ଆଦିର ବିଷୟ—
15. Subject; object of praise or blame.
୧୬ । ପ୍ରକରଣ; ଗ୍ରନ୍ଥର ବିଭାଗ—16. Chapter.
୧୭ । ବାକ୍ୟ—17. Sentence.
୧୮ । ବସ୍ତୁ; ପଦାର୍ଥ—18. Article; thing.
୧୯ । କିରଣ—19. Ray of light.
୨୦ । ଚତୁର୍ଥାଂଶ—20. Quarter; a fourth part.
୨୧ । ଯୋଗ୍ୟତା ଅନୁସାରେ କୌଣସି ବ୍ୟକ୍ତିର ସ୍ଥାନ (ପ୍ର. ଶ.)—
21. Position according to one's fitness.
୨୨ । ମୋକ୍ଷ; ନିର୍ବାଣ; ମୁକ୍ତି (ପ୍ର. ଶ.)—
22. Final beatitude; salvation.
୨୩ । ପ୍ରଦେଶ (ପ୍ର. ଶ.)—
23. Province; part of a country.
୨୪ । ଈଶ୍ୱରଭକ୍ତି ସମ୍ବନ୍ଧୀୟ ଗୀତ; ଭଜନ; ପଦ୍ୟରେ ରଚିତ ସ୍ତବ—
24. Hymn; prayer in verse.
୨୫ । ପଦକ୍ଷେପ—35. Step; pace; stride. (Apte).
୨୬ । ଛାପ—26. Impression. (Apte).
୨୭ । ସମ୍ମାନସୂଚକ ପଦବୀ ବା ଉପାଧି—
27. Dignty; honorific title.
୨୮ । ଆଧାର—28. Receptacle. (Apte).
୨୯ । ବାହାନା—29. Pretext. (Apte).

୩୦ । (ଗଣିତ) ବର୍ଗମୂଳ—
30. (arithmetic) Square root. (Apte).
୩୧ । ରକ୍ଷା; ଆଶ୍ରୟ—
31. Protection; preservation (Apte).
୩୨ । ପଶା ବା ସତରଞ୍ଜ ପାଲିର ଘର—
32. A square or house on a chess-board.(Apte)
୩୩ । ବାକ୍ୟର ଅଂଶ—
33. Part of a sentence. (Apte).
୩୪ । କ୍ଷେତ୍ର—34. A plot of ground. (Apte).
ଦେ. ବି—୧ । ଗୀତ—1. Song.
୨ । ପଦ୍ୟ—2. Poetry.
୩ । ଗାରଡ଼ି ମନ୍ତ୍ର—3. Charm; magical sentence or incantation; estoteric or magical formula.
୪ । ଆଦେଶ—4. Order.
୫ । ମାର୍ଗ; ପଥ—5. Path.
ପାପ ପଦେ ଦେବ ଧର୍ମେ ଦେଲୁ ପୃଷ୍ଠାଞ୍ଜଳ—ଚିନ୍ତାମଣି, ଜନ୍ମାବଧ୍ୟ ।
୬ । ବାହନ—6. Conveyance.
କରୁଣାସାଗର ଧର୍ମ୍ମ ଚକ୍ଷୁଧର—
ପଦ ଏସ ପରକାଶେ ସେ ଜାନିଲା । ଗାଳକୃଷ୍ଣ, ଇସକଣ୍ଟୋଳ ।
୭ । ପଦ୍ମନାଭର ଡାକ ନାମ—
7. Name for calling Padmanābha.

ପଦକ—ସଂ. ବି. (ପଦ+ସଙ୍ଖ୍ୟାର୍ଥ.କ)—୧ । ଲିପିଯୁକ୍ତ ମୁଦ୍ରାକୃତି ଧାତୁ ଖଣ୍ଡ;
Padaka ତକମା—2. Medal.
୨ । କଣ୍ଠହାରସ୍ଥ ମୁଦ୍ରାକୃତି ବର୍ତ୍ତୁଳ ଫଳକବିଶେଷ—
2. A coin-like ornament for the neck.
୩ । ନିଷ୍କ—3 A standard weight of gold.
ଦେ. ବି—୧ । ଏକ ପଦ ବା ବାକ୍ୟ ମାତ୍ର—
(ପଦିକ, ପଦେ—ଅନ୍ୟରୂପ) 1. One sentence only.
୨ । ପଦାତି—2. Foot solder.
ବାହ ଗଜ ରଥ ପଦକ । ଉତ୍କ. ବୈଦେହୀଶବିଳାସ ।

ପଦ କଟକ—ସଂ. ବି—ନୂପୁର—
Pada kaṭaka A tinkling ornament worn round the ankles.
ହସ୍ତ ବଳୟ ପଦ କଟକର, ସ୍ୱନ ଶ୍ରୁତ ନର୍ତ୍ତନ ହର୍ଷର ।
ଭକ୍ତ. ପ୍ରେମସୁଧାନିଧି ।

ପଦ କମଳ—ସଂ. ବି—(ରୂପକ କର୍ମଧା; ପଦ+କମଳ—ଭକ୍ତିସୂଚକ
Pada kamala ପ୍ରୟୋଗ) ପାଦପଦ୍ମ; ପଦ୍ମପାଦ; ପଦ୍ମପରି ସୁନ୍ଦର ଗୋଡ଼—Lotus foot; foot as lovely as the lotus.
ପଦ ନଳିନ, ପଦ ସରୋଜ, ପଦାବ୍ଜ, ପଦାମ୍ବୁଜ, ପଦାମ୍ଭୋଜ, ପଦାରବିନ୍ଦ, ପଦ ପଙ୍କଜ, ପଦ ପଦ୍ମ } ଅନ୍ୟରୂପ

ପଦ କାଟୁ କରିବା—ଦେ. ବି—ମନ୍ତ୍ର ସଫଳ ହେବା—
Pada kāṭu kariba The taking effect of an incantation.

ପଦକାର—ସଂ. ବି. (ପଦ+କୃ ଧାତୁ+କର୍ତ୍ତୃ. ଅ)—୧ । ବେଦର ମନ୍ତ୍ର-
Padakāra ପଦ-ବିଭାଜକ ଗ୍ରନ୍ଥ ପ୍ରଣେତା—1. The author of the work which paraphrases vedic fomulae.
(ପଦକୃତ୍—ଅନ୍ୟରୂପ)
୨ । ଗୀତ ରଚୟିତା—2. Composer of a song.
୩ । କବି—3. Poet.

ପଦ କ୍ରମ - ସ. ବି. (୬ଷ୍ଠୀ ତତ୍; ପଦ+କ୍ରମ)—୧ । ଚାଲିବା—
Pada krama 1. Walking.
୨ । ପଦକ୍ଷେପ; ପାହୁଣ୍ଡ—2. Step.

ପଦ କ୍ଷେପ—ସ. ବି (୬ଷ୍ଠୀ ତତ୍; ପଦ+କ୍ଷେପ)—୧ । ପାହୁଣ୍ଡ ପକାଇ
Pada kshepa ଚାଲିବା; ପଦାର୍ପଣ—1. Stepping; pacing.
ପଦ କ୍ଷେପଣ, ପଦ ବିକ୍ଷେପ, ପଦପାତ } ଅନ୍ୟରୂପ
୨ । ପାହୁଣ୍ଡ—
2. Pace.

ପଦଗ—ସ. ବିଣ. ପୁଂ—(ପଦ+ଗମ୍ ଧାତୁ+କର୍ତ୍ତୃ. ଅ)—ପଦଗାମୀ—
Padaga Walking.
(ପଦଗା—ସ୍ତ୍ରୀ) ସଂ. ବି—୧ । ପଦାତି—1. Foot solder.
୨ । ପିଆଦା—2 Peon.
ଦେ. ବି.—ପଦଗମନ; ପାଦରେ ଚାଲିକରି ଯିବା—
Walking on foot.
ତରଣୀ ପ୍ରଭୃ ନାବେଣ୍ଟେ ଶୋଭନ୍ତି ବଡ଼ାଇ ପଦଗରେ ଭଡ଼ ।
ଭକ୍ତ. କୋଶଳପ୍ରିଣ୍ଟାଶୁସୁନ୍ଦର ।

ପଦ ଗତି—ସ. ବି(୬ଷ୍ଠୀ ତତ୍; ପଦ+ଗତି)—ଚାଲିବାର ଢଙ୍ଗ; ଚାଲି—
Pada gati Gait, manner of going or walking (Apte)

ପଦ ଗର୍ବ—ସଂ. ବି (ମ. ପ. ଲୋ. କର୍ମଧା; ପଦଜନିତ ଗର୍ବ)—ଅଧିକାର
Pada garba ଯୋଗୁଁ ମନରେ ହେବା ଗର୍ବ—Pride of power; vanity arising out of one's high position.

ପଦ ଗର୍ବିତ—ସଂ. ବିଣ. ପୁଂ. (୫ମୀ ତତ୍; ପଦ+ଗର୍ବିତ)—ଅଧିକାର
Pada garbita ପାଇବା ଯୋଗୁଁ ଗର୍ବ ପ୍ରକାଶ କରିବା (ବ୍ୟକ୍ତି)—
(ପଦଗର୍ବୀ—ଅନ୍ୟରୂପ) Proud of one's power.
[ପଦ ଗର୍ବିତା, ପଦ ଗର୍ବିଣୀ—ସ୍ତ୍ରୀ]

ପଦ ଗୌରବ—ସଂ. ବି (୬ଷ୍ଠୀ ତତ୍; ପଦ+ଗୌରବ)—ପଦ ବା
Pada gauraba ଆଧିପତ୍ୟ ଜନିତ ସମ୍ମାନ—Dignity of a position or station.
(ପଦ ମର୍ଯ୍ୟାଦା—ଅନ୍ୟରୂପ)

ପଦଚର—ସଂ. ବି. (ପଦ+ଚର୍ ଧାତୁ+କର୍ତ୍ତୃ. ଅ)—ପଦାତିକ
Padachara (ହି. ଶ.) Foot soldier.

ପଦ ଚାରଣ—ସଂ. ବି—ଚାଲିବା; ଟହଲିବା; ପାଇଚାରି—
Pada chārana Walking.

ପଦଚାରୀ—ସଂ. ବିଣ. ପୁଂ. (ପଦ+ଚର୍ ଧାତୁ+କର୍ତ୍ତୃ. ଇନ୍ ୧ମାଃ ୧ବ)—
Padachāri ଗୋଡ଼ରେ ଚାଲିବା (ବ୍ୟକ୍ତି)—a person) Walking on foot.
(ପଦଚାରିଣୀ—ସ୍ତ୍ରୀ

ପଦ ଚିହ୍ନ—ସଂ. ବି. (୬ଷ୍ଠୀ ତତ୍; ପଦ+ଚିହ୍ନ)—ଚଲାପାଦ ଦାଗ;
Pada chihna ଭୂମିରେ ଚାଲିଲେ ପାଦର ଯେଉଁ ଚିହ୍ନ ବା ଦାଗ ଭୂମିରେ ପଡ଼େ—Footprint; footmark left on the ground.

ପଦଚ୍ଛାୟା—ସଂ. ବ. (୬ଷ୍ଠୀ ତତ୍; ପଦ—ଛାୟା; ସନ୍ଧି ଯୋଗୁଁ ଛ ସ୍ଥାନରେ
Padachchhāyā ଚ୍ଛ)—୧ । ଚରଣାଶ୍ରୟ —1. Patronage.
୨ । ପ୍ରଭୁ ବା ମହତ୍ ବ୍ୟକ୍ତିଙ୍କ ପାଦତଳେ ଶରଣ—
2. Taking shelter under the feet of a Deity or great personage.

ପଦଚ୍ଛେଦ—ସଂ. ବ (୬ଷ୍ଠୀ ତତ୍; ପଦ+ଛେଦ; ସନ୍ଧି ଦ୍ୱାରା ଛେ ସ୍ଥାନରେ
Padachchheda ଚ୍ଛେ)—(ବ୍ୟାକରଣ) ସନ୍ଧି ବା ସମାସଯୁକ୍ତ
ପଦବିଚ୍ଛେଦ, ପଦବିଗ୍ରହ } ଅନ୍ୟରୂପ — କୌଣସି ବାକ୍ୟରେ ଥିବା ପଦମାନଙ୍କୁ ପୃଥକ କରିବା—Resolution of a compound word or sentence into its component parts.

ପଦ ଚ୍ୟୁତ—ସଂ. ବିଣ. ପୁଂ (୫ମୀ ତତ୍; ପଦ+ଚ୍ୟୁତ)—୧ । ଅଧିକାର
Pada chyuta ଭ୍ରଷ୍ଟ; କୌଣସି ଅଧିକାରରୁ ବଞ୍ଚିତ କରା ଯାଇଥିବା-
(ପଦଭ୍ରଷ୍ଟ—ଅନ୍ୟରୂପ) 1. Removed from one's
(ପଦଚ୍ୟୁତା, ପଦଭ୍ରଷ୍ଟା—ସ୍ତ୍ରୀ) position.
(ପଦଚ୍ୟୁତ—ବି) ୨ । ବରଖାସ୍ତ ହୋଇଥିବା—2. Dismissed.

ପଦଜ—ସଂ. ବିଣ. (ପଦ+ଜନ୍ ଧାତୁ+କର୍ତ୍ତୃ. ଅ)—ପଦରୁ ଜାତ—
Padaja Born of the foot.
ସଂ. ବି.—୧ । ଗୋଡ଼ର ଅଙ୍ଗୁଠି—
1. The fingers of the leg.
୨ । (ବ୍ରହ୍ମାଙ୍କ ପଦରୁ ଶୂଦ୍ର ଜାତ ହୋଇଥିବାରୁ) ଶୂଦ୍ର—
2 A Śūdra.

ପଦ ଟୀକା—ସଂ. ବି. (ଆଧୁନିକ ବ୍ୟବହାର; ଇଂରାଜି ଫୁଟ୍‌ନୋଟ୍‌ର
Pada ṭikā ଅନୁବାଦ)—କୌଣସି ପୁସ୍ତକର ମୌଳିକ ଅଂଶରେ
(ପାଦଟୀକା—ଅନ୍ୟରୂପ) ଲେଖା ଥିବା ଦୁର୍ବୋଧ୍ୟ ବିଷୟର ବ୍ୟାଖ୍ୟା, ଯାହା କି ସେହି ପୃଷ୍ଠାର ନିମ୍ନ ଦେଶରେ ଲେଖା ଯାଇଥାଏ—
Footnote.

ପଦ ତଳ—ସଂ. ବି. (୬ଷ୍ଠୀ ତତ୍; ପଦ+ତଳ)—ତଳପା—
Pada taḷa Sole of the foot.

ପଦ ତ୍ୟାଗ—ସଂ. ବି. (୬ଷ୍ଠୀ ତତ୍; ପଦ+ତ୍ୟାଗ)—କର୍ମତ୍ୟାଗ; ଇସ୍ତଫା—
Pada tyāga Resignation.

ପଦ ତ୍ରାଣ—ସଂ. ବି. (ପଦ+ତ୍ରୈ ଧାତୁ+କର୍ତ୍ତୃ. ଅନ)—ଜୋତା—
Pada trāna (ପଦତ୍ରାତା—ଅନ୍ୟରୂପ) Shoes.

ପଦତ୍ରୀ—ସଂ. ବି.—ପକ୍ଷୀ (ହି. ଶ.)—
Padatri Bird.

ପଦ ଦଳିତ—ସଂ. ବିଣ.—(୩ୟା ତତ୍; ପଦ+ଦଳିତ)—ଚରଣ ମର୍ଦ୍ଦିତ—
Pada daḷita Trodden under the feet.

ପଦ ଦାରିକା—ସଂ. ବି. (ପଦ+ଦାରିକା)—ଗୋଡ଼ ଫାଟ ରୋଗ—
Pada dārikā A disease of the soles; chilblain.

ପଦ ଦୋଷ—ସଂ. ବି. (୬ଷ୍ଠୀ ତତ୍; ପଦ+ଦୋଷ)—ଯେଉଁ ଦୋଷ
Pada dosha ବାକ୍ୟ ମଧ୍ୟସ୍ଥ ପଦକୁ ଆଶ୍ରୟ କରି ରହିଥାଏ—
Some defects in composition as regards the component words.
[ଦ୍ର—ଶ୍ରୁତିକଟୁତା, ଅଶ୍ଳୀଳତା, ଅନୁଚିତତା, ଗ୍ରାମ୍ୟତା, ସନ୍ଦିଗ୍ଧତା, ନେୟାର୍ଥତା, ନିହତାର୍ଥତା, କ୍ଳିଷ୍ଟତା, ବିରୁଦ୍ଧମତିକାରିତା, ନିରର୍ଥକତା ଅସାଧୁତା, ଅନନୁଗୁଣତା, ପୁନରୁକ୍ତତା, ଅଧିକ ପଦତା, ନ୍ୟୂନପଦତା, ପତତ୍ ପ୍ରକର୍ଷତା, ଦୂରାନ୍ୱୟ, ଅକ୍ରମତା, ଅସମାନ କର୍ତ୍ତୃତ୍ୱ, ବଧେୟାବିମର୍ଷ, ଯତିଭଙ୍ଗ ଓ ପ୍ରସିଦ୍ଧିତ୍ୟାଗ—ଏହି ସବୁ ଦୋଷ ପଦଦୋଷର ଅନ୍ତର୍ଗତ ।]

ପଦ ଧୂଳି—ସଂ. ବି. (୬ଷ୍ଠୀ ତତ୍; ପଦ+ଧୂଳି)—ଚରଣ ରଜ; ପାଦ ତଳେ
Pada dhūḷi ଲାଗିଥିବା ଧୂଳି—The dust of one's foot.
[ଦ୍ର—ଗୁରୁଜନ ଓ ପୂଜ୍ୟବ୍ୟକ୍ତିଙ୍କ ପଦଧୂଳି ଶିଷ୍ୟ ଓ ବାଳକ ବାଳିକାମାନଙ୍କ ଉପରେ ପଡ଼ିଲେ ତାହା ଶୁଭଜନକ ବୋଲି ବିବେଚିତ ହୁଏ ।]

ପଦଧୂଳି ଦେବା—ଦେ. କ୍ରି.—୧ । ଗୁରୁଜନ ବା ପୂଜ୍ୟବ୍ୟକ୍ତିଙ୍କ ପାଦର
Padadhūḷi debā ଧୂଳିକୁ ଶିଷ୍ୟ ବା ବାଳକବାଳିକାଙ୍କ ଉପରେ
(ପଦଧୂଳି ପକାଇବା—ଅନ୍ୟରୂପ) ପକାଇବା—
পদধূলা দেওয়া 1. To lay the dust of the feet of the
पाँवों की धूल देना elders on a disciple or infant.
୨ । (ଲକ୍ଷଣାର୍ଥ) କୌଣସି ସ୍ଥାନରେ କାହେ ଯାଇ ଉପସ୍ଥିତ ହେବା; କୌଣସି ସ୍ଥାନରେ ପଦାର୍ପଣ କରିବା—
2. (figurative) To arrive at a place.

ପଦ ନ୍ୟାସ—ସଂ. ବି. (୬ଷ୍ଠୀ ତତ୍; ପଦ+ନ୍ୟାସ)—୧ । ପଦକ୍ଷେପ—
Pada nyāsa 1. Stepping; step; pace.
୨ । ପଦଚିହ୍ନ—2. Foot mark.
୩ । ଗୋଖରା (ଦେଖ)—3. Gokharā (See)

ପଦ ପକା(କେ)ଇବା—ଦେ. କ୍ରି.—୧ । ବାକ୍ୟ କହିବା—
Pada pakā(ke)ibā 1. To speak sentences.
୨ । ଗୀତ ବୋଲିବା—2 To sing songs.
୩ । ମନ୍ତ୍ର ଉଚ୍ଚାରଣ କରିବା—3. To utter incantations.
୪ । ରଚିତ ପଦ୍ୟରେ ମିତ୍ରାକ୍ଷର ମିଳାଇବା—
4. To harmonise the rhyme in a composition.
୫ । ପଦକ୍ଷେପ କରିବା—5. To step; to pace.

ପଦ ପଡ଼ିବା—ଦେ. ବି.—୧ । ପଦ୍ୟରେ ମିତ୍ରାକ୍ଷର ପଡ଼ିବା—
Pada paṛibā 1. Rhyming.
୨ । ବାକ୍ୟର କଥନ—2. Speaking of sentences.

ପଦ ପଦକେ—ଦେ. ଅ.—୧ । ପ୍ରତି ପଦରେ—
Pada padake 1. In every word or sentence.
পদে পদে ୨ । ପ୍ରତି ପଦବିକ୍ଷେପରେ—
बातों बातोंमे (ପଦେ ପଦେକେ—ଅନ୍ୟରୂପ) 2. At every step.
ନ ଜାଣି ରହୁଁକି ପଦ ବଢ଼ାଇଲେ ପଦପଦକେ ବିପତ୍ତି—ସଙ୍ଗୀତ ।
୩ । ପ୍ରତି ମୁହୂର୍ତ୍ତରେ—3. At every moment.

ପଦ ପଲ୍ଲବ—ସଂ. ବି. (ରୂପକ କର୍ମଧା; ପଦ+ପଲ୍ଲବ)—କିଶଳୟ ସଦୃଶ
Pada pallaba କୋମଳ ଚରଣ—Foot delicate like a tender leaf.

ପଦ ପାଠ—ସଂ. ବି. (୬ଷ୍ଠୀ ତତ୍; ପଦ+ପାଠ)—ବୈଦିକ ପଦମାନଙ୍କର
Pada pāṭha ପୃଥକ୍ ଲେଖନ ବା ଉଚ୍ଚାରଣ—
(ସଂହିତା ପାଠ—ବିପରୀତ) The arrangement of the vedic text in which each word is written and pronounced in its original form and independently of phonetic changes. (Apte.)

ପଦପୃଷ୍ଠ – ସଂ. ବି. (୬ଷ୍ଠୀ ତତ୍; ପଦ + ପୃଷ୍ଠ) – ଗୋଡ଼ ତଳପାର ଉପର-
Pada prushtha ଭାଗ ବା ଗୋଡ଼ର ପାପୁଲି—The instep; the bridge of the feet.

ପଦପ୍ରାନ୍ତ – ସଂ. ବି. (୬ଷ୍ଠୀ ତତ୍; ପଦ + ପ୍ରାନ୍ତ) — ୧ । ପଦତଳ—
Pada prānta 1. Sole of the foot.
୨ । ଚରଣର ଅଗ୍ରଭାଗ—
2. The extremity of the foot.
୩ । ପଦର ନିକଟସ୍ଥ ସ୍ଥାନ—
3. A place near one's foot.
(ଯଥା—ଏ ଗରିବଙ୍କୁ ଆପଣଙ୍କ ପଦପ୍ରାନ୍ତରେ ସ୍ଥାନ ଦେବେ ।)

ପଦ ପ୍ରାର୍ଥୀ—ସଂ. ବିଣ. ପୁଂ. (ଉପପଦ ତତ୍; ପଦ + ପ୍ରାର୍ଥୀ)—
Pada prārthi ୧ । ଅଧିକାରଲାଭେଚ୍ଛୁ; ଉମେଦ୍‌ୱାର—
(ପଦପ୍ରାର୍ଥିନୀ - ସ୍ତ୍ରୀ) 1. Seeking employment.
୨ । (ଲକ୍ଷଣାର୍ଥ) ଆଶ୍ରୟ ବା ଅନୁଗ୍ରହପ୍ରାର୍ଥୀ—
2. (figurative) Seeking shelter or favour.

ପଦବନ୍ଧ—ସଂ. ବି—ପଦକ୍ଷେପ; ପାହୁଣ୍ଡ—
Padabandha Footstep; step (Apte).

ପଦବି(ବୀ)— ସଂ. ବି. (ପଦ୍ ଧାତୁ = ଗମନ କରିବା + କରଣ. ଅବି;
Padabi(bī) ଅଥବା ପଦ = ପାଦ + ଅବ୍ ଧାତୁ = ରକ୍ଷା କରିବା + କର୍ତ୍ତୃ. ଇ)— ୧ । ମର୍ଯ୍ୟାଦା—1. Dignity.
୨ । ଅବସ୍ଥିତି—2. Position; rank.
୩ । ଅଧିକାର—3. Office; post· authority.
୪ । ରାସ୍ତା; ପଥ—4. Road; way.
୫ । ବିଶିଷ୍ଟ ଅଧିକାରଯୁକ୍ତ ସ୍ଥାନ—
5. Authoritative position.
୬ । ସମ୍ମାନସୂଚକ ଉପାଧି—6. Honorific title.
୭ । ବଂଶଗତ ଉପାଧି; ଉପନାମ—
7. Family title; surname.
୮ । ପଦ୍ଧତି; ରୀତି—8. Mode; manner.
୯ । ବ୍ୟବସାୟ—9. Profession.
୧୦ । ସଦାଚରଣ—
10. Good conduct or behaviour (Apte).
ଦେ. ବି—ଆଡ଼ମ୍ବର—Pomp; splendour.
ପଦବୀ ଦେଖାଇ ପଦବୀରେ ଗଲାମାଳୀ
ଦେବୀରେ ମହାଉତ୍ସବେ ବହଳ ପଡ଼ଇ । ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ପଦ ବୃଦ୍ଧି—ସଂ. ବି. (୬ଷ୍ଠୀ ତତ୍; ପଦ + ବୃଦ୍ଧି)—ଅଧିକାରର ବୃଦ୍ଧି—
Pada bruddhi 1. Advancement in rank or position.
୨ । ପ୍ରମୋସନ୍; ଚାକିରିରେ ଉପର ପାହ୍ୟାକୁ ଉଠିବା—
2. Promotion in service.
୩ । ଗୋଡ଼ଫୁଲା—3. Swelling of the foot.
୪ । ଗୋଦର—4. Elephantiasis.

ପଦ ବ୍ରଜ(ଜ୍ୟା)—ସଂ. ବି. (୩ୟା ତତ୍; ପଦ + ବ୍ରଜ[ଜ୍ୟା] = ଗମନ)—
Pada braja(jyā) ପଦଦ୍ୱାରା ଗମନ; ଚାଲିବା—
Walking; going by foot.

ପଦ ଭଞ୍ଜନ—ସଂ. ବି. (୬ଷ୍ଠୀ ତତ୍; ପଦ+ଭଞ୍ଜନ) —
Pada bhañjana ୧ । ଦୁରୂହ ଶବ୍ଦର ବ୍ୟାଖ୍ୟା—
1. Explanation of difficult words.
୨ । ସନ୍ଧି ବା ସମାସଯୁକ୍ତ ବାକ୍ୟର ପଦମାନଙ୍କର ପୃଥକ କରଣ—
2. Analysis of words; etymology.

ପଦ ମତ୍ତ—ସଂ. ବିଣ. ପୁଂ (୩ୟା ତତ୍; ପଦ + ମତ୍ତ)—ଅଧିକାର ଯୋଗୁଁ
Pada matta ଗର୍ବିତ—Inflated with the pride of power.
(ପଦମଦ; ପଦମତ୍ତତା—ବି) (ପଦମତ୍ତା—ସ୍ତ୍ରୀ)

ପଦ ମର୍ଦ୍ଦନ—ସଂ. ବି. (୬ଷ୍ଠୀ ତତ୍; ପଦ + ମର୍ଦ୍ଦନ) —
Pada marddana ୧ । ଗୋଡ଼ ମୋଡ଼ିବା; ଗୋଡ଼ ଘଷିବା—
1. Rubbing of the feet; massage of the feet.
(ପଦସମ୍ବାହନ—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ଖୋସାମତ କରିବା—
2. (figurative) Flattering.

ପଦ ମର୍ଯ୍ୟାଦା—ସଂ. ବି. (୬ଷ୍ଠୀ ତତ୍; ପଦ + ମର୍ଯ୍ୟାଦା)—
Pada marjyādā ୧ । ଅଧିକାରର ଉପଯୁକ୍ତ ସମ୍ମାନ—1. Due respect or decorum.
୨ । ଅଧିକାରଜନିତ ମର୍ଯ୍ୟାଦା—
2. Respect due to a rank.

ପଦ ମିଳା(ଳେ)ଇବା—ଦେ. କ୍ରି.—ରଚନାରେ ପଦମାନଙ୍କୁ ମିତ୍ରାକ୍ଷର-
Pada milā(le)ibā ବିଶିଷ୍ଟ କରିବା—To harmonise the rhyme while composing a poem.
पद मिलान
पद मिलाना (ପଦ ମିଳିବା—ବି)

ପଦର—ପଦ. ବି. (ସଂ. ପ୍ରାନ୍ତର) – ୧ । ପ୍ରାନ୍ତର—
Padara 1. An open field.
माठ ୨ । ପଡ଼ିଆ ଭୂମି—2. Waste land.
मैदान ୩ । ବିସ୍ତୀର୍ଣ୍ଣ ସମତଳ ଭୂଖଣ୍ଡ—
3. A large tract of open country.
୪ । ସମୁଦ୍ର ପଠାର ବା ପଠା—4. The vast sandy plain on the sea beach.

ପଦ ରଜଃ—ସଂ. ବି—(ମ. ପ. ଲୋ. କର୍ମଧା; ପଦ + ରଜଃ)—ପଦଧୂଳି —
Pada rajah Dust of one's foot.
(ପଦ ରେଣୁ—ଅନ୍ୟରୂପ)

ପଦର ବାଡ଼ି—ପ୍ରାଦେ. (ଗଡ଼ଜାତ; ସହରର ବି—ବାଡ଼ି ବଗିଚା —
Padara bāṛdi Garden.

ପଦର ବୁଲି—ଦେ. ବିଣ ସ୍ତ୍ରୀ—(ସ୍ତ୍ରୀଲୋକଙ୍କୁ ଦିଆଯିବା ଗାଳି—a term
Padara buli of abuse applied to females)—
ଯେଉଁ ସ୍ତ୍ରୀ ସର୍ବଦା ଏଣେ ତେଣେ ବୁଲିବାକୁ ସୁଖ ପାଏ—
(a woman) Who loves to loaf about.

ପଦ ଲେହନ—ସଂ. ବି—(୬ଷ୍ଠୀ ତତ୍; ପଦ+ଲେହନ)—୧ । ଅନ୍ୟର
Pada lehana ଗୋଡ଼ ଚାଟିବା—1. Licking the foot of another.
୨ । (ଲକ୍ଷଣାର୍ଥ) ତୋଷାମଦ କରିବା—2. (fig) Flattering.

ପଦ ଲେହୀ—ସଂ. ବିଣ.—(ପଦ+ଲିହ୍ ଧାତୁ+ଇନ୍; ୧ମା. ୧ବ)—
Pada lehi ଖୋସାମଦକାରୀ—One who flatters.

ପଦ ଶବ୍ଦ—ସଂ. ବି. (୬ଷ୍ଠୀ ତତ୍; ପଦ+ଶବ୍ଦ)—ଚାଲିଲାବେଳେ ପାଦ
Pada śabda ପକାଇବାର ଶବ୍ଦ—Sound of foot steps while walking,

ପଦଶୃଙ୍ଖଳା—ସଂ. ବି—ନୂପୁର—
Pada śruṅkhaḻā A tinkling ornament worn round the ankles,

ପଦ ଶୃଙ୍ଖଳା ବନ୍ଧ ମେଖଳା ଅଙ୍ଗ ଶୃଙ୍ଖଳା ମଣି । ଉପେ. ପ୍ରେମସୁଧାନିଧି ।

ପଦଷ୍ଠୀବ—ସଂ. ବି.—(ପଦ+ଅଷ୍ଠୀବ; ସମାହାର ଦ୍ୱନ୍ଦ୍ୱ; ଯୁଗପତ୍ ଉତ୍ଥିତ
Padashṭhiba ଚରଣ ଓ ଜାନୁଦ୍ୱୟ)—୧ । ବସିବାବେଳେ ଜାନୁ ଓ ଚରଣ ଦ୍ୱୟ ଏକତ୍ର କରିବା; ତେଜର ହୋଇ ବସିବା—
1, Bringing together the feet and the knees while sitting; sitting down on the heels,

ପଦ ସେବା—ସଂ ବି. (୬ଷ୍ଠୀ ତତ୍; ପଦ+ସେବା)—୧ । ଗୋଡ଼ ଘଷିବା—
Pada sebā 1, Massage of the feet,
୨ । ଆଶ୍ରୟ କରିବା—2, Taking shelter.

ପଦ ସେବକ—ସଂ. ବି. ପୁଂ—୧ । ଗୋଡ଼ ଘଷିବା ଚାକର—
Pada sebaka 1. Humble servant,
(ପଦସେବିକା—ସ୍ତ୍ରୀ) ୨ । (ବିନୟ ବଚନ) ବିନୀତ ଭୃତ୍ୟସ୍ଥାନୀୟ ବ୍ୟକ୍ତି—2. Most obedient and humble servant, (a term of humilty)

ପଦ ସ୍ଖଳନ—ସଂ. ବି.—(୬ଷ୍ଠୀ ତତ୍; ପଦ+ସ୍ଖଳନ)—୧ । ଗୋଡ଼ ଖସି
Pada skhaḻana ଯିବା—1, Slipping of the feet.
୨ । ପଦଚ୍ୟୁତି—2. Dismissal.
୩ । କଥା କହୁଁ କହୁଁ କୌଣସି ପଦ ଛାଡ଼ିଯିବା—
3, Omitting some words while talking.

ପଦ ସ୍ଖଳିତ—ସଂ. ବିଣ. ପୁଂ (ବହୁବ୍ରୀହି; ପଦ+ସ୍ଖଳିତ)—ସ୍ଖଳିତ ପଦ—
Pada skhaḻita ଯାହାର ଗୋଡ଼ ଖସି ଯାଇଥାଏ—Slipped.
(ପଦ ସ୍ଖଳନ—ବି) (ପଦ ସ୍ଖଳିତା—ସ୍ତ୍ରୀ)—

ପଦସ୍ଥ—ସଂ. ବିଣ. (ପଦ+ସ୍ଥା ଧାତୁ+କର୍ତ୍ତୃ. ଅ)—୧ । ପଦ ବା
Padastha ଅଧିକାରରେ ଅଧିଷ୍ଠିତ ବା ନିଯୁକ୍ତ—1, Employed
(ପଦସ୍ଥା—ସ୍ତ୍ରୀ) or placed in a posion or rank; invested with office,
୨ । ମାନ୍ୟ; ସମ୍ମାନିତ—
2. Respectable; of postion.
୩ । ଉଚ୍ଚପଦଧାରୀ—3. Holding a high office.
୪ । ଗୋଡ଼ରେ ଚାଲୁଥିବା (ବ୍ୟକ୍ତି)—
4. Pedestrian (Howells).

ପଦା—ଦେ. ବିଣ. (ସଂ. ପଦ ବା ପ୍ରାନ୍ତର)—୧ । ଶୂନ୍ୟ—
Padā 1. Empty.
ଖୋଲା ଖୁଲା ୨ । ଉନ୍ମୁକ୍ତ ଖୋଲା—2 Open.
୩ । ବୃକ୍ଷାଦି ହୀନ—3. Treeless.

ଦେଖିଲି ଅଶୋକବନ ହୋଇଅଛି ପଦା । ବଳ୍ପନାଥ. ବଡଜେନା ରାମାୟଣ ।

୪ । ବହିଃସ୍ଥ—4. Outer.
୫ । ପଡ଼ିଆ ପରି ଜନଶୂନ୍ୟ—
5. Solitary like a waste.

উজাড় उजाड़ ୬ । ବିନଷ୍ଟ—6. Destroyed.
ଦେ. ବି—୧ । ପଡ଼ିଆ—1. Waste.
୨ । ବାହାର—2. Outside.
୩ । ବିସ୍ତୀର୍ଣ୍ଣ ପ୍ରାନ୍ତର—3. Open field; plain.
୪ । ବୃକ୍ଷ ଲତାହୀନ ସ୍ଥାନ—
4. Treeless field; open place; wilderness.
୫ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ) ସ୍ଥାନ—5 Place.
(ଯଥା—ଶୂଳିଆପଦା; ମସାଣିପଦା ।)

ପଦା କରିବା—ଦେ. କ୍ରି—୧ । କୌଣସି ସ୍ଥାନର ବୃକ୍ଷଲତାଦି ଉପାଡ଼ି
Padā karibā ବା କାଟି ତାହାକୁ ପଡ଼ିଆରେ ପରିଣତ କରିବା—
উজড়ান 1. To turn a place into an open field by
उजाड़ना clearing trees and jungles.

ଏହି ସମୟରେ ଯେ ଭୀମ ଧରି ଗଦା
ପାଇଗଲେ ପବନେ ବନ କରି ପଦା । କୃଷ୍ଣସିଂହ. ମହାଭାରତ, ବନ ।

୨ । ଜନଶୂନ୍ୟ କରିବା—2. To desolate.
(ଯଥା—ମାଲେରିଆ ଜର ସେ ଗାଁକୁ ପଦା କରି ଦେଲାଣି ।)
୩ । ସମଲେ ବିନାଶ କରିବା—
3. To destroy.

ଭୀମଙ୍କ ଅନୁରୂପ ଅଟଇ ମୋ ଗଦା
କରିବେ ତହିଁ ଯୁଦ୍ଧେ ଶତ୍ରୁକୁଳ ପଦା । କୃଷ୍ଣସିଂହ, ମହାଭାରତ, ସଭା ।

୪ । ଛାରଖାର କରିବା—
4. To devastate; to waste.

ପଦାକୁ ଯିବା—ଦେ. କ୍ରି—୧ । ବାହାରକୁ ଯିବା—1, To go out;
Padāku jibā to go out to the open.
বাহির যাওআ ୨ । ପୋଖରୀପାଣି ଯିବା; ଝାଡ଼ାଫେରି ଯିବା—
बाहर जाना 2, To go out to ease one's self,
(ପଦାଆଡ଼େ ଯିବା—ଅନ୍ୟରୂପ)

ପଦାଘାତ—ସଂ. ବି. (୬ଷ୍ଠୀ ତତ୍; ପଦ+ଆଘାତ)—ଗୋଇଠା;
Padāghāta ପଦପ୍ରହାର—Kick.

ପଦାଙ୍କ—ସଂ. ବି. (୬ଷ୍ଠୀ ତତ୍; ପଦ+ଅଙ୍କ=ଚିହ୍ନ)—୧ । ପଦଚିହ୍ନ—
Padāṅka 1. Foot-print.
୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିଙ୍କ ଆଚରିତ ପନ୍ଥା—
2, One's course of action or conduct.

ପଦାଙ୍ଗୁଳି—ସଂ. ବି. (୬ଷ୍ଠୀ ତତ୍; ପଦ+ଅଙ୍ଗୁଳି)—ଗୋଡ଼ର
Padāṅguḻi ଅଙ୍ଗୁଠି—Toe.

ପଦାଙ୍ଗୁଷ୍ଠ—ସଂ. ବି. (୬ଷ୍ଠୀ ତତ୍; ପଦ+ଅଙ୍ଗୁଷ୍ଠ)—ଗୋଡ଼ର ବୁଢ଼ା
Padāṅgushṭha ଅଙ୍ଗୁଠି—The great finger or thumb of the foot.

ପଦାଡ଼ି—ଦେ. ବି—ଗଦା—
Padārḍi Mace; a club,

ପଦାତ(ତି)—ସଂ. ବି. (ପଦ=ଗୋଡ଼+ଅତ୍ ଧାତୁ=ଗମନ କରିବା+
Padāta(ti) କର୍ତ୍ତୃ. ଅ)—୧ । ପଦଗାମୀ ସୈନ୍ୟ—1, Infantry;
(ପଦାତିକ; ପଦାତୀୟ—ଅନ୍ୟରୂପ) foot soldier.
୨ । ପାଇକ; ପିଆଦା—2, Peon; footman.
୩ । ସମ୍ବାଦବାହକ—3, Messenger; courier.

ପଦାନତ—ସଂ. ବଣ. ପୁଂ. (୭ମୀ ତତ୍; ପଦ+ଆନତ)—
Padānata ୧ । ଚରଣତଳେ ନତ ହୋଇଥିବା; ଗୋଡ଼ତଳେ ପଡ଼ିଥିବା—
(ପଦାନତା—ସ୍ତ୍ରୀ) 1, Lying prostrate at the feet of a
(ପଦାବନତ—ଅନ୍ୟରୂପ) person.
୨ । ଅଧୀନ—2, Subordinate.
୩ । ଅତି ହୀନ—3. Very humble.
୪ । ଅନୁଗତ; ବଶମ୍ବଦ—
4, Subservient; obedient,

ପଦାନି—ଦେ. (ପ୍ରାଚୀନ ପଦ୍ୟ) ବି. ବହୁବଚନ (ସଂ. ପଦାନି)—
Padāni ପାହୁଣ୍ଡମାନ—Steps.
ପଥେତୋନ କୃତ୍ୟେନ 'କୃଷ୍ଣ' ଆସନ୍ତୁ – ଟ୍ରାଟୀ: ରସକାନ୍ତ ।

ପଦାନୁବର୍ତ୍ତୀ—ସଂ. ବଣ. ପୁଂ. (୭ଷ୍ଠୀ ତତ୍; ପଦ+ଅନୁବର୍ତ୍ତୀ)—
Padānubartti ୧ । ପଦାନୁସରଣକାରୀ; ପଦ ଅନୁସରିବା (ବ୍ୟକ୍ତି)—
(ପଦାନୁବର୍ତ୍ତିନୀ—ସ୍ତ୍ରୀ) 1, Following the foot-steps of.
(ପଦାନୁଗ—ଅନ୍ୟରୂପ) ୨ । ଅଧୀନ—2, Subordinate.

ପଦାନ୍ତି—ଗ୍ରା. ବି. (ସଂ. ପଦାତି)—ପଦାତିକ—
Padānti Foot soldier,
ପଦାନ୍ତି ବେଶେ ଭ୍ରଣ ବେନ କଟକଦେଶେ— କୃଷ୍ଣସିଂହ, ମହାଭାରତ, ଆଦି ।

ପଦାନ୍ୱୟ—ସଂ. ବି. (୬ଷ୍ଠୀ ତତ୍; ପଦ+ଅନ୍ୱୟ)—ବାକ୍ୟସ୍ଥ ପଦମାନଙ୍କର
Padānwaya ଅନ୍ୱୟ ବା ଅନ୍ୟୋନ୍ୟ ସମ୍ବନ୍ଧ—The construction of the words in a sentence; connection of one word with another in a sentence; parsing,

ପଦାବଳି(ଳୀ)—ସଂ. ବି. (୬ଷ୍ଠୀ ତତ୍; ପଦ+ଆବଳି[ଳୀ])—
Padābali(li) ୧ । ଶବ୍ଦସମୂହ—1, Series of words.
୨ । ଗୀତସମୂହ—2, Series of verses.
୩ । ଭଜନମାନ—3. A number of psalms.

ପଦାବୃତ୍ତି—ସଂ. ବି. (୬ଷ୍ଠୀ ତତ୍; ପଦ+ଆବୃତ୍ତି)—୧ । ଗୋଟିଏ ପଦର
Padābrutti ପୁନରୁଚ୍ଚାରଣ—1, Repetition of a word.
୨ । (ଅଳଙ୍କାର ଶାସ୍ତ୍ର) ପୃଥକ ଅର୍ଥରେ ଏକ ଶବ୍ଦର ଏକାଧିକଥର ପ୍ରୟୋଗ—2, (rhetoric) The use of the same word with many meanings,

ପଦାଭିଳାଷୀ—ସଂ. ବଣ. ପୁଂ. (ଉପପଦ ତତ୍; ପଦ+ଅଭିଳାଷୀ)—
Padābhilāshi କୌଣସି ପଦ ବା ଅଧିକାର ପାଇବା ପାଇଁ
(ପଦାଭିଳାଷିଣୀ—ସ୍ତ୍ରୀ) ଇଚ୍ଛା କରିବା (ବ୍ୟକ୍ତି)—Desirous
(ପଦାଭିଳାଷ—ବି) of a rank or office.

ପଦାମ୍ବୁଜ—ସଂ. ବି. (ରୂପକ କର୍ମଧା; ପଦ+ଅମ୍ବୁଜ)—୧ । ପାଦପଦ୍ମ; ପଦ୍ମ
Padāmbuja ପରି ସୁନ୍ଦର ଚରଣ; ଚରଣ ପଦ୍ମ—1 Lotus
(ପଦାମ୍ଭୋଜ—ଅନ୍ୟରୂପ) feet; feet as graceful as the
(ପଦାରବିନ୍ଦ—ଅନ୍ୟରୂପ) lotus.
୨ । ମାନ୍ୟବ୍ୟକ୍ତି ବା ଗୁରୁଜନଙ୍କ ପଦ—
2 The feet of one's elders.
[ଦ୍ର—ଏହିପରି ପଦନଳିନ, ପଦସରୋଜ, ପଦାମ୍ଭୋରୁହ, ପଦପଙ୍କଜ ଆଦି ଶବ୍ଦ ବ୍ୟବହୃତ ହୁଏ ।]

ପଦାର—ସଂ. ବି. (୬ଷ୍ଠୀ ତତ୍; ପଦ+ଅର=ଧୂଳି)—୧ । ଚରଣରେଣୁ-
Padāra 1. The dust of one's feet.
୨ । ନୌକା—2. A boat.

ପଦାରଥ—ଗ୍ରା. (ପଦ୍ୟ) ବି. (ସଂ. ପଦାର୍ଥ)—ପଦାର୍ଥ (ଦେଖ)
Padāratha Padārtha (See)

ପଦାର୍ଘ୍ୟ—ସଂ. ବି. (ମ. ପ. ଲୋ; ପଦ+ଅର୍ଘ୍ୟ)—ଅତିଥି ବା ଆଗନ୍ତୁକ
Padārghya ଗୁରୁଜନଙ୍କ ପାଦ ଧୋଇବା ନିମନ୍ତେ ଦିଆଯିବା ଜଳ-
Water given to wash the feet of an honoured guest.

ପଦାର୍ଥ—ସଂ. ବି. (୬ଷ୍ଠୀ ତତ୍; ପଦ+ଅର୍ଥ)—୧ । ଶବ୍ଦର ଅର୍ଥ—
Padārtha 1, Import or meaning of a word.
୨ । ଶବ୍ଦର ପ୍ରତିପାଦ୍ୟ ବସ୍ତୁ—
2. A thing denoted by a word.
୩ । ବସ୍ତୁ; ଦ୍ରବ୍ୟ—3. Thing; article.
୪ । ଜଡ଼ ପଦାର୍ଥ—4. Inanimate object.
୫ । ସାର; ସତ୍ତ୍ୱ—5. Substance.
୬ । (ବୈଶେଷିକ ଦର୍ଶନ) ପ୍ରମାଣଯୋଗ୍ୟ ୬ ଗୋଟି ବିଷୟ—
6. (philosophy) The 6 objects of proof; categories.
[ଦ୍ର—ଯଥା—ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ ଓ ସମବାୟ ଏହା ଛଡ଼ା 'ଅଭାବ' ଅନ୍ୟ ଏକ ପ୍ରମାଣଯୋଗ୍ୟ ବିଷୟ ।]
ଦେ. ବି—ଧନ; ସମ୍ପତ୍ତି—Riches.

ପଦାର୍ଥ ଦର୍ଶନ—ସଂ. ବି—ବସ୍ତୁ ବିଜ୍ଞାନ; ପ୍ରାକୃତିକ ବିଜ୍ଞାନ; ଯେଉଁ ବିଦ୍ୟା
Padārtha darsana ଦ୍ୱାରା ଚେତନାଚେତନ ବସ୍ତୁମାନଙ୍କର
ପଦାର୍ଥ ବିଜ୍ଞାନ } ଅନ୍ୟରୂପ ଉତ୍ପତ୍ତି, ଗୁଣ ଓ କର୍ମାଦି ସମ୍ବନ୍ଧରେ ଜ୍ଞାନ-
ପଦାର୍ଥ ବିଦ୍ୟା } ଲାଭ ହୁଏ; ଜଡ଼ ବିଜ୍ଞାନ—Natural philosophy; Natural science; physics.

ପଦାର୍ଥ ବାଦ—ସଂ. ବି—ଜଡ଼ବାଦ; ଯେଉଁ ସିଦ୍ଧାନ୍ତରେ ଜଡ଼ ପଦାର୍ଥକୁହିଁ
Padārtha bāda ଏ ସୃଷ୍ଟିର ପ୍ରଧାନ ବା ପ୍ରଥମ ମୂଳ ବୋଲି
(ପଦାର୍ଥବାଦୀ—ବଣ. ପୁଂ.) ଉପସ୍ଥାପିତ କରାଯାଏ—Materialism; materialistic theory of the universe.

ପଦାର୍ଥ ବିତ୍—ସଂ. ବଣ. ପୁ.. (ପଦାର୍ଥ+ବିଦ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Padārtha bit ୧ । ବୈଜ୍ଞାନିକ—1. Scientist.
୨ । ପ୍ରକୃତି ବିଜ୍ଞାନାଭିଜ୍ଞ; ପ୍ରାକୃତିକ ତତ୍ତ୍ୱଜ୍ଞ—
2. Naturalist; versed in physical science.

ପଦାର୍ପଣ—ସଂ. ବି. (୬ଷ୍ଠୀ ତତ୍; ପଦ+ଅର୍ପଣ)—୧ । ଚରଣ ବିନ୍ୟାସ—
Padārprna 1. Setting one's foot.
୨ । ପ୍ରବେଶ —2. Entry.
୩ । ଆସି ପହଞ୍ଚିବା; ଉପସ୍ଥାନ—3. Arrival.

ପଦାୟତ—ସଂ. ବଣ. (ପଦ+ଆୟତ)—ପାଦ ସମାନ ଲମ୍ବ—
Padāyata As long as a foot

ପଦାୟତା—ସଂ. ବି. (ପଦାୟତ+ଆ) ଯୋତା—
Padāytā Shoe (M, W)

ପଦାଶ୍ରୟ—ସଂ. ବି. (୬ଷ୍ଠୀ ତତ୍; ପଦ+ଆଶ୍ରୟ)—୧ । ଚରଣାଶ୍ରୟ;
Padāśraya କୌଣସି ବ୍ୟକ୍ତିର ଚରଣରେ ଆଶ୍ରୟ—
1. Shelter under one's foot.
୨ । ମହତ୍ ବ୍ୟକ୍ତିଙ୍କଠାରେ ଆଶ୍ରୟ; ଅନ୍ୟର ପଦତଳେ ଶରଣ—
2. Protection of a greatman patronge.

ପଦାଶ୍ରିତ - ସଂ. ବିଣ. ପୁଂ. (୭ମୀ ତତ୍; ପଦ+ଆଶ୍ରିତ)—୧ । ଅନ୍ୟର
Padāśrita ପଦତଳେ ଆଶ୍ରୟ ପ୍ରାପ୍ତ—1. Sheltered under
(ପଦାଶ୍ରିତା—ସ୍ତ୍ରୀ) another's feet; patronised or protected by another,
୨ । ଅନୁଗତ; ବଶଂବଦ—2 Humble; obedient; subservient; dependant,

ପଦାସନ—ସଂ. ବି. (୬ଷ୍ଠୀ ତତ୍; ପଦ+ଆସନ)—ପାଦପୀଠ; ପାଦାସନ;
Padāsana ଗୋଡ଼ ଥୋଇବା ପାଇଁ ପୀଢ଼ା—Foot stool.

ପଦାସ୍ତ—ପ୍ରାଦେ. (ଗଞ୍ଜାମ) ଇତର) ବି · ପଦାର୍ଥ—
Padāsta Article,

ପଦାହତ—ସଂ. ବିଣ—(୩ୟା ତତ୍; ପଦ+ଆହତ)—ଯାହାଙ୍କୁ ପଦଦ୍ୱାରା
Padāhata ଆଘାତ କରାଯାଇଅଛି—Kicked or struck by
(ପଦାହତା—ସ୍ତ୍ରୀ) (ପଦୋପହତ—ଅନ୍ୟରୂପ) the feet

ପଦି—ଦେ. ବି—୧ । ପୁଂ—ପଦ୍ମନାଭର ଆଦରାର୍ଥକ ଡାକ ନାମ—
Padi A name for calling Padmanābha,
(ପଦିଆ—ଅନାଦରାର୍ଥକ) ୨ । ସ୍ତ୍ରୀ—ପଦ୍ମାବତୀର ଡାକ ନାମ—
A name for calling Padmābati,

ପଦିଆ ମାକଡ଼—ପ୍ରାଦେ. (ଗଡ଼ଜାତ) ବି—ଗେଧ; ଅଣ୍ଡିରା ମାଙ୍କଡ଼—
Padiā mākard Male monkey,

ପଦିଏ—ଦେ. ବି. (ଆଦରାର୍ଥକ)—ଏକ ପଦ ବା ବାକ୍ୟ ମାତ୍ର—
Padie One word or sentence only,
(ପଦେ—ଅନ୍ୟରୂପ) (ଯଥା—ତା ମୁହଁରୁ ପଦିଏ କଥା ଶୁଣିଲେ ମୋ ମନ ଆନନ୍ଦରେ ନାଚ ଉଠେ ।]

ପଦିକ—ସଂ. ବି. (ପଦ୍ ଧାତୁ+କର୍ତ୍ତୃ. ଇକ)—୧ । ପଦାତି—
Padika 1, Infantry; foot solder,
(ପଦିକା—ସ୍ତ୍ରୀ) ୨ । ଗୋଡ଼ର ଅଗ; ପଦାଗ୍ର—
2, The point of the foot or extremity (M,W)
୩ । ପାଇକ; ପିଆଦା—3, Peon; footman.
ସଂ. ବିଣ—୧ । ପାଦରେ ଗ୍ଲୁଥିବା—
1, Going on foot; pedestrian;
୨ । ଏକ ପଦ ଲମ୍ବ—2, One foot long.
୩ । ଗୋଟିଏ ମାତ୍ର ଅଂଶ ବା ଖଣ୍ଡବିଶିଷ୍ଟ—3; Comprising only of one division or partition (M. W)
(ପଦିକ - ଅନ୍ୟରୂପ) ଦେ. ବି. (ଆଦରାର୍ଥ)—ପଦେ; ଏକ ପଦମାତ୍ର-
One word or sentence only.

ପଦିକା—ଦେ. ବି. (ସଂ. ପଦ)—୧ । ନଳ; ଭୂମି ମାପ କରିବା ସକାଶେ
Padikā ବ୍ୟବହୃତ ନିର୍ଦ୍ଦିଷ୍ଟ ଯଷ୍ଟିବିଶେଷ—1. A land-mea-
নল লগ্গা suring rod of certain length.
[ଦ୍ର—ପୂର୍ବେ ଆମ ଦେଶରେ ପଦିକାଦ୍ୱାରା ଭୂମି ମାପ କରାଯାଉଥିଲା । ଏହାର ଦୈର୍ଘ୍ୟ ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଥିଲା; ଯଥା ୨୪ ବସ୍ତି ପଦିକା, ବାଈ ବସ୍ତି ପଦିକା, ୧୬ ବସ୍ତି ପଦିକା, ୧୨ ବସ୍ତି, ୧୪ ବସ୍ତି ପଦିକା, ବସ୍ତି ତଳେ ଟୀକା ଦେଖ ।]
୨ । ଗୁରପଣ; ଗୁରଅଣା—2. 4 panas; 4 annas.

ପଦିକା ଚଳିବା—ଦେ. ବି.—କୌଣସି ଏକ ସ୍ଥାନରୁ ପଦିକା ମାପର
Padikā chalibā. ଆରମ୍ଭ କରାଯିବା—Beginning of the measurement of a land with the rod from one place to another.

ପଦିକା ପକା(କେ)ଇବା—ଦେ. କ୍ରି.—ଭୂମି ମାପିବା ସକାଶେ ପଦିକା
Padikā pakā(ke)ibā ଗୁଳିବା—To measure land by means of a rod.
ପଦିକା ଚଳା(ଲେ)ଇବା } ଅନ୍ୟରୂପ
ପଦିକା ଗୁଳିବା

ପଦିକା ମାପ—ଦେ. ବି.—ପଦିକାଦ୍ୱାରା ଜମିର ଜରିବ—
Padikā māpa Measurement of a land by means of a rod.
নলে মাপ লট্ঠসে নাপ

ପଦୁଅଁ (ଇତ୍ୟାଦି)—ଗ୍ରା. ବି. (ସଂ. ପଦ୍ମ)—ପଦ୍ମ ଇତ୍ୟାଦି (ଦେଖ)
Paduañ (etc) पदुम Padma etc (See)

ପଦୁଅାଁ—ଗ୍ରା. ବି. ସ୍ତ୍ରୀ—(ସଂ. ପଦ୍ମାବତୀ)—ପଦ୍ମାବତୀର ଡାକ ନାମ—
Paduāñ पदुमा, पद्मिनी A name for calling Padmābati.
(ପଦୁଅାଁବତୀ – ଅନ୍ୟରୂପ)

ପଦେ—ଦେ. ବି.—ପଦିକ; ଏକ ପଦ ମାତ୍ର—
Pade One word or sentence or quarter song only.
একটা কথা एक बात
ଦେ. ଅ.—ରୂପେ; ସ୍ୱରୂପ—In the shape of; as.
ସେ ହରି ସର୍ବଭୂତ ମଧ୍ୟେ, ନିତ୍ୟେ ବହିରେ ଆତ୍ମପଦେ ।
ଜଗନ୍ନାଥ ଭାଗବତ ।

ପଦେ ଅଧେ—ଦେ. ବି.—୧ । ଅଳ୍ପ କଥା ବା ବାକ୍ୟ ମାତ୍ର—
Pade adhe 1. A few words only; a sentence or a half.
অল্পসল্প एक दो बात
୨ । ଅଳ୍ପ ମାତ୍ର—2. A little.
ପଦେ ଅଧେ ଶିଖି ଗୁରୁ ହୋଇବେ ଅଧିକ । ଶ୍ରୀ ଗୁରୁଭକ୍ତି ଗୀତା ।

ପଦେଇବା—ଦେ. କ୍ରି.—କୌଣସି ବ୍ୟକ୍ତିର ମୁଣ୍ଡରେ ଥୋପି ବା ଗୁପଡ଼ା
Padeibā ମାରିବା—To pat on the head of a person
অপড়ান, চড়মারা

ପଦେ ପଦେ—ଦେ. କ୍ରି.—୧ । ପ୍ରତି ପଦରେ; ପ୍ରତି ପଦକ୍ଷେପରେ—
Pade pade 1. At every foot step.
পদেপদে अकसर ୨ । ପ୍ରତିଥର—2. Every time.
୩ । ଉପର୍ଯ୍ୟୁପରି; ବାରମ୍ବାର—3. Repeatedly.
(ଯଥା—ମତେ ପଦେ ପଦେ ବିପଦ ପଡ଼ୁଛି ।)
୪ । ଏକ ଏକ ଶବ୍ଦ ଉଚ୍ଚାରଣ କରି—
4. One word at a time.
୫ । ପ୍ରତ୍ୟେକ ଏକ ପଦ ମାତ୍ର—5. One word each.
(ଯଥା—ସେ ଓ ମୁଁ ଦୁହେଁ ପଦେ ପଦେ କଥା ଭାଷା ହୋଇ ବିଦାୟ ହେଲୁଁ ।)
୬ । ଠିକେ ଠିକେ; ଭୂମିକାରୂପେ—6. In short; shortly.

୭ । ପଦକୁପଦ; ପଦେ କଥାକୁ ପଦେ ଉତ୍ତର; ପଦକାପଦ— 7. Word for word; one word in reply to another.

ପଦେ ପଦେ ପଢ଼ୁଥିବ ଛନ୍ଦବୃନ୍ଦ ଜଳୁଥିବ । ଭଗ ।

୮ । ପଦେ କଥା କହି କିଛିକ୍ଷଣ ଥମି ଯାଇ ଫେର ପଦେ କଥା କହିବା ପ୍ରକାରେ; ଏକ ଏକ ପଦ କରି— 8. Uttering one word at intervals.

ପଦୋଦକ—ସଂ. ବି. (ମ. ପ. ଲୋ; କର୍ମଧା; ପଦ + ଉଦକ)—ଗୁରୁଜନ
Padodaka ବା ଦେବତାଙ୍କର ପାଦ ଧୁଆ ପାଣି; ପାଦୋଦକ; ପାଦୁକ; ଚରଣାମୃତ—Washings of the foot of an elder or of a Deity.

ପଦୋନ୍ନତି—ସଂ. ବି. (୬ଷ୍ଠୀ ତତ୍; ପଦ + ଉନ୍ନତି)—୧ । ଅଧିକାର ବା
Padonnati କ୍ଷମତାର ବୃଦ୍ଧି—1. Increase of power.

୨ । ଚାକିରିରେ ଉନ୍ନତି—2. Promotion.

ପଦ୍ଧଟିକା—ସଂ. ବି.—ପଜ୍ଝଟିକା (ଦେଖ)
Paddhaṭikā Pajjhaṭikā (See)

ପଦ୍ଧତି(ତୀ)—ସଂ. ବି. (ପଦ=ଗୋଡ଼ + ହନ୍ ଧାତୁ=ବଧ କରିବା + କର୍ମ.
Paddhati(tī) ତି + ସ୍ତ୍ରୀ. ଈ—ଯାହାକୁ ଗୋଡ଼ଦ୍ୱାରା ଆଘାତ କରାଯାଏ ।)—୧ । ପଥ—1. Road; path.

୨ । ଲଙ୍ଗଳ; ଶଗଡ଼ ବା ମନୁଷ୍ୟ ଯାଇ ଥିବା ଯୋଗୁଁ ଭୂମିରେ ପଡ଼ି ଥିବା ଚିହ୍ନ—2. Trace; track.

୩ । ବିଧି; ନିୟମ—3. Rule; system.

୪ । ପ୍ରଣାଳୀ—4. Method; mode.

୫ । ଶ୍ରେଣୀ; ଧାଡ଼ି, ପଂକ୍ତି—5. Row.

୬ । ଉପାଧି; ପଦବୀ—6. Title; rank.

୭ । ରେଖା—7. Line.

୮ । ପ୍ରବାହ—8. Flow; current.

୯ । ଆଚାର; ରୀତି—9. Custom; practice.

୧୦ । ଆଚାରନିର୍ଣ୍ଣାୟକ ଗ୍ରନ୍ଥ; ଯେଉଁ ଗ୍ରନ୍ଥରେ ବିଭିନ୍ନ ବେଦ ଅନୁସାରେ ଲିଖିତ ଭିନ୍ନ ଭିନ୍ନ ଗୃହ୍ୟ ସୂତ୍ରମାନଙ୍କୁ ବିଶଦଭାବରେ ବୁଝାଇ ଦିଆ ଯାଇ ଥାଏ—10 A guide book or a manual laying down rituals or ceremonials of different Bedas.

୧୧ । କାର୍ଯ୍ୟପ୍ରଣାଳୀ (ହି. ଶ.)—
11. Mode or method of work.

ସଂ. ବି. (ପଦ୍ ଧାତୁ=ଗମନ କରିବା + କର୍ତ୍ତୃ ମନ୍; ଯେ ଜଳରେ
Padma ଗମନ କରେ)—୧ । ଜଳଜାତ ପ୍ରସିଦ୍ଧ ଲତା ପୁଷ୍ପବିଶେଷ; ଉତ୍ପଳ; ପଙ୍କଜ—
1. Lotus; Saluadora Indicus; Nelumbium Speciosum.

[ସଂ. ପର୍ଯ୍ୟାୟ—ନଳିନ, ଅରବିନ୍ଦ, କମଳ, ଶତପତ୍ର, ପଙ୍କଜ, ପଙ୍କେରୁହ, ତାମରସ, ସାରସ, ସରସୀରୁହ, ସରୋରୁହ, ବାରିଜ, ରାଜୀବ, ଅମ୍ଭୋଜ, ଅମ୍ବୁଜ, ଅମ୍ଭୋରୁହ, ଶ୍ରୀବାସ, ଶ୍ରୀପର୍ଣ୍ଣି, ଇନ୍ଦିରାଳୟ, ଅବ୍ଜ, କଞ୍ଜ, ନଳ, ନାଳିକ, ବନଜ, ଅମ୍ଳାନ, ପୁଟକ ।]

ପାଦ୍ମ

ପଦ୍ମ

ତା. ଅମ୍ବଲ

[ଦ୍ର—ଶ୍ୱେତ, ରକ୍ତ, ନୀଳ, ଭେଦରେ ଏହା ତିନି ପ୍ରକାର, ଏହା ଲଙ୍କା, ପାରସ୍ୟ, ଚୀନ, ଯାପାନ ଓ ମାଲୟ ଦ୍ୱୀପରେ ଏବଂ ଭାରତରେ ସର୍ବତ୍ର ଜନ୍ମେ । ଏହି ଲତା ସିଧା, ସରୁ ଓ କଣ୍ଟକମୟ; ବହୁତ ଉଚ୍ଚକୁ ଓ ଦୂରକୁ ମାଡ଼େ । ଏହାର ପତ୍ର ପାଣି ଉପରେ ଭାସୁଥାଏ; ଫୁଲ ଧଳା ଓ ନାଲି ମିଶା ଏବଂ ସୁଗନ୍ଧଯୁକ୍ତ; ଚେର, ନାଡ଼, ପତ୍ର, ମଞ୍ଜି ଆଦି ସବୁ ଅଂଶ ଔଷଧରେ ଲାଗେ । ପଦ୍ମଫୁଲ ସୂର୍ଯ୍ୟୋଦୟରେ ଫୁଟି ସୂର୍ଯ୍ୟାସ୍ତ ବେଳକୁ ବୁଜି ହୋଇଯାଏ ବୋଲି ସୂର୍ଯ୍ୟଙ୍କୁ ପଦ୍ମବନ୍ଧୁ ବୋଲାଯାଏ ।]

୨ । ନାଗସର୍ପବିଶେଷ—
2. A variety of cobra snakes.

୩ । ଲକ୍ଷ କୋଟି; ୧,୦୦୦୦୦,୦୦୦୦୦୦୦୦—
3. One-thousand millions or billions (M. W)

[ଦ୍ର—ଏ ସଂଖ୍ୟା ସମ୍ବନ୍ଧେ ମତାନ୍ତର ଦୃଷ୍ଟ ହୁଏ; ମଧ୍ୟ କେହି କେହି ଏହାକୁ ୧୮୧୮୧୬ ଶୂନ୍ୟବିଶିଷ୍ଟ ସଂଖ୍ୟା ବୋଲି ନିର୍ଦ୍ଦେଶ କରନ୍ତି ।]

୪ । ନିଧିବିଶେଷ; ପଦ୍ମରାଗ ମଣି—
4. Spinel ruby; a gem.

୫ । ରତିବନ୍ଧବିଶେଷ; ପଦ୍ମବନ୍ଧ—
5. A posture in copulation.

୬ । ପଦ୍ମାକାରରେ ରଚିତ ସେନାବ୍ୟୂହବିଶେଷ—
5. A form of battle array; an army arrayed in the form of a lotus. (M. W)

୭ । ତନ୍ତ୍ରୋକ୍ତ ଦେହାଭ୍ୟନ୍ତରସ୍ଥ ଷଡ଼ଚକ୍ର—
7. Six imaginary circles inside the human body according to Tantra.

(ଷଟ୍‌ଚକ୍ର ଯଥା—ମୂଳାଧାର, ସ୍ୱାଧୀନତା, ମଣିପୁର, ଅନାହତ, ବିଶୁଦ୍ଧ ଓ ଆଜ୍ଞାନ ।)

୮ । ହାତୀର ଶୁଣ୍ଢ ଓ ମୁଣ୍ଡ ଉପରେ ଥିବା ରକ୍ତବର୍ଣ୍ଣ ଚିହ୍ନବିଶେଷ—
8. Circular red spots on the head and trunk of an elephant.

୯ । ସୀସା (ହି. ଶ.)—2. Lead.

୧୦ । କୁବେରଙ୍କ ନିଧିବିଶେଷ—
10. One of the gems of Kubera.

୧୧ । ବିଷ୍ଣୁଙ୍କର ହସ୍ତଧୃତ ଏକ ଆୟୁଧ—
11. One of the weapons held by Bishṇu.

(ଯଥା—ବିଷ୍ଣୁ ଚାରି ହାତରେ ଚାରିଟି ଆୟୁଧ ଧରନ୍ତି ଯଥା—ଶଙ୍ଖ, ଚକ୍ର, ଗଦା, ପଦ୍ମ ।)

୧୨ । ଗଳାରେ ପିନ୍ଧାଯିବାର ଏକପ୍ରକାର ଅଳଙ୍କାର (ହି. ଶ.)—
12. An ornament for the neck.

୧୩ । ସାମୁଦ୍ରିକ ମତରେ ମହାପୁରୁଷଙ୍କ ପାଦରେ ଥିବା ଭାଗ୍ୟସୂଚକ ଚିହ୍ନବିଶେଷ—13. An auspicious mark on the foot of great men.

୧୪ । ମନୁଷ୍ୟର ଦେହରେ ଥିବା ଏକପ୍ରକାର ଧଳା ଜାଇମଣ୍ଡା (ହି. ଶ.)—14. A particular mark or mole on the human body. (M. W)

୧୫ । (ବାସ୍ତୁ ବିଦ୍ୟା) ସ୍ତମ୍ଭର ସପ୍ତମଭାଗ (ହି. ଶ.)—
15. (architecture) A particular part of a column or pillar. (M.W)

୧୬ । ପଦ୍ମକାଷ୍ଠ (ଦେଖ) (ହି. ଶ.)—
16. Padma kāshṭha (See)

୧୭ । ଭୂମି ଆଦିରେ ଅଙ୍କିତ ପଦ୍ମାକାର ଚିହ୍ନ—
17. The form or figure of a lotus drawn on the ground or other surface. (M.W)

୧୮ । ମନ୍ଦିରବିଶେଷ—18. A kind of temple. (M.W.)

୧୯ । ପଦ୍ମାସନ—19. A particular posture of the body in religious meditation. (M.W.)

୨୦ । କେତେକ ନାଗସାପଙ୍କ ଫଣା ଉପରେ ଥିବା ପଦ୍ମାକାର ଚିହ୍ନ (ହି. ଶ.)—20. Circular mark on the hood of some cobra snakes.

୨୧ । ବଳଦେବଙ୍କ ନାମ—21. A name of Baladeba.

୨୨ । ଏକପ୍ରକାର ଗୋଲ୍ଗୁଲ୍—
22. A species of bdellium. (M.W.)

୨୩ । ନକ୍ଷତ୍ରପୁଞ୍ଜବିଶେଷ—
23. A particular constellation.(M.W.)

୨୪ । ଶୀତାକ୍ରାନ୍ତ ନରକବିଶେଷ—
24. Name of a particular cold hell.(M.W.)

୨୫ । ପୁଷ୍କର ମୂଳ (ହି. ଶ.)—25. The root of Nelumbium Speciosum. (M.W.)

୨୬ । ହସ୍ତୀ—26. Elephant. (M.W).

୨୭ । ଜମ୍ବୁଦ୍ୱୀପର ଦକ୍ଷିଣ ପଶ୍ଚିମସ୍ଥ ପୌରାଣିକ ଦେଶବିଶେଷ—
27. Name of a mythological country.

୨୮ । ରାମଚନ୍ଦ୍ରଙ୍କର ନାମ—28. A name of Rāma, the son of Daśaratha. (M W.)

୨୯ । ପଦ୍ମପୁରାଣ—29. Name of a Purāṇa.

୩୦ । ସ୍ଥଳ ପଦ୍ମ—30. Hibiscus Mutabilis (flower and plant).

ଦେ. ବି.—୧ । ଯେଉଁ; ପ୍ରସବାନ୍ତେ ସ୍ତ୍ରୀମାନଙ୍କର ଯୋନିବାଟେ ଓ ରକ୍ତାତିସାର ରୋଗରେ ମନୁଷ୍ୟମାନଙ୍କର ଗୁହ୍ୟ ବାଟେ ବାହାର ପଡ଼ିବା ମାଂସପିଣ୍ଡ—1. Prolapse of the uterus through the female organ or prolapse of the rectum through the anus.

୨ । ପଦ୍ମଚରଣ, ପଦ୍ମନାଭ ଆଦିଙ୍କ ଡାକ ନାମ—
2. Name for calling Padmacharaṇa, Padmanābha etc.

ପଦ୍ମକ—ସ. ବି. (ପଦ୍ମ+ସାଦୃଶ୍ୟ ଅର୍ଥରେ କ)—୧ । ହାତୀ ଦେହରେ ଥିବା
Padmaka ପଦ୍ମ ପରି ରକ୍ତବର୍ଣ୍ଣ ଚିହ୍ନ ବା ବିନ୍ଦୁ—1. Red circular marks or spots found on the skin of an elephant.

୨ । ପଦ୍ମକାଷ୍ଠ (ଦେଖ)—2. Padmakāshṭha (See)

୩ । କୁଷ୍ଠରୋଗ—3. Leprosy.

୪ । ପଦ୍ମାକୃତି ସେନା ବ୍ୟୂହ—4. An army arrayed in the form of a lotus flower.

୫ । ପଦ୍ମାସନ (ଦେଖ)—5. Padmāsana (See)

୬ । କୁଡ଼—6. Costum or Arabicus. (M.W)

ପଦ୍ମ କଣ୍ଟକ—ସ. ବି. (୬ଷ୍ଠୀ ତତ୍; ପଦ୍ମ+କଣ୍ଟକ)—୧ । ପଦ୍ମ ନାଡ଼ରେ
Padma kaṇṭaka ଥିବା କଣ୍ଟା—1. The thorns on the stem of a lotus.
(ପଦ୍ମିନୀ କଣ୍ଟକ—ଅନ୍ୟରୂପ)

୨ । ଦେହରେ ପଦ୍ମକଣ୍ଟା ପରି ଫଳିଯିବା ରୋଗବିଶେଷ—
2. A kind of pimple; Lichen Papillaris.

ପଦ୍ମ କନ୍ଦ—ସ. ବି. (୬ଷ୍ଠୀ ତତ୍; ପଦ୍ମ+କନ୍ଦ)—ପଦ୍ମମୂଳ—
Padma kanda The root of a lotus plant.

ପଦ୍ମ କର—ସ. ବି.—୧ । (ବହୁବ୍ରୀହି; ପଦ୍ମ+କର)—ସୂର୍ଯ୍ୟ—
Padma kara The sun.

୨ । (ରୂପକ) ପଦ୍ମ ପରି ସୁନ୍ଦର ହସ୍ତ; କର ପଦ୍ମ—
2. A lotus-like hand.

ପଦ୍ମ କାନ୍ତ—ସ. ବି. (୬ଷ୍ଠୀ ତତ୍; ପଦ୍ମ+କାନ୍ତ)—୧ । ସୂର୍ଯ୍ୟ—
Padma kānta 1. The sun.

୨ । ପଦ୍ମରାଗ ମଣି—2. Ruby.

ପଦ୍ମ କାଷ୍ଠ—ସ. ବି. (ମ. ପ. ଲୋ; କର୍ମଧା; ପଦ୍ମ ଗନ୍ଧଯୁକ୍ତ କାଷ୍ଠ)—
Padma kāshṭha ପଦ୍ମ ତୁଲ୍ୟ ସୁଗନ୍ଧ କାଷ୍ଠବିଶିଷ୍ଟ ପାଦପ [ସ. ପଦ୍ମକ, ପଦ୍ମ, ପଦ୍ମଗନ୍ଧ, ପଦ୍ମାଖ, ମଲୟ, ଶୃଙ୍ଗ, ଶୀତଲକ, ସୁପ୍ରଭ, ଏବଂ ପଦ୍ମବାଚକ ସମସ୍ତ ଶବ୍ଦ ।] ବୃକ୍ଷବିଶେଷ—A tree having the scent of a lotus; Prunus Padam; Cerasum Puddum.
ତେ. ପଦ୍ମପୁଚକ୍କୋ, ଏଣୁଗୁସହଦେବ । पद्मकाष्ठ पद्माक, पद्ममपाय
[ଗୁ—ଏହାର କାଠ କଷାୟ, ବାତ ବିଷ୍ଫୋଟ, କୁଷ୍ଠ, କଫ, ରକ୍ତପିତ୍ତ, ବମି, ତୃଷା ଓ ପିପାସାନାଶକ ।]

ପଦ୍ମ କିଞ୍ଜଳ୍କ—ସ. ବି. (୬ଷ୍ଠୀ ତତ୍; ପଦ୍ମ+କିଞ୍ଜଳ୍କ)—ପଦ୍ମ ଫୁଲ ମଧ୍ୟରେ
Padma kiñjalka ଥିବା ସୂକ୍ଷ୍ମ କେଶର—The filaments inside the lotus flower.
(ପଦ୍ମକେଶର—ଅନ୍ୟରୂପ)

ଦେ. ବି.—କୋମଳ ପଦ୍ମ ମଞ୍ଜି—Soft lotus seeds.

ପଦ୍ମକେତୁ—ସ. ବି.—ପଶ୍ଚିମାକାଶରେ ସମୟେ ସମୟେ ଦୃଷ୍ଟ ହେଉଥିବା ଧୂମକେତୁବିଶେଷ (ହି. ଶବ୍ଦସାଗର)—
Padmaketu A particular comet appearing in the western sky.

ପଦ୍ମକେଶରୀ ଗୁଣା—ଦେ. ବି. (ବଣିଆ ଶବ୍ଦ)—ପଦ୍ମକେଶର ପରି ହସ୍ତ-
Padma kesarī guṇā ଥିବା ଛୁଆବସା ନାକରେ ପିନ୍ଧିବା ଅଠକୋଣିଆ ସ୍ୱର୍ଣ୍ଣ ଅଳଙ୍କାରବିଶେଷ—A kind of gold ornament for the nose, looking like the filaments of a lotus flower.

ପଦ୍ମ କୋଶ(ଷ)—ସ. ବି. (୬ଷ୍ଠୀ ତତ୍; ପଦ୍ମ+କୋଶ)—ପଦ୍ମଫୁଲର
Padma kośa (sha) ବାହ୍ୟକୋଷ—The calyx of lotus flower.

ପଦ୍ମ କ୍ଷେତ୍ର—ସଂ. ବି.—ଓଡ଼ିଶାର କଟକ ଜିଲ୍ଲାର କେନ୍ଦ୍ରାପଡ଼ାରେ ଥିବା ତୀର୍ଥ—Name of a place held sacred by the Hindus in Kendrapara in the Cuttack district of Orissa.
Padma kshetra

ପଦ୍ମ ଖସିପଡ଼ିବା—ଦେ. ବି—ଗୁହ୍ୟଦ୍ୱାରବାଟେ ପଦ୍ମ ବାହାରିବା—Prolapse of the rectum through the anus.
Padma khasipardibā
পদ্মখসেপড়া
(ଯଥା—ବହୁଦିନ ଅତିସାର ବା ନାଳରକ୍ତ ଝାଡ଼ା ହେଲେ ପୁରୁଷ ଓ ସ୍ତ୍ରୀଙ୍କର ଗୁହ୍ୟଦ୍ୱାର ବାଟେ ମଧ୍ୟ ପଦ୍ମ ଖସିପଡ଼େ ।)

ପଦ୍ମ ଗନ୍ଧ—ସଂ. ବିଣ. ପୁଂ. (ବହୁବ୍ରୀହି; ପଦ୍ମ+ଗନ୍ଧ)—ପଦ୍ମପରି ଗନ୍ଧଯୁକ୍ତ—Scented like a lotus flower.
Padma gandha
(ପଦ୍ମଗନ୍ଧା—ସ୍ତ୍ରୀ) ସଂ. ବି. (୬ଷ୍ଠୀ ତତ୍)—ପଦ୍ମଫୁଲର ଗନ୍ଧ—The scent of a lotus flower.

ପଦ୍ମଗନ୍ଧା—ସଂ. ବିଣ. ସ୍ତ୍ରୀ (ପଦ୍ମଗନ୍ଧ+ସ୍ତ୍ରୀ ଆ)—'ପଦ୍ମଗନ୍ଧ'ର ସ୍ତ୍ରୀଲିଙ୍ଗ—Feminine of Padmagandha.
Padmagandhā
ସଂ. ବି. ସ୍ତ୍ରୀ—ସୀତାଙ୍କ ନାମାନ୍ତର (ଦେହ ପଦ୍ମପରି ବାସୁଥିବାରୁ)—An epithet of Sitā.

ପଦ୍ମଗନ୍ଧି(ନ୍ଧୀ)—ସଂ. ବିଣ. [ପଦ୍ମଗନ୍ଧ+ଇ (ଇନ୍)]—ପଦ୍ମଗନ୍ଧବିଶିଷ୍ଟ—Lotus scented.
Padmagandhi(ndhī)
ସଂ. ବି. (ବୈଦ୍ୟକ)—ପଦ୍ମକାଷ୍ଠ (ଦେଖ)—Padmakāshtha (See)

ପଦ୍ମ ଗର୍ଭ—ସଂ. ବି—୧ । (୬ଷ୍ଠୀ ତତ୍; ପଦ୍ମ+ଗର୍ଭ)—ପଦ୍ମଫୁଲର ଅଭ୍ୟନ୍ତର—1. The interior of a lotus flower.
Padma garbha
୨ । (ବହୁବ୍ରୀହି) ବ୍ରହ୍ମା (ପ୍ରଳୟ ପରେ ବିଷ୍ଣୁଙ୍କ ନାଭିଦେଶସ୍ଥ ପଦ୍ମରୁ ଜାତ ହୋଇ ଥିବାରୁ)—2. Brahmā.
୩ । ଶୁକ୍ତିକା; ଶାମୁକା—3. Oyster.
୪ । ସୂର୍ଯ୍ୟ (ହି. ଶ)—4. The sun.
୫ । ବିଷ୍ଣୁ—5. Bishṇu. (M. W.).
୬ । ବୁଦ୍ଧ—6. The Buddha. (M. W.).
୭ । ଶିବ—7. Śiba. (M.W.).

ପଦ୍ମ ଗୁଳଞ୍ଚ—ସଂ. ବି. (ବୈଦ୍ୟକ)—ପଦ୍ମଗୁଳୁଚି (ଦେଖ)—Padmaguḷuchi (See)
Padma guḷancha

ପଦ୍ମ ଗୁଳୁଚି—ଦେ. ବି—ଔଷଧରେ ବ୍ୟବହୃତ ଲତାବିଶେଷ—Tinospora Tomentosa; Plumeria Rubra.
Padma guḷuchi
পদ্মগুলঞ্চ
पद्म गुरुच [ଦ୍ର—ଏହା ଗୁଳଞ୍ଚ ପରି ବୁଦାଳିଆ ଲତା; ଗ୍ରୀଷ୍ମପ୍ରଧାନ ଦେଶରେ ଜଙ୍ଗଲରେ ଜନ୍ମେ । ଏହାର ଫୁଲ ନାଲିଆ; ସ୍ଥଳରେ ଆବୁ ଥାଏ । ଏହା ଗୁଳଞ୍ଚ ପରି ବଳକାରକ ।']

ପଦ୍ମଗୃହା—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ପଦ୍ମ+ଗୃହ+ଆ)—ପଦ୍ମାଳୟା; ଲକ୍ଷ୍ମୀ—A name of Lakshmī.
Padmagṛuhā

ପଦ୍ମ ଗୋଖର—ଦେ. ବି. (ସଂ. ପଦ୍ମ ଓ ଗୋକ୍ଷୁର)—ନାଗବିଶେଷ—A kind of cobra.
Padma gokhara
(ଯଥା—ଏହାର ଫଣା ଉପରେ ପଦ୍ମଫୁଲପରି ଗୋଲାକାର କଳା ଚିହ୍ନ ଥାଏ ।)

ପଦ୍ମଚାରିଣୀ—ସଂ. ବି. (ପଦ୍ମ+ଚର ଧାତୁ+ଇନ+ସ୍ତ୍ରୀ. ଈ)—
Padmachāriṇī ୧ । ସ୍ଥଳପଦ୍ମ; ସ୍ଥଳକମଳ; ଥଳକମଳ—1. Hibiscus Mutabilis.
[ଦ୍ର—ଜବାଦିବର୍ଗର ଏହି ପୁଷ୍ପବୃକ୍ଷ ୫।୬ ହାତ ଉଚ୍ଚ ହୁଏ । ଏହାର ପତ୍ର ବଡ଼ ବଡ଼; ଫୁଲ ଶରତ୍‌କାଳରେ ଫୁଟେ । ଏ ଫୁଲ ପ୍ରଥମେ ଧଳା ଓ ପରେ ପଦ୍ମବର୍ଣ୍ଣ ଅର୍ଥାତ୍ ଈଷତ୍ ଲାଲ ହୁଏ ।]
୨ । ହଳଦୀ (ହି. ଶ)—2. Turmeric.
୩ । ଗେଣ୍ଡୁ; କୁସୁମ ଫୁଲ (ହି. ଶ)—3. Safflower.
୪ । ଲାଖ (ହି. ଶ)—4. Shell lac.

ପଦ୍ମଜ—ସଂ. ବି. (ପଦ୍ମ+ଜନ୍ ଧାତୁ+କର୍ତ୍ତୃ. ଅ)—ବ୍ରହ୍ମା—God Brahmā.
Padmaja

ପଦ୍ମ ତନ୍ତୁ—ସଂ. ବି. (୬ଷ୍ଠୀ ତତ୍; ପଦ୍ମ+ତନ୍ତୁ)—୧ । ମୃଣାଳ; ପଦ୍ମର ନାଡ଼—1. The stem of a lotus.
Padma tantu
୨ । ମୃଣାଳର ସୂତ୍ର—2. The fibre of lotus stalk.

ପଦ୍ମତୋଳା—ଦେ. ବି—କେଳାମାନଙ୍କର ସାପ ଧରିବା ବା ସାପ ଖେଳାଇବା ନିମନ୍ତେ ବୋଲିବା ଗୀତ—
Padmatoḷā
ମାନ୍ତ୍ର ମାର୍ଜାର ସର୍ପ ଫେଣ ନ ଧରେ ଯେବେ ପଦ୍ମତୋଳା ଗଉଲ ।
ଦୀନକୃଷ୍ଣ• ଜଗମୋହନ ।
[ଦ୍ର—ପ୍ରବାଦ ଅଛି ଯେ ଶ୍ରୀକୃଷ୍ଣ 'ପଦ୍ମତୋଳା'ର ପଦମାନ ବୋଲି କାଳୀୟହ୍ରଦ ବା ଯମୁନାରୁ ପଦ୍ମ ତୋଳିଥିଲେ ଏବଂ କାଳୀୟନାଗକୁ ଦମନ କରିଥିଲେ । କେଳାମାନେ ସାପଙ୍କୁ ଖେଳାଇଲାବେଳେ ପଦ୍ମତୋଳା ବୋଲନ୍ତି । ପଦ୍ମତୋଳା ଗୀତରେ ଶ୍ରୀକୃଷ୍ଣଙ୍କ ଚରିତ ବର୍ଣ୍ଣିତ ହୋଇଥାଏ । ଯଥା—"କାଳୀ କି ବନମାଳି ! ଅନ୍ଧାରେ ନ ଦିଶଇ ବାଟ ! କି ଗୋବିନ୍ଦ ହରି ! ମେଘ ଯେ ମାଳ ମାଳ ! ବିଜୁଳି କଢ଼ାଉଛି ବାଟ ! କି ଗୋବିନ୍ଦ ହରି !"
ଫଳତଃ ଦେଖାଯାଇ ଅଛି ଯେ କେଳାମାନେ 'ପଦ୍ମତୋଳା' ପଦମାନ ବୋଲିବା ସମୟରେ ଗୋଖର ସାପମାନେ ପଡ଼ିଆ ଓ ଗାତଆଦିରୁ ବାହାରନ୍ତି ଏବଂ ଫେଣ ଟେକି ଗାୟକଆଡ଼କୁ ସ୍ଥିର-ଭାବରେ ଚାହିଁ ରହନ୍ତି । ନାଗସାପ ଛଡ଼ା ଅନ୍ୟ ସାପ ପଦ୍ମତୋଳା ମାନେ ନାହିଁ । ନାଗେଶ୍ୱରୀ ବଜାଇଲେ ମଧ୍ୟ ସାପମାନେ ମୁଗ୍ଧ ହେବା ଦେଖାଯାଏ ।]

ପଦ୍ମ ଦଳେକ୍ଷଣ—ସଂ. ବିଣ. ପୁଂ. (ବହୁବ୍ରୀହି; ପଦ୍ମ+ଦଳ+ଈକ୍ଷଣ)—ଯାହାର ଆଖି ପଦ୍ମଫୁଲର ପାଖୁଡ଼ା ପରି—Lotus-leaf-eyed.
Padma daḷekshaṇa
(ପଦ୍ମଦଳେକ୍ଷଣା—ସ୍ତ୍ରୀ)

ପଦ୍ମ ନାଗ—ସଂ. ବି—ନାଗବିଶେଷ; ପଦ୍ମଗୋଖର—A kind of cobra.
Padma nāga

ପଦ୍ମ ନାଡ଼—ଦେ. ବି. (ସଂ. ପଦ୍ମନାଳ)—ପଦ୍ମଲତାର ନାଡ଼; ମୃଣାଳ—The stem or stalk of a lotus.
Padma nāṛda
পদ্মের নাল पद्मकी डंटी

ପଦ୍ମନାଭ—ସଂ. ବି. (ବହୁବ୍ରୀହି; ପଦ୍ମ ନାଭିରେ ଯାହାର ବା ପଦ୍ମବତ୍ ନାଭି ଯାହାର)—୧ । ବିଷ୍ଣୁ; ନାରାୟଣ—1. The God Bishṇu,
Padmanābha
[ଦ୍ର—ଏହାଙ୍କ ନାଭିରୁ ଯେଉଁ ପଦ୍ମ ବାହାରି ଥିଲା ସେହି ପଦ୍ମରେ ବ୍ରହ୍ମା ଥିଲେ ଓ ବ୍ରହ୍ମା ତହିଁରୁ ବାହାରି ସୃଷ୍ଟି କଲେ ।]

୨ । ବ୍ରହ୍ମା—2. The God Brahmā.

୩ । ନାଗବିଶେଷ—3. A species of cobra.

୪ । ଧୃତରାଷ୍ଟ୍ରଙ୍କ ଶତପୁତ୍ର ମଧ୍ୟରୁ ଏକତମ—4. Name of one of the hundred sons of Dhrutarāshtra.

୫ । ଆଶ୍ୱିନ ମାସ—5. The name of the eleventh month reckoned from Mārgasira. (M.W.)

୬ । ଶତ୍ରୁ ପ୍ରତି ନିକ୍ଷିପ୍ତ ଅସ୍ତ୍ରକୁ ଅଭିମନ୍ତ୍ରିତ କରିବା ପାଇଁ ପ୍ରଯୁକ୍ତ ମନ୍ତ୍ର ବିଶେଷ (ହି. ଶବ୍ଦସାଗର)—6. Name of a magical formula spoken over weapons. (M. W.)

୭ । ନାଗ ରାକ୍ଷସବିଶେଷ—

7. Name of a serpent demon.

୮ । ଭାବୀ ଉତ୍ସର୍ପିଣୀର ପ୍ରଥମ ଅର୍ହତଙ୍କ ନାମ—8. Name of the Ist Arhat of the future Utsarpinī. (M. W.)

ଦେ. ବି. ପୁଂ.—ପୁରୁଷଙ୍କୁ ଦିଆ ଯିବା ନାମ—

A name given to males.

ପଦ୍ମନାଭ ଦେବ—ଦେ.ବି (ନାମ)—ଓଡ଼ିଶା ଗଡ଼ଜାତର ଜନୈକ ରାଜା-
Padmanābha deba A king of a Feudatory state of Orissa.

[ଦ୍ର—'ପ୍ରଭାବତୀ' ନାମକ କାବ୍ୟ ଏହାଙ୍କ ଦ୍ୱାରା ରଚିତ—
ଭାରତୀ. ଉତ୍କଳ-ସାହିତ୍ୟ. ଇତିହାସ । ଏ ଉତ୍କଳ ସାହିତ୍ୟର ଉନ୍ନତି ପାଇଁ ସର୍ବଦା ଯତ୍ନ କରୁଥିଲେ ଓ, ଓଡ଼ିଆ ଲେଖକ ଓ ଗ୍ରନ୍ଥକାର-ମାନଙ୍କୁ ନାନାରୂପେ ଉତ୍ସାହିତ କରୁଥିଲେ ।]

ପଦ୍ମନାଭ ନାରାୟଣ ଦେବ—ଦେ. ବି. (ନାମ)—ଚନ୍ଦ୍ରମହାରାଜା (ଦେଖ)
Padmanābha nārāyana deba
Chandra mahārājā (See)

[ଦ୍ର— ଏ 'ପ୍ରହ୍ଲାଦ ନାଟକ' ଓ 'ଅହଲ୍ୟା ଶାପ ମୋଚନ' ପ୍ରଭୃତି କେତେକ ଓଡ଼ିଆ ନାଟକ ରଚନା କରିଥିଲେ ।
ଭାରତୀ. ଉତ୍କଳ-ସାହିତ୍ୟ. ଇତିହାସ ।]

ପଦ୍ମନାଭ ପରୀକ୍ଷା—ଦେ. ବି. (ନାମ)—ଜନୈକ ଓଡ଼ିଆ ସଙ୍ଗୀତଜ୍ଞ—
Padmanābha parikshā A famous Oria musician.

[ଦ୍ର—ଏ ସଙ୍ଗୀତ ଶିକ୍ଷା ବିଷୟକ 'ଗୀତ ତାଳ ପ୍ରବନ୍ଧ' ନାମକ ପୁସ୍ତକ ପ୍ରଣୟନ କରିଥିଲେ । ଭାରତୀ. ଉତ୍କଳ. ସାହିତ୍ୟ ଇତିହାସ]

ପଦ୍ମନାଭ ଭଞ୍ଜ—ଦେ. ବି. (ନାମ)—ଭଞ୍ଜ ଯୁଗର ଜନୈକ ଓଡ଼ିଆ କବି-
Pādmanābha bhanja An Oria poet of the Bhanja period.

[ଦ୍ର—ଏ 'ଶଶିରେଖା' ନାମକ ଗ୍ରନ୍ଥ ପ୍ରଣୟନ କରିଥିଲେ ।]

ପଦ୍ମ ନାଳ—ସଂ. ବି—ପଦ୍ମ ଡନ୍ଥ; ମୃଣାଳ—
Padma nāla The stalk or fibre of lotus.

ପଦ୍ମ ନିଧି—ସଂ. ବି—କୁବେରଙ୍କର ରତ୍ନମାନଙ୍କ ମଧ୍ୟରୁ ଏକତମ—
Padama nidhi Name of one of the gems possessed by Kubera.

ପଦ୍ମ ନେତ୍ର—ସଂ. ବିଣ. ପୁଂ. (ବହୁବ୍ରୀହି; ପଦ୍ମ+ନେତ୍ର)—ପଦ୍ମତୁଲ୍ୟ
Padma netra ସୁନ୍ଦର ନୟନବିଶିଷ୍ଟ—Lotus-eyed.

ପଦ୍ମ ନେତ୍ରା / ପଦ୍ମ ନେତ୍ରୀ } ସ୍ତ୍ରୀ
ସଂ. ବି—୧ । ପକ୍ଷିବିଶେଷ—
1. Name of a bird (M. W).

୨ । ଭବିଷ୍ୟତରେ ଅବତାର ଗ୍ରହଣ କରିବା ବୁଦ୍ଧବିଶେଷ—
2. Name of a future Buddha, (M. W)

ପଦ୍ମ ପତ୍ର—ସଂ. ବି. (୬ଷ୍ଠୀ ତତ୍; ପଦ୍ମ+ପତ୍ର)—୧ । ପଦ୍ମ ଗଛର ପତ୍ର—
Padma patra 1. Lotus leaf

ପଦ୍ମ ଦଳ / ପଦ୍ମ ପର୍ଣ୍ଣ } ଅନ୍ୟରୂପ
[ଦ୍ର—ଏଥିରେ ପାଣି ପଡ଼ିଲେ ଟଳ ଟଳ ହୁଏ ଏବଂ ପାଣି ପତ୍ରର ଦେହରେ ନ ଲାଗି ଖସି ପଡ଼େ । ଗରିବ ଲୋକେ ପଦ୍ମ ପତ୍ରରେ ଅନ୍ନାଦି ଖାଆନ୍ତି ।]

୨ । ପୁଷ୍କର ମୂଳ (ହି. ଶ.) (ଦେଖ)—
2. Pushkara mūla (See)

ଦେ. ବି – ବଡ଼ ଲୋକଙ୍କ ଭୋଜନ ପାତ୍ରରୂପେ ବ୍ୟବହୃତ ପଦ୍ମପତ୍ରାକାର ରୌପ୍ୟପାତ୍ରବିଶେଷ—A silver plate resembling a lotus-leaf used by rich men.

୩ । କୁଡ଼ି (ଦେଖ)—3. Kurdhi (See).

ପଦ୍ମ ପଦ୍ମ—ଦେ. ବି ଓ ବିଣ—ଅସଂଖ୍ୟ—
Padma padma Innumerable.

ପଦ୍ମ ପଦ୍ମ କର ପଦ୍ମ ମଙ୍ଗାଇ — ଭକ୍ତ. କୋଶଂ ବ୍ରହ୍ମାଣ୍ଡ ସ୍ୱଳସ ।

ପଦ୍ମ ପରାଗ—ସଂ. ବି. (୬ଷ୍ଠୀ ତତ୍; ପଦ୍ମ+ପରାଗ)—ପଦ୍ମ ଫୁଲ ମଧ୍ୟସ୍ଥ
Padma parāga ରେଣୁ—The pollen of a lotus flower.

ପଦ୍ମ ପଲାଶ ଲୋଚନ—ସଂ. ବିଣ. ପୁଂ. (୬ଷ୍ଠୀ ତତ୍ ଓ ବହୁବ୍ରୀହି; ପଦ୍ମ+
Padma palāsa lochana ପଲାଶ+ଲୋଚନ)—ପଦ୍ମ ଫୁଲର
(ପଦ୍ମ ପଲାଶ ଲୋଚନା—ସ୍ତ୍ରୀ) ପାଖୁଡ଼ା ପରି ନେତ୍ରବିଶିଷ୍ଟ—
Having eyes like the lotus petal.

ପଦ୍ମ ପାଖୁଡ଼ା—ଦେ. ବି – ପଦ୍ମ ଫୁଲର ଦଳ—
Padma pākhurdā The petal of a lotus flower.
पद्मेरपापँड़ि पद्मकोपखूड़ो

ପଦ୍ମ ପାଣି—ସଂ. ବି· (ବହୁବ୍ରୀହି; ପଦ୍ମ ପାଣିରେ ଯାହାର)—୧ । ପଦ୍ମକର;
Padma pāni ସୂର୍ଯ୍ୟ—1. The sun.
(ପଦ୍ମ ହସ୍ତ—ଅନ୍ୟରୂପ) ୨ । ପଦ୍ମପରି କୋମଳ ହସ୍ତ—
2. Hands as delicate as the lotus.

୩ । ବିଷ୍ଣୁ—Bishnu.

୪ । ବ୍ରହ୍ମା—4. Brahmā.

୫ । ବୁଦ୍ଧ—5. The Buddha.

(ପଦ୍ମହସ୍ତା—ସ୍ତ୍ରୀ) ସଂ, ବିଣ. ପୁଂ.—୧ । ଯାହା ହାତରେ ପଦ୍ମପରି ଚିହ୍ନ ଅଛି—1. Having the mark of a lotus flower on the hand.

୨ । ପଦ୍ମ ଫୁଲ ହାତରେ ଧରିଥିବା—
2. Holding a lotus flower.

ପଦ୍ମ ପାଦ—ସଂ. ବି. (ରୂପକ କର୍ମଧା; ପଦ୍ମ+ପାଦ)—ପଦ୍ମ ପରି ସୁନ୍ଦର
Padma pāda ପାଦ; ପାଦ ପଦ୍ମ—Foot resembling a lotus flower.

पाद पद्म ଦେ. ବି—ପାଦର ପାପୁଲି ଉପରେ ପିନ୍ଧାଯିବା ଅଳଙ୍କାର
पाउँ पदम ବିଶେଷ; ପାପଦ୍ମ—An ornament put on over the back of the feet consisting of a circular piece of metal put in position with chains connected with the ankle and the toes.

ପଦ୍ମ ପୁରାଣ—ସଂ. ବି—ମହର୍ଷି ବେଦବ୍ୟାସକୃତ ମହାପୁରାଣବିଶେଷ—
Padma purāṇa   One of the 18 Hindu Purāṇas.

ପଦ୍ମ ପୁଷ୍କର—ଦେ. ବି—ସୁପକ୍ୱ ଓ ଶୁଷ୍କ ପଦ୍ମବୀଜ—The ripe
Padma pushkara   and dry seed of lotus flower.
পদ্মেরবীচি [ଦ୍ର—ପଦ୍ମବୀଜ ପରିପକ୍ୱ ହୋଇ ଶୁଖିଗଲେ କଳା
कमलगट्टा ଦିଶେ । ଲୋକେ ତାହାକୁ ଫୋଡ଼ି ମାଳା କରି ପିନ୍ଧନ୍ତି ।
ଏହାକୁ ପୁଷ୍କରମାଳା ବୋଲାଯାଏ ।]

ପଦ୍ମ ପୁଷ୍ପ—ସଂ. ବି—୧ । ପଦ୍ମଫୁଲ—1. The lotus flower.
Padma pushpa   ୨ । କରବୀଫୁଲ (ହି. ଶ)—
2. Oleander.
୩ । ଏକପ୍ରକାର ପକ୍ଷୀ (ହି. ଶ)—3. A kind of bird.

ପଦ୍ମ ପୋଖରୀ—ଦେ. ବି. (ସଂ. ପଦ୍ମ ଓ ପୁଷ୍କରିଣୀ)—ପଦ୍ମାକର; ପଦ୍ମବହୁଳ
Padma pokharī   ଜଳାଶୟ—A tank full of lotus-flowers.
পদ্মপুখুর पद्मकाताल

ପଦ୍ମପ୍ରଭ—ସଂ. ବିଣ. ପୁଂ. (ବହୁବ୍ରୀହି; ପଦ୍ମ+ପ୍ରଭା)—
Padmaprabha   ପଦ୍ମଫୁଲ ପରି ପ୍ରଭାବିଶିଷ୍ଟ—Having the glow of a lotus flower.
(ପଦ୍ମପ୍ରଭା—ସ୍ତ୍ରୀ)
ସଂ. ବି—ବୁଦ୍ଧଦେବଙ୍କ ଭାବୀ ଅବତାରବିଶେଷ (ହି. ଶ)—
Name of a future incarnation of the Buddha.

ପଦ୍ମପ୍ରିୟା—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ପଦ୍ମ+ପ୍ରିୟ+ସ୍ତ୍ରୀ. ଆ)—
Padmapriyā   ମନସାଦେବୀ—Goddess Manasā; the Goddess over the serpents.

ପଦ୍ମ ବନ୍ଧ—ସଂ. ବି. (ବହୁବ୍ରୀହି; ପଦ୍ମ+ବନ୍ଧ=ରଚନା ପ୍ରଣାଳୀ)—
Padma bandha   ୧ । ପଦ୍ମଫୁଲ ଆକୃତିର ଚିତ୍ରକାବ୍ୟବିଶେଷ—
1. A sort of artificial composition in the form of a lotus flower.
୨ । ରତିବନ୍ଧବିଶେଷ—2. A posture in copulation.

ପଦ୍ମବନ୍ଧୁ—ସଂ. ବି. (୬ଷ୍ଠୀ ତତ୍; ପଦ୍ମ+ବନ୍ଧୁ)—୧ । ସୂର୍ଯ୍ୟ—
Padma bandhu   1. The sun.
୨ । ମଧୁକର; ଭ୍ରମର—2. The Black bee.
[ଦ୍ର—ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ ପଦ୍ମ ଫୁଟେ ଏବଂ ଫୁଟିଲା ପଦ୍ମରୁ ମଧୁ ସଂଗ୍ରହ କରିବା ପାଇଁ ଭ୍ରମର ତାହା ପାଖକୁ ଆସେ । ଏଣୁ କବିକଳ୍ପନାରେ ସୂର୍ଯ୍ୟ ଓ ଭ୍ରମର ପଦ୍ମଫୁଲର ବନ୍ଧୁ ।]
୩ । ଆକନ୍ଦ ଗଛ; ଅର୍କଗଛ—3. Calotropis Gigantea (plant).

ପଦ୍ମ ବର୍ଣ୍ଣ—ସଂ. ବି. (ରୂପକ କର୍ମଧା; ପଦ୍ମ+ବର୍ଣ୍ଣ)—
Padma barṇṇa   ୧ । ପଦ୍ମଫୁଲ ପରି ଈଷତ୍ ରକ୍ତବର୍ଣ୍ଣ—
1. Rosy colour.
୨ । ଯଦୁଙ୍କର ଏକପୁତ୍ର—2. Name of a son of king Jadu.
ସଂ. ବିଣ. (ବହୁବ୍ରୀହି)—ପଦ୍ମଫୁଲ ପରି ରକ୍ତବର୍ଣ୍ଣବିଶିଷ୍ଟ—
(ପଦ୍ମବର୍ଣ୍ଣା—ସ୍ତ୍ରୀ)   Rosy; rose-coloured.

ପଦ୍ମ ବାଳ—ସଂ. ବି. (ପଦ୍ମ+ବାଳ=ବାଳକ; ପଦ୍ମରୁ ଜାତ ବୋଲି)—
Padma bāla   ବିଧାତା; ବ୍ରହ୍ମା—Brahmā.

ଯାହାର ଅଳଙ୍କାର ତାର ମଣ୍ଡନକାଳ
ଜାଣି ଲଜ୍ଜିଗଲେ ଛଡ଼ଇ ପଦ୍ମବାଳ । କୃଷ୍ଣସିଂହ. ମହାଭାରତ ଉଦ୍ଯୋଗ ।

ପଦ୍ମବାସା—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ପଦ୍ମ+ବାସ+ସ୍ତ୍ରୀ. ଆ)—
Padmabāsā   ୧ । ପଦ୍ମାଳୟା; ଲକ୍ଷ୍ମୀ—
1. Goddess Lakshmī.
୨ । କମଳାସନା; ସରସ୍ୱତୀ—2. Goddess Saraswatī.

ପଦ୍ମ ବୀଜ—ସଂ. ବି. (୬ଷ୍ଠୀ ତତ୍; ପଦ୍ମ+ବୀଜ)—ପଦ୍ମଫୁଲ ମଧ୍ୟସ୍ଥ ଫଳ ବା
Padma bīja   ମଞ୍ଜି—The seed of lotus flower.

ପଦ୍ମଭବ—ସଂ. ବି. (ବହୁବ୍ରୀହି; ପଦ୍ମ+ଭବ=ଉତ୍ପତ୍ତି)—ବ୍ରହ୍ମା—
Padmabhaba   God Brahmā.
ଭବନ ଛାଡ଼ି କ୍ଷଣେ କେଉଁଣେ ନ ଯାଏ ଏହା କଲ୍ପ ସିନା ପଦ୍ମଭବ ।
ଭଞ୍ଜ. ପ୍ରେମସୁଧାନିଧି ।

ପଦ୍ମଭାସ—ସଂ. ବି. (ପଦ୍ମ+ଭାସ୍+ଅ)—ବିଷ୍ଣୁ—Bishṇu.
Padmabhāsa   (ପଦ୍ମଭାସ—ଅନ୍ୟରୂପ)

ପଦ୍ମଭୂ—ସଂ. ବି. ପୁଂ. (ବହୁବ୍ରୀହି; ପଦ୍ମ+ଭୂ ଧାତୁ+କର୍ତ୍ତୃ. କ୍ୱିପ୍)
Padmabhū   ବ୍ରହ୍ମା—God Brahmā.

ପଦ୍ମ ମଧୁ—ସଂ. ବି. (୬ଷ୍ଠୀ ତତ୍; ପଦ୍ମ+ମଧୁ)—ପଦ୍ମଫୁଲର ମହୁ—
Padma madhu   Lotus honey.
[ଦ୍ର—ଏହା ଔଷଧରେ ଲାଗେ ଏବଂ ଚକ୍ଷୁରୋଗରେ ବିଶେଷ ଉପକାରୀ; ପଦ୍ମପୂର୍ଣ୍ଣ ପୋଖରୀ ନିକଟରେ ମହୁମାଛିମାନେ ପଦ୍ମଫୁଲରୁ ଯେଉଁ ମହୁ ସଂଗ୍ରହ କରନ୍ତି ତାକୁ ପଦ୍ମମଧୁ ବୋଲାଯାଏ ।]

ପଦ୍ମ ମୁଖ—ସଂ. ବିଣ. ପୁଂ. (ବହୁବ୍ରୀହି; ପଦ୍ମ+ମୁଖ)—
Padma mukha   ଯାହାର ମୁଖ ପଦ୍ମଫୁଲ ପରି ସୁନ୍ଦର—
(ପଦ୍ମମୁଖୀ—ସ୍ତ୍ରୀ)   With face as graceful as a lotus.
ସଂ. ବି—୧ । ବିଷ୍ଣୁ—1. Bishṇu.
୨ । ବ୍ରହ୍ମା—2. Brahmā.

ପଦ୍ମମୁଖୀ—ସଂ. ବିଣ. ସ୍ତ୍ରୀ. (ପଦ୍ମମୁଖ+ସ୍ତ୍ରୀ ଈ)—ସୁନ୍ଦରମୁହାଁ—
Padmamukhī   With face as graceful as a lotus.
ସଂ. ବି—ଦୂବ ଲତା—The creeping cynoden.

ପଦ୍ମ ମୁଦ୍ରା—ସଂ. ବି—ତନ୍ତ୍ରୋକ୍ତ କଳ୍ପିତ ପଦ୍ମର ଆକାରସଦୃଶ ଅଙ୍ଗୁଳି
Padma mudrā   ମୁଦ୍ରାବିଶେଷ—A posture or figure made by the fingers used in Tantrik rituals.

ପଦ୍ମ ଯୋନି—ସଂ. ବି (ବହୁବ୍ରୀହି ପଦ୍ମ+ଯୋନି=ଉତ୍ପତ୍ତିସ୍ଥାନ)—
Padma joni   ପଦ୍ମଭୂ (ଦେଖ)—Padmabhū (See)

ପଦ୍ମରାଗ—ସଂ. ବି. (ବହୁବ୍ରୀହି; ପଦ୍ମ+ରାଗ=ବର୍ଣ୍ଣ)—
Padma rāga   ୧ । ତାମ୍ରବର୍ଣ୍ଣ ମଣିବିଶେଷ; ପଦ୍ମା—
1. Ruby; spinel ruby.
୨ । ଯୋଚଡ଼ାଲା; ପ୍ରବାଳ—2. Coral.

ପଦ୍ମ ରେଖା—ସଂ. ବି. (ମ. ପ. ଲୋ. କର୍ମଧା; ପଦ୍ମାକୃତି ରେଖା)—
Padma rekhā   (ଜ୍ୟୋତିଷ) କରତଳସ୍ଥ ଶୁଭ ଲକ୍ଷଣ ସୂଚକ ରେଖା—A slighty red line on the palm of the hands of certain person from which it is inferred that the persons will become very rich.

[ଦ୍ର—ଏ ରେଖା ତାସ୍ ଚକ୍ରପର, ୩। ହାତରେ ଏ ରେଖା ଥିଲେ ମନୁଷ୍ୟ ବହୁ ଧନଶାଳୀ ଓ ରାଜା ହୁଏ ।]

ପଦ୍ମ ଲାଞ୍ଛନ—ସ. ବ. ପୁଂ. (ବହୁବ୍ରୀହି; ପଦ୍ମ+ଲାଞ୍ଛନ=ଚହ୍ନ)—
Padma lānchchana ୧ । ପଦ୍ମଯୋନି; ବ୍ରହ୍ମା— 1. God Brahmā,
୨ । (ପଦ୍ମାକୃତି ରେଖା ଚହ୍ନ ଯାହାର) ନୃପତି; ରାଜା— 2. A king,
୩ । କମଳ ପାଣି; ସୂର୍ଯ୍ୟ—2. The Sun-god.
୪ । (ଏହାଙ୍କର ପଦ୍ମମଣି ଥିବାରୁ) କୁବେର— 4. The Hindu God of wealth.

ପଦ୍ମ ଲାଞ୍ଛନା—ସ. ବ. ସ୍ତ୍ରୀ. (ପଦ୍ମ ଲାଞ୍ଛନ+ସ୍ତ୍ରୀ. ଆ)—୧ । ଲକ୍ଷ୍ମୀ—
Padma lānchhanā 1. The Goddess of wealth.
୨ । ସରସ୍ୱତୀ—2. The Goddess of learning.
୩ । ଦୁର୍ଗା—3. The Goddess Durgā.

ପଦ୍ମ ଲୋଚନ—ସ. ବ. (ଉପମିତ କର୍ମଧା)—ପଦ୍ମପର ସୁନ୍ଦର ନେତ୍ର—
Padma lochana Eye like a lotus flower.
(ପଦ୍ମଲୋଚନା—ସ୍ତ୍ରୀ) ସ. ବଣ ପୁଂ (ଉପମିତ ବହୁବ୍ରୀହି)—ପଦ୍ମତୁଲ୍ୟ ସୁନ୍ଦର ଚକ୍ଷୁଯୁକ୍ତ—Lotus-eyed.
ଦେ. ବ ପୁଂ.—ଲୋକଙ୍କ ନାମ— A name given to males.

ପଦ୍ମ ସ୍ନୁଷା—ସ. ବ—୧ । ଗଙ୍ଗାନଦୀ—
Padma snushā 1. A name of the Ganges.
୨ । ଦୁର୍ଗା—2. Durga.

ପଦ୍ମା—ସ. ବ. ସ୍ତ୍ରୀ (ପଦ୍ମ+ଅସ୍ତ୍ୟ ଅର୍ଥରେ ଅ+ସ୍ତ୍ରୀ. ଆ)—୧ । ଲକ୍ଷ୍ମୀ;
Padmā ପଦ୍ମାଳୟା—1. Goddess Lakshmī.
୨ । ଲବଙ୍ଗ—2. Cloves.
୩ । ମନସା ଦେବୀ—3. Goddess Manasā.
୪ । ପଦ୍ମଚାରଣୀ (ଦେଖ)—4. Padmachārinī (See)
୫ । ମଣ୍ଡା କୁସୁମ ଫୁଲ— 5. The safflower; Carthamus Tinctoria.
୬ । ଚନ୍ଦ୍ରାବଳୀଙ୍କର ଏକତମା ସଖୀ— 6. One of the companions of Chandrābalī.
ପଦ୍ମା ବୃନ୍ଦିରେ ରସକଥରେ ଅଭିଅଙ୍କୁ କଲେ ବଳେ—
ଉପେନ୍ଦ୍ର, ଲାବଣ୍ୟ - ଲକ୍ଷ୍ମଣ ।
୭ । ବ୍ରହ୍ମପୁତ୍ର ନଦ ଓ ଗଙ୍ଗାନଦୀ ମିଳିତ ହେବା ପରେ ପୂର୍ବ ବଙ୍ଗରେ ଯେଉଁ ପ୍ରକାଣ୍ଡ ନଦୀ ସୃଷ୍ଟି ହୋଇଅଛି — 7. Name of a river formed by the Brahmaputra and the Ganges joined together and flowing into the Bay of Bengal.
[ଦ୍ର—ଏହାର ଅନ୍ୟ ନାମ 'ମେଘନା' । ଏହାର ସ୍ରୋତର ଗତି ଅତି ପରବର୍ତ୍ତନଶୀଳ ଥିବାରୁ ଏହା ଅନେକ ପୁରାତନ ଗ୍ରାମ ଧ୍ୱଂସ କରି ନୂତନ ଚର ସୃଷ୍ଟି କରୁଅଛି । ପ୍ରାଚୀନ ରାଜାମାନଙ୍କର ଅନେକ ପୁରାତନ କୀର୍ତ୍ତି ଗର୍ଭସାତ୍ କରିଥିବାରୁ ଏହାର ଅନ୍ୟ ନାମ 'କୀର୍ତ୍ତିନାଶା' ।]

୮ । ଭାଦ୍ରବ ଶୁକ୍ଳ ଏକାଦଶୀ (ହି. ଶ.)—8. The 11th day of the bright lunar fortnight of Bhādra.

ପଦ୍ମାକର—ସ. ବ (୬ଷ୍ଠୀ ତତ୍; ପଦ୍ମ+ଆକର)—ପଦ୍ମବହୁଳ ଜଳାଶୟ;
Padmākara ପଦ୍ମ ସୋଗରି—A tank full of lotus flowers.

ପଦ୍ମାକ୍ଷ—ସ. ବ. ପୁଂ. (ବହୁବ୍ରୀହି; ପଦ୍ମ+ଅକ୍ଷି)—କମଳ ଲୋଚନ—
Padmāksha Lotus-eyed.
(ପଦ୍ମାକ୍ଷୀ—ସ୍ତ୍ରୀ) ସ. ବ—୧ । (୬ଷ୍ଠୀ ତତ୍)—୧ । ପଦ୍ମବୀଜ— 2. Lotus seed.
୨ । ବିଷ୍ଣୁ—2. Bishṇu.

ପଦ୍ମାବତୀ—ସ. ବ. ସ୍ତ୍ରୀ (ପଦ୍ମ+ଅସ୍ତ୍ୟ ଅର୍ଥରେ ବତ୍+ସ୍ତ୍ରୀ. ଈ)—
Padmābatī ୧ । ମନସା ଦେବୀ—1. Goddess Manasā.
୨ । ପଦ୍ମାନଦୀ—2. The Padma river.
୩ । ଉଜ୍ଜୟିନୀ ନଗରର ପୁରାତନ ନାମ—3. The ancient name of the town Ujjain in N. W. P.
୪ । ଦାତା କର୍ଣ୍ଣ ରାଜାଙ୍କ ପତ୍ନୀ—4. Name of the wife of king Karṇṇa.
୫ । ପାଟଣା ନଗରର ପ୍ରାଚୀନ ନାମ (ହି. ଶ.) 5. Ancient name of the city of Patna.
୬ । ଗେଣ୍ଡୁ ଫୁଲ—(ହି. ଶ.)—6. Safflower.
୭ । ପନ୍ନା ନଗରର ପ୍ରାଚୀନ ନାମ (ହି. ଶବ୍ଦସାଗର)— 7. Ancient name of the town Panna.
୮ । ଅପ୍ସରାବିଶେଷ (ହି. ଶବ୍ଦସାଗର)— 8. Name of a heavenly nymph.
ଦେ. ବ—୧ । କବି ଜୟଦେବଙ୍କ ପତ୍ନୀ— 1. The wife of poet Jayadeba.
୨ । ନଦିଆବାସୀ ମହାତ୍ମା ନିତ୍ୟାନନ୍ଦଙ୍କ ମାତା— 2. The name of the mother of Sree Nityananda of Nuddea.
୩ । ସ୍ତ୍ରୀଲୋକଙ୍କ ନାମ - 3. A name given to females.
୪ । କାଞ୍ଚୀ ରାଜକନ୍ୟା; ପୁରୁଷୋତ୍ତମ ଦେବଙ୍କ ପାଟ ମହିଷୀ— 4. Name of the queen of Purushottama Deba, king of Orissa.

ପଦ୍ମାଳୟା—ସ. ବ. ସ୍ତ୍ରୀ. (ବହୁବ୍ରୀହି; ପଦ୍ମ+ଆଳୟ+ସ୍ତ୍ରୀ. ଆ)—
Padmālayā ୧ । ଲକ୍ଷ୍ମୀ—1. Goddess Lakshmī.
୨ । ଲବଙ୍ଗ (ହି. ଶ)—2 Cloves.

ପଦ୍ମାସନ—ସ. ବ—୧ । (କର୍ମଧା; ପଦ୍ମ+ଆସନ)—ଯୋଗାସନବିଶେଷ—
Padmāsana 1. A posture in sitting prescribed in the Sastras.
[ଦ୍ର—ପଦ୍ମାସନରେ ଠେକାପକାଇ ବସି ବାମ ଉରୁ ଉପରେ ଦକ୍ଷିଣ ପଦ ଓ ଦକ୍ଷିଣ ଉରୁ ଉପରେ ବାମ ପଦ ବିନ୍ୟାସପୂର୍ବକ ପଦଦ୍ୱୟର ବୃଦ୍ଧାଙ୍ଗୁଷ୍ଠ ହସ୍ତଦ୍ୱୟ ସ୍ୱୀୟ ପଛ ପଟେ ବାଟେ ହାତ ଦ୍ୱୟକୁ ବୁଲାଇ ଡଦ୍ୱାରା ଧରିବାକୁ ହୁଏ ଏବଂ ହୃଦୟରେ ଚିବୁକ ରଖି କରି ଏକପ୍ରକାର ଦୃଷ୍ଟିରେ ନାସାଗ୍ରକୁ ଚାହିଁବାକୁ ହୁଏ ।]

୨ । କମଲ ବା ପଦ୍ମଫୁଲ ଦ୍ୱାରା ପ୍ରସ୍ତୁତ ଆସନ—2. A seat made up of lotus flowers.

୩ । ରତିବନ୍ଧବିଶେଷ; ପଦ୍ମବନ୍ଧ—
3. A posture in copulation.

୪ । (ବହୁବ୍ରୀହି) ବ୍ରହ୍ମା—4. Brahmā.

୫ । ଶିବ (ହି. ଶ)—5. Śiba.

୬ । ସୂର୍ଯ୍ୟ (ହି. ଶ) – 6. The sun.

ପଦ୍ମାସନା – ସଂ. ବି. ସ୍ତ୍ରୀ. (ପଦ୍ମାସନ + ସ୍ତ୍ରୀ. ଆ) – ଲକ୍ଷ୍ମୀ—
Padmāsanā Lakshmī.

ପଦ୍ମିନୀ—ସଂ. ବି.— ୧ । (ପଦ୍ମ + ଅସ୍ତି ଅର୍ଥରେ ଇନ୍ + ସ୍ତ୍ରୀ. ଈ)—
Padmini ମୂଳ, ନାଡ଼, ପତ୍ର, ପୁଷ୍ପାଦି ସହିତ ପଦ୍ମ ଲତା—
1. The lotus plant.

୨ । ହସ୍ତିନୀ; ମାଈ ହାତୀ—2. A female elephant.

୩ । କାମଶାସ୍ତ୍ର ବିଭାଗମତେ ପ୍ରଥମ ଶ୍ରେଣୀସ୍ଥ ଅତି ଉତ୍କୃଷ୍ଟା ପଦ୍ମଗନ୍ଧା ସ୍ତ୍ରୀ—3. The 1st of the 4 classes into which young women are divided in the erotic science of ancient India.

[ଦ୍ର— ଏମାନେ ଗୌରବର୍ଣ୍ଣା, ଅତି ସୁନ୍ଦରୀ, କ୍ଷୀଣମଧ୍ୟା, ପୀନସ୍ତନୀ ଓ ହଂସଗାମିନୀ । ଏମାନଙ୍କ ଦେହ ଓ ମୁଖରୁ ପଦ୍ମ ଗନ୍ଧ ବାହାରୁ ଥାଏ । ଏମାନେ ଅତି ସୁକୁମାରୀ, ସାଧ୍ୱୀ, ଦୟାଶୀଳା, ସୁଲକ୍ଷଣା ଓ ମଧୁର ପ୍ରେମଶୀଳା । ଏ ଶ୍ରେଣୀର ସ୍ତ୍ରୀମାନଙ୍କର 'ଶଶ' ଜାତୀୟ ପୁରୁଷମାନେ ଉପଯୁକ୍ତ ସ୍ୱାମୀ ।
ଭବତି କମଲନେତ୍ରା, ନାସିକା କ୍ଷୁଦ୍ର ରନ୍ଧ୍ରା, ଅବିରଳ କୁଚଯୁଗ୍ମା, ଦୀର୍ଘକେଶୀ କୃଶାଙ୍ଗୀ । ମୃଦୁ ବଚନ ସୁଶୀଳା ନୃତ୍ୟଗୀତାନୁରକ୍ତା ସକଳ ତନୁ ସୁବେଶା ପଦ୍ମିନୀ ପଦ୍ମଗନ୍ଧା ।]

୪ । (+ସମୂହାର୍ଥରେ ଇନ୍ + ସ୍ତ୍ରୀ. ଈ)—ପଦ୍ମ ସମୂହ—
4. A collection of lotus flowers.

୫ । ପଦ୍ମ ବହୁଳ ପୁଷ୍କରିଣୀ—5. A pond full of lotus.

ଦେ. ବି.— ଚିତୋରର ରାଣା ଭୀମସିଂହଙ୍କ ପତ୍ନୀ—The wife of Rāṇā Bhīmasimha of Chitor.

ପଦ୍ମିନୀ କାନ୍ତ—ସଂ. ବି. (୬ଷ୍ଠୀ ତତ୍; ପଦ୍ମିନୀ + କାନ୍ତ)—ସୂର୍ଯ୍ୟ—
Padminī kānta The sun.
(ପଦ୍ମିନୀବଲ୍ଲଭ—ଅନ୍ୟରୂପ)

ପଦ୍ମୀ—ସଂ. ବି. ପୁଂ. (ପଦ୍ମ + ଅସ୍ତି ଅର୍ଥରେ ଇନ୍; ୧ମା. ୧ବ.)—
Padmī ୧ । (ପଦ୍ମ ପରି ରକ୍ତବର୍ଣ୍ଣ ଚିହ୍ନ ଥିବାରୁ) ହସ୍ତୀ—
(ପଦ୍ମିନୀ – ସ୍ତ୍ରୀ) 1. Elephant.

୨ । ବିଷ୍ଣୁ—2. Bishṇu.

୩ । ପଦ୍ମ ସମୂହ (ହି. ଶବ୍ଦସାଗର)—
2. A collection of lotus flowers.

୪ । ପଦ୍ମବିଶିଷ୍ଟ ଦେଶ (ହି. ଶ.)—
4. A country abounding in lotus.

୫ । ଭବିଷ୍ୟତ୍ ବୁଦ୍ଧବିଶେଷ—
5 Name of a future Buddha.

ସଂ. ବିଣ.—ପଦ୍ମବିଶିଷ୍ଟ—
Having or abounding in lotus flowers.

ପଦ୍ମେଶୟ—ସଂ. ବି. ପୁଂ. (ବହୁବ୍ରୀହି; ପଦ୍ମେ = ପଦ୍ମରେ + ଶୟ = ଯେ
Padmeśaya ଶୟନ କରନ୍ତି)—୧ । ବ୍ରହ୍ମା—1. Brahmā.

୨ । ବିଷ୍ଣୁ—2. Bishṇu.

ପଦ୍ମୋଦ୍ଭବ—ସଂ. ବି. ପୁଂ. (ବହୁବ୍ରୀହି; ପଦ୍ମ + ଉଦ୍ଭବ)—ପଦ୍ମେଶୟ
Padmodbhaba ୧ (ଦେଖ)—Padmeśaya 1 (See)

ପଦ୍ୟ—ସଂ. ବି. (ପଦ = ଚରଣ + ଯୁକ୍ତାର୍ଥରେ ଯ)—୧ । ଛନ୍ଦୋଯୁକ୍ତ
Padya ରଚନା; ଶ୍ଳୋକ; ଛନ୍ଦ—Metrical composition;
(ଗଦ୍ୟ—ବିପରୀତ) verse; poem; poetry.

୨ । (ବ୍ରହ୍ମାଙ୍କ ପଦରୁ ଜାତ ବୋଲି) – ଶୂଦ୍ର—2, A Śūdra.

୩ । ଶଠତା (ହି. ଶ.)—3. Fraud; deceit.

ସଂ. ବିଣ.—୧ । ପଦ୍ୟଯୁକ୍ତ—1, Metrical; poetical.

୨ । ପଦ ସମ୍ବନ୍ଧୀୟ—2. Relating to the foot.

ପଦ୍ୟମୟ—ସଂ. ବିଣ. (ପଦ୍ୟ + ଅବ୍ୟୟାର୍ଥ. ମୟ)—୧ । ପଦ୍ୟଯୁକ୍ତ
Padyamaya (ରଚନା)—1. Poetical.

୨ । ପଦ୍ୟ ପରି ମଧୁର (ଜୀବନ)—2, (life) Full of
(ପଦ୍ୟମୟୀ—ସ୍ତ୍ରୀ) poetry; sweet as poetry.

୩ । ପଦ୍ୟ ପରି ମଧୁର ଭାବ ବା କଳ୍ପନା ପୂର୍ଣ୍ଣ—
3. Full of poetic sentiments; romantic.

ପଦ୍ୟା—ସଂ. ବି. ସ୍ତ୍ରୀ. (ପଦ୍ ଧାତୁ+ଯ + ସ୍ତ୍ରୀ. ଆ) – ୧ । ସ୍ତବ; ସ୍ତୁତି—
Padyā 1. Hymn.

୨ । ପ୍ରଶଂସା—2 Praise, enlogy.

୩ । ପଥ; ରାସ୍ତା—3. Path; road; way.

ପଦ୍ୟାବଳି(ଳୀ) – ସଂ. ବି. (୬ଷ୍ଠୀ; ପଦ୍ୟ + ଆବଳି (ଳୀ)] – ପଦ୍ୟସମୂହ—
Padyābali(lī) Collection of verses.

ପଧାନ—ଦେ. ବି. (ସଂ. ପ୍ରଧାନ)—୧ । ରାଜନିଯୁକ୍ତ ଗ୍ରାମର ପ୍ରଧାନ
Padhāna ବ୍ୟକ୍ତି—1. Village headman.
ପ୍ରଧାନ ୨ । ଦଳବେହେରା; ଗ୍ରାମର ରାଜସ୍ୱ ଅସୁଲକାରୀ କର୍ମଚାରୀ—
प्रधान, मुखिया 2. Village rent-collector,

୩ । ଶୂଦ୍ରଙ୍କ ଉପାଧିବିଶେଷ—
3, A family title of certain Śūdras,

ଦେ. ବିଣ.—ଶ୍ରେଷ୍ଠ—Chief.

ପଧାନ(ନି) ହେତା—ଦେ. ବି.— ପଧାନ କାର୍ଯ୍ୟର ପାରିଶ୍ରମିକ ସ୍ୱରୂପ
Padhāna(ni) hetā ପଧାନଙ୍କୁ ଦିଆ ଯାଇ ଥିବା ଭୂମି—
मुखोतर जागिर Service land granted to a Padhāna.
[ପଧାନ(ନ) ଜାଗିର—ଅନ୍ୟରୂପ]

ନ ଜାଣି ଚଳିଲି ପଧାନ ହେତା, ସବୁ ଯାକ ନେଇ ଗଲେ ଡେଙ୍କଡା – ଡଗ ।

ପଧାନି—ଦେ ବି.— ୧ । ପଧାନର ଅଧିକାର ବା କର୍ମ—1. The
Padhāni post or occupation of a Padhāna.

୨ । ପଧାନର ପାରିଶ୍ରମିକ – 2. The remuneration of a Padhāna.

ଦେ. ବିଣ.—ପଧାନ ସମ୍ବନ୍ଧୀୟ —
Pertaining to a Padhāna.

ପଧାନି ସରବରାକାର—ଦେ. ବି (ସଂ. ପ୍ରଧାନ ଓ ଫା. ସରବରାହ)—
Padhāni sarabarākāra ଓଡ଼ିଶାର ମଧ୍ୟସ୍ୱତ୍ୱାଧିକାରୀବିଶେଷ—A class of under tenants of Orissa.
[ଦ୍ର—ଏମାନେ ସାଧାରଣ ସରବରାକାର ଅପେକ୍ଷା ଦୃଢ଼ତର ସ୍ୱତ୍ୱବିଶିଷ୍ଟ ମଧ୍ୟସ୍ୱତ୍ୱାଧିକାରୀ ଅଟନ୍ତି ।]

ପଧାନି ସରବରାକାରି—ଦେ. ବି—ଜମିଦାରଙ୍କ ଅଧୀନ ମଧ୍ୟସ୍ୱତ୍ୱବିଶେଷ—
Padhāni sarabarākāri A class under tenure under a landlord in Orissa.

ପନ୍(ଧାତୁ)—ସଂ.—୧ । ସ୍ତୁତି କରିବା—
Pan (root) 1. To pray.
୨ । ବ୍ୟବହାର କରିବା—2. To use.

ପନ୍‌ଖି—ପ୍ରାଦେ. (ସିଂହଭୂମ ଓ ସମ୍ବଲପୁର) ବି—ପନିକି (ଦେଖ)
Pan-khi Paniki (See)

ପନକ—ସଂ. ବି—ଏକପ୍ରକାର ସାରୁ—
Panaka A kind of arum. (M. W)

ପନଗା(ଙ୍ଗା) ନାରାୟଣ—ଗ୍ରା. ବି. (ସଂ. ପନ୍ନଗ ଓ ନାରାୟଣ)—ସାରଳା
Panagā(ṅgā) nārāyaṇa ମହାଭାରତ ଓ ନୃସିଂହ ପୁରାଣାଦିରେ ପ୍ରଦତ୍ତ ଦୁର୍ଯ୍ୟୋଧନଙ୍କର ନାମାନ୍ତର—A name given to Durjyodhana in Purāṇas.

ପନଙ୍ଗ—ଗ୍ରା. ବି. (ସଂ. ପନ୍ନଗ)—ସର୍ପ; ସାପ—
Panaṅga पनंग Serpent.

ପନଦ(ନ୍ଦ)—ଦେ. ବି—ପରନ୍ଦ (ଦେଖ)
Panada(nda) Paranda (See)

ପନରା—ପ୍ରାଦେ. (ଗଡ଼ଜାତ) ବି—(ସଂ. ଯବନାଲ; ଜାବନାଲ)—
Panarā ବାଜରା ଜାତୀୟ ଏକପ୍ରକାର ଶସ୍ୟ; ଜନାର—A kind of maize (corn).

ପନଶୀଳ—ସଂ. ବି—ରାମାୟଣ ବର୍ଣ୍ଣିତ ମର୍କଟ ଯୂଥପତି—
Panaśila Name of a commander of the monkey troops mentioned in the Rāmāyaṇa.
ଚକ୍ରକୀକାରକ ପନଶୀଳରେ ସୁଶୀଳ — ଉକ୍ତ, ବୈଦେହୀଶବିଳାସ ।

ପନସ୍—ପ୍ରାଦେ. (ବସ୍ତର) ବି—ପଣସ—
Panas Jack fruit.

ପନସ—ସଂ. ବି (ପନ୍ ଧାତୁ=ସ୍ତୁତି କରିବା+କର୍ମ, ସଞ୍ଜ୍ଞାର୍ଥରେ ଅସ)—
Panasa ୧ । ପଣସ (ଦେଖ)—1. Panasa (See)
୨ । ବାନରବିଶେଷ—2 A species of monkey.
୩ । ରାମାୟଣ ବର୍ଣ୍ଣିତ ବାନର ଯୂଥପତି—3. Name of a monkey chief mentioned in the Rāmāyaṇa.
ବର୍ଣ୍ଣ ମଧ୍ୟରେ କଣ୍ଟକ ଭାଳନ୍ତ ଉତ୍ପନ୍ନ
ଯେଣୁଟିଭେ ପନସ କଥାଇ ସଫଳ । ଉକ୍ତ. ବୈଦେହୀଶବିଳାସ ।
୪ । କଣ୍ଟକ—4. Thorn. (M. W)
୫ । ଏକ ପ୍ରକାର ସାପ—
5. A species of serpent. (M. W)

ପନସ କୀଳ—ସଂ. ବି (୬ଷ୍ଠୀ ତତ୍; ପନସ+କୀଳ)—ପଣସ ଭଣ୍ଡି—
Panasa kīla The cylindrical part inside a jack fruit.

ପନସତା(ନା)ଳିକା—ସଂ. ବି—ପଣସ ଗଛ—
Panasatā(nā)likā The jack fruit tree. (M. W)

ପନସା(ସୀ)—ସଂ. ବି - ଏକ ପ୍ରକାର ବ୍ରଣଯୁକ୍ତ ଚର୍ମରୋଗ—
Panasā(si) A kind of malady; postular phlegmonoid inflammation of the skin or extenal organs. (Apte).

ପନସାରୁ—ପ୍ରାଦେ. (ଯାଜପୁର) ବି. (ସଂ. ପନକ)—ସାରୁ ମୁଣ୍ଡାରେ
Panasāru ଲାଗିଥିବା ଶାଖା ସାରୁ; ସାରୁଗୁଣ୍ଡ; ଗୁଣ୍ଡସାରୁ—The long protuberances coming out of the main bulb of the arum root.

ପନସାସ୍ଥି—ସଂ. ବି (୬ଷ୍ଠୀ ତତ୍; ପନସ+ଅସ୍ଥି)—ପଣସ ଭଣ୍ଡି—
Panasāsthi The kernel of the jack fruit. (M. W)

ପନସିକା—ସଂ. ବି—କାନ ଓ ବେକରେ ବାହାରିବା ବଣ୍ଟୋଟକ ରୋଗ
Panasikā ବିଶେଷ—Postules on the ear & neck. (M. W)

ପନହ—ପ୍ରାଦେ. (ବସ୍ତର) ବି. (ସଂ. ଉପାନହ; ତୁଳ. ହି. ପନହୀ)—
Panaha ଜୋତା; ପାଣ୍ଡୋଇ—Shoes.

ପନା(ହ୍ନା)—ଦେ. ବି—୧ । (ସଂ. ପ୍ରସ୍ରବ)—ଗୋ ଆଦି ପଶୁଙ୍କ ସ୍ତନ—
Panā(hnā) 1, The udder of cows and other beasts.
पाना, पालान्
थन, अयन ୨ । (ସଂ. ପରିଣାହ) ଲୁଗାର ପ୍ରସ୍ଥ—
2. The breadth of cloth.

पाना ପ୍ରାଦେ. (ସମ୍ବଲପୁର) ବି. (ସଂ ପ୍ରପାନକ)—ଆଖୁ ତୋରୁଅ—
पनहा Sugarcane juice

ପନା(ନେ)ଇବା—ଦେ. କ୍ରି (ସଂ. ଆପୀନ)—୧ । (ଗାଈ ଆଦି ସ୍ତ୍ରୀ ପଶୁ-
Panā(ne)ibā ମାନଙ୍କର ବେଶୀ ଦୁଧ ଦେବାର ପରିଚାୟକ) ବଡ଼
[ପହ୍ନା(ହ୍ନେ)ଇବା—ଅନ୍ୟରୂପ] ପହ୍ନା ବାହାର କରିବା; (ଦୁଧିଆଳ ଗାଈ
पनहाना ବା ଛେଳି) ନିଜର ପହ୍ନା ସ୍ତନ୍ୟପୂର୍ଣ୍ଣ ଥିବାର ଦର୍ଶାଇବା—(a milch cow or goat) To exhibit signs of the full udder being ready to be milked.

ପନାୟିତ—ସଂ. ବିଣ. (ପନ୍ ଧାତୁ+ଆୟ+କର୍ମ. ତ)—୧ । ବର୍ଣ୍ଣିତ—
Panāyita 1. Described.
୨ । ପ୍ରଶଂସିତ—2. Praised.
୩ । ସ୍ତୁତ—3. Prayed; besought.

ପନାସି—ଦେ. ବି. (ସଂ. ପଣ୍ୟାକା, ପଣଧା ଓ ପଣ୍ୟଧା)—ମଧ୍ୟଭାରତ
Panāsi ଓ ଗଡ଼ଜାତରେ ଜନ୍ମିବା ଏକ ପ୍ରକାର ଘାସ; ସବାଇ—
बाबई, बाबुई, सबाई A kind of grass with which
भाभर, बभनो, बबरी, बबई ropes are made; Pollindium Augustifolium; Ischaemum Augustifolium.
[ଦ୍ର—ଏହା ଧାନଯାଦି ବର୍ଗର ଦୀର୍ଘାୟୁଃ ଆରଣ୍ୟ ଘାସ । ଏହାର ପତ୍ର ଲମ୍ବରେ ୧½ ବା ୨ ହାତ ବଢ଼େ । ଉତ୍ତର ଭାରତ, ମଧ୍ୟପ୍ରଦେଶ ଓ ଓଡ଼ିଶା ଗଡ଼ଜାତର ଜଙ୍ଗଲରେ, ପାହାଡ଼ିଆ ଓ ଶୁଷ୍କଭୂମିରେ ଏ ଘାସ ଜନ୍ମେ । ଏ ଘାସକୁ ବଳ ଦଉଡ଼ି କରାଯାଏ । ଏହି ଘାସକୁ ଲୁଟି ତହିଁରୁ କାଗଜ ମଧ୍ୟ ପ୍ରସ୍ତୁତ ହୁଏ । କାଗଜପାଇଁ ଓଡ଼ିଶା ଗଡ଼ଜାତରୁ ଏ ଘାସର ବହୁତ ରପ୍ତାନି ହେଉଅଛି ।]

ପନାସିଆ—ଦେ. ବି—ବନ୍ୟ ତୃଣବିଶେଷ—A kind of wild
Panāsiā grass; Elaeocarpus Robustus (Haines).

ପନାସି ଦଉଡ଼ା(ଡ଼ି)—ଦେ. ବି—ପନାସି ଘାସରେ ବଳାଯିବା ଦଉଡ଼ି—
Panāsi daurdā(rdi) Rope made of Panāsi grass.
সবাইর দড়ী **बमनोकीरस्सी**

ପନାସି ପଟ—ଦେ. ବି—ପନାସି ଘାସର ଅଂଶୁ—
Panāsi paṭa The fibres of the Panāsi grass.
बमनोका रेसा

ପନି—ଦେ. ବି. (ସଂ. ପର୍ଣ୍ଣ=ପତ୍ର; ଏହା ପତ୍ରପରି ପତଳା ଥିବାରୁ)—
Pani ୧। ରଙ୍ଗଟା; ପତଳା କରି ପାତିଆ—
রাংতা 1. Thin slices of coloured metal foil;
पन्नी tin foil.
୨। ସୁନେଲି ଓ ରୁପେଲି କାଗଜ—
2. Paper coloured with gold or silver colour.
[ଦ୍ର—ଏହାଦ୍ୱାରା ଦେବ ପ୍ରତିମାଆଦିଙ୍କୁ ସଜ୍ଜିତ କରାଯାଏ ।]
୩। (ସଂ. ପର୍ଣ୍ଣ=ଲଙ୍ଗଳର ପଛାକୃତି ଫଳ, ଯାହା ମାଟିରେ ପୁସୁରେ ଓ ଯାହାର ମଝିରେ ଲଙ୍ଗଳଲୁହା ପଶିଥାଏ)—
ଲଙ୍ଗଳର ପଛ—3. Plough blade.

ପନିଅର—ଦେ. ବି—୧। ପରିବା ପତ୍ର—
Paniara 1. Kitchen vegetables.
सबजी ୨। ବାଇଗଣ ଫଳ—2. Brinjal (fruit).
୩। (ସଂ. ପର୍ଣ୍ଣିର)—ସୁବାସିତ ଜଳ—3. Scented water (sprinkled over guests and images).
ପ୍ରାଦେ. (ଗଡ଼ଜାତ) ବି—କ୍ଷୌର ହେବା—Shaving.

ପନିଅର(ରି) ବ୍ରାହ୍ମଣ—ଦେ. ବି—ପଣ୍ଡାଶ୍ରେଣୀସ୍ଥ ବ୍ରାହ୍ମଣ; ଯେଉଁ ବ୍ରାହ୍ମଣମାନେ
Paniara(ri) brāhmaṇa ପରିବା ପତ୍ର ଫସଲ କରି ବିକି ଜୀବିକା ନିର୍ବାହ କରନ୍ତି; ସାରୁଆ ବ୍ରାହ୍ମଣ—A lower class of Brāhmaṇas who earn their livelihood by raising and selling kitchen vegetables.
[ଦ୍ର—ଏମାନେ ଅଶ୍ରୋତ୍ରିୟ ବ୍ରାହ୍ମଣମାନଙ୍କର ତିନି ଶ୍ରେଣୀମଧ୍ୟରୁ ୧ ଶ୍ରେଣୀର ଅନ୍ତର୍ଗତ । ଶ୍ରୋତ୍ରିୟ ବ୍ରାହ୍ମଣମାନେ ଏମାନଙ୍କ ସହିତ ବୈବାହିକ ସମ୍ବନ୍ଧ କରନ୍ତି ନାହିଁ । କୃପାସିନ୍ଧୁ, ଇତିହାସ ।]

ପନିଅର ଲାଗି—ପ୍ରାଦେ. (ଗଡ଼ଜାତ) ବି—ରାଜାଙ୍କର କ୍ଷୌର ହେବା
Paniara lāgi ବିଧି—The process of the shaving of Rajas; shaving operation.
ପନିର ଲାଗି } ଅନ୍ୟରୂପ
ପନ୍ୟର ଲାଗି }
ବିଣ—କ୍ଷୌର ହେଉଥିବା—
Undergoing the process of being shaven.

ପନିଆ(ହା)—ପ୍ରାଦେ. (ସମ୍ବଲପୁର) ବି—ପାନଆଁ; କଙ୍କତିକା—
Paniā(hā) Haircomb.

ପନିଆ(ଏ)ଲା—ଏକପ୍ରକାର ଚିକଣିଆ ଭୁଲା ସୂତାର କନା, ଯାହା ଗରମ
Paniā(e)lā କନା ତଳେ ଅସ୍ତର ଦିଆଯାଏ—A kind of
পানিএলা smooth cotton stuff used as lining
पनैला under woollen cloth.

ପନି କାଚ—ଦେ. ବି—ରଙ୍ଗଟା ମଡ଼ାଯାଇଥିବା ହାତରେ ପିନ୍ଧିବା କାଚ—
Pani kācha Glass bangles overlaid with tinfoils.
রাংতারচূড়ী **पन्नीकीचूड़ी**

ପନିକି—ଦେ. ବି. (ସଂ. ବଙ୍କି=ପିଞ୍ଜରାହାଡ଼; ପିଞ୍ଜରାହାଡ଼ ପରି ବଙ୍କା-
Paniki ଥିବାରୁ)—ପରିବାଆଦି କାଟିବା ନିମନ୍ତେ ବ୍ୟବହୃତ
(ପନକି—ଅନ୍ୟରୂପ) ପୀଢ଼ା ଉପରେ ସଲଗ୍ନ ହୋଇଥିବା ଲୁହାର
বংটী, বোঁটী ବଙ୍କାଛୁରୀ; ପୀଠବିଶିଷ୍ଟ କର୍ତ୍ତରୀ—
पहँसुल, हँसिया A curved knife attached to a
ତେ. କାତ୍ତିପୀଟ wooden board for chopping
ହିନ୍ଦୁ. ହାଁସିଯା kitchen vegetables; vegetable chopper.

ପନି ପରିବା—ଦେ. ବି. (ସଂ. ପର୍ଣ୍ଣିର)—ପରିବାପତ୍ର; ରନ୍ଧନୋପଯୋଗୀ
Pani paribā ଶାକସବଜୀ—Kitchen vegetables inclu-
সাকসবজী; তরীতরকারী ding potherbs.
साकसवजी; हरीतरकारी; तरतरकारी

ପନିର—ଦେ. ବି. (ସଂ. ପର୍ଣ୍ଣିର)—ପନିଅର ୩ (ଦେଖ)—
Panira Paniara 3 (See)

ଅମଳ କମଳ କୋମଳ ଚରଣ ପୀଡା ହୋଇବାକୁ ପାଞ୍ଚିଲେ
ପନିରେ, ଜଳସାର ତୋଳ ସିଞ୍ଚିଲେ । ଉପ. ଲାବଣ୍ୟବତୀ ।

ବୈଦେ. ବି. (ଫା)—ଗୋବତ୍ସର ଆମାଶୟସ୍ଥ ରସଦ୍ୱାରା ଦୁଧକୁ
পনীর ଛିଣ୍ଡାଇ ପ୍ରସ୍ତୁତ କରାଯାଇଥିବା ଛେନା—Cheese.
पनीर

ପନିର ଝରି—ଦେ. ବି—ଗୋଲାପ ପାସ୍ (ଦେଖ)—
Panira jhari Golāpa pās (See)

ପନ୍‌ତ୍ରା—ପ୍ରାଦେ. (ସମ୍ବଲପୁର) ବି (ସଂ. କନ୍ଥା)—ଛୋଟ ଛୋଟ ଶିଶୁଙ୍କ
Pant-rā ଗଣ୍ଡିତଳେ ପକାଯିବା କନା; ପିଲାଙ୍କ ଗୁହକନା—
A rag or piece of cloth put under the body of an infant lying on the bed.
ଦେ. ବି. (ସଂ. ପ୍ରାନ୍ତର)—ପନ୍ତାର (ଦେଖ)—
Pantāra (See)

ପନ୍ତ—ଦେ. ବି. (ସଂ. ପନ୍ଥା)—୧। ମାର୍ଗ; ବାଟ—
Panta 1. Road; path; way.
पन्थ ୨। (ସଂ. ପଂକ୍ତି)—କ୍ରମ—
पंथ 2. Regular succession.

ପନ୍ତା—ପ୍ରାଦେ—୧। (ସିଂହଭୂମ) ବି. (ସଂ. ପଂକ୍ତି; ଭୂଲ. ହି. ପାଁତି)
Pantā ପଂକ୍ତି; ଧାଡ଼ି—1. Row.
୨। (ଗାଙ୍ଗପୁର) ବି—ହାକା; ବନ୍ଧୁଲୋକ ମିଳି ଶିକାରୀଙ୍କ ନିକଟକୁ ବନ୍ୟଜନ୍ତୁମାନଙ୍କୁ ଘଉଡ଼ାଇ ଆଣିବା କର୍ମ—2. A beat or driving of beasts to a hunter.
ଦେ. ବି. (ସଂ. ପ୍ରାନ୍ତର)—ପଡ଼ିଆ; ବୃକ୍ଷାଦିହୀନ ପ୍ରଶସ୍ତକ୍ଷେତ୍ର—
Prairie; an extensive open field.

ପନ୍ତା ଜଗିବା—ପ୍ରାଦେ. (ଗାଙ୍ଗପୁର) କ୍ରି—ଶିକାର ବେଳେ କୌଣସି
Pantā jagibā ନିର୍ଦ୍ଦିଷ୍ଟ ସୀମାର ଗୁରି ଅଡ଼େ ଘେରି ରହିବା—
The act of surrounding a specified limit by the beaters.

ପନ୍ତାଡ଼(ର)—ଦେ. ବ. (ସଂ. ପ୍ରାନ୍ତ; ପ୍ରାନ୍ତର)—
Pantārḍa(ra) ୧ । ପ୍ରାନ୍ତ—1. End.
ପାନ୍ତର ୨ । ପ୍ରାନ୍ତର; କୌଣସି ଆଶ୍ରୟଶୂନ୍ୟ ଦୀର୍ଘ ପ୍ରଶସ୍ତ ପଡ଼ିଆ—
पाँतर 1. Prairie.
୩ । ବୃକ୍ଷାଦି ଶୂନ୍ୟ ମରୁଭୂମି—3. Treeless desert.
୪ । ପୋଖରୀର ବନ୍ଧ ଓ ପାଣି ଧାର ମଧ୍ୟରେ ଥିବା ଶୁଖିଲା ଅଂଶ; ବଗଡଗ—4. The dry shore of a tank between the highest and the lowest water line.
୫ । ଦୁଇ ଗ୍ରାମ ମଧ୍ୟରେ ଥିବା ବୃକ୍ଷଲତାବସ୍ତିହୀନ ଖୁବ୍ ବଡ଼ ପଡ଼ିଆ; ଗହୀର—5. An extensive plot of open land between two villages.
୬ । ବୃକ୍ଷାଦି ଶୂନ୍ୟ ଦୂର ପଥ—
6. A lonely treeless distance.
୭ । ନଈ ଆଦିର କୂଳ—7. Shore.
ପ୍ରାଦେ. (ଗଡ଼ଜାତ) ବ.—ନଦୀର ଉଭୟ କୂଳସ୍ଥ ସମୁଦାୟ ଭୂମି—
The land on both banks of a river.
(ଯଥା—ନଈ ପନ୍ତାର ମାଢ଼ ବଢ଼ିଛି ।)

ପନ୍ତାରି—ଦେ. ବ. (ପାନବରଜୀ)—ପାନ ବରଜରେ ଛପ୍ପରମାନଙ୍କ ଉପରେ
Pantāri ଆଡ଼ ବାଗରେ ବନ୍ଧା ହୋଇ ପଡ଼ିଥିବା ବାଉଁଶ—
Long bamboos put across the eves of the thatch of a betel plantation.

ପନ୍ତାରି ଆଖୁ—ଦେ. ବ.—ସମୁଦ୍ର କୂଳ ବା ବାଲି ଭୂମିରେ ଜାତ ଆଖୁ—
Pantāri ākhu Sugarcane produced on the sea-shore and sandy land.

ପନ୍ତା ଲଗାଇବ—ପ୍ରାଦେ. (ବାମଣ୍ଡା) କ୍ରି.—ଭାଡ଼ି ଚହଲେଇବା (ଦେଖ)
Pantā lagāiba Bhārḍi chahaleibā (See)

ପନ୍ତି—ଦେ. ବ. (ସଂ. ପଙ୍କ୍ତି)—୧ । ଧାଡ଼ି; ଶ୍ରେଣୀ—
Panti 1. Row; line.
ପାଁତି **पाँति** ୨ । ଧାଡ଼ି ଧାଡ଼ି ହୋଇ ବଢ଼ା ହୋଇଥିବା ଭୋଗ—
2. Offerings placed in a row before a Deity.
୩ । ଜୁଣା ଜାଲର ଘରମାନଙ୍କର ଗୋଟିଏ ଧାଡ଼ି—
3. A row of squares in a net.
[ଦ୍ର—ଦୁଇ ଧାଡ଼ି ବା ପନ୍ତିରେ ଏକ ଘର ହୁଏ ।]
୪ । ପନ୍ତି ଭୋଗ (ଦେଖ)—
4. Panti bhoga (See)
୫ । ସମୂହ; ଶ୍ରେଣୀ—5. Multitude.
କର୍ଣ୍ଣଙ୍କର କାଣ୍ଡ ପନ୍ତିକ ସେ ନକୁଳ,
କାଟନ୍ତେ ଯୁଦ୍ଧ ବାଣେ ହୋଇ ବକୁଳ । କୃଷ୍ଣସିଂହ- ମହାଭାରତ- କର୍ଣ୍ଣ ।

ପନ୍ତି ଖେଳ—ଦେ. ବ.—ଧାଡ଼ି ଧୋକଡ଼(୨) (ଦେଖ)
Panti khela Dhārḍi dhokarḍa(2) (See)

ପନ୍ତିବାହୁ—ଦେ. ବ. (ସଂ. ପଂକ୍ତି ଓ ବାହୁ)—ଦଶଭୁଜ ରାବଣ—
Panti bāhu Rābaṇa.

ପନ୍ତି ଭୋଗ—ଦେ. ବ.(ସଂ. ପଂକ୍ତି+ଭୋଗ; କମ୍ବା ପଥ+ଭୋଗ)—ଉତ୍ସ-
Panti bhoga ବାଦ ଉପଲକ୍ଷେ ଦେବପ୍ରତିମା ଗ୍ରାମ ଦାଣ୍ଡରେ ବିଜେ
पंथी भोग କରି ବେଳେ ପ୍ରତ୍ୟେକ ଗୃହସ୍ଥର ସାମନା ଦାଣ୍ଡରେ କିଛିକ୍ଷଣ ଠିଆ ହୋଇ ଉକ୍ତ ଗୃହସ୍ଥର ଘରେ ବା ପିଣ୍ଡାରେ ବଢ଼ା ହୋଇଥିବା ଯେଉଁ ଭୋଗ ବା ନୈବେଦ୍ୟ ତାଙ୍କୁ ଅର୍ପିତ ହୁଏ—
Offerings offered to an idol while being taken on the road in a procession during some festivals.

ପନ୍ତି ଭୋଜନ—ଦେ. ବ. (ସଂ. ପଂକ୍ତି ଭୋଜନ)—ଏକା ଜାତିର ଲୋକେ
Panti bhojana ଧାଡ଼ି ଧାଡ଼ି ହୋଇ ବସି କରିବା ଭୋଜନ;
पंगत, पंगती ପଙ୍ଗତ—Caste-dinner of people sitting in rows.

ପନ୍ତି ମୁଖ(ଖା)—ଦେ. ବ. (ସଂ. ପଂକ୍ତି ଓ ମୁଖ)—ବ୍ରହ୍ମା—
Panti mukha(khā) Brahmā.
[ପନ୍ତିମୁହଁ(ହାଁ)—ଅନ୍ୟରୂପ] ପନ୍ତି ମୁଖା ଦେଲୁ ଏ କପଟ ।
ଅଭିମନ୍ୟୁ- ବଦର୍ଧ ରାମାୟଣ ।

ପନ୍ତିରଥ—ଦେ. ବ. (ସଂ. ପଂକ୍ତି ଓ ରଥ)—ରାଜା ଦଶରଥ—
Panti ratha King Dasaratha.

ପନ୍ତୁଆ—ପ୍ରାଦେ. (ସମ୍ବଲପୁର) ବ. (ସଂ. ପ୍ରାନ୍ତ)—ରଜୁମତୀ ସ୍ତ୍ରୀର ପଣତ
Pantuā କାନି—The end of the wearing cloth of a woman during her menses.
[ଦ୍ର—ରୋଗୀ ଏବଂ ବିଶେଷତଃ ଆଖି ଧରି ଥିବା ଲୋକର ଦେହର ପନ୍ତୁଆ ବାଜିଲେ ରୋଗ ସହଜରେ ଭଲ ହୁଏ ନାହିଁ ବୋଲି ସମ୍ବଲପୁରବାସୀଙ୍କର ବିଶ୍ୱାସ ।]

ପନ୍ଥ—ଦେ. ବ. (ସଂ. ପଥିନ୍ ଶବ୍ଦର ୧ମା. ୧ବ. ପନ୍ଥାଃ)—୧ । ଦୂରତ୍ୱ—
Pantha 1. Distance.
পন্থ **पंथ** ୨ । ମାର୍ଗ; ପଥ—2. Way.
୩ । ଶିଖ ସମ୍ପ୍ରଦାୟ—3. The Sikh sect.

ପନ୍ଥ ଶ୍ରାଦ୍ଧ—ଦେ. ବ.—ଅର୍ଦ୍ଧପଥ ଶ୍ରାଦ୍ଧ (ଦେଖ)—Arddha patha
Pantha śrāddha śrādha (See)

ପନ୍ଥା—ଦେ. ବ. (ସଂ. ପଥିନ୍ ଶବ୍ଦ ୧ମା. ୧ବ. ପନ୍ଥାଃ)—୧ । ପଥ; ମାର୍ଗ
Panthā 1. Way; road.
পংথা **पंथा,** ୨ । ଉପାୟ—2. Means.
୩ । ସ୍ୱଭାବ—3. Nature.
୪ । କୌଣସି ଧର୍ମସମ୍ପ୍ରଦାୟ—
4. Any religious sect.
୫ । ଅଭିପ୍ରାୟ—5. Intention.
୬ । ଧର୍ମ ମତ—6. Tenet; doctrine.

ପନ୍ଥୀ—ଦେ. ବିଣ. (ସଂ. ପନ୍ଥାଃ)—ଧର୍ମସମ୍ପ୍ରଦାୟଯୁକ୍ତ—Professing
Panthi the tenets of a sect or religion.
পন্থী **पंथ; पंथ** [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବ୍ୟବହୃତ ହୁଏ ଯଥା—ନାନକ ପନ୍ଥୀ; କବୀର ପନ୍ଥୀ ।]

ପନ୍ଥୁକୀ—ଗ୍ରା. ବ. (ସଂ. ପଥିକ)—ପଥିକ—
Panthuki Traveller; wayfarer.
পথাথু **पंथकी**

ପନ୍ଥେଇ—ଦେ. ବି. ସ୍ତ୍ରୀ—୧ । ପନ୍ଥେଇ ଓଷାରେ ପୂଜା କରି ଯିବା
Panthei ଦେବତା—1. The Deity worshipped in Panthei oshā.

୨ । ପନ୍ଥେଇ ଗାଡ଼ (ଦେଖ)—
2. Panthei gārda (See)

ପନ୍ଥେଇ ଓଷା—ଦେ. ବି—ବାଟମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପୁଷମାସରେ ଗ୍ରାମ
Panthei oshā ଦାଣ୍ଡରେ ସ୍ତ୍ରୀମାନଙ୍କଦ୍ୱାରା କରାଯିବା ପୂଜା ଓ ବ୍ରତ—
(ପନ୍ଥେଇ ପୂଜା—ଅନ୍ୟରୂପ) Festival of worshipping the Panthei Deity during the month of Pusha

[ଦ୍ର—ଏଥିରେ ପୁଷମାସ ଆରମ୍ଭରୁ ୩ଦିନ, ୫ଦିନ ବା ବାରଦିନ ପର୍ଯ୍ୟନ୍ତ ସନ୍ଧ୍ୟାବେଳ ପରେ ଗ୍ରାମ ଦାଣ୍ଡରେ ପ୍ରତି ଗୃହସ୍ଥର ଘର ସାମନାରେ ଗାତ ଖୋଳି ଗାତ ଉପରେ ବାଲି ଗଦା କରି ଅପସ୍ମାରଙ୍କ ଗଛ ପୋତି ଗ୍ରାମର ବୃଦ୍ଧତମା ସ୍ତ୍ରୀ ଗ୍ରାମର ବାଟକୁ ଓଲାନ୍ତି ଓ ଥରକେ ଗୋଟିଏ ପିଠାକୁ ଖାଇ ତାର ଦୀର୍ଘ ଜୀବନ କାମନା କରୁ ଥାଆନ୍ତି ଓ ଉକ୍ତ ବାଲିଗଦାକୁ ମୁଢ଼ି, ଉଖୁଡ଼ା, ଚକୁଳି ପିଠା ଓ ବଗଅାଦ ପିଠା ପୂଜା କରନ୍ତି । ଶେଷରେ ସମସ୍ତେ ହୁଳହୁଳି ଦେଇ ଘରକୁ ଯାଆନ୍ତି ।]

ପନ୍ଥେଇ ଗାଡ଼—ଦେ. ବି—ପୁଷ ମାସରେ ସନ୍ଧ୍ୟାପରେ ପନ୍ଥେଇ
Panthei gārda ଠାକୁରାଣୀଙ୍କୁ ପୂଜା କରିବା ନିମନ୍ତେ ଦାଣ୍ଡ ମଝିରେ ଖୋଳା ଯାଇ ଲିପା ପୋଛା ହୋଇଥିବା ଗର୍ତ୍ତ—
Hole dug on the village road for the worship of Panthei.

[ଦ୍ର—ଏହି ଗାତରେ ଖଣ୍ଡିଏ ପଥର ବା ମାଟି ବା ବାଲିଗୁଣ୍ଡିଏ ଥୋଇ ତାକୁ ପନ୍ଥେଇ ଠାକୁରାଣୀ କଳ୍ପନା କରି ପୂଜା କରାଯାଏ । ଏହି ଠାକୁରାଣୀ ସବୁଦିନେ ସେଠାରେ ଥାଆନ୍ତି, ମାତ୍ର ପୁଷମାସରେ କେବଳ ପୂଜା ପାଆନ୍ତି ।]

ପନ୍ଦ—ଦେ. ବି—ଡଙ୍ଗାର ବଳାସାର ବା ମୂଳଦଣ୍ଡାରେ ଫୋଡ଼ା ହୋଇ
Panda ପଡ଼ିଥିବା ଆଡ଼ ପଟା—Cross beams joining the two side-plates of a country boat.

ପନ୍ଦର—ଦେ. ବି ଓ ବିଣ. (ସଂଖ୍ୟାବାଚକ ସଂ. ପଞ୍ଚଦଶ; ପ୍ରା. ପଣରହ
Pandara ପାଲି. ପଣ୍ଣରହ)—ପଞ୍ଚଦଶ—15; fifteen.
ପନେର, ପନର ଦେ. ବି—ବଜ୍ର—Thunderbolt.
.पंद्रह ମଜର ବେନ ଜୋ ଉରରେ ଥିବାରୁ ପଦର ପଡ଼ିଲ ଶିରେ –
ଭକ୍ତ, ରାମଦାସ ।

ସଂ. ବି – ବିଷ୍ଣୁ ପୁରାଣୋକ୍ତ ପର୍ବତବିଶେଷ —
Name of a mythological mountain. (M. W)

ପନ୍ଦରା—ଦେ. ବି—ପନ୍ଦାଡ଼ (ଦେଖ)—
Pandara Pandārda (See)

ପ୍ରାଦେ. (ଗଞ୍ଜାମ) ବି—ପନି ପରିବା ବ୍ୟବସାୟୀ ନୀଚ ଶୂଦ୍ରଜାତି ବିଶେଷ—Name of a low caste dealing in the kitchen vegetables

[ଦ୍ର—ପ୍ରବାଦ ଅଛି ଯେ ଓଳତଳେ (ପନ୍ଦାଡ଼ରେ) ପଡ଼ିଥିବା ଗୋଟିଏ ଅଜ୍ଞାତ ପିତୃମାତୃକ ଶିଶୁ ଏ ଜାତିର ପୂର୍ବପୁରୁଷ ।]

ପନ୍ଦାଡ଼(ର)—ଦେ. ବି—୧ । ପନ୍ତାଡ଼ (ଦେଖ)
Pandārda(ra) 1. Pantārda (See)

ପନ୍ଦଡ଼ା(ଗ୍ରା) । ଅନ୍ୟରୂପ ୨ । ଘରର ଢାଳିଆବନ୍ଧ ତଳେ ଥିବା ପାଖ-
ପନାଡ଼ିଆ ଭାଗ ବା ପିଣ୍ଡାର ଶେଷଭାଗ—
छाँचलो 2. The end of the veranda under the
ओसारा gable of a thatched house.

୩ । ଘରର ଛପରର ଗୋଟିଏ ପାଖ—
3. One half of the thatch of a house.

୪ । ଘରର ଓଳି—4. Eaves of a thatch.

୫ । ଓଳତଳ—5. The ground below the eaves of a thatched house.

ପନ୍ଦାଡ଼ି(ରି)—ଦେ. ବି—୧ । ପନ୍ଦାଡ଼ (ଦେଖ)
Pandārdi(ri) 1. Pandārda (See)

୨ । ଶଗଡ଼ ଚକର ଭୁମ୍ବ(ଦାଣ୍ଡି) ମଧ୍ୟସ୍ଥ ଛିଦ୍ରର ଦୁଇ ମୁହଁରେ ବସିଥିବା ଲୌହବଳୟ ବା ବଳା; ଓଳୁଅ—
2. Iron ring set round the axle-hole of the hub of a cart-wheel.

ପନ୍ନ—ସଂ. ବିଣ. (ପଦ୍ ଧାତୁ+କର୍ତ୍ତୃ. ତ)—୧ । ପତିତ—
Panna 1. Fallen.

୨ । ଚ୍ୟୁତ—2. Separated; displaced.

୩ । ଅଧୋମୁଖ—3. Facing downwards.

୪ । ନଷ୍ଟ—4. Spoiled; ruined.

ପନ୍ନଗ—ସଂ. ବି. ପୁଂ (ପନ୍ନ=ପତିତ+ଗମ୍ ଧାତୁ+କର୍ତ୍ତୃ. ଅ; ଯେ ଭୂମିରେ
Pannaga ପଡ଼ି ପଡ଼ି ଗମନ କରେ; କିମ୍ବା ପଦ୍=ପାଦ+ନ=
(ପନ୍ନଗୀ—ସ୍ତ୍ରୀ) ନାହିଁ +ଗମ୍ ଧାତୁ+କର୍ତ୍ତୃ. ଅ; ପାଦ ନାହିଁ ଅଥଚ ଗମନ କରୁଥିବାରୁ)—୧ । ସର୍ପ—1, Serpent.

୨ । ସୀସା—2. Lead (metal)

୩ । ପଦ୍ମ କାଷ୍ଠ—3. A kind of fragrant wood.

ପନ୍ନଗ କେଶର—ସଂ. ବି.(ବହୁବ୍ରୀହି; ପନ୍ନଗ=ସର୍ପ ପରି ବକ୍ର+କେଶର)
Pannaga kesara ନାଗେଶ୍ୱର; ନାଗକେଶର ଫୁଲ—
The Messua Ferra flower.

ପନ୍ନଗାରି—ସଂ. ବି—(୬ଷ୍ଠୀ ତତ୍; ପନ୍ନଗ+ଅରି)—୧ । ଗରୁଡ଼—
Pannagāri 1. Garurda

୨ । ମୟୂର—2. Peacock.

୩ । ନକୁଳ—3. Ichneumon

ପନ୍ନଗାଶନ—ସଂ. ବି. (ବହୁବ୍ରୀହି; ପନ୍ନଗ=ସର୍ପ+ଅଶନ=ଭୋଜନ)—
Pannagāśana ଗରୁଡ଼—Garurda.

ପନ୍ନଦ୍ଧା—ସଂ. ବି (ପଦ୍=ପାଦ+ନହ ଧାତୁ=ବାନ୍ଧିବା+ତ୍ତ)—
Pannaddhā ପାଣ୍ଡୋଇ; ଜୋତା; ଚର୍ମ ପାଦୁକା—Shoes.
(ପନ୍ନଦ୍ଧ୍ରୀ, ପନ୍ନଧ୍ରୀ – ଅନ୍ୟରୂପ)

ପନ୍ନା—ଦେ. ବି—(ସଂ. ପର୍ଣ୍ଣି, ବୃକ୍ଷର ପତ୍ରପରି ହରିଦ୍ବର୍ଣ୍ଣ ଥିବାରୁ ବା ପନ୍ନା
Pannā ନାମକ ସ୍ଥାନର ଖଣିରୁ ବାହାରୁଥିବାରୁ)—ମରକତ ମଣି—
पन्ना पन्ना Emerald,

[ଦ୍ର – ସଂ ନାମ—ମରକତ, ମରକ୍ତ, ଗାରୁତ୍ମକ, ଗାରୁତ୍ମତ, ଗରୁଡ଼ାସ୍ୟ, ରାଜନୀଲ, ଅଶ୍ମଗର୍ଭ, ହରିନ୍ମଣି, ରୌହିଣେୟ, ଗରୁଡ଼ାଙ୍କିତ, ଗରୁଡ଼ୋଦ୍ଗୀର୍ଣ୍ଣ, ସୌପର୍ଣ୍ଣ, ବୁଧରତ୍ନ, ଗରଳାରି, ବାପବୋଲ, ଗରୁଡ଼, ଗାରୁଡ଼, ଗରୁଡ଼ୋତ୍ତୀର୍ଣ୍ଣ, ବାପ୍ରବୋଲ ।

କ୍ରୋମିୟମ୍ ନାମକ ମୌଳିକ ଉପାଦାନ ଏଥିରେ ଥିବାରୁ ଏହାର ବର୍ଣ୍ଣ ହରିତ୍ ବା ସାବଜା ହୁଏ । ଦକ୍ଷିଣ ଆମେରିକାର କଲମ୍ବିଆର ଖଣିରୁ ଉତ୍କୃଷ୍ଟ ପନ୍ନା ମିଳେ । ଭାରତର ପନ୍ନା ରାଜ୍ୟର ଖଣିରୁ ମଧ୍ୟ ଏହା ମିଳେ । ଫଳିତ ଜ୍ୟୋତିଷମତରେ ଏହାର ଅଧିଷ୍ଠାତା ବୁଧଗ୍ରହ ଓ ଏହା ଧାରଣ କଲେ ବୁଧଗ୍ରହର କୋପ ଶାନ୍ତ ହୁଏ । ବୈଦ୍ୟକମତରେ ଏହା ମଧୁରରସ, ରୁଚିକର, ପୁଷ୍ଟିକର, ବୀର୍ଯ୍ୟବର୍ଦ୍ଧକ ଓ ପ୍ରେତବାଧା, ଅମ୍ଳପିତ୍ତ, ଜ୍ୱର, ବମନ, ଶ୍ୱାସ, ମନ୍ଦାଗ୍ନି, ପାଣ୍ଡୁ, ବାଧୀ ଓ ବିଷଦୋଷର ନାଶକ—ହି. ଶ.]

ପନ୍ନୀର—ସଂ. ବି. (ପତ୍ + ନୀର)—ଭୂମିରେ ଛିଞ୍ଚାଯିବା ସୁବାସିତ ଜଳ—
Pannira Scented water used for sprinkling on the ground.

ପନ୍ହଇ—ପ୍ରାଦେ. (ଉତ୍ତରଭାଷା) ବି—ଜୋତା; ପାଣ୍ଡୋଇ—
Panhai Shoes.

ପନ୍ହା—ପ୍ରାଦେ. (ସିଂହଭୂମ) ବି—ମାଛ ଯାଆଁଳ —
Panhā The fry of fishes.

ପପୟା—ଦେ. ବି. (ନବ୍ୟ ସଂ. ନାମ—ପପୀତା. ପପୋତା)—
Papayā ଅମୃତଭଣ୍ଡା (ଗଛ ଓ ଫଳ)—
ନବ୍ୟ ସଂ. ନାମ—ନଳକାଦଳ; ମଧୁକର୍କଟୀ; ଏରଣ୍ଡଚିର୍ଭିଟ; ପପୀତା; ପପୋତା
The Papaya; Caricia Papaya (tree); Papaw (fruit).
(ପପେୟା - ଅନ୍ୟରୂପ)
পেঁপে, পেপে
पेँपय, पपैया; पपिता
[ଦ୍ର—ଏହା ଆମେରିକାର ଗଛ । ପ୍ରାୟ ୪୦୦ ବର୍ଷ ପୂର୍ବେ ପର୍ତ୍ତୁଗୀଜ୍‌ମାନେ ଏହାକୁ ଏ ଦେଶକୁ ଆଣିଥିଲେ ଓ ବର୍ତ୍ତମାନ ଏହା ଭାରତର ସର୍ବତ୍ର କୃଷିଦ୍ୱାରା ଉତ୍ପାଦିତ ହେଉଅଛି । ଏହା ୨୦ ହାତ ପର୍ଯ୍ୟନ୍ତ ଉଚ୍ଚ ହୁଏ । ଏହାର ପତ୍ରର ଡେମ୍ଫ ଲମ୍ବା; ପତ୍ର ଗବପତ୍ରାକୃତି । ଏହି ଗଛର ଗଣ୍ଡି ଓ ପତ୍ରର ଡେମ୍ଫ ଫମ୍ପା । ଅଣ୍ଡିରା ଓ ମାଈଗଛ ଅଲଗା । ଏହାର ଫଳ କଦଳୀଭଣ୍ଡାକୃତି । ଏହା ପାଚିଲେ ସୁସ୍ୱାଦୁ ଓ ଜୀର୍ଣ୍ଣିକର । କଞ୍ଚାଫଳ ତରକାରୀରେ ବ୍ୟବହୃତ ହୁଏ ।]

ପପି(ପୋ)ତା – ନବ୍ୟ ସଂ. ବି—ପପୟା (ଦେଖ)—
Papi(po)tā Papayā (See)

ପପି(ପେ)ୟା—ଦେ. ବି—୧ । ପପୟା (ଦେଖ)
Papi(pe)yā 1. Papayā (See)
পাপিয়া কোলাবুলাবুল ୨ । ଚାତକ ପକ୍ଷୀ—
पपीहा 3. Coccyster; Jacobinus (bird)
ସଂ. ନାମ. ଚାତକ, ତୋକକ; ମେଘ ଜୀବନ; ଶାରଙ୍ଗ ସାରଙ୍ଗ, ସ୍ତୋକକ

ପପୀ—ସଂ. ବି—ଚନ୍ଦ୍ର—
Papi The moon.

ପ ଫାଟିବା—ପ୍ରାଦେ. (ଯାଜପୁର) କ୍ରି.—ଫସର ଫାଟିବା—
Pa phāṭibā The day breaking forth; day-break
(ପଥ ଫାଟିବା—ଅନ୍ୟରୂପ)

ପବ—ଦେ. ବି. (ସଂ. ପର୍ବ)—ପଗ (ଦେଖ)
Paba पोर पग Paga (See)

ଅଙ୍ଗୁଷ୍ଠ ପବ ମାତ୍ର ହୋଇ,
ଷାଠି ସହସ୍ର ମୁନି ଛନ୍ତି । ଜଗନ୍ନାଥ. ଭାଗବତ ।
ସଂ. ବି. (ପୂ ଧାତୁ=ଶୁଦ୍ଧ କରିବା + କର୍ତ୍ତୃ. ଅ)—୧ । ପବନ—
1. Air.
୨ । ଗୋବର—2. Cowdung.
୩ । (+ଭାବ ଅ) ଧାନରୁ ଅଗାଡ଼ି ସଫା କରିବା—
3. Winnowing of corn.

ପବଅଇରି—ଦେ. ବି.—ହାଡ଼ଭଙ୍ଗା (ଦେଖ)
Paba airi Hāṛdabhaṅgā (See)
(ପବଇରି, ପବଉରି, ପର୍ବୈରି, ପବୌରି—ଅନ୍ୟରୂପ)

ପବତା(ଦା)—ଦେ. ବି. (ସଂ. ପର୍ବତ ମତ୍ସ୍ୟ)—ଅକାତିଆ ଶ୍ୱେତବର୍ଣ୍ଣ ମତ୍ସ୍ୟବିଶେଷ—The butter fish; Pabda; Callichrous Bimaculatus.
Pabatā(dā)
পাবদা पपता
[ଦ୍ର—ଏହା ବଡ଼ଆ ମାଛ ପରି । ଏହାର ତଳ ଓଠ ଦୀର୍ଘ । ଏହାର ମେରୁଦଣ୍ଡ ଛଡ଼ା ଆଉ କଣ୍ଟା ନାହିଁ ।]

ପବନ—ସଂ. ବି. (ପୂ ଧାତୁ=ଶୁଦ୍ଧ କରିବା+କର୍ତ୍ତୃ. ଅନ)—୧ । ବାୟୁ—
Pabana 1. Air; wind.
୨ । ବାୟୁ ଦେବତା—2. The God of wind; æolus.
୩ । (+ଭାବ. ଅନ) ଧାନ୍ୟାଦିରୁ ତୁଷ ଉତ୍ସାରଣ—
3. Winnowing of husks from grains.
୪ । ଶୋଧନ—4. Refining; cleansing.
୫ । କୁମ୍ଭାରର ଉହା—5. Potter's kiln.
୬ । ଜଳ; ପାଣି (ହି. ଶ.)—6. Water.
୭ । ଶ୍ୱାସ (ହି. ଶ.)—7. Breath.
୮ । ପ୍ରାଣବାୟୁ (ହି. ଶ.)—8. Vital air of the body.
୯ । ବିଷ୍ଣୁ—9. Bishṇu.
୧୦ । ଉତ୍ତମ ମନୁଙ୍କ ପୁତ୍ରର ନାମ (ହି. ଶ)
10. Name of a son of Uttama Manu.
୧୧ । ଚାଲୁଣୀ—11. Sieve; strainer. (Apte)
ସଂ. ବିଣ—୧ । ପବିତ୍ର—1. Pure.
୨ । ପରିଷ୍କୃତ—2. Cleansed; clean.
ଦେ. ବି—୧ । ଝଡ଼—1. Storm.
୨ । ଦ୍ୱାଦଶ ଗୋପାଳ ମଧ୍ୟରୁ ଏକତମ (ବାରସୂତ ଦେଖ)—
2. One of the 12 Gopālas of Oria Baishṇaba literature.

ପବନ କରିବା—ଦେ. କ୍ରି—ପଙ୍ଖାଦ୍ୱାରା ବିଞ୍ଚିବା—
Pabana karibā To fan.

ପବନ ଗତି—ସଂ. ବି—୧ । ବାୟୁର ଗତିପରି ଦ୍ରୁତ—
Pabana gati Velocity like that of the wind.
(ପବନ ବେଗ – ଅନ୍ୟରୂପ ୨ । ବାୟୁବେଗ—
2. The vilocity of wind.

ପବନଚକ୍ର(କ୍ରୀ) – ଦେ. ବି (ପବନ + ଚକ୍ର; ଆଧୁନିକ ବ୍ୟବହାର)—
Pabana chakra(kri) ଯେଉଁ ଚକ ବା କଳ ପବନ ଦ୍ୱାରା ବୁଲେ—Wind mill; weather cock.
पवन चक्र
पवन चक्की ସଂ. ବି—ଘୂର୍ଣ୍ଣିବାୟୁ (ହି. ଶ.)—Whirlwind.

ପବନ ଦେବତା—ସଂ. ବି—ଦେବତା ରୂପେ କଳ୍ପିତ ବାୟୁ—
Pabana debatā Wind God; Aeolus.

ପବନ ନନ୍ଦନ—ସଂ. ବି (୬ଷ୍ଠୀ ତତ୍; ପବନ+ନନ୍ଦନ)—୧ । ମାରୁତି; ହନୁମାନ୍—1. Hanumān.
Pabana nandana

ପବନ କୁମାର, ପବନ ତନୟ, ପବନ-ନନ୍ଦ, ପବନ ପୁତ୍ର, ପବନ-ସୁତ } ଅନ୍ୟରୂପ ୨ । ଭୀମ—2. Bhima.

ପବନ ପଥ—ସଂ. ବି—(୬ଷ୍ଠୀ ତତ୍; ପବନ+ପଥ)—ଆକାଶ ପଥ—
Pabana patha 1. Aerial way.

୨ । ଆକାଶ—2. The sky.

୩ । ବାୟୁସଞ୍ଚାଳନ ପଥ—
3. The space left for ventilation.

ପବନ ବହ—ଦେ. ବି (ପବନ+ବହ୍ ଧାତୁ+କର୍ତ୍ତୃ. ଅ)—ନାକ; ନାସିକା—Nose.
Pabana baha

ପବନ ବହ ସର ଫଗର ସହ ଅର୍ଣ୍ଣବ ଫଳ – ଅଭିମନ୍ୟୁ, ବଦଗ ଯଶୋଦ୍ରାମଣି ।

ପବନ ବାନ୍ଧିବା—ଦେ. କ୍ରି.—ବାୟୁ ସାଧନାଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ବାୟୁର ଗତି ସଂଯତ କରିବା—To restrain the breath by exercise.
Pabana bāndhibā

ପବନ ରୁନ୍ଧିବା, ପବନ ରୋଧିବା } ଅନ୍ୟରୂପ

श्वासरोधकरा — କେ ଦୁଧ ପିଅନ୍ତି ପବନ ବାନ୍ଧି—

शांस रोकना — ଟାଟୀ. ପରଚେଗୀତା ।

ପବନ ବାହନ—ସଂ. ବି. (ବହୁବ୍ରୀହି; ପବନ+ବାହନ)—ଅଗ୍ନି—
Pabana bāhana Fire. (Apte)

ପବନ ବ୍ୟାଧି—ସଂ. ବି—୧ । ଶ୍ରୀକୃଷ୍ଣଙ୍କ ସଖା ଉଦ୍ଧବ—1. A name of Śrikṛushṇa's friend Uddhaba. (Apte).
Pabana byādhi

୨ । ଆମବାତ—2. Rheumatism. (Apte).

ପବନା—ଦେ. ବିଣ. ପୁଂ—୧ । ଯେ ପବନ ପରି ଗତି କରେ; ଦ୍ରୁତଗତିବିଶିଷ୍ଟ—1. Quickly moving like wind.
Pabanā
(ପବନୀ—ସ୍ତ୍ରୀ)

୨ । ଯେ ପବନ ପରି ବେଗରେ କଥା କହେ—
2 One who talks swiftly or glibly.

୩ । ମିଥ୍ୟାବାଦୀ; ବାହାପିଆ—3. A telltale; a liar.

ପବନାଶନ—ସଂ. ବିଣ. (ବହୁବ୍ରୀହି; ପବନ+ଅଶନ)—୧ । ଯେ ପବନ ଖାଇ ବଞ୍ଚେ—1. Subsisting on air.
Pabanāśana

ପବନଭୁକ୍, ପବନାଶ, ପବନାହାର, ପବନାହାରୀ } ଅନ୍ୟରୂପ ୨ । ନିରାହାର—2. Fasting.

ସଂ. ବି—ସର୍ପ—Serpent.

ପବନାଶନାଶ—ସଂ. ବି. (ବହୁବ୍ରୀହି; ପବନାଶନ+ଅଶ୍ ଧାତୁ+ଅ)—
Pabanāśanāśa ୧ । ମୟୂର—1. Peacock.
(ପବନାଶନାଶନ—ଅନ୍ୟରୂପ) ୨ । ଗରୁଡ଼—2. Garurda.

ପବନୀ—ସଂ. ବି. (ପୂ ଧାତୁ+କରଣ. ଅନ+ଈ)—ଝାଡ଼ୁଣୀ—
Pabanī Broom. (Apte)

ପବମାନ—ସଂ ବି. ପୁଂ. (ପୂ ଧାତୁ+କର୍ତ୍ତୃ. ଆନ; ମ ଆଗମ)—
Pabamāna ୧ । ବାୟୁ—1. Wind.

୨ । ଗାର୍ହପତ୍ୟ ଅଗ୍ନି —
2. One of the 5 sacrificial fires.

ସଂ. ବିଣ—ପବିତ୍ରକାରୀ—Purifying.

ପବାକା—ସଂ. ବି—ଘୂର୍ଣ୍ଣିବାୟୁ—
Pabākā Whirlwind (Apte).

ପ ବାର—ଦେ. ବି—ପଅ ବାଆର (ଦେଖ)
Pa bāra Pa-a bā-āra (See)

ପବି—ସଂ. ବି. (ପୂ ଧାତୁ+କର୍ତ୍ତୃ. ଇ)—୧ । ଇନ୍ଦ୍ରଙ୍କ ବଜ୍ର—
Pabi 1. The thunder of Indra.

୨ । ବାଣ—2. Arrow (Apte).

୩ । ବାକ୍ୟ—3. Speech (Apte).

୪ । ଅଗ୍ନି—4. Fire (Apte).

ପବିତ—ସଂ. ବିଣ. (ପୂ ଧାତୁ+କର୍ମ. ତ)—୧ । ପୂତ—
Pabita 1. Sacred.

୨ । ପରିଶୋଧିତ—2. Purified.

ସଂ. ବି—୧ । ଯଜ୍ଞୋପବୀତ; ପଇତା—
1. The sacred thread.

୨ । ଗୋଲମରିଚ—2. Black pepper.

ପବିତର—ଗ୍ରା. (ପଦ୍ୟ) ବିଣ—ପବିତ୍ର (ଦେଖ)
Pabitara Pabitra. (See)

पबित्तर — ବାଲକୀଡ଼ନକରିସୁ ଯେ ପବିତର
ଏତେକ ନାମ ଜାଣ କାର୍ତ୍ତିକେୟଙ୍କର—କୃଷ୍ଣସିଂହ. ମହାଭାରତ. ବନ ।

ପବିତା—ସଂ. ବିଣ. (ପୂ ଧାତୁ+କର୍ତ୍ତୃ. ତୃ ୧ମା. ୧ବ)—ପବିତ୍ରକାରକ—
Pabitā (ପବିତ୍ରୀ – ସ୍ତ୍ରୀ) Purifying.

ପବିତ୍ର—ସଂ. ବିଣ. (ପୂ ଧାତୁ+କର୍ତ୍ତୃ. ଇତ୍ର)—୧ । ଶୁଦ୍ଧ; ପୂତ—
Pabitra 1. Pure; sacred.

ପବିତ୍ରତା, ପବିତ୍ରତ୍ୱ } ବି ୨ । ପାପଶୂନ୍ୟ—2. Sinless.
୩ । ପାପହାରକ—3. Removing sin.

ସଂ. ବି—୧ । କୁଶ—1. The Kusa grass.

୨ । ଜଳ—2. Water.

୩ । ବେଦମନ୍ତ୍ର—3. A vedic formula.

୪ । ପଇତା; ଯଜ୍ଞୋପବୀତ —
4. The sacred thread worn by the twice-born.

୫ । ଘୃତ—5. Ghee.

୬ । ତାମ୍ର—6. Copper.

୭ । ମଧୁ—7. Honey.

୮ । ଅର୍ଘ୍ୟପାତ୍ର—8. Water pot.

୯ । ରାଶି ଗଛ—9. The sessamum plant.

୧୦ । (+କରଣ. ଇତ୍ର) ପରିଷ୍କାରକ ଯନ୍ତ୍ର; (ଯଥା—ଚାଲୁଣୀ)—
10. An instrument for cleansing or purifying, such as a sieve (Apte).

୧୧ । ବୈଦିକ ଅନୁଷ୍ଠାନରେ ଅନାମିକା ଅଙ୍ଗୁଳିରେ ପିନ୍ଧାଯିବା କୁଶର ମୁଦି—11. A ring of Kusa grass worn on the ring finger on certain religious occasions (Apte).

୧୨ । ହୋମର ଘୃତକୁ ଛାଣିବା ପାଇଁ ବ୍ୟବହୃତ କୁଶଦ୍ୱୟ—
12. Two blades of Kuśa grass used in purifying and sprinkling ghee in sacrifices (Apte).

୧୩ । (+କର୍ତ୍ତୃ. ଇତ୍ର) ବର୍ଷା—13. Rain (Apte).

୧୪ । (+ଭାବ. ଇତ୍ର) ସଫା କରିବା—
14. Cleansing (Apte).

୧୫ । ଘର୍ଷଣ; ଘଷିବା—15. Rubbing (Apte).

ପବିତ୍ରକ—ସଂ. ବି. (ପବିତ୍ର+ସ୍ୱାର୍ଥରେ. କ)—୧ । କ୍ଷତ୍ରିୟର ଯଜ୍ଞସୂତ୍ର—
Pabitraka 1. A Kshatriya's sacred thread.
୨ । କୁଶ—2. The Kuśa grass.
୩ । ଅଶ୍ୱତ୍ଥଗଛ—
3. The sacred fig tree; Ficus Religiosa.
୪ । ଉଦୁମ୍ବର—4. The sacrificial fig tree.

ପବିତ୍ର ଧାନ୍ୟ—ସଂ. ବି—ଯବଧାନ—
Pabitra dhānya Barley.

ପବିତ୍ର ମନାଃ—ସଂ. ବିଣ. ପୁଂ. (ବହୁବ୍ରୀହି; ପବିତ୍ର+ମନସ୍)—
Pabitra manāh ପବିତ୍ରାତ୍ମା—Pure in soul and mind.
(ପବିତ୍ର ଚେତାଃ—ଅନ୍ୟରୂପ)

ପବିତ୍ରା—ସଂ. ବି. ସ୍ତ୍ରୀ. (ପବିତ୍ର+ସ୍ତ୍ରୀ. ଆ)—୧ । ତୁଳସୀ—
Pabitrā 1. Tulasi (plant and leaf); the Holy Basil.
୨ । ହରିଦ୍ରା; ହଳଦୀ—2. Turmeric.
୩ । ନଦୀବିଶେଷ—3. Name of a river.
୪ । ଶ୍ରାବଣ ଶୁକ୍ଳ ଏକାଦଶୀ (ଦ୍ର. ଶବ୍ଦସାଗର)—
4. The eleventh day of the bright lunar fortnight of Śrābaṇa.
୫ । ଅଶ୍ୱତ୍ଥ (ଦ୍ର. ଶବ୍ଦସାଗର)—
5. The religious fig tree.

ପବିତ୍ରାଇବା—ଦେ. (ପଦ୍ୟ)କ୍ରି. (ସଂ. ପବିତ୍ରୀକରଣ)—
Pabitrāibā ୧ । 'ପବିତ୍ରିବା' କ୍ରିୟାର ଣିଜନ୍ତ ରୂପ; ଅନ୍ୟ ଦ୍ୱାରା
पवित्रान ପବିତ୍ରିତ କରାଇବା—1. To cause to be
पवित्र करना purified.
୨ । ପବିତ୍ରିବା; ପବିତ୍ର କରିବା—2. To purify.
ଦେବେ ମଧ୍ୟ ତପ ସକାଶୁଁ ସ୍ୱର୍ଗେ ଥାଇ
ତେଜତନ୍ତୁ ଅଗ ଶରୀର ପବିତ୍ରାଇ । କୃଷ୍ଣସିଂହ. ମହାଭାରତ-ଶାନ୍ତି ।

ପବିତ୍ରାତ୍ମା—ସଂ. ବିଣ. ପୁଂ. (ବହୁବ୍ରୀହି; ପବିତ୍ର+ଆତ୍ମନ୍)—ବିଶୁଦ୍ଧାତ୍ମା—
Pabitrātmā Pure-minded.

ପବିତ୍ରାରୋପଣ—ସଂ. ବି—୧ । ଶ୍ରାବଣ ଶୁକ୍ଳ ଦ୍ୱାଦଶୀ ତିଥିରେ ବିଷ୍ଣୁ
Pabitrāropaṇa ପ୍ରଭୃତି ଦେବତାଙ୍କୁ ପଇତା ପିନ୍ଧାଇବାରୂପ ଉତ୍ସବ-
(ପବିତ୍ରାରୋହଣ—ଅନ୍ୟରୂପ) 1. A ceremony of presenting the sacred thread to idols in the month of Śrābaṇa.
୨ । ଉପନୟନ; ବ୍ରତ—2. Investiture with the sacred thread (Apte).

ପବିତ୍ରିତ—ସଂ. ବିଣ. ପୁଂ (ପବିତ୍ର ନାମ ଧାତୁ+କର୍ମ. ତ)—
Pabitrita ୧ । ଯାହାକୁ ପବିତ୍ର କରାଯାଇଅଛି—
(ପବିତ୍ରିତା—ସ୍ତ୍ରୀ) 1. Purified.
ସର୍ବ ଦେବ ଦେଖା ଯାନ୍ତେ ପବିତ୍ରିତ
ନୀଳାଚଳ ଦେବ ବହେ ଯେ ସନ୍ତତ । ଜଗନ୍ନାଥ. ଚଉତିଶା ।
୨ । ନିର୍ମଳୀକୃତ—2. Cleansed.

ପବିତ୍ରିବା—ଦେ. (ପଦ୍ୟ) କ୍ରି (ସଂ. ପବିତ୍ରିତ)—ପବିତ୍ରିତ କରିବା—
Pabitribā To purify.

ପବୀଧର—ସଂ. ବି. (ପବୀ+ଧୃ ଧାତୁ+କର୍ତ୍ତୃ. ଅ)—ଇନ୍ଦ୍ର—
Pabidhara A name of Indra.

ପବୀର—ସଂ. ବି—୧ । ଲଙ୍ଗଳ ଲୁହା (ଦ୍ର. ଶ.)—
Pabira 1. Ploughshare.
୨ । ଶସ୍ତ୍ର (ଦ୍ର. ଶ.)—2. Weapon.
୩ । ବଜ୍ର (ଦ୍ର. ଶ)—3. Thunderbolt.

ପବ୍ୟ—ସଂ. ବି (ପୂ ଧାତୁ+କର୍ମ. ଯ)—ଯଜ୍ଞପାତ୍ର (ଦ୍ର. ଶ.)—
Pabya Sacrificial vessel.

ପବ୍ଲିକ୍—ବୈଦେ. ବି. ଓ ବିଣ(ଇଂ)—ସର୍ବସାଧାରଣ—
Pablik पब्लिक **पब्लिक** Public.

ପବ୍ଲିକ୍ ପ୍ର(ପ୍ରୋ)ସିକ୍ୟୁଟର—ବୈଦେ. ବି. (ଇଂ. ପବ୍ଲିକ୍ ପ୍ରୋସିକ୍ୟୁଟର)—
Pablik pra(pro)sikyuṭar ଫଉଜଦାରି ମକଦ୍ଦମାରେ ସରକାର
पब्लिक प्रासिकिउटार ତରଫରୁ ମକଦ୍ଦମା ଚଳାଇବା ଓକିଲ ବା ପୁଲିସ୍
पब्लिक प्रसिकिउटर କର୍ମଚାରୀ—Public prosecutor.

ପବ୍ଲିକ୍ ମିଟିଙ୍ଗ୍—ବୈଦେ. ବି. (ଇଂ)—ସାଧାରଣ ସଭା; ଯେଉଁ ସଭାରେ
Pablik miṭiṅg ସର୍ବସାଧାରଣ ଯୋଗ ଦେଇ ପାରନ୍ତି—
पब्लिक मिटिङ्ग Public meeting.
पबलिक मिटिङ्ग

ପବ୍ଲିକ୍ ଲାଇବ୍ରେରୀ—ବୈଦେ. ବି. (ଇଂ)—ଯେଉଁ ପୁସ୍ତକାଳୟର
Pablik lāibreri ପୁସ୍ତକମାନଙ୍କୁ ବ୍ୟବହାର କରିବା ପାଇଁ
ସର୍ବସାଧାରଣଙ୍କର ଅଧିକାର ଅଛି—Public library.

ପବ୍ଲିକ୍ ୱାର୍କ ଡିପାର୍ଟମେଣ୍ଟ—ବୈଦେ. ବି. (ଇଂ)—ପୂର୍ତ୍ତ ବିଭାଗ; ସର୍ବ-
Pablik wārk dipārṭmenṭ ସାଧାରଣଙ୍କ ନିମନ୍ତେ କାର୍ଯ୍ୟକାରୀ
(ପବ୍ଲିକ୍ ୱାର୍କ୍ସ ଡିପାର୍ଟମେଣ୍ଟ—ଅନ୍ୟରୂପ) ବିଭାଗ; ବାରିକ ମିସ୍ତ୍ରି
पब्लिक ओयार्कस डिपार्टमेंट ବିଭାଗ—Public Works
पबलिक वर्क्स डिपार्टमेंट Department.
[ଦ୍ର—ଏହାର ସାଙ୍କେତିକ ଚିହ୍ନ P. W. D. (ପି. ଡବ୍ଲ୍ୟୁ. ଡି)]

ପବ୍ଲିକ୍ ହଲ୍—ବୈଦେ. ବି. (ଇଂ)—ଯେଉଁ ଲମ୍ବ କାମରାରେ ସର୍ବ-
Pablik hal ସାଧାରଣ ସଭା ଆଦି ହୁଏ—Public hall.
पब्लिक हाल **पबलिक हाल**

ପବ୍ଲିକ୍ ହେଲ୍ଥ ଅଫିସର—ବୈଦେ. ବି. (ଇଂ)—ସର୍ବସାଧାରଣ ସ୍ୱାସ୍ଥ୍ୟ
Pablik helth aphisar ପରିଦର୍ଶକ କର୍ମଚାରୀବିଶେଷ—
पब्लिक हेल्थ अफिसर Public Health Officer.
पबलिक हेल्थ अपसर

ପବ୍ଲିକ୍ ହେଲ୍ଥ୍ ଡିପାର୍ଟମେଣ୍ଟ୍—ବୈଦେ. ବି. (ଇଂ) —
Pablik helth dipartment ସର୍ବସାଧାରଣ ସ୍ୱାସ୍ଥ୍ୟ-ବିଭାଗ —
ପାବ୍ଲିକ ହেଲ্থ ডিপার্টমেন্ট Public Health Department.
पब्लिक हेल्थ डिपार्टमेंट

ପବ୍ଲିଶର୍— ବୈଦେ. ବି. (ଇଂ)—(ପୁସ୍ତକାଦିର) ପ୍ରକାଶକ—
Pablisar Publisher.
ପାব্লিসার **पब्लिसर**

ପମେଟମ୍—ବୈଦେ. ବି. (ଇଂ. ପୋମେଟମ୍)—
Pametam କେଶ ଓ ଚର୍ମର କୋମଳତା ବୃଦ୍ଧି ନିମନ୍ତେ ବ୍ୟବହୃତ
পমেটম ବିଦେଶୀୟ ସ୍ନିଗ୍ଧ ଦ୍ରବ୍ୟବିଶେଷ—Pomatum;
पमेटम (ପମେଡ୍—ଅନ୍ୟରୂପ) Pomade.

ପମ୍ପ—ବୈଦେ. ବି. (ଇଂ)—୧ । ଜଳ-ଉତ୍ତୋଳକ ଯନ୍ତ୍ରବିଶେଷ; ଦମକଳ —
Pamp 1. Pump; water-pumping machine.
পাম্প **पंप** ୨ । ବାୟୁପୂରାଇବା ନଳ —2. Airpump.

ପମ୍ପସୁ—ବୈଦେ. ବି. (ଇଂ)—ପାତଳା ତଳବିଶିଷ୍ଟ ଯୋତା—
Pampsū Pump shoe.
পাম্প জুতা **पंपसू** (ପାମ୍ ସୁ—ଅନ୍ୟରୂପ)

ପମ୍ପା — ସଂ. ବି. (ପା ଧାତୁ=ପାନ କରିବା+କର୍ମ. ପ=ସ୍ତ୍ରୀ. ଆ; ନଦୀ-
Pampā ଜନ)—୧ । ଋଷ୍ୟମୂକ ପର୍ବତରୁ ବାହାରି ଓଡ୍ରଦେଶର
ମଧ୍ୟ ଦେଇ ତୁଙ୍ଗଭଦ୍ରାରେ ପଡ଼ିଥିବା ନଦୀବିଶେଷ
(କ୍ଷୀରେନ୍ଦ୍ର)—1. Name of a river in central India.
[ଦ୍ର— ଏହି ନଦୀ କୂଳରେ ମତଙ୍ଗ ମୁନିଙ୍କର ଆଶ୍ରମ ଥିଲା ।
ରାମାୟଣ ବର୍ଣ୍ଣିତ ଏହି ନଦୀ ସ୍ଥିରଜଳା ଥିବାରୁ ଏହା ମଧ୍ୟ ସରୋବର
ନାମରେ ଖ୍ୟାତ (କ୍ଷୀରେନ୍ଦ୍ର) ।]
୨ । ମଧ୍ୟଭାରତର ବିନ୍ଧ୍ୟାଚଳ ନିକଟରେ ଗୋଦାବରୀ ତୀରରେ
ଅଗସ୍ତି ମୁନିଙ୍କ ଆଶ୍ରମ ନିକଟସ୍ଥ ଦଣ୍ଡକାରଣ୍ୟର ସରୋବର-
ବିଶେଷ—2. Name of a tank in central India near the Bindhya range.

ପମ୍ବାଲୁ—ପ୍ରାଦେ. (ପୁରୀ) ବିଣ—ସ୍ଥୂଳକାୟ—
Pambālu Fat.

ପୟଃ—ସଂ. ବି. (ପା ଧାତୁ=ପାନ କରିବା+କର୍ମ. ଅସ୍; ପୟସ୍ ଶବ୍ଦ
Payah ୧ମା· ୧ବ.)—୧ । ଜଳ—1. Water.
(ପୟସ୍—ଅନ୍ୟରୂପ) ୨ । ଦୁଗ୍ଧ—2. Milk.
୩ । ରସ—3. Vital sap; juice.
୪ । ତରଳୀୟ ବସ୍ତୁ—4. Fluid.
୫ । ବର୍ଷାଜଳ—5. Rain water.
୬ । ରେତଃ—6. Semen; virile. (Apte)
୭ । ଖାଦ୍ୟ—7. Food. (Apte)

ପୟଃ କନ୍ଦା--ସଂ. ବି (ବହୁବ୍ରୀହି; ପୟଃ+କନ+ଆ) — ଭୁଇଁକଖାରୁ —
Payah kandā (ଦେଖ) (ହି. ଶ.)—Bhūiñ kakhāru. (See)

ପୟଃପୂର—ସଂ. ବି.—ପୁଷ୍କରିଣୀ (ହି. ଶ.)—
Payah pūra Pond.

ପୟଃ ପେଟୀ—ସଂ. ବି — ନଡ଼ିଆ (ହି. ଶ.)—
Payah peti Cocoanut.

ପୟଃ ପ୍ରଣାଳୀ—ସଂ. ବି. (୬ଷ୍ଠୀ ତତ୍; ପୟଃ+ପ୍ରଣାଳୀ)—୧ । ପାଣି-
Payah praṇāli ନଳା—1. Watercourse; water-channel.
୨ । ପାଣି ମାଡ଼ାସ୍ତା; ପାଣି ଗଡ଼ାଇବା ପାଇଁ ପ୍ରସ୍ତୁତ ପଦ୍ଧତି—
2. Drain.
୩ । ନର୍ଦ୍ଦମା; ଯେଉଁ ବାଟରେ ପାଣି ସ୍ୱତଃ ଗଡ଼ିଯାଏ—
3. Gutter.

ପୟଃ ଫେନ—ସଂ ବି (୬ଷ୍ଠୀ ତତ୍; ପୟଃ+ଫେନ)—ଦୁଧର ଫେଣ—
Payah phena Froth of milk.

ପୟଗମ୍ବର—ବୈଦେ., ବି (ଫା. ପୈଗମ୍ବର)—ମୁସଲମାନମାନଙ୍କ ଧର୍ମଶାସ୍ତ୍ର
Payagambara ବର୍ଣ୍ଣିତ ଈଶ୍ୱର-ପ୍ରେରିତ ଦୂତ—
ପଇଗମ୍ବର, ପଏଗମ୍ବର, ପୟ-ଗାମ୍ବର, ପୈଗମ୍ବର, ପୟମ୍ବର } ଅନ୍ୟରୂପ Heavenly messenger; angel;
पयगम्बर prophet.
पैगम्बर, पैगम, पैयम [ଦ୍ର—ମହମ୍ମଦ୍ ଭଗବାନଙ୍କର ପୟଗମ୍ବର ଥିଲେ ।]

ପୟଗମ୍ବରି—ଦେ. ବି—ଈଶ୍ୱର ପ୍ରେରିତ ଦୂତର କର୍ମ—
Payagambari The state of being a heavenly messenger
पयगम्बरी
पैगम्बरि, पैयम्बरि (ପୟମ୍ବରି — ଅନ୍ୟରୂପ)

ପୟଗୁ—ଦେ. ବି—ପେଗୁ (ଦେଖ)
Payagu Pegu (See)

ପୟମାସ(ସି)— ବୈଦେ. ବି—ପଇମାସ୍ (ଦେଖ)
Payamāsa(si) Paimāsa (See)

ପୟର—ଦେ. (ପଦ୍ୟ) ବି—(ସଂ. ପଦ; ପ୍ରା. ପୟ)—ଗୋଡ଼—
Pāyara Leg.
पाय ଓଡ଼ିଆର ଯାଉ ମୋ ଭାରତୀ ତା ଶିର-କମଳେ ପୟର ଥାଏ ।
पैर ରାଧାନାଥ, ଯଯାତି ।

ପୟର ଧରିବା—ଦେ. କ୍ରି—ଗୋଡ଼ ଧରି କ୍ଷମା ବା ଦୟା ଭିକ୍ଷା କରିବା—
Payara dharibā To hold another's leg while
পায় ধরা **पैर थामना** praying for mercy or favour.

ପୟଲା—ପ୍ରାଦେ. (ମେଦିନୀପୁର) ବି (ଭୁଲ, ବଂ. ପୟଲା)—ପହିଲା—
Payalā The first day of a month.
ବିଣ—ପହିଲ; ପ୍ରଥମ—First.

ପୟସ — ସଂ. ବି—(ପା ଧାତୁ=ପିଇବା+କର୍ମ. ଅସ)—ଜଳ—
Payasa Water.
ଦେ. ବି—ଖିଆଲ—Whim.

ପୟସ୍ତ (ସ୍ତି)—ବୈଦେ. ବି (ଜଡ଼ଜଆ) (ଫା. ପୈବସ୍ତ)—ନଦୀର କୂଳରେ
Payast(sti) ବା ନଦୀଗର୍ଭରେ ବାଲି ବା ପଟୁ ପଡ଼ି ଯେଉଁ ଜମି
পয়স্ত ଉତ୍ପନ୍ନ ହୁଏ—Alluvial formation in the bed or
पैवस्त shore of a river.
[ପୟବସ୍ତ (ସ୍ତି)—ଅନ୍ୟରୂପ] (ବିପରୀତ—ସୀକସ୍ତ)

ପୟସ୍ୱଳ—ସଂ. ବିଣ (ପୟସ୍+ବଲ)—୧ । ଜଳଯୁକ୍ତ—
Payaswala 1. Watery.
୨ । ଦୁଗ୍ଧମୟ—2. Milky.
(ପୟସ୍ୱଳା—ସ୍ତ୍ରୀ) ସଂ. ବି—ଛାଗ; ଛେଳି—Goat.

ପୟସ୍ୱାନ—ସଂ. ବିଣ. ପୁଂ. (ପୟସ୍+ବତ୍; ୧ମା. ୧ବ)—୧ । ଜଳଯୁକ୍ତ—
Payaswān Watery.
(ପୟସ୍ୱତୀ—ସ୍ତ୍ରୀ) ୨ । ଦୁଗ୍ଧଯୁକ୍ତ; ଦୁଗ୍ଧମୟ—2. Milky.
ସଂ. ବି—ମେଘ—Cloud.

ପୟସ୍ୱିନୀ—ସଂ. ବିଣ. ସ୍ତ୍ରୀ. (ପୟସ୍+ଅସ୍ତି ଅର୍ଥରେ ବିନ୍+ସ୍ତ୍ରୀ. ଈ)—
Payaswini ଦୁଧିଆଳୀ—Milch; giving plenty of milk.
ସଂ. ବି—୧ । ଦୁଧିଆଳୀ ଗାଈ; ଯେଉଁ ଗାଈ ପ୍ରଚୁର ଦୁଧ ଦିଏ—
1. A cow giving a large quantity of milk.
୨ । ନଦୀ—2. River.
୩ । ରାତ୍ରି—3. Night.
୪ । ଛାଗୀ—4 A she-goat.
୫ । କ୍ଷୀରକାକୋଲି—5. A medicinal herb.

ପୟସ୍ୱୀ—ସଂ. ବିଣ. (ପୟସ୍+ବିନ୍; ୧ମା. ୧ବ)—୧ । ଜଳପୂର୍ଣ୍ଣ—
Payaswi 1. Watery; full of water.
(ପୟସ୍ୱିନୀ—ସ୍ତ୍ରୀ) ୨ । ଦୁଗ୍ଧମୟ—2. Milky.

ପୟସ୍ୟ—ସଂ. ବି—୧ । (ପୟସ୍=ଦୁଧ+ବିକାରାର୍ଥରେ. ଯ)—
Payasya ଦୁଧରୁ ତିଆରି ଦହି, ଛେନାଆଦି ଦ୍ରବ୍ୟ—
1. Curd, cheese etc made from milk.
୨ । (ପୟସ୍+ପ୍ରିୟାର୍ଥରେ ଯ)—ବିରାଡ଼ି—2. Cat.
ସଂ. ବିଣ—୧ । ଦୁଗ୍ଧରୁ ପ୍ରସ୍ତୁତ—
1. Prepared from milk.
୨ । ଜଳୀୟ—2. Watery.

ପୟସ୍ୟା—ସଂ. ବି. (ପୟସ୍ୟ+ଆ)—୧ । ଆମିକ୍ଷା; ଛେନା—
Payasyā 1. Cheese.
୨ । ଦସାଦହି—2. Curd (Apte).
୩ । କ୍ଷୀରକାକୋଲି—3. A kind of herb.
୪ । କଳମ୍ବୀ (କବିରାଜ ହରେକୃଷ୍ଣ. ଦ୍ରବ୍ୟଗୁଣ)—
4 Name of a medicinal plant.

ପୟା—ଦେ. ବି. (ସଂ. ପଦ; ପ୍ରଧି)—ଶଗଡ଼ଚକର ପରିଧି—
Payā The rim of a cart-wheel.
(ପହି, ପହିଆ, ପଦ୍ୟା—ଅନ୍ୟରୂପ) पहिया

ପୟା(ୟାଁ) ଅମାବାସ୍ୟା—ଦେ. ବି. (ସଂ. ପ୍ରଦୀପାମାବାସ୍ୟା)—
Payā(yāñ) amābāsyā କାର୍ତ୍ତିକ ଅମାବାସ୍ୟା; ଦିପେଇ
देवाली ଅମାବାସ୍ୟା—The new-moon of the month
दीवाली (ପୟା ଅମାସ୍ୟା—ଅନ୍ୟରୂପ) of Kārtika.
[ଦ୍ର—ଏହି ଅମାବାସ୍ୟାରେ ହିନ୍ଦୁ ଗୃହସ୍ଥମାନେ ପିତୃ-ଶ୍ରାଦ୍ଧ କରନ୍ତି ଓ ପୂର୍ବପୁରୁଷମାନଙ୍କ ଉଦ୍ଦେଶ୍ୟରେ ଦୀପାଲୋକ ପ୍ରଦର୍ଶନ କରନ୍ତି । ଶୂଦ୍ରମାନେ ଏହାକୁ 'ବଡ଼ବଡ଼ୁଆଡକା' ଉଆଁସ ବୋଲି କହନ୍ତି ।]

ପୟାଁଖଡ଼ା ବାହାରିବା—ପ୍ରାଦେ. (କେନ୍ଦ୍ରାପଡ଼ା) କ୍ରି—ଦୁଃଖର ଚରମ ସୀମା
Payāñkhardā bāharibā ଭୋଗ ହେବା—The suffering of great misery.

ପୟାଁ ଶ୍ରାଦ୍ଧ—ପ୍ରାଦେ. (ଯାଜପୁର) ବି—ପୟା ଅମାବାସ୍ୟା (ଦେଖ)—
Payāñ srāddha Payā amābāsyā (See)

ପୟାଣ—ଦେ. (ପଦ୍ୟ) ବି. (ସଂ. ପ୍ରୟାଣ)—ପ୍ରସ୍ଥାନ—
Payāna Departure.
पयान ମହାସମାରୋହେ ରାଜା କଲେକ ପୟାଣ ।
पयान ଜଗନ୍ନାଥ. ଦଣ୍ଡିରାମାୟଣ ।

ପୟା ମାରିବା—ଦେ. କ୍ରି—ବାଲିମଧ୍ୟରେ ଗଳୁଥିବା ବା ସ୍ଥଗିତ ହୋଇଥିବା
Payā māribā ଶଗଡ଼କୁ ଚଳାଇବା ନିମନ୍ତେ ଚକକୁ ହାତଦ୍ୱାରା
पहिया मारना ପେଲିବା—To put the hands to the wheel of a slow or stationary cart.

ପୟାର—ଦେ. ବି. (ସଂ. ପଦାବଳୀ)—୧ । ଚତୁର୍ଦ୍ଦଶାକ୍ଷରରେ ରଚିତ
Payāra ଦୁଇପାଦବିଶିଷ୍ଟ ଗୀତବିଶେଷ; ଚଉଦଅକ୍ଷରୀ ଛନ୍ଦ—
पयार Name of a metre consisting of 14
शर्करी; दाहा letters in each of the two lines.
[ଦ୍ର—ଓଡ଼ିଆ ନୃସିଂହପୁରାଣଆଦି ପୟାରରେ ରଚିତ ।]
୨ । ସଂସ୍କୃତ ଶ୍ଳୋକର ଓଡ଼ିଆ ପଦ୍ୟାନୁବାଦ—2. Metrical Oria translation of Sanscrit slokas.

ପୟା ଶ୍ରାଦ୍ଧ—ଦେ. ବି—ଦୀପାବଳୀ ଅମାବାସ୍ୟା ଦିନ ପିତୃଲୋକଙ୍କୁ ଦୀପଦାନ-
Payā srāddha ଆଦି ଦେବାରୂପ ଶ୍ରାଦ୍ଧ—Srāddha performed in the Debāli evening.

ପୟେକାର—ବୈଦେ. ବି. (ଫା. ପୌକାର୍)—୧ । ପଇକାର (ଦେଖ)
Payekāra 1. Paikāra (See)
ଦାନ ହୋଇଗଲା ଧନେଶ୍ୱର
ଅଗ୍ରେ ଭୋଗ ପୟେକାର । ଗ୍ରାଚୀ. ନବୁଶମାହାତ୍ମ୍ୟ ।

ପୟେକାରି—ବୈଦେ. ବି—ପଇକାରି (ଦେଖ)
Payekāri Paikāri (See)

ପୟୋଘନ—ସଂ. ବି. (ପୟସ୍=ଜଳ+ଘନ=ଘନୀଭୂତ)—
Payoghana କରକା; କୁଆପଥର— Hailstone.
(ପୟୋଗଲ—ଅନ୍ୟରୂପ)

ପୟୋଦ—ସଂ. ବି. (ପୟଃ+ଦା ଧାତୁ+କର୍ତ୍ତୃ. ଅ)—୧ । ମେଘ—
Payoda 1. Cloud.
୨ । ମୁଥା—2. Bulbous grass- root.

ପୟୋଦନ—ସଂ. ବି. (ମ. ପ. ଲୋ; ପୟଃମିଶ୍ରିତ ଅଦନ)—ଦୁଧଭାତ—
Payodana Boiled rice mixed with milk.

ପୟୋଧର—ସଂ. ବି. (ପୟଃ+ଧୃ ଧାତୁ+କର୍ତ୍ତୃ. ଅ)—
payodhara ୧ । ଜଳଧର; ମେଘ—1. Cloud.
୨ । ସ୍ତ୍ରୀମାନଙ୍କ ସ୍ତନ—2. Woman's breast.
୩ । ପଶୁଙ୍କ ପହ୍ଲା—3. Udder of a beast.
୪ । ନଡ଼ିଆ—4. Cocoanut.
୫ । ନାଗର ମୁଥା (ଦେଖ)—5. Nāgara muthā (See)
୬ । ତଡ଼ାଗ; ପୁଷ୍କରିଣୀ (ହ. ଶ)—6. Tank.
୭ । ପର୍ବତ (ହ. ଶ)—7. Mountain.

୮ । ଅର୍କଗୁଳୁ (ହ୍ର. ଶ)—8. Calotropris Gigantea.
୯ । ସମୁଦ୍ର (ହ୍ର. ଶ)—9. The sea.
ସ. ବିଣ—୧ । ଦୁଗ୍ଧଧାରଣକାରୀ—1. Containing milk.
୨ । ଜଳପୂର୍ଣ୍ଣ—2. Full of water.
ଦେ. ବିଣ. ସ୍ତ୍ରୀ—ଦୁଧଥିଲୀ (ଗାଈ)—
Full of milk; milch (cow).

ବସ୍ତ୍ରକ ସହ ସୁରଭ ପୟୋଧର ତୁଳ ତୁଳ ଝଡକନ୍ତ ।
ଭଞ୍ଜ, ବୈଦେହୀଶବିଳାସ ।

ପୟୋଧି—ସ. ବି. (ପୟଃ + ଧା ଧାତୁ + କର୍ତ୍ତୃ. ଇ)—୧ । ଜଳଧି; ସମୁଦ୍ର—1. Ocean; the sea.
Payodhi
୨ । ମେଘ—2. Cloud.

ପୟୋଧିକ—ସ. ବି. (ପୟଃ + ଅଧିକ)—ସମୁଦ୍ର ଫେଣ—
Payodhika The bone of cuttle fish.

ପୟୋନିଧି—ସ. ବି (ପୟସ୍+ନି+ଧା ଧାତୁ+କର୍ତ୍ତୃ ଇ)—
Payonidhi ପୟୋଧି—ଦେଖ—Payodhi (See)

ପୟୋବାହ—ସ. ବି (ପୟସ୍+ବହ୍ ଧାତୁ+କର୍ତ୍ତୃ. ଅ)—୧ । ମେଘ—
Payobāha 1. Cloud
୨ । ମୁଥା—2. Bulbous grass-root.

ପୟୋବ୍ରତ—ସ. ବି (ପୟଃ=ଦୁଗ୍ଧ+ବ୍ରତ)—୧ । ଫାଲ୍‌ଗୁନ ଶୁକ୍ଳପକ୍ଷରେ ଅନୁଷ୍ଠେୟ ବ୍ରତବିଶେଷ—1. A vow observed in the bright lunar fortnight of Fālguna in which the devotee subsists on milk only.
Payobrata
[ଦ୍ର—ଫାଲ୍‌ଗୁନ ଶୁକ୍ଳ ପ୍ରତିପଦଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ୧୨ ଦିନ ଏହି ବ୍ରତ ପାଳନ କରାଯାଏ । ଏଥିରେ କେବଳ ଦୁଗ୍ଧପାନ କରି ରହିବାକୁ ହୁଏ ଏବଂ ଉପାସ୍ୟ ଦେବତା ବିଷ୍ଣୁଙ୍କୁ ପୟଃ ଅର୍ଥାତ୍ ଦୁଗ୍ଧଦ୍ୱାରା ସ୍ନାପନ କରାଯାଏ ।]
୨ । ଏକଦିନ ଓ ଏକରାତ୍ରି ବା ତିନିରାତ୍ରିବ୍ୟାପୀ କାଳ କେବଳ ଜଳ ପାନ କରି କରାଯିବା ବ୍ରତ (ମତ୍ସ୍ୟପୁରାଣ)—(ହ୍ର. ଶ.)—
2. Name of a vow observed by subsisting on water only for a day and night or for a period coverd by 3 successive nights.

ପୟୋମୁକ୍—ସ. ବି. (ପୟସ୍+ମୁଚ୍ ଧାତୁ=ତ୍ୟାଗ କରିବା+କର୍ତ୍ତୃ. କ୍ୱିପ୍; ପୟୋମୁଚ୍; ୧ମା· ୧ବ.)—୧ । ମେଘ—
Payomuk 1. Cloud.
(ପୟୋମୁଚ୍—ଅନ୍ୟରୂପ)
୨ । ମୁଥା (ହ୍ର. ଶବ୍ଦସାଗର)—
2. Bulbous grass root.

ପୟୋମୁଖ—ସ. ବିଣ. (ବହୁବ୍ରୀହି; ପୟଃ+ମୁଖ)—୧ । ଯେଉଁ ପାତ୍ରରେ ମୁହଁପାଖରେ କେବଳ ଦୁଧ ଥାଏ (ଅବଶିଷ୍ଟାଂଶ ଅସାର ପଦାର୍ଥରେ ପୂର୍ଣ୍ଣହୋଇଥାଏ)—1. (a pot) With milk at the mouth only.
Payomukha
୨ । ଦୁଗ୍ଧପୋଷ୍ୟ (ଶିଶୁ); ସ୍ତନନ୍ଧୟ (ହ୍ର. ଶ.)—
2. Sucking (child); subsisting on milk.

ପର୍ (ଧାତୁ)—ସ—ପୂର୍ଣ୍ଣ କରିବା—
Par (root) To fill.

ପର୍—ଦେ. ଅ. (ଧ୍ୱନ୍ୟନୁକରଣ)—ଫରୁର୍; ପତଳା ଲୁଗାକୁ ଲମ୍ବ କରି ଚିରିବାର ଶବ୍ଦ—The sound of tearing a cloth into long slices.
Par
चरर (ପରର୍—ଅନ୍ୟରୂପ)

ପରୁଆ—ବୈଦେ. ବି. (ଫା. ପର୍‌ବାହ୍)—୧ । ଭାବନା; ଚିନ୍ତା; ଉଦ୍‌ବେଗ—1. Anxiety; care.
Par-uā
परवाय, परोया ୨ । ଦର—2. Fear.
परवाह ୩ । ଧ୍ୟାନ; ମନୋଯୋଗ—3. Attention.
ପରୱା, ପରବା, ପରୱାୟ, ପର୍‌ବେଇ, ପରୁଆ, ପରବାଇ, ପରେଇ } ଅନ୍ୟରୂପ

ପରୁଆ କରିବା—ଦେ. କ୍ରି—୧ । ଭାବିତ ବା ଚିନ୍ତିତ ହେବା—
Par-uā kariba 1. To be anxious for.
परवाय करा ୨ । କୌଣସି ବିଷୟ ପାଇଁ ଚିନ୍ତା ବା ଭାବନା କରିବା—
परवाह करना 2. To think about.
୩ । ଖାତିର କରିବା—
3. To care; to treat with regard.

ପରୁଆନା—ବୈଦେ. ବି. (କଚେରୀ) (ଫା. ପର୍‌ବାନା)—
Par-uānā ୧ । ଆଦେଶପତ୍ର; ହୁକୁମନାମା—
परओयाना, परोयाना 1. Order; writ
परवाना ୨ । ନୋଟିସ୍—2. Notice; process.
ପରୱାନା, ପରୁଆନା, ପରୱାନା, ପରଗଣା, ପରୱାନା, ପରବାନା } ଅନ୍ୟରୂପ ୩ । ୱାରେଣ୍ଟ—
3. Warrant.
୪ । ଛାଡ଼ପତ୍ର—4. Permit; pass.
୫ । ସମନ—5. Summons.

ପରୁଆନା ଜାରି କରିବା—ଦେ. କ୍ରି. (କଚେରୀ)—୧ । କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ଆଦେଶପତ୍ର ଦେବା—1. To serve a notice or process on a person
Par-uānā jāri kariba
परोयाना जारी करा
परवाना जारी करना
୨ । ହୁକୁମ ପ୍ରକଟନ କରିବା—
2. To publish a notice.
୩ । ଆଦେଶପତ୍ର ବାହାର କରିବା—
3. To issue a notice.

ପରୁଆନା ନବିସ୍—ବୈଦେ. ବି. (କଚେରୀ) (ଫା)—ହୁକୁମନାମା-ଲେଖକ—A clerk who writes orders and warrants.
Par-uānā nabis
परोयाना नविस **परवाना नवीस**

ପରୁଆର—ବୈଦେ. ବି. (ଫା)—୧ । ପରୁଆ (ଦେଖ)
Par-uār 1. Par-uā (See)
परओयार ୨ । ଜୈନମାନଙ୍କ ବଂଶୋପାଧିବିଶେଷ—
परवार 2. A family title of certain Jainas.
(ପରବାର୍; ପରୱାର୍—ଅନ୍ୟରୂପ)
परओयार ବୈଦେ. ବିଣ. (ଫା. ପର୍‌ବର୍=ପ୍ରତିପାଳକ)—
परवर ରକ୍ଷକ; ପ୍ରତିପାଳକ—One who protects.
(ଯଥା—ଗରିବ ପରୁଆର ।)

ପର୍ଘଣିଆଁ—ପ୍ରାଦେ. (ସମ୍ବଲପୁର) ବି—ଅନାର୍ଯ୍ୟ ଗଣ୍ଡଜାତିର ଦଳପତି—
Par-ghaniāñ The headman of the 'Gond' community.

ପର୍ଛି—ପ୍ରାଦେ. (ସମ୍ବଲପୁର) ବି—ଘରଚାଳର ଦୁଇପାଖର ଚାଳ ମଧ୍ୟରୁ ଗୋଟିଏ ପାଖ ବା ପଞ୍ଜରା—One of the flanks of the thatch of a house.
Par-chhi

ପର୍ଛିତ(ତି)—ଦେ. ବି. (ସଂ. ପର+ଛଦ୍)—୧ । ଘରପାଖେ ବୁଲାଯିବା ପାଚେରୀ—1. Compound wall.
Par-chhit(ti)
परछित, परछती ୨ । ଯେଉଁ ମାଟିକାନ୍ଥର ପାଚିର ଉପର ଛପର ହୋଇଥାଏ—2. Thatched compound wall of earth.
परछत्ती

ପର୍ଜାଏତ୍—ପ୍ରାଦେ. (ସମ୍ବଲପୁର) ବି. (ପର=ଅନ୍ୟ+'ଜାତି' ସ୍ଥଳରେ 'ଜାଏତ୍' ଉଚ୍ଚାରଣ; ତୁଳ. ନଦୀ=ନଏଦ୍ ଓ ସ୍ୱାତି =ସ୍ୱାଏତ୍)—ଅନ୍ୟ ଜାତି—Another caste.
Par-jāet
ଦେ. ବଣ—ଅନ୍ୟଜାତୀୟ; ଅସବର୍ଣ୍ଣ—
Belonging to another caste.

ପର୍ଝିବା—ପ୍ରଦେ. (ସମ୍ବଲପୁର) କ୍ରି—ପରଜିବା (ଦେଖ)
Par-jhibā Parajibā (See)

ପର୍ଦେଶ୍—ଦେ. ବି. (ସଂ ପରଦେଶ)—୧ । ବିଦେଶ—
Par-des 1. Foreign country.
विदेश परदेश ୨ । ପ୍ରବାସ—2. Sojourn.

ପର୍ଦେଶୀ—ଦେ. ବଣ—୧ । ବିଦେଶୀ (ବ୍ୟକ୍ତି)—
Par-desi 1. Belonging to a foreign country.
विदेशी परदेशी ୨ । ପ୍ରବାସୀ—2. Living abroad; sojourning.
(ପର୍ଦେଶିଆ—ଅନ୍ୟରୂପ)

ପର୍ବସ୍ତ(ସ୍ତି)—ବୈଦେ. ବି. (ଫା. ପର୍ବରଶ୍)—ପାଳନ; ପୋଷଣ—
Par-bast(sti) Bringing up; maintaining.
परवस्त ବଣ—ପାଳିତ; ପ୍ରତିପୋଷିତ—
परवरिस, परवस्त Brought up; maintained.

ପର୍ବା—ପ୍ରାଦେ. (ସମ୍ବଲପୁର) କ୍ରି—ପଡ଼ିବା (ଦେଖ)
Par-bā Pardibā (See)
ବୈଦେ. ବି.—ପରୁଆ (ଦେଖ)—Paruā (See)
(ପର୍ବାଏ, ପର୍ବାଇ,ପର୍ବାୟୁ – ଅନ୍ୟରୂପ)

ପର୍ହୁର୍—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ପରାର=ଗତବର୍ଷର ପୂର୍ବବର୍ଷ)—୧ । ଗତବର୍ଷ—1. Last year.
Par-hur
୨ । ଆଗାମୀବର୍ଷ—2. Next year.

ପର୍ହେଜ୍—ବୈଦେ. ବି. (ଫା) - ୧ । ପଥ୍ୟ; ପଥ୍ୟଚଳିବା—
Par-hej 1. Taking of articles or diet beneficial to a patient.
परहेज
परहेज ୨ । ସଂଯମ—2. Self-control.

ପର୍ହେଜ୍‌ଗାର୍—ବୈଦେ. ବଣ. (ଆ. ପର୍ହେଜ୍‌ଗାର୍=ସଂଯମୀ; ଯେ ପଥ୍ୟରେ ଚଳେ)—୧ । ସାଧୁ (ବ୍ୟକ୍ତି)—
Par-hej-gār 1. Honest (person).
परहेजगार
परहेजगार ୨ । ସଂଯମୀ (ବ୍ୟକ୍ତି)—
(ପର୍ହେଜ୍‌ଗାରୀ—ବି) 2. Self-controlled (person).
୩ । ଯେ ପଥ୍ୟରେ ଚଳେ—3. Observing rules of dietary.

ପର—ସଂ. ବଣ. (ପୃ ଧାତୁ=ପାଳନ କରିବା+କରଣେ ଅ)—
Para ୧ । ଅପର; ଅନ୍ୟ—1. Other; another.
୨ । ଅନାତ୍ମୀୟ; ନିଃସମ୍ପର୍କୀୟ—
2. Foreign; strange; unconnected.
୩ । ଭିନ୍ନ; ପୃଥକ୍—3. Separate; different.
୪ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ) ନିଷ୍ଠ; ପରାୟଣ;ଆସକ୍ତ—
4. Attached to; devoted to; absorbed in.
୫ । ଉତ୍ତମ—5. Good.
୬ । ପରମ; ପ୍ରଧାନ; ଶ୍ରେଷ୍ଠ—
6. Principal; chief; supreme.
୭ । ଦୂରବର୍ତ୍ତୀ—7. Distant.
୮ । ପରବର୍ତ୍ତୀ; ଭବିଷ୍ୟତ୍—8. Succeeding; future.
ସଂ. ସର୍ବନାମ—୧ । ଅନ୍ୟ ବ୍ୟକ୍ତି; ଅପର ଲୋକ—
1. Another person.
୨ । ନିଃସମ୍ପର୍କୀୟ ବା ଅନାତ୍ମୀୟ ବ୍ୟକ୍ତି—
2. Outsider; stranger.
ସଂ. ବି—୧ । ଶତ୍ରୁ—1. Enemy.
୨ । ନିର୍ବାଣ; ମୁକ୍ତି—2. Salvation; deliverance; beatitude.
୩ । ପରମାତ୍ମା; ପରଂବ୍ରହ୍ମ—3. God; the Universal Soul.
୪ । ବ୍ରହ୍ମାଙ୍କର ଆୟୁଷ୍କାଳ—
4. The age or lifetime of Brahmā.

ପରଂ—ସଂ. କ୍ରି. ବଣ—୧ । କେବଳ—1. Only.
Param ୨ । ନିଶ୍ଚିତଭାବରେ—2. Surely.
୩ । କିନ୍ତୁ—3. But.
୪ । ପଶ୍ଚାତ୍; ପରେ—4. Afterwards; later on.

ପରଂଚ—ସଂ. ଅ—୧ । ଆହୁରି ମଧ୍ୟ; ଏବଂ ମଧ୍ୟ—
Paramcha 1. And also.
(ପରନ୍ତୁ, ପରଂତୁ, ପରନ୍ତୁ—ଅନ୍ୟରୂପ)
୨ । ତେବେ ସୁଦ୍ଧା—2. Then even.
୩ । ଅପର ପକ୍ଷରେ ମଧ୍ୟ—3. On the other hand also.

ପରଂବ୍ରହ୍ମ ସଂ. ବି—ପରବ୍ରହ୍ମ ୧ (ଦେଖ)—
Parambrahma Parabrahma 1 (See)

ପରଃଶତ—ସଂ. ବି. (ପର+ଶତ; ନିପାତନ)—ଶତାଧିକ ସଂଖ୍ୟା—
Parahsata More than a hundred.
ସଂ. ବଣ—ଶତାଧିକ ସଂଖ୍ୟକ—
Above a hundred; exceeding a hundred.

ପରକଟ—ଗ୍ରା. (ପଦ୍ୟ) ବଣ. (ସଂ.ପ୍ରକଟ)—ପ୍ରକଟିତ; ବିଖ୍ୟାତ; ଖ୍ୟାତ—
Parakaṭa Known; celebrated
प्रकट ବ୍ରହ୍ମପୁର ବୋଲି ଯା ନାମ ପରକଟ ।
परघट, प्रगट କୃଷ୍ଣସିଂହ, ମହାଭାରତ ବନ ।

ପରକଟ୍ଠା—ଦେ. ବଣ. (ଫା. ପର୍=ପକ୍ଷ+କର୍ତ୍ତିତ)—
Parakaṭṭā ଯେଉଁ ପକ୍ଷୀର ଡେଣା କଟ୍ଠା ହୋଇଥାଏ—
পরকাটা (a bird) Whose pinions have been clipped.
परकटा (ଯଥା—ପରକଟ୍ଠା ପାକ୍ଷ ।)

ପରକଟିବା—ଗ୍ରା. (ପଦ୍ୟ) କ୍ରି—ପ୍ରକଟିବା (ଦେଖ)
Parakaṭibā Prakaṭibā (See)
প্রকটা
प्रगटना
[ପରକଟ୍ଠା(ଟେ)ଇବା—ଣିଜନ୍ତରୂପ]

ପରକନା—ଦେ. ବ—୧ । କଣ୍ଟାଗୁଲ୍ମ କାଟିବା ସମୟରେ ବ୍ୟବହୃତ
Parakanā ଦୁଇଶାଖିଆ ଯଷ୍ଟିବିଶେଷ—
দুশাখা 1. A pronged or forked stick used in
दोकन्हा cutting brambles or thorns.
পরকানী ୨ । ତୋପ ଓ ବନ୍ଧୁକର ପାଖରେ ଥିବା କର୍ଣ୍ଣବତ୍ ସ୍ଥାନ,
परकाना ଯହିଁରେ ଛିଦ୍ରବାଟେ ନିଆଁ ଲଗାଯାଏ—1. The lateral hole on the base of a gun-barrel or cannon through which the gun or cannon is ignited.

ପରକରଣ—ଦେ. ବ—ଦେଉଳର ହିସାବ ଲେଖିବା ବ୍ୟକ୍ତି—
Parakaraṇa Accountant of a temple.

ପର କଲମ—ବୈଦେ. ବ. (ଫା. ପର୍+କଲମ୍)—ପକ୍ଷୀକଲମ—
Para kalama পরকলম **परकलम** Quill pen.

ପରକଲା—ବୈଦେ. ବ. (ଫା. ପରକାଲ୍; ପର୍‌ଗାଲହ୍)—୧ । ଡାକସାଜ
Parakaḷā ମଞ୍ଜିରେ ବସାଯିବା ଆରସି ବା କ୍ଷୁଦ୍ର କାଚଖଣ୍ଡ—
পরকলা 1. Small bits of mirror or glass set
परकाला in finery.
୨ । କ୍ଷୁଦ୍ର କାଚଖଣ୍ଡ—2. Small bit of glass.

ପରକାୟ ପ୍ରବେଶ—ସ. ବ. (୬ଷ୍ଠୀ ତତ୍ ଓ ୭ମୀ ତତ୍; ପର+କାୟ+
Parakāya prabeśa ପ୍ରବେଶ)—ଆପଣାର ଆତ୍ମାକୁ ଅନ୍ୟ
(ପରକାୟା ପ୍ରବେଶ—ଦେଶଜରୂପ) ବ୍ୟକ୍ତିର ବା ପ୍ରାଣୀର ଦେହରେ
ପ୍ରବିଷ୍ଟ କରିବାର ଯୋଗସାଧକର ସିଦ୍ଧିବିଶେଷ—
An operation performed by Jogī experts by which their spirit enters the body of another person or animal.

ପରକାର—ଗ୍ରା. (ପଦ୍ୟ) ବ. (ସ. ପ୍ରକାର)—ପ୍ରକାର—
Parakāra Kind; manner.
পরকার
परकार, प्रकार
ଦେ. ଅ—ପର; ସଦୃଶ—Like.

ପରକାରଜୀ—ଦେ. ବଣ. (ସ. ପର+କାର୍ଯ୍ୟୀ)—
Parakāraji ୧ । ପରୋପକାରୀ—1. Philanthropic;
(ପରକାଜୀ—ଅନ୍ୟରୂପ) beneficent.
পরকার্যী ୨ । ପରର ସେବାରେ ନିଯୁକ୍ତ—2. Devoted to the
परकाजी service of others.

ପରକାର୍ଯ୍ୟ—ଦେ. ବ. (ସ. ପର+କାର୍ଯ୍ୟ)—୧ । ପରୋପକାର—
Parakārjya Doing good or rendering service to others.
ପରକାରଜ } ଅନ୍ୟରୂପ
ପରକାମ }
পরের কায
दूसराका काम ୨ । ଅନ୍ୟ ବ୍ୟକ୍ତିର କାମ—
2. Another person's work.
୩ । ଅନ୍ୟର ସେବା—3. Service of another.

ପର କାଳ—ସ. ବ. (କର୍ମଧା; ପର+କାଳ)—ମୃତ୍ୟୁର ପରବର୍ତ୍ତୀ ସମୟ—
Parakāḷa The future state after death.
(ବିପରୀତ—ଇହକାଳ)

ପରକାଶ—ଗ୍ରା. (ପଦ୍ୟ) ବ—ପ୍ରକାଶ (ଦେଖ)
Parakāsa পরকাশ **परकास** Prakāsa (See)

ପରକାଶିବା—ଗ୍ରା. (ପଦ୍ୟ) କ୍ରି. (ସ. ପ୍ରକାଶ)—
Parakāsibā ୧ । ପ୍ରକାଶ କରିବା—1. To publish; to exhibit.
পরকাশা
परकासना
୨ । ପ୍ରକାଶିତ ହେବା; ଦେଖାଯିବା—
2. To open out; to appear.

ପରକୀୟ—ସ. ବଣ. (ପର+ସମ୍ବନ୍ଧେ. ଈୟ; କ ଆଗମ; ତୁଳନା କର
Parakīya ରାଜକୀୟ, ସ୍ୱକୀୟ)—୧ । ଅନ୍ୟ ସମ୍ବନ୍ଧୀୟ—
(ପରକୀୟା—ସ୍ତ୍ରୀ) 1 Pertaining to another.
(ବିପରୀତ—ସ୍ୱକୀୟ) ୨ । ଅନ୍ୟୀୟ; ଅନ୍ୟର—
[ପରକୀୟତା(ତ୍ୱ)—ବି] 2. Belonging to a 2nd person or stranger.
୩ । ଯେ ଆପଣାର ନୁହେଁ; ଅନାତ୍ମୀୟ—3. Strange; not belonging to oneself.
୪ । ବିପକ୍ଷ; ବିପକ୍ଷତାଗ୍ରସ୍ତ—4. Hostile. (M. W.)

ପରକୀୟ ରସ—ସ. ବ—ପର ପୁରୁଷ ଓ ପର ସ୍ତ୍ରୀ ମଧ୍ୟରେ ଘଟିବା ପ୍ରଣୟ—
Parakīya rasa The attachment between a woman and her paramour.
ପରକୀୟ ପ୍ରଣୟ }
ପରକୀୟ ପ୍ରୀତି, } ଅନ୍ୟରୂପ
ପରକୀୟପ୍ରେମ }

ପରକୀୟ ସାଧନ(ନା)—ସ. ବ. (ବୈଷ୍ଣବ ସାହିତ୍ୟ)—
Parakīya sādhana(nā) ପରକୀୟା ନାୟିକାର ପରପୁରୁଷ ପ୍ରତି ଯେପରି ଗଭୀର ପ୍ରଣୟ ଥାଏ ଈଶ୍ୱରଙ୍କୁ ସେହିପରି ଏକାନ୍ତ ଅନୁରାଗସହ ଭଜିବା ପ୍ରଣାଳୀ—
Mode of being devoted with intense love to God like that of a woman to her paramour.

[ଦ୍ର—ଆଧୁନିକ ବୈଷ୍ଣବମାନେ ବିଷ୍ଣୁଙ୍କୁ ଭଜନା କରିବା ପାଇଁ ପରକୀୟା ନାୟିକାର ପରପୁରୁଷ ପ୍ରତି ପ୍ରଦର୍ଶିତ ସେବା ଓ ପ୍ରୀତିର ଉଦାହରଣ ଦିଅନ୍ତି । ଚୈତନ୍ୟଦେବ କଥାପ୍ରସଙ୍ଗରେ କହିଥିଲେ ଯେ ପରକୀୟା ନାୟିକା ଅର୍ଥାତ୍ ବିବାହିତା ସ୍ତ୍ରୀ ପରପୁରୁଷ ପ୍ରତି ଯେପରି ଗଭୀର ଅନୁରାଗ ଦେଖାଏ, ଭକ୍ତ ଭଗବାନଙ୍କଠାରେ ସେହିପରି ଭକ୍ତି ନ କଲେ ଭଗବତ୍‌ପ୍ରାପ୍ତି ଘଟେ ନାହିଁ । ଚୈତନ୍ୟଙ୍କ ପରବର୍ତ୍ତୀ ବୈଷ୍ଣବଧର୍ମାଧିକାରୀମାନେ ତାହାଙ୍କର ଏହି ଉକ୍ତିର ବିଶ୍ଳେଷଣରେ ରାଧିକା ଓ ଗୋପୀମାନେ ଶ୍ରୀକୃଷ୍ଣଙ୍କର ପରକୀୟା ନାୟିକା ଥିବାର ଦୋହାଇ ଦେଇ ପରକୀୟ ରସର ଆସ୍ୱାଦନକୁ ଭକ୍ତି ମାର୍ଗର ସାଧନ ପଥ ବୋଲି କାର୍ଯ୍ୟତଃ ଦେଖାଇଲେ ଏବଂ ତାହାର ଫଳରେ ସମାଜରେ ଉଚ୍ଛୃଙ୍ଖଳତା ଓ ବ୍ୟଭିଚାର ପ୍ରବେଶ କଲା ।]

ପରକୀୟା—ସଂ. ବି. ସ୍ତ୍ରୀ. (ପରକୀୟ + ଆ)—ପରକୀୟର ସ୍ତ୍ରୀଲିଙ୍ଗ—
Parakiyā Feminine of Parakiyā.
ସଂ. ବି. ସ୍ତ୍ରୀ. (ପରକୀୟ+ସ୍ତ୍ରୀ. ଆ)—
୧ । ପର ପୁରୁଷ ପ୍ରତି ଆକୃଷ୍ଟା ସ୍ତ୍ରୀ—
1. A woman devoted a paramour.
୨ । କାବ୍ୟବର୍ଣ୍ଣିତ ନାୟିକାବିଶେଷ—
2. A class of heroines described in love-stories.

[ଦ୍ର—ସଂସ୍କୃତ କାବ୍ୟମାନଙ୍କର ନାୟିକାମାନଙ୍କୁ ୩ ଶ୍ରେଣୀରେ ବିଭକ୍ତ କରାଯାଇଅଛି, ଯଥା—ସ୍ୱୀୟା ବା ସ୍ୱକୀୟା (ସ୍ୱାମୀ ପ୍ରତି ଆସକ୍ତା) ଅନ୍ୟା ବା ପରକୀୟା (ପରପୁରୁଷ ପ୍ରତି ଆସକ୍ତା), ସାଧାରଣସ୍ତ୍ରୀ (ବେଶ୍ୟା) । ପରକୀୟା ନାୟିକାଙ୍କର ଦୁଇ ଭେଦ; ଯଥା—ଅନୂଢ଼ା (ଅବିବାହିତା) ଓ ଊଢ଼ା (ବିବାହିତା) । ସ୍ୱେଚ୍ଛାକ୍ରମେ ପରପୁରୁଷଠାରେ ଆସକ୍ତା ସ୍ତ୍ରୀକୁ ଉଦ୍‌ବୁଦ୍ଧା ଓ ପର ପୁରୁଷର କୌଶଳ ବା ଚତୁରତାକ୍ରମେ ତାହାଠାରେ ଆସକ୍ତା ସ୍ତ୍ରୀକୁ ଉଦ୍‌ବୋଧିତା ବୋଲାଯାଏ । ପରକୀୟାଙ୍କର ପୁଣି ୬ ଭେଦ ଅଛି ଯଥା—ଗୁପ୍ତା, ବିଦଗ୍ଧା, ଲକ୍ଷିତା, କୁଲଟା, ଅନୁଶୟାନା ଓ ମୁଦିତା—ହି. ଶ.]

ପରକୁତ (ଇତ୍ୟାଦି)—ଗ୍ରା. ବି (ସଂ. ପ୍ରକୃତି)—
Parakuti (etc) ପ୍ରକୃତି ଇତ୍ୟାଦି (ଦେଖ)
ପରକିତି **परकिति** Prakruti etc (See)

ପର କୁତ୍ସା—ସଂ. ବି (୬ଷ୍ଠୀ ତତ୍; ପର + କୁତ୍ସା)—ପରର ନିନ୍ଦା—
Para kutsā Reviling a person.
(ପରନିନ୍ଦା, ପରଗ୍ଳାନି, ପରକୁତ୍ସନ—ଅନ୍ୟରୂପ)

ପର କ୍ଷଣ—ସଂ. ବି—ଅନ୍ୟ ମୁହୂର୍ତ୍ତ; ପରବର୍ତ୍ତୀ ସମୟ—
Para kshana Next moment.

ପର କ୍ଷେତ୍ର—ସଂ. ବି. (୬ଷ୍ଠୀ ତତ୍; ପର+କ୍ଷେତ୍ର)—୧ । ଅନ୍ୟର ଜମି—
Para kshetra 1. Another person's field.
୨ । ପର ସ୍ତ୍ରୀ—2. Another person's wife.
୨ । ଅନ୍ୟ ବ୍ୟକ୍ତିର ଶରୀର—
2. Another person's body.

ପରଖ—ଦେ. ବି (ସଂ. ପରୀକ୍ଷା; ପ୍ରା. ପରକ୍ଖ)—୧ । ପରୀକ୍ଷା—
Parakha 1. Test; trial; experiment.
परख, परोख् ସୁନାର ପରଖ ନାର—ରଧାନାଥ. ସରାତ ।

परख ୨ । ଗୁଣ ଦୋଷର ବିବେଚନା—2. Consideration; discrimination between right & wrong.
୩ । ପରୀକ୍ଷ; ଔଷଧର ଅନୁପାନ— .
3. A vehicle for a dose of medicine.

ପରଖ ଦେବା—ଦେ. କ୍ରି—୧ । ପରୀକ୍ଷା ଦେବା; ପରୀକ୍ଷିତ ହେବା ପାଇଁ
Parakha debā ଉପସ୍ଥିତ ହେବା—1. To appear at a test.
ପରଖ ଦେଓୟା **परख देना**
୨ । କୌଣସି ଔଷଧ ସେବନ କରିବା ପୂର୍ବରୁ ତହିଁରେ ମଧୁଆଦି ଅନୁପାନ ଯୋଗ କରିବା—2. To add a vehicle before taking a medicine.

ପରଖର—ଗ୍ରା. (ପଦ୍ୟ) ବିଣ—ପ୍ରଖର (ଦେଖ)
Parakhara Prakhara (See)
ଏତେ ବୋଲି ଚଳିଗଲେ ପରଖର – ଧାରୀ. ନଳ ଚରିତ ।

ପରଖା—ଦେ. ବି (ସଂ. ପରୀକ୍ଷା)—ପରଖ; ପରୀକ୍ଷା କରିବା—
Parakhā Testing.
ପରଖା ଦେ. ବିଣ—୧ । ପରୀକ୍ଷିତ—1. Tested.
परखाई ୨ । ପରୀକ୍ଷାକାରୀ; ଚତୁର—2. Testing.
ପରଖାଦ୍ୟର ଅଦେ ଏତେ ପରଖା ଲୋକ ହେଲେ ବ
परखवैया ଅରେ ଅରେ ଗୋପାଳି ତନ ପଡ଼େ—ଫକୀର ମୋହନ. ଗଳ୍ପସ୍ୱଳ୍ପ ।

ପରଖାଇବା—ଦେ. କ୍ରି—୧ —(ସଂ. ପର + ଖାଦ ଧାତୁ) ଅନାତ୍ମୀୟ ବ୍ୟକ୍ତି
Parakhāibā ଆପଣାର ଧନକୁ ଭୋଗ କରିବା—1 (out-
ପରେଖାଓୟା siders) To appropriate one's property or money.
परखाना
ପରଖାନା ୨ । ପରଖିବାର ଣିଜନ୍ତରୂପ—
2. Causative of Parakhibā.

ପରଖାଉ—ଦେ. ବି—ମଲ୍ଲାଙ୍ଗ (ଅନ୍ୟଗଛର ଖାଦ୍ୟରେ ବଞ୍ଚି ଥିବାରୁ)—
Parakhāu Parasitic plant; mistletoe.
ପରଗାଛା ଦେ. ବିଣ.—ପରୋପଜୀବୀ—
परगाछा Living upon others

ପରଖା ପରଖି—ଦେ. ବି.ଓ ବିଣ.—୧ । କଷାକଷି; ପରସ୍ପରର ପରସ୍ପରକୁ
Parakhā parakhi ପରୀକ୍ଷା କରିବା—1. Testing each other.
ପରଖା ପରଖି **परखा परखि**
୨ । ଭଲ ମନ୍ଦ ପରୀକ୍ଷା କରିବା ବା ବାଛିବା—
2. Testing; examining.
ଝିଙ୍କା ଟେଣା ଗଣି ଦେଖା ପରଖିରେ ଘଡ଼ିଏ ବିତିଗଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପରଖିଆ—ଦେ. ବିଣ.—ପରୋପଜୀବୀ—Living upon another;
Parakhia dependent; toady.

ପରଖିବା—ଦେ. କ୍ରି. (ସଂ. ପରୀକ୍ଷା —୧ । ପରୀକ୍ଷା କରିବା—
Parakhibā 1. To test; to experiment.
(ପରଖ କରିବା, ପରଖ ନେବା—ଅନ୍ୟରୂପ)
ପରଖକରା, ପରଖା **परखना**

ପରଗଚ୍ଛ(ଛି)—ଦେ. ବି. (ସଂ. ନାମ ବନାକ)—୧ । ମଲ୍ଲାଙ୍ଗ—
Paragachha (chhi) 1. Mistletoe.
ପରଗାଛା ୨ । ନିର୍ମୁଳୀ (ଦେଖ)
परगाछा, बाँदा 2. Nirmuli (See)

ପରଗଣ—ଦେ. ବି.—ପ୍ରବାସ—
Paragana Sojourn.
ପରଦେଶ **परदेश** ମୋର ସାଇଁ ଗଲେ ପରଗଣ, କହିଁ କହିଁ କହିଁ !—ଶିଶୁଗୀତ ।

ପରଗଣା(ନା)(ନ୍ନା)—ବୈଦେ. ବି.(ଫା. ପରଗନା; ଭୁଲ ସ. ପରଗଣ= Paraganā(nā)(nnā) ଗୃହ)—ଜିଲ୍ଲାର ରାଜସ୍ୱ ବିଭାଗ; ପ୍ରଗଣା; ଚକଲା—Fiscal subdivision of a district; pergunna.
পরগনা, পরগণা **परगना**
[ଦ୍ର—ମୁସଲମାନ୍ ରାଜତ୍ୱରେ ଏ ରାଜସ୍ୱ ବିଭାଗ ହୋଇଥିଲା; ଏହା ଆଜି ପର୍ଯ୍ୟନ୍ତ ମଧ୍ୟ ଚଳୁ ଅଛି । କେତେଗୁଡ଼ିଏ ମଉଜାର ସମଷ୍ଟି ପରଗଣା; ଗୁଡ଼ିଏ ପରଗଣାର ସମଷ୍ଟି ଥାନା; ଗୁଡ଼ିଏ ଥାନାର ସମଷ୍ଟି ତହସିଲ; ଗୁଡ଼ିଏ ତହସିଲର ସମଷ୍ଟି ଜିଲ୍ଲା ।]

ପରଗଣେ—ଦେ. ଅ. (କଟକିଆ)—ପ୍ରଗଣେ (ଦେଖ)
Paragane Pragane (See)

ପରଗ୍ରନ୍ଥି—ସ. ବି.—୧ । ଆଙ୍ଗୁଳିର ଗଣ୍ଠି—
Paragranthi 1. Finger joint.
୨ । ଆଙ୍ଗୁଠିର ପବ—2. Internode of the finger.

ପର ଗ୍ଲାନି—ସ. ବି. (୬ଷ୍ଠୀ ତତ୍; ପର+ଗ୍ଲାନି)—ପରର ନିନ୍ଦା; Para glāni ପରାପବାଦ—Slander; backbiting.
(ପରନିନ୍ଦା—ଅନ୍ୟରୂପ)

ପରଘଟ—ଗ୍ରା. ବିଣ. (ସ. ପ୍ରକଟିତ)—ପ୍ରକଟିତ; ସର୍ବତ୍ର ପ୍ରକାଶିତ—
Paraghaṭa Widely published; published broadcast.
প্রকট **परघट**

ପର ଘର—ଦେ. ବି.—୧ । ଅନ୍ୟ ବ୍ୟକ୍ତିର ଘର—
Para ghara 1. Another person's house.
পরের ঘর ୨ । ଅନ୍ୟ ବ୍ୟକ୍ତିର ପରିବାର—
दुसरेका घर 2. Another person's family.

ପରଘର କରି ଦେବା—ଦେ. କ୍ରି.—ଅନ୍ୟ ବ୍ୟକ୍ତିର ସଂସାର ଉପର Paraghara kari debā ଚଳିବ ଭାର ବ୍ୟବସ୍ଥା କରି ଦେବା—To arrange for the wellbeing of another person's household or family.

ପରଘର ପଶା—ଦେ. ବି. ପୁଂ. (ଗାଳି)—୧ । ଚୋର—
Paraghara pasā 1. Thief.
(ପରଘର ପଶୀ—ସ୍ତ୍ରୀ) ୨ । ପରାନ୍ନଭୋଜୀ ବ୍ୟକ୍ତି—
2. A hanger on.
୩ । ଲମ୍ପଟ ବ୍ୟକ୍ତି—3. An adulterer; a lecher.
ଦେ. ବିଣ—ଯେ ପରର ଗୃହରେ ପ୍ରବେଶ କରେ—
Entering another person's house.

ପରଘର ବୁଡ଼ା—ଦେ. ବିଣ. ପୁଂ—୧ । ଯେ ଅନ୍ୟ ବ୍ୟକ୍ତିର ସର୍ବନାଶ Paraghara burḍā ଘଟାଏ—1. Bringing about ruin to another's family.
(ପରଘର ବୁଡ଼େଇ—ସ୍ତ୍ରୀ)
୨ । ଯେ ଅନ୍ୟ ବ୍ୟକ୍ତିର ପରିବାର ନାମରେ କଳଙ୍କ ରଟନା ବା ଦୋଷାରୋପ କରେ—2. Publishing scandals regarding another's family; scandal-monger.

ପରଘର ଭଙ୍ଗା—ଦେ. ବିଣ. ପୁଂ—୧ । ଯେ ଅନ୍ୟ ବ୍ୟକ୍ତିର ପରିବାର Paraghara bhaṅgā ମଧ୍ୟରେ କଳହ-ବୀଜ ରୋପଣ କରେ—
(ପରଘର ଭଙ୍ଗେଇ—ସ୍ତ୍ରୀ) 1. One who sows seeds of dissension and disruption in another's family.
୨ । ଯେ ଅନ୍ୟ ବ୍ୟକ୍ତିର ସର୍ବନାଶ କରେ—2. One who brings about ruin to another's family.

ପରଙ୍ଗ—ଦେ. ବି. (ନାମ)—ଖୁରୀଜିଲ୍ଲା ଖୋର୍ଦ୍ଧା ସବ୍‌ଡିଭିଜନର ପ୍ରସ୍ତରମୟ Paraṅga ବା ଟାଙ୍ଗି ଅଞ୍ଚଳ—The general name of the high lands of Khurdhā Subdivision which are of a high level and watered by springs and produce good paddy crop every year.
[ଦ୍ର—ଏ ଅଞ୍ଚଳ ନିର୍ଝରବହୁଳ ଥିବାରୁ ଏଥିର କ୍ଷେତ୍ରମାନଙ୍କରେ ଝର ପାଣି ମାଡ଼େ ଓ ଭଲ ଧାନ ଫସଲ ହୁଏ; ବେଶି ବର୍ଷା ହେଲେ ଏ ସ୍ଥାନ ଉଚ୍ଚ ଥିବାରୁ ପାଣି ଜମା ହୋଇ ରହେ ନାହିଁ । ଅତଏବ ଏ ଅଞ୍ଚଳକୁ ଧୋଇ ବା ମରୁଡ଼ି ବାଧେ ନାହିଁ ।]

ପରଙ୍ଗିଆ—ପ୍ରାଦେ. (ପୁରୀ) ବିଣ—୧ । ପରଙ୍ଗ ଅଞ୍ଚଳୀୟ—
Paraṅgiā 1. Relating of Paraṅga.
୨ । (ଲକ୍ଷଣାର୍ଥ) ଓଲା; ନିର୍ବୋଧ—
2. (figurative) Stupid; foolish.

ପରଚ(ଚେ)—ଗ୍ରା. ବି. (ସ. ପରିଚୟ)—ଚିହ୍ନା; ପରିଚୟ—
Paracha(che) Acquaintance.
পরিচয়, চেনা ଅର୍ଦ୍ଧ ପରଚେ ହୋଇଛି ସତ
परचै, परचैं, परचत କୋହ୍ନିଛ ଦେବ ଅଙ୍ଗ ନିଶ୍ଚିତ—
ଭକ୍ତ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
(ପରେଚ—ଅନ୍ୟରୂପ) ଦେ. ବିଣ—ପରିଚିତ—Acquainted.
ତୋତେ ଭୁବନ ପରଚେ ହୋଇବୁ—ପ୍ରାଚୀ. ପରଚେଗୀତା ।

ପରଚଖା—ପ୍ରାଦେ. (ମେଦିନୀପୁର) ବି—କାଞ୍ଜିପାଣି (ଦେଖ)
Parachakhā Kāñjipāṇi (See)

ପରଚଣ୍ଡ—ଗ୍ରା. (ପଦ୍ୟ) ବିଣ—ପ୍ରଚଣ୍ଡ (ଦେଖ)
Parachaṇḍa **परचंड** Prachaṇḍa (See)
ଏହା ଶୁଣି ଶୁଣି ଯେ ବଳ ପରଚଣ୍ଡେ
କାମଦେବ ଉଷ୍ଟିକି କହିଲେକ କାଣ୍ଡେ—କୃଷ୍ଣସିଂହ, ମହାଭାରତ, ବନ ।

ପରଚଣ୍ଡା—ଗ୍ରା. (ପଦ୍ୟ) ବିଣ—ପ୍ରଚଣ୍ଡ (ଦେଖ)
Parachaṇḍā Prachaṇḍa (See)
ଚନ୍ଦ୍ରଚୂଡ଼ ଶର ତ ଯୁଦ୍ଧେ ପରଚଣ୍ଡା
ଛାଡ଼ିବେ ଶର ସୈନ୍ୟ ଧର ସର ଖଣ୍ଡା—କୃଷ୍ଣସିଂହ, ମହାଭାରତ, ବନ ।

ପରଚରିବା—ଗ୍ରା. (ପଦ୍ୟ) କ୍ରି. (ସ. ପ୍ରଚର)—ପ୍ରଚରିବା; ହେବା; **Paracharibā** ଘଟିବା—To come into existence.
ବର୍ଣ୍ଣିଲେ ଏରୂପେ ସୁଅଙ୍ଗ ପରଚରେ—ଉପେ. ବୈଦେହୀଶବିଳାସ ।

ପର ଚର୍ଚ୍ଚା—ସ. ବି.(୬ଷ୍ଠୀ ତତ୍; ପର+ଚର୍ଚ୍ଚା)—ଅନ୍ୟ ବ୍ୟକ୍ତି ବିଷୟରେ Para charchchā ଆଲୋଚନା—Discussion on the affairs or suject of others.

ପରଚ୍ଚ—ବୈଦେ. ବ. (ଫା. ପର୍ଚ୍ଚ)—ପାର୍ଚ୍ଚ; ବନ୍ଦୋବସ୍ତ ଖାନାପୁରୀ
Parachā ଅମୀନ ରଇୟତ ଜମିର ଯେଉଁ ପ୍ରାଥମିକ ବିବରଣଲିପି
পার্চা **परचा** ପ୍ରଜାଙ୍କୁ ଦିଅନ୍ତି—A slip of paper given to a rayat by a Settlement Amina.

ପରଚ(ଚେ)ଇବା—ଦେ. କ୍ରି. (ସଂ. ପରିଚୟ)—୧ । ପରିଚିତ
Paracha(che)ibā କରାଇବା—
1. To cause to be acquainted with.
୨ । ଜଣାଇବା—2. To inform.
୩ । ପଡ଼ଚୁଆ ଦେବା—
3. To make sinister innuendoes.

ପରଚାର—ଗ୍ରା. (ପଦ୍ୟ) ବ. (ସଂ. ପ୍ରଚାର)—ପ୍ରଚାର (ଦେଖ)
Parachāra প্রচার **परचार** Prachāra (See)
ଭଣନ୍ତି ବଇଦେହି ପରଚାର କରାଇ ଉରଙ୍ଗବଣେ—
ଅଭିମନ୍ୟୁ. ବଦଗ୍ଧଚନ୍ତାମଣି ।

ପରଚାରିବା—ଗ୍ରା. (ପଦ୍ୟ) କ୍ରି. (ସଂ. ପ୍ରଚାର)—ପ୍ରଚାର କରିବା—
Parachāribā পরচারা **परचारना** To publish.

ପରଚାଲି—ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ) ବ—ଲଙ୍ଗଳର ଯୁଆଳିର
Parachāli ବାଙ୍କୁଲି (ଯାହାର ମୁହଁ ତଳଆଡ଼କୁ ହୋଇଥାଏ)—The wooden pins attached to the ends of the yoke of a plough.

ପରଚିତ୍ତ ପର୍ଯ୍ୟାୟ ଜ୍ଞାନ—ସଂ. ବ—ଅନ୍ୟର ମନୋଗତ ଭାବକୁ ଜାଣି
Parachitta parjyāya jñāna ପାରିବା (ହି.ଶ.)—Divining at the thoughts of others; thought-reading.

ପରଚିବା—ଦେ. କ୍ରି. (ସଂ. ପରିଚୟ)—୧ । ପରିଚୟ ଦେବା—
Parachibā 1. To introduce a person to another.
୨ । ଚିହ୍ନା ଦେବା—2. To give out one's identity.

ପରଚୁଆ—ଦେ. ବ—ପଡ଼ଚୁଆ (ଦେଖ)—
Parachuā Pardachuā (See)

ପରଚୂଳ(ଳା)(ଲ)—ଦେ. ବ—କୃତ୍ରିମ କେଶ; ଛଦ୍ମ ବେଶ ପାଇଁ ପରିହୃତ
Parachūḷa(ḷā)(la) କେଶ—Wig; periwig; false hair
পরচুলা **बालोंकी टोपी**

ପରଚ୍ଛନ୍ଦ—ସଂ. ବ. (୬ଷ୍ଠୀ ତତ୍; ପର+ଛନ୍ଦ=ଇଚ୍ଛା, ଅଭିଳାଷ; ଛ
Parachchhanda ସ୍ଥାନରେ ସନ୍ଧିଦ୍ୱାରା ଚ୍ଛ)—ପରର ଅଭିପ୍ରାୟ—
Another's will or intention.
ସଂ. ବଣ (ବହୁବ୍ରୀହି)—ପରବଶ; ପରାଧୀନ—
Dependent on another.

ପରଚ୍ଛନ୍ଦାନୁବର୍ତ୍ତୀ—ସଂ. ବଣ. ପୁଂ. (ପରଚ୍ଛନ୍ଦ+ଅନୁବର୍ତ୍ତିନ୍;=ପରଚ୍ଛନ୍ଦାନୁ-
Parachchhandānubartti ବର୍ତ୍ତିନ୍, ୧ମା. ୧ବ)—
(ପରଚ୍ଛନ୍ଦାନୁବର୍ତ୍ତିନୀ - ସ୍ତ୍ରୀ) ୧ । ପରାଧୀନ—1. Dependent on another.
(ପରଚ୍ଛନ୍ଦାନୁବର୍ତ୍ତିତା—ବ)
୨ । ଯେ ପରର ମନ ଜଗି କାମ କରେ—
2. Acting according to the pleasure or dictates of another.
୩ । ଖୋସାମଦିଆ—3. Sycophant; flattering.

ପରଚ୍ଛିଦ୍ର—ସଂ. ବ. (୬ଷ୍ଠୀ ତତ୍; ପର+ଛିଦ୍ର; ସନ୍ଧି ଯୋଗୁଁ 'ଛ' ସ୍ଥାନରେ
Parachchhidra 'ଚ୍ଛ')—୧ । ଅନ୍ୟବ୍ୟକ୍ତିଙ୍କର ଦୋଷ—
1. Other people's faults or weak points.
୨ । ଅନ୍ୟ ବ୍ୟକ୍ତିର ଗୁପ୍ତ କଥା—
2. The secrets of others.

ପରଚ୍ଛିଦ୍ରାନୁସାରୀ—ସଂ. ବଣ. ପୁଂ. (ପରଚ୍ଛିଦ୍ର+ଅନୁସାରିନ୍;ପରଚ୍ଛିଦ୍ରାନୁସାରିନ୍
Parachchhidrānusāri ୧ମା. ୧ବ)—ଯେ ପରର ଦୋଷ
(ପରଚ୍ଛିଦ୍ରାନୁସାରିଣୀ—ସ୍ତ୍ରୀ) ଧରେ—Fault-finding;cavilling.
(ପରଚ୍ଛିଦ୍ରାନୁସାରିତା—ବ)

ପରଚ୍ଛିଦ୍ରାନ୍ୱେଷଣ—ସଂ. ବ. (୬ଷ୍ଠୀ ତତ୍; ପରଚ୍ଛିଦ୍ର+ଅନ୍ୱେଷଣ)—
Parachchhidrānweshaṇa ପରର ଦୋଷ ଖୋଜି ବୁଲିବା—
Seeking for a hole in other peoples' coats.

ପରଚ୍ଛିଦ୍ରାନ୍ୱେଷୀ—ସଂ. ବଣ. ପୁଂ. (ପରଚ୍ଛିଦ୍ରାନ୍ୱେଷିନ୍ ୧ମା. ୧ବ)—
Parachchhidrānweshi ପରଦୋଷ ଖୋଜିବୁଲିବା (ବ୍ୟକ୍ତି)—
(ପରଚ୍ଛିଦ୍ରାନ୍ୱେଷିଣୀ—ସ୍ତ୍ରୀ) Seeking for others' faults.
(ପରଚ୍ଛିଦ୍ରାନ୍ୱେଷିତା—ବ)

ପରଚ୍ଛାଇ—ଦେ. ବ. (ସଂ. ପ୍ରତିଚ୍ଛାୟା)—ଦର୍ପଣ ଓ ପାଣିଆଦିରେପଡ଼ିବା
Parachhāi କୌଣସି ବସ୍ତୁର ଛାୟା; ପ୍ରତିବିମ୍ବ—
প্রতিবিম্ব Image of a thing on mirror or water;
परछाइँ reflected image.

ପରଛିତ(ତି)—ଦେ. ବ—୧ । ପାଚେରି; ପ୍ରାଚୀର—
Parachhit(ti) 1. Compound wall.
परछती ୨ । ଛପର ହୋଇଥିବା ମାଟି ପାଚେରି—
परछत्ती 2. A thatched compound wall of earth.

ପରଛିଦ୍ର—ଦେ. ବ. (ସଂ. ପରଚ୍ଛିଦ୍ର)—୧ । ପରର ଦୋଷ—
Parachhidra Other peoples' faults or weak points.
পরের ছিদ্র **दुसराकाछिद्र**
ଚହୁଁ କ ଶକୁନ୍ତଳା ବୋଇଲେ ଶକ୍ରକ
ପରଛିଦ୍ର ସୋରସ ସୁମାଣେ ଅଲେ ସେକ । କୃଷ୍ଣସିଂହ. ମହାଭାରତ ଆଦ ।
୨ । ପରର ଗୁପ୍ତ କଥା—2. Other peoples' secrets.

ପରଜ—ଦେ. ବ. (ସଂ. ପରାଜିକା)—ସଙ୍ଗୀତର ରାଗବିଶେଷ—
Paraja A musical tune.
পরজ [ଦ୍ର—ଏହା ଗାନ୍ଧାର, ଧନାଶ୍ରୀ ଓ ମାରୁ ରାଗର ମିଳନରେ
परज ଜାତ । ରାତ୍ରି ୧୧ ଦଣ୍ଡ ଠାରୁ ୧୫ ଦଣ୍ଡ ପର୍ଯ୍ୟନ୍ତ ଏହା ଗେୟ । ଏଥିରେ ଋଷଭ, ଧୈବତ କୋମଳ ଓ ମଧ୍ୟମ ତୀବ୍ର ସ୍ୱର ଲାଗେ । ଏହା ହିନ୍ଦୋଲରାଗର ସହଚରୀ—ହି. ଶ.]
ସଂ. ବଣ. (ପର+ଜନ୍ ଧାତୁ+କର୍ତ୍ତୃ. ଅ)—ପରଠାରୁ ଜାତ—
(ପରଜା—ସ୍ତ୍ରୀ) Born of another.
ସଂ. ବ—ପରଞ୍ଜ (ଦେଖ)—Parañja (See)

ପର ଜଞ୍ଜାଳ—ଦେ. ବ—ଅନ୍ୟ ବ୍ୟକ୍ତିର ଜଞ୍ଜାଳ—
Para jañjāla Another's trouble or complication.

ପରଜଞ୍ଜାଳିଆ—ଦେ. ବଣ—ଯେ ପରର ଜଞ୍ଜାଳ ବା ଦୁଃଖରେ ପାଣ୍ଡିହୁଏ-
Parajañjāliā Troubled with other peoples' troubles or affairs.
(ପରଜଞ୍ଜାଳୀ, ପରଜଞ୍ଜାଳେଈ—ସ୍ତ୍ରୀ)
(ପରଜଞ୍ଜାଳ—ଅନ୍ୟରୂପ)

ପରଜଣା—ପ୍ରାଦେ· (ଗଞ୍ଜାମ) ବ—ଛୁଙ୍କ (ଦେଖ)
Parajaṇā Chhuṅka (See)

ପରଜନ—ସଂ. ବ—୧ । ଶତ୍ରୁ—1. Enemy.
Parajana ୨ । ଅନ୍ୟ ବ୍ୟକ୍ତି—2. Another person.

ପରଜ(ଜ୍ୱ)ଳିବା—ଦେ. (ପଦ୍ୟ) କ୍ରି. (ସଂ. ପ୍ରଜ୍ୱଳନ)—୧ । ଜଳିବା—
Paraja(jwa)ḷibā 1. To burn.
পরজ্বালা ୨ । (ଲକ୍ଷଣାର୍ଥ) କ୍ରୋଧରେ ପ୍ରଚଣ୍ଡ ହେବା—
परजरना 2. (figurative) To fire in anger; to become furious with anger.

ଶୁଣି ଅସୁରେ ପରଜ୍ୱଳି ସେସନେ ସମ୍ଭ୍ରମେ ଉଚ୍ଛୁଳି । ଜଗନ୍ନାଥ, ଭାଗବତ ।

ପରଜା—ଗ୍ରା. (ପଦ୍ୟ) ବ. (ସଂ. ପ୍ରଜା)—୧ । ରଇତ; ପ୍ରଜା—
Parajā 1. Tenant; subject; royat.
প্রজা परजा

ହସ୍ତିନାକୁ ଆଇଲେ ସମସ୍ତ ପରଜା । କୃଷ୍ଣସିଂହ, ମହାଭାରତ, ବନ ।

୨ । ପରଝା (ଦେଖ)—2. Parajhā (See)
୩ । ଗୋଣ୍ଡ୍ରୀ ଭାଷାର ଏକ ଭାଷା—
3. A dialect of the Goṇḍi language.
୪ । ବିଶାଖାପାଟଣାର ଜୟପୁର ଆଦି ମାଲ ଅଞ୍ଚଳମାନଙ୍କରେ ବାସ କରୁଥିବା ଓଡ଼ିଆଭାଷୀ ଅନାର୍ଯ୍ୟ ଜାତିବିଶେଷ—
4. A non-aryan people living in the agency tracts of Vizag district.

[ଦ୍ର—ଏମାନଙ୍କ ସଂଖ୍ୟା ବିଶାଖାପାଟଣା ଜିଲ୍ଲାର ଲୋକସଂଖ୍ୟାର ଶତକଡ଼ା ୫ ।]

୫ । ବସ୍ତର ଅଞ୍ଚଳର କୃଷକ ଜାତିବିଶେଷ—
5. A caste of agriculturists in Bastar.

ପରଜାପତି—ଗ୍ରା. ବ. (ସଂ. ପ୍ରଜାପତି)—୧ । ବ୍ରହ୍ମା—
Parajāpati 1. Brahma.

ଅନ୍ୟ ଯେ ପରଜାପତି, ବରକୁ କନ୍ୟା ଘଟାସନ୍ତି । ଭଗ ।

୨ । ସୁନ୍ଦର-ପକ୍ଷଯୁକ୍ତ ପୋକବିଶେଷ—2. Butterfly.

ପରଜା ପାଟକ—ଗ୍ରା. ବ. (ସଦର)—ରାଜ୍ୟବାସୀ ପ୍ରଜା ଓ ନାନାଜାତୀୟ
Parajā pāṭaka ବ୍ୟକ୍ତିଗଣ—Subjects and people of different classes in a kingdom.

ପରଜି(ଝି)ବା—ଦେ. କ୍ରି—ତିଅଣକୁ ବଘାରିବା ବା ଫୁଟେଇବା—
Paraji(jhi)bā To curry; to fry or season curry
[ପରଜା (ଝା)ଇବା—ଅନ୍ୟରୂପ] with oi or ghee and spices.
ছোঁকা बघारना, छौंकना

ଘିଅ ହେଙ୍ଗୁ ମସଲଆଦି ପରଜାଇ
ତେଲେ ବିକ ଭୁଞ୍ଜିବା ପାତ୍ରକରେ ନେଇ । କୃଷ୍ଣସିଂହ ମହାଭାରତ ସଭା ।

ପରଝା—ଦେ. ବ—ତିଅଣକୁ ବଘାରିବା କର୍ମ—The process of
Parajhā seasoning curry with oil or ghee and spices.
ছোঁক छौंक; तड़का

ପର ଝିଅ—ଦେ. ବ—୧ । ଅନ୍ୟ ବ୍ୟକ୍ତିର ଦୁହିତା—
Para jhia 1. Another's daughter.
পরের মেয়ে ୨ । ବୋହୂ; ଅନ୍ୟ ପରିବାରରୁ ଆପଣା ପରିବାରକୁ
दुसराकी लड़की ବଧୂ ରୂପେ ଆଗତା କନ୍ୟା—
2. Daughter-in-law.

ପରଞ୍ଜ—ପ୍ରାଦେ. (ଗଞ୍ଜାମ) ବ—ଘର ଛାଅର ସମୟରେ କାଠଆଦିକୁ
Parañja ଗୃହକୁ ଉଠାଇ କାମ କରିବା ପାଇଁ ଛାଅର କରାଯିବା ଭାଡ଼ ବା ମଞ୍ଚ—A temporary platform or scaffolding made of planks to enable workmen to work high up in side the thatchframe.

ସଂ. ବ. (ପରଂ=ପରକୁ+ଜି ଧାତୁ=ଜୟ କରିବା+କର୍ତ୍ତୃ.ଅ)—
୧ । ତେଲ ଘଣା (ପ୍ରକୃତିବାଦ)—1. Oil mill.
୨ । ଛୁରୀର ଧାର—2. Sharp edge of knife.
୩ । ଫେଣ—3. Froth; foam.

ପରଞ୍ଜୟ—ସଂ. ବ. (ପରଂ=ଶତ୍ରୁକୁ+ଜି ଧାତୁ=ଜୟ କରିବା+କର୍ତ୍ତୃ.
Parañjaya ଅ)—ଶତ୍ରୁ ଜୟକାରୀ; ରିପୁଞ୍ଜୟ—
The vanquisher of one's enemies.

ପରଞ୍ଜା—ପ୍ରାଦେ. (ଗଞ୍ଜାମ) ବ—ଗୃହ ଘରର ରୁଅ; ରୁଅ—
Parañjā Rafters of a thatched house.

ପରଟ(ଠା)—ଦେ. ବ.(ସଂ. ପ୍ରଲୋଠନ)—ଘିଅ ବୋଳା ଯାଇ ସେକାଯାଇ
Paraṭa(ṭhā) ପରସ୍ତ ପରସ୍ତ ଭାଙ୍ଗ କରି ଯାଇଥିବା ରୁଟି—
(ପରେଠା, ପରୋଠା—ଅନ୍ୟରୂପ) A flat bread or pie be
পরোটা, পরটা smeared with ghee and made into many folds.
पराँठा

ପରଢାଲ—ପ୍ରାଦେ. (ସମ୍ବଲପୁର) ବ—ତୁହା—
Paraḍhālā A badge.

ପରଣ—ଦେ. ବ· (ସଂ. ପରିଧାନ)—୧ । ପରିଧାନ; ପିନ୍ଧିବା—
Paraṇa 1. Wearing.
(ପହରଣ—ଅନ୍ୟରୂପ) ୨ । ପିନ୍ଧା; ପିନ୍ଧିବା ଲୁଗା—
পরন্ पहनावा 2. Cloths worn.
୩ । ଲୁଗା ପିନ୍ଧିବାର ଢଙ୍ଗ—
3. Mode of wearing cloth or dressingo.

ପରଣାମ୍—ଗ୍ରା. (ପଦ୍ୟ) ବ. (ସଂ. ପ୍ରଣାମ)—ପ୍ରଣାମ (ଦେଖ)
Paraṇām পেনাম परनाम Praṇāma (See)

ପରଣାମିବା—ଗ୍ରା. (ପ୍ରାଚୀନ ପଦ୍ୟ) କ୍ରି. (ସଂ. ପ୍ରଣାମ)—
Paraṇāmibā ପ୍ରଣାମ କରିବା—To bow down.
পেনামকরা ସୁଖେ ବସିଲେ ମନ ଗଣେ, ପୁଣି ହେଁ ରଜା ପରଣାମେ ।
परनामना ଜଗନ୍ନାଥ, ଭାଗବତ ।

ପରଣାମୀ—ଗ୍ରା. ବ—ପ୍ରଣାମୀ (ଦେଖ)
Paraṇāmi পেনামী परनामी Praṇāmi (See)

ପରତ—ଦେ. ବ. (ସଂ. ପ୍ରସ୍ତ; ପତ୍ର; ପଟଳ)—
Parata ୧ । ସ୍ତର; ତବକ—1. Layer.
পরত ୨ । ପ୍ରସ୍ତ; ଭାଙ୍ଗ—2. Fold; plait.
परत ୩ । (ସଂ. ପ୍ରତ୍ୟୟ) ପରତେ (ଦେଖ)
3. Parate (See)

ପରତଃ—ସଂ. ଅ. (ପର+ତସ୍)—
Parataḥ ୧ । ପରଲୋକରେ—1. In the existence after death.

୨ । ପରଠାରୁ—2. From another.

୩ । ଭବିଷ୍ୟତରେ—3. In future.

୪ । ପରୋକ୍ଷରେ—4. Indirectly.

ପରତଃ ପ୍ରମାଣ—ସଂ. ବି. (ବହୁବ୍ରୀହି; ପରତଃ+ପ୍ରମାଣ)—
Parataḥ pramāṇa ଯାହା ସ୍ୱତଃ ପ୍ରମାଣିତ ନୁହେଁ; ପରୋକ୍ଷରେ ପ୍ରମାଣିତ; ଯାହା ଅନ୍ୟ ପ୍ରମାଣର ଅପେକ୍ଷା ରଖେ—
Not self-evident; requiring other proof.

ପରତକ୍ଷ—ଗ୍ରା. ବିଣ. (ସଂ. ପ୍ରତ୍ୟକ୍ଷ)—ପ୍ରତ୍ୟକ୍ଷ—
Parataksha Direct; seen with one's own eyes.
ପରତେକ परतच्छ

ପରତଚ୍ଛୁ(ଛୁ)—ଗ୍ରା. ବି. (ସଂ. ପ୍ରତିଚକ୍ଷୁଃ)—ପ୍ରତିଚକ୍ଷୁ; ଚଷମା—
Paratachhu(chchhu) Spectacles.

ପର ତନ୍ତ୍ର—ସଂ. ବିଣ. (ପର+ତନ୍ତ୍ର=ଅଧୀନ)—ପରାଧୀନ; ପରବଶ—
Para tantra Dependent on or subject to another.

ପରତଳା(ଲା)—ଦେ. ବି—୧ । ଚମଡ଼ାର ବା କନାର ଯେଉଁ ପଟି କାନ୍ଧ
Paratal̄ā(lā) ବାଟେ ଅଣ୍ଟା ପର୍ଯ୍ୟନ୍ତ ପଇତା ପରି ଲମ୍ବି ଥାଏ ଓ
ପରତାଲା परतला ଯହିଁରେ ତରବାରୀ ଓ ସଙ୍ଗୀନ୍ ଆଦି ଲଟକା ଯାଏ—
1. A leathern or cloth band or strap which is worn along one shoulder and reaches the other side of the waist and from which a sword is suspended; a shoulder-belt.

୨ । ପିଆଦାଙ୍କ ଚୋପା—2. Peon's badge or belt.

ପରତା(ତେ)ଇବା—ଦେ. କ୍ରି. (ସଂ. ପ୍ରସ୍ତ; ପସ୍ତ)—
Paratā(te)ibā ପ୍ରସ୍ତ ପ୍ରସ୍ତ କରି ଭାଙ୍ଗିବା—
ତହକରା तहकरना To fold in layers.

ପରତାପ—ଗ୍ରା. (ପଦ୍ୟ) ବି. (ସଂ. ପ୍ରତାପ)—ପ୍ରତାପ (ଦେଖ)
Paratāpa Pratāpa (See)
ପରତାପ ଦକ୍ଷିଣର ପରତାପେ ଘନ ଘୁର ହେଉଁ କରନ୍ତ କମ୍ପିତୁହେ ।
परताप ବଳରାମ, ଚଉଦ ଗ୍ରନ୍ଥାବଳୀ ।

ପରତାପୀ—ଗ୍ରା. (ପଦ୍ୟ) ବିଣ. (ସଂ. ପ୍ରତାପୀ)—ପ୍ରତାପୀ; ପ୍ରତାପବାନ୍—
Paratāpi Powerful; mighty.
ମହା ପରତାପୀ ସ୍ୱୟେ କ୍ଷେମ କେଶରୀ । ଦ୍ୱାତି. ପ୍ରତାପ ଶଶିରେଖା ।

ପରତାଲ (ଇତ୍ୟାଦି)—ଦେ. ବି—ପ୍ରତାଲ ଇତ୍ୟାଦି (ଦେଖ)—
Paratāla (etc) Pratāla etc. (See)
ପରତାଲ परताल

ପରତା(ଲା)ଲା—ଦେ. ବି—ପରତଳା (ଦେଖ)
Paratā(lā)lā Paratalā (See)

ପରତାଲିବା—ଗ୍ରା. କ୍ରି—ପ୍ରତାଲ କରିବା—
Paratāliba To test by remeasurement.
ପରତାଲକରା परताल करना

ପରତିଜ୍ଞା—ଗ୍ରା. ବି. (ସଂ. ପ୍ରତିଜ୍ଞା)—
Paratijñā ୧ । ପ୍ରତିଜ୍ଞା—Vow.
ପରତିଜ୍ଞା परतिज्ञा ୨ । କ୍ଷମତା—2. Power.

ପରତୀତ—ଗ୍ରା. (ପଦ୍ୟ) ବିଣ. (ସଂ. ପ୍ରତୀତ)—ପ୍ରତୀତ (ଦେଖ)
Paratita Pratita (See)
ପରତୀତ ମନ ଧନ ରେଉ ପରତୀତ ଗୋ ।
परतीत ଅଭିମନ୍ୟୁ, ବଦଗ୍ଧଚିନ୍ତାମଣି ।

ପରତୀତି—ଗ୍ରା. (ପଦ୍ୟ) ବି. (ସଂ. ପ୍ରତୀତି)—ପ୍ରତୀତି (ଦେଖ)
Paratiti Pratiti (See)
ପରତୀତ ରଙ୍ଗ ମୁଦ୍ରିକା ଚକିତ ଅନଙ୍ଗ-ଲତା-ପଞ୍ଚ ପରତୀତ ଗୋ ।
परतीत ଅଭିମନ୍ୟୁ, ବଦଗ୍ଧ ଚିନ୍ତାମଣି ।

ପରତେ—ଦେ. ବି. (ସଂ. ପ୍ରତ୍ୟୟ)—୧ । ପ୍ରତେ; ବିଶ୍ୱାସ—
Parate 1. Confidence; trust; faith; belief.
୨ । ଅନୁମାନ—2. Guess; inference.
ପତ୍ୟାରା ମତେ ଏହିରୂପେ ହେଉଅଛି ପରତେ ।
पतियारा କୃଷ୍ଣସିଂହ. ମହାଭାରତ. ଦଣ୍ଡ ।

ପରତେ(ତ୍ୟେ)କ(କେ)—ଗ୍ରା. ସର୍ବ. (ସଂ. ପ୍ରତ୍ୟେକ)—ପ୍ରତ୍ୟେକ—
Parate (tye)ka(ke) Each.

ପରତେ ଯିବା—ଦେ. କ୍ରି.—୧ । ବିଶ୍ୱାସ କରିବା—
Parate jibā 1. To believe.
ପରତେ କରିବା } ଅନ୍ୟରୂପ ପରତେ ଯିବ ସବୁ କଥା ଜାଣ ତେବେ ।
ପରତେ ପାଇବା } କୃଷ୍ଣସିଂହ. ମହାଭାରତ. ବନ ।
ପତ୍ୟାରା କରା पतियाना ୨ । ଅନୁମାନ କରିବା—2. To guess.

ପରତ୍ୱ(ତା)—ସଂ. ବି. (ପର+ଭାବାର୍ଥରେ ତ୍ୱ)—୧ । ପ୍ରଭେଦ—
Paratwa(tā) 1. Difference.
୨ । ଶତ୍ରୁତା—2. Hostility.
୩ । ଅନାତ୍ମତ୍ୱ—3. The state of being foregin or strange.
୪ । (ନ୍ୟାୟଶାସ୍ତ୍ର) ସାଧାରଣ ଗୁଣର ପ୍ରକାର; ବସ୍ତୁଦେଶଗତ ଓ ବସ୍ତୁ କାଳଗତ ଗୁଣ—4. (Logic) Nature of common or generic property (Howells).
୫ । ଦୂରତ୍ୱ; ଦୂରବର୍ତ୍ତିତ୍ୱ—5. Remoteness.

ପରତ୍ର—ସଂ. କ୍ରି. ବିଣ. (ପର+ସ୍ଥାନାଧିକରଣାର୍ଥେ ତ୍ର)—୧ । ଅନ୍ୟତ୍ର;
Paratra ଅନ୍ୟ ସ୍ଥାନରେ—1. Elsewhere.
(ଅତ୍ର—ବିପରୀତ) ୨ । ପରକାଳରେ—
2. In future; after death.
୩ । ପରେ; ଭବିଷ୍ୟତରେ—3. Hereafter.

ପରତ୍ର ଭୀରୁ—ସଂ. ବିଣ. (ପରତ୍ର=ପରକାଳରେ+ଭୀରୁ)—ଯାହାର
Paratra bhiru ପରକାଳର ଭୟ ଅଛି; ଧର୍ମଭୀରୁ; ଧାର୍ମିକ—
Religious; god-fearing.

ପରଦଲା—ଦେ. ବି.—ପରତଳା (ଦେଖ)
Paradalā Paratalā (See)
ଖଣ୍ଡା ପରଦଲା ସହିତରେ ପକାଇ,
ବାହୁ ହୋଇଲେ ଲୁଗା ଉଭ କରି ତହିଁ । କୃଷ୍ଣସିଂହ ମହାଭାରତ ବନ ।

ପରଦା—ବୈଦେ. ବି.(ଫା.ପର୍ଦା)—୧ । ଭିତରର କଥା ବାହାରକୁ ଦେଖା ନ
Paradā ଯିବା ପାଇଁ ଲୁଗା ଆଦିର ଯେଉଁ ଖଣ୍ଡ ଲଟକାଇ ଦିଆ ଯାଇ
ପରଦା परदा ଥାଏ; ଯବନିକା; ପଟ—1. Screen; curtain.
(ପର୍ଦା—ଅନ୍ୟରୂପ) ୨ । ଆବରଣ; ଘଣ୍ଟାଟୋପ—
2. Cover; covering.

୩ । ଗୁପ୍ତତା —3. Secrecy; privacy.

୪ । ଅନ୍ତଃପୁର; ଅବରୋଧ— 4. Seraglio; female apartments.

[ଦ୍ର—ଏ ଶବ୍ଦ ଇଂରାଜୀ ଭାଷାରେ ମଧ୍ୟ ଚଳନ୍ତି ।]

୫ । ମହତ; ଇଜ୍ଜତ୍— 5. Ijjat; position; decency; honour.

୬ । ସୀତାରର ବାଦ୍ୟ ସ୍ୱର ପ୍ରକାଶକ ଲୁହା ବା ପିତଳର ଅଡ଼କାଠି ବା ଘାଟ—6. Cross-pieces of a guitar.

୭ । ବ୍ୟବଧାନ; ବାଡ଼—7. Fencing; partition.

୮ । ଲଜ୍ଜା—8. Shame; modesty.

୯ । ସ୍ତ୍ରୀମାନଙ୍କର ଅନ୍ତଃପୁରରେ ଅବରୁଦ୍ଧ ରହିବା ପ୍ରଥା; ଅବରୋଧ ପ୍ରଥା; ସ୍ତ୍ରୀମାନେ ପ୍ରକାଶ୍ୟ ଭାବରେ ବାହାରକୁ ନ ବାହାରିବା ପ୍ରଥା—9. The system or custom of females being confined to the inner apartments of the house and not coming out to public view.

୧୦ । ପରସ୍ତ; ପରତ; ସ୍ତର—10. Layer.

୧୧ । କାନ ଭିତରେ ଓ ଆଖିର ଡୋଳା ଉପରେ ଥିବା ଖୁବ୍ ସୂକ୍ଷ୍ମ ଚର୍ମ; ଝିଲ୍ଲୀ—11. Membrane.

୧୨ । ଲୋକଚକ୍ଷୁର ଅନ୍ତରାଳରେ ଅବସ୍ଥିତ—13. Staying behind the reach of public gaze; privacy.

୧୩ । ହାରମୋନିଅମରୁ ଯେଉଁ ସ୍ଥାନରୁ ସ୍ୱର ଉତ୍ପାଦିତ ହୁଏ— 13. The part of a harmonium from which sounds issue.

ପରଦା ଖୋଲ୍—ଦେ. ବିଣ.—୧ । ଯାହାର ଗୁପ୍ତ ରହସ୍ୟ ଉଦ୍‌ଘାଟିତ ହୋଇ ଥାଏ—1. Having the mystery cleared up.
Paradā khol
ବେପରଦା **पर्दा खुलना**

୨ । ଯାହାର ଆବରଣ ଉନ୍ମୁକ୍ତ ହୋଇ ଥାଏ— 2 Having the curtain lifted up; unvieled.

୩ । ସର୍ବତ୍ର ପ୍ରକାଶିତ—3. Published broadcast.

ପରଦା ଖୋଲିବା—ଦେ. କ୍ରି.—ଗୁପ୍ତ ରହସ୍ୟ ଉଦ୍‌ଘାଟନ କରିବା— To publish any secret.
Paradā kholibā
পরদা খোলা **पर्दा खोलना**

ପରଦାଜ୍—ବୈଦେ. ବିଣ. (ଫା.)—ସମ୍ପାଦନକାରୀ— Performing.
Paradāj
পরদাজ **पर्दाज** (ଯଥା—କାର୍‌ପରଦାଜ୍ = କର୍ମ ସମ୍ପାଦକ ।)

ପରଦାନ—ଗ୍ରା. (ପଦ୍ୟ) ବି. (ସଂ. ପ୍ରଦାନ)—ପ୍ରଦାନ (ଦେଖ) Pradāna (See)
Paradāna

ଜଳେସେ ପାଶେ ଭଙ୍ଗ ଭଙ୍ଗୀ ନକର,
ବାଳେଣୀ ବଳା ପରଦାନ ପ୍ରକାର । ଭଞ୍ଜ. ବୈଦେହୀଶବିଳାସ ।

ପରଦାନସିନ୍—ବୈଦେ. ବିଣ (ଫା.)—୧ । ଯେ (ଅନ୍ତଃପୁରବାସିନୀ ସ୍ତ୍ରୀ) ସର୍ବଦା ପରଦା ପଛଅଢ଼ େଲୋକଚକ୍ଷୁର ଅନ୍ତରାଳରେ ରହେ; ଅବରୋଧବାସିନୀ; ଅସୂର୍ଯ୍ୟଂପଶ୍ୟା; ଅନ୍ତଃପୁରବାସିନୀ—1. Living behind the curtain; confined to the female compartments; confined in the Zenana.
Paradā nasin
পরদানসীন **परदानसीन**

୨ । ଯେଉଁ ସ୍ତ୍ରୀ ସର୍ବସାଧାରଣରେ ବାହାରକୁ ବାହାରନ୍ତି ନାହିଁ— 2. (a woman) Who does not come out in public.

ପରଦା ବନ୍ଧା(ନ୍ଧେ)ଇବା—ଦେ.କ୍ରି—'ପରଦା ବାନ୍ଧିବା'ର ଣିଜନ୍ତରୂପ— Causative form of 'Paradā bāndhibā')—
Paradā bandhā(ndhe)ibā
পরদা ফেলান
पर्दा डलवाना ପ୍ରକାଶ ନ କରିବା; ଗୁପ୍ତ ରଖିବା— To keep secret.

ପସନ୍ଦ ପଡ଼ିବ ବୋଲି କି ମାନ ପରଦାବନ୍ଧାଇ ବଚନରେ—
କବିସୂର୍ଯ୍ୟ, ସଙ୍ଗୀତ ।

ପରଦା ବାନ୍ଧିବା—ଦେ. କ୍ରି (ଲକ୍ଷଣାର୍ଥ)—୧ । ଗୋପନ କରିବା; ଲୁଚାଇବା—1. To conceal.
Paradā bāndhibā
পরদা বান্ধা ୨ । ସଂଯତ କରିବା—2. To control; to check; to restrain.
परदा डालना ୩ । କୌଣସି ବିଷୟକୁ ଗୁପ୍ତ ରଖିବା— 3. To keep any matter secret.

[ପରଦା ଟାଣିବା, ପରଦା ପକା(କେ)ଇବା—ଅନ୍ୟରୂପ]

ପରଦାର(ରଃ)—ସଂ. ବି.(୬ଷ୍ଠୀ ତତ୍; ପର + ଦାର[ରଃ])—ପରସ୍ତ୍ରୀ— Another man's wife.
Paradāra(rāḥ)
পরদার ଦେ. ବି. (ସଂ. ପରଦାର ଗମନ)—ପରସ୍ତ୍ରୀ ସଙ୍ଗେ ସହବାସ; ଲାମ୍ପଟ୍ୟ —Adultery.
परदार
(ପରପତ୍ନୀ, ପରନାରୀ, ପରସ୍ତ୍ରୀ—ଅନ୍ୟରୂପ)

ପରଦାର(ରା) କରିବା—ଦେ. କ୍ରି—ପରସ୍ତ୍ରୀ ସଙ୍ଗେ ସହବାସ କରିବା— To commit adultery with another's wife
Paradāra(rā) kariba
পরদার করা **परदारा करना**

ସେ କଲେ ଜଳେ ପରଦାର—ଜଗନ୍ନାଥ. ଭାଗବତ ।

ପରଦାର ଗମନ—ସଂ. ବି—ପରସ୍ତ୍ରୀ ସହିତ ସଂସର୍ଗ— Adultery with another man's wife.
Paradāra gamana
(ପରଦାରାଭିଗମନ—ଅନ୍ୟରୂପ)

ପରଦାରଗାମୀ—ସଂ. ବିଣ. ପୁଂ. (ପରଦାର + ଗମ୍ ଧାତୁ + ଇନ୍; ୧ମା. ୧ବ.)—ପରସ୍ତ୍ରୀ ସଂସର୍ଗକାରୀ— Adulterous (person); committing adultery, with another's wife.
Paradāragāmi
[ପରଦାରାଭିଗାମୀ—ଅନ୍ୟରୂପ)

ପରଦାରିକ—ସଂ. ବିଣ. ପୁଂ. (ପରଦାର + ଇକ)—ପରଦାରଗାମୀ— Adulterous (person).
Paradārika

ପରଦାରି(ରେ)ଣୀ—ଗ୍ରା. ବିଣ. ସ୍ତ୍ରୀ. (ସଂ. ପରଦାରର ସ୍ତ୍ରୀଲିଙ୍ଗ) —କୁଳଟା; ଭ୍ରଷ୍ଟା (ସ୍ତ୍ରୀ)—Adulterous (woman).
Paradāri(re)ṇi

ପର ଦିନ—ସଂ. ବି.—ପରବର୍ତ୍ତୀ ଦିବସ— Next day.
Para dina
ଦେ. ବି—ପଅର ଦିନ (ଦେଖ)— Pa-ara dina (See)

ପର ଦେଶ—ସଂ. ବି. (କର୍ମଧା; ପର + ଦେଶ,—ଅନ୍ୟଦେଶ; ବିଦେଶ— Foreign land; strange country.
Paradesa
পরদেশ **परदेश** ଦେ. ବି—ପ୍ରବାସ—Sojourn.
(ସ୍ୱଦେଶ—ବିପରୀତ)

ପରଦେଶିଆ — ଦେ. ବଣ. (ସଂ. ପରଦେଶୀୟ)—୧ । ପ୍ରବାସୀ—
Paradesiā (ପରଦେଶୀ—ଅନ୍ୟରୂପ) 1. Sojourning.
परदेशी ୨ । ଭିନ୍ନଦେଶାଗତ—2. Come from abroad;
परदेशी come from a strange country.
୩ । ବିଦେଶୀ—3. Foreign.

ପରପୁଅ ପରଦେଶିଆ ବନ୍ଧୁ କେତେ ବାତୁଳେଇ ଯାଇ । ଢଗ ।

ପରଦେଶୀୟ—ସଂ. ବଣ. (ପରଦେଶ + ଈୟ)—ଅନ୍ୟ ଦେଶର—
Para desiya Relating to a foreign country; foreign.

ପର ଦ୍ୱେଷୀ—ସଂ. ବଣ. ପୁଂ. (ପରଦ୍ୱେଷ + ଇନ୍; ୧ମା. ୧ବ.)—
Paradweshi ୧ । ପରପ୍ରତି ଈର୍ଷାନ୍ୱିତ—1. Envious.
(ପରଦ୍ୱେଷିଣୀ—ସ୍ତ୍ରୀ) ୧ । ଶତ୍ରୁତାପନ୍ନ—
(ପରଦ୍ୱେଷ୍ଟା—ଅନ୍ୟରୂପ) 2. Inimical; hostile.

ଧନରେ ବନ୍ଧୁ ଅରଜିବା—ଦେ. ନ୍ୟାୟ—ପରଧନ ବ୍ୟୟ କରି
Para dhanare bandhu arajibā ଆପଣାର ଉପକାରର
ବା ବନ୍ଧୁତ୍ୱଭର ପନ୍ଥା କରିବା—To earn a personal friend or benifit by spending another's money.
(ପରଧନରେ ବନ୍ଧୁ ବାନ୍ଧିବା—ଅନ୍ୟରୂପ)

ପର ଧର୍ମ—ସଂ. ବ—୧ । (କର୍ମଧା) ନିଜର ଧର୍ମ ଛଡ଼ା ଅନ୍ୟ ଧର୍ମ—
Para dharma 1. An alien religion.
(ସ୍ୱଧର୍ମ—ବିପରୀତ) ୨ । (୬ଷ୍ଠୀ ତତ୍) ଅନ୍ୟ ଜାତି ବା ବର୍ଣ୍ଣର
ଆଚରିତ ଧର୍ମ—2. Law or duties of another person or caste.
୩ । (ଯୋଗ ଦର୍ଶନ) ଇନ୍ଦ୍ରିୟାଶକ୍ତି (ଜ୍ଞାନେନ୍ଦ୍ର)—
3. (joga philosophy) Sensualism.

ପର ଧାମ—ସଂ. ବ. (କର୍ମଧା; ପର + ଧାମ)—୧ । ବୈକୁଣ୍ଠ; ସ୍ୱର୍ଗ—
Paradhāma 1. Heaven.
୨ । ମୁକ୍ତି; ମୋକ୍ଷଗତି—2. Salvation.
୩ । ପରମେଶ୍ୱର (ହି. ଶ·)—3. God.

ପର ଧାରତା—ଦେ. ବଣ—୧ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିଠାରେ
Para dhāratā ଋଣୀ—1. A person indebted to
(ପରଧାରି; ପରଧାରୁଆ—ଅନ୍ୟରୂପ) another.
୨ । ଅନ୍ୟ ବ୍ୟକ୍ତିର ଖାତକ—
2. Another person's debtor.
୩ । ଋଣ ହେତୁ ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିଠାରେ ଆବଦ୍ଧ ବା
ପରାଧୀନ—3. A person who is not his own master, being indebted to another.
ଦେ. ବ—ପରଠାରୁ ଆଣିଥିବା ଋଣ—
Loan incurred from another.

ପରନ୍—ପ୍ରାଦେ. (ସମ୍ବଲପୁର) ବ. (ସଂ. ପତ୍ ଧାତୁ)—ଅଥବା;
Paran ଦେବତାଙ୍କ ନିକଟରେ ଧାରଣା—
Lying prostrate before a Deity till one's wishes are fulfilled or granted.

ପରନ୍ ପଡ଼ିବା—ପ୍ରାଦେ. (ସମ୍ବଲପୁର) କ୍ରି—ଦେବତାଙ୍କ ନିକଟରେ
Paran pardibā ଅଥବା ପଡ଼ିବା—
To lie prostrate before a Deity till one's wishes are granted.

ପରନା—ପ୍ରାଦେ· (ସମ୍ବଲପୁର) ବ—ପାରଣା (ଦେଖ)
Paranā Pāraṇā (See

ପର ନିନ୍ଦକ—ସଂ. ବଣ—ପରର ନିନ୍ଦାକାରୀ—
Para nindaka Reviling other people.
(ପରନିନ୍ଦୁକ—ଦେଶଜରୂପ)

ପରନ୍ତପ—ସଂ. ବଣ. ପୁଂ. (ପରଂ=ଶତ୍ରୁକୁ + ତପ୍ ଧାତୁ=ତାପ ଦେବା
Parantapa + କର୍ତ୍ତୃ. ଅ)—୧ । ଶତ୍ରୁର ପୀଡ଼ାଦାୟକ (ବ୍ୟକ୍ତି)—
(ପରଂତପ—ଅନ୍ୟରୂପ) 1. Oppressive to the enemy.
୨ । ଜିତେନ୍ଦ୍ରିୟ—2. Self-denying; self-controlled.
ସଂ. ବ. (ନାମ)—୧ । ମଗଧର ଜଣେକ ରାଜା—
1. Name of a king of Magadha.
୨ । ତାମସ ମନୁଙ୍କର ଏକ ପୁତ୍ର—
2. Name of a son of Tāmasa Manu.

ପରନ୍ତୁ—ସଂ. ଅ. (ପରମ୍ + ତୁ)—୧ । କିନ୍ତୁ—
Parantu 1. But; on the other hand.
(ପରଂତୁ=ଅନ୍ୟରୂପ) ୨ । ତଥାପି—2. Yet; still.
୩ । ଆହୁରି ମଧ୍ୟ; ଅଧିକନ୍ତୁ—3. Moreover.
୪ । କିନ୍ତୁ ମଧ୍ୟ—4. But also.
୫ । ଏବଂ ମଧ୍ୟ—5. And also.

ପରନ୍ଦ—ଦେ. ବ—ଡଙ୍ଗାର ଦୁଇ ପାଖର ଫଳରେ ଥିବା ଦୁଗୁଣା ବା ଏକ
Paranda ମଙ୍ଗରୁ ଅନ୍ୟ ମଙ୍ଗକୁ ଲାଗିଥିବା ଦୁଇଟି ସ୍ଥୂଳ ଓ ଲମ୍ବ
आड़ा काठ ପଟାକୁ ଉଡ଼ ରଖିଥିବା ଆଡ଼ କାଠ ଖଣ୍ଡମାନ—
The cross-beams which join the two edges of a country boat.

ପରପଞ୍ଚ(ଞ୍ଚା)—ଦେ. ବ. (ସଂ. ପ୍ରପଞ୍ଚ=ଭ୍ରମ; ବଞ୍ଚନା)—
Parapañcha(ñchā) ୧ । ମାୟା—Delusion.
प्रपंच; परपंच ୨ । ବଞ୍ଚନା—2. Cheating; fraud.
୩ । ହଟହଟା—3. Awkward position.
୪ । ଅମଙ୍ଗଳ—4. Evil.
୫ । କପଟତା—5. Hypocricy.
ଦେ. ବଣ—୧ । ଅମଙ୍ଗଳିଆ; ଅଶୁଭ—
1. Unpropitious; inauspicious.
୨ । କଦାକାର; ବିକଟ; ଅସୁନ୍ଦର; କୁତ୍ସିତ—
परपंचक, परपंची 2 Ugly.
ଯାଇଥିଲି ମଁ, ଦେଖି ଅଇଲି ପରପଞ୍ଚ—ଢଗ ।
୩ । ମନ୍ଦ—2. Bad; evil.
୪ । ଅତି ଦୁଷ୍ଟ; ଧୂର୍ତ୍ତ—4. Very wicked.
୫ । କପଟୀ; ମାୟାବୀ—5. Deceptive; illusive.

ପର ପତ୍ର—ସଂ. ବି—କୌଣସି ପୁସ୍ତକରେ ପୃଷ୍ଠାର ଶେଷରେ ଲେଖାଯିବା
Para patra ଅଥବା ଶବ୍ଦ (ଯାହା ପୁଣି ପରବର୍ତ୍ତୀ ପୃଷ୍ଠାର ଆଦ୍ୟରେ ଲେଖା ଯାଇଥାଏ ଏବଂ ଯହିଁରୁ ପର ପର ପୃଷ୍ଠାମାନ ଧରି ପଡ଼େ)—Catchword; a word under the last line of a page which is repeated at the top of the next page (Howells).

ପର ପଦ—ସଂ. ବି. (ପର=ଉତ୍କୃଷ୍ଟ; ଶ୍ରେଷ୍ଠ+ପଦ=ସ୍ଥାନ)—
Para pada ୧ । ମୁକ୍ତି—1. Salvation.
(ପରମ ପଦ—ଅନ୍ୟରୂପ) ୨ । ଉତ୍କୃଷ୍ଟ ସ୍ଥାନ—
2. Excellent place.

ପର ପର—ଦେ. ଅ—କ୍ରମିକ; କ୍ରମଶଃ ପରବର୍ତ୍ତୀ; ତରତିବ—
Para para Serial; consecutive.
পরপর सिलसिला, तरतीब

ପର ପରମେଶ୍ୱର—ଦେ. ବି—ପରାତ୍ପର ପରମେଶ୍ୱର (କୁଳଲାଙ୍କୁମାଙ୍କ ନଥ
Para paramesॱwara ଭୁଣ୍ଡି)—The Great God

ପରପାଠ—ପ୍ରାଦେ. (ଗଞ୍ଜାମ) ବିଣ—ଭ୍ରମାତ୍ମକ; ଭୁଲ; ଭ୍ରାନ୍ତ—
Parapāta Wrong; mistaken.
ବି—ଭ୍ରମ; ଭ୍ରାନ୍ତି—Mistake.

ପରପାନକ—ଗ୍ରା. (ପଦ୍ୟ) ବି. (ସଂ. ପ୍ରପାନକ)—
Parapānaka ପଣା; ସୁସ୍ୱାଦୁ ପାନୀୟବିଶେଷ—
পানা पन्ना Syrup; sherbat.
ପରପାନକ ସ୍ୱାଦୁ ଲଭି ଲଭିଲେ ହସିବେ ନାମ ଗୋଚର ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ପର ପିଣ୍ଡାଦ—ସଂ. ବିଣ. ପୁଂ (ପର=ଅନ୍ୟ+ପିଣ୍ଡ=ଅନ୍ନ+ଅଦ୍ ଧାତୁ
Para pindāda =ଖାଇବା+କର୍ତ୍ତୃ. ଅ)—
ପରାନ୍ନଭୋଜୀ; ପରାନ୍ନଜୀବୀ—Feeding at another's table; a sponger; feeding at another's cost.

ପର ପୁଅ—ଦେ.ବି—୧ । ଅନ୍ୟ ବ୍ୟକ୍ତିର ପୁତ୍ର—
Para pua 1. The son of another person.
পরের ছেলে ୨ । ଅନାତ୍ମୀୟ ବ୍ୟକ୍ତି—2. Outsider; not
दुसराका लड़का related to one's self.
ପର ପୁଅ ମନ୍ଦ, ନାଁ, ଭେଗ ଯାହାରେ ବାହାରେ ଗଲ—ଢଗ ।
୩ । ପର ପୁରୁଷ; ଜାର—3. A paramour; gallant.
ପର ପୁଅ ପରଦେଶିଅ ବନ୍ଧୁ, କେତେ ବାନ୍ଧିଲେଇ କାନ୍ଦ—ଢଗ ।

ପର ପୁରୁଷ—ସଂ. ବି. (କର୍ମଧା; ପର+ପୁରୁଷ)—
Para purusha ୧ । ଅନାତ୍ମୀୟ ବ୍ୟକ୍ତି—1. An outsider.
୨ । ଅନ୍ୟ ସ୍ତ୍ରୀର ସ୍ୱାମୀ—
2. Husband of another woman.
୩ । ଉପନାୟକ; ଉପପତି—
3. Paramour; illicit lover; a gallant.
୪ । ପରମ ପୁରୁଷ; ବିଷ୍ଣୁ—4. Bishnu.

ପର ପୁରୁଷ ଗାମିନୀ—ସଂ. ବିଣ. ସ୍ତ୍ରୀ—ବ୍ୟଭିଚାରିଣୀ—
Para purush gāmini Adulterous (woman); going after another husband.

ପର ପୁଷ୍ଟ—ସଂ. ବିଣ (ଷଷ୍ଠୀ ତତ୍; ପର+ପୁଷ୍ଟ)—
Para pushta ୧ । ଅନ୍ୟ ଦ୍ୱାରା ପ୍ରତିପାଳିତ—
1. Nourished by a stranger
୨ । ଯେଉଁ ଜୀବ ବା ଉଦ୍ଭିଦ ଅନ୍ୟ ଉପରେ ନିର୍ଭର କରେ—
2. Parasitic.
ସଂ. ବି—କୋକିଳ—Cuckoo.
[ଦ୍ର—କୋକିଳ ଆପଣା ଡିମ୍ବକୁ ଫୁଟାଇ ନ ପାରି କୁଆ ବସାରେ କୁଆ ଡିମ୍ବ ସଙ୍ଗେ ଥୋଇ ଦେଇ ଆସେ । କୁଆ ବାରି ନ ପାରି କୋଇଲି ଡିମ୍ବକୁ ଫୁଟାଇ ଦିଏ ଏବଂ କୁଆଙ୍କୁ ଆଧାର ଦେଇ ବଢ଼ାଏ । କୋଇଲି କୁଆ ବଡ଼ ହୋଇ ଉଡ଼ି ପାରିଲାରୁ କୁଆ ବସା ଛାଡ଼ି ଆପଣା ମାଆ ପାଖକୁ ଉଡ଼ି ଆସେ ।]

ପରପୁଷ୍ଟା—ସଂ. ବି. ସ୍ତ୍ରୀ. (ପରପୁଷ୍ଟ+ସ୍ତ୍ରୀ. ଆ)—
Parapushtā ୧ । ମଲ୍ଲଙ୍ଗ—1. Mistleto.
୨ । ବେଶ୍ୟା—2. Harlot.
ସଂ. ବିଣ—ଅନ୍ୟ ଦ୍ୱାରା ପ୍ରତିପାଳିତା—Maintained or brought up by another.

ପରପୂର୍ବା—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ପର+ପୂର୍ବ+ସ୍ତ୍ରୀ. ଆ)—
Parapūrbā ପୂର୍ବେ ଅନ୍ୟ ସ୍ୱାମୀଙ୍କୁ ବିବାହ କରିଥିବା ସ୍ତ୍ରୀ; ଯେଉଁ ସ୍ତ୍ରୀର ବର୍ତ୍ତମାନ ସ୍ୱାମୀଙ୍କ ଛଡ଼ା ଆଉ ଜଣେ ସ୍ୱାମୀ ଥିଲେ—
A woman previously married to another; a woman who has had a former husband.
[ଦ୍ର—ପରପୂର୍ବା ଦୁଇ ଶ୍ରେଣୀର,ଯଥା, କ୍ଷତା (ଯେ ପ୍ରଥମ ସ୍ୱାମୀର ସହବାସ କରି ଥାଏ) ଓ ଅକ୍ଷତା (ଯେ ପ୍ରଥମ ସ୍ୱାମୀର ସହବାସ କରି ନ ଥାଏ) ।]

ପରବ—ଦେ. ବି. (ସଂ. ପର୍ବ)—୧ । ବ୍ରତାଦି ଧର୍ମୋତ୍ସବ—
Paraba 1. Religious festival.
পরব त्योहार ୨ । ଉତ୍ସବ—2. Festival
୩ । (ପଦ୍ୟ) ପୂର୍ଣ୍ଣିମା—3. Full moon day.
ପ୍ରାଣବନ୍ଧୁ ଗରବ କାହିଁକରେ, ପରବ ଚନ୍ଦ୍ରମା ଜଳେ । କବିସୂର୍ଯ୍ୟ. ସଙ୍ଗୀତ ।
୪ । ଧୂମ ଧାମ—4. Ado.
୫ । ମହୋତ୍ସବ; ଭୋଜି—5. Feast.
୬ । ଆଶ୍ୱିନ ମାସର ଦୁର୍ଗାପୂଜା—6. Durgā pūjā performed during the month of Āswina.
୭ । ମହାଭାରତ ଗ୍ରନ୍ଥର ଖଣ୍ଡ (ସଂଖ୍ୟାରେ ୧୮ଟି)—
7. A volume of the Mahābhārata
ଶୁଣ ଏହାଙ୍କର ପରବ ସଙ୍ଗତ,
ଏହିଟି କରି ପାରେ ପାଠକ ନରହ—କୃଷ୍ଣସିଂହ. ମହାଭାରତ. ଆଦି ।
୮ । ଅମାବାସ୍ୟା—8. The new moon.
[ଅଷ୍ଟମୀ, ପୂର୍ଣ୍ଣିମା, ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ସଂକ୍ରାନ୍ତି ଏହି ସବୁ ଦିନକୁ ପର୍ବ ବୋଲାଯାଏ ।]
୯ । ମୁଖାଦିର ଭଙ୍ଗୀ—
9. Bodily gesture or expression.
ଶ୍ରୀମଖ ପରବକୁ ସ୍ଥିର କର । କବିସୂର୍ଯ୍ୟ. ସଙ୍ଗୀତ ।

ପରବ ଚନ୍ଦ୍ର—ଦେ. ବି.—ପୂର୍ଣ୍ଣିମାଚନ୍ଦ୍ର—
Paraba chandra Full moon.

ପରବ ତଡ଼ ଉତ୍ସବ ପିଉବା ଶୀଘ୍ର,
ପରଣତ ସମସ୍ତେ ସେ ହେବ ଯେତେ ବଶ । ବଇସୂର୍ଯ୍ୟ. ସଙ୍ଗୀତ ।

ପରବତ—ଗ୍ରା. ବ. (ସଂ. ପର୍ବତ)—୧ । ପର୍ବତ—
Parabata 1. Mountain.
परवत परबत ମନୋରଥ ଗଡ ଅସିଥିବ ଉଣ୍ଡୀ ମାଲ୍ୟଗିରି ପରବତେ ।
ରଘୁନାଥ. ପାର୍ବତୀ ।

୨ । ଜନୈକ ଋଷି—2. Name of a saint
ପରବତ ନାରଦ ଦୁଇ ଋଷିବର ।
କୃଷ୍ଣସିଂହ. ମହାଭାରତ. ବନ ।

ପରବତ କାଉଁରିଆ—ଦେ. ବ.—ଛୋଟ ଜାତୀୟ ଅମ୍ଳ ବନ୍ୟଗୁଳ୍ମବିଶେଷ-
Parabata kāuñriā (ଏଥିର ଡେଙ୍ଗ ନାଲ ଓ ପତ୍ର ଖଟା; ଲୋକେ
पट शाक ଶାଗ ଓ ତରକାରି କରି ଖାଆନ୍ତି ଓ ଏ ଗଛର ଛାଲ
पटुया शाग ବାହାରେ)—A red variety of Jute plant.

ପରବତା—ଦେ. ବ.—ଯେଉଁ କାଠ ଖୁଣ୍ଟରେ ହାବଲ ବାଣ ଡେଉଁ ଯାଇ
Parabatā ମଞ୍ଚଯାଏ—A post used as a support to the tail of a rocket before it is set fire to.

ପରବତିଆ—ଗ୍ରା. ବଣ.ସଂ. (ପାର୍ବତୀୟ)—ପାର୍ବତୀୟ; ପାର୍ବତ୍ୟ—
Parabatiā Mountainous; hilly.
ଦେ. ବ.—ନାହାକା ଶୁଆ—
A big species of parrot.

ପରବନ୍ଧ—ଗ୍ରାମ୍ୟ. ବ. (ସଂ. ପ୍ରବନ୍ଧ)—ପ୍ରବନ୍ଧ (ଦେଖ)
Parabandha Prabandha (See)
परवन्ध पपबंध ଜଥ ଅରର ହୋଇଛ ଭଷା ପରବନ୍ଧ ।
ଗାଡ଼ୀ: ବ୍ରହ୍ମନରୂପଣ ଗୀତା ।

ପରବ ପରବାଣୀ—ଗ୍ରା. ବ. (ସହଚର; ସଂ. ପର୍ବ ଓ ପର୍ବାଣୀ)—ପୁଣ୍ୟ ପର୍ବ
Paraba parabāṇi ଉତ୍ସବାଦ—Feasts and festivals.
(ପରବ ପର୍ବାଣୀ; ପର୍ବପର୍ବାଣୀ—ଅନ୍ୟରୂପ) तयोहार

ପରବ ପୁନିଅଁ—ଗ୍ରା. ବ. (ସହଚର; ସଂ. ପର୍ବ ଓ ପୁଣ୍ୟ)—ବହିସ୍ଥ
Paraba puniañ ଉତ୍ସବମାନ—Various festivals.
(ପରବପୁଣ୍ୟ, ପରବପୁନେଇଁ—ଅନ୍ୟରୂପ)

ପରବଳ—ଗ୍ରା. (ପଦ୍ୟ) ବଣ.—ପ୍ରବଳ (ଦେଖ)
Parabaḷa परबल Prabaḷa (See)
ଅସିଭ ପରବଳରୁ ଦଇନ୍ୟ,
ଭକ୍ତ. କୋଣାର୍କକ୍ଷେତ୍ରବ୍ରହ୍ମ ।

ଗ୍ରାଦେ. (ବସ୍ତର) ବ.—୧ । ଶମ୍ବାକୁଆ ପୋକ; ଶୁଆଁ ବାଳ—
1. Caterpillar; the wooly bear.
୨ । ପ୍ରବାଳ (ଦେଖ)—2. Prabāḷa (See)

ପର ବଲେଇ—ଦେ. ବ.—ଅନ୍ୟ ବ୍ୟକ୍ତିର ଦାୟିତ୍ୱ ବା ଜଞ୍ଜାଳ—
Para balei Another person's responsibility or affairs.
(ପରର ବଲେଇ, ପରର ବଳା—ଅନ୍ୟରୂପ)

ପରବଶ(ଶ୍ୟ)—ସଂ. ବଣ. (୬ଷ୍ଠୀ ତତ୍; ପର+ବଶ; ବଶ୍ୟ=ବଶୀଭୂତ)—
Parabaśa(śya) ୧ । ପରତନ୍ତ୍ର; ପରାଧୀନ—Dependent on another; under the domination of another.
[ପରବଶା(ଶ୍ୟା)—ସ୍ତ୍ରୀ]
[ପରବଶ(ଶ୍ୟ)ତା—ବିଶେଷ୍ୟ]

୨ । ଅଧୀନ; ଅତିରିକ୍ତ ରୂପେ ଆସକ୍ତ—2. Subject to; addicted to dominated by.
[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ; ଯଥା—କ୍ରୋଧପରବଶ; କାମପରବଶ ।]

ପରବସ(ସ୍ତ)(ସ୍ତି)—ବୈଦେ. ବଣ (ପା. ପରବରସ୍)—ପ୍ରତିପାଳିତ—
Parabas (sta) (sti) Brought up; maintained.
परवरिस परवरिस
ବୈଦେ. ବ. (ପା.)—୧ । ପ୍ରତିପୋଷଣ—1. Maintenance.
୨ । ଜୀବିକା ନିର୍ବାହ—2. Livelihood.

ପରବସ(ସ୍ତ)(ସ୍ତି)କରିବା—ଦେ. କ୍ରି—ପ୍ରତିପାଳନ କରିବା—
Parabas(sta) (sti) kariba To maintain.
परवरिस करा परवरिस करना

ପରବସ(ସ୍ତ)(ସ୍ତି) ହେବା—ଦେ. କ୍ରି—ନିଜର ଜୀବିକା ନିର୍ବାହ କରିବା;
Parabas(sta)(sti) hebā ଚଳାଚଳ ହେବା—To get on in the world; to earn one's living.
परवरिस হোনা परवरिस होना

ପରବା(ଇତ୍ୟାଦି)—ପରୱାଆ ଇତ୍ୟାଦି (ଦେଖ)
Parabā (etc) Par-ūā (etc) (See)
[ପରବାଇ(ସ୍ତେ)—ଅନ୍ୟରୂପ]

ପରବାଣୀ—ସଂ. ବ—୧ । ଧର୍ମାଧ୍ୟକ୍ଷ (ହ୍ର. ଶ.)—
Parabāṇi 1. A religious head.
୨ । ବତ୍ସର (ହ୍ର. ଶ.)—2. Year.
୩ । ମୟୂର (ହ୍ର. ଶ.)—3. Peacock.

ପରବାନ୍—ସଂ. ବଣ. ପୁଂ. (ପର+ବତ୍; ୧ମା. ୧ବ.)—ପରାଧୀନ—
Parabān Subordinate; subservient.
(ପରବତୀ—ସ୍ତ୍ରୀ)

ପରବାନା—ବୈଦେ. ବ. (ପା.)—ପରୱାନା (ଦେଖ)
Parabānā Par-uānā (See)
(ପରୱାନା—ଅନ୍ୟରୂପ) ଦେଖାଇବେ ଲେଖର ପରବାନା—
ରଘୁନାଥ ଦରବାର ।

ପରବାର୍—ବୈଦେ. ବ—ପରୱାର୍ (ଦେଖ)
Parabār Par-uār (See)

ପରବାରି—ଦେ. ବ—(ସଂ. ପରିବାର)—ଦାସୀ; ପରିବାରୀ—
Parabāri A maid servant.

ପରବାରେ—ଦେ. କ୍ରି. ବଣ—୧ । ସିଧା ସିଧା—
Parapāre 1. Directly; straightway.
(ଯଥା—ସେ ପୁରୀରୁ ପରବାରେ କଲିକତା ଗଲେ ।)
(ପରବାହାରେ—ଅନ୍ୟରୂପ) ୨ । ଆଦୌ—2. At all.
(ଯଥା—ମୁଁ ତାଙ୍କୁ ପରବାରେ ଦେଖି ନାହିଁ ।)

ପରବାସ—ସଂ. ବ. (୬ଷ୍ଠୀ ତତ୍; ପର+ବାସ)—ଅନ୍ୟ ବ୍ୟକ୍ତିର
Parabāsa ବାସସ୍ଥାନ—Another's house.
परवास ଗ୍ରା. ବ (ସଂ. ପ୍ରବାସ)—ପ୍ରବାସ; ବିଦେଶବାସ—
परदेश Residence in a foreign country; sojournment.
କେଉଁଠାରେ କରନ୍ତ ଅଛ ପରବାସ । କୃଷ୍ଣସିଂହ. ମହାଭାରତ. ବନ ।

ପରବାସିକା—ସଂ. ବି.—ମଲ୍ଲଙ୍ଗ—
Parabāsikā (ପରବାସୀ—ଅନ୍ୟରୂପ) Mistletoe.

ପରବାସୀ—ଦେ. ବିଣ (ସଂ. ପ୍ରବାସୀ)—ପ୍ରବାସୀ—
Parabāsi Residing away in a foreign country; (ପରବାସିଆ—ଅନ୍ୟରୂପ) living away from home; sojourning.
परवासी **परदेशी**
ପରବାସୀ ରମଣୀ ଅଧିକ ଭେଖା ଗତି—ଶିଶୁଶଙ୍କର, ଉଷା ଅଭିଳାଷ।

ପରବୀଣ—ଗ୍ରା. (ପଦ୍ୟ) ବିଣ (ସଂ. ପ୍ରବୀଣ)—ପ୍ରବୀଣ (ଦେଖ)
Parabiṇa Prabiṇa (See)
परवीन ବଡନ୍ତୁ ତ କାରଣାଙ୍କରେ ପରବୀଣ। କୃଷ୍ଣସିଂହ, ମହାଭାରତ ସଭା।

ପରବୁଦ୍ଧି—ସଂ.ବି (ଷଷ୍ଠୀ ତତ୍; ପର+ବୁଦ୍ଧି)—ଅନ୍ୟର ବୁଦ୍ଧି ବା ପରାମର୍ଶ—
Para buddhi Another's advice.

ପର ବୁଧିଆ—ଦେ. ବିଣ—୧। ନିର୍ବୁଦ୍ଧିଆ—
Para budhiā 1. Lacking in intelligence.
परमतिया ୨। ଯେ ପରର ପରାମର୍ଶରେ ଚାଳିତ ହୁଏ—
2. Led by the advice of another person.
୩। ପଛ ବୁଦ୍ଧିଆ; ଯାହାର ଉପସ୍ଥିତ ବୁଦ୍ଧି ନାହିଁ—
3. Having no presence of mind.

ପରବେଶ—ଗ୍ରା. (ପଦ୍ୟ) ବି. (ସଂ. ପ୍ରବେଶ)—ପ୍ରବେଶ (ଦେଖ)
Parabeṣa Prabeṣa (See)
प्रवेश ଦେ. ବିଣ—ପ୍ରବିଷ୍ଟ (ଦେଖ)—
परवेश Prabishṭa (See)
ଦମୟନ୍ତୀ ପାଶରେ ହୋଇଲେ ପରବେଶ—କୃଷ୍ଣସିଂହ, ମହାଭାରତ ବନ।

ପରବେଶ ହେବା—ଗ୍ରା. କ୍ରି. (ସଂ. ପ୍ରବେଶ)—୧। ପ୍ରବେଶ କରିବା; ପ୍ରବିଷ୍ଟ ହେବା—1. To enter.
Parabeṣa hebā
(ପରବେଶିବା—ଅନ୍ୟରୂପ) ୨। ଉପସ୍ଥିତ ହେବା—
परवेशा 2. To arrive; to be in attendance.
परवेशना ପାଣ୍ଡବଙ୍କ କାର୍ଯ୍ୟରେ ସକଳ ପ୍ରକାରେ
ସେ ତହିଁ ପରବେଶ ହୋଇଲେ ନିରନ୍ତରେ। କୃଷ୍ଣସିଂହ, ମହାଭାରତ ଆଦି

ପରବେଶ୍ମ—ସଂ. ବି. (କର୍ମଧା; ପର+ବେଶ୍ମନ୍)—ସ୍ୱର୍ଗ—
Parabeṣma Heaven.

ପର ବୈରାଗ୍ୟ—ଦେ. ବି (ମହିମାଧର୍ମର ପରିଭାଷା)—ମହିମାଧର୍ମାବଲମ୍ବୀମାନଙ୍କର ସାଧନାର ଶେଷ ଫଳ—The consummation of the Sannyāsa of the Mahimā sect of Orissa.
Para bairāgya

[ଦ୍ର—ମହିମା ଗୋସାଇଁ ଅବଧୂତାଶ୍ରମ ସନ୍ନ୍ୟାସ ପନ୍ଥାକୁ ଦୁଇ ଭାଗରେ ବିଭକ୍ତ କରି ଅଛନ୍ତି;—ଅପର ବୈରାଗ୍ୟ ଓ ପର ବୈରାଗ୍ୟ। ସନ୍ନ୍ୟାସୀର ପ୍ରଥମେ ବିଷୟବାସନାରେ ବୈରାଗ୍ୟ ଜନ୍ମିଲେ ତ୍ୟାଗୀ ହୋଇ ଯେଉଁ ସନ୍ନ୍ୟାସ ଆଶ୍ରମ ଗ୍ରହଣ କରିବାକୁ ହୁଏ ତାକୁ ଅପର ବୈରାଗ୍ୟ ସନ୍ନ୍ୟାସ ବା ମଧ୍ୟଶରଣଭୁ ବୋଲାଯାଏ। ଉପରେ ସମାଧି 'ସାଧନ ସମ୍ପତ୍ତି' ମୁମୁକ୍ଷୁତ୍ୱ ପ୍ରଭୃତିରେ ଯୁକ୍ତ ହୋଇ ତତ୍ତ୍ୱ ବିବେକରେ ଅଧିକାର ଜନ୍ମିଲା ପରେ ଗୁରୁଙ୍କଠାରୁ ତତ୍ତ୍ୱମସ୍ୟାଦି ମହାବାକ୍ୟ ଉପଦେଶ ଦ୍ୱାରା 'ସୋଽହଂ' ଅର୍ଥାତ୍ ଅହଂ ବ୍ରହ୍ମାସ୍ମି ଭାବ ଜନ୍ମିଲେ ଯେଉଁ ସନ୍ନ୍ୟାସ ତାହାକୁ ପର ବୈରାଗ୍ୟ ସନ୍ନ୍ୟାସ ବା ଅନ୍ତ ମାତ୍ର ଶରଣ ବୋଲାଯାଏ। ପ୍ରାଚୀ—ବିଶ୍ୱନାଥ ବାବା ମହିମାଧର୍ମ ପ୍ରତିପାଦକ।]

ପରବୋଧ—ଗ୍ରା. (ପଦ୍ୟ) ବି (ସଂ. ପ୍ରବୋଧ)—୧। ପ୍ରବୋଧ; ସାନ୍ତ୍ୱନା—
Parabodha 1. Consolation.
परबोध **परबोध** ୨। ଚରିତ—2. Episodé.
ନବମ ଘରେ ବର୍ଣ୍ଣନେ କେବଳ କେବଳ ବନୋଦ
କହୁଥାକୁ ଅଛୁ ହେଉ ଏଥର ଯେ ପରବୋଧ। ପ୍ରାଚୀ, ରହସ୍ୟମଞ୍ଜରୀ।

ପରବୋଧ କରିବା—ଦେ. କ୍ରି—(ସଂ. ପ୍ରବୋଧ)—ସାନ୍ତ୍ୱନା ଦେବା—
Parabodha kariba To console.
ପରବୋଧ ଦେବା } ଅନ୍ୟରୂପ परबोधा
ପରବୋଧିବା } **परबोधना**

ପରବ୍ୟଥା—ଦେ. ବି. (ଆଧୁନିକ ଚିକିତ୍ସା ଶାସ୍ତ୍ରରେ ବ୍ୟବହାର; ଇଂରାଜୀର ଅନୁବାଦ)—ପ୍ରସବ ବାସିଦିନ କମ୍ୱା ତା ପରେ ପ୍ରସବବେଦନା (ଶୂଳ) ପରି ଅନୁଭୂତ ହେବା ବେଦନା—Afterpain.
Parabyathā
परव्यथा
[ଦ୍ର—ଜରାୟୁଭିତରେ ରକ୍ତ ଜମିଥିଲେ କମ୍ୱା ଫୁଲର କୌଣସି ଅଂଶ ଛିଣ୍ଡି ପେଟ ମଧ୍ୟରେ ରହିଗଲେ ଏପରି ବେଦନା ହୁଏ—(ରାଜକିଶୋର, ପ୍ରସୂତିଚର୍ଯ୍ୟା)]

ପର ବ୍ରତ—ସଂ. ବି. (ବହୁବ୍ରୀହି; ପର+ବ୍ରତ)—ଧୃତରାଷ୍ଟ୍ର (ହ. ଶ)—
Para brata A name of Dhṛutarāshṭra.

ପର ବ୍ରହ୍ମ—ସଂ. ବି—୧। ପରମେଶ୍ୱର; ପରଂବ୍ରହ୍ମ—
Para brahma 1. God; the Supreme Spirit.
୨। ପରଂବ୍ରହ୍ମ ପ୍ରତିପାଦକ ଉପନିଷଦ୍‌ବିଶେଷ—
2. A Bedānta treatise treating of the all-pervading Essence of the universe as God.

ପରଭା—ଗ୍ରା. ବି—୧। (ସଂ. ପ୍ରଭା)—ପ୍ରଭା (ଦେଖ)—
Parabhā 1. Prabhā (See)
୨। (ସଂ. ପ୍ରଭାବ) ପ୍ରଭାବ (ଦେଖ)—2. Prabhāba (See)

ପର ଭାଗ—ସଂ. ବି—୧। (କର୍ମଧା; ପର+ଭାଗ)—ଶ୍ରେଷ୍ଠାଂଶ—
Para bhāga 1. Chief part.
୨। ଉତ୍କର୍ଷ—2. Excellence; pre-eminence.
୩। ପରବର୍ତ୍ତୀ ଅଂଶ—3. Next part.
୪। ଉତ୍ତରାଂଶ; ଶେଷଭାଗ—4. Last part; latter part.
୫। (ଷଷ୍ଠୀ ତତ୍)—ଅନ୍ୟ ବ୍ୟକ୍ତିର ଅଂଶ—
5. The portion of another.

ପର ଭାଗ୍ୟୋପଜୀବୀ—ସଂ. ବିଣ. ପୁଂ. (ଉପପଦ ତତ୍; ପରଭାଗ୍ୟ+ଉପଜୀବୀ)—୧। ଯେ ଅନ୍ୟ ବ୍ୟକ୍ତିର ଭାଗ୍ୟ ଉପରେ ନିର୍ଭର କରି ଆପଣା ଜୀବିକା ନିର୍ବାହ କରେ—1. One who ekes out one's existence depending on the fortunes of another person.
Para bhāgyopajibi
(ପରଭାଗ୍ୟୋପଜୀବିନୀ—ସ୍ତ୍ରୀ)
୨। ପରାନ୍ନଭୋଜୀ—2. Feeding at another's expense.

ପରଭାତ—ଗ୍ରା. (ପଦ୍ୟ) ବି—୧। (ସଂ. ପ୍ରଭାତ) ପ୍ରଭାତ; ସକାଳ—
Parabhāta 1. Morning.
परभात ୨। (ସଂ. ପର+ଭକ୍ତ) ପରାନ୍ନ; ଅନ୍ୟବ୍ୟକ୍ତିର ଖାଦ୍ୟ—
परभात 2. Another person's food.
୩। ପରପ୍ରଦତ୍ତ ଅନ୍ନ—3. Food given by another person.

ତୁମ୍ଭଙ୍କ ନାଡ କର ପରଭାତ ଖାଇ
ଯା ଖାଇଛ ମୋର ଅଭାଵ୍ୟ ଏଥି ନାହିଁ । କୃଷ୍ଣସିଂହ· ମହାଭାରତ ଉଦ୍‌ଯୋଗ

ପରଭାତୁଆ—ଦେ. ବଣ. ପୁଂ— ପରାନ୍ନଜୀବୀ—
Parabhātuā Living on another's food.

ପରଭାବ—ଗ୍ରା. (ପଦ୍ୟ) ବ. (ସଂ. ପ୍ରଭାବ) – ପ୍ରଭାବ (ଦେଖ) —
Parabhāba **परभाव** Prabhāba (See)

ପରଭୁ—ଗ୍ରା. (ପଦ୍ୟ) ବ. (ସଂ. ପ୍ରଭୁ)—ପ୍ରଭୁ (ଦେଖ)—
Parabhu Prabhu (See)

ପରଭୁରେ ଭୁରେ ବାର ପାରଭୁକେ ଉଚ୍ଛିଳ କାସ ଲେପର ।
ଅଭିମନ୍ୟୁ· ବିଦଗ୍‌ଧଚିନ୍ତାମଣି ।

ପର ଭୁକ୍ତ—ସଂ. ବଣ ପୁଂ. (କର୍ମଧା ତତ୍; ପର + ଭୁକ୍ତ) —
Para bhukta ୧ । ପୂର୍ବେ ଅନ୍ୟଦ୍ୱାରା ଭୁକ୍ତ ବା ଭୋଗ କରାଯାଇ-
(ପରଭୁକ୍ତା—ସ୍ତ୍ରୀ) ଥିବା—1. Previously enjoyed by another.
୨ । ଅନ୍ୟଦ୍ୱାରା ଅଧିକୃତ—2. Possessed by another.

ପରଭୃତ୍—ସଂ ବ. (ପର=ଅନ୍ୟ+ଭୃ ଧାତୁ=ପୋଷଣ କରିବା+
Parabhrut କର୍ତ୍ତୃ. କ୍ୱିପ୍; ଯେ ଅନ୍ୟ ଅର୍ଥାତ୍ କୋକିଳକୁ ପାଳନ
କରେ)—କାକ—The crow.

ପରଭୃତ—ସଂ. ବ. (କର୍ମଧାତତ୍;ପର=ଅନ୍ୟ କର୍ତ୍ତୃକ+ଭୃତ=ପାଳିତ)—
Parabhruta କୋକିଳ—Cuckoo.
(ପରଭୃତା—ସ୍ତ୍ରୀ) ଦେ. ବ—୧ । ପରପୁରୁଷ; ଉପନାୟକ—
1. Paramour; illicit lover.
ବେଶ୍ୟା ପଦ ବୁଇ ପରେ ପରଭୃତ ବଧାଇ ଗୀତ ଗ୍ରଥଇ ସେ ।
ଉତ୍କ. ବୈଦେହୀଶବିଳାସ ।
୨ । ଦୂତ—2. Messenger.
ବଶେଷରେ ମନ ଭଜନ୍ତୁ ନ କର ପରଭୃତ ନାମୋଦୟ ।
ଉତ୍କ. ବୈଦେହୀଶବିଳାସ ।
ଦେ. ବଣ —ଅତ୍ୟନ୍ତ; ମହତ୍—Great.
ବଳସନ୍ତ ପରଭୃତ ଭ୍ରମରେ, ବରସ୍ମିତ ସହି ମଧ୍ୟରେ ।
ଉତ୍କ. ବୈଦେହୀଶବିଳାସ ।

ପରମ—ସଂ. ବଣ. (ପର=ଉତ୍ତମ, ଶ୍ରେଷ୍ଠ+ମା ଧାତୁ=ମାପିବା+କର୍ତ୍ତୃ.
Parama ଅ)—୧ । ସମଧିକ; ସର୍ବୋତ୍ତମ—1. Highest; supreme.
(ପରମା—ସ୍ତ୍ରୀ) ୨ । ପ୍ରଥମ; ଆଦ୍ୟ—2. First; primary.
୩ । ଚରମ—3. Final.
୪ । ପ୍ରଧାନ; ଶ୍ରେଷ୍ଠ—4. Best; superior; chief.
୫ । ମହତ୍—5. Great.
୬ । ଅତ୍ୟନ୍ତ—6 Extreme; excessive.
୭ । ମହତ୍ତମ—7. Greatest.
୮ । ପ୍ରକୃତ—8. Actual; true.
ବଣର ବଣ—ଅତ୍ୟନ୍ତ—Very; excessively; profoundly.
(ଯଥା—ପରମ ପରିତୁଷ୍ଟ ।)
[ଦ୍ର—ପରମ ଶବ୍ଦ ବିଶେଷ୍ୟର ବିଶେଷଣ ଓ ବଣର ବଣ ରୂପେ ନାନା ଶବ୍ଦ ପୂର୍ବେ ବ୍ୟବହୃତ ହୁଏ, ଯଥା—ପରମଦୁଃଖ; ପରମଦୁଃଖିତ; ପରମକ୍ରୁଦ୍ଧ; ପରମଦୁର୍ମେଧାଃ; ପରମପ୍ରୀତ; ପରମପ୍ରୀତି;ପରମ ସନ୍ତୁଷ୍ଟ; ପରମଭାସ୍ୱର; ପରମମନ୍ୟମାନ, ପରମମହାନ୍; ପରମବେଧ୍ମିକ; ପରମଶୋଭନ; ପରମସମ୍ମତ; ପରମାଙ୍ଗନା; ପରମାର୍ତ୍ତ ।]
କ୍ରି· ବଣ—୧ । ଅତ୍ୟନ୍ତ—1. Very; much; extremely.
୨ । ସମଧିକରୂପେ—2. Highly; greatly.
ସଂ. ବ—୧ । ଶିବ (ହି. ଶ)—1. Siba.
୨ । ବିଷ୍ଣୁ (ହି. ଶ)—2. Bishnu.
ଦେ. ବ—ପରମାତ୍ମା; ମନୁଷ୍ୟଠାରେ ଈଶ୍ୱରସତ୍ତା—
The Divine particle or soul in man.
ଜୀବ ପରମ ବେନ ଅଂଶ ଏ ବନ୍ଧ ମୁକ୍ତିର ପ୍ରବେଶ ।
ଭୂପତି, ପ୍ରେମପଞ୍ଚାମୃତ ।

ପରମ କ୍ରୁଦ୍ଧ—ସଂ ବଣ. ପୁଂ—ଅତ୍ୟନ୍ତ ରାଗାନ୍ୱିତ—
Parama kruddha (ପରମ କ୍ରୁଦ୍ଧା—ସ୍ତ୍ରୀ) Extremely angry.

ପରମ ଗତି—ସଂ. ବ. (କର୍ମଧା; ପରମା+ଗତି) —
Parama gati ୧ । ଉତ୍କୃଷ୍ଟ ଗତି—1. The supreme path (to heaven).
୨ । ସର୍ବୋତ୍କୃଷ୍ଟ ଆଶ୍ରୟ—
2. Supreme resort or refuge.
୩ । ମୋକ୍ଷ; ନିର୍ବାଣ—3. Final deliverance; final beatitude; salvation.

ପରମ ଗବ—ସଂ. ବ—ଉତ୍କୃଷ୍ଟ ବଳଦ—
Parama gaba An excellent bull. (M. W.)

ପରମ ଗହନ—ସଂ. ବଣ—ଅତ୍ୟନ୍ତ ଗୁପ୍ତ ବା ଅବୋଧ୍ୟ—
Parama gahana Very mysterious or profound.

ପରମ ଗୁରୁ—ସଂ. ବ. (କର୍ମଧା; ପରମ+ଗୁରୁ)—
Parama guru ଗୁରୁଙ୍କ ଗୁରୁ; ଅଜା ଗୁରୁ—
One's preceptor's preceptor.
ଦେ. ବ—ବ୍ରାହ୍ମଣଙ୍କ ରାଜଦତ୍ତ ଉପାଧିବିଶେଷ—
A title given by Rajas to Brāhmaṇas.

ପରମ ଜ୍ୟୋତିଃ—ସଂ. ବ. (ବହୁବ୍ରୀହି; ପରମ+ଜ୍ୟୋତିଃ)—
Parama jyotiḥ ୧ । ପରମେଶ୍ୱର—1. God.
୨ । (କର୍ମଧା) ଦିବ୍ୟ ଜ୍ୟୋତିଃ; ସ୍ୱର୍ଗୀୟ ପ୍ରଭା—
2. Divine light; heavenly halo.

ପରମ ତତ୍ତ୍ୱ—ସଂ. ବ. (କର୍ମଧା; ପରମ+ତତ୍ତ୍ୱ)—
Parama tattwa ୧ । ଉତ୍କୃଷ୍ଟ ତତ୍ତ୍ୱ—1. The supreme principle.
(ପରମ ତତ୍ତ୍ୱ—ଅନ୍ୟରୂପ)
୨ । ଈଶ୍ୱରଙ୍କ ତତ୍ତ୍ୱ—
2. The ultimate truth or secret; metaphysical truth.
୩ । ସର୍ବୋତ୍କୃଷ୍ଟ ସତ୍ୟ—3. The highest truth.

ପରମଦା—ଗ୍ରା· (ପଦ୍ୟ) ବ (ପ୍ରମଦା) —ପ୍ରମଦା; ସ୍ତ୍ରୀ—
Paramadā Woman.
ପରମଦା ବର ସଙ୍ଗ, ପରମ ଦାରୁଣ ଫଳ ଧନ ପାଶେ ଅନୁସରି ଅଛ ମୁହିଁ ।
ବଳଦେବ ରଥ, ଚମ୍ପୁ ଗୀତ ।

ପରମଦ୍ରୁ—ସଂ. ବ—ଅଗୁରୁ ଚନ୍ଦନ—
Paramadru Amyris Agallocha (tree). (M. W.)

ପରମ ଧାମ—ସଂ. ବ (କର୍ମଧା)—ବୈକୁଣ୍ଠ; ସ୍ୱର୍ଗ—
Parama dhāma Heaven.

ପରମ ପଦ—ସଂ. ବ. (କର୍ମଧା; ପରମ+ପଦ)—
Parama pada ୧ । ମୋକ୍ଷ—1. The final beatitude.
୨ । ସର୍ବୋଚ୍ଚ ସ୍ଥାନ—
2. The highest position imaginable.
୩ । ଅପବର୍ଗ—3. Summum bonum of life.
୪ । (ଷଷ୍ଠୀ ତତ୍) ପରମ ଦେବତାଙ୍କର ଚରଣ—
4. The Feet of God.

ପରମ ପଦାର୍ଥ—ସଂ. ବ. (କର୍ମଧା; ପରମ+ପଦାର୍ଥ)—
Parama padārtha ପରମ ପଦ (ଦେଖ)
Parama pada (See)

ପରମ ପରମ—ସଂ. ବ—ସର୍ବୋତ୍କୃଷ୍ଟ; ସର୍ବୋଚ୍ଚ—
Parama parama Highest or most excellent of all. (M. W.)

ପରମ ପରିତୋଷ—ସଂ. ବ. (କର୍ମଧା; ପରମ+ପରିତୋଷ)—
Parama paritosha ଅତ୍ୟନ୍ତ ଆନନ୍ଦ—
ପରମ ପରିତୁଷ୍ଟି, ପରମ ସନ୍ତୋଷ } ଅନ୍ୟରୂପ Supreme happiness.
(ପରମ ପରିତୁଷ୍ଟ, ପରମ ସନ୍ତୁଷ୍ଟ—ବଣ)

ପରମ ପିତା—ସଂ. ବ. (କର୍ମଧା; ଜଗତର ଶ୍ରେଷ୍ଠ ପିତା)—
Parama pitā ପରମେଶ୍ୱର; ଜଗତ୍ପିତା ଈଶ୍ୱର—
The Almighty Father; God.

ପରମ ପୁରୁଷ—ସଂ. ବ. (କର୍ମଧା; ପରମ+ପୁରୁଷ)—ପରମେଶ୍ୱର—
Parama purusha The Supreme Spirit; God.
(ପରମ ପୁଂସ, ପରମ ପିତା—ଅନ୍ୟରୂପ)

ପରମ ଫଳ—ସଂ. ବ—୧ । ସର୍ବାପେକ୍ଷା ଉତ୍ତମ ଫଳ; ଉତ୍କୃଷ୍ଟ ପରିଣାମ—
Parama phaḷa 1. Excellent result.
୨ । ମୋକ୍ଷ; ମୁକ୍ତି—Salvation; final beatitude.

ପରମ ବନ୍ଧୁ—ସଂ. ବ. (କର୍ମଧା; ପରମ+ବନ୍ଧୁ)—
Parama bandhu ଶ୍ରେଷ୍ଠ ବନ୍ଧୁ—An excellent or eminent friend.
ଦେ. ବ—୧ । ବନ୍ଧୁର ବନ୍ଧୁ—1. One's friend's friend; one's relative's relative.
୨ । ପ୍ରୀତି ବନ୍ଧୁ; ମହାପ୍ରସାଦ ବନ୍ଧୁ—2. A person related to one by god-relationship; a god-relation.

ପରମ ବୈଷ୍ଣବ—ସଂ. ବଣ. ପୁଂ (କର୍ମଧା; ପରମ+ବୈଷ୍ଣବ)—
Parama baishṇaba ବିଶେଷ ବିଷ୍ଣୁଭକ୍ତ (ବ୍ୟକ୍ତି)—
(ପରମ ବୈଷ୍ଣବୀ—ସ୍ତ୍ରୀ) Greatly devoted to Bishṇu.

ପରମ ବୈଷ୍ଣବୀ—ସଂ. ବଣ. ସ୍ତ୍ରୀ—୧ । ଯେଉଁ ଦେବୀ ବା ଶକ୍ତି ପ୍ରତିମାଙ୍କ
Parama baishṇabī ଆଗରେ ଜୀବ ବଳି ପଡ଼େ ନାହିଁ
(ପରମ ବ୍ରହ୍ମଚାରିଣୀ—ଅନ୍ୟରୂପ) (ଯଥା—ଭୁବନେଶ୍ୱରର ଲିଙ୍ଗରାଜ ମହାପ୍ରଭୁଙ୍କ ବେଢ଼ା ମଧ୍ୟରେ ଥିବା ଭୁବନେଶ୍ୱରୀ ମୂର୍ତ୍ତି)—
1. A Goddess before whom victims are not sacrificed.
୨ । ଦୁର୍ଗା—2. A name of Durgā.

ପରମ ବ୍ରହ୍ମ—ସଂ. ବ—ପରମ ପୁରୁଷ; ପରମେଶ୍ୱର—
Parama brahma The Suprem Spirit; God.

ପରମ ଭକ୍ତ—ସଂ. ବ—ଅତ୍ୟନ୍ତ ଅନୁଗତ ଭକ୍ତ—
Parama bhakta A very faithful devotee or adherent.

ପରମ ଭଟ୍ଟାରକ—ସ.ବ. ପୁଂ—ସମ୍ରାଟଙ୍କର ପ୍ରାଚୀନ ଉପାଧିବିଶେଷ—
Parama bhaṭṭāraka A title given to emperors in ancient times.
(ପରମ ଭଟ୍ଟାରିକା—ସ୍ତ୍ରୀ)

ପରମ ମାୟା—ସ. ବ—ପରମେଶ୍ୱର—
Parama māyā God.

ପରମ ମୁକ୍ତି—ସ. ବ. (କର୍ମଧା; ପରମ+ମୁକ୍ତି)—ନିର୍ବାଣ; ମୁକ୍ତି—
Parama mukti Final beatitude.
(ପରମ ମୋକ୍ଷ—ଅନ୍ୟରୂପ)

ପରମ ଯୋଗୀ—ସ. ବ—୧ । ଶ୍ରେଷ୍ଠ ଯୋଗୀ—
Parama jogī 1. An eminent devotee or ascetic.
୨ । ମହାଦେବ—2. An epithet of Śiba.

ପରମର୍ଦ୍ଧିକ—ସ. ବଣ. ପୁଂ. (ପରମ+ଋଦ୍ଧି+କ)—ଅତ୍ୟନ୍ତ ଭାଗ୍ୟବାନ—
Paramarddhika Very fortunate.
(ପରମର୍ଦ୍ଧିକା—ସ୍ତ୍ରୀ)

ପରମ ରସ—ସ. ବ.-ପାଣି ମିଶା ଦହି; ଜଳ ମିଶ୍ରିତ ତକ୍ର (ହ୍ରୁ. ଶ.)—
Parama rasa Churned buttermilk mixed with water.

ପରମ ରହସ୍ୟ—ସ. ବ. (କର୍ମଧା, ପରମ+ରହସ୍ୟ)—ଅତ୍ୟନ୍ତ
Parama rahasya ଗୋପନୀୟ ବା ଗୂଢ଼ ତତ୍ତ୍ୱ—
Profound or the deepest mystery.

ପରମର୍ଷି—ସ. ବ. (କର୍ମଧା; ପରମ+ଋଷି)—ମହର୍ଷି; ଶ୍ରେଷ୍ଠମୁନି
Paramarshi (ବେଦବ୍ୟାସ, ନାରଦ, ଶୁକ, ମାର୍କଣ୍ଡେୟଆଦି)—
An eminent sage; a saint of the 1st rank.

ପରମ ସମୁଦୟ—ସ. ବଣ—୧ । ଅତ୍ୟନ୍ତ ମଙ୍ଗଳ ସୂଚକ—
Parama samudaya 1. Very auspicious. (M W.)
୨ । ଅତ୍ୟନ୍ତ କୃତକାର୍ଯ୍ୟ—2. Very successful. (M.W)

ପରମ ସମ୍ମତ—ସ. ବଣ—ଅତ୍ୟନ୍ତ ସମ୍ମାନିତ—Highly esteemed;
Parama sammata much revered (M. W.)

ପରମ ସର୍ବତ୍ର—ସ. ଅ—ସବୁଠାରେ—Everywhere;
Parama sarbatra throughout. (M. W.)

ପରମ ସୁଖ—ସ. ବ—ଅତ୍ୟନ୍ତ ଆନନ୍ଦ—Supreme happiness.
Parama sukha (ପରମସୁଖୀ—ବଣ)

ପରମ ସୁନ୍ଦର—ସ. ବଣ. ପୁଂ—ଅତ୍ୟନ୍ତ ସୁନ୍ଦର—
Parama sundara Very beautiful.
(ପରମ ସୁନ୍ଦରୀ, ପରମାସୁନ୍ଦରୀ—ସ୍ତ୍ରୀ)

ପରମ ହଂସ—ସ. ବ. ପୁଂ (କର୍ମଧା; ପରମ=ପ୍ରଧାନ+ହଂସ=ଯୋଗୀ)—
Parama haṁsa ୧ । ଧ୍ୟାନ ଦ୍ୱାରା ଇନ୍ଦ୍ରିୟ ଦମନ କରିଥିବା

ଯୋଗୀ; ସିଦ୍ଧପୁରୁଷ; ମହାଯୋଗୀ—1. An ascetic of the highest order; a religious man who has subdued all his senses by abstract meditation.

[ଦ୍ର—ଯେଉଁ ସନ୍ନ୍ୟାସୀ ଜ୍ଞାନର ପରମ ଅବସ୍ଥାରେ ଉପନୀତ ହୋଇ ଅଛନ୍ତି ଅର୍ଥାତ୍ ସେ ପରମ ବ୍ରହ୍ମଙ୍କ ସତ୍ତା ପୂର୍ଣ୍ଣରୂପରେ ଅନୁଭବ କରି ପାରିଅଛନ୍ତି ତାଙ୍କୁ ପରମହଂସ ବୋଲାଯାଏ । କୌଣସି ବ୍ୟକ୍ତି ସନ୍ନ୍ୟାସ ଅବଲମ୍ବନ କଲେ ଶିଖାସୂତ୍ର ତ୍ୟାଗ କରି ଦଣ୍ଡ କମଣ୍ଡଳୁ ଗ୍ରହଣ କରନ୍ତି; କିନ୍ତୁ ସେ ପରମହଂସ ଅବସ୍ଥା ପ୍ରାପ୍ତ ହେଲେ ତାଙ୍କର ଦଣ୍ଡ କମଣ୍ଡଳୁ ଗ୍ରହଣ ଆବଶ୍ୟକ ହୁଏ ନାହିଁ; ସେ ସବୁ ପ୍ରକାର ବନ୍ଧନରୁ ମୁକ୍ତ ହୁଅନ୍ତି; ତାଙ୍କୁ ଶ୍ରାଦ୍ଧ, ସନ୍ଧ୍ୟା, ତର୍ପଣ, ଦେବାର୍ଚ୍ଚନ ଆଦି କରିବାକୁ ହୁଏ ନାହିଁ ଓ ସେ କାହାକୁ ନମସ୍କାର କରିବେ ନାହିଁ । ସେ ସର୍ବଦା ଅଧ୍ୟାତ୍ମନିଷ୍ଠ, ନିର୍ଦ୍ଦ୍ୱନ୍ଦ୍ୱ, ନିଷ୍ପରିଗ୍ରହ ଓ ବ୍ରହ୍ମବିତ୍ ହୋଇ ବ୍ରହ୍ମରେ ସ୍ଥିତ ହୁଅନ୍ତି । ଅବଧୂତମାନଙ୍କର ୪ଟି କ୍ରମ ଅଛି, ଯଥା—କୁଟୀଚକ, ବହୂଦକ, ହଂସ ଓ ପରମହଂସ । ପରମ ହଂସ ସର୍ବଶ୍ରେଷ୍ଠ । ପରମହଂସ ନିର୍ଦ୍ଦିଷ୍ଟ ଗୁଣ୍ୟ ପଥରେ ବିଚରଣ କରନ୍ତି—(ହି. ଶବ୍ଦସାଗର)]

୨ । ସିଦ୍ଧପୁରୁଷଙ୍କ ଉପାଧିବିଶେଷ—
2. A title of an eminent saint.

୩ । ପରମାତ୍ମା; ପରମେଶ୍ୱର—
3. The Supreme Spirit; God.

ଦେ. ବି. (ନାମ)—କଟକ ସହରଠାରୁ ୧୦ ମାଇଲ ପୂର୍ବରେ ଅବସ୍ଥିତ ଗ୍ରାମବିଶେଷ—Name of a village 10miles east of the town Cuttack.

[ଦ୍ର—ଏଠାରେ ପରମହଂସ ନାଥ ନାମକ ଶିବଲିଙ୍ଗ ଅଛନ୍ତି ଏବଂ ଶିବରାତ୍ରିରେ ଏଠାରେ ଗୋଟିଏ ବଡ଼ ମେଳା ହୁଏ । ଏହି ଗ୍ରାମର ନିକଟବର୍ତ୍ତୀ ସଫିପୁର, ବମୁରି ଓ ଅଥଗାରେ ଭଲ 'ପାନ' ଫସଲ ହୁଏ । ଏହି ପାନ ପରମହଂସୀ ପାନ ନାମରେ ଉତ୍କଳରେ ପ୍ରସିଦ୍ଧ ।]

ପରମା—ସଂ. ବିଣ. ସ୍ତ୍ରୀ (ପରମ + ସ୍ତ୍ରୀ. ଆ)— 'ପରମର' ସ୍ତ୍ରୀଲିଙ୍ଗ—
Paramā Feminine of 'Parama'
ସଂ. ବି.—ଚବ୍ୟ (ହି. ଶ.) — Piper Chaba.
ଦେ. ବି.—ପରମାନନ୍ଦର ଅନାଦରାର୍ଥକ ଡାକ ନାମ—
Name by which a person named Paramānanda is called.
(ପରମି, ପରମୁ—ଆଦରାର୍ଥକ ରୂପ)

ପରମାକ୍ଷର—ସଂ. ବି. (କର୍ମଧା; ପରମ + ଅକ୍ଷର)—ଓଁକାର—
Paramākshara The sacred syllable Om (M.W.)

ପରମାଣ—ଗ୍ରା. (ପଦ୍ୟ) ବି ଓ ବିଣ (ସଂ. ପ୍ରମାଣ)—
Paramāṇa ୧ । ପ୍ରମାଣ (ଦେଖ)—1. Pramāṇa (See).
परमाण ଯହିଁ ସଂସାର ପରମାଣ, ଭୂତ ଭବିଷ୍ୟ ବର୍ତ୍ତମାନ
পরমান ଜଗନ୍ନାଥ. ଗୁପ୍ତଗୀତା ।
୨ । (ସଂ. ପରିମାଣ) ପରିମାଣ (ଦେଖ) Parimāṇa (See).

ପରମାଣିକ—ଦେ. ବି. (ସଂ. ପ୍ରାମାଣିକ) – ୧ । ଜାତିର ପ୍ରଧାନ ବ୍ୟକ୍ତି—
Paramāṇika 1. The headman of a caste.
परामाणिक ଅତି ଅଭିହାତୃଆ ଜାତିଙ୍କ ପରି ତନ୍ତିମାନଙ୍କର ମଧ୍ୟ ଜଣେ ପରମାଣିକ
ঠাকুর ଅଛନ୍ତି । ଫକୀରମୋହନ ଛମାଣ ଆଠଗୁଣ୍ଠ ।
୨ । ତନ୍ତିମାନଙ୍କ ଉପାଧିବିଶେଷ—
2. Family-title of some weavers.
୩ । ତନ୍ତିସମାଜର ପ୍ରଧାନ ବ୍ୟକ୍ତିର ଉପାଧି—
3. A title of the headman amongst weavers.
୪ । ଭଣ୍ଡାରି ଜାତିର ମୁଖ୍ୟବ୍ୟକ୍ତିର ଉପାଧି—
4. A title of the headman of the barber cast.

ପରମାଣିବା—ଗ୍ରା. (ପଦ୍ୟ) କ୍ରି—୧ । (ସଂ.ପରିମାଣ) ପରିମାଣିବା (ଦେଖ).
Paramāṇibā 1. Parimāṇibā (See)
परमाणा ହେତୁକର ଅଚ୍ୟୁତ ବଚନ ପରମାଣି— ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।
পরমানন ୨ । (ସଂ. ପ୍ରମାଣ) ପ୍ରମାଣ ରୂପେ ଗ୍ରହଣ କରିବା—
2. To accept as evidence.
୩ । ସ୍ୱୀକାର କରିବା—3. To agree.

ପରମାଣୁ—ସଂ. ବି (ପରମ + ଅଣୁ = କଣା, ଆଧୁନିକ ବିଜ୍ଞାନ ପରିଭାଷା)—
Paramāṇu ୧ । ସୂକ୍ଷ୍ମତମ ଅଂଶ—1. Infinitesimal particle or atom.
୨ । ଜଡ଼ ପଦାର୍ଥର ସୂକ୍ଷ୍ମତମ ଅଂଶ—2. Molecule.

[ଦ୍ର—ବୈଶେଷିକ ଦର୍ଶନ ମତରେ ପଞ୍ଚଭୂତ ମଧ୍ୟରୁ ଆକାଶର ପରମାଣୁ ନାହିଁ; ଆଉ ଚାରିଭୂତ (ପୃଥିବୀ, ଜଳ, ତେଜଃ ଓ ବାୟୁ)ର ପରମାଣୁ ଅଛି । ବସ୍ତୁକୁ କ୍ରମଶଃ ସୂକ୍ଷ୍ମ ଅଂଶରେ ବିଭକ୍ତ କଲେ ଅଣୁ ହୁଏ; ଅଣୁକୁ ସୂକ୍ଷ୍ମାଂଶରେ ବିଭକ୍ତ କଲେ ପରମାଣୁ ହୁଏ । ପରମାଣୁ ଚକ୍ଷୁରାଦି ଇନ୍ଦ୍ରିୟ ଦ୍ୱାରା ଅନୁଭୂତ ହୋଇ ନ ପାରେ । ପରମାଣୁମାନଙ୍କ ସଂଯୋଗରେ ଯାବତୀୟ ବସ୍ତୁର ଉତ୍ପତ୍ତି । ଦୁଇ ଦୁଇ ପରମାଣୁର ମିଳନରେ ଦ୍ୱ୍ୟଣୁକ ବା ଅଣୁ ; ୩ ଦ୍ୱ୍ୟଣୁକର ମିଳନରେ ତ୍ରସରେଣୁ; ଚାରିଦ୍ୱ୍ୟଣୁକର ମିଳନରେ ଚତୁରଣୁକ ହୁଏ । ଏହି ପରମାଣୁମାନଙ୍କ ସଂଯୋଗରେ ବାୟୁ, ବାୟୁର ପରମାଣୁଗଣର ସଂଯୋଗରେ ଜଳ, ଜଳର ପରମାଣୁଗଣର ସଂଯୋଗରେ ପୃଥିବୀର ଓ ପୃଥିବୀ ପରମାଣୁଗଣର ସଂଯୋଗରେ ତେଜଃ ଉତ୍ପନ୍ନ ହୁଏ; ଏହାହିଁ ବୈଶେଷିକ ଦର୍ଶନର ପରମାଣୁବାଦ । ପରମାଣୁ ସୂକ୍ଷ୍ମ ଓ ଅନନୁମେୟ ଅଟେ, ଏହା ଇନ୍ଦ୍ରିୟଗ୍ରାହ୍ୟ ନୁହେଁ । ଆଧୁନିକ ରସାୟନ ଓ ଜଡ଼ବିଜ୍ଞାନ ମତରେ ୭୫ ଟି ମୂଳ ପଦାର୍ଥର ପରମାଣୁଦ୍ୱାରା ଏ ଜଗତର ସମସ୍ତ ବସ୍ତୁ ନିର୍ମିତ । ପରମାଣୁମାନଙ୍କ ଚଳନଦ୍ୱାରା ଆଲୋକ, ବିଦ୍ୟୁତ, ତାପ ଆଦି ଜାତ ହୁଏ—ହି. ଶ. ସୂର୍ଯ୍ୟ କିରଣର ଗୋଟିଏ ଅଣୁ ୩୦ଟି ପରମାଣୁର ସମଷ୍ଟି ଅଟେ—M.W ।]

ପରମାଣୁ ବାଦ—ଦେ. ବି (ଜଡ଼ ବିଜ୍ଞାନ ଓ ବୈଶେଷିକ ଦର୍ଶନ)—ଜଡ଼ ଜଗତର ଯାବତୀୟ ବସ୍ତୁ ପରମାଣୁମାନଙ୍କ ଯୋଗାକର୍ଷଣର ଫଳ ବୋଲି ବୈଜ୍ଞାନିକମାନେ ଯେଉଁ ମତ ପୋଷଣ କରନ୍ତି—The atomic theory of the universe; the atomistic system of the Baiseshika system of Hindu philosophy.
Paramāṇu bāda
(ପରମାଣୁ ବାଦୀ—ବିଣ. ପୁଂ.)

ପରମାଣେ—ଗ୍ରା. (ପଦ୍ୟ) ଅ—ପ୍ରମାଣେ (ଦେଖ)
Paramāṇe Pramāṇe (See).

ପ୍ରମାଣେ ଏମନ୍ତ ଶ୍ରୁତି ଗୋଚୀମାନେ
ସଯସଯ ବୋଲନ୍ତି ଅଛି ପରମାଣେ – ଭୂପ. ପ୍ରେମପଞ୍ଚାମୃତ ।

ପରମାତ୍ମା—ସ. ବି (କର୍ମଧାରୟ; ପରମ + ଆତ୍ମନ୍)—୧ । ପରମେଶ୍ବର; Paramātmā ପରବ୍ରହ୍ମ—1. God; the Supreme Spirit.
୨ । ଜୀବନ୍ତ ମନୁଷ୍ୟର ଅଭ୍ୟନ୍ତରରେ ଥିବା ଈଶ୍ବରସତ୍ତା—
2. The Divine Particle or Soul in man; the Supreme or Unievrsal Soul.
[ଦ୍ର—ପ୍ରତ୍ୟେକ ମନୁଷ୍ୟର ଶରୀରରେ ଜୀବାତ୍ମା ଅଛନ୍ତି ଏବଂ ପ୍ରତ୍ୟେକ ଜୀବାତ୍ମାରେ ସୂକ୍ଷ୍ମରୂପେ ପରମାତ୍ମା ବା ଈଶ୍ବରସତ୍ତା ବିରାଜିତ ।]

ପରମାତ୍ମୀୟ—ସ. ବି. ପୁଂ. (କର୍ମଧା; ପରମ + ଆତ୍ମୀୟ)—ଅନ୍ତରଙ୍ଗ ବନ୍ଧୁ— Paramātmiya One's very close or intimate friend.
(ପରମାତ୍ମୀୟା—ସ୍ତ୍ରୀ)

ପରମାଦ—ଗ୍ରା. (ପଦ୍ୟ) ବି (ସ. ପ୍ରମାଦ)—ପ୍ରମାଦ (ଦେଖ) Paramāda Pramāda (See)
ପରମାଦ ପାତକ୍ୟ ଧଂସୀ ଶ୍ରୀମହାପ୍ରସାଦେ
ପରମାଦ ଜାତ ବଧ୍ୟଂସ ହେଲେ ପରମାଦେ । କବିସୂର୍ଯ୍ୟ,
ବିଣ (ସ. ପ୍ରମାଦଦାୟକ)—ଦୁଃଖଦାୟକ— Painful; afflicting.
ତ୍ରିଦିବସନ୍ତ, ପରମାଦ ବଡ଼ ଭୁଞ୍ଜ ଗୋ । କବିସୂର୍ଯ୍ୟ, କଳୋଗଚମ୍ପୁ ପ ଗୀତ ।

ପରମାଦର—ସ. ବି (କର୍ମଧା; ପରମ + ଆଦର)—ଅତିଶୟ ଆଦର; Paramādara ସମାଦର—Greatest respect or regard.
(ପରମାଦୃତ, ପରମାଦରଣୀୟ—ବିଣ)

ପରମାଦ୍ବୈତ—ସ. ବି (କର୍ମଧାରୟ; ପରମ + ଅଦ୍ବୈତ)—ପରମାତ୍ମା; Paramādwaita ପରମେଶ୍ବର—God; the Supreme Spirit.

ପରମାନନ୍ଦ—ସ. ବି. (କର୍ମଧାରୟ; ପରମ + ଆନନ୍ଦ)—୧ । ଅତ୍ୟନ୍ତ Paramānanda ଆନନ୍ଦ—1. Supreme delight or bliss; highest felicity.
୨ । ଅଖଣ୍ଡାନନ୍ଦ; ଚିରସ୍ଥାୟୀ ସୁଖ—
2. Permanent bliss; eternal happiness.
୩ । ପରମେଶ୍ବର—3. God; the Supreme Being.
୪ । ଶ୍ରୀକୃଷ୍ଣ—4. Srikrushna.
ପରମାନନ୍ଦଙ୍କୁ ଚରଣରୁ ଭୁଜା ! ପ୍ରୀତିଶ୍ରେଣ ବନ୍ଧା କେଲେ—ସଙ୍ଗୀତ ।
ଦେ. ବି. ପୁଂ— ଲୋକଙ୍କ ନାମ — Name given to males.
ଦେ. ବିଣ—ପରମ ଆନନ୍ଦିତ—Highly pleased.
ପରମାନନ୍ଦ ହେଲେ ବ୍ରହ୍ମା—ଭୂପତି. ପ୍ରେମପଞ୍ଚାମୃତ ।

ପରମାନ୍ନ—ସ. ବି. (କର୍ମଧା; ପରମ + ଅନ୍ନ = ଖାଦ୍ୟ)—(ଦୈବ ଓ Paramānna ପିତୃକାର୍ଯ୍ୟରେ ବ୍ୟବହୃତ ହେଉଥିବାରୁ) କ୍ଷୀରି; ପାୟସାନ୍ନ; ଦୁଗ୍ଧ ଓ ଶର୍କରାଦ୍ବାରା ପକ୍ବ ଅନ୍ନ— A kind of rice-gruel; rice boiled with milk and sugar (lit. best food).

ପରମାପଦ—ଦେ. ବି. (କର୍ମଧା; ପରମ + ଆପଦ୍)—ଘୋର ସଙ୍କଟ— Paramāpada . Extreme danger.

ପରମାପ୍ୟାୟିତ—ସ. ବିଣ—ଅତି କୃତାର୍ଥ— Paramāpyāyita Much gratified.

ପରମାୟୁ—ଦେ. ବି. (ସ. ପରମାୟୁସ୍)—ପରମାୟୁଃ (ଦେଖ) Paramāyu Paramāyuh (See)
ପରମାୟୁଷ, ପରମାଇସ } ଅନ୍ୟରୂପ [ଭିନ୍ନ ଭିନ୍ନ ଜୀବଙ୍କ ପରମାୟୁ ସମ୍ବନ୍ଧରେ ନିମ୍ନଲିଖିତ ପ୍ରବଚନ ଅଛି; ଯଥା—
परमायु ନରକୁଞ୍ଜର ବିଶାଶତ (୧୨୦ ବର୍ଷ)
परमायु ଛତିଶ ପଚରେ ଘୋଡ଼ା କ୍ଷୟେ (୩୬ ବର୍ଷ)
ଗୋରୁ ଚବିଶ, କୁକୁର ବାର
ତିରିଶ ବର୍ଷରେ ମରେ ବଳିୀର
ଛଅଶ ଶାଗୁଣା, ନଅଶ କୁଆ
ବାସ୍ତୁ ହେଲେ ମରେ ବଲୁଆ ।
ଜ୍ୟୋତିଷ ମତରେ ମନୁଷ୍ୟର ପରମାୟୁ ବିଶାଶତେ ବର୍ଷ ମଧ୍ୟରୁ ଜନ୍ମ ନକ୍ଷତ୍ରଦ୍ବାରା ଦଶାଗଣାକ୍ରମେ ରବିଦଶା ୬, ଚନ୍ଦ୍ର ୧୦, ମଙ୍ଗଳ ୭, ରାହୁ ୧୮, ବୃହସ୍ପତି ୧୬, ଶନି ୧୯, ବୁଧ, ୧୭, କେତୁ ୭ ଓ ଶୁକ୍ର ୨୦ ବର୍ଷ, ଏପରି ଭୋଗ ହୁଏ ।]

ପରମାୟୁଃ—ସ. ବି. (ପରମ + ଆୟୁସ୍)—୧ । ପ୍ରାଣୀର ଜୀବନ-କାଳ; Paramāyuh ଆୟୁଷ—1. Duration or span of life of an animal; life time.
୨ । କୌଣସି ଜାତୀୟ ପ୍ରାଣୀର ଜୀବନକାଳର ସର୍ବୋଚ୍ଚ ସୀମା—
2. Longest period of life attained by any class of animals.
ସ. ବିଣ—ଯେ ବହୁକାଳ ଜୀବିତ ରହିଅଛି—
Reaching to a very advanced age. (M W).

ପରମାୟୁଷ—ସ. ବି. (ବହୁବ୍ରୀହି; ପରମ + ଆୟୁସ + ଅ; ଯାହା ବହୁ Paramāyusha ଦିନ ବଞ୍ଚେ)—ପିଆଶାଳ ଗଛ (ହି. ଶ.)— Terminalia Tomentosa. (M. W).

ପରମାୟୁ ହାନି—ଦେ. ବି. (୬ଷ୍ଠୀ ତତ୍; ପରମାୟୁଃ + ହାନି)—ରୋଗ ଓ Paramāyu hāni ପାପାଦିଦ୍ବାରା ପରମାୟୁ କମିଯିବା—
(ପରମାୟୁ କ୍ଷୟ—ଅନ୍ୟରୂପ) Shortening of the span of one's life.

ପରମାର—ଦେ. ବି—ଅଗ୍ନିକୁଳର ଅନ୍ତର୍ଗତ ରାଜପୁତ ଜାତିବିଶେଷ— Paramāra परमार परमार A sect of Rajputs.
[ଦ୍ର—ଏମାନେ ମାଳବରେ ରାଜତ୍ବ କରୁଥିଲେ ।]

ପରମାହ—ସ. ବି. (କର୍ମଧା; ପରମ + ଅହନ୍)—୧ । ଶୁଭଦିନ— Paramāha 1. An auspicious day.
୨ । ଉତ୍ତମ ଦିବସ—2. An excellent day.

ପରମାର୍ଥ—ସ. ବି. (କର୍ମଧା; ପରମ + ଅର୍ଥ)—୧ । ଶ୍ରେଷ୍ଠ ବସ୍ତୁ— Paramārtha 1. Supreme thing; any excellent or important object.
୨ । ଜୀବନର ଶେଷ ଉଦ୍ଦେଶ୍ୟ—2. The supreme object of life; summum bonum of life.
୩ । ଆଧ୍ୟାତ୍ମିକ ଜ୍ଞାନ—
3. Spiritual knowledge. (Howells).

୪ । ଧର୍ମ—4. Religion.
୫ । ସମ୍ପୂର୍ଣ୍ଣ ସତ୍ୟ—5. Whole truth. (Howells).
୬ । ଯାଥାର୍ଥ୍ୟ—6. Exactitude; reality.
୭ । ଶ୍ରେଷ୍ଠ ଧନ—7. Best kind of wealth
୮ । ଈପ୍ସିତ ଧନ—1. Longed for riches.
୯ । ପରଂବ୍ରହ୍ମ—9. The Supreme Being.
୧୦ । ସର୍ବୋତ୍ତମ ଅର୍ଥ ବା ତାତ୍ପର୍ଯ୍ୟ—
10. Excellent sense or meaning.
୧୧ । ବେଦାନ୍ତାଦି—11. The Bedānta etc. (M. W).
୧୨ । ମୋକ୍ଷ—12. Final beatitude.
୧୩ । (ନ୍ୟାୟଦର୍ଶନ) ଦୁଃଖର ସର୍ବଥା ଅଭାବରୂପ ସୁଖ (ହି. ଶ)—
13. (Nyāya Philosophy) Happiness due to the total absence of misery.

ଦେ. ବି—ଧର୍ମକାର୍ଯ୍ୟ—
Religious object; spiritual object.

ପରମାର୍ଥ ତତ୍ତ୍ୱ—ସଂ. ବି—ବ୍ରହ୍ମଜ୍ଞାନ—The supreme knowledge of the divinity of God.
Paramārtha tattwa

ପରମାର୍ଥ ତତ୍ତ୍ୱଜ୍ଞ—ସଂ. ବିଣ. ପୁଂ. (ପରମାର୍ଥ+ତତ୍ତ୍ୱ+ଜ୍ଞା ଧାତୁ+ଅ)—
Paramārtha tattwajña ୧ । ବେଦାନ୍ତଜ୍ଞ—
(ପରମାର୍ଥବିତ୍—ଅନ୍ୟରୂପ) 1. Versed in the Bedānta.
୨ । ବ୍ରହ୍ମଜ୍ଞ; ଈଶ୍ୱରତତ୍ତ୍ୱଜ୍ଞ—2. Knowing the Supreme Being; knowing the highest truth.

ପରମାର୍ଥ ଦରିଦ୍ର—ସଂ. ବିଣ—ଫଳତଃ ଗରିବ; ନାଦାନ୍ ଛଅ ଦଶା
Paramārtha daridra ଦରିଦ୍ର—Really poor.

ପରମାର୍ଥବିଦ୍—ସଂ. ବିଣ. ପୁଂ. (ପରମାର୍ଥ+ବିଦ୍ ଧାତୁ+କ୍ୱିପ୍; ୧ମା.
Paramārthabid ୧ବ)—ପରମାର୍ଥତତ୍ତ୍ୱଜ୍ଞ (ଦେଖ)—
Paramārtha tattwajña (See)
(ପରମାର୍ଥଜ୍ଞ, ପରମାର୍ଥବାଦୀ—ଅନ୍ୟରୂପ)

ପରମାର୍ଥ ବିଦ୍ୟା—ସଂ. ବି—ଅଧ୍ୟାତ୍ମବିଦ୍ୟା—Theology;
Paramārtha bidyā philosophy; spiritual knowledge.

ପରମାର୍ଥୀ—ସଂ. ବିଣ—୧ । ମୁମୁକ୍ଷୁ—1. Seeking salvation.
Paramārthi ପରମାର୍ଥ ତତ୍ତ୍ୱଜିଜ୍ଞାସୁ—2. Inquisitive of; the highest truth.

परमारथ ଦେ. ବିଣ—ଗୋଡ଼ା ବୈଷ୍ଣବ—
A devoted Baishnaba.

ଦେ. ବି—ଧର୍ମ କର୍ମ; ପୁଣ୍ୟ କାର୍ଯ୍ୟ—
A pious or religious act.

ପରମି(ମେ)ଶର—ଗ୍ରା. ବି. (ସଂ. ପରମେଶ୍ୱର)—ପରମେଶ୍ୱର—God.
Parami(me)śara परमेसर ,

ପରମୀକରଣ ମୁଦ୍ରା—ସଂ. ବି—ଦେବତାଙ୍କୁ ଆହ୍ୱାନ କରିବା ଉପଲକ୍ଷରେ
Paramīkaraṇa mudrā ତାନ୍ତ୍ରିକ ଦେବପୂଜାରେ ବ୍ୟବହୃତ ଅଙ୍ଗୁଳି ମୁଦ୍ରା ବିଶେଷ; ମହାମୁଦ୍ରା (ହି. ଶ)—
A posture of the fingers during worship.
[ଦ୍ର—ଏଥିରେ ଦୁଇହାତର ବୁଢ଼ା ଅଙ୍ଗୁଠିକୁ ପରସ୍ପର ସଙ୍ଗେ ଛନ୍ଦି ଅନ୍ୟ ଅଙ୍ଗୁଠିମାନଙ୍କୁ ପକ୍ଷୀ ପର ମେଲାଇ ପ୍ରତିମାଙ୍କୁ ଦେଖାଇବାକୁ ହୁଏ । ହି. ଶ. ।]

ପରମୁଖାପେକ୍ଷା—ସଂ. ବି. (୬ଷ୍ଠୀ ଓ ୨ୟା ତତ୍; ପର+ମୁଖ+ଅପେକ୍ଷା)—
Paramukhāpekshā ପରନିର୍ଭରତା; ଅପରର ସାହାଯ୍ୟ ବା ଉପଦେଶ-ପ୍ରତ୍ୟାଶା—Dependence on another; mean servility.

ପରମୁଖାପେକ୍ଷିତା—ସଂ. ବି. (ପରମୁଖାପେକ୍ଷା+ଇନ୍+ଭାବାର୍ଥରେ ତା)—
Paramukhāpekshitā ପରନିର୍ଭରଶୀଳତା; ପରମୁହଁକୁ ଚାହିଁ ରହିବା ଭାବ—The state of depending on another; subserviency

ପରମୁଖାପେକ୍ଷୀ—ସଂ. ବିଣ. ପୁଂ. (ପରମୁଖାପେକ୍ଷା+ଇନ୍; ୧ମା ୧ବ)—
Paramukhāpekshi ଅପରର ସାହାଯ୍ୟ ବା ଆଦେଶପ୍ରତ୍ୟାଶୀ—
(ପରମୁଖାପେକ୍ଷିଣୀ—ସ୍ତ୍ରୀ) Depending on another;
(ପରମୁଖାପେକ୍ଷିତା—ବି) subservient.

ପରମେଟ୍ଟା—ବୈଦେ. ବି. (ଇଂ. ପାରମାଟ୍ଟା)—ଏକପ୍ରକାର ମୋଟଲୁଗା—
Parameṭā Paramatta.
ପାର୍‌ମେଟା [ଦ୍ର—ଏଥିର ଟାଣୀ ସୂତା ତୁଳାର ଓ ଭରଣୀ
परमाटा ପଶମର । ଏହା ମୋଟା ଓ ଚକଣା କନା ।
[ପାରମା(ମେ)ଟା—ଅନ୍ୟରୂପ] ଅଷ୍ଟ୍ରେଲିଆର ପରମାଟା ନାମକ ସ୍ଥାନରୁ ଆମଦାନି ହେଉଥିବା ମେଣ୍ଢାରୁମ (ପଶମ)ରୁ ଏ ଲୁଗା ଆଗେ ବୁଣା ଯାଉଥିଲା ବୋଲି ଏ ଲୁଗାର ଏହି ନାମ ରହିଅଛି—ହି. ଶ]

ପରମୃତ୍ୟୁ—ସଂ. ବି. (ବହୁବ୍ରୀହି; ପ୍ରବାଦ ଅଛି ଯେ କୁଆ ମରେ ନାହିଁ)—
Paramrutyu କାକ; କୁଆ (ହି. ଶ)—Crow.

ପରମେଶ—ସଂ. ବି. (କର୍ମଧା; ପରମ+ଈଶ)—୧ । ଜଗଦୀଶ୍ୱର—
Paramesa 1. God.
(ପରମେଶ୍ୱର—ଅନ୍ୟରୂପ) ୨ । ଶିବ; ମହାଦେବ—
2. God Siba.
୩ । ବିଷ୍ଣୁ—3. Bishṇu.

ପରମେଶୀ—ସଂ. ବି. ସ୍ତ୍ରୀ. (ପରମେଶ+ସ୍ତ୍ରୀ. ଈ)—ପାର୍ବତୀ; ଦୁର୍ଗା—
Parameśi (ପରମେଶ୍ୱରୀ—ଅନ୍ୟରୂପ) Goddess Durgā.

ପରମେଶ୍ୱର—ସଂ. ବି. (କର୍ମଧା; ପରମ+ଈଶ୍ୱର)—
Parameśwara ୧ । ପରମେଶ (ଦେଖ)—
1. Paramesa (See)
୨ । ଇନ୍ଦ୍ର—2. God Indra. (M. W.)

୧	ଇ	ଢ଼	ର୍‌, ସ୍ଥ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଢ	ଖ, ଷ	ଙ୍କ	ଇସ୍ତ	ଉଝ	ଛ
୨	ଈ	ଭ	ରୁ	ନ୍‌	ସ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ଯ଼	ଙ୍‌ୟ	ଇଅ	●	ନ୍‌

ପରମେଶ୍ୱରଙ୍କୁ ନୈବେଦ୍ୟ ଦେବା—ଦେ. କ୍ରି. (ଶିଷ୍ଟ ନିମନ୍ତ୍ରଣରେ
Parameśwaraṅku naibedya debā ବ୍ୟବହୃତ) ଭୋଜନ
(ପରମେଶ୍ୱରଙ୍କୁ ଶାକାନ୍ନ ଦେବା—ଅନ୍ୟରୂପ) କରିବା—To eat; to dine.

ପରମେଶ୍ୱରୀ—ସଂ. ବି. (ପରମେଶ୍ୱର+ସ୍ତ୍ରୀ. ଈ)—୧ । ଦୁର୍ଗା—
Parameśwarī 1. Goddess Durgā.
୨ । ସୀତା—2. A name of Sitā (M. W.).

ପରମେଷ୍ଠୀ—ସଂ. ବି. (ପରମେ=ଅତି ଉତ୍କୃଷ୍ଟ ସ୍ଥାନରେ, ସ୍ୱର୍ଗରେ+ସ୍ଥା.
Parameshthī ଧାତୁ=ରହିବା+କର୍ତ୍ତୃ. ଇନ୍; ୧ମା. ୧ବ)—
୧ । ଶିବ—1. Siba.
୨ । ବିଷ୍ଣୁ—2. Bishṇu.
୩ । ବ୍ରହ୍ମା—3. Brahmā.
୪ । ଶାଳଗ୍ରାମ ମୂର୍ତ୍ତିବିଶେଷ—4. Name of a peculiarly shaped sāḷagrāma.
୫ । ଇଷ୍ଟମନ୍ତ୍ରଦାତା ଗୁରୁ—5. Spiritual preceptor.
୬ । ଗରୁଡ଼ (ହ. ଶ)—6. Garurda.

ପରମୈଶ୍ୱର୍ଯ୍ୟ—ସଂ. ବି. (କର୍ମଧା; ପରମ+ଐଶ୍ୱର୍ଯ୍ୟ)—ବିପୁଳବିଭବ—
Paramaiswarjya Supreme grandeur or power.

ପରମୋତ୍କୃଷ୍ଟ—ସଂ. ବିଣ. (ପରମ+ଉତ୍କୃଷ୍ଟ)—ଅତି ଉତ୍ତମ—
Paramotkrushṭa Superlatively good.

ପରମୋଦ—ଗ୍ରା. (ପଦ୍ୟ) ବି. (ସଂ. ପ୍ରମୋଦ)—ପ୍ରମୋଦ (ଦେଖ)
Paramoda Pramoda (See)
ପରମୋଦ
परमोद ବଢ଼ାଇଲେ ଯୁଦ୍ଧରେ ମୋର ପରମୋଦ ।
କୃଷ୍ଣସିଂହ, ମହାଭାରତ ବନ ।

ପରମୋନ୍ନତି—ସଂ. ବି. (କର୍ମଧା; ପରମ+ଉନ୍ନତି)—୧ । ଉନ୍ନତିର
Paramonnati ଚରମସୀମା—1. Culmination; the highest pitch.
୨ । (ଜ୍ୟୋତିଷ)—ଗ୍ରହର ସର୍ବୋଚ୍ଚ ଅବସ୍ଥା—
2. (astronomy) Culmination of a planet.

ପରମ୍ପର—ସଂ. ବିଣ. (ପରଂ+ପର)—ଧାରାବାହିକ; ଏକର ପର ଅନ୍ୟ—
Parampara Successive; one after another.
ସଂ. ବି—୧ । ଅନୁକ୍ରମ—1. Succession.
୨ । ଅଣନାତିର ପୁଅ; ପଣନାତି; ପ୍ରପୌତ୍ରର ପୁଅ—
2. Great great grandson.
୩ । ପୁତ୍ର, ପୌତ୍ର, ପ୍ରପୌତ୍ର, ପରପୌତ୍ରଆଦି; ବଂଶ; ସନ୍ତତି—
3. Progeny; one's lineal descendants.
୪ । ମୃଗମଦ; କସ୍ତୂରୀ (ହ. ଶ)—4. Musk.
୫ । ଏକପ୍ରକାର ହରିଣ—5. A species of deer (M. W.).

ପରମ୍ପରା—ସଂ. ବି. (ପର+ପର+ଆ)—୧ । ଧାରା; ପୂର୍ବାପରକ୍ରମ—
Paramparā 1. System; order.
୨ । ସମୂହ—2. Collection; series.
୩ । ଅବିଚ୍ଛିନ୍ନ ଧାରା; ଅନୁକ୍ରମ—
3. Continuous succession; uninterrupted line; unbroken series.
୪ । ଅନ୍ୱୟ; ବଂଶପରମ୍ପରା—4. Family; lineage; progeny; a line of descendents.
୫ । ହିଂସନ; ମାରଣ—5. Hurting; killing.
ଦେ. ବିଣ—୧ । ଧାରାବାହିକ—1. Regular.
୨ । ଅବିଚ୍ଛିନ୍ନ—2. Unbroken.
ଦେ. ଅ—୧ । ଆବାଲ୍ୟରୁ—1. From infancy.
ବଚକ୍ଷଣ ହୋଇଲେ କ ହେବ ପରମ୍ପରା – ଉତ୍କ. ବୈଦେହୀଶ ବିଳାସ ।
୨ । ଅବିଚ୍ଛିନ୍ନ ଭାବରେ—
2. In an unbroken line or series.
୩ । ଧାରାବାହିକରୂପେ—
3. In regular succession.
ବାଙ୍କାଜଙ୍ଘର ପଦ୍ମଚକ୍ରଭୁଜଙ୍କ ପରମ୍ପରା ହୋଇ ଏ ଥିଲା ।
ଉତ୍କ. ବୈଦେହୀଶବିଳାସ ।
୪ । ଆବହମାନ କାଳରୁ—
4. From time immemorial.
ପତ୍ରଣ ହେଲେ ପ୍ରାଣୀ ପୁଣି ଜାଅଁଇ ଶୁଣି ନ ଥିଲଇ ପରମ୍ପରା ।
ଉତ୍କ. ପ୍ରେମସୁଧାନିଧି ।
୫ । ବହୁ ପୁରୁଷ ହେଲା ଅବିଚ୍ଛିନ୍ନରୂପେ—
5. Uninterruptedly for generations.

ପରମ୍ପରା କ୍ରମେ—ଦେ. କ୍ରି. ବିଣ—ଧାରାନୁକ୍ରମେ; କ୍ରମାନୁସାରେ; ଅବିଚ୍ଛିନ୍ନ
Paramparā krame ଧାରାରେ—In continuous
ପରମ୍ପରା କ୍ରମେ परंपरा succession; successively.

ପରମ୍ପରା ଗତ—ସଂ. ବିଣ (ପରମ୍ପରା+ଗତ; ଆଗତ)—
Paramparā gata ୧ । ଯାହା ଧାରାବାହିକରୂପେ ଆସେ, ଘଟେ ବା ଚଳି ଆସୁଅଛି—1. Successive; happening or come down in regular succession.
୨ । ବଂଶାନୁଗତ—2. Hereditary.
୩ । ପିତୃପୈତାମହିକ; ବଂଶାନୁକ୍ରମେ ଆଗତ—
3. Traditional; propagated from father to son for generations; descended in regular succession.

ପରମ୍ପରିତ ରୂପକ—ସଂ. ବି—ରୂପକ ଅଳଙ୍କାରବିଶେଷ (ରୂପକ ଶବ୍ଦେ
Paramparita rūpaka ନୋଟ୍ ଦେଖ)—
A kind of simile; a figure of speech. (See notes under 'Rūpaka')
[ଦ୍ର—ରୂପକ ଅଳଙ୍କାର ୩ ପ୍ରକାର ଯଥା—ସାଙ୍ଗ, ନିରଙ୍ଗ ଓ ପରମ୍ପରିତ ।]

ପରମ୍ପରୀଣ—ସଂ. ବଣ (ପରମ୍ପରା + ଅଛୁ ଅର୍ଥରେ ଇନ)—
Paramparīṇa ୧ । କ୍ରମାଗତ—1. Successive.
୨ । ଧାରାବାହିକ—2. Serial; methodical; systematic.
୩ । ବଂଶପରମ୍ପରାକ୍ରମେ ଆଗତ; ବଂଶାନୁଗତ—
3. Hereditary; traditional.

ପରରାତ୍ର—ଦେ. ବ. (ସଂ. ଅପରରାତ୍ର ?)—ଅପରରାତ୍ର; ଶେଷରାତ୍ର—
Para rātra The short hours of the night; the latter or closing part of the night; the last watch of the night.
ଶ୍ରୀବତ୍ସଅମା ପରରାତେ
ଜଗତ ଅଯୁଧ ଧରି ତ୍ରହେ । ଜଗନ୍ନାଥ, ଭାଗବତ ।

ପରଳ—ଦେ. ବ. (ସଂ. ପଟଳ)—ନେତ୍ରରୋଗବିଶେଷ; ମୋତିଆବିନ୍ଦୁ;
Paraḷa ଆଖି ଡୋଳାଉପରେ ମାଡ଼ିଯିବା ଆବରଣ—
ଛାନି **पिटारा, मोतिआबिंद** Film in the eye; cataract; pearl in the eye.

ପରଳା—ଦେ. ବ.—ଘରର ରୁଅମାନଙ୍କ ଉପରେ ବତା ବନ୍ଧାଇବା—
Paraḷā Laying of a layer of split bamboos on the rafters of a thatched house.

ପରଲି—ପ୍ରାଦେ. (କଳାହାଣ୍ଡି) ବ—ବାଉଁଶ ଡାଲା—
Parali A tray of wicker work.

ପରଳିବା—ଦେ. କ୍ରି. (ସଂ. ପଟଳ)—
Paraḷibā ଘରର ରୁଅମାନଙ୍କ ଉପରେ ବତା ବନ୍ଧାଇବା;
[ପରଳା(ଲେ)ଇବା—ଅନ୍ୟରୂପ] ବେଢୁରେଇବା—
ठाठ बाँधना To lay a layer of split bamboos on the rafters of a thatched house.

ପରଲୋକ—ସଂ. ବ (କର୍ମଧା; ପର + ଲୋକ)—୧ । ମୃତ୍ୟୁର ପରବର୍ତ୍ତୀ
Paraloka ଅବସ୍ଥା—1. The state after death; the
(ଇହଲୋକ—ବିପରୀତ) realm of the departed.
୨ । ଲୋକାନ୍ତର; ମୃତ୍ୟୁ ପରେ ଜୀବ ଯେଉଁ ଲୋକ ବା ଜଗତକୁ ଯିବାର କଳ୍ପିତ ହୁଏ—2. The next world; the future world (after death).
[ଦ୍ର—ଈଶ୍ୱର ଓ ପରଲୋକରେ ବିଶ୍ୱାସ ନ କରିବା ବ୍ୟକ୍ତିଙ୍କୁ ନାସ୍ତିକ ବୋଲାଯାଏ ।]
ଦେ. ବ—(ସଂ. ପରଲୋକ ଗମନ)—୧ । ମୃତ୍ୟୁ—
1. Death.
୨ । ବାହାର ମନୁଷ୍ୟ; ଅନାତ୍ମୀୟ ବ୍ୟକ୍ତି—2. Outsider; a person not related to one's self.
ଏଣୁ ପରଲୋକେ ପଳାଇଲ ଛଡ଼ି—ଚିନ୍ତାମଣି ।

ପରଲୋକ ଗତ—ସଂ.ବଣ. ପୁଂ. (୨ୟା ତତ୍; ପରଲୋକ+ଗତ)—ମୃତ—
Paraloka gata Dead; departed; deceased.
(ପରଲୋକ ପ୍ରାପ୍ତ, ପରଲୋକ ଯାତ୍ରୀ—ଅନ୍ୟରୂପ)
(ପରଲୋକଗତା, ପରଲୋକପ୍ରାପ୍ତା—ସ୍ତ୍ରୀ)

ପରଲୋକ ଗତି—ସଂ. ବ. (୨ୟା ତତ୍; ପରଲୋକ + ଗତି)—୧ । ମୃତ୍ୟୁ—
Paraloka gati 1. Death.
୨ । ମୃତ୍ୟୁ ପରେ ମୋକ୍ଷ—
2. Final beatitude after death.

ପରଲୋକ ଗମନ—ସଂ. ବ. (୨ୟା ତତ୍; ପରଲୋକ + ଗମନ)—ମୃତ୍ୟୁ—
Paralokā gamana Death; decease.
(ପରଲୋକ ପ୍ରାପ୍ତି, ପରଲୋକ ଯାତ୍ରା—ଅନ୍ୟରୂପ)

ପରଲୋକ ହେବା—ଦେ. କ୍ରି—ମୃତ ହେବା; ମରିବା—
Paraloka hebā To die; to be dead.
(ପରଲୋକ ଗମନ କରିବା—ଅନ୍ୟରୂପ)
परलोक हओया परलोकगामी हाना

ପରଶ—ଦେ. (ପଦ୍ୟ) ବ. (ସଂ. ସ୍ପର୍ଶ)—୧ । ସ୍ପର୍ଶ—
Paraśa 1. Touch.
परश परस ପରଶମଣି ପରଶରେ ଲୌହ କାଞ୍ଚନ ହୁଏ ଭଲେ—
ଭୂପତି, ପ୍ରେମପଞ୍ଚାମୃତ ।
୨ । ସଙ୍ଗଲାଭ—2. Association.
କୁସୁମ ପରଶରେ ପଶ ନସ୍ତରେ—ଭଗ ।
୩ । କଷଟି ପଥର—3. Touchstone.
୪ । ଚୁମ୍ବକ ପଥର—4. Magnetic stone.
ପ୍ରବୃତ୍ତ ଲୌହକୁ କର୍ଷେ ଜାଣ ପରଶ—ଉକ୍ତ, ପ୍ରେମ ସୁଧାନିଧି ।
୫ । ସ୍ପର୍ଶ ମଣୀ—5. The philosopher's stone.

ପରଶଂସା—ଗ୍ରା. (ପଦ୍ୟ) ବ. (ସଂ. ପ୍ରଶଂସା)—
Paraśaṁsā परशंसा Praśaṁsā (See)
परशंसा ବହୁତ ପରଶଂସା କଲେ କୃଷ୍ଣ ତହେ—କୃଷ୍ଣସିଂହ, ମହାଭାରତ ବନ ।

ପରଶଂସିବା—ଦେ. କ୍ରି (ସଂ. ପ୍ରଶଂସା)—ପ୍ରଶଂସା କରିବା—
Paraśaṁsibā परशंसा To praise.
परशंसना କୃଷ୍ଣ ମହିମା ପରଶଂସି ଏକକୁ ଅନେକ ବିଶେଷ—
ଭୂପତି, ପ୍ରେମପଞ୍ଚାମୃତ ।

ପରଶଂସୀ—ଦେ. (ପ୍ରାଚୀନ ପଦ୍ୟ) ବଣ (ସଂ. ପ୍ରଶଂସିତ)—ପ୍ରଶଂସିତ—
Paraśaṁsi Praised; eulogised.
ଅଛ ମୋର କାଣ୍ଡକୁ ଦେବ ଯେବେ ଜାଣି
ତେବେ ସିନା ହେବ ଜଗତେ ପରଶଂସୀ । କୃଷ୍ଣସିଂହ, ମହାଭାରତ ବିରାଟ ।

ପରଶନ—ଗ୍ରା. ବ (ସଂ. ପ୍ରଶ୍ନ)—ପ୍ରଶ୍ନ; ଜିଜ୍ଞାସା—
Paraśana Question; query.
परशन प्रसन ଦରଶନ ହେବା ନ ହେବା ସନ୍ଦେହ ପରଶନ ଦେଖି ଦେଖି—
କବିସୂର୍ଯ୍ୟ, ସଙ୍ଗୀତ ।

ପରଶ ମଣୀ—ଦେ. ବ (ସଂ. ସ୍ପର୍ଶମଣୀ)—୧ । ସ୍ପର୍ଶମଣୀ—
Paraśa maṇi 1. The philosopher's stone.
ପରଶ ପଥର, ପରଶୁ ପଥର, ପରଶୁ ମଣୀ } ଅନ୍ୟରୂପ [ଦ୍ର—ଏ ମଣୀ ଯାହାକୁ ସ୍ପର୍ଶ କରିବ ତାହା ସୁନା ହୋଇଯିବ ବୋଲି ପ୍ରବାଦ ଅଛି ।]
परेश पाथर,परश पाथर ୨ । କଷଟି ପଥର—
पारस पत्थर 2. Touch stone.
୩ । ଚୁମ୍ବକ ପଥର—3. Magnet.

ପରଶାଳା—ସଂ. ବ (ବହୁବ୍ରୀହି; ପର+ଶାଳା—ମଲ୍ଲଙ୍ଗ (ହ. ଶ)—
Paraśāḷā Mistletoe.

ପରଶିବା—ଗ୍ରା. (ପଦ୍ୟ) କ୍ରି. (ସଂ. ସ୍ପର୍ଶ)—
Paraśibā ୧ । ସ୍ପର୍ଶ କରିବା—1. To touch.

পরশ ୯ଣ୍ଡ ପରଶୁ ଷଣ୍ଡ-ପରଶୁ-ପର-ଭ୍ରମକୁ ହସି ।
परसना ଭକ୍ତ. କୋଟଚନ୍ଦ୍ରାଣ୍ଡସୁନ୍ଦର ।
୨ । (ସ. ପରିବେଷଣ)—ପରଷିବା (ଦେଖ)
2. Parashibā (See)

ପରଶୁ—ସ. ବ. (ପର=ଶତ୍ରୁ+ଶୃ ଧାତୁ=ହିଂସା କରିବା+କରଣ ଉ)-
Paraśu ପରଶ୍ୱଧ; ଯୁଦ୍ଧ କୁଠାର; ଟାଙ୍ଗି; ଟାଙ୍ଗିଆ—
Battle axe; hatchet
[ଦ୍ର—ଏଥିରେ ଗୋଟିଏ ଦଣ୍ଡର ମୁଣ୍ଡରେ ଅର୍ଦ୍ଧ ଚନ୍ଦ୍ରାକୃତି ବିସ୍ତୃତାସ୍ୟ ତୀକ୍ଷ୍ଣଲୌହ ଫଳକ ଲାଗି ଥାଏ ।]
পরশ ଦେ. ବି — ୧ । ପରଶମଣି (ଦେଖ)
परश 1. Paraśamaṇi (See)
୨ । ପରଶୁରାମ (ଦେଖ)—2. Paraśurāma (See)
ଉକ୍ତ ପରଶୁ ଅବତାର, ତୀକ୍ଷ୍ଣ କୁଠାର ହେଳ କର ।
ପ୍ରାଚୀ. ନର୍ଗୁଣମାହାତ୍ମ୍ୟ ।
(ପରଶୁଆ—ଅନାଦରାର୍ଥକ) ୩ । (ଆଦରାର୍ଥକ) ପରଶୁରାମ ନାମକ ବ୍ୟକ୍ତିର ଡାକ ନାମ—3. Name by which a person named Paraśurāma is called.

ପରଶୁ କେଦାର—ଦେ. ବି—ଏକ ପ୍ରକାର ଗଛ (ଯହିଁରେ ସାପ ବିଷ
Paraśu kedāra ଦୂର ହୁଏ)—A kind of vegetable root which is antidote against snake poison.
ନ୍ୟୂନ ପରଶୁ କେଦାର ପର
ପାଇଲ ଫଣି ଫଣା ମଣି ହର । କବିସୂର୍ଯ୍ୟ. କବିତା ।

ପରଶୁଧର—ସ. ବିଣ. ପୁଂ (ପରଶୁ+ଧୃ ଧାତୁ+କର୍ତ୍ତୃ. ଅ)—
Paraśudhara ଯେ ପରଶୁ ଧରିଥାଏ—Holding a battle-axe; armed with a hatchet.
ପରଶୁଧାରୀ } ଅନ୍ୟରୂପ
ପରଶୁପାଣି }
ସ. ଅ—୧ । ମହାଦେବ; ଶିବ—1. Śiba.
୨ । ପରଶୁରାମ (ଦେଖ)—2. Paraśurāma. (See)
୩ । ଗଣେଶ—
3. God Gaṅeśa; the younger son of Śiva.

ପରଶୁ ରତନ—ଦେ. ବି. (ସ. ସ୍ପର୍ଶ ରତ୍ନ)—
Paraśu ratana ପରଶମଣି; ସ୍ପର୍ଶମଣି—
পরশ পাথর The philosopher's stone.
पारस पत्थर ଲଭିବେ ପରଶୁ ରତନ. ସୁବର୍ଣ୍ଣ ଗଢ଼ିଲ ବହନ ।
ଭୂପତି. ପ୍ରେମପଞ୍ଚାମୃତ ।
ପରଶୁମଣି } ଅନ୍ୟରୂପ
ପରଶୁ ପଥର }

ପରଶୁରାମ—ସ. ବି. (ମ. ପ. ଲୋ; ପରଶୁ=କୁଠାର [ଯୁକ୍ତ]+ରାମ=
Paraśurāma ରାମାବତାର)—ଜମଦଗ୍ନି ଋଷିଙ୍କ ପୁତ୍ର; ଭାର୍ଗବ—
Paraśurāma; a son of Jamadagni.
[ଦ୍ର—ଏ ବିଷ୍ଣୁଙ୍କର ୬ଷ୍ଠ ଅବତାର; ପୃଥିବୀକୁ ୨୧ ବାର ନିଃକ୍ଷତ୍ରିୟ କରିଥିଲେ । ଏହାଙ୍କର ଅସ୍ତ୍ର ପରଶୁ । ଏ ପିତ୍ରାଦେଶରେ ସ୍ୱୀୟ ମାତା ରେଣୁକାଙ୍କୁ ବଧ କରିଥିଲେ ଓ ପରେ ପିତାଙ୍କୁ ସନ୍ତୁଷ୍ଟ କରି ମାତାଙ୍କୁ ପୁନରୁଜ୍ଜୀବିତା କରାଇଥିଲେ । ଏ ମହାବୀର ଥିଲେ; ଏହାଙ୍କ ପିତୃହନ୍ତା କାର୍ତ୍ତବୀର୍ଯ୍ୟାର୍ଜ୍ଜୁନ ବା ସହସ୍ରାର୍ଜ୍ଜୁନଙ୍କୁ ଏ ବଧ କରିଥିଲେ । ରାମଚନ୍ଦ୍ର ବିବାହ ହୋଇ ସାର ସୀତାଙ୍କୁ ଘେନି ମିଥିଳାରୁ ଫେରି ଆସିବା ସମୟରେ ବାଟରେ ଏ ତାଙ୍କୁ ଭେଟି ଧନୁ ପରୀକ୍ଷା ନିମନ୍ତେ ରାମଚନ୍ଦ୍ରଙ୍କୁ ଆହ୍ୱାନ କରିଥିଲେ । ରାମଚନ୍ଦ୍ର ଏହାଙ୍କ ହାତରୁ ଧନୁ ନେବା ସମୟରେ ଏହାଙ୍କ ଦେହରେ ଥିବା ବିଷ୍ଣୁତେଜଃ ରାମଚନ୍ଦ୍ରଙ୍କ ଦେହରେ ପ୍ରବେଶ କଲା ଏବଂ ଏ ହତପ୍ରଭ ହୋଇ ତପସ୍ୟା କରିବାକୁ ଗଲେ । ଏହାଙ୍କର ଅନ୍ୟ ଚାରି ଭାଇଙ୍କ ନାମ ସମନ୍ୱାନ୍, ସୁଷେଣ, ବସୁ ଓ ବିଶ୍ୱାବସୁ ।]

ପରଶ୍ୱ(ଶ୍ୱଃ)—ସ. ଅ. (ପର+ଉତ୍ତରସ୍ୟାର୍ଥେ ଶ୍ୱ; ଶସ୍)—
Paraśwa(śwaḥ) ୧ । ଆଗାମୀ ପଅର ଦିନ; ଆଗାମୀ କାଲିର
পরশু **परसों** ପରଦିନ—1. Day after tomorrow.
୨ । ଗତ କାଲିର ପୂର୍ବ ଦିନ—
2. Day before yesterday. (Ganguli).

ପରଶ୍ୱଧ—ସ. ବି. [ପର=ଶତ୍ରୁ+ଶ୍ୱନ୍=କୁକ୍କୁର (ପର+ଧେ ଧାତୁ=
Paraśwadha ପାନ କରିବା+କର୍ତ୍ତୃ. ଅ; ଯେ କୁକ୍କୁର ପରି
(ପରସ୍ୱଧ—ଅନ୍ୟରୂପ) ଶତ୍ରୁର ରକ୍ତକୁ ପାନ କରେ]—
ପରଶୁ; କୁଠାର—Battle-axe.

ପରଶ୍ରୀ—ସ. ବି. (୬ଷ୍ଠୀ ତତ୍; ପର+ଶ୍ରୀ)—
Paraśri ଅନ୍ୟ ବ୍ୟକ୍ତିର ଶ୍ରୀ ବା ସମ୍ପଦ—
Prosperity of another person.

ପରଶ୍ରୀ କାତର—ସ. ବିଣ. ପୁଂ. (୭ମୀ ତତ୍; ପରଶ୍ରୀ+କାତର)—
Paraśri kātara ଅସହିଷ୍ଣୁ; ଯେ ଅନ୍ୟ ବ୍ୟକ୍ତିର ସୁଖ ସମ୍ପଦ
(ପରଶ୍ରୀକାତରା—ସ୍ତ୍ରୀ) ଦେଖିଲେ ବ୍ୟଥିତ ହୁଏ; ଅନ୍ୟ ବ୍ୟକ୍ତିର
(ପରଶ୍ରୀକାତରତା—ବି) ସୁଖ ଯାହା ଆଖିରେ ଯାଏ ନାହିଁ—
Envious; pained at another person's weal or prosperity.

ପରଷା—ଦେ. ବି. (ସ. ପରିବେଷଣ)—ପରିବେଷଣ—
Parashā পরষা Serving of food.
परोसना, परसना ମାଡ ବରଷା ମାଂସ ପରଷା — ତଗ ।

ପରଷା(ଷେ)ଇବା—ଦେ. କ୍ରି—'ପରଷିବା'ର ଣିଜନ୍ତ ରୂପ—
Parashā(she)ibā Causative form of Parashibā.
পরষান **परसाना**

ପରଷାଣ—ଦେ. ବି. (ସ. ପରିବେଷଣ)—ପରିବେଷଣ—
Parashāṇa Serving out of meal to guests.
পরষা **परसना**

ପରଷା ପରଷି—ଦେ. ବି—ପରିବେଷଣ କର୍ମ—
Parashā parashi The act of serving out meal to guests.
পরষা পরষি **परसा परसि**

ପରଷିବା—ଦେ. କ୍ରି. (ସ. ପରିବେଷଣ)—
Parashibā ଖାଦ୍ୟ ପରିବେଷଣ କରିବା; ଖାଇବା ଲୋକର ପତ୍ରରେ
পরষা ବା ପାତ୍ରରେ ଖାଦ୍ୟ ଦେବା—
परसना To serve food.
(ପରଷି ଦେବା—ଅନ୍ୟରୂପ) ଦ୍ୱିଜଙ୍କୁ ପରଷିଲେ ଅନ୍ନ ଭୋଷମନେ ।
କୃଷ୍ଣସିଂହ. ମହାଭାରତ ସଭା ।

ପରଷୁଣୀ—ଦେ. ବିଣ. ପୁଂ ଓ ସ୍ତ୍ରୀ. (ସ. ପରବେଷଣ)—
Parashuṇi ପରବେଷଣକାରୀ—Serving meal.
(ପରଷାଳୀ—ଅନ୍ୟରୂପ) ତୁ ପଦ ଭଳାଇ ଦୁଳଣୀ, ସେ ଯଜ୍ଞେ ଅଲ୍ପ ପରଷୁଣୀ ।
পারিবেষুনী परोसिया ଜଗନ୍ନାଥ. ଭଗବତ ।
[ପରଷୁଣୀଆ(ଆଁ) – ଅନ୍ୟରୂପ] ଦେ. ବି - ପିଷ୍ଟା; ଏକ ପ୍ରକାର ପତଳା କଂସାପାତ୍ର (ଯାହା ଦ୍ୱାରା ପାତ୍ରରୁ ଭାତ ଆଦି କାଢ଼ିଯାଇ ପତରରେ ପରଷା ହୁଏ—A thin bell metal utensil used in serving out rice from big pots.

ପରସଙ୍ଗ——ଗ୍ରା. ବି. (ସ. ପ୍ରସଙ୍ଗ)— ପ୍ରସଙ୍ଗ (ଦେଖ)
Parasaṅga পরসঙ্গ परसंग Prasaṅga (See)

ପରସନ(ନ୍ନ)—ଙ. ବି. (ସ. ପ୍ରସନ୍ନ)—
Parasana(nna) ୧ । ଅନୁକୂଳ; ପ୍ରସନ୍ନ—1. Favourable;
পরসন্ন परसन propitious; kind.
ତୁହ୍ମ ଭକ୍ତଠାରେ ମନ
ହୁଅଇ ସଦା ପରସନ । ଜଗନ୍ନାଥ, ଭାଗବତ ।
୨ । ସନ୍ତୁଷ୍ଟ—2. Satisfied.
ଏକେଇ କେ, ତକ୍ଷୁ କାଢ଼ି ଥା ଗୋସେଇଁ ପରସନ - ଭଗ ।
ଗ୍ରା. ବି. (ସ. ପ୍ରସନ୍ନତା)—ପ୍ରସନ୍ନତା; ସନ୍ତୋଷ; ଅନୁଗ୍ରହ— Satisfaction; favour.

ବଳ ରୂପ ଯୌବନକ ବଢ଼େ ପରସନ୍ନ । ଭଞ୍ଜ ବୈଦେହୀଶ ବିଳାସ ।
ତୋହର ପରସନ୍ନ ଭାର, ସକଳ ହୁଅଇ ସଫଳ । ଜଗନ୍ନାଥ. ଭାଗବତ ।

ପରସା (ଇତ୍ୟାଦି)—ଗ୍ରା. ବି. (ସ. ପ୍ରସ୍ରାବ)—
Parasā (etc) ପ୍ରସ୍ରାବ ଇତ୍ୟାଦି (ଦେଖ)
পেচ্ছাব परसाव् Prasrāba etc (See)
(ପରସ୍ରା, ପରସାବ, ପରସ୍ରାବ—ଅନ୍ୟରୂପ)

ପରସାଦ—ଗ୍ରା. ବି (ପଦ୍ୟ) (ସ. ପ୍ରସାଦ)—
Parasāda ୧ । ଦେବତାଙ୍କୁ ନୈବେଦ୍ୟ ଭୋଗ—
পরসাদ 1. Offering to a Deity.
परसाद् ୨ । ଉଚ୍ଛିଷ୍ଟ ଭୋଜ୍ୟ; ଅଇଁଠା—
2. The leavings of a person's meal.
୩ । ଅନୁଗ୍ରହ—3. Favour.
ଦେହ ବଳ୍ପନେ, ତଳାଇ ମଦନ ରଥକୁ, ଯାହା ପରସାଦେ ଇନ୍ଦ୍ରାଦ
କହିବା ଗୋଚର ନୋହେ କଣ୍ଠକୁ । ଭଞ୍ଜ, ପ୍ରେମସୁଧାନିଧି ।

ପରସାଦୀ—ଗ୍ରା. ବିଣ. (ସ. ପ୍ରସାଦୀକୃତ)—
Parasādi ୧ । ନୈବେଦ୍ୟ - 1. Offered.
পরসাদী ୨ । ଉଚ୍ଛିଷ୍ଟ (ଖାଦ୍ୟ ଦ୍ରବ୍ୟ)—
परसादि 2. (food) Left after dinner.
୩ । ଉପଭୁକ୍ତ; ପରିଭୁକ୍ତ ଓ ତ୍ୟକ୍ତ—
3. Abandoned or discarded after enjoyment.
(ଯଥା—ବଧୂଙ୍କର ପରସାଦ ମାଳ ମୋ ବେକରେ ପକାଇ ଦିଅ ।)
ଗ୍ରା. ବି—ପରସାଦ (ଦେଖ)—Parasāda (See)

ପରସା ପୋଡ଼ା—ଗ୍ରା. ବି. (ସ. ପ୍ରସ୍ରାବ ଜ୍ୱାଳା)—
Parasā porḍā କ୍ଷୁଦ୍ର ମେହ ରୋଗବିଶେଷ—
ପରସ୍ରା ପୋଡ଼ା / ପରସାବ ପୋଡ଼ା / ପରସା ଜଳା } ଅନ୍ୟରୂପ Painful and scanty urination; a disease of the urethral organ.
পেচ্ছাব যন্ত্রণা [ଦ୍ର—ଏଥିରେ ପ୍ରସ୍ରାବ କରିବା ସମୟରେ ଜନନେନ୍ଦ୍ରିୟ ମଧ୍ୟରେ ଭାରି ପୋଡ଼ାଜଳା ହୁଏ;
पिशाबकि ज्वाला ପରସ୍ରା ହଳଦିଆ ବା ନାଲି ହୋଇ ଅଳ୍ପ ଅଳ୍ପ ଝରଉ ହୁଏ ।]

ପରସା ମୁଣ୍ଡେଇବା—ପ୍ରାଦେ. (କଳାହାଣ୍ଡି) କ୍ର—(ସ୍ତ୍ରୀ) ନିଜ ଇଚ୍ଛାରେ
Parasā mundeiba ସ୍ୱାମୀ ଗ୍ରହଣ କରିବାକୁ ଯିବା—
(a woman) To look out for a husband of one's choice; to go out to select a husband for one's self.

ପରସିଦ୍ଧି(ଧି)—ଗ୍ରା. (ପଦ୍ୟ) ବି. (ସ. ପ୍ରସିଦ୍ଧି)—
Parasiddhi (dhi) ପ୍ରସିଦ୍ଧି; ଖ୍ୟାତି – Celebrity.
পরসিদ্ধি परसिद्धि ଗ୍ରା. ବିଣ. – ପ୍ରସିଦ୍ଧ—Celebrated.
[ପରସିଦ୍ଧ(ଧ)—ବିଣ]
ସୁବଳ ସ୍ତୋକ କୃଷ୍ଣ ଅର୍ଜ୍ଜୁନ
ଏମନ୍ତେ ନାମ ପରସିଦ୍ଧି । ଜଗନ୍ନାଥ. ଭାଗବତ ।

ପରସୀମା—ସ. ବି. (ପର+ସୀମା; ୬ଷ୍ଠୀ ତତ୍)—
Parasimā ଅନ୍ୟ ବ୍ୟକ୍ତିର ଜମିର ବା ରାଜ୍ୟର ସୀମା—
পরের সীমা The boundary of the land or
दुसराका सिवाना country of another.

ପରସ୍ତ(ସ୍ଥ)—ଦେ. ବି. (ସ. ପ୍ରସ୍ଥ=ବିସ୍ତାର; ସ.ପର୍ବ; ସ. ପ୍ରସ୍ତର=ପଥର
Parasta (stha) ଶଯ୍ୟା)—୧ । ପ୍ରସ୍ଥ; ସ୍ତର—1. Layer.
পরস্ত, পরত ୨ । ବାର; ଥର—2. Time.
परत ୩ । ଭାଙ୍ଗ—3. Fold; plait.
ପ୍ରାଦେ. (ବାଲେଶ୍ୱର) ବି—ଖଞ୍ଜା; ଅଗଣା— Courtyard.

ପରସ୍ତ ପରସ୍ତ—ଦେ. କ୍ରି. ବିଣ—ପ୍ରସ୍ଥ ପ୍ରସ୍ଥ ହୋଇ—
Parasta parasta 1. In layers.
পরত পরত ୨ । ସ୍ତର ପରେ ସ୍ତର—
परत परत 2. Layer after layer.
(ପରସ୍ତକୁ ପରସ୍ତ, ପରସ୍ତକୁ ପରସ୍ତ – ଅନ୍ୟରୂପ)

ପରସ୍ତା(ସ୍ତେ)ଇବା—ଦେ. କ୍ରି—ପରସ୍ତ ପରସ୍ତ କରି ଭାଙ୍ଗିବା; ଚଉତିବା-
Parastā(ste)iba To fold into layers; to plait;
পরতান तह करना, तहियाना to braid.

ପରସ୍ତାତ୍—ସ. ଅ (ପର+ତାତ୍; ନିପାତନ)—
Parastāt ୧ । ପଶ୍ଚାତ୍—1. Behind.
୨ । ପରେ—2. After.
୩ । ଆଉଥରେ; ପୁନଶ୍ଚ—3. Again; also.

ପରସ୍ତା ପରସ୍ତି—ଦେ. ବିଣ—ସ୍ତର ସ୍ତର ହୋଇ ସଜ୍ଜିତ; ଚଉତାଚଉତି-
Parastā parasti পরতাপরতি Folded up in layers.

ପରସ୍ତାବ—ଗ୍ରା. ବି. (ସଂ. ପ୍ରସ୍ତାବ)—୧ । ପ୍ରସ୍ତାବ—
Parastāba 1. Proposal.

୨ । ପ୍ରସଙ୍ଗ—2. Course of conversation; connection.
୩ । ବିଷୟ—3. Subject.
ମୁଁ ସେ ଜୋହର ତୋ ଭଲ,
ପୃଚ୍ଛି କି ନାନା ପରସ୍ତାବ । ଭୂପତି ପ୍ରେମପଞ୍ଚାମୃତ ।

ପରସ୍ତିଆ—ଦେ. ବିଣ. (ସଂ—ପ୍ରସ୍ତ)—(ଏତେ) ପରସ୍ତ ବା ସ୍ତରଯୁକ୍ତ—
Parastiā तहवाला Folded in layers.
[ଦ୍ର—ଅନ୍ୟ ସଂଖ୍ୟାବାଚକ ଶବ୍ଦ ସଙ୍ଗେ ଲାଗେ । ଯଥା—ତିନି ପରସ୍ତିଆ ।]

ପରସ୍ତିରୀ—ଗ୍ରା. ବି. (ସଂ. ପରସ୍ତ୍ରୀ)—ପରସ୍ତ୍ରୀ; ଅନ୍ୟ ବ୍ୟକ୍ତିର ଭାର୍ଯ୍ୟା—
Parastirī Another person's wife.
(ପରତିରୀ, ପରତିରିଆ, ପରତିରୀ; ପରତିରି—ଅନ୍ୟରୂପ)
ରେବନ୍ତି ହରଣ ସେ ଦଶାନନ ମୃଗୀ—ଗ୍ରାହି ଶ୍ରୀଗୁରୁଙ୍କ ଗୀତା ।

ପରସ୍ତୁତ—ଗ୍ରା. ବିଣ. (ସଂ. ପ୍ରସ୍ତୁତ)—୧ । ଉପସ୍ଥିତ; ବିଦ୍ୟମାନ—
Parastuta 1. Present.
परस्तुत परस्तुत ୨ । ଉଦ୍ୟତ—2. Ready.
ଭୁମ୍ଭ ଛୁଡେ ପ୍ରାଣ ଯିବ କି ପରସ୍ତୁତ—କୃଷ୍ଣସିଂହ, ମହାଭାରତ ସଭା ।
୩ । ଯଥାକ୍ରମେ; କ୍ରମାନୁସାରେ—3. Respectively.

ପରସ୍ତେ—ଗ୍ରା. ଅ—୧ । ଏକ ପ୍ରସ୍ତ—
Paraste 1. One layer or fold.
एकपरत एकपरत ୨ । ଏକଥର—2. Once.
ସମ୍ବନ୍ଧୀ ସମ୍ବନ୍ଧୀ କହି ପ୍ରବୋଧ ନାସିକାଧାରଣୀମାନଙ୍କୁ ପରସ୍ତେ ଶୁଣାଇଲେ ।
ଫକୀରମୋହନ, ଛମାଣ ଅଠଗୁଣ୍ଠ ।
୩ । ବୃଷ୍ଟି; (ଗାଳି, ମାଡ଼ ଆଦିର) ଏକ ବର୍ଷା—
3. A shower of (rebuke or beating).
ଯଥା—ତାଙ୍କୁ ଅଳ୍ପ ଅଳ୍ପା କରି ପରସ୍ତେ ଶୋଧିଦେଇ ଆସିଲି ।

ପରସ୍ତ୍ରୀ—ସଂ. ବି. ସ୍ତ୍ରୀ—(ପର+ସ୍ତ୍ରୀ)—ଅନ୍ୟବ୍ୟକ୍ତିର ଭାର୍ଯ୍ୟା—
Parastrī Another man's wife.
(ପରପୁରୁଷ—ପୁଂ) ଦେ. ବି—ପର ସ୍ତ୍ରୀ ଗମନ—
Adultery with anothers' wife.

ପରସ୍ତ୍ରୀ ଗମନ—ସଂ. ବି.—(ପରସ୍ତ୍ରୀ+ଗମନ)—ଅନ୍ୟର ସ୍ତ୍ରୀ ସଙ୍ଗେ ଜାର-
Parastrī gamana କର୍ମ; ବ୍ୟଭିଚାର କର୍ମ—
Adultery with a woman.
(ପରସ୍ତ୍ରୀ ସଙ୍ଗ, ପରସ୍ତ୍ରୀ ସଙ୍ଗମ, ପରସ୍ତ୍ରୀ ସହବାସ, ପରସ୍ତ୍ରୀ ହରଣ, ପରସ୍ତ୍ରୀ ସମ୍ଭୋଗ; ପର ସ୍ତ୍ରୀ ସଂସର୍ଗ—ଅନ୍ୟରୂପ)

ପରସ୍ତ୍ରୀଗାମୀ—ସଂ. ବିଣ. ପୁଂ. (ପରସ୍ତ୍ରୀ+ଗମ୍ ଧାତୁ+କର୍ତ୍ତୃ.ଇନ୍)—
Parastrīgāmī ପର ସ୍ତ୍ରୀ ସଙ୍ଗେ ସହବାସକାରୀ—Adulterer.
ସଂ. ବି. ପୁଂ—ପରସ୍ତ୍ରୀ ସହବାସକାରୀ ବ୍ୟକ୍ତି—
(ପରପୁରୁଷଗାମିନୀ—ସ୍ତ୍ରୀ) An adulterer.

ପରସ୍ପର—ସଂ. ବିଣ. (ପର+ପର; ନିପାତନ)-ଅନ୍ୟୋନ୍ୟ; ଇତରେତର—
Paraspara Mutual; reciprocal.
ସଂ. କ୍ରି ବିଣ—୧ । ଅନ୍ୟୋନ୍ୟରେ; ଜଣେ ଅନ୍ୟ ଜଣକୁ ଏହିପରି ଭାବରେ; ଯେଉଁପରି—1. Mutually.
୨ । ଆପଣା ଆପଣା ମଧ୍ୟରେ; ଅପୋସିରେ—
2. Amicably.
୩ । ଯଥାକ୍ରମେ; କ୍ରମାନୁସାରେ—3. Respectively.
ସଂ. ବି.—୧ । ମୃଗବିଶେଷ—A kind of deer.
୨ । ପ୍ରପୌତ୍ରର ପୁତ୍ର—2. Great great grandson.
୩ । ବଂଶ—3. Race; progeny.
ସଂ. ସର୍ବନାମ—ଅନ୍ୟୋନ୍ୟ—Each other; one another.

ପରସ୍ପର ବିରୋଧୀ—ସଂ. ବିଣ. ପୁଂ. (ପରସ୍ପର+ବିରୋଧୀ)—
Paraspara birodhī ୧ । ଏକଜଣ ଅନ୍ୟର ପ୍ରତିକୂଳ—
(ପରସ୍ପର ବିରୁଦ୍ଧ—ଅନ୍ୟରୂପ) 1. Opposing each other.
୨ । ଅନ୍ୟୋନ୍ୟର ବିପରୀତ—
2. Contrary to each other.
(ପରସ୍ପର ବିରୋଧିନୀ—ସ୍ତ୍ରୀ)

ପରସ୍ୱ—ସଂ. ବି. (୬ଷ୍ଠୀ ତତ୍; ପର+ସ୍ୱ; ଭୂଲ; ଦେବସ୍ୱ; ଶିବସ୍ୱ; ବ୍ରହ୍ମସ୍ୱ)-
Paraswa ପରଦ୍ରବ୍ୟ; ପରଧନ—
Another's property; the property of others.

ପରସ୍ୱାପହରଣ—ସଂ. ବି. (୬ଷ୍ଠୀ ତତ୍; ପରସ୍ୱ+ଅପହରଣ)—ପରଧନ
Paraswāpaharaṇa ହରଣ; ଚୋରି—Theft.

ପରସ୍ୱାପହାରକ—ସଂ. ବିଣ. ପୁଂ. (ପରସ୍ୱ+ଅପହାରକ)—ଚୋର—
Paraswāpahāraka Thief.
(ପରସ୍ୱାପହାରୀ—ଅନ୍ୟରୂପ)
(ପରସ୍ୱାପହାରିକା; ପରସ୍ୱାପହାରିଣୀ—ସ୍ତ୍ରୀ)

ପରସ୍ମୈପଦ—ସଂ. ବି. (ପରସ୍ମୈ=ପର ଶବ୍ଦର ଚତୁର୍ଥୀ ବିଭକ୍ତି ୧ବଚନ;
Parasmaipada ଅନ୍ୟନିମିତ୍ତ;+ପଦ=ତି, ତସ୍ ଓ ଅନ୍ତି ଆଦି
(ଆତ୍ମନେପଦ—ବିପରୀତ) ତଦ୍ଧ (ସଂସ୍କୃତ ଧାତୁର ବିଭକ୍ତିବିଶେଷ)—
କର୍ତ୍ତୃ ବାଚ୍ୟରେ ପ୍ରଯୁଜ୍ୟ କ୍ରିୟାର ବିଭକ୍ତି; କର୍ତ୍ତୃବାଚ୍ୟର କ୍ରିୟାରୂପ ।
The form of a Sanscrit verb in the active voice when the action denoted is performed for the benefit of another; the active voice of verbs.
(ଯଥା—ସେ କରୁଛି=ସଃ କରୋତି (ପରସ୍ମୈପଦ=ସେ ପର-ପାଇଁ କରୁଅଛି)—Active voice.
ତାହାଦ୍ୱାରା କରାଯାଉଅଛି—ସଃ କୁରୁତେ—ସେ ନିଜ ପାଇଁ କରୁଅଛି (ଆତ୍ମନେପଦ)—Passive voice.]

ପର ହସ୍ତ—ସଂ. ବି. (ପର+ହସ୍ତ)—୧ । ଅନ୍ୟବ୍ୟକ୍ତିର ହାତ—
Para hasta 1. The hand of another person.
୨ । ଅନ୍ୟ ବ୍ୟକ୍ତିର ଅଧିକାର; ଅନ୍ୟ ବ୍ୟକ୍ତିର ଜିମାଦାରି—
2. The control or custody of another person.

ପରହସ୍ତଗତ—ସଂ. ବିଣ. (ପରହସ୍ତ+ଗତ)—୧ । ଆପଣାର ଆୟତ୍ତରେ
Parahastagata ନ ଥିବା—1. Beyond one's own
(ପରହସ୍ତଗତା—ସ୍ତ୍ରୀ) (ପରହସ୍ତକ—ଦେ. ରୂପ) control.
୨ । ପରର ହାତକୁ ଯାଇଥିବା (ଧନ);ଯେଉଁ ଧନ ବା ବସ୍ତୁ ଅନ୍ୟ ବ୍ୟକ୍ତିର କରଗତ ହୋଇଥାଏ—2. (property or thing) Which has gone to the possession, control or custody of another.

ପର ହାତ—ଦେ. ବି (ସଂ. ପରହସ୍ତ)—ପର ହସ୍ତ (ଦେଖ)
Para hāta Para hasta (See)
পরেরহাত ଦେ. ବିଣ—ପରହାତିଆ (ଦେଖ)
दुसराका हाथ Para hātiā (See)

ପରହାତ ଚଢ଼ିବା—ଦେ. କ୍ରି—୧ । (ଧନାଦି) ଅନ୍ୟ ବ୍ୟକ୍ତିର ହସ୍ତଗତ ହେବା—1. (property) To go to the control of another.
Para hāta chardhiba
পরেরহাতে চড়া
दुसराकाहाथमे गीरना ୨ । (କୌଣସି ବ୍ୟକ୍ତି) ଅପର ବ୍ୟକ୍ତିର ପରାମର୍ଶ ବା ଅଧିକାରାଧୀନ ହେବା—2. To become subservient to another person.
ପରହାତ ହେବା
ପର ହାତରେ ଚଢ଼ିବା } ଅନ୍ୟରୂପ]
ପର ହାତରେ ପଡ଼ିବା

ପରହାତିଆ—ଦେ. ବିଣ—୧ । ପର ହସ୍ତଗତ (ଦେଖ)
Para hātiā 1. Para hastagata (See)
୨ । ପରର ଅଧିକାର ବା କ୍ଷମତାଭୁକ୍ତ—
2. Under the control or disposal of another.
୩ । ଅନ୍ୟ ବ୍ୟକ୍ତି ଦ୍ୱାରା ସାଧ୍ୟ—
3. Accomplishable by another.

ପର ହିତ—ସଂ. ବି. (୬ଷ୍ଠୀ ତତ୍; ପର+ହିତ)—ପରର ମଙ୍ଗଳ; ପରୋପକାର—The good of other people; benefit to others.
Para hita
[ଦ୍ରି—ଏଥିରୁ ପରହିତରତ, ପରହିତାନୁଷ୍ଠାନ, ପରହିତାନୁଷ୍ଠାତା, ପରହିତାନୁଷ୍ଠାତ୍ରୀ, ପରହିତାକାଙ୍କ୍ଷା, ପରହିତାକାଂକ୍ଷୀ, ପରହିତାକାଙ୍କ୍ଷିଣୀ, ପରହିତ ବ୍ରତ, ପରହିତୈଷଣା, ପରହିତୈଷୀ, ପରହିତୈଷିଣୀ, ପରହିତେଚ୍ଛୁ, ପରହିତେଚ୍ଛା, ପରହିତାଭିଲାଷ, ପରହିତାଭିଲାଷୀ, ପରହିତାଭିଲାଷିଣୀ, ପରହିତ ସାଧକ ଓ ପରହିତ ସାଧିକା ଆଦି ପଦ ନିଷ୍ପନ୍ନ ହୁଏ ।]

ପରା—ସଂ. ଅ—(ଉପସର୍ଗ) (ପୃ ଧାତୁ=ପୂରଣ କରିବା+କର୍ତ୍ତୃ. ଅ)—ନିମ୍ନଲିଖିତ ଅର୍ଥରେ ବ୍ୟବହୃତ ଉପସର୍ଗ—A prefix used in the following senses.
Parā
୧ । ପ୍ରାଧାନ୍ୟ—1. Preeminence.
୨ । ସର୍ବତୋଭାବ—2. In all ways; in every way.
(ଯଥା—ପରାକ୍ରମ)
୩ । ଅତିକ୍ରମ—3. Passing over; surpassing.
୪ । ଅତ୍ୟନ୍ତ; ବିଶେଷ ଭାବରେ—4. Excessively.
(ଯଥା—ପରାମର୍ଶ)
୫ । ଗମନ—5. Going.
(ଯଥା—ପରାଗତ)
୬ । ଶେଷ, ଅନ୍ତିମ—6. Final.
(ଯଥା—ପରାକାଷ୍ଠା)
୭ । ବଧ—7. Killing.
(ଯଥା—ପରାହତ)
୮ । ଦୂରକୁ—8. Far; to a distance.
୯ । କ୍ଷତି—9. Loss.
୧୦ । ଆଭିମୁଖ୍ୟ—10. Situation in front.
୧୧ । ପ୍ରାତିଲୋମ୍ୟ—11. Inversion; against the grain.
୧୨ । ସହିତ—12. With.
(ଯଥା—ପରାଗ)
୧୩ । ବିକ୍ରମ—13. Power; might.
୧୪ । ତିରସ୍କାର—14. Rebuke.
୧୫ । ଲେଉଟିବା—15. Returning.
(ଯଥା—ପରାବୃତ୍ତ)
୧୬ । ପ୍ରାତିକୂଲ୍ୟ—16. Opposition.
(ଯଥା—ପରାସ୍ତ)
୧୭ । ବିପରୀତ—17. Opposite.
(ଯଥା—ପରାଜୟ)
୧୮ । ଅନାଦର; ଅବଜ୍ଞା; ଅବହେଳା—
18. Slighting; disregard.
(ଯଥା—ପରାକରଣ)
୧୯ । ପୁନରାୟ—19. Again.
୨୦ । ଭଙ୍ଗ—20. Breaking.
୨୧ । ପଛଆଡ଼କୁ—21. Backwards.
(ଯଥା—ପରାପତିତ)
୨୨ । ଊର୍ଦ୍ଧ୍ୱକୁ—22. Upwards.
(ଯଥା—ପରାବଦ୍ଧ)
୨୩ । ନିନ୍ଦିତ—23. Blameworthy.
(ଯଥା—ପରାଭବ)
୨୪ । ମୁକ୍ତି—24. Liberation
(ଯଥା—ପରାକୃତ)

ସଂ. ବିଣ. ସ୍ତ୍ରୀ. (ପର+ସ୍ତ୍ରୀ. ଆ)—୧ । ପରର ସ୍ତ୍ରୀଲିଙ୍ଗ—
1. Feminine of Para.
୨ । ଉତ୍କୃଷ୍ଟା; ପରମା—2. Excellent.
୩ । ପ୍ରଧାନା; ମୁଖ୍ୟା—3. Chief; principal.
୪ । ବ୍ରହ୍ମଜ୍ଞାନ ପ୍ରତିପାଦିକା—
4. Demonstrating spiritual knowledge.

ସଂ. ବି. ସ୍ତ୍ରୀ—୧ । ନାଭିମୂଳଠାରୁ ପ୍ରଥମେ ଜାତ ନାଦ ସ୍ୱରୂପା ବର୍ଣ୍ଣ—1. The element of the letter when it emanates first from inside the root of the navel.
୨ । ବେଦାନ୍ତ; ଉପନିଷଦ—2. Bedānta philosophy.

ଦେ. ଅ. (ସଂ. ପ୍ରାୟ)—୧ । (ସଂଶୟାର୍ଥକ; ପ୍ରଶ୍ନାର୍ଥକ)—କି ?—
1. (Interrogative or denoting doubt) Is it so ? will you ?

ସିନ୍ଧୁ ତଟ ପବନ ସଙ୍ଗି ସ ଉଠିଥରେ । ସଙ୍ଗୀତ ।

୨ । (ଅନୁରୋଧାର୍ଥକ ବାକ୍ୟ ଶେଷରେ ବ୍ୟବହୃତ)—ଭଲା—
2. (denoting request) Please; wont you ?
ଠଣାଠଣ୍ଟି ଭାଙ୍ଗଗଲା ବୃନ୍ଦେ ମନମଥ ଘାତ,
ବନ୍ଧନ କର ତୁ ପରା ମୋତେରେ । ଉପେନ୍ଦ୍ର, କୋଟିବ୍ରହ୍ମ, ୦ ଗୀତ ।

୩ । (ବାକ୍ୟ ଶେଷରେ; ଦୃଢ଼ାର୍ଥ ପ୍ରକାଶକ)—ତ—
3. (used in emphasis at the end of a sentence) Certainly; too.
(ଯଥା—ମୁଁ ଜାଣେ ପରା; ଏ ଲୋକ ମତେ ଅଧବାଟରେ ଦଗା ଦେବ ।)
ମତନ ୪ । ପରାଏ; ପ୍ରାୟ; ସମାନ; ପରି—4. Like.
बराबर; एकसाँ ମୋହୋପରା ଲୋକ ଚଳାଇ ଅଛିଲଇ ।
କୃଷ୍ଣସିଂ ହ. ମହାଭାରତ ବନପର୍ବ ।
[ଦ୍ର—ଏହା ଚତୁର୍ଥ ଅର୍ଥରେ ଯେଉଁ ଶବ୍ଦ ପରେ ଲାଗେ ସେ ଶବ୍ଦର ଷଷ୍ଠୀ ବିଭକ୍ତି ହୁଏ । ଯଥା ତା ପରା ଲୋକ]
ଗ୍ରା. ବି. (ଶୂଦ୍ରଙ୍କ ବ୍ୟବହୃତ) (ସଂ. ପାତନ)—୧ । ଫଳଆଦି ଗଛରୁ
ପାଡ଼ା ତୋଳା ହେବା—1. The plucking of fruits
ताड़ना, तोडाइ from trees.
ପାତନା (ଯଥା—ଆମ୍ବପରା, ନଡ଼ିଆ ପରା ।)
୨ । ପାରିବା, ଭୂମିରେ ପକାଇବା—
2. Felling (of a person) on the ground.
(ଯଥା—ଧରି ପରା ଲଗାଇବା, ପରାପର ଲଗାଇବା ।)
୩ । ଭୂମିରେ ବିଛା ହେବା—
3. Being laid or spread on the ground.
(ଯଥା—ଶେଯ ପରା ।)
ଦେ. ବିଣ. (ସଂ. ପ୍ରକାର)—୧ । ପର; ପ୍ରକାର; ସଦୃଶ—
ମତନ 1. Similar; like.
एकसा (ଯଥା—ଚାରପରା ଶୂକର ମୁହଁକୁ ବସନ୍ତ ଦାଗ ଖରାପ କରିଦେଇଛି ।)
तोड़ाहुआ ୨ । ତୋଳା ହୋଇଥିବା (ଫଳ)—
ପାଡ଼ା 2. Plucked (fruit)
फैलाहुआ ୩ । ଭୂମିରେ ବିଛା ହୋଇଥିବା (ବିଛଣା)—
ପଡ଼ା 3. (bed) Spread on the ground.
ପ୍ରାଦେ. (ସମ୍ବଲପୁର) ବି—ପଡ଼ା; ସାଇ—
A quarter of the town or village.
କାଁଚ କାଚ କାଁଚ, ଅମର ପରାରୁ କ ସିବୁ ନାଚ,
ତିଣ୍ଡି ଭଲେ ଦେଖୁ ଶୀତ । କୋଶଲଗୀତ ।

ପରାଇ—ଦେ. ଅ. (ପଦ୍ୟ) (ସଂ. ପ୍ରାୟ)—ପ୍ରାୟ—Like.
Parāi ସରଦାରମାନେ ନଶ୍ବର ବଚନେ କର୍ମିଲେ ପନ୍ନଗ ପରାଇ ।
ମତନ एकसाँ ବ୍ରଜନାଥ, ସମରତରଙ୍ଗ ।

ପରା(ରେ)ଇବା—(ଶୂଦ୍ରଙ୍କ ବ୍ୟବହୃତ) ଗ୍ରା. କ୍ରି. (ପାରିବାର ଣିଜନ୍ତରୂପ; ସଂ. Parā(re)ibā ପାତ ଧାତୁ)-୧ । ଗଛଆଦିରୁ ଫଳ ଅନ୍ୟଦ୍ୱାରା ତୋଳା-
पाड़ाना ଇବା; ପଡ଼ାଇବା—1. To cause to be plucked.
पड़ाना (ଯଥା—ସାଆନ୍ତ ବସି ନଡ଼ିଆ ପରାଉ ଅଛନ୍ତି ।)
पवान ୨ । (ସଂ. ପରିଧାପନ)—ଭୂଷିତ କରାଇବା; ପିନ୍ଧାଇବା;
पहनाना ପରିଧାନ କରାଇବା—2. To cause to put on.
पाताना ୩ । ଅନ୍ୟଦ୍ୱାରା ବିଛଣାଆଦି ଭୂମିରେ ବିଛାଇବା—
फैलाना 3. To cause to be spread.
ପ୍ରାଦେ. (ଉତ୍ତରଭାଷା) କ୍ରି. (ଭୁଲ. ହି. ପରାନା)—ପଳାଇବା— To fly away.
ଗ୍ରା. (ଇତରବ୍ୟବହୃତ ଉଚ୍ଚାରଣ)—କ୍ରି—ପଳାଇବା-To flee away.

ପରାଏ—ଦେ. ଅ. (ପଦ୍ୟ) (ସଂ. ପ୍ରାୟ) —ପ୍ରାୟ—Like.
Parāe ମିଥ୍ୟ ଚାଳାଲ ପିଅଦା ପରାଏ ମାରୁ ଛିଙ୍କେ ଅଛୁ ତାକୁ ।
ମତନ बराबर (ପରାଏକ—ଅନ୍ୟରୂପ) ବଳଦୁର୍ଯ୍ୟ, ସଙ୍ଗୀତ ।

ପରାଏଣ—ଗ୍ରା. ଅ. (ପ୍ରାଚୀନ ପଦ୍ୟ) (ସଂ. ପ୍ରାୟ)—ପରାଏ (ଦେଖ)
Paraena Parāe (See)
କ୍ଷୁଦ୍ର ଦାସ ପରାଏଣ ଏହାରେ ରହୁବେ । ପ୍ରାଚୀ. ଶ୍ରୀ ଗୁରୁ ଭକ୍ତି ଗୀତା ।

ପରାଂଗତି—ଦେ. ବି. (ସଂ. ପରା+ଗତି)—୧ । ମୋକ୍ଷ; ମୁକ୍ତି—
Parāmgati 1. Salvation.
(ପରାଗତି—ଅନ୍ୟରୂପ) ୨ । ଉଦ୍ଧାର—2. Deliverance.
(ଯଥା—ମୁଁ ପରାଂଗତି ପାଇଗଲି ।)

ପରାକ୍—ସଂ. ଅ—ପରାଙ୍ (ଦେଖ)—
Parāk Parāṅ (See)

ପରାକ୍‌ପୁଷ୍ପୀ—ସଂ. ବି—ଅପାମାର୍ଗ—
Parāk-pushpi Achyranthes Aspera (plant).

ପରାକ—ସଂ. ବି. (ପରା=ଉତ୍ତମ+ଅକ୍ ଧାତୁ=ଗମନ କରିବା+
Parāka କରଣ ଅ)—୧ । ଦୂରତ୍ୱ—1. Distance.
୨ । ଦ୍ୱାଦଶ ଦିନବ୍ୟାପୀ ଉପବାସ ବ୍ରତ ବା ପ୍ରାୟଶ୍ଚିତ୍ତବିଶେଷ—
2. A religious penance or expiation perfomed in 12 days.
୩ । ବଳି ପକାଇବାର ଖଡ୍ଗ—3. A sacrificial sword (Apte).
୪ । ଜନ୍ତୁବିଶେଷ—4. A kind of animal (M. W.).
୫ । ରୋଗବିଶେଷ—5. A kind of disease (Apte).
ସଂ. ବିଣ—କ୍ଷୁଦ୍ର—Small.

ପରାକରଣ—ସଂ. ବି. କ୍ଲୀ. (ପରା=ପୂର୍ବେ+କୃ ଧାତୁ=କରିବା+
Parākarana ଭାବ. ଅନ; କିମ୍ବା ପରା=ଅବଜ୍ଞା+କରଣ)—
୧ । ଅବଜ୍ଞା କରିବା; ଅବହେଳନ—
1. Slighting; disregarding; disdaining.
୨ । ରଦ୍ଦ କରିବ—2. Setting aside (M. W.).

ପରାକର୍ମ—ଗ୍ରା. ବି. (ସଂ. ପରାକ୍ରମ)—ପରାକ୍ରମ; ବଳ—
Parākarma Might; potency.
ମନ ଦେ ପଦ ଯା ପରାକର୍ମ
ଗୋପୀମାନଙ୍କ ଦନ୍ତ କେ ଜାଣିମ । ପ୍ରାଚୀ. ରହସ୍ୟମଞ୍ଜରୀ ।

ପରାକାଷ୍ଠା—ସଂ. ବି. (ପରା=ଶେଷ+କାଷ୍ଠା=ସୀମା)—୧ । ଚରମ ସୀମା—
Parākāshthā 1. Extreme limit; acme.
(ପରାକୋଟି - ଅନ୍ୟରୂପ) ୨ । ଆତିଶଯ୍ୟ—2. Excess.
୩ । ସର୍ବୋଚ୍ଚ ସୀମା—3. Highest pitch.
୪ । ବ୍ରହ୍ମାଙ୍କ ଆୟୁର ଅର୍ଦ୍ଧେ—4. Half of the lifetime of Brahmā.

ପରାକୁତ(ତି)—ଗ୍ରା. ବି ଓ ବିଣ. (ସଂ. ପ୍ରାକୃତ)—୧ । ପ୍ରାକୃତ ଭାଷା—
Parākuta(ti) 1. The Prākṛuta language.
(ପରାକୃତ—ଅନ୍ୟରୂପ)

ନ ପରାକୃତ ସଂସ୍କୃତ
ସେ ଭାବଗ୍ରାହୀ ଜଗନ୍ନାଥ
ଗାଇ ଶୁଣନ୍ତେ ଗୋପୀମାନେ
ବେଦ ନ ଶୁଣେ ଦେବେ ସ୍ୱମେ । ରୂପଲ, ପ୍ରେମପଞ୍ଚାମୃତ ।

୨ । ଓଡ଼ିଆଭାଷା—2. The Oria language.
(ଯଥା—ବାଲ୍ମୀକି ରାମାୟଣକୁ ଏ ପର୍ଯ୍ୟନ୍ତ କେହି ପରାକୃତରେ ଭାଙ୍ଗିନାହାନ୍ତି ।)

୩ । ପ୍ରଚଳିତ ଦେଶୀୟ ଭାଷା—
3. The vernacular of a country.

ପରାକ୍ରମ—ସଂ. ବି. (ପରା=ସର୍ବତୋଭାବରେ+କ୍ରମ୍ ଧାତୁ=ଗମନ କରିବା+କରଣ. ଅ)—୧ । ସମତା; ଶକ୍ତି; ସାମର୍ଥ୍ୟ—
Parākrama
1. Power; potency.
୨ । ସାହସ—2. Courage; valour.
୩ । ବିକ୍ରମ—3. Might.
୪ । ବଳ—4. Strength; prowess.
୫ । ପୁରୁଷକାର—5. Exertion.

ପରାକ୍ରମ କରିବା—ଦେ. କ୍ରି—୧ । ବଳ ବା ସାହସ ଦେଖାଇବା—
Parākrama karibā 1. To show one's valour or prowess.
পরাক্রম দেখান **पराक्रम दिखाना**

ଯୁଦ୍ଧରେ ଯେଉଁ ଲୋକ ପରାକ୍ରମ କରେ । କୃଷ୍ଣସିଂହ, ମହାଭାରତ ସଭା ।

ପରାକ୍ରମ କାଢ଼ିବା
ପରାକ୍ରମ ଦେଖାଇବା
ପରାକ୍ରମ ଦେଖେଇବା } [ଅନ୍ୟରୂପ] ୨ । ନିଜର ବାହାଦୁରି କହିହେବା—2. To praise one's own prowess; to brag; to boast.

ପୁରୁଷ ହୋଇ ବସିଥାଏ ମାତ୍ରକ
ପରାକ୍ରମ କହ ତା ସଭାରେ କହିବ । କୃଷ୍ଣସିଂହ, ମହାଭାରତ ସଭା ।

ପରାକ୍ରମଶାଳୀ—ସଂ. ବିଣ. ପୁଂ. (ପରାକ୍ରମ+ଅସ୍ତି ଅର୍ଥରେ ଶାଳିନ୍, ୧ମା. ୧ବ)—୧ । ଶକ୍ତିଶାଳୀ; ବଳୁଆ—
Parākramasāli
(ପରାକ୍ରମଶାଳିନୀ—ସ୍ତ୍ରୀ) 1. Potent; powerful; mighty.
(ପରାକ୍ରମଶାଳିତା—ବି) ୨ । ସାହସୀ—2. Valorous; valiant.

ପରାକ୍ରମୀ—ସଂ. ବିଣ. ପୁଂ. (ପରାକ୍ରମ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Parākrami ପରାକ୍ରାନ୍ତ (ଦେଖ)—
(ପରାକ୍ରମିଣୀ—ସ୍ତ୍ରୀ) Parākrānta (See)

ପରାକ୍ରାନ୍ତ—ସଂ. ବିଣ. ପୁଂ. (ପରା+କ୍ରମ୍ ଧାତୁ=ଗମନ କରିବା+କର୍ତ୍ତୃ. ତ)—୧ । ପରାକ୍ରମଶାଳୀ; ଶକ୍ତିସମ୍ପନ୍ନ—
Parākrānta
(ପରାକ୍ରାନ୍ତା—ସ୍ତ୍ରୀ) 1. Powerful; mighty.
୨ । ସାହସୀ—2. Valiant; heroic.

ପରାଗ—ସଂ. ବି. (ପରା=ସହିତ+ଗମ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ; ଯେ ବାୟୁ ସହିତ ଗମନ କରେ ବା ଉଡ଼ିଯାଏ)—
Parāga
୧ । ଧୂଳି—1. Dust.
୨ । ପୁଷ୍ପରେଣୁ—2. The farina or pollen of a flower.
୩ । ଗନ୍ଧଦ୍ରବ୍ୟ ଚୂର୍ଣ୍ଣ—3. Scented powder.
୪ । ଚୂର୍ଣ୍ଣ; ଗୁଣ୍ଡ—4. Powder.
୫ । ଚନ୍ଦନ—5. Sandal.
୬ । (ପରା+ଗମ୍ ଧାତୁ+ଭାବ. ଅ)—ସୁନାମ; ଖ୍ୟାତି—
6. Good name; reputation; fame.
୭ । ସୂର୍ଯ୍ୟୋପରାଗ; ସୂର୍ଯ୍ୟଗ୍ରହଣ; ଚନ୍ଦ୍ରଗ୍ରହଣ—
7. Lunar or solar eclipse (M. W.).

ସନ୍ଧି ଦିବସ ଗର୍ଭରେ ସୂର୍ଯ୍ୟ ପରାଗରେ
ସ୍ନାନ କରନ୍ତି ସେବ ସେହି ତୀର୍ଥରେ । କୃଷ୍ଣସିଂହ, ମହାଭାରତ ବନ ।

୮ । ସ୍ୱାଧୀନତା—8. Independence (M. W.).
୯ । ସ୍ୱଚ୍ଛନ୍ଦ ଗତି (ହି. ଶ)—9. Unrestricted motion.
୧୦ । ପର୍ବତବିଶେଷ (ହି. ଶ)—
10. Name of a mountain.

ପରାଗ କେଶର—ସଂ. ବି. (ପରାଗ+କେଶର)—ଶିରୋଦେଶରେ ରେଣୁଯୁକ୍ତ ପୁଷ୍ପ ମଧ୍ୟସ୍ଥ ସୂକ୍ଷ୍ମ ସୂତ୍ର ସମୂହ—
Parāga kesara Stamen of flowers.
[ଦ୍ର—ଏହା ବୃକ୍ଷମାନଙ୍କର ପୁଂଜନନେନ୍ଦ୍ରିୟ ଅଟେ ।]

ପରାଗତ—ସଂ. ବିଣ. ପୁଂ. (ପରା=ପଶ୍ଚାତ୍; ବିପରୀତଭାବେ+ଆ+ଗମ୍ ଧାତୁ+କର୍ତ୍ତୃ. ତ)—୧ । ପଶ୍ଚାଦାଗତ—
Parāgata
(ପରାଗତା—ସ୍ତ୍ରୀ) 1. Come late; arrived late.
୨ । ବିସ୍ମୃତ—2. Forgotten.
୩ । ପ୍ରତ୍ୟାଗତ—3. Returned.
୪ । ବ୍ୟାପ୍ତ—4. Spread.
୫ । ବିକସିତ—5. Explanded; blown.
୬ । ଯୁକ୍ତ—6. Joined; attached.

ପରାଙ୍—ସଂ. ଅ—ପଶ୍ଚାତ୍; ପଛକୁ—
Parāṅ Backwards.

ପରାଙ୍ମୁଖ—ସଂ. ବିଣ. ପୁଂ. (ବହୁବ୍ରୀହି; ପରାଙ୍=ପଛ ଆଡ଼କୁ ମୁଖ ଯାହାର)—୧ । ପଶ୍ଚାତ୍‌ପଦ—1. Shrinking; averse from.
Parāṅmukha
(ପରାଙ୍ମୁଖୀ—ସ୍ତ୍ରୀ)
[ପରାଙ୍ମୁଖତା—ବି] ୨ । ଅନିଚ୍ଛୁକ—
2. Unwilling; reluctant.
୩ । ପଛଆଡ଼କୁ ମୁହଁ ବୁଲାଇଥିବା; ବିମୁଖ—
3. Having the face turned away or averted.
୪ । ପ୍ରତିକୂଳ—4. Unfavourable; adverse.
୫ । ନିବୃତ୍ତ; ଶାନ୍ତ—
5. Ceased; discontinued; stopped.
୬ । ଉଦାସୀନ—6. Indifferent.
୭ । ପ୍ରତିନିବୃତ୍ତ—7. Turning away from.

ପରାଚ୍—ସଂ. ବିଣ—୧ । ପ୍ରତିସ୍ରୋତଗାମୀ; ଓଲଟାଗତି କରୁଥିବା—
Parāch 1. Moving against the current.
୨ । ଊର୍ଦ୍ଧ୍ୱଗାମୀ—2. Going upwards.
୩ । ପରୋକ୍ଷଗମ୍ୟ—3. Indirectly comprehensible.
୪ । ବାହ୍ୟୋନ୍ମୁଖ (ହି. ଶ.)—4. Facing outwards.
୫ । ବିମୁଖ—
5. With the face averted; averse.

ପରାଚିତ — ଗ୍ରା (ଇତର) ବି (ସଂ. ପ୍ରାୟଶ୍ଚିତ୍ତ)—୧ । ପ୍ରାୟଶ୍ଚିତ୍ତ—
arā chita 1. Expiatory rites.
ପରାଚିତ୍ତ—ଅନ୍ୟରୂପ) ଅପେ ପରାଚିତ ହୋଇ ଅପେ ସେବେ ଦାନ—ପ୍ରାଚୀ, ବ୍ରହ୍ମନନ୍ଦପଣ ଗୀତା ।

ସଂ. ବିଣ— (ପର+ଆ+ଚିତ=ପ୍ରତିପାଳିତ)—
୧ । ପର ପୁଷ୍ଟ; ଅନ୍ୟ କର୍ତ୍ତୃକ ପ୍ରତିପାଳିତ—
1. Brought up or fostered by another.
୩ । ସମ୍ୟକ୍ ବ୍ୟାପ୍ତ—3. Well spread; diffused.

ପରାଚନ—ଗ୍ରା. ବିଣ. (ପଦ୍ୟ) (ସଂ. ପ୍ରାଚୀନ)—ପ୍ରାଚୀନ; ପୁରୁଣା—
Parāchina Old; ancient.

ପରାଚୀ—ଗ୍ରା. ବି. (ନାମ) (ସଂ. ପ୍ରାଚୀ)—୧ । ପୁରୀଜିଲ୍ଲାର ପ୍ରାଚୀନଦୀ—
Parāchi 1. The Prāchi river in Puri district.
୨ । (ପଦ୍ୟ) ପ୍ରାଚୀ—ଦେଖ—2. Prāchi (See)
ଦେଖୁଁ ଦେଖୁଁ ଦେଖାଦେଲେ ପାଃନ୍ଦମା ପରାଚୀମୂଳେ—ରାଧାନାଥ ଯଯାତି ।

ପରାଚୀନ—ସଂ. ବିଣ. ପୁଂ. (ପରାଚ୍=ବିମୁଖ+ଈନ୍)—୧ । ବିମୁଖ;
Parāchina ପରାଙ୍ମୁଖ—1. Shrinking from; turning
(ପରାଚୀନା—ସ୍ତ୍ରୀ) back one's face upon; averted.
୨ । ଅନଚ୍ଛୁକ—2. Disinclined to; averse from.
୩ । ଯେ କୌଣସି ବିଷୟକୁ ଖାତିର ନ କରେ—
3. Not minding; not caring about.
୪ । ପରେ ଘଟିବା—
4. Happening subsequently or afterwards. (Apte)
୫ । ଅପର ପାର୍ଶ୍ୱରେ ବା ସୀମାର ବାହାରେ ଅବସ୍ଥିତ—
5. Situated on the other side; being beyond.
ଗ୍ରା. ବିଣ—ପ୍ରାଚୀନ—Old; ancient.

ପରାଜୟ—ସଂ. ବି—(ପରା=ବ୍ୟତିକ୍ରମ; ବିପରୀତ+ଜି ଧାତୁ=ଜୟ
Parājaya କରିବା+ଭାବ. ଅ)—୧ । ପରାଭବ; ପରାସ୍ତ ହେବା -
(ପରାଜିତ—ବିଣ) 1. Defeat; overthrow.
[ବିଜୟ—ବିପରୀତ] ୨ । ମକଦ୍ଦମାରେ ହାରିବା—
2. Defeat or discomfiture in a law suit.
ଦେ. ବି—ପରାଞ୍ଜୟ—(ଦେଖ)—Parānjaya (See)

ପରାଜିତ—ସଂ. ବିଣ.ପୁଂ. (ପରା+ଜି ଧାତୁ=ଜୟ କରିବା+କର୍ମ. ତ)—
Parājita ୧ । ପରାଭୂତ; ବିଜିତ; ଯେ ଅନ୍ୟ ଦ୍ୱାରା ହାରିଛି—
(ପରାଜିତା—ସ୍ତ୍ରୀ) 1. Defeated; vanquished; overthrown.
୨ । ଯେ ମକଦ୍ଦମାରେ ହାରିଛି—
2. Defeated in a law suit.

ପରାଞ୍ଚ—ସଂ. ବିଣ.—ପରାଚ୍ (ଦେଖ)
Paranch Parāch (See)

ପରାଞ୍ଜୟ—ଗ୍ରା. ବି—(ସଂ. ପରାଜୟ)—୧ । ଭର୍ତ୍ସନା; ତିରସ୍କାର; ଗାଳିମନ୍ଦ-
Parānjaya 1. Rebuke; censure.
୨ । ଲୁଜ୍ଜା; ନିନ୍ଦା—2. Blame.
୩ । ଅବମାନନ—3. Humiliation.
ଗ୍ରା. ବିଣ—ପରାଜିତ—Vanquished; overpowered.

ପରାଟ୍—ପ୍ରାଦେ. (ସମ୍ବଲପୁର) ବି—ପରାତ; ଧାତୁ ନିର୍ମିତ ବଡ଼ ଥାଳୀ—
Parāt A large metal plate.

ପରାଟା—ଦେ. ବି—ପରଠା (ଦେଖ)
Parāṭā Parāṭā (See)

ପରାଣ—ଗ୍ରା. (ପଦ୍ୟ) (ସଂ. ପ୍ରାଣ)—୧ । ଜୀବନ—
Parāṇa परान जान, जी, परान 1. Life.
କ ସୁଖ, ହେ ପାଣ୍ଡୁନାଃ ଏ ଦଗ୍ଧ ପରାଣେ ଗୃହେ ଥାଇ—ରାଧାନାଥ. ମହାଯାତ୍ରା ।
୨ । (ପୁଂ. ଓ ସ୍ତ୍ରୀ) (ପ୍ରେମିକ ପ୍ରେମିକାଙ୍କର ପରସ୍ପର ପ୍ରତି ସମ୍ବୋଧନ; ସଙ୍ଗୀ ବା ଅତି ପ୍ରିୟତମ ବ୍ୟକ୍ତି ପ୍ରତି ସମ୍ବୋଧନ) ପ୍ରାଣଧନ; ପ୍ରିୟତମ ବ୍ୟକ୍ତି—2. One's dearest or beloved person.

ପରାଣ ଘେନିବା—ଗ୍ରା. କ୍ରି—(ସଂ. ପ୍ରାଣ+ଗ୍ରହଣ)—ମାରି ପକାଇବା—
Parāṇa ghenibā To kill.
परान लेना जानलेना ଇନ୍ଦ୍ର ଉପାୟରେ ଘେନିବା ପରାଣ ।
(ପରାଣ ନେବା—ଅନ୍ୟରୂପ) କୃଷ୍ଣସିଂହ-ମହାଭାରତ ଅଦି ।

ପରାଣ ଛାଡ଼ିବା—ଗ୍ରା. କ୍ରି—ମରିବା—
Parāṇa chhārdibā To die.
ପ୍ରାଣ ଛଡ଼ା ଗ୍ରା. ବି—ମୃତ୍ୟୁ; ପ୍ରାଣ ତ୍ୟାଗ; ଦେହରୁ ପ୍ରାଣ ବାୟୁର
जी छोड़ना ବହିର୍ଗମନ--Dying; death; breathing
(ପରାଣ ଛେଡ଼ିବା—ଅନ୍ୟରୂପ) one's last.
ପ୍ରାଣ ଛାଡ଼ା प्राण निकलना
(ପରାଣ ଉଡ଼ିଯିବା, ପରାଣ ଯିବା—ଅନ୍ୟରୂପ)

ପରାଣ ଦେବତା—ଗ୍ରା. ବି. (ପୁଂ ଓ ସ୍ତ୍ରୀ)—
Parāṇa debatā ୧ । ପରାଣ ଧନ (ଦେଖ)
परान देवता 1. Parāṇa dhana (See)
୨ । ଯେଉଁ ବ୍ୟକ୍ତିକୁ ଅତ୍ୟନ୍ତ ଭକ୍ତି କରାଯାଏ—2. A person to whom one is very much devoted.

ପରାଣ ଦେବା—ଗ୍ରା. କ୍ରି—ଅନ୍ୟ ବ୍ୟକ୍ତି ପାଇଁ କିମ୍ବା କୌଣସି ଉଦ୍ଦେଶ୍ୟ
Parāṇa debā ସାଧନାର୍ଥ ନିଜର ପ୍ରାଣ ସମର୍ପଣ କରିବା; ପ୍ରାଣ
परान देओआ ଉତ୍ସର୍ଗ କରିବା—To sacrifice or offer
जान देना one's life for another or for attaining some object.

ପରାଣ ଧନ—ଦେ. ବି ପୁଂ ଓ ସ୍ତ୍ରୀ. (ସଂ. ପ୍ରାଣ+ଧନ)—
Parāṇa dhana (ପ୍ରେମିକ ପ୍ରେମିକାଙ୍କର ପରସ୍ପର ସମ୍ବୋଧନ; ସଙ୍ଗୀ ବା ଅତି ପ୍ରିୟତମ ବ୍ୟକ୍ତିଙ୍କର ପରସ୍ପର ସମ୍ବୋଧନ;) ପ୍ରାଣ ଧନ; ଅତି ପ୍ରିୟତମ ବ୍ୟକ୍ତି; ପ୍ରାଣ ସର୍ବସ୍ୱ; ପ୍ରାଣପ୍ରିୟ ବ୍ୟକ୍ତି—One's dearest person.

ମୋ ପ୍ରାଣ ପରାଣ ଧନ ବାରେ ଫେରି ଚାହିଁ ଯାରେ । ସଙ୍ଗୀତ ।
ଯିବୁ ପଧ ପରାଣ ସଙ୍ଗିଙ୍କ ଉଠିଅଛେ । ସଙ୍ଗୀତ ।
ପରାଣ ଚିଭୁଲା କ ମୋ କେ କେଲ୍ ଛଡ଼ାଇ । ସଙ୍ଗୀତ ।
ଏ ଗୁଣ ସାଗର ନାଗର ହେଲେ ମୋ ପରାଣ ସଖା ।
ରାଧାନାଥ. ଉଷା ।

[ପରାଣ ନାଥ, ପରାଣ ପିଭୁଲା, ପରାଣ ବନ୍ଧୁ, ପରାଣ ସଙ୍ଗାଳ, ପରାଣ ସଙ୍ଗାତ—ପୁଂ ଓ ସ୍ତ୍ରୀ]

ପରାଣ ସଖା, ପରାଣ ସଙ୍ଗୀ—ପୁଂ
ପରାଣ ଧନ, ପରାଣ ପିତୁଳୀ, ପରାଣ ସଙ୍ଗିନୀ, ପରାଣ ସଖୀ—ସ୍ତ୍ରୀ—
ଅନ୍ୟରୂପ]
পরাণ ধন, পরাণ পুতুল, পরাণ বন্ধু—পুং
পরাণ ধনী, পরাণ পুতলী—স্ত্রী प्राण प्यारा(री)

ପରାଣ ଧରିବା—ଗ୍ରା. କ୍ରି—ଜୀଇଁବା; ବଞ୍ଚି ରହିବା—
Parāṇa dhariba To live; to exist; to subsist.
পরান ধরা जीना

ପରାଣ ନାଡିକା—ଗ୍ରା. ବି. (ସଂ. ପ୍ରାଣ + ନାଡ଼ିକା)—
Parāṇa nāṭikā ୧ । ମନୁଷ୍ୟ ଜୀବନକୁ ବଞ୍ଚାଇ ରଖିବା ନାଡ଼ୀ; ଜୀବନ ନାଡ଼ିକା; ହୃଦୟର ରକ୍ତବାହୀ ଶିରା—
1. Life-string; heart-string.
୨ । (ଲକ୍ଷଣାର୍ଥ) ମନୁଷ୍ୟର ଅତି ପ୍ରିୟତମ ବ୍ୟକ୍ତି; ଜୀବନ ସର୍ବସ୍ୱ ବ୍ୟକ୍ତି—2. (figurative) One's dearest person.

ପରାଣ ପାଇବା—ଗ୍ରା. କ୍ରି—ମୃତ୍ୟୁରୁ ରକ୍ଷା ପାଇବା; ବଞ୍ଚିବା; ଜୀବିତ
Parāṇa pāibā ହେବା—To be saved from death;
পরান পাওয়া जान पाना to live.
ଦୁର୍ବୃତ୍ତର କଲେବର ଧରାନ୍ତରଗତ ସ୍ୱର ପରାଣ ପାଇଲେଁ ପ୍ରଶଂସାରେ ।
କବିସୂର୍ଯ୍ୟ. ସଙ୍ଗୀତ ।

ପରାଣ ମୂରୁଛିବା—ଗ୍ରା. କ୍ରି—୧ । ପ୍ରାଣ ପ୍ରତି ମାୟା ତ୍ୟାଗ କରିବା—
Parāṇa mūruchhibā 1. To be indifferent to
প্রানের আশা ত্যাগকরা one's life.
जीको आशा त्यागना ୨ । ପ୍ରାଣର ଆଶା ତ୍ୟାଗ କରିବା—
2. To give up the hope of life.
ଏ ସମସ୍ତ ଯୁଧିଷ୍ଠିରଙ୍କ ଭଲ ବାନ୍ଧି
ଯୁଦ୍ଧ କରୁ ଅଛନ୍ତି ପରାଣ ମୂରୁଛି । କୃଷ୍ଣସିଂହ. ମହାଭାରତ ଦ୍ରୋଣ ।

ପରାଣୀ—ଗ୍ରା. ବି. (ପଦ୍ୟ) (ସଂ. ପ୍ରାଣୀ)—୧ । ପ୍ରାଣୀ; ଜୀବ; ଜନ୍ତୁ—
Parāṇi 1. Animal, living being.
প্রাণী प्राणी ୨ । ବ୍ୟକ୍ତି; ଜନ—2. Person.
ତିନି ଚରଣେ ପଡ଼ି ଜନ ପରାଣୀ, ମହାମାନଙ୍କ ମାନ୍ୟ କରୁଣ ସେ.
ବେଗେ ହେଲେ ମେଦିନୀ । କବିଗୋଧ, ବଡ଼ଦଣ୍ଡାପ୍ରଣ ।
୩ । ପ୍ରାଣବନ୍ଧୁ, ପ୍ରାଣକୃଷ୍ଣ, ପ୍ରାଣନାଥ ଆଦିଙ୍କ ଡାକ ନାମ—
3. Name for calling persons named Prāṇa-bandhu, Prāṇ akrushṇa and Prāṇanātha.

ପରାଣେ ମରିବା—ଗ୍ରା. କ୍ରି—୧ । ମୃତ ହେବା; ପ୍ରାଣତ୍ୟାଗ କରିବା—
Parāṇe maribā 1. To die.
প্রানে মরা ୨ । ପ୍ରାଣାନ୍ତକ କଷ୍ଟ ଭୋଗ କରିବା—
2. To suffer a great misery.
'ଶାମ ସଙ୍ଗେ ପୀରତ କଲୁଁ—ପରାଣେ ମଲି' । ସଙ୍ଗୀତ ।

ପରାଣେଶ୍ୱରୀ—ଗ୍ରା. (ପଦ୍ୟ) ସ୍ତ୍ରୀ (ସଂ. ପ୍ରାଣେଶ୍ୱରୀ)—ପ୍ରାଣେଶ୍ୱରୀ—
Parāṇeśwari One's dearest woman.
ପରାଣେଶ୍ୱରୀ ବଚନ ଅବ କହନେ, ତାବକୁ ନାହିଁ ତୋତେ ଉଚକ୍ତ କରେରେ ।
ଭକ୍ତ ଚରଣଦାସ ।

ପରାତ(ତ)—ଦେ. ବି. (ସଂ. ପତ୍ର; ପର୍ତ୍ତୁଗୀଜ୍. ପ୍ରାଟୋ; ଇଂ. ପ୍ଲେଟ୍)—
Parāt(ta) ଧାତୁ ନିର୍ମିତ ବଡ଼ ଥାଳୀ—
পরাত परात A big metal plate or tray.

[ଦ୍ର—ଏଥିରେ ଅନ୍ନ ଦଳିବା ଓ ବେଶି ପରିମାଣର ମିଠାଇ ଆଦି ବନ୍ଧୁବାନ୍ଧବଙ୍କ ଘରକୁ ଉପହାର ପଠାଇବା ଆଦି ହୁଏ ।]

ପରାତ୍ପର—ସଂ. ବିଣ. ପୁଂ (ପରାତ୍ = ଶ୍ରେଷ୍ଠଠାରୁ + ପର = ଶ୍ରେଷ୍ଠ)—
Parātpara ଶ୍ରେଷ୍ଠ ଅପେକ୍ଷା ଶ୍ରେଷ୍ଠତର—Greatest;
(ପରାତ୍ପରା—ସ୍ତ୍ରୀ) highest; supreme.
ସଂ. ବି. ପୁଂ—ପରମେଶ୍ୱର—God.

ପରାତ୍ପରୀ—ସଂ. ବି. ସ୍ତ୍ରୀ. (ପରାତ୍ପର+ସ୍ତ୍ରୀ. ଈ)—ଭଗବତୀ; ଦୁର୍ଗା—
Paratpari Goddess Durgā.

ପରାତ୍ମନ—ଗ୍ରା. ବି. (ସଂ. ପରାତ୍ମନ୍)—ପରମାତ୍ମା—
Parātmana God.
ସର୍ବଦା ଅଛି ଭଗବାନ, ଇତ୍ୟ ଅବର ପରାତ୍ମନ ।
ଅଚ୍ୟୁତ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

ପରାତ୍ମା—ସଂ. ବି. (ପରାତ୍ମନ୍; କର୍ମଧା; ପର = ଶ୍ରେଷ୍ଠ + ଆତ୍ମନ୍)—
Parātmā ପରମାତ୍ମା; ପରମେଶ୍ୱର—God; the Supreme Spirit.

ପରାଦ—ସଂ. ବିଣ. ପୁଂ (ପର + ଅଦ୍ ଧାତୁ + କର୍ତ୍ତୃ. ଅ)—ପରାନ୍ନଜୀବୀ
Parāda (ଦେଖ)—Parānnajibi (See).
(ପରାଦା—ସ୍ତ୍ରୀ)

ପରାଦାନ—ସଂ. ବି. (୪ର୍ଥୀ ତତ୍; ପର + ଆଦାନ)—ପରାର୍ଥେ ଦାନ;
Parādāna ପରୋପକାରାର୍ଥ ଦାନ—
A gift for the benifit of others.

ପରାଧି—ସଂ. ବି. (୬ଷ୍ଠୀ ତତ୍; ପର + ଆଧି)—୧ । ଅନ୍ୟବ୍ୟକ୍ତିର ରୋଗ—
Parādhi 1. The disease or sickness of other people.
୨ । (କର୍ମଧା; ପର + ଆଧି)—ଉତ୍କଟ ବ୍ୟାଧି—
2. Severe illness.

ପରାଧିକାର—ସଂ. ବି. (୬ଷ୍ଠୀ ତତ୍; ପର + ଅଧିକାର)—
Parādhikāra ୧ । ଅନ୍ୟ ବ୍ୟକ୍ତିର ଆଧିପତ୍ୟ—
1. Another's supremacy.
(ସ୍ୱାଧିକାର—ବିପରୀତ) ୨ । ଅନ୍ୟର ଇଲାକା—
2. Another's jurisdiction.
୩ । ଅନ୍ୟ ବ୍ୟକ୍ତିର ଦଖଲ—3. Another's possession.
୪ । ଅନ୍ୟ ବ୍ୟକ୍ତିର ବିଷୟ ବା ସମ୍ପର୍କ—
4. Another person's affair or concern.

ପରାଧିକାର ଚର୍ଚ୍ଚା—ସଂ. ବି. (ପରାଧିକାର+ଚର୍ଚ୍ଚା)—ଅନ୍ୟ ବ୍ୟକ୍ତି
Parādhikāra charchchā ବିଷୟରେ ଆଲୋଚନା—
Officiousness; meddlesomeness; discussion about a matter relating to another person; interference with another's concern.

ପରାଧୀନ—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; ପର + ଅଧୀନ)—ପରତନ୍ତ୍ର;
Parādhina ଅସ୍ୱାଧୀନ; ଅନ୍ୟର ବଶୀଭୂତ—Subject to
(ପରାଧୀନା—ସ୍ତ୍ରୀ) another; depending on others.
(ସ୍ୱାଧୀନ—ବିପରୀତ) (ପରାଧୀନତା, ପରାଧୀନତ୍ୱ—ବି)

ପରାନ—ପ୍ରାଦେ (ସମ୍ବଲପୁର) ବି—(ଣ ସ୍ଥାନରେ ନ ଓ ପଦର ଶେଷବର୍ଣ୍ଣର
Parān ହଲନ୍ତ ଉଚ୍ଚାରଣ; ଭୂଲ. ହିନ୍ଦୀ. ପରାନ୍)—ପ୍ରାଣ—Life.

ଠେଙ୍ଗା ଖାଇଁ ପରାନ୍ନ ଖାଣ୍ଟି (ଠେଙ୍ଗାବାସରେ ପ୍ରାଣ ଯାଉ)—ଢଗ ।

ପରାନ୍ତକ—ସଂ. ବି. (୬ଷ୍ଠୀ ତତ୍ପୁରୁଷ; ପର=ସଂସାର+ଅନ୍ତକ=
Parāntaka ନାଶକ)—ମହାଦେବ—Siba.

ସଂ. ବିଣ—ଶତ୍ରୁନାଶକ; ଶତ୍ରୁସଂହାରକ—
Destructive of the enemy.

ପରାନ୍ନ—ସଂ. ବି. (୬ଷ୍ଠୀ ତତ୍; ପର+ଅନ୍ନ)—୧ । ଯେଉଁ ଖାଦ୍ୟ
Parānna ସ୍ୱୋପାର୍ଜ୍ଜିତ ନୁହେଁ—1. Food not earned by the sweat of one's brow.

୨ । ସ୍ୱଜନେତର ବ୍ୟକ୍ତି ଦ୍ୱାରା ରନ୍ଧା ହୋଇଥିବା ଅନ୍ନ ବା ଖାଦ୍ୟ-
2. Food cooked by a stranger.

୩ । ପରସ୍ୱାମିକ ଅନ୍ନ—3. Food supplied by or belonging to another.

[ଦ୍ର—ଶାସ୍ତ୍ର ଅନୁସାରେ—ଗୁରୁ, ମାଉଳ, ଶ୍ୱଶୁର, ପିତା, ପୁତ୍ର ଓ ତତ୍ପତ୍ନୀମାନଙ୍କ ପକ୍ୱାନ୍ନ ପରାନ୍ନ ନୁହେଁ ।]

୪ । ଓପର ଭୋଜନ; ଫୋକଟ ଭୋଜନ—
4. Meal at the table of others; eating at another's expense.

୫ । ଅନ୍ୟ ବ୍ୟକ୍ତି ପାଇଁ ଅଭିପ୍ରେତ ଖାଦ୍ୟ ଦ୍ରବ୍ୟ—
5. Food intended for another; another's food.

ସଂ. ବି. (ବହୁବ୍ରୀହି)—ଭୃତ୍ୟ—Servant. (M. W.)

ସଂ. ବିଣ (ବହୁବ୍ରୀହି)—ପରାନ୍ନଜୀବୀ (ଦେଖ)—
Parānnajibi (See).

ପରାନ୍ନଜୀବୀ—ସଂ. ବିଣ. ପୁଂ. (ପରାନ୍ନଜୀବିନ୍; ପରାନ୍ନ+ଜୀବ୍ ଧାତୁ+
Parānnajibi ଅସ୍ତ୍ୟର୍ଥେ ଇନ୍)—ପରାନ୍ନଦ୍ୱାରା ପ୍ରତିପାଳିତ; ମାଗଣାଖିଆ—Living or subsisting on another's food; sponging.

(ପରାନ୍ନପରପୁଷ୍ଟ, ପରାନ୍ନପୁଷ୍ଟ, ପରାନ୍ନଭୋଗୀ, ପରାନ୍ନଭୁକ୍, ପରାନ୍ନଭୋଜୀ, ପରାନ୍ନଧ୍ୱଂସୀ, ପରାନ୍ନୋପଜୀବୀ—ପୁଂ—ଅନ୍ୟରୂପ)

(ପରାନ୍ନଜୀବିନୀ, ପରାନ୍ନପୁଷ୍ଟା, ପରାନ୍ନଭୋଜିନୀ, ପରାନ୍ନପରପୁଷ୍ଟା, ପରାନ୍ନଧ୍ୱଂସିନୀ—ସ୍ତ୍ରୀଲିଙ୍ଗ)

ପରାପତ—ଗ୍ରା (ପଦ୍ୟ) ବିଣ (ସଂ. ପ୍ରାପ୍ତ)—ପ୍ରାପ୍ତ—
Parāpata Received.

ଏଥେ ଅତହିଁ ଭୁଲତ, ପ୍ରାଣୀ ଗୋଚରେ ପରାପତ—ଭୂତେ. ପ୍ରେମପଞ୍ଚାମୃତ ।

ପରାପତି—ଗ୍ରା (ପଦ୍ୟ) ବି (ସଂ. ପ୍ରାପ୍ତି)—ପ୍ରାପ୍ତି—
Parāpati Receipt.

ତାହା ପରାପତି ମୋ ହୋଇବ କେହୁ—ଭକ୍ତ. କୋଟୀବ୍ରହ୍ମାଣ୍ଡସୁନ୍ଦରୀ ।

ପରାପତିତ—ସଂ. ବିଣ. (ପର+ଆ+ପତ୍ ଧାତୁ=ଆଗମନ କରିବା+
Parāpatita କର୍ତ୍ତୃ. ତ)—୧ । ପ୍ରତ୍ୟାବୃତ୍ତ; ପ୍ରତ୍ୟାଗତ—
1. Returned; come back.

୨ । ସମାଗତ—2. Come; arrived.

ପରାପବାଦ—ସଂ. ବି. (୬ଷ୍ଠୀ ତତ୍; ପର+ଅପବାଦ)—ପରନିନ୍ଦା; ପର
Parāpabāda ନାମରେ ଅପବାଦ—Defamation.

ସବୁଠାରେ ସମସ୍ତେ ସୁଶବନ୍ତ ହୋଇ,
ଥାଇ ପରାପବାଦ ହେଉଥାନ୍ତି କହି । କୃଷ୍ଣସିଂହ. ମହାଭାରତ. ବନ ।

ପରାପର—ସଂ. ବିଣ. (ପର+ଅପର)—୧ । ଦୂରବର୍ତ୍ତୀ ଓ ନିକଟବର୍ତ୍ତୀ—
Parāpara 1. Distant and nearer; remote and proximate.

(ପରାପରା—ସ୍ତ୍ରୀ) ୨ । ପ୍ରାଥମିକ ଓ ପରବର୍ତ୍ତୀ—
2. Primary & secondary; prior & subseqent.

୩ । ଉଚ୍ଚତର ଓ ନିମ୍ନତର; ଉଚ୍ଚ ଓ ନୀଚ—3. High and low; higher and lower; highest and lowest.

୪ । ଅପେକ୍ଷାକୃତ ଉତ୍ତମ ଓ ଅପେକ୍ଷାକୃତ ମନ୍ଦ—
4. Better and worse.

୫ । ଆଗ ଓ ପଛ—5. That which comes first and that which comes after; frontal and hind.

୬ । ପ୍ରଥମେ ଘଟିଥିବା ଓ ପରେ ଘଟିଥିବା—
6. Earlier and later.

ସଂ. ବି.—ପରୂଷକ; ଫାରସା (ଗଛ ଓ କୋଳି) (ହି. ଶ.)—
Asiatica Grewia (tree and plum). (M.W.)

ଦେ. ବି—ଶତ୍ରୁ ଓ ମିତ୍ର—Enemy and friend.

ଉଲଗ୍ନ ହୋଇଲେ ନ ଚିହ୍ନିଲେ ପରାପର—ସ୍ତୁତି, ଜଳଚ ଭ୍ରତ ।

ପରାବର—ସଂ. ବିଣ. (ପର+ଅବର)—୧ । ପରାପର (ଦେଖ)
Parābara 1. Parāpara (See)

(ପରାବରା—ସ୍ତ୍ରୀ)

୨ । କାଳପରମ୍ପରାକ୍ରମେ ଆଗତ—2. Traditional; handed down from earlier to later times (M. W.).

୩ । ପ୍ରତ୍ୟେକ ପରବର୍ତ୍ତୀ—3. Each successive (M. W.).

ସଂ. ବି. (ବହୁବଚନ ପ୍ରୟୋଗ; ପରାବରାଃ)—୧ । ପୂର୍ବପୁରୁଷଗଣ ଓ ବଂଶଧରଗଣ—1. Ancestors and descendants (M. W.).

୨ । କାରଣ ଓ କାର୍ଯ୍ୟ—2. Cause and effect (M.W.).

୩ । ଉଦ୍ଦେଶ୍ୟ ଓ ଫଳ—3. Motive and consequence (M. W.).

୪ । ଜଗତ୍—4. Universe (M. W.).

୫ । ବେଦାନ୍ତ—5. Bedānta.

ପରାବର୍ତ୍ତ—ସଂ. ବି. (ପରା+ବୃତ୍ ଧାତୁ=ବର୍ତ୍ତମାନ ରହିବା+ଭାବ. ଅ)—
Parābarta ୧ । ବିନିମୟ; ବଦଳ—
1. Exchange; barter.

୨ । ପ୍ରତ୍ୟାବର୍ତ୍ତନ—2. Returning

୩ । ପଛକୁ ଲେଉଟିବା—3. Turning back.

୪ । ମୁହଁ ବୁଲାଇବା—4. Turning round.

ପରାବର୍ତ୍ତନ—ସଂ. ବି. (ପରା+ବର୍ତ୍ତନ)—୧ । (ବିଜ୍ଞାନ ପରିଭାଷା)
Parābarttana ପ୍ରତିଫଳନ—1. Reflection.

୨ । ପରାବର୍ତ୍ତ (ଦେଖ)—2. Parābartta (See)

ପରାବର୍ତ୍ତନ ବ୍ୟବହାର—ସଂ. ବି (ହିନ୍ଦୁ ସ୍ମୃତି)—ଥରେ ବିଚାର ହୋଇଥିବା ମକଦ୍ଦମାର ପୁନର୍ବିଚାର
Parābarttana byabahāra (ହି. ସ)—Review or revision of a case.

ପରାବର୍ତ୍ତିତ—ସଂ. ବିଣ (ପରା+ବର୍ତ୍ତି ଧାତୁ=ବର୍ତ୍ତମାନ ରହିବା+କର୍ମ. ତ)--
Parābarttita
୧ । ପ୍ରତ୍ୟାବର୍ତ୍ତିତ—1. Returned.
୨ । ପ୍ରତିଫଳିତ—2. Reflected.

ପରାବହ—ସଂ. ବି. (ପରା=ଉପରକୁ+ବହ୍ ଧାତୁ=ବୋହିବା+କର୍ତ୍ତୃ. ଅ)—ଊର୍ଦ୍ଧ୍ୱକୁ ପ୍ରବାହିତବାୟୁ; ସପ୍ତବାୟୁ ମଧ୍ୟରୁ ଅନ୍ୟତମ—One of the 7 kinds of winds; wind which rushes upwards.
Parābaha
[ଦ୍ର—ଏହା ଊର୍ଦ୍ଧ୍ୱକୁ ପ୍ରବାହିତ ହୁଏ ।]

ପରାବୃତ୍ତ—ସଂ. ବିଣ. (ପରା=ପୁନର୍ବାର+ବୃତ୍ ଧାତୁ=ବିଦ୍ୟମାନ ରହିବା+କର୍ତ୍ତୃ. ତ)—୧ । ପ୍ରତ୍ୟାବୃତ୍ତ—
Parābrutta
1. Returned; turned back.
୨ । ପରିବର୍ତ୍ତିତ—2. Changed.
୩ । ପଳାୟିତ—3. Fled away.
୪ । ବଦଳା ଯାଇଥିବା—4. Exchanged; bartered.
୫ । ଅନ୍ତର୍ହିତ—5. Passed away; disappeared. (M. W.).
୬ । ଭୂମିରେ ଲୁଣ୍ଠିତ; ଗଡ଼ୁଥିବା—6. Wallowing; rolling. (M. W.).
୭ । (ହିନ୍ଦୁ ସ୍ମୃତି) ରଦ କରାଯାଇଥିବା (ଆଦେଶ)—
7. (Law) Reversed; set aside (as a judgment). (M. W.).
୯ । ଫେରାଇ ଦିଆଯାଇଥିବା—
9. Restored; given back. (M. W.).
୧୦ । ପ୍ରତିହତ; ପ୍ରତିଘାତ ପ୍ରାପ୍ତ—
10. Recoiled; rebounded. (M. W.).

ପରାବୃତ୍ତି—ସଂ. ବି. (ପରା+ବୃତ୍; ପରି+ଆବୃତ୍ତି)—୧ । ପ୍ରତ୍ୟାବର୍ତ୍ତନ—
Parābrutti
1. Coming back.
୨ । ପରିବର୍ତ୍ତନ—2. Change.
୩ । ପଳାୟନ—3. Fleeing.
୪ । ବଦଳ—4. Exchange; interchange; barter.
୫ । ମକଦମାର ରାୟର ରଦ ହେବା—5. Reversion of a sentence or judgment in law.
୬ । ନଅ ଯାଇଥିବା ସମ୍ପତ୍ତିର ଫେରସ୍ତ—
6. Restoration of property. (M. W.).
୭ । ପ୍ରତିଘାତ—7. Recoiling; rebounding. (M. W.).
୮ । ସଫଳ ନ ହେବା; ବିଫଳ ହେବା—
8. Not taking effect. (M. W.).

ପରାବ୍ୟାଧ—ସଂ. ବି. (ପରା+ବ୍ୟଧ୍ ଧାତୁ+ଭାବ. ଅ)—କୌଣସି ଢେଲା ବା ଯନ୍ତ୍ରରୁ କ୍ଷିପ୍ତ ଗୁଳାଆଦି ଆଘାତ କରିବାର ଶେଷସୀମା—A stone's throw; the range of any missile. (M. W.).
Parābyādha

ପରାଭବ—ସଂ. ବି. (ପରା=ନିନ୍ଦିତ+ଭୂ ଧାତୁ=ହେବା+ଭାବ. ଅ)—
Parābhaba ୧ । ତିରସ୍କାର—1. Rebuke.
(ପରାଭାବ—ଅନ୍ୟରୂପ) ୨ । ପରାଜୟ—
2. Defeat; overthrow.
ତାହାଙ୍କ ସହଦେବ ଦେଇ ପରାଭବ । କୃଷ୍ଣସିଂହ, ମହାଭାରତ ସଭା ।
୩ । ବିନାଶ—3. Destruction; ruin; dissolution.
ଧର୍ମ ନୋ ଯେବେ ସତ ହେବ
ଏଥ ପାଇବେ ପରାଭବ । ଭୂପତି, ପ୍ରେମପଞ୍ଚାମୃତ ।
୪ । ବିଫଳତ୍ୱ—4. The state of being ineffectual.
୫ । ଅତିକ୍ରମ—5. Surpassing.
୬ । ଅଦୃଶ୍ୟ ହେବା; ଅନ୍ତର୍ଧାନ—
6. Vanishing; disappearance (M. W.).
୭ । ବିଚ୍ଛେଦ—7. Separation (M. W.).
୮ । ଅପମାନନ; ସମ୍ମାନଧ୍ୱଂସ—
8. Humiliation; mortification (M. W.).
ଛାତ୍ର ଅବା ଗଲେ କୃଷ୍ଣ ସେହି ପରାଭବେ । କେଶବକୋଇଲି ।
୯ । ଘୃଣା—9. Contempt (M. W.).
୧୦ । କ୍ଷତି—10. Injury (M. W.).
୧୧ । ବାର୍ହସ୍ପତ୍ୟ ୬୦ ବର୍ଷ ମଧ୍ୟରୁ ଚତୁର୍ଦ୍ଦଶ ବା ଚତ୍ୱାରିଂଶ ବର୍ଷର ନାମ—11. Name of the 14th or fortieth year in Jupiter's cycle of sixty years (M. W.).
[ଦ୍ର—ଜ୍ୟୋତିଷମତରେ ଏ ବର୍ଷ ପୃଥିବୀରେ ଅଗ୍ନି, ଶସ୍ତ୍ରପୀଡ଼ା ଓ ରୋଗ ବେଶି ହୁଏ ଓ ବ୍ରାହ୍ମଣମାନଙ୍କର ବିଶେଷ ଭୟ ହୁଏ । ଜ୍ୟୋ.ଶା ।]
ଦେ. ବି—୧ । କଷ୍ଟ; ଦୁଃଖ—1. Trouble.
ସବୁ ସମ୍ପଦ ଏଣେ ଲଭେ, ଜୀବନ ପଡ଼େ ପରାଭବେ ।
ଜଗନ୍ନାଥ, ଭାଗବତ ।
୨ । ନିର୍ଯ୍ୟାତନ—2. Oppression; harassment.
ମୁଁ ଭୁଞ୍ଜୁ ପାପେ ଥାଇଁ ଆଉଁ କରିବାକୁ
ଅଶିଣ ପରାଭବ ଦେଇ ମୋ ଦେହକୁ । କୃଷ୍ଣସିଂହ, ମହାଭାରତ, ବନ ।

ପରାଭବୀ—ସଂ. ବିଣ. (ପରା+ଭୂ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Parābhabi ପରାଭବକାରୀ; କଷ୍ଟଦାୟକ—
Troublesome; harassing.
ଭକ୍ତଜନ ପର ପରାଭବୀ ନାମ ହାରେ ଠାକୁର ରହୁ ରହୁ ।
(ପରାଭବିନୀ—ସ୍ତ୍ରୀ) ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
ଦେ. ବିଣ—୧ । ପରାସ୍ତ; ପରାଭୂତ—
1. Defeated; overthrown.
ବହୁ ଚେତା ବହୁ ଗ୍ରାମ ଦେବ, ମୁହିଁ ଭୋଳେ ହେଉ ପରାଭବୀ ସେ ।
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ଦୁଃଖ ଭୋଗୀ—2. Beset with trouble.
ଦେଖ ମୁଁ ବସୁ, ପାତେ ସେତ, କୃପଣେ ହେଉ ପରାଭବୀ ।
ଜଗନ୍ନାଥ, ଭାଗବତ ।

ପରାଭିନ(ନ୍ନ)—ଗ୍ରା. ବି. (ସଂ. ପ୍ରଭିନ୍ନ)—ପ୍ରଭେଦ—
Parābhina(nna) Difference.

ପରାଭୂତ—ସଂ. ବିଣ. ପୁଂ (ପରା+ଭୂ ଧାତୁ+କର୍ମ. ତ)—
Parābhūta ୧ । ପରାଜିତ—1. Defeated; vanished.
(ପରାଭୂତା—ସ୍ତ୍ରୀ) ୨ । ନିନ୍ଦିତ—2. Blamed.
୩ । ତିରସ୍କୃତ—3. Censared.

୪ । ଅତିକ୍ରାନ୍ତ—4. Surpassed; overcome.
୫ । ବିନଷ୍ଟ—5. Perished; ruined.
୬ । ଅବମାନିତ—
6. Humiliated; degraded; humbled.
୭ । କଷ୍ଟ ପ୍ରାପ୍ତ—7. Forlorn (M. W).

ପରାଭୂତି—ସ. ବି. (ପରା+ଭୂ ଧାତୁ+ଭାବ. ତି)—ପରାଭବ (ଦେଖ)
Parābhūti Parābhaba (See)
ଅବା ତା ପଥେ ଗିବା, ଜାଣି ଜଳପି ଥିବା, ତା ପଛେ ଯେତେ ପରାଭୂତି କରେ ।
ଭକ୍ତ ସୂର୍ଯ୍ୟ. ସଙ୍ଗୀତ ।

ପରାଭୃତ—ସ. ବିଣ. (ପରା+ଭୃ ଧାତୁ+କର୍ମ. ତ)—
Parābhṛuta ୧ । ଲୁକ୍କାୟିତ—1. Concealed; hidden (M. W.).
୨ । ବାହୃତ—2. Borne (M. W.).
୩ । କଢ଼ା ଯାଇଥିବା—
3. Taken off; put aside (M. W.).

ପରାମନନ—ସ. ବି. (ପରା+ମନ୍ ଧାତୁ=ବୋଧ କରିବା; ଅନୁତାପ
Parāmanana କରିବା+ଭାବ. ଅନ; ପରା=ଶ୍ରେଷ୍ଠ; ବିଶେଷ;
ପ୍ରଗାଢ଼+ମନନ=ଚିନ୍ତା—୧ । ପ୍ରଗାଢ଼ ଚିନ୍ତା—
1. Deep meditation
୨ । ବ୍ରହ୍ମ ବିଷୟକ ଚିନ୍ତା; ଧ୍ୟାନ—
2. Spiritual meditation.
୩ । ଅନୁତାପ—3. Repentance.

ପରାମର୍ଶ—ସ. ବି. (ପରା=ବିଶେଷ ଭାବରେ+ମୃଶ୍ ଧାତୁ=ବିବେଚନା
Parāmarśa କରିବା+ଭାବ. ଅ)—୧ । ବିଶେଷ ମନ୍ତ୍ରଣା—
1. Consultation.
୨ । ବିବେଚନା; ବିଚାର—2. Consideration; judgment; reflection; thought.
୩ । ଯୁକ୍ତି—3. Reasoning; argument.
୪ । ଉପଦେଶ—4. Advice.
୫ । (ନ୍ୟାୟ ଦର୍ଶନ) ବ୍ୟାପ୍ତିବିଶିଷ୍ଟର ପକ୍ଷଧର୍ମତା ବୁଦ୍ଧି ଜ୍ଞାନ (ଜ୍ଞାନେନ୍ଦ୍ର)—5. (logic) Deduction; ascertaining that the Paksha or subject possesses the Hetu or cause; inference; drawing conclusion from analogy or experience.
୫ । ଧରିବା; ଓଟାରିବା (ଯଥା—କେଶ ପରାମର୍ଶ)—
5. Seizing; pulling (M. W.).
୬ । (ଧନୁ) ଆକର୍ଷଣ; ଟାଣିବା; ନୁଆଇଁବା—
6. Bending or drawing (as a bow).
୭ । ଅବମାନନ; ଅତ୍ୟାଚାର; ଆକ୍ରମଣ—
7. Violent assault; attack.
୮ । ଧର୍ଷଣ—8. Violation; ravishment.
୯ । ବାଧା ପ୍ରଦାନ—
9. Disturbance; hindrance (M. W.).
୧୦ । ସ୍ମୃତି; ସ୍ମରଣ କରିବା—1. Calling to mind; recollection; rememberance.
୧୧ । ନିର୍ଦ୍ଧାରଣ; ନିର୍ଣ୍ଣୟ—11. Ascertainment.
୧୨ । ଧୀର ଭାବରେ ସ୍ପର୍ଶନ—12. Touching gently.
୧୩ । ରୋଗାକ୍ରମଣ—13. Affection by disease (Apte).
୧୪ । ପ୍ରତିଜ୍ଞାର ପ୍ରଧାନ ଓ ଅପ୍ରଧାନ ଅଙ୍ଗ ମଧ୍ୟରେ ସମ୍ପର୍କ ଥିବା ସମ୍ବନ୍ଧୀୟ ଜ୍ଞାନ—14. (logic) Knowledge of the minor premise in its connection with the major (Apte).
ଦେ. ବି—ଗାଳି ମନ୍ଦ; ତିରସ୍କାର—Rebuke.

ପରାମର୍ଶ କରିବା—ଦେ. କ୍ରି—୧ । ବିଚାର କରିବା; ମନ୍ତ୍ରଣା କରିବା—
Parāmarśa karibā 1. To consult; to hold consultation.
পরামর্শ করিবা परामर्श करना
୨ । (ଭିନ୍ନ ଅର୍ଥ) ଆଉଁସିବା—1. To stroke; to caress.
(ଯଥା— ସଙ୍ଗେ ସଙ୍ଗେ ମୁକ୍ତଶିଖା ପରାମର୍ଶ କରି ହଠାତ ଶୃଣକ୍ୟ ରଙ୍ଗମଞ୍ଚରେ ଦେଖା ଦେଲେ ଏବଂ ଅଭନୟର ସୂତ୍ରପାତ ହେଲା । ମୃତ୍ୟୁଞ୍ଜୟ. ମୁଦ୍ରା ରାକ୍ଷସ ନାଟକ ।)

ପରାମର୍ଶ ଦାତା—ସ. ବିଣ. ପୁଂ (ପରାମର୍ଶ+ଦାତୃନ୍; ୧ମା. ୧ବ)—
Parāmarśa dātā ଯେ ବୁଦ୍ଧି ବତାଏ; ମନ୍ତ୍ରଣା ଦାତା—
(ପରାମର୍ଶ ଦାତ୍ରୀ—ସ୍ତ୍ରୀ) Advisor; counsellor.

ପରାମର୍ଶ ଦେବା—ଦେ. କ୍ରି—୧ । ଉପଦେଶ ଦେବା; ବୁଦ୍ଧି ବତେଇବା-
Parāmarśa debā 1. To advice.
পরামর্শ দেওয়া ୨ । ଗାଳି ମନ୍ଦ କରିବା—2. To rebuke
परामर्श देना ୩ । ଅପମାନ ଦେବା—3. To insult.
(ପରାମଶ ଦେବା—ଗ୍ରାମ୍ୟରୂପ)

ପରାମର୍ଶ ସିଦ୍ଧ—ସ. ବି. (୭ମୀ ତତ୍; ପରାମର୍ଶ+ସିଦ୍ଧ)—
Parāmarśa siddha ମନ୍ତ୍ରଣା ଦ୍ୱାରା ସ୍ଥିରୀକୃତ—Arrived at or settled after consultation.

ପରାମର୍ଷ—ସ. ବି. (ପରା+ମୃଷ୍ ଧାତୁ—କ୍ଷମା କରିବା; ସହିବା+ଭାବ. ଅ)
Parāmarsha ସହିବା-Bearing; suffering.

ପରାମଶ—ଗ୍ରା. ବି.—୧ । (ପରାମର୍ଶ) ପରାମର୍ଶ; ଆଲୋଚନା—
Parāmaśa 1. Consultation.
୨ । ତିରସ୍କାର—2. Rebuke.
୩ । ଅବମାନନା—3. Insult.

ପରାମୃତ—ସ. ବିଣ. (ପରା+ମୃତ)—ମୃତ୍ୟୁ ଆଦିର ବନ୍ଧନରୁ ମୁକ୍ତ
Parāmṛuta (ହି. ଶ.)—Released from the bond of death etc.
ସ. ବି. (ପର=ଅତ୍ୟୁତ୍ତମ+ଅମୃତ)—ବୃଷ୍ଟି (ହି. ଶ)—
Raining.

ପରାମୃଷ୍ଟ—ସ. ବିଣ—(ପରା+ମୃଶ୍ ଧାତୁ+କର୍ମ. ତ)—୧ । ସମ୍ୟକ
Parāmṛushṭa ବିବେଚିତ;ବିଚାରିତ—1.Well considered.
୨ । ସ୍ପୃଷ୍ଟ—2. Touched.
୩ । ନିର୍ଣ୍ଣୀତ—3. Ascertained.
୪ । ଯାହାସହିତ ମନ୍ତ୍ରଣା କରାଯାଇଅଛି—4. Consulted.
୫ । ଧୃତ—5. Seized.

୬ । ଅବମାନିତ—6. Insulted.
୭ । ଧର୍ଷିତ—7. Violated; ravished.
୮ । ପୀଡ଼ିତ—8. Attacked with disease.

ପରାମ୍ଭବ—ଗ୍ରା. ବି (ସଂ. ପରାଭବ)—ପରାଭବ (ଦେଖ)
Parāmbhaba Parābhaba (See).

ପରାୟ (ଇତ୍ୟାଦି) – ଦେ. ବି—ପରୁଆ (ଦେଖ)
Parāy (etc) Par-uā. (See)

ପରାୟ—ଦେ. ଅ—(ସଂ. ପ୍ରାୟ)—୧ । ପ୍ରାୟ; ପରାଏ; ପ୍ରାୟେ; ତୁଲ୍ୟ—
Parāya ମତନ ବରାବର 1. Like; similar to.
ତୋଳା ପ୍ରତିମାକୁ ପରାୟେ ଭ୍ରମନ୍ତ ଯଶୋଦା ଅଙ୍ଗରୁ ପାର –
ବିଦଗ୍ଧଚିନ୍ତାମଣି, ଦୀନକୃଷ୍ଣ ଦାସ, ୭ ଛାନ୍ଦ ।
୨ । ପ୍ରକାରେ; ଅନୁସାରେ—2. According to.
ଲଣି ଅଛି ବହୁଳେ କହିବା ପରାୟେ – କୃଷ୍ଣସିଂହ, ମହାଭାରତ ଦୀ ।
ଦେ. ବିଣ—ତୁଲ୍ୟ; ସମ—Similar.

ପରାୟେ, ପରାୟେକ } ଅନ୍ୟରୂପ — ତନ୍ତବାଦିତ ଓ ଦ ପରାୟେ ପ୍ରବେଶ ହେଲେ, ପଞ୍ଚଦୃ. ରସକଲ୍ଲୋଳ ।

ପରାୟଣ—ସଂ. ବିଣ. ପୁଂ. (ବହୁବ୍ରୀହି; ପର=ଏକମାତ୍ର+ଅୟନ=
Parāyaṇa ଆସକ୍ତି, ସ୍ଥାନ)—୧ । ସମ୍ପୂର୍ଣ୍ଣରୂପେ କୌଣସି ବିଷୟରେ ଲାଗିଥିବା—1. Wholly occupied with any matter.
(ପରାୟଣା—ସ୍ତ୍ରୀ) ୨ । ଅତି ଅନୁରକ୍ତ, ଏକାନ୍ତ ଆସକ୍ତ; ଅନୁରକ୍ତ,
[ପରାୟଣତା—ବି] ଏକନିଷ୍ଠ—Devotedly attached to; devoted to.
୩ । ସେବା କରିବାକୁ ତତ୍ପର ବା ପ୍ରସ୍ତୁତ—3. Dedicated to the service of; ready to serve the cause of.
୪ । ଅଭୀଷ୍ଟ—4. Wished for; desired.
[ଦ୍ର—ଏହା ଅନ୍ୟ ବିଶେଷ୍ୟ ପଦ ସଙ୍ଗେ ଯୁକ୍ତ ହୁଏ । ଯଥା—
ଧର୍ମପରାୟଣ, ସେବାପରାୟଣ, ଉଦରପରାୟଣ, ଇନ୍ଦ୍ରିୟପରାୟଣ, ଈଶ୍ୱରପରାୟଣ, କର୍ତ୍ତବ୍ୟପରାୟଣ ।]
ସଂ. ବି—(କର୍ମଧା; ପର=ଉତ୍ତମ+ଅୟନ=ଆଶ୍ରୟ)—
୧ । ଉତ୍ତମ ଅବଲମ୍ବନ—1. Good support.
୨ । ସର୍ବୋଚ୍ଚ ଅବସ୍ଥା—2. Highest stage.
୩ । ଚରମ ଆଶ୍ରୟ; ଶେଷ ଅବଲମ୍ବନ—
3. Ultimate resort.
ପୃଥ୍ୱୀରେ ଅଛନ୍ତି ଯେତେ ନରଗଣ
ତାଙ୍କର ତୁମ୍ଭେ ତ ଅଟ ପରାୟଣ – କୃଷ୍ଣସିଂହ, ମହାଭାରତ ଆଦି
୪ । (୬ଷ୍ଠୀ ତତ୍; ପର=ସଂସାର+ଅୟନ=ଆଶ୍ରୟ)—
ନାରାୟଣ; ଭଗବାନ—4. God.

ପରାୟତି—ସଂ. ବିଣ—(ବହୁବ୍ରୀହି; ପରର ଆୟତି=ଆୟତତା ସହିତରେ;
Parāyati ପର+ଅୟ୍ ଧାତୁ=ଗମନ କରିବା+ତି)—
୧ । ପରାଧୀନ—1. Dependent on another.
୨ । ଅତି ବହୁଚିକାୟବିଶିଷ୍ଟ—
2. Having an extensive body.
୩ । ପଶ୍ଚାଦ୍‌ଗାମୀ—3. Going after; following.
ସଂ. ବି—(କର୍ମଧା; ପର+ଆୟତି)—ଅତିଶୟ ବିସ୍ତାର—
Expanse.

ପରାୟତ୍ତ—ସଂ. ବିଣ—(୬ଷ୍ଠୀ ତତ୍; ପର+ଆୟତ୍ତ=ଅଧୀନ)—
Parāyatta ୧ । ପରାଧୀନ; ପରବଶ—1. Dependent on another.
(ପରାୟତ୍ତ—ବି)
୨ । ଅନ୍ୟର ଅଧିକୃତ—
2. In the possession of another.

ପରାୟୁଃ—ସଂ. ବିଣ. (ବହୁବ୍ରୀହି; ପର+ଆୟୁସ୍)—ଯେଉଁ ଲୋକ ଶତବର୍ଷ
Parāyuḥ ବୟସ୍କ—One who has reached the highest age or 100 years. (M. W.)
ସଂ. ବି—ବ୍ରହ୍ମା—Brahmā.

ପରାରଧ—ଗ୍ରା. (ପଦ୍ୟ) ବି. (ସଂ. ପରାର୍ଦ୍ଧ)—ପରାର୍ଦ୍ଧ (ଦେଖ)
Parāradha Parārddha. (See)

ପରାରି—ସଂ. ଅ. (ପର=ଅନ୍ୟ; ଗତ+ଅରି=ପୂର୍ବତରସ୍ମିନ୍ ବର୍ଷେ;
Parāri ନିପାତନସିଦ୍ଧ)—୧ । ଗତ ବର୍ଷର ପୂର୍ବବର୍ଷ; ତୃତୀୟ ବର୍ଷ-
1. Year before last.
୨ । ଆସନ୍ତା ବର୍ଷର ପରବର୍ତ୍ତୀ ବର୍ଷ—
2. Year after next.
ସଂ. ବିଣ. (୬ଷ୍ଠୀ ତତ୍; ପର+ଅରି)—ପରର ଶତ୍ରୁ—
The enemy of another.

ପରାରୁ—ସଂ. ବି—(ପୃ ଧାତୁ=ପୂର୍ତ୍ତି କରିବା+ଆରୁ)—କଲରା ଫଳ ଓ
Parāru ଗଛ (ଉ. ଷ.)—Memordica Charantia (M. W.).

ପରାର୍ଥ—ସଂ. ବିଣ—(ବହୁବ୍ରୀହି; ପର=ଅନ୍ୟ+ଅର୍ଥ=ଉଦ୍ଦେଶ୍ୟ)—
Parārtha ଅନ୍ୟୋଦ୍ଦେଶ୍ୟଯୁକ୍ତ—Having another object.
ସଂ. ବି—(୬ଷ୍ଠୀ ତତ୍; ପର+ଅର୍ଥ)—୧ । ପରର ଉପକାର—
Other people's benefit or interest.
୩ । (କର୍ମଧା; ପର+ଅର୍ଥ)—ପ୍ରଧାନ ପ୍ରୟୋଜନ; ପ୍ରଧାନ ସ୍ୱାର୍ଥ—
3. Highest interest.
୪ । ମୁଖ୍ୟ ଉଦ୍ଦେଶ୍ୟ—4. Principal aim.
୫ । ମୁଖ୍ୟ ଅର୍ଥ—5. Chief meaning.
୬ । ରତି; ସଙ୍ଗମ—6. Sexual intercourse.

ପରାର୍ଥ ପର—ସଂ. ବିଣ. ପୁଂ. (ବହୁବ୍ରୀହି; ପରାର୍ଥ+ପର)—୧ । ନିଃସ୍ୱାର୍ଥ—
Parārtha para 1. Unselfish.
(ପରାର୍ଥପରାୟଣ—ଅନ୍ୟରୂପ) ୨ । ପରୋପକାର କରିବାକୁ ସର୍ବଦା
ପରାର୍ଥପରା, ପରାର୍ଥପରାୟଣା } ସ୍ତ୍ରୀ ତତ୍ପର—2. Always ready to render service or benefit to others.
(ସ୍ୱାର୍ଥପର, ସ୍ୱାର୍ଥପରାୟଣ—ବିପରୀତ)
[ପରାର୍ଥପରତା(ତ୍ୱ), ପରାର୍ଥପରାୟଣତା(ତ୍ୱ)—ବି]

ପରାର୍ଦ୍ଧ—ସଂ. (ପର=ଅତିଶୟ+ଋଧ୍ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ.ଅ)
Parārddha ୧ । ଶତସହସ୍ରଲକ୍ଷ କୋଟି ସଂଖ୍ୟା—
୧୦୦୦୦୦୦୦୦୦୦୦୦୦୦୦୦୦୦; ଏକସଂଖ୍ୟା ପରେ ୧୭ଟି ଶୂନ୍ୟ ବସାଇଲେ ଯେଉଁ ସଂଖ୍ୟା ହୁଏ—
1. One hundred thousand billions (M.W.).
୨ । ସର୍ବୋଚ୍ଚ ସଂଖ୍ୟା —2. The highest number.
୩ । ଅପରାର୍ଦ୍ଧ; ଶେଷାର୍ଦ୍ଧ—3. The second half.
୪ । (ପର=ବ୍ରହ୍ମାଙ୍କର+ଅର୍ଦ୍ଧ=ଆୟୁଷ୍କାଳର ଅର୍ଦ୍ଧ)—
ବ୍ରହ୍ମାଙ୍କ ଆୟୁର ଶେଷାର୍ଦ୍ଧ—
4. The second half of the lifetime of Brahmā.

ବ୍ରହ୍ମାର ଆୟୁଷ ଯେ ହୋଇ,
ଅର୍ଦ୍ଧେକ ପରାର୍ଦ୍ଧ ବୋଲଇ । ଜଗନ୍ନାଥ. ଭଗବତ ।

୫ । (ପର=ସମ୍ୟକ୍+ଋଦ୍ଧ=ସମୃଦ୍ଧିଯୁକ୍ତ)—ବିଷ୍ଣୁ—
5. A name of Bishṇu.

ପରାର୍ଦ୍ଧକ—ସଂ. ବି. (ପରାର୍ଦ୍ଧ+କ)—କୌଣସି ବସ୍ତୁର ଅର୍ଦ୍ଧ—
Parārddhaka One half of anything (M.W.).

ପରାର୍ଦ୍ଧ୍ୟ—ସଂ. ବିଣ. (ପର+ଅର୍ଦ୍ଧ+ଯୁକ୍ତାର୍ଥେ. ଯ)—୧ । ଶ୍ରେଷ୍ଠତାରୁ
Parārddhya ଶ୍ରେଷ୍ଠ; ଅତି ଉତ୍କୃଷ୍ଟ—
1. Chiefest; supreme.
୨ । ଅପରାର୍ଦ୍ଧରେ ଅବସ୍ଥିତ—
2. Being on the remote or other half (M.W.).
ସଂ. ବି.—୧ । ସ୍ୱର୍ଗଲୋକ—1. Heaven.
୨ । (ପରାର୍ଦ୍ଧ+ସ୍ୱାର୍ଥେ. ଯ) ପରାର୍ଦ୍ଧ (ଦେଖ)—
2. Parārddha (See).

ପରାଲବ୍ଧ—ଗ୍ରା. ବି. (ପଦ୍ୟ) (ସଂ. ପ୍ରାଲବ୍ଧ)—ଅଦୃଷ୍ଟ; କପାଳ—
Parālabdha **परालब्ध** Luck; fortune.

ପରାଲବ୍ଧେ ଥିଲେ ସମ୍ପାଦଇଲେ ଅଥ—ପ୍ରାଚୀ. ଉଦ୍ଧବମଙ୍ଗଳ ।

ପରାଶର—ସଂ. ବି. (ନାମ) (ପର=ଉତ୍ତମ+ଆ+ଶୃ ଧାତୁ=ସମ୍ପନ୍ନ କରିବା+କର୍ତ୍ତୃ. ଅ)—୧ । ମୁନିବିଶେଷ; ବ୍ୟାସ-
Parāsara ଦେବଙ୍କ ପିତା—1. Name of a sage.
[ଦ୍ର—ଏ ବଶିଷ୍ଠଙ୍କର ପୁତ୍ର (ମତାନ୍ତରରେ ପୌତ୍ର) ଥିଲେ । ଏହାଙ୍କର ସ୍ମୃତି (ପରାଶରସଂହିତା) କଳିଯୁଗରେ ପ୍ରଚଳିତ । ଏ ମତ୍ସ୍ୟଗନ୍ଧା ନାମ୍ନୀ ଧୀବର କନ୍ୟାଠାରେ ଆସକ୍ତ ହୋଇଥିଲେ । ଉକ୍ତ କନ୍ୟା ଗର୍ଭରୁ ବ୍ୟାସଦେବଙ୍କର ଜନ୍ମ ହୋଇଥିଲା; ପରାଶର ଋଗ୍ବେଦ ସଂକଳନ କରିଥିବାର କଥିତ । (M. W.)
୨ । (ନାମ) ଆୟୁର୍ବେଦର ଏକ ଆଚାର୍ଯ୍ୟଙ୍କ ନାମ
2. Name of a professor of Hindu medicine.
୩ । (ନାମ) ଜଣେ ଜ୍ୟୋତିଷାଚାର୍ଯ୍ୟଙ୍କ ନାମ—
3. Name of an author of astronomical work.
୪ । ଇନ୍ଦ୍ର—4. Indra.
୫ । ଚନ୍ଦ୍ର—5. Moon.
୬ । ନାଗବିଶେଷ—6. Name of a Nāga.

ପରାଶର ସଂହିତା—ସଂ. ବି. (ମ.ପ.ଲୋ. ପରାଶର+ସଂହିତା)—
Parāśara samhitā ପରାଶର ମୁନିଙ୍କ କୃତ ସ୍ମୃତିଶାସ୍ତ୍ର—
Name of a code of Hindu Law compiled by sage Parāśara.

ପରାଶରୀ—ସଂ. ବି. (ପରାଶର=ପରାଶରକୃତ ବିଧାନ+ଅସ୍ତ୍ୟର୍ଥେ ଇନ୍)
Parāsari ଚତୁର୍ଥାଶ୍ରମୀ; ଭିକ୍ଷୁ—
A Hindu who has taken to the last stage of life.

ପରାଶ୍ରୟ—ସଂ. ବି. (୭ମୀ ତତ୍; ପର+ଆଶ୍ରୟ)—୧ । ପରଠାରେ ଶରଣ
Prāśraya ନେବା—1. Taking shelter under another.
୨ । ପରାଧୀନତା—2. Subservience.
୩ । ଶତ୍ରୁର ଆଶ୍ରୟସ୍ଥଳ—3. A refuge to enemies.
ସଂ. ବିଣ. ପୁଂ.—ପରାଶ୍ରିତ; ପରାବଲମ୍ବୀ—
(ପରାଶ୍ରୟା—ସ୍ତ୍ରୀ) Dependent on another.

ପରାଶ୍ରୟା—ସଂ. ବି. ସ୍ତ୍ରୀ—ମଲ୍ଲାଙ୍ଗ; ନର୍ମୂଳୀ ଲତା—
Parāsrayā Mistletoe.

ପରାଶ୍ରିତ—ସଂ. ବିଣ. (ପର+ଆଶ୍ରିତ)—୧ । ଅନ୍ୟର ଶରଣାଗତ—
Prāśrita 1. Taking shelter under another.
(ପରାଶ୍ରିତା—ସ୍ତ୍ରୀ) ୨ । ପରାଧୀନ—2. Subservient.
ସଂ. ବି.—ଦାସ; ଭୃତ୍ୟ—Servant; slave (M.W.).

ପରାସ—ସଂ. ବି. (ପରା+ଅସ୍ ଧାତୁ+ଅ)—କୌଣସି ସ୍ଥାନରୁ ଫିଙ୍ଗାଯିବା
Parāsa ଢେଲା ବା ଶର ବା ଗୋଳା ଆଦି ପଡ଼ିବାର ଦୂରତ୍ୱ—
Stone's throw; the range of a missile; the range or distance of any thing thrown.
ଦରଦ **दर्द** ଦେ. ବିଣ. (ସଂ. ପ୍ରାସ=କୁନ୍ତ)—ବ୍ୟଥାଯୁକ୍ତ; ଦରଜ ହୋଇଥିବା—Painful.

ପାଦେଣ୍ଟି ଢେଉଁବା ଅବୁ ଯା ପରି ଦରଜ ପରାସ ଗୋ । ଦେବସୂର୍ଯ୍ୟ ସଙ୍ଗୀତ ।

ଦୁଃଖଦାୟକ; ଦୁଃଖଜନକ—Grievous; affecting.

ଦେବେଶ କୁସୁମ ଦେଲେ କ'ଣ ଦଂଶୀ ନ,
ଯେ ଗନ୍ଧ ହୋଇଛି ଏବେ ପ୍ରାଣକୁ ପରାସ । ପ୍ରୀତି. ଉଦ୍ଧବମଙ୍ଗଳ ।

ଦେ. ବି—୧ । ଦେହର କୌଣସି ଅଂଶର ଦରଜ; ବ୍ୟଥା—
1. Pain in any part of the body.
୨ । ଦୁଃଖ—2. Sorrow; misery; grief.
୩ । କଷ୍ଟ—3. Trouble.

ପରାସନ—ସଂ.ବି. (ପର=ଶତ୍ରୁ+ଅସ୍ ଧାତୁ=ବଧ କରିବା+ଭାବ.ଅନ)—
Parāsana ହନନ; ବଧ—Killing; slaughter.

ପରାସ ଲଗିବା—ଦେ. ବି—୧ । (ଦେହରେ କୌଣସି ଅଂଶ) ଦରଜ
Parāsa lāgibā ହେବା—1. Pain in any part of the body.
ଦରଦ ହଓଆ **दर्द होना**
(ପରାସ ହେବା—ଅନ୍ୟରୂପ) ୨ । ମନକୁ ବାଧିବା—
2. Pain in the mind.

ପରାସୁ—ସଂ. ବିଣ. (ବହୁବ୍ରୀହି; ପର=ଅନ୍ତର; ଦୂର+ଅସୁ=ପ୍ରାଣ)—
Parāsu ମୃତ; ଗତପ୍ରାଣ—Dead.

ପରାସୁତା—ସଂ. ବି. (ପରାସୁ+ଭାବାର୍ଥେ. ତା)—
Parāsutā ୧ । ମୃତ୍ୟୁ—1. Death.

୨ । ନିଦ୍ରାପ୍ରବଣତା—2. Sleepiness.

ପରାସ୍ତ—ସ. ବଣ. (ପରା=ନିନ୍ଦିତ+ଅସ୍ ଧାତୁ=ହେବା; ନିକ୍ଷେପ କରିବା+କର୍ମ. ତ)—
Parāsta

୧ । ନିନ୍ଦିତ; ତିରସ୍କୃତ—1. Rebuked; blamed.

୨ । ପରାଜିତ—2. Vanquished; defeated.

୩ । ଅତିକ୍ରାନ୍ତ—3. Surpassed; overcome.

୪ । ପରିତ୍ୟକ୍ତ—4. Abandoned.

୫ । ଫିଙ୍ଗା ଯାଇଥିବା—5. Thrown away.

୬ । ଅସ୍ୱୀକୃତ—6. Repudiated; rejected (M.W.).

ପରାହ—ସ. ବି. (ପର=ପଶ୍ଚାତ୍; ଆଗତ+ଅହନ୍=ଦିନ)—
Parāha ପରଦିନ—Next day.

ପରାହତ—ସ. ବଣ. ପୁଂ. (ପରା+ହନ୍ ଧାତୁ=ପରାଜିତ କରିବା+କର୍ମ. ତ)—୧ । ପରାଜିତ; ବିଜିତ—
Parābata (ପରାହତା—ସ୍ତ୍ରୀ) 1. Defeated; vanquished.

୨ । ତିରସ୍କୃତ—1. Rebuked.

୩ । ଚୂର୍ଣ୍ଣ; ବିନଷ୍ଟ—3. Powdered; crushed.

୪ । ଆକ୍ରାନ୍ତ—4. Overtaken; attacked.

୫ । ଆହତ—5. Hurt.

୬ । ବାଧା ପ୍ରାପ୍ତ—6. Obstructed.

୮ । ପଛକୁ ହଟା ଯାଇଥିବା—
8. Driven back; repulsed.

ପରା ହେବା—ଗ୍ରା. କ୍ରି (ସ. ପାରିବା କ୍ରିୟାର କର୍ମବାଚ୍ୟ; ସ. ପାତିତ)—
Parā hebā ୧ । (ଆମ୍ବ, ଆଦି ଫଳ) ଗଛରୁ ତୋଳା ହେବା—
तोड़ा जाना 1. To be plucked (said of fruit).
ପାତାହଓଆ ୨ । (ବିଛଣା ଆଦି) ଭୂମିରେ ପାରିତ ହେବା—
बिछा होना 2. To be laid (said of bed).

୩ । ଭୂମିରେ ବିଛା ହେବା; ବିସ୍ତୃତ ହେବା—
3. To be spread on the ground.

ପରାହ୍ଣ—ସ. ବି. (୬ଷ୍ଠୀ ତତ୍; ପର+ଅହନ୍=ଦିବସ; ଦିବସର ପର ବା ଶେଷ ଭାଗ)—ଅପରାହ୍ଣ; ଓପର ଓଳ; ଦିନ ଦ୍ୱି ପ୍ରହର ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ସମୟ—
Parāhna (ପୂର୍ବାହ୍ଣ—ବିପରୀତ)
Afternoon.

ପରି—ସ. ଅ. (ଉପସର୍ଗ) (ପୃ ଧାତୁ=ପୂର୍ଣ୍ଣ କରିବା+କର୍ତ୍ତୃ. ଇ; ଯାହା ଧାତୁର ପୂର୍ବରେ ବସି ଅର୍ଥ ପୂରଣ କରେ)—
Pari
A prefix used in the following senses.

୧ । ସମ୍ପୂର୍ଣ୍ଣ ରୂପେ; ସର୍ବତୋଭାବରେ—
1. Completely.
ଯଥା—ପରିଚ୍ଛଦ; ପରିଣୟ, ପରିତ୍ୟାଗ ।

୨ । ଚତୁର୍ଦ୍ଦିଗରେ—2. On all sides; around.
ଯଥା—ପରିକ୍ରମା, ପରିକ୍ଷିପ୍ତ, ପରିବ୍ୟାପ୍ତ ।

୩ । ଅତିଶୟ; ଅତ୍ୟନ୍ତ—3. Very much.
ଯଥା - ପରିତାପ, ପରିଶ୍ରମ, ପରିତୃଷ୍ଣ ।

୪ । କ୍ରମଶଃ; ବାରମ୍ବାର—4. Repeatedly; gradually.
ଯଥା—ପରିଚ୍ଛେଦ; ପରିବେଷଣ ।

୫ । ଭାଗ—5. Part.

୬ । ଦୋଷ କୀର୍ତ୍ତନ—6. Speaking evil of others.
ଯଥା—ପରିବାଦ, ପରିପନ୍ଥୀ, ପରିଭାଷଣ ।

୭ । ଶେଷ—7. End.
ଯଥା—ପରିପାକ ।

୮ । ପ୍ରସାଧନ; ଭୂଷଣ—8. Decoration.
ଯଥା—ପରିକର୍ମ ।

୯ । ଶୋକ— . Sorrow.
ଯଥା—ପରିଦେବନ ।

୧୦ । ପୂଜା—10. Worship.
ଯଥା—ପରିଚର୍ଯ୍ୟା ।

୧୧ । ଚିହ୍ନ; ସଙ୍କେତ—11. Sign; indication.
ଯଥା—ପରିଭାଷା ।

୧୨ । ସମ୍ୟକ୍; ବିଶେଷ ଭାବରେ—12. Greatly.
ଯଥା—ପରିତାପ, ପରିପୂର୍ଣ୍ଣ, ପରିଗଣନ ।

୧୩ । ବ୍ୟାପ୍ତି—13. Diffusion.
ଯଥା—ପରିସର ।

୧୪ । ସର୍ବତ୍ର—14. At all places
ଯଥା—ପରିପ୍ଲୁତ ।

୧୫ । ପୁନଃ—15. Repetition.
ଯଥା—ପରିହାସ ।

୧୬ । ବର୍ଜନ; ତ୍ୟାଗ—16. Abandonment.
ଯଥା—ପରିହାର ।

୧୭ । ଆଲିଙ୍ଗନ—17. Embracing.
ଯଥା—ପରିରମ୍ଭ ।

୧୮ । ନିରସନ—18. Refutation.

୧୯ । ଗାଢ଼—19. Deep.
ଯଥା—ପରିଷ୍ୱଙ୍ଗ ।

୨୦ । ଅଭିମୁଖ—20. Facing.
ଯଥା—ପରିଗ୍ରାମ ।

୨୧ । ବ୍ୟାଧି—21. Sickness.

୨୨ । ସହ; ପଶ୍ଚାତ୍—22. With; after.
ଯଥା—ପରିଚର ।

୨୩ । ପ୍ରତି ବଦଳ—23 Exchange.
ଯଥା—ପରିଦାନ, ପରିଶୋଧ ।

୨୪ । କ୍ଷୁଦ୍ର—24. Small.
ଯଥା—ପରିକଥା ।

୨୫ । ପୁନର୍ବାର—25. Again.
ଯଥା—ପରିକ୍ଷିପ୍ତ ।

୨୬ । ଉପରି—26. Above; over.
ଯଥା—ପରିବେଷ; ପରିଶୋଷ ।

୨୭ । ନିବୃତ୍ତି—27. Cessation.

ଯଥା—ପରିକାଙ୍କ୍ଷିତ ।

୨୮ । ସର୍ବାଙ୍ଗରେ—28. In all limbs; throughout the whole body.

ଯଥା—ପରିକ୍ଷତ ।

୨୯ । ପୂର୍ବରୁ—29. Before,

ଯଥା—ପରିବେତ୍ତା, ପରିବେଦନ ।

୩୦ । ଏକତ୍ର—30. Together.

ଯଥା—ପରିଷଦ୍ ।

୩୧ । ନିୟମ; କ୍ରମ—31. Succession.

ଯଥା—ପରିଚ୍ଛେଦ ।

परशूं परसों ଦେ. ବି. (ସଂ. ପରେ ଦ୍ୟୁ)—୧ । ପଅରି ଦିନ; ଗତ କାଲିର ପୂର୍ବଦିନ—1. Day before yesterday.

୨ । ଆସନ୍ତା କାଲିର ପରଦିନ—
2. Day after tomorrow.

ଯଥା—ସେ କାଲି ପରି ଆସି ପହଞ୍ଚିବେ ।

(ପରିଆ—ଅନାଦରାର୍ଥକ)—୩ । (ଆଦରାର୍ଥକ) ପରମାନନ୍ଦର ଡାକନାମ—
3. A name for calling Paramānanda.

ପ୍ରାଦେ (ସମ୍ବଲପୁର, ଗଡ଼ଜାତ) ବି—ପରି; ହଳିଆଙ୍କୁ ଘରେ ଖାଇବାକୁ ନ ଦେଇ ଖାଇବା ପାଇଁ ମାସ ହିସାବରେ ଦିଆଯିବା ଧାନ—Paddy given to one's ploughman in lieu of food.

मतन ଦେ. ଅ—୧ । (ସଂ. ପ୍ରାୟ) ପରି; ସମାନ; ପ୍ରାଏ; ତୁଲ୍ୟ;
बराबर ସଦୃଶ—1. Like.

ଟୋଳସ କାହିଁପେଁ ବେଙ୍କଟ ପରି କ ଅବସ ଭଳି ।
ଉପେନ୍ଦ୍ରଭଞ୍ଜ. କଣେଇ ଚମ୍ପୂ ଗ. ଗୀତ ।

पर पर ୨ । (ପଦ୍ୟ) (ସଂ. ଉପରି)—ଉପରେ—
2. Over; on.

ସହଜେ ତସ୍କର ଗୁଣ ପରପାରୁ ମୋହପରି ନାହିଁଟେ—ଉପେନ୍ଦ୍ରଭଞ୍ଜ. ସଙ୍ଗୀତ ।

मतन ୩ । (ସଂ. ପ୍ରକାର) (କ୍ରିୟା ସଙ୍ଗେ ଲାଗେ) ପ୍ରକାରେ;
मुताबिक ଅନୁସାରେ—3. According to.

ବୋଲିବା ପରି ହେ ତଥିର ହେଲ ରଥ,
ବସ ଯାଇ ତୁମ୍ଭେ ତହିଁରେ ମହାରଥ । କୃଷ୍ଣସିଂହ. ମହାଭାରତ ଦ୍ରୋଣ ।

ପରିଆଏର୍—ପ୍ରାଦେ (ସମ୍ବଲପୁର) ବି (ସଂ. ପରାରି)—୧ । ଗତବର୍ଷର ପୂର୍ବ
Pariaer ବର୍ଷ; ଭବିଷ୍ୟ—1. Year after next.

ପରିଆଙ୍ଗୁଠି—ଦେ. ବି. (ସଂ. ପରି ଉପସର୍ଗ=ଶ୍ରେଷ୍ଠ+ଅଙ୍ଗୁଳି)—
Pari āṅguṭhi ଅନାମିକା ଅଙ୍ଗୁଳି—Ring finger.

ପରିଆଣ—ଦେ. ବି. (ତନ୍ତୀଙ୍କ ଭାଷା)—ଭରଣୀ ସୂତା—
Pariāṇa Woof; weft.

ପରିକଥା—ସଂ. ବି. (ସଂ. ପରି=କ୍ଷୁଦ୍ର+କଥା)—୧ । ଉପକଥା; ଅଖ୍ୟାୟିକା
Parikathā 1. Story; fable.

୨ । ଏକ କାହାଣୀର ଅନ୍ତର୍ଗତ ତତ୍ପ୍ରସଙ୍ଗ ସମ୍ବନ୍ଧୀୟ ଅନ୍ୟ କାହାଣୀ—2. Episode

୩ । ଧର୍ମ ସମ୍ବନ୍ଧୀୟ ଆଖ୍ୟାନ—
3. Religious tale (M. W.).

ପରିକନା—ଦେ. ବି—ପରକନା (ଦେଖ)—
Parikanā Parakanā (See).

ପରିକର—ସଂ. ବି. (ପରି+କୃ ଧାତୁ=କରିବା+ଅଧିକରଣ. ଅ)—
Parikara ୧ । ପର୍ଯ୍ୟଙ୍କ; ଶଯ୍ୟା—1. Bedstead; bed.

୨ । ପୁଂ. (ପରି+କୃ ଧାତୁ+କର୍ତ୍ତୃ. ଅ)—ସହଚର—
(ପରିକରୀ—ସ୍ତ୍ରୀ) 2. Companion.

୩ । ପରିବାର; ପରିଜନ—3. Family.

୪ । ପରିଚାରକ; ଭୃତ୍ୟ; ଅନୁଚର—
4. Attendant; servant; retinue; entourage.

ତୋର ପରିକର ରେ ସ୍ୱାମୀ ! ତୋର ପର କର,
ଅଜ ଭୁଞ୍ଜ ଉଚେ ମୋତେ ତୋର ପର କର । ଉପେନ୍ଦ୍ରଭଞ୍ଜ. ସଙ୍ଗୀତ ।

୫ । ଯାନ ବାହନ—5. Conveyance.

୬ । (ପରି+କୃ ଧାତୁ+କର୍ମ. ଅ)—ଉପକରଣ—
6. Material.

୭ । ସମୂହ—7. Collection.

୮ । କଟିବନ୍ଧ—8. Belt; zone; girdle.

୯ । ଆରମ୍ଭ—9. Beginning.

୧୦ । ନିଷ୍ପତ୍ତି—10. Decision.

୧୧ । ପ୍ରଗାଢ଼ ଚେଷ୍ଟା—11. Great exertion.

[ଦ୍ର—କୌଣସି କାର୍ଯ୍ୟରେ ଦୃଢ଼ ପରିକର ହେବା=ଅର୍ଥାତ୍ ଉକ୍ତ କାର୍ଯ୍ୟ ନିମନ୍ତେ ଅଣ୍ଟା ଭିଡ଼ିବା ବା ପ୍ରଗାଢ଼ ଚେଷ୍ଟା କରିବା ।]

୧୨ । ବିବେକ—12. Conscience.

୧୪ । ଦୃଢ଼ ସଙ୍କଳ୍ପ—14. Strong determination; reso ve.

୧୫ । (ପରି+କର) ବାହାର୍ଯ୍ୟା ଅଙ୍ଗୁଠି; ଅଙ୍ଗୁଠିରୁ ବାହାରିଥିବା ଅନ୍ୟ ଅଧିକା ଅଙ୍ଗୁଠି—
15. A redundant or extra finger.

୧୬ । କାବ୍ୟାଲଙ୍କାରବିଶେଷ—
16. A figure of speech in which many significant epithets or adjectives are employed, one after the other, to give force to a statement.

[ଦ୍ର—ଅଭିପ୍ରାୟଯୁକ୍ତ ବିଶେଷଣମାନ ଯେଉଁଠାରେ ବ୍ୟବହୃତ ହୋଇ ଥାଏ, ସେଠାରେ ପରିକର ଅଳଙ୍କାର ହୁଏ ।

ଉତହାସ ରଙ୍ଗଷଳୀ ଲୁ ଚଲିବା
ଘୋର ଟରେ ପଶୁ ଶ୍ରାମଟୀ ମାଣିବା ।
ହୃଦ୍ରୁ ଲୁଞ୍ଚ ଅଂଲ ସାଦରେ ଲବଣୀ
ଭଟଗ୍ଗାଁ ପ୍ରଭୁ ଲକ୍ଷ୍ମୀ ଚଲ୍ଲାମଣି । (ଚଲିବା)
ବୃନ୍ଦମଣି—ଅଳଙ୍କାର ତରଙ୍ଗିଣୀ ।]

ଦେ. କ୍ରି—ଅମୁକ ପରି ବା ଭଳି କର—Make like.

ଭାସର ସ୍ୱଚ୍ଛ ବରିବ ସବ
ଦାସକୁ ବାସ ପର କର ଅଜ । ଉପେନ୍ଦ୍ରଭଞ୍ଜ. ସଙ୍ଗୀତ ।

ପରିକରଣ—ଦେ. ବି. (ସଂ. ପ୍ରକରଣ)—ଧାରା; ପ୍ରକରଣ—
Parikaraṇa Article; paragraph; item.

ଯଥା—ସନ ୧୮୦୫ ମସିହାର ୧୬ କାଲୁନର ୭ ପରିକରଣ ।

ପରିକର୍ତ୍ତା—ସଂ. ବି. ପୁଂ—(ପରି+କର୍ତ୍ତୃ; ୧ମା. ୧ବ)—ଜ୍ୟେଷ୍ଠ
Parikarttā ଅବିବାହିତ ଥାଇ କନିଷ୍ଠ ଭାଇର ବିବାହ ସଂସ୍କାରକାରୀ ଯାଜକ—A priest who officiates at the marriage ceremoney of a person whose elder brother is still unmarried.

ପରିକର୍ମ—ସଂ. ବି—କ୍ଲୀ—(ପରି=ଭୂଷଣ+କର୍ମନ୍=କର୍ମ)—
Parikarma ୧ । ଅଙ୍ଗ ସଂସ୍କାର; ପ୍ରସାଧନ; ବେଶ ହେବା—1. Toilet; decoration of the body.
୨ । ଗାଧୋଇବା ପରେ ଦେହରେ ଗନ୍ଧ ଚନ୍ଦନାଦି ଲେପନ—2. Painting or perfuming of the body after bath.
୩ । ପୋଷାକ ପିନ୍ଧି ସଜବାଜ ହେବା—3 Dressing.
ସଂ. ବି—ଭୃତ୍ୟ (କ୍ଷୀରୋଦେନ୍ଦ୍ର)—Servant.

ପରିକର୍ମା—ସଂ. ବି. ପୁଂ. (ପରି+କର୍ମନ୍)—ପରିଚାରକ; ଭୃତ୍ୟ—
Parikarmā Attendent; servant.

परीकरमा ଗ୍ରା. ବି—(ସଂ. ପରିକ୍ରମା)—ପରିକ୍ରମ ୩—(ଦେଖ)
Parikrama 3. (See).

ପରିକର୍ମୀ—ସଂ. ବି.ପୁଂ. (ପରିକର୍ମ+ଅସ୍ତ୍ୟର୍ଥେ ଇନ୍; ୧ମା. ୧ବ)—
Parikarmi ୧ । ବେଶକାରୀ ବ୍ୟକ୍ତି; ପ୍ରସାଧକ—1. One who dresses up a person.
(ପରିକର୍ମିଣୀ—ସ୍ତ୍ରୀ) ୨ । ଭୃତ୍ୟ; ପରିଚାରକ—2. Attendant; servant.
ସଂ. ବିଣ—୧ । ପରିଷ୍କାରକାରୀ—1. Cleansing.
୨ । ବେଶକାରୀ—2. Dressing; decorating.

ପରିକର୍ମେ—ଗ୍ରା. କ୍ରି. ବିଣ—(ସଂ. ପରିକ୍ରମେ)—୧ । ଅନୁସାରେ—
Parikarme 1 According to.
୨ । ଏକର ପରେ ଅନ୍ୟ, ଏହିରୂପେ; ଏକାଦିକ୍ରମେ—2. In succession; one after the other; seriatim.

ପରିକଳନ(ନା)—ସଂ. ବି. (ପରି+କଲ୍ ଧାତୁ+ଭାବ. ଅନ)—
Parikalana(nā) ୧ । ଗୋଡ଼ାଇବା—1. Chasing. (M.W.)
(ପରିକଳିତ—ବିଣ) ୨ । ଧରିବା—2. Seizing; taking hold. (M. W.)
୩ । ଗିଳିବା—3. Devouring; swallowing. (M. W)
୪ । ବ୍ରତାଦିର ଆଚରଣ—4. Practice; observance. (M. W.)
୫ । ବିଚାର କରିବା; ବିବେଚନ—5. Consideration. (M. W.)
ଦେ. ବି—ଗଣନା; ଇସ୍ତିମ୍ବା—Counting; estimate.

ପରିକଳିବା—ଦେ. (ପଦ୍ୟ) କ୍ରି—(ସଂ. ପରି+କଲ୍ ଧାତୁ)—ଅଭ୍ୟାସ
Parikaliba କରିବା; ବ୍ରତାଦି ଆଚରଣ କରିବା—To practise; to observe.

ଗୋରୋଖାରଣା ପରିକଳି
ନଳ ଶରୀରେ ଅଗ୍ନି ଜାଳି
ପଞ୍ଚ ପବନ ନଳ ପିଣ୍ଡେ
ହୋମ କରିବ ଅଗ୍ନିକୁଣ୍ଡେ । ଜଗନ୍ନାଥ ଭାଗବତ ।

ପରିକଳ୍କନ—ସଂ. ବି. (ପରି+କଳ୍କ ଧାତୁ+ଭାବ ଅନ)—ପ୍ରବଞ୍ଚନା;
Parikalkana ଦଗାବାଜୀ (ହି. ଶ.)—Deceit; cheating. (M W.)

ପରିକଳ୍ପନ(ନା)—ସଂ.ବି (ପରି=ସମ୍ୟକ୍+କ୍ଳୃପ୍ ଧାତୁ=କଳ୍ପନା କରିବା+
Parikalpana (nā) ଭାବ ଅନ)—୧ । କଳ୍ପନା; ଆବିଷ୍କରଣ—1 Invention; contrivance; imagination.
ପରିକଳ୍ପିତ / ପରିକ୍ଳୃପ୍ତ } ବିଣ ୨ । ରଚନା—2. Arranging; composing.
୩ । ସ୍ଥିରୀକରଣ—3. Fixing; settling.
୪ । ବଣ୍ଟନ—4 Division; distribution.
୫ । ପ୍ଲାନ୍; ନକସା—5. Design; plan.

ପରିକଳ୍ପିତ—ସଂ. ବିଣ—(ପରି+କ୍ଳୃପ୍ ଧାତୁ=ସମର୍ଥ ହେବା; କଳ୍ପନା
Parikalpita କରିବା+କର୍ମ. ତ)—୧ । ରଚିତ; ରଚିତ—1. Arranged; composed.
୨ । ଆବିଷ୍କୃତ—2. Invented; contrived.
୩ । ସ୍ଥିରୀକୃତ; ନିର୍ଦ୍ଧାରିତ—3. Settled; fixed.
୪ । ଅନୁଷ୍ଠିତ; ସମ୍ପାଦିତ—4. Accomplished; done.
୫ । ଆଶା କରାଯାଇଥିବା—5. Wished for; expected.

ପରିକା—ଗ୍ରା. ଅ—(ସଂ. ପ୍ରାୟ)—ପରି (ଦେଖ)
Parikā मतन **कैऐसा, बराबर** Pari (See).
ଦ୍ରୁମର ପଢ଼ବା ଧ୍ୱନିଅ ପିଣ୍ଡରେ ବସି ମାଡ ହସୁଥିବ ।
ଭିକାର—ସାଂଖ୍ୟ ବାହା ।

ପରିକାଙ୍କ୍ଷିତ—ସଂ. ବି. (ପରି=ଗତ+କାଙ୍କ୍ଷା=ଅଭିଳାଷ+ଅସ୍ତ୍ୟର୍ଥେ
Parikānkshita ଇତ; ଯାହାର ପାର୍ଥିବ ଭୋଗାଭିଳାଷ ନାହିଁ)—ତପସ୍ୱୀ; ଯୋଗୀ—An ascetic.
ସଂ. ବିଣ—୧ । (ପରି+କାଙ୍କ୍ଷ ଧାତୁ+କର୍ତ୍ତୃ. ତ)—୧ । ଯେ ସମସ୍ତ ପାର୍ଥିବ ଅଭିଳାଷ ତ୍ୟାଗ କରିଅଛି 1. Having renounced all worldly desires.
୨ । (ପରି+ସମ୍ପୂର୍ଣ୍ଣରୂପେ+କାଙ୍କ୍ଷ ଧାତୁ+କର୍ମ. ତ)—ଅଭିଳଷିତ—2. Wished for.

ପରିକାତର—ସଂ. ବିଣ. ପୁଂ. (ପରି=ଅତ୍ୟନ୍ତ+କାତର)—ଅତି ଭୀରୁ—
Parikātara Very timid; coward. (M. W.)
(ପରିକାତରା—ସ୍ତ୍ରୀ) (ପରିକାତରତା—ବି)

ପରିକୀର୍ଣ୍ଣ—ସଂ. ବିଣ. (ପରି=ଚତୁର୍ଦ୍ଦିଗରେ+କୀର୍ଣ୍ଣ=ବିକ୍ଷିପ୍ତ)—୧ । ବିକ୍ଷିପ୍ତ;
Parikirnna ବ୍ୟାପ୍ତ—1. Diffused; scattered; strewn about.
୨ । ସମର୍ପିତ—2. Delivered; given over.
୩ । ବିସ୍ତୃତ—3. Spread.
୪ । ଘୁରିଆଡ଼େ ଘେରା ହୋଇଥିବା; ବେଷ୍ଟିତ—4. Surrounded.
୫ । ବହୁ ବ୍ୟକ୍ତି ବା ବସ୍ତୁରେ ପୂର୍ଣ୍ଣ; ଗହଳିଆ—5. Crowded (M. W)

ପରକୀର୍ତ୍ତନ—ସ. ବ. (ପରି=ଚତୁର୍ଦ୍ଦିଗରେ+କୀର୍ତ୍ତନ=ପ୍ରଶଂସା)—
Parikirttana ୧। ପ୍ରଶଂସା—1. Eulogy; praise.
୨। ଗାନ—2. Song.
୩। ପ୍ରଚାର—3. Proclamation; announcement.
୪। ଉଚ୍ଚାରଣ—4. Utterance.

ପରକୀର୍ତ୍ତିତ—ସ. ବଣ. (ପର=ଚତୁର୍ଦ୍ଦିଗରେ+କୀର୍ତ୍ତିତ=ପ୍ରଶଂସିତ)—
Parikirttita ୧। ପ୍ରଶଂସିତ—1. Praised; eulogised.
୨। ଗୀତ—2. Sung.
୩। ବ୍ୟକ୍ତ; ପ୍ରକାଶିତ—3. Expressed.
୪। ଉଚ୍ଚୈଃସ୍ୱରରେ ପ୍ରଚାରିତ—
4. Published aloud; proclaimed.
୫। ଉଚ୍ଚାରିତ; କଥିତ—
5. Uttered; said; pronounced.
୬। ଉଦ୍‌ଘୋଷିତ; ସର୍ବତ୍ର ପ୍ରଚାରିତ—
6. Proclamed on all sides.
୭। ଆହୂତ—7. Called.

ପରକୃଶ—ସ. ବଣ. ପୁଂ. (ପରି=ଅତ୍ୟନ୍ତ+କୃଶ=କ୍ଷୀଣ)—
Parikrusa ଅତି କ୍ଷୀଣ—Very thin; emaciate. (M.W.).
(ପରିକୃଶା—ସ୍ତ୍ରୀ) ସ. ବ—ଅତି କ୍ଷୁଦ୍ର ଆକାର—
(ପରିକୃଶତା—ବ) Slender size (M. W.).

ପରକେଶ—ସ. ବ. (ଅବ୍ୟୟୀଭାବ; ପରି=ଉପରିଭାଗ+କେଶ)—
Parikesa କେଶର ଉପରିଭାଗ—The surface or upper-part of the hair.

ପରକ୍ୱଣନ—ସ. ବଣ. (ପରି+କ୍ୱଣ୍ ଧାତୁ+କର୍ତ୍ତୃ. ଅନ)—
Parikwanana ଉଚ୍ଚ ଗର୍ଜନକାରୀ—Loud sounding; loud (M. W.).
ସ. ବ—ମେଘ (ହି. ଶ)—Cloud.

ପରକ୍ରମ—ସ. ବ. (ପରି=ଚତୁର୍ଦ୍ଦିଗରେ+କ୍ରମ୍ ଧାତୁ=ଗମନ କରିବା+
Parikrama ଭାବ. ଅ)—୧। ଧାରାବାହିକତା; ଧାରା—
ପରକ୍ରମା } ଅନ୍ୟରୂପ 1. Succession; series; order.
ପରକ୍ରମଣ } ୨। ଇତସ୍ତତଃ ପାଦଚାଳନ; ଟହଲିବା—
(ପରିକ୍ରାନ୍ତ—ବଣ) 2. Walking to and fro.
୩। ପ୍ରଦକ୍ଷିଣୀକରଣ; କୌଣସି ବସ୍ତୁର ବା ବ୍ୟକ୍ତିର ବା ସ୍ଥାନର ଚାରିପାଖେ ବୁଲି ଆସିବା—3. Circumambulation; going round a thing, person or place.
ଗରୁଡ଼ ଅଛି ଥରେ ନଉ ସେ ଭିତର
ପରକ୍ରମ କରଣ ଯାଆନ୍ତି ସରକୁ। କୃଷ୍ଣସିଂ. ମହାଭାରତ ଶାନ୍ତି।
[ଦ୍ର—ଦେବବିଗ୍ରହ, ମନ୍ଦିର, ତୁଳସୀବୃକ୍ଷ, ଗୁରୁଜନ ଓ ତୀର୍ଥଆଦିର ଚାରିପାଖେ ବୁଲି ଆସିବାକୁ ପରିକ୍ରମ ବୋଲାଯାଏ। ନଦୀର ଉତ୍ପତ୍ତି ସ୍ଥଳଠାରୁ ନଦୀର ଗୋଟିଏ କୂଳ ପାଖେ ପାଖେ ନଦୀର ସଙ୍ଗମସ୍ଥଳ ପର୍ଯ୍ୟନ୍ତ ଯାଇ ସେଠାରୁ ପୁଣି ନଦୀର ଅପରକୂଳ ବାଟେ ଉତ୍ପତ୍ତି ସ୍ଥଳକୁ ଆସିବାର ନାମ ପରିକ୍ରମ।]
୪। ପର୍ଯ୍ୟଟନ—4. Travelling.
ବହୁତ ତୀର୍ଥମାନ ପରକ୍ରମ କର। କୃଷ୍ଣସିଂ. ମହାଭାରତ ଅଦି।
୫। ଗମନ—5. Going.
୬। ଗତି କରି ଟପିଯିବା—6. Outstripping; overtaking.
୭। କୌଣସି ବସ୍ତୁର ବା ସ୍ଥାନର ବା ବ୍ୟକ୍ତିର ବାଟ ବା ପାଖଦେଇ ଚାଲିଯିବା—7. Going past (M. W.).

ପରକ୍ରୟ—ସ. ବ. (ପରି=ପୁନର୍ବାର+କ୍ରୟ)—୧। ବିକ୍ରୀତ ବସ୍ତୁର
Parikraya ପୁନର୍ବାର କ୍ରୟ—1. Purchasing of a thing
(ପରିକ୍ରୀତ—ବଣ) which had been once sold.
୨। ଟଙ୍କାଦେଇ ଶାନ୍ତିକ୍ରୟ—
2. Purchasing of peace with money.
୩। ଭଡ଼ା—3. Hire.
୪। ବନ୍ଧକ ବସ୍ତୁକୁ ମୁକ୍ତୁଳାଇବା—4. Releasing of a pledged article; redemption of a mortgaged property.
୫। ଟଙ୍କା ଦେଇ ଯେଉଁ ଶାନ୍ତି କଣାଯାଏ—
5. Peace purchased with money.
୬। ମୂଲ—6. Wages (M. W.).
୭। ନଗଦଟଙ୍କା ଦେଇ ଜିନସ କଣିବା—7. Cash purchase; purchasing of an article by paying the price cash.
୮। କଣିବା; କ୍ରୟ—8. Purchasing.

ପରକ୍ରିୟା—ସ. ବ. (ପରି=ଚାରିଆଡ଼େ+କ୍ରିୟା=ଖାତଦ୍ୱାରା ବେଷ୍ଟନ
Parikriya କରିବା)—୧। ଚତୁର୍ଦ୍ଦିଗ ପରିଖାଦ୍ୱାରା ବେଷ୍ଟନ କରିବା—1. Digging a moat round a place.
୨। ସଂସ୍କରଣ—2. Consecration; purification.
୩। ଏକଦିନସାଧ୍ୟ ଯାଗବିଶେଷ—
3. A sacrifice performable in a day.
ଗ୍ରା. ବ. (ସ. ପ୍ରକ୍ରିୟା)—କୌଣସି ଔଷଧ ବା ପ୍ରୟୋଗର ଗୁଣ ବା ଫଳ—The effect of a medicine or appliance.

ପରକ୍ଲିଷ୍ଟ—ସ. ବଣ. (ପରି=ଅତିଶୟ+କ୍ଲିଶ୍ ଧାତୁ=କ୍ଲେଶ ପାଇବା
Pariklishta +କର୍ତ୍ତୃ. ତ)—୧। ଅତିଶୟ କ୍ଲେଶପ୍ରାପ୍ତ—
1. Much troubled.
୨। ଉତ୍ତ୍ୟକ୍ତ—2. Harassed.
୩। ବିନଷ୍ଟ—3. Ruined.

ପରକ୍ଷ—ଗ୍ରା. ବ—୧। (ସ. ପରୀକ୍ଷା)—ପରିଖ (ଦେଖ)—
Pariksha 1. Parikha (See)
୨। (ସ. ପରିକ୍ଷିତ)—ପରିକ୍ଷିତ୍ (ଦେଖ)—
2. Parikhit (See)
ଶୁଣ ପରକ୍ଷ କରନାଥ, କୃଷ୍ଣଚରିତ ଭାଗବତ। ଜଗନ୍ନାଥ ଭାଗବତ।

ପରକ୍ଷତ—ସଂ. ବଣ. (ପରି=ସର୍ବାଙ୍ଗରେ+କ୍ଷତ=କ୍ଷୟ ପ୍ରାପ୍ତ)—
Parikshata ୧। ବିନଷ୍ଟ—1. Ruined.
(ପରିକ୍ଷତ—ବ) ୨। ଅତ୍ୟନ୍ତ ଆହତ—2. Much hurt.
୩। ସର୍ବାଙ୍ଗରେ କ୍ଷତ; କ୍ଷତବିକ୍ଷତ—
3. Wounded in all the limbs.

ପରିକ୍ଷୟ—ସଂ. ବି. (ପରି=ସମୂଳେ+କ୍ଷୟ; ପରି+କ୍ଷି ଧାତୁ=କ୍ଷୟହେବା
Parikshaya +ଭାବ. ଅ)—୧ । ବିନାଶ—
1. Ruin; destruction.
୨ । କ୍ଷୟ—2. Decay; wane.
୩ । ସମ୍ପୂର୍ଣ୍ଣ ନିବୃତ୍ତି—3. Cessation.
୪ । ଶେଷ; ଅନ୍ତ—4. End.

ପରିକ୍ଷା—ସ. ବି. (ପରି+କ୍ଷୈ ଧାତୁ+କର୍ତ୍ତୃ. ଅ;+ଆ)—୧ । କାଦୁଅ-
Parikshā 1. Clay; mud. (M. W.)
୨ । ମଇଳା; ମଳ—2. Dirt. (M. W.)

ପରିକ୍ଷାଣ—ସ. ବିଣ. (ପରି+କ୍ଷି ଧାତୁ=କ୍ଷୟିତ ହେବା+କର୍ତ୍ତୃ. ନ)—
Parikshāṇa ଭସ୍ମୀଭୂତ—Charred or burnt to cinder. (M. W.)

ପରିକ୍ଷାମ—ସ. ବିଣ. ପୁଂ—(ପରି=ଅତ୍ୟନ୍ତ+କ୍ଷାମ)—ଅତ୍ୟନ୍ତ କୃଶୀ-
Parikshāma ଭୂତ—Excessively emaciated or
(ପରିକ୍ଷାମା—ସ୍ତ୍ରୀ) (ପରିକ୍ଷାମତା—ବି) dried up. (M. W).

ପରିକ୍ଷିତ୍(ତ)—ସ. ବି. (ନାମ) (ପରି+କ୍ଷି ଧାତୁ=କ୍ଷୀଣ ହେବା+କର୍ତ୍ତୃ.
Parikshit (ta) କ୍ୱିପ୍; କମ୍ବା କର୍ମ. ତ)—ଅଭିମନ୍ୟୁଙ୍କ ପୁତ୍ର,
ପରୀକ୍ଷିତ, ପରୀକ୍ଷିତ୍ } ଅନ୍ୟରୂପ
ଅର୍ଜୁନଙ୍କ ନାତି; ଜନମେଜୟ ରାଜାଙ୍କ ପିତା—
Name of the son of Abhimanyu and father of Janamejaya.

[ଦ୍ର—କୁଳର ଅତି କ୍ଷୀଣ ଅବସ୍ଥାରେ ଜନ୍ମ ଗ୍ରହଣ କରିଥିବାରୁ କିମ୍ବା କୁରୁ କୁଳର କ୍ଷୟ ପରେ ଜନ୍ମ ଗ୍ରହଣ କରି ଥିବାରୁ ଏହାଙ୍କୁ ଏ ନାମ ଦିଆ ଯାଇଥିଲା । ପାଣ୍ଡବମାନେ ଏହାଙ୍କ ଶୈଶବରେ ରାଜ୍ୟ-ଭାର ଦେଇ ମହାପ୍ରସ୍ଥାନ କରିଥିଲେ । ଜଣେ ମୁନିଙ୍କ ଶାପରେ ଏହାଙ୍କୁ ତକ୍ଷକ ଦଂଶିବାରୁ ଏ ମୁମୂର୍ଷୁ ଅବସ୍ଥାରେ ଶୁକ ମୁନିଙ୍କଠାରୁ ଭାଗବତ ଆଦି ପୁରାଣ ଶୁଣିଥିଲେ । କୁରୁଙ୍କର ଏକ ପୁତ୍ରଙ୍କ ନାମ ମଧ୍ୟ ପରିକ୍ଷିତ ଥିଲା । ଆଉ ଜଣେ ଜନମେଜୟଙ୍କ ଭାଇ ତାଙ୍କ ନାମ ମଧ୍ୟ ପରିକ୍ଷିତ ଥିଲା । ଅଯୋଧ୍ୟାର ଜଣେ ରାଜାଙ୍କ ନାମ ମଧ୍ୟ ପରିକ୍ଷିତ ଥିଲା । (M. W.)]

ଦେ. ବି. ପୁଂ.—ଲୋକଙ୍କୁ ଦିଆଯିବା ନାମ—
A name given to males.

ପରିକ୍ଷିପ୍ତ—ସ. ବିଣ.—(ପରି=ଚତୁର୍ଦ୍ଦିଗରେ+କ୍ଷିପ୍ ଧାତୁ=କ୍ଷେପଣକରିବା
Parikshipta +କର୍ମ. ତ)—୧ । ଚାରି ଆଡ଼େ ଘେରି ହୋଇଥିବା;
ପରିବେଷ୍ଟିତ—1. Surrounded; encircled.
୨ । ବିକ୍ଷିପ୍ତ—2. Scattered.
୩ । ପରିତ୍ୟକ୍ତ—3. Abandoned.
୪ । ନିକ୍ଷିପ୍ତ—4. Thrown.

ପରିକ୍ଷୀଣ—ସ. ବିଣ. (ପରି=ଅତିଶୟ+କ୍ଷୀଣ=କ୍ଷୟ ପ୍ରାପ୍ତ)—
Parikshīṇa ୧ । ଅତିଶୟ କ୍ଷୟପ୍ରାପ୍ତ—1. Much decayed.
୨ । ଅତି କ୍ଷୀଣ—2. Excessively emaciated.
୩ । ଅତି ଦୁର୍ବଳ—3. Very weak.

ପରିକ୍ଷେପ—ସ. ବି. (ପରି+କ୍ଷିପ୍ ଧାତୁ=କ୍ଷେପଣ କରିବା+ଭାବ. ଅ)—
Parikshepa ୧ । ପରିବେଷ୍ଟନ—1. Surrounding
୨ । କ୍ଷେପଣ—2. Throwing.
୩ । ପରିତ୍ୟାଗ—3. Abandonment.
୪ । ବିକ୍ଷେପ; ବୁଣିବା—4. Scattering.
୫ । ବୃତ୍ତର ପରିଧି—5. Circumference. (M. W.)

ପରିକ୍ଷେପକ—ସ. ବିଣ. (ପରି+କ୍ଷିପ୍ ଧାତୁ=କ୍ଷେପଣ କରିବା+
Parikshepaka କର୍ତ୍ତୃ. ଅକ)—୧ । ଯେ ପରିବେଷ୍ଟନ କରେ—
(ପରିକ୍ଷେପିକା—ସ୍ତ୍ରୀ) 1. Surrounding; encircling.
୨ । ଯେ ଇତସ୍ତତଃ ବିକ୍ଷିପ୍ତ କରେ—2. Scattering.
୩ । ଯେ ନିକ୍ଷେପ କରେ—3. Throwing.

ପରିଖ—ଦେ. ବି. (ସ. ପରୀକ୍ଷା)—୧ । ପରୀକ୍ଷା—
Parikha 1. Test; examination.
ପରଖ ୨ । ଔଷଧରେ ଅନୁପାନ ମିଶ୍ରିତ କରିବା—
ପରଖ 3. Mixing of a vehicle with a medicine.
୩ । ରାଜ ଉପକରଣବିଶେଷ—
3. One of the royal paraphernalia.
୪ । ପିକଦାନୀ—4. Spittoon.
ବାମେ ଅଛନ୍ତି ଦୋହଳୀ
ପାନ ପରିଖ ଧରେ ଧରି—ଦୀନ. ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ।

ପରିଖା—ସ. ବି. ସ୍ତ୍ରୀ. (ପରି=ଚତୁର୍ଦ୍ଦିଗରେ+ଖନ୍ ଧାତୁ=ଖୋଳିବା+
Parikhā କର୍ମ. ଅ+ସ୍ତ୍ରୀ. ଆ)—ନଗର ବା ଗଡ଼ର ଚାରିପାଖେ
ଖୋଳା ଯାଇଥିବା ଗଭୀର ନାଳ; ଗଡ଼ଖାଇ—A ditch or moat round a fort or town.

ପରିଖିବା—ଗ୍ରା. କ୍ରି—(ସ. ପରୀକ୍ଷା)—ପରଖିବା; ପରୀକ୍ଷା କରିବା—
Parikhibā To test; to examine.
ପରଖକରୀ परखना

ପରିଖୀକୃତ—ସ. ବିଣ—(ପରିଖା ଅଭୂତ ତଦ୍ଭାବେ ଚ୍ୱି+କୃ ଧାତୁ=
Parikhikṛuta କରିବା+କର୍ମ. ତ;)—ଯେଉଁ ସ୍ଥାନର ଚାରିପାଖରେ
ପରିଖା ଖୋଳା ଯାଇଅଛି; ପରିଖାଦ୍ୱାରା କୃତ ବେଷ୍ଟନ—
Surrounded by a moat.

ପରିଖ୍ୟାତ—ସ. ବିଣ—(ପରି=ସର୍ବତ୍ର+ଖ୍ୟାତ)—୧ । ପ୍ରଖ୍ୟାତ; ଅତି
Parikhyāta ପ୍ରସିଦ୍ଧ; ବିଖ୍ୟାତ—Celebrated; reputed.
(ପରିଖ୍ୟାତି—ବି) ୨ । ଅମୁକ ନାମରେ ଖ୍ୟାତ ବା ଡକା ଯାଉଥିବା—
2. Called as; named as.

ପରିଗଣନ(ନା)—ସ. ବି—(ପରି=ବିଶେଷ ଭାବରେ+ଗଣ୍ ଧାତୁ=
Parigaṇana (nā) ଗଣନା କରିବା+ଭାବ ଅନ;+ଆ)—ସମ୍ପୂର୍ଣ୍ଣରୂପେ
(ପରିଗଣିତ—ବିଣ) ବା ଯଥାପୂର୍ବକଗଣନ—Complete or accurate enumeration.

ପରିଗତ—ସ. ବିଣ—(ପରି+ଗମ୍ ଧାତୁ=ଗମନ କରିବା; ଜାଣିବା+
Parigata କର୍ମ. ତ)—ପରିଜ୍ଞାତ—1 Known.
୨ । ପ୍ରାପ୍ତ—2. Attained; received.
୩ । ବେଷ୍ଟିତ—3. Surrounded; encompassed.
୪ । ଯାହାର ଚାରିପାଖେ ପରିକ୍ରମା କରାଯାଇ ଅଛି—
4. Circumambulated; gone round. (M. W.)
୫ । ଅନୁଭୂତ—5. Experienced. (M. W.)
୬ । ବିସ୍ମୃତ—6. Forgotten. (M. W.)

୭ । (କର୍ତ୍ତୃ. ତ) ଗତ—7. Gone.
୮ । ବିସ୍ତୃତ—8. Spread; diffused.
୯ । ଚେଷ୍ଟିତ—9. One who has exerted or tried.
୧୦ । ମୃତ (ହି. ଶ.)—10. Dead; deceased

ପରିଗଦିତ—ସଂ. ବି. (ପରି+ଗଦ୍ ଧାତୁ=କହିବା+ଭାବ. ତ)—
Parigadita ସମ୍ୟକ୍ କୀର୍ତ୍ତନ; ପରିକୀର୍ତ୍ତନ—
Relation; narrating.
ସଂ. ବିଣ. (+କର୍ମ.ତ)—ବର୍ଣ୍ଣିତ—Related; narrated.

ପରିଗମିତ—ସଂ. ବିଣ. (ପରି=ସମ୍ୟକ୍+ଗମ୍ ଧାତୁ ଣିଚ+କର୍ମ. ତ)—
Parigamita ୧ । ପରିଚାଳିତ—1. Conducted.
୨ । ଅତିବାହିତ (ସମୟ)—2. Spent (time); passed.

ପରିଗର୍ଭିକ—ସଂ. ବି.—ଅଇଣ୍ଠି ଅରୋଗ; ଗର୍ଭିଣୀମାତାର ସ୍ତନ୍ୟପାନ କରିବା
Parigarbhika ଯୋଗୁଁ ଶିଶୁର ହେବା ରୋଗ (ହି. ଶ.)—
Infantile diarrhœa due to sucking the breast of a pregnant mother.
[ଦ୍ର—ଏଥିରେ ଶିଶୁର କାଶ ହୁଏ, ଅରୁଚି ଓ ତନ୍ଦ୍ରା ହୁଏ, ଶରୀର ଦୁର୍ବଳ ହୁଏ, ଅଜୀର୍ଣ୍ଣ ହୁଏ ଓ ପେଟ ବଡ଼ ହୋଇଯାଏ । ବୈଦ୍ୟଙ୍କ ମତରେ ଏଥିରେ ଶିଶୁକୁ ଅଗ୍ନି ଦୀପକ ଔଷଧ ଦିଆଯିବା ଉଚିତ— (ହି. ଶବ୍ଦସାଗର) ।]

ପରିଗୁଣ—ଦେ. ବି. (ମୂଳ ସଂ. ପ୍ରଗମ=ପ୍ରାଥମିକ ପ୍ରକାଶ)—୧ । ଅବସ୍ଥା-
Pariguṇa 1. State; condition; first manifestation. (M.W.)
୨ । ଆଭ୍ୟନ୍ତରୀଣ ଅବସ୍ଥା—2. Internal condition.
୩ । ପ୍ରାରମ୍ଭିକ ସୂଚନା; ଲକ୍ଷଣ—3. First indication.

ଗାଈ ପରିଗୁଣ, ଧୋବା ଭୂଠରୁ ଦିଶେ,
ବୋହୂ ପରିଗୁଣ, ନନ୍ଦ ଶାଶୁ ବଶେ ।
ଶାଶୁ ପରିଗୁଣ, ପାଖରେ ବସେ,
ମାଆ ପରିଗୁଣ, ଭାତ ପରଶେ ।
ପୁଅ ପରିଗୁଣ, ଡାକିଲେ ଆସେ,
ବନ୍ଧୁ ପରିଗୁଣ, ଦେଖିଲେ ହସେ,
ଝିଅ ପରିଗୁଣ, ମାଆ ସଙ୍ଗେ ମିଶେ । ଢଗ ।

ପରିଗୁଣିତ—ସଂ. ବି. (ପରି+ଗୁଣ୍ ଧାତୁ+କର୍ମ. ତ)—୧ । ପୁନଃ କଥିତ;
Pariguṇita ପୁନରାବର୍ତ୍ତିତ—1. Repeated; reiterated.
୨ । ସଂଖ୍ୟା ଯୋଗ କରାଯାଇ ବର୍ଦ୍ଧିତ—
2. Augmented by addition of. (M.W.)

ପରିଗୁଣ୍ଠିତ—ସଂ. ବିଣ. (ପରି+ଗୁଣ୍ଠ ଧାତୁ କର୍ମ. ତ)—୧ । ଆବୃତ;
Pariguṇṭhita ଘୋଡ଼ା ହୋଇଥିବା—
1. Covered with (M. W.)
୨ । ଲୁକ୍କାୟିତ—2. Hidden.

ପରିଗୁଣ୍ଡିତ—ସଂ. ବିଣ. (ପରି+ଗୁଣ୍ଡ୍ ଧାତୁ+କର୍ମ. ତ)—ଧୂଳି ବା ଗୁଣ୍ଡା
Pariguṇḍita ଦ୍ୱାରା ଆବୃତ (ହି. ଶବ୍ଦସାଗର)—
Covered with dust. (M. W.)

ପରିଗୂଢ଼—ସଂ. ବିଣ (ପରି+ଗୁହ୍ ଧାତୁ=ଗୋପନ କରିବା+କର୍ମ. ତ)-
Parigūṛha ଅତି ଗୁପ୍ତ—Very secret.

ପରିଗୃଦ୍ଧ—ସଂ. ବିଣ. (ପରି+ଗୃଧ୍ ଧାତୁ=ଅତ୍ୟନ୍ତ ଆକାଂକ୍ଷା କରିବା+
Parigṛuddha କର୍ତ୍ତୃ. ତ)—ଅତି ପେଟୁ; ଉଦରମ୍ଭରି—
(ପରିଗ୍ରୋଧ—ବି) Very greedy (M. W.).

ପରିଗୃହୀତ—ସଂ. ବିଣ. (ପରି+ଗ୍ରହ୍ ଧାତୁ=ଗ୍ରହଣ କରିବା+କର୍ମ. ତ)-
Parigṛuhita ୧ । ଅଙ୍ଗୀକୃତ; ସ୍ୱୀକୃତ—
1. Agreed to; accepted; admitted.
(ପରିଗୃହୀତା—ସ୍ତ୍ରୀ) ୨ । ମଞ୍ଜୁର କରାଯାଇଥିବା—
2. Granted; sanctioned.
୩ । ବେଷ୍ଟିତ—3. Surrounded; enveloped; fenced.
୪ । ଧୃତ—4. Seized; grasped.
୫ । ପ୍ରାପ୍ତ—5. Obtained.
୬ । ପାଳିତ (ଆଦେଶ)—6. Obeyed.

ପରିଗୃହ୍ୟ—ସଂ. ବିଣ. (ପରି=ସର୍ବତୋଭାବରେ+ଗ୍ରହ୍ ଧାତୁ=ଗ୍ରହଣ
Parigṛuhya କରିବା+କର୍ମ. ଯ)—୧ । ଗ୍ରହଣ ଯୋଗ୍ୟ;
(ପରିଗୃହ୍ୟା—ସ୍ତ୍ରୀ) ପରିଗୃହୀତ ହେବାର ଯୋଗ୍ୟ—
1. Acceptable; admissible.
୨ । ସ୍ୱୀକାର୍ଯ୍ୟ—2. Agreeable.
୩ । ପ୍ରାପ୍ୟ—3. Obtainable.
୪ । ମଞ୍ଜୁର କରାଯିବାର ଯୋଗ୍ୟ—4. Fit to be granted.

ପରିଗୃହ୍ୟା—ସଂ. ବି. ସ୍ତ୍ରୀ (ପରିଗୃହ୍ୟ+ଆ)—୧ । ବିବାହିତା ସ୍ତ୍ରୀ—
Parigṛuhyā 1. Married woman (M. W.).
୨ । ଧର୍ମ ପତ୍ନୀ (ହି. ଶ.)—2. Wedded wife.

ପରିଗ୍ରହ—ସଂ. ବି. (ପରି+ଗ୍ରହ୍ ଧାତୁ=ଗ୍ରହଣ କରିବା ଇତ୍ୟାଦି+
Parigraha ଭାବ. ଅ)—୧ । ସ୍ୱୀକାର—1. Admission.
ପରିଗୃହୀତ } ବିଣ
ପରିଗୃହୀତା } ୨ । ଦାନ ଗ୍ରହଣ—
2. Acceptance of a gift.
୩ । ସଂସର୍ଗ—3. Intercourse; association.
୪ । ଅର୍ଜନ; ପ୍ରାପ୍ତି—4. Acquisition; attainment.
୫ । ଦଖଲ ନେବା; ଆୟତ୍ତୀକରଣ—
5. Taking possession.
୬ । ଧାରଣା—6. Retention; conception.
୭ । ସୂର୍ଯ୍ୟ ଗ୍ରହଣ—7. Solar eclipse.
୮ । ଦଖଲ; ଅଧିକାର—
8. Authority; dominion; control.
୯ । ସମ୍ପତ୍ତି—9. Property.
୧୦ । ପିନ୍ଧିବା; ପରିଧାନ—10. Putting on.
୧୧ । ବିବାହ; ଦାରପରିଗ୍ରହ—
11. Marrying; marriage; taking of a wife.
୧୨ । ଅନୁଗ୍ରହ—12. Grace; favour. (M. W.)
୧୩ । ସମ୍ମାନ ପ୍ରଦର୍ଶନ—
13. Homage; reverence. (M. W.).
୧୪ । ଦଣ୍ଡ—14. Punishment. (M.W.)
୧୫ । କୌଣସି ବ୍ୟକ୍ତିଙ୍କୁ ନିଜ ଘର ମଧ୍ୟକୁ ପ୍ରବେଶ କରାଇବା—
15. Admittance into one's house. (M. W.)

୧୬ । ବୋଧ; ବୁଝିବା —16. Understanding.
୧୭ । ବାଡ଼ ବୁଲାଇବା—17. Fencing round.
୧୮ । ଘେରାଇବା; ବେଷ୍ଟନ—
18. Enclosing;surrounding.
୧୯ । ରୂପ ଗ୍ରହଣ—19. Assuming of a form. (M. W.)
୨୦ । (+କର୍ମ. ଅ)-ପତ୍ନୀ—20. Wife.
୨୧ । ରକ୍ଷିତା ସ୍ତ୍ରୀ—21. Concubine; mistress.
୨୨ । ପରିଜନ; ଗହଣ— 2. Attendants; retinue.
୨୩ । ଶପଥ—23. Oath.
୨୪ । ଅଭିସମ୍ପାତ—24. Imprecation; curse.
୨୫ । ରାହୁଗ୍ରସ୍ତ ସୂର୍ଯ୍ୟ—25. Eclipsed sun.
୨୬ । ସେନାର ପଶ୍ଚାଦ୍‌ଭାଗ—
26. The rear or reserve of an army.
୨୭ । ଘରକରଣା—27. Household. (M. W.)
୨୮ । ସ୍ତ୍ରୀପୁତ୍ରାଦି ପରିବାର—28. Family.(M. W.)
୨୯ । ରାଜାଙ୍କର ଅନ୍ତଃପୁର—
29. The seraglio of a prince. (M. W.
୩୦ । ଗୃହ—39. House; abode. M. W.
୩୧ । ମୂଳ; ମୂଳକାରଣ—
31. Root; origin; foundation. (M. W.)
୩୨ । ଦତ୍ତବସ୍ତୁ; ଦାନ—32. Gift; present.
୩୩ । ଯୋଗଫଳ—33. Sum; totality
୩୪ । (+ଭାବ. ଅ) ସାଦର ଗ୍ରହଣ (ହ. ଶ.)—
34. Hospitable reception.
[ଦ୍ର—ଦାର ପରିଗ୍ରହ=ବିବାହ; ପତ୍ନୀ ଗ୍ରହଣ; ମୂର୍ତ୍ତି ପରିଗ୍ରହ=ରୂପ ଧରିବା ।]

ପରିଗ୍ରହ କରିବା—ଦେ. କ୍ରି—(ସ. ପରିଗ୍ରହ)— ବିବାହ କରିବା—
Parigraha kariba To marry.
ଚର୍ଚ୍ଚିତ ନାମେ କନ୍ୟା ପରିଗ୍ରହ କଲା,
ରକ୍ଷସ ବଂଶ ଚର୍ଚ୍ଚ ଜନମ ହେଲା । । କୃଷ୍ଣସିଂହ ମହାଭାରତ—ଆଦି ।
[ଦ୍ର—ଏଥିର ଅନ୍ୟ ଅର୍ଥ ପାଇଁ ପରିଗ୍ରହ ଶବ୍ଦର ଅନ୍ୟ ଅର୍ଥମାନ ଦେଖ]

ପରିଗ୍ରହ ଦ୍ୱିତୀୟ—ସ. ବଣ. ପୁଂ. (ବହୁବ୍ରୀହି, ପରିଗ୍ରହ+ଦ୍ୱିତୀୟ)—
Parigraha dwitiya ୧ । ସସ୍ତ୍ରୀକ; ଯାହା ସଙ୍ଗେ ଭାର୍ଯ୍ୟା ଅଛନ୍ତି
1. Accompanied by one's wife.
୨ । ସପରିବାର—
2. Accompanied by one's family.

ପରିଗ୍ରହିବା—ଦେ. (ପଦ୍ୟ) କ୍ରି—(ସ. ପରିଗ୍ରହ)—(ମୂର୍ତ୍ତି) ଗ୍ରହଣ ବା
Parigrahiba ଧାରଣ କରିବା—To assume (a form).
ମୂର୍ତ୍ତି ପରିଗ୍ରହି ଭବେ, ବ ସାହସ !—ଅଧ୍ୟାତ୍ମ. ରାମାୟଣ ।
[ଦ୍ର—ଅନ୍ୟାନ୍ୟ ଅର୍ଥ ପାଇଁ ପରିଗ୍ରହର ଅନ୍ୟ ଅର୍ଥମାନ ଦେଖ]

ପରିଗ୍ରାମ—ସ. ଅ. (ଅବ୍ୟୟୀଭାବ; ପରି=ଅଭିମୁଖେ+ଗ୍ରାମ)—
Parigrāma ୧ । ଗ୍ରାମାଭିମୁଖେ—Towards a village.
୨ । ଗ୍ରାମର ସମ୍ମୁଖରେ—2. In front of a village.
ସ. ବି—ଗ୍ରାମର ସାମନା ଭାଗ (ହ. ଶ.)—
The front part of a village.

ପରିଗ୍ରାହକ—ସ. ବଣ. ପୁଂ. (ପରି=ଚତୁର୍ଦ୍ଦିଗରେ+ଗ୍ରହ ଧାତୁ=ଗ୍ରହଣ
Parigrāhaka କରିବା+କର୍ତ୍ତୃ. ଅକ)—୧ । ଯେ ପରିଗ୍ରହ
[ପରିଗ୍ରହୀତା—ଅନ୍ୟରୂପ] କରେ—1. Accepting.
ପରିଗ୍ରାହିକା } ସ୍ତ୍ରୀ ୨ । ଗ୍ରହୀତା—2, Taking.
ପରିଗ୍ରହୀତ୍ରୀ } ୩ । ସ୍ୱୀକାରକର୍ତ୍ତା—
3. Admitting; agreeing.

ପରିଗ୍ରାହ୍ୟ—ସ. ବଣ. (ପରି+ଗ୍ରହ ଧାତୁ+କର୍ମ. ଯ)—ପରିଗୃହୀତ
Parigrāhya ହେବାର ଯୋଗ୍ୟ—Fit to be accepted.

ପରିଘ—ସ. ବି—(ପରି=ସର୍ବତୋଭାବରେ+ହନ୍ ଧାତୁ=ବଧ କରିବା+
Parigha କରଣ. ଅ)—୧ । ପ୍ରାଚୀନ କାଳର ଯୁଦ୍ଧାସ୍ତ୍ରବିଶେଷ—
1. A kind of iron weapon used in ancient times in fighting; a bludgeon or club studded with iron.
ଘାତରେ ସେ ପରିଘ ଅସ୍ତ୍ର ହୋଇଥିଲା ।
ଭୀମବୃତ୍ତି କେବଳ ଚର୍ଚ୍ଚି ବାସ କଲା । କୃଷ୍ଣସିଂହ. ମହାଭାରତ. ସଭା ।
[ଦ୍ର—ଏହାର ଆକାର ମୁଦ୍‌ଗର ପରି ଗୋଲ ଓ ମୋଟା; ଏହା ପୁରୁଷ ପ୍ରମାଣ ଲମ୍ବା ଓ ବଳପୂର୍ବକ ଶତ୍ରୁ ପ୍ରତି କ୍ଷିପ୍ତ ହେଉଥିଲା । ଏହାର ମୁଣ୍ଡରେ ଲୁହାର କଣ୍ଟା ବସି ଥିଲା ।]
୨ । ଲୁହାର କଳଣୀ; କବାଟ କିଳିବାର ଅର୍ଗଳ—
2. Iron bar for shutting a door.
୩ । (ଜ୍ୟୋତିଷ) ବିଷ୍କମ୍ଭାଦି ସପ୍ତବିଂଶ ଯୋଗ ମଧ୍ୟରୁ ଊନବିଂଶ ଯୋଗ—3. One of the 27 astrological conjunctions.
୪ । ଘଟ; କଳସ—4. Pitcher; jar.
୫ । (ପରି+ହନ୍ ଧାତୁ+ଭାବ. ଅ) ବ୍ୟାଘାତ; ବାଧା—
5. Obstacle; hindrance.
୬ । ଆଘାତ—6. Stroke.
୭ । (+କର୍ମ ଅ) ତୋରଣ ଦ୍ୱାର; ଫାଟକ; ଗୋପୁର—
7. Gateway; gate.
୮ । କାଚ ଘଡ଼ି—8 A glass pitcher. (M. W.)
୯ । ଘର (ହ. ଶ.)—9 House.
୧୦ । ପର୍ବତ (ହ. ଶ.)—10. Mountain.
୧୧ । ବଜ୍ର—11. Thunder.
୧୨ । ଶେଷ ନାଗ; ବାସୁକି - 12, Bāsuki.
୧୩ । ଚନ୍ଦ୍ର—13. Moon.
୧୪ । ସୂର୍ଯ୍ୟ—14. Sun.
୧୫ । ନଦୀ—15. River.
୧୬ । ସ୍ଥଳ—16. Land.
୧୭ । ଅବିଦ୍ୟା (ହ. ଶ.)—17. Ignorance.
୧୮ । ସୁଶ୍ରୁତୋକ୍ତ ମୂଢ଼ଗର୍ଭବିଶେଷ (ହ. ଶ.); ଜନ୍ମ ହେବା ସମୟରେ ଯେଉଁ ଭ୍ରୂଣ ଯୋନି ଦ୍ୱାରରେ ଅଟକିଯାଇ କବି ଅଟକିଯାଏ (ହ. ଶ.)—18. Dead foetus; a child which presents a peculiar crooss position in birth.(M. W).

୧୯ । ସୂର୍ଯ୍ୟ ଉଦୟ ବା ଅସ୍ତ ହେବାବେଳେ ଯେଉଁ ମେଘ ସୂର୍ଯ୍ୟକୁ ଘୋଡ଼ାଏ (ହ୍ଲ. ଶ.)—19. A cloud which hides the sun during sunrise or sunset.

ପରିଘଟ୍ଟନ—ସ. ବ. (ପରି+ଘଟ୍ଟ ଧାତୁ=ଘାଣ୍ଟିବା+ଭାବ ଅନ)—
Parighaṭṭana ୧ । ଘାଣ୍ଟିବା; ଆଲୋଡ଼ନ—1 Stirring up.
(ପରିଘଟ୍ଟିତ—ବଣ)
୨ । ଘଷିବା—2. Rubbing.

ପରିଘାଇ—ଦେ. କ୍ରି. ବଣ. (ସ. ପରିଘ; ପରିଘାତ)—୧ । ଦୃଢ଼ରୂପେ—
Parighāi 1. Sturdily; strongly.
୨ । ଉପର୍ଯ୍ୟୁପରି—2. Repeatedly.

ପରିଘାତ—ସ. ବ. (ପରି+ହନ୍ ଧାତୁ=ବଧ କରିବା+ଭାବ. ଅ)—
Parighāta ୧ । ହନନ; ବଧ—1. Killing; slaughter.
(ପରିଘାତନ—ଅନ୍ୟରୂପ) ୨ । ଆଘାତ—2. Striking.
୩ । (+କରଣ. ଅ)—ବିଘ୍ନ; ପ୍ରତିବନ୍ଧକ—
3. Obstacle; hindrance.
୪ । ପରିଘ; ଲୌହମୁଖ ମୁଦ୍ଗର—
4. A club studded with iron.
୫ । ଅର୍ଗଳ—5. Bolt; bar.
୬ । ଯେଉଁ ଅସ୍ତ୍ରରେ ହତ୍ୟା କରାଯାଏ—
6. A weapon used for killing.

ପରିଘୋଷ—ସ. ବ. (ପରି=ଉପରସ୍ଥ+ଘୋଷ=ଶବ୍ଦ)—
Parighosha ୧ । ମେଘର ଗର୍ଜନ; ଘଡ଼ଘଡ଼ି—
1. The roar of clouds.
୨ । ଆରାବ; ଶବ୍ଦ—2. Sound
୩ । (ପରି=ନିନ୍ଦିତ+ଘୋଷ)—ଅକଥ୍ୟ କଥା—
3. Unuterable speech.

ପରିଚ—ଗ୍ରା. ବ. (ସ. ପରିଚୟ)—ପରିଚୟ—Acquaintance.
Paricha ଦେ. ବଣ. (ସ. ପରିଚିତ)—ପରିଚିତ—
परेच **परचे; परचा** Acquainted.

ପରିଚୟ—ସ. ବ. (ପରି=ସର୍ବତୋଭାବେ+ଚି ଧାତୁ=ଏକତ୍ର କରିବା
Parichaya +ଭାବ. ଅ)—୧ । ଆଳାପ; କୌଣସି ବ୍ୟକ୍ତିର ନାମଧାମାଦି ଜାଣିବା—1. Acquaintance.
(ପରିଚିତ—ବଣ) ୨ । ଅଭିଜ୍ଞାନ—
2. Intimate knowledge.
୩ । ପ୍ରଣୟ; ଘନିଷ୍ଠତା; ଜଣାଶୁଣା—
3. Intimacy; friendship.
୪ । ଅଭ୍ୟାସ (ହ୍ଲ. ଶ)—4. Practice. (M W.)
ଦେ. ବଣ. (ସ. ପରିଚିତ)—ପରିଚିତ—Acquainted.

ପରିଚୟ କରା(ରେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଅନ୍ୟ ବ୍ୟକ୍ତି
Parichaya karā(re)ibā ସଙ୍ଗେ ଚିହ୍ନାଇ ଦେବା—
परिचय करान To introduce a person to another.
परिचय कराना

ପରିଚୟ କରିବା—ଦେ. କ୍ରି—ଆଳାପ କରିବା; ଘନିଷ୍ଠତା ସ୍ଥାପନ
Parichaya karibā କରିବା—To pick up acquaintance with a person.
परिचय करा

ପରିଚୟ ଦେବା—ଦେ. କ୍ରି—୧ । ଚିହ୍ନାଦେବା; ଆପଣାର ସ୍ୱରୂପ ପ୍ରକାଶ
Parichaya debā କରିବା—1. To make one's self known.
परिचय देओया
परिचय देना ୨ । ପ୍ରମାଣ ଦେଖାଇବା—2. To testify.

ପରିଚୟ ପାଇବା—ଦେ. କ୍ରି—୧ । ପ୍ରମାଣ ପାଇବା—
Parichaya pāibā 1. To get proof of.
परिचय पाओया ୨ । ଜାଣି ପାରିବା—
परिचय पाना 2. To come to know.

ପରିଚର—ସ. ବ. (ପରି=ପଶ୍ଚାତ୍+ଚର୍ ଧାତୁ=ଗମନ କରିବା+କର୍ତ୍ତୃ
Parichara ଅ)—୧ । ସହଚର—1. Companion.
୨ । ଅନୁଚର—2. Attendant.
୩ । ପରିଗ୍ଭରକ; ଭୃତ୍ୟ—3. Servant.
୪ । ଶରୀର ରକ୍ଷକ—4. Body-guard.
୫ । ସେନା ନାୟକବିଶେଷ—
5. A kind of commander of an army.
୬ । ଚୌକିଦାର—6. Watchman.
୭ । ରୋଗୀର ସେବାକାରୀ ବ୍ୟକ୍ତି—
7. A person who tends sick people.
୮ । (+ଭାବ. ଅ)—ସେବା; ଭୃତ୍ୟତ୍ୱ—
8. Service; homage.

ପରିଚର୍ଯ୍ୟା—ସ. ବ. (ପରି+ଚର ଧାତୁ=ସେବା କରିବା ଇତ୍ୟାଦି+
Paricharjyā ଭାବ. ଯ+ସ୍ତ୍ରୀ. ଆ)—୧ । ସେବା; ଭୃତ୍ୟପଣ—
1. Personal service; attendance.
୨ । ଶୁଶ୍ରୂଷା—2 Tending.
୩ । ସତ୍କାର; ପୂଜା—3. Worship; adoration.
୪ । ଉପାସନା—4. Prayer.
୫ । ପ୍ରଦକ୍ଷିଣ—5. Circumambulation.

ପରିଗ୍ଭୟକ—ସ. ବଣ. ପୁଂ. (ପରି+ଚି ଧାତୁ=ଏକତ୍ର କରିବା+କର୍ତ୍ତୃ
Parichāyaka ଅକ)—୧ । କୌଣସି ବ୍ୟକ୍ତିକୁ ଅନ୍ୟ କୌଣସି ବ୍ୟକ୍ତି ସଙ୍ଗେ ଯେ ପରିଚୟ କରାଇଦିଏ—1. Introducing a person to another.
(ପରିଗ୍ଭୟିକା—ସ୍ତ୍ରୀ) ୨ । ଯେ ଚିହ୍ନାଇ ଦିଏ—
2. Making known.
୩ । ଜ୍ଞାପକ—3. Intimating.
୪ । ପ୍ରଦର୍ଶକ—4. Showing.
୫ । ସୂଚକ—5. Indicating.

ପରିଗ୍ଭର—ସ. ବ. ପୁଂ—ପରିଚର (ଦେଖ)
Parichāra Parichara. (See)

ତୀର୍ଥରାଜ ଅଟ ମାଳ୍ୟ ଭ୍ରମର
ଚରଣରେ ଯେ ଚିହ୍ନି କେତେ ପରିଗ୍ଭର । କୃଷ୍ଣହିଁ ମହାଭାରତ ଅବ ।

ପରିଗ୍ଭରକ—ସ. ବ. ପୁଂ.—(ପରି+ଚର୍ ଧାତୁ=ଗମନ କରିବା+କର୍ତ୍ତୃ
Parichāraka ଅକ)—୧ । ସେବକ; ଭୃତ୍ୟ—2. Servant.
(ପରିଗ୍ଭରିକା—ଅନ୍ୟରୂପ) ୨ । ରୋଗୀ ସେବାରେ ନିଯୁକ୍ତ ବ୍ୟକ୍ତି—
2. A person engaged to tend a patient.

ପରିଚାରିକା } ସ୍ତ୍ରୀ ୩ । ଦେବମନ୍ଦିରର ତତ୍ତ୍ୱାବଧାରକ; ପରିଷ୍ଠ—
ପରିଚାରିଣୀ } 2. Superintendent of a temple.

ପରିଚାର୍ଯ୍ୟ— ସଂ. ବିଣ. ପୁଂ. (ପରି + ଚର ଧାତୁ + କର୍ମ ଘ)— ପରିଚର୍ଯ୍ୟା
Paricharjya ପାଇବା ଯୋଗ୍ୟ; ସେବ୍ୟ—Deserving to be
(ପରିଚାର୍ଯ୍ୟା—ସ୍ତ୍ରୀ) tended or looked after.

ପରିଚାଳକ— ସଂ. ବି. ପୁଂ. (ପରି + ଚଲ୍ ଧାତୁ ଣିଚ + କର୍ତ୍ତୃ ଅକ)—
Parichālaka ୧ । ନେତା—1. Leader.
(ପରିଚାଳକା—ସ୍ତ୍ରୀ) ୨ । ଚଳାଇବା ବ୍ୟକ୍ତି—
2. Superintendent.
୩ । ଅଧ୍ୟକ୍ଷ—3. Head.
୪ । ଯେ ଗାଡ଼ି ଆଦିକୁ ଚଳାଏ—
4. Conductor; driver.
ସଂ. ବିଣ— ପରିଚାଳନକାରୀ—Guiding; leading.
ସଂ. ବି.—(ବିଜ୍ଞାନ ପରିଭାଷା)—ଯାହା ଏକ ପରମାଣୁରୁ ଅନ୍ୟ ପରମାଣୁକୁ ତାପାଦି ଚଳାଏ—Conductor (of heat or light or electricity.)

ପରିଚାଳକତା—ସଂ. ବି. (ବିଜ୍ଞାନ ପରିଭାଷା)—୧ । ଜଡ଼ ବସ୍ତୁର ଏକ
Parichālakatā ପରମାଣୁରୁ ଅନ୍ୟ ପରମାଣୁକୁ ତାପ ଆଦି ସଞ୍ଚାଳନ କରିବାର ଗୁଣ—1. The property of a thing of conducting heat etc.
୨ । ଅଧ୍ୟକ୍ଷତା; ନେତୃତ୍ୱ – 2. Leadership.

ପରିଚାଳନ—ସଂ. ବି. (ପରି + ଚଲ୍ ଧାତୁ ଣିଚ୍ = ଚଳିବା + ଭାବ. ଅନ)-
Parichālana ୧ । ସମ୍ପାଦନ; ନିର୍ବାହ—
(ପରିଚାଳିତ—ବିଣ) 1. Accomplishment.
୨ । ସଞ୍ଚାଳନ—2. Moving.

ପରିଚାଳିତ—ସଂ. ବିଣ.—(ପରି + ଚଲ୍ ଧାତୁ ଣିଚ୍ + କର୍ମ. ତ)—
Parichālita ୧ । ସମ୍ପାଦିତ; ନିର୍ବାହିତ—
1. Accomplished; conducted.
୨ । ଚାଳିତ—2. Moved.

ପରିଚି—ଗ୍ରା. ବି. —(ସଂ. ପରିଚୟ)—ପରିଚୟ—
Parichi Acquaintance.
ବିଣ. (ସଂ. ପରିଚିତ)—ପରିଚିତ—Acquainted.

ପରିଚିତ—ସଂ. ବିଣ. ପୁଂ— (ପରି+ଚି ଧାତୁ=ଏକତ୍ର କରିବା+କର୍ମ.
Parichita ତ.)—୧ । ଜ୍ଞାତ—1. Known.
(ପରିଚିତା—ସ୍ତ୍ରୀ) ୨ । ଚିହ୍ନିତ—2. Recognised
(ପରିଚିତି—ବି) ୩ । ଜଣା ଶୁଣା, ଯାହା ସଙ୍ଗେ ଆଳାପାଦି ଅଛି—
3. Acquainted; well known.
୪ । ଗଦା କରି ଯାଇ ଥିବା—4. Heaped up; collected.

ପରିଚିନ୍ତନ—ସଂ. ବି.—(ପରି + ଚିନ୍ତନ)—୧ । ପରିକଳ୍ପନ (ଦେଖ)
Parichintana 1. Parikalpana (See)
୨ । ମନନ—2. Reflection.
[ଦ୍ର – ଏଥିରୁ ପରିଚିନ୍ତକ, ପରିଚିନ୍ତିତ, ପରିଚିନ୍ତନୀୟ, ପରିଚିନ୍ତ୍ୟ ବିଶେଷଣ ଶବ୍ଦ ହୁଏ ।]

ପରିଚେୟ— ସଂ ବି. ପୁଂ—(ପରି + ଚି ଧାତୁ + କର୍ମ. ଯ)—
Paricheya ୧ । ପରିଚୟର ଯୋଗ୍ୟ—
(ପରିଚେୟା – ସ୍ତ୍ରୀ) 1. Fit to be known.
୨ । ସବୁଆଡ଼ୁ ସଂଗୃହୀତ ହୋଇ ଗଦା କରାଯିବାର ଯୋଗ୍ୟ—
2 To be collected all round or from every side (M. W.).

ପରିଚୁମ୍ବନ—ସଂ. ବି. (ପରି+ଚୁମ୍ବ୍ ଧାତୁ + ଭାବ. ଅନ)—ପ୍ରେମ ପୂର୍ବକ
Parichumbana ଚୁମ୍ବନ—Loving kiss.

ପରିଚ୍ଛଦ୍— ସଂ. ବିଣ. (ପରି + ଛଦ୍ ଧାତୁ=ଆଚ୍ଛାଦନ କରିବା + କର୍ତ୍ତୃ.
Parichchhad କ୍ୱିପ୍)—ଭୂଷଣ ବିଶିଷ୍ଟ—Adorned with.

ପରିଚ୍ଛଦ— ସଂ. ବି (ପରି=ସର୍ବତୋଭାବରେ+ଛଦ୍ ଧାତୁ=ଆଚ୍ଛାଦନ
Parichchhada କରିବା+କର୍ମ. ଅ)—୧ । ବେଶ; ପୋଷାକ—
୨ । ପରିଜନ; କୁଟୁମ୍ବ—2. Relative.
୩ । ପିନ୍ଧିବା ଲୁଗା —3. Cloth used for wearing.
୪ । (ପରି+ଛଦ୍ ଧାତୁ+ଭାବ. ଅ)—ଆଚ୍ଛାଦନ; ଘୋଡ଼ଣୀ; ଆବରଣ – 4. Covering.
୫ । ଯାନ ବାହନାଦି—5. Conveyance.
୬ । ଅସବାବ ପତ୍ର; ଚଳନ୍ତି ସମ୍ପତ୍ତି—6. Furnitures; fittings; goods and chattels.
୭ । ରାଜ ଚିହ୍ନ—7. Paraphernalia of royalty.

ପରିଚ୍ଛନ୍—ଦେ. ବି —ପରିଛନ୍ (ଦେଖ)
Parichchhan Parichhan (See)

ପରିଚ୍ଛନ୍ଦ—ସଂ. ବି. – (ପରି+ଛଦ୍ ଧାତୁ+କର୍ମ ଅ)—୧ । ପରିଚ୍ଛଦ;
Parichchhanda ପୋଷାକ—1. Dress.
୨ । ଅଙ୍ଗରଖା; ଅଙ୍ଗାବରଣ; କୁର୍ତ୍ତି—2. Coat.
୩ । ସାଞ୍ଜୁ—3. Coat of armour.
୪ । ସହଚରଗଣ; ଅନୁଚର—4. Train; retinue.

ପରିଚ୍ଛନ୍ନ— ସଂ. ବିଣ. (ପରି+ଛଦ୍ ଧାତୁ+କର୍ମ. ତ)— ୧ । ଆଚ୍ଛାଦିତ;
Parichchhanna ଆବୃତ—1. Covered.
୨ । ପରିଚ୍ଛଦଯୁକ୍ତ; ପୋଷାକ ପରିହିତ—2. Dressed.
୩ । ପରିଷ୍କୃତ— 3. Cleansed.
୪ । ସଜ୍ଜିତ—4. Furnished; equipped.
୫ । ଅଲଂକୃତ—5. Adorned.
୬ । ଉତ୍ତମ – 6. Good.
୭ । ଲୁକ୍କାୟିତ – 7. Concealed; hidden.
୮ । ଛଦ୍ମ ବେଶ ଦ୍ୱାରା ଗୋପିତ—
8. Disguised (M. W.).

ପରିଚ୍ଛା—ଦେ. ବି.—(ସଂ. ପରୀକ୍ଷକ)—ପରିଛା (ଦେଖ)
Parichchhā Parichhā (See)

ପରିଚ୍ଛିତି—ସଂ. ବି.—୧ । ସୀମା (ହି. ଶବ୍ଦସାଗର)—
Parichchhiti 1. Boundary.
୨ । ଦୁଇ ପଦାର୍ଥକୁ ପରସ୍ପର ଠାରୁ ସମ୍ପୂର୍ଣ୍ଣରୂପେ ପୃଥକ କରିବା (ହି. ଶବ୍ଦସାଗର)—2. Complete separation of two things from each other.

୩ । ବିଭାଗ; ବଣ୍ଟନ (ହୁ. ଶ.)—3. Division; partition.

ପରିଚ୍ଛିତ୍ତି—ସଂ. ବି.—(ପରି + ଛିଦ୍ ଧାତୁ=ଛିଣ୍ଡାଇବା + ଭାବ. ତି)—
Parichchhitti ୧ । ବ୍ୟବଧାନ—1 Intervention; space between.
୨ । ଯଥାର୍ଥ ବର୍ଣ୍ଣନା—2. Correct description.
୩ । ନିର୍ଣ୍ଣୟ; ଅବଧାରଣ—
3. Ascertainment; determination.
୪ । ଅନ୍ତରାଳ—4. Background.
୫ । ନିର୍ଣ୍ଣୀତ ସଂଜ୍ଞା—5. Accurate definition (M.W.).
୬ । ବିଭାଗ; ପୃଥକ୍‌କରଣ—
6. Partition; separation. (M.W.)
୭ । ସୀମା—7. Limit. (M. W.)

ପରିଚ୍ଛିନ୍ନ—ସଂ. ବି. (ପରି + ଛିଦ୍ ଧାତୁ=ଛେଦନ କରିବା + କର୍ମ. ତ)—
Parichchhinna ୧ । ପରିମିତ; ସୀମାବଦ୍ଧ—I. Limited; circumscribed.
୨ । ନିର୍ଣ୍ଣୀତ—2. Ascertained.
୩ । ବିଭକ୍ତ—3. Divided.
୪ । ପ୍ରତିକୃତ—4. Remedied; obviated.
ଦେ. କ୍ରି. ବିଣ—(ପ୍ରାଚୀନ ପଦ୍ୟ) ପରିଷ୍କାର ଭାବରେ—
Clearly.
ଶାସ୍ତ୍ରରୁ ପରମଗୁରୁ କହ ପରିଚ୍ଛିନ୍ନ—ପ୍ରାଚୀ. ଶାସ୍ତ୍ରରୁକ୍ତି ଗୀତା ।

ପରିଚ୍ଛେଦ—ସଂ. ବି. (ପରି+ଛିଦ୍ ଧାତୁ=ଛେଦନ କରିବା+କର୍ମ. ଅ)—
Parichchheda ୧ । ବିଚ୍ଛେଦ—1. Separation.
୨ । ଅଂଶ; ଭାଗ—2. Part; portion.
୩ । ସୀମା—2. Limit; boundary.
୪ । ଶେଷ; ସମାପ୍ତି—4. End; finish.
୫ । ଗ୍ରନ୍ଥର ଭିନ୍ନ ଭିନ୍ନ ବିଷୟ ବିଭାଗ; ଅଧ୍ୟାୟ—
5. Chapter of a book; section of a work.
୬ । ନିଶ୍ଚୟ—6. Certainty.
୭ । (ପରି+ଛିଦ୍ ଧାତୁ+ଭାବ ଅ) ଅବଧାରଣ; ନିର୍ଣ୍ଣୟ—
7. Ascertainment.
୮ । ଭେଦ ଜ୍ଞାନ—8. Discrimination.
୯ । ସମ୍ପୂର୍ଣ୍ଣ ବିନାଶ—8 Destruction; ruin.
ଦ୍ରବ୍ୟରୁ ଯେବେ ଗୁଣର ବିଚ୍ଛେଦ, କାମ କାଣ୍ଡରେ ହେଲେ ପରିଚ୍ଛେଦ
ତାହାକୁ କହିବା, କପାଳରେ ଦେନା କର ତାଡ଼ନା ।
ବିଦଗ୍ଧ ଚିନ୍ତାମଣି—ସଙ୍ଗୀତ ।
୧୦ । କାଟି କରି ବିଭକ୍ତ କରିବା—10. Severing.
୧୧ । ବିଭାଗ; ବଣ୍ଟନ—11. Partition; division.
୧୨ । ସଙ୍କଳ୍ପ—12. Resolution.
୧୩ । ପ୍ରକୃତ ସଂଜ୍ଞା—13. Accurate definition. (M. W.)
୧୪ । ପ୍ରତୀକାରଣ—
14. Remedying, obviating. (M. W.)

ପରିଚ୍ଛେଦ୍ୟ—ସଂ. ବିଣ. (ପରି+ଛିଦ ଧାତୁ+କର୍ମ. ଯ)—୧ । ବିଭାଜ୍ୟ—
Parichchhedya I. Divisible; partible.
୨ । ପରିମେୟ—2 To be measured. (M. W.)

ପରିଚ୍ୟୁତ—ସଂ. ବିଣ. (ପରି+ଚ୍ୟୁ ଧାତୁ=ସ୍ଖଳିତ ହେବା+କର୍ତ୍ତୃ. ତ)—
Parichyuta ୧ । ବିଚ୍ୟୁତ; ସ୍ଖଳିତ; ଭ୍ରଷ୍ଟ—1. Fallen off; slipped off.
(ପରିଚ୍ୟୁତ—ବି) ୨ । ପତିତ—2 Fallen down.
୩ । ଜାତିରୁ ବା ପଂକ୍ତିରୁ ବହିଷ୍କୃତ—
3. Excommunicated; expelled from caste or society.

ପରିଛନ୍—ଦେ. ବି—୧ । ପାଉତି; ରସିଦ—
Parichhan 1. Receipt.
(ପରିଚ୍ଛନ୍ନ—ଅପଭ୍ରଂଶ) ୨ । ଫାରସି ରସିଦ—
2. Full satisfaction receipt.
୩ । ଦୁଇ ପଟାର ସନ୍ଧିରେ ଥିବା ଫାଙ୍କ ଉପରେ ମରାଯିବା କାଠର ପତଳା ପାତିଆ ବା ବଟ—3 Thin plank put over the opening of two planks.

ପରିଛନ୍ଦେ—ଦେ. କ୍ରି. ବିଣ—ଛନ୍ଦା ଛନ୍ଦି ହୋଇ—
Parichhande Intertwined; twined with each other.
ହସ୍ତେ ହସ୍ତେ ଅଙ୍ଗେ ଅଙ୍ଗ ଦେଇ ପରିଛନ୍ଦେ
କେଶ ଚୁମ୍ବନାଦି କଲେ ସେଠି ରସ ଛନ୍ଦେ—ଗ୍ରାମ୍ୟ, ରସବାରିଧି ।

ପରିଛା—ଦେ. ବି—(ସଂ. ପରୀକ୍ଷକ)—୧ । ମନ୍ଦିରର ପ୍ରଧାନ କର୍ମକର୍ତ୍ତା—
Parichhā 1. The head officer or superintendent of a temple.
ପରିଚ୍ଛା ୨ । ତତ୍ତ୍ୱାବଧାରକ—
ପରିଚ୍ଛା 2. Superintendent; supervisor.
ଦାଣ୍ଡର ପରିଛା ଅଛନ୍ତି କାହିଁ—ପ୍ରାଚୀ. ପରଚେ ଗୀତା ।
୩ । ଗ୍ରାମର ପ୍ରଧାନ ବା ମୁଖ୍ୟ ବ୍ୟକ୍ତି—
3. The headman of a village.

ପରିଛା(ଛେ)ଇ—ଦେ. ବି.—ପରିଛାଙ୍କ କର୍ମ—
Parichhā(chhe)i The work, service or post of a Parichhā.
ସଂ. ବିଣ—ପରିଛା ସମ୍ବନ୍ଧୀୟ—
Relating to the Parichhā.
(ଯଥା—ପରିଛାଇ ଶାଢ଼ୀ)

ପରିଛା(ଛେ)ଇ ଶାଢ଼ୀ—ଦେ. ବି—ପରିଛା ପଦରେ ନିଯୁକ୍ତ ବ୍ୟକ୍ତି ଯେଉଁ ଶାଢ଼ୀ ବା ବସ୍ତ୍ର ପାଏ—
Parichhā chhei) sārdhi
A cloth given to a person on his appointment as the Parichhā of a temple.

ପରିଛିତ୍—ଦେ. ବି—ପରିଛିତ୍ (ଦେଖ)
Parichhit Parachhit (See)

ପରିଜନ—ସଂ. ବି. (ପରି=ସମ୍ପୂର୍ଣ୍ଣରୂପେ+ଜନ=ସ୍ୱୀୟ ଲୋକ)—
Parijana ୧ । ସ୍ୱଜନ; ପରିବାର; ପୋଷ୍ୟ ବର୍ଗ—
1. Family; one's dependants.
୨ । (ପରି=ପଶ୍ଚାତ୍+ଜନ=ଲୋକ) ଭୃତ୍ୟ; ଅନୁଚର; ସେବକ—
2. Servant; attendant.

ଅଛ ବୃଦ୍ଧ ଶ୍ରେଣୀ କେଶାରୁ ଦେଇ ଅନ୍ନ
ଅନ୍ନଲେ ସେ ଦିନ ଅତି ହୋଇଲେ ପରିଜନ ।
କୃଷ୍ଣସିଂହ, ମହାଭାରତ, ବନ ।

୩ । ଅନୁଚର ବର୍ଗ—3. Retinue.
ଭକ୍ତ ଲ ଶରତ ଲକ୍ଷ୍ମୀ ପରିଜନ
ପ୍ରାପ୍ତ ଦେଶ ଦେଶ କରୁଣ ଭ୍ରମଣ । ରାଧାନାଥ, ଚିଲିକା ।

ପରିଜନୀ—ଦେ. ବି. (ପଦ୍ୟ) ସ୍ତ୍ରୀ – ସେବିକା; ଗୃହଦାସୀ—
Parijani Maid servant.
ଦିବ୍ୟ ବେଶ ସହଚରୀ, ଯାହ ଯେତେ ପରିଜନୀ
ସେବାସୁଖ ସଙ୍ଗେ ସେନ ସର୍ବେ ଚଳାଏ । ଯାତ୍ରୀ, ଉତ୍ତରଚମ୍ପୂ ।

ପରିଜମ—ସ. ବି. (ଅଧୁନିକ ଜଡ଼ ବିଜ୍ଞାନ ପରିଭାଷା)—
Parijama ତ୍ରିଫଳକବିଶିଷ୍ଟ କାଚ; ଲମ୍ବା ତ୍ରିକୋଣ କାଚ—Prism.

ପରିଜଯ୍ୟ—ସ. ବିଣ. (ପରି=ସର୍ବତ୍ର+ଜି ଧାତୁ=ଜୟ କରିବା+ ଶକ୍ୟାର୍ଥେ. ଯ)—ସର୍ବଙ୍କ ଜୟ କରିବାକୁ ସମର୍ଥ—
Parijajya Able to vanquish all.

ପରିଜା—ଦେ. ବି. (ସ. ପର୍ଯ୍ୟାୟ)—
Parijā ୧ । ପର୍ଯ୍ୟାୟ—1. Series; class.
ପରିଯା, ପରିଯ୍ୟା, ପର୍ଯ୍ୟା } ଅନ୍ୟରୂପ
୨ । କରଣମାନଙ୍କର ବଂଶୋପାଧିବିଶେଷ—2. A family title of Karaṇas.
୩ । ପାରିଜା (ଦେଖ)—3. Pārijā (See).
ସ. ବି. (ବୈଦିକ ସଂସ୍କୃତ) ଆଦି ଜନ୍ମ ଭୂମି (ହି. ଶ.)—
The original birth-place.

ପରିଜ୍ଞାତ—ସ. ବିଣ. (ପରି=ସମ୍ୟକ୍+ଜ୍ଞାତ)—
Parijñāta ୧ । ବିଶେଷ ରୂପେ ଜ୍ଞାତ; ସୁପରିଚିତ—
(ପରିଜ୍ଞାତା—ସ୍ତ୍ରୀ) 1 Thoroughly known.
୨ । ଚିହ୍ନା ଯିବା—2. Recognised.
୩ । ସ୍ଥିରୀକୃତ—3 Ascertained.

ପରିଜ୍ଞାତା—ସ. ବିଣ. (ପରି+ଜ୍ଞା ଧାତୁ=ଜାଣିବା+କର୍ତ୍ତ୍ରି. ତୃ; ୧ମା.୧ବ)-
Parijñātā ୧ । ଉତ୍ତମ ରୂପେ ଜାଣିଥିବା; ସୁଜ୍ଞାତା—
(ପରିଜ୍ଞାତ୍ରୀ—ସ୍ତ୍ରୀ) 1. Knowing well.
୨ । ଜ୍ଞାନୀ—2. Wise (M. W).
୩ । ବୁଦ୍ଧିମାନ୍—3. Intelligent (M. W.)

ପରିଜ୍ଞାନ—ସ. ବି. (ପରି=ସମ୍ୟକ୍+ଜ୍ଞା ଧାତୁ=ଜାଣିବା+ଭାବ. ଅନ)—
Parijñāna ୧ । ସମ୍ୟକ୍ ଜ୍ଞାନ—1. Thorough knowledge.
୨ । ସୁପରିଚୟ—2. Recognition; intimate acquaintance.
୩ । ଅନୁଭବ—3. Experience; perception.
୪ । ଭଲ ମନ୍ଦର ପ୍ରଭେଦ ଜ୍ଞାନ—
4. Discrimination between good and evil.

ପରିଡ଼ା—ଦେ. ବି – ୧ । ଶୂଦ୍ରଙ୍କର ବଂଶୋପାଧିବିଶେଷ—
Parirḍa 1. A family-title of Śūdras.
୨ । ଘୋଡ଼ା ସଇସ—
2. Syce; groom of a horse.
ଏଥି ଅନ୍ତେ ନକୁଳ ବନ୍ଦୀ ସୁବିଜ୍ଞ
ଅର୍ପିଲେ ଧର୍ମ କରି ପରିଡ଼ା ବେଶକୁ । କୃଷ୍ଣସିଂହ, ମହାଭାରତ, ବନ ।

ପରିଡ଼ୀନ—ସ. ବି. (ପରି+ଡୀ ଧାତୁ+ଭାବ. ଅନ)—
Paridīna ଚକ୍ରବତ୍ ଉଡ଼ିବା—Flying of a bird in a circle.

ପରିଣତ—ସ. ବିଣ. (ପରି+ନମ୍ ଧାତୁ=ନମ୍ର ହେବା+କର୍ତ୍ତ୍ରି. ତ)—
Pariṇata ୧ । ନତ; ନୁଆଁ ଯାଇଥିବା—1. Bent.
୨ । ତଳକୁ ନଇଁଥିବା—2. Bent down.
୩ । ଅବସ୍ଥାନ୍ତର ପ୍ରାପ୍ତ; ପରିବର୍ତ୍ତିତ—
3. Changed; transformed.
୪ । ବୃଦ୍ଧ—4. Old; advanced in age.
୫ । ସୁପକ୍ୱ—5. Ripened; developed; mature.
୬ । ପୂର୍ଣ୍ଣ (ଚନ୍ଦ୍ର)—6. Full (moon).
୭ । ଅସ୍ତଗତ (ସୂର୍ଯ୍ୟ)—7. Set (moon).
୮ । ସୁଜୀର୍ଣ୍ଣ (ଅନ୍ନ)—
8. Well digested (food).

ପରିଣତ ବୟସ୍କ—ସ. ବିଣ. ପୁଂ. (ବହୁବ୍ରୀହି; ପରିଣତ+ବୟସ୍)—
Pariṇata bayaska ବୃଦ୍ଧ ବୟସ୍କ—Advanced in age.
(ପରିଣତ ବୟସ୍କା—ସ୍ତ୍ରୀ)

ପରିଣତି—ସ. ବି. (ପରି+ନମ୍ ଧାତୁ=ନମ୍ର ହେବା+ଭାବ. ତି)—
Pariṇati ୧ । ନତି—1. Bending.
୨ । ଅବନତି; ତଳକୁ ନଇଁ ପଡ଼ିବା—2. Bending down.
୩ । ପରିବର୍ତ୍ତନ—3. Change.
୪ । ଅବସ୍ଥାନ୍ତର ପ୍ରାପ୍ତି—4. Transformation.
୫ । ସୁପକ୍ୱତା—5. Ripeness; maturity.
୬ । ବାର୍ଦ୍ଧକ୍ୟ—6. Old age.
୭ । ସମାପ୍ତି—7. End.
୮ । ଚରମ ଦଶା; ପରିଣାମ—
8. Last condition; final state.
କାହିଁ ଭଲ ପରିଣତିରେ କରମଣି । କୃଷ୍ଣସିଂହ, ମହାଭାରତ, ସଭା ।
୯ । ଶେଷ ଫଳ; ପରିପାକ—9. Ultimate result.
୧୦ । ଫଳ ପ୍ରାପ୍ତି; ସଫଳତା ହେବା ଅବସ୍ଥା—10. Fulfilment.
ପରେ ତଦ୍, ଦୃଢ଼ ପିଉବା ଗାମୁଖ
ପରିଣତି ସମସ୍ତେ ସେ ହେବ ଯେବେ କଥ । କବିସୂର୍ଯ୍ୟ, ଲୋକଶିକ୍ଷା ଗୀତ ।

ପରିଣତେ—ଦେ. (ପଦ୍ୟ) କ୍ରି. ବିଣ—ଶେଷରେ; ଅବଶେଷରେ—
Pariṇate At last; finally.
ଶ୍ରୋଷଣ ଭଣନ୍ତେ ତାଙ୍କରେ ପରିଣତେ ଧିକ୍କାର କର କେତେ ଗଣ୍ଡି ।
ଉପେନ୍ଦ୍ର, ବୈଦେହୀଶବିଳାସ ।

ପରିଣଦ୍ଧ—ସ. ବିଣ–(ପରି+ନହ୍ ଧାତୁ=ବାନ୍ଧିବା+କର୍ମ. ତ)—
Pariṇaddha ୧ । ଉତ୍ତମରୂପେ ବନ୍ଧା ହୋଇଥିବା—1. Well bound.
୨ । ସମ୍ବଦ୍ଧ; ସଂଯୁକ୍ତ—2. Attached.
୩ । ଆଲିଙ୍ଗିତ—3. Embraced.
୪ । ପରିହିତ—4. Put on; worn.
୫ । ବିସ୍ତୀର୍ଣ୍ଣ (ହି. ଶ.)—5. Extensive.

ପରିଣୟ— ସ. ବି—(ପରି+ନୀ ଧାତୁ=ନେବା; ପାଇବା+ଭାବ. ଅ)—
Pariṇaya ବିବାହ; ଦାରପରିଗ୍ରହ; ପାଣିଗ୍ରହଣ—Marriage;
(ପରିଣୟନ—ଅନ୍ୟରୂପ) wedding.

ପରିଣାମ—ସ. ବି—(ପରି+ନମ୍ ଧାତୁ=ନମ୍ର ହେବା+ଭାବ. ଅ)—
Pariṇāma ୧ । ଅବସ୍ଥାନ୍ତର ପ୍ରାପ୍ତି; ବିକୃତି—1. Transformation; change of condition.
୨ । ଶେଷ; ଅବସାନ—2. End.
୩ । ଶେଷ ଫଳ—3. Ultimate result.
୪ । ପରିପକ୍ୱତା—4. Ripeness; maturity.
୫ । କାବ୍ୟାଲଙ୍କାରବିଶେଷ—
5. A figure of speech.
[ଦ୍ର—ପରିଣାମ ଓ ରୂପକ ମଧ୍ୟରେ ପ୍ରଭେଦ ଅତି ସୂକ୍ଷ୍ମ । ରୂପକ ଉପମାନ ଓ ଉପମେୟର ଶୋଭାକୁ ମାତ୍ର ବ୍ୟକ୍ତ କରେ । ଅର୍ଥାତ୍ ରୂପକରେ ସଦୃଶ ବସ୍ତୁର ତାଦାତ୍ମ୍ୟ ମାତ୍ର ବିଷୟବିଶେଷରେ ଅବଭାସିତ ହୁଏ । କିନ୍ତୁ ପରିଣାମରେ ତାହା ନୁହେଁ । ଏଥିରେ ଉପମାନର ତାଦାତ୍ମ୍ୟ ଫଳସାଧନରୂପେ ଉପମେୟରେ ଆରୋପିତ ହୁଏ—
ଅର୍ଥାତ୍ ଆରୋପ୍ୟମାଣ ବସ୍ତୁ ଆପଣାର ପ୍ରୟୋଜନ ବଶତଃ ଆରୋପର ଉଦ୍ଦେଶ୍ୟ ସାଧନ କରେ । କୁଳମଣି ଅଳଙ୍କାରତରଙ୍ଗିଣୀ ।
ପରିଣାମ ଅଳଙ୍କାରରେ ଆରୋପ୍ୟମାଣ ବସ୍ତୁ ଆରୋପିତ ବିଷୟ ସହିତ ଅଭିନ୍ନରୂପରେ ପରିଣତ ହୋଇ ପ୍ରକୃତାର୍ଥର ଉପଯୋଗୀ ହୁଏ । ଯଥା—
ଅନାବିଳ କରିଦେଲା କବି ପ୍ରେମ କାମନା ସ୍ରୋତର ଧାର
କାମନା କଳୁଷ ଶୋଧିଲେ ପ୍ରେମ ସେ ଅଟଇ ତାର ।
ରାଧାନାଥ — ସଫାର ।
୬ । (ଆଧୁନିକ ବିଜ୍ଞାନ) ଜୀବଗଣର କ୍ରମ ବିବର୍ତ୍ତନ—
6. (Science) Evolution; cosmic evolution.

ପରିଣାମ ଦର୍ଶନ—ସ.ବି. (ପରିଣାମ+ଦର୍ଶନ)—ଦୂରଦର୍ଶନ; ଭବିଷ୍ୟତରେ
Pariṇāma darśana କଅଣ ଘଟିବ, ଏହା ଜାଣିବା—
(ପରିଣାମ ଦୃଷ୍ଟି—ଅନ୍ୟରୂପ) Foresight; prudence; providence.

ପରିଣାମ ଦର୍ଶିତା—ସ. ବି—(ପରିଣାମ ଦର୍ଶିନ+ଭାବ ଅର୍ଥରେ ତା)—
Pariṇāma darśitā ଦୂରଦର୍ଶିତା— Far-sightedness; foresight.

ପରିଣାମ ଦର୍ଶୀ—ସ. ବିଣ. (ପରିଣାମ ଦର୍ଶିନ୍; ପରିଣାମ+ଦୃଶ୍ ଧାତୁ+
Pariṇāmadarśi କର୍ତ୍ତୃ. ଇନ୍)—ଚରମଦର୍ଶୀ; ଭବିଷ୍ୟତ୍ ଦର୍ଶୀ;
(ପରିଣାମ ଦର୍ଶିନୀ—ସ୍ତ୍ରୀ) ସୁଦୂରଦର୍ଶୀ; ପରେ କି ଫଳ ଘଟିବ ଏଥିପ୍ରତି ଲକ୍ଷ୍ୟ ରଖି ଯେ କାର୍ଯ୍ୟ କରେ—Prudent; provident; farseeing; foresighted.

ପରିଣାମ ବାଦ—ସ. ବି—୧ । (ଆଧୁନିକ ବିଜ୍ଞାନ)—ସମସ୍ତ ଜୀବ ପ୍ରଥମରେ
Pariṇāma bāda ଗୋଟିଏ ଜୀବର କ୍ରମବିକାଶ ବା ପରିଣାମ, ଏହିଭଳି ବୈଜ୍ଞାନିକ ମତବିଶେଷ, ବିବର୍ତ୍ତନବାଦ—The Evolution theory of the universe.
[ଦ୍ର— ଏହି ମତକୁ ଇଂରାଜ ପଣ୍ଡିତ ଡାରୱିନ୍ ପ୍ରଥମେ ପ୍ରଚାର କଲେ]
୨ । ସାଂଖ୍ୟମତ; ଯେଉଁ ମତରେ ଜଗତର ଉତ୍ପତ୍ତି ଓ ନାଶ ଆଦି କେବଳ ପରିଣାମରୂପେ କଥିତ (ହି. ଶ.)—2 The theory of Sāmkhya philosophy that the creation is nothing but change.

ପରିଣାମ ଶୂଳ—ସ. ବି. (ବୈଦ୍ୟକ)—ଶୂଳରୋଗବିଶେଷ; ଖାଦ୍ୟ-
Pariṇāma śūla ଦ୍ରବ୍ୟର ପରିପାକ ହେବା ସମୟରେ ଯେଉଁକୁ ମାରିବା ରୋଗ—Renal colic; colic which is felt when the food is digested.

ପରିଣାମିବା—ଗ୍ରା. କ୍ରି. (ପଦ୍ୟ) (ସ. ପ୍ରଣାମ)—ପ୍ରଣମିବା; ନମସ୍କାର
Pariṇāmibā କରିବା—To make obeisence; to bow down before a person as a mark of reverence.

ପରିଣାମୀ—ସ. ବିଣ. (ପରିଣାମ+ଇନ୍; ୧ମା. ୧ବ)—ପରିବର୍ତ୍ତନଶୀଳ -
Pariṇāmi Changing; everchanging;changeable.

ପରିଣାୟ—ସ. ବି. (ପରି+ନୀ ଧାତୁ=ନେବା+ଭାବ. ଅ)—
Pariṇāya ୧ । ପରିଣୟ; ବିବାହ—1. Marriage.
(ପରୀଣାୟ—ଅନ୍ୟରୂପ) ୨ । ପଶାପାଲି ଓ ସତରଞ୍ଜ ପାଲିର ଗୁରି-ପାଖରେ ଗୋଟି ଚଳାଇବା—2. Moving the balls on the chess-board or dice-board.
୩ । ଗ୍ରାମ ଗୁରିପାଖେ ଥିବା ସର୍ବସାଧାରଣ ଜମି (ଯାଜ୍ଞବଲ୍କ୍ୟ ସ୍ମୃତି)-
3. The village common round a village.

ପରିଣାୟକ—ସ. ବିଣ. ପୁଂ. (ପରି+ନୀ ଧାତୁ=ପାଇବା+କର୍ତ୍ତୃ.ଅକ)—
Pariṇāyaka ବିବାହକାରୀ; ଯେ କୌଣସି ସ୍ତ୍ରୀକୁ ବିବାହ କରେ—
Marrying.
ସ. ବି. ପୁଂ—୧ । ସ୍ୱାମୀ; ପତି; ଭର୍ତ୍ତା—
1. Married husband.
୨ । ପ୍ରଭୁ—2. Lord; master.
୩ । ସେନା ଅଧିନାୟକ; ସେନାପତି—
3. Commander; general of an army.

ପରିଣାହ—ସ. ବି. (ପରି=ଚତୁର୍ଦ୍ଦିଗରେ+ନହ୍ ଧାତୁ=ବନ୍ଧନ କରିବା
Pariṇāha +କରଣ. ଅ)—୧ । ବ୍ୟାପ୍ତି; ବିସ୍ତାର—
(ପରୀଣାହ—ଅନ୍ୟରୂପ) 1. Extension; extent.
୨ । ଓସାର—2. Breadth; width.
୩ । ବିଶାଳତା—
3. Expanse; latitude; extensiveness.
୪ । ପରିଧି—4. Circumference.
୫ । ଦୀର୍ଘଶ୍ୱାସ (ହି. ଶ.)—5. Sigh.

ପରିଣାହୀ—ସ. ବିଣ. (ପରିଣାହିନ୍; ପରି+ନହ୍ ଧାତୁ=ବନ୍ଧନ କରିବା
Pariṇāhi +କର୍ତ୍ତୃ. ଇନ୍)—୧ । ଓସାରିଆ—
(ପରିଣାହବାନ—ଅନ୍ୟରୂପ) 1. Broad.
୨ । ବିଶାଳ—2. Extensive.
୩ । ବିସ୍ତୃତ—3. Extended.
୪ । ପରିଧିବିଶିଷ୍ଟ—4. Circular.

ପରିଣୀତ—ସ. ବିଣ. ପୁଂ. (ପରି+ନୀ ଧାତୁ=ବିବାହ କରିବା+କର୍ମ. ତ)
Pariṇita ୧ । ବିବାହିତ—1. Married.

(ପରିଣୀତା—ସ୍ତ୍ରୀ) ୨ । ସମାପ୍ତ; ସମ୍ପନ୍ନ (ହ୍ର. ଶ.)—
2. Accomplished.

ପରିଣେତା—ସଂ. ବି. ପୁଂ.—(ପରି+ନୀ ଧାତୁ+କର୍ତ୍ତୃ. ତୃ; ପରିଣେତୃ;
Parinetā ୧ମା. ୧ବ.)—ସ୍ୱାମୀ—Husband.
ସଂ. ବିଣ. ପୁଂ—ବିବାହକାରୀ—Marrying.

ପରିଣେୟ—ସଂ. ବିଣ. ପୁଂ.—(ପରି+ନୀ ଧାତୁ=ପାଇବା+କର୍ମ. ଯ)—
Parineya ୧ । ବିବାହ ଯୋଗ୍ୟ—
(ପରିଣେୟା—ସ୍ତ୍ରୀ) 1. Marriageable.
୨ । ସ୍ୱାମୀରୂପେ ବରିତ ହେବାର ଉପଯୁକ୍ତ (ପୁରୁଷ)—
2. (a man) Fit to be taken as husband.

ପରିତଃ—ସଂ. ଅ.—(ପରି+ଚତୁର୍ଦ୍ଦିଗରେ ତସ୍)—୧ । ଚତୁର୍ଦ୍ଦିଗରେ—
Paritah 1. On all sides.
୨ । ସମ୍ପୂର୍ଣ୍ଣରୂପେ—2. Fully; completely.
୩ । ସବୁପ୍ରକାରରେ—3. In all ways.

ପରିତପ୍ତ—ସଂ. ବିଣ.—(ପରି+ତପ୍ ଧାତୁ=ତାପ ଦେବା+କର୍ମ. ତ)—
Paritapta ୧ । ସନ୍ତପ୍ତ; ଉତ୍ତପ୍ତ—1. Heated; hot.
(ପରିତପ୍ତା—ସ୍ତ୍ରୀ) ୨ । ମନସ୍ତାପ ଯୁକ୍ତ—
(ପରିତପ୍ତି—ବି) 2. Sorrowing; pained; sorry.
୩ । ପଶ୍ଚାତ୍ତାପଯୁକ୍ତ—3. Repentant.

ପରିତାପ—ସଂ. ବି. (ପରି+ତପ୍ ଧାତୁ+ଭାବ. ଅ)—୧ । ଉତ୍ତାପ—
Paritāpa 1. Heat.
(ପଶ୍ଚାତାପ—ଅନ୍ୟରୂପ) ୨ । (ପରି+ତପ୍ ଧାତୁ+କରଣ. ଅ)—
ମନୋଦୁଃଖ; ମନସ୍ତାପ; ଶୋକ—
2. Sorrow; grief; anguish.
୩ । ସ୍ନେହ—3. Affection; attachment.
୪ । ଅନୁତାପ—Repentance.
୫ । ଭୟ; ଡର; (ହ୍ର. ଶ.)—5. Fear.
୬ । ଉଦ୍‌ବେଗ (ହ୍ର. ଶ.)—6. Anxiety.
୭ । (ପରି+ତପ୍ ଧାତୁ+ଅଧି. ଅ)—ନରକବିଶେଷ—
7. Name of a part of the hell.

ପରିତାପିତ—ସଂ. ବିଣ. (ପରିତାପ+ଯୁକ୍ତାର୍ଥେ. ଇତ)—୧ । ସନ୍ତାପିତ—
Paritāpita 1. Heated.
(ପରିତାପିତା—ସ୍ତ୍ରୀ) ୨ । ଶୋକାକ୍ରାନ୍ତ—2. Grieved.
୩ । ଅନୁତାପିତ—3. Repentant.

ପରିତାପିବା—ଦେ. (ପଦ୍ୟ) କ୍ରି. (ସଂ. ପରି+ତପ୍ ଧାତୁ)—
Paritāpibā ୧ । ଦୁଃଖିତ କରାଇବା—
परितापा **परितापना** 1. To cause grief; to aggrieve.
୨ । ତତାଇବା—2. To heat.
୩ । ଅନୁତପ୍ତ କରାଇବା—3. To cause one to repent.

ପରିତାପୀ—ସଂ. ବିଣ. ପୁଂ (ପରିତାପ+ଇନ୍; ୧ମା. ୧ବ.)—
Paritāpi ୧ । ପରିତାପିତ (ଦେଖ)—1. Paritāpita (See)
(ପରିତାପିନୀ—ସ୍ତ୍ରୀ) ୨ । ଦୁଃଖ ବା ବ୍ୟଥାଦାୟକ—
2. Giving pain; painful; afflicting.

ପରିତାଳ—ଦେ. ବି.—(ପରି+ତାଳ)—ଦୁଇବସ୍ତୁ ପରସ୍ପର ସହିତ
Paritāla ବାଜିବା; ଘାତପ୍ରତିଘାତ—Collision; striking
with each other.

ବାଣେ ବାଣେ ପରିତାଳ, କୋଟି କୋଟି ଅନଳ,
ଉଠି ତହିଁ ମିଳି ଉଭେ ସେ ମେଳ । ଭକ୍ତ, ବୈଦେହୀଶବିଳାସ ।
ମୁଣ୍ଡିକ ମଣ୍ଡି ପରିତାଳ,
ଦେଇଣ ଗରଜ ଶ୍ରମ ଜାଳ । ଜଗନ୍ନାଥ. ଭାଗବତ ।

ପରିତିକ୍ତ—ସଂ. ବିଣ. (ପରି+ତିକ୍ତ)—ଅତ୍ୟନ୍ତ ପିତା—
Paritikta Very bitter.
ସଂ. ବି.—ନିମ୍ବ; ନିମ (ହ୍ର. ଶ.)—Nima (tree).

ପରିତୁଷ୍ଟ—ସଂ. ବିଣ. ପୁଂ (ପରି=ଅତିଶୟ+ତୁଷ୍ ଧାତୁ=ସନ୍ତୁଷ୍ଟ
Paritushta ହେବା+କର୍ତ୍ତୃ. ତ)—୧ । ସମ୍ପୂର୍ଣ୍ଣରୂପେ ସନ୍ତୁଷ୍ଟ—
(ପରିତୁଷ୍ଟି, ପରିତୋଷ—ବି) 1. Fully satisfied.
(ପରିତୁଷ୍ଟା—ସ୍ତ୍ରୀ) ୨ । ପରିତୃପ୍ତ—2. Contented.
୩ । ଆନନ୍ଦିତ; ପ୍ରସନ୍ନ—3. Pleased.
୪ । ଅଭିଳଷିତ ଫଳ ପ୍ରାପ୍ତି ଦ୍ୱାରା ଯାହାର ମନ ବୋଧ ହୋଇ
ଅଛି—4. Satiated; gratified.

ପରିତୃପ୍ତ—ସଂ. ବିଣ. ପୁଂ—(ପରି+ତୃପ୍ ଧାତୁ=ତୃପ୍ତ ହେବା+କର୍ତ୍ତୃ.
Paritrupta ତ.)—ପରିତୁଷ୍ଟ (ଦେଖ)
(ପରିତୃପ୍ତା—ସ୍ତ୍ରୀ) ପରିତୃପ୍ତି—ବି) Paritushta (See)

ପରିତେଜିବା—ଦେ. (ପଦ୍ୟ) କ୍ରି.—(ସଂ. ପରିତ୍ୟାଗ)—ତ୍ୟାଗ କରିବା—
Paritejibā To give up; to abandon.

ନିର୍ଗୁଣ ଗତକୁ ସେ ଭୁଞ୍ଜେ,
ସକଳ କର୍ମ ପରିତେଜେ । ଦୀନ. ନିର୍ଗୁଣମାହାତ୍ମ୍ୟ ।

ପରିତେଜ୍ୟା—ଗ୍ରା. ବି.—(ସଂ. ପରିତ୍ୟଜନ)—ପରିତ୍ୟାଗ (ଦେଖ)
Paritejyā Parityāga (See).

ପରିତୋଷ—ସଂ. ବି. (ପରି=ସମ୍ପୂର୍ଣ୍ଣ+ତୋଷ=ସନ୍ତୋଷ)—
Paritosha ୧ । ପରିତୃପ୍ତି—1 Satisfaction.
(ପରିତୁଷ୍ଟ—ବିଣ) ୨ । ମହାନନ୍ଦ—2. Great pleasure.
(ପରିତୋଷ, ପରିତୋଷଣ—ଅନ୍ୟରୂପ)

ପରିତୋଷିବା—ଦେ କ୍ରି. (ପଦ୍ୟ)—(ସଂ. ପରିତୋଷ)—
Paritoshibā ସନ୍ତୁଷ୍ଟ କରିବା; ପରିତୃପ୍ତ କରିବା—
परितोषा **परितुषना** To satisfy; to gratify.

ଏରୂପେ ବହୁତ ସେ ତୋଷେ,
ନିଜ ଉଦର ପରିତୋଷେ । ଜଗନ୍ନାଥ. ଭାଗବତ ।

ପରିତ୍ୟକ୍ତ—ସଂ. ବିଣ. (ପରି+ତ୍ୟଜ୍ ଧାତୁ=ତ୍ୟାଗ କରିବା+କର୍ମ.ତ)—
Parityakta ୧ । ବର୍ଜିତ—1. Abandoned.
(ପରିତ୍ୟକ୍ତା—ସ୍ତ୍ରୀ) ୨ । ଯାହାର ସଙ୍ଗ ତ୍ୟାଗ କରା ଯାଇଥାଏ—
(ପରିତ୍ୟାଗ, ପରିତ୍ୟଜନ—ବି) 2. Shunned.

ପରିତ୍ୟକ୍ତା—ସଂ. ବିଣ. ସ୍ତ୍ରୀ. (ପରିତ୍ୟକ୍ତ+ଆ)—ଯେଉଁ ସ୍ତ୍ରୀକୁ ସ୍ୱାମୀ ତ୍ୟାଗ
Parityaktā କରିଅଛି—(a wife) Abandoned by the
husband.
ସଂ. ବିଣ. ପୁଂ. (ପରି+ତ୍ୟଜ୍ ଧାତୁ+କର୍ତ୍ତୃ. ତୃ; ପରିତ୍ୟକ୍ତୃ;
(ପରିତ୍ୟକ୍ତ୍ରୀ—ସ୍ତ୍ରୀ) ୧ମା. ୧ବ)—ପରିତ୍ୟାଗକାରୀ—
Abandoning.

ପରିତ୍ୟଜନ—ସଂ. ବି. (ପରି + ତ୍ୟଜ୍ ଧାତୁ = ତ୍ୟାଗ କରିବା + ଭାବଅନ)
Parityajana ୧ । ବର୍ଜ୍ଜନ; ପରିତ୍ୟାଗ—
(ପରିତ୍ୟାଜନ—ଅନ୍ୟରୂପ—ହି. ଶ.) 1. Abandonment.
୨ । ସଙ୍ଗ ତ୍ୟାଗ—2. Shunning one's society.
୩ । ଅଭ୍ୟାସାଦିର ତ୍ୟାଗ—3. Giving up of a habit.

ପରିତ୍ୟଜ୍ୟ—ସଂ. ବିଣ. (ପରି + ତ୍ୟଜ୍ ଧାତୁ + କର୍ମ. ଯ)—ପରିତ୍ୟାଜ୍ୟ;
Parityajya ବର୍ଜ୍ଜନୀୟ (ହି. ଶ.)—Fit to be abandoned or shunned.
(ପରିତ୍ୟାଜ୍ୟ—ଅନ୍ୟରୂପ)

ପରିତ୍ୟାଗ—ସଂ. ବି. (ପରି + ତ୍ୟଜ୍ ଧାତୁ + ତ୍ୟାଗ କରିବା + ଭାବ. ଅ)—
Parityāga ପରିତ୍ୟଜନ (ଦେଖ)—Parityajana (See).
(ପରିତ୍ୟକ୍ତ— ବିଣ)

ପରିତ୍ୟାଜ୍ୟ—ସଂ. ବିଣ. (ପରି + ତ୍ୟଜ୍ ଧାତୁ = ତ୍ୟାଗ କରିବା + କର୍ମ. ଯ)
Parityājya ପରିତ୍ୟାଗ କରିବାର ଯୋଗ୍ୟ; ବର୍ଜ୍ଜନୀୟ—
(ପରିତ୍ୟଜ୍ୟା—ସ୍ତ୍ରୀ) Fit to be abandoned or shunned.

ପରିତ୍ରାଣ—ସଂ. ବି. (ପରି = ସମ୍ପୂର୍ଣ୍ଣରୂପେ + ତ୍ରୈ ଧାତୁ = ଉଦ୍ଧାର କରିବା + କର୍ମ. ତ) — ୧ । ମୁକ୍ତି; ଉଦ୍ଧାର —
Paritrāṇa
1. Deliverance; liberation.
୨ । ମୋକ୍ଷ—2. Salvation; final beatitude.
୩ । ରକ୍ଷା—3. Protection; preservation.
୪ । ଦେହର ଲୋମ (ହି. ଶ)—4. The hair of the body; fur.

ସଂ. ବିଣ. ଓ ବି (ପରି + ତ୍ରୈ ଧାତୁ + କର୍ତ୍ତୃ. ଅନ) —
୧ । ପରିତ୍ରାତ; ରକ୍ଷାକର୍ତ୍ତା —
1. Pretector; saver.
କୋହିଲେ ତୁ ପରିତ୍ରାଣ ନିର୍ଦ୍ଦୟ ଅନନ୍ତ ବାଣ, ନିଃଶେଷ କଲନ୍ତି ଦେହସହା —
କବିସୂର୍ଯ୍ୟ· ବଳଦେବ ଚମ୍ପୂ—ଛ ଗୀତ ।
୨ । ମୋକ୍ଷଦାତା—2. Saviour.
୩ । ଉଦ୍ଧାରକର୍ତ୍ତା—3. Deliverer.

ପରିତ୍ରାତ —ସଂ. ବିଣ. ପୁଂ. (ପରି + ତ୍ରୈ ଧାତୁ = ରକ୍ଷା କରିବା + କର୍ମ ତ)—
Paritrāta ୧ । ମୁକ୍ତିପ୍ରାପ୍ତ; ବନ୍ଧନାଦିରୁ ମୁକ୍ତ—
(ପରିତ୍ରାତା — ସ୍ତ୍ରୀ) 1. Delivered; liberated.
୨ । ମୋକ୍ଷପ୍ରାପ୍ତ—2. Saved.
୩ । ରକ୍ଷିତ—3. Protected; preserved.

ପରିତ୍ରାତା—ସଂ. ବିଣ. ଓ ବି. ପୁଂ. (ପରି + ତ୍ରୈ ଧାତୁ = ରକ୍ଷା କରିବା +
Paritrātā କର୍ତ୍ତୃ. ତୃ; ପରିତ୍ରାତୃ; ୧ମା. ୧ବ)—
୧ । ଉଦ୍ଧାରକର୍ତ୍ତା—1. Delivering; deliverer.
୨ । ମୋକ୍ଷଦାତା—2. Saving; saviour.
୩ । ରକ୍ଷକ—3. Protecting; protector; preserving preserver.
(ପରିତ୍ରାତ୍ରୀ — ସ୍ତ୍ରୀ)
ସଂ. ବିଣ. ସ୍ତ୍ରୀ (ପରିତ୍ରାତ + ଆ) — ପରିତ୍ରାତର ସ୍ତ୍ରୀଲିଙ୍ଗ —
Feminine of Paritrāta.

ପରିତ୍ରାୟକ — ସଂ. ବିଣ. ଓ ବି. ପୁଂ. (ପରି + ତ୍ରୈ ଧାତୁ + କର୍ତ୍ତୃ. ଅକ)—
Paritrāyaka ପରିତ୍ରାତା (ଦେଖ)—Paritrātā (See).
(ପରିତ୍ରାପକ—ଅନ୍ୟରୂପ—ହି. ଶବ୍ଦସାଗର)
(ପରିତ୍ରାୟିକା—ସ୍ତ୍ରୀ)

ପରିତ୍ରାହି—ସଂ. କ୍ରି—(ପରି + ତ୍ରୈ ଧାତୁର ଅନୁଜ୍ଞାର୍ଥେ; ଲୋଟ୍, ମଧ୍ୟମ
Paritrāhi ପୁରୁଷ ଏକବଚନ)—ରକ୍ଷାକର; ଉଦ୍ଧାର କର ।
ହେ ପ୍ରଭୋ ! ମତେ ପରିତ୍ରାଣ କର—
Oh Lord ! save me.
[ଦ୍ର—ସଂସ୍କୃତ ତ୍ରୈ ଧାତୁ ଆତ୍ମନେପଦୀ, ମାତ୍ର ଲୋଟ 'ସ୍ୱ' ବିଭକ୍ତିରେ ବିକଳ୍ପରେ 'ହି' ଆଦେଶ ହୁଏ, ସଂସ୍କୃତରେ ମଧ୍ୟ ଏଭଳି ପ୍ରୟୋଗ ଦେଖାଯାଏ, ଯଥା—ପରିତ୍ରାହି ଜଗନ୍ନାଥ ତ୍ୱାମେବ ଶରଣଂ ଗତଃ; ତ୍ରାହିମାଂ ମଧୁସୂଦନ ଇତ୍ୟାଦି ।]
ଦେ. ବି—ବିପନ୍ନ ବ୍ୟକ୍ତିର ତ୍ରାହି ତ୍ରାହି ରବ—
परित्राहि त्राहि The call of a person in destress for protection.

ପରିଦଗ୍ଧ—ସଂ. ବିଣ. (ପରି + ଦଗ୍ଧ)—୧ । ଈଷତ୍ ଦଗ୍ଧ; ସାମାନ୍ୟରେ
Paridagdha ପୋଡ଼ି ଯାଇଥିବା—
1. Slightly burnt; scorched; scalded.

ପରିଦର—ସଂ. ବି. (ପରି + ଦୃ. ଧାତୁ + କର୍ତ୍ତୃ.. ଅ; ତୁଳ. ଇଂ. ପାଇରିଆ)
Paridara ଦନ୍ତରୋଗବିଶେଷ, ଯହିଁରେ ଦାନ୍ତପାଟିରୁ ଦାନ୍ତ ଅଲଗା ହୋଇଯାଏ ଓ ପୂଜ ସଙ୍ଗେ ରକ୍ତ ପଡ଼େ—
A disease of the teeth; pyrrhea; looseness of the teeth accompanied with bleeding.

ପରିଦର୍ଶନ—ସଂ. ବି. (ପରି + ଦର୍ଶନ) — ଉତ୍ତମରୂପେ ଦେଖିବା; ମନୋ-
Paridarśana ଯୋଗ ପୂର୍ବକ ଅବଲୋକନ —
Inspection; observation.
(ପରିଦ୍ରଷ୍ଟା; ପରିଦର୍ଶକ; ପରିଦୃଷ୍ଟ; ପରିଦର୍ଶିତ — ବିଣ)

ପରିଦାନ—ସଂ. ବି.—(ପରି = ବଦଳରେ + ଦାନ) — ୧ । ବିନିମୟ;
Paridāna ପ୍ରତିବଦଳ—1. Exchange.
୨ । ବନ୍ଧକ ଜିନିଷକୁ ଫେରାଇଦେବା—
2. The returning of a pledge.
୩ । ଉଆପସ କରିବା; ନେଇଥିବା ବସ୍ତୁକୁ ଲେଉଟାଇବା —
3. Return of a thing taken.

ପରିଦାୟୀ—ସଂ. ବି. ପୁଂ. (ପରି + ଦା ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ)—
Paridāyī ପରିବେତ୍ତାର ଶ୍ୱଶୁର; ବଡ଼ ଭାଇ ଅବିବାହିତ ଥାଉଁ ଥାଉଁ ଯେଉଁ ସାନ ଭାଇ ବିବାହ କରେ, ଏପରି ବର ସଙ୍ଗେ ନିଜର କନ୍ୟାର ବିବାହ ଦେବା ବ୍ୟକ୍ତି—
A person who gives his daughter or ward in marriage to a man whose elder brother is not yet married.

ପରିଦାସ—ଦେ. ବି—୧ । ଦାସର ଦାସ; ଅନୁଦାସ—
Paridāsa 1. Slave of a slave.
୨ । ଅତି ହୀନ ଦାସ—
2. A very humble servant.
ଦ୍ୱାରକା ପତି ଚରଣେ ଦାସ ପରିଦାସ । ବିଶ୍ୱନାଥ. ଉଷାଅଭିଳାଷ ।

ପରିଦାହ—ଦେ. ବି. (ପରି+ଦାହ)—
Paridāha ୧ । ଅତ୍ୟନ୍ତ ଦାହ ବା ଜ୍ୱଳନ—
(ପଶ୍ଚାଦାହ—ଅନ୍ୟରୂପ) 1. Much burning.
(ପରିଦଗ୍ଧ—ବିଣ) ୨ । ମାନସିକ ପୀଡ଼ା; ସନ୍ତାପ—
2. Grief; anguish.

ପରିଦଗ୍ଧ—ସଂ. ବି—ମାଂସ ପୂର ଦିଆଯାଇଥିବା ପିଠା—
Paridigdha Meat covered with meal. (M. W.)

ପରିଦନ—ଦେ. ବି. (ସଂ. ପରେଦ୍ୟୁଃ)—ପଅର ଦିନ—
Paridina Day before yesterday; day after tomorrow.
পরশু দরসা

ପରିଦୀନ—ସଂ. ବିଣ. ପୁଂ. (ପରି+ଦୀନ)—ଅତ୍ୟନ୍ତ ବ୍ୟସ୍ତ—
Paridīna Much dejected or afflicted.
(ପରିଦୀନା—ସ୍ତ୍ରୀ)

ପରିଦୁର୍ବଳ—ସଂ. ବିଣ. ପୁଂ—ଅତ୍ୟନ୍ତ ଅଶକ୍ତ—
Paridurbaḷa Extremely weak or decrepit.
(ପରିଦୁର୍ବଳା—ସ୍ତ୍ରୀ; ପରିଦୁର୍ବଳତା—ସ୍ତ୍ରୀ)

ପରିଦୃଶ୍ୟମାନ—ସଂ. ବିଣ. (ପରି=ସବୁ ଆଡ଼େ+ଦୃଶ୍ୟମାନ)—
Paridṛuśyamāna ଚତୁର୍ଦ୍ଦିଗରେ ଦେଖା ଯାଉଥିବା—
Seen around.

ପରିଦୃଷ୍ଟ—ସଂ. ବିଣ—୧ । ଭଲ କରି ଦେଖା ଯାଇଥିବା—
Paridṛushṭa 1. Beheld.
୨ । ଅନୁଭୂତ—2. Perceived.
୩ । ଜ୍ଞାତ—3. Known.

ପରିଦୃଢ଼—ସଂ. ବିଣ. (ପରି+ଦୃଂହ ଧାତୁ+କର୍ମ ତ)—ଦୃଢ଼ୀଭୂତ—
Paridṛuddha Made strong or firm; strengthened.
(ପରିଦୃଂହଣ—ବି)

ପରିଦେବ—ସଂ. ବି.(ପରି+ଦେବ ଧାତୁ=ବିଳାପ କରିବା+ଭାବ. ଅ)—
Parideba ୧ । ବାହୁନା କାନ୍ଦଣା; ବିଳାପ; ଖେଦୋକ୍ତି—
1. Lamentation; bewailing.
୨ । ଅନୁତାପ—2. Repentance
(ପରିଦେବନ, ପରିଦେବନା—ଅନ୍ୟରୂପ)

ପରିଦେବକ—ସଂ. ବି. ପୁଂ (ପରି+ଦେବ ଧାତୁ+କର୍ତ୍ତୃ. ଅକ)—
Paridebaka ୧ । ଯେ ବିଳାପ କରେ—1. One who wails or complaints.
(ପରିଦେବକା—ସ୍ତ୍ରୀ)
୨ । ଯେ ଅନୁତାପ କରେ—2. One who repents.

ପରିଦେବିତ—ସଂ. ବିଣ. (ପରି+ଦେବ ଧାତୁ+କର୍ମ. ତ)—
Paridebita ୧ । ଯାହାପାଇଁ ବିଳାପ କରାଯାଏ—
1. Lamented; bewailed.
ସଂ. ବି. (+ଭାବ. ତ)—ବିଳାପ—Bewailing; lamentation.

ପରିଦେବୀ—ସଂ. ବିଣ. ପୁଂ (ପରି ଦେବନ୍; ପରି+ଦେବ ଧାତୁ+କର୍ତ୍ତୃ. ଇନ୍)—୧ । ବିଳାପକାରୀ; ବିଳାପୀ—
Paridebī
(ପରିଦେବିନୀ—ସ୍ତ୍ରୀ) 1. Lamenting; bewailing.
୨ । ଅନୁତାପୀ—2. Repentant.

ପରିଦ୍ୟୂନ—ସଂ. ବିଣ. (ପରି+ଦେବ ଧାତୁ+କର୍ତ୍ତୃ. ତ)—
Paridyūna ୧ । ଦୁଃଖିତ—1. Sorrowful.
୨ । ଅନ୍ୟ ଦ୍ୱାରା ଦୁଃଖ ପ୍ରାପ୍ତ—
2. Made miserable by another.

ପରିଧାତବ୍ୟ—ସଂ. ବିଣ. (ପରି+ଧା ଧାତୁ=ଧାରଣ କରିବା+କର୍ମ. ତବ୍ୟ)—ପରିଧେୟ—Fit to be worn.
Paridhātabya

ପରିଧାନ—ସଂ. ବି. (ପରି+ଧା ଧାତୁ=ଧାରଣ କରିବା+ଭାବ. ଅନ)—
Paridhāna ୧ । ଲୁଗା ପିନ୍ଧିବା—1. Putting on or wearing of clothes; clothing.
(ପରିହିତ—ବିଣ)
୨ । ଘୋଡ଼ାଇବା; ଆଚ୍ଛାଦନ—2. Covering.
୩ । (ପରି+ଧା ଧାତୁ=ଧାରଣ କରିବା+କର୍ମ. ଅନ)—
ପରିଧେୟ ବସ୍ତ୍ର; ପିନ୍ଧା ଲୁଗା—
3. Cloth which a person wears.
୪ । ପୋଷାକ—4. Dress.
୫ । ଦେହରେ ଲାଗି କରି ପିନ୍ଧାଯିବା ଲୁଗା—
5. An under garment.
୬ । ବୋଲା ଯାଉଥିବା ସ୍ତବ ଆଦିର ସମାପ୍ତି (ହି. ଶ.)—
6. Closing or concluding of a recitation.
୭ । (+କରଣ. ଅ) ଘୋଡ଼ଣୀ—7. Lid.

ପରିଧାନ କରିବା—ଦେ. କ୍ରି—ପିନ୍ଧିବା—To wear; to put on.
Paridhāna karibā
পরিধান করা परिधान करना

ପରିଧାନ ବଲ୍କଲ—ସଂ. ବି. (ପରିଧାନ+ବଲ୍କଲ)—
Paridhāna balkaḷa ବସ୍ତ୍ର ରୂପେ ବ୍ୟବହୃତ ଗଛର ଛାଲି—
The bark of a tree used as cloth.

ପରିଧାନ ବସ୍ତ୍ର—ସଂ. ବି. (ପରିଧାନ+ବସ୍ତ୍ର)—୧ । ପିନ୍ଧିବା ଲୁଗା—
Paridhāna bastra 1. A cloth which is worn.
(ପରିଧାନ ବାସଃ—ଅନ୍ୟରୂପ) ୨ । ପୋଷାକ—2. Dress.
୩ । ଉତ୍ତରୀ—3. An upper garment. (M. W.)

ପରିଧାନୀୟ—ସଂ. ବିଣ (ପରି+ଧା ଧାତୁ+କର୍ମ. ଅନୀୟ)—
Paridhānīya ପିନ୍ଧିବାର ଯୋଗ୍ୟ—Fit to be put on.
ସଂ. ବି—ପିନ୍ଧା ଲୁଗା; ଧୋତି—An under garment.

ପରିଧାପନ—ସଂ. ବି. (ପରି+ଧାପି ଧାତୁ=ପିନ୍ଧାଇବା; ଧୋଇବା ଇତ୍ୟାଦି+କର୍ମ. ଅନ)—୧ । ପରିଧାନ ବସ୍ତ୍ର—
Paridhāpana
(ପରିଧାପକ—ବିଣ) 1. A cloth used for wearing.
୨ । (ପରି+ଧାପି ଧାତୁ+ଭାବ. ଅନ) ଲୁଗା ପିନ୍ଧାଇବା—
2. Causing to put on; dressing up another person.

ପରିଧାବନ—ସଂ. ବି—(ପରି+ଧାବନ)—୧ । ପଶ୍ଚାଦ୍ଗମନ—
Paridhābana 1. Following.
୨ । ପଶ୍ଚାଦ୍ଧାବନ—2. Pursuing.
୩ । ଭୃତ୍ୟରୂପେ ସେବା—3. Attendance. (as a servant); rendering of personal service.
୪ । ପଳାଇ ଯିବା—
4. Running away; escaping. (M. W.)

ପରିଧାୟ—ସଂ. ବି—(ପରି+ଧା ଧାତୁ=ଧାରଣ କରିବା+କର୍ମ. ଅ)—
Paridhāya ୧ । ପରିଚ୍ଛଦ; ପୋଷାକ—1. Dress; clothes.
୨ । (ପରି+ଧା ଧାତୁ+ଭାବ. ଅ) ପରିଧାନ; ପିନ୍ଧିବା—
2. Wearing.
୩ । (ପରି+ଧା ଧାତୁ+ଅଧିକରଣ. ଅ)—ନିତମ୍ବ—
3. Buttocks.
୪ । ଜଳାଧାର—4. Receptacle for water.
୫ । (+କର୍ତ୍ତୃ. ଅ)—ଅନୁଚରବର୍ଗ—
5. Train; retinue. (M. W.)

ପରିଧାୟକ—ସଂ. ବିଣ. ପୁଂ. (ପରି+ଧା ଧାତୁ+କର୍ତ୍ତୃ. ଅକ)—
Paridhāyaka ୧ । ଗୁରିଆଡ଼େ ଘେରିଥିବା—
(ପରିଧାୟିକା—ସ୍ତ୍ରୀ) 1. Surrounding.
୨ । କୌଣସି ବସ୍ତୁକୁ ଗୁଡ଼ାଇଥିବା—2. Winding.
ସଂ. ବି—୧ । ବାଡ଼ (ହି. ଶ.)—
1. Fencing; enclosure.
୨ । ଛଡ଼ଦେବାଲି (ହି. ଶ.); ହତା—
2. Compound wall.

ପରିଧାରଣ-ସଂ. ବି—(ପରି+ଧୃ ଧାତୁ=ଧାରଣ କରିବା+କର୍ତ୍ତୃ.ଅନ)—
Paridhāraṇa ୧ । ପ୍ରତିବନ୍ଧକ—1. Obstacle; obstruction.
୨ । (+ଭାବ ଅନ)—ବହନ—
2. Bearing; carrying. (M. W.)
୩ । ଟେକି ଧରିବା—3. Supporting. (M. W.)
୪ । ସହନ—4. Enduring. (M. W.)

ପରିଧାରଣା—ସଂ.ବି—(ପରି+ଧୃ ଧାତୁ=ଧରିବା+ଭାବ.ଅନ+ସ୍ତ୍ରୀ ଆ)—
Paridhāraṇā ୧ । ଧରି ରଖିବା—1. Holding fast.
୨ । ଧୈର୍ଯ୍ୟ—2. Patience. (M. W.)
୩ । ଅଧ୍ୟବସାୟ—3. Perseverance. (M. W.)

ପରିଧି—ସଂ. ବି.—(ପରି+ଧା ଧାତୁ=ଧରିବା+କର୍ମ. ଇ)—
Paridhi ୧ । (ଜ୍ୟାମିତି) ବୃତ୍ତର ଚତୁଃ ସୀମାରେ ଥିବା ରେଖା; ବେଢ଼—1. (geometry) Circumference of a circle.
୨ । ସୂର୍ଯ୍ୟ ବା ଚନ୍ଦ୍ରର ମଣ୍ଡଳ—
2. The disc or orb of the sun & the moon.
୩ । ବୃତ୍ତ—3. Circle.
୪ । ପରିବେଷ୍ଟନ—4. Surrounding.
୫ । ଚକ୍ରବାଳ; ଦିଗ୍‌ବଳୟ—5. Horizon.
୬ । ସୂର୍ଯ୍ୟ ବା ଚନ୍ଦ୍ରର ଗୁରି ପାଖରେ ପଡ଼ିବା ବଳୟାକାର ଉଜ୍ଜ୍ୱଳ ରେଖା—6. A halo or bright circle seen round the sun & the moon.

ସୂର୍ଯ୍ୟ ମଣ୍ଡଳରେ ତ ପଡ଼ଇ ପରିଧି—ଭୃଗୁଙ୍କ ମହାଭାରତ ବନ ।

୭ । ଚକର ପହି—
7. The rim or circumference of a wheel.
୮ । ବାଡ଼; ଘେର—
8. Fencing; enclosure. (M. W.)
୯ । ଯଜ୍ଞାଗ୍ନିକୁ ସ୍ୱସ୍ଥାନରେ ରଖିବା ପାଇଁ ଅଗ୍ନିର ଗୁରିପାଖେ ସ୍ଥାପିତ ୩ ଖଣ୍ଡ ଲମ୍ବ ଡାଳ ବା କାଠି—6. The three fresh sticks laid round a sacrificial fire to keep it together. (M. W.)
[ଦ୍ର—ଏ ତିନ ଖଣ୍ଡ କାଠିକୁ ଯଥାକ୍ରମେ ମଧ୍ୟମ ଦକ୍ଷିଣ ଓ ଉତ୍ତର ପରିଧି ବୋଲାଯାଏ—M. W.)
୧୦ । (ପୃଥିବୀର ସ୍ଥଳଭାଗକୁ ବେଢ଼ି ଥିବାରୁ) ସମୁଦ୍ର—
10. The ocean.
୧୧ । ପରିଧେୟ ବସ୍ତ୍ର; ଲୁଗା; ପୋଷାକ (ହି. ଶ.)—
11. Clothes; dress; garment.
୧୨ । ଘୋଡ଼ଣୀ—12. Cover. (M. W.)
୧୩ । (ଜ୍ୟୋତିଷ; ସୂର୍ଯ୍ୟସିଦ୍ଧାନ୍ତ) ପ୍ରଥମ କ୍ଷୁଦ୍ର ବୃତ୍ତର ପରିଧିରେ ଥିବା ବିନ୍ଦୁକୁ କେନ୍ଦ୍ର କରି ଅଙ୍କିତ ବୃତ୍ତ—
13. Epicycle. (M. W.)
୧୪ । ଯଜ୍ଞୀୟ ପଶୁ ଯେଉଁ ଡାଳରେ ବନ୍ଧାଯାଏ—
14. The branch of the tree to which the sacrificial victim is tied. (M. W.)

ପରିଧିସ୍ଥ—ସଂ. ବି—(ପରିଧି+ସ୍ଥା ଧାତୁ=ରହିବା; କର୍ତ୍ତୃ. ଅ; ପରିଧିରେ
Paridhistha ଅବସ୍ଥିତ)—୧ । ଶରୀର ରକ୍ଷକ; ଭୃତ୍ୟ—
1. Bodyguard.
୨ । ଯୁଦ୍ଧରେ ରଥ ଓ ରଥୀଙ୍କୁ ରକ୍ଷା କରିବା ପାଇଁ ସ୍ଥାପିତ ପ୍ରହରୀ (ହି. ଶ.)—2. A guard posted to keep watch on the chariot & the charioteer.
୩ । ମୋସାହେବ (କ୍ଲାନେନ୍ଦ୍ର)—
3. A hanger on; a toady.
ସଂ. ବିଣ—୧ । ପରିବେଷ୍ଟନକାରୀ—1. Surrounding.
୨ । ଚତୁଃପାର୍ଶ୍ୱସ୍ଥ—
2. Situated on the four sides.

ପରିଧୂପନ—ସଂ. ବି—(ପରି=ଗୁରିଆଡ଼େ+ଧୂପି ଧାତୁ=ଧୂଆଁ ଦେବା+
Paridhūpana ଭାବ. ଅନ)—୧ । ଗୁରିଆଡ଼େ ଧୂଆଁ ଦେବା—
1. Fumigation.

ପରିଧୂମନ } ଅନ୍ୟରୂପ
ପରିଧୂମାୟନ }
୨ । ସୁଶ୍ରୁତ ଅନୁସାରେ ତୃଷ୍ଣା ରୋଗର ଏକ ଉପଦ୍ରବ । ଯହିଁରେ ବିଶେଷ ପ୍ରକାରର ବମନୋଦ୍ବେଗ ହୁଏ (ହି. ଶ.)—2. A violent symptom of vomiting in a disease attended with extreme thirst.

ପରିଧୂପିତ—ସଂ. ବିଣ. (ପରି+ଧୂପି ଧାତୁ+କର୍ମ. ତ)—୧ । ଧୂପଦ୍ୱାରା
Paridhūpita ସୁଗନ୍ଧୀକୃତ—1. Scented by fumigation.
୨ । ଧୂପର ସୁଗନ୍ଧଦ୍ୱାରା ଚତୁର୍ଦ୍ଦିଗ ଆମୋଦିତ—2. With sweet smell diffused on all sides by fumigation.

ପରିଧେୟ—ସଂ. ବିଣ. (ପରି+ଧା ଧାତୁ+କର୍ମ. ଯ)—ପରିଧାନ ଯୋଗ୍ୟ-
Paridheya Fit to be put on.

ସଂ. ବି. (+ଭାବ. ଯ)—ପିନ୍ଧା ଲୁଗା; ଧୋତି—
An under garment (M. W.)

ପରିଧେୟ ବସ୍ତ୍ର—ସଂ. ବି. (କର୍ମଧା; ପରିଧେୟ+ବସ୍ତ୍ର)—ପୋଷାକ—
Paridheya bastra Wearing apparel.

ପରିନିର୍ବାଣ—ସଂ. ବି.—(ପରି=ସମ୍ପୂର୍ଣ୍ଣ+ନିର୍ବାଣ)—୧ । ସମ୍ପୂର୍ଣ୍ଣ ନିର୍ବାଣ
Parinirbāṇa ବା ମୋକ୍ଷ—1. Entire cessation of rebirth.
(ପରିନିର୍ବୃତ—ବିଣ)
(ପରିନିର୍ବାଣ, ପରିନିର୍ବୃତି—ଅନ୍ୟରୂପ)
୨ । ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ଲୋପ—2. Complete extinction of individuality. (M. W.)

ପରିନିଷ୍ଠା—ସଂ. ବି. (ପରି+ନିଷ୍ଠା)—୧ । ପରାକାଷ୍ଠା; ଚରମ ସୀମା—
Parinishṭhā 1. Extreme limit; maximum limit.
(ପରିନିଷ୍ଠିତ—ବିଣ) ୨ । ପୂର୍ଣ୍ଣତା—
2. Fulness; completeness; accomplishment.
୩ । ଜ୍ଞାନର ପୂର୍ଣ୍ଣତା (ହି. ଶବ୍ଦସାଗର)—
3. Complete knowledge (M. W.)
୪ । ଅଭ୍ୟାସର ପୂର୍ଣ୍ଣତା (ହି. ଶବ୍ଦସାଗର)—
4. Completeness of habit or exercise.

ପରିନୈଷ୍ଠିକ—ସଂ. ବିଣ. (ପରିନିଷ୍ଠା+ଇକ)—୧ । ସର୍ବଶ୍ରେଷ୍ଠ;
Parinaishṭhika ସର୍ବୋତ୍କୃଷ୍ଟ—1. Most excellent; perfect.
୨ । ସର୍ବୋଚ୍ଚ—2. Highest.

ପରିପକ୍ୱ—ସଂ. ବିଣ. (ପରି=ଉତ୍ତମରୂପେ+ପକ୍ୱ)—୧ । ସୁପକ୍ୱ—
Paripakwa 1. Well ripe; quite ripe.
(ପରିପକ୍ୱତା—ବି) ୨ । ସୁସିଦ୍ଧ—
2. Well boiled; well cooked; well dressed.
୩ । ସୁପରିଣତ—3. Well developed.
୪ । ସୁଜୀର୍ଣ୍ଣ—4. Well digested.
୫ । ପରିଣତ; ପ୍ରୌଢ଼ (ବୁଦ୍ଧି); ତୀକ୍ଷ୍ଣ—
5. Very sharp or mature (intellect).
୬ । ବହୁଦର୍ଶୀ—6 Experienced.
୭ । ନିପୁଣ; କୁଶଳ—7. Adept; skilful.
୮ । ମୁମୂର୍ଷୁ—8. Near death; about to pass away.

ପରିପଣ—ସଂ. ବି. (ପରି+ପଣ୍ ଧାତୁ=ବେପାର କରିବା+କରଣ. ଅ;
Paripaṇa ଯାହାଦ୍ୱାରା ବା ସାହାଯ୍ୟରେ ବେପାର କରାଯାଏ)—
ବ୍ୟବସାୟର ମୂଳ ଧନ; ପାଣ୍ଠି; ପୁଞ୍ଜି—
The capital of a trade.

ପରିପଣିତ—ସଂ. ବିଣ. (ପରି+ପଣ୍ ଧାତୁ=କ୍ରୟବିକ୍ରୟ କରିବା ଇତ୍ୟାଦି
Paripaṇita +କର୍ମ. ତ)—୧ । ବେପାରରେ ଲଗା ଯାଇଥିବା;
(ପରିପଣନ—ବି) ମୂଳଧନରୂପେ ଖଟା ଯାଇ ଥିବା—
1. Invested in trade.
୨ । ନ୍ୟାସୀକୃତ—2. Deposited in trust.
୩ । ବାଜି ରୂପେ ରଖା ଯାଇ ଥିବା—
3. Wagered. (M. W.)
୪ । ବନ୍ଧକ ରଖା ଯାଇ ଥିବା—4. Pledged. (M. W.)

ପରିପାଣ୍ଡିମା—ସଂ. ବି. (ପରି+ପାଣ୍ଡୁ+ଭାବାର୍ଥେ. ଇମନ୍)—ସମ୍ପୂର୍ଣ୍ଣ ଧଳା
Pari paṇḍimā ରଙ୍ଗ ବା ଫିକା ରଙ୍ଗ—
(ପରିପାଣ୍ଡିମା; ପରିପାଣ୍ଡୁରିମା—ଅନ୍ୟରୂପ) Complete whiteness or paleness.

ପରିପନ୍ଥକ—ସଂ. ବି.—(ପରି=ଦୋଷ କାର୍ତ୍ତନ+ପନ୍ଥକ=ଯେ ପଥରେ
Pari panthaka ଗମନ କରେ)—୧ । ପଥରୋଧକ ବ୍ୟକ୍ତି—
ପରିପନ୍ଥିକ, ପରିପନ୍ଥୀ } ଅନ୍ୟରୂପ 1. One who obstructs the way.
୨ । ପ୍ରତିକୂଳ ବ୍ୟକ୍ତି; ବିରୋଧୀ ବ୍ୟକ୍ତି—2. Antagonist.
୩ । ଶତ୍ରୁ ବିପକ୍ଷ—3. Adversary; enemy.
ବେଢ଼ି ଶତ୍ରୁ ପରିପନ୍ଥୀ ଅବ ଅଷ୍ଟ ରଥୀ ବରଦେଲ୍ଲୀ ସମ ।
ଉତ୍ତ. ବୈଦେହୀଶବିଳାସ ।
୪ । ଦସ୍ୟୁ; ଡକାଏତ; ବାଟଚୋରା—
4. Robber; highway man.
୫ । ବିଘ୍ନ; ବ୍ୟାଘାତ—5. Obstacle; hindrance.
ସଂ. ବିଣ.—୧ । ପଥ ଅବରୋଧକାରୀ—
1. Obstructing the way.
୨ । ପ୍ରତିକୂଳାଚରଣ—2. Acting against.
୩ । ବାଧାଜନକ—3. Hindering; obstructing.

ପରିପର—ଦେ. ବିଣ. ପୁଂ ଓ ସ୍ତ୍ରୀ—(ଭୁଲ. ସଂ. ପରିପରୀ=ଶତ୍ରୁ)—
Pari parā ୧ । ମନ୍ଦମତି—1. Self-willed.
୨ । ଯେ ଆପଣାକୁ ବଡ଼ ବୋଲି ମନେ କରେ—
2 One who thinks too much of one's self.
୩ । ନିର୍ଲଜ୍ଜ—3. Shameless.
୪ । ଯେ ଆପଣାର ବଡ଼େଇ କହି ହୁଏ—4 Boastful.
୫ । ଆପଣା ପ୍ରଶଂସା ଶୁଣିବାକୁ ଇଚ୍ଛୁକ—
5. Wishing to hear one's own eulogy.
ଦେ. ବି.—ନିର୍ଲଜ୍ଜତା—Shamelessness.

ପରିପରୀ—ସଂ. ବି.—ଶତ୍ରୁ; ବିପକ୍ଷ ବ୍ୟକ୍ତି—
Paripari Adversary; antagonist. (M. W.)

ପରିପାକ—ସଂ. ବି. (ପରି+ପଚ୍ ଧାତୁ=ରନ୍ଧନ କରିବା+ଭାବ. ଅ)—
Paripāka ୧ । ପରିଣାମ; ଶେଷାବସ୍ଥା—1. Final state.
(ପରୀପାକ—ଅନ୍ୟରୂପ) ୨ । ଉତ୍ତମରୂପେ ପାକ ହେବା ଅବସ୍ଥା—
2. Being completely cooked or dressed.
୩ । ଉତ୍ତମରୂପେ ଜୀର୍ଣ୍ଣ ହେବା; ହଜମ—
3. Digestion.
୪ । ପାଚିଯିବା; ପକ୍ୱତା—4. Ripening; maturity.
୫ । ନୈପୁଣ୍ୟ—5. Skill.
୬ । ଉତ୍କର୍ଷ—6. Excellence.
୭ । ପୂର୍ଣ୍ଣତା—7. Perfection. (M. W.)
୮ । ଫଳ—8. Result; consequence. (M. W.)
୯ । ଅନୁଭବ—9. Experience. (M. W.)
୧୦ । ଚତୁରତା—
10. Cleverness; shrewdness. (M. W.)

ଦେ. ବିଣ—ପୂର୍ଣ୍ଣତା ପ୍ରାପ୍ତ; ପରିପକ୍ୱ—
Matured; ripened.

ତେବେ ହେଲେ ବୃଦ୍ଧି ହୋଇ ପରିପାକ
ବୃନ୍ତେ ଜାତ ତାଙ୍କର ସୋହିଲ ବାଳକ । କୃଷ୍ଣସିଂହ. ମହାଭାରତ. ସଭା ।

ପରିପାଟଳ—ସଂ. ବିଣ. (ପରି+ପାଟଳ)—ଫିକା ନାଲି—
Paripāṭaḷa (ପରିପାଟଳତା — ବି) Pale red.

ପରିପାଟି(ଟୀ)—ସଂ. ବି. (ପରି=ପରେ; କ୍ରମେ କ୍ରମେ+ପଟ୍ ଧାତୁ ଣିଚ;
Paripāṭi(ṭī) ପାଟି ଧାତୁ=ଗମନ କରିବା+ଭାବ. ଇ; ଈ)—
परिपाटि ୧ । ଅନୁକ୍ରମ; ଆନୁପୂର୍ବିକ ଧାରା—
1. Order; succession.

କଥାକେ କଳପାଟି ଦଶନକୁ ଉପାଟି ଦେଉ ପରିପାଟୀ ନାଶିସ ।
ଉପ. ବୈଦେହୀଶବିଳାସ ।

୨ । ସୁବ୍ୟବସ୍ଥା—2. Good arrangement.
୩ । ନୈପୁଣ୍ୟ; କୌଶଳ—3. Skill.
୪ । କାରିଗରି—4. Art.
୫ । ଉତ୍କର୍ଷ—5. Excellence.
୬ । ଢଙ୍ଗ; ସ୍ୱଭାବ; ପଦ୍ଧତି—6. Method; mode; style.
୭ । ଅଙ୍କ; ଗଣିତ—7. Arithmetic. (M. W.)
ଦେ. ବିଣ—୧ । ଧାରାବାହିକ—1. Methodical.
୨ । ମନୋହର; ସୁନ୍ଦର—
2. Graceful; neat; elegant.
୩ । ସୁବ୍ୟବସ୍ଥିତ—3. Well arranged; orderly.
୪ । ଉତ୍କୃଷ୍ଟ—4. Excellent.

ପରିପାତ—ସଂ. ବି. (ପରି+ପତ୍ ଧାତୁ+ଭାବ. ଅ)—
Paripāta ବିଶେଷ ଭାବରେ ପତନ—
Falling copiously.

ଅନବେ ଅଶ୍ରୁ ପରିପାତ, ଏକ ଅବନେ କୋକାପୁର ।
ଭୂପତି. ପ୍ରେମପଞ୍ଚାମୃତ ।

ପରିପାଳକ—ସଂ. ବିଣ. ପୁଂ. (ପରି+ପାଳକ)—
Paripāḷaka ୧ । ଯେ ପ୍ରତିପୋଷଣ କରେ—
(ପରିପାଳୟିତା—ଅନ୍ୟରୂପ) 1. Maintaining; fostering.
ପରିପାଳିକା } ସ୍ତ୍ରୀ
ପରିପାଳୟିତ୍ରୀ }
୨ । ଆଶ୍ରୟଦାତା—2. Giving shelter.
୩ । ରକ୍ଷକ—3. Guarding; protecting.

ପରିପାଳନ(ନା)—ସଂ. ବି. (ପରି=ସର୍ବତୋଭାବରେ+ପାଳନ+ଅ)—
Paripāḷana(nā) ୧ । ପ୍ରତିପାଳନ; ପରିପୋଷଣ—
(ପରିପାଳିତ—ବିଣ) 1. Maintaining; fostering; nourishing.
୨ । ରକ୍ଷା କରିବା—2. Guarding; protecting.
୩ । ଯତ୍ନ ନେବା—3. Taking care of.

ପରିପାଳିବା—ଦେ. କ୍ରି. (ସଂ. ପରିପାଳନ)—
Paripāḷibā ପ୍ରକାଶ କରିବା; ଦେଖାଇବା—
परिपाला परिपालन करना To exhibit; to manifest.

ସହିତେ ଦମ୍ଭୀଙ୍କ ଗୁଣ ପରିପାଳି ମୋହ ପଦ୍ମ ଜଣିବାରେ ।
କବିସୂର୍ଯ୍ୟ. ସଙ୍ଗୀତ ।

ପରିପାର୍ଶ୍ୱ—ସଂ. ବିଣ—ନିକଟବର୍ତ୍ତୀ; ପାର୍ଶ୍ୱବର୍ତ୍ତୀ—
Paripārśwa Being at or by one's side.
ସଂ. ବି—ପାର୍ଶ୍ୱ (ହ୍ରୁ. ଶ)—Side; flank.

ପରିପୁଷ୍ଟ—ସଂ. ବିଣ—୧ । ଉତ୍ତମ ରୂପେ ପାଳିତ; ଉତ୍ତମ ରୂପେ ପୋଷିତ—
Paripushṭa 1. Well nourished; well nurtured.
୨ । ହୃଷ୍ଟପୁଷ୍ଟ—2. Well developed.
(ପରିପୋଷ, ପରିପୋଷଣ—ବି)

ପରିପିଙ୍ଗ—ସଂ. ବିଣ—ଫିକା ନାଲି—
Paripiṅga Brownish red. (M. W.)
(ପରି ପିଞ୍ଜର—ଅନ୍ୟରୂପ)

ପରିପିଚ୍ଛ—ସଂ. ବି—ମୟୂର ପୁଚ୍ଛର ପରରେ ତିଆରି ଅଳଙ୍କାରବିଶେଷ—
Paripichchha An ornament made of the feathers of a peacock's tail. (M. W.)

ପରିପିଷ୍ଟ—ସଂ. ବିଣ. (ପରି+ପିଷ୍ ଧାତୁ+କର୍ମ. ତ)—
Paripishṭa ୧ । ଦଳିତ—1. Crushed.
୨ । ଗୋଡ଼ରେ ମଳା ଚକଟା ହୋଇଥିବା; ପଦମର୍ଦ୍ଦିତ—
2. Trampled down.

ପରିପିଷ୍ଟକ—ସଂ. ବି—ସୀସା (ହ୍ରୁ. ଶ.)—
Paripishṭaka Lead. (M. W.)

ପରିପୀଡ଼ନ—ସଂ. ବି. (ପରି+ପୀଡ଼ନ)—୧ । ଚିପୁଡ଼ିବା—
Paripīṛana 1. Squeezing; pressing out. (M.W.)
(ପରିପୀଡ଼ିତ—ସ୍ତ୍ରୀ) ୨ । ଅନିଷ୍ଟ କରିବା—2. Injuring.
୩ । ଅତ୍ୟନ୍ତ ଦୁଃଖ ଦେବା—3. Tormenting.
୪ । ପେଷିବା—4. Grinding; pressing.

ପରିପୂତ—ସଂ. ବିଣ. (ପରି+ପୂତ)—
Paripūta ୧ । ପରିଷ୍କୃତ—1. Cleansed.
(ପରିପୂତା—ସ୍ତ୍ରୀ) ୨ । ପାଛୁଡ଼ା ହୋଇ ପରିଷ୍କୃତ (ଶସ୍ୟାଦି)—
ପରିପାବନ } ବି
ପରିପୂତି }
2. Winnowed (corn); threshed.
୩ । ଅତି ପବିତ୍ର; ବିଶୁଦ୍ଧ—3. Quite pure.
୪ । ପବିତ୍ରୀକୃତ—4. Purified.
୫ । ଛଣା ହୋଇଥିବା—5. Strained.

ପରିପୂରିତ—ସଂ. ବିଣ. (ପରି+ପୂରିତ)—
Paripūrita ୧ । ସମ୍ପୂର୍ଣ୍ଣ ସମାପ୍ତ—1. Finished.
(ପରିପୂରଣ—ବି) ୨ । ପୂର୍ଣ୍ଣ ହୋଇଥିବା—2. Filled up.
୩ । ସମ୍ପାଦିତ; ନିଷ୍ପନ୍ନ—3. Accomplished.
୪ । ଅନୁଭୂତ—4. Experienced. (M. W).

ପରିପୂର୍ଣ୍ଣ—ସଂ. ବିଣ. (ପରି=ସମ୍ୟକ୍+ପୂର୍ ଧାତୁ=ପରିପୂର୍ଣ୍ଣ ହେବା+
Paripūrṇṇa କର୍ତ୍ତୃ. ତ)—୧ । ପୂର୍ଣ୍ଣ ହୋଇଥିବା—
(ପରିପୂର୍ଣ୍ଣତା, ପରିପୂର୍ତ୍ତି—ବି) 1. Filled up.
୨ । ଭରପୂର—
2. Filled up to the brim; brimming with.

୩ । ପରିତୃପ୍ତ—3. Fully satisfied; quite content.
୪ । ସମ୍ପୂର୍ଣ୍ଣ—
4. Completed; finished; whole; perfect.
୫ । ଧନାଦିରେ ପୂର୍ଣ୍ଣ—5. Filled up with riches.
ତାଙ୍କ ବଚନରୁ ଜାଣି ମନ୍ତ୍ରି ଜନ,
ଭଣ୍ଡାର କରୁ ନାହାନ୍ତି ତ ପରିପୂର୍ଣ୍ଣ । କୃଷ୍ଣସିଂହ. ମହାଭାରତ ସଭା ।
୬ । ସଫଳ; ସିଦ୍ଧ—6. Successful.
୭ । ପରିବ୍ୟାପ୍ତ—7. Diffused; spread on all sides.

ପରିପୃଷ୍ଟ—ସଂ. ବିଣ. (ପରି+ପୃଷ୍ଟ=ଜିଜ୍ଞାସିତ)—୧ । ସମ୍ୟକ୍‌ରୂପେ
Pariprusta ଜିଜ୍ଞାସିତ—1. Well questioned.
(ପରିପୃଚ୍ଛା, ପରିପୃଚ୍ଛନ—ବି) ୨ । ତଦନ୍ତ କରାଯାଇଥିବା—
2. Enquired about.

ପରିପେଲବ—ସଂ. ବିଣ—ଅତି ସୁକୁମାର—Very delicate.
Paripelaba ସଂ. ବି—କେଉଟିଆ ମୁଥା—
Cyperus Rotundus. (M. W.)

ପରିପ୍ରେଷଣ—ସଂ. ବି. (ପରି+ପ୍ର+ଇଷ୍ ଧାତୁ+ଭାବ. ଅନ)—
Paripreshana ୧ । ଚାରିଆଡ଼କୁ ଦୂତ ପଠାଇବା—
(ପରିପ୍ରେଷିତ—ବିଣ) 1. Sending forth emissaries to all sides
୨ । ନିର୍ବାସନ—2. Exiling; transportation.
୩ । ପରିତ୍ୟାଗ କରଣ—3. Abandonment.

ପରିପ୍ରେଷ୍ୟ—ସଂ. ବି (ପରି+ପ୍ର+ଇଷ୍ ଧାତୁ+କର୍ମ. ଯ)—ଭୃତ୍ୟ—
Paripreshya Servant.
ସଂ. ବିଣ—ଦୂତ ରୂପେ ପ୍ରେରିତ ହେବା ଯୋଗ୍ୟ—
Fit to be sent forth as an emissary.

ପରିପୋଟ—ସଂ. ବି. (ପରି+ପୁଟ୍ ଧାତୁ=ଚୋପା ଛଡ଼ାଯିବା+ଭାବ.ଅ)—
Paripota ୧ । ଚୋପା ବା ଛାଲ ଛଡ଼ିଯିବା—
1. Peeling off or dropping off of the skin or bark; disquamation.
୨ । ବହୁତ ଭାରି ଅଳଙ୍କାର ପିନ୍ଧିବା ଯୋଗୁଁ କାନରେ ହେବା ଫୁଲା ଓ କ୍ଷତରୋଗ—Peeling off of the skin of the ear and swelling of the lobes due to wearing very heavy ear-ornaments.
(ପରିପୋଟକ, ପରିପୋଟନ, ପରିପୋଟକା—ଅନ୍ୟରୂପ)

ପରିପୋଷ—ସଂ. ବି. (ପରି+ପୁଷ୍ ଧାତୁ+ଭାବ. ଅ)—
Pariposha ପୂର୍ଣ୍ଣ ପୁଷ୍ଟି ବା ବୃଦ୍ଧି—Good nourishment.

ପରିପୋଷଣ—ସଂ. ବି. (ପରି+ପୁଷ୍ ଧାତୁ+ଭାବ. ଅନ)—ପାଳନ—
Pariposhana Nurture; nourishing.

ପରିପ୍ଲବ—ସଂ.ବି.(ପରି=ସର୍ବତୋଭାବରେ+ପ୍ଲୁ ଧାତୁ=ଭାସିବା+ଭାବ.ଅ)—
Pariplaba ୧ । ପ୍ଲାବନ—1. Flood.
୨ । ଉପଦ୍ରବ; ଅତ୍ୟାଚାର—2. Oppression; tyranny.
୩ । ସନ୍ତରଣ—3. Swimming.
୪ । ଇତସ୍ତତଃ ଦଉଡ଼ିବା—4. Running to and fro.
୫ । (+କରଣ. ଅ)—ନୌକା—5. Boat.
ସଂ. ବିଣ. (ପରି+ପ୍ଲୁ ଧାତୁ+କର୍ତ୍ତୃ. ଅ)—
୧ । ଆକୁଳ; ଅସ୍ଥିର—1. Restless.
୨ । କମ୍ପମାନ—2. Trembling.

ପରିପ୍ଲୁତ—ସଂ. ବିଣ. (ପରି+ପ୍ଲୁ ଧାତୁ=ବୁଡ଼ିବା+କର୍ତ୍ତୃ. ତ)
Paripluta ୧ । ପ୍ଲାବିତ; ମଗ୍ନ—1. Flooded; inundated.
୨ । ଅଭିଷିକ୍ତ; ସ୍ନାତ—2. Bathed.
(ପରିପ୍ଲୁତା—ସ୍ତ୍ରୀ) ୩ । ଆକୁଳିତ—3 Overwhelmed.
୪ । ପାଣିରେ ବୁଡ଼ା ଯାଇଥିବା; ସିକ୍ତ—4. Immersed.
୫ । କମ୍ପମାନ—5. Shaking; trembling.
୬ । ଓଦା—6. Wet; moistened.
ସଂ. ବି—ଡିଆଁ; ଲୁଦା—A spring; jump. (M. W.)

ପରିପ୍ଲୁତା—ସଂ. ବି. ସ୍ତ୍ରୀ. (ପରିପ୍ଲୁତ+ସ୍ତ୍ରୀ. ଆ)—୧ । ମଦିରା; ମଦ—
Pariplutā 1. Wine; spirituous liquor.
୨ । ମୈଥୁନ ବା ଋତୁସ୍ରାବ କାଳରେ ଯେଉଁ ଯୋନିରେ ପୀଡ଼ା ଜାତ ହୁଏ (ହି. ଶ.)—2. A female organ which becomes painful during coition or menses.
ସଂ. ବିଣ—ପରିପ୍ଲୁତର ସ୍ତ୍ରୀଲିଙ୍ଗ—
Feminine of Paripluta.

ପରିଫୁଲ୍ଲ—ସଂ. ବିଣ—୧ । ସମ୍ପୂର୍ଣ୍ଣରୂପେ ବିକସିତ (ନେତ୍ର)—
Pariphulla 1. Widely opened (eye).
୨ । ରୋମାଞ୍ଚିତ—2. Horripilated; with the hairs of the body standing on end.

ପରିବକ୍ତ୍ରା—ସଂ. ବି. (ପରି+ବକ୍ତ୍ର+ଆ)—ଗୋଲାକାର ବେଦୀ (ହି. ଶ.)
Paribaktrā A circular pulpit or altar.

ପରିବତ୍ସର—ସଂ. ବି. (ଜ୍ୟୋତିଷ)—୧ । ଯେଉଁ ସମୟ ମଧ୍ୟରେ
Paribatsara ବୃହସ୍ପତି ଦ୍ୱାଦଶରାଶି ଭୋଗ କରେ । ସୌର
ପରିବତ୍ସରୀଣ } ବିଣ ଦ୍ୱାଦଶ ବତ୍ସର; ବାର୍ହସ୍ପତ୍ୟ ଏକ ବତ୍ସର—
ପରିବତ୍ସରୀୟ } 1. One year of the cycle of Jupiter which is equal to 10 solar years.
୨ । ସମ୍ବତ୍ସର; ଏକବର୍ଷ—2. One year.
୩ । (ଜ୍ୟୋତିଷ) ସମ୍ବତ୍ସରବିଶେଷ; ପାଞ୍ଚବରଷ ମଧ୍ୟରୁ ଦ୍ୱିତୀୟ ବର୍ଷ
3. (astronomy) The second of a cycle of five years.

ପରିବଦନ—ସଂ. ବି. (ପରି+ବଦ୍ ଧାତୁ+ଭାବ. ଅନ)—ନିନ୍ଦା; ପରର
Paribadana ଦୋଷ ବର୍ଣ୍ଣନ—Blaming; describing the fault of others.

ପରିବନ୍ଧ—ସଂ. ବି—(ପରି=ନାନା+ବନ୍ଧ=ବନ୍ଧନୀ)—
Paribandha ୧ । ନାନାପ୍ରକାର—1. Various kinds.
୨ । ଠକାମି; ଛଳନା—2. Deceit.
ସଂ. ବିଣ. (ପରି+ବନ୍ଧ୍ ଧାତୁ=ଆଲିଙ୍ଗନ କରିବା+ଭାବ. ଅ)—
ଛନ୍ଦାଛନ୍ଦ—Intertwined.
ଜାବକୁ ଜାଳ ପରିବନ୍ଧ
କୋପେ କଇଲୁ ସାରନାଦ । ଜଗନ୍ନାଥ—ଭାଗବତ ।

ପରିବନ୍ଧନ—ସଂ. ବି. (ପରି+ବନ୍ଧନ)—ଗୁଡ଼େଇ କରି ବାନ୍ଧିବା—
Paribandhana Tying round. (M. W.)

ପରିବର୍ଜ୍ଜ(ର୍ଜ)ନ—ସ. କ୍ରି—(ପରି=ସର୍ବତୋଭାବରେ+ବୃଜ୍ ଧାତୁ=ତ୍ୟାଗ Paribarjja(rja)na କରିବା+ଭାବ.ଅନ)—୧ । ସର୍ବଥା ତ୍ୟାଗ—1. Complete forsaking; abandonment.
୨ । ହନନ; ବଧ—2. Killing; slaughter.

ପରିବର୍ଜ୍ଜିତ—ସ. ବଣ—(ପରି+ବୃଜ୍ ଧାତୁ+କର୍ମ.ତ)—୧ । ପରିତ୍ୟକ୍ତ—Paribarjjita 1. Abandoned.
(ପରିବର୍ଜ୍ଜିତା—ସ୍ତ୍ରୀ) ୨ । ଗୁରିଆଡ଼େ ଗୁଡ଼ା ହୋଇଥିବା—2. Wound round. (M. W.)

ପରିବର୍ତ୍ତ(ର୍ତ୍ତ)—ସ. ବି—(ପରି+ବୃତ୍ ଧାତୁ=ବଦଳାଇବା ଇତ୍ୟାଦି+ Paribarta(rtta) ଭାବ. ଅ)—୧ । ବିନିମୟ; ପ୍ରତିବଦଳ—1. Exchange; barter.
ପରିବର୍ତ୍ତୀ } ଅନ୍ୟରୂପ
ପରିବର୍ତ୍ତନ }
୨ । ଅବସ୍ଥାନ୍ତର; ଦଶାନ୍ତର—2. Another condition; change.
୩ । ଯୁଗାନ୍ତ—3 The end of a juga.
୪ । ଯାହା ବଦଳରେ ଦିଆଯାଏ—4. A thing given in exchange.
୫ । ଜଗତର ଅନ୍ତ—5. The end of the world. (M. W.)
୬ । ଗ୍ରହର ସ୍ୱକକ୍ଷରେ ଘୂର୍ଣ୍ଣନ—6. Revolving; revolution of a planet. (M.W.)
୭ । ବର୍ଷ—7. A year. (M. W.)
୮ । ଫେରାଇ ଦେବା; ଫେରସ୍ତ—8. Return. (M. W.)
୯ । ଗୃହ—9. Abode. (M. W.)
୧୦ । ସ୍ଥାନ—10. Spot; place. (M. W.)
୧୧ । ପୁସ୍ତକର ପରିଚ୍ଛେଦ—11. Chapter; section of a book. (M. W.)
୧୨ । ଇତସ୍ତତଃ ଚଳନ—12. Moving to & fro. (M. W.)
୧୩ । କଡ଼ ଲେଉଟାଇବା—13. Turning sides.
୧୪ । ଲୁଣ୍ଠନ—14. Robbing.
୧୫ । କୂର୍ମ ରାଜ; ବିଷ୍ଣୁଙ୍କର କୂର୍ମ ଅବତାର—15. The incarnation of Bishnu in the shape of a tortoise.

ପରିବର୍ତ୍ତ(ର୍ତ୍ତ)ନ—ସ. ବି.—(ପରି+ବୃତ୍ ଧାତୁ+ଭାବ.ଅନ)—Paribarta(rtta)na ୧ । ପରିବର୍ତ୍ତ—(ଦେଖ)—1. Paribarta. (See).
୨ । ବାଳ କାଟିବା; ବାଳ କରୁସ—2. The cutting or clipping of the hair. (M.W)
୩ । ରକ୍ଷଣ—3. Protecting; defending.

ପରିବର୍ତ୍ତ(ର୍ତ୍ତ)ନଶୀଳ—ସ. ବଣ. ପୁଂ. (ପରିବର୍ତ୍ତନ+ଶୀଳ)—Paribarta(rtta)nasīla ୧ । ଯାହା ବଦଳେ—1. Changing.
(ପରିବର୍ତ୍ତନଶୀଳା—ସ୍ତ୍ରୀ) ୨ । ଯାହା ଘୂରେ—2. Revolving.

ପରିବର୍ତ୍ତ(ର୍ତ୍ତ)ନୀୟ—ସ. ବଣ. —(ପରି+ବୃତ ଧାତୁ+କର୍ମ ଅନୀୟ)—Paribarta(rtta)nīya ପରିବର୍ତ୍ତନ ଯୋଗ୍ୟ—Changeable.

ପରିବର୍ତ୍ତ(ର୍ତ୍ତ) ବିବାହ—ସ. ବି. (ପରିବର୍ତ୍ତ+ବିବାହ)—ଏକ ପରିବାରରେ Paribarta rtta) bibāha କନ୍ୟା ପ୍ରଦାନ କରିବା ଏବଂ ସେହି ପରିବାରରୁ କନ୍ୟା ଆଣିବା—Giving a daughter in marriage in a family & bringing a daughter from the same family in marriage.

ପରିବର୍ତ୍ତି(ର୍ତ୍ତି)କା—ସ. ବି—ଲିଙ୍ଗର ରୋଗବିଶେଷ; ଅଧିକ କୁଣ୍ଡାଇବା Paribarti(rtti)kā ବା ଆଘାତ ଲାଗିବାରୁ ଲିଙ୍ଗଚର୍ମ ଲେଉଟି ପଡ଼ି ଫୁଲିଯିବା ରୋଗ (ବୈ. ଶା.)—Swelling and turning out of the foreskin due to excessive itching or stroke.

ପରିବର୍ତ୍ତି(ର୍ତ୍ତି)ତ—ସ. ବି—(ପରି+ବର୍ତ୍ତି ଧାତୁ=ବଦଳ କରାଯିବା+ Paribarti(rtti)ta କର୍ମ.ତ)—୧ । ଅବସ୍ଥାନ୍ତର ପ୍ରାପ୍ତ; ରୂପାନ୍ତରିତ—1. Changed; modified.
୨ । ବଦଳା ଯାଇଥିବା—2. Exchanged.
୩ । ବଦଳରେ ପ୍ରାପ୍ତ—3. Received in exchange.

ପରିବର୍ତ୍ତି(ର୍ତ୍ତି)ନୀ—ସ. ବଣ. ସ୍ତ୍ରୀ. (ପରିବର୍ତ୍ତିନ୍+ସ୍ତ୍ରୀ. ଈ)—ପରିବର୍ତ୍ତୀର Paribarti(rtti)nī ସ୍ତ୍ରୀ ଲିଙ୍ଗ—Feminine of Paribartī.
ସ. ବି—ଭାଦ୍ର ଶୁକ୍ଳ ଏକାଦଶୀ; ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ—The 11 day of the bright fortnight of the month of Bhādra.

ପରିବର୍ତ୍ତୀ(ର୍ତ୍ତୀ)—ସ. ବଣ.—(ପରିବର୍ତ୍ତିନ୍; ପରି+ବୃତ୍ ଧାତୁ=ଅବସ୍ଥାନ Paribartī(rttī) ହରିବା+କର୍ତ୍ତୃ. ଇନ୍)—୧ । ପରିବର୍ତ୍ତନଶୀଳ—1. Changing.
(ପରିବର୍ତ୍ତିନୀ—ସ୍ତ୍ରୀ) ୨ । ଯେ ବଦଳାଏ—2. Exchanging.

ପରିବର୍ତ୍ତୁ(ର୍ତ୍ତୁ)ଳ—ସ. ବଣ—ପୂର୍ଣ୍ଣ ଗୋଲାକାର (ହି. ଶ) Paribartu(rttu)la Quite round or circular. (M. W.)

ପରିବର୍ତ୍ତେ(ର୍ତ୍ତେ)—ଦେ. ଅ—(ଅନ୍ୟ ଶବ୍ଦ ପରେ ଲାଗେ; ଯଥା ରାମ Paribarte(rtte) ପରିବର୍ତ୍ତେ)—୧ । (ଅମୁକର) ବଦଳରେ—1. In exchange of.
পরিবর্তে
পরিবর্ত্তমে ୨ । (ଅମୁକର) ସ୍ଥାନରେ—2. In the place of.

ପରିବର୍ଧ (ର୍ଦ୍ଧ)କ—ସଂ. ବଣ. (ପରି+ବୃଧ୍ ଧାତୁ+ବୃଦ୍ଧି ପାଇବା+କର୍ତ୍ତୃ. Paribardha(rddha)ka ଅକ)—ବୃଦ୍ଧିକାରକ; ଉତ୍କର୍ଷକ—Increasing; improving.
ସ. ବି.—ଘୋଡ଼ା ସହିସ; ଅଶ୍ୱରକ୍ଷକ—Hostler; syce; groom. (M. W.)

ପରିବର୍ଧ(ର୍ଦ୍ଧ)ନ—ସ. ବି.(ପରି+ବୃଧ୍ ଧାତୁ+ଭାବ. ଅନ)—Paribardha(rddha)na ୧ । ଅତ୍ୟଧିକ ବୃଦ୍ଧି—(ପରିବୃଦ୍ଧି—ଅନ୍ୟରୂପ) Great growth; increase.
୨ । ବଢ଼ିବା—2. Increasing.
୩ । ଗୋରୁ ଆଦିଙ୍କ ଜାତିଙ୍କୁ ପାଳି ବଢ଼ାଇବା—3. Rearing of animals.

ପରିବର୍ଦ୍ଧି(ର୍ଦ୍ଧି)ତ—ସଂ. ବଣ.—[ପରି + ବୃଧ୍ ଧାତୁ (ଣିଜନ୍ତ) = ବର୍ଦ୍ଧି ଧାତୁ
Paribardhi(rddhi)ta = ବୃଦ୍ଧି ପାଇବା + କର୍ମ. ତ)—
(ପରିବୃଦ୍ଧ—ଅନ୍ୟରୂପ) ୧ । ବୃଦ୍ଧି ପ୍ରାପ୍ତ—1. Increased.
(ପରିବର୍ଦ୍ଧିତା—ସ୍ତ୍ରୀ) ୨ । ବିସ୍ତାରିତ—2. Extended.
୩ । ଲାଳିତ ପାଳିତ—3. Reared; brought up.
୪ । (ଜଳାଶୟ) ଖୋଳା ଯାଇ ଥିବା—
4. (tank) Excavated. (M. W.)

ପରିବର୍ହ—ସଂ. ବି. (ପରି = ସମ୍ପୂର୍ଣ୍ଣରୂପେ + ବର୍ହ ଧାତୁ = ଆଚ୍ଛାଦନ କରିବା,
Paribarha ଶୋଭା ପାଇବା + କରଣ. ଅ)—୧ । ପରିଚ୍ଛଦ;
ପରିଧେୟ; ପୋଷାକ—1. Dress.
୨ । ରାଜ ଚିହ୍ନ—2. Paraphernalia of royalty.
୩ । ଗୃହ ଦ୍ରବ୍ୟାଦି; ଘରକରଣା ଜିନିଷପତ୍ର—
3. Furnitures; goods and chattels.

ପରିବସଥ—ସଂ. ବି.—(ପରି = ଗୃହ ନିକଟରେ + ବସ୍ ଧାତୁ = ବାସକରିବା
Paribasatha + ଅଧିକରଣେ ଅଥ)—ଗ୍ରାମ—Village.

ପରିବହ—ସଂ. ବି.—(ପରି = ଉପରେ + ବହ୍ ଧାତୁ = ବହନ କରିବା +
Paribaha କର୍ତ୍ତୃ. ଅ)—ବାୟୁମଣ୍ଡଳସ୍ଥ ସପ୍ତ ବାୟୁର ଅନ୍ତର୍ଗତ ସୁବହ
ବାୟୁର ଉପରିସ୍ଥ ବାୟୁ—Name of one of the 7
winds according to Hindu mythology.
[ଦ୍ର—୭ ବାୟୁର ନାମ—ଆବହ, ଉଦ୍ବହ, ସମ୍ବହ, ପ୍ରବହ, ବିବହ,
ପରିବହ ଓ ସୁବହ ।]

ପରିବା—ଦେ. ବି.—୧ । ରନ୍ଧା ହୋଇ ନ ଥିବା ଉଦ୍ଭିଜ୍ଜ ଖାଦ୍ୟ ଦ୍ରବ୍ୟ—
Paribā 1. Green uncooked vegetables.
काञ्चा तरकारी   ସକଳ ପରିବା ଏକା ଠାବେ ମିଶାଇଲେ ।
शाक, सब्जी   ପ୍ରାଚୀ- କଳତରୁ ।
୨ । ତିଅଣ ଯୋଗ୍ୟ ଫଳ ମୂଳ—2. Kitchen vegetables;
fruits and roots used as curry.

ପରିବାଦ—ସଂ. ବି. (ପରି = ଦୋଷ କୀର୍ତ୍ତନ + ବଦ୍ ଧାତୁ = କହିବା +
Paribāda ଭାବ. ଅ)—୧ । ଅପବାଦ—1. Defamation.
୨ । ନିନ୍ଦାବାଦ—2. Blame.
(ପରୀବାଦ—ଅନ୍ୟରୂପ) (ପରିବାଦିତ—ବଣ)
ଶତ ନିନ୍ଦ ଦୃଷ୍ଟି ଭବ ଯେ ପରିବାଦ,
ତ୍ରୀଡ଼କୂଳ୍ୟ ଅଛାନ୍ତ କ୍ଷମା କବାଦ । କୃଷ୍ଣସିଂ. ମହାଭାରତ ଉଦ୍ଯୋଗ ।
୩ । ଦୋଷ ବା ଅପରାଧର ଅଭିଯୋଗ—
3. Charge; accusation.
୪ । ଅସତ୍ୟମୂଳକ ନିନ୍ଦାବାଦ—
4. Slander which is not true.
୫ । ତିରସ୍କାର—5. Rebuke.
୬ । ବୀଣାଦିର ତନ୍ତ୍ରୀକୁ ବଜାଇବା ପାଇଁ ବ୍ୟବହୃତ ତାରର ଅଙ୍ଗୁଳିତ୍ର;
ମିଜ୍‌ରାବ୍—6. A cap of wire put on the fingers
to strike the string of a harp or guitar.

ପରିବାଦକ—ସଂ. ବି. ପୁଂ. (ପରି = ନିନ୍ଦା + ବଦ୍ ଧାତୁ + କର୍ତ୍ତୃ. ଅକ)—
Paribādaka ୧ । ନିନ୍ଦୁକ—1. Calumniator.
(ପରିବାଦିକା—ସ୍ତ୍ରୀ) ୨ । ଅପବାଦକ—2. Defamer.
୩ । ତିରସ୍କାରକ—3. One who censures or rebukes.
୪ । ଅଭିଯୋଗକାରୀ—
4. Complainant; accuser.
୫ । ବୀଣାବାଦକ—5. A player on the harp.

ପରିବାଦିନୀ—ସଂ. ବି. ସ୍ତ୍ରୀ (ପରି = ସମ୍ୟକ୍ ରୂପେ + ବଦ୍ ଧାତୁ = କହିବା
Paribādinī + କର୍ତ୍ତୃ. ଇନ୍ + ସ୍ତ୍ରୀ. ଈ)—ସପ୍ତତନ୍ତ୍ରୀଯୁକ୍ତ ବୀଣା—
A harp with seven strings.

ପରିବାଦୀ—ସଂ. ବଣ. ପୁଂ. (ପରିବାଦିନ୍; ପରିବାଦ + କର୍ତ୍ତୃ.ଶୀଳାର୍ଥେ.ଇନ୍)
(ପରିବାଦିନୀ—ସ୍ତ୍ରୀ) ୧ । ନିନ୍ଦାକାରୀ—1. Blaming.
୨ । ଅପବାଦକାରୀ—2. Defaming.
୩ । ତିରସ୍କାରୀ—3. Abusing.
୪ । (+ଅସ୍ତ୍ୟ ଅର୍ଥରେ ଇନ୍) ଅପବାଦଗ୍ରସ୍ତ—
4. Defamed.
ସଂ. ବି—୩ । ବାଦୀ, ମୁଦେଇ—
3. Complainant; plaintiff; accuser.

ପରିବାଧା—ସଂ. ବି. (ପରି + ବାଧା)—୧ । ଅତ୍ୟନ୍ତ ପୀଡ଼ା ବା କଷ୍ଟ—
Paribādhā 1. Excessive pain.
୨ । ଶ୍ରମ; ମିହନ୍ତ—2. Labour; exertion.

ପରିବାପ—ସଂ. ବି. (ପରି + ବପ୍ ଧାତୁ ଣିଚ୍ = ବାପିଧାତୁ = ମୁଣ୍ଡନ
Paribāpa କରିବା + ଭାବ. ଅ)—୧ । ମୁଣ୍ଡନ; ଲଣ୍ଡା କରିବା—
(ପରୀବାପ—ଅନ୍ୟରୂପ) 1. Shaving.
୨ । ବୁଣିବା; ବପନ—2. Sowing.
୩ । ରୋପଣ; ରୋଇବା—
3. Planting of seedlings or plants.
୪ । (ପରି + ବପ୍ ଧାତୁ ଣିଚ୍ = ବାପି ଧାତୁ + ଅଧିକରଣ. ଅ)
କୃତ୍ରିମ କ୍ଷୁଦ୍ର ଜଳାଶୟ—4. A pool; pond.
୫ । ଘରର ଉପକରଣ—5. Furniture (Apte).
୬ । ଅନୁଚରବର୍ଗ—6. Train; retinue (Apte).
୭ । (+କର୍ମ. ଅ) ମୁଢ଼ି—7. Fried grains or rice. (Apte.)
୮ । ଦଧି; ଦହି—8. Coagulated milk (Apte).

ପରିବା ପତର—ଦେ. ବି.—(ସହଚର ଶବ୍ଦ)—ରନ୍ଧନ ଯୋଗ୍ୟ
Paribā patara. ଶାକସବଜୀ; ପନିପରିବା; ତରି ତରକାରୀ;
(ପରିବା ପତ୍ର—ଅନ୍ୟରୂପ) ପନିଅର—Kitchen vegetables
तरी तरकारी शाक सब्जी of various kinds.

ପରିବାପନ—ସଂ. ବି. (ପରି + ବାପି ଧାତୁ = ମୁଣ୍ଡନ କରିବା + ଭାବ. ଅନ)—
Paribāpana ଲଣ୍ଡା କରି କ୍ଷୌର କରିବା; ମୁଣ୍ଡନ—Shaving.
(ପରିବାପଣ—ଅନ୍ୟରୂପ)

ପରିବାପିତ—ସଂ. ବଣ. (ପରି + ବପ୍ ଧାତୁ ଣିଚ୍ = ବାପି ଧାତୁ + କର୍ମ. ତ)—
Paribāpita ୧ । ଲଣ୍ଡା କରାଯାଇଥିବା; ମୁଣ୍ଡିତ—
1. Shaven.
୨ । ବୁଣା ଯାଇଥିବା; ଉପ୍ତ—2. Sown.
୩ । ରୋପିତ—3. Planted; transplanted.

ପରିବାର—ସ. ବି. (ପରି + ବୃ ଧାତୁ = ବରଣ କରିବା; ଆବରଣ କରିବା + କର୍ମ. ଅ)—୧ । ପରିଜନ; ପୋଷ୍ୟବର୍ଗ—
Paribāra
ପରୀବାର } ଅନ୍ୟରୂପ
ପରିବରଣ }
1. One's family and dependants.
୨ । ଅନୁଚର—
2. Train; suite; retinue; followers.

ସଙ୍ଗରେ ନିଜ ପରିବାର,
ଧରଣ ବ୍ୟଞ୍ଜନ ଗ୍ରମର । ଜଗନ୍ନାଥ. ଚରିତ ।

୩ । (+ କର୍ତ୍ତୃ. ଅ) ଖଡ୍ଗାଧାର—3. Sheath; scabbard.
୪ । ଏକ ସ୍ୱଭାବ ବା ଆକାରର ବସ୍ତୁଗଣ—
4. Things of the same class or nature.
୫ । ପରିଚ୍ଛଦ—5. Dress; raiment.
୬ । (+ କରଣ. ଅ) ଆବରଣ; ଘୋଡ଼ଣୀ—
6. Cover; covering. (M.W.)
୭ । ଗ୍ରାମର ଚତୁଃପାର୍ଶ୍ୱସ୍ଥ ବାଡ଼—
7. A hedge round a village. (M.W.)
୮ । ଜ୍ଞାତି ଓ ବନ୍ଧୁବର୍ଗ (ହି. ଶବ୍ଦସାଗର)—
8. Direct and collatral relations; one's agnates and cognates.
୯ । ଛତ୍ରଚାମରାଦି ରାଜା ଓ ଦେବତାଙ୍କ ଗହଣରେ ଯିବା ସାମଗ୍ରୀ (ହି. ଶ.)—9. Royal paraphernalia.

परिवार **घरवाली** ଦେ. ବି.—ସ୍ତ୍ରୀ—Wife.

ପରିବାରିତ—ସ. ବିଣ. (ପରି + ବାରିତ)—
Paribārita ଚାରିଆଡ଼େ ଘେରି ଯାଇଥିବା; ପରିବେଷ୍ଟିତ; ଆବୃତ—Surrounded by; covered with; veiled in.

ପରିବାରୀ—ଦେ. ବି. ସ୍ତ୍ରୀ. (ଦାସୀ ପରିବାରର ଜଣେ ବ୍ୟକ୍ତି ରୂପେ ପରିଗଣିତା ହେବାରୁ)—ଦାସୀ; ଚାକରାଣୀ—
Paribāri
ହୀ. टहलुनी Maid servant.

ସହସ୍ର ସଖୀ ପରିବାରୀଙ୍କ ସେନଲେ
ନିଜ ନାସ ଭୁଲେ ସେ ଜେଲରେ ବୁଲଲେ ।
କୃଷ୍ଣସିଂ ହି. ମହାଭାରତ. ଅବ ।

[ଦ୍ର—ପୋଇଲୀ ଓ ଦାସୀ ପରେ ଏ ଶବ୍ଦ ସହଚର ରୂପେ ବ୍ୟବହୃତ ହୁଏ, ଯଥା, ଦାସୀ ପରିବାରୀ, ପୋଇଲୀ ପରିବାରୀ ।]

ପରିବାରୀୟ—ସ. ବିଣ. (କଚରଥା)—
Paribāriya ପରିବାର ସମ୍ବନ୍ଧୀୟ; ପାରିବାରିକ—
(ପରିବାରିକ—ଦେଶଜରୂପ) Relating to a family.
(ଯଥା—ପରିବାରୀୟ ସମ୍ବନ୍ଧ ।)

ପରିବାସ—ସ. ବି. (ପରି + ବସ୍ ଧାତୁ + ଅ)—
Paribāsa ୧ । (+ ଅଧିକରଣ. ଅ) ଗୃହ; ବାସସ୍ଥାନ (ହି. ଶ.)—
1. House; residence.
୨ । (+ ଭାବ. ଅ) ଅବସ୍ଥାନ—2. Staying.
୩ । (ପରି = ଉତ୍ତମ + ବାସ) ସୁବାସ; ସୁଗନ୍ଧ (ହି. ଶ.)—
3. Sweet smell; fragrance.
୪ । ବିଦେଶ ବାସ—4. Sojourn. (M. W.)

ପରିବାସନ—ସ. ବି – ଖଣ୍ଡ (ହି. ଶ.)—
Paribāsana Piece.

ପରିବାହ—ସ. ବି. (ପରି + ବହ୍ ଧାତୁ + ଭାବ. ଅ)—
Paribāha ୧ । ପ୍ଲାବନ; ପାତ୍ର ବା ଜଳାଶୟ ଅଦ ପୂର୍ଣ୍ଣ ହୋଇ (ପରୀବାହ—ଅନ୍ୟରୂପ) ପାଣି ବାହାରି ଯିବା; ଉଚ୍ଛୁଳିବା (ହି. ଶ)—(ପରିବାହୀ, ପରିବାହିତ—ବିଣ) 1. Overflowing; inundation (Apte).
୨ । (+ କରଣ. ଅ) ବଳକା ପାଣି ବୋହିଯିବା ନଳା—
2. A drain for the overflowing water.

ପରିବିନ୍ନ—ସ. ବି. ପୁଂ. (ପରି = ପୂର୍ବରୁ + ବିଦ୍ ଧାତୁ + କର୍ମ. ତ)—
Paribinna ଯେଉଁ ଅବିବାହିତ ବ୍ୟକ୍ତିର ସାନ ଭାଇ ବିବାହିତ ହୋଇଥାଏ—An unmarried elder brother whose younger is married.
ପରିବିତ୍ତ } ଅନ୍ୟରୂପ
ପରିବିତ୍ତି }
(ଯଥା—ବିବାହିତ ସାନ ଭାଇକୁ ପରିବେତ୍ତା ବୋଲାଯାଏ ।)

ପରିବିନ୍ଦକ—ସ. ବି. ପୁଂ. (ପରି + ବିଦ୍ ଧାତୁ + କର୍ତ୍ତୃ. ଅକ)—
Paribindaka ଯେଉଁ ବ୍ୟକ୍ତି ଆପଣାର ବଡ଼ ଭାଇ ବିବାହିତ (ପରିବିନ୍ଦକ—ଅନ୍ୟରୂପ) ହେବା ପୂର୍ବରୁ ବିବାହ କରେ—
A person who gets married before his elder brother.

ପରିବିନ୍ଦନ—ସ. ବି. (ପରି + ବିଦ ଧାତୁ + ଅନ)—
Paribindana ୧ । (+ ଭାବ. ଅନ) ବଡ଼ ଭାଇର ବିବାହ ପୂର୍ବରୁ ସାନ ଭାଇର ବିବାହ—1. Marriage of the younger brother before that of the elder.
୨ । (+ କର୍ତ୍ତୃ. ଅନ) ପରିବିନ୍ନ (ଦେଖ)
2. Paribinna (See)

ପରିବିଷ୍ଟ—ସ. ବିଣ. (ପରି + ବିଶ୍ ଧାତୁ + କର୍ମ. ତ)—
Paribishta ୧ । ଚତୁର୍ଦ୍ଦିଗରେ ଘେରି ହୋଇଥିବା; ପରିବେଷ୍ଟିତ—
1. Surrounded; beseiged. (M. W.)
୨ । (ପରି + ବିଷ୍ ଧାତୁ + ତ) ପରଷା ଯାଇଥିବା (ଖାଦ୍ୟ)—
2. Served [food].

ପରିବିଷ୍ଟି—ସ. ବି (ପରି + ବିଶ୍ ଧାତୁ + ଭାବ. ତି)—
Paribishti ୧ । ସେବା; ଚାକିରି—1. Service; attendance.
୨ । ବେଷ୍ଟନ—2. Surrounding.

ପରିବୀକ୍ଷଣ—ସ. ବି. (ପରି + ବି + ଈକ୍ଷ୍ ଧାତୁ = ଦେଖିବା + ଭାବ. ଅନ)—
Paribikshana ପର୍ଯ୍ୟବେକ୍ଷଣ; ଅଭିନିବେଶ ସହକାରେ ଦର୍ଶନ—
ପରିବୀକ୍ଷିତ } ଅନ୍ୟରୂପ
ପରିବେକ୍ଷକ }
Observation; careful look.

ପରିବୀତ—ସ. ବିଣ. (ପରି + ବୀ ଧାତୁ = ଗମନ କରିବା ଅଥବା ବ୍ୟେ ଧାତୁ = ବେଷ୍ଟନ କରିବା + କର୍ମ. ତ)—
Paribita
୧ । ପରିବେଷ୍ଟିତ—1. Surrounded; circumscribed.
୨ । ସମାଚ୍ଛାଦିତ—2. Well-covered; enveloped.
୩ । ବ୍ୟାପ୍ତ—3. Pervaded; overspread.

ପରିବୃଢ଼—ସଂ. ବି. (ପରି=ସମ୍ପୂର୍ଣ୍ଣ ରୂପେ+ବୃହ୍ ଧାତୁ=ସମ୍ପନ୍ନ ଥିବା +କର୍ତ୍ତୃ. ତ)—
Paribrurdha
ପ୍ରଭୁ; ସ୍ୱାମୀ—Lord; master.
ପୃଥ୍ୱୀ ଚକ୍ରବାଳ ପରିବୃଢ଼ ବାଳୁକେଶ, ତୁଷଗଇଲେ ଏ ରସ ଗୋ ।
କବିସୂର୍ଯ୍ୟ. ଇନ୍ଦୁମତୀ ଚମ୍ପୂ ପ ଗୀତ ।

ପରିବୃତ—ସଂ. ବିଣ (ପରି=ଚାରିଆଡ଼େ+ବୃ ଧାତୁ=ଆବରଣ କରିବା +କର୍ମ.ତ)—୧ । ପରିବେଷ୍ଟିତ; ବେଢ଼ା ହୋଇଥିବା—
Paribruta
1. Surrounded.
୨ । ସମାବୃତ—2. Well covered.

ପରିବୃତି—ସଂ. ବି. (ପରି+ବୃତ୍ ଧାତୁ=ବର୍ତ୍ତମାନ ରହିବା+ଭାବ. ତି)—
Paribruti ୧ । ବେଷ୍ଟନ; ପରିଧି—1. Circumference.
୨ । ବାଡ଼—2. Fence.
୩ । ଆବରଣ; ଢାଙ୍କୁଣୀ—3. Cover.
୪ । ଘେରିବା—
4. Surrounding; standing round. (Apte).

ପରିବୃତ୍ତ—ସଂ. ବିଣ. (ପରି+ବୃତ୍ ଧାତୁ+କର୍ମ. ତ)—
Paributta ୧ । ବେଷ୍ଟିତ (ହି. ଶ.)—1. Surrounded.
୨ । ଘୂରିଥିବା—
2. Revolved; turned round (Apte).
୩ । ପଛକୁ ଫେରିଥିବା—
3. Turned back; retreated (Apte).
୪ । ବଦଳା ଯାଇଥିବା; ବିନିମୟ କରାଯାଇଥିବା—
4. Exchanged; bartered (Apte).
୫ । ସମାହୃତ—5. Finished; ended (Apte).
୬ । ଓଲଟା ପାଲଟା କରା ଯାଇଥିବା (ହି. ଶ.)
6. Inverted; turned upside down.
(+ଭାବ. ତ) ଆଲିଙ୍ଗନ—Embrace (Apte).

ପରିବୃତ୍ତି—ସଂ. ବି. (ପରି+ବୃତ୍ ଧାତୁ+ଭାବ. ତି)—
Paributti ୧ । ପରିବର୍ତ୍ତନ—1. Change.
୨ । ବିନିମୟ—2. Exchange; barter.
୩ । (ସାହିତ୍ୟ) ଅଳଙ୍କାରବିଶେଷ—
3. A figure of speech in which there is an exchange of a thing for what is equal, less or greater.

[ଦ୍ର—ଏକ ପଦାର୍ଥ ଅନ୍ୟ ସମାନ ବା ନ୍ୟୂନ ପଦାର୍ଥଦ୍ୱାରା ପରିବର୍ତ୍ତିତ ହେଲେ ପରିବୃତ୍ତି ଅଳଙ୍କାର ହୁଏ; ଯଥା—

ତୋ ଦେହରୁ ଶୈତ୍ୟ ନେଇ ଗନ୍ଧବହ-
ଭାରବାସୀଙ୍କି ଦେଇଛୁ ।
ତାହାଙ୍କ ସନ୍ତାପ ନେଇ ଅର୍ବ୍ବି ଗଲେ
ବାଡ଼ବଛଳେ ଥୋଇଛୁ ।

ଲୁଳମଣି. ଅଳଙ୍କାରତରଙ୍ଗିଣୀ ।

ଯେଉଁ ଅଳଙ୍କାରରେ ଗୋଟିଏ ବସ୍ତୁକୁ ଦେଇ ଅନ୍ୟ ସମାନ ବା ଅସମାନ (ଅଧିକ ବା ନ୍ୟୂନ) ବସ୍ତୁ ଅଙ୍ଗୀକାର କଥିତ ହୁଏ ତାହା ପରିବୃତ୍ତି ଅଳଙ୍କାର; ଯଥା—ମୃଗଲୋଚନା ମୋତେ ତାହାର କଟାକ୍ଷକୁ ଦେଇ ମୋ ହୃଦୟକୁ ନେଇଅଛି ଓ ମୁଁ ମୋ ହୃଦୟକୁ ଦେଇ ମଦନ-ଜ୍ୱରକୁ ପାଇଅଛି । ସମାନ ବସ୍ତୁ ସଙ୍ଗେ ସମାନ ବସ୍ତୁର ବିନିମୟ କଳ୍ପିତ ହେଲେ ସମପରିବୃତ୍ତି ହୁଏ; ଅସମ ବସ୍ତୁର ବିନିମୟ ହେଲେ ବିଷମପରିବୃତ୍ତି ହୁଏ—ହି. ଶବ୍ଦସାଗର ।]

୪ । ପ୍ରତ୍ୟାବୃତ୍ତି; ଫେରିବା—
4. Return; turning back (Apte).
୫ । ସମାପ୍ତି—5. End; termination (Apte).
୬ । ଘେର; ବେଷ୍ଟନ (ହି. ଶ)—
6. Surrounding (Apte)
୭ । କୌଣସି ସ୍ଥାନରେ ବାସ କରିବା ବା ରହିବା—
7. Staying or dwelling in a place (Apte).
୮ । ଲିଙ୍ଗର ଅଗ ଚମର ସଙ୍କୋଚନ—
8. The contraction of the prepuce or foreskin of the penis.
୯ । ରଚନାରେ ଭାବର ପରିବର୍ତ୍ତନ ନ କରି ଏକ ଶବ୍ଦ ସ୍ଥଳରେ ଅନ୍ୟ ଶବ୍ଦର ବ୍ୟବହାର—
9. Substitution of one word for another without affecting the sesne (Apte).
(ଯଥା—ବୃଷଧ୍ୱଜ ପରିବର୍ତ୍ତରେ ବୃଷଲାଞ୍ଛନ ବା ବୃଷବାହନ ଶବ୍ଦର ପ୍ରୟୋଗ ।)

ପରିବେତ୍ତା—ସଂ. ବି. ପୁଂ. (ପରି=ଦୂରକୁ+ବିଦ୍ ଧାତୁ=ଲାଭ କରିବା +କର୍ତ୍ତୃ. ତୃ, ୧ମା. ୧ବ.)—ବଡ଼ ଭାଇ ଅବିବାହିତ ଥାଉଁ ଥାଉଁ ବିବାହିତ ସାନ ଭାଇ—A person who gets married before his elder brother is married.
Paribetta

[ଦ୍ର—ବଡ଼ ଭାଇ ଦେଶାନ୍ତରଗାମୀ, ନପୁଂସକ, ପତିତ, ମୂକ, ବଧିର, ଅନ୍ଧ, କୋଢ଼ି, ବିବାହ କରିବାକୁ ଅନିଚ୍ଛୁକ, ବେଶ୍ୟାସକ୍ତ ଓ ଚିରରୋଗୀ ହେଲେ, କିମ୍ବା ଆପଣାର ଅନ୍ତର ଭାଇ ହୋଇଥିଲେ, କିମ୍ବା ସାନ ଭାଇକୁ ବିବାହ କରିବାକୁ ଅନୁମତି ଦେଲେ ବଡ଼ ଭାଇ ବିବାହିତ ନ ହୋଇ ସୁଦ୍ଧା ସାନ ଭାଇ ବିବାହ କରିବାର ଶାସ୍ତ୍ରବିଧି ଅଛି । ଅବିବାହିତ ବଡ଼ ଭାଇକୁ ପରିବିତ୍ତ, ପରିବିତ୍ତ, ପରିବିତ୍ତି ବୋଲାଯାଏ ।]

ପରିବେଦ—ସଂ. ବି. (ପରି+ବିଦ୍ ଧାତୁ+ଭାବ. ଅ)—ସମ୍ୟକ୍‌ଜ୍ଞାନ—
Paribeda Complete or accurate knowledge (Apte).

ପରିବେଦନ—ସଂ. ବି. (ପରି+ବିଦ୍ ଧାତୁ=ଲାଭ କରିବା+ଭାବ. ଅନ)—
Paribedana ୧ । ଅନୂଢ଼ ଜ୍ୟେଷ୍ଠଭ୍ରାତା ବିବାହ ନ କରୁଣୁ କନିଷ୍ଠର ବିବାହ—1. The marriage of a person whose elder brother is still unmarried.
୨ । ବିବାହ—2. Marriage (Apte).
୩ । ବୋଧ; ପୂର୍ଣ୍ଣଜ୍ଞାନ—
3. Complete or accurate knowledge.
୪ । ଲାଭ—4. Profit; gain.
୫ । ପ୍ରାପ୍ତି—5. Acquisition.

୬ । ଅଗ୍ନ୍ୟାଧାନ; ଅଗ୍ନିହୋତ୍ର ପାଇଁ ଗୃହରେ ସଞ୍ଚାଗ୍ନି ସ୍ଥାପନ—
6. Maintaining the household fire (Apte).
୭ । ସର୍ବଙ୍କ ବ୍ୟାପ୍ତି—
7. Pervasion on all sides (Apte).
୮ । ଆଲୋଚନା; ବାଦାନୁବାଦ (ହୃ. ଶ.)—
8. Discussion (Apte).
୯ । ଅତ୍ୟନ୍ତ ଦୁଃଖ; କଷ୍ଟ (ହୃ. ଶ.)—
9. Misery; pain.

ପରିବେଦନା—ସଂ. ବି. (ପରି+ବେଦ ଧାତୁ=ଜାଣିବା+ଭାବ· ଅନ Paribedanā +ସ୍ତ୍ରୀ. ଆ)—୧ । ଅତ୍ୟନ୍ତ କ୍ଳେଶ; ଯନ୍ତ୍ରଣା— 1. Misery; pang.
୨ । ଦୂରଦର୍ଶିତା—
2. Prudence; foresight (Apte).
୩ । ଚତୁରତା; ବିଚକ୍ଷଣତା (ହୃ. ଶ.)—
3. Shrewdness (Apte).

ପରିବେଦିନୀ—ସଂ. ବି. ସ୍ତ୍ରୀ. (ପରି+ବଦ୍ ଧାତୁ=କଥା କରିବା+କର୍ତ୍ତୃ. Paribedinī ଇନ୍; ସ୍ତ୍ରୀ. ଈ)—ପରିବେତ୍ତାର ସ୍ତ୍ରୀ; ସେଉଁ ସ୍ତ୍ରୀ (ପରିବେଦନୀୟା—ଅନ୍ୟରୂପ) ଅବିବାହିତ ଜ୍ୟେଷ୍ଠଭ୍ରାତାର କନିଷ୍ଠକୁ ବିବାହ କରିଥାଏ—The wife of a younger brother who gets married before his elder. (M. W.).

ପରିବେଶ—ସଂ. ବି. (ପରି=ଚାରିଆଡ଼େ+ବିଶ୍ ବା ବିଷ୍ ଧାତୁ=ବେଷ୍ଟନ Paribesa କରିବା; ବ୍ୟାପିବା+ଅଧି. ଅ)—୧ । ପରିଧି—
(ପରିବେଷ—ଅନ୍ୟରୂପ) 1. Circumference.
୨ । ମଣ୍ଡଳ—2. Halo; orb.
୩ । ଚନ୍ଦ୍ର ସୂର୍ଯ୍ୟର ମଣ୍ଡଳ—3. The disc of the sun or moon; the halo round the sun or moon.
୪ । (+ଭାବ. ଅ) ପରିବେଷଣ; ପରଷିବା—
4. Serving of meal.
୫ । (+ଭାବ. ଅ) ଘେର; ବେଷ୍ଟନୀ—
5. Any thing surrounding or protecting.
୬ । ପରିଧାନ—
6. Putting on; clothing; dressing (M. W.).

ପରିବେଷକ—ସଂ. ବି. ପୁଂ—(ପରି+ବିଷ୍ ଧାତୁ+କର୍ତ୍ତୃ. ଅକ)—
Paribeshaka ପରଷୁଣି; ପରଷାଳ; ପରିବେଷଣକାରୀ—
(ପରିବେଷ୍ଟା—ଅନ୍ୟରୂପ) Meal-server; one who ser-
(ପରିବେଷିକା; ପରିବେଷ୍ଟ୍ରୀ—ସ୍ତ୍ରୀ) ves up meals; a waiter.

ପରିବେଷଣ—ସଂ. ବି.—(ପରି+ବିଷ୍ ଧାତୁ=ବ୍ୟାପିବା+ଭାବ. ଅନ)—
Paribeshaṇa ୧ । ଭୋଜନ କରୁଥିବା ଲୋକଙ୍କୁ ଖାଦ୍ୟ ପରଷିବା—1. Serving up of meals; distributing food.
୨ । (+କର୍ତ୍ତୃ. ଅନ)—ପରିଧି—
2. Circumference. (M.W.)
୩ । ସୂର୍ଯ୍ୟ ବା ଚନ୍ଦ୍ରର ମଣ୍ଡଳ—
3. The halo round the sun or moon. (M. W)

ପରିବେଷ୍ଟନ—ସଂ. ବି. (ପରି+ବେଷ୍ଟ ଧାତୁ=ବେଷ୍ଟନ କରିବା+ଭାବ. Paribeshṭana ଅନ)—୧ । ଘେରାଉ କରିବା; ଘେରିବା—
1. Surrounding; beseiging.
୨ । (+କରଣ. ଅନ) ପଟି—2. Ligature; bandage.
୩ । ବାଡ଼—3. Fencing; enclosure.
୪ । ଆବରଣ; ଘୋଡ଼ଣୀ—4. Cover.
୫ । ହତା—5. Compound wall.
୬ । (+କର୍ତ୍ତୃ. ଅନ)—ପରିଧି—
6. Circumference. (M. W.)
୭ । ଗୁଡ଼ାଇବା; ବାନ୍ଧିବା—
7 Tying round or up. (M. W.)

ପରିବେଷ୍ଟିତ—ସଂ. ବିଣ. (ପରି+ବେଷ୍ଟ ଧାତୁ=ବେଷ୍ଟନ କରିବା+ Paribeshṭita କର୍ମ. ତ)—୧ । ଚତୁର୍ଦ୍ଦିଗରେ ବେଷ୍ଟିତ—
1. Surrounded.
୨ । ଆବୃତ; ପରିବୃତ—2. Covered; veiled.
୩ । ପଟିଦ୍ୱାରା ବନ୍ଧା ଯାଇଥିବା—
3. Bandaged; swathed. (M.W.)

ପରିବୋଧ—ସଂ.ବି.—(ପରି=ସମ୍ୟକ୍+ବୋଧ)—୧ । ସମ୍ୟକ୍ ଜ୍ଞାନ—
Paribodha 1. Complete knowledge.
(ପରିବୋଧନ—ଅନ୍ୟରୂପ) ୨ । ଦଣ୍ଡର ଧମକ ଦେଇ ବା କୁଫଳର ଭୟ ଦେଖାଇ କୌଣସି କାର୍ଯ୍ୟରୁ ଯୋକିବା; ନେଡାଇବା—2. Act of preventing a person from doing something by threat of punishment or evil result.

ପରିବ୍ୟୟ—ସଂ. ବି. (ପରି+ବ୍ୟୟ)—୧ । କୌଣସି ଦ୍ରବ୍ୟ ପାଇଁ କରାଯିବା
Paribyaya ବ୍ୟୟ—1. Cost. (M W.)
୨ । ମସଲା—2. Condiment; spices. (M. W.)

ପରିବ୍ୟାଧ—ସଂ. ବି.—୧ । ଜଳବେତସ (ହୃ. ଶବ୍ଦସାଗର)—
Paribyādha 1. A species of reed; Calamus Fasciculatus. (M. W.)
୨ । ଦ୍ରୁମୋତ୍ପଳ; କଣିଆର (ହୃ. ଶ.)—
2. Prerospermum Ascerifolium. (M.W.)
୩ । ଗେଣ୍ଡୁ ଫୁଲ—3. Marigold.

ପରିବ୍ରଜ୍ୟା—ସଂ. ବି. ସ୍ତ୍ରୀ—(ପରି+ବ୍ରଜ୍ ଧାତୁ=ଭ୍ରମଣ କରିବା+ଭାବ. Paribrajyā ଯ; ସ୍ତ୍ରୀ. ଆ)—୧ । ତପସ୍ୟା—
1. Religious austerities.
୨ । ବାନପ୍ରସ୍ଥ ଆଶ୍ରମ ପରେ ୪ର୍ଥ ଆଶ୍ରମ ବା ଭିକ୍ଷୁ ବୃତ୍ତି ଅବଲମ୍ବନ ପୂର୍ବକ ନାନା ସ୍ଥାନ ପର୍ଯ୍ୟଟନ—2. Religious mendicancy after completing the Bānaprastha stage of life.
୩ । ପରିବ୍ରାଜନ; ଧର୍ମାର୍ଥ ପରିଭ୍ରମଣ—
3. Travel for religious purposes.
୪ । ଇତସ୍ତତଃ ପରିଭ୍ରମଣ—
4. Strolling or wandering from place to place.

ପରିବ୍ରାଜ୍—ସଂ. ବି. ପୁଂ.—(ପରି+ବ୍ରଜ୍ ଧାତୁ=ଭ୍ରମଣ କରିବା+କର୍ତ୍ତୃ. କ୍ୱିପ୍)—୧ । ପର୍ଯ୍ୟଟକ—1. Traveller.
Paribrāj

ପରିବ୍ରାଜ, ପରିବ୍ରାଜକ } ଅନ୍ୟରୂପ
ପରିବ୍ରାଜୀ, ପରିବ୍ରାଜକା, ପରିବ୍ରାଜିକା } ସ୍ତ୍ରୀ.

୨ । ଯତି; ଚତୁର୍ଥାଶ୍ରମଧର୍ମୀ ଯତି; ଚତୁର୍ଥ ଆଶ୍ରମ ଅବଲମ୍ବୀ ବ୍ୟକ୍ତି—2. Ascetic of the 4th or last religious stage of life.

୩ । ସନ୍ନ୍ୟାସୀ—3. A religious recluse.

ସଂ. ବିଣ.—ଭ୍ରମଣକାରୀ—Travelling.

ପରିବ୍ରାଜନ—ସଂ. ବି.—(ପରି+ବ୍ରଜ୍ ଧାତୁ=ଭ୍ରମଣ କରିବା+ଭାବ.ଅନ)
Paribrājana ୧ । ପରିଭ୍ରମଣ—1. Travel.

୨ । ପରିବ୍ରଜ୍ୟା ଗ୍ରହଣ—2. The taking of the vow of a Paribrāja.

ପରିବ୍ରାଜୀ—ସଂ. ବିଣ. ସ୍ତ୍ରୀ.—(ପରିବ୍ରାଜ+ସ୍ତ୍ରୀ. ଈ)—ପରିବ୍ରାଜର ସ୍ତ୍ରୀଲିଙ୍ଗ—
Paribrājī Feminine of Paribrāja.

ସଂ. ବି. ସ୍ତ୍ରୀ.—୧ । ପରିଭ୍ରମଣକାରିଣୀ ସ୍ତ୍ରୀ ଯତି—1. A female itenerant ascetic.

୨ । ମହାମୁଣ୍ଡୀ; ବଡ଼ ଥାଲକୁଣୀ (ଲତା)—2. Spheranthus Mollis (creeper).

ପରିବ୍ରାଟ୍—ସଂ. ବି. ପୁଂ. (ପରିବ୍ରାଜ୍ ୧ମା. ୧ବ.)—ପରିବ୍ରାଜ୍ (ଦେଖ)
Paribrāṭ Paribrāj (See)

ପରିଭକ୍ଷ—ସଂ. ବିଣ.—(ପରି+ଭକ୍ଷ୍ ଧାତୁ+କର୍ତ୍ତୃ. ଅ)—ଅନ୍ୟର ଦ୍ରବ୍ୟ ଭୋଜନକାରୀ; ପରାନ୍ନଭୋଗୀ (ହି. ଶ.)—
Paribhaksha
(ପରିଭକ୍ଷା—ସ୍ତ୍ରୀ) Subsisting on the food of another.

ପରିଭକ୍ଷଣ—ସଂ. ବି. (ପରି=ସର୍ବତୋଭାବରେ, ନିବାକ୍+ଭକ୍ଷଣ)—ନିବାକ୍ ଖାଇ ଯିବା; ପୋଛି ପାଛି ଖାଇଦେବା—
Paribhakshaṇa
(ପରିଭକ୍ଷିତ—ବିଣ) Eating without leaving any remainder; eating up.

ପରିଭବ—ସଂ. ବି. (ପରି+ଭୂ ଧାତୁ=ହେବା; ପରାଜୟ କରିବା+ଭାବ. ଅ)—୧ । ପରାଭବ; ପରାଜୟ—1. Defeat.
Paribhaba
(ପରିଭାବ; ପରୀଭାବ—ଅନ୍ୟରୂପ)—୨ । ତିରସ୍କାର—2. Rebuke.

୩ । ଅବମାନନା—3. Insult.

୪ । ଅସମ୍ମାନ—4. Disrespect.

ପରିଭବୀ—ସଂ. ବିଣ. ପୁଂ.—(ପରିଭବିନ୍; ୧ମା. ୧ବ. ପରି+ଭୂ ଧାତୁ+କର୍ତ୍ତୃ. ଇନ୍)—୧ । ପରାଭବକାରୀ—
Paribhabī
(ପରିଭାବୀ—ଅନ୍ୟରୂପ) 1. Defeating.
(ପରିଭବିନୀ, ପରିଭାବିନୀ—ଅନ୍ୟରୂପ)

୨ । ତିରସ୍କାରୀ; ତିରସ୍କାରକାରୀ—2. Rebuking.

୩ । ଅପମାନକାରୀ; ଅବଜ୍ଞାକାରୀ—3. Insulting.

୪ । ଦ୍ରଷ୍ଟା—4. Seeing.

ପରିଭାଷକ—ସଂ.ବିଣ.—(ପରି+ଭାଷ୍ ଧାତୁ+କର୍ତ୍ତୃ.ଅକ)—୧ । ନିନ୍ଦକ—
Paribhāshaka 1. Blaming.
(ପରିଭାଷିକା—ସ୍ତ୍ରୀ) ୨ । ତିରସ୍କାରକ—2. Rebuking.

୩ । ଅପବାଦକାରୀ—3. Slandering; defaming.

ପରିଭାଷଣ—ସଂ. ବି.—(ପରି=ପରସ୍ପର+ଭାଷଣ=କଥନ)—
Paribhāshaṇa ୧ । ବାକ୍ୟାଳାପ; କଥୋପକଥନ—1. Conversation.

୨ । (ପରି=ନିନ୍ଦା, ଦୋଷ କୀର୍ତ୍ତନ+ଭାଷଣ=କଥନ)—ନିନ୍ଦାବାଦ—2. Blaming.

୩ । ତିରସ୍କାର; ଉଲ୍ଲୁଣ୍ଠଣା—3. Rebuking; jeering.

[ଦ୍ର—ହିନ୍ଦୁ ସ୍ମୃତି ଅନୁସାରେ ଗର୍ଭିଣୀ, ଆପଦଗ୍ରସ୍ତ, ବୃଦ୍ଧ ଓ ବାଳକ ଅପରାଧୀଙ୍କୁ ଅନ୍ୟ ଦଣ୍ଡ ନ ଦେଇ ପରିଭାଷଣ ଦଣ୍ଡ ଦେବା ଉଚିତ ।]

୪ । ଲକ୍ଷଣ—4. Symptom.

୫ । ସଙ୍କେତ—5. Sign.

୬ । ରୋଗର ଲକ୍ଷଣ ପ୍ରକାଶ—6. Describing the symptoms of a disease; prognosis.

ପରିଭାଷା—ସଂ.ବି.—(ପରି=ବ୍ୟାପ୍ତ+ଭାଷା=କଥନ)—୧ । ବିଶେଷାର୍ଥ-ବୋଧକ ସଙ୍କେତ—1. Sign indicating special meaning.
Paribhāshā

୨ । ବିଜ୍ଞାନ ଆଦିରେ ପ୍ରଚଳିତ ସଂଜ୍ଞାବିଶେଷ—2. Technical term.

୩ । ପରିଷ୍କୃତ ବା ସ୍ପଷ୍ଟଭାଷଣ—3. Clear expression; lucid speech.

୪ । ବିଶିଷ୍ଟ ପଦମାନଙ୍କ ଅର୍ଥ—4. Meaning of technical words.

୫ । ବିଶିଷ୍ଟ ପଦମାନଙ୍କର ତାଲିକା—5. A list of technical words; technology.

୬ । ନିନ୍ଦା (ହି. ଶ.)—6. Blame.

୭ । ଭର୍ତ୍ସନା—7. Censure; reproof (M. W.).

ପରିଭାଷିକ—ଦେ. ବିଣ. (ସଂ. ପାରିଭାଷିକ)—
Paribhāshika ପାରିଭାଷିକ (ଦେଖ) Pāribhāshika (See)

ପରିଭାଷିତ—ସଂ. ବିଣ. (ପରି+ଭାଷ୍ ଧାତୁ=କହିବା+କର୍ମ. ତ)—
Paribhāshita ୧ । କଥିତ—1. Spoken.

୨ । ପରିଭାଷା ଦ୍ୱାରା ବ୍ୟକ୍ତ—2 Expressed in technical terms.

୩ । ବ୍ୟାଖ୍ୟାତ—3. Explained. (M. W.)

ପରିଭୁକ୍ତ—ସଂ. ବିଣ. (ପରି+ଭୁଜ୍ ଧାତୁ=ଭୋଜନ କରିବା+କର୍ମ.ତ)—
Paribhukta ୧ । ଯାହା ଭୋଗ କରା ଯାଇଅଛି; ଉପଭୁକ୍ତ—
(ପରିଭୁକ୍ତା—ସ୍ତ୍ରୀ) 1. Enjoyed before by another.

୨ । ପୂର୍ବରୁ ବ୍ୟବହୃତ—2. Used before.

୩ । ଅନ୍ୟ ଦ୍ୱାରା ପୂର୍ବରୁ ଭକ୍ଷିତ—3. Eaten before by another.

ପରିଭୂତ—ସଂ. ବିଣ. (ପରି+ଭୂ ଧାତୁ+କର୍ମ. ତ)—
Paribhūta ୧ । ପରାଜିତ—1. Defeated; conquered.
(ପରିଭୂତି—ବି) ୨ । ଅଭିଭୂତ—2. Overpowered.

୩ । ତିରସ୍କୃତ—3. Chastised.
୪ । ଅନାଦୃତ—4. Slighted.
୫ । ଘୃଣିତ—5. Despised.
୬ । ଅବହେଳିତ—6. Disregarded.

ପରିଭୂଷଣ—ସଂ. ବି. (ପରି+ଭୂଷଣ) – ୧ । ସଜାଇବା—
Paribhūshaṇa 1. Equipping; furnishing.
୨ । କୌଣସି ପ୍ରଦେଶର ବା ଭୂଖଣ୍ଡର ସମସ୍ତ ରାଜସ୍ୱ ଶତ୍ରୁକୁ ଦାନ କରି ତହିଁ ବଦଳରେ ଯେଉଁ ଶାନ୍ତି କ୍ରୀତ ହୁଏ (ହି. ଶ.)—
2. Peace purchased by paying or the cession of the whole revenue of a province to the enemy. (M. W.)

ପରିଭେଦ—ସଂ. ବି. (ପରି+ଭେଦ) – ଅସ୍ତ୍ର ଶସ୍ତ୍ରାଦିର ଆଘାତ—
Paribheda Hurt or injury caused by weapons.

ପରିଭୋଗ—ସଂ. ବି. (ପରି+ଭୁଜ୍ ଧାତୁ=ଭୋଜନ କରିବା+ଭାବ. ଅ)-
Paribhoga ୧ । ସମ୍ଭୋଗ—1. Enjoyment.
ପରିଭୁକ୍ତ, ପରିଭୋକ୍ତ୍ୟ } ବିଣ ୨ । ସଙ୍ଗମ; ମୈଥୁନ—
2. Sexual intercourse.
୩ । ଜୀବନୋପାୟ; ଜୀବିକା—
3. Means of subsistence. (M. W.)
୪ । ସମ୍ଭୋଗର ଉପାୟ—
4. Means of enjoyment. (M. W.)
୫ । ପର ଦ୍ରବ୍ୟର ଅବୈଧ ବ୍ୟବହାର—
5 Illegal use of another's goods. (M. W.)
୬ । ଗୁରୁ ଧନର ଉପଭୋଗ (ହି. ଶବ୍ଦସାଗର)—
6. Enjoyment or appropriation of the property of one's preceptor.

ପରିଭ୍ରମ - ସଂ. ବି. (ପରି+ଭ୍ରମ୍ ଧାତୁ=ଭ୍ରମଣ କରିବା+ଭାବ. ଅ)—
Paribhrama ୧ । ପରିଭ୍ରମଣ; ଚତୁର୍ଦ୍ଦିଗ ଭ୍ରମଣ; ପର୍ଯ୍ୟଟନ—
1. Moving about; roaming; wandering.
୨ । ଭ୍ରମ; ଭ୍ରାନ୍ତି; ପ୍ରମାଦ—
2. Mistake; error. (M. W.)
୩ । କଥାକୁ ବୁଲେଇ କରି କହିବା—3. Circumlocution; rambling discourse. (M. W.)

ପରିଭ୍ରମଣ—ସଂ. ବି. (ପରି+ଭ୍ରମ୍ ଧାତୁ+ଭାବ. ଅନ) —
Paribhramaṇa ୧ । ପରିକ୍ରମ (ଦେଖ)
1. Parikrama (See)
୨ । ଇତସ୍ତତଃ ଚଳନ—2. Moving to and fro.
୩ । ପର୍ଯ୍ୟଟନ—3. Travelling.
୪ । ଘୂର୍ଣ୍ଣନ; ଘୂରି ଆଡ଼େ ବୁଲିବା—
4. Turning round; revolving.
୫ । ପରିଧି—5. Circumference. (M. W.)

ପରିଭ୍ରଷ୍ଟ—ସଂ. ବିଣ. (ପରି+ଭ୍ରଂଶ ଧାତୁ=ସ୍ଖଳିତ ହେବା+କର୍ମ. ତ)—
Paribhrashṭa ୧ । ପତିତ—1. Fallen.
(ପରିଭ୍ରଂଶ—ବି) ୨ । ଚ୍ୟୁତ; ସ୍ଖଳିତ—2. Slipped off.
(ପରିଭ୍ରଷ୍ଟା—ସ୍ତ୍ରୀ) ୩ । ନଷ୍ଟ—3. Spoiled; destroyed; ruined; lost
୪ । ପଳାୟିତ—4. Fled away; escaped.

ପରିମ୍ କରିବା—ଦେ. କ୍ରି. (ତନ୍ତୀମାନଙ୍କ ଭାଷା)—
Parim kariba ୧ । ଲୁଗା ବୁଣିବା ପାଇଁ ଠାଣି ସୂତାକୁ ମଣ୍ଡରେ ବୁଡ଼ାଇ ତାକୁ ଲମ୍ବ କରି ଓଟାରି ବାନ୍ଧିବା ପରେ ପାନିଆ ଦ୍ୱାରା ଉକ୍ତ ଠାଣି ସୂତାମାନଙ୍କୁ ଭୁଣ୍ଡାଇ କରି ଗୋଟି ଗୋଟି ବା ଖିଅ ଖିଅ କରିବା—
To separate the warp threads by means of the comb after immersing them in gruel for weaving.

ପରିମଣ୍ଡଳ—ସଂ. ବି. (ପରି=ଘୂରି ଆଡ଼େ+ମଣ୍ଡଳ=ଗୋଲ; ପରିଧି)—
Parimaṇḍaḷa ୧ । ପରିଧି—1. Circumference.
୨ । ବୃତ୍ତ—2. Circle; sphere.
୩ । ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମଣ୍ଡଳ—3. The orb of or halo round the sun and the moon.
୪ । ଗୋଲକାର; ବର୍ତ୍ତୁଳତା—
4. Roundness; rotundity.
୫ । ଗୋଲକ—5. Globe; sphere.
୬ । ଏକ ପ୍ରକାର ବିଷାକ୍ତ ମଶକ (ସୁଶ୍ରୁତ) —
6. A kind of venomous gnat.
ସଂ. ବିଣ—୧ । ଗୋଲ—1. Circular.
(ପରିମଣ୍ଡଳତା—ବି) ୨ । ବର୍ତ୍ତୁଳ—2. Round; globular.
୩ । ଅଣୁ ପରିମିତ—
3. Of the measure of an atom.

ପରିମର—ସଂ. ବି. (ପରି+ମୃ ଧାତୁ+ଭାବ. ଅ)—
Parimara ୧ । ବହୁ ଜୀବଙ୍କର ମରଣ—
1. The dying in numbers. (M. W.)
୨ । କୌଣସି ଲୋକର ଘୂରି ପାଖ ଘେରି ଜୀବମାନଙ୍କ ମରଣ—
2. The dying round any one. (M. W.)
୩ । ଶତ୍ରୁର ବିନାଶାର୍ଥ ପ୍ରଯୁକ୍ତ ଅଭିଚାର—3. A magical rite for the destruction of one's adversary.
୪ । ବାୟୁ; ପବନ (ହି. ଶ.)—4. Wind.
ସଂ. ବିଣ—ଯାହା ଘୂରି ପାଖେ ବହୁ ଲୋକ ମରି ଅଛନ୍ତି—
One round whom many people have died.

ପରିମର୍ଶ– ସଂ. ବି. (ପରି=ସମ୍ୟକ୍+ମୃଶ୍ ଧାତୁ=ସ୍ପର୍ଶ କରିବା+ଭାବ. ଅ)—୧ । ଘର୍ଷଣ—1. Rubbing.
Parimarśa
୨ । ଲାଗିଯିବା; ଛୁଇଁବା; ସ୍ପର୍ଶ—2. Touching.
୩ । ସଂଘର୍ଷ—3. Collision.
୪ । ବିବେଚନା—4. Thorough consideration.
୫ । ପ୍ରତିଫଳନ—5. Reflection (M. W.).

ପରିମର୍ଷ—ସଂ. ବି. (ପରି+ମୃଷ ଧାତୁ=ସହ୍ୟ କରିବା+ଭାବ. ଅ)—
Parimarsha ୧ । ଦ୍ୱେଷ; ହିଂସା, ଅସୂୟା —
1. Malice; spite.

୨ । ଈର୍ଷ୍ୟା—2. Envy.
୩ । କ୍ରୋଧ—3. Anger; rage.

ପରିମଳ—ସଂ. ବି. (ପରି=ଗୁରୁଆଡ଼େ+ମଲ୍ ଧାତୁ=ଧାରଣ କରିବା+ଭାବ. ଅ)—୧ । ଚନ୍ଦନ ଆଦିର ଲେପନ ଜନିତ ସୁଗନ୍ଧ—1. Perfume arising from the paste of fragrant substance.
Parimala

୨ । ପୁଷ୍ପଆଦିରୁ ଉତ୍‌ଥିତ ସୁବାସ—
2. Smell arising from flowers; scent.
୩ । ସମ୍ଭୋଗ—3. Enjoyment.
୪ । ମୈଥୁନ—4. Copulation; connubial pleasure.
୫ । ସଜ୍ଜନ ସହବାସ—
5. Living with good people.
୬ । ପଣ୍ଡିତମାନଙ୍କ ସମ୍ମିଳନୀ—
6. A meeting of learned men.
୭ । କଳଙ୍କ—7. Stain. (M. W.).
୮ । ଦଳନ; ବାଟିବା (ହି. ଶ)—
8. Pounding; pasting; bruising.

ଦେ. ବି—୧ । ଅବସ୍ଥା—1. Condition; state.
୨ । ଆଭ୍ୟନ୍ତରୀଣ ଅବସ୍ଥାର ପୂର୍ବସୂଚନା; ପରିଲକ୍ଷଣ—
2. Indication.

ଯାଁ ପରିମଳ ଖୋବାଭୂତରୁ ଜଣା । ଭକ୍ତ ।

୩ । ମେଳ; ଗହଳ—3. Crowd.

ଯାହା ପରିମଳ ଦେଖିଲଙ୍କୁ ଯିବା ବେଳେ,
ଶରିସେଣା ଟ୍ରେକ୍ କୁମର ଅଟାଇଲେ । ପ୍ରାଚୀ. ପ୍ରତାପ ଶଶିସେଣା ।

ଦେ. ବିଣ—ସୁବାସିତ; ସୁଗନ୍ଧଯୁକ୍ତ—
Fragrant; sweet smelling.

ନାନା କୁସୁମେ ପରିମଳ
ରହେ ଲକ୍ଷ୍ମୀ ବନମାଳ । ଜଗନ୍ନାଥ. ଭାଗବତ ।

ପରିମଳ ମୟ—ସଂ. ବିଣ. (ପରିମଳ+ଯୁକ୍ତାର୍ଥେ.ମୟ)—ସୁବାସପୂର୍ଣ୍ଣ; ସୁଗନ୍ଧଯୁକ୍ତ—Fragrant.
Parimala maya

ଦକ୍ଷିଣ ଦିଗରୁ ବହେ ମୃଦୁଳ
ପରିମଳମୟ ମଳୟାନିଳ । ମଧୁସୂଦନ. ଛନ୍ଦମାଳା ।

ପରିମଳା—ଗ୍ରା. ବି. (ନାମ) (ସଂ. ପ୍ରମୀଳା)—ପ୍ରମୀଳା (ଦେଖ)—
Parimalā Pramilā (See)
[ଦ୍ର—ତଳଚେରର ରାଜା ସୁଧାମୋହନଙ୍କ ନାଟକରେ 'ପରିମଳା-ସହଗମନ'ରେ ପ୍ରମୀଳାର ନାମ ପରିମଳା ଦିଆଯାଇ ଅଛି ।]

ପରିମାଣ—ସଂ. ବି. (ପରି=ସମ୍ୟକ୍+ମା ଧାତୁ=ମାପିବା+ଭାବ. ଅନ)—
Parimāna ୧ । ପରିଧି, ଦୈର୍ଘ୍ୟ, ପ୍ରସ୍ଥ, ଆକାର, ଓଜନ, ସଂଖ୍ୟା, କାଳ, ମୂଲ୍ୟଆଦିର ମାପ—1. Measure of circumference, length, breadth, siz weight, number, duration, value and quantity.
ପରିମିତ } ବିଣ
ପରିମେୟ }

୨ । ବିସ୍ତାର—2. Extent.
୩ । ଦୈର୍ଘ୍ୟ ଓ ପ୍ରସ୍ଥ; ଆକାର—
3. Size; length and breadth; dimensions.
୪ । ଗଣିବା—4. Counting..
୫ । ସଂଖ୍ୟା—5. Number.
୬ । ଆକାରର ବର୍ଗ ବା ଘନଫଳ—
6. Superficial or cubical area.
୭ । ଓଜନ—7. Weight.
୮ । ମାପର ଉପକରଣ—8. Material or standard for measurement or weighing.

ପରିମାଣ ଫଳ—ସଂ. ବି. (୬ଷ୍ଠୀ ତତ୍; ପରିମାଣ+ଫଳ)—
Parimāna phala ନିର୍ଦ୍ଦିଷ୍ଟକ୍ଷେତ୍ରର ବର୍ଗଫଳ—
Area of a plot of land.
[ଦ୍ର—କ୍ଷେତ୍ରର ଦୀର୍ଘ ଓ ପ୍ରସ୍ଥ ଗୁଣିଲେ ଯେଉଁ ରାଶି ହୁଏ ।]

ପରିମାଣାତ୍ମକ—ସଂ.ବିଣ. (ପରିମାଣ+ଆତ୍ମନ୍+କ)—ପରିମାଣ ସମ୍ବନ୍ଧୀୟ—
Parimānātmaka Quantitative; relating to measure.
(ପରିମାଣାତ୍ମିକା—ସ୍ତ୍ରୀ)

ପରିମାଣି—ଦେ. ଅ. (ସଂ. ପ୍ରମାଣ)—ତୁଲ୍ୟ; ପରି; ପ୍ରମାଣେ—
Parimāni Like; similar to.

କଥ କହନ୍ତୁ କେତୁକାଣି
ଚନ୍ଦ୍ରମଣ୍ଡଳ ପରିମାଣି । ପ୍ରାଚୀ ଯଶୋବନ୍ତ. ପ୍ରେମଭକ୍ତିଗୀତା ।

ପରିମାଣିକ—ଦେ. ବି—୧ । ସମାଜର ପ୍ରଧାନ ବ୍ୟକ୍ତି—
Parimānika 1. The headman of a caste-guild.
परामाणिक ୨ । ତନ୍ତିମାନଙ୍କ ଉପାଧିବିଶେଷ—
ठाकुर 2. A family-title of weavers.

ପ୍ରାଦେ. (ପୁରୀ)—ମନ୍ଦିରର ଯେଉଁ କର୍ମଚାରୀ ଖଟଣି ପାଇଁ ଯାତ୍ରୀଙ୍କ ଦେବା ଫିସ୍ ସ୍ଥିର କରେ ଓ ଆଦାୟ କରେ—
A temple officer who settles & realises fees from pilgrims for offerings to a Deity.

ପରିମାଣିକା—ପ୍ରାଦେ. (ପୁରୀ) ବି—ଜଗନ୍ନାଥ ଆଦି ଦେବତାଙ୍କୁ କୌଣସି ବିଶେଷ ଖଟଣି ଲଗାଇବା ପାଇଁ ଯାତ୍ରୀ ଦେବା ଫିସ୍—The fees paid by pilgrims for offering special bhog to a Deity.
Parimānikā

ପରିମାଣିବା—ଦେ. (ପଦ୍ୟ) କ୍ରି—(ସଂ. ପରିମାଣ)—୧ । ମାପ ସ୍ଥିର କରିବା—1. To ascertain or determine the measure of.
Parimānibā
परिमाण परिमानना

ଲକ୍ଷ ଅଲକ୍ଷ ବେଦେ ଶ୍ରାମୀ ।
ବୋଧ ବଶରେ ପରିମାଣି । ଜଗନ୍ନାଥ—ଭାଗବତ ।

୨ । ନିର୍ଦ୍ଦେଶ କରିବା; ବ୍ୟବସ୍ଥା କରିବା—
2. To indicate; to lay down.

ଶାସ୍ତ୍ରରେ ଯେ ପ୍ରମାଣେ ପରିମାଣି ଦକ୍ଷିଣର ମାନ—ମଧୁସୂଦନ ।

୩ । ରଚନା କରିବା—3. To compose.

ନିର୍ମଳ ଭାଗବତ ବାଣୀ
ଶ୍ଳୋକ ଗ୍ରନ୍ଥେ ପରିମାଣି । ଜଗନ୍ନାଥ—ଭାଗବତ ।

୪ । ବିଚାରିବା—
4. To think; to keep in view.

ଢବା ଉତ୍ତମ ପରମାର୍ଥ ।
ଅଟଳେ ଅଛେ ତ ନ ଜାଣି । ଜଗନ୍ନାଥ—ଭାଗବତ ।

ପରିମି—ଗ୍ରା. ବି—(ନାମ)—(ଆଦରାର୍ଥକ) ପରମାନନ୍ଦର ଡାକ ନାମ—
Parimi ପରମାନନ୍ଦ— Name for calling Paramānanda.

ପରିମିତ—ସଂ. ବିଣ—(ପରି+ମା ଧାତୁ+ମାପିବା+କର୍ମ. ତ)—
Parimita ୧ । ନିର୍ଦ୍ଦିଷ୍ଟ ସୀମାବଦ୍ଧ—1. Definite; of given dimensions; limited.
(ପରିମିତା—ସ୍ତ୍ରୀ)
୨ । ଉପଯୁକ୍ତ ପରିମାଣଯୁକ୍ତ—
2. Of proper or fixed to quantity.
୩ । ସଂଯତ—3. Moderate; temperate.
୪ । ନିୟମିତ—4. Regulated.
[ପରିମିତତା (ଭା)—ବି] ୫ । ଅଳ୍ପ—
5. Small; little; sparing.
୬ । ସ୍ଥିରୀକୃତ—
6. Defined; determined; ascertained.
୭ । ମାପ ହୋଇଥିବା; ତଉଲ ହୋଇଥିବା—
7. Measured; weighed.
୮ । ସଂଖ୍ୟାତ—9. Numbered.
୯ । ନିର୍ଦ୍ଦିଷ୍ଟ ସଂଖ୍ୟକ—9. Of a fixed number.

ପରିମିତ ବ୍ୟୟ—ସଂ. ବି. (କର୍ମଧା; ପରିମିତ+ବ୍ୟୟ)—ଉଚିତ ଖରଚ;
Parimita byaya ଆୟକୁ ଦେଖି ବ୍ୟୟ—Frugality; economy.

ପରିମିତବ୍ୟୟିତା } ବି
ପରିମିତବ୍ୟୟିତା }

ସଂ. ବିଣ. ପୁଂ. (ବହୁବ୍ରୀହି; ପରିମିତ+ବ୍ୟୟ)—ମିତବ୍ୟୟୀ; ଯେ ବ୍ୟୟ କରିବା
(ପରିମିତବ୍ୟୟୀ—ଅନ୍ୟରୂପ) ବିଷୟରେ ସଂଯତ—
Economical; frugal.
[ପରିମିତବ୍ୟୟା, ପରିମିତବ୍ୟୟିନୀ—ସ୍ତ୍ରୀ]

ପରିମିତ ଭୋଜନ—ସଂ. ବି—(କର୍ମଧା; ପରିମିତ+ଭୋଜନ)—
Parimita bhojana ୧ । ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସଂଯତ ଖାଦ୍ୟ-
(ପରିମିତାହାର—ଅନ୍ୟରୂପ) Moderate meal.
ପରିମିତଭୋଜନା }
ପରିମିତାହାର } ସ୍ତ୍ରୀ
ପରିମିତାହାରିଣୀ }
୨ । ଖାଦ୍ୟ ସମ୍ବନ୍ଧେ ସଂଯମ—
2. Moderation in eating; temperance; abstemiousness.
ପରିମିତ ଭୁକ୍ } ଅନ୍ୟରୂପ
ପରିମିତାହାରୀ }
ସଂ. ବିଣ. ପୁଂ. (ବହୁବ୍ରୀହି; ପରିମିତ+ଭୋଜନ)—ଖାଦ୍ୟ ପାନ ବିଷୟରେ ସଂଯତ-
Temperate in meal.

ପରିମିତାଚାର—ସଂ. ବି. (କର୍ମଧା; ପରିମିତ+ଆଚାର)—ସଂଯତ ଆଚରଣ
Parimitāchāra ବା ବ୍ୟବହାର—Well regulated conduct.
(ପରିମିତାଚାରା—ସ୍ତ୍ରୀ) ସଂ.ବିଣ.ପୁଂ—ସଂଯତ—Of moderate or regulated conduct.

ପରିମିତାଚାରୀ—ସଂ. ବିଣ. ପୁଂ. (ପରିମିତାଚାରିନ୍; ୧ମା. ୧ବ.)—
Parimitāchāri ସଂଯତ—Moderate.
(ପରିମିତାଚାରିଣୀ—ସ୍ତ୍ରୀ) [ପରିମିତାଚାରିତା—ବି]

ପରିମିତି—ସଂ. ବି—(ପରି+ମା ଧାତୁ+ଭାବ. ତି)-୧ । ଯେଉଁ ବିଦ୍ୟା
Parimiti ଦ୍ୱାରା ଜମିର ମାପ ଜଣାଯାଏ; ଯେଉଁ ପରିମାଣ ବିଦ୍ୟା—
1. Mensuration.
୨ । ମାପର ଫଳ—2. Measure; result of measurement.
୩ । ମାପିବା—3. Measurement.
୪ । ପରିମାଣ—4. Quantity.

ପରିମିସର—ଗ୍ରା. ବି. (ସଂ. ପରମେଶ୍ୱରର ଅଶୁଦ୍ଧ ଉଚ୍ଚାରଣ)—ପରମେଶ୍ୱର
Parimisara (ପରିମିସୋର—ଅନ୍ୟରୂପ) God.

ପରିମିସ(ସି)ରି ନୋ(ନ୍ଲୋ)ଟ୍—ବୈଦେ. ବି—(ଇଂରାଜୀ ଶବ୍ଦର ଅଶୁଦ୍ଧ
Parimisa(si)ri no(lo)t ଉଚ୍ଚାରଣ—ପ୍ରମିସରି ନୋଟ୍ (ଦେଖ)
Pramisari not. (See).

ପରିମୁକ୍ତ—ସଂ. ବିଣ—(ପରି+ମୁଚ୍ ଧାତୁ=ମୋଚନ କରିବା+
Parimukta କର୍ମ. ତ)—୧ । ପରିତ୍ୟକ୍ତ; ବର୍ଜ୍ଜିତ—.
1. Abandoned; shunned.
୨ । ପୂର୍ଣ୍ଣରୂପେ ମୁକ୍ତ—2. Fully liberated; freed.

ପରିମୁକ୍ତ ସଙ୍ଗ—ସଂ. ବିଣ. ପୁଂ. (ବହୁବ୍ରୀହି; ପରିମୁକ୍ତ=ସମ୍ପୂର୍ଣ୍ଣରୂପେ
Parimukta sanga ପରିତ୍ୟକ୍ତ+ସଙ୍ଗ=ବିଷୟ ଭୋଗ)—
ବର୍ଜ୍ଜିତ ବିଷୟ ଭୋଗ; ବିଷୟଭୋଗ ପ୍ରତି ନିସ୍ପୃହ; ବିରାଗୀ—
One who has renounced worldly engagements.

ପରିମୁଖେ—ଦେ. କ୍ରି. ବିଣ.—(ସଂ. ପରିମୁଖଂ=ମୁହଁର ଚାରିପାଖେ)—
Parimukhe ସମ୍ମୁଖରେ—In front; before.

ତୃଷ୍ଣା କଦଳ ପରିମୁଖେ
ପୁଣି ସୁଖିଲ ଅସୁଖେ । ଜଗନ୍ନାଥ—ଭାଗବତ ।

ପରିମୁଣ୍ଡା—ଦେ. ବି—୧ । ଅନ୍ୟ ବ୍ୟକ୍ତି ବା ଦେବତାଙ୍କ ନିକଟରେ
Parimundā ନିଜର ଦୀନତା ପ୍ରକାଶ—1. Expressing one's humility before a Deity or before another.
୨ । ଅନ୍ୟକୃତ ଦୋଷ ବା ଅପରାଧକୁ ଆପଣା ଉପରକୁ ନେବା-
ପାଇଁ ପ୍ରାର୍ଥନା—2. Taking the blame for the fault of another on one's head.
୩ । ମନର ଦୁଃଖ ପ୍ରକାଶ—3. Giving vent to one's grief or mental anguish.

ପରିମୁଣ୍ଡା ଯିବା—ଦେ. କ୍ରି.—୧ । ଆପଣାର ଦୀନତା ପ୍ରକାଶ କରିବା—
Parimundā jibā 1. To express one's humility.

ହୋଇ ପଣକୁ ନାଥ ପରିମୁଣ୍ଡା ଯାଇ ।
କୃଷ୍ଣଦାସ. ବେଢ଼ଲେଖା ।

ନିଛା ୨ । ଧନ୍ୟ ଧନ୍ୟ କରିବା; ପ୍ରଶଂସା କରିବା—
निछावर होना 2. To praise; to eulogise.
୩ । ମନରେ ଦୁଃଖ କରିବା—3. To be sorry.
୪ । ନେହୁରା ହେବା—4. To request humbly.

କୃଷ୍ଣା ଏ କହିଲେ ଏବା ପରିମୁଣ୍ଡା ଯାଇ,
ସତ କହ ଦେଖିଲ କାହାର ଅଛେ । କୃଷ୍ଣଦାସ. ବେଢ଼ଲେଖା ।

୫ । ଅନ୍ୟ କୃତ ଦୋଷ ବା ଅପରାଧର ଦାୟିତ୍ୱକୁ ଆପଣା ମୁଣ୍ଡରେ ନେବା—5. To take the blame for the fault of another on one's head.
୬ । ଅଭିମାନ କରିବା—
6. To be sullen on account of displeasure.
୭ । ନମସ୍କାର କରିବା—
7. To bow down in reverence.

ସେ ପୀଠବାସଙ୍କ ନମିଁ,
ଚରଣେ ପରିମ ଶ୍ରୀ ପାଦ । ଜଗନ୍ନାଥ- ଭାଗବତ ।

ପରିମେୟ—ସଂ. ବିଣ.—(ପରି + ମା ଧାତୁ + କର୍ମ. ଯ)—୧ । ପରିମାଣ-
Parimeya ଯୋଗ୍ୟ—1. Measurable.
(ପରିମେୟା—ସ୍ତ୍ରୀ) ୨ । ଗଣନୀୟ—
(ପରିମେୟତା[ତ୍ୱ]—ବି) 2. Numerable; calculable.
୩ । ପରିମିତ; ସୀମାବଶିଷ୍ଟ; ନିର୍ଦ୍ଦିଷ୍ଟ—
3. Limited; definite.
୪ । ସଂଯତ—4. Moderate.
୫ । ପରିମାଣଯୁକ୍ତ—5. Measured.
୬ । ନିର୍ଦ୍ଦିଷ୍ଟ ସଂଖ୍ୟକ—
6. Of definite or limited number.

ପରିମୋକ୍ଷ—ସଂ. ବି.—(ପରି + ମୋକ୍ଷ୍ ଧାତୁ=ମୁକ୍ତ ହେବା + ଭାବ. ଅ)—
Parimoksha ପରିତ୍ରାଣ—1. Deliverance; liberation.
(ପରିମୋକ୍ଷଣ—ଅନ୍ୟରୂପ) ୨ । ମଳତ୍ୟାଗ—
2. Passing of stools; evacuation.
୩ । ପରିତ୍ୟାଗ—3. Abandonment.
୪ । ମୋକ୍ଷ; ନିର୍ବାଣ—4. Final beatitude.

ପରିମୋଷ—ସଂ. ବି.—ଚୋରି; ସ୍ତେୟ (ହ. ଶ.)
Parimosha Theft.

ପରିମୋଷକ—ସଂ. ବି.—ଚୋର (ହ. ଶ.)—
Parimoshaka Thief.

ପରିମୋଷୀ—ସଂ. ବିଣ. ପୁଂ—ଚୋରି ସ୍ୱଭାବ ବିଶିଷ୍ଟ (ହ. ଶ.)
Parimoshi Stealing by nature; of a thievish nature.
(ପରିମୋଷିଣୀ—ସ୍ତ୍ରୀ)

ପରିମ୍ଲାନ—ସଂ. ବିଣ—(ପରି + ମ୍ଲାନ=ମଳିନ)—୧ । ଅତିଶୟ ମ୍ଲାନ—
Parimlāna 1. Very pale or wan.
(ପରିମ୍ଲାନା—ସ୍ତ୍ରୀ) ୨ । କ୍ଷୀଣୀଭୂତ—
2. Become thinner; emaciated.
୩ । କ୍ଳାନ୍ତ—3. Exhausted.
୪ । ଝାଉଁଳି ଯାଇଥିବା—4. Faded; withered.
ସଂ. ବି.—ଭୟ ବା ଦୁଃଖରେ ମୁହଁର ବିରସ ପଣ—
1. Change of countenance by fear or grief. (M. W.)
୨ । କଳଙ୍କ; ଦାଗ—2. Stain.

ପରିଯନ୍ତ—ଗ୍ରା. ବି.—(ସଂ. ପର୍ଯ୍ୟନ୍ତ)—ପର୍ଯ୍ୟନ୍ତ; ଶେଷ; ଅବସାନ—
Parijanta End.

ସେହି ଠାରେ ଲକ୍ଷ ସେ ଜଳ ପରିଯନ୍ତେ,
ମଗ୍ନ ହୋଇଣ ମହା ସାଗର ପାଣିରେ ।
କୃଷ୍ଣସିଂହ- ମହାଭାରତ. ବନ ।

ପରିଯ୍ୟନ୍ତ
ପରିଯନ୍ତେ } ଅନ୍ୟରୂପ ଗ୍ରା. ଅ.—ଯାବତ; ଯାକେ; ଯାଏ—
ପରିଯ୍ୟନ୍ତେ Till; upto.

ସେହାକୁ ଜନ୍ମେକସ୍ଥ ଅଛ ପରିଯନ୍ତେ ।
କୃଷ୍ଣସିଂହ. ମହାଭାରତ. ଆଦ ।

ପରିଯନ୍ତ ୨ । ଏତେ ଦୂରତା ପର୍ଯ୍ୟନ୍ତ—
परियंत 2. To a distance of

ପରିଯଙ୍କ—ଗ୍ରା. (ପଦ୍ୟ) ବି.—(ସଂ. ପର୍ଯ୍ୟଙ୍କ)—ପର୍ଯ୍ୟଙ୍କ; ପଲଙ୍କ—
Parijyaṅka **परियंक** Bedstead.

ସାତରେ ଦେଖିଲି ଆସନେ ସୁନ୍ଦ ହୋଇ,
ଅମୂଲ୍ୟ ପରିଯଙ୍କ ତୋଟିବ ଲସଇ । କୃଷ୍ଣସିଂହ. ମହାଭାରତ. ବନ ।

ପରିରକ୍ଷଣ—ସଂ. ବି.—(ପରି=ସର୍ବତୋଭାବେ + ରକ୍ଷ୍ ଧାତୁ=ରକ୍ଷା
Parirakshaṇa କରିବା + ଭାବ. ଅନ)—୧ । ସଂରକ୍ଷଣ—
(ପରିରକ୍ଷା—ଅନ୍ୟରୂପ) 1. Careful preservation;
(ପରିରକ୍ଷକ, ପରିରକ୍ଷିତ, ପରିରକ୍ଷିତା—ପୁଂ—ବିଣ) protecting
(ପରିରକ୍ଷିକା, ପରିରକ୍ଷିତା, ପରିରକ୍ଷିତ୍ରୀ—ସ୍ତ୍ରୀ. ବିଣ) ୨ । ଉଦ୍ଧାର—
2. Deliverance; rescue. (M. W.)
୩ । ସାବଧାନତା; ଯତ୍ନ—3. Care; caution. (M.W.)
୪ । ଜଗିବା—4. Guarding.

ପରିରଟନ—ସଂ. ବି (ପରି + ରଟନ)—୧ । ଉଚ୍ଚୈଃସ୍ୱରରେ କାନ୍ଦିବା—
Pariraṭana 1. Cryingaloud. (M.W.).
ପରିରଟକ—ବିଣ—ପୁଂ. } ୨ । ଚିତ୍କାର କରିବା—
ପରିରଟିକା—ବିଣ. ସ୍ତ୍ରୀ } 2. Screaming. (M.W.).

ପରିରବ୍ଧ—ସଂ. ବିଣ. (ପରି ରଭ୍ ଧାତୁ=ଆଲିଙ୍ଗନ କରିବା + କର୍ମ. ତ)
Parirabdha ୧ । ଆଲିଙ୍ଗିତ—1. Embraced; hugged.
(ପରିରବ୍ଧା—ସ୍ତ୍ରୀ) ୨ । (+ କର୍ତ୍ତୃ. ତ)—ଆଲିଙ୍ଗନକାରୀ—
2. Embracing. (M. W.)

ପରିରମ୍ଭ—ସଂ. ବି. (ପରି=ଦୃଢ଼ ଭାବେ + ରଭ୍ ଧାତୁ=ଆଲିଙ୍ଗନ କରିବା
Parirambha + ଭାବ. ଅ)—ଗାଢ଼ାଲିଙ୍ଗନ; ଜାବୁଡ଼ି ଧରି
ପରୀରମ୍ଭ } ଅନ୍ୟରୂପ ଭୁଣ୍ଡେଇବା—Tight embrace;
ପରିରମ୍ଭଣ } hugging.
ବିଣ—ପରିରବ୍ଧ, ପରିରମ୍ଭିତ—ପୁଂ. }
ପରିରବ୍ଧା, ପରିରମ୍ଭିତା—ସ୍ତ୍ରୀ }

ପରିରମ୍ଭା—ଦେ. ବିଣ. (ସଂ. ପରିରମ୍ଭିତ)—ଆଶ୍ଲେଷିତ; ପରିରବ୍ଧ—
Parirambhā Embraced.

ବୋଲ ହସି ମଧେ ପାଦ ପେଲିଁ ଶ୍ଳୋ—
ବେଗେ ପାଦ ଦେଶକେ ସେ ପରିରମ୍ଭା । ଉପେ. ବୈଦେହୀଶବିଳାସ ।

ପରିରମ୍ଭିବା—ଦେ. ପଦ୍ୟ. କ୍ରି—ଗାଢ଼ାଲିଙ୍ଗନ କରିବା—
Parirambhibā To embrace.

ପରିରମ୍ଭା ଅତ ହୃତ ମ ଦୂତ ଲତା,
परिरंभकरना ପରିରମ୍ଭିଛ ଯେସନେ ବନତା । ପ୍ରାଚୀ. ରହସ୍ୟମଞ୍ଜରୀ ।

ପରିସ୍ଫୁଟକ—ସଂ. ବଣ. ପୁଂ. (ପରି=ସର୍ବତ୍ର+ରଟ୍ ଧାତୁ=ପ୍ରକାଶ
Pariraṭaka କରିବା+କର୍ତ୍ତୃ. ଅକ)—
(ପରିରଟ୍ଟୀ—ଅନ୍ୟରୂପ) ୧ । ସର୍ବତ୍ର ରଟନାକାରୀ—
1. Publishing broadcast.
ପରିରଟକା । ସ୍ତ୍ରୀ ୨ । ଉଚ୍ଚୈଃସ୍ୱରରେ ଚିତ୍କାରକାରୀ—
ପରିରଟନୀ । 2. Screaming. (M. W.)
୩ । ଉଚ୍ଚୈଃସ୍ୱରରେ କ୍ରନ୍ଦନକାରୀ—
3. Crying aloud. (M. W.).

ପରିଲମ୍ବନ—ସଂ. ବି.—୧ । (ଜ୍ୟୋତିଷ) କୌଣସି ଜ୍ୟୋତିଷ୍କର ଆପଣାର
Parilambana ମେରୁଦଣ୍ଡ ଉପରେ ଘୁରୁ ଘୁରୁ ବିଷୁବରେଖାର ଏକଦିଗରେ ୨୨ଡିଗ୍ରୀ ପର୍ଯ୍ୟନ୍ତ ଯାଇ ପୁଣି ଫେରି ଆସି ଅପର ଦିଗରେ ୨୨ ଡିଗ୍ରୀ ପର୍ଯ୍ୟନ୍ତ ଗତି କରି ପୁଣି ଆପଣା ସ୍ଥାନକୁ ଫେରି ଆସିବା (ହି. ଶବ୍ଦସାଗର)—
1. (astronomy) Libration; apparent irregularity in the motion of a planet whereby its globe seems to turn slightly round to each side alternately.
୨ । ପଛରେ ରହିଯିବା—
2. Lagging; lingering. (M. W.).

ପରିଲିଖନ—ସଂ. ବି. (ପରି+ଲିଖନ)—ଘଷି ମାଜି ଚିକ୍କଣ କରିବା;
Parilikhana ପାଲିସ କରିବା—Polishing; smoothing.

ପରିଲେଖନ—ସଂ. ବି. (ପରି=ଚାରିଆଡ଼େ+ଲିଖ୍ ଧାତୁ=ଲେଖିବା+
Parilekhana ଭାବ. ଅନ)—୧ । ଯଜ୍ଞସ୍ଥାନର ସୀମାକୁ ଚାରିଆଡ଼େ ରେଖାଦ୍ୱାରା ବେଷ୍ଟନ—1. Surrounding the limit of the sacrificial place by lines.
୨ । କୌଣସି ବସ୍ତୁର ଚାରିଆଡ଼େ ଗାର କାଟିବା—
2. Drawing lines round about.

ପରିଶଙ୍କନୀୟ—ସଂ. ବଣ. (ପରି=ବିଶେଷରୂପେ+ଶଙ୍କ୍ ଧାତୁ=ଭୀତ
Pariśankaniya ହେବା, ଆଶଙ୍କା କରିବା+କର୍ମ ଅନୀୟ)—
(ପରିଶଙ୍କା—ବି) ବିଶେଷ ଶଙ୍କାର କାରଣ; ଆଶଙ୍କନୀୟ; ଭୟର
(ପରିଶଙ୍କ୍ୟ—ଅନ୍ୟରୂପ) ବିଷୟ; ଭୀତି ଯୋଗ୍ୟ—
Apprehensible; to be doubted or distrusted.
(ପରିଶଙ୍କନୀୟା, ପରିଶଙ୍କ୍ୟା—ସ୍ତ୍ରୀ)
[ଦ୍ର—ଏହିପରି ପରିଶଙ୍କିତ, ପରିଶଙ୍କିତବ୍ୟ ଶବ୍ଦମାନ ନିଷ୍ପନ୍ନ ହୁଏ ।]

ପରିଶରମ—ଗ୍ରା. ବି. (ସଂ. ପରିଶ୍ରମ)—ପରିଶ୍ରମ—
Pariśarama Labour.
परिसरम मेहनत (ପରିଶର୍ମ; ପରିସ୍ରମ—ଅନ୍ୟରୂପ)
ଗ୍ରା. ବଣ–ପରିଶ୍ରମସାଧ୍ୟ; ଅଭ୍ୟାସ ସାଧ୍ୟ—Labcursome.

ପରିଶର୍ମି—ଗ୍ରା. ବଣ. (ସଂ. ପରିଶ୍ରମୀ)—ପରିଶ୍ରମୀ —
Pariśarmi Laborious.

ପରିଶିଷ୍ଟ—ସଂ. ବଣ. (ପରି+ଶିଷ୍ ଧାତୁ=ଶେଷ କରିବା+କର୍ମ ତ)—
Pariśishṭa ୧ । ବାକି ରହିଯାଇଥିବା; ଅବଶିଷ୍ଟ—
1. Remaining; left.
୨ । ଯାହା ପରିଶେଷରେ ଯୁକ୍ତ ହୁଏ—
2. Joined at the end.
ଦେ· ବି.—୧ । ପୁସ୍ତକର ଶେଷରେ ଯୋଗ କରାଯିବା ଅତିରିକ୍ତ ଜ୍ଞାତବ୍ୟ ବିଷୟ ଲେଖାଥିବା ଅଂଶ—
1. Supplement; appendix.
୨ । ଅବଶିଷ୍ଟ ବା ବାକିଥିବା ଅଂଶ—2. Remainder.

ପରିଶୀଳନ—ସଂ. ବି. (ପରି+ଶୀଳ୍ ଧାତୁ=ଏକାନ୍ତ ପ୍ରବୃତ୍ତ ହେବା+
Pariśilana ଭାବ. ଅନ)—୧ । ଅନୁଧ୍ୟାନ; ଅନୁଶୀଳନ ପୂର୍ବକ
(ପରିଶୀଳକ, ପରିଶୀଳିତ—ବଣ) ଅଧ୍ୟୟନ—
1. Study; constant application.
୨ । ଛୁଇଁବା—2. Touch; contract.
୩ । ଆଲିଙ୍ଗନ—3. Embrace.
୪ । ସଙ୍ଗମ—4. Intercourse.
୫ । ଅବଗାହନ—5. Immersion; bath.

ପରିଶୀଳନୀ—ସଂ. ବି. (ପରିଶୀଳନ+ସ୍ତ୍ରୀ. ଈ)—ଅନୁଶୀଳନୀ—
Pariśilani A corollary.

ପରିଶୁଦ୍ଧ—ସଂ. ବଣ (ପରି=ସର୍ବତୋଭାବେ+ଶୁଧ୍ ଧାତୁ=ଶୁଦ୍ଧକରିବା
Pariśuddha +କର୍ମ. ତ)—୧ । ସମ୍ପୂର୍ଣ୍ଣରୂପେ ବିଶୁଦ୍ଧୀକୃତ—
(ପରିଶୁଦ୍ଧା—ସ୍ତ୍ରୀ) 1. Completely cleansed or purified.
(ପରିଶୋଧିତ—ଅନ୍ୟରୂପ) ୨ । ବିଶୁଦ୍ଧ; ପବିତ୍ର; ପବିତ୍ରୀକୃତ—
(ପରିଶୁଦ୍ଧି—ବି) 2. Pure; purified.
୩ । ସଂସ୍କୃତ; ସଂଶୋଧିତ—3. Rectified.
୪ । ସଫା ସୁତୁରା କରାଯାଇଥିବା; ପରିଷ୍କୃତ—
4. Cleared off.
୫ । ଦୋଷାରୋପରୁ ସମ୍ପୂର୍ଣ୍ଣରୂପେ ବିମୁକ୍ତ—5. Aquitted of a charge or accusation.

ପରିଶୁଷ୍କ—ସଂ. ବଣ. (ପରି+ଶୁଷ୍ ଧାତୁ=ଶୁଷ୍କ ହେବା+କର୍ତ୍ତୃ. ତ)—
Pariśushka ୧ । ବିଶୁଦ୍ଧ; କଟକଟ ଶୁଖିଲା; ଶୁଖି ଯାଇଥିବା—
(ପରିଶୁଷ୍କତା—ବି) 1. Perfectly dry; dried up; parched.
(ପରିଶୁଷ୍କା—ସ୍ତ୍ରୀ)
୨ । ନୀରସ—2. Sapless.
୩ । ଝାଉଁଳିଥିବା; ସେମନ୍ତଥିବା—
3. Shrivelled up; withered; shrunk.

ପରିଶେଷ—ସଂ. ବି. (ପର+ଶେଷ)—
Pariśesha ୧ । ସର୍ବାଶେଷ—1. The last thing.
୨ । ଅବଶେଷ—2 Remnant; remainder.
୩ । ଉପସଂହାର; ସମାପ୍ତି; ଅବସାନ—
3. Conclusion; termination.
୪ । ବାକି; ଅବଶିଷ୍ଟ ଅଂଶ; ବଳକା—4. Residue.
୫ । ଅନ୍ତ; ସୀମା—5. Border; limit.
୬ । ଗ୍ରନ୍ଥର ଶେଷରେ ସଂଯୁକ୍ତ ଅଂଶ; ପରିଶିଷ୍ଟ—
6. Supplement.
ସଂ. ବଣ—ଅବଶିଷ୍ଟ—Remaining; left over.

ପରିଶେଷରେ—ଦେ. କ୍ରି. ବିଣ. (ସଂ. ପରିଶେଷ)—
Pariśeshare ସବଶେଷରେ; ସବୁ ଶେଷରେ—At last.
পরিশেষে आखीरमे

ପରିଶୋଧ—ସଂ. ବି. (ପରି=ସମ୍ୟକ୍+ଶୁଧ୍ ଧାତୁ=ଶୁଦ୍ଧ କରିବା+ଭାବ. ଅ)—
Pariśodha
(ପରିଶୋଧନ—ଅନ୍ୟରୂପ) ୧ । ଋଣ ଶୁଦ୍ଧି; ଋଣ ଶୁଝିବା—
(ପରିଶୋଧିତ, ପରିଶୋଧକ—ବିଣ) 1. Liquidation of a debt; paying off.
୨ । ସଂଶୋଧନ; ସଂସ୍କାର; ପରିଷ୍କାର କରିବା—
2. Cleansing; purification.

ପରିଶୋଧକ—ସଂ. ବିଣ. ପୁଂ. (ପରି+ଶୋଧକ)—
Pariśodhaka ୧ । ଋଣ ଆଦି ପରିଶୋଧ କରିବା (ବ୍ୟକ୍ତି)—
(ପରିଶୋଧିକା—ସ୍ତ୍ରୀ) 1. Liquidating a debt.
୨ । ଯେ ପରିଷ୍କାର କରେ—2. Clearing; purifying.

ପରିଶୋଷ—ସଂ. ବି. (ପରି+ଶୁଷ୍ ଧାତୁ=ଶୁଷ୍କ ହେବା+ଭାବ. ଅ)—
Pariśosha ୧ । ପୂର୍ଣ୍ଣ ବିଶୁଷ୍କତା—1. Complete dryness.
(ପରିଶୋଷଣ—ଅନ୍ୟରୂପ)
(ପରିଶୁଷ୍କ—ବିଣ) ୨ । ବାଷ୍ପ ଦ୍ୱାରା ଜଳାଦିର ଅନ୍ତର୍ଦ୍ଧାନ—
2. Evaporation. (M. W.)

ପରିଶ୍ରମ—ସଂ. ବି. (ପରି+ଶ୍ରମ୍ ଧାତୁ=ପରିଶ୍ରମ କରିବା+ଭାବ. ଅ)—
Pariśrama ୧ । ବିଶେଷ ଶ୍ରମ; ମିହନ୍ତ—
ପରିଶ୍ରାନ୍ତ, ପରିଶ୍ରମୀ } ଅନ୍ୟରୂପ 1. Labour; toil.
୨ । କ୍ଲାନ୍ତି; ଶାନ୍ତି—2. Fatigue.
୩ । ଆୟାସ—3. Exertion.
୪ । ଧାରାବାହିକ ପାଠାଭ୍ୟାସ—4. Regular study.
୫ । ଅଧ୍ୟବସାୟ—5. Perseverance.

ପରିଶ୍ରମ କାତର—ସଂ. ବିଣ. ପୁଂ. (ପରିଶ୍ରମ+କାତର)—
Pariśrama kātara ୧ । ଶ୍ରମବିମୁଖ; ଯିଏ ଇଚ୍ଛା; ପରିଶ୍ରମ କରିବାକୁ କୁଣ୍ଠିତ—
(ପରିଶ୍ରମ କାତରତା—ବି)
(ପରିଶ୍ରମ କାତରା—ସ୍ତ୍ରୀ) 1. Disliking labour.
୨ । ସୁସ୍ତି; କୋଢ଼ିଆ—2. Idle; lazy.

ପରିଶ୍ରମ ପଡ଼ିବା—ପ୍ରାଦେ. (ଗ୍ରାମ୍ୟ) କ୍ରି—ପରିଶ୍ରମ କରିବା—
Pariśrama paṛibā To labour.

ପରିଶ୍ରମର ଫଳ—ଦେ. ବି—ପରିଶ୍ରମର ଫଳସ୍ୱରୂପ ସାଧିତ କାର୍ଯ୍ୟ—
Pariśramara phaḷa The result of one's labour.
পরিশ্রমের ফল परिश्रमका फल

ପରିଶ୍ରମୀ—ସଂ. ବିଣ. ପୁଂ. (ପରିଶ୍ରମିନ୍; ପରିଶ୍ରମ+ଅସ୍ତ୍ୟର୍ଥେ ଇନ୍; ୧ମା. ୧ବ)—
Pariśrami
(ପରିଶ୍ରମିଣୀ—ସ୍ତ୍ରୀ) ୧ । ମିହନ୍ତୀ—1. Laborious.
୨ । ପରିଶ୍ରମକାରୀ—2. Exerting; labouring.
୩ । ପାଠାଭ୍ୟାସରତ—3. Studious.
୪ । ଅଧ୍ୟବସାୟୀ—4. Persevering.

ପରିଶ୍ରୟ—ସଂ. ବି. (ପରି+ଶ୍ରୀ ଧାତୁ+କର୍ମ. ଅ)—୧ । ବାଡ଼—
Pariśraya 1. Fencing; enclosure.
୨ । ଆଶ୍ରୟ ସ୍ଥାନ—2. Refuge; assylum.
୩ । ସଭା; ସମ୍ମିଳନୀ—
3. Assembly; meeting. (M. W.)

ପରିଶ୍ରାନ୍ତ—ସଂ. ବିଣ. (ପରି+ଶ୍ରମ୍ ଧାତୁ+କର୍ତ୍ତୃ. ତ)—
Pariśrānta ଶ୍ରାନ୍ତିଯୁକ୍ତ; କ୍ଳାନ୍ତ; ମିହନ୍ତ କରି କରି କ୍ଳାନ୍ତ—
(ପରିଶ୍ରାନ୍ତି—ବି) Fatigued; worn.

ପରିଶ୍ରୁତ—ସଂ. ବିଣ. (ପରି+ଶ୍ରୁ ଧାତୁ=ଶୁଣିବା+କର୍ମ. ତ)—
Pariśŗuta ୧ । ଯାହା ଶୁଣା ଯାଇଅଛି—1. Heard.
୨ । ବିଖ୍ୟାତ; ବିଶ୍ରୁତ—1. Famous; celebrated.

ପରିଶ୍ଳେଷ—ସଂ. ବି. (ପରି+ଶ୍ଳିଷ୍ ଧାତୁ=ଆଲିଙ୍ଗନ କରିବା+ଭାବ.ଅ)-
Pariśḻesha ଆଲିଙ୍ଗନ—Embrace.

ପରିଷଦ୍—ସଂ. ବି. (ପରି=ଏକତ୍ର+ସଦ୍ ଧାତୁ=ଯିବା, ବସିବା+ଅଧିକରଣେ କ୍ୱିପ୍=ପରିଷଦ୍; ୧ମା. ୧ବ; ଯେଉଁଠାରୁ ଅନେକ ଲୋକ ଏକତ୍ର ଯାଆନ୍ତି)—
Parishad
୧ । ସଭା; ମଣ୍ଡଳୀ—1. Assembly; meeting.
୨ । ଏକ ବିଂଶତିର ଅନ୍ୟୂନ ନ୍ୟାୟବେଦବେଦାନ୍ତକୁଶଳ ପଣ୍ଡିତମାନଙ୍କର ସଭା—2. A meeting of not less than 21 learned men.
୩ । ସମୂହ—3. Assemblage.
୪ । (+କର୍ତ୍ତୃ. କ୍ୱିପ୍) ସଭାର ସଭ୍ୟ—
4. A member of an assembly. (M. W.)
୫ । ଦର୍ଶକ—5. Spectator. (M. W.)

ପରିଷଦ—ସଂ. ବି. ପୁଂ. (ପରି+ସଦ୍ ଧାତୁ+କର୍ତ୍ତୃ. ଅ)—
Parishada ୧ । ସଭାସଦ; ସଭାର ସଭ୍ୟ; ସଦସ୍ୟ—
(ପାରିଷଦ; ପାର୍ଷଦ—ଅନ୍ୟରୂପ) 1. A member of an assembly.
୨ । ଶୋଭାଯାତ୍ରାରେ ସ୍ୱାମୀଙ୍କୁ ଘେରି ଚାଲୁଥିବା ଅନୁଚର—
2. Retinue; train.
୩ । ଦରବାରୀ; ରାଜସଭାସଦ—3. Courtier.

ପରିଷଦ୍ବଳ—ସଂ. ବି. ପୁଂ. (ପରିଷଦ୍+ଯୋଗାର୍ଥେ. ବଳ)—
Parishadbaḷa ସଭାସଦ; ସଭାର ସଭ୍ୟ—
(ପରିଷଦ୍ବଳା—ସ୍ତ୍ରୀ) A member of an assembly.

ପରିଷ୍କନ୍ଦ—ସଂ. ବି—୧ । ପିତାମାତା ଛଡ଼ା ଅନ୍ୟ ବ୍ୟକ୍ତି ଦ୍ୱାରା ପାଳିତ
Parishkanda ପୁତ୍ର; ଦୁଲାଳ—1. Foster child.
୨ । ଭୃତ୍ୟ—2. Servant. (M. W.)
୩ । ଗାଡ଼ି ପାଖେ ପାଖେ ଦଉଡ଼ିବା ଚାକର—3. A servant running by the side of a carriage.
୪ । ମନ୍ଦିର—4. Temple. (M. W)

ପରିଷ୍କାର—ସଂ. ବି. (ପରି+କୃ ଧାତୁ+ଭାବ. ଅ)—ଅଳଙ୍କାର—
Parishkara Ornament; decoration.

ପରିଷ୍କାର—ସଂ. ବି. (ପରି+କୃ ଧାତୁ+ଭାବ. ଅ; 'ସ'ର ଆଗମ)—
Parishkāra ୧। ଶୋଧନ; ସଂସ୍କାର; ଶୁଦ୍ଧି—
(ପରିଷ୍କୃତ—ବିଣ) 1. Purification.
୨। ପାକ କରଣ—2. Dressing; cooking.
୩। (+କର୍ମ. ଅ) ଗୃହର ଉପକରଣାଦି—
3. Domestic furnitures and utensils.
୪। ସଂଯମ; ଇନ୍ଦ୍ରିୟନିରୋଧ—4. Self discipline.
୫। ସ୍ୱଚ୍ଛତା; ନିର୍ମଳତା—5. Transparency; clearness.
୬। ଶୋଭା—6. Beauty; grace.
୭। (+କର୍ମ. ଅ) ଅଳଙ୍କାର (ହି. ଶ)—7. Ornament; decoration.
୮। ଦୀକ୍ଷାଗ୍ରହଣ—8. Initiation (M. W.).
ଦେ. ବିଣ. (ସଂ. ପରିଷ୍କୃତ)—୧। ପରିଷ୍କୃତ—
परिष्कार 1. Cleansed.
सफा, सफ़ा ୨। ନିର୍ମଳ; ସଫା—2. Clean.
ଯଥା—ପରିଷ୍କାର ଜଳ।
୩। ସ୍ୱଚ୍ଛ—3. Clear.
ଯଥା—ପରିଷ୍କାର ଦର୍ପଣ।
୪। ପରିପାଟୀ; ପରିଚ୍ଛନ୍ନ—4. Neat and clean.
ଯଥା—ପରିଷ୍କାର ଘର।
୫। ମନୋହର; ସୁନ୍ଦର—5. Beautiful.
ଯଥା—ପରିଷ୍କାର ମୁଖ।
୬। ନିର୍ଦ୍ଦୋଷ—6. Faultless.
୭। ସରଳତାପୂର୍ଣ୍ଣ; ଅକପଟ; ନିଷ୍କପଟ—7. Frank.
ଯଥା—ପରିଷ୍କାର କଥା, ପରିଷ୍କାର ହୃଦୟ।
୮। ମଳହୀନ—8. Dirtless
୯। ଆବର୍ଜନାଶୂନ୍ୟ; ସଫା ସୁତୁରା—
9. Free from refuse.
ଯଥା—ପରିଷ୍କାର ଦାଣ୍ଡ।
୧୦। ନିଃସନ୍ଦେହ—10. Doubtless.
ଯଥା—ପରିଷ୍କାର କଥା।
୧୧। ସ୍ପଷ୍ଟରୂପେ ଲିଖିତ—11. Clearly written; legibly written
ଯଥା—ପରିଷ୍କାର ଲେଖା।
୧୨। ଉତ୍କୃଷ୍ଟ—12. Excellent.
୧୩। ନିର୍ବିଘ୍ନ; ପ୍ରତିବନ୍ଧକଶୂନ୍ୟ—
13. Free from obstacles; unobstructed.
ଯଥା—ପରିଷ୍କାର ପଥ
୧୪। ସ୍ପଷ୍ଟରୂପେ ଉଚ୍ଚାରିତ—14. Uttered or pronounced clearly.
୧୫। ମଧୁର—15. Sweet.
ଯଥା—ପରିଷ୍କାର ଗଳା।
୧୬। ମେଘଶୂନ୍ୟ—16. Cloudless.
ଯଥା—ପରିଷ୍କାର ଆକାଶ।
୧୭। ରୋଗଶୂନ୍ୟ; ନିରାମୟ; ସୁସ୍ଥ—
17. Free from sickness; healthy.
ଯଥା—ପରିଷ୍କାର ଦେହ।
୧୮। ବିଶୁଦ୍ଧୀକୃତ—18. Purified.
୧୯। ଖୋଲାସା—19. Clear.
ଯଥା—ପରିଷ୍କାର ଝାଡ଼ା।
୨୦। ତୋଫା; ଶୁଭ୍ର—20. Bright.
ଯଥା—ପରିଷ୍କାର ଚେହେରା।
୨୧। ଜ୍ୟୋତ୍ସ୍ନାମୟ—21. Moonlit.
ଯଥା—ପରିଷ୍କାର ରାତ୍ରି।
୨୨। ଉତ୍ତମରୂପେ ନିର୍ମଳ କରାଇଯାଇଥିବା—
22. Well cleansed.
ଯଥା—ପରିଷ୍କାର ଲୁଗା।
୨୩। ସୁଦକ୍ଷ—23. Skilful.
ଯଥା—ପରିଷ୍କାର ଖେଳାଳି।
୨୪। ସୁବୋଧ୍ୟ—24. Easily comprehensible.
ଯଥା—ପରିଷ୍କାର ଭାଷା।
୨୫। ସ୍ୱାଭାବିକ—25. Natural.
ଯଥା—ପରିଷ୍କାର ନାଡ଼ି।
୨୬। ଅମଳିନ—26. Not dirty; not stained.
ଯଥା—ପରିଷ୍କାର ବିଛଣା।
ଦେ. କ୍ରି. ବିଣ—୧। ସ୍ପଷ୍ଟରୂପେ—1. Clearly.
परिष्कार ଯଥା—ମତେ ପରିଷ୍କାର ଦେଖା ଯାଉଛି।
साफ ୨। ସୁନ୍ଦରରୂପେ—2. Well.
ଯଥା—ଏ ଫଟୋଖଣ୍ଡି ପରିଷ୍କାର ଉଠିଯାଇଛି।
୩। ନିର୍ମଳରୂପେ—3. Cleanly.
୪। ସରଳଭାବରେ—4. Frankly.
୫। ପରିପାଟୀରୂପେ—5. Decently; nicely.

ପରିଷ୍କାର କରିବା—ଦେ. କ୍ରି. (ସଂ. ପରିଷ୍କରଣ)—୧। ପରିଷ୍କୃତ କରିବା
Parishkāra karibā ଅଳିଆ ସଫା କରିବା—
परिष्कार करना 1. To cleanse; to sweep.
साफ करना ୨। ନିର୍ମଳ କରିବା—2. To clear off dirt.
୩। ଉତ୍ତମରୂପେ ବୁଝାଇ ଦେବା—
3. To explain clearly.
୪। ପରିଶୁଦ୍ଧ କରିବା—4. To purify.

ପରିଷ୍କାରଣ—ସଂ. ବି—୧। ପାଳିତପୁତ୍ର (ହି. ଶ)—
Parishkāraṇa 1. Foster-son.
୨। ଦତ୍ତକ ପୁତ୍ର (ହି. ଶ)—2. Adopted son.

ପରିଷ୍କାର ପରିଚ୍ଛନ୍ନ—ଦେ. ବିଣ. (ସହଚର ଶବ୍ଦ; ସଂ. ପରିଷ୍କୃତ ଓ
Parishkāra parichchhanna ପରିଚ୍ଛନ୍ନ)—ନିର୍ମଳୀକୃତ ଓ
परिष्कार परिछन्न ଶୁଭ୍ର ସୁପରିଷ୍କୃତ—Clean and tidy; neat and clean.
साफसुतरा

ପରିଷ୍କୃତ—ସ. ବଣ—(ପରି+କୃତ; ନିପାତନ)—୧ । ନିର୍ମଳୀକୃତ—
Parishkruta 1. Cleansed; cleared up.
(ପରିଷ୍କୃତା—ସ୍ତ୍ରୀ) ୨ । ଶୋଧିତ—2. Purified.
୩ । ଓଲା ଓଳ ହୋଇଥିବା—
3 Well scoured; well swept.
୪ । ବୁଝାଇ ଦିଆ ଯାଇଥିବା—
4. Well explained.
୫ । ସୁବୋଧ୍ୟ—
5. Explicit; easily comprehensible.
୬ । ପାଲିସ କରା ଯାଇଥିବା – 6. Polished.
୭ । ଶୋଭାଯୁକ୍ତ (ଶ୍ରୀଜେନ୍ଦ୍ର)—7. Beautiful.

ପରିଷ୍କ୍ରିୟା—ସ. ବି. (ପରି+କ୍ରିୟା; ସ. ଅଗମ)—୧ । ଅଳଙ୍କରଣ—
Parishkriyā 1. Decorating; embellishment.
୨ । ଶୋଧନ (ହି. ଶ.)—
2. Purifying; cleansing.
୩ । ମଜାମଜି (ହି. ଶ.)—3. Scouring.
୪ । ସଜାଇବା (ହି. ଶ.)—4. Furnishing.

ପରିଷ୍ଟବନ—ସ. ବି—(ପରି+ସ୍ତୁ ଧାତୁ+ଭାବ. ଅନ)—୧ । ଅତ୍ୟନ୍ତ
Parishṭabana ପ୍ରଶଂସା କରିବା (ହି.ଶ.)—1. Eulogising;
(ପରିଷ୍ଟୁତ—ବଣ) praising.
(ପରିଷ୍ଟୁତି—ଅନ୍ୟରୂପ) ୨ । ସମ୍ୟକ୍ ପ୍ରକାର ସ୍ତୁତି କରିବା
(ହି. ଶ.)—2. Praying.

ପରିଷ୍ଟି—ସ. ବି—୧ । ସବୁଆଡ଼େ ଖୋଜିବା—
Parishṭi 1. Searching all round. (M. W.)
୨ । ବଳାତ୍କାର—2. Violence. (M. W.)
୩ । ବାଧା—
3. Obstruction; impediment. (M. W.)
୪ । ବିଷମ ସମସ୍ୟା—4. Dilemma. (M. W.)

ପରିଷ୍ଟୋମ—ସ. ବି—ପରିସ୍ତୋମ (ଦେଖ)
Parishṭoma Paristoma. (See)

ପରିଷ୍ୱଙ୍ଗ—ସ. ବି. (ପରି+ସ୍ୱଞ୍ଜ୍ ଧାତୁ=ଆଲିଙ୍ଗନ+ଭାବ. ଅ.)—
Parishwanga ୧ । ଗାଢ଼ାଲିଙ୍ଗନ—1. Tight embrace.
(ପରିଷ୍ୱକ୍ତ—ବଣ) ୨ । ଆସଙ୍ଗ—2. Conjunction.
(ପରିଷ୍ୱଞ୍ଜନ—ଅନ୍ୟରୂପ)

ପରିସଂଖ୍ୟା—ସ. ବି. (ପରି+ସଂଖ୍ୟା)—୧ । ଗଣନା—
Parisaṁkhyā 1. Calculation; enumeration.
୨ । ମୋଟ; ସମଷ୍ଟି—2. Sum; total. (M. W.)
୩ । ପୁନରାବୃତ୍ତି—3. Recapitulation. (Apte)
୪ । କାବ୍ୟର ଅଳଙ୍କାରବିଶେଷ—4. A rhetorical figure in which by the special mention of a thing similar things are excluded.
(ପରିସଂଖ୍ୟାତ—ବଣ) [ଦ୍ରି—ପ୍ରଶ୍ନପୂର୍ବକ ହେଉ ବା ପ୍ରଶ୍ନ ବ୍ୟତିରେକେ ହେଉ କୌଣସି ବସ୍ତୁ ଦ୍ୱାରା ଯେବେ ତତ୍ ସଦୃଶ ବସ୍ତୁର ନିଷେଧ କରାଯାଏ, ତାହାହେଲେ ପରିସଂଖ୍ୟା ଅଳଙ୍କାର ହୁଏ, ଯଥା—

ସଂସାରେ କି ବସ୍ତୁ ଅଟଇ ମାନବର ଭୂଷଣ ?
ଯଶ ଏକା, ନୁହେଁ ରତନ- ହେମ ବାଳକଗଣ ।
କାହାକୁ କରିବ ଜୀବନେ ଯତ୍ନେ ଅନୁକରଣ ?।
ଅର୍ଯ୍ୟ ଜନ—ପୁଣ୍ୟ ଚରିତ, ନୁହେଁ ପାପାଚରଣ ।
କେ ଅଟେ ପ୍ରକୃତ ନାୟକ ? ମନ, ନୁହେଁ ଏ ଅଙ୍ଗ,
ଅସ୍ମା ଏକା ଭିନା ଅଟଇ ପାପ ପୁଣ୍ୟର ସାକ୍ଷୀ ।
ବୃନ୍ଦାବତି, ଅଳଙ୍କାର ତରଙ୍ଗିଣୀ ।

ପରିସଂଖ୍ୟାନ—ସ. ବି. (ପରି+ସଂଖ୍ୟାନ)—୧ । ପରିସଂଖ୍ୟା
Parisaṁkhyāna ୧, ୨, ୩ (ଦେଖ)—1. Parisaṁkhyā. 1, 2. 3. (See).
୨ । ସମୁଚିତ ବିବେଚନା ବା ବିଗ୍ରହ—2. Proper estimate; correct judgment. (Apte).

ପରିସଂଘୁଷ୍ଟ—ସ. ବଣ. (ପରି+ସମ୍+ଘୁଷ୍ ଧାତୁ+ତ)—କ୍ରନ୍ଦନ ବା
Parisaṁghushṭa ଗୋଳମାଳ ଶବ୍ଦରେ ପୂର୍ଣ୍ଣ—Filled with cries or noise.

ପରିସଖ୍ୟ—ସ. ବି—ଅଟଳ ବନ୍ଧୁତା; ପ୍ରକୃତ ବନ୍ଧୁତା—
Parisakhya Perfect or true friendship. (M. W.)

ପରିସଞ୍ଚର—ସ. ବି. (ପରି+ସଞ୍ଚର)—ସୃଷ୍ଟିର ପ୍ରଳୟକାଳ (ହି. ଶ.)—
Parisañchara The time of universal dissolution.
(ପରିସଞ୍ଚର—ଅନ୍ୟରୂପ) (M. W.)
ସଂ. ବଣ. ପୁଂ.—ଇତସ୍ତତଃ ବିଚରଣକାରୀ—Roving
(ପରିସଂଚରୀ—ସ୍ତ୍ରୀ) about; vagrant (M. W.)

ପରିସନ୍ତାନ—ସ. ବି—(ପରି+ସମ୍+ତନ୍ ଧାତୁ+କର୍ମ. ଅ)—ତାର;
Parisantāna ତନ୍ତ୍ରୀ (ହି. ଶ.)—Wire; string.

ପରିସଭ୍ୟ—ସଂ. ବି—ସଭାସଦ—
Parisabhya Member of a council or assembly.

ପରି ସମାପ୍ତ—ସଂ. ବଣ. (ପରି+ସମ୍+ଆପ୍ ଧାତୁ+କର୍ତ୍ତୃ. ତ)—
Pari samāpta ସମ୍ପୂର୍ଣ୍ଣରୂପେ ସମାପ୍ତ—Finished;
[ପରିସମାପ୍ତି—ବି] accomplished; brought to a close; consummated.

ପରିସମୂହନ—ସଂ. ବି. (ପରି+ସମ୍+ଉହ୍=ଧାତୁ+ଭାବ. ଅନ)—
Parisamūhana ୧ । ଓଳାଇକରି ଗଦା କରିବା—
1. Heaping; sweeping together. (M. W.)
୨ । ଯଜ୍ଞାଗ୍ନିରେ ସମିଧ ପକାଇବା (ହି. ଶ.)—
2. Putting fuel-sticks on the sacrificial fire.
୩ । ତୃଣ ଆଦିକୁ ନିଆଁରେ ପକାଇବା (ହି. ଶ.)—
3. Throwing of grass etc on fire.

ପରିସର—ସଂ. ବି. (ପରି+ସୃ ଧାତୁ=ଯିବା+ଅଧି. ଅ)—୧ । ନଗର
Parisara ନଦୀ ବା ପର୍ବତାଦିର ନିକଟସ୍ଥ ପ୍ରଦେଶ; ପର୍ଯ୍ୟନ୍ତ ଭୂମି—
1. Precincts; vicinity; premises.
୨ । ନିକଟବର୍ତ୍ତୀ ସ୍ଥାନ—
2. Adjacent lands; neighbourhood; environs.
୩ । ଆକାର—3. Dimension; shape; extent.
୪ । ବ୍ୟାପ୍ତି; ବିସ୍ତାର; ଚଉଡ଼ା—4. Extension.
୫ । ଓସାରିଆ; ପ୍ରସ୍ଥ—5. Width; breadth.

୬ । କୌଣସି ପଦାର୍ଥ ଦ୍ୱାରା ଅଧିକୃତ ସ୍ଥାନ—
6. Place occupied by a thing; position; site.
୭ । ମୃତ୍ୟୁ—7. Death.
୮ । ବିଧି—8. Rule; precept.
୯ । ପ୍ରଦେଶ—9. A part of the country.
୧୦ । ଶିରା; ନାଡ଼ୀ—10. Vein; artery.
୧୧ । ଦେବତା—11. A god (Apte).
୧୨ । ପରସରଣ (ଦେଖ)
12. Parisarana (See)
ସଂ. ବିଣ—ପାର୍ଶ୍ୱବର୍ତ୍ତୀ; ସଲଗ୍ନ—
Adjacent; lying near. (M. W.)

ପରିସରଣ— ସଂ. ବି. (ପରି+ସୃ ଧାତୁ+ଭାବ. ଅନ)—
Parisarana ୧ । ମୃତ୍ୟୁ—1. Death; decease; demise.
୨ । ପରାଜୟ—2. Defeat.
୩ । ଟହଲିବା—
3. Walk or moving about.

ପରିସର୍ପ—ସଂ. ବି. (ପରି+ସୃପ୍ ଧାତୁ+ଭାବ. ଅ)—
Parisarpa ୧ । କୌଣସି ବସ୍ତୁ ବା ବ୍ୟକ୍ତିକୁ ଖୋଜିବାକୁ ଯିବା—
(ପରିସର୍ପଣ—ଅନ୍ୟରୂପ) 1. Going about in search of.
୨ । ପଶ୍ଚାଦ୍ଧାବନ—2 Pursuing.
୩ । ଟହଲିବା—3. Walking about; roving.
୪ । ବେଢ଼ିବା; ପରିବେଷ୍ଟନ—
4. Surrounding; encircling.
୫ । (+କର୍ତ୍ତୃ. ଅ) ସର୍ପବିଶେଷ—
5. A species of serpent.
୬ । କ୍ଷୁଦ୍ର କୁଷ୍ଠବିଶେଷ—
7. Name of a mild form of leprosy. (M. W.)
[ଦ୍ର—ସୁଶ୍ରୁତ ଅନୁସାରେ ୧୧ ପ୍ରକାର କ୍ଷୁଦ୍ର କୁଷ୍ଠ ରୋଗମଧ୍ୟରୁ ଏହା ଏକତମ; ଏଥିରେ ଦେହରେ ଛୋଟ ଛୋଟ ବ୍ରଣ ପରି ଫଳଯାଏ ଓ ତାହା ଦେହ ତମାମ କ୍ରମଶଃ ବ୍ୟାପେ । ଏ ବଣ୍ଠୋଟକରୁ ପୂଜ ବାହାରେ । ହି. ଶ.]
୭ । (+ଭାବ. ଅ) କୌଣସି ବ୍ୟକ୍ତିର ଠିକଣା ଜଣା ନ ଥିବା ସ୍ଥଳରେ ସେ ଯେଉଁ ବାଟରେ ଯାଇଅଛି ତହିଁରେ ପରଲକ୍ଷିତ ଚିହ୍ନ, ଖୋଜ ଆଦି ଦ୍ୱାରା ଉକ୍ତ ବ୍ୟକ୍ତିକୁ ଖୋଜିବା—
7. Tracking a person by following his foot-steps or other signs left by him.
୮ । (+ଭାବ. ଅ) ଭୂମିରେ ଘୁଷୁରି ଘୁଷୁରି ଯିବା (ହି. ଶ.)—
8. Crawling.

ପରିସର୍ଯ୍ୟା—ସଂ. ବି. (ପରି+ସୃ ଧାତୁ+ଭାବ. ଯ+ସ୍ତ୍ରୀ. ଆ)—
Parisarjyā ୧ । ଚାରି ଆଡ଼କୁ ଗମନ—
1. Going towards all sides.
୨ । ବିସ୍ତୃତ ହୋଇଯିବା—1. The condition of being strewn about.
୩ । ସେବା—3. Service; personal attendance. (M. W)

ପରିସା(ସ୍ରା)—ଗ୍ରା. ବି. (ସଂ. ପରିସ୍ରାବ)—ପରିସ୍ରାବ ୧ ଓ ୨ (ଦେଖ)
Parisā(srā) Parisrāba 1 & 2 (See)
(ପରିଷାବ—ଅନ୍ୟରୂପ) পেছাব **पेशाब**

ପରିସାରକ—ସଂ. ବିଣ. (ପରି+ସୃ ଧାତୁ+କର୍ତ୍ତୃ. ଅକ)—
Parisāraka ଘୂରିଆଡ଼େ ବୁଲୁଥିବା—
(ପରିସାରିକା, ପରିସାରିଣୀ—ସ୍ତ୍ରୀ) Roving; wandering.
(ପରିସାରୀ—ଅନ୍ୟରୂପ)

ପରିସିଦ୍ଧି—ଗ୍ରା. (ପ୍ରାଚୀନ ପଦ୍ୟ) ବି. (ସଂ. ପ୍ରସିଦ୍ଧି)—ପ୍ରସିଦ୍ଧି (ଦେଖ)
Parisidhi **परसिध** Prasiddhi (See)
ବିଣ. (ସଂ. ପ୍ରସିଦ୍ଧ) ପ୍ରସିଦ୍ଧ; ବିଖ୍ୟାତ—Celebrated.
ଯେଉଁ ଅବତାରେ ଯେଉଁ ଯଥାକଥ
ସେ ସେ ଅଙ୍ଗେ ନାମେ ପରିସିଧ । ପ୍ରାଚୀ. ସେବାରୁଧ ।

ପରିସୀମା—ସଂ. ବି. (ପରି+ସୀମା)—
Parisimā ୧ । ଶେଷ ସୀମା—1. Extreme limit; border; boundary.
୨ । ଅନ୍ତ—2. End.
୩ । ଗଣନା; ଇୟତ୍ତା—3. Knowing; calculation.
୪ । ଚତୁଃସୀମା; ଚଉହଦି—
4. The boundaries on the four sides.

ପରିସ୍କନ୍ଦ—ସଂ. ବିଣ—ପରିପୁଷ୍ଟ; ମାତା ପିତା ଛଡ଼ା ଅନ୍ୟ ବ୍ୟକ୍ତି ଦ୍ୱାରା
Pariskanda ପାଳିତ (ବାଳକ)—(a child) Fostered by persons other than the parents.

ପରିସ୍ତରଣ—ସଂ. ବି. (ପରି+ସ୍ତୃ ଧାତୁ+ଭାବ. ଅନ)—
Paristarana ୧ । ଚାରି ଆଡ଼େ ବିଛି ଦେବା ବା ବୁଣିବା—
(ପରିସ୍ତର—ଅନ୍ୟରୂପ) 1. Strewing round.
(ପରିସ୍ତୃତ—ବିଣ) ୨ । ନିଆଁ ଉପରେ କୁଟା ଆଦି ପକାଇବା—
2. Throwing straw etc into fire.
୩ । ଘୋଡ଼ାଇବା (ହି.ଶ)—3. Covering; enveloping
୪ । ଏକତ୍ର ଗଦା କରିବା—4. Heaping together.

ପରିସ୍ତୋମ—ସଂ. ବି. (ପରି+ସ୍ତୋମ୍ ଧାତୁ=ପ୍ରଶଂସା କରିବା+କର୍ମ.ଅ)-
Paristoma ୧ । ହାତୀ ପିଠିରେ ପଡ଼ିବା ଚିତ୍ରିତ କମ୍ବଳ; ହାତୀଝୁଲ—
1. The pictured covering over an elephant; the coloured housings of an elephant.
୨ । ଘୋଡ଼ଣୀ; ଘଟାଟୋପ—2. Coverlet.
୩ । ଗଦି—3. Cushion (Apte).

ପରିସ୍ଥୟ—ଦେ. ବି. (ସଂ. ପରିସ୍ଥାନ)—
Paristhaya ୧ । ସ୍ଥିରତା—1. Fixity; fixedness.
୨ । ନିଶ୍ଚୟ—2 Certainty.
(ଯଥା—ତା କଥାରୁ କିଛି ପରିସ୍ଥୟ ମିଳିଲା ନାହିଁ ।)

ପରିସ୍ଥାନ—ସଂ. ବି. (ପରି+ସ୍ଥାନ)—
Paristhāna ୧ । ବାସ ସ୍ଥାନ—1. Abode. (M. W.)
୨ । ସ୍ଥିରତା—2. Fixedness. (M. W)
୩ । ଦୃଢ଼ତା—3. Firmness.

ପରିସ୍ଥିତି—ସଂ. ବି. (ପରି+ସ୍ଥା. ଧାତୁ+ଭାବ. ତି)—
Paristhiti ୧ । ଅବସ୍ଥା; ଅବସ୍ଥାନ; ନିର୍ଣ୍ଣୟ—
1. State; condition.
୨ । ଚାରିଆଡ଼ର ଅବସ୍ଥା—
2. All circumstances taken together.
୩ । ପରିସ୍ଥାନ (ଦେଖ)—3. Paristhāna (See).

ପରିସ୍ପନ୍ଦ—ସଂ. ବି. (ପରି+ସ୍ପନ୍ଦ)—୧ । ବିକମ୍ପନ—
Parispanda 1. Vibration; tremor.
୨ । ଥରିବା—2. Quivering; throbbing.
୩ । ଗତି—3. Motion.
୪ । (ଯଜ୍ଞାଗ୍ନିର) ରକ୍ଷଣ—
4. Keeping or maintaining (a sacred fire).
୫ । ପତ୍ରାବଳୀ ରଚନ (ପ୍ରକୃତିବାଦ)—
5. Painting on the body.
୬ । କେଶର ସଜ୍ଜା—
6. Decoration of the hair (M. W.).
୭ । ଚାପ—7. Pressure (M. W.).
୮ । ଉଚ୍ଚ ଶବ୍ଦ ସହକାରେ ପତନ—8. Crash (M. W.).
୯ । (+କର୍ତ୍ତୃ. ଅ)—ଅନୁଚରବର୍ଗ—
9. Retinue; train. (M.W.).

ପରିସ୍ପର୍ଦ୍ଧା—ସଂ. ବି. (ପରି+ସ୍ପର୍ଦ୍ଧା)—ପ୍ରତିଯୋଗିତା—
Parisparddhā Rivalry.
(ବିଣ.—ପରିସ୍ପର୍ଦ୍ଧୀ—ପୁଂ. ପରିସ୍ପର୍ଦ୍ଧିନୀ—ସ୍ତ୍ରୀ)

ପରିସ୍ଫୁଟ—ସଂ. ବିଣ. (ପରି+ସ୍ଫୁଟ୍ ଧାତୁ=ଫୁଟିବା+କର୍ତ୍ତୃ. ଅ)—
Parisphuṭa ୧ । ଉତ୍ତମରୂପେ ଫୁଟିଥିବା—
1. Fully blown.
୨ । ସୁସ୍ପଷ୍ଟ—2. Clear; quite plain; manifest.
୩ । ଉତ୍ତମରୂପେ ପୁଷ୍ଟ—3. Fully developed. (M.W.)

ପରିସ୍ଫୁରଣ—ସଂ. ବି. (ପରି+ସ୍ଫୁରଣ)—୧ । ଆଖି ମିଟିକା ମାରି ଚାହିଁବା-
Parisphuraṇa 1. Glancing.
(ପରିସ୍ଫୁରିତ—ବିଣ) ୨ । କଢ଼ି ଫୁଟିବା—
(ପରିସ୍ଫୂର୍ତ୍ତି—ଅନ୍ୟରୂପ) 2. Budding; shooting.
୩ । ଠକ ଠକ ହେଉଁବା; ସ୍ପନ୍ଦନ—
3. Palpitation; quivering; throbbing.
୪ । ଉଜ୍ଜ୍ୱଳ ଭାବରେ ଦେଖାଯିବା; ଶୋଭା ପାଇବା—
4. Shining forth.

ପରିସ୍ଫୁରନ୍ତ—ଦେ. ବିଣ. (ସଂ. ପରିସ୍ଫୁରିତ)—ପୁଂ—ବିଶେଷ ଭାବରେ
Parisphuranta ପ୍ରକାଶିତ; ପ୍ରକଟିତ—
Budded; clearly manifest.
ପରିସ୍ଫୁରନ୍ତ ଯେ ସୁନ୍ଦର ।
ତହିଁ ମାଣ୍ଡଣେକର । ଭାରତୀ, ପୂର୍ଣ୍ଣଚନ୍ଦ୍ର, ଉପେନ୍ଦ୍ରଭଞ୍ଜ ।

ପରିସ୍ୟନ୍ଦ—ସଂ. ବି. (ପରି+ସ୍ୟନ୍ଦ୍ ଧାତୁ+ଭାବ. ଅ)—୧ । ଝରିବା—
Parisyanda 1. Oozing.
(ପରିସ୍ୟନ୍ଦନ—ଅନ୍ୟରୂପ) ୨ । ଟୋପା ଟୋପା ପଡ଼ିବା—
(ପରିସ୍ୟନ୍ଦୀ—ବିଣ) 2. Dropping.

୩ । ସ୍ରୋତଃ—3. Flow; stream.

ପରିସ୍ରବ—ସଂ. ବି. (ପରି+ସ୍ରୁ ଧାତୁ+ଭାବ. ଅ)—୧ । ବହିଯିବା—
Parisraba 1. Flowing; streaming.
୨ । ସନ୍ତାନ ଜନ୍ମ—2 The birth of a child.
୩ । ତଳଆଡ଼କୁ ଗଡ଼ିଯିବା—3. Gliding down.
୪ । କୁସୁମ ଫୁଲ—4. Rottleria Tinctoria (M. W.).

ପରିସ୍ରା—ଦେ. ବି. (ସଂ. ପ୍ରସାବ)—ପରିସ୍ରାବ; ପ୍ରସ୍ରାବ; ମୂତ୍ର—
Parisrā Urine.
পিছাব, পেছাব **पेशाब** (ପରିସାବ—ଅନ୍ୟରୂପ)
[ଦ୍ର—ଭାଷାରେ ବ୍ୟବହୃତ ଏହି ଶବ୍ଦର ଅନ୍ୟ ଆକାରମାନ, ଯଥା—ପରସା, ପରସ୍ରା, ପରସାବ, ପରସ୍ରାବ, ପରିସା, ପରିସାବ, ପ୍ରସା, ପ୍ରେସା, ପେରେସା ।]

ପରିସ୍ରା କରିବା—ଦେ. କ୍ରି—ପ୍ରସ୍ରାବ କରିବା—
Parisrā karibā To urinate; to pass urine.
পেছাবকরা **पेशाबकरना**
(ପରସା କରିବା, ପରିସ୍ରାବ କରିବା, ପ୍ରସା କରିବା—ଅନ୍ୟରୂପ)

ପରିସ୍ରାଖାନା—ଦେ. ବି. (ସଂ. ପ୍ରସ୍ରାବ ଓ. ଆ. ଖାନା=ସ୍ଥାନ)—
Parisrākhānā ଲୋକେ ପ୍ରସ୍ରାବ କରିବାର ନିର୍ଦ୍ଦିଷ୍ଟ ସ୍ଥାନ—
পেসাবখানা **पेसाबखाना** Urinal.
(ପରିସ୍ରାବଖାନା—ଅନ୍ୟରୂପ)

ପରିସ୍ରାଜଳା—ଦେବ. (ସଂ. ପ୍ରସ୍ରାବ ଓ ଜ୍ୱାଳା)—ପ୍ରସା କରିବା ସମୟରେ
Parisrājaḻā ପ୍ରସ୍ରାବ ଦ୍ୱାରରେ ଅନୁଭୂତ ତୀବ୍ର ବେଦନା
পেছাবজলা (ରୋଗବିଶେଷ)—
ପରିସ୍ରା ଜାଳା } ଅନ୍ୟରୂପ Scalding of urine; painful
ପରିସ୍ରା ପୋଡ଼ା } urination accompanied with burning sensation in the urethral canal.

ପରିସ୍ରା ତଲବ ଦେବା—ଦେ. ବି.—ପ୍ରସ୍ରାବର ଆବେଗ ଜଣାଯିବା; ମୂତ
Parisrā talab debā ମାଡ଼ିବା—A tendency to make water.
পেছাবপাওআ **पेसाब तलबहेना**
(ପରିସ୍ରା ମାଡ଼ିବା—ଅନ୍ୟରୂପ)

ପରିସ୍ରାଦ୍ୱାର—ଦେ. ବି. (ସଂ. ପ୍ରସ୍ରାବ ଓ ଦ୍ୱାର)—ଜନନେନ୍ଦ୍ରିୟ—
Parisrā dwāra Male or female organ.
পেছবদ্বার **पेसाबकी नाली**
(ପରିସ୍ରା ଦୁଆର, ପରିସ୍ରାବ ଦ୍ୱାର—ଅନ୍ୟରୂପ)

ପରିସ୍ରା ନଳ(ଳୀ)—ଦେ. ବି. (ସଂ. ପ୍ରସ୍ରାବ ଓ ନଳ)—
Parisrā naḻa(ḻi) ମୂତ୍ରଦ୍ୱାର ମଧ୍ୟସ୍ଥ ନଳ—
পেছাবনালী Urinary passage; the urinary canal.
पेसाबकीनाली

ପରିସ୍ରାପୋଡ଼ା—ଦେ. ବି.—ପରିସ୍ରା ଜଳା (ଦେଖ)—
Parisrāporḍā Parisrā jaḻā (See).

ପରିସ୍ରାବ—ସଂ. ବି. (ପରି+ସ୍ରାବ)—୧ । ପାଣିର ବୋହିଯିବା—
Parisrāba 1. Efflux; flow of water.
୩ । (ଆଧୁନିକ ରସାୟନ) ଛାଙ୍କିବା; କୌଣସି ଜଳୀୟ ପଦାର୍ଥକୁ କ୍ଷାରଜଳ ସହିତ ଆଲୋଡ଼ିତ କରି ଲୁଗାରେ ଛାଣିନେବା ପ୍ରକ୍ରିୟା—3. The process of sifting a liquid after mixing it with ash-water.

୪ । ଜଳୀୟ ପଦାର୍ଥକୁ ନଳୀରେ ବସାଇ ଭାପର ବାଷ୍ପକୁ ଥଣ୍ଡା କରି ଅର୍କ ବାହାର କରିବା ପ୍ରକ୍ରିୟା; ଚୁଆଁଇବା—
4. Distillation.

ପେଛାବ — ଦେ. ବି. (ସଂ. ପ୍ରସ୍ରାବ)—୧ । ମୂତ୍ର; ମୂତ—
ପେଶାବ — I. Urine.
୨ । ମୂତ୍ର ତ୍ୟାଗ—2. Urination.

ପରିସ୍ରାବଣ—ସଂ.ବି. (ପରି+ସ୍ରୁ ଧାତୁ ଣିଚ ସ୍ରାବ ଧାତୁ+ଅଧି. ଅନ)—
Parisrābaṇa ଯେଉଁ ପାତ୍ରରେ ପାଣି ଛଣାଯାଏ—A filtering or straining vessel.

ପରିସ୍ରାବୀ—ସଂ. ବିଣ—(ପରି+ସ୍ରୁ ଧାତୁ ଣିଚ୍ ସ୍ରାବ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—୧ । ବହି ଯାଉଥିବା—
Parisrābī — 1. Flowing.
୨ । ଝରୁଥିବା—2. Oozing.
ସଂ. ବି—୧ । ସବୁବେଳେ ଗୁହ୍ୟଦ୍ୱାର ବାଟେ ଘନରସ ବାହାରିବା;ଭଗନ୍ଦର ରୋଗବିଶେଷ—1. A form of fistula of the anus.
୨ । ଦୁରାରୋଗ୍ୟ ଜଳୋଦରୀ ରୋଗବିଶେଷ—2. An incurable form of swollen abdomen. (M.W.)

ପରିସ୍ରୁତ—ସଂ. ବିଣ. (ପରି+ସ୍ରୁ ଧାତୁ=ସ୍ରବିବା+କର୍ତ୍ତୃ. ତ)—
Parisruta ୧ । ଟୋପା ଟୋପା ହୋଇ ଝରିବା; କ୍ଷରିତ—
1 Falling by drops; trickled.
୨ । ଅର୍କ ବାହାର କରିବା ପ୍ରକ୍ରିୟାଦ୍ୱାରା ଝରିଥିବା; କ୍ଷରିତ—
2. Distilled.
ସଂ. ବି (ବୈଦିକ)—ଅତର; ପୁଷ୍ପସାର—
Essence of flowers; otto.

ପରିସ୍ରୁତା—ସଂ. ବି. ସ୍ତ୍ରୀ—(ପରିସ୍ରୁତ+ସ୍ତ୍ରୀ. ଆ)—୧ । ମଦ୍ୟ; ମଦିରା—
Parisrutā — 1. Spirits; wine.
(ପରିସ୍ରୁତ୍—ଅନ୍ୟରୂପ) ୨ । ଦ୍ରାକ୍ଷା ମଦ୍ୟ—
2. Wine from grapes.

ପରିହ୍‌ଆରି—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି. (ସଂ. ପରାରି)—
Parih-āri ୧ । ଗତ ବର୍ଷର ପୂର୍ବ ବର୍ଷ—1. Year before last.
ପରୁଃ ଆରି, ପରହାରି, ପରଆହେ(ଏ)ର୍ } ଅନ୍ୟରୂପ ୨ । ଆଗାମୀ ବର୍ଷର ପରବର୍ଷ—
2. Year after next.

ପରିହତ—ସଂ. ବିଣ. (ପରି+ହନ୍ ଧାତୁ+କର୍ମ. ତ)—୧ । ପରିତ୍ୟକ୍ତ—
Parihata — 1. Abandoned.
୨ । ଧୃତ—2. Seized; taken.
ସଂ. ବି—୧ । ଲଙ୍ଗଳର ହଣ୍ଡି (ହ୍ଵ. ଷ.)—1. The part of the plough between the handle & the plough blade.
୨ । ଖଣ୍ଡେ କାଠରେ ତିଆରି ହୋଇଥିବା ଲଙ୍ଗଳ (ହ୍ଵ. ଷ.)—
2. A plough made of one piece of wood only.

ପରିହର—ସଂ. ବି. (ପରି+ହୃ ଧାତୁ+ଭାବ. ଅ)—ପରିହାର; ତ୍ୟାଗ—
Parihara — Abandonment.
ପ୍ରସାଦ ପରିହର, ଦୁଃଖଭୁଞ୍ଜ ନରବର — କବିସୂର୍ଯ୍ୟ. ସଙ୍ଗୀତ ।

ପରିହରଣ—ସଂ. ବି—(ପରି+ହୃ ଧାତୁ+ଭାବ. ଅନ)—୧ । ହାନି—
Pariharaṇa — 1. Loss.
ପରିହୃତ, ପରିହାରୀ, ପରିହାରକ } ବିଣ ୨ । କ୍ଷୀଣତା—
2. Weakness; feebleness.
୩ । ପରିହାର; ପରିତ୍ୟାଗ; ବର୍ଜନ—
3. Abandonment; relinquishment.
୪ । (ଦୋଷ) ଛଡ଼ାଇବା; କ୍ଷାଳନ; ଖଣ୍ଡନ—
4. Repelling; removing; refutation.
୫ । କୌଣସି ବସ୍ତୁକୁ ଅଧିକାରୀର ବିନାନୁମତିରେ ଜବରଦସ୍ତି ଛଡ଼ାଇ ନେବା—5. Snatching away by force.

ପରିହରଣୀୟ—ସଂ. ବିଣ. (ପରି+ହୃ ଧାତୁ+କର୍ମ. ଅନୀୟ)—
Pariharaṇiya ୧ । ପରିତ୍ୟାଗର ଉପଯୋଗୀ; ତ୍ୟାଜ୍ୟ—
(ପରିହରଣୀୟା—ସ୍ତ୍ରୀ) 1. Fit to be abandoned or shunned.
୨ । ଗ୍ରହଣ ଯୋଗ୍ୟ; ଗ୍ରାହ୍ୟ—
2. Fit to be taken; acceptable.
୩ । ଛଡ଼ାଇ ନେବାର ଯୋଗ୍ୟ—
3. Fit to be snatched away.
୪ । ନିବାରଣୀୟ—4. Preventible.

ପରିହରମାଣ—ସଂ. ବିଣ. ପୁଂ. (ପରି+ହୃ ଧାତୁ+କର୍ତ୍ତୃ. ଅନ ସଂ. ଶାନଚ)—ଯେ ପରିହାର କରୁଅଛି—
Pariharamāṇa
(ପରିହରମାଣା—ସ୍ତ୍ରୀ) Relinquishing; abandoning; avoiding.

ପରିହରିବା—ଦେ. କ୍ରି (ପଦ୍ୟ) (ସଂ. ପରିହରଣ)—ପରିହାର କରିବା; ତ୍ୟାଗ କରିବା—To abandon; to shun; to avoid.
Pariharibā
ପରିହରା ପରିହେଁଆ

ଭେଦମତ ପରିହର ସହୃତ ବଚନେ
ବଦ୍ଧ ହେବେ ଅର୍ଥିଏଁମେ ଅର୍ଥ୍ୟବୁଦ୍ଧେ ଯେତେ —
ଜଗନ୍ନାଥ—ମହାଭାରତ ।

ପରିହର୍ତ୍ତବ୍ୟ—ସଂ. ବିଣ. (ପରି+ହୃ ଧାତୁ+କର୍ମ. ତବ୍ୟ)—ପରିହରଣୀୟ;
Parihartabya ପରିହାର୍ଯ୍ୟ—Fit to be abandoned; avoidable.

ପରିହସନୀୟ—ସଂ. ବିଣ. (ପରି+ହସ୍ ଧାତୁ+କର୍ମ. ଅନୀୟ)—
Parihasaniya ୧ । ଉପହାସ୍ୟ—1 Laughable; ludicrous.
(ପରିହସନୀୟା—ସ୍ତ୍ରୀ)
୨ । ପରିହାସର ଉପଯୁକ୍ତ ପାତ୍ର—
2. Fit to be laughed at or jested with.

ପରିହସିତ—ସଂ. ବିଣ. ପୁଂ. (ପରି+ହସ୍ ଧାତୁ+କର୍ମ. ତ)—ଯାହାକୁ ଥଟ୍ଟା ବା ଉପହାସ କରାଯାଏ—Laughed at; jeered at.
Parihasita
(ପରିହସିତା—ସ୍ତ୍ରୀ)
ବି—(+ଭାବ. ତ)—ପରିହାସ—Jest.

ପରିହାର—ସଂ. ବି. (ପରି+ହୃ ଧାତୁ+ଭାବ. ଅ)—୧ । ପରିତ୍ୟାଗ; ସର୍ବଥା ତ୍ୟାଗ—1. Abandonment; desertion; relinquishment; avoidance.
Parihāra
ପରିହୃତ, ପରିହାର୍ଯ୍ୟ, ପରିହାସ୍ୟ } ବିଣ ୨ । ଅନାଦର; ଅସମ୍ମାନ—2. Insult; disrespect; disesteem.

୩ । ଦୋଷାପନୟନ; ଦୋଷ ଛଡ଼ାଇବା; ଦୋଷ କ୍ଷାଳନ—
3. Repelling of a charge; refuting.
୪ । ଏଡ଼ାଇବା; ଏଡ଼ିବା—
4. Escaping from; shunning; avoiding.
୫ । ନିଜ ଉପରୁ ଦୋଷ ଛଡ଼ାଇବା ପାଇଁ ପ୍ରତ୍ୟୁତ୍ତର; ଖଣ୍ଡନ—
5. Refutation; reply to an accusation against oneself.
୬ । ପ୍ରାର୍ଥନା; ଅନୁରୋଧ—6. Prayer; request.
୭ । ରହିତ; ମୋଚନ; ମୁକ୍ତି—7. Exemption.
୮ । ବିଦାୟ—8. Bidding adieu.
୯ । ପରାଜୟ—9. Defeat.
୧୦ । ଉପେକ୍ଷା—10. Disregard; indifference.
୧୧ । ରାଜପୁତ୍ ଜାତିର ଗୋଟିଏ ଶାଖା (ଏମାନଙ୍କର ଅନ୍ୟ ନାମ ଅଗ୍ନିକୁଳ)—11. Name of a branch of the Rajputs.
୧୨ । (+କର୍ମ. ଅ)—ଗ୍ରାମର ଚାରିପାଖେ ଗୋଚାରଣପାଇଁ ଛଡ଼ା ଥିବା ପଡ଼ିଆଭୂମି (ହ୍ରି. ଶ)—12. The common grazing ground round a village.
୧୩ । ଯୁଦ୍ଧରେ ଜିଣା ଯାଇଥିବା ଧନାଦି (ହ୍ରି. ଶ)—
13. Booty; spoils.
୧୪ । କର ବସାଣରୁ ମୁକ୍ତି (ହ୍ରି. ଶ)—
14. Exemption or remission from taxation.
୧୫ । ତିରସ୍କାର (ହ୍ରି. ଶ)—15. Rebuke; censure.

ପରିହାରୀ—ସ. ବିଣ. ପୁଂ. (ପରି+ହୃ ଧାତୁ+ଇନ୍ ୧ମା. ୧ବ)—
Parihārī ୧ । ପରାଜୟକାରୀ; (ଅମୁକ ଅପେକ୍ଷା) ଉତ୍କୃଷ୍ଟ—
(ପରିହାରକ—ଅନ୍ୟରୂପ) 1 Defeating; excelling.
ପରିହାରଣୀ } ସ୍ତ୍ରୀ ପରିହାରକା } — ପରିହୃତ ପରିହାସ ନସ୍ୱନନ୍ତୁ । ବଳୀୟର୍ଦ୍ଦ୍ୟ. ସଙ୍ଗୀତ ।
୨ । ପରିହରଣକାରୀ (ପରିହରଣର ଉକ୍ତ ଉକ୍ତ ଅର୍ଥ ଦେଖ)—2. Doing an act of Pariharaṇa (See).

ପରିହାର୍ଯ୍ୟ—ସ. ବିଣ. (ପରି+ହୃ ଧାତୁ+କର୍ମ. ଯ)—
Parihārjya ୧ । ପରିତ୍ୟାଜ୍ୟ; ପରିହର୍ତ୍ତବ୍ୟ—
(ପରିହାର୍ଯ୍ୟା—ସ୍ତ୍ରୀ) 1. Fit to be relinquished or shunned; avoidable.
୨ । ରହିତ ବା ମୁକ୍ତିଲାଭ ପାଇବା ଯୋଗ୍ୟ—
2. Deserving exemption.

ପରିହାସ—ସ. ବି. (ପରି+ହସ୍ ଧାତୁ+ଭାବ. ଅ)—୧ । ଥଟ୍ଟା—
Parihāsa 1. Jesting; mockery.
ପରିହସିତ } ବିଣ ପରିହସନୀୟ } ପରିହାସ୍ୟ } — ୨ । କୌତୁକ—2. Sport; mirth.
୩ । ଉପହାସ—3. Ridicule; laughter; jeering.
[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ସହଚରରୂପେ ବ୍ୟବହୃତ ହୁଏ, ଯଥା—ହାସ ପରିହାସ, ଥଟ୍ଟା ପରିହାସ, କୌତୁକ ପରିହାସ ।]
୪ । କ୍ରୀଡ଼ା; ଖେଳ; (ହ୍ରି. ଶ)—4. Play.

ପରିହାସକ—ସ. ବିଣ. ପୁଂ. (ପରି+ହସ୍ ଧାତୁ+କର୍ତ୍ତୃ. ଅକ)—
Parihāsaka ଯେ ପରିହାସ କରେ—Mocking; jesting.
(ପରିହାସିକା—ସ୍ତ୍ରୀ) ବି—ବିଦୂଷକ—Jester.

ପରିହାସ କରିବା—ଦେ. କ୍ରି—ଥଟ୍ଟା ତାମସା କରିବା—
Parihāsa kariba To play jests with; to cut jokes with
পরিহাসকরা परिहासकरना
[ପରିହାସ ଲଗା(ଗେ)ଇବା—ଅନ୍ୟରୂପ]

ପରିହାସ ଲଗା(ଗେ)ଇବା—ଦେ. କ୍ରି—ପରିହାସ କରିବା (ଦେଖ)
Parihāsa lagā(ge)iba Parihāsa kariba (See)

ପରିହାସି—ଦେ. ବିଣ. (ପୁଂ ଓ ସ୍ତ୍ରୀ) (ସ. ପରିହାସ୍ୟ)—୧ । ପରିହାସ
Parihāsi ଯୋଗ୍ୟ ବ୍ୟକ୍ତି); ଯାହା ସଙ୍ଗେ ପରିହାସ ବା ଥଟ୍ଟା କରିବା ସମାଜସମ୍ମତ—1. Fit to be jested with according to social custom.
୨ । ପରିହାସ କରୁଥିବା—2. Jesting.
୩ । ଯେ ସର୍ବଦା ଥଟ୍ଟା ପରିହାସ କରେ; ଥଟ୍ଟିଲ; ପରିହାସପ୍ରିୟ—
(ପରିହାସିଆ—ଅନ୍ୟରୂପ) 3. Jestive; sportive; jocular.
[ଦ୍ର—ଆମ ସମାଜରେ ଅଈ, ଅଜା, ନାଈ, ନାତୁଣୀ, ନାତୁଣୀଜୋଇଁ, ନାତୁଣୀବୋହୂ, ଭଣୋଇ ଓ ଶଳା, ଶାଳୀ, ଶଳାଭାରିଜ, ନଣନ୍ଦ, ଦିଅର, ଭାରିଜ, ନଣନ୍ଦେଇ ଓ ଭଉଣୀଜୋଇଁ ଏମାନେ ପରିହାସି ଅଟନ୍ତି ।

ପରିହାସ୍ୟ—ସ. ବିଣ. (ପରି+ହସ୍ ଧାତୁ+କର୍ମ. ଯ)—
Parihāsya ଥଟ୍ଟା ତାମସାର ଯୋଗ୍ୟ; ପରିହସନୀୟ—
(ପରିହାସ୍ୟା—ସ୍ତ୍ରୀ) Rediculous; laughable.
(ପରିହାସ୍ୟତା—ବି) ଗ୍ରା. ବି. (ସ. ପରିହାସ)—ପରିହାସ (ଦେଖ)
परिहस Parihāsa (See)

ପରିହିତ—ସ. ବିଣ. (ପରି+ଧା ଧାତୁ=ଧାରଣ କରିବା+କର୍ମ. ତ)—
Parihita ୧ । ପିନ୍ଧା ହୋଇଥିବା; ପିନ୍ଧନ—1. Clothed;
(ପରିହିତା—ସ୍ତ୍ରୀ) worn; clad; put on; donned.
୨ । ଆଚ୍ଛାଦିତ—2. Covered over.
ପ୍ରାଦେ.(ଗଡ଼ଜାତ) ବିଣ.(କଚରିଆ ଭାଷା)—ସନ୍ନିକଟ;ସନ୍ନିହିତ—Very close.

ପରିହୀନ—ସ. ବିଣ. (ପରି+ହା ଧାତୁ+କର୍ମ. ତ)—୧ । କ୍ଷୀଣ—
Parihīna 1. Weak.
(ପରିହୀନା—ସ୍ତ୍ରୀ) ୨ । କ୍ଷୟପ୍ରାପ୍ତ—2. Wasted; waned.
(ପରିକ୍ଷୀଣ—ଅନ୍ୟରୂପ) ୩ । ସମ୍ୟକ୍ ବଞ୍ଚିତ—
3 Defrauded; deprived of; deceived.
୪ । ପରିବର୍ଜିତ; ତ୍ୟକ୍ତ—4. Abandnoed.

ପରିହୃତ—ସ. ବିଣ. (ପରି+ହୃ ଧାତୁ+କର୍ମ. ତ)—ପରିତ୍ୟକ୍ତ—
Pari hṛuta 1. Abandoned; deserted.
(ପରିହୃତା—ସ୍ତ୍ରୀ) ୨ । ବିମୁକ୍ତ—2. Liberated.
୩ । ବଳପୂର୍ବକ ଗୃହୀତ—3. Snatched; seized; robbed.
୪ । ଖଣ୍ଡିତ—4. Confuted; repelled; refuted.
୫ । ପତିତ; ଭ୍ରଷ୍ଟ (ହ୍ରି. ଶ)—5. Fallen.

୬ । ନଷ୍ଟ; ଧ୍ୱସ୍ତ (ହି. ଶ.)—6. Ruined.

ପରୀ—ବୈଦେ. ବି. ସ୍ତ୍ରୀ (ଫା. ପରୀ; ତୁଲ. ଇଂ ଫେୟାରୀ; ସ. ଅପ୍ସରା)—
Parī ୧ । ଅପ୍ସରା; ପକ୍ଷଯୁକ୍ତ ସୁନ୍ଦରୀ ଦେବଯୋନିବିଶେଷ—
पऱी परी Fairy; nymph.

[ଦ୍ର ପାରସ୍ୟ ଦେଶର ପ୍ରାଚୀନ କାହାଣୀରେ ପରୀମାନେ କୋହକାଫ୍ ପର୍ବତବାସିନୀ ପକ୍ଷଯୁକ୍ତା ସୁନ୍ଦରୀ ସ୍ତ୍ରୀ ରୂପଧାରିଣୀ ବୋଲି କଳ୍ପିତା । ଏମାନଙ୍କ ରୂପ ଠିକ୍ ନାରୀଙ୍କ ପରି, କେବଳ ଖୁଆ ମୁଣ୍ଡରେ ଦୁଇଟି ପକ୍ଷୀ ଲାଗିଥିବାରୁ ଏମାନେ ଆକାଶ ପଥରେ ବିଚରଣ କରନ୍ତି । ଫାରସୀ ଓ ଉର୍ଦ୍ଦୁ ସାହିତ୍ୟରେ ପରୀମାନଙ୍କ ସୌନ୍ଦର୍ଯ୍ୟର ଅନେକ ବର୍ଣ୍ଣନା ଅଛି । କେବଳ ସ୍ୱର୍ଗବାସିନୀ ହୂରୀ ନାମ୍ନୀ ଦେବଯୋନୀ ପରୀମାନଙ୍କ ଠାରୁ ସୁନ୍ଦରୀ ବୋଲି କଥିତା । ଫାରସୀ ଓ ଉର୍ଦ୍ଦୁ କବିତାରେ ସୁନ୍ଦରୀ ସ୍ତ୍ରୀମାନଙ୍କୁ 'ପରୀ' ସଙ୍ଗେ ତୁଳନା କରି ଯାଇଅଛି ଓ ସେମାନଙ୍କୁ ଡେଣାକଟା ପରୀ ବୋଲାଯାଇଅଛି (ହି. ଶ.)]

୨ । ପରୀ ପରି ସୁନ୍ଦରୀ ସ୍ତ୍ରୀ—2. An exquistitely beautiful and charming woman; a paragon amongst women.

ପରୀକ୍ଷ—ଦେ. ବି. (ସଂ. ପରୀକ୍ଷା)—୧ । ପରୀକ୍ଷା—
Pariksha 1. Examination.

ପରୀକ୍ଷ ନିମନ୍ତେ କୃଷ୍ଣ କରନ୍ତି ଦମନ୍ତି । ଗୋପୀ, ନଳଚରିତ ।

୨ । ଜଳୀୟ ଔଷଧ ସହିତ ଅନୁପାନ ମିଶ୍ରଣ—2. Mixing of a vehicle with certain liquid medicines.
(ଯଥା—ଏ ପାଚନରେ ମହୁ ପରୀକ୍ଷ ଦେଇ ଖାଇବାକୁ ହେବ ।)

୩ । (ସଂ. ପରୀକ୍ଷିତ) ପରୀକ୍ଷିତ ରାଜା—
3. Name of a king.

ଶୁଣ ପରୀକ୍ଷ ନରନାଥ,
କୃଷ୍ଣ ଚରିତ ଭାଗବତ । ଜଗନ୍ନାଥ ଭାଗବତ ।

ପରୀକ୍ଷକ—ସଂ. ବି. ପୁଂ. (ପରି+ଈକ୍ଷ୍ ଧାତୁ=ଦେଖିବା+କର୍ତ୍ତୃ. ଅକ)—
Parikshaka ୧ । ଯେ ପରୀକ୍ଷା କରେ—
(ପରୀକ୍ଷିକା—ସ୍ତ୍ରୀ) 1. Examiner.

୨ । ଦୋଷଗୁଣବିଚାରକ; ସମାଲୋଚକ—
2. Judge; critic.

ପରୀକ୍ଷା—ସଂ. ବି. (ପରି+ଈକ୍ଷ୍ ଧାତୁ=ଦେଖିବା+ଭାବ. ଅ+ସ୍ତ୍ରୀ. ଆ)—
Parikshā ୧ । ଦୋଷ ଗୁଣର ବିଚାର—
(ପରୀକ୍ଷଣ—ଅନ୍ୟରୂପ) 1. Examination.
(ପରୀକ୍ଷିତ, ପରୀକ୍ଷିତବ୍ୟ; ପରୀକ୍ଷ୍ୟ—ବିଣ)

୨ । ଅନୁସନ୍ଧାନ—2. Investigation; enquiry.

୩ । ବିଶ୍ଳେଷଣାଦି ଦ୍ୱାରା ପଦାର୍ଥର ଗୁଣାଦି ନିର୍ଣ୍ଣୟ—
3. Experiment by analysis and synthesis.

୪ । ମାଣ୍ଡୁ; ପ୍ରାଚୀନ କାଳରେ ନ୍ୟାୟାଳୟରେ ଅଭିଯୁକ୍ତ ବ୍ୟକ୍ତିର ଅପରାଧିତା ବା ନିରପରାଧିତାର ପ୍ରମାଣ ନେବା (ଯଥା—ଅଗ୍ନି ପରୀକ୍ଷା)—4. Ordeal.

୫ । ସ୍ୱର୍ଣ୍ଣ ରତ୍ନାଦିରେ ଦୋଷ ଅଛି କି ନାହିଁ ଏଥିର ପ୍ରମାଣାର୍ଥ ତଦନ୍ତ—5. Test of gold and gems.

ଦେ. ବି.—୧ । ବିଦ୍ୟାର୍ଥୀମାନଙ୍କର ବିଦ୍ୟାଶିକ୍ଷାର ନିର୍ଦ୍ଦିଷ୍ଟ କାଳ ପରେ ବିଦ୍ୟା ଓ ଗୁଣ ବିଚାରାର୍ଥ ନିର୍ବାଚିତ ପ୍ରଶ୍ନାଦିର ଉତ୍ତର ସମାଧାନ ରୂପ କ୍ରିୟା—
1. Examination of students

୨ । ଜଳୀୟ ଔଷଧ ସଙ୍ଗେ ବ୍ୟବହୃତ ଅନୁପାନ—
2. A vehicle for taking certain medicines.

୩ । ଦେବୋତ୍ତର ସମ୍ପତ୍ତିର ତତ୍ତ୍ୱାବଧାରକ ପ୍ରଧାନ କର୍ମଚାରୀ; ପରିଛା—3. A superintendent of an endowment.

ପରୀକ୍ଷା ହିସାବ ଅଙ୍କ ଦେଲେ ତତ୍ପର । ଉତ୍କ. ସ୍ୱବର୍ଣ୍ଣରେଖା ।

ପରୀକ୍ଷା କରିବା—ଦେ. କ୍ରି—୧ । ବିଶ୍ଳେଷଣାଦି ଦ୍ୱାରା ଗୁଣାଦି ନିର୍ଣ୍ଣୟ
Parikshyā karibā କରିବା—1. To experiment.
परीक्षा करा ୨ । ଦ୍ରବ୍ୟର ଉତ୍କର୍ଷ ବା ଅପକର୍ଷ ପରଖ କରିବା—
परीक्षा करना, परखना 2. To test.

୩ । ବିଦ୍ୟା ବା ଯୋଗ୍ୟତା ସ୍ଥିର କରିବା ପାଇଁ ଛାତ୍ରାଦିଙ୍କୁ ପ୍ରଶ୍ନ କରିବା—3. To examine a student.

ପରୀକ୍ଷା ଦେବା—ଦେ. କ୍ରି—ନିଜର ଉପଯୁକ୍ତତାର ପରିଚୟ ଦେବା—
Parikshyā debā To appear at an examination;
পরীক্ষা দেওয়া to undergo a test or ordeal.
परीक्षा देना

କଠିନ ପରୀକ୍ଷା ଦେଲେ ଲଙ୍କାଠାରେ ସତୀ ।
ନନ୍ଦକିଶୋର. ସୀତା ବନବାସ ।

ପରୀକ୍ଷା ନେବା—ଦେ. କ୍ରି—୧ । କୌଣସି ଛାତ୍ରର ଯୋଗ୍ୟତା ବିଚାରାର୍ଥ
Parikshyā nebā ପ୍ରଶ୍ନାଦି ଦ୍ୱାରା ପରୀକ୍ଷା କରିବା—1. To
পরীক্ষা লওয়া examine a student.
परीक्षा लेना ୨ । ଯୋଗ୍ୟତାର ନିଦର୍ଶନ ଦେଖିବା—
2. To test.

ପରୀକ୍ଷା ଫଳ—ସଂ. ବି. (୬ଷ୍ଠୀ ତତ୍)—ପରୀକ୍ଷାର୍ଥୀମାନଙ୍କର ଯୋଗ୍ୟତାର
Parikshyā phala ବିଚାରର ଶେଷ ଫଳ—The result of an examination; examination result.

ପରୀକ୍ଷାର୍ଥୀ—ସ. ବିଣ. ପୁଂ. (ପରୀକ୍ଷା+ଅର୍ଥିନ୍; ୧ମା. ୧ବ.)—ପରୀକ୍ଷା
Parikshārthī ଦେବା ପାଇଁ ଇଚ୍ଛୁକ—Desirous of
(ପରୀକ୍ଷାର୍ଥିନୀ—ସ୍ତ୍ରୀ) appearing at an examination.

ସ. ବି—ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ବା ଉପସ୍ଥିତ ବ୍ୟକ୍ତି—
Candidate; examinee.

ପରୀକ୍ଷିତ୍—ସଂ. ବି. (ପରି+କ୍ଷି ଧାତୁ=କ୍ଷୟ କରିବା+କର୍ତ୍ତୃ. କ୍ୱିପ୍)—
Parikshit ପରିକ୍ଷିତ୍ (ଦେଖ)—Parikshit. (See).

ପରୀକ୍ଷିତ—ସଂ. ବି. (ପରି+କ୍ଷି ଧାତୁ+କର୍ମ. ତ)—ପରୀକ୍ଷିତ୍ (ଦେଖ)
Parikshita Parikshit. (See).
(ପରୀକ୍ଷିତା—ସ୍ତ୍ରୀ) ବିଣ—(ପରି+ଈକ୍ଷିତ)—୧ । ଯାହାକୁ ପରୀକ୍ଷା କରି ଯାଇଅଛି—1. Examined; tried; investigated; experimented.

୨ । ଅନୁଭବ ଦ୍ୱାରା ଦେଖା ଯାଇଥିବା—
2. Tested by experience.

ପରୀକ୍ଷିତ ଔଷଧ—ସଂ. ବି.—ଯେଉଁ ଔଷଧର ଗୁଣ ବା ଫଳ ଏଥିପୂର୍ବେ
Parikshita aushadha ଦେଖା ଯାଇଅଛି—Well tried or tested medicine.

ପରୀକ୍ଷିତ ଟୁଟ୍‌କା—ଦେ. ବି—ଯେଉଁ ସାମାନ୍ୟ ବୁଟୀର ଗୁଣ ଏଥିପୂର୍ବେ
Parikshita tuṭakā ପରୀକ୍ଷା କରାଯାଇଅଛି—A well-
परीक्षित टोटका **परीक्षितटोटका** tried simple remedy.

ପରୀଜାଦ୍—ବୈଦେ. ବିଣ. (ପା)—ପରୀ ପରି ସୁନ୍ଦରୀ—
Parijād Beautiful as a fairy.
डानाकाटापरी **परीजाद**

ପରୀଣାୟ—ସଂ ବି—ପରିଣାୟ (ଦେଖ)
Pariṇāya Pariṇāya. (See)

ପରୀଣାହ—ସଂ. ବି—ପରିଣାହ (ଦେଖ)
Pariṇāha Pariṇāha. (See)

ପରୀତ—ସଂ. ବି—(ପରି=ଚତୁର୍ଦ୍ଦିଗରେ+ଇ ଧାତୁ=ଯିବା+କର୍ମ. ତ)—
Parita ୧ । ବେଷ୍ଟିତ; ପରିବୃତ—1. Surrounded.
୨ । ଯୁକ୍ତ; ବିଶିଷ୍ଟ—2. Joined; connected.
୩ । ପରିଗତ—3. Gone forth.

ପରୀତ୍ତ—ସଂ. ବିଣ—୧ । ସୀମାବଦ୍ଧ (ହ. ଶ.)—
Paritta 1. Limited.
୨ । ସଂକୀର୍ଣ୍ଣ—2. Narrow.
୩ । ସଙ୍କୁଚିତ—3. Contracted.

ପରୀ ଦେଶ—ଦେ. ବି—(ପା. ପରୀ+ସଂ. ଦେଶ)—ପରୀମାନେ ଯେଉଁ
Pari desa କାଳ୍ପନିକ ଦେଶରେ ବାସ କରନ୍ତି—Fairy-land.
परी राज्य **परीमुलक** (ପରି ରାଇଜ, ପରି ରାଜ୍ୟ—ଅନ୍ୟରୂପ)

ପରୀରମ୍ଭ—ସଂ ବି—ପରିରମ୍ଭ (ଦେଖ)
Parirambha Parirambha. (See)

ପରୀହାର—ସଂ. ବି—ପରିହାର (ଦେଖ)
Parihāra Parihāra. (See)

ପରୀହାସ—ସଂ. ବି—ପରିହାସ (ଦେଖ)
Parihāsa Parihāsa. (See)

ପରୁ—ଦେ. ଅ. (ସଂ. ପରୁତ୍)—୧ । ଗତ ବର୍ଷ; ଗୋଟିଏ ବର୍ଷ—
Paru 1. Last year.
୨ । (ସ. ପରାତ୍) ଅପେକ୍ଷା; ଠାରୁ—2. Than.
ମୁଁ ତୁମ୍ଭ ଦାସ ତରୁ ଦାସ—ଜଗନ୍ନାଥ ପ୍ରେମଭକ୍ତିଗୀତା ।
୩ । (ସ. ଉପରି) ଉପରୁ—3. Down from.
ପର୍ବତେ ହାଣ୍ଡିପରୁ ଖରଣ ଝର୍ଓାରା—କୃଷ୍ଣସିଂହ ମହାଭାରତ ଦ୍ରୋଣ ।
ସଂ. ବି—୧ । ପର୍ବତ (ହ. ଶ.)—1. Mountain.
୨ । ସ୍ୱର୍ଗଲୋକ—2.; Heaven; paradise.
୩ । ଗ୍ରନ୍ଥି; ଗଣ୍ଠି—3. Knot.
୪ । ସମୁଦ୍ର—4. The ocean (Apte).

ପରୁଆ (ଇତ୍ୟାଦି)—ବୈଦେ. ବି. (ପା)—ପରୁଉଆ ଇତ୍ୟାଦି (ଦେଖ)
Paruā (etc) Par-uā etc. (See).
(ପରେଇ, ପରୋଆ—ଅନ୍ୟରୂପ)
परोआ **परवाह** ଲକ୍ଷଣ ବନ୍ଧା ହେଲେ ସମୁଦ୍ର ମନରେ ପରୁଆ ନାହିଁ ।
ରୁକାର ରାମୁଆ ବାହା ।
ପ୍ରାଦେ (ବସ୍ତର) ବି (ସ. ପାରାବତ)—ପାରା—Pigeon.

ପରୁଆନା—ବୈଦେ. ବି (ପା)—ପରୁଉଆନା (ଦେଖ)
Paruānā Par-uānā (See)
(ପରୱାନା, ପରନା, ପରୱାନା—ଅନ୍ୟରୂପ)
ଡିଣ୍ଡିମାକୁ ପରୁଆନା × × × ସବୁ ମୋ ପାଖରେ ଅଛି ।
ଫକୀରମୋହନ ଛମାଣଆଠଗୁଣ୍ଠ ।

ପରୁଆର—ବୈଦେ. ବି (ପା)—ପରୁଉଆର (ଦେଖ)
Paruār Par-uār (See)

ପରୁଡ଼ି—ଦେ. ବି—୧ । ବିଶାକାଠିର ତଳେ ଦଉଡ଼ି ଲାଗି ଝୁଲୁଥିବା
Parurdi ଚାଳପରିରେ ଡିମ୍ବାକୃତି ପଲ୍ଲ—1. A square bit of wicker work hanging from the roller of 'Bisā kāṭhi'.
[ଦ୍ର—ଏହା ଉପରେ ଲକ୍ଷପତ୍ର ରଖାଯାଇ ଓଜନ କରାଯାଏ ।]
୨ । (ସଂ. ପଟ୍ଟରକ) ସନ୍ତରା (ଦେଖ)
2. Santarā (See)

ପରୁଡ଼ି ମସିଣା—ଦେ. ବି.—ସନ୍ତରା ମସିଣା (ଦେଖ)
Parurdi masiṇā Santarā masiṇā (See)
पटेरकी चटाई

ପରୁତ୍—ସଂ. ଅ. (ପର+ବର୍ଷ. ଅର୍ଥରେ ଉତ୍)—ଗତ ବର୍ଷ; ଗୋଟିଏ—
Parut Last year.

ପରୁଶୁ (ଇତ୍ୟାଦି)—ଗ୍ରା. ବି.—ପରଶୁ ଇତ୍ୟାଦି (ଦେଖ)
Parusu (etc) Parasu etc (See)

ପରୁଷ—ସ. ବିଣ. (ପୃ ଧାତୁ=ପୂର୍ଣ୍ଣ କରିବା+କର୍ତ୍ତୃ. ଉଷ)—
Parusha ୧ । କଠିନ—1. Hard.
(ପରୁଷା—ସ୍ତ୍ରୀ) ୨ । କଠୋର; କର୍କଶ; ରୂକ୍ଷ; ରୁକ୍ଷ—
(ପରୁଷତା[ତ୍ୱ]; ପାରୁଷ୍ୟ—ବି) 2. Rough; severe; rude.
ବଶ ମୋତେ ଗାଳ ପଡ଼େ ମୁଁ ନ ପାରେଁ ପରୁଷ ସୁରୁଷ କାଡ ଗୋ ।
କବିସୂର୍ଯ୍ୟ. ସଙ୍ଗୀତ. ।
୩ । ଉଦ୍ଧତ; ଉଗ୍ର—3. Abusive; rude.
୪ । ନିର୍ଦ୍ଦୟ; ନିଷ୍ଠୁର—4. Cruel; unkind.
୫ । ବହୁବର୍ଣ୍ଣ ବିଶିଷ୍ଟ—5. Multicoloured.
୬ । ଶ୍ରୁତିକଟୁ—6. Harsh or disagreeable to the ear.
୭ । କଷ୍ଟଦାୟକ (ପବନ)—7. Keen; piercing (wind).
୮ । ମଇଳା—8. Dirty (Apte).
୯ । ଛିତଛିତିଆ—9. Spotted; variegated.
୧୦ । ଝାମ୍ପୁଡ଼ା—10. Shaggy (Apte).
ସ. ବି.—୧ । କଠୋର ବଚନ; ଗାଳି—
1. Harsh or abusive speech (Apte).
୨ । ଫାରସା କୋଳି (ଦେଖ)—2. Phārasā koḷi (See)
୩ । ନୀଳ ଝିଣ୍ଟି; ବାଣା—
3. The blue-flowered variety of Barlaria.
୪ । କାଣ୍ଡସର—4. A kind of reed.
୫ । ଶର; ବାଣ (ହ. ଶ)—5. Arrow.

ଦେ. ବି.—୧ । କଠୋରତା—
1. Roughness; harshness.
୨ । କାଠିନ୍ୟ—2. Hardness.
୩ । କର୍କଶତା—3. Rudeness.
୪ । ନିଷ୍ଠୁରତା—4. Cruelty.
—ସ. ବି.—କର୍କଶ ସ୍ୱର—
Parusha kantha Rude tone; harsh tone.

ପରୁଷ ଫଳ—ସ. ବି.—ଫାରସା କୋଳି (ଦେଖ)
Parusha phala Phārasā koli (See)

ପରୁଷାଣ—ଦେ. ବି. (ସ. ପରିବେଷଣ)—ପରଷିବା—
Parushāṇa Serving out meal.
পরিবেশন परसना

ପରୁଷିବା—ଦେ. କ୍ରି. (ସ. ପରିବେଷଣ)—ପରଷିବା (ଦେଖ)
Parushibā Parashibā (See)
পরেসা परसना

ପରୁଷୁଣୀ—ଦେ. ବିଣ.—ପରଷୁଣୀ (ଦେଖ)
Parushuṇi Parashuṇi (See)

ପରୁଷୁଣିଆ(ଆଁ)—ଦେ. ବି. ଓ ବିଣ.—ପରଷୁଣିଆ (ଦେଖ)
Parushuṇiā(āṅ) Parashuṇiā (See)

ପରୂଷ—ସ. ବି.—ଫାରସା କୋଳି ଓ ଗଛ (ହରେକୃଷ୍ଣ. ଦ୍ରବ୍ୟଗୁଣ)—
Parūsha (ପରୂଷକ—ଅନ୍ୟରୂପ) Phārasā (See)

ପରେ—ଦେ. ଅ.—(ସ. ପର)—୧ । ବିତ୍ତାରୁ; ଅନନ୍ତର—
Pare 1. After.
পরে परे ୨ । ପଶ୍ଚାତ୍—2. Afterwards.
୩ । ଭବିଷ୍ୟତରେ—3. In future.
୪ । (ଅମୁକର) ପରେ; ଉତ୍ତାରେ—4. After that.
୫ । ଠାରେ; ଉପରେ—5. Over; above.
ତାʼର ପରେ କ ବଶ୍ୟ । ଦନ୍ତର୍ଷ୍ୟ. ସଙ୍ଗୀତ ।
୬ । (ଅମୁକର) ଉର୍ଦ୍ଧ୍ୱରେ—6. High above.
ତୋହ ପରେ ଗଛଁ କରିବେ ଗୌରବେ,
ତୋର ମତେ କେତେ ଚରଣ୍ୟ ମାନବେ । ରାଧାନାଥ. ଦରବାର ।
পরে ୭ । (ଅମୁକର) ଉପରକୁ; ଆଡ଼କୁ—
पर 7. Towards (that).
କୃପାଦୃଷ୍ଟେ ସେ କୁଳବନ୍ଦୀ ବୃନ୍ଦେ ନିତି;
ଟେକ୍କରୁ ପରେ ବଢ଼ାଇଲେ ଶର ରତି । କୃଷ୍ଣସିଂ. ମହାଭାରତ. ସୃଷ୍ଟ ।
(ଅମୁକର) ବାହାରେ—8. Out side (that).
କାଳ ମାୟାର ପରେ ରହି,
ତର ଅଟଇ ଭେଦ ନାହିଁ—ଜଗନ୍ନାଥ. ଭାଗବତ ।
চেয়ে ୯ । (ଅମୁକ) ଅପେକ୍ଷା; ରୁ; ଅଧିକା; ଠାରୁ—
से 9. Over and above; than.
ଯା ଠାରୁଁ ନାନା ଶାସ୍ତ୍ର ପରେ,
ନିର୍ଣ୍ଣୟ ନାହିଁ ଏ ସଂସାରେ ଜଗନ୍ନାଥ. ଭାଗବତ ।
ଗ୍ରାଦେ. (ସମ୍ବଲପୁର) ପରି; ପରିପ୍ରେ—Like; similarly.

ପରେଇ (ଇତ୍ୟାଦି)—ବୈଦେ. ବି. (ଫା)—ପରୁଆ ଇତ୍ୟାଦି (ଦେଖ)
Parei (etc) Par-uā etc. (See)

ପରେଇବା—ଗ୍ରା. (ଇତର) କ୍ରି.—(ଲ ସ୍ଥାନରେ ର ଉଚ୍ଚାରଣ)—
Pareibā ପଳାଇବା (ଦେଖ)—Palāibā (See)

ପରେଚ—ଗ୍ରା. ବି. ଓ ବିଣ. (ସ. ପରିଚୟ)—ପରିଚୟ (ଦେଖ)
Parecha Parichaya (See)

ପରେଟ୍(ଡ୍)—ବୈଦେ. ବି. (ଇଂ. ପାରେଡ୍)—୧ । ପଲଟଣ ବା କନଷ୍ଟେ-
Paret (d) ବଲମାନଙ୍କ ଶ୍ରେଣୀବଦ୍ଧ ହୋଇ ନାନା ପ୍ରକାର ଅଙ୍ଗ ଓ
পারেড় परेड अସ୍ତ୍ରାଦ ଚାଳନ—
1. Military or police parade.
୨ । ଗ୍ରାମ ଚୌକିଦାରମାନଙ୍କର ସପ୍ତାହର ନିର୍ଦ୍ଦିଷ୍ଟ ଦିବସରେ
ଥାନାରେ ହାଜର ହେବା—2. The chowkidar's
weekly parade at the police station.

ପରେଟ୍(ଡ୍) ପଡ଼ିଆ—ଦେ. ବି—ଯେଉଁ ପଡ଼ିଆ ବା ଖୋଲା ଯାଗାରେ
Paret(d) pardiā ସୈନିକମାନେ ପରେଟ୍ କରନ୍ତି—
পারেড় মাঠ Parade-ground; parade field.
परेड मैदान

ପରେଟ୍ ପାଳି—ଦେ. ବି—ସପ୍ତାହର ନିର୍ଦ୍ଦିଷ୍ଟ ଦିବସ ମାନଙ୍କରେ ଉକ୍ତ ଉକ୍ତ
Paret pāli ଗ୍ରାମର ଚୌକିଦାରମାନଙ୍କର ଥାନାରେ ହାଜର ହେବା
ପାଳି—Parade-day of village chowkidars.

ପରେଟା—ବୈଦେ. ବି (ହି)—ପରଟା (ଦେଖ)
Paretā Paratā (See)
(ପରେଣ୍ଠା—ଅନ୍ୟରୂପ)

ପରେଣ—ଗ୍ରା. ଅ. (ପଦ୍ୟ)—ପରେ; ଉପରେ—
Pareṇa On; above.
ଅପ ରଙ୍କ ପରେଣ ସେହୁ ବସେ । ଖାରୀ, ଘରକେ ଗୀତା ।

ପରେତ—ସ. ବିଣ. (ପର=ପରଲୋକ+ଇ ଧାତୁ=ଯିବା+କର୍ତ୍ତୃ. ତ;
Pareta ଅର୍ଥାତ୍ ପର ଲୋକକୁ ଯେ ଯାଇଛି)—
ମୃତ—Dead; departed.
ବି—୧ । ପ୍ରେତ; ମୃତ ଲୋକର ଭୂତ—
1. The ghost of a dead man.
୨ । ମୁର୍ଦ୍ଦାର—2. Dead body; corpse.

ପରେତ ରାଟ୍—ସ. ବି. (ପରେତ=ପ୍ରେତ+ରାଜ୍ ଧାତୁ+କର୍ତ୍ତୃ. କ୍ୱିପ୍)-
Pareta rāt ପ୍ରେତଙ୍କ ରାଜା; ଯମ ରାଜା—
The God of death; Jama.

ପରେଦ୍ୟୁଃ—ସ. ଅ. (ପର+ଦିବସାର୍ଥେ ଏଦ୍ୟୁସ୍)—ପଅର ଦିନ—
Paredyuh Day before yesterday; day after
to-morrow.

ପରେଶ—ସ. ବି. (ପର+ଈଶ)—
Paresa ୧ । ପରମେଶ୍ୱର—1. God.
୨ । ବିଷ୍ଣୁ—2. Bishṇu.
୩ । ଶିବ—3. Siba.

ପରେଶ ନାଥ—ଦେ. ବି—ପାର୍ଶ୍ୱନାଥ (ଦେଖ)
Paresa nātha Pārswanātha (See)

[ଦ୍ର—କଲିକତାରେ ଜୈନ ସେଠଙ୍କ ପ୍ରତିଷ୍ଠିତ ପରେଶନାଥ ମନ୍ଦିର ମର୍ମର ପ୍ରସ୍ତର ଓ ନାନା ବର୍ଣ୍ଣ କାଚ ଖଣ୍ଡ ଦ୍ୱାରା ରଚିତ ଦେଖାଯାଏ ।]

ପରେଷ୍ଟୁ—ସଂ. ବି. ସ୍ତ୍ରୀ—ବହୁପ୍ରସୂତା ଗାଈ; ବରଷ ବଅଣୀ ଗାଈ—
Pareshtu A cow which has often calved (Apte).

ପରୋଅନା—ବୈଦେ. ବି. (ଫା)—ପର୍ ଉଆନା (ଦେଖ)
Paroānā Par-uānā (See)

ପରୋକ୍ଷ—ସଂ. ବିଣ. (ଅବ୍ୟୟୀ ଭାବ; ପର=ଅତୀତ+ଅକ୍ଷ=ଇନ୍ଦ୍ରିୟ)—
Proksha ୧ । ଇନ୍ଦ୍ରିୟାତୀତ—1. Imperceptible; beyond
(ପ୍ରତ୍ୟକ୍ଷ—ବିପରୀତ) the ken of the senses.
[ପରୋକ୍ଷ(ତ୍ୱ)ତା—ବି] ୨ । ଅସାକ୍ଷାତ୍; ଅଦୃଶ୍ୟ—
2. Invisible.
୩ । ଦୃଷ୍ଟିର ବହିର୍ଭୂତ—
3. Out of sight; beyond one's ken.
୪ । ଅପ୍ରତ୍ୟକ୍ଷ—4. Indirect.
୫ । ଗୁପ୍ତ—5. Surreptitious; latent.
ସଂ. ବି—୧ । ଅନୁପସ୍ଥିତି; ଅଭାବ (ହି. ଶ.)—
1. Absence; want.
୨ । ପରମ ଜ୍ଞାନୀ ବ୍ୟକ୍ତି (ହି. ଶବ୍ଦସାଗର)—
2. A seer; a very wise man.
୩ । (ବ୍ୟାକରଣ) ଅତୀତ କାଳ—
3. (grammar) Past tense.

ପରୋକ୍ଷ ଜ୍ଞାନ—ସଂ. ବି. (କର୍ମଧା; ପରୋକ୍ଷ+ଜ୍ଞାନ)—
Paroksha jñāna ୧ । ଅତୀନ୍ଦ୍ରିୟ ଜ୍ଞାନ—1. Knowledge of things unseen; clairvoyance.
୨ । ଅପ୍ରତ୍ୟକ୍ଷ ଜ୍ଞାନ—2. Indirect knowledge.

ପରୋକ୍ଷ ପ୍ରମାଣ—ସଂ. ବି—ସାକ୍ଷାତ୍ ପ୍ରମାଣ ଛଡ଼ା ଅନ୍ୟ ପ୍ରକାର ପ୍ରମାଣ—
Paroksha pramāṇa Circumstantial or indirect evidence.

ପରୋକ୍ଷ ଭୋଗ—ଦେ.ବି. (ହିନ୍ଦୁ ଆଇନ୍)—ପ୍ରକୃତ ଅଧିକାରୀର ଅନୁପସ୍ଥିତି
Paroksha bhoga ବା ଅଜ୍ଞାତରେ ଅନ୍ୟ ବ୍ୟକ୍ତି ଦ୍ୱାରା ତାହାର ସମ୍ପତ୍ତିର ଉପଭୋଗ—(Hindu law) Enjoyment of one's property by another in his absence or without his knowledge.

ପରୋକ୍ଷରେ—ଦେ. କ୍ରି. ବିଣ. (ସଂ. ପରୋକ୍ଷେ)—
Parokshare ଜଣକର ଅନୁପସ୍ଥିତିରେ—In one's absence;
ପରୋକ୍ଷে behind one's back.

ପରୋଢ଼ା—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ପର ଦ୍ୱାରା ଊଢ଼ା=ବିବାହିତା)—
Parodha ପର ସ୍ତ୍ରୀ—Another man's wife; the married wife of another person.

ପରୋପକାର—ସଂ. ବି. (୬ଷ୍ଠୀ ତତ୍; ପର+ଉପକାର)—
Paropakāra ପରହିତ ସାଧନ—Doing good to others; benevolence; philanthropy.

ପରୋପକାରୀ—ସଂ. ବି. ସ୍ତ୍ରୀ—ସାଧ୍ୱୀ ସ୍ତ୍ରୀ—A wife wholly devoted
Paropakārā to her husband. (M. W.)

ପରୋପକାରୀ—ସଂ. ବିଣ. ପୁଂ. (ଉପପଦ; ପର+ଉପକାରୀ)—
Paropakārī ପରହିତ ସାଧକ—Doing good to others; philanthropic; beneficent.
(ପରୋପକାରିଣୀ, ପରୋପକାରିକା—ସ୍ତ୍ରୀ)
(ପରୋପକାରକ—ଅନ୍ୟରୂପ) (ପରୋପକାରିତା—ବି)

ପରୋପକୃତ—ସଂ. ବିଣ. ପୁଂ—ଅନ୍ୟ ବ୍ୟକ୍ତି ଦ୍ୱାରା ଉପକାର ପ୍ରାପ୍ତ—
Paropakruta Benefitted by another.
(ପରୋପକୃତା—ସ୍ତ୍ରୀ)

ପରୋପଜୀବୀ—ସଂ. ବିଣ. ପୁଂ. (ଉପପଦ ତତ ପୁରୁଷ; ପର+ଉପଜୀବୀ)—
Paropajibi ୧ । ପରଖର୍ଚ୍ଚରେ ପାଳିତ—1. Brought up at
(ପରୋପଜୀବିନୀ—ସ୍ତ୍ରୀ) another's expense.
୨ । ପରମୁଖାପେକ୍ଷୀ—
2. Depending upon another.

ପରୋଲ୍—ବୈଦେ. ବି. (ଇଂ. ପାରୋଲ୍)—
Parol ଯେଉଁ ଦିନ ଦିନ ସାଙ୍କେତିକ ଶବ୍ଦ ବା ପଦ ସେନାମାନଙ୍କ
পারোল মধ୍ୟରେ ପ୍ରତି ଦିନ ଚଳେ ଓ ଯାହା ଉଚ୍ଚାରଣ କରିବା
परोल ବ୍ୟକ୍ତି ଆପଣା ଦଳର ବୋଲି ବିବେଚିତ ହୁଏ—
Parol; a daily pass word in a camp or garrison.

ପରୋଷ୍ଟୀ(ଷ୍ଣୀ)—ସଂ. ବି—ଅସରପା (ହି. ଶ.)—
Paroshṭi(shṇi) Cockroach (Apte).

ପର୍କଟ—ସଂ. ବି—୧ । ଏକପ୍ରକାର ବଗ—
Parkaṭa 1. A kind of Ardea (bird).
(ପର୍କଟୀ—ସ୍ତ୍ରୀ) ୨ । ଅନୁଶୋଚନା—2. Regret. (M.W.).
୩ । ଉତ୍କଣ୍ଠା—3. Anxiety. (M. W.).
ଗ୍ରା. ବିଣ. (ସଂ. ପ୍ରକଟିତ)—ପ୍ରକଟିତ; ସର୍ବତ୍ର ପ୍ରକାଶିତ—
Published everywhere.

ପର୍କଟି(ଟୀ)—ସଂ. ବି—୧ । ଜଳୀଗଛ; ଏକଜାତୀୟ ଅଶ୍ୱତ୍ଥ ଗଛ—
Parkaṭi(ṭī) 1. A kind of fig tree; Ficus Infec-
পাকুড়গাছ पाखर toria; the wave-leafed fig tree.
[ଦ୍ର—ଏହି ଗଛ ପଶ୍ଚିମ ଭାରତରେ ବେଶି ଦେଖାଯାଏ ।]
୨ । କଞ୍ଚାଗୁଆ—2. A fresh betel nut. (M.W.).

ପର୍ଜ(ର୍ଜ୍ଜ)ନ୍ୟ—ସଂ. ବି. (ପୃଜ୍ ଧାତୁ=ପାଣି ଛାଟିବା+କର୍ତ୍ତୃ. ଅନ୍ୟ;
Parja(rjja)nya ନିପାତନ)—୧ । ଶବ୍ଦକାରୀ ମେଘ—
1. Thunder cloud; rain cloud.
୨ । ଇନ୍ଦ୍ର—2. God Indra.

ପର୍ଜନ୍ୟା—ସଂ. ବି—ଦାରୁହଳଦୀ (ଦେଖ)—Dāruhaḷadi (See).
Parjanyā (ପର୍ଜନ୍ୟା—ଅନ୍ୟରୂପ)

ପର୍ଝିବା—ପ୍ରାଦେ (ଗଡ଼ଜାତ) କ୍ରି—ପରଜିବା (ଦେଖ)—
Parjhibā Parajibā (See).

ପର୍ଣ୍ଣ (ଧାତୁ)—ସଂ.—ହରିଦ୍‌ବର୍ଣ୍ଣ ହେବା—
Parnna (root) To become green.

ପର୍ଣ୍ଣ—ସ. ବି. (ପର୍ଣ୍ଣ ଧାତୁ+କର୍ତ୍ତୃ. ଅ)—୧ । ଗଛର ପତ୍ର—
Parṇna 1. Leaf of trees.

ଜଳଦ ଜନ୍ୟା ସ୍ଥାନେ ପଦକ ଅର,
ପର୍ଣ୍ଣ ଗହଳ ଯହିଁ ଲକ୍ଷ୍ମୀବନ୍ତ । ରଘୁନାଥ- ମେଘଦୂତ ।

୨ । ତାମ୍ବୁଳ; ପାନ—2. Betel leaf.
୩ । ପକ୍ଷୀର ଡେଣା; ପକ୍ଷ —
3. Pinion; wings of a bird.
୪ । ପକ୍ଷୀର ପର—4. Feather.
୫ । ଫୁଲର ପାଖୁଡ଼ା ବା ଦଳ—
5. The petal of a flower.

ପର୍ଣ୍ଣକାର—ସ. ବି—ପାନର ଜାତି—A caste of Śūdras
Parṇṇakāra growing and selling betel leaves

ପର୍ଣ୍ଣ କୁଟୀ—ସ. ବି. (ମ. ପ. ଲୋ; ପର୍ଣ୍ଣ + କୁଟୀ)—
Parṇṇa kuṭī ୧ । ପତ୍ରକୁଡ଼ିଆ; ପର୍ଣ୍ଣ—
ପର୍ଣ୍ଣକୁଟି } ଅନ୍ୟରୂପ 1. A hut made of leaves.
ପର୍ଣ୍ଣଶାଳା ୨ । ମୁନିଙ୍କ ପର୍ଣ୍ଣ—
ପର୍ଣ୍ଣଶାଳ 2. Hermitage, arbour.

ପର୍ଣ୍ଣ କୁଣ୍ଡ—ସ. ବି—ବୃନ୍ତ; ଫୁଲ କଢ଼ିକୁ ରକ୍ଷା କରୁଥିବା କୋମଳ
Parṇṇa kuṇḍa ପତ୍ରାଂଶ—Calix of a flower.

ମୁକୁଳ – ଉଦ୍‌ଗମ ଘଡ଼ି ବୃନ୍ତଭାଗେ ବାନ୍ଧୁ ଅଛ ପର୍ଣ୍ଣକୁଣ୍ଡ—ସ୍ୱୟମ୍ବର ଲହରୀ ।

ପର୍ଣ୍ଣ କୃଚ୍ଛ୍ର— ସ. ବି— କେବଳ ଗଛର ପତ୍ର ଖାଇ ଯେଉଁ ବ୍ରତ ଅନୁଷ୍ଠାନ
Parṇṇa kṛuchchhra କରାଯାଏ—An austerity
performed by living on leaves of trees only.
[ଦ୍ର— ଏ ବ୍ରତରେ ୧ମ ଦିନ ପଲାଶ ପତ୍ର, ୨ୟ ଦିନ ଡମ୍ବୁରପତ୍ର ୩ୟ ଦିନ ପଦ୍ମ ପତ୍ର ଓ ୪ର୍ଥ ଦିନ ବେଲ ପତ୍ରର କ୍ୱାଥ ପିଇ ରହି-ବାକୁ ହୁଏ—ହି. ଶ. ।]

ପର୍ଣ୍ଣ ଦାହ—ସ. ବି—ପଲାଶ ଦାହ; ମୃତ ବ୍ୟକ୍ତିର ଦେହ ନ ମିଳିଲେ କ୍ଷୀତ
Parṇṇa dāha କୁଟୁମ୍ବମାନେ ପଲାଶ ପତ୍ର ଦ୍ୱାରା ମୃତ ବ୍ୟକ୍ତିର ମୂର୍ତ୍ତି ରଚନା କରି ତତ୍ତ୍ୱ କଳ୍ପିତ ମୃତ ବ୍ୟକ୍ତିକୁ ଦାହ କରିବା ପ୍ରକ୍ରିୟା—The practice of cremating an effigy of the deceased made up of 'Palāśa' leaves when his dead body can not be procured for cremation.

ପର୍ଣ୍ଣ ନର—ସ. ବି— ଶବଦାହାର୍ଥ ପଲାଶ ପତ୍ର ଦ୍ୱାରା ନିର୍ମିତ ମୃତ ବ୍ୟକ୍ତିର
Parṇṇa nara ମୂର୍ତ୍ତି—The effigy of a dead person. made up of Palāśa leaves for cremation.

ପର୍ଣ୍ଣ ନାଳ—ସ. ବି. (୬ଷ୍ଠୀ ତତ୍; ପର୍ଣ୍ଣ+ନାଳ)—ପତ୍ରର ଡେମ୍ଫ—
Parṇṇa nāḻa Leaf stock; petiole.

ପର୍ଣ୍ଣ ବାଦ୍ୟ— ସ. ବି. (୬ଷ୍ଠୀ ତତ୍; ପର୍ଣ୍ଣ+ବାଦ୍ୟ) —
Parṇṇa bādya ୧ । (ନଡ଼ିଆ, ତାଳଆଦିର) ପତ୍ର ନିର୍ମିତ ପେଁକାଳି—Whistle made by frolling leaves of trees, e.g. of cocoanut, plam etc
୨ । ପତ୍ରନିର୍ମିତ ପେଁକାଳିର ଶବ୍ଦ—
2. Sound produced by blowing into a rollded leaf.

ପର୍ଣ୍ଣ ବୀଟିକା—ସ. ବି—ପାନଖିଲ; ବିଡ଼ିଆ—
Parṇṇa bīṭikā A packet made up of betel nut and spices etc. and rolled up in betel leaf for chewing.

ପର୍ଣ୍ଣ ଭକ୍ଷ—ସ. ବିଣ. ପୁଂ. (ପର୍ଣ୍ଣ+ଭକ୍ଷ୍ ଧାତୁ+କର୍ତ୍ତୃ. ଅ)—
Parṇṇa bhaksha ପତ୍ର ଖାଇ ଯେ ଜୀବନ ଧାରଣ କରେ—
Feeding on leaves.

ପର୍ଣ୍ଣ ଭୋଜନ—ସ. ବି. (ପର୍ଣ୍ଣ+ଭୋଜନ)—୧ । (ବହୁବ୍ରୀହି) ଛେଳି—
Parṇṇa bhojana Goat.
୨ । (୬ଷ୍ଠୀତତ୍)- ପତ୍ର ଖାଇ ବଞ୍ଚିବା—
2. Subsisting on leaves only.

ପର୍ଣ୍ଣ ମଣି—ସ. ବି—୧ । ପନ୍ନା ରତ୍ନ—1. Emerald.
Parṇṇa maṇi ୨ । ଏକ ପ୍ରକାର ଐନ୍ଦ୍ରଜାଲିକ ଯନ୍ତ୍ର—
2. A kind of magical instrument.

ପର୍ଣ୍ଣମୟ—ସ. ବିଣ—୧ । ଶାଖାନିର୍ମିତ—1. Made of leaves.
Parṇṇamaya ୨ । (+ପ୍ରାଚୁର୍ଯ୍ୟାର୍ଥେ ମୟ)—ପତ୍ର ବହୁଳ—
2. Leafy.

ପର୍ଣ୍ଣ ମୃଗ—ସ. ବି—୧ । ଶାଖାମୃଗ; ବାନର—1. Monkey.
Parṇṇa mṛuga ୨ । କଟାଶ; ବୃକ୍ଷମାର୍ଜାର—2. Wild cat.
୩ । ଯେଉଁ ପଶୁମାନେ ଗଛ ଉପରେ ଚଳପ୍ରଚଳ ହୁଅନ୍ତି—
3. Beasts frequenting trees.

ପର୍ଣ୍ଣ ଲତା—ସ. ବି—ପାନ ଲତା—
Parṇṇa latā The Piper Betel creeper.

ପର୍ଣ୍ଣ ଶବର—ସ. ବି—ପତର ଶଉରା (ଦେଖ)—
Parṇṇa śabara Patara śaurā (See)
(ପର୍ଣ୍ଣ ଶବରୀ—ସ୍ତ୍ରୀ)

ପର୍ଣ୍ଣ ଶଯ୍ୟା—ସ. ବି. (ମ. ପ. ଲୋ; ପର୍ଣ୍ଣ=ପତ୍ର ନିର୍ମିତ+ଶଯ୍ୟା=
Parṇṇa śajyā ବିଛଣା)—ଗଛର ପତ୍ର ଦ୍ୱାରା ପ୍ରସ୍ତୁତ ଶଯ୍ୟା—
A bed or couch made up of leaves.

ପର୍ଣ୍ଣ ଶାଳା(ଳ)—ସ. ବି—୧ । ପର୍ଣ୍ଣ କୁଟୀ (ଦେଖ)—
Parṇṇa śāḻā(ḻa) 1. Parṇṇa kuṭī. (See)
୨ । ଯମୁନା ଓ ଗଙ୍ଗା ନଦୀର ମଧ୍ୟବର୍ତ୍ତୀ ବୃହତ୍ ପ୍ରାଚୀନ ବ୍ରାହ୍ମଣ ଉପନିବେଶର ନାମ—2. Name of a great settlement of Brāhmaṇas between the Jamuna & the Ganges. (M. W.)

ପର୍ଣ୍ଣସି—ସ. ବି—୧ । କମଳ; ପଦ୍ମ (ହି. ଶ.)—
Parṇṇasi 1. Lotus.
୨ । ପାଣି ମଧ୍ୟରେ ନିର୍ମିତ ଘର (ହି. ଶ.)—
2. A house built in the midst of water; a summer house.
୩ । ଅଲଙ୍କରଣ—
3. Decoration; toilet. (M. W.)
୪ । ଶାକସବଜୀ; ପରିବା—
4. A vegetable. (M. W.)

ପର୍ଣ୍ଣାଦ—ସ. ବଣ. ପୁଂ. (ପର୍ଣ୍ଣ+ଅଦ୍ ଧାତୁ+କର୍ତ୍ତୃ. ଅ)—ଯେ ବ୍ରତପାଇଁ
Parnnāda ପତ୍ର ଖାଇ ବଞ୍ଚେ—Subsisting on leaves
ପର୍ଣ୍ଣାହାର } ଅନ୍ୟରୂପ in pursuance of a
ପର୍ଣ୍ଣାଶୀ } religious vow.

ପର୍ଣ୍ଣାଶନ—ସ. ବ—(ପର୍ଣ୍ଣ+ଅଶନ)—୧ । (ଷଷ୍ଠୀ ତତ୍) ଖାଦ୍ୟରୂପେ
Parnnāśana ବ୍ୟବହୃତ ପତ୍ର—1. Leaves used as
(ପର୍ଣ୍ଣାଶନା—ସ୍ତ୍ରୀ) food.
୨ । (ବହୁବ୍ରୀହି) ମେଘ—2. Cloud. (M. W.)
ବଣ. ପୁଂ—(ବହୁବ୍ରୀହି) ଯେ ପତ୍ର ଖାଇ ବଞ୍ଚେ—Living on leaves; feeding on leaves.

ପର୍ଣ୍ଣାସ—ସ. ତ—୧ । ଏକପ୍ରକାର ତୁଳସୀ—
Parnnāsa 1. A species of Basilicum;.
୨ । ନୋସିପାସ—2. Cedrela Toonā. (M. W.)

ପର୍ଣ୍ଣୀ—ସ. ବ. (ପର୍ଣ୍ଣ+ଇନ୍; ୧ମା. ୧ବ.)—୧ । ବୃକ୍ଷ; ଗଛ—
Parnni 1. Tree.
୨ । ଶାଲପର୍ଣ୍ଣୀ (ଦେଖ)—2. Śālaparnni. (See)
୩ । ତେଜପତ୍ର (ହୃ. ଶ.)—3. The cassia leaf
୪ । ପୃଷ୍ଠ ପର୍ଣ୍ଣୀ (ଦେଖ)— 4. Prushtha parnni. (See)

ପର୍ଦ୍ଦ (ଧାତୁ)—ସ.—ପାଦ୍‌ବା; ବାତ କର୍ମ କରିବା—
Parda (root) To pass wind through the anus.
[ପର୍ଦ୍ଧ—ଅନ୍ୟରୂପ]

ପର୍ଦ୍ଦ—ସ. ବ—(ପର୍ଦ୍ଦ ଧାତୁ+କର୍ମ. ଅ)—୧ । ପାଦ୍; ଅଧୋବାୟୁ—
Parda 1. Wind passed throught the anus
(ପର୍ଦ୍ଧ—ଅନ୍ୟରୂପ) ୨ । ଘନ କେଶ—
2. Thick hair. (M. W.)
୩ । ମୁଣ୍ଡର କେଶ (ହୃ. ଶ)—
3. The hair of the head.

ପର୍ଦ୍ଦନ—ସ. ବ. (ପର୍ଦ୍ଦ ଧାତୁ+ଭାବ. ଅନ)—ବାତ କର୍ମ; ପାଦ୍‌ବା;
Pardana ଅଧୋବାୟୁ ତ୍ୟାଗ—Emitting offensive
(ପର୍ଦ୍ଧନ—ଅନ୍ୟରୂପ) wind; passing wind through the anus.

ପର୍ଦ୍ଦା (ଇତ୍ୟାଦ)—ବୈଦେ. ବ. (ଫା)—ପରଦା ଇତ୍ୟାଦ (ଦେଖ)
Pardā (etc) Paradā etc. (See)

ପର୍ପ୍ (ଧାତୁ)—ସ.—ଗମନ କରିବା; ଗତ କରିବା—
Parp (root) To go; to move. (Apte)

ପର୍ପ—ସ. ବ. (ପର୍ପ୍ ଧାତୁ+ସଞ୍ଜ୍ଞା. ଅ)—୧ । କଅଁଳ ଘାସ—
Parpa 1. Young grass. (Apte)
୨ । ପଙ୍ଗୁ ପୀଠ; ଯେଉଁ ଯାନରେ ପଙ୍ଗୁମାନେ ସ୍ଥାନାନ୍ତରକୁ ଯିବା ଆସିବା କରନ୍ତି, ଖଞ୍ଜବାହ୍ୟ ଶକଟ (ପ୍ରବୃଦ୍ଧବାଦ)—
2. A seat for cripples; a wheeled carriage in which cripples are moved about. (Apte)
୩ । ଗୃହ (ପ୍ରବୃଦ୍ଧବାଦ)—3. House.

ପର୍ପଟ—ସଂ. ବ. (ପର୍ପ୍ ଧାତୁ+ସଞ୍ଜ୍ଞାର୍ଥେ. ଅଟ)—୧ । ଖେତ ପାପୁଡ଼ା
Parpata ଘରପୋଡ଼ିଆ (ଦେଖ)—1 Gharapordiā. (See)
୨ । ପାପୁଡ଼; ପାମ୍ପଡ଼—2. A thick flat cake prepared of pasted pulse.
୩ । ସୁବାସିତ ମୃତ୍ତିକାବିଶେଷ; ସୌରାଷ୍ଟ୍ରମୃତ୍ତିକା—

ପର୍ପଟକ } ଅନ୍ୟରୂପ 3 A kind of fragrant earth. (Apte)
ପର୍ପଟୀ }
୪ । ସୁଗନ୍ଧବିଶେଷ—
4. A kind of perfume. (Apte)

ପର୍ପଟଦ୍ରୁମ—ସଂ. ବ.(ଯେଉଁ ଗଛର ଛାଲ ପର୍ପଟପରି)—କୁମ୍ଭି ୨ । (ଦେଖ)—
Parpata druma Kumbhi. 2 (See)

ପର୍ପଟୀ—ସଂ. ବ—ଆୟୁର୍ବେଦୋକ୍ତ ବିଧିରେ ପ୍ରସ୍ତୁତ ଗ୍ରହଣୀ ରୋଗର
Parpati ଔଷଧବିଶେଷ—A medicine for dysentery.
(ପର୍ପଟୀରସ—ଅନ୍ୟରୂପ) [ଦ୍ର—ପାରା ଓ ଗନ୍ଧକକୁ ଭୃଙ୍ଗରାଜ ରସରେ ଜାର ତହିଁ ସଙ୍ଗେ ତମ୍ବା ଓ ଲୁହା ଭସ୍ମ ମିଶାଇ ଏହା ତିଆର କରାଯାଏ ।]

ପର୍ପରୀ—ସଂ. ବ—ବାଳର ବେଣୀ—
Parpari A braid of hair. (M. W.)

ପର୍ପରୀକ—ସଂ. ବ. (ପୃ ଧାତୁ=ପାଳନ କରିବା+ଈକ. ସଂଜ୍ଞାର୍ଥେ)—
Parparika ୧ । ସୂର୍ଯ୍ୟ—1. The sun.
୨ । ଅଗ୍ନି—2. Fire.
୩ । ଜଳାଶୟ—3. Reservoir; tank.

ପର୍ପରୀଣ—ସ. ବ—ପତ୍ରର ଶିରା—
Parparina The vein of a leaf (M. W.).

ପର୍ପିକ—ସ. ବ. ପୁଂ—ଦୋଳାରେ ବସି ଅଣା କରାଯାଉ ଥିବା ଖଞ୍ଜ
Parpika ବ୍ୟକ୍ତି—A cripple who moves about in
(ପର୍ପିକା—ସ୍ତ୍ରୀ) a chair.

ପର୍ବ୍ (ଧାତୁ)—ସ—ଗତ କରିବା—To go; to move.
Parb (root) (ପର୍ବ—ଅନ୍ୟରୂପ)

ପର୍ବ(ର୍ବ)—ସ. ବ. (ପୃ. ଧାତୁ=ପୂରଣ କରିବା+ବନ୍; ପର୍ବନ୍ ଶବ୍ଦ)—
Parba(rbba) ୧ । ସନ୍ଧି; ଗ୍ରନ୍ଥି; ଗଣ୍ଠି—
1. Knot; joint; knuckle.
୨ । ଆଖୁ, ବେତଆଦିର ଦୁଇଟି ଗଣ୍ଠି ମଧ୍ୟସ୍ଥ ଅଂଶ; ଅଙ୍ଗୁଠିର ଦୁଇ ଗଣ୍ଠି ମଧ୍ୟସ୍ଥ ଅଂଶ; ପବ; ପଗ—2. The part of a cane between two knots; internode.
୩ । ଅମାବାସ୍ୟା ଓ ପ୍ରତିପଦାର ସନ୍ଧି—3. The juncture between the newmoon and its next day.
୪ । ଯାତ୍ରା; ପରବ; ଉତ୍ସବ—4. Festival; an occasion of rejoicing.
ବୋଇଲା କ ମାତା ତୁମ୍ଭେ, ଅଛ ହେଲେ ଏ ଅବସ୍ଥେ
ପର୍ବକାଳେ ବେନଭୁଜ ଗ୍ରାସେ—ଭଞ୍ଜ, ବୈଦେହୀଶ ବିଳାସ ।
୫ । ଅଙ୍ଗଭଙ୍ଗୀ—5. Gesture.
୬ । ମହାଭାରତର ୧୮ ଗୋଟି ବିଭାଗ—
6. Parts (numbering 18) of the Mahābhārat.
୭ । ପୁସ୍ତକର ଅଧ୍ୟାୟ—
7. Section or chapter of a book.
୮ । ଅଷ୍ଟମୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା, ଅମାବାସ୍ୟା ଓ ସଂକ୍ରାନ୍ତି, ଏହି ପାଞ୍ଚଗୋଟି ବିଶେଷ ତିଥି—8. The 8th, 14th, fullmoon and newmoon of the lunar month and the first day of the solar month.

୯ । ପ୍ରସ୍ତାବ—9. Proposal.
୧୦ । କ୍ଷଣ—10. Moment; instant (M. W.).
୧୧ । ବିଷୁବ; ସମଦିବା ସ୍ଥିତ—
11. Equinox; solstice (M. W.).
୧୨ । ଧର୍ମ, ପୁଣ୍ୟକାର୍ଯ୍ୟ ବା ଉତ୍ସବାଦିର ସମୟ—
12. Holiday.
୧୩ । ଦେହର ଅଙ୍ଗ, ପ୍ରତ୍ୟଙ୍ଗ ଓ ହାଡ଼ର ଗଣ୍ଠି—13. A limb; member; joint of the body; knuckle (M. W.).
୧୪ । ଅଂଶ; ବିଭାଗ—14. Portion; part; division (M. W.).
୧୫ । ସିଢ଼ିର ପାହାଚ; ପାବଚ୍ଛ—
15. The step of a staircase (M. W.).
୧୬ । ନିର୍ଦ୍ଧାରିତ କାଳାଂଶ—16. A period; fixed time (M. W.).
୧୭ । ଅଷ୍ଟମୀ, ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ପୂର୍ଣ୍ଣିମାରେ କୃତ୍ୟ ଯଜ୍ଞବିଶେଷ—17. A sacrifice performed on the occasion of a change of the moon (M. W.).
୧୮ । ସୂର୍ଯ୍ୟ ବା ଚନ୍ଦ୍ରର ଗ୍ରହଣ—
18. Solar or lunar eclipse (M. W.).
୧୯ । ସୁଯୋଗ ବା ସୁବିଧା—
19. An opportunity or occasion (M. W.).
୨୦ । ଶୁକ୍ଳପକ୍ଷ (ବୃ. ଶ)—20. Lunar fortnight.
ଦେ. ବି—୧ । ବ୍ୟାପାର; ଘଟଣା—
1. Happening; event; affair.
୨ । ଗୋଳମାଳ—2. Ado; noise.

ପର୍ବକ—ସଂ. ବି. (ପର୍ବ+କ)—ଆଣ୍ଠୁ—
Parbaka Knee-joint.

ପର୍ବକାର(ରୀ)—ସଂ. ବି. ପର୍ବ (ସଂକ୍ରାନ୍ତି, ଅମାବାସ୍ୟା, ଅଷ୍ଟମୀ, ଚତୁର୍ଦ୍ଦଶୀ
Parbakāra(ri) ଓ ପୂର୍ଣ୍ଣିମାଆଦି)ରେ କରଣୀୟ ଅନୁଷ୍ଠାନ ଓ ଯଜ୍ଞମାନଙ୍କୁ ଯେଉଁ ପୁରୋହିତ ଅର୍ଥଲୋଭରେ ତଦଭିନ୍ନ ଅନ୍ୟ ଦିବସମାନଙ୍କରେ କରେ—A Brāhmaṇa who, from motives of gain, performs on common days ceremonies which ought to be performed on Parba days.

ପର୍ବଗାମୀ—ସଂ. ବିଣ. ପୁଂ. (ପର୍ବ+ଗମ୍ ଧାତୁ+ଇନ୍; ୧ମା. ୧ବ)—
Parbagāmi ଯେଉଁ ବ୍ୟକ୍ତି ଅଷ୍ଟମୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା ଅମାବାସ୍ୟା ଓ ସଂକ୍ରାନ୍ତିଆଦି ନିଷିଦ୍ଧ ଦିନରେ ସ୍ତ୍ରୀ ସହବାସ କରେ—Cohabiting with one's wife on the prohibited Parba days.

ପର୍ବଣ—ସଂ. ବି. (ପୃ ଧାତୁ+ଅନ)—୧ । ପୂର୍ଣ୍ଣ କରିବା କର୍ମ (ବୃ. ଶ)—
Parbaṇa 1. The act of completing or filling up.
୨ । ରାକ୍ଷସବିଶେଷ—2. Name of a demon.
୩ । ଗ୍ରନ୍ଥି; ଗଣ୍ଠି—3. A knot (M. W).

ପର୍ବଣୀ—ସଂ. ବି. (ପର୍ବନ୍+ଅ+ଈ)—୧ । ପୂର୍ଣ୍ଣିମା—
Parbaṇi 1. Full moon day.
(ପର୍ବଣିକା—ଅନ୍ୟରୂପ) ୨ । ଚକ୍ଷୁଃସନ୍ଧିର ରୋଗବିଶେଷ—
2. A disease of the so called junctures of the eye. (Apte)
୩ । ପୂରଣ କରିବା କର୍ମ—3. Filling up.
୪ । ଉତ୍ସବ—4. Festival (M. W.).

ପର୍ବତ—ସଂ. ବି.—(ପର୍ବ ଧାତୁ+କର୍ତ୍ତୃ. ଅତ; ପୁରାଣ ମତରେ ପୂର୍ବେ
Parbata ପର୍ବତମାନଙ୍କର ପକ୍ଷ ଥିଲା ଓ ସେମାନେ ଉଡ଼ି ପାରୁଥିଲେ; ଇନ୍ଦ୍ର ବଜ୍ରଦ୍ୱାରା ସେମାନଙ୍କ ପକ୍ଷ ଛେଦନ କଲେ।
୧ । ଗିରି; ପାହାଡ଼—1. Mountain; hill; rock.
୨ । ଗନ୍ଧର୍ବବିଶେଷ—
2. Name of a heavenly chorister.
୩ । ନାରଦଙ୍କ ସହଚର; ଦେବର୍ଷିବିଶେଷ—
3. Name of a sage.
୪ । ପାବଦା ମାଛ; ବଡ଼ଅ ମାଛ—4. A kind of fish; Silurus Pabda; the butter fish.
୫ । ଶାକବିଶେଷ—5. A kind of potherb or vegetable.
୬ । ହିମାଳୟ—6. The Himalayan mountains.
୭ । ସାତ ସଂଖ୍ୟା—7. The number seven. (M. W.).
୮ । ଗଛ—8. Tree. (M. W.)
୯ । ସୋମ ରସକୁ ଛେଚିବା ପାଇଁ ବ୍ୟବହୃତ ପ୍ରସ୍ତର ଖଣ୍ଡ—
9. A fragment of rock or stone for pressing out the Soma juice. (M. W.)
୧୦ । ପର୍ବତାକାର ମେଘ—
10. A mountain-like cloud. (M. W.)
୧୧ । ଅଷ୍ଟାବସୁ ମଧ୍ୟରୁ ଏକ—
11. Name of one of the 8 Basu Deities.
୧୨ । ରାମାୟଣୋକ୍ତ ମର୍କଟ ବିଶେଷ—
12. Name of a monkey. (M. W.)
୧୩ । ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟମାନଙ୍କ ଗଠିତ ଦଶନାମୀ ସନ୍ନ୍ୟାସୀମାନଙ୍କ ମଧ୍ୟରୁ ଏକ ଶ୍ରେଣୀ (ଦଶନାମୀ ସନ୍ନ୍ୟାସୀ ଦେଖ)—
13. Name of one of the 10 religious orders founded by Sankarāchārjya's pupils whose members add the word Parbata to their names.
୧୪ । ଅରୁନ୍ଧତୀ ଗର୍ଭରୁ ଉତ୍ପନ୍ନ ମରୀଚିଙ୍କର ଏକ ପୁତ୍ର—
14. Name of a son of sage Marichi.
ଦେ. ବି. (ଲକ୍ଷଣାର୍ଥ) କୌଣସି ପଦାର୍ଥର ରାଶି ବା ବହୁ ପରିମାଣ—(figurative) A large quantity or heap of any thing.

ଗ୍ରନ୍ଥକାରଙ୍କ ଗଲେ ସୁବର୍ଣ୍ଣ-ପର୍ବତ
ତୁଳେ ତାର ସେଣ ହୋଏ ଶୁଦ୍ଧ ତତ । ଭୂସ୍ବର୍ଗ ମହାଭାରତ ବନ ।

ପର୍ବତ କଙ୍କଡ଼ା—ଦେ. ବି—ଏକ ପ୍ରକାର ଗାଢ଼ କୃଷ୍ଣ ବର୍ଣ୍ଣ ବିଶିଷ୍ଟ ସ୍ଥଳଚର
Parbata kankarḍā କଙ୍କଡ଼ା (ଏମାନେ ପଥର ସନ୍ଧରେ ରହନ୍ତି)-
A kind of crab moving on land.

ପର୍ବତ କାଉଁରିଆ—ଦେ. ବି—ପରବତ କାଉଁରିଆ (ଦେଖ)
Parbata kāuṅriā Parabata kāuṅriā (See)

ପର୍ବତ କାକ—ସଂ. ବି—ଦ୍ରୋଣକାକ; ଡାମରାକୁଆ—
Parbata kāka Raven.

ପର୍ବତ କୀଲା—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ପର୍ବତ ଅଟେ କୀଲ ଯାହାର;
Parbata kīlā ପର୍ବତ + କୀଲ + ଆ; ପୁରାଣ ମତରେ ୭ଟି ପର୍ବତ
[ପର୍ବତ ଧାରୀ—ଅନ୍ୟରୂପ] କୀଲକ ସ୍ୱରୂପ ପୃଥିବୀକୁ ସ୍ୱସ୍ଥାନରେ ରଖି
ଥିବାରୁ)—ପୃଥିବୀ—The earth

ପର୍ବତଜ—ସଂ. ବିଣ. (ପର୍ବତ + ଜନ୍ ଧାତୁ = ଜାତ ହେବା + କର୍ତ୍ତୃ. ଅ)
Parbataja ପର୍ବତରୁ ଜାତ—Born of a mountain.
(ପର୍ବତଜା—ସ୍ତ୍ରୀ) ସଂ. ବି—ମୈନାକ ପର୍ବତ (ହିମାଳୟ ପର୍ବତର
[ପର୍ବତାତ୍ମଜ—ଅନ୍ୟରୂପ] ପୁତ୍ର) —A name of the Maināka
mountain.

ପର୍ବତଜା—ସଂ. ବିଣ. ସ୍ତ୍ରୀ. (ପର୍ବତଜର ସ୍ତ୍ରୀଲିଙ୍ଗ)—
Parbatajā Feminine of Parbataja.
(ପର୍ବତାତ୍ମଜା—ଅନ୍ୟରୂପ) ବି. ସ୍ତ୍ରୀ—୧ । ପାର୍ବତୀ—
1. Goddess Pārbatī.
୨ । ପାର୍ବତ୍ୟ ନଦୀ—2. Mountain-river.

ପର୍ବତ ଦାନ—ସଂ. ବି—ପର୍ବତ ଆକାରର ଶସ୍ୟ, ଲବଣ, ସ୍ୱର୍ଣ୍ଣ, ରୌପ୍ୟାଦି
Parbata dāna ବସ୍ତୁରାଶିର ଦାନ—A gift of gold, silver,
salt, grains heaped up the shape of a
mountain. (M. W.)

ପର୍ବତ ଦୁର୍ଗ—ସଂ. ବି—ଅଗମ୍ୟ ପର୍ବତ—
Parbata durga An inaccessible mountain.
(M. W.)

ପର୍ବତ ଧାତୁ—ସଂ. ବି.—ଖଣିରୁ କାଢ଼ାଯିବା ମିଶ୍ରିତ ଧାତୁ—
Parbata dhātu Ore. (M. W.)

ପର୍ବତବାସିନୀ—ସଂ. ବିଣ. ସ୍ତ୍ରୀ. (ପର୍ବତବାସିନ୍ + ସ୍ତ୍ରୀ. ଈ)—ପର୍ବତ
Parbata bāsinī ବାସୀର ସ୍ତ୍ରୀଲିଙ୍ଗ—Feminine of
Parbatabāsī
ସଂ. ବି. ସ୍ତ୍ରୀ—୧ । କ୍ଷୁଦ୍ର ଜଟାମାଂସୀ—
. Nard; spikenard.
୨ । କାଳୀ; ଦୁର୍ଗା—2. Durgā,
୩ । ଗାୟତ୍ରୀ (ହି. ଶ .—3. A name of Gāyatrī.

ପର୍ବତବାସୀ—ସଂ. ବିଣ. ପୁଂ—ପାହାଡ଼ିଆ—
Parbatabāsī Hilly; living in mountains.
[ପର୍ବତବାସିନୀ—ସ୍ତ୍ରୀ] ସଂ. ବି—ପାହାଡ଼ରେ ବାସ କରୁଥିବା ବ୍ୟକ୍ତି—
Mountaineer; hillman.

ପର୍ବତ ମାଟି—ଦେ. ବି—୧ । ସୌରାଷ୍ଟ୍ର ମୃତ୍ତିକା—
Parbata māṭi 1. A kind of yellow earth.
୨ । ପଙ୍କ ଉପରର ସର (ହରେକୃଷ୍ଣ ଦ୍ରବ୍ୟଗୁଣ)—
2 A thick coating formed on mire.

ପର୍ବତ ମାଳା—ସଂ. ବି. (୬ଷ୍ଠୀ ତତ୍; ପର୍ବତ + ମାଳା)—ବହୁ ଦୂରକୁ ଲମ୍ବି
Parbata mālā ଥିବା ପର୍ବତ—Mountain range.
[ପର୍ବତଜାଲ, ପର୍ବତଶ୍ରେଣୀ—ଅନ୍ୟରୂପ]

ପର୍ବତ ମୋଚ୍—ସଂ. ବି—ପାହାଡ଼ିଆ କଦଳୀ—
Parbata mochā A species of plantain growing
on hills.

ପର୍ବତରାଜ [ତ୍]—ସଂ. [୬ଷ୍ଠୀ ତତ୍; ପର୍ବତ + ରାଜ (ନ୍)—୧ । ଉଚ୍ଚତମ
Parbatarāja [ṭ] ପର୍ବତ—1. Highest mountain.
(ପର୍ବତ ରାଜ—ଅନ୍ୟରୂପ) ୨ । ହିମାଳୟ ପର୍ବତ—
2. The Himalyas.

ପର୍ବତାଇ—ଦେ. ବି. ସ୍ତ୍ରୀ—ଦେବୀ ବିଶେଷ—
Parbatāi Name of a popular Goddess.
(ପର୍ବତେଇ—ଅନ୍ୟରୂପ)

ପର୍ବତାରି—ସଂ. ବି. (୬ଷ୍ଠୀ ତତ୍; ପର୍ବତ + ଅରି; ଏ ବଜ୍ରଦ୍ୱାରା
Parbatāri ପର୍ବତମାନଙ୍କ ପକ୍ଷ ଛେଦନ କରିଥିବାରୁ)—ଇନ୍ଦ୍ର—
Indra.

ପର୍ବତାଶୟ—ସଂ. ବି (ବହୁବ୍ରୀହି; ପର୍ବତ + ଆଶୟ)—ମେଘ—
Parbatāsaya Cloud.

ପର୍ବତାଶ୍ରୟ—ସଂ. ବି (ବହୁବ୍ରୀହି; ପର୍ବତ + ଆଶ୍ରୟ)—୧ । ପାର୍ବତ୍ୟ
Parbatāśraya ବ୍ୟକ୍ତି; ପର୍ବତବାସୀ ବ୍ୟକ୍ତି—1. Moun-
(ପର୍ବତାଶ୍ରୟୀ ଅନ୍ୟରୂପ) taineer.
(ପର୍ବତାଶ୍ରୟା—ସ୍ତ୍ରୀ) ୨ । ଶରଭ ନାମକ ଅଷ୍ଟପଦୀ ପୌରାଣିକ ଜୀବ—
2. Name of a fabulous eight-legged animal.
ସଂ. ବିଣ. ପୁଂ—ପର୍ବତବାସୀ—Living in the
mountain.

ପର୍ବତାସ୍ତ୍ର—ସଂ. ବି—ପ୍ରାଚୀନକାଳର ଯୁଦ୍ଧାସ୍ତ୍ରବିଶେଷ—
Parbatāstra A weapon of war mentioned
in the mythologies.
[ଦ୍ର- ପୁରାଣାଦିରେ ବର୍ଣ୍ଣିତ ହୋଇଅଛି ଯେ ଶତ୍ରୁ ଉପରକୁ
ଏହି ଶର ପ୍ରୟୋଗ କଲେ ସେଥିରୁ ବଡ଼ ବଡ଼ ପଥରଖଣ୍ଡମାନ
ବରଷି ଶତ୍ରୁମାନଙ୍କୁ ପେଷି ମାର ପକାଉଥିଲା ଓ ନିଜ ସେନାର
ଚାରିପାଖେ ପାହାଡ଼ପରି ପଥରଗଦା ହୋଇ ଯାଉଥିବାରୁ ଶତ୍ରୁପକ୍ଷଙ୍କ
ଆକ୍ରମଣରୁ ସେନା ରକ୍ଷା ପାଉଥିଲା ।]

ପର୍ବତିଆ—ଦେ. ବିଣ (ସଂ. ପାର୍ବତୀୟ)—୧ । ପାର୍ବତୀୟ—
Parbatiā 1. Hilly; mountainous.
ପାହାଡ଼ିଆ ୨ । ପର୍ବତ ପରି ଉଚ୍ଚ—2. High as mountain.
पर्वती

ପର୍ବତିଆ କୋଶ—ପ୍ରାଦେ (ଗଡ଼ଜାତ) ବି—ପ୍ରାୟ ୨½ ବା ୩ ମାଇଲ
Parbatiā kośa ଦୂରତା ବିଶିଷ୍ଟ କ୍ରୋଶ—A kros of 2½
or 3 milse.
[ଦ୍ର—ଦୂରବର୍ତ୍ତୀ ପର୍ବତ ଆଖିକୁ ନିକଟବର୍ତ୍ତୀ ଦେଖା ଯାଉ-
ଥିବାରୁ ସେହି ଅନୁଭବରୁ ଏପରି କୋଶ କୁହାଯାଏ ।]

ପର୍ବତିଆ ଖଡ଼ା—ସଂ. ବି—ଏକପ୍ରକାର ବଡ଼ ପତ୍ରବିଶିଷ୍ଟ ଓ ସାଧାରଣ
Parbatiā kharḍā ଖଡ଼ା ଗଛଠାରୁ ଉଚ୍ଚ ଖଡ଼ାଗଛ—
1. A kind of large variety of Kharḍā
pot herb.

ପର୍ବତିଆ ବାର୍ହା—ଦେ. ବି—ବନ୍ୟ ବରାହ ବିଶେଷ—
Parbatiā bārhā A kind of wild boar.
[ଦ୍ର—ବାର୍ହା ତଳେ ନୋଟ ଦେଖ।]

ପର୍ବତିଆ ବୋଡ଼ା—ଦେ. ବି—ବଡ଼ ପାହାଡ଼ିଆ ବୋଡ଼ା ସାପ—
Parbatiā borḍā A species of mountain boa (snake).

ପର୍ବତୀୟ—ସଂ. ବିଣ (ପର୍ବତ+ସମ୍ବନ୍ଧାର୍ଥେ ଈୟ)—୧। ପର୍ବତ-
Parbatiya ସମ୍ବନ୍ଧୀୟ; ପାର୍ବତ୍ୟ—1. Mountainous.
୨। ପର୍ବତବାସୀ—2. Living in the mountains.

ପର୍ବ ପର୍ବାଣି ଦେ. ବି (ସହଚର ଶବ୍ଦ)—ଉତ୍ସବ ଦିବସମାନ; ଯାତ୍ରାଦିଓ;
Parba parbāṇi ଯାତ୍ରାପର୍ବ—The days of various festivals.
परबत्योहार
(ପର୍ବପୁଣ୍ୟ—ଅନ୍ୟରୂପ)
ପ୍ରକାଶ ଓ ପର୍ବପର୍ବାଣିରେ ଯେ ସବୁ କଥାକୁ,
କାଳଗଣ, କହଣୀ କେତେ ଅଛେ ସେ ସବୁ
ସଙ୍ଗରେ ସନ୍ତରେ ଦାତକୁ ଯାଏ।
ପଦ୍ମାବତୀ, ଛମାଣ ଆଠଗୁଣ୍ଠ।

ପର୍ବ ସନ୍ଧି—ସଂ. ବିଣ (୬ଷ୍ଠୀ ତତ୍; ପର୍ବ+ସନ୍ଧି)—୧। ପୂର୍ଣ୍ଣିମା ଓ
Parba sandhi ପ୍ରତିପଦ୍, କିମ୍ବା ଅମାବାସ୍ୟା ଓ ପ୍ରତିପଦ୍‌ର ସନ୍ଧି-
ସ୍ଥଳ—1. The time between the last day of one lunar fortnight and the 1st day of the next.
୨। ସୂର୍ଯ୍ୟ ବା ଚନ୍ଦ୍ରଗ୍ରହଣର ସମୟ (ହି. ଶବ୍ଦସାଗର)—
2. The time of a solar or lunar eclipse.
୩। ଅଣ୍ଟୁର ଗଣ୍ଠି (ହି. ଶବ୍ଦସାଗର)—
3. Knee-joint.

ପର୍ବସ୍ତ (ସ୍ତି)—ବୈଦେ. ବି (ଫା. ପର୍ବରିଶ୍)—ପାଳନ; ପୋଷଣ—
Parbast (sti) Maintainance.
(ପର୍ବରିଶ୍—ଅନ୍ୟରୂପ) ବିଣ—ପ୍ରତିପୋଷିତ—Maintained.
परवरिश, **पर्वरिश**

ପର୍ବସ୍ଫୋଟ—ସଂ. ବି—ଆଙ୍ଗୁଠିର ଗଣ୍ଠିମାନଙ୍କୁ ଫୁଟାଇବା—
Parbasphoṭa The crackling of the finger-joints.

ପର୍ବାପର୍ବ—ଦେ. ବି (ସହଚର ଶବ୍ଦ)—ପର୍ବ ପର୍ବାଣି (ଦେଖ)
Parbāparba Parba parbāṇi (See)
ମୋହର ଯାତ୍ରା ପର୍ବାପର୍ବ
ବଧ ବଧାନ ଯଥା ପୂର୍ବେ। ଜଗନ୍ନାଥ, ଭାଗବତ।

ପର୍ବାହ—ସଂ. ବି. (ପର୍ବ+ଅହନ୍)—ପର୍ବ ଦିବସ; ଉତ୍ସବ ଦିନ—
Parbāha Day of festival; galaday; holiday.

ପର୍ବିତ—ସଂ. ବି—ପାବଦା ମାଛ; ପର୍ବତ ୪ (ଦେଖ)
Parbita Parbata 4 (See)

ପର୍ମ—ଗ୍ରା. ବିଣ. (ସଂ. ପରମ)—ପରମ, ସର୍ବ ପ୍ରଧାନ—
Parma Supreme.
ସେ ରୂପ ପର୍ମ ବ୍ରହ୍ମସାର। ପ୍ରେମଚନ୍ଦ୍ର, ପ୍ରେମଚନ୍ଦ୍ରିକା-ବ୍ରହ୍ମଗୀତା।

ପର୍ମେଶ୍ୱ(ଶ)ର—ଗ୍ରା. ବି. (ପ୍ରାଚୀନ ପଦ୍ୟ)—ପରମେଶ୍ୱର—
Parmeśwa(śa)ra God.
(ପର୍ମିଶର, ପର୍ମିଶ୍ୱର—ଅନ୍ୟରୂପ)

ଦେହ ଏହୁ ଦେହ ଖେଳ ଇଶ ପର୍ମେଶ୍ୱର। ଗ୍ରାମ୍ୟ ଗୀତ, ବୃନ୍ଦାବନ ଗୀତା।

ପର୍ଯ୍ୟଗ୍ନି—ସଂ. ବି. (ପରି+ଅଗ୍ନି)—ଯଜ୍ଞ ବା ଯଜ୍ଞୀୟ ପଶୁକୁ ଯେଉଁ ସାଙ୍ଗ
Parjyagni ବା ଜଳନ୍ତା ନିଆଁ ଧରି ପରିକ୍ରମା କରାଯାଏ (ହି.ଶ.)—
Circumambient fire; lighted fire carried round a sacrificial fire or victim. (M. W.)

ପର୍ଯ୍ୟଗ୍ନିକରଣ—ସଂ. ବି. (ପର୍ଯ୍ୟଗ୍ନି+କରଣ)—
Parjyagnikaraṇa ହୋମ ବା ଯଜ୍ଞୀୟ ପଶୁର ଚାରି ପାଖେ
ଜଳନ୍ତା ନିଆଁ ଧାରଣ ପୂର୍ବକ ପରିକ୍ରମଣ—
The ritual of carrying a lighted fire round a Homa or a sacrificial victim.

ପର୍ଯ୍ୟଙ୍କ—ସଂ. ବି (ପରି+ଅକ୍ ଧାତୁ=ଗମନ କରିବା+ଅଧିକରଣେ
Parjyaṅka ଅ)—୧। ପଲଙ୍କ; ଖଟ—1. Bedstead; couch.
୨। ପାଲିଙ୍କି—2. Palanquin.
୩। ଉପବେଶନ ବିଶେଷ; ପିଚ୍ଛ ମାଡ଼ି ଗୋଡ଼ ଟେକି ବସିବା—
3. A kind of posture in sitting; squatting with the heels and the hams.
୪। ନର୍ମଦାର ଉତ୍ତରସ୍ଥ ପର୍ବତ ବିଶେଷ (ହି. ଶ.)—
4. Name of a mountain north of the Narmadā river.
(ଏହା ବିନ୍ଧ୍ୟର ପୁତ୍ର ବୋଲି କଳ୍ପିତ।)
୫। ପିଚ୍ଛ ଓ ତଳିପା ଭୂମିରେ ଲଗାଇ ବସିବା ବେଳେ ଯେଉଁ
ଲୁଗାକୁ ପିଠି, ଅଣ୍ଟା ଓ ନଳ ଗୋଡ଼ ଚାରି ପାଖେ ଗୁଡ଼ାଇ
ଦିଆଯାଏ—5. A cloth wound round the loins and legs while sitting on the heels and the hams.

ପର୍ଯ୍ୟଙ୍କ ବନ୍ଧ—ସଂ. ବି—୧। ବସ୍ତ୍ର ଦ୍ୱାରା ପୃଷ୍ଠ, ଅଣ୍ଟା ଓ ଜାନୁଦ୍ୱୟକୁ
Parjyaṅka bandha ବାନ୍ଧି ବସିବା—1. The act of sit-
(ପର୍ଯ୍ୟଙ୍କ ବନ୍ଧନ—ଅନ୍ୟରୂପ) ting and binding a cloth round the back, the loins and the knees. (M. W.)
୨। ବୀରାସନ—2. Sitting on the hams.

ପର୍ଯ୍ୟଙ୍କିକା—ସଂ. ବି. (ପର୍ଯ୍ୟଙ୍କ+ସ୍ୱାର୍ଥେ. କ+ସ୍ତ୍ରୀ୍ଯର୍ଥେ. ଆ)—
Parjyaṅkikā ଛୋଟ ପଲଙ୍କ—A small bedstead.
ଦରଦ ଦଗ୍ଧମନ-ବ୍ରଜ ଅଗ୍ନି ଦ-ଗ୍ଧିର କୋଡ଼ ପର୍ଯ୍ୟଙ୍କିକା।
ପ୍ରଧାନାଥ, ଛନ୍ଦଗୀ।

ପର୍ଯ୍ୟଟକ—ସଂ. ବିଣ. ପୁଂ (ପରି+ଅଟ୍ ଧାତୁ=ଭ୍ରମଣ କରିବା+କର୍ତ୍ତୃ. ଅକ)—
Parjyaṭaka ପରିଭ୍ରମଣକାରୀ—Wandering about;
(ପର୍ଯ୍ୟାଟକ—ଅନ୍ୟରୂପ) strolling.
ବି—୧। ପରିବ୍ରାଜକ; ପଥିକ—
1. Traveller; stroller; wanderer; tourist.
୨। ବାଉଳିଆ ଲୋକ; ଛିଟର—
2. A tramp; a vagabond. (M. W.)

ପର୍ଯ୍ୟଟନ—ସଂ. ବି. (ପରି+ଅଟ୍ ଧାତୁ+ଭାବ. ଅନ)—
Parjyaṭana ୧। ପରିଭ୍ରମଣ—1. Travelling; roaming about.

୬ । ଦେଶ ଭ୍ରମଣ—2. Touring; perigrination.

ପର୍ଯ୍ୟଟିବା—ଦେ. (ପଦ୍ୟ) କ୍ରି—ପର୍ଯ୍ୟଟନ କରିବା; ଭ୍ରମଣ କରିବା—
Parjyaṭibā पर्यटना To wander; to travel.

ତଥ ଯେବେ ମନ୍ତ୍ର ପର୍ଯ୍ୟଟନ୍ତି
ଭୂମିଶ ଭେକ ନସ୍ତାରନ୍ତି । କଗଲାଥ- ଭାଗବତ ।

ପର୍ଯ୍ୟଧ୍ୟୟନ—ସ. ବଣ. ପୁଂ—ପଢ଼ିବାକୁ ଅନିଚ୍ଛୁକ—
Parjyadhyayana Averse from study.

ପର୍ଯ୍ୟନ୍ତ—ସ. ବ. (ପରି+ଅନ୍ତ)—
Parjyanta ୧ । ସୀମା—1. Boundary; border.
୨ । ପ୍ରାନ୍ତ; ଅନ୍ତିମ ସୀମା—
2. Limit; extremity.
୩ । ଅବସାନ; ଶେଷ—3. End.
୪ । ପାର୍ଶ୍ୱ—4. Side; flank.
୫ । ସମୀପ; ନିକଟ—5. Nearness; vicinity.
ବ—୧ । ପ୍ରତ୍ୟନ୍ତ; ଶେଷ ସୀମାରେ ସ୍ଥିତ—
1. Situate in the extremity.
୨ । ନିକଟବର୍ତ୍ତୀ—
2. Adjoining, neighbouring. (M. W.)
ଦେ. କ୍ରି. ବଣ. (ସ. ପର୍ଯ୍ୟନ୍ତମ୍)—
पर्यन्त ୧ । (କାଳ, ସ୍ଥାନ ଓ ବିଷୟ) ଅବଧି; ଯାକେ—
पर्यन्त, तक 1. Up to; till; as far as; until.
୨ । (ସ. ପର୍ଯ୍ୟନ୍ତେ=ଶେଷରେ) ଅମୁକର ଶେଷ ପର୍ଯ୍ୟନ୍ତ—
2. To the end of.

ପର୍ଯ୍ୟନ୍ତ ଭୂମି—ସ. ବ. (କର୍ମଧା; ପର୍ଯ୍ୟନ୍ତ+ଭୂମି)—
Parjyanta bhūmi ୧ । ସୀମା ଭୂମି—1. Border-land; frontier.
ପର୍ଯ୍ୟନ୍ତ ଭୂ, ପର୍ଯ୍ୟନ୍ତ ଦେଶ } ଅନ୍ୟରୂପ
୨ । ପ୍ରତ୍ୟନ୍ତ ଭୂମି; ନିକଟବର୍ତ୍ତୀ, ଅଞ୍ଚଳ—
2. Precints; vicinity.
୩ । ନଦୀ ଶୈଳାଦିର ସନ୍ନିକଟବର୍ତ୍ତୀ ଭୂଭାଗ—3. Tract adjoining a river or mountain.
୪ । ନିକଟବର୍ତ୍ତୀ ବା ପାର୍ଶ୍ୱବର୍ତ୍ତୀ ଦେଶ—
4. A neighbouring or adjacent district.

ପର୍ଯ୍ୟନ୍ତେ—ଦେ. କ୍ରି. ବଣ—ପର୍ଯ୍ୟନ୍ତ (ଦେଖ)
Parjyante Parjyanta (See)
ସ. ଅ—ଶେଷରେ—At the end. (M. W.)

ପର୍ଯ୍ୟନ୍ୟ—ସ. ବ—ପର୍ଜନ୍ୟ (ଦେଖ)
Parjyanya Parjanya (See)

ପର୍ଯ୍ୟବସାନ—ସଂ. ବ. (ପରି+ଅବସାନ)—୧ । ସମାପନ—
Parjyabasāna 1. Completion.
୨ । ସମାପ୍ତି; ଶେଷ
2. Termination; end; conclusion.
୩ । ଅନ୍ତର୍ଭାବ; ଅନ୍ତର୍ଭୁକ୍ତ ହେବା—
3. Inclusion; amalgamation.
୪ । ରାଗ; କ୍ରୋଧ (ହ୍ର. ଶ.)—4. Anger.
୫ । ପ୍ରକୃତ ଅର୍ଥ ନିରୂପଣ (ହ୍ର. ଶ.)—
5. Ascertainment of the true meaning.

ପର୍ଯ୍ୟବସିତ—ସ. ବ. (ପରି+ଅବସିତ=ସମାପ୍ତ)—୧ । ପରିଣତ—
Parjyabasita 1. Turned into.
୨ । ନିଃଶେଷିତ—2. Emptied.
୩ । ସମାପ୍ତ—
3. Ended; terminated; finished; completed.
୪ । ପର୍ଯ୍ୟାଲୋଚନାଦ୍ୱାରା ନିର୍ଦ୍ଧାରିତ—
4. Ascertained by observation.
୫ । ଅପେକ୍ଷାକୃତ ଦୂରସ୍ଥ—
5. Living farther off (M. W).

ପର୍ଯ୍ୟବସ୍ଥା—ସ. ବ. (ପରି+ଅବସ୍ଥା)—୧ । ବାଧା—
Parjyabasthā 1. Obstacle.
(ପର୍ଯ୍ୟବସ୍ଥାନ—ଅନ୍ୟରୂପ) ୨ । ବ୍ୟାଘାତ; ପ୍ରତିରୋଧ—
2. Obstruction; impediment.
୩ । ବିରୋଧ—3. Opposition; contradiction.
୪ । ଅବରୋଧ—4. Siege.
୫ । ବିପକ୍ଷତା—5. Antagonism.

ପର୍ଯ୍ୟବସ୍ଥାତା—ସ. ବଣ. ପୁଂ. (ପରି+ଅବ+ସ୍ଥା. ଧାତୁ+କର୍ତ୍ତୃ. ତୃ;
Parjyabasthātā ୧ମା. ୧ବ.)—୧ । ପ୍ରତିକୂଳ—
(ପର୍ଯ୍ୟବସ୍ଥାତ୍ରୀ—ସ୍ତ୍ରୀ) 2. Opposing.
୨ । ବ୍ୟାଘାତକାରକ—2. Obstructing; impeding.
ସ. ବ—୧ । ଶତ୍ରୁ—1. Enemy.
୨ । ବିପକ୍ଷ ପକ୍ଷ—2. Adversary; antagonist.

ପର୍ଯ୍ୟବସ୍ଥିତ—ସ. ବଣ. (ପରି+ଅବସ୍ଥିତ)—୧ । ସର୍ବତ୍ର ବ୍ୟାପ୍ତ
Parjyabasthita ହୋଇ ସ୍ଥିତ—1. Existing by; pervading everywhere.
୨ । ଅବସ୍ଥିତ—2. Stationed; standing (M. W).
୩ । (ଅମୁକ ପ୍ରତି) ଆସକ୍ତ; ଅନୁରକ୍ତ—
3 Devoted or addicted to (M. W).
୪ । ଆନନ୍ଦିତ; ତୁଷ୍ଟ—
4. Merry; of good cheer (M. W).
୫ । ସ୍ୱଚ୍ଛନ୍ଦତା ଯୋଗୁଁ ସୁଖୀ—
6. Comfortable. (M.W.)
ବ—ବିଷ୍ଣୁ; ଈଶ୍ୱର—God.

ପର୍ଯ୍ୟବେକ୍ଷକ—ସ. ବଣ. ପୁଂ. (ପରି+ଅବ+ଈକ୍ଷ ଧାତୁ=ଦେଖିବା
Parjyabekshaka +କର୍ତ୍ତୃ. ଅକ)—ପରିଦର୍ଶନକାରୀ; ନିରୀ-
(ପର୍ଯ୍ୟବେକ୍ଷିକା—ସ୍ତ୍ରୀ) କ୍ଷଣକାରୀ—Observing; minutely seeing.
ବ—୧ । ଗ୍ରହ ନକ୍ଷତ୍ରାଦି ଦର୍ଶକ—
1. Observator of stars and planets.
୨ । ତତ୍ତ୍ୱାବଧାରକ—2. Superintendent.

ପର୍ଯ୍ୟବେକ୍ଷଣ—ସ. ବ. (ପରି+ଅବ+ଈକ୍ଷଣ)—୧ । ନିରୀକ୍ଷଣ;
Parjyabekshaṇa ପରିଦର୍ଶନ—1. Observation.

(ପର୍ଯ୍ୟବେକ୍ଷିତ—ବିଣ.) ୨ । ତତ୍ତ୍ୱାବଧାରଣ; ତଦନ୍ତ—
2. Investigation.
୩ । ତତ୍ତ୍ୱାବଧାନ—
3. Supervision; superintendence.

ପର୍ଯ୍ୟବେକ୍ଷଣିକା—ସଂ. ବି. (ପର୍ଯ୍ୟବେକ୍ଷଣ + କ + ସ୍ତ୍ରୀ. ଆ)—ମାନ-
Parjyabekshaṇikā ମନ୍ଦିର; ଗ୍ରହ ନକ୍ଷତ୍ରାଦି ପର୍ଯ୍ୟବେକ୍ଷଣ କରିବାର ମନ୍ଦିର—Observatory.

ପର୍ଯ୍ୟୟ—ସଂ. ବି. (ପରି+ଅୟ୍ ଧାତୁ=ଗମନ କରିବା+ଭାବ. ଅ)—
Parjyaya ୧ । ପ୍ରାତିକୂଲ୍ୟ; ବୈପରୀତ୍ୟ—1. Opposition.
୨ । ଅବୈଧ ଆଚରଣ—2. Illegal conduct.
୩ । କୌଣସି ନିୟମ ବା କ୍ରମର ଉଲ୍ଲଂଘନ (ହି. ଶ.)—
3. Transgression of any rule or order.

ପର୍ଯ୍ୟୟଣ—ସଂ. ବି. (ପରି+ଅୟ୍ ଧାତୁ+ଅନ; ଯାହା ଉପରେ ବସି
Parjyayaṇa ସ୍ଥାନାନ୍ତରକୁ ଯିବାକୁ ହୁଏ)—୧ । ପଲାଣ; ଥୋଡ଼—
1. Pack-saddle.
୨ । ଅଶ୍ୱପୃଷ୍ଠରେ ପଡ଼ିବା ଆସନ; ଜୀନ—2. Saddle.

ପର୍ଯ୍ୟଶ୍ରୁ—ସଂ. ବିଣ (ପରି+ଅଶ୍ରୁ)—୧ । ଅଶ୍ରୁପୂର୍ଣ୍ଣ—
Parjyasru 1. Tearful; full of tears.
୨ । ଭୂରି ଅଶ୍ରୁ ମଗ୍ନ—
2. Brimming with tears; flooded with tears.

ପର୍ଯ୍ୟସନ—ସଂ. ବି. (ପରି+ଅସ୍ ଧାତୁ=ନିକ୍ଷେପ କରିବା+ଭାବ. ଅନ)—
Parjyasana ୧ । ଦୂରୀକରଣ; ଅପସାରଣ—1. Removing.
୨ । ଇତସ୍ତତଃ ଫିଙ୍ଗିବା—
2. Throwing or tossing about.

ପର୍ଯ୍ୟସ୍ତ—ସଂ. ବିଣ. (ପରି+ଅସ୍ ଧାତୁ=କ୍ଷେପଣ କରିବା+କର୍ମ. ତ)—
Parjyasta ୧ । କ୍ଷିପ୍ତ—1. Strewn; scattered about.
(ପର୍ଯ୍ୟାସ—ବିଶେଷ୍ୟ) ୨ । ଫିଙ୍ଗି ଦିଆଯାଇଥିବା—
2. Thrown or cast about.
୩ । ବିସ୍ତାରିତ; ପ୍ରସାରିତ—3. Extended; spread.
୪ । ଦୂରୀକୃତ; ଅପସାରିତ—4. Removed; driven out.
୫ । ଉଦ୍ୱର୍ତ୍ତିତ; ଓଲଟାଇ ଦିଆ ଯାଇଥିବା—
5. Overturned; upset; inverted.
୬ । ଆହତ; ଆଘାତପ୍ରାପ୍ତ—6. Wounded; struck.
୭ । ହତ—7. Killed.
୮ । (+କର୍ତ୍ତୃ. ତ) ପତିତ—8. Fallen.
୯ । ବ୍ୟାପ୍ତ—9. Diffused.
୧୦ । (+କର୍ମ. ତ) ବେଷ୍ଟିତ; ଆକ୍ରାନ୍ତ—
10. Surrounded; encompassed; ensnared (M.W).

ପର୍ଯ୍ୟସ୍ତାପହ୍ନୁତି—ସଂ. ବି—ଅର୍ଥାଲଙ୍କାରବିଶେଷ—
Parjyastāpahnuti A figure of speech.
[ଦ୍ର—ଏଥିରେ ବସ୍ତୁର ଗୁଣ ଗୋପନ କରି ସେହି ଗୁଣ ଅନ୍ୟ ବସ୍ତୁରେ ଆରୋପଣ କରାଯାଏ ।]

ପର୍ଯ୍ୟସ୍ତି—ସଂ. ବି. (ପରି+ଅସ ଧାତୁ+ଭାବ. ତି)—
Parjyasti ୧ । ଡେରି ହୋଇ ତଳପାରେ ବସିବା—
1. Sitting up on the heels. (M. W).
୨ । ପିଣ୍ଡି ମାଡ଼ି ବସିବା—
2. Sitting on the hams (M. W).
୩ । ଡେକା ପକାଇ ବସିବା—
3. Sitting cross-legged.

ପର୍ଯ୍ୟସ୍ତିକା—ସଂ. ବି. (ପର୍ଯ୍ୟସ୍ତ+କ+ସ୍ତ୍ରୀ. ଆ; ଯାହା ବିସ୍ତାରିତ ହୁଏ)—
Parjyastikā ୧ । ଶଯ୍ୟା—1. Bed.
୨ । ପଲଙ୍କ; ଖଟ—2. Bedstead; couch.

ପର୍ଯ୍ୟା ଆକୁଳ—ଗ୍ରା. (ପଦ୍ୟ) ବିଣ.—ପର୍ଯ୍ୟାକୁଳ (ଦେଖ)—
Parjyā ākuḷa Parjyākuḷa (See)

ଶୁଣି ଭୃତ୍ୟେ ଭାଗ ଗା ୨ ପୁଣି ଶଯ୍ୟା ଅଛେଇଲେ,
ସୁହିଁ ପର୍ଯ୍ୟା ଆକୁଳେ ଅତ ନଦେଖ । ଛାଡ଼ି. ଉଦ୍ଧବୋଦ୍ଧ ।

ପର୍ଯ୍ୟାକୁଳ—ସଂ. ବିଣ. (ପରି+ଆକୁଳ)—୧ । ଅତି କାତର; ଅତି
Parjyākuḷa ବ୍ୟାକୁଳ—1. Very uneasy; bewildered; confused.
[ପର୍ଯ୍ୟାକୁଳତା(ତ୍ୱ)—ବି]
୨ । ବ୍ୟତିବ୍ୟସ୍ତ—2. Disordered; confused.
୩ । ଅତି ଚିନ୍ତାକୁଳିତ—3. Very anxious.
୪ । ସ୍ଖଳିତଗତି—4. Tottering.
୫ । ଗୋଳିଆ (ପାଣି)—5. Turbid (water). (M.W.)

ପର୍ଯ୍ୟାଚାନ୍ତ—ସଂ. ବି. (ପରି+ଆଚାନ୍ତ)—ଏକ ପଂକ୍ତିରେ ବସି ଭୋଜନ
Parjyāchānta କରୁ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଉଠି
(ପର୍ଯ୍ୟାଚାନ୍ତ—ଅନ୍ୟରୂପ) ଗଲେ ବା ଆଚମଇଲେ ଅନ୍ୟ ବ୍ୟକ୍ତିମାନଙ୍କ ଭୋଜନ ପାତ୍ର ବା ପତ୍ରରେ ଯେଉଁ ଖାଦ୍ୟ ସାମଗ୍ରୀ ରହି ଥାଏ—The remains of the food left in the plates of all the people dining in a row when one of them leaves the place or washes the face and hands.

ପର୍ଯ୍ୟାଣ—ସଂ. ବି. (ପରି+ଯା ଧାତୁ+କରଣ. ଅନ)—
Parjyāṇa ପର୍ଯ୍ୟୟଣ (ଦେଖ)—Parjyayaṇa (See)

ପର୍ଯ୍ୟାପ୍ତ—ସଂ. ବିଣ. (ପରି+ଆପ୍ ଧାତୁ=ପାଇବା+କର୍ତ୍ତୃ. ତ)—
Parjyāpta ୧ । ପ୍ରାପ୍ତ; ଲବ୍ଧ—1. Got; received; gained.
୨ । ସମର୍ଥ—2. Able.
୩ । ସମ୍ପୂର୍ଣ୍ଣ—3. Complete; full.
୪ । ଯଥେଷ୍ଟ; ପ୍ରଚୁର—
4. Sufficient; enough; adequate.
୫ । ସମସ୍ତ—5. Whole; entire.
୬ । ପରିମିତ—6. Definite; moderate; limited.
୭ । ସମ୍ପନ୍ନ—7. Endowed.
୮ । ବହୁ ପରିମିତ—
8. Copious; abundant; many; much.
୯ । ବିସ୍ତୃତ—9. Extensive; wide.
୧୦ । ସମାପ୍ତ—10. Completed; finished. (M. W.)
୧୧ । ବୃହତ୍—11. Large.
୧୨ । ଯୋଗ୍ୟ; ଉପଯୁକ୍ତ—12. Suitable; fit.

ବି.—(+ଭାବ. ତ)—ପ୍ରାଚୁର୍ଯ୍ୟ—
1. Sufficiency; adequacy.
୨ । ଶକ୍ତି; ସାମର୍ଥ୍ୟ—2 Ability.
୩ । ପରିତୋଷ; ତୃପ୍ତି—3. Satisfaction.
୪ । ଯୋଗ୍ୟତା—4. Suitableness; fitness.

ପର୍ଯ୍ୟାପ୍ତ ବାଦୀ—ସଂ. ବିଣ. ପୁଂ.—(ପର୍ଯ୍ୟାପ୍ତ+ବାଦିନ୍; ୧ମା. ୧ବ.)—
Parjyāpta bādi ମିତବାଦୀ; ମିତ ଭାଷୀ—
ପର୍ଯ୍ୟାପ୍ତବାଦିନୀ } ସ୍ତ୍ରୀ Of moderate speech; sparing in speech.
ପର୍ଯ୍ୟାପ୍ତଭାଷିଣୀ }
(ପର୍ଯ୍ୟାପ୍ତଭାଷୀ—ଅନ୍ୟରୂପ)

ପର୍ଯ୍ୟାପ୍ତି—ସଂ. ବିଣ. (ପରି+ଆପ୍ ଧାତୁ+ଭାବ. ତି)—୧ । ପ୍ରାଚୁର୍ଯ୍ୟ—
Parjyāpti 1. Sufficiency; adequacy.
୨ । ପରିପୂର୍ଣ୍ଣତା—2. Completion; fulness.
୩ । ପରିତୃପ୍ତି—3. Satiety; satisfaction.
୪ । ସାମର୍ଥ୍ୟ—4 Competence; ability.
୫ । ସ୍ୱଚ୍ଛନ୍ଦ୍ୟ; ସଂସାର ଯାତ୍ରାର ସୁଗମତା—5. Competency.
୬ । ଅବସାନ—6. End.
୭ । ପରିମିତତା—8. Moderation; temperance.
୯ । ଅପସାରଣ—9. Removal.
୧୦ । ବାରଣ—10. Prevention.
ଗ୍ରା. ବି.—୧ । ଜୀବିକା—1. Livelihood.
୨ । ଆବଶ୍ୟକତା—2. Need; necessity.
(ଯଥା—ମୋର ଏଥିରେ ପର୍ଯ୍ୟାପ୍ତି ଚଳିବ ନାହିଁ ।)

ପର୍ଯ୍ୟାବର୍ତ୍ତ(ର୍ତ)—ସଂ. ବି. (ପରି+ଆ+ବୃତ୍ ଧାତୁ+ଭାବ. ଅ)—
Parjyābartta(rta) ୧ । ପ୍ରତ୍ୟାଗମନ—1. Return.
(ପର୍ଯ୍ୟାବର୍ତ୍ତନ—ଅନ୍ୟରୂପ) ୨ । ବଦଳ—2. Exchange.
(ପର୍ଯ୍ୟାବୃତ୍ତ, ପର୍ଯ୍ୟାବର୍ତ୍ତିତ—ବିଣ) ୩ । ସଂସାରରେ ପୁଣି ଜନ୍ମଗ୍ରହଣ (ହି. ଶ.)—3. Taking rebirth in the world after death.

ପର୍ଯ୍ୟାୟ—ସଂ ବି.—(ପରି+ଇ ଧାତୁ=ଗମନ କରିବା+ଭାବ. ଅ)—
Parjyāya ୧ । କ୍ରମ; ଅନୁକ୍ରମ—1. Succession; regular order; rotation.
୨ । ପାଳି—2. Turn; periodic turn.
୩ । ନିୟମିତ କ୍ରମ—3. Regular succession.
୪ । ପ୍ରାଚୁର୍ଯ୍ୟ 4. Sufficiency.
୫ । ସୁଯୋଗ; ଅବସର—5. Opportunity.
୬ । ଶ୍ରେଣୀ; ପ୍ରକାର—6. Kind; class.
୭ । ପଦାର୍ଥର ଗୁଣ ବା ଧର୍ମ—
7. Attribute of a thing.
୮ । ଏକାର୍ଥ ବାଚକ ଶବ୍ଦ; ସମ ନାମ; ସମାନାର୍ଥକ ଶବ୍ଦ—
8. Synonym.
ଏଣୁ ଶ୍ରୀକର କନାକସ ପର୍ଯ୍ୟାୟେ କଲେ ବନ୍ଦାବୃନ୍ଦେ ବିଜେ—
ଉତ୍କ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୯ । ଅର୍ଥାଲଙ୍କାର ବିଶେଷ; ଯେଉଁ ଅଲଙ୍କାରରେ ପୂର୍ବକାଳରେ ବା ଉତ୍ତର କାଳରେ ଅନେକ ବସ୍ତୁର ଉତ୍ପତ୍ତି କିମ୍ବା ଅନେକ ସ୍ଥାନରେ ଏକ ବସ୍ତୁର ସ୍ଥିତି ବା ଶବ୍ଦ ବର୍ଣ୍ଣନା କରାଯାଏ—
9. A figure of speech describing a thing at different places or positions in succession.
୧୦ । କର୍ମାଣ (ହି. ଶ.)—10. Construction.
୧୧ । ଏକ ଶ୍ରେଣୀ ବା କୁଳରୁ ଉତ୍ପନ୍ନ ହୋଇ ବ୍ୟକ୍ତିଙ୍କ ମଧ୍ୟରେ ପରସ୍ପର ସମ୍ବନ୍ଧ—11. Mutual relationship between two persons of the same family or class.

ପର୍ଯ୍ୟାୟ କ୍ରମେ—ଦେ. କ୍ରି. ବିଣ—୧ । ଯଥାକ୍ରମେ—
Parjyāya krame 1. Respectively.
୨ । ପାଳି ଅନୁସାରେ—2. By turns; rotation.
୩ । ନିୟମିତ କ୍ରମାନୁସାରେ; ଏକର ପର ଅନ୍ୟ—
3. In regular succession.

ପର୍ଯ୍ୟାୟ ବୃତ୍ତି—ସଂ. ବି.—ଏକକୁ ତ୍ୟାଗ କରି ଅନ୍ୟକୁ ଗ୍ରହଣ କରିବାର
Parjyāya brutti ବୃତ୍ତି—The state or condition of abandoning one and taking another.

ପର୍ଯ୍ୟାୟ ଶବ୍ଦ—ଦେ. ବି—ଏକ ପଦାର୍ଥର ଏକାର୍ଥ ବୋଧକ ଭିନ୍ନ ନାମ—
Parjyāya śabda Synonym.

ପର୍ଯ୍ୟାୟ ଶୟନ—ସଂ. ବି.—ପ୍ରହରୀମାନଙ୍କର ପାଳିଅନୁସାରେ ଶୋଇବା ଓ
Parjyāya śayana ଚେଇଁବା—Alternate sleeping and watching of watchmen by turns.

ପର୍ଯ୍ୟାୟୋକ୍ତ—ସଂ. ବିଣ. (ଭଙ୍ଗୀଯୁକ୍ତ ଉକ୍ତ; ପର୍ଯ୍ୟାୟ+ଉକ୍ତ)—
Parjyāyokta ପର୍ଯ୍ୟାୟ କ୍ରମେ ଉକ୍ତ; ପରେ ପରେ ଉଲ୍ଲିଖିତ—Described seriatim.

ପର୍ଯ୍ୟାୟୋକ୍ତି ଅଲଙ୍କାର—ସଂ. ବି—ଅର୍ଥାଲଙ୍କାରବିଶେଷ—
Parjyāyokti alaṅkāra A figure of speech.
[ଦ୍ର—ଯେଉଁଠାରେ ବକ୍ତବ୍ୟ ବିଷୟକୁ ସ୍ପଷ୍ଟରୂପେ ବର୍ଣ୍ଣନା ନ କରି ବାକ୍ୟଭଙ୍ଗିଦ୍ୱାରା ସୂଚନା କରାଯାଏ, କିମ୍ବା ଯେଉଁଠାରେ କୌଣସି ରମଣୀୟ ବ୍ୟାଜ ଦ୍ୱାରା କାବ୍ୟର ଉଦ୍ଦେଶ୍ୟ ସାଧନ କରାଯାଏ ସେଠାରେ ପର୍ଯ୍ୟାୟୋକ୍ତି ଅଲଙ୍କାର ହୁଏ, ଉଦାହରଣ ଯଥା—
୧ । ନରଗ୍ର ସୁବକେ ପରପତ୍ନୁ ଯହିଁ ଅସୁଖ ଶିକ୍ଷା,
ଭୂଷ ସୁବର୍ଣ୍ଣଙ୍କି ମାନ୍ଧ୍ୟରେ ଦେଇ ବୈଧବ୍ୟ ଦୀକ୍ଷା । ରଧାନାଥ. ଉଷା.
୨ । ଇତ୍ୟାଦାନେ ଦଶ ଯହିଁ ନାଗବେଣୀ,
ଶରଦାନେ ପୁଣି ମରଚକା ବେଣୀ । ରଧାନାଥ. ଚିଲିକା ।

ପର୍ଯ୍ୟାଲୋଚନା—ସଂ. ବି. (ପରି+ଆଲୋଚନା)—
Parjyālochanā ୧ । ପୁନଃ ପୁନଃ ଆଲୋଚନା—
(ପର୍ଯ୍ୟାଲୋଚନ—ଅନ୍ୟରୂପ) 1. Circumspection; attentive observation.
ପର୍ଯ୍ୟାଲୋଚକ } ବିଣ
ପର୍ଯ୍ୟାଲୋଚିତ }
୨ । ବିତର୍କ—
2. Deliberation; reflection.
୩ । ସମାଲୋଚନା—3. Criticism.

ପର୍ଯ୍ୟାସ—ସଂ. ବି. (ପରି+ଅସ୍ ଧାତୁ+ଭାବ. ଅ)—
Parjyāsa ୧ । କ୍ରମ ଭଙ୍ଗ; ଓଲଟ ପାଲଟ ହେବା—

ପର୍ଯ୍ୟସ୍ତ
ପର୍ଯ୍ୟାସିତ } ବଣ 1. Upturning; overturning.
୨ । ପରିବର୍ତ୍ତନ—
(ପର୍ଯ୍ୟାସନ—ଅନ୍ୟରୂପ) 2. Change; revolution.
୩ । କ୍ରମାନୁସାରେ ପରିବର୍ତ୍ତନ—3. Rotation.
୪ । ବିନାଶ—4. Destruction; ruin.
୫ । ବଧ—5. Killing.
୬ । ପତନ—6. Fall.
୭ । ବ୍ୟାପ୍ତି; ବିସ୍ତାର—7. Extension.
୮ । ପରିକ୍ରମା—8. Circumambulation.
୯ । ବେଷ୍ଟନ କରି ବସିବା—9. Sitting round.

ପର୍ଯ୍ୟାହାର—ସଂ. ବି. (ପରି+ଆ+ହୃ. ଧାତୁ=ନେବା+ଭାବ. ଅ)—
Parjyāhāra ଏକ ସ୍ଥାନରୁ ସ୍ଥାନାନ୍ତରକୁ ନେବା—
1. Taking or carrying a thing from one place to another; conveying.
୨ । କାବଡ଼ିକା; ବାହାଙ୍ଗୀ—2. A yoke borne across the shoulder for carrying loads suspended at each end.
୩ । ବୋଝ—3. A load. (M. W.)
୪ । କଳଶ—4. Pitcher. (M. W.)
୫ । ଶସ୍ୟ ସଞ୍ଚୟ—5. Storing grain. (M. W.)

ପର୍ଯ୍ୟୁକ୍ଷଣ—ସଂ. ବି. (ପରି+ଉକ୍ଷ ଧାତୁ+ଭାବ. ଅନ)—
Parjyukshaṇa ୧ । ଶ୍ରାଦ୍ଧ, ହୋମ, ପୂଜା ଆଦି ଉପଲକ୍ଷରେ ମନ୍ତ୍ରପାଠ ପୂର୍ବକ ଚାରିଆଡ଼େ ପାଣି ଛିଞ୍ଚିବା (ହି. ଶ.)—
1. Sprinkling water on all sides by reciting certain formulae.
୨ । ସେଚନ—2. Sprinkling.

ପର୍ଯ୍ୟୁକ୍ଷଣୀ—ସଂ. ବି. (ପର୍ଯ୍ୟୁକ୍ଷଣ+ଈ)—ଯେଉଁ ପାତ୍ରରୁ ଜଳ ନେଇ
Parjyukshaṇi ଚାରିଆଡ଼େ ଛିଞ୍ଚାଯାଏ—
A vessel for sprinkling water.

ପର୍ଯ୍ୟୁତ୍ସୁକ—ସଂ. ବି. ପୁଂ. (ପରି+ଉତ୍ସୁକ)—୧ । ଉତ୍କଣ୍ଠିତ—
Parjyutsuka 1. Very anxious; mentally restless.
(ପର୍ଯ୍ୟୁତ୍ସୁକା—ସ୍ତ୍ରୀ) ୨ । ସମୁତ୍ସୁକ; ଲାଳାୟିତ—
[ପର୍ଯ୍ୟୁତ୍ସୁକତା(ତ୍ୱ)—ବି] 2. Eagerly desirous; longing for.
୩ । ଅନୁରକ୍ତ—3. Attached.
୪ । ଶୋକାକୁଳ—4. Sorrowful; grieved.

ପର୍ଯ୍ୟୁଦୟ—ସଂ. ଅ. (ସଂ. ପର୍ଯ୍ୟୁଦୟଂ; ପରି+ଉଦୟ)—
Parjyudaya ସୂର୍ଯ୍ୟୋଦୟର ସମୀପବର୍ତ୍ତୀକାଳରେ—
About sunrise. (M. W.).

ପର୍ଯ୍ୟୁଦସ୍ତ—ସଂ. ବଣ. [ପରି=ସର୍ବତୋଭାବରେ+ଉତ୍ (ଊର୍ଦ୍ଧ୍ୱ)+
Parjyudasta ଅସ୍. ଧାତୁ=ନିବାରଣ କରିବା+କର୍ମ. ତ]—
(ପର୍ଯ୍ୟୁଦସନ—ବି) ୧ । ନିଷିଦ୍ଧ; ନିବାରିତ—
1. Prohibited; excluded; denied.
୨ । ପରାଜିତ—2. Defeated; vanquished.
୩ । କାମକୁ ନିଆ ଯାଇନଥିବା—3. Rejected.

ପର୍ଯ୍ୟୁଦାସ—ସଂ. ବି. (ପରି+ଉତ୍+ଅସ୍. ଧାତୁ+ଅ)—
Parjyudāsa ୧ । ନିବାରଣ—1. Prohibition.
୨ । ପରାଜୟ—2. Defeat.
୩ । ନିଷେଧାତ୍ମକ ନିୟମ—3. A prohibitive rule.

ପର୍ଯ୍ୟୁପାସନ—ସଂ. ବି. (ପରି+ଉପ+ଆସ୍ ଧାତୁ+ଭାବ. ଅନ)—
Parjyupāsana ୧ । ଚାରିଆଡ଼େ ବସିବା—1. Sitting round.
ପର୍ଯ୍ୟୁପାସିତ
ପର୍ଯ୍ୟୁପାସକ } ବଣ. ୨ । ସେବା—2. Service; attendance; worship.
୩ । କ୍ଷମା ବା ଦୋଷ ମାଗିବା—3. Asking pardon or excuse.
୪ । ବନ୍ଧୁତା—4. Friendliness. (M. W.)
୫ । (+ଅଧିକରଣ) ଯେଉଁଠାରେ ଛାଉଣୀ ପଡ଼ାଯାଏ—
5. Encamping ground. (M. W.)

ପର୍ଯ୍ୟୁପ୍ତି—ସଂ. ବି. (ପରି+ବପ୍ ଧାତୁ=ବୁଣିବା+ଭାବ. ତି)—
Parjyupti ଚାରିଆଡ଼େ ମଞ୍ଜି ବୁଣିବା—Sowing round of seeds.

ପର୍ଯ୍ୟୁଷିତ—ସଂ. ବି. (ପରି+ବସ୍ ଧାତୁ=ବାସ କରିବା+ତ, ଷତ୍ୱ
Parjyushita ବିଧାନ)—୧ । ବାସି; ବାସୀ—1. Stale; not fresh; insipid.
୨ । ପଚା; ସଢ଼ା—
2. Putrid; decomposed; rotten.
୩ । ଯେ କୌଣସି ସ୍ଥାନରେ ରାତ୍ରି ଯାପନ କରିଥାଏ—
3 Having passed the night. (M. W)

ପର୍ଯ୍ୟୁଷିତାନ୍ନ—ଦେ. ବି—ବାସିଭାତ—
Parjyusitānna Rice boiled yesterday.

ପର୍ଯ୍ୟେଷଣ(ଣା)—ସଂ. ବି—(ପରି+ଏଷଣ)—
Parjyeshaṇa (ṇā) ୧ । ଗବେଷଣା; ସବିଶେଷ ଅନୁସନ୍ଧାନ—
1. Investigation.
୨ । ସର୍ବତ୍ର ଅନ୍ୱେଷଣ—2. Thorough search.

ପର୍ଶନ—ଗ୍ରା. ବି. (ସଂ. ପ୍ରଶ୍ନ)—ପ୍ରଶ୍ନ (ଦେଖ)
Parśana Praśna. (See)

ପର୍ଶନ୍ନ ଗ୍ରା. ବଣ. (ସଂ. ପ୍ରସନ୍ନ)—ପ୍ରସନ୍ନ (ଦେଖ).
পরশন্ন Prasanna (See)

ପର୍ଶନାଲ୍ ଅଲାୱାନ୍ସ—ବୈଦେ. ବି. (ଇଂ)—ଦର୍ମା ଛଡ଼ା କର୍ମଚାରୀମାନଙ୍କୁ
Parsanāl ālāwāns ବ୍ୟକ୍ତିଗତ ଭାବରେ ଦିଆଯିବା ଭତ୍ତା—
পার্সনাল আলাউআন্স Personal allowance.

ପର୍ଶନାଲ୍ ଅସିଷ୍ଟାଣ୍ଟ—ବୈଦେ. ବି. (ଇଂ)—ଉଚ୍ଚ କର୍ମଚାରୀ ବା ରାଜାଙ୍କ
Parsanāl āsishṭāṇṭ ଅଧୀନ ସହାୟକ କର୍ମଚାରୀ—
(ପର୍ଶନାଲ୍ କ୍ଲର୍କ—ଅନ୍ୟରୂପ) Personal assistant.

ପର୍ଶନାଲ୍ ଡିକ୍ରୀ(ଗ୍ରୀ)—ବୈଦେ. ବି. (ଇଂ)—ସମ୍ପତ୍ତି ଉପରେ ଯେଉଁ ଡିଗ୍ରୀ
Parsanāl dikri (gri) ହୁଏ ନାହିଁ ବ୍ୟକ୍ତି ଉପରେ
পার্সনাল ডিগ্রী ହୁଏ—Personal decree.

ପର୍ଶୁ(ଇତ୍ୟାଦି)—ସଂ. ବି—ପରଶୁ (ଇତ୍ୟାଦି)
Parśu(etc) Paraśu etc. (See)

ଦେ. ବ—ପରଶୁରାମର ଡାକ ନାମ—
Name for calling 'Paraśurāma.

ପର୍ଶୁକା—ସଂ. ବ. (ପର୍ଶୁ+କ+ସ୍ତ୍ରୀ. ଆ)—ପଞ୍ଜରାସ୍ଥି; ପଞ୍ଜରା ହାଡ଼—
Parśukā Rib.

ପର୍ସେଣ୍ଟ—ବୈଦେ. ଅ (ଇଂ)—ଶତକରା; ଅନୁପାତ ଅନୁସାରେ ଶହକେ
Parsent ଏତେ—Per cent.
पारसेण्ट पारसेंट

ପର୍ସେଣ୍ଟେଜ୍—ବୈଦେ. ବ (ଇଂ)—ଅନୁପାତ ଅନୁସାରେ ଶହକେ କେତେ
Parsentej ହେବ ଏଥିର ହିସାବ—Percentage.
पार्सेन्टेज पर्सेंटेज

ପର୍ଶ୍ୱଧ—ସ. ବ—ପରଶ୍ୱଧ (ଦେଖ)
Parśwadha Paraśwadha (See)

ପର୍ଷଦ୍—ସ. ବ (ପୃଷ୍ ଧାତୁ=ପ୍ରୀତ କରିବା+ଅଧିକରଣେ. ଅଦ୍;
Parshad ଯେଉଁଠାରେ ଲୋକମାନଙ୍କୁ ପ୍ରୀତ କରାଯାଏ)—ପରିଷଦ୍;
ସଭା - Association; society; assembly.

ପର୍ଷଦ୍ବଳ—ସ. ବ (ପର୍ଷଦ୍+ଯୋଗ୍ୟାର୍ଥେ. ବଳ)—ସଭାସଦ—
Parshad-bala Member of a society.

ପର୍ଷା—ପ୍ରାଦେ (ସମ୍ବଲପୁର) ବ—ପରଷା (ଦେଖ)
Parshā Parashā (See)

ପର୍ଷିବା—ଗ୍ରା. କ୍ରି—ପରଷିବା (ଦେଖ)
Parshibā Parashibā (See)

ପର୍ସନ୍—ଗ୍ରା. ବଣ (ସ. ପ୍ରସନ୍ନ)—ପ୍ରସନ୍ନ (ଦେଖ)
Parsan Prasanna (See)

ପର୍ସା (ଇତ୍ୟାଦି)—ଗ୍ରା. ବ—ପରସା ଇତ୍ୟାଦି (ଦେଖ)
Parsā (etc) Parasā etc (See)
(ପର୍ସାବ—ଅନ୍ୟରୂପ)

ପର୍ସାଦ—ଗ୍ରା. ବ (ସ. ପ୍ରସାଦ)—ପ୍ରସାଦ (ଦେଖ)
Parsāda Prasāda (See)

ପଲ୍ (ଧାତୁ)—ସ—୧ । ଗମନ କରିବା—1. To go.
Pal (root) ୨ । ରକ୍ଷା କରିବା—2. To save.

ପଲ୍—ବୈଦେ. ବ (ହେବ୍ରୁ. ନାମ)—ସେଣ୍ଟ ପଲ୍; ବାଇବଲ୍ ଲିଖିତ
Pal ମହାପୁରୁଷ—Saint Paul.
पाल पल [ଦ୍ର—ଏ ମହାତ୍ମା ଇଂଲଣ୍ଡର ରକ୍ଷକ ମହାତ୍ମାରୂପେ ପୂଜିତ
ହେଉଅଛନ୍ତି । ଏହି ଶବ୍ଦକୁ ବାଇବଲର ଓଡ଼ିଆ ଅନୁବାଦକ 'ପାଉଲ୍'
କରିଅଛନ୍ତି ।]

ପଲ୍‌ବିବା—ପ୍ରାଦେ (ସମ୍ବଲପୁର) କ୍ରି—ପଲାଇବା (ଦେଖ)
Pal-bibā Palabibā (See)

ପଲ—ସ. ବ (ପଲ୍ ଧାତୁ=ଗମନକରିବା+କରଣ. ଅ)—୧ । ଓଜନରେ
Pala ଚାରି କର୍ଷ ପରିମାଣ; ଚାରି ତୋଳା ପରିମାଣ—
1. A weight of 4 tolas.
[ଦ୍ର—୧ ସେର=୨୦ ପଲ, ୧ ବିଶା=୨୫ ପଲ ।]
୨ । (+କର୍ତ୍ତ୍ରି. ଅ ମୁହୂର୍ତ୍ତ; ସୂକ୍ଷ୍ମ କାଳ; ୬୦ ବିପଳ—
2. Moment; 24 seconds.
[ଦ୍ର—୧ ଦଣ୍ଡ=୬୦ ପଲ, ୧ ପଲ=୬୦ ବିପଲ ।]
୩ । ଆମିଷ; ମାଂସ—3. Flesh; meat.
୪ । (+ଭାବ. ଅ) ପ୍ରତାରଣ—4. Cheating.
୫ । ଚଳନ—5. Moving; motion.
୬ । ପାଲ; ଲୁଠା; ଶସ୍ୟହୀନ ତୃଣ—6. Straw after
threshing; straw shorn of grains
୭ । ଗତି (ହି. ଶ.) 7. Movement.
୮ । ମୂର୍ଖ ବ୍ୟକ୍ତି (ହି. ଶ.)—8. A dunce.
୯ । ତରାଜୁ; ତୁଳାଯନ୍ତ୍ର (ହି. ଶ.)—9. Balance; scales.

ପଲ—ଦେ. ବ (ସଂ. ଦଲ)—୧ । ଏକଜାତୀୟ ଜୀବଙ୍କ ସମୂହ—
Pala 1. A herd of animals.
दल झुंड ମହିଷାଲେ ଯହୁଁ ଉର୍ଜ୍ଜନେ ଚରନ୍ତି ମହିଷ-ପଲ—ରାଧାନାଥ. ଋଷା ।
(ପଲ୍ହି; ପଲ୍ଲ—ଅନ୍ୟରୂପ) ୨ । ଦଲ; ପଙ୍କ୍ତି—2. Crowd; flock.
୩ । ପଶୁଙ୍କ ଦଲ—3. A herd of beasts.
[ଦ୍ର—ଭିନ୍ନଭିନ୍ନଜାତୀୟ ଜୀବଙ୍କ ପଲକୁ ଭିନ୍ନଭିନ୍ନ ନାମରେ,
ଡକାଯାଏ—ଚଢ଼େଇ, କୁକୁର, ମାକଡ଼, ଗୋରୁ, ଛେଳି, ହରିଣ,
ମହିଷଙ୍କ ପଲ । ବାଛୁରୀ, ଗୋରୁ, ମହିଷଙ୍କ ଗୋଠ । ମନୁଷ୍ୟ
ସ୍ତ୍ରୀପୁରୁଷଙ୍କ ପଲ ବା ସାହଣ ବା ଫଉଜ । ଯାତ୍ରୀ, ନାଟବାଲାଙ୍କ ଦଳ
ପଙ୍କ୍ତି ବା ମେଳ । ଯାତ୍ରୀ ଓ ମାଛଙ୍କ ସାହଣ ବା ଖେଦା । ମାଛ
ଜାଆଁଳଙ୍କ ମଜା । ପିଲାଙ୍କ ଖାଉଡ଼, ଗୋଠ । କୁମ୍ଭୀର, ସାପ,
ବାବାଜୀଙ୍କ ମେଳ, ଭେଳା, ମେଳା । ଜଳା, ପିମ୍ପୁଡ଼ି ଓ ତେଲୁଣୀ
ପୋକ ଆଦି କ୍ଷୁଦ୍ର ଜୀବଙ୍କ ମଲା, ମଜା ।]
୪ । ସମୂହ—4. Multitude.
ଶଲଭ ପଲ ଅଶ୍ୱତ୍ଥାମା ଶରପଲ ବାହାରିଲେ ମାରିବା ପାଇଁ ଯୋଦ୍ଧା ଭଲ—
କୃଷ୍ଣସିଂହ ମହାଭାରତ ଦ୍ରୋଣ ।

ପଲଉ—ବୈଦେ. ବ (ଫା ପଲୱ୍; ତୁଲ. ସଂ. ପଲାନ୍ନ, ପୁଲାକ=ମାଂସ
Palau ମିଶ୍ରିତ ଅନ୍ନ)—ଆମିଷ ମିଶ୍ରିତ ଘୃତପକ୍ୱ ଅନ୍ନ—Rice
पलाओ boiled with meat and ghee.
पुलाव, पलाव ପଲଉ କଳା ଦନେ ବ ଖାଉଛ ଗତ—
(ପଲାଉ—ଅନ୍ୟରୂପ) କୃଷ୍ଣସିଂ. ମହାଭାରତ. ସଭା ।

ପଲକ—ଦେ. ବ (ସ. ପଲ+କ—ହି. ଶବ୍ଦସାଗର ଓ ଯୋଗେଶଚନ୍ଦ୍ର;
Palaka ଆଖିର ନିମେଷଦ୍ୱାରା 'ପଲ' ନିରୂପିତ ହେଉଥିବାରୁ;
पलक ୨୫ ନିମେଷ=୧ପଲ; ଫା. ପଲକ୍—ପ୍ରକୃତିବାଦ ଓ
पलक ଜ୍ଞାନେନ୍ଦ୍ର)—୧ । ଆଖି ପିଛୁଡ଼ିବାର ସମୟ; ନିମେଷ;
କ୍ଷଣମାତ୍ର—1. A moment; twinkle.
ପଲକେ ପଲକେ ମୁଁ ପ୍ରିୟଙ୍କ ଅଙ୍କେ କଣ ଚୋହିଥିଲେ ହିତ—କବିସୂର୍ଯ୍ୟ. ସଙ୍ଗୀତ
୨ । ଆଖି ପିଛୁଡ଼ିବା—
2. Wink; twinkling of the eye.
୩ । ଆଖିପତା—3. Eyelid.
ପରମ ପଲକ ପକ ଉଙ୍କେ—ଉକ୍ତ. ପ୍ରେମସୁଧାନିଧି ।

ପଲକ ପକା(କେ)ଇବା—ଦେ. କ୍ରି—୧ । ଆଖି ବୁଜି ଫିଟାଇବା—
Palaka pakā (ke)ibā 1. To wink; to twinkle.
पलक फेंका ୨ । ଆଖି ବୁଜିବା—
पलक गिराना 2. To close the eyelid.

ପଲକ ପିଚ୍ଛୁଡ଼ିବା—ଦେ. କ୍ରି—ପଲକପକାଇବା ୧ (ଦେଖ)
Palaka pichhārdibā Palaka pakāibā (See)

ପଲକ ରହିତ—ଦେ. ବଣ—ନିର୍ନିମେଷ—
Palaka rahita Winkless.
(ପଲକହୀନ—ଅନ୍ୟରୂପ)

ପଲକା(କୁ)ପଲ—ଦେ. କ୍ରି. ବିଣ—ପଲ ପଲ; ଏକଦଳ ପରେ ଅନ୍ୟ
Palakā(ku)pala ଦଳ, ଏହିପରି ଅନେକ; ଦଳଦଳ ହୋଇ;
ଦଲେ ଦଲେ ଅନେକ ଦଳ—Herd after herd; in nu-
झुंड के झुंड merous herds; following each other in flocks.

ପଲକ୍ଷ—ସ. ବିଣ—ଶ୍ୱେତ; ଧବଳ (ହି. ଶବ୍ଦସାଗର)
Palaksha White.
ସଂ. ବି—ଧଳାରଙ୍ଗ—White colour.

ପଲକ୍ଷାର—ସଂ. ବି (ପଲ=ମାଂସ+କ୍ଷର୍ ଧାତୁ=କ୍ଷରିବା+କର୍ତ୍ତୃ. ଅ;
Palakshāra ଯାହା ମାଂସରୁ କ୍ଷରେ)—ଶୋଣିତ; ରକ୍ତ—Blood.

ପଲଖ (ଖା)—ଦେ ବି (ସଂ. ପଲ=କୁଟା; କୁଟାପରି ଅସାର ଥିବାରୁ)—
Palakha (khā) କାଠର ଉପରେ ଗୁଡ଼ିଅଛେ ଛାଲ ତଳେ
(ମଞ୍ଜି—ବିପରୀତ) ଥିବା ଅସାର ଅଂଶ—The unsubstan-
पलकाकाठ tial or soft part round a timber below the bark.

ବୃକ୍ଷର ପଲଖେ ସିନା ମଞ୍ଜ କରେ ଭର—ଜଗନ୍ନାଥ. ଚନ୍ଦ୍ରମାଦିତ୍ୟ ।

ପଲଗଣ୍ଡ—ସଂ. ବି—ରାଜମିସ୍ତ୍ରୀ—
Palaganda Mason.

ପଲଙ୍କ—ଦେ. ବି (ସଂ. ପଲ୍ୟଙ୍କ)—ପର୍ଯ୍ୟଙ୍କ; ଖଟ—
Palanka Bedstead; couch.
पालङ्क ପଲଙ୍କେ ଶୁଅନ୍ତି ଯମା ଏବେକ ବହୁ—ପ୍ରଚୀ. ଶିଶୁଶଙ୍କର ଭୃଷାଅଭିଳାଷ ।
पलंग
[ଦ୍ର—ଖଟରେ ବାଡ଼ ନ ଥାଏ । ପଲଙ୍କରେ ବାଡ଼ ଥାଏ ।
ଗଛ ପଲଙ୍କରେ ମଶାରିଝୁଣ୍ଟା ଓ ଛତ ଥାଏ ।]

ପଲଙ୍କ ଚଉକୀ—ପ୍ରାଦେ (ଗଡ଼ଜାତ) ବି—ରାଜା ଶୋଇଲାବେଳେ ତାଙ୍କ
Palanka chauki ପଲଙ୍କ ପାଖରେ ପହରାଦେବା ଜଗୁଆଳି—
(ପଲଙ୍କଚୌକି—ଅନ୍ୟରୂପ) A watchman who keeps watch near the bedstead when a Raja is asleep.

ମଲସୃବସନ୍ତ ରଜାଙ୍କ ପଲଙ୍କ ଚୌକୀ ହୋଇଥାଏ—ଅଟଣୀ ଚନ୍ଦ୍ରମାର ଚରିତ ।

ପଲଙ୍କ ଚା—ଦେ. ବି—ଭାରତବାସୀ ସାହେବମାନେ ସକାଳୁ ନିଦ୍ରା ତ୍ୟାଗ
Palanka chā କରି ବିଛଣା ଛାଡ଼ି ଉଠି ଆସିବା ପୂର୍ବରୁ ବିଛଣାରେ
पालङ्क चा ଥାଇ ଯେଉଁ ଚା ପିଆନ୍ତି—The cup of tea
पलंग चा (taken by Europeans in India) before leaving the bed in the morning.
ପଲଙ୍କ ଚୁଆ } ଅନ୍ୟରୂପ
ପଲଙ୍କ ଚୁହା }

ପଲଙ୍କଟ—ସ. ବିଣ. (ପଲ=ମାଂସ+କଟ୍ ଧାତୁ=ସଙ୍କୁଚିତ ହେବା+
Palankata କର୍ତ୍ତୃ. ଅ; ଯଙ୍କୁ ଦେଖି ଯାହାର ମାଂସ ସଙ୍କୁଚିତ ହୁଏ)—୧ । ଭୟାଳୁ—1. Timid (Apte).
୨ । ଲାଜକୁଳା—2. Bashful (Apte).

ପଲଙ୍କ ପିଠି—ଦେ. ବି—ପଲଙ୍କ ପରି ଚଉଡ଼ା ପିଠି—
Palanka pithi Broad back (compared to a
पालङ्क पिठि पलंगका दसापीठ bedstead).

ପଲଙ୍କ ପିଠିଆ—ଦେ. ବିଣ—ଯାହାର ପିଠି ପଲଙ୍କ ପିଠି ପରି ଚଉଡ଼ା
Palanka pithiā (ଘୋଡ଼ା)—Broad-backed (horse).
पालङ्क पिठे पलंगकाएसा पीठवाला

ପଲଙ୍କଷ—ସ. ବି. ପୁଂ. (ପଲ=ମାଂସକୁ+କଷ୍ ଧାତୁ; ହିଂସା କରିବା
Palankasha +କର୍ତ୍ତୃ. ଅ)—ରାକ୍ଷସ—Demon.

ପଲଙ୍କଷା—ସ. ବି. ସ୍ତ୍ରୀ. (ପଲଙ୍କଷ+ସ୍ତ୍ରୀ. ଆ)—୧ । ରାକ୍ଷସୀ—
Palankashā 1. A demoness.
(ପଲଙ୍କଷୀ—ଅନ୍ୟରୂପ) ୨ । ମକ୍ଷିକା—2. Flea.
୩ । କିଂଶୁକ; ପଳାଶ—3. Brutea Frondosa tree.
୪ । ଲାଖ; ଲାକ୍ଷା—4. Shellac.
୫ । କ୍ଷୁଦ୍ର ଗୋକ୍ଷୁର—
5. A medicinal herb; Tribulus Terrestris.
୬ । ରାସ୍ନା; ଏକ ପ୍ରକାର ଅମୃତଗଛର ନିର୍ମଳୀ—
6. Vanda Roxburghii.
୭ । ଗୁଗ୍ଗୁଳ—7. Bdellium.

ପଲଛି—ପ୍ରଦେ. (ବାମଣ୍ଡା) ବି—ଗୃହ—
Palachhi Lean-to.

ପଲଟଣ—ବୈଦେ. ବି. (ଇଂ. ପ୍ଲାଟୁନ୍; ଫାଟେଲିଅନ୍; ଉର୍ଦ୍ଦୁ. ପଲଟନ୍,
Palatana ଭୁଲ. ଫା. ବଟେଲନ୍)—୧ । ସୈନ୍ୟଦଳ—
पलटन पलटन 1. Army; regiment; battallion.
(ପଲଟନ—ଅନ୍ୟରୂପ) ୨ । ସୈନ୍ୟ—2. Soldier.
(ଯଥା—କଳା ପଲଟଣ, ଗୋରା ପଲଟଣ, ଜଙ୍ଗୀ ପଲଟଣ ।)

ପଲଟଣିଆ(ଆଁ)—ଦେ. ବିଣ—ପଲଟଣ ସମ୍ବନ୍ଧୀୟ—
Palataniā(ān) Regimental; belonging to or
पलटने पलटनिया pertaining to the army; military.
(ପଲଟନିଆ[ଆଁ]—ଅନ୍ୟରୂପ) (ଯଥା—ପଲଟଣିଆ ସାହେବ, ପଲଟଣିଆ ଡାକ୍ତର ।)

ପଲତା—ପ୍ରାଦେ. (ମେଦନୀପୁର) ବି—୧ । (ସ. ପଟ୍ଟ) ଝୋଟ ଗଛ—
Palatā 1. Jute plant.
पलता ୨ । (ସ. ପଟୋଲ) ପୋଟଳପତ୍ର ଓ ଲତା—
परवल 2. The Patola creeper and leaves.
୩ । ଲମ ଓ ପଣାରୁଣୀ ଆଦି ପତ୍ରକୁ ବାଟି ଚହିଁରେ ପରିବା ମିଶାଇ
ରନ୍ଧାଯିବା ଝୋଳ ତରକାରି—3. A gruelly soup made by boiling some pasted leaves.

ପଲନ୍ତି—ପ୍ରାଦେ. (ବାଲେଶ୍ୱର) ବି—୧ । ପକ୍କାକୋଠା କିମ୍ବା ଅନ୍ୟ କୌଣସି
Palanti ବସ୍ତୁ ଉପରେ ଜନ୍ମିଥିବା ସବୁଜ ଉଦ୍ଭିଜ୍ଜ ପଦାର୍ଥ; ଶିଉଳି—1. Moss.
୨ । ପୁରୁଣା ମାଛ, କଙ୍କଡ଼ା ପ୍ରଭୃତି ଦେହରେ ବସିଥିବା ଖସଡ଼ା
ଆବରଣବିଶେଷ—2. A mossy growth found over very old fishes, crabs etc.

ପଲପଲ—ଦେ. ଅ—ପଲକାପଲ (ଦେଖ)
Palapala Palakāpala (See)
(ପଲେ ପଲେ—ଅନ୍ୟରୂପ) ଅସିବେ ଚଉଡ଼, ଦୂର୍ବ ଚେତେଇବଳ ଶିରୋମଣି ସେରେ ପଲେପଲେ – ଭଧାଜାଅ. ମହାଯାତ୍ରା ।

ପଲ(ଲ)ବ—ସଂ. ବ. (ପଲ=ଆମିଷ+ବା ଧାତୁ=ପାଇବା+କରଣେ. ଅ)—ପୋଲୁହ; ମାଛଙ୍କୁ ମାଡ଼ିବସିବାର ବାଉଁଶ ପାଉଁଆ ନିର୍ମିତ ଯନ୍ତ୍ରବିଶେଷ—A basket-like contrivance for catching fish by pouncing upon them.
Pala(la)ba
ପଲୋ
ଝାବା
ଗ୍ରା. ବ. (ସଂ. ପଲ୍ଲବ)—ପତ୍ର—Leaf.

ପଲବିବା—ଦେ. କ୍ରି. (ପଦ୍ୟ) (ସଂ. ପଲ୍ଲବିତ)—୧ । (ଗଛରୁ) ପତ୍ର କଅଁଳିବା; ଭୁଅଁ ଦେବା; ପଲ୍ଲବିତ ହେବା—
Palabibā
ପଲବା 1. (a tree) To shoot forth; to bring forth
ପଲ୍ଲବନା (ପଲ୍ଲବିବା—ଅନ୍ୟରୂପ) leaves and shoots.
୨ । ଉଦ୍ରିକ୍ତ ହେବା—2. To be excited.
୩ । ଅଗ୍ରସର ହେବା—3. To advance.
୪ । ବୃଦ୍ଧି ପ୍ରାପ୍ତ ହେବା—4. To increase.

ପଲମ—ଦେ. ବ—ବଡ଼ ଶରା;ମାଟିର ତେଲଭଣୀ; ହାଣ୍ଡି ମୁହଁର ଘାଙ୍କୁଣୀ—
Palama A shallow concave earthen pan used as a
ସରା ढक्कन, चपनी cover for earthen pots and as a frying pan.

ପଲମ ପେଟା—ଦେ. ବଣ—ଯାହାର ପେଟ ପଲମ ପରି ଚଉଡ଼ା ଓ ଫୁଲିକା—Pot-bellied.
Palama petā
(ପଲମ ପେଟେଇ, ପଲମ ପେଟୀ—ସ୍ତ୍ରୀ)
(ପଲମ ପେଟୁଆ, ପଲମ ପେଟୁଆ—ଅନ୍ୟରୂପ)

ପଲଲ—ସଂ. ବ. (ପଲ୍ ଧାତୁ+ସଂଜ୍ଞାର୍ଥେ. ଅଲ)—୧ । ମାଂସ—
Palala 1. Flesh; meat.
୨ । ପଙ୍କ—2. Mud; mire.
୩ । ନଦୀ ପ୍ରଭୃତିର ପଙ୍କ—3. Alluvial deposit.
୪ । ତିଲ ଓ ଚିନିବାଦ୍ୟ ପ୍ରସ୍ତୁତ ମିଷ୍ଟାନ୍ନବିଶେଷ; ଖଜା—
4. A kind of sweetmeat.
୫ । (ପଲ=ମାଂସ+ଲା ଧାତୁ, ଗ୍ରହଣ କରିବା+ଅ) ରାକ୍ଷସ—
5. A demon.

ପଲଲାଶୀ—ସଂ. ବଣ. ପୁଂ. (ପଲଲ+ଅଶ୍ ଧାତୁ=ଖାଇବା+କର୍ତ୍ତୃ. ଇନ୍; ୧ମା. ୧ବ.)—ମାଂସାଶୀ—Carnivorous;
Palalāśi
(ପଲଲାଶିନୀ—ସ୍ତ୍ରୀ) flesh-eating.

ପଲଲୀୟ ଉପାଦାନ—(ଆଧୁନିକ ବିଜ୍ଞାନ ପରିଭାଷା)—ଯେଉଁ ଖାଦ୍ୟରେ ମାଂସର ଉପକରଣମାନ ଥାଏ—
Palaliya upādāna
Carbohydrates.

ପଲସ୍ତରା—ବୈଦେ. ବ. (ଇଂ. ପ୍ଲାଷ୍ଟର)—
Palastarā ଗୃହର କାନ୍ଥ ଉପରେ ପତଳା ସ୍ତରରେ ମାଟି ବା
(ପଲସ୍ତା—ଅନ୍ୟରୂପ) ଚୂନର ଲେପ—Plastering.
ପଲସ୍ତାରା पलस्तर

ପଲସ୍ତରା କରିବା—ଦେ. କ୍ରି—ଘରର କାନ୍ଥରେ ସମତଳ ଭାବରେ ମାଟି ବା ଚୂନର ସ୍ତର ବୋଳିବା—
Palastarā karibā
ପଲସ୍ତାରା କରା To plaster the wall with mud
पलस्तर करना or me.

ପଲସ୍ତୀ—ବୈଦେ. ପ୍ରାଦେ. (ଗଞ୍ଜାମ) ବ. (ଇଂ. ପ୍ଲାଷ୍ଟର; ତେ. ପାଲାସ୍ତ୍ରୀ)—
Palasti ୧ । ଡାକ୍ତରମାନଙ୍କ ବ୍ୟବହୃତ ପୋଲ୍‌ଟିସ୍—
1. Plaster; poultice.
୨ । ମଲମ—2. Ointment; liniment.

ପଲା—ଦେ. ବ. (ସଂ. ପରିମାଣ ବାଚକ ପଲ; ଭୁଲ. ସଂ. ପଳସ=ଜଳ ପାତ୍ର)—ଭାଣ୍ଡ ମଧ୍ୟରୁ ତେଲ ଘିଅ ଆଦି ଉଠାଇବା ନିମନ୍ତେ ବ୍ୟବହୃତ ଏକ ପ୍ରକାର ଲୁହା ଚାମୁଚ୍ (ଏଥିରେ ଦଣ୍ଡ ବା ବେଣ୍ଟ ପାତ୍ରଠାରୁ ସମକୋଣ ହୋଇ ଉପରକୁ ଉଠି ଥାଏ)—A spoon or ladle with an upright handle for lifting oil, ghee etc from a jar.
Palā
ପଳା
पली, कोइया
କ୍ରି. (ପଳାଇବା କ୍ରିୟାର ଅନାଦରାର୍ଥକ ଅନୁଜ୍ଞା ଦ୍ୱିତୀୟ ପୁରୁଷରେ ରୂପ)—ତୁ ପଳାଇ ଯା—(Thou) Go away; be gone.
ପାଳା
भागो
(ଯଥା—ମୋ କୁକୁଡ଼ି ଭାଇ ଦୁଷ୍ଟ—କହୁଣି ମାରେ ଭୁଟୁ ଭୁଟୁ, ଦୂର ପଳା ଦୂର ପଳା—ଶିଶୁ ଗୀତ ।)

ପଲା—ଦେ. ବ. (ସଂ. ପର୍ଣ୍ଣଶାଳା; ସଂ. ପଲ୍ଲୀ; ଭୁଲ. ତେ. ପଲ୍ଲ)—
Palā ୧ । ପତ୍ର କୁଡ଼ିଆ; ପର୍ଣ୍ଣଶାଳା—1. A hut made of
ପାତାରକୁଁଡ଼େ झोंपड़ी, पत्तनकुटी leaves.
ସେହି ବ୍ୟକ୍ତି·········ଅଛାର ପଲାକୁ ବାହାର ଅର୍ପିଲେ । ଗୋଥାନାଥ. ଦଟେଖ ।
୨ । କ୍ଷୁଦ୍ର କୁଡ଼ିଆ—2. A tiny hut.
୩ । କ୍ଷୁଦ୍ର ଘର; କୁଡ଼ିଆ—3. Cottage.
पाल्ला, पलड़ा ୪ । (ସଂ. ପଲ) ତରାଜୁର ଦୁଇ ପାଖରେ ଥିବା ପାତ୍ର—
ପାଲ୍ଲା 4. The scale pans of a balance.
ପ୍ରାଦେ. ୧ । (ସମ୍ବଲପୁର) ବ—ତୁଷାର; କାକର—Dew.
୨ । (ଗଞ୍ଜାମ)—ତଳି; ଗୁଳ୍ମଗଛ—Seedling.
(ଯଥା—ଧାନପଲା=ଧାନତଳି)
୩ । (ଗଡ଼ଜାତ)—ବାଘ ଆଦି ହିଂସ୍ର ଜନ୍ତୁଙ୍କୁ ଶିକାର କରିବାକୁ ଶିକାରୀ ଲଗି ରହିବା ପାଇଁ ଭୂମିରେ ଖୋଳାଯାଇ ଡାଳ ପତ୍ର ଆଦିରେ ମୁହଁ ଘୋଡ଼ା ଯାଇଥିବା ଗାତ—
A pit dug in the ground and covered over with twigs and leaves under which a hunter lies in ambush.
୪ । (ସିଂହଭୂମ) ବଣ—କ । ପୋଲା; ଫମ୍ପା—1. Hollow.
ଖ । ମାଗଣା; ମୋଫତ୍—2. Got gratis.

ପଲାଇ—ଦେ. ବ.—(ସଂ. ଗୋ-ପାଳକ)—
Palāi
ପଲେଇ } ଅନ୍ୟରୂପ ୧ । ଗଉଡ଼ମାନଙ୍କ ଜାତିର ପ୍ରଧାନ ବ୍ୟକ୍ତି—
ପଲେ } 1. The headman of cowherds.
୨ । ଗଉଡ଼ମାନଙ୍କର ବଂଶଗତ ଉପାଧିବିଶେଷ—
2. A family-title of cowherds.

୩ । ପୋଲେଇ; ରଜାଙ୍କର ଭୃତ୍ୟବିଶେଷଙ୍କ ଉପାଧି—
3. Title of a class of servants of a Raja.

ପଳା(ଳେ)ଇ ପଶିବା—ଦେ. କ୍ରି—ଭୟରେ ବିପଦରୁ ପଳାଇ ଯାଇ ଅନ୍ୟତ୍ର
Pala(le)i pasiba ଆଶ୍ରୟ ନେବା—To flee from
ପାଳିୟେଟୁକା danger and take shelter in some
ପଲାକର छीपना place in fear; to take refuge.
ପଳାଇ ପଶିଲି ମାଉସୀ ଘରେ
ମାଉସୀ ମାରଇ ବଡ଼ହରେ—ଢଗ ।

ପଳା(ଳେ)ଇବା—ଦେ. କ୍ରି. (ସଂ. ପଳାୟନ)—
Pala(le)iba ୧ । ପଳାୟନ କରିବା—1. To fly away;
ପଳାନ, ପାଳାନ भागना, पलाना to flee.
୨ । ଅନ୍ତର୍ହିତ ହେବା; ଲୋପ ପାଇବା—
2. To disappear.
ସେ ମୃଗ ପ୍ରଭୁଙ୍କ ମହିମା ଦେଖି ପଳାଇ ଦୂରେ ଯାଇଲା ।
ଅଧ୍ୟାତ୍ମ ରାମାୟଣ, ଉତ୍ତରକାଣ୍ଡ ।
୩ । (ପାଳିବା କ୍ରିୟାର ପ୍ରୟୋଜକ ରୂପ)—
ପାଳାନ ଅନ୍ୟ ଦ୍ୱାରା ପାଳନ କରାଇବା—3. To cause to be
पलवाना brought up or reared by another.
ପ୍ରାଦେ. (ଗଞ୍ଜାମ) କ୍ରି—୧ । କୌଣସି ସ୍ଥାନରୁ ଚାଲି ଯିବା—
1. To depart; to go away from a place.
୨ । ଦ୍ରୁତଗତି କରିବା—2. To move swiftly.

ପଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି. (ଳ ସ୍ଥଳରେ ଲ ଉଚ୍ଚାରଣ)—
Palaiba ପଳାଇବା (ଦେଖ)—Palaiba (See)

ପଳା(ଳେ)ଇ ଯିବା—ଦେ. କ୍ରି—ଦ୍ରୁତ ଗତିରେ କୌଣସି ସ୍ଥାନ ତ୍ୟାଗ
Pala(le)i jiba କରିବା—To run away from a place.
ପାଳିୟେ ଯାଓୟା भागजाना, पलाजाना

ପଲାଉଣି—ଦେ. ବି. (ସଂ. ପଳାୟନ)—
Palauni ଦ୍ରୁତ ଗତିରେ କୌଣସି ସ୍ଥାନ ତ୍ୟାଗ କରି ଚାଲିଯିବା—
ପାଳାନ पलाना, दवाना Fleeing away; swift motion.
ସେ ସରସ ପଳାଉଣି ବେଳ ବଳା କଳାପ କମ୍ପିଣୀ ଭବ ।
କବିସୂର୍ଯ୍ୟ, ସଙ୍ଗୀତ ।

ପଲାଓ(ଉ)—ବୈଦେ. ବି. (ଫା)—ପଲାଉ (ଦେଖ)
Palao(u) Palau (See)
× × × × ତୋଷମାନଙ୍କ ଖାନା ପଲାଓ ସକାଳେ ଏକଣ ଠକା ବଢ଼ନ୍ତ ହେବ—
ପଦ୍ମାବତୀ ଉପାଖ୍ୟାନ, ଛମାଣ ଆଠଗୁଣ୍ଠ ।

ପଲାଗ୍ନି—ସଂ. ବି. (୬ଷ୍ଠୀ ତତ୍; ପଲ=ମାଂସ+ଅଗ୍ନି; ମାଂସର ଅଗ୍ନି
Palagni ସ୍ୱରୂପ)—ପିତ୍ତ—Bile.

ପଲାଙ୍ଗ—ସଂ. ବି. (ବହୁବ୍ରୀହି; ପଲ=ମାଂସ ପ୍ରଧାନ ଅଟେ ଅଙ୍ଗ ଯାହାର)
Palanga ଶିଶୁମାର; ଶୁଶୁକ—A purpoise.

ପଲାଞ୍ଚିଆ—ଦେ. ବି. (ସଂ. ପଲ୍ୟାୟଣ)—ହାତୀର ସାଜବିଶେଷ—
Palanchia A kind of elephant's saddle.
ହାତୀରେ ଥିବାର ଅଙ୍କୁଶିକୁ ଘୋଡ଼ର ପଲାଞ୍ଚିଆ ଘଞ୍ଜିଅ ମାଠ ।
ତୁଳସୀଦାସ, ସମରତରଙ୍ଗ ।

ପଲାଣ—ଦେ.ବି. (ସଂ. ପର୍ଯ୍ୟାଣ, ପଲ୍ୟାଣ, ପ୍ରା. ପଲ୍ଲାଣ)—
Palana ୧ । ଯୋଡ଼ଥିବା ବଳଦଙ୍କ ପିଠିରେ ଲଦାଯିବା ଅଖାର ଆସ୍ତରଣ-
(ପଲ୍ଲାଣ—ଅନ୍ୟରୂପ) 1. Pack-saddle.
ପାଲାନ ପର୍ଣ୍ଣ ପଲ୍ଲାଣ ବଳଦ ଆଣିଥିଲେ, ତାହା ଭଦ୍ର ଖାଇଯାଇ ପଡ଼ଇ ।
पालान ପଦ୍ମପୁରାଣ-ଗଣ୍ଡସ୍ଥଳ ।
୨ । (ସଂ. ପଲ୍ୟାୟଣ) ହାତୀ ଉପରେ ପଡ଼ିବା ଅଖାର ଗଦି, ଯାହା
ଉପରେ ହାଉଦା କସାଯାଏ—
2. Pack-saddle for elephant.
୩ । ଯୁଦ୍ଧସଜ୍ଜା; ସେନା ସାଜିବା—
3. Battle-array; preparing soldiers for battle.
ପ୍ରାଦେ (ଗଞ୍ଜାମ) ବି—ନବ ପ୍ରସୂତ ଗାଈଙ୍କ ପ୍ରସବ ଦ୍ୱାରରୁ
ଫୁଙ୍କିବା; ଗାଈଙ୍କୁ ଧରିବା—Blowing air into the
abdomen of a newly delivered milch cow.

ପଲାଣିବା—ଦେ. କ୍ରି (ସଂ. ପର୍ଯ୍ୟାଣ)—
Palaniba ୧ । ଥୋଡ଼ ବଳଦ ଉପରେ ପଲାଣ ଲଦିବା—
ପାଲାନକସା 1. To put the pack saddle on the back
पलानना of a pack-bullock.
୨ । ଘୋଡ଼ା ପିଠିରେ ଜିନ୍ ଓ ହାତୀ ପିଠିରେ ଗଦି ଲଦିବା—
2. To put the saddle on a horse or the pack-saddle on an elephant.
୩ । ସେନାଙ୍କୁ ସୁସଜ୍ଜିତ କରିବା—
3. To array the soldiers for battle.

ପଲାଣ୍ଟି—ପ୍ରାଦେ (ସଡ଼ଜାତ) ବି—ପତଳା ବୁଣା ହୋଇଥିବା ଏୟଡ଼ା—
Palanti A thinly woven reed-mat.

ପଲାଣ୍ଡୁ—ସଂ. ବି. [ପଲ୍ ଧାତୁ=(ରୋଗରୁ) ରକ୍ଷା କରିବା+ଅଣ୍ଡୁ;
Palandu କପାଦନ]-ପିଆଜ—Onion.

ପଲାତକ—ଦେ. ବିଣ. (ସଂ. ପଲାୟିତ)—୧ । ପଳାଇ ଯାଉଥିବା—
Palataka 1. Fleeing away; fugitive; deserting; run away.
୨ । ନିରୁଦ୍ଦେଶ—2. Absconding.
ବି—ଯେଉଁ ବ୍ୟକ୍ତି ପଳାଇ ଯାଉଥାଏ—
A run away; a fugitive; deserter.

ପଲାନ୍ନ—ସଂ. ବି. [ମ.ପ.ଲୋ; ପଲ=ମାଂସ(ସହିତ ପକ୍ୱ)+ଅନ୍ନ]-ପଲାଉ-
Palanna A rich food consisting of rice boiled with ghee and meat.

ପଲାପ—ଗ୍ରା. ବି. (ସଂ. ପ୍ରଲାପ)—ପ୍ରଲାପ (ଦେଖ)—
Palapa Pralapa (See).
ସଂ. ବି—୧ । ହାତୀର ଗଣ୍ଡସ୍ଥଳ (ହି. ଶ.)—
1. The temples of an elephant.
୨ । ପଘା—2. Halter; rope (Apte).

ପଲା ପକା(କେ)ଇବା—ଦେ. କ୍ରି—କୌଣସି ସ୍ଥାନରେ ପର୍ଣ୍ଣଶାଳା ନିର୍ମାଣ
Pala paka(ke)iba କରିବା—To build or raise a
(ପଲା ମାରିବା—ଅନ୍ୟରୂପ) leaf-hut at any place.

ପଲାୟନ—ସଂ. ବି. (ପରା+ଅୟ୍ ଧାତୁ=ଗମନ କରିବା+ଭାବ. ଅନ)
Palayana ୧ । ଭୟ ହେତୁ କୌଣସି ସ୍ଥାନ ତ୍ୟାଗ—
(ପଲାୟିତ, ପଲାୟିତ—ବିଣ) 1. Flying away through fear.
୨ । ତତ୍କାଳ ଦୌଡ଼ିକରି ଚାଲିଯିବା—
2. Flight; fleeing away escape; taking to one's heels.

ପଳାୟନ ପର—ସଂ. ବଣ. ପୁଂ. (ବହୁବ୍ରୀହି, ପଳାୟନ+ପର)—
Palāyana para ୧ । ପଳାଇବାକୁ ଉଦ୍ୟତ—
(ପଳାୟନପରା—ସ୍ତ୍ରୀ) 1. Ready to flee away.
୨ । ପଳାୟମାନ; ପଳାଉଥିବା—2. Fleeing away.

ପଳାୟମାନ—ସଂ. ବଣ. ପୁଂ. (ପର+ଅୟ୍. ଧାତୁ+କର୍ତ୍ତୃ. ଆନ)—
Palāyamāna ପଳାଉଥିବା—Fleeing away; absconding; taking to one's heels.
(ପଳାୟମାନା—ସ୍ତ୍ରୀ)

ପଳାୟିତ—ସଂ. ବଣ. ପୁଂ. (ପର+ଅୟ୍. ଧାତୁ+କର୍ତ୍ତୃ. ତ)—
Palāyita ୧ । ପଳାଇ ଯାଇଥିବା—1. Fled; run away.
(ପଳାୟିତା—ସ୍ତ୍ରୀ) ୨ । ନିରୁଦ୍ଦିଷ୍ଟ—2. Absconded.

ପଲାଲ—ସଂ. ବି. (ପଲ=ଭୁଷି+ସଞ୍ଚାର୍ଥେ. ଅଲ)—୧ । ପାଲ; ଭୁଷି—
Palāla 1. Crushed and grainless straw.
୨ । ଶୁଖିଲା ଘାସ—2. Hay.
୩ । ଶସ୍ୟଶୂନ୍ୟ ତୃଣଦଣ୍ଡ—3. Cornless stem of grass.

ପଲାଲ ଦୋହଦ—ସଂ. ବି. (ବହୁବ୍ରୀହି; ପଲାଲ ଦ୍ୱାରା ଦୋହଦ ହୁଏ
Palāla dohada ଯାହାର; ପାଲ ବାନ୍ଧିଲେ ଆମ୍ବ ଗଛର
ମୁକୁଳୋଦ୍‌ଗମ ହୁଏ)—ଆମ୍ବ ଗଛ (ହି. ଶବ୍ଦସାଗର)—
Mango tree.

ପଲା(ଳା)ଶ—ସଂ. ବି. (ପଲ୍ ଧାତୁ—ଯିବା+ଅ=ପଲ; ଅଶ୍ ଧାତୁ=
Palā(lā)śa ବ୍ୟାପିବା+ଅ=ଆଶ; ପଲ+ଆଶ; କିମ୍ବା ପଲ=
ଓ. ପଳାଶ ପତ୍ର+ଅସ୍ ଧାତୁ=ତ୍ୟାଗ
पलाश କରିବା+କର୍ତ୍ତୃ. ଅ)—
ढाक्, पलाश्, तेसुकापेड्, कक्रिआ, कन्केरि चिचा ୧ । କିଂଶୁକ—1. The Dhak tree; Butea Frondosa.

ସଂ. ପର୍ଯ୍ୟାୟ — ପଲା(ଳା)ଶ, କିଂଶୁକ, ପର୍ଣ୍ଣ, ଯାଜ୍ଞିକ, ରକ୍ତପୁଷ୍ପକ, କ୍ଷାର ଶ୍ରେଷ୍ଠ, ବାତପୋଥ, ବ୍ରହ୍ମବୃକ୍ଷ, ବ୍ରହ୍ମବୃକ୍ଷକ, ବ୍ରହ୍මୋପନେତା, ସମିଦ୍ଦର, କରକ, ତ୍ରିପତ୍ରକ, ବ୍ରହ୍ମପାଦପ, ତ୍ରିପର୍ଣ୍ଣୀ, ପଲାଶକ, ରକ୍ତ ପୁଷ୍ପ, ପୂତଦ୍ରୁ, କାଷ୍ଠଦ୍ରୁ, ବୀଜ ସ୍ନେହ, କୃମିଘ୍ନ, ବକ୍ର ପୁଷ୍ପକ, ସୁପର୍ଣ୍ଣୀ ।

[ଦ୍ର—ଏହା ଶିମ୍ବାଦି ବର୍ଗର ମଧ୍ୟମାକୃତି ତରୁ ବିଶେଷ । ଗଛ ବଙ୍କା ଓ ଗଣ୍ଠିଆ; ପତ୍ର ତ୍ରିପର୍ଣ୍ଣ । ଶୀତ ଶେଷରେ . ଗଛରୁ ପତ୍ର ଝଡ଼ିପଡ଼େ ଓ ବସନ୍ତାଗମରେ ଶୁକଚଞ୍ଚୁପରି ତୋଫା ନାଲି ଫୁଲରେ ଥୁଣ୍ଟା ଗଛ ପୂର୍ଣ୍ଣ ହୋଇଯାଏ । ଏହି ଗଛ ଭାରତର ସର୍ବତ୍ର ଦେଖାଯାଏ । ଏଥିର ଛାଲ ଚିରଦେଲେ ଏକପ୍ରକାର ରକ୍ତବର୍ଣ୍ଣ ନିର୍ଯ୍ୟାସ (Bengal kino) ବାହାରେ । ଏହାର ଫୁଲକୁ ପାଣିରେ ସିଝାଇଲେ ଏକପ୍ରକାର ନାଲିରଙ୍ଗ ବାହାରେ । ପୂର୍ବେ ଏହାର ରଙ୍ଗଦ୍ୱାରା ଅବିରକୁ ରଞ୍ଜିତ କରି ଯାଉଥିଲା । ଫୁଲ ଝଡ଼ିଗଲେ ଚେପଟା ଓ ଚଉଡ଼ା ଛୁଇଁ ହୁଏ; ଛୁଇଁରେ ଚେପଟା ବୀଜ ଥାଏ । ପଳାଶ ବୀଜକୁ ପଳାଶ ପାପଡ଼ୀ କହନ୍ତି ।

ଦେଖିବାକୁ ପଳାଶ ଗଛପରି, କିନ୍ତୁ ସ୍ଥୂଳତର ଏକପ୍ରକାର ଲଟାଣିଆ ଗୁଳ୍ମକୁ ଭୂଇଁପଲାଶ (ସଂ. ଭୂପଲାଶ; ହସ୍ତିକର୍ଣ୍ଣ ପଳାଶ) ବୋଲାଯାଏ (Butea Superba) । ଏହାର ଫୁଲ ପଳାଶ ଅପେକ୍ଷା ବଡ଼ । ଏହା ମଧ୍ୟ ଓ ଦକ୍ଷିଣ ଭାରତରେ ଜନ୍ମେ; (ଯୋଗେଶଚନ୍ଦ୍ର) । ପଳାଶର ବୀଜ ପେଟର କୃମିଘ୍ନ । ଫୁଲ, ଛେଲ ଓ ମଞ୍ଜି ଔଷଧରେ ଲାଗେ । ପତ୍ର ମୋଟା ଥିବାରୁ ତାକୁ ସିଇଁ କରି ଖଲିପତ୍ର କରାଯାଏ, ଡଉପାଣି କରାଯାଏ । ଉତ୍ତରଭାରତରେ ଧୂଆଁ ଫିଙ୍ଗର ଗୁଣ୍ଡ ଭରିକି କରି ଏ ପତ୍ରକୁ ଗୁଡ଼ାଇ ଭିଡ଼ା ବଲାଯାଏ । ପଳାଶ ଗଛର ଛାଲକୁ ଛେଚି ଡଙ୍ଗା ଓ ଜାହାଜର ଫାଟରେ ପୂରାଯିବା ଅସ୍ତା ତିଆରି କରାଯାଏ । ପ୍ରତ୍ୟେକ ଡେମ୍ଫରେ ୩ଟି ପତ୍ର ଲାଗିଥାଏ । ଏ ଗଛର ଛାଲର ଅଂଶୁରେ ଦଉଡ଼ି ତିଆରି ହୁଏ । ଏଥିର ଡାଳକୁ ସିଝାଇ କରି ଏକ ପ୍ରକାର ଖଇର ତିଆରି କରାଯାଏ, ଏ ଗଛର ବକଲରୁ ଏକ ପ୍ରକାର ଅଠା ବାହାରେ । ବୈଦ୍ୟକ ମତରେ ଏଥିର ଫୁଲ ବାତବର୍ଦ୍ଧକ, ମଲରୋଧକ, ତୃଷା, ଦାହ, ପିତ୍ତ, କଫ, ରକ୍ତ ବିକାର, କୁଷ୍ଠ ଓ ମୂତ୍ରକୃଚ୍ଛ୍ର ନାଶକ । ଏଥିର ଫଳ କଫ, ବାତ, ଉଦରରୋଗ, କୃମି, କୁଷ୍ଠ, ଗୁଳ୍ମ, ପ୍ରମେହ, ବାଘୀ ଓ ଶୂଳନାଶକ । ଏଥିର ବୀଜ ସ୍ନିଗ୍ଧ, କଫ ଓ କୃମିନାଶକ । ଏଥିର ଅଠା ମଲରୋଧକ ଓ ଗ୍ରହଣୀ, ମୁଖରୋଗ, କାଶ ଓ ସ୍ୱେଦ ଦୂରକାରକ ।

ଏ ବୃକ୍ଷକୁ ହିନ୍ଦୁମାନେ ପବିତ୍ର ଜ୍ଞାନ କରନ୍ତି । ଏ ବୃକ୍ଷର ଉଲ୍ଲେଖ ବେଦରେ ମିଳେ । କେତେକ ଯଜ୍ଞପାତ୍ର ପଳାଶ କାଠରେ ପ୍ରସ୍ତୁତ ହୁଏ । ଉପନୟନ କାଳରେ ବ୍ରାହ୍ମଣକୁମାର ପଳାଶ ଦଣ୍ଡ ଧାରଣ କରେ । ବସନ୍ତକାଳରେ ଉଜ୍ଜ୍ୱଳ ରକ୍ତବର୍ଣ୍ଣ ଶୁକନାସାବତ୍ ପୁଷ୍ପରେ ପତ୍ରଶୂନ୍ୟ ଡାଳମାନ ଲଦି ହୋଇ ଅତି ରମଣୀୟ ଦେଖାଯାଏ ଓ ଫୁଲ ନିର୍ଗନ୍ଧ; ଏଥିପାଇଁ ସଂସ୍କୃତ କବିମାନେ ଏ ଫୁଲର ସୌନ୍ଦର୍ଯ୍ୟ ଏବଂ ଗନ୍ଧହୀନତା ବିଷୟରେ ଅନେକ ଲେଖିଯାଇ ଅଛନ୍ତି—ହି. ଶବ୍ଦସାଗର]

୨ । (ପଲ=ପତ୍ର+ଅଶ)—ପତ୍ର—2. Leaf.
୩ । ଫୁଲର ପାଖୁଡ଼ା—
3. Petal of a flower.
୪ । ପତ୍ର ପରି ହରିଦ୍‌ବର୍ଣ୍ଣ—4. Emerald colour.
୫ । ମଗଧ ଦେଶ (ସୋନ ନଦୀ ତୀରସ୍ଥ ଦକ୍ଷିଣ ବିହାର ଅଞ୍ଚଳ)—
5. Bihar (country); South Bihar.
୬ । (ପଲ=ମାଂସ+ଅଶ୍ ଧାତୁ ଖାଇବା+କର୍ତ୍ତୃ. ଅ)—ରାକ୍ଷସ—
6. Demon.

ବନ୍ଧୁରେ ପଳାଶ ରୁଧିର ସଙ୍ଗ ଚକର୍ଣ୍ଣଙ୍କ ପୁଷ୍ପ ପତ୍ରେ ରଙ୍ଗ
(ପଳାଶ—ପଳାଶ ବୃକ୍ଷ, ରାକ୍ଷସ)—
ଭଞ୍ଜ—ବୈଦେହୀଶ ବିଳାସ ।

୭ । ପ୍ରେତ—7. Ghost.
୮ । ଗୃଧ୍ରକାତୀୟ ପକ୍ଷି ବିଶେଷ (ହି. ଶ)—
8. A bird resembling the vulture.
୯ । ଲାକ୍ଷା—2. Red lac. (M. W.)
୧୦ । ତୋଫା ନାଲି ରଙ୍ଗ—
10. Cochineal. (M. W.)
୧୧ । ଶଠୀ; ଗନ୍ଧ ପଲାଶୀ—
11. Curcuma Zedoaria. (M. W.)
ବଣ—୧ । ସବୁଜ ବର୍ଣ୍ଣ ବିଶିଷ୍ଟ; ଶ୍ୟାମଳ—
1. Green or emerald coloured.
୨ । ନିଷ୍ଠୁର—2. Cruel.
୩ । ନିର୍ଦ୍ଦୟ—3. Merciless; unkind.

ପଲାଶକ—ସଂ. ବି—(ପଲାଶ+ସ୍ୱାର୍ଥେ. କ)—୧ । ପଳାଶ ଗଛ ଓ ଫୁଲ
Palāsaka 1. The Dhak tree & flower.
୨ । ଶଠୀ—2. Curcuma Zedoaria. (M. W.)
୩ । କପୂର (ହ୍ର. ଶ.)—3. Camphor.
୪ । ଲାକ୍ଷା (ହ୍ର. ଶ.)—4. Red lac.

ପଲାଶ ନ(ଲ)ଇ—ପ୍ରାଦେ.(ଗଡ଼ଜାତ) ବି. (ସଂ. ନାମ ଭୂପଲାଶ, ହସ୍ତିକର୍ଣ୍ଣ
Palāsa na(la)i ପଳାଶ)—ଲଟାଣିଆ ପଲାଶ ଜାତୀୟ ଗୁଳ୍ମ—
Butea Superba (creeping plant).

ପଲାଶ ପାପଡ଼ା(ଡ଼ି)—ଦେ. ବି. (ସଂ. ପଲାଶ+ପର୍ଣ୍ଣ; ଏ ଛୁଇଁ ଓ ମଞ୍ଜି
Palāsa pāpardā (rdi) ପର୍ଣ୍ଣ ପରି ପତଳା ଥିବାରୁ)—
ପଲାଶପାପଡ଼ୀ ପଳାଶ ଗଛ ବା ଛୁଇଁ—The seed or
पलाश पापड़ी bean of Butea Frondosa tree.
[ଦ୍ର—ଏହା ଔଷଧରେ ବ୍ୟବହୃତ ହୁଏ ।]

ପଲାସିବା—ଦେ. କ୍ରି. (ସଂ. ପଲାୟନ)—(ହାତୀ) ବେଗରେ ଗମନ
Palāsibā କରିବା—To walk swiftly (said of
म्रटकारना an elephant).
ପଲାସିଲ ବେଳେ ପାଦୁକରେ କୋଟି ଗୁଡୁଆଇ ଡରକରି ।
ଶିଶୁଗୀତ, ଝୁଲିଜାତ ।

ପଲ(ଲା)ଶୀ—ସଂ. ବି.(ପଲାଶ=ପଳ+ଅଶ୍ର ଅର୍ଥେ ଇନ୍; ୧ମା. ୧ବ)—
Palā(lā)sī ୧ । ଖୀରୀ ବା ଖୀରିକୋଳି ଗଛ—
1. A kind of plum tree.
୨ । (ପଳ=ମାଂସ+ଅଶ୍ ଧାତୁ=ଖାଇବା+ଇନ୍) ରାକ୍ଷସ—
2. Demon.
୩ । ହିଂସ୍ର ଜନ୍ତୁ—3. Wild animal.
୪ । ପଲାଶ ନଇ (ଦେଖ)—4. Palāsa nai (See).
୫ । ବୃକ୍ଷ—5. A tree (M. W.).
୬ । ଶଠୀ—6. Curcuma Zedoaria(plant).
ବିଣ—୧ । (ପଳାଶ+ଇନ୍; ୧ମା. ୧ବ)—ପତ୍ର ଯୁକ୍ତ; ପତ୍ର
ବହୁଳ—1. Leafy.
୨ । (ପୁଂ) (ପଳ=ମାଂସ+ଅଶ୍ ଧାତୁ=ଖାଇବା+ଇନ୍; ୧ମା.
(ପଳାଶିନୀ—ସ୍ତ୍ରୀ) ୧ବ)—ମାଂସାଶୀ—Carnivorous.
ଦେ. ବି. (ନାମ)—ବଙ୍ଗଦେଶର ଗ୍ରାମ ବିଶେଷ—
ପଲାସୀ Name of a village in Bengal where the
पलासी battle of Plassey was won by the
English in 1757 A.D.

ପଲାଶୀ ଯୁଦ୍ଧ—ଦେ. ବି. (ଭାରତ ଇତିହାସ) ଖ୍ରୀ୧୭୫୭ ସାଲରେ ପଲାଶୀ-
Palāsī juddha ଠାରେ ହୋଇଥିବା ଯୁଦ୍ଧ—
ପଲାସୀ ଯୁଦ୍ଧ The battle of Plassey in 1757 A.D.
पलासीकी लड़ाइ [ଦ୍ର—ଏହି ଯୁଦ୍ଧ କ୍ଲାଇଵଙ୍କ ସଙ୍ଗେ ବଙ୍ଗଳାର
ନବାବ ସିରାଜୁଦ୍ଦୌଲାଙ୍କର ହୋଇଥିଲା । ଏଥିରେ ସିରାଜୁଦ୍ଦୌଲା
ପରାସ୍ତ ହୋଇଥିଲେ ଓ ବଙ୍ଗ ଇଂରାଜମାନଙ୍କ କରଗତ ହେଲା ।]

ପଲା ହେବା—ଦେ. କ୍ରି. (ପାଳିବାର କର୍ମବାଚ୍ୟରୂପ)—ଅନ୍ୟଦ୍ୱାରା ପାଳିତ
Palā hebā ହେବା—To be reared up.
(ପଲାଯିବା—ଅନ୍ୟରୂପ) ଯଥା—ଗଉଡ଼ଦ୍ୱାରା ବା ଛୁଆ ଗୁଡ଼ିକ ପଲା
ପାଲାହଓଆ पालाहोना ହୋଇଅଛନ୍ତି ।

ପଲି—ଦେ.ବି. (ମୂଳ. ବି. ପଲୀ)—ପଙ୍କୁ ମାଟି (ନଦୀର)—
Pali Silt; alluvial deposit.

ପଲ୍ଲି(ଲ୍ଲୀ)—ଦେ. ବି. (ସଂ. ପଲ୍ଲୀ)—୧ । କ୍ଷୁଦ୍ର କୁଦ୍ର କୁଡ଼ିଆବିଶିଷ୍ଟ
Palli(lī) ଗ୍ରାମ—1. A hamlet of huts.
पल्ली (ଯଥା—ଶବର ପଲ୍ଲି ।)
पुरवा, टोली ୨ । ଦଶ ଲକ୍ଷ ଗାଈଙ୍କର ସମଷ୍ଟି—
2. A collection of one million cows.
ଦେବେନ୍ଦ୍ରେକ ଗାଈ ହେଲେ କୋଟିଗୋଷ୍ଠେକ ବୋଲି
ସହସ୍ରେ ଗୋଷ୍ଠ ହୋଇଲେ ହୁଏ ଏକ ପଲ୍ଲି । ସାରଳା, ମହାଭାରତ ଆଦି

ପଲି(ଲୀ) କର—ଦେ. ବି—ଶବରମାନେ ଜଙ୍ଗଲରୁ କାଠପତ୍ର ଗୋଟାଇ
Pali(lī) kara ଆଣି ତାହା ସିଲାଇ କରି ଖଲିପତ୍ର ବିକ୍ରି କରିବା
[ପଲି(ଲୀ)ଟିକସ—ଅନ୍ୟରୂପ] ନିମନ୍ତେ ରାଜାଙ୍କୁ ଯେଉଁ ଟିକସ
ଦିଅନ୍ତି—A tax paid to a Raja for bringing
Sal leaves to be sewn into big feeding
plates.

ପଲିକ୍ନୀ—ସଂ. ବି. ସ୍ତ୍ରୀ—୧ । ପଳିତକେଶା ବୃଦ୍ଧା ସ୍ତ୍ରୀ—
Paliknī 1. An old grey-haired woman (Apte).
୨ । ବାଳଗର୍ଭିଣୀ ଗୌ; ପହିଲି ଥର ବଛା ଯାଇଥିବା ଗାଈ;
ଯେଉଁ ଗାଈ ପ୍ରଥମଥର ଗର୍ଭଧାରଣ କରିଅଛି (ହ୍ର. ଶ)—
2. A cow for the first time with calf.

ପଲିଘ—ସଂ. ବି—୧ । କଳସ—1. Waterpot; pitcher(Apte).
Paligha ୨ । ଚକିକାନ୍ଥ; ପ୍ରାକାର—
2. Wall; rampart (Apte).
୩ । ଲୁହା ଗୋବମସ୍ତ ବା ଲୁହାର ମୁଦ୍ଗର—
3. An iron club or one studded with iron.
୪ । ଗୋଗୋଷ୍ଠ; ଗୁହାଳ—4. A cowpen (M. W.).
୫ । ଗୋପୁର; ଫାଟକ ଘର—5. The portalled gate-
way of a building (Apte).
୬ । ଅର୍ଗଳ (ହ୍ର. ଶ)—6. A bar.
୭ । କାଚର ଜଳପାତ୍ର—7. A glass water-vessel.
(M. W.).

ପଲିଟିକ(କା)ଲ୍—ବୈଦେ. ବିଣ. (ଇଂ. ପୋଲିଟିକାଲ୍)—ରାଜନୈତିକ—
Palitika(kā)l Political.
(ପଲିଟିକେଲ୍—ଅନ୍ୟରୂପ) ବୈଦେ. ପ୍ରାଦେ. (ଗଡଜାତ) ବି—
ପଲିଟିକାଲ ପଲିଟିକାଲ ଏଜେଣ୍ଟ (ଦେଖ)
पलिटिकेल Palitikāl ejent (See)

ପଲିଟିକାଲ୍ ଏଜେଣ୍ଟ—ବୈଦେ. ବି. (ଇଂ)—ଗଡ଼ଜାତ ରାଜାମାନଙ୍କର
Palitikāl ejent ଓ ଗଭର୍ଣ୍ଣମେଣ୍ଟଙ୍କ ମଧ୍ୟରେ ରାଜକୀୟ ପ୍ରସଙ୍ଗ
ପଲିଟିକାଲ ଏଜେଣ୍ଟ ଚଳନାର୍ଥ ନିଯୁକ୍ତ ଗଭର୍ଣ୍ଣମେଣ୍ଟଙ୍କ ପ୍ରତିନିଧି ଉଚ୍ଚ
पलिटिकेल एजेंट କର୍ମଚାରୀ—Political Agent.

ପଲିଟିକାଲ୍ ଡିପାର୍ଟମେଣ୍ଟ—ବୈଦେ. ବି. (ଇଂ)—ସରକାରଙ୍କର ଯେଉଁ
Palitikāl dipārtment ବିଭାଗରେ ରାଜନୀତି ସମ୍ବନ୍ଧୀୟ ବିଷୟ-
ପଲିଟିକେଲ ଡିପାର୍ଟମେଣ୍ଟ ମାନ ବୁଝାଯାଏ—Political depart-
पलिटिकेल डिपार्टमेंट ment of the Government.

ପଲିଟିକ୍ସ—ବୈଦେ. ବି. (ଇଂ)—ରାଜନୀତି—
Palitiks Politics.
पालिटिक्स पलिटिक्स

ପଳିତ—ସଂ. ବି. (ପଲ୍ ଧାତୁ=ଗମନ କରିବା+ତ)—
Palita ୧ । ବୃଦ୍ଧାବସ୍ଥା ହେତୁ କେଶର ଶୁକ୍ଳତା; ବାଳ ପାଚିବା—
1. Greyness of the hair due to old age.
୨ । କର୍ଦ୍ଦମ; କାଦୁଅ; ପଙ୍କ—2. Clay; mud; mire.
୩ । ତାପ—3. Heat
୪ । ପାଚିଲାବାଳ; ଶୁକ୍ଳୀଭୂତ କେଶ—
4. Grey hair. (Apte).
୫ । କେଶଗୁଚ୍ଛ—5. A tuft of hair. (M. W.)
୬ । ଗଗ୍ଗୁଳ—6. Benzoin. (Apte)
୭ । ମରିଚ—7. Pepper. (Apte)
୮ । ଶିଳାଜତୁ (ହ. ଶ)—
8. Bitumen; asphalt.
ବିଣ—୧ । ବୃଦ୍ଧାବସ୍ଥାଯୋଗ୍ୟ ଶୁକ୍ଳୀଭୂତ (କେଶ)—
(ପାଳିତ୍ୟ—ବି) 1. Hoary; grey (hair)
୨ । ବଳିବଳିକା; ବଳିଯୁକ୍ତ—2. Wrinkled.
୩ । ଜରାଗ୍ରସ୍ତ; ବୃଦ୍ଧ—2. Old; aged.

ପଳିତା—ବୈଦେ. ବି.—(ଫା. ପିଲିତାହ୍; ଭୁଲ, ଓଡ଼ିଆ ବଳିତା, ସଂ.
Palitā ବର୍ତ୍ତିକା) ୧ । ବସ୍ତ୍ର ଖଣ୍ଡ ନିର୍ମିତ ସ୍ଥୂଳ ବଳିତା; ସଳିତା;
पलिता ବର୍ତ୍ତୀ; ମୋଟ ବତି—1. A stout wick for an oil
पालता lamp.
୨ । ବନ୍ଧୁକରେ ନିଆଁ ଲଗାଇବା ପାଇଁ ବ୍ୟବହୃତ ରଜ୍ଜୁ—
2. The match of a gun.
୩ । ବାଣରେ ନିଆଁ ଲଗାଇବା ପାଇଁ ବାରୁଦ ଦିଆଯାଇ ବଳା ଯାଇଥିବା ବଳିତା; ରସ ବଳିତା—3. A long wick containing gunpowder used to light fireworks.
୪ । ନାଳ ଘାଆ ଓ ବଥରୁ ପୂଜ ଆଦି ବାହାର କରିବା ନିମନ୍ତେ ବଥ ମୁହଁରେ ଦିଆଯିବା କାଠି ବା ସୂତା—4. A twig or skein of cotton thrust into a boil or sinus for the exudation of pus.

ପଳତା ଦେ. ବି.—ନଳିତା ଶାଗ; ନଳିତା ପିତା—
परवल The bitter leaves of jute plant.

ପଳିତା ପତ୍ର—ପ୍ରାଦେ. (ବାଲେଶ୍ୱର) ବି.—୧ । ପଟୋଳଗଛର ଲତା ଓ
Palitā patra ପତ୍ର—1. The twigs and leaves of
पलते पाता Patola creeper.
परबलकी पत्ती [ଦ୍ର—ଏହାର ରସ ତିକ୍ତ ଓ ଉପକାରୀ ।]
୨ । ପସାରୁଣୀ ଲତାର ପତ୍ର—
2. The leaves of Pasāruṇi creeper.
[ଦ୍ର—ଏହା ବାଟି ଚମ୍ପା ସିଦ୍ଧ କରି ରୋଗୀ ପାଇଁ ଝୋଳ କରା ଯାଏ ।]

ପଲିତ—ସଂ. ବିଣ. ପୁଂ (ପଳିତ+ଇନ୍; ୧ମା. ୧ବ.)—ଯାହାର ବାଳ
Paliti ପାଚି ଯାଇ ଥିଛି—Greey-haired.
(ପଳିତନୀ—ସ୍ତ୍ରୀ)

ପଲିଶ୍—ବୈଦେ.ବି.(ଇଂ)—ପାଲିଶ; ଘଷା ମଜା ହେବାରୁ ଚିକ୍କଣତା—
Palis Polish.
पालिश पालिश ବିଣ—ଘଷା ମଜା ହୋଇ ଚିକ୍କଣ ଦେଖାଯାଉଥିବା—Polished.

ପଲିସି—ବୈଦେ. ବି. (ଇଂ)—
Palisi ୧ । ଜୀବନ ବୀମା କରିବାର ନିଦର୍ଶନ ଦଲିଲ—
पलिसी 1. Life Insurance Policy.
पालिसी ୨ । ନୀତି; କାର୍ଯ୍ୟ ସାଧନର ଯୁକ୍ତି—2. Policy.
୩ । କୂଟ ନୀତି; ଗୁଲ୍‌ବାଜୀ—
3. Crooked policy; machiavellianism.

ପଲିସି ବାଜ୍—ବୈଦେ. ବିଣ. (ଇଂ. ପଲିସୀ+ଫା. ପ୍ରତ୍ୟୟ ବାଜ୍)—
Palisi bāj ଗୁଲ୍‌ବାଜ୍; କାର୍ଯ୍ୟ ସାଧନାର୍ଥ ଯେ କୂଟ ନୀତି
पलिसीबाज अବଲମ୍ବନ କରେ—Machiavellian.
चालबाज़ (ପଲିସିବାଜୀ—ବି)

ପଲିସି ହୋଲ୍ଡର—ବୈଦେ. ବି. (ଇଂ)—
Palisi holdar ଯେଉଁ ଲୋକ ଜୀବନ ବୀମା କରିଥାଏ—
Policy-holder; the holder of an Insurance Policy.

ପଲେ—ଦେ. ବିଣ—ଏକ ପଲ ପରିମିତ; ଗୁରୁ କରିସି ଓଜନର
Pale Measuring or weighing one Pala.
एक पल କ୍ରି—ଏକ ପଲ ମାତ୍ର—One Pala only.
एकपल

ପଲେ—ଦେ. ବିଣ—୧ । ଏକ ପଲ ବା ଏକ ଦଳ (ଗାଈ ଆଦି)—
Pale 1. One herd of.
एकदल ୨ । ବହୁ ସଂଖ୍ୟକ—2. A large number of; a
एकझुंड, एकदल crowd of.
(ଯଥା—ତା ଘରେ ପଲେ ଛୁଆ ।)
କ୍ରି ଓ ଅ.—ଏକ ଦଳ ମାତ୍ର—One herd only.

ପଲେ(ଲୋ)ଇ—ଦେ. ବିଣ. ସ୍ତ୍ରୀ. (ସଂ. ପଲାୟିକା)—
Pale(lo)i ଯେଉଁ ସ୍ତ୍ରୀ ସ୍ୱାମୀ ସଂସର୍ଗରୁ ସୁଖ ନ ପାଇ ସର୍ବଦା ବାପ
छुडका, छुडुका ଘରକୁ ପଳାଏ—(a woman) Who does
भगेडु, भगेली not like to live with her husband and often runs away to her parental roof on very slight provocations

ପଲେଇ ପଶା—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତି ଭୟରେ ଏକ ସ୍ଥାନରୁ
Palei pasā ପଳେଇ ଆସି ଅନ୍ୟ ବ୍ୟକ୍ତିର ଘରେ ଆଶ୍ରୟ ନିଏ—
भगेडु, भगोड़ा (a man) Who runs away from danger and takes shelter in another's
छुडका roof through fear.
୨ । ଭୟାଳୁ—2. Timid; coward.

ପଲେଇ ପଶୀ—ଦେ. ବଣ. ସ୍ତ୍ରୀ (ସ. ପଳାୟନ+ପ୍ରବେଶ)—
Palei pasi ୧ । ପଲେଇ (ଦେଖ)—1. Palei (See)
ପାଳାହରୁକା ୨ । ଯେଉଁ ସ୍ତ୍ରୀ ସ୍ୱାମୀ ଘରୁ ପଳାୟନ କରି ଅନ୍ୟ
ଅଗେଲୀ, ହଷାଗହଣ୍ଡି ପରିବାରରେ ପଶେ ବା ଆଶ୍ରୟ ନଏ—
2. (a woman) Who runs away from her husbands roof and takes shelter in another family.

ପଲ୍ଟଣ(ନ) (ଇତ୍ୟାଦି)—ବୈଦେ. ବି—ପଲଟଣ ଇତ୍ୟାଦି (ଦେଖ)
Paltana (na) (etc) Palatana etc. (See)

ପଲ୍ୱଲ—ସ. ବି. (ପଲ୍ ଧାତୁ=ଯିବା+ସଞ୍ଜ୍ଞାର୍ଥେ. ବଲ; ଯେଉଁଠାକୁ
Palwala ଗୋମେଷାଦି ପାଣି ପିଇବାକୁ ଯାଆନ୍ତି; ତୁଳ. ଇଂ. ପୁଲ;
ପଲ୍ଲ; ଲାଟିନ୍—ପାଲସ୍; ଗ୍ରୀକ୍—ପାଲସ୍)—
କ୍ଷୁଦ୍ର ଜଳାଧାର; ଡୋବା; ଗୁଆ—
Pool; very small tank; a small reservoir of water; puddle.
ଇନ୍ଦ୍ରକ ଖାଇ ନଳୀ ଅଛି ଯେଉଁ, ମନୋହର ଚାରୁ ପଲ୍ୱଳ ଦେଖି ।
ଇନ୍ଦ୍ର. କୋଷ୍ଠ ବୃକ୍ଷଣ ସୁନ୍ଦର ।

ପଲ୍ୱଲାବାସ—ସ. ବି. (ବହୁବ୍ରୀହି; ପଲ୍ୱଲ+ଆବାସ)—
Palwalābāsa କଚ୍ଛପ; କଇଞ୍ଛ—Tortoise.

ପଲ୍ୟଙ୍କ—ସ. ବି. (ପରି+ଅଙ୍କ; ର ଓ ଲ ର ଭେଦ ନ ଥିବାରୁ)—
Palyanka ୧ । ପର୍ଯ୍ୟଙ୍କ; ଖଟ; ପଲଙ୍କ—
1. Bedstead; couch.
୨ । ମଞ୍ଚ—2. Raised framework; scaffolding.
୩ । କୃଷି—3. Agriculture.
୪ । ପିଚ୍ଛ ଓ ଚଳପାରେ ଭର ଦେଇ ବସିବା ସମୟରେ ଅଣ୍ଟା ଓ ନଳ ଗୋଡ଼କୁ ଗୁଡ଼ାଇ କରି ବାନ୍ଧିବା ବସ୍ତ୍ର—4. A cloth wound the waist and legs while sitting on the heels and hams.
୫ । ଚଳପା ଓ ପିଚ୍ଛକୁ ଭୂମିରେ ଲଗାଇ ବସିବା—
4. Sitting on the hams and heels.
[ଦ୍ର—ପଲ୍ୟଙ୍କ ଶବ୍ଦଯୁକ୍ତ ଶବ୍ଦମାନଙ୍କ ପାଇଁ ପର୍ଯ୍ୟଙ୍କ ଶବ୍ଦ ତଳେ ଦେଖ ।]

ପଲ୍ୟୟନ—ସ. ବି—(ପରି+ଅୟ୍, ଧାତୁ=ଯିବା, ବସିବା+ଅଧିକରଣେ
Palyayana ଅନ; ଯାହା ଉପରେ ବସିବାକୁ ହୁଏ)—
୧ । ପଲାଣ; ଥୋଡ଼—1. Pack-saddle.
୨ । ଘୋଡ଼ାର ଜିନ୍—2. Saddle of a horse.
୩ । ଘୋଡ଼ାର ଲଗାମ—3. Rein; bridle. (Apte)

ପଲ୍ଲ(ଧାତୁ)—ସ—ଗମନ କରିବା; ଗତି କରିବା—
Palla(root) To go to move.

ପଲ୍ଲ—ସ. ବି. (ପଲ୍ ଧାତୁ+ଅ)—୧ । ଶସ୍ୟ ସଂରକ୍ଷଣ ସ୍ଥାନ; ଅମାର—
Palla Granary.
୨ । ଓଳିଅ—2. A packet made of straw and wound with straw ropes for storing corn.
ଦେ. ବି—ପଲ (ଦେଖ)—Pala. (See)

ପଲ୍ଲବ—ସ. ବି. (ପଚ୍. ଧାତୁ+କର୍ତ୍ତୃ. କ୍ୱିପ=ପତ୍; ପତ୍+ଲବ=ଅଳ୍ପ;
Pallaba ଯାହା ପାଚଲେ ଝଡ଼ିପଡ଼େ)—୧ । ନୂଆପତ୍ର; କଅଁଳିଆ ପତ୍ର—1. New leaf; tender leaf.
୨ । ଶାଖାଗ୍ର; ଗଛର ନୂଆ କଅଁଳିଥିବା ଛୋଟ ଡାଳ; ଭୁଆଁ—
2. Young shoot of a plant; a sprout.
୩ । ଗଛର ପତ୍ର—3. Leaf of a tree.
୪ । ଶୃଙ୍ଗାର; କେଳି—
4. Coition; copulation; amorous sport.
୫ । ବଳୟ; ଖଡ଼ୁ—5. Wristlet.
୬ । ବିଟ ପୁରୁଷ—6. Adulterer; paramour.
୭ । ପାଲ; କୁଟା—7. Cushed straw.
୮ । (ନାମ) ପଲ୍ହବ (ଦେଖ)—8. Palhaba. (See)
୯ । ବିସ୍ତାର—8; Expansion; spreading.
୧୦ । କଳି—10. Bud; blossom. (Apte)
୧୧ । ଅଲକ୍ତକ—11. Red dye for the feet. (Apte)
୧୨ । କଙ୍କଣ; ବଳୟ—
12. Bracelet; armlet. (Apte)
୧୩ । ବଳ (ହି. ଶ.)—13. Strength.
୧୪ । ଚାପଲ୍ୟ (ହି. ଶ.)—
14. Restlessness; unsteadiness. (Apte)
୧୫ । ବସ୍ତ୍ରାନ୍ତ—
15. The end of a robe or garment (Apte).
୧୬ । ନୃତ୍ୟ କାଳରେ ହାତର ଏକପ୍ରକାର ସ୍ଥିତି (ହି. ଶ.)—
16. A particular posture of the hand during dancing.
୧୭ । (ପୁଂ.) କାମୁକ ବ୍ୟକ୍ତି; ନାଗର—
17. A libertine. (Apte)
ଦେ. ବି—(ସ. ପଲ୍ଲବ=ପତ୍ର)—ଜରି ପଲ୍ଲବ; ଜଗନ୍ନାଥ ମହାପ୍ରଭୁଙ୍କ ହାତ ଅଗରେ ଲଗାହେବା ପୁଷ୍ପ ସହିତ ପତ୍ରରଚନା—
A circular slip of leaves overlaid with flowers put on the tip of the stumped hands of the image of Jagannātha.

ପଲ୍ଲବକ—ସ. ବି. (ପଲ୍ଲବ+କ)—୧ । ଜାର; ବିଟପୁରୁଷ—
Pallabaka 1. A paramour; libertine. (Apte)
୨ । ଅସ୍ୱାଭାବିକ ପ୍ରକ୍ରିୟାରେ ପୁରୁଷର କାମପ୍ରବୃତ୍ତି ଚରିତାର୍ଥକାରୀ ବାଳକ—2. A catamite. (Apte)
୩ । ବେଶ୍ୟାର ଉପପତି—
3. The paramour of a harlot. (Apte)
୪ । ଅଶୋକ ଗଛ—4. The Asoka tree. (Apte)
୫ । ଏକପ୍ରକାର ମାଛ (ହି. ଶ.)—
5. A kind of fish. (Apte)
୬ । ପଲ୍ଲବ (ଦେଖ)—6. Pallaba. (See)

ପଲ୍ଲବଗ୍ରାହିତା(ତ୍ୱ)—ସ. ବି. (ପଲ୍ଲବଗ୍ରାହିନ୍+ଭାବ. ତା; ତ୍ୱ)—
Pallabagrāhitā(twa) ୧ । ସବୁ ବିଷୟରେ ଉପରଠାଉରିଆ

ଜ୍ଞାନ—1. Literary shallowness; superficial knowledge in all matters; the state of being a jack of all trades.

୨ । ବେଦରକାସ୍ତ ବା ଶ୍ରେଷ୍ଠ କଥାର ଚର୍ଚ୍ଚା—
2. Dealing with trifles. (Apte)

ପଲ୍ଲବଗ୍ରାହୀ—ସ. ବଣ. ପୁଂ. (ପଲ୍ଲବ+ଗ୍ରହ୍ ଧାତୁ+କର୍ତ୍ତୃ. ଇନ୍; ୧ମା.-
Pallabagrāhī ୧ବ.)—୧ । ସର୍ବଜ୍ଞାନତା;ସ୍ୱଳ୍ପଜ୍ଞାନ ସମ୍ବନ୍ଧୀ;ଯାହାର
(ପଲ୍ଲବ ଗ୍ରାହିଣୀ—ସ୍ତ୍ରୀ) କୌଣସି ବିଷୟରେ ପ୍ରଗାଢ଼ ଜ୍ଞାନ ନ ଥାଏ—
1. Having no mastery on all subjects; superficial; shallow (person);jack of all trades but master of none.

[ଦ୍ର—ଏପରି ଲୋକର ସବୁଗଛର ଅଗ ପତ୍ର ଛିଣ୍ଡାଇବା ଲୋକ ସଙ୍ଗେ ତୁଳନା ହୁଏ ।]

୩ । ନୂଆପତ୍ର କଅଁଳୁଥିବା (ବୃକ୍ଷ ବା ଲତା)—
2. Putting forth sprouts.

୩ । ଯେ ବେଦରକାସ୍ତ ବା ଶ୍ରେଷ୍ଠ କଥା ବିଷୟ ଚର୍ଚ୍ଚା କରେ—
3. Dealing with trifles.

ପଲ୍ଲବା(ବେ)ଇବା—ଦେ. କ୍ରି.—୧ । ପଲ୍ଲବିତ ବା ପତ୍ରଯୁକ୍ତ କରିବା;
Pallabā(be)ibā କଅଁଳାଇବା—1. To cause to shoot forth sprouts or leaves.

ଶୁଖିଲ ତରୁକୁ ପଲ୍ଲବାଏ ଗୋ ସଙ୍ଗୀତ ।

୨ । ଜାତ କରାଇବା; ଜନ୍ମାଇବା—2. To cause to be produced or grown.

ପଲ୍ଲବାଏ ଅସ୍ତବୁଣେ ଅଧରେ ।
କବିସୂର୍ଯ୍ୟ ବଳଦେବ ବଢ଼େଇଲ ।

୩ । ତେଜାଇବା—3. To instigate; to incite.

ବୃକ୍ଷଲ ବୃଦ୍ଧିରେ କେଉଁ ଅନ୍ୟରେ ସଖା ତେଜଚ୍ଛ ପଲ୍ଲବାଉ ।
ସାଳକୃଷ୍ଣ. ଉତ୍ତରଶ୍ଳୋକ ।

ପଲ୍ଲବାଧର—ସ. ବଣ. ପୁଂ. (ବହୁବ୍ରୀହି; ପଲ୍ଲବ ପରି କୋମଳ ଓ ରକ୍ତାଭ
Pallabādhara ଅଧର ଯାହାର)—ଯାହାର ଅଧର ବା ଓଷ୍ଠ
(ପଲ୍ଲବାଧରା—ସ୍ତ୍ରୀ) ପଲ୍ଲବ ପରି କୋମଳ, ରକ୍ତାଭ ଓ ମନୋହର—
Rosy-lipped.

ପଲ୍ଲବାଧାର—ସ. ବ. (୬ଷ୍ଠୀ ତତ୍; ପଲ୍ଲବ+ଆଧାର)—ଗଛର ଡାଳ—
Pallabādhāra Branch of tree.

ପଲ୍ଲବାରୁଣ—ସ. ବଣ—ପଲ୍ଲବ ପରି ଅରୁଣ ବା ରକ୍ତାଭ—
Pallabāruṇa Rosy like new tender leaves.
(ପଲ୍ଲବାରୁଣା—ସ୍ତ୍ରୀ)

ପଲ୍ଲବିକ—ସ. ବଣ. ପୁଂ. (ପଲ୍ଲବ=ଶୃଙ୍ଗାର+ଇକ)—୧ । ରସିକ;
Pallabika ନାଗର; ଲମ୍ପଟପୁରୁଷ—1. Libertine.

୨ । ଅସ୍ୱାଭାବିକ ଉପାୟରେ ପୁରୁଷର କାମ ବୃତ୍ତି ଚରିତାର୍ଥକାରୀ ବାଳକ—2. A catamite (Apte).

ପଲ୍ଲବିତ—ସ. ବଣ. (ପଲ୍ଲବ+ଇତ)—୧ । ପତ୍ର କଅଁଳଥିବା; ଯେଉଁ
Pallabita ଗଛରୁ ନୂଆ ପତ୍ର ବା ଲୁଅଁ ବାହାରୁ ଥାଏ—
1. Covered with newly sprouted twigs and leaves; sprouting.

୨ । ଅତିରଞ୍ଜିତ—2. Exaggerated.

୩ । ବିସ୍ତାରିତ—3. Spread; extended (Apte).

୪ । ଲାକ୍ଷାରଞ୍ଜିତ—4. Dyed red with lac (Apte).

୫ । ରୋମାଞ୍ଚିତ (ତୁ. ଶ.)—
5. With the hairs of the body erect through sudded emotion; horripilated.

ସ. ବ—ଲାକ୍ଷାରସ—Lac dye (Apte).

ପଲ୍ଲବିବା—ଦେ. କ୍ରି. (ସ. ପଲ୍ଲବ)—୧ । (ଗଛ) ଲୁଅଁ ଦେବା;
Pallabibā କଅଁଳିବା—1 (tree) To shoot forth new leaves or twigs.

ପଲ୍ଲବଇ ଉଦ୍ୟମାନଙ୍କ ଅଶୋକରୁ—କୃଷ୍ଣସିଂହ. ମହାଭାରତ. ଅଦି ।

୨ । (ଲକ୍ଷଣାର୍ଥ) ସତେଜ ହେବା—2. To thrive.

ପଲ୍ଲବୀ—ସ. ବ. (ପଲ୍ଲବ+ଇନ୍; ୧ମା. ୧ବ.)—୧ । ଗଛ; ବୃକ୍ଷ—
Pallabī 1. Tree.

୨ । (ନାମ) ପହ୍ଲବ (ଦେଖ)—
2. Palhaba (See)

ସ. ବଣ—ପଲ୍ଲବଯୁକ୍ତ—Furnished with leaves.

ପଲ୍ଲବେ(ଭେ)ରମ୍—ସ. ବ. (ନାମ)—ମାନ୍ଦ୍ରାଜ ନିକଟରେ ଥିବା ପ୍ରାଚୀନ
Pallabe(bhe)ram ପହ୍ଲବ ରାଜାମାନଙ୍କର ରାଜଧାନୀ—
A place near Madras which was the capital of the ancient Palhaba kings and from the site of which ancient potteries of prehistoric times have been unearthed.

[ଦ୍ର—ପ୍ରାଚୀନ ଭାରତରେ ବ୍ୟବହୃତ ମୃତ୍‌ପାତ୍ରମାନ ଏ ସ୍ଥାନର ଭୂଗର୍ଭରୁ ମିଳିଅଛି ।]

ପଲ୍ଲା—ଦେ. ବ—ପଲା (ଦେଖ)
Pallā Palā (See)

ପଲ୍ଲି(ଲ୍ଲୀ)—ସ. ବ. [ପଲ୍ଲ ଧାତୁ+ଅଧି ଇ; (ସ୍ତ୍ରୀ+ଈ)]—
Palli(llī) ୧ । ପଡ଼ା; ଛୋଟ ଗ୍ରାମ—1. Hamlet; small village.

୨ । ଝିଟିପିଟି; ଗୃହ ଗୋଧିକା—2. House lizard.

୩ । ଗ୍ରାମ (ତୁ. ଶ.)—3. Village.

୪ । କୁଡ଼ିଆ; କୁଟୀ (ତୁ. ଶ.)—
4. Cottage; hut (Apte).

୫ । ଗୃହ; ବାସ ସ୍ଥାନ—5. House; station (Apte).

ପ୍ରାଦେ. (କଳାହାଣ୍ଡି)—କଣ୍ଡୁରୋଗ—Itches.

ପଲ୍ଲି(ଲ୍ଲୀ) ଗ୍ରାମ—ସ. ବ—ପଲ୍ଲି ୧-୩ (ଦେଖ)
Palli(llī) grāma Palli 1-3 (See)

ପଲ୍ଲି(ଲ୍ଲୀ) ପତନ—ସ.ବ—ଖୁଲରୁ ବା ଉର୍ଦ୍ଧ୍ୱରୁ ମନୁଷ୍ୟ ଦେହରେ ଝିଟିପିଟି
Palli(llī) patana ଖସି ପଡ଼ିବା—
The falling down of a house-lizard on a man.

[ଦ୍ର—ଲୌକିକ ବିଶ୍ୱାସ ଯେ ମନୁଷ୍ୟର ବାମ ଅଙ୍ଗରେ, ଉପରରେ, ମୁଣ୍ଡରେ, ପିଠି, ବକ୍ଷ ଦେଶ ଓ କର ଚରଣରେ ଝିଟିପିଟି

ପଡ଼ିଲେ ମଙ୍ଗଳ ଘଟେ ଓ ଦକ୍ଷିଣ ଅଙ୍ଗରେ ପଡ଼ିଲେ ସ୍ୱଜନ ଧନ ବିୟୋଗାଦି ଅମଙ୍ଗଳ ଘଟେ । ମାତ୍ର ମତାନ୍ତରରେ ଏହାର ବିପରୀତ ହୁଏ ବୋଲି ବିବେଚିତ ହୁଏ ।]

ପଲ୍ହବ(ବୀ)—ସଂ. ବି. (ଭାରତ ଇତିହାସ)—
Palhaba(bī) ୧ । ଖ୍ରୀଷ୍ଟ ପୂର୍ବ ୨୫୦ରୁ ଖ୍ରୀଃ ୧୦୦୦ ସାଲ ପର୍ଯ୍ୟନ୍ତ ଦକ୍ଷିଣ ଭାରତରେ ରାଜତ୍ୱ କରୁଥିବା ରାଜବଂଶ—
1. Name of an ancient Royal family of South India.

[ଦ୍ର—ଏ ରାଜବଂଶ ସପ୍ତମ ଶତାବ୍ଦିରେ ଦକ୍ଷିଣ ଭାରତରେ କାଞ୍ଚିଠାରେ ରାଜତ୍ୱ କରୁଥିଲେ । ଏ ସମସ୍ତ ଦାକ୍ଷିଣାତ୍ୟ ଜୟ କରିଥିଲେ । ଚୀନ ପରିବ୍ରାଜକ ହୁଏନସାଂ ଭାରତକୁ ଆସିବା ସମୟ (ଖ୍ରୀ୬୪୦) ରେ କାଞ୍ଚିରେ ପଲ୍ହବରାଜ ନରସିଂହବର୍ମା ଦାକ୍ଷିଣାତ୍ୟର ପ୍ରଧାନ ନରପତି ହୋଇଥିଲେ । ପଲ୍ହବ ରାଜାମାନେ ପ୍ରଥମେ ରାଜମହେନ୍ଦ୍ରୀ (ବେଙ୍ଗୀ)ରେ ରାଜତ୍ୱ କରୁଥିଲେ । ତତ୍ପରେ ସେଠାରୁ ବିତାଡ଼ିତ ହୋଇ କାଞ୍ଚିରେ ରାଜଧାନୀ କଲେ । ତତ୍ପରେ ଖ୍ରୀ୧୦୦୦ରେ ଚୋଳରାଜା ରାଜରାଜଦେବ ଏ ବଂଶର ରାଜାଙ୍କୁ ପରାସ୍ତ କରି ଏହାଙ୍କ ଆଧିପତ୍ୟ ଲୋପ କଲେ । ବର୍ତ୍ତମାନ ମାନ୍ଦ୍ରାଜ ପ୍ରଦେଶର ପୁଦୁକୋଟା ରାଜା ଏହି ପଲ୍ହବରାଜାଙ୍କ ବଂଶଧର । ଅଶୋକ ଖ୍ରୀ. ପୂ ୨୫୦ରେ ଏହି ପଲ୍ହବ ରାଜ୍ୟକୁ ବୌଦ୍ଧ ପ୍ରଚାରକ ପଠାଇଥିଲେ; କିନ୍ତୁ ସେ ସମୟରେ ପଲ୍ହବରାଜ୍ୟ ଗୁଜରାଟରେ ଥିଲା (ହି.ଶ.)

ଏ ରାଜାମାନେ କୁରୁରାଜାଙ୍କର ମିତ୍ରରାଜା ଥିବାର ମହାଭାରତରେ ଉଲ୍ଲେଖିତ ଅଛି । କେହି କେହି ପଣ୍ଡିତ କହନ୍ତି ଯେ ମହାଭାରତରେ ଏମାନଙ୍କର ଓ ଶକ ଓ ଯବନମାନଙ୍କର ନାମ ପରବର୍ତ୍ତୀ କାଳର ଲେଖକମାନେ ଗୁଞ୍ଜି ଦେଇଅଛନ୍ତି ।

ମନୁ ସଂହିତାରେ ପହ୍ଳବ ଗୋଟିଏ ମ୍ଳେଚ୍ଛ ଜାତି ମଧ୍ୟରେ ଗଣିତ ।]

୨ । ପ୍ରାଚୀନ ପଲ୍ହବ ରାଜାଙ୍କ ଦ୍ୱାରା ଶାସିତ ଦାକ୍ଷିଣାତ୍ୟର ପ୍ରାଚୀନ ଜାତିବିଶେଷ—2. The people of South India governed by the Palhaba kings; the Parthians who settled in South India.

[ଦ୍ର—ଏମାନେ ଦକ୍ଷିଣ ଇଉରୋପର ପାର୍ଥିଆରୁ ଆସି ପ୍ରଥମେ ପାରସ୍ୟରେ ତତ୍ପରେ ପଶ୍ଚିମୋତ୍ତର ଭାରତରେ, ତତ୍ପରେ ପଶ୍ଚିମ ଭାରତରେ ଓ ସର୍ବଶେଷରେ ଦକ୍ଷିଣଭାରତରେ ବସତି କରିଥିଲେ ।]

୩ । ଏକ ପ୍ରାଚୀନ ଫାରସୀ ବା ଇରାନୀ ଜାତି—
3. The Pelhabis, an ancient Persian nation.

[ଦ୍ର—ମନୁସଂହିତା, ରାମାୟଣ, ମହାଭାରତ ଆଦି ପୁସ୍ତକରେ ଖସ, ଯବନ, ଶକ, କାମ୍ବୋଜ, ବାହ୍ଲୀକ, ପାରଦ ଆଦି ପଶ୍ଚିମଭାରତବାସୀ ଜାତିମାନଙ୍କ ସଙ୍ଗେ ପହ୍ଳବ ଜାତିର ଉଲ୍ଲେଖ ଅଛି । ଉକ୍ତ ଗ୍ରନ୍ଥମାନଙ୍କରେ ସାଧାରଣତଃ ପାରସ୍ୟବାସୀ ବା ଇରାନୀମାନଙ୍କ ପଲ୍ହବ ନାମ ଦିଆ ଯାଇଅଛି । କେତେକ ଇଉରୋପୀୟ ଐତିହାସିକ ପହ୍ଳବଶବ୍ଦକୁ ପାର୍ଥିଆ ନିବାସୀ ପାରଦ(ଜାତି)ର ଅପଭ୍ରଂଶ ଥିବାର କହନ୍ତି, କିନ୍ତୁ ଅସ୍ମଦ୍ଗ୍ରନ୍ଥମାନଙ୍କରେ ପହ୍ଳବ ଓ ପାରଦ ସ୍ୱତନ୍ତ୍ର ଜାତି ଥିବାର କଥିତ । ହରିବଂଶ ଓ ମନୁସଂହିତା ମତରେ ପାରଦ, ଶକ ଆଦି ଜାତିଙ୍କ ପରି ପହ୍ଳବମାନେ ପ୍ରଥମେ କ୍ଷତ୍ରିୟ ଥିଲେ, ପରେ ସଂସ୍କାର ଭ୍ରଷ୍ଟ ହୋଇ ପତିତ ଥିଲେ । ସଗରରାଜା ଏମାନଙ୍କୁ ବଳାତ୍କାର କ୍ଷତ୍ରିୟ ଧର୍ମରୁ ପତିତ କରାଇ ମ୍ଳେଚ୍ଛରୂପେ ପରିଣତ କଲେ । ବାଲ୍ମୀକୀୟ ରାମାୟଣରେ ବଶିଷ୍ଠଙ୍କ ଗାଈ ଶବଳାର ହମ୍ବାରବରୁ ପହ୍ଳବଜାତି ଜନ୍ମିଥିବାର କଥିତ (ହି. ଶ.) ।]

୪ । ପାରସ୍ୟର ଅନ୍ତର୍ଗତ ଏକ ପ୍ରଦେଶ ଓ ନଗର (ହି. ଶ.)—
4. Name of an ancient province and town of Persia.

୫ । ପ୍ରାଚୀନ ପାରସ୍ୟଦେଶ (ହି. ଶ.)—
5. Ancient Persia.

୬ । ପ୍ରାଚୀନ ପ୍ରାରସ୍ୟ ବା ଇରାନରେ ପ୍ରଚଳିତ ପ୍ରାଚୀନ ଭାଷା ବିଶେଷ—6. The Pelhabi language; an ancient lauguage of Persia.

[ଦ୍ର—ଏହା ଅତି ପ୍ରାଚୀନ ଫାରସୀ ଓ ଆଧୁନିକ ଫାରସୀର ଏକ ମଧ୍ୟବର୍ତ୍ତୀ ଭାଷା । ପ୍ରାଚୀନ ଫାରସୀ ଭାଷାରେ ଲିଖିତ ପାର୍ଶୀମାନଙ୍କ ଧର୍ମଗ୍ରନ୍ଥ 'ଯେନ୍ଦାବେସ୍ତା'ର ଅନୁବାଦ ଓ ଟୀକାମାନ ଏହି ଭାଷାରେ ଲେଖା ହୋଇଥିଲା । ଏହି ଭାଷାରେ ସେମିଟିକ (Semitic) ଶବ୍ଦମାନଙ୍କ ବହୁଳତା ଦେଖାଯାଏ (ହି. ଶ.)—

ପଲ୍ହିକା—ସଂ. ବି—ଜଳକୁମ୍ଭୀ (ହି. ଶ.) ବୋରଝାଞ୍ଜି—
Palhikā Pistia Stratiotes; an aquatic plant.

ପଶ୍(ଧାତୁ)—ସଂ—ବନ୍ଧନ କରିବା—
Paś (root) To tie; to bind down.

ପଶମ—ବୈଦେ. ବି· (ଫା; ଭୂଲ. ସଂ. ପଶୁଲୋମ)—ଭର୍ଣ୍ଣା; ପଶୁଲୋମ—
Paśama पशम पशम Wool; fur.

[ଦ୍ର—ତିବ୍ବତ ଓ ହିମାଳୟରେ ଥିବା ଏକ ପ୍ରକାର ଛେଳିଙ୍କ ଲୋମ ମୂଳରେ ଖୁବ୍ ସରୁ ଛୋଟ ନରମ ଲୋମ ଭୂଲାପରି ରୋମ ଥାଏ; ତାକୁ ପଶମ ବୋଲାଯାଏ ।]

ପଶମୀ—ବୈଦେ. ବିଣ. (ଫା. ପଶମୀନା)—୧ । ପଶମ ନିର୍ମିତ—
Paśamī 1. Woolen.
(ପଶ୍ମୀନା—ଅନ୍ୟରୂପ) ୨ । ବାଳୁଆ—2. Wooly; hairy.
पशमीना पशमिना

ପଶା—ଦେ. ବି. (ସଂ. ପାଶକ; ପ୍ରା. ପାସା)—୧ । ଚଉପାଶି; ଅକ୍ଷକ୍ରୀଡ଼ା—
Paśā পাশা पासा 1. Game at dice.
ହାଳ ୨ । (ସଂ. ପାର୍ଶ୍ୱ=ଗୁଳ୍ମ) କୋଡ଼, କାଙ୍କ, କୁରାଢ଼ୀ ଆଦିର ମୂଳଦେଶସ୍ଥ ବଳୟ (ଯାହା ମଧ୍ୟ ଦେଇ ବେଣ୍ଟ ପଶିଥାଏ); କାଙ୍କ ଆଦିର ମୁଣ୍ଡି—2. The ring of a spade or axe through which the handle is passed.

୩ । ଲଙ୍ଗଳ ମୁହଁରେ ଲଙ୍ଗଳଲୁହାକୁ ସଂଲଗ୍ନ କରିବା ନିମନ୍ତେ ଲୌହ ନିର୍ମିତ ବେଷ୍ଟନୀ ବା ମୁଦି—3. A ring of iron through which the plough iron is thrust.

୪ । କୋଡ଼ କାଙ୍କରେ ମାଟି ହାଣିବାର ଏକଥର—
4. One stroke of a spade for cutting earth.
(ଯଥା—ମୁଁ ପଶାଏ ମାଟି ହାଣିଲା ବେଳକୁ ସେ ଆସି ପହଞ୍ଚିଲେ)

୫ । କୋଡ଼ କାଙ୍କ ଅଦର ପଶା ବା ମୁଣ୍ଡିରେ ପ୍ରହାର—
5. A blow with the base or ring of a spade or axe.

ନ ଜାଣି ରୋଦସ୍ର ଝରନ୍ତ ଓଦା,
ଘରେ ଖାଇଥାଏ ହାର୍ଜିଆ ପଶା – ଚଗ ।

(ପଶୀ—ସ୍ତ୍ରୀ) ବିଣ—(ସଂ. ପ୍ରବେଶ) (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ଯଥା—ହାଡ଼ପର ପଶା; ଗାତପଶା)—୧ । ପ୍ରବେଶକାରୀ—
1. Entering; going into.

ପାଁଜୀ ୨ । ଥଳ; ନଦୀ ଆଦିରେ ଲୋକେ ପଶିକର ଯିବାର ଅବସ୍ଥା-ଯୁକ୍ତ (ଜଳଭାଗ)—2. Fordable.
(ଯଥା – ଅଶିଣ ମାସରେ ମହାନଦୀ ପଶା ହୋଇଯାଏ)
ପ୍ରାଦେ (ଯାଜପୁର) ବି – ଛୁଞ୍ଚ ବା ଡାମ୍ଫଣର କଣା—
Eye of a needle.

ପଶା(ଶେ)ଇବା—ଦେ. କ୍ରି—୧ । ପଶିବା କ୍ରିୟାର ଣିଜନ୍ତରୂପ —
Pasā(se)ibā 1. The causative form of Pasibā.
ঢোকান ୨ । ପୂରାଇବା; ପ୍ରବିଷ୍ଟ କରାଇବା—
घुसाना 2. To cause to enter, to thrust.
୩ । କୋଡ଼ କାଙ୍କ ଅଦର ପଶାରେ ଆଘାତ କରିବା—
3. To strike with the handle of a spade.
ପ୍ରାଦେ (ଲରଆ) କ୍ରି—ଭାତ ଗାଳିବା—To press out water from the boiled rice in the cooking pot.

ପଶା କାଠି ଦେ. ବି. (ସଂ. ପାଶକ ଓ କାଷ୍ଠ)—୧ । କାଠ ବା ହାତୀଦାନ୍ତ ବା ଶିଂଘ ନିର୍ମିତ ପଶା ଖେଳିବାର ଚତୁଷ୍ପୁକ୍ତ କାଠି—
Pasā kāṭhi
পাশাসারী पासा 1. Dice.

ହେ ନ ପାରିଲୁ ପଶାକାଠିକି – ଭକ୍ତ, ଦେହ୍ଲାଣଦାସ ।

[ଦ୍ର—ଏହା ୩ଖଣ୍ଡ; ପ୍ରତ୍ୟେକର ଚାରି ପିଠିରେ ଗୋଲାକାର ବିନ୍ଦୁମାନ ଥାଏ, ଗୋଟିଏ ପିଠିରେ ୧; ୨ୟରେ ୨; ୩ୟରେ ୫ ଓ ଚତୁର୍ଥରେ ୬ଗୋଟି ଗୋଲ ବିନ୍ଦୁ ଥାଏ; ପଶା ଖେଳିବା ସମୟରେ ଏହି ୩ଖଣ୍ଡ କାଠି ଗଡ଼ାଇବାକୁ ହୁଏ ।
ପଶା ଖେଳରେ ବ୍ୟବହୃତ ଅନ୍ୟ କେତୋଟି ଶବ୍ଦ ଅକ୍ଷ (ସଂ. ଅକ୍ଷ)=ପଶା ଗୋଟି ଚଳିବାର ବାଟରେ ପ୍ରତିବନ୍ଧକ; ଯୁଗ (ସଂ. ଯୁଗ୍ମ)=ଦୁଇଟି କାଠିରେ ସମ ସଂଖ୍ୟକ ଦାନ ପଡ଼ିଲେ ଦୁଇଟି ଗୋଟୀ ଏକତ୍ର ଚଳିବାର ପ୍ରଣାଳୀ ।]
୨ । ଏକ ପ୍ରକାର ସରୁଧାନ—
2. A species of fine paddy.

ପଶା ଖେଳ – ଦେ. ବି—(ସଂ. ପାଶକ+କ୍ରୀଡ଼ା)—ପାଶକ କ୍ରୀଡ଼ା; ଚଉପାର ଖେଳ—The game at dice; dice play.
Pasā khela
পাশাখেল पाशाखेल
[ଦ୍ର—ଏଥିରେ ୪ଜଣ ଖେଳାଳୀ ୨ ଦଳ ହୋଇ ଖେଳନ୍ତି; ପୂର୍ବେ ଖେଳାଳୀମାନେ ପଣ ବା ବାଜି ରଖି ପଶା ଖେଳୁଥିଲେ । ଏହି ଖେଳରେ ନଳ ରାଜା ରାଜ୍ୟ ସମ୍ପଦ ଓ ଯୁଧିଷ୍ଠିର ରାଜ୍ୟ ଓ ଦ୍ରୌପଦୀଙ୍କୁ ହରାଇ ବନବାସ କରିଥିଲେ ।]

ପଶା ଖେଳାଳୀ—ଦେ ବିଣ – ଯେଉଁ ବ୍ୟକ୍ତି ପଶା ଖେଳରେ ନିପୁଣ—
Pasā khelāli A gamester; gambler at dice.
পাশা খেলাড়ী फड़बाज

ପଶା ଗୋଟୀ—ଦେ. ବି. (ସଂ. ପାଶକ ଓ ଗୁଟି)—
Pasā goṭi ପଶା ଖେଳର ଗୁଳା ବା କାଷ୍ଠ ଗୁଳିକା—
পাশার গুটি The small circular figures or pawns
पाशाका गोटी used in the game of dice.
[ଦ୍ର—ଏହା ୪ ରଙ୍ଗର (ହଳଦୀ, କାଳୀ, ନାଲୀ ଓ ନେଳୀ); ଓ ପ୍ରତ୍ୟେକରୁ ୪ ଗୋଟି ଲେଖାଏଁ, ମୋଟରେ ୧୬ ଗୋଟି ଗୋଟୀ ଥାଏ ।]

ପଶା ଦାନ—ଦେ. ବି—ପଶା କାଠିକୁ ଗଡ଼ାଇଲେ ୩ ଖଣ୍ଡଯାକ କାଠି ପିଠିରେ ଦେଖାଯିବା ବିନ୍ଦୁମାନଙ୍କର ସମଷ୍ଟି—
Pasā dāna
পাশার দান The result of a throw of dice.
पासाका दाव [ଦ୍ର—ତିପୁର, ତିନ ବା ତିନ ପୁଅ=୧+୧+୧ । ଚଉକ=୧+୨+୧ । ପଞ୍ଝା ବା ପଞ୍ଝଡ଼=୨+୨+୧ । ଛକା ବା ଛକଡ଼=୨+୨+୨ । ସାତ ବା ପାଞ୍ଚ ଦୁଇ=୫+୧+୧ । ଅଠା ବା ଛ ଦୁଇ ବା ପାଞ୍ଚ ତିନ=୬+୧+୧ ବା ୫+୨+୧ । ନଅ ବା ଛ ତିନ ବା ପଞ୍ଝା ଚାରି=୬+୨+୧ କିମ୍ବା ୫+୨+୨ । ଦଶ ବା ଛ ଚାରି=୬+୨+୨ । ଏଗାର ବା ଦଶ ପୁଅ=୫+୫+୧ । ବାର ବା କଚେ ବାର ବା ଦଶ ଦୁଇ=୬+୫+୧ କିମ୍ବା ୫+୫+୨ । ଏଗାର ଦୁଇ ତେର ବା ପ ବାର ବା ପୁଅବାର =୬+୫+୨ କିମ୍ବା ୬+୬+୧ । ଚଉଦ=୬+୬+୨ । ପନ୍ଦର =୫+୫+୫ । ଷୋଳ=୫+୫+୬ । ସତର=୬+୬+୫ ଅଠର=୬+୬+୬ ।]

ପଶାପଶି—ଦେ. ବି—୧ । ପଶାଇବା କ୍ରିୟାମାନ; ପୂରାପୂରି—
Pasāpasi 1. Acts of thrusting.
ঢুকাঢুকি ୨ । ପ୍ରବେଶ ଆଦି; ପଶିବା ଆଦି—
घुसाघुसी 2. Entry.

ପଶା ପାଲି—ଦେ. ବି. (ସଂ. ଶାରଫଲ; ଶାରପଟ୍ଟ)—
Pasā pāli ପଶା ଖେଳର ଗୋଟୀମାନ ଯେଉଁ ପ୍ରକୋଷ୍ଠଚିହ୍ନିତ
পাশার ছক্ କନାର ପଟ୍ଟ ଉପରେ ଚାଳିତ ହୁଏ—
पसाका बिसात Dice board or dice plate.

ପଶା ବଡ଼ ଦାନ—ଦେ. ବି—ଦଶ ସଂଖ୍ୟା—
Pasā barda dāna Ten.

ପଶା ବଡ଼ ଦାନ ସ୍ୟନ୍ଦନ (ଦଶ+ରଥ)(=ଦଶରଥ) ।
ଭକ୍ତ. କୋଷ ବ୍ରହ୍ମାଣ୍ଡ ଭୂଗୋଳ ।

[ଦ୍ର—କଉଡ଼ି ଖେଳରେ ବଡ଼ ଦାନ ୧୦ ଅଟେ ।]

ପଶା ସାର—ଦେ. ବି. (ସଂ. ପାଶକ+ସାର=ଗୋଟୀ)—
Pasā sāra ପଶା ଗୋଟି (ଦେଖ)—Pasā goṭi (See)

ପଶି—ପ୍ରାଦେ. (ଯାଜପୁର) ବି—ମଫସଲ—
Pasi Countryside; muffassil.

ପଶିଆ—ପ୍ରାଦେ. (ବସ୍ତର) ବି. (ଭୁଲ. ହି. ପସାବନ; ସଂ. ପ୍ରସ୍ରାବଣ)—
Pasiā ପେଜ—Water filtered from boiled rice.
(ଯାଜପୁର) ବି—ପଶି (ଦେଖ)—Pasi (See)

ପଶିବା—ଦେ. କ୍ରି. (ସଂ. ପ୍ରବେଶ; ପ୍ରା. ପଇସ)—
Pasibā ୧ । ପ୍ରବିଷ୍ଟ ହେବା; ଭିତରକୁ ପ୍ରବେଶ କରିବା—
ঢুকা, ঢোকা 1. To enter.

ଘୁସନା, ପୈଠନା — ଏକା ହୋଇ ଅଗମ ଘରରେ ପଶିଲେ ।
କୃଷ୍ଣସିଂହ, ମହାଭାରତ ଅବ ।

(ଡାକ୍ତାରବା—ବିପରୀତ) ୨ । ଭିତରେ ଅବସ୍ଥାନ କରିବା—
ପୁରାଇବା } ପ୍ରଯୋଜକ 2. To remain within.
ପଶାଇବା } (ଯଥା—ସେ ସବୁ ବେଳେ ଘରେ ପଶିଛି ।)

୩ । ଆଶ୍ରୟ ବା ଶରଣ ନେବା—2. To take refuge.
ମୁଁ ଗାଇସ ଚରଣରେ ପଶି ଅସାର ସଙ୍ଗରେ ଝାଳ କଳି ।
ଭକ୍ତଚରଣ, ସଙ୍ଗୀତ ।

୪ । କୌଣସି କଷ୍ଟସାଧ୍ୟ କର୍ମରେ ପ୍ରବୃତ୍ତ ହେବା—
4. To undertake a difficult task.
ମହା ବଳିଷ୍ଠ କା ମଲ୍ଲୀ ଉଣ୍ଡରୀ ଭେଳ
କେଶରୀ ବଳେମେ ପଶ ସେ ସଂଗ୍ରାମେ । ଜଗନ୍ନାଥ, ମହାଯାତ୍ରା ।

୫ । ନିକଟକୁ ଯିବା—5. To go near.
ଯୁବତ ପ୍ରେମେ କେ ମିଶେ, ଗୋବିନ୍ଦ ତା ପାଶେ ନ ପଶେ ।
ଭୂପତି, ପ୍ରେମପଞ୍ଚାମୃତ ।

୬ । ଆସକ୍ତ ହେବା—
6. To be devoted or attached to.
ତାହାର ଚରଣାରବିନ୍ଦେ
ମନ ପଶିବ ଅପ୍ରମାଦେ । ଜଗନ୍ନାଥ, ଭାଗବତ ।

[ଚଣ୍ଡୀଦାସ ଓ ଶୂନ୍ୟପୁରାଣ ଆଦି ପ୍ରାଚୀନ ବଙ୍ଗଳା ପଦ୍ୟରେ 'ପଶିବା' କ୍ରିୟାର ବ୍ୟବହାର ଦେଖାଯାଏ ।]

ପଶୁ—ସଂ. ବି. (ଦୃଶ୍ ଧାତୁ+କର୍ତ୍ତୃ. ଉ; ଦୃଶ ସ୍ଥାନରେ ପଶ ଆଦେଶ
Pasu (Apte); ଯେ ସମସ୍ତ ଦେଖିପାରେ)—

୧ । ସଲାଙ୍ଗୁଳ ଚତୁଷ୍ପଦ ଜନ୍ତୁ—
1. Beast; brute; a quadruped with a tail.

୨ । ଛାଗ – 2. Goat.

୩ । ଗୋ ମେଷାଦି ଗୃହପାଳିତ ଜନ୍ତୁ—3. Cattle.

୪ । ମୂର୍ଖ ବ୍ୟକ୍ତି—
4. Illiterate person; an ignorant person.

୫ । ପଶୁ ପ୍ରକୃତିକ ବ୍ୟକ୍ତି—
5. Brute-natured person.

୬ । ନିର୍ବୋଧ—6. A blockhead; stupid person.

୭ । ବଳି ଦିଆଯିବା ବୋଦା—
7. Victim sacrificed as an offering.

୮ । (ତନ୍ତ୍ର) ନିରାମିଷାଶୀ, ମାଦକତ୍ୟାଗୀ ଜିତେନ୍ଦ୍ରିୟ ବ୍ୟକ୍ତି—
8. (Tantra) A very pious and abstemious person.

୯ । ଜୀବ; ପ୍ରାଣୀ—
9. Animal; living being (Apte).

୧୦ । ଅଗ୍ନି—10. Fire (Apte).

୧୧ । ଯଜ୍ଞ (ହ୍ର. ଶ.)–11. Vedic sacrifice.

୧୨ । ଯେଉଁ ବ୍ୟକ୍ତି ମନ୍ତ୍ର ଗ୍ରହଣ କରି ନ ଥାଏ—
12. An uninitiated person.

୧୩ । ଦେବତା (ହ୍ର. ଶ.)–13 Deity.

୧୪ । ଯଜ୍ଞଡମ୍ବିର (ହ୍ର. ଶ.) (ଦେଖ)—
14. Jajnadimbiri (See)

୧୫ । ପ୍ରମଥ (ହ୍ର. ଶବ୍ଦସାଗର)—
15. An attendant of Siba.

ବିଣ—୧ । ମୂର୍ଖ—1. Silly; stupid; block-headed.

୨ । ପଶୁ ପ୍ରକୃତିବିଶିଷ୍ଟ—2. Beastly; brute-natured.

ପଶୁ କର୍ମ—ସଂ. ବି. (୬ଷ୍ଠୀ ତତ୍; ପଶୁର ଆଚରିତ କର୍ମ)—୧ । ପାଶବ
Pasu karma କର୍ମ—1. Brutal deed; beastly act.
(ପଶୁକ୍ରିୟା—ଅନ୍ୟରୂପ) ୨ । ପଶୁ ପରି ହିତାହିତ ବିବେଚନା ଶୂନ୍ୟ କର୍ମ—2. Acting like beasts; beastly act.

୩ । ମୈଥୁନ—3. Copulation.

୪ । ଯଜ୍ଞରେ ପଶୁ ବଧ—4. Animal sacrifice.

ପଶୁକଳ୍ପ—ସଂ. ବିଣ. (ପଶୁ+ଭୁଲ୍ୟାର୍ଥେ. କଳ୍ପ)—ପଶୁ ପରି; ପାଶବ—
Pasukalpa Beastly; brutish.
ବି—ଯଜ୍ଞୀୟ ପଶୁବଳି ବିଧାନ—The ritual of offering victims in a sacrifice.

ପଶୁ ଗାୟତ୍ରୀ—ସଂ. ବି. (ମ.ପ. ଲୋ; ପଶୁ ବଳି ଦେବା ସମୟରେ ଉଚ୍ଚାରିତ
Pasu gāyatri ଗାୟତ୍ରୀମନ୍ତ୍ର)—ଯଜ୍ଞାର୍ଥ ପଶୁକୁ ବଳି ଦେବା ପୂର୍ବରୁ
(ପଶୁମନ୍ତ୍ର—ଅନ୍ୟରୂପ) ତା କାନରେ ଯେଉଁ ମନ୍ତ୍ର କହି ଦିଆଯାଏ—
The vedic formula whispered into the ear of a victim before it is sacrificed.
[ଦ୍ର—ଏ ମନ୍ତ୍ର ଗାୟତ୍ରୀର ଛାଞ୍ଚରେ ରଚିତ; ଯଥା—ଓଁ ପଶୁପାଶାୟ ବିଦ୍ମହେ, ଶିରଶ୍ଛେଦାୟ (ବିଶ୍ୱକର୍ମଣେ) ଧୀମହି, ତନ୍ନୋ ଜୀବଃ ପ୍ରଚୋଦୟାତ୍ ।]

ପଶୁଚର—ସଂ. ବି. (୬ଷ୍ଠୀ ତତ୍; ପଶୁ+ଚର)—ପଶୁମାନଙ୍କର ଚରାଭୂଇଁ—
Pasuchara Grazing ground for beasts.

ପଶୁ ଚର୍ଯ୍ୟା—ସଂ. ବି. (୬ଷ୍ଠୀ ତତ୍; ପଶୁ+ଚର୍ଯ୍ୟା)—୧ । ପଶୁପରି
Pasu charjyā ବିବେକହୀନ ବ୍ୟବହାର; ପାଶବ ବ୍ୟବହାର—
1. Beastly conduct.

୨ । ପଶୁପାଳନ; ଗୋମେଷାଦି ପାଳିବା—
2. Cattle breeding.

୩ । ରମଣ—3. Copulation (Apte).

୪ । ସ୍ୱେଚ୍ଛାଚାର (ହ୍ର. ଶ)—4. Arbitrary conduct.

ପଶୁତା(ତ୍ୱ)—ସଂ. ବି. (ପଶୁ+ଭାବ. ତା; ତ୍ୱ)—ପାଶବ ଅବସ୍ଥା—
Pasutā(twa) Beastility.

ପଶୁ ଧର୍ମ—ସଂ. ବି. (୬ଷ୍ଠୀ ତତ୍; ପଶୁ+ଧର୍ମ)—୧ । ପଶୁକର୍ମ (ଦେଖ)
Pasu dharma 1. Pasukarma (See)

୨ । ବିଧବା ବିବାହ—The marrying of widows. (Apte).

୩ । ଗମ୍ୟାଗମ୍ୟ ବିଚାର ରହିତ ମୈଥୁନ—
3. Promiscuous cohabitation.

ବିଣ. (ବହୁବ୍ରୀହି)—ପଶୁର ଅଭ୍ୟାସ ବିଶିଷ୍ଟ (ବ୍ୟକ୍ତି)—
Beastial; brutal.

ପଶୁପତି—ସଂ. ବି. (୬ଷ୍ଠୀ ତତ୍; ପଶୁ+ପତି)—୧ । ମହାଦେବ—
Pasupati 1. Siba.

(ପଶୁନାଥ—ଅନ୍ୟରୂପ) ୨ । ଶିବଙ୍କର ଯଜମାନ ମୂର୍ତ୍ତି—
2. One of the forms of Ṡiba.
୩ । ସିଂହ—3. The lion.
୪ । ପଶୁରକ୍ଷକ—4. A herdsman (Apte).
୫ । ଅଗ୍ନି (ହି. ଶ)—5. Fire.
୬ । ଔଷଧ (ହି. ଶ)—6. Herb.

ପଶୁପତି ନାଥ—ଦେ. ବି—ନେପାଳରେ ଅବସ୍ଥିତ ଶିବମୂର୍ତ୍ତିଙ୍କ ନାମ—
Paṡupati nātha Name of a phallic image of Ṡiba worshipped in Nepal.
[ଦ୍ର—ଭାରତରେ ୧୨ ଗୋଟି ତୀର୍ଥମଧ୍ୟରୁ ଏହା ଏକତମ ।]

ପଶୁ ପାତକ—ସ. ବି. (ମ. ପ. ଲୋ; କର୍ମଧା)—ପଶୁହତ୍ୟା ପାପ—
Paṡu pātaka Sin committed by the killing of an animal.
ବ୍ୟର୍ଥେକ ଅରଜ ପଶୁପାତକ । ଭକ୍ତ. ବୈଦେହୀଶବିଳାସ ।

ପଶୁପାଳ—ସ. ବି. ପୁ°. (୬ଷ୍ଠୀ ତତ୍; ପଶୁ+ପାଳ)—
Paṡupāḻa ପଶୁମାନଙ୍କୁ ପାଳନ କରିବା ବ୍ୟକ୍ତି; ପଶୁଜଗୁଆଳ—
(ପଶୁପାଳୀ—ସ୍ତ୍ରୀ) One who tends or rears cattle;
(ପଶୁପ, ପଶୁପାଳକ—ଅନ୍ୟରୂପ) herdsman.

ପଶୁପାଳକ—ସ. ବି. ପୁ°. (୬ଷ୍ଠୀ ତତ୍; ପଶୁ+ପାଳକ)—
Paṡupāḻaka ପଶୁପାଳ (ଦେଖ)—Paṡupāḻa (See)
ଦେ. ବି. (ସ. ପୁଷ୍ପ ଓ ପାଳକ)—ଜଗନ୍ନାଥ ଓ ଲିଙ୍ଗରାଜଆଦି ମହାପ୍ରଭୁଙ୍କ ସେବକ ବିଶେଷ—A class of ṡebakas of the Deities, Jagannātha (of Puri) and Lingarāja (of Bhubaneswar).
[ଦ୍ର—ଏମାନେ ଦର୍ପଣ ଦେଖାଇ ଶ୍ରୀମୁଖ ପ୍ରକ୍ଷାଳନ, ଦାନ୍ତକାଠି ଲାଗି, ଆଚମନ, ଧୂପ ଦୀପ ସହିତ ଶ୍ରୀମୂର୍ତ୍ତିରେ ପଞ୍ଚାମୃତ ସ୍ନାନ, ସୁଗନ୍ଧ ଅଁଳା ଲାଗି ଇତ୍ୟାଦି କରାଇବେ । ଜଗତର ପ୍ରାଚୀନ ଉତ୍କଳ । ଏମାନେ ରଥ ଉପରେ ଠାକୁରଙ୍କୁ ଭୋଗ ଲଗାନ୍ତି ଓ ଦେବତାମାନଙ୍କୁ ବେଶ ଲାଗି କରନ୍ତି ।]

ପଶୁପାଳନ—ସ. ବି. (୬ଷ୍ଠୀ ତତ୍; ପଶୁ+ପାଳନ)—
Paṡupāḻana ଗୋ ମେଷାଦି ପଶୁଙ୍କୁ ପାଳିବା—
(ପଶୁରକ୍ଷଣ—ଅନ୍ୟରୂପ) 1. Rearing of cattle.
୨ । ଗୋ ମେଷାଦିଙ୍କୁ ଜଗିବା—
2. The tending of cattle.

ପଶୁ ପାଶ—ସ. ବି. (୬ଷ୍ଠୀ ତତ୍; ପଶୁ+ପାଶ)—୧ । ପଶୁଙ୍କୁ ବାନ୍ଧିବା
Paṡu pāṡa ଦଉଡ଼ି—1. A rope for tying cattle or
(ପଶୁରଜ୍ଜୁ—ଅନ୍ୟରୂପ) other beasts.
୨ । ଯଜ୍ଞପଶୁ ବାନ୍ଧିବାର ରଜ୍ଜୁ—
2 Rope for tying a victim of sacrifice.
୩ । ଜୀବର ସଂସାରବନ୍ଧନ—3. The bonds which enchain the individual soul (Apte).
୪ । ପଶୁବଳି ବିଶିଷ୍ଟ ଯଜ୍ଞ; ପଶୁମେଧ—
4. Animal sacrifice (Apte).

ପଶୁ ପାଶକ—ସ. ବି—୧ । ପଶୁପାଶ (ଦେଖ)—
Paṡu pāṡaka 1. Paṡupāṡa (See)
୨ । ରତିବନ୍ଧ ବିଶେଷ (ହି. ଶ)—
2. A mode of sexual enjoyment (Apte).

ପଶୁ ପ୍ରୋକ୍ଷଣ—ସ. ବି. (୬ଷ୍ଠୀ ତତ୍, ପଶୁ+ପ୍ରୋକ୍ଷଣ)—ବଳି କର୍ମରେ
Paṡu prokshana ଅଭିପ୍ରେତ ପଶୁକୁ ଛେଦନ କରିବା ପୂର୍ବରୁ ମନ୍ତ୍ରଦ୍ୱାରା ପବିତ୍ରୀକରଣ—The act of consecrating an animal before sacrifice.

ପଶୁ ଫାଣ୍ଡି—ପ୍ରାଦେ. (ଗଞ୍ଜାମ) ବି—କାଞ୍ଜିହାଉସ୍—
Paṡu phāṇḍi Cattle pound.

ପଶୁ ବଳି—ସ. ବି—୧ । ବୋଦା—1. Beast offered as a
Paṡu baḻi victim in a sacrifice.
୨ । ଦେବତାଙ୍କ ଆଗରେ ପଶୁବଧ—
2. Animal sacrifice.

ପଶୁ ବୁଦ୍ଧି—ସଂ. ବି (ମ.ପ.ଲୋ; କର୍ମଧା; ପଶୁ ସୁଲଭ ବୁଦ୍ଧି)—
Paṡu buddhi ୧ । ପଶୁପରି ଅଳ୍ପବୁଦ୍ଧି; ଯୁକ୍ତି ଓ ବିଚାରହୀନ ବୁଦ୍ଧି—1. Very little intelligence like that of beasts.
୨ । ଅଦ୍ୟାବୁଦ୍ଧି (ଦେଖ)—2. Ādyābuddhi (See)
ବିଣ—୧ । ମୂର୍ଖ; ଅଜ୍ଞ—2. Stupid.
୨ । ହିତାହିତ ବିବେଚନା ଶୂନ୍ୟ—
2. Wanting discrimination.

ପଶୁ ବୁଧିଆ—ଦେ. ବିଣ. (ସଂ. ପଶୁବୁଦ୍ଧି)—ପଶୁବୁଦ୍ଧି (ଦେଖ)
Paṡu budhiā Paṡubuddhi (See)
(ପଶୁ ବୁଦ୍ଧିଆ—ଅନ୍ୟରୂପ)

ପଶୁ ବୃତ୍ତି—ସଂ. ବି (୬ଷ୍ଠୀ ତତ୍; ପଶୁ+ବୃତ୍ତି)—ପଶୁକର୍ମ (ଦେଖ)
Paṡu bṛutti Paṡukarma (See)
ସଂ. ବିଣ (ବହୁବ୍ରୀହି)—ପଶୁପରି ଆଚରଣକାରୀ—
Beastial; beastly; brutal.

ପଶୁମାର—ସ. ବି—କଂସେଇ
Paṡumāra (ପଶୁମାରକ—ଅନ୍ୟରୂପ) Butcher.
ଘରେ କାନ୍ଦନ୍ତି ବନ୍ଧୁଜନେ,
ପଶୁଙ୍କୁ ପଶୁମାର ଯେହ୍ନେ । ଜଗନ୍ନାଥ. ଭାଗବତ ।
ପଶୁମାରକ ଘରେ ଯେହ୍ନେ,
ବନ୍ଧନେ ଥାନ୍ତି ପଶୁଗଣେ । ଜଗନ୍ନାଥ. ଭାଗବତ ।

ପଶୁ ମେଧ—ସ. ବି—ଯେଉଁ ଯଜ୍ଞରେ ପଶୁ ବଧ କରାଯାଏ—
Paṡu medha Animal sacrifice.
(ପଶୁଯଜ୍ଞ, ପଶୁଯାଗ—ଅନ୍ୟରୂପ)

ପଶୁ ମେହନ କାରିକା—ସ. ବି—ହାଲିମ (ଦେଖ)—
Paṡu mehana kārikā Hālima (See).

ପଶୁରାଜ—ସ. ବି. (୬ଷ୍ଠୀ ତତ୍; ପଶୁ+ରାଜ)—ମୃଗେନ୍ଦ୍ର; ପଶୁଶ୍ରେଷ୍ଠ; ସିଂହ-
Paṡurāja The king of beasts; lion.

ପଶୁରି—ଦେ. ବି. (ସ. ପଞ୍ଚ+ଓ ସେର)—
Paṡuri ୧ । ପାଞ୍ଚସେର ପରିମାଣ ବା ଓଜନ—
पंसेरा पसेरी 1. The weight of 5 seers.

୨ । ପାଞ୍ଚସେର ଓଜନର ବଟକରା—
2. A standard for weighing 5 Seers.
ବଣ—ପାଞ୍ଚସେର ଓଜନବିଶିଷ୍ଟ—
Weighing 5 Seers.

ପଶୁରି ଗଉଣୀ—ଦେ. ବ—ଯେଉଁ ଗଉଣିରେ ପାଞ୍ଚସେର ପରମିତ ଶସ୍ୟାଦ
Paśuri gauṇi ସମ୍ମାଏ—A measuring pot of the
(ପଶୁର ଗୌଣି—ଅନ୍ୟରୂପ) capacity of 5 Seers.

ପଶୁ ହତ୍ୟା—ସ. ବ—୧ । ଯଜ୍ଞରେ ପଶୁଙ୍କୁ ବଳଦେବା—
Paśu hatyā 1. The slaughter of animals for
(ପଶୁଘାତ, ପଶୁବଧ, ପଶୁମାରଣ—ଅନ୍ୟରୂପ) sacrifice;
୨ । ଜୀବହତ୍ୟା—2 Animal slaughter.

ପଶେର୍—ପ୍ରାଦେ· (କଳାହାଣ୍ଡି) ବ—ବାଳୁଙ୍ଗା—
Paser Awned wild paddy.

ପଶ୍ଚାତ୍—ସଂ. ଅ—(ପର + ଅସ୍ତାତ୍=ନିପାତନସିଦ୍ଧ)—୧ । ପରବର୍ତ୍ତୀ
Paschāt କାଳରେ; ପରେ—1. After; afterwards; subsequently.
୨ । ଏଥି ପରେ (କାଳରେ ବା ସ୍ଥାନରେ)—
2. Hereafter (in space or time).
୩ । ପଛରେ—3. Behind.
୪ । ପିଠି ଆଡ଼େ—
4. In the back; in the rear.
୫ । ଭବିଷ୍ୟତରେ—5. In future.
୬ । ପଛ ଆଡ଼ୁ—6. From behind.
୭ । ପଛ ଅଡ଼କୁ—7. Backwards.
୮ । ଅବଶେଷରେ; ପରଶେଷରେ—
8. Finally; at last. (Apte)
୯ । ପଶ୍ଚିମ ଦିଗରୁ—9. From the west. (Apte)
୧୦ । ପଶ୍ଚିମ ଦିଗକୁ—
10. Towards the west. (Apte)
ବଣ—୧ । ପଛଆଡ଼େ ଥିବା—
1. Situate behind; hinder.
୨ । ପରେ ଘଟିବା—2. Future.

ପଶ୍ଚାତ୍ କର୍ମ—ସ. ବ. (ବୈଦ୍ୟକ)—ଆରୋଗ୍ୟ ହେବା ପରେ ଶରୀରର
Paschāt karma ବଳ, ବର୍ଣ୍ଣ ଓ ଅଗ୍ନି ବୃଦ୍ଧି ପାଇଁ କରାଯିବା
ଉପଚାର—Treatment done during convalescence to restore strength and digestion.

ପଶ୍ଚାତ୍ କୃତ—ସ.ବ—୧ । ଯାହାକୁ ପଛରେ ଛାଡ଼ି ଅସିବାକୁ ହୋଇଥାଏ-
Paschāt kṛuta 1. Left behind(Apte).
୨ । ଯାହାକୁ ମନୁଷ୍ୟ ଟପି ଯାଏ ବା ବଳଯାଏ—
2. Surpassed (Apte).
୩ । ଯାହାକୁ କେହି ପଚାରନ୍ତି ନାହିଁ—
3. Thrown to the background (Apte).

ପଶ୍ଚାତ୍ଗାମୀ—ସ. ବଣ. ପୁଂ. (ପଶ୍ଚାତ୍ + ଗମ୍ ଧାତୁ + ଇନ୍; ୧ମା.୧ବ)—
Paschātgāmi ୧ । ଯେ ପଛେ ପଛେ ଯାଏ—
(ପଶ୍ଚାତ୍ଗାମିନୀ—ସ୍ତ୍ରୀ) 1. Following.
୨ । ଯେ ପଛ ଅଡ଼କୁ ଗତି କରେ—
2. Moving backwards.
୩ । ପରବର୍ତ୍ତୀ—3. Following; succeeding.

ପଶ୍ଚାତେ—ଦେ. ଅ. (ସ. ପଶ୍ଚାତ୍)—
Paschāte ୧ । ପରେ; ଭବିଷ୍ୟତରେ; ପଛକୁ ; ପଛେ—
1. In future; afterwards.
ପଶ୍ଚାତ, ପଶ୍ଚାନ୍ତ, ପଶ୍ଚାନ୍ତେ } ଅନ୍ୟରୂପ] ତାହାଙ୍କ ଚକ୍ଷୁଁ ଛାଡ଼ ପାଇ, ପଶ୍ଚାତେ କ ଗତକୁ ପାଇ ।
ଜଗନ୍ନାଥ, ଭାଗବତ ।
ପାଛେ, ପିଛନେ ୨ । ପୃଷ୍ଠ ଦେଶରେ—2. In the back.
ପୀଛେ

ପଶ୍ଚାତ୍ତାପ—ସ. ବ. (ଅବ୍ୟୟୀ ଭାବ; ପଶ୍ଚାତ୍ + ତାପ)—
Paschāttāpa ଅନୁଚିତ କାର୍ଯ୍ୟ କରିବା ଯୋଗୁଁ ମନରେ ଜାତ
(ପଶ୍ଚାନୁତାପ—ଅନ୍ୟରୂପ) ହେବା ଖେଦ; ପସ୍ତାଇବା; ଅନୁତାପ—
Repentance; contrition.
ଏହା ଦେଖିଣ ସୁରୋଧନ ପଶ୍ଚାତ୍ତାପ
କରୁ ଅବା ଛଡବ ବାନ୍ଧିବାର ପାପ । କୃଷ୍ଣସିଂହ, ମହାଭାରତ ଦ୍ରୋଣ ।

ପଶ୍ଚାଦ୍ଦିଗ—ସ. ବ. (କର୍ମଧା; ପଶ୍ଚାତ୍ + ଦିଗ)—
Paschāddiga ୧ । ପଶ୍ଚାଭାଗ (ଦେଖ)
ପଶ୍ଚାଦ୍ଦେଶ, ପଶ୍ଚାଭାଗ } ଅନ୍ୟରୂପ 1. Paschādbhāga (See)
୨ । ପଶ୍ଚିମ—2. The west.

ପଶ୍ଚାଦ୍ବଂଶ—ଦେ. ବ—(ବାଇବ୍ଲ ଅନୁବାଦ; ଆଧୁନିକ ପ୍ରୟୋଗ)—ଭାବୀ
Paschādbamsa ବଂଶଧରଗଣ—Descendants.

ପଶ୍ଚାଦ୍ବର୍ତ୍ତୀ—ସଂ. ବଣ. ପୁଂ. (ପଶ୍ଚାତ୍ + ବୃତ୍ ଧାତୁ + ଇନ୍. ୧ମା. ୧ବ.)
Paschādbarttī ପଛଆଡ଼େ ଅବସ୍ଥିତ—Situate behind.
(ପଶ୍ଚାଦ୍ବର୍ତ୍ତିନୀ—ସ୍ତ୍ରୀ)

ପଶ୍ଚାର୍ଦ୍ଧ—ସ. ବ. (ଅପର + ଅର୍ଦ୍ଧ; ନିପାତନ)—୧ । ଶରୀରର ଗୋଡ଼-
Paschārddha ଠାରୁ ନାଭି ପର୍ଯ୍ୟନ୍ତ ଅଂଶ—1. The part
(ପୂର୍ବାର୍ଦ୍ଧ—ବିପରୀତ) of the body below the navel; the lower half of the body.
୨ । ବସ୍ତୁର ଦ୍ୱିତୀୟାର୍ଦ୍ଧ—2. The latter half.
୩ । ପଶ୍ଚିମାଂଶ—3. The western side (Apte).

ପଶ୍ଚିମ—ସ. ବ. (ପଶ୍ଚାତ୍=ପଛଆଡ଼େ + ଇମ; ଉପାସନାକାଳରେ ଏହି
Paschima ଦିଗ ମନୁଷ୍ୟର ପଛକୁ ଥିବାରୁ; ଅଥବା ପଶ୍ଚ=ପଶ୍ଚାତ୍ +
ଇ ଧାତୁ=ଗମନ କରିବା + ମ; ସୂର୍ଯ୍ୟଦେବ ପ୍ରଥମେ ଉଦିତ
ହେବା ପରେ ଯେଉଁ ଦିଗକୁ ଗମନ କରନ୍ତି)—୧ । ପ୍ରତୀଚୀ;
ସୂର୍ଯ୍ୟ ଯେଉଁ ଦିଗରେ ଅସ୍ତ ହୁଅନ୍ତି—1. The west.
୨ । ପୃଷ୍ଠଦେଶ; ପଛଆଡ଼ —
2. Back side; hind part.
୩ । ଶେଷଭାଗ—3. Last portion.
ବଣ—୧ । ପଶ୍ଚିମଦିଗସ୍ଥ—1. Western.
୨ । ଶେଷ; ଚରମ—2. Final; last.
୩ । ପଛଆଡ଼ର—3. Hinder; hindmost.
ଦେ. ବ—୧ । ଭାରତର ପଶ୍ଚିମ ଅଂଶ; ପଶ୍ଚିମାଞ୍ଚଳ—
1. Western India.

୨ । ଭାରତର ଉତ୍ତର ପଶ୍ଚିମ ପ୍ରଦେଶ—
2. The North Western Province of India

ପଶ୍ଚିମ ଅବସ୍ଥା—ସ. ବି—୧ । ମୃତ୍ୟୁ—
Paśchima abasthā 1. Death.
ତାହାଙ୍କର ପଶ୍ଚିମ ଅବସ୍ଥା ହୋଇଲେ
ଅମ୍ଭେମାନେ ଯମଙ୍କ ପାଶେ ଯିବୁଁ ଭଲେ—କୃଷ୍ଣସିଂହ. ମହାଭାରତ. ଦ୍ରୋଣ
୨ । ଶେଷ ଅବସ୍ଥା—2. Last stage.
୩ । ମୁମୂର୍ଷୁ ଅବସ୍ଥା—3. Dying condition.

ପଶ୍ଚିମ କବାଟ—ଦେ. ବି—କ୍ଷତ୍ରିୟଙ୍କ ବଂଶୋପାଧିବିଶେଷ—
Paśchima kabāṭa A family title of the Kshatriyas.

ପଶ୍ଚିମ ଘାଟ—ଦେ. ବି—ବିନ୍ଧ୍ୟ ପର୍ବତର ପଶ୍ଚିମ ଶାଖା, ଯାହା ବମ୍ବେଇ ପ୍ରଦେଶର ପଶ୍ଚିମାଂଶରେ ସମୁଦ୍ରର ସମାନ୍ତର ହୋଇଅଛି—The Western Ghat mountain range in western India.
Paśchima ghāṭa
পশ্চিম ঘাট
पश्चिमी घाट

ପଶ୍ଚିମ ଜୀବନ—ସ. ବି—ଶେଷ ଜୀବନ; ଜୀବନର ଶେଷଭାଗ—
Paśchima jībana The last part of the life.
କହୁଥିଲ ଅଣା କହିବ ଯାପକ
ତୋ ପଶ୍ଚିମଗରେ ପଶ୍ଚିମ ଜୀବନ—ରଥାମାଥ, ଲେଖା ।

ପଶ୍ଚିମ ଦକ୍ଷିଣ—ସ. ବି—ପୃଥିବୀର ଦକ୍ଷିଣ ଓ ପଶ୍ଚିମ ଦିଗର ମଧ୍ୟବର୍ତ୍ତୀ କୋଣ; ନୈର୍‌ଋତ କୋଣ—
Paśchima dakshiṇa
The south western point of the compass.

ପଶ୍ଚିମ ଦୁଆର—ଦେ. ବି. (ସ. ପଶ୍ଚିମ+ଦ୍ୱାର)—୧ । ଘର ବା ଗଡ଼ ବା ମଣ୍ଡଳ ବା ମନ୍ଦିର ବେଢ଼ାର ପଶ୍ଚିମ ଦିଗର ଦ୍ୱାର—1. The western door or gate of a house or compound or temple.
Paśchima duāra
পশ্চিম দুয়ার
पच्छिम दरवाजा
୨ । ପୁରୀ ଜଗନ୍ନାଥ ମନ୍ଦିର ବେଢ଼ାର ପଶ୍ଚିମ ଦ୍ୱାରରେ ପୂର୍ବେ ଥିବା ବେଶ୍ୟାଳୟମାନ—2. The houses of prostitutes which were formerly located near the western gate of the Puri temple.
୩ । ଗୁହ୍ୟଦ୍ୱାର—3. Anus.
(ଯଥା—ତାହାର ପଶ୍ଚିମ ଦୁଆର ଶବ୍ଦ କରୁଛି=ସେ ବାତକର୍ମ କରୁଛି ।)

ପଶ୍ଚିମ ବାହିନୀ—ସ. ବଣ ସ୍ତ୍ରୀ. (ପଶ୍ଚିମ+ବହ ଧାତୁ+କର୍ତ୍ତୃ. ଇନ୍+ ସ୍ତ୍ରୀ. ଈ)—ଯେଉଁ ନଦୀ ପଶ୍ଚିମକୁ ବହି ଯାଇଅଛି—(a river) Flowing towards the west.
Paśchima bāhinī

ପଶ୍ଚିମ ବୁଦ୍ଧି—ସଂ. ବି—ପଛ ବୁଦ୍ଧି—
Paśchima buddhi After-wit.

ପଶ୍ଚିମ ରାତ୍ର—ସଂ. ବି - ଶେଷ ରାତ୍ର; ରାତ୍ରର ଶେଷଭାଗ—
Paśchima rātra The small hours of the night.

ପଶ୍ଚିମ ରାତି—ଦେ. ବି.—(ସ. ପଶ୍ଚିମ ରାତ୍ର)—ପଶ୍ଚିମ ରାତ୍ର (ଦେଖ)
Paśchima rātri Paśchima rātra (See)
ପଶ୍ଚିମ ରାତି ପ୍ରାପ୍ତ ହୋଇ,
ନିଦ୍ରକୁ ତାଙ୍କ ଆଉ ନାହିଁ । ଜଗନ୍ନାଥ. ଭାଗବତ ।

ପଶ୍ଚିମା—ସ. ବି. ସ୍ତ୍ରୀ. (ପଶ୍ଚିମ+ଆ)—ପଶ୍ଚିମ ଦିଗ; ପ୍ରତୀଚୀ—
Paśchimā The west.

(ପଶ୍ଚିମାଣୀ—ସ୍ତ୍ରୀ) ଦେ. ବି. ପୁଂ—୧ । ଭାରତର ପଶ୍ଚିମାଞ୍ଚଳ ବାସୀ—
পচিমা 1. A person of Western India.
पछमी ୨ । ଭାରତର ଉତ୍ତର ପଶ୍ଚିମାଞ୍ଚଳୀୟ ବ୍ୟକ୍ତି—
2. A man of the North Western province of India.
ବଣ.—ପଶ୍ଚିମ ଦେଶୀୟ—Western.
ପଶ୍ଚିମା ବେଶ ଯଥୋଚିତ ବାଦ, ପିନ୍ଧାଇ ସଜଣା ହୋଇଲେ ଚୋର
ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।

ପଶ୍ଚିମାଚଳ—ସ. ବି.—ଅସ୍ତାଚଳ (ଦେଖ)
Paśchimāchaḷa Astāchaḷa (See)

ପଶ୍ଚିମା ପବନ—ଦେ. ବି.—ଯେଉଁ ଥଣ୍ଡା ପବନ ଶୀତ ଦିନେ ପଶ୍ଚିମ ଦିଗରୁ ବହେ—The cold wind blowing from the west.
Paśchimā pabana
পিচ্ছিমে বাতাস **पछमीहवा**

ପଶ୍ଚିମୀ—ସ. ବଣ—୧ । ପଶ୍ଚିମ ଦିଗସ୍ଥ—
Paśchimī 1. Of the west.
୨ । ପଶ୍ଚିମ ସମ୍ବନ୍ଧୀୟ—2. Western.

ପଶ୍ଚିମୋତ୍ତର—ସ. ବି.—(ପଶ୍ଚିମ+ଉତ୍ତର)—ପୃଥିବୀର ପଶ୍ଚିମ ଓ ଉତ୍ତର ଦିଗର ମଧ୍ୟବର୍ତ୍ତୀ କୋଣ; ବାୟୁକୋଣ
Paśchimottara
The north western point of the compass.

ପଶ୍ୱାଚାର—ସ. ବି.— (ମ. ପ. ଲୋ; ପଶୁର ଉପଯୁକ୍ତ ଆଚାର)—
Paśwāchāra ୧ । ପାଶବ ବ୍ୟବହାର—
1. Beastly conduct.
୨ । ତାନ୍ତ୍ରିକ ଆଚାରବିଶେଷ—
2. A kind of Tantric ritual.
[ଦ୍ର—ତନ୍ତ୍ର ମତରେ ତିନି ପ୍ରକାରେ ସାଧନା କରି ଯାଏ; ଯଥା, ଦିବ୍ୟ,ବୀର ଓ ପଶୁ ; ପଶ୍ୱାଚାର ବା ବୈଦିକାଚାର କଳିଯୁଗରେ କର୍ତ୍ତବ୍ୟ; ଏଥିରେ ନିତ୍ୟସ୍ନାନ, ସନ୍ଧ୍ୟା, ପୂଜନ, ଶ୍ରାଦ୍ଧ ଓ ବ୍ରାହ୍ମଣ କର୍ମ କରିବ, ସମସ୍ତଙ୍କୁ ସମାନ ଭାବରେ ଦେଖିବ, ଅନ୍ୟର ଅନ୍ନ ଗ୍ରହଣ କରିବ ନାହିଁ, ସତ୍ୟ କହିବ ଓ ମଦ୍ୟ ମାଂସ ବ୍ୟବହାର କରିବ ନାହିଁ (ହ୍ର.ଶ.)]

ପଶ୍ୱାଚାରୀ—ସ. ବଣ. ପୁଂ (ପଶ୍ୱାଚାର+ଇନ୍; ୧ମା. ୧ବ.)—
Paśwāchārī ୧ । ପାଶବ ବ୍ୟବହାରକାରୀ—
(ପଶ୍ୱାଚାରଣୀ—ସ୍ତ୍ରୀ) 1. Acting brutally; bestial.
୨ । ପଶ୍ୱାଚାର ବିଧିରେ ତାନ୍ତ୍ରିକ ଅନୁଷ୍ଠାନକାରୀ—
2. Following the Paśwāchāra Tantra-exercises.

ପଶ୍ୟ—ଦେ. ବି.—(ସ. ପ୍ରବେଶ; ଦୃଶ୍ ଧାତୁର ଅନୁଜ୍ଞା ୨ୟ ପୁରୁଷ ଏକ ବଚନର ଆକାର ସ. ପଶ୍ୟ=ଦେଖ)—୧ । ଦୃଷ୍ଟି—
Paśya
খেয়াল **ख्याल** 1. Sight.
୨ । କୌଣସି ବିଷୟ ପ୍ରତି ମନୋଯୋଗ—
2. Attention to any point.
୩ । ଧ୍ୟାନ; ଖିଆଲ—3. Care; thought.
୪ । ସ୍ମରଣ—4. Remembrance; recollection.

ପଶ୍ୟତୋହର—ସ. ବି. ପୁଂ—[ପଶ୍ୟତଃ=ଦେଖିବା ଲୋକର+ହୃ ଧାତୁ+କର୍ତ୍ତୃ. ଅ=ହର=ଯେ ହରଣ କରେ; ଯେଉଁ ବ୍ୟକ୍ତି ଆଖି ଆଗରେ (ସୁନାକୁ) ହର ଣ କରେ]—
Paśyatohara

୧ । ବଣିଆ—1. Goldsmith.
୨ । ଚୋର—2. Thief.

ପଷ୍ଟ—ସ୍ତ୍ରୀ. ବଣ—(ସଂ. ସ୍ପଷ୍ଟର ଅଶୁଦ୍ଧ ଉଚ୍ଚାରଣ)—ସ୍ପଷ୍ଟ (ଦେଖ)
Pashṭa ପଷ୍ଟ Spashṭa. (See)

ପସନା—ପ୍ରାଦେ. (ବସ୍ତୁର) (ତୁଳ. ହି. ପସୀନା; ସଂ. ପ୍ରସ୍ୱେଦନ)—ଝାଳ—
Pasanā Sweat; perspiration.

ପସନା ଫୁଟିବା—ପ୍ରାଦେ. (ବସ୍ତୁର) କ୍ରି—ଝାଳ ବାହାରିବା—
Pasanā phuṭibā Sweat coming out of the body; perspiration.

ପସନ୍ଦ—ବୈଦେ. ବି. (ଫା.)—୧ । ନିର୍ବାଚନ; ବାଛିବା;—
Pasanda 1. Selection.
ଅପସନ୍ଦ, ନାପସନ୍ଦ, ବେପସନ୍ଦ } ବିପରୀତ
୨ । ରୁଚି; ମନୋନୟନ; ଅଭିରୁଚି—
2. Choice; liking.
ପଚ୍ଛନ୍ଦ ୩ । ମଞ୍ଜୁର; ଗ୍ରହଣ—
पसंद 3. Acceptance.
୪ । ସମ୍ମାନ—4. Regard; respect.
୫ । ଅନୁମୋଦନ—5. Approval; approbation.
ବଣ.—୧ । ମନୋନୀତ—1. Selected; chosen.
୨ । ଅନୁମୋଦିତ—2. Approved.
୩ । ଗୃହୀତ—3. Accepted.
୪ । ମନୋମତ; ଇଚ୍ଛାନୁରୂପ; ରୁଚିର ଅନୁକୂଳ—
4. Choice; suiting one's choice or taste.
୫ । ଅନୁରୂପ; ତୁଲ୍ୟ—5. Like; similar.
ବନ ଅ ବନ୍ଧୁ କି ବନ୍ଧୁ, ଅଧରରେ ବନ୍ଧ କର ବୁଝି ପସନ୍ଦ କିସା—
କବିସୂର୍ଯ୍ୟ—ସଙ୍ଗୀତ ।
୬ । ରୁଚିକର; ଉତ୍ତମ; ସୁନ୍ଦର—
6. Beautiful; decent.
ଏଥିରୁ ବଡ଼ ପସନ୍ଦ × × × ଦେବାର ଶକ୍ତି ମୋର କି ଣି ।
କବିସୂର୍ଯ୍ୟ. ସଙ୍ଗୀତ ।
୭ । ଉଚିତ—7. Proper.
ପ୍ରତାପ ଯାକରେ ଭଣା କି ଥାଇ ସଂଶୟ
ପସନ୍ଦ ନହିଁ ପର ପୁରୁଷରେ ସ୍ନେହ—
କବିସୂର୍ଯ୍ୟ—କଳୋପ କ ... ଚ ୮ ।
୮ । ବିଶ୍ୱାସ ଯୋଗ୍ୟ—8. Reliable; trustworthy.
୯ । ଯୋଗ୍ୟ; ଅନୁକୂଳ—9. Suitable; fitting.

ପସନ୍ଦ କରିବା—ଦେ କ୍ରି—୧ । ମନୋନୀତ କରିବା—
Pasanda karibā 1. To choose; to select.
ପଚ୍ଛନ୍ଦକରା ୨ । ପ୍ରଶଂସା କରିବା—2. To praise.
पसन्दकरना ୩ । ଅନୁମୋଦନ କରିବା—
3. To aprove; to take a fancy to.
୪ । ସମ୍ମାନ କରିବା; ଖାତିର କରିବା—
4. To treat with respect or regard.
୫ । ଭଲ ପାଇବା; ସୁଖ ପାଇବା—5. To like.
୬ । ବିଶ୍ୱାସ କରିବା—6. To believe; to trust.
୭ । କୌଣସି ପଦାର୍ଥର ଗୁଣ ବା ମୂଲ୍ୟ ବିଚାର କରିବା—
7. To take into consideration the quality or
(ପସନ୍ଦକୁ ଆଣିବା)—ଅନ୍ୟରୂପ price of a thing; to appraise.

ପସନ୍ଦକୁ ଆସିବା—ଦେ. କ୍ରି—ମନୋମତ ହେବା—
Pasandaku āsibā To meet with one's approval; to
ପଚ୍ଛନ୍ଦଆସା; पसन्दमेंआना suit one's choice.

ପସନ୍ଦଦାର୍—ବୈଦେ. ବଣ—(ଫା. ପସନ୍ଦଦାର୍)—୧ । ଅନୁମୋଦିତ—
Pasandadār 1. Approved; choice.
(ପସନ୍ଦଦାରିଆ—ଅନ୍ୟରୂପ) ୨ । ଯେ ଉତ୍ତମରୂପେ ପସନ୍ଦ କରିପାରେ—
ପଚ୍ଛନ୍ଦଦାର 2. Competent to select a thing.
पसन्ददार ୩ । ଦେଖିବାକୁ ସୁନ୍ଦର—
3. Graceful to look at.

ପସନ୍ଦ ପଡ଼ିବା—ଦେ. କ୍ରି—୧ । ସମ୍ମାନିତ ହେବା; ଖାତିରରେ ଆସିବା—
Pasanda paḍibā 1. To be treated with respect
(ପସନ୍ଦରେ ପଡ଼ିବା—ଅନ୍ୟରୂପ) or regard.
ପଚ୍ଛନ୍ଦ ପଡ଼ା (ଯଥା—ଏ କାଳର ଟୋକାଙ୍କୁ ମୁରବୀମାନେ ପସନ୍ଦ
पसन्दपड़ना ପଡ଼ୁ ନାହାନ୍ତି)
୨ । ମନୋନୀତ ହେବା; ଅନୁମୋଦିତ ହେବା—
2. To be approved; to meet with approval; to suit one's choice.
ପସନ୍ଦ ପଡ଼ିବ ବୋଲି ସିନା ମାତ୍ର ପରଦା ବନାଇ ବଚନରେ—
କବିସୂର୍ଯ୍ୟ. ବଢ଼ତାକଲ୍ଲୋଳ ।
୩ । ବିଶ୍ୱାସ କରାଯିବା—3. To be believed.

ପସନ୍ଦ ସଇ—ବୈଦେ. ବି. (ଫା.)—୧ । ଅନୁମୋଦିତ ହେବାର ଯୋଗ୍ୟ
Pasanda sai 1. Worthy of approval or belief;
(ପସନ୍ଦ ସହି—ଅନ୍ୟରୂପ) approvable.
ପଚ୍ଛନ୍ଦସହି ୨ । ରୁଚିର ଅନୁରୂପ—
पसन्दसही 2. According to one's liking or fancy.

ପସନ୍ଦି—ବୈଦେ. ବଣ—(ଫା. ପସନ୍ଦୀ)—ପସନ୍ଦଦାର (ଦେଖ)—
Pasandi Pasandadār. (See)
(ପସନ୍ଦିଆ—ଅନ୍ୟରୂପ)

ପସର—ଦେ. ବି—ପସରା (ଦେଖ)—
Pasara Pasarā. (See)
ଯେଉଁକାଳେ ବଣିଜ ପସର—ଭୂପତି ପ୍ରେମ ପଞ୍ଚାମୃତ ।

ପସରା—ଦେ. ବି—(ସଂ. ପ୍ରସାର=ପଣ୍ୟ ବିସ୍ତୃତ; ତୁଳ. ପାଲି. ପସାର;
Pasarā କମ୍ପା ସ. ପଣ୍ୟଶାଳା)—୧ । ବୁଲିବିକାଳିର ବା ଛୁଟା—
ପସରା ଦୋକାନୀର ବିକ୍ରେୟ ଦ୍ରବ୍ୟ ସମ୍ଭାର—1. Collection
पसरहट्टा; पसरट्टा; पसरा of commodities or wares of a pedlar; pedlary.
୨ । ଦୋକାନ—2. Shop.
କବିଙ୍କ ବୁଝ ଗାଗୋର ବାଟି ଭରସ ପସରା—
କବିସୂର୍ଯ୍ୟ ଇବ୍ରାହିମ ଭଜ ବ. ଗୀତ ।
୩ । ଛୁଟାଦୋକାନୀର ପଣ୍ୟଦ୍ରବ୍ୟ ରଖିବା ଗୁଞ୍ଜଡ଼ା; ପଣ୍ୟାଧାର—
3. A basket or tray on which commodities are exhibited for sale by a pedlar.
୪ । ଆଶ୍ରୟ—4. Support.

୫ । ଜୀବିକା ନିର୍ବାହର ଉପାୟ—
5. Means of support.
୬ । ବୋଝ—6 Load.
୭ । ଆଧାର—7. Receptacle.
୮ । (ଲକ୍ଷଣାର୍ଥ) ପୂର୍ଣ୍ଣ ପରିମାଣ—
8. (figurative) A full measure.
(ଯଥା—ଘର କଲେ କଳଙ୍କ ପସରା ମୁଣ୍ଡେଇବାକୁ ହୁଏ ।)
ପ୍ରାଦେ (ଗଡ଼ଜାତ) ବି—ଆଦର; ପରୁଆ—
Care; regard.
(ଯଥା—ତାର ଏ କଥାରେ ପସରା ନାହିଁ)

ପସରା ମେଲ(ଲେ)ଇବା—ଦେ. କ୍ରି—ବିକ୍ରେୟ ଦ୍ରବ୍ୟ ପରିପୂର୍ଣ୍ଣ ଆଧାରକୁ
Pasarā melā(le)ibā ପଣ୍ୟ ବିକ୍ରୟାର୍ଥ ଖୋଲି ରଖିବା—To exhibit or spread out the basket or tray of commodities for sale.
ପସରା ପକା(କେ)ଇବା, ପସରା ବାଢ଼ିବା, ପସରା ମେଲିବା } ଅନ୍ୟରୂପ
পসরা খুলা पसरहट्टा खुलना

ପସଲ—ଦେ. ବି—(ବୃଷ୍ଟିର) ଅସାର—
Pasalā Shower; outpour (of rain).
পসলা बौछार; झड़

ପସାର—ଦେ. ବି—(ସଂ. ପ୍ରସାର)—୧ । ଖ୍ୟାତି; ପ୍ରତିପତ୍ତି—
Pasāra 1 Reputation.
পতিয়ারা पत्यारा
୨ । ବ୍ୟବସାୟଗତ ବିଶ୍ୱାସ ବା ସୁନାମ—
2. Credit or reputation in trade or business.
୩ । ବ୍ୟବସାୟାଦିରେ କୃତକାର୍ଯ୍ୟତା—
3. Success in business.
পসার ୪ । ବିସ୍ତୃତି; ପ୍ରସାର—
पसार 4. Expanse; extent.
୫ । ବ୍ୟବସାୟର ବିସ୍ତାର ବା ଉନ୍ନତି—
5. Extention of business; improvement in trade.

ପସାରିବା—ଦେ. କ୍ରି (ସ. ପ୍ରସାରଣ);—୧ । ଦୋକାନର ପଣ୍ୟଦ୍ରବ୍ୟକୁ
Pasāribā ମେଲାଇ ରଖିବା—1. To exhibit the basket of commdities for sale.
पसारना
୨ । ମେଲାଇବା—2. To spread out; to stretch out.

ପସାରୀ—ଦେ. ବି. ପୁଂ—୧ । ବୁଲାବିକାଳି—
Pasāri 1. A pedlar.
(ପସାରୁଣୀ—ସ୍ତ୍ରୀ) ୨ । ପଣ୍ୟ ବିକ୍ରେତା; ଦୋକାନୀ—
2. Shop keeper; stall holder; grocer.
গাঁজল, পসারী ୩ । ହାଟ ଆଦିକୁ ଯେଉଁ ବିକ୍ରେତାମାନେ ପସରା
पंसारी ନେଇ ଆସନ୍ତି; ଉଠା ଦୋକାନୀ—3. Sellers coming to a market with baskets; huckster.
ଧର୍ମର ପସରା ପ୍ରମାଣ
ଗୁଣି ବୃଥାଦ ଫଳ ଅଣ
ତାହା ଯେସନେ ବେଗେ ଅଣି
ପସାରି ଜାଣେ ନ ଗଣି ।
ଭୂପତି—ପ୍ରେମପଞ୍ଚାମୃତ ।

ପସାରୁଣୀ—ଦେ. ବି. ସ୍ତ୍ରୀ.—୧ । (ପସାରୀର ସ୍ତ୍ରୀଲିଙ୍ଗ) ଯେଉଁ ସ୍ତ୍ରୀଲୋକ
Pasāruṇi ହାଟକୁ ପସରା ନେଇ ପଣ୍ୟାଦି ବିକେ—
A female huckster.
ସ.—ପ୍ରସାରଣୀ, ରାଜବଳା, ଭଦ୍ରପର୍ଣ୍ଣୀ, ପ୍ରତାପନୀ, ସରଣୀ, ସାରଣୀ, ପ୍ରସାରଣୀ, ଗନ୍ଧାଳ, ବଳା, ଗନ୍ଧପ୍ରସାରଣୀ, ଭଦ୍ରା, ଗନ୍ଧଭଦ୍ରା, ସୁପ୍ରସରା, କଟଂଭରା, ଷାରଣୀ, ପ୍ରସରା ।
ମ. ଗନ୍ଧବେଲ, ପ୍ରସାରଣୀ
ତେ. ସବରେଲତେଟୁ, ଗୋସ୍ତେମଗୋରୁ
ଗୁ. ପ୍ରସାରଣ, ବେଲ୍ୟ
গন্ধভাদুলিয়া, গান্ধাল
গাঁদাল, গন্ধভাদুল
गान्धाली, पसरन,
गन्धलि, गन्धपसार(री)
୨ । (ସ. ପ୍ରସାରଣୀ)—ଏକ ପ୍ରକାର ଔଷଧି ଲତା—
2. A medicinal creeper; Paederia Fœtida.
[ଦ୍ର—ଏ ଲତାର ପତ୍ର ଅତ୍ୟନ୍ତ ଦୁର୍ଗନ୍ଧମୟ । କିନ୍ତୁ ଛୁଅଣ ବା ଝୋଳ ହେଲେ ଏଥିର ଦୁର୍ଗନ୍ଧ ରହେ ନାହିଁ । ଏହାର ପତ୍ର ଓ ଡଙ୍କର ଝୋଳ କରି ପଥ୍ୟରୂପେ ରୋଗୀ ଖାଏ । ଏହାର ରସ ଦେହରେ ମାଲିସ କଲେ ଅଙ୍ଗ ପ୍ରସାରିତ ହୁଏ ବୋଲି ଏହାର ନାମ ପ୍ରସାରଣୀ । ଏହା ଅଳ୍ପକାଳ ବର୍ଗର ଦୁର୍ଗନ୍ଧ ସ୍ନେହଣୀ ଲତା, ଫୁଲ କଲମ-ଲିଠାର ଫୁଲ ପରି ଓ ଶରତ୍ କାଳରେ ଫୁଟେ; ଏ ଲତା ବହୁତ ମାଡ଼ି ଯାଏ । ବୈଦ୍ୟକ ମତରେ ଏହା ବଳବୀର୍ଯ୍ୟ ବର୍ଦ୍ଧକ, ବାତ ପିତ୍ତ ନାଶକ, ଭଗ୍ନାସ୍ଥି ସଂଯୋଜକ, ସ୍ୱରଭଙ୍ଗ ଓ ବାତ ଆଦି ରୋଗରେ ଉପକାରୀ ।]

ପସିନା—ଦେ. ବି. (ସ. ପ୍ରସ୍ୱେଦନ)—ଝାଳ—
Pasinā ঘাম पसीना Sweat.
(ପସିନା—ଅନ୍ୟରୂପ)

ପସ୍ତା—ଦେ. ବି.—(ସ. ପଶ୍ଚାତ୍ତାପ; ପ୍ରା. ପଚ୍ଛତାବ)—ପଶ୍ଚାତ୍ତାପ—
Pastā পস্তান पछतावा Repentance.

ପସ୍ତା(ସ୍ତେ)ଇବା—ଦେ. କ୍ରି. (ସ. ପଶ୍ଚାତ୍ତାପ ପ୍ରା. ପଚ୍ଛତାବ)—
Pastā(ste)ibā ଅନୁତାପ କରିବା—To repent.
পস্তান पछताना

ପହଁଟିଆ—ପ୍ରାଦେ. (ସମ୍ବଲପୁର) ବି.—(ସଂ. ପ୍ରଭାତ; ପ୍ରା. ପହାଟ)—
Pahãṅtiā ପାହାନ୍ତିଆ—Early hours of the morning.
(ପହଣ୍ଟିଆ—ଅନ୍ୟରୂପ)

ପହଁଟିଆ ତରା—ପ୍ରାଦେ. (ସମ୍ବଲପୁର) ବି.—ପାହାନ୍ତିଆ ତରା (ଦେଖ)
Pahãṅtiā tarā Pāhāntiā tarā (See)
(ପହଣ୍ଟିଆ ତରା—ଅନ୍ୟରୂପ)

ପହଁଟିବା—ପ୍ରାଦେ. (ସମ୍ବଲପୁର) କ୍ରି.—୧ । ଅଭ୍ୟାସ ବଶତଃ ଲାଳାୟିତ
Pahãṅtibā ହେବା—1. To be tempted owing to habit.
(ପହଁଟ ଯିବା—ଅନ୍ୟରୂପ)
(ଯଥା—ସବୁଦିନ ଏଠାରୁ ପୁଅଳ ଖାଇ ଗାଈଟା ପହଁଟୁଛି ।)
୨ । (ନିଆଁ) ଲାଗି ଯିବା—
2. To break out (said of fire).

ପହଁରା—ଦେ. ବି.—୧ । (ସଂ. ବହୁକରୀ=ଝାଡ଼ୁ; ବହୁକର=ଝାଡ଼ୁ-
Pahãṅrā ଦେବା ବ୍ୟକ୍ତି)—ଓଳାଇବା—
ঝাঁট झाड़ू, बुहारनी, बढ़नी 1. Sweeping.
୨ । ଝାଡ଼ୁ; ସମ୍ମାର୍ଜ୍ଜନୀ—
2. Broomstick.

୩ । ଝାଡ଼ୁ ଦେବା; ଓଲାଇବା—
3. Sweeping a place clean.

ଅଗଣା ଘରକୁ ପହଁରି,
ଉଦକ ତୋଳ ବାନ୍ଧ ରହିବ । ଉପଦେଶ ।

ସାঁতার ୪ । (ସଂ. ପ୍ଲବନ; ପ୍ରା. ପବଣ)—ସନ୍ତରଣ—
पैराइ 4. Swimming.

ପ୍ରାଦେ. (ଗଡ଼ଜାତ)—କ୍ଷେତରେ ଖୋଳାଯିବା ପହଣୀ; ପାଣି ନାଳ—
Small water-channel dug in a field.

ଦେ. ବଣ.—ଯେଉଁ ପାଣିର ଗଭୀରତା ମନୁଷ୍ୟର ଉଚ୍ଚତା ଠାରୁ ବେଶି ଓ ଯାହାକୁ ପହଁରିବାଦ୍ୱାରା ପାର ହେବାକୁ ପଡ଼େ—
(water) Which is more than a man's depth.

ପହଁରା(ରେ)ଇବା—ଦେ. କ୍ରି.—ପହରାଇବା (ଦେଖ)
Pahanra(re)iba Paharaiba (See)

ପହଁରାଏ ପାଣି—ଦେ. ବି.—ଯେଉଁ ଜଳର ଗଭୀରତା ମନୁଷ୍ୟର ଉଚ୍ଚତା ଅପେକ୍ଷା ବେଶି ଓ ସନ୍ତରଣଦ୍ୱାରା ଯାହା ଉତ୍ତରଣ କରାଯାଇ ପାରେ; ଗଭୀର ଜଳ—
Pahanrae pani
সাঁতার পানী
पराव
Water which is more than a man's depth and which can be crossed by swimming; deep water.

ପହଁରା ପହଁରି—ଦେ. ବି.—୧ । ଝାଡ଼ୁଦ୍ୱାରା ପରିଷ୍କାର କରିବା କର୍ମ—
Pahanra pahanri 1. Sweeping.
୨ । ସନ୍ତରଣ କର୍ମ—2. Act of swimming.

ପହଁରା ମୁଠା—ଦେ. ବି.—ଘର ଆଦି ଓଲାଇବା ପାଇଁ ସୁତାଏ ଗଛକା ଏକତ୍ର ଗୋଛ ହୋଇ ବନ୍ଧା ହୋଇଥିବା ସମ୍ମାର୍ଜନୀ—A bundle of twigs bound together and used as a broom-stick.
Pahanra mutha
ঝাঁটা গাছি
झाड़ु; बुहारनो

ପହଁରିବା—ଦେ. କ୍ରି.—୧ । ଝାଡ଼ୁଦ୍ୱାରା ଓଲାଇବା—
Pahanriba 1. To sweep a place clean.
ঝাঁট দেওয়া
बुहारना
୨ । (ସଂ. ପ୍ଲବ ଧାତୁ) ସନ୍ତରଣ କରିବା; ଜଳରେ ଭାସି ଗତି କରିବା—2. To swim.
সাঁতার কাটা
पौरना, पैरना
୩ । କୌଣସି ବସ୍ତୁର ଉପରେ ଉପରେ ଗତି କରିବା—3. To move on the surface.
୪ । ଭାସିବା; ଭାସମାନ ହେବା—4. To float.

ପହଙ୍ଗା—ଦେ. ବି.—ପଙ୍ଗା ମାଛ (ଦେଖ)
Pahanga Panga machha (See)

ପହଞ୍ଚ—ଦେ. ବି. (ସଂ. ପ୍ର. ଉପସର୍ଗ. ଅଞ୍ଚ ଧାତୁ=ଗମନ କରିବା)—ହାତ ପାଇବା ଯାଗା—A place within the reach of one's hands.
Pahancha
পহুচ पहुंच
(ପହୁଞ୍ଚ—ଅନ୍ୟରୂପ)

ପହଞ୍ଚା—ଦେ. ବି (ସଂ. ପ୍ର+ଅଞ୍ଚ ଧାତୁ)—୧ । ପହଞ୍ଚିବା କର୍ମ—
Pahancha 1. Arrival.
পৌঁচা
पहुँच
୨ । ଦୋଳ ଚଳାଇବା; ଦୋଳର ଇତସ୍ତତଃ ଗମନ—
2. Rocking a swing.

ପହଞ୍ଚା(ଞ୍ଚେ)ଇବା—ଦେ. କ୍ରି (ସଂ. ପ୍ର+ଅଞ୍ଚ ଧାତୁ)—ପହଞ୍ଚିବା କ୍ରିୟାର ଣିଜନ୍ତ ରୂପ—The causative form of pahanchiba.
Pahancha(nche)iba
পৌছান, পহুঁছান
पहोंचाना, पहुँचाना ୧ । ଉପସ୍ଥିତ କରାଇବା; ଉପନୀତ କରାଇବା—
[ପହୁଞ୍ଚା(ଞ୍ଚେ)ଇବା—ଅନ୍ୟରୂପ] 1. To cause to arrive at.
୨ । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବହି ନେବା—
2. To convey or carry from one place to another place.
୩ । (ଦୋଳକୁ) ଝୁଲାଇବା—
3. To rock (a swing).
(ଯଥା—ଦୋଳ ପହଞ୍ଚାଇବା, ପଇତା ପହଞ୍ଚାଇବା ।)
୪ । ପଞ୍ଚାଇବା (ଦେଖ)—4. Panchaiba (See)

ପହଞ୍ଚି—ପ୍ରାଦେ (ଗଞ୍ଜାମ) ବି—ପଇଞ୍ଚ (ଦେଖ)
Pahanchi Paincha (See)
(ପହୁଞ୍ଚି—ଅନ୍ୟରୂପ) ସୁନାପଇଞ୍ଚୁ ପହୁଞ୍ଚି ରତନ ମୁଦ୍ରିକା,
ଲଗାଇ କରି ଶୋଭା ବଢ଼ିଥିବ ଏକା ।
କୃଷ୍ଣସିଂହ, ମହାଭାରତ ଅବ ।

ପହଞ୍ଚିବା—ଦେ. କ୍ରି [ସଂ. ପ୍ର+ଅଞ୍ଚ ଧାତୁ; ସଂ. ପ୍ରଭୂତ=ଉପରେ ଗତ; ପ୍ରା. ପହୂତ (ହ୍ର. ଶ] ଉପନୀତ ହେବା; ଉପସ୍ଥିତ ହେବା—To reach; to arrive at.
Pahanchiba
পহুঁছা, পৌছা
पहोंचना

ପହଡ଼—ଦେ. ବି (ଭୁଲ. ତା. ପଡ଼; ଦେ ପହୁଡ଼=ଶୋଇବା)—ପହୁଡ଼; ରାଜାଙ୍କର ନିଦ୍ରା ବା ଶୟନ; ଦେବତାଙ୍କର ନିଦ୍ରା ବା ବିଶ୍ରାମ ନିଦ—Sleep (used for the sleep of kings and D)
Paharda
(ପହୁଡ଼—ଅନ୍ୟରୂପ)
घुम
नींद [ଦ୍ର—ଏହା ରାଜା ଓ ଦେବତାଙ୍କ ନିଦ୍ରା ପ୍ରତି ପ୍ରଯୋଗ କରାଯାଏ । ମଧୁସୂଦନ କବିତାବଳରେ ('ଡେଇଁଣ ବେଗେ ପହୁଡ଼ ଗୋଧନ ଯେଉଁ ଗରୁଡ଼') ଗରୁଡ଼ର ନିଦ୍ରାପ୍ରତି ପହୁଡ଼ ଶବ୍ଦ ବ୍ୟବହାର କରିଅଛନ୍ତି; କିନ୍ତୁ ଏହା ସଙ୍ଗତ ନୁହେଁ ।]
ଗ୍ରାମ୍ୟ (ଇତର ଭାଷା) ପ୍ରହର; ୪ ଘଡ଼ି ସମୟ; ଯାମ; ୩ ଘଣ୍ଟା ସମୟ—A unit of time; about three hours.

ପହଡ଼ ଘର—ଦେ. ବି—(ରାଜାଙ୍କର) ଶୟନ କକ୍ଷ; ଶୋଇବା ଘର—
Paharda ghara Bedchamber (of a Raja).

ପହଡ଼ ପକା(କେ)ଇବା—ଦେ. କ୍ରି—ଦେବତାଙ୍କର ଦୈନିକ ଚର୍ଯ୍ୟାରୀତି ନୀତି ଶେଷ କରି ପହଡ଼ ପଡ଼ିବାର ନୀତି ସମାଧାନ କରିବା—To perform the daily ceremonials or rites leading up to the daily sleep of an idol.
Paharda paka(ke)iba

ପହଡ଼ ପଡ଼ିବା—ଦେ. ବି—(ଦେବତା, ରାଜାଆଦି) ନିଦ୍ରିତ ହେବା—
Paharda pardiba Being asleep (said of Rajas and idols).

ପହଡ଼ା(ଡ଼େ)ଇବା—ଦେ. କ୍ରି—(ପହଡ଼ିବା କ୍ରିୟାର ଣିଜନ୍ତ ରୂପ)—
Paharda(rde)iba The causative form of Pahardiba).
[ପହୁଡ଼ା(ଡ଼େ)ଇବା—ଅନ୍ୟରୂପ]
ଶୁଆଇବା—To cause to sleep.

ପହଡ଼ିବା—ଦେ. କ୍ରି—୧ । (ରାଜା) ଶୋଇବା—
Pahardibā 1. To sleep (said of a Raja).
(ପହୁଡ଼ିବା—ଅନ୍ୟରୂପ)
ପହଡ଼ି ଥାଇ କଣ, ନ ଗଲ ମୋତେ ବାଣ
ଅବାପ ଲଗାଇଲ ଶେଷେ ଲଙ୍ଘ—
କବିସୂର୍ଯ୍ୟ. ସଙ୍ଗୀତ ।
୨ । ପଡ଼ିବା—2. To fall.
୩ । ବାଣ ମାରିବା—3. To fire; to throw arrows.

ପହଣା(ନା)—ପ୍ରାଦେ (ମେଦିନୀପୁର, ଯାଜପୁର, ଭଦ୍ରକ) ବି (ଭୁଲ. ବଂ
Pahaṇā(nā) ପୋନାମାଛ) ମାଛ ଜାଆଁଳ; ଶ୍ରେହ୍ନ, ଖିଲୁଡ଼ି,
ମିରକାଳ ଆଦି ମାଛଛୁଆ—The fry of fishes.

ପହଣୀ—ଦେ. ବି (ଫ. ପ୍ରବେଣୀ; ସଂ. ପୟଃ + କାଳୀ)—
Pahaṇi ୧ । ଜଳନାଳ—1. Water channel.
नाला ୨ । ଲମ୍ବ ଗଭୀର ଗାତ—2. Trench; moat;
पँन ditch; long deep pit.

ପହଣ୍ଡ—ଦେ. ବି (ସଂ. ପଦଣ୍ଡ ବା ପଦ ଓ ହୁଣ୍ଡନ=ଗଛ; ଫ. ପାଦଦଣ୍ଡ;
Pahaṇḍa ପ୍ରା. ପ୍ରାଯୃତଣ୍ଡ; ପାଲି. ପାଣ୍ଡନ)—୧ । ପାଦ; ପାହୁଣ୍ଡ;
पा ପାଦକ୍ଷେପ—1. Step; footstep.
पैंड़, पग ଯାଅ କେତେ ପହଣ୍ଡ ଧରି ମୋତେ ଘର—କୃଷ୍ଣସିଂହ. ମହାଭାରତ ବନ ।
୨ । ଚାଲିବା ସମୟରେ ଦୁଇପାଦ ମଧ୍ୟସ୍ଥ ସ୍ଥାନ—
2. Pace; the space between the two steps of a person walking.
୩ । ଦରୁଣ୍ଡିକାଠ—3. The ground piece of a door-frame.
୪ । ସରୁ ପିଣ୍ଡା—4. Portico; narrow veranda.
୫ । ଚାଲିବା—5. Walking.

ପହଣ୍ଡ ପକା(କେ)ଇବା—ଦେ. କ୍ରି—୧ । ପାଦକ୍ଷେପ କରି ଚାଲିବା—
Pahaṇḍa pakā(ke)ibā 1. To walk step by
[ପହଣ୍ଡି ପକା(କେ)ଇବା—ଅନ୍ୟରୂପ] step; to step.
पाँव फेला ବନକୁ ଯିବା ପାଇଁ ଆଗକୁ ପହଣ୍ଡ
डगमारना ପକାଇଲେ ଖଣ୍ଡ ଅପଣା ରାଜ୍ୟଖଣ୍ଡ । କୃଷ୍ଣସିଂହ ମହାଭାରତ ସଭା ।
୨ । ଧୀରେ ଧୀରେ ଚାଲିବା—2 To walk slowly.
ଗଣି ଗଣି କରି ପହଣ୍ଡ ପକାଇଲେ—କୃଷ୍ଣସିଂହ ମହାଭାରତ ବନ ।

ପହଣ୍ଡ ମଣା—ଦେ. ବି—ରାଜା ବା ଦେବତାଙ୍କ ପହଣ୍ଡି ବିଜେ ସମୟରେ
Pahaṇḍa maṇā ଜଣେ ସେବକ ଆଗେ ଆଗେ ଚାଲି ବାଟ
(ପହଣ୍ଡ ମଣାଣ—ଅନ୍ୟରୂପ) କଢ଼ାଇବା କର୍ମ—Act of leading the way.

ପହଣ୍ଡ ମଣା(ଣେ)ଇବା—ଦେ. କ୍ରି—ରାଜାମାନଙ୍କ ଚାଲିବା ଆଗରୁ ଜଣେ
Pahaṇḍa maṇā(ṇe)ibā ଅଗୁଆ ଲୋକ ବାଟ କଢ଼ାଇବା—
पथदेखान To lead the way before Rajas walking.
रास्ता दिखलाना [ଦ୍ର—ପହଣ୍ଡମଣାଇବା ଲୋକ ଆଗରେ ଯାଉଥିବାରୁ ବାଟର ସକଳ ଗୋଲମାଲ ବା ଅବସ୍ଥା କଥା ଚେତାଇ ରାଜାଆଦିଙ୍କୁ ସାବଧାନ କରିଦିଏ ।]
୨ । ପଛରେ ଆସୁଥିବା ରାଜା ଆଦିଙ୍କୁ ବାଟ କଢ଼ାଇବାବେଳେ ବାଟ କଢ଼ାଳ 'ଏଣୁ ବାଟେ ଆସନ୍ତୁ' ବୋଲି କହିବା—
2. To utter words of cautioning about the way while leading the way
ଟାକୁଡ ହୁଁଡ଼ନା ବୋଲିକ ପହଣ୍ଡ ମଣାଇନ୍ତ ବାରନ୍ତ'ର—
ଲକ୍ଷ୍ମୀ. କୋଷ୍ଠବ୍ରହ୍ମାଣ୍ଡପୁରାଣ ।

ପହଣ୍ଡ ମଣାଯିବା—ଦେ. ବି—(ପହଣ୍ଡ ମଣାଇବାର କର୍ମବାଚ୍ୟରୂପ)—
Pahaṇḍa maṇājibā ଅନ୍ୟଦ୍ୱାରା ବାଟ କଢ଼ାଇବା କର୍ମ ସମ୍ପାଦିତ ହେବା—Being led by another while walking.
ଲକ୍ଷିତ ଭୂଗରେ ନୃପ ଛତ୍ରରେ ଏ ତଦ ପହଣ୍ଡ ମଣାଯିବ—
କବିସୂର୍ଯ୍ୟ—ସଙ୍ଗୀତ ।

ପହଣ୍ଡି—ଦେ. ବି—୧ । ଧୀରେ ଧୀରେ ଚାଲିବା—
Pahaṇḍi 1. Pacing; striding; walking with
पाँ पाँ चला टहल measured steps.
୨ । ଏକ ପ୍ରକାର ଖେଳ—2. A kind of game.
୩ । ପହଣ୍ଡି ବିଜୟ (ଦେଖ)—
3. Pahaṇḍi bijaya. (See)

ପହଣ୍ଡି ବିଜୟ—ଦେ. ବି—୧ । ଭ୍ରମଣ; ପାଦ ଚାରଣ—
Pahaṇḍi bijaya 1. A walk.
ପହଣ୍ଡି ବିଜେସ୍ୱେ, ପହଣ୍ଡି ବିଜେ } ଅନ୍ୟରୂପ
୨ । ଧୀରେ ଧୀରେ ପଦକ୍ଷେପ ପୂର୍ବକ ଚାଲି—2. Walking by slow steps.
୩ । ଗୁଣ୍ଡିଚା ଯାତ୍ରା ସମୟରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ମୂର୍ତ୍ତି ଦେଉଳରୁ ରଥ ଉପରକୁ, କିମ୍ବା ରଥରୁ ଓହ୍ଲାଇ ଦେଉଳକୁ ନିଆ ହେବା ପୂର୍ବରୁ ଯଥାକ୍ରମେ ଦେଉଳଠାରୁ ରଥ ପର୍ଯ୍ୟନ୍ତ କିମ୍ବା ରଥଠାରୁ ଦେଉଳ ପର୍ଯ୍ୟନ୍ତ ତାଙ୍କୁ ସେବକମାନେ ବାହାଦଣ୍ଡା କରି ଧରି ଓ ପାଟ ଡୋରରେ ଟାଣି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଡଆଁଇ ଡଆଁଇ ନେବାର ବିଧି—
The process of taking the images of idols Jagannātha, Balabhadra and Subhadrā in a stately procession by gradual leaps from the temple to the car or vice versa during the car-festival.
ପହଣ୍ଡି ବିଜେସ୍ୱେ କରନ୍ତୁ
ଚଢ଼ ରଥରେ ନେ ମୂର୍ତ୍ତି—ଗଣେଶବନ୍ତ ପ୍ରେମଭକ୍ତି ବ୍ରହ୍ମଗୀତା ।
[ଦ୍ର—ଏହି ପହଣ୍ଡି ବିଜୟ ଦୁଇ ପ୍ରକାର ଯଥା—୧ । ଗୋଟି ପହଣ୍ଡି=ପ୍ରଥମେ ବଳଭଦ୍ର, ପରେ ସୁଭଦ୍ରା ଓ ସର୍ବ ଶେଷରେ ଜଗନ୍ନାଥଙ୍କୁ ପୃଥକ୍ ପୃଥକ୍ କରି ପହଣ୍ଡି ବିଜେ କରାଇ ରଥ ଉପରକୁ ନେବା—୨ । ଧାଡ଼ି ପହଣ୍ଡି=ସମୟର ଅଳ୍ପତା ଦୃଷ୍ଟିରେ ଆଗପଛ କରି ପ୍ରଥମେ ବଳଭଦ୍ର ତତ୍ପରେ ସୁଭଦ୍ରା ଓ ସର୍ବଶେଷରେ ଜଗନ୍ନାଥଙ୍କ ଦେଉଳମଧ୍ୟରୁ ନେଇ ସେମାନଙ୍କୁ ଏକା ଧାଡ଼ିରେ ଚଲାଇ ରଥ ଉପରକୁ ନେବା ।]

ପହନା—ପ୍ରାଦେ (ଲରଆ) ବି. (ଭୁଲ. ହି. ପାହୁନା; ଫ. ପ୍ରାଘୂର୍ଣ୍ଣ,
Pahanā ପ୍ରା.ପାଘୂଣ=ଅତିଥି)—କୁଣିଆ; ଅତିଥି; ଅଭ୍ୟାଗତ—
(ପଁହନା, ପହଁନା—ଅନ୍ୟରୂପ) Guest.

ପହଣ୍ଡ—ଦେ. ବି—ଡଙ୍ଗାର ଧନୁକାକାର ଦାଢ଼ ବା ଫନ—
Pahanda The bow-shaped broad upper edge or
ডোঁগারধার नावकाकिनार brim of a boat.

ପହପଟ—ଦେ. ବିଣ—ଅନାବୃତ; ଉନ୍ମୁକ୍ତ—
Pahapata খোলা खुला Open.
(ଯଥା—ପହପଟ ପଡ଼ିଅଛି)
ବି—ତାଳବିଶେଷ—A kind of musical measure.
(ଦ୍ର—ଏ ତାଳରେ ଗୀତ ସ୍ତ୍ରୀ ମାନେ ଗାଅନ୍ତି ।)
ସ୍ତଚ ନବୁକେ ତାଳ ପହପଃ—ବଚସ୍ପର୍ଶ କଠରା କଥୋଣ ।

ପହପଟ ମେଲା—ଦେ.ବିଣ.—ସମ୍ପୂର୍ଣ୍ଣରୂପେ ଖୋଲା ବା ମୁକୁଳା; ଉନ୍ମୁକ୍ତ—
Pahapata melā Fully open; wide open.
একেবার ফাঙ্কা खुलोजगह

ପହ ଫାଟିବା—ପ୍ରାଦେ. (ଯାଜପୁର) ବି.—(ଭୁଲ. ହି. ପୌ ଫାଟନା)—
Paha phātibā ଫସର ଫାଟିବା ବେଳ; ବଡ଼ ଭୋର—
Early dawn; daybreak.

ପହର—ଦେ.ବି. (ସଂ. ପ୍ରହର)—ପ୍ରହର; ଦିବସର ବା ରାତ୍ରିର ଚାରି ଭାଗରୁ
Pahara ଏକ ଭାଗ ସମୟ; ଚାରି ଘଡ଼ି; ଯାମ; ତିନି ଘଣ୍ଟା—
পহর A watch of 3 hours; a period of about
पहर three hours.
ପ୍ରାଦେ. (କୋରାପୁଟ) ବି.—ସମୟ—Time.

ପହରଣ—ଦେ. ବି.—(ସଂ. ପ୍ରବରଣ; ପରିଧାନ)—୧ । ବସ୍ତ୍ରାଦି ପରିଧାନ—
Paharana 1. Putting on; wearing of cloth.
পরন ୨ । ପୋଷାକ; ପରିଚ୍ଛଦ—
पहरन, पहनावा 2. Dress; raiments.
(ଯଥା—ଆମ ବାବୁମାନେ ସାହେବୀ ପହରଣକୁ ଭାରି ସୁଖ ପାଉ ଅଛନ୍ତି ।)
୩ । ଲୁଗା ପିନ୍ଧିବାର ଢଙ୍ଗ ବା ଛାଞ୍ଚ
3. Mode or fashion of putting on dress.
ପହରଣ ସମ୍ଭରିର ଏବଂ, ଶୋଭିଅ ମଧୁରା, ତରଙ୍ଗଗ୍ରଙ୍ଗ ଗଣ୍ଡେ ଗଣ୍ଡେ ଲୁଗା
ଫାଗରମୋହନ- ଗନ୍ଧବ୍ଧ ।

ପହରା—ଦେ. ବି.—(ସଂ. ପ୍ରହର; ପହରୀ; ଅଗେ ପ୍ରହରୀମାନେ ଏକ
Paharā ପ୍ରହରକୁ ଏକ ପ୍ରହର ବଦଳ ହେଉଥିଲେ)—
পাহারা ୧ । ଜଗିବା—1. Watching; guarding.
पहरा ୨ । ଜଗିବାର ପାଳି—
2. Watch; turn of watching.
୩ । ପହରା ବାଲା (ଦେଖ)—3. Paharā bālā (See)
୪ । ରାଜତ୍ୱ; ଅଧିକାର କାଳ—4. Regime; turn of the exercise of one's authority.
୫ । ଚାଲିଚଳନ—5. Conduct; manners.
୬ । ପହଁରା (ଦେଖ)—6. Pahanrā (See)
୭ । (ସଂ. ପାଦ)—କୌଣସି ସ୍ଥାନରେ ପାଦ ଦେବା—
7. Stepping at a place.
୮ । କୌଣସି ସ୍ଥାନରେ ପାଦ ଦେବାର ଫଳ—
8. The result of a person's setting foot at a place.

(ଯଥା—ତାଙ୍କ ଘରେ ବୋହୂର ପହରା ଭଲ ପଡ଼ିଲା ।)

ପହରା(ରେ)ଇବା—ଦେ. କ୍ରି.—୧ । ପହରିବାର ଣିଜନ୍ତ ରୂପ—
Paharā(re)ibā 1. The causative from of Paharibā.
সাঁতরান ୨ । ସନ୍ତରଣ କରାଇବା—
तिराना, तैराना 2. To cause to swim.
୩ । ଭସାଇବା—3. To cause to float.
୪ । ଅନ୍ୟଦ୍ୱାରା ଝାଡ଼ୁ କରାଇବା—4. To cause another to cleanse or sweep a place.
୫ । ଉପରେ ଉପରେ ଚଲାଇବା—
5. To move on the surface.
ପ୍ରାଦେ. (ମେଦନୀପୁର) କ୍ରି.—ପିନ୍ଧାଇବା—
To make (a person) put on a cloth.

ପହରାଏ ପାଣି—ଦେ. ବିଣ—ଜଣେ ମନୁଷ୍ୟଠାରୁ ଅଧିକ ଗଭୀର (ଜଳ);
Paharāe pāni ଯହିଁରେ ମନୁଷ୍ୟକୁ ପହଁରିବାକୁ ପଡ଼େ—
(ପହଁରାଏ—ଅନ୍ୟରୂପ) More than a man's depth
সাঁতারপানী (of water) in which a man is obliged
पैराव to swim.

ପହରା କରିବା—ଦେ. କ୍ରି—ପହରା ଦେବା (ଦେଖ)
Paharā karibā Paharā debā (See)

ପହରାଜ—ଗ୍ରା. ବି—ପ୍ରହରାଜ ୧ (ଦେଖ)
Paharāja Praharāja 1. (See)

ପହରା ଦେବା—ଦେ. କ୍ରି—ଜଗିବା—
Paharā debā To keep watch.
পাহারা দেওয়া; पहरादेना

ପହରା ବାଲା—ଦେଦେ. ବି—୧ । ଜଗୁଆଳ; ସନ୍ତ୍ରୀ; ଚଉକିଦାର—
Paharā bālā Watchman; guard; sentry.
পাহারাওয়ালা; पहरावाला (ପହରା ବୁଆଲା—ଅନ୍ୟରୂପ)

ପହ(ହଁ)ରାଳୀ—ଦେ. ବିଣ—ପହରିବା ବାଲା (ଦେଖ)
Paha(han)rālī Paharibā bālā (See)
সাঁতারদেনেওয়ালা; तैराको

ପହରିକିଆ—ଦେ. ବିଣ (ସଂ. ପ୍ରହର)—ଏକପ୍ରହର ସ୍ଥାୟୀ—
Paharikiā Existing for one Prahara.
একপহরস্থায়ী

ପହରିକିଆ ତ(ତା)ରା—ଦେ.ବି. ସନ୍ଧ୍ୟା ପ୍ରହରକଠାରେ ପଶ୍ଚିମରେ ବୁଡ଼ିଯିବା
Paharikiā ta(tā)rā ଶୁକ୍ର ଗ୍ରହ; ରାତ୍ରିର ପ୍ରଥମ ପହର ପର୍ଯ୍ୟନ୍ତ
শুকতারা; पहरतिआ तारा ଯେଉଁ ତାରା ଉଜ୍ଜ୍ୱଳରୂପେ ଦେଖା ଦେଇ ପଶ୍ଚିମରେ ବୁଡ଼ିଯାଏ—The Evening star; the Hesperus; Venus.
[ଦ୍ର—ଏହି ପହରିକିଆ ତାରା ପ୍ରକୃତରେ ତାରା ନୁହେଁ; ଏହା ଗୋଟିଏ ଗ୍ରହ ଓ ଏହା ପୁଣି ଯାହାକୁ ଶୁକ୍ର ରୂପେ କେତେବେଳେ ସକାଳୁଅରେ ପୂର୍ବ ଦିଗରେ ଦେଖାଯାଏ ।]

ପହରି ଦିନ—ପ୍ରାଦେ (ଗଡ଼ଜାତ) ବି (ସଂ. ପରେଦ୍ୟୁଃ)—ପଅରଦିନ—
Paharidina Day before yesterday or day after
পরশু to-morrow.

ପହରିବା—ଦେ. କ୍ରି—୧ । ଝାଡୁ କରିବା; ଓଳାଇବା—
Paharibā 1. To sweep.
(ପହଁରିବା—ଅନ୍ୟରୂପ) ୨ । (ସଂ. ପ୍ଲବ୍ ଧାତୁ) ସନ୍ତରଣ କରିବା—
2. To swim.
କ ଅବା ପହିଁରୁ ଥାଇ ସେ ରସିକ-ରସିକା ସୁହାଗରେ—ଗୋପୀନାଥ ସସାଣ ।
ସାଂତାର ଦେଓୟା ୩ । ଜଳ ଉପରେ ଭାସିବା—3. To float on
ପୈରନା the surface of the water.
୪ । ପରିଧାନ କରିବା; ପିନ୍ଧିବା (ଲୁଗା ଓ ପୋଷାକ ଅର୍ଥ)—
4. To put on or wear (clothes)
ସୁନ୍ଦରେ ସବୁ ଯାମା ଅଙ୍ଗରେ ପହରି
ବିଚାରି ବେଶେ ସେହି ଅନ୍ତରୁ ବେଢେ ଭରି ।
କୃଷ୍ଣସିଂହ · ମହାଭାରତ ଅବା

ପହରିବା ବାଲା—ଦେ. ବଣ—ସନ୍ତରଣପଟୁ—
Paharibā bālā Swimmer; expert in swimming.
ତୈରାକ, ତୈରनेवाला

ପହରି—ଗ୍ରା. ବି (ସଂ. ପ୍ରହରୀ)—ପ୍ରହରୀ—
Pahari Watchman.
পাহারা, **पहरी, पहरु**

ପହରୁ—ପ୍ରାଦେ. (ଗଡ଼ଜାତ) ବି (ଶୂଦ୍ର ଜାତିଙ୍କ ଭାଷା)—ଗତ ବା
Paharu ଆଗାମୀ ବର୍ଷ—Next year; last year.

ପହଲ—ବୈଦେ. ବି (ଫା. ପହଲୁ; ଭୂଲ. ସଂ. ପଟ୍ଟଲ)—୧ । କାଠଖଣ୍ଡର
Pahala ଧାରକୁ ରନ୍ଦାଦ୍ୱାରା ଗଡ଼ାଣିଆ କରିବା—
পল 1. Making the edge of a piece of wood
पहल sloping by the carpenter's plane.
୨ । (ହୀରିଆ ଶବ୍ଦ) ଅତି ମୂଲ୍ୟବାନ ମଣିମାନଙ୍କର କଟା
ହୋଇଥିବା ପାଖ—2. The side of a precious stone showing the cut; facet.
୩ । କୋଣବିଶିଷ୍ଟ ଘନ ବସ୍ତୁର ଗୋଟିଏ ସମତଳ ପାଖ—
3. The broad surface of a many-surfaced article.
୪ । ପରସ୍ତ; ସ୍ତର—4. Layer.

ପହଲଦାର—ବୈଦେ. ବଣ (ଫା. ପହଲୁଦାର୍)—ଯେଉଁ ବସ୍ତୁର ପହଲ ବା
Pahaladār ସମତଳ ପାଖ ଥାଏ—Faceted; having
পলদার, **पहलदार** planes.

ପହଲା—ଗ୍ରା. ବି—ପୋହଲା (ଦେଖ)
Pahaḷā Pohaḷā (See)
পলা, **मुक्ता**

ପହଲା—ଦେ. ବି—୧ । ହାତକୁ ହଲାଇ ସଗର୍ବ ଗୃଲ—
Pahalā 1. Walking in a proud manner by hanging one's hands; strutting.
୨ । (ସଂ. ପ୍ରହ୍ଲାଦ) ପ୍ରହ୍ଲାଦ ନାମକ ବ୍ୟକ୍ତିର ଅନାଦରାର୍ଥକ ଡାକ
ନାମ—2. The name by which a person named Prahlāda is called.
(ପହଳ,ପହଲୁ—ଅନାଦରାର୍ଥକ ଡାକ ନାମ)

ପହଲା(ଲେ)ଇବା—ଦେ. କ୍ରି—୧ । ଗର୍ବରେ ହାତ ଝୁଲାଇ ଗୃଲିବା—
Pahalā(le)ibā 1. To strut.
ਪਣਲਾ ପୁଣି ଗୃଲଇ ପହଲଇ,
ভণ্ডান ଅଗେ ହୋଇଲେ ଧିବଗ୍ରାସ୍ତ । ଜଗନ୍ନାଥ. ଭାଗବତ ।
ਫੁਸਲਾਨਾ ୨ । ଭଣ୍ଡାଇବା; ଭୁଲାଇବା; ଫୁସୁଲାଇବା—
2. To hoodwink a person by oily words
୩ । କାଆଁରେଇ ହୋଇ କଥାକୁ ଉପେକ୍ଷା ନ କରିବା—
To feign not to hear what a person is speaking.

ପହଲା ପହଲି—ଦେ. ବି—ଭଣ୍ଡା ଭଣ୍ଡି; କଥାରେ ଲୋକଙ୍କୁ ଭୁଲାଇବା—
Pahalā pahali Hoodwinking; inveigling.
ভণ্ডাভণ্ডি, **फुसलाफुसली**

ପହଳି—ଦେ. ବି (ସଂ. ପ୍ରହେଳିକା)—୧ । ଢଗ—
Pahaḷi 1. Popular saying.
হেয়ালী ୨ । ପ୍ରବଚନ; ପ୍ରବାଦ ବାକ୍ୟ—
पहेली 2. Proverb.
୩ । ପଦ ମିଳା ଯାଇଥିବା ପ୍ରବଚନ—
3. Rhyming proverb.
୪ । ପ୍ରହେଳିକା; ନାଆଁ ଦିଆ—4. Riddle.
୫ । ପଦ୍ୟରେ କଥିତ ପ୍ରହେଳିକା—
5. Squib or gibe in rhyme.
(ଯଥା—ଦନେଇ ଦାସଙ୍କ ପହଳି ।)
୬ । ବ୍ୟଙ୍ଗୋକ୍ତି—6. Irony; innuendo; ironical sentences; covert attacks in rhyme.

ପହଳି ପକା(କେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଲକ୍ଷ୍ୟ କରି
Pahaḷi pakā(ke)ibā ବ୍ୟଙ୍ଗୋକ୍ତିସୂଚକ ପ୍ରବଚନ ବା
(ପହଳି ମେଲିବା—ଅନ୍ୟରୂପ) ପହଳିମାନ ବୋଲିବା—
ছড়াকাটা To utter innuendoes with
व्यंगकरना, पहेलिसुनाना reference to a person.

ପହଲିବା—ଦେ. କ୍ରି—ହାତ ହଲାଇ ଗର୍ବ ସହିତ ଗୃଲିବା—
Pahalibā To strut.

ପହି—ଦେ. ବି—ପଇ (ଦେଖ)
Pahi Pai (See)

ପହିଆ (ଇତ୍ୟାଦି)-ଦେ. ବି.—ପଇଆ ଇତ୍ୟାଦି (ଦେଖ)
Padiā (etc) Paiā etc (See)
पहिया ପ୍ରାଦେ (ସିଂହଭୂମ) ବି—ପାଞ୍ଚଣ—
A small stick used for driving cattle; a herdsman's staff.

ପହିଜ—ଦେ. (ପ୍ରାଚୀନ ପଦ୍ୟ) ବି (ସଂ. ପ୍ରତିଜ୍ଞା; ପ୍ରା. ପଇଜ୍ଞା=
Pahija ପଠ)—୧ । ପଇଅ (ଦେଖ)
(ପୈହିଜ୍ୟ—ଅନ୍ୟରୂପ) 1. Paiā (See).
୨ । ଗୋଳମାଳ—2. Ado.
୩ । ବିବାଦ—3. Dispute.
୪ । ବାଦାନୁବାଦ—4. Altercation.
୫ । ବଳ ପରୀକ୍ଷା ପାଇଁ ଡାକିବା—5. Challenging.
୬ । ଗର୍ବ—6. Pride.

୭ । କ୍ରୋଧ—7. Anger.
୮ । ବୁଦ୍ଧି—8. Intelligence.
୯ । ଆସ୍ଫାଳନ—9. Bragging.
୧୦ । ପାହୁଡ଼—10 An ornament for the leg.

ପହୁ ବାଡ଼—ପ୍ରାଦେ. (କଟକ) ବି—ବଇ ବାଡ଼ (ଦେଖ)—
Pahi bārda Bai bārda (See).

ପହିଲ(ଲି)ମାନ୍—ବୈଦେ. ବି. (ଫା. ପହଲ୍‌ବାନ୍)—୧ । ମଲ୍ଲ—
Pahil-(li)man 1. An athlete; a wrestler.
ପାଲୋୟାନ ୨ । ମଲ୍ଲବିଦ୍ୟା ଶିଖା ଦେବାପାଇଁ ନିଯୁକ୍ତ ମଲ୍ଲ—
पहलवान 2. A fencing master engaged for
[ପହିଲ୍(ଲି)ବାନ୍—ଅନ୍ୟରୂପ] teaching wrestling.

ପହିଲ(ଲି)ମାନି—ବୈଦେ. ବି. (ଫା.)—୧ । ମଲ୍ଲର କର୍ମ—
Pahil-(li)māni 1. Act of a wrestler.
ପାଲୋୟାନୀ ୨ । ବଡ଼ଲୋକଙ୍କ ଘରେ କୁସ୍ତିଆଦି ଶିଖାଇବା ପାଇଁ
पहलवानी ରଖାଯିବା ମଲ୍ଲର ଚାକିରି—2. The post of a wrestler retained by a rich man.

ପହିଲ୍‌ମାନିଆଁ(ଆ)—ଦେ. ବିଣ—୧ । ପହିଲ୍‌ମାନ ସମ୍ବନ୍ଧୀୟ—
Pahil-mānián(ā) 1. Relating to a wrestler.
ପାଲୋୟାନୀ ୨ । ପହିଲ୍‌ମାନର ଯୋଗ୍ୟ—
पहलवानी 2. Becoming or befitting to a wrestler.

ପହିଲ—ଦେ. ବିଣ (ସଂ. ପ୍ରଥମ ପ୍ରା. ପହିଲ୍ଲୋ; ତୁଳ· ଇଂ. ପ୍ରାଯ୍ମର୍)—
Pahila ୧ । ପ୍ରଥମ; ଆଦ୍ୟ—1. First.
ପ୍ରଥମ, ପୟଲା ୨ । ଆଦ୍ୟଜାତ—2. First born.
पहिल, पहिला ୩ । ଅଗ୍ରଜ—3. Earlier born; elder.

ପହିଲା—ଦେ. ବି. (ସଂ. ପ୍ରଥମ. ପ୍ରା. ପହିଲ୍ଲୋ)—ମାସର ପ୍ରଥମ ତାରିଖ;
Pahilā ପଇଲା—The first day of a month.
ପୟଲା, ପହିଲା पहिला
ବିଣ—ପହିଲ (ଦେଖ)—Pahila (See).
ପ୍ରାଦେ. (ସିଂହଭୂମ) ବି—ପଇଲା (ଦେଖ)—Pailā (See).

ପହିଲା ଡିଗ୍ରୀ—ଦେ. ବି. (କଟକିଆ)—ପ୍ରାଥମିକ ଡିଗ୍ରୀ (ଦେଖ)—
Pahilā digrī Prāthamika digrī (See).
ପୟଲାଡିଗ୍ରୀ पहिलाडिग्री

ପହିଲା ନମ୍ବର—ବୈଦେ. ବିଣ. (ଇଂ)—୧ । ପ୍ରଥମ ଶ୍ରେଣୀସ୍ଥ—
Pahilā nambara 1. Of first class.
ପୟଲାନମ୍ବର ୨ । ଉତ୍କୃଷ୍ଟ—
पहला 2. Excellent.
ବି—ପ୍ରଥମ ସଂଖ୍ୟା—The first number.

ପହିଲି—ଦେ. ବିଣ—ପହିଲ (ଦେଖ)—
Pahili Pahilā (See).
କ୍ରି. ବିଣ—ପହିଲେ (ଦେଖ)—Pahile (See).

ପହିଲି ଧୂପ—ଦେ. ବି—ଦେବତାଙ୍କ ନିକଟରେ ସକାଳେ ସର୍ବପ୍ରଥମେ ଦିଆ
Pahili dhūpa ଯିବା ଧୂପ, ଦୀପ, ନୈବେଦ୍ୟାଦି ପୂଜା—
ପ୍ରଥମ ଭୋଗ The first of the daily worship and
पहिलाभोग offering made to a Deity.

ପହିଲି ପାଳି—ଦେ. ବି—ପଇଲି ପାଳି; ବାଲ୍ୟ ବିବାହିତା କନ୍ୟା ରଜସ୍ୱଳା
Pahili pāli ହେବା ପରେ ପ୍ରଥମେ ଶ୍ୱଶୁରାଳୟକୁ ସ୍ୱାମୀର ସହିତ
दिरागमन ଯାତ୍ରା କରିବା; ନବବଧୂ ଯାତ୍ରା—The starting of
पहिली बिदागरी a girl wife for her husband's house for the first time after attaining puberty.

ପହିଲି ବିଆଣ—ଦେ. ବି—ପ୍ରଥମ ସନ୍ତାନ ଜନନକର୍ମ; ପ୍ରଥମ ପ୍ରସବ—
Pahili biāna The act of giving birth to a child for the 1st time; the first delivery.

ପହିଲି ବିଆଣୀ—ଦେ. ବିଣ—ପ୍ରଥମ ପ୍ରସୂତ (ଗାଈ); ପ୍ରଥମ ପ୍ରସୂତ—
Pahili biāni (a cow) Which has calved for the
ପ୍ରଥମପୁଆତୀ पहिला first time.

ପହିଲି ଭୋଗ—ଦେ. ବି—ପଇଲି ଭୋଗ; ଧନୁ ସଂକ୍ରାନ୍ତିଠାରୁ ମକର
Pahili bhoga ସଂକ୍ରାନ୍ତି ପର୍ଯ୍ୟନ୍ତ ସକାଳେ ଦେବତାଙ୍କ ନିକଟରେ
ପ୍ରଥମ ଭୋଗ ଦେବା ପିଠା ଓ ଖେଚୁଡ଼ି ଆଦି ଭୋଗ—
पहिला भोग Offering of sweets to a Deity in the morning during the month of Dhanu or Pausha.

ପହିଲୁ—ଦେ. କ୍ରି. ବିଣ—ପହିଲେ (ଦେଖ)—
Pahilu (ପହିଲୁଁ—ଅନ୍ୟରୂପ) Pahile (See).
ଜଟେ ଅଶ୍ୱବର୍ଣ୍ଣ ନାଥ ତୋ ପଦେ ପହିଲୁରେ ।
ବିଦଗ୍ଧ ଚିନ୍ତାମଣି, ଦୀନକୃଷ୍ଣ ଦାସ ।

ପହିଲେ—ଦେ. କ୍ରି. ବିଣ—(ସଂ. ପ୍ରଥମ; ପ୍ରା. ପହିଲ୍ଲୋ)
Pahile ୧ । ଆଦ୍ୟରେ; ପ୍ରଥମେ—
ପ୍ରଥମଥେକେ 1. At first; in the beginning.
पहिले, पहले ୨ । ପ୍ରଥମଠାରୁ; ଆଦ୍ୟରୁ—
2. From the beginning.
ପହିଲେ ସୁନ୍ଦରପରି ସର୍ବାଙ୍ଗର କଥା । ମଧୁସୂଦନ, ଋଷିଗଣ ଉଦ୍ଧବ ।

ପହିଲେ ପହିଲେ—ଦେ. କ୍ରି. ବିଣ—ପ୍ରଥମେ; ଆଦ୍ୟକାଳରେ—
Pahile pahile In the beginning.
ପ୍ରଥମ ପ୍ରଥମ पहले पहिले [ପହିଲୁ(ଲୁଁ) ପହିଲୁ(ଲୁଁ)—ଅନ୍ୟରୂପ]

ପହୁଁରିବା—ଦେ. କ୍ରି—ପହଁରିବା (ଦେଖ)—
Pahuñriba Pahañribā (See)
ତଟ ତରଙ୍ଗ ପହୁଁ ରଙ୍ଗିଣୀ ପହୁଁର । ଗ୍ରାମ୍ୟ, ବୃନ୍ଦାବନଭ୍ରମଣଗୀତା ।

ପହୁରିବା—ଦେ. କ୍ରି. (ସଂ. ପରିଧାନ)—ପିନ୍ଧିବା—
Pahuribā To put on.
पहरना ବସ୍ତ୍ର ପହୁରିଲେ ଯେତେବେଳେ ସେ ସ୍ୱଜନ । ଗ୍ରାମ୍ୟ, ଜଗନ୍ନାଥ ।

ପହ୍ନା—ଦେ. ବି (ସଂ. ଆପୀନ)—୧ । ପନା; ଗୋରୁପ୍ରଭୃତିଙ୍କ ସ୍ତନ—
Pahnā 1. Udder of cows and other female
ପାନା थन, अयन beasts.
ଦୁଧ ପିଇ ବାଛୁରୀ ଯେବେ ପହ୍ନା ଛଡ଼େ । କୃଷ୍ଣସିଂହ, ମହାଭାରତ ଅଦି ।
୨ । ଘୋଡ଼ାର ଲଗାମରେ ଲାଗିଥିବା ଚମଡ଼ାପଟି—
2. A leather strip attached to a reins of a horse.
ପ୍ରାଦେ. (ସିଂହଭୂମ) ବି—ମାଛ ଜାଆଁଳ—
The fry of fishes.
ବୈଦେ. ବି. (ଫା. ପହ୍ନାଇ)—ଲୁଗାର ଓସାର—
The breadth of a cloth.

ପହ୍ନା(ହ୍ନେ)ଇବା—ଦେ. କ୍ରି—(ସ. ପ୍ରସ୍ନବନ; ପୟଃସ୍ରବଣ; ତୁଲ. ପ୍ରା. ପଣ୍ହବନ)—୧ । ଗାଈମାନେ ବେଶି ଦୁଧ ଦେବାର ପରଲ୍ୟକ୍ଷକ ବଡ଼ ପହ୍ନା ବାହାର କରିବା—
Pahnā(hne)ibā पानाना **पन्हाना, पासना, पानीयाना** 1. To swell the udder to be milched; to have a big udder (which will give much milk) (said of a cow.
[ପହ୍ନା(ହ୍ନେ)ଇବା—ଅନ୍ୟରୂପ]

୨ । (ଦୁଧିଆଳି ଗାଈ ବା ଛେଳି) ନିଜ ପହ୍ନାରେ ଥିବା ଦୁଧ ଚରକୁ ଗଡ଼ି ଆସିବା ବେଳେ ଅସ୍ଥିରତା ପ୍ରକାଶ କରିବା—2. (a milch cow or goat) To cause its dugs to swell by allowing the milk from the udder to descend to the dugs; to indicate yearning to be milched or to give a sucking to her calf by becoming restless.

ଅସଙ୍ଗ ଗାଈ ତଳରେ ଜ୍ଞୋଇବ କ୍ଷୀର—
ଗାତୀ—ବୃନ୍ଦାବନରୂପଣ ଗୀତା ।

୩ । ଦୁଧ ଦୁହାଁଳ ଦୁଧ ଦୋହିଁବାକୁ ବସିଲେ ଗାଈମାନେ ମୁଣ୍ଡ ପକାଇ ପହ୍ନା ଦେଖାଇବା—
3. (a cow) To be ready for being milched.

ପହ୍ନିଆ—ପ୍ରାଦେ. (ସିଂହଭୂମ) ବି—ପହିଆ (ଦେଖ)—
Pahniā Pahiā (See)

ପହ୍ନେଇବା—ପ୍ରାଦେ. (ଯାଜପୁର) କ୍ରି—ଉତ୍ସାହିତ କରିବା; ଅଗ୍ରହାନ୍ୱିତ କରାଇବା—To make a person interested to say or to do something.
Pahneibā

ପହ୍ଲ—ଦେ. ବି—ପଲ (ଦେଖ)
Pahla Pala (See)

ପହ୍ଲବ—ସଂ. ବି—ପଲ୍ଲବ (ଦେଖ)—
Pahlaba Palhaba. (See)

ପହ୍ଲବୀ—ସଂ. ବି—ପହ୍ଲବମାନଙ୍କର କଥିତ ଭାଷା—
Pahlabi The dialect used by the Pelhevis.

ପହ୍ଲା—ଦେ. ବି—କୁଡ଼ିଆ—
Pahlā পালা **झोपड़ी,पर्णकुटी** Hut; cottage.
[ଦ୍ର—ଧାନ କ୍ଷେତ, ମାଛମସି ବାଡ଼ି ଆଦି ସ୍ଥଳରେ ଜଗିବା, ଲୋକ ଆଶ୍ରୟ ନେବା ପାଇଁ ଯେଉଁ କୁଡ଼ିଆ ଘର ତିଆର ହୋଇଥାଏ ତାହାକୁ ପହ୍ଲା କହନ୍ତି ।]
ପ୍ରାଦେ (ଗଡ଼ଜାତ) ବି—ଚଳ—Seedling.

ପହ୍ଲା ଜଗେଇବା—ପ୍ରାଦେ. (ଆଠମଲ୍ଲିକ) କ୍ରି—ଚଳ ରୋଇବା—
Pahlā jageibā To transplant seedlings.
(ପହ୍ଲା ରୋଇବା—ଅନ୍ୟରୂପ)

ପା (ଧାତୁ)—ସଂ—ପାନ କରିବା; ପିଇବା—
Pā (root) To drink.

ପା—ଦେ. ବି ଓ କ୍ରି ଓ ଅ—ପାଅ (ଦେଖ)—
Pā Pā-ā (See)

ପାଅଇ—ଦେ. (ପ୍ରାଚୀନ ପଦ୍ୟ) କ୍ରି—(ପାଇବା କ୍ରିୟାର ତୃତୀୟ ବର୍ତ୍ତମାନ କାଳ ପ୍ରଥମ ପୁରୁଷ;ଏକ ବଚନ ଅନାଦରାର୍ଥକ)—(ସେ) ପାଏ—
Pā-ai পায় **पाता** (he) Gets.

ନ କହିଲେ ପାଅଇ ପାଅର ଗଡଣ—
କୃଷ୍ଣସିଂହ—ମହାଭାରତ, ସଭା ।

ପାଅ—ଦେ. ବି—(ସଂ. ପାଦ=ଚତୁର୍ଥାଂଶ. ପ୍ରା. ପାଅ)—୧ । ପଦ; ଚରଣ—1. Leg.
Pā-ā পা **पाउँ पाओँ पाव**

ବିଷୟ ଓଙ୍କ ଅବାଧାଏ, ମନ ନ ପଶେ ଚୋର ପାଏ—
ଭୂପତି—ପ୍ରେମପଞ୍ଚାମୃତ ।

୨ । ପାଦ—2. Foot.

୩ । ପାଦତଳ—3. Sole of the foot.

୪ । ଚତୁର୍ଥାଂଶ—4. One fourth.

୫ । ଏକ ସେରର ଚତୁର୍ଥାଂଶ—
পোয়া **पाव; पौआ** 5. One fourth of a Seer.

୬ । ଏକ କ୍ରୋଶ ଦୂରତ୍ୱର ଏକ ଚତୁର୍ଥାଂଶ; ଅଧ ମାଇଲ—
6. One fourth of a Kros; half a mile.

୭ । ଏକ ମାଣ ଜମିର ଚତୁର୍ଥାଂଶ—
7. One fourth of an acre of land.

୮ । ଏକ ଗୌଣିର ଚତୁର୍ଥାଂଶ—
8 One fourth of a Gauṇi measure.

୯ । ଏକ ଶହ ପାନର ଚତୁର୍ଥାଂଶ; ୨୫ଟା ପାନପତ୍ର—
9. 25 betel leaves.

୧୦ । ଏକ ପା ଓଜନର ବଟକରା—
10. A weight of ¼ seer.

୧୧ । ଏକ ପା ମାପିବାର ପାତ୍ର—
11. A measure of ¼ seer.

କ୍ରି—(ପାଇବା କ୍ରିୟାର ଅନୁଜ୍ଞା ଅନାଦରାର୍ଥକ ତୁ କର୍ତ୍ତା ସଙ୍ଗେ ବ୍ୟବହୃତ)—୧ । ତୁ ପ୍ରାପ୍ତ ହୋ—1. You do get.

୨ । ତୁ ଭୋଗ କର—2. You do enjoy.

ଅ—(କୌଣସି ଦୁଷ୍ଟ ବ୍ୟକ୍ତି କଷ୍ଟ ପାଇବାର ଦେଖି ତା ପ୍ରତି ତାଚ୍ଛିଲ୍ୟରେ ବ୍ୟବହୃତ)—ଅଚ୍ଛା ହେଲା ! କଷ୍ଟ ଭୋଗ କର—All right! you have got a proper reward for your act; well served !

ପ୍ରାଦେ (ଗଞ୍ଜାମ) ବି—ପରିମାଣବିଶେଷ; ଏକ ସୋଲର ଏକ ଚତୁର୍ଥାଂଶ ବା ଆଠ ତୋଳା—
A unit of measurement.

[ଦ୍ର—ଅଡ଼ା ତଳେ ନୋଟ ଦେଖ ।]

ପାଅଁ(ଆଁ)ତରା—ଦେ.ବି (ସ. ପ୍ରଭାତ+ତାରା)-୧ । ସକାଳୁ ଉଠି କୌଣସି କାର୍ଯ୍ୟସିଦ୍ଧି ଉଦ୍ଦେଶ୍ୟରେ ଅନୁକୂଳ; ଅନୁଦୟ ଯାତ୍ରା—
Pā-añ(āñ)tarā পাঁওতরা **पायतपाव** 1. Starting on a mission early before daybreak.

ପୁଆଁ(ଆ)ତରା, ପାଇଁ(ଏଁ)ତରା, ପାହାଁତରା } ଅନ୍ୟରୂପ

(ଯଥା—ସେ କାଲି ପାଅଁତରା କରି କଟକ ଗଲେ ।)

୨ । ପାହାନ୍ତି ତାରା—
2. Morning star.

ପାଅାଁ ପଡ଼ିବା—ଦେ. କ୍ରି. (ସ. ପାଦ ଓ ପତନ)—୧ । ଗୋଡ଼ତଳେ
Pā-āñ pardibā ପଡ଼ି ଲୋଟିବା—1. To roll at the
ପାୟେପଡ଼ା feet of another person in supplication.
पावपड़ना (ପାଅ ପଡ଼ିବା - ଅନ୍ୟରୂପ)
୨ । ଦାନ୍ତେଋଣକୁଟା ହେବା; ଦନ୍ତରେ ତୃଣ ଧରି ଅନ୍ୟ ବ୍ୟକ୍ତିର ପାଦତଳେ ଲୋଟିବା—2. To roll at the feet of another in a supplicating manner by holding a tuft of straw between the teeth.

ପାଅାଁ ପଡ଼ି ଶୋଇବା—ଦେ. କ୍ରି—ପାଅାଁ ପଡ଼ିବା (ଦେଖ)
Pā-āñ pardi śoibā Pā-āñ pardibā (See)
ପାୟେପଡ଼ା ଅଗ ହୋଇଲ ବୋଲି ପରଶଂସା କଲେ
पावपड़ना ପାଅଁ ପଡ଼ି ଶୋଇ ଅପଣା ସ୍ଥାନେ ଗଲେ – କୃଷ୍ଣସିଂହ, ମହାଭାରତ, ଶାନ୍ତି
(ପାଁ ପଡ଼ି ଶୋଇବା, ପାଁ ପୁଡ଼ି ଶୋଇବା—ଅନ୍ୟରୂପ)

ପାଅକିଆ—ଦେ. ବିଣ – ଏକପାଅ ପରିମାଣ ବା ଓଜନ ବିଶିଷ୍ଟ—
Pā-ākiā 1. Weighing or measuring one Pā-ā or ¼ of a Seer.
ଏକପୋଆ **पावभरका**
(ପାଇକିଆ—ଅନ୍ୟରୂପ)
କପୋଚାଲେର ୨ । ଯେଉଁ ହାଣ୍ଡିରେ ପାଏ ଚାଉଳ ଫୁଟି ପାରେ—
पावभर चावलकी 2. (an earthen pot) Capable of holding one Pua of rice while boiling.
ବି—ଏକ ପାଅ ମାପିବାର ପାତ୍ର—
A pot of the capacity of ¼ seer.

ପାଅକିଆ ହାଣ୍ଡି—ଦେ. ବି— ଯେଉଁ ହାଣ୍ଡିରେ ଏକପାଅ ଚାଉଳ ଫୁଟି
Pā-akiā handi ଭାତ ହୋଇପାରେ—A pot of the
ଏକପୋଚାଲେର হাঁড়ি capacity of containing ¼ seer of
पावभर चावलकी हाँड़ी rice while being boiled.

ପାଅଜମ—ଦେ. ବି—ବଳଗଣ୍ଡିର ଏକପ୍ରକାର ଅଳଙ୍କାର—
Pā-ājama An ornament for the ankle.
(ପାଅଞ୍ଜମ—ଅନ୍ୟରୂପ)

ପାଅ ତଳ—ଦେ. ବି. (ସ. ପାଦତଳ)— ପାଦତଳ—
Pā-ā tala ପାୟେର তলা **तलवा** The sole of the foot.
(ପାଅତଳ—ଅନ୍ୟରୂପ)

ପାଅତଳିଆ—ଦେ. ବିଣ. (ସ. ପାଦତଳ)—୧ । ପାଦତଳସ୍ଥ—
Pā-ātaliā 1. Situate under one's foot.
ପାୟେର তলার ୨ । ପଦାଶ୍ରିତ (ବ୍ୟକ୍ତି); ଅନୁଗତ—
पावकेदबेलका 2. Dependent on the favour of.
୩ । ଅଧୀନ (ବ୍ୟକ୍ତି)—
3. Subordinate (person).

ପାଅଦାନ—ବୈଦେ.ବି.(ଫା; ମୂଳ ସ.ପାଦ+ଆଧାନ୍)—ପାଁଦାନ୍ (ଦେଖ)
Pā-ādān পাঁদান **पावदान** Pāñdān (See)
(ପାଅାଁଦାନ୍—ଅନ୍ୟରୂପ)

ପାଅ ଧୁଆ—ଦେ. ବି.(ସ. ପାଦ ଓ ଧାବନ)—୧ । ଗୋଡ଼ ଧୋଇବା—
Pā-ā dhuā 1. Washing of the feet.
পা ধোয়া ୨ । ବିବାହ ବେଦିରେ ଶଳା ଭଗ୍ନୀପତିର ଗୋଡ଼ ଧୋଇ
पयर धोना ଦେବାରୂପ ଆଚାର—2. The ceremony of the
(ପାଧୂଆ—ଅନ୍ୟରୂପ) bride's brother washing the feet of the bridegroom on the marriage altar.

ପାଅଧୁଆ କଂସା—ଦେ. ବି—ଯେଉଁ କଂସାରେ ବିବାହ ବେଦୀ ଉପରେ
Pā-ādhuā kamsā ଶଳା ଭଣୋଇର ଗୋଡ଼ ଧୋଇଦିଏ—
পা ধোয়া বাটি The metal basin used in washing the
पयधोआ बाटी feet of the bridegroom.

ପାଅନ୍ତା—ଗ୍ରା. ବି—ପାହାନ୍ତା (ଦେଖ)
Pā-āntā Pāhāntā (See)

ପାଅ ପଦ୍ମ—ଦେ.ବି. (ସ. ପାଦ ଓ ପଦ୍ମ)—ଗୋଡ଼ର ପାପୁଲିରେ ପିନ୍ଧା-
Pā-ā padma ଯିବା ଏକପ୍ରକାର ପଦ୍ମାକୃତି ଅଳଙ୍କାର—A kind
পাপদ্ম of ornament for the back of the feet.
[ଦ୍ର—ଏଥିର ଗୋଟିଏ ପାଖ ବଳାଗଣ୍ଡିରେ ଗଳିଣା ଯାଏ, ଅନ୍ୟ ପାଖ ଗୋଡ଼ ଆଙ୍ଗୁଠିମାନଙ୍କରେ ଥିବା ମୁଦମାନଙ୍କ ସଙ୍ଗେ ଅଟକା ଯାଏ ।] (ପାଅ ପଦୁଅଁ—ଅନ୍ୟରୂପ)

ପାଅପୋଛ(ଷ)—ବୈଦେ. ବି. (ଫା. ପାଉଁପୋସ୍)—ପାଁପୋଛ (ଦେଖ)
Pā-āpochha(sh) Pāñpochha (See)

ପାଅପିଂଆ—ଦେ. ବି—ବିବାହର ପୂର୍ବଦିନ ଭଣ୍ଡାର ଓ ଭଣ୍ଡାରୁଣୀ ବର
Pā-āphiā ଓ କନ୍ୟାଙ୍କ ଗୋଡ଼ରେ ଅଲତା ଦେବା ବିଧି—
পায়ে আলতা The ceremony of painting the feet
महावर लगाना of the bride and the bridegroom with
(ପାଅପିଂଠା—ଅନ୍ୟରୂପ) lac on the eve of marriage.

ପାଅଭାଗ—ଦେ ବି. (ସ. ପଦ ଓ ଭାଗ=ଗୃହର ପାଦଦେଶ)—ବାରଣ୍ଡା;
Pā-ābhāga ଗୃହର ପିଣ୍ଡା; ପାଭାଗ—Veranda; portico.
বারন্দা **बरामदा, ओसारा**

ପାଅଲାଗି—ଦେ. ବି ଓ ଅ (ସ. ପାଦ+ଲଗ୍ନ)—ଦଣ୍ଡବତ—
Pā-ālāgi পায়েপড়া **पाँवलागी** Obeisance.
(ପାଲାଗି, ପାଉଁଲାଗି —ଅନ୍ୟରୂପ)

ପାଅଲାଗି ହେବା—ଦେ. କ୍ରି—ଦଣ୍ଡବତ ହେବା; ଗୋଡ଼ତଳେ ପଡ଼ିବା—
Pā-ālāgi hebā To bow down; to prostrate one-
পায়েপড়া self at another's feet in reverence.
पाँवलागी करना
(ପାଲାଗି ହେବା, ପାଉ ଲାଗି ହେବା, ପାଉଁ ଲାଗିହେବା—ଅନ୍ୟରୂପ)

ପାଇ—ଦେ. ବି —୧ । (ସ. ପାଦ) ପାହୁଲା; ଏକପଇସାର ଏକ-
Pāi ତୃତୀୟାଂଶ ମୂଲ୍ୟର ତାମ୍ରମୁଦ୍ରା—1. A pie; ⅓ of a pice.
পাই **पाइ** ୨ । ପାହି ରଇତ—2 Non-resident royat.
পাহী **पाही** ୩ । ଡୁଡୁ ଖେଳରେ ଏକପକ୍ଷର ସୀମା ନିର୍ଦ୍ଦିଷ୍ଟ ସ୍ଥାନ—
3. The space alloted to one party in the game of Dudu.
ବିଣ—ଭିନ୍ନ ମଉଜାବାସୀ (ପ୍ରଜା)—
Non resident (tenant).
ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) ବି - କାଖ; ପିଲାଙ୍କୁ ଯେଉଁ ବଡ଼ରେ ଅଣ୍ଟା ଉପରେ ବସାଇ କାଖେଇବାକୁ ହୁଏ—Flank; the part of the body on which grown up people carry infants.

ପ୍ରାଦେ. (ସିଂହଭୂମ)—୧ । ତୁମ୍ବ (ଦେଖ)—1. Tumba (See)

୨ । ଦୁଇ ସେର ଓଜନର ଶସ୍ୟ ମାପିବା ପାଇଁ ବ୍ୟବହୃତ ଗଉଣି—2. A wickerwork corn-measuring pot of the capacity of 2 Seers.

୩ । ଦୁଇବାଟି ଓଜନ (୧୬୮ ବା ୨୦୦ ତୋଳା)—3. A standard weight below 200 tolas.

ପାଇଁ—ଦେ. ଅ—୧ । ଲାଗି; ନିମନ୍ତେ—
Pāiṅ 1. For; for the sake of.
ପାଇଁକି } ଅନ୍ୟରୂପ
ପେଇଁ }

ଜଣ ଜଣକରେ ବାହୁଲେ ଦଣ୍ଡ ଦଣ୍ଡ
ଦେଖାଇବା ପାଇଁକି ଜଳ ପଇରୁଷ ।
କୃଷ୍ଣସିଂହ. ମହାଭା. ଦ୍ରୋ. ।

जन्य ୨ । ଯୋଗୁଁ; ହେତୁରୁ—
केलिये, को 2. Because of; on account of.

୩ । (ଯାହାକୁ) ଲାଭ କରିବା ନିମନ୍ତେ—3. For getting which.

ଯାହା ପାଇଁ ଶିବ ପୂଜୁ ଥାଇଁ – ବନସ୍ୱର୍ଣ୍ଣ ସଙ୍ଗୀତ ।

ପାଇଞ୍ଛେକ—ଦେ. ବି—(ସଂ. ପଞ୍ଚକ)—କସି ପାଞ୍ଚ—(ଦେଖ)—
Pāiñchheka Kasipāñchi. (See)

ପାଇକ—ଦେ. ବି—(ସଂ. ପଦାତିକ. ପ୍ରା. ପାଇକ୍କ; ସଂ. ପାୟିକ)—
Pāika ୧ । ପଦାତିକ—1. A foot soldier.
পাইক ରଥ ନ ପାଇଲ ପାଇକ ଅଗେ
पायक ପଣ କରୁଥାଏ ମାଇପ ଅଗେ – ଭଗ ।

୨ । ପିଆଦା—2. Peon; footman.

୩ । ଓଡ଼ିଶା ଗଡ଼ଜାତ ଓ ଖୋରଧା ଅଞ୍ଚଳରେ ଥିବା କ୍ଷତ୍ରିୟ ଜାତିବିଶେଷ—3. A caste of Kshatriyas inhabiting Khurda and the hilly states of Orissa.

[ଦ୍ର—ଆଗେ ଏମାନେ ରାଜାଙ୍କର ସୈନ୍ୟ ହେଉଥିଲେ ଓ ବର୍ତ୍ତମାନ ପ୍ରହରୀ କାର୍ଯ୍ୟ କରନ୍ତି । ପ୍ରାଚୀନ ଓଡ୍ରମାନେ ସମରକୁଶଳ ଜାତି ଥିଲେ । ଏମାନେ ପତିତ କ୍ଷତ୍ରିୟ ଥିଲେ ଓ ଯୁଦ୍ଧ ଏମାନଙ୍କର ପ୍ରଧାନ ବ୍ୟବସାୟ ଥିଲା । ଗଙ୍ଗବଂଶ ରାଜାମାନେ ଓଡ୍ରମାନଙ୍କୁ ସୈନ୍ୟ ଶ୍ରେଣୀଭୁକ୍ତ କଲେ ଓ ଏହି ଓଡ୍ରମାନଙ୍କ ନାମରୁ ମୁସଲମାନ୍‌ମାନେ ଏ ଦେଶକୁ ଓଡ୍ରଦେଶ ବା ଓଡ଼ିଶା ନାମରେ ଡାକିଲେ । ଗଙ୍ଗ ଓ ସୂର୍ଯ୍ୟବଂଶର ରାଜାମାନଙ୍କ ରାଜତ୍ୱବେଳେ ଓଡ୍ରମାନେ ଦେଶର ନାନା ସ୍ଥାନରେ ଯାଗିର ପାଇ ବାସ କଲେ । ପରେ ଖୋରଧାରେ ଭୋଇବଂଶଙ୍କ ରାଜତ୍ୱ ଆରମ୍ଭରେ ଏମାନେ ଅଧିକ ସଂଖ୍ୟାରେ ଖୋରଧା ମଧ୍ୟରେ ଯାଗିର ପାଇ ବାସ କଲେ । ଏହି ଓଡ୍ରମାନେ ସାଧାରଣତଃ ପଦାତିକ ସୈନ୍ୟ ଥିଲେ । ଉତ୍କଳର ଅନ୍ୟ ଜାତିମାନେ ମଧ୍ୟ ଓଡ୍ରଙ୍କ ସଙ୍ଗେ ମିଶି ପଦାତିକ ହୋଇଥିଲେ । ସୁତରାଂ ସମସ୍ତ ପଦାତିକ ଦଳ ପାଇକ ନାମରେ ପରିଚିତ ହେଲେ । ଏମାନେ ଖୋରଧାରେ ବସତି କରି ଯାଗିର ଜମି ଭୋଗ କରୁଥାଆନ୍ତି, ମାତ୍ର ଯୁଦ୍ଧବେଳେ ତତ୍ପର ହେଲେ ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ହେଉଥିଲେ । ଅସ୍ତ୍ର ଶସ୍ତ୍ର ଓ ବ୍ୟବସାୟ ଭେଦରେ ପାଇକମାନେ ସାଧାରଣତଃ ୩ ଶ୍ରେଣୀରେ ବିଭକ୍ତ—

(୧) ପହରୀ ପାଇକ—ଏମାନଙ୍କ ପ୍ରଧାନ ଶସ୍ତ୍ର ଲମ୍ବା ଓ ସିଧା ତରବାରି ଏବଂ କାଠରେ ତମ ଛାଉଣି ଓ ଲୁହା ଗୋବଥିବା ଢାଲ; ଏମାନେ ଦୁର୍ଗ ଓ ରାଜ ନଅର ରକ୍ଷାରେ ନିଯୁକ୍ତ ଥିଲେ ।

(୨) ବାଣୁଆ ପାଇକ—ପ୍ରଥମେ ଧନୁଶର ଏମାନଙ୍କର ପ୍ରଧାନ ଅସ୍ତ୍ର ଥିଲା, ପରେ ପୁଣି ବନ୍ଧୁକ ବ୍ୟବହାର କଲେ । ଯୁଦ୍ଧ ଅଭିଯାନରେ ଦୂର ଦେଶକୁ ଯିବା ପ୍ରଧାନତଃ ଏମାନଙ୍କର କାର୍ଯ୍ୟ ଥିଲା ।

(୩) ଢେଙ୍କିଆ ବା ଡିଙ୍କିଆ ପାଇକ—ଧନୁଶର ଓ ଖଣ୍ଡା ଏମାନଙ୍କର ପ୍ରଧାନ ଅସ୍ତ୍ର । ରାଜାଙ୍କ ଆଦେଶ ଅନୁସାରେ ରାଜା ମଧ୍ୟରେ ସାଧାରଣ ଶାନ୍ତିରକ୍ଷାଠାରୁ ଆରମ୍ଭ କରି ଶତ୍ରୁ ସହିତ ଯୁଦ୍ଧ କରିବା ପର୍ଯ୍ୟନ୍ତ ସକଳ କାର୍ଯ୍ୟ ପାଇଁ ଏମାନେ ସର୍ବଦା ପ୍ରସ୍ତୁତ ରହୁଥିଲେ ।

ପାଇକମାନଙ୍କର ଯୁଦ୍ଧ ପରିଚ୍ଛଦ ମଧ୍ୟରେ ସମସ୍ତଙ୍କ ମସ୍ତକରେ ଟୋପି ଏବଂ ଶରୀରର ସର୍ବାଙ୍ଗ ବ୍ୟାଘ୍ର ଚର୍ମରେ ଆବୃତ ଓ ହଳଦୀ ତେଲରେ ରଞ୍ଜିତ ହେଉଥିଲା । ମସ୍ତକର ବଡ଼ ସିନ୍ଦୂର ଟୋପା ଯୋଗେ ଏମାନଙ୍କ ଆକୃତି ଭୀଷଣ ଦେଖା ଯାଉଥିଲା । ଯୁଦ୍ଧ କ୍ଷେତ୍ରରେ ପାଇକମାନଙ୍କର ସାହସ ଓ କୌଶଳ ପ୍ରଶଂସନୀୟ ଥିଲା । ସେମାନେ ୩୦୦ ବର୍ଷ ପର୍ଯ୍ୟନ୍ତ ପ୍ରବଳ ମୁସଲମାନ ବାହିନୀ ସଙ୍ଗେ ଯୁଦ୍ଧ କରି ଦେଶ ରକ୍ଷା କରି ରାଜ୍ୟବଢ଼ାଇ ଥିଲେ ଏବଂ ଶତ ଶତ ବର୍ଷବ୍ୟାପୀ ପରାଧୀନତା ସତ୍ତ୍ୱେ ମରହଟ୍ଟା ଅଶ୍ୱାରୋହୀମାନଙ୍କର ସମକକ୍ଷ ଯୋଦ୍ଧା ହୋଇ ଲଢ଼ିଥିଲେ (କୃପାସିନ୍ଧୁ ଉତ୍କଳ ଇତିହାସ) । ଅସଲ ଓଡ୍ର ପୂର୍ବପୁରୁଷମାନଙ୍କ ବଂଶଧର ପାଇକମାନଙ୍କୁ ଓଡ୍ର ପାଇକ ଓ ଶୂଦ୍ର ଜାତୀୟ ଅନ୍ୟ ପାଇକମାନଙ୍କୁ ଶୂଦ୍ର ପାଇକ ବୋଲାଯାଏ ।]

ପାଇକ କାହାଣୀ—ଦେ. ବି. (ପାଇକର କହିବା ଗପ)—
Pāika kāhāṇi ୧ । ଅସମ୍ଭବ ଗପ—
1. Incredible tale; travellers' tale.

୨ । ଆତ୍ମପ୍ରଶଂସାପୂର୍ଣ୍ଣ ଗଳ୍ପ—
2. Bluster; a talk full of self-praise.

ପାଇକଚ୍ଛ(ଚ୍ଛି)—ଦେ. ବି. (ସଂ. ପାଦ ଓ କଚ୍ଛ)—ପିନ୍ଧିବା ଲୁଗାର ସାମନା
Pāikachhā(chhi) ପାଖରେ ତଳକୁ ଲମ୍ବିଥିବା ଫେରକୁ ଗୋଡ଼
মালকাছা ସନ୍ଧି ବାଟେ ପଛଆଡ଼କୁ ନେଇ ଅଣ୍ଟାପଛେ ଖୋସିବାର ଲୁଗା ପିନ୍ଧିବା ପ୍ରଣାଳୀ—A mode of tucking back the hanging end of the loin cloth for the purpose of athletic exercises.

[ଦ୍ର—ମଲ୍ଲମାନେ ଲୁଗାକୁ ପାଇକଚ୍ଛ ମାରି ପିନ୍ଧନ୍ତି । ଲୁଗା ପିନ୍ଧିଥିବା ଲୋକକୁ ମଧ୍ୟ କୌଣସି ଶ୍ରମ ସାଧ୍ୟ କାମ କରିବାକୁ ପଡ଼ିଲେ ସେ ଲୁଗାକୁ ପାଇକଚ୍ଛ ମାରେ, ତାହାହେଲେ କାମ କଲାବେଳେ ଲୁଣ୍ଠକାନି ଆଗଆଡ଼େ ତଳେ ଗୋଡ଼ରେ ନାହିଁ ବା ଦୋହୋଲେ ନାହିଁ ।]

ପାଇକଚ୍ଛ ମାରିବା—ଦେ. କ୍ରି—ପିନ୍ଧା ଲୁଗାର ସାମନା ପାଖେ ଓହଳିଥିବା
Pāikachhā māribā ଫେର କାନିକି ପୁଣି ତଳବାଟେ ନେଇ
মাল কাছানো ଅଣ୍ଟାର ପଛଆଡ଼େ ଖୋସିବା—
[illegible] To tuck up the hanging front portion of the cloth by
(ପାଇକଚ୍ଛ ପକାଇବା—ଅନ୍ୟରୂପ)

tucking it down between the thighs and attaching it to the back part of the waist.

ପାଇକ ଜାଗିର୍—ଦେ. ବ—ପାଇକମାନଙ୍କୁ ଦରମା ପରବର୍ତ୍ତେରେ ଦଅ
Pāika jāgiri ଯାଇଥିବା ଜାଗିର— Paikan Jaghir; service-land granted to a Paik.

ପାଇକ ଧୋବା— ପ୍ରାଦେ. (ଗଞ୍ଜାମ) ବ—ଭଞ୍ଜ ରଜାଙ୍କ ବାହିନୀରେ ଯେଉଁ
Pāika dhobā ସବୁ ଜାଗିରଖିଆ ଧୋବା ଲୁଗା କାଚବାକୁ ଯାଉଥିଲେ—The washerman-service-holders who were accompanying the army under the ancient Bhañja kings of Orissa.

ପାଇକ ଫୁଲ—ପ୍ରାଦେ. (ସିଂହଭୂମ) ବ—ଗୋଲ୍ଭଲାଣ ଫୁଲ—
Pāika phula A kind of flower.
(ପାଇକର ଫୁଲ—ଅନ୍ୟରୂପ)

ପାଇକ ବିଦ୍ରୋହ—ଦେ. ବ—୧୮୧୭ ଖ୍ରୀଷ୍ଟାବ୍ଦରେ ଖୋରଧାର ପାଇକ-
Pāika bidroha ମାନେ କରିଥିବା ମେଳ—
(ପାଇକ ମେଳ—ଅନ୍ୟରୂପ) The Paik rebellion of Khurda of 1817. A. D.

[ଦ୍ର—ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ଖୋରଧାର ଇଂରଜ ରାଜକର୍ମଚାରୀମାନଙ୍କ କଠୋର ବ୍ୟବହାର, ପାଇକାନ୍ ଜାଗିର ଉପରେ କର ବସାଇବା, ଲୁଣ କର ବସାଇବା ଓ ବଙ୍ଗାଳୀ ସରକାରୀ କର୍ମଚାରୀମାନେ କଳେ ବଳେ କୌଶଳେ ଜାଗିର ନେବା ଯୋଗୁଁ ଉତ୍ତେଜିତ ହୋଇଥିବା ପାଇକମାନେ ଖୋରଧା ରାଜାଙ୍କ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ନେତୃତ୍ବରେ ୧୮୧୭ ସାଲ ମାର୍ଚ୍ଚ ମାସରେ ବିଦ୍ରୋହ କରିଥିଲେ । ପ୍ରଥମେ ୪୦୦ କନ୍ଧ ଘୁମୁସରରୁ ଖୋରଧାକୁ ଆସି ଉପସ୍ଥିତ କଲେ । ତାଙ୍କ ସଙ୍ଗେ ପୂର୍ବରୁ ଉତ୍ତେଜିତ ପାଇକମାନେ ଯୋଗ ଦେଲେ ଓ ବାଣପୁର ପୁଲିସଥାନା, କଚେରି, ସରକାରୀ ଘର ଓ ଧନ ଲୁଣ୍ଠନ କରି ଖୋରଧା, ଲେମ୍ବାଇ ଓ ପୁରୀ ଆକ୍ରମଣ କଲେ । ପରେ ଏମାନଙ୍କ ସଙ୍ଗେ କଟକ ଜିଲ୍ଲାର କୁଜଙ୍ଗ ଓ କନକାର ପାଇକମାନେ ଯୋଗ ଦେଲେ । ଏ ବିଦ୍ରୋହକୁ ଛ ମାସ ମଧ୍ୟରେ ଇଂରେଜମାନେ ସିପାହି ଓ ପଲଟଣଙ୍କ ସାହାଯ୍ୟରେ ଦମନ କରି ନେତାମାନଙ୍କୁ ଓ ବିଦ୍ରୋହୀ-ମାନଙ୍କୁ ପ୍ରାଣଦଣ୍ଡ, ଦ୍ବୀପାନ୍ତର ଦଣ୍ଡ ଓ କାରାଦଣ୍ଡ ଦେଇ ଦମନ କଲେ ଓ ଖୋରଧାକୁ ଇଂରେଜ ସରକାର ହଜୁର ଖାସ ମହାଲ ରୂପେ ଗ୍ରହଣ କରି ଶାସନ କଲେ । (ଭୂପାସିନ୍ଧୁ ଉତ୍କଳ ଇତିହାସ) ।]

ପାଇକ ମାଗୁଣି—ଦେ. ବ—ପିଲାମାନେ ଖେଳିବା ଏକପ୍ରକାର ଖେଳ—
Pāika māguṇi A kind of children's outdoor game.

ପାଇକରା—ଦେ. ବ. (ସଂ. ପଦାତିକ+ରାଜ)—ଓଡ଼ିଶା ରାଜାଙ୍କ ପ୍ରଦତ୍ତ
Pāikarā ପାଇକ ଓ ଖଣ୍ଡାଇତ ମାନଙ୍କର ଉପାଧିବିଶେଷ—
ପାଇକରାଏ } ଅନ୍ୟରୂପ A title given by Rajas to
ପାଇକରାୟ } Paiks.
[ଦ୍ର—ଏହା ବର୍ତ୍ତମାନ ବଂଶଗତ ଉପାଧିରେ ପରିଣତ ହୋଇ ଅଛି ।]

ପାଇ କରିବା—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) କ୍ରି. (ଭୁଲ.ହଳୀ, ପଞ୍ଜରୁ
Pāi karibā ପର୍ ଲେନା)—ପିଲାମାନଙ୍କୁ କାଖେଇବା; କାଖ କରିବା—To carry children on one's sides or flanks above the waist.

ପାଇକସ୍ତ(ସ୍ତା)—ବୈଦେ. ବ. (ଫା. ପୈକାସ୍ତ୍) – ପାହି ରଇତ;
Pāikasta(stā) ଅନ୍ୟ ଗ୍ରାମରେ ଜମି ଚାଷ କରୁଥିବା ଏକ
ପାଇକାସ୍ତ ପତକାସ୍ତ ଗ୍ରାମବାସୀ ପ୍ରଜା— A Pahi raiyat; nonresident tenant of a village.

ପାଇକା—ଦେ. ବ—ଏକ ପା ପରିମାଣବିଶେଷ; ପାଅକଅ ମାଣ—
Pāikā 1. A measure for one pā-ā or ¼ of a seer.
୨ । (ନାମ) କଟକ ଜିଲ୍ଲାରେ ମହାନଦୀର କ୍ଷୁଦ୍ର ଶାଖା ନଦୀ ଦୁଇଟି—
2. Name of two branches of the Mahānadī river in the district of Cuttack.
ବୈଦେ. ବ. (ଇଂ)—ଛପାଖାନାରେ ସାଧାରଣ ମଧ୍ୟମଭଳି
ପାଇକା ପାଇକା ଆକାରର ଅକ୍ଷର—
The Pica type (in printing).
[ଦ୍ର—ଏହା ତିନି ପ୍ରକାର ଯଥା—ଖ୍ରୋଟ ପାଇକା Small pica, ସାଧାରଣ ପାଇକା Pica, ଡବଲ ପାଇକା Double pica ।]

ପାଇକାଣ(ନ୍)—ଦେ. ବ (ବହୁବଚନ)—ପାଇକମାନେ—
Pāikāṇa(n) The Pāikas.

ବେ ଅବା ସର୍ଗ ସ କେଚୁ ଲଭ୍ରଙ୍ଗ,
ରସ୍ସ ପାଇଲେ ପାଇକାଣ । ବୃନ୍ଦାଅ, ସସର ତରଙ୍ଗ ।

ବିଣ—ପାଇକାଳ (ଦେଖ)—Pāikāḷi (See).

ପାଇକାନ୍ ଜାଗିର୍—ଦେ. ବ—ପାଇକମାନଙ୍କୁ ଯୁଦ୍ଧ କାର୍ଯ୍ୟରେ ଯୋଗ
Pāikān jāgiri ଦେବା ପାଇଁ ବେତନ ପରବର୍ତ୍ତେରେ ଦଅ
(ପାଇକାନ ଜାଗିର—ଅନ୍ୟରୂପ) ଯାଇଥିବା ଜାଗିର ଜମି—
Service tenures granted to Pāikas.

ପାଇକାର୍—ଦେ. ବ—ପଇକାରି (ଦେଖ)—
Pāikāra (ପାଇକାରି—ଅନ୍ୟରୂପ) Paikāri. (See).

ପ୍ରଥମେ ଶ୍ରଷି ଠାରୁ ଜଣେ ଦୁଇବେପାର,
ସେ ଜଣେ ପାଇକାରକୁ, ପାଇକାର ହାଟକୁ
ଜଣେ ଗୋପମବାର—ଫକାଇ ମୋଚନ ଗଳ୍ପ୍ୟବ୍ ।

ପାଇକାଳି—ଦେ. ବିଣ—୧ । ପାଇକମାନଙ୍କର ପ୍ରାପ୍ୟ—
Pāikāḷi 1. Due to the Pāikas.
(ପାଏକାଳି—ଅନ୍ୟରୂପ) (ଯଥା - ପାଇକାଳି ଖୋରାକ)—
୨ । ପାଇକମାନଙ୍କର ସମ୍ପର୍କୀୟ—
2. Pertaining to the Pāikas.
(ଯଥା—ପାଇକାଳି ଯାଗିର)

ପାଇକା(ଖା)ସ୍ତ(ସ୍ତା)—ଦେ. ବ ଓ ବିଣ—ପାହି ରଇତ—
Pāikā(khā)sta(stā) Non-resident cultivator of a village.
ପାହୀ ବାହୀ

ପାଇକେର ଗଛ—ଦେ. ବ—ଲକ୍ଷ୍ମୀ ପାଦୁକା (ଦେଖ)
Pāikerā gachha Lakshmī pādukā (See)

ପାଇଖାନା—ବୈଦେ. ବ. (ଫା)—ପଇଖାନା (ଦେଖ)
Pāikhānā Paikhānā (See)

ପାଇଛା(ଚ୍ଛା)—ବୈଦେ. ବ. (ଫା. ପାଦ୍‌ଶାହ୍; ପାଦ୍=ଅଧିବାସକ+
Pāichhā(chchhā) ଶାହ୍=ସ୍ୱାମୀ)—
পাতসা ବାଦସାହା; ରାଜା; ସମ୍ରାଟ—
पाच्छा, पाच्छाह King; emperor; sovereign.
(ଯଥା—ହାତ୍ର ଖଣ୍ଡ ପାଇଛା, ହକ୍ ନାକ୍ ପାଇଛ ।)
୨ । ଗଞ୍ଜପା ସାବର ୧୨ ସଂଖ୍ୟା ଯୁକ୍ତ ଚଉ; ରାଜା ଚଡ଼ିଥିବା ସାର—
2. The card representing 12 (king) in the Ganjapā game.
[ଦ୍ର—ଏଥିରେ ଗାଡ଼ ବା ରଥରେ ରାଜାଙ୍କର ଚିତ୍ର ଥାଏ ।]

ପାଇଛା ମାଲି—ଦେ. ବ. (ନାମ)—କବିସୂର୍ଯ୍ୟଙ୍କ ଅମଳର ମହୁରୀ ରାଜ୍ୟର
Pāichhā māli ରାଣୀ—Name of the Rani of the Mahuri estate in the time of Poet Kavisurjya who was some time the Court of Wards Manager of the estate.

ପାଇଜଙ୍ଗା(ଘା)—ଦେ. ବ—ପାଇଜାମା (ଦେଖ)
Pāijangā(nghā) Pāijāmā (See)

ପାଇଜମ—ବୈଦେ. ବ. (ଫା. ପାଁଜେବ୍)—ପାଉଜର (ଦେଖ)
Pāijama Pāujari (See)
(ପାଇଁଜର, ପାଇଁଜଡ଼, ପାଇଁଜର, ପାଇଁଜୁଡ଼, ପାଇଁଜୁରୁ—ଅନ୍ୟରୂପ)

ପାଇଜାମା—ବୈଦେ. ବ. (ଫା. ପାଜାମା; ଭୁଲ. ସ. ପାଦ ଓ ଜଙ୍ଘା)—
Pāijāmā ୧ । ଗୋଡ଼ ମୁଣା; ଗାଣ୍ଡି ମୁଣା; ଯେଉଁ ଗୋଡ଼ମୁଣାର
পায়জামা ଗୋଡ଼ ବଳାଗଣ୍ଠି ପର୍ଯ୍ୟନ୍ତ ଲମ୍ବ ଥାଏ—
पायजामा, पाजामा 1. Trousers; long drawers.
୨ । ପତଲୁନ—2. Pantaloons.
୩ । ପାଣ୍ଟ—3. Pant.

ପାଇଟାଲ—ଦେ. ବ—୧ । ମିସ୍ତ୍ରୀ—1. Architecht; mason.
Pāiṭāla ୨ । ଦୈନିକ ମୂଲିଆ—2. A day-labourer.
(ପାଇଟୁଆଲ—ଅନ୍ୟରୂପ) टहलु

ପାଇଟି—ଦେ. ବ. (ସ. ପରିପାଠୀ ବା ପାଠୀ=ଅନୁକ୍ରମ; ଭୁଲ—
Pāiṭi ତେ. ପାବ୍ଲି)—
পাইট, পাটি, পাট ୧ । ଗୃହମାର୍ଜନାଦି ନିତ୍ୟ କର୍ମ; ଗୃହର ଶୃଙ୍ଖଳା
टहल ଓ ପରିପାଟୀ ସମ୍ପାଦକ ନିତ୍ୟ କର୍ମ; ନୀଚ ଗୃହ କର୍ମ; ଅର୍ଗଳୀ—
1. The menial works of a household.
ପାଇଟି କରନ୍ତି ଦାସୀଙ୍କ ପରେ । କୃଷ୍ଣସିଂହ, ମହାଭାରତ, ବନ ।
୨ । ଶ୍ରେଷ୍ଠ ଗୃହର—2. Menial service.
୩ । ଦୈନିକ ଧନ୍ଦା—
3. Daily work or business.
୪ । କାରିଗରୀ—4. Workmanship.

ପାଇଟିଆ—ଦେ. ବ—ପାଇଟାଲ (ଦେଖ)
Pāiṭiā Pāiṭāla (See)

ପାଇଟି ପତର—ଦେ. ବ. (ଅନର୍ଥକ ୨ୟ ସହଚର ଶବ୍ଦ)—
Pāiṭi patara ଦୈନିକ ଦୁଃଖ ଧନ୍ଦା; ଅନ୍ତର୍ଭୁକ୍ତ ପନ୍ଥ—
পাটিঝাটি, পাইট টি One's daily avocations.
टहल टुकरा

ପାଇଟି ଭୋର୍—ଦେ. (ବାକ୍ୟ)—କାର୍ଯ୍ୟ ଶେଷ ହେଲା—
Pāiṭi bhor The work is done; well done!

ପାଇଟି ଶେଷ ହେବା—ଦେ. କ୍ରି—ଅବସ୍ଥା ଖରାପ ହୋଇଯିବା—
Pāiṭi sesha hebā Being ruined.
(ଯଥା—ଅସୁବିଧା ବ୍ୟୟ କଲେ ପାଇଟି ଶେଷ ହେବ ।)

ପାଇଟି ସାରିବା—ଦେ. କ୍ରି—ନିଜର ଦୈନିକ କର୍ତ୍ତବ୍ୟମାନ ସମାଧାନ
Pāiṭi sāribā କରିବା—To finish one's alloted daily duties.

ପାଇଣ୍ଟ—ବୈଦେ. ବ—୧ । (ଇଂ) ଏକ ଗାଲନ୍‌ର ଅଷ୍ଟମାଂଶ; ତରଳ
Paint ପଦାର୍ଥର ବୈଦେଶିକ ପରିମାଣ ବିଶେଷ—Pint.
পাইন্ট ୨ । (ଇଂ. ପେଣ୍ଟ—ପେଣ୍ଟ୍ (ଦେଖ)—
पाइंट 2. Paent. (See)

ପାଇଣ୍ଡା—ପ୍ରାଦେ. (ଗଞ୍ଜାମ) ବ—ଗଞ୍ଜାମର ଓଡ଼ିଆ ଅସ୍ପୃଶ୍ୟ ଜାତିବିଶେଷ—
Pāiṇḍā A class of untouchable Orias in Ganjam.
[ଦ୍ର—ଏମାନେ ଓଡ଼ିଶାର ପାଣ ଶ୍ରେଣୀର ଅଟନ୍ତି ।]
ପ୍ରାଦେ. (ବାଲେଶ୍ୱର) ବ—ଛଦାମଠାରୁ ଅଳ୍ପର କମ୍ ମୂଲ୍ୟର ଧନର ପରିମାଣ—An amount less than ¼ of a pice.

ପାଇନ୍—ପ୍ରାଦେ. ୧ । (ସମ୍ବଲପୁର) ବ—ପାଣି—1. Water.
Pāin ୨ । (ମେଦିନୀପୁର)—ସୁନାରେ ଝଲାଯିବା ମିଶ୍ରଣ ଧାତୁ—
2. Alloy used in soldering gold.

ପାଇପ୍—ବୈଦେ. ବ—(ଇଂ. ପାଇପ୍)—୧ । ନଳ—
Pāip পাইপ पाइप 1. Tube.
୨ । ଏକସ୍ଥାନରୁ ଅନ୍ୟ ସ୍ଥାନକୁ ପାଣି ନେବା ପାଇଁ ବ୍ୟବହୃତ ଧାତୁ ଆଦିର ବଡ଼ ନଳ—2. Water-pipe,

ପାଇବା—ଦେ. କ୍ରି—(ସ. ପ୍ର+ଆପ୍ ଧାତୁ)—୧ । ପ୍ରାପ୍ତ ହେବା
Pāibā পাওয়া पाना ଲଭିବା—1. To get; to receive.
ଅଜଜନ ଏ ତଦ୍ୱା ପାଇବେଟି ଯେବେ
ତନସ୍ନେହ ସାଙ୍ଗ ଅଲରୋଏ ଜଣିବେ ।
କୃଷ୍ଣସିଂହ, ମହାଭାରତ ବନ ।
୨ । ଅର୍ଜନ କରିବା—2. To earn.
୩ । ଅନୁଭବ କରିବା; ଭୋଗ କରିବା—3. To enjoy; to experience.
ଦାଇ ସୁଖଦ ପାଇଛ
ଜନରୁ ଜଠି ଧାଉଁଛ । ଉଗ ।
୪ । ଅଣ୍ଟିବା—4. To suffice.
(ଯଥା—ମତେ କଟକ ଯିବାକୁ ବେଳ ପାଇବ ନାହିଁ)
୫ । ସୁବିଧା ବା ସୁଯୋଗ ପ୍ରାପ୍ତ ହେବା—5. To have opportunity or occasion (for something.)
[ଯଥା—ଆମ୍ଭେମାନେ ଏହା ଦେଖିବାକୁ (ବା ଶୁଣିବାକୁ) ପାଇଲୁଁ]
୬ । ମେଳ ଖାଇବା; ଉପଯୁକ୍ତ ହେବା; (ମନର) ଅନୁମତ ହେବା—
6. To tally with; to suit.
(ଯଥା—ତା କଥାଟା ମୋ ମନକୁ ପାଇଲା ନାହିଁ)
୭ । ପ୍ରବେଶ ହେବା; ପହଞ୍ଚିବା—7. To reach.

ସେତୁବନ୍ଧେ ରାଘବଙ୍କ ସମୀପେ
ବ୍ୟାସ ମହାଋଷି ପାଇଗଲେ ଅଟେ ।
କୃଷ୍ଣସିଂହ. ମହାଭାରତ. ଅବ ।

୮ । (ସଂ. ପ୍ରଭାତ) ପାହିବା; ପ୍ରଭାତ ହେବା—
8. To dawn.
ପାଇଲ ରାତ୍ର, କୁଞ୍ଚ ନେଉଗଣ କଳଳୀତ । ଉଗ ।

୯ । ବୋଧ ହେବା; (କୌଣସି କଥା ମନକୁ, ଚିତ୍ତକୁ, ମସ୍ତିଷ୍କକୁ) ଯୋଗ୍ୟ ବୋଧ ହେବା; ମନୋମତ ହେବା—9. To meet with one's approval; to seem; to occur to one's mind.
କେ ବୋଇଲେ କଣ୍ଠ ଶତ ସଦ୍ଧ ଯାକୁ
କହିବ ସେ ମନେ ପାଇଛି ମସ୍ତିଷ୍କୁ—
କୃଷ୍ଣସିଂହ-ମହାଭାରତ ବନ ।

୧୦ । ମାନିବା; ସମ୍ମତ ହେବା; ଅନୁମୋଦନ କରିବା—
10. To agree to; to approve of.
ମୋଇଲେ ଏ କଥାକୁ ପାଏ ତ କ୍ଷତ୍ରସ୍ତ—
କୃଷ୍ଣସିଂହ. ମହାଭାରତ ବନ

୧୧ । (ଅନ୍ୟର ମନୋଗତ ଭାବ) ବୁଝି ପାରିବା—
11. To be able to understand or comprehend (another's mind).
(ଯଥା—ମୁଁ ଏତେ ସେବା କରି ସୁଦ୍ଧା ତା ମନ ପାଇଲି ନାହିଁ)

୧୨ । ମଣିବା; ବୋଧକରିବା—12. To think.
ଜଣେ ଦ୍ରୋଣ ବଡ଼ୁତ ଜନଙ୍କର ପ୍ରାଣ
ନେବାର ତମହାର ପାଉଛି ମୁଁ ଜାଣ ।
କୃଷ୍ଣସିଂହ. ମହାଭାରତ ଦ୍ରୋଣ ।

୧୩ । ଖାଇବା; ଭୋଜନ କରିବା—13. To eat.
ବର୍ଷମଣ୍ଡ କରି ସେ ବୃତ କରୁଥାଏ
ହରି ନର୍ମଲିଙ୍କୁ ସେ ବେଳେ ମାତ୍ର ପାଏ ।
କୃଷ୍ଣସିଂହ ମହାଭାରତ ଶାନ୍ତି ।

୧୪ । (କୌଣସି ସ୍ଥାନକୁ ମନୁଷ୍ୟର ହାତ ଗୋଡ଼ ବଢ଼ାଇଲେ) ହାତ ଗୋଡ଼ ସେ ସ୍ଥାନକୁ ସ୍ପର୍ଶ କରିବା—14. To be within the reach of one's hand and feet.
ଏ ଫଳ ଉଚ୍ଚରେ ସ୍ଥିତ
ହସ୍ତ ନ ପାଏ ବଡ଼ ଉଚ୍ଚ—ଜଗନ୍ନାଥ ଭାଗବତ ।

୧୫ । ଗ୍ରହଣ କରିବା—15. To accept.
ଧର୍ମ୍ମଯାଜ କଲେ ଗୁରୁ ଜଳ ନ ପାଇବେ ।
ଶ୍ରୀଗୀ. ଶ୍ରୀସ୍ୱରୂପଙ୍କ ଗୀତା ।

ପ୍ରାଦେ. (ଗଞ୍ଜାମ) କ୍ରି.—ପିଲା ପ୍ରସବ କରିବା—
To give birth to a child; to be delivered of a child.

ପାଇ ଯିବା—ଦେ. କ୍ରି.—୧ । ପ୍ରାପ୍ତ ହେବା—
Pāi jibā 1. To get.
ਪੇਯੇ ਯਾਓਯਾ ... ପେଯେ ଯାଓଯା
୨ । (ସ୍ଥାନରେ) ଉପସ୍ଥିତ ହେବା—
पाजाना 2. To arrive at; to reach.
ସେତୁବନ୍ଧେ ରାଘବଙ୍କ ସମୀପେ,
ବ୍ୟାସ ମହାଋଷି ପାଇଗଲେ ଅଟେ । କୃଷ୍ଣସିଂହ, ମହାଭାରତ ଅବ
୩ । (କାଳ) ଉପସ୍ଥିତ ହେବା—3. (the time) To come.
ପୁତ୍ରବଧକାଳ ମୋ ନକଟେ ଯିବ ପାଇ
ଜାଣିବାକୁ କଣ ବହଂକୃଏ ନାହିଁ । କୃଷ୍ଣସିଂହ, ମହାଭାରତ ବନ ।

୪ । ଅତିବାହିତ ହେବା; ବିତି ଯିବା—
4. To pass; to expire.
ଗଣ୍ଡିଁ ଗଣ୍ଡି ବର୍ଷେ ପାଇ ଗଲା ।
ଗଳବଣ୍ଡ ଦାଶ, ଚିନ୍ତାଙ୍କ ସମାପ୍ତନ ।

୫ । (କାଳ ବା ସ୍ଥାନ)—ନିକଟବର୍ତ୍ତୀ ହେବା—
5. To approach (a place or time).

୬ । ପାହିବା; ପ୍ରଭାତ ହେବା—6. To dawn.

ପାଇଲା—ଦେ. ବିଣ—୧ । ଯେଉଁଠାରୁ ଦ୍ରବ୍ୟପ୍ରାପ୍ତି ହୁଏ—
Pāilā 1. (a place) From which something is got.
ଲୋକେ ପାଇଲା ଗଣ୍ଡିଆ ବୁଝନ୍ତି । ଉଗ ।
୨ । ଲବ୍ଧ; ପ୍ରାପ୍ତ—2. Received; got.
ପାଇଲା ଧନ ଗଡ଼ନ୍ତି ନାହିଁ । ଉଗ ।
ଦେ. କ୍ରି. (ସଂ. ପ୍ର+ଆପ ଧାତୁ=ପ୍ରାପ୍ତ ହେବା; ଅତୀତକାଳ ୩ୟ ପୁରୁଷ ଏକବଚନର କ୍ରିୟା; ଅମାନ୍ୟାର୍ଥେ, ଯଥା—ରାମ ବାଟରେ ଏହି ପୁସ୍ତକଟି ପାଇଲା)—ପ୍ରାପ୍ତ ହେଲା—(he) Got.

ପାଇଲି—ଦେ. ବି—ପାହିଲି (ଦେଖ)
Pāili Pāhili (See)
ଦେ. କ୍ରି. (ସଂ. ପ୍ର+ଆପ୍ ଧାତୁ; ଅତୀତକାଳ ୧ମ ପୁରୁଷ ଅମାନ୍ୟାର୍ଥେ)—ପ୍ରାପ୍ତ ହେଲି (ମୁଁ)—(I) Got.

ପାଇହା—ଦେ. ବି ଓ ବିଣ. (ସଂ. ପଦକ୍ଷ)—ପାହିଆ (ଦେଖ)
Pāihā Pāhiā (See)

ପାଉ—ଦେ. ବି. ଓ ବିଣ—ପାହୁ (ଦେଖ)—
Pāu Pāhu (See)

ପାଉଁଜ(ଜି)ଡ଼ି(ରି)—ବୈଦେ. ବି—ପାଉଜର (ଦେଖ)
Pāuñja(ji)ṛḍi(ri) Pāujari (See)
(ପାଉଁଜ; ପାଉଁଜବ[ମ]—ଅନ୍ୟରୂପ)

ପାଉଁଦାନ୍—ବୈଦେ. (ଫା)—ପାଁଦାନ୍ (ଦେଖ)
Pāuñdān (ପାଉଦାନ୍—ଅନ୍ୟରୂପ) —Pāñdān (See)

ପାଉଁ ପିଆଦା—ଦେ. ବିଣ. (ସଂ. ପଦ+ଫା. ପ୍ୟାଦା)—ଗୋଡ଼ରେ
Pāuñ piādā ଚାଲି ଆସିବା (ବ୍ୟକ୍ତି)—(a person)
পাপেয়াদা **पावपैदल** Walking on foot.

ପାଉଁପୂଜା—ଦେ. ବି. (ଫା. ପାଉଁ+ସଂ. ପୂଜା)—୧ । ପାଦପୂଜା—
Pāuñpūjā 1. Worship of one's feet.
पादपूजा ୨ । ଅତ୍ୟଧିକ ସମାଦର ଓ ସତ୍କାର—
पादपूजा 2. Much homage and adoration.

ପାଉଁପୋଛ(ସ୍)—ଦେ ବି. (ଫା. ପାଉଁପୋଶ୍=ପାଦୁକା)—
Pāuñpochh(s) ପାପୋଛ (ଦେଖ)—Pāpochh (See)
পাঁপোস **पाँपोश**
[ପାଉଁପୋଛ(ସ୍)—ଅନ୍ୟରୂପ]

ପାଉଁରୁଟି—ବୈଦେ. ବି. (ପର୍ତ୍ତୁଗୀଜ୍. ପାଓ=ଅଟାରେ ତିଆରି ପିଠା ଓ
Pāuñruṭi ଗ୍ରେଟ୍=ଯାହା ସେକା ଯାଉଥାଏ, Roasted bread;
পাউরোটী ଫ୍ରେଞ୍ଚ୍. ପାଉଁରୋଟୀ=ସେକା ପିଠା; ତୁଳ. ସଂ. ରୋଟିକା;

पाँवरोटि ସେଙ୍କା—ତାଙ୍କାରେ ସେକା ଗହମ ଅଟାର ପିଠା)—
ପାଉଁରୋଟ
ପାଓଁରୋ(ରୁ)ଟ } ଅନ୍ୟରୂପ ଅଟାରେ ଖମିର ବା ଏକପ୍ରକାର ଚୂନା ମିଶା ଯାଇ ଦହକ କଅଁର ଧାସରେ ସିଦ୍ଧ ଏକପ୍ରକାର ଫୁଲୁକା ରୁଟି=Loaf.

ପାଉଁଶ—ଦେ. ବ. (ସଂ. ପାଂଶୁ=ଧୂଳ)—ଭସ୍ମ—
Pāuñsa পাঁশ **पाँस, राख** (ପାଁଶ—ଅନ୍ୟରୂପ) Ashes.

ପାଉଁଶ କୁଢ଼—ଦେ. ବ. (ସଂ. ପାଂଶୁକୂଳ)—ଯେଉଁଠାରେ ଗୃହସ୍ଥର
Pāuñsa kurdha ଚୁଲିରୁ କଢ଼ା ହେବା ପାଉଁଶ ପ୍ରତିଦିନ ଜମା
(ପାଉଁଶଗଦା—ଅନ୍ୟରୂପ) କରାଯାଏ—A heap of domestic
পাঁশকুড় **राखकीढेरी** ashes.

ପାଉଁଶ ପାଉଁଶିଆ—ଦେ. ବ—ପାଷାଣଭେଦୀ ଗୁଳ୍ମ; ରୁକୁଣୀ ବାଉଁପୋଷ
Pāuñsa pāuñsiā ଗୁଳ୍ମ—Colenus Aromaticus (herb).
ପ୍ରାଦେ. (ଗଡ଼ଜାତ)—ବଥୁଆ ଶାଗ (ଦେଖ)
Bathuā sāga (See)
ଦେ. ବଣ. (ସଂ. ପାଂଶୁଲ)—ପାଂଶପାଂଶିଆ; ପାଂଶୁଳ; ପାଉଁଶିଆ—
Ashy; ash-coloured; grey.

ପାଉଁଶ ପାଉଁଶିକିଆ—ପ୍ରାଦେ. (ଗଡ଼ଜାତ) ବ—ପାଉଁଶ ପାଉଁଶିଆ (ଦେଖ)
Pāuñsa pāuñsikiā Pāuñsa pāuñsiā (See)

ପା ଁଶିଆ—ଦେ. ବଣ. (ସଂ. ପାଂଶୁଳ)—୧ । ପାଂଶୁବର୍ଣ୍ଣବିଶିଷ୍ଟ; ପାଉଁଶ
Pāuñsiā ପରି ବର୍ଣ୍ଣବିଶିଷ୍ଟ; ମାଟିଆ—1. Ashy; ash-
পাংশুটিয়া; পাংশুটে **भूरा, मटमैला** coloured
୨ । ପାଉଁଶ ବୋଳା ହୋଇଥିବା—
2. Besmeared with ashes.

ପାଉଁଶିଆ ବନ୍ତଳ—ଦେ. ବ—ଏକପ୍ରକାର ବନ୍ତଳ କଦଳୀ—
Pāuñsiā bantaḷa A kind of banana.
পাংশুটিয়া কাঁচকলা [ଦ୍ର—ଏ ଫଳ ପାକଲ ହେଲେ ଏହାର ଉପରଭାଗ ପାଉଁଶିଆ ବର୍ଣ୍ଣ ଧାରଣ କରେ ।]

ପାଉଁସି—ପ୍ରାଦେ. (ବସ୍ତର) ବ. (ସଂ. ପର୍ଣ୍ଣିକା=ପତ୍ରସ୍ଵଚ୍ଛାଡ଼)—
Pāuñsi ପନକ—Vegetable chopper set on a plate of wood.

ପାଉହା—ଦେ. ବଣ ଓ ବ—ପାହୁ (ଦେଖ)
Pāuhā (ପାହୁଆ—ଅନ୍ୟରୂପ) Pāhu (See)

ପାଉଅର୍ (ଇତ୍ୟାଦି)—ବୈଦେ. ବ—ପାୱାର୍ ଇତ୍ୟାଦି (ଦେଖ)
Pāuār (etc) Pāwār etc (See)

ପାଉଚ—ଦେ. ବ. (ସଂ. ପଦକ୍ଷ)—ସୋପାନ; ପାବଚ୍ଛ; ପାହାଚ—
Pāucha ধাপ, পইঠা **पैड़ी, सीढ़ी** Steps.
(ପାଉଚ[ଛ]—ଅନ୍ୟରୂପ)

ପାଉଜରି—ବୈଦେ. ବ. (ଫା. ପାଜେବ୍; ଭୁଲ. ସଂ. ପାଦମଞ୍ଜୀର)—
Pāujari ପାଦର ଘଙ୍ଗୁରଯୁକ୍ତ ବଳା—A tinkling anklet.
পাঁজোর, পাইজোর **पाजेब, पाँजेब**
ପାଉଜବ, ପାଉଁଜବ, ପାଉଜମ, ପାଉଁଜମ,
ପାଉଞ୍ଜମ, ପାଉଁଜର(ରି), ପାଉଜର,
ପାଉଁଜର, ପାଞ୍ଜେର; ପାଉଜେର, ପାଉଁଜେର } ଅନ୍ୟରୂପ
ପାଉଞ୍ଜ, ପାଉଞ୍ଜେବ; ପାଉଁଜେବ

ପାଉଡ଼—ଗ୍ରା. ବ—ପାହୁଡ଼ (ଦେଖ)
Pāurda Pāhurda (See)

ପାଉଡର୍—ବୈଦେ. ବ. (ଇଂ)—୧ । ଚୂର୍ଣ୍ଣ; ଚୂନା—
Pāudar 1. Powder.
পাউডার ୨ । ସ୍ତ୍ରୀ ଓ ଅଭିନେତୃବର୍ଗ ମୁହଁକୁ ସୁନ୍ଦର କରିବା ପାଇଁ
पाउडर ଯେଉଁ ସୁଗନ୍ଧଚୂର୍ଣ୍ଣ ବୋଳନ୍ତି—2. Face-powder.

ପାଉଡ଼ିଆ—ପ୍ରାଦେ. (ସମ୍ବଲପୁର) ବ—ଭୂୟାଁ ନାମକ ଆଦିମ ପାର୍ବତ୍ୟ
Pāurdiā ଜାତି—An aboriginal tribe of the Orissa states.

ପାଉଡ଼ୀ—ପ୍ରାଦେ. (ସିଂହଭୂମ) ବ. ସ୍ତ୍ରୀ. (ସଂ. ପାର୍ବତୀ)—ସିଂହଭୂମିରେ
Pāurdi ପୂଜିତା ପାର୍ବତୀ ଦେବୀ—A name of Goddess Pārbati worshipped in the Singhbhum district.
[ଦ୍ର—ସରେଇକଳା, ମୟୂରଭଞ୍ଜ, କେନ୍ଦୁଝର ଆଦି ଅଞ୍ଚଳରେ ଏ ଦେବୀଙ୍କୁ ଲୋକେ ପୂଜା କରନ୍ତି ।]

ପାଉଡ଼ୀ ମେଳ—ପ୍ରାଦେ. (ସିଂହଭୂମ) ବ—ପାଉଡ଼ୀ ଠାକୁରାଣୀଙ୍କର
Pāurdi meḷa ୧୨ ବର୍ଷରେ ଥରେ ହେବା ଯାତ୍ରା—
A festival of the Goddess Pāurdi observed once in 12 years.
[ଦ୍ର—ରାଜା ଅଭିରାମ ସିଂହ ଏ ଯାତ୍ରା ପ୍ରବର୍ତ୍ତିତ କରିଥିଲେ । ଏଥିରେ ସରେଇକଳାର ସମସ୍ତେ ଯୋଗ ଦିଅନ୍ତି ।]

ପାଉଣା—ଦେ. ବ. (ସଂ. ପ୍ରାପଣ; ପ୍ରାପ୍ୟ)—ପ୍ରାପ୍ୟ ଧନ—
Pāuṇā Money due; dues.
পাওনা ବଣ—୧ । ପ୍ରାପ୍ୟ—1. (any money or thing)
पावना, पाना Due to or from
(ଦେଏଣା—ବିପରୀତ) ୨ । (ସଂ. ପାଦୋନ) ଚାରିଭାଗରୁ ତିନିଭାଗ—
পৌনে **पौने** 2. Three fourth.
(ଯଥା—ପାଉଣା ୩ ଟଙ୍କା=ଟ ୨।୷)

ପାଉଣାଦାର୍—ଦେ. ବ—୧ । ଯାହାର ପ୍ରାପ୍ୟ ଥାଏ—
Pāuṇādār 1. One to whom money is due.
(ଦେଣଦାର—ବିପରୀତ) ୨ । ମହାଜନ—2. Creditor.
(ପାଉଣାବାଲା—ଅନ୍ୟରୂପ) পাওনাদার **पावनादार**

ପାଉଣା ଦେଏଣା—ଦେ. ବ ଓ ବଣ (ବିପରୀତାର୍ଥ ସହଚର ଶବ୍ଦ)—
Pāuṇā de-eṇā ୧ । ପ୍ରାପ୍ୟ ଧନର ପ୍ରାପ୍ତି ଓ ଦେୟ ଧନର ଦାନ—
(ପାଉଣା ଦେଣା—ଅନ୍ୟରୂପ) 1. Receipt of one's dues
পাওনা দেনা and payment of one's liabilities.
पवना देना ୨ । ପ୍ରାପ୍ୟ ଓ ଦେୟ ଧନ—
2. Dues and liabilities of a person; amounts due from and payble to any person.
୩ । ପ୍ରାପ୍ୟ ଓ ଦେୟ ଧନର ହିସାବ କିତାପ—.
3. Settlement of accounts.
[ଦ୍ର—ଏ ଶବ୍ଦ ସାଧାରଣତଃ 'ଦେଣା ପାଉଣା' ଆକାରରେ ବ୍ୟବହୃତ ହୁଏ ।]

ପାଉଣା ନିକାଶ(ଶି)—ଦେ. ବ—ଦୁଇ ଜଣଙ୍କ ମଧ୍ୟରେ ପ୍ରାପ୍ୟ ଧନର
Pāuṇā nikāśa(śi) ହିସାବ ପତ୍ର ହେବା ପରେ ଦଅ ନିଅ
ପାওনা নিকেশ ହେବା ଦ୍ୱାରା ତହିଁର ନିଷ୍ପତ୍ତି—
पवना निकाश Settlement of dues and liabilities between two persons.

ପାଉଣା ପତର—ଦେ. ବ. (୨ୟ ନିରର୍ଥକ ସହଚର ଶବ୍ଦ)—
Pāuṇā patara ପ୍ରାପ୍ୟ ଧନ ଆଦି; ସମସ୍ତ ପ୍ରକାର ପ୍ରାପ୍ୟ ଧନ—
(ପାଉଣା ପତ୍ର—ଅନ୍ୟରୂପ) Various dues; dues of all
পাওনা পয়সা पावना पत्तर sorts.

ପାଉଣ୍ଡ—ବୈଦେ. ବ. (ଇଂ. ପାଉଣ୍ଡ)—
Pāuṇḍ ୧ । ପ୍ରାୟ ୧୦ ଟଙ୍କା ମୂଲ୍ୟର ଇଂଲଣ୍ଡ ପ୍ରଚଳିତ ସ୍ୱର୍ଣ୍ଣମୁଦ୍ରା
1. Pound; an English gold coin.
[ଦ୍ର—୧ ପାଉଣ୍ଡ =୨୦ ଶିଲିଙ୍ଗ୍; ୧ ଶିଲିଙ୍ଗ=୧୨ ପେନସ୍ ୧ ପାଉଣ୍ଡ=୨୦ ଶିଲିଙ୍ଗ=୨୪୦ ପେନ୍ସ; ପେନ୍ସ ଶବ୍ଦ ପେନ୍ନୀ ଶବ୍ଦର ବହୁବଚନ; ୧ ପେନ୍ନୀ ବୋଲାଯାଏ କିନ୍ତୁ ଏକରୁ ଅଧିକ ହେଲେ ପେନ୍ସ ବୋଲାଯାଏ, ଯଥା—୪ ପେନ୍ସ । ପେନ୍ନୀ ମୁଦ୍ରା ତାମ୍ର ବା ନିକେଲ ଧାତୁ ନିର୍ମିତ; ଶିଲିଙ୍ଗ୍—ରୌପ୍ୟ ମୁଦ୍ରା ଓ ପାଉଣ୍ଡ୍ ସ୍ୱର୍ଣ୍ଣ ମୁଦ୍ରା ଅଟେ । ଭାରତକୁ ବିଲାତରୁ ଗିନି ବା ସଭରେନ୍ ନାମକ ଯେଉଁ ସ୍ୱର୍ଣ୍ଣ ମୁଦ୍ରା ଆସେ ତହିଁର ମୂଲ୍ୟ ୨୧ ଶିଲିଙ୍ଗ୍ ଅଟେ ଓ ସୁନାର ଭାଉ କମ ବେଶି ହେବା ସଙ୍ଗେ ଓ Exchange (ଅନ୍ତର୍ଜାତୀୟ ମୁଦ୍ରା ବଦଳ) ର ରେଟ୍ ଅନୁସାରେ ଏହି ଗିନିର ମୂଲ୍ୟ ଭାରତରେ କମ୍ ବେଶି ହୁଏ । ମୋଟାମୋଟି ଦେଖିବାକୁ ଗଲେ ପାଉଣ୍ଡର ମୂଲ୍ୟ ଭାରତ ପ୍ରଚଳିତ ମୁଦ୍ରା ଅନୁସାରେ ଦଶ ଟଙ୍କା ଧରାଯାଏ; କିନ୍ତୁ ବର୍ତ୍ତମାନ (୧୯୩୩ ସାଲରେ) ଏଥିର ମୂଲ୍ୟ ଟ ୧୫୮ ରୁ ଊର୍ଦ୍ଧ୍ୱକୁ ଉଠି ଯାଇଅଛି । ଗିନିର ମୂଲ୍ୟ ପ୍ରାୟ ୨୦ ଟଙ୍କା ହୋଇଅଛି ।]
পাউণ্ড, পাউন, পৌণ্ড ୨ । ଇଂରାଜୀ ଓଜନବିଶେଷ; ୪୦ଭରି ଓଜନରୁ
पाउंड, पाउन, पउन କିଛି କମ୍; ପ୍ରାୟ ବାଲେଶ୍ୱରୀ ଅଧସେର—
2. Pound (weight).
୨ । କାଞ୍ଜି ହାଉସ୍—2. Pound; kine house.

ପାଉଣ୍ଡ (ଇତ୍ୟାଦି)—ଦେ. ବ. (ସ. ପଦଣ୍ଡ)—
Pāuṇḍa (etc) ପହଣ୍ଡ ଇତ୍ୟାଦି (ଦେଖ)
Pahaṇḍa etc. (See)

ପାଉଣ୍ଡ ପକା(କେ)ଇବା—ଦେ. କ୍ରି—ପାଉଁଲିବା; ଧୀରେ ଧୀରେ ପାଦକୁ
Pāuṇḍa pakā(ke)ibā ଛଡ଼ା ଛଡ଼ା କରି ପକାଇ ଚାଲିବା—
পা ফেলা To walk with long and slow strides.
डग भरना, धाप देना

ପାଉଣ୍ଡର—ଗ୍ରା. ବୈଦେ. ବ. (ଇଂ. ପାଉଡରର ଅଶୁଦ୍ଧ ଉଚ୍ଚାରଣ)—
Pāuṇḍara ପାଉଡର (ଦେଖ)—Pāuḍara (See)

ପାଉଣ୍ଡିଆ—ଦେ. ବଣ. (ଇଂ. ପାଉଣ୍ଡ ସଙ୍ଗେ ଓଡ଼ିଆ ଇଆ ପ୍ରତ୍ୟୟ; ଅନ୍ୟ
Pāuṇḍiā ସଂଖ୍ୟାବାଚକ ଶବ୍ଦ ସଙ୍ଗେ ଲାଗେ ଯଥା—
পনী पाउण्डवाला ୨୪ ପାଉଣ୍ଡିଆ କାଗଜ)—
୧ । ଯେଉଁ ବସ୍ତୁର ଓଜନ ଏତେ ପାଉଣ୍ଡ—
1. Of the weight of so many pounds.
୨ । ଯେଉଁ କାଗଜର ଏକ ରିମ୍‌ର ଓଜନ ଏତେ ପାଉଣ୍ଡ—
2. (paper) Of which one ream weighs so many pounds.
(ଯଥା—ଚବିଶ ପାଉଣ୍ଡିଆ ଡବଲଫୁଲ୍‌ସ୍କାପ୍ କାଗଜ ।)

ପାଉଣ୍ଡେଜ୍ ଫିସ୍—ବୈଦେ. ବ. (ଇଂ. କଚେରୀଆ ଶବ୍ଦ)—
Pāuṇḍej phis ଅଦାଲତରେ ନିଲାମ ଧରିବା ବ୍ୟକ୍ତି ନିଲାମ
পাউণ্ডেজ ফিস ଜରସମନ ଉପରେ ସରକାରଙ୍କୁ ଦେବା ଫିସ୍—
पाउंडेज फिस Poundage fees; fees paid by an auction purchaser to court at a certain percentage.

ପାଉତି—ଦେ. ବ. (ସ. ପ୍ରାପ୍ତି)—
Pāuti ୧ । ପ୍ରାପ୍ତି ସୂଚକ ଲେଖା ରସିଦ—
দাখিলা रसिद, रसिद फारम 1. Receipt.
୨ । ଖଜଣା ପ୍ରାପ୍ତିର ରସିଦ—1. Rent receipt.
୩ । ଚେକ ପାଉତି—3. Cheque receipt.

ପାଉତି କାଟିବା—ଦେ. କ୍ରି—ଧନ ପାଇବା ବ୍ୟକ୍ତି ଦୋହୋର ରସିଦ
Pāuti kāṭibā ଲେଖି ମୂଳ ଖଣ୍ଡ ଆପଣା ପାଖେ ଲେଖି ଅଗ ଖଣ୍ଡ ଧନ ଦେବା ବ୍ୟକ୍ତିଙ୍କୁ ଦେବା—
(a payee) To give to the payer a cheque-receipt after cutting it from the counterfoil.

ପାଉତି ପତ୍ର—ଦେ. ବ. (ସହଚର ଶବ୍ଦ; ନିରର୍ଥକ ଦ୍ୱିତୀୟ ଶବ୍ଦ)—
Pāuti patra ରସିଦ ଆଦି ପ୍ରାପ୍ତି ସୂଚକ ଲେଖ—
রসিদ টসিদ Receipt or other written acknowledgement of payment.
रसिद उसिद
(ପାଉତି ପତର; ପାଉତି ଫାଉତି—ଅନ୍ୟରୂପ)

ପାଉଦିଆ—ଦେ. ବଣ—ପ୍ରତାରକ (ବ୍ୟକ୍ତି); ଯେ ଭଣ୍ଡାଏ—
Pāudiā Deceitful; cheating.
ধাপাবাজ धोखाबाज (ପାଉମରା—ଅନ୍ୟରୂପ)

ପାଉ ଦେବା—ଦେ. କ୍ରି—୧ । ଭଣ୍ଡାଇବା
Pāu debā 1. To put off on some excuse.
(ପାଉ ମାରିବା ଅନ୍ୟରୂପ) ୨ । ଧନ୍ଧା ମାରିବା—
ধপা মারা देना 2. To cheat.

ପାଉପଣ—ଦେ. ବ—ଧନ୍ଧାବାଜି; ଠକାମି —
Pāupaṇa Cheating; fraud; deception.
ধাপাবাজী धोकाबाजी
[ପାଉପଣିଆ(ଆଁ),ପାଉଆପଣ, ପାଉଆପଣିଆ(ଆଁ)—ଅନ୍ୟରୂପ)]

ପାଉରା(ରେ)ଇବା—ଦେ. କ୍ରି. (ସ. ପ୍ରହାର)—ପାହୁରାଇବା (ଦେଖ) –
Pāurā(re)ibā Pāhurāibā (See).

ପାଉରାଣୀ—ଦେ. ବ. (ସ. ପ୍ରହାରଣୀ)—ପାହୁରାଣୀ (ଦେଖ)—
Pāurāṇi Pāhurāṇi (See).

ପାଉରିବା—ଦେ. କ୍ରି. (ସ. ପରିଧାନ) —ପାହୁରିବା (ଦେଖ)—
Pāuribā Pāhuribā (See).

ପାଉଲ— ଦେ. ବ. (ସ. ପାଦ)—ପାହୁଲ (ଦେଖ)—
Pāula Pāhula (See).

ପାଉଲ ପକା(କେ)ଇବା—ଦେ. କ୍ରି—ପାଉଣ୍ଡ ପକାଇବା (ଦେଖ)—
Pāula pakā(ke)ibā Pāuṇḍa pakāibā (See).
[ପାଉଲ ପକା(କେ)ଇ ଚାଲିବା—ଅନ୍ୟରୂପ]

ପାଉଲା—ଦେ. ବି—ପାହୁ; ପଇସାର ଏକଚତୁର୍ଥାଂଶ ମୁଦ୍ରା—
Pāulā ପାଈ पाई A copper pie.
(ପାହୁଲା - ଅନ୍ୟରୂପ) ପାଉଲେ ! ଛଅ ପଇସା ପାଉଲେ – ଶିଶୁବେଦ ।
ପ୍ରାଦେ. (ଗଞ୍ଜାମ) ବି—ସୁକି—
One fourth of a rupee; a four anna bit.

ପାଉଲି—ଦେ. ବି. ଓ ବିଣ – କାଉଲା (ଦେଖ)—
Pāuli Kāula (See).

ପାଉଲିବା— ଦେ. କ୍ରି—ପାଉଣ୍ଡ ପକାଇବା (ଦେଖ)—
Pāulibā Pāuṇḍa pakāibā (See).

ପାଉସେରି—ଦେ. ବି—୧ । ମହାଜନଙ୍କୁ ବେପାରିଠାରୁ ପଣ୍ୟଦ୍ରବ୍ୟ କିଣାଇ
Pāuseri ଦେବା ବ୍ୟକ୍ତିର ପ୍ରାପ୍ୟ; ଦଲାଲର କମିଶନ୍ ବା ଦସ୍ତୁରି—
(ପାହୁସେରି—ଅନ୍ୟରୂପ) 1. Commission of a broker or commission agent.
୨ । (ଲକ୍ଷଣାର୍ଥ) ଦୁଇଜଣଙ୍କ ମଧ୍ୟରେ କରାଯିବା ଦେଣ ନେଣରେ ତୃତୀୟ ବ୍ୟକ୍ତି ମଝିରେ ପାଇବା ଲାଭ—
2. (figurative) The profit which accrues to a third person when there is some transaction between two persons.

ପାଏ—ଦେ. ବି. ଓ ବିଣ—୧ । ଓଜନରେ ବା ମାପରେ କୌଣସି ନିର୍ଦ୍ଦିଷ୍ଟ
Pāe ପରିମାଣର ଚାରି ଭାଗରୁ ଏକଭାଗ—
1. One Pao in weight or measure.
୨ । ଏକଚତୁର୍ଥାଂଶ—2. One fourth.
ଦେ. ବି. (ସ. ପାଦ)—ପାଦ—Foot; leg.
पा ଛଅ ଶବର ଗଡ଼ ପାଏ
पाव ମନେ ନ କର କଛ ଭୟେ । ଜଗନ୍ନାଥଚରିତ ।
पाये पायमें ୨ । ପାଦରେ—2. At the foot.
ଚରଣ ଗଲ ତୋର ପାଏ,
ଭଣ ବା ନ ଭଣ ଏ ଦାଏ । ଜଗନ୍ନାଥ, ଭାଗବତ ।
ଦେ. କ୍ରି. ବିଣ—ଏକପାଦ ବା ପଦଟେ ମାତ୍ର—
এপায় एकपाव By one step only.
ଅସ୍ଥାନାରେ ଥିବ ଠାଏ,
ଯାହାଁକୁ ନ ଚଳିବ ପାଏ । ଦୀନକୃଷ୍ଣ, ନାରଦ ମହାତ୍ମ୍ୟ ।
पाय ଦେ. କ୍ରି. (ପାଇବା କ୍ରିୟାର ଛନ୍ଦ ପ୍ରବୃତ୍ତ ବର୍ତ୍ତମାନକାଳ
पाता ଅନାଦରାର୍ଥକ ତୃତୀୟ ପୁରୁଷ ଏକବଚନ 'ସେ' କର୍ତ୍ତା ସଙ୍ଗେ ବ୍ୟବହୃତ)—(ସେ) ପ୍ରାପ୍ତ ହୁଏ—(he)Gets; receives.

ପାଏକ—ଦେ. ବି. (ସ. ପଦାତିକ)—ପାଇକ (ଦେଖ)—
Pāeka Pāika (see).
ପାଏକ ଲୁହାଟେ ମନେ ଘରେ ଚାସ—ସ୍ୱାର୍ଥାବ ଦରବାର ।

ପାଏଙ୍ଗ୍ - ପ୍ରାଦେ. (ସମ୍ବଲପୁର) ବି—ବନ୍ୟଲତାବିଶେଷ—
Pāeng A wild creeper.
[ଦ୍ର—ଏହାର ପତ୍ରକୁ ଝୁଡ଼ଲ ସଙ୍ଗେ ବାଟି ପିଠା କରନ୍ତି ।]

ପାଏଡ଼ା—ଦେ. ବି. (ମୂଳ. ସ. ପାଦ ପୀଠ)—ଦେବତା ଓ ରାଜାମାନଙ୍କ
Pāerḍā ଗମନ କରିବା ବାଟରେ ବିଛାଯିବା ଲୁଗା—
পাড়ন A cloth which is spread on the road on
पावड़ापाय'दाज़ which great men pass and images of Deities are taken
କରନ୍ତି ପାଏଡ଼ା ସବୁ ରଙ୍ଗ ପାଟରେ—ରାଜକୃଷ୍ଣ, ରସକଲ୍ଲୋଳ ।
ପ୍ରାଦେ. (ଗଡ଼ଜାତ) ବି—ଘୋଡ଼ା ଜିନ୍‌ର ରେକାବ—
Stirrup.

ପାଏନ୍—ପ୍ରାଦେ. (ସମ୍ବଲପୁର) ବି—(ମୂଳ. କଦା ସ୍ଥାନରେ ନଏନ୍; ସ୍ଥଳ
Pāen ସ୍ଥଳରେ ବ୍ୟବହୃତ)—ପାଣି; ଜଳ—Water.
୨ । (ମେଦିନୀପୁର; ମୂଳ. ବ. ପାଏନ୍)—ସୁନା ଝାଳିବା ପାଇଁ ବ୍ୟବହୃତ ମିଶା ଧାତୁର ପତଳା ପତ୍ର—
Alloy used for joining two bits of gold.

ପାଏନ୍ କଖାରୁ—ପ୍ରାଦେ. (ସମ୍ବଲପୁର) ବି – ପାଣିକଖାରୁ (ଦେଖ)—
Pāen kakhāru Pāṇi kakhāru (see).

ପାଏନ୍‌ଧାର୍ କରବା—ପ୍ରାଦେ. (ସମ୍ବଲପୁର) କ୍ରି—ଠାକୁରାଣୀ ମାନସା
Pāen-dhār kariba କରିବା; ଗ୍ରାମରେ ହଇଜା, ବସନ୍ତ ଆଦି ମାରୀଭୟ ଉପସ୍ଥିତ ହେଲେ ଗ୍ରାମଦେବତାଙ୍କୁ ପାଣି ଫୁଲ ଦେଇ ପୂଜା କରିବା—To worship the village Goddess on occasions of divine visitations (e. g. cholera, smallpox.).

ପାଏନବତା—ପ୍ରାଦେ. (ସମ୍ବଲପୁର) ବି—ଯେଉଁ ଲମ୍ବ ବତା ଚାଳର ଓଳ
Paen-batā ବା ଶେଷ ଧାଡ଼ିରେ ରୁଅ ମୁଣ୍ଡରେ ବନ୍ଧାଯାଏ; ପାଣି ବତା—A long split bamboo tied to the lower ends of the rafters of a thatched house.
[ଦ୍ର—ଖପରଲି ଘରେ ଲକ୍ଷ୍ମୀ ବତାରେ ଖପରାଗଣ୍ଡିର ତଳପାଖ ଅଟକି ରହେ ଏବଂ ଚାଳ ଘରେ ଛଣର ଶେଷ ମୁଣ୍ଡ ତହିଁରେ ଲଇ ବାନ୍ଧି ବନ୍ଧାଯାଏ ।]

ପାଏନ୍ ଶାଗ—(ସମ୍ବଲପୁର)—ବି.—ସୁନୁସୁନିଆ ଶାଗ (ଦେଖ)—
Pāen sāga Sunusuniā sāga (See)

ପାଏ ପଡ଼ିବା—ଦେ. କ୍ରି.—ପାଦ ତଳେ ପଡ଼ିବା; ଗୋଡ଼ ତଳେ ପଡ଼ିବା—
Pāe parḍibā To fall prostrate at the feet of another.
(ପାଏଁ ପଡ଼ିବା—ଅନ୍ୟରୂପ) ପାଏ ପଡ଼ି ଭଠି ଶିରେ କରଯୋଡ଼ି,
পায়ে পড়া पावपड़ना ପ୍ରାଚୀ—ଚୁନ୍ଦ୍ରକାନ୍ତପଣ ଗୀତା ।

ପାଏବନ୍ଦ - ବୈଦେ. ବିଣ—(ଫା. ପାବନ୍ଦ=ଆବଦ୍ଧ; ଅସ୍ୱାଧୀନ)—
Pāeband ୧ । (କୌଣସି କାର୍ଯ୍ୟରେ) ଏକାନ୍ତ ନିଯୁକ୍ତ—
पाबन्द 1. Busily engaged (in some work).
(ପାଏବନ୍ଦୀ—ବି) (ଯଥା—ମୁଁ ମକଦମା ପାଇଁ କଟକରେ ଅଧିକ ପାଏବନ୍ଦ ହେଲି)
୨ । ଅସ୍ୱାଧୀନ; ନାଚାର; ବାଧ୍ୟ—
2. Helpless; not free.

ପାଏର୍—ପ୍ରାଦେ. (ସମ୍ବଲପୁର) ବି—(ମୂଳ. ହି. ପାଏଡ଼)—୧ । କ୍ଷେତର
Pāer ହିଡ଼; ଆଡ଼ି—1. Ridge of a field.
୨ । ଛୋଟ ବନ୍ଧ—2. A small embankment.

ପାଏଲାଗି—ପ୍ରାଦେ (ସମ୍ବଲପୁର) ବ. ଓ ଅ. (ଭୁଲ. ହ. ପାଓଁଲାଗି)—
Pāelāgi ଦଣ୍ଡବତ (ଦେଖ)—Dandabata (See).

ପାଏସ୍—ପ୍ରାଦେ (ସମ୍ବଲପୁର) ବ—ପାୟସ (ଦେଖ)—
Pā s Pāyasa. (See)

ପାଂକ୍ତ—ସ. ବଣ—(ପଂକ୍ତି+ ସମ୍ବନ୍ଧାର୍ଥେ. ଅ)—୧ । ଶ୍ରେଣୀବଦ୍ଧ; ପଂକ୍ତି-
Pamkta ବଦ୍ଧ—1. Arranged or set in a row or rows.

୨ । ପଂକ୍ତି ବା ସମାଜ ସମ୍ବନ୍ଧୀୟ—
2. Social; relating to society.

୩ । ସାମାଜକ ଭୋଜୀ ବା ପଂକ୍ତିଭୋଜନ ସମ୍ବନ୍ଧୀୟ—
3. Relating to caste dinner.

ପାଂକ୍ତେୟ—ସ. ବଣ. (ପଂକ୍ତି+ସମ୍ବନ୍ଧାର୍ଥେ ଏୟ)—ପାଂକ୍ତ (ଦେଖ)—
Pāmkteya Pāmkta. (See)

ପାଂଶନ—ସ. ବଣ. ପୁଂ. (ପନ୍ସ୍ ଧାତୁ=ବିନାଶ କରିବା +କର୍ତ୍ତୃ. ଅନ)-
Pāmsana ୧ । ଯେ ନାଶ କରେ; ବିନାଶକ—
(ପାଂଶନା – ସ୍ତ୍ରୀ) 1. Destructive; ruinous.

୨ । ଦୂଷଣକାରୀ—2. Staining; bringing down stigma on a person.

[ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ, ଯଥା—କୁଳ ପାଂଶନ ପୁତ୍ର ।]

ପାଂଶପାଂଶି(ଶୁ)ଆ—ଦେ. ବଣ—ପାଂଶୁପାଂଶୁଆ (ଦେଖ)—
Pāms-pāmsi(su)ā Pāmsupāmsuā. (See)

ପାଂଶୁ—ସ. ବ—(ପନ୍ସ ଧାତୁ = ବିନାଶ କରିବା + ସଜ୍ଞାର୍ଥେ. ଉ)—
Pāmsu ୧ । ଧୂଳି—1. Dust; crumbling soil.
(ପାଂସୁ—ଅନ୍ୟରୂପ) ୨ । ପାପ—Sin.

୩ । ପାଉଁଶ—3. Ashes.

୪ । କଳଙ୍କ—4. Stain; stigma.

୫ । କର୍ପୂର ବିଶେଷ—5. A kind of camphor.

୬ । ଅନେକ ଦିନରୁ ସଞ୍ଚିତ ଗୋବର; ଖତ—6. Cowdung stored for a long time for being used as manure.

୭ । ସ୍ଥାବର ସମ୍ପତ୍ତି—
7. Immoveable property; landed property.

୮ । ପଙ୍କାଲୁଣ—8. Sea salt; white salt.

୯ । ପୁଷ୍ପ ପରାଗ—The pollen of a flower.

୧୦ । ସ୍ତ୍ରୀରଜଃ—10. The menses. (M. W.)

ପାଂଶୁକ—ସ. ବଣ. (ପାଂଶୁ+ଯୁକ୍ତାର୍ଥେ. କ)—୧ । ଧୂଳି ଧୂସରିତ;
Pāmsuka ଧୂଳିଯୁକ୍ତ—1. Dusty; besmirched with dust.
(ପାଂସୁକ—ଅନ୍ୟରୂପ) (ପାଂଶୁକା—ସ୍ତ୍ରୀ)

୨ । ପାପିଷ୍ଠ—2. Sinful.

୩ । ଧୂଳିପରି ଧୂସରବର୍ଣ୍ଣବିଶିଷ୍ଟ; ମାଟିଆ—
3. Dust coloured.

୪ । ଦୁଷ୍ଟ—4. Wicked.

୫ । ଲମ୍ପଟ; ପରସ୍ତ୍ରୀଗାମୀ—
5. Lecherous; adulterous.

୬ । ମଳିଆ; ମଇଳା—6. Dirty.

୭ । ବାଲୁକାମୟ—7. Sandy.

୮ । ଅପବିତ୍ରୀକୃତ—8. Sullied; defiled.

୯ । ଅପମାନିତ—9. Disgraced.

୧୦ । (ଅନ୍ୟ ଶବ୍ଦ ସଙ୍ଗେ ଲାଗେ,ଯଥା-କୁଳପାଂଶୁକ=କଳଙ୍କକାରୀ)-
10. Sullying; defiling.

ସ. ବ—୧ । ପୂତି କରଞ୍ଜ—
1. A kind of Pongamia tree.

୨ । ବଗୁପୋଲ—2. Guilandina Bonducella tree (M. W.).

୩ । ପାପୀ ବ୍ୟକ୍ତି—3. A sinner

୪ । ଶିବଙ୍କ ଅସ୍ତ୍ରବିଶେଷ, ଯାହାର ମୁଣ୍ଡରେ ନରକପାଳ ଲାଗିଥାଏ; ଦଣ୍ଡାସ୍ତ୍ର; ଖଟ୍ଵାଙ୍ଗ—4. A kind of bludgeon with a human skull set at the top.

୫ । ପୁଂଶ୍ଚଳ; ଉପପତି—5. Paramour; gallant.

୬ । ଲମ୍ପଟ ବ୍ୟକ୍ତି—6. Adulterer; lecher; a profligate man.

୭ । ଶିବ—7. Siba.

୮ । ଧୂଳିମୟ ସ୍ଥାନ—8. A dusty place.

ପାଂଶୁକ(କା)ସୀସ—ସ. ବ—ହିରାକଶ (ହ. ଶ.)—
Pāmsuka(kā)sisa Sulphate of iron (M. W.).

ପାଂଶୁକୀ—ସ. ବ. ସ୍ତ୍ରୀ. (ପାଂଶୁକ+ସ୍ତ୍ରୀ ଈ)—୧ । ଅସତୀ ସ୍ତ୍ରୀ—
Pāmsukā 1. An unchaste woman.
(ପାଂସୁକା—ଅନ୍ୟରୂପ) ୨ । ରଜସ୍ୱଳା ବା ଋତୁମତୀ ସ୍ତ୍ରୀ; ରଜୋବତୀ ସ୍ତ୍ରୀ—2. A woman in her menses; a menstruous woman.

୩ । ପିତୃକୁଳ ବା ସ୍ୱାମିକୁଳରେ କଳଙ୍କ ଲଗାଇବା ସ୍ତ୍ରୀ—
3. A woman who brings stain on her husband's or father's family.

୪ । ପୃଥିବୀ—4. The earth.

୫ । କେତକୀ ବା କିଆଫୁଲ; (ଯଥା—ଏଥିର କେଶର ରଜଃପୂର୍ଣ୍ଣ ଥିବାରୁ)—5. Pandanus Odoratissimus (flower).

୬ । ଦୁଷ୍ଟରିତ୍ରା ସ୍ତ୍ରୀ—6. A licentious woman (M.W.).

ପାଂଶୁ କୁଳ—ସ. ବ—୧ । ସିଆଁ କନ୍ଥାଦ୍ୱାରା ପ୍ରସ୍ତୁତ ବୌଦ୍ଧ ଭିକ୍ଷୁମାନଙ୍କ
Pāmsu kula ପରିଧେୟ ବସ୍ତ୍ର (ହ. ଶ)—1. The cloth worn by Buddhist ascetics consisting of rags sewn together.
ପାଂଶୁକୂଳ, ପାଂସୁକୁ(କୂ)ଳ } ଅନ୍ୟରୂପ

୨ । ଯେଉଁ ଦଲିଲରେ ବିଶିଷ୍ଟ ପକ୍ଷଙ୍କ ନାମ ଲେଖାଯାଇ ନ ଥାଏ (ହ. ଶ)—2. A deed which does not mention the name of the principal person; a legal document not made out in any particular person's name (M. W.).

ପାଂଶୁକୁଳୀ— ସ. ବ. (ପାଂଶୁ + କୁଳ + ଈ)—ରାଜପଥ —
Pāmsukuli A high road (M. W.).

ପାଂଶୁକୂଳ—ସ. ବ—୧ । ଧୂଳଗଦା; ଅଳଆଗଦା—
Pāmsukūla 1. A dust heap.
୨ । ପାଉଁଶକୁଢ଼ (ଦେଖ)—2. Pāunsakurdha (See).
୩ । ବୌଦ୍ଧଭକ୍ଷୁମାନଙ୍କ ପରିଧେୟ ପାଇଁ ବ୍ୟବହୃତ ଚିରାକନା, ଯାହା କି ଅଳଆଗଦାରୁ ଗୋଟାଇଆଯାଏ—
3. A collection of rags out of a dust-heap used by Buddhist monks for their clothing (M. W.).

ପାଂଶୁ କ୍ରୀଡ଼ା—ସ.ବ. (କ୍ୟା ବା ୭ମୀ ତତ୍; ପାଂଶୁ କ୍ରୀଡ଼ା)—ଧୂଳଖେଳ—
Pāmsu krirdā Playing in the sand or dust
(ପାଂଶୁକ୍ରୀଡ଼ନ—ଅନ୍ୟରୂପ) (M. W.).

ପାଂଶୁ ଖଲ—ସ. ବ—ଧୂଳ ବା ବାଲିର ଗଦା—
Pāmsu khala Sand heap; dust heap.
(ପାଂଶୁସଞ୍ଚୟ; ପାଂଶୁଧାନ—ଅନ୍ୟରୂପ)

ପାଂଶୁ ଚାମର—ସ. ବ—୧ । ଧୂଳଗଦା—
Pāmsu chāmara 1. A heap of dust (M.W.).
(ପାଂଶୁଚାମର-ଅନ୍ୟରୂପ) ୨ । ପଟ୍ଟବାସ—2. Tent.
୩ । ସୁବାସିତ ରଜଃ—3. Perfumed powder.
୪ । ଦୂବ ଘାସରେ ଆଚ୍ଛାଦିତ ବନ୍ଧ—
4. A bank covered with Dūba grass (M.W).
୫ । ପ୍ରଶଂସା—5 Praise (M. W.).
୬ । କଷି କାକୁଡ଼—6. A small cucumber. (M. W.)

ପାଂଶୁପତ୍ର— ସ. ବ. (ବହୁବ୍ରୀହି; ପାଂଶୁ + ପତ୍ର)—ବଥୁଆ ଶାଗ (ଦେଖ)
Pāmsupatra (ଉ୍ଭି. ଶା.)—Chenopodium Album; Bathuā sāga (See)

ପାଂଶୁ ପାଂଶୁଆ—ଦେ. ବଣ.—(ସ. ପାଂଶୁ)—୧ । ପାଂଶୁବର୍ଣ୍ଣବିଶିଷ୍ଟ—
Pāmsu pāmsuā 1. Dust coloured.
୨ । ଧୂଳମୟ—2. Dusty.
ଦେ. ବ.—ପଉଁଶ ପାଉଁଶିଆ (ଦେଖ)
Pāunsa pāunsiā (See)

ପାଂଶୁ ବର୍ଣ୍ଣ—ସ. ବ.—(କର୍ମଧା; ପାଂଶୁ + ବର୍ଣ୍ଣ)—ପାଉଁଶିଆ ବର୍ଣ୍ଣ—
Pāmsu barnna Ash-colour.
ସ. ବଣ.—(ବହୁବ୍ରୀହି; ପାଂଶୁ + ବର୍ଣ୍ଣ)—ପାଉଁଶିଆ—Ashy.

ପାଂଶୁ ମର୍ଦ୍ଦନ—ସ.ବ.—ଆଳବାଳ; ଗଛମୂଳରେ ଖୋଳାଯିବା ପାଣି ମଳା-
Pāmsu marddana An excavation for water round the root of a tree (M. W.)

ପାଂଶୁ(ସୁ)ର – ସ. ବଣ.—(ପାଂଶୁ + ଯୁକ୍ତାର୍ଥେ ର)—ଧୂଳମୟ—
Pāmsu(su)ra Dusty.
ବ.—୨ । ଧୂଳମୟ ସ୍ଥାନ—2. Dusty place.
୩ । ଡାଉଁଶ—3. Gadfly.
୪ । ଚଳତ୍ ଶକ୍ତିହୀନ କେଖା ଓ ଖେଟା (ହ. ଶ)—
4. A cripple carried or moving about in a chair (M. W.)

ପାଂଶୁଳ—ସ. ବଣ.—(ପାଂଶୁ + ଯୁକ୍ତାର୍ଥେ ଲ)—ପାଂଶୁକ (ଦେଖ)—
Pamsula Pāmsuka (See)
(ପାଂଶୁଳା—ସ୍ତ୍ରୀ) ବ.—ସଚଳ ଲବଣ; ଶାମ୍ଭର ଲବଣ; (ହରେକୃଷ୍ଣ ଦ୍ରବ୍ୟଗୁଣ); ଲୁଣୀ ମାଟିରୁ ବାହାର କରାଯିବା ଲୁଣ—
A kind of slat extracted from saline soil.

ପାଂଶୁ ଲବଣ—ସ. ବ.—ପାଂଶୁଳ (ଦେଖ)
Pāmsu labana Pāmsula (See)

ପାଂଶୁଳା – ସ. ବ. ଓ ବଣ ସ୍ତ୍ରୀ—(ପାଂଶୁଳ + ସ୍ତ୍ରୀ. ଆ)—
Pāmsulā ପାଂଶୁକା (ଦେଖ)—Pāmsukā (See)
ଦେ. ବଣ. ପୁଂ.—ପାଂଶୁକ (ଦେଖ)—Pāmsukā (See)

ପାଂଶୁଳୀ—ଦେ. ବଣ. ସ୍ତ୍ରୀ—(ସ. ପାଂଶୁଳା)—ଅସତୀ ଓ ଭ୍ରଷ୍ଟା (ସ୍ତ୍ରୀ)—
Pāmsuli Unchaste or frofligate (woman).

ପାଂସନ—ସ. ବଣ.—(ପନ୍ସ ଧାତୁ + କର୍ତ୍ତୃ. ଅନ)—ପାଂଶକ (ଦେଖ)-
Pāmsana Pāmsaka (See).

ପାଂସିଠା—ପ୍ରାଦେ. (ବସ୍ତର) ବ.—ପାନ ସିଠା (ଦେଖ)
Pāmsithā Pāna sithā (See)

ପାଂସୁ (ଇତ୍ୟାଦ)—ସ. ବ.— ପନ୍ସ ଧାତୁ + ସଜ୍ଞାର୍ଥେ. ଉ)—
Pāmsu (etc) ପାଂଶୁ ଇତ୍ୟାଦ (ଦେଖ)
Pāmsu etc (See)

ପାଁ—ପ୍ରାଦେ. (ଗଞ୍ଜାମ)—ଅ.—ପାଇଁ; ନିମନ୍ତେ—
Pān (ପାଁରେ—ଅନ୍ୟରୂପ)— For; on account of.

ପାଁଚ—ପ୍ରାଦେ. (ଭିତରଭାଗ ଓ ସମ୍ବଲପୁର) ବ. ଓ ବଣ (ସ. ପଞ୍ଚ)—
Pānch ପାଞ୍ଚ—Five

ପାଁଚପଟିଆ – ପ୍ରାଦେ. (ସମ୍ବଲପୁର)—ବଣ.—ପାଞ୍ଚ ଖେଣିଆ ଘର—
Pancha patiā A thatched house with five long plates or senis'.

ପାଁୟା(ୟାଁ)—ପ୍ରାଦେ.—(ଭିତରଭାଗ) ବ.—ପାଦ, ଗୋଡ଼—
Pānya(ān) Leg; foot.

ପାଁଦାନ—ବୈଦେ. ବ. (ଫା. ପାଉଁଦାନ; ସ. ପାଦାଧାନ—
Pāndān ୧ । ପାଦପୀଠ—1. A foot-rest; foot-stool.
(ପାଦାନ—ଅନ୍ୟରୂପ)
पाऍदान **पाँवदान** ୨ । ଗାଡ଼ି ବା ସଗଡ଼କୁ ଉଠିବା ନିମନ୍ତେ ଯେଉଁ ପଟା ଉପରେ ଗୋଡ଼ ଦେବାକୁ ହୁଏ—
2. Foot-board of a vehicle.

ପାଁୟେଶ—ଗ୍ରା. (ପ୍ରାଚୀନ ପଦ୍ୟ) ବ. (ସ. ପାଂଶୁ)—ପାଉଁଶ—
Pānyesa (ପାଏଁଶ, ପାଏଁଶ—ଅନ୍ୟରୂପ) Ashes.

ତାହୁ ସୁବର୍ଣ୍ଣ ଶରୀର, ପାଁୟେଶ ସେହନ୍ତି କର
ମନଙ୍କ କରେ ସେ ଦେଲେ, ଅଦୃଶ୍ୟ ହେଲେ ସେ—
ଉପେନ୍ଦ୍ରନାଥ—ବଡ଼ଠକୁରମାୟଣ ।

ପାଁସାତ – ଗ୍ରା. ବ. ଓ ବଣ (ସଙ୍ଖ୍ୟାବାଚକ; ସ. ପଞ୍ଚ ଓ ସପ୍ତ)—
Pānsāta ୧ । ପାଞ୍ଚ ବା ସାତ ସଙ୍ଖ୍ୟକ—
पांच सात 1. Five or seven.
पाँच सात ୨ । ଅଳ୍ପ ସଙ୍ଖ୍ୟକ—2. A few; about five or seven.

ପାକ୍—ବୈ. ବ.—(ଇଂ. ପାକ୍କ)—ସୂତାର ବଡ଼ା—
Pāk ପ୍ୟାକ୍ ପେକ୍ A pack of thread.

ପାକ୍ କରିବା—ଦେ. କ୍ରି—(ଇଂ. ପାକ୍)—କୌଣସି ବସ୍ତୁ ବା ପୁସ୍ତକାଦିକୁ
Pāk karibā ଏକତ୍ର ସୂତାରେ ବାନ୍ଧି କାଗଜ ଆଦି ଗୁଡ଼ାଇ
ପ୍ୟାକ୍‌କରା ପୋଟଳା କରିବା—To pack some
ପେକ୍‌କରଲା articles into a parcel.

ପାକ୍‌ଟି—ଦେ. ବ.—(ଇଂ. ପକେଟ୍)—ପକେଟ୍—
Pāk-ṭi ପକେଟ ପାକେଟ Pocket.

ପାକ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି.—(ସଂ. ପକ୍ୱ)—ପାଚିବା—
Pāk-bā To ripen.

ପାକ୍‌ଲା—ଗ୍ରା. ବିଣ.—(ସଂ. ପକ୍ୱ)—ପାଚିଲା; ପକ୍ୱ—
Pāk-lā Ripe.
ପାକା ପକାହୁଆ, ପାକଲ

ପାକ—ସଂ. ବ.—(ପଚ୍ ଧାତୁ=ପାକ କରିବା+ଭାବ. ଅ)—
Pāka ୧ । ରନ୍ଧନ; ରାନ୍ଧିବା; ରାନ୍ଧଣା; ରୁଷେଇ—
1. Cooking.

ବଧୀନ କମଳା ଥାଉ ପାକ ଭୋଜ୍ୟ ଦେଲେ ସେ ।
ଭକ୍ତ- ବୈଦେହୀଶବିଳାସ ।

[ଦ୍ର—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ୪ ପ୍ରକାର ପାକ ହୁଏ; ଯଥା (୧) ଭୀମପାକ; (୨) ନଳ ପାକ; (୩) ସୌରୀ ପାକ; (୪) ଗୌରୀ ପାକ—ଜଗବନ୍ଧୁ ପ୍ରାଚୀନ ଉତ୍କଳ ।]

୨ । ସିଝାଇବା—2. Boiling.
୩ । ଭାଜିବା—3. Baking; roasting.
୪ । ସିଝିବା; ସିଦ୍ଧ ହେବା—4. Being boiled.
୫ । ହଜମ; ପରିପାକ; ଜୀର୍ଣ୍ଣ ହେବା—
5. Digestion; assimilation of food.
୬ । ପରିଣତି; ପରିଣାମ; ଫଳ—
6. Completion; development of consequences.

ବପାକ କର୍ମ ପାକ ହେଲା ଦିଲ । ଭକ୍ତ- ବୈଦେହୀଶବିଳାସ ।

୭ । (ଫଳ ଆଦିର) ପକ୍ୱତା; ପାଚି ଯିବା—
7. Ripening; ripeness (of fruit).
୮ । ବଥ ଆଦି ପାଚିବା; ପୂଯପୂର୍ଣ୍ଣ ହେବା—
8. Suppuration (of boils).
୯ । ବାଳ ପାଚିବା—9. Ripening of the hair; greyness (of the hair).
୧୦ । ବଉଡ଼ ବା ସୂତାକୁ ଭଲ କରି ମୋଡ଼ିବା—
10. Twisting of thread or string into a rope.
୧୧ । ଉତ୍ତମରୂପେ ପରିଣତ ହେବା—
11. Maturity, full development.
୧୨ । ଇଟା ପୋଡ଼ା—12. Burning of bricks. (M.W)
୧୩ । ରନ୍ଧା ଯାଇ ଥିବା ଖାଦ୍ୟ; ପକ୍ୱାନ୍ନ—
13. Any cooked or dressed food. (M. W.)

ବ୍ରାହ୍ମଣୀ କରିଥିବ ସେ ପାକ ନ ଛୁଇଁ—ପ୍ରାଚୀ- ଶ୍ରୀକୃଷ୍ଣଭକ୍ତି ଟୀକା

୧୪ । ବଥ—14. Abscess; ulcer. (M. W.)

୧୫ । ସମ୍ପୂର୍ଣ୍ଣତା; ପୂର୍ଣ୍ଣାବସ୍ଥା; ପୋଖତ ହେବା ଅବସ୍ଥା—
15. Completion; perfection. (M. W.)

ମନେ କଲେ ପୁତ୍ରକୁ ଯୋଜିବା ବଟାଇ,
ଅସ୍ତ୍ର ଯତ ପଣତ ପାକ ହୋଇ ନାହିଁ । କୃଷ୍ଣସିଂହ ମହାଭାରତ ଶାନ୍ତି ।

୧୬ । ଉତ୍କର୍ଷ—16. Excellence. (M. W.)
୧୭ । ପୂର୍ବ ଜନ୍ମ କୃତ କର୍ମର ପରିଣାମ ବା ଫଳ—
17. The development of the consequences of an act done in a former life. (M.W.)
୧୮ । ଫଳବିଶିଷ୍ଟ କର୍ମ—
18. Any act having consequences. (M.W.)
୧୯ । ଯେଉଁ ଅଗ୍ନିରେ ପରିବାରର ପାକ କ୍ରିୟା ସମ୍ପାଦିତ ହୁଏ—19. Domestic fire. (M. W.)
୨୦ । ରାନ୍ଧିବା ପାତ୍ର; ରନ୍ଧନ ପାତ୍ର; ପାଗ ହାଣ୍ଡି—
20. Cooking utensil. (M. W).
୨୧ । କୌଣସି ଦେଶରେ ରାଜଦ୍ରୋହ ବା ସମୂହ ଭୟର ଉପସ୍ଥିତି—
21. General panic or revolution in a country. (M. W.).
୨୨ । ପାଗ; କୌଣସି ଦ୍ରବ୍ୟକୁ ଚିନି, ମିଶ୍ରି, କନ, ଗୁଡ଼ଆଦିର ଶିରାରେ ବା ମହୁରେ ବୁଡ଼ାଇ ପୁଆଇବା (ହ୍ର. ଶ)—22. The seasoning of any article in syrup or honey.
୨୩ । (+କର୍ତ୍ତୃ. ଅକ) ଇନ୍ଦ୍ରଙ୍କଦ୍ୱାରା ନିହତ ଦୈତ୍ୟବିଶେଷ—
23. A demon killed by Indra.
[ଦ୍ର—ଏହି ହେତୁରୁ ଇନ୍ଦ୍ରଙ୍କ ନାମ ପାକଶାସନ ।]
୨୪ । ଶ୍ରାଦ୍ଧରେ ପିଣ୍ଡ ପାଇଁ ପାକ କରାଯାଇଥିବା କ୍ଷୀରି (ହ୍ର. ଶ)—
24. Gruel prepared with milk for being offered in Srāddha.
୨୫ । (+କର୍ତ୍ତୃ. ଅକ)—ପେଚକ—25. Owl (Apte).
୨୬ । (+କର୍ମ. ଅକ)—ଶସ୍ୟ—26. Grain (Apte).
୨୭ । ଜୀବ ଶିଶୁ—27. The young of an animal (M. W.).
୨୮ । କଅଁଳା ପିଲା; ଶିଶୁ—
28 A child; infant (M. W.).

ଦେ. ବ—୧ । ଗୃହସ୍ଥର ପାଗହାଣ୍ଡିର ଏକସାର—
1. A set of earthen cooking pots used in a family.
୨ । କୌଣସି ବ୍ୟକ୍ତିର ଗୃହରେ ବା କୌଣସି ବ୍ୟକ୍ତିଦ୍ୱାରା ରନ୍ଧନ କରାଯାଇଥିବା ଅନ୍ନାଦ—2. Food cooked in the home of or by a certain person.

ସଂ. ବିଣ—୧ । ଅତିଶିଶୁ—1. Very young (M. W.).
୨ । ସରଳାନ୍ତଃକରଣ—2. Simple-minded.
୩ । ମୂର୍ଖ—3. Ignorant.
୪ । ଅକୃତ୍ରିମ—4. Inartificial.
୫ । ସତ୍; ସାଧୁ—5. Honest.

ଦେ. ବିଣ—୧ । ସୁପରିପକ୍ୱ—1. Well ripened.
୨ । ଫଳ ପ୍ରସୂ—2 Producing result.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ଉପଗତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବର୍ଷ' ନ ପାଇଲେ 'ବର୍ଷ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩। ପକ୍ୱ; ସିଦ୍ଧ—3. Boiled; cooked; dressed.

ପାକମାଂସ ଗିଳଇଣି, କୁଡ଼ାଇଲେ ଦେଉଥିଅଣି,
ସହସ୍ର ପୋଡ଼ୁଅ ହେଲ ପାଶେ ଲଭିଲେ ହେ। ଜଗନ୍ନାଥ. ଦଶକଗ୍ରନ୍ଥପୁରାଣ।

୪। ପରିଣତ—4. Developed.

ପାକ କରିବା—ଦେ. କ୍ରି—୧। ରାନ୍ଧିବା—1. To cook.
Pāka karibā ୨। ସିଝାଇବା; ସିଦ୍ଧ କରିବା—
पाककरना 2. To boil.
पाक करना ୩। ନିଆଁରେ ସେକିବା ବା ଭାଜିବା—
3. To bake; to fry; to roast.
୪। ଆଉଟିବା—4. To agitate over fire.

ପୁଣି ଅନଳେ ପାକ କଲେ
ସୁବର୍ଣ୍ଣ ହୋଇ ଏକ ଠୂଳେ। ଜଗନ୍ନାଥ. ଭାଗବତ।

ପାକ କାର—ସଂ. ବି. (ସଂ. ପାକ+କୃ ଧାତୁ+କର୍ତ୍ତୃ. ଅ)—ପାଚକ;
Pāka kāra ରନ୍ଧନକାରୀ ବ୍ୟକ୍ତି—A cook.

କାଳ ହୋଇଛି ପାକକାର,
ମୃତ୍ୟୁ ଦେବତା ଭକ୍ଷକାର। ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ।

ପାକ କାର୍ଯ୍ୟ—ସଂ. ବି. (ପାକ+କାର୍ଯ୍ୟ)—୧। ରନ୍ଧନକ୍ରିୟା—
Pāka kārjya 1. Cooking.
ପାକକର୍ମ, ପାକକ୍ରିୟା, ପାକପ୍ରକ୍ରିୟା } ଅନ୍ୟରୂପ
୨। ଖାଦ୍ୟ ଜୀର୍ଣ୍ଣ ହେବାର ଆଭ୍ୟନ୍ତରୀଣ ପ୍ରକ୍ରିୟା—2. The digestion of food; the dessolutions of the food inside the stomach.

ପାକ କୁଟୀ—ସଂ. ବି. (ପାକ+କୁଟୀ)—୧। କୁମ୍ଭାରର ଭାଟି—
Pāka kuṭī 1. Potter's kiln (M. W.).
(ପାକପୁଟୀ—ଅନ୍ୟରୂପ) ୨। କୁମ୍ଭାରଶାଳ—
2. Pottery (M. W.).

ପାକ କୃଷ୍ଣ—ସଂ. ବିଣ. (ପାକ+କୃଷ୍ଣ; ଯାହା ପାଚିଲେ କୃଷ୍ଣାଭ ହୁଏ)—
Pāka kṛushṇa କରଡ଼ା କୋଳି—Carissa Carandas
(ପାକଫଳ—ଅନ୍ୟରୂପ) (berry) (M. W.).

ପାକ ଚକ୍ର—ଦେ. ବି. (ପରାକ୍ରମ+ଚକ୍ର)—୧। ଶଠତା; କୌଶଳଜାଲ;
Pāka chakra କଳକୌଶଳ—1. Artifice; stratagem.
पाकचक्र ୨। ପାଣି ଭଉଁରି; ମଲମଲୀ—2 Eddy.
୩। ଅପରାଧୀକୁ ଦଣ୍ଡଦେବାର ଏକପ୍ରକାର ଚକ—
3. A kind of wheel used in ancient times to punish criminals; rack.
୪। ଜଟିଳ ରହସ୍ୟ; କୂଟ ସମସ୍ୟା—4. Riddle.
୫। ଚକ୍ରମଧ୍ୟସ୍ଥ ଚକ୍ର—4. A wheel within a wheel.
୬। ଘୂରୁଥିବା ଚକ—6. A whirling wheel.

ପାକଜ—ସଂ. ବି. (ପାକ+ଜନ୍ ଧାତୁ+କର୍ତ୍ତୃ. ଅ; ଲୁଣିପାଣିକୁ
Pākaja ସୂର୍ଯ୍ୟକିରଣ ବା ଅଗ୍ନିରେ ପାକ କଲେ ଯାହା ମିଳେ)—
୧। ପଙ୍ଗାଲୁଣ—1. Salt prepared by the boiling and evaporation of sea-water.
୨। ପେଟଫମ୍ପା—2. Flatulence (M. W.).
ସଂ. ବିଣ—ପାକଦ୍ୱାରା ଉତ୍ପନ୍ନ—
Produced by cooking or roasting.

ପାକଡ଼ା—ଦେ. ବି—ପାଖଡ଼ା (ଦେଖ)
Pākarḍā Pākharḍā (See).
(ପାକଡ଼ା ଖଇର—ଅନ୍ୟରୂପ)

ପାକ ପଣ୍ଡିତ—ସଂ. ବି. ପୁଂ (୭ମୀ ତତ୍; ପାକ+ପଣ୍ଡିତ)—ରନ୍ଧନରେ ସିଦ୍ଧ-
Pāka paṇḍita ହସ୍ତ ବ୍ୟକ୍ତି—A master in the art of
(ପାକପଣ୍ଡିତା—ସ୍ତ୍ରୀ) cooking (M. W.)

ପାକ ପାତ୍ର—ସଂ. ବି (୬ଷ୍ଠୀ ତତ୍; ପାକ+ପାତ୍ର)—ରାନ୍ଧିବା ହାଣ୍ଡି—
Pāka pātra (ପାକଭାଣ୍ଡ—ଅନ୍ୟରୂପ) Cooking pot.

ପାକ ଯଜ୍ଞ—ସଂ. ବି—୧। ବୃଷୋତ୍ସର୍ଗ ଓ ଗୃହ ପ୍ରତିଷ୍ଠା ଆଦି କର୍ମରେ ଖିରି
Pāka jajña ଆହୁତି ଦିଆଯିବା ହୋମ (ହି. ଶ.)—
1. Vedic sacrifice in which milk-gruel is offered to fire.
୨। ବ୍ରହ୍ମଯଜ୍ଞ ଛଡ଼ା ଗୃହସ୍ଥର ନିତ୍ୟକର୍ତ୍ତବ୍ୟ ଅନ୍ୟ ୪ଟି ଯଜ୍ଞ [ଯଥା—ବୈଶ୍ୱଦେବ, ହୋମ, ବଳିକର୍ମ ଓ ଅତିଥିସେବା; କାରଣ ଏ ଗୁଡ଼ିକ କର୍ମରେ ପକ୍ୱାନ୍ନ ବ୍ୟବହୃତ ହୁଏ (ହି. ଶ.)]—
3. The 4 daily rites which a Hindu householder has to perform by the offering of cooked food.

ପାକ ଯନ୍ତ୍ର—ସଂ. ବି—୧। ରନ୍ଧନାର୍ଥ ବ୍ୟବହୃତ ବୈଜ୍ଞାନିକ ଚୁଲ୍ଲୀ—
Pāka jantra 1. Oven constructed on scientific principles for cooking.
୨। ବୈଜ୍ଞାନିକ ଉପାୟରେ ଔଷଧାଦି ପାକ କରିବାପାଇଁ ବ୍ୟବହୃତ ଯନ୍ତ୍ର (ଜ୍ଞାନେନ୍ଦ୍ର)—2. Scientific apparatus used for boiling medicines.
୩। ପାକସ୍ଥଳୀ; ଜଠରର ଯେଉଁ ସ୍ଥାନରେ ଭୁକ୍ତ ଦ୍ରବ୍ୟର ପରିପାକ ହୁଏ—3. Digestive organ; stomach.

ପାକ ଯନ୍ତ୍ର ପ୍ରଦାହ—ସଂ. ବି (ଆଧୁନିକ ଡାକ୍ତରି ପରିଭାଷା)—ପାକସ୍ଥଳୀରେ
Pāka jantra pradāha ଜ୍ୱାଳା ଅନୁଭୂତ ହେବା ରୋଗ (ଜ୍ଞାନେନ୍ଦ୍ର)
Gastrites.

ପାକରଞ୍ଜନ—ସଂ. ବି—ତେଜ ପତ୍ର (ଜ୍ଞାନେନ୍ଦ୍ର)—
Pākarañjana The leaf of Laurus Cassia.

ପାକଡ଼ା—ଦେ. ବି—ପାଖଡ଼ା (ଦେଖ)
Pākarā Pākharḍā (See)
(ପାକଡ଼ା ଖଇର—ଅନ୍ୟରୂପ)

ପାକଲ୍—ପ୍ରାଦେ. (ସମ୍ବଲପୁର) ବିଣ—ରକ୍ତ ବର୍ଣ୍ଣ—
Pākal Red.

ପାକଳ—ସଂ. ବି. (ପାକ+ଲ)—
Pākaḷa ୧। କୁଡ଼ ନାମକ ସୁଗନ୍ଧ ଦ୍ରବ୍ୟ—
1. Costus Speciosus.

୧	ଇ	ଡ	ଋ,ଋ	ଝ	ଏ	ହ୍ରସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଙ୍କ	ଢ	ଷ,ଷ	ଙ୍କ	ଇଂ	ଉଃ	ଛ
୨	ଈ	ଊ	ଋ	ଳ୍	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଙ୍ଖ	ଯ	ଯ	ଙ୍ଖ	ଇଅ	●	ଳ

୨ । ହସ୍ତୀର ଜ୍ୱର ରୋଗ—2. Fever of elephants.
୩ । ଅଗ୍ନି—3. Fire.
୪ । ବାୟୁ; ପବନ—4. Wind. (M. W.)
୫ । ଅଗ୍ନି ବର୍ଣ୍ଣ ବା ଲୋହିତ ବର୍ଣ୍ଣ (କ୍ଷୀରନେତ୍ର)—
5. Fiery red colour.
୬ । ପିତ୍ତାଧିକ୍ୟ ଜନିତ ମାରାତ୍ମକ ସନ୍ନିପାତ ଜ୍ୱରବିଶେଷ (ହି.ଶ.)—
6. A kind of mortal fever.
ସଂ. ବିଣ—୧ । ଯାହା ପକ୍ୱ କରେ—
1. Ripening; bringing to ripeness.
୨ । ଯାହା ବଥ ଆଦିକୁ ପଚାଇ ଦିଏ—
2. Causing suppuration of boils.
୩ । ଅତ୍ୟନ୍ତ କଳା—3. Quite black. (M. W.)

ପାକଲ ଦେ. ବିଣ. (ସଂ. ପକ୍ୱ; ପକ୍କ)—
ପାକଵାଲା ୧ । ପକ୍ୱ—1. Ripe.
୨ । (ସୂତା) ଉତ୍ତମ ରୂପେ ବଳା ହୋଇଥିବା—
2. Well twisted.
୩ । ସୁପରିଣତ (ଫଳ); ଉତ୍ତମ ରୂପେ ବଢ଼ି ଯାଇଥିବା କିନ୍ତୁ ପାଚି ନ ଥିବା; ପକ୍ୱ ପ୍ରାୟ—3. Matured but not yet ripe; half ripe.
[ଦ୍ର—ପାଚି ଯାଇଥିବା କଦଳୀ ପାକଲ୍ଲ କଦଳୀ; ସୁପରିଣତ ହୋଇଥିବା ଅଥଚ ପାଚି ନ ଥିବା କଦଳୀ=ପାକଲ କଦଳୀ ।]
୪ । ଅତ୍ୟଧିକ ପରିଶ୍ରମ ବା ପ୍ରହାର ଆଦି ଯୋଗୁଁ ବ୍ୟଥା ଯୁକ୍ତ (ଶରୀର)—4. (body or limb) Become painful on account of excessive labour or beating.

ପାକଲ କାନ୍ଧ—ଦେ. ବି. (ଗଉଡ଼ମାନଙ୍କ ଭାଷା)—
Pākala kāndha ବହୁତ ସମୟ କାନ୍ଧରେ ସବାରି କିମ୍ବା ଭାର ବୋହିବା ଉପରୁ ଦରଜ ହୋଇଥିବା ବା ଭରି ଯାଇଥିବା କାନ୍ଧ—The shoulder of a palki-bearer when it becomes acutely painful after carrying a heavy load for a long time.

ପାକଲ୍ଲ—ଗ୍ରା. ବିଣ. (ଶୂଦ୍ରମାନଙ୍କ ବ୍ୟବହୃତ ଭାଷା) (ସଂ. ପକ୍ୱ)—
Pākalā ୧ । ପାଚିଲା; ପକ୍ୱ (ଫଳ)—1. Ripe (fruit).
ପାକଲ୍ଲ, ପାକେଲ୍ଲ } ଅନ୍ୟରୂପ
୨ । (ସଂ. ପ୍ରକ୍ଷାଳିତ) ପାଣିରେ କଷ କରାଯାଇ ଥିବା ସୁରଞ୍ଜିତ (ଗାମୁଛ)—
ପାକା, ପାକଲା
ପକା, ପକେଠ
2. Tinted reddish yellow, being seasonably immersed in water.
(ଯଥା—ପାକଲ୍ଲ ଗାମୁଛ ।)
୩ । ଶୁଭ୍ର—3. White; grey (hair).
(ଯଥା— ପାକଲ୍ଲ ବାଳ, ପାକଲ୍ଲ ଦାଢ଼ି ।)
୪ । ବହୁଦିନ ବ୍ୟବହୃତ ହେବା ଯୋଗୁଁ ଓ ତେଲ ଆଦି ମରି ଯିବାରୁ ରକ୍ତାଭ ହୋଇଥିବା (ବାଉଁଶ ବାଡ଼)—
4. (a bamboo stick) Which has assumed a reddish yellow tint by being used and handled for a very long time and smeared with oil.
(ଯଥା—ପାକଲ୍ଲ ବାଡ଼ ।)
୫ । ଘିଅ ବା ତେଲ ଆଦି ବହୁକାଳ ପୂରା ଯାଇଥିବାରୁ ଯେଉଁ ମାଟି ଘଡ଼ାର ରନ୍ଧ୍ରମାନ ତେଲ ବା ଘିଅ ପିଇଥାଏ; ସଡ଼ା—
5. (earthen pot) The pores of which have become saturated with oil or ghee by constant use.
(ଯଥା—ପାକଲ୍ଲ ଘଡ଼ା)
୬ । ଯେଉଁ ବ୍ରଣ ଆଦିରେ ପୂଯ ହୋଇଅଛି—
6. Ripe (boil); suppurated.

ପାକଲା(ଲେ)ଇବା—ଦେ. କ୍ରି—(ସଂ. ପକ୍ୱ)—୧ । ପଚାଇବା—
Pākala(le)ibā 1. To cause ripeness.
ପାକାନ ପକାନା ୨ । ସୂତା ଆଦିକୁ ବଳ ପାକଲ କରିବା—
ପାକାନ ପାକ ଦେନା 2. To twist yarn or fibres well.
ଫୁସଲାନ ୩ । ଫୁସୁଲେଇବା—
ଫୁସଲାନ 3. To wheedle; to cajole.
ପାକଲାନ ୪ । (ସଂ. ପ୍ରକ୍ଷାଳନ) ଭକ୍ଷ୍ୟ ଦ୍ରବ୍ୟକୁ ଦାନ୍ତରେ ନ ଚୋବାଇ
ପୁଲପୁଲାନା ଏ କଲରୁ ସେ କଲକୁ ଜିଭ ଦ୍ୱାରା ଚଳାଇବା—
4. To cause food to slide from one side of the mouth to the other without chewing it.
୫ । (ସଂ. ପ୍ରୋଦ୍ଗାର) ପାଗୁଳି କରିବା; ରୋମନ୍ଥ କରିବା—
5. To ruminate.

ପାକଲ୍ଲ ଗାମୁଛ—ଗ୍ରା. (ଇତର)—(ପାକଲ୍ଲ + ଗାମୁଛ)—ପାଣିକଷ
Pākalā gāmuchhā ହୋଇ ନାଲି କରା ଯାଇଥିବା; ସୁରଞ୍ଜିତ ଗାମୁଛ—A napkin which has been tinged red by a special process of seasoning it in water.
[ଦ୍ର—ନୂଆ ଗାମୁଛକୁ କେତେଦିନ ପାଣିକଷ କରି (ଅର୍ଥାତ୍ ପାଣିରେ ଓ ତୋରାଣିରେ ବତୁରାଇ ଓ ଶୁଖାଇ) ଓ ପାଗ ଯୋଗ ଅନୁସାରେ ତହିଁରେ ସୋରିଷତେଲ, ପଇଡ଼ ପାଣି, ସପୁରି ପାଣି, କଦଳୀ, ଛେନାପାଣି ଓ ଦୁଧ ଦେଇ ପୁଣି ଓ କଂଟକ ଜଙ୍ଗଲରେ ଲୋକେ ଗାମୁଛକୁ ପଚାନ୍ତି । ଗାମୁଛ ପଚାଇବାକୁ ପ୍ରାୟ ଦୁଇ ମାସ ଲାଗେ । ତହିଁର ରଙ୍ଗ ରକ୍ତାଭ ହଳଦିଆ ହୁଏ ଓ ଗାମୁଛ ବହଳିଆ ହୋଇଯାଏ । ଉକ୍ତ ଗାମୁଛକୁ ଗ୍ରୀଷ୍ମଦିନେ ଓଦା କରି ଦେହରେ ପକାଇଲେ ଶୀତଳ ଲାଗେ ଓ ତହିଁରୁ ଗୋଟିଏ ସୁସ୍ନିଗ୍ଧ ଗନ୍ଧ ବାହାରେ; ସମସ୍ତଙ୍କ ହାତରେ ଗାମୁଛ ପାଚେ ନାହିଁ । ଗାମୁଛ ପଚାଇବା ପାଇଁ ବିଶେଷ ଯତ୍ନ ଓ ପାଗଯୋଗ ଅନୁସାରେ ସୋରିଷତେଲ ଆଦି ଦେବାକୁ

ହୁଏ; ପାଗ ଯୋଗ ବଗିଡ଼ିଲେ ଗାମୁଛାରେ ଧଳାଚିହ୍ନ ଓ କଳାଚିହ୍ନ (ଧଳା ଓ କଳା ଛିପି ଛିପି ଦାଗମାନ) ମାରିଯାଏ। ପାଚିଲା ଗାମୁଛାର ସଉଦା ଲୋକମାନେ ଚନ୍ଦନ ଯାତ୍ରା ସମୟରେ ସନ୍ଧ୍ୟା ପରେ ଓ ଦିପହରେ ଦେହରେ ଏ ଗାମୁଛାକୁ ଓଦା କରି ପକାନ୍ତି।]

ପାକଲା ଘଡ଼ି—ଦେ. ବି—ତେଲ ବା ଘିଅରେ ସଡ଼ି ହୋଇଥିବା ମାଟିଘଡ଼ି—
Pākalā ghardi An earthen pot the pores of which have become saturated with ghee or oil.
[ଦ୍ର—ଏପରି ଘଡ଼ିରେ ଘିଅ ବା ତେଲ ରଖିଲେ ସେ ଘଡ଼ି ଉକ୍ତ ଘିଅ ବା ତେଲକୁ ଶୋଷିନିଏ ନାହିଁ। ନୂଆ ଘଡ଼ିରେ ଘିଅ ବା ତେଲ ରଖିଲେ ଘଡ଼ିର ରନ୍ଧ୍ରମାନ କେତେକ ଘିଅ ବା ତେଲ ଶୋଷି ନିଏ। ଏଥିପାଇଁ ଲୋକେ ପାକଲା ଘଡ଼ି, ପାକଲା ମାଠିଆ ଆଦିକୁ ଆଦର କରନ୍ତି।
ଏହିପରି ପାକଲା ମାଠିଆ, ପାକଲା ହାଣ୍ଡି, ପାକଲା ପଲମ ଆଦି ଶବ୍ଦ ବ୍ୟବହୃତ ହୁଏ।]

ପାକଲା ଦାଢ଼ି—ଗ୍ରା. ବି—ଶୁଭ୍ର ଶ୍ମଶ୍ରୁ—
Pākalā dardhi White or grey beard.
পাকাদাড়ী पकीदाड़ी

ପାକଲା ଦାଢ଼ିଆ—ଗ୍ରା. ବିଣ.—ଶୁଭ୍ର ଶ୍ମଶ୍ରୁବିଶିଷ୍ଟ—
Pākalā dardhia Having grey beard.
পাকাদাড়ীওয়ালা ଅଇ ତ କେତେ ପାକଲା ଦାଢ଼ିଆ ବୁଢ଼ା ଆସିଛନ୍ତି।
पकीदाढ़ावाला ମଧୁସୂଦନ, ଛାତ୍ରସ୍ମରଣରତ୍ନା

ପାକଲା ଦାନ୍ତ—ଗ୍ରା. ବି. (ସଂ. ପକ୍ୱ+ଦନ୍ତ)—ପାନବୋଲ ବା
Pākalā dānta ମେହେନ୍ଦିରେ ସୁରଞ୍ଜିତ ଦନ୍ତ—
পাকাদাত Teeth dyed red by chewing betel etc.
रंगालदाँत

ପାକଲା ଦିହ—ଗ୍ରା. ବି—ମାଡ଼ଆଦି ଯୋଗୁଁ ଦରଜ ହୋଇ ଯାଇଥିବା
Pākalā diha ଶରୀର—Body which has become painful with severe beating.

ପାକଲା ବାଡ଼ି—ଦେ. ବି—ଯେଉଁ ବାଉଁଶ ବାଡ଼ି ବହୁଦିନ ବ୍ୟବହାର
Pākalā bardi କରାଯିବାରୁ ଓ ସମୟେ ସମୟେ ତହିଁରେ ତେଲ ବୋଲାଯିବାରୁ ଈଷତ୍ ହଳଦିଆ ଦେଖାଯାଉଥାଏ—
A bamboo walking stick which has assumed a yellowish tint by being handled for a long time and now and then besmeared with oil.

ପାକଲା ବାଳ—ଗ୍ରା. ବି—(ସ.ପକ୍ୱ+ବାଳ)—ପକ୍ୱ କେଶ—
Pākalā bāla Grey hair.
পাকাচুল पकाबाल (ପାକଲାବାଳୁଆ—ବିଣ)

ପାକଲା ବୁଢ଼ା—ଗ୍ରା. ବି—(ସ.ପକ୍ୱ+ବୃଦ୍ଧ)—ଅତି ବୃଦ୍ଧ ଲୋକ—
Pākalā burdha Very old man.
পাকলা বুড়ো झुकझुल बुड्ढा

ପାକଲି(ଲୀ)—ସ. ବି—କକଡ଼ାଶୃଙ୍ଗୀ (ଦେଖ)—
Pākali(li) Kakardā srungi. (See)

ପାକଳିଆ—ଦେ. ବିଣ—(ସଂ. ପକ୍ୱ)—୧। ପକ୍ୱ—
Pākalia পাকরাল पका Ripe.
୨। ଈଷତ୍ ପକ୍ୱ; ଅର୍ଦ୍ଧପକ୍ୱ—2. Half ripe.
୩। ସୁପରିଣତ; ପକ୍ୱପ୍ରାୟ—3. Well matured.
୪। ଉତ୍ତମରୂପେ ବଳା ହୋଇଥିବା (ସୁତା)—
4 Well twisted (yarn or thread).

ପାକଶାଳା—ସ. ବି—(୬ଷ୍ଠୀ ତତ୍; ପାକ+ଶାଳା)—ହାଣ୍ଡିଶାଳ; ରନ୍ଧନ
Pākasālā ଶାଳା; ରୋଷଣା ଘର—Cook room; kitchen.
(ପାକାଗାର—ଅନ୍ୟରୂପ) [ଦ୍ର—ହିନ୍ଦୁ ଶାସ୍ତ୍ରମତରେ ବାସଗୃହର ପୂର୍ବ ଦକ୍ଷିଣ (ଅଗ୍ନି) କୋଣରେ ଗୃହସ୍ଥ ପାକଶାଳା ନିର୍ମାଣ କରିବେ ଓ ଧୂଆଁ ବାହାରିଯିବା ପାଇଁ ଘରର ଛାତରେ ଗୋଟିଏ ଛୋଟ ଝିଲ୍କା କରିବେ—ହି. ଶ.।]

ପାକ ଶାସନ—ସ ବି. (ଉପପଦ ତତ୍; ପାକ=ଦୈତ୍ୟବିଶେଷ+ଶାସନ)—
Pāka sāsana ଇନ୍ଦ୍ର—Indra.
ପାକଦ୍ୱିଟ୍, ପାକଦ୍ୱିଷ; ପାକହନ୍ତା, ପାକରିପୁ, ପାକାରି, ପାକନିସୂଦନ } ଅନ୍ୟରୂପ

ପାକଶାସନି—ସ. ବି.—(ପାକଶାସନ+ଅପତ୍ୟାର୍ଥେ. ଇ)—ଇନ୍ଦ୍ରଙ୍କ ପୁତ୍ର
Pākasāsani ଜୟନ୍ତ—The name of Indra's son.

ପାକ ଶାସ୍ତ୍ର—ସ. ବି.—ରନ୍ଧନ କୌଶଳ ବା କଳା ରୂପ ବିଦ୍ୟା—
Pāka sāstra Culinary art; the science or art of cooking. (M.W)
(ପାକବିଦ୍ୟା—ଅନ୍ୟରୂପ)

ପାକ ଶୁକ୍ଲ—ସ. ବି.—ଚକ୍ ଖଡ଼ି—
Pāka sukla Chalk.(M.W.)

ପାକସ୍ଥଳୀ—ସ. ବି.—(୬ଷ୍ଠୀ ତତ୍; ପାକ+ସ୍ଥଳୀ)—ପୁଟି; ପେଟ
Pākasthali ମଧ୍ୟରେ ଯେଉଁ ମୁଣାରେ ଖାଦ୍ୟ ଜୀର୍ଣ୍ଣ ହେବା ସମୟରେ ରହେ; ପକ୍ୱାଶୟ—
(ପାକାଶୟ—ଅନ୍ୟରୂପ) Stomach; digestive organ.

ପାକସ୍ଥାନ—ସଂ. ବି.-(୬ଷ୍ଠୀ ତତ୍; ପାକ+ସ୍ଥାନ)—୧। ପାକଶାଳା;
Pāka sthāna ରୁଷେଇ ଘର—1. Cook room.
୨। କୁମ୍ଭାରର ଭାଟି—2. Potter's kiln.

ପାକସ୍ଥାଳୀ—ସଂ. ବି.—(୬ଷ୍ଠୀ ତତ୍; ପାକ+ସ୍ଥାଳୀ)—ପାଗ ହାଣ୍ଡି;
Pāka sthāli ରାନ୍ଧିବା ହାଣ୍ଡି—Cooking pot.

ପାକ ହାଣ୍ଡି—ଦେ. ବି.—(ସଂ. ପାକ+ହାଣ୍ଡି)—ପାଗ ହାଣ୍ଡି, ରୋଷାଇ-
Pāka hāndi ହାଣ୍ଡି—Cooking pot.
পাকের হাঁড়ি ଚନ୍ଦନ ବଧୂ ପାକ ହାଣ୍ଡି ସେ କରିବ।
पाककोहाँड़ी तौला ହାତୀ, ଶ୍ରୀ ସୁବ୍ରତଙ୍କ ଗୀତା

ପାକାତିସାର—ସଂ. ବି.—ଗ୍ରହଣୀ; ପୁରାତନ ନାଳରକ୍ତ ଝାଡ଼ା—
Pākātisāra Chronic dysentery. (M. W.)

ପାକାମ୍ବର—ଦେ. ବି.—(ସଂ. ପକ୍ୱ=ସୁରଞ୍ଜିତ+ଅମ୍ବର)—ଗେରୁଆ
Pākāmbara ଲୁଗା—A cloth dyed with red ochre.

ପାକାମ୍ବରୀ—ଦେ. ବିଣ.—(ସଂ. ପକ୍ୱ+ଅମ୍ବର)—ଗେରୁଆ ଲୁଗା ପିନ୍ଧି-
Pākāmbari ଥିବା—Wearing cloth dyed red.

ପାକାସ୍ପର୍ଶ—ଦେ. ବି. (ସଂ. ପାକାସ୍ପୃଶ୍ୟା)—ସ୍ତ୍ରୀର ରଜଃସ୍ରାବ—
Pākāsparsa Menstruation; monthly course.

ପାକାସ୍ପରଶ, ପାକାସ୍ପରଶ, ପାକାସ୍ପର୍ଶ } ଅନ୍ୟରୂପ — ଦେ. ବିଣ.—ପାକାସ୍ପୃଶ୍ୟା (ଦେଖ)
Pākāsprusya (See)

ପାକାସ୍ପୃଶ୍ୟା—ସଂ. ବଣ. ସ୍ତ୍ରୀ (ବହୁବ୍ରୀହି; ପାକ+ଅସ୍ପୃଶ୍ୟ+ଅ;
Pākāsprusyā ପରନ୍ନପାତ; ପାକ ଅଟେ ଅସ୍ପୃଶ୍ୟ ଯାହାର)—
(ପାକାସ୍ପର୍ଶ୍ୟା —ଅନ୍ୟରୂପ) ରଜସ୍ୱଳା; ଋତୁମତୀ—
ପାକାସ୍ପର୍ଶ / ପାକାସ୍ୱର୍ଶ(ଶା) / ପାକାସ୍ୱରଷ(ଶା) } ଦେଶଜରୂପ Menstruated; (a woman) in her menses.

[ଦ୍ର—ପାକାସ୍ପୃଶ୍ୟା ସଂସ୍କୃତ ଶବ୍ଦକୋଷରେ ମିଳେ ନାହିଁ। ସମ୍ଭବତଃ ପଣ୍ଡିତମାନଙ୍କଦ୍ୱାରା ଏ ଶବ୍ଦ ଗଢ଼ାଯାଇଅଛି।]

ପାକିଆ —ଗ୍ରା. ବଣ.—ପାଆକିଆ (ଦେଖ)
Pākiā Pā-ākiā (See)

ପାକିଂ—ବୈଦେ. ବ. (ଇଂ. ପାକିଙ୍ଗ୍)—କୌଣସି ଦ୍ରବ୍ୟ ଦୂର ସ୍ଥାନକୁ
Pākim ପଠାଇବା ପାଇଁ ପୋଟଳା ବା ପୁଡ଼ା ବାନ୍ଧିବା—
পেকিং পੈਕਿੰਗ (ପାକିଙ୍ଗ୍—ଅନ୍ୟରୂପ) Packing.

ପାକିଂ ଚାର୍ଜ—ବୈଦେ. ବ. (ଇଂ.)—କୌଣସି ଦ୍ରବ୍ୟ ପାକିଂ କରିବାର
Pākim chārj ବ୍ୟୟ ବା ପାଉଣା—Packing charge.
পেকিং চার্জ ਪੈਕਿੰਗ ਚਾਰਜ (ପାକିଙ୍ଗ୍ ଚାର୍ଜ—ଅନ୍ୟରୂପ)

ପାକିଟ୍(ଟି) (ଇତ୍ୟାଦି)—ଗ୍ରା. ବ.—୧। (ଇଂ.ପକେଟ୍) ପକେଟ ଇତ୍ୟାଦି
Pākit(ṭi) (etc) (ଦେଖ)—Paket etc (See)
পকেট जेब, थोकड़ी, पाकिट
ସୁ. ଖିସା, ପାକିଟ, ଗଜକୁ

ପାକିଟ୍‌ମାର(ରୁ)—ଗ୍ରା.ବ.—ଅନ୍ୟ ଲୋକର ପିନ୍ଧିବା କୁର୍ତ୍ତାର ପକେଟ୍‌କୁ
Pākiṭ-mār(ru) କାଟି ବା ପକେଟ୍‌ରେ ହାତ ପୂରାଇ ପକେଟ୍‌ରେ
পকেটমার ଥିବା ଜିନିଷ ଚୋରି କରି ନେବା ଚୋର—
जेबकट, पाकिटमार Pick-pocket.
ସୁ. ଗଜବାକାଟରୁ, ଖିସାକାଟରୁ

ପାକିବା—ଦେ. କ୍ରି—(ସଂ. ପକ୍ୱ)—ପାଚିବା—
Pākibā To ripen.

ପାକିମ—ସଂ. ବଣ.—(ପାକ+ଇମ)—୧। ରନ୍ଧା ଯାଇଥିବା—
Pākima 1. Cooked (M. W.)
୨। ପୋଡ଼ା ଯାଇଥିବା (ମାଟି ପାତ୍ର)—
2. Burnt (earthenware). (M.W.)
୩। ପାଚିଲା—3. Ripened; ripe.
୪। ସୁପରିପୁଷ୍ଟ—4. Matured.(M. W.)
୫। ଅଗ୍ନି ବା ଖରା ଉତ୍ତାପରେ ପ୍ରସ୍ତୁତ (ଲବଣ)—
5. (salt) Obtained by cooking or evaporation. (M.W.)
୬। ତାତି କରି ନାଲି ହୋଇଥିବା (ଧାତୁ)—
6. Red hot (metal). (M. W.)

ପାକିଳା—ଗ୍ରା. ବ.—ପାକଳା (ଦେଖ)—
Pākiḷā Pākaḷā (See)

ପାକୁ—ସଂ. ବ. (ପାକ+ଉ)—ପାଚକ—
Pāku Cook (Apte).

ପାକୁଆ—ଦେ. ବଣ. ପୁଂ.—(ସଂ. ଫଲକ)—୧। ଦନ୍ତହୀନ—
Pākuā 1. Toothless.
ପାକେଇ / ପାକୋଇ } ସ୍ତ୍ରୀ (ମୁହଁରୁ ଦାନ୍ତ ପଡ଼ିଯାଇ ପାକୁଆ ପାଟିରୁ ଦାନ୍ତ ଉଠିଲା ପରି ଦିଶୁଅଛି। ଫଳାରେ ମନେ ହୁଏ, ଛମଣ ଅଟନ୍ତି।)
ফোকলা ୨। ଜୀର୍ଣ୍ଣ—2 Worn.
फोकला, फोपला ୩। ଦନ୍ତୁର (ହତିଆର)—
3. Blunt (weapon).
ଯଥା—ପାକୁଆ କାଙ୍କ, ପାକୁଆ କଟୁରି।

ପାକୁଆ ପାଟି—ଦେ. ବ—ଦନ୍ତହୀନ ମୁଖ—
Pākuā pāṭi Toothless mouth.
ফোকলা মুখ; फोपला मुहँ
ପାକୁଆ ପାଟେଇ / ପାକୋଇ ପାଟି } ସ୍ତ୍ରୀ. ସ. ବଣ. ପୁଂ—ଦନ୍ତହୀନ (ବ୍ୟକ୍ତି)—
Toothless (person).
(ପାକୁଆ ପାଟିଆ—ଅନ୍ୟରୂପ)

ପାକୁକ—ସ. ବ. ପୁଂ. (ପାକ+ଉକ)—ପାଚକ; ରୁଷେଇଆ—
Pākuka Cook.

ପାକୁଡ଼—ଦେ. ବ. (ସ. ପର୍କଟୀ; ପ୍ରା. ପକ୍କଡ଼ୀ)—
Pākuḍa ଜରି ଗଛ (ଦେଖ)
পাকুড पाकड़, पाखड़ Jari gachha (See)
ପ୍ରାଦେ. (ସିଂହଭୂମ) ବ—
ଛୋଟ ଛୋଟ ପତ୍ରବିଶିଷ୍ଟ ଅଶ୍ୱତ୍ଥ ଗଛ—
A kind of Ficus Religiosa; small-leaved fig tree.

ପାକୁଡ଼ି—ପ୍ରାଦେ. (ଗଞ୍ଜାମ) ବ. (ସ. ପକ୍ୱବଟକ; ଭୁଲ. ହି. ପକୌଡ଼ୀ)—
Pākuḍi ବଟା ବରରେ ପିଆଜ ଓ ଲଙ୍କାମରିଚ ମିଶାଇ ଘିଅ
(ପାକୋଡ଼ି—ଅନ୍ୟରୂପ) ବା ତେଲରେ ଛାଣିବା ଏକପ୍ରକାର ପିଠା—
A kind of cake fried in ghee or oil.

ପାକୁ ପାକୁ—ଦେ. ଅ. (ଧ୍ୱନ୍ୟନୁକରଣ)—
Pāku pāku ୧। ଉପର୍ଯ୍ୟୁପରି ପାଟିକୁ ଆଁ କରି ପୁଣି ବନ୍ଦ
পকপক फकफक କରିବା; ଠାକୁ ଠାକୁ—
ସୁ. ଉଡକା 1. Alternately opening & shutting the mouth.
(ଯଥା—ମାଛଯାକ ଶୁଖିଲାରେ ପଡ଼ି ପାଟି ପାକୁ ପାକୁ କରୁଅଛନ୍ତି।)
୨। ମୁମୂର୍ଷୁ ବ୍ୟକ୍ତିର କ୍ଷୀଣ ନିଶ୍ୱାସ ସହ ପାଟିକୁ ମେଲିବା ଓ ବନ୍ଦ କରିବା—2. Feeble gaspings of a dying man accompanied with alternate opening and shutting of the lips.
(ଯଥା—ବୁଢ଼ା ଅସି ପାକୁ ପାକୁ ହେଲାଣି।)
୩। ସମ୍ମୁଖରେ ଉପସ୍ଥିତ ଖାଦ୍ୟର ଲାଳସାରୁ ପାଟିକୁ ଉପର୍ଯ୍ୟୁପରି ମେଲିବା ଓ ବନ୍ଦ କରିବା; ଠାକୁ ଠାକୁ—
3. Repeated opening and shutting of the mouth in eager hankering after some dainty food when it is before one's eyes.
(ଯଥା—ବାଘ ଆଧାରି ଦେଖି ପାଟିକୁ ପାକୁ ପାକୁ କରୁଛି।

ପାକୁଳା(ଳି)—ଦେ. ବ. (ସଂ. ପ୍ରୋଦ୍ଗାର)—
Pākuḷā(ḷi) ପାଗୁଳ; ରୋମନ୍ଥ; ଚର୍ବିତଚର୍ବଣ—
पाईज, जावर Chewing the cud; ruminating.
पागुर, जुगालि ମ. ରେଁଥ ଗୁ. ଵାଗୋଳୀ

ପାକୁଳ କରିବା—ଦେ. କ୍ରି. (ସଂ. ପ୍ରୋଦ୍ଗାର)—
Pākuḷi kariba ୧ । ରୋମନ୍ଥ କରିବା—
पाईजकाटा 1. To ruminate; to chew the cud.
पगुराना ୨ । ପାକଲେଇବା; ଦନ୍ତସ୍ଥାନ ବ୍ୟକ୍ତ ଖାଦ୍ୟ
ଗୁ. ଵାଗୋଳଵୁଁ ଦ୍ରବ୍ୟକୁ କଲର ଏ ପାଖ ସେପାଖ ଗଡ଼ାଇବା—
ପାକୁଳାଇବା, ପାକୁଳେଇବା { ଅନ୍ୟରୂପ 2. To roll the food inside the mouth from one side
पागलान to the other without chewing.
पुलपुलाना ୨ । ନ ଚୋବାଇ ଗିଳିବା—2. To swallow a
আড়ে গেলা; **निगलना** thing without chewing.

ପାକେଟ୍—ଦେ. ବ. (ଇଂ. ପକେଟ୍)—
Pāket ୧ । ପକେଟ୍—1. Pocket.
পাকেট ୨ । (ଇଂ. ପାକେଟ୍) ପୁଳିକା; ପାର୍ସେଲ୍; ଏକତ୍ର ବନ୍ଧା
पाकिट ହୋଇ ଗୋଟିଏ ଆବରଣରେ ବନ୍ଦ କରି ଯାଇଥିବା
ଗୁଡ଼ାଏ ବସ୍ତୁର ପୁଡ଼ା—2. Packet.

ପାକେଟି—ଗ୍ରା. ବୈଦେ. ବ. (ଇଂ. ପକେଟ୍)—ପକେଟ୍—
Pāketi Pocket.

ପାକେପା—ଦେ. ବିଣ—୧ । ପାଆକଆ; ଏକ ପାଆ ପରିମିତ; ଏକପାଆ
Pākepā ପରିମାଣରେ ନିର୍ମିତ—1. Of ¼ Seer in weight.
ପାଆକେ ପା, ପାଆକେ ପାଆ } ଅନ୍ୟରୂପ
୨ । ଯହିଁର ପ୍ରତ୍ୟେକର ପରିମାଣ ଏକ ପାଆ—
2. Weighing one fourth of a Seer each.

ପାକେପାଣ୍—ଗ୍ରା. ବିଣ—ପାକେପା (ଦେଖ)
Pākepāṇ Pākepā (See)
ଝଲକ ଲଡ଼ ପାକେ ପାଣ୍,
ଦୁଧ ବୋଇଲ କଇତ୍ ଅଣ୍,
ମାଥ ବୋଇଲ କଇତ୍ କାହିଁ
ଝଲକ ଲଡ ପାଉନୁ କାହିଁ ? ଶିଶୁ ଗୀତ ।

ପାକେଲେଇବା—ଦେ. କ୍ରି—ପାକଲାଇବା (ଦେଖ)
Pākeḷeibā Pākaḷāibā (See)

ପାକ୍ୟ—ସଂ. ବିଣ. (ପଚ୍ ଧାତୁ + କର୍ମ. ଯ)—
Pākya ୧ । ରନ୍ଧାଯିବାର ଉପଯୁକ୍ତ—
1. Fit to be cooked.
୨ । ଯାହାକୁ ପଚାଇ ହୁଆଯିବ—2. To be ripened.
ସଂ. ବ—ସୋରା—Saltpetre (Apte).

ପାକ୍ଷ—ସଂ. ବିଣ. (ପକ୍ଷ + ଅ)—ପାକ୍ଷିକ ୧, ୬ (ଦେଖ)
Pāksha Pākshika 1, 6 (See)

ପାକ୍ଷପାତିକ—ସଂ. ବିଣ. ପୁଂ. (ପକ୍ଷପାତ + ଇକ)—
Pākshapātika ଯେ ପକ୍ଷପାତ କରେ;ଯେ ପକ୍ଷ ଅବଲମ୍ବନ କରେ—
(ପାକ୍ଷପାତିକା—ସ୍ତ୍ରୀ) Partial (Apte).

ପାକ୍ଷିକ—ସଂ. ବିଣ. (ପକ୍ଷ + ସମ୍ବନ୍ଧାର୍ଥେ. ଇକ)—
Pākshika ୧ । ଏକ ପକ୍ଷ (୧୫ ଦିନ) ସମ୍ବନ୍ଧୀୟ—
1. Relating to a fortnight.
୨ । ପକ୍ଷପାତୀ—2. Partial; favouring a party or faction.
୩ । ପକ୍ଷୀ ସମ୍ବନ୍ଧୀୟ—3. Relating to a bird.
୪ । ପକ୍ଷୀର ଡେଣା ସମ୍ବନ୍ଧୀୟ—
4. Relating to the wing of a bird.
୫ । ଯାହା ପନ୍ଦର ଦିନେ ଥରେ ଘଟେ ବା କରାଯାଏ—
5. Happening or done once in a fortnight; bi-weekly.
୬ । କୌଣସି ପକ୍ଷ (ଦଳ) ସମ୍ବନ୍ଧୀୟ—
6. Relating to a party or faction.
୭ । ଯୁକ୍ତିର ପକ୍ଷ ସମ୍ବନ୍ଧୀୟ—
7. Relating to the sides of an argument.
୮ । ସେଉଁ ନିୟମ ପାଳନ କରିବା ଇଚ୍ଛାଧୀନ—
8. Optional; subject to an alternative. (Apte)
ସଂ. ବ—୧ । (ପକ୍ଷିନ୍ + ପ୍ରହରଣାର୍ଥେ. ଇକ)—ଚଢ଼େଇଆ; ଚଢ଼େଇମାରୁ—1 A bird catcher; fowler.
୨ । (ପକ୍ଷ + ଇକ) ଇଚ୍ଛାନୁସାରେ କରାଯିବା ଅନ୍ୟ ନିୟମ; ଉପାୟାନ୍ତର—1. An alternative. (Apte)

ପାକ୍ଷିକ ଜ୍ୱର—ସଂ. ବ—(କର୍ମଧା; ପାକ୍ଷିକ + ଜ୍ୱର)—ପନ୍ଦର ଦିନ
Pākshika jwara ଅନ୍ତରରେ ହେଉଥିବା ଜ୍ୱର—Fever attacking once in a fortnight; fever recurring after 15 days.

ପାକ୍ଷିକ ପତ୍ର—ସଂ. ବ—(କର୍ମଧା; ପାକ୍ଷିକ + ପତ୍ର)—ପନ୍ଦର ଦିନେ ଥରେ
Pākshika patra ପ୍ରକାଶିତ ହେବା କାଗଜ ବା ସମ୍ବାଦ ପତ୍ର—Bi-weekly paper.

ପାକ୍ଷିକ ଶ୍ରାଦ୍ଧ—ସଂ. ବ—(କର୍ମଧା; ପାକ୍ଷିକ + ଶ୍ରାଦ୍ଧ)—ପନ୍ଦର ଦିନେ
Pākshika śrāddha କରାଯିବା ଶ୍ରାଦ୍ଧ ବିଶେଷ—A Śrāddha performed once in a fortnight.

ପାଖ—ଦେ. ବ—(ସଂ. ପାର୍ଶ୍ୱ;)—୧ । ପାର୍ଶ୍ୱ—
Pākha 1. Side.
୨ । ନୈକଟ୍ୟ; ସାମୀପ୍ୟ—
2. Nearness; vicinity; proximity.
পাশ ୩ । ଦେହର ପାର୍ଶ୍ୱ; କଡ଼—
बगल, पास 3. Side of the body; flank.
ଗୁ. ପାସ ୪ । କୌଣସି ବସ୍ତୁ ବା ବ୍ୟକ୍ତି ବା ସ୍ଥାନକୁ ଲାଗିଥିବା ଅବସ୍ଥା—4. The state of adjoining a thing, person or place.
୫ । ଦିଗ; ତରଫ; ଆଡ଼—
5. Quarter; direction.
୬ । ବସ୍ତୁର ବା ସ୍ଥାନର କୌଣସି ଦିଗର ସୀମା—
6. The boundary of a thing or place on one side.

୭ । ସନ୍ନିଧି; ସାନ୍ନିଧ୍ୟ; ସାମ୍ମୁଖ୍ୟ—
7 One's presence; front; company.
୮ । ବହୁତଳ ବିଶିଷ୍ଟ ବସ୍ତୁର ଗୋଟିଏ ତଳ—8. One surface of a thing, having more than one surface.
୯ । ଅଧିକାର; ରକ୍ଷଣାବେକ୍ଷଣ—
9. Power of disposal; custody; control.
(ଯଥା—ବର୍ତ୍ତମାନ ମୋ ପାଖରେ କୌଣସି ଗ୍ରନ୍ଥର ନାହିଁ)
୧୦ । ସାହଚର୍ଯ୍ୟ; ଅନୁଚର୍ଯ୍ୟ—
10. Companionship; attendance.
୧୧ । (ସ. ପକ୍ଷ)—ପକ୍ଷ; ଦଳ—11. Party; side.
ଦେ. ବିଣ—୧ । ପାର୍ଶ୍ୱବର୍ତ୍ତୀ—
1. Situate or lying on the side of;
୨ । ନିକଟବର୍ତ୍ତୀ—2. Near; at hand.
୩ । ସଂଲଗ୍ନ; ଲଗାଲଗି—3. Adjoining; adjacent.
୪ । ଅଳ୍ପ ଦୂରତ୍ୱରେ ଅବସ୍ଥିତ—
4. Situated at a small distance.
୫ । ସନ୍ନିଧିରେ ବା ସମ୍ମୁଖରେ ଅବସ୍ଥିତ—
5. Situate or present in front or before.
୬ । ତତ୍ପରବର୍ତ୍ତୀ—
6. Next; immediately following.
୭ । ନିକଟତର—7. Nearer.
(ଯଥା—କଟକକୁ ପୁରୀ ଅପେକ୍ଷା ଭୁବନେଶ୍ୱର ପାଖଅଟେ)
୮ । ସର୍ବଦା ସହଚର ବା ଅନୁଚରରୂପେ ସଙ୍ଗେ ରହୁଥିବା (ଲୋକ)—8. Attending on a person.
(ଯଥା—ପାଖ ଲୋକ)

ପାଖଆଖ—ଦେ. ବି—(ଅର୍ଥହୀନ ଯୁଗ୍ମ ସହଚର ଶବ୍ଦ)—୧ । ପାଖ—
Pākha ākha 1. Side.
(ଆଖ ପାଖ—ଅନ୍ୟରୂପ) ୨ । ନିକଟବର୍ତ୍ତୀ ସ୍ଥାନ—
2. Adjacent place.
୩ । ପାର୍ଶ୍ୱବର୍ତ୍ତୀ ଓ ସମ୍ମୁଖସ୍ଥ ସ୍ଥାନମାନ—
3. The places near and in front of a person.
୪ । କୌଣସି ସ୍ଥାନର ଚାରିଆଡ଼େ ନିକଟବର୍ତ୍ତୀ ସ୍ଥାନମାନ—
4. Places surrounding a locality; surroundings.
आसपाश ଦେ. ବିଣ—୧ । ନିକଟବର୍ତ୍ତୀ—
आसपास ଗୁ. ଆସ ପାସ 1. Near.
୨ । ପରସ୍ପରକୁ ଲଗାଲଗି—
2. Adjoining each other.
୩ । ଅଳ୍ପ ଦୂରରେ ଅବସ୍ଥିତ—3. Situated at a small distance; not far off; near by.
ଦେ. ଅ—ପ୍ରାୟ—Approximately.
(ଯଥା—ଏ ଜିଲାରେ ଶହେଟଙ୍କାର ଆଖ ପାଖ ଖରଚ ଲାଗିଲା ।)

ପାଖକୁ—ଦେ. ଅ—୧ । ନିକଟକୁ—
Pākhaku 1. Near; to the side of.
(ପାଖଲୁ, ପାଶ—ଅନ୍ୟରୂପ) ୨ । ସମ୍ମୁଖକୁ; ସନ୍ନିଧିକୁ; ଠାକୁ—
পাশে **पास** 2. To; to the presence of.
ଗୁ. ପାସ ୩ । ସଂଲଗ୍ନ ହୋଇ; ଲାଗିକରି—3. Adjoining.
୪ । ତତ୍ପରବର୍ତ୍ତୀ—
4. Next to; immediately following.
୫ । କାର୍ଯ୍ୟର ସହାୟକ ବା ସହକର୍ମୀ ରୂପେ; ଆବଶ୍ୟକ ବେଳେ ସହାୟ ହେବା ପାଇଁ—As a help when required.
(ଯଥା—ରନ୍ଧୁଣୀ ପାଖକୁ ଜଣେ ଟହଲିଆ ନ ଥିଲେ ତାର ଅସୁବିଧା ପଡ଼େ; ମୋ ପାଖକୁ ତିନି ଜଣ ନ ହେଲେ ଭାଷାକୋଷର ସମ୍ମାର୍ଜନ କର୍ମ ଚଳିବା ଦୁର୍ଘଟ ।)
[ଦ୍ର—ବାଲେଶ୍ୱର ଅଞ୍ଚଳରେ 'ଘରପାଖକୁ' ଶବ୍ଦ 'ଘରକୁ' ଏହି ଅର୍ଥରେ ବ୍ୟବହୃତ ହୁଏ । ଯଥା—ମୁଁ ଘର ପାଖକୁ ଯାଉଛି ।]

ପାଖକେ—ଦେ. ଅ—୧ । ଏକ ପାର୍ଶ୍ୱରେ—
Pākhake 1. On one side.
এক দিকে ୨ । ଗୋଟିଏ ସୀମାରେ—2. On one boundary.
एक तरफमे ୩ । ଗୋଟିଏ ପକ୍ଷରେ—3. In one party; on one side.

ପାଖଡ଼ା—ଦେ. ବି (ସ. ନାମ, ଶ୍ୱେତ ଖଦିର)—ପାଖଡ଼ା ଖଇର; ଏକ ପ୍ରକାର ଫିକା ଓ ଈଷତ୍ କଷା ଖଇର—Pale catechu; gambier.
Pākharḍā
[ପାଖଡ଼ା(ଗ୍ରା)ଖଇର—ଅନ୍ୟରୂପ]
ସ. ନାମ—ଶ୍ୱେତ ଖଦିର,
ଶ୍ୱେତସାର, କଦର,
ସୋମବଲ୍କ
पापड़ी खयर, पाल्लाखयर
पाखरा खैर, सफेदखैर
ଗୁ. କେଢୁଉଆ କାଥା;
ଗୋରଡ଼
ମ. ପାଂଢରା ଖୈର
ତେ ଋବାସୁ ତେଲଚଂଡ଼ୁ
[ଦ୍ର—ଏହା ଅଙ୍କୁରାଦି ବର୍ଗର କ୍ଷୁପବିଶେଷରୁ ପ୍ରାପ୍ତ ଖଇର । ମାଲକ୍କା, ସିଙ୍ଗାପୁରଆଦି ଅଞ୍ଚଳରେ ଜାତ ବୃକ୍ଷର ଅଠାରୁ ପାଖଡ଼ା ଖଇର ହୁଏ । ଏ ଖଇରର ବର୍ଣ୍ଣ ପାଣ୍ଡୁର ଓ ଏହା କଳା ଖଇର ଅପେକ୍ଷା ଅଳ୍ପ କଷା । ଏହା ବର୍ଣ୍ଣପ୍ରସାଦକ ଓ ମୁଖରୋଗ, ରକ୍ତ ଦୋଷ ଓ କଫନାଶକ ।

ପାଖଣ୍ଡ—ଦେ. ବିଣ—୧ । ଏକ ପାଅ ପରିମିତ—
Pākhaṇḍa 1. Measuring one fourth of a Seer.
୨ । (ସ. ପାଷଣ୍ଡ)—ଈଶ୍ୱରବିଶ୍ୱାସହୀନ—2. Heretical.
ମନୁଜ ପାଖଣ୍ଡ ଜୀବ ଏତୁ ବଡ଼ ଛନ୍ଦ—ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା
୩ । (ସଂ. ପାଷଣ୍ଡ) ପାଖାଣ୍ଡି (ଦେଖ)—
3. Pākhāṇḍi (See)
ସ. ବି—ବେଦାଦି ହିନ୍ଦୁଧର୍ମ ଶାସ୍ତ୍ରରେ ଯାହାର ବିଶ୍ୱାସ ନାହିଁ—
A heretic. (Apte).

ପାଖ ପଡ଼ିଶା—ଦେ. ବି (ସଂ. ପାର୍ଶ୍ୱ ଓ ପ୍ରତିବେଶୀ)—୧ । ନିକଟବର୍ତ୍ତୀ ପ୍ରତିବାସୀ—1. Near neighbour.
Pākha paṛḍisā
ପାଖ ପଡ଼ୋଶ, ପାଖପଡ଼ା, ପାଖ ପଡ଼ୋଶୀ
ପାଖ ପଡ଼ିଶା ସେ ବେଳ ଜାଣ୍ଡୁ ହେଲ
ବେଳ ମଧ୍ୟେ ଅନୁସ୍ଥଳ ।
ରଘୁନାଥ, ବେଦାନ୍ତଗୀତ ।

পাশপড়োশ ୬ । ଗୃହର ଚତୁର୍ଦ୍ଦିଗସ୍ଥ ନିକଟବର୍ତ୍ତୀ ସ୍ଥାନମାନ—
पासपड़ोस 2. Places in the neighbourhood of
ଗୁ. ଅଡ଼ୋଶୀ ପଡ଼ୋଶୀ a person's house.
ଦେ. ବିଣ—ଗୃହର ନିକଟରେ ବାସ କରୁଥିବା; ସାଇପଡ଼ଶା—
(a person) Living in the neighbourhood of a person's house.

ପାଖ ପାଖ—ଦେ. ବିଣ—ପରସ୍ପରର ନିକଟବର୍ତ୍ତୀ; ଲଗାଲଗି—
Pākha pākha Adjoining each other.
পাশা পাশি पास पास

ପାଖ ପୁଖା—ଦେ.ବି ଓ ବିଣ ଓ ଅ(ସହଚର; ପୁନରୁଚ୍ଚାରିତ ଧ୍ୱନ୍ୟନୁକାରୀ
Pākha pukhā ନିରର୍ଥକ; ୨ୟ ଶବ୍ଦ)—ପାଖଅଖ (ଦେଖ)
Pākha ākha (See)
(ଯଥା—ପୁଖା ତ ମୋ ଘରର ପାଖପୁଖା ନୁହେଁ ଯେ, ମୁଁ ଦଉଡ଼ି-ଯାଇ ନିଅନ୍ତୁ ଦେଖି ଆସନ୍ତି ।)

ପାଖ ମାଡ଼ିବା—ଦେ. କ୍ରି (କୌଣସି ବ୍ୟକ୍ତିର ବା ସ୍ଥାନର) ପାଖକୁ ବା
Pākha mārdibā ନିକଟକୁ ଆସିବା—To come near (a
পাশেঘেঁষা पासफटकना place or person).

ପାଖରା—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ପ୍ରଖର; ତୁଳ. ସଂ. ପରାକ୍ରମୀ)—
Pākharā ୧ । ଦୁଷ୍ଟ; ପାଜି—1. Wicked.
দুষ্টু दुष्ट; नटखट ୨ । ଅସ୍ଥିର—2. Restless.
[ପାଖରାପଣ, ପାଖରାପଣିଆ (ଅାଁ)—ବିଶେଷ୍ୟ] ୩ । ନିର୍ଲଜ୍ଜ—
3. Immodest; shameless (Revd. Grundy).
ଦେ. ବି—ପାଖଡ଼ା (ଦେଖ)—Pākhardā (See)
ପ୍ରାଦେ (ପୁରୀ) ବି—ଚଷାଙ୍କଠାରୁ ନିମ୍ନତର ଶୂଦ୍ରଜାତିବିଶେଷ—
A class of Sūdras lower than the Chashās.

ପାଖରା ଖଇର—ଦେ. ବି—ପାଖଡ଼ା (ଦେଖ)
Pākharā khaira Pākhardā (See).

ପାଖରୁ—ଦେ. ଅ (ପାଖ ଶବ୍ଦରେ ୫ମୀ ବିଭକ୍ତି ସୂଚକ 'ରୁ' ଯୁକ୍ତ ହୋଇ
Pākharu ଅବ୍ୟୟରୂପେ ବ୍ୟବହୃତ)—୧ । ନିକଟରୁ—
(ପାଖୁରୁ, ପାଖୁଁ—ଅନ୍ୟରୂପ) 1. From.
পাশথেকে ୨ । ନିକଟବର୍ତ୍ତୀ ସ୍ଥାନରୁ—
पाससे 2. From an adjacent place.
୩ । ଅମୁକର ଅଧିକାରରୁ ବା ଦଖଲରୁ—
3. From the control or possession of.
୪ । (ଅମୁକର) ଅଭିଭାବକଙ୍କ ବା ଶିକ୍ଷକଙ୍କର ଅଧୀନତାରୁ—
4. From the guardianship or tutorship of (a person).
(ଯଥା—ମୁଁ ପିଲାଙ୍କୁ ଗୃହାଳର ଅବଧାନଙ୍କ ପାଖରୁ ଉଠାଇଆଣି ଇସ୍କୁଲ ମାଷ୍ଟରଙ୍କ ପାଖରେ ଛାଡ଼ ଦେଇଛି ।)
୫ । (ଅମୁକର) ସାହଚର୍ଯ୍ୟରୁ—5. From the company or companionship (of a person).
୬ । (ଅମୁକ ନିକଟରେ କରିବା) ଚାକରିରୁ ବା ସେବାରୁ—
6. From the service of (a person).
୭ । (ଅମୁକ) ଦିଗରୁ—7. From the quarter or direction of.

[ଦ୍ର—ବାଲେଶ୍ୱର ଅଞ୍ଚଳରେ 'ଘର ପାଖରୁ' ଶବ୍ଦ ଘରଠାରୁ ଅର୍ଥରେ ବ୍ୟବହୃତ ହୁଏ ।]

ପାଖରେ—ଦେ. ଅ (ପାଖ ଶବ୍ଦରେ ୭ମୀ ବିଭକ୍ତିସୂଚକ 'ରେ' ଯୁକ୍ତ ହୋଇ
Pākhare ଅବ୍ୟୟରୂପେ ବ୍ୟବହୃତ)—୧ । ନିକଟରେ;
(ପାଖେରେ; ପାଖେ—ଅନ୍ୟରୂପ) 1. Near; at hand.
পাশে पासमें ଗୃହପଶୁଙ୍କୁ ଶିଖି ଶିଖା ପାଖରେ ରଖି ।
କବିସୂର୍ଯ୍ୟ ବଳଦେବ ରଥ, ଧ ଗୀତ ।
୩ । (ଅମୁକ ବ୍ୟକ୍ତି)ଠାରେ; ସଙ୍ଗରେ—With (a person).
(ଯଥା—ତା ପାଖରେ ବର୍ତ୍ତମାନ ଧନ ନାହିଁ ।)
୪ । (ଅମୁକ ସଙ୍ଗେ) ତୁଳନାରେ—
4. In comparision with (a person or thing).
(ଯଥା—ପଢ଼ା ବିଷୟରେ ରାମ ପାଖରେ ଶାମ କିଛି ନୁହେଁ ।)
୫ । (ଅମୁକର) ସାହଚର୍ଯ୍ୟ ବା ସହବାସରେ—
5. In the companionship of (a person.)
୬ । (ଅମୁକର) ସେବାରେ—6. In the service of.
୭ । (ଅମୁକର) ସହାୟକ ସ୍ୱରୂପ—
7. As a helper of (a person.)
୮ । ଏକ ସଙ୍ଗରେ; କଡ଼ରେ—
8. Together with; by the side of.
ପାଖରେ ଶୁଏ, କାନରେ କୁହେ, ତା କଥା କି ଅନ୍ୟଥା ହୁଏ । ଢଗ ।

ପାଖରେ ବସିବା—ଦେ. କ୍ରି.—୧ । ସଙ୍ଗରେ ବସିବା—
Pākhare basibā 1. To sit with.
୨ । (ଲକ୍ଷଣାର୍ଥ)—ସମାନସ୍କନ୍ଧ ହେବା—
2. To be equal with.

ପାଖ ଲୋକ—ଦେ. ବି.—(ସଂ. ପାର୍ଶ୍ୱଲୋକ)—୧ । ପାର୍ଶ୍ୱଚର—
Pākha loka 1. Companion.
পাশের লোক ୨ । ଅନୁଚର—
नौकर 2. Attendant; personal servant.
୩ । ଅର୍ଦ୍ଦଳୀ; ଚାକର—3. Orderly; servant.
ଦୁଇଜଣରେ ଗୃହଁ ଦେଇ, ପାଖଲୋକଙ୍କୁ ପଚାରୁଛ, ଏ କିଏ ?
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପାଖାଇବା—ଦେ. କ୍ରି.—(ସଂ. ପାର୍ଶ୍ୱ)—ପାଖିବା (ଦେଖ)
Pākhāibā Pākhibā (See)

ପାଖାଣ୍ଡ(ଣ୍ଡି)—ଦେ. ବିଣ.—(ସଂ. ପାଷଣ୍ଡ=ବେଦବିରୁଦ୍ଧାଚାରୀ; ସଂ.
Pākhānda(ndi) ପାଷଣ୍ଡ 'ଷ' ସ୍ଥାନରେ ଖ ଉଚ୍ଚାରଣ; ସଂସ୍କୃତରେ
ପାଖାଣ୍ଡି ପଣ } ବିଶେଷ୍ୟ ମଧ୍ୟ ପାଷଣ୍ଡ ଶବ୍ଦ ପାଖଣ୍ଡରୂପେ
ପାଖାଣ୍ଡିପଣିଆ(ଅାଁ) } ଉଚ୍ଚାରିତ ହେବାର ମନିଅର୍
পাষণ্ড ଉଇଲିଅମ୍ସ ଲେଖି ଅଛନ୍ତି)—ପାଷଣ୍ଡ ଦୁଷ୍ଟ ଦୁର୍ବୃତ୍ତ—
पाखण्डी Wicked; vile; wanton.
ଦେ. ବି.—ଦୁଷ୍ଟାମି—Wickedness; wontonness.

ପାଖା ପାଖି—ଦେ. ଅ.—୧ । ଅତି ନିକଟରେ ଅବସ୍ଥିତ; ସନ୍ନିକଟ—
Pākhā pākhi 1. Very near.
পাশাপাশি ୨ । ନିକଟ ଭବିଷ୍ୟତ—
पास पास 2. Near future.
୩ । ପରସ୍ପରର ନିକଟବର୍ତ୍ତୀ—3. Adjoining each other.

ପାଖାଳିବା—ପ୍ରାଦେ. (ମେଦନୀପୁର) କ୍ରି.—(ସଂ. ପ୍ରକ୍ଷାଳନ; ଭୁଲ. ବ. ପାଖଲାନ)—ପ୍ରକ୍ଷାଳନ କରିବା; ଧୌତ କରିବା—
Pākhāliba To wash.

ପାଖି—ଦେ. (ପ୍ରାଚୀନ ପଦ୍ୟ) ଅ.—ପାଖକୁ—
Pākhi To the side or direction of.

ଶ ବଳେ ଋଷି ବୋଲ ନୃପ ଦୂର ଅଛି,
ତୃଷ୍ଣ କଣ ପୁଣି ଗ୍ରହାକ୍ରେ ଦୂର ପାଖି । କୃଷ୍ଣସିଂ. ମହାଭାରତ ଅନୁଶାସନ

ପାଖିଆ—ଦେ. ବଣ.—ପାର୍ଶ୍ୱସ୍ଥ—
Pākhiā Situated on the side; lateral.
[ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ସଙ୍ଗେ ବ୍ୟବହୃତ; ଯଥା—ବାଆଁ ପାଖିଆ; ଦୁଇ ପାଖିଆ, ଏକ ପାଖିଆ ।]

ପାଖିଆଇବା—ଦେ. କ୍ରି.—ପାଖିବା (ଦେଖ)
Pākhiāiba Pākiba (See)

ପାଖିଆ ପାଖେଇ—ଦେ. ବି.—୧ । ଏକ ପାଖକୁ ଲୋକମାନଙ୍କୁ ଆଡ଼େଇବା ବା ହଟାଇବା କର୍ମ; ଆଡ଼େଇ ଦେବା—
Pākhiā pākhei 1. The act of making people move to one side.
୨ । (ବିପରୀତ ଦିଗରୁ ଆସୁଥିବା ଦୁଇଜଣ) ପରସ୍ପର ବିପରୀତ ପାର୍ଶ୍ୱକୁ ଆଡ଼େଇ ଯିବା—2. (two persons coming from opposite directions) Moving to mutually opposite sides; making way for each other.

ପାଖି ପଟା—ଦେ. ବି.—(ସଂ. ପାର୍ଶ୍ୱ+ପଟ୍ଟ)—କାଠମୁଣ୍ଡି କରତଦ୍ୱାରା ଚିର ହୋଇ ଯିବା ପରେ ଦୁଇ ପାଖର ଯେଉଁ ପଲକା ଖଣ୍ଡମାନ ରହି ଯାଏ—
Pākhi paṭā The slices on both sides which remain after a log is sawed into planks.

ପାଖିବନ୍ଧା ମହଣ—ଦେ. ବି.—(ସଂ. ପାର୍ଶ୍ୱବନ୍ଧନ+ଓ. ମଣ)—ସଗଡ଼ରେ ବା ହଳରେ ଲାଗି ଥିବା ମଣିଆ ଦାମୁଡ଼ିକୁ ଅଭ୍ୟସ୍ତ କରିବାପାଇଁ ବାନ୍ଧିକରି ବୁଲାଇ ମଣ କରିବା—
Pākhi bandhā mahaṇa (ପକ୍ଷିବନ୍ଧା ମଣ—ଅନ୍ୟରୂପ) (ମହଣ ହୋଇଥିବା) ବଳଦଙ୍କ ପାଖରେ ଅମଣିଆ ଦାମୁଡ଼ିକୁ ଅଭ୍ୟସ୍ତ କରିବାପାଇଁ ବାନ୍ଧିକରି ବୁଲାଇ ମଣ କରିବା—Breaking of a steer in plough or cart by tying it with the yoked bullocks and causing it to walk alongside for some time.

ପାଖିବା—ଦେ. ବି.—(ସଂ. ପାର୍ଶ୍ୱ)—୧ । ଏକ ପାଖକୁ ଆଉଜିଯିବା—
Pākhibā 1. To lean to one side.
୨ । ଏକ ପାର୍ଶ୍ୱକୁ ଘୁଞ୍ଚି ଯିବା—
2. To move to one side.
୩ । (ସମୟ ବା ସ୍ଥାନ ବା ବ୍ୟକ୍ତି) ନିକଟବର୍ତ୍ତୀ ହେବା; ପାଖକୁ ଆସିବା—3. (a time, place or person) To come near; to become nearer; to approach.

ଅତେଇଲ, ଅଗଣ ଅଗଣ ପାଖେଇଲା । ଭଞ୍ଜ ।

୪ । ପାର୍ଶ୍ୱ ଦିଗକୁ ଗତି କରିବା—4. To make a sidelong movement.
୫ । ଆଡ଼େଇ ଯିବା; ଏକ ପାଖକୁ ଆଉଜି ଯାଇ ଅନ୍ୟ ବ୍ୟକ୍ତିକୁ ବାଟ ଛାଡ଼ି ଦେବା—5. To make room for another person to pass.

ପାଖୁ—ଦେ. ଅ.—(ପାଖ ଶବ୍ଦରେ ୫ମୀ ବିଭକ୍ତିର 'ଉ' ଚିହ୍ନ ଯୁକ୍ତ ହୋଇ ଅବ୍ୟୟରୂପେ ବ୍ୟବହୃତ)—ପାଖରୁ (ଦେଖ)—
Pākhu (ପାଖୁଁ—ଅନ୍ୟରୂପ) Pākharu (See)

ପାଖୁଆ—ଦେ. ବଣ.—ପାର୍ଶ୍ୱବର୍ତ୍ତୀ—
Pākhuā Adjoining.
পাশের पासका

ପାଖୁକୁ—ଗ୍ରା. ଅ—ପାଖକୁ (ଦେଖ)
Pākhuku Pākhaku (See)

ପାଖୁଡ଼(ଡ଼ା)(ଡ଼ି)—ଦେ. ବି. (ସଂ. ପକ୍ଷ; ପକ୍ଷ୍ମ)—
Pākhuṛḍa(ṛḍā)(ṛḍi) ୧ । ପୁଷ୍ପର ଦଳ—1. The petal of a flower

ଅଣା ଅଛୁ କ ବହୁତ ବାସଭୁକ ବାତକୁସୁମ ପାଖୁଡ଼ା ।
କବିସୂର୍ଯ୍ୟ—ସଙ୍ଗୀତ ।

୨ । ଉପର୍ଯ୍ୟୁପରି ନ୍ୟସ୍ତ ପତଳା ସ୍ତର—
পাকড়ী, পাবড়ী, পাপড়ী
पंखड़ी, पंखुड़ी, पखड़ी 2. Thin layers laid over one another.
୩ । କପା ବା ଶିମିଳି ତୁଳାର କୋଷର ଉପରସ୍ଥ ପତଳା ଆବରଣ—3. The capsule of cotton or silk-cotton pods.

ପାଖୁଡ଼ିଆ—ଦେ. ବଣ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ ଯଥା—ଘୁରି ପାଖୁଡ଼ିଆ, ରଙ୍ଗ ପାଖୁଡ଼ିଆ)—ଦଳବିଶିଷ୍ଟ (ପୁଷ୍ପ)—
Pākhuṛḍiā
পাপড়িওয়ালা पखड़ीवाला Petalled (flower).

ପାଖୁରୁ—ଗ୍ରା ଅ.—ପାଖରୁ (ଦେଖ)—
Pākhuru Pākharu (See).

ପାଖେ—ଦେ. ଅ—ପାଖରେ (ଦେଖ)—
Pākhe Pākhare (See).
(ପାଖେରେ—ଗ୍ରାମ୍ୟରୂପ) ସେ କଥା ମୁହିଁ ତୋର ପାଖେ,
କହିବି ଭକ୍ତ ଜନ ସୁଖେ । ଜଗନ୍ନାଥ. ଭାଗବତ ।

ପାଖେଇ ଦେବା—ଦେ. କ୍ରି. (ସକର୍ମକ)—ଆଡ଼େଇ ଦେବା; ଲୋକଙ୍କ ବାଟରୁ ଆଡ଼େଇ ଦେବା—
Pākhei debā To cause people to move away from a person's path.

ପାଖେଇବା—ଦେ. କ୍ରି. (ସଂ. ପାର୍ଶ୍ୱ)—୧ । ପାଖିବା (ଦେଖ)—
Pākheibā 1. Pākhibā (See).

ପାଖେଇ ଅସୁର ସେ ଅକ୍ରମକାଳ—ଗ୍ରୀଧାନାଥ. ଦରବାର ।

୨ । ପାଖେଇ ଦେବା—2. Pākhei debā (See).
[ଦ୍ର—ପାଖେଇବା କ୍ରିୟାର ଅସମାପିକାରୂପ ସଙ୍ଗେ ଆସିବା, ଯିବା, ଦେବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ପାଖେଇ ଯିବା—ଦେ. କ୍ରି. (ଅକର୍ମକ)—ଗୋଟିଏ ପାଖକୁ ଘୁଞ୍ଚିଯିବା—
Pākhei jibā To move to one side.
(ପାଖେଇ ଦେବା—ଅନ୍ୟରୂପ)

ପାଖେ ପାଖେ—ଦେ. ଅ—୧ । ବରାବର ପାର୍ଶ୍ୱରେ ବା ନିକଟରେ—
Pākhe pākhe 1. Side by side; along the side of.

ଯଥା—ରେଲ୍ ଲାଇନ୍ ଜଗନ୍ନାଥ ସଡ଼କର ପାଖେ ପାଖେ ଖଣ୍ଡଦୂର ପର୍ଯ୍ୟନ୍ତ ପଡ଼ିଛି ।

ପାଖେ ପାଖେ ୨ । ସବୁବେଳେ ନିକଟରେ—
पासपास 2. Always at hand.
(ଯଥା—ତୁମେ ଡରନା, ମୁଁ ତୁମ ପାଖେ ପାଖେ ଅଛି ।)

ପାଗ୍‌ରାଗ୍—ପ୍ରାଦେ. (ସମ୍ବଲପୁର; ସହଚର ଶବ୍ଦ)—ପାଗଯୋଗ (ଦେଖ)—
Pāg-rāg Pāga joga (See).

ପାଗ୍‌ଲା (ଇତ୍ୟାଦି)—ଦେ. ବିଣ. ପୁଂ.—ପାଗଲା ଇତ୍ୟାଦି (ଦେଖ)—
Pāg-lā (etc) ପଗଲୀ; ପାଗ୍‌ଲୀ—ସ୍ତ୍ରୀ Pāgalā etc. (See).

ପାଗ୍‌ଲାମି—ଦେ. ବି—ପାଗଲାମି—
Pāg-lāmi Pāgalāmi (See).

ପାଗ—ଦେ. ବି. (ସଂ. ପ୍ରଗ୍ରହ; ପ୍ରା. ପଗ୍ଗହ)—୧ । ପଗଡ଼ି; ଠେକା;
Pāga पाग ଶିରସ୍ତ୍ରାଣ—1. Headdress;
पाग turban.

ପାଗବାନ୍ଧେ ଫେନ୍ତ ଅନ୍ତର୍କ କ ଭରି—କୃଷ୍ଣସିଂହ. ମହା. ଉଦ୍‌ଯ ପ. ।

[ଦ୍ର—କମ ଚଉଡ଼ା ଓ ଖୁବ୍ ଲମ୍ବ ଲୁଗା ଉପର୍ଯ୍ୟୁପରି ଗୁଡ଼ା ହୋଇ ମୁଣ୍ଡରେ ବନ୍ଧା ହୋଇଥିବା ପଗଡ଼ିକୁ ପାଗ ବୋଲାଯାଏ । ଏହି ଅର୍ଥରେ ପାଗ ଶବ୍ଦର ବ୍ୟବହାର, ହିନ୍ଦୀ, ବଙ୍ଗଳା, ମରହଟ୍ଟୀ, ଆସାମୀ ଭାଷାମାନଙ୍କରେ ଅଛି ।]

पाक पाग २ । (ସଂ. ପାକ)—ରନ୍ଧନ; ରନ୍ଧା—2. Cooking.

୩ । ରନ୍ଧନପାତ୍ରର ଏକସାର—
3. One set of cooking pots.

ତୋଳା ମାଠ ହାଣ୍ଡିଶାଳରେ ପଶିଲ ଲେ ! ହାଣ୍ଡି ପାଗ ମାତୁ ଗଲ ସେ—
ଫକୀରମୋହନ. ଉତ୍କଳଭ୍ରମଣ ।

୪ । ରନ୍ଧନର ବା ଉଖୁଡ଼ାଆଦି ପାଗ କରିବାର ଏକଥର—
4. One cooking or seasoning with syrup.

पाका पाग ୫ । ଉଖୁଡ଼ା, ମିଠାଇ, ମୋଦକ, ପିଠା ଆଦି ତିଆର କରିବା ନିମନ୍ତେ ନିଆଁ ଉପରେ ସିଦ୍ଧ ହୋଇ ପ୍ରସ୍ତୁତ ଗୁଡ଼ ବା ଚିନିର ଗାଢ଼ରସ; ସିରା—5. Syrup for seasoning sweetmeats, cakes and fried corn.

୬ । ଏକଥର ପାକରେ ପ୍ରସ୍ତୁତ ଖାଦ୍ୟ, ଉଖୁଡ଼ା, ପିଠା ଓ ମିଷ୍ଟାନ୍ନାଦି—6. Food, cakes, sweetmeats prepared at one cooking.

୭ । ଯେଉଁଥିରେ ଏକାଧିକ ବସ୍ତୁ ମିଶାଯାଇ ପ୍ରସ୍ତୁତ କରାଯାଏ, (ଯଥା—ନାସ, ଗୁଣ୍ଡି, ଚୂନପତ୍ର) ତହିଁର ପ୍ରସ୍ତୁତ କରିବାର ଏକଥର ବା ଏକଥରର ପରିମାଣ—7. A quantity of a compound article which is prepared with various ingredients at one time.

ଯଥା—କାଲି ମୁଁ ଯେଉଁ ଗୁଣ୍ଡି ପାଗକ କରିଥିଲି ତାହା ଆଗଥରକୁ ଅପେକ୍ଷା ଭଲ ହୋଇଛି ।

୮ । (ସଂ. ଭୁଲ.ପକ୍ଷ; ଣ୍ଟା—ପଗଲ୍ (ଦନ)ଋତୁ)—8. Weather.
(ବେପାଗ, ଅପାଗ—ବ୍ୟତିକ୍ରମ) ଯଥା—ଖରାପାଗ; ମେଘୁଆପାଗ ।

मर्‌सुम ୯ । କୃଷି ସମ୍ବନ୍ଧୀୟ ଭିନ୍ନ ଭିନ୍ନ କର୍ମ କରିବା ପାଇଁ ଅନୁକୂଳ
मौसिम ଋତୁ—9. Weather favourable for particular agricultural operation.

୧୦ । ସୁଯୋଗ; ସୁବିଧା—10. Opportunity.

ପାଗ ଅଛୁଆଁ—ଦେ. ବିଣ. (ସଂ. ...)—ପାକାସ୍ପୃଶ୍ୟ
Pāga achhuān̐ Pākāsprusyā (See).

ପାଗ କରିବା—ଦେ. କ୍ରି—୧ । କୃଷି କର୍ମର ଅନୁକୂଳ ଋତୁ ଘଟିବା—
Pāga karibā 1. The arrival of the proper season or weather for a particular
योगहोना agricultural operation.
(ଯଥା—ଆଜି ଧାନ ବୁଣିବାକୁ ଭଲ ପାଗ କରିଛି ।)

ପାଗ ପଡ଼ା(କେ)ଇବା } ଅନ୍ୟରୂପ
ପାଗ ଦେବା }
୨ । କୌଣସି କାର୍ଯ୍ୟ ପାଇଁ ଉପଯୁକ୍ତ ଋତୁ ବା ସମୟ ଘଟିବା—
2. The arrival of the proper weather or time for doing a certain work.

ଦେ. କ୍ରି—ପୁରୁଣା ପାକପାତ୍ରମାନ ଫିଙ୍ଗିଦେଇ ରନ୍ଧନାର୍ଥ ଏକ ସାର ନୂଆ ପାକପାତ୍ର କରିବା—To replace an old set of cooking pots by a new set.

ପାଗ ଗୁଡ଼ା(ଡ଼େ)ଇବା—ଦେ. କ୍ରି—ମୁଣ୍ଡରେ ପଗଡ଼ି ଭିଡ଼ିବା—
Pāga gurḍā(rḍe)ibā To tie a turban round
(ପାଗ ବାନ୍ଧିବା, ପାଗ ଭିଡ଼ିବା—ଅନ୍ୟରୂପ) the head.
पागबाँधा पाग बाँधना

ପାଗ ଚଟୁ—ଦେ. ବି—ଗୁଡ଼ିଆଙ୍କର ଉଖୁଡ଼ା ତିଆରି କରିବା ପାଇ
Pāga chaṭu ବ୍ୟବହୃତ ଚଉଡ଼ାମୁହାଁ ଚଟୁ—The flat-headed
पाककरछु ladle used by confectioners in seasoning fried paddy in syrup.

ପାଗ ଛଡ଼ା—ଦେ. ବିଣ. (ସଂ. ପାକ+ଉତ୍‌ସୃଷ୍ଟ)—
Pāga chhardā ୧ । ବର୍ଜିତ (ହାଣ୍ଡି); ମୃତକାଦି ଅଶୌଚ
छूतहर ଶେଷରେ ରନ୍ଧନଶାଳାରୁ କଢ଼ା ଯାଇଥିବା (ହାଣ୍ଡି)—
1. Discarded or abandoned (earthen cooking pots).

୨ । ଋତୁମତୀ ହେବାରୁ ରାନ୍ଧିବାର ଅଯୋଗ୍ୟା (ସ୍ତ୍ରୀ); ପାକାସ୍ପୃଶ୍ୟା—2. Menstruated; (a woman) in her monthly course.

ପାଗ ଛୁଇଁବା—ଦେ. କ୍ରି—୧ । (ସ୍ତ୍ରୀ) ଋତୁସ୍ନାନ ପରେ ପାକଶାଳାରେ
Pāga chhuin̐bā ପ୍ରବେଶ କରି ରନ୍ଧନ କରିବା—
पाक छूना 1. (a woman) To cook for the first
(ପାଗ ଛୋଇଁବା—ଅନ୍ୟରୂପ) time after her purificatory bath after the menses.

୨ । ନବବଧୂ ଶ୍ୱଶୁରାଳୟକୁ ଆସି ଶ୍ୱଶୁରଙ୍କ ପାକରେ ପ୍ରଥମେ ରାନ୍ଧିବା—3. (a new bride) To cook for the first time in the husband's cooking.

ପାଗ ଝୁଙ୍କି ଯିବା—ଦେ. କ୍ରି—କୃଷି ଉପଯୁକ୍ତ ଋତୁ ବା ସମୟ ବଳିଯିବା—
Pāga jhuki jibā The passing away of the proper season for a particular agricultural operation.

ପାଗଡ଼ – ଦେ. ବ. (ଜାହାଜଂଆ ଶବ୍ଦ) (ସଂ. ପ୍ରଗ୍ରହ—ଦଉଡ଼ି)—
Pāgarda ୧ । ବୋଝ ଆଦି ଟାଣିବାରେ ବ୍ୟବହୃତ ମୋଟ ଦଉଡ଼ି-
पागड़ 1. (nautical term) Tug; tugging rope; towing rope.

× × × ଯାବର ଗନ୍ତ ପଦ ଚଞ୍ଚଳ ତ କଲେ—ପାଗଡ଼, ପାଗଡ଼, ପାଗଡ଼ ।
ଫକୀରମୋହନ. ଚଲ୍ଲସ୍ଥଳ ।

୨ । ଶୂଦ୍ରମାନଙ୍କର ଉପାଧିବିଶେଷ—
2. A family title of Śūdras.

ପାଗଡ଼ ମାରିବା – ଦେ. କ୍ରି (ଜାହାଜଂଆ ଶବ୍ଦ)—
Pāgarda māribā ବୋଝ ଆଦିର ଟଣା ଶେଷ ହେବା ପରେ
पागड़ समेटना ପାଗଡ଼କୁ ଡଙ୍ଗା ଉପରକୁ ଟାଣି ଗୋଟାଇ ଆଣିବା—To hoist in the towing rope.

ପାଗଡ଼ ମେଣ୍ଟା(ଣ୍ଟେ)ଇବା—ଦେ. କ୍ରି. (ଜାହାଜଂଆ ଶବ୍ଦ)—
Pāgarda menṭā(ṇṭe)ibā ଗତି ବିଶିଷ୍ଟ ଏକ ଡଙ୍ଗାର
पागड़ बगलाना ପାଗଡ଼କୁ ବିପରୀତ ଦିଗରୁ ଆସୁଥିବା ଡଙ୍ଗାର ପାଗଡ଼ ଉପର ବା ତଳ ଦେଇ ଟାଣି ନେବା—
To pass the towing rope of a moving boat over or below that of another boat coming from an opposite direction.

ପାଗଡ଼ା—ଦେ. ବ—ଶକଟା ଖେଳର ଦାନବିଶେଷ—
Pāgardā 1. Name of a throw in the game of Sakaṭā.

୨ । ପାଖଡ଼ା (ଦେଖ)—2. Pākhardā (See)

ପାଗଡ଼ା ଖଇର – ଦେ. ବ—ପାଖଡ଼ା (ଦେଖ)
Pāgardā khaira Pākhardā (See)

ପାଗ ଦେବା—ଦେ. କ୍ରି—୧ । ସୁଯୋଗ ଦେବା—
Pāga debā 1. To allow an opportunity.
୨ । ପାଗିବା (ଦେଖ)—2. Pāgibā (See)

ପାଗ ପଟୁକା—ଦେ. ବ. (ସହଚର ଶବ୍ଦ; ସଂ. ପ୍ରଗ୍ରହ+ପଟ୍ଟକ)—
Pāga paṭukā ୧ । ପୋଷାକ ପରିଚ୍ଛଦ—1. Dress.
ଖଡ଼ାଚୂଡ଼ା ୨ । ମୁଣ୍ଡରେ ବାନ୍ଧିବା ପଗଡ଼ି ଓ ଅଣ୍ଟାରେ ବାନ୍ଧିବା
पाग पटका କମରବନ୍ଧ—2. Turban and belt.

ପାଗ ଯୋଗ—ଦେ. ବ. (ଏକାର୍ଥକ ସହଚର ଶବ୍ଦ)—
Pāga joga ୧ । ଶସ୍ୟାଦି ଆବାଦ ହେବା ପାଇଁ ଆବଶ୍ୟକ
लगन योग ଅନୁକୂଳ ସମୟ ଓ ଅନୁକୂଳ ପ୍ରକ୍ରିୟାମାନ—
1. The proper season and operations for growing a crop.
୨ । ଅନୁକୂଳ ଅବସ୍ଥା; ସୁଯୋଗ—
2. Favourable condition; opportunity.
୩ । ଅନୁକୂଳ ଅବସ୍ଥାମାନଙ୍କର ସମୁଚ୍ଚୟ—
3. The aggregate and concatenation of all favourable conditions.

ପାଗଲ୍—ପ୍ରାଦେ. (ସମ୍ବଲପୁର) ବଣ— ବଗା; ଓଲୁ; କବୁଁକିଆ—
Pāgal Stupid.

ପାଗଲ(ଲ)—ସଂ. ବ. ପୁଂ—ବାୟା ଲୋକ—
Pāgala(la) A mad man.
ପାଗଲ (ସ୍ତ୍ରୀ—ପାଗଲିନୀ) ସଂ. ବଣ. ପୁଂ—୧ । ବାୟା; ବାଉଳା;
पागल, पगला ବିକୃତମସ୍ତିଷ୍କ—1. Mad; deranged in mind.

ଶୃଗାଳ ପାଗଳ ହୋଇ, ସିଂହ ପୁରେ ପଶି ଯାଇ ।
ଦଶ୍ଵନାଥ: ବଚେଷ୍ଟାମୃଣ ।

(ପାଗଲୀ—ସ୍ତ୍ରୀ)
୨ । ବିମୁଗ୍ଧ—2. Enchanted; charmed.
୩ । ବାଉଳା ପରି କ୍ରୋଧାଦିରୁ ହତାହତ ଜ୍ଞାନଶୂନ୍ୟ—
3. Maddened; one who has lost his reasoning power, being overcome with passion.

ପାଗଲ କରିବା—ଦେ. କ୍ରି—ଉନ୍ମତ୍ତ କରାଇବା—
Pāgala karibā To madden.
ପାଗଲକରା पगला करना

ପାଗଲ ଖାନା—ଦେ. ବ. (ସଂ. ପାଗଲ+ଫା. ଖାନେହ୍)—
Pāgala khānā ବାଉଳାମାନଙ୍କ ଚିକିତ୍ସାର୍ଥ ପ୍ରତିଷ୍ଠିତ ଆଶ୍ରମ;
ପାଗଲଖାନା ବାଉଳାଶ୍ରମ—Lunatic assylum; mental hospital.
पागलखाना
(ପାଗଲାଖାନା, ପାଗଲଖାନା, ପାଗଲଖାନା; ପାଗଲ କୋଠି, ପାଗଲ ଗାରଦ୍— ଅନ୍ୟରୂପ)

ପାଗଲା(ଲା) ଅ(ଆଁ)ସିଆ—ଦେ. ବଣ. (ସଂ. ପାଗଲ+ଈଷତ୍)—
Pāgalā(lā) a(āṅ)siā ଈଷତ୍ ବିକୃତମସ୍ତିଷ୍କ; ପିତପାଗଳା,
ପାଗଲାଟେ (ଲୋକ)—Crack-brained; crazy-
पगलासा

ପାଗଲା(ଲା)—ଦେ. ବ ଓ ବଣ. ପୁଂ. (ସଂ. ପାଗଲ)—ପାଗଲ (ଦେଖ)—
Pāgalā(lā) Pāgala (See)
ପାଗଲୀ(ଲୀ) } ସ୍ତ୍ରୀ
ପାଗଲନୀ
ପାଗଲୁନୀ
ପାଗଲୁଣୀ
पागला(पुं),पागली, पागलिनी(स्त्री)
पगला(पुं), पगली(स्त्री)

ପାଗଲା(ଲା, ଲେ, ଲେ)ଇବା—ଦେ. କ୍ରି—୧ । ବାଉଳାପରି ଗପିବା,
Pāgalā(lā, le, le)ibā ପ୍ରଳାପ କରିବା—1. To rave like a mad man.
୨ । (ସଂ.ପ୍ରୋଦ୍ଗାର) ପାଗୁଲାଇବା; ରୋମନ୍ଥ କରିବା—
2. To ruminate.
୩ । ପାକଲାଇବା ୪ (ଦେଖ)—
3. Pākalāibā 4. (See)
୪ । କଥାରେ ଭଣ୍ଡାଇବା; ଭୁଲାଇବା—
4. To wheedle; to cajole.
୫ । ଜ୍ଞାତବ୍ୟ ବିଷୟର ପ୍ରକୃତ ଉତ୍ତର ନ ଦେଇ ବା ପ୍ରକୃତ କଥା ନ କହି ଏଣୁ ତେଣୁ କହିବା—
5. To prevaricate, to make evasive replies or statements.

ପାଗଲା(ଲା) ଘଣ୍ଟା—ଦେ. ବ—୧ । ଯେଉଁ ଘଣ୍ଟା ଠିକ ସମୟ ରଖେ
Pāgalā(lā) ghanṭā ନାହିଁ—1. A clock which often goes wrong.
ପାଗଳା पगला घंटा

୨ । ଜେଲଖାନାରେ ହଠାତ୍ ବିପଦ ଉପସ୍ଥିତ ହେଲେ, ଜେଲ୍‌ର କର୍ମଚାରୀମାନେ ଯେଉଁ ଘଣ୍ଟାକୁ ପିଟି ଅନ୍ୟ କର୍ମଚାରୀମାନଙ୍କୁ ସାବଧାନ କରାଇ ଦିଅନ୍ତି—2. Alarm gong which is sounded in a jail in times of emergency.

ପାଗଲା(ଲା)ମି—ଦେ. ବି (ବଙ୍ଗଳାରୁ ଅନୁକୃତ)-୧ । ପାଗଳପଣ; ବାଉଳାମି—
Pāgalā(lā)mi 1. Madness; insanity.
ପାଗଲାମୀ ୨ । ବାଉଳ ପରି ପ୍ରଳାପ କରିବା—
पागलपन 2. Raving like a mad man.
ପାଗଲ(ଲ)ପଣ } ଅନ୍ୟରୂପ ୩ । ନିର୍ବୋଧତା—
ପାଗଲ(ଲ)ପଣିଆ(ଅଁ) } 3. Folly; foolishness.

ପାଗଲୀ(ଲୀ)—ସଂ. ବି ଓ ବିଣ ସ୍ତ୍ରୀ—(ପାଗଲ+ଈ)—ପାଗଲର ସ୍ତ୍ରୀଲିଙ୍ଗ—
Pāgali(li) Feminine of Pāgala.
ପାଗଲୀ; ପାଗଲିନୀ **पगली**
[ପାଗଳୀ, ପାଗଳେ(ଲେ)ଇ—ଦେଶଜରୂପ]

ପାଗଲେ(ଲେ)ଇ—ଦେ. ବିଣ—ପାଗଳ ବ୍ୟକ୍ତି ପରି; ବାଉଳ ପ୍ରାୟ;
Pāgale(le)i ବାଉଳ ସ୍ବଭାବ—Befitting a mad man.
ପାଗଲାଇ ଦେ. ବି ଓ ବିଣ. ସ୍ତ୍ରୀ—ପାଗଲର ସ୍ତ୍ରୀଲିଙ୍ଗ—
पगलाई Feminine of Pāgala.

ପାଗ ହାଣ୍ଡି—ଦେ. ବି—(ସଂ. ପାକ+ହଣ୍ଡିକା)—୧ । ପାକଶାଳାରେ
Pāga hāṇḍi ପାକାର୍ଥ ବ୍ୟବହୃତ ହାଣ୍ଡି; ପାକ ଭାଣ୍ଡ—
ପାକେରହାଁଡ଼ୀ 1. Earthen cooking pots actually in use.
पाककोहाँड़ी
୨ । ପାଗୁଆଳି ହାଣ୍ଡି (ଦେଖ)—
2. Pāguāli hāṇḍi (See)

ପାଗା—ଦେ. ବି—(ସଂ. ପ୍ରଗହ=ଘୋଡ଼ା ବାନ୍ଧିବା ଦଉଡ଼ି)—
Pāgā ଘୋଡ଼ାଶାଳ; ଅସ୍ତାବଲ—Stable.
অস্তবল **अस्तबल**

ପାଗା ପଟକା—ପ୍ରାଦେ. (ଯାଜପୁର)—ବି—ପାଗ ପଟୁକା—
Pāgā paṭakā Pāga paṭukā (See)

ପାଗି—ଦେ. ବିଣ—(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ)—୧ । ପାଗଧାରୀ;
Pāgi ଉଷ୍ଣୀଷଧାରୀ—1. Wearing a turban.
ପାଗଓୟାଲା (ଯଥା—ନାଲିପାଗିଆ)
पागवाला ୨ । ପାଗରେ ପାଗ କରାଯାଇଥିବା—
(ପାଗିଆ—ଅନ୍ୟରୂପ) 2. Seasoned in syrup.
(ଯଥା—ଦୋପାଗି ଉଖୁଡ଼ା)
୩ । ପକ୍ୱ; ସିଦ୍ଧ—3. Boiled.
(ଯଥା – ସୂର୍ଯ୍ୟପାଗି ।)

ପାଗିବା—ଦେ. କ୍ରି—(ସଂ. ପାକ)—୧ । (ଅକର୍ମକ) ଖୁବ୍ ବର୍ଷା ପରେ
Pāgibā କ୍ଷେତ୍ରରୁ ପାଣି ମରିଯାଇ ତାହା ଚଷ ହେବାର ଓ ବୁଣା
(ପାଗେଇବା—ଅନ୍ୟରୂପ) ହେବାର ଉପଯୁକ୍ତ ହେବା—1. (a field) To become fit for ploughing and sowing seeds after a shower.
୨ । (ଅକର୍ମକ) କଞ୍ଚା ନଡ଼ିଆ ଶୁଖିଯାଇ ବ୍ୟବହାର ବା ବାଣିଜ୍ୟ ପାଇଁ ଉପଯୁକ୍ତ ହେବା—2. (cocoanut) To become fit for use.
୩ । (ଅକର୍ମକ) କୌଣସି ଦ୍ରବ୍ୟରୁ ଅଧିକାଂଶ ଜଳ ଶୁଖିଯିବାଦ୍ୱାରା ତାହା ବ୍ୟବହାରର ଉପଯୋଗୀ ହେବା—3 (any article) To become fit for use after the water in it has dired up.
୪ । (ସକର୍ମକ) ଖଇ ଆଦିକୁ ଗୁଡ଼ ବା ଚିନିର ଶିରାରେ ପୁଆଇବା—
पागना 4. To season fried grains in boiling syrup.
ପ୍ରାଦେ (ବାଲେଶ୍ୱର) କ୍ରି—(ଗାଈ) ବଳଦ ପଡ଼ିବା; ଋତୁମତୀ ହେବା—(a cow) To be in heat.

ପାଗୁଆଳି ହାଣ୍ଡି—ଦେ. ବି—୧ । ପାଗ ହାଣ୍ଡି; ରନ୍ଧନାର୍ଥ ବ୍ୟବହୃତ ମାଟି
Pāguāli hāṇḍi ପାତ୍ର; ପାକ ଭାଣ୍ଡ—1. Earthen cooking pot.
୨ । ଯେଉଁ ବଡ଼ ହାଣ୍ଡିରେ ଗୁଡ଼ ପାକ ଗୁଡ଼ଆମାନେ ଉଖୁଡ଼ାର ପାଗ କରନ୍ତି ଏବଂ ଖଳ କରନ୍ତି—2. Big earthen pots in which fried corn is seasoned in boiled sugar and in which dough is boiled for preparing cakes.

ପାଗୁଡ଼ି—ପ୍ରାଦେ. (ସମ୍ବଲପୁର, ଗଡ଼ଜାତ) ବି—ଫାଟକ—
Pāguṛdi Gate.

ପାଗୁଲା—ଦେ. ବି. (ସଂ. ପ୍ରୋଦ୍ଗାର)—ପାକୁଲା (ଦେଖ)
Pāgulā (ପାଗୁଳ—ଅନ୍ୟରୂପ) Pākulā (See)
जाबर, पाईज, जाओर पागुर, जुगाली

ପାଗୁଳା(ଳେ)ଇବା—ଦେ. କ୍ରି—ପାକୁଳ କରିବା (ଦେଖ)
Pāgulā(le)ibā Pākuli karibā (See)

ପାଗୁଳି—ଦେ. ବି—୧ । (ସଂ. ପାକସ୍ଥାଲୀ)—ପାକପାତ୍ର; ପାଗହାଣ୍ଡି—
Pāguli 1. Cooking pot.
୨ । (ସଂ. ପ୍ରୋଦ୍ଗାର) ପାକୁଲା (ଦେଖ)
2. Pākulā (See)
୩ । ରୋମନ୍ଥଜାତ କଲେ ଗବାଦି ପଶୁ ପେଟ ମଧ୍ୟରୁ ଯେଉଁ ଖାଦ୍ୟର ଗୋଳା ଆଣି ପାଟିରେ ରୋମନ୍ଥ କରନ୍ତି—
3. Cud.

ପାଗୁଳି କରିବା—ଦେ. କ୍ରି—ପାକୁଳି କରିବା (ଦେଖ)
Pāguli karibā Pākuli karibā (See)

ପା-ଘଣ୍ଟା—ଦେ. ବି. (ପା=ଏକଚତୁର୍ଥାଂଶ+ଘଣ୍ଟା)—ପନ୍ଦରମିନିଟ୍—
Pā-ghaṇṭā 15 minutes; a quarter of an hour.
पा घंटा ପା-ଘଣ୍ଟା ବାଦେ ବାବୁ ମାଳିକୁ ଅଳ ଥରେ ଅନାଇ କହିଲେ ।
ଫକୀରମୋହନ, ଗଳ୍ପସ୍ୱଳ୍ପ
पावघन्टा
(ପାଏଘଣ୍ଟା—ଅନ୍ୟରୂପ)

ପାଂକ୍ତେୟ—ସଂ. ବି. (ପଂକ୍ତି+ଏୟ)—ସାମାଜିକ ଭୋଜିରେ ଏକ ପଂକ୍ତିରେ
Pāṁkteya ବସି ଭୋଜନ କରିବାର ଅଧିକାରୀ—Entitled to dine in one line with other caste-people.

ପାଙ୍ଗିବା—ପ୍ରାଦେ· କ୍ରି—୧ । (ସମ୍ବଲପୁର) କୌଣସି ବ୍ୟକ୍ତିର ଅଶୁଭ
Pāṅgibā ପ୍ରାର୍ଥନା; ଅମଙ୍ଗଳ ଇଚ୍ଛା କରିବା—1. To wish evil of another.

୨ । (ପୁରୀ) (କୌଣସି ବ୍ୟକ୍ତିକୁ) ଦଣ୍ଡ ଦେଇ ସାଧ୍ୟ କରିବା—
2. To teach a person a lesson, to subjugate a person by punishment.

୩ । (ପୁରୀ) କୌଣସି ବ୍ୟକ୍ତିକୁ ଅସମର୍ଥ କରିବା—
3. To incapacitate a person.

୪ । (ଗଞ୍ଜାମ) ଗୁଣି ଗାରେଡ଼ି ପ୍ରୟୋଗଦ୍ୱାରା ବଶୀଭୂତ କରିବା—
4. To bring a person under cortrol by application of magical charms.

(ଗଡ଼ଜାତ) କ୍ରି—କୌଣସି ବ୍ୟକ୍ତିଠାରେ ମନ୍ତ୍ରାଦ ଅଉଷଧ ପ୍ରୟୋଗ ପୂର୍ବକ ଭୂତ ବା ଡାହାଣି ଲଗାଇବା—5. To cause derangement of mind by employing charms.

ପାଙ୍ଗୁଲା—ଦେ. ବି. (ସଂ. ପାଗଲ)—୧ । ମନ୍ଦାଗ୍ନିଜନିତ ରୋଗ-ବିଶେଷ—1. A disease due to indigestion.
Pāngulā
(ପାଙ୍ଗୁଲିଆ—ଅନ୍ୟରୂପ)

୨ । ବାତୁଳତା—2. Madness.

ପାଙ୍ଗୁଲି, ପାଙ୍ଗୁଲେଇ } ସ୍ତ୍ରୀ. ଦେ. ବିଣ. ପୁଂ—୧ । ବାତୁଳ—
1. Mad; insane.
କ୍ଷ୍ୟାପା
୨ । ଈଷତ୍ ବାତୁଳ; ବିକୃତମସ୍ତିଷ୍କ (ବ୍ୟକ୍ତି)—
ସିଡ୍ଡୀ 2. Crack-brained.

ପାଚ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ପଚ୍ ଧାତୁ)—ପାଚିବା—
Pāch-bā To ripen; to become ripe.

ପାଚକ—ସଂ. ବି. ପୁଂ. (ପଚ୍ ଧାତୁ=ପାକ କରିବା+କର୍ତ୍ତୃ. ଅକ)—
Pāchaka ୧ । ଯେ ପାକ କରେ; ରାନ୍ଧୁଣିଆ; ସୁଆର; ରୁଷେଇଆ—
(ପାଚକା, ପାଚକୀ—ସ୍ତ୍ରୀ) 1. A male cook.

୨ । ବହ୍ନି—2. Fire.

୩ । ଜଠରାଗ୍ନି; ଖାଦ୍ୟଦ୍ରବ୍ୟର ଜୀର୍ଣ୍ଣକାରକ ଶରୀରାଭ୍ୟନ୍ତରସ୍ଥ ଶକ୍ତି—3. Digestive energy inside the stomach.

୪ । ଟଙ୍କଣ; ଟାଙ୍ଗଣା (ହେମଚନ୍ଦ୍ର)—4. Borax.

୫ । ପିତ୍ତ—5. Gall; bile (M. W.).

[ଦ୍ର—ବୈଦ୍ୟକମତରେ ଜୀର୍ଣ୍ଣଶକ୍ତିର ସହାୟକ ୫ ପ୍ରକାର ପିତ୍ତ ବା ରସମଧ୍ୟରୁ ଏହା ଏକତମ । ଏହାର ସ୍ଥାନ ଆମାଶୟ ଓ ପକ୍ୱାଶୟ ଅଟେ । ଏହା ଖାଦ୍ୟଦ୍ରବ୍ୟକୁ ପକ୍ୱ କରାଏ ଓ ତହିଁରୁ ଉତ୍ପନ୍ନ ରସ, ବାୟୁ, ପିତ୍ତ, କଫ, ମୂତ୍ର ଓ ପୁରୀଷ ଆଦିକୁ ପୃଥକ୍ କରେ—ହି. ଶ]

୬ । ଲବଣଯୁକ୍ତ ଜୀର୍ଣ୍ଣକାରକ ଔଷଧ; ହଜମୀ ଔଷଧ (ହି. ଶ)—
6. Digestive saline medicine.

ସଂ. ବିଣ—୧ । ରନ୍ଧନକାରୀ—1. Cooking.

୨ । ଯାହା ପରିପକ୍ୱ କରାଏ—
2. Causing ripeness or maturity; maturing.

୩ । ଜୀର୍ଣ୍ଣକାରକ—3. Digestive; tonic.

୪ । କ୍ଷୁଧାବର୍ଦ୍ଧକ—4. Appetising.

ପାଚକଡ଼ି—ପ୍ରାଦେ. (ଗଡ଼ଜାତ) ବି—ପାଞ୍ଚକୋଡ଼ମେଇ(ଲତା) (ଦେଖ)
Pāchakarda Pāñchakordamei(creeper) (See)
(ପାଚକଡ଼ମା, ପାଚକଡ଼ମେଇ, ପାଚକୋଡ଼ମା(ମ୍ଭା, ମେ, ମ୍ଭୋ)ଇ—ଅନ୍ୟରୂପ)

ପାଚକ ପାଣି—ପ୍ରାଦେ. (ପୁରୀ) ବି. (ସଂ. ପାଚକ+ପାନୀୟ)—
Pāchaka pāṇi ଭାଙ୍ଗ; ପତ୍ର, ମରିଚ ଓ ମସଲା ଘୋଟାପାଣି; ସିଦ୍ଧି—Bhāng; Ganja leaves and black pepper and other spices pasted together and mixed with water and made into a drink.

ପାଚଣ—ଦେ. ବି. (ସଂ. ପ୍ରାଜନ)—ଗବାଦ ତାଡ଼ନ ଯଷ୍ଟି; ବଳଦ
Pāchaṇa ପ୍ରଭୃତିଙ୍କୁ ଅଡ଼ାଇବା ନିମନ୍ତେ ବ୍ୟବହୃତ ଛୋଟବାଡ଼ି;
ପାଚନ, ପାଁଚନୀ ଠେଙ୍ଗୁଣୀ—A cattle-driving stick; a goad.
पैना

ଅତ ଚଞ୍ଚଳ ତ ଅଶ୍ୱକୁ ସେ ଘୋଡ଼ାଏ
ପାଚଣ ବାଡ଼ି ବାଜନ୍ତେ ତ ଚାଳ କାଟେ । କୃଷ୍ଣସିଂହ. ମହାଭାରତ.ଦ୍ରୋଣ ।

ପାଚନ—ସଂ. ବି. (ପଚ୍ ଧାତୁ ଣିଚ୍=ପାଚ ଧାତୁ=ପରିପାକ କରାଇବା+
Pāchana କର୍ତ୍ତୃ. ଅନ)—୧ । ବିବିଧ ଔଷଧର କ୍ୱାଥ; ଔଷଧସିଦ୍ଧଜଳ—1. A decoction of several ingredients; infusion of drugs.

[ଦ୍ର—ଔଷଧ ଦ୍ରବ୍ୟମାନଙ୍କୁ ୧୬ ଗୁଣ ପାଣିରେ ମୃଦୁ ଅଗ୍ନିରେ ସିଝାଇ ତହିଁର ଏକଚତୁର୍ଥାଂଶ ଜଳ ଥାଉଁ ଥାଉଁ ତାହାକୁ ନିଆଁରୁ ଓହ୍ଲାଇ ଯେଉଁ ପାଣି ବା କ୍ୱାଥ ଛାଣି ନିଆଯାଏ ତାକୁ ପାଚନ ବୋଲାଯାଏ । ବୈଦ୍ୟକ ଗ୍ରନ୍ଥମାନଙ୍କରେ ୩୦୦ରୁ ଅଧିକ ପାଚନର ବ୍ୟବସ୍ଥା ଅଛି—ହି. ଶ. ।]

୨ । ଅଗ୍ନି—2. Fire.

୩ । ଅମ୍ଳ ରସ (ହେମଚନ୍ଦ୍ର)—3. Acid.

୪ । ରକ୍ତେରଣ୍ଡ (ରାଜନିର୍ଘଣ୍ଟ)—4. The red Ricinus; the red variety of castor seed plant.

୫ । ଖଟା ସ୍ୱାଦ; ଆମ୍ଳାପଣ—
5. Acidity; sourness. (Apte).

୬ । ରୋଷେଇ କରିବା କର୍ମ; ରନ୍ଧନ—
7. Act of cooking or baking.

୭ । ଫଳ ଆଦିକୁ ପକ୍ୱ କରିବା କର୍ମ—
7. Act of ripening.

୮ । ବଥ ଆଦିକୁ ପଚାଇବା କର୍ମ—
8. Act of extracting pus etc. from a boil; causing suppuration.

୯ । ଘାଆ ଆଦିକୁ ଶୁଖାଇବା କର୍ମ (ସୁଶ୍ରୁତ)—9. Causing a wound to close by means of styptic. (M. W.)

୧୦ । ଘାଆ ଆଦିକୁ ଶୁଖାଇବା ଔଷଧ ବା ପ୍ରୟୋଗ—
10. A stiptic for closing a wound; an astringent medicine. (Apte).

୧୧ । ପ୍ରାୟଶ୍ଚିତ୍ତ—11. Penance; expiation. (M. W.)
୧୨ । ପେଟ ମଧ୍ୟରେ ଖାଦ୍ୟାଦି ଜାର୍ଣ୍ଣ ହେବା ପ୍ରକ୍ରିୟା—
12. The process of digestion of food.
୧୩ । ଜାର୍ଣ୍ଣକାରକ ଔଷଧ—13. Digestive medicine.
୧୪ । ଯାହା ଅନ୍ୟ ପଦାର୍ଥକୁ ମିଳେଇ ଦଏ—
14. A dissolvent. (M. W.)
ସଂ. ବିଣ.—୧ । ଜାର୍ଣ୍ଣକାରକ; ହଜମୀ—1. Digestive.
୨ । ରନ୍ଧନକାରୀ—2. Cooking.
୩ । ଯାହା ଫଳ ଆଦିକୁ ପକ୍ୱ କରାଏ—3. Ripening.
୪ । ଯାହା ନରମ କରେ—
4. Softening; relaxing. (M. W.)
୫ । ଯାହା ବଥ ଆଦିରେ ପୂଜ ଜନ୍ମାଏ—
5. Suppurative. (M. W.)
୬ । ଆମ୍ବିଲା; ଖଟା—6. Sour (Apte).
ପ୍ରାଦେ. (ବସ୍ତର)—ବି.—ପାଞ୍ଚଣ; ଗବାଦି ଗାଡ଼ିଚାଳନ ଦଣ୍ଡ—
Cattle-driving stick.

ପାଚନକ—ସଂ. ବି. (ପାଚ ଧାତୁ=ପରିପାକ କରାଇବା+କର୍ତ୍ତୃ. ଅନ+କ;
Pāchanaka ଏହା ସ୍ୱର୍ଣ୍ଣାଦିକୁ ପାକ କରାଏ)—
୧ । ସୋହାଗା—1. Borax.
୨ । ପାଚନ ୯।୧୦।୧୩।୧୪ (ଦେଖ)
2. Pāchana 9, 10, 13, 14 (See)
୩ । ଏକ ପ୍ରକାର ପାନୀୟ ଖାଦ୍ୟ—
3. A sort of diet drink. (M. W.)

ପାଚନିକା—ସଂ. ବି. (ପାଚନ+ଇକ+ଆ, ଅଥବା ପାଚନକ+ଆ)—
Pāchanikā ୧ । ରନ୍ଧନ—1. Cooking.
୨ । ପକ୍ୱ କରାଇବା—1. Maturing; ripening.

ପାଚନୀ—ସଂ. ବି. ସ୍ତ୍ରୀ. (ପାଚନ+ସ୍ତ୍ରୀ. ଈ)—ହରୀତକୀ; (ମେଦିନୀ)—
Pāchanī Myrobalan.

ପାଚନୀୟ—ସଂ. ବିଣ. (ପଚ୍ ଧାତୁ+କର୍ମ. ଅନୀୟ)—
Pāchanīya ପାଚ୍ୟ; ଯାହା ପାକ କରା ଯାଇପାରେ—
To be cooked, digested, matured
or ripened.

ପାଚୟିତା—ସଂ. ବିଣ. ପୁଂ. (ପଚ୍ ଧାତୁ ଣିଚ୍=ପାଚ ଧାତୁ+କର୍ତ୍ତୃ.
Pāchayitā ତୃ; ପାଚୟିତୃ ଶବ୍ଦ; ୧ମା. ୧ବ)—
(ପାଚୟିତ୍ରୀ—ସ୍ତ୍ରୀ) ୧ । ରନ୍ଧନକାରୀ—1. Cooking.
୨ । ଜାର୍ଣ୍ଣକାରକ—2 Digesting.
୩ । ପକ୍ୱକାରୀ—3. Ripening; maturing.

ପାଚଲ—ସଂ. ବିଣ. (ପଚ୍ ଧାତୁ ଣିଚ୍+ଅଲ)—
Pāchala ୧ । ରନ୍ଧନକାରୀ—1. Cooking.
୨ । ଯାହା ପଚାଏ—2. Ripening.
୩ । ଜାର୍ଣ୍ଣକାରକ—3. Digestive.
ସଂ. ବି—୧ । ସୁପକାର—1. Cook.
୨ । ଅଗ୍ନି—2. Fire.
୩ । ବାୟୁ—3. Wind.
୪ । ଅଗ୍ନିର ବିନା ସାହାଯ୍ୟରେ ପକ୍ୱ ଖାଦ୍ୟ ଦ୍ରବ୍ୟ—
4. A thing dressed without the aid of
fire (Apte).

ପାଚଲ—ଦେ. ବି (ସଂ. ପଚ୍ ଧାତୁ)—ବ୍ୟଞ୍ଜନବିଶେଷ; ଘାଣ୍ଟିଆ ତିଅଣ—
Pāchala A kind of vegetable curry; hodge-
ସଂଟ **सत जा; सतनजा** podge.
ଭଜା ସାକଭଜି ମହୁର; ଅମ୍ବିଳ, ପାଚଲ ବେସରେ ।
ଗନ୍ଧଦାସ, ଚାର୍ବାଭାଜକ୍ତି ।

ପାଚଲା (ଇତ୍ୟାଦି)—ଦେ. ବିଣ (ସଂ. ପକ୍ୱ)—ପାକଲା ଇତ୍ୟାଦି (ଦେଖ)
Pāchalā (etc) Pākalā etc (See).
ପାକା **पका** କଷ୍ଣା ହେଲେ ପାଚଲା ପରି ଦେଖାଇବ ।
କୃଷ୍ଣସିଂହ ମହାଭାରତ ଅଦି ।

ପାଛ—ଦେ. ବି (ସଂ. ପଶ୍ଚାତ୍; ପ୍ରା. ପଚ୍ଛା)—୧ । ପାଛ; ନିତମ୍ବ; ପିଚ୍ଛ—
Pāchha 1. Buttocks.
ପାଛା **पाछा, पीछा** ୨ । ପାଛପାଡ଼ (ଦେଖ)
2. Pāchhāpaṛd (See).

ପାଛପାଡ଼—ଦେ. ବିଣ (ସଂ. ପଶ୍ଚାତ୍+ପ୍ରାନ୍ତ; ବଙ୍ଗଳାରୁ ଅନୁକୃତ)—
Pāchhāpaṛd ଯେଉଁ ଶାଢ଼ୀ ଲୁଗାର ପିଚ୍ଛରେ ପଡ଼ିବା ଅଂଶରେ
पीछापेड़े तोनपढ़िया ଗୋଟିଏ ରଙ୍ଗିନ୍ ପଟି ଥାଏ—
(ପାଛପାଡ଼, ପାଛପାଡ଼ିଆ—ଅନ୍ୟରୂପ) (a cloth for female
पाछापेड़े कापड़ wear) Having a broad stripe
तिनपढ़ीया lengthwise about the middle of it.
ଦେ. ବି—ଯେଉଁ ଶାଢ଼ୀର ମଝିରେ ଗୋଟିଏ ରଙ୍ଗିନ୍ ପଟି ଥାଏ—
A cloth for female wear having a broad
coloured stripe running lengthwise about
the middle.
[ଦ୍ର—ଏପରି ଶାଢ଼ୀ ବଙ୍ଗ ଦେଶରେ ଚଳେ ଓ ବଙ୍ଗାଳୀଙ୍କ ଦେଖାଦେଖି ଓଡ଼ିଆଣୀଙ୍କ ମଧ୍ୟରେ ଚଳିଅଛି । ଲୁଗାର ଯେଉଁ ଅଂଶ ସ୍ତ୍ରୀମାନଙ୍କ ପିଚ୍ଛ ଉପରେ ରହେ (ଅର୍ଥାତ୍ ଲୁଗାର ଚଉଡ଼ା ବାଗରେ ଏକ ପାଖରେ ୭ ପଣ ଓ ଅନ୍ୟ ପାଖରେ ଲୁଗାର ଦଶପଣ ଥାଏ) ସେହି ଅଂଶରେ ଲୁଗାର ଲମ୍ବେ ଲମ୍ବେ ଉଭୟ ପାଖର ଧଡ଼ି (ପାଡ଼ି) ଆକୃତିରେ ଗୋଟିଏ ଲମ୍ବ ପଟି ବୁଣା ଯାଇଥାଏ । ଉକ୍ତ ଶାଢ଼ୀକୁ ପିନ୍ଧିଲାବେଳେ ଉକ୍ତ ପଟିଟି ସ୍ତ୍ରୀଲୋକଙ୍କ ପିଚ୍ଛ ଉପରେ ପଡ଼ିଥାଏ । ବିହାର ଅଞ୍ଚଳରେ ମାଇପେ ପିନ୍ଧିବା ଶାଢ଼ୀର ମଝିରେ ଆଉ ଗୋଟିଏ ଧଡ଼ି ଭଳି ପଟିଥାଏ (ତିନ୍‌ପଢ଼ିୟା) ଓ କେତେକ ଶାଢ଼ୀରେ ଦୁଇପାଖର ଧଡ଼ିକୁ ଛାଡ଼ି ମଝିରେ ତିନି ପଟି ଥାଏ (ପଚ୍ ପଢ଼ିୟା) ।

ପାଚି—ଦେ. ବି—(ସଂ. ପାକ)—୧ । ପାଳକ; ଭଲ ଫସଲ ଅମଦାନି
Pāchi ହେବାର ଅବସ୍ଥା ବା ସମୟ—1. The state or
season of a bumper crop.
୨ । ଫସଲ—2. Crop; harvest.

ପାଚିଆ—ଦେ. ବି. (ସଂ. ପଚ୍ଛ)—୧ । ବାଉଁଶ ପାଛିଆ, ଡାଲ ବା ଖଜୁର
Pāchia ପତ୍ର, କାଇଁଶ ଆଦିରେ ବୁଣା ଛୋଟ ଟୋକେଇ;
ପେଡ଼େ, ପେଖେ; **पथिया** _ ବାଉଁଶିଆ—1. Small wicker-
work basket.

ପାଚିଆ ବସାଦହି —ଦେ. ବ—ପାଛିଆ ବସାଦହି—(ଦେଖ)
Pāchiā basādahi Pāchhiā basā dahi (See).

ପାଚିକା—ସଂ. ବ. ସ୍ତ୍ରୀ—(ପାଚକ+ସ୍ତ୍ରୀ.ଆ)—ସୂପକାରିଣୀ; ଯେଉଁ ସ୍ତ୍ରୀଲୋକ
Pāchikā ପାକ କରେ; ରନ୍ଧନକାରିଣୀ—A female cook.
ସଂ. ବଣ. ସ୍ତ୍ରୀ—ପାଚକର ସ୍ତ୍ରୀଲିଙ୍ଗ—Feminine of Pāchaka.

ପାଚିକାଭାର୍ଯ୍ୟ—ସଂ. ବଣ. ପୁଂ (ବହୁବ୍ରୀହି; ପାଚିକା+ଭାର୍ଯ୍ୟା)—
Pāchikābhārjya Having a cook for a wife. (M.W).

ପାଚିତ—ସଂ. ବଣ. (ପଚ୍ ଧାତୁ ଣିଚ୍+କର୍ମ. ତ)—
Pāchita ୧ । ଭଜା ହୋଇଥିବା—1. Roasted.
୨ । ରନ୍ଧା ହୋଇଥିବା—2. Cooked.
୩ । ଜୀର୍ଣ୍ଣ କରା ଯାଇଥିବା—3. Digested.

ପାଚିବା—ଦେ. କ୍ରି. (ସଂ. ପଚ୍ ଧାତୁ)—୧ । (ଫଳାଦି) ପକ୍ୱ ହେବା—
Pāchibā 1. (a fruit) To ripen.
पका ୨ । (କେଶ) ଶୁକ୍ଳ ହେବା—
पकना 2. (the hair) To become grey.
୩ । (ଦେହ) ପ୍ରହାର ବା ଅତ୍ୟଧିକ ପରିଶ୍ରମ ଯୋଗୁଁ ବ୍ୟଥାଯୁକ୍ତ ହେବା—
3. (the body) To become painful for over-exertion or beating.
୪ । (ବ୍ରଣ) ପୂଜେଇବା—4. (a boil) To suppurate.
୫ । (ନିଆଁରେ ଧାତୁଆଦି) ଲାଲ ହେବା—
5. (a bit of metal) To become red-hot.
୬ । (ଗାମୁଛା, ଦାନ୍ତ) ରଞ୍ଜିତ ହେବା—
6. (napkin, teeth) To become tinged red.
୭ । ଅତି ବୃଦ୍ଧ ହେବା—7. To become very old.
୮ । ଫଳରେ ପରିଣତ ହେବା—8. To result in.
୯ । (କଉଡ଼ି ବା ପଶାଖେଳରେ ଦାନ ପଡ଼ିବା ଦ୍ୱାରା) ଖେଳାଳିର ସାର ସବୁ ଘରଯାକ ଚକ୍ରି ଶେଷ ମୁଣ୍ଡରେ ପହଞ୍ଚିବା—
9. (the pieces in a game of dice or cowrie) To succeed in reaching the destination of the movements.
୧୦ । (ଲକ୍ଷଣାର୍ଥ) ଜମା ହେବା; ଏକତ୍ର ହେବା; ଜମିବା—
10. To accumulate.

କୋଟି ପୁଣ୍ୟ ଫଳ ପାଚିଥିଲା—କବିସୂର୍ଯ୍ୟ, ସଙ୍ଗୀତ ।

୧୧ । (ପୋଡ଼ା ଇଟା ଓ ହାଣ୍ଡି) ଉତ୍ତମରୂପେ ପୋଡ଼ିହେବା—
11. (brick or earthen pot) To be well-burnt.
୧୨ । କ୍ରମଶଃ ବୃଦ୍ଧି ପାଇବା—
12. To grow gradually.
୧୩ । ଭବିଷ୍ୟତ ପାଇଁ ସଞ୍ଚିତ ହେବା—
13. To be in store for future.
(ଯଥା—ତୋ କପାଳରେ ଗୁଡ଼ାଏ ମାଡ଼ ଗାଳି ପାଚିଲାଣି ।)

ପାଚି(ଚେ)ରି—ଦେ. ବ—(ସଂ. ପ୍ରାଚୀର)—୧ । ବେଢ଼ା—
Pāchi(che)ri 1. Compound; rampart.
ପ୍ରଚଣ୍ଡ ଦେଖ ଦୁର୍ଗ ପାଚେରି ।. ରାଧାନାଥ, ଚନ୍ଦ୍ରଭାଗା ।
୨ । ମାଟି ପଥର ବା ଇଟା ନିର୍ମିତ ଉଚ୍ଚ
पाचील, পাঁচিল, পাঁচির କାନ୍ଥ—High wall.
परकोटा, चहर दिवारी ଘର ଚଉପାଖେ ପଡ଼ିଛି ପାଚେରି—କୃଷ୍ଣସିଂହ, ମହାଭାରତ, ସଭା ।

ପାଚିଲା (ଇତ୍ୟାଦି)—ଦେ. ବଣ—(ସଂ. ପକ୍ୱ)—ପାକଲା ଇତ୍ୟାଦି
Pāchilā (etc) (ଦେଖ)—Pākalā etc. (See)
(କଥ୍ୟ—ବ୍ୟବହୃତ) পাকা पक्का ଅଳପ ହାସ ମଧୁରକ
ଓଷ୍ଠ ପାଚିଲା ଫଳ ଦମ୍ଭ—ଜଗନ୍ନାଥ, ଭାଗବତ ।

ପାଚିଲା କୋଡ଼ମେଇ ଫଳ—ଦେ. ବ ଚନ୍ଦ୍ରଫଳ—(ଦ୍ୱରେକୃଷ୍ଟ ଦ୍ରବ୍ୟ-
Pāchilā kordamei phala ଗୁଣ) ଗହମ କାକୁଡ଼ି (ଦେଖ)—
Gahama kākurdi (See)

ପାଚିଲାର—ଗ୍ରା. (ପ୍ରାଚୀନ ପଦ୍ୟ) ବଣ—ପାଚିଲା; ପକ୍ୱ—
Pāchilāra (ପାଚିଲାର—ଅନ୍ୟରୂପ) Ripe.
ସପନ ଜାଣିଲା ଦାସ ପାଚିଲାର ଫଳ । ପ୍ରାଚୀ. ଶ୍ରୀଗୁରୁଭକ୍ତି ଗୀତା ।

ପାଚୀ—ଦେ. ବ— ଔଷଧ ଲତାବିଶେଷ—
Pāchi A kind of medicinal creeper.
ସଂ. ପର୍ଯ୍ୟାୟ—ମରକତପତ୍ରୀ; [ଦ୍ର—ବୈଦ୍ୟକ ମତରେ
ହରିତ ଲତା, ହରିତ ପତ୍ରିକା, ଏହା କଟୁ, ହୃଦ୍ୟ, ଉଷ୍ଣ ଓ କଷାୟ ।
ପତ୍ରୀ, ସୁରଭି, ମାଳାରିଷ୍ଟ, ଗାରୁତ୍ମତ, ବାତଦୋଷ ଓ ଗ୍ରହଭୂତବାଧାନାଶୀ,
ପତ୍ରିକା ତ୍ୱକ୍‌ଦୋଷପ୍ରଶମକ,
पाचि, पचै ବ୍ରଣରେ ହିତକର; (ରାଜନିର୍ଘଣ୍ଟ) ।]

ପାଚେଲି—ଦେ. ବ—ପାଚଲ (ଦେଖ)—
Pācheli Pāchala (See)
ଦେ. ବଣ—(ସଂ. ପାଞ୍ଚାଳୀ)—ଏକ ଧର୍ମରେ ଆସ୍ଥା ନ ରଖି ପାଞ୍ଚଆଡ଼େ ମନ ବୁଲାଇବା (ଧର୍ମବିଶ୍ୱାସ)— Wavering; hesitant (religious belief); having no firm faith.
ସ୍ୱେଚ୍ଛାରେ ବୃଦ୍ଧ ହଉଥିବ, ପାଚେଲି ଧର୍ମେ ସେ ଜଣିବ ।
ଆହାଙ୍କ ଠାରୁଁ ଉପଦେଶ, ସେମାନେ କରିବ ବିଶ୍ୱାସ । ଭୂପତି, ପ୍ରେମପଞ୍ଚାମୃତ ।

ପାଚ୍ଛା—ବୈଦେ. ବ—ପାଇଛା (ଦେଖ)—
Pāchchhā Pāichhā (See)

ପାଚ୍ୟ—ସଂ. ବଣ—(ପଚ୍ ଧାତୁ+କର୍ତ୍ତୃ. ଯ)—୧ । ପରିପାକ ଯୋଗ୍ୟ;
Pāchya ଜୀର୍ଣ୍ଣ ହେବା ଉପଯୁକ୍ତ—1. Digestible.
୨ । ରନ୍ଧା ହେବାର ଯୋଗ୍ୟ—
2. Fit to be cooked or roasted.
୩ । ସିଝିବା ଯୋଗ୍ୟ—3. Fit to be boiled.

ପାଛ—ବୈଦେ. ବ—(ଫା. ପାଦ୍ ସାହ୍)—ପାଇଛା (ଦେଖ)—
Pāchha Pāichhā (See)

ପାଛା } ଅନ୍ୟରୂପ ଦେ. କ୍ର—ପାଛ ଇତ୍ୟାଦି (ଦେଖ)—
ପାଛା } Pāchā etc (See)

ପାଛିଆ—ଦେ. ବି—ପାଚିଆ (ଦେଖ)—
Pāchhiā — Pāchiā (See)

ଯାଶୁଖ୍ରୀଷ୍ଟ ବୃଭଶଣ ରୁଟିରେ ବାରଟି ଲୋକଙ୍କୁ ଖୁଆଇଲେ; ପୁଣି ଗୁର୍ ପାଛିଆ ବଳ ପଡ଼ଲ— ଫକୀର ମୋହନ ଛମାଣ ଅଠଗୁଣ୍ଠ ।

ପାଛିଆ ବସାଦହି—ଦେ. ବି—୧ । ପାଚିଆରେ ପିଠୋଉ ବୋଳ ତାର ଉପରେ ସାକ ବରୁଳ କର ସେଥିରେ ଦୁଧକୁ ପେଟେଦେଇ ମହ ଦେଇ ଜମାଇ କରାଯିବା ଗାଢ଼ ବସାଦହି—1. Milk curdled in a basket made impervious by smearing it with paste.
Pāchhiā basādahi
पथियाकी दही

[ଦ୍ର—ପୁରୀ ଜଲ୍ଲା ମାଣିକପାଟଣାରେ ଏପର ଦହି କରାଯାଏ ।]

୨ । ବସାଦହିକୁ ପାଚିଆରେ ଅଜାଡ଼ ପାଚିଆର ଛିଦ୍ର ବାଟେ ତହିଁର ଜଳୀୟ ଅଂଶ ଝରଗଲେ ଯେଉଁ ଗାଢ଼ ଦହି ରହେ—2. Thick curd prepared by putting curd in a basket and letting the watery portion ooze out of it.

[ଦ୍ର—ଏପର ଦହି ହଟେଇଲ ଆଦ ଗଡ଼ଜାତରେ ଛଆର ହୁଏ; ଏମନ୍ତ କ, ଏ ଦହିକୁ କାଠଚିର ଠୋଲାରେ ରଖି ବହୁ ଦୂର ଦେଶକୁ ନିଆ ଯାଇପାରେ ।]

ପାଛୁ—ପ୍ରାଦେ (ମେଦନୀପୁର) ଅ (ଭୁଲ. ବ. ପାଛୁ)—ପଶ୍ଚାତ୍; ପଛରେ—
Pāchhu — After; behind

ପାଛୁଡ଼ା—ଦେ. ବି—[ସଂ. ପକ୍ଷପଟ; ପ୍ରା. ପଚ୍ଛଡ଼ (ହି. ଶବ୍ଦସାଗର); ସଂ ପ୍ରଚ୍ଛଦ. ଭୁଲ. ପା—ପାଛଡ଼ା]—୧ । ଉତ୍ତରୀୟ; ଗୁଦର; ବହିର୍ବାସ—1. Sheet; scarf.
Pāchhurḍā
ପାଛୁଡ଼ୁ, ପାଛୋଡ଼ା, ପାଛୋଡ଼ୁ } ଅନ୍ୟରୂପ
पाछड़ा पाछड़ी
पिछौरा

ପାଛୁଡ଼ାରେ ପୂରଇ ଅଣ୍ଟାରେ ବାନ୍ଧିଲେ,
କାନ୍ଦେ ଛଟା ଧର ସେ ଯାହା ଘରେ ଗଲେ । — କୃଷ୍ଣସିଂହ, ମହାଭାରତ ବନ ।

[ଦ୍ର—ଲୁଗାକୁ ପିନ୍ଧା ଓ ଗୁଦରକୁ ପାଛୁଡ଼ା କହନ୍ତି ।].

୨ । (ସଂ. ପ୍ରକ୍ଷୋଟନ + ଝାଡ଼ନ) ପାଛୁଡ଼ବା—2. Winnowing.
ପାଛୋଡ଼ା, ପାଛଡ଼ା, ପାଛୁଡ଼ୁ } ଅନ୍ୟରୂପ
पछोड़ना, फटकना

ଦେ. ବିଣ—କୁଲାଦ୍ୱାରା ପରଷ୍କୃତ ହୋଇଥିବା (ଶସ୍ୟାଦ)—Winnowed.

ପାଛୁଡ଼ବା—ଦେ. କ୍ରି—(ସଂ. ପ୍ର + ସ୍ଫୁଟ୍ ଧାତୁ; ପ୍ରକ୍ଷୋଟନ = ସୂର୍ପ ବା କୁଲା ଓ ସୂର୍ପଗ୍ଲନ)—କୁଲାଦ୍ୱାରା ଧାନ ଗୁଉଳ ଆଦରୁ ଭୁଷ ଓ ଆବର୍ଜନା ଆଦ ଦୂର କରବା—To winnow; to remove husks from grains with the help of the winnowing fan.
Pāchhurḍibā
(ପାଛୋଡ଼ବା—ଅନ୍ୟରୂପ)
पाछड़ा
फटकना, पाछोड़ना

ପ୍ରାଦେ. (ଗଞ୍ଜାମ)—କ୍ରି.—ବଳୁଆ ଯୁବକମାନେ ଶଗଡ଼ ଚକର ଭୁମ୍ବକୁ ତଳର ନାହି ପାଖେ ଲଗାଇ ରଖି ଶଗଡ଼ର ପହିକୁ ଦୁଇ ହାତରେ ଧର ଚକକୁ କୁଲା ପାଛୁଡ଼ବା ପର ଉପରକୁ ଓ ତଳକୁ ସଞ୍ଚାଳନ କର ବ୍ୟାୟାମ କରବା—To move the rim of a cart-wheel up and down with the hands like a winnowing fan by fixing its hub at one's navel.

ପାଛୋଟି ଆଣିବା—ଦେ. କ୍ରି.—ପାଛୋଟିବା—୨ (ଦେଖ)
Pāchhoṭi āṇibā — Pāchhoṭibā 2 (See)

ସମ୍ଭ୍ରାନ୍ତ ଶୀଳ୍ପ ପାଛୋଟି ଅଣନ୍ତି '
ଫକୀରମୋହନ ଛମାଣ ଅଠଗୁଣ୍ଠ ।

ପାଛୋଟି ଅସିବା—ଦେ. କ୍ରି—ଆଗନ୍ତୁକ ମାନନୀୟ ବ୍ୟକ୍ତି ନର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପୂର୍ବରୁ ତାଙ୍କୁ ସମ୍ମାନପ୍ରଦର୍ଶନାର୍ଥ ଖଣ୍ଡିଏଦୂରକୁ ଯାଇ ଭେଟିବା—To meet an honoured incomer at some distance before he arrives at a place.
Pāchhoṭi āsibā

ତୁମ୍ଭଙ୍କୁ ପାଛୋଟି ଅସୁଛନ୍ତି ବ ଅଦରେ—ମଧୁସୂଦନ କବତାବଳୀ ।

ପାଛୋଟି ଦେବା—ଦେ. କ୍ରି—ପାଛୋଟିବା—୧ (ଦେଖ)—
Pāchhoṭi debā — Pāchhoṭibā 1 (See)

ପାଛୋଟିବା—ଦେ. କ୍ରି.—(ସଂ. ପ୍ରତ୍ୟୁଦ୍ଗମନ; ପ୍ରତ୍ୟୁଦବ୍ରଜନ; ଭୁଲ. ସଂ. ପ୍ରସ୍ଥାପନ)—୧ । ବଳାଇ ଦେବା; ବଦାୟ ଦେବା ନମନ୍ତେ ବନ୍ଧୁ ବା ମାନ୍ୟ ବ୍ୟକ୍ତିଙ୍କ ସଙ୍ଗରେ କଚ୍ଛିଦୂର ବଳାଇ ଦେବାକୁ ଯିବା; ପାଛୋଟି ଯିବା—1. To accompany a departing honoured guest for some distance to see him off.
Pāchhoṭibā
आग बाड़ान

୨ । ଆଗନ୍ତୁକ ବନ୍ଧୁ ବା ମାନ୍ୟ ବ୍ୟକ୍ତି ଆପଣା ନକଟରେ ପହଞ୍ଚିବ ପୂର୍ବରୁ ଖଣ୍ଡିଏଦୂରକୁ ଯାଇ ତାଙ୍କୁ ସାଙ୍ଗେ ସାଙ୍ଗେ ଆଣିବା—2. To advance to some distance to meet an incoming honoured guest and accompany him to the destination.

ପାଛୋଟି ଖଣ୍ଡେ ଦୂର ଯାଇ, ସାଷ୍ଟାଙ୍ଗେ ଦଣ୍ଡବତ ହୋଇ ।
ଭୂପତ, ପ୍ରେମପଞ୍ଚାମୃତ ।

ପାଛୋଟି ଯିବା—ଦେ. କ୍ରି.—ପାଛୋଟିବା (ଦେଖ)
Pāchhoṭi jibā — Pāchhoṭibā (See)

ପାଛୋଟି ଯାଇ ଉତ୍ତଶଙ୍କି ସେ ଭେଟିଲେ ।
କୃଷ୍ଣସିଂହ. ମହାଭାରତ, ବନ ।

ପାଛୋଣି—ଦେ. ବି.—ଏକପ୍ରକାର ବାସନ (ନକେ)—
Pāchhoṇi — A kind of utensil.

ଗଡ଼ ସୁନାଗଡ଼ଅ ନାଲୁଅ ଟୋପ କମ,
କୁଡ଼ ବ କଂସା ଥାଳ ପାଛୋଣି ପଲମ—ପୀତାମ୍ବର. ନୃସିଂହପୁରାଣ ।

ପାଜ—ସଂ. ବି.—ବଳ (ଉଣାଦକୋଷ)—
Pāja — Strength.

ପାଜମ୍—ବୈଦେ. ବି.—ପାଉଁଜର (ଦେଖ)
Pājam — Pāuñjari (See)
ପାଁଜମ୍, ପାଜେମ୍, ପାଁଜେମ୍, ପାଜେବ୍, ପାଁଜେବ୍, ପାଁଜ(ଜ)ର, ପାଁଜୁର (ଡ଼) } ଅନ୍ୟରୂପ

ପାଜସ—ସଂ. ବି.—(ସଂ. ପଜ୍ ଧାତୁ = ଦୀପ୍ତି ପାଇବା + ଭାବ ଅସ)—
Pājasa

୧ । ଦୃଢ଼ତା; ବଳ—
1. Firmness; vigour; strength. (M. W.)

୨ । ଉଜ୍ଜ୍ୱଳତା—
2. Brightness; glitter; sheen. (M. W.)

୩ । ସ୍ୱର୍ଗ ଓ ମର୍ତ୍ତ୍ୟ—3. Heaven and earth (M. W.)

୪ । ଖାଦ୍ୟ ଦ୍ରବ୍ୟ—4. Food. (M. W.)

ପାଜସ୍ୟ—ସଂ. ବି. (ପାଜସ+ଯ)—୧ । ପ୍ରାଣୀର ପେଟ ଅଂଶ—
Pājasya 1. The region of the belly of an animal. (M. W.)

୨ । ଦେହର ପାର୍ଶ୍ୱ; କଡ଼ (ହ୍ନି. ଶ.)—
2. Flank; side of the body.

ପାଜାମା—ବୈଦେ. ବି.—(ଫା. ପାଯ୍‌ଜାମା)—୧ । ପାଇଜାମା (ଦେଖ)
Pājāmā 1. Pāijāmā (See)

ପୋଷାକ ବନ୍ଧଗଳା ଛିଟ ପାଜାମା ।
ଫକୀରମୋହନ. ଛମାଣଅଠଗୁଣ୍ଠ ।

୨ । (ଫା. ପାଁଜେବ)—ପାଉଁଜର (ଦେଖ)—
2. Pāuñjari (See)

ପାଜି—ଦେ. ବିଣ.—(ସଂ. ପାଯ୍ୟ=ନୀଚ; ଘୃଣ୍ୟ; ମ୍ଳାନ)—୧ । (ଗାଳିରେ
Pāji ବ୍ୟବହୃତ) ନୀଚ—1. Low; mean; vile.
पाजी **पाजी** ୨ । ଦୁଷ୍ଟ; ଖଳ—2. Wicked; wanton.

ମାଉ ପାଜି ମଙ୍କା ବଳ ରଙ୍କ କରିବାକୁ । ଜବହର୍ଯ୍ୟ. ସଙ୍ଗୀତ ।

୩ । ପରର ଅନଷ୍ଟକାରୀ ବ୍ୟକ୍ତି—
3. Bent on injuring others.

ପାଜିକ—ସଂ. ବି.—ଛଞ୍ଚାଣ—
Pājika Falcon (M. W.)

ପାଜିଖୋର୍—ଦେ. ବିଣ.—ପାଜି (ଦେଖ)
Pājikhor Pāji (See)

ପାଜିଗିରି—ବୈଦେ. ବି.—(ସଂ. ପାଯ୍ୟ+ଫା. ପ୍ରତ୍ୟୟ ଗିର)—
Pājigiri ୧ । ପାଜି ବା ନୀଚ ଲୋକର ବ୍ୟବହାର—
1. Meanness; vileness.

୨ । ଦୁଷ୍ଟତା; ଖଳତା—2. Wickedness.
पाजीपाना, পেজেমি **पाजीपन, पाजीगिरि**
[ପାଜିପଣ, ପାଜିପଣିଅ(ଆଁ)—ଅନ୍ୟରୂପ]

ପାଜିର୍—ବୈଦେ. ବି.—ପାଉଁଜର (ଦେଖ)
Pājiri Pāuñjari (See)

ପାଜୁ—ପ୍ରାଦେ. (ସିଂହଭୂମ) ବି.—(ଭୁଲ. ବ. ପାଉଁଜ୍)—ପାଗୁଳ;
Pāju ରୋମନ୍ଥ—Ruminating; chewing the cud.

ପାଞ୍ଚ୍—ପ୍ରାଦେ. (ସମ୍ବଲପୁର)— ବି. ଓ ବିଣ. (ସଂ. ପଞ୍ଚନ୍)—
Pānch ପଞ୍ଚ; ପାଞ୍ଚ—Five.

ପାଞ୍ଚ୍‌ପାଲି—ପ୍ରାଦେ. (ସମ୍ବଲପୁର) ବି.—ସଂ. ପଞ୍ଚପଲ୍ଲି)—ଗ୍ରାମସମୂହ;
Pānch-pāli ଗ୍ରାମପୁଞ୍ଜ—A union or number of villages.

ପାଞ୍ଚ—ଦେ. ବି. ଓ ବିଣ.—(ସଂ. ପଞ୍ଚନ୍)—ଚାରି ଅପେକ୍ଷା ଏକ ଅଧିକ—
Pāncha पाँच् **पाँच** Five.

ଗାର୍ହପତ୍ୟ, ଆହବନୀୟ ଦକ୍ଷିଣାଗ୍ନି,
ଆବସଥ୍ୟ, ଲୌକିକ ଏରୂପେ ପାଞ୍ଚ ଅଗ୍ନି । କୃଷ୍ଣସିଂହ. ମହାଭାରତ. ବନ ।

ଦେ. ବି.—(ସଂ. ବାଞ୍ଛା; ସଂ. ପଞ୍ଚ୍ ଧାତୁ=ବ୍ୟକ୍ତ କରିବା; ବିସ୍ତାର କରିବା)—୧ । ପୂର୍ବରୁ ଭାବନା; ଆଗତ ପାଞ୍ଚ;
पाँचा ଭବିଷ୍ୟତ୍ ପାଇଁ ବିଚାର—1. Forethought; thought for the future.
सोच, सोच विचार

୨ । ଭାବନା; ବିଚାର; ଚିନ୍ତା—2. Thought.

ମାତୃ ପିତୃ ଗୁରୁ ପ୍ରଭୁ ପ୍ରତଗ୍ରହେଣକୁ,
କଷ୍ଟେ ପାଳିବାକୁ ହେବ ନ କରି ପାଞ୍ଚକୁ—ତୁଳସୀ. ଦକ୍ଷମ ରାମାୟଣ ।

୩ । ପରାମର୍ଶ—3. Advice; consultation.

୪ । ଅନୁମାନ—4. Guess.

ପାଞ୍ଚରେ ଏବେ ଗ୍ରୁହବଣ; ପାଞ୍ଚସିନ୍ଧୁ ହେବ ଶେଷ ।
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୫ । କାମନା—5. Wish; desire.

पँच् **पंच** ୬ । ପଞ୍ଚସଂଖ୍ୟକ ଲୋକ; ପାଞ୍ଚଜଣ—6. Five persons.

କଥ ମୋ ଭଲକୁ; ଭୂଜଙ୍କ ପାଞ୍ଚ ପାଞ୍ଚ କହନ୍ତୁ । ଭକ୍ତ. ବୈଦେହୀଶବିଳାସ ।

୭ । ପଞ୍ଚାୟତ—7. A body of arbitrators.

୮ । ପଞ୍ଚାୟତ; ଆପୋଷି ମୀମାଂସା—8. Arbitration.

ଦେ. ବିଣ—ଅନେକ ସଂଖ୍ୟକ—Many.

ଦାଣ୍ଡ ମିଳିପରେ ପାଞ୍ଚ କଥା,
ପାଞ୍ଚ ମାଇପରେ ପାଞ୍ଚ କଥା । ଢଗ ।

ପାଞ୍ଚ ଅବକାଶ—ଦେ. ବି—ଦେବତାଙ୍କର ଯେଉଁ ୫ଟି ନିର୍ଦ୍ଦିଷ୍ଟ ସମୟରେ
Pāncha abakāśa ଏକ ବେଶ ପରିବର୍ତ୍ତନ ଓ ଅନ୍ୟ ବେଶଲାଗି ହେବା ସମୟରେ ଯାତ୍ରୀମାନଙ୍କ ଦର୍ଶନର ଅଭାବ ହେବା ଅବସ୍ଥା—
The five daily recesses of an idol (specially of the Diety Jagannātha at Puri).

ଜଗନ୍ନାଥ ପାଞ୍ଚ ଅବକାଶ ସ୍ୱେ ବହାସେ—ପ୍ରାଚୀ. ଗୁରୁଭକ୍ତି ଗୀତା ।
(ଅବକାଶ ତଳେ ଟୀକା ଦେଖ)

ପାଞ୍ଚ ଅଙ୍ଗୁଳିଆ—ଦେ. ବି. (ବୈଦ୍ୟକ)—ପାଞ୍ଚକୋଡ଼ମାଇ (ଦେଖ)—
Pāncha āngulia Pānchakordamāi (See).

[ଦ୍ର—ଏହାର ପତ୍ର ପାଞ୍ଚଟି ଆଙ୍ଗୁଠି ପରି ପଞ୍ଚଶିଖା ଯୁକ୍ତ । ଏହାର ମୂଳର ଚୂର୍ଣ୍ଣ ପ୍ରକ୍ଷେପ କଲେ ଉପଦଂଶ ବ୍ରଣ ଶୁଷ୍କ ହୁଏ । ଏହା ବିଷ—ଦ୍ରବ୍ୟଗୁଣ କଳ୍ପଦ୍ରୁମ ।]

ପାଞ୍ଚ ଉତ(ତ୍ତ)ର ଶଏ(ହେ)—ଦେ. ବି. ଓ ବିଣ. (ସଂଖ୍ୟାବାଚକ; ସଂ.
Pāncha uta(tta)ra śae(he) ପାଞ୍ଚୋତ୍ତରଶତ)—ଏକଶହପାଞ୍ଚ;
୧୦୫—One hundred and five

ନୀଚକର ପାଞ୍ଚ ଉତ୍ତରଶଏ ଭାଇ—କୃଷ୍ଣସିଂହ, ମହାଭାରତ ବସ୍ତ୍ର ।

ପାଞ୍ଚ କରିବା—ଦେ. କ୍ରି. (ସଂ. ପଞ୍ଚ୍ ଧାତୁ)—୧ । ଭାବିବା; ପାଞ୍ଚିବା—
Pāncha kariba 1. To think; to consider.
पाँचा
सोच

ତୁମ୍ଭ ପାଇଁ କାକା ପାଞ୍ଚ କରୁଅଛୁ ଏଥକୁ ହୁଅ ରତପର ।
ଗ୍ରାଚୀ, ଭକ୍ତମଞ୍ଜରୀ ।

୨ । ପରାମର୍ଶ କରିବା—2. To consult.

ପାଞ୍ଚ କାଣ୍ଡିଆ—ଦେ. ବିଣ—ଛଡ଼ା ଛଡ଼ା ହୋଇ ସ୍ଥାନେ ସ୍ଥାନେ
Pāncha kāndiā ଉତ୍ପନ୍ନଥିବା—
Growing sparsely; sparse.

(ଯଥା—ତା ଦେହ ଯାକ ପାଞ୍ଚକାଣ୍ଡିଆ ହୋଇ ବସନ୍ତ ବାହାରିଛି ।)

ପାଞ୍ଚ କୋଡ଼ମା(ମେ)ଇ(ଇଁ)—ଦେ. ବି. (ସଂ. ପଞ୍ଚ+କୁଷ୍ମାଣ୍ଡ)—
Pāncha kordamā(me)i(iñ) ଗହମ କାକୁଡ଼ି; ମହାକାଳ; ଏକଜାତୀୟ ବନ୍ୟଲତା—A kind of wild creeper;
Citrilus Colocynthis; colocynth.

ସଂ. ନାମ—ମହାକାଳ; ଇନ୍ଦ୍ରା-ବାରୁଣୀ, ଇନ୍ଦ୍ରାଣୀ
ମାକାଲ, ରାଖାଲ ଶସା
इन्द्रायन, इनारु
ପାଞ୍ଚକୋଡ଼ମ୍ବାଇ, ପାଞ୍ଚକୋଡ଼ମେଇଆ, ପାଞ୍ଚକୋଡ଼ମେଇ } ଅନ୍ୟରୂପ
[ଦ୍ର—ଏହା କୁଷ୍ମାଣ୍ଡାଦିବର୍ଗର ଦୀର୍ଘ ଲତାବିଶେଷ। ଏହା ବଡ଼ବଡ଼ ଗଛରେ ମାଡ଼େ। ପତ୍ର ପାଞ୍ଚ ଅଙ୍ଗୁଳପରି ପଞ୍ଚ ଶିଖାବିଶିଷ୍ଟ। ପତ୍ରର ପୃଷ୍ଠଭାଗ ଶ୍ୱେତ-ମ୍ଳାନ, ଫୁଲ ହଳଦିଆ। ପାଚିଲା ଫଳ ଖୁବ୍ ନାଲି। ବିଲ୍ଲ ଉଦରର ପଦାର୍ଥ କାଳିଆ ଓ ଗୋବରପରି।]

ପାଞ୍ଚଗଡ଼ିଆ ଚଷା—ପ୍ରାଦେ. (ଗଡ଼ଜାତ) ବି—ଶୂଦ୍ର ଜାତି ଚଷାଙ୍କ ଶାଖା-ବିଶେଷ—A class of Śūdras.
Pānchagardiā chashā

ପାଞ୍ଚଗୋଟିଆ—ଦେ. ବି—ଏକତ୍ର ସଂଲଗ୍ନ ପାଞ୍ଚଟି ଗୋଲକରେ ପ୍ରସ୍ତୁତ କର୍ଣ୍ଣାଭରଣବିଶେଷ—
Pānchagotiā
(ପାଞ୍ଚଗଣ୍ଟିଆ—ଅନ୍ୟରୂପ) A kind of earring consisting of 5 balls set together.

ମଲୁଦା ପାଞ୍ଚଗୋଟିଆ, ନାଏ ପୁତ୍ରଅ—ଗ୍ରାମ୍ୟ, ଇତିସଂଗ୍ରହ।

ପାଞ୍ଚଜଣଙ୍କ ଭିତରେ ବସିବା—ଦେ. କ୍ରି—ସମାଜରେ ସମ୍ଭ୍ରାନ୍ତ ବ୍ୟକ୍ତି ବୋଲି ପରିଗଣିତ ହେବା—To be counted as a respectable person in society.
Pānchajananka bhitare basibā
ପାଞ୍ଚରେ ବସିବା, ପାଞ୍ଚଜଣରେ ବସିବା } ଅନ୍ୟରୂପ

ଶାଶୁ ପରଗୁଣ, ପାଞ୍ଚରେ ବସେ—ଚଗ।

ପାଞ୍ଚଜନୀ—ସଂ. ବି. ସ୍ତ୍ରୀ. (ନାମ)—ପଞ୍ଚଜନ ନାମକ ପ୍ରଜାପତିଙ୍କର ଏକ କନ୍ୟା; ଅସିକ୍ନୀ—Name of a daughter of Panchajana, a progenitor of mankind.
Pānchajani

ପାଞ୍ଚଜନ୍ୟ—ସଂ. ବି. (ପଞ୍ଚଜନ=ହିରଣ୍ୟକଶିପୁର ପୌତ୍ର ସମୁଦ୍ରବାସୀ ତିମିରୂପ ଅସୁରବିଶେଷ+ଜାତାର୍ଥେ ଯ; ଏହି ଅସୁରର ଅସ୍ଥିରେ ନିର୍ମିତ ହୋଇଥିବାରୁ)—
Pānchajanya

୧। ଶ୍ରୀକୃଷ୍ଣଙ୍କ ଶଙ୍ଖର ନାମ—
1. Name of the conch blown by Srikrushna
[ଦ୍ର—ଶ୍ରୀକୃଷ୍ଣ ଯେଉଁ ସମୟରେ ତାଙ୍କ ଗୁରୁ ସାନ୍ଦୀପନି ମୁନିଙ୍କୁ ଗୁରୁଦକ୍ଷିଣା ଦେବା ପରିବର୍ତ୍ତରେ ତାଙ୍କର ହଜିଥିବା ପୁତ୍ରଙ୍କୁ ଉଦ୍ଧାର କରିବାପାଇଁ ସମୁଦ୍ରରେ ପ୍ରବେଶ କରିଥିଲେ ସେହି ସମୟରେ ପଞ୍ଚଜନ ନାମକ ଏକ ସମୁଦ୍ରବାସୀ ଅସୁରକୁ ମାରି ତାଙ୍କ ଗୁରୁପୁତ୍ରଙ୍କୁ ଛଡ଼ାଇ ଆଣିଥିଲେ ଓ ତାଠାରୁ ଏ ଶଙ୍ଖ ଆଣିଥିଲେ।]
୨। ଅଗ୍ନି (ମେଦିନୀ)—Fire
୩। ଏକପ୍ରକାର ମାଛ—3. A species of fish (M.W.).
୪। ଜମ୍ବୁଦ୍ୱୀପର ଆଠଟି ଉପଦ୍ୱୀପ ମଧ୍ୟରୁ ଏକ—
4. Name of one of the 8 peninsulas of the mythological island Jambu.

ପାଞ୍ଚଟା—ଦେ. ବିଣ. (ଅନାଦରାର୍ଥକ)—ପଞ୍ଚ ସଂଖ୍ୟକ—
Pānchatā पाँचटा पाँचठो Numbering five.
(ପାଞ୍ଚଟା, ପାଞ୍ଚୋଟା—ଅନ୍ୟରୂପ)
ଦେ. ବି—୧। ୫ ଗୋଟା; ସଂଖ୍ୟାରେ ପାଞ୍ଚ
(ପାଞ୍ଚଟି, ପାଞ୍ଚୁଟି, ପାଞ୍ଚୋଟି—ଆଦରାର୍ଥକରୂପ) 1. Five in number
୨। ଘଣ୍ଟାରେ ପାଞ୍ଚ ବାଜିବା ସମୟ—2. Five o'clock.

ପାଞ୍ଚଣ—ଦେ. ବି. (ସଂ. ପ୍ରାଜନ)—୧। ପାଚଣ (ଦେଖ)—
Pānchana 1. Pāchana (See).
(ପାଞ୍ଚଣ ବାଡ଼ି—ଅନ୍ୟରୂପ)
पाचन काँटा

ହସ୍ତେ ମାଡ଼ ପାଞ୍ଚଣ ବାଡ଼ି ଧରିଥିଲେ
ଖ୍ରୀଷ୍ଟଙ୍କୁ ମାରିବାକୁ ଉଦେଶି ଥାଇଁଲେ।
କୃଷ୍ଣସିଂହ, ମହାଭାରତ ଅଦ।

(ପାଞ୍ଚନ—ଅନ୍ୟରୂପ)
୨। (ସଂ. ପାଚନ)—ପାଚନ; କ୍ୱାଥ—2. Decoction.

ପାଞ୍ଚଣା—ଦେ. ବି—୧। ପାଞ୍ଚ ୧ ଠାରୁ ୫ (ଦେଖ)
Pānchanā 1. Pancha 1 to 5 (See)
পাঁচানা ଗ୍ରା. ବି. (ସଂ. ପଞ୍ଚ+ଆନକ)—ପାଞ୍ଚ ଅଣା—
पाँचआना Five annas.
[ଦ୍ର—ସଂସ୍କୃତ ସହିତ ନିସୃମ ଓଡ଼ିଆର ଦେଶଜ ଶବ୍ଦମାନଙ୍କ ପ୍ରତି ଖଣ୍ଟି ନ ଥିବାରୁ ପାଞ୍ଚ+ଅଣା=ପାଞ୍ଚଣା ହେଲା। ଏହିପରି ତୁଳନା କର ଆଠ+ଅଣା=ଆଠଣା; ଦଶ+ଅଣା=ଦଶଣା।]

ପାଞ୍ଚଦଶ—ସଂ. ବିଣ. (ପଞ୍ଚଦଶ+ସମ୍ବନ୍ଧାର୍ଥରେ. ଅ)—
Pāncha dasa ୧। ପଞ୍ଚଦଶ ସମ୍ବନ୍ଧୀୟ—
(ପାଞ୍ଚଦଶୀ—ସ୍ତ୍ରୀ) 1. Relating to the number fifteen
୨। ପଞ୍ଚଦଶୀ ତିଥି ସମ୍ବନ୍ଧୀୟ—
2. Relating to the 15th day of a lunar fortnight.
ଦେ. ବି. ଓ ବିଣ—ପାଞ୍ଚରୁ ଅଧିକ ଓ ଦଶରୁ ଅନଧିକ—
More than five and less than ten.

ପାଞ୍ଚଦଶ୍ୟ—ସଂ. ବି. (ପଞ୍ଚଦଶ+ସମାହାରାର୍ଥେ. ଯ)—
Pānchadasya ପନ୍ଦରର ସମାହାର—An aggregate or collection of fifteen (Apte)
ସଂ. ବିଣ—ପାଞ୍ଚଦଶ (ଦେଖ)—Pānchadasa (See).

ପାଞ୍ଚଧାର(ରା)—ଦେ. ବି—ଆଠମଲ୍ଲିକର ପର୍ବତବିଶେଷ—
Pānchadhāra(rā) Name of a hill in the Athmallik State of Orissa.
[ଦ୍ର—ଏହାର ଉଚ୍ଚତା ୨୧୪୮ ଫୁଟ।]

ପାଞ୍ଚ ନଖ—ସଂ. ବିଣ. (ପଞ୍ଚ ନଖ+ଅ)—
Pāncha nakha ପାଞ୍ଚ ନଖବିଶିଷ୍ଟ ଜନ୍ତୁର ଚମଡ଼ାରେ ନିର୍ମିତ—
Made of the skin of an animal with 5 claws. (M. W.)
ସଂ. ବି—ପାଞ୍ଚ ନଖବିଶିଷ୍ଟ ଜନ୍ତୁର ମାଂସ—
The flesh of an animal with five claws. (M. W.)

ପାଞ୍ଚ ନଖିଆ—ଦେ. ବିଣ. (ସଂ. ପଞ୍ଚ+ନଖ)—
Pāncha nakhiā ଯେଉଁ ଜୀବମାନଙ୍କର ପାଞ୍ଚଟି ଲେଖାଏଁ
(ପାଞ୍ଚ ନଖୀ—ଅନ୍ୟରୂପ) ନଖ ଅଛି—(animals) Having 5 claws.

ପାଞ୍ଚନଦ—ସଂ. ବିଣ. (ପଞ୍ଚନଦ+ଅ)—
Pānchanada ପଞ୍ଚନଦ ବା ପଞ୍ଜାବ ସମ୍ବନ୍ଧୀୟ—
(ପାଞ୍ଚନଦୀ—ସ୍ତ୍ରୀ) Relating to the Panjab.

ପାଞ୍ଚନବ—ଦେ. ବି ଓ ବିଣ. (ସଂ. ପଞ୍ଚନବତି)—ପଞ୍ଚାନବେ—
Pañchanaba Ninetyfive; 95.
ପାଞ୍ଚନବ କୋଟି ସେ ମୁଖ୍ୟ ବ୍ରାହ୍ମଣଙ୍କୁ
ବାନ୍ଧିଲେ ବୃନ୍ଦାବନ୍ଧୀ ଜୀବନ ନେବାକୁ । କୃଷ୍ଣସିଂହ, ମହାଭାରତ ସଭା ।

ପାଞ୍ଚନରି—ଦେ. ବିଣ. (ସଂ. ପଞ୍ଚ+ଲହରୀ)—
Pañchanari ପାଞ୍ଚଟି ସୂତ୍ର ବା ହାର ବିଶିଷ୍ଟ (ମାଳା)—
ପାଞ୍ଚନରୀ पचलड़ी Five-stringed (necklace).
[ପାଞ୍ଚ ନରିଆ, ପାଞ୍ଚଲରି, ପାଞ୍ଚ ଲରିଆ, ପାଞ୍ଚ ସରି(ସ୍ତି), ପାଞ୍ଚସରିଆ, ପାଞ୍ଚସୋବ୍, ପାଞ୍ଚ ସୋରିଆ—ଅନ୍ୟରୂପ]

ପାଞ୍ଚନା—ଦେ. ବି—ପାଞ୍ଚ ୧ ଠାରୁ ୫ (ଦେଖ)
Pañchanā Pāncha 1 to 5 (See)
ସେ ବନ୍ଧୁ ଉଠଲେ ମନ ପାଞ୍ଚନା ଅଗେଟେ ।
ପ୍ରାଚୀ. ବନ୍ଧୁନିରୂପଣ ଗୀତା ।

ପାଞ୍ଚ ପଚିଶ—ଦେ. ବି. (ସର୍ବଚର; ସଂ. ପଞ୍ଚନ୍; ପଞ୍ଚବିଂଶ)—
Pāncha pachisa ୧ । ସର୍ବସାଧାରଣ—1. The public;
पाँचपचिश पाँचपचिशों the general public.
(ପାଞ୍ଚ ପଚିଶି—ଅନ୍ୟରୂପ) (ଯଥା—ତାଙ୍କୁ ପାଞ୍ଚ ପଚିଶ ହସୁଛନ୍ତି ।)
ଦେ. ବି. ଓ ବିଣ (ସଂଖ୍ୟାବାଚକ)—
ବହୁ—Many.

ପାଞ୍ଚ ପାଞ୍ଚୁ—ଦେ. ବି—ପଞ୍ଚାୟତର ସଦସ୍ୟମାନେ—
Pañcha pañchu The members of a Panchayet or board of arbitrators.

ପାଞ୍ଚ ପାଦିକ—ସଂ. ବିଣ. (ପଞ୍ଚପାଦ+ଅସ୍ତ୍ୟର୍ଥେ. ଇକ)—
Pāñch pādika ୫ ପାଦ ଲମ୍ବା; ପାଞ୍ଚ ଫୁଟ ଲମ୍ବା—
Five feet long.

ପାଞ୍ଚପାହିଆ—ପ୍ରାଦେ. (ଯାଜପୁର) ବି—ପିଲାଙ୍କ ଖେଳବିଶେଷ—
Pāñcha pāhiā A kind of children's game.

ପାଞ୍ଚ ପୁତ୍ରୀ—ଦେ. ବି. ସ୍ତ୍ରୀ. (ସଂ. ପଞ୍ଚ+ପୁତ୍ର)—ପାଞ୍ଚ ପୁତ୍ରର ମାତା—
Pāñcha putri The mother of five sons.
ତୁମ୍ଭେ ପାଞ୍ଚ ପୁତ୍ରୀ ହୋଇଛ ସବୁ ବେଳେ ।
କୃଷ୍ଣସିଂହ, ମହାଭାରତ, ଉଦ୍‌ଯୋଗ ।

ପାଞ୍ଚ ବାତ୍ସରିକ—ସଂ. ବିଣ. (ପଞ୍ଚ ବତ୍ସର+ସମ୍ବନ୍ଧାର୍ଥରେ ଇକ)—
Pāñcha bātsarika ୧ । ପଞ୍ଚ ବର୍ଷୀୟ—1. Relating to
(ପାଞ୍ଚବାର୍ଷିକ—ଅନ୍ୟରୂପ) a period of five years.
ପାଞ୍ଚ ବାତ୍ସରିକୀ }
ପାଞ୍ଚ ବାର୍ଷିକୀ } ଅନ୍ୟରୂପ
୨ । ପାଞ୍ଚ ବର୍ଷ ଅନ୍ତରରେ ଘଟିବା—
1. Happening at interval of five years.
୨ । ଯାହାର ବୟସ ପାଞ୍ଚ ବରଷ—3. Aged five years.
୪ । ଯହିଁର ମିଆଦ ପାଞ୍ଚ ବର୍ଷ; ପାଞ୍ଚ ସାଲା—4. Which holds good for a period of five years.

ପାଞ୍ଚ ଭଙ୍ଗୁଣୀ—ଦେ. ବିଣ. (ସଂ. ପଞ୍ଚ+ଭଙ୍ଗ)—
Pāñcha bhañguni ୧ । ଯାହା ପାଞ୍ଚ ପରସ୍ତ କରି ଯାଇଅଛି—
ପାଞ୍ଚ ଭଙ୍ଗୁଣିଆ(ଆଁ)—ଅନ୍ୟରୂପ] 1. Folded into five
पचहरा folds or layers.
୨ । ଯେଉଁ ଦଉଡ଼ି ପାଞ୍ଚ ସର ସୂତାରେ ବଳା ହୋଇଅଛି—
2. Twisted with five strands.

ପାଞ୍ଚ ଭୌତିକ—ସଂ. ବିଣ. (ପଞ୍ଚଭୂତ+ସମ୍ବନ୍ଧାର୍ଥେ. ଇକ)—
Pāñcha bhautika ୧ । ପଞ୍ଚଭୂତ ସମ୍ବନ୍ଧୀୟ—
1. Relating to the five prime elements of nature.
ପାଞ୍ଚ ଭୌତିକ ଏ ଶରୀର
ଅଗ୍ନି ନର୍ଦ୍ଦେଶ ନଶ୍ୱରାଇ—ଜଗନ୍ନାଥ ଦାସଙ୍କ ।
୨ । ପଞ୍ଚଭୂତରୁ ଉତ୍ପନ୍ନ; ପାଞ୍ଚଭୂତରେ ନିର୍ମିତ—
2. Composed of the five elements of nature.
୩ । ଯହିଁରେ ପଞ୍ଚଭୂତ ଥାଏ—
3. Containing the five primary elements.
ସଂ. ବି—ଶରୀର; ଦେହ—The material body.

ପାଞ୍ଚମ—ଦେ. ବି—(ସଂ. ପାଦ ମଞ୍ଜରୀ)—ପାଉଜର (ଦେଖ)—
Pāñcham Pāujari (See)
(ପାଞ୍ଜଡ଼ି, ପାଞ୍ଜବ, ପାଞ୍ଜମ, ପାଞ୍ଜର—ଅନ୍ୟରୂପ)

ପାଞ୍ଚ ମଥା—ଦେ. ବି—(ସଂ. ପଞ୍ଚନ୍ ଓ ମସ୍ତକ)—ପଞ୍ଚମୁଖ; ପଞ୍ଚାନନ;
Pāñcha matha ମହାଦେବ; ଶିବ—Siba (the five-faced God.)
ପାଞ୍ଚ ମାଥ,
ପାଞ୍ଚ ମୁଣ୍ଡ
ପାଞ୍ଚ ମୁହିଁ
ପାଞ୍ଚ ମୁଖ } ଅନ୍ୟରୂପ
ଏକେ କର୍ଣ୍ଣ କଣ୍ଠାର ସେ ସେନ ପାଞ୍ଚ ମୁଣ୍ଡ—
ସାରଳା ମହାଭାରତ ବନ ।

ପାଞ୍ଚ ମିଶା—ଦେ. ବିଣ—(ସଂ. ପଞ୍ଚ+ମିଶ୍ରିତ)—ବହୁ ପଦାର୍ଥର ମିଶ୍ରଣରେ
Pāñcha misā ଜାତ—Consisting of many things
पाँच मिशाली पच मेल mixed together.
(ପାଞ୍ଚ ମିଶାଣ, ପାଞ୍ଚ ମିଶାଳ, ପାଞ୍ଚ ମେଳ—ଅନ୍ୟରୂପ)

ପାଞ୍ଚ ମିଶାଳି ଶାଗ—ପ୍ରାଦେ. (ବାଲେଶ୍ୱର) ବି—ନାନାପ୍ରକାର ଶାଗ ପତ୍ର
Pāñcha misāli sāga ପ୍ରଭୃତି ମିଶାଇଲେ ଯାହା ହୁଏ—
Pot herbs or kitchen-herbs consisting of the leaves of many plants.
[ଦ୍ର—ସାଧାରଣତଃ ଗରିବ ଲୋକ ଏହାକୁ ଖାଆନ୍ତି ।]

ପାଞ୍ଚ ରଙ୍ଗା—ଦେ. ବିଣ—(ସଂ. ପଞ୍ଚ+ରଙ୍ଗ)—ଚିତ୍ରବିଚିତ୍ର; ବହୁ ରଙ୍ଗ
Pāñcha rangā ବିଶିଷ୍ଟ—Multicoloured; variegated
পাঁচরাংগা पचरंगा (ପାଞ୍ଚରଙ୍ଗି; ପାଞ୍ଚ ରଙ୍ଗିଆ—ଅନ୍ୟରୂପ)

ପାଞ୍ଚରେ ବସିବା—ଦେ. କ୍ରି—୧ । ଭଦ୍ର ସମାଜରେ ଜଣେ ବୋଲି ଗଣ୍ୟ
Pāñchare basibā ହେବା—1. To be counted as a
পাঁচেবসা पाँचोंमेंबैठना respectable person in society.
୨ । ପଞ୍ଚାୟତ ସଭାର ଜଣେ ସଭ୍ୟ ହେବା—
2. To be a member of a board of arbitrators.

ପାଞ୍ଚଲ ପାଣ୍ଡୁ—ପ୍ରାଦେ. (ଗଞ୍ଜାମ) ବି—ବାଟି ଖେଳର ୫ମ ଆଘାତ—
Pāñchalā pāndu The 5th stroke in the game of marbles.

ପାଞ୍ଚଳିକା—ସଂ. ବି—(ପଞ୍ଚାଲ+ଇକ ସ୍ତ୍ରୀ. ଆ)—ବସ୍ତ୍ରାଦି ନିର୍ମିତ
Pāñchalikā କଣ୍ଢେଇ—A doll made of cloth.
(ପାଞ୍ଚାଳିକା—ଅନ୍ୟରୂପ)

ପାଞ୍ଚଶାବ୍ଦିକ— ସଂ.ବି —(ପଞ୍ଚନ୍=ପାଞ୍ଚ+ଶବ୍ଦ=ଧ୍ୱନି+ଜାତ୍ୟର୍ଥେ. ଇକ)
Pañchasābdika ୧ । ପଞ୍ଚପ୍ରକାର ବାଦ୍ୟ—1. Five kinds of musical instruments

[ଦ୍ର—ଅଙ୍ଗଜ (ଯଥା—କରତାଳ; ମୁଖବାଦ୍ୟ) । ଚର୍ମଜ (ଯଥା—ଢୋଲ) । ତନ୍ତ୍ରଜ (ଯଥା—ବୀଣା; ସୀତାର) । କାଂସ୍ୟଜ (ଯଥା—ଝାଞ୍ଜ; ଘଣ୍ଟା) । ଫୁତ୍କୃତ (ଯଥା—ଶଙ୍ଖ; ଭୁରୀ; ବଂଶୀ) । ଏହି ପଞ୍ଚ ପ୍ରକାର ବାଦ୍ୟ । ସ୍କନ୍ଦ ପୁରାଣ—ରେବାଖଣ୍ଡ]

୨ । ନାନା ବାଦ୍ୟଯନ୍ତ୍ର—
2. Musical instruments in general. (Apte)

ପାଞ୍ଚାଳ— ସଂ. ବି—(ପଞ୍ଚାଳ=ଦେଶ ବିଶେଷ+ସ୍ୱାର୍ଥେ. ଅ)—୧ । ପଞ୍ଚାଳ
Pañchāḷa ଦେଶର ରାଜା—1. The king of the
(ପାଞ୍ଚାଳକ—ଅନ୍ୟରୂପ) Pañchāḷas.

୩ । ବଢ଼େଇ, ତନ୍ତୀ, ଭଣ୍ଡାରୀ, ଧୋବା ଓ ମୋଚି ଏହି ପାଞ୍ଚ ଜାତିଙ୍କର ପାଞ୍ଚକ ବା ସାମାଜିକ ସଙ୍ଘ ବା ସମୁଦାୟ (ହି. ଶ.)
3. An association of five caste-guilds; (viz, carpenters, weavers, barbers, washermen and shoe makers). (Apte)

(ପାଞ୍ଚାଳୀ—ସ୍ତ୍ରୀ) ସଂ. ବିଣ; (ପଞ୍ଚାଳ+ସମ୍ବନ୍ଧାର୍ଥେ. ଅ)—ପଞ୍ଚାଳ ଦେଶୋଦ୍ଭବ; ପଞ୍ଚାଳ ଦେଶୀୟ—Relating to the country of the Pañchāḷas.

ପାଞ୍ଚାଳୀ—ସଂ. ବି. ସ୍ତ୍ରୀ—(ପଞ୍ଚାଳ+ନିବାସ ବା ଅପତ୍ୟାର୍ଥେ. ଅ+ସ୍ତ୍ରୀ. ଈ)
Pañchāḷī ୧ । ପଞ୍ଚାଳ ଦେଶର ନାରୀ ବା ରାଜକୁମାରୀ—
1. A woman or princess of the Pañchāḷas.

୨ । ଦ୍ରୌପଦୀ—2. A name of Draupadī.

୩ । ପୁତ୍ତଳିକା; କଣ୍ଢେଇ—3. Doll; puppet.

୪ । ସାହିତ୍ୟରେ ଏକପ୍ରକାର ବାକ୍ୟ ରଚନା ପ୍ରଣାଳୀ—
4. A kind of literary compostion.

[ଦ୍ର—ଏଥିରେ ବଡ଼ ବଡ଼ ପାଞ୍ଚ ବା ଛଅ ସମାସଯୁକ୍ତ କାନ୍ତିପୂର୍ଣ୍ଣ ପଦାବଳୀ ସନ୍ନିବେଶିତ ହୋଇଥାଏ । ସୁକୁମାର ଓ ମଧୁର ବର୍ଣ୍ଣନାରେ ଏ ରଚନା ବ୍ୟବହୃତ ହୁଏ । ଗୌଡ଼ୀ ଓ ବୈଦର୍ଭୀ ବୃତ୍ତିର ସମ୍ମିଶ୍ରଣକୁ ମଧ୍ୟ କେହି କେହି ପାଞ୍ଚାଳୀ କହନ୍ତି—ହି. ଶ]

୫ । ସଙ୍ଗୀତରେ ସ୍ୱର ସାଧନର ପ୍ରଣାଳୀବିଶେଷ—
5 A mode of musical exercise.

[ଦ୍ର—ଆରୋହୀ ଯଥା—ସାରେ ସାରେ ଗା; ରେଗା ରେଗାମା; ଗାମା ଗାମା ପା; ମାପା ମାପାଧା; ପାଧା ପାଧାନି; ଧାନି ଧାନିସା—
ଅବରୋହୀ ଯଥା—ସାନି ସାନିଧା; ନିଧା ନିଧାପା; ଧାପା ଧାପାମା; ପାମା ପାମାଗା; ମାଗା ମାଗାରେ; ଗାରେ ଗାରେସା—ହି. ଶ]

୬ । ଏକ ପ୍ରକାର ପିତ୍ତଳ (ହି. ଶ.)—
6. A kind of brass.

ପାଞ୍ଚି—ଦେ. ବି—୧ । ବିବାହ ବେଦୀରେ ବରର ପିନ୍ଧିବା ହଳଦିଆ ବା
Pāñchi ନାଲି ଧଡ଼ିଆ ଲୁଗା ଯୋଡ଼—1. A kind of
फेंटा bordered cloth worn by the bridegroon during marriage.

ଗୋଡ଼ ତଳକୁ ସେଣ ପଡ଼ଇଛି ପାଞ୍ଚି ।
ଓଡା ହେବ ବୋଲି ତା ଟେକିଲେ ସେ ପାଞ୍ଚି—କୃଷ୍ଣସିଂହ. ମହାଭାରତ. ସଭା ।

[ଦ୍ର—ବିବାହ ବେଦୀରେ କନ୍ୟା ପିନ୍ଧିବା ଶାଢ଼ୀକୁ ବଉଳପାଟ ବା ବଉଳ ପାଟ ବୋଲାଯାଏ; ପାଞ୍ଚି ଓ ବଉଳପାଟର ଅଗ୍ରଭାଗ ବେଦୀରେ ବିବାହ ବେଳେ ପରସ୍ପର ସଙ୍ଗେ ଗଣ୍ଠି ହୁଏ ।]

୨ । ବ୍ରତ ବେଦୀରେ ପିନ୍ଧା ଯିବା ଲୁଗା ଯୋଡ଼—
3. A pair of cloths worn by a boy at the investiture of the sacred thread.

ପ୍ରାଦେ. (ସମ୍ବଲପୁର) ବି—(ସଂ୍ଭବତଃ ଏହାର ଲମ୍ବ ପାଞ୍ଚହାତ ଥିବାରୁ)—ଛୋଟ ଗାମୁଛା—Small napkin.

ପାଞ୍ଚିବା—ଦେ. କ୍ରି—(ସଂ. ବାଞ୍ଛା)—୧ । ଇଚ୍ଛା କରିବା; କାମନା
Pāñchibā କରିବା—1. To wish; to desire.
पाँचा ମୋହପର ପାଞ୍ଚି ଅଛ ଯେ ମଂ ବାଞ୍ଛା ଭକ୍ତିନି ନିଚୟ ରଚନାକୁ ।
सोँचना ବିଦଗ୍ଧ; ସଙ୍ଗୀତ ।

୨ । ଭାବିବା; ଚିନ୍ତା କରିବା—2. To think.
ଧରିବା ପର ପାଞ୍ଚି ପଡ଼େ ଲକ୍ଷ ହୋଇ । କୃଷ୍ଣସିଂହ, ମହାଭାରତ ବନ ।

୩ । ଅନୁମାନ କରିବା—3. To guess.
କରିଛି ଏହା ବହୁ ବୋଲି ସେ ପାଞ୍ଚିଲେ । କୃଷ୍ଣସିଂହ. ମହାଭାରତ ବନ ।

୪ । ପରାମର୍ଶ କରିବା—4. To consult.

୫ । କଳ୍ପନା କରିବା—5. To imagine.
ସୁମ ଶୀ-ଚନ୍ଦ୍ରମ-ମୁଖ ଦେଖି ମୁଖୁ
ମାନସ ଏସନ ପାଞ୍ଚେ । ରାଧାନାଥ, ଯଯାତି ।

୬ । ଆଲୋଚନା କରିବା; ବିଚାର କରିବା—
6. To consider the pros and cons of a matter

୭ । ସ୍ଥିର କରିବା; ସଙ୍କଳ୍ପ କରିବା—
7. To settle; to resolve.
ଶଲ୍ୟ ପାଣ୍ଡୁସୁତଙ୍କୁ ପାଞ୍ଚି ପାଞ୍ଚି ଚାହିଁ
ଚଳିଲେ ଧନୁର୍ଗୁଣ ମଧ୍ୟ ସେ ଅମର୍ଷ । କୃଷ୍ଣସିଂହ, ମହାଭାରତ ଶଲ୍ୟ ।

୮ । ପୂର୍ବରୁ କୌଣସି ବିଷୟ ବିଚାର କରିବା ବା ସ୍ଥିର କରିବା—
8. To think or decide about a matter beforehand; to premeditate.

ପାଞ୍ଚୁଟା—ଦେ. ବି ଓ ବିଣ. (ଅନାଦରାର୍ଥକ)—ପାଞ୍ଚ ଗୋଟା—
Pāñchuṭa पाँचटा, पाँचटे **पाँचठा** Five.
(ପାଞ୍ଚୋଟା—ଅନ୍ୟରୂପ) (ପାଞ୍ଚୁଟି, ପାଞ୍ଚୋଟି—ଆଦରାର୍ଥକ ରୂପ)

ପାଞ୍ଚୁଣି—ଦେ. ବି. (ସଂ. ବାଞ୍ଛା)—ପାଞ୍ଚି ୧ଠାରୁ ୫ (ଦେଖ)
Pāñchuṇi Pāñcha 1 to 5 (See)
(ପାଞ୍ଚେଣି—ଅନ୍ୟରୂପ) ଗରୁଡ଼ ପାଞ୍ଚଣି ଯାକ ଜାଣିଲେ ନୃସିଂହ ।
ପୀତାମ୍ବର, ନୃସିଂହପୁରାଣ ।
ମନେ ମନେ ପାଞ୍ଚେଣି କରନ୍ତି ପଦ୍ମନାଭ । ସାରଳା, ମହାଭାରତ ସଭା ।

ପାଞ୍ଚେହେଁ—ଦେ. ବି. (ସଂ. ପଞ୍ଚହି)—ପାଞ୍ଚଜଣଯାକ—
Pañchehen All the five.
पाँचजनाई ଯେତେକେ ସେ ଅଛ ମହିଁ ଦେଲଇ ନିବାସ
पाँचोँहि ପାଞ୍ଚେହେଁ ପ୍ରଧାନ ହୁଅ ତ୍ରିଦଶକୁମାର ।
ସାରଳା, ମହାଭାରତ ଆଦ୍ୟ.

ପାଞ୍ଜଡ଼(ଢ଼)—ଦେ. ବି—୧ । ପଇଞ୍ଜି (ଦେଖ)
Pāñjaṛa(ṛhi) 1. Paiñji (See)

୨ । ପାଉଁଜର (ଦେଖ)—2. Pāuñjari (See)

ପାଞ୍ଜବ(ମ)—ବେଦେ. ବ—ପାଉଁଜର (ଦେଖ)
Pāñjaba(ma) Pāuñjari (See)

ପାଞ୍ଜି—ଦେ. ବ. (ସ. ପଞ୍ଜିକା)—୧ । ପଞ୍ଜିକା; ଦିନାଦି ପାଞ୍ଜି; ମାସ,
Pāñji ତିଥି, ବାର ନକ୍ଷତ୍ର ଆଦି ଜ୍ଞାପକ ଜ୍ୟୋତିଷ ଗ୍ରନ୍ଥ—
पाँजि 1. Almanac; calendar.
पत्रा, पंचांग, पंजी ୨ । ତାଳପତ୍ରରେ ଲିଖିତ ହିସାବ—
2. Accounts written on palm-leaf.

ମନ୍ତ୍ର ଜାଣଁ ଏଥ ବାହୁଷ ଖାଦଗର
ଚଣିଲେ ଲେଖି ତା କରଣେ ପାଞ୍ଜିରୁହି । କୃଷ୍ଣସିଂହ, ମହାଭାରତ ବନ ।

୩ । ହିସାବ ଲେଖା ହୋଇଥିବା ତାଳପତ୍ର—
3. Palm-leaves on which accounts are written.

[ଦ୍ର—ଯେଉଁ ତାଳପତ୍ରମାନଙ୍କରେ ହିସାବ ଲେଖାଯାଏ ତାହା ଗ୍ରନ୍ଥ ଲେଖାଯିବା ତାଳପତ୍ରମାନଙ୍କ ଅପେକ୍ଷା ବେଶି ଲମ୍ବା । ଗ୍ରନ୍ଥ ଲେଖାଯିବା ତାଳପତ୍ରମାନ ଫାଳ ଫାଳ କରାଯାଇ ପ୍ରତ୍ୟେକ ପୃଷ୍ଠାର ମଝିରେ ଛିଦ୍ର କରାଯାଇ ଛିଦ୍ରମଧ୍ୟରେ ସୂତା ଗଳାଯାଇ ପୃଷ୍ଠାମାନଙ୍କ ସଂଯୋଗରେ 'ପୋଥି' ହୁଏ; କିନ୍ତୁ ହିସାବପତ୍ର ଲେଖାଯିବା ତାଳପତ୍ରମାନ ଗୋଟା ଗୋଟା ରଖାଯାଇ ତାହାର ମୂଳପାଖମାନ ଏକତ୍ର ତାଳପତ୍ରର ମଞ୍ଜୁଆରେ ବନ୍ଧାଯାଏ ଓ ପ୍ରତି ତାଳପତ୍ରର ଅଗପାଖ ଫାଳ କରାଯାଏ । ଓଡ଼ିଶାରେ ପୂର୍ବେ ଜମିଦାରି ହିସାବ ପତ୍ର ଓ ଜମିମାପ ଇତ୍ୟାଦିମାନ ପାଞ୍ଜିରେ ଲେଖାଯାଉ ଥିଲା ଓ ଅନେକ ପୁରୁଣା ଜମିଦାରଙ୍କ ଘରେ ପାଞ୍ଜିବିଡ଼ାମାନ ଅବଶ୍ୟ ସଞ୍ଚିତ ହୋଇ ରହିଅଛି । ଅନେକ ଗୁଡ଼ିଏ ପାଞ୍ଜି ବିଡ଼ାକୁ ମୃଦଙ୍ଗାକାର କରି ବନ୍ଧା ଯାଉଥିଲା । ଆଜକାଲି କାଗଜ କଲମର ବହୁଳ ବ୍ୟବହାର ଯୋଗୁଁ ତାଳପତ୍ର ଓ ଲେଖନର ବ୍ୟବହାର ଲୋପ ହୋଇଅଛି; କାଗଜ ଅପେକ୍ଷା ତାଳପତ୍ର ବହୁକାଳ ସ୍ଥାୟୀ ହେଉଥିଲା ।]

୪ । ଯମରାଜାଙ୍କ ମହାଫିସ୍‌ଖାନାରେ ରକ୍ଷିତ ଚିତ୍ରଗୁପ୍ତଙ୍କ ସଙ୍କଳିତ ମନୁଷ୍ୟଙ୍କର ପାପପୁଣ୍ୟର ତାଲିକା—4. The record of the pious and sinful acts of persons, said to be maintained by Chitragupta in the record-room of Jama.

[ଦ୍ର—ମନୁଷ୍ୟର ଆତ୍ମା ମୃତ୍ୟୁପରେ ଯମଭୁବନକୁ ଗଲେ ସେଠାରେ ଚିତ୍ରଗୁପ୍ତ ଏହି ପାଞ୍ଜି ଦେଖି ତାହାର ଦଣ୍ଡ ବା ପୁରସ୍କାର ବିଷୟ ଯମରାଜାଙ୍କ ସମ୍ମୁଖରେ ପେଶ୍ କରନ୍ତି ।]

ପାଞ୍ଜିଆ—ଦେ. ବ. (ସ. ପଂଜୀକାର)—୧ । ଯେ ପାଞ୍ଜି ଧରି ଦିନ, ବାର
Pāñjiā ଆଦି କହେ; ନାହାକ; ଜଉତିଷ—1. An astrologer.
पंजियार ୨ । ଯେ ରାଜାଙ୍କର ହିସାବପତ୍ର ରଖେ—
2. A Raja's accountant.

ସଙ୍ଗେ ସଙ୍ଗେ ଅସୁଚନ୍ଦ୍ର ବ୍ୟବହାରିଜନ
କରଣ, ପାଞ୍ଜିଆ, ସାକ୍ଷୀ, ପଦାତକ ଆଦି । ଜଗନ୍ନାଥ, ମହାଯାତ୍ରା ।

ପାଞ୍ଜିଆ ପଟ୍ଟନାୟକ—ଦେ. ବ—କରଣଙ୍କ ରାଜଦତ୍ତ ଉପାଧିବିଶେଷ—
Pāñjiā paṭṭanāyaka A title given to Karaṇas by Rajas.

ପାଞ୍ଜି କହିବା—ଦେ. କ୍ରି.—(ଜ୍ୟୋତିଷ) ଦିନାଦି ପାଞ୍ଜିରୁ ତିଥି, ବାର,
Pāñji kahibā ନକ୍ଷତ୍ର ଆଦି ପାଠ କରିବା—(an astrologer)
पाँजीबला To read out the contents of an
पंचांग फलकहना almanac.

[ଦ୍ର—ପୂର୍ବେ ରାଜା ଓ ଧନୀମାନଙ୍କ ନିକଟରେ ପ୍ରତିଦିନ ସକାଳେ ଜ୍ୟୋତିଷ ଆସି ସେଦିନର ପାଞ୍ଜି କହି ଯାଉଥିଲେ । ଦୋଳପୂର୍ଣ୍ଣିମା ଦିନ ଦୋଳବେଦୀରେ ଦେବପ୍ରତିମାଙ୍କ ଆଗରେ ଗଣକ ଆଗାମୀ ବର୍ଷର ପାଞ୍ଜିରେ ଲେଖାଥିବା ବିଷୟମାନ ପାଠ କରନ୍ତି ।]

ପାଞ୍ଜିକାର—ଦେ. ବ. (ସ. ପଞ୍ଜିକାକାର)—ପଞ୍ଜିକା ସଙ୍କଳୟିତା—
Pāñjikāra The compiler of an almanac.

ପାଞ୍ଜି ପତର—ଦେ. ବ. (ଅନର୍ଥକ ୨ୟ ସହଚର ଶବ୍ଦ)—
Pāñji patara ତାଳ ପତ୍ରରେ ଲିଖିତ ହିସାବ ପତ୍ରମାନ—
पाँजीपुथि Accounts written on palm leaf.
पंजीपत्र (ପାଞ୍ଜି ପତ୍ର, ପାଞ୍ଜି ପୋଥି—ଅନ୍ୟରୂପ)

କାଅଁ ମାହାନ୍ତି, ଗାଅଁ ମାହାନ୍ତି
ମାହାନ୍ତିଙ୍କ ପାଖେ ଥାଇ ମାହାନ୍ତି
ପାଞ୍ଜି ପତର ତୋହ ମାହାନ୍ତି—ଢଗ ।

ପାଞ୍ଜି ବିଡ଼ା—ଦେ. ବ—ହିସାବ ପତ୍ର ବା ପଞ୍ଜିକା ଲେଖାଥିବା ତାଳ ପତ୍ରର
Pāñji birḍā ଗୋଛା—A number of written palm-
पांजी पुंथी leaves tagged into a bundle at the
पंजीपोथि left corner.

ପାଟ୍—ବୈଦେ. ବ. (ଇଂ. Part, ପାର୍ଟ)—
Pāṭ ୧ । ପୁସ୍ତକର ଅଂଶ ବା ଖଣ୍ଡ—
पार्ट 1. Part or volume of a book.
पार्ट ୨ । ନାଟକାଭିନୟରେ କେଉଁ ବିଶେଷଙ୍କ ପ୍ରତି ଭାର ଦିଆଯାଇଥିବା ନାଟକୀୟ ବ୍ୟକ୍ତିଙ୍କ ଭାଗ—2. The part taken by an actor in a dramatic performance.
पाँट ୩ । (ଇଂ. ପଟ) ସାହେବମାନଙ୍କର ଝାଡ଼ା ଫେରିବା କମୋଡ଼ରେ
पाट ଥିବା କୁଣ୍ଡ—3. Commode-pot.
ପ୍ରାଦେ. ୧ । (ସମ୍ବଲପୁର) ବ. (ସ. ପଟ୍ଟ)—
ପାଟ; ରେଶମ—1. Silk.
୨ । (କଳାହାଣ୍ଡି) ବ—ଡୁ ଡୁ ଆଦି ଖେଳର ଘାର; ପାହୁ—
2. The boundary line drawn between the two parties of players in the game of Dudu.

ପାଟ୍‌ଶୁଣ୍ଟି—ପ୍ରାଦେ. (ସମ୍ବଲପୁର) ବ—ପିଠକାଳା;
Pāṭ-śunṭi ଲଙ୍ଗଳ ଓ ଇଷକୁ ଯୋଗ କରିବା ଲାଗି ଖିଲ—
The wooden pin which tightens the plough with the shaft.

ପାଟ୍‌ଜୁଷି—ଗ୍ରା. ବ—ପାଟଜୋଷି (ଦେଖ)
Pāṭ-jushi Pāṭajoshi (See)
(ପାଟଜୋଷି, ପାଟ୍‌ଜୁଷି, ପାଟ୍‌ଦୋଷି—ଅନ୍ୟରୂପ)

ପାଟ୍‌ନା(ଣା)—ଦେ. ବ—ପାଟଣା (ଦେଖ)
Pāṭ-nā(ṇā) Pāṭaṇā (See)

ପାଟନା(ନେ)ଇ—ଦେ. ବଣ—ପାଟଣେଇ (ଦେଖ)
Pāṭ-nā(ne)i Pāṭanei (See)

ପାଟ୍ନି—ପ୍ରାଦେ. (ସମ୍ବଲପୁର) ବ. (ତୁଲ. ହି. ପାଟନ)—କୋଠାର କାଠ-
Pāṭ-ni Timber of a building.

ପାଟ୍ ପନଆଁ—ପ୍ରାଦେ. (ସମ୍ବଲପୁର) ବ. (ହି. ନାମ ଫନଗା)—କଙ୍କି-
Pāṭ-paniān The dragon fly.
(ପାଟ୍ ପନହାଁ—ଅନ୍ୟରୂପ)

ପାଟ୍ ସାହାଲି—ପ୍ରାଦେ. (ବସ୍ତର) ବ—ହରଗୌରୀ ଫୁଲ—
Pāṭ-sāhāli The common Balsam flower.

ପାଟ—ଦେ. ବ. (ସଂ. ପଟ୍ଟ)—୧ । କୌଷେୟ ବସ୍ତ୍ର—
Pāṭa রেসম পাট रेसम, पाट 1. Silk cloth.
পাট ୨ । କସ୍ତା; ନାଲ ବା ଅନ୍ୟ ରଙ୍ଗର ସୂତା—
पाट 2. Red or other coloured cotton yarn.
୩ । ରାଜ ସିଂହାସନ—3. Throne.

ମଥରେ ସ୍ୱରେ ଧର୍ମ ରହେ
ଛାଡିଲେ ବୁରେସେନ ପାଟ । ଜଗନ୍ନାଥ, ଭାଗବତ ।

୪ । ପ୍ରଶସ୍ତ ଭୂଖଣ୍ଡ—
4. An extensive piece of land.

ଦେଖିଲା ଜମିର ନଜ ଭଳ୍ୟ ପାଟ । ଗଥାନାଥ, ନନ୍ଦକେଶ୍ୱର ।

জলাভূমি ୫ । ଖାଲୁଆ ଓ ସର୍ବଦା ପାଣି ଜମିଥିବା ଜମି; ଜଳାଭୂମି-
दलदल 5. Fen; low and unproductive land; bog; marsh; swamp.
[ଦ୍ର—ଏଥିରେ ରବଣା ଆଦ ଧାନର ଫସଲ ଭଲ ହୁଏ ।]
୬ । ଏକ ପୁରୁଷ—6. Generation.
(ଯଥା—ଆମ ପାଞ୍ଚ ପାଟରେ କେହି ଶିକ୍ଷିତ ନ ଥିଲେ)
୭ । ସାନ ହ୍ରଦ—7. Small lake.
୮ । ରାଜବଂଶ (ମାଦଳା ପାଞ୍ଜି)—
8. Royal family.
୯ । ପ୍ରଭୁ; ରକ୍ଷକ; ରାଜା; ଅଧିକାରୀ; ମାଲିକ—
9. King; master; protector; owner.

କନକାବତୀ ଏବେ ହୋଇଲା ଅଣପାଟ,
ମୃତ୍ୟୁର ମଳରୁ ଭାଳକ ସବୁ ଲାଟ । ପୀତାମ୍ବର, ନୃସିଂହପୁରାଣ ।

୧୦ । ଗୋବରା ଚଢ଼େଇ ପେଟତଳେ ଥିବା ନାଲି ଓ ଚକ୍କଣ ରୋମ-
10. The red feathers in the belly of a Gobarā bird.

ଗୋବର ଚଢ଼େଇକ ପାଟ ଉପୁଡ଼ାଇ,
ଗଡ଼ଦେବା ପଲେସ୍ୱେ ହୋଇଛ ତ ମୂହିଁ । କୃଷ୍ଣସିଂହ, ମହାଭାରତ କର୍ଣ ।

୧୧ । ସମୂହ—11. Collection; multitude.

ଝଣ୍ଣିଲଭ ପଦ୍ମପାଟ ନଜେ କୁରୁଥାଇ,
ଝଣ୍ଣି କନ୍ତ ଅତ୍ତାର ଅଣିଲେ ବୋଯାଇ ।

୧୨ । (ସ୍ତ୍ରୀ) ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—
12. A name given to females.
পাট ୧୩ । (ବଙ୍ଗଳାର ଝୋଟ କଳରେ କୁଲିକାମ କରିବାକୁ ଯାଇ
पाट ଦେଶକୁ ଦେଶକୁ ଫେରି ଆସିବା ଓଡ଼ିଆମାନଙ୍କ ବ୍ୟବହୃତ)—
ଝୋଟ—13. Jute.
୧୪ । ଚଉଡ଼ାଇ; ପ୍ରସ୍ଥ—14. Breadth; width.
ପ୍ରାଦେ—୧ । (ଗଞ୍ଜାମ)—ବ—ପଣାସଂକ୍ରାନ୍ତିରେ ଦଣ୍ଡୁଆରି-
ମାନେ ଉପରେ ଚାଲିଯିବା ପାଇଁ ଭୂମିରେ ଜଳାଯିବା ନିଆଁ ବା ବିଛାଯିବା କଣ୍ଟା—1. Fire or thorns spread in a long pit over which devotees walk on the Panāsaṃkrānti day.
ଯଥା—ନିଆଁ ପାଟ; କଣ୍ଟାପାଟ ।
[ଦ୍ର—ଏଥିରୁ ପାଟୁଆ ଶବ୍ଦ ଉତ୍ପନ୍ନ ହୋଇଅଛି ।]
୨ । (ବାମଣ୍ଡା)—ଜଳପ୍ରପାତ—2. Waterfall; cascade.
୩ । (ଉତ୍ତର ଭାଗ ବସ୍ତର)—ବ—ପିଠି—3. Back.
পাট ଦେ. ବଣ—(ସଂ. ପଟ୍ଟ)—୧ । ପଟ୍ଟ; କୌଷେୟ ନିର୍ମିତ—
Silken.
पाट ଯଥା—ପାଟଖଣ୍ଡ, ପାଟଶାଢ଼ୀ, ପାଟଲୁଗା ।
୨ । ପ୍ରଧାନ—(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—
ପାଟରାଣୀ, ପାଟକୋଶୀ)—2. Chief.

ନଜ ଭାଇଯା ପାଟବଂଶୀ,
ଚାଲୁରେ ଥାନ୍ତୁ କୋଳେ ବସି । ଭୂପତି, ପ୍ରେମପଞ୍ଚାମୃତ ।

୩ । ରାଜାଙ୍କର ଖାସ୍ ବ୍ୟବହାରରେ ଲାଗୁଥିବା—3. Used by the king; reserved for the use of the king.

ମୋ ଇଚ୍ଛ ଉଦକ ଅରମ୍ଭ,
ମଦନ ପାଟଗଜକୁମ୍ଭ । ଭୂପତି, ପ୍ରେମପଞ୍ଚାମୃତ ।

[ଦ୍ର—ଯଥା—ପାଟହାତୀ; ପାଟଘୋଡ଼ା; ପାଟଅଗଣା; ପାଟଖଣ୍ଡା; ପାଟଛତ୍ର ।]
୪ । (ସଂ. ପାଟଲ)—ଗୋଲାପୀ; ପାଟଳବର୍ଣ୍ଣବିଶିଷ୍ଟ—
4. Pale red; rosy.
ଯଥା—ପାଟପୋକ ।

ପାଟ ଓପାଡ଼ିବା—ଦେ. କ୍ରି—୧ । ଗୋବରା ଚଢ଼େଇର ଶିଖାରେ ଓ
Pāṭa opāṛdibā ମଳଦ୍ୱାର ଗୁହ୍ୟପାଖେ ଥିବା ନାଲି ଓ ଚକ୍କଣ
(ପାଟ ଉପାଡ଼ିବା—ଅନ୍ୟରୂପ) ରୋମ ଉପାଡ଼ିବା—
1. To uproot the red feathors from the head and navel of a Gobarā bird.
[ଦ୍ର—ଯେଉଁ ଗୋବରା ଚଢ଼େଇ ଅନ୍ୟ ଚଢ଼େଇ ସଙ୍ଗେ ଲଢ଼ାଇ କରି ହାରି ଯାଏ ତାହାର ପାଟ ଓପାଡ଼ି ପକ୍ଷିସ୍ୱାମୀ ତାକୁ ଉଡ଼ାଇ ଦିଏ; ଅତଏବ ଲକ୍ଷଣାର୍ଥରେ ଦର୍ପ ହାନି କରିବା; ଅବମାନିତ କରିବା ଅର୍ଥରେ ପାଟ ଓପାଡ଼ିବା ଶବ୍ଦ ବ୍ୟବହୃତ ହୁଏ ।]
୨ । (ଲକ୍ଷଣାର୍ଥ)—ଦର୍ପ ହାନି କରିବା; ବହୁତ କଷ୍ଟ ଦେଇ ନାରଖାର କରିବା; ଅବମାନିତ କରିବା—
2. (figurative) To crush the pride of a person; to humiliate a person; to injure or ruin a person.
ଯଥା—ମୁଁ ତାର ପାଟ ଓପାଡ଼ି ଦେବି ।

ପାଟକ—ସଂ. ବ. (ପଟ୍ ଧାତୁ=ଗମନ କରିବା+କର୍ତ୍ତୃ. ଅକ)—
Pāṭaka ୧ । ନଦ୍ୟାଦିର କୂଳ—
1. The bank or shore of a river.
୨ । ଗ୍ରାମର ଅଂଶ; ଗ୍ରାମାର୍ଦ୍ଧ—
2. Half portion or quarter of village.

୩ । ପଶାର ଗୋଟି ଚଳାଇବା—3. The moving of the pieces in the game of dice.

୪ । ବାଦ୍ୟ ଯନ୍ତ୍ର—4. Musical instrument.

୫ । ବାଦ୍ୟ ଧ୍ୱନି—
5. The sound of a musical instrument.

୬ । ରୋଧ—6. Obstruction.

୭ । ମୂଳଧନର କ୍ଷତି—
7. Loss of capital or stock. (Apte)

୮ । ପାଣି ନିକଟକୁ ଯିବା ପାଇଁ ରଚିତ ସୋପାନ ଶ୍ରେଣୀ—
8. A flight of steps leading to the water (Apte).

୯ । ପଶାକାଠି ଗଡ଼ାଇବା —
9. Throwing the dice (Apte).

୧୦ । ଫଟାଇବା ଅସ୍ତ୍ର—
10. A splitter; divider (Apte).

୧୧ । ଦୀର୍ଘ ଫାଙ୍କ—11. A long span (Apte).

୧୨ । ପଶା (ହି. ଶ.)—12. Dice.

ଦେ. ବି.–(ସ. ପାଟକ=ଗ୍ରାମାଂଶ; ଗ୍ରାମାଂଶରେ ବାସ କରୁଥିବା ଲୋକେ)-ଶୂଦ୍ରମାନଙ୍କର ବିଭିନ୍ନ ଉପଜାତି ବା ହାଟୁଆ ଜାତି—The various subcastes amongst the śūdras according to their respective callings.

ପାଟକେ ହାଟରେ କ୍ରୟ ବିକ୍ରୟ କରନ୍ତି । ଭଞ୍ଜ, ଲାବଣ୍ୟବତୀ ।

[ଦ୍ର—ହିନ୍ଦୁମାନଙ୍କର ୪ ଜାତି (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର) ଓ ଶୂଦ୍ରମାନଙ୍କର ୩୬ ପାଟକ ଅଛି । ଯଥା — (୧) ଗଉଡ଼ (୪ ଜାତି — ମଗଧା, ମଥୁରାପୁରିଆ, ଗୋପପୁରିଆ, ଢୁମାଳ) । (୨) ଭଣ୍ଡାରୀ—କଳାମୁଠିଆ ଓ ଚମମୁଠିଆ (ବା ହାଟୁଆ)। (୩) ବଢ଼େଇ (୪) କମାର; (୫) ଧୋବା (୬) ତନ୍ତି (୭) ପୋଟଳ ବଣିଆ (୮) ନାୟକ—(ମାଟିବଂଶ ଓ ଖଡ଼ବଂଶ) (୯) ଭୁଲାଉଣୀ, (୧୦) ତେଲି;(୧୧) ତାମ୍ବିଳି, (୧୨) ଓଡ଼, (ଓଡ଼ଚଷା,ଓଡ଼ପାଇକ) (୧୩) ଚଷା (ଶୁଦ୍ଧ ଚଷା) (୧୪) ଗୋଲି; (୧୫) କେଉଟ, (୧୬) ମାଳୀ ବା ମାଳାକାର, (୧୭) ଶୁଣ୍ଢି, (୧୮) ଶଙ୍ଖାରି, (୧୯) ପାଟରା, (୨୦) ଖରୁଡ଼ା ବା ଖଡ଼ୁରା, (୨୧) କଂସାରି, (୨୨) ଥଟାରି, (୨୩) ପଥୁରିଆ, (୨୪) ବୈଶ୍ୟ ବଣିଆ, (୨୫) କାଉସ୍ତ, (୨୬) ଗୁଡ଼ିଆ, (୨୭) କୁମ୍ଭାର, (୨୮) ଚିତ୍ରକାର, (୨୯) ଦରଜି, (୩୦) ମଙ୍ଗ୍ଳା, (୩୧) ରଙ୍ଗଣୀ ବା ସୂତାଲି, (୩୨) ଚମ୍ବାର, (୩୩) ଲୁଣିଆ, (୩୪) ଯୋଗିଆ, (୩୫) ରସଗ୍ର, (୩୬) କୁଣା । ଖଣ୍ଡାଏତ, ମହାନ୍ତି ଓ ମହାନ୍ତିସ୍ଥିକ ପାଟକରେ ଯାଆନ୍ତି ନାହିଁ । ବାଉରି, ଗୋଖା, କଣ୍ଡରା ପାଣ, ଶବର, ହାଡ଼ି, ଡମ, ଚମାର ଏମାନେ ଅନାର୍ଯ୍ୟ ଥିବାରୁ ପାଟକରେ ଯାଆନ୍ତି ନାହିଁ । ପରସ୍ପର ସହିତା ଅନୁସାରେ ଗଉଡ଼, ମାଳ, ତେଲୀ, କେଉଟ, ଗୁଡ଼ିଆ, ବଢ଼େଇ, କୁମ୍ଭାର, କମାର ଓ ଭଣ୍ଡାରୀ ଏହି ନଅଟି ପାଟକ ବା ନବଶାୟକ ଅଟନ୍ତି । ପାଟକ ଜାତିର ସ୍ତ୍ରୀ ଲୋକେ ମଧ୍ୟ ବ୍ୟବସାୟ ଉପଲକ୍ଷରେ ଦାଣ୍ଡକୁ ବାହାରିବା ଏମାନଙ୍କ ସମାଜରେ ଚଳେ ।]

ପାଟ କଙ୍କଡ଼ା—ପ୍ରାଦେ. (ବାଲେଶ୍ୱର) ବି.—ସମୁଦ୍ର କୂଳରେ ଥିବା ନାଲି
Pāṭa kankarḍā ଛୋଟ କଙ୍କଡ଼ାବିଶେଷ—A kind of small red-coloured crab found on the seashore.

[ଦ୍ର—ଏହା ଭକ୍ଷଣ ଯୋଗ୍ୟ ନୁହେ । କିନ୍ତୁ ଔଷଧ ରୂପରେ ବ୍ୟବହୃତ ହୁଏ ବୋଲି ପ୍ରବାଦ ଅଛି । ଏମାନେ ଏତେ ଅଧିକ ପରିମାଣରେ ସମୁଦ୍ରକୂଳର ସ୍ଥାନେ ସ୍ଥାନେ ବାସ କରନ୍ତି ଯେ, ଦୂରରୁ ଦେଖିଲେ ମନେ ହୁଏ ଯେପରି କେହି ସମୁଦ୍ର କୂଳରେ ଗୁରୁଆଡ଼େ ସିନ୍ଦୂର ବିଛି ଦେଇଛି ।]

ପାଟକପୁରା—ଦେ. ବି—କାଠିଆକଦଳୀବିଶେଷ—
Pāṭakapurā A kind of Banana which is sweet
কাঁঠালীকলা when ripe.
মালভোগ [ଦ୍ର—ଏହା ପାଚିଲେ ସୁସ୍ୱାଦୁ ହୁଏ । ଏଥିରେ କଦଳୀ-ଚକଟା ହୁଏ ।]

ପାଟ କଳ —ଦେ. ବି—(ବଙ୍ଗଳାରୁ ଅନୁକୃତ) —ଯେଉଁ କଳରେ ଝୋଟରୁ
Pāṭa kaḷa ଅଖା ଆଦି ତିଆରି ହୁଏ; ଚଟକଳ; ଝୋଟ କାରଖାନା-
পাটকল **पाट कारखाना** Jute mill.

ପାଟକି—ଦେ. ବି—ପାଟକ (ଦେଖ)—
Pāṭaki Pāṭaka (See)
ଦେ. ବିଣ—ପାଟକ ସମ୍ବନ୍ଧୀୟ—Relating to the sub-castes amongst the śūdras.

ପାଟକି ଜାତିରେ ଏତେ ବଡ଼ ଅରଅଡ଼ୀ କନ୍ୟା ଘରେ ରଖିବାକୁ ମନା—
ଫକୀରମୋହନ. ଛମାଣଆଠଗୁଣ୍ଠ ।

ପାଟ କେରାଣ୍ଡି—ଦେ. ବି—ଏକପ୍ରକାର କେରାଣ୍ଡି ମାଛ—
Pāṭa keraṇḍi A kind of Barb fish; Barbs
কাঁচনপুঁঠী **खेसरा** Conchonius.
[ଦ୍ର—ଏହି ମାଛର କଡ଼ ପାଖର ମଝିରେ ଗୋଟିଏ ନାଲିଗାର ଥାଏ ଓ ଏହାର ଦେହ ଈଷତ୍ ହରିଦ୍ରାବର୍ଣ୍ଣ]

ପାଟ ଖୋସା—ଦେ.ବି—(ସଂ.ପଟ୍ଟ+କୋଷ)—ପାଟ ବା ରେଶମ ପୋକଙ୍କ
Pāṭa khoshā ଖୋଳ ବା ଗୋଟି—Silk cocoon.
(ପାଟ ଗୋଟି—ଅପଭ୍ରଂଶ) পাটেরকোয়া **रेसमकाकोवा**

ପାଟ ଗୁଣ୍ଡି—ଦେ. ବି—(ଏଥିରେ ପାଟ ବା ରେଶମ ସୂତା ରଞ୍ଜିତ ହେଉ
Pāṭa guṇḍi ଥିବାରୁ)—କମଳାଗୁଣ୍ଡି (ଦେଖ)—Kamaḷā guṇḍi (See)

ପାଟ ଚେଙ୍ଗ(ଙ୍ଗା)—ପ୍ରାଦେ. (ଗଡ଼ଜାତ) ବି—ନାଲିଲାଞ୍ଜିଆ ଚେଙ୍ଗ
Pāṭa cheṅga (ṅgā) (ମାଛ)—Red-tailed Cheṅga fish.

ପାଟ ଚୋଳି—ଦେ. ବି—(ସଂ. ପଟ୍ଟ+ଚୋଳ)—ପାଟର କାଞ୍ଚୁଳି—
Pāṭa choḷi **पाटकीचोली** A bodice of silk.

ଚଳଚିତ୍ରା ଚଳୁଗୋପ ବେଶଧା ପାଟଚୋଳି—
ଭଞ୍ଜ, ବୈଦେହୀଶବିଳାସ ।

ପାଟଚର—ସ. ବି—(ପଟ୍ଟଚର+ସ୍ୱାର୍ଥେ. ଅ)—ଚୋର; ତସ୍କର—
Pāṭachchara Thief; robber; pilferer.

ପାଟ ଛତି—ଦେ· ବି—(ସ. ପଟ୍ଟ+ଛତ୍ର)—ରାଜା ଓ ଦେବତାଙ୍କ ଉପରେ
Pāṭa chhati ଟେକା ଯାଉଥିବା ରେଶମ କନାରେ ଆବୃତ ଛତା—

রেসমেরছাতি Silken umbrella held over Rajas and
पाटकी छतरी idols.

ପ୍ରଫୁଲ୍ଲ ପ୍ରସୂନ ଧବଳ ଚାଳିରେ ଶୋଭିତ ପାଟଛତ—
କନକଗୋର. ଶର୍ମିଷ୍ଠା ।

ପାଟ ଜଡ଼ା—ପ୍ରାଦେ. (ମେଦନୀପୁର, ଯାଜପୁର)—ବି—୧ । ବିଲାତି
Pāta jardā ବାଇଗବା (ଦେଖ)—1. Bilāti bāigabā (See)

୨ । ନାଲଗବ; ରଙ୍ଗେରଣ୍ଡ—
2. The red variety of the castor seed plant.

ପାଟ ଜଥା—ଦେ. ବି—ଏକଖଣ୍ଡ ବୁଣା ପାଟର ଯୋଡ଼ ଓ ଚଦର—
Pāta jathā A pair of silken cloths (loin cloth
पाटजोड़ा and sheet) woven in one length.
(ପାଟ ଯୋଡ଼—ଅନ୍ୟରୂପ)

ପାଟ ଜେମା—ପ୍ରାଦେ (ଗଡ଼ଜାତ) ବି. ସ୍ତ୍ରୀ—ରାଜାଙ୍କର ଜ୍ୟେଷ୍ଠା କନ୍ୟା-
Pāta jemā The eldest daughter of a Rāja.

ପାଟ ଜୋଷି—ଦେ. ବି—(ସଂ. ପଟ୍ଟ ଜ୍ୟୋତିଷୀ)—୧ । ରାଜାଙ୍କ ପ୍ରଧାନ
Pāta joshi ଜ୍ୟୋତିଷ ପଣ୍ଡିତ—1. The chief astrologer of a Raja; the astrologer royal.

ପାଡ଼ ଜୋଷି, ପାଡ଼ ଜୁଷି, ପାଡ଼ୁଷି, ପାଡ଼ୁଦୁଷି } ଅନ୍ୟରୂପ

ଜଣାଇଲ ପାଟଜୋଷୀ ଗଣି ଶୁଭବେଳା ନୃପତ
ଛାମୁରେ । ଚନ୍ଦ୍ରାମଣି—ଚନ୍ଦ୍ରମାବତଂ ।

୨ । ବ୍ରାହ୍ମଣମାନଙ୍କୁ ରାଜଦତ୍ତ ଉପାଧି ବିଶେଷ—2. A title bestowed on Brāhmanas by Rājas.

ପାଟଡୋର(ରି)—ଦେ. ବି—(ସଂ. ପଟ୍ଟ+ଡୋର)—ରେଶମର ଛଅର
Pāta dora(ri) ଦଉଡ଼ା—Silk string.
রেসমেরডুরী पाटडोर

ପାଟଣା(ନା)—ଦେ. ବି—(ସଂ. ପତ୍ତନ)—୧ । ନଗର; ସହର—
Pātanā(nā) পাটনা पटन 1. City; town.

୨ । ଗ୍ରାମ Village.

ଯମ ନାଗରେ ଦ୍ଵାରକା ନିକଟେ ଗୋପ ବୋଲି ପାଟଣାଏ—
ପ୍ରାଚୀ—ରହସ୍ୟ ମଞ୍ଜରୀ ।

୩ । ପ୍ରାଚୀନ ପାଟଳିପୁତ୍ରର ଆଧୁନିକ ନାମ (ଏହା ବିହାର ପ୍ରଦେଶର ପାଟଣା ବିଭାଗ ଓ ପାଟଣା ଜିଲ୍ଲାର ରାଜଧାନୀ)—
3. Patna; name of a town, district and division of the Province of Bihar.

[ଦ୍ର—ଏହା ବିହାର ପ୍ରଦେଶର ରାଜଧାନୀ । ଏଠାରେ ପାଟଣା ହାଇକୋର୍ଟ ଓ ବିଶ୍ଵବିଦ୍ୟାଳୟ ଅବସ୍ଥିତ । ଏହା ଗଙ୍ଗା ନଦୀର ଦକ୍ଷିଣ କୂଳରେ ଲମ୍ବ ଭାବରେ ଅବସ୍ଥିତ । ଏଥି ନିକଟରେ ପ୍ରାଚୀନ ପାଟଳିପୁତ୍ରର ଅନେକ ଭଗ୍ନାବଶେଷ ଦେଖାଯାଏ; ଇଂରାଜମାନେ ପୂର୍ବେ ଏଠାରେ ଗୋଟିଏ ଉଚ୍ଚ ପକ୍କା ଧାନକୋଠି ନିର୍ମାଣ କରିଥିଲେ, ତାହା ଅଦ୍ୟାପି ବିଦ୍ୟମାନ ଅଛି । ଏହା ଗଙ୍ଗା ଓ ସୋନ ନଦୀର ସଙ୍ଗମ ନିକଟରେ ଅବସ୍ଥିତ ।]

୪ । ଉତ୍କଳ ଖଣ୍ଡର ଗୋଟିଏ ଗଡ଼ଜାତ ରାଜ୍ୟ; ବଲାଙ୍ଗିର-ପାଟଣା—4 Patna; name of one of the Orissa states.

୫ । ପାଟଣେଇ (ଦେଖ)—5. Patanei (See)

ପାଟଣା(ଣେ)ଇ—ଦେ. ବି—ପାଟଣା ଦେଶୀୟ—Belonging or
Pātanā(ne)i পাটনাই पाटनिया appertaing to Patna.

ପାଟନାଇ, ପାଟନେଇ } ଅନ୍ୟରୂପ (ଯଥା—ପାଟଣାଇ ଆମ୍ବ; ପାଟଣେଇ କୋବି ।)—

ପତ୍ତନୀ ଦେ. ବି—ଜମିଦାରୀର ଅନ୍ତର୍ଗତ ଚିରସ୍ଥାୟୀ କର ଧାର୍ଯ୍ୟ
पत्नी ହୋଇଥିବା ମଧ୍ୟସ୍ଵତ୍ଵ ଗ୍ରାମ ବା ମଉଜା—A village of which the rent payable by the tenure-holder is permanently settled.

ପାଟଦ—ସଂ. ବି—କାର୍ପାସ; କପା (ହି. ଶ.)—
Pātada Cotton.

ପାଟଦନ୍ତାରି—ପ୍ରାଦେ. (ଗଡ଼ଜାତ) ବି—ନାଲିଆ କଣ୍ଟା ଓ କୋମଳ ପତ୍ର
Pāta dantāri ଥିବା ଲଟାଳିଆ ବୁଦା—A kind of creeping thorny bush.

ପାଟଦେଉ—ଦେ. ବି—(ସଂ. ପଟ୍ଟ+ଦେବ)—ଯୁବରାଜ; ରାଜାଙ୍କ ଜ୍ୟେଷ୍ଠ
Pātadeu କୁମାରଙ୍କ ଉପାଧି—The title of the eldest
युवराज son or heir apparent of a Raja.

ପାଟନ—ସଂ. ବି—(ପଟ୍ ଧାତୁ, ଣିଜନ୍ତ—ପାଟି ଧାତୁ=ଗମନ କରିବା+
Pātana ଭାବ. ଅନ —୧ । ଛେଦନ; କର୍ତ୍ତନ—
(ପାଟିତ; ପାଟନୀୟ, ପାଟ୍ୟ—ବିଣ) 1. Cutting.

୨ । ବିଦାରଣ; ଫାଡ଼ିବା; ଚିରିବା—
2. Tearing up; splitting; cleaving.

୩ । ବିଭଞ୍ଜନ—
3. Dividing; cutting to pieces.

୪ । ବିନାଶନ—4. Destroying. (M. W.)

୫ । ଫୋଡ଼ିବା—5. Piercing.

୬ । ଦକ୍ଷିଣାପଥର ପ୍ରାଚୀନ ରାଜଧାନୀବିଶେଷ (ହି. ଶ.)—
6. Name of an ancient town in the Deccan.

ପାଟନ କ୍ରିୟା—ସଂ. ବି. (ସମାସ)—ବଥଅଦିକୁ ଫୋଡ଼ିବା—
Pātana kriya Lancing an abscess or ulcer
(ପାଟନକର୍ମ—ଅନ୍ୟରୂପ) (M. W.).

ପାଟନା—ସଂ. ବି. (ପାଟନ+ଆ)—ଛେଦ; କଟା ହୋଇ କରାଯିବା ଗାତ—
Pātanā A cut; an incision (M. W.).
ଦେ. ବି—ପାଟଣା ୩-୪ (ଦେଖ)—Pātanā 3-4 (See)

ପାଟ ନେତ—ଦେ. ବି. (ସଂ. ପଟ୍ଟ+ନେତ୍ର)—ରେସମର ସରୁଲୁଗା—
Pāta neta Silken cloth of delicate texture.
পাটনেত पाटओरनी

ପାଟପ—ଦେ. ବି. (ସଂ. ପାଟବ)—୧ । ପାଟବ; ପଟୁତା—
Pātapa 1. Skill.
चतुराई ୨ । ବାହାଦୁରୀ—2. Excellence.

ଚତୁର୍ଦ୍ଦିକ କବି ଛଳ ଆପଣା ପାଟପ
ଦେଖାଇ ନୃତ୍ୟ କରି କରେ ଦମ୍ଭ ଜୋର । କୃଷ୍ଣସିଂହ. ମହାଭାରତ ବନ ।

ପାଟ ପଥର—ଦେ. ବି—ଦେଉଳ ବା ପଥର କୋଠାର କବାଟ ବା
Pāta pathara ଝରକାର ଉପରେ କାନ୍ଥରେ ଆଡ଼ୁଧାରଣା
ঝনকাট পথর ଦିଆଯିବା ଲମ୍ବା ପଥର—Lintel stone.
पाटपत्थर

ପାଟପଣିଆ(ଆଁ)—ପ୍ରାଦେ. (ସମ୍ବଲପୁର) ବ—ଫଙ୍କି—
Pāṭapaniā(añ) [ପାଟପଣିହା(ହାଁ)—ଅନ୍ୟରୂପ] Dragon-fly.

ପାଟ ପହଲା—ଦେ. ବ. (ସଂ. ପାଟଲ+ପ୍ରବାଲ)—ନାଲି ପୋହୋଳା—
Pāṭa pahaḷā লালপলা **लालमुंगा** Red coral.
(ପାଟପୋଏଲା, ପାଟ ପୋହଲା, ପାଟପୋହୋଲା—ଅନ୍ୟରୂପ)

ପାଟପୁକ—ପ୍ରାଦେ. (ମେଦିନୀପୁର; ଉତ୍ତର ବାଲେଶ୍ୱର) ବ (ପୋ ସ୍ଥାନରେ
Pāṭapuka ପୁ ଉଚ୍ଚାରଣ)—ସାଧବବୋହୂ; ପାଟପୋକ—
Cochineal (insect).

ପାଟ ପୋକ—ଦେ. ବ—୧। ଇନ୍ଦ୍ରଗୋପ ବା ସାଧବ ଘରବୋହୂ ପୋକ;
Pāṭa poka ମଖମଲି ପୋକ—1. Cochineal insect.
মখমলী পোকা ଉଦତ ମାଂସ ସେ ଯୁବତୀଙ୍କ ବକ୍ଷ
बीरबहुटी ହୋଇଣ ଦିଶିଲା ପାଟପୋକ ମୂର୍ତ୍ତି।
କୃଷ୍ଣସିଂହ, ମହାଭାରତ କର୍ଣ୍ଣ।
পাটপোকা ୨। ପାଟସୂତା ତିଆର କରିବା ପୋକ—
रेसमकाकीड़ा 2. Silk worm; the silk moth; Bombyx.

ପାଟ ପୋତା(ତେ)ଇବା—ଦେ. କ୍ରି—ଗୃହର ମୂଳଦୁଆ ବା ମୂଳପଥର
Pāṭa potā(te)ibā ପକାଇବା—To lay the foundation stone of a building.

ପାଟଫୁଲି—ଦେ. ବ—୧। ପାଟନିର୍ମିତ ଥୋପ—
Pāṭaphuli 1. Tassels made of silk.
রেসমেরথোপা ଘୋଡ଼ା ମସ୍ତକେ ପାଟଫୁଲି; ଘୋଡ଼ା ଯାଉଥିଲେ ବଜାଉଥିଲେ
रेसमका लटकन ଘନ ଦେଇ ବଶସନ୍ତ। ଚଢ଼ନ୍ତି ଘୋଡ଼ାଗୀତ।
୨। ଫୁଲିଲଗା କସ୍ତା ସୂତାର ଫିତା—
पाटका, फीँटा 2. Tassellated tape.
[ଦ୍ର—ଏହା ସ୍ତ୍ରୀଲୋକଙ୍କ ଜୁଡ଼ାରେ ଭିଡ଼ାଯାଏ।]
୩। କୁରୁବକ; ରକ୍ତଝିଣ୍ଟି—
3. The red-flowered variety of Barlaria.
[ଦ୍ର—ଏହିଫୁଲର ରଙ୍ଗ ଆରକ୍ତ; କଦମ୍ବଫୁଲ ପରି ଆକାର।]

ପାଟ ଫେଟା—ଦେ. ବ—ପାଟଲୁଗା; ରେସମର ଧୋତି—
Pāṭa pheṭā A long loin-cloth of silk.
রেসমেরধুতী ପିନ୍ଧିଥିଲେ ବାଘ ଖୁଣ୍ଟ ପାଟଫେଟା।
रेसमीधोती କୃଷ୍ଣସିଂହ, ମହାଭାରତ ଆଦି।

ପାଟବ—ସଂ. ବ. (ପଟୁ+ଭାବାର୍ଥେ ଅ)—୧। ପଟୁତା; କୃତବିଦ୍ୟ; ନୈପୁଣ୍ୟ—
Pāṭaba 1. Skill; dexterity.
ଆପଣାବଳ ଦେଖାଇବା ପାଟବରେ। କୃଷ୍ଣସିଂହ, ମହାଭାରତ ସଭା।
୨। ଚତୁରତା—2. Cleverness.
୩। ଶୀଘ୍ରତା—3. Quickness.
୪। ସ୍ୱାସ୍ଥ୍ୟ; ଆରୋଗ୍ୟ—4. Health (M. W.).
୫। ତେଜଃ—5. Energy (Apte).
ସଂ. ବଣ. (ପଟୁ+ସ୍ୱାର୍ଥେ ଅ)—୧। ପଟୁ—
1. Skilful; dexterous.
୨। ଚତୁର—2. Clever; sharp.

ପାଟବଂଶୀ—ଗ୍ରା ବ. (ସଂ. ପଟ୍ଟମହିଷୀ)—ପଟ୍ଟମହିଷୀ; ପାଟରାଣୀ—
Pāṭabaṁśi The principal Ranee of a Raja.
পাটরানী **पटरानी**

ପାଟ ବରତ—ଦେ. ବ—୧। ଅନନ୍ତ ବ୍ରତ ଓ ସୁଦଶା ବ୍ରତଆଦି କରୁଥିବା
Pāṭa barata ବ୍ୟକ୍ତିମାନେ ହାତରେ ବାନ୍ଧୁଥିବା ପାଟଫୁଲି—
(ପାଟବ୍ରତ—ଅନ୍ୟରୂପ) 1. A tassellated string put on by persons observing certain vows.
୨। ରେସମର ଫୁଲି ଲାଗିଥିବା ବାହୁସୂତ୍ର—
2. An amulet-string furnished with silken tassels.
ଦମୋଲି ପାଟବ୍ରତ, ହାତରେ ଭୂଷଣ। ଉତ୍କ, ଲବଣ୍ୟବତୀ।

ପାଟବଲି(ଲି)ଆ—ପ୍ରାଦେ. (ଗଡ଼ଜାତ) ବ—ଏକପ୍ରକାର ବଳିଆ କୁକୁର—
Pāṭa baḷi(li)ā A kind of ferocious wild dog.
[ଦ୍ର—ଏମାନଙ୍କ ଦେହ ପାଟଦରି ଚିକ୍କଣ, ରକ୍ତାଭ ଲୋମବିଶିଷ୍ଟ, ଏମାନଙ୍କୁ ବାଘ ମଧ୍ୟ ଡରେ। ଏମାନେ ଦଳବଦ୍ଧ ହୋଇ ଅରଣ୍ୟରେ ବିଚରଣ କରନ୍ତି।]

ପାଟ ବାଟେ—ପ୍ରାଦେ. (ଉତ୍ତରଖଣ୍ଡ) ଅ—ଏଥରେ—
Pāṭa bāṭe

ପାଟବିକ—ସଂ. ବଣ. ପୁଂ. (ପାଟବ+ସ୍ୱାର୍ଥେ ଇକ)—୧। ପଟୁ; କପୁଣ—
Pāṭabika 1. Skilful.
(ପାଟବିକୀ—ସ୍ତ୍ରୀ) ୨। ଧୂର୍ତ୍ତ; ଶଠ—2. Fraudulent; sharp.
୩। ଚତୁର—3. Clever

ପାଟବେ—ଦେ. କ୍ରି. ବଣ—ବିଧିମତେ—
Pāṭabe Duly.
ପାଟଲିପୁତ୍ର ନରେଶେ, ପାଟବେ ଦେଲେ ସନ୍ଦେଶେ।
ଉତ୍କ, କୋଟିବ୍ରହ୍ମାଣ୍ଡସୁନ୍ଦରୀ।

ପାଟବୋହୁ ମଣିମାଁ—ପ୍ରାଦେ. (ଗଡ଼ଜାତ) ବ—ଯୁବରାଣୀ; ଯୁବରାଜଙ୍କ
Pāṭa bohu maṇimā(mãñ) ପ୍ରଧାନ ସ୍ତ୍ରୀ—The principal wife of an heir apparent of a Raja.

ପାଟ ଭଣଜା(ଞ୍ଜା)—ପ୍ରାଦେ. (ଗଡ଼ଜାତ) ବ.—ଜ୍ୟେଷ୍ଠ ଭଣଜା; ଆପଣାର
Pāṭa bhaṇajā(ñjā) ଜ୍ୟେଷ୍ଠା ଭଗିନୀର ଜ୍ୟେଷ୍ଠପୁତ୍ର—
The eldest son of one's eldest sister.

ପାଟଭାଲି—ଦେ. ବ.—ଶୁକ ଜାତୀୟ ଶ୍ରେଷ୍ଠ ପକ୍ଷୀବିଶେଷ—
Pāṭa bhāli A species of small parrot;
(ପାଟଭାଲିଆ—ଅନ୍ୟରୂପ) paroquet; parrakeet; Conurus Carolinensis.
[ଦ୍ର—ଏମାନେ ସାଧାରଣ ଶୁଆଙ୍କ ଠାରୁ ଶ୍ରେଷ୍ଠ। ଏହାଙ୍କର ଦେହ ସବୁଜ ଓ ମୁଣ୍ଡ ନାଲିଆ, ପକ୍ଷର ଦୁଇ କଡ଼ରେ ନାଲି ଦାଗ ଥାଏ।]

ପାଟ ଭୁଆଷୁଣୀ—ପ୍ରାଦେ. (ଗଞ୍ଜାମ) ବ—ପାଟ ପୋକ; ସାଧବ ଘର
Pāṭa bhuāshuṇi ବୋହୂ—Cochineal insect.

ପାଟ ମଞ୍ଜୁଆତି—ଦେ. ବ.—ଏକ ପ୍ରକାର ମଞ୍ଜୁଆତି ଗୁଳ୍ମ—
Pāṭa mañjuāti A species of red flowered Lawsonia.
(ଦ୍ର—ମଞ୍ଜୁଆତି ଶବ୍ଦ ଦେଖ)

ପାଟ ମଣିମା(ମ଼ାଁ)—ପ୍ରାଚ୍ଯ. (ଗଡ଼ଜାତ) ବ. ସ୍ତ୍ରୀ.—ପଟ୍ଟ ମହାଦେବୀ; **Pāṭa maṇimā (mā̃)** ପାଟ ମହାଦେଈ—
A Raja's principal or eldest Ranee.

ପାଟ ମହାଦେଈ—ଦେ. ବ. ସ୍ତ୍ରୀ. (ସ. ପଟ୍ଟ+ମହାଦେବୀ)—ପଟ୍ଟମହିଷୀ; **Pāṭa mahādei** ରଜାଙ୍କର ପ୍ରଥମ ଓ ପ୍ରଧାନ ରାଣୀ—
ପାଟରାନୀ, ପାଟେଶ୍ୱରୀ The chief wife of a Raja; the
पटरानी, पाटमहिषी eldest Ranee.
(ପାଟ ମାହାଦେଈ, ପାଟ ମହାଦେବୀ, ପାଟମହିଷୀ—ଅନ୍ୟରୂପ)
ତୁମ୍ଭେ ତାଙ୍କର ପୁଣି ପାଟ ମହାଦେଈ
ହୋଇ ସୁଖ ଭୁଞ୍ଜିବ ମୋ ବଳୁ ଥାଇ—କୃଷ୍ଣସିଂହ ମହାଭାରତ ଶଲ୍ୟ

ପାଟ ମୁଦି—ଦେ. ବ.—(ସ. ପଟ୍ଟ+ମୁଦ୍ରିକା)—କ୍ଷତ୍ରିୟ ଓ ରଜାମାନଙ୍କ **Pāṭa mudi** ବିବାହ ପୂର୍ବରୁ ବର କନ୍ୟାଙ୍କର ମହାପ୍ରସାଦ ଜନିତ
ପାକାଦେଖା **तिलक** ଉତ୍ସବ—The ceremonial betrothal amongst Rajas and Kshatriyas.
[ଦ୍ର—ଏଥିରେ ବର ପକ୍ଷରୁ କନ୍ୟାପାଇଁ ପାଟ ଶାଢ଼ୀ ଓ ମୁଦି ଉପଢୌକନ ଦିଆ ଯାଏ ଏବଂ କନ୍ୟା ପକ୍ଷରୁ ବରଙ୍କୁ ପାଟଲୁଗା ଓ ମୁଦି ଉପଢୌକନ ଦିଆ ଯାଏ ଓ ବର ପକ୍ଷ ଓ କନ୍ୟା ପକ୍ଷ ମଧ୍ୟରେ ବାଗ୍ଦାନ ହୁଏ, ଅର୍ଥାତ୍ ବିବାହ ବିଷୟ ଓ ଦିବସର ଚୁକ୍ତି ହୁଏ ।]

ପାଟମ୍ବର—ସ. କ୍ଳୀ.—ପଟ୍ଟାମ୍ବର; ରେଶମୀ ଲୁଗା (ହ. ଶବ୍ଦସାଗର)—
Pāṭambara Silken cloth.
(ପାଟଂବର—ଅନ୍ୟରୂପ)

ପାଟରା—ଦେ. ବ. ପୁଂ—(ସ. ପଟ୍ଟକାର)—ପାଟ, କପା, ସୂତା ଓ ଲୁଗା **Pāṭarā** ଆଦି ବ୍ୟବସାୟୀ ଶୂଦ୍ର ଜାତିବିଶେଷ—A Hindu
ପାଟୁଆ, ପଟୋ **बजाज, पटवा** caste of dealers in cloth
(ପାଟରାଣୀ—ସ୍ତ୍ରୀ) and cotton yarn.
[ଦ୍ର—ଏମାନେ ରେଶମ ଓ ତୂଳାର ନାନା ବର୍ଣ୍ଣର ସୂତା (ପାଟ ଓ କପା), ପାଟଫୁଲ, ଧଡ଼ିଆ, କରଧନି ଆଦି ବିକନ୍ତି ଓ ଲୁଗାର ଦୋକାନ ମଧ୍ୟ କରନ୍ତି। ଏମାନେ କଣ୍ଠି ଆଦିକୁ ପାଟ ବା ସୂତା ଦ୍ୱାରା ମଧ୍ୟ ଗୁନ୍ଥନ୍ତି ।]

ପାଟରାଣୀ—ଦେ. ବ. ସ୍ତ୍ରୀ.—(ସ. ପଟ୍ଟରାଜ୍ଞୀ)—୧ । ପଟ୍ଟମହିଷୀ; ପାଟ **Pāṭarāṇi** ମହାଦେଈ—1. The eldest or principal
ପାଟରାନୀ Ranee.
पटरानी ୨ । ପାଟରା ଜାତୀୟା ସ୍ତ୍ରୀ—
बजाजीन, पटवाइन 2. A woman of the Pāṭarā caste.

ପାଟଳ—ସ. ବ.—(ପାଟଳା=ପାଟଳଫୁଲ+ଭୂଲ୍ୟାର୍ଥେ. ଅ)—ଫିକା **Pāṭala** ନାଲି; ଶେତ ରକ୍ତବର୍ଣ୍ଣ; ଗୋଲାପି ରଙ୍ଗ—
1. Pale red colour; whitish red colour; rose colour.
୨ । ପାଟଳା ୩ (ଦେଖ)—2. Pāṭalā 3 (See)
୩ । ଏକ ପ୍ରକାର ଶାରଦ ଧାନ —
3. A kind of winter paddy.
୪ । ପୁନ୍ନାଗ ବା ନାଗେଶ୍ୱର ଗଛ—4. Mesua Ferra (tree).
୫ । ଗୋଲାପ—5. Rose.
୬ । ସେବତୀ ଫୁଲ—6. Musk rose.

(ପାଟଳା—ସ୍ତ୍ରୀ) ସଂ. ବିଣ.—ପାଟଳ ବର୍ଣ୍ଣବିଶିଷ୍ଟ; ଗୋଲାପୀ—
Pale red.
ଦେ. ବ.—୧ । ପାଟଳ ପୁଷ୍ପ—1. Pāṭali flower.
୨ । ପ୍ରାଚୀନ ଜଳଯାନବିଶେଷ (ଜଗବନ୍ଧୁ ପ୍ରାଚୀନ ଉତ୍କଳ)—
2. A kind of old ship.

ପାଟଳା—ସ. ବ. ସ୍ତ୍ରୀ—(ପାଟ=ବିସ୍ତାର+ଲା ଧାତୁ=ପାଇବା+କର୍ତ୍ତୃ. **Pāṭalā** ଅ+ସ୍ତ୍ରୀ ଆ; ବା ପଟ ଧାତୁ=ଫାଟି ଯିବା+କର୍ତ୍ତୃ. ଅ+ସ୍ତ୍ରୀ ଆ; ଫଳ ଫାଟି ଯିବାରୁ ଏହି ନାମ)—୧ । ଦୁର୍ଗା—
ସଂ—ନାମ—ପାଟଳା, ପାଟଳି, 1. A name of Durgā.
ପାଟଳୀ, ଅମୋଘା, ମଧୁଦୂତୀ, ୨ । ପାଟେଲୀ ଗଛ ଓ ଫୁଲ—
ଫଳେରୁହା, କୃଷ୍ଣବୃନ୍ତା, 2. Sterospermum Suaveolens; Bignonia Suaveolens
କୁବେରାକ୍ଷୀ(କ୍ଷୀ), କାଲସ୍ଥାଲୀ, (tree and flowers).
ଅଳିବଲ୍ଲଭା, ଅଳିପ୍ରିୟା,
ତାମ୍ରପୁଷ୍ପୀ, କାମଦୂତୀ, କୁମ୍ଭିକା, [ଦ୍ର—ଏହା ନାତିବୃହତ୍ ବନ୍ୟତରୁ;
ବସନ୍ତ ଦୂତୀ, ସ୍ଥାଲୀ, ଫୁଲର ବର୍ଣ୍ଣ ଫିକା ନାଲି, ଫୁଲ ସୁଗନ୍ଧ ।
ସ୍ଥିର ଗନ୍ଧା, ତୋୟାଧିବାସିନୀ, ଫୁଲ ଡେମ୍ଫରେ ଗୁଚ୍ଛ ହୋଇ ଓହଳି
ଅମ୍ବୁବାସୀ, କୋକିଳା, କଙ୍କୁରା ଥାଏ । ଫୁଲରୁ କେଶର ଝଡ଼ି ଗଛ
ଅମ୍ବୁବାସିନୀ, କୁମ୍ଭୀ; କାଳବୃନ୍ତା ମୂଳେ ଗଦା ହୁଏ । ଗ୍ରୀଷ୍ମକାଳରେ ଫୁଲ
पारुल, घण्टी, मुग, जारुल ଫୁଟେ । ଫଳ ଲମ୍ୱା, ସିଧା ଓ ମାଳରଙ୍କୁ
(Kirtikar) ବର୍ଣ୍ଣ । ଆଉ ଏକ ପ୍ରକାର ଶ୍ୱେତାଭ
ଓ. ପାଟେଲୀ ପୁଷ୍ପ ଯୁକ୍ତ ପାଟଳକୁ 'ଘଣ୍ଟା ପାଟଳ'
पद, पाटल, पाड़री, ବୋଲାଯାଏ । (ଘଣ୍ଟା ପାଟଳ ଦେଖ)
पाढर, पारल, पादल, (ସ. ସିତପାଟଳା) । ବୈଦ୍ୟକ ମତରେ
पादिआला, पादरिआ, ପାଟଳ—କଷାୟ ତିକ୍ତ ରସ, ତ୍ରିଦୋଷଘ୍ନ
पहर, पहल, पार ଓ ଅରୁଚି, ଶ୍ୱାସ, ଶୋଥ, ରକ୍ତଦୁଷ୍ଟିତ,
(Kirtikar) ବମି, ହିକ୍କା ଓ ତୃଷ୍ଣାନାଶକ ।
ମ. ପାଡ଼ଲୀ ଏହାର ପୁଷ୍ପ କଷାୟ ଓ ମଧୁର ରସ,
ତେ. କଲଗୋରୁ. କାଲଗୋଟୁ ଶୀତବୀର୍ଯ୍ୟ, କଫ, ରକ୍ତଦୋଷ, ପିତ୍ତ ଓ
ମ. ପାଡ୍ରୀ ଅତିସାର ନାଶକ ଏବଂ କଣ୍ଠଶୋଧକ ।
ଏହାର ଫଳ ରକ୍ତ ପିତ୍ତ ନାଶକ, ଏବଂ ଏହି ଫଳକୁ ମହୁ ସଙ୍ଗେ ଘୋରି ସେବନ କଲେ ହିକ୍କା ରୋଗ କମିଯାଏ । ଶ୍ୱେତ ପାଟଳ ପାଇଁ ସିତ ପାଟଳା ଦେଖ ।]
୩ । (ଅନ୍ୟ ସ. ନାମ ପିଚ୍ଛଳା) ବିହିଦାନା—
3. Cydonia Vulgaris; Quince-seed.
[ଦ୍ର—ଏହା ପଶ୍ଚିମ ହିମାଳୟର ଓ ପଞ୍ଜାବର ବନ୍ୟ ବୃକ୍ଷର ଫଳବୀଜ, ଗ୍ରୀଷ୍ମ କାଳରେ ପାଚେ । ବୈଦ୍ୟକ ମତରେ ଏହା ସ୍ନିଗ୍ଧ, କାସଘ୍ନ ମେହ ଓ ଯୋନିର ଦାହ ନିବାରକ ଓ କ୍ଷତ ସ୍ଥାନର ଜ୍ୱାଳା ନିବାରକ ।]
୪ । ରକ୍ତ ଲୋଧ୍ର (ହ. ଶ.) (ଦେଖ)—4. The red variety of Symplocos Racemosa tree.
୫ । ଜଳକୁମ୍ଭୀ; (ହ. ଶ.); ବୋରଝାଙ୍ଜି—5. Pistia Stratiotes; an aquatic plant.

ସ. ବଣ. ସ୍ତ୍ରୀ. (ପାଟଳ+ସ୍ତ୍ରୀ. ଆ)—ପାଟଳର ସ୍ତ୍ରୀଲିଙ୍ଗ—
Feminine of Pāṭaḷa.
(ପାଟଳଆ—ଅନ୍ୟରୂପ) ଦେ. ବଣ—ପାଟଳ ବର୍ଣ୍ଣବିଶିଷ୍ଟ—
(ପାଟଳୀ—ସ୍ତ୍ରୀ) Rose-coloured; rosy.

ପାଟଳ(ଳୀ)—ସ. ବ—୧ । ପାଟଳା ୨ (ଦେଖ)
Pāṭaḷi(ḷi) 1. Pāṭaḷā 2 (See)
୨ । ପାଣ୍ଡୁ ଫଳ (ହ୍ରୁ. ଶବ୍ଦସାଗର) (ଦେଖ)
2. Pāṇḍu phaḷa (See)
୩ । ପଟୋଳ (ଦେଖ)—2. Paṭoḷa (See)

ପାଟଳଅ ଲେ(ଲୋ)ଧ(ଧୁ)—ଦେ. ବ. (ସ.ପଟ୍ଟିକା ଲୋଧ୍ର)
Pāṭaḷiā le lo)dha(dhu) ଏକପ୍ରକାର ଆରଣ୍ୟ ବୃକ୍ଷ—
[ପାଟଳାଲେ(ଲୋ)ଧୂ—ଅନ୍ୟରୂପ] The red variety of
ପାଟେଳଆ ଲୋଧ } ଅନ୍ୟରୂପ . Simplocos Racemosa (tree).
ପାଟେଳଆ ଲୋଧୁ }
ସ. ପର୍ଯ୍ୟାୟ—ପଟ୍ଟିକା ଲୋଧ୍ର
କ୍ରମୁକ, ସ୍ଥୂଳବଲ୍କଲ, ଜୀର୍ଣ୍ଣ ପତ୍ର,
ପାଟଲୋଧ **পঠানী লৌধ**
[ଦ୍ର—ଏହାର ଗୁଳ୍କରୁ ଔଷଧ ଓ ରଙ୍ଗ ହୁଏ ।]
ବୃହତ୍ ପତ୍ର, ପଟ୍ଟୀ ଓ ଲାକ୍ଷା ପ୍ରସାଦନ
ଗୁ. ପଠାନୀ ଲୋଦର

ପାଟଳକ—ସ. ବଣ. ପୁଂ—୧ । ଯେ ଅନ୍ୟର ଗୁପ୍ତ କଥା ଜାଣେ—
Pāṭaḷika 1. Knowing the secrets of others (Apte).
(ପାଟଳକୀ—ସ୍ତ୍ରୀ)
୨ । କାଳ ସମ୍ପୃକ୍ତ— 2. Knowing time and place (Apte).
ସ ବଣ. ପୁଂ—ଶିଷ୍ୟ; ଛାତ୍ର—A pupil (Apte).

ପାଟଳତ—ସ. ବଣ. (ପାଟଳ+ଅସ୍ତ୍ୟର୍ଥେ. ଇତ)—
Pāṭaḷita ପାଟଳ ବର୍ଣ୍ଣଯୁକ୍ତ; ପାଟଳ ବର୍ଣ୍ଣ ରଞ୍ଜିତ—
Dyed pale red.

ପାଟଳ ପୁତ୍ର—ସ. ବ. (ନାମ) (ପାଟଳ+ପୁତ୍ର)—
Pāṭaḷi putra ପ୍ରାଚୀନ ମଗଧର ରାଜଧାନୀ; ଅଧୁନାତନ ପାଟନା ବା ବିହାରର ରାଜଧାନୀ—
(ପାଟଳୀ ପୁତ୍ର—ଅନ୍ୟରୂପ)
The ancient name of Patna.
[ଦ୍ର—ଏହା ଚନ୍ଦ୍ର ଗୁପ୍ତଙ୍କର ରାଜଧାନୀ ଥିଲା, ସିକନ୍ଦର (ଆଲେକ୍‌ଜାଣ୍ଡର) ଭାରତକୁ ଆସିବା ସମୟରେ ଏହା ବିଶେଷ ସମୃଦ୍ଧିଶାଳୀ ରାଜଧାନୀ ଥିଲା । ଏହାକୁ ଗ୍ରୀକ୍‌ମାନେ Palibothram (ପାଲିବୋଥ୍ରାମ) ଏବଂ ଚନ୍ଦ୍ରଗୁପ୍ତଙ୍କୁ Sandrakotas (ସାନ୍ଦ୍ରାକୋଟସ୍) ନାମରେ ଡାକୁଥିଲେ । ପ୍ରାଚୀନ ପାଟଳପୁତ୍ର ଅଧୁନାତନ ପାଟଣା ସହରରୁ ୨୪ ମାଇଲ ପୂର୍ବରେ ଗଙ୍ଗା ତଟରେ ଥିଲା । ଏହାର ବର୍ତ୍ତମାନ ନାମ କୁମ୍ଭରାର । ଏଠାରେ ଭୂଗର୍ଭରୁ ପ୍ରାଚୀନ ପାଟଳ-ପୁତ୍ରର ବହୁତ ଭଗ୍ନାବଶେଷ ବାହାରୁଅଛି । ବୁଦ୍ଧଙ୍କ ପରବର୍ତ୍ତୀ କେତେକ ଶତାବ୍ଦି ଭାରତରେ ଏ ନଗର ବିଶେଷ ସମୃଦ୍ଧିଶାଳୀ ଓ ବିଖ୍ୟାତ ଥିଲା । ପ୍ରାଚୀନ ପୁସ୍ତକରେ ଏହାର ନାମ ପୁଷ୍ପପୁର ଓ କୁସୁମପୁର ଲେଖାଅଛି । ଶେରସାହା ଅଧୁନାତନ ପାଟଣା ନଗରକୁ ବସାଇଥିଲେ । ଭବିଷ୍ୟ ପୁରାଣରେ ଅଛି ଯେ ବିଶ୍ୱାମିତ୍ରଙ୍କ ଭଗିନୀ ପାଟଳୀଙ୍କ ଇଚ୍ଛା ଅନୁସାରେ କୌଣ୍ଡିଲ୍ୟ ମୁନିଙ୍କ ପୁତ୍ର ମନ୍ତ୍ର ବଳରେ ଏ ନଗର ବସାଇ ଥିବାରୁ ଏହାର ନାମ ପାଟଳିପୁତ୍ର ହେଲା । ବୁଦ୍ଧ-ଦେବଙ୍କ ସମକାଳୀନ ରାଜା ଅଜାତଶତ୍ରୁଙ୍କ ପୁତ୍ର ତାଙ୍କର ମନ୍ତ୍ରୀଙ୍କ ଦ୍ୱାରା ନଗର ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ଖୋଜାଉଥିଲେ । ମନ୍ତ୍ରୀମାନେ ଅବଗତ ହେଲେ ଯେ ବୁଦ୍ଧଦେବ ନାଳନ୍ଦରୁ ବୈଶାଳୀକୁ ଯିବା ସମୟରେ ବାଟରେ ଏହି ପାଟଳୀ ଗ୍ରାମରେ ଗ୍ରାମବାସୀମାନେ ତାଙ୍କ ପାଇଁ ଗୋଟିଏ ବିଶ୍ରାମାଗାର ନିର୍ମାଣ କଲେ ଓ ବୁଦ୍ଧଦେବ ଆଶୀର୍ବାଦ କରିଥିଲେ ଯେ ଏହି ଗ୍ରାମ ଗୋଟିଏ ବିଶାଳ ନଗରରେ ପରିଣତ ହେବ । ମନ୍ତ୍ରୀମାନେ ଏହା ଶୁଣି ଏହିଠାରେ ନଗର ବସାଇବାର ସ୍ଥିର କଲେ—ହ. ଶ]

ପାଟଳୀ—ସ. ବ. (ପାଟ=ବିସ୍ତାର+ଲା ଧାତୁ+କର୍ତ୍ତୃ. ଈ)—
Pāṭaḷi ୧ । ପାଟଳ (ଦେଖ)—1. Pāṭaḷi (See)
୨ । ପାଟନା ନଗରର ଅଧିଷ୍ଠାତ୍ରୀ ଦେବୀ (ହ. ଶବ୍ଦସାଗର)—
2. The presiding Goddess of Patna city.
୩ । ଗାଧିଙ୍କ କନ୍ୟା ଓ ବିଶ୍ୱାମିତ୍ରଙ୍କ ଭଉଣୀ—
3. Name of a sister of Biswāmitra.
[ଦ୍ର—ଏହାଙ୍କ ଅନୁରୋଧରେ କୌଣ୍ଡିଲ୍ୟ ମୁନିଙ୍କ ପୁତ୍ର ଏ ନଗର ବସାଇଥିଲେ ।]

ପାଟଳୀ ତୈଳ—ସ. ବ—ଗୁଲ୍‌ଜ ମୁଗୁରା ତୈଳ (ବଙ୍ଗଳା ଦ୍ରବ୍ୟଗୁଣ)—
Pāṭaḷi taila Chalmugra oil.
[ଦ୍ର—ଏହା ବମନକାରକ, ବଳବର୍ଦ୍ଧକ, ଅଗ୍ନିବର୍ଦ୍ଧକ ଓ ରସାୟକ । ଏହା କୁଷ୍ଠ, କଣ୍ଡୂ ଓ ଚର୍ମଦୋଷ ନାଶକ ।]

ପାଟଳୀମା—ସ. ବ. (ପାଟଳ+ଭାବାର୍ଥେ. ଇମନ୍; ୧ମା. ୧ବ)—
Pāṭaḷimā ପାଟଳ ବର୍ଣ୍ଣ—Rosy colour; pale red tint.

ପାଟ ଲୁଗା—ଦେ. ବ—(ସ. ପଟ୍ଟବସ୍ତ୍ର)—ପଟ୍ଟବସ୍ତ୍ର—
Pāṭa lugā ରେସମକାପଡ଼ **पाटकाकपड़ा** Silken cloth.
ପାଟଲୁଗା ଗୋଟିକେ କକ୍ଷରୁ ବାହାରେ –
କୃଷ୍ଣସିଂହ-ମହାଭାରତ-ଆଦି ।
[ଦ୍ର—ଏହିପରି ପାଟପିଡ଼ା; ପାଟଶାଢ଼ୀ ଆଦି ଶବ୍ଦ ହୁଏ]

ପାଟଶାଳ(ଳି)ଆ—ପ୍ରଦେ (ଗଞ୍ଜାମ) ବ—୧ । ଗଞ୍ଜାମର ପାଟଶାଳି ନାମକ
Pāṭasāḷi(ḷi)ā ସ୍ଥାନର ତନ୍ତୀମାନଙ୍କ ଦ୍ୱାରବୁଣା କପା ସୂତାର
पाड़सालो ଖୁବ୍ ସରୁ ଲୁଗା—I. A fine cotton cloth
(ପାଟଶାଲିଆ—ଅନ୍ୟରୂପ) woven by the weavers of a village Pāṭasāli in Ganjam.
୨ । ଗଞ୍ଜାମ ଜିଲ୍ଲାର ତନ୍ତୁକାଭବିଶେଷ—2. Name of a weaver caste weaving Pāṭasāḷia cloth.
[ଦ୍ର—ଏମାନଙ୍କ ହାତକଟା ସୂତାର ଖୁବ୍ ପତଳା ଲୁଗା ଭାରତ-ବିଖ୍ୟାତ । ମାଡ଼ାଜାର ଅଞ୍ଚଳର ତନ୍ତୀମାନେ ଏକପ୍ରକାର ରେସମୀ ବସ୍ତ୍ର ବୁଣନ୍ତି । ଉକ୍ତ ତନ୍ତୀମାନଙ୍କୁ ହିନ୍ଦିରେ 'ପଟଶାଲୀ' ବୋଲାଯାଏ]
୩ । ଦାକ୍ଷିଣାତ୍ୟର ଥିବା ଏକଜାତୀୟ ତନ୍ତୀ—
3. A class of weavers in the Deccan.
[ଦ୍ର—ଏମାନେ ଶୈବ ଅଟନ୍ତି; ଏମାନେ ଶିବଙ୍କ ଲିଙ୍ଗ ଆକାରର ଗୋଟିଏ ଗୋଲକକୁ ସୂତାରେ ଗୁନ୍ଥି ବେକରେ ପିନ୍ଧନ୍ତି ଓ କପାଳରେ ଭସ୍ମର ୩ ଗାର କାଟନ୍ତି । ଏମାନେ ମଦ୍ୟ ମାଂସ ଖାଆନ୍ତି ନାହିଁ ଓ ଏକ ଗୋତ୍ରରେ ବିବାହ କରନ୍ତି ନାହିଁ; ଏମାନେ ଲିଙ୍ଗାୟତ ସମ୍ପ୍ରଦାୟଭୁକ୍ତ ଅଟନ୍ତି—ହ. ଶ.)

ପାଟ ସଉଦା—ଦେ. ବି.—ପାଟରାମାନଙ୍କ ଦୋକାନରେ ବିକି କରାଯିବା
Pāṭa saudā ରେଶମ ଓ ଭୂଲାର ସୂତା, ପାଟଫୁଲ, କରଧିକ୍କ,
ଧଡ଼ିଆ ଆଦି—Silk and cotton threads tassellated tapes; waiste tapes etc sold by Pāṭarās.

ପାଟା—ପ୍ରାଦେ (ଗଞ୍ଜାମ) ବିଣ—ଟାଙ୍ଗରା; ଚନ୍ଦାମୁଣ୍ଡିଆ—
Pāṭā Bald headed.

ପ୍ରାଦେ (ବସ୍ତର) ବି—(ସଂ. ପଟ୍ଟ)—ଖଦି—
Loin cloth.

ପାଟାମୁଣ୍ଡା—ପ୍ରାଦେ (ଗଞ୍ଜାମ). ବିଣ. ପୁଂ—ଟାଙ୍ଗରାମୁଣ୍ଡିଆ—
Pāṭāmuṇḍā Bald-headed.
(ପାଟମୁଣ୍ଡିଆ—ଅନ୍ୟରୂପ; ପାଟମୁଣ୍ଡୀ—ସ୍ତ୍ରୀ)

ପାଟି—ଦେ. ବି—(ସଂ. ପଙ୍‌କ୍ତି)—୧ । ଶ୍ରେଣୀ—
Pāṭi ପାଟି **पाटि** 1. Row.
ଯଥା—ପାଟିଏ ଦାନ୍ତ ।

ମୁଖ **मुह** ୨ । ମୁଖ; ତୁଣ୍ଡ—2. Mouth.
ଦୁର୍ଯ୍ୟୋଧନଙ୍କୁ ଏବେ ଅଛି କାଳ ଘୋଟି
ଏଣୁ ତାଙ୍କ ବଚନେ କହୁଛ ତା ପାଟି । କୃଷ୍ଣସିଂହ ମହାଭାରତ ବନ ।

आवाज ୩ । ତୁଣ୍ଡଦ୍ୱାରା କରାଯିବା ଓ ଅନ୍ୟଙ୍କୁ ଶୁଣାଯିବା ଧ୍ୱନି—
3. Voice of the mouth.

୪ । ଉଚ୍ଚୈଃସ୍ୱର—4. Loud voice.

୫ । ଉଚ୍ଚୈଃସ୍ୱରରେ ଗୋଳମାଳ—
5. Noise caused by loud voice.

हल्ला; सोर ୬ । କପାଳ ଠାରୁ ଗାଲ ପର୍ଯ୍ୟନ୍ତ ବୋଳା ଯିବା ଚନ୍ଦନ ଓ ଛଳକର ପଟ୍ଟ—6. A stripe of sandal or other paste smeared on the forehead and reaching the cheeks.

पाड़ो ୭ । ଗୁହ ଛାତର ବତା ତଳେ ଭୁଜା ଉପରେ ଲମ୍ବ ହୋଇ ପକା ଯିବା କାଷ୍ଠ ଖଣ୍ଡ ବା ତଳ ଶ୍ରେଣୀ—7. The lower wooden or bamboo plate just below the rafters of a thatched house near the eaves.
କେତେ କେତେ ଖମ୍ବ ପାଟି ଘରିଛି ତହିଁରେ । କୃଷ୍ଣସିଂହ ମହାଭାରତ ।

୮ । (ସଂ. ପଟ୍ଟ) ଲଲାଟର ଫଳକ—
8. The surface of the brow.
ଲଲାଟ ପାଟିରେ ଶୋଭା ଚନ୍ଦନର ଚନ୍ଦ—ପ୍ରାଚୀ ରସବାରିଧି ।

ପାଟା ୯ । ଧାତୁର ଲମ୍ବା ପତଳା ପଟ୍ଟ—
पत्ती; पाटा 9. Metal plate.
ଯଥା—ତମ୍ବା ପାଟି ସନନ୍ଦ ।

୧୦ । କାଠର ପଟା—10. Wooden plank.

୧୧ । ସୁନ୍ଥା; ମାଙ୍ଗ; ଟେଷ୍ଠା; ମୁଣ୍ଡର ବାଳକୁ ଦୁଇଭାଗ କରି କୁଣ୍ଡାଇ ମହଣ ବା ପମେଟମ୍ ଦ୍ୱାରା କରାଯିବା କେଶବନ୍ଧନାଶ—
11. Artistic parting of the hair on the head with the comb and keeping the parted hairs in position with the help of pasted and unguents.

ଦେ. ବିଣ.—(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ)—କ୍ଷୁଦ୍ର; ଛୋଟ—
ପାତି **छोटा** Small.
ଯଥା—ପାଟି ଖଣ୍ଡା=ଛୋଟ ଖଣ୍ଡା ।

ପ୍ରାଦେ. (ସିଂହଭୂମ) ବି.—ଶଗଡ଼ର ପଇ—
The rim of a cart wheel.

ପ୍ରାଦେ. (କଳାହାଣ୍ଡି)—ବି.—ଶେଣୀ—
The wall plate of a thatched house.

ପାଟିଆ—ଦେ. ବି.—୧ । ପଟା ପଟା ଦାଗ—
Pāṭiā Stripe.

धारि, डोरिआ ୨ । ମୁଣ୍ଡର ବାଳକୁ ଦୁଇଭାଗରେ ଭାଙ୍ଗି ବେଶ ରଚନା କରିବା—2. The two parts of the
पाटि, पटिया hair divided in the middle.

ପ୍ରାଦେ. (ସମ୍ବଲପୁର)—ବି.—(ଭୂଲ. ହି. ପାଢ଼ୀ)—ଶେଣୀ, ଘରର ଶୁଳ ତଳରେ ଉଡ଼ାଯିବା ଲମ୍ବ କାଷ୍ଠ ଖଣ୍ଡ—
The wall plate of a thatched house.
[ଦ୍ର—ଏହା ଭୁଜା ଉପରେ ଲମ୍ବ ହୋଇ ରଖା ଯାଏ । ଏହାର ଉପରେ ଭୁଅ ପଡ଼େ ।]

ଦେ. ବିଣ.—(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ)—ପାଟି ବା ମୁଖଶବ୍ଦ-
(ପାଟେଇ—ସ୍ତ୍ରୀ) ବିଶିଷ୍ଟ—Voiced (as in loud-voiced).
ଯଥା—ବଡ଼ ପାଟିଆ, ଉଞ୍ଚ ପାଟିଆ ।

ପାଟିଆ ମୂଷା—ପ୍ରାଦେ. (ବସ୍ତର) ବି.—ଶୁଳୁଆ ମୂଷା—
Pāṭiā mūshā Rats frequenting thatches.

ପାଟିକଢ଼ା—ଦେ. ବିଣ—ଏକ ବ୍ୟକ୍ତିଦ୍ୱାରା ଅର୍ଦ୍ଧଚର୍ବିତ ବା ଉଚ୍ଛିଷ୍ଟ
Pāṭikaṛhā (ପାନଗୁଆ ଆଦି)—(Chewed betel or
उगिला pieces of nut) Brought out of one's mouth.
[ଦ୍ର—ଶିଶୁମାନଙ୍କୁ ବୟସ୍କ ବ୍ୟକ୍ତିମାନେ ସ୍ନେହରେ ଓ ରସିକ ରସିକା ପରସ୍ପରକୁ ଆପଣା ପାଟିକଢ଼ା ପାନ ମୁହଁଦ୍ୱାରା ଦଅନ୍ତି ।]

ପାଟି କରିବା—ଦେ. କ୍ରି—ଉଚ୍ଚୈଃସ୍ୱରରେ ଚିତ୍କାର କରିବା—
Pāṭi karibā **हल्ला करना** To make a loud noise.

ପାଟିକା—ସଂ. ବି—୧ । ଏକଦିନର ମୂଲ (ହି. ଶ)—
Pāṭikā 1. A day's wages.
୨ । ଛାଲ; ଖୋସା (ହି. ଶ)—2. Rind; bark.
୩ । ବୃକ୍ଷ ବିଶେଷ (ହି. ଶ)—3. Name of a tree.

ପାଟି ଖଣ୍ଡା—ଦେ. ବି—ଛୋଟ ଖଣ୍ଡା—
Pāṭi khaṇḍā Scimitar; small sword; rapier.
ପାତି ତଲୋୟାର **छोटी तलवार**

ପାଟି ଖନି ମାରିବା—ଦେ. କ୍ରି—୧ । ଅତ୍ୟଧିକ ଶୀତ ହେତୁରୁ ଦୁଇ-
Pāṭi khani māribā ଦାନ୍ତପାଟି ପରସ୍ପର ସହିତ ବାଜିବା—
घिग्घी बंधना 1. Chattering of the jaws due to extreme cold.

ପାଟି ଖନି ମାରିଯିବା
ପାଟି ଖଟି ବାଜିବା
ପାଟି କାଢ଼ିବା } ଅନ୍ୟରୂପ
ପାଟି କାଢ଼ି ମାରିବା
ପାଟି କାଢ଼ିଯିବା

୨ । ହଠାତ୍ ଭୟ ହେତୁ ବାକ୍ୟର ପଦ ଓ ଅକ୍ଷରମାନଙ୍କର ସ୍ଖଳନ—
2. Stammering due to extreme fright.

ପାଟିଡ଼—ପ୍ରାଦେ. (ଗଞ୍ଜାମ) ବ (ତେଲୁଗୁ ?)—ବେକର ଅଳଙ୍କାର
Pāṭirḍi ବିଶେଷ—A kind of ornament for the neck.

ପାଟିତ—ସଂ. ବିଣ. (ପଟ୍ ଧାତୁ ଣିଚ୍=ପାଟ ଧାତୁ=ଗମନ କରିବା,
Pāṭita ବିଦାରଣ କରିବା+କର୍ମ. ତ)—୧ । ବିପାଣ୍ଡି—
1. Pierced; split.
୨ । ଭଗ୍ନ—2. Broken.
୩ । କ୍ଷତ—3. Wounded.
୪ । ଫୋଡ଼ାଯାଇ ଥିବା—4. Bored; pricked

ପାଟି ତୁଣ୍ଡ—ଦେ. ବ. (ଏକାର୍ଥବୋଧକ ସହଚର)—ମୁଖଧ୍ୱନି—
Pāṭi tuṇḍa The voice of one's throat.
গলার আবাজ ଯଥା—ତାଙ୍କ ପାଟିତୁଣ୍ଡରେ ଏଗାଆଁ କମ୍ପୁଛି ।
मुहँकीआवाज

ପାଟିତୁଣ୍ଡ ବାଜିବା—ଦେ. ବ—ଉଚ୍ଚୈଃସ୍ୱର ଶୁଣାଯିବା—
Pāṭituṇḍa bājibā The loud voice being heard to a distance.
आवाज सुनाइ पड़ना

ପାଟିଦେବା—ଦେ. କ୍ରି. (ସଂ. ପଟ୍ ଧାତୁ ଣିଚ୍ ପାଟ ଧାତୁ=ବିଦାରଣ
Pāṭidebā କରିବା)—୧ । ଚିପିଦେବା—
1. To press hard.
୨ । ଚୂନା କରିବା—2. To reduce to powder.

ପାଟି ପଡ଼ିଯିବା—ଦେ. ବ—ରୋଗଆଦି ଯୋଗୁଁ ବାକ୍‌ଶକ୍ତି ରହିତ
Pāṭi parḍijibā ହେବା; କଥା କହି ନ ପାରିବା—
ପାଟି ଲୁକ ହୋଇଯିବା, ପାଟି ବନ୍ଦ ହୋଇଯିବା } ଅନ୍ୟରୂପ Lockjaw; the automatic closing of the mouth.
दाँतीलगजाना

ପାଟି ପାଡ଼ିବା—ଦେ. କ୍ରି—୧ । ଉଚ୍ଚୈଃସ୍ୱରରେ ଚିତ୍କାର କରିବା—
Pāṭi pārḍibā 1. To cry aloud; to bowl.
୨ । ଦୁଇ ଦାନ୍ତପାଟିକୁ ବନ୍ଦ କରିବା—
2. To close or shut up one's mouth or lips.

ଗର୍ଜେ ପଶିବ ଯେତେବେଳେ
ପାଟି ପାଡ଼ିବ ଅବହେଳେ । ଜଗନ୍ନାଥ, ଭାଗବତ ।

ପାଟି ପାଣେଇବା—ଦେ. ବ—୧ । ସମ୍ମୁଖରେ ଉପସ୍ଥିତ ମିଷ୍ଟାନ୍ନ ବା
Pāṭi pāṇeibā ଲୋଭନୀୟ ଖାଦ୍ୟ ବା ଖଟାଆଦି ଖାଦ୍ୟବସ୍ତୁର
[ପାଟି ନା(ଲା)ଲେଇବା—ଅନ୍ୟରୂପ] ଲୋଭରେ ପାଟିରୁ ଲାଳ ଗଡ଼ିବା;
मुहँमे पानीआना ମୁଖରୁ ଲାଳାସ୍ରାବ—1. Salivation due to hankering after food presented before one's mouth.
୨ । ରୋଗଯୋଗୁଁ ପାଟିକି ଖାଦ୍ୟଦ୍ରବ୍ୟ ସବୁ ବିସ୍ୱାଦୁ ଓ ପାଣିଚଆ ଲାଗିବା; ଅରୁଚି—2. Disrelish and want of taste in food due to disease.

ପାଟି ଫିଟା(ଟେ)ଇବା—ଦେ. କ୍ରି—ମୁହଁ ଖୋଲି କଥା କହିବା—
Pāṭi phiṭā(ṭe)ibā To open the mouth and talk.
মুখ খোলা **मुहँ खोलना**

ପାଟି ଫିଟିବା—ଦେ. ବ—ବାକ୍ୟ ସ୍ଫୁରିବା—
Pāṭi phiṭibā The opening of the month for speaking.
মুখখুলা **मुहँ खुलना**

ଦେହରେ ଶକ୍ତି ନାହିଁ, ପାଟି ଫିଟୁ ନାହିଁ ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

ପାଟିବଟା—ଦେ. ବ—ତୁଣ୍ଡିବଟା (ଦେଖ)
Pāṭi baṭā Tuṇḍibaṭā (See)

ପାଟି ବଥା(ଥେ)ଇବା—ଦେ. ବ—ଅତିରିକ୍ତ ପରିମାଣରେ କହିବା
Pāṭi batha(the)ibā ହେତୁରୁ ପାଟିରେ ପୀଡ଼ା ବୋଧ ହେବା—
A feeling of weariness in the mouth after a good deal of talking.

କହି କହି ଏବେ ବଥାଇଲାଣି ପାଟି ।
କୃଷ୍ଣସିଂହ, ମହାଭାରତ, ଉଦଯୋଗ ।

ପାଟିବା—ପ୍ରାଦେ. (ସମ୍ବଲପୁର) ବ—ପୋତିବା—
Pāṭibā To bury.

ପାଟି ବାନ୍ତୁଳି ଯିବା—ପ୍ରାଦେ. (ଗଞ୍ଜାମ) କ୍ରି—
Pāṭi bāntuḷi jibā ପାଟି ଖନି ମାରିବା (ଦେଖ)
Pāṭi khani māribā (See)

ପାଟି ବୁଜିବା—ଦେ. କ୍ରି. (ଅକର୍ମକ)—
Pāṭi bujibā ୧ । ଉଚ୍ଚୈଃସ୍ୱରରେ କଥାବାର୍ତ୍ତା ସ୍ଥଗିତ କରିବା—
মুখ বন্ধকরা 1. To stop loud talking.
मुहँ बन्द करना ୨ । ଚୁପ୍ ରହିବା; କଥା ନ କହିବା—
ପାଟି ବନ୍ଦ କରିବା, ପାଟି ମୁଦିବା } ଅନ୍ୟରୂପ 2. To shut up one's mouth; to cease talking; not to speak.

ପାଟି ମାରିବା—ଦେ. କ୍ରି—(ଲକ୍ଷଣାର୍ଥ) ଖାଦ୍ୟ ସମ୍ବନ୍ଧେ ସଂଯତ ହେବା—
Pāṭi māribā (figurative) To be abstemious in the matter of food.

ପାଟିଯିବା—ଦେ. କ୍ରି—ଚପି ହୋଇଯିବା—
Paṭijibā To be pressed up.
(ପାଟି ହୋଇଯିବା—ଅନ୍ୟରୂପ)
(ଯଥା—କବାଟ କଲବା ବେଳେ ତା ଆଙ୍ଗୁଳି ପାଟିଗଲା ।)

ପାଟିରୁ କଥା ଛଡ଼ା(ଡ଼େ)ଇ ନେବା—ଦେ. କ୍ରି—
Pāṭiru kathā chharḍā(rḍe)i nebā
बात छीन लेना କୌଣସି ବ୍ୟକ୍ତି ଗୋଟିଏ କଥା କହିବାକୁ ଯିବାର ଠିକ୍ ସମୟରେ ଅନ୍ୟ କେହି ଠିକ୍ ସେହି କଥା କହିଦେବା—
To forestall a person; to speak out what one was just going to say.

ପାଟିରେ ବେଙ୍ଗ ବନ୍ଧା ହେବା—ଦେ. ବ—୧ । (ଲକ୍ଷଣାର୍ଥ) କଥା
Pāṭire beṅga bandhā hebā କହିବାର ଶକ୍ତି ନ ଥିବା—
मुहँमे काँटा ठोका होना 1. Losing one's power of speech.
[ପାଟିରେ ବିଣ୍ଡା (ଠିପି) ମରା ହେବା; ପାଟିରେ ଘାଆ ହେବା—ଅନ୍ୟରୂପ]

ତୋ ପାଟିରେ କଅଣ ବେଙ୍ଗ ବନ୍ଧା ହୋଇଅଛି ?
କୁନ୍ତଳାକୁମାରୀ, ନଅଣ୍ଡୁଣୀ ।
ଶିର ଫାଟିଲ ବେଙ୍ଗକୁ ପ୍ରଥର ମଥ
କୁହୁକୁହୁ ବେଙ୍ଗକୁ ପାଟିରେ ଘାଅ । ଭଗ ।

ପାଟିଳ—ଗ୍ରା. ବ. (ସ. ପାଟଳୀ)—ପାଟଳା (ଦେଖ)
Pāṭili Pāṭalā (See)
(ପାଟୁଳ, ପାଟେଳ—ଅନ୍ୟରୂପ)

ପାଟିସନ୍—ବୈଦେ. ବ. (ଇଂ. ପାର୍ଟିସନ୍)—୧ । ବଣ୍ଟନ—
Pāṭisan 1. Partition.
पार्टिसन ୨ । ଜମିଦାରୀ ବଣ୍ଟନ—2. Partition of Estates
पार्टीसन ୩ । ଦୁଇ ସ୍ଥାନ ମଧ୍ୟରେ ଦିଆଯିବା ବ୍ୟବଧାନ—
3. Partition set up between two places.

ପାଟି ହେବା—ପ୍ରାଦେ (ଗଡ଼ଜାତ) କ୍ରି—ଘୋଡ଼ାଇ ହୋଇଯିବା; ଅବୃତ
Pāṭi heba ହେବା—To be covered up.
ସହର ଘାଟର ସରସବୁ ଧୂଳରେ ପାଟି ହୋଇ
ତଳଦଥ ହୋଇଗଲାଣି । ଉତ୍କଳ ସେବକ (୨।୧୪-୩ ୨୧ ।)

ପାଟୀ—ସ. ବ. ସ୍ତ୍ରୀ (ପଟ୍ ଧାତୁ ଣିଜନ୍ତ=ପାଟି ଧାତୁ=ପ୍ରାପ୍ତି ପାଇବା+
Pāṭi କର୍ତ୍ତୃ. ଇ+ସ୍ତ୍ରୀ. ଈ)—୧ । ପରିପାଟୀ; ଶୃଙ୍ଖଳା—
1. Arrangement; method; order.
୨ । ଶ୍ରେଣୀ—2. Row.
୩ । ଏକଜାତୀୟ ବସ୍ତୁର ଶ୍ରେଣୀ; ପଂକ୍ତି—
3. A row of things of the same class.
୪ । ପୁଞ୍ଜ—4. Group.
୫ । ପ୍ରଣାଳୀ—5. Mode; manner.

ପାଟୀଗଣିତ—ସ. ବ—(ପାଟୀ=ପରିପାଟୀ+ଗଣିତ)—ଅଙ୍କଶାସ୍ତ୍ର—
Pāṭiganita Arithmetic.

ପାଟୀନ—ସ. ବ—ପାଠୀନ (ଦେଖ)
Pāṭina Pāṭhina (See)

ପାଟୀର—ସ. ବ (ପଟୀର୍+ସ୍ୱାର୍ଥେ ଅ)—ଚନ୍ଦନବିଶେଷ—
Pāṭira A kind of sandal.

ପାଟୁଆ—ଦେ. ବ—ଘଣ୍ଟପାଟୁଆ; ଚୈତ୍ର ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ
Pāṭuā ବ୍ରତ ପାଳନପୂର୍ବକ ଝାମୁନାଚ କରିବା ନର୍ତ୍ତକ—
Persons who dance in observance of a religious vow on the occasion of Paṇā Saṁkrānti.
[ଦ୍ର—କେତେକ ଅଞ୍ଚଳରେ ପାଟୁଆମାନେ ପିଠିରେ ଝୁଣା ମାର ଦେବେଁ ଶିଖ ବାଡ଼ିଲେ ବଳାଗ କଣ୍ଟା ଫୋଡ଼ି ସେ ହୁକରେ ଦଉଡ଼ି ଲଗାଇ ବାଉଁଶ ଅଗରେ ଝୁଲନ୍ତି । ବାଉଳ, କଣ୍ଡରା, ପାଣ ଓ ଡମ ଆଦ ପାଟୁଆ ହୁଅନ୍ତି ।]

ପାଟୁଆ ଉତ୍ସ(ଚ୍ଛ)ବ—ଦେ. ବ—ଚଡ଼କ ପୂଜା (ଦେଖ)
Pāṭuā utsa(chchha)ba Chaṛḍaka Pūjā (See)
(ପାଟୁଆ ଜାତ, ପାଟୁଆ ଜାତରା, ପାଟୁଆ ଯାତ୍ରା—ଅନ୍ୟରୂପ)

ପାଟୁ ପାଟୁ—ଦେ. ବଣ—କ୍ଷୁଧା ବା ତୃଷାରେ ପରିଶୁଷ୍କ କଣ୍ଠତାଳୁ; କ୍ଷୁଧାରେ
Pāṭu pāṭu ବା ତୃଷାରେ ଶୁଷ୍କ ବା ଅସ୍ଥିର—Troubled by
पटपट the pangs of extreme hunger or thirst; with the mouth parched up owing to thirst and hunger.
କାହାର ପାଟ ହୋଇଯାଇଛି ପାଟୁ ପାଟୁ
ପାଣି ଦଅ ବୋଲି ଲୋକଙ୍କୁ କରେ ଗୁହାରି । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

(ଯଥା—ଉଦ୍ଧିଆଣି ପିଲାଟା ଦୁଧ ନ ପାଇ ଭୋକରେ ପାଟୁ ପାଟୁ ହେଲାଣି ।)

ପାଟୁଳି—ପ୍ରାଦେ (ଗଡ଼ଜାତ) ବ—ଘର ତିଆରି କାମରେ ଲାଗିବା ଭଳି
Pāṭuli ବଡ଼ ଓ ଟାଣୁଆ ଗଛ—A big and hard tree fit for being used as material for building houses.
ଗ୍ରା. ବ—ପାଟଳା (ଦେଖ)—Pāṭalā (See)

ପାଟେଇ—ଦେ. ବଣ (ଅନ୍ୟ ଶବ୍ଦ ସଙ୍ଗେ ଲାଗେ, ଯଥା ବଡ଼ ପାଟେଇ;
Pāṭei ତୁଣ୍ଡ ପାଟେଇ)—୧ । ପାଟିଆର ସ୍ତ୍ରୀ ଲିଙ୍ଗ—
(ପାଟୋଇ—ଅନ୍ୟରୂପ) 1. Feminine of Pāṭiā.
୨ । ତୁଣ୍ଡେଇ; ବାଚାଳୀ; ମୁଖରା—
2. Talkative (woman).
୩ । କଳହପ୍ରିୟା—3. Quarrelsome (woman).
୪ । ଯେଉଁ ସ୍ତ୍ରୀର ଗଳାର ସ୍ୱର ଉଚ୍ଚ ବା କଡ଼ା—
4. (a woman) Having a loud or harsh tone.

ପାଟେ କଳି—ଦେ. ବ. —କଳିର ଏକ ଦଫା; ଭୂହେ କଜିଆ—
Pāṭe kaḷi A full course or heat of quarrelling.
एकदफर झगड़ा ଯଥା—ସେ ମୋ ସଙ୍ଗେ ପାଟେ କଳି କଲା ।
ପାଟେ କଜିଆ } ଅନ୍ୟରୂପ [ଦ୍ର—ବୋଧ ହୁଏ ପାଟିଏ କଳି
ପାଟେ ଚକଗୋଳ(ର) =ଯେତେ କଳି କଲେ ପାଟି ଘୋଳ ହୋଇ ଯାଏ ।]

ପାଟେଳୀ—ଦେ. ବଣ.ସ୍ତ୍ରୀ.—(ସ. ପାଟଳା)—ପାଟଳବର୍ଣ୍ଣବିଶିଷ୍ଟ (ଗାଈ)
Pāṭeli Pale red (cow)
ଗ୍ରା. ବ.—୧ । ଗ୍ରାମଦେବତାବିଶେଷ—1. Name of a popular Goddess.
୨ । ପାଟଳା (ଦେଖ)—2. Pāṭalā (See).

ପାଟ୍ଟୁ—ବୈଦେ (ତେଲୁଗୁ) ବ—ପଲସ୍ତ୍ରା; କାନ୍ଥ ଆଦିରେ ଚୂନର ସ୍ତର
Pāṭṭu ବୋଳ ଦାଗ ମାଠିବା—Plastering.

ପାଟ୍ୟ—ସ. ବ (ପଟ୍ ଧାତୁ+କର୍ତ୍ତୃ. ଯ)—ଛଣପଟ (ହ୍ର. ଶ.)—
Pāṭya Flax

ପାଟ୍ରା—ଗ୍ରା. ବ. ପୁଂ—୧ । ପାଟରା (ଦେଖ)
Pāṭrā 1. Pāṭarā (See)
୨ । ପେଟରା (ଦେଖ)—Peṭarā (See).

ପାଟ୍ରାଣୀ—ଦେ. ବ. ସ୍ତ୍ରୀ—ପାଟରାଣୀ (ଦେଖ)
Pāṭrāṇi Pāṭarāṇi (See).

ପାଠ—ସ. ବ (ପଠ୍ ଧାତୁ=ଅଧ୍ୟୟନ କରିବା+ଭାବ. ଅ)—
Pāṭha ୧ । ପଠନ; ଲେଖାଥିବା ବିଷୟକୁ ପଢ଼ିବା—
1. Reading of any written matter; perusal
୨ । ଆବୃତ୍ତି—2. Recital.
(ଯଥା—ସ୍ତୋତ୍ରପାଠ; ବେଦପାଠ; ମନ୍ତ୍ରପାଠ ।)
୩ । ପୁସ୍ତକର ପଠନୀୟ ଅଂଶ—3. Text of a book; the readable portion of a book
୪ । ବିଦ୍ୟାଶିକ୍ଷା; ପଢ଼ାପଢ଼ି; ଅଧ୍ୟୟନ—
4. Learning; study.

୫ । ସନ୍ଥ; ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅଭ୍ୟାସ ବା ଅନୁଶୀଳନ କରିବା ପାଇଁ ଗୁରୁଙ୍କଦ୍ୱାରା ଛାତ୍ର ପ୍ରତି ନିରୂପିତ ପାଠ୍ୟ ବିଷୟ—
5. A lesson given to a pupil for preparing in a fixed time.

୬ । ଅଧ୍ୟାପନ; ପଢ଼ାଇବା —6. Teaching.

୭ । କୌଣସି ବିଷୟ ବା ପଦ ବା ଶବ୍ଦ ଏକ ଗ୍ରନ୍ଥର ଭିନ୍ନ ଭିନ୍ନ ସଂସ୍କରଣରେ ଯେଉଁପରି ଲେଖା ଯାଇଥାଏ—
7. Different readings of the same matter or word or line found in different editions or copies of the same book.

ଦେ. ବି—୧ । ଶିକ୍ଷାଲାଭ—1. Education; attainment of learning.

ଦୋଳଯାକେ ଭାତ (ଶେଷ), ବାଳୀ ଯାକେ ପାଠ—ଢଗ ।

୨ । ପାଠ୍ୟ ପୁସ୍ତକ (ଯଥା—ବାଳକା ପାଠ; ଦ୍ୱିତୀୟ ପାଠ)—
2. Text book; reader.

୩ । ଧର୍ମଶାସ୍ତ୍ର—3. The scripture.

(ଯଥା—ପାଠ ଡାକୁଛି ଦୁଷ୍ଟଲୋକର ସଙ୍ଗ ତ୍ୟାଗ କରିବ ।)

୪ । ପ୍ରଚଳିତ ବିଧି; ରୀତି—
4. Current rule; custom; usage.

୫ । ପନ୍ଥା; ମାର୍ଗ; ପଦ୍ଧତି—5. Way; mode; fashion.

(ଯଥା—ଆଜିକାଲିର ଟୋକାଏ ଗୋଟାଏ ଗୋଟାଏ ନୂଆ ପାଠ ବାହାର କରୁଛନ୍ତି ।)

୬ । ଆଚରଣ; ଆଚରିତ ପନ୍ଥା—
6. Course of action; conduct.

(ଯଥା—ଆମ ଘରେ ନନାଙ୍କର ପାଠେ ତ, ନାନୀଙ୍କର ପାଠେ ।)

୭ । ନିତ୍ୟକର୍ମ—7. Daily act.

ମଣ ଖାଦ ଖାଇବାର ଅଟଇ ତାଙ୍କ ପାଠ ।
କୃଷ୍ଣସିଂହ ମହାଭାରତ ବନ ।

୮ । ଖବର; ସମ୍ବାଦ—8. News; tidings.

ବାର୍ତ୍ତାବହ ସ୍ଥାନ ବଣ୍ଟ ପାଠମାନ ଗୋଚର ହେବାକୁ ।
ଭକ୍ତ ବୈଦେହୀଶବିଳାସ ।

୯ । ଅଭ୍ୟାସ—9. Habit.

ପ୍ରାଦେ (ଉତ୍ତରଭାଷା) ବି—ପିଠି—Back.

ପାଠକ—ସଂ ବି. ପୁଂ (ପଠ ଧାତୁ=ଅଧ୍ୟୟନ କରିବା+କର୍ତ୍ତୃ. ଅକ)—
Pāṭhaka ୧ । ପଢ଼ୁଆ; ଯେ ପଢ଼େ—1. Reader.
(ପାଠିକା—ସ୍ତ୍ରୀ) ୨ । (ପଠ୍ ଧାତୁ ଣିଚ୍ ପାଠି ଧାତୁ+କର୍ତ୍ତୃ. ଅକ) ଅଧ୍ୟାପକ—2. Teacher;

୩ । ପୁରାଣ ପଣ୍ଡା—
3. A reader of the Purāṇas.

୪ । ଯେ କୌଣସି ପୁସ୍ତକରୁ ପଢ଼େ—
4. A reader or reciter from a book.

ସଂ. ବିଣ. ପୁଂ—୧ । ପାଠକାରୀ—1. Reading.

୨ । ଆବୃତ୍ତିକାରୀ—2. Reciting.

୩ । ଅଧ୍ୟାପନକାରୀ—3. Teaching.

ଦେ. ବି.—ପଶ୍ଚିମା ବ୍ରାହ୍ମଣଙ୍କ ଉପାଧିବିଶେଷ—
A family-title of certain Brāhmaṇas of north and west India.

ପାଠ ଗୁରୁ—ସଂ. ବି.—(ପାଠ+ଗୁରୁ)—ବିଦ୍ୟା ଗୁରୁ; ଯେ ବିଦ୍ୟା
Pāṭha guru ପଢ଼ାନ୍ତି—Teacher.

ପାଠଘୋଷା—ଦେ. ବି—ମୁଖସ୍ଥ କରିବାପାଇଁ ପୁସ୍ତକର କୌଣସି ଅଂଶର
Pāṭhaghoshā ବାରଂବାର ଆବୃତ୍ତି—Repeating or
पाठघोषान learning a portion of a book to
(ପାଠ ଘୋଷିବା—କ୍ରିୟାରୂପ) commit it to memory.

ଦେ. ବିଣ—ଯେଉଁ ଛାତ୍ର ପାଠକୁ ଘଇଠାଇବା ପାଇଁ ବାରଂବାର ଘୋଷେ ବା ମୁଖସ୍ଥ କରେ—Learning by rote; repeatedly reading a lesson aloud to get it by heart.

ପାଠ ଡାକୁଛି—ଦେ. ବାକ୍ୟ.—(ଅମୁକ ବିଷୟ) ପ୍ରାଚୀନ ଗ୍ରନ୍ଥମାନଙ୍କରେ
Pāṭha ḍākuchhi ବା ଶାସ୍ତ୍ରରେ ଲେଖାଅଛି—(a particular thing) Is witten in ancient books or scriptures; so say the books.

ପାଠ ଡାକିଲା
ପାଠ କହିଲା
ପାଠ କହୁଛି } ଅନ୍ୟରୂପ
ପାଠରେ ଅଛି
ପାଠଖୋଲୁ(ଖୁ)ଛି

ପାଠ ଡାକୁଛି,
ଜଣେ ଉଡ଼େଇବ, ଜଣେ ଉଣ୍ଟୁଛି । ଢଗ ।

(ଯଥା—ଅର୍ଥାତ୍ ଆମର ପ୍ରାଚୀନ ଗ୍ରନ୍ଥମାନଙ୍କରେ ଲେଖାଅଛି ଯେ ଜଣେ ଲୋକ ବହୁକଷ୍ଟରେ ସଞ୍ଚିବା ଧନକୁ ତା ପରେ ଅନ୍ୟ ଲୋକ ଅପବ୍ୟୟରେ ଉଡ଼ାଇ ଦିଏ ।)

ପାଠନ(ନା)—ସଂ. ବି, ସ୍ତ୍ରୀ.—(ପଠ୍ ଧାତୁ ଣିଜନ୍ତ=ପାଠ୍ ଧାତୁ+ଭାବ
Pāṭhana (nā) ଅନ; +ସ୍ତ୍ରୀ. ଆ)—ଅଧ୍ୟାପନା; ପଢ଼ାଇବା; ଛାତ୍ରକୁ ବିଦ୍ୟା ଶିକ୍ଷା ଦେବା—Teaching.

ପାଠ ପଢ଼ା—ଦେ. ବି.—(ସଂ. ପାଠ+ପଠନ; ପାଠନ)—
Pāṭha par̤ḍhā ୧ । ବିଦ୍ୟାଶିକ୍ଷା; ଅଧ୍ୟୟନ—
पाठपढ़ा पाठपढ़ा 1. Reading; education; study.

"ମାଆଁ ମାଆଁ ରେ ! ପାଠପଢ଼ା ବଡ଼ ଦୁଃଖ;
ହାତ ଗୋଡ଼ ଭୂଇଁ ଲଗଇ ରେ । ପଣ୍ଡାନ୍ତେ ବଡ଼ ସୁଖ—ଶିଶୁବଚନ

୨ । ଅଧ୍ୟାପନା—2. Teaching.

ଦେ. ବିଣ.—୧ । ଅଧ୍ୟୟନକାରୀ (ଛାତ୍ର)—
1. Studying (student).

୨ । ଅଧ୍ୟାପନକାରୀ (ଗୁରୁ)—2. Teaching (master).

୩ । ଶିକ୍ଷିତ; ଶିକ୍ଷାପ୍ରାପ୍ତ—3. Educated.

୪ । ଯେଉଁ ସ୍ଥାନରେ ପିଲାଏ ପଢ଼ନ୍ତି—
4. (a place) Where children study.

ଯଥା—ପାଠ ପଢ଼ା ମେଲା ।

ପାଠ ପଢ଼ା(ଢ଼େ)ଇବା—ଦେ. କ୍ରି.—(ସଂ. ପାଠ+ପାଠନ)—
Pāṭha par̤ḍhā(r̤ḍhe)ibā ଛାତ୍ରଙ୍କୁ ବିଦ୍ୟାଶିକ୍ଷା ଦେବା—
पाठपढ़ाना 1. To impart education to pupils.
पाठ पढ़ाना ୨ । (ଲକ୍ଷଣାର୍ଥ) ଉପଦେଶ ଦେବା; ମନ୍ତ୍ରଣା ଦେବା—
2. (figurative) To give advice.

୩ । (କଚେରୀ) — ସାକ୍ଷୀଙ୍କୁ ଘରେ ତାଲିମ୍ କରିବା—
3. To coach one's witness.

[ଦ୍ର— କଚେରୀରେ ସାକ୍ଷ୍ୟ ଦେବା ପୂର୍ବରୁ ସାକ୍ଷୀମାନେ ଯେଉଁ ପକ୍ଷ ସମର୍ଥନ କରିବାକୁ ଆସି ଥାଆନ୍ତି ସେହି ପକ୍ଷର ମାମଲତକାରମାନେ ସାକ୍ଷୀମାନଙ୍କୁ ଅମୁକ ଅମୁକ ବିଷୟ କହିବ ବୋଲି 'ପାଠ ପଢ଼ାନ୍ତି' । 'ମୌକ୍ତିକଂ ନ ଗଜେ ଗଜେ'—ସବୁ ହାତୀଙ୍କ ମୁଣ୍ଡରେ ମୁକୁତା ନ ଥିଲା ଭଳି ସବୁ ଓକିଲ ବା ସବୁ ମୁକ୍ତାରଙ୍କୁ ସାକ୍ଷୀ ପଢ଼ାଇବା ବିଦ୍ୟା ଆସେ ନାହିଁ । ସାକ୍ଷୀ କଚେରୀରେ ହାକିମଙ୍କ ପାଖରେ ଜବାନବନ୍ଦୀ ଦେବା ପୂର୍ବରୁ ସେ କଅଣ କହିବ ତାହି ନିଜ ପକ୍ଷର ଓକିଲ, ମୁକ୍ତାର ବା ମାମଲତକାରଙ୍କ ଆଗରେ କହେ ଓ ସେ ଯେଉଁ ଯେଉଁ ଠାରେ ଝୁଣ୍ଟେ ବା ଝୁଣ୍ଟିବାର ଆଶଙ୍କା ଥାଏ ତାହା ଉକ୍ତ ମାମଲତକାର ତାକୁ 'ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବାକୁ' ଆଜ୍ଞା କରି ପାଠ ପଢ଼ାଇ ଦିଅନ୍ତି । ଆଜି କାଲି ମଫସଲ ଅଦାଲତ ଓ ବିଶେଷତଃ ଫଉଜଦାରୀ କୋର୍ଟରେ ଯେଉଁ ମାମଲତକାର ବା ଓକିଲ ମୁକ୍ତାର ସାକ୍ଷୀଙ୍କୁ ପାଠ ପଢ଼ାଇବା ବିଷୟରେ ଯେତିକ ବେଶି ସିଦ୍ଧହସ୍ତ ତାଙ୍କର ସେତିକ ବେଶି ନାମ ଡାକ ଓ ବଢ଼ିଛି ।]

ପାଠ ପଢ଼ିବା—ଦେ. କ୍ରି.—(ସଂ. ପାଠ+ପଠ୍ ଧାତୁ)—୧ । ବିଦ୍ୟାଶିକ୍ଷା କରିବା; ଶିକ୍ଷକଙ୍କ ଠାରୁ ବିଦ୍ୟା ଲାଭ କରିବା
Pāṭha parḍhibā
ପାଠପଡ଼ା **ପାଠ ପଢ଼ନା**
1. To acquire learning; to undergo a course of education.

୨ । ନିର୍ଦ୍ଦିଷ୍ଟ ପାଠ ବା ସନ୍ଥକୁ ଅଭ୍ୟାସ କରିବା—
2. To be engaged in studying a particular lesson.

୩ । (ଲକ୍ଷଣାର୍ଥ) (କଚେରୀ)–ମାମଲତକାରଙ୍କଦ୍ୱାରା (ସାକ୍ଷୀ) ମକଦ୍ଦମା ପଡ଼ିବା ପୂର୍ବରୁ ତାଲିମ୍ ହେବା—
3. (figurative -(a witness) To be coached beforehand.

ପାଠ ପଢ଼ୁଆ—ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ଯେଉଁ ଛାତ୍ର ବିଦ୍ୟା ଶିକ୍ଷା କରୁଅଛି—1. Studying; being educated.
Pāṭha parḍhuā
ପଢ଼ୁୟା **ପଢ଼ୁଆ**

୨ । ଶିକ୍ଷିତ; ଯେ ବିଦ୍ୟାଶିକ୍ଷା କରିଅଛି—
3. Educated.

୩ । ଯେ ବିଦ୍ୟାଶିକ୍ଷା ଦେଉ ଅଛନ୍ତି—
3. Teaching; imparting education.

୪ । ଯେଉଁ ଗୁରୁଙ୍କ ଠାରେ କୌଣସି ବ୍ୟକ୍ତି ବାଲ୍ୟ କାଳରେ ବିଦ୍ୟା ଶିକ୍ଷା କରିଥିଲେ—4. One who had been a persona's teacher in the latter's boyhood.

ପାଠ ବାଡ଼ି—ଗ୍ରା.ବି.—(ଗଉଡ଼ମାନଙ୍କ ଲଉଡ଼ି ଖେଳରେ ବ୍ୟବହୃତ) ବାଡ଼ି ବୁଲାଇବାର ଏକ ପ୍ରକାର ଶୈଳୀ—A kind of brandishing the stick in stick play.
Pāṭha bārḍi

ପାଠ ମଞ୍ଜରୀ—ସଂ. ବି.—ଏକପ୍ରକାର ମଇନା ବା ସାରୀ (ହ. ଶ.)—
Pāṭha manjarī A species of myna bird.

ପାଠଲେ—ପ୍ରାଦେ. (ଭିତର ଭାଷା; ବସ୍ତର) ଅ—ପଛରେ—
Pāṭhale Behind.

ପାଠ ଶାଠ—ଦେ. ବି.—(ନିରର୍ଥକ ଅନୁଚର ଶବ୍ଦ,—୧ । ବିଦ୍ୟାଆଦି—
Pāṭha śāṭha 3. Learning etc.
ପଠା(ଢ଼ା) ପଢ଼ି(ଟି) **ପଢ଼ାଲିଖା** ୨. । ପାଣ୍ଡିତ୍ୟ ପ୍ରକାଶ—
2. Exhibition of one's learning.

ପୁଣି ହୋଇଲେ ହେ ସଜନ ତୁମ୍ଭେ ଭଟ,
ଜାଣି ବନ୍ଧୁ ହିଁକଲ, କର ପାଠ ଶାଠ ।
ବୃନ୍ଦାବନହିତ, ମହାଭାରତ ବନ ।

୩ । ବିଦ୍ୟା ଓ ବୁଦ୍ଧି—
3. Learning and intelligence.

୪ । ଲେଖା ପଢ଼ା—4. Reading and writting.

ପାଠଶାଳା(ଳ)—ସଂ. ବି. ସ୍ତ୍ରୀ.—(୬ଷ୍ଠୀ ତତ୍; ପାଠ+ଶାଳା=ଗୃହ)—
Pāṭhaśāḷā(lā) ବିଦ୍ୟାଳୟ; ସ୍କୁଲ—School.
(ପାଠାଳୟ—ଅନ୍ୟରୂପ) ଦେ. ବି.—ଲୋଅର୍ ପ୍ରାଇମେରୀ ସ୍କୁଲ; ନିମ୍ନ ଶ୍ରେଣୀର ବିଦ୍ୟାଳୟ; ନିମ୍ନ ପ୍ରାଥମିକ ବିଦ୍ୟାଳୟ; ଚାଟଶାଳୀ; ଚାଟଶାଳ—Primary vernacular school.

ପାଠଶିମ(ମ୍ବ)—ଦେ. ବି—ଚେପଟା ଶିମ୍ବ ବିଶେଷ—
Pāṭhasima(mba) A kind of flat bean.
ପଟ୍ଟାଶୀମ

ପାଠା—ସଂ. ବି. ସ୍ତ୍ରୀ—ଆକାନବିନ୍ଧ (ଦେଖ)
Pāṭhā Akānabindhi. (See)

ପାଠାନ୍ତର—ସଂ. ବି. (କର୍ମଧା; ଅନ୍ୟ+ପାଠ)—୧ । ଅନ୍ୟ ପାଠ—
Pāṭhāntara 1. Another lesson.
(ପାଠଭେଦ—ଅନ୍ୟରୂପ) ୨ । ଏକପୁସ୍ତକର ବିଭିନ୍ନ ସଂସ୍କରଣରେ ଏକ କଥାର ବିଭିନ୍ନରୂପ ଲେଖା—2. Another reading from a different book.

ପାଠାଭ୍ୟାସ—ସଂ. ବି. (୬ଷ୍ଠୀ ତତ୍; ପାଠ+ଅଭ୍ୟାସ)—
Pāṭhābhyāsa ବିଦ୍ୟାନୁଶୀଳନ; ପାଠ ପ୍ରସ୍ତୁତ କରିବା—
Preparing a lesson; studying.

ପାଠାର୍ଥୀ—ସଂ. ବି. ପୁଂ. (ପାଠ+ଅର୍ଥୀ)—ଛାତ୍ର—
Pāṭhārthī Student.
(ପାଠାର୍ଥିନୀ—ସ୍ତ୍ରୀ) ସଂ. ବିଣ. ପୁଂ—ବିଦ୍ୟା ଅର୍ଜନ କରିବା ପାଇଁ ଇଚ୍ଛୁକ—Wishing to study.

ପାଠିକା—ସଂ. ବି ଓ ବିଣ. ସ୍ତ୍ରୀ. (ପାଠକ+ସ୍ତ୍ରୀ. ଆ)—
Pāṭhikā ପାଠକର ସ୍ତ୍ରୀଲିଙ୍ଗ—
Feminine of Pāṭhaka.
ସଂ. ବି—ଅକାନବିନ୍ଧ (ଦେଖ)—Akānabindhi (See).

ପାଠିତ—ସଂ. ବିଣ. (ପଠ୍ ଧାତୁ ଣିଜନ୍ତ=ପାଠି ଧାତୁ+କର୍ମ ତ)—
Pāṭhita ଅଧ୍ୟାପିତ—Taught.

ପାଠୀ—ସଂ. ବିଣ. ପୁଂ. (ପଠ୍ ଧାତୁ+କର୍ତ୍ତୃ. ଇନ୍ ୧ମା. ୧ବ)—
Pāṭhī ପାଠକ; ଯେ ପଢ଼େ—Reading; studying.
(ପାଠିନୀ—ସ୍ତ୍ରୀ) [ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା—ସହପାଠୀ, ଛନ୍ଦପାଠୀ ।]

ସଂ. ବି –୧ । ଚିତକ ବୃକ୍ଷ; ଧଳା ଚିତା ଗଛ—

୨ । ବ୍ରାହ୍ମଣଙ୍କ ଉପାଧିବିଶେଷ—
2. A family-title of Brāhmaṇas.

ପାଠୀନ—ସ. ବି. (ପାଠ + ସଜ୍ଞାର୍ଥେ ଈନ)— ୧ । ପାଠକ—
Pāṭhina 1. Reader.
ସ. ନାମ—ବୋଦାଲ, ବଦାଲକ, ସହସ୍ରଦଂଷ୍ଟ୍ର, ବୋଆଲ ୨ । (ପାଠୀ=ପୃଷ୍ଠ+ନମ୍ ଧାତୁ=ଶବ୍ଦ କରିବା+ଅ)—ବାଳିଆମାଛ—
2. Boal fish.
ପହିନା, ପଢ଼ିନା, ବୁଆରୀ [ଦ୍ର—ଏହା ଶ୍ଳେଷ୍ମକର ଓ ବଳବର୍ଦ୍ଧକ, ଏହାଦ୍ୱାରା ରକ୍ତ ଓ ପିତ୍ତ ଦୂଷିତ ହୁଏ ଏବଂ କୁଷ୍ଠରୋଗ ଉତ୍ପନ୍ନ ହୁଏ । ଏହା ମାଂସଭୋଜୀ ଓ ଶବଭୋଜୀ ।]
୩ । ଗୁଗ୍‌ଗୁଲ ବୃକ୍ଷ—3. Amyris Agallochum (tree).

ପାଠୋଦ୍ଧାର—ସ. ବି. (୬ଷ୍ଠୀ ତତ୍; ପାଠ + ଉଦ୍ଧାର)—
Pāṭhoddhāra ପୁସ୍ତକରେ ଦେଖାଯିବା କୌଣସି ଦୁରୂହ ବା ଅବୋଧ୍ୟ ପଦ ବା ବାକ୍ୟର ଅର୍ଥକୁ ବୋଧଗମ୍ୟ କରାଇବା— The elucidation of any knotty or obscure passage in a book.

ପାଠୋନ୍ନତି—ସ.ବି. (୬ଷ୍ଠୀ ତତ୍; ପାଠ + ଉନ୍ନତି)—ଶିକ୍ଷାର କ୍ରମୋନ୍ନତି—
Pāṭhonnati The progress of education.

ପାଠ୍ୟ—ସ. ବିଣ. (ପଠ୍ ଧାତୁ=ପଢ଼ିବା + କର୍ମ. ଯ)— ୧ । ପଢ଼ିବାର
Pāṭhya ଯୋଗ୍ୟ; ପାଠଯୋଗ୍ୟ; ପଠନୀୟ—1. Worth reading; legible; fit to be perused.
୨ । ଯାହା ବିଦ୍ୟାଳୟରେ ପଠିତ ହେବାପାଇଁ ବିଦ୍ୟାଳୟର କର୍ତ୍ତୃପକ୍ଷ ଆଦେଶ ଦିଅନ୍ତି—2. Prescribed as text-book in a school.

ପାଠ୍ୟ ନିର୍ଘଣ୍ଟ—ସ. ବି. (ପାଠ୍ୟ + ନିର୍ଘଣ୍ଟ; ଆଧୁନିକ ପ୍ରୟୋଗ)—
Pāṭhya nirghaṇṭa ପାଠ୍ୟପୁସ୍ତକ ମାନଙ୍କର ତାଲିକା— A list or syllabus of text-books.

ପାଠ୍ୟ ପୁସ୍ତକ—ସ. ବି. (ପାଠ୍ୟ + ପୁସ୍ତକ) — ୧ । ବିଦ୍ୟାଳୟରେ ପଠିତ
Pāṭhya pustaka ହେବା ପାଇ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦିଷ୍ଟ ପୁସ୍ତକ; ପଢ଼ାବହି—1. Text book.
୨ । ଯେଉଁ ବହି ପଢ଼ିବା ଯୋଗ୍ୟ—
2. A book worth reading.

ପାଠ୍ୟପୁସ୍ତକ କମିଟି—ଦେ. ବି.—ଆଧୁନିକ ବ୍ୟବହାର (ସ. ପାଠ୍ୟପୁସ୍ତକ
Pāṭhyapustaka kamiṭi ଇଂ. କମିଟି) + ବିଦ୍ୟାଳୟର ପାଠ୍ୟପୁସ୍ତକମାନ ମନୋନୀତ କରି ନିର୍ଦ୍ଦେଶ କରିବା ପାଇଁ ପ୍ରତି ପ୍ରଦେଶରେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ସମିତି— Text-book committee.

ପାଠ୍ୟାବସ୍ଥା—ଦେ. ବି. (ଅପପ୍ରୟୋଗ) (ପାଠ୍ୟ + ଅବସ୍ଥା)—
Pāṭhyābasthā ପଠଦଶା; ଛାତ୍ରାବସ୍ଥା—Student life.
ପାଠ୍ୟବସ୍ଥା

ପାଡ୍—ଦେ. ବି—ଲୁଗାର ଧଡ଼ି; କନାଧଡ଼ି—
Pārd The hem or border of a cloth.
ପାଡ଼ ପ୍ରାଦେ. (ମେଦିନୀପୁର) ବି (ଭୁଲ ବ. ଏହି ଅର୍ଥରେ ଏହି

ପାଡ୍ ଶବ୍ଦ ଓ ହି. ପାଡ୍)—ପୋଖରୀ ବନ୍ଧ—
The high bank of a tank.

ପାଡ଼—ଦେ. ବି. (ସ. ପର୍ଦ୍ଦନ; ତୁଲ. ଇଂ. ଫାର୍ଟ୍)—
Pārda ଅପାନବାୟୁ; ବାତକର୍ମ—Ventris Crepitus; fart; wind passed through the anus.
ପାଦ ପାଦ

ପାଡ଼ ଗଣ୍ଠି—ଗ୍ରା. ବି. (ଅଶିଷ୍ଟ) (ସ. ପର୍ଦ୍ଦ + ଗ୍ରନ୍ଥି)—
Pārda ganthi ବନ୍ଧୁ ଶିଶୁ ବାଳକଙ୍କ ମଧ୍ୟରେ ଅଧୋବାୟୁ ନିଃସାରକ ବ୍ୟକ୍ତିକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଏକ ପ୍ରକାର ମାଣ୍ଡ—A kind of ordeal for adjudging as to who of the assembled children broke wind.
[ଦ୍ର—ଏକତ୍ର ଉପସ୍ଥିତ ଗୁଡ଼ାଏ ଶିଶୁଙ୍କ ମଧ୍ୟରୁ ଜଣେ କେହି, ବାତକର୍ମ କଲେ ଓ ନ ମାନିଲେ, ଜଣେ ଗୁଡ଼ାଏ କୁଟା କାଠି ହାତରେ ମୁଠାଇ ଧରେ ଓ ତହିଁ ମଧ୍ୟରୁ ଖଣ୍ଡେ କୁଟାରେ ଗଣ୍ଠି ପଡ଼ି ଥାଏ । କୁଟାମାନ ଧରିଥିବା ଶିଶୁର ହାତରୁ ସେହି ମୁଠିଆ ହୋଇଥିବା କୁଟାରୁ ଉପସ୍ଥିତ ଶିଶୁମାନେ ପ୍ରତ୍ୟେକେ ଖଣ୍ଡେ ଖଣ୍ଡେ ଓଟାରି ନିଅନ୍ତି । ଯେଉଁ ଶିଶୁ ଗଣ୍ଠିପଡ଼ିଥିବା କୁଟା ଖଣ୍ଡି ନିଏ, ସେହି ଶିଶୁ ଏହି କୋଦଣ୍ଡ ନିୟମ ଅନୁସାରେ ବାତକର୍ମ କରିଥିବାର ଶିଶୁ ଦରବାରରେ ସାବ୍ୟସ୍ତ ହୁଏ । ବିହାର ଅଞ୍ଚଳରେ ଖଣ୍ଡିଏ କାଠିର ଅଗକୁ ବଙ୍କା କରି ଦେଇ ଜଣେ ପିଲା ଆପଣା ଆଖି ବୁଜି ଉକ୍ତ କାଠିକୁ ଦୁଇ ହାତର କରତଳରେ ଦହି ଖୁଆଇବା ମୋହିନୀ ଭଳି ଘୁରାଏ ଏବଂ ଘୁରାଇ ଘୁରାଇ ଉକ୍ତ କାଠିର ବଙ୍କାକୃତ ଅଗ ଯେଉଁ ପିଲା ଆଡ଼କୁ ବୁଲି ଯିବାର ଦେଖାଯାଏ ସେହି ପିଲାଟି ବାତକର୍ମ କରିଥିବାର ସାବ୍ୟସ୍ତ ହୁଏ ।]

ପାଡ଼ଜୁଷି—ଗ୍ରା. ବି—ପାଡ଼ୁଷି (ଦେଖ)
Pārdajushi Pārdushi (See)
(ପାଡ଼ଦୁଷି, ପାଡ଼ଦୋଷି—ଅନ୍ୟରୂପ)

ପାଡ଼ରା—ଗ୍ରା. ବିଣ. ପୁଂ. (ସ. ପର୍ଦ୍ଦକ)—
Pārdarā ୧ । ପାରଡ଼ା; ପାରୁଡ଼ା; ଯେ ବାତ କର୍ମ କରେ —
ପାଡ଼ୁଆ, ପାଡ଼ୁରା } ଅନ୍ୟରୂପ 1. Habituated to breaking wind very often.
ପାଡ଼ରୀ, ପାଡ଼ୁ(ଡ଼ୋ)ଇ, ପାଡ଼ୁରୀ } ସ୍ତ୍ରୀ ୨ । ଡରୁଆ; ଛେରୁଆ—
2. Timid; coward.
ପେନ୍ଦୋ, ପାହ୍ୟା **ପଦୋଡ଼ା, ପଦ୍ଧ**
୩ । ପାଡ଼ ପରି ପୂତି ଗନ୍ଧବିଶିଷ୍ଟ—3. Of very offensive smell like the wind from the anus.

ପାଡ଼ରା ପୋକ—ଦେ. ବି. (ସ. ପୂତ୍ୟଣ୍ଡ, ପୂତିକୀଟ)—
Pārdarā poka ପାରଡ଼ା ବା ପାରୁଡ଼ା ପୋକ; ଦୁର୍ଗନ୍ଧ ଯୁକ୍ତ
(ପାଡ଼ୁରା ପୋକ—ଅନ୍ୟରୂପ) ବୃତ୍ତାକାରୀ ଷଟ୍‌ପଦୀ କୀଟ—
ପଦୀ, ପେଦୋପୋକା Lady bird; Coccinella;
ପଦ୍ମୀକୌଡ଼ୀ Hippodamea Maculata.
ଅହେ ରସିକ । ବଣାରୁ ଫୁଲକୁ ପାରୁଡ଼ା ପୋକ—ଚଗ ।
[ଦ୍ର—ଏମାନେ କଖାରୁ ଫୁଲରେ ବସିବାର ଦେଖାଯାଏ । ଏମାନଙ୍କର ବର୍ଣ୍ଣ ନାଲି ବମ୍ପା ହଳଦିଆ, ଦେହରେ କଳାକଳା

ଫୁଟି ଫୁଟିକିଆ ଦାଗ ଥାଏ । ଏହାକୁ ହାତରେ ମଳିଲେ ବା ଏହା ହାତରେ ଲାଗିଲେ ଗନ୍ଧାଏ । ଏମାନଙ୍କ ପକ୍ଷଯୁକ୍ତ ପୃଷ୍ଠର ବ୍ୟାସ ଅଧ ଇଞ୍ଚ ଠାରୁ ⅞ ଇଞ୍ଚ ।]

ପାଡ଼ିଆ—ଦେ. ବିଣ. (ସଂ. ପାର୍ଶ୍ୱ)—**ଦାହାଘରିଆ ଗୃହ** ଘରର ଲମ୍ବ
Pārdiā ବାଗରେ ଥିବା ସ୍ଥାନ (କାନ୍ଥ ବା ଖୁଣ୍ଟ) —
(ଭୁଲଅ—ବିପର୍ଯ୍ୟସ୍ତ) Lateral (wall or post of a gabled thatched house).

ଦେ. ବି—୧ । ପାଡ଼ିଆ କାନ୍ଥ (ଦେଖ)
1. Pārdiā kāntha (See)
୨ । ପାଡ଼ିଆ ଖମ୍ବ (ଦେଖ)
2. Pārdiā khamba (See)
୩ । ପାଡ଼ିଆ ଶେଣୀ (ଦେଖ)
3. Pārdiā seni (See)

ପାଡ଼ିଆ କାନ୍ଥ—ଦେ. ବିଣ—ଦାହାଘରିଆ ଗୃହ ଘରର ପିଣ୍ଡା ଓ ଘର
Pārdiā kāntha ଭିତର ମଧ୍ୟରେ ଥିବା କାନ୍ଥ—
The wall of a gabled thatched house between the veranda and the inside.

ପାଡ଼ିଆ ଖମ୍ବ—ଦେ. ବି—ଗୃହ ଘରର ପିଣ୍ଡା ପାଖର କାନ୍ଥରେ ଯେଉଁ
Pārdiā khamba ଖୁଣ୍ଟ ବସି ଥାଏ—The lateral posts
पाढ़का खूंटी of a gabled thatched house.
(ପାଡ଼ିଆ ଖୁଣ୍ଟ—ଅନ୍ୟରୂପ)

ପାଡ଼ିଆ ଶେଣୀ—ଦେ. ବି - ଗୃହ ଘରର ପାଡ଼ିଆ ଖୁଣ୍ଟ ଉପରେ ଯେଉଁ
Pārdiā seni ଶେଣୀ ପଡ଼ିଥାଏ—Wall plates laid on
पाढ़ो the lateral pillars of a thatched house.

ପାଡ଼ିନୀ—ସଂ. ବି - ମାଟିର ହାଣ୍ଡି (ହ୍. ଶ.)—
Pārdini An earthen pot or boiler. (M. W.)

ପାଡ଼ିବା—ଦେ. କ୍ରି. (ସଂ. ପର୍ଦ୍ଦ୍ ଧାତୁ)—
Pārdibā ୧ । ଅପାନ ବାୟୁ ଛାଡ଼ିବା; ବାତ କର୍ମ କରିବା—
(ପାଡ଼ିଦେବା—ଅନ୍ୟରୂପ) 1. To break wind; to pass
पादना wind through the anus; to void wind
पादना from the stomach.

୨ । (ସଂ. ପତ୍ ଧାତୁ ଣିଜନ୍ତ ପାତି ଧାତୁ)—
ପାତିତ କରାଇବା; ପକାଇବା; ପାରିବା; ଭୂମିରେ ବିସ୍ତୃତ କରିବା; ଭୂଇଁରେ ପକାଇବା; ବିଛାଇବା—
पाड़ा, पाता 2. To spread a thing on the ground.
बिछाना, पसारना (ଯଥା—ବିଛଣା ପାଡ଼ିବା, ଭୁଡ଼ା ପାଡ଼ିବା ।)
ବସ୍ତ୍ରଅଛ କୁଶ ଶୁଦ୍ଧ ତଳେ ପାଡ଼ି । କୃଷ୍ଣସିଂହ. ମହାଭାରତ ବନ ।

बन्दकरा ୩ । (କବାଟ) ପକାଇବା; ବନ୍ଦ କରିବା; (ଦ୍ୱାର) ରୁଦ୍ଧ
बन्द्‌करना କରିବା—3. To close or shut (a door).
ପୁଣି ଭସ୍ମ ପାଇଣ ସ୍ୱର ଦ୍ୱାର ବାଟ
ମାନଙ୍କରେ ଅଣ୍ଟେ ସେ ପାଡ଼ିଲେ କବାଟ । କୃଷ୍ଣସିଂହ, ମହାଭାରତ, ବନ ।

(ଡିମ୍ବ) पाड़ा ୪ । ଗର୍ଭରୁ ବାହାର କରିବା; ନିର୍ଗତ କରାଇବା—
(अंडा) देना, पाड़ना 4. To lay (eggs).
(ଯଥା—ଡିମ୍ବ ପାଡ଼ିବା ।)

पाता **बाँधना, पाड़ना** ୫ । ଠିଆର କରିବା—5. To erect.
(ଯଥା—ଇଟ ପାଡ଼ିବା, ଚୁଲି କରିବା ।)

धारे आना ୬ । ପାଡ଼ିବା; ନଗଦ ପଇସା ନ ଦେଇ ଧାର କରି
उठावना ସଉଦା ଆଣିବା—6. To purchase or bring commodities on credit.

पाड़ना ୭ । ଭୂମିରେ ଲଗାଇବା ବା ଭୂମି ସଙ୍ଗେ ମିଶାଇବା—
7. To make a thing stick to the ground; to bring a thing close to the ground.
(ଯଥା—ବଡ଼ି ଶାଳୁ ପାଡ଼ି କରି ଘରକୁ ଓଲେଇ ନେଲେ ଟିକିଏ ସୁଦ୍ଧା ଅଳିଆ ରହିବ ନାହିଁ ।)

मचाना ୮ । ଉଚ୍ଚ ଶବ୍ଦ କରିବା; (ଡାକ) ଛାଡ଼ିବା—
8. To make a loud sound; to emit a loud cry.
ପାଡ଼ିଲେ ଡାକ ନସ୍ୱନରୁ ମୁଖ ଟାଣି—କୃଷ୍ଣସିଂହ. ମହାଭାରତ ବନ ।

फेला ୯ । (ପ୍ରମାଦାଦି) ପକାଇବା; ଘଟାଇବା—
गिरान 9. To bring (danger); to cause.
ସେ ଧନ ହୃଦୁଏ ଏକଚା ଛାଡ଼ିଲେ
ପ୍ରମାଦ ପାଡ଼ିଲେ ଦୃଷ୍ଟା ଯବନେ—ଜଗନ୍ନାଥ, ଦଶମ,ଦଶ ।

पाड़ा ୧୦ । ପାରିବା; ଫଳ ଆଦି ଗଛରୁ ତୋଳିବା—
तोड़ना 10. To pluck (fruits) from trees.
(ଯଥା—କଦଳୀ ପାଡ଼ିବା ।)

बुजा ୧୧ । ଚୁପିଦେବା; (ଦୁଇ ଓଠ ବା ଦାନ୍ତପାଟିକୁ) ମୁଦ
मुदना ଦେବା—11. To shut or close up (one's mouth or jaws.
ଗର୍ଭେ ପଶିବ ଯେତେବେଳେ,
ଦାନ୍ତ ପାଡ଼ିବ ଅବହେଳେ । ଜଗନ୍ନାଥ, ଭାଗବତ ।

(कान) पाता ୧୨ । (କାନକୁ) କୌଣସି କଥା ବା ଧ୍ୱନିକୁ ଉତ୍ତମ-
(कान)देना, लगाना ରୂପେ ଶୁଣିବା ପାଇଁ ଭୂଇଁ ଆଡ଼କୁ ଲୁଆଇଁବା ବା ମଝିରେ ବ୍ୟବଧାନ ନ ଥିବା କାନ୍ଥ ବା କବାଟରେ କାନକୁ ଲଗାଇବା—12. To press one's ears close to the ground or door in order to be able to overhear a thing.
[ଦ୍ର—କାନ ପାଡ଼ିବା ଓ କାନ ଡେରିବା ମଧ୍ୟରେ ପ୍ରଭେଦ ଏହି ଯେ, କୌଣସି ଶବ୍ଦ ବା କଥା ଶୁଣିବା ପାଇଁ କାନକୁ ଭୂମି ଆଡ଼କୁ ଲୁଆଇଁବାକୁ କାନ ପାଡ଼ିବା କହନ୍ତି ଓ ଉକ୍ତ ଶବ୍ଦ ଆସୁଥିବା ଦିଗକୁ କାନକୁ ବୁଲାଇବାକୁ କାନ ଡେରିବା କହନ୍ତି; ଗୋପନରେ କେହି କଥାବାର୍ତ୍ତା ହେଉଥିବା ବେଳେ ତୃତୀୟ ବ୍ୟକ୍ତି ଉକ୍ତ ଘରର ବାହାରେ ଥାଇ ବ୍ୟବଧାନ ଥିବା କାନ୍ଥରେ ବା କବାଟରେ କାନ ଲଗାଇବାକୁ କାନ ପାଡ଼ିବା କହନ୍ତି ।]

पाता ୧୩ । (ବଡ଼ି, ଘସି, ଗଜା, ଇଟା ଆଦିର ପିଣ୍ଡୁଳାମାନଙ୍କୁ
पाथना, पाड़ना ଶୁଖାଇବା ପାଇଁ) ଭୂମି ବା ପଟା ଉପରେ ସ୍ଥାପିତ କରିବା—13. To lay (cowdung cakes, balls of confectionary bricks) on the ground or board to dry.

ପାଡୁର (ଇତ୍ୟାଦ)—ଗ୍ରା. ବଣ—ପାଡ଼ର୍ ଇତ୍ୟାଦ (ଦେଖ)
Pārdura (etc) — Pārdara etc (See)

ପାଡ଼ୁଷି—ଗ୍ରା. ବ—ପାଟଯୋଷି (ଦେଖ)
Pārdushi — Pātajoshi (See)

ପାଡ଼ୁଷି ମହାପାତ୍ର — ଦେ. ବ—ଦେବତାଙ୍କ ସେବକଙ୍କ ଉପାଧିବିଶେଷ—
Pārdushi mahāpātra — Title of some temple servants.

ପାଢ଼—ଦେ. ବଣ—ଭୀରୁ; କାପୁରୁଷ—
Pārdha — Coward.
कायर — କେ ପାଢ଼ କେତ୍ରୁ ମରଦ ଚଷ୍ଟା ଏହ ଠାବରେ ପଡ଼ିବ ଦିନା—
ବ୍ରଜନାଥ ସମରତରଙ୍ଗ ।

ପ୍ରାଦେ (ସିଂହଭୂମ) ବ (ସ. ପାଠା)—ଅକାନବନ୍ଧ (ଗୁଳ୍ମ) (ଦେଖ)
Akānabindhi (See)

ପାଢ଼ି—ଦେ. ବ (ସ. ପାଠୀ=ପଠନକାରୀ)—୧ । ପଣ୍ଡା ଜାତୀୟ ଦେବଳକ
Pārdhi ସେବକ ବ୍ରାହ୍ମଣ—1. A low class of Brāhmanas serving in temples.
(ପାଢ଼ିଆଣୀ—ସ୍ତ୍ରୀ)
पाँड़े — ୨ । ବ୍ରାହ୍ମଣଙ୍କର ବଂଶୋପାଧିବିଶେଷ—
पाठक, पन्हा, पाँडे — 2. A family title of Brāhmanas.
[ଦ୍ର—ଏହି ଶ୍ରେଣୀୟ ବ୍ରାହ୍ମଣମାନେ ଶାସନୀ ବା ବାଳୁଆ ବ୍ରାହ୍ମଣମାନଙ୍କ ଠାରୁ ନିକୃଷ୍ଟ । ଗୌଡ଼, ସାରସ୍ୱତ, ଗୁଜରାଟୀ ଓ ମୈଥିଳ ବ୍ରାହ୍ମଣମାନଙ୍କର ପାଠକ ବଂଶୋପାଧି ଥିବାର ଦେଖାଯାଏ ।]
୩ । (ଭୁଲ. ସ. ପାଡ଼ନା=ସିଝିବା ହାଣ୍ଡି; ଲୁଣ ହାଣ୍ଡିରେ ରନ୍ଧା ହେଉ ଥିବାରୁ) ଲୁଣ ସିଝିବା ବ୍ୟକ୍ତି—3. A person who boils sea water for manufacturing salt.

ପ୍ରାଦେ. (ସମ୍ବଲପୁର; ଲରଆ) ବ. (ଭୁଲ. ହି. ପାଡ଼ୀ)—ମାଈ ମହିଷୀ ଛୁଆ—A female calf of buffalo.

ପାଢ଼ିଆ ବ୍ରାହ୍ମଣ—ପ୍ରାଦେ. (ଗଞ୍ଜାମ) ବ.—ପଣ୍ଡା ଓ ପାଢ଼ୀ ଶ୍ରେଣୀୟ
Pārdhia brāhmana — ବ୍ରାହ୍ମଣ—
A class of Brāhmanas.
[ଦ୍ର—ଏମାନେ ହଳୁଆଙ୍କଠାରୁ ଉତ୍କୃଷ୍ଟ ଓ ପଣ୍ଡା ଶ୍ରେଣୀୟ । ଏମାନେ ସବୁ ପ୍ରକାରର ସଉଦା ବିକିବା ପାଇଁ ଦୋକାନ କରନ୍ତି । ଗଞ୍ଜାମର କେତେକ ଗ୍ରାମଧାମରେ ଏହି ଶ୍ରେଣୀର ବ୍ରାହ୍ମଣମାନେ ପୁରୋହିତ କରୁଥିବାର ମଧ୍ୟ ଦେଖାଯାଏ ।]

ପାଢ଼ିବା—ଦେ. କ୍ରି.—୧ । କାଳରେ ସଉଦା ନେବା—
Pārdhibā 1. To purchase commodities on credit.
लौलीबाजी करना — ୨ । କୌଣସି ଦେୟକୁ ସୁଝିବା ପାଇଁ ବିଳମ୍ବ କରିବା—2. To delay the repayment of any due.
୩ । କୌଣସି ଦେୟକୁ ଦେବା ପାଇଁ ଭଣ୍ଡିବା—
3. To put off payment of one's liabilities on various pretexts from day to day.

ପାଢ଼ୁ—ଦେ. ବଣ. ପୁଂ.—୧ । ଯେ ଉଧାର ବା ଋଣ ନେଇ ବା
Pārdhu — କାଳରେ ସଉଦା କଣି ତାହା ସୁଝିବାକୁ ବିଳମ୍ବ କରେ—
लौलीबाज — 1. (a person) Who delays the payment of the price of commodities purchased on credit.
(ପାଢ଼ୁଆ—ଅନ୍ୟରୂପ)
(ପାଢ଼େଇ, ପାଢ଼େଣୀ—ସ୍ତ୍ରୀ)
୨ । ଦେଣଦାର; ଋଣଗ୍ରସ୍ତ—
2. Involved in debt; indebted.
୩ । ଠକ; ଧପାବାଜ୍—3. Cheating; deceitful.

ପାଣ—ଦେ. ବ.- (ଭୁଲ. ସ. ପାଣବିକ=ବାଦ୍ୟ ବାଦକ=
Pāna — A drummer).
୧ । ନୀଚ ଅସ୍ପୃଶ୍ୟଜାତିବିଶେଷ—
पान्, पाण्, डोम् — 1. A class of low untouchable caste.
डोम (ପାଣୁଣୀ—ସ୍ତ୍ରୀ)
[ଦ୍ର—ଏମାନେ ଢୋଲ ବଜାନ୍ତି, ମଇଁଷି ଗୋରୁ ଭମଡ଼ାର ବ୍ୟବସାୟ କରନ୍ତି, ବେତରେ ଚଉକ ଓ ପେଟରା ଆଦ ବୁଣନ୍ତି, ଘୋଡ଼ା ସଇସ ଓ ଚଉକିଦାର କାମ କରନ୍ତି । ଏମାନେ ମଦ୍ୟ ଓ ଗୋମାଂସ ଭକ୍ଷଣ କରନ୍ତି । ଗଡ଼ଜାତରେ ପାଣଙ୍କର ଜାତି ଚାରି ପ୍ରକାର । (୧) ଲୁଗାବୁଣା; (୨)ବଡ଼ା ବେପାର; (୩)ଚଉକିଆ, (୪) ସଯୋଗୀ ବୈଷ୍ଣବ । ଗଡ଼ଜାତରେ ହାଡ଼ିମାନେ ଢୋଲ ଆଦ ବାଦ୍ୟ ମାନ ମଧ୍ୟ ବଜାନ୍ତି; ପାଣମାନେ ଢୋଲ ବଜାନ୍ତି ନାହିଁ । ଗଡ଼ଜାତର ପାଣମାନେ ପ୍ରସିଦ୍ଧ ଚୋର । ସିଂହଭୂମର ପାଣମାନେ ଲୁଗା ବୁଣନ୍ତି ଓ କୁକୁଡ଼ା ଓ ଗୋମାଂସ ଖାଆନ୍ତି ନାହିଁ ।]
୨ । ପାଣୁ (୩) (ଦେଖ)—Pānu 3 (See)

ସ. ବ.—(ପଣ୍ ଧାତୁ+ଭାବ. ଅ)—୧ । ବାଣିଜ୍ୟ; ବେପାର—
1. Trade; traffic.
୨ । ବଣିକ୍; ବେପାରୀ—2. Trader.
୩ । ବାଜି ରଖି ଖେଳା ଯିବା ଖେଳ; ଜୁଆ—
3. Game; gambling.
୪ । ଜୁଆରେ ରଖା ଯିବା ବାଜି (ହ. ଶ.)—
4. Wager; stake at play.
୫ । କର; ହସ୍ତ; ପାଣି. (ହ. ଶ.)—5. Hand.
୬ । ପ୍ରଶଂସା (ହ. ଶ.)—6. Praise (M. W.)

ପାଣ ଛୁଆଁ—ଦେ. ବ.—ପାଣଙ୍କୁ ଛୁଇଁବାଦ୍ୱାରା କଳ୍ପିତ ଅପବିତ୍ରତା—
Pāna chhuān Impurity caused by the touch of a Pāna.
ଦେ. ବଣ.—ପାଣ ଛୁଇଁବା ଯୋଗୁଁ ଅପବିତ୍ର—
Made impure by the touch of a Pāna.
(ଯଥା—ପାଣଛୁଆଁ ଖପରା ।)
[ଦ୍ର—ସାଧାରଣତଃ ଉଚ୍ଚଜାତିର ବ୍ୟକ୍ତିମାନେ ପାଣଙ୍କୁ ଛୁଇଁଲେ ଅପବିତ୍ର ହୁଅନ୍ତି; ଏଥିପାଇଁ ଲୋକେ ଫଳନ୍ତି ଆମ୍ବ ଓ ପଣସ ଆଦ ଗଛର ଗୁରିପାଖେ ପାଳଦଉଡ଼ି ଘେରାଇ ଉକ୍ତ ପାଳଦଉଡ଼ି ଉପରେ ପାଣଦ୍ୱାରା ଖଣ୍ଡିଏ ଖପରା ବନ୍ଧାଇ ଦିଅନ୍ତି । ଉକ୍ତ ପାଣଛୁଆଁ ଖପରା ଲାଗିଥିବା ଦଉଡ଼ିକୁ ଉଚ୍ଚଜାତିର ଲୋକେ ଛୁଇଁଲେ ଅପବିତ୍ର ହେବେ, ଏହି ଆଶଙ୍କାରେ ଦଉଡ଼ି ଘେରା ହୋଇଥିବା ଆମ୍ବ ଆଦ ଗଛକୁ ଉଚ୍ଚଜାତୀୟ ଲୋକେ ଛୁଅନ୍ତି ନାହିଁ ।]

ପାଣତି—ପ୍ରାଦେ. (ସିଂହଭୂମ) ବି. ସ୍ତ୍ରୀ—ଗୃହସ୍ଥର ଘରକୁ ପ୍ରତିଦିନ କୂଅ
Pāṇati ବା ପୋଖରୀରୁ ପାଣିଆଣି ଦେବା ପାଇଁ ନିଯୁକ୍ତା ସ୍ତ୍ରୀ
(ପାଣିତି—ଅନ୍ୟରୂପ) ଲୋକ—A woman who is engaged on hire to fetch water from a well or pond for the domestic use of a person.

ପାଣବ—ସଂ. ବି. (ପଣବ + ସ୍ୱାର୍ଥେ ଅ)—ମର୍ଦ୍ଦଳ; ମାଦଳ—
Pāṇaba Drum; a kind of drum.

ପାଣବିକ—ସଂ. ବିଣ. (ପଣବ + ଇକ)—ପଣବ ବା ଢୋଲ ସମ୍ବନ୍ଧୀୟ—
Pāṇabika Relating to a drum.
(ପାଣବିକୀ—ସ୍ତ୍ରୀ) ସଂ. ବି. ପୁଂ—୧ । ବାଦ୍ୟବାଦକ; ଯେ ବାଜା ବଜାଏ—1. Drummer (M. W.).
୨ । ପକ୍ଷିବିଶେଷ—2. A species of bird.

ପାଣି—ସଂ. ବି. (ପଣ୍ ଧାତୁ = ବ୍ୟବହାର କରିବା + କରଣ ଇ; ଅଥବା
Pāṇi ପଣ୍ ଧାତୁ = କ୍ରୟବିକ୍ରୟ କରିବା + କରଣ. ଇ; ତୁଳ. ଲାଟିନ୍—ପଲ୍ମା; ଜର୍ମାନ୍—ଫୁଲ୍ଲେନ୍; ପ୍ରାଚୀନ ଇଂରାଜୀ—ଫଲ୍ମ୍ ତୁଳ ଇଂ. ପାମ୍ = କରତଳ;)—୧ । କର; ହାତ—1. Hand.
୨ । କହୁଣୀଠାରୁ ଆଙ୍ଗୁଠି ପର୍ଯ୍ୟନ୍ତ ହସ୍ତାଂଶ—2. The part of the hand between the elbow and the fingers.
୩ । ଭୁଲକ ବୃକ୍ଷ; କୋଇଲଖିଆ ଗୁଳ୍ମ—
3. Ruella Longifolia (plant).
୪ । (+ ଅଧିକରଣ. ଇ)—ଦୋକାନ; ହାଟ; କ୍ରୟବିକ୍ରୟ ସ୍ଥାନ—
4. A place of sale; shop; market. (M. W.).
ଦେ. ବି. (ସଂ. ପାନୀୟ; ପ୍ରା. ପାଣି)—୧ । ଜଳ—
पानी 1. Water.
पाणी ୨ । ଜଳୀୟ ପଦାର୍ଥ; ରସ; ଦ୍ରବ ପଦାର୍ଥ—
ମ. ପାଣୀ 2. Liquid; juice; sap.
ଯଥା—ଗାଈରୁ କ୍ଷୀର ପାଣି ଦେଉଛି ।
ତେ. ନିରଲୁ, ଉଦକମୁ ୩ । ପଣା; ପାନୀୟ ବସ୍ତୁ—
3. A drink.
ଯଥା—ସୋଡ଼ା ପାଣି; ପଇଡ଼ ପାଣି ।
[ଦ୍ର—ସମ୍ବଲପୁର, ସୋନପୁର ଓ ମେଦନୀପୁର ଆଦି ଅଞ୍ଚଳରେ ଲୋକେ 'ପାଣି'କୁ 'ପାଏନ୍' ରୂପେ ଉଚ୍ଚାରଣ କରନ୍ତି ।]
୪ । ବଳଦର ଗୃହ ବା ଶଗଡ଼ କାର୍ଯ୍ୟରେ ଲାଗିବାର ବର୍ଷ ବା କାଳ; କାହ—4. A period of one season or year in which a bullock works in plough or cart.
ଯଥା—ମୋ ଦାମୁଡ଼ାଟି ହଳ ପାଣିର ହେଲାଣି ।
୫ । କମାରମାନେ ଲୁହାକୁ ବା ଅସ୍ତ୍ରଶସ୍ତ୍ରକୁ ଦୃଢ଼ କରିବାପାଇଁ ତାତିଲା ବା ଦରତାତିଲା ଲୁହାକୁ ପାଣିରେ ବୁଡ଼ାଇବାର କ୍ରିୟା—
5. The process of tempering iron or weapon with water.
୬ । (ସଂ. ପାଣୀ) ବ୍ରାହ୍ମଣମାନଙ୍କର ବଂଶୋପାଧିବିଶେଷ—
6. A family-title of Brāhmaṇas.
୭ । ପୁରୁଷର ବୀର୍ଯ୍ୟ; ରେତଃ—7. Semen virile.
୮ । ସ୍ତ୍ରୀରଜଃ; ରକ୍ତପାଣି—8. Menstrual flux.
୯ । ସ୍ତ୍ରୀରେତଃ—9. The semen of females.
୧୦ । ତେଜଃ; ସରସପଣ—10. Vigour.
ପୂର୍ବପରି ଦେହରେ ନାହିଁ ଆଉ ପାଣି । କୃଷ୍ଣସିଂହ. ମହାଭାରତ ଉଦ୍ୟୋଗ ।
୧୧ । ବର୍ଷା—11. Rain.
ପାଣି କହୁଛି ମୁଁ, ପବନ କହୁଛି ମୁଁ । ବ୍ରଜନାଥ୍ୟାଙ୍କ, ଚଉତିଶା ।
୧୨ । ବନ୍ୟାଜଳ—12. Flood water.
୧୩ । ଜଳବାୟୁ—13 Climate.
ଯଥା—ମୋ ଦେହରେ କଲିକତାର ପାଣି ଗଲା ନାହିଁ ।
୧୪ । ଜଳର ଗଭୀରତା—14. Depth of water.
ପାଣି ନ ଦେଖି ଲଙ୍ଗଳା ହେବା କାହିଁ । ଢଗ ।
ଯଥା—ଏ ପୋଖରୀରେ କାଟେ ପାଣି, ପୁରୁଷେ ପାଣି, ପହଁରାଏ ପାଣି ।
୧୫ । ପିତୃଲୋକଙ୍କ ତର୍ପଣ ଉପଲକ୍ଷରେ ଦିଆଯିବା ଜଳ—
15. Oblation of water offered to the spirits of one's deceased ancestors.
ଯଥା—ତା କୁଳରେ ପାଣି ଦେବାକୁ କେହି ରହିଲେ ନାହିଁ ।
[ଦ୍ର—ପାଣିର ସଂସ୍କୃତ ପର୍ଯ୍ୟାୟ—ଜଳ, ପୟଃ, ନୀର, ଉଦକ, **ଉଦ**, **ରସ**, ଅପ୍, ଜୀବନ, ଅମ୍ବୁ, ଅର୍ଣ୍ଣଃ, କ୍ଷୋଦ, ପଦ୍ମ, ତୋୟ, **ବାର**, **ଅମ୍ଭ**, କବନ୍ଧ, ସଲିଳ, ବନ, ବାଃ, ଘୃତ, ମଧୁ, ପୁଷ୍କର, **ପିପ୍ପଳ**, **କ୍ଷୀର**, **ବିଷ**, ରେତ, କଶ, ଭୂସ୍ତ, ଭୁବ୍ୟା, ସୁକ୍ଷେମ, ଧରୁଣ, **ସୁସ୍ତ**, ଅରବିନ୍ଦ, ଧନ୍ନକାରୁ, ଜାମି, ଆୟୁଧ, କ୍ଷପୁ, ଅହି, ଅକ୍ଷର, **ସ୍ରୋତ**, ତୃପ୍ତି, ପୟ୍ୟ, ସର, ଭେଷଜ, ସହ, ଓଜ, ସୁଖ, କ୍ଷତ୍ର, **ଶୁଭ**, ଯାଦୁ, ଭୂତ, ଭୁବନ, ଭବିଷ୍ୟତ୍, ବ୍ୟୋମ, ଯଶ, ମହଃ, **ସର୍ଣ୍ଣୀକ**, ସ୍ୱତୀକ, ସତୀନ, ଗହନ, ଗମ୍ଭୀର, ଗଭୀରଂଗ, **ଇମ**, **ହବ**, ସଦନ, ଋତ, ଯୋନି, ସତ୍ୟ, ରସ୍ମି, ସତ୍, ପୂର୍ଣ୍ଣ, **ସର୍ବ**, **ଅକ୍ଷିତ**, ବର୍ହି, ନାମ, ସର୍ପି, ପବିତ୍ର, ଅମୃତ, ଇନ୍ଦୁ, ସ୍ୱଃ, ସର୍ଗ, **ଶମ୍ବର**, **ବସ୍ତୁ**, **ଭୂପ**, **ଶୁକ୍ର**, ତେଜଃ, ଜଳାଷ, କମଳ, କୀଲାଲ, **ପାଥ**, **ପୁଷ୍କର**, ସର୍ବତୋମୁଖ, ପାନୀୟ, ମେଘପୁଷ୍ପ, ସଲ, ଜଡ଼, କ, ଅଂଧ, ନାର, କୁଶ, **କାଣ୍ଡ**, ସବର, ସର, କର୍ବୁର, ବ୍ୟୋମ, **ସବ**, ଇଷ, ବାଜ, ଚାମର, କଂବଳ, ସ୍ୟନ୍ଦନ, କ୍ଷର, **ଉର୍ଜ୍ଜ**, ସୋମ, ମହତ୍—ହି. ଶ.]

ପାଣି ଅଁଳା—ଦେ. ବି. (ସଂ. ପ୍ରାଚୀନାମଲକ, ପାନୀୟାମଲକ)—
Pāṇi a-aṅla ନେପାଳ, ବଙ୍ଗ, ଆସାମ, ଚଟ୍ଟଗ୍ରାମ, କଙ୍କଣ ଓ ଦକ୍ଷିଣ ଭାରତରେ ଜନ୍ମିବା କ୍ଷେତ୍ର ଗୁଳ୍ମ
ପାଣି ଅଅଁଳା, ଆଣି ଅଏଁଳା, ପାଣି ଅଁଏଁଳା (ଅନ୍ୟରୂପ) ବିଶେଷ—Flacourtia Cataphracta (plant).
पानिआला, पानिआमली
पानिअम्बरा, पनियाला, पानीआँवला
ତେ. ପ୍ରାଚୀନାମଲକମୁ
ମ. ପାଣଆମ୍ଲେ
ଗୁ. ପାଣିଅଁଳା
[ଦ୍ର—ଏହାର ଡାଳରେ କଣ୍ଟା ନ ଥାଏ, ଗଛର ଗଣ୍ଡିରେ କଣ୍ଟା ହୁଏ । ଫୁଲର ପାଖୁଡ଼ା ନାହିଁ, ଫଳ ପାଚିଲେ ଉଇଞ୍ଚ କୋଳି ପରି କଳା ହୁଏ, କିନ୍ତୁ ଫଳ ଉଇଞ୍ଚ କୋଳିଠାରୁ ବଡ଼ । ଅଣ୍ଡିରା ଓ ମାଈ ଗଛ ପୃଥକ୍; ଫଳ

ଔଷଧରେ ବ୍ୟବହୃତ ହୁଏ । ଏହାର ପତ୍ର, ଶାଖା, ଛେଲି ଓ ଫଳ ସାମାନ୍ୟ ଜ୍ୱର ଓ ଉଦରାମୟ ଅବ ରୋଗରେ ବ୍ୟବହୃତ ହୁଏ । ଏହା ତ୍ରିଦୋଷନାଶକ ଓ ଜ୍ୱରଘ୍ନ ।]

ପାଣି ଅଛୁଆଁ ଜାତି—ଦେ. ବ. (ସଂ. ପାନୀୟ+ଅସ୍ପୃଶ୍ୟ+ଜାତି)—
Pāṇi achhuāñ jāti ଯେଉଁ ନୀଚ ଶୂଦ୍ର ଜାତିଙ୍କ ସ୍ପୃଷ୍ଟ ଜଳ
ଜଲ ଅଛୋଁୟାଁ ଜାତ ବ୍ରାହ୍ମଣାଦି ଉଚ୍ଚ ଜାତିଙ୍କ ଅସ୍ପୃଶ୍ୟ—
पानी नहीं चलनेवाली जात Some low caste Śūdras, the water touched by whom is not to be used by Brāhmaṇas and other high castes.

[ଦ୍ର—ଅତି ନୀଚ ଜାତିଙ୍କୁ ଉଚ୍ଚ ବର୍ଣ୍ଣର ହିନ୍ଦୁମାନେ (ଯଥା—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ) ଛୁଅନ୍ତି ନାହିଁ । ସେମାନେ ଅସ୍ପୃଶ୍ୟ ବା ଅଛୁଆଁ ଜାତି । ଯଥା—ପାଣ, କଣ୍ଡରା, ହାଡ଼ି, ବାଉରି, ଡମ, ଚମାର; ଏମାନଙ୍କୁ ଛୁଇଁଲେ ସ୍ନାନ କରିବାକୁ ହୁଏ । ସେମାନଙ୍କ ଅପେକ୍ଷା ଉଚ୍ଚତର ଶୂଦ୍ର ଜାତିଙ୍କୁ ଉଚ୍ଚ ବର୍ଣ୍ଣର ହିନ୍ଦୁମାନେ ଛୁଇଁ ପାରନ୍ତି, କିନ୍ତୁ ସେମାନଙ୍କ ସ୍ପୃଷ୍ଟ ଜଳକୁ ପିଅନ୍ତି ନାହିଁ; ଏମାନଙ୍କୁ ପାଣି ଅଛୁଆଁ ଜାତି ବୋଲାଯାଏ । ଯଥା—ତନ୍ତି, କେଉଟ, ଜୋଗୀ ବା ନାୟକ, ଭୂଲିଆ, ଉଣା । ଏମାନଙ୍କ ଅପେକ୍ଷା ଉଚ୍ଚତର ଶୂଦ୍ର ଜାତିଙ୍କୁ ଉଚ୍ଚ ବର୍ଣ୍ଣର ହିନ୍ଦୁମାନେ ଛୁଅନ୍ତି ଓ ଏମାନଙ୍କ ସ୍ପୃଷ୍ଟ ଜଳକୁ ମଧ୍ୟ ବ୍ୟବହାର କରନ୍ତି । ଏମାନଙ୍କୁ ପାଣି ଛୁଆଁ ଜାତି କହନ୍ତି; ଯଥା—ଗଉଡ଼, ଭଣ୍ଡାରି, ଚଷା, ଗୁଡ଼ିଆ, କମାର, ବଢ଼େଇ, ପାଟରା, ମାଳି, କଂସାରି ।]

ପାଣିଆ(ଆଁ)—ଦେ. ବିଣ. (ସଂ. ପାନୀୟ)—
Pāṇiā(āñ) ୧ । ଜଳବହୁଳ; ଜଳୀୟ—
ପାତଲା, ପানীসা 1. Abounding in water; watery.
पनिहा, पनला ୨ । ଜଳମିଶ୍ରିତ—2. Mixed with water.
୩ । ତରଳ—3. Liquid.
୪ । ପାଣିଗନ୍ଧ; ପାଣିର ସ୍ୱାଦଯୁକ୍ତ; ସ୍ୱାଦହୀନ—
4. Having the taste of water; insipid; tasteless.
୫ । (ସଂଖ୍ୟାବାଚକ ଶବ୍ଦ ସଙ୍ଗେ ଯୁକ୍ତ)—
ଏତେ ବର୍ଷ ହଳ ବା ଶଗଡ଼ରେ ଲଗା ଯାଇଥିବା (ବଳଦ)—
5. (a bullock) Which has worked in the plough or cart for so many years.
ଚ ପାଣିଅ ବଳଦ ହଳକର ଦାମ ସାଢ଼େ ଷୋଳ
ଚ ପାଞ୍ଚ ଟଙ୍କା କେବେ ଦେବ ଶୁଣିଥିବ ? ଫକୀରମୋହନ. ଛମାଣ

ଭାରୀ ଦେ. ବିଣ—ଜଳବାହକ; ପାଣି ବୁହାଳି—
पनिहार Water carrier.
ଦେ. ବିଣ—ଶୀତଳ—Cold.
(ଯଥା—ସନ୍ନିପାତ ମଲୁର ଦେହ ହାତ ପାଣି ହୋଇ ଯାଉଛି ।)

ପାଣିଆଁ ଗଉଡ଼—ଦେ. ବି—ପାଣି ଅପଟ (ଦେଖ)
Pāṇiāñ gaurḍa Pāṇi āpaṭa (See)
ଜଲେର ଭারী **पनीहार**

ପାଣି ଅଖିଆ—ଦେ. ବି—ସାମୁଦ୍ରିକ ମତ୍ସ୍ୟବିଶେଷ—
Pāṇi ākhiā A sort of sea fish.

ପାଣି ଅଞ୍ଜୁଳା—ଦେ. ବି. (ପାଣି+ଅଞ୍ଜଳି)—ଜଳାଞ୍ଜଳି—
Pāṇi āñjuḷā An oblation of water with the
ଜଲের আঁজলা palms joined together to form a cup.
पानीकी अंजुली

ପାଣି ଅପଟ—ପ୍ରାଦେ. (ଗଡ଼ଜାତ) ବି—
Pāṇi āpaṭa ରାଜାମାନଙ୍କ ନଅରକୁ ପାଣି ବୁହାଇବା ଗଉଡ଼—
Water-carrier to the palace of a Raja.

ପାଣି ଆମ୍ବ—ଦେ. ବି—ପାଣିରେ ହଳଦି, ଅଦା, ତେଲ ପକାଇ ଭଲ
Pāṇi āmba ପାଣିକୁ ୪।୫ ଦିନ ସୂର୍ଯ୍ୟପାଗୀ କରିବା ପରେ ସେହି ପାଣିରେ ସଦ୍ୟ ତୋଳା ହୋଇ **ଆସିଥିବା ପାଚିଲା** ଆମ୍ବକୁ ସାଇତି ରଖିବା—A process of preserving ripe mangoes in water mixed with turmeric, ginger and oil and seasoned in sun's rays for 4 or 5 days.

[ଦ୍ର—ଏପରି କଲେ ଆମ୍ବ ୪।୫ ମାସ ପର୍ଯ୍ୟନ୍ତ ଅବିକୃତ ଅବସ୍ଥାରେ ରହେ ।]

ପାଣି ଆଳୁ—ଦେ. ବି. (ସଂ. ପାନୀୟାଳୁ)—
Pāṇi āḷu ବନ ଜାତ ଆଳୁବିଶେଷ—
A kind of wild yam.

ପାଣିଇତି—ଦେ. ବି. ସ୍ତ୍ରୀ—ଯେଉଁ ସ୍ତ୍ରୀ ଲୋକ କୂଅ ବା ପୋଖରୀରୁ ପାଣି
Pāṇi-iti ଆଣି ଗୃହସ୍ଥମାନଙ୍କ ଘରେ ଯୋଗାଏ—
पनहारिन A female water-carrier.
(ପାଣେଇତି—ଅନ୍ୟରୂପ)

ପାଣି ଉଠିବା—ଦେ. ବି—ଖୋଳା ଯାଇଥିବା କୂପ ଆଦିରୁ ଭୂଗର୍ଭସ୍ଥ
Pāṇi uṭhibā ଝରରୁ ଜଳ ଊର୍ଦ୍ଧ୍ୱକୁ ଉଠିବା—
ଜলউঠা The coming up of water from under-
पानी उठना ground spring through an opening in a well or tube well.

ପାଣି ଉତାରିବା—ଦେ. କି. (ହିନ୍ଦୀରୁ ଅନୁକୃତ)—
Pāṇi utāribā କୌଣସି ଲୋକଙ୍କୁ ବେଇଜ୍ଜତ୍ ବା ଅପମାନିତ
पानी उतारना କରିବା—To insult or humiliate a person.

ପାଣିଓଡା—ପ୍ରାଦେ. (ସମ୍ବଲପୁର) ବି—ଶୁଣ୍ଡି ଜାତି—
Pāṇioṭā The wine distiller caste.

ପାଣିକଖାରୁ—ଦେ. ବି (ଓ. ପାଣି+ସଂ. କର୍କାରୁ)—କଖାରୁ ଜାତୀୟ
Pāṇi kakhāru ଲତା ଓ ଫଳ—Cucurbita Pepo
ସଂ. ନାମ—କୁଷ୍ମାଣ୍ଡ, ତିମିଷ (Haines); Benincusa Cere-
ছাচিকুমড়া, চালকুমড়া fera; pumpkin; white gourd-melon.
पेठा, सफेद कुमड़ा,
कुम्हड़ा [ଦ୍ର—ଏହାହିଁ ପ୍ରକୃତ କୁଷ୍ମାଣ୍ଡ;
ମ. ଭୋପଲା ବୋଇତିକଖାରୁ ବିଦେଶରୁ ଏ ଦେଶକୁ
ତେ. ବୁଡ଼ିଦଗୁମ୍ମଡ଼ି ଆସିଛି । ଏହାର ଫୁଲ ଈଷତ୍ ହଳଦିଆ; ଫଳ ଛୋଟବେଳେ ସବୁଜବର୍ଣ୍ଣ, ପକ୍ୱ ହେଲେ ଧଉଁଶପରି ଧଳା ଚୂନାରେ ଆବୃତ ହୁଏ । ଫଳମାନ ଚକଆ ବା ମୃଦଙ୍ଗପରି ।]

ପାଣି କଣ୍ଟା—ପ୍ରାଦେ (ସିଂହଭୂମ) ବ—ଶିଂଘଡ଼ାଫଳ—
Pāṇi kaṇṭā Water chestnut.

ପାଣି କଣ୍ଟିବା—ଦେ. କ୍ରି—ଜଳର ଗଭୀରତାକୁ ମାପିବା—
Pāṇi kaṇṭibā To fathom the depth of
জলমাপা water.
पानीका थाह लेना

ପାଣି କଥୁ—ଦେ. ବ—ପାଣି କୋଥ (ଦେଖ)
Pāṇi kathu Pāṇi kotha (See)

ପାଣି କମିବା—ଦେ. ବ—କୂଅ, ପୋଖରୀ, ନଦୀଆଦିରୁ ଗ୍ରୀଷ୍ମ ଋତୁରେ
Pāṇi kamibā ଜଳ ଅଳ୍ପ ହୋଇଯିବା—The decrease of
(ପାଣି କମିଯିବା—ଅନ୍ୟରୂପ) water in a well, tank or
জল কমে যাওয়া river during summer.
पानी टुटना, पानी घटना

ପାଣି କନା—ଦେ. ବ—ଘାଆ ବା ଅନ୍ୟ କୌଣସି ଷତ ସ୍ଥାନରେ ଗୁଡ଼ା-
Pāṇi kanā ଇବା ସକାଶେ ପାଣିରେ ବୁଡ଼ା ହୋଇଥିବା କନା—
জলে ভিজান নেকড়া A piece of wet rag used for
पन कपड़ा putting over boils, cuts, wounds etc.

ପାଣି କର—ଦେ. ବ—ଜଳ କର; ଅନ୍ୟ ବ୍ୟକ୍ତିର ଗଡ଼ିଆ ବା କେନାଲରୁ
Pāṇi kara ପାଣି ଆଣି ଅପଣା ଷେତ୍ରରେ ମଡ଼ାଇବା ପାଇଁ ଷେତ୍ର-
জলকর ସ୍ୱାମୀ ଜଳ-ସ୍ୱାମୀକୁ ଦେବା କର ବା ଖଜଣା—
जलकर 1. Watercess; water rate.
୨। ସରକାରଙ୍କର କେନାଲ୍ ରେଭନ୍ୟୁ ବା ଜଳକର
—2. Canal-cess; cess levied by Government from canal irrigated lands.

ପାଣି କରିବା—ଦେ. କ୍ରି—୧। କୌଣସି କଠିନ ପଦାର୍ଥକୁ ତରଳ
Pāṇi karibā କରିବା—1. To liquefy any hard or
জলকরা solid thing.
पानी करना ୨। ପରାସ୍ତ କରିବା—
2. To vanquish; to defeat.
୩। ଘୋଡ଼ାକୁ ବହୁତ ପରିଶ୍ରମ କରାଇ ଘର୍ମାକ୍ତ କରାଇବା—
3 To cause a horse to perspire with hard labour.
୪। ଭୟଅ କରିଦେବା—4. To cause alarm.
୫। ଉତ୍ତମରୂପେ ପଢ଼ାଇବା ବା ମୁଖସ୍ଥ କରିବା—
5. To get by heart.

ପାଣି କଳ—ଦେ. ବ—୧। ଯେଉଁ କଳଦ୍ୱାରା ଜଳାଶୟ ଓ କୂପଆଦିରୁ
Pāṇi kaḷa ପାଣି ଉପରକୁ ଉଠାଯାଏ; ଦମକଳ—
জলের কল, দমকল 1. Water-pumping machine.
पानी उठानेकी कल, दमकल ୨। ଯେଉଁ କଳ ବା ଚକ ପାଣିର
জলের কল ବେଗଦ୍ୱାରା ଚାଳିତ ହୁଏ—2. Water-mill;
पनचक्की water-wheel.

ପାଣି କଷ—ଦେ. ବଣ—ପାଣିରେ ବହୁବାର ଧୁଆ ଓ ଶୁଖା ହୋଇ
Pāṇi kasha ଈଷତ୍ ହରିତାଭ କଷ ଯାଇଥିବା (ଗାମୁଛା)—
पानीमे कसा हुआ (a napkin) Which has assumed a yellowish tint by frequent immersion in water.

ପାଣି କାଉ—ଦେ (ଶୁଦ୍ରଙ୍କ ବ୍ୟବହୃତ) ବ (ସଂ.ପାନୀୟ + କାକ; ସଂ. ଜଳ
Pāṇi kāu କାକ)—ପ୍ଲବଗବର୍ଗର ପ୍ରାୟ ୧ ହାତ ଦୀର୍ଘ ଜଳଚର
(ପାଣି କୁଆ—ଅନ୍ୟରୂପ) ଲିପ୍ତପଦୀ ପକ୍ଷୀବିଶେଷ—
পানিকোআ, পানিকৌটি The little cormorant; the
পানিকাক, পানিকৌড়ি coal goose; Phalacrocorax.
पानीकउआ [ଦ୍ର—ଏହାର ଥଣ୍ଟ ଚେପଟା, ପକ୍ଷୀ ଖାନ, ବେକ ଲମ୍ବା; ଓପର ଥଣ୍ଟ ତଳକୁ ବଙ୍କେଇ ଥାଏ । ଲାଞ୍ଜ ପ୍ରାୟ ନାହିଁ; ବର୍ଣ୍ଣ ଘୋର କୃଷ୍ଣବର୍ଣ୍ଣ । ଏମାନେ ଅଧିକ ସମୟ ପାଣିରେ ବୁଡ଼ି ଥାଆନ୍ତି ।]

ପାଣି କାଚ—ଦେ. ବ (ସଂ. ପାଣି + କାଚ)—ହାତରେ ପିନ୍ଧିବା ସରୁଆ କାଚ
Pāṇi kācha ଅଳଙ୍କାରବିଶେଷ—A kind of slender glass bangle.
ସେ ବୃକ୍ଷେ ବାନ୍ଧନ୍ତି ରୂପା ସୂତା ଦଉଡ଼ି
ପାଣିରେ ସା ପାଣିକାଚ ଦିଶା କହୁଅଛି ସେ—ଭକ୍ତ. ଉପେନ୍ଦ୍ରଭଞ୍ଜ ।

ପାଣି କାଟିବା—ଦେ. କ୍ରି—୧। ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପାଣି
Pāṇi kāṭibā ନେବାର ନାଳୀ ପ୍ରସ୍ତୁତ କରିବା—
জলকাটা पानीकाटना To cut a channel for the flow of water from one place to another.
୨। (ମାଛ ବା ଡଙ୍ଗା ଆଦି ଜଳରେ ଯିବା ସମୟରେ କମ୍ବା ମନୁଷ୍ୟ ପହଁରିବା ସମୟରେ) ଜଳକୁ ଦୁଇ ଭାଗ କରିବା—
2 To plough a way through water (said of fishes, boats and swimmers).
୩। (କଫଘ୍ନ ଔଷଧ) ଶରୀରର ପ୍ରତିଶେଧ କରିବା—
3. To counteract the effect of cold (said of an antidote for cold).

ପାଣି କାଢ଼ିବା—ଦେ. କ୍ରି—୧। କୂପରୁ ଜଳ ତୋଳିବା—
Pāṇi kāṛhibā 1. To lift water from a well.
জলতোলা पानीकाढ़ना ବାବାଙ୍କ ଥିଲେ ଭଉଣୀ, ଠେକ ଠେକ କରୁ
ପାଣି କାଢ଼ୁଥିଲେ ଷ୍ଟେସ ଉଡ଼ରୁ—ଢଗଗୀତ ।
୨। କୌଣସି ପଦାର୍ଥରୁ ଜଳ ବା ରସ ଚିପୁଡ଼ିବା ବା ନିଗାଡ଼ିବା—
2 To press out water from any watery thing.
୩। (ଅଶ୍ଳୀଳ) ସ୍ତ୍ରୀଲୋକ ସଙ୍ଗେ ସଙ୍ଗମ କରିବା—
3. (indecent) To cohabit with a woman.

ପାଣି କାଦୁଅ—ଦେ. ବ (ସଂ. ପାନୀୟ+କର୍ଦ୍ଦମ)—ବର୍ଷାଜନିତ ଜଳ ଓ
Pāṇi kādua ତଜ୍ଜନିତ କର୍ଦ୍ଦମ—Water and mud due
জলকাদা पानीकीचड़ to rain.

ପାଣିକାଣି—ଦେ. ବ—କ୍ଷୁଦ୍ର ବନ୍ୟବୃକ୍ଷବିଶେଷ—
Pāṇikāṇi Bridelia Retusa tree (Haines).
কসাই कोसाह

ପାଣିକ ଛେଳି—ଦେ. ବଣ (ନ୍ୟାୟ)—(ଛେଳିମାନେ ଯେପରି ପାଣିରେ
Pāṇiki chheḷi ସ୍ନାନ କରିବାକୁ ଡରନ୍ତି ସେହିପରି) କୌଣସି କାର୍ଯ୍ୟ କରିବାକୁ ନିତାନ୍ତ ଅମଙ୍ଗ—
Very unwilling to do a certain work.

ପାଣିକି(କୁ) ପକା(କେ)ଇବା—ଦେ. କ୍ରି—(ଲକ୍ଷଣାର୍ଥ)—୧ । (ଧନକୁ) ବୃଥା ବ୍ୟୟ କରିବା—
Pāṇiki ku) pakā(ke)ibā
[ପାଣିକି ପକା(କେ)ଇଦେବା, ପାଣିକୁ(କି) ଫିଙ୍ଗି ଦେବା, ପାଣିରେ ପକା(କେ)ଇବା—ଅନ୍ୟରୂପ]
1. To spend money for no purpose.
୨ । ଅପାତ୍ରରେ ଧନ ଦେବା—
2. To give money to an unworthy object or cause.
ଜଲେଫେଲା
पानीमें फेंकना, पानीमेंबहाना

ପାଣି କୁଆ—ଦେ. ବି (ସଂ. ଜଳକାକ)—୧ । ପାଣିକୁଆ (ଦେଖ)
Pāṇi kuā
1. Pāṇi kuā (See)
ପାନିକୌଡ଼ୀ, ପାନୀକୌଟ
पनकौवा जलकौवा
(ପାଣିକାକ—ଅନ୍ୟରୂପ)
ସଙ୍ଗଳ, ଜାଙ୍ଗୋଲ, ହଂସ, ବୋକ, ପାଣିକୁଆ ଅବ ଜଳ ବହଙ୍ଗମେ ସଦା ଜଳାଶ୍ରିତ—ଜଗନ୍ନାଥ. ଚଉପଦୀ ।
[ଦ୍ର—ଏମାନେ ଲମ୍ବରେ ୧ ହାତ ହୁଅନ୍ତି । ଚଞ୍ଚୁ ଦୀର୍ଘ ଓ ବଙ୍କାଗ୍ର, ପକ୍ଷ ଶ୍ୱେତ; ଦେହ କଳା ଓ ପୁଚ୍ଛ କଳାଚିକ୍କଣ ସାଦ୍ରା, ପିଠି ପକ୍ଷ ଓ ପଦ ଧୂସରବର୍ଣ୍ଣ ।]
୨ । ପାଣିକୁଆ ପରି କିନ୍ତୁ କ୍ଷୁଦ୍ରତର ଓ ଧୂସରବର୍ଣ୍ଣ ପକ୍ଷୀବିଶେଷ—
2. The brown headed gull.

ପାଣିକୁମ୍ଭା—ପ୍ରାଦେ (ଗଡ଼ଜାତ) ବି—ମାଟିଆବର୍ଣ୍ଣବିଶିଷ୍ଟ ରାତିରେ ଶବ୍ଦ କରିବା ଏକପ୍ରକାର ପକ୍ଷୀ—
Pāṇikumbha
A kind of brown bird emitting loud sounds in the night.

ପାଣି କୁସୁମ—ଦେ. ବି—ଜଳ କୂଳରେ ଜନ୍ମିବା ଏକପ୍ରକାର ବନ୍ୟ ଗୁଳ୍ମ—
Pāṇi kusuma A kind of tree growing near water.

ପାଣି କୁହୁଡ଼ି—ଦେ. ବି—୧ । ଶୀତଋତୁ ଛଡ଼ା ଅନ୍ୟ ସମୟରେ ହେବା କୁହୁଡ଼ି; ଋଣ କୁହୁଡ଼ି—
Pāṇi kuhuṛi
ରନକୁୟାସା **बर्षाकीकुहासा**
1. Fog appearing in seasons except winter, indicating early rain.
[ଦ୍ର—ଏହାଦ୍ୱାରା ତିନି ଦିନ ପରେ ବର୍ଷା ହେବାର ସୂଚନା ମିଳେ ।]
ଗଞ୍ଜୁଶା ୨ । ବନ୍ୟଘାସବିଶେଷ—2. A kind of wild grass; Panicum Millare (Haines).

ପାଣି କେନ୍ଦରି (ଡ଼ି) (ଲି)—ଦେ. ବି—(ପାଣି+ସଂ. କନ୍ଦଳୀ; ସଂ ନାମ ଜଳଜକନ୍ଦ, କନ୍ଦଳୀ)—
Pāṇi kendari (ṛdi) (li)
ପାନିକଲା
काद.कँदरी
ଜଳଜ ଶାକବିଶେଷ । କନ୍ଦଳୀ ୧ (ଦେଖ)—
Ottelia Alismoides, an aquatic plant.
ପାଣି କେନ୍ଦର (ଡ଼ି)
ପାଣି କେନ୍ଦୁର (ଡ଼ି)
ପାଣି କେନ୍ଦୁଲ (ଲି)
ପାଣି କେନ୍ଦୁଲ (ଲ) } ଅନ୍ୟରୂପ]
[ଦ୍ର—ପୋଖରୀ ଆଦିର କୂଳ ଓ ବିଲ, ଖାଲ ପ୍ରଭୃତିର ଅଳ୍ପ ଜଳ ଥିବା ସ୍ଥାନରେ ଏହା ଜନ୍ମେ । ବର୍ଷାଋତୁ ଆରମ୍ଭରେ ଗଛ ଉଠେ । ମୂଳରୁ ଡେଙ୍ଗାଲଗା ପକ୍ଷ ଆକାର ପତ୍ର ବାହାରେ । ଫୁଲ ଧାଉଁସ ଫୁଲପରି ଥିଲା ଓ ତ୍ରିଦଳ । ତାହାର ମୂଳ ପାଖେ କାଢ଼ରେ କଦଳୀ ପରି ଗୋଟିଏ ଫଳ ଧରେ । ତାକୁ ବାଛି ବାଛ ଫୁଲରେ ବୋଲିଲେ ଫୁଲ ଓ ଦରଜ କମିଯାଏ ।]

ସେ ଗଳ ସମ୍ପର୍କେ ଦେବା ଶୋଳବଳ ହଳଇ ପାଣି କେଳୁଡ଼ି—
ଉଦ୍ଧବଯୋର. ଜର୍ମ୍ମସ୍ତ ।

ପାଣିକେନ୍ଦୁ—ପ୍ରାଦେ (ପୁରୀ) ବି—ବୈଶ୍ୟ କରଣ ଜାତିବିଶେଷ—
Pāṇi kendu A caste of Baisyas.
[ଦ୍ର—ଏମାନେ ପ୍ରକୃତରେ ବୈଶ୍ୟ; ଏମାନଙ୍କ ସମାଜରେ ବିଧବା ବିବାହ ନାହିଁ ଓ ବାଲ୍ୟବିବାହ ପ୍ରଚଳିତ ଅଛି । କରଣମାନଙ୍କପରି ଏମାନେ ସମାଜରେ ସମ୍ମାନିତ ହୁଅନ୍ତି ଓ ଏମାନଙ୍କର ବଂଶୋପାଧି ମହାନ୍ତି, ନାୟକ ଇତ୍ୟାଦି । ଜମିଦାରୀ ଓ ରାଜଗୀରେ କୌଣସି କୌଣସିଠାରେ ଏମାନେ ଭୋଇ ରୂପେ ଗ୍ରାମର ହିସାବ ପତ୍ର ରଖୁଥିଲେ । କରଣ ଶବ୍ଦ ତଳେ ନୋଟ୍ ଦେଖ ।]

ପାଣିକୋଥ—ଦେ. ବି—ଚକ୍ଷୁରୋଗବିଶେଷ; ଆଖିଧରା ରୋଗ—
Pāṇikotha Ophthalmia.
ପାଣିକୋଥି
ପାଣିକୋଡ } ଅନ୍ୟରୂପ
[ଦ୍ର—ଏଥିରେ ଆଖି ନାଲି ହୋଇଯାଏ ଆଖିରୁ ପାଣି ବହେ, ଆଖି ଖୁଣ୍ଟ ହୁଏ ଓ ଚୋକ ଉଠା, **आंख उठना** ଆଖିରେ ଲେଦବସ ଧରେ ।]

ପାଣି କୋଦାଳ—ପ୍ରାଦେ (ଗଡ଼ଜାତ) ବି—ବନ୍ୟ ବୃକ୍ଷବିଶେଷ—
Pāṇi kodāla A kind of wild tree.

ପାଣି ଖମ୍ବ—ପ୍ରାଦେ (ଗଡ଼ଜାତ) ବି—ଖଲ ଘରର ପିଣ୍ଡା ଧାଡ଼ିରେ ଥିବା ଖୁଣ୍ଟ—
Pāṇi khamba The posts on the edge of the veranda of a thatched house.
(ପାଣିଖୁଣ୍ଟ, ପାଣିଖମ୍ବ, ପାଣିଆ ଖୁଣ୍ଟ—ଅନ୍ୟରୂପ)
उलतिका खम्भा

ପାଣି ଖାଇବା—ଦେ. କ୍ରି—୧ । ଜଳ ପାନ କରିବା—
Pāṇi khāibā 1. To drink water.
ଜଲଖାଓୟା **जलपीना**
୨ । ଜଳଖିଆ କରିବା—
2. To take light refreshment.
[ଦ୍ର—ପ୍ରକୃତରେ ପାଣିକୁ ଖାଆନ୍ତି ନାହିଁ—ପିଅନ୍ତି ।]
पानीउठाना, पानीशोखना ୩ । (ଅଟା, ମଇଦା ବା ଉକ୍ତାହେବା ଦ୍ରବ୍ୟ)—ଜଳ ଶୋଷିବା—3. (said of flour) To suck or take in much water.
୪ । (କୌଣସି ଶୁଖିଲା ସ୍ଥାନ) ବହୁତ ପାଣି ଶୋଷି ନେବା—
4. (a dry place) To assimulate or suck in water.

ପାଣିଖିଆ—ପ୍ରାଦେ. (ସିଂହଭୂମ)ବି.—(ଭୁଲ. ହି. ପନ୍‌ପିଲାଇ)—ଜଳଖିଆ
Pāṇikhiā —Tiffin.

ପାଣିଗଡ଼ା—ଦେ. ବି.—୧ । ପାଣି ଗଡ଼ିବା (ଦେଖ)
Pāṇi garḍā 1. Pāṇi garḍibā (See)
୨ । ମାଛ ଧରିବା ପାଇଁ ଉପରୁ ତଳକୁ ପାଣି ବହି ଯିବା ପାଇଁ କରାଯିବା ନାଳ—2. A channel cut for the flow of water for fishing purpose.

ପାଣି ଗଡ଼ିବା—ଦେ. ବି.—୧ । କୌଣସି ଉଚ୍ଚ ଜଳପୂର୍ଣ୍ଣ ସ୍ଥାନରୁ ନିମ୍ନ ଜାଗାକୁ ଜଳ ବହି ଆସିବା—
Pāṇi garḍibā
ଜଲଗଡ଼ା 1. The flowing down of water.
पानी गोरना ୨ । ମୁଖରୁ ପାଣି ବା ଲାଳ ବହିବା—
पानी उतरना 2. The watering of the mouth.

୨ । ଅଣ୍ଡକୋଷ ଜଳପୂର୍ଣ୍ଣ ହୋଇ ସ୍ଫୀତ ହେବା—
2. The swelling of the testicle; hydrocele.

ପାଣି ଗତ—ସଂ. ବଣ.—(୬ଷ୍ଠୀ ତତ୍; ପାଣି + ଗତ)—କରଗତ; **ଅପଣାର**
Pāṇi gata ହାତ ମୁଠା ଭିତରକୁ ଆସିଥିବା (ବସ୍ତୁ)—Brought under control; come to the hand.

ଶାକରୁ ସୁଧାଂଶୁ କଳାକୁ ଅକାର୍ଯ୍ୟ କରିବାକୁ ପାଣିଗତ ।
କବିସୂର୍ଯ୍ୟ. କଶୋରଚନ୍ଦ୍ରାନନ୍ଦ ୫: ଗୀତ ।

ପାଣି ଗମ୍ଭାରି—ଦେ. ବ.—ଗମ୍ଭାରି ବୃକ୍ଷବିଶେଷ—
Pāṇi gambhāri A species of Gmelina Arborea tree
পানী গামার **गम्भार**
[ଦ୍ର—ଏ ଗଛମାନ ପାଣିକୂଳରେ ହୁଏ ।]

ପାଣି ଗାମୁଛା—ଦେ.ବ.—(ପାଣି + ଗାମୁଛା)—ଯେଉଁ ଗାମୁଛାକୁ ପାଣି ଦଶ
Pāṇi gāmuchhā କର ପଗଡ଼ି ଅମ୍ଳାନ ବସ୍ତ୍ରରୂପେ ବ୍ୟବହାର
পানিতোলা କରନ୍ତି—A napkin seasoned in water.

ପାଣିଗାର—ଦେ. ବ.—୧ । ଜଳ ଉପରେ କଟାଯିବା ରେଖା—
Pāṇi gāra A line drawn on water.
জলেতে রেখা ୨ । (ଲକ୍ଷଣାର୍ଥ) ପାଣିରେ ରେଖା ପରି ଅସ୍ଥାୟୀ ବିଷୟ—
पानी कीलकीर 2. (figurative) Any thing as transient as a line drawn on water.
(ପାଣିରେ ଗାର—ଅନ୍ୟରୂପ)
(ପଥର ଗାର—ଅନ୍ୟରୂପ)

ପାଣି ଗୃହୀତା—ସଂ. ବ. ସ୍ତ୍ରୀ—(ପାଣି + ଗୃହୀତ + ଆ)—ପତ୍ନୀ; ଭାର୍ଯ୍ୟା—
Pāṇi gṛuhīti Wife.

ପାଣିଗ୍ରହ—ସଂ. ବ. ପୁଂ.—(ପାଣି + ଗ୍ରହ୍ ଧାତୁ=ଗ୍ରହଣ କରିବା + ଅଧି. ଅ)—ବିବାହ—Marriage.
Pāṇigraha
(ପାଣିଗ୍ରହଣ—ଅନ୍ୟରୂପ)

ପାଣି ଗ୍ରହୀତା—ସଂ. ବ. ପୁଂ—(ପାଣି + ଗ୍ରହୀତା)—ସ୍ୱାମୀ—
Pāṇi grahitā (ପାଣିଗ୍ରହିତ୍ରୀ—ସ୍ତ୍ରୀ) Husband.

ପାଣିଗ୍ରାହୀ—ସଂ. ବ.—(ପାଣି + ଗ୍ରହ୍ ଧାତୁ=ଧାରଣ କରିବା + କର୍ତ୍ତୃ. ଇନ୍)—ହାତ ଧରିଥିବା ଲୋକ—
Pāṇigrāhī
(ପାଣିଗ୍ରାହିଣୀ - ସ୍ତ୍ରୀ) (a person) Holding one's hand.
ଦେ. ବ.—୧ । ବ୍ରାହ୍ମଣମାନଙ୍କ ଉପାଧିବିଶେଷ—
1. A title of Brāhmaṇas.
୨ । ରାଜା ବ୍ରହ୍ମୋତ୍ତର ଗ୍ରାମ ପାଇଁ ଭୂମିଦାନ କରିବା ସମୟରେ ସଙ୍କଳ୍ପ ସହିତ ଜଳ ଯେଉଁ ବ୍ରାହ୍ମଣଙ୍କ ହାତକୁ ଦିଅନ୍ତି—
2. A Brāhmaṇa who receives the formal gift of land made to a colony of Brāhmaṇas by a Raja.

[ଦ୍ର—ରାଜାମାନେ ପୂର୍ବେ ବହୁ ବ୍ରାହ୍ମଣଙ୍କୁ ଦୂରଦେଶରୁ ଅଣାଇ ବ୍ରାହ୍ମଣଶାସନମାନ ବସାଇବା ସମୟରେ ଏକ ଶାସନର ଉପନିବେଶୀ ସମସ୍ତ ବ୍ରାହ୍ମଣଙ୍କ ହାତକୁ ପାଣି ଟେକି ନ ଦେଇ ସେମାନେ ପ୍ରତିନିଧି ସ୍ୱରୂପ ଜଣେ ପ୍ରଧାନ ବ୍ରାହ୍ମଣଙ୍କ ହାତକୁ ଦାନ-ସଙ୍କଳ୍ପ ମନ୍ତ୍ର ଉଚ୍ଚାରଣ ପୂର୍ବକ ପାଣି ଟେକି ଦେଉଥିଲେ; ସେହି ବ୍ରାହ୍ମଣଙ୍କୁ ପାଣିଗ୍ରାହୀ ବୋଲାଯାଉଥିଲା ।]

ପାଣିଘ—ସଂ. ବ.—(ପାଣି + ହନ୍ ଧାତୁ=ଆଘାତ କରିବା + କର୍ତ୍ତୃ. ଅ)—
Pāṇigha ୧ । ଢୋଲ ଆଦି ବଜାଇବା ବ୍ୟକ୍ତି—
1. A drummer (Apte); one who plays on a hand-instrument (M. W.)
୨ । ଶିଳ୍ପୀ—2. A handicraftsman. (Apte).
୩ । (+ କର୍ମ. ଅ)—ହାତରେ ବଜାଯିବା ମୃଦଙ୍ଗ ଆଦି ବାଦ୍ୟ—
3 Musical instrments played on by the hands.

ପାଣିଘାଟ—ଦେ. ବ. (ସଂ. ପାନୀୟ + ଘଟ୍ଟ)—ପୁଷ୍କରିଣୀ ଆଦିର ଯେଉଁ
Pāṇighāṭa ଘଟ୍ଟ ବା ଅଂଶକୁ ଲୋକେ ପାଣି ଆଣିବାକୁ ଯାଆନ୍ତି—
জলের ঘাট The part of a pond frequented by
पनघट people for bringing water from.

ପାଣି ଘାତ—ସଂ. ବ.—ହାତଦ୍ୱାରା ଆଘାତ (ଯଥା; ଚଟା; ଚପୁଡ଼ା; ମୁଷ୍ଟି;
Pāṇi ghāta ମୁଥ)—A blow with the hand.

ପାଣି ଘି(ଘେ)ନିବା—ଦେ. କ୍ରି.—(ସଂ. ପାନୀୟ + ଗ୍ରହଣ; ପ୍ରା. ଘେନଣ)-
Pāṇi ghi(ghe)nibā ୧ । ମୂତ୍ର ତ୍ୟାଗ ପରେ ଲିଙ୍ଗ ବା
জল শৌচকরা ଯୋନିକୁ ଜଳଦ୍ୱାରା ଧୌତ କରିବା—
पानी लेना; पानीछुना 1. To wash the private parts after making water.

ଏ ବାହାରେ ସେ ଛଡ଼ା ହୋଇଣ ମୂତନ୍ତି
ପାଣି ଘେନିବାର କଥାରୁ ନ ଜାଣନ୍ତି । କୃଷ୍ଣସିଂହ, ମହାଭାରତ କର୍ଣ୍ଣ ।

୨ । ମଳତ୍ୟାଗ ପରେ ଜଳଦ୍ୱାରା ଶୌଚ ହେବା; ଛଅଁଚିବା—
2. To wash the posteriors after evacuation.

ପାଣି ଚଢ଼ା(ଢ଼େ)ଇବା—ଦେ. କ୍ରି—୧ । ଦେବତାଙ୍କ ଉପରେ ପାଣି
Pāṇi chaṛhā(ṛhe)ibā ଢାଳିବା—1. To pour water
জলচঢ়ান on the image of a Deity.
पानीचढ़ाना ୨ । ଲୁହାର ଅସ୍ତ୍ରଶସ୍ତ୍ରାଦିକୁ ଟାଣୁଆ କରିବା ପାଇଁ ପାଗଯୋଗ ଅନୁସାରେ ତାହା ତାତି ଥାଉଁ ଥାଉଁ ତାକୁ ପାଣିରେ ବୁଡ଼ାଇବା—2. To temper an iron weapon or steel by cooling it with water.
୩ । ରୋଗୀର ଚର୍ମତଳରେ ଛୁଞ୍ଚପର ପିଚକାରିଦ୍ୱାରା ଜଳୀୟ ଔଷଧ ପ୍ରୟୋଗ କରିବା—3. To give injections to a patient.

ପାଣିଚ୍ଚ—ଦେ. ବଣ—୧ । ଜଳୀୟ ସ୍ୱାଦବର୍ଜିତ; ସ୍ୱାଦହୀନ—
Pānichā 1. Tasteless; insipid.
পানিসা, পানসিয়া ୨ । ଅତିରିକ୍ତ ଜଳଯୁକ୍ତ—2. Diluted with
पानसोहा water; soaked with water; watery.
[ପାଣିଚ, ପାଣିଚିଆ, ପାଣିପାଣିଚ୍ଚ, ପାଣିପାଣିଆ, ପାଣିପାଣିଚିଆ, ପାଣିସିଆ, ପାଣିପାଣିଆ(ଅଁ)—ଅନ୍ୟରୂପ]

ପାଣିଚି—ପ୍ରାଦେ. (ପୁରୀ) ବଣ—୧ । ଯେଉଁ ନଡ଼ିଆଭିତରୁ ପାଣିଯାକ
Pāṇichi ଶୁଖି ଯାଇ ନ ଥାଏ—1. Cocoanut, the water inside which has not yot completely dried up.
[ଦ୍ର—ପାଣି ଶୁଖିଯାଇଥିବା ନଡ଼ିଆକୁ ଖୁରୁଡ଼ା ବୋଲାଯାଏ ।]
୨ । ଏକପ୍ରକାର ଧାନ (ଜଳବହୁଳ ଜମିରେ ଏ ଧାନ ଫସଲ ଭଲ ହୁଏ)—2. A kind of paddy.

ପାଣି ଛଡ଼ା(ଢ଼େ)ଇବା—ଦେ କ୍ରି—୧ । ପଡ଼ଣି ବା ବାନ୍ଧ ମେଲ୍ଲ କରି ଜଳପୂର୍ଣ୍ଣ ଢିଅରେ ଜମା ହୋଇଥିବା ପାଣିକୁ ନିକାଶି କରାଇବା—
Pāṇi chharḍā(ṛḍe)ibā
ଜଲଛଡ଼ାନ
पानीछोड़ाना 1. To open out a way for accumulated water.
(ପାଣି ଛଡ଼ାଇଦେବା—ଅନ୍ୟରୂପ)
ଜଳଲଡ଼ାଦେଓଆ ୨ । ମନ୍ତ୍ରପାଠ ବା ଦେବତାଙ୍କ ନାମ ଉଚ୍ଚାରଣ
उत्सर्ग करना ପୂର୍ବକ ଦେବତାଙ୍କ ନୈବେଦ୍ୟ ଭୋଗର ଚାରିପାଖେ ଚଳେ ପାଣି ବୁଲାଇ ଦେବା; ଉତ୍ସର୍ଗ କରିବା—
2. To offer some article to a Deity by encircling it with a handful of water.
୩ । (ଜୀବନର) ଆଶା ପରିତ୍ୟାଗ କରିବା—
3. To give up the hope of one's life.
୪ । କୌଣସି କାର୍ଯ୍ୟ ପାଇଁ ଜୀବନ ଉତ୍ସର୍ଗ କରିବା—
4. To dedicate one's life for a certain object.
× × × ଜୀବନକୁ ବ ପାଣି ଛଡ଼େଇ ଦେଉଛୁଁ ।
ଉଦ୍ଧାର—କଟକ ଡଜସ୍ ।

ପାଣିଛଡ଼ା ପଣ୍ଡା ସେବକ—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସେବକ ବିଶେଷ—A class of servants of the Deity Jagannātha of Puri.
Pāṇichharḍā paṇḍā sebaka
ଦ୍ର:—ଏମାନେ ଶ୍ରୀମୁଖ ପଖଳା ସେବା କରନ୍ତି । ଜଗବନ୍ଧୁ, ପ୍ରାଚୀନ ଉତ୍କଳ ।

ପାଣି ଛତର—ଦେ. ବି. (ସଂ. ପାନୀୟ+ଛତ୍ର)—ଜଳଛତ୍ର (ଦେଖ)
Pāṇichhatara Jaḷachhatra (See)
ଜଲଛତ୍ର **पानीछत्र** (ପାଣିଛତ୍ର—ଅନ୍ୟରୂପ)

ପାଣି ଛବି—ଦେ. ବି—ଜଳଦ୍ୱାରା ଯେଉଁ ଚିତ୍ରକୁ ଅନ୍ୟ କାଗଜରେ ବସାଯାଏ; ଜଳଛବି; ଏକକାଗଜ ଉପରେ ଥିବା ଯେଉଁ ଛବିକୁ ଓଦା କରି ଅନ୍ୟ କାଗଜ ଉପରେ ମାଡ଼ି ଦେଲେ ଦ୍ୱିତୀୟ କାଗଜରେ ଉକ୍ତ ଛବି ଉଠିଯାଏ—Transfer-picture.
Pāṇi chhabi
ଜଲଛବି
जलछबि

ପାଣି ଛାଟ—ପ୍ରାଦେ. (ଅଳ) ବି—ପାଣିପାଟିଆ (ଦେଖ)
Pāṇi chhāṭa Pāṇipāṭiā (See)
ଜଲେରଛାଟ ଦେ. ବି—୧ । ଯେଉଁ ବର୍ଷାଜଳ ତିର୍ଯ୍ୟକ୍‌ଭାବରେ
पानीकाछींटा କୌଣସି ବସ୍ତୁ ଉପରେ ପଡ଼େ—1. Rain water which splashes a thing in a slanting manner.
(ପାଣିଛାଟିବା—କ୍ରିୟାରୂପ)
୨ । ତିର୍ଯ୍ୟକ୍‌ଭାବରେ କୌଣସି ବସ୍ତୁକୁ କଡ଼ପାଖରୁ ବା ତଳଆଡ଼ୁ ଯେଉଁ ପାଣି ଛିଟାଯାଏ—2. Water splashed on a thing from a side or from below.

ପାଣି ଛିଞ୍ଚା—ଦେ. ବି. (ସଂ. ପାନୀୟ+ସେଚନ)—
Pāṇi chhiñchā ୧ । ଜଳସେଚନ କରିବା—
ଜଲସୀଁଚା; ଜଲେରଛୀଟ 1. Sprinkling of water.
पानीसींचना ୨ । କ୍ଷେତରେ ପାଣିମଡ଼ାଇବା—
(ପାଣିସିଞ୍ଚା—ଅନ୍ୟରୂପ) 2. Irrigating a field for raising crop.

ପ୍ରାଦେ. (ଗଞ୍ଜାମ) ବି—କଉଡ଼ିଖେଳରେ କେତେଜଣ ଜୋଡ଼ି ବାନ୍ଧି ଖେଳିବା ବେଳେ ଜଣେ ଖେଳାଳୀ ବଳପଡ଼ିଲେ ଦୁଇ-ଦଳର ଲୋକେ ବେଳେ ବେଳେ ଆପଣା ଦଳରେ ଦରକାର ବେଳେ ଖେଳିବା ପାଇଁ ଯେଉଁ ଖେଳାଳୀକୁ ରଖିଥାଆନ୍ତି—An extra player kept in reserve to replace one of a pair of players in a game of cowries.

ପାଣି ଛିଞ୍ଚିବା—ଦେ. କ୍ରି. (ସଂ. ପାନୀୟ+ସିଚ୍ ଧାତୁ)—
Pāṇi chhiñchibā ୧ । କୌଣସି ସ୍ଥାନରେ ଜଳବିନ୍ଦୁ ସେଚନ
ଜଲସୀଁଚା କରିବା—1. To sprinkle water on a place.
पानी सींचना ୨ । (ଲକ୍ଷଣାର୍ଥ) କୋମଳ କଥା କହି ମନୋରଞ୍ଜନ କରିବା—2. (figurative) To please a person by soft words.
ଉପରେ ଉପରେ ଛିଞ୍ଚଇ ପାଣି
ତଳେ କାଟୁଥାଏ ଶିଅକୁ ଜାଣି । ଭଗ ।
୩ । (ଲକ୍ଷଣାର୍ଥ) କୋମଳ ବାକ୍ୟ ପ୍ରୟୋଗଦ୍ୱାରା କୌଣସି ବ୍ୟକ୍ତିର କ୍ରୋଧକୁ ଶାନ୍ତ କରିବା—3. To quench the anger of a person by soft words.
୪ । ଲୋକେ ଖାଇବାପାଇଁ ଭୂମିରେ ପାରିଥିବା କଦଳୀପତ୍ରଆଦି ଉପରେ ଖାଦ୍ୟ ବଢ଼ାଯିବା ପୂର୍ବରୁ ଜଳବିନ୍ଦୁ ସେଚନ କରିବା—4. To sprinkle water on plantain or other leaves spread on the ground before food is served on them.
[ଦ୍ର—ଖାଇବା ସ୍ଥାନକୁ ପ୍ରଥମେ ଓଳାଇବାକୁ ହୁଏ, ଓଳିଆ ହେବା ପରେ ସେ ସ୍ଥାନରେ ଭୂମିରେ ପାଣି ଛିଞ୍ଚାଯାଏ, ତା ପରେ କଦଳୀ ପତ୍ର ପକାଯାଏ, ତା ପରେ କଦଳୀ ପତ୍ର ଉପରେ ପାଣି ଛିଞ୍ଚା ଯାଏ, ତା ଉପରେ ଲୁଣ ବଢ଼ାଯାଏ, ତା ପରେ ଅନ୍ନାଦ ବଢ଼ାଯାଏ ।]

ପାଣି ଛିଡ଼ିକା—ଦେ. ବି—ଯେଉଁ ପାଣି ପ୍ରଥମେ ଭୂପୃଷ୍ଠରେ ପଡ଼ି ତହିଁରୁ ପ୍ରତିଘାତ ପାଇ କଡ଼ବାଗରେ ଅନ୍ୟ ବସ୍ତୁରେ ପଡ଼େ—Splatter; splashing of water on a thing after coming in contact with the ground.
Pāṇi chhirḍikā
ଜଲେର ଛୀଟ
पानीके छींटे
(ପାଣି ଛିଡ଼ିକବା—ଅନ୍ୟରୂପ)
[ପାଣି ଛିଡ଼କା(କେ)ଇବା—କ୍ରିୟାରୂପ)

ପାଣି ଛୁଆଁ ଜାତି—ଦେ. ବି. (ସଂ. ପାନୀୟ+ସ୍ପର୍ଶ)—
Pāṇi chhuāṅ jāti ଯେଉଁ ଶୂଦ୍ର ଜାତିଙ୍କ ସ୍ପୃଷ୍ଟଜଳ ବ୍ରାହ୍ମଣାଦି
ଜଲ ଛୋଆଁ ଜାତ ଉଚ୍ଚ ଜାତିଙ୍କ ବ୍ୟବହାର୍ଯ୍ୟ ଓ ପେୟ—
पानी चलनेवालीजात High caste Śūdras, the water touched by whom can be drunk and used by Brāhmaṇas and people of other high castes.
(ପାଣି ଅଛୁଆଁ ଜାତି ତଳେ ଦେଖ ।)

ପାଣି ଛେଜା(ଢା, ଜେ, ଢେ)ଇବା—ଦେ. କ୍ରି (ସଂ. ପାନୀୟ+ଉତ୍ସର୍ଜନ)—
Pāṇi chhejā(ḍā, je, ḍe)ibā ଡଙ୍ଗା ମଧ୍ୟରେ ଝରି କରି
पानी उपछना ପଶିଥିବା ପାଣିକୁ ବେଲ୍ଟିଆ ଦ୍ୱାରା ଛିଟାଇ ବାହାରକୁ ପୋପାଡ଼ିବା—To bale out water which has leaked into a boat through the fissures, by means of a wooden cup.

ପାଣିଜ—ସଂ. ବି. (ପାଣି—ହସ୍ତ + ଜନ୍ ଧାତୁ—ଉତ୍ପନ୍ନ ହେବା + କର୍ତ୍ତୃ. ଅ)-
Pāṇija ନଖ; କରରୁହ—Finger-nail.

ପାଣି ଜୋଖା—ଦେ. ବି—ଆଖି ଧରିବା ରୋଗରେ ଅକ୍ଷି ପତା ମଧ୍ୟରେ
Pāṇi jokhā ବାହାରିବା କ୍ଷୁଦ୍ର ବ୍ରଣ—Small pimples
চোখের ফুরকনা appearing inside the eye lids in
आँखका कौढ़ी Ophthalmia.
[ଦ୍ର—ସେଥିରେ ସାହାଡ଼ା ଗଛର କ୍ଷୀର ଓ କନଶିର ଚେଞ୍ଚର କ୍ଷୀର ଲଗାଇଲେ ଭଲ ହୁଏ ।]

ପାଣି ଝିଙ୍କିବା—ଦେ. କ୍ରି—ଦଉଡ଼ିରେ କୂଅରୁ ପାଣି କାଢ଼ିବା—
Pāṇi jhiṅkibā To lift up water from a well
জল তুলা with the help of a rope and
पानी फींकना pitcher.

ପାଣି ଟେକିବା—ଦେ. କ୍ରି—୧ । କୌଣସି ବସ୍ତୁ ବା ଭୂମି ଆଦି ବ୍ରାହ୍ମଣଙ୍କୁ
Pāṇi ṭekibā ଦାନ କରିବା ପୂର୍ବରୁ ସଙ୍କଳ୍ପ ମନ୍ତ୍ର ଉଚ୍ଚାରଣ
জল দেওয়া ପୂର୍ବକ ବ୍ରାହ୍ମଣ ହାତକୁ ମୁନ୍ଦାଏ ପାଣି ଦେବା—
पानी देना 1. To make over a handful of water
ପାଣି ଅଞ୍ଜୁଳା ଟେକିବା } ଅନ୍ୟରୂପ to a Brāhmaṇa by
ପାଣି ଅଞ୍ଜୁଳି ଟେକିବା } reciting some formulas before handing over a gift.
୨ । ଶତ୍ରୁର ଅମଙ୍ଗଳ କାମନା କରି ଦେବତାଙ୍କ ନାମ ଧରି ପାଣି ଅଞ୍ଜୁଳା ଢାଳିବା—2. To offer handfuls of water by invoking a Deity and wishing one's enemy evil.
୩ । ତର୍ପଣ ସମୟରେ ଦେବତା ଓ ପିତୃ ଆଦିଙ୍କୁ ଅର୍ଘ୍ୟ ଦେବା—
3. To offer libations of water to the spirits of one's deceased ancestors.

ପାଣି ଡୁବୁକି—ଦେ. ବି. (ଭୁଲ. ହି. ପନଡୁବ୍ବା)—ମାଛରଙ୍କା ଚଢ଼େଇ—
Pāṇi ḍubuki Kingfisher.
[ଦ୍ର—ଏ ପାଣିରେ ବୁଡ଼ି ମାଛ ଧରେ ।]

ପାଣି ଢାଳିବା—ଦେ. କ୍ରି—୧ । କୌଣସି ପାତ୍ରରୁ ପାଣି ଇଡ଼ିବା—
Pāṇi ḍhāḷibā 1. To pour out water from
पानीढाला **पानी उडेलना** a pot.
(ପାଣି ଅଜାଡ଼ିବା—ଅନ୍ୟରୂପ) ୨ । ଶିବ ଲିଙ୍ଗଙ୍କ ଉପରେ ଜଳ ଅଜାଡ଼ିବା—2. To pour out water on the image of Śiba
ଦେ. ବି—ବହୁ ପରିମାଣରେ ବର୍ଷା ହେବା—
Raining in torrents.

ପାଣିତ—ଦେ. ବିଣ—ପାଣିଦିଅ (ଦେଖ)
Pāṇita Pāṇidiā (See)
ଶାଣିତ ପାଣିତ ଅସି କୌତୁକେ ଅଛାଡ । ପ୍ରଧାନାଥ, ମହାଯାତ୍ରା ।

ପାଣି ତଳ—ସଂ. ବି. (୬ଷ୍ଠୀ ତତ୍; ପାଣି + ତଳ)—କରତଳ; ଲେଡ଼ି—
Pāṇi taḷa Palm of the hand.

ପାଣିତି—ଦେ. ବି. ସ୍ତ୍ରୀ—ପାଣିଇତି (ଦେଖ)
Pāṇiti Pāṇi-iti (See)
(ପାଣେଇତି—ଅନ୍ୟରୂପ)

ପାଣି ତୋଳା—ଦେ. ବି. (ସଂ. ପାନୀୟ + ଉତ୍ତୋଳନ)—
Pāṇi toḷā ୧ । 'ଦଣ୍ଡଜାତ' ସଙ୍କଳ୍ପ କରିଥିବା ବ୍ୟକ୍ତିମାନେ
(ପାଣିସାଧା—ଅନ୍ୟରୂପ) ବାଦ୍ୟ ସହିତ ସନ୍ଧ୍ୟା ବେଳେ ଗୋଟିଏ
ପାଣି ତୋଳିବା } କ୍ରିୟାରୂପ ପୋଖରୀକୁ ଯାଇ ସେଠାରେ ସ୍ନାନକରି
ପାଣି ସାଧିବା } ସେଠାରୁ ପାଣି ଆଣିବା ଉତ୍ସବ—
জলসাধা 1. The ceremony of bringing water from a tank after bathing there, performed by the observers of the vow in 'Daṇḍajāta.'
[ଦ୍ର—ପାଣିତୋଳା ଦିନଠାରୁ ସଂକ୍ରାନ୍ତି ପର୍ଯ୍ୟନ୍ତ ହବିଷ୍ୟ କରନ୍ତି ।]
୨ । ବିବାହାଦି କର୍ମରେ ପ୍ରତିବେଶୀମାନଙ୍କ ଗୃହରୁ ଜଳ ସଂଗ୍ରହ ରୂପ ମଙ୍ଗଳ କର୍ମ—2. The ceremony of collecting water from the houses of neighbours on occasions of marriage.

ପାଣି ଦ(ଦେ)ବା—ଦେ. କ୍ରି—୧ । (ବୃକ୍ଷ ଆଦିର ମୂଳରେ) ଜଳ ଢାଳିବା—
Pāṇi da(de)bā 1. To water plants.
জল দেওয়া ଅମ୍ବ ଗଛରେ ପାଣି ଦଇଁ ଦଇଁ ଶିମ୍ବ ଗଛ ମଲା । ଶିଶୁ ଗୀତ ।
पानीदेना ୨ । ଲୁହାକୁ ଦୃଢ଼ କରିବା ସକାଶେ ତାତିଲା ଲୁହାକୁ
पानान ଜଳରେ ବୁଡ଼ାଇବା—2. To immerse hot
पानी बुझाना iron in water to temper it.
ପାଣି ଦେଇଥିଲୁ ଶାଣିଲ ବାଣକୁ ବାନ୍ଧିବ ଚନ୍ଦ୍ରକୁ କାହିଁ ।
ଉପେ, ଲାବଣ୍ୟବତୀ ।
୩ । (ତର୍ପଣାଦିରେ) ପିତୃ ଲୋକଙ୍କୁ ତର୍ପଣ କରିବା—
জল দেওয়া 3. To offer libations of water to the
जलदेना spirits of one's deceased ancestors.
ତୁମ୍ଭେ ଯେତିମାନଙ୍କୁ ଦେବ ବାରୁ ପାଣି
ସେହିତ ତାଙ୍କୁ ପାଣି ଦେଇଛନ୍ତି ପୁଣି । କୃଷ୍ଣସିଂହ. ମହାଭାରତ. ସଭା ।
୪ । ସ୍ଥାନାନ୍ତରରୁ ଘଟ ଆଦି ଦ୍ୱାରା ଜଳ ବହି ଆଣି ଯୋଗାଇବା—4. To supply water by carrying it from some other place.
୫ । ତୃଷାତୁରକୁ ଜଳ ପିଇବାକୁ ଦେବା—
5. To give water to a person to drink.
୬ । (ଘାଅ ଆଦି) ଜଳୀୟରସ ଉଦ୍ଗିରଣ କରିବା—
6. To water; to emit water (said of sore, the eyes or nostrils.)
(ଯଥା—ମୋ ଆଖି ୬ ମାସ ହେଲା ପାଣି ଦଉଛି ।)
ଦେ. ବି—୧ । (ଘାଅ, ଆଖି, ନାକ ଆଦିରୁ) ଜଳସ୍ରାବ ହେବା;
पानीआना ପାଣି ଗଡ଼ିବା—1. Watering of any sore or the eyes or nostrils.
୨ । (କୋଠା, ଡଙ୍ଗା, ସ୍ଥଳ ଆଦିର ଛିଦ୍ର ବାଟେ) ଜଳ ଭେଦି ବାହାରିବା—2. Oozing of water through leaks; leaking.
ପ୍ରାଦେ (ବାଲେଶ୍ୱର) କ୍ରି—ବନଶୀ ପକାଇବାବେଳେ ଜଳର ଗଭୀରତା ସ୍ଥିର କରିବା ଓ ତଦନୁସାରେ ବନଶୀ ସୂତାରେ ଫେରେଣ୍ଡା ବସାଇବା—To fathom the depth of water for angling and adjust the float on the angling string.

ପାଣି ଦଳ—ଦେ. ବି—ଜଳଜ ବା ଅର୍ଦ୍ଧ ଜଳଜ ଘାସ—
Pāṇi daḷa A kind of aquatic grass; Echinochla Colona (Haines); Paniculum Ripens (Kirtikar).
ଜଲ କତ୍ତୀ
[ଦ୍ର—ପ୍ରଥମେ ଏହାର ଚେରଗୁଡ଼ିକ ଭାସୁଥାଏ । ଏ ଘାସର ଗଛ ଲମ୍ବରେ ୬ଫୁଟ ଠାରୁ ୪ଫୁଟ ପର୍ଯ୍ୟନ୍ତ ବଢ଼େ । ଏହା ଗୋରୁ ଗାଈ ଓ ଘୋଡ଼ାଙ୍କ ଖାଦ୍ୟ ରୂପେ ବ୍ୟବହୃତ । ଏହାର ସ୍ତର କ୍ରମେ ଜଳାଶୟ ଉପରେ ମାଡ଼ିଯାଇ ଏତେ ଶକ୍ତ ହୁଏ ଯେ, ଏହା ଉପରେ ପିଲ୍ଲା ଓ ବାଳୁଙ୍ଗମାନେ ଚାଲି ଯାଇ ପାରନ୍ତି ଓ ଏହାର ଚେର କ୍ରମଶଃ ଜଳାଶୟର ତଳ ଦେଶରେ ଯାଇ ମାଡ଼େ ।]

ପାଣିଦିଆ—ଦେ. ବିଣ—୧ । ଦୃଢ଼ କରିବା ନିମନ୍ତେ ନିର୍ଦ୍ଦିଷ୍ଟ ସମୟରେ
Pāṇi diā ଉତ୍ତପ୍ତ ଅବସ୍ଥାରେ ପାଣିରେ ବୁଡ଼ାଯାଇଥିବା
पानी दोजा हुआ; पानीदार (ଶସ୍ତ୍ରାଦି)—1. Well tempered (iron weapon etc.)
ଚତୁରରେ ପାଣି କ ପାଣି ଦିଆ ଖଣ୍ଡା—କୃଷ୍ଣସିଂହ. ମହାଭାରତ ବନ ।
୨ । (ଲକ୍ଷଣାର୍ଥ) ଶାଣିତ—
2. Whetted; sharpened.
୪ । ଜଳବାହକ (ବ୍ୟକ୍ତି)—
4. (a person) Who carries water.

ପାଣିଦିଆ ମୁହଁ—ଦେ. ବି—୧ । (ଲକ୍ଷଣାର୍ଥ) ପାଣିଦିଆ ଅସ୍ତ୍ର ପରି ଯେଉଁ
Pāṇidiā muhañ ଲୋକର ମୁହଁ ଭାରି ତୀକ୍ଷ୍ଣ; ଯେ ନିର୍ଭୀକ ଭାବରେ କଥା କହେ—1. A fearless speaker.
୨ । ନିର୍ଲଜ୍ଜ ବ୍ୟକ୍ତି—2. Shameless person.

ପାଣି ଦୁଧ—ଦେ. ବି—(ସଂ. ପାନୀୟ+ଦୁଗ୍ଧ)—ଜଳ ମିଶ୍ରିତ ଦୁଗ୍ଧ—
Pāṇi dudha Milk diluted with water; milk which contains a quantity of water.
जलमया दूध
पनिहा दूध

ପାଣି ଦିହରେ ଯିବା—ଦେ. ବି—କୌଣସି ସ୍ଥାନର ଜଳବାୟୁ କୌଣସି
Pāṇi dihare jibā ବ୍ୟକ୍ତିର ଦେହରେ ସହ୍ୟ ହେବା—The suiting of the climate of a place to one's constitution
जल सओना
पानी सहर होना

ପାଣି ଦ୍ରବ୍ୟ—ଦେ. ବି—(ପାଣି+ଦ୍ରବ୍ୟ)—ସ୍ୱର୍ଣ୍ଣ ଓ ରତ୍ନ—
Pāṇi drabya Gold and gems.

ପାଣି ଧଣ୍ଡ (ଣ୍ଡା)—ଦେ. ବି—(ସଂ. ପାନୀୟ+ଡୁଣ୍ଡୁଭ)—ବିଷହୀନ
Pāṇi dhaṇḍa (ṇḍā) ଜଳଚର ସର୍ପ ବିଶେଷ—Water-snake; Homalopsidae.
ଢେଁଡ଼ା, ଢୋଡ଼ା
डेढ़हा, डेड़हा କେଉଁ ଭଳ ପୁଣି ଯେ କେତେ ବାହାରିଲେ,
ଢେଣ୍ଡା ପାଣି ଧଣ୍ଡାଏ ଖୋଳନ୍ତ ଦେଖିଲେ ।
କୃଷ୍ଣସିଂହ. ମହାଭାରତ. ଅବ ।
[ଦ୍ର—ଏମାନେ ଛୋଟ ଛୋଟ ମାଛ ଓ ଗେଣ୍ଡା କଙ୍କଡ଼ା ଖାଆନ୍ତି ।]

ପାଣି ଧରିବା—ଦେ. ବି—କୌଣସି ସ୍ଥାନର ଜଳବାୟୁ କୌଣସି ବ୍ୟକ୍ତିର
Pāṇi dharibā ଦେହରେ ନ ଚଳିବାରୁ ତାଙ୍କୁ ରୋଗ ଧରିବା—Becoming sick owing to the climate of a place not agreeing with one's constitution.
जलधरा
पानी लागना

ପାଣି ଧାନ—ଦେ. ବି.—(ସଂ. ପାନୀୟ+ଧାନ୍ୟ)—ଯେଉଁ ଧାନ ବେଶୀ
Pāṇi dhāna ପାଣି ଥିବା ସ୍ଥାନରେ ଅବାଦ କରାଯାଏ—
Kinds of paddy which are grown in water-logged places.
कलाधान
पानीधान

ପାଣି ନ ଗଳିବା—ଦେ. ବି.—୧ । ଛିଦ୍ରଶୂନ୍ୟତା ଯୋଗୁଁ ଜଳ ଭେଦ
Pāṇi na gaḷibā ନ ପାରିବା ଅବସ୍ଥା
जल ना गला पानी न घुसना 1. Imperviousness.
୨ । (ଲକ୍ଷଣାର୍ଥ) ଦୁଇଜଣଙ୍କ ମଧ୍ୟରେ ଅଭେଦ୍ୟ ପ୍ରୀତି—
2. Close intimacy between two persons.

ପାଣି ନଳା—ଦେ. ବି.—(ସଂ. ପ୍ରଣାଳୀ)—ପାଣି ବୋହିଯିବାର ରାସ୍ତା—
Pāṇi naḷā Water channel; gutter.
(ପାଣି ନାଲ, ପାଣି ନାଳ; ପାଣି ମାହାଳ—ଅନ୍ୟରୂପ)
जलनाला, पानीनाला

ପାଣିନି—ସଂ. ବି—(ନାମ)—ପ୍ରସିଦ୍ଧ ସଂସ୍କୃତ ବ୍ୟାକରଣ ସୂତ୍ରକାର—
Pāṇini Name of the celebrated compiler of Sanscrit Grammar.
[ଦ୍ର—ଖ୍ରୀଷ୍ଟ ଜନ୍ମର ୪ର୍ଥ ଓ ୫ମ ଶତାବ୍ଦି ପୂର୍ବେ (ମତାନ୍ତରରେ ୭ମ ଶତାବ୍ଦି ପୂର୍ବେ) ଗାନ୍ଧାର ପ୍ରଦେଶସ୍ଥ ଶାଲାତୁର ଗ୍ରାମରେ ଏ ଜନ୍ମି ଥିଲେ । ଏହାଙ୍କର ପ୍ରସିଦ୍ଧ ସଂସ୍କୃତ ବ୍ୟାକରଣ ଆଠ ଅଧ୍ୟାୟରେ ବିଭକ୍ତ । ଏ ଗ୍ରନ୍ଥରେ ଗୁଡ଼ାଏ ସୂତ୍ର ଉଦାହରଣ ସହ ଦିଆ ଯାଇଅଛି । ଅଧିକନ୍ତୁ ମଧ୍ୟ ଧାତୁପାଠ ନାମକ ଗୋଟିଏ ବ୍ୟାକରଣ ପରିଶିଷ୍ଟ ଏ ସଙ୍କଳନ କରିଥିଲେ । କଥିତ ଅଛି ଯେ ଏ ପ୍ରଥମେ ଶିକ୍ଷାଲାଭାର୍ଥ ପାଟଳିପୁତ୍ରର ବର୍ଷ ନାମକ ଉପାଧ୍ୟାୟଙ୍କ ନିକଟରେ କେତେକ ଦିନ ଅବସ୍ଥାନ କଲେ, କିନ୍ତୁ ଆଶାନୁରୂପ ପାଠୋନ୍ନତି ନ ହେବାରୁ ହିମାଳୟକୁ ଯାଇ ତପସ୍ୟା କଲେ ଓ ତପସ୍ୟା ଦ୍ୱାରା ମହାଦେବଙ୍କୁ ସନ୍ତୁଷ୍ଟ କରି ତାଙ୍କ ବରରେ ବ୍ୟାକରଣ ଶାସ୍ତ୍ରରେ ବ୍ୟୁତ୍ପନ୍ନ ହେଲେ । ଏହାଙ୍କ ମାତାଙ୍କ ନାମ ଦାକ୍ଷୀଦେବୀ—ସୁବଳଚନ୍ଦ୍ର ।]
ଦେ. ବି—ପାଣିନିଙ୍କ କୃତ ସଂସ୍କୃତ ବ୍ୟାକରଣ—The Sanscrit grammar by Pāṇini.

ପାଣିନୀୟ—ସଂ. ବିଣ—(ପାଣିନି+ଈୟ)—୧ । ପାଣିନି କୃତ—
Pāṇiniya 1. Composed by Pāṇini.
୨ । ପାଣିନିଙ୍କ ଗ୍ରନ୍ଥରେ ଉଲ୍ଲେଖିତ—
2. Mentioned in the work of Pāṇini.
୩ । ପାଣିନିଙ୍କ ଗ୍ରନ୍ଥ ପାଠକ—
3. Studying the books of Pāṇini.

ପାଣି ପଟା—ଦେ. ବି—ଘରର ଶେଷରେ ଭୁଆମାନଙ୍କ ମୁଣ୍ଡରେ ଦିଆ
Pāṇi paṭā ଯାଇଥିବା ମୁହଁ ପଟା—The plate which is put to the lower ends of the rafters in a thatched house.
(ପାଣିପାଟିଆ; ପାଣିଅପଟା—ଅନ୍ୟରୂପ)
पाट्
[ଦ୍ର—ଏ ପଟା ଘରର ଛଣ ଓ ଖପରଲୀକୁ ଅଟକାଇ ରଖେ ।]

ପାଣି ପଡ଼ୁର୍ ଗଳି—ପ୍ରାଦେ (ବାଲେଶ୍ୱର) ବି—ସମକୋଣରେ ଅବସ୍ଥିତ
Pāṇi pard̤at gaḷi ଦୁଇଟି ଘରର ମଝିରେ ଥିବା ଓ ସେହି ବାଟ

ଦେଇ ଘର ଉତରକୁ ପାଣି ଗଳି ଅସୁଥିବାର ଛିଦ୍ର ବା ଜଳା; ଲଂଘା —The juncture of two thatches meeting at right angles.

ପାଣି ପଡ଼ିବା—ଦେ. କ୍ରି—୧ । ଜଳ ପତିତ ହେବା—
Pāṇi pardibā 1. The falling down of water
ପାନୀଗୋରନା ୨ । ନଈ ବଢ଼ିବା—2. Inundation of a river
ଜବାନୀଆନା ୩ । ମନୁଷ୍ୟତା ବା ସ୍ତ୍ରୀତ୍ୱ ପ୍ରାପ୍ତ ହେବା—
3. Attainment of puberty (in the case of a girl) or adolescence (in the case of a boy.)

ଅଜହୁଁ ଏତେ । ପାଣିପଡ଼ିଲେ ସେ ହବଟ କେତେ – ଚଗ ।

୪ । ଖୋଳା ହେଉଥିବା କୂପ ବା ପୁଷ୍କରଣୀରେ ଜଳୋଦ୍ଗମ ହେବା ବା ପାଣି ଝରିବା—4. The first appearance or oozing of water in a tank or well which is being sunk.

ପାଣି ପଣା—ଦେ. ବ (ସହଚର ଶବ୍ଦ; ପାନୀୟ+ପ୍ରପାନକ)—୧ । ଜଳ
Pāṇi paṇā ବା ଅନ୍ୟ କୌଣସି ପାନୀୟ ଦ୍ରବ୍ୟ—
ଜଲଟିଲ ପାନୀଓଟନୀ 1. Water or any other drink.
(ପାଣି ଫାଣି – ଅନ୍ୟରୂପ)

ତନ ଜନ ଉଗ୍ରୁ ତର୍ପୁର ବଦସ
ପାଣି ପଣା କହଦ ଛାଡ଼ ଅଲ୍ ଘାସ – କୃଷ୍ଣହିଂ ମହାଭାରତ. ଅନୁଶାସନ ।

୨ । ଜଳଖିଆ—2. Tiffin; light refreshment.

ପାଣିପଥ—ଦେ. ବ (ନାମ)—ଦିଲ୍ଲୀ ଓ ଅମ୍ବାଲା ମଧ୍ୟସ୍ଥଳରେ ଥିବା ପ୍ରସିଦ୍ଧ
Pāṇipatha ଯୁଦ୍ଧକ୍ଷେତ୍ର—Name of a battle field
ପାନୀପଥ ପାଣୀପଥ between Delhi and Ambala; Panipat.

[ଦ୍ର—ଏଠାରେ ଓ ଏହା ନିକଟରେ ଭାରତସାମ୍ରାଜ୍ୟର ଭାଗ୍ୟନିର୍ଣ୍ଣୟକ ଏକାଧିକ ଯୁଦ୍ଧ ହୋଇଥିଲା । ଏହା ନିକଟରେ କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ହୋଇଥିଲା । ପୃଥ୍ୱୀରାଜ ଓ ସାହାବୁଦ୍ଦିନ ଘୋରୀଙ୍କ ସଙ୍ଗେ ଏଥିର ନିକଟରେ ଯେଉଁ ଯୁଦ୍ଧ ହୋଇଥିଲା ତହିଁର ଫଳରେ ଭାରତରେ ପଠାଣ ରାଜ୍ୟର ଆରମ୍ଭ ହୋଇଥିଲା ଓ ଖ୍ରୀ. ୧୫୨୬ ରେ ଏହି ଯୁଦ୍ଧକ୍ଷେତ୍ରରେ ବାବର ପଠାଣ ସମ୍ରାଟ ଇବ୍ରାହିମ୍ ଲୋଦୀଙ୍କୁ ପରାସ୍ତ କରି ମୋଗଲସାମ୍ରାଜ୍ୟର ମୂଳଭିତ୍ତି ସ୍ଥାପନ କରିଥିଲେ, ଏହା ଭାରତ ଇତିହାସରେ ପ୍ରଥମ ପାଣିପଥ ଯୁଦ୍ଧ ନାମରେ ଖ୍ୟାତ । ଖ୍ରୀ. ୧୫୫୬ ରେ ଅକବର ତାଙ୍କ ମାମୁ ଓ ଶିକ୍ଷାଗୁରୁ ବୈରାମ ଖାଁଙ୍କ ସହାୟତାରେ ବାଲ୍ୟାବସ୍ଥାରେ ଏହିଠାରେ ମହମ୍ମଦ୍ ଆଦିଲସାହାଙ୍କ ସେନାପତି ହିମୁଙ୍କୁ ପରାସ୍ତ କରି ପିତାଙ୍କ ହୃତ ରାଜ୍ୟର ଉଦ୍ଧାର କରିଥିଲେ; ଏହା ଦ୍ୱିତୀୟ ପାଣିପଥ ଯୁଦ୍ଧ । ୧୭୬୧ ସାଲରେ ଏହି ଯୁଦ୍ଧ କ୍ଷେତ୍ରରେ ଆଫଗାନସ୍ଥାନର ରାଜା ଅହମଦ୍‌ସାହା ଅବ୍‌ଦାଲି ଭାରତ ଆକ୍ରମଣ କରି ପେଶବା ବାଲାଜୀ ବାଜୀରାଓଙ୍କ ସୈନ୍ୟଙ୍କୁ ଏହିଠାରେ ପରାସ୍ତ କରି ମରହଟ୍ଟା ଶକ୍ତିର ଧ୍ୱଂସସାଧନ କରିଥିଲେ; ଏହା ତୃତୀୟ ପାଣିପଥ ଯୁଦ୍ଧ—ପ୍ରୋଥେରୋ ସାହେବଙ୍କ ଭାରତ ଇତିହାସ ।)

ପାଣିପଥ ଯୁଦ୍ଧ—ଦେ. ବ—ପାଣିପଥରେ ହୋଇଥିବା ଯୁଦ୍ଧମାନ—
Pāṇipatha juddha The wars at Panipatha.
(ପାଣିପଥ ତଳେ ନୋଟ୍ ଦେଖ)

ପାଣି ପବନ—ଦେ. ବ. (ସହଚର) (ସଂ. ପାନୀୟ+ପବନ)—
Pāṇi pabana ୧ । ବର୍ଷା ଓ ତୋଫାନ; ଝଡ଼ ଓ ବରଷା—
ଜଲ ବାତାସ, ଜଲ ঝড় 1. Rain accompanied with wind.
ବରଷା ଝକ୍କର ୨ । ଜଳ ବାୟୁ; ଆବ୍ ହାଓ୍ୱା—
ଜଲ ହାଓ୍ୱା 2. Climate.
ଆବ ହୁବା

ପାଣି ପରି—ଦେ. କ୍ରି. ବଣ—୧ । ଅନର୍ଗଳ ବା ପ୍ରାଞ୍ଜଳ ରୂପ—
Pāṇi pari 1. Fluently.
ଜଲେର ମତନ (ଯଥା—ପାଣି ପରି ପଇଟେଇବା ।)
ପାନୀକେ ଏସା, ପାନୀକା ତରହ ୨ । ଅଜସ୍ର (ବ୍ୟୟ କରିବା)—
2. Copiously.

ପାଣି ପରି ପଢ଼ିବା—ଦେ. କ୍ରି—ପ୍ରାଞ୍ଜଳ ରୂପେ ପାଠ କରିବା; ଅବଶ୍ରାନ୍ତ
Pāṇi pari pardhibā ଭାବରେ କୌଣସିଠାରେ ନ ଅଟକି
ଜଲେର ମତନ ପଡ଼େ ଯାଓୟା ପଢ଼ିଯିବା; ଗଡ଼ ଗଡ଼ କରି ପଢ଼ିଯିବା;
ଘଡ଼ାଘଡ଼ ପଢ଼ନା ଅନର୍ଗଳ ପଢ଼ିବା—
To read out a thing fluently or uninterruptedly.

ପାଣି ପରି ଯିବା—ଦେ. କ୍ରି—୧ । ଦୂର ହେବା; ଲୁପ୍ତ ହେବା; ଉଭେଇ
Pāṇi pari jibā ଯିବା; ନ ରହିବା—1. To disappear;
ପାନୀର ମତନ ବୟେ ଯାଓୟା to vanish.
ପାନୀକେ ଏସା ବହଯାନା (ଯଥା—ଆମ ନାବାଳକ ରଜା ଗାଦିରେ
(ପାଣି ପରି ବୋହିଯିବା—ଅନ୍ୟରୂପ) ବସିଲେ ପ୍ରଜାଙ୍କ ଲୋକଙ୍କ ଦୁଃଖ ପାଣି ପରି ଯିବ ।)

୨ । ଜଳ ସ୍ରୋତ ପରି ଦ୍ରୁତଗତି କରିବା—
2. To move swiftly like the flow of water.

ପାଣି ପଶା—ଦେ. ବଣ. (ସଂ. ପାନୀୟ+ପ୍ରବେଶ)—
Pāṇi pasā ପାଣି ଲାଗି ନଷ୍ଟ ହୋଇଥିବା (ଧାନ, ଚାଉଳ, ଶସ୍ୟ)-
ମକୁବା Spoiled by coming in contact with water.

[ଦ୍ର—ପାଣି ପଶା ଧାନ, ଚାଉଳ, ଶସ୍ୟ ଆଦି ବିସ୍ୱାଦ ହୁଏ ।]

ପାଣି ପାଇବା—ଦେ. କ୍ରି—୧ । ମୃତ୍ୟୁ ପରେ ବଂଶଧରଙ୍କଠାରୁ ତର୍ପଣ ପ୍ରଭୃତି
Pāṇi pāibā ପାଇବା—1. To receive oblations of
ଜଲ ପାଓ୍ୱା water from one's descendants
ଜଲପାନା after death.

ସେହେ ପାଣି ପାଇବା ଆଶା ମନେ ଅଛି
ତେବେ ଭୁଞ୍ଜ ତୁଅ ହେ ଅମ୍ଭଙ୍କ ବର୍ଣ୍ଣି । କୃଷ୍ଣସିଂହ: ମହାଭାରତ, ଶଲ୍ୟ

୨ । କ୍ଷେତ୍ର ପାଇଁ ବା ବ୍ୟବହାର ପାଇଁ ଯଥେଷ୍ଟ ଜଳ ପ୍ରାପ୍ତ ହେବା—
2. To get sufficient water for any field or for drinking etc.
(ଯଥା – ଏ ବର୍ଷ ବର୍ଷା ଅଭାବରୁ ଗ୍ରାମବାସୀମାନେ ପାଣିପାଇଲେ ନାହିଁ ।)

୩ । ବୃକ୍ଷ ଆଦି ବଞ୍ଚିବା ପାଇଁ ଜଳ ପ୍ରାପ୍ତ ହେବା—
3. To be watered (said of trees and plants).
(ଯଥା—ପାଣି ନ ପାଇବାରୁ ମୋ ବାଇଗଣ ଗଛଯାକ ମରଗଲା ।)
[ଦ୍ର—ହିନ୍ଦୀରେ 'ପାନୀପାନା' ଶବ୍ଦର ଅର୍ଥ (ସ୍ତ୍ରୀ) ସନ୍ତାନ ପ୍ରସବ କରିବା ।]

ପାଣି ପାଟି—ଦେ. ବି—୧ । ପାଣି ବଟା (ଦେଖ)
Pāṇi pāṭi 1. Pāṇi batā (See)
(ପାଣି ପାଟିଆ—ଅନ୍ୟରୂପ)
୨ । ପାଣିପଟା (ଦେଖ)—2. Pāṇipaṭā (See)

ପାଣି ପାଟିଆ ଘର—ଦେ. ବିଣ—କେବଳ କାଠ ରୁଅ ଓ କାଠ ବତାରେ
Pāṇi pāṭiā ghara ଓ ଓଳ ଉଳେ ପାଣି ପାଟିଆ ଦିଆ ହୋଇ
କାଠେର ଘର ଛାଆଁର କରାଯାଇଥିବା ଗୃହ ଘର; ଧୂଳିଆ ଘର—
काठ घर A thatched house the upper frame of which is exclusively made of wood.

ପାଣିପାଣିଆ(ଆଁ)—ଦେ. ବି—ପାଣିବସନ୍ତ; ହାଡ଼ଫୁଟି—
Pāṇipāṇiā(āñ) Chicken pox.
ଦେ. ବିଣ—ପାଣିଆ ୧।୨।୩।୪ (ଦେଖ)
জল য্যা पानी पानी Pāṇiā 1, 2, 3, 4 (See)

ପାଣି ପାଣ୍ଡେ—ଦେ. ବି. (ଆଧୁନିକ ପ୍ରୟୋଗ)—ରେଲ୍ ଷ୍ଟେସନରେ
Pāṇi pāṇḍe ଯାତ୍ରୀମାନଙ୍କୁ ପିଇବା ପାଣି ଯୋଗାଇବା ପାଇଁ
পানিপাঁড়ে ନିଯୁକ୍ତ ଭୃତ୍ୟ—A servant who is enga-
पानीपांडे ged by the Railway to supply drinking water to passengers.

ପାଣିପିଆ—ଦେ. ବି. (ସଂ. ପାନୀୟ+ପାନ)—୧ । ଜଳପାନ—
Pāṇipiā 1. Drinking of water.
জলপান ୨ । ଜଳଖିଆ—2. Light refreshment.
पानीपीना, पनपिन्नाव ୩ । କୂଳଚର ପକ୍ଷୀବିଶେଷ —
3. A kind of wading bird.

ପାଣି ପିଆଇବା—ଦେ. କ୍ରି. (ପାଣି ପିଇବାର ଣିଜନ୍ତ ରୂପ)—
Pāṇi piāibā ୧ । ଅନ୍ୟ ବ୍ୟକ୍ତିଙ୍କୁ ଜଳପାନ କରିବାକୁ ଦେବା—
ପାଣିପେଇବା } ଅନ୍ୟରୂପ 1. To give a person water to drink.
ପାଣିପିଏଇବା
ପାଣିପିଆଇବା ୨ । ସଂଜ୍ଞାହୀନ ବା ମୁମୂର୍ଷୁ ବ୍ୟକ୍ତିର ମୁଖରେ
জলখাওয়ান ଜଳ ଦେବା—2. To pour water into
पानीपिलाना the mouth of a senseless or dying person.
୩ । କୌଣସି ବ୍ୟକ୍ତିକୁ ଜଳଖିଆ ଖୁଆଇବା —
2. To give a person some light refreshment.
୪ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଅତ୍ୟନ୍ତ କ୍ଳାନ୍ତ କରିବା ବା ପରିଶ୍ରମ କରାଇବା—4. (figurative) To cause a person to labour hard; to tire or weary a person.
[ଦ୍ର—ଲୋକ ଅତ୍ୟଧିକ ପରିଶ୍ରମ କରି ଅତ୍ୟନ୍ତ କ୍ଳାନ୍ତ ହୋଇଗଲେ ତୃଷାର୍ତ୍ତ ହୋଇ ପାଣି ପିଇବାକୁ ବାଧ୍ୟ ହୁଏ ।]

ପାଣି ପିଇବା—ଦେ. କ୍ରି—୧ । ଜଳ ପାନ କରିବା—
Pāṇi pi-ibā 1. To drink water.
জলপানকরা, জলখাওআ ୨ । ଜଳଖିଆ କରିବା—
पानीपीना 2. To take light refreshment.
୩ । କୌଣସି କାର୍ଯ୍ୟ କରି ଅତି କ୍ଳାନ୍ତ ହେବା—
3. To be overtired by doing work.

ପାଣି ପିଢ଼ା—ଦେ. ବି. (ସହଚର) (ସଂ. ପାନୀୟ+ପୀଠ)—
Pāṇi pirḍhā ଅଭ୍ୟାଗତ ବ୍ୟକ୍ତିଙ୍କୁ ଗୋଡ଼ ଧୋଇବା ପାଇଁ ପାଣି
জলপীড়ি ଓ ବସିବାପାଇଁ ଦିଆଯିବା ପିଢ଼ା; ପାଦ୍ୟ ଓ ଆସନ—
पानीपीढ़ा Water to wash the feet and a stool to sit upon (given to an incoming guest)
ଏହୁ ବିଜନ୍କୁ ପାଣି ପିଢ଼ା ଅଣିଦିଅ । କୃଷ୍ଣସିଂହ, ମହାଭାରତ ଅଦି ।

ପାଣି ପୀଡ଼ନ—ସଂ. ବି. (ପାଣି+ପୀଡ଼ନ=ଗ୍ରହଣ)—
Pāṇi pirḍana ପାଣିଗ୍ରହଣ; ବିବାହ—
Marriage; wedding.
ବରିବେ ସୁନ୍ଦରୀ ଜନ୍ମସୂର ତେ
କରିବେ କୃଷ୍ଣଙ୍କ ପାଣି ପୀଡ଼ନ । ନନ୍ଦକଶୋର, କୃଷ୍ଣକୁମାରୀ ।

ପାଣି ଫଳ—ଦେ. ବି. (ସଂ. ପାନୀୟ ଫଳ) —ଶିଙ୍ଗଡ଼ା —
Pāṇi phaḷa Water chestnut; Trapa Dispinosa.
ସଂ. ନାମ—ଜଳଫଳ; [ଦ୍ର—ଏହା ଜଳଜ ଶାକବିଶେଷ । ପତ୍ର-
শৃঙ্গাটক ପୋଖରୀରେ ଏହି ଲତା ଭାସୁଥାଏ । ଫଳ-
পানীফল ତ୍ରିକୋଣ ଓ ଦୁଇ ଶୃଙ୍ଗବିଶିଷ୍ଟ । ଫୁଲ ଚତୁର୍ଦ୍ଦଳ
पानीफल ଓ ଶ୍ୱେତବର୍ଣ୍ଣ; ବର୍ଷାକାଳ ଅପରାହ୍ଣରେ ଫୁଟେ । କାଶ୍ମୀର ଦେଶୀୟ ଶିଙ୍ଗଡ଼ା ଖୁବ୍ ବଡ଼ ବଡ଼ । ଏଥିରୁ ଚୋପା ଛଡ଼ାଇଲେ ଭିତରୁ ଧଳା ସ୍ୱାଦୁ ଶସ ବାହାରେ । ଏଥିରୁ ପାଳୁଅ ହୁଏ ।]

ପାଣି ଫାଟିଯିବା—ଦେ. କ୍ରି—୧ । ଦୁଧଆଦିର ଜଳୀୟାଂଶ ଓ ଛେନା ପୃଥକ୍
Pāṇi phāṭijibā ହେବା—1. To be turned into
দুধছেঁড়া whey in part when curdled (the
दुधफटना curdled portion becoming separate
বৃথাহওয়া from the watery portion).
पानीमेंदाना ୨ । (ଲକ୍ଷଣାର୍ଥ) ନିଷ୍ଫଳ ହେବା; ବ୍ୟର୍ଥ ହେବା—
2. (figurative) To be fruitless.
ଯଥା—ମୋର ଏତେ ପରିଶ୍ରମ ପାଣି ଫାଟି ଗଲା ।

ପାଣି ଫୁକାର—ଦେ. ବି—କୌଣସି ବନ୍ଧ ବା ପୋଲ ମଧ୍ୟ ଦେଇ ପାଣି
Pāṇi phukāra ବୋହିଯିବାର ବାଟ—The opening in
पानीकामगर a dam or bridge through which water flows.

ପାଣି ଫୁ(ଫୋ)ଟ(ଟୁ)କା—ଦେ. ବି.—(ସଂ. ପାନୀୟ+ସ୍ଫୋଟକ)—
Pāṇi phu (pho)ṭa (ṭu)kā ୧ । ଜଳ ବୁଦ୍ବୁଦ—
জলের ভুড় ভুড়ি 1. Water bubble.
पानीका बुलबुला, पानीका बताशा
ଏ ଜୀବନ ପାଣି ଫୋଟକା ପରସ୍ତେ ।
— କୃଷ୍ଣସିଂହ, ମହାଭାରତ, ବନ ।

୨ । (ଲକ୍ଷଣାର୍ଥ)— କୌଣସି ନଶ୍ୱର ବସ୍ତୁ—
2. (figurative) Any transient thing.
ଜୀବନଟା ପାଣିଫୋଟକା, ଫାଟିଯିବ ଟୋ ଫଟକା ।
ଭିକାରି, ଗୀତଲହରୀ ।

ପାଣି ଫୁଟା(ଟେ)ଇବା—ଦେ. କ୍ରି. (ସଂ. ପାନୀୟ+ସ୍ଫୋଟନ)—ପାଣିକୁ
Pāṇi phuṭā(ṭe)ibā ନିଆଁ ଉପରେ ବସାଇ ତହିଁରୁ ବୁଦ୍ବୁଦ
জল ফোটান ବାହାର କରାଇବା—To boil water
पानी फुटाना

ପାଣି ଫୁଟିବା—ଦେ. ବି.—(ସଂ. ପାନୀୟ+ସ୍ଫୋଟନ)—୧ । ଅଗ୍ନି-
Pāṇi phuṭibā ଉପରେ ଉତ୍ତପ୍ତ ଜଳରୁ ବୁଦ୍ବୁଦର ନିର୍ଗମ—
জলফোটা **पानी फुटना** 1. The boiling of water.
୨ । ରାସାୟନିକ ପ୍ରକ୍ରିୟାଦ୍ୱାରା ଜଳରୁ ବୁଦ୍ବୁଦ ନିର୍ଗମ—
2. Bubbling of water.

ପାଣି ବତା—ଦେ. ବି.—(ଗୃହ ଘରେ ବ୍ୟବହୃତ)—ଓଳି ପାଣି ପଡ଼ି
Pāṇi batā ପିଣ୍ଡାର ଦାନ୍ଥ ଛିଡ଼ି ନ ଯିବ ବୋଲି ଘରଲୁ ଅଳ୍ପ
पाढ़ बता ବଢ଼ାଇ ଦେବା ପାଇଁ ଘରର ଗୋଟିଏ ଗୋଟିଏ ରୁଅକୁ ମଝିରେ ମଝିରେ ଅନ୍ୟ ରୁଅମାନଙ୍କ ଅପେକ୍ଷା ଲମ୍ବ ରଖି ଲମ୍ବ ରୁଅମାନଙ୍କ ମୁଣ୍ଡରେ ବନ୍ଧା ଯାଇଥିବା ବତା—
A lath of split bamboo put at the ends of projecting rafters of a thatch.

ପାଣିବନ୍ତ—ଦେ. ବିଣ—ଅତି ଉତ୍କୃଷ୍ଟ (ମୁକ୍ତା, ହୀରାଆଦି)—
Pāṇibanta (pearl or diamond) Of first water.
पानीदार ସମ୍ରାଟ ମୁକ୍ତ ଅଣି ପିନ୍ଧି ମୁଁ ଦେଲି ପାଣି—
ବନ୍ତ ବର୍ତ୍ତୁଳ ମୋତି ହାରକୁ । କଳ୍ପସୂର୍ଯ୍ୟ, ସଙ୍ଗୀତ ।

ପାଣି ବନ୍ଧା(ନ୍ଧେ)ଇବା—ଦେ. କ୍ରି.—(ସଂ. ଜଳ+ବନ୍ଧନ)—ଜଳ ପ୍ରବାହ
Pāṇi bandhā(ndhe)ibā ବନ୍ଦ କରିବା ପାଇଁ ବନ୍ଧ ପକାଇବା—
বাঁধ বাঁধন To construct a dam to stop the flow of water.
पानी बाँधना

ପାଣି ବସନ୍ତ—ଦେ. ବି.—ପାଣି ପାଣିଆ; ହାଡ଼ଫୁଟି—
Pāṇi basanta Chicken pox.
পানীবসন্ত **मातिया शीतला, पनगोटी**

ପାଣି ବାଟ—ଦେ. ବି.—(ସଂ. ପାନୀୟ+ବର୍ତ୍ମ)—୧ । ଜଳନିର୍ଗମର
Pāṇi bāṭa ପଥ—1. An opening or channel for the flow of water.
জলেররাস্তা
नीबाट ୨ । ଜଳ ପଥ—2. Water way.
୩ । ନଦୀ ଓ ପୋଖରୀର ଗାଧୁଆ ଘାଟ ନିକଟକୁ ଯିବାର ରାସ୍ତା—
3. The path leading to a bathing place in a tank or river.

ପାଣି ବିଛା—ଦେ. ବି.—(ସଂ. ପାନୀୟ+ବୃଶ୍ଚିକ)—ପାଣିରେ ବିଚରଣକାରୀ
Pāṇi bichhā ଏକ ପ୍ରକାର ବିଷାକ୍ତ ଲମ୍ବ କୀଟ—A kind of poisonous long insect living in water and having the shap of a scorpion.
[ଦ୍ର—ଏମାନଙ୍କର ଜଙ୍କଡ଼ା ବିଷର ଅଛି । ଏମାନେ ପାଣିରେ ପଥର ତଳେ ଓ ପଙ୍କରେ ରହନ୍ତି ।]

ପାଣି ବିରାଡ଼ି—ଦେ. ବି (ସଂ. ନାମ ଉଦ୍‌ବିଡ଼ାଲ; ସଂ. ପାନୀୟ+ବିଡ଼ାଲ)—
Pāṇi birārdi ଓଧ—Otter.
উদ্ বিরাল, **उद् बिलाव**
(ପାଣି ଭୁଆ—ଅନ୍ୟରୂପ) (ପାଣି ବଲେଇ—ଶୂଦ୍ର ବ୍ୟବହୃତ ରୂପ)

ପାଣି ବୁଡ଼ା (ଡ଼େ) ଇବା—ଦେ. କ୍ରି—କୌଣସି ବଂଶର, ବ୍ୟକ୍ତିର ବା
Pāṇi burdā (rde)ibā ସ୍ଥାନର ପ୍ରତିଷ୍ଠାକୁ ନଷ୍ଟ କରିବା—
নাম ডুবান To bring about the ruin of the good name or reputation of a family, person or place.

ପାଣି ବୁହା—ଦେ. ବି (ସଂ. ପାନୀୟ+ବହନ)—୧ । ଜଳକୁ ପାତ୍ର ଦ୍ୱାରା
Pāṇi buhā ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା—
পানী বহা 1. Carrying water in any vessel from one place to another.
पानी बहाना
୨ । କ୍ଷେତକୁ ଜଳାଶୟାଦିରୁ ଜଳ ଉଠାଇବା—
2. Baling of water from a tank for irrigating fields.
୩ । (ଲକ୍ଷଣାର୍ଥ) କୌଣସି କଠିନ ପରିଶ୍ରମସାଧ୍ୟ କାର୍ଯ୍ୟ—
3. (figurative) Any hard or laboursome work.
[ଦ୍ର—'ଢିଙ୍କି କୁଟା', ପାଣି ବୁହା' 'କୋଡ଼ି ହଣା, ପାଣି ବୁହା' ଓ 'ଘଣା ପେଲା, ପାଣି ବୁହା' ଆଦି ଶବ୍ଦ କଠିନ ପରିଶ୍ରମସାଧ୍ୟ କାର୍ଯ୍ୟ ପ୍ରତି ପ୍ରୟୋଗ କରାଯାଏ ।]
ଦେ. ବିଣ. ଓ ବି—ପାଣି ବୁହାଳି (ଦେଖ)—
Pāṇi buhāḷi (See)

ପାଣି ବୁହାଇବା—ଦେ. କ୍ରି—(ସଂ. ପାନୀୟ+ବହ୍ ଧାତୁ)—
Pāṇi buhāibā ୧ । କ୍ଷେତରେ ମଡ଼ାଇବା ପାଇଁ କୌଣସି
(ପାଣି ବୋହିବା—ଅନ୍ୟରୂପ) ଜଳାଶୟରୁ ଜଳ ଉତ୍ତୋଳନ
পানী বহান করିବା—1. To bale out or lift water
पानी लाना from a tank to irrigate fields.
୨ । କୂପ ପୁଷ୍କରିଣୀ ଆଦିରୁ ଗୃହର ବ୍ୟବହାର ପାଇଁ ମାଠିଆ ଆଦିରେ ଜଳ ବହନ କରିବା—2. To carry water in water-vessels from one place to another

ପାଣି ବୁହାଳି—ଦେ. ବିଣ—ଯେଉଁ ବ୍ୟକ୍ତି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ
Pāṇi buhāḷi ପାତ୍ରରେ ପାଣି ବହନ କରିଥାଏ—(person)
पनहरा Carrying water in water vessels from one place to another.
ଦେ. ବି—ପାଣି ବହନ କରି ସ୍ଥାନାନ୍ତରକୁ ନେବା ବ୍ୟକ୍ତି—
Water carrier.

ପାଣି ବେଗୁନିଆ(ଆଁ)—ଦେ. ବି (ସଂ. ଜଳ ବେତସ)—ଜଳ ବେତସ—
Pāṇi beguniā (āṅ) Water ratan.
ପାଣି ବେଗୁନିଆଁ ଅମ୍ବର ହବାହିକୁ
ଭରି କରି ଯେ ଲଇଁ ପଡ଼ଇ ତଳକୁ । କୃଷ୍ଣସିଂହ, ମହାଭାରତ ଶାନ୍ତି ।

ପାଣି ବେତ—ଦେ. ବି—ଜଳବେତସ; ବେତର ପ୍ରକାରବିଶେଷ—
Pāṇi beta Water ratan.
জল বেত, **पानी बेंत** (ବେତ ତଳେ ନୋଟ ଦେଖ)

ପାଣି ବୋହିବା—ଦେ. ବ (ସ. ପାନୀୟ+ବହ୍ ଧାତୁ)—
Pāṇi bohibā ୧ । ସ୍ରୋତ ବହିବା—1. The flowing of
जल बहा, पानी बहना water.
୨ । ମୁଖରୁ ଲାଳାସ୍ରାବ—2. Watering of the mouth.
୩ । ସ୍ୱେଦୋଦ୍ଗମ ହେବା—2. Perspiration.
୪ । ଶରଦ ଯୋଗୁଁ ନାସିକାରୁ ଜଳୋଦ୍ଗମ—
4. Watering of the nostrils due to cold.
୫ । ଚକ୍ଷୁରୁ ଲୋତକ ସ୍ରାବ ବା ଜଳ ସ୍ରାବ—
5. The coming of tears to the eyes.
୬ । ଘାଆ ଆଦିରୁ ଜାସା ଦେବା—
6. Watering of sores.
ଦେ. କ୍ରି—ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପାତ୍ରାଦି ଦ୍ୱାରା ଜଳ ନେବା—To carry water from one place to another in a water vessel.
ମାଅ ସାଆନ୍ତାଣୀ ଭଣି—ଦେଇଥିବ ଗଡ଼ମାଳଅ ଘରେ ସେ ଗଇଡ଼ ବୋହୁଛେ ପାଣି— ଶିଶୁଗୀତ
୨ । କ୍ଷେତ୍ରରେ ଜଳ ମଡ଼ାଇବା ପାଇଁ ଖାଲ ବା ପୋଖରୀରୁ ଉଠାଇବା—
2. To bale out water from a tank or river to irrigate a field.

ପାଣି ଭଅଁର(ରା)—ଦେ. ବ—ଦୃଢ଼ପୃଷ୍ଠ କୃଷ୍ଣବର୍ଣ୍ଣ ଜଳକୀଟବିଶେଷ—
Pāṇi bha-aṅra(rā) A kind of stiff-winged
जलकीड़ी aquatic insect; the water betle;
(ପାଣିଭମ୍ବର—ଅନ୍ୟରୂପ) Dytiscut.
[ଦ୍ର—ଏମାନେ ଖୁବ୍ ଦ୍ରୁତ ବେଗରେ ପାଣି ଉପରେ ପହଁରନ୍ତି ଓ ପଛ ଗୋଡ଼ଦ୍ୱାରା ଆହୁଲା ମାରନ୍ତି । ଏମାନେ ମଜା ମଜା ହୋଇ ପାଣି ଉପରେ ଘୂରୁକରି ବୁଲନ୍ତି ।]

ପାଣି ଭଉଁରି—ଦେ. ବ (ସ. ପାନୀୟ+ଭ୍ରମଣ)—ଯେଉଁଠାରେ ପାଣି
Pāṇi bhauṅri ଚକ୍ର ପରି ଘୂରି ତଳକୁ ପଶି ଯାଉଥାଏ; ଜଳାବର୍ତ୍ତ—
जलभउँरी, जलभ्रमी पानीभँवर Whirlpool; eddy.
(ପାଣିମଲମଲ; ପାଣିଭମ୍ବର—ଅନ୍ୟରୂପ)

ପାଣି ଭାଙ୍ଗିବା—ଦେ. କ୍ରି—୧ । ପେଟ ଫାଟିଲେ ପେଟ ଉପରେ ଗୋଟିଏ
Pāṇi bhāṅgibā ବଡ଼ ପାତ୍ରରେ (କଂସାରେ) ଜଳ ରଖି ଗୋଟିଏ
जलभांगा पानीघाटना ଛୋଟ ପାତ୍ରଦ୍ୱାରା ତହିଁରୁ ଜଳ ଉଠାଇ ପୁଣି ସେହି ବଡ଼ ପାତ୍ର (କଂସା ପ୍ରଭୃତି) ମଧ୍ୟକୁ ଉପରୁ ଅଜାଡ଼ିବା—1. To put a large dish filled with water on the belly and lift the water from it with a smaller vessel and then pour it down into the bigger vessel repeatedly.
୨ । କୌଣସି ତରଳ ପଦାର୍ଥରେ ଉପଯୁକ୍ତପରି ପାଣି ମିଶାଇ ତାହାକୁ ତରଳତର କରିଦେବା—To make a liquid thinner by diluting it with water.
୩ । ଭାଙ୍ଗ (ପତ୍ର ସଙ୍ଗେ ମରିଚ ମସଲା ବାଟି ପାଣି ମିଶାଇ ଛାଣିବା ଯାଇଥିବା ପାନୀୟକୁ ବାରଂବାର) ଏକ ପାତ୍ରରୁ ଅନ୍ୟ ପାତ୍ରରେ ଅଜାଡ଼ିବା—
3. To pour bhaṅga from one pot to another and vice versa repeatedly before drinking it.

ପାଣି ମଞ୍ଜୁଆତି—ଦେ. ବ—ମଞ୍ଜୁଆତିବିଶେଷ—
Pāṇi mañjuāti A kind of Mañjuāti.
(ମଞ୍ଜୁଆତି ତଳେ ନୋହି ଦେଖ)

ପାଣିମର୍ଡ଼ା(ଡ଼େ)ଇବା—ଦେ. କ୍ରି—ଫସଲ ଆଦି ପାଇଁ ଜଳକୁ କ୍ଷେତ୍ରର
Pāṇimarḍā(rḍe)ibā ସବୁ ଅଂଶରେ ବିସ୍ତୃତ କରାଇବା—
पानीबराना; पानीचढ़ाना To irrigate a field with water.

ପାଣିମନ୍ତୁରିବା—ଦେ. କ୍ରି—ଜଳକୁ ଅଭିମନ୍ତ୍ରିତ କରିବା—
Pāṇimanturibā To consecrate water by blowing
जलपड़ा one's breath into it while repeating
पानीपरीरना; पानीपढ़ना, पानीफुँकना certain esoteric formulas.

ପାଣିମରା—ଦେ. ବ—ଜାହାଜ ପ୍ରଭୃତିରୁ ପାଣି ନିଷ୍କାଶନ—
Pāṇimarā Baling out water from the hold
पानीमारना of ships.
ଅଧ ସତ ସରିବ ଜାହାଜ ଗାମର ହେଲ
ସମସ୍ତେ ମିଳି ପାଣିମରାରେ ଲଗି ଥାନ୍ତି । ଫକୀରମୋହନ, ଗଳ୍ପସ୍ୱଳ୍ପ ।

ପାଣିମରିବା—ଦେ. ବ—୧ । କୌଣସି ଅଙ୍ଗରୁ ଶକ୍ତି କମ୍ ହେବା;
Pāṇimaribā ଅଙ୍ଗ ଅବଶ ହେବା; କ୍ଳାନ୍ତି—
जलमरा 1. The loss of energy of a limb; weariness.
पानीमरना (ଯଥା—ପଦରେ କାଳ ଠିଆ ହୋଇ ମୋ ଗୋଡ଼ରୁ
(ପାଣିମରିଯିବା—ଅନ୍ୟରୂପ) ପାଣି ମଲାଣି ।)
୨ । ଚକ୍ଷୁର ଦୃଷ୍ଟିଶକ୍ତି ଅବଶ ହେବା—
2. The tiring of the eyesight.
(ଯଥା—ଛଅ ଦିନ ହେଲା ତାଙ୍କ ଆସିବାକୁ ଗୁହିଁ ଗୁହିଁ ଆଖିରୁ ପାଣି ମଲାଣି ।)
୩ । ସଙ୍ଗମ ଶକ୍ତି ଲୋପ ହେବା—
3. Loss of sexual vigour.
୪ । ଉତ୍ତାପଦ୍ୱାରା କୌଣସି ବସ୍ତୁ ନିର୍ଜଳ ହେବା—
4. The evaporation of water from a thing.

ପାଣି ମାରିବା—ଦେ. କ୍ରି—୧ । ଅଗ୍ନି ଆଦିର ଉତ୍ତାପଦ୍ୱାରା କୌଣସି
Pāṇi māribā ପଦାର୍ଥର ଜଳୀୟ ଅଂଶକୁ ନିଃଶେଷ କରିବା—
जलमारा 1. To dry up water from a thing by
पानीमारना, पानीउतारना applying heat.
(ପାଣିମାରଦେବା—ଅନ୍ୟରୂପ) ୨ । (ଅଶ୍ଳୀଳ) ଅଭିରତି ମୈଥୁନଦ୍ୱାରା ସ୍ତ୍ରୀଲୋକର କଣ୍ଡୂ ପ୍ରଶମନ କରିବା—2. (indecent) To assuage the sexual hankering of a woman by intercourse.
୩ । ଆଖି, ମୁଣ୍ଡ ବା ଅଙ୍ଗରେ ପାଣିର ଛିଟିକା ମାରିବା—
3. To splash water on the head or face of a person.

ଚଷମାନେ ନାସ ହରେ ମାରୁଛ ଟୋକର ପାଣି । ଓଗ ।

୪ । (ଲକ୍ଷଣାର୍ଥ) ଦୁଷ୍ଟ ବା ଅଶିଷ୍ଟ ବ୍ୟକ୍ତିଙ୍କୁ ଦମନ କରିବା—
4. (figurative) To punish a wicked or uncivil person.

୫ । ବେଇଜ୍ଜତ କରିବା—5. To humiliate a person.

ପାଣିମିଲ୍ଲ—ପ୍ରାଦେ. (ସମ୍ବଲପୁର) ବି—ମୃତ ବ୍ୟକ୍ତିଙ୍କ ବନ୍ଧୁମାନେ ଦଶାହ
Pāṇimilā ଶୁଦ୍ଧକ୍ରିୟା ଉପଲକ୍ଷରେ ମୃତବ୍ୟକ୍ତିଙ୍କ ଘରକୁ ଯେଉଁ ଲୁଗା ଭେଟିଭାରରୂପେ ପଠାନ୍ତି—The cloth sent to the house of a relation on the occasion of his obsequal rites.

ପାଣିମୁକ୍ତ—ସଂ. ବି—ହସ୍ତଦ୍ୱାରା କ୍ଷେପଣୀୟ ଅସ୍ତ୍ର—(ଯଥା—ବଲ୍ଲମ୍;
Pāṇimukta ଚେଣ୍ଡା) (ସୁବଳଚନ୍ଦ୍ର)—Any weapon or messile thrown by the hand.

ପାଣିମୁଖ—ସଂ. ବି. (ବହୁବ୍ରୀହି; ପାଣି + ମୁଖ; ବ୍ରାହ୍ମଣର ହସ୍ତ ଅଟେ
Pāṇimukha ମୁଖ ଯାହାର)—ପିତୃ ଲୋକ (ସୁବଳ ଚନ୍ଦ୍ର)—
The spirits of the departed ancestors.

ପାଣି ରଖିବା—ଦେ. କ୍ରି—୧ । କୌଣସି ଲୋକର ଇଜ୍ଜତ ବା ମହତ୍ତ୍ୱକୁ
Pāṇi rakhibā ବଜାୟ ରଖିବା ବା ରକ୍ଷା କରିବା—
पानीरखना 1. To preserve or save the honour of a or person.

୨ । କୌଣସି ବଂଶର ବା ବ୍ୟକ୍ତିର ପ୍ରତିଷ୍ଠା ବା ସୁନାମ ବଜାୟ ରଖିବା—2. To maintain or keep intact the good name or reputation of a person family.

ପାଣିର ଗାର—ଦେ. ବି.—ପାଣିଗାର (ଦେଖ)
Pāṇira gāra Pāṇi gāra (See)
[ଦ୍ର—ପାଣିରେ ଗାର ପକାଇଲା ମାତ୍ରେ ଲିଭ ଗଲା ପରି ଯେଉଁ ବିଷୟ କରିବାକୁ ପ୍ରତିଜ୍ଞା କରାଯାଇ, କରାଯାଏ ନାହିଁ, ସେହିଠାରେ ସେହି ବିଷୟକୁ ଲକ୍ଷ୍ୟ କରି "ପାଣିର ଗାର" ବୋଲି କୁହାଯାଏ ।]

ପାଣିରେ ପକା(କେ)ଇବା—ଦେ. କ୍ରି.—୧ । କୌଣସି ଦ୍ରବ୍ୟକୁ ଜଳସାତ୍
Pāṇire pakā(ke)ibā କରିବା—1. To comign a thing to water.
জলে ফেলা
पानीमे डालना, पानीमे फेङ्कदेना ୨ । ବଢୁରାଇବା—
2. To moisten.

୩ । ବୃଥାରେ (ଧନ) ବ୍ୟୟ କରିବା—
3. To spend money without any result.

୪ । ଅପାତ୍ରରେ ଧନ ଦେବା—4. To give money to an unworthy object or man.

ପାଣିରେ ସର ପକା(କେ)ଇବା—ଦେ. କ୍ରି.—୧ । ଅସମ୍ଭବ କାର୍ଯ୍ୟ
Pāṇire sara pakā (ke)ibā କରିବା—
1. To do the imposible.

୨ । ହୃଦୟରେ କପଟ ରଖି ମୁଖରେ ମଧୁର ବାକ୍ୟ କହିବା—
2. To utter sweet words while entertaining simister throughout in the mind.

ପାଣିଲଇ—ପ୍ରାଦେ. (ଗଡ଼ଜାତ) ବି.—ଜଙ୍ଗଲରେ ଛାୟାଯୁକ୍ତ ଓ ଶୀତଳ
Pāṇi lai ସ୍ଥାନରେ ଜନ୍ମେ ମାଡ଼ିବା ଲତାବିଶେଷ—A kind of tenacious wild creeper growing in shady and cool places.
[ଦ୍ର—ଏହାର ପତ୍ରର ଆକୃତି ଟଙ୍କାର ଆକୃତି ପରି । ଏହା ଲଇ ରୂପେ ବ୍ୟବହୃତ ହୁଏ ।]

ପାଣି ଲଗି—ଦେ. ବି.—୧ । ସଂକଳ୍ପପୂର୍ବକ ଦେବତାଙ୍କ (ବିଶେଷତଃ
Pāṇi lāgi ଶିବ ଲିଙ୍ଗ) ଉପରେ ପାଣି ଢାଳିବା ବା ଚଢ଼ାଇବା; ଦେବତାଙ୍କ ସ୍ନାନ—1. Pouring water on the image of a Deity.

୨ । ରାଜା ଆଦିଙ୍କ ସ୍ନାନ ବିଧି—
2. The bath of Rajas.

ପାଣି ଲାଉ—ପ୍ରାଦେ. (ମେଦିନୀପୁର) ବି.—ଲାଉ (ଦେଖ)
Pāṇi lāu Lāu (See)

ପାଣି ଲାଜକୁ (କୋ)ଳୀ—ଦେ. ବି.—(ପାଣି + ସଂ. ଲଜ୍ଜାଳୁଳା)—
Pāṇi lājaku(ko)ḷi ବହୁଲାବ୍ଦ ବର୍ଷୀୟ ଜଳ କଳକଠରେ ଜନ୍ମିବା

ପାଣିଲାଜକୁଶି, ପାଣି ଲାଜକୋଲୀ, ପାଣି ଲାଜକୋଶି	ଅନ୍ୟରୂପ	କଣ୍ଟକହୀନ ଲତାବିଶେଷ—Neptunia Obracia; an aquatic pot-herb.

ସଂ. ନାମ—ଅଲମ୍ବୁଷା, [ଦ୍ର—ଏହାର ପତ୍ର ଦ୍ୱିଧା, ପକ୍ଷାକାରବିଶିଷ୍ଟ, ଖରଚ୍ଛକ୍, ମୋଦୋଗଲା ଛୁଇଁଲେ ବୁଜି ହୋଇ ଯାଏ । ଏହାକୁ ଶାଗ
পানি পানিলাজক କରି ଖାଆନ୍ତି । ଏହାର ଫୁଲ ଈଷତ୍
ল্যজক, ফুলশোলা ଲାଲ ବର୍ଣ୍ଣ ।]
पानी छुइमुई

ପାଣି ଲେଉଟିଆ—ଦେ.ବି. (ସଂ. ତଣ୍ଡୁଲୀୟକ)—ଲେଉଟିଆ ଶାଗ(ଦେଖ)
Pāṇi leuṭiā Leuṭiā (See)
(ପାଣି ନେଉଟିଆ—ଅନ୍ୟରୂପ) (ହରେକୃଷ୍ଣ. ଦ୍ରବ୍ୟଗୁଣ)

ପାଣିଲୋହା—ପ୍ରାଦେ. (ଗଡ଼ଜାତ) ବି.—ପାଣିସାରୁ (ଦେଖ)
Pāṇi loha Pāṇi sāru (See) (Haines).

ପାଣି ଶଙ୍ଖ—ଦେ. ବି.—(୧) (ସଂ. ପାନୀୟ + ଶଙ୍ଖ)—ଯେଉଁ ଶଙ୍ଖର
Pāṇi saṅkha ଗାତ୍ରରେ ଛିଦ୍ର ନ ଥାଏ ଓ ଯହିଁରେ ଦେବ ପୂଜା
পাণিশঙ্খ, পানিশঙ্খ ପାଇଁ ଜଳ ରଖାଯାଏ—1. A conch without a hole which contains water for purposes of being used during worship.

୨ । (ସଂ. ପାଣି—ହାତ + ଶଙ୍ଖ)—ଯେଉଁ ଶଙ୍ଖକୁ ହାତରେ ଧରି ଫୁଙ୍କି ବଜାଯାଏ—2. A conch which is blown with the mouth by being held with the hands.

ପାଣିଶିଉଳୀ—ଦେ. ବି. -(ସଂ. ପାନୀୟ + ଶୀତଳ)—ଜଳଜ ଲତା ଶାକ-
Pāṇi siuḷi ବିଶେଷ—Lemanthemum Indicum;
পানি শিঅলী Menyanthes Cristate; Vellarisa
पानकी Cristata.
[ପାଣିଶିମି(ମୁ)ଳୀ—ଅନ୍ୟରୂପ] [ଦ୍ର—ଏହାର ପତ୍ର କଇଁ ପତ୍ର ପରି
ସଂ, ନାମ—ଶୀତାଳୀ କିନ୍ତୁ ପତଳା ଓ ମସୃଣ । ଗଛ ପାଣିରେ ଭାସି ଭାସି
କାଳାନୁସାରକା ଜନ୍ମେ । ଏହାର ଡାଙ୍ଗରେ ଗଣ୍ଠିକୁ ଚେର

ଇବେ ଓ ସେ ତେର ପାଣିରେ ଭାସୁଥାଏ । ଫଲ ଶ୍ୱେତ ଓ ପତ୍ରର ଧଡ଼ ଚଗ ଚଗ । ଫୁଲର ରଙ୍ଗ ହଳଦିଆ, ଏହାର ପତ୍ରକୁ ଫୁଲା ଓ ବଥ ଉପରେ ପକାଇଲେ ଥଣ୍ଡା ଲାଗେ । ଆଉ ଏକପ୍ରକାର ଶ୍ୱେତଜାତୀୟ ଲତାକୁ ଶ୍ୱେତ ପାଣିଶିଉଳି (Lemanthum cristatum) କହନ୍ତି ।]

ପାଣି ଶୋଷ—ପ୍ରାଦେ. (ସିଂହଭୂମ) ବ.—ପାଣି ବୋହିଯିବା ପାଇଁ ପ୍ରସ୍ତୁତ
Pāṇi sorā ନାଳଆ—Drainage; water channel.

ପାଣିଶୋଳରି—ଦେ. ବ.—ପାଣିକୂଳରେ ଜନ୍ମିବା ଶାକବିଶେଷ—
Pāṇi solari A kind of aquatic pot-herb.
[ଦ୍ର—ଏହାର ପତ୍ରଗୁଡ଼ିକ ଭୃଙ୍ଗରାଜପତ୍ର ଭଳି ଶ୍ୱେତ, ଏହାର ଶାଗ ରୁଚିକର ।]

ପାଣି ସଡ଼କା ମାରିବା—ପ୍ରାଦେ. (ଯାଜପୁର) କ୍ରି—(କୌଣସି ସ୍ଥାନ)
Pāṇi sardakā māribā ସନ୍ତସନ୍ତିଆ ହେବା—(a place) To become moist or damp.

ପାଣିସର୍ଗ୍ୟା—ସଂ. ବ. (ପାଣି + ସୃଜ୍ ଧାତୁ + କର୍ମ. ଯ + ଆ; ଯାହା
Pāṇi sargyā ହାତ ଦ୍ୱାରା ନିର୍ମିତ ହୁଏ)—
ରଜ୍ଜୁ; ଦଉଡ଼ି (ସୁବଳଚନ୍ଦ୍ର)—Rope.

ପାଣିସାଇଁ(ଇ)—ଗ୍ରା. ବ. ଓ ବିଣ. (ସଂ. ପାନୀୟ + ଶାୟିନ୍)—
Pāṇi sāiṅ(i) ଜଳଶାୟୀ (ଦେଖ)
ପାଣି ସେଇଁ(ଇ)—ଅନ୍ୟରୂପ Jalaśāyi (See)

ପାଣି ସାରିବା—ଦେ. କ୍ରି—୧ । ଝାଡ଼ା ଫେରି ସାରି ଗୁହ୍ୟଦ୍ୱାର ଜଳ
Pāṇi sāribā ଦ୍ୱାରା ଶୌଚ କରିବା—
ଜଲ ଶୌଚ ହওয়া 1. To wash the posteriors after
प. छूना, पानी लेना easing oneself.

ଧୂଳ ପାଣି ମାରି ଅପଣାର ବସ୍ତ୍ରକୁ
ନେ ଗୃହେ ଅମଙ୍ଗଳ ହୁଅଇ ତାହାକୁ । କୃଷ୍ଣସିଂହ, ମହାଭାରତ ଶାନ୍ତି ।

୨ । ଜଳ ପାନ କରିବା—2. To drink water.

ପାଣିସାରୁ—ଦେ. ବ. (ସଂ. କୋଚ; ଏକକନ୍ଦ)—
Pāṇisāru ପାଣିକୂଳରେ ଜନ୍ମିବା ଏକ ପ୍ରକାର ସାରୁ—
काँटा कचु A kind of Colocacia; Lasia Hetero-
पानी अरबी phylla; vitis Late foloia (Haines).
[ଦ୍ର—ଏହାକୁ ଗରିବ ଲୋକେ ସିଝାଇ କରି ଖାଆନ୍ତି । ଏହାକୁ ଖାଇଲେ ପାଟି କୁଣ୍ଡେଇ ହୁଏ । ଏହା ଦୁଇ ପ୍ରକାର; ଏକ ପ୍ରକାର ପତ୍ରର ରଙ୍ଗ ହରିଦ୍ବର୍ଣ୍ଣ ଓ ଅନ୍ୟ ପ୍ରକାରର ରଙ୍ଗ ବାଇଗଣି ରଙ୍ଗର ।]

ପାଣି ସାଳ—ଦେ. ବ. (ସଂ. ପାନୀୟ + ଶାଳା)—
Pāṇi sāḷa ୧ । ପଥିକମାନଙ୍କ ପିଇବାକୁ ଦେବା ନିମିତ୍ତ ଓ
ଜଳଛତ୍ର ପାଣି ରଖିବା ନିମିତ୍ତ ପ୍ରସ୍ତୁତ ହୋଇଥିବା ଘର; ପାଣି ଛତର—
पनसाल, पौसरा 1. A house where water is stored up and distributed to wayfarers.
୨ । ତେଣ୍ଡା ଶାଳ (ଦେଖ)
2. Tendāsāla (See)

ପାଣିହଳା—ଦେ. ବ—ଉଭୟଚର ବିଷାକ୍ତ ସର୍ପବିଶେଷ—
Pāṇihaḷā A kind of poisonous amphibeous
(ପାଣିହୁଳା—ଅନ୍ୟରୂପ) snake.

ପାଣିହୁଳା ଖଣ୍ଡା ଚିତ ଅବ ଏ ସାପ
ଇହୁଲେ ପଃ ଧରି କର୍ଣ୍ଣଙ୍କ ସମୀପ । କୃଷ୍ଣସିଂହ, ମହାଭାରତ, କର୍ଣ୍ଣ ।

ପ୍ରାଦେ. (ବାଲେଶ୍ୱର) ବ—ତେଲୁଣିପୋକ—
Galley worm.

ପ୍ରାଦେ. (ଗଞ୍ଜାମ; ଜୟପୁର; ବିଶାଖାପଟ୍ଟଣା)—
ମାଟିରଙ୍ଗର ସାପ—A kind of nonvenemous brown coloured snake.

ପାଣି ହେବା—ଦେ. କ୍ରି—୧ । ଜଳାର୍ଦ୍ର ହେବା—
Pāṇi hebā 1. To become wet.
পানী হওয়া ୨ । ମିଳେଇଯିବା—2. To be dissolved
पानी होना in water.
୩ । (ଲୁଣ ଆଦି) ପାଣିରେ ପରିଣତ ହେବା—
3. To turn into water.
୪ । (ଲକ୍ଷଣାର୍ଥ) ପାଣି ପରି ଉଭେଇଯିବା—
4. (figurative) To vanish like water.
୫ । (ଲକ୍ଷଣାର୍ଥ) ପାଣି ପରି ଥଣ୍ଡା ହୋଇଯିବା—
5. (figurative) To become cold like water.
(ଯଥା—ସନ୍ନିପାତ ଯୋଗୁଁ ତା ଦେହ ହାତ ପାଣି ହୋଇ ଯାଉଛି ।)

ପାଣୀ—ସଂ.ବ.(ପଣ୍ ଧାତୁ=ବ୍ୟବସାୟ କରିବା + କର୍ତ୍ତୃ. ଇନ୍;୧ମା.୧ବ)-
Pāṇī ୧ । ବେଦାର୍ଥ ବ୍ୟବସାୟୀ ବୈଦିକ ବ୍ରାହ୍ମଣସମ୍ପ୍ରଦାୟବିଶେଷ-
1. A sect of Brāhmaṇas whose profession was to explain the Bedas.
୨ । ହସ୍ତ; ହାତ—2. Hand. (M. W.)
ଦେ. ବ—ପିଙ୍ଗଳଅର ଓ ପଣ୍ଡାଶ୍ରେଣୀର ବ୍ରାହ୍ମଣଙ୍କ ବଂଶୋପାଧି—
A family title of a lower order of Brāhmaṇas.

ପାଣୁ—ଗ୍ରା. ବ—୧ । (ଆଦରାର୍ଥକ) ପ୍ରାଣବନ୍ଧୁ, ପ୍ରାଣକୃଷ୍ଣ, ପ୍ରାଣଧନ,
Pāṇu ପ୍ରାଣନାଥ ନାମର ବ୍ୟକ୍ତିଙ୍କୁ ଡାକିବା ନାମ—
(ପାଣୁଆ—ଅନାଦରାର୍ଥକ) 1. A name by which persons whose name begin with 'Prāṇa' are called.
୨ । ଅପୁତ୍ରିଆଣୀଙ୍କ ନାମ—2. A name given to boys whose elders died before the former were born.
୩ । କନ୍ଧମାନଙ୍କ ଗ୍ରାମ ପ୍ରାନ୍ତରେ ବାସ କରୁଥିବା ଲୁଗାବୁଣା ଜାତି-
3. A class of lowcaste weavers living in the precincts of Kandha villages.
[ଦ୍ର—ପୂର୍ବେ ଏମାନଙ୍କ ମଧ୍ୟରୁ ଭୂଦେବତାଙ୍କୁ ବଳି ଦେବା ନିମନ୍ତେ 'ମେରିଆ' ନିଆ ଯାଉଥିଲା । କନ୍ଧମାନେ ଏମାନଙ୍କୁ ଆପଣାଠାରୁ ନୀଚ ବୋଲି ମନେ କରନ୍ତି । ଏହି ପାଣମାନେ ଅନ୍ୟ ଦେଶକୁ ଯାଇ ହିନ୍ଦୁ ଜାତିର ଲୋକ ଚୋରାଇ ଆଣି ମେରିଆ ପାଇଁ କନ୍ଧମାନଙ୍କୁ ଯୋଗାଉଥିଲେ ।]

ପାଣେଇତି—ଦେ. ବ. ସ୍ତ୍ରୀ—ପାଣିଇତି (ଦେଖ)
Pāṇeiti Pāṇi-iti (See)

ପାଣେଇବା—ଦେ. କ୍ରି. (ସ. ପାନୀୟରୁ ଓଡ଼ିଆ ନାମଧାତୁ)—
Pāneibā ୧ । ଜଳରୂପେ ପରିଣତ ହେବା—
ଜଲ ହଓୟା 1. To turn into water.
ପାନୀ ହୋନା ୨ । ଜଳପୂର୍ଣ୍ଣ ହେବା—2. To become filled
(ପାଣେଇଯିବା—ଅନ୍ୟରୂପ) up with water.
୩ । ଜଳୀୟ ପଦାର୍ଥରେ ପୂର୍ଣ୍ଣ ହେବା—
3. To become full of watery-substance.
(ଯଥା—ଛଅ ଦିନ ପରେ ବସନ୍ତ ପାଣେଇଯାଏ, ତପୁରେ ଫୁଟେଇ ଯାଏ ।)
୪ । (ମୁଖ) ଖାଦ୍ୟଦ୍ରବ୍ୟ ପାଇଁ ଲାଳାମୟ ହେବା—
4. To water; to salivate (said of the mouth of person hankering after food).
୫ । ଜଳରେ ମିଶାଇବା ବା ମିଳାଇବା—
5. To dissolve in water.
୬ । ଜଳରେ ପରିଣତ କରିବା—
6. To turn into water.

ପାଣ୍ଟା—ପ୍ରାଦେ. (ଗଞ୍ଜାମ) ବି (ତେଲୁଗୁ ?)—ଖନ୍ଦା; ଫସଲ—
Pāntā Crop.

ପାଣ୍ଟା ନଷ୍ଟି—ପ୍ରାଦେ. (ଗଞ୍ଜାମ) ବି—ଫସଲର ଖତ—
Pāntā nashti Loss of a crop.

ପାଣ୍ଠି—ବୈଦେ. ବି—ପାଣ୍ଠି (ଦେଖ)
Pānti Pānthi (See)

ପାଣ୍ଠି—ଦେ. ବି—୧ । ମୂଳଧନ; ବେପାର ବଣିଜର ମୂଳଧନ; ପୁଞ୍ଜି—
Pānthi 1. The capital of business.
পুঁজি ୨ । ଗଚ୍ଛିତ ଧନ; ସଞ୍ଚିତ ଧନ—
पुंजी 2. Stock; hoard.
পাঁট ବୈଦେ. ବି. (ଇଂ. ପାଇଣ୍ଟ)—ପାଇଣ୍ଟ; ପ୍ରାୟ ଏକ-
पांटी ପାଅ ପରିମିତ (ବ୍ରାଣ୍ଡି; କେରୋସିନ ତେଲଆଦି)—
Pint (measure of liquid).

ପାଣ୍ଠି କରିବା—ଦେ. କ୍ରି—୧ । ଗଚ୍ଛିତ ଧନ ସଞ୍ଚୟ କରିବା—
Pānthi kariba 1. To hoard money.
পুঁজিকরা ୨ । ମୂଳଧନରୂପେ ବିବେଚନା କରିବା—
पुंजि करना 2. To consider as the capital of a business.

ପାଣ୍ଠି ବୋତଲ—ବୈଦେ. (ଇଂ. ପାଇଣ୍ଟ+ବଟ୍ଲ)—
Pānthi botala ଯେଉଁ ବୋତଲରେ ଏକ ପାଇଣ୍ଟ ପରିମିତ
পাঁইটবোতল ତେଲାଦି ଧରେ—Pint bottle; a bottle
पांटीबोतल of the capacity of one pint.

ପାଣ୍ଡ୍ରା—ପ୍ରାଦେ. (ସମ୍ବଲପୁର) ବଣ. (ସ. ପାଣ୍ଡୁର)—ପାଣ୍ଡରା (ଦେଖ)
Pānd-rā Pāndarā (See)

ପାଣ୍ଡ୍ରି—ଦେ. ବଣ. ସ୍ତ୍ରୀ—ପାଣ୍ଡରାର ସ୍ତ୍ରୀଲିଙ୍ଗ—
Pānd-ri Feminine of Pāndarā.

ପାଣ୍ଡବ—ସ. ବି. ପୁଂ. (ପାଣ୍ଡୁ+ଅପତ୍ୟାର୍ଥେ. ଅ)—
Pāndaba ୧ । ପାଣ୍ଡୁ ରାଜାଙ୍କର ପଞ୍ଚପୁତ୍ର; ପଞ୍ଚ ପାଣ୍ଡବ—
1. The five sons of king Pāndu.
[ଦ୍ର—ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଓ ସହଦେବ, ଏହିମାନେ ପଞ୍ଚପାଣ୍ଡବ । ଏଥିମଧ୍ୟରୁ କୁନ୍ତୀଙ୍କ ପୁତ୍ର ପ୍ରଥମ ୩ଜଣ, ମାଦ୍ରୀଙ୍କ ପୁତ୍ର ଶେଷ ୨ଜଣ ।]
୨ । ଝେଲମ ନଦୀତୀରରେ ଅବସ୍ଥିତ ପ୍ରାଚୀନ ପ୍ରଦେଶ (ହ୍ର. ଶ)—
2. Name of an ancient province of North India on the bank of the river Sutlej.
୩ । ପାଣ୍ଡବ ପ୍ରଦେଶବାସୀ ବ୍ୟକ୍ତି (ହ୍ର. ଶ)—
3. An inhabitant of the ancient province of that name.
ଦେ. ବି—୧ । ଗଉଡ଼ ଜାତିବିଶେଷ—
1. A sect of cowherds.
୨ । ଲୋକଙ୍କ ନାମ—2. A name given to males.

ପାଣ୍ଡବନଗର(ରୀ)—ସ. ବି—ଇନ୍ଦ୍ରପ୍ରସ୍ଥ; ପ୍ରାଚୀନ ଦିଲ୍ଲୀ (ହ୍ର. ଶ)—
Pāndabanagara(ri) A name of ancient Delhi.

ପାଣ୍ଡବାୟନ—ସ. ବି. (ପାଣ୍ଡବ+ଅୟନ)—ଶ୍ରୀକୃଷ୍ଣ (ହ୍ର. ଶ)—
Pāndabāyana A name of Srikrushna.

ପାଣ୍ଡବୀୟ—ସ. ବି. (ପାଣ୍ଡବ+ସମ୍ବନ୍ଧାର୍ଥେ ଈୟ)—୧ । ପାଣ୍ଡବ ସମ୍ବନ୍ଧୀ—
Pāndabiya 1. Relating to the Pāndabas.
୨ । ପାଣ୍ଡବ ପକ୍ଷୀୟ—2. Of the side or party of the Pāndabas.

ପାଣ୍ଡବେୟ—ସ. ବି ପୁଂ—୧ । (ପଣ୍ଡୁ+ଅପତ୍ୟାର୍ଥେ ଏୟ)—
Pāndabeya ପାଣ୍ଡବ—1. The Pāndabas.
୨ । (ପାଣ୍ଡବ+ଅପତ୍ୟାର୍ଥେ ଏୟ)—ଅଭିମନ୍ୟୁଙ୍କ ପୁତ୍ର ରାଜା ପରୀକ୍ଷିତ (ହ୍ର. ଶ)—2. A name of king Parikshita.

ପାଣ୍ଡର—ସ. ବି. (ପଣ୍ଡ ଧାତୁ=ଗମନ କରିବା+କର୍ତ୍ତୃ. ସଜ୍ଞାର୍ଥେ. ଅର)—
Pāndara ୧ । ପାଣ୍ଡୁବର୍ଣ୍ଣ; ଛେଦାରଙ୍ଗ—1. Pale yellow colour; yellowish white colour.
୨ । ଶୁକ୍ଳବର୍ଣ୍ଣ—2. White colour.
୩ । ମରୁଆ (ଦେଖ)—3. Maruā (See)
୪ । କୁନ୍ଦଫୁଲ (ଦେଖ)—4. A flower kunda (See)
୫ । ଗିରିମାଟି; ଗେରୁ—5. Red ochre.
ସ. ବଣ. ପୁଂ—ପାଣ୍ଡୁବର୍ଣ୍ଣବିଶିଷ୍ଟ; ଛେଦା—Pale.
ପ୍ରା. ବୈଦେ. ବି. (ଇଂ. ପାଉଡର)—ପାଉଡର (ଦେଖ)
Pāudara (See)

ପାଣ୍ଡରା—ଦେ. ବଣ. (ସ. ପାଣ୍ଡର)—୧ । ପାଣ୍ଡୁବର୍ଣ୍ଣବିଶିଷ୍ଟ—
Pāndarā 1. Grey; brown.
(ପାଣ୍ଡରିଆ—ଅନ୍ୟରୂପ) ୨ । ହରିଦ୍ରାଭ ଶୁକ୍ଳବର୍ଣ୍ଣବିଶିଷ୍ଟ—
পাণ্ডরা पाण्डु 2. Yellowish white.
୩ । ପାଉଁଶିଆ—3. Ashy.
ସ. ବଣ. ସ୍ତ୍ରୀ—ପାଣ୍ଡରର ସ୍ତ୍ରୀଲିଙ୍ଗ—
Feminine of Pāndara.

ପାଣ୍ଡରା କଦଳୀ—ଦେ. ବି. (ସ. ପାଣ୍ଡର+କଦଳୀ)—
Pāndarā kadali ପାଉଁଶିଆ ବନ୍ତଲ (ଦେଖ)—
ହରେକୃଷ୍ଣ. ଦ୍ରବ୍ୟଗୁଣ—Pāunsiā bantala (See)

ପାଣ୍ଡରୀ—ଦେ. ବଣ. ସ୍ତ୍ରୀ—ପାଣ୍ଡରର ସ୍ତ୍ରୀଲିଙ୍ଗ—
Pāṇḍari Feminine of Pāṇḍarā.

ପାଣ୍ଡା—ପ୍ରାଦେ. (ଗଡ଼ଜାତ) ବଣ. (ସ. ପଣ୍ଡ)—ବିଫଳମନୋରଥ; ନିଷ୍ଫଳ-
Pāṇḍā Fruitless; unsuccessful.
[ଦ୍ର—ଟ୍ରେଇନ୍ ଗୁଲିଗଲା । ଭଦ୍ରଲୋକଙ୍କ ଟ୍ରେନରେ ଉଠି ନ ପାରି ପାଣ୍ଡା ହୋଇ ଷ୍ଟେସନରେ ବସି ରହିଲେ । ଗଡ଼ଜାତବାସିନୀ (୨୨ । ୪ । ୩୦)]
୨ । (ପାରଳୁଦ) ଚିଲିକାରେ ଶୀତ ଋତୁରେ ଦେଖାଯିବା ଏକ-ପ୍ରକାର ପକ୍ଷୀ—2. A kind of aquatic bird frequenting the Chilka lake in winter.

ପାଣ୍ଡାଲ୍—ବୈଦେ. ବ.—(ଇଂ.)—ସଭାମଣ୍ଡ; ରଙ୍ଗମଣ୍ଡ; ବଳୁଡାଲଯୂ—
Pāṇḍāl Pandal.
পাণ্ডাল ফৌড়াল

ପାଣ୍ଡା ହଂସ—ପ୍ରାଦେ. (ପାରଳୁଦ) ବ.—ଚକ୍ରବାକ—
Pāṇḍā haṁsa The ruddy goose.

ପାଣ୍ଡି—ଦେ. ବ.—୧ । କୁମ୍ଭାରୁଣୀମାନେ ଜଙ୍ଗଲରୁ କାଟିବା କଣ୍ଟାଝାଟି
Pāṇḍi ଗୋଛ—1. Bundles of thorn; shrub and twigs collected by potter women from jungle for burning earthen pots.
୨ । ଚିଲିକାରେ ଦେଖାଯିବା ପାଣ୍ଡୁରଲିପ୍ତପଦ ପକ୍ଷୀବିଶେଷ—
2. A kind of grey webfooted aquatic bird.
ଦେ. ବଣ. ପୁଂ. ଓ ସ୍ତ୍ରୀ—(ଶିଶୁଙ୍କ ପ୍ରତି ବ୍ୟବହୃତ) ସ୍ଥୂଳକାୟ ଓ ଖର୍ବ—Stout and dwarfish.

ପାଣ୍ଡିଆ—ଦେ. ବ.—୧ । ଏକପ୍ରକାର ପାଣ୍ଡୁରଲିପ୍ତପଦ ଜଳଚର ପକ୍ଷୀ—
Pāṇḍiā 1. A kind of grey webfooted bird.
पाजति (ପାଣ୍ଡିଆ—ଅନ୍ୟରୂପ) ୨ । ଜଙ୍ଘ—2. Thigh.

ପାଣ୍ଡିଆ ମାଡ଼ି ବସିବା—ଦେ. ବ.—ଦୁଇ ଜଙ୍ଘକୁ ଭୂମିରେ ଲୋଟାଇ ବା
Pāṇḍiā māṛi basibā ସମ୍ପୂର୍ଣ୍ଣରୂପେ ସଲଗ୍ନ କରି ବସିବା—
पाजति मारके बैठना To squat with the thighs touching the ground.

ପାଣ୍ଡିଆ ପାଡ଼ି ବସିବା, ପାଣ୍ଡିଆ ପାରି ବସିବା } ଅନ୍ୟରୂପ
ପାଣ୍ଡିଆ ପକାଇ ବସିବା, ପାଣ୍ଡିଆ ପାଡ଼ିବା

ପାଣ୍ଡିତ୍ୟ—ସ. ବ.—(ପଣ୍ଡିତ+ଭାବାର୍ଥେ. ଯ)—୧ । ବିଦ୍ୟା—
Pāṇḍitya 1. Learning.
୨ । ନୈପୁଣ୍ୟ—2. Skill.
୩ । ଚତୁରତା—3. Cleverness; talent.
୪ । ବିଦ୍ବତ୍ତା—4. Scholarship; erudition.

ପାଣ୍ଡୁ—ସ. ବଣ.—(ପାଣ୍ଡ ଧାତୁ=ଗମନ କରିବା+କର୍ତ୍ତୃ. ବା ସଜ୍ଞାର୍ଥେ.
Pāṇḍu ଉ)—୧ । ଧୂସର; ପାଂଶୁବର୍ଣ୍ଣବିଶିଷ୍ଟ—
ପାଣ୍ଡୁତା } ବିଶେଷ୍ୟ 1. Grey; pale white.
ପାଣ୍ଡିମ୍ନ
୨ । ଗୌର ବା ଶ୍ବେତ—White.
୩ । ଶୁକ୍ଳ ପୀତ—3. Yellowish white.
୪ । ଫିକା—4. Pale; yan.

ସ. ବ.—୧ । ରୋଗବିଶେଷ; ହଳଦିଆ କାମଳ ରୋଗ—
1. Jaundice.
[ଦ୍ର—ଏହି ରୋଗରେ ଆଖି ହଳଦିଆ ହୋଇଯାଏ । ଏହା ରକ୍ତହୀନତାରୁ ଜାତ ହୁଏ]
୨ । ଭାରତର ତୀର୍ଥବିଶେଷ—
2. Name of a sacred place in India.
୩ । ଦକ୍ଷିଣ ଭାରତର ଦେଶବିଶେଷ—
3. Name of a country in south India.
୪ । ହସ୍ତିନା ନଗରୀର ରାଜା; ପାଣ୍ଡବମାନଙ୍କ ପିତା; ଧୃତରାଷ୍ଟ୍ରଙ୍କ ସାନ ଭାଇ—4. Name of the father of the Pāṇḍabas.

[ଦ୍ର—ଏ ବ୍ୟାସଦେବଙ୍କ ଔରସରେ ବିଚିତ୍ରବୀର୍ଯ୍ୟଙ୍କର ଏକ ବିଧବା ରାଣୀ ଅମ୍ବାଳିକାଙ୍କ ଗର୍ଭଜାତ କ୍ଷେତ୍ରଜ ସନ୍ତାନ ଥିଲେ । ଅମ୍ବାଳିକା ବ୍ୟାସଦେବଙ୍କର ଭୟଙ୍କର ମୂର୍ତ୍ତି ଦେଖି ପାଣ୍ଡୁବର୍ଣ୍ଣା ହୋଇ ଯିବାରୁ ତାଙ୍କର ପୁତ୍ର ମଧ୍ୟ ପାଣ୍ଡୁବର୍ଣ୍ଣ ହେଲେ । ଏଥିପାଇଁ ଏହି ପୁତ୍ରର ନାମ ପାଣ୍ଡୁ ଦିଆଗଲା ।

ପାଣ୍ଡୁଙ୍କର ଦୁଇ ସ୍ତ୍ରୀ କୁନ୍ତୀ ଓ ମାଦ୍ରୀ । କୁନ୍ତୀଙ୍କ ଗର୍ଭରୁ ଯୁଧିଷ୍ଠିର, ଭୀମ ଓ ଅର୍ଜ୍ଜୁନ ଏବଂ ମାଦ୍ରୀଙ୍କ ଗର୍ଭରୁ ନକୁଳ ଓ ସହଦେବ ଜନ୍ମି ଥିଲେ । ଅଭିଶାପ ଫଳରେ ସେ ନିଜେ ସ୍ତ୍ରୀସହବାସ କରୁ ନ ଥିଲେ ଓ ତାଙ୍କର ସ୍ତ୍ରୀଦ୍ବୟ ଦୁର୍ବାସାଙ୍କଠାରୁ ପ୍ରାପ୍ତ ଏକ ମାଳାକୁ ଜପି ଭିନ୍ନ ଭିନ୍ନ ଦେବତାଙ୍କୁ ସ୍ମରଣ କରି ତତ୍ତତ୍ ଦେବତାଙ୍କ ଔରସରେ ୫ଟି ପୁତ୍ର ଉତ୍ପାଦନ କରିଥିଲେ । ଏହି ପଞ୍ଚ ପାଣ୍ଡବ ପାଣ୍ଡୁଙ୍କର କ୍ଷେତ୍ରଜ ସନ୍ତାନ ଥିଲେ । ଏକଦା ସେ ମୃଗ ବୋଲି ମୃଗରୂପୀ କୌଣସି ଋଷି-ପୁତ୍ରଙ୍କୁ ବଧ କରିଥିଲେ । ଏହି ମୃଗରୂପୀ ଋଷି ସେହି ସମୟରେ ସ୍ବପତ୍ନୀ ପ୍ରତି ଆସକ୍ତ ଥିଲେ । ତାହାଙ୍କର ଅଭିଶାପ ଯୋଗୁଁ ପାଣ୍ଡୁ ସ୍ତ୍ରୀସହବାସରୁ ବଞ୍ଚିତ ହେଲେ । କେତେକାଳ ପରେ ପାଣ୍ଡୁ ଉକ୍ତ ଅଭିଶାପ ବିଷୟ ବିସ୍ମୃତ ହୋଇ ମାଦ୍ରୀଙ୍କୁ ଆଲିଙ୍ଗନ କରିବା ସମୟରେ ତାହାଙ୍କର ମୃତ୍ୟୁ ହେଲା ।)
୫ । ଶ୍ବେତହସ୍ତୀ—5. White elephant.
୬ । ପଟୋଳ ଫଳ—6. The Paṭola fruit.

ପାଣ୍ଡୁକ—ସ. ବ. ପୁଂ. (ପାଣ୍ଡୁ+ସ୍ବାର୍ଥେ. କ)—୧ । ପାଣ୍ଡୁରୋଗ—
Pāṇḍuka 1. Jaundice.
୨ । ପାଣ୍ଡୁରାଜା—2. King Pāṇḍu.
୩ । ପାଣ୍ଡୁବର୍ଣ୍ଣ—3. Grey colour.

ପାଣ୍ଡୁର—ସଂ. ବ ଓ ବଣ. ପୁଂ. (ପାଣ୍ଡୁ+ସ୍ବାର୍ଥେ ର; ଅଥବା ପାଣ୍ଡ ଧାତୁ
Pāṇḍura =ଗମନ କରିବା+ସଂଜ୍ଞାର୍ଥେ ଉର)—ପାଣ୍ଡର (ଦେଖ)
(ପାଣ୍ଡୁରା—ସ୍ତ୍ରୀ) Pāṇḍara (See)
ସ. ବ.—ଧବଳ କୁଷ୍ଠ—White leprosy (Apte)

ପାଣ୍ଡୁରଙ୍ଗ—ସ. ବ.—(ବହୁବ୍ରୀହି)—୧ । ଶାକବିଶେଷ—
Pāṇḍu raṅga 1. A kind of pot-herb.
पाट रांगा ୨ । କୁଅମରିଗୀ ବା ମଟମଟିକା—
2. A kind of kitchen vegetbles.

ପାଣ୍ଡୁର ଦ୍ରୁମ—ସ. ବି. ପୁଂ (ପାଣ୍ଡୁର+ଦ୍ରୁମ)—(ଏହା ପାଣ୍ଡୁର ଥିବାରୁ)
Pāṇḍura druma — କୁଟଜ; ପିତାକୋରୁଆ ଗଛ—
ଅନ୍ୟ ସ. ନାମ— Holarrhena; Anti dysenterica
କୁଟଜ, ଗିରିମଲ୍ଲିକା (plant).

ପାଣ୍ଡୁରା—ଦେ. ବିଣ.—(ସ. ପାଣ୍ଡୁର)—ପାଣ୍ଡରା (ଦେଖ)
Pāṇḍurā — Pāṇḍarā (See)
(ପାଣ୍ଡୁରୀ—ସ୍ତ୍ରୀ) ସ. ବିଣ. ସ୍ତ୍ରୀ—ପାଣ୍ଡୁରର ସ୍ତ୍ରୀଲିଙ୍ଗ—
Feminine of Pāṇḍura.

ପାଣ୍ଡୁରିଆ—ପ୍ରାଦେ. (ଯାଜପୁର) ବିଣ.—ପାଣ୍ଡୁର (ଦେଖ)
Pāṇḍuriā — Pāṇḍura (See)

ପାଣ୍ଡୁରିମା—ସ. ବି. (ପାଣ୍ଡୁର+ଭାବାର୍ଥେ. ଇମନ୍)—ପାଣ୍ଡୁତା; ଫିକାବର୍ଣ୍ଣ—
Pāṇḍurimā — Paleness; white or pale-colour. (Apte).

ପାଣ୍ଡୁଲିପି—ସ. ବି.—(କର୍ମଧା; ପାଣ୍ଡୁ+ଲିପି)—୧ । ଖସଡ଼ା; ଛଠା—
Pāṇḍu lipi — Priliminary rough sketch of a document.
(ପାଣ୍ଡୁଲେଖ; ପାଣ୍ଡୁଲେଖ୍ୟ—ଅନ୍ୟରୂପ)
୨ । ହାତଲେଖା ପୁସ୍ତକ—2. Manuscript.
୩ । ଭୂମିରେ ବା ପଟାରେ ଖଡ଼ିଦ୍ୱାରା ଅଙ୍କିତ ଚିହ୍ନ—
3. A rough draft or sketch made with chalk on the ground or board (Apte).

ପାଣ୍ଡେ—ଦେ. ବି.—କନଉଜୀ ବ୍ରାହ୍ମଣମାନଙ୍କ ବଂଶୋପାଧିବିଶେଷ—
Pāṇḍe — Family title of some Kanauji Brāhmaṇas
ପାଣ୍ଡେ ପଢ଼ିଲେ ପାଠ, ଛ କିଂଶୁଣେ ଅଠ—ଢଗ ।
ପାଁଡ଼େ ପ୍ରାଦେ. (ସମ୍ବଲପୁର) ବି.—ଅଗରିଆ ଓ କେଉଟଙ୍କର
ପାଣ୍ଡେ ବଂଶୋପାଧିବିଶେଷ—Family title of some Agariā and fishermen in Sambalpur.

ପାଣ୍ଡେଇ—ଦେ. ବି. (ସ. ପଲ୍ଲକ୍ରୀ; ଉପାନହ)—୧ । ଚର୍ମପାଦୁକା;
Pāṇḍei — ଜୋତା—1. Shoes.
ପାଣ୍ଡୋଇ, ପାଣ୍ଡେଇ, ପାଣ୍ଡୋଇ } ଅନ୍ୟରୂପ
୨ । ଗୋଇଠି ନ ଥିବା ଚର୍ମପାଦୁକା; ଚଟିଜୋତା—2. Slippers.
୩ । ମରହଟ୍ଟୀ ଜୋତା—
ପାନଇ 3. Country slippers with projecting tips.
ପାନ ହିଁ; ପନାଇ ୪ । କୁମ୍ଭାରୁଣୀ ଓ ଗଉଡ଼ମାନେ ଗୋଡ଼ ଚଳପାକୁ କଣ୍ଟାରୁ ରକ୍ଷା କରିବା ନିମନ୍ତେ ବ୍ୟବହାର କରିବା ଚଟି ଯୋତା—4. Leathern sandals.
ଏକକାଳେ ତେଲେକ ଯୋଡ଼ାଏ ପାଣ୍ଡୋଇ । କୃଷ୍ଣସିଂହ, ମହାଭାରତ ସଭା ।
[ଦ୍ର—ଏହି ଜୋତାର ତଳପାରେ ଚମଡ଼ା ପରିବର୍ତ୍ତରେ କାଠ-ଥାଏ । ଉପରେ ଚମ ଦଉଡ଼ି ବା ଦଉଡ଼ିର ଫାଶ ଥାଏ ।]

ପାଣ୍ଡେଇକୁଦା—ପ୍ରାଦେ. (ଗଞ୍ଜାମ) ବିଣ—ଜୋତା ମାଡ଼ୁଥିବା; ଚର୍ମପାଦୁକା
Pāṇḍeikudā — ପରିହିତ (ପଦ)—(feet) Wearing shoes; habituated to putting on shoes.

ପାଣ୍ଡେଇ କୁଦିବା—ପ୍ରାଦେ. (ଗଞ୍ଜାମ) କ୍ରି—ଜୋତା ମାଡ଼ିବା—
Pāṇḍei kudibā — To put on shoes.

ପାଣ୍ଡେଇଖିଆ—ଦେ. ବିଣ. ପୁଂ. (ଗାଳିରେ ବ୍ୟବହୃତ)—
Pāṇḍeikhiā — ଜୋତାମାଡ଼ଖିଆ; ଯେ ଜୋତାରେ ମାଡ଼ ଖାଇବା ଉପଯୁକ୍ତ ବା ମନ୍ଦକାର୍ଯ୍ୟ ଯୋଗୁଁ ଯାହାକୁ ଜୋତାରେ ମାଡ଼ ଦିଆଯାଏ—
ପାଣ୍ଡୋଇଖିଆ, ପାଣ୍ଡେଇଖିଆ, ପାଣ୍ଡୋଇଖିଆ } ଅନ୍ୟରୂପ
Deserving or habituated to shoe-beating.

ପାଣ୍ଡେବ—ଗ୍ରା. ବି. (ପାଣ୍ଡବର ଅଶୁଦ୍ଧ ଉଚ୍ଚାରଣ)—ପାଣ୍ଡବ (ଦେଖ)
Pāṇḍeba — Pāṇḍaba (See)

ପାଣ୍ଡେୟ—ଦେ. ବି—ପାଣ୍ଡେ (ଦେଖ)
Pāṇḍeya — Pāṇḍe (See)
[ଦ୍ର—ପାଣ୍ଡେ ଉପାଧିଧାରୀ କେତେକ ଶିକ୍ଷିତ ବ୍ୟକ୍ତିଙ୍କ ବଂଶୋପାଧି । 'ପାଣ୍ଡେ' ସ୍ଥଳରେ ପାଣ୍ଡେୟ ବ୍ୟବହାର କରିବାର ଦେଖାଯାଏ ।]

ପାଣ୍ଡେରା—ଗ୍ରା. ବିଣ ପୁଂ—ପାଣ୍ଡରା (ଦେଖ)
Pāṇḍerā (ପାଣ୍ଡେରୀ—ସ୍ତ୍ରୀ) Pāṇḍarā (See)

ପାଣ୍ଡ୍ୱ—ସ. ବି—ରଙ୍ଗାଯାଇ ନ ଥିବା ପଶମର ପୋଷାକ—
Pāṇḍwa — An uncoloured woollen garment (Apte).

ପାଣ୍ଡ୍ୟ—ସ. ବି—୧ । ଦକ୍ଷିଣଭାରତର ପୁରାଣ ଓ ଇତିହାସପ୍ରସିଦ୍ଧ ରାଜ୍ୟ—
Pāṇḍya — 1. An ancient province or kingdom of south India.
[ଦ୍ର—ଏହା ଆଧୁନିକ ମାଲବାର, କାନଡ଼ା ଓ କଙ୍କଣ ।]
୨ । ଉକ୍ତ ଦେଶର ରାଜା—
2. A king of the Pāṇḍya country.
୩ । ଉକ୍ତ ଦେଶବାସୀ ବ୍ୟକ୍ତି—
3. An inhabitant of the Pāṇḍya country.

ପାଣ୍ଢିଆ (ଇତ୍ୟାଦି)—ଦେ. ବି—ପାଣ୍ଡିଆ ଇତ୍ୟାଦି (ଦେଖ)
Pāṇḍhiā (etc) — Pāṇḍiā etc (See)

ପାଣ୍ଢେ(ଣ୍ଢୋ)ଇ (ଇତ୍ୟାଦି)—ଦେ. ବି—ପାଣ୍ଡେଇ ଇତ୍ୟାଦି (ଦେଖ)
Pāṇḍhe(ṇḍho)i (etc) — Pāṇḍei etc (See)

ପାଣ୍ୟ—ସ. ବିଣ. (ପଣ ଧାତୁ+କର୍ମ. ଯ)—ପ୍ରଶଂସନୀୟ—
Paṇya — Commendable; praiseworthy (Apte)

ପାଣ୍ହଇ—ପ୍ରାଦେ. (ଜାଜପୁର) ବି. (ସ. ଉପାନହ; ପଲ୍ଲକ୍ରୀ)—
Pāṇhai — ପାଣ୍ଡେଇ; ଜୋତା—Shoes.

ପାତ—ସଂ. ବି. (ପତ ଧାତୁ=ପଡ଼ିବା+ଭାବ. ଅ)—୧ । ଘଟଣା—
Pāta — 1. Happening; coming to pass; occurrence.
ଯଥା—ଅନର୍ଥପାତ; ବିପତ୍ପାତ ।
୨ । ପତନ; ପଡ଼ିବା—2. Falling; fall.
ଯଥା—ବୃଷ୍ଟିପାତ; ଉଲ୍କାପାତ; କରକାପାତ ।
୩ । ଲିଖନ—3. Writing
ଯଥା—ଅଙ୍କପାତ; ଧାରାପାତ ।
୪ । ତଳକୁ ଖସିବା; ଓହ୍ଲାଇବା—
4. Descent; descending; alighting (Apte).
୫ । ଗମନ—5. Going.
୬ । (ପତ ଧାତୁ ଣିଚ୍ ପାତି ଧାତୁ+ଭାବ. ଅ) ନିକ୍ଷେପ—
6. Throwing.
ଯଥା—ଲୋଷ୍ଟ୍ରପାତ ।
୭ । ବଧ—7. Killing

ଯଥା—ଶତ୍ରୁପାତ ।

୮ । ନିପାତ; କ୍ଷୟ; ନାଶ—8. Destruction; riun.

ଯଥା—ଗର୍ଭପାତ; ଶରୀରପାତ; ଦେହପାତ ।

୯ । କୌଣସି ବିଷୟ ପ୍ରତି ଦୃଷ୍ଟି ବା କର୍ଣ୍ଣ ପ୍ରୟୋଗ କରଣ—
9. Directing the eyes or ears towards a thing; casting.

ଯଥା—ଦୃଷ୍ଟିପାତ; କର୍ଣ୍ଣପାତ ।

୧୦ । ତଳେ ବିଛାଇବା—10. Spreading on the ground.

ଯଥା—ଶଯ୍ୟାପାତ ।

୧୧ । ଧରାଶାୟୀ କରିବା—11. Felling.

୧୨ । ଭୂମିରେ ପକାଇବା; ମୋଚନ; ସ୍ରାବ—
12. Shedding (of tears, of blood); discharging; emitting.

ଯଥା—ଅଶ୍ରୁପାତ; ଲୋତକପାତ; ରକ୍ତପାତ ।

୧୩ । ଆଘାତ—13. Stroke; blow (Apte).

ଯଥା—ଖଡ୍ଗପାତ; ଗଦାପାତ ।

୧୪ । ଆକ୍ରମଣ—14. Inroad; attack (Apte)

[ଦ୍ର—ପତନ ବା ଘଟନା ଅର୍ଥରେ ଏ ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ଯୋଗ ହୁଏ । ଯଥା—ବୃଷ୍ଟିପାତ, ଉଲ୍କାପାତ, ଶରୀରପାତ, ରେଖାପାତ, ଶତ୍ରୁପାତ ଇତ୍ୟାଦି ।]

୧୫ । (ପତ୍ ଧାତୁ=ପଡ଼ିବା+କର୍ତ୍ତୃ. ଅ)—ରାହୁଗ୍ରହ—
15. The ascending node.

୧୬ । (ଫଳିତ ଜ୍ୟୋତିଷ)—କୌଣସି ଗ୍ରହର ଅମଙ୍ଗଳଜନକ ଅବସ୍ଥିତି—16 (astrology) An inauspicious or malignant aspect of a planet (Apte.)

ସ. ବିଣ.—(ପା ଧାତୁ=ରକ୍ଷା କରିବା+କର୍ମ.ତ)—

୧ । ରକ୍ଷିତ—1. Protected; saved.

୨ । ପାଳିତ—2. Maintained.

ଦେ. ବି.—(ସଂ. ପତ୍ର)—୧ । ଧାତୁର ପାତିଆ—
1. Metal foil; thin blade of metal.

୨ । (ବଣିଆ ଶବ୍ଦ) ମୁସଲମାନଙ୍କ ସ୍ତ୍ରୀଲୋକଙ୍କ ମଝି କାନରେ ପିନ୍ଧିବା ପତ୍ରାକାର ସୁନା ଓ ରୂପାର କାରୁକାର୍ଯ୍ୟ—
2. Gold or silver ring worn in the middle of the ear by Muslim females and wrought with filagree work resembling foliage.

ପାତକ—ସ. ବି.—(ପ ତ୍ ଧାତୁ ଣିଚ. ପାତି ଧାତୁ=ତଳକୁ ପକାଇବା+ କର୍ତ୍ତୃ. ଅକ; ଯାହା ମନୁଷ୍ୟର ଅଧଃପତନ ଘଟାଏ)—
Pātaka

୧ । ପାପ—1. Sin.

ହରନ୍ତ ସେ ପାତକମାନଙ୍କୁ ଧ୍ୱଂସନ ।
କୃଷ୍ଣସିଂ ହ. ମହାଭାରତ. ଅଦି ।

୨ । ଦୋଷ; ଅପରାଧ—2. Guilt; crime.

୩ । ପତନକାରକ ବସ୍ତୁ; ଯାହା ପତନ ଘଟାଏ—
3. That which causes some thing to fall down.

୪ । ମନୁଷ୍ୟର ଅଧଃପତନର ହେତୁ—4. The cause of one's downfall or ruin.

[ଦ୍ର—ପାତକ ଦୁଇ ପ୍ରକାର—(୧) ମହାପାତକ; (୨) ଉପପାତକ ।

ବ୍ରହ୍ମହତ୍ୟା, ସ୍ତ୍ରୀହତ୍ୟା, ଗୋହତ୍ୟା, ଗୁରୁପତ୍ନୀଗମନ ଓ ବାଳକ ହତ୍ୟା ଏଗୁଡ଼ିକ ଶାସ୍ତ୍ର ଅନୁସାରେ ମହାପାତକ ବା ମହାପାପ (henious sins) ଅଟେ । ମତାନ୍ତରରେ ବ୍ରହ୍ମହତ୍ୟା, ଗୋହତ୍ୟା, ସୁରାପାନ, ସ୍ତେୟ ବା ଚୌର୍ଯ୍ୟ ଓ ଗୁରୁଅଙ୍ଗନାସଙ୍ଗମ ଏ ପାଞ୍ଚଟି ମହାପାତକ ଅଟେ । (ମନୁ ୧୧।୫୫); ମିଥ୍ୟାକଥନ, ସୁରାପାନ, ଅବିବାହିତା କନ୍ୟାରମଣ, ପରସ୍ତ୍ରୀଗମନ ଓ କୃତଘ୍ନତା; ଶାସ୍ତ୍ର ଅନୁସାରେ ଏ ଗୁଡ଼ିକ ଉପପାତକ ବା ଲଘୁତର ପାପ (lesser sins). ହିନ୍ଦୁ ସ୍ମୃତିଶାସ୍ତ୍ରରେ ଆହୁରି ୫୪ ଟି ଉପପାତକ ମଧ୍ୟ ବର୍ଣ୍ଣିତ ଅଛି ।

ଯଥା—ମାଛିଆ ପାତକ ।]

ସଂ. ବିଣ.—ପତନ ଘଟାଇବା—
Causing fall or downfall.

ପାତକ ଛଡ଼ା(ଡ଼େ)ଇବା—ଦେ. କ୍ରି.—ପ୍ରାୟଶ୍ଚିତ୍ତ ଦ୍ୱାରା ନିଜର ପାପ
Pātaka chhaṛā (ṛe)ibā କ୍ଷୟ କରିବା—
(ପାତକ ଛାଡ଼ିବା—ବିଶେଷ୍ୟରୂପ) To expiate for one's sin.

ପାତକ ଲାଗିବା—ଦେ. କ୍ରି.—ଶାସ୍ତ୍ର ଅନୁସାରେ ଦୋଷଭାଗୀ ହେବା;
Pātaka lāgibā କୌଣସି ବ୍ୟକ୍ତି ଉପରେ କୌଣସି ପାତକ
पातक लगना ପ୍ରବର୍ତ୍ତିବା—The sharing of a sin.
(ପାତକ ଛାଡ଼ିବା—ବିପରୀତ)

ପାତକା—ଗ୍ରା. ବିଣ. ପୁଂ.—(ସଂ. ପାତକୀ)—ପାତକୀ (ଦେଖ)
Pātakā Pātakī (See)
(ପାତକୀ; ପାତକେଇ—ସ୍ତ୍ରୀ)

ପାତକୀ—ସଂ. ବିଣ. ପୁଂ. (ପାତକିନ୍; ପାତକ + ଅସ୍ତି ଅର୍ଥରେ ଇନ୍)—
Pātakī ପାପୀ—1. Sinful.
(ପାତକିନୀ—ସ୍ତ୍ରୀ)

ଧର୍ମିରେ ସମସ୍ତ ଗୁଣ, ମୂର୍ଖରେ ପଣ୍ଡିତପଣ,
ପାତକୀ ହୁଅନ୍ତି ଧନ ବିନା । ଜଗନ୍ନାଥ. ବନଜୁଲମାସୁଣ ।

୨ । ଅପରାଧୀ—2. Offending; guilty.

୩ । ଖଳ; ଦୁଷ୍ଟ—3. Wicked; wanton.

ସଂ. ବି—୧ । ପାପୀ ବ୍ୟକ୍ତି—1 Sinner.

୨ । ଅପରାଧୀ ବ୍ୟକ୍ତି—2. Offender.

୩ । ଦୁର୍ଜନ ବ୍ୟକ୍ତି—4. A wicked person.

ଦେ. ବିଣ. ସ୍ତ୍ରୀ—ପାତକାର ସ୍ତ୍ରୀଲିଙ୍ଗ
Feminine of Pātakā.

ପାତଞ୍ଜଳ—ସ. ବି. (ପତଞ୍ଜଳିଙ୍କ ଦ୍ୱାରା ରଚିତ ଅର୍ଥରେ+ଅ)—
Pātanjala ୧ । ପତଞ୍ଜଳି ମୁନିକୃତ ଦର୍ଶନଶାସ୍ତ୍ର—
1. The branch of Hindu philosophy propounded by sage Patanjali.

[ଦ୍ର—ଏହାର ନାମ ଯୋଗଦର୍ଶନ; ଏହା ଚାରି ଭାଗ ବା ପାଦରେ ବିଭକ୍ତ ।

୧ । ଯୋଗପାଦ (ଏଥିରେ ଯୋଗର ଲକ୍ଷଣାଦି ବର୍ଣ୍ଣିତ

୨ । ସାଧନପାଦ (କ୍ରିୟା ଯୋଗାଦି ସାଧନ ପ୍ରକରଣ) ।

୩ । ବହୁଭପାଦ (ଧ୍ୟାନ ଧାରଣାଦ ବହୁଭ ବିବରଣୀ) ।
୪ । କୈବଲ୍ୟପାଦ (ସିଦ୍ଧିପଞ୍ଚକାଦ କୈବଲ୍ୟ) ।]
୨ । ପତଞ୍ଜଳ ମୁନକୃତ ବେଦାନ୍ତର ମହାଭାଷ୍ୟ —
2. The commentary of the Bedānta by sage Patanjali.
[ଦ୍ର— ପତଞ୍ଜଳ ତଳେ ନୋଟ ଦେଖ ।]

ପାତନ— ସଂ. ବି. (ପତ୍ ଧାତୁ ଣିଚ୍ = ପାତି ଧାତୁ = ତଳକୁ ପକାଇବା + ଭାବ. ଅନ) — ୧ । ଅଧଃକ୍ଷେପଣ; ଭୂମିରେ ପକାଇବା—1. Throwing down; causing to fall down; felling.
Pātana
(ପାତିତ—ବିଣ)
୨ । ବିନ୍ୟାସ—2. Arranging.
୩ । (ରସାୟନ) ନିଃସ୍ୟନ୍ଦନ; କ୍ଷାରଣ—
3. (chemistry) Distillation.
୪ । ନିଷ୍କାସନ—4. Extraction.
୫ । ବିନାଶନ; ନିପାତ କରିବା—
5. Destruction; annihilation.
୬ । (+ କର୍ମ ଅନ) କାନର ପତ୍ରୀ—
6. The blade of the ear.
୭ । ବିସ୍ତାର କରିବା—7. Spreading out.
୮ । ଲେଖିବା; ଅଙ୍କନ—
8 Writing down; drawing.
୯ । ଫିଙ୍ଗି ଦେବା—9. Throwing; casting.
୧୦ । ଅବମାନନ—10 Humbling; lowering (Apte).
୧୧ । ଦୂରୀକରଣ—11. Removing (Apte).
୧୨ । ପତନ ଘଟାଇବା—
12. Causing to fall down.
(ଯଥା— ଗର୍ଭପାତନ ।)
୧୩ । ମୋଚନ; ସ୍ରାବ—
13. Emitting; shedding; discharging.
(ଯଥା— ରେତଃପାତନ ।)
୧୪ । ଦଣ୍ଡାଦଦ୍ୱାରା ଆଘାତ କରିବା—
14 Striking; giving blows with.
(ଯଥା—ଦଣ୍ଡ ପାତନ ।)

ପାତନା—ଦେ. ବି. (ସଂ. ପାତନ)—
Pātanā ୧ । ଜଞ୍ଜାଳ—1. Complicated state of affairs; complication.
୨ । ଘଟନା—2. Happening; event.
ତୁମ୍ଭଙ୍କ ରାଜାର ଯେତେ ପାତନା, ଜାଣି ଉଦରେ ଏ ସବୁ ଆପଣା ।
ଗ୍ରାଚୀ, ପରବେଶୀତା ।
ସଂ. ବି. (ପାତନ + ଆ)— ୧ । ସଂସ୍ଥାପନା—
1. Establishing; setting up.
ଯୋଗୀ ଗୋପାଳ ଅଂଶ ଅଶ ଯାଇ
ଗୃହ ପାତନା । କେବେ ଥିବେ ରହି । ଗ୍ରାଚୀ, ରହସ୍ୟମଞ୍ଜରୀ ।
୨ । ପାତନ (ଦେଖ)—2. Pātana (See)

ଅ‌ଂଗ ତୁ ସଦୋଦିତ ସପନ ପାତନା ପାତ
ହେଲ ଭୁ‌ଲେ ଭୁ ତିତ ଜନୀଙ୍କେ । ଗ୍ରାଚୀ, ରହସ୍ୟମଞ୍ଜରୀ ।
୩ । ରଚଣା; ସମ୍ପାଦନ—3. Creation; doing.
ତେବେ ଦୃଷ୍ଟିକୁ କଟାଇ, ପାତନା ଯାଇ ଏ ସମସ୍ତ ।
ଗ୍ରାଚୀ ପୂର୍ଣ୍ଣଚନ୍ଦ୍ର ଓଡ଼ିଆଭାଷାକୋଷ ।
ପ୍ରାଦେ. (ମେଦିନୀପୁର) ବି. (ଭୁଲ. ବି)—ବଡ଼ ହାଣ୍ଡି; ନଉଡ଼—
Big earthen cooking pot.

ପାତନା ମାନ— ଦେ. ବି— ବିଭିନ୍ନ ଘଟନାସମୂହ—
Pātanā māna Befalling of various calamitious events.

ପାତର— ଗ୍ରା. ବି. (ସଂ. ପାତ୍ର)—ପାତ୍ର (ଦେଖ)
Pātara Pātra (See)
ଗ୍ରା. ବିଣ. (ସଂ. ପାତ୍ର)— ପାତ୍ର; ଯୋଗ୍ୟ; ଉପଯୁକ୍ତ—
Fit; proper
ବନ୍ଧୁବାନ୍ଧବ ନାରେ ନାହିଁ ମୋର ସେ ଲଟିବ ଲେଖେ ଟେକେ କଣାଇଁ ପିନାକେ
କଲ୍ପ ବେ ଥିଲ । ବାଣୀ ଦ୍ୱାର ନୃପର ତେଲ ବେଳେ ହର ପ୍ରସ୍ତୋଗେ ଦୁସ୍ତେ
ପାତର ମୋତେ କଣିସ । ଉଷ୍ଣ. ବୈଦେହୀଶବିଳାସ ।
ପ୍ରାଦେ. (ବସ୍ତ୍ରର) ବିଣ—ପାତଳ—Thin.

ପାତର ଅନ୍ତର—ଗ୍ରା. ବି ଓ ବିଣ—ପାତ୍ର ଅନ୍ତର (ଦେଖ)
Pātara antara Pātra antara (See)
କେହି କାହାକୁ ନୁହନ୍ତ ପାତର ଅନ୍ତର । ଗ୍ରାଚୀ, ବ୍ରହ୍ମନନ୍ଦପୂଷ ଗୀତା ।

ପାତରିଆଣୀ—ପ୍ରାଦେ. (ନାଗପୁର) ବି—(ଭୁଲ. ହି. ପତୁରିୟା, ପାତରୀ = ବେଶ୍ୟା)—୧ । ବେଶ୍ୟା – 1. Whore; prostitute.
Pātariāṇi
୨ । ନର୍ତ୍ତକୀ—2. A female dancer.
ଦେ. ବି. ସ୍ତ୍ରୀ—ପାତ୍ର ଉପାଧିଧାରୀ ପୁରୁଷ ସ୍ତ୍ରୀ—The wife of a person having the title of Pātra.

ପାତଲ୍ ଘଁଟା—ପ୍ରାଦେ. (ସମ୍ବଲପୁର) ବି—(ହି. ବିଲାୟତୀ ଭିଁଟା) ବିଲାତି ବାଇଗଣ—Tamato.
Pātal ghaṇṭā
(ପାତଲ୍ ଘଣ୍ଟା; ପାତଲ୍ ଭିଁଟା; ପାତଲ୍ ଭଣ୍ଟା; ପାତଲ୍ ଭାଁଟା; ପାତଲ୍ ଭାଣ୍ଟା } ଅନ୍ୟରୂପ

ପାତଲ—ଦେ. ବି—(ପା + ତଳ)— ପାଦ ତଳ—
Pātala The ground below one's feet.
ପାଅତଳ ଶରଣ ବୋଲିବ ପଡ଼ିଲ ପାତଳେ—
ପାଅତଳା କବସୂର୍ଯ୍ୟ – କଶୋର ଚନ୍ଦ୍ରାନନ ଗୀତ ।
ଦେ. ବିଣ — ୧ । ପାଅତଳିଆ; ପାଦତଳସ୍ଥିତ—
1. Situate below one's feet.
୨ । ଅନୁଗତ—2. Dependent; subservient.
୩ । ଅତି ହୀନ—3. Very low.
ପାତଲା } ଅନ୍ୟରୂପ
ପାତଲିଆ
୪ । (ସଂ. ପତ୍ରଭୁଲ୍ୟ, ପତ୍ରଳ = ପତ୍ରପରି ସରୁ)—ପତଳା; ସରୁ—4. Thin; fine; slender.
(ବଦ୍ଧଲ—ବିପରୀତ) ୫ । କୃଶ; ଶୀର୍ଣ୍ଣକାୟ—
5. Emaciated; lean; slender-bodied.
ପାତଳା ୬ । ଜଳରେ ଗୋଳାଇଥି ହୋଇଥିବା—
ପତଲା; ପାତର Diluted with water.

୭ । ଜଳୀୟ; ତରଳ—7. Watery; liquid.
୮ । ଅଘନ—8. Sparse; loose; not dense.

ପାତଳ ଭାତ—ଦେ. ବି—ଯବାଗୂ; ଯାଉ—
Pātaḷa bhāta Gruel.

ପାତଳା—ଦେ. ବିଣ—(ସଂ. ପତ୍ତଳ)—ପାତଳ (ଦେଖ)—
Pātaḷā (ପାତଳୀ—ସ୍ତ୍ରୀ Pātaḷa (See)

ପାତଳିଆ—ଦେ. ବିଣ—ପାତଳ (ଦେଖ)—
Pātaḷiā Pātaḷa (See)
ଦେ. ବି—୧ । ଅନୁଗତ ବ୍ୟକ୍ତି—
1. A subservient or dependent person.
୨ । ଭୃତ୍ୟ; ଦାସ; ପାଦସେବକ—
2. Servant; slave.
ଦ୍ରୌପଦୀ ନନ୍ଦନକୁ ଦ୍ରୋଣମାନଙ୍କୁ ଉଚେ କହନ୍ତି ପାତାଳର ପାତଳିଆକୁ ।
କବିଚନ୍ଦ୍ର, ସଙ୍ଗୀତ ।

ପାତଳୀ—ଦେ. ବି—ପଥରକୁ ଚିକ୍କଣ କରି ଚାଞ୍ଛିବାର କ୍ଷୁଦ୍ର କଡ଼ାଣ—
Pātaḷi A small chisel to smooth a stone.
ପତଲୀ ଦେ. ବିଣ—ସ୍ତ୍ରୀ—ପାତଳାର ସ୍ତ୍ରୀଲିଙ୍ଗ—
पतली Feminine of Pātaḷā.
ସଂ. ବି. ସ୍ତ୍ରୀ—ସ୍ତ୍ରୀବିଶେଷ (ହ୍ରି. ଶ.)—
A woman of a particular class.

ପାତଶା—ବୈଦେ. ବି—(ଫା. ପାଦ୍‌ଶାହ୍)—ବାଦସାହା; ସମ୍ରାଟ—
Pātaśā Emperor; king.
(ପାଦଶା—ଅନ୍ୟରୂପ) বাদশাহ **पातशाह**

ପାତଶାଇ(ହି)—ବୈଦେ. ବି—(ଫା. ପାଦ୍‌ଶାହୀ)—ସମ୍ରାଟପଣ—
Pātaśāi(hi) Sovereignty.
বাদসাহী ଦେ. ବିଣ—୧ । ବାଦସାହୀ; ସମ୍ରାଟସୁଲଭ—
पातशाही 1. Befitting a king; kingly.
୨ । ରାଜକୀୟ—2 Royal.

ପାତା—ସଂ. ବି. ପୁଂ—(ପା ଧାତୁ=ପାଳନ କରିବା; ରକ୍ଷା କରିବା+
Pātā କର୍ତ୍ତୃ. ତୃ, ପାତୃ; ୧ମା. ୧ବ)—୧ । ପାଳକ;
ରକ୍ଷଣକର୍ତ୍ତା—1. Preserver.
(ପାତ୍ରୀ—ସ୍ତ୍ରୀ) ୨ । ପାନକର୍ତ୍ତା—2. Drinker.

ପାତାଙ୍ଗ—ଦେ. ବି—(ସଂ. ପତାକା)—ପତାକା—
Pātāṅga Flag.

ପାତାମ୍—ଦେ. ବି—(ସଂ. ପତ୍ର)—ସରୁ ପାତିଆ—
Pātām पाताम **पत्ती** Metal foil; thin slip of metal.

ପାତାଳ—ସଂ. ବି—(ପତ୍ ଧାତୁ=ପଡ଼ିବା+ଅଧିକରଣ. ଆଲ)—
Pātāḷa ୧ । ଅଧୋଭୁବନ; ମର୍ତ୍ତ୍ୟର ନିମ୍ନସ୍ଥ ଭୁବନ—1. The nether world; the mythological regions below the earth.

[ଦ୍ର—ପୁରାଣମାନଙ୍କ ମତରେ ପୃଥିବୀର ତଳେ କ୍ରମାଗତ ତଳକୁ ତଳକୁ ୭ଟି ଭୁବନ ଅଛି । ତାକୁ ପାତାଳ ବୋଲାଯାଏ । ପାତାଳମାନଙ୍କର ସଂଖ୍ୟା ୭ଟି ଥିବା ବିଷୟରେ ସବୁ ପୁରାଣ ଏକମତ । କିନ୍ତୁ ସେମାନଙ୍କ ନାମ ସମ୍ବନ୍ଧେ ଭିନ୍ନ ଭିନ୍ନ ପୁରାଣ ଓ କୋଷ ମାନଙ୍କରେ ପାର୍ଥକ୍ୟ ଦେଖାଯାଏ । ଯଥା—

ଅତଳ, ବିତଳ, ନିତଳ, ଗଭସ୍ତିମତ୍, ତଳ, ସୁତଳ, ପାତାଳ, (ଶବ୍ଦରତ୍ନାବଳୀ ।)

ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ, ପାତାଳ, (ପଦ୍ମ ପୁରାଣ-ପାତାଳଖଣ୍ଡ ।)

ଅତଳ, ସୁତଳ, ବିତଳ, ଗଭସ୍ତିମତ୍, ମହାତଳ, ରସାତଳ ପାତାଳ (ଅଗ୍ନି ପୁରାଣ) ।

ଅତଳ, ବିତଳ, ନିତଳ, ଗଭସ୍ତିମତ୍, ମହାତଳ, ସୁତଳ, ପାତାଳ (ବିଷ୍ଣୁ ପୁରାଣ ।)

ତଳ, ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ, (ପ୍ରକୃତିବାଦ) ।

ଅତଳ, ବିତଳ, ସୁତଳ, ରସାତଳ, ତଳାତଳ, ମହାତଳ, ପାତାଳ (ଆପ୍ଟେ) ।

ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ, ପାତାଳ (ସୁବଳଚନ୍ଦ୍ର) ।

ଅତଳ, ବିତଳ, ସୁତଳ, ତଳାତଳ, ତଳ, ରସାତଳ, ପାତାଳ (ଜ୍ଞାନେନ୍ଦ୍ର ।)

ଏହି ପାତାଳଲୋକରେ ନାଗମାନେ ବାସ କରନ୍ତି । ଏହା ସ୍ୱର୍ଗଠାରୁ ଅଧିକ ସୁଖମୟ ଥିବାରୁ ଏହାକୁ ବିଳସ୍ୱର୍ଗ ବୋଲାଯାଏ । ଏଥିରେ ସମୃଦ୍ଧ ଭୁବନ, ଉଦ୍ୟାନ, ବିହାର, କ୍ରୀଡ଼ାଚତ୍ୱରମାନ ଅଛି । ଏଠାରେ ମଧ୍ୟ ଦାନବମାନଙ୍କର ବାସ ଓ ଏଠାରେ ମହାଦେବ ରହନ୍ତି । ଏଠାରେ ଦିବସରେ ସୂର୍ଯ୍ୟ ଶୀତଳ କିରଣ ଦିଅନ୍ତି ଓ ରାତିରେ ଚନ୍ଦ୍ରକିରଣରେ ଶୈତ୍ୟ ନ ଥାଏ, କେବଳ ଆଲୋକ ଥାଏ । ଏହି ସପ୍ତ ପାତାଳ ଅନନ୍ତ ବା ଶେଷ ନାଗଙ୍କ ମସ୍ତକ ଉପରେ ଅବସ୍ଥିତ । ଶେଷ ନାଗ ହାଇ ମାଇଲେ ସାଦ୍ରିତୋୟାବ୍ଧିକାନନ ସପ୍ତ ପାତାଳ କମ୍ପି ଉଠେ । ଏଠାର ନଦୀର ନାମ ହାଟକୀ ବା ପାତାଳ ଗଙ୍ଗା ବା ଭୋଗବତୀ । ବିଷ୍ଣୁପୁରାଣ—୨।୫]

୨ । ଗଭୀର ଗର୍ତ୍ତ—2. A deep hole; abyss.
୩ । ଭୂଗର୍ଭ—3. The interior or bowels of the earth.
୪ । ନରକ—4. Hell
୫ । ନାଗଲୋକ—5. The regions inhabited by the mythological Nāgas.
୬ । (ଫଳିତ ଜ୍ୟୋତିଷ) ଲଗ୍ନର ୪ର୍ଥ ସ୍ଥାନ—
6. (astrology) The 4th place computed from one's Lagna
୭ । ବାଡ଼ବାନଳ—7. Submarine fire.

ପାତାଳ ଗରୁଡ଼(ଡ଼ୀ)—ଦେ. ବି—୧ । ଔଷଧ ଲତାବିଶେଷ—
Pātāḷa garurḍa(rḍi) 1. A medicinal creeper; Cocculus Villosus; Cogenaria Vulgaris.
ସଂ. ନାମ—ବତ୍ସାଦନୀ, ସୋମବଲ୍ଲୀ, ଗାରୁଡ଼ୀ, ମହାବଳା, ଦୃଢ଼ଲତା, ଛିନ୍ନବଲ୍ଲୀ, ବନତିକ୍ତିକା, ପାତାଳ ଗରୁଡ଼, ଛିଲହିଣ୍ଡି, ସୌପର୍ଣ୍ଣୀ, ଚିକ୍ରାଙ୍ଗୀ, ମୋଚକାଙ୍ଗୀ, ମୋଚକାଭିଧା,—
[ଦ୍ର—ଏହା ପୂର୍ବ ଉପଦ୍ୱୀପ ଛଡ଼ା ସମସ୍ତ ଭାରତ ଓ ଲଙ୍କାରେ ଜନ୍ମେ । ଏହା କ୍ଷୁଦ୍ର ଝାମ୍ପୁଡ଼ିଆ ଗୁଳ୍ମ, ଶାଖା ଗୁଡ଼ିକ ଲମ୍ବା ଓ ପତ୍ରଦ୍ୱାରା ଘନ

ଡାର୍ଷ୍ଟୀ, ସାର୍ପକାଣ୍ଡା, ମହାମୂଳ; ଭାବରେ ଅଜ୍ଞାତ । ପତ୍ରର ରସରେ
ବନଭନ୍ତିକା ପାଣି ମିଶାଇଲେ ଏକ ପ୍ରକାର ନୀଳ
ପାତାଲ ଗରୁଡ଼ି. ଶିଳିନ୍ଦା ରସରେ ପରିଣତ ହୁଏ । ଏହି ରସ
ଛେତ୍ରା, ଜାମତକିବେଲ, ଛିଟୋଟା ଚକ ସହିତ ମେହରୋଗର ଔଷଧ
ତେ. ଦୂସର ତୋଗେ, ରୂପେ ବ୍ୟବହୃତ ହୁଏ । ଏହାର
ଦୁସାରଡାଗା, ଚପୁଗଡାଗା ଚେର ଓ ପତ୍ର ମଧ୍ୟ ଔଷଧ ରୂପେ
ମ. ଡାନବେଲ, ବାମନାବେଲ୍ଲ, ବ୍ୟବହୃତ ହୁଏ । (Kirtikar).
ତୁଣ୍ଡିର, ତାକଗ ବେଲ ଏହାର ପତ୍ର ମଧୁର, ରୁଚକର,
ଗୁ. ବେଟ୍ଟି, ବେଟ୍ଟୀଓଲପ ଶୁକ୍ରବର୍ଦ୍ଧକ, କଫ, ପିତ୍ତ ଓ ଦାହ-
ତା. କଭୁକକୋଡ଼ି ନାଶକ ।]

୨ । ଗଦବିଶେଷ; ସର୍ପବିଷନାଶକ ଚେର—

2. A kind of sweet smelling root which is an antidote against snake-bite.

ସଂ. ନାମ—ଚନ୍ଦ୍ରା ୩ । ଦକ୍ଷିଣ ଆମେରିକାରୁ ଏ ଦେଶକୁ ଅଣା
ଚନ୍ଦ୍ରା ଯାଇ ଲଗାଯାଇଥିବା ତରୁବିଶେଷ—

3. Ranwolfia Serpentina (Haines).

[ଦ୍ର—ଏହା ଖଡ଼ାଗଛ ପରି ଟେଙ୍ଗା ଗୁଳ୍ମ । ଏହା ୩।୪ ହାତ ବଢ଼େ । ଏହାର ପତ୍ର ଓ ଚେର ବାଟି ଖୁଆଇଲେ ସର୍ପଦଷ୍ଟ ରୋଗୀ ଭଲ ହୁଏ । ଏଥିର ପ୍ରତି ଗଣ୍ଠିରେ ୩।୪ ଟି ପତ୍ର ବଳୟାକାରରେ ଥାଏ । ଫୁଲ ଧଳା ଓ ଉପର ନୀଳରକ୍ତ, ବହିରାବରଣ ନାଲି, ଫଳ କଳା ଓ ଯୋଡ଼ା ଯୋଡ଼ା ।]

ପାତାଳ ଗଙ୍ଗା—ସଂ. ବି. (ପାତାଳ+ଗଙ୍ଗା)—ପୁରାଣବର୍ଣ୍ଣିତ ପାତାଳ
Pātāla gangā ଲୋକରେ ପ୍ରବାହିତା ନଦୀ; ଭୋଗବତୀ—
Name of a river said to flow in the nether regions

[ଦ୍ର—ସ୍ୱର୍ଗଗଙ୍ଗାର ନାମ ମନ୍ଦାକିନୀ, ମର୍ତ୍ତ୍ୟଗଙ୍ଗାର ନାମ ଭାଗୀରଥୀ, ପାତାଳଗଙ୍ଗାର ନାମ ଭୋଗବତୀ ।]

ପାତାଳ ପୁରୀ—ସଂ. ବି. (ପାତାଳ+ପୁରୀ)—
Pātāla puri ୧ । ପାତାଳ—1. The nether regions.

୨ । ସପ୍ତ ପାତାଳ ମଧ୍ୟରୁ ସର୍ବନିମ୍ନ ଲୋକ—

2. Name of the lowest of the seven nether regions according to Hindu mythology.

ପାତାଳପୁରୀ ଦେ. ବି— ମାଟି ତଳେ ନିର୍ମିତ ଗୁପ୍ତଗୃହ—
A house or cellar built below the ground; underground vault

ପାତାଳ ଫୁଟା—ଦେ. ବିଣ—(ସଂ. ପାତାଳ+ସ୍ଫୁଟ)—୧ । ଅତି ଗଭୀର;
Pātāla phutā ଅତଳସ୍ପର୍ଶୀ—1. Very deep; abysmal.
(ପାତାଳଫୁଟ—ଅନ୍ୟରୂପ) (ଯଥା—ପାତାଳଫୁଟା କୂଅ ।)

पातालतोड़ ୨ । ସ୍ୱୟଂଭୂ (ଲିଙ୍ଗ); ଯେ ପାତାଳରୁ ଭୂମି ଭେଦ କରି ବାହାରିଅଛନ୍ତି—2. A phallic image of Siba which has appeared on the ground of itself.

(ଯଥା—ପାତାଳଫୁଟା ଲିଙ୍ଗ ।)

ପାତାଳଭେଦୀ—ପ୍ରାଦେ (ଗଡ଼ଜାତ) ବି—ଗୁଳ୍ମବିଶେଷ—
Pātālabhedi A species of medicinal plant.

[ଦ୍ର—ଏହାର ଚେର ମାଟି ତଳରେ ବହୁ ଦୂରକୁ ଯାଇଥାଏ । ଚେର ଔଷଧରେ ଲାଗେ ।]

ପାତାଲି—ଦେ. ବିଣ (ପ୍ରାଚୀନ; ମାଦଳାପାଞ୍ଜି) (ସଂ. ପାତାଲ)—ଭୂଗର୍ଭରେ
Pātāli ପୋତା ଯାଇଥିବା—Buried underground.

[ଦ୍ର—ଜଗନ୍ନାଥ ବିଗ୍ରହଙ୍କୁ ଶତ୍ରୁ ହସ୍ତରୁ ରକ୍ଷା କରିବା ସକାଶେ ସେବକମାନେ ତାଙ୍କୁ ପାତାଳି କରିଥିଲେ ।]

ପାତି—ସଂ. ବି—(ପା ଧାତୁ=ପାଳନ କରିବା+କର୍ତ୍ତୃ. ଅତି)—ପ୍ରଭୁ;
Pāti ସ୍ୱାମୀ—Lord; master.

पाती ଦେ. ବି—(ସଂ. ପତ୍ରୀ=ଶ୍ରେଷ୍ଠ ପତର)—୧ । କୌଣସି
फांकी ବସ୍ତୁର କ୍ଷୁଦ୍ର ଓ ପାତଳା ହୋଇ କଟା ଯାଇଥିବା ସରୁ ଖଣ୍ଡମାନ—1. Thin slice.

(ଯଥା—ନଡ଼ିଆ ପାତି ।)

୨ । ଶ୍ରେଷ୍ଠ ପଦାର୍ଥ—

2. A small thing; a diminutive thing.

कपि ୩ । ପାତି ମାକଡ଼—3. An ape.

୪ । ଅତି ପତଳା ବା କ୍ଷୀଣ ବ୍ୟକ୍ତି—

4. An emaciated person.

୫ । (ସଂ. ପାତ୍ର; ଅନ୍ୟ ଶବ୍ଦ ପରେ ପ୍ରଯୁଜ୍ୟ) ଆଧାର—

5. Receptacle.

(ଯଥା—କଜଳପାତି, କଳାପାତି ।)

୬ । (ସଂ. ପଂକ୍ତି) ପାଟିଆ—

6 Long and broad line; stripe.

୭ । କ୍ଷୁଦ୍ର ଜୀବ—7. A small animal.

(ଯଥା—ବଣଲପାତି, କଜଳପାତି (ପକ୍ଷୀ) ।)

पाति ଦେ. ବିଣ (ସଂ. ପତ୍ରକ; ଅନ୍ୟ ଶବ୍ଦ ପରେ ପ୍ରଯୁଜ୍ୟ; ତୁଳ.
क्षुद्र ଇଂ. ପେଟ୍ଟି)—ଶ୍ରେଷ୍ଠ; କ୍ଷୁଦ୍ରାକୃତିବିଶିଷ୍ଟ—Diminutive; petty.

(ଯଥା—ପାତିମାକଡ଼, ପାତିହଂସ, ପାତିଶିଆଳି ।)

ଦେ. ଅ—(ନିରର୍ଥକ) ଇତ୍ୟାଦି—A redundant word used after nouns meaning etcetera; and suchlike things.

[ଦ୍ର—ଅନ୍ୟ ଶବ୍ଦ ସଙ୍ଗେ 'ଇତ୍ୟାଦି' ଅର୍ଥରେ ବ୍ୟବହୃତ ହୁଏ । ଯଥା— ଜିନିଷପାତି, ସଉଦାପାତି, ଗହଣାପାତି, ଦୋକାନପାତି, ତୁଳନା କର— ପଇସାପତର, କାଗଜପତ୍ର, ଜିନିଷପତ୍ର ।]

ପ୍ରାଦେ (ଗଞ୍ଜାମ) ବି—ବାଉଁଶର ପାତିଆ—Thin lath of bamboo.

ପ୍ରାଦେ. (ସମ୍ବଲପୁର) ବି—(ସଂ. ପଂକ୍ତି), କଉଡ଼ିଖେଳବିଶେଷ—
A kind of game played with cowries or small sea-shells.

[ଦ୍ର—ଖଣ୍ଡିଏ ଲମ୍ବ କାଠ ବା ବଡ଼ା ଉପରେ ୧୦।୧୨ଟି ସାନ କଉଡ଼ିକୁ ଲମ୍ବ ଧାଡ଼ିରେ ସଜାଇ କରି ରଖାଯାଏ । ଖେଳାଳୀ ସେ ବଡ଼ାଠାରୁ ଖଣ୍ଡିଦୂରେ ଛିଡ଼ା ହୋଇ ଆପଣା ହାତରେ ଥିବା ଗୋଟିଏ ବଡ଼ କଉଡ଼ି ଧରି ଶକ୍ତି ସହିତ କଉଡ଼ିକୁ ଲକ୍ଷ୍ୟ କରି ମାରେ ।]

ପାଟିଆ—ଦେ. ବ.—(ସ. ପଟ୍ଟ, ପଟ୍ଟିକା)—୧ । ସରୁ ପତଳା ପଟ୍ଟ—
Pātia 1. Thin slip; lath.
ପାଖି **ପଞ୍ଜୀ** ଯଥା—ବମ୍ବାପାଟିଆ, ଲୁହାପାଟିଆ ।
୨ । (ବଣିଆ ଶବ୍ଦ) ଧାତବ ଅଳଙ୍କାରକୁ ଯୋଡ଼ିବା ପାଇଁ ଉକ୍ତ ଧାତୁରେ କରସା ଧାତୁ ମିଶାଇ ତିଆର କରାଯାଇଥିବା ସରୁ ଧାତୁ ପଟ୍ଟ—2. Thin metal slip used as solder.
୩ । ବାଉଁଶପାଟିଆ; ପତଳା ହୋଇ ଚିରାଯାଇଥିବା ବାଉଁଶ—
3. Thin lath of bamboo.
ମାଳ ସର ଖଟୁଲିରେ ଯେ ବାଉଁଶ ର ପାଟିଆ ।
ଭକ୍ତକିଶୋର. ନର୍ମ୍ମରଶ୍ମୀ ।

ପେଟିଆ, ପେଟେ ୪ । (ସ. ପଟ୍ଟ ବା ପଂକ୍ତି)—କପାଳ ଉପରର
ପଟ୍ଟୀ, ପାଟୀ କେଶର ଉର୍ଦ୍ଧ୍ୱକ ବିନ୍ୟାସ; ପାଟିଆ; ସୂନ୍ଥା; ସ୍ତ୍ରୀଲୋକମାନେ କପାଳର କେଶକୁ କୁଣ୍ଡାଇ ମହଣ ଓ ବନ୍ଧା ହୋଇଥିବା ମେଥି ଦ୍ୱାରା ଭୃଙ୍ଗ କରିବା କେଶବିନ୍ୟାସ—Arrangement of the hair of the head with a comb so as to make a line by separating the hair of the temple of one's head into two parts and make them stick to their position by means of wax or other gummy substance.
ଦେ. ବିଣ.—୧ । ଅତି ପତଳା—1. Very thin.
୨ । ଅତି ଶୀର୍ଣ୍ଣକାୟ—
2. Much emaciated; thin-bodied.

ପାଟିଆ କାଟିବା—ଦେ. କ୍ରି.—ସୂନ୍ଥା ପକାଇବା; ସୂନ୍ଥା କାଟିବା—
Pātia kātiba To make a line by parting the
ପେଟେ ପାଡ଼ା, ପାଟୀ ପାଡ଼ା hair of the temple with a
ପଟ୍ଟୀ ସଂବାରନା, ପଟ୍ଟୀ ବଠାନା comb.
ପାଟିଆ ପକା(କେ)ଇବା, ପାଟିଆ ପାଡ଼ିବା, ପାଟିଆ ପାରିବା } ଅନ୍ୟରୂପ

ପାଟି ଚୋର—ଦେ. ବ.—ଯେ ଛୋଟ ଜିନିଷ ଚୋରି କରେ; ଠାଉକା
Pāti chora ଚୋର—A petty thief; a pilferer.
ପାତିଚୋର **ଉଠାଇଗୀରା; ଅଂଟୀବାଜ**

ପାଟି ଡଙ୍ଗା—ପ୍ରାଦେ. (ଗଞ୍ଜାମ) ବ.—ବାଉଁଶ ପାଟିଆରେ କୁଣ୍ଡା ଯାଇଥିବା
Pāti ḍanga ଡମା—An impervious manger made of bamboo laths.
[ଦ୍ର—ଏଥିରେ ଗୋରୁଙ୍କୁ କୁଣ୍ଡା ପାଣି ଖାଇବାକୁ ଦିଆଯାଏ ।]

ପାତିତ—ସ.—ବିଣ.—(ପତ୍ ଧାତୁ, ଣିଚ୍+କର୍ମ. ତ)—୧ । ଫୋପଡ଼ା
Pātita ଯାଇଥିବା; ଫିଙ୍ଗା ଯାଇଥିବା; ନିକ୍ଷେପିତ—
1. Thrown; cast.
୨ । ଭୂମିରେ ପକା ଯାଇଥିବା— —2. Felled down.
୩ । ବିସ୍ତାରିତ; ବିଛା ଯାଇଥିବା—
3. Spread out.
୪ । ଝଡ଼ି ଥିବା; ଖସି ପଡ଼ି ଥିବା; ଝଡ଼ାଇ ଦିଆ ଯାଇଥିବା—
4. Plucked; shed.

ପାତିତ୍ୟ—ସ. ବ.—(ପତିତ+ଭାବାର୍ଥେ. ଯ)—୧ । ପଡ଼ିଯିବାର ଅବସ୍ଥା
Pātitya 1. State of having fallen down.
୨ । ପତିତ ବା ହୀନାବସ୍ଥା—2 Degraded condition.
୩ । ନୈତିକ ହୀନତା—
3. Moral degradation; moral depravity.
୪ । ଜାତିରୁ ପତିତ ବା ଚ୍ୟୁତ ହେବାର ଅବସ୍ଥା—
4. The state of being degraded from society or of being outcasted.
୫ । ପାପ—5. Sin.
ପାତିତ୍ୟ ଧ୍ୱଂସୀ ଶ୍ରୀ ମହାପ୍ରସାଦେ,
ନାହିଁ ଧ୍ୱଂସ ହେଲେ ପରମାଦେ—କବିସୂର୍ଯ୍ୟ. ସଙ୍ଗୀତ ।

ପାତି ଦେବା—ଦେ. କ୍ରି.—(ସ. ପତ୍ ଧାତୁ ଣିଚ୍ ପାତି ଧାତୁ)—
Pāti deba ୧ । (ବିଛଣା) ପକାଇବା; ବିସ୍ତୃତ କରିବା—
(ପାତିବା—ଅନ୍ୟରୂପ) To spread out.
ପାତା **ପସାରନା** ଗନ୍ଧ ଫୁଲ ମାଳୀ ମାଳୀ ପ୍ରାପ୍ତେ ପାତି ଦେଇ
ଚନ୍ଦନ ତହଁ ଲେପିଣ ଭଲ ଭଲ—ଭକ୍ତ. ପ୍ରେମସୁଧାନିଧି ।
୨ । (ଫାନ, ଗୋଡ଼ ପ୍ରଭୃତି) ଭୂମିରେ ଲମ୍ବାଇବା; ପତାଇବା—
2. To lay out.
ସନ୍ଧ୍ୟାକାଳ ଶୋଇବାବେଳରେ ମସ୍ତକ
ପାତିଦେଲେ ନେଇ ସେ ଅପଣା ଜଙ୍ଘକୁ—କୃଷ୍ଣସିଂହ. ମହାଭାରତ ବନ ।
୩ । (ହାତ, କାନ) ଟେକିକରି ଦେଖାଇବା; ପ୍ରସାରିତ କରିବା—
3. To extend (hand, ear).
୪ । (ଗଣ୍ଠି) ରଚନା କରିବା; ପକାଇବା—
4. To make (knot).
ପାଥନା ୫ । (କାନ) ଡେରିବା; ଶୁଣିବାପାଇଁ କାନକୁ ନୁଆଁଇବା—
5. To lower or direct one's ears to listen.
ତାହା ଶୁଣି ସମ୍ରାଟ କର୍ଣ୍ଣ ଦେଇ ପାତି
କରଗଲେ ଲୋକ ଅଗ୍ନିରେ ଅତି ତାତି—କୃଷ୍ଣସିଂହ. ମହାଭାରତ ବନ ।
୬ । (ପାତ୍ର ପ୍ରଭୃତି) ଟେକିକରି ଦେଖାଇବା—
6. To show by holding up (a cup)
ଚକ୍ଷୁ କ ଉଇବନ୍ତୀ ସୁରା ପାତ୍ର ପାତି
ସେ ନବଦଳକ ସେ ଧଇଲେ ଝଟତି—କୃଷ୍ଣସିଂହ. ମହାଭାରତ ବନ ।
୭ । ନିରୂପଣ କରିବା—
7. To ascertain; to take for granted.
ଉଚ୍ଚକ୍ରମକୁ ଛ ଥାଉ ଅଣିଯ
ତୁ ଏ ଅବ ଭୂତ ବୋଲି ପାତିବ—ପ୍ରବୀ. ଗଉଡ଼ଗୋଳା ।

ପାତିନୀ—ସ. ବିଣ. ସ୍ତ୍ରୀ (ପାତିନ୍+ଈ)—ପାତୀର ସ୍ତ୍ରୀଲିଙ୍ଗ—
Pātini Feminine of Pāti.

ପାତିବ୍ରତ୍ୟ—ସ. ବ (ପତିବ୍ରତା+ଭାବାର୍ଥେ. ଯ)—ସତୀତ୍ୱ; ପତିବ୍ରତାର
Pātibratya ଧର୍ମ; ପତିପରାୟଣତା—Chastity; conjugal fidelity; concentrated devotion to one's husband.

ପାତି ମାକଡ଼—ଦେ. ବ—ନାଲିମୁହାଁ ଛୋଟଜାତୀୟ ମାକଡ଼—
Pāti mākarḍa Red-faced monkey; ape;
(ପାତିମାଙ୍କଡ଼—ଅନ୍ୟରୂପ) Macacus Rhesus.
ଲାଲୀବାଁଦର, ପାତିବାଁଦର **ବଂଦର**

ପାତିଲ—ସ. ବ (ପତ୍ ଧାତୁ ଣିଚ୍+କର୍ମ. ଲ)—ଓଉଡ଼ାମୁହାଁ ଛୋଟ
Pātila ପାତିଲ ଅଟିକା; ପତୁଳି—A wide-mouthed
ପତୀଲ ଫା. ପତୀଲ ମ. ପାତେଲୀ small earthen pot.

ପାଟଳୀ—ସ. ବ (ପତ୍ ଧାତୁ ଣିଚ୍ ପାତ ଧାତୁ + ଲ+ସ୍ତ୍ରୀ. ଈ; ବା ପାଟ + ଇଲ)—୧ । ପାଟଳ (ଦେଖ)—1. Pāṭila (See).
Pāṭilī
୨ । ଫାନ୍ଦ; ଶିକାରର ଜାଲ—2. Snare; hunter's net.
୩ । ନାରୀ; ସ୍ତ୍ରୀ—3. Woman.

ପାତିଶା—ବୈଦେ. ବ (ପ୍ରାଚୀନ ପ୍ରୟୋଗ; ଫା. ପାତ୍‌ଶାହ୍)—ବାଦଶାହା; ସମ୍ରାଟ (ମାଦଳାପାଞ୍ଜି)—Emperor.
Pātiśā

ପାତି ଶିଆଳ—ଦେ. ବ - ଶଗାଲଜାତୀୟ କ୍ଷୁଦ୍ର ଜନ୍ତୁ; କୋକଶିଆଳ;କୋକି- Fox.
Pāti śiāḷa
पातीशेयाल **लोमड़ी** (ପାତିଶିଆଳ—ଅନ୍ୟରୂପ)

ପାତି ଶିପ—ଦେ. ବ—ସମୁଦ୍ର କୂଳରେ ମିଳିବା ଅତି କ୍ଷୁଦ୍ର ଶିପ — Very small oyster shells.
Pāti śipa
खुरचन, क्षोहाशिप पातिशीप

ପାତିଶେର(ର)—ଦେ. ବ—ବାଲେଶ୍ୱରୀ ସେର; ଅଶୀ ତୋଲା ଓଜନର ସେର (ଉତ୍କଳ ସାହିତ୍ୟ—୩।୪)— A standard seer weighing 80 Tolās.
Pātiśeri(ra)

ପାତିହା ଦ୍ୱାଜ୍‌ଦୁହମ୍—ବୈଦେ (ଆରବୀ. ଫାତିଅଦୋହାଜଦମ୍) ବ— ଫାତିଅଦୋହାଜ୍‌ଦମ୍ (ଦେଖ) Phātiādohajdam (See).
Pātihā dwāj-duham
- ପାତିହା ଦ୍ୱାଜ୍‌ଦମ୍ } ଅନ୍ୟରୂପ
ପାତିହା ଦୋଆ(ହା)ଜ୍‌ଦମ୍ }

ପାତିହଂସ—ଦେ. ବ—ଛୁଆ ହଂସ; ବତକ; ଗେଣ୍ଡ଼ୀ ହଂସ— A common duck; a gander.
Pāti hamsa
पातिहँस **बतककड़ी, बत्तकी**

ପାତୀ—ସ. ବଣ. ପୁଂ—(ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ; ପାତିନ୍. ପତ୍ ଧାତୁ=ପଡ଼ିବା + କର୍ତ୍ତୃ. ଇନ୍)—୧ । ଯେ ପଡ଼େ; ପଡ଼ୁଥିବା —2. Falling.
Pātī
(ପାତିନୀ—ସ୍ତ୍ରୀ)
୨ । ଉଡ଼ୁଥିବା—2. Flying.
୩ । (ପତ୍ ଧାତୁ ଣିଚ୍ + ଇନ୍)ଯେ ପକାଏ—3. Throwing.
ଦେ. ବ ଓ ବଣ—ପାତି—(ଦେଖ)—Pāti (See).

ପାତୁଆ—ଦେ. ବଣ—ଏକ ପାର୍ଶ୍ୱରେ ପାତଳ— Thin at one end.
Pātuā
ଦେ. ବ—୧ । ବନ୍ୟଜାତିବିଶେଷ; ପତ୍ରର ଶବର—
1. Name of a nomad hill-tribe wearing-leaves.
ଅଙ୍ଗନାଭ ଗୁଞ୍ଜାମାଳଅ ପତ୍ରୁଆ କରନ୍ତି ଜବୁ ସଂଗ୍ରହ—
ଭୀମଭୋଇ — ପାବଂଗା ।
[ଦ୍ର—ଏମାନେ ଲୁଗା ପରିବର୍ତ୍ତେ ପତ୍ର ଗୋଞ୍ଜରେ ଶରୀରର ଗୋପ୍ୟ ଅଙ୍ଗମାନ ଆବୃତକରି ଲଜ୍ଜା ନିବାରଣ କରନ୍ତି ।]
୨ । ଜୁଆଙ୍ଗ ଭାଷାର ଅନ୍ୟ ନାମ – 2 Another name of the language of the Juāṅgas.
୩ । ଚିଲିକା ହ୍ରଦର ମତ୍ସ୍ୟବିଶେଷ—
3. A kind of fish (found in the Chilka).

ପାତୁକ—ସ. ବଣ—(ପତ୍ ଧାତୁ=ପତିତ ହେବା + କର୍ତ୍ତୃ. ଶୀଳାର୍ଥେ ଉକ)—ପତନଶୀଳ—Fallible; tending to fall.
Pātuka
(ପାତୁକା—ସ୍ତ୍ରୀ)

ସ. ବ—୧ । ପର୍ବତର ଢାଲୁ; ପର୍ବତସାନୁ —
1. The slope of a mountion.
୨ । ଜଳ ହସ୍ତୀ—2. Hippopotamus.

ପାତୁରୁ ଭାଜି—ଗ୍ରାଦେ. (ବସ୍ତର) ବ—ମଦରଙ୍ଗା (ଶାଗ)— A kind of pot herb.
Pāturu bhāji

ପାତୁଲ୍—ଗ୍ରାଦେ. (ସମ୍ବଲପୁର)—ବ—(ସ. ପାତ୍ର; ତୁଲ, ପତୁଲ୍)— କ୍ଷୁଦ୍ର ହାଣ୍ଡି; ଅଟକା—Small earthen pot.
Pātul

ପାତେକ—ଗ୍ରା. ବ—(ସ. ପାତକ)—ପାତକ; ପାପ— Sin
Pāteka
ବେଦ କର୍ଣ୍ଣେ ଶୁଣିଲେ ପାତେକ ହେବ ଧ୍ୱଂସ –
ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

ପାତେକି—ଗ୍ରା. ବଣ. ପୁଂ ଓ ସ୍ତ୍ରୀ (ସଂ. ପାତକୀ)—ପାପୀ — Sinful.
Pāteki

ପାତେଳା—ଗ୍ରା. ବଣ. ପୁଂ—ପାତଳ— Thin.
Pāteḷā (ପାତେଳୀ—ସ୍ତ୍ରୀ)

ପାତେଳିଆ—ଗ୍ରା. ବଣ—ପାତଳିଆ—(ଦେଖ)— Pātaḷiā (See)
Pāteḷiā

ପାତ୍ର—ସ. ବ—(ପା ଧାତୁ=ରକ୍ଷା କରିବା + କର୍ତ୍ତୃ. ତ୍ର; ବା ପା ଧାତୁ= ପାନ କରିବା+କରଣ. ତ୍ର; ଯହିଁରେ ଜିନିଷ ରକ୍ଷାଯାଏ ବା ପାନ କରାଯାଏ)—୧ । ବସ୍ତୁର ଆଧାର—
Pātra
1. A receptacle; a pot; a vessel.
୨ । ଭାଜନ; ଯୋଗ୍ୟ ବିଷୟ; (କୌଣସି ବିଷୟର) ଉପଯୁକ୍ତ ବ୍ୟକ୍ତି-
2. Object; recipient; fit object for.
ଶୁଣିଲେ ଯେବେ ମୁହିଁ ପାତ୍ର
କହ ତୋ କଳ କର୍ମ ଗୋତ୍ର—ଜଗନ୍ନାଥ, ଭାଗବତ ।
୩ । କୌଣସି କାର୍ଯ୍ୟ କରିବାକୁ ଯୋଗ୍ୟ ବ୍ୟକ୍ତି—
3 A competent person; a person competent to do some thing.
୪ । ବାସନ—4. Utensil; plate; bowl.
୫ । ବିବାହାର୍ଥୀ; ବର—
5. Bridegroom; bridegroom elect.
୬ । ମନ୍ତ୍ରୀ—6. Minister.
୭ । (ଭୂଗୋଳ) ତୀର ଦ୍ୱୟର ମଧ୍ୟବର୍ତ୍ତୀ ଜଳ ଧାର; ପ୍ରଣାଳୀ—
7. (Geography) A strait.
୮ । ନାଟକର ଅଭିନେତା—8. Actor of a play.
୯ । ଦେହ; ଶରୀର—9. Body.
ସ. ବ. ସ୍ତ୍ରୀ—୧୦ । କନ୍ୟା – 10. Bride; bride elect.
ସ. ବଣ—ଉପଯୁକ୍ତ; ଯୋଗ୍ୟ—Fit; competent.
ଭାରତ ଶୁଣିବାକୁ ପାତ୍ର ତୁମ୍ଭେମାନେ । କୃଷ୍ଣସିଂହ: ମହାଭାରତ ଆଦି ।
ଦେ. ବ—୧ । ଶୂଦ୍ର ଓ ଖଣ୍ଡାଏତଙ୍କ ବଂଶୋପାଧିବିଶେଷ—
1. A family-title of Śūdras and Khaṇḍāetas.
୨ । ଉପଯୁକ୍ତ ବର—2. A deserving bridegroom.
୩ । ଉତ୍ତମ ଲୋକ—3. A good man.
୪ । ବ୍ୟକ୍ତି; ମନୁଷ୍ୟ—4. A person.

ଯଥା—ଭରବା ପାତ୍ର (ଭରସିବା ଲୋକ), ଛଡ଼ବା ପାତ୍ର (ଛଡ଼ଦେବା ବ୍ୟକ୍ତି)

ପାତ୍ର ଅନ୍ତର—ଦେ. ବ—୧ । ପକ୍ଷପାତ—
Pātra antara 1. Partiality.
पक्षपात ୨ । ଜଣକ ପ୍ରତି ଏକପ୍ରକାର ବ୍ୟବହାର ଓ ଅନ୍ୟ ବ୍ୟକ୍ତି ସମାନପଦସ୍ଥ ହୋଇଥିଲେହେଁ ତାହା ପ୍ରତି କରାଯିବା ଅନ୍ୟରୂପ ବ୍ୟବହାର—2. Unequal dealing or behaviour with different persons; discriminating treatment.
पात्रपातर

ପାତ୍ରତା—ସ. ବ. (ପାତ୍ର+ଭାବାର୍ଥେ ତା)—୧ । ଉପଯୋଗିତା—
Pātratā 1. Fitness.
(ପାତ୍ରତ୍ୱ—ବ) ୨ । ସମ୍ମାନ—2. Respect; homage.

ପାତ୍ର ପକ୍ଷ—ସଂ. ବ. (ପାତ୍ର+ପକ୍ଷ)—ବରଯାତ୍ରୀ; ବରଙ୍କଦଳ—
Pātra paksha The party accompanying the bridegroom to a marriage.

ପାତ୍ର ମନ୍ତ୍ରୀ—ଦେ. ବ. (ସଂ. ପାତ୍ର+ମନ୍ତ୍ରୀ; ସହଚର ଶବ୍ଦ)—
Pātra mantrī ରାଜସଭାସ୍ଥ ଅମାତ୍ୟାଦି କର୍ମଚାରୀ—
(ପାତ୍ରମିତ୍ର—ଅନ୍ୟରୂପ) Ministers and other officers of the court of a king.
ସୁଗ୍ରୀବ ଏହା ଜାଣି ପାତ୍ରମନ୍ତ୍ରୀ ସେନ ସେହି ଋଷ୍ୟମୂକ ପର୍ବତରେ ଯାଇ ଥାଏ । ଜଗନ୍ନାଥ. ବିଲଙ୍କା ରାମାୟଣ ।

ପାତ୍ର ଶେଷ—ସଂ. ବ. (ମ. ପ. ଲୋ; ପାତ୍ରରେ ବଳିଥିବା ଖାଦ୍ୟ ଦ୍ରବ୍ୟର
Pātra śesha ଶେଷ)—ଅଇଁଠା; ଭୋଜନ ପାତ୍ରରେ ଖାଇବାଲୋକ ଛାଡ଼ିଯାଇଥିବା ଭୁକ୍ତାବଶିଷ୍ଟ ଦ୍ରବ୍ୟ; ଉଚ୍ଛିଷ୍ଟ (ହି. ଶ)—
The leavings of an eater in the plate.

ପାତ୍ର ସଂସ୍କାର—ସ. ବ (୬ଷ୍ଠୀ ତତ୍; ପାତ୍ର+ସଂସ୍କାର)—ମନ୍ତ୍ରାଦି ଦ୍ୱାରା ପୂଜା-
Pātra saṁskāra ପାତ୍ରକୁ ଶୁଦ୍ଧ କରିବା—The purification of the sacrificial vessels by means of mystic formulas.
ଦେ. ବ—ବାସନ ମାଜିବା—Scouring of utensils.

ପାତ୍ରସ୍ଥ—ସଂ. ବଣ—୧ । ପାତ୍ରରେ ରକ୍ଷିତ—
Pātrastha 1. Put in or consigned into a vessel.
୨ । ସତ୍ପାତ୍ରରେ ନ୍ୟସ୍ତ—
2. Consigned to a proper person.
ଦେ. ବଣ. ସ୍ତ୍ରୀ—ଉପଯୁକ୍ତ ବରଙ୍କୁ ବିବାହିତା (କନ୍ୟା)—
पात्रस्थ (a girl) Given in marriage to a worthy bridegroom.

ପାତ୍ରସ୍ଥ କରିବା—ଦେ. କ୍ରି—୧ । କନ୍ୟାକୁ ବିବାହ ଦେବା—
Pātrastha karibā 1. To give a girl in marriage.
पात्रस्थकरा ୨ । କନ୍ୟାକୁ ସତ୍ ପାତ୍ରରେ ଦାନ କରିବା—
2. To give a girl in marriage to a suitable or worthy bridegroom.

ପାତ୍ରସାତ୍—ସଂ. ଅ. (ପାତ୍ର+ଅର୍ପିତ ଅର୍ଥରେ ସାତ୍)—
Pātrasāt ୧ । ପାତ୍ରସ୍ଥ; ପାତ୍ରରେ ଅର୍ପିତ—
1. Consigned to a vessel or pot.
୨ । ସତ୍ପାତ୍ରରେ ଦାନ—
2. Gift to a proper person.
୩ । କନ୍ୟାକୁ ସତ୍ପାତ୍ରକୁ ବିବାହାର୍ଥେ ଦାନ—
3. Giving a girl in marriage to a suitable bridegroom.

ପାତ୍ରାଣୀ 1—ପ୍ରାଦେ. (ସମ୍ବଲପୁର) ବ. ସ୍ତ୍ରୀ—ବିଞ୍ଝାଲ ଜମିଦାର ଜମିଦାର
Pātrāṇī ପାଇବା ଦିନ, ଅର୍ଥାତ୍ ପ୍ରଥମେ ଜମିଦାର ଗାଦିରେ ବସିବା ଦିନ ଯେଉଁ ସ୍ତ୍ରୀକୁ ବିବାହ କରନ୍ତି—
The girl whom a Binjhāla Zamindar marries on the day he is installed as Zamindar (in Sambalpur).
[ଦ୍ର—ଏପରି ପାରମ୍ପରିକ ବିଧି ଅଛି ଯେ ସେଦିନ ଗୋଟିଏ ନୂଆ ଭାର୍ଯ୍ୟାକୁ ନୂଆ ବିଞ୍ଝାଲ ଜମିଦାର ବିବାହ କରିବେ ।]

ପାତ୍ରାପାତ୍ର ଜ୍ଞାନ—ସ. ବ. (ପାତ୍ର+ଅପାତ୍ର+ଜ୍ଞାନ)—
Pātrāpātra jñāna କୌଣସି ବ୍ୟକ୍ତିର ଯୋଗ୍ୟତା ବା ଅଯୋଗ୍ୟତା ବିଷୟରେ ଜ୍ଞାନ—Discrimination about the worthiness or otherwise of a person in relation to whom a person is going to do a certain act.

ପାତ୍ରାସାଦନ—ସ. ବ. (୬ଷ୍ଠୀ ତତ୍; ପାତ୍ର+ଆସାଦନ)—
Pātrāsādana ଯଜ୍ଞପାତ୍ରର ଯଥାସ୍ଥାନରେ ସ୍ଥାପନ—
The placing of a sacrificial vessel at its proper place.

ପାତ୍ରି—ଦେ. ବ. (ସ. ପାତ୍ରୀ)—୧ । ଛୋଟପାତ୍ର—
Pātri 1. A small pot or vessel.
କୋଶୀ ୨ । ତର୍ପଣାଦିରେ ବ୍ୟବହୃତ ତମ୍ବାର ନୌକାକୃତି ପାତ୍ର—
पात्री 2. A boat-shaped copper pot used in offering libations of water to the manes.
ଢିଙ୍କମାନେ ତଳୁ ଯେ ପାତ୍ରି ବଳେ ଥୋଇ । କୃଷ୍ଣସିଂହ, ମହାଭାରତ ବନ ।
[ଦ୍ର—ଏହାର ଗୋଟିଏ ମୁଣ୍ଡରେ ପାଣି ଗଡ଼ିବାକୁ ପାଦାନଥା ନାଳ ଥାଏ ।]
୩ । ଛୋଟ ଗ୍ଲାସ୍—3. A small glass.

ପାତ୍ରିଆଣୀ—ଦେ. ବ. ସ୍ତ୍ରୀ—ପାତ୍ର ଉପାଧିଧାରୀ ବ୍ୟକ୍ତିର ସ୍ତ୍ରୀ—
Pātriāṇi The wife of a Pātra.

ପାତ୍ରିୟ—ସ.ବଣ. ପୁଂ(ପାତ୍ର+ଇୟ)—ସହଭୋଜୀ; ଯେଉଁ ବ୍ୟକ୍ତିଙ୍କ ସଙ୍ଗେ
Pātriya ଏକ ପାତ୍ରରେ ଭୋଜନ କରାଯାଇ ଥାଏ—
(ପାତ୍ରିୟା—ସ୍ତ୍ରୀ) (a person) With whom one can take
(ପାତ୍ର୍ୟ—ଅନ୍ୟରୂପ) food from the same plate.

ପାତ୍ରୀ—ସ. ବ. (ପାତ୍ର+ସ୍ତ୍ରୀ. ଈ)—୧ । ପାତ୍ର—
Pātrī 1. Pot; vessel.
୨ । ହୋମ ଯଜ୍ଞାଦିରେ ବ୍ୟବହୃତ ପାତ୍ର—
2. A sacrificial vessel.
୩ । ବିବାହଯୋଗ୍ୟା କନ୍ୟା —
3. A marriageable bride.
୪ । କୁମାରୀ—4. Maid; virgin.

୫। ନବବିବାହିତା କନ୍ୟା; ବଧୂ—5. Bride.

୬। ଉଠା ଚୁଲି (ହ୍ରି. ଶ)—2. A removeable oven.

ପାତ୍ରୀୟ—ସ. ବଣ. (ପାତ୍ର+ସମ୍ବନ୍ଧାର୍ଥେ ଈୟ)—ପାତ୍ର ସମ୍ବନ୍ଧୀୟ—
Pātriya Relating to a Pātra.

ସ. ବି. କ୍ଲୀ—ଯଜ୍ଞପାତ୍ର—Sacrificial vessel.

ପାଥ—ସ. ବି. (ପା ଧାତୁ=ପିଇବା+କର୍ତ୍ତୃ.ଅ; ଥ ଆଗମ)—୧। ସୂର୍ଯ୍ୟ—
Pātha 1. Sun.

(ପାଥସ୍—ଅନ୍ୟରୂପ) ୨। ଅଗ୍ନି—2. Fire.

୩। (+କର୍ମ. ଅ)—ଜଳ—3. Water.

୪। ଅନ୍ନ (ହ୍ରି. ଶ)—4. Food.

୫। ଆକାଶ (ହ୍ରି. ଶ)—5. The sky.

୬। ବାୟୁ (ହ୍ରି. ଶ)—6. Air.

ଦେ. ବି. (ସ. ପାର୍ଥ)—ଅର୍ଜ୍ଜୁନ; ତୃତୀୟ ପାଣ୍ଡବ—
पारथ Arjuna.

ସେହୁ ଗାଣ୍ଡୀବ ସେହୁ ପାଥ, ସେହୁ ଗାଣ୍ଡୀବ ଏବେ ମାଥ। ଭଗ।

ପାଥଃ—ସଂ. ବି. (ପାଥସ୍; ପା ଧାତୁ=ପାନ କରିବା+କର୍ମ ଅସ; ଥ.
Pāthah ଆଗମ)—ପାଥ (ଦେଖ)—Pātha (See)
(ପାଥସ୍—ଅନ୍ୟରୂପ)

ପାଥ ନାଥ—ସଂ. ବି. (୬ଷ୍ଠୀ ତତ୍; ପାଥ+ନାଥ)—ସମୁଦ୍ର—
Pātha nātha The sea; ocean.

ପାଥ ରଥ—ସଂ. ବି. (ମ. ପ. ଲୋ; ପାଥ=ଜଳ+ରଥ=ଯାନ; ପାଥରେ
Pātha ratha ବ୍ୟବହୃତ ଯାନ)—ନୌକା; ଡଙ୍ଗା—
Boat.

ପାଥିଃ—ସଂ. ବି. (ପାଥିସ୍; ପା ଧାତୁ=ପାନ କରିବା+ସଂଜ୍ଞାର୍ଥେ.
Pāthih ଇସ୍; ଥ. ଆଗମ)—ସମୁଦ୍ର—1. The sea; ocean.

୨। ଅକ୍ଷି—2. The eye.

୩। ଜଳ—3. Water.

୪। ଘାଆ ଉପରେ ଆଚ୍ଛାଦକ ଖୋଲ ବା ରକ୍ତର ଶୁଖିଲା ବକଲ
(ହ୍ରି. ଶ)—4. A peel formed over sores.

ପାଥିକ—ସ. ବି ପୁଂ ଓ ସ୍ତ୍ରୀ—(ପଥିକ+ଅପତ୍ୟାର୍ଥେ. ଅ)—ପଥିକ
Pāthika ବା ବିଦେଶବାସୀ ବ୍ୟକ୍ତିର ସନ୍ତାନ—
The son of a traveller or sojourner.

ପାଥିକ୍ୟ—ସ. ବି—(ପଥିକ+ଭାବାର୍ଥେ. ଯ)—ପଥିକ ଭାବ; ପଥିକତ୍ୱ—
Pāthikya The state of being a traveller.

ପାଥୁରି—ଦେ. ବି—(ସ. ପ୍ରସ୍ତରୀ)—ମୂତ୍ରାଶୟରେ ପଥର ଜନ୍ମିବା ରୋଗ;
Pāthuri ଅଶ୍ମରୀ—A disease; the stone in the
পাথুরে पथरी kidneys; calculus in the bladder.

ପାଥେଫୋନ୍—ବୈଦେ (ଇଂ) ବି—ଗୀତ ଅନୁକରଣ କରିବାର କଳ ବା
Pathephone ଯନ୍ତ୍ର ବିଶେଷ—Pathephone.
পাথেফোন पाथेफोन

ପାଥେୟ—ସ. ବି—(ପଥ+ପ୍ରୟୋଜନାର୍ଥେ. ଏୟ)—୧। ପଥିକର
Pātheya ବାଟରେ ଲୋଡ଼ା ହେବା ପଦାର୍ଥ—1. Articles
required by a traveller during the
journey.

୨। ବାଟୋଇର ବାଟରେ ଲୋଡ଼ା ହେବା ଖାଦ୍ୟ ପଦାର୍ଥ, ଯାହା
ବାଟୋଇ ସଙ୍ଗରେ ନେଇଥାଏ—2. Food which
a traveller takes with him for being
partaken of during the journey.

୩। ବାଟ ଖର୍ଚ୍ଚ—3. Passage-money.

୪। କନ୍ୟା ରାଶି (ହ୍ରି. ଶ.)—
4. The astronomical sign Virgo.

ପାଥୋଜ—ସ. ବି—(ପାଥସ୍+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ. ଅ)—
Pāthoja (ପାଥୋରୁହ—ଅନ୍ୟରୂପ) ପଦ୍ମ—Lotus.

ପାଥୋଦ—ସ. ବି—(ପାଥସ୍+ଦା ଧାତୁ=ଦାନ କରିବା+କର୍ତ୍ତୃ. ଅ)—
Pāthoda ଜଳଦ; ମେଘ—Cloud.
(ପାଥୋଧର—ଅନ୍ୟରୂପ)

ପାଥୋଧି—ସ. ବି—(ପାଥସ୍=ଜଳ+ଧା. ଧାତୁ=ଧାରଣ କରିବା+ଅଧି.
Pāthodhi ଇ)—ଜଳଧି; ସମୁଦ୍ର—The sea; ocean.
(ପାଥୋନିଧି—ଅନ୍ୟରୂପ)

ପାଥ୍ୟ—ସ. ବଣ—(ପାଥ+ଯ)—୧। ଆକାଶବାସୀ—
Pāthya (ହ୍ରି. ଶ.)—1 Living in the sky.

୨। ବାୟୁରେ ରହୁଥିବାଲୋକ (ହ୍ରି. ଶ.)—
2. Living in the air.

ପାଦ୍‌ଶା—ବୈଦେ. ବି. (ଫା. ପାଦ୍‌ଶାହ୍)—ପାତଶା (ଦେଖ)—
Pād-śā Pātaśā (See)

ପାଦ—ସ. ବି. (ପଦ ଧାତୁ=ଗମନ କରିବା+କରଣ. ଅ)—୧। ଚରଣ;
Pāda ଗୋଡ଼—1. Leg; foot.

୨। ତଳପା—2. Sole of the foot.

୩। ବୃକ୍ଷର ମୂଳ; ଚେର—3. Root of tree.

୪। ପାହୁଣ୍ଡ—4. A step.

୫। କିରଣ; ରଶ୍ମି—5. Ray; beam.

୬। ପର୍ବତର ମୂଳ ଦେଶ—
6. The foot of a mountain.

୭। ଚାରିଧାଡ଼ିଆ ଶ୍ଳୋକର ଏକଧାଡ଼ି—
7. One line of a stanza or quatrain.

୮। କୌଣସି ବସ୍ତୁର ମୂଳଦେଶ—8. Base.

୯। ଚତୁର୍ଥାଂଶ—9. One fourth; quarter.

ଦ୍ୱାପର ଯୁଗେ ଦୁଇ ପାଦ ଊଣା ଧର୍ମ—କୃଷ୍ଣସିଂହ ମହାଭାରତ ବନ।

୧୦। ପାହାଚ—10. Step of a staircase.

୧୧। (ହିନ୍ଦୁ ଆଇନ୍ ବା ସ୍ମୃତି) ମକଦମା ଚଳାଇବାର ଭିନ୍ନ ଭିନ୍ନ
ସିଡ଼ି ବା ଉପସ୍ତର—11. The different stages or
steps in the conduct of a suit

[ଦ୍ର—ଯଥା—ଭାଷାପାଦ ବା ପୂର୍ବ ପକ୍ଷ ପାଦ—
ଆରଜି—Plaint.

ଉତ୍ତର ପାଦ—ଜବାବ—Written statement.

କ୍ରିୟା ପାଦ—ପ୍ରମାଣ—Evidence.

ସାଧ୍ୟସିଦ୍ଧି ପାଦ—ରାଏ; ଫଏସଲା—Judgment and
decree.]

୧୨ । ବଡ଼ ପର୍ବତର ସମୀପସ୍ଥ କ୍ଷୁଦ୍ର ପର୍ବତ (ହ୍ର. ଶ.)—
12. A hill close to a mountain.
ପାଦଗିର ପର୍ବତିକା – ରାଧାନାଥ ।

୧୩ । ଚିକିତ୍ସାର ଚାରିଗୋଟି ଅଙ୍ଗ (ଯଥା—ବୈଦ୍ୟ, ରୋଗୀ, ଔଷଧ ଓ ଉପଚାରକ) (ହ୍ର. ଶ)—13. The four concomitants of medical treatment.

୧୪ । ପଦର କ୍ରିୟା; ଗମନ; ଚାଲିବା (ହ୍ର. ଶ)—
15. Walking.

୧୫ । ଶିବ (ହ୍ର. ଶ)—15. Siba.

୧୬ । ଏକ ଋଷିଙ୍କ ନାମ (ହ୍ର. ଶ)—
16. Name of a sage.

ପାଦ କଟକ—ସଂ. ବି—(୬ଷ୍ଠୀ ତତ୍; ପାଦ+କଟକ)—ପାହୁଡ଼; ମଞ୍ଜୀର; ବଳା—Anklet.
Pāda kaṭaka
(ପାଦ କୀଲିକା—ଅନ୍ୟରୂପ)

ପାଦ ଗଣ୍ଡିର—ସଂ. ବି—(ପାଦ+ଗଣ୍ଡ ଧାତୁ=ଫୀତ ହେବା+ଇର)—ଶ୍ଳୀପଦ; ଗୋଦର—Elephantiasis of the leg.
Pāda gaṇḍira

ପାଦଗତ—ସଂ. ବଣ—(୨ୟା ତତ୍; ପାଦକୁ ଗତ ବା ପ୍ରାପ୍ତ)—ପଦାଶ୍ରିତ; ପାଦତଳେ ପଡ଼ିଥିବା (ବ୍ୟକ୍ତି)—(a person) Falling prostrate at the feet of another.
Pādagata
ସେ ମାଧ୍ୟାଧର ପ ଚରଣ
ନମଇ ଦାସ ଜଗନ୍ନାଥ – ଜଗନ୍ନାଥ ଭାଗବତ ।

ପାଦଗତେ—ଦେ. କ୍ରି. ବିଣ—ପାଦକୁ ଆଶ୍ରୟ କରି; ପଦାଶ୍ରୟରେ—At or below the feet.
Pādagate
ଏଣୁ ମୁଁ ଭୂଜ ପାଦଗତେ
ସେ ସ୍ୱାମୀ ଭଜନ୍ତୁ ନିରତେ – ଜଗନ୍ନାଥ. ଭାଗବତ ।

ପାଦ ଗୟା—ଦେ. ବି—(ନାମ)—ହିନ୍ଦୁ ତୀର୍ଥସ୍ଥାନବିଶେଷ—A sacred place of the Hindus.
Pāda gayā
[ଦ୍ର—ଏହା ଗୋଦାବରୀ ଷ୍ଟେସନ ଠାରୁ ୪ ମାଇଲ ଦୂରରେ ଅବସ୍ଥିତ । ଏଠାରେ ସ୍ନାନ ଓ ପିଣ୍ଡ ଦାନ କରି ହିନ୍ଦୁ ତୀର୍ଥଯାତ୍ରୀମାନେ କୃତାର୍ଥ ହୁଅନ୍ତି । ମଦନମୋହନ—ତୀର୍ଥ ଦର୍ଶନ]

ପାଦଗାମୀ—ସଂ. ବିଣ. ପୁଂ. (ପାଦ+ଗମ୍ ଧାତୁ+କର୍ତ୍ତୃ. ଇନ୍; ପାଦଗାମିନ୍ ଶବ୍ଦ; ୧ମା. ୧ବ)—ପାଦଚାରୀ—Walking on foot.
Pādagāmī
(ପାଦଗାମିନୀ—ସ୍ତ୍ରୀ)

ପାଦ ଗ୍ରନ୍ଥି—ସଂ. ବି. (୬ଷ୍ଠୀ ତତ୍, ପାଦ+ଗ୍ରନ୍ଥି)—୧ । ବଳାଗଣ୍ଠି—1. Ankle.
Pāda granthi
୨ । ଗୁଲ୍ଫ, ଗୋଇଠି—2. Heel.

ପାଦ ଗ୍ରହଣ—ସଂ. ବି. (୬ଷ୍ଠୀ ତତ୍)—ମାନ୍ୟାର୍ଥ ବା ପ୍ରାର୍ଥନା ବା କ୍ଷମା ଭିକ୍ଷା କରିବା ପାଇଁ ଗୋଡ଼ ଧରି ପ୍ରଣାମ କରିବା
Pāda grahaṇa
Clasping or embracing the feet of any person in token of respect or submission or for asking pardon.

ପାଦ ଗ୍ରହଣୀ—ସଂ. ବି. (ପାଦ+ଗ୍ରହଣ+ଇନ୍; ଯାହା ଆରୋହୀର ପାଦକୁ ଗ୍ରହଣ କରେ)—ଘୋଡ଼ାର ଜିନର ଦୁଇ ପାଖରେ ଝୁଲୁଥିବା ରେକାବ—Stirrups.
Pāda grahaṇī
ପାଦ ଗ୍ରହଣୀରେ ଛଟି ସୁବର୍ଣ୍ଣ ଭେଦି ପ୍ରବେଶିଲେ ସନ୍ନ୍ୟାସୀ ପଦେ ।
ଜଳକଣ୍ଠ – ମାଧୁରୀଦେବୀ ।

ପାଦଚାର—ସଂ. ବି. (ପାଦ+ଚର ଧାତୁ+ଭାବ. ଅ)—୧ । ଚାଲିବା; ଚାଲିଚଳନ—1. Walking.
Pādachāra
ପାଦଚାରଣ } ଅନ୍ୟରୂପ
ପାଦଚାଳନ }
ଜଗନ୍ନାଥ ଅଙ୍ଗାରେ ମୃଦୁ ପାଦଚାରେ
ଫେରିଗଲେ ହଂସପୁରେ—ରାଧାନାଥ ପାର୍ବତୀ ।
୨ । (ଜ୍ୟୋତିଷ) ଗ୍ରହମାନଙ୍କର ଆହ୍ନିକ ଭୋଗ ବା ଗତି—2. (astronomy) The diurnal motion of planets.

ପାଦଚାରୀ—ସଂ. ବିଣ. ପୁଂ. (ପାଦ+ଚର ଧାତୁ+ଇନ୍; ୧ମା. ୧ବ.)—ଗୋଡ଼ରେ ଚାଲିବା (ବ୍ୟକ୍ତି); ଚାଲୁଥିବା—Going on foot; walking.
Pādachārī
(ପାଦଚାରିଣୀ—ସ୍ତ୍ରୀ)
ସଂ. ବି—ଗୋଡ଼ରେ ଚାଲିବା ବ୍ୟକ୍ତି—1. A pedestrian.
୨ । ପଦାତିକ—2. Foot soldier.

ପାଦ ଛୁଇଁବା—ଦେ. କ୍ରି—ପାଦରେ ହାତ ଦେଇ ଶପଥ କରିବା—To take an oath by touching one's feet.
Pāda chhuiṅbā
ପା ଛୋଆ पैर छूना
ଏ କଥା ଆନ ଥିବ ଯେବେ ମୋ ମାନସ
ଛୁଇଁଛି ନାଶ ସିଦ୍ଧ ତୁମ୍ଭ ପାଦ ଦେଶ—କୃଷ୍ଣସିଂହ ମହାଭାରତ ବନ ।

ପାଦଜ—ସଂ. ବିଣ. (ପାଦ+ଜନ୍ ଧାତୁ+କର୍ତ୍ତୃ. ଅ)—ଗୋଡ଼ରୁ ଜାତ—Born of the foot.
Pādaja
ସଂ. ବି—(ବ୍ରହ୍ମାଙ୍କ ପାଦରୁ ଜାତ ହୋଇ ଥିବାରୁ) ଶୂଦ୍ରଜାତି—The Śūdra or non-Brahman caste.

ପାଦ ଜଳ—ସଂ. ବି—୧ । (ମ.ପ. ଲୋ. କର୍ମଧାରୟ) ପାଦୋଦକ; ଗୋଡ଼ ଧୁଆ ପାଣି—1. Water with which a person's feet are washed.
Pāda jala
୨ । ଘୋଳ ଦହି (ହ୍ର. ଶ)—2. Churned curd.

ପାଦ ଟୀକା—ସଂ.ବି—ପଦ ଟୀକା (ଦେଖ)
Pāda ṭikā Pada ṭikā (See)

ପାଦଡ଼ି(ରି)—ପ୍ରା. ବୈଦେ. ବି. (ପର୍ତ୍ତୁ. ପାଦ୍ରି; ପାଦ୍ରୀ)—୧ । ଖ୍ରୀଷ୍ଟାନ ଧର୍ମଯାଜକ—1. A priest; a Padre.
Pādaṛi(ri)
(ପାଦାଡ଼ି—ଅନ୍ୟରୂପ) ୨ । ଖ୍ରୀଷ୍ଟଧର୍ମପ୍ରଚାରକ—2. Missionary.
ପାଦ୍ରୀ पादरी
୩ । (ଲକ୍ଷଣାର୍ଥ) (ମରହଟ୍ଟୀ ବୁଢ଼ାମାନଙ୍କ ବ୍ୟବହୃତ ଶବ୍ଦ) ଇଂରାଜୀ ଶିକ୍ଷା ପ୍ରଭାବରୁ ଧର୍ମ ଓ ଆଚାର ଭ୍ରଷ୍ଟ ହିନ୍ଦୁ ଯୁବକ ବା ବ୍ୟକ୍ତି—3. (figurative) A young man or person who does not observe orthodoxy on account of the influence of western education.

ପାଦ ତଳ—ସ.ବି. (୬ଷ୍ଠୀ ତତ)—୧ । ତଳିପା—1. Sole of the foot.
Pādatala
୨ । ଗୋଡ଼ର ତଳ; ପାଦତଳ; ପାଅତଳ—2. The part below the foot.
ପାୟେରତଳା ଦେ. ବି—ପାଦର ନିକଟସ୍ଥ ଭୂଭାଗ—The earth round or near the feet of a person.
पायकातली

ପାଦତଳଆ—ଦେ. ବଣ—ପାଆ ତଳଆ (ଦେଖ)
Pādataḻiā Pā-ā taḻiā (See)

ପାଦତଳେ ପଡ଼ିବା—ଦେ. କ୍ରି—ସମ୍ମାନ ଦେଖାଇବା; ନମସ୍କାର କରିବା
Pādataḻe paṟḏibā ବା କ୍ଷମା ମାଗିବା ପାଇଁ କୌଣସି ବ୍ୟକ୍ତିର
पाय़ें पड़ा, पायेंरतले पड़ा ଗୋଡ଼ତଳେ ଲମ୍ବ ହୋଇ ପଡ଼ିବା—
पावँ लागीहोना To lay down one's self at a person's feet in reverence, salutation or for soliciting pardon.

ପାଦତ୍ରାଣ—ସଂ. ବି. (ବହୁବ୍ରୀହି; ପାଦର ତ୍ରାଣ=ରକ୍ଷା ହୁଏ ଯାହାଦ୍ୱାରା)—
Pādatrāṇa ୧ । ପାଦୁକା; ଯୋତା—1. Shoes; boots.
(ପାଦତ୍ର—ଅନ୍ୟରୂପ) ୨ । ଖଡ଼ମ; କଠଉ—
2. Sandals.
୩ । ମୋଜା—3. Stockings.
୪ । ଗୋଡ଼ରେ ଗୁଡ଼ା ହେବା ପଟି—4. Leggings.

ପାଦ ଦେଶ—ସଂ. ବି—୧ । ପଦ; ଚରଣ—1. Leg; foot.
Pāda deśa
୨ । (ପର୍ବତ ବା ବୃକ୍ଷର) ତଳ ଦେଶ—
2. The foot (of a tree or mountain).
୩ । ନିମ୍ନାଂଶ—3. Lower part.

ପାଦ ଧୂଳି (ଇତ୍ୟାଦି)—ସଂ. ବି—ପାଦରଜ ଇତ୍ୟାଦି (ଦେଖ)
Pāda dhūḻi(etc) Pādaraja etc (See)

ପାଦପ—ସଂ. ବି. (ପାଦ=ମୂଳ ଦ୍ୱାରା+ପା ଧାତୁ=ପିଇବା+କର୍ତ୍ତୃ. ଅ);-
Pādapa ଯେ ମୂଳଦ୍ୱାରା ପିଏ)—୧ । ବୃକ୍ଷ—1. Tree.
୨ । (ପାଦ+ପା ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ) ଯୋତା—
2. Shoes; slippers.
୩ । ପାଦପୀଠ—3. Foot stool.

ପାଦ ପଡ଼ିବା—ଦେ. କ୍ରି—୧ । ଗମନ କରିବା—
Pāda paṟḏibā 1. Going to or coming to a place.
पाँ पड़ा ସେ ସ୍ଥାନରେ ଯାହାର ପଡ଼ିଅଛି ପାଦ
पधारा होना କେବେ ତାହାକୁ ସ୍ପର୍ଶ ନ ପାରେ ବିପଦ ।
[ପାଦ ପକା(କେ)ଇବା—ଅନ୍ୟରୂପ] କୃଷ୍ଣସିଂହ. ମହାଭାରତ ବନ ।
୨ । କୌଣସି ସ୍ଥାନରେ କୌଣସି ବ୍ୟକ୍ତିର ଉପସ୍ଥିତି—
2. The presence of a person at a place.
तुकांत मिलना
୩ । ପଦ୍ୟରେ ଦୁଇ ଧାଡ଼ିର ଯତିପାତର ସାମଞ୍ଜସ୍ୟ ହେବା—
3. Rhyming of lines in poetry.

ପାଦ ପଦ୍ମ—ସଂ. ବି. (ଉପମିତ)—ପଦ୍ମ ପରି ସୁନ୍ଦର ପଦ—
Pāda padma Lotus-feet; foot as beautiful as lotus.
पाँ पद्म
ଦେ. ବି—ଗୋଡ଼ର ପାପୁଲିରେ ପିନ୍ଧିବା ଗୋଲାକାର ଅଳଂକାର ବିଶେଷ; ପାଆ ପଦ୍ମ—A circular lotus-shaped ornament worn over the instep.

ପାଦପା—ଦେ. ବି. (ପାଦ+ପା ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ+
Pādapā ସ୍ତ୍ରୀ. ଆ)—ପାଦୁକା—Shoes; sandals.

ପାଦ ପାପୁଲି—ଦେ. ବି—ପାଦ ପୃଷ୍ଠ—
Pāda pāpuli The back of the foot; instep.
पैरकी पीठ ଚନ୍ଦ୍ର ଭଟରେ କେ ପାଦ ପାପୁଲି । ପ୍ରାଚୀ. ପରଦେ ଗୀତ ।

ପାଦ ପୀଠ—ସଂ. ବି. (ମ. ପ. ଲୋ; ପାଦ ରଖିବାର ପୀଠ)—
Pāda pīṭha ଗୋଡ଼ ରଖିବାର ଆସନ ବା ପୀଢ଼ା—
Foot stool; foot rest.

ପାଦ ପୀଡ଼ା—ସଂ. ବି. (୬ଷ୍ଠୀ ତତ୍; ପାଦ+ପୀଡ଼ା)—
Pāda pīṟḏā ୧ । ଗୋଡ଼ରେ ଜନ୍ମିବା ରୋଗ—
1. Disease in the leg; foot disease.
୨ । ବହୁ ପଥ ଚାଲିବା ଯୋଗୁ ପାଦରେ ଜନ୍ମିବା ବ୍ୟଥା—
2. Pain in the leg due to walking a long distance.
୩ । ଗୋଡ଼ ବିନ୍ଧା—3. Aching in the leg.

ପାଦ ପୂଜା—ସଂ. ବି. (୬ଷ୍ଠୀ ତତ୍)—
Pāda pūjā ୧ । ସମ୍ମାନାର୍ହ ବ୍ୟକ୍ତି ବା ଦେବତାଙ୍କର ଚରଣରେ ଅର୍ପିତ ପୂଜା—1. Worship of the feet of a respectable pe on or Deity.
୨ । (ଲକ୍ଷଣାର୍ଥ) ବି ଶେଷ ସମ୍ମାନ—
2. (figurativ Profound veneration.

ପାଦ ପୂରଣ—ସଂ. ବି. (୬ଷ୍ଠୀ ତତ୍; ପାଦ+ପୂରଣ)—
Pāda pūraṇa ୧ । ବାକ୍ୟାଳଙ୍କାର; ବାକ୍ୟକୁ ଶେଷ କରିବା ନିମନ୍ତେ ବ୍ୟବହୃତ ଶବ୍ଦ ଯଥା—ଇ (ଏକଇ); ଟି (ହେଉଟି); ପରି—1. Expletive used to fill up a word.
୨ । ଶ୍ଳୋକର ଏକ ବା ଅନେକ ଚରଣ ଶୁଣି ବାକି ଚରଣକୁ ରଚନା କରିବା—2. The filling up of omitted line or lines in a stanza.

ପାଦ ପୃଷ୍ଠ—ସଂ. ବି. (୬ଷ୍ଠୀ ତତ୍; ପାଦ+ପୃଷ୍ଠ)—ଗୋଡ଼ର ପାପୁଲି—
Pāda pṛushṭha The instep.

ପାଦ ପ୍ରକ୍ଷାଳନ—ସଂ. ବି. (୬ଷ୍ଠୀ ତତ୍; ୭ମୀ ତତ୍; ପାଦ+ପ୍ରକ୍ଷାଳନ)—
Pāda prakshāḻana ଗୋଡ଼ ଧୋଇ ଦେବା—
Washing of the feet.

ପାଦ ପ୍ରହାର—ସଂ. ବି. (୩ୟା ତତ୍; ପାଦ+ପ୍ରହାର)—
Pāda prahāra ପଦାଘାତ; ଗୋଇଠା—Kick.

ପାଦ ବଲ୍ମୀକ—ସଂ. ବି—ପାଦ ଗଣ୍ଡିର (ଦେଖ)
Pāda balmīka āda gaṇḍira (See)

ପାଦବିକ—ସଂ. ବି. (ପଦବୀ=ପଥ+କୁଶଳାର୍ଥେ. ଇକ)—
Pādabika ପାନ୍ଥ; ପଥିକ—Passenger; traveller.

ପାଦ ବିନ୍ଦ—ଗ୍ରା. ବି. (ପ୍ରାଚୀନ ପଦ୍ୟ; (ସଂ. ପାଦାରବିନ୍ଦ)—
Pāda binda ପଦାରବିନ୍ଦ—Lotus feet.
ଏକ ବନ୍ଧୁ ପାଦ ବିନ୍ଦ ହୃଦୟରେ ଗୁଣି । ପ୍ରାଚୀ ବୃନ୍ଦାବନରୂପଣ ଗୀତା ।

ପାଦ ବ୍ୟଥା—ସଂ. ବି. (୬ଷ୍ଠୀ ତତ୍; ପାଦ+ବ୍ୟାଧି)—
Pāda byathā ପାଦ ପୀଡ଼ା (ଦେଖ)
(ପାଦ ବଥା—ଦେଶଜରୂପ) Pāda pīṟḏā (See)

ପାଦ ମୂଳ—ସଂ. ବି. (୬ଷ୍ଠୀ ତତ୍)—ଗୋଇଠି—
āda mūḻa — Heel of the foot.

ପାଦ ଯମକ—ସଂ. ବି—ଶବ୍ଦାଲଙ୍କାର ବିଶେଷ; ଶ୍ଳୋକର ପାଦ ବା ଚରଣର ଭିନ୍ନ ଭିନ୍ନ ଅଂଶରେ ବିନ୍ୟସ୍ତ ଯମକ—
Pāda jamaka — Alliteration at certain places in a line of poetry.

ପାଦ ରକ୍ଷକ—ସଂ. ବି. (୬ଷ୍ଠୀ ତତ୍; ପାଦ+ରକ୍ଷକ)—
Pāda rakshaka ପାଦତ୍ରାଣ; ପାଦୁକା; ଯୋତା—Shoes.

ପାଦ ରଜ—ଦେ. ବି. (ସଂ. ପାଦ ଓ ରଜସ୍)—
Pāda raja ୧ । ଗୋଡ଼ ତଳେ ଲାଗିଥିବା ଧୂଳି—
1. The dust of the feet.
୨ । (ସଂ. ପାଦ ଓ ଆ. ଦର୍ଦ୍)—ପାଦ ପୀଡ଼ା (ଦେଖ)
2. Pāda pirda (See)

ପାଦରଜ ପକା(କେ)ଇବା—ଦେ. କ୍ରି. (ସମ୍ମାନାର୍ଥକ ପ୍ରୟୋଗ)—
Pādaraja pakā(ke)ibā (କୌଣସି ସ୍ଥାନରେ କୌଣସି ମହାପୁରୁଷ ବା ବନ୍ଧୁ ଆଦିଙ୍କର) ଉପସ୍ଥିତ ହେବା; ଆସିବା—
पायेर धुला देओया
पैरक धूली देना 1. To come to a place; to arrive at a place.
(ପାଦ ରଜ ଦେବା—ଅନ୍ୟରୂପ)
(ପାଦ ରଜ ପଡ଼ିବା—ବିଶେଷ୍ୟ)
(ଯଥା—ମୋ କୁଡ଼ିଆରେ ଆପଣଙ୍କ ପାଦ ରଜ ପଡ଼ନ୍ତା ନାହିଁ ।)

ପାଦ ରଜ୍ଜୁ—ସଂ. ବି—୧ । ଗୋଡ଼ରେ ବନ୍ଧାଯିବା ପଟ୍ଟି—
Pāda rajju 1. Leggings.
୨ । ପଶୁ ଆଦିଙ୍କ ଗୋଡ଼ ବନ୍ଧାଯିବା ଦଉଡ଼ି—
2. Ropes for tying the legs of animals.

ପାଦ ରଥ—ସଂ. ବି. (୬ଷ୍ଠୀ ତତ୍; ପାଦ+ରଥ=ଯାନ)—
Pāda ratha ପାଦୁକା—Shoes.

ପାଦରି—ବୈଦେ. ବି—ପାଦର୍ଦ୍ଦି (ଦେଖ)
Pādari Pādardi (See)

ପାଦରେ ପଡ଼ିବା—ଦେ. କ୍ରି—ପାଦ ତଳେ ପଡ଼ିବା (ଦେଖ)
Pādare pardibā Pāda tale pardibā (See)
पायेर पड़ा
पाँव पड़ना
ବଢ଼ଗା ଭୁଲେ ରଙ୍ଗି ପାଦରେ ପଡ଼ିଲେ ।
କୃଷ୍ଣସିଂହ. ମହାଭାରତ. ବନ ।

ପାଦଶା—ବୈଦେ. ବି—ପାତଶା (ଦେଖ)
Pādaśā Pātaśā (See)
(ପାଦଶା—ଅନ୍ୟରୂପ)

ପାଦ ଶୈଳ—ସଂ. ବି—ବଡ଼ ପର୍ବତର ପାଦ ଦେଶରେ ଥିବା ଶୈଳ
Pāda śaila ପାହାଡ଼; ପ୍ରତ୍ୟନ୍ତ ପର୍ବତ—A hill at the foot of a mountain.

ପାଦ ସମ୍ବାହନ—ସଂ ବି. (୬ଷ୍ଠୀ ତତ୍; ପାଦ+ସମ୍ବାହନ)—
Pāda sambāhana ପାଦ ସେବା (ଦେଖ)—
Pāda sebā (See)

ପାଦ ସେବା—ଦେ. ବି. (୬ଷ୍ଠୀ ତତ୍; ପାଦ+ସେବା)—ଗୋଡ଼ଘଷା;
Pāda sebā କରତଳଦ୍ୱାରା କୌଣସି ବ୍ୟକ୍ତିର ଗୋଡ଼କୁ ଘଷିବା ବା ମୋଡ଼ିବା—Rubbing of the legs; massage of the legs.

ଶାଶୁଙ୍କ ମହିଁ ନିତ ପରତିଶ ଲଭ
ପାଦସେବା କରନ୍ତି ହୋଇଣ ସଭଇ । କୃଷ୍ଣସିଂହ. ମହାଭାରତ ବନ ।

ପାଦ ସ୍ଫୋଟ—ସଂ. ବି—ଗୋଇଠିରେ ଉଠିବା ବଥ; ଭାଲୁକା ବଥ—
Pādasphota A boil on the heel; a chilblaine.

ପାଦାଙ୍ଗଦ—ସଂ. ବି. (ପାଦ+ଅଙ୍ଗ=ସୌନ୍ଦର୍ଯ୍ୟ+ଦା ଧାତୁ+କର୍ତ୍ତୃ. ଅ;
Pādāngada ଯାହା ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରେ)—ମଲ; ନୂପୁର—Anklet.

ପାଦାଙ୍ଗୁଳି—ସଂ. ବି. (୬ଷ୍ଠୀ ତତ୍; ପାଦ+ଅଙ୍ଗୁଳି)—ଗୋଡ଼ର ଅଙ୍ଗୁଠି—
Pādānguli Toe.

ପାଦାଙ୍ଗୁଷ୍ଠ—ସଂ. ବି. (୬ଷ୍ଠୀ ତତ୍; ପାଦ+ଅଙ୍ଗୁଷ୍ଠ)—ଗୋଡ଼ର ବୁଢ଼ା ଅଙ୍ଗୁଠି—The great toe.
Pādāngushtha

ପାଦାର୍ଦ୍ଦି—ଦେ. ବିଣ. (ସଂ. ପାଦ)—୧ । ଅଲସୁଆ (ଲୋକ)—
Pādardi 1. Lazy.
आलसी ୨ । ଦୀର୍ଘସୂତ୍ରୀ—2. Dilatory.
ବୈଦେ. ବି—ପାଦର୍ଦ୍ଦି (ଦେଖ)—Pādardi (See)

ପାଦାଣ୍ଡି—ଦେ. ବି. (ସଂ. ପାଦ)—ପଳାୟିତ; ଲୁଚି—
Pādandi Gone away; fled.

ପାଦାଣ୍ଡି ଦେବା—ଦେ. କ୍ରି—ପଳାୟନ କରିବା; ସ୍ଥାନ ତ୍ୟାଗ କରିବା—
Pādandi debā To go away.
नदारद होना ଯଥା—ଆମେ ସମସ୍ତେ ସେଠାରେ ବସି କଥାବାର୍ତ୍ତା ହେଉ ହେଉ ଗୋପାଳ ସେଠାରୁ ପାଦାଣ୍ଡି ଦେଲେ ।

ପାଦାତ—ସଂ. ବି. (ପାଦ+ଅତ୍ଧାତୁ=ଗମନ କରିବା+କର୍ତ୍ତୃ. ଅ)—
Pādāta ପାଦାତି (ଦେଖ)—Pādāti (See)

ପାଦାତି—ସଂ. ବି. (ପାଦ+ଅତ୍ ଧାତୁ=ଗମନ କରିବା+କର୍ତ୍ତୃ. ଇ)—
Pādāti ପଦାତି ସୈନ୍ୟ; ଯେଉଁ ସୈନ୍ୟ ଭୂମିରେ ଥାଇ ଯୁଦ୍ଧ କରନ୍ତି—Foot soldier; infantry.
(ପାଦାତିକ—ଅନ୍ୟରୂପ)

ପାଦାନ୍—ବୈଦେ. ବି. (ଫା. ପାଇଁଦାନ୍; ସଂ. ପାଦଧାନ)—
Pādān ପାଦପୀଠ; ଗାଡ଼ି ବା ଶଗଡ଼କୁ ଉଠିବା ନିମନ୍ତେ ଯେଉଁ ପଟା ଉପରେ ପାଦ ଦେବାକୁ ହୁଏ—
पादान
पावदान A foot-rest; foot-stool; foot-board.
(ପାଦାନ—ଅନ୍ୟରୂପ)

ପାଦାନ୍ତି—ଗ୍ରା. ବି. (ସଂ. ପାଦାତି)—ପଦାତି ସୈନ୍ୟ—
Pādānti Infantry.

ପାଦାନ୍ତି ବଳ ପ୍ରବଳରେ ଗମନ୍ତେ
ରେଣୁଏ ଅଶୁଏ ଛାଡ଼ି ନ ଉଠିଲେ ଆକାଶ ପ୍ରକାଶ ନାମନ୍ତେ ।
ଉତ୍ତ, କୋଟୀବ୍ରହ୍ମାଣ୍ଡ ସୁନ୍ଦରୀ ।

ପାଦୁ—ସଂ. ବି. (ପାଦ+ଉ)—ଯୋତା—Shoes.
Pādu ଦେ. ବି—ତଳା ସୀସାରେ ପୂର୍ଣ୍ଣୋଦର କଉଡ଼ି—
A cowry or shell filled with molten lead.

ପାଦୁକ—ସଂ. ବିଣ. (ପଦ୍ ଧାତୁ ଶିଳ=ପାଦ+ଶୀଳାର୍ଥେ ଉକ) —
Pāduka ୧ । ଗମନ ଦକ୍ଷ—1. Expert in walking.
୨ । (ପାଦ+ଉକ)—ଯେଉଁ ଶିଶୁର ପାଦଦ୍ୱୟ ପ୍ରଥମେ ମାତୃଗର୍ଭରୁ ବାହାରି ଥାଏ—2. (a child) Whose legs come out at first at birth.

ଦେ. ବ. (ସଂ. ପାଦୋଦକ)—୧ । ବ୍ରାହ୍ମଣ ବା ଗୁରୁଜନଙ୍କ
चरणोदक, चरणामृत ପାଦ ଧୁଆଯାଇଥିବା ଜଳ—1. Water
(ପାଦୁକପାଣି—ଅନ୍ୟରୂପ) with which the feet of a revered elder or Brāhmaṇa have been washed.

[ଦ୍ର—ଗୁରୁଜନ ଓ ମାନ୍ୟ ବ୍ୟକ୍ତିଙ୍କର ପାଦ ଧୋଇ ଦେଇ ସେହି ପାଦୁକକୁ ପିଇବାର ଓ ଅଧର, ଆଖି ଓ ମସ୍ତକରେ ଲଗାଇବାର ଶାସ୍ତ୍ର ଅଛି । ଯଥା

ଭକ୍ତମ ଜଳେ ପଦ ଧୋଇ
ଅଧର ନେତ୍ର ଶିରେ ଦେଇ । ଭୂପତ, ପ୍ରେମପଞ୍ଚାମୃତ ।

୨ । ଦେବତାଙ୍କର ସ୍ନାନ ଜଳ—2. The hallowed water with which the image of a Deity has been washed.

୩ । ଦେବତାଙ୍କ ଅଙ୍ଗରୁ କାଢ଼ାଯାଇଥିବା ତୁଳସୀଆଦ—
3. Tulasi leaves taken out of a Deity.

ପାଦୁକା—ସଂ. ବ. (ପାଦ ଧାତୁ=ଗମନ କରାଇବା+କର୍ତ୍ତୃ ଉ+
Pādukā କ)—୧ । ଖଡ଼ମ; କଠଉ—1. Sandals.
୨ । ଜୋତା—2. Shoes.
୩ । ଚଟି ଜୋତା—3. Slippers.

ପାଦୂ—ସଂ. ବ. (ପଦ୍ ଧାତୁ+ଉ)—ଯୋତା—
Pādū Shoes.

ପାଦୋଦକ—ସଂ. ବ. (ମ. ପ. ଲୋ. କର୍ମଧାରୟ; ପାଦ ପ୍ରକ୍ଷାଳକ
Pādodaka ଉଦକ)—ଦେବତା, ବ୍ରାହ୍ମଣ ବା ଗୁରୁଜନଙ୍କ ଗୋଡ଼ ଯେଉଁ ଜଳରେ ଧୁଆ ହୋଇଥାଏ—Water with which the image of a Diety or the feet of an elder or Brāhmaṇa have been washed.

ପାଦ୍ୟ—ସଂ. ବ. (ପାଦ+ନିମିତ୍ତାର୍ଥେ ଯ)—୧ । ଆଗନ୍ତୁକ ମାନ୍ୟବ୍ୟକ୍ତିଙ୍କ
Pādya ପାଦପ୍ରକ୍ଷାଳନାର୍ଥ ଜଳ—1. Water for washing the feet of a venerable guest.
୨ । ପାଦୋଦକ—2. Water with which the feet have been washed.
ସଂ. ବଣ. (ପାଦ+ଯ)—ପାଦ ସମ୍ବନ୍ଧୀୟ—
Relating to the foot.

ପାଦ୍ରି—ବୈଦେ. ବ.—ପାଦଡ଼ି (ଦେଖ)
Pādri Pādarḍi (See)

ପାଧା—ପ୍ରାଦେ. (ଯାଜପୁର) —ବ.—ପାଞ୍ଚ ପାହିଆ (ଦେଖ) .
Pādhā Pāncha pāhiā (See)

ପାନ—ପ୍ରାଦେ. ବ.—୧ । (ସମ୍ବଲପୁର)—୧ । ପାନ, ତାମ୍ବୂଳ—
Pān 1. Betel.
୨ । (ସମ୍ବଲପୁର; ମେଦିନୀପୁର) (ତୁଳ. ବଂ. ପାଇନ; ପାନ୍)—
ସୁନା ଅଲଙ୍କାର ଝାଳିବା ପାଇଁ କଳୁଷ୍ଟ ଧାତୁ ମିଶ୍ରିତ ଖାଦ—
2. Alloy used in soldering gold.

ପାନ୍‌ତି ବେଳ—ପ୍ରାଦେ. (ସମ୍ବଲପୁର) ବ.—ଅପରାହ୍ଣ ୩ ଟା ଠାରୁ ୫ଟା
Pān-ti belā ବେଳ—Afternoon 3 to 5.

[ଦ୍ର—ଏ ସମୟରେ ସ୍ତ୍ରୀଲୋକମାନେ ଗୃହ କର୍ମ ପାଇଁ ପ୍ରୟୋଜନୀୟ ଜଳ ଆଣିବାକୁ ଗ୍ରାମର କୂଅ ବା ପୋଖରୀ ଆଦି ନିକଟକୁ ଯାଆନ୍ତି ।]

ପାନ୍‌ତୁଆ—ଦେ. ବ.—ପାନ୍ତୁଆ (ଦେଖ)
Pān-tuā Pāntuā (See)

ପାନ୍‌ବିଡ଼ା—ପ୍ରାଦେ. (ସମ୍ବଲପୁର) ବ.—(ତୁଳ. ହି. ପାନବୀଡ଼ା)—
Pān-birḍā ପାନଖିଲ (ଦେଖ)—Pānakhila (See)
(ପାନ୍‌ବିରା—ଅନ୍ୟରୂପ)

ପାନସି—ବୈଦେ. ବ. (ଫ୍ରେଞ୍ଚ୍-ପିନାସି; ଇଟାଲୀୟ-ପିନାଷ୍ଣା; ଚୀନ୍‌ଭାଷା-
Pān-si ସାମ୍ପାନ୍)—ଜଳ ବିହାରାର୍ଥ କ୍ଷୁଦ୍ର ଡଙ୍ଗା; ପଲ୍ଲଭ ଡଙ୍ଗା;
पानसि ସରୁ ଡଙ୍ଗା; କାଠଆ—Small pleasure-boat with
फरसनाव a small room on it; jolly boat.
[ଦ୍ର—ଏଥିରେ ଗୋଟିଏ କ୍ଷୁଦ୍ର କୋଠରି ଥାଏ । କଲିକତାର ଗଙ୍ଗା ନଦୀରେ ଅନେକ ପାନ୍‌ସୀ ଦେଖାଯାଏ ।]

ପାନ—ସଂ. ବ. (ପା ଧାତୁ=ପିଇବା; ରକ୍ଷା କରିବା+ଭାବ. ଅନ)—
Pāna ୧ । ଜଳୀୟ ପଦାର୍ଥର ଗଳାଧଃକରଣ; ପିଇବା—
1. Drinking; draught.
୨ । ରକ୍ଷଣ—2. Protecting; preserving.
୩ । ଶାଣୋତ୍କ୍ଷେପଣ; ପଜାଇବା—3. Whetting.
୪ । (+ଅଧି; ଅନ) ପାନ ପାତ୍ର—
4. A goblet; drinking glass; wine glass.
୫ । ଶୁଣ୍ଡି—5. A wine dealer; distiller.
୬ । ନାଳ; ଜଳ ନାଳ—6. A canal (Apte).
୭ । ଉଶ୍ୱାସ—7. Breath; expiration (Apte).
୮ । ପାନୀୟ ବସ୍ତୁ—
8. A drink or beverage in general (Apte).
୯ । ମଦ୍ୟାଦି ପାନ—
9. Drinking spirituous liquors (Apte).
ଦେ. ବ.—୧ । ଥରେ ସେବନ ଯୋଗ୍ୟ ଔଷଧ—
1. A dose of medicine.
୨ । (ସଂ. ପର୍ଣ୍ଣ) ପାର୍ଣ୍ଣୀୟ ଲତା ବିଶେଷର ପତ୍ର—2. Piper betel; Charvica Betel; betel leaf

ସଂ ତାମ୍ବୂଳ, ନାଗବଲ୍ଲୀ, ତାମ୍ବୂଲୀ
ନାଗିନୀ, ଭକ୍ଷ୍ୟପତ୍ରୀ, ମୁଖଭୂଷଣକରୀ,
ନାଗବଲ୍ଲରୀ, କାମଜନନୀ ।
ତେ. ତାମଲ ପାକୁ
ତା. ବେଟ୍ରିଲୀ
ମ. ନାଗବେଲ
ଗୁ. ନାଗରବେଲ୍ୟ, ପାନ
पान
पान, नागरबेल
ଅ. ତାନ୍
ଫା. ବର୍ଗଂତବୋଲ୍

[ଦ୍ର—ଏ ଲତା ଆର୍ଦ୍ର ଓ ସମୋଷ୍ଣ ଜଳବାୟୁଯୁକ୍ତ ଅଞ୍ଚଳ ଓ ଛିପ ଏବଂ ବାଲିଆ ମାଟିରେ ବଢ଼େ । ଏହା ବେଶି ଖରା ବା ବର୍ଷା ସହି ପାରେ ନାହିଁ । ଶ୍ରମସ୍ତମଣ୍ଡପ 'ବରଜ' ଭିତରେ କରି ଏ ଲତା ଉପରେ ଛାୟା କରିବାକୁ ହୁଏ । ସୀମାନ୍ତ ପ୍ରଦେଶ ଓ ପଞ୍ଜାବ ଛଡ଼ା ଭାରତର ସର୍ବତ୍ର, ସିଂହଳ, ଜାବା ଓ ଶ୍ୟାମ ଆଦି ଉଷ୍ଣ ଜଳବାୟୁମୟ ଅଞ୍ଚଳରେ ଏହାର କୃଷି ହୁଏ । ପାନ ଗଛର ଫୁଲ, ଫଳ ବା ମଞ୍ଜି ହୁଏ ନାହିଁ । ପାନ ଲତାର ଡାଙ୍ଗକୁ ପୋତି ପାନର କୃଷି କରାଯାଏ । ନାନା ପ୍ରକାର ପାନ ଅଛି;

ଯଥା—ଦେଶୀ ପାନ, ଛଚ ପାନ, କର୍ପୂରକାନ୍ତି ପାନ, ମଘୀ । ଗୟା ଅଞ୍ଚଳରେ ଉତ୍ପନ୍ନ ମଘୀ ପାନ ଉତ୍କୃଷ୍ଟ ବୋଲି ବିବେଚିତ । ଓଡ଼ିଶାରେ ପାନର କୃଷି ଖୁବ୍ ଲାଭଜନକ । ଏଥିପାଇଁ ପାନ ଜମିର ଏକରର ଖଜଣା ପଚାଶ ଟଙ୍କାଠାରୁ ଦେଢ଼ ଶହ ଟଙ୍କା ହୁଏ । ବଡ଼ ଆକୃତିବିଶିଷ୍ଟ ପାନକୁ ବଡ଼ ପାନ, ସାଧାରଣ ବା ମଧ୍ୟମ ଆକୃତିବିଶିଷ୍ଟ ପାନକୁ ମହତା ପାନ ଓ ଛୋଟ ପାନକୁ ବାଣି ପାନ କୁହାଯାଏ । ୫୦ଟି ପାନରେ ଏକ କଡ଼ା ଓ ଦୁଇ କଡ଼ାରେ ଏକ ଶହ ହୁଏ । ଚୂନ, ଗୁଆ, ଗୁଣ୍ଡି, ଖଇର ଓ ମସଲା ଇତ୍ୟାଦି ଦେଇ ପାନକୁ ଖିଲି ଭାଙ୍ଗି ଲୋକମାନେ ମୁଖବାସରୂପେ ବ୍ୟବହାର କରନ୍ତି । ଗୁଣ୍ଡି ଦିଆ ନ ଯାଇଥିବା ପାନକୁ ସାଦା ପାନ ଓ ଗୁଣ୍ଡି ଦିଆଯାଇଥିବା ପାନକୁ କଡ଼ା ପାନ କହନ୍ତି । ବଙ୍ଗଦେଶାଗତ ଛଚ (ଶ୍ୱେତ) ପାନକୁ ବଙ୍ଗଳା ପାନ କୁହାଯାଏ । ଉତ୍କଳ ଦେଶରେ ଲୋକଙ୍କର ପାନ ଖାଇବା ଅଭ୍ୟାସ ଅତ୍ୟଧିକ । ମଫସଲରେ ଅଧିକାଂଶ ଲୋକେ ପାନ, ଗୁଆ, ଗୁଣ୍ଡି, ଖଇର ଓ ଚୂନ ଥିବା ମୁଣି (ବଟୁଆ) ଅଣ୍ଟାରେ ଖୋସି ଝୁଲାଇ ଥାଆନ୍ତି ଓ ଭଦ୍ର ଲୋକମାନେ ସଙ୍ଗରେ ଖିଲି ପାନ ଥିବା ବଟା ବା ଡବା ରଖନ୍ତି । ଆଗନ୍ତୁକ ଭଦ୍ରବ୍ୟକ୍ତିଙ୍କୁ ପାନ ଖିଲି ଦିଆଯାଏ; ଭୋଜିରେ ଓ ସାମାଜିକ ସଭାରେ ଓ ସମ୍ମିଳନରେ ଆଗନ୍ତୁକ ବ୍ୟକ୍ତିମାନଙ୍କୁ ପାନଖିଲି ଦିଆଯାଏ । ଦରବାର ଆଦିରେ ମଧ୍ୟ ଦରବାରୀମାନଙ୍କୁ ସରକାରଙ୍କ ପକ୍ଷରୁ ପାନଖିଲି ବଣ୍ଟାଯାଏ ।

ବୈଦ୍ୟକମତରେ ଏହା କଫ, ମୁଖଦୌର୍ଗନ୍ଧ୍ୟ, ମଳ, ବାୟୁ, ଶ୍ରାନ୍ତି, ଗ୍ରାହ୍ୟକତା ନାଶକ । ଜ୍ୱର, ମୁଖଶୋଷ, ରକ୍ତପିତ୍ତ, ମଦ, ମୂର୍ଚ୍ଛା ଓ ନେତ୍ରରୋଗୀ ଓ ରୁକ୍ଷ ଏବଂ ଦୁର୍ବଳ ବ୍ୟକ୍ତି ପକ୍ଷରେ ଏହା ସେବନ ନିଷିଦ୍ଧ । ଅଧିକ ପରିମାଣରେ ପାନ ଖାଇଲେ ତ୍ରିଦୋଷ କୁପିତ ହୁଏ ଓ ଶରୀର, ନେତ୍ର, କେଶ, ଦନ୍ତ, ଅଗ୍ନି, ଶ୍ରୋତ୍ର, ବର୍ଣ୍ଣ ଓ ବଳର କ୍ଷୟ ହୁଏ—ଦେବେନ୍ଦ୍ର—ଦ୍ରବ୍ୟଗୁଣ ।

ପାନ ରସ କଫ ଆଦି ଅନେକ ରୋଗରେ ଔଷଧର ଅନୁପାନ ସ୍ୱରୂପ ବ୍ୟବହୃତ ହୁଏ । ଭୋଜନ ପରେ ଗୁଆ, ଖଇର, ଚୂନ ଓ ମସଲା ଦିଆ ପାନ ଖାଇଲେ ମୁଖର ଦୁର୍ଗନ୍ଧ ନଷ୍ଟ ହୁଏ ଓ ଖାଦ୍ୟ ଦ୍ରବ୍ୟ ଜୀର୍ଣ୍ଣ ହେବା ପକ୍ଷରେ ଏହା ସାହାଯ୍ୟ କରେ ।]

୩ । ଚୂନ ବୋଳାଯାଇ ଗୁଆର ଟିକି ଟିକି ଖଣ୍ଡ, ମସଲା, ଖଇର ଦିଆଯାଇ ଖିଲି ମୋଡ଼ାଯାଇଥିବା ପାନ; ପାନଖିଲି—
3. A packet of betel leaves rolled with small pieces of betelnuts, spices, catechu etc. inside it.

୪ । ଚିଲିକାରେ ମିଳିବା ଏକ ପ୍ରକାର ଚିଙ୍ଗୁଡ଼ିମାଛ—
4 A kind of shrimp (found in the Chilka lake).

୫ । (ବଣିଆ ଶବ୍ଦ) ପାନ ପରି ଦିଶୁଥିବା ନାକରେ ପିନ୍ଧାଯିବା ଏକ ପ୍ରକାର ଛୋଟ ଅଳଙ୍କାର—
5 A small gold ring for the nose with a top resembling a betel leaf.

୬ । ତାସ ଖେଳରେ ପାନ ଆକୃତିର କଳା ଓ ନାଲି ରଙ୍ଗର ତାସ—(ନାଲି ପାନକୁ ହରତନ ଓ କଳାକୁ ଇସ୍ପାପାନ ବୋଲାଯାଏ)—
6. The two suits or kinds of playing cards resembling the size of betel leaves; the spades and the hearts amongst the playing cards.

ପ୍ରାଦେ. (ବାମଣ୍ଡା, ଅଠମଲ୍ଲିକ)—ବି.—ଗଛର ପତ୍ର—Leaf (ଯଥା—ସରଗୀ ପାନ=ଶାଳୁଆ ଗଛର ପତ୍ର ।)

ପାନଅଇଡ଼(ଡ଼ି; ରି)—ଦେ. ବି.—ଏକପ୍ରକାର ଔଷଧ ଲତା; ନାଗଦଅଣା—
Pāna airda (rdi; ri) A kind of medicinal creeper.

ସ. ଅର୍କପର୍ଣ୍ଣୀ; ଅର୍କମୂଳା; ଅହିଗନ୍ଧା; ନାଗଦମନୀ; ବିସର୍ପିଣୀ; ମହାଯୋଗେଶ୍ୱରୀ; ସୁନନ୍ଦା
ନାଗଦନା, ଈଶାରମୂଳ
ଈଶ୍‌ରମୂଲ, ରହିମୂଲ, ନାଗଦ୍ଦୋନ
ତେ. ଈଶ୍ୱରୀବେଟ୍ଟୁ
ଫା. ମାରଗ୍ୟେବା
ଆ. ହୁସ୍ପୋନ

[ଦ୍ର—ଏହା ଶୁକ୍ଳ ଓ କୃଷ୍ଣ ଭେଦରେ ଦୁଇ ପ୍ରକାର । କୃଷ୍ଣ ଅପେକ୍ଷା ଶୁକ୍ଳ ପାନଅଇଡ଼ଗଛ ଗୁଣରେ ଶ୍ରେଷ୍ଠ । (ଦ୍ରବ୍ୟଗୁଣ କଳ୍ପଦ୍ରୁମ) । ଏହାର ଚେର ସାପକାମୁଡ଼ା ଓ ବିଛା ନାହୁଡ଼ ମାରିବା ସ୍ଥାନରେ ଲେପ ଦିଅଯାଏ ଓ ଖାଇବାକୁ ଦିଆଯାଏ । ସ୍ତ୍ରୀମାନଙ୍କ ମାସିକ ଋତୁସ୍ରାବକୁ ନିର୍ଦ୍ଦୋଷ କରିବା ପାଇଁ ଏହାର ମୂଳ ବ୍ୟବହୃତ ହୁଏ । ହଇଜା ଓ ଅତିସାର ରୋଗରେ ଗୋଲମରିଚ ସଙ୍ଗେ ଏହାର ମୂଳକୁ ବାଟି ଖାଇଲେ ବହୁ ଉପକାର ହୁଏ । ଏ ପତ୍ରର ରସ ସାମାନ୍ୟ ମାଦକ, ଛୋଟ ପେଟ ବେମାରୀରେ ଉପକାରୀ । ଏହାର ମୂଳ ପତ୍ରର ରସ ତିକ୍ତ ଓ ଉଷ୍ଣ । ଏହା ସେବନ କଲେ ବାତ, ସର୍ପ ଓ ବୃଶ୍ଚିକବିଷ, ଶ୍ୱେତକୁଷ୍ଠ, ଗ୍ରହଣୀ, ବିସର୍ପ, ଜ୍ୱର, ଦଦ୍ରୁ ଓ ବ୍ରଣରୋଗ ନିବାରିତ ହୁଏ । ଏହାର ମୂଳର କ୍ୱାଥ, ଅଜୀର୍ଣ୍ଣ ବିରେଚନ, ରଜୋରୋଧ, ଆଘାତଜନିତ ବେଦନା, ଉଦରରୋଗ ଓ ଏକାହିକ ଜ୍ୱର ହରଣ କରେ । ଏଥିର ମୂଳ ଘୋରି ଆଖିରେ ଲଗାଇଲେ ଅଲୁଅ, ବ୍ରଣ ଭଲ ହୁଏ । ଏହା ଗର୍ଭସ୍ରାବକ—ବ୍ରଜବନ୍ଧୁ—ଦ୍ରବ୍ୟଗୁଣ କଳ୍ପଦ୍ରୁମ ।]

ପାନକ—ସ. ବି (ପାନ+କ)—ପ୍ରପାନକ; ପଣା; ସରବତ—
Pānaka A sweet drink; syrup.
[ଦ୍ର—ଚିନି, କନ୍ଦ ବା ଗୁଡ଼କୁ ପାଣିରେ ଗୋଳି ସେଥିରେ ଡାଳଚିନିରସ ବା ଲେମ୍ବୁର ଆଦିର ସାମାନ୍ୟ ଅମ୍ଳରସ ମିଶାଇ ମୁଖରୋଚକ ପାନୀୟ ତିଆରି କରାଯାଏ ।]

ପାନ କଣ୍ଟା—ଦେ. ବି—ବଙ୍ଗାଳିଆ ଖୋସାର ମଣ୍ଡଳାକାର ବେଣୀର ସଜ୍ଜା ମାନଙ୍କୁ ପରସ୍ପର ସଙ୍ଗେ ଆବଦ୍ଧ କରି ରଖିବା ନିମନ୍ତେ ବ୍ୟବହୃତ ଲୁହାର ବଙ୍କା କଣ୍ଟା—Hair pin with a metal leaf over it.
Pāna kanta
ପାନକାଁଟା
[ଦ୍ର—ଏଥିର ପିଠିରେ ପାନପତ୍ର ପରି ଧାତୁଖଣ୍ଡ ଲାଗିଥାଏ ।]

ପାନ କପୁର—ଦେ. ବି—(ସ. ପର୍ଣ୍ଣ.+କର୍ପୂର)—୧ । ଏକପ୍ରକାର କପୁର—1. A kind of camphor.
Pāna kapura
୨ । ପାନକପୁରୁ (ଦେଖ)—2 Pānakapurā (See)

ପାନକପୁରୁ—ଦେ. ବି (ସ. ପର୍ଣ୍ଣ+କର୍ପୂର; ଏହାର ପତ୍ର କର୍ପୂର ପରି ବାସିବାରୁ)—ନାରଙ୍ଗାଦି ବର୍ଗର କ୍ଷୁପବିଶେଷ—Clausena Heptaphylla; (a small plant with camphor scented leaves).
Pānakapurā
ପାନକପୂର
ପାନଡ଼ୀ

[ଦ୍ର—ଏହା ପୂର୍ବ ବଙ୍ଗରେ ଜନ୍ମେ; ଅନ୍ୟତ୍ର ଲୋକେ ସଉକରେ ବଗିଚ୍ଚରେ ଲଗାନ୍ତି । ପତ୍ର ମଳଲେ କର୍ପୂରର ଗନ୍ଧ ବାହାରେ । ପତ୍ରରେ ପ୍ରାୟ ୭୫ ପର୍ଣ୍ଣି ଥାଏ । ଏହା ତେଲକୁ ବା ପାନସୁକୁ ସୁବାସିତ କରିବା ପାଇଁ ତହିଁରେ ମିଶାଯାଏ ।]

ପାନ ଖିଲ(ଲ)—ଦେ. ବି (ସଂ. ପର୍ଣ୍ଣ+କୀଲକ)—**ଗୁଆ ମସଲା ଆଦିରେ** Pāna khila (li) ପୂର୍ଣ୍ଣ କରି ମୋଡ଼ା ଯାଇଥିବା ପାନର କାହାଲି— পানখিলি, পানের বীড়া **पानका बीड़ा, पानकि खिल्ली** Betel leaf rolled into a packet and containing spices, lime, catechu and small pieces of betel nuts.

[ଦ୍ର—ପାନକୁ ଦୁଇ ଫାଳ କରି ତହିଁରେ ଚୂନ ବୋଳି ଖଇର, ଭଙ୍ଗା ଗୁଆ, ମସଲା ଓ ତମାଖୁର ଗୁଣ୍ଡି ଦେଇ ନାନା ଆକାରରେ ପାନଖିଲ ମୋଡ଼ାଯାଏ । ଯେଉଁ ପାନଖିଲ ମଧ୍ୟରେ ଗୁଣ୍ଡି ଦିଆଯାଇ ନ ଥାଏ ତାକୁ ସାଦା (ଧା) ଖିଲ ଓ ଯହିଁରେ ଗୁଣ୍ଡି ଥାଏ ତାକୁ କଡ଼ା ଖିଲ କହନ୍ତି ।]

ପାନ ଗୋଷ୍ଠୀ—ସଂ. ବି—୧ । ମଦ୍ୟପାନ ଚକ୍ର; ଯେଉଁଠାରେ ତାନ୍ତ୍ରିକ Pāna goshṭhi ମାନେ ଏକତ୍ର ହୋଇ ମଦ୍ୟପାନାଦି ପଞ୍ଚମକାରର (ପାନଗୋଷ୍ଠିକା—ଅନ୍ୟରୂପ) ସାଧନା କରନ୍ତି (ହ୍ର. ଶବ୍ଦସାଗର)— 1. A place where Tantrik devotees assemble and perform wine drinking and other Tantric rites.

୨ । ତାଡ଼ୀଖାନା; ଶୁଣ୍ଡି; ମଦୁଆଙ୍କ ଆଡ୍ଡା— 2. A place where people assemble for drinking toddy or wine; tavern.

୩ । ମଦକ ଖଟି—3. Opium smoking den.

ପାନ ଟେକା—ପ୍ରାଦେ. (ଗଡ଼ଜାତ ଓ ସିଂହଭୂମ) ବି—ବିବାହ ପୂର୍ବରୁ Pāna ṭekā ବର ପକ୍ଷୀୟ ଓ କନ୍ୟାପକ୍ଷୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ହେବା ମହାପ୍ରସାଦ ବନ୍ଧନ—Ceremony of formal betrothal done between the bride's and bridegroom's guardians.

[ଦ୍ର—ବଙ୍ଗଦେଶରେ ବିବାହ ସମ୍ବନ୍ଧ ନିର୍ଦ୍ଧାରକ ପତ୍ର ବା ଲେଖକୁ ପାନପତ୍ର ବୋଲାଯାଏ ।]

ପାନଡିବା—ଦେ. ବି—ଯେଉଁ ଧାତୁମୟ ଦୁଇଫାଳଆ ପାତ୍ର ବା ବାକ୍ସରେ Pāna ḍibā ଖିଲପାନ ରଖାଯାଏ; ପାନବଟା—A pot for পানের ডিপে keeping prepared betel.
पानडबा, पनबटा
(ପାନଡବିଆ, ପାନଡବା, ପାନଡବି—ଅନ୍ୟରୂପ)

ପାନତୁଆ—ଦେ. ବି—ପାନ୍ତୁଆ (ଦେଖ)
Pānatuā Pāntuā (See)

ପାନଦାନ୍—ବୈଦେ. ବି (ଓ. ପାନ+ଫା. ଦାନ୍)—
Pānadān ୧ । ପାନଡିବା (ଦେଖ)
পানদান 1. Pānaḍibā (See)
पानदान ୨ । ବଡ଼ଲୋକମାନଙ୍କ ସଭା ଓ ମଜଲସରେ ଆଗନ୍ତୁକମାନଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ ଦିଆଯିବା ପାନଖିଲମାନ ଯେଉଁ ଆଧାରରେ ରଖାଯାଏ—2. A tray in which rolled packets of betel are kept and presented to guests in social gatherings.

ପାନ ଦୋଷ—ସଂ. ବି (ମ. ପ. ଲୋପୀ; ପାନଜନିତ ଦୋଷ)— Pāna dosha ଅତିରିକ୍ତ ମଦ୍ୟପାୟିତା; ମଦୁଆଗିରି—Intemperance.

ପାନପ—ସଂ. ବି—(ପାନ+ପା ଧାତୁ+କର୍ତ୍ତୃ. ଅ)—ମଦ୍ୟପ; ମଦୁଆ
Pānapa (ହ୍ର. ଶବ୍ଦସାଗର)—A drunkard.

ପାନ ପଟୁରି ଘାସ—ଦେ. ବି—ପାନିଆ ଘାସ (ଦେଖ)
Pāna paturi ghāsa Pāniā ghāsa (See)

ପାନ ପଟୁରି—ଦେ. ବି. (ସଂ. ପର୍ଣ୍ଣ+ପତ୍ର)—
Pāna paturi ସ୍ତ୍ରୀଲୋକମାନଙ୍କ କେଶରେ କପାଳ ଉପରେ ପିନ୍ଧାଯିବା ପାନ ଆକାରର ଅଳଙ୍କାରବିଶେଷ— A kind of ornament shaped like a betel leaf and put on the brow over the hair by women.
(ପାନପଟ୍ଟୀ—ଅନ୍ୟରୂପ)

ଝଲକ ପାନପଟୁରି । ମୁଖେନ୍ଦୁ ଦେହ ଲେହର କେଶ ଘନ୍ତ କହ୍ନା ଲହ ଲହ କରି
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ପାନ ପାତ୍ର—ସଂ. ବି. (ମ. ପ. ଲୋ; ପାନାର୍ଥ ବ୍ୟବହୃତ ପାତ୍ର)—
Pāna pātra ୧ । ଗିଲାସ—1. Drinking glass.
(ପାନ ଭାଜନ, ପାନ ଭାଣ୍ଡ—ଅନ୍ୟରୂପ) ୨ । ମଦ ପିଇବା ପାତ୍ର— 2. Wine glass.

୩ । ପାଣି ପିଇବାର ପାତ୍ର—
3. Drinking pot; drinking bowl.

ପାନ ପିକ—ଦେ. ବି—ଖିଲ ପାନ ଖାଇବା ଲୋକର ପାଟିରୁ ବାହାରିବା Pāna pika ପାନ ରସ ମିଶ୍ରିତ ଛେପ—Saliva or spittle (ପାନପିକ୍କ—ଅନ୍ୟରୂପ) induced by chewing betel.
পানের থু থু **पानका पीक**

ପାନ ଫୁଲ—ଦେ. ବି—ବିବାହ ପୂର୍ବରୁ ବର ଓ କନ୍ୟା ପକ୍ଷରୁ ପରସ୍ପରକୁ Pāna phula ଦିଆଯିବା ଉପଢୌକନସ୍ୱରୂପ ପାନ ଓ ଫୁଲ—
पान फूल Presents of betel and flowers exchanged between the bride and bridegroom before marriage.

ପାନ ବଟା—ଦେ. ବି—ପାନଡିବା (ଦେଖ)
Pāna baṭā Pānaḍibā (See).

ପାନ ବଟୁଆ—ଦେ. ବି (ସଂ. ପର୍ଣ୍ଣ; ସଂ. ବଟ=ଗଣସୂତ୍ର)—ପାନ ଭାଙ୍ଗି Pāna baṭuā ଖାଇବାର ଉପକରଣ ଆଦି (ପାନ, ଚୂନ, ଖଇର, পানের বটুয়া(থলে) ଗୁଆ ଓ ଗୁଣ୍ଡି) ରଖାଯିବା ମୁଣି—
पानकाबटवा Betel-pouch; a pouch in which the (ପାନମୁଣି, ପାନଥଳି—ଅନ୍ୟରୂପ) ingredients for chewing betel are kept.

ପ୍ରାଦେ (ବସ୍ତର) ବି—ପାନଡିବା—A pot for keeping rolled up betel-packets.

ପାନ ବଣିକ୍(କ)—ସ. ବ—ଶୁଣ୍ଡି; ମଦ୍ୟବିକ୍ରେତା—
Pāna baṇik(ka) Wine seller.
(ପାନବଣିଜ—ଅନ୍ୟରୂପ)

ପାନ ବରଜ—ଦେ. ବ (ସ. ପର୍ଣ୍ଣ+ବାଟ=ମଣ୍ଡପ)—ଯେଉଁ ଛାମଣ୍ଡପ
Pāna baraja ମଧ୍ୟରେ ପାନ ଫସଲ ଲାଗିଥାଏ—
पानबरज A shade of grass and reed made for
पनबाड़ि; पानकाबरौंजा; बरेब rearing betel; betel plantation.

[ଦ୍ର—ପାନ ଲତା ଉଚ୍ଚ ଡିପ ଓ ବାଲିଆମାଟିରେ ଉଧାଏ । କିନ୍ତୁ ପାନ ଫସଲରେ ବରାବର ପାଣି ଛିଞ୍ଚିବା ଦରକାର । ପାନ ଗଛ ଖରାରେ ମରିଯାଏ; ଏଥିପାଇଁ ଇଙ୍କଡ଼ି ନାମକ ଗୁଳ୍ମର ଡାଙ୍ଗ ଛାଆର କରି ତହିଁରେ ଖମୁଣ୍ଡିଆ ଓ କାନ୍ଥ କରି ସେହି ଖମୁଣ୍ଡିଆ ତଳେ ପାନ ଲଗାଇବାକୁ ହୁଏ । ଏହାକୁ ପାନବରଜ ବୋଲାଯାଏ ।]

[ଦ୍ର—ପାନ ଓ ପାନବରଜସମ୍ବନ୍ଧୀୟ କେତେକ ଶବ୍ଦ :—ନଅ, ଲଅ—ପାନଲତା । ଗାଣ୍ଡିଗୃ—ପାନଲତାର ଖଣ୍ଡିତ ଅଂଶ ବା ପବର ମୂଳଗଣ୍ଡି, ଯାହାକୁ ଭୂମିରେ ପୋତି ଲୋକେ ନୂତନ ଗଛ ଉତ୍ପାଦନ କରନ୍ତି । ଛିଠା—ପାନଲତାର ଗଣ୍ଠିରୁ ବାହାରିବା ଡଙ୍କ ବା କଡ଼ମା । ଗଛ—ଏକତ୍ର ଲଗାଯାଇଥିବା ଦୁଇ ଧାଡ଼ି ପାନ ଲତା । ଆଉଡ଼—୨୮ଟି ପାନ 'ଗଛ'ର ଧାଡ଼ି ଅନ୍ତରରେ ଦିଆ ଯାଇଥିବା ତେଲଙ୍ଗି ବାଉଁଶର ଛକ । ଏଥିର ତଳ ଭୂଇଁରେ ଓ ମୁଣ୍ଡ ବରଜର ଛାତରେ ଲାଗେ । ଛୁଆଁ—ବରଜର ଛାତ ବା ଚାଳ ଉପରେ ପରା ଯାଇଥିବା ତେଲଙ୍ଗି ବାଉଁଶ (ଯାହା ଉପରେ ଯୁଣ ବନ୍ଧାଯାଇ ଛାୟା କରାଯାଏ । ବନ୍ଧଣୀ, ବନ୍ଧଣି—ବରଜ ଛାତରେ ଛୁଆଁ ଉପରେ ବନ୍ଧାଯିବା ଯୁଣ ବଡ଼ା । ପାଖୁଡ଼—ଅଗ କଟାଯାଇଥିବା ଇଙ୍କଡ଼ି, ଯାହା କି ଡାଙ୍ଗ ବନ୍ଧାଯାଇ ବରଜ ଚାରିପାଖରେ ଦିଆଯାଏ ।]

ପାନ ବରଜି—ଦେ. ବ (ସ. ପର୍ଣ୍ଣ+ବାରୁଜୀବୀ, କ୍ଷୀଜେନ୍ଦ୍ର)—୧ । ଯେଉଁ
Pāna baraji ଲୋକ ପାନ ବରଜ କରି ପାନ ଫସଲ କରେ—
बारुई A person who raises betel by
बरई agriculture.
(ପାନବରଜିଆ—ଅନ୍ୟରୂପ) ୨ । ପାନ ଫସଲ ପ୍ରସ୍ତୁତକରିବା ଶୂଦ୍ର-ଜାତିବିଶେଷ—2. A caste of Śūdras which raises betel plantations; a betel planter.

ପାନବିଡ଼ା—ପ୍ରାଦେ (ସମ୍ବଲପୁର) ବ (ଭୁଲ. ହି. ପାନବୀଡ଼ା)—ପାନଖିଲ
Pānabirḍā (ଦେଖ)—Pānakhila (See).

ପାନବିଡ଼ିଆ—ଦେ. ବ (ସ. ପର୍ଣ୍ଣ ଓ ବଟିକା)—ପାନଖିଲ—
Pānabirḍiā A packet made up of pieces of betel unts, spices etc packed in betel leaf.

ପାନ ବିଭ୍ରମ—ସ. ବ—ପାନାତ୍ୟୟ (ଦେଖ)
Pāna bibhrama Pānātyaya (See).

ପାନ ବୋଲ—ଦେ. ବ—ପାନଖିଲ ଚୋବାଇଥିବା ଯୋଗୁଁ ଅଧରରେ ଓ
Pāna bola ଦାନ୍ତରେ ବସିଥିବା ଗାଢ଼ ରକ୍ତବର୍ଣ୍ଣ ସ୍ତର—
पानका रंग; पानकी ललाई Red dye of the lips and teeth due to chewing betel.

ଅଧର ସୁନ୍ଦର ନ ଥାଇ ପାନ ବୋଲ
ଧିକ୍କାରୁଥାଇ ସବୁଜେଙ୍କରେ ପ୍ରବାଳ—କୃଷ୍ଣସିଂ ତ. ମହାଭାରତବନ ।

ପାନ ଭାଙ୍ଗିବା—ଦେ. କ୍ରି.—ପାନ ପତରରେ ଚୂନ ବୋଲି ତହିଁରେ
Pāna bhāṅgibā ଖଇର ଓ ଗୁଆ ମସଲା ଆଦି ଦେଇ ପାନ
पानसाजा ଖିଲ ସଜ୍ଜିତ କରିବା—To make up betel and
पान लगाना pieces of nuts, spices etc into packets.

ଭଙ୍ଗିତ ଯତନେ ଭାଙ୍ଗି ପାନ । ଅଭିମନ୍ୟୁ ବିଦଗ୍ଧ ଚିନ୍ତାମଣି

ପାନ ଭୂମି—ସ. ବ.— ମଦ ଖଟି; ଭାଟିଖଟି—
Pāna bhūmi A place where people gather for
(ପାନଭୂ; ପାନଭୂମୀ—ଅନ୍ୟରୂପ) drinking wine or toddy.

ପାନ ମସଲା—ଦେ. ବ.—(ସ. ପର୍ଣ୍ଣ+ଫା. ମଶାଲ୍ଲା)—ପାନ ଖିଲରେ ଦିଆ
Pāna masalā ଯିବା ମସଲା (ଯଥା—ଗୁଜୁରାତି, ଅଲେଇଚ, ଯାଇତ୍ରୀ
पान मसला ଲବଙ୍ଗ, ଜାଇଫଳ ଓ କବାବଚିନି)—Spices taken
पानका मशाला with betel.

ପାନମହୁରି—ଦେ. ବ. (ସ. ପର୍ଣ୍ଣ+ମଧୁରିକା)—ଧନ୍ୟାକବର୍ଗର ବର୍ଷାୟୁଃ
Pānamahuri ଶାକବିଶେଷ—Anisse; aniseed; fennel;
ସ. ମିଶ୍ରେୟା, ମଧୁରିକା, ମିସି, Faeniculium Vulgare.
ଅବାକ୍‌ପୁଷ୍ପୀ; ସହିତ ପୁଷ୍ପିକା, [ଦ୍ର—ଏହା ଖିଲ ପାନରେ ଓ
ଛତ୍ରା, ଶାଲେୟ, ଶାଲୀନ ରାନ୍ଧିବାର ମସଲା ରୂପେ ବ୍ୟବହୃତ
ଗୁ. ବରିୟାଲୀ ହୁଏ । ଏହା ଔଷଧରେ ଲାଗେ ଓ
ତେ. କୁପି; ପୋଦଜଲ କୁରହ ସୌଂଫ] ଏହାର ଅର୍କ ଔଷଧରୂପେ
ମ. ବଡ଼ୀ ଶୌଂଫ ବ୍ୟବହାର କରାଯାଏ । ବୈଦ୍ୟକ
ଫା. ବାଦିୟାନ୍ ମତରେ ଏହା ଯୋନିଶୂଳ, ଅଗ୍ନି-
ଆ. ଏଜୟାନଜ ମାନ୍ଦ୍ୟ, ମଳବଦ୍ଧତା, କ୍ରିମି, ଶୂଳ,
पानमहरी, मौरी, मडरी କାସ, ବମି, ଶ୍ଳେଷ୍ମା ଓ ବାୟୁନାଶକ ।
सउफ, सौंफ, मिठाजिरा ଏହା ବୃଷ୍ୟ, ରୁକ୍ଷ ଓ ପାଚକ ।]
(ପାନମହୁର, ପାନମୌରି, ପାନମଧୁର—ଅନ୍ୟରୂପ)

ପାନରା—ଦେ. ବ.—(ସଂ. ପର୍ଣ୍ଣକାର)—୧ । ପାନବରଜି (୨) (ଦେଖ)
Pānarā 1. Pānabaraji (2) (See)
बारुई, बारुजी; पानबरजी, पानति ୨ । ପାନ ବେପାରୀ—
पनेरी, बरइ 2. A trader in betal-leaves.
(ପାନେରା—ଅନ୍ୟରୂପ)

ପାନ ଲୋଡ଼ା—ଦେ. ବ. (ବରଜଙ୍କ ବ୍ୟବହୃତ)—ପାନ ଲତାରୁ ପାନ
Pāna lorḍā ଛିଣ୍ଡାଇବା ପ୍ରକ୍ରିୟା—Plucking of betel leaves from the creeper.

ପାନ ଲୋଡ଼ିବା—ଦେ. କ୍ରି. (ବରଜମାନଙ୍କ ବ୍ୟବହୃତ ଶବ୍ଦ)—ପାନଲତାରୁ
Pāna lorḍibā ପାନ ତୋଳିବା—To pluck betel leavs from the creeper.

ପାନ ଶିର—ଦେ. ବ.—ପାନ ଡେମ୍ଫକୁ ଲାଗି ଥିବା ପାନପତ୍ରର ପିଠି
Pāna śira ମଧ୍ୟସ୍ଥ ଶିରା—The continuation of the
(ପାନଶିରା—ଅନ୍ୟରୂପ) stem of a betel leaf.

ପାନ ଶୌଣ୍ଡ—ସ. ବଣ. ପୁଂ. (ପାନ=ମଦ୍ୟପାନ+ଶୌଣ୍ଡ=ମତ୍ତ)—
Pāna śauṇḍa ଅତ୍ୟନ୍ତ ପାନରତ; ମଦୁଆ; ମଦ୍ୟପାନାସକ୍ତ—
One addicted to drink; drunkard.

ପାନସ—ଦେ. ବି.—(ଫା. ଫାନୁସ୍)—କାଚ, ମେଘନାଲ ଓ କାଗଜ
Pānasa ନିର୍ମିତ ଦୀପାଧାରବିଶେଷ—Chineese lantern.
ଫାନସ ଫାନୁସ [ଦ୍ର—ଯେଉଁ ପାନସ ଉପରେ ଉଡ଼େ ତାକୁ
(ପାନୁସ—ଅନ୍ୟରୂପ) ଉଡ଼ା ପାନୁସ କୁହାଯାଏ ।]
ସଂ. ବିଣ. (ପନସ+ଅ)—ପଣସ ସମ୍ବନ୍ଧୀୟ—
Relating to the jackfruit.
ସଂ. ବି—ପଣସରୁ ତିଆର ପ୍ରାଚୀନ କାଳର ଏକପ୍ରକାର ମଦ୍ୟ—
A kind of wine prepared in old times from the jack fruit.

ପାନାଗାର—ସଂ. ବି. (ପାନ+ଆଗାର)—ମଦଖଟି; ଯେଉଁ ଘରେ ମଦ
Pānāgāra ପିଇବା ପାଇଁ ଲୋକେ ଏକତ୍ର ହୁଅନ୍ତି—Tavern; a house where people assemble to drink wine.
(ପାନାଳୟ, ପାନଶାଳା—ଅନ୍ୟରୂପ)

ପାନାତ୍ୟୟ—ସଂ. ବି—ଅତ୍ୟଧିକ ମଦ୍ୟପାନ ଯୋଗୁଁ ଜନ୍ମିବା ରୋଗ
Pānātyaya ବିଶେଷ—A disease due to excessive drinking of wine.
[ଦ୍ର—ଏଥିରେ ହୃଦୟର ଦାହ ଓ ପୀଡ଼ା ହୁଏ, ମୁହଁ ହଳଦିଆ ହୋଇଯାଏ, ଘନ ଘନ ମୂର୍ଚ୍ଛା ହୁଏ, ପ୍ରଳାପ ହୁଏ ଓ ମୁହଁରୁ ଫେଣ ବାହାରେ—ହି. ଶ ।]

ପାନାର୍ଥୀ—ସଂ. ବିଣ. ପୁଂ. (ପାନ+ଅର୍ଥ ଧାତୁ+ଇନ୍; ୧ମା. ୧ବ)—
Pānārthi ୧ । ଯେ ପିଇବା ପାଇଁ ଇଚ୍ଛା କରୁଥାଏ—
(ପାନାର୍ଥିନୀ—ସ୍ତ୍ରୀ) 1. Desirous of drinking.
୨ । ଯାହାକୁ ଶୋଷ କରୁଥାଏ—2. Thirsty.

ପାନାସକ୍ତ—ସଂ. ବିଣ. ପୁଂ. (୭ମୀ ତତ୍; ପାନରେ ଆସକ୍ତ)—
Pānāsakta ୧ । ଯେ ସର୍ବଦା ଜଳପାନ କରିବାରେ ଅଭ୍ୟସ୍ତ—
(ପାନାସକ୍ତା—ସ୍ତ୍ରୀ) 1. Habituated to drinking water.
୨ । ଯେ ସର୍ବଦା ମଦ୍ୟପାନରେ ଲିପ୍ତ—
2. Addicted to drink; drunkard.

ପାନି(ନିଁ)—ପ୍ରାଦେ. (ସମ୍ବଲପୁର ଓ ବସ୍ତର) ବି—ପାଣି; ଜଳ—
Pāni(niñ) Water.

ପାନିଆ(ଆଁ)—ଦେ. ବି. (ସଂ. ପ୍ରବେଣୀ; ପ୍ରସାଧନୀ)—୧ । କଙ୍କତିକା;
Pāniā(āñ) କେଶ ପ୍ରସାଧନୀ; କଙ୍ଗେଇ—1. Comb.
चिरनी; चिरूनी, काँकई ୨ । ଲୁଗାବୁଣା ସମୟରେ ଟାଣୀ ସୂତାକୁ
ककहा, कंघी ଧାଡ଼ିମତେ ଟାଣି ଧରିବା ନିମିତ୍ତ ବ୍ୟବହୃତ
ତେ. ହୁବେ. କଙ୍କତିକା ସଦୃଶ ଯନ୍ତ୍ରବିଶେଷ—
2. A comb of weavers through which the warp threads are passed to keep them distinct from each other during weaving.
୩ । କାନ୍ଧ ଓ ଖଣ୍ଡିଆ ମୁଣ୍ଡି ମଧ୍ୟରେ ଥିବା ତ୍ରିକୋଣ ହାଡ଼—
3. The scapula.
୪ । ଉଲ୍ ଓ ଝୋଟ ଆଦିକୁ କୁଣ୍ଡାଇ ପରିଷ୍କାର କରିବା ପାନିଆ—
4. A comb for clearing wool, flax etc.
ପ୍ରାଦେ (ସମ୍ବଲପୁର ଓ ବସ୍ତର) ବିଣ.—ପାଣିଆ—Watery.

ପାନିଆଁ ଦହି—ପ୍ରାଦେ. (ବସ୍ତର) ବି.—ଘୋଳ ଦହି—
Pāniāñ dabi Churned curd.

ପାନିଆ ଖେଳ—ପ୍ରାଦେ (ଗଡ଼ଜାତ) ବି. ଏକପ୍ରକାର କ୍ରୀଡ଼ା—
Pāniā khela A kind of indoor game.
[ଦ୍ର—ଦୁଇଜଣ ଖେଳାଳି ଏଥିରେ ଖେଳନ୍ତି । ତ୍ରିଭୁଜାକାରରେ ଗୁଡ଼ାଏ ସାନ ଗୋଡ଼ିକୁ ଛେଳି ଓ ବଡ଼ ଗୋଡ଼ିକୁ ବାଘ କଳ୍ପନା କରାଯାଇ ଭୂମିରେ ଗାର କଟାଯାଇ ରଖାଯାଏ । ଜଣେ ଖେଳାଳି ଛେଳି ନିଏ ଓ ଆଉ ଜଣେ ବାଘ ନିଏ । ଛେଳି ଗୋଡ଼ିମାନ ଏପରି ବସାଇବାକୁ ହେବ ଯେ ବାଘ ଗୋଡ଼ି ତାକୁ ଡେଇଁ କରି ଖାଇ ପାରିବ ନାହିଁ ।

ପାନିଆ ଘାସ—ଦେ. ବି—ଏକ ପ୍ରକାର ଘାସ—
Pāniā ghāsa A kind of grass.
(ପାନିଆଁ ଘାସ—ଅନ୍ୟରୂପ) [ଦ୍ର—ଏହାର ମୂଳ ପାନିଆପରି ଚଉଡ଼ା, ଏହାର ପତ୍ର ଧାନ ପତ୍ରଠାରୁ ସାନ ଓ କୋମଳ ।]

ପାନିକ—ସଂ. ବି—(ପାନ+ଇକ)—ମଦ୍ୟକାର ଓ ମଦ୍ୟ ବ୍ୟବସାୟୀ
Pānika ବ୍ୟକ୍ତି; ଶୁଣ୍ଡି—A vender of spirituous liquors; wine distiller. (Apte)

ପାନିକି—ଗ୍ରା. ବି—ପାଲିଙ୍କି (ଦେଖ)
Pāniki Pālinki (See)

ପାନି କୁଆଲି—ପ୍ରାଦେ (ସୋନପୁର) ବି—ପାଣି କୁଆ (ଦେଖ)—
Pāni kuāḷi Pāṇi kuā(See)

ପାନିଲ—ସଂ. ବି—(ପାନ+ଇଲ)—ପାନପାତ୍ର—
Pāniḷa A drinking vessel; goblet. (Apte).

ପାନିହାରି ବେଲା—ପ୍ରାଦେ. (ସମ୍ବଲପୁର) ବି—(ଭୁଲ. ଏହି ଅର୍ଥରେ ହି.
Pānihāri belā ପନିହାରୀ ବେଲା)—ପାନ୍‌ତି ବେଲା (ଦେଖ)—
Pān-ti belā (See)

ପାନୀୟ—ସଂ. ବିଣ—(ପା ଧାତୁ+କର୍ମ. ଅନୀୟ)—୧ । ପେୟ; ପାନର
Pānīya ଉପଯୁକ୍ତ—1. Drinkable.
୨ । ପିଇବା ପାଇଁ ଅଭିପ୍ରେତ—
2. Intended to be drunk.
୩ । ରକ୍ଷଣୀୟ—
3. To be preserved or protected.
୪ । ଜଳ ସମ୍ବନ୍ଧୀୟ—4. Relating to water.
୫ । ଜଳଚର(ଜୀବ)—5. Aquatic (animal)
ସଂ. ବି—୧ । ଜଳ—1. Water.
୨ । ପଣା—2. Sweet drink.
୩ । ପିଇବାର କୌଣସି ଦ୍ରବ୍ୟ—
3. A drink; beverage.

ପାନୀୟ କାକିକା—ସଂ. ବି—ପାଣିକୁଆ (ଦେଖ)
Pānīya kākikā Pāṇikuā (See)

ପାନୀୟ ନକୁଳ—ସଂ. ବି—ଓଧ—
Pānīy nakuḷa Otter.

ପାନୀୟ ଫଳ—ସଂ. ବି—୧ । ପାଣି ଫଳ; ଶିଙ୍ଗଡ଼ା—
Pānīya phaḷa 1. Water chestnut.
୨ । ମଖନା—2. A kind of aquatic plant, the seeds of which are fried and eaten.

ପାନୀୟ ବର୍ଣ୍ଣିକା—ସଂ. ବ—ବାଲୁକା; ବାଲି—
Pāniy barṇṇikā Sand (Apte).
(ପାନୀୟ ଚୂର୍ଣ୍ଣିକା—ଅନ୍ୟରୂପ)

ପାନୀୟଶାଳା—ସଂ. ବ—୧ । ପାଣି ରଖିବାର ଘର —
Pāniay śālā 1. A house for storing water.
(ପାନୀୟ ଶାଳିକା—ଅନ୍ୟରୂପ) ୨ । ଯେଉଁ ସ୍ଥାନରେ ପଥିକମାନଙ୍କୁ ଜଳ ଦିଆ ହୁଏ; ଜଳସତ୍ର—1. A place for distribution of water to travellers.

ପାନୀୟଶାଳେ ପ୍ରାଣୀମାନେ,
ତଇବେ ମିଳନ୍ତି ଯେସନେ । ଜଗନ୍ନାଥ, ଭାଗବତ ।

ପାନୀୟାମଲକ—ସଂ. ବ—ପାଣି ଅଁଳା (ଦେଖ)
Pāniyāmalaka Pāni a-ṅlā (See)

ପାନୀୟାଳୁ—ସଂ. ବ—୧ । ଶଙ୍ଖ ସାରୁ—
Pāni ālu 1. A kind of sweet edible arum.
ଶାଁକଆଳୁ ୨ । ଗସ୍ମା ଅଳୁ—
पानीआलु 2. A kind of sweet yam.

ପାନୁ—ପ୍ରାଦେ (ଗଞ୍ଜାମ) ବୈଦେ. ବ—(ତେଲୁଗୁ)—ଟାକ୍ସ; ଟିକସ; ଶୁଳ୍କ—
Pānu Tax; cess.
(ଯଥା—ସଂସାର ପାନୁ=ଇନ୍‌କମ ଟାକ୍ସ)

ପାନୁଆରି—ପ୍ରାଦେ (ଗଡ଼ଜାତ) ବ—ପାନ ଅଇଡ଼ (ଦେଖ)
Pānuāri (ପାନେରି—ଅନ୍ୟରୂପ) Pāna airḍa (See)

ପାନେ— ଦେ. ଅ - ଏକପାନ ବା ମାତ୍ରା ପରିମିତ (ଔଷଧାଦି)—
Pāne A dose of (medicine).
একপান एकखुराक

ପାନେଲ—ବୈଦେ. ବ (ଇଂ. ପାନେଲ)—ଯେଉଁ କବାଟର ପଟା ଖଣ୍ଡେ
Pānela ଭଲ୍ଲାରେ ନ ହୋଇ ଗୃହପାଖେ ଚଉକାଠ ପରି ଚଲ୍ଲା
পানিল पानिपल,नखासीदरकीवाड़ ଦିଆଯାଇ ମଝିରେ ଖଣ୍ଡେ
ପାନଅଲ୍; ପାନଆଲି, ପାନ୍ଏଲ୍, ପାନଲ୍ ପାନ୍ଏଲୀ } ଅନ୍ୟରୂପ ପଟା ଉଡ଼ା ଯାଇଥାଏ—
Panelled door.

ପାନେଲା—ବୈଦେ. ବ—ପନେଲା (ଦେଖ)
Pānelā Panelā (See)
ପାନଆଲା ପାନଏଲା } ଅନ୍ୟରୂପ पानेला, পিনিওলা पनेला

ପାନ୍ତୁଆ—ଦେ. ବ—ଲାଲମୋହନ; ଗୋଲାପ ଜାମୁ ନାମକ ମିଷ୍ଟାନ୍ନ—
Pāntua A kind of Indian sweetmeat made from cheese.
পানিতুয়া; পানতোয়া पानतुआ
[ଦ୍ର—ଦୁଧ ଛେନା ସଙ୍ଗେ ଗୁଅଳ ଗୁଣ୍ଡ ମିଶାଇ ଗୋଲାକାର ପିଣ୍ଡ କରାଯାଏ । ପରେ ତାକୁ ଘିଅରେ ପାକ କରି ଚିନି ରସରେ ବୁଡ଼ାଇ ଏହା ତିଆର ହୁଏ ଓ ଏହା ରକ୍ତବର୍ଣ୍ଣ ଦେଖାଯାଏ ।]

ପାନ୍ଥ—ସଂ. ବ. (ପଥିନ୍—ପଥ+କୁଶଳ ବା ଗନ୍ତୁ ଅର୍ଥରେ· ଅ)—
Pāntha ୧ । ବାଟୋଇ; ପଥିକ; ପର୍ଯ୍ୟଟକ—1. Traveller.
୨ । ବିଦେଶରେ ଥିବା ଯୋଗୁଁ ସ୍ତ୍ରୀ ବିଚ୍ଛେଦ ଦୁଃଖୀ ବ୍ୟକ୍ତି—
2. A lover separated from his sweetheart being far away from home.

ପାନ୍ଥ ନିବାସ—ସଂ. ବ. (୬ଷ୍ଠୀ ତତ୍; ପାନ୍ଥର ନିବାସ)—ପାନ୍ଥଶାଳା—
Pāntha nibāsa (ଦେଖ)—Pānthaśālā (See)

ପାନ୍ଥ ପାଦପ—ସଂ. ବ—(ଆଧୁନିକ ପ୍ରୟୋଗ)—ମାଡ଼ାଗାସ୍କର ଆଦି
Pāntha pādapa ଦ୍ୱୀପପୁଞ୍ଜରେ ଜନ୍ମିବା କଦଳୀ ଜାତୀୟ ଏକ
পান্থপাদপ ପ୍ରକାର ଗଛ—The traveller's tree; Ravenala Madagascariensis.
[ଦ୍ର—ଏହାର ବାହାଙ୍ଗାର ମୂଳକୁ ଛୁରିଦ୍ୱାରା କ୍ଷତ କଲେ ତହିଁରୁ ଜଳପରି ସ୍ୱାଦୁ ପାନୀୟ ରସ ବାହାରେ ଓ ତାହା ପଥିକମାନେ ପିଅନ୍ତି । ଏ ଗଛକୁ ଭାରତବର୍ଷରେ କେତେକ ଲୋକ ଆଣି ଲଗାଇ ଅଛନ୍ତି ଓ ଏ ଗଛରୁ ମଧ୍ୟ ଜଳପରି ସ୍ୱାଦୁ ରସ ବାହାରେ ।]

ପାନ୍ଥ ଶାଳା—ସଂ. ବ—୬ଷ୍ଠୀ ତତ୍; ପାନ୍ଥର ଶାଳା)—ପଥିକମାନଙ୍କ
Pāntha śālā ଆଶ୍ରୟାର୍ଥ ନିର୍ମିତ ଘର; ଚଟି—An inn; a serai; a rest house for wayfarers.

ପାପ୍‌ଚି ପିଠା—ପ୍ରାଦେ. (ସିଂହଭୂମ) ବ - ଗୁଡ଼ ଭାଗ କମ୍ ଥିବା ଖୁବ୍
Pāp-chi pithā ମୋଟା ଚାକଳି ପିଠା—
A thick pastry cake having a small quantity of sugar.

ପାପ୍‌ଡ଼ି—ପ୍ରାଦେ. (ଗଡ଼ଜାତ) ବ.—(ସଂ. ପର୍ପଟ)—କନ୍ଧମାଳ ଜଙ୍ଗଲର
Pāp-rdi ଏକପ୍ରକାର ବଣୁଆ ଗଛର ମୂଳକୁ ବା କନ୍ଦାକୁ ଚେକା
(ପାପିଡ଼ି—ଅନ୍ୟରୂପ) ଚେକା ପତଳା କରି କାଟି ଶୁଖାଇ କରାଯିବା
ପଦାର୍ଥ—A kind of kitchen vegetable consisting of thin bits sliced from the root of a wild tree.
[ଦ୍ର— ଏହାକୁ ସିଝାଇ ତରକାରି କରି ଖିଆ ଯାଏ ଓ ଗୁଡ଼ ସଙ୍ଗେ ପାଗ କରି ଉଖୁଡ଼ା କରି ଖିଆ ଯାଏ । କନ୍ଧମାନେ ଏହାକୁ ହାଟକୁ ବିକିବାକୁ ଆଣନ୍ତି ଓ ଟୋକେଇଦରଆ ଦାମରେ ବିକନ୍ତି ।]
ଦେ. ବ.—ପାପଡ଼ି (ଦେଖ)—Pāpardi (See)

ପାପ—ସଂ. ବ. (ପା ଧାତୁ=ରକ୍ଷା କରିବା+ଅପାଦାନେ. ପ; ମନୁଷ୍ୟ
Pāpa ଯାହା ଠାରୁ ଆପଣାକୁ ସର୍ବଦା ରକ୍ଷା କରେ)—
(ପାପକ—ଅନ୍ୟରୂପ) ୧ । ପାତକ; ଅଧର୍ମ—1. Sin.
(ପୁଣ୍ୟ—ବିପରୀତ) ୨ । ଦୁଷ୍କୃତ; ମନ୍ଦକର୍ମ—
2. Guilt; villainy; depravity.
୩ । ଅପରାଧ—3. Offence; crime.
୪ । ଅନିଷ୍ଟ—4. Evil; injury.
୫ । ଅମଙ୍ଗଳ; ଆପଦ, ଦୁର୍ଭାଗ୍ୟ—
5. Calamity; misfortune.
୬ । ବଧ; ହତ୍ୟା (ହ୍ରୁ. ଷ.)—6. Murder; slaughter.
[ଦ୍ର—ଯେଉଁ କର୍ମର ଫଳ ଇହଲୋକରେ ଓ ପରଲୋକରେ ଅଶୁଭ, ଯେଉଁ କର୍ମ ପରଣାମରେ କର୍ତ୍ତାର ଅମଙ୍ଗଳକର, ଯାହା ବ୍ୟକ୍ତିବିଶେଷର ବା ସମାଜର ଅନିଷ୍ଟ ଘଟାଏ, ଯାହା ନୀତିଶାସ୍ତ୍ର ଓ ଧର୍ମଶାସ୍ତ୍ରରେ ନିନ୍ଦିତ ତାହାକୁ ପାପ ବୋଲାଯାଏ । ପାପର ଫଳରେ କର୍ତ୍ତାର ଇହକାଳରେ ଦୁଃଖଭୋଗ ଓ ନିନ୍ଦା ଓ ପରକାଳରେ ନରକଭୋଗ ହୁଏ । ଧର୍ମଶାସ୍ତ୍ରରେ ନିଷିଦ୍ଧ କର୍ମ କରିବା ଓ ବିହିତ

କର୍ମ ନ କରିବା ପାପ । ପାପର ସଂସର୍ଗଦ୍ୱାରା ମଧ୍ୟ ପାପଭାଗୀ ହୁଏ । ପ୍ରାୟଶ୍ଚିତ୍ତ, ଅନୁତାପ ଓ ଦଣ୍ଡଭୋଗଦ୍ୱାରା ପାପର କ୍ଷୟ ହୁଏ । ଇହକାଳରେ ଯାହାର ପାପକ୍ଷୟ ହୋଇ ନ ଥାଏ, ମୃତ୍ୟୁ ପରେ ସେ ପାପର ଫଳରେ ନରକ ଭୋଗ କରେ ବା ନୀଚଯୋନିରେ ଜନ୍ମ ଲଭି ଜନ୍ମାନ୍ତରରେ ଦୁଃଖ ଭୋଗ କରେ । ମନୁରେ ଅଛି ଯେ, ପାପ ପ୍ରକାଶ ଓ ଅନୁତାପଦ୍ୱାରା ପାପ କ୍ଷୟ ହୁଏ ।]

ସଂ. ବିଣ.—(ପାପ+ଅସ୍ତ୍ୟର୍ଥେ. ଅ)—୧ । ପାପୀ; ପାପିଷ୍ଠ— 1. Sinning.

ଏବେ ତୁମ୍ଭ ସଙ୍ଗେ ଅବିଚ୍ଛ ସେ ପାପ,
ମୋ ବାକ୍ୟବଳରେ ପା ନାମ ହେବ ଲୋପ—କୃଷ୍ଣସିଂହ. ମହାଭାରତ. ବନ ।

୨ । ପାପଜନକ—2. Sinful.

୩ । ଅନିଷ୍ଟକର—3. Injurious; deleterious.

୪ । ଦୁଷ୍ଟ; କ୍ରୂର; ଖଳ—4. Wicked.

୫ । ଅଶୁଭ; ଅମଙ୍ଗଳକର—5. Evil; inauspicious.

ଦେ. ବି.—୧ । ବିରକ୍ତିକର ବିଷୟ; ବିରକ୍ତିର କାରଣ— 1. Botheration.

୨ । କଳଙ୍କ—2. Stain.

(ଯଥା—ଅମୁକ ମଲା, ପାପ ଗଲା ।)

ପାପ କର୍ମ—ସଂ. ବି.—୧ । (କର୍ମଧାରୟ)—ପାପଜନକ କାର୍ଯ୍ୟ—
Pāpa karma 1. Sinful act.
(ପାପକାର୍ଯ୍ୟ—ଅନ୍ୟରୂପ) ୨ । (କର୍ମଧା) ମନ୍ଦ କର୍ମ— 2. Wicked deed.

ପାପକର୍ମା—ସଂ. ବିଣ. (ପାପ+କର୍ମନ୍; ୧ମା. ୧ବ.; ବହୁବ୍ରୀହି)—
Pāpakarmā, ପାପୀ—Sinner; sinning; sinful;
(ପାପକର୍ମୀ—ଅନ୍ୟରୂପ) committing sins.

ପାପକାରିଆ—ପ୍ରାଦେ. (ଗଞ୍ଜାମ) ବିଣ—ବୁଲାନ୍ତି (ବଳଦ) (ଦେଖ)
Pāpakāriā Bulānti (baḷada) (See)

ପାପକୃତ୍—ସଂ. ବିଣ. (ପାପ+କୃ ଧାତୁ+କର୍ତ୍ତୃ. କ୍ୱିପ୍)—ପାପିଷ୍ଠ; ଯେ
Pāpakrut ପାପ କରେ—Sinful; sinning.

ପାପକ୍ଷୟ—ସଂ. ବି.—୧ । (୬ଷ୍ଠୀ ତତ୍; ପାପ କ୍ଷୟ)—ପାପର ମନ୍ଦଫଳର
Pāpa kshaya କ୍ଷୟ ବା ହ୍ରାସ ବା ଅନ୍ତ—1. The decrease or end of the evil effects of sin
୨ । (ବହୁବ୍ରୀହି; ପାପର କ୍ଷୟ ହୁଏ ଯେଉଁଠାରେ) ତୀର୍ଥ (ହି. ଶ.)— 2. A sacred place of pilgrimage.

ପାପଗର୍ଭ—ସଂ. ବି. (ମ. ପ. ଲୋ;)—ପାପ ପ୍ରଣୟ ଜନିତ ଗର୍ଭାବସ୍ଥା—
Pāpa garbha Pregnancy resulting from illicit connection.

ପାପଗ୍ରହ—ସଂ. ବି. (ଜ୍ୟୋତିଷ)—ଅମଙ୍ଗଳକାରୀ କେତେକ ଗ୍ରହ—
Pāpa graha 1. Some of the inauspicious
(ଶୁଭଗ୍ରହ—ବିପରୀତ) planets in Hindu astrology.

[ଦ୍ର—ଶନି, ରବି, ମଙ୍ଗଳ, ରାହୁ ଓ କେତୁ ଏମାନେ ପାପଗ୍ରହ ଓ ଏମାନଙ୍କ ମଧ୍ୟରୁ ବୁଧ ସଙ୍ଗେ ଯୁକ୍ତ କୌଣସି ଗ୍ରହ ପାପଗ୍ରହ ।]

୨ । (ଫଳିତ ଜ୍ୟୋତିଷ)—କୃଷ୍ଣ ଅଷ୍ଟମୀଠାରୁ ଶୁକ୍ଳାଷ୍ଟମୀ ପର୍ଯ୍ୟନ୍ତ ଦେଖାଯିବା ଚନ୍ଦ୍ର (ହି. ଶ.)—2. (astrology) The moon in its phases from the 8th day of the dark lunar fortnight to the 8th day of the bright fortnight.

ପାପଘ୍ନ—ସଂ. ବିଣ. ପୁଂ.—[ପାପ+ହନ୍ ଧାତୁ+କ୍ୱିପ୍]—ଯାହା
Pāpaghna ମନୁଷ୍ୟର ପାପ ନାଶ କରେ; ପାପନାଶକ—
(ପାପଘ୍ନୀ—ସ୍ତ୍ରୀ) Destroying one's sins.

ସଂ. ବି—ରାଶି; ତିଳ—Sesame; sesamum seed.

ପାପଘ୍ନୀ—ସଂ. ବିଣ. ସ୍ତ୍ରୀ. (ପାପଘ୍ନ+ସ୍ତ୍ରୀ ଈ)—ପାପଘ୍ନର ସ୍ତ୍ରୀଲିଙ୍ଗ)—
Pāpaghnī Feminine of Pāpaghna.

ପାପ ଚନ୍ଦ୍ର—ସଂ. ବି. (ସଂ. ପାପଯୁକ୍ତ ଚନ୍ଦ୍ର)—(ଫଳିତ ଜ୍ୟୋତିଷ)
Pāpa chandra ବିଶାଖା ଓ ଅନୁରାଧା ନକ୍ଷତ୍ରର ଦକ୍ଷିଣ ଭାଗରେ)
(ପାପଚନ୍ଦ୍ରମା—ଅନ୍ୟରୂପ) ସ୍ଥିତ ଚନ୍ଦ୍ର (ହି. ଶ)—(astrology. The moon when it is in the south of the 16th and the 17th asterisms.

ପାପଚର—ସଂ. ବିଣ. ପୁଂ. (ପାପ+ଚର୍ ଧାତୁ+କର୍ତ୍ତୃ. ଅ)—
Pāpachara ପାପ ଆଚରଣକାରୀ; ପାପୀ—
(ପାପଚାରୀ—ଅନ୍ୟରୂପ) Sinning.
(ପାପଚରୀ, ପାପଚାରିଣୀ—ସ୍ତ୍ରୀ)

ପାପଚିନ୍ତା—ସଂ. ବି—ପାପ କରିବାର ଚିନ୍ତା—
Pāpachintā Sinful thought.

ପାପଚେତାଃ—ସଂ. ବିଣ. (ବହୁବ୍ରୀହି; ପାପ+ଚେତସ୍; ୧ମା. ୧ବ)—
Pāpachetāḥ ଦୁଷ୍ଟଚିତ୍ତ (ବ୍ୟକ୍ତି)—(a person) Of
(ପାପଚିତ୍ତ, ପାପମତି, ପାପବୁଦ୍ଧି—ଅନ୍ୟରୂପ) sinful or wicked mind.

ପାପ ଛୁଇଁବା—ଦେ. ବି. (ସଂ. ପାପ+ଛୁଇଁ ଧାତୁ)—ଆପଣାର ପ୍ରିୟପାତ୍ରର
Pāpa chhuiñbā ଅମଙ୍ଗଳାଶଙ୍କା ମନରେ ଉଦୟ ହେବା—
पापछोंआ Portentious thoughts about one's
पापछूँना loved being.

ପାପ ଜୀବ—ସଂ. ବି. (କର୍ମଧା; ପାପ+ଜୀବ)—ପୁରାଣାନୁସାରେ ସ୍ତ୍ରୀ, ଶୂଦ୍ର,
Pāpa jība ହୂନ ଓ ଶବରଆଦି ବ୍ୟକ୍ତି (ହି. ଶ)—
A woman, a Śūdra, a Hun and a Śabara (according to the Hinndu Purāṇas).

ପାପଡ଼—ଦେ. ବି. (ସଂ. ପର୍ପଟ; ପ୍ରା. ପପ୍ପଡ଼)—୧ । ବିରି ମୁଗ ବା ବୁଟ
Pāparda ସହିତ ଲୁଣ, ଜିରା, ସାଜିମାଟି, ହେଙ୍ଗୁଆଦି ମିଶାଇ
पापड़ ପ୍ରସ୍ତୁତ କରାଯିବା ଏକପ୍ରକାର ପତଳା ପିଠା—
पापर 1. A thin cake prepared of pasted
(ପାଁପଡ଼—ଅନ୍ୟରୂପ) pulses.

[ଦ୍ର—ଏହାକୁ ଭାଜି କରି ଖାଇଲେ ରୁଚିକର ହୁଏ ।]

୨ । ଅଉଟା ଦୁଧ ଉପରେ ପଡ଼ିବା ସରର ବହୁ ସ୍ତରକୁ ଉପର୍ଯ୍ୟୁପରି ରଖାଯାଇ ଶୁଖା ଯାଇଥିବା ପିଷ୍ଟକବିଶେଷ; ସ୍ତର ହୋଇ ସଞ୍ଚିତ ସରଭଜା—2. A cake made up of seveal layers of cream pressed together.

ବୈଦେ. ବି. (କଚେରୀ) (ଇଂ. ପପର୍)—୧ । ଯାପଡ଼ ମକଦମା (ଦେଖ)—1. Pāparda makadamā (See)

୨ । (ଇଂ. ପପର୍)—ମକଦମାର ଖରଚ୍ଚ ଚଳାଇବାକୁ ଅକ୍ଷମ ବ୍ୟକ୍ତି—2. A pauper; a person who is declared unable to pay the courtfees of a suit filed by him.

ପାପଡ଼ ମକଦମା—ଦେ. ବି. (କଚେରୀ)—(ଇଂ. ପପର୍=ନିଃସ୍ୱ ଓ ଫା. ମୁକଦ୍ଦମା)—ଅର୍ଥହୀନ ବ୍ୟକ୍ତି; ଅଦାଲତରେ କୋର୍ଟଫିସ୍‌ର ଖର୍ଚ୍ଚାରୁ ମୁକ୍ତି ପାଇ କୌଣସି ମକଦମା ଚଳାଇବା ନିମନ୍ତେ ଦାଏର କରିବା ମକଦମା—Pauper suit.
Pāparda makadamā
पाँपरमोकदम
पाँपर मुकद्‌मा
ପାଁପଡ଼ସୁଟ, ପାପଡ଼ସୁଟ } ଅନ୍ୟରୂପ

ପାପଡ଼ା—ଦେ. ବି—୧ । ପାପଡ଼ ୧ (ଦେଖ)
Pāpardā — 1. Pāparda 1 (See)
୨ । ପାପଡ଼ି (ଦେଖ)—2. Pāpardi (See)
୩ । (ସଂ. ପର୍ପଟ)—ମଧ୍ୟପ୍ରଦେଶ, ବଙ୍ଗ ଓ ମାନ୍ଦ୍ରାଜ ଆଦିରେ ଜନ୍ମିବା ନାତିଉଚ୍ଚ ବନ୍ୟ ତରୁବିଶେଷ—
पापड़ा
3. A wild timber-tree.
[ଦ୍ର—ଏଥିର ପ୍ରତିବର୍ଷ ପତର ଝଡ଼ିଯାଏ ଓ ନୂଆ ପତ୍ର କଅଁଳେ । ଏହାର ମଞ୍ଜକାଠ ଚକ୍କଣ ଓ ଧଳା ଓ ହଳଦିଆ ମିଶା ବର୍ଣ୍ଣ, ଚେମଡ଼ ଓ ଟାଣୁଆ । ଏ କାଠରେ ପାନିଆ ତିଆର ହୁଏ । ଏ'କାଠରେ ଖୋଦନ କାମ ସୁନ୍ଦର ରୂପେ କରାଯାଇ ପାରେ—ହି. ଶ ।]
ଦେ. ବଣ—ପୋଉଡ଼ା; ଜୀର୍ଣ୍ଣ ଶୀର୍ଣ୍ଣ—Worn out.

ପାପଡ଼ି—ଦେ. ବି. (ସଂ. ପର୍ପଟୀ)—୧ । ହିମାଳୟରେ ଉତ୍ପନ୍ନ କ୍ଷୁଦ୍ର ଶାକ ବିଶେଷ—1. Podophyllum Emodi; a medicinal plant.
Pāpardi
[ଦ୍ର—ଏହାର ମୂଳରେ ରେଚକ ଔଷଧ ହୁଏ ।]
୨ । ଘରପୋଡ଼ିଆ (ଦେଖ)—2. Gharapordiā (See)
୩ । ପାପଡ଼ ୧ (ଦେଖ)—3. Pāparda 1 (See).
ପ୍ରାଦେ. (ବାଲେଶ୍ୱର) ବି—ଏକପ୍ରକାର ଲୁଣିମାଛ—
A kind of sea-fish.
[ଦ୍ର—ଏମାନେ ନଈ ମୁହାଣରେ ମିଳନ୍ତି ।]

ପାପ ତାପ—ସଂ. ବି. (ସହଚର, ପାପ+ତାପ)—ପାପ ଓ ଦୁଃଖ—
Pāpatāpa — Sin and pain.

ପାପତେଥିଆ—ପ୍ରାଦେ. (ଗଡ଼ଜାତ) ବଣ. ପୁଂ. (ସଂ. ପାପଚେତା)—(ପୁରୁଷଙ୍କ ପ୍ରତି ପ୍ରଯୁକ୍ତ ଏକପ୍ରକାର ଗାଳି) ପାପମନା—
Pāpatitiā
(ପାପଚେତନୀ—ସ୍ତ୍ରୀ) — Evil-minded.

ପାପଦୃଷ୍ଟି—ସଂ. ବି—୧ । ପାପଯୁକ୍ତ ଉଦ୍ଦେଶ୍ୟ ସହିତ କୌଣସି ବ୍ୟକ୍ତିକୁ ଦେଖିବା—1. Sinful look; looking on a person with a sinster motive.
Pāpadrushti
୨ । ପ୍ରତିକୂଳ ଦୃଷ୍ଟି—2. Evil eye.
୩ । ଅଶୁଭକର ଦୃଷ୍ଟି—3. Inauspicious look.
ସଂ. ବଣ. (ବହୁବ୍ରୀହି)—ଯାହାର ଦୃଷ୍ଟି ପାପମୟ ଅଟେ—
1. Having a sinful glance.
୨ । ଯାହାର ଦୃଷ୍ଟି ଅମଙ୍ଗଳକର—
2. Having an inauspicious glance.

ପାପ ଦୋସ୍ତି—ଦେ. ବି. (ସ. ପାପ; ଆ. ଦୋସ୍ତୀ)—ପାପ ପ୍ରଣୟ—
Pāpa dosti — Illicit love.
পাপ দোস্তি **पाप दोस्ति**

ପା ପଦ୍ମ—ଦେ. ବି—ପାଦ ପଦ୍ମ (ଦେଖ)
Pā padma — Pāda padma (See)

ପାପନାମା—ସ. ବଣ. (ପାପ+ନାମନ୍; ୧ମା. ୧ବ)—
Pāpa nāmā ୧ । ଅମଙ୍ଗଳ ବା ଅଭଦ୍ର ନାମଧାରୀ (ହି. ଶ.)—
1. Bearing an inauspicious or indecent name.

ପାପ ନାଶ—ସ. ବି—ପାପ ମୋଚନ (ଦେଖ)
Pāpa nāsa — Pāpa mochana (See)
୨ । ଅପକୀର୍ତ୍ତି ଯୁକ୍ତ (ବ୍ୟକ୍ତି) (ହି. ଶ.)—
2. (a person) Having an evil repute.

ପାପ ନାଶକ—ସ. ବଣ. ପୁଂ—ପାପଘ୍ନ (ଦେଖ)
Pāpa nāsaka — Pāpaghna (See)
(ପାପ ନାଶିକା; ପାପନାଶିନୀ—ସ୍ତ୍ରୀ) (ପାପନାଶୀ—ଅନ୍ୟରୂପ)

ପାପ ନାଶନ—ସ. ବ. ପୁଂ—ପାପଘ୍ନ (ଦେଖ)
Pāpa nāsana — Pāpaghna (See)
(ପାପ ନାଶନୀ—ସ୍ତ୍ରୀ)
ସ. ବି—୧ । ପ୍ରାୟଶ୍ଚିତ୍ତ (ହି. ଶ.)—1. Expiation.
୨ । ବିଷ୍ଣୁ (ହି. ଶ.)—2. Bishnu.
୩ । ଶିବ (ହି. ଶ.)—3. Siba.
୪ । ପାପ ମୋଚନ (ଦେଖ)
4. Pāpa mochana (See)

ପାପ ନାଶିନୀ କୁଣ୍ଡ—ଦେ. ବି—ଭୁବନେଶ୍ୱରରେ ଥିବା ପଥର ପାହାଚ ବନ୍ଧା ଗୋଟିଏ ପ୍ରାଚୀନ ପୁଷ୍କରଣୀ—
Pāpa nāsini kunda
Name of an artificial tank of Bhubaneswara.

ପାପ ନିଶ୍ଚୟ—ସ. ବଣ. ପୁଂ. (ବହୁବ୍ରୀହି; ପାପ+ନିଶ୍ଚୟ)—
Pāpa nischaya ପାପ କରିବା ପାଇଁ କୃତସଙ୍କଳ୍ପ—
(ପାପ ନିଶ୍ଚୟା—ସ୍ତ୍ରୀ) Determined to commit sin.

ପାପ ପତି—ସ. ବି. (ମ. ପ. ଲୋ)—ଜାର; ଉପପତି—
Pāpa pati — A paramour.

ପାପ ପୁରୁଷ—ସ. ବି—୧ । ମୂର୍ତ୍ତିମାନ୍ ପାପ; ସଇତାନ; ପାପ ନାମଧାରୀ କଳ୍ପିତ ପୁରୁଷ—
Pāpa purusha
1. Sin personified; Satan.
[ଦ୍ର—ତନ୍ତ୍ର ମତରେ କଳ୍ପିତ ପାପପୁରୁଷର ସମସ୍ତ ଶରୀରର ଉପାଦାନ ଓ ଅଙ୍ଗ ପ୍ରତ୍ୟଙ୍ଗ ଓ ଲୋମମାନ ଭିନ୍ନ ଭିନ୍ନ ପାପ ବା ମହାପାତକ ଓ ଉପପାତକ ଦ୍ୱାରା ଗଠିତ । ଏହାର ବର୍ଣ୍ଣ କଜ୍ଜଳ-କଳା, ଏହାର ଆଖି ରକ୍ତବର୍ଣ୍ଣ । ଏ ସର୍ବଦା କ୍ରୁଦ୍ଧ ଓ ଏହାର ଆୟୁଧ ଖଡ୍ଗ ଓ ଢାଲ । ହି. ଶ.]

୬ । (ମ. ପ. ଲୋ; ପାପ କର୍ମକାରୀ ପୁରୁଷ)—
ପାପୀ ବା ଦୁଷ୍ଟ ବ୍ୟକ୍ତି—2. A villain; a wicked person.

ପାପ ପ୍ରଣୟ—ସ. ବ—ପରସ୍ତ୍ରୀ ବା ପରପୁରୁଷ ସଙ୍ଗେ ପ୍ରେମ—
Pāpa praṇaya Illicit love; adulterous love.

ପାପ ପ୍ରବୃତ୍ତି—ସ. ବଣ. ଓ ବ (ବହୁବ୍ରୀହି; ପାପ+ପ୍ରବୃତ୍ତି)—
Pāpa prabṛutti ପାପ ମତି (ଦେଖ)
Pāpa mati (See)

ପାପ ଫଳ—ସ. ବ. (୬ଷ୍ଠୀ ତତ୍; ପାପ+ଫଳ)—
Pāpa phaḷa ୧ । ପାପର ଅଶୁଭ ଫଳ—
1. The evil effects of sinful acts.
୨ । (କର୍ମଧା) ମନ୍ଦ ବା ଅଶୁଭ ଫଳ—2. Evil result.
ସ. ବଣ. (ବହୁବ୍ରୀହି) ଯେଉଁ କର୍ମର ଫଳ ପାପ; ପାପଜନକ—
Sinful (act).

ପାପ ବୁଦ୍ଧି—ସ. ବ—ମନ୍ଦ ପ୍ରକୃତି—
Pāpa buddhi Evil disposition.
(ବିପରୀତ—ଧର୍ମବୁଦ୍ଧି) ସ. ବଣ—ପାପ ଚେତା (ଦେଖ)
Pāpa chetā (See)

ପାପ ଭକ୍ଷଣ—ସ. ବ—କାଳ ଭୈରବ (ଦେଖ) (ହି. ଶ.)—
Pāpa bhakshaṇa Kāḷa bhairaba (See)

ପାପ ଭାକ୍—ସ. ବଣ. ପୁଂ. ଓ ସ୍ତ୍ରୀ (ପାପ+ଭଜ୍ ଧାତୁ+କର୍ତ୍ତୃ. କ୍ୱିପ୍; ୧ମା. ୧ବ.)—୧ । ପାପ—1. Sinning.
Pāpa bhāk
୨ । ପାପର ଫଳ ଭୋଗୀ—
2. Sharing the punishment for a sin.

ପାପ ଭାଗୀ—ସ. ବଣ. ପୁଂ. (ପାପ+ଭଜ ଧାତୁ+କର୍ତ୍ତୃ. କ୍ୱିପ୍; ୧ମା ୧ବ.)—ପାପ ଭାକ୍ (ଦେଖ)
Pāpa bhāgi
(ପାପ ଭାଗିନୀ—ସ୍ତ୍ରୀ) Pāpa bhāk (See)

ପାପ ଭୀରୁ—ସ. ବଣ. (୬ଷ୍ଠୀ ତତ୍)—
Pāpa bhiru ଧର୍ମ ଭୀରୁ; ପାପ କରିବାକୁ ଯେ ଡରେ—
Fearing sin; scrupulous; god-fearing.

ପାପ ମତି—ସ. ବଣ. (ବହୁବ୍ରୀହି; ପାପ+ମତି)—
Pāpa mati ଯାହାର ମନ ସର୍ବଦା ପାପ କର୍ମ ଆଡ଼କୁ ଧାଏଁ—
Evil-minded; malevolent.
ସ. ବ. (କର୍ମଧା; ପାପ+ମତି)—
ପାପ କର୍ମ କରିବା ପାଇଁ ଆକାଂକ୍ଷା-ମନ—
Inclination to do evil.

ପାପମୟ—ସ. ବଣ. (ପାପ+ପୂର୍ଣ୍ଣାର୍ଥେ. ମୟ)—
Pāpamaya ୧ । ପାପରେ ପୂର୍ଣ୍ଣ (କର୍ମ, ଜୀବନ)—
(ପାପମୟୀ—ସ୍ତ୍ରୀ) 2. Sinful; full of sin.
୨ । ଯେଉଁ ବ୍ୟକ୍ତିର ଚିନ୍ତା, କର୍ମ ଓ ଚେଷ୍ଟା ପାପରେ ପୂର୍ଣ୍ଣ; ପାପୀ—
2. (a person) Sinful in thought, act and endeavours.

ପାପ ମୋଚନ—ସ. ବ. (୫ମୀ ତତ୍; ପାପ+ମୋଚନ)—
Pāpa mochana ୧ । ପାପରୁ ମୁକୁଳାଇବା—
1 Liberation or redemption from sin.
୨ । (୬ଷ୍ଠୀ ତତ୍) ଦୋଷର ବା ପାପର କ୍ଷମା—
2. Remission of guilt.
ସ. ବଣ—ପାପରୁ ମନୁଷ୍ୟକୁ ଯେ ମୁକ୍ତ କରେ—
Redeeming a person from sin.

ପାପ ମୋଚନୀ—ସ. ବ—ଚୈତ୍ର କୃଷ୍ଣ ପକ୍ଷ ଏକାଦଶୀ (ହି. ଶ.—)
Pāpa mochani The eleventh day of the dark fortnight of Chaitra.

ପାପରା—ଦେ. ବଣ ୧ । ପୋଉରହା; ଜୀର୍ଣ୍ଣ—
Pāparā 1. Worn out; decayed.
ଘୁଣ୍ଡୁରା ୨ । କାଠଦଷ୍ଟ—2. Worm-eaten.
୩ । ଭଙ୍ଗପ୍ରବଣ; ମସକା—3. Fragile.

ପାପ ରୋଗ—ସ. ବ. (ମ. ପ. ଲୋ; ପାପ+ରୋଗ)—୧ । ଯେଉଁ ରୋଗ
Pāpa roga ପୂର୍ବ ଜନ୍ମ ବା ଇହ ଜନ୍ମରେ କରିବା ପାପର ପରିଣାମ ବୋଲି ଲୋକେ ବିଶ୍ୱାସ କରନ୍ତି—Any disease believed to be the penalty for sins committed.

[ଦ୍ର—ହିନ୍ଦୁ ଧର୍ମ ଶାସ୍ତ୍ର ଅନୁସାରେ କୁଷ୍ଠ, ଯକ୍ଷ୍ମା, କୁନଖ (କଣନଖା), ଶ୍ୟାବଦନ୍ତ (ଦାନ୍ତ କଳା ପଡ଼ିଯିବା), ପୀନସ, ପୂତି ବକ୍ତ୍ର (ଶ୍ୱାସ ବାୟୁରୁ ଦୁର୍ଗନ୍ଧ ବାହାରିବା), ହୀନାଙ୍ଗତା, ଶ୍ୱିତ୍ର, ଶ୍ୱେତକୁଷ୍ଠ, ପଙ୍ଗୁତା, ମୂକତା, ଲୋଲଜିହ୍ୱତା, ଉନ୍ମାଦ, ଅପସ୍ମାର, ଅନ୍ଧତା, କାଣତ୍ୱ, ଭ୍ରାମର (ମୁଣ୍ଡ ଘୂରିବା), ଗୁଳ୍ମ, ଶ୍ଳୀପଦ (ଗୋଦର) ଆଦି ପାପରୋଗ ଗ୍ରସ୍ତ ବ୍ୟକ୍ତିର ଓ ବ୍ରହ୍ମହତ୍ୟା, ସୁରାପାନ, ସ୍ୱର୍ଣ୍ଣ ହରଣ ଆଦି ବିଶେଷ ବିଶେଷ ପାପ କରିଥିବା ବ୍ୟକ୍ତିର ନରକ ଗମନ ହୁଏ ଓ ପରେ ପଶୁ, କୀଟ, ପତଙ୍ଗ ଆଦି ପାପ ଯୋନିରେ ଜନ୍ମ ଲାଭ କରିବା ପରେ ପୁଣି ମନୁଷ୍ୟ ଜନ୍ମ ଲାଭ ହୁଏ—ହି, ଶ)
୨ । ମସୂରିକା; ବସନ୍ତରୋଗ (ହି. ଶ)—2. Small pox.

ପାପର୍ଦ୍ଧି—ସ. ବ. (ପାପ+ଋଦ୍ଧି)—ମୃଗୟା (ହି. ଶ)—
Pāparddhi Hunting.

ପାପଲ୍ଲବ—ଦେ. ବ. (ସ ପାଦ+ପଲ୍ଲବ; ଭୁଲ; କରପଲ୍ଲବ)—(ଗୁରୁଜନ,
Pāpallaba ଦେବତା, ମହାପୁରୁଷ ଓ ସୁନ୍ଦରୀ ସ୍ତ୍ରୀଙ୍କ ପାଦ ପ୍ରତି ଏ ଶବ୍ଦ ଯୁକ୍ତ ହୁଏ) ପଲ୍ଲବ ସଙ୍ଗେ ତୁଳିତ ପାଦ; କୋମଳ ପାଦ—Dainty feet; tender feet.
ଯାହା ପାପଲ୍ଲବ ମହାପାପଲବ ନ ରହେ ସ୍ମରଣ କ୍ଷଣରେ ।
କବିସୂର୍ଯ୍ୟ. ଚନ୍ଦ୍ର କଳା ।

ପାପ ଶୋଧନ—ସ. ବ (ପାପ+ଶୋଧନ)—୧ । (୬ଷ୍ଠୀ ତତ୍) ପ୍ରାୟଶ୍ଚିତ୍ତ
Pāpa śodhana ଦ୍ୱାରା ପାପଶୁଦ୍ଧି—1. Purification of a sinner by expiation.
୨ । (ବହୁବ୍ରୀହି) ତୀର୍ଥସ୍ଥାନ (ହି. ଶ)—2. Any place of pilgrimage.

ପାପ ସମ୍ଭବ—ସ. ବଣ—ପାପରୁ ଜାତ—Born of sin.
Pāpa sambhaba

ପାପହର—ସ. ବଣ. (ପାପ+ହୃ ଧାତୁ+କର୍ତ୍ତୃ ଅ)—ପାପନାଶକ—
Pāpahara Destroying the evil consequence of sin.
(ପାପହା—ଅନ୍ୟରୂପ) (ପାପହରା—ସ୍ତ୍ରୀ)

ପାପା—ସ.ବ.-ହସ୍ତା,ଜ୍ୟେଷ୍ଠା, ଅନୁରାଧା ନକ୍ଷତ୍ରରେ ବୁଧଗ୍ରହର ଗତି(ଜ୍ୟୋ.ଶ)—
Pāpā The passing of the planet Mercury through the 13th, 18th and 17th asterisms.

ଦେ.ଅ (ଶିଶୁବଚନ;ଭୁଲକାକର ଇଂରାଜ ଶିଶୁବଚନ ପାପା=ପିତା)
পাপা; ଶିଶୁମାନେ ପିତାଙ୍କୁ ସଂବୋଧନ କରିବା ଏକ ସ୍ୱାଭାବିକଶବ୍ଦ—
पापा A name by which a child naturally accosts its father; papa.

ପାପାଙ୍କୁଶା—ସଂ. ବ. (ପାପ+ଅଙ୍କୁଶ+ଆ)—ଆଶ୍ୱିନଶୁକ୍ଳା ଏକାଦଶୀ
Pāpāṅkuśa (ଜ୍ୟୋ. ଶ)—The eleventh day of the bright fortnight of the month of Aświna

ପାପାଚରଣ—ସ.ବ.(୬ଷ୍ଠୀ ତତ୍;ପାପ+ଆଚରଣ)—ପାପକାର୍ଯ୍ୟ କରିବା—
Pāpācharaṇa Sinful conduct; commission of sin.

ପାପାଚାର—ସଂ. ବଣ. ପୁ. (ପାପ+ଆଚାର)—ପାପାଚାରୀ (ଦେଖ)
Pāpāchāra Pāpāchāri (See).

ସଂ. ବ. (୬ଷ୍ଠୀ ତତ୍) —ପାପଯୁକ୍ତ ଆଚାର; ପାପାଚରଣ (ଦେଖ)
Pāpācharaṇa (See).

ପାପାଚାରୀ—ସଂ.ବଣ.ପୁଂ(ପାପ+ଆ+ଚର ଧାତୁ+କର୍ତ୍ତୃ ଇନ୍;୧ମା.୧ବ)—
Pāpāchāri ପାପ କର୍ମକାରୀ—Sinful;of sinful conduct·
(ପାପାଚାରିଣୀ—ସ୍ତ୍ରୀ)

ପାପାତ୍ମା—ସଂ. ବଣ. (ବହୁବ୍ରୀହି; ପାପ+ଆତ୍ମନ୍)—୧ । ପାପଚେତା;
Pāpātma ପାପରେ ଅନୁରକ୍ତ—1. Sinful; sinnig.

୨ । ଦୁଷ୍ଟାତ୍ମା—2. Of wicked disposition.

ପାପାଶୟ—ସଂ. ବଣ. (ବହୁବ୍ରୀହି; ପାପ+ଆଶୟ)—୧ । ପାପୀ—
Pāpāśaya Sinning; sinful.
(ପାପାଶୟା—ସ୍ତ୍ରୀ) ୨ । ପାପଚେତା (ଦେଖ)
(ପାପାଶୟତା—ବ) 2, Pāpacheta (See)

ପାପାହ—ସଂ. ବ. (ପାପ+ଅହନ୍)—୧ । ଅଶୌଚ କାଳ—
Pāpāha 1. The time of impurity owing to a birth or death.

୨ । ଅଶୁଭ ଦିନ—2. Inauspicious day.

ପାପିୟା-ଦେଶ—୧ । ପାପୟା (ଦେଖ)—
Pāpiā 1. Pāpayā (See)
(ପାପେୟା—ଅନ୍ୟରୂପ) ୨ । ଗ୍ରୀଷ୍ମରେ ମିଷ୍ଟସ୍ୱରକାରୀ ଏକପ୍ରକାର
পাপীয়া पपीहा ଭରଦ୍ୱାଜପରି ପକ୍ଷୀ—2 Nightingale

ପାପିଷ୍ଠ—ସଂ. ବଣ. ପୁଂ. (ପାପ+ଅତ୍ୟନ୍ତାର୍ଥେ. ଇଷ୍ଠ)—୧ । ମହାପାପୀ—
Pāpishṭha 1. Very sinful.
(ପାପିଷ୍ଠା—ସ୍ତ୍ରୀ) ୨ । ଅପରାଧୀ—2. Guilty.

ପାପିଷ୍ଠୀ-ଦେ. ବଣ. ସ୍ତ୍ରୀ.—(ସଂ. ପାପିଷ୍ଠା)—ପାପକାରିଣୀ ସ୍ତ୍ରୀ—
Pāpishṭhi Sinful woman.

ପାପିଷ୍ଠୀ ଏହୁ କୁଚକ୍ରୀଣ,
ଧିକ ଏହାର ଏ ସକଳ । ଜଗନ୍ନାଥ. ଭାଗବତ ।

ପାପୀ—ସଂ.ବଣ. ପୁଂ. (ପାପ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ.)—
Pāpi ୧ । ପାପକାରୀ—1. Sinful; committing sin.
(ପାପିନୀ—ସ୍ତ୍ରୀ) ୨ । ଖଳ; ଦୁଷ୍ଟ—2 Wicked.

୩ । କ୍ରୂର; ନିର୍ଦ୍ଦୟ—3. Cruel.

ସଂ. ବ—୧ । ପାପକାରୀ ବ୍ୟକ୍ତି—1. A sinner.

୨ । ଅପରାଧୀ ବ୍ୟକ୍ତି—2. An offender.

୩ । ଖଳ ବ୍ୟକ୍ତି—3. Wicked person.

୪ । କ୍ରୂର ବ୍ୟକ୍ତି—4. A cruel person.

ପାପୀ ତାପୀ—ଦେ. ବ (ସହଚର ଶବ୍ଦ; ସ. ପାପୀ+ତାପୀ)—
Pāpi tāpi ୧ । ଅତ୍ୟନ୍ତ ପାପ କରିଥିବାରୁ ସନ୍ତପ୍ତ—
পাপী তাপী 1. Repentant for one's sins.
पापी तापी ୨ । ପାପୀ ଓ ଦୁଃଖୀ—2. Sinful and miserable.

ପାପୀୟାନ—ସ. ବଣ. ପୁଂ—(ପାପ+ଅତ୍ୟର୍ଥେ ଈୟସ୍; ପାପୀୟସ୍ ଶବ୍ଦ;
Papiyān (ପାପୀୟସୀ—ସ୍ତ୍ରୀ) ୧ମା. ୧ବ) —ପାପିଷ୍ଠ —Sinful.

ପାପୁଡି —ଦେ. ବ—ପାପଡ଼ (ଦେଖ)
Papurdi Pāpaṛda (See)

ପାପୁଲି —ଦେ. ବ - (ସ ପୃଷ୍ଠ)—୧ । କରପୃଷ୍ଠ—
Pāpuli 1. The back of the palm.
হাতের পিঠ ଦେହକୁ ଖାଲି ବହିଯାଉଅଛି, ସେ ହାତ ପାପୁଲିରେ
उपर हती ମୁହଁକୁ ପୋଛି ପୋଛି ତୋଳି ପକାଉଅଛନ୍ତି ।
ଫକୀରମୋହନ. ଛମାଣ ଅଠଗୁଣ୍ଠ ।

[ଦ୍ର—କରତଳକୁ ଲେଉ ଓ କରପୃଷ୍ଠକୁ ପାପୁଲି କହନ୍ତି ।]

পায়ের পিঠ ୨ । କରତଳ—2 Palm of the hand.
तलुआका उपरभाग ୩ । ପାଦର ପୃଷ୍ଠ—3. The instep.

[ଦ୍ର—ପାଦତଳକୁ ତଳପା ଓ ପାଦପୃଷ୍ଠକୁ ପାପୁଲି ବୋଲାଯାଏ ।]

ପାପୁଲିକାଣ୍ଡ—ପ୍ରାଦେ (ବାଲେଶ୍ୱର) ବ—ହାତର ପାପୁଲିରେ ହୋଇଥିବା
Pāpulikānda ଏକପ୍ରକାର ଦୁଷ୍ଟ 'ଘାଆ'—
A sore on the back of the palm.

[ଦ୍ର—ଏହା ହାତର ପାପୁଲିର ସମସ୍ତ ଅଂଶ ମାଡ଼ିଯାଇ ସମୟ ସମୟରେ ବିଶେଷ ଯନ୍ତ୍ରଣା ଦିଏ ।]

ପାପୂଜା —ଦେ. ବ (ସହଚର; ସ. ପାଦପୂଜା)—୧ । ପାଦପୂଜା—
Pāpūjā 1. Worshipping the feet.

୨ । ଦେବତା ଓ ମହାପୁରୁଷ ଆଦିଙ୍କୁ ସମ୍ମାନାର୍ଥ ପ୍ରଦତ୍ତ ଧନ; ଭେଟି; ସଲାମୀ—2. Money presented to a Deity or great man as a mark of respect.

ତେର ତେର ତରକ ପାପୂଜା ପଠାଉଅଛନ୍ତି;
ସେମାନଙ୍କର ମୁଖ ହେଉ ନାହିଁ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପାପୋଛ(ସ)—ବୈଦେ. ବ (ଫା. ପାଆପୋସ୍; ଭୁଲ. ସ. ପାଦ ଓ
Pāpochh(s) ସ. ପ୍ରୋଞ୍ଛନ, ଓଡ଼ିଆ ପୋଛିବା) ବାହାରୁ ଘରକୁ
পাপোশ ପଶି ଆସିବା ଲୋକର ତଳପାରେ ଲାଗିଥିବା ଧୂଳି
पापोश ଓ କାଦୁଅ ଆଦିକୁ ଛଡ଼ାଇବା ନିମନ୍ତେ ତଳପାକୁ ଘୋଷାରି ଦେବା ପାଇଁ ଦୁଆର ମୁହଁରେ ପକାଯିବା କନ୍ଥା ଆଦିର ଆସ୍ତରଣ—Door mat.

ପାପ୍ମା —ସ. ବ (ପା ଧାତୁ+ଅପାଦାନେ ମନ୍; ୧ମା.୧ବ)—୧ । ପାପ—
Pāpma 1. Sin; vice

୨ । ଅପରାଧ—2. Guilt.

୩ । ଖଳତା; ଦୁଷ୍ଟତା—3. Wickedness.

୪ । ମନ୍ଦ ଅବସ୍ଥା; ମନ୍ଦ ଦଶା—
4. Bad fortune or state (Apte).

ସ ବଣ—୧ । ପାପମଯ଼—1. Sinful.

୨ । ପାପୀ—2. Sinning.

୩ । ଅନଷ୍ଟକର—3. Injurious; hurtful. (Apte.)

ପାବ୍—ପ୍ରାଦେ. (ସମ୍ବଲପୁର) ବ—ଆଦମ ଜାତି ବିଶେଷ—
Pāb A class of aborigines.

ପାବକ—ସ. ବଣ. (ପୂ ଧାତୁ=ପବିତ୍ର କରିବା+କର୍ତ୍ତୃ. ଅକ)—
Pābaka ଶୁଦ୍ଧିକାରକ; ପବିତ୍ରତା ବିଧାୟକ; ଯାହା ପବିତ୍ର ବା (ପାବକା—ସ୍ତ୍ରୀ) ଶୁଦ୍ଧ କରେ—Purifying; cleansing.

ସ. ବ - ୧ । ଅଗ୍ନି—1. Fire.

୨ । ତାପ (ହ୍ର. ଶ.)—2. Heat.

୩ । ସଦାଚାରୀ ବ୍ୟକ୍ତି—3. A pious man.

୪ । ଭଲ୍ଲାତକ; ଭାଲିଆ—4. Marking nut.

୫ । ନାଲି ଚିତା ଗଛ; ରକ୍ତ ଚିତ୍ରକ—
5. Plumbago Rosea (plant).

୬ । ସଦାଚାର (ହ୍ର. ଶ.)—
6. Approved conduct or practice.

୭ । ଅଗ୍ନିମନ୍ଥ; ଅଗବଥୁ ଗଛ (ହ୍ର. ଶ.)—
7. Premna Integrifolia (tree).

୮ । ବିଡଙ୍ଗ (ହ୍ର. ଶ.) (ଦେଖ)—8. Birdanga (See)

୯ । କୁସୁମ (ହ୍ର. ଶ.) (ଦେଖ)—9. Kusuma (See)

୧୦ । ବରୁଣ (ହ୍ର. ଶ.)—10. The God of the ocean.

୧୧ । ସୂର୍ଯ୍ୟ (ହ୍ର. ଶ.)—11. The sun.

୧୨ । ଅଗ୍ନିଦେବ—12. The God of fire (Apte).

୧୩ । ତିନି ସଂଖ୍ୟା—13. The number three (Apte).

୧୪ । ମୁନି; ଋଷି—14. Saint; sage (Apte).

୧୫ । ବୈଦ୍ୟୁତାଗ୍ନି—15. Fire got from electricity.

୧୬ । ବହ୍ନି ମନ୍ତ୍ର—
16. Vedic formula for worshipping fire.

ପାବକ ଋଷି—ସ. ବ. (କର୍ମଧା)—ବ୍ରହ୍ମାଙ୍କ ଅଙ୍ଗରୁ ଜାତ ସତେଇଶି ଜଣ
Pābaka rushi ଋଷି—A generic term for 27 sages said to have sprung up from the body of Brahmā.

[ଦ୍ର—ମହାଭାରତ ବନପର୍ବରେ ଲେଖାଅଛି କି, ବ୍ରହ୍ମାଙ୍କ ଅଙ୍ଗରୁ ୨୭ ଜଣ ପାବକ ଋଷି ଜାତ ହୋଇଥିଲେ । କିନ୍ତୁ ବେଦରେ ଅଗ୍ନିଙ୍କର ଏହିସବୁ ଭିନ୍ନ ଭିନ୍ନ ନାମ ମଧ୍ୟ ଅଛି । ଅଙ୍ଗିର, ଦକ୍ଷିଣ, ଗାର୍ହପତ୍ୟ, ଆହବନୀୟ, ନିର୍ମନ୍ଥ୍ୟ, ବଦ୍ୟୁତ, ଶୂର, ସମ୍ବର୍ତ୍ତ, ଲୌକିକ, ଜାଠର, ବିଷଗ, କବ୍ୟ, କ୍ଷେମବାନ୍, ବୈଷ୍ଣବ, ଦସ୍ୟୁମାନ୍, ବଳଦ, ଶାନ୍ତ, ପୁଷ୍ଟ, ବିଭାବସୁ, ଜୋତିଷ୍ମାନ୍, ଭରତ, ଭଦ୍ର, ସ୍ୱିଷ୍ଟକୃତ୍, ବସୁମାନ୍, କ୍ରତୁ, ସୋମ ଏବଂ ପିତୃମାନ୍ । ହ୍ର. ଶ]

ପାବଚ୍ଛ—ଦେ. ବ - ପାହାଚ; ସିଢ଼ି; ସୋପାନ—
ଧାପ ଦର୍ଜା, ଖାଡ଼ୀ Flight of steps; ladder; stair.

ପାବତା(ଦା)—ଦେ. ବ (ସ. ପର୍ବତ) —ପର୍ବତମତ୍ସ୍ୟ—
Pābatā(dā) Callichrus Pabda (fish).
পাবদা पपता

ପାବନ—ସ. ବଣ (ପୂ ଧାତୁ ଣିଚ୍ ପାବ ଧାତୁ=ଶୁଦ୍ଧ କରିବା+କର୍ତ୍ତୃ.
Pābana ଅନ)—୧ । ପବିତ୍ର—1. Sacred; pure;
(ପାବନୀ—ସ୍ତ୍ରୀ) holy.

୨ । ପବିତ୍ରତାବିଧାୟକ; ଯାହା ପବିତ୍ର କରେ—
2. Purifying; sanctifying.

୩ । ତ୍ରାଣକର୍ତ୍ତା; ଉଦ୍ଧାରକାରୀ—
3. Delivering; saving.

୪ । (ପବନ+ଅ) ପବନ ପିଇ କରି ଯେ ବଞ୍ଚିଥାଏ (ହ୍ର. ଶ.)—
4 Subsisting on air only.

ସ. ବ (ପୂ ଧାତୁ ଣିଚ ପାବ ଧାତୁ+ଅନ)—୧ । ଜଳ—
1. Water.

ଉଦୀରିତଂ ତଦପରେ ଅବନୀ-ଗୃଣା
ତ୍ରିଲୋକପାବନ ଗଙ୍ଗା ପାବନ-ପରଶେ—ରାଧାନାଥ, ମହାଯାତ୍ରା ।

୨ । ଗୋମୟ—2. Cowdung.

୩ । ପ୍ରାୟଶ୍ଚିତ୍ତ—3. Penance; expiation.

୪ । ରୁଦ୍ରାକ୍ଷ (ଦେଖ)—4. Rudrāksha (See)

୫ । (+ଭାବ ଅନ); ପବିତ୍ରୀକରଣ—5. Sanctifying.

୬ । ଶୁଦ୍ଧୀକରଣ—6. Purification.

୭ । (+କର୍ତ୍ତୃ. ଅନ) ବିଷ୍ଣୁ—7. Bishnu.

୮ । ଅଗ୍ନି—8. Fire.

୯ । ବ୍ୟାସଦେବ—9. Byāsa (author of the Mahābhārata).

୧୦ । କୁଷ୍ଠ; କୁଡ଼ (ହ୍ର. ଶ.)—
10. Costus Speciosus.

୧୧ । ପୀତ ଭୃଙ୍ଗରାଜ (ହ୍ର. ଶ.)—
11. The yellow flowered variety of Bhrungarāja.

୧୨ । ଚିତ୍ରକ ବୃକ୍ଷ (ହ୍ର. ଶ.)—
12. Plumbago Zeylanica (plant).

୧୩ । ଚନ୍ଦନ (ହ୍ର. ଶ.)—13. Sandal.

୧୪ । ସିହ୍ଲକ; ଶିଳାରସ (ହ୍ର. ଶ.)—
1 . Benzoin; incense (Apte).

୧୫ । ସିଦ୍ଧପୁରୁଷ (ହ୍ର. ଶ.)—
15. A spritually great man.

୧୬ । ସାମ୍ପ୍ରଦାୟିକ ତିଳକ ରେଖା—
16. A sectarial mark (Apte).

ପାବନି—ସ. ବ (ପବନ+ଅପତ୍ୟାର୍ଥେ ଇ)—୧ । ହନୁମାନ୍—
Pābani 1. Hanumān.

୨ । ଭୀମ—2. Bhima.

ପାବନୀ—ସ. ବଣ. ସ୍ତ୍ରୀ (ପାବନ+ସ୍ତ୍ରୀ. ଈ)—ପବିତ୍ରକାରିଣୀ—
Pābani Purifying.

ସ. ବ—୧ । ଗଙ୍ଗାନଦୀ—1. The river Ganges.

୨ । ଗାଈ —2. Cow.
୩ । ତୁଳସୀ—3. The Holy Basil.
୪ । ହରଡ଼ା—4. Myrobalan.

ପାବନ୍ତି—ଦେ. କ୍ରି (ପ୍ରାଚୀନ ପଦ୍ୟ)—ପାଇବା କ୍ରିୟାର ପାଆନ୍ତିର
Pābanti ବହୁବଚନ ରୂପ—Do get.

ମୋକ୍ଷର ଅଳ୍ପ ସେ ପାବନ୍ତି
ଜନ୍ମ ମରଣ ତରଗନ୍ତି । ପ୍ରାଚୀ. ନର୍ସିଂହଶାସ୍ତ୍ର ।

ପାବନ୍ଦ—ବୈଦେ. ବିଣ. (ଫା)—ପାଏବନ୍ଦ (ଦେଖ)
Pābanda Pāebanda (See)

ପାବନ୍ଦି—ବୈଦେ. ବି. (ଫା)—ପାଏବନ୍ଦି (ଦେଖ)
Pābandi Pāebandi (See)

ପାବମାନ—ସଂ. ବିଣ. ପୁଂ. (ପୂ ଧାତୁ+କର୍ତ୍ତୃ. ଶାନଚ୍; ମ ଆଗମ)—
Pabamāna ପବିତ୍ରତା ବିଧାୟକ—Purifying.
(ପାବମାନା—ସ୍ତ୍ରୀ)

ପାବିତ—ସଂ. ବିଣ. (ପୂ ଧାତୁ ଣିଚ ପାବି ଧାତୁ+କର୍ମ ତ)—
Pābita ୧ । ପବିତ୍ରୀକୃତ—1. Sanctified.
୨ । ଶୋଧିତ—2 Purified.

ପାବିବା—ଦେ. କ୍ରି. (ପ୍ରାଚୀନ ପଦ୍ୟ)—ପବିତ୍ର କରିବା—
Pābibā To purify.

ଏକ ବଂଶରେ ଶତ ଜାଣ
ପାବିବ ବଶୁଦ୍ଧ ଜନେଶ । ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

ପାବୀ—ସଂ. ବିଣ. ପୁଂ. (ପୂ ଧାତୁ ଣିଚ ପାବି ଧାତୁ+କର୍ତ୍ତୃ. ଇନ୍; ପାବିନ୍
Pābi ଶବ୍ଦ ୧ମା. ୧ବ)—ପବିତ୍ରତାକାରକ—
(ପାବିନୀ—ସ୍ତ୍ରୀ) Purifying.

ପାବୁଡ଼ି—ପ୍ରାଦେ. (ଗଡ଼ଜାତ) ବି. (ସଂ. ପର୍ବତ)—କେନ୍ଦୁଝର, ବଣେଇ,
Pāburdi ବାମଣ୍ଡା ଓ ପାଲଲହଡ଼ା ଅଞ୍ଚଳବାସୀ ଭୂୟାଁମାନଙ୍କ
ଆବାସ ସ୍ଥାନର ନାମ; ଭୂୟାଁପୀଢ଼—Name of the place inhabited by the Bhuyāns in some of the Orissa States.

[ଦ୍ର—ଏ ଅଞ୍ଚଳରେ ବନ୍ୟ ଅବସ୍ଥାରେ ଆମ୍ବ, ପଣସ କାଗଜଲେମ୍ବୁ, କଦଳୀ ଓ ତମ୍ଭାଆଦିର ପ୍ରକାଣ୍ଡ ଗଛମାନ ପର୍ଯ୍ୟାପ୍ତ ପରିମାଣରେ ଜନ୍ମି ପ୍ରଚୁର ଫଳ ପୁଷ୍ପ ପ୍ରସବ କରନ୍ତି ।]

ପାବୁଲି—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ)—ପାହାଡ଼—
Pābuli Hill.

ପବେନି—ଗ୍ରାମ୍ୟ. ବି. (ପ୍ରାଚୀନ ପଦ୍ୟ) (ସଂ ପାବନ)—ହନୁମାନ୍—
Pābeni Hanumān.

ପୁଣି ଏକ ବୃକ୍ଷ ସେ ସେ ଉପାଡ଼ି ଧରଇ,
ପାବେନିର ଅଙ୍ଗେ ବେଗେ ପିଟିଲକ ନେଇ । ବିଶ୍ୱନାଥ, ବିଚିତ୍ର ରାମାୟଣ ।

ପାବ୍ୟ—ସଂ. ବିଣ. (ପୂ ଧାତୁ+କର୍ମ. ଯ)—ପବିତ୍ର କରାଯିବାର ଯୋଗ୍ୟ—
Pābya Fit to be purified

ପାଭାଗ—ଦେ. ବି. (ସଂ. ପଦ ଓ ଭାଗ; ଗୃହର ପାଦଦେଶ)—ଗୃହର
Pābhāga ପିଣ୍ଡା; ବରଣ୍ଡା—Veranda; portico.
(ପାଆଭାଗ—ଅନ୍ୟରୂପ)

ପାଭ(ଭୋ)ର୍—ଗ୍ରା. ଅ. (ପବାର ଗହିଡ଼ମାନଙ୍କ ଡାକ)—
Pābha(bho)r ଏଠାରେ ବଳାଗଣ୍ଠି ବୁଡ଼ିବା ଅପେକ୍ଷା ବେଶି ପାଣି
ପାବୋର ଅଛି—(a halloo of palki-bearers) Here we have to wade through more than ankle-deep water.
[ପାଆଭ(ଭୋ)ର୍—ଅନ୍ୟରୂପ]

ପାମ(ମା)—ସଂ. ବି. (ପେ ଧାତୁ=ଶୁଷ୍କ ହେବା+କର୍ତ୍ତୃ. ମନ୍; ପାମନ୍ ଶବ୍ଦ
Pāma mā) ୧ମା. ୧ବ)—କାଛୁ; କୁଣ୍ଡିଆ—Itches.

ପାମଘ୍ନ—ସଂ. ବି. (ପାମନ୍+ହନ ଧାତୁ+କର୍ତ୍ତୃ. ଅ; ଏହା କାଛୁ
Pāmaghana କୁଣ୍ଡିଆର ମହୌଷଧ)—ଗନ୍ଧକ—Sulpher.

ପାମନ—ସଂ. ବିଣ. ପୁଂ (ପାମନ୍=କାଛୁ କୁଣ୍ଡିଆ+ଅଛି ଅର୍ଥରେ ନ)—
Pāmana କାଛୁରା; କାଛୁ ରୋଗାକ୍ରାନ୍ତ—
(ପାମନା—ସ୍ତ୍ରୀ) Suffering from itches.

ପାମର—ସଂ. ବିଣ. ପୁଂ. (ପାମନ୍=କାଛୁ+ର ଧାତୁ+ଗ୍ରହଣ କରିବା
Pāmara +କର୍ତ୍ତୃ. ଅ, ତମ୍, ପାପ୍ମ=ପାପ+ମ୍ରଧାତୁ+କର୍ତ୍ତୃ. ଅ)
(ପାମରୀ;ପାମରା—ସ୍ତ୍ରୀ)—୧ । କାଛୁରା—1. Attacked with scabs; scabby (Apte).
୨ । ଅଧମ—2. Vile; mean.
୩ । ନୀଚ; ଇତର—Low; base; vulgar.
୪ । ଘୃଣ୍ୟ—4. Despised; despicable.
୫ । ପାପିଷ୍ଠ—5. Sinful
୬ । ନିର୍ବୋଧ; ମୂର୍ଖ—6. Stupid; foolish; silly.
୭ । ଖଳ; ଦୁଷ୍ଟ—7. Wicked; rogue.
୮ । ନିରାଶ୍ରୟ; ବେସାହା—8. Poor; helpless (Apte).
୯ । ଦୁଷ୍ଟ ବା ନୀଚ ବ୍ୟକ୍ତି—
1. A wicked or low man (Apte).
୨ । ନିର୍ବୋଧ ବ୍ୟକ୍ତି—2. A fool; idiot (Apte)
୩ । ଘୃଣ୍ୟ କର୍ମକାରୀ ନୀଚ ଜାତୀୟ ବ୍ୟକ୍ତି—3. A person of lowest extraction engaged in the most degrading occupation.

ବାନ୍ଧିଅ ବାନ୍ଧେଇ ହୋଇ ମରନ୍ତି ପାମରେ । ଜଗନ୍ନାଥ. ମହାଭାରତ ।

ପାମର ଯୋଗ—ସଂ. ବି.—ଏକପ୍ରକାର ନିକୃଷ୍ଟ ଯୋଗସାଧନ, ଯଦ୍ଦ୍ୱାରା
Pāmara joga ନଟ ଓ ବାଜୀଗରମାନେ ଅଦ୍ଭୁତ ଖେଳ ଦେଖାନ୍ତି—
A kind of Joga exercise with the help of which people exhibit wonderful feats.
[ଦ୍ର—ଏଥିର ସାଧନଦ୍ୱାରା ଅନେକ ରୋଗର ନାଶ ହୁଏ ଓ ଅଦ୍ଭୁତ ଶକ୍ତି ପ୍ରାପ୍ତି ହୁଏ । କେହି କେହି ଏହାକୁ ପାଶ୍ଚାତ୍ୟ ମିସ୍ମେରିଜ୍ମ (mesmerism) ମଧ୍ୟରେ ଗଣନା କରନ୍ତି । (ହି. ଶ.)]

ପାମରା—ଦେ. ବି. (ସଂ. ପାପ ମରଣ)—ମୃତ୍ୟୁର ସମ୍ପୂର୍ଣ୍ଣ ଲକ୍ଷଣ ପ୍ରକାଶିତ
Pāmara ହେବା ପରେ ପୁନର୍ବାର ଜୀଇଁ ଉଠିବା—The survival of a person who shows signs of death and is taken by the people to be dead.

ପାମରା ଯିବା—ଦେ. କ୍ରି.—(ସଂ. ପର+ମା ଧାତୁ)—କୌଣସି ପରିମାପକ
Pāmarā jibā ଦ୍ୱାରା ମାପ କରାଯିବା—To be measured.

ପାମା—ସଂ. ବି.—(ପେ ଧାତୁ=ଶୁଷ୍କ ହେବା+କର୍ତ୍ତୃ. ମନ୍)—
Pāmā ୧ । କାଛୁ—1. Itches.
୨ । ଶୁଷ୍କିଲା ଭୁଣ୍ଡିଆ—2. Scabies; eruption.
୩ । ବଇଁଷ—3. Eczema.
୪ । ଶୁଖି ଯାଦୁ—4. Dry ringworm.
୫ । ଯେଉଁ ରୋଗ ହେବାରୁ ମୁଣ୍ଡରେ ଚନ୍ଦା ରୋଗ ହୁଏ—
5. Disease accompanyined by baldness (Howells).

ପାମାରି—ସଂ ବି. (ପାମା+ଅରି=ଶତ୍ରୁ)—ଗନ୍ଧକ—
Pāmāri Sulpher.

ପାମିରା ପଏଣ୍ଟ—ବୈଦେ.ବି. (ନାମ) ଇଂ.ପାମିରା=ହେନ୍ତାଳ+ପଏଣ୍ଟ=
Pāmirā paent =ନାସୀ)—ମହାନଦୀ ବଙ୍ଗୋପସାଗରରେ
ପଡ଼ୁଥିବା ମୁହାଣରେ ଥିବା ଭେଲାର ପୂର୍ବ ଭମ ଅଗ୍ର—
(ପାମିରା ଅନ୍ତରୀପ—ଅନ୍ୟନାମ) Palmyra point; the cape formed near the mouth of the Mahānadi in the Bay of Bengal.
[ଦ୍ର—ଏଠାରେ ହେନ୍ତାଳ ବା ପାମିରା (Palmyra) ଗଛ ବହୁତ ଥିବାରୁ ଏଠାକୁ ଅଷ୍ଟାଦଶ ଶତାବ୍ଦୀରେ ଆସିଥିବା ଇଂରେଜ ପୋତର ନାବିକମାନେ ପ୍ରଥମେ ଏହାକୁ ଏହି ନାମରେ ଡାକଥିଲେ ଓ ସେହିଦିନଠାରୁ ଏହାର ଏହି ନାମ ଚଳିଅଛି)

ପାମେଲ—ବେ. ଅ— ସଂ. ପାଦ+ମିଳନ) (ଯୁବକ ସୈଧାଶ୍ରମଙ୍କ
Pāmel ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ ଆଦେଶ ବଚନ)—ଗୋଡ଼କୁ ଏକ ସମୟରେ କ୍ରମାନ୍ୱୟରେ ଉଠାଅ ଓ ପକାଅ—
A term of drill; mark-time.

ପାମୋଜ୍—ଦେ. ବି—୧ । ଏକପ୍ରକାର ପାରା, ଯାହାଙ୍କ ଗୋଡ଼ର ପର
Pamoj ଆଙ୍ଗୁଠି ପର୍ଯ୍ୟନ୍ତ ମାଡ଼ି ଆସିଥାଏ—
ପାମୋଜ; **पामोज** 1. A species of pigeon whose feathers cover their toes.
୨ । ଯେଉଁ ଦୁଷ୍ଟ ଘୋଡ଼ା ମୁହଁକୁ ବୁଲାଇ ଆରୋହୀର ପାଦକୁ କାମୁଡ଼େ—2 A vicious horse which bites at the feet of the rider.

ପାମ୍ପଡ଼—ଦେ. ବି—ପାପଡ଼ (ଦେଖ)—
Pāmparda Pāparda (See)

ପାମ୍ପଡ଼ି—ଦେ. ବି—ପାପଡ଼ି (ଦେଖ)—
Pāmpardi Pāpardi (See)

ପାମ୍ପଡ଼ି ଶୋଇବା—ଦେ. କ୍ରି—ପାଆଁ ପଡ଼ିବା (ଦେଖ)
Pāmpardi soibā Pā-ānā-pardiba
ପାମ୍ପଡ଼ିବା
ପାମ୍ପ ଡ଼ି ଶୋଇବା } ଅନ୍ୟରୂପ

ପାୟ—ସଂ. ବି—(ପାଧାତୁ+ଅ; ଯ ଆଗମ) ଜଳ—Water (Apte).
Paya

ପାୟକ—ସଂ. ବଣ. ପୁଂ. (ପା ଧାତୁ+କର୍ତ୍ତୃ. ଅକ)—ପାନକାରୀ—
Pāyaka (ପାୟିକା—ସ୍ତ୍ରୀ) Drinking (Apte)

ପାୟଖାନା—ବୈଦେ. ବି—ପାଇଖାନା (ଦେଖ)
Pāyakhānā Pāikhānā (See).

ପାୟଚାରି—ଦେ. ବି— (ସଂ. ପାଦଚାରଣ)—ପଦବ୍ରଜରେ ଭ୍ରମଣ—
Pāyachāri **पायचारी पैदल** Walking.

ପାୟଜଙ୍ଗା(ଙ୍ଘା)—ବୈଦେ. ବି—(ଫା. ପାଜାମା)—ପେଣ୍ଟଲୁନ୍;
Pāyajanga(ngha) ଗାଣ୍ଡିମୁଣ୍ଡା—Pantaloon; pant.
पायजामा पायजामा
ପାୟିଜାମା, ପାୟିଜଙ୍ଗା(ଙ୍ଘା), ପାୟ ଜମା, ପାୟୁଜାମା, ପାୟିଜମା } ଅନ୍ୟରୂପ

ପାୟନ୍ଦାଜ୍—ବୈଦେ. ବି—ଘରେ ସଫା ଫରାସ୍ ଆସନର ଧାରରେ ପଡ଼ିଥିବା
Pāyandāj ମୋଟା ଆସନ, ଯହିଁ ଉପରେ ଆଗନ୍ତୁକମାନେ ଗୋଡ଼ର
पाएन्दाज पायन्दाज ଧୂଳି ଆଦି ପୋଛି ଫରାସ୍ ଉପରକୁ ଯାଆନ୍ତି—
A coarse mat on which incomers rub off the dust of their feet before they go and sit upon the valuable sheet spread on the floor.

ପାୟଦଲ୍—ଦେ. ବଣ—ସଂ. ପାଦଚଲ; ପ୍ରା. ପାୟଚଲ)—ପଇଦଲ
Pāyadal (ଦେଖ)—Paidala (See)
पैदल पायदल

ପାୟମାଲ୍—ବୈଦେ. ବଣ. (ଫା.)—୧ । ଗୋଡ଼ରେ ଚକଟା ହୋଇଥିବା
Pāyamāl 1. Trodden with the feet.
पायमाल पायमाल ୨ । ବିନଷ୍ଟ; ଧ୍ୱଂସ—
(ପାୟମାଲୀ—ବି) 2. Devastated; ruined.

ପାୟସ—ସଂ. ବି—(ପୟସ୍=ଦୁଧ+ବିକାରାର୍ଥେ. ଅ)—୧ । ପରମାନ୍ନ;
Pāyasa କ୍ଷିରି; ଦୁଗ୍ଧ ଓ ଶର୍କରା ପକ୍ୱ ଅନ୍ନ—1. Frumenty; gruel made of rice or wheat flour boiled with milk and sugar.
୨ । ସରଳ ନିର୍ଯ୍ୟାସ (ହ. ଶ.)—
2. The gum of the pine tree; turpentine.
୩ । (+ସ୍ୱାର୍ଥେ. ଅ) ଦୁଗ୍ଧ—3 Milk. (Apte)
୪ । ଅମୃତ—4. Nectar. (Apte)
ସଂ. ବଣ—(ପୟସ୍+ଅ)—ପୟଃ ସମ୍ବନ୍ଧୀୟ—
Relating to milk or water.

ପାୟସିକ—ସଂ. ବଣ. ପୁଂ—(ପୟସ୍+ପ୍ରିୟାର୍ଥେ. ଇକ)—ଯେ ଅଉଟା
Pāyasika ଦୁଧ ଖାଇବାକୁ ସୁଖ ପାଏ—Fond of boiled
(ପାୟସିକୀ—ସ୍ତ୍ରୀ) milk. (Apte)

ପାୟା—ଦେ. ବି—(ସଂ. ପାଦ; ଫା. ପାୟହ୍)—୧ । ପାଇଆ; ଖଟ ବା
Pāyā ଚଉକିର ଗୋଡ଼—1. The posts of a bedstead
पाया पाया or chair.
୨ । ସ୍ତମ୍ଭ; ଖୁଣ୍ଟ—2. Pillar; post.
୩ । ସମ୍ମାନ; ମର୍ଯ୍ୟାଦା—
3. Respectability; dignity.
୪ । ପଦବୀ; ପଦ—4. Position; rank; situation.
୫ । ସମ୍ମାନଯୁକ୍ତ ପଦବୀ—
5. A position of respectability.
୬ । ତୁଲ୍ୟତା; ସମତା—6. Equality.
୭ । ସିଡ଼ିର ପାହାଚ—7. The step of a stair.

ପାୟୁ ଯିବା—ଦେ. କ୍ରି.—(ସଂ. ପ୍ରାପ୍ତ; ପାଇବାର କର୍ମବାଚ୍ୟ)—ପ୍ରାପ୍ତ ହେବା; ମିଳିବା—To be got; to be recovered.
Pāyā jibā
পাওয়া যাওয়া **पायाजाना**

ପାୟିକ—ସଂ. ବି. (ପା ଧାତୁ=ରକ୍ଷା କରିବା+କର୍ତ୍ତୃ. ଇକ)—
Pāyika ୧ । ଶରୀର ରକ୍ଷକ ସୈନ୍ୟ—1. Body guard.
୨ । ଚଉକିଦାର—2. Guard; watchman.
୩ । ପାଇକ; ପାଏକ; ପଦାତିକ (ହ୍ର. ଶ.)—
1. Foot soldier (Apte).
୪ । ପିଆଦା—4. Peon.

ପାୟୀ—ସଂ. ବିଣ. ପୁଂ(ପା ଧାତୁ କର୍ତ୍ତୃ. ଇନ; ୧ମା. ୧ବ)—ପାନକାରୀ—
Pāyī Drinking.
(ପାୟିନୀ—ସ୍ତ୍ରୀ)

ଭରତୀ ଭକତ କେଉଁ ରୂପ ପାୟୀ
ତୃପ୍ତ ହେବ ଏହା ଅଟେ ମନ ଧ୍ୟାୟୀ । ରଘୁନାଥ, ଚଳକା ।

[ଦ୍ର—ଏହା ସମାସରେ ଅନ୍ୟ ଶବ୍ଦ ସହିତ ବ୍ୟବହୃତ ହୁଏ; ଯଥା—ସୁଧାପାୟୀ; ରୂପପାୟୀ; ଦୁଗ୍ଧପାୟୀ ।

ପାୟୁ—ସ. ବି. (ପା ଧାତୁ=ରକ୍ଷା କରିବା+କର୍ତ୍ତୃ. ଉ; ଯାହା ମଳ ନିଃସରଣ କରିବା ଯୋଗୁଁ ପ୍ରାଣୀମାନଙ୍କୁ ରକ୍ଷା କରେ)—
Pāyu
ଗୁହ୍ୟଦ୍ୱାର; ମଳଦ୍ୱାର—Anus.

ପାୟେ—ଦେ. ଅ. (ସଂ. ପାଦ)—୧ । ପାଏ; ଏକପା ମାତ୍ର—
Pāye 1. One Pua only.
একপোয়া ୨ । ଏକଚତୁର୍ଥାଂଶ—2. One fourth.
एकपाव; पावभर ୩ । ପାଦରେ—3. At the feet.
पाव्र
पाअँमे

ଭୟେ କ୍ଷେଣ ସ୍ତବଶୟେ
ଶରଣ ଗଲେ କୃଷ୍ଣ ପାୟେ । ଜଗନ୍ନାଥ. ଭାଗବତ ।

ପାୟେଡ଼ା—ଦେ. ବି—ପାଏଡ଼ା (ଦେଖ);
Pāyerdā Pāerdā (See)

ବୁହେ ପାୟେଡ଼ା ପାଠ କରୁ
ହାଠ ନକଟଁ କେଳ କର । ଯଦୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

ପାୟେ ପଡ଼ିବା—ଦେ. କ୍ରି—ଗୋଡ଼ତଳେ ପଡ଼ିବା—
Pāye pardibā To fall at the feet of another; to
পায়েপড়া prostrate oneself before another.
पावपड़ना

ଶୁଣି ନଳ ସେ ବଡ଼ ବଷାଦ ପାଇ
ସଙ୍କ କଥା ଶୁଣି ପାୟେ ପଡ଼ି ଗୋଇ । ଗ୍ରାଭୀ. ନଳଚରିତ ।

ପାୟ୍ୟ—ସଂ. ବିଣ. (ପା ଧାତୁ+କର୍ମ. ଯ)—୧ । ପାନକରିବା ଯୋଗ୍ୟ—
Pājya 1. Drinkable.
୨ । ନୀଚ; ହୀନ; ଘୃଣ୍ୟ—
2. Low; vile; contemptible (Apte).
ସ. ବି—୧ । ଜଳ—1. Water.
୨ । ପାନ କରିବା—2. Drinking (Apte).
୩ । ରକ୍ଷା—3. Protection (Apte).
୪ । ପରିମାଣ—4. A measure (Apte).
୫ । ବ୍ୟବସାୟ; ବୃତ୍ତି; ପେଶା—
5. Practice; profession (Apte).

ପାର୍ (ଧାତୁ)—ସ—୧ । କର୍ମ ସମାପ୍ତି କରିବା—
Pār (root) 1. To complete a work.
୨ । ପାରିବା—2. To be able.

ପାର୍—ଦେ. ଅ—୧ । ଉଲ୍ଲଂଘନ—1. Crossing.
Pār ୨ । ଗତ; ପଳାୟିତ—2. Gone.
୩ । ବିପଦରୁ ଉଦ୍ଧାର ପାଇଥିବା—
3. Saved from danger.

ପାର୍ ଉତା(ତ୍ତା)ର—ଦେ. ବି. (ସଂ. ପାର ଓ ଉତ୍ତରଣ)—୧ । ଲୋକମାନେ ନଦୀଆଦିକୁ ନୌକାଦ୍ୱାରା ପାର ହୋଇ ଆରକୂଳରେ ନୌକାରୁ ଓହ୍ଲାଇ ଯିବା—1. Crossing a river and setting foot on the other side.
Pār utā(ttā)r
পারউতার
पारउतार
ପାର୍ଉତାର } ଅନ୍ୟରୂପ
ପାରଉତ୍ତର }
୨ । କୌଣସି ବିପଦରୁ ପରିତ୍ରାଣ—
2. Deliverance from a danger.

ମହାମହିମାଙ୍କ ଥିଲା ପାର କରିଇହିଁ । ଗ୍ରାଚୀ, ବୃନ୍ଦାବନରୁପଣଗୀତା ।

୨ । ଲୋକଙ୍କୁ ନୌକାଦ୍ୱାରା ନଦୀଆଦି ପାର କରାଇବା କର୍ମ—
2. Act of ferrying people across.

ପାର—ସ. ବି. (ପର+ଅ, କମ୍ବା ପାର୍ ଧାତୁ=କର୍ମ ସମାପ୍ତ ହେବା+ଭାବ. ଅ; କମ୍ବା ପୃ ଧାତୁ=ନଦ୍ୟାଦି ପାର କରିବା+କର୍ତ୍ତୃ. ଅ)—୧ । ଜଳାଶୟ ବା ନଦୀର ଅନ୍ୟ ତୀର; ପାରି—1. Opposite or further bank; the other side or shore of a river or water.
Pāra

ତରୁଣି ତରଣୀ ହୋଇ ଲଗାଅ ତୁ ପାରେ । କବିସୂର୍ଯ୍ୟ, ସଙ୍ଗୀତ ।

୨ । ଉଦ୍ଧାର; ଉତ୍ତରଣ—2. Deliverance.
୩ । ମୁକ୍ତି; ମୋକ୍ଷ—3. Salvation.
୪ । (ପୃ ଧାତୁ=ପୂରଣ କରିବା+ଭାବ. ଅ)—
କୌଣସି ବିଷୟର ସୀମା ବା ଶେଷପ୍ରାନ୍ତ—
4. The end or limit of anything; goal; extremity.

କଳନ୍ତ୍ର ପୁରନ୍ଦର ଗୃହ ଜଳପାରେ
ରବି ଲ ରସ ବା ରସକୁଟହିତ ପାରେ । କବିସୂର୍ଯ୍ୟ, ସଙ୍ଗୀତ ।

୫ । ପୂର୍ଣ୍ଣତା—5. Fullness.
୬ । ପାରଦ; ପାରା ଧାତୁ—6. Mercury (metal).
୭ । ନଜକୃତ ସଙ୍କଳ୍ପ ବା ପ୍ରତିଜ୍ଞାର ପୂର୍ଣ୍ଣତା ବା ସଫଳତା—
7. Fulfilment or fruition of one's promise or vow.

ପ୍ରତଜ୍ଞର ପାରକୁ ପାଇବ ଅର୍ଜୁନ
କରଣ ଜୟଦ୍ରଥ ଶିକାର ନଧନ । କୃଷ୍ଣସିଂହ, ମହାଭାରତ ଦ୍ରୋଣ ।

ଦେ. ବି—୧ । ନଦୀଆଦିର ଉଲ୍ଲଂଘନ—
1. Crossing of a river.
୨ । ବିପଦରେ ବିପଦଆଦିକୁ ଏଡ଼ିଯିବା—
2. Going through a danger safely.
୩ । (ସ. ପରପାକ)—ଖାଦ୍ୟଦ୍ରବ୍ୟର ପରିପାକ—
3. Digestion of food.

୪ । ସ୍ୱକୃତ ପାପ; ଅପରାଧଆଦିର ବିଷମୟ ଫଳ ଭୋଗରୁ ମୁକ୍ତି—
4 Exemption from suffering the punishment for a sin or guilt.

୫ । (ସ୍ତ୍ରୀ) ପାର୍ବତୀ ନାମକ ସ୍ତ୍ରୀକୁ ଡାକିବାର ନାମ— 5. Name by which a woman named Pārbatī is called.

ଦେ. ବିଣ—୧ । ଯେ ନଦୀଆଦି ପାରି ହୋଇଥାଏ—
1. Having crossed a river.

୨ । ଜୀର୍ଣ୍ଣ କରାଯାଇ ଥିବା (ଖାଦ୍ୟ)—
2. Digested (food),

ପାର ଉତା(ତ୍ତା)ର କରିବା—ଦେ. କ୍ରି. (ସଂ. ପାର+ଉତ୍ତରଣ)—
Pāra utā(ttā)ra karibā ୧ । ଲୋକମାନଙ୍କୁ ନଦୀଆଦି ପାରି କରାଇ ଅପର କୂଳରେ ପହଞ୍ଚାଇବା—1. To take people across a river safely; to ferry a person across.
পারউতারকরা **पारउतारना**

୨ । ଉଦ୍ଧାର କରିବା; ପରିତ୍ରାଣ କରିବା—
2, To deliver.

ପାରଉତ୍ତ(ତା)ର ପାଇବା—ଦେ. କ୍ରି.—ଉଦ୍ଧାର ପାଇବା—
Pāra uttā(tā)ra pāibā To come out of danger safely.
পার পাওয়া **पार करना**

ପାର ଉତ୍ତ(ତା)ର ହେବା—ଦେ. କ୍ରି.—୧ । ନଦୀ ଆଦି ପାରି ହେବା; ଉତ୍ତୀର୍ଣ୍ଣ ହେବା—1. To cross a river.
Pāra uttā(tā)ra hebā
পারউতার হওয়া **पारउतरना**

୨ । ବିପଦରୁ ଉତ୍ତୀର୍ଣ୍ଣ ହେବା—
2. To come out of a calamity safely.

ପାରକ—ସଂ. ବିଣ. ପୁଂ (ପୃ ଧାତୁ=ପୂର୍ଣ୍ଣ କରିବା+କର୍ତ୍ତୃ. ଅକ)—
Pāraka ୧ । ଚତୁର—1. Clever.
(ପାରିକା—ସ୍ତ୍ରୀ) ୨ । ପାରଗ; ପାରଙ୍ଗମ; ନିପୁଣ; ଦକ୍ଷ; ପଟୁ—
2. Expert; skilful; able.

୩ । ଯାହା ଅପର ପାରକୁ ନିଏ—3. Ferrying across.

୪ । ପୂରକ—4. One who fills up; filling up.

୫ । ଯାହା ଅନ୍ୟପାରକୁ ପାରି ହେବାକୁ ସମର୍ଥ କରେ—
5. Enabling to cross.

୬ । ରକ୍ଷକ; ପାଳନକାରୀ; ପାଳକ—6. Protecting.

୭ । ଉଦ୍ଧାରକାରୀ—7. Saving; delivering.

୮ । ସନ୍ତୋଷଜନକ—8. Pleasing; satisfying (Apte).

ଦେ. ବି. (ସଂ. ପରୀକ୍ଷକ)—ଦେବ ମନ୍ଦିରର ସେବକବିଶେଷ—
A class of temple servants.
(ପାରିକ—ଅନ୍ୟରୂପ) [ଦ୍ର—ଯେଉଁ ସେବକ ପ୍ରଥମେ ଆସି ମନ୍ଦିରର କବାଟର ଜଉମୁଦ ପରୀକ୍ଷା କଲା ପରେ କବାଟ ଫିଟେ ।]

ଗ୍ରା. ବି.—(ସଂ. ପାଳକ; ଇତର ବ୍ୟବହୃତ 'ଲ' ସ୍ଥାନରେ 'ର' ଉଚ୍ଚାରଣ)—୨ । ପାଳକ; ସୁସମୟ—2. The state of favourable weather for a bumper crop.

୨ । ସୁଯୋଗ—2. Good opportunity.

ପାରକତା(ତ୍ୱ)—ସଂ. ବି. (ପାରକ+ତା, ତ୍ୱ)—୧ । ପଟୁତା; ନିପୁଣତା—
Pārakatā (twa) 1. Expertness.

୨ । ଯୋଗ୍ୟତା—2. Ability; competence.

ପାର କରିବା—ଦେ. କ୍ରି.—(ସଂ. ପାର)—୧ । ଏ ପାରରୁ ସେ ପାରକୁ
Pāra karibā ଲୋକ ଆଦି ଦ୍ୱାରା ନେବା—1. To take a person across (a river or water); to ferry a person across.
পার করা **पार करना**

୨ । ଗୁରୁପାକ ଖାଦ୍ୟକୁ ଜୀର୍ଣ୍ଣ କରିବା—
2, To digest a heavy or rich food easily.

୩ । ଉଦ୍ଧାର କରିବା; ତାରିବା—3. To deliver.

୪ । ବିପଦରୁ ରକ୍ଷା କରିବା—
4. To save from danger.

୫ । ଶେଷ କରିବା—5. To end.
କରିବ ତ୍ରୈଲୋକ୍ୟ ଠାର ଦୁଃଖ ଅନ୍ତ ପାର । ରାଧାନାଥ- ବେଣୀସଂହାର ।

୬ । ଉପରେ ପଡ଼ିବା ବିପଦରୁ ନିରାପଦରେ ମୁକ୍ତି ଲଭିବା—
6. To escape from a danger unhurt.

୭ । ନିଜ କୃତ ପାପ ବା ଅପରାଧର ବିଷମୟ ଫଳରୁ ନିଷ୍କୃତି ବା ଅବ୍ୟାହତି ଲାଭ କରିବା—7. To be exempt from suffering the evil consequence of one's sin or guilt.

ପାରକା(ଖା)—ଦେ. ବିଣ. (ସଂ. ପାରକ)—୧ । ଚତୁର; ସିଆଣା—
Pārakā(khā) 1. Clever.
সেয়ানা **सेयाना** ୨ । ଶଠ; ଧୂର୍ତ୍ତ—2. Cheating; sly; artful.

୩ । ଦୁଷ୍ଟ—3. Wicked.

୪ । ଶୀଘ୍ରଗାମୀ—4. Swift.
ବାଘ କୋଁ, ପୁଅ ସଲଖା, ନାଉ ଘୋଡା ଭାରି ପାରକା । ପ୍ରଚଳିତ ।

ପାରକା(ଖା) ପଣ—ଦେ. ବି. (ସଂ. ପାରକ)—୧ । ଚତୁରତା—
Pārakā(khā) paṇa 1. Cleverness.
ପାରକା ପଣିଆ } ଅନ୍ୟରୂପ ୨ । ଶଠତା; ଧୂର୍ତ୍ତତା—
ପାରକା ପଣିଆଁ } 2. Slyness; artfulness.

ପାରକ୍ୟ—ସଂ. ବି. (ପର+କ+ହିତାର୍ଥେ. ଯ)—୧ । ପରୋପକାରିତା—
Pārakya 1. Benifitting others.

୨ । ପରକୀୟତା; ପରାଧୀନତା—2. Subordination; the state of belonging to another.

୩ । (ପାରକ+ଭାବାର୍ଥେ. ଯ)—ପାରକତା; ସାମର୍ଥ୍ୟ—
3. Competence; ability.

୪ । ଶତ୍ରୁ—4. Enemy (Apte)

୫ । (ପରଲୋକରେ ମଙ୍ଗଳକର) ପୁଣ୍ୟକର୍ମ (ହି. ଶ.)—
5. Pious or meritorious conduct (Apte).

ସଂ. ବିଣ.—୧ । ପରକୀୟ—
1. Belonging to another; alien.

୨ । ପର ସମ୍ବନ୍ଧୀୟ—2. Relating to another.

୩ । ଶତ୍ରୁ ସମ୍ବନ୍ଧୀୟ; ଶାତ୍ରବ—
3. Relating to the enemy; inimical.

୪ । ବିପକ୍ଷ—4. Hostile.

୫ । ପରକାଳରେ ଉପକାରୀ—
5. Useful in the next world (Apte).

ପାରଖୀ—ଦେ. ବିଣ. (ସ. ପରୀକ୍ଷକ)—
Pārakhī ଯେ ପରଖ କରେ; ପରୀକ୍ଷକ—
(ପାରକ୍ଷୀ—ଅନ୍ୟରୂପ) Testing; examining.

पारखी ଦେ. ବି—ପରଖାଳି; ପରୀକ୍ଷା କରିବା ବ୍ୟକ୍ତି—
Examiner; tester.

ମାନବ ଚରିତ୍ର ଏ ମୂର୍ତ୍ତିବ ବଡ଼ ସୂଚ୍ଚଟ-ଖୁବ ପାରଖୀ ।
ରାଧାନାଥ, ଯଯାତି ।

ପାରଗ—ସ. ବିଣ. ପୁଂ. (ପାର=ଅନ୍ୟ ତୀର + ଗମ ଧାତୁ + କର୍ତ୍ତୃ.ଅ)—
Pāraga ୧ । କୃତକାର୍ଯ୍ୟ—1. Successful.
(ପାରଗା—ସ୍ତ୍ରୀ) ୨ । ଯେ ନଦୀ ଆଦିକୁ ପାର ହୋଇଅଛି; ପାରଗାମୀ
2. One who has crossed.

୩ । ନିପୁଣ; ସମର୍ଥ; ପଟୁ—
3. Competent; skilful.

୪ । ଯୋଗ୍ୟ—4. Capable; able.

୫ । ଯେ କୌଣସି ବିଷୟର ଶେଷ ସୀମାକୁ ଯାଇଥାଏ—
5. Having gone to the utmost limit; accomplished.

୬ । କୌଣସି ବିଷୟରେ ଉତ୍ତମ ରୂପେ ପଣ୍ଡିତ—
6. One who has thoroughly mastered anything. thoroughly versed in or conversant with.

୭ । ଯେ ଅନ୍ୟ ଲୋକଙ୍କୁ ନଦୀଆଦିର ଅପର ପାରକୁ ନିଏ—
7. Ferrying across.

୮ । ଅତି ବିଦ୍ୱାନ—8. Very learned (Apte).

ପାରଗତ—ସ. ବିଣ. ପୁଂ (୨ୟା ତତ୍; ପାର + ଗତ)—
Pāragata ୧ । ନଦୀକୁ ପାର ହୋଇଥିବା; ଉତ୍ତୀର୍ଣ୍ଣ—
(ପାରଗାମୀ—ଅନ୍ୟରୂପ) 1. Having crossed a river.
ପାରଗତା / ପାରଗାମିନୀ } ସ୍ତ୍ରୀ ୨ । ପାରଗ (ଦେଖ)
2. Pāraga (See)

୩ । ପବିତ୍ର—3. Pure; sacred.

ସ. ବି—ଜିନ—A Jaina saint.

ଦେ. ବିଣ—ତାଲିମ ହୋଇଥିବା—Trained.

ପାରଗତ କରିବା—ଗ୍ରା. କ୍ରି—ତାଲିମ କରିବା—
Pāragata kariba To train.

ପାରଗ୍ରାମିକ—ସ. ବିଣ. (ପର ଗ୍ରାମ+ସମ୍ବନ୍ଧାର୍ଥେ ଇକ)—
Pāragrāmika ୧ । ପରର ଗ୍ରାମ ସମ୍ବନ୍ଧୀୟ—
1. Relating to another man's village.

୨ । ବୈରକାରୀ; ବୈର ଭାବାପନ୍ନ; ବିପକ୍ଷ—2. Inimical.

ପାରଙ୍ଗ—ସ. ବିଣ. (ପାରଂ+ଗମ୍ ଧାତୁ + କର୍ତ୍ତୃ. ଅ)—
Pāraṅga ପଟୁ; ନିପୁଣ—Competent; able.

ଦାକ୍ଷିଣାତ୍ୟେ ରଣ୍ଡା ଫଳକ ଧରଥାନ୍ତି
ସେ ବଳମାନେ ପାରଙ୍ଗ ସେମାନେ ବୋଲନ୍ତି । କୃଷ୍ଣସିଂ, ମହାଭାରତ ଶାନ୍ତି

ପାରଙ୍ଗତ—ସ. ବିଣ. ପୁଂ. (ପାରଂ+ଗତ)—ପାରଗତ (ଦେଖ)
Pāraṅgata (ପାରଙ୍ଗତା—ସ୍ତ୍ରୀ) Pāragata (See)

ପାରଙ୍ଗମ—ସ. ବିଣ. ପୁଂ. (ପାରଂ=ଅନ୍ୟ ପାରକୁ+ଗମ ଧାତୁ+
Pāraṅgama କର୍ତ୍ତୃ. ଅ; ଅନ୍ୟ ରୂପ ପାରଗ; ତୁଳ; ବିହଙ୍ଗମ;
(ପାରଙ୍ଗମା—ସ୍ତ୍ରୀ ଭୁଜଙ୍ଗମ)—ପାରଗ (ଦେଖ)
Pāraga (See)

ପାରଚ୍ଛ—ବୈଦେ. ବି. (ଫା. ପାରଚ୍ଛ)—ପାର୍ଚ୍ଛ (ଦେଖ)
Pāracha Pārcha (See)

ପାରଜ—ସ. ବି—ସ୍ୱର୍ଣ୍ଣ; ସୁନା—
Pāraja Gold (Apte).

ପାରଜାୟିକ—ସ. ବିଣ. ପୁଂ. (ପରଜାୟା + ଇକ)—
Pārajāyika ୧ । ପରସ୍ତ୍ରୀ ସମ୍ବନ୍ଧୀୟ—
1. Relating to another's wife.

୨ । ପରସ୍ତ୍ରୀଗାମୀ—2. Adulterous.

ପାରଡ଼ା (ଇତ୍ୟାଦି)—ଦେ. ବି ଓ ବିଣ—ପାଡ଼ରା ଇତ୍ୟାଦି (ଦେଖ)
Pārarda (etc) Pārdara etc. (See)

ପାରଣ(ଣା)—ସ. ବି. (ପୃ ଧାତୁ+ଭାବେ. ଅନ; ପକ୍ଷେ+ଆ)—
Pāraṇa ୧ । ବ୍ରତ ବା ଉପବାସ ପରେ ପ୍ରଥମ ଭୋଜନ; ଭୋଜନ
(ପାରଣୀୟ—ବିଣ) ଦ୍ୱାରା ଉପବାସର ଉଦ୍‌ଯାପନ; ପାଳନା—
1. Breaking of a religious fast; the first meal after a fast, a breaking fast.

[ଦ୍ର—ରୋହିଣୀ ବ୍ରତ ଭିନ୍ନ ଅନ୍ୟ ସମସ୍ତ ବ୍ରତରେ ଦିବାଭାଗରେ ପାରଣା କର୍ତ୍ତବ୍ୟ ।]

ବଇତ ଚୂମ୍ବନ ଶୁଳ ରସ ଭକ୍ତ ସ୍ୱାଦୁ ବହୁ ଦିନ ବଧ ତାଙ୍କ ଶୋଣିତ ପାରଣା ।
ରାଧାନାଥ, ମହାଯାତ୍ରା ।

୨ । ବ୍ରତର ସମାପ୍ତି—
2. Formal conclusion of a fast.

୩ । (ପୃ ଧାତୁ=ପୂର୍ଣ୍ଣ ହେବା+ଣିଚ୍=ପାରି ଧାତୁ=ପୂର୍ଣ୍ଣ କରିବା+ଭାବ. ଅନ+ଆ)—ତୃପ୍ତି—
3. Satiety; satisfaction.

୪ । (+କର୍ତ୍ତୃ. ଅନ) ମେଘ—4. Cloud.

୫ । କାର୍ଯ୍ୟ ସମାପନ—5. Accomplishment (Apte).

୬ । ସମାପ୍ତି (ହି. ଶ.)—6. Completion.

୭ । ସମଗ୍ର ଲେଖର ପଠନ—
7. Reading through; perusal (Apte).

୮ । ଭୋଜନ—8. Eating (Apte).

ପାରଣା—ସ. ବି.—ପାରଣ (ଦେଖ)—
Pāraṇā Pāraṇa (See)

ପାରତ୍ ପକ୍ଷରେ—ଦେ. ଅ. (ବଙ୍ଗଳାରୁ ଅନୁକୃତ)—
Pārat pakshare କ୍ଷମତା ପକ୍ଷରେ; ଯଥାସମ୍ଭବ; ଯେବେ ସମର୍ଥ
पारत पक्षे ହୁଅ ତେବେ—At least, if possible.
অন্ত হো সক্কে (ପାରତ ପକ୍ଷେ, ପାରତ ପକ୍ଷରେ—ଅନ୍ୟରୂପ)
(ଯଥା—ମହାତ୍ମା ଗାନ୍ଧିଙ୍କ ହୁକୁମ ଯେ, ପ୍ରତ୍ୟେକ ଲୋକ ପାରତ୍ ପକ୍ଷରେ ମାସକୁ ୨୦୦୦ ଗଜ ସୂତା କାଟିବେ ।)

ପାରତ—ସଂ. ବି. (ନାମ)—ଏକ ପ୍ରାଚୀନ ଦେଶ ଓ ତହିଁର ଅଧିବାସୀ
Pārata ମ୍ଳେଚ୍ଛ ଜାତିର ନାମ (ହି. ଶବ୍ଦସାଗର)—
Parthia; name of an ancient country and its mlechha people.
[ଦ୍ର—ଏହା କାଶ୍ପିୟାନ୍ ହ୍ରଦର ଦକ୍ଷିଣସ୍ଥିତ ପାହାଡ଼ର ଅପର ପାର୍ଶ୍ୱରେ ଥିବା ପାରସ୍ୟଦେଶର ଗୋଟିଏ ପ୍ରଦେଶ । ପାରସ୍ୟଦେଶ ବହୁକାଳଯାଏ ଏଠା ଅଧିବାସୀମାନଙ୍କ ଅଧୀନ ଥିଲା । ମନୁସଂହିତା, ମହାଭାରତ ଓ ବୃହତ୍‌ସଂହିତାରେ ଏ ଦେଶର ଓ ଏ ଜାତିର ଉଲ୍ଲେଖ ଅଛି । ପ୍ରାଚୀନ ଶିଳାଲେଖରେ 'ପାର୍ଥବ' ଶବ୍ଦର ଉଲ୍ଲେଖ ମିଳେ । କେହି କେହି 'ପହ୍ଲବ' ଶବ୍ଦକୁ ପାର୍ଥବର ଅପଭ୍ରଂଶ ବୋଲି କହନ୍ତି । କିନ୍ତୁ ସଂସ୍କୃତ ସାହିତ୍ୟରେ ପାରତ ବା ପାରଦ ଓ ପହ୍ଲବ ଦୁଇ ପୃଥକ୍ ଜାତି ଥିବାର ଉଲ୍ଲେଖ ଅଛି । ହି. ଶ.]

ପାରତନ୍ତ୍ରିକ—ସଂ. ବିଣ—(ପରତନ୍ତ୍ର + ସମ୍ବନ୍ଧେ. ଇକ)—୧ । ପରାଧୀନ—
Pāratantrika 1 Dependent.
(ପାରତନ୍ତ୍ରିକା—ସ୍ତ୍ରୀ) ୨ । ପରତନ୍ତ୍ର—2. Subservient.
୩ । ଅନ୍ୟ ବ୍ୟକ୍ତିର ଧର୍ମ ଶାସ୍ତ୍ରରେ ଉପଦିଷ୍ଟ—3. Enjoined by the religious treatise of another. (Apte)

ପାରତନ୍ତ୍ର୍ୟ—ସଂ. ବି—(ପରତନ୍ତ୍ର + ଭାବେ. ଅ)—ପରାଧୀନତା—
Pāratantrya Subservience; subordination;
(ସ୍ୱାତନ୍ତ୍ର୍ୟ—ବିପରୀତ) dependence, subjection.

ପାରତ୍ରିକ—ସଂ. ବିଣ. (ପରତ୍ର + ସମ୍ବନ୍ଧାର୍ଥେ. ଇକ)—୧ । ପରଲୋକ
Pāratrika ସମ୍ବନ୍ଧୀୟ—1. Relating to future existence;
(ଐହିକ—ବିପରୀତ) relating to the life after death; relating to the next world after death.
୨ । ପରଲୋକରେ ଆବଶ୍ୟକ ବା ଉପକାରୀ—
2. Useful in the future existence.
୩ । ପରଲୋକରେ ଅର୍ଥାତ୍ ମୃତ୍ୟୁ ପରେ ଭୋଗ କରାଯିବା—
3. Enjoyble in the future life.

ପାରଥ—ଗ୍ରା. (ପଦ୍ୟ)— ବି. (ସଂ. ପାର୍ଥ)—ପାର୍ଥ (ଦେଖ)—
Pāratha पारथ Pārtha (See)

ପାରଥିବ—ଗ୍ରା. (ପଦ୍ୟ) ବିଣ—(ସଂ. ପାର୍ଥିବ)—ପାର୍ଥିବ (ଦେଖ)—
Pārathiba पारथिव Pārthiba (See).

ପାରଥୁକ(କ୍ୟ)—ଗ୍ରା. ବି—(ସଂ. ପାର୍ଥକ୍ୟ)—ପାର୍ଥକ୍ୟ—
Pārathuka(kya) Difference.

ପାରଦ—ସଂ. ବି—(ପାର=ପର୍ତ୍ତିତା + ଦା ଧାତୁ + କର୍ତ୍ତୃ. ଅ; ଯେ ଶରୀରକୁ
Pārada ପର୍ତ୍ତିତା ବା ପୁଷ୍ଟି ଦାନ କରେ—୧ । ପାରା ଧାତୁ—
ସଂ. ରସରାଜ; ରସେନ୍ଦ୍ର; 1. Mercury; quicksilver.
ଅମୃତ; ଦ୍ରବରାଜ [ଦ୍ର—ଏଥିରୁ ନାନାପ୍ରକାର ଔଷଧ ପ୍ରସ୍ତୁତ ହୁଏ ।]
୨ । ପାରତ (ଦେଖ)—2 Pārata (See)
ସଂ. ବିଣ—(ପାର=ଅନ୍ୟ ତୀର + ଦା ଧାତୁ + କର୍ତ୍ତୃ. ଅ—
ଯେ ଅପର ପାରକୁ ପାର କରାଏ)—ପାରିକାରୀ; ନଦୀ ପାରି କରିବା (ବ୍ୟକ୍ତି)—Ferrying across; acting as a ferryman.

ପାରଦ ଜାରଣ—ସଂ. ବି—(ଷଷ୍ଠୀ ତତ୍; ପାରଦ+ଜାରଣ)—
Pārada jārana (ବୈଦ୍ୟକ) ପାରାମାରିବା; ପାରାକୁ ଭସ୍ମ କରିବା—
(ପାରଦ ମାରଣ—ଅନ୍ୟରୂପ) Oxidisation of mercury.

ପାର ଦଣ୍ଡକ—ସଂ. ବି—(ପାର + ଦଣ୍ଡକା + ଅ)—ଦଣ୍ଡକାରଣ୍ୟର ଦକ୍ଷିଣ
Pāra dandaka ଦିଗସ୍ଥ ଭୂଭାଗ; ଗୋଦାବରୀର ଦକ୍ଷିଣସ୍ଥ ଦେଶ ବିଶେଷ—Country beyond the Dandakā forest.
[ଦ୍ର—ଏହା ପ୍ରାଚୀନ ଉତ୍କଳର ଅଂଶ ଥିଲା ।]

ପାରଦ ଭସ୍ମ—ସଂ. ବି—(ବୈଦ୍ୟକ)—ପାରା ଭସ୍ମ; ଆୟୁର୍ବେଦକ ବା
Pārada bhasma ରାସାୟନିକ ପ୍ରକ୍ରିୟା ଦ୍ୱାରା କରାଯିବା ପାରଦର ପାଉଁଶ—Oxide of mercury.

ପାର ଦରଶନ—ଦେ. ବିଣ (ପଦ୍ୟ)—ପାରଦର୍ଶୀ (ଦେଖ)—
Pāra darasana Pāradarsi (See)

ଯେ ଅନ୍ୟ ସବୁ ମନଜନ
ବେଦାନ୍ତ ପାର ଦରଶନ—ଜଗନ୍ନାଥ. ଭାଗବତ ।

ପାରଦର୍ଶିକ—ସଂ. ବିଣ—(ପାର+ଦୃଶ୍ ଧାତୁ ଣିଚ=ଦର୍ଶ ଧାତୁ + କର୍ତ୍ତୃ.
Pāradarsika ଅକ)—୧ । ଯାହା ବିପରୀତ ପାରକୁ ଦେଖାଏ—
(ପାରଦର୍ଶିକା(ସ୍ତ୍ରୀ) 1. Showing the opposite bank.
୨ । ସ୍ୱଚ୍ଛ; ଯାହା ଭିତର ଦେଇ ଦେଖାଯାଇ ପାରେ—
2. Transparent.

ପାରଦର୍ଶିତା—ସଂ. ବି—(ପାରଦର୍ଶିନ୍ + ଭାବ. ତା)—୧ । ପଟୁତା—
Pāradarsitā 1. Proficiency; skill.
୨ । ଅଭିଜ୍ଞତା—2. Experiencee.
୩ । ଦୂରଦର୍ଶିତା—3 Foresight.

ପାରଦର୍ଶୀ—ସଂ. ବିଣ. ପୁଂ—(ପାର + ଦୃଶ୍ ଧାତୁ + କର୍ତ୍ତୃ. ଇନ୍; ପାର-
Pāradarsi ଦର୍ଶିନ୍; ୧ମା. ୧ବ)—୧ । ଦୂରଦର୍ଶୀ; ପରିଣାମଦର୍ଶୀ—
(ପାରଦର୍ଶିନୀ—ସ୍ତ୍ରୀ) 1. Having foresight; foresighted;
(ପାରଦୃଶ୍ୱା—ଅନ୍ୟରୂପ) foreseeing; prudent.
୨ । ଅଭିଜ୍ଞ; ବହୁଦର୍ଶୀ—2. Experienced.
୩ । ସମର୍ଥ—3. Competent; capable.
୪ । ପାରଙ୍ଗମ; ପଟୁ—4. Skilful; expert; conversant with; well versed in; proficient in.
୫ । ଶାସ୍ତ୍ରରେ ବା କଳାରେ ସୁବିଜ୍ଞ—
5 Well versed in a science or art.
୬ । ଯେ କୌଣସି ବିଷୟର ଶେଷ ସୀମାକୁ ଦେଖିଥାଏ—
6 Having seen the end of a matter.

ପାରଦାରିକ—ସଂ. ବିଣ. ପୁଂ. (ପରଦାର + ଆସକ୍ତ ଅର୍ଥରେ. ଇକ)—
Pāradārika ପରସ୍ତ୍ରୀଗାମୀ; ପରସ୍ତ୍ରୀରତ—Adulterous.
ସଂ. ବି—ଲମ୍ପଟ ବ୍ୟକ୍ତି—Adulterer.

ପାରଦାର୍ଯ୍ୟ—ସଂ. ବି—(ପରଦାର + ଯ)—ପରଦାର ଗମନ—
Pāradārjya Adultery; intriguing with another man's wife.

ପାରଦେଶ୍ୟ—ସଂ. ବିଣ ପୁଂ—(ପରଦେଶ + ଯ)—୧ । ପ୍ରବାସୀ—
Pāradesya 1. Sojourning.

(ପାରଦେଶିକ, ପାରଦେଶ୍ୟ—ଅନ୍ୟରୂପ) ୨ । ବିଦେଶୀ—
ପାରଦେଶ୍ୟା } ସ୍ତ୍ରୀ 2. Foreign; outlandish.
ପାରଦେଶିକା } ସଂ. ବି—୧ । ପ୍ରବାସୀ ବ୍ୟକ୍ତି—
1. A sojourner.
୨ । ବିଦେଶୀ ବ୍ୟକ୍ତି—2. A foreigner.
୩ । ପଥିକ—3. A traveller. (Apte)

ପାର ପାଇବା—ଦେ. କ୍ରି—୧ । ପରିତ୍ରାଣ ପାଇବା; ଉଦ୍ଧାର ପାଇବା—
Pāra pāibā 1. To be delivered.
পারপাওয়া পারলগনা
୨ । ଜଳପଥରେ ଲଙ୍ଘନ କରିବା; ତରିବା—
2. To cross safely.
୩ । ବିପଦକୁ ଲଙ୍ଘିବା—
3. To overcome a calamity.

ପାରବଣ—ଗ୍ରା. ବି.—(ସଂ. ପାର୍ବଣ)—ପାର୍ବଣ (ଦେଖ)
Pārabaṇa Pārbaṇa (see)
ଗାଉଗଲେ ମଧୁ ଗୀତ ମଧୁ ପାରବଣେ ।—ନନ୍ଦକିଶୋର. ଗୀତାବନବାସ ।

ପାରବତ—ସଂ ବି.—ପାରାବତ (ଦେଖ)
Pārabata Pārābata (see) (Apte)

ପାରବତିଆ—ଗ୍ରା. ବିଣ. (ସଂ. ପାର୍ବତ୍ୟ)—ପାର୍ବତ୍ୟ (ଦେଖ)
Pārabatiā Pārbatya (see)

ପାରବତୀ—ଗ୍ରା (ପଦ୍ୟ) ବି. ସ୍ତ୍ରୀ. (ସଂ. ପାର୍ବତୀ)—୧ । ପାର୍ବତୀ—
Pārabatī 1. Goddess Pārbatī.
ମହାଦେବ ମହର୍ଷିଗଣ ପାରବତୀ
ସେହି ମଧ ରସ ସେବନ୍ତେ ଜନମତ । କୃଷ୍ଣସିଂହ. ମହାଭାରତ. ବନ ।
୨ । ପାର୍ବତୀ ନାମ୍ନୀ ସ୍ତ୍ରୀର ଡାକ ନାମ—
2. Name for calling Pārbatī.
ଦେ. ବି—ପ୍ରଜାପତି—Butterfly

ପାରବଶ୍ୟ—ସଂ. ବି (ପରବଶ+ଭାବେ ଯ)—ପରବଶତା; ପରାଧୀନତା—
Pārabaśya Dependence; subservience.

ପାରବାଟ—ଦେ. ବି. (ସଂ ପାର ଓ ବାଟ)—୧ । ମୁକ୍ତି; ଉଦ୍ଧାର—
Pārabāṭa 1. Deliverance.
୨ । ମୁକ୍ତିର ଉପାୟ—
2. Scheme or steps for deliverance.

ପାରବାଟ କରିବା—ଦେ. କ୍ରି.—ଉଦ୍ଧାର କରିବା—To deliver.
Pārabāṭa karibā

ପାରମହଂସ୍ୟ—ସଂ. ବିଣ (ପରମହଂସ+ସମ୍ବନ୍ଧାର୍ଥେ ଯ)—ପରମହଂସ
Pāramahaṁsya ସମ୍ବନ୍ଧୀୟ—Relating to a Paramahaṁsa.
ସଂ. ବି—ପରମହଂସଙ୍କ ଆଚରିତ କର୍ମ—Most sublime asceticism or meditation.

ପାରମାଣବ—ସଂ. ବିଣ.—(ପରମାଣୁ+ଅ)—ପରମାଣୁ ସମ୍ବନ୍ଧୀୟ—
Pāramāṇaba Molecular.

ପାରମାଣବାକର୍ଷଣ—ସଂ. ବି. (ଆଧୁନିକ ଜଡ଼ବିଜ୍ଞାନ ପରିଭାଷା)
Pāramāṇabākarshaṇa (ସଂ. ପରମାଣବ+ଆକର୍ଷଣ)
ଜଡ଼ ପଦାର୍ଥସ୍ଥ ପରମାଣୁମାନଙ୍କ ମଧ୍ୟରେ ପରସ୍ପର
ଆକର୍ଷଣ—(Physics) Molecular attraction.

ପାରମାର୍ଥିକ—ସଂ. ବି. (ପରମାର୍ଥ+ସମ୍ବନ୍ଧାର୍ଥେ ଇକ)—୧ । ପରମାର୍ଥ ତତ୍ତ୍ୱ
Pāramārthika ସମ୍ବନ୍ଧୀୟ—1. Theological; relating to the highest truth.
୨ । ଧର୍ମ ସମ୍ବନ୍ଧୀୟ; ଆଧ୍ୟାତ୍ମିକ—2. Spiritual.
୩ । ଧାର୍ମିକ; ଧର୍ମିଷ୍ଠ—3. Religious; pious.
୪ । ପାରଲୌକିକ—4. Relating to future existence.
୫ । ପରମ ମଙ୍ଗଳଜନକ—5. Very beneficial.
୬ । ସତ୍ତ୍ୱବିଶିଷ୍ଟ; ସତ୍; ବାସ୍ତବ—6. Real; essential; existent (Apte).
୭ । ଉତ୍କୃଷ୍ଟ—7. Excellent; best (Apte).

ପାରମିକ—ସଂ. ବିଣ (ପରମ+ଇକ) ଶ୍ରେଷ୍ଠ; ପ୍ରଧାନ
Pāramika Chief; principal; supreme; best
(ପାରମିକା—ସ୍ତ୍ରୀ) (Apte).

ପାରମିତ—ସଂ. ବିଣ (ପାରଂ+ଇ ଧାତୁ=ଯିବା+କର୍ତ୍ତୃ. ତ)—
Pāramita ୧ । ଅନ୍ୟ ପାରକୁ ଯାଇଥିବା—1. Gone to the opposite bank (Apte).
୨ । ପାର ହୋଇଥିବା; ଯାହାକୁ କେହି ପାର ହୋଇଥାଏ—
2 Crossed; transversed (Apte).
୩ । ସର୍ବୋତ୍କୃଷ୍ଟ; ସର୍ବୋପରିସ୍ଥିତ—3. Transcendent.

ପାରମେଷ୍ଠ୍ୟ—ସଂ. ବି (ପରମେଷ୍ଠି+ଯ)—୧ । ସର୍ବୋଚ୍ଚତା; ଉତ୍କର୍ଷ—
Pārameshṭhya 1. Supremacy; highest position (Apte).
୨ । ଛତ୍ରଚାମରାଦି ରାଜଚିହ୍ନ—2. Royal insignia (Apte).

ପାରମ୍ପରୀଣ—ସଂ. ବିଣ (ପରମ୍ପରା+ଈନ)—୧ । ପରମ୍ପରାଗତ—
Pāramparīṇa 1. Traditional.
(ପାରମ୍ପରିକ—ଅନ୍ୟରୂପ) ୨ । କ୍ରମିକ—2. Successive.
୩ । ବଂଶଗତ—3. Hereditary.

ପାରମ୍ପର୍ଯ୍ୟ—ସଂ. ବି (ପରମ୍ପରା+ଯ)—୧ । ଅନୁକ୍ରମ; କ୍ରମାନୁଯାୟୀ
Pāramparjya ଧାରା; ପରମ୍ପରାକ୍ରମ—1. Succession; regular succession.
୨ । ପୁରୁଷାନୁକ୍ରମ; ବଂଶପରମ୍ପରା—2. Succession for generations; successive generations; hereditary succession.
୩ । ମୁହେଁ ମୁହେଁ ପୁରୁଷାନୁକ୍ରମେ ଚଳି ଆସୁଥିବା କଥା—
3. Oral traditions handed down to posterity.
୪ । ମଧ୍ୟସ୍ଥତା—4. Intermediation (Apte).
ସଂ. ବିଣ—୧ । ପାରମ୍ପରିକ—1. Successive.
୨ । ପରମ୍ପରାଗତ; ପୁରୁଷାନୁକ୍ରମେ ଆଗତ—
2. Traditional; handed down from generation to generation.

ପାରମ୍ପର୍ଯ୍ୟୋପଦେଶ—ସଂ. ବି (କର୍ମଧା)—ସେହିଁ ଭୂତ ବାକ୍ୟ
Pāramparjyopadeśa ପୁରୁଷାନୁକ୍ରମେ ଚଳି ଆସୁଅଛି—
Traditional instruction; tradition, regarded by the Paurāṇikas as a Pramāṇa or proof (Apte).

ପାର ଯିବା—ଦେ. କ୍ରି—୧ । ବିଷମୟ ଫଳରେ ପରିଣତ ନ ହେବା—
Pāra jibā 1. Not to result in any bad result; to agree with.
(ଯଥା—ବର୍ତ୍ତମାନ ଧନ ଓ ବୟସ ବଳରେ ଅମୁକ ଲୋକ ଯେଉଁ ପାପମାନ କରୁଛି ତାହା ତାଙ୍କୁ କେବେ ପାର ଯିବ ନାହିଁ ।)

ପାରହଓ୍ୱା पारहोना ୨ । ସହ୍ୟହେବା; ସହି ହୋଇଯିବା—
(ପାରିହେବା--ଅନ୍ୟରୂପ) 2. To be borne; to be tolerated.
ବଶ କର କଲୁ ଶିବ । ଦୋଷ କହାଇଲୁ ଅନ ଅର୍ଥେ ପାର ଯିବ ।
ଉଜ୍ଜ. ବୈଦେହୀଶବିଳାସ ।

୩ । ଜୀର୍ଣ୍ଣ ହେବା—3. To be digested
(ଯଥା—ବେଙ୍ଗ ପେଟରେ କଣ ଘିଅ ପାର ଯିବ ?)

୪ । (ପାପ ଆଦି) କାହାଠାରେ ନ ଲାଗିବା; ଛାଡ଼ିବା—
4. (the sinfulness of an act.) Not to affect a person.
ମାଙ୍କଡ଼ ଯେ କେଉଁ ଛାର
ବସ୍ତୁକୁ କ ଗଲ୍ପ ପାର—ରୂପ ପ୍ରେମପଞ୍ଚାମୃତ ।

୫ । (ବିପଦ ଆଦି) ଶେଷ ହେବା—
5. (misery) To end.
ତାହାର କଠିଣ ସେହିକାଳୁ ପାରଗଲା—ପ୍ରାଚୀ ନନ୍ଦନରତ୍ନ ।

୬ । ମୁକ୍ତ ହେବା; ମୋକ୍ଷପ୍ରାପ୍ତ ହେବା—
6 To be delivered; to attain salvation.
ଧନ୍ୟ ଜାହ୍ନବୀ ଏହାର
ବ୍ରାହ୍ମଣ ଶାପୁଁ ଗଲ ପାର—ଜଗନ୍ନାଥ ଭାଗବତ ।

ପାରୟିଷ୍ଣୁ—ସଂ. ବିଣ (ପାର ଧାତୁ + ଇଷ୍ଣୁ)—୧ । ମନୋହର—
Pārayishnu 1. Pleasing; gratifying (Apte).
୨ । କୌଣସି କାର୍ଯ୍ୟ ସମ୍ପନ୍ନ କରିବାକୁ ସମର୍ଥ—
2. Able to accomplish anything (Apte).
୩ । ପର ପାର ବା ଶେଷକୁ ଯିବା ବିଷୟରେ ସମର୍ଥ—
3. Able to go to the end of anything (Apte).

ପାରଲା—ଦେ. ବି—ପାରଲା ଖେମୁଣ୍ଡି (ଦେଖ)
Pāralā Pāralā khemundi (See)

ପାରଳାଖେମୁଣ୍ଡି—ଦେ. ବି—ଗଞ୍ଜାମର ଗୋଟିଏ ପ୍ରସିଦ୍ଧ ଓଡ଼ିଆ ରାଜ୍ୟ ଓ
Pāralākhemundi ତାହାର ରାଜଧାନୀ—Parlakemidi; name of big estate in Ganjam.
(ପାରଲାଖେମିଡ଼ି, ପାରଲାକିମିଣ୍ଡି (ଡି), ପାରଲାକିମୁଡ଼ି, ପାରଲାକିମୁଣ୍ଡି, ପାରଲାଖେମଡ଼ି, ପାରଲା ଖେମଡି, ପାରଲା ଖେମଣ୍ଡି, ପାରଲା ଖେମିଣ୍ଡି, ପାରଲା ଖେମୁଡ଼ି, ପାରଲା ଖେମୁଣ୍ଡି—ଅନ୍ୟରୂପ)
[ଦ୍ର—ଖେମଣ୍ଡି ତଳେ ନୋଟ୍ ଦେଖ । ଏ ରାଜ୍ୟର ରାଜାମାନେ ଓଡ଼ିଶାର ପ୍ରାଚୀନ ଗଜପତି ରାଜବଂଶୀୟ । ଏମାନଙ୍କ ଉପାଧି ଗଜପତି ନାରାୟଣ ଦେବ । ଏ ବଂଶର ରାଜାମାନେ ପୁରୁଷାନୁକ୍ରମେ ସାହିତ୍ୟ, କାବ୍ୟ, ନାଟକ, ଅଳଙ୍କାର ଆଦି କଳାବିଦ୍ୟାମାନଙ୍କର ପୃଷ୍ଠପୋଷକ ରୂପେ ପ୍ରସିଦ୍ଧି ଲାଭ କରି ଆସୁଅଛନ୍ତି । ଏ ରାଜଧାନୀରେ ଗୋଟିଏ ସେକେଣ୍ଡ ଗ୍ରେଡ କଲେଜ ଅଛି । ଏହି ବଂଶର ସ୍ୱର୍ଗୀୟ ସେକେଣ୍ଡ ପ୍ରିନ୍ସ୍ ପଦ୍ମନାଭ ନାରାୟଣ ଦେବ (ଡାକନାମ ଚନ୍ଦ୍ର ମହାରାଜା) ଜଣେ ବିଶିଷ୍ଟ ସାହିତ୍ୟାନୁରାଗୀ ମହାତ୍ମା ଥିଲେ । ଏହା ପ୍ରାଚୀନ ଉତ୍କଳର ଗୋଟିଏ ଅଂଶ ଥିଲା । ଏଥିର ରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ବିଲାତର ପ୍ରଥମ ରାଉଣ୍ଡଟେବଲ୍ କନ୍‌ଫରେନ୍ସରେ ସମଗ୍ର ଉତ୍କଳ ଭାଷୀ ଅଞ୍ଚଳ ଏକ ଶାସନାଧୀନ ହେବା ପାଇଁ ଯେଉଁ ପ୍ରଚେଷ୍ଟା କରିଥିଲେ ତହିଁର ଫଳରେ କେତେକ ଉତ୍କଳଭାଷୀ ଅଞ୍ଚଳ ମିଶି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସଂଗଠିତ ହେଲା । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ସମ୍ପର୍କରେ ରାଜା ଶ୍ରୀକୃଷ୍ଣଚନ୍ଦ୍ରଙ୍କର ପ୍ରଥମ ଓ ତୃତୀୟ ରାଉଣ୍ଡଟେବଲ୍ କନ୍‌ଫରେନ୍ସରେ ପ୍ରଗାଢ଼ ଚେଷ୍ଟା ଓ ତୃତୀୟ କନ୍‌ଫରେନ୍ସରେ ଖଲିକୋଟ ଆଠଗଡ଼ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଉଦ୍ୟମ ଓଡ଼ିଶାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ପାରଲା ଖେମୁଣ୍ଡିରେ କବି ଗୋପାଳକୃଷ୍ଣ ଜନ୍ମି ଥିଲେ । ଏହି ରାଜ୍ୟ ଗଞ୍ଜାମର ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍ ସ୍ୱର୍ଗୀୟ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଜନ୍ମସ୍ଥାନ ।]

ପାରଲୌକିକ—ସଂ ବିଣ (ପରଲୋକ + ଇକ)—୧ । ପରଲୋକ ସମ୍ବନ୍ଧୀୟ
Pāralaukika 1. Relating to the existence after death.
(ପାରଲୌକିକୀ—ସ୍ତ୍ରୀଲିଙ୍ଗ)

ପାରଶ—ଦେ. ବି.—୧ । (ସଂ. ସ୍ପର୍ଶମଣି) ପରଶୁ (ଦେଖ)
Pārasa 1. Parasu (See)
पाश ୨ । (ସଂ. ପାର୍ଶ୍ୱ)—ପାର୍ଶ୍ୱ; ପାଖ—2. Side.
पात्तल ୩ । ଖାଇବା ବ୍ୟକ୍ତିର ପତ୍ରର ପାଖରେ ଖାଦ୍ୟ ବଢ଼ାଯାଇ ଥିବା ଆଉ ଖଣ୍ଡେ ପତ୍ର, ଯାହାକି କୌଣସି ଅନୁପସ୍ଥିତ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥାଏ—
1. A plantain leaf on which some food is served and which is put near the plate or leaf from wich a person takes his meal.

ପାରଶବ—ସଂ. ବିଣ. (ପରଶୁ + ଅ)—ପରଶୁ ସମ୍ବନ୍ଧୀୟ—
Pārasaba Relating to or derived f Parasu (axe) weapon.
(ପାରଶବୀ—ସ୍ତ୍ରୀ ଲିଙ୍ଗ)
ସଂ. ବି—୧ । ଲୌହ ନିର୍ମିତ ଅସ୍ତ୍ରବିଶେଷ; ଟାଙ୍ଗିଆ; କୁଠାର; ପରଶୁ—1. Battle axe.
୨ । (ଯାହା ଦ୍ୱାରା ପରଶୁ ନିର୍ମିତ ହୁଏ)—ଲୌହ—
2. Iron.
୩ । ବ୍ରାହ୍ମଣ ଔରସରେ ଶୂଦ୍ରା ଗର୍ଭରୁ ଜାତ ସନ୍ତାନ; ନିଷାଦଜାତି—
3. A son born of a Brāhmana father and Sūdra mother as a result of amorous connection (Apte).
୪ । ପର ସ୍ତ୍ରୀ ଗର୍ଭଜାତ ସନ୍ତାନ; ଜାରଜ—
4. A bastard; an adulterine.
୫ । ଏକ ପ୍ରାଚୀନ ଦେଶର ନାମ (ଯହିଁରୁ ମୁକ୍ତା ମିଳୁଥିଲା) (ହ୍ରୁ. ଶ.)—5 Name of an ancient pearl-producing country.

ପାରଶୀ(ସୀ)—ଦେ. ବି (ସଂ ପାରସିକ)—୧ । ଏକ ପ୍ରକାର ଧର୍ମ—
Pārasi(si) 1. Name of a religious faith.
(ପାର୍ସୀ, ପାର୍ଶୀ—ଅନ୍ୟରୂପ) पार्सी पारसी

[ଦ୍ର—ଏ ଧର୍ମ ପାରସ୍ୟ ରାଜ୍ୟରେ ଜୋରୋଆଷ୍ଟର (Zoroaster) ବା ଜରଥୁସ୍ତ୍ରଙ୍କ ଦ୍ୱାରା ଖ୍ରୀ. ପୂ. ୬ଷ୍ଠ ଶତାବ୍ଦୀରେ ପ୍ରବର୍ତ୍ତିତ ହୋଇଥିଲା । ବକ୍ଟ୍ରିୟାର ରାଜା ବସ୍ତସ୍ପଙ୍କୁ ଜୋରୋଆଷ୍ଟର (ଫା. ଜରଥୁସ୍ତ, ଜରତୁସ୍ତ୍ର) ଏ ନୂତନ ଧର୍ମରେ ଦୀକ୍ଷିତ କରିଥିଲେ । ଜୋରୋଆଷ୍ଟର ୭୭ ବର୍ଷ ବୟସରେ ମୃତ ହେଲେ । ଆରବମାନେ ୬୫୧ ଖ୍ରୀଷ୍ଟାବ୍ଦରେ ପାରସ୍ୟ ରାଜ୍ୟ ଧ୍ୱଂସ କରି ଏ ଧର୍ମାବଲମ୍ବୀମାନଙ୍କୁ ମୁସଲମାନ୍ ଧର୍ମରେ ଦୀକ୍ଷିତ କରିବାକୁ ଚେଷ୍ଟା କରିବାରୁ ଏମାନେ ଖୋରାସାନକୁ ପଳାଇ ଗଲେ ଓ ସେଠାରୁ ବୋମ୍ବାଇର ୯୦ ମାଇଲ ଉତ୍ତର ଗୁଜରାଟର ସଞ୍ଜନ ନାମକ ସ୍ଥାନରେ ୭୮୫ ଖ୍ରୀଷ୍ଟାବ୍ଦରେ ବସତି ସ୍ଥାପନ କଲେ । ଏମାନେ ସ୍ଥାନୀୟ ଭାଷା ଓ ରୀତି ନୀତି ଗ୍ରହଣ କରିବାକୁ ରାଜି ହେବାରୁ ଏଠାର ସ୍ଥାନୀୟ ହିନ୍ଦୁ ରାଜା ଏମାନଙ୍କୁ ବମ୍ବେଇ ନିକଟରେ ବାସ କରି ରହିବାକୁ ଅନୁମତି ଦେଲେ । ଏମାନେ ପାରସ୍ୟରୁ ଆସିଥିବାରୁ ଏମାନଙ୍କ ନାମ ପାରସୀ ହେଲା । ଭାରତରେ ଏମାନଙ୍କର ସଂଖ୍ୟା ପ୍ରାୟ ୧ଲକ୍ଷ ହେବ ଓ ଏମାନେ ବମ୍ବେ ପ୍ରଦେଶର ଅଧିବାସୀ । ଏମାନେହିଁ ଭାରତରେ ପ୍ରଥମେ ଇଂରାଜୀ ସଭ୍ୟତା ଓ ଶିକ୍ଷା ଗ୍ରହଣ କରିଥିଲେ । ଏମାନଙ୍କ ଧର୍ମ ଏକେଶ୍ୱରବାଦ; ମନ୍ଦ ଓ ଭଲ ମଧ୍ୟରେ ସର୍ବଦା ଯୁଦ୍ଧ ଲାଗିଛି, ଶେଷରେ ମନ୍ଦ ହାରିବ ଓ ଭଲ ଜିତିବ; ଭଲ ଓ ମନ୍ଦ ଏକ ଈଶ୍ୱର (ଅହୁରା ମଜଦା)ଙ୍କ ସୃଷ୍ଟି । ଏମାନଙ୍କର ଧର୍ମ ଏହି କି—ପ୍ରତ୍ୟେକ ପାରସି 'ଅଶା' ପଥରେ ବିଚରଣ କରିବେ; ପ୍ରତ୍ୟେକ ବ୍ୟକ୍ତି ଉତ୍ତମ କାର୍ଯ୍ୟ ଓ ଉତ୍ତମ ଚିନ୍ତା କରିବେ ଓ ଉତ୍ତମ ବାକ୍ୟ କହିବେ । ବୈଦିକ ସ୍ତବ ଓ ଏମାନଙ୍କ ସ୍ତବ ମଧ୍ୟରେ ଐକ୍ୟ ଦେଖାଯାଏ । ହିନ୍ଦୁମାନଙ୍କ ପରି ଏମାନଙ୍କର ଉପନୟନ (ନଭ୍‌ଯୋତ୍) ସଂସ୍କାର ଅଛି । ପ୍ରତ୍ୟେକ ପାରସୀ ବାଳକ ଓ ବାଳିକା ଏ ସଂସ୍କାର ଲାଭ କରି ଖଣ୍ଡିଏ କୁର୍ତ୍ତା, ଖଣ୍ଡିଏ ମେଖଳା ଓ ଖଣ୍ଡିଏ ମଖମଲ ଟୋପି ପିନ୍ଧନ୍ତି । ପାରସୀମାନଙ୍କ ବିବାହ ବେଳେ ବିବାହ ମନ୍ତ୍ର ପହ୍ଲବୀ ଭାଷାରେ ଓ ସଂସ୍କୃତରେ ୩ଥର ଉଚ୍ଚାରିତ ହୁଏ ।

ପ୍ରାଣ ଛାଡ଼ିଗଲେ ଦେହ (ଶବ) ଅପବିତ୍ର ବୋଲି ଜ୍ଞାନ କରାଯାଏ । ମୃତ ଶବକୁ ଖରାରେ ପକାଇ ଦେବାର ବିଧି ଅଛି, ଏଥିପାଇଁ ମେଲା ଥିବା ଘର (Tower of Silence) ନିର୍ମିତ ହୋଇଥାଏ । ଏଥିରେ ପକା ଯିବା ଶବକୁ ଶାଗୁଣାମାନେ ଉପରୁ ଉଡ଼ି ଆସି ଖାଆନ୍ତି । ଏମାନେ ମୃତାହ ଶ୍ରାଦ୍ଧ ପାଳନ କରନ୍ତି । ମୃତ୍ୟୁର ଚତୁର୍ଥ ଦିନ ପ୍ରେତାତ୍ମାର ମୋକ୍ଷ କାମନାରେ ନାନାପ୍ରକାର ଉତ୍ସବ ହୁଏ । ଏମାନଙ୍କ ମତରେ ଅଗ୍ନି ବିଶୁଦ୍ଧ ପଦାର୍ଥ, ତେଣୁ ତହିଁରେ ଶବଦାହ କରିବା ଅନୁଚିତ ମନେ କରି ଏମାନେ ତହିଁରେ ଶବଦାହ କରନ୍ତି ନାହିଁ । ଏମାନଙ୍କର ଧର୍ମମନ୍ଦିରରେ ଅହର୍ନିଶ ଅଗ୍ନି ପ୍ରଜ୍ୱଳିତ ହେଉଥାଏ । ଏମାନେ ଅଗ୍ନି ଉପାସକ ।]

୨ । ବିନ୍ଧ୍ୟ ପୁରୁଷ ପୂର୍ବେ ପାରସ୍ୟ ଦେଶରୁ ଆସି ଭାରତର ପଶ୍ଚିମ ଉପକୂଳରେ ଉପନିବେଶ ସ୍ଥାପନ କରି ଥିବା ଜାତିବିଶେଷ—2. The Parsees; a fire-worshiping nation of western India who orginally migrated from Persia.

[ଦ୍ର—ଏମାନେ ସୂର୍ଯ୍ୟ ଓ ଅଗ୍ନିକୁ ପୂଜା କରନ୍ତି । ଏମାନଙ୍କର ଶାସ୍ତ୍ର ଜେଣ୍ଡାବେସ୍ତା; Zendavesta (ଜେଂଦ୍ ଅବସ୍ତା) । ୧୯୨୧ ସାଲର ସେନ୍‌ସସ୍ ଅନୁସାରେ ସମସ୍ତ ପୃଥିବୀରେ ପାରଶୀମାନଙ୍କ ସଂଖ୍ୟା ୫ ଲକ୍ଷ ଅଟେ । ଏମାନଙ୍କ ଶାସ୍ତ୍ର ପାହ୍ଲବୀ ଭାଷାରେ ଲିଖିତ ।]

ପାରସୀ **ପାରସୀ** ୩ । ପାରସ୍ୟ ଦେଶୀୟ ବ୍ୟକ୍ତି—3. A Persian.

ସଂ. ବି.—(ପାରଶ+ଈ)—ଫାରସୀ ଭାଷା—The Persian language (Apte.)

ଦେ. ବିଣ.—ପାରସ୍ୟ ଦେଶୀୟ—Persian.

(ଯଥା—ପାରଶୀ ଭାଷା ।)

ପାରଶୀ(ସୀ)କ—ସଂ. ବି.—(ପାରଶ୍ୟ+ଇକ)—୧ । ପାରଶ୍ୟ ଦେଶବାସୀ ବ୍ୟକ୍ତି—1. A Persian (Apte).
Pārasī(sī)ka

୨ । ପାରସ୍ୟ ଦେଶୀୟ ଅଶ୍ୱ—2. A Persian horse (Apte).

ସଂ. ବିଣ.—ପାରସ୍ୟ ଦେଶୀୟ; ପାରସ୍ୟ ଦେଶୋଦ୍ଭବ—Persian.

(ପାରସିକ—ଅନ୍ୟରୂପ)

ପାରଶୀ(ସୀ)କ ଫଳ—ସଂ. ବି.—(ଅନ୍ୟ ସଂ. ନାମ ମ୍ଳେଚ୍ଛାମ୍ଳିକା)—ଆଲୁବୋଖାରା—Cherry plum.
Pārasī(sī)ka phala

ଆଲୁବୋଖରା **ଆଲୁବୋଖାରା**

ମ. ଖାଖାରୁକ ଗୁ. ଆଲୁ ଫା. ଆଲୁସ୍ୟା ଆ. ଇଜ୍ଜାସ୍

ପାରଶୀ(ସୀ)କ ବଚ୍—ସଂ. ବି—ଖୋରାସାନୀ ବଚ; ଶ୍ୱେତ ବଚ; ଘୋଡ଼ା ବଚ—A species of Orris root or sweet flag; Achorus Calumus.
Pārasī(sī)ka bachā

ସଂ. ହୈମବତୀ; ଶ୍ୱେତ ବଚ୍, ପାରସିକ ବଚ୍

ବାଲ୍‌ବଚ, ଖୁରାସାନୀବଚ **खुरासानीवच, सफेदवच**

ମ. ବେଖଣ୍ଡ

ଗୁ. ଘୋଡ଼ା ବଜ; ତୈ. ବାସା, ବଜ୍ଜ, କଣ୍ଟରସ; ତା. ବସମ୍ବୁ; ଫା. ଯୋସନଜର୍ଦ୍ଦ ଅଗର; ଆ. ଉଦବଲ୍‌ଉଜ୍ ।

[ଦ୍ର—ଏହା ଗୋଟିଏ ଗୁଳ୍ମର ମୂଳ; ଏହା ଦେଖିବାକୁ ଧଳା ।]

ପାରଶୀ(ସୀ)କ ଯମାନୀ—ସଂ. ବି—ପାରସ୍ୟ ଦେଶୀୟ ଯୁଆଣୀ; ଖୋରାସାନୀ ଯୁଆଣୀ (ବୃକ୍ଷ)—Henbane; seeds of Hysocyamus Niger.
Pārasī(sī)ka jamānī

ସଂ. ନାମ—ଯବାନୀ, ଯାବନୀ, ତୀବ୍ରା, ତୁରୁଷ୍କା, ମଦକାରିଣୀ, ଦୀପ୍ୟା, ଶ୍ୟାମା, କୁବେର, ମାଦକ ଓ ମଦକାରକ ।

ଖୋରାସାନୀ ଜୋୱାନ **खुरासानी अजवायन**

[ଦ୍ର—ବୈଦ୍ୟଙ୍କ ମତରେ ଏହା କଟୁ, ରୁକ୍ଷ, ପାଚକ, ମଳସଂଗ୍ରାହକ, ଉଷ୍ଣବୀର୍ଯ୍ୟ ମାଦକ, ଗୁରୁ, ବାତଘ୍ନ ଓ କଫନାଶକ ।]

ମ. ଖୁରସାନୀ ଓମ୍ବା; ଗୁ. ଖୁରାସାନୀ ଅଜମା; ତେ. ଖୁରସାନ ବାମୁ; ତା. ଖୋରସଣୀ ଓ ମାମଶିକ୍କିମୁକ୍ତି; ଫା. ବଙ୍ଗଭୁଲ୍‌ମ୍ ବଙ୍ଗେ; ଆ. ବଜରୁଲ୍ ବଜ୍ ।

ପାରଶୀ କୋଟ—ଦେ. ବି—(ସଂ. ପାରଶୀକ ଓ ଇଂ. କୋଟ୍)—ବେକ ପାଖରେ ବୋତାମ ଲାଗି ଜଙ୍ଘ ତଳକୁ ଲମ୍ବିଥିବା ଏକପ୍ରକାର କୋଟ—Parsee coat.
Pārasī koṭa

ପାର୍ସୀକୋଟ **पारसीकोट**

ପାରଶ୍ୱ—ଗ୍ରା. ବ. (ସଂ. ପାର୍ଶ୍ୱ)—୧ । ପାଖ—
Pāraśwa 1. Side.
ସେ ଯାଗ ଅଗ୍ନି କୁମାଳସ୍ୱଙ୍କ ଭଉର
ପାରଶ୍ୱରେ ପକାଇଦେଲେ ପଣ୍ଡରା । କୃଷ୍ଣସିଂହ ମହାଭାରତ ଆଦ ।
୨ । ପାରଶ ୩ (ଦେଖ)—2. Pārasa 3. (See)

ପାରଶ୍ୱଧ—ସଂ. ବ. ପୁଂ (ପରଶ୍ୱଧ=କୁଠାର+ପ୍ରହରଣାର୍ଥେ ଅ.)
Pāraśwadha ପରଶୁପାଣି; ପରଶୁ କୁଠାର ଦ୍ୱାରା ସଜ୍ଜିତ—
(ପାରଶ୍ୱଧିକ—ଅନ୍ୟରୂପ) Armed with a battle axe; carrying a battle axe; halbertman.

ପରଶ୍ୟ(ସ୍ୟ)—ସଂ. ବ—ଭାରତର ବହୁ ପଶ୍ଚିମ ଓ ଅଫଗାନୀ ସ୍ଥାନର
Pāraśya(sya) ସନ୍ନିକଟ ପଶ୍ଚିମବର୍ତ୍ତୀ ଦେଶବିଶେଷ—Persia (country).

[ଦ୍ର— ଏଥିର ରାଜାଙ୍କୁ 'ଶାହା' ବୋଲାଯାଏ । ଏଦେଶବାସୀମାନେ ଜାତିରେ ମୁସଲମାନ୍ । ପୂର୍ବେ ଏମାନେ ସୂର୍ଯ୍ୟ ଓ ଅଗ୍ନି ପୂଜା କରୁଥିଲେ ଓ ପରେ ମୁସଲମାନ୍ ଧର୍ମ ଗ୍ରହଣ କଲେ । ଏ ଦେଶର ଆଦିମ ଧର୍ମାବଲମ୍ବୀମାନେ ପାରସ୍ୟରୁ ଆସି ଭାରତର ପଶ୍ଚିମ ଉପକୂଳରେ ଉପନିବେଶ ସ୍ଥାପନ କରିଥିଲେ ଓ ଏହିମାନେ ବର୍ତ୍ତମାନ 'ପାର୍ଶୀ' ନାମରେ ଖ୍ୟାତ । ଅତି ପ୍ରାଚୀନ କାଳର ପାରସ୍ୟ ଦେଶବାସୀ ଓ ଭାରତବାସୀ ଆର୍ଯ୍ୟମାନେ ଆଦିମ ଆର୍ଯ୍ୟ ଜାତିର ଶାଖା ଥିଲେ ଓ ଦୁଇ ଦେଶବାସୀ ଆର୍ଯ୍ୟଙ୍କ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଥିଲା ଓ ପାରସ୍ୟଠାରୁ ସରଯୂ ନଦୀ କୂଳ ପର୍ଯ୍ୟନ୍ତ ଭୂମିକୁ ଆର୍ଯ୍ୟଭୂମି କୁହାଯାଉଥିଲା । ପାରସ୍ୟର ଅନ୍ୟ ନାମ 'ଇରାନ୍' । ଏହି ଶବ୍ଦ ଓ ଆର୍ଯ୍ୟ ଶବ୍ଦର ବ୍ୟୁତ୍ପତ୍ତି ଏକ । ପାରସ୍ୟର ପ୍ରାଚୀନ ସମ୍ରାଟ ଡେରିୟସ୍ ଆପଣା ନାମ ପୂର୍ବରେ 'ଆର୍ଯ୍ୟପୁତ୍ର' ଉପାଧି ବସାଇଥିଲେ । ପାରସ୍ୟର ପ୍ରାଚୀନ୍ ରାଜଧାନୀର ନାମ ପାରସ୍ୟପୁର (ଗ୍ରୀକ୍ ପାର୍ସିପୋଲିସ୍) ଥିଲା । ବୈଦିକ ଯୁଗରେ ପାରଶ୍ୟ ନାମ ପ୍ରସିଦ୍ଧ ହୋଇ ନ ଥିଲା । ବେଦ ଓ ରାମାୟଣରେ ପାରଶ୍ୟ ଦେଶର ନାମୋଲ୍ଲେଖ ନାହିଁ, ତନ୍ତୁ ମହାଭାରତ, ରଘୁବଂଶ, କଥାସରିତ୍‌ସାଗର ଆଦି ସଂସ୍କୃତ ଗ୍ରନ୍ଥରେ ଏହାର ନାମ ମିଳେ । ଅତି ପ୍ରାଚୀନ କାଳରେ ପାରସ୍ୟର ଓ ଆର୍ଯ୍ୟାବର୍ତ୍ତର ଆର୍ଯ୍ୟମାନଙ୍କ ଉପାସନା ଓ କର୍ମକାଣ୍ଡ ଆଦିରେ ଭେଦ ନ ଥିଲା । ସେମାନେ ଅଗ୍ନି, ସୂର୍ଯ୍ୟ, ବାୟୁ ଆଦି ଦେବଙ୍କ ଉପାସନା ଓ ଅଗ୍ନିହୋତ୍ର, ସୋମପାନ ଓ ଯଜ୍ଞାଦି କରୁଥିଲେ ଓ ସେମାନଙ୍କ ପୂଜିତ ଦେବତାମାନଙ୍କ ନାମ ବେଦୋକ୍ତ ଦେବତାମାନଙ୍କର ନାମର ବର୍ଣ୍ଣସାଦୃଶ୍ୟ ଥିଲା । ଏମାନଙ୍କର ଭାଷାର ମୂଳ ଆର୍ଯ୍ୟ ଭାଷା । ଏହି ଆର୍ଯ୍ୟଭାଷାରୁ ବୈଦିକ ଓ ଲୌକିକ ସଂସ୍କୃତର ଉତ୍ପତ୍ତି । ପ୍ରାଚୀନ ପାରସୀକ ଓ ବୈଦିକ ଭାଷା ମଧ୍ୟରେ ପ୍ରଭେଦ ନ ଥିଲା ବୋଲି କହିଲେ ଚଳେ । ପାରସୀମାନଙ୍କ ଧର୍ମଶାସ୍ତ୍ର ଜେନ୍ଦାବସ୍ତାରେ ଭାରତର ନଦୀ ଓ ପ୍ରଦେଶମାନଙ୍କର ନାମ ଅଛି (ଯଥା ସପ୍ତସିନ୍ଧୁ ସ୍ଥଳବର୍ତ୍ତରେ ହପ୍ତହିନ୍ଦୁ; ସରସ୍ୱତୀ ପରିବର୍ତ୍ତରେ ହରସ୍ୱେତୀ, ସରଯୂ ପରିବର୍ତ୍ତରେ ହରଜୁ, ଯଜ୍ଞ ପରିବର୍ତ୍ତରେ ଯସ୍ନ, ଇନ୍ଦ୍ର ପରିବର୍ତ୍ତରେ ଇନ୍ଦ୍, ଅସୁର ପରିବର୍ତ୍ତେ ଅହୁର) । ପାରସ୍ୟର ଋଷି ଜରଥୁସ୍ତ୍ର (Zoroaster) ଆର୍ଯ୍ୟମାନଙ୍କ ଧର୍ମରୁ ଏକ ଭିନ୍ନ ସମ୍ପ୍ରଦାୟ ସୃଷ୍ଟିକରି ଜେନ୍ଦଅବସ୍ତା (Zendavesta) ଗ୍ରନ୍ଥ ପାରସୀମାନଙ୍କ ମଧ୍ୟରେ ପ୍ରଚାର କଲେ । ଜେନ୍ଦଅବସ୍ତାରେ ବେଦ ପରି ଗାଥା (ଗାଥ) ଓ ମନ୍ତ୍ର (ମନ୍ଥ) ମାନ ଅଛି; କେତେକ ମନ୍ତ୍ର ବୈଦିକ ମନ୍ତ୍ର ସଙ୍ଗେ ମିଳୁଛି । ସମ୍ଭବତଃ ବେଦର ସଙ୍କଳୟିତା ବେଦ ବ୍ୟାସ ଓ ଜେନ୍ଦଅବସ୍ତାର ସଙ୍କଳୟିତା ଜରଥୁସ୍ତ୍ର ସମକାଳୀନ ଥିଲେ—ହି. ଶ]

ସଂ. ବିଣ—ପାରସ୍ୟ ଦେଶୀୟ—Persian.

ପାରଷଦ—ଗ୍ରା. ବ (ପଦ୍ୟ)—(ସଂ. ପାର୍ଷଦ)—ପାର୍ଷଦ (ଦେଖ)
Pārashada Pārshada (See)
ବମାଳ ମଧ୍ୟେ ଚାରୁସୃଣ
ବେଷ୍ଟିତ ପାରଷଦ ଗଣ—ଜଗନ୍ନାଥ, ଭାଗବତ ।

ପାରସ—ଦେ. ବ—(ସଂ. ପାରଦ ରସ)—ପାରା ଧାତୁ—
Pārasa Mercury (metal).
(ପାରସୀ—ସ୍ତ୍ରୀ) ସଂ. ବିଣ. ପୁଂ.—ପାରସ୍ୟ ଦେଶବାସୀ—Persian.

ପାରସ୍ତ୍ରୀକ—ସଂ. ବିଣ.—(ପରସ୍ତ୍ରୀ+ଇକ)—ପାରଜାୟିକ (ଦେଖ)
Pārastrīka Pārajāyika (See)

ପାରସ୍ତ୍ରୈଣ—ସଂ. ବିଣ. ପୁଂ (ପରସ୍ତ୍ରୀ+ନ)—ପାରଦାରିକ—
Pārastraina Adulterous.

ପାରସ୍ତ୍ରୈଣେୟ—ସଂ. ବ. ପୁଂ. (ପରସ୍ତ୍ରୀ+ଅପତ୍ୟାର୍ଥେ. ଏୟ; ଇନ୍
Pārastraineya ଆଗମ; ଜପାଚନ)—୧ । ପରସ୍ତ୍ରୀ ଜାତ
(ପାରସ୍ତ୍ରୈଣେୟୀ—ସ୍ତ୍ରୀ –) ସନ୍ତାନ; ଜାରଜ ସନ୍ତାନ—
1. The offspring of adultery; bastard
୨ । କ୍ଷେତ୍ରଜ ସନ୍ତାନ—2. Child begotton by a person on the wife of another.

ପାରସ୍ପରିକ—ସଂ. ବିଣ. (ପରସ୍ପର+ଇକ)—ପରସ୍ପର ସମ୍ବନ୍ଧୀୟ—
Pārasparika Relating to each other.

ପାରସ୍ୟକୁଳୀନ—ସଂ. ବ. ପୁଂ. (ପରସ୍ୟକୁଳ=ଅନ୍ୟର ବଂଶ+ଜାତାର୍ଥେ
Pārasyakulīna ଈନ; ଅନ୍ୟର ବଂଶରେ ଜାତ)—ପୋଷ୍ୟପୁତ୍ର
An adopted son (Apte.)

ପାରହଂସ୍ୟ—ସଂ. ବିଣ. (ପରମହଂସ+ଯ)—ପରମହଂସ ସମ୍ବନ୍ଧୀୟ—
Pārahaṁsya Relating to an ascetic who has subdued all his senses (Apte).

ପାର ହେବା—ଦେ. କ୍ରି.—୧ । ପାର ହେବା; ତରିବା; ନଦୀର ଏ
Pāra hebā ପାରରୁ ସେ ପାରକୁ ଯିବା—1. To cross a river.
पार होना ୨ । (ବିପଦରୁ) ଉତ୍ତୀର୍ଣ୍ଣ ହେବା—
पार होना 2. To escape unhurt (from danger).
୩ । (ବିବାହ ଯୋଗ୍ୟା କନ୍ୟା) ବିବାହିତା ହେବା—
3. (a marriageble girl) To be given in marriage.
୪ । ବିଷମୟ ଫଳରେ ପରିଣତ ନ ହେବା—
4. No to result in any bad result

ପାରା—ଦେ. ବ. (ସଂ. ପାରାବତ)—୧ । କପୋତ ଜାତୀୟ ପକ୍ଷୀ; କବୁତର;
Pārā ଗୃହ କପୋତ—1. Pigeon; Columba Intermedia.
पायरा परेवा
ସଂ. କଲରବ; ଅରୁଣଲୋଚନ [ଦ୍ର—ଏମାନେ କପୋତ ଶ୍ରେଣୀୟ ।
ତେ. ପାରୁବା ପିଟ୍ଟା ଅପାଳିତ ଅବସ୍ଥାରେ ଏମାନେ ଘରର
(ପଶ୍ତ, ପାରେଇ, ପାରାବତୀ—ସ୍ତ୍ରୀ) ଗୃହରେ ଦେଉଳର ଖୋଲରେ ଓ
ପର୍ବତ ଖୋଲରେ ରହନ୍ତି । ଏମାନଙ୍କର ରଙ୍ଗ ମାଟିଆ ନେଳି ।

ଗୃହପାଳିତ ପାର୍‌ମାନେ ଧଳା, କଳା, ନାଲି ଆଦି ନାନା ରଙ୍ଗର ହୁଅନ୍ତି । ଏମାନଙ୍କର ଶବ୍ଦକୁ ଘୁମୁରିବା କହନ୍ତି । ଏମାନଙ୍କର ଧ୍ୱନି 'ବକ୍ ବକୁମ୍ କୁମ୍' । ଏମାନେ ବହୁ ଉଚ୍ଚରେ ଉଡ଼ି ପାରନ୍ତି ଓ ଉଡ଼ିବା ସମୟରେ ଶ୍ରେଣୀ ପାର୍‌ମାନେ ବନ୍ଧ ଭାଙ୍ଗନ୍ତି । ଇଉରୋପ ଆଦି ଦେଶରେ ଏମାନଙ୍କ ଗୋଡ଼ରେ ଚିଠି ବାନ୍ଧି ଦେଇ ଉଡ଼ାଇ ଦେଲେ ଏମାନେ ଦୂର ଦେଶରେ ଅଭିପ୍ରେତ ସ୍ଥାନରେ ଯାଇ ପହଞ୍ଚିବା ଦ୍ୱାରା ଦୂରବାସୀମାନେ ସମ୍ବାଦ ପାଆନ୍ତି । ପାର୍‌ମାନଙ୍କର ଉଡ଼ିବା ଦେଖିବା ପାଇଁ ଲୋକେ ସଉକରେ ପାର୍ ପାଳନ୍ତି । ଏମାନଙ୍କର ଦୃଷ୍ଟିଶକ୍ତି ଅତି ପ୍ରଖର । ଏମାନେ ଉପରକୁ ୧୧/୨ ମାଇଲ ଉଚ୍ଚକୁ ଉଠି ମେଘରେ ଅଦୃଶ୍ୟ ହୋଇ ଯାଆନ୍ତି । ଭୂଇଁରେ ସୋରିଷ ବୁଣି ଦେଲେ ଏମାନେ ବହୁ ଉଚ୍ଚରୁ ତାହା ଦେଖି ଖୁମ୍ପି ପାରନ୍ତି । ଏମାନେ ଘୁମୁରିଲା ବେଳେ ବେକ ଫୁଲାନ୍ତି । ବିଭିନ୍ନ ଜାତୀୟ ପାର୍ । ଯଥା— ଦେଉଳିଆ ପାର୍, ଲୋଟଣୀପାର୍, ପରପାଉଁ ପାର୍, ରେଶମୀ, ସୀରାଜ୍, ଲଙ୍କା ପାର୍, ପାଙ୍ଗିଆ ପାର୍ ଇତ୍ୟାଦି ।]

୨ । (ସଂ. ପାରଦ)— ପାରଦ ଧାତୁ—
2. Mercury; quicksilver.

ସଂ. ନାମ— ପାରଦ, ରସରାଜ, ରସନାଥ, ମହାରସ, ରସ, ମହାତେଜସ୍, ରସଲୋହ, ରସୋତ୍ତମ, ସୂତରାଟ୍, ଚପଳ, ଜୈତ୍ର, ଶିବବୀଜ, ଶିବ, ଅମୃତ, ରସେନ୍ଦ୍ର, ଲୋକେଶ, ଦୁର୍ଦ୍ଧର, ପ୍ରଭୁ, ରୁଦ୍ରଜ, ହରତେଜଃ, ରସଧାତୁ, ସ୍କନ୍ଦ, ଦେବ, ଦିବ୍ୟରସ, ଯଶୋଦ, ସୂତକ, ସିଦ୍ଧ ଧାତୁ, ପାରତ, ହରବୀଜ

[ଦ୍ର— ପାର୍ ବା ପାରଦ— ଦେଖିବାକୁ ଚକ ଚକ ଓ ଧଳା । ଏହା ଖଣିରୁ ବିଶୁଦ୍ଧ ଅବସ୍ଥାରେ ବା ଗନ୍ଧକ ସଙ୍ଗେ ମିଶ୍ରିତ ଅବସ୍ଥାରେ ହିଙ୍ଗୁଳ ରୂପରେ ମିଳେ । ଭାରତରେ କେବଳ ନେପାଳରେ ପାର୍‌ର ଖଣି ଅଛି । ଚୀନ, ଜାପାନ ଓ ସ୍ପେନ୍ ଦେଶରେ ପାର୍‌ର ଖଣି ଅଛି । ପାର୍ ତରଳ, କିନ୍ତୁ ଖୁବ ଭାରୀ । ପାର୍ ଥଣ୍ଡା ପାଇଲେ ଗାଢ଼ ହୁଏ । ଖଣିରେ ଥିବା ପାର୍‌ରେ ଗନ୍ଧକ, ସୁନା, ରୁପା ମିଶି ଥାଏ ଓ ବୈଜ୍ଞାନିକ ପ୍ରକ୍ରିୟାରେ ପାର୍‌କୁ ଉକ୍ତ ଧାତୁମାନଙ୍କଠାରୁ ପୃଥକ୍ କରାଯାଏ । ପାର୍ ଦ୍ୱାରା ଅନେକ ଦରକାରୀ କାର୍ଯ୍ୟ ହୁଏ । ପାର୍ ସଙ୍ଗେ ଅନ୍ୟ ଧାତୁ ସହଜରେ ମିଳାଇଲେ ମିଶି ପାରେ; ଏଥିପାଇଁ ସୁନା, ରୂପା ଆଦି ଧାତୁର ଲେପ କୌଣସି ବସ୍ତୁ ଉପରେ ଦେବାକୁ ହେଲେ ଉକ୍ତ ଧାତୁକୁ ପାର୍ ସଙ୍ଗେ ମିଶାଇ ଲେପ ତିଆରି କରି ଉକ୍ତ ବସ୍ତୁ ଉପରେ ବୋଳି ଦିଆଯାଏ । ପରେ ଉକ୍ତ ବସ୍ତୁକୁ ଉତ୍ତପ୍ତ କଲେ ପାର୍ ବାଷ୍ପ ହୋଇ ଉଡ଼ିଯାଏ ଓ ସୁନା ବା ରୁପାର ଲେପ ଉକ୍ତ ବସ୍ତୁ ଉପରେ ରହିଯାଏ । କାଚ ପଛଆଡ଼େ ପାର୍ ଲେପିଲେ ତାହା ଦର୍ପଣ ହୁଏ । ପାର୍ ଉପରେ ଚାପର କ୍ରିୟା ବିଶେଷ ଦେଖାଯିବାରୁ ପାର୍ ଦ୍ୱାରା ଚାପମାନ ଯନ୍ତ୍ର ନିର୍ମିତ ହୁଏ । ହିନ୍ଦୁ ପୁରାଣ ମତରେ ପାର୍ ଶିବଙ୍କ ବୀର୍ଯ୍ୟ ଅଟେ । ଆୟୁର୍ବେଦରେ ପାର୍‌ର ଅନେକ ଅସାଧାରଣ ଗୁଣ ଥିବାର କଥିତ । ପାର୍‌କୁ ଜାରଣ ମାରଣ କରି ଔଷଧରେ ପ୍ରୟୋଗ କଲେ ଉକ୍ତ ଔଷଧ ସେବନ ଦ୍ୱାରା ବାର୍ଦ୍ଧକ୍ୟ ନିବାରିତ ହୁଏ, ଏପରି କଥିତ ଅଛି । ବୈଦ୍ୟଙ୍କ ମତରେ ପାର୍ ତ୍ରିଦୋଷନାଶକ, ଯୋଗବାହୀ, ଶୁକ୍ରବର୍ଦ୍ଧକ ଓ ସମସ୍ତ ରୋଗ ନାଶକ । ପାର୍‌କୁ ଆୟୁର୍ବେଦୋକ୍ତ ବିଧିରେ ଶୋଧନ କରି ବ୍ୟବହାର କଲେ ଏହା ଅମୃତବତ୍ ଫଳଦ ହୁଏ, କିନ୍ତୁ ଅଶୋଧିତ ଅବସ୍ଥାରେ ସେବନ କଲେ ଏହା ଦ୍ୱାରା ମାରାତ୍ମକ ଅନିଷ୍ଟ ଘଟେ ।]

ବୈଦେ. ବି. (ଇଂ. ପାରାଗ୍ରାଫ୍)— ୧ । ଲିଖିତ ବିଷୟର ବା ପ୍ରବନ୍ଧର ବିଭିନ୍ନ ଅଂଶ ବା ଅନୁଚ୍ଛେଦ—
পারা
पारा, पैरा
1. Para; paragraph.

୨ । (ଫା. ପାର୍ = ଖଣ୍ଡ) ପୁସ୍ତକରେ ଅଧ୍ୟାୟ; କୋରାନ୍‌ର ଅଧ୍ୟାୟ
2. Chapter of the Koran.

ପାର୍ ଆଖି— ଦେ. ବି— ପାର୍ ପରି ପ୍ରଖର ଦୃଷ୍ଟି ଶକ୍ତି—
Pārā ākhi — Keen sight; ability to see minute things from a distance like the pigeon.
পায়রা দৃষ্টি
परेवा दृष्टि

ପାର୍ ଆଖିଆ— ଦେ. ବଣ. ପୁଂ— ପାର୍ ପରି ପ୍ରଖର ଦୃଷ୍ଟି ଶକ୍ତିବିଶିଷ୍ଟ—
Pārā ākhiā — Keen-sighted.
परेवा आँखिआ (ପାର୍ ଦୃଷ୍ଟିଆ— ଅନ୍ୟରୂପ)
(ପାର୍ ଆଖୋଇ— ସ୍ତ୍ରୀ)

ପାର୍‌କା— ପ୍ରାଦେ. (ଗଞ୍ଜାମ) ବି— ଦୁଇ ପଇସା; ଦୋପଇସୀ—
Pārākā — Half anna.

ପାର୍ ଖୋପ— ଦେ. ବି— ପୋଷା ପାର୍‌ମାନେ ଯୋଡ଼ି ଯୋଡ଼ି ହୋଇ ବାସ କରିବା ନିମନ୍ତେ ଘର ଭିତରେ ହୋଇଥିବା କୋଠରୀ—Pigeon hole.
Pārā khopa
পায়রা খুবরী
परेवाकी खोँता

ପାର୍(ରେ)ଗ୍ରାଫ୍— ବୈଦେ. ବି. (ଇଂ. ପାରାଗ୍ରାଫ)—
Pārā(re)grāph — ଲିଖିତ ବିଷୟର ବା ପ୍ରବନ୍ଧର ସ୍ୱତନ୍ତ୍ର ଅଂଶ— Paragraph.
পারেগ্রাফ पैराग्राफ

ପାର୍ ଘଟିତ ଔଷଧ— ଦେ. ବି— ଯେଉଁ ଔଷଧରେ ପାରଦ ଗୋଟିଏ ଉପାଦାନ ଅଟେ—
Pārā ghatita aushadha — Medicine having mercury as an ingredient; a mercurial preparation.

ପାର୍ ଘୁମୁରା— ଦେ. ବି— ପାର୍‌ର ମୁଖ ଶବ୍ଦ—
Pārā ghumurā — The sound or cawing of a pigeon.
পায়রার ডাক परेवाकी गुटकना

ପାର୍ ଚାନ୍ଦି— ଦେ. ବି. (ସଂ. ପାରାବତ + ଚନ୍ଦ୍ରକ)—
Pārā chāndi — ଘୀ ଗୁନ୍ଦୀ; ଏକ ପ୍ରକାର ସାମୁଦ୍ରିକ ମାଛ— A kind of flat sea fish; a variety of flounder.
পায়রা চাঁদ
बड़ी चाँदी

[ଦ୍ର— ଏମାନେ ଚେପଟା, ବୃତ୍ତାକାର ଓ ଧଳା । ଏମାନେ ଏକ ଫୁଟ ପର୍ଯ୍ୟନ୍ତ ବ୍ୟାସରେ ବଢ଼ନ୍ତି । ଏମାନଙ୍କର ଡାଡ଼ି ଅଛି ।]

ପାର୍ ଛତ— ଦେ. ବି. (ସଂ. ପାରାବତ ଓ ସଂ. ଛତ୍ର)—
Pārā chhati — ପାର୍‌ମାନେ ଉଡ଼ି କରି ଆସି ବସିବା ନିମିତ୍ତ ପୋତା ହୋଇଥିବା ବାଉଁଶ ଅଗରେ ନିର୍ମିତ ଚତୁଷ୍କୋଣ ମଞ୍ଚ—
ପାର୍ ଛକି } ଅନ୍ୟରୂପ
ପାର୍ ଛତର }
কবুতরের মাচা
परेवाकी छत्ता
A square framework of bamboo-laths put at the top of a pole driven to the ground for enabling the pigeons to take rest after a flight; pigeons' roost.

ପାରାଞ୍ଜି—ପ୍ରାଦେ. (ଗଞ୍ଜାମ) ବି. (ତେ. ପାରାଞ୍ଜି)—
Pārānji କୋଠା କାନ୍ଥ ଆଦି ଗଢ଼ିଲା ବେଳେ ରାଜ ମିସ୍ତ୍ରୀମାନଙ୍କ ବସିବା ପାଇଁ ତିଆରି ହୋଇଥିବା ବାଉଁଶ ବା କାଠର ମଞ୍ଚା—A scaffolding of wood or bamboo on which masons sit while building high walls etc.

ପାରାପତ—ସଂ. ବି. (ପାର+ଆ+ପତ୍ ଧାତୁ+କର୍ତ୍ତୃ. ଅ; ଯେ ବଳ ଦ୍ୱାରା ପତିତ ହୁଏ)—ପାରାବତ (ଦେଖ)
Pārāpata Pārābata (See)

ପାରାପାର—ସଂ. ବି. (ପାର=ଏପାର+ଅପାର=ଅନ୍ୟ ପାର)—
Pārāpāra ୧ । ସମୁଦ୍ର—1. Ocean.
୨ । ନଦୀ ଆଦିର ଉଭୟ କୂଳ; ଏପାର ସେପାର—
2. Both shores of a river.

ପାରାପାର କରିବା—ଦେ. କ୍ରି—ଲୋକଙ୍କୁ ନଦୀର ଏପାର ସେପାର ପାର
Pārāpāra kariba ଉତ୍ତାର କରିବା—To ferry people
पार उतार करा **पार उतारना** across a river.

ପାରାପାର ହେବା—ଦେ. କ୍ରି—ନଦୀ ପାର ହେବା—
Pārāpāra heba To cross a river; to cross and
पार उतार हओआ recross a river.
पार उतरना

ପାରାପିଟ୍—ବୈଦେ. ବି—(ଇଂ. ପାରାପେଟ)—କୋଠାର ଛାତ ଉପରେ
Pārāpiṭ ଦିଆ ଯାଇଥିବା ଅଳ୍ପ ଉଚ୍ଚ ପାଚେରୀ—Parapet.
पारापेट **पैरापीट** (ପାରାପେଟ୍—ଅନ୍ୟରୂପ)

ପାରାଫିନ୍—ବୈଦେ. ବି—(ଇଂ. ପାରାଫିନ)—୧ । କୋଲ୍‌ତାର୍ ବା
Pārāphin ଝୁଲରୁ ବାହାରିବା ମହମ ପରି ଏକପ୍ରକାର ଧଳା ବସ୍ତୁ-
पाराफीन् **पैराफोन्** 1. Paraffin.
୨ । କେରାସିନ୍ ପରି ଏକପ୍ରକାର ଖଣିଜ ତେଲ—
2. Paraffin oil.

ପାରାବତ—ସଂ. ବି—(ପାର+ଅବ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅତ)-
Pārābata ୧ । ପାରା ଚଢ଼େଇ; ଗୃହ କପୋତ—1. Pigeon.
୨ । କପୋତ; କାପଥା—
2. Dove; turtle dove.
୩ । ମାକଡ଼—3. Monkey. (Apte)
୪ । ପର୍ବତ—4. Mountain. (Apte)
୫ । କେନ୍ଦୁ ଗଛ (ହି. ଶ.)—
5. Diospyrus Melanoxylon. (tree).
୬ । ମହାଭାରତୋକ୍ତ ନାଗ ବିଶେଷ (ହି. ଶ.)—
6. Name of a mythological serpent.
୭ । ସୁଶ୍ରୁତୋକ୍ତ ଏକ ପ୍ରକାର ଖଟା ପଦାର୍ଥ (ହି. ଶ.)—
7. Name of a sour thing mentioned in the Susṛuta.
୮ । ଦତ୍ତାତ୍ରେୟଙ୍କ ଗୁରୁ (ହି. ଶ.)—8. Name of the preceptor of sage Dattātreya.
ଦେ. ବି—(ସଂ. ପାରେବତ)—ପିଜୁଳି—Guava.
ପନସ ପାରାବତ ଚମ୍ପାର ହରଡ଼ା—
କୃଷ୍ଣସିଂହ, ମହାଭାରତ, ବନ।

ପାରାବତୀ—ସଂ. ବି—୧ । ଗୋପ ଗୀତ (ହି. ଶ.)—
Pārābatī 1. The song of cowherds.
କରନ୍ତେ କରେ ବଣ ପାରାବତୀ ଗୀତରେ—
ରାଜକୃଷ୍ଣ—ରସ କଲ୍ଲୋଳ।
୨ । ନଅର କୋଳି (ହି. ଶ.)—
2. Na-ara koḷi (See)
୩ । ନଦୀ ବିଶେଷ (ହି. ଶ.)—3. Name of a river.

ପାରାବାର—ସଂ. ବି—(ପାର=ସୀମା, ଅପର ପାର+ଅବାର; ଯାହାର
Pārābāra ପାରକୁ ବାର ହୁଏ ନାହିଁ)—୧ । ସମୁଦ୍ର—
1. Ocean.
୨ । ସମୁଦ୍ରର ଅନ୍ୟକୂଳ—
2. The opposite shore of a sea.
ଦେ. ବି—୧ । ସୀମା; ଅନ୍ତ—1. limit; extreme
୨ । ପରିଗଣନା; ଇୟତ୍ତା; କଳନା—
2. Count; calculation.
୩ । ନଦ୍ୟାଦିର ଦୁଇକଳ (ହି. ଶ.)—
3. The two shores of a river.

ପାରାବାରୀଣ—ସଂ. ବିଣ. ପୁଂ—(ପାରାବାର+ଗମନାର୍ଥେ. ଈନ)—
Pārābārīṇa ୧ । ପାରଗାମୀ—1. Having gone over
(ପାରାବାରୀଣା—ସ୍ତ୍ରୀ) to the other end.
୨ । ପାରଙ୍ଗମ—2. Expert; well versed.

ପାରା ଭାଡ଼ି—ଦେ. ବି—ପୋଷା ପାରାମାନଙ୍କ ରହିବା ପାଇଁ ଭୂମିଠାରୁ ବହୁ
Pārā bhāṛdi ଉଚ୍ଚରେ ନିର୍ମିତ ହୋଇଥିବା ଥାକ ଥାକ ଖୋପଯୁକ୍ତ
पायरार कुठरी(बाक्स) କାଠର ପଞ୍ଜୁରି—Pigeon house; a
काबुक,पैरोखाना dovecot.

ପାରାୟଣ—ସଂ.ବି—(ପାର=ସମାପ୍ତ+ଅୟନ=ଗମନ)—୧ । ସମ୍ପୂର୍ଣ୍ଣତା;
Pārāyaṇa ସମାପ୍ତି—1. End; completion; totality.
୨ । ନିର୍ଦ୍ଦିଷ୍ଟ ସମୟରେ କୌଣସି ଗ୍ରନ୍ଥକୁ ସମ୍ପୂର୍ଣ୍ଣ କରି ପାଠ କରିବା; ମୂଳରୁ ଶେଷଯାଏ ପାଠ କରିବା—2. Reading thorough of a book in a fixed time.
୩ । ପୁରାଣ ପଢ଼ିବା; ପୁରାଣ ପାଠ—
3. Reading of a Purāṇa.
୪ । ଉତ୍କୃଷ୍ଟ ସ୍ଥାନ—4. Excellent place.

ପାରାୟଣିକ—ସଂ. ବି.ପୁଂ (ପାରାୟଣ+ଇକ)—୧ । ପୁରାଣାଦି ଅଧ୍ୟୟନକାରୀ
Pārāyaṇika ପାଠ କରିବା ବ୍ୟକ୍ତି—1. A person who reads a Purāṇa thorough.
୨ । ଛାତ୍ର (ହି. ଶ.)—2. Student.

ପାରାଶର—ସଂ. ବିଣ. (ପରାଶର+ରଚିତାର୍ଥେ. ଅ)—୧ । ପରାଶର ମୁନିଙ୍କ
Pārāśara କର୍ତ୍ତୃକ ରଚିତ ବା ସଙ୍କଳିତ—1. Compiled or composed by sage Parāśara.
୨ । ପରାଶର ମୁନିଙ୍କ ସମ୍ବନ୍ଧୀୟ—
2 Relating to sage Parāśara.
୩ । (+ଅପତ୍ୟାର୍ଥେ. ଅ) ପରାଶର ବଂଶଜ—
3. Born in the family of Parāśara.

ସ. ବି—୧ । ପରାଶର ମୁନିଙ୍କ ପୁତ୍ର ବେଦବ୍ୟାସ—
1. Sage Byāsa, the composer of the Mahābhārata.
୨ । ପରାଶର ସଂହିତା—2. The code of Hindu law compiled by Parāśara.

ପାରାଶରି—ସ. ଓ ବି— (ପରାଶର+ ଅପତ୍ୟାର୍ଥେ. ଇ)—୧ । ବେଦବ୍ୟାସ-
Pārāśari 1. Sage Byāsa.
୨ । ଶୁକଦେବ (ହି. ଶ.)—2. Sage Suka.

ପାରାଶରୀ—ସ. ବି. ପୁଂ. (ପାରାଶର+ଇନ୍; ବେଦବ୍ୟାସଙ୍କ ଭିକ୍ଷୁସୂତ୍ର
Pārāśari ଅଧ୍ୟୟନକାରୀ)—ଭିକ୍ଷୁ; ଚତୁର୍ଥାଶ୍ରମୀ (ହି. ଶ)—
A retired householder who has become an ascetic.

ପାରାଶର୍ଯ୍ୟ—ସ. ବଣ.ଓ ବି—(ପରାଶର+ସମ୍ବନ୍ଧାଦ ଅର୍ଥେ. ଯ)—ପାରାଶର
Pārāśarjya (ଦେଖ)—Pārāśara (See)

ପାରାସୁଟ୍—ବୈଦେ. ବି—(ଇଂ, ପାରାସୁଟ୍)—ଉଡ଼ୁଥିବା ବେଲୁନରୁ
Pārāshut ତଳକୁ ଓହ୍ଲାଇ ପଡ଼ିବା ନିମନ୍ତେ ବ୍ୟବହୃତ ଏକପ୍ରକାର
पाराशुट **प्यारासुट** ଛତା—Parachute.
[ଦ୍ର—ଏଥିରେ ଗୋଟିଏ ଠୋକେଇ ଝୁଲୁଥାଏ । ଉପରେ ଉଡ଼ୁଥିବା ବେଲୁନରୁ ଓହ୍ଲାଇ ସେ ଠୋକେଇରେ ବସିଲେ ଠୋକେଇ ଉପରେ ବନ୍ଧାଥିବା ଛତାଟି ମେଲା ହୋଇଯାଏ ଓ ତାହା ଧୀରେ ଧୀରେ ଭୂମି ଆଡ଼କୁ ଖସି ଖସି ଆସେ ।]

ପାରାସ—ଦେ. ବି—୧ । ପାରା—
Pārāsa 1. Mercury.
୨ । ରାମାୟଣୋକ୍ତ ମର୍କଟ ସେନାପତିବିଶେଷ—
2. A monkey-chief described in the Rāmāyaṇa.
(୧+୨) ବୋଇଲି ତେ ଭୁବନ ବନ୍ଧ ଦେଖ ସ୍ୱର୍ଣ୍ଣ
ପାରାସ ମିଶି ଯକ ଯକ ସେ । ଭକ୍ତ, ବୈଦେହୀଶ ବିଳାସ ।

ପାରି—ସ. ବି. (ପା ଧାତୁ=ପିଇବା+ଅଧିକରଣ ଅରି)—
Pāri ମଦ୍ୟପାନ ପାତ୍ର (ହି. ଶ)—Wine glass; wine cup.

ପାରି ଦେ. ବି. (ସ. ପାର)—୧ । ନଦୀଆଦିର ଅପରପାରି ବା ପାଖ-
पार 1. Opposite side or shore of a river or sea.
୨ । ନଦୀଆଦିର ତୀର—2. The shore of a river etc.
ଏହିଠାରୁ ଶତେକ ଯୋଜନ ଅନ୍ତରେ
ମ.ହାଦଧିକର ସେ ସେ ପାରି ତଟରେ । କୃଷ୍ଣସିଂହ. ମହାଭାରତ ବନ ।
୩ । ପାଖ; ପାର୍ଶ୍ୱ—3. Side.
୪ । ପାରହେବା; ଉତ୍ତରଣ—4. Crossing.
୫ । ବିପଦଆଦିରୁ ଉଦ୍ଧାର—
5 Deliverance from a danger.
ତୁମ୍ଭେ ମୋତେ କଲେଟି ଏ ଅଗ୍ନିରୁ ପାରି । କୃଷ୍ଣସିଂହ. ମହାଭାରତ ବନ ।
୬ । (ସ୍ତ୍ରୀ) ପାର୍ବତୀର ଡାକ ନାମ—
6. Name for calling Pārbatī.
ଦେ. ବଣ—୧ । ନଦୀଆଦିକୁ ପାରି ହୋଇଥିବା (ବ୍ୟକ୍ତି)—
1. Crossed.
୨ । ଯେ ଉଦ୍ଧାର ପାଇଅଛି—2. Delivered.

ପାରିଆ—ଦେ. ବି—୧ । ପାରା ପକ୍ଷୀ—1. Pigeon.
Pāriā ୨ । ଏକପ୍ରକାର ମୋଟ ସୂତାରେ ତିଆରି ମଠା—
पायरा 2. A cloth made of raw or coarse
परेवा silk.
गरद ୩ । ପାଡ଼ିଆ ଇତ୍ୟାଦି (ଦେଖ)—
छहरा रेसम 3. Pārdiā etc (See)
ସତ୍ୟ ହେବୟା ହୋଇଛ ଉତ୍ତର ପାରିଆ । ପ୍ରାଚୀ, ବ୍ରହ୍ମବୃତ୍ତପଣଗୀତା ।
ଦେ. ବଣ—୧ । ଯେ ପାରି ହେବାକୁ ଉଦ୍ୟତ (ବ୍ୟକ୍ତି)—
1. Going to cross a river.
୨ । (ଅପର) ପାରରେ ଅବସ୍ଥିତ—
2. Situated on the (other) shore.
୩ । ପାଡ଼ିଆ (ଦେଖ)—3. Pārdiā (See)

ପାରିଆ କାନ୍ଥ—ଦେ. ବି—ପାଡ଼ିଆ କାନ୍ଥ (ଦେଖ)
Pāriā kāntha Pārdia kāntha (See)

ପାରିଆ ଖମ୍ବ—ଦେ. ବି—ପାଡ଼ିଆ ଖମ୍ବ (ଦେଖ)
Pāriā khamba Pārdiā khamba (See)
(ପାରିଆ ଖୁଣ୍ଟ—ଅନ୍ୟରୂପ)

ପାରିଆ ମକୁଟା—ଦେ. ବି—ପାରିଆ ୨ (ଦେଖ)
Pāriā makuṭā Pāriā 2 (See)
(ପାରିଆମଠା - ଅନ୍ୟରୂପ) গরদের কাপড় **छहरा रेसमी**

ପାରିଆ ଶେଣୀ—ଦେ. ବି - ପାଡ଼ିଆ ଶେଣୀ (ଦେଖ)
Pāriā seṇi Pārdia seṇi (See)

ପାରି ଉଠିବା—ଦେ. କ୍ରି. (ବଙ୍ଗଳାରୁ ଅନୁକରଣ)—
Pāri uṭhibā କୌଣସି କାର୍ଯ୍ୟରେ କୃତକାର୍ଯ୍ୟ ହେବା—
পেরে উঠা **सकना** To succeed in a matter.

ପାରି କଉଡ଼ି—ଦେ. ବି—ନଦୀ ପାର ହେବାର ମାସୁଲ; ଘାଟକଉଡ଼ି—
Pāri kauṛdi Money paid for being ferried
पारानी across.

ପାରି କରିବା—ଦେ. କ୍ରି—୧ । ଲୋକଆଦିଙ୍କୁ ନଦୀର ଏକପାରିରୁ ଅପର
Pāri karibā ପାରକୁ ନୌକାଆଦିଦ୍ୱାରା ନେବା—1. To ferry
पारकरा **पारउतारना** across; to transport people etc. over a river.
ପାଣ୍ଡବଙ୍କ ଏଣା ଚଉ ପାରିକଲ ହେଲେ । ପ୍ରାଚୀନ, ମହାଯାତ୍ରା ।
୨ । ଉଦ୍ଧାର କରିବା—2. To deliver.
ତେ ଅବିଶ ମୋତେ ଦେବେ ପାରି କର । କୃଷ୍ଣସିଂହ ମହାଭାରତ ବନ ।

ପାରିକାଂକ୍ଷୀ—ସ. ବି—ବ୍ରହ୍ମଜ୍ଞାନ ଅଭିଳାଷୀ ଧ୍ୟାନନିରତ ତପସ୍ୱୀ
Pārikāmkshi (ହି. ଶ)—An ascetic who devotes himself to abstract meditation.

ପାରିକ୍ଷିତ—ସ. ବି. (ପରୀକ୍ଷିତ+ଅପତ୍ୟାର୍ଥେ ଅ)—ଜନମେଜୟ—
Pārikshita A patronym of king Janamejaya.

ପାରିଖେୟ—ସ. ବଣ. (ପରିଖା+ଏୟ)—ପରିଖା ବେଷ୍ଟିତ—
Pārikheya Surrounded by a ditch (Apte).
(ପାରିଖେୟୀ—ସ୍ତ୍ରୀ)

ପାରିଗର୍ଭିକ—ସ. ବି. (ପରିଗର୍ଭ+ଇକ)—କବୁତର; ପାରାବତ (ହି. ଶ)-
Pārigarbhika Pigeon.

ପାରୁଗା ଜମି—ଦେ. ବି. (ସଂ. ପାରଗ୍ରାମିକ+ଫା. ଜମୀନ୍)—
Pārigā jami ଆପଣା ଗ୍ରାମ ଛଡ଼ା ଅନ୍ୟ ଗ୍ରାମରେ ଥିବା ଚାଷ
(ପାରଗାଁ ଜମି—ଅନ୍ୟରୂପ) ଜମି—Land for cultivation
दीहट which is in a village other than one's own.

ପାରିଗ୍ରାମିକ—ସଂ. ବିଣ (ପର+ଗ୍ରାମ+ଇକ)—ଗ୍ରାମର ଚତୁର୍ଦ୍ଦିଗରେ
Pārigrāmika ଅବସ୍ଥିତ—Situated round a village
(ପାରଗ୍ରାମିକା—ସ୍ତ୍ରୀ) (Apte).

ପାରିଜା—ଦେ. ବି. (ସଂ ପର୍ଯ୍ୟାୟ)—୧। ଶ୍ରେଣୀ—1. Class.
Pārijā
୨। ଗୀତଆଦି ବୋଲିବା ସମୟରେ ଗୀତର ଅର୍ଥ ଓ ଭାବ ପ୍ରକାଶାର୍ଥ ନର୍ତ୍ତକର ଅଙ୍ଗ ଓ ହସ୍ତାଦିର ଭଙ୍ଗି; ହସ୍ତକ—
बतावन 2. Manual representations made by a dancer to express the purport of the words used in the song which he is singing.

ପାରିଜା କରିବା—ଦେ. କ୍ରି—(ନର୍ତ୍ତକ ବା ନର୍ତ୍ତକୀ) ଅଙ୍ଗଭଙ୍ଗିଆଦି
Pārijā karibā ଦ୍ୱାରା ବୋଲା ଯାଉଥିବା ଗୀତର ଅର୍ଥ ପ୍ରକାଶ
बतावन करना କରିବା; ଗୀତାର୍ଥକୁ ହାବଭାବ ଠାରିବା—
To represent by the movement of the hands and limbs the meaning of the song which is being sung by a dancer.

ପାରିଜାତ—ସଂ. ବି. (ପରିଜାତ=ଜନ୍ମିଥିବା+ଅ; ପାରନ୍=ସମୁଦ୍ର+
Pārijāta ଜାତ; ସମୁଦ୍ର ମନ୍ଥନରୁ ବାହାରିଥିବାରୁ)—
(ପାରିଜାତକ—ଅନ୍ୟରୂପ) ୧। ଦେବତରୁ; ସ୍ୱର୍ଗର ମନ୍ଦାର; ଇନ୍ଦ୍ରଙ୍କ ଉଦ୍ୟାନର ପ୍ରଧାନ ପୁଷ୍ପ—1. A mythical flower of Paradise and its tree.
[ଦ୍ର—ଏହା ସମୁଦ୍ର ମନ୍ଥନ ବେଳେ ଚନ୍ଦ୍ର ଓ ଲକ୍ଷ୍ମୀ ଆଦିଙ୍କ ସଙ୍ଗରେ ସମୁଦ୍ରରୁ ବାହାରି ଥିଲା ଓ ଇନ୍ଦ୍ର ଏହାକୁ ଆପଣା ନନ୍ଦନ ଉଦ୍ୟାନରେ ଲଗାଇଥିଲେ; ଶ୍ରୀକୃଷ୍ଣ ଏହି ବୃକ୍ଷକୁ ଇନ୍ଦ୍ରଙ୍କ ଉଦ୍ୟାନରୁ ବଳପୂର୍ବକ ଆଣି ସତ୍ୟଭାମାଙ୍କ ବିହାର କାନନରେ ଲଗାଇଥିଲେ।]
(ପାରିଜାତକ—ଅନ୍ୟରୂପ) ୨। ସୁଗନ୍ଧ ଦ୍ରବ୍ୟବିଶେଷ—
2. Name of a scent.
୩। ପାଲଧୁଆ ଗଛ—
3. The coral tree; Erythrina Indica.
୪। ଶିଙ୍ଗାର ହାର (ହି. ଶ.)—
4. Nyctanthes Arboretrestes (flower.)
୫। କୋବିଦାର (ହି. ଶ.) (ଦେଖ)
5. The red variety of Kanchana tree.
୬। (ନାମ) ଐରାବତ ବଂଶର ଏକ ହାତୀ (ହି. ଶ.)—
6. Name of a mythological elephant.
୭। ସିତୋଦ ପର୍ବତ (ହି. ଶ)—
7. Name of a mountain.
୮। (ନାମ) ଋଷିବିଶେଷ (ହି. ଶବ୍ଦସାଗର)—
8. Name of a sage.
୯। ସୁଗନ୍ଧ—9. Fragrance (Apte).
ଦେ. ବି.—ଏକପ୍ରକାର ପିଠା—
Name of a kind of cake.
ପ୍ରାଦେ. (ସମ୍ବଲପୁର) ବି.—ଏକପ୍ରସ୍ତିଆ ପାଞ୍ଚପାଖୁଡ଼ିଆ ମନ୍ଦାର ଫୁଲ—Single-petalled China rose.
[ଦ୍ର—ଏହାର ମଝିରୁ ଗୋଟିଏ ଲମ୍ବ ଗର୍ଭକେଶର ବାହାରି ଥାଏ। ବହୁ ପରସ୍ତିଆ ମନ୍ଦାର ଫୁଲକୁ ମନ୍ଦାର ବୋଲାଯାଏ।

ପାରିଜାତ ନଡ଼ୁ—ଦେ. ବି.—ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ
Pārijāta nardu ଭୋଗ ହେବା ଏକପ୍ରକାର ମିଷ୍ଟାନ୍ନ—
ପାରିଜାତ ଲଡ଼ୁ (ଡ୍ଡୁ), ପାରିଜାତ ନଡ୍ଡୁ, ପାରିଜାତକ ଲଡ଼ୁ (ଡ୍ଡୁ) —ଅନ୍ୟରୂପ
A kind of sweet meat offered to the Deity Jagannātha at Puri.
[ଦ୍ର—ପୁରୀର ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଭୋଗହେବା ଏକ ପ୍ରକାର ମିଷ୍ଟାନ୍ନ; ଏହା ଛେନା, ଗୁଡ଼ ଓ ସାମାନ୍ୟ ଚାଉଳ ଚୂନାରେ ତିଆରି ହୋଇ ଘିଅରେ ଭଜା ଯାଇଥାଏ। ଜଗନ୍ନାଥଙ୍କ ସଞ୍ଜଧୂପ ଓ ବଡ଼ସିଂହାର ଧୂପରେ ଏହା ଭୋଗ ଲାଗେ।]

ପାରିଣାଯ୍ୟ—ସଂ. ବିଣ (ପରିଣୟ+ଯ)—୧। ବିବାହ ସମ୍ବନ୍ଧୀୟ—
Pāriṇājya 1—Relating to marriage.
୨। ବିବାହ ଉପଲକ୍ଷେ ପ୍ରାପ୍ତ—2. Received on the occassion of marriage.
ସଂ. ବି.—୧। ଯୌତୁକ; ବିବାହ ସମୟରେ କନ୍ୟା ଉପହାର ପାଇଥିବା ଧନ—1. Property received by a girl at the time of marriage; Dower; dowry.
୨। ବିବାହ ସମୟରେ କନ୍ୟାର ଭବିଷ୍ୟତ ଜୀବିକାନିର୍ବାହାର୍ଥ କୃତ ବ୍ୟବସ୍ଥା—2. Marriage settlement (Apte).

ପାରିଣାହ୍ୟ—ସଂ. ବି.—ଘରକରଣା ଦ୍ରବ୍ୟମାନ; ଅସ୍ବାବ୍‌ପତ୍ର—
Pāriṇāhya Goods and chattels; household articles and furniture
(ଯଥା—ଖଟ, ପଲଙ୍କ, ବାସନ, ବିଛଣା, ଶିଳ, ଚକି, ଛିଙ୍କି, ବାକସ, ସିନ୍ଦୁକ, ପେଡ଼ି, ପେଟରା)

ପାରିଣି—ଦେ. ବି.—୧। ଡଙ୍ଗାର କାଠ ବା କୋଠରୀମାନଙ୍କ ତଳ
Pāriṇi ଦେଶରେ ବିଛା ଯାଇଥିବା ଶାହାଡ଼ାଝାଟି ବା ଚଲେଇ—
(ପାରେଣି—ଅନ୍ୟରୂପ) 1. Mat or brush wood spread on the bottom of a boat.
पाटन
୨। ପାରୁଣି ବତା (ଦେଖ)—2. Pāriṇi batā (See)

ପାରୁଣି ବତା—ଦେ. ବି.—ଯେଉଁ ବତା ଡଙ୍ଗାର ତଳେ ବା ଶଗଡ଼ର
Pāriṇi batā ଫଳମାନଙ୍କ ଫାଙ୍କ ଉପରେ ବା ଘରର ରୁଅର
(ପାରେଣିବତା—ଅନ୍ୟରୂପ) ଫାଙ୍କମାନଙ୍କ ଉପରେ ବିଛା ଯାଇଥାଏ।
पटनबत्ता Split bamboos spread on the bottom of a boat or on the ribs of a thatch-frame.

ପାରିତଣ୍ଡ—ଦେ. ବି—୧ । ନଦୀଘାଟରେ ରାଜାଙ୍କର ପ୍ରଜାମାନଙ୍କଠାରୁ
Pāritanda ଅଦାୟ କରାଯିବା କର—1. A cess or tax levied from subjects at a ferry ghat.
୨ । ନଦୀ ଓ ହ୍ରଦରେ ନୌକାବାଲାଙ୍କଠାରୁ ରାଜାଙ୍କ ଦ୍ୱାରା ଅଦାୟ ହେଉଥିବା କର—2. A ferry-rate levied by a king from boatmen.
୩ । ଚିଲ୍କାର ମତ୍ସ୍ୟଜୀବୀ-ପ୍ରଜାଙ୍କଠାରୁ ଜମିଦାର ଯେଉଁ ଟିକସ ବା ରାଜସ୍ୱ ଅଦାୟ କରନ୍ତି—3. Tax collected from fishermen by the local zamindar in the Chilka lake.

ପାରିତଥ୍ୟା—ସଂ. ବି—ମୁଣ୍ଡର କେଶକୁ ବାନ୍ଧିବା ପାଇଁ ବ୍ୟବହୃତ ମୁକ୍ତାର
Pāritathyā ମାଳା—A string of pearls for binding the hair (Apte).

ପାରିତୋଷିକ—ସଂ. ବିଣ. (ପରିତୋଷ + ଇକ)—ଆନନ୍ଦଜନକ—
Pāritoshika Pleasing; gratifying (Apte).
ସଂ. ବି—୧ । ବକ୍ସିସ୍—1. Reward; gratuity.
୨ । ଭେଟି; ଉପଢୌକନ; ଉପହାର—2. A present.
୩ । ପୁରସ୍କାର; ପ୍ରାଇଜ୍—3. Prize.

ପାରିଧି—ଦେ. ବି (ମୂଳ. ହି. ପାରଧୀ=ବ୍ୟାଧ, ଶିକାରୀ; ସଂ. ପରିଧି= ଚାରିଆଡ଼େ ବେଷ୍ଟନ, ବେଢ଼ିବା)—ମୃଗୟା; ଶିକାର—
Pāridhi
Sport; hunting; chase.
शिकार
पारिध, शिकार
ଶେଷ ହୋଇ, ଜଳ ! ଅଛ ମାନବ ପାରିଧି
ସେହି ପାରିଧିର ଲକ୍ଷ୍ୟ ହେବୁ ତୁହି ଅସେ ।
ଚିନ୍ତାମଣି. ଚକ୍ରମାଳତୀ ।

ପାରିଧିଆ—ଦେ. ବି (ସଂ. ପରି=ସର୍ବତୋଭାବରେ + ବ୍ୟାଧ)—ଶିକାରୀ—
Pāridhiā A hunter; huntsman.
शिकारी ଯୁବା ପାରିଧିଆ ପରିକର କରି
पारधी ବନ୍ଧୁ କରନ୍ତ ନାହାକେ ଚରି । ଉଷ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ପାରିଧି କରିବା—ଦେ. କ୍ରି—ଶିକାର କରିବା—
Pāridhi karibā To go a-hunting.
(ପାରିଧିକୁ ଯିବା—ଅନ୍ୟରୂପ)
शिकार करा, **शिकार करना, पारिध करना**

ପାରିଧ୍ୱଜିକ—ସଂ. ବି. ପୁଂ (ପରି + ଧ୍ୱଜ + ଇକ)—ପତାକା ବାହକ—
Pāridhwajika Standard-bearer. (Apte)

ପାରି(ରି)ନ୍ଦ୍ର—ସଂ. ବି (ପରି=ଅନ୍ୟ ପ୍ରାଣୀ+ଇନ୍ଦ୍ର=ପ୍ରଭୁ, ରାଜା)—
Pāri(ri)ndra ୧ । ମୃଗେନ୍ଦ୍ର; ସିଂହ—1. Lion.
୨ । ଅଜଗର ସର୍ପ—2. A large snake; boa; boa constricter.

ପାରିପନ୍ଥିକ—ସଂ. ବି—(ପରିପନ୍ଥିନ୍+ଇକ)—ଚୋର; ଡକାୟତ—
Pāripanthika Robber; highway man (Apte).

ପାରି ପାଇବା—ଦେ. କ୍ରି—ପାର ପାଇବା (ଦେଖ)—
Pāri pāibā Pāra pāibā (See)

ପାରିପାଟ୍ୟ—ସଂ. ବି (ପରିପାଟୀ + ଯ)—୧ । ଶୃଙ୍ଖଳା—
Pāripātya 1. Regularity; method; order.
୨ । ପରିଚ୍ଛନ୍ନତା—2. Neatness.

ପାରିପା(ଯା)ତ୍ର—ସଂ. ବି—ସପ୍ତ କୁଳପର୍ବତରୁ ଏକ—
Pāripā (jā)trā One of the 7 mythological ranges of the globe.
(ପାରିପାତ୍ରକ—ଅନ୍ୟରୂପ)
[ଦ୍ର—ଏହା ବିନ୍ଧ୍ୟ ପର୍ବତର ଅନ୍ତର୍ଗତ ବୋଲି କଥିତ; ଏଥିରୁ ବେଦସ୍ମୃତି, ବେଦବତୀ, ବୃତ୍ରଘ୍ନୀ, ସିନ୍ଧୁ, ସାନନ୍ଦନା, ସଦାନୀରା, ମହୀ, ପାରା, ଚର୍ମଣ୍ୱତୀ, ନୂପୀ, ବିଦଶା, ବେତ୍ରବତୀ ଓ ଶିପ୍ରା ଆଦି ନଦୀ ବାହାରି ଥିବାର ପ୍ରସିଦ୍ଧି ଅଛି ।]

ପାରିପାର୍ଶ୍ୱ—ସଂ. ବି (ପାରିପାର୍ଶ୍ୱ + ଅ)—ଅନୁଚରବର୍ଗ—
Pāripārswa Retinue; attendants; escort (Apte).

ପାରିପାର୍ଶ୍ୱକ—ସଂ. ବି. ପୁଂ (ପାରିପାର୍ଶ୍ୱ + କ)—ପାରିପାର୍ଶ୍ୱିକ (ଦେଖ)
Pāripārswaka Pāripārswika (See)

ପାରିପାର୍ଶ୍ୱିକ—ସଂ. ବିଣ (ପାରିପାର୍ଶ୍ୱ + ଇକ)—୧ । ଚତୁର୍ଦ୍ଦିଗ୍‌ବର୍ତ୍ତୀ—
Pāripārswika 1. Surrounding; concomitant.
୨ । ପାର୍ଶ୍ୱବର୍ତ୍ତୀ—2. Situate on the side.
ସଂ. ବି. ପୁଂ—୧ । ପାରିଷଦ—1. Courtier.
୨ । ପାର୍ଶ୍ୱଚର; ପାଖଲୋକ; ଭୃତ୍ୟ; ଚାକର—
2. Attendant; servant.
୩ । ସହଚର—3. Companion.
୪ । (ନାଟ୍ୟଶାସ୍ତ୍ର) ସୂତ୍ରଧାରର ସହଚର ନଟ—
4. An assistant to the head actor.
୫ । ଉପଗ୍ରହ; ଗ୍ରହର ଚାରିପାଖେ ପରିଭ୍ରମଣ କରୁଥିବା କ୍ଷୁଦ୍ର ଗ୍ରହ—
(ଯେପରି ଚନ୍ଦ୍ର ପୃଥିବୀର ପାରିପାର୍ଶ୍ୱିକ ।)
5 A satellite of a planet.

ପାରିପ୍ଳବ—ସଂ. ବିଣ. (ପରିପ୍ଳବ + ସ୍ୱାର୍ଥେ. ଅ)—୧ । କେପମାନ; କମ୍ପମାନ;
Pāriplaba ପରିପ୍ଳବ—1. Trembling; shivering; unsteady; tremulous.
୨ । ଅସ୍ଥିର; କାତର; ବ୍ୟାକୁଳ—2. Troubled; agitated; bewildered.
୩ । ପହଁରୁଥିବା; ଭାସମାନ—3. Swimming; floating.
ସଂ. ବି. ୧—(ନାମ)—ହିନ୍ଦୁମାନଙ୍କର ତୀର୍ଥବିଶେଷ—
1. A sacred place of the Hindus.
କୁରୁକ୍ଷେତ୍ରେ ପାରିପ୍ଳବରେ ସ୍ନାନ କଲେ
ଅଗ୍ନିଷ୍ଟୋମ ଫଳ ଲଭଇ ସେହି ଭଲେ । କୃଷ୍ଣସିଂହ. ମହାଭାରତ. ବନ
୨ । ଡଙ୍ଗା—2. Boat (Apte).
୩ । ଅସ୍ଥିରତା—3. Restlessness (Apte).
୪ । ଜଳପକ୍ଷୀ ବିଶେଷ (ହି. ଶ.)—4. A kind of aquatic bird.

ପାରିପ୍ଲାବ—ସଂ ବିଣ.—୧ । ପାରିପ୍ଳବ (ଦେଖ)—1. Pāriplaba (See).
Pāriplāba
୨ । ପାତିହଂସ; ବତକ—2. Goose (Apte).

ପାରିବା—ଦେ. କ୍ରି. (ସଂ. ପର ଧାତୁ=କର୍ମ ସମାପ୍ତି କରିବା, ସମ ହେବା;
Pāribā ମୂଳ; ତା. ପେରୁ=(ବଢ଼ିବା)
पारा ୧ । ସମ ହେବା; ସମର୍ଥ ହେବା—1. To be able.
सकना ୨ । ଯୋଗ୍ୟ ହେବା—2. To be fit.

पाता ୩ । (ସଂ. ପତ୍ ଧାତୁ ଣିଚ୍ ପାତ ଧାତୁ) ପାରିବା; ପାତିବା;
पारना ଭୂଇଁରେ ବିଛାଇବା; ପକାଇବା—
3. To spread on the ground.
ଯଥା— ଶେଯ ପାରିବା

पाथना ୪ । (କାନକୁ ଶ୍ରବଣାର୍ଥ) ପାତିବା—4. To set ready or direct (one's ears to hear something more clearly.)
ଯଥା— କାନ ପାରିବା

୫ । ସ୍ଥାପନ କରିବା—5. To place; to set up.
ପାରିଲେଣି ଏବେ ଦେବ ଚକ୍ରବର୍ତ୍ତୀ ନ
ଭାଳେଇ ଶିରରେ ସ୍ବର୍ଣ୍ଣ ସିଂହାସନ । ସ୍ୱର୍ଣ୍ଣାଦ୍ରି. ଚିନ୍ତିକା

୬ । ଗଛରୁ ଫଳ ଆଦ ପେଲିବା; ତୋଳିବା—
तोड़ना 6. To pluck fruits from trees.
(ଯଥା —ନଡ଼ିଆ ପାରିବା ।)

୭ । ସମକକ୍ଷ ହେବା; ତୁଲ୍ୟ ହେବା—
7. To be equal to.
(ଯଥା—ପଢ଼ାରେ ତୋ ସଙ୍ଗେ ମୁଁ ପାରିବି ନାହିଁ ।)

୮ । ହଟେଇବା; ପରାଜୟ କରିବା—8. To defeat.
ନ ପାରିବା ଶତ୍ରୁକୁ କାହିଁକେ ବଢ଼ାଅ
ବେଳ କାଳ ଜାଣିଣ ଛେଦ ପକାଇବ । କୃଷ୍ଣସିଂହ. ମହାଭାରତ ଅବ ।

୯ । କାର୍ଯ୍ୟକ୍ଷମ ହେବା; ସାଂସାରିକ କାର୍ଯ୍ୟ ନିର୍ବାହ କରିବାକୁ ସମର୍ଥ ହେବା—9. To become fit for worldly duties (e. g. earning, maintaining one's family, doing work).

୧୦ । ଭୂମିରେ (ପକ୍ଷି) ଥାପିବା—
10. To lay on the ground.
पाथना, पाड़ना (ଯଥା—ପକ୍ଷି ପାରିବା ।)

୧୧ । ନୁଆଇଁବା; ନତ କରିବା—
11. To bend; to lower.
(ଯଥା—ମୁଁ ମୁଣ୍ଡ ପାରି ଦେଇ ନ ଥିଲେ ରେଲ ଗାଡ଼ିର ପାଚିଁବାନ୍ ମୋ ମୁଣ୍ଡକୁ ଛଡ଼୍ କରି ଦେଇ ଥାଆନ୍ତା ।)

୧୨ । ଅର୍ଜନ କରିବା—12. To earn.
(ଯଥା—ପୁଅ ପାରିଲେ ମୋର ଆଉ ଚିନ୍ତା କଅଣ ?)

୧୩ । ଥାପିବା; ପ୍ରସ୍ତୁତ କରିବା—
13. To prepare; to make; to set up.
(ଯଥା— ଚୁଲି ପାରିବା ।)

୧୪ । ଭୂମିରେ କଚାଡ଼ି ଦେବା; ଭୂମିସାତ୍ କରିବା—
14. To fell; to dash to the ground.

୧୫ । (ସ. ପାର ଧାତୁ; ସ. ପାରଗ) ସାବାଳଗ ହେବା; ଯୌବନ ଲାଭ କରିବା; (କନ୍ୟା) ପ୍ରୌଢ଼ା ହେବା; ପ୍ରାପ୍ତବୟସ୍କା ହେବା; (କନ୍ୟା) ରଜୋବତୀ ହେବା—15. To attain maturity or puberty.

୧୬ । କାମ କରିବାକୁ ସମର୍ଥ ହେବା—
16. To be able to work.
(ଯଥା—ମୋତେ ଖାଠିଏ ବର୍ଷ ପୂରିଲାରୁ ମୁଁ ଆଉ ଏଣିକି ପାରୁ ନାହିଁ; ତା ପୁଅମାନେ ଏବକୁ ପାରି ଗଲେଣି ।)

୧୭ । ପକାଇବା—16. To throw.
ଭୁ ହୋ ପ୍ରସ୍ତର ବେଗେ କାଠି ପା'ର । ପ୍ରାଚୀ. କବ ଚରିତ ।

୧୮ । (ଡିମ୍ବ) ପ୍ରସବ କରିବା—18. To lay (eggs).
पाड़ना (ଯଥା—କୋଇଲି ଥରକେ ଦୁଇ ତିନିଟି ଡିମ୍ବ ପାରେ ।)

୧୯ । ଲେଖିବା; ଅଙ୍କନ କରିବା; ଚିତ୍ରିତ କରିବା—
19. To write down; to draw; to make a drawing.
पाड़ना (ଯଥା—ଆମର ନୂଆବୋହୂ ମୁରୁଜରେ ଭୂଇଁରେ ଗୋଟିଏ ପଦ୍ମ ଚିତ୍ର ପାରିଛି ।).
[ଦ୍ରୁ—ସମର୍ଥ ହେବା ଅର୍ଥରେ ଅନ୍ୟ ଅସମାପିକା କ୍ରିୟା ସଙ୍ଗେ ପାରିବା କ୍ରିୟା ଯୁକ୍ତ ହୁଏ । ଯଥା—କରି ପାରିବା, ଖାଇ ପାରିବା ଓ ଜାଣିପାରିବା, ଦେଖିପାରିବା ଇତ୍ୟାଦି ।]

ପାରିବାର— ଦେ. ବିଣ. (ପୁଂ ଓ ସ୍ତ୍ରୀ) (ଭୁଲ. ସ. ପାରଙ୍ଗମ)—
Pāribāra ୧ । ଯୋଗ୍ୟ; ସାମର୍ଥ—1. Competent; capable.
लाएक लायक, पार'गत
ତୁମ୍ଭେମାନେ ହୋଇଛ ଏବେ ପାରିବାର । କୃଷ୍ଣସିଂହ,ମହାଭାରତ. ସଭା ।
୨ । ବଳୁଆ—2. Strong.
୩ । ଅର୍ଜନ କାରୁଆ—3. Earning.
୪ । ଉପଯୁକ୍ତ—4 Fit.
୫ । ଉତ୍କୃଷ୍ଟ—5. Excellent.

ପାରିବାର ପଣ—ସ. ବି—୧ । ଯୋଗ୍ୟତା—1. Capability; competence; ability.
Pāribāra paṇa
पार'गता ୨ । ବଳୁଆ ପଣ; କ୍ଷମତା; ସାମର୍ଥ୍ୟ—
2. Strength; potency.
ପାରିବାର ପଣିଆ(ଆଁ) } ଅନ୍ୟରୂପ
ପାରିଲାର ପଣ
ପାରିଲାର ପଣିଆ(ଆଁ)
୩ । ଉତ୍କର୍ଷ; ବାହାଦୁରୀ—
3. Excellence.

ପାରିବାର ପୁଅ—ଦେ. ବି—୧ । ଅର୍ଜନ କାରୀ ପୁତ୍ର—
Pāribāra pua 1. An earning son.
योग्यपुत्र ୨ । ଗୃହ କାର୍ଯ୍ୟ କରିବାକୁ କ୍ଷମ ପୁତ୍ର—
लायक लड़का; पार'गत लड़का 2. A son able to look after domestic concern.
୩ । ଯୋଗ୍ୟ ପୁତ୍ର—3. An able son.
ମୋ ପୁଅ ଅତି ପାରିବାର,
ଅଣେ ଋଣ, ଦିଏ ଉଧାର । ବାଙ୍ଗବଚନ ।

ପାରିବିତ୍ତ୍ୟ—ସ. ବି. (ପରିବେତ୍ତୃ+ଯ)—ସାନ ଭାଇର ବିବାହ ପରେ
Pāribittya (ବଡ଼ଭାଇ) ଅବିବାହିତ ରହିବା ଅବସ୍ଥା—
(ପାରିବେତ୍ତ୍ର୍ୟ—ଅନ୍ୟରୂପ) Being unmarried while one's younger brother is married (Apte).

ପାରିବ୍ରାଜ୍ୟ—ସ. ବି. (ପରିବ୍ରାଜ+ଯ)—ପରିବ୍ରାଜକତ୍ୱ—
Pāribrājya The wandering life of a religious
(ପରିବ୍ରାଜକ—ଅନ୍ୟରୂପ) mendicant.

ପାରିଭଦ୍ର—ସ. ବି. (ପରି—ସମ୍ପୂର୍ଣ୍ଣରୂପେ+ଭଦ୍ର=ସୌଭାଗ୍ୟ+ଅ)—
Pāribhadra ୧ । ପାରିଜାତ (ଦେଖ)—
(ପାରିଭଦ୍ରକ—ଅନ୍ୟରୂପ) 1. Pārijāta (See),

୨ । ପାଲଧୂଆ (ଦେଖ)—2. Pāladhuā (See).
୩ । ଦେବଦାରୁ ଗଛ—3. Pine tree.
୪ । ନିମ୍ବଗଛ—4. The Nim tree.

ପାରିଭାବ୍ୟ—ସ. ବି. (ପରିଭୂ+ଯ)—୧ । ଜାମିନ୍ ହେବା; ପ୍ରତିଭୂତ୍ୱ—
Pāribhābya 1. Bail, security; surety-ship.
୨ । କୁଡ଼ ଔଷଧ—2. Costus Specious.

ପାରିଭାଷିକ—ସ. ବି. (ପରିଭାଷା+ଇକ)—୧ । ପରିଭାଷା ସମ୍ବନ୍ଧୀୟ;
Pāribhāsika ଶିଳ୍ପ, ବିଜ୍ଞାନ, ଦର୍ଶନାଦି ବିଶେଷ ବିଶେଷ ଶାସ୍ତ୍ରରେ ବ୍ୟବହୃତ ଓ ବିଶେଷାର୍ଥ ବାଚକ (ଶବ୍ଦ)—
1. Glossarial; conventional; technical (words).
୨ । ସାଧାରଣ; ପ୍ରଚଳିତ—2. Current: universally received (Apte).

ପାରିମାଣ୍ଡଲ୍ୟ—ସ. ବି. (ପରିମଣ୍ଡଳ+ଯ)—୧ । ଅଣୁ ବା ପରମାଣୁର
Pārimāṇḍalya ପରିମାଣ—1. The measure of an atom or molecule.
୨ । ସୂର୍ଯ୍ୟକିରଣରେ ଭାସମାନ ରେଣୁ—
2. A moat in the sunbeam (Apte).

ପାରିମାପ୍ୟ—ସ. ବି. (ପରି+ମାପ+ଯ)—ପରିଧି—
Pārimāpya Circumference; compass (Apte).

ପାରିମିତ୍ୟ—ସ. ବି. (ପରିମିତ+ଯ)—୧ । ସୀମା—
Rārimitya 1. Limit.
୨ । ନିର୍ଦ୍ଦିଷ୍ଟ ପରିମାଣ ବା ସଂଖ୍ୟା—
2 Limited extent or number.

ପାରିମୁଖିକ—ସ. ବିଣ. ପୁଂ. (ପରିମୁଖ+ଇକ)—୧ । ସମ୍ମୁଖରେ ଥିବା—
Pārimukhika 1. Being before the face (Apte).
(ପାରିମୁଖିକା—ସ୍ତ୍ରୀ) ୨ । ନିକଟରେ ଥିବା—2 Being near.
୩ । ଉପସ୍ଥିତ—3. Present (Apte).

ପାରିଯାନିକ—ସ. ବି. (ପରି+ଯାନ+ଇକ)—ଯେଉଁ ଗାଡ଼ି ବା
Pārijānika ଯାନରେ ପର୍ଯ୍ୟଟକ ପରିଭ୍ରମଣ କରନ୍ତି—
A travelling carriage or caravan.

ପାରିରକ—ସ. ବି. —ମୁନି; ଋଷି; ତପସ୍ୱୀ—
Pāriraka An ascetic (Apte).
(ପାରିରକ୍ଷକ—ଅନ୍ୟରୂପ)

ପାରିଲା କନ୍ୟା—ଦେ. ବି—ବଢ଼ିଲା କନ୍ୟା; ପ୍ରାପ୍ତଋତୁ କନ୍ୟା—
Pārilā kanyā A girl who has attained puberty.

ପାରିଲାର(ଇତ୍ୟାଦି)—ଦେ. ବିଣ—୧ । ପାରିବାର ଇତ୍ୟାଦି (ଦେଖ)—
Pārilāra (etc) 1. Pāribāra etc (See).
ହେଲେ କାମ ପାଇବ ବଡ଼ ପାରିଲାର—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପାରିଶ(ଷ)—ସ. ବି.—୧ । ଏକ ପ୍ରକାର ବୃକ୍ଷ—
Pārisa(sha) 1. A kind of plant.
ପଲାଶ ପିପୁଲ पारिश पीपल
[ଏହାର ଗଛ ଭେଣ୍ଡି ଗଛ ପରି; ଫଳ କଷା ବଇଁଗଣ ପରି; ଏ ପତ୍ର ଓ ଫଳ ଖାଇବାକୁ ଖଟା । ଏଥିର ଫୁଲ ଭେଣ୍ଡି ଫୁଲ ପରି ପଞ୍ଚଦଳ । ଏହାର ମୂଳ ମିଠା; ଛାଲ ମିଠା ଓ କଷା । ବୈଦ୍ୟକମତରେ ଏ ଫଳ ଗୁରୁପାକ, କୃମିଘ୍ନ, ଶୁକ୍ର ବର୍ଦ୍ଧକ ଓ କଫକାରକ—ହି. ଶ.) ୨ । ପାଶିଶ (ଦେଖ)—2. Pāriśa (See).

ପାରିଶୀଳ—ସ. ବି.—ଏକପ୍ରକାର ପିଠା; ମାଲପୁଆ (ହି. ଶ.)—
Pārisila A kind of cake (Apte).

ପାରି ଶୁଆ—ଦେ. ବି. (ସ. ପରି ଧାତୁ ଶିର୍=ପାଦ ଧାତୁ+ଶୀ ଧାତୁ;
Pāri śuā ଯାହାକୁ ଭୂମିରେ ପାରି ଶୋଇବାକୁ ହୁଏ)—
୧ । ଶଯ୍ୟା; ବିଛଣା—1. Bedding.
୨ । ବିଛଣା ଚାଦର—2. Bedsheet.

ପାରି ଶୋଇବା—ଦେ. କ୍ରି.—ଶୋଇବା ନିମନ୍ତେ ଭୂମିରେ ଆସନ
Pāri śoibā ପକାଇବା—To spread something (e.g.
ପେତେଓୟା mat) on the ground to sleep upon.
बिछाके सोना ଦେ. ବି.—ପାରିଶୁଆ (ଦେଖ) Pāri śuā (See).

ପାରିଷଦ—ସ. ବି. (ପରିଷଦ=ସଭା+ ବିଦ୍ୟମାନାର୍ଥେ. ଅ)—
Pārishada ୧ । ରାଜସଭାର ସଭ୍ୟ—1. Courtier.
୨ । ସଭାସଦ୍; ସଭ୍ୟ—
2. Member of an association.
୩ । ପାଖ ଲୋକ—3. Attendant.
୪ । ଦେଖଣାହାରୀ; ନାଟ୍ୟାଦିର ଦର୍ଶକ—4. Spectator.
୫ । ଶ୍ରୋତା ପରୀକ୍ଷକ—5. Auditor.
୬ । ସହଚର—6. Companion.
୭ । ରାଜାଙ୍କ ସଙ୍ଗୀ—7. A king's companion (Apte).
ସ. ବିଣ.—୧ । ପାର୍ଶ୍ୱବର୍ତ୍ତୀ—1. Accompanying.
୨ । ପାରିପାର୍ଶ୍ୱିକ—2. Concomitant.

ପାରିଷଦ୍ୟ—ସ. ବି. (ପରିଷଦ+ସ୍ୱାର୍ଥେ ଯ)—ଦେଖଣାହାରୀ; ସଭାର
Pāri shadya ଦର୍ଶକ—A spectator (Apte).

ପାରିସୀର୍ଯ୍ୟ—ସ. ବିଣ.—ଯାହା କୃଷିରୁ ଉତ୍ପନ୍ନ ନୁହେଁ (ହି. ଶ.)—
Pārisiriya Not produced by cultivation (Apte).

ପାରିହାରିକ—ସ. ବିଣ.—୧ । ଯେ ଧରେ—
Pārihārika 1.Taking; seizing (Apte).
୨ । ବେଷ୍ଟନକାରୀ—2. Surrounding (Apte).
(ପାରିହାରିକୀ—ସ୍ତ୍ରୀ) ସ. ବି. ପୁଂ —୧ । ମାଳାକାର—
1. A maker of garlands.

ପାରିହାର୍ଯ୍ୟ—ସ. ବି—୧ । ହାତ ଖଡ଼ୁ—1. Bracelet (Apte).
Pārihārjya ୨ । ଧରିବା—2. Seizing; taking (Apte).

ପାରିହାସ୍ୟ—ସ. ବିଣ. (ପରିହାସ+ଯ)—୧ । ପରିହାସଜନିତ—
Pārihāsya 1. Resulting from jest or joking.
୨ । ପରିହାସମୟ—2 Jesting; jocular.
ସ. ବି—ଥଟ୍ଟା—Jest; joke; fun (Apte).

ପାରି ହେବା—ଦେ. କ୍ରି. (ସ. ପାର)—୧ । ନଦୀଆଦି ଅତିକ୍ରମ କରିବା;
Pāri hebā ପାରି ହେବା—1. To cross to go
ପାରହଓଆ पार होना across; or through.
ପାରିହେଲେ ଗ୍ରାହଂକୂଳ ନଦୀ ଜଳ । କୃଷ୍ଣସିଂହ. ମହାଭାରତ ବନ ।

୨ । ବିପଦରୁ ଉଦ୍ଧାର ପାଇବା—
2. To pass through a danger safely.

ପାରି— ସଂ. ବି—୧ । ହସ୍ତିବନ୍ଧନ ରଜ୍ଜୁ—
Pāri 1. A rope for tying an elephant (Apte).
୨ । ବହୁ ଜଳ—2. A quantity of water (Apte).
୩ । ପାନପାତ୍ର—3. A drinking vessel; water-jar; cup (Apte).
୪ । ଦୁଗ୍ଧଭାଣ୍ଡ—4. Milk-pail (Apte).
୫ । ପୁଷ୍ପ ପରାଗ—5. Pollen (Apte).
ଦେ. ବି. ସ୍ତ୍ରୀ—ପାର୍ବତୀର ଡାକନାମ—
A name for calling Pārbati.

ପାରିକ୍ଷିତ—ସଂ. ବି. ପୁଂ. (ପରୀକ୍ଷିତ୍+ଅପତ୍ୟାର୍ଥେ. ଅ)—
Pārikshita ରାଜା ଜନମେଜୟ—Raja Janamejaya.

ପାରୀଣ—ସଂ. ବିଣ. (ପାର+ଈନ)—୧ । ପାରଗ—
Pāriṇa 1. Competent; able.
୨ । ସୁବିଜ୍ଞ—2. Well versed.

ପାରିନ୍ଦ୍ର—ସଂ. ବି—ପାରେନ୍ଦ୍ର (ଦେଖ)
Pārindra Pārindra (See)

ପାରିରଣ—ସଂ. ବି—୧ । କଚ୍ଛପ (ହି. ଶ)—
Pārirana 1. Tortoise (Apte).
୨ । ଯଷ୍ଟି; ବାଡ଼ି—2. A stick; staff (Apte).
୨ । ପଟ୍ଟ ଶାଟିକା; ପାଟଶାଢ଼ୀ—
2. A silken garment (Apte).

ପାରିଶ(ଷ)—ସଂ. ବି—ଏକପ୍ରକାର ନାତିବୃହତ୍ ବୃକ୍ଷ—
Pārisa(sha) The tulip tree; the Portia tree; Thespesia Populnea.
ସଂ. ପାରିଶ(ଷ), ପଲାଶ, କମଣ୍ଡଲୁ, ଗର୍ଦ୍ଦଭାଣ୍ଡ, କନ୍ଦରାଳ, କପିଚୂତ, କର୍ପୀତନ, ସୁପାର୍ଶ୍ୱକ, ପ୍ଲକ୍ଷ
ଗଯ୍ଯାଅଶ୍ୱଥ, ପଳାଶପିପୁଲ
ପାରିଶପିପୁଲ, ପର୍ଶିକୁ
ଗୁ. ପାରସ ପିପ୍ଲୋ
ତେ. ଗଙ୍ଗାରସୁ
ତା. ପାରସ; ପୂବ୍‌ବସ
ମ. ଭେଣ୍ଡି, ପାରସପିପଲଭେଣ୍ଡ
ଫା. ଫରାସବେଲ୍ଲା ।
[ଦ୍ର—ଏହା ଜବାଦ ବର୍ଗର ତରୁ । ପତ୍ର ପାନପର, ପତ୍ରର ଅଗ ଅଣିଆ ପତ୍ର ପର ଲମ୍ବା, ଫୁଲ ବଡ଼ ବଡ଼ ଓ ହଳଦିଆ, ବର୍ଷା ଋତୁରେ ଫୁଟେ । ଫଳ ଗର୍ଦ୍ଦଭର ଅଣ୍ଡକୋଷ ତୁଲ୍ୟ । ଗଛର ବକଲକୁ ଚିରିଦେଲେ ହଳଦିଆ ରସ ବାହାରେ । ଏ ଗଛ ଚଟ୍ଟଗ୍ରାମ, ସୁନ୍ଦରବନ ଓ ଦକ୍ଷିଣ ଭାରତର ସମୁଦ୍ର ନିକଟବର୍ତ୍ତୀ ପ୍ରଦେଶରେ ଜନ୍ମେ । ତାମିଲ ନାମ ପରଶ; ପାରଶ—ଯୋଗେଶଚନ୍ଦ୍ର ।]

ପାରିଶ(ଷ) ଫଳ—ସଂ. ବି—ଅମୃତଭଣ୍ଡା ଫଳ; ପପେୟା (ଦ୍ରବ୍ୟଗୁଣ)—
Pārisa(sha) phala The papaya fruit; Carica Papaya.
ପେଁ ପେ ପପୟା

ପାରୁ—ସଂ. ବି—(ପା ଧାତୁ=ରକ୍ଷା କରିବା+ସଞ୍ଜ୍ଞାର୍ଥେ. ରୁ)—୧ । ସୂର୍ଯ୍ୟ—
Pāru 1. The sun.
୨ । ଅଗ୍ନି—2. Fire.
ଦେ. ବି—୧ । ରସ ଚିପୁଡ଼ା ହେବା ପରେ ଦେଲ୍ଲ, ଅମ୍ବ ଫୋପା
ଆଶ ଇତ୍ୟାଦି ଓ ପଣସ ଆଦି ଫଳର ଚକୁମସ୍ତ ସିଠା—
1. The rejected fibrous portions of the kernel of mango and some other fruits after the juice is pressed out.
୨ । (ସଂ. ପାର ଧାତୁ) ଶକ୍ତି; ସାମର୍ଥ୍ୟ—2. Ability.
(ଯଥା—ମୁଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କଲି ।)
[ଦ୍ର—ଏ ଅର୍ଥରେ କେବଳ ପର୍ଯ୍ୟନ୍ତ ଶବ୍ଦ ପୂର୍ବରେ ଏହାର ପ୍ରୟୋଗ କରାଯାଏ ।]
ଦେ. ବିଣ—(ସଂ. ପତ୍ ଧାତୁ)—୧ । ଚେପଟା—1. Flat.
(ଗାଁଆ—ବିମପାଉ)
୨ । ନତ—2. Bent.
୩ । ନିମ୍ନ; ନୀଚ – 3. Low.
(ଯଥା—ଘରର ଖଲଟା ପାରୁ ହୋଇଅଛି ।)
ପ୍ରାଦେ. (ଗଞ୍ଜାମ, ଚୈ). ବି —ମହତ୍ତ୍ୱ; ମର୍ଯ୍ୟାଦା—
Dignity; respectability.

ପାରୁଆ—ଦେ. ବି. ପୁଂ. (ସଂ. ପାରାବତ)—୧ । ପାରାବତ; କବୁତର—
Pārua 1. Pigeon
পায়রা ହଂସ ତିତିର ମୟୂର ପାରୁଆ—ପ୍ରତାପ. ଶଶୀସେଣା ।
परेवा
୨ । (ସଂ. ପାର୍ବତ) ପରୁଆ ମାଛ; ପାବତା ମାଛ—
2. Butter fish.
ଦେ. ବିଣ—ବଳିଷ୍ଠ; ପାରିବା—
Strong; able; competent.
ସେମାନେ କି ଏଡ଼େ ପାରୁଆ ହେଲେ ତୁମକୁ ଜିଣିଲେ –
ଫକୀରମୋହନ. ଛମାଣ ଅଠଗୁଣ୍ଠ ।

ପାରୁଡ଼ା (ଇତ୍ୟାଦି)—ଦେ. ବିଣ. ପୁଂ—ପାଡ଼ୁରା ଇତ୍ୟାଦି (ଦେଖ)—
Pārurda Pārdurā etc (See)
ଅହେ ରସିକ ! କଣାର ଫୁଲକୁ ପାରୁଡ଼ା ପୋକ – ଇଶ ।

ପାରୁ ପର୍ଯ୍ୟନ୍ତ (ନ୍ତେ)—ଦେ. କ୍ରି. ବିଣ—ଯଥାଶକ୍ତି; ସାଧ୍ୟମତେ—
Pāru parjyanta(nte) To the best of one's ability.
यथाशक्ति ପାରୁ ପର୍ଯ୍ୟନ୍ତେ ସ୍ୱୀକାର କରନ୍ତୁ – ଜଗନ୍ନାଥ. ବିବେକୀ ।

ପାରୁଶ—ଦେ. ବି—(ସଂ. ପାର୍ଶ୍ୱ)—୧ । ପାର୍ଶ୍ୱଭାଗ—
Pārusha 1. Side part.
পাশ ପ୍ରଫୁଲ୍ଲ ରସାଳ ବକୁଳ ଗୁମର ଗିରି ପାରୁଶରେ ପଡ଼େ –
पास ଗୋବିନ୍ଦକୃଷ୍ଣ. ରସକଲ୍ଲୋଳ ।
পারস ୨ । ଖାଇବା ବ୍ୟକ୍ତିର ପତ୍ର ନିକଟରେ ଅନ୍ୟ ଅନୁପସ୍ଥିତ ବ୍ୟକ୍ତି
पारस ପାଇଁ ପୃଥକ୍ ଥାଳ ବା ପତ୍ରରେ ବଢ଼ା ହୋଇଥିବା ଅନ୍ନ ବ୍ୟଞ୍ଜନାଦି—
2. A plate of rice etc served on a seperate plate and kept aside near the plate of an eater.
পাশা पास ୩ । ନୈକଟ୍ୟ; ସାମୀପ୍ୟ—3. Vicinity.
ସରୋବରର ତଟେ ଉମାର ବନ
ପାରୁଶେ ଜମ୍ବୁ ଜଳ ପଡ଼େ ଦନ । ଶିଶୁଶଙ୍କର. ଉଷାଅଭିଳାଷ
୪ । (ନଦୀ ବା ସମୁଦ୍ରର) ତୀର—4. Shore
ଦକ୍ଷିଣ ସିନ୍ଧୁ ଉତ୍ତର ପାରୁଶେ
ଶିଶୁଶଙ୍କର. ଉଷାଅଭିଳାଷ

ପାରୁଷ୍ୟ—ସ. ବ. (ପୁରୁଷ=କର୍କଶ+ଭାବ. ଯ)—୧ । ରୁଢ଼ତା;
Pārushya କର୍କଶତା—1. Rudeness; roughness.
୨ । ଅପ୍ରିୟ ଭାଷଣ; କଠୋରତା—2. Rude speaking; churlishness; scurrilous language.
୩ । ଗାଳିମନ୍ଦ; ଭର୍ତ୍ସନା—3. Abuse; reproach; abusive language.
୪ । ଅପମାନ—4. Insult (Apte).
୫ । ଇନ୍ଦ୍ରଙ୍କ ଉଦ୍ୟାନ (ହି. ଶ)—5. Indra's garden (Apte).
୬ । ଅଗୁରୁ (ହି. ଶ)—5. Aloe-wood (Apte)
୭ । ବୃହସ୍ପତି—7. Bruhaspati (Apte).

ପାରେବତ ଫଳ—ସଂ. ବ.—୧ । ପିତୁଳି ଫଳ—1. Guava fruit; Ficus Pigeonis.
Pārebata phala
ସଂ. ପର୍ଯ୍ୟାୟ—ପାରେବତ; ରେବତ, ଆରେବତକ, ରୈବତକ, ମଧୁଫଳ, ଅମୃତଫଳ. ପାରେବତକ ।
ପେୟାରା
अमृत
ବୈ. ଉତ୍ତରଗେ
[ଦ୍ର—ଏହା ଉଦ୍ୟାନଜାତ କ୍ଷୁଦ୍ରବୃକ୍ଷ; ମହାପାରେବତ, ସୂକ୍ଷ୍ମ ପାରେବତ, ସାମୁଦ୍ରିକ, ରକ୍ତ ରୈବତକ, ବୃହତ୍ ପାରେବତ ଦ୍ୱୀପଜ ଓ ଦ୍ୱୀପ ଖର୍ଜ୍ଜୁର ଏହା ବଡ଼ ପିତୁଳିର ପର୍ଯ୍ୟାୟ । ବୈଦ୍ୟ ଶାସ୍ତ୍ର ମତରେ ଏହା କ୍ରିମି, ବାୟୁ, ତୃଷ୍ଣା, ଜ୍ୱର, ବିଦାହ, ମୂର୍ଚ୍ଛା, ଭ୍ରମ, ଶ୍ରମ ଓ ଶୋଷ ବିନାଶକ । ଏହାର ପତ୍ରକୁ ଚୋବାଇ ଖାଇଲେ ମୁହଁର ଅରୁଚ ଓ ଦୁର୍ଗନ୍ଧ ନାଶ ହୁଏ ।]
୨ । ଏକ ପ୍ରକାର ଖଜୁରି (ହି. ଶ.)—
2. A kind of date.

ପାର୍କ୍—ବୈଦେ. ବ. (ଇଂ. ପାର୍କ୍)—
Pārk ଜନାକୀର୍ଣ୍ଣ ନଗର ମଧ୍ୟରେ ସାମୟିକ ବିଶ୍ରାମ ଗ୍ରହଣ
ପାର୍କ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ବୃକ୍ଷବେଷ୍ଟିତ
पार्क ଉପବନ—Park.

ପାର୍ଘଟ—ସ. ବ—୧ । ଧୂଳି—1. Dust (Apte).
Pārghata ୨ । ଭସ୍ମ; ପାଉଁଶ (ହି. ଶ.)—2. Ashes.

ପାର୍ଚ୍ଚମେଣ୍ଟ—ବୈଦେ. ବ. (ଇଂ. ପାର୍ଚ୍ଚମେଣ୍ଟ)—
Pārch-ment ଚମଡ଼ାର ଅଂଶ ମିଶ୍ରିତ ବସ୍ତୁ ଦ୍ୱାରା ସ୍ଥାୟୀ ଏକ
ପାର୍ଚମେଂଟ ପ୍ରକାର କାଗଜ—Parchment (paper).
परचमेंट [ଦ୍ର—ଏପରି କାଗଜ ସନନ୍ଦ, ସାର୍ଟିଫିକେଟ ଓ ଦଲିଲ ଲେଖିବା ପାଇଁ ବ୍ୟବହୃତ ହୁଏ ।]

ପାର୍ଚ୍ଚା—ବୈଦେ. ବ. (ଫା. ପାର୍ଚ୍ଚା)—
Pārchā ପାରଚା; ସେଟଲମେଣ୍ଟ ସମ୍ପର୍କରେ ସର୍ଭେ ହେବା
ଚିର୍କୁଟ ସମୟରେ ରଇତଙ୍କୁ ମିଳିବା କାଗଜ ଖଣ୍ଡ—
पारचा Slip of paper given to a royat showing the particulars of his holding during the survey in Settlement operations.

ପାର୍ଜନ୍ୟାସ୍ତ୍ର—ସ. ବ (ପର୍ଜନ୍ୟ+ଅ+ଅସ୍ତ୍ର)—ଯୁଦ୍ଧାସ୍ତ୍ରବିଶେଷ—
Pārjanyāstra A kind of weapon of offence.
ଏ ଅସ୍ତ୍ରରେ ବହିଲେ ବଡ ପ୍ରଚଣ୍ଡ ।
ମନ୍ତ୍ରିତ ପାର୍ଜନ୍ୟାସ୍ତ୍ର ଜାଣ ମାଳସ୍ତମ୍ଭ ।
ସେ ଅସ୍ତ୍ର ମନ୍ତ୍ର ଭେଦ ସ୍ୱାଙ୍ଗଙ୍କ ତକ୍ଷଣ
ପାଶରୁ ଜଳ ଧାର ଜାତ କରି ଜାଣ । କୃଷ୍ଣସିଂହ. ମହାଭାରତ. ସ୍ୱର୍ଗ ।
[ଦ୍ର—ଏ ଅସ୍ତ୍ରଦ୍ୱାରା ଜଳଧାରାର ଉଦ୍ଗମ ହେଉଥିବାର କଥିତ ହେଉଥିଲା ।]

ପାର୍ଟ—ବୈଦେ. ବ. (ଇଂ. ପାର୍ଟ)—
Pārt ୧ । ଗ୍ରନ୍ଥାଦିର ଭାଗ—1. Part of a work.
(ପାର୍ଟ—ଅନ୍ୟରୂପ) ୨ । ନାଟକର କୌଣସି ଅଭିନେତା ବା
ପାର୍ଟ पार्ट ଅଭିନେତ୍ରୀର ଅଭିନେୟ ଅଂଶ—
2. The part played by an actor or actress in a dramatic performance.
୩ । ଅଂଶ; ଭାଗ—3. Part.

ପାର୍ଟି—ବୈଦେ. ବ. (ଇଂ. ପାର୍ଟୀ)—
Pārti ୧ । କୌଣସି ବିଶେଷ ଉଦ୍ଦେଶ୍ୟରେ ସମବେତ ହୋଇ
(ପାର୍ଟୀ—ଅନ୍ୟରୂପ) ଥିବା ବା ଗଠିତ ହୋଇଥିବା ଦଳ—
ପାର୍ଟି पार्टी 1. Party.
(ଯଥା—ମିଉନିକ୍ ପାର୍ଟି, ଥିଏଟର ପାର୍ଟି ।)
୨ । ବିଶେଷ ଉପଲକ୍ଷରେ କରାଯିବା ବନ୍ଧୁ ସମ୍ମିଳନ ଓ ଖୁଆ ଓ ଜଳଖିଆର ଭୋଜି—2. A party of friends assembled; evening party; tea party; garden party.
(ଯଥା—ଗାର୍ଡ଼ନ୍ ପାର୍ଟି, ଟୀ ପାର୍ଟି, ଇଭନିଂ ପାର୍ଟି ।)
୩ । ମକଦ୍ଦମାର ପକ୍ଷ (ବାଦୀ ବା ପ୍ରତିବାଦୀ)—
3. A party in a case.

ପାର୍ଟିସନ୍—ବୈଦେ. ବ. (ଇଂ. ପାର୍ଟିସନ୍)—ବଣ୍ଟା ଅଂଶ—
Pārtisan Partition.
ପାର୍ଟିସନ पारटीसन

ପାର୍ଥ—ସ. ବ. (ପୃଥା=କୁନ୍ତୀ+ଅପତ୍ୟାର୍ଥେ. ଅ)—
Pārtha ୧ । କୁନ୍ତୀ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ—
1. The three elder Pāndaba brothers.
୨ । (ବିଶେଷତଃ) ଅର୍ଜୁନ—
2. (particularly) The third Pāndaba.
୩ । ଗନ୍ଧର୍ବବିଶେଷ—
3. Name of a heavenly chorister.
୪ । ଅର୍ଜୁନ ଗଛ—4. The Arjuna tree.
୫ । ପୃଥିବୀ ପତି; ରାଜା—5. A king.

ପାର୍ଥକ୍ୟ—ସ. ବ. (ପୃଥକ୍+ଭାବାର୍ଥେ. ଯ)—
Pārthakya ୧ । ବିଚ୍ଛେଦ—1. Separation.
୨ । ବିଭିନ୍ନତା—2. Separateness; variety.
୩ । ବ୍ୟକ୍ତିତ୍ୱ—3. Individuality.
୪ । ପ୍ରଭେଦ—4. Difference; distinction.
୫ । ଏକାକୀତା—5. Singleness.

ପାର୍ଥବ—ସ. ବ. (ପୃଥୁ+ଭାବାର୍ଥେ. ଅ)—
Pārthaba ୧ । ପୃଥୁତା—1. Fatness.
୨ । ବିଶାଳତା—2. Greatness; extent.

୩ । ଚଉଡ଼ାଇ; ପ୍ରସ୍ଥ—3. Width.

ସଂ. ବଣ—ପୃଥୁ ସମ୍ବନ୍ଧୀୟ—Relating to Pṛuthu.

ପାର୍ଥଲୀ—ଦେ. ବି. (ନାମ)—ତୋଷାଲୀ (ଦେଖ)
Pārthalī Toshālī (See)

[ଦ୍ର—ଅନ୍ୟ ନାମ 'ଏକ ପ୍ରସ୍ତର' ବା 'ତୋଷାଲୀ' । ଚନ୍ଦ୍ରଗୁପ୍ତଙ୍କ ରାଜଦୂତ ମେଗାସ୍ଥିନିସ୍ 'ଏକ ପ୍ରସ୍ତର' ବା ତୋଷାଲୀକୁ 'ପାର୍ଥଲୀ' ବୋଲି ଲେଖିଥିଲେ । କୃପାସିନ୍ଧୁ. ଇତିହାସ]

ପାର୍ଥିବ—ସଂ. ବଣ. (ପୃଥିବୀ + ଅ)—
Pārthiba ୧ । ପୃଥିବୀ ସମ୍ବନ୍ଧୀୟ—1. Earthly; terrestrial.

୨ । ସାଂସାରିକ—2. Worldly.

୩ । ପୃଥିବୀରୁ ଉତ୍ପନ୍ନ—3. Born of the earth.

୪ । ପୃଥିବୀ ଶାସନକାରୀ—
4. Ruling the earth (Apte).

୫ । ରାଜକୀୟ—5. Kingly; royal (Apte).

୬ । ମାଟିରେ ନିର୍ମିତ—6. Earthen.

୭ । ପୃଥିବୀବାସୀ—7. Inhabiting the earth.

ସଂ. ବି. (ପୃଥିବୀ + ଈଶ୍ୱରାର୍ଥେ. ଅ)—

୧ । ରାଜା—1. A king.

୨ । ଯୋଦ୍ଧା—2. Warrior.

୩ । ତଗର (ଦେଖ)—3. Tagara (See)

୪ । ମାଟି ବାସନ—4. Earthen vessel.

୫ । ଶରୀର—5. The body.

୬ । ମଙ୍ଗଳ ଗ୍ରହ—6. The planet Mars.

୭ । ମୃତ୍ତିକା ନିର୍ମିତ ଶିବଲିଙ୍ଗ—
7. An image of Śiba made of earth.

ପାର୍ଥିବୀ—ସଂ. ବି. ସ୍ତ୍ରୀ (ପୃଥିବୀ + ଅପତ୍ୟାର୍ଥେ. ଅ + ସ୍ତ୍ରୀ ଈ)—୧ । ସୀତା—
Pārthibī 1. Sitā.

ବେଖ କହନ୍ତ ଦଶମୂର୍ଦ୍ଧା ଅଶୁଭ ସୂଚକ ସେହ ପାର୍ଥବ —।
ଉକ୍ତ. ବୈଦେହୀଶବିଳାସ ।

୨ । ଲକ୍ଷ୍ମୀ—2. Goddess Lakshmī (Apte).

୩ । ଉମା; ପାର୍ବତୀ (ହି. ଶ.)—3. Goddess Pārbatī.

ପାର୍ଥୁକ—ଗ୍ରା. ଦେ. ବି—କ୍ଷମତା; ବଳ—Strength.
Pārthuka

(ମୋର ଏ ବିଷୟରେ ପାର୍ଥୁକ ସରିଗଲାଣି,ଦୈନିକ ଆଶା ୧୫-୧୧-୨୯)

ଗ୍ରା. ବଣ. (ସଂ. ପାର୍ଥକ୍ୟ)—ପାର୍ଥକ୍ୟ (ଦେଖ)—
Pārthakya (See).

ପାର୍ପର—ସଂ. ବି—୧ । ଏକପୋଷ ଚାଉଳ—
Pārpara 1. A handful of rice (Apte).

୨ । କ୍ଷୟ ରୋଗ—2. Consumption (Apte).

୩ । ପାଉଁଶ—3. Ashes (Apte).

୪ । କଦମ୍ବ ଫୁଲର କେଶର—
4. Filament of Kadamba flower (Apte).

୫ । ଯମ (ହି. ଶବ୍ଦସାଗର)—
5. The Hindu God of death (Apte).

ପାର୍ବଣ—ସଂ. ବି. (ପର୍ବନ୍ = ଅମାବାସ୍ୟାଦି ତିଥି + କୃତ ବା ଦତ୍ତାର୍ଥେ ଅ)—
Pārbaṇa ୧ । ଅମାବାସ୍ୟା ଓ ପୂର୍ଣ୍ଣିମାଦି ପର୍ବରେ କୃତ ଶ୍ରାଦ୍ଧ—
1. Śrāddha performed on new moon and full moon.

୨ । ଚନ୍ଦ୍ରଙ୍କ କଳାବୃଦ୍ଧି—2. Waxing of the moon (Apte).

୩ । ମୃଗବିଶେଷ—3. A kind of antelope.

ଦେ. ବି—ଦଶହରା; ଦୁର୍ଗାପୂଜା—
The autumnal worship of Durgā.

ପାର୍ବଣୀ—ଦେ. ବି—ଦଶହରା ସମୟରେ ଭୃତ୍ୟାଦିଙ୍କୁ ଦିଆଯିବା ବକ୍ସିସ୍—
Pārbaṇī Presents or tips given to servants during the Puja festival.

ସଂ. ବଣ—ପାର୍ବଣର ସ୍ତ୍ରୀଲିଙ୍ଗ—Feminine of Pārbaṇa.

ପାର୍ବତ—ସଂ. ବଣ (ପର୍ବତ + ଅ)—୧ । ପାର୍ବତ୍ୟ—
Pārbata 1. Mountainous.
(ପାର୍ବତୀ—ସ୍ତ୍ରୀ) ୨ । ପର୍ବତବାସୀ—
2. Living on a mountain.

୩ । ପର୍ବତଜାତ—
3. Growing on or coming from a mountain.

ସଂ. ବି—୧ । ମହାନିମ୍ବ; ଘୋଡ଼ାନିମ୍ବ ଗଛ—
1. A kind of Nim tree.

୨ । ଶିଳାଜତୁ (ହି. ଶ.)—2. Benzoin.

୩ । ପାରାବତ; ପାରା—3. Pigeon.

୪ । ସୀସାଧାତୁ (ହି. ଶ.)—4. Lead.

ପାର୍ବତ ପୀଲୁ—ସଂ. ବି—ଅଖୋଟ; ଆଖରୋଟ (ହି. ଶ.)—
Pārbata pīlu The walnut tree; Juglans Regia.

ପାର୍ବତିକ—ସଂ. ବି. (ପର୍ବତ + ସମୂହାର୍ଥେ ଇକ)—ପର୍ବତ ଶ୍ରେଣୀ—
Pārbatika A multitude of mountains; a mountain range (Apte).

ପାର୍ବତୀ—ସଂ. ବି. ସ୍ତ୍ରୀ (ପର୍ବତ + ଅପତ୍ୟାର୍ଥେ + ଅ + ସ୍ତ୍ରୀ ଈ)—୧ ଦୁର୍ଗା;
Pārbatī ହିମାଳୟ କନ୍ୟା ଉମା; ଗିରିଜା—1. Pārbatī.

୨ । ପର୍ବତ ଜାତ ନଦୀ—2. Hill-stream.

୩ । ପାଷାଣଭେଦୀ ଗଛ—3. A medicinal plant.

୪ । ଧାଇଫୁଲ; ଧାତକୀ (ଦେଖ)—4. Dhātakī (See).

୫ । ସୌରାଷ୍ଟ୍ର ମୃତ୍ତିକା—5. A kind of fragrant earth of Surat.

୬ । ଗଉଡୁଣୀ—6. A female cowherd (Apte).

୭ । ଦ୍ରୌପଦୀ—7. An epithet of Draupadī (Apte).

ସଂ. ବଣ. ସ୍ତ୍ରୀ (ପାର୍ବତ+ସ୍ତ୍ରୀ. ଈ)—ପର୍ବତ ସମ୍ବନ୍ଧୀୟା—
Relating to mountain.

ପାର୍ବତୀ ପ୍ରଭୃତ ଦୃଶ୍ୟ ଦେଖିଲ ନେତ୍ରେ — ମଧୁସୂଦନ ।

ଦେ. ବି—୧ । ପତଙ୍ଗବିଶେଷ; ପ୍ରଜାପତି ପୋକ—
1. Butterfly.

ବହଳ ଲକ୍ଷଣ ଦେଇ ବହୁରେ ପାର୍ବତୀ — ଉକ୍ତ. ବୈଦେହୀଶବିଳାସ ।

୨ । ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—
2. Name given to females.

ପାର୍ବତୀ ମନ୍ଦାର—ପ୍ରାଦେ (ଗଡ଼ଜାତ) ବ.—ଏକପ୍ରକାର ଫୁଲଗଛ—
Pārbatī mandāra A kind of flower tree.
[ଦ୍ର—ମନ୍ଦାର ଫୁଲ ପରି ଫୁଲ, ମାତ୍ର ମନ୍ଦାର ଗଛଠାରୁ ବଡ଼ ଗଛ ।]

ପାର୍ବତୀମାଆ ଗୁଣ୍ଡି—ଦେ. ବ—ଯାଜପୁରର ତମାଖୁ ଗୁଣ୍ଡି—
Pārbatīmā-ā gundi A kind of tobacco powder prepared in Jajpur.
[ଦ୍ର—ଯାଜପୁରରେ ପାର୍ବତୀମା ବୋଲି ଜଣେ ସ୍ତ୍ରୀଲୋକ ଏହି ଉତ୍କୃଷ୍ଟ ଗୁଣ୍ଡି ବିକୁଥିଲା)

ପାର୍ବତୀୟ—ସ. ବ. (ପର୍ବତ+ଈୟ)—ପାର୍ବତ୍ୟ (ଦେଖ)—
Pārbatīya Pārbatya (See).

ପାର୍ବତୀୟ ଉପଦେଶ—ଦେ. ବ. (ବାଇବଲ୍ ଅନୁବାଦ)—ଯିଶୁଖ୍ରୀଷ୍ଟ
Pārbatīya upadesa ପର୍ବତ ଉପରେ ଦେଇଥିବା ଉପଦେଶ—
The Sermon on the Mount.

ପାର୍ବତେୟ—ସ. ବଣ. (ପର୍ବତ+ଏୟ)—ପାର୍ବତ୍ୟ (ଦେଖ)—
Pārbateya Pārbatya (See).
ସ. ବ.—୧ । ସୁର୍ମା—1. Antimony.
୨ । ଜିଙ୍ଗିନୀ (ଦେଖ)—2. Jingini (See).
୩ । ଧାତକୀ (ଦେଖ)—3. Dhātakī (See).
୪ । ପାର୍ବତୀୟ ବ୍ୟକ୍ତି—4. Hillman.
ଶତ୍ରୁନ ପାର୍ବତେୟଗଣ ସଙ୍ଗେ ଧର,
ଭଣଜାର ହୋଇଥିଲେଟି ରକ୍ଷାକରିଥି । କୃଷ୍ଣସିଂ ମହାଭାରତ ସ୍ତ୍ରୀ ।

ପାର୍ବତ୍ୟ—ସ. ବଣ—(ପର୍ବତ+ଯ)—୧ । ପର୍ବତ ଜାତ—
Pārbatya 1. Born of a mountain.
୨ । ପର୍ବତ ସମ୍ବନ୍ଧୀୟ—2. Mountainous.
୩ । ପର୍ବତବାସୀ—3. Dwelling in the mountain.
୪ । ପର୍ବତ ସଙ୍କୁଳ—4. Hilly.

ପାର୍ଯ୍ୟନ୍ତିକ—ସ. ବଣ—(ପର୍ଯ୍ୟନ୍ତ+ଇକ)—ଅନ୍ତିମ—
Pārjyantika Final; last. (Apte)
(ପାର୍ଯ୍ୟନ୍ତିକୀ—ସ୍ତ୍ରୀ)

ପାର୍ଲା ଖେମୁଣ୍ଡି—ଦେ. ବ—ପାରଳା ଖେମୁଣ୍ଡି (ଦେଖ)
Pārlā khemundi Pāralā khemundi (See)
(ପାର୍ଲାଖିମୁଣ୍ଡି, ପାର୍ଲାଖିମିଡ଼ି, ପାର୍ଲାଖେମିଡ଼ି, ପାର୍ଲାଖେମିଣ୍ଡି, ପାର୍ଲାଖିମିଣ୍ଡି—ଅନ୍ୟରୂପ)

ପାର୍ଲିଆମେଣ୍ଟ—ବୈଦେ. ବ. (ଇଂ. ପାର୍ଲିଆମେଣ୍ଟ)—
Parliāment ୧ । ରାଜ୍ୟ ଶାସନ ସମ୍ବନ୍ଧୀୟ ସଭା—
ପାର୍ଲାମେଣ୍ଟ } ଅନ୍ୟରୂପ 1. Parliament.
ପାର୍ଲିମେଣ୍ଟ } ୨ । ଇଂଲଣ୍ଡର ଶାସକ ସଭା—
पार्लियामेंट **पार्लामेन्ट** 2. The British Parliament.

ପାର୍ଶବ—ସ. ବ. (ପର୍ଶୁ+ଅ)—ପର୍ଶୁଧାରୀ ଯୋଦ୍ଧା—
Pārsaba A warrior armed with battle-axe.

ପାର୍ଶଲ୍—ବୈଦେ. ବ. (ଇଂ. ପାର୍ଶେଲ)—୧ । ପୁଳିନ୍ଦା—
Pārsal 1. Parcel.
(ପାର୍ଶେଲ—ଅନ୍ୟରୂପ) ୨ । ଡାକ ପୁଳିନ୍ଦା—
पार्सेल **पासल** 2. Postal parcel.

ପାର୍ଶୀ—ଦେ. ବ—ପାରଶୀ (ଦେଖ)
Pārsī Pārasī (See)

ପାର୍ଶୀ ଗୁଜୁରାଟୀ(ତୀ)—ଦେ. ବ—ପାରଶୀମାନଙ୍କର କଥିତ ଗୁଜୁରାଟୀ ଭାଷାର
Pārsī gujurāṭī(tī) ଏକ ଭାଷା—A dialect of Gujarāṭī
पार्शीगुजराती **पार्शीगुजराती** spoken by the Parsees.

ପାର୍ଶୁକା—ସ. ବ. (ପର୍ଶୁ+କ+ଆ)—ପଞ୍ଜରା ହାଡ଼—
Pārsukā Rib.

ପାର୍ଶ୍ୱ—ସ. ବ. (ପର୍ଶୁ=ପିଞ୍ଜରାହାଡ଼+ଅ; ଅଥବା ସ୍ପୃଶ୍ ଧାତୁ+କର୍ମ
Pārswa ଅ)—୧ । କଡ଼; କାଖର ତଳଭାଗ; କକ୍ଷାଳ; ପିଞ୍ଜରାହାଡ଼ର ଉପରଭାଗ—1. The flanks; the side of the body; the region of the ribs.
୨ । ଧାର—2. Edge.
୩ । ଡାହାଣ ବା ବାମ ପାଖ—
3. Side (right or left).
୪ । ନୈକଟ୍ୟ; ଅଦୂରତ୍ୱ—
4. Nearness; vicinity; proximity.
୫ । (ପର୍ଶୁ+ସମୂହାର୍ଥେ ଅ) ପର୍ଶୁକା ସମୂହ—
5. A number of ribs.

ପାର୍ଶ୍ୱକ—ସ. ବଣ. ପୁଂ. (ପାର୍ଶ୍ୱ=ଶଠତା+ସ୍ୱାର୍ଥେ କ)—
Pārswaka ୧ । ଅନେକ ପ୍ରକାର କୁଟିଳ ଉପାୟରେ ଧନ ଅର୍ଜନକାରୀ (ହ. ଶ)—1. Earning money in many questionable ways.
୨ । କୁଟିଳତା ଦ୍ୱାରା ଯେ ଆପଣାର ବଡ଼ତ୍ୱ କରେ (ହ. ଶ)—
2. Reaping one's advantage by crooked policy.

ପାର୍ଶ୍ୱଗ—ସ. ବଣ. ପୁଂ. (ପାର୍ଶ୍ୱ+ଗମ୍ ଧାତୁ+କର୍ତ୍ତୃ. ଅ)—
Pārswaga ୧ । ପାର୍ଶ୍ୱବର୍ତ୍ତୀ—1. Situate on a side.
(ପାର୍ଶ୍ୱଗା—ସ୍ତ୍ରୀ) ୨ । ଯେ ପାଖେ ପାଖେ ଚାଲେ—
2. Moving on one's side.
ସ. ବ—୧ । ସହଚର; ପାର୍ଶ୍ୱଚର—1. Companion.
୨ । ଅନୁଚର—2. Attendant.
୩ । ଅର୍ଦ୍ଦଲୀ ଚାକର; ପାଖଲୋକ—
3. Orderly; personal servant.

ପାର୍ଶ୍ୱଚର—ସ. ବଣ. ପୁଂ. (ପାର୍ଶ୍ୱ+ଚର୍ ଧାତୁ+କର୍ତ୍ତୃ. ଅ)—
Pārswachara ପାର୍ଶ୍ୱଗ (ଦେଖ)—Pārswaga (See)
(ପାର୍ଶ୍ୱଚରୀ—ସ୍ତ୍ରୀ)

ପାର୍ଶ୍ୱ ଦେଶ—ସ. ବ—କଡ଼; ପାଖ—
Pārswa desa Side; flank.

ପାର୍ଶ୍ୱ ନାଥ—ଦେ. ବ—ଜୈନ ଧର୍ମର ପ୍ରତିଷ୍ଠାତା; ପରେଶନାଥ—
Pārswa nātha The founder of Jainism.
[ଦ୍ର—ଏ ବାରାଣସୀର ରାଜା ଅଶ୍ୱସେନ ଓ ପୁଣ୍ୟବତୀ ରାଣୀ ବାମାଙ୍କର ପୁତ୍ର ଥିଲେ । ପୌଷ ମାସ କୃଷ୍ଣଦଶମୀ ଏହାଙ୍କର ଜନ୍ମଦିନ । ଏହାଙ୍କ ମାତା ଗର୍ଭାବସ୍ଥାରେ ଆପଣା ପାର୍ଶ୍ୱରେ ଗୋଟିଏ ସ- ଦେଖିଥିବାରୁ ପୁତ୍ରଙ୍କ ନାମ ପାର୍ଶ୍ୱନାଥ ଦେଇଥିଲେ । ଏ ଉତ୍ତରେ

ହୋଇଥିଲେ, ଏହାଙ୍କ ଶରୀରର ବର୍ଣ୍ଣ ନୀଳ ଥିଲା ଓ ଏହାଙ୍କ ଶରୀରରେ ସର୍ପ ଚିହ୍ନ ଥିଲା । କୁଶସ୍ଥାନର ରାଜା ପ୍ରସେନଜିତ୍‌ଙ୍କ କନ୍ୟା ପ୍ରଭାବତୀଙ୍କୁ ଏ ବିବାହ କରିଥିଲେ । ରାଜାଙ୍କ ଉଦ୍ୟାନର କାନ୍ଥରେ ଧର୍ମାତ୍ମା ନେମିନାଥଙ୍କ ଚରିତ ଅଙ୍କିତ ହୋଇଥିବାର ଦେଖି ଏହାଙ୍କ ମନରେ ବୈରାଗ୍ୟ ଉଦୟ ହେଲା । ଏ କାଶୀରେ ୮୪ ଦିନ ତପସ୍ୟା କରି ଜ୍ଞାନଲାଭ କଲେ ଓ ତ୍ରିକାଳଜ୍ଞ ହେଲେ । ପୁଣ୍ଡ୍ର, ତାମ୍ରଲିପ୍ତ ଆଦି ଅନେକ ଦେଶ ବୁଲି ଏ ଦୟାଧର୍ମର ପ୍ରଚାର କଲେ । ନିଜର ନିର୍ବାଣକାଳ ନିକଟ ହେବାର ଜାଣି ସମେତଶିଖର (ବର୍ତ୍ତମାନ ହଜାରିବାଗର ପରେଶନାଥ ପାହାଡ଼)କୁ ଆସି ସେଠାରେ ଏ ଶ୍ରାବଣ ଶୁକ୍ଳଦଶମୀ ଦିନ ଯୋଗଦ୍ୱାରା ଶରୀର ତ୍ୟାଗ କରିଥିଲେ (ହି. ଶ)—ଖ୍ରୀଷ୍ଟପୂର୍ବ ୭୫୦ ଅବ୍ଦ ମଧ୍ୟରେ ପାର୍ଶ୍ୱନାଥ ଜୈନ ଧର୍ମପ୍ରଚାର କରିଥିଲେ । ଖଣ୍ଡଗିରି ଓ ଉଦୟଗିରିରେ ଏହାଙ୍କର ଜୀବନବୃତ୍ତାନ୍ତ ବିବୃତ ହୋଇଅଛି । ଜୈନମନ୍ଦିରମାନଙ୍କରେ ଏହାଙ୍କର ନଗ୍ନ ମୂର୍ତ୍ତି ପୂଜିତ ହୁଏ । ଏ ପ୍ରଥମେ ଲାଢ଼ (ଲୁବ୍ଧକ) ଦେଶରେ ବୁଲି ଜୈନ ଧର୍ମ ପ୍ରଚାର କରିଥିଲେ । (ହି. ଶ)]

ପାର୍ଶ୍ୱ ପରିବର୍ତ୍ତନ—ସଂ. ବି. (୬ଷ୍ଠୀ ତତ୍)—ଶୋଇଲାବେଳେ କଡ଼ ଲେଉଟାଇବା; କଡ଼ ଲେଉଟାଣି—
Pārśwa paribarttana Changing the side or flank; turning round from one side to the other while lying on the ground.

ପାର୍ଶ୍ୱପରିବର୍ତ୍ତନ ଏକାଦଶୀ—ସଂ. ବି—ବିଷ୍ଣୁଙ୍କର ପାର୍ଶ୍ୱ ପରିବର୍ତ୍ତନରୂପ ଉତ୍ସବ; ଶୟନ ଏକାଦଶୀର ପରବର୍ତ୍ତୀ ବଡ଼ ଏକାଦଶୀ; ଭାଦ୍ରମାସର ଶୁକ୍ଳ ଏକାଦଶୀ—
Pārśwaparibarttana ekādaśī (ପାର୍ଶ୍ୱୈକାଦଶୀ—ଅନ୍ୟରୂପ) The bright 11th day of the month of Bhādra.
[ଦ—ଏ ଦିନ ବିଷ୍ଣୁ ଶୋଇଥିବା ଅବସ୍ଥାରେ ବାଆଁପାଖରୁ ଡାହାଣ ପାଖକୁ କଡ଼ ଲେଉଟାନ୍ତି ବୋଲି ପୁରାଣମାନଙ୍କରେ ଲେଖାଅଛି ।]

ପାର୍ଶ୍ୱବର୍ତ୍ତୀ—ସଂ. ବିଣ—(ପାର୍ଶ୍ୱ+ବୃତ ଧାତୁ=ବର୍ତ୍ତମାନ ଥିବା+କର୍ତ୍ତୃ. ଇନ୍; ୧ମା. ୧ବ)—୧ । ପାଖରେ ଥିବା; କଡ଼ରେ ଥିବା—
Pārśwabarttī (ପାର୍ଶ୍ୱବର୍ତ୍ତିନୀ—ସ୍ତ୍ରୀ) 1. Situated on the side.
୨ । ନିକଟବର୍ତ୍ତୀ—
2. Adjoining; adjacent.
୩ । ନିକଟରୁ ଲାଗିଥିବା—3. Contiguous.

ପାର୍ଶ୍ୱଭାଗ—ସଂ. ବି—ପାଖ; କଡ଼—
Pārśwa bhāga Side; flank.

ପାର୍ଶ୍ୱଶୂଳ—ସଂ. ବି—ପଞ୍ଜରାକୁ ମାରିବା ଶୂଳ ରୋଗବିଶେଷ—
Pārśwa:śūla Shooting pain in the side; pleurisy.
[ଦ୍ର—ଏଥିରେ ନିଶ୍ୱାସ ମାରିବାକୁ କଷ୍ଟ ହୁଏ ଓ ପଞ୍ଜରା ହାଡରେ ଛୁଞ୍ଚିରେ ଫୋଡ଼ିବା ପରି ବେଦନା ଜଣାଯାଏ ।]

ପାର୍ଶ୍ୱସ୍ଥ—ସଂ. ବିଣ—(ପାର୍ଶ୍ୱ+ସ୍ଥା ଧାତୁ+କର୍ତ୍ତୃ. ଅ)—୧ । ପାଖରେ ଥିବା—
Pārśwastha (ପାର୍ଶ୍ୱସ୍ଥିତ—ଅନ୍ୟରୂପ) 1. Situated on a side.
୨ । ପାର୍ଶ୍ୱବର୍ତ୍ତୀ—
2. Adjacent.

ପାର୍ଶ୍ୱାସ୍ଥି—ସଂ. ଅ—(୬ଷ୍ଠୀ ତତ୍; ପାର୍ଶ୍ୱ+ଅସ୍ଥି)—ପଞ୍ଜରା ହାଡ଼—
Pārśwasthi Rib.

ପାର୍ଶ୍ୱିକ—ସଂ. ବିଣ—(ପାର୍ଶ୍ୱ+ଇକ)—୧ । ପାର୍ଶ୍ୱ ସମ୍ବନ୍ଧୀୟ—
Pārświka Relating to the sides; lateral.
୨ । ପାର୍ଶ୍ୱକ (ଦେଖ)—2. Pārśwaka (See)

ପାର୍ଷତ—ସଂ. ବିଣ—(ପୃଷତ+ଅ)—ଦ୍ରୁପଦରାଜା ପୃଷତ ସମ୍ବନ୍ଧୀୟ—
Pārshata Relating to Pṛushata the king of Dṛupada.
ସଂ. ବି—ଦ୍ରୁପଦ ପୁତ୍ର ଧୃଷ୍ଟଦ୍ୟୁମ୍ନ—
A name of Dhṛushṭadyumna.

ପାର୍ଷତୀ—ସଂ. ବି—ସ୍ତ୍ରୀ. (ପାର୍ଷତ+ଈ)—ଦ୍ରୌପଦୀ—
Pārshatī Draupadī.

ପାର୍ଷଦ—ସଂ. ବି—(ପର୍ଷଦ୍=ସଭା+ଅ)—୧ । ସଭାସଦ୍; ସଭ୍ୟ—
Pārshada 1. Member of an association.
୨ । ଅର୍ଦ୍ଦଳୀ ଚାକର; ପାଖ ଲୋକ—
2. An orderly; a personal servant.
୩ । ମନ୍ତ୍ରୀ—3. Counseller; minister.

ପାର୍ଷ୍ଣି(ର୍ଷ୍ଣୀ)—ସଂ. ବି—(ପୃଷ୍ ଧାତୁ=ସିକ୍ତ କରିବା+କର୍ମ. ନି)—୧ । ଗୁଳ୍ଫର ଅଧୋଦେଶ; ଗୋଇଠି—
Pārshṇi(shṇī) 1. Heel.
୨ । ପୃଷ୍ଠ ଦେଶ; ପଶ୍ଚାଦ୍ଦେଶ—
2. Back side; the back.
୩ । ସୈନ୍ୟର ପଶ୍ଚାଦ୍ ଭାଗ—
3. The rear of an army.
୪ । ପୃଷ୍ଠ ଶତ୍ରୁ—4. An enemy in one's rear.
୫ । ଗୋଇଠା—5. A kick. (Apte)
୬ । ଜୟ କରିବା ଇଚ୍ଛା—
6. Desire of conquering. (Apte).
୭ । ଅନୁସନ୍ଧାନ; ତଦନ୍ତ—
7. Inquiry. (Apte).
୮ । (ସ୍ତ୍ରୀ) ଦୁଶ୍ଚରିତ୍ରା ସ୍ତ୍ରୀ—
8. A licentious woman (Apte.)
୯ । (ସ୍ତ୍ରୀ) କୁନ୍ତୀ—
9. An epithet of Kuntī. (Apte)

ପାର୍ଷ୍ଣିଗ୍ରହ—ସଂ. ବି—(ପାର୍ଷ୍ଣି+ଗ୍ରହ ଧାତୁ+କର୍ତ୍ତୃ. ଅ)—ଅନୁଚର—
Pārshṇi graha A follower.

ପାର୍ଷ୍ଣିଗ୍ରାହ—ସଂ. ବି—(ପାର୍ଷ୍ଣି+ଗ୍ରହ ଧାତୁ+କର୍ତ୍ତୃ. ଅ)—୧ । ସେନାର ପଶ୍ଚାଦ୍ଭାଗରୁ ଆକ୍ରମଣ କରିବା ଶତ୍ରୁ—
Pārshṇigrāha 1. An enemy in the rear. (Apte)
୨ । ସେନାର ପଶ୍ଚାଦ୍ଭାଗର ସେନାପତି—2. A commander of the rear of an army. (Apte)
୩ । ରାଜାଙ୍କ ସହାୟକ ମିତ୍ର ରାଜା—
3. An ally who supports a prince.

ପାର୍ଷ୍ଣିଘାତ—ସଂ. ବି—(୩ୟା ତତ୍; ପାର୍ଷ୍ଣି+ଘାତ)—ଗୋଇଠା—
Pārshṇi ghāta Kick.

ପାର୍ଷ୍ଣିତ୍ର—ସଂ. ବି—(ପାର୍ଷ୍ଣି + ତ୍ରୈ ଧାତୁ + ଅ)—ସେନାର ପଛଭାଗରେ
Pārshṇitra ଥିବା ସହାୟକ ସୈନ୍ୟ—A rear guard; reserve; a body of forces in the rear. (Apte).

ପାଲ୍‌କା—ଦେ. ବି—(ସଂ. ପଲ୍ଲବ)—ମିସ୍ତ୍ରୀମାନେ କାନ୍ଥ ଆଦିର ସମତଳରୁ
Pālkā ଉପରକୁ ଉଠାଇ କରିବା ଚୂନ କାମ—Raised ridges made on wall with lime.

ପା ଲ୍‌ଠି ମାରି ବସିବା—ପ୍ରାଦେ (ସମ୍ବଲପୁର) କ୍ରି—(ତୁଳ. ହି. ପାଲଥୀ
Pāl-ṭhi-māri basibā ମାରନା)—ଚେକା ପକାଇ ବସିବା—To sit with the legs crossing each other; to sit on the ground cross-legged.

ପାଳ—ସଂ. ବିଣ—(ପା ଧାତୁ ଣିଚ୍; ପାଳ ଧାତୁ = ରକ୍ଷା କରିବା + ଅ; ଅନ୍ୟ
Pāḷa ଶବ୍ଦ ସଙ୍ଗେ ପ୍ରଯୁଜ୍ୟ)—୧ । ପ୍ରତିପାଳକ—1. Maintainer.

(ଯଥା—ଭୂପାଳ)

୨ । ରକ୍ଷକ; ଜଗୁଆଳ—2. Protector; keeper.
(ଯଥା—ଅଶ୍ୱପାଳ; ଗୋପାଳ)

୩ । ଜଗୁଆଳ—3. Watchman.
(ଯଥା—ଦ୍ୱାରପାଳ ।)

୪ । ପିକଦାନୀ (ହି. ଶ)—4. Spittoon; spitting pot.

୫ । ଚିତ୍ରକ ବୃକ୍ଷ (ହି. ଶ)—5. Leadwort.

୬ । ପଶୁଚାରଣକାରୀ ବ୍ୟକ୍ତି; ରଖୁଆଳ—
6. A herdsman (Apte).

୭ । ଦଳ; ସମୂହ; ପଲ୍—7. Herd; flock.

ଦେ. ବି—୧ । (ସଂ. ପଲାଲ)—କୁଟା—
ପୁଆଳ 1. Crushed straw; trodden straw.

ପୁଆଳ ୨ । (ସଂ. ପାଳ—ପାଣି ଅଟକାଇବା ବନ୍ଧ; ପଲଲ = ପଙ୍କ;
पांकीजमीन ପଙ୍କ)—ନଦୀଗର୍ଭସ୍ଥ ବା ନଦୀତଟସ୍ଥ ପଙ୍କ ପଡ଼ିଥିବା ଉର୍ବର ଜମି—2. Silted land on the bed or bank of a river.

୩ । ବଙ୍ଗଦେଶୀୟ ପ୍ରାଚୀନ ରାଜବଂଶବିଶେଷ—
3. The Pal dynasty of Bengal.

[ଦ୍ର—ପାଳବଂଶର ରାଜାମାନେ ବୌଦ୍ଧ ଥିଲେ । ଏମାନେ ଖ୍ରୀଷ୍ଟ ନବମଶତାବ୍ଦୀର ମଧ୍ୟଭାଗରେ କ୍ଷମତାଶାଳୀ ହୋଇଥିଲେ । ଏମାନେ ମଗଧରେ ରାଜା ହୋଇଥିଲେ ଓ ଓଦନ୍ତପୁର (ଆଧୁନିକ ପାଟଣାଜିଲ୍ଲାର ବିହାର ନଗର) ଏମାନଙ୍କ ରାଜଧାନୀ ଥିଲା । ଏମାନେ ଉତ୍ତର ଓ ପଶ୍ଚିମ ବଙ୍ଗ ମଧ୍ୟ ଅଧିକାର କରିଥିଲେ । ଏ ବଂଶର ପ୍ରତିଷ୍ଠାତା ଗୋପାଳ ଖ୍ରୀ ୮୧୫ ଠାରୁ ୮୭୫ ପର୍ଯ୍ୟନ୍ତ ରାଜା ହୋଇଥିଲେ । ଏ ବଂଶର ଦେବପାଳ କାମରୂପ ଓ ଓଡ଼ିଶାକୁ ଜୟ କରିଥିଲେ । ଏ ବଂଶର ଧର୍ମପାଳ ଉତ୍ତରରେ ଜାଳନ୍ଧର, ଦକ୍ଷିଣରେ ବିନ୍ଧ୍ୟାଚଳ, ପଶ୍ଚିମରେ ଦିଲ୍ଲୀ ଓ ପୂର୍ବରେ ବଙ୍ଗୋପସାଗର ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ଏ ବଂଶର ନବମ ରାଜା ମହୀପାଳ (ଯାହାଙ୍କ ନାମର ମହୀପାଳ ଦିଘୀ ବର୍ତ୍ତମାନ ପର୍ଯ୍ୟନ୍ତ ଦିନାଜପୁରରେ ଅଛି) ଖ୍ରୀ ୧୦୨୬ ରେ ରାଜତ୍ୱ କରୁଥିଲେ । ସେନରାଜାମାନେ ପାଲମାନଙ୍କୁ ବଙ୍ଗ ଦେଶରୁ ତଡ଼ି ଦେଇଥିଲେ । ତନ୍ତୁ ବଖ୍‌ତିଆର ଖିଲ୍‌ଜୀଙ୍କ ପୁଅ ମହମ୍ମଦ ଖିଲ୍‌ଜୀ ଖ୍ରୀ ୧୧୯୭ ସାଲରେ ଏ ବଂଶର ଶେଷରାଜା ଗୋବିନ୍ଦପାଳଙ୍କ ରାଜ୍ୟଚ୍ୟୁତ କରିବା ପର୍ଯ୍ୟନ୍ତ ପାଳ ବଂଶ ବିହାରରେ ରାଜତ୍ୱ କରୁଥିଲେ (ପ୍ରୋଥେରୋ ସାହେବଙ୍କ ଇଂରାଜ ଭାରତଇତିହାସ) । ପାଲ ରାଜାମାନେ ସୂର୍ଯ୍ୟବଂଶୀ ଥିବାର ତାମ୍ରଶାସନରେ ଲେଖା ଅଛି(ହି.ଶ)।]

୪ । ଓଡ଼ିଶା ଗଡ଼ଜାତ ପାଲଲହଡ଼ା ରାଜବଂଶୋପାଧି—
4. The family-title of the Ruling Chiefs of Pallahara State of Orissa.

୫ । ଓଡ଼ିଆ ବ୍ରାହ୍ମଣ, କ୍ଷତ୍ରିୟ ଓ ଶୂଦ୍ରଙ୍କ ଉପାଧିବିଶେଷ—
5. A family-title of Sūdras and Kshatriyas and Brāhmaṇas of Orissa.

୬ । ବଙ୍ଗୀୟ କାୟସ୍ଥଙ୍କ ବଂଶୋପାଧିବିଶେଷ—
6. A family-title of Bengalee Kāyasthas.

[ଦ୍ର—'ପାଳ' ଶବ୍ଦ ଗ୍ରାମ ବା ନଗର ଅର୍ଥରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେବାର ଦେଖାଯାଏ । ଯଥା—ବାଲିଆପାଳ; କୁଆଁପାଳ; ଗୁମ୍ଫାପାଳ ।]

ପ୍ରାଦେ—୧ । (ଆଠମଲ୍ଲିକ) ବି—ପାଲୁଅ—
1. Flour made from certain roots.

ପ୍ରାଦେ. (ବାଲେଶ୍ୱର) ବି—୨ । ଅତି ସୂକ୍ଷ୍ମ ଭାବରେ ଚୂର୍ଣ୍ଣୀକୃତ (ଏରାରୁଟ୍ ଓ ଅଦା ପ୍ରଭୃତିର) ଗୁଣ୍ଡ—
2. Fine powder.

୩ । ଅଦା ଓ ଏରାରୁଟ ପ୍ରଭୃତି ଚୂର୍ଣ୍ଣ, ଦୁଗ୍ଧ ଏବଂ ସର୍କରାରେ ସିଦ୍ଧ ଏକପ୍ରକାର ମିଷ୍ଟାନ୍ନ; ପାୟସ—3. Gruel made by boiling flour with milk and sugar.

ପାଲ—ଦେ. ବି. [ସଂ. ପାଲ = କାର୍ପାସ ବସ୍ତ୍ର; ତୁମ୍ବା ଇଂ. ପାଲ୍ (Pall) =
Pāla ଘୋଡ଼ଣୀ; ଆଚ୍ଛାଦନ ବସ୍ତ୍ର]—୧ । ଅଖାରେ ତିଆରି
पाईल, पाल ପରଦା; ତେରପାଲ୍—1. Tarpaulin.
पाल ୨ । ଖଣ୍ଡିଏ ଅଖାରେ ନିର୍ମିତ ଛୋଟ ତମ୍ବୁ—
2. A pal; small tent.

୩ । ଜାହାଜ ଓ ଡଙ୍ଗାକୁ ପବନରେ ଚଳାଇବା ନିମନ୍ତେ ଖୁଣ୍ଟରେ ବନ୍ଧା ହେବା ମୋଟା ବସ୍ତ୍ର—
3. Sail; sail-cloth.

[ଦ୍ର—ବାଲେଶ୍ୱର ପୂର୍ବେ ବନ୍ଦର ଥିଲା ଓ ଓଡ଼ିଆ ନାବିକମାନେ ଜାହାଜ ଚଳାଉଥିଲେ । ଜାହାଜର ଭିନ୍ନ ଭିନ୍ନ ପାଲମାନଙ୍କର ନାମ, ଯଥା—ଟବର୍—ମାସ୍ତୁଲର ଉପର ଅଂଶରେ ବନ୍ଧାଯିବା ପାଲ—Top sail. ଗାଭ—ମାସ୍ତୁଲରେ ବନ୍ଧାଯିବା ବଡ଼ ବା ପ୍ରଧାନ ପାଲ୍—Main sail. ଜୀଭ—ମାସ୍ତୁଲ ସଙ୍ଗେ କଣବାଗେ ଲାଗିଥିବା ଲଗିରେ ବନ୍ଧା ହେବା ବନ୍ଧା ପାଲ୍—Small sails attached to rods forming angles with the mast]

୪ । ଅଖାପାଲ୍—4. Sack cloth.

୫ । କଉ, ମାଗୁର, ଆଡ଼ି ଓ ଚଢ଼ଲ ଆଦି ମାଛମାନେ ଗଙ୍କ ବା ବାଲିରେ ଯେଉଁ ବସା କରନ୍ତି; ଡମ୍ବର—4. Nest or recess made by fishes in the sand or mud at the bottom of water.

୬। ଖାପର; କୁଚକ୍ର; ଫାନ୍ଦ—
6. Intrigue; snare.
ମିଛ ତୋ ! ଏମନ୍ତ ପୀରତ ସଙ୍ଗ
ଚାହିଁ ପାଳକୁ କେ ଯିବ ରେତ । ଅଭିମନ୍ୟୁ. ଚନ୍ଦ୍ରଧରଗ୍ରାମଣି ।
୭। ପ୍ରଲୋଭନ—7. Temptation.

ପାଳକ - ସଂ. ବଣ. (ପା ଧାତୁ + ଣିଚ୍=ପାଳ ,ଧାତୁ=ପାଳବା + କର୍ତ୍ତୃ.
Pālaka ଅକ)—୧। ପାଳନକାରୀ—
(ପାଳକା—ସ୍ତ୍ରୀ) 1. Maintaining; nourishing; rearing up.
୨। ରକ୍ଷାକାରୀ—2. Protecting; preserving; keeping in custody.
୩। ଯେ ଜଗେ —3. Watching; tending.
ସଂ. ବି—୧। ପାଳନକର୍ତ୍ତା—1. Maintainer; supporter; rearer.
୨। ରକ୍ଷକ—2. Protector; custodian.
୩। ଜଗୁଆଳ—3. Watchman.
୪। ଅଭିଭାବକ -4. Guardian
୫। ଚିତା ଗଛ (ହି. ଶ.) —5. Leadwart.
୬। (+କର୍ମ. ଅକ) ପୋଷ୍ୟପୁତ୍ର (ହି. ଶବ୍ଦସାଗର)—
6 Adopted son.
୭। ପାଲଙ୍ଗ (ହି. ଶ.) (ଦେଖ)—7. Pālanga (See).
୮। ଅଶ୍ୱରକ୍ଷକ; ସଇସ—8 Syce; groom.
ଦେ. ବି - ୧। ଶସ୍ୟର ଅନୁକୂଳ ସୁବୃଷ୍ଟିଅଦଯୁକ୍ତ ଋତୁ ବା ଅବସ୍ଥା; ଭଲ ପାଗ—1. Favourable weather for crops
୨। ସୁଯୋଗ—2. Favourable opportunity.

ପାଲକ୍—ପ୍ରାଦେ. (ମେଦିନୀପୁର) ବି. (ଭୁଲ. ବି. ପାଲକ)—ଚଢ଼େଇଙ୍କର
Pālak ଶ୍ରେଷ୍ଠ ରୁମ; ପର—Feather of a bird.

ପାଲକ—ଦେ. ବି—ପଲକ (ଦେଖ)—
Pālaka Palaka (See).
ତ୍ରିଭୁ ଚେଳ ନଡ଼ା ଯାହାର ହାତୀ.
ହାଉ ଛକ ଯା ପାଲକ ନ ଥାଇ । ପାଗ୍ରୀ. ପଦରେ ଗାଁତା ।

ପାଳକ ପୁତ୍ର—ଦେ. ବି. (ସଂ. ପାଳକ+ପୁତ୍ର)—୧। ପାଳିତ ସନ୍ତାନ;
Pālaka putra ପିଲାଦିନୁ ଯାହାକୁ ମନୁଷ୍ୟ ପୁଅ ପରି ପାଳି ବଢ଼ାଇ ଥାଏ—1. A child brought up as a son.
ପାଳକ ପୁତ୍ର ୨। ପୋଷ୍ୟପୁତ୍ର—2. Adopted son.
ପାଲକ (ପାଳକ ପୁଅ — ଅନ୍ୟରୂପ)

ପାଳ କର୍ଲା—ପ୍ରାଦେ (ବାଲେଶ୍ୱର) ବି—ପାଳ ବା ନଦୀର ପଟୁ ଜମିରେ
Pāla karlā ଜନ୍ମୁଥିବା କଲରା; ଟୁଣ୍ଡି କଲରା—
Memordica fruits grown on silted river-bed lands.
[ଦ୍ର—ଏହା ଗୋଲ ଗୋଲ ଏବଂ ଶ୍ରେଷ୍ଠ; ସାଧାରଣ ଜମିରେ ଜନ୍ମୁଥିବା କଲରାଠାରୁ ଏହା ଅଧିକ ପିତା ।]

ପାଳକାଧିପ—ସଂ. ବି. (ଫଳିତ ଜ୍ୟୋତିଷ)—ଗଣନା ଅନୁସାରେ କୌଣସି
Pālakādhipa ବର୍ଷରେ ସୃଷ୍ଟିର ପାଳନକାରୀ ଗ୍ରହ—
(ପାଳକାଧିପତି—ଅନ୍ୟରୂପ) (astrology) The planet said to be the protector of the earth during a certain year

ପାଲକି—ଦେ. ବି—ପାଲଙ୍କି (ଦେଖ)
Pālaki Pālanki (See).

ପାଳ କୁଟା—ଦେ. ବି (ଏକାର୍ଥବୋଧକ ସହଚର ଶବ୍ଦ; ସଂ. ପଲ+
Pālakutā କୁଟ୍ଟିତ)—କୁଟା—Crushed straw.

ପାଳ ଗଦା—ଦେ. ବି—୧। କୁଟାର ସ୍ତୂପ—
Pāla gadā 1. A heap of crushed straw.
ପାଲଈ, ପାଲୈ, ପାଲୋଏ ୨। ଉପରେ ଧାନ ସଞ୍ଚୟ କରିବା
पुआलकी गद्दा ନିମନ୍ତେ କୁଟାର ଛାଅର ସ୍ତୂପ; ମେଢ଼—
2. A straw rick containing paddy stored in it.

ପାଲଙ୍କ—ସଂ. ବି—୧। ପାଲଙ୍ଗ ଶାଗ—
Pālanka 1. Spinach.
(ପାଲଙ୍କୀ, ପାଲଙ୍କ୍ୟ, ପାଲଙ୍କ୍ୟା—ଅନ୍ୟରୂପ)
୨। ବାଜ ପକ୍ଷୀ—2. Hawk.

ପାଲଙ୍କ—ସଂ. ବି—ପଲଙ୍କ; ଖଟ—
Pālanka Bedstead; couch.

ପାଲଙ୍କି—ଦେ. ବି (ସଂ. ପାଲଙ୍କ; ତେ. ପାଲ୍କିବ)—୧। ମରହଟ୍ଟୀ ପାଲଙ୍କି;
Pālanki ଯେଉଁ ଯାନରେ ବର ବସି ବିବାହ ହେବାକୁ ଯାଏ—
(ପାଲ୍କି—ଅନ୍ୟରୂପ) 1. An old fashioned palanquin.
ପାଲକୀ पालकी ୨। ଉପରେ ଛାତ ଥିବା ନରବାହ୍ୟ ଯାନ—
Sedan chair; palki.
ରଜା ପାଲଙ୍କିରେ ସେ କନ୍ୟାକୁ ବୋଇ
ଯେତେକଲେ ସରକୁ ଅଠ ତୋଷ ବହୁ— କୃଷ୍ଣସିଂ. ମହାଭାରତ, ବନ ।

ପାଲଙ୍ଗ—ଦେ. ବି (ସଂ. ପାଲଙ୍କ)—ବର୍ଷାୟୁଃ ଖାଦ୍ୟଶାକବିଶେଷ—
Pālanga A kind of annual potherb;
(ସଂ. ପାଲଙ୍କ୍ୟା; ସ୍ନିଗ୍ଧପତ୍ରା; spinach; Spinacia Obracia.
ଗ୍ରାମ୍ୟବଲ୍ଲଭା; ଛୁରିକା; ଚୀରଚ୍ଛେଦା [ଦ୍ର—ଏହା ଦୁଇପ୍ରକାର
ପାଲଂ, पालङ्ग ୧—ମିଠା ପାଲଙ୍ଗ ବା ସାଧାରଣ ପାଲଙ୍ଗ ।
ବା. পালঙ্ক; পালক ୨—ଖଟାପାଲଙ୍ଗ—
ମ. ପାଲଖ; ପୋଇଶାକ Rumex vesicarius. ବି. ଚୁକାପାଲଂ ।
ଗୁ. ପାଲଖନୀଭାଜୀ ଖଟାପାଲଙ୍ଗର ଶାଗ ଖଟା; ଏହାର ମୂଳ
ଫା. ଇସ୍ପନାଖ୍ ପାଖରୁ ଗୋଟିଏ ପତ୍ର ବାହାରେ । ଏ ଶାକ
ଆ. ଅସ୍ପନାଖ ଗୁଳ୍ମର ଡାଙ୍ଗ ହୁଏ ନାହିଁ; ମୂଳରୁ ପତ୍ରଗୁଚ୍ଛ ବାହାରେ; କେନ୍ଦ୍ର ସ୍ଥାନରୁ ଗୋଟିଏ ଲମ୍ବ ଡାଙ୍ଗ ବାହାରେ ସେଥିରେ ଫୁଲ ଓ ଫଳ ଫେନ୍ଥା ଧରେ । ବୈଦ୍ୟଶାସ୍ତ୍ର ମତରେ ଏହା ବାତଜନକ, ଶୀତବୀର୍ଯ୍ୟ, ଶ୍ଳେଷ୍ମକର, ଭେଦକ, ଗୁରୁ, ବିଷ୍ଟମ୍ଭୀ ଏବଂ ମଦରୋଗ, ଶ୍ୱାସ, ରକ୍ତପିତ୍ତ ଓ ବିଷଦୋଷନାଶକ ।]
ସଂ. ବି—ପାଲଙ୍କ (ଦେଖ) Pālanka (See)

ପାଳ ଚୁଣ୍ଟା—ଦେ. ବି—ପାଳ ବିଣ୍ଡା (ଦେଖ)—
Pāla chuntā Pāla bindā (See)

ପାଳ ଛତୁ—ଦେ. ବି-ପାଳ ଜମା ଥିବା ସ୍ଥାନରେ ପାଳ ସଢ଼ିଯିବା ପରେ
Pāla chhatu ଉଠିବା ଏକପ୍ରକାର ଛତୁ—Mushrooms
पुआलछातू growing on the site of rotten
गोबरछत्ता — straw rick.

[ଦ୍ର—ଏହି ଛଭୁ ହରକାସ୍ଥି ଓ ପତର ଯୋଡ଼ା ରୂପେ ବ୍ୟବହୃତ ହୁଏ । ପାଲଗଦାରେ ଲୁଣ ପାଣି ଢାଳିଲେ ବେଶି ପରିମାଣରେ ଛଭୁ ଫୁଟେ ।]

ପାଲ ଜମି—ପ୍ରାଦେ (ବାଲେଶ୍ୱର) ବି—ଭଲ ସରୁଧାନ ଫସଲ ହେବା ଭଲ
Pāla jami ଅଛି ଉତ୍କୃଷ୍ଟ ମାଟିର ଜମି—A land of superior quality in which fine rice grows abundantly.
ଦେ. ବି—ନଦୀ ଗର୍ଭରେ ବା ନଦୀ କୂଳରେ ପଟୁ ପଡ଼ିଥିବା ଜମି—Silted land on the bed or banks of a river.

ପାଲଟ(ଟା)—ଦେ. ବି—(ସଂ. ପର୍ଯ୍ୟସ୍ତ; ପ୍ରା. ପଲ୍ଲଟ୍ଟ=ଓଲଟ ପାଲଟ)—
Pālaṭa(ṭā) ୧ । ବଦଳ— 1. Exchange.
ପାଲ୍ଟା, ପାଲଟା
ପଲଟ
ତୁମ୍ଭ ଦେହ ଦଅ ପାଲଟ ମୋତେ କର
କୃଷ୍ଣସିଂହ. ମହାଭାରତ. ଅଦ ।
୨ । ବିପରୀତ ବା ଅସଙ୍ଗତ ଘଟଣା—
2. Discrepant matters or events.
ଏ ରୂପେ ଯେବେ ସକଳ ପାଲଟ
ମନମଥ ଦେଖିଲ୍ଲ ବ ଥାଇ—ବଳଦୂର୍ଗ. ବବରା ।
୩ । ବିପର୍ଯ୍ୟସ୍ତ କରିବା କର୍ମ—3. The act of inverting.
୪ । ମାଙ୍କଡ଼ଚାଳ—4. Somersault.
ଦେ. ବିଣ—୧ । ବଦଳ ହୋଇଥିବା—1. Exchanged.
୨ । ବକ୍ର; ଆଡ଼—2. Side-long.
୩ । ପିନ୍ଧିଲା ପରେ ଯେଉଁ ବସ୍ତ୍ର ଛଡ଼ା ହୋଇଥାଏ—
3. Put off (cloth).
ଅଦେ ପାଲଟା ଶାଢ଼ି ଖେଳ—ଉପେନ୍ଦ୍ର. ପ୍ରେମସୁଧାନିଧି ।
୪ । ବିପର୍ଯ୍ୟସ୍ତ—4. Inverted; turned upside down.

ପାଲଟ ଚାହାଣୀ—ଦେ. ବି—୧ । ବିପରୀତ ଦୃଷ୍ଟି; ଫେର ଚାହିଁବା—
Pālaṭa chāhāṇi 1. A returning glance.
ଆଡ଼ଚାଇନୀ ୨ । ଆଡ଼ ଚାହାଁଣି; ଅପାଙ୍ଗ ଦୃଷ୍ଟି—
तिरछी चितवन 2. A lover's glance in exchange for a glance by the loved; oblique side-long glance.
ଦେବତାଙ୍କ ଭୃତସ୍ୱେ ଥୋଇ ମନ୍ଦନକୁ
ମାଦ୍ରଜେ ପାଲଟ ଚାହାଣିରେ ଚାକୁ । କୃଷ୍ଣସିଂହ. ମହାଭାରତ. ଅଦ

ପାଲ୍ଟଣା—ପ୍ରାଦେ (ଯାଜପୁର) ବିଣ.—ପାଲଟା (ଲୁଗା)—
Pālaṭaṇā Worn (cloth).
(ଯଥା—ପାଲଟଣା ଲୁଗା ।)

ପାଲଟଣା ଜାହାଜ—ଦେ. ବି—ଯେଉଁ ଜାହାଜ ପାଲ ସାହାଯ୍ୟରେ ଚାଳିତ
Pālaṭaṇā jāhāja ହୁଏ—A sailing ship.
ପାଲଟାନା ଜାହାଜ **पालचढ़ा हुआ जहाज**

ପାଲଟା—ଦେ. ବି. (ଭୂଲ. ସଂ—ପଲ୍ଲଟ=ବସ୍ତ୍ର)—
Pālaṭā ୧ । ପାଲଟ (ଦେଖ)—1. Pālaṭa (See).
୨ । ପିନ୍ଧା ଲୁଗା—2 Worn cloth.
୩ । ପରିତ୍ୟକ୍ତ ପିନ୍ଧା ଲୁଗା—3. Put off cloth.
୪ । ପିନ୍ଧି ଥିବା ଲୁଗାର ବଦଳରେ ଅନ୍ୟ ଲୁଗା ପିନ୍ଧିବା ପାଇଁ ଉପଯୁକ୍ତ ବସ୍ତ୍ର—4. A change of clothes.
ଦେ. ବିଣ—ପାଲଟ (ଦେଖ)—Pālaṭa (See).

ପାଲଟା(ଟେ)ଇବା—ଦେ. କ୍ରି—ପାଲଟିବାର ଣିଜନ୍ତ ରୂପ—
Pālaṭā(ṭe)ibā Causative form of Pālaṭibā.
ପାଲଟାନ ୧ । ବଦଳାଇବା—1. To exchange.
पलटाना ୨ । ଫେରାଇଦେବା—2. To return.

ପାଲଟା ପାଲଟି—ଦେ. ବି—ବଦଳା ବଦଳ—
Pālaṭā pālaṭi Mutual exchange.
ପାଲଟା ପାଲଟି ହରଷ ବରଷ ପାଲଟା ପାଲଟ ମଧୁରଃ ଚକ ଭଙ୍ଗେ—
पलट पलटी ଭକ୍ତ. କୋଇଲ୍ପ୍ରାସଙ୍ଗିକ ।
ଦେ. ବିଣ—ପରସ୍ପର ସହ ବଦଳା ବଦଳ ହୋଇଥିବା—
Exchanged.

ପାଲଟା ସିଂହ—ଦେ. ବି—୧ । ରାଜପ୍ରଦତ୍ତ ଉପାଧିବିଶେଷ—
Pālaṭā simha 1. A title conferred by the Rajas.
୨ । କ୍ଷତ୍ରିୟ ପ୍ରଭୃତିଙ୍କ ବଂଶୋପାଧିବିଶେଷ—
2. A family title of the Kshatriyas.

ପାଲଟି—ଦେ. ବି. (ସଂ. ପର୍ଯ୍ୟସ୍ତ; ପ୍ରା. ପଲ୍ଲଟ)—ବ୍ୟାୟାମ କ୍ରୀଡ଼ାବିଶେଷ;
Pālaṭi **पलटा(टी)** ମାଙ୍କଡ଼ଚାଳ ମାରିବା—Somersault.

ପାଲଟିଆ—ପ୍ରାଦେ. (ଜୟପୁର) ବି—ଶୂଦ୍ର ଓ ଖେଟକାଙ୍କ ସ୍ତ୍ରୀମାନେ
Pālaṭiā ହାତରେ ପିନ୍ଧିଲାର ଯେଉଁ ବାହାଚୁଡ଼ି ପିନ୍ଧନ୍ତି—
A kind of broad bracelet worn by low caste females.

ପାଲଟିବା—ଦେ. କ୍ରି. (ସଂ. ପର୍ଯ୍ୟସ୍ତ; ସଂ. ପ୍ରଲୋଠନ)—୧ । ପିନ୍ଧାଲୁଗାକୁ
Pālaṭibā ଛାଡ଼ିବା—1. To undress; to change one's
ପାଲଟା **पलटना** (ପାଲ୍ଟିବା—ଅନ୍ୟରୂପ) dress.
ବସ୍ତ୍ର ପାଲଟି ଦ୍ରୁତକୂଳେ
ଝାସି ପଶିଲେ ଶୀତଳଜଳେ । ଜଗନ୍ନାଥ. ଭାଗବତ ।
୨ । ବଦଳିବା—2. To change.
କ୍ଷଣେ କ୍ଷଣେ ପାଲଟଇ ଯାର ବର୍ଣ୍ଣ ଶିଖ—ମଧୁସୂଦନ. ବବରା ।
୩ । କୌଣସି ପଦାର୍ଥ ଅନ୍ୟ ପଦାର୍ଥରେ ପରିଣତ ହେବା—
3. To be changed into (another thing).
କୁନ୍ଦନ ଯେବେ ପାଲଟିବ ରଙ୍ଗ—ବଳଦୂର୍ଗ. ବବରା ।
୪ । ଲେଉଟିବା; ପ୍ରତ୍ୟାବର୍ତ୍ତିତ ହେବା; ଫେରିବା—
4. To return; to come back; to turn.
ଦେବଗଣଙ୍କ ବଳରେ ଦେବ ସୈନ୍ୟବଳ
ପାଉଣ ପାଲଟିଲେ ଛତ୍ରଣ କୈବଲ୍ୟ । କୃଷ୍ଣସିଂହ. ମହାଭାରତ. ବନ ।
୫ । ପାଛୋଟି ଯିବା—5. To advance to some distance to see a person off.
ଶ୍ରୀରାମ ଲକ୍ଷ୍ମଣ ବଶିଷ୍ଠ ସଙ୍ଗେ ଯେଉ,
ବହୁ ପାଲଟି ଅଇଲେ ରାଜନନ୍ଦନ । ବିଶ୍ୱନାଥ. ବିଚିତ୍ରରାମାୟଣ ।
୬ । ବସ୍ତ୍ର ପରିବର୍ତ୍ତନ କରିବା; ଲୁଗା ବଦଳିବା; ପିନ୍ଧିଥିବା ଲୁଗାକୁ ଛାଡ଼ି ଅନ୍ୟ ଲୁଗା ପିନ୍ଧିବା—6. To change one's cloth.

ପାଲଣ—ଗ୍ରା. ଦେ. ବି. (ସଂ. ପାଳନ)—୧ । ପାଳନ; ପାଳିବା—
Pālaṇa 1. Maintaining.
ପାଲନ **पालन** (ପାଲଣ—ଅନ୍ୟରୂପ)
ରଜଜନ ପ୍ରଜା ସୁଖେ କରେ ପାଲଣ—ପ୍ରାଚୀ. ଗଣିଶୋଣା ।

୨ । ବ୍ରତ ଆଦର ନିୟମ ରକ୍ଷା କରିବା—
2. Observance of vows.
୩ । ରକ୍ଷଣ—3. Preserving; saving; protecting.
୪ । ରକ୍ଷା—4. Protection.
୫ । ଆଦେଶ ମାନିବା—5. Obeying of an order.
ଦେ. ବିଣ—୧ । ରକ୍ଷିତ—1. Preserved; protected.
୨ । ପାଳିତ—2. Maintained.

ପାଲଣା—ଗ୍ରା ବି. ଓ ବିଣ. (ସଂ. ପାଳନ)—୧ । ପାଳନା (ଦେଖ)—
Pālaṇā 1. Pālanā (See).
(ପାଲଣା—ଅନ୍ୟରୂପ) ୨ । ପାଲଣ (ଦେଖ)—2. Pālaṇa (See).
ସମ୍ବରଣ ପୃଥ୍ୱୀ ପାଲଣା ସର୍ବ କଲେ—କୃଷ୍ଣସିଂହ. ମହାଭାରତ. ଅଦ ।

ପାଲଣା କରିବା—ଦେ. କ୍ରି—୧ । ପାଳିବା; ରକ୍ଷା କରିବା—
Pālaṇā kariba 1. To preserve; to save.
পালা ୨ । ନିରାପଦରେ ରଖିବା—
পালনা 2. To keep free from danger.
ଯୁଦ୍ଧରେ ମୋର ସେନା ପାଲଣା ନ କରି,
ଅଲଗା ହୋଇ ଗଲେ କର୍ଣ୍ଣ ଧନୁର୍ଦ୍ଧାରୀ—କୃଷ୍ଣସିଂହ. ମହାଭାରତ. ଅଦ ।
୩ । ବ୍ରତାଦର ନିୟମ ପାଳନ କରିବା—
3. To observe a vow.
୪ । ପାରଣା କରିବା; ଉପବାସ ପରେ ପ୍ରଥମ ଭୋଜନ କରିବା—
5. To break fast after a vow.

ପାଲଣୀ—ଦେ. ବିଣ. ସ୍ତ୍ରୀ—ପାଳନକର୍ତ୍ତ୍ରୀ—
Pālaṇi (ପାଲେଣୀ—ଅନ୍ୟରୂପ) Protectress.
ସଂହାରଣୀ ପାଲଣୀ ଧାରଣୀ ସଂସାର,
ପ୍ରକୃତକାରଣୀ ସବୁଠେ ନସ୍କାର । ପ୍ୟାରୀ. ଉଦ୍ଧବ ମଙ୍ଗଳ ।

ପାଲତି—ଦେ. ବି. ସ୍ତ୍ରୀ—୧ । (ସଂ. ପାଳିତା)—ପୋଇଲୀ—
Pālati 1. Maid servant.
(ପାଳତି—ଅନ୍ୟରୂପ) ବାହୁଁ ପାଇଁ ତୁମ୍ଭେ ସଖିବ ମୋର କୋଡ଼,
ধাঈ ঘায ପାଳତିଏ ଅଛନ୍ତି ତୁମ୍ଭଠାରୁ ବଡ଼ ।
କୃଷ୍ଣସିଂହ. ମହାଭାରତ. ବନ୍ତ ।
୨ । (ସଂ. ପାଲୟିତ୍ରୀ) ସେହି ଦାସୀ ରାଜକୁମାର ବା ରାଜକୁମାରୀଙ୍କୁ ପାଳି ଥାଏ—2. A maid servant who acts as the foster mother of a prince or princess.
୩ । ପାଲତି ମା (ଦେଖ)—3. Pālati mā (See)

ପାଲତି ମା—ଦେ. ବି.—(ସଂ. ପାଲୟିତ୍ରୀ-ମାତା)—ପର ଶିଶୁକୁ ପୁତ୍ର ପରି
Pālati mā ପାଳିଥିବା ସ୍ତ୍ରୀ—Foster mother.
(ପାଳତି ମା; ପାଲତି ମାଆ—ଅନ୍ୟରୂପ)
ধাঈমা ধাযমা

ପାଲତି ସେବା—ଦେ. ବି.—ପାଦ ସେବା; ଦାସୀର ସେବା; ଗୋଡ଼ଘଷା—
Pālati seba The service of a maid servant; the service of massaging the feet of one's master or mistress.
ମୁହିଁ ଯାହାକୁ ଅଣେ ବରଣ କରଇ,
ତାହାର ମୁଁ ପାଲତି ସେବା ନ କରଇ । କୃଷ୍ଣସିଂହ. ମହାଭାରତ. ବନ୍ତ ।

ପାଲ ଦେଓ—ଦେ. ବି.—ଓଡ଼ିଶାର ପାଲଲହଡ଼ା ରାଜ୍ୟର ରାଜାଙ୍କ ଉପାଧି—
Pāla deo The family title of the Rajas of Pal-
(ପାଲଦେବ—ଅନ୍ୟରୂପ) lahara State (Orissa).
[ଦ୍ର—ଏ ବଂଶର ଏକ ପୁରୁଷ ଗଣେଶ୍ୱର ପାଲ ଓ ପରବର୍ତ୍ତୀ ପୁରୁଷ ମୁନିପାଲ ଉପାଧି କ୍ରମାନ୍ୱୟରେ ଧାରଣ କରନ୍ତି ।]

ପାଲଧୁଆ—ଦେ. ବି. (ସଂ. ପାରିଭଦ୍ର)—ଗ୍ରାମ୍ୟ ନାତିଦୀର୍ଘ ବୃକ୍ଷବିଶେଷ—
Pāladhuā The Indian coral tree; Erythrina
পালিটা(তা) মাঁদার; পালতে মাদার, পালিধা Indica; Ery-
फरहद; पालिधा, पञ्जरा, फरद thrina Stricta.

ସଂ.—ପାରିଜାତ, ରକ୍ତକୁସୁମ, କଣ୍ଟକିଂଶୁକ, ମନ୍ଦାର, ପାରିଜାତକ, ନିମ୍ବ ତରୁ, ପାରିଭଦ୍ର
ଗୁ. ପାଣେରେ ବୋ
ମ. ପାଙ୍ଗାରା, ପଞ୍ଜରା, ପାନରେ
ତେ. ମେଦୁଗୁ, ବାରିଦେ, ବାଡ଼ିଦ
ତା. ମୁରୁକ

[ଦ୍ର—ଏ ଗଛର ନୂତନ ଶାଖାରେ କଣ୍ଟା ଥାଏ, କାଠ ଧଳା ଓ ହାଲୁକା, ପତ୍ର ତ୍ରିପର୍ଣ୍ଣୀ, ବସନ୍ତ କାଳରେ ପତ୍ର ଝଡ଼ି ପତ୍ର ଗଛ ଯାକ ଗାଢ଼ ରକ୍ତବର୍ଣ୍ଣ ଫୁଲରେ ଭରି ଯାଏ । ଏହାର କଡ଼ ଛାଅଣ କରି ଯାଏ ଓ ପତ୍ରର ରସ କୃମି ନାଶକ । ବୈଦ୍ୟକ ମତରେ ଏହା ବାୟୁ, କଫ, ଶୋଥ, ମେଦ ଓ କୃମି-ନାଶକ ଓ ଏଥିର ପତ୍ର ପିତ୍ତଜ ରୋଗ ଓ କର୍ଣ୍ଣ ରୋଗ ବିନାଶକ । ପାଲଧୁଆ ଗଛଠାରୁ ଛୋଟ ଅଉ ଏକ ପ୍ରକାର ପାଲଧୁଆକୁ ଗେଣ୍ଡ ପାଲଧୁଆ କହନ୍ତି । ଏହାର ଉଚ୍ଚତା ୮।୧୦ ହାତ ଓ ଫୁଲ ପାଲଧୁଆର ରଙ୍ଗ, କିନ୍ତୁ ଗୋଟିଗୋଟିକିଆ ।]
ପ୍ରାଦେ. (ବାଲେଶ୍ୱର) ବି.—ଛୋଟ ଛୋଟ କୋଳିବିଶେଷ—
A kind of yellow plum.
[ଦ୍ର—ଏହାର ରଙ୍ଗ ହଳଦିଆ ।]

ପାଳନ—ସଂ. ବି.—(ପା ଧାତୁ+ଣିଚ୍=ପାଳ ଧାତୁ+ଭାବ. ଅନ)—
Pālana ୧ । ଭରଣ ପୋଷଣ; ପ୍ରତିପାଳନ; ଭୋଜନ ଓ ବସ୍ତ୍ରାଦି
(ପାଳିତ, ପାଳନୀୟ, ପାଲ୍ୟ—ବିଣ) ଦେଇ କୌଣସି ବ୍ୟକ୍ତିର ଜୀବନ ରକ୍ଷା କରିବା—1. Maintenance; bringing up.
୨ । ରକ୍ଷଣ—2. Protection; preservation.
୩ । ବ୍ରତାଦି ଯଥାବିଧି ଆଚରଣ କରିବା—
3. Observance (of fast and ceremonies).
୪ । ଜଗିବା—4. Guarding; watching.
୫ । ପାଖରେ ରଖିବା—5. Keeping.
୬ । ସଦ୍ୟଃ ପ୍ରସୂତା ଗାଭୀର ଦୁଗ୍ଧ; ଗଜରା ଦୁଧ—6. The milk of a cow which has newly given birth to a calf.
୭ । ଆଦେଶ ମାନିବା—
7. Carrying out of or obedience to an order.

ପାଳନ କରିବା—ଦେ. କ୍ରି.—(ପା ଧାତୁ ଣିଚ୍=ପାଳ ଧାତୁ)—
Pālana kariba ୧ । (ଶରଣାଗତ ଲୋକକୁ) ରକ୍ଷା କରିବା;
পালন করা ନିରାପଦରେ ରଖିବା—1. To save; to protect;
पालन करना to keep; to preserve.
୨ । (ରାଜ୍ୟ ଓ ପ୍ରଜା)-ଶାସନ କରିବା—2. To rule over.

୩ । (ଶିଶୁ, ପଶୁ, ଗୋ ଆଦିଙ୍କୁ ଖାଦ୍ୟ, ପାନୀୟ, ଆଦି ଦେଇ ପୋଷିବା, ବଢ଼ାଇବା, ଲାଳନ ପାଳନ କରିବା—
3. To rear up; to bring up.

୪ । (ପରିବାରଙ୍କୁ ବା କୌଣସି ବ୍ୟକ୍ତିଙ୍କୁ) ଭୋଜନ ଓ ପରିଧେୟ ଦେଇ ବଞ୍ଚାଇବା; ଭରଣ ପୋଷଣ କରିବା—
4. To maintain; to support.

୫ । (ଆଜ୍ଞା, ପ୍ରତିଜ୍ଞା, ବ୍ରତ) ଅନୁସାରେ କାର୍ଯ୍ୟ କରିବା—
5. To follow; to observe.

୬ । (ଅଶ୍ୱ, ହସ୍ତୀ, ମେଷ) ଗୃହପାଳିତ ପଶୁଆଦିଙ୍କୁ ସେବା କରିବା—
6. To tend.

୭ । ଜଗିବା—7. To watch.

ପାଳନ କର୍ତ୍ତା—ସଂ. ବିଣ. ପୁଂ—ପ୍ରତିପାଳକ; ପୋଷଣାକାରୀ—
Pāḷana karttā Maintaining; bringing up.
(ପାଳନକର୍ତ୍ତ୍ରୀ—ସ୍ତ୍ରୀ)

ପାଳନା—ଦେ. ବି. (ସଂ. ପାରଣା)—୧ । ବ୍ରତ ଉପବାସ ପରେ ପ୍ରଥମ
Pāḷanā ଭୋଜନ—1. Breaking a fast; the first
পারণা **पारणा** meal taken after a religious fast.
(ପାଳନା—ଅନ୍ୟରୂପ) ୨ । ପାଳଣ (ଦେଖ)—
পালন **पालन** 2. Pāḷaṇa (See).

ସାବଧାନ ହୋଇ ପାଳନା କରତ୍‌ବା—
କୃଷ୍ଣସିଂହ ମହାଭାରତ—ସଭା ।

ପାଳନୀୟ—ସଂ. ବି. ପୁଂ—(ପାଳ ଧାତୁ+କର୍ମ. ଅନୀୟ)—ରକ୍ଷଣୀୟ
Pāḷanīya ପାଳିବାର ଯୋଗ୍ୟ (ପାଳିବାର ଭିନ୍ନ ଭିନ୍ନ ଅର୍ଥରେ
(ପାଳନୀୟା—ସ୍ତ୍ରୀ) ପ୍ରଯୁଜ୍ୟ)—Fit to be protected, tended reared up, observed, followed etc (See Pāḷibā).

ପାଳନ୍ତା—ଦେ. ବି—୧ । ପାଳିତା—
Pāḷantā ଯେପାଳେ **पालनेवाला** 1. Brought up.

ବଦେହି ସଜନ ପାଳନ୍ତା ଯେ ସୁତା ସୀତା ଶ୍ରେଷ୍ଠ ବନା କେହି—
ଭକ୍ତ—ବୈଦେହୀଶ ବିଳାସ ।

୨ । ପାଳକ—
2. Maintaining; bringing up.

ପାଳ ପକା(କେ)ଇ ଉଚ୍ଚ ହେବା—ଦେ. (ପ୍ରବଚନ)—କୌଣସି କାରଣ
Pāḷa pakā(ke)i uchcha hebā ନ ଥାଇ ବା କେହି ବଡ଼ ବୋଲି କହୁ ନ ଥିଲା ବେଳେ ଆପେ ନିଜକୁ ବଡ଼ ବୋଲି ଭାବିବା ଓ ଦେଖାଇ ହେବା—To boast for nothing; to vainly boast of one's greatness without any foundation.

ପାଳ ବାଇଗଣ—ପ୍ରାଦେ. (ବାଲେଶ୍ୱର) ବି—ପାଳ ଜମିରେ ଜନ୍ମୁଥିବା
Pāḷa bāigaṇa ବାଇଗଣ; ପାଳୁଆ ବାଇଗଣ—
[ଦ୍ର—ଏହା ବାଡ଼ି ବାଇଗଣ ଠାରୁ ଆକାରରେ ବଡ଼, କିନ୍ତୁ ସେପରି ସ୍ୱାଦୁ ନୁହେଁ ।]

ପାଳ ବିଣ୍ଡା—ଦେ. ବି—ପାଳ ଚୁଣ୍ଡା; ଝୁଣ୍ଟାବିଣ୍ଡା; ପୁଳାଏ ଝୁଣ୍ଟା—
Pāḷa biṇḍā A plug of straw tied together.
পোয়ালের ছিপি **पुआलकागट्ठा**

ପାଳବିଣ୍ଡା ମନ୍ତ୍ରୀ—ଦେ. ବି—ଅବିବେଚକ ରାଜାଙ୍କର ନିର୍ବୋଧ ମନ୍ତ୍ରୀ—
Pāḷabiṇḍā mantrī A foolish minister of a
গবাচন্দ্রমন্ত্রী **बेवकूफमन्त्री** foolish king.
[ଦ୍ର—କାହାଣୀରେ ଅଛି 'ଅନ୍ଧୁଆମଣା ରାଜାକୁ ପାଳବିଣ୍ଡା ମନ୍ତ୍ରୀ'। ଗୋଟିଏ ଅନ୍ଧୁଆ ରାଜା ଥିଲେ । ତାଙ୍କ ପାଖରେ ଗୋଟିଏ ମନ୍ତ୍ରୀ ଥିଲେ । ମନ୍ତ୍ରୀଙ୍କ ମୁହଁ ଖୋଲାଥିଲେ କାଳେ ତାଙ୍କ ମୁହଁରୁ ଫସ୍ ଫାସ୍ ବୁଦ୍ଧି ଗୁଡ଼ାକ ପଦାକୁ ବାହାରି ଯିବ, ସେଥିପାଇଁ ମନ୍ତ୍ରୀ ସବୁବେଳେ ମୁହଁରେ ବିଣ୍ଡାଏ ପାଳ ମାରି ରାଜସଭାରେ ବସିଥାଆନ୍ତି । ରାଜା ପରାମର୍ଶ ପୁଚ୍ଛିଲେ ମୁହଁରୁ ପାଳବିଣ୍ଡାଟା ଓଟାରି ପକାଇ ରାଜାଙ୍କୁ ବୁଦ୍ଧି ବତାଇ ଦିଅନ୍ତି ଓ ପୁଣି ସେହି ପାଳବିଣ୍ଡାକୁ ମୁହଁରେ ମାଡ଼ି ଦିଅନ୍ତି । ପାଳବିଣ୍ଡା ମନ୍ତ୍ରୀଙ୍କ ପରାମର୍ଶ ଓ ଅନ୍ଧୁଆମଣା ରାଜାଙ୍କର ବିଚାରଣା ସମ୍ବନ୍ଧେ ଅନେକ ହାସ୍ୟୋଦ୍ଦୀପକ ଗଳ୍ପ ଅଛି । ଫକୀର ମୋହନ ସେନାପତି ପାଳବିଣ୍ଡା ମନ୍ତ୍ରୀଙ୍କର ଗୋଟିଏ ଗଳ୍ପ ପଦ୍ୟାକାରରେ ଲେଖି ଅଛନ୍ତି ।]

ପାଳୟିତା—ସଂ. ବିଣ. ପୁଂ. (ପାଳ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Pāḷayitā ୧ । ପାଳନକର୍ତ୍ତା— 1. Supporting
(ପାଳୟିତ୍ରୀ—ସ୍ତ୍ରୀ) preserving; keeping.
୨ । ରକ୍ଷକ—2. Protecting.
ସଂ. ବି. ପୁଂ—୧ । ପାଳିବା ବ୍ୟକ୍ତି—1. Rearer.
୨ । ପୋଷଣାକାରୀ ବ୍ୟକ୍ତି—2. Supporter.
୩ । ରକ୍ଷକ ବ୍ୟକ୍ତି—3. Protector.
୪ । ବ୍ରତଧାରୀ ବ୍ୟକ୍ତି—
4. An observer of vows.

ପାଳରେ ପକା(କେ)ଇବା—ଦେ. କ୍ରି—୧ । ଖାପଚରେ ପକାଇବା;
Pāḷare pakā(ke)ibā କରଗତ କରିବା; ବଶୀଭୂତ କରିବା—
পালে ফেলা, পালয় ফেলা 1. To bring a person under
पालेगिराना one's control or machination.
୨ । ପ୍ରଲୋଭନ ଦେଖାଇ ବଶ କରିବା—
2. To bring under control by temptations.
୩ । ବିପଦରେ କୌଣସି ବ୍ୟକ୍ତିଙ୍କୁ ପକାଇବା—
3. To cause a person to be involved in danger.

ପାଳରେ ପଡ଼ିବା—ଦେ. କ୍ରି—୧ । ବଶୀଭୂତ ହେବା; କରଗତ ହେବା—
Pāḷare paṛibā 1. To come under one's
পালায়পড়া, পালেপড়া **पालेपड़ना** control.
୨ । କୁଚକ୍ର ବା କୁମନ୍ତ୍ରଣା ଦ୍ୱାରା ବଶବର୍ତ୍ତୀ ହେବା—
2. To come under another's machinations.
୩ । ଅନ୍ୟର ଚକ୍ରାନ୍ତରେ ବିପନ୍ନ ହେବା—
3. To be involved in danger by another's machinations.

ପାଳଲହଡ଼ା—ଦେ. ବି—ଓଡ଼ିଶାର ଗୋଟିଏ ଗଡ଼ଜାତ —
Pāḷalahaṛā A State in Orissa.
[ଦ୍ର—ଏଥିର କ୍ଷେତ୍ରଫଳ ୪୫୨ ବର୍ଗମାଇଲ । ଏହା ବାମଣ୍ଡାର ପୂର୍ବରେ ଅବସ୍ଥିତ । ଏ ରାଜ୍ୟର ପ୍ରଧାନ ପର୍ବତ ମଲୟଗିରି । ଧାରା

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅଁଖି ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ

ନଗରର ସନ୍ତୋଷ ପାଲ ଅଷ୍ଟାଦଶ ଶତାବ୍ଦୀ ପୂର୍ବେ ଏ ରାଜ୍ୟ ସ୍ଥାପନ କରିଥିଲେ । ଏ ରାଜାଙ୍କ ସନ୍ତକ ସର୍ପ—

ଜଗବନ୍ଧୁ—ପ୍ରାଚୀନ ଉତ୍କଳ ।]

ପାଲିଶ୍—ବୈଦେ. ବି (ଇଂ ପଲିଶ୍; ସଂ. ପରିକର୍ମ)—୧ । କୌଣସି ପଦାର୍ଥକୁ ଘଷି ମାଜି ମସୃଣ କରିବା—1. Polishing.
Pālaś
ପାଲିସ୍ } ଅନ୍ୟରୂପ
ପାଲିସି }
ପାଲିଶ पालिश

୨ । ଘଷା ମଜା ଯୋଗୁଁ ଉଜ୍ଜ୍ୱଳ ମସୃଣତା; ଚକଣା; ଝକଝକ୍ୟ—2. Polish.

୩ । ଚଉକି, ମେଜ ଆଦିର ଉପରକୁ ଘଷି ମାଜି ମସୃଣ କରି ତାକୁ ଚକ୍‌ଚକିଆ କରିବା ପାଇଁ ବ୍ୟବହୃତ ଲାକ୍ଷାଦି ଲେପନ; ବାର୍ଣ୍ଣିସ୍; ଫ୍ରେଞ୍ଚ୍ ପାଲିଶ୍—3. Varnish; French polish.

ବୈଦେ. ବିଣ—ଘଷା, ମଜା ହୋଇ ମସୃଣ ହୋଇଥିବା; ଚକଣିଆ; ଚକ୍‌ଚକିଆ—Well polished; shining; burnished; varnished.

ପାଲିଶ୍ ଉଠା(ଠେ)ଇବା—ଦେ. କ୍ରି—କୌଣସି ପଦାର୍ଥକୁ ଘଷି ମାଜି ଖୁବ୍ ମସୃଣ ଓ ଚକଚକିଆ କରାଇବା—To bring out polish from a thing by rubbing and varnishing it well; to make a thing shining by polishing.
Pālaś uṭhā(ṭhe)ibā
ପାଲିଶଉଠାନ, ପାଲିଶଓଠାନ
पालिशनिकालना
(ପାଲିଶ୍ ବାହାର କରିବା, ପାଲିଶ୍ କାଢ଼ିବା—ଅନ୍ୟରୂପ)

ପାଲିଶ୍ ଉଠିବା—ଦେ. କ୍ରି—ଘଷା ମଜା ହୋଇ କୌଣସି ପଦାର୍ଥ ଚକଣିଆ ଦେଖାଯିବା—The state of a thing being well polished; having a polished shining surface.
Pālaś uṭhibā
ପାଲିଶଉଠା
पालिश निकलना

ପାଲିଶ୍ କରିବା—ଦେ. କ୍ରି—୧ । ଚକଣିଆ କରିବା ନିମନ୍ତେ ଘଷା ମଜା କରିବା—1. To polish.
Pālaś karibā
ପାଲିଶକରା पालिशकरना

୨ । ବାର୍ଣ୍ଣିସ୍ କରିବା—2. To varnish.

ପାଲିଶ୍ ଗୁଣ୍ଡା—ଦେ. ବି—ଯେଉଁ ଖଡ଼ି ଆଦିର ଚୂର୍ଣ୍ଣଦ୍ୱାରା କାଠ ବା ଧାତୁର ପଦାର୍ଥକୁ ମାଜି ଚିକ୍କଣ କରାଯାଏ—Polishing powder.
Pālaś guṇḍā
ପାଲିଶଗୁଡ଼ୋ
पालिश चूरन
(ପାଲିଶଗୁଣ୍ଡି, ପାଲିଶିଗୁଣ୍ଡା, ପାଲିଶିଗୁଣ୍ଡି—ଅନ୍ୟରୂପ)

ପାଲା—ଦେ. ବି (ସଂ. ପଣ୍ଟାଳୀ ବା ପର୍ଯ୍ୟାୟ; ସଂ. ପାଳ=ଓଡ଼ିଆ ପାଳ=ବଂ. ପାଲା=ପର୍ଯ୍ୟାୟ ବା କ୍ରମ)—
Pālā
ପାଲା
सतनारायनकीपुजा

୧ । ୧୪ ଅକ୍ଷରିଆ ପଣ୍ଟାଳ ଛନ୍ଦର ବଙ୍ଗଳା ପାଞ୍ଚାଲି ଗୀତ ଅନୁକରଣରେ ରଚିତ ଦେବତାଙ୍କର (ବିଶେଷତଃ ସତ୍ୟପୀର ବା ସତ୍ୟନାରାୟଣ ଗୋସାଇଁଙ୍କର) ମାହାତ୍ମ୍ୟ ବର୍ଣ୍ଣନାତ୍ମକ ଧର୍ମ ସଙ୍ଗୀତ (ସାଧାରଣତଃ ଏହାକୁ ପୂଜା ବୋଲାଯାଏ)—Religious song composed in lines of 14 letters dealing with Mythological lore (and especially of Satya Narayana) corresponding to the old mystery plays of Europe.

[ଦ୍ର—ପାଲା ଆମ ଦେଶକୁ ବଙ୍ଗ ଦେଶରୁ ଆସିଅଛି । ଏହା ବଙ୍ଗୀୟ କବି 'କବିକଣ୍ଠ'ଙ୍କର ରଚିତ ୧୪ ଅକ୍ଷରିଆ ଛନ୍ଦ । ମୁସଲମାନଙ୍କର ପୂଜ୍ୟ 'ପୀର'ଙ୍କୁ ହିନ୍ଦୁମାନେ 'ସତ୍ୟପୀର' ବା ସ୍କନ୍ଦପୁରାଣୋକ୍ତ 'ସତ୍ୟନାରାୟଣ' ରୂପରେ କଳ୍ପନା କରି ଶିରଣୀ (ଏହା ପ୍ରକୃତରେ ବୃନ୍ଦିଆ କିନ୍ତୁ ଆମ୍ଭେମାନେ ତାକୁ ସ୍କନ୍ଦପୁରାଣୋକ୍ତ ଯାତନା କଦଳୀ-ଚକଟା କରିଅଛୁଁ) ଭୋଗ ଲଗାଇ ଇପ୍‌ସିତ ଫଳ (ଯଥା—ଧନଲାଭ ସନ୍ତାନ ଲାଭ, ମକଦମା ଡିକ୍ରୀ, ବେପାରରେ ଉନ୍ନତି, ଗୃହକଳହ ଇତ୍ୟାଦି) ମନାସନ୍ତି ଓ ଫଳ ଘଟିଲେ ସତ୍ୟପୀରଙ୍କୁ ଏକ ପାଲା, ଚାରି ପାଲା, ଆଠ ପାଲା ବା ଷୋଳ ପାଲା ମନାସନ୍ତି । ପାଲା ସବୁ ପ୍ରାଚୀନ ବଙ୍ଗଳାଭାଷାରେ ରଚିତ । ବଙ୍ଗଳାଭାଷାନଭିଜ୍ଞ ଓଡ଼ିଆମାନଙ୍କ ପାଟିରେ ମୌଳିକ ବଙ୍ଗରଚନାଯାକ ବିକୃତ ହୋଇ ଉଚ୍ଚାରିତ ହୁଏ । ପାଲାରେ ସତ୍ୟପୀରଙ୍କ କରାମତି ବିଷୟକ ଘଟନାମାନ ବର୍ଣ୍ଣିତ ଥାଏ, (ଯଥା ବିପଦରୁ ଉଦ୍ଧାର ପାଇବା, ରାଜ୍ୟଲାଭ, ଡକାଏତଙ୍କ ମୁହଁରୁ ବର୍ତ୍ତିବା, ପୁତ୍ରଲାଭ, ଧନଲାଭ ଆଦି ହେବା, ସତ୍ୟପୀରଙ୍କୁ ନ ମାନିବା ଲୋକର ଅନିଷ୍ଟ ଘଟିବା) । କେତେକ ପାଲାର ନାମ—ଜନ୍ମପାଲା, କାଠୁରିଆ, ମର୍ଦ୍ଦଗାଜୀ, ରତ୍ନାକର, ବିଦ୍ୟାଧର, ବିଶ୍ୱା, ମନୋହର ଫାସିଆରା, ସଉଦାଗର ପାଲା ।

ଗୋଟିଏ ଆସନ (ପୀଢ଼ା ବା ଚଉକୀ) ମଝିରେ 'ସତ୍ୟନାରାୟଣ' ବା 'ସତ୍ୟପୀର'ଙ୍କୁ ସ୍ଥାପନା କରି ଓ ଚାରିପାଖରେ ଚାରିଦେବତା (ଗଣେଶ, ଶିବ, ସୂର୍ଯ୍ୟ, ଦୁର୍ଗା) ଙ୍କୁ ସ୍ଥାପନା କରି ଚାରି ଦେବତାଙ୍କୁ 'ମୁକାମ' ବା ଭୋଗ ସ୍ୱରୂପ ଚାରି ଜାଗାରେ ଅଳ୍ପ ଅଳ୍ପ ଭୋଗ ବଢ଼ାଯାଏ ଓ ମଝିରେ ଥିବା ନାରାୟଣ ବା ସତ୍ୟପୀରଙ୍କ ପାଇଁ 'ଶିରଣୀ' ଭୋଗ ବଢ଼ାଯାଇ ହିନ୍ଦୁଶାସ୍ତ୍ରବିହିତ ମନ୍ତ୍ରଦ୍ୱାରା ଭୋଗ କରି ସାରିଲା ପରେ ପାଲା ବୋଲାଯାଏ । ପୋଥିରୁ ପଢ଼ି ପାଲା ବୋଲିଲେ ତାକୁ 'ପୋଥିପୂଜା ବା 'ପୋଥିପାଲା' ବୋଲାଯାଏ ଓ ନୃତ୍ୟ ବାଦ୍ୟାଦିସହ ପାଲା ବୋଲିଲେ ତାକୁ 'ଠିଆପାଲା' ବା 'ଠିଆ ପୂଜା' ବୋଲାଯାଏ । ଯେଉଁମାନେ ପାଲା ବୋଲନ୍ତି ବା ନାଚନ୍ତି ତାଙ୍କୁ 'ପାଲାବାଲା' ବା ପୂଜାବାଲା ବୋଲାଯାଏ । ମଧ୍ୟେ ମଧ୍ୟେ ପ୍ରସଙ୍ଗକ୍ରମେ ଚଉପଦୀ, ଢାହିକା, ଛାନ୍ଦ ଓ ଗୀତ ଆଦି ମଧ୍ୟ ପାଲା ବୋଲା ସମୟରେ ପାଲାବାଲାମାନେ ଲଗାନ୍ତି । ପାଲାବାଲାଙ୍କ ଏକାଧିକ ଦଳ ପାଲା ବୋଲାରେ ପ୍ରତିଯୋଗିତା ଦେଖାଇ ଆପଣା ଆପଣା ବିଦ୍ୟା ପରଖ କରଥାନ୍ତି, ଏହାକୁ 'ଯାଉଁଳପାଲା' ବା 'ଲଢ଼େଇ ପାଲା' ବା 'ବାଦୀପାଲା' ବୋଲାଯାଏ । ପାଲାବାଲାଙ୍କ ଦଳର ନେତାକୁ 'ଗାୟକ' ବୋଲାଯାଏ । ଗାୟକ ଡାହାଣ ହାତରେ ଚାମର ଧରି ଓ କାଖରେ ଚଅଁର ଜାକି

୧	ଇ	ଉ	ର,ଋ	ଙ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଢ଼
୨	ଈ	ଊ	ଋୁ	ଳ	ଯୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ୱ	୍ୟ	ଇଅ	ଡ଼	ନ୍

ପାଲ୍ଲର ପଦମାନ ବୋଲେ ଓ ତାହାର ସଙ୍ଗୀମାନେ ପାଳ ଧରନ୍ତି, ଅର୍ଥାତ୍ ଗାୟକ ବୋଲିବା ପଦକୁ ପୁନରାବୃତ୍ତି କରନ୍ତି । ଏମାନଙ୍କୁ 'ପାଳିଆ' କୁହାଯାଏ । ଗାୟକ ସଙ୍ଗେ ଯେଉଁ ଲୋକ ମୃଦଙ୍ଗ ବଜାଏ ତାକୁ ବାୟକ କହନ୍ତି । ଗାୟକ ଗୀତ ବୋଲେ ଓ ତା ସଙ୍ଗେ ବାୟକ ବାଦ୍ୟ ବଜାଏ । 'ଶିରପାଳିଆ' ବା ଡାହାଣ ପାଳିଆ ଗାୟକକୁ ଗୀତବୋଲାରେ ସାହାଯ୍ୟ କରୁଥାଏ । ଆଉ ଦୁଇ ତିନି ଜଣ ପାଳି ଧରିବା ଲୋକ ଝାଞ୍ଜ ବଜାଇ ଗାୟକର ଗୀତର ପାଳି ବା ଘୋଷାକୁ ଆବୃତ୍ତି କରନ୍ତି । ଏମାନେ 'ପାଳିଆ' । ଦୁଇଦଳ ନାନା-ପ୍ରକାର ଭଙ୍ଗୀ ଓ ଅଳଙ୍କାରରେ ରଚିତ ମେଷ ଯୁଦ୍ଧ, ସିଂହାବଲୋକନ, ବ୍ୟାଘ୍ରଗତି, ମଣ୍ଡୂକପ୍ଳୁତ, ଯମକ, ଛାନ୍ଦ, ଗୀତ, ଶ୍ଳୋକ, ଚଉପଦୀ, ଛଗଡମାଳୀ ଆଦି ବୋଲନ୍ତି । ଲଢ଼େଇ ପାଲ୍ଲରେ ବିପକ୍ଷଦଳମାନେ ବ୍ୟଙ୍ଗୋକ୍ତି ଓ ପରିହାସୋକ୍ତି ସୂଚକ ଗୀତ ଓ 'ଦାୟିକା' ବା 'ଢାଏକା' ବୋଲାବୋଲି ହୋଇ କାଳନିକ ଚଅଁର ଉଡ଼ ମରାମରି ହୁଅନ୍ତି । ଠିଆ ପାଲ୍ଲ କରିବା ପାଲ୍ଲବାଲାମାନେ ନାନାପ୍ରକାର ବେଶରେ ସଜ୍ଜିତ ହୋଇ ଥାଆନ୍ତି । ଏମାନଙ୍କ ମଧ୍ୟରୁ ଜଣେ ଜଣେ ଖୁବ୍ ପାଣ୍ଡିତ୍ୟ ଓ ଆଶୁ ରଚନାଶକ୍ତି ଦେଖାଇ ଦର୍ଶକମାନଙ୍କୁ ମୋହିତ କରନ୍ତି ।

୨ । ଧର୍ମ ସଙ୍ଗୀତସହ ନୃତ୍ୟ ଗୀତାଦି—2 Religious songs accompanied with music and dance.

୩ । ସତ୍ୟପୀର ବା ସତ୍ୟନାରାୟଣଦେବଙ୍କ ପୂଜା—
3. The ceremony of worshipping Satyanārāyaṇa Deity.

୪ । (ଲକ୍ଷଣାର୍ଥ) ଉଚ୍ଚୈଃସ୍ୱରରେ କଳି କଜିଆ—
4. (figurative) Loud quarrelling.

ପାଲିଇବା—ପ୍ରାଦେ (ମେଦିନୀପୁର) କ୍ରି. (ବ ପାଲାବ)-ପଳାଇବା—
Pālāibā To run away.

ପାଲ କରିବା—ଦେ. କ୍ରି—୧ । 'ପାଲ୍ଲ' ନୃତ୍ୟ ଗୀତାଦି କରିବା—
Pālā karibā 1. To perform Pālā play.
ପାଲ୍ଲ ଲଗା(ଗେ)ଇବା } ଅନ୍ୟରୂପ
ପାଲ୍ଲ ଜମା(ମେ)ଇବା }
୨ । କଳିକଜିଆ କରିବା—
2. To quarrel.
୩ । ଗୋଲମାଲ କରିବା—3. To set up a row.

ପାଲଗି- ଦେ. ବି· (ସଂ. ପାଦ+ଲଗ୍ନ)—ଦଣ୍ଡବତ—
Pālāgi Obeisance.

ପାଲାଗନ ଅ—ଆପଣଙ୍କୁ ନମସ୍କାର !—Obeisance to you !

ପାଲ୍ଲ ବଢ଼ା(ଢ଼େ)ଇବା-ଦେ. କ୍ରି—୧ । ପାଲ୍ଲର ଅଭିନୟ ସମାପ୍ତି କରିବା—
Pālā bar*dh*ā(*rdh*e)ibā 1. To finish the performance of Pālā.
ପାଲା ସାଙ୍ଗ କରା
(ପାଲ୍ଲ ସାଙ୍ଗ କରିବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) କୌଣସି ଆଡ଼ମ୍ବର ବା ଗୋଲମାଲମୟ କର୍ମର ସମାପ୍ତି କରିବା—
2. (figurative) To end any matter or show or ado.

ପାଲ ବଢ଼ିବା—ଦେ. ବି—ପାଲ୍ଲର ଅଭିନୟର ସମାପ୍ତି —The conclusion of the performance of a Pālā.
Pālā bar*dh*ibā
ପାଲା ସାଙ୍ଗ ହଓଯା (ପାଲ୍ଲ ସାଙ୍ଗ ହେବା—ଅନ୍ୟରୂପ)

ପାଲବାଲା—ଦେ. ବି—ପାଲ୍ଲ ବୋଲିବା ଗାୟକ ବା ନର୍ତ୍ତକ—
Pālābālā 1. The actor or singer of Pālā songs.
ପାଲଉଆଲା } ଅନ୍ୟରୂପ
ପାଲାଉଆଲା }
[ଦ୍ର—ଏକଦଳ ପାଲ୍ଲବାଲା ୭ ଜଣ ଅଟନ୍ତି । ଏମାନେ ପୁଣି ଦୁଇଟି ଦଳରେ ବିଭକ୍ତ ହୋଇ ପାଲ୍ଲ ବୋଲନ୍ତି ।

୧ମ ଦଳ—୧. ଗାୟକ (ଏହାଙ୍କଠାରେ ଚଅଁର ଓ ମନ୍ଦିରା ଥାଏ), ୨. ବାୟକ (ମୃଦଙ୍ଗ ବଜାଇବା ବାଲା), ୨. ଶିରପାଳିଆ, ଶ୍ରୀପାଳିଆ ବା ଡାହାଣ ପାଳିଆ (ଏ ହାତରେ ଝାଞ୍ଜ ଧରିଥାଏ; ପାଳି ଦେଲା ବେଳେ ବଜାଏ, କିନ୍ତୁ ଗାୟକ ବୋଲିବା ବେଳେ ବଜାଏ ନାହିଁ; ଗାୟକ ସଙ୍ଗେ କେବଳ ଗୀତ ବୋଲେ ।

୨ୟ ଦଳ (ଯେ ଗାୟକର ବୋଲିବା ଗୀତର ପାଳି ଧରନ୍ତି ବା ଘୋଷାକୁ ଆବୃତ୍ତି କରନ୍ତି ।

ଦ୍ୱିତୀୟ ଦଳରେ ୧. ପାଳିଆ, ୨. ପାଳିଆ; ୩. ପାଳିଆ; ଏ ଦୁଇ ଜଣ ବା ତିନି ଜଣ ଝାଞ୍ଜ ଧରିଥାନ୍ତି ଓ ପାଳି ଧରିଲା ବେଳେ ବଜାନ୍ତି ।

ଗାୟକ ଗୀତ ବୋଲେ, ବାୟକ ମୃଦଙ୍ଗ ବଜାଏ ଓ ଶ୍ରୀପାଳିଆ ମଧ୍ୟ ଗାୟକ ସଙ୍ଗେ ବେଳେ ବେଳେ ବୋଲେ । ୨ୟ ଦଳ ପାଳି ଧରନ୍ତି । ଗାୟକମାନଙ୍କ ମଧ୍ୟରେ ଜଣେ ଜଣେ ପଣ୍ଡିତ ଓ ଆଶୁ କବି ଥାଆନ୍ତି । ଗାୟକ ଗୀତ ବୋଲିବା ବେଳେ ଓ ପାଳିଆ ପାଳି ଧରିବା ବେଳେ ବାୟକ ମୃଦଙ୍ଗ ବଜାଏ, ଶିରପାଳିଆ ଗାୟକ ସଙ୍ଗେ ଗୀତ ବୋଲେ, କିନ୍ତୁ ପାଳିଆଙ୍କ ସଙ୍ଗେ ଝାଞ୍ଜ ବଜାଏ । ଗାୟକର ଅନୁପସ୍ଥିତି ବା ଅକ୍ଷମ ଅବସ୍ଥାରେ ଶିରପାଳିଆ ପାଲ୍ଲରେ ଗାୟକର କାର୍ଯ୍ୟ କରେ ।]

ପାଲ୍ଲ ମନାସିବା—ଦେ. କ୍ରି—ମନୋବାଞ୍ଛା ସିଦ୍ଧ ହେଲେ ସତ୍ୟନାରାୟଣ ବା ସତ୍ୟପୀର ଗୋସାଇଙ୍କୁ ଶିରଣୀ ଭୋଗ କରି ପାଲ୍ଲର ଅଭିନୟ କରାଇବା ପାଇଁ ଧର୍ମତଃ ପ୍ରତିଜ୍ଞା କରିବା—To vow to have the performance of Pālā on the event of a person's wished for object being attained.
Pālā manāsibā
ପୂଜା মাননা
(ପାଲ୍ଲ ଯାଚିବା—ଅନ୍ୟରୂପ)

[ଦ୍ର—ମକଦମା ଡିଗ୍ରୀ ହେଲେ, ପୁଅ ଜନ୍ମ ହେଲେ ବା ଅନ୍ୟ ମନସ୍କାମନା ସିଦ୍ଧ ହେଲେ ମୁଁ ଗୋଟିଏ ବା ଥରେ ପାଲ୍ଲ କରାଇବି ବୋଲି ଲୋକେ ପ୍ରଭୁଙ୍କୁ ଡାକି ପାଲ୍ଲ ମନାସନ୍ତି । କେହି ୪ ପାଲ୍ଲ କେହି ୮ ପାଲ୍ଲ ଓ କେହି କେହି ୧୬ ପାଲ୍ଲ ଯାଚନ୍ତି ଏବଂ କାମ ଫଳେ ହେଲେ ତଦନୁସାରେ ଏକ ବା ତତୋଽଧିକ ପୋଥିପାଲ୍ଲ କିମ୍ବା ଠିଆପାଲ୍ଲ କରନ୍ତି ।]

ପାଲାଶ—ସଂ. ବିଣ. (ପଲାଶ+ଅ)—୧ । ପଲାଶ ବୃକ୍ଷ ସମ୍ବନ୍ଧୀୟ—
Pa*l*āśa 1. Relating to Pa*l*āśa tree.
(ପାଲାଶୀ—ସ୍ତ୍ରୀ) ୨ । ହରିତ୍‌ବର୍ଣ୍ଣବିଶିଷ୍ଟ—2. Green (colour).

ସ. ବି—୧ । ତମାଲପତ୍ର (ହି. ଶ.)—
1. Tamāla leaves.
୨ । ତେଜପତ୍ର (ହି. ଶ.)—2. Cassia leaves.
୩ । ହରିତ୍‌ବର୍ଣ୍ଣ—3. Green colour (Apte).
୪ । ପ୍ରାଚୀନ ମଗଧ ଦେଶ—
4. The ancient Magadha country (Apte).

ପାଲ ସାୟ—ଦେ. ବି. (ସ. ପାଲ+ସମାପ୍ତି)—ପାଲ ଅଭିନୟର ସମାପ୍ତି—
Pāla sāya — The concluding of a Pāla performance.
ପାଲାସାୟ

ପାଲ (ଧାତୁ)—ସ. (ପା ଧାତୁ ଣିଚ)—ପାଳନ କରିବା; ପାଳିବା—
Pāli (root) To preserve; to bring up; to observe; to obey; to carry out.

ପାଲ(ଲୀ)—ସ. ବି. (ପା ଧାତୁ ଣିଚ୍‌=ପାଳ ଧାତୁ= ରକ୍ଷା କରିବା+
Pāli(lī) କର୍ମ. ଇ; ଈ)—୧ । ପଂକ୍ତି; ଶ୍ରେଣୀ—
1. Row; line.
୨ । ପ୍ରାନ୍ତଭାଗ; ଧାର; ସୀମା—
2. Margin; end; edge; extremity; limit.
୩ । ପ୍ରଦେଶ—3. Province; part of a country.
୪ । ଖଡ୍ଗାଦିର ତୀକ୍ଷ୍ଣ ଧାର; ଦାଢ଼—
4. Edge of sharp weapons.
୫ । ସିଦ୍ଧ କରିବାର ପାତ୍ର—5. Cooking pot; boiler.
୬ । ଅଙ୍କ; କୋଡ଼—6 Lap; bosom (Apte).
୭ । ପ୍ରଶଂସା ବଚନ—7. Eulogisim; praise.
୮ । କୋଣ (ହି. ଶ.)—1. Angle; corner.
୯ । ହାଣ୍ଡି; ସ୍ଥାଲୀ—9. A pot.
୧୦ । ସେତୁ; ବନ୍ଧ—10. Embankment; dam.
୧୧ । ପୋଲ; କାକ—11. Bridge; causeway (Apte).
୧୨ । ଦାଗ; ଚିହ୍ନ—12. Sign; mark; spot.
୧୩ । ସୀମା—13. Boundary.
୧୪ । ଶ୍ମଶ୍ରୁଲା ସ୍ତ୍ରୀ—14. A bearded woman.
୧୫ । ପିଚ୍ଛ—15. Haunch; hip (Apte).
୧୬ । ଛାତ୍ରମାନଙ୍କ ବୃତ୍ତି—16. Stipend; scholarship.
୧୭ । କର୍ଣ୍ଣଲତାଗ୍ର; କାନର ଅଗ୍ର ଭାଗ (ଯେଉଁ ସ୍ଥାନରେ ନୋଳି ଆଦି ପିନ୍ଧିବା ପାଇଁ ଫୋଡ଼ା ହୁଏ—
17. The tip of the ear.
୧୯ । କେଶକୀଟ; ଉକୁଣୀ—19. Louse.
୨୦ । ଗୋରୁଙ୍କ ଅଠେଇ; ଖଅଡ଼; ଗୁହାଳ—
20. A crib for a cattle; a sty.
୨୧ । ପାହିଲି; ଶସ୍ୟ ମପିବାର ମାଣ—
21. A small measuring pot for corn.
୨୨ । ରାଶି—22. Heap.
୨୩ । ପାଲ ଗଦା—23. Hayrick; stack of straw.
୨୪ । ଲମ୍ବ ଜଳାଶୟ—24. An oblong pond (Apte).
୨୫ । ଶିକ୍ଷା ପାଉଥିବା ଅବସ୍ଥାରେ ଗୁରୁଙ୍କ ଦ୍ୱାରା ଛାତ୍ରର ପ୍ରତିପାଳନ କର୍ମ—25. The maintenance of the pupil by his teacher during his period of studies (Apte).
୨୬ । ପରିଧି—26. Circumference (Apte).
୨୭ । (ପାଲୀ) ପାକପାତ୍ର; ହାଣ୍ଡି (ହି. ଶ)—
27. A pot; boiler (Apte).
୨୮ । ଏକପ୍ରସ୍ଥ ପରିମିତ ତଉଲ (ପ୍ରାୟ ପାଞ୍ଚସେର)—
28. A particular measure of capacity (Apte).
୨୯ । ପାଲ—29. Sail (Ganguly).

ଦେ. ବି. (ସ. ପର୍ଯ୍ୟାୟ)—୧ । ପର୍ଯ୍ୟାୟ; କୌଣସି କାର୍ଯ୍ୟ
ପାଳା; ପାଳି କରିବାର କ୍ରମିକ ସମୟ—1. Turn or change
ପାରି of doing any work in succession.
୨ । ନିର୍ଦ୍ଧାରିତ ସମୟର କ୍ରମ—
2. Fixed time in succession.
୩ । ଥର—3. Time.
ପାଳିପାଳି କଲ ମୁଁ ଏମା ଅଗରେ ନ ଧରି, ପାଦ ଦେମାଳ ଭଲତ ଗୋ ।
ବେସ୍ ଚର୍ଯ୍ୟ, ଭକ୍ତୋଦ୍ଧତ୍ଵ ପ ଗୀତ ।
୪ । ନିର୍ଦ୍ଦିଷ୍ଟ ସମୟ—4 Fixed time.
ଦିନ ଦିନେ ମୋର ତଡ଼ିର ଭକ୍ଷ ପାଳ—କୃଷ୍ଣସିଂହ ମହାଭାରତ ବନ ।
୫ । ପର୍ଯ୍ୟାୟକ୍ରମେ ପୂଜା ଓ ସେବା ଆଦି କରିବାର ନିର୍ଦ୍ଦିଷ୍ଟ ଦିବସ ବା ସମୟ—5. Turn of offering worship.
୬ । ସପ୍ତାହର ନିର୍ଦ୍ଧାରିତ ଦିବସ (ଯଥା—ହାଟ ପାଳି)—
6. Week-day of a weekly market.
୭ । ପ୍ରଧାନ ଗାୟକ ଗୀତ ବୋଲିବା ପରେ ଗୀତର ଯେଉଁ ଘୋଷାକୁ ଅନ୍ୟମାନେ ବୋଲନ୍ତି—7. Recital of the refrain of a song.

ପ୍ରାଦେ. (ଗଞ୍ଜାମ) ବି—ନିବ; ଲୁହାର କଲମର ଅଗ୍ର—Nib.

ପାଲି—ଦେ. ବି. [ପାଲି=ପଂକ୍ତି; ପଲ୍ଲୀ=ଗ୍ରାମ ଅର୍ଥାତ୍ ଗ୍ରାମ୍ୟଲୋକଙ୍କ
Pāli କଥିତ ଭାଷା, କମ୍ବା ପାଲାଶ=ମଗଧ ଦେଶ)—୧ । ଯେଉଁ
ପାଳୀ ଭାଷାରେ ବୁଦ୍ଧଦେବ ଉପଦେଶ ଦେଉଥିଲେ ଓ ଯହିଁରେ
ପାଲୀ ବୌଦ୍ଧ ଗ୍ରନ୍ଥମାନ ଲିଖିତ ହୋଇଅଛି; ସଂସ୍କୃତର ଗୋଟିଏ ପ୍ରାକୃତ ଭାଷା; ବୌଦ୍ଧମାଗଧୀ ଭାଷା—1. The Pāli language.

[ଦ୍ର—ଏହି ଭାଷାରେ ବୌଦ୍ଧମାନଙ୍କ ଧର୍ମଗ୍ରନ୍ଥ ଲିଖିତ ହୋଇଥିଲା । ଭାରତବର୍ଷରେ ସଂସ୍କୃତ ଭାଷା (classical language) ପଢ଼ାହେଲା ଭଳି ଶ୍ୟାମ, ବ୍ରହ୍ମଦେଶ, ସିଂହଳ ଆଦି ଦେଶମାନଙ୍କରେ ପାଲିଭାଷା ଅଧୀତ ହେଉଅଛି । ବୌଦ୍ଧ ଧର୍ମର ଅଭ୍ୟୁଦୟ କାଳରେ ଏ ଭାଷାର ପ୍ରଚାର ପଶ୍ଚିମରେ ବାହ୍ଲୀକ (ଅଫଗାନ୍ ତୁରସ୍କର ଉତ୍ତର) ଠାରୁ ପୂର୍ବରେ ଶ୍ୟାମ ଦେଶ ପର୍ଯ୍ୟନ୍ତ ଓ ଉତ୍ତର ଭାରତରୁ ଦକ୍ଷିଣରେ ସିଂହଳ ପର୍ଯ୍ୟନ୍ତ ହୋଇଥିଲା । ବୁଦ୍ଧ ପାଲିଭାଷାରେ ଧର୍ମ ଉପଦେଶ ଦେଇ ଥିବାର କଥିତ ଅଛି । ବୌଦ୍ଧଧର୍ମ ଗ୍ରନ୍ଥ ଓ ଅଶୋକଙ୍କ ଶିଳାଲିପିମାନ ଏହି ଭାଷାରେ ଲିଖିତ । ପାଲି ଭାଷାର ପୁରାତନ ବ୍ୟାକରଣ କଚାୟନ (କାତ୍ୟାୟନ)ଙ୍କ 'ସୁଗନ୍ଧକଳ୍ପ' । ଏ କାତ୍ୟାୟନଙ୍କୁ କେହି କେହି ଅର୍ଥାତ୍ ଖ୍ରୀ. ପୂ. ଷଷ୍ଠଶତାବ୍ଦୀର (ବୁଦ୍ଧଦେବଙ୍କ ପ୍ରତ୍ୟକ୍ଷ

ଶିଷ୍ୟ) ଓ କେହି କେହି ଖ୍ରୀ. ପୂର୍ବ ୩୦୦ ଶତାବ୍ଦୀର ଲୋକ ବୋଲି କହନ୍ତି । କେହି କେହି ବରରୁଚି କବିଙ୍କୁ ଏହି କାତ୍ୟାୟନ ବୋଲି କହନ୍ତି । କାତ୍ୟାୟନ ପାଲୀକୁ ମାଗଧୀ ଓ ମୂଳଭାଷା ବୋଲି କହି-ଅଛନ୍ତି । କିନ୍ତୁ ଅନେକ ପଣ୍ଡିତ ପାଲୀକୁ ମାଗଧୀ ଠାରୁ ପୃଥକ୍ ବୋଲି କହନ୍ତି । କିନ୍ତୁ ପାଲୀଭାଷା ଏକପ୍ରକାର ପ୍ରାଚୀନ ମାଗଧୀଭାଷା ଅଟେ । ଏହାକୁ ପ୍ରାଚୀନ ମାଗଧୀ ପ୍ରାକୃତ ବୋଲାଯାଇ ପାରେ । ପାଲୀ ଶବ୍ଦର ଉତ୍ପତ୍ତି ସମ୍ବନ୍ଧରେ ମଧ୍ୟ ପଣ୍ଡିତମାନଙ୍କର ମତଭେଦ ଦେଖାଯାଏ । କେହି କେହି କହନ୍ତି ଏହା 'ପଲ୍ଲୀ' ବା ପଡ଼ାଗାଁର ପ୍ରଚଳିତ ଭାଷା ଥିଲା । କେହି କେହି କହନ୍ତି ଏହା 'ପାଲାଶ' ବା ମଗଧର ଭାଷା । କେହି କେହି କହନ୍ତି ଏହା ପହ୍ଲବୀ ଭାଷା; କେହି କେହି କହନ୍ତି ଏହା ପାଟଲୀ ବା ପ୍ରାଚୀନ ପାଟଣାର ଭାଷା ଥିବାରୁ ଏହି ନାମ ହୋଇଅଛି । କିନ୍ତୁ ପାଲୀ ଶବ୍ଦ ସଂ.ପାଳ (ପଂକ୍ତି)ରୁ ବାହାରି ଥିବାର ଅନୁମାନ ଯୁକ୍ତିଯୁକ୍ତ ବୋଧ ହେଉଅଛି । ବୌଦ୍ଧ ଧର୍ମର ପ୍ରାଚୀନ ହୀନଯାନ ଶାଖାର ସମସ୍ତ ଧର୍ମଗ୍ରନ୍ଥ ପାଲୀ ଭାଷାରେ ଲିଖିତ, କିନ୍ତୁ ନବ ମହାଯାନ ଶାଖାର ଗ୍ରନ୍ଥମାନ ପରେ ସଂସ୍କୃତରେ ଲିଖିତ ହୋଇଅଛି—ହି. ଶ ।]

ଛକ ୬ । (ପଶାଲୀ, ସଂ. ଶାରଫଳ) ପଶାଖେଳର ବା ଶତରଞ୍ଜ
चौपड़की बिसात; पासा ଖେଳର ଘରମାନ ଚିତ୍ର ହୋଇଥିବା କନାର ଚତୁଷ୍କ—A chequered cloth board for playing the game of dice; diceboard.

ହେମ ପଶାସାରି ପଲ୍ଲବ ପାଲିରେ ପକାଇବା ସବୁ ଶିଖାଇଲୁ ।
କବିସୂର୍ଯ୍ୟ. ସଙ୍ଗୀତ ।

୩ । ସ୍ତ୍ରୀମାନଙ୍କ ନାମ—3. Name given to females.

ପ୍ରାଦେ. (ସମ୍ବଲପୁର) ବି. (ସଂ. ପଲ୍ଲି)—୧ । ଗ୍ରାମର ପଡ଼ା—1. Part or quarter of a village.

୨ । ପଡ଼ାଗାଁ—2. Hamlet.

(ଯଥା—ବରପାଲି ।)

ପାଲିଆ—ଦେ. ବି—ପାଲାବାଲାଙ୍କ ମଧ୍ୟରେ ଯେଉଁ ଲୋକ ପାଳି ଧରେ
Pālīā ବା ଗାୟକ ବୋଲିବା ଗୀତକୁ ଆବୃତ୍ତି କରେ; ଅନୁଗାୟକ—
मेठिया The singer who follows the principal singer of a Pālā in chorus.

ପାଲାବାଲା ପାଳିଆମାନେ ଏକସ୍ୱରରେ ଗୀତ ଧରିଲେ ପରି
ସମସ୍ତେ ତାଳି ଦେଲେ । ଫକୀରମୋହନ. ଛମାଣ ଅଠଗୁଣ୍ଠ ।

ଦେ. ବିଣ. (ପୁଂ. ସ୍ତ୍ରୀ)—ଯେଉଁ ବ୍ୟକ୍ତିର ସେବା ବା ଦିନରେ ପାଳି ଥାଏ—A person having the turn of service on a particular day.

(ଯଥା—ପାଳିଆ ପାଇକ; ପାଳିଆ ପୋଇଲା ।)

ପାଲିଆ—ପ୍ରାଦେ. (ଗଞ୍ଜାମ) ବି—ଅତି ନୀଚ ଶୂଦ୍ର ଜାତିବିଶେଷ—
Pālia A low caste Śūdra.

ପାଳି ଆଣିବା—ଦେ. କ୍ରି—ଶିଶୁଆଦିଙ୍କୁ ବହୁକାଳ ପାଳନ କରି ବଢ଼ାଇବା—
Pāḷi āṇibā **पालतेआना** To bring up a child.

ପାଳି କରିବା—ଦେ. କ୍ରି—ଆପଣାର ପାଳିର ନିର୍ଦ୍ଦିଷ୍ଟ ସେବା, କାର୍ଯ୍ୟ ବା
Pāḷi karibā ଦିନର ବଜାଇବା—To work at one's
पालाकरना पारीकरना turn of service.

ପାଲିକା—ସଂ. ବି. (ପାଳ+କ+ସ୍ତ୍ରୀ. ଆ)—୧ । ଶସ୍ତ୍ରର ତୀକ୍ଷ୍ଣ ଧାର—
Pāḷikā 1. Sharp edge of a weapon.

୨ । କାନପତ୍ର—2. Lobe of the ear.

ପାଳି ଖଟିବା—ଦେ. କ୍ରି—ପାଳି କରିବା (ଦେଖ)
Pāḷi khaṭibā **पाला खाटा** Pāḷi karibā (See)

ପାଲିଙ୍କି—ଦେ. ବି. (ସଂ. ପଲ୍ୟଙ୍କ)—ପାଲ୍କି; ପାଲ୍କି—
Pāliṅki A palanquin; a palky.

(ପାଲିକ—ଅନ୍ୟରୂପ) [ଦ୍ର—୩।୪ ହାତ ଲମ୍ବ, ୨ ହାତ ଚଉଡ଼ା, ୨ ହାତ ଉଚ୍ଚ କାଠର ବାକ୍ସ ପରି ଯାନବିଶେଷ । ଏଥିର ଆଗ ଓ ପଛରେ ଗୋଟିଏ ଲେଖାଏଁ ବାଉଁଶ ଲାଗିଥାଏ । ସେହି ବାଉଁଶକୁ ୨ଜଣ ବା ୩ଜଣ ଲେଖାଏଁ କାନ୍ଧରେ ବସାଇ ନେବା ଆଣିବା କରନ୍ତି । ଆଗ ବାଉଁଶକୁ କୁମ୍ଭ ଓ ପଛ ବାଉଁଶକୁ ପିଙ୍ଗ କହନ୍ତି । ପାଲିଙ୍କି ୨ ପ୍ରକାର; ଯଥା—୧ । ଆଧୁନିକ ପାଲିଙ୍କି ବା ସବାରି । ୨ । ମରହଟ୍ଟୀ ପାଲିଙ୍କି । ମରହଟ୍ଟୀ ପାଲିଙ୍କି ଗୋଟିଏ ପଲଙ୍କ ପରି ହୋଇଥାଏ ଓ ଏହା ଉପରେ ଦେଇ "———" ଏହିପରି ଗୋଟିଏ ବକ୍ରମଧ୍ୟ ବାଉଁଶ ବନ୍ଧା ହୋଇଥାଏ । ବର୍ତ୍ତମାନ ମରହଟ୍ଟୀ ପାଲିଙ୍କି ବରକନ୍ୟାଙ୍କ ବିବାହ ଶୋଭା ଯାତ୍ରାରେ ବ୍ୟବହୃତ ହୁଏ । ପାଲିଙ୍କିକୁ ଆମ ଦେଶରେ ବେହେରା ଓ ବାଉରିମାନେ କାନ୍ଧାନ୍ତି; ବାଲେଶ୍ୱର ପ୍ରାନ୍ତ ଓ ମେଦିନୀପୁର ଅଞ୍ଚଳରେ ପାଣ ଓ ହାଡ଼ିମାନେ କାନ୍ଧାନ୍ତି, ଓ ପଶ୍ଚିମରେ 'କାହାର'ମାନେ କାନ୍ଧିଅନ୍ତି । ବେହେରାମାନେ ନାନାପ୍ରକାର ସ୍ୱରରେ ଗୀତ ଗାଇ ଡାକି ଡାକି ପାଲିଙ୍କି ବୁହାନ୍ତି ।]

ପାଲିଙ୍କିଆ—ଦେ. ବି—ପାଲିଙ୍କି ବାହକ—
Pāliṅkiā A palki bearer.
पालकीवाहक; कहार

ତିନି ପାଲିଙ୍କିଆ ଅପରି
ନାଚନ୍ତି ଲୋକାଙ୍କ ସଙ୍ଗେ ଭେଟି । ଭୂପତି. ପ୍ରେମପଞ୍ଚାମୃତ ।

ପାଲିଙ୍କି ଉପରେ ପାଟଛତା—ଦେ. ବି (ପ୍ରବଚନ)—(ଲକ୍ଷଣାର୍ଥ)
Pāliṅki upare pāṭachhatā ପାଲିଙ୍କିରେ ବସିଥିବା ବ୍ୟକ୍ତି
भागका भूतफमाय, एकहल सर्गमें बहना ବିଭବଶାଳୀ ଥିବାର ଅନୁମାନ ସ୍ୱାଭାବିକ । ପୁଣି ପାଲିଙ୍କି ପାଖେ ପାଖେ ଜଣେ ବ୍ୟକ୍ତି ପାଟର ଛତା ମେଲି ପାଲିଙ୍କି ଉପରକୁ ଧରିଥିଲେ ତାହା ଅଧିକତର ବିଭବର ପରିଚାୟକ ହୁଏ—(fig) The state of one lucky event befalling on an already lucky person.

ପାଲିଙ୍କି ଚଢ଼ା—ଦେ. କ୍ରି—ପାଲିଙ୍କିରେ ଚଢ଼ି ଯାତାୟାତ କରିବା—
Pāliṅki chaṛhā To ride on a palki; to use the
पालकी चढ़ना palki as a conveyance.

ଦେ. ବିଣ—ଯେଉଁ ବିଭାଘରରେ ବିଭା ହେବାପାଇଁ ବର କନ୍ୟାର ଘରକୁ ଓ ବିବାହପରେ ବର ଓ କନ୍ୟା ଏକତ୍ର ବରଘରକୁ
पालीकिचढ़ा ପାଲିଙ୍କି ଚଢ଼ି ଆଡ଼ମ୍ବରସହିତ ଯାଆନ୍ତି—
(a marriage) In which the bridegroom is taken in a palki for marriage and returns with the bride in palki and with procession.

ପାଲିଙ୍କି ଚଢ଼ା ବାହା—ଦେ. ବି.—ସାଡ଼ମ୍ବର ବିବାହ ଉତ୍ସବ; ଯେଉଁ ବିବାହରେ ବର ବିଭା ହେବା ପାଇଁ ପାଲିଙ୍କି ଚଢ଼ି ଯାଆନ୍ତି ଓ ବିବାହ ପରେ କନ୍ୟା ସହିତ ଏକ ପାଲିଙ୍କିରେ ବସି ଶୋଭାଯାତ୍ରା କରି ବାହୁଡ଼ନ୍ତି—A marriage in which the bridal procession is accompanied with pomp and a palki with the bridegroom.
Pālinki chardhā bāhā
ପାଲିଙ୍କି ଚଢ଼ା ବାହାଘର, ପାଲିଙ୍କି ଚଢ଼ା ବିଭା, ପାଲିଙ୍କି ଚଢ଼ା ବିଭାଘର — ଅନ୍ୟରୂପ
पालकी चढ़ा विवाह प

ପାଲିଙ୍କି ବେହେରା—ଦେ. ବି—ସବାରି ବେହେରା (ଦେଖ)
Pālinki beherā — कहार — Sabāribeherā (see)

ପାଳିଜର—ଯେଉଁ ଜର ପର୍ଯ୍ୟାୟକ୍ରମେ ଏକ ବା ଅଧିକ ଦିନ ଛଡ଼ା ଆକ୍ରମଣ କରେ—Tertian or quartan fever.
Pālijara
पालाजर पालिज्वर—अनरहव

ପାଲିତ୍ (ଥ୍)—ଦେ. ବି. (ସଂ. ପାଲ ଧାତୁ)—ବଙ୍ଗ କାୟସ୍ଥମାନଙ୍କ ଉପାଧି ବିଶେଷ—Family title of some Kāyasthas; Palit (Bengalee).
Pālit (th)

ପାଳିତ—ସଂ. ବିଣ (ପାଳ ଧାତୁ+କର୍ମ ତ)—୧ । ରକ୍ଷିତ—1. Protected; preserved
Pālitā
(ପାଳିତା—ସ୍ତ୍ରୀ) ୨ । ବର୍ଦ୍ଧିତ—2 Nourished; maintained; brought up.
ସଂ. ବି—ଶାଖୋଟ ବା ସାହାଡ଼ା ଗଛ—Strebulus Asher (tree).

ପାଳିତବ୍ୟ—ସଂ. ବିଣ—(ପାଳ ଧାତୁ+କର୍ମ. ତବ୍ୟ)—ପାଳିତ ହେବାର ଉପଯୋଗୀ—Worthy of being maintained or preserved or nourished or observed.
Pālitabya
(ପାଳିତବ୍ୟା—ସ୍ତ୍ରୀ)

ପାଳି ଧରିବା—ଦେ. କ୍ରି—ଗାୟକର ବୋଲିବା ଗୀତକୁ ଅନୁସରଣ କରି ଘୋଷିବା—To recite a song sung by a singer in chorous; to recite the refrain of a song.
Pāli dharibā
पालाधरा
सङ्गदेना

[ଦ୍ର—ସତ୍ୟନାରାୟଣ ପାଲା ଗୀତ ଓ ଭାଗବତ ଆଦିର ଚାଣ୍ଡୀଗତରେ ଓ ସଙ୍ଗୀତରେ ପ୍ରଧାନ ଗାୟକକୁ ଗୀତ ବୋଲିବା ମଧ୍ୟରେ ମଧ୍ୟରେ ଅବସର ଦେବା ପାଇଁ ଏକାଧିକ ବ୍ୟକ୍ତି ପାଳି ଧରନ୍ତି । ଏମାନେ ପାଳି ଧରିବାବେଳେ ଗାୟକ ଟିକିଏ ଦମ୍ ନିଏ ।]

ପାଳି ନେବା ଦେ. କ୍ରି—ପାଳି ଆଣିବା (ଦେଖ)—
Pāli nebā — Pāli ānibā (See)

ପାଳିନ୍ଦ—ସଂ. ବି—(ପାଳ ଧାତୁ=ପ୍ରତିପାଳନ କରିବା+ଇନ୍ଦ୍=ମଧୁମକ୍ଷିକାମାନଙ୍କୁ ପ୍ରତିପାଳନ କରେ ବୋଲି)—କୁନ୍ଦଫୁଲ—A short of jasmine.
Pālinda

ପାଳିନ୍ଦୀ(ନ୍ଧୀ)—ସଂ. ବି—(ପାଳ ଧାତୁ+ଇନ୍ଦ+ସ୍ତ୍ରୀ. ଈ)—୧ । ତ୍ରିବୃତ; ଭିତୁଡ଼ୀ ଲତା; ଶ୍ୟାମାଲତା—1. A medicinal creeper.; Ipomea Turpe Thum.
Pālindi(ndhi)
ସଂ. ତ୍ରିପୁଟା, ତ୍ରିବୃତା, ଶ୍ୟାମା
तेउड़ी
୨ । ଭୁଆସଇତା (ହରେକୃଷ୍ଣ ଦ୍ରବ୍ୟଗୁଣ—2. A kind of cucurbitatious fruit and its creeper.
तरवद्
ମ. ତସ୍ପୁଡ଼
ତେ. ଅଲତେଗଡ଼

ପାଳିବା—ଦେ. କ୍ରି. (ସଂ. ପା ଧାତୁ ଣିଚ୍=ପାଳ ଧାତୁ)—୧ । ଶିଶୁକାଳରୁ ଲାଳନ ପାଳନ କରିବା—1. To bring up; to nourish from childhood.
Pālibā
पाला पालाना
ଜୋଜା ପ୍ରଥମାରୁ ତପେ ତୁମ୍ଭକୁ ଯଶୋଦା ଅଛନ୍ତି ପାଳି—
କବିସୂର୍ଯ୍ୟ. ଯଶୋଦାବିଳାପ ।
୨ । (ଜୀବ ଆଦିଙ୍କୁ) ଖାଇବାକୁ ଦେଇ ପୋଷିବା—2. To tend; to rear.
୩ । ରଖିବା—3. To keep.
୪ । ଜଗିବା; ରକ୍ଷା କରିବା—4. To save; to protect; to watch.
ସେ ଜତୁଗୃହ ପୁରୋଚନ ପାଳି ଅଛି । କୃଷ୍ଣସିଂହ. ମହାଭାରତ. ଆଦି ।
୫ । (ଆଦେଶ) ମାନିବା—5. To obey or to carry out (an order).
ବେନ୍ଥୁ କାହା ବୋଲି ଆଜ ପାଳିବାକୁ ବୋଇଲ ଦେଲେ ହୋଇ ।
ଭକ୍ତ. ପ୍ରେମସୁଧାନିଧି
୬ । ପ୍ରତିଜ୍ଞା ଅନୁସାରେ କାର୍ଯ୍ୟ କରିବା—6. To carry out one's promise.
୭ । ବ୍ରତ ଆଦିର ବିଧି ବା ନିୟମ ଅନୁସାରେ କାର୍ଯ୍ୟ କରିବା—7. To observe (a rule or penance or vow.)
୮ । (ରାଜ୍ୟ ଓ ପ୍ରଜା) ସୁଶାସନ କରିବା—8. To rule with mercy and justice.
ଯେ ରାଜ୍ୟ ପାଳିଲ ଏତେ ଯତନେ । ମଧୁସୂଦନ ।
୯ । ଜନ୍ମିକିଆ ବା ମୃତକିଆ ଅଶୌଚର ବିଧି ରକ୍ଷା କରିବା—9. To observe the rules of pollution in cases of death or birth amongst relations.
୧୦ । କୌଣସି ବ୍ୟକ୍ତିକୁ ଗ୍ରାସାଚ୍ଛାଦନ ଦେଇ ତାହାର ଜୀବନ ରକ୍ଷା କରିବା; ପୋଷିବା—10. To maintain or support a person by providing him with food and raiment.

ପାଳୁ—ଦେ. ବି—ପାଳୁଅ (ଦେଖ)
Pālu — Palua (See)
ପ୍ରାଦେ. (ଗଞ୍ଜାମ). ବି—(ତେ. ପାଲୁ—ଦୁଧ; ଦୁଗ୍ଧ—Milk.

ପାଲୁ—ପ୍ରାଦେ (ଗଞ୍ଜାମ) ବି—୧ । କାଠ ଚିକ୍କଣ କରିବା ଅସ୍ତ୍ରବିଶେଷ; ବଢ଼େଇର ରନ୍ଦା—1. A carpenter's plane.
Pālu
रादा
୨ । ପାଳୁ (ଦେଖ)—2. Pālu (See).

ପାଳୁଅ—ଦେ. ବି. (ସଂ. ପଲଲ=ତିଳଚୂର୍ଣ୍ଣ, ପଙ୍କ)—୧ । ହଳଦୀ ଜାତୀୟ ବଡ଼ ବନ୍ୟଶାକ ବୃକ୍ଷବିଶେଷର ଶ୍ୱେତ ସୁଗନ୍ଧ ମୂଳ—1. Curcuma Zeodharia; Zeodary; Starch; Indian arrow root; Curcuma Anyustifolia; Curcuma Aromatica (Haines).
Pālua
पालो; शटी
कच्चूर
ସଂ. ଗନ୍ଧସାର; କର୍ଚ୍ଚୂର, ବେଧମୁଖ୍ୟ, ଦ୍ରାବିଡ଼, କଲ୍ପକ, କଚ୍ଚୂର, ଶଠୀ; ଗନ୍ଧମୂଳୀ, ଜଟାଳ
[ଦ୍ର—ପାଳୁଅ ଗଛ ପତ୍ର, ମଧ୍ୟ ଓ

ଫା. ଜରଂବାଦ ଦକ୍ଷିଣ ଭାରତରେ ବେଶି ହୁଏ ।
ମ. କଚୋ୍ରା ପୂର୍ବ ହିମାଳୟ ଚଟ୍ଟଗ୍ରାମରେ ଏ ଗଛ
ଗୁ. କଚୂରା ବେଶୀ ଜନ୍ମେ । ଶୀତ ଆରମ୍ଭରେ
ଆ. ଏରକଲକାପୁର ଏହାର ମୂଳ ଭଲ ହୋଇ ଚାଷ ହୋଇଥିବା ଜମିରେ ପୋତାଯାଏ ଓ ମଝିରେ ମଝିରେ ପାଣି ଦିଆଯାଏ । ପୁଷ ମାସରେ ଏହାର ପତ୍ର ଝଡ଼ିଲାରୁ ଏହାର ମୂଳକୁ ଖୋଳି ପାଣିରେ ଧୋଇ କୁଟି ପାଣିରେ ବୁଡ଼ାଇଲେ ତଳେ ଗୋଟିଏ ଧଳା ସ୍ତର ବସିଯାଏ । ତାକୁ ଶୁଖାଇ କୁଟି ଛାଣି ପାଳୁଅ କରାଯାଏ । ଏହା ରୋଗୀ ଓ ଶିଶୁମାନଙ୍କର ପଥ୍ୟ ଏବଂ ଲଘୁପାକ । ଏହି ପାଳୁଅରେ ଖୀରି ଓ ପାୟସ ଆଦି ହୁଏ । ଏହା ଈଷତ୍ କର୍ପୂର ଗନ୍ଧବିଶିଷ୍ଟ । ପୂର୍ବେ ପାଳୁଅରେ ବକମ କାଠର ରଙ୍ଗ ମିଶାଇ ଲୋକେ ଅବିର ତିଆରି କରୁଥିଲେ; ଏବେ ମଧ୍ୟ କେତେକ ସ୍ଥାନରେ ପାଳୁଅରୁ ଅବିର କରାଯାଏ । ବୈଦ୍ୟଶାସ୍ତ୍ର ମତରେ ଏହା ଅଗ୍ନି ଦୀପକ, ରୁଚିକାରକ, କଟୁତିକ୍ତରସ ସୁଗନ୍ଧଯୁକ୍ତ ଉଷ୍ଣବୀର୍ଯ୍ୟ ଓ ଲଘୁ; ଏହା କୁଷ୍ଠ, ଅର୍ଶ, ବ୍ରଣ, କାସ, ଶ୍ୱାସ, ଗୁଳ୍ମ ବାୟୁ, କଫ ଓ କୃମିନାଶକ; ଏହାଦ୍ୱାରା ଗଳଗଣ୍ଡ, ଗଣ୍ଡମାଳା, ଅପଚୀ ଓ ମୁଖର ଜଡ଼ତା ନାଶ ହୁଏ—ବଙ୍ଗଳା ଦ୍ରବ୍ୟଗୁଣ ।]

୨ । ପାଳୁଅ ଗଛର କନ୍ଦ ଓ ଶିଙ୍ଗଡ଼ା ଆଦିକୁ ଚୂର୍ଣ୍ଣ କରି ପ୍ରସ୍ତୁତ କରାଯିବା ଅଟା—2. Starch.

ପାଳୁଆ—ଦେ. ବଣ – ଯାହା ପାଳ ବା ନଦୀଗର୍ଭସ୍ଥ ପଟୁ ଜମିରେ ଫଳେ—
Pālua Grown in silted river-side lands.
(ଯଥା—ପାଳୁଆ ବାଇଗଣ ।)

ପାଳୁଗୁଣ୍ଡି—ଦେ. ବି – ପାଳୁଅ ଚୂର୍ଣ୍ଣ—
Pālugundi Sottie powder; Zeodary powder.
(ପାଳୁଅଗୁଣ୍ଡି — ଅନ୍ୟରୂପ)

ପାଲୁଣୀ—ଦେ. ବି. ସ୍ତ୍ରୀ – ୧ । ପାଣଜାତୀୟା ସ୍ତ୍ରୀ—
Paluni 1. A female of the Pāna caste.
୨ । ଅପତ୍ତିଅଣୀ ସ୍ତ୍ରୀଙ୍କ ନାମ—
2. Name given to females.

ପାଳେଇବା—ଦେ. କ୍ରି—ପାଳିବା କ୍ରିୟାର ଣିଜନ୍ତ ରୂପ—
Pāleibā Causative of Pālibā.

ପାଲେଶ୍ - ବୈଦେ. ବି. (ଇଂ. ପାଲେଶ)—ରାଜପ୍ରାସାଦ—
Pāleś পালেস **पालेस** Palace.

ପାଲେଶ ସୁପରଣ୍ଟେଣ୍ଡେଣ୍ଟ—ବୈଦେ. ବି. (ଇଂ ପାଲେଶ୍ ସୁପରଣ୍ଟେଣ୍ଡେଣ୍ଟ)
Pāleś suparintendent ରାଜପ୍ରାସାଦର ତତ୍ତ୍ୱାବଧାରକ—
পালেস সুপরিণ্টেণ্ডেণ্ট **पालेससुपरवंट** Palace superintendent.

ପାଲ୍ୟ—ସ. ବଣ—(ପାଲଧାତୁ+କର୍ମ. ଯ)–ପାଳନୀୟ (ଦେଖ)—
Pālya Pālaniya (See).
ଦେ. ବଣ—ପାଳିତ (ଦେଖ)—Pālita (See).

ପାଲ୍ୟ ଯାହାର ନୋହୁ ତାହାର ଅଙ୍ଗ କାହାର ଚିର୍ଣ୍ଣ ।
ଅଭିମନ୍ୟୁ- ବଦଗ୍ଧ ଚିନ୍ତାମଣି ।

ପାୱା—ଦେ. ବଣ—ପାହୁ (ଦେଖ)
Pāwā Pāhu (See)

ପାୱା ଯିବା—ଦେ. କ୍ରି. (ବଙ୍ଗଳାରୁ ଅନୁକୃତ)—
Pāwā jibā ପ୍ରାପ୍ତ ହେବା; ମିଳନ—To be had; to be
পাওয়া যাওয়া got; to be recovered.
पाया जाना

ପାୱାର—ବୈଦେ. ବି. (ଇଂ. ପାୱାର୍)—
Pāwār ୧ । କ୍ଷମତା—1. Power.
পাওয়ার ୨ । ରେଲ ଗାଡ଼ି; ମଟର ଓ କଳ ଆଦିର ବଳ—
पावार 2. Power of a machine.
୩ । ମାଜିଷ୍ଟ୍ରେଟ ଆଦି ବିଚାରକଙ୍କୁ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ବିଚାର କରିବା ଓ ଦଣ୍ଡ ଦେବାର କ୍ଷମତା—3. The power conferred on Magistrates or on the functionary to deal with cases of certain descriptions.

ପାୱାର ହାଉସ୍—ବୈଦେ. ବି. (ଇଂ. ପାୱାର ହାଉସ୍)—
Pāwār haus ଯେଉଁ ଘରେ କଳ ଦ୍ୱାରା ବିଦ୍ୟୁତ୍ ଉତ୍ପାଦିତ
পাওয়ার হাউস କରାଯାଇ ତାହା ବିଜୁଳି ବତୀ ଓ ପଙ୍ଖା ଆଦି
पावार हौस ଚଳାଇବା ପାଇଁ ଦୂରକୁ ପ୍ରେରିତ କରାଯାଏ—
Power house.

ପାଶ୍—ବୈଦେ. ବି. (ଇଂ. ପାଶ୍)—୧ । ପରୀକ୍ଷାରେ ସଫଳତା ଲାଭ ବା
Pās ଉତ୍ତୀର୍ଣ୍ଣ ହେବା—1. Passing of an examination.
পাশ ୨ । କୌଣସି ସ୍ଥାନକୁ ଯିବାର ବା ମଟରଗାଡ଼ି ଆଦି
पास ଚଳାଇବାର ଲିଖିତ ଅନୁମତି ପତ୍ର; ଛାଡ଼ ଚିଠି—
2. A permit, a pass.
୩ । ବନ୍ଧୁକ ଆଦି ବ୍ୟବହାର କରିବା, ବାଜା ବଜାଇ ଶୋଭାଯାତ୍ରା ନେବା ଆଦି ପାଇଁ ସରକାରରୁ ମିଳିବା ଛାଡ଼(ଚିଠି)—
3. Licence for the use of a gun or for taking a procession.
୪ । ଆଧୁନିକ ଭୋଜ ବିଦ୍ୟା (mismerism) ର ବାଜିଗର ଅନ୍ୟ ଲୋକର ଦେହରେ ହାତ ବୁଲାଇବା ରୂପ କର୍ମ—
4. Pass (given by a mismerist to hypnotise a patient.)
୫ । (ଫା. ପାସ୍) କୌଣସି ସୁଗନ୍ଧ ଦ୍ରବ୍ୟ ଛିଞ୍ଚିବାରେ ବ୍ୟବହୃତ ପାତ୍ର—A pot or vessel used in sprinkling scouts.
[ଦ୍ର—ଏହି ଅର୍ଥରେ ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ । ଯଥା—ଗୋଲାପ ପାଶ]
ବୈଦେ. ବଣ.—ପରୀକ୍ଷାରେ ଉତ୍ତୀର୍ଣ୍ଣ—Passed.
ପ୍ରାଦେ. (ସମ୍ବଲପୁର) ବି.—(ତୁଳ. ହି. ପାସ୍; ସ. ପାର୍ଶ୍ୱ)—
୧ । ପାଖ—1. Side.
୨ । ନୈକଟ୍ୟ—2. Nearness.
ପ୍ରାଦେ. (ସମ୍ବଲପୁର)—ବିଣ.—ଅଦୂର; ନିକଟ—
Adjoining; near; not distant.

ପାଶ୍ କରିବା—ଦେ. କ୍ରି.—(ଇଂ. ପାସ୍)—ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା—
Pās karibā — To pass an examination.
পাশকরা **पासकरना** (ଫେଲ ହେବା—ବିପରୀତ)

ପାଶ୍ ଖବର—ବୈଦେ. ବି.—(ଇଂ. ପାସ୍+ଫା. ଖବର)—ପରୀକ୍ଷାରେ
Pāś khabar   ଛାତ୍ର ପାଶ୍ କରିଥିବା ସମ୍ବାଦ—[1]
ପাশের খবর   News of an examinee's passing
पासकी खबर   an examination.

ପାଶ୍ ନମ୍ବର—ବୈଦେ. ବି.—(ଇଂ. ପାସ୍+ନମ୍ବର)—କୌଣସି
Pāś nambara   ପରୀକ୍ଷାରେ ପରୀକ୍ଷାର୍ଥୀର ପାଶ କରିବା ପାଇଁ
পাশ মার্ক   पास मारक   ନିର୍ଦ୍ଧାରିତ ନମ୍ବର—Pass mark in
(ପାଶ୍ ମାର୍କ—ଅନ୍ୟରୂପ)   an examination.

ପାଶ୍‌ପୋଟ୍(ର୍ଟ)—ବୈଦେ. ବି.—(ଇଂ. ପାସ୍‌ପୋର୍ଟ୍)—କୌଣସି ବ୍ୟକ୍ତି
Pāś pot(rt)   ଦେଶାନ୍ତରକୁ ଯିବା ପାଇଁ ସରକାରଙ୍କ ଠାରୁ ଯେଉଁ
পাশপোট   ଛାଡ଼ପତ୍ର ନିଏ—Pass ports; a permit granted
पासपोर्ट   to a person to travel in foreign countries.

ପାଶ୍ ବୁକ—ବୈଦେ. ବି. (ଇଂ)—ଡାକ ଘରେ କମ୍ପା ବ୍ୟାଙ୍କ୍ ଅଦରେ
Pās buk   ଟଙ୍କା ଜମା କରିଥିବା ଲୋକକୁ ଟଙ୍କା ଜମା କରିବାର
পাশবুক   पासबुक   ନିଦର୍ଶନ ରୂପେ ମିଳିବା ହିସାବ ବହି—
(ପାଶ୍ ବହି—ଅନ୍ୟରୂପ)   Pass book (of any bank).

ପାଶ୍ ଲିଷ୍ଟ—ବୈଦେ. ବି. (ଇଂ. ପାଶ୍ ଲିଷ୍ଟ)—କୌଣସି ପରୀକ୍ଷାରେ ପାଶ୍
Pās lisht   କରିଥିବା ଛାତ୍ରମାନଙ୍କ ତାଲିକା—
পাশ লিষ্ট   पास लिस्ट   Pass list.
(ପାଶ୍‌ଲିଷ୍ଟି—ଅନ୍ୟରୂପ)

ପାଶ—ସଂ. ବି.—(ପଶ୍ ଧାତୁ=ବାନ୍ଧିବା+କରଣ. ଅ; କମ୍ପା ପାଶି ଧାତୁ
Pāśa   +କରଣ. ଅ,—୧ । ରଜ୍ଜୁ; ଦଉଡ଼ି—
1. Rope; string; cord.
୨ । ଶିକୁଳି—2. Chain; fetter; bond.
୩ । ପଶୁ ପକ୍ଷୀ ଆଦ ଧରିବାର ଫାଶ; ଫାନ—
3. Noose; snare; trap.
୪ । ଜାଲ—4. Net.
୫ । ଅକ୍ଷ; ପଶାଖେଳ—5. Game of dice.
୬ । ପାଶାସ୍ତ୍ର; ଶସ୍ତ୍ରଭେଦ; ପ୍ରାଚୀନ ଯୁଦ୍ଧାସ୍ତ୍ରବିଶେଷ—
6. A noose; a weapon of offence.
[ଦ୍ର—ଏହାକୁ ଶତ୍ରୁ ଉପରକୁ ପକାଇ ଶତ୍ରୁକୁ ଅପଣା ଆଡ଼କୁ
ଟାଣି ଆଣିବାକୁ ହେଉଥିଲା—
୭ । ଗଣ୍ଠି—7. A knot; loop. ୮ । ସୂତ୍ର—8. Thread.
୯ । ପଶାକାଠି—9. Die; dice.
୧୦ । ବୁଣା ହୋଇଥିବା ବସ୍ତୁର ଧଡ଼ି—The edge or border
of anything woven (Apte)
୧୧ । (କେଶ ବାଚକ ଶବ୍ଦ ପରେ ବସିଲେ)—ସମୂହ; ଗୁଚ୍ଛ; ବଡ଼ା—
11. A tuft or mass.
(ଯଥା—କେଶପାଶ)
୧୨ । (ଛାତ୍ର, ଭିଷକ୍ ପ୍ରଭୃତି ଶବ୍ଦ ପରେ ବସିଲେ) କୁତ୍ସିତ୍—ଯଥା
ଛାତ୍ରପାଶ; ବୈୟାକରଣପାଶ; ଭିଷକ୍‌ପାଶ)
12. A contemptible or worthless person.
ସଂ. ବିଣ.—୧ । (କଣ୍ଠବାଚକ ଶବ୍ଦ ପରେ ବସିଲେ) ସୁନ୍ଦର—
1. Beautiful, graceful.
(ଯଥା—କଣ୍ଠପାଶ)
୨ । (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ଯଥା ଛତ୍ରପାଶ=ଖଣ୍ଡିଆ ଛତା)
କୁତ୍ସିତ; ମନ୍ଦ—2. Ugly; bad.
ଦେ. (ପଦ୍ୟ) ବି.—(ସଂ. ପାର୍ଶ୍ୱ)—୧ । ପାଖ—
পাশ   पास   1. Side.
ଗା ଯା ମୋ ପାଶରୁ । କବିସୂର୍ଯ୍ୟ ସଙ୍ଗୀତ.
୨ । ନୈକଟ୍ୟ; ସମୀପ—2. Vicinity.
ଅପରାଧୀ ହେଲେ ଦାସ
ନିକଟେ ପାଶକୁ ଯିବ କ୍ଷମା କର ଦୋଷ । ଭକ୍ତ, ପ୍ରେମସୁଧାନିଧି.
୩ । ପାର୍ଶ୍ୱଯୁଗ—3. The sides; flank.
ଫୁଲ ପଙ୍କା ଫଳ ଅଳିକ ଭ୍ରମର ପୂର୍ଣ୍ଣରେ ଧରି କରେ
ବେନି ପାଶରେ ମଧ୍ୟେ ମଧ୍ୟେ ଚାଳବା କ କହିବ ବଚନରେ । ଗୋବିନ୍ଦ. ଜଗମୋହନ.
୪ । (ପାନବରଜୀଙ୍କ ଭାଷା) ପାନ ଗଛର ଧାଡ଼ି—
4. A row of plants in a betel plantation.

ପାଶକ—ସଂ. ବି. (ପାଶି ଧାତୁ=ବନ୍ଧନ କରିବା+କର୍ତ୍ତୃ. ଅକ)—
Pāśaka   ୧ । ପଶାଖେଳ—1. Game of dice.
୨ । ପଶାକାଠି—2. Die; dice (Apte).

ପାଶକ ପୀଠ—ସଂ. ବି.—୧ । ଜୁଆ ଖେଳର ଘର—
Pāśaka pitha   1. A gambling house. (Apte).
୨ । ଯେଉଁ ପଟା ଉପରେ ପଶା ଖେଳା ଯାଏ—
2. A gambling table. (Apte).

ପାଶ କ୍ରୀଡ଼ା—ସଂ. ବି. (ଷଷ୍ଠୀ ତତ୍; ପାଶ ଦ୍ୱାରା କ୍ରୀଡ଼ା)—
Pāśa krirdā   ଅକ୍ଷକ୍ରୀଡ଼ା; ପଶା ଖେଳ; ଚଉପାଶ—
The game of dice; playing at dice

ପାଶଙ୍ଗ—ଦେ. ବି. (ସଂ. ପାଷାଣ; ତୁଳ. ଫା. ପାସଙ୍ଗ୍)—
Pāśanga   ୧ । ତରାଜୁର ଦୁଇ ପାଖକୁ ସମାନ କରିବାକୁ
পাষাণ   ଯେଉଁ ପାଷାଣ ବା ଇଟା ଖଣ୍ଡ ଦେବାକୁ ହୁଏ—
पासङ्ग, पसंगा   1. A piece of stone or brick-bat put
ମ. ପାସଙ୍ଗ   on one of the paus of a scale to make
ଫା. ପାସଙ୍ଗ୍   the beam horizontal; a make weight.
୨ । ତୁଲା ଦଣ୍ଡର ଦୁଇ ପାଲ୍ଲାର ସମତା—
2. Equilibrium of a scale-beam.

ପାଶଙ୍ଗ ଧରିବା—ଦେ. କ୍ରି. (ସଂ. ପାଷାଣ+ଧୃ ଧାତୁ)—
Pāśanga dharibā   ତୁଲା ଦଣ୍ଡର ଉଭୟ ଉପର ପଲ୍ଲାକୁ
পাষাণ ভাঙ্গা   ସମାନ କରିବା ନିମନ୍ତେ ଝୁଙ୍କି ପଡ଼ୁଥିବା
पासङ्ग डालना   ପଲ୍ଲାରେ ଇଟା ଖଣ୍ଡମାନ ରଖିବା; ତଉଡ଼ା
[ପାସଙ୍ଗ ପକା(କେ)ଇବା—ଅନ୍ୟରୂପ]   ଧରିବା—
To set the balance right by putting a piece of brick-bat or earth on one of the paus to secure equipoise.

ପାଶଙ୍ଗରେ ପକା(କେ)ଇବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଖାତିର
Pāśangare pakā(ke)ibā   କରିବା—1. To care for.
पासंगमे लगाना   ୨ । ସମ୍ମାନ ଚକ୍ଷୁରେ ଦେଖିବା—
2. To look upon with respect

୩ । ଅନୁରୋଧ ଆଦିକୁ ଗ୍ରାହ୍ୟ କରିବା—
3. To pay heed to any request or advice.
(ଯଥା—ମୋ କଥାଟାକୁ ସେ ପାଶଙ୍ଗରେ ପକାଇଲା ନାହିଁ ।)

ପାଶଙ୍ଗରେ ନ ପଡ଼ିବା—ଦେ. କ୍ରି. (ଲକ୍ଷଣାର୍ଥ)—
Pāsaṅgare na paṛdibā ୧ । କୌଣସି ବସ୍ତୁ ବା ବ୍ୟକ୍ତି ସଙ୍ଗେ ତୁଳନୀୟ ନ ହେବା—
पासंग बराबर न होना, पासंगभी न होना 1. Not to be considered worth comparing.
୨ । ସମାନ ନ ହେବା—2. Not to be equal.
୩ । ଅନେକଙ୍କ ଭିତରେ ଜଣେ ବୋଲି ବିବେଚିତ ନ ହେବା—
3. No to be considered as a distinguished person amongst many.
୪ । ସମ୍ମାନ-ସହିତ ବିବେଚିତ ନ ହେବା—4. Not to be regarded with a feeling of respect.
(ଯଥା—ଆଜି କାଲିକାର ଟୋକାଙ୍କ ଦଳରେ ଆମେ ମରହଟ୍ଟିଆ ଯାକ ପାଶଙ୍ଗରେ ପଡ଼ୁ ନାହୁଁ ।)

ପାଶ ପାଣି—ସଂ. ବି. (ବହୁବ୍ରୀହି)—ବରୁଣ—
Pāsa pāṇi The Hindu God of ocean.
ପାଶଧର, ପାଶହସ୍ତ, ପାଶଭୃତ୍ } ଅନ୍ୟରୂପ
[ଦ୍ର—ବରୁଣ ଦେବତା ହାତରେ ଗୋଟିଏ ପାଶ ଧରିଥାଆନ୍ତି ।]
ସଂ. ବିଣ—ପାଶ ରୂପ ଅସ୍ତ୍ର ଦ୍ୱାରା ସଜ୍ଜିତ—
Armed with a noose.

ପାଶବ—ସଂ. ବିଣ. (ପଶୁ+ସମ୍ବନ୍ଧାର୍ଥେ. ଅ)—୧ । ପଶୁସମ୍ବନ୍ଧୀୟ—
Pāsaba 1. Beastly; bestial.
୨ । ପଶୁର ଯୋଗ୍ୟ—2. Becoming a beast.
୩ । ନିଷ୍ଠୁର—3. Heartless; cruel.
ସଂ. ବି—ପଶୁସମୂହ—A herd of beasts; a flock of beasts.

ପାଶ ବଦ୍ଧ—ସଂ. ବିଣ. (୩ୟା ତତ୍; ପାଶ+ବଦ୍ଧ)—
Pāsa baddha ଫାନ୍ଦରେ ପଡ଼ିଥିବା—Noosed; ensnared.

ପାଶ ବନ୍ଧ—ସଂ. ବି. (ରୂପକ; ପାଶ+ବନ୍ଧ)—
Pāsa bandha ୧ । ଫାଶ; ଫାନ୍ଦ—1 Snare.
(ପାଶ ବନ୍ଧନ—ଅନ୍ୟରୂପ) ୨ । ଫାଶରେ ବନ୍ଧା ହେବା—
2. Being ensnared.

ପାଶବିକ—ସଂ. ବିଣ. (ପଶୁ+ସମ୍ବନ୍ଧାର୍ଥେ. ଇକ)—ପାଶବ (ଦେଖ)
Pāsabika Pāsaba (See)

ପାଶଭୃତ୍—ସଂ. ବି. (ଉପପଦ ତତ୍ପୁରୁଷ; ପାଶ+ଭୃ ଧାତୁ=ଧାରଣ କରିବା+କର୍ତ୍ତୃ. କ୍ୱିପ୍)—ପାଶପାଣି (ଦେଖ)
Pāsabhṛut Pāsapāṇi (See)

ପାଶମୁଦ୍ରା—ସଂ. ବି—ତାନ୍ତ୍ରିକମାନଙ୍କ ବ୍ୟବହୃତ କରମୁଦ୍ରାବିଶେଷ—
Pāsamudrā A posture of the fingers used by Tantra worshippers.
[ଦ୍ର—ପ୍ରତ୍ୟେକ ହାତରେ ତର୍ଜନୀ ଓ ବୃଦ୍ଧାଙ୍ଗୁଷ୍ଠର ଅଗ୍ରକୁ ବୃତ୍ତାକାରରେ ସଲଗ୍ନ କରି ଉକ୍ତ ବୃତ୍ତ ଦ୍ୱୟକୁ ପରସ୍ପର ସଙ୍ଗେ କପଟିତ ଦିଗରୁ ଛୁଆଁଇଲେ ପାଶମୁଦ୍ରା ହୁଏ । ହି. ଶ.]

ପାଶା—ପ୍ରାଦେ. (ବସ୍ତୁର) ବି. (ସଂ. ପାଶକ·)—
Pāsā ୧ । ପଶା ଖେଳ—1. The game of dice.
୨ । (ବଣିଆ ଶବ୍ଦ) ଅଳଙ୍କାରରେ ବ୍ୟବହୃତ ହେବା ଏକ ପ୍ରକାର ରୂପା କଡ଼ି—2. A kind of silver ring used in ornaments.
ବୈଦେ. ବି. (ତୁର୍କୀ ଭାଷା; ଫା. ବାଦ୍‌ଶାହ୍)—
ତୁର୍କୀସ୍ଥର ସର୍ଦ୍ଦାରମାନଙ୍କର ଉପାଧିବିଶେଷ—
Pasha; a title of Turkish Chiefs.

ପାଶି (ଧାତୁ)—ସଂ. (ପଶ୍ ଧାତୁ ଣିଚ୍)—ବନ୍ଧନ କରିବା—
Pāsi (root) To bind.

ପାଶି—ଦେ. ବି. (ସଂ. ପାଶ)—ଫାଶ—
Pāsi Noose; snare.
ବାନ୍ଧିବାକୁ ମୋ ମନ ରୁ ପାଶି । କବିସୂର୍ଯ୍ୟ, କଂଶୋଦ୍ଧାରଣ ସଙ୍ଗୀତ ।

ପାଶିକ—ସଂ. ବି. ପୁଂ. (ପାଶ+ଇକ)—ଯେ ଫାଶ ଦ୍ୱାରା ପକ୍ଷୀ ଧରେ—
Pāsika A bird catcher.

ପାଶିତ—ସଂ. ବିଣ. (ପାଶ+ଇତ)—ପାଶବଦ୍ଧ—
Pāsita Fettered; ensnared.

ପାଶୀ—ସଂ. ବିଣ (ପାଶ+ଇନ୍; ୧ମା. ୧ବ)—ପାଶାସ୍ତ୍ରଧାରୀ—
Pāsi Armed with a noose.
(ପାଶିନୀ—ସ୍ତ୍ରୀ) ସଂ. ବି—୧ । ବରୁଣ—
I. The Ocean-god.
୨ । ଯମ—2. The God of death.
୩ । ବ୍ୟାଧ—3. A hunter or fowler.
୪ । ଯେଉଁ ବ୍ୟକ୍ତି ଫାଶ ବସାଇ ପଶୁ ପକ୍ଷୀ ଆଦି ଧରେ—
4. A person who catches birds and beasts by setting snares.
୫ । ପ୍ରାଣ ଦଣ୍ଡରେ ଦଣ୍ଡିତ ବ୍ୟକ୍ତିର ଗଳାରେ ଯେଉଁ ହାଡ଼ି ଫାଶ ବସାଏ (ହି. ଶ.)—5. A public hangman.
ଦେ. ବି (ସଂ. ପାଶ)—ଫାଶ—Noose.
ତଟ ... ଯେଉଁଥିକ ଖେଳକୁ ପ୍ରବାହି
ବସ୍ତ୍ରାଦିର ବଳେ ବାନ୍ଧିପାଶୀ ଭକ୍ତ. ପ୍ରେମସୁଧାନିଧି ।
ଦେ. ବିଣ (ସଂ. ପାର୍ଶ୍ୱବର୍ତ୍ତୀ)—ପାର୍ଶ୍ୱବର୍ତ୍ତୀ; ନିକଟବର୍ତ୍ତୀ—
Adjacent.
ବଦୂରେ ସେ ପାଶୀ ହେଲେ ପାଶୀ ନୋହି ଭଡ଼—ଭକ୍ତ. ବୈଦେହୀଶବିଳାସ ।

ପାଶୁକ—ସଂ. ବିଣ (ବୈଦିକ)—(ପଶୁ+ଅକ)—୧ । ପଶୁସମ୍ବନ୍ଧୀୟ—
Pāsuka 1. Relating to animal (Apte).
୨ । ଦେବତାଙ୍କୁ ଦିଆଯିବା ବଳିସମ୍ବନ୍ଧୀୟ—
2. Relating to a victim of sacrifice (Apte).

ପାଶୁପତ—ସଂ. ବିଣ (ପଶୁପତି=ମହାଦେବ+ଅ)—ମହାଦେବସମ୍ବନ୍ଧୀୟ—
Pāsupata Belonging to Mahādeba.
(ପାଶୁପତୀ—ସ୍ତ୍ରୀ) ସଂ. ବି—୧ । ଶିବଭକ୍ତ; ଶୈବ—
1. A devotee of Siba.

୨ । ମହାଦେବଙ୍କ ଅସ୍ତ୍ରବିଶେଷ; ଶିବଙ୍କ ଅମୋଘାସ୍ତ୍ର—
2. Name of a weapon of Śiba.
[ଦ୍ର—ଅର୍ଜୁନଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ଏହାକୁ ଅର୍ଜୁନଙ୍କୁ ଉପହାର ଦେଇଥିଲେ ।]
୩ । ବକ ଫୁଲ; ଅଗସ୍ତି ଫୁଲ—
2. A flower; Agasti; Grandiflora.

ପାଶୁପତଦର୍ଶନ—ସ. ବି—ସାମ୍ପ୍ରଦାୟିକ ହିନ୍ଦୁଦର୍ଶନଶାସ୍ତ୍ରବିଶେଷ—
Pāśupata darśana Name of a Sectarian treatise of Hindu Philosophy.
[ଦ୍ର—ସର୍ବାର୍ଥଦର୍ଶନ ସଂଗ୍ରହରେ ଏ ଦର୍ଶନର ନାମ ଉଲ୍ଲେଖ ଅଛି । ଏଥିରେ ଜୀବମାତ୍ରଙ୍କୁ 'ପଶୁ' ସଂଜ୍ଞା ଦିଆ ଯାଇଅଛି ଓ ପଶୁପତି ଶିବ ଜଗତର ଓ ଜୀବର ଅଧୀଶ୍ୱର ଥିବାର ଲେଖା ଅଛି । ମୁକ୍ତି ଦୁଇ ପ୍ରକାର ଯଥା—ସର୍ବ ଦୁଃଖର ଅତ୍ୟନ୍ତ ନିବୃତ୍ତି ଓ ପରମୈଶ୍ୱର୍ଯ୍ୟ ପ୍ରାପ୍ତି ବୋଲି ଏଥିରେ ଲେଖା ଅଛି । ଅନ୍ୟ ଦର୍ଶନମାନଙ୍କରେ ଦୁଃଖର ନିବୃତ୍ତିକୁ ମୁକ୍ତି ବୋଲି ଯାଇଅଛି, କିନ୍ତୁ ପାଶୁପତ ଦର୍ଶନରେ ଦୁଃଖର ନିବୃତ୍ତି ସଙ୍ଗେ ପରମୈଶ୍ୱର୍ଯ୍ୟ ପ୍ରାପ୍ତି ନ ହେଲେ ମୁକ୍ତି ହେବ ନାହିଁ ବୋଲି ବର୍ଣ୍ଣିତ ହୋଇଅଛି । ଦୃକ୍‌ଶକ୍ତି ଓ କ୍ରିୟାଶକ୍ତି ପରମୈଶ୍ୱର୍ଯ୍ୟପ୍ରାପ୍ତିରୁ ମୁକ୍ତି ପାଇବାର ଦୁଇଟି ଫଳ । କେହି କେହି ଭଗବଦାସତ୍ୱପ୍ରାପ୍ତିକୁ ମୁକ୍ତି କହନ୍ତି । କିନ୍ତୁ ପାଶୁପତଦର୍ଶନ ମତରେ ଏହା ମୁକ୍ତି ନୁହେ, ବନ୍ଧନ ଅଟେ—ହି. ଶ.)

ପାଶୁପତବ୍ରତ—ସ. ବି—ବ୍ରତବିଶେଷ—
Pāśupatabrata A religious penance.
[ଦ୍ର—ଏହି ବ୍ରତପାଳନକାରୀ ବ୍ୟକ୍ତି ଦ୍ୱାଦଶୀ ଦିନ ଥରେମାତ୍ର ଖାଇବେ । ତ୍ରୟୋଦଶୀ ଦିନ ଅଯାଚିତଭାବରେ ଯେ ଯାହା ଦେବ ଖାଇବେ । ଚତୁର୍ଦ୍ଦଶୀ ଦିନ ଦିନସାରା ଉପବାସ କରି ରାତିରେ ଖାଇବେ ଓ ତହିଁ ପରଦିନ ଉପବାସ କରିବେ ।]

ପାଶୁପତାସ୍ତ୍ର—ସ. ବି—ଶିବଙ୍କର ତ୍ରିଶୂଳ; ଶୂଳାସ୍ତ୍ର—
Pāśupatāstra The trident of Śiba.
[ଦ୍ର—ଅର୍ଜୁନ ତପସ୍ୟାଦ୍ୱାରା ଶିବଙ୍କୁ ସନ୍ତୁଷ୍ଟ କରାଇ ଏ ଅସ୍ତ୍ର ଶିବଙ୍କଠାରୁ ପାଇଥିଲେ ।]

ପାଶୁପାଲ୍ୟ—ସ. ବି (ପଶୁପାଳ+ଭାବେ. ଯ)—ପଶୁପାଳନ ବୃତ୍ତି—
Pāśupālya The occupation of rearing cattle.

ପାଶୁବନ୍ଧକ—ସ. ବି (ପଶୁ+ବନ୍ଧକ+ଅ)—ଯଜ୍ଞର ବଳିପଶୁ ବନ୍ଧାଯିବା ସ୍ଥାନ (ହି. ଶ)—
Pāśubandhaka The place where the victim intended for a sacrifice is tied down.

ପାଶେ—ଦେ. ଅ (ସ. ପାର୍ଶ୍ୱ)—୧ । ନିକଟରେ—
Pāśe 1. Near.
ପାଶେ ପାଶମେ ୨ । ନିକଟକୁ—2. To.
ତା ପାଶେ ପାଞ୍ଚଳା ସେ ମିତ କହୁଛି ଛୁଟି—ସଙ୍ଗୀତ ।
୩ । ଠାରେ—3. At.

ପାଶ୍ଚା—ଦେ. ବି (ପା. ପାଦସାହ୍)—ବାଦସାହା; ମୁସଲମାନ ରାଜା; ସମ୍ରାଟ—
Pāśchā King; emperor.
ପାତଶା ପାସା

ପାଶ୍ଚାତ୍ୟ(ତ୍ତ୍ୟ)—ସ. ବିଣ (ପଶ୍ଚାତ୍+ଭବ ଅର୍ଥେ. ଯ ବା ତ୍ୟ)—
Pāśchātya(ttya) ୧ । ପଶ୍ଚିମଦିଗସ୍ଥ; ପ୍ରତୀଚୀନ; ପ୍ରାଚ୍ୟଭିନ୍ନ— 1. Western; occidental.
୨ । ପଶ୍ଚାଦ୍ଦେଶରେ ଅବସ୍ଥିତ; ପଛଆଡ଼େ ଥିବା—
2. Being behind; posterior; hind.
୩ । ପରେ ଘଟିବା—3. Subsequent.
୪ । ପଶ୍ଚାଦାଗତ; ପଛେ ଆସିବା—
4. Coming after.
୫ । ପଶ୍ଚିମଦେଶୀୟ—5. Belonging to the western country or the western Hemisphere.
୬ । ପଶ୍ଚିମଦେଶାଗତ—
6. Hailing from the west.
୭ । ଅନ୍ତିମ—7. Last; ultimate.
ସ. ବି—୧ । ଇଉରୋପୀୟ ବ୍ୟକ୍ତି—
1. A European.
୨ । ଯବନ—2. A Mahomedan (coming to India from the west).
୩ । ପଛଆଡ଼—3. The hind part.

ପାଶ୍ଚାତ୍ୟ ବିଜ୍ଞାନ—ସ. ବି (ଆଧୁନିକ ପ୍ରୟୋଗ)—ଭାରତର ପଶ୍ଚିମରେ ଅବସ୍ଥିତ ଇଉରୋପ ଓ ଆମେରିକା ଆଦିରେ ଆଲୋଚିତ ବିଜ୍ଞାନ—
Pāśchāty bijnāna Western science.

ପାଶ୍ଚାତ୍ୟ ଶିକ୍ଷା—ସ. ବି—ଭାରତରେ ଇଉରୋପବାସୀଙ୍କଦ୍ୱାରା ପ୍ରବର୍ତ୍ତିତ ଶିକ୍ଷା—Western education;
Pāśchātya śikshyā Education promulgated in India by the Europeans.

ପାଶ୍ଚାତ୍ୟ ସଭ୍ୟତା—ସ. ବି—୧ । ଯେଉଁ ସଭ୍ୟତା ଭାରତକୁ ପଶ୍ଚିମରୁ ଅର୍ଥାତ୍ ଇଉରୋପରୁ ଆସି ଅଛି—
Pāśchātya sabhyatā 1. Western civilization introduced in India by the Europeans.
୨ । ଇଉରୋପ, ଆମେରିକା ଆଦି ଦେଶର ଆଧୁନିକ ସଭ୍ୟତା—
2. Modern civilisation.

ପାଷକ—ସ. ବି—ଗୋଡ଼ରେ ପିନ୍ଧାଯିବା ଅଳଙ୍କାରବିଶେଷ—
Pāshaka A kind of ornament for the leg.

ପାଷଣ୍ଡ—ସ. ବି. ପୁଂ—(ପାପ+ଷଣ୍ ଧାତୁ=ଦାନ କରିବା+କର୍ତ୍ତୃ. ଡ; ବା ପା=ବେଦ ଧର୍ମ+ଷଣ୍ ଧାତୁ=ଖଣ୍ଡନ କରିବା+କର୍ତ୍ତୃ. ଅ)—୧ । ବେଦବିରୁଦ୍ଧାଚାରୀ; ବିଧର୍ମୀ ବ୍ୟକ୍ତି; ସଦାଚାରଭ୍ରଷ୍ଟ ବ୍ୟକ୍ତି—1. A heretic; a heterodox; a person who forsakes vedic ways and follows other ways.
Pāshaṇḍa (ପାଷଣ୍ଡୀ—ସ୍ତ୍ରୀ)
୨ । ବିଧର୍ମୀ—2. An apostate.
୩ । ଅହିନ୍ଦୁ—3. A non-Hindu.
୪ । ବୌଦ୍ଧ ବା ଜୈନ ଧର୍ମାବଲମ୍ବୀ—
4. A Buddhist or Jaina.

୫ । ପାମର—5. Wicked man.
୬ । ଶଠ—6. Rogue; villain.
୭ । ନାସ୍ତିକ—
7. An atheist; imposter.
୮ । ପାପୀ—8. Sinner.
୯ । ଧର୍ମଧ୍ୱଜୀ ବା କପଟଧାର୍ମିକ ବ୍ୟକ୍ତି—
9 An imposter; a religious hypocrite.
୧୦ । ସମ୍ପ୍ରଦାୟ (ତୁ. ଶ)—
10. Religious sect.
୧୧ । ଧର୍ମମତ (ତୁ. ଶ)—
11. Religious doctrine or tenet.
୧୨ । ବେଦବିରୁଦ୍ଧ ବାଦ ଓ ଆଚରଣ —
12. Heresy; heterodoxy. (Apte)
ବିଜେ ପାଷଣ୍ଡ ଅଚରିବେ
ସେ ପାତକଙ୍କୁ ନ କରିବେ—ଜଗନ୍ନାଥ. ଭାଗବତ ।
ସଂ. ବିଣ—୧ । ଅଧର୍ମୀ—1. Impious.
୨ । ସଦାଚାରଭ୍ରଷ୍ଟ—
2. Heretical; heterodox.
୩ । ପ୍ରତାରକ; ଶଠ—3. Fraudulent.
୪ । ନାସ୍ତିକ—4. Blashemous.
୫ । ଦୁଷ୍ଟ—5. Wicked.
୬ । ପାପିଷ୍ଠ—6. Sinful.
୭ । ଧର୍ମଧ୍ୱଜୀ—7. Hypocritical.

ପାଷଣ୍ଡକ—ସଂ. ବି ଓ ବିଣ—ପାଷଣ୍ଡ (ଦେଖ)—
Pāshandaka (ପାଷଣ୍ଡିକା—ସ୍ତ୍ରୀ) Pāshanda (See)

ପାଷଣ୍ଡତା(ତ୍ୱ)—ସଂ. ବି—(ପାଷଣ୍ଡ+ଭାବାର୍ଥେ. ତା, ତ୍ୱ)—
Pāshandatā(twa) ୧ । ଅଧାର୍ମିକତା—1. Impiety.
୨ । ଭଣ୍ଡତା—2. Hypocricy.
୩ । ଈଶ୍ୱର ନିନ୍ଦା—3. Blashemy.
୪ । ନାସ୍ତିକତା—4. Atheism.
୫ । ବିରୁଦ୍ଧ ଧର୍ମ; ଧର୍ମାନ୍ତର—5. Heresy.

ପାଷଣ୍ଡୀ—ସଂ. ବି ଓ ବିଣ. ପୁଂ—(ପାଷଣ୍ଡ+ସ୍ୱାର୍ଥେ. ଇନ୍; ୧ମା. ୧ବ)—
Pāshandi ପାଷଣ୍ଡ (ଦେଖ)— Pāshanda (See)
ସଂ. ବି ଓ ବିଣ. ସ୍ତ୍ରୀ—ପାଷଣ୍ଡର ସ୍ତ୍ରୀଲିଙ୍ଗ—
Feminine of Pāshanda.

ପାଷାଣ—ସଂ. ବି (ପିଷ୍ ଧାତୁ=ବାଟିବା+କରଣାର୍ଥେ. ଅନ, ଯାହାଦ୍ୱାରା
Pāshāna ବଟାଯାଏ)—୧ । ପଥର; ଶିଳା—1. Stone.
୨ । ବଟକରା—
2. A piece of stone used as a weight.
୩ । ପାଷଙ୍ଗ—
3. A piece of stone put on one of the scale pans to make the beam horizontal.

ପାଷାଣଗର୍ଦ୍ଦଭ—ସଂ. ବି—ହନୁ ସନ୍ଧିଜାତ କ୍ଷୁଦ୍ର ରୋଗବିଶେଷ; ଦାନ୍ତ
Pāshāna garddabha ମୂଳ ଫୁଲା ରୋଗ (ତୁ. ଶ)—
Swelling of the jaws.

ପାଷାଣ ଚତୁର୍ଦ୍ଦଶୀ—ସଂ. ବି—ମାର୍ଗଶିର ମାସ ଶୁକ୍ଳ ଚତୁର୍ଦ୍ଦଶୀ—
Pāshāna chaturddasi The 14th day of the bright fortnight of the month of Mārgasira.
[ଦ୍ର—ଏ ଦିନ ପାର୍ବତୀଙ୍କ ପାଷାଣାକାର ଦିଷ୍ଟିକ ଦ୍ୱାରା ପୂଜା କରାଯାଏ ।]

ପାଷାଣ ଦାରକ—ସଂ. ବି—୧ । ପଥର ଭେଦ କରିବାର ଶସ୍ତ୍ରବିଶେଷ;
Pāshāna dāraka ଟାଙ୍ଗିଆ—1. An axe for piercing stones.
(ପାଷାଣ ଦାରଣ — ଅନ୍ୟରୂପ)
୨ । ପଥର କାଟିବା ବଟାଲି; ପଥୁରିଆଙ୍କ ସଜ—
2. A stone cutter's chisel.

ପାଷାଣ ଭେଦକ—ସଂ. ବି—ପାଷାଣ ଭେଦୀ (ଦେଖ)—
Pāshāna bhedaka Pāshāna bhedi (See).
(ପାଷାଣ ଭେଦନ—ଅନ୍ୟରୂପ)

ପାଷାଣଭେଦୀ—ସଂ. ବି. (ଏହା ପଥରରୁ ଜନ୍ମୁଥିବାରୁ)—୧ । ରୁକ୍ମିଣୀହାର
Pāshānabhedi ପୋଷ୍ଯ ଗୁଳ୍ମ; ଭୃଙ୍ଗସ୍ୱାଦ ବର୍ଗର ସୁବାସଯୁକ୍ତ ଶାକ
পাষাণ চুর, পাথরচূর ଗୁଳ୍ମବିଶେଷ—
पत्थरचूर 1. Colenus Aromaticus; Irissp.
ତେ. ପିଣ୍ଡିଚେଟୁ
ମ. ପାଷାଣଭେଦୀ
ସଂ. ନାମ—ଅଶ୍ମଘ୍ନ; ଅଶ୍ମଭେଦୀ
ଶିଳାଗର୍ଭଜ; ପାଷାଣଭେଦଜ,
ପାଷାଣଭେଦକନ
[ଦ୍ର—ଏହା ଭୃଙ୍ଗସ୍ୱାଦବର୍ଗର ଶାକ ଗୁଳ୍ମ; ପତ୍ର ସୁଗନ୍ଧ, ମାଂସଳ, ଭାଙ୍ଗିଲେ ମସ ମସ ହୁଏ । ପତ୍ରର ଧାର ଦନ୍ତୁର; ଏହାର ପତ୍ର ବାଟି ପିଇଲେ ପେଟ ବିଗିଡ଼ିଥିଲେ ଭଲ ହୋଇଯାଏ ।]
ସଂ. କରଜୋଡ଼ି—
ହେମସାଗର, ପାଷାଣଭେଦକ,
ଗିରିଭିତ୍, ଉପଲଯୋଜନୀ
পাথরকুচি, হিমসাগর, হেমসাগর
पखानभेद
୨ । ଲତାଳିଆ ଅପୁଷ୍ପକ କ୍ଷୁଦ୍ର ଶାକ ବିଶେଷ; ହିମସାଗର; ହେମସାଗର—
2. Colinus Ambonicus; Kalucho Laciniata Selaginella Irissp.
ଫା. ଗୋଶଦ
ଅ. ଜନ୍ମଅନା
ତେ. ତେଲ ନୁରୁପିଣ୍ଡି
[ଦ୍ର—ଏହା ପାର୍ଶ୍ୱାସ୍ତୃଃ ଓ ଗନ୍ଧ ଯିଥା; ପତ୍ର ମୋଟା ଓ ମାଂସଳ ଏବଂ ପକ୍ଷାକାରରେ କର୍ତ୍ତିତ; ଫୁଲ ଶ୍ୱେତ ଓ ହଳଦିଆ; ଏହା ଶୀତବୀର୍ଯ୍ୟ, ତିକ୍ତ କଷାୟରସ; ବସ୍ତିଶୋଧକ ଓ ଭେଦକ; ତ୍ରିଦୋଷ, ଅର୍ଶ, ଗୁଳ୍ମ, ମୂତ୍ରକୃଚ୍ଛ୍ର, ଅଶ୍ମରୀ, ହୃଦ୍‌ରୋଗ; ଯୋନିରୋଗ, ପ୍ରମେହ, ପ୍ଲୀହା, ଶୂଳ ଓ ବ୍ରଣ ନିବାରକ ।]
ଦେ. ବି.—ପୁରୁଣାକୋଠା ଓ ଦେଉଳର ପଥର, ଇଟା ସନ୍ଧି ଓ ଅବ୍ୟବହୃତ କୂଅ ଓ ବାଙ୍ଘିମାନଙ୍କ ନଳ ଓ ପଥର ସନ୍ଧିରେ ଉଠିବା ଶାଖା ପତ୍ରଯୁକ୍ତ କ୍ଷୁଦ୍ର ଗୁଳ୍ମ—Ferns.
ପାଷାଣ ଭେଦୀରେ ମଣ୍ଡିତ ତୋରଣ
ଶଇବାଳ ସ୍ତରେ ଘେରି ପ୍ରାଚୀର । ରାଧାନାଥ. ଚିଲିକା

ପାଷାଣମୟ—ସଂ. ବିଣ.—(ପାଷାଣ+ପ୍ରାଚୁର୍ଯ୍ୟାର୍ଥେ ମୟ) ୧ । ପାଷାଣ ବା
Pāshānamaya ପଥରରେ ପୂର୍ଣ୍ଣ—1. Full of stone; stony.
୨ । ପାଷାଣରେ ନିର୍ମିତ—2. Made of stone.

ପାଷାଣ ରୋଗ—ସଂ. ବି.—ଅଶ୍ମରୀ ରୋଗ (ତୁ. ଶ.)—
Pāshāna roga Stone in the bladder.

ପାଷାଣ ସମ୍ଭବ ବଲ୍ଲୀ—ସ. ବ.—ପ୍ରବାଳ; ପୋହଳା (ହ୍ର. ଶ.)—
Pāshāna sambhaba balli Coral.

ପାଷାଣ ହୃଦୟ—ସ. ବ. (କର୍ମଧା; ପାଷାଣ+ହୃଦୟ)—କଠିନ ହୃଦୟ—
Pāshāna hrudaya Cruel heart.
(ପାଷାଣ ହୃଦୟା—ସ୍ତ୍ରୀ) ସ. ବଣ. ପୁଂ—ନିଷ୍ଠୁର—
Cruel; stone-hearted; hard-hearted.

ପାଷାଣିଆ—ଦେ. ବଣ. (ସ. ପାଷାଣ)—୧ । ପାଷାଣମୟ—
Pāshānia 1. Stony.
୨ । ପାଷାଣ ପରି କଠିନ—2. Hard as stone.

ପାଷାଣୀ—ସ. ବ. (ପାଷାଣ+ଈ)—୧। ବଟଖରା—
Pāshāni 1. Stone weight.
୨ । ଦୁର୍ଗା—2. Goddess Durga.

ପାଷାଣ୍ଡ—ଦେ. ବ. ଓ ବଣ. ପୁଂ. (ସ. ପାଷଣ୍ଡ)—ପାଷଣ୍ଡ (ଦେଖ)
Pāshānda Pāshanda (See)
(ପାଷାଣ୍ଡୀ—ସ୍ତ୍ରୀ)

ପାସ୍ତୋ—ଦେ. ବ.—ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ପ୍ରାୟ ୪୦ ଲକ୍ଷ
Pāshto ଲୋକଙ୍କର କଥିତ ଏକ ପ୍ରକାର ଇରାନିଅନ୍ ଭାଷା—
ପাস্তো A group of Eranian language spoken by
पश्तू above 4 lacs of people in N. W. Frontier.
(ପାଷ୍ଟୁ, ପାସ୍ତୁ (ସ୍ତୋ)—ଅନ୍ୟରୂପ) Provinces; the Pashtoo language.

ପାସୁର (ଇତ୍ୟାଦ)—ଦେ. ବ. ଓ ବଣ. (ସ. ବିସ୍ମରଣ)—
Pāsura (etc) ପାସୋର (ଇତ୍ୟାଦ) (ଦେଖ)
Pāsora etc. (See).

ପାସୁରା—ଦେ. ବ. ଓ ବଣ.—(ସ. ବିସ୍ମରଣ—ପାସୋରା (ଦେଖ)
Pāsurā Pāsorā (See)

ପାସୁରା(ରେ)ଇବା—ଦେ. କ୍ରି.—ପାସୋରାଇବା (ଦେଖ)
Pāsurā(re)iba Pāsorāiba (See)

ପାସୁରିବା—ଦେ. କ୍ରି.—ପାସୋରିବା (ଦେଖ)
Pāsuriba Pāsoriba (See)

ପାସେଜ୍ ମଣି—ବୈଦେ. ବ. (ଇଂ)—ଜାହାଜ ଅବରେ ବହୁଦୂରକୁ
Pāsej mani ଯିବା ପାଇଁ ଲାଗିବା ଭଡ଼ା—Passage-money.
প্যাসেজ মনি पैसेज मनी

ପାସେଞ୍ଜର୍—ବୈଦେ. ବ. (ଇଂ)—୧ । ରେଲ ଓ ଜାହାଜ ଅବରେ
Pāsenjar ଯିବା ଯାତ୍ରୀ—1. Passenger.
প্যাসেঞ্জর ୨ । ପାସେଞ୍ଜର ଗାଡ଼ି—
पैसेंजर 2. Passenger train.
(ପାସଞ୍ଜର, ପାସେଞ୍ଜର—ଅନ୍ୟରୂପ)

ପାସେଞ୍ଜର ଗାଡ଼ି—ଦେ. ବ. (ଇଂ. ପାସେଞ୍ଜର+ସ. ଗନ୍ତ୍ରୀ)—
Pāsenjar gārdi ଯେଉଁ ରେଲଗାଡ଼ିରେ ଯାତ୍ରୀମାନେ ଯାତାୟାତ
(ପାସେଞ୍ଜର ଟ୍ରେନ୍—ଅନ୍ୟରୂପ) କରନ୍ତି—A Passenger
প্যাসেঞ্জর ট্রেন पैसेंजर ट्रेन Train.

ପାସେଞ୍ଜର ଜାହାଜ—ବୈଦେ. ବ. (ଇଂ. ପାସେଞ୍ଜର+ଫା. ଜାହାଜ)—
Pāsenjar jāhāja ଯେଉଁ ଜାହାଜରେ ଯାତ୍ରୀମାନେ ଯିବା ଆସିବା
প্যাসেঞ্জর জাহাজ କରନ୍ତି—A passenger ship.
पैसेंजर जाहाज

ପାସୋର—ଦେ. ବ. (ସ. ବିସ୍ମରଣ; ପ୍ରା. ବିମ୍ହରଣ; ବିସ୍ସରଣ)—
Pāsora ବିସ୍ମୃତି; ବିସ୍ମରଣ; କୌଣସି ବିଷୟ ଭୁଲିଯିବା—
ପାସର } ଅନ୍ୟରୂପ Forgetting; oblivion; forgetfulness.
ପାସୁର }
পাসরন বিসরনা ଦେ. ବଣ—ବିସ୍ମୃତ—Forgotten.

ପାସୋର ଯିବା—ଦେ. କ୍ରି. (ସ. ବିସ୍ମରଣ)—
Pāsora jibā ସ୍ମୃତିରୁ ଅନ୍ତର ହେବା; ମନେ ନ ପଡ଼ିବା—
(ପାସୋର ହେବା—ଅନ୍ୟରୂପ) To be forgotten.
পাসর যাওয়া বিसर होना

ପାସୋରା—ଦେ. ବ.—ପାସୋର (ଦେଖ)
Pāsorā Pāsora (See)
(ପାସରା—ଅନ୍ୟରୂପ) ଦେ. ବଣ. (ସ. ବିସ୍ମରଣ)—
পাসরা ୧ । ବିସ୍ମରଣଶୀଳ—1. Forgetful.
बिसराउ ୨ । (ଅନ୍ୟ ଶବ୍ଦ ପରେ ଲାଗେ । ଯଥା—ଦୁଃଖପାସୋରା; ଶୋକପାସୋରା) ଯେ (ଦୁଃଖଆଦିକୁ) ପାସୋରାଇ ଦିଏ—
2. Causing to forget (one's sorrow).
ପାସୋରବ ଦେଖି, ବନ୍ଧୁ; କେତେ ଜନ
ଏ ଶୋକପାସୋରା ଅମୃତସରିକ୍ସ । ରାଧାନାଥ. ଚଲିକା ।

ପାସୋରା(ରେ)ଇବା—ଦେ. କ୍ରି—୧ । ପାସୋରିବା କ୍ରିୟାର ଣିଜନ୍ତ ରୂପ
Pāsorā(re)iba —1. Causative of Pāsoriba.
পাসরান ୨ । ଭୁଲାଇବା—2. To cause to forget; to
बिसराना; बिसरावना bring about forgetfulness.
ପାସୋରାଇ ମନ୍ଦ କାଳ କବଳ ଲଗାଇ
ପାଞ୍ଚ ଅଶ୍ରୁ, କରଣାର ଶୋ । ବଳସୁନ୍ଦର. ଜଗୋଶ୍ୱରଭୂ ।

ପାସୋରି ପକା(କେ)ଇବା—ଦେ. କ୍ରି. (ସକର୍ମକ)—ଭୁଲିଯିବା; ବିସ୍ମୃତ
Pāsori pakā(ke)ibā ହେବା—To forget.
(ପାସୋରିଦେବା, ପାସୋରିଯିବା—ଅନ୍ୟରୂପ)
পাসরে যাওয়া बिसरजाना

ପାସୋରିବା—ଦେ. କ୍ରି. (ସକର୍ମକ)—ଭୁଲିବା; ବିସ୍ମୃତ ହେବା—
Pāsoriba To forget.
পাশরা ଉର୍ଦ୍ଧାର କ୍ଷୁଦ୍ରକେ ଅଛି ପାସୋର ଏ କଥା ।
बिसरना ରାଧାନାଥ – ମହାଯାତ୍ରା ।

ପାହା—ପ୍ରାଦେ. (ସମ୍ବଲପୁର) ବ. (ସ. ପାଦ)—ପାହୁଣ୍ଡ—
Pāhā Step; the space between the 2 legs while walking.

ପାହାଚ—ଦେ. ବ. (ସ. ପାଦଚ୍ଛ)—୧ । ପାଉଚ୍ଛ; ସୋପାନ—
Pāhācha 1. Step of a ladder or staircase.
(ପାହାଞ୍ଚ—ଅନ୍ୟରୂପ) ୨ । ସିଢ଼ି—2. Ladder; stairs.
ধাপ खाड़ी, सीढ़ी

ପାହାଡ଼—ଦେ. ବ. (ସ. ପର୍ବତ; ପାଷାଣ)—
Pāhārda ୧ । ଅନୁଚ୍ଚ ପର୍ବତ; ମୁଣ୍ଡିଆ—
পাহাড় 1. Hill; hillock.
पहाड़ ୨ । ମାଟି ବା ପଥରର ଉଚ୍ଚସ୍ତୂପ—
2. A big mound of earth or stones.
୩ । (ଲକ୍ଷଣାର୍ଥ) କୌଣସି ବସ୍ତୁର ଉଚ୍ଚ ଗଦା ବା ସ୍ତୂପ—
3. (figurative) A big mass or heap of anything

ପାହାଡ଼ ଚିତି—ପ୍ରାଦେ. (ସମ୍ବଲପୁର) ବି—ପାହାଡ଼ିଆ ବଡ଼ ସାପ—
Pāhar̲da chiti A big species of hill-snakes.

ପାହାଡ଼ ତଳି—ଦେ. ବି—୧ । ପର୍ବତର ନିମ୍ନଦେଶ—
Pāhar̲da tal̲i 1. The foot of a hill.
ପାହାଡ଼ତଳ, ପାହାଡ଼ତଳୀ } ଅନ୍ୟରୂପ ୨ । ଉପତ୍ୟକା—2. A valley.
୩ । ପର୍ବତର ନିମ୍ନରେ ଥିବା ଭୂମି—
পাহাড়তলা **तराइ** 3. Terai.

ପାହାଡ଼ ତଳିଆ—ଦେ. ବିଣ—୧ । ଉପତ୍ୟକା ସମ୍ବନ୍ଧୀୟ—
Pāhar̲da tal̲iā 1. Relating to a valley.
পাহাড়তলী ୨ । ଉପତ୍ୟକାବାସୀ—
तराइका 2. Living in a valley.

ପାହାଡ଼ ତୋଡ଼—ଦେ. ବିଣ—ଯାହା ପାହାଡ଼ ଭାଙ୍ଗିବାକୁ ସମର୍ଥ; ଖୁବ୍ ବଳୁଆ ବା ଟାଣୁଆ—Very hard or strong (as if able to break a hill into pieces.
Pāhar̲da tor̲da
পাহাড় তোড়
पाहाड़तोड़

ଜୋର ନ ପାଏ ଭଠାଉନ୍ତି ବିଳି ପାହାଡ଼ତୋଡ଼ ମମତା—
ଦୀନନାଥ. ସମରତରଙ୍ଗ ।

ପାହାଡ଼ା—ଦେ. ବି—(ସଂ. ପାଦ ସ୍ଥାପନ)—୧ । ପାଏଡ଼ା; ଦେବତାଅାଦି ବଳେ ହେବା ସମୟରେ ବାଟରେ ବିଛା ଯାଉଥିବା ବସ୍ତ୍ର—1. Cloth spread over the road on which a deity will pass.
Pāhar̲dā
पविड़ा

ମୁଁ ତୋ ସଙ୍ଗୀତ ଜଗତ ବାଟୁଡ଼ା ବଳେ ପାହାଡ଼ାରେ
କବିସୂର୍ଯ୍ୟ. ସଙ୍ଗୀତ ।

୨ । ସୁନା ରୁପାର ଜିନସ ତିଆରିରେ ବଣିଆଙ୍କୁ ମଜୁରି ଦିଆଯିବା ଛୁଟ, ବଟା ବା ଘାଟି—2. Allowance made to goldsmiths for wastage of gold and silver in preparing ornaments.

ପ୍ରାଦେ (ବାଲେଶ୍ୱର) ବି—୧ । ଏକପ୍ରକାର ମଧୁର ମାଛ—
1. A kind of fresh-water-fish.
୨ । ଘୋଡ଼ା ଜିନର ରେକାବ—2. Stirrup.

ପାହାଡ଼ାସିଂହ—ଦେ. ବି—କ୍ଷତ୍ରିୟଙ୍କ ବଂଶୋପାଧିବିଶେଷ—
Pāhar̲dāsimha A family title of some Kshatriyas.

ପାହାଡ଼ିଆ—ଦେ. ବିଣ (ସଂ. ପାର୍ବତ୍ୟ; ପାର୍ବତୀୟ)—୧ । ପାର୍ବତ୍ୟ;
Pāhar̲diā ପର୍ବତ ସମ୍ବନ୍ଧୀୟ—1. Mountainous; hilly.
পাহাড়ীয়া; পাহাড়ী ୨ । ପର୍ବତବାସୀ—
पहाड़ी; पहाड़िया 2. Living in the mountains.
୩ । ପର୍ବତଜାତ—3. Found in mountains.
ଦେ. ବି—ପାହାଡ଼ିଆକେଦାର (ଦେଖ)—
Pāhar̲diā kedāra (See)

ପାହାଡ଼ିଆ ସ୍ୱର ତହିଁ ଜାଗରଥ କରୁଛ ପଞ୍ଚାଉ ପାଉ—
ଜଦୁମଣି. ନର୍ମଦାଣୀ ।

ପାହାଡ଼ିଆ କେଦାର—ଦେ. ବି—୧ । ସଙ୍ଗୀତର ସ୍ୱରବିଶେଷ—
Pāhar̲diā kedāra 1. Name of a musical air.
[ଦ୍ର—ସ୍ୱର ତଳେ କୋଠ ଦେଖ ।]

୨ । ପାହାଡ଼ରେ ବା ପାହାଡ଼ ନିକଟରେ ଥିବା ଶସ୍ୟ କ୍ଷେତ୍ର—
2. A hilly field or plot of cultivated land (Howells)

ପାହାଡ଼ିଆ ମୂଷା—ଦେ. ବି—(ସଂ. ପର୍ବତ ମୂଷିକ)—ଏକ ପ୍ରକାର ବଡ଼ ମୂଷା—A kind of big rat inhabiting in mountains: a species of marmot.
Pāhar̲diā mūshā
পাহাড়ী ইন্দুর
पहाड़ियाचूहा

ପାହାଡ଼ି ଶିଶୁ—(ସଂ. ସିଂହସାଲ)—ଏକପ୍ରକାର ଶିଶୁ ଗଛ—
Pāhar̲di śisu Dalbergia Latifolia (tree) Haines.
পাহাড়ীশিশু **सितिसाल पाहाड़ीशिशम**

ପାହାଡ଼ୀ—ଦେ. ବି—ପର୍ବତବାସୀ ଲୋକ—
Pāhar̲di Hill tribe; mountaineer; hill men.
পাহাড়ী ଦେ. ବିଣ—ପାହାଡ଼ିଆ (ଦେଖ)
पहाड़ी Pāhar̲diā (See)
ପ୍ରାଦେ (ଗଞ୍ଜାମ) ବି—ଗଞ୍ଜାମ ଜିଲ୍ଲାର ଶୂଦ୍ରଜାତିବିଶେଷ—
A caste of the Śūdras of the district of Ganjam.

ପାହାଣ—ଦେ. ବି (ଅଠାରଙ୍କ ଭାଷା)—ପିତଳ ଝଳା ହେବା ସକାଶେ ତମ୍ବା ଓ ଖପର ମିଶ୍ରିତ ଧାତୁ—A mixed metal or alloy used in soldering pieces of brass.
Pāhāṇa

ପାହାଣିଆ—ଦେ. ବିଣ. (ସଂ. ପତନ)—କ୍ରମନିମ୍ନ; ଢାଲୁ; ଗଡ଼ାଣିଆ—
Pāhāṇiā Sloping; slanting.
গড়ানিয়া; **ढालु**
(ପାହାନା, ପାହାନିଆ, ପାଅନିଆ—ଅନ୍ୟରୂପ)

ପାହାନ୍ତର—ଦେ. ବି—(ସଂ. ପ୍ରଭାତ + ତାର; ଜ୍ୟୋତି)—ପାଅାଁତର (ଦେଖ)
Pāhāntarā Pā-āntarā (See)
(ପାହାଁତର—ଅନ୍ୟରୂପ) ପାହାନ୍ତର କର ତୁହେଁ କରିବା ଗମନ—
ପାଣିଗ୍ରା. ଚନ୍ଦ୍ରକଳାଙ୍କବତୀ ।

ପାହାନ୍ତର ଅନୁକୂଳ—ଦେ. ବି—ଉଷା ଯାତ୍ରା; ଉଷା କାଳରେ କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନିମନ୍ତେ ଘରୁ ବାହାରିବା; ଜୟ ଯାତ୍ରା—
Pāhāntarā anukūl̲a
ପାହନ୍ତର ଯାତ୍ରା—ଅନ୍ୟରୂପ
मोरकीजात्रा Starting for a certain destination or work from home before dawn (i. e. when the morning star is rising).
[ଦ୍ର—ଜ୍ୟୋତିଷ ମତରେ ଉଷାକାଳରେ ଯାତ୍ରା କରିବା ଶୁଭ]

ପାହାନ୍ତା—ଦେ. ବି. (ସଂ. ପ୍ରଭାତ)—ପାହାନ୍ତି (ଦେଖ)
Pāhāntā Pāhānti (see)

ପାହାନ୍ତି—ଦେ. ବି. (ସଂ. ପ୍ରଭାତ)—ରାତ୍ର ପାହିବା ସମୟ; ରାତ୍ରର ଶେଷ ଭାଗ ବଡ଼ ଭୋର—The latter part of the night; day-break; the time before dawn; early morning.
Pāhānti
(ପାହାନ୍ତିଆ—ଅନ୍ୟରୂପ)
ভোরবেলা **सबेरा पहफाटना**

କାଣ୍ଡ ଘାତେ ମୋ ଦେହ ଯାଉଅଛି ଚାତ
ଏଣୁ ଶୋଇ ପଡ଼ିଲି କୁଥିଲେ ପାହାନ୍ତି । କୃଷ୍ଣସିଂହ. ମହାଭାରତ. ଉଦ୍‌ଯୋଗ

ଦେ. ବିଣ.—(ସଂ. ପ୍ରଭାତ)—୧ । ପ୍ରଭାତ ସମ୍ବନ୍ଧୀୟ—
1. Relating to day-breake.

(ଯଥା—ପାହାନ୍ତିଆ ଗୀତ)

୨ । ପ୍ରଭାତ କାଳୀନ—2. Occuring at day-break.

(ଯଥା—ପାହାନ୍ତି ବାଜା)

୩ । (ସଂ. ପ୍ରାପଣ; ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ;

(ଯଥା—ହାତ ପାହାନ୍ତି)—(ଗୋଡ଼ ହାତଦ୍ୱାରା) ପହଞ୍ଚିବାର ଯୋଗ୍ୟ (ସ୍ଥାନ)

3. Reachable (by the hand or foot).

ପାହାନ୍ତି ଅବକାଶ—ଦେ. ବି. (ସଂ. ପ୍ରଭାତ ଅବକାଶ)—୧ । ପ୍ରଭାତ
Pāhānti abakāsa ସମୟରେ ଦେବତାମାନଙ୍କର ପହଡ଼ ଭାଙ୍ଗିବା ପରେ କରାଯିବା ଆରତି ଆଦି—

1 The ceremonies performed before Deities in the early morning.

ପ୍ରଭାତୀ ୨ । ଶଯ୍ୟା ତ୍ୟାଗ କରିବା ସମୟରେ ବୋଲାଯିବା ସ୍ତୁତି ଗୀତ—
प्रभाती 2. Hymns and songs recited before day-break.

ପାହାନ୍ତି ଖେଚଡ଼ି—ପ୍ରାଦେ (ପୁରୀ) ବି.—କୁସ୍ତି କସରତ୍ କରୁଥିବା
Pāhānti khechardi ଯୁବକମାନେ ପାହାନ୍ତିଅରୁ କୁସ୍ତି ଆଦି କରିସାରି ଖାଇବା ଖେଚଡ଼ି—Rice boiled with pulse and ghee taken by athletes in the morning.

ପାହାନ୍ତି ତାରା—ଦେ. ବି (ସଂ. ପ୍ରଭାତ, ତାରା)—୧ । ପ୍ରଭାତ ତାରା; ରାତି
Pāhānti tārā ପ୍ରହରରେ ଥାଇଁ ଯେଉଁ ତାରା ପୂର୍ବଦିଗରୁ ଉଇଁ (ପାହାନ୍ତିଆ ତାରା—ଅନ୍ୟରୂପ) ସକାଳ ହେଲାବେଳକୁ ପୂର୍ବାକାଶରେ
सुकवा ଦେଖା ଯାଉଥାଏ—1. The morning star; the shining star seen in the eastern sky before dawn.

[ଦ୍ର—ଏହା ଗୋଟିଏ କୁହେଁ, ବର୍ଷର ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଗ୍ରହ ଯଥା—ମଙ୍ଗଳ, ବୃହସ୍ପତି, ଶୁକ୍ର ଓ ଶନି ପାହାନ୍ତିଆ ସମୟରେ ପୂର୍ବଦିଗରୁ ଉଅଁନ୍ତି—କିନ୍ତୁ ସମସ୍ତଙ୍କ ମଧ୍ୟରେ ଶୁକ୍ର ଉଜ୍ଜ୍ୱଳତମ ଓ ତା ପରେ ବୃହସ୍ପତି । ଏମାନେ ଗତି କରୁ କରୁ ଯେତେବେଳେ ପ୍ରଭାତ ପୂର୍ବରୁ ପୂର୍ବଆଡ଼େ ଦେଖା ଯାଆନ୍ତି ତାଙ୍କୁ ପାହାନ୍ତିଆ ତାରା ବୋଲାଯାଏ ଓ ରାତି ପହରକ ପର୍ଯ୍ୟନ୍ତ ପଶ୍ଚିମଆଡ଼େ ଦେଖା ଯାନ୍ତି ତାଙ୍କୁ ପହରକିଆ ବା ସନ୍ଧ୍ୟା ତାରା କହନ୍ତି । ସମୟେ ସମୟେ ପୁନର୍ବସୁ ନକ୍ଷତ୍ରରେ ଥିବା ପ୍ରଶ୍ୱା ନକ୍ଷତ୍ର (dogstar—ଯାହା ନକ୍ଷତ୍ରମାନଙ୍କ ମଧ୍ୟରେ ଉଜ୍ଜ୍ୱଳତମ) ସନ୍ଧ୍ୟା ପରେ ବା ଭୋର ପୂର୍ବରୁ ପଶ୍ଚିମାକାଶରେ ବା ପୂର୍ବାକାଶରେ ଦେଖାଗଲେ ତାକୁ ମଧ୍ୟ ଲୋକେ ପ୍ରଭାତ ତାରା ଓ ସନ୍ଧ୍ୟା ତାରା କହନ୍ତି ।]

୨ । ଶୁକ୍ର ଗ୍ରହ—2. The Venus.

ପାହାନ୍ତି ପଖାଳ—ଦେ. ବି (ସଂ. ପ୍ରଭାତ+ପ୍ରକ୍ଷାଳିତାନ୍ନ)—
Pāhānti pakhāla ରାତି ପାହାନ୍ତିଅରୁ ଖିଆଯିବା ପଖାଳ ଭାତ-Moistened rice taken early before day-break.

ବଙ୍ଗଳା ପାନ ଖାଇ ସେ ବୁଢ଼ି ! ତୋ ଦାନ୍ତ ତ ପାଚିଲେ ନାହିଁ,
ଦାନ୍ତ ପାଚିଲେ ନାହିଁ ରେ ବୁଢ଼ୀ ! ମୁଁ ପାହାନ୍ତି ପଖାଳ ଖାଇ ।
ଅରଣ ଗୀତ ।

ପାହାନ୍ତି ଶୀତ—ଦେ. ବି—ଫାଲ୍ଗୁନ ଓ ଚୈତ୍ର ମାସର ରାତି ଶେଷ ପହର
Pāhānti sita ଆଡ଼କୁ ଅନୁଭୂତ ହେବା ସାମାନ୍ୟ ଶୀତ—
सुवहका जाड़ा Slight cold felt towards the end of the night in months of Phālguna and Chaitra.

ପାହାର—ଦେ. ବି (ସଂ. ପ୍ରହାର)—୧ । ପ୍ରହାର; ଆଘାତ; ମାଡ଼—
Pāhāra 1. Blow; beating.
ଘା **चोट, लाठी**

୨ । ଯଷ୍ଟି ବା ବେତ୍ର ଦ୍ୱାରା ଆଘାତ—
2. Stroke of a stick or cane.

୩ । ଉପର୍ଯ୍ୟୁପରି କୁଟିବା—
3. Repeated beating or pounding.

୪ । ଢିଙ୍କିରେ କୁଟିବା—
4. Pounding with a Dhinki.

ମୋନା ୫ । ଢିଙ୍କିର ମୁଣ୍ଡରେ ଲାଗିଥିବା ମୁଷଳ—
मूसल 5. The pounding pestle attached to a Dhinki.

ପ୍ରାଦେ. (ଗଡ଼ଜାତ) ବି—ଏକାଦିକ୍ରମେ ଲାଗିଥିବା କନ୍ଧୁଡ଼ ଡିପ ବା ଗଡ଼ାନ୍ତିଆ ଜମି—A succession of mounds or slopes.

(ଯଥା—ଡିପ ପାହାର ଗଡ଼ାନ୍ତିଆ ପାହାର ।)

ପାହାରପୁର—ଦେ. ବି (ନାମ)—ଆଇ. ବି. ରେଲର ଜମାଲଗଞ୍ଜ
Pāhārapura ଷ୍ଟେସନ ନିକଟବର୍ତ୍ତୀ ରାଜସାହୀ ଜିଲ୍ଲାର ଗୋଟିଏ
ପାହାରପୁର **पहारपुर** ଗ୍ରାମ—A village in the district of Rajsahi near the Jamalganj station of the I. B. Ry.

[ଦ୍ର—ଏହି ଗ୍ରାମରୁ ଭୂଗର୍ଭରୁ କେତେକ ମନ୍ଦିର ଓ ମୂର୍ତ୍ତି ଆବିଷ୍କୃତ ହୋଇ ଥିବାରୁ ଜଣାଯାଏ ଯେ ଆଗେ ଖ୍ରୀଷ୍ଟ ୫ମ ଓ ଷଷ୍ଠ ଶତାବ୍ଦୀରେ ବଙ୍ଗଦେଶୀୟମାନେ ଶ୍ରୀକୃଷ୍ଣ ଓ ବଳରାମଙ୍କର ପୂଜା କରୁଥିଲେ । ସେହି ଖୋଦିତଲିପି ଓ ପ୍ରସ୍ତରଲିପିମାନଙ୍କରେ କୃଷ୍ଣ ଓ ବଳରାମଙ୍କର କେତେକ ଜନ୍ମୋତ ବିଷୟ ଘଟଣା ଖୋଲି ଯାଇଅଛି, ଏଥିରୁ ଜଣାଯାଏ ଯେ ଭାରତୀୟ ଶିଳ୍ପ ଯାବା, ବାଲିଆଦି ଉପନିବେଶମାନଙ୍କରେ ଅନୁକୃତ ହୋଇଥିଲା । ଏଠାରୁ ବାହାରିଥିବା ତାମ୍ର ଶାସନ ୧୫୯ରୁ ୪୭୯ ଖ୍ରୀ: ମଧ୍ୟରେ ଲିଖିତ ହୋଇଥିବାର ନିର୍ଣ୍ଣୟ କରାଯାଇ ଅଛି ଓ ଏଥିରେ ରାଜା ଜୈନମାନଙ୍କ ପାଇଁ କେତେକ ଭୂଇଁ ଖଞ୍ଜି ଥିବାର ଲେଖାଅଛି ।]

ପାହାରି—ଦେ. ବି. (ସଂ. ପ୍ରହରୀ)—୧ । ପ୍ରହରୀ—
Pāhāri 1. Watchman.
ପାହାରା **पाहरुपहरी** ପାହାରି ଜଗାଇବ ପାଇ
ଶୁଣି ଧାଇଁଲେ ବେଗ କହି । ଜଗନ୍ନାଥ. ଭାଗବତ ।

୨ । ଦ୍ୱାରୀ; ଦଉଆରି—
2. Door keer; gate keeper.

ଦ୍ୱାର ନିରୂପଣ ପାହାରେ ବସିଲେ ଜଗିଲ ସେହି ପାରୁସ ।
ଶିଶୁଶଙ୍କର ଉଷାଭିଳାଷ ।

ପାହାରୀ ପାଇକ—ଦେ. ବ—(ସ. ପ୍ରହରୀ+ପାଯିକ)—ରଜାଙ୍କ ନଅରରେ Pāhāri pāika ପ୍ରହରୀରୂପେ ଜଗିବା ପାଇକ—
ପାହାରା ପାଏକ The footmen acting as guards in a
पहरी पायक Rajbati.

ପାହାରୁଣୀ—ପ୍ରାଦେ. (ସିଂହଭୂମ) ବ—ପଥର ଉପରେ ଧାନକୁ ଭୁଷି Pāhāruṇi ଗୁଡ଼ିଲ ବାହାର କରିବାପାଇଁ ବ୍ୟବହୃତ ସମାଲଗା ଠେଙ୍ଗା ବା ମୂଷଳ—A stout iron-studded stick used in threshing paddy on stone-slabs.
[ଦ୍ର—ଏହା ଏକ ଚଳା ବା ପ୍ରାୟ ୫ଫୁଟ ଉଚ୍ଚ]

ପାହି—ଦେ. ବ. (ସ. ପ୍ରଧୀ=ପରିଧି=ସୀମା ବା ପାଦକ=beams)
Pāhi ୧ । ପାହୁଲା; ପଇସାର ଏକ ତୃତୀୟାଂଶ—
ପାଈ 1. Copper pie; copper coin worth one
पाइ third of a pice.
୨ । ପଇସା; ଅଣାକର ଚାରି ଭାଗର ଭାଗେ—
2. Fourth part of one anna; pice.
ପାଲା सीमा ୩ । ଡୁଡୁ ଖେଳ ଆଦିରେ ପ୍ରତ୍ୟେକ ପକ୍ଷଙ୍କର ନିର୍ଦ୍ଦିଷ୍ଟ ସୀମା—3. The respective areas of the opposing parties in a game.
୪ । ଡୁଡୁ ଖେଳରେ ଦୁଇ ଦଳ ମଧ୍ୟରେ ସୀମା ନିର୍ଦ୍ଦେଶ କରିବା ମଧ୍ୟ ରେଖା—4. The middle line or goal in a game of Dudu.
पाही ୫ । ଲଇ ବଛା ଧାନ କଟା ପ୍ରଭୃତି ବେଳେ ପ୍ରତ୍ୟେକ ଶ୍ରମିକ ନିଜର ଯେଉଁ ଲମ୍ବ ଭୂମିଖଣ୍ଡରେ କାର୍ଯ୍ୟ କରେ—5. The long strip of land in a paddy field which an individual labourer weeds out or from which he reaps paddy.
୬ । ଥାନି ଓ ଚନ୍ଦନା ଛଡ଼ା ଅନ୍ୟ ରଇତି ଜମି—
6. Rayati holding except Thāni and Chāndanā.
ପାଇକାସ୍ତା ଦେ. ବଣ (ସ. ପାର୍ଶ୍ୱ)—ଏକ ମହଲାରେ ଚାଷ
पाही କରୁଥିବା ଯେଉଁ ପ୍ରଜାର ବାସସ୍ଥାନ ସେ ଗ୍ରାମରେ
(ପାହିଆ—ଅନ୍ୟରୂପ) ନ ଥାଏ—Non-resident (raiyat).
ପାହି पाहि ସ. କ୍ରି (ପା ଧାତୁ ଲୋଟ୍ ଅନୁଜ୍ଞା)—ତ୍ରାହି, ମୋତେ ରକ୍ଷାକର—Save me.

ପାହିଆ—ବୈଦେ. ବ.—(ଫା. ପାୟହ୍; ଭୁଲ. ସ. ପାଦ)—୧ । ପଦବୀ—
Pāhiā 1. Position.
ପାୟା पाबापाया ୨ । ଖୁଣ୍ଟ; ସ୍ତମ୍ଭ—2. Post.
(ପାହ୍ୟା, ପାୟା, ପାଇଆ—ଅନ୍ୟରୂପ) ୩ । ଖଟର ଖୁରା—
3. Bed-post
୪ । ଟେବଲ୍, ଆଲମାରି, ଚଉକି ଆଦି ଅସବାବ୍‌ର ଗୋଡ଼—
4. The leg or foot of any piece of furniture.
୫ । କୌଣସି ବ୍ୟକ୍ତିର ସାମାଜିକ ବା ସାଂସାରିକ ପରିସ୍ଥିତି—
5. The social or worldly position or degree of a person; rank.
୬ । ପାହାଚ; ସୋପାନ ଶ୍ରେଣୀର ଗୋଟିଏ ଅଗ୍ରେହଣୀ—
7. A step of a ladder or of a flight of steps.
୭ । ଅବସ୍ଥିତି—7. Situation.
ଦେ. ବଣ.—ପାହି (ରଇତ)—
Nonresident (raiyat).

ପାହିଁ—ପ୍ରାଦେ. (ଯାଜପୁର) ଅ.—ନିମନ୍ତେ; ପାଇଁ—
Pāhiñ (ପାହିଁକି—ଅନ୍ୟରୂପ) For.

ପାହି କରିବା—ପ୍ରାଦେ. (ଗଡ଼ଜାତ)—କ୍ରି.—୧ । ଶିଶୁ ଅବକୁ Pāhi kariba କାଖେଇବା—1. To carry an infant on the flank over the waist by encircling the arm round its waist or back.
୨ । ନିଜର ବାସ କରୁଥିବା ଗ୍ରାମରୁ ଯାଇ ଅନ୍ୟ ଗ୍ରାମରେ ଚାଷ କରିବା—2. To take up cultivation work in a village other than one's own.

ପାହି ଚାଷ—ଦେ. ବ.—(ସ. ପାର୍ଶ୍ୱ+କୃଷ)—ଏକ ଗ୍ରାମରେ ଅନ୍ୟ Pāhi chāsha ଗ୍ରାମବାସୀ ବ୍ୟକ୍ତିର ଥିବା ଚାଷ—The culti-
ପାଇକାସ୍ତ vation or holding held by a nonresident
पाहि चोष raiyat.

ପାହି ଜଗିବା—ଦେ. କ୍ରି.—ବାଗୁଡ଼ି ଖେଳରେ ମଧ୍ୟ ରେଖାକୁ ଜଗିବା—
Pāhi jagibā To guard the middle line in the game of Dudu.

ପାହି ପକା(କେ)ଇବା—ଦେ. କ୍ରି.—ଧାନ କାଟି ଲମ୍ବରେ କଡ଼ଭ୍ରା Pāhi pakā(ke)ibā ପକାଇବା—To lay the paddy stalks in rows after reaping them and before they are gathered into sheaves.

ପାହି ପଣିକିଆ—ଦେ. ବ.—ପାହି, ଅଣା, ସୁକିଆ ଓ ଟଙ୍କାର ହିସାବ Pāhi paṇikiā ପିଲାଙ୍କୁ ଶିଖାଇବା ପାଇଁ ଏକ ପ୍ରକାର ଗାଣିତିକ
ପାଇର ନାମତା ପଦ୍ଧତି—A multiplication table learnt
पाईका पहाड़ by rote by children for mastering calculations of rupees, 4 anna pieces, anna and pice.
(ଯଥା—ଦୁଇକେ ଦୁଇ ପାହି, ଦୁଇ ଅଣା, ଦୁଇ ସୁକିଆ ଅଠ ଅଣା, ଦୁଇ ଟଙ୍କା ।)

ପାହି ପଦିକା—ଦେ. ବ.—ଅନ୍ୟ ଗ୍ରାମରେ ଜମି ମାପ କରିବାରେ Pāhi padikā ବ୍ୟବହୃତ ପଦିକା—A measuring rod used in another village.

ପାହିପ୍ରଜା—ଦେ. ବ. (ସ. ପାର୍ଶ୍ୱ+ପ୍ରଜା)—ଏକ ଗ୍ରାମରେ ବାସ କରୁ-
Pāhi prajā ଥିବା ଅନ୍ୟ ଗ୍ରାମବାସୀ ପ୍ରଜା—
ପାଇକାସ୍ତା ରାୟତ — A non-resident raiyat.
पाहि प्रजा (ପାହି ରଇତ, ପାହିଆ ପ୍ରଜା—ଅନ୍ୟରୂପ)

ପାହିବା—ଦେ. କ୍ରି.—(ସ. ପ୍ରଭାତ)—(ରାତ୍ରି) ପ୍ରଭାତ ହେବା—
Pāhibā (the night) To break into dawn; to dawn.
ভোর হওয়া **फटना; भोरहोना**
ବଳକେସେ କ ପାହୁ ଅଥବା ଅଳଣରେ । ବଳରୂର୍ଯ୍ୟ. ବଶୋରାଗନଶ୍ଚ ।

ପାହିଲି—ଦେ. ବ. (ସ. ପାଦ୍ର ସ. ପାଭଲୀ; ପ୍ରା. ପାଇଲୀ=ମାପିବାର ମାଦ୍ରର
Pāhili ପାତ୍ର)—୧ । ଏକ ପାଆ ମାପର ପାତ୍ର—
পাউলী 1. A measure of ¼ of a seer.
पइला, पैली, तम्मा ୨ । ଗଉଣୀର ୧୬ ଭାଗରୁ ଏକଭାଗ ପରମାଣ
ମାତ୍ର—2. A measuring pot of corn equal to $\frac{1}{12}$ of a gouny.

ପାହି ସ୍ଥିତିବାନ—ଦେ. ବ.— ଗୋଟିଏ ଗ୍ରାମବାସୀ ରଇତର ଅନ୍ୟ ଗ୍ରାମରେ
Pāhi sthitibān ଥିବା ୧୨ ବର୍ଷରୁ ଊର୍ଦ୍ଧ୍ୱ କାଳ ଦଖଲ ସ୍ୱତ୍ୱ—
Occupancy right in a holding of a non-resident raiyat (which accrues after 12 years' possession).
ଦେ. ବଣ.—ନିଜର ପାହି ଜମିରେ ଦଖଲ ସତ୍ତ୍ୱବଶିଷ୍ଟ ପ୍ରଜା—
(raiyat) Having a right of occupancy in his holding.

ପାହୁ—ଦେ. ବଣ.—ପାଉ; ଧୂର୍ତ୍ତ—Cunning.
Pāhu **धक्काबाज धाखेबाज**
କହଳ ପାହୁ; ଛାଳ ଦେଖାଇ ଅଛ ନଈ—ଡଗ ।
୨ । ପ୍ରତାରକ—2. Cheating.
(ପାହୁଆ—ଅନ୍ୟରୂପ) ଦେ. ବ.—ଧୂର୍ତ୍ତ ବ୍ୟକ୍ତି—
Rouge; a cheat.

ପାହୁଗିରି—ଦେ. ବ.—୧ । ପାହୁଗିରି; ଧୂର୍ତ୍ତତା—
Pāhugiri 1. Cunning.
धक्काबाजी ୨ । ଶଠତା—
धोखाबाजी 2. Deception.
ପାହୁପଣ; ପାହୁପଣିଆ(ଆଁ) | ପାହୁଆପଣ; ପାହୁଆପଣିଆ } ଅନ୍ୟରୂପ

ପାହୁଡ଼—ଦେ. ବ.—ପାଉଡ଼; ସ୍ତ୍ରୀମାନଙ୍କ ଗୋଡ଼ରେ ପିନ୍ଧିବା ଅଳଙ୍କାର
Pāhurda ବିଶେଷ; ଗୋଡ଼ର ବଳା; ଗୋଡ଼ଖଡ଼ୁ—
धोखाबाज An anklet.
ସ୍ତ୍ରୀଗମାନଙ୍କର ପାହୁଡ଼ର ଶବଦ
କରଇସ ସେ ବନ କରୁଛ ସୁବଧ—କୃଷ୍ଣଙ୍କ ହ. ମହାଭରଠ. ବନ ।

ପାହୁଣ୍ଡ (ଇତ୍ୟାଦି)—ଦେ. ବ (ସ. ପାଦକୁଣ୍ଡନ; ପାଦଦଣ୍ଡ; ପ୍ରା:
Pāhunda (etc) ପାୟୁଉଣ୍ଡ)—୧ । ପହଣ୍ଡ ଇତ୍ୟାଦି (ଦେଖ)
1. Pahanda etc (See).
୨ । ପାହୁଲ ଇତ୍ୟାଦି (ଦେଖ)
2. Pāhula etc (See).
୨ । ପାହୁଲ ପକାଇବା (ଦେଖ)
2. Pāhula pakāibā (See).

ପାହୁମାରିବା—ଦେ. କ୍ରି—୧ । ଠକିବା—
Pāhumāribā 1. To cheat.
ঠকান ୨ । ଠକିକରି କୌଣସି ବସ୍ତୁ ଲାଭ କରିବା —
ठगना पट्टीमारना 2. To get a thing by fraud.

ପାହୁରା(ରେ)ଇବା—ଦେ. କ୍ରି (ସ. ପ୍ରହାର)—ଧୀରେ ଧୀରେ ଢିଙ୍କି
Pāhurā(re)ibā ପାହାରରେ ଶସ୍ୟାଦିକୁ କୁଟିବା—
ধীরে ধীরে কুটনা To pound slowly with pestle.

ପାହୁରାଣୀ—ଦେ. ବ (ସ. ପ୍ରହାରଣୀ)—୧ । ପାହୁରାଣୀ; ଧାନ କୁଟିବା
Pāhurāni ମୁଷଳ—A pestle to pound or husk
মোনা **मूसल्ल** Corn.
(ପାହୁରୁଣୀ—ଅନ୍ୟରୂପ) ୨ । ଢିଙ୍କିର ପାହାର—
2. The pestle of a Dhinki.
୩ । ଛୋଟ ଠେଙ୍ଗା; ଠେଙ୍ଗଣୀ—
3. A small lathi cudgel
୪ । ଉଲୂଖଳ ମୁଷଳ; ଧାନରୁ ଚାଉଳ ବାହାର କରିବା ଏବଂ ଚାଉଳ ଓ ଡାଲିଆଦିକୁ କାଣ୍ଡିବା ପାଇଁ ଦକ୍ଷିଣରେ ବ୍ୟବହୃତ ପଥର ବା କାଠର ହେମଦସ୍ତା ଓ କାଠର ଲମ୍ବ ପୁଆ—
4. A pestle and mortar to thresh and bruise paddy into rice.
[ଦ୍ର—ବୈଦିକଯୁଗରେ ଋଷିମାନେ ଏହାଦ୍ୱାରା ଧାନ କୁଟୁଥିଲେ ଜାଣୁ ବର୍ତ୍ତମାନ ଓଡ଼ିଶାରେ ଏହା ପରିବର୍ତ୍ତେ ଢିଙ୍କି ବ୍ୟବହୃତ ହେଉଥିଲେହେଁ ଦାକ୍ଷିଣାତ୍ୟରେ ଏହା ଚଳ ଆସୁଅଛି । ଏ ଦେଶକୁ ଆସୁଥିବା ଦକ୍ଷିଣିଆ, ମାଡ୍ରାଜି ଓ ସବାଖିଆ କୋଲାମାନେ ଏହାଦ୍ୱାରା ଧାନ କୁଟନ୍ତି ଓ ଚାଉଳ କାଣ୍ଡନ୍ତି ।]

ପାହୁରିବା—ଦେ. କ୍ରି. (ସ. ପରିଧାନ)—୧ । ପାଉରିବା; ପରିଧାନ
Pāhuribā କରିବା—1. To wear.
पहीरना ୨ । ଦେହରେ ଘୋଡ଼ାଇ ହେବା—
2. To cover the body with.

ପାହୁଲ—ଦେ. ବ. (ସ. ପାଦରୁ)—୧ । ପାହୁଣ୍ଡ; ପାଉଲ; ପାଦଚାଲ—
Pāhula 1. Foot-step.
नोरार ବ୍ୟଗ୍ରେ ଗୌଣେ ଅଶ୍ୱ ମାର୍ଗରେ କେତାର
ଦେଖିଉ ବ୍ୟାପ୍ତ ପାହୁଲ । ଉଆନାଥ. କେଦାରଗୌରୀ ।
୨ । ଲଠି ଖେଳିବା ମଲ୍ଲ ହାତରେ ଯଷ୍ଟି ଧରି ବଙ୍କାଗତିରେ ବଡ଼ ବଡ଼ ପାହୁଣ୍ଡ ପକାଇ ଅଗ୍ରସର ହେବା—2. Act of stepping in big steps done by a stick player.
୩ । ଶିଖ ଧର୍ମରେ ଦୀକ୍ଷିତ ବ୍ୟକ୍ତିର ଶିଖ ଧର୍ମ ପକ୍ଷାଗ୍ରହଣ—
3. The initiation of a person into Sikh religion.

ପାହୁଲ ପକା(କେ)ଇବା—ଦେ. କ୍ରି—ଧୀରେ ଧୀରେ ପଦକ୍ଷେପ କରିବା—
Pāhula pakā(ke)ibā To walk with slow strides
পাপাচলা or steps (said of elephants).
धीरेधीरे चलना [ଦ୍ର—ହାତୀ ପାହୁଲପକାଏ ଓ ମଲ୍ଲକ୍ରୀଡ଼ା ପୂର୍ବରୁ ମଲ୍ଲ ଯଷ୍ଟି ଧରି ପାହୁଲ ପକାଏ ।]

ପାହୁଲା—ଦେ. ବ. (ସ. ପାଦକ)—୧ । ପାହି ପଇସାର ଏକତୃତୀୟାଂଶ;
Pāhulā ପାଉଲା—1. Pie; a copper pie.
পাই ୨ । କରତଳ; ନେଉ—
पाई 2. Palm of the hand.

ହାତରତେଲୋ ପ୍ରାଦେ. (ଗଡ଼ଜାତ) ବ—ପାହୁଲ (ଦେଖ)
तलहत्थी Pāhula (See)

ପାହୁଲାଏ—ଦେ. ବ—ଏକ ପାହୁଲା ମାତ୍ର—
Pāhulāe One pie only.
ଏକପାଇ **एकपाइ** (ପାହୁଲାକ—ଅନ୍ୟରୂପ)

ପାହୁଲାକିଆ—ଦେ. ବଣ—୧ । ଏକ ପାହୁ ମୂଲ୍ୟର—
Pāhulākiā 1. Worth one pie.
पइयाही ୨ । ମୂଲ୍ୟହୀନ—2. Of no value; valueless.
(ପାହୁଲିକିଆ—ଅନ୍ୟରୂପ)

ପାହୁଲିବା—ଦେ. କ୍ରି—ପାହୁଲ ପକାଇବା (ଦେଖ)
Pāhuliba Pāhula pakāibā (See)

ପାହୁଲେ—ଦେ. ବ—୧ । ଏକ ପାହୁଲା ମାତ୍ର—
Pāhule 1. One pie only.
ଏକପାଇ ଡାକିଲେ ! ଛନ ପଇସା ପାହୁଲେ । ଛନ ।
एकपाइ ୨ । ଏକମାତ୍ର ପାହୁଣ୍ଡ—2. One step only.

ପାହୁଲେ ପାହୁଲେ—ଦେ. କ୍ରି. ବଣ—୧ । ପ୍ରତ୍ୟେକଙ୍କୁ ଏକ ପାହୁ
Pāhule pāhule, ଲେଖାଏଁ—1. One pie each.
୨ । ଧୀରେ ଧୀରେ ପାହୁଣ୍ଡେ ଲେଖାଏଁ ଅଗ୍ରସର ହୋଇ—
2. By advancing slowly; step by step.

ପିଅଇବା—ପ୍ରାଦେ. (ଯାଜପୁର) କ୍ରି—ପିଆଇବା—
Piaibā To make (a person) drink.

ପିଅଁଲା—ଗ୍ରା. ବ. (ସଂ. ପିଙ୍ଗଳା)—ପିଙ୍ଗଳା ନାଡ଼ୀ; ଶରୀର ମଧ୍ୟସ୍ଥ ୩
Piañlā ଗୋଟି ପ୍ରଧାନ ନାଡ଼ୀ ମଧ୍ୟରୁ ଏକତମ—
पिंगला One of the 3 vital veins of the body.
ଇଅଁଲା ପିଅଁଲା ସୁଷୁମ୍ନା ଛନ
ଗଙ୍ଗା ଯମୁନା ସରସ୍ୱତୀ ଜେନ । ପ୍ରାଚୀ. ଗରବେଗୀତା ।
[ଦ୍ର—ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ୀମାନଙ୍କୁ ଗ୍ରାମ୍ୟ ଭାଷାରେ ଯଥାକ୍ରମେ ଇଅଁଲା, ପିଅଁଲା ଓ ଶିଶୁମୁଣା ବୋଲି କହନ୍ତି ।]

ପିଅନ୍—ବୈଦେ. ବ. (ଇଂ)—ପିଆଦା; ତପସ୍ୱୀ; ବରକନ୍ଦାଜ—
Pian ପିଉନ **पिउन** (ପିଉନ୍—ଅନ୍ୟରୂପ) Peon.

ପିଅନ ବୁକ୍—ବୈଦେ. ବ. (ଇଂ)—ପିଆଦାମାନଙ୍କର ହାତରେ ପଠାଯିବା
Pian-buk ପତ୍ରମାନ ଅଭିପ୍ରେତ ବ୍ୟକ୍ତି ପାଇବାର ନିଦର୍ଶନ
ପିଅନବୁକ୍ ଯେଉଁ ବହି ବା ଖାତାରେ ଥାଏ—
पिअनबुक (ପିଅନବହି—ଅନ୍ୟରୂପ) Peon book.

ପିଅର—ଦେ. ବ. (ସଂ. ପିତୃ)—୧ । ପିତା—
Piara 1. Father.
पितृ ଯେତ୍ନ ସେ ମାତା ପିତା ଜେନ
ସଂସାର ପିଅର ଜନନୀ । ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।
୨ । (ସଂ. ପ୍ରିୟ)—ପ୍ରିୟତମ ବ୍ୟକ୍ତି—
प्रिया 2. Dearest person.

ପିଆ—ଦେ. ବ. (ସଂ. ପା ଧାତୁ)—ପାନ କରିବା—
Piā Drinking.
ପିଓନ; ପିଆ ଦେ. ବଣ—୧ । ଯେ ପାନ କରେ—
पीवा 1. Drinking (person).
୨ । ଢଳା ହୋଇଥିବା (ଧାତୁମୟ ବସ୍ତୁ)—
2. Cast (metal article).
୩ । ପାନ ହେବାପାଇଁ ଅଭିପ୍ରେତ (ବସ୍ତୁ)—
3. Intended to be drunk.

ପିଆଇ(ହି)—ଦେ. ବ—ପିଆ କଉଡ଼ି (ଦେଖ)
Piāi(hi) Piā kaurdi (See)

ପିଆଇବା—ଦେ. କ୍ରି. (ସଂ. ପା ଧାତୁ ଣିଚ)—୧ । ପିଇବା କ୍ରିୟାର
Piāibā ଣିଜନ୍ତ ରୂପ—1. Causative of Pi-ibā.
ପିଆନ ୨ । (ମାତା ଶିଶୁକୁ ସ୍ତନ୍ୟ) ପାନ କରାଇବା—
पिलाना; पिआना 2. To give a sucking to a child.
ପିଏଇବା } ଅନ୍ୟରୂପ ୩ । ପାନାର୍ଥ କୌଣସି ବ୍ୟକ୍ତିକୁ ବା
ପ୍ୟାଇବା } ଜୀବକୁ ଜଳାଦି ଦେବା—
ପେ୍ୟଇବା }
3. To give a drink to a person or animal.
୪ । ମାଳର ଦାନାଗୁଡ଼ିକ ଖାଦ୍ୟ ଭାବରେ ସୂତା ଦେବା—
4. To string very closely the beads of a necklace with a stout thread.
୫ । କୌଣସି ବ୍ୟକ୍ତିର ବା ଜୀବର ମୁଖରେ ପାନୀୟ ବସ୍ତୁକୁ ଦେବା ବା ଢାଳିବା—5. To pour a drink into the mouth of a person or animal.
୬ । ତରଳ ପଦାର୍ଥ ଢାଳି ସନ୍ଧିମାନ ବୁଜିବା—
6. To close the interstics or cracks by filling them up with some liquid.
(ଯଥା—ଗୁଡ଼ୁଏ ଇଟା ଭୂଇଁରେ ବସାଇ ତହିଁର ସନ୍ଧିରେ ପାଣିଆ ଚୂନ ବା କାଦୁଅ ପିଆଇଲେ ତାହା ନିରୁଜ ହୁଏ ।)
୭ । କୌଣସି ଅଲଙ୍କାରର ସନ୍ଧିରେ ତଳା ଧାତୁ ଢାଳିବା—
7. To pour molten metal into holes of an ornament.

ପିଆ କଉଡ଼ି—ସଂ. ବ—ମଦ୍ୟ ପାନ ନିମନ୍ତେ ଘଣ୍ଟ ବାଡ଼ ଆଦିଙ୍କୁ
Piā kaurdi ଦିଆଯିବା ପୁରସ୍କାର ପଇସା—Tip given to
पीनेके लिये पैसे drummers and sweepers for a drink.
ପିଆଇ କଉଡ଼ି }
ପିଇବ କଉଡ଼ି } ମହୁଁ ନାଚିଲେ ହାଡ଼ି, ନାଚିଲେ ହାଡ଼ି ।
ପେହ କଉଡ଼ି } ମାଗିବ ପେଇ କଉଡ଼ି—ବାବୁ ହେ । ଯାନାଗୀତ
ପ୍ୟାଇ(ହି)କଉଡ଼ି }

ପିଆ(ୟା)ଜ—ଦେ. ବ. (ଫା. ପ୍ୟାଜ୍; ପିୟାଜ)—ପଲାଣ୍ଡୁ—
Piā(yā)ja Onion; Allium Cepa; Allium
ସଂ. ଯବନେଷ୍ଟ, ଦୁର୍ଗନ୍ଧ, ତୀକ୍ଷ୍ଣକନ୍ଦ, Ascalonicum.
ଉଷ୍ଣ, ମୁଖଦୂଷଣ, ଶୂଦ୍ରପ୍ରିୟ, [ଦ୍ର—ଏହା କୃଷି ଦ୍ୱାରା ଉତ୍ପନ୍ନ
କ୍ରିମିଘ୍ନ, ପଲାଣ୍ଡୁ, ମୁକନ୍ଦକ, ବହୁ ସ୍ତରଯୁକ୍ତ ପାଖୁଡ଼ାଦ୍ୱାରା ଆବୃତ
ରୋହିତକନ୍ଦ, ମୁଖଗନ୍ଧକ, ଶ୍ୱେତଗନ୍ଧ ମୂଳବିଶେଷ । ପତ୍ରଗୁଡ଼ିକ
ବହୁପତ୍ର, ବିଶ୍ୱଗନ୍ଧ, ରୋଚନ, ସରୁ ନଳ ପରି । ମୂଳରୁ ଗୋଟିଏ
ପିୟଜ, ପେଆଜ ନଳାକାର କାଣ୍ଡ ବାହାରେ, ସେହି
पियाज, पयाज କାଣ୍ଡର ଅଗରେ ଫୁଲ ଧରେ । ଧଳା
ଓ. ନିରୁକ୍ତିଚେଷ୍ଟ, ନିରୁକ୍ତିପାସ୍ମ] ଓ ନାଲି ଭେଦରେ ପିଆଜ ଦୁଇ ପ୍ରକାର

ମ. ଶ୍ୱେତକନ୍ଦା, କାନ୍ଦା — ଯଥା—ଶ୍ୱେତପଲାଣ୍ଡୁ ଓ ରକ୍ତ ବା
ତା. ବେଙ୍ଗାୟମ୍ — ରାଜ ପଳାଣ୍ଡୁ । ବଡ଼ ବଡ଼ ପିଆଜକୁ
ଗୁ. ଡୁଂଗଲୀ — ରାଜ କହନ୍ତି । ବୈଦ୍ୟକ ମତରେ
ଫା. ପ୍ୟାଜ — ଏହା ରସୁଣ ପରି ଗୁଣଯୁକ୍ତ ।
ଆ. ବସଲ — ଏହା ମଧୁର ରସ, ମଧୁର ବିପାକ, ଅନୁଷ୍ଣବୀର୍ଯ୍ୟ, କଫକାରକ, ନାଡ଼ିପିତ୍ତଜନକ, କଣ୍ଠଶୋଧକ, ମେଧାଜନକ, ଚକ୍ଷୁର ହିତକର, ରସାୟନ, ମାଂସବର୍ଦ୍ଧକ, ବଲକାରକ, ବୀର୍ଯ୍ୟବର୍ଦ୍ଧକ ଓ ଗୁରୁ—ଦ୍ରବ୍ୟଗୁଣ ଓ ହ୍ର. ଶ.

ପିଆଜ ଭାରତର ସର୍ବତ୍ର କୃଷି କରାଯାଏ । ଏହା ଖାଇଲେ ମୁହଁରୁ ଦୁର୍ଗନ୍ଧ ବାହାରେ । ହିନ୍ଦୁମାନଙ୍କର ଏହା ଖାଇବା ନିଷିଦ୍ଧ । ଏହା ଜୀର୍ଣ୍ଣ ଜ୍ୱର, ଗୁଳ୍ମ, ଅରୁଚ, କାସ, ଶୋଥ, ଆମ ଦୋଷ, କୁଷ୍ଠ, ଅଗ୍ନିମାନ୍ଦ୍ୟ, କୃମି, ବାୟୁ ଓ ଶ୍ୱାସନାଶକ । ଏଥିରୁ ବାହାରିବା ତେଲ ଉତ୍ତେଜକ ଓ ଚେତନା ଜନକ । ପିଆଜର ରସକୁ ବିଛା ମାରିବା ସ୍ଥାନରେ ଲଗାଇଲେ ବେଦନା କମିଯାଏ ଓ ଏହାକୁ ଶୁଂଘାଇଲେ ମୂର୍ଚ୍ଛିତ ଲୋକର ଚେତନା ହୁଏ । ମୃତ୍ତିକା ଭେଦରେ ପିଆଜର ଆକାର ଭିନ୍ନ ଭିନ୍ନ ସ୍ଥାନରେ ବଡ଼ ସାନ ହୁଏ ।]

ପିଆଜ ଷଣ୍ଡା—ଦେ. ବି—ପିଆଜ ମୂଳରୁ ବାହାରୁଥିବା କାଣ୍ଡ ଯହିଁରେ ଫୁଲ ଧରୁଥାଏ—The flowering stem of the onion plant.
Piāja shaṇḍā
ପିୟାଜକଲୀ **पयाजसवाडा**
(ପିଆଜ ଷଣ୍ଢା—ଅନ୍ୟରୂପ)

ପିଆଜ ସାଇଁ—ଦେ. ବି—ପିଆଜ ପତ୍ର—The leaves of onion.
Piāja sāiṅ
[ଦ୍ର—ଏହା ଶାଗ ରୂପେ ବ୍ୟବହୃତ ହୋଇଥାଏ ।]

ପିଆଜି—ଦେ. ବି—୧ । ପିଆଜକୁ ପିଠଉରେ ବୁଡ଼ାଇ ଘିଅ ବା ତେଲରେ ଛଣା ଯାଇଥିବା ଏକ ପ୍ରକାର ପିଠା—1. A cake made by frying an onion dipped into flour paste.
Piāji
ପିୟାଜି
पियाजि, कचरी
୨ । ପିଆଜର ଫିକା ନାଲି ରଙ୍ଗ—2. Pinkish colour.
ଦେ ବିଣ. ପିଆଜ ପରି ଫିକ୍କା ନାଲି—Pinkish.

ପିଆଜିଆ—ଦେ. ବିଣ—ପିଆଜ ପରି ଗନ୍ଧ ଯୁକ୍ତ—Smelling like onion.
Piājiā
ପିୟାଜି — ଦେ. ବି. (ବୈଦ୍ୟକ)—ଏକ ପ୍ରକାର ଗୁଳ୍ମ ଓ ଗଛ—A kind of tree.
पियाजी
ସ. ପୀଲୁ, ଗୁଡ଼ଫଳ, ବିରେଚନ ଫଳ — [ଦ୍ର—ଏହାର ସାନ ଓ ବଡ଼ ଭେଦରେ ଦୁଇ ପ୍ରକାର; ବଡ଼ ପିଆଜିଆର ନାମ ମହାପୀଲୁ ।
पीलू
पीलु — ହରେକୃଷ୍ଣ. ଦ୍ରବ୍ୟଗୁଣ. କଳ୍ପଦ୍ରୁମ ।]

ପିଆଣ—ଦେ. ବି—ପିହାଣ (ଦେଖ)—Pihāṇa (See)
Piāṇa

ପିଆଣିଆ(ଆଁ)—ଦେ. ବି—୧ । ଠଭାରି (ଦେଖ)—1. Ṭabhāri (See)
Piāṇiā(āṅ)
୨ । ପିହାଣିଆ (ଦେଖ)—1. Pihāṇiā (See)

ପିଆଦା—ବୈଦେ. ବି. (ଫା. ପ୍ୟାଦା; ସ. ପଦାତି)—
Piādā — ୧ । ପିଅନ; ଚପରାସୀ—1. Peon.
ପିୟାଦା, ପେୟାଦା — ୨ । ପାଇକ—2. Foot-man.
पियादा, पयादा — ମିଥିତ ହାତରେ ପିଆଦା ପଛେ ମାର ଛିଙ୍କେ ଅସ୍ତ୍ର ଯାଉ । ଜନର୍ସ୍ତ୍ରତି, ସଙ୍ଗୀତ ।
ପ୍ରାଦେ. (ଗଞ୍ଜାମ) ବି—ଅଧିକାର—Authority.
(ଯଥା—ତୁ କଣ ମୋଠାରେ ପିଆଦା ଦେଖାଉଛୁ ।)

ପିଆଦା ମିଆଦି—ବୈଦେ. ବି. (କଚେରୀ) (ଫା. ପ୍ୟାଦା+ମିୟାଦୀ)—କୌଣସି ବ୍ୟକ୍ତି ନିକଟକୁ ପଠାଯିବା ପିଆଦାର ଖରଚ, ଯାହାକି ପକ୍ଷ ନିକଟରୁ ଆଦାୟ କରାହୁଏ—Process fees realised from a party to meet the charges of a peon.
Piādā miādi
ପ୍ୟାଦା ମେୟାଦୀ
पयादा मियादी

ପିଆଦା ମୁତଇନ୍—ବୈଦେ. ବି (ଫା. ପ୍ୟାଦା+ମୁତାଇୟନ୍)—କୌଣସି କାର୍ଯ୍ୟ ନିମନ୍ତେ କୌଣସି ପିଆଦାକୁ ବିଶିଷ୍ଟ ଭାବରେ ନିଯୋଗ କରିବା—Deputation of a peon for a special purpose.
Piādā mutain
ପିୟାଦା ମୋତାୟନ
पयादा मूतायन
ପିଆଦାମୁତଏନ୍, ପିଆଦାମୁତୟନ୍, ପିଆଦାମୋତଏ(ୟ)ନ୍ } ଅନ୍ୟରୂପ

ପିଆନୋ—ବୈଦେ. ବି (ଇଂ)—ତାରଯନ୍ତ୍ରବିଶିଷ୍ଟ ସିନ୍ଦୁକ ପରି ବାଦ୍ୟଯନ୍ତ୍ର ବିଶେଷ—Piano; organ.
Piāno
ପିୟାନୋ **पियानो**

ପିଅ ପାଇଟି—ଦେ. ବି—ଧାତୁଦ୍ରବ ଢାଳି ତିଆରି କରା ଯାଇଥିବା କାରୁକାର୍ଯ୍ୟ; ଢଳା କାମ—Artistic work done by casting metals.
Piā pāiṭi
पीतका काम

ପିଅ ପିଇ—ଦେ. ବି (ସ. ପା ଧାତୁ ଦ୍ୱିତ୍ୱ)—୧ । ପାନ କରିବା—1. Drinking.
Piā pi-i
पीना — ୨ । ମଦ୍ୟପାନ କ୍ରିୟା—2. Drinking of wine.
୩ । ବହୁ ବ୍ୟକ୍ତି ମିଶି ମଦ୍ୟ ପାନ କରିବା—3. A drinking bout.
୪ । ପରସ୍ପରକୁ ପିଆଇବା—4. Causing each other to drink.
୫ । ବହୁବାର ପିଇବା କ୍ରିୟା—5. Repeated acts of drinking.

ପିଅ ପେଇ—ଦେ. ବି—ପିଅପିଇ (୪) (ଦେଖ)—Piāpi-i (4) (See).
Piā pei

ପିଅ(ୟା)ର—ଦେ. ବି. ପୁଂ (ହି)—(ସ. ପ୍ରିୟ)—ନାଗରୀର ପ୍ରିୟତମ ବ୍ୟକ୍ତି—A lady's lover, gallant or sweetheart.
Piā(yā)r
ପିୟାର **पयार**
ବିଣ—ପ୍ରିୟ—Dear.

ପିଅ(ୟା)ରା—ଦେ. ବିଣ (ସ. ପ୍ରିୟ)—୧ । ପ୍ରିୟ—1. Dear.
Piā(yā)rā
(ପ୍ରେଅରା—ଅନ୍ୟରୂପ) ମନ ମହ କାମର ପିଅରା ।
ପିୟାରା **पयारा** — ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । ପ୍ରିୟତମ— 2. Dearest; beloved.

୩ । ଅଧୀନ (ବ୍ୟକ୍ତି) ବଶଂବଦ—
3. Dependant; subservient.

ଦେ. ବି (ସଂ. ପାରେବତ ଫଳ; ଭୁଲ. ପର୍ତୁଗୀଜ୍ —ପେରା)—
୧ । ଏକପ୍ରକାର ପିଜୁଳି—
1. Guava (fruit); Ficus Carica.
୨ । ପ୍ରିୟପାତ୍ର—2. Favourite; beloved person.
୩ । ସ୍ନେହ; ପ୍ରେମ; ଆଦର—
3. Attachment; love.

ପିଆ(ୟା)ରୀ—ଦେ. ବି. ସ୍ତ୍ରୀ (ସଂ. ପ୍ରିୟା)—୧ । ପ୍ରିୟା; ପ୍ରେୟସୀ—
Piā(yā)ri 1. A beloved woman; a man's sweetheart.
प्यारी
୨ । ରାଧିକାଙ୍କ ହିନ୍ଦୀ ନାମାନ୍ତର—
2. An epithet of Rādhikā.
୩ । (ନାମ) ପୁଂ—ପିଆରୀଚରଣ ବା ପିଆରୀମୋହନ ନାମକ ବ୍ୟକ୍ତିର ଡାକ ନାମ—3. A name by which a person named Piāri-charaṇa or Piārimohana is called.

ପିଆରୀ ଚରଣ—ଦେ. ବି—୧ । ଶ୍ରୀକୃଷ୍ଣଙ୍କର ହିନ୍ଦୀ ନାମାନ୍ତର; ରାଧାଙ୍କ
Piāri-charaṇa ପ୍ରିୟତମ—1. A Hindi epithet of Kṛushṇa.
ପିଆରୀମୋହନ
ପିଆରୀବଲ୍ଲଭ } ଅନ୍ୟରୂପ ୨ । ପୁଂ. ବ୍ୟକ୍ତିଙ୍କ ନାମ—
ପିଆରୀଲାଲ 2. Name given to males.

ପିଆରୀମୋହନ ଆଚାର୍ଯ୍ୟ—ଦେ. ବି (ନାମ)—କଟକର
Piārimohana āchārjya ପିଆରୀମୋହନ ଏକାଡେମୀ ନାମକ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା—
Late Babu Piarymohan Acharjya of Cuttack.

[ଦ୍ର—ଏ ମହାତ୍ମା ଉତ୍କଳରେ ଉପନିବେଶୀ ବଙ୍ଗୀୟ ବ୍ରାହ୍ମଣ ବଂଶରେ ଜନ୍ମଗ୍ରହଣ କରିଥିଲେ ଓ ଅତି ଅଳ୍ପ ବୟସ (୨୮ ବର୍ଷ ବୟସ) ରେ ମୃତ ହୋଇଥିଲେ (୧୮୫୨—୧୮୮୧) । ଏ ବିଦ୍ୟାଳୟରେ ଇଂରାଜୀ ଶିକ୍ଷା କରିବା ସମୟରେ ଏହାଙ୍କ ପ୍ରତିଭାର ପରିଚୟ ମିଳିଥିଲା ଓ ସେ ସମୟରେ 'ଉତ୍କଳ ପୁତ୍ର' ନାମକ ଖଣ୍ଡିଏ ପତ୍ରିକା ସମ୍ପାଦନ କରୁଥିଲେ । ଏହାଙ୍କ ନିର୍ଭୀକତା-ଦ୍ୱାରା ତଦାନୀନ୍ତନ ରାଜପୁରୁଷମାନେ ମଧ୍ୟ ବିସ୍ମିତ ହୋଇଥିଲେ । ଉତ୍କଳକୁ ଏ ଆପଣାର ମାତୃଭୂମିରୂପେ ପୂଜା କରୁଥିଲେ । ଉତ୍କଳର ଇତିହାସର ଅଭାବ ଦେଖି ଏ ବହୁ ଗ୍ରନ୍ଥ, ମାଦଳାପାଞ୍ଜି ଓ ପୁରୁଣା ରାଜକୀୟ ନଥିମାନ ଗବେଷଣାପୂର୍ବକ ଗୋଟିଏ ଓଡ଼ିଆ ଇତିହାସ ରଚନା କରିଥିଲେ । ଉକ୍ତ ଇତିହାସ ପରି ଖଣ୍ଡିଏ ଇତିହାସ ଅଦ୍ୟାପି ସଙ୍କଳିତ ହୋଇ ନାହିଁ । ତାଙ୍କର ଓଡ଼ିଆ ଭାଷା ପ୍ରତି ପ୍ରଗାଢ଼ ପ୍ରେମ ଥିଲା । ଏ ମହାଶୟ କଟକର ପିଆରୀମୋହନ ଏକାଡେମୀର ପ୍ରତିଷ୍ଠା ବିଷୟରେ ପୁରୋଧାର ହୋଇଥିଲେ । ଏହାଙ୍କର ଅକାଳ ବିୟୋଗରେ ଉତ୍କଳର ଅତ୍ୟନ୍ତ କ୍ଷତି ହୋଇଅଛି ।]

ପିଆରୀ ମୋହନ ସେନ—ଦେ. ବି (ନାମ)—ସ୍ୱନାମ ଧନ୍ୟ ଜନାର୍ଦ୍ଦନ
Piāri mohan sena ସେନଙ୍କ ପୁତ୍ର—Late Babu Peary Mohan Sen of Cuttack.

[ଦ୍ର—ଏ ପୁରୁଷାନୁକ୍ରମେ ଓଡ଼ିଶାରେ ଉପନିବେଶକାରୀ ଗୋଟିଏ ବଶିଷ୍ଠ ବଙ୍ଗୀୟ ବୈଦ୍ୟ ପରିବାରରେ କଟକ ଜିଲ୍ଲାର ଅନ୍ତର୍ଗତ ସାଲେପୁର ଥାନାର ରଘୁନାଥ ନଗର ନାମକ ଗ୍ରାମରେ ସ୍ୱନାମ ଧନ୍ୟ ଜନାର୍ଦ୍ଦନ ସେନଙ୍କ ଔରସରେ ଜନ୍ମ । ସେ ୧୮୩୯ ଖ୍ରୀଷ୍ଟାବ୍ଦରେ ଭୂମିଷ୍ଠ ହୋଇ ୧୯୦୦ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କଲେ । ସେ ଓଡ଼ିଶାର କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାମାନଙ୍କରେ ସ୍କୁଲ ଡେପୁଟି ଇନ୍ସପେକ୍ଟର ରୂପେ କାର୍ଯ୍ୟ କରିଥିଲେ । ନିଜ ଗୃହରେ ତଥା କର୍ମକ୍ଷେତ୍ରରେ ସେ ଯେଉଁ ଚରିତ୍ରବତ୍ତାର ଆଦର୍ଶ ରଖି ଯାଇଅଛନ୍ତି ତାହା ପ୍ରତ୍ୟେକ ଯୁବକର ଅନୁକରଣୀୟ । ସାଧୁତା, ନିର୍ଲୋଭତା, ଉଦାରତା, କର୍ତ୍ତବ୍ୟନିଷ୍ଠା, ଧର୍ମପ୍ରାଣତା ପ୍ରଭୃତି ଯେଉଁ ଗୁଣଗୁଡ଼ିକ ମନୁଷ୍ୟକୁ ପ୍ରକୃତ ମନୁଷ୍ୟ ପଦବାଚ୍ୟ କରେ ସେଗୁଡ଼ିକ ତାହାଙ୍କଠାରେ ଫୁଟି ଉଠିଥିଲା । ଶିକ୍ଷା ବିଭାଗ ଯେପରି ପବିତ୍ର ସେ ସେହି ବିଭାଗର ଯଥାର୍ଥ ପୁରୋଧା ଥିଲେ । ତାହାଙ୍କୁ ପାଇ ଶିକ୍ଷା ବିଭାଗ ଧନ୍ୟ ହୋଇଥିଲା । ତାହାଙ୍କ ସମ୍ବନ୍ଧରେ ବିଶେଷ ବିବରଣ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ସେନଗୁପ୍ତଙ୍କ 'ଆଦର୍ଶ ପୁରୁଷ' ନାମକ ପୁସ୍ତକରେ ପ୍ରଦତ୍ତ ହୋଇଅଛି ।]

ପିଆଳ—ଦେ. ବି (ସଂ. ପିୟାଳ, ପ୍ରିୟାଳ)—ପିୟାଳ (ଦେଖ)
Piāḷa Piyāḷa (See)
পিআল, **पियाल**

ପିଆଲା—ବୈଦେ. ବି (ଫା. ପ୍ୟାଲା)—୧ । ପାନ ପାତ୍ର—
Piālā 1. Drinking cup.
পেয়ালা ୨ । ଗିନା; ବାଟି—2. A cup.
प्याला [ଦ୍ର—ଏହାର ମୁହଁ ପାଖ ତଳପାଖ ଅପେକ୍ଷା ଚଉଡ଼ା ।]
(ପେଆଲା, ପିୟାଲା—ଅନ୍ୟରୂପ)

ପିଆ(ୟା)ଲି—ବୈଦେ. ବି (ଫା. ପ୍ୟାଲି)—ଛୋଟ ଗିନା—
Piā(yā)li A small cup.
পেয়ালী, **प्याली**

ପିଆସ୍—ପ୍ରାଦେ (ଲରିଅ) ବି (ସଂ. ପିପାସା; ଭୁଲ. ହି. ପିଆସ୍)—
Piāś ପିପାସା; ଶୋଷ —Thirst.

ପିଆଶାଳ—ଦେ. ବି (ସଂ. ପୀତଶାଳକ)—ପିୟାଶାଳ (ଦେଖ)
Piāśāḷa Piyāśāḷa (See)
পিয়াশাল, **पियाशाल**

ପିଆସ (ସା)—ଦେ. ବି—(ସଂ. ପିପାସା)—୧ । ତୃଷ୍ଣା; ପିପାସା—
Piāsa(sā) 1. Thirst.
পিয়াস(সা) ୨ । (ସଂ. ପ୍ରୟାସ; ପ୍ରତ୍ୟାଶା) କୌଣସି ପଦାର୍ଥ ପାଇବା
पियास ; प्यास ପାଇଁ ବଳବତୀ ଇଚ୍ଛା; ଅଭିଳାଷ—2. An intensive desire for a thing.

ପିଆସୀ—ଦେ. ବିଣ (ସଂ ପିପାସୁ; ପିପାସିତ)—୧ । ତୃଷାର୍ତ୍ତ—
Piāsi 1. Thirsty.
পিয়াসী(সু) ୨ । ଅତ୍ୟନ୍ତ ଅଭିଳାଷୀ; ପ୍ରତ୍ୟାଶୀ—
प्यासा 2. Eagerly desirous for a thing.

ପିଇ ଦେବା—ଦେ. କ୍ରି—୧ । ପିଇବା କର୍ମ ଶେଷ କରିବା—
Pi-i deba 1. To finish drinking.
ପିୟେ ଯାଓଯା ୨ । ସମ୍ପୂର୍ଣ୍ଣରୂପେ ପିଇବା—2. To quaff off;
पी जाना to exhaust a liquid by drinking.

ପିଇବା—ଦେ. କ୍ରି (ସଂ. ପା ଧାତୁ)—୧ । ଦ୍ରବ ପଦାର୍ଥ ପାନ କରିବା—
Pi-iba 1. To drink a liquid.
ପିୟା ୨ । ମଦ୍ୟ ପାନ କରିବା—2. To drink wine.
पीना ସେଠାରେ ଯଦୁମାନେ ସଙ୍ଗତ କଲେ,
(ପିଇଁବା—ଅନ୍ୟରୂପ) କାଦମ୍ବରୀ ମଦକୁ ଅଶେଷ ପିଇଲେ ।
କୃଷ୍ଣସିଂ. ମହାଭାରତ. ଅଦ ।
ପିଆଇବା, ପିଏଇବା, ପେଇବା } ଅନ୍ୟରୂପ
୩ । ଉତ୍ତମରୂପେ ଜଡ଼ି ଯିବା—3. To tally completely with.
୪ । (ରନ୍ଧ୍ରଯୁକ୍ତ କାଠ ବା ଅନ୍ୟ ବସ୍ତୁ) ତୈଳାଦି ଦ୍ରବ ପଦାର୍ଥକୁ ଛିଦ୍ର ମଧ୍ୟରେ ଶୋଷଣ କରିବା—4. To draw oil etc into the pores; to become soaked with.
(ଯଥା—ଏ ବଢ଼ାଟି ଖୁବ୍ ତେଲ ପିଇଛି ।)
୫ । ଚାଖିବା—5. To taste.
୬ । ଧୂମ ପାନ କରିବା—6. To smoke.
୭ । (ଲକ୍ଷଣାର୍ଥ) ସମ୍ପୂର୍ଣ୍ଣରୂପେ ନିଜର ଅଙ୍ଗୀଭୂତ କରିବା—7. To assimilate or incorporate a thing into one's body.
ପିଇ ବଅନ୍ତ ଗୋଷ୍ଠକଯାକ ସେ କଣାଇ କରେ—କଥୋପକଥନ ।
୮ । ପୀତାଦିର ମାଧୁରୀ ହୃଦୟରେ ଗ୍ରହଣ କରିବା—
ବଣୀ ଗୀତ ପୀୟୂଷ ପିଇବା—କଟୋପକଥନ ଦ ଗୀତ ।

ପଇସା (ଇତ୍ୟାଦି)—ଦେ. ବି. ପୁଂ—ପିଉସା (ଇତ୍ୟାଦି) (ଦେଖ)
Pi-isā (etc) (ପିଇସୀ—ସ୍ତ୍ରୀ) Piusā etc (See)

ପିଇଶାଶୁର—ଦେ. ବି. ପୁଂ—ପିଉସାଶୁର (ଦେଖ)
Pi-isāsura Piusāsura (See)
(ପିଇସୀ ଶାଶୁ, ପିଇଶାଶୁ—ସ୍ତ୍ରୀ)

ପିଇସୀ (ଇତ୍ୟାଦି)—ଦେ. ବି. ସ୍ତ୍ରୀ—ପିଉସୀ (ଇତ୍ୟାଦି) (ଦେଖ)
Pi-isi (etc) Piusi etc (See)

ପିଉ—ବୈଦେ. ବି. (ଇଂ)—ଗିରିଜାରେ ପାଦ୍ରୀଙ୍କ ଅବସ୍ଥାନ ପାଇଁ ବାଡ଼ ଦିଆ ଅସ୍ଥାନ—Pew; enclosed platform for the preacher in a church.
Piu
ପିଉ **पिउ**

ପିଉନ୍ (ଇତ୍ୟାଦି)—ବେଦେ. ବି.—ପିଅନ୍ (ଇତ୍ୟାଦି) (ଦେଖ)
Piun (etc) Pian (etc) (See)
ପିଉନ୍ **पूयन**

ପିଉନି ଜଜ୍—ବୈଦେ. ବି. (ଇଂ. ପୁଇନ; ଫ୍ରେଞ୍ଚ-ପୁଇନେ+ଇଂ. ଜଜ୍)—ହାଇକୋର୍ଟର ଚିଫ୍ ଜଷ୍ଟିସ୍ (ପ୍ରଧାନ ଜଜ୍)ଙ୍କ ସହକାରୀ ଶ୍ରେଷ୍ଠ ଜଜ୍—Puisne Judge.
Piuni jaj
ପିଉନି ଜଜ
पुयनीजज

ପିଉନିଟିଭ୍ ଟ୍ୟାକ୍ସ—ବେଦେ. ବି. (ଇ)—କୌଣସି ଅଞ୍ଚଳରେ ଅସାଧାରଣ ରୂପେ ଶାନ୍ତିଭଙ୍ଗ ହେବାର ଦେଖା ଗଲେ ଓ ଉକ୍ତ ଅଞ୍ଚଳବାସୀ ଲୋକଙ୍କ ମେଳ ଯୋଗୁଁ ଅପରାଧର ସନ୍ଧାନ ବା ନିରାକରଣ ହୋଇ ନ ପାରଲେ ସେ ଅଞ୍ଚଳରେ ଶାନ୍ତିରକ୍ଷା କରିବା ପାଇଁ ସରକାରଙ୍କଦ୍ୱାରା ନିଯୁକ୍ତ ଅଧିକା ପୁଲିସ ଫଉଜଙ୍କ ଖରଚ ଉଠାଇବା ପାଇଁ ଉକ୍ତ ଅଞ୍ଚଳବାସୀଙ୍କ ଉପରେ ସରକାରଙ୍କ ନିର୍ଦ୍ଧାରିତ ଟାକ୍ସ—Tax for maintenance of Punitive Police in a certain distrubed area.
Piunitibh tāksa
ପ୍ୟାନିଟିଭ ଟାକସ
पिउनेटिम टेकस
(ପିଉନଟିଭ୍ ପୋଲିଶ୍ ଟାକ୍ସ, ପିଉନଟିଭ୍ ଟ୍ୟାକସ—ଅନ୍ୟରୂପ)

ପିଉନିଟିଭ୍ ପୁଲିଶ୍—ବୈଦେ. ବି. (ଇଂ)—କୌଣସି ସ୍ଥାନରେ ଉକ୍ତ ଅଞ୍ଚଳବାସୀ ବ୍ୟକ୍ତିମାନଙ୍କ ମେଳ ବା ତ୍ରୁଟି ଯୋଗୁଁ ଅସାଧାରଣ ରୂପେ ଶାନ୍ତିଭଙ୍ଗ ହେଲେ ଓ ତାହାର ସନ୍ଧାନ ବା ନିରାକରଣ ହୋଇ ନ ପାରଲେ ସେ ଅଞ୍ଚଳରେ କଡ଼ା ପହରା ଦେବାପାଇଁ ସରକାରଙ୍କ ନିଯୁକ୍ତ ଅଧିକା ପୁଲିସ ଫଉଜ—Punitive Police.
Piunitibh pulis
ପିଟୁନି ପুলিশ
दंडकर पुलिस

ପିଉରିଟାନ୍—ବୈଦେ. ବି. (ଇଂ)—ଖ୍ରୀଷ୍ଟାନ୍ ପ୍ରୋଟେଷ୍ଟାଣ୍ଟମାନଙ୍କର ଅଧିକ ଶାଖାବିଶେଷ—Puritan.
Piuritān
প্যুরিটান **पिउरिटेन**
(ପ୍ୟୁରଟାନ୍—ଅନ୍ୟରୂପ)

ପିଉଳ(ଢ଼ି)—ଦେ. ବି. (ସଂ. ପୀତ; ସଂ. ପିଙ୍ଗଳ)—ପକ୍କା ହଳଦିଆ ରଙ୍ଗ—Lemon chrome; pale yellow colour.
Piuli(rdi)
পিইলী(ড়ী) **पीला**

ପିଉଶାଶୁ—ଦେ. ବି. ସ୍ତ୍ରୀ—(ସଂ. ପିତୃଷ୍ୱସା+ଶ୍ୱଶ୍ରୂ)—ଆପଣା ସ୍ୱାମୀଙ୍କର ବା ସ୍ତ୍ରୀଙ୍କର ପିଉସୀ; ଆପଣା ଶ୍ୱଶୁରଙ୍କ ଭଉଣୀ—The sister of one's father-in-law.
Piusāsu
পিশাশ, পিশশাশুড়ী
पिसियाशास, फुफेरोशास (ପିଉସୀ ଶାଶୁ—ଅନ୍ୟରୂପ)

ପିଉଷ—ଦେ. ବି. (ସଂ. ପୀୟୂଷ)—ଅମୃତ—Nectar.
Piusha

ପିଉସା—ଦେ. ବି. ପୁଂ. (ସଂ. ପିତୃ ସ୍ୱସାର ଓଡ଼ିଆ) ପୁଂଲିଙ୍ଗ—ପିଇସା; ପିତାଙ୍କ ଭଗିନୀପତି; ପିତୃଷ୍ୱସାଙ୍କ ସ୍ୱାମୀ—Husband of one's father's sister.
Piusā
পিসা, পিসে
पोसा, फूफा, पिईसा, ପିଉସାର ପୁଅ ହୋଇଣ ଏ ବାଳକା,
ନୃପଙ୍କ ଗୋଷ୍ଠରେ ଯାଇ କରୁ ଏକା ।
କୃଷ୍ଣସିଂହ ମହାଭାରତ. ସଭା ।

ପିଉସାଶୁର—ଦେ. ବିଣ. ପୁଂ.—(ପିତୃଷ୍ୱସୃ+ଶ୍ୱଶୁର)—ଆପଣା ସ୍ୱାମୀ ବା ସ୍ତ୍ରୀଙ୍କ ପିଉସା—The husband of one's father-in-law.
Piusāsura
পিসশশুর
फूफस ससुर

ପିଉସୀ—ଦେ. ବି. ସ୍ତ୍ରୀ—(ସଂ. ପିତୃଷ୍ୱସୃ; ପ୍ରା. ପିଉସିଆ)—ପିତୃଷ୍ୱସା; ପିତାଙ୍କ ଭଗିନୀ—One's father's sister.
Piusi
পিসী, পিসীমা
फुफी, फुफा, पीसी, पिउसा କହିଲେ ତା ଶୁଣି ପିଉସୀ ପ୍ରଭୁଙ୍କୁ,
ନ ଦେବେ ମୋ ପୁତ୍ର କଲେ ଅପରାଧକୁ ।
କୃଷ୍ଣସିଂହ ମହାଭାରତ ସଭା ।

ପିଉସୀଝିଅ ଭଉଣୀ—ଦେ.ବି. ସ୍ତ୍ରୀ—(ସଂ. ପିତୃ ସ୍ୱସୃ+ଦୁହିତା+ଭଗିନୀ)—ଆପଣା ପିଉସୀଙ୍କ ଝିଅ—One's causin being the daughter of one's father's sister.
Pusijhia bhauni
পিসাতবোন, পিস্তুতাবোন
फुफेरिबहीन, पिसिआउतबहीन

ପିଉସୀପୁଅ ଭାଇ—ଦେ. ବ. ପୁଂ—(ସ. ପିତୃ ସ୍ୱସୃ+ପୁତ୍ର+ଭ୍ରାତା)—
Piusipua bhāi ଭ୍ରାତୃ ସ୍ଥାନୀୟ ଆପଣା ପିଉସୀଙ୍କ ପୁଅ—
ପିসাতভাই, পিসতুতো ভাই One's cousin, being the
फुफेराभाइ, पिसौतातभाइ son of one's father's sister; one's father's sister's son.

ଶରଙ୍କର ଅଟନ୍ତି ପିଉସୀ ପୁଅ ଭାଇ—
କୃଷ୍ଣସିଂହ ମହାଭାରତ ଆଦ।

ପି: ଏ:—ବୈଦେ. ବ—(ଇଂରାଜୀ ଶବ୍ଦଦ୍ୱୟର ସାଙ୍କେତିକ)—
Pi: e: ୧। ପଲିଟିକାଲ ଏଜେଣ୍ଟ—(P. A; symbolical letters
পি. এ पि. ए for) 1 Political Agent.
୨। ପର୍ସନାଲ ଆସିଷ୍ଟାଣ୍ଟ—(P. A; symbolical letters for) 2. Personal Assistant.

ପିଏଉ—ପ୍ରାଦେ. (ସିଂହଭୂମ) ବ—ଏକପ୍ରକାର ମିଷ୍ଟାନ୍ନ; ଗୋଲାକାର
Pi-e-u ଚେପଟା ଗଜା—A kind of flat sweetmeat.

ପି. ଏଚ. ଡି—ବୈଦେ. ବ. (ଇଂରାଜୀ ଶବ୍ଦ ଦ୍ୱୟର ସାଙ୍କେତିକ)—
Pi. ech. ḍi ଫିଲଜଫି ବା ଦର୍ଶନ ଶାସ୍ତ୍ରରେ ଡାକ୍ତରଙ୍କ ଉପାଧି—
পি. এচ. ডী. Ph. D; Doctor of Philosophy.
पि. एच. डी.

ପି. ଏମ୍. ଆ(ଏ)କାଡେମୀ—ବୈଦେ. ବ—(ଦେଶୀୟ ନାମ ପିଆରୀ
Pi. em. ā(e)kādemī ମୋହନର ସାଙ୍କେତିକ+ଇଂ.
পি.এম.একাডেমী ଆକାଡେମୀ)—କଟକରେ ସ୍ୱର୍ଗୀୟ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ପ୍ରତିଷ୍ଠିତ ହାଇସ୍କୁଲର ସାଙ୍କେତିକ—P. M. Academy; the High English School at Cuttack started by the late Babu Peary Mohan Acharya and called the Peary Mohan Academy.

ପି. ଏମ୍. ଜି—ବୈଦେ. ବ—(ଇଂରାଜୀ ଶବ୍ଦତ୍ରୟର ସାଙ୍କେତିକ)—
Pi. em. ji ପୋଷ୍ଟମାଷ୍ଟର ଜେନେରାଲ; ଡାକ ବିଭାଗର ପ୍ରାଦେଶିକ
পি এম জি ସର୍ବୋଚ୍ଚ କର୍ମଚାରୀ—P. M. G; Post Master
पि एम जि General.

ପିଓ—ପ୍ରାଦେ. (ସିଂହଭୂମ) ବ—ପିଏଉ (ଦେଖ)
Pio (ପିଓଉ—ଅନ୍ୟରୂପ) Pi-e-u (See)

ପିଁ—ଦେ.ବ. (ଅନୁକରଣ ଶବ୍ଦ)—ଶିଶୁମାନେ ନଡ଼ିଆ ବା ତାଳ ପତ୍ର ମୋଡ଼ି
Piñ ଯେଉଁ ପେଁକାଳ କରନ୍ତି—A flute made by rolling a blade of cocoanut or palm leaf.

ପିଁଧଇବା—ପ୍ରାଦେ. (ଜାଜପୁର) କ୍ରି—ପିନ୍ଧାଇବା—
Piñdhaibā To make (a person) put on a cloth.

ପିଁପିଁ—ଦେ. ବ. (ଧ୍ୱନ୍ୟନୁକରଣ)—୧। ଛୋଟ ସୁସୁରି ବା ଶିଙ୍ଗି;
Piñ piñ ଛୋଟ ଶିଙ୍ଗ—1. A small whistle.
(ପିପି—ଅନ୍ୟରୂପ) ୨। ଜଳ ପିଁପିଁ ଚଢ଼େଇର ଶବ୍ଦ—
पोपही 2. An onomatopoic sound uttered by the Sora (bird) or the Jacenna.

ପିକ୍ ନିକ୍—ବୈଦେ. ବ. (ଇଂ)—ବଣଭୋଜି—Picnic.
Pik nik পিক্‌নিক্ पिकनीक

ପିକ୍‌ନିକ୍ ପାଟି(ର୍ଟି)—ବୈଦେ. ବ. (ଇଂ. ପିକ୍‌ନିକ୍+ପାର୍ଟି)—
Pik-nik pāṭi(rṭi) ବଣଭୋଜି ନିମନ୍ତେ ସମ୍ମିଳିତ ସଙ୍ଗିମଣ୍ଡଳ—
পিকনিক পার্টি पिकनिक पार्टी Picnic party.

ପିକ୍‌ରିକ୍ ଏସିଡ—ବୈଦେ. ବ. (ଇଂ)—ଚର୍ମ ପୋଡ଼ି ଦେବା ଏକପ୍ରକାର
Pik-rik esid ବିଷାକ୍ତ ରାସାୟନିକ ଦ୍ରବ୍ୟ—
পিক্‌রিক্ এসিড্ पिकरिक एसिड् Picric acid.

ପିକ—ସ. ବ. ପୁଂ. (ପି ଅନୁକରଣ ଶବ୍ଦ+କୈ ଧାତୁ=ଶବ୍ଦ କରିବା
Pika +ଅ)—କୋକିଳ; କୋଇଲି—
(ପିକୀ—ସ୍ତ୍ରୀ) The Indian cuckoo; the black cuckoo;
কোইল the koel; Endynamys Honorata;
कोयल; कोइली Cuculus Indica.
ଦେ. ବ. (ସ. ପିଞ୍ଜ ଧାତୁ=ରଞ୍ଜିତ କରିବା; ପିଙ୍ଗଳ=ଲୋହିତ
(ପିକ୍—ଅନ୍ୟରୂପ) ରକ୍ତବର୍ଣ୍ଣ; ଏହା ପିଙ୍ଗଳ ବର୍ଣ୍ଣ ଥିବାରୁ; ଅଥବା
পিক; পিচ ପିଚ ଧାତୁ=ଉପୁଡ଼ିବା)—ପାନଛେପ; ତାମ୍ବୂଳ
पीक ଚର୍ବିତବନ; ପାନଖିଲି ଚୋବାଇଲେ ଯେଉଁ ଲାଳମିଶ୍ରିତ ନାଲିରସ ପାଟିରୁ ବାହାରେ—The red spittle coming out of the mouth after chewing betel.

ତାମ୍ବୂଳ ବର୍ଣ୍ଣ ପକାଉ
ପିକ ପଡ଼ିବ ଚତ୍ୱର ମାନ। ଭୂପତି. ପ୍ରେମପଞ୍ଚାମୃତ।

ପିକଟ୍—ପ୍ରାଦେ. (ଗଞ୍ଜାମ) ବୈଦେ.ବ(ଇଂ.ଟିକେଟର ଅଶୁଦ୍ଧ ଉଚ୍ଚାରଣ)—
Pikaṭ ରେଲ ବା ଜାହାଜରେ ଯିବା ନିମନ୍ତେ ଗୃହୀତ ଟିକଟ୍—
Tickets for railway travelling or travelling on board a ship.

ପିକଠ—ପ୍ରାଦେ. (ବସ୍ତର) ବ—ଓସ୍ତ ଗଛ—
Pikaṭh Pipal tree.

ପିକ ଦାନୀ—ଦେ. ବ. (ଓଡ଼ିଆ. ପିକ+ଫା. ଦାନ୍)—
Pika dānī ପିକ ପକାଇବାର ପାତ୍ର—
ସ୍ ପ୍ରତିଗ୍ରହ, ପୂଗପାତ୍ର, ଚର୍ବିତବନପାତ୍ର A spittoon; a spit-
পীকদান; পীকদানী pot.
पीकदान ଲଳିତଲୀଳା ରହନ୍ତି ଧରନ୍ତେ ପିକଦାନୀ।
(ପିକଦାନୀ, ପିକ୍‌ଦାନୀ—ଅନ୍ୟରୂପ) ବଳଦେବ. କଳୋକବନ୍ତ ଗୀତ।

ପିକ ପକା(କେ)ଇବା—ଦେ. କ୍ରି—ପାଟିରୁ ପିକ କାଢ଼ିବା—
Pika pakā(ke)ibā To throw out the red spittle
পীক্‌ফেলা, পিকলান of the mouth after chewing
पीकफेंकना betel.

ପିକ ବନ୍ଧୁ—ସ. ବ. (ଷଷ୍ଠୀ ତତ୍; ଅଥବା ବହୁବ୍ରୀହି)—ଆମ୍ବଗଛ—
Pika bandhu The mango tree.
(ପିକବଲ୍ଲଭ, ପିକରାଗ—ଅନ୍ୟରୂପ)

ପିକ ବାଣୀ—ସ. ବଣ. (ବହୁବ୍ରୀହି)—ପିକ ସ୍ୱରଭଳି ଅତି ମଧୁର କଥା
Pika bāṇī କହୁଥିବା (ସ୍ତ୍ରୀ)—Sweet-toned (lady).
(ପିକବଚନା—ଅନ୍ୟରୂପ) ଚନ୍ଦ୍ରବେଢ଼ ରଜିଗଣ ଧରନ୍ତି ଶ୍ରବଣେ ତାରି
ଭଣେ ପ୍ରେମେ ପିକବାଣୀ ବାଣୀ। ଉତ୍ତ. ପ୍ରେମସୁଧାନିଧି।

ପିକା—ଦେ. ବ—ଧୂମପାନ ବର୍ତ୍ତିକା; ଧୂଆଁପତ୍ର ବଳା ହୋଇଥିବା
Pikā ଖାହାଲୀ; ଚୁରୁଟ୍—A cheroot; a cigar.
চুরুট चेरुट; चिरुट ତା. ସୁରୁଟ୍ଟୁ. ତେ. ଚୁଟ୍ଟା

ପିକା ଖାଇବା – ଦେ. କ୍ରି—ପିକାଦ୍ୱାରା ଧୂମପାନ କରିବା —
Pikā khāibā To smoke a cheroot.
চুরুট খাওয়া **चिरुटपीना**

ପିକାଖିଆ — ଦେ. ବି—୧ । ପିକାଦ୍ୱାରା ଧୂମପାନ —
Pikākhiā 1. Smoking with a cheroot.
बीड़ि पीनेकेलिये पैसा ୨ । ଧୂମପାନ କରିବା ପାଇଁ ପିକା କିଣିବା ନିମନ୍ତେ ଶୂଦ୍ର ଭୃତ୍ୟାଦିଙ୍କୁ ଦିଆଯିବା ପୁରସ୍କାର—2. A tip given to Śūdra menials for purchasing cheroot for smoking.
୩ । (ଲକ୍ଷଣାର୍ଥ) ନିଶ୍ଚିନ୍ତରେ ଓ ମଉଜରେ ସମୟ ଯାପନ— 3. Passing time easily and without anxiety.
ଘରଭିତ୍ତି ପାଣି ଅଣ୍ଟିଏ ହେଲାଣି
ପୁଅଙ୍କର ପିକାଖିଆ ଛାଡ଼ ଯାଉ ନାହିଁ – ଭଜ ।
ଦେ. ବିଣ—ପିକାଦ୍ୱାରା ଧୂମପାନ କରିବାରେ ଅଭ୍ୟସ୍ତ (ବ୍ୟକ୍ତି)— Habituated to smoking cheroot.

ପିକା ଲଗା(ଗେ)ଇବା – ଦେ. କ୍ରି—ପିକାରେ ନିଆଁ ଧରାଇବା—
Pikā lagā(ge)ibā To light a cigar.
চুরুট ধরান **चिरुट धराना**

ପିକେକ୍ଷଣ — ସଂ. ବିଣ. ପୁଂ. (ବହୁବ୍ରୀହି; ପିକ + ଈକ୍ଷଣ)—
Pikekshaṇa କୋକିଳ ପରି ରକ୍ତିମ ଚକ୍ଷୁ ବିଶିଷ୍ଟ—Having
(ପିକାକ୍ଷ—ଅନ୍ୟରୂପ) eyes as red as those of a cuckoo.
(ପିକେକ୍ଷଣା—ସ୍ତ୍ରୀ) ସଂ. ବି—କୋଇଲିଖିଆ (ଦେଖ) (ହି. ଶ)— Koilikhiā (See).

ପିକେଟର୍—ବୈଦେ. ବି. (ଇଂ)—(ଆଧୁନିକ ଅସହଯୋଗ ଆନ୍ଦୋଳନରେ
Piketar ବ୍ୟବହୃତ)—ଯେଉଁମାନେ ପିକେଟିଙ୍ଗ୍ କରନ୍ତି—
পিকেটার **पिकेटार** Picketer.

ପିକେଟିଂ—ବୈଦେ.ବି. (ଇଂ)--(ଅସହଯୋଗ ଆନ୍ଦୋଳନରେ ବ୍ୟବହୃତ)-
Piketim ଦୋକାନ ପାଖରେ ଠିଆ ହୋଇ ବିଦେଶୀ ଦ୍ରବ୍ୟ ବା
পিকেটিং ମାଦକ ଦ୍ରବ୍ୟ କିଣିବାକୁ ଆସିବା ବ୍ୟକ୍ତିମାନଙ୍କୁ ଅନୁରୋଧ
पिकेट ଓ ପ୍ରାର୍ଥନା ଦ୍ୱାରା ନିବାରଣ କରିବାକାର୍ଯ୍ୟ – Picketing.
(ପିକେଟିଙ୍ଗ୍—ଅନ୍ୟରୂପ)

[ଦ୍ର— ମହାତ୍ମା ଗାନ୍ଧିଙ୍କ ପ୍ରବର୍ତ୍ତିତ ଅସହଯୋଗ ଆନ୍ଦୋଳନ କାଳରୁ ଏ ଶବ୍ଦ ଓଡ଼ିଆ ଭାଷାରେ ପଶିଲା । ସ୍କୁଲ, ପରୀକ୍ଷା ହଲ୍, କଚେରି ଓ ହାଟ ଆଦି ସ୍ଥାନରୁ ସେଠାକୁ ଯିବା ବ୍ୟକ୍ତିଙ୍କୁ ନିବର୍ତ୍ତାଇବା ପାଇଁ ମଧ୍ୟ ପିକେଟିଂ କରାଗଲା ଓ ଲୋକେ କଥାରେ ନ ଭୁଲିଲେ ବାଟରେ ଶୋଇପଡ଼ି କମ୍ପା ଆଗରେ ଦ୍ୱାରା ବାଟ ବନ୍ଦ କରି, କମ୍ପା ଲୋକଙ୍କ ଘର ଗୃହ ପାଖ ଘେରି ପିକେଟିଂ କରାଗଲା ।]

ପିକ୍କ— ସଂ. ବି. (ପିକ=ଅନୁକରଣ ଶବ୍ଦ+କୈ ଧାତୁ = ରାବିବା + ଅ)—
Pikka ହସ୍ତି-ଶାବକ—A calf of elephant.

ପିକ୍ରିକ୍ ଏସିଡ୍—ବୈଦେ. ବି. (ଇଂ) – ପିକ୍ରିକ୍ ଏସିଡ୍ (ଦେଖ)—
Pikrik esid Pik-rik esid (See).

ପିଗିଳି(ଳି)ବା— ଦେ. କ୍ରି. (ସଂ. ପ୍ର+ଗଳନ)—ତରଳିବା—
Pigiḷi(ḷi)bā To turn into liquid; to be molten.
গলা **पिघलना** [ପିଗ(ଗି)ଳା(ଳେ)ଇବା—ଣିଜନ୍ତରୂପ]

ପିଙ୍କ—ଦେ. ବି—ପିକ (ଦେଖ)—
Piṅka Pika (See).

ପିଙ୍କା— ଦେ. ବି – ପିକା (ଦେଖ) —
Piṅkā Pikā (See),

ପିଙ୍ଗ—ସଂ. ବି. (ପିଞ୍ଜ୍ ଧାତୁ—ରଙ୍ଗାଇବା + ଅ)—୧ । କପିଶ ବର୍ଣ୍ଣ; ନୀଳ
Piṅga ପୀତ ମିଶ୍ରିତ ବର୍ଣ୍ଣ—
1. Tawny colour; auburn; bluish yellow
୨ । କପିଳ; ମାଟିଆ ବର୍ଣ୍ଣ—2. Reddish brown; khaki
୩ । ମୂଷିକ—3. A rat.
୪ । ହରିତାଳ—4. Yellow orpiment.
୫ । ପଶୁଶାବକ—5. The young of an animal.
୬ । ଶିଶୁ; ବାଳକ—6. A boy; child.
୭ । ମଇଁଷି (ହି. ଶ.)—7. Buffalo,
୮ । ପିଙ୍ଗଳ (ଦେଖ)—8. Piṅgaḷa (See).
ସଂ. ବିଣ—ପିଙ୍ଗଳବର୍ଣ୍ଣଯୁକ୍ତ—Of tawny colour.
ଦେ. ବି—ପିଙ୍ଗ; ସବାରିର ପଛପାଖ ବାଉଁଶ—
The pole attached to the posterior side of a palanquin.

ପିଙ୍ଗ କପିଶା—ସଂ. ବି—(ପିଙ୍ଗ+କପିଶ+ଆ)—ଅସରପା (ହି. ଶ.)—
Piṅga kapiśā Cockroach.

ପିଙ୍ଗ ଚକ୍ଷୁଃ—ସଂ. ବିଣ. (ବହୁବ୍ରୀହି; ପିଙ୍ଗ + ଚକ୍ଷୁଃ)—
Piṅga chakshuḥ ଯାହାର ଆଖି ଦେଖିବାକୁ ମାଟିଆ; ଚନ୍ଦାଆଖିଆ—
(ପିଙ୍ଗାକ୍ଷ—ଅନ୍ୟରୂପ) Brown-eyed.
ସଂ. ବି—କୁମ୍ଭୀର—Alligator.

ପିଙ୍ଗଳ—ସଂ. ବିଣ. (ପିଞ୍ଜ୍ ଧାତୁ=ରଙ୍ଗେଇବା + ଅଲ)—
Piṅgaḷa ୧ । କପିଶ ବର୍ଣ୍ଣଯୁକ୍ତ—1. Of tawny colour.
(ପିଙ୍ଗଳା—ସ୍ତ୍ରୀ) ୨ । ହଳଦିଆ (ହି. ଶ)—2. Yellow.
୩ । ନସ୍ୟର ବର୍ଣ୍ଣବିଶିଷ୍ଟ (ହି. ଶ)—3. Snuff-coloured.
ସଂ. ବି – ୧ । କପିଳ ବର୍ଣ୍ଣ—1. Tawny colour.
୨ । ଫିକ୍କା ନାଲିଆ ବର୍ଣ୍ଣ; ଧୂସର ନାଲି—
2. Reddish brown colour.
୩ । ପାଉଁଶିଆ ରଙ୍ଗ—3. Ashy colour.
୪ । ପୀତାଭ ଗାଢ଼ନୀଳ—4. Yellowish blue.
୫ । ଫିକ୍କା ହଳଦିଆ—5. Dull yellow.
୬ । ନସ୍ୟର ବର୍ଣ୍ଣ (ହି. ଶ)—6. Snuff-colour.
୭ । ପୀତ ବର୍ଣ୍ଣ (ହି. ଶ)—7. Yellow colour.
୮ । ଶ୍ୱେତ ପେଚା—8. The brown owl.
୯ । ନେଉଳ—9. Ichneumon.
୧୦ । ନାଗବିଶେଷ—10. A species of hooded serpent.
୧୧ । ଅଗ୍ନି—11. Fire.
୧୨ । ବାନର—12. Monkey.
୧୩ । ମଣିବିଶେଷ—13. Name of a gem.
୧୪ । ମଙ୍ଗଳ ଗ୍ରହ—14. The planet Mars.

୧୫ । ଛନ୍ଦୋଶାସ୍ତ୍ରକାର ଆର୍ଯ୍ୟବିଶେଷ—
15. Name of a Hindu musical composer; a sage, the author of a work on Hindu Prosody.
[ଦ୍ର—ଏ ଛନ୍ଦୋଶାସ୍ତ୍ରର ଆଦି ଆର୍ଯ୍ୟ ଥିବାର କଥିତ ଓ ଏହାଙ୍କ ଗ୍ରନ୍ଥ ବେଦାଙ୍ଗ ମଧ୍ୟରେ ପରିଗଣିତ—(ହି. ଶ) ।]
୧୬ । ଶିବ—16. A name of Mahādeba.
୧୭ । ଏକାଦଶ ରୁଦ୍ରମଧ୍ୟରୁ ଏକତମ—
17. One of the 11 Rudra-Deities.
୧୮ । ପିତ୍ତଳ—18. Brass.
୧୯ । ହରିତାଳ—19. Yellow orpiment.
୨୦ । ସୂର୍ଯ୍ୟ ପାରିପାର୍ଶ୍ୱିକବିଶେଷ—
20. A satellite of the sun.
୨୧ । ବତ୍ସରବିଶେଷ; ମହାଯୁଗ ଚକ୍ରର ୬୦ ବର୍ଷ ମଧ୍ୟରୁ ଏକ-ପଞ୍ଚାଶତ୍ତମ ବର୍ଷ—(ହି. ଶ)—
21. The 51st year of a cycle of 60 years.
୨୨ । ଭାଷାବିଶେଷ—22. Name of a dialect.
[ଦ୍ର—ବ୍ରଜଭାଷା (ଦେଖ) ।]
୨୩ । ପିଙ୍ଗଳାଚାର୍ଯ୍ୟଙ୍କ କୃତ ଛନ୍ଦଃ ଶାସ୍ତ୍ର (ଜ୍ଞାନେନ୍ଦ୍ର)—
23. A treatise on Prosody by sage Pingaḷa.
୨୪ । ଛନ୍ଦଃଶାସ୍ତ୍ର (ହି. ଶ.)—
24. The science of metres; prosody.
୨୫ । ସ୍ଥାବରବିଷବିଶେଷ—
25. A kind of mineral poison.
୨୬ । ପ୍ରତ୍ୟୁଷରେ ଗେୟ ଭୈରବ ରାଗର ଏକ ପୁତ୍ର, ରାଗ ବିଶେଷ (ହି. ଶ)—26. Name of a musical air.
୨୭ । ମାର୍କଣ୍ଡେୟ ପୁରାଣୋକ୍ତ ଭାରତର ଉତ୍ତର ପଶ୍ଚିମରେ ଥିବା ଦେଶ ବିଶେଷ (ହି.ଶ.)—27. Name of an ancient country to the northwest of India.
୨୮ । ଉଶୀର; ବେଣାମୂଳ (ହି. ଶ)
28. The fragrant root of Benā grass.
୨୯ । ରାସ୍ନା (ହି. ଶ.) (ଦେଖ)—29. Rāsnā (See).

ପିଙ୍ଗଳ କୋଡ୍—ବୈଦେ. ବି. (ଇଂ. ପେନାଲ୍ କୋଡ୍) । ପିନାଲ୍ କୋଡ୍ (ଦେଖ)
Pingaḷa koḍ Pināl koḍ (See)
(ପିଙ୍ଗଳକୋଡ୍—ଅନ୍ୟରୂପ)

ପିଙ୍ଗଳ ଲୌହ—ସ. ବି.—ପିତଳ—
Pingaḷa loha Brass.
(ପିଙ୍ଗଳ ଲୌହ—ଅନ୍ୟରୂପ)

ପିଙ୍ଗଳା—ସ. ବି. ସ୍ତ୍ରୀ (ପିଙ୍ଗଳ + ସ୍ତ୍ରୀ. ଆ)—୧ । ବାମନ ନାମକ ଦକ୍ଷିଣ ଦିଗ୍ଗଜର ସ୍ତ୍ରୀ—1. The female of the mythological elephant guarding the south quarter of the globe.
Pingaḷā
୨ । ଭାଗବତ ବର୍ଣ୍ଣିତ ଜଣେ ବେଶ୍ୟାର ନାମ—
2. The name of a courtesan described in the Bhāgabata.
[ଦ୍ର—ବିଦେହନଗରବାସିନୀ ଏ ବେଶ୍ୟା ଏକ ସମୟରେ ପୂର୍ବ-ନିର୍ଦ୍ଦିଷ୍ଟ ସଙ୍କେତ ସ୍ଥାନରେ ନାଗରର ଆଗମନ ପ୍ରତୀକ୍ଷା କରି ବ୍ୟର୍ଥ-ମନୋରଥା ହୋଇ ଅତ୍ୟନ୍ତ ମନଃକଷ୍ଟ ଭୋଗ କରିବା ଅବସ୍ଥାରେ ତାହା ମନରେ ଈଶ୍ୱରଭକ୍ତିର ଉଦୟ ହେଲା ଓ ସେ ଏକାନ୍ତ ନିଷ୍ଠା ଦ୍ୱାରା ମୋକ୍ଷଲାଭ କଲା । ମହାଭାରତରେ ଭୀଷ୍ମ, ଯୁଧିଷ୍ଠିରଙ୍କୁ ମୋକ୍ଷ ବିଷୟରେ ଉପଦେଶ ଦେବା ପ୍ରସଙ୍ଗରେ ପିଙ୍ଗଳା ବେଶ୍ୟାର ଉଦାହରଣ ଦେଇଥିଲେ ।]
୩ । ନାଡ଼ୀ ବିଶେଷ—3. One of the three veins or blood vessels of the human body.
[ଦ୍ର—ଯୋଗଶାସ୍ତ୍ରୋକ୍ତ ଅସ୍ଥିବିଜ୍ଞାନ ମତରେ ଶରୀରମଧ୍ୟସ୍ଥ ୩ ଗୋଟି ପ୍ରଧାନ ନାଡ଼ୀମଧ୍ୟରୁ ଏହା ଦକ୍ଷିଣ ପାର୍ଶ୍ୱସ୍ଥିତ ନାଡ଼ୀ; ଏହା ମସ୍ତକଠାରୁ ମେରୁଦଣ୍ଡ ପର୍ଯ୍ୟନ୍ତ ଅବସ୍ଥିତ ଓ ଏହା ଶ୍ୱାସ କ୍ରିୟାର ଏବଂ ବାୟୁ ଗମନାଗମନର ପ୍ରଧାନ ପଥ ଅଟେ । ତନ୍ତ୍ରମତରେ ଏ ନାଡ଼ୀରେ ସୂର୍ଯ୍ୟଙ୍କ ଅବସ୍ଥାନ । ପିଙ୍ଗଳା ନାଡ଼ୀ ବାଟେ ପବନ ଗଲା ବେଳେ ମନୁଷ୍ୟର ଡାହାଣ ନାକପୁଡ଼ା ବାଟେ ଶ୍ୱାସ ଯିବା ଆସିବା କରେ । ଏ ନାଡ଼ୀରେ ଶ୍ୱାସ ଯିବାବେଳେ କଠିନ ବିଷୟର ପଠନ, ପାଠନ, ସ୍ତ୍ରୀ ପ୍ରସଙ୍ଗ, ନୌକାରୋହଣ, ସୁରାପାନ, ଶତ୍ରୁଙ୍କୁ ଆକ୍ରମଣ, ଦ୍ୟୁତକ୍ରୀଡ଼ା ଆଦି କଲେ ଭଲ ଫଳ ହୁଏ ।—ହି. ଶ]
୪ । ଶିଂଶପା ବୃକ୍ଷ; ଶିଶୁ ଗଛ—4. The sisu timber-tree; Dalbergia Sisu.
୫ । ରାଶିଚକ୍ରର ସ୍ଥାନ ବା ସମୟ—5. An astrological house or period.
୬ । ଲକ୍ଷ୍ମୀ—(ହି.ଶ)—6. Goddess Lakshmī.
୭ । ଗୋରୋଚନା (ହି.ଶ)—7. A yellow dye extracted from cows.
୮ । ପକ୍ଷିବିଶେଷ (ହି. ଶ)—8. A species of bird.

ପିଙ୍ଗଳିକା—ସ.ବି. (ପିଙ୍ଗଳ + କ + ସ୍ତ୍ରୀ.ଆ)—୧ । କ୍ରୌଞ୍ଚ; ଜାଣ୍ଡିବଗ—
Pingaḷikā 1. The heron; the paddy bird; Bredeola Grayi.
୨ । ଏକ ପ୍ରକାର ଦଂଶକ ମକ୍ଷିକା (ହି. ଶ)—2. A kind of biting fly.

ପିଙ୍ଗଶ—ସ. ବି.—ପିଙ୍ଗାଶ (ଦେଖ)
Pingaśa Pingāsa (see)

ପିଙ୍ଗ ସାର—ସ. ବି. (କର୍ମଧା)—ହରିତାଳ—
Pinga sāra Yellow orpiment.

ପିଙ୍ଗ ସ୍ଫଟିକ—ସ. ବି.—ଗୋମେଦ ମଣି (ହି. ଶ.) (ଦେଖ)
Pinga sphaṭika Gomeda (See)
(ପିଙ୍ଗାସ୍ଫଟିକ—ଅନ୍ୟରୂପ)

ପିଙ୍ଗା—ସ. ବି. (ପିଜ୍ଙ୍ ଧାତୁ + ଅ + ସ୍ତ୍ରୀ. ଆ)—୧ । ଗୋରୋଚନା—
Pingā 1. A yellow pigment found in the head of the cow.
୨ । ଦୁର୍ଗା; ଚଣ୍ଡିକା—2. Durgā.
୩ । ହରିଦ୍ରା; ହଳଦୀ—3. Turmeric.

୪ । ପିଙ୍ଗଳା ନାଡ଼ୀ—4. One of the 3 principal veins of the human body.

୫ । ବଂଶଲୋଚନା—5. The bamboo manna.

୬ । ହେଙ୍ଗୁ (ହି. ଶ.)—6. Asafoetida.

ପିଙ୍ଗାକ୍ଷ—ସଂ. ବଣ. ପୁଂ. (ବହୁବ୍ରୀହି)—ତମ୍ବାଆଖିଆ; ପିଙ୍ଗଳ ବର୍ଣ୍ଣ ଚକ୍ଷୁବିଶିଷ୍ଟ—Having tawny eyes.
Piṅgāksha
(ପିଙ୍ଗାକ୍ଷୀ—ସ୍ତ୍ରୀ) ସଂ. ବି.—୧ । ମହାଦେବ—1. Siba.

୨ । ବ୍ୟାଧବିଶେଷ—2. Name of a fowler.

୩ । କୁମ୍ଭୀର (ହି. ଶ.)—3. Alligator.

ପିଙ୍ଗାତୀର୍ଥ—ସଂ. ବି.—ମହାଭାରତ ବର୍ଣ୍ଣିତ ହିନ୍ଦୁମାନଙ୍କର ତୀର୍ଥବିଶେଷ—A sacred place of the Hindus described in the Mahābhārata.
Piṅgātirtha

ପିଙ୍ଗା ତୀର୍ଥ ମାନଙ୍କୁ ଜପିଲା ତାହ ଶବ,
ତେଣୁ ଫଳ ସମାନ କହ କ ଯୋଗାଏ । କୃଷ୍ଣସିଂହ ମହାଭାରତ ବନ ।

ପିଙ୍ଗାଶ—ସଂ. ବି. (ପିଙ୍ଗ=ପିଙ୍ଗଳ ବର୍ଣ୍ଣ+ଅଶ=ମାଂସ ଯାହାର)—
Piṅgāsa ୧ । ପହଙ୍ଗା ମାଛ; ପହଣା ମାଛ; ପଙ୍ଗା ନାମକ ଅକାତିଆ ମାଛ—1. The Siluroid or sheat fish; Pangasius Buchanani (a kind of fish).
[ଦ୍ର—ଏହାର ଦେହ ଚେପଟା; ମୁହଁ ଓସରିଆ; ୪ ଟା ଜଶ ଅଛି; ଏହା ୨୫ ହାତ ପର୍ଯ୍ୟନ୍ତ ଲମ୍ବ ଓ ଓଜନରେ ୩୫ ସେର ପର୍ଯ୍ୟନ୍ତ ହୁଏ; ଏ ମାଛ ଅତ୍ୟନ୍ତ ତେଲିଆ ।]

୨ । ଗ୍ରାମର ମୁଖ୍ୟ ବ୍ୟକ୍ତି; ଗ୍ରାମାଧିପତି (ହି. ଶ)—2. The headman of a village.

୩ । ଉତ୍କୃଷ୍ଟ ସୁନା (ହି. ଶ.)—3. Pure gold.

ପିଙ୍ଗାଶୀ—ସଂ. ବି. (ପିଙ୍ଗା+ଅଶ୍ ଧାତୁ+ଅ+ସ୍ତ୍ରୀ ଈ)—ନୀଳଗଛ—Indigo plant.
Piṅgāsi

ପିଙ୍ଗାସ୍ୟ—ସଂ. ବି.—ପିଙ୍ଗାଶ (ଦେଖ)
Piṅgāsya Piṅgāsa (See)

ପିଙ୍ଗେକ୍ଷଣ—ସଂ. ବଣ. ପୁଂ. (ବହୁବ୍ରୀହି)—ପିଙ୍ଗାକ୍ଷ (ଦେଖ)
Piṅgekshaṇa Piṅgāksha (See)
(ପିଙ୍ଗେକ୍ଷଣା—ସ୍ତ୍ରୀ)

ପିଚ୍ (ଧାତୁ)—ସଂ.—୧ । ପୋଛିବା—1. To wipe or rub out.
Pich (root) ୨ । ଚପିବା—2. To press.

ପିଚ୍—ବୈଦେ. ବି.—୧ । (ଇଂ. ପୀଚ୍) ବିଦେଶରୁ ଆନୀତ ଉଦ୍ୟାନ ତରୁ ବିଶେଷ—1. Prunus Persica; the peach tree and fruit; the Persian apple
Pich
পীচ **पीच**
[ଦ୍ର—ଏହାର ଫଳ ଲୋମଶ, ହରିଦ୍ରାଭ ଓ ଲୋହିତ ଓ ସବୁଜ ମିଶ୍ରିତ ବର୍ଣ୍ଣ, ମଞ୍ଜି ନାଳୁଆ । ଏହାର ଡାଳରେ ଭଲ ବାଡ଼ି ହୁଏ ।]

୨ । (ଇଂ. ପିଚ୍) ଆଲକାତରାକୁ ତରଳାଇ ତହିଁରୁ ପ୍ରାପ୍ତ ଘନ ଅଠାଳିଆ ପଦାର୍ଥ—2. Pitch; coal tar.
[ଦ୍ର—ଏହାକୁ କୋଠାର ଛାତର ଫାଟରେ ଢାଳନ୍ତି ।]

ପିଚ୍‌କଟ୍—ପ୍ରାଦେ.—(ସମ୍ବଲପୁର) ବଣ.—ବିରକ୍ତ—Vexed; teased.
Pich-kaṭ

ପିଚ୍‌କା(କେ)ଇବା—ପ୍ରାଦେ. (ସମ୍ବଲପୁର) କ୍ରି.—(ସଂ. ପିଚ୍ ଧାତୁ=ଚପିବା; ତୁଳ. ହି. ପୀଚକ୍‌ନା)—ପାଚିଲା ଆମ୍ବ ମକୁଳିକୁ ଚପି ଦେଇ ତା ମଧ୍ୟରୁ ମଞ୍ଜିକି ବାହାର କରି ଦେବା—1. To cause the seed to blurt out from a ripe mango by pressing the fruit from all sides.
Pich-kā(ke)ibā

୨ । ପାଚିଗଲା ପରେ ବଥକୁ ଚପି ତା ମଧ୍ୟରୁ ମଞ୍ଜି ଓ ପୂଜ ବାହାର କରି ଦେବା—2. To bring out pus from a ripe boil by pressing it on the sides.

ଦେ. କ୍ରି.—ପିଚକିବାର ଣିଜନ୍ତ ରୂପ—Causative of Pichakibā.

ପିଚ୍ ପିଚ୍—ଦେ. ଅ. (ଧନ୍ୟନୁକରଣ)—ହଠାତ୍ କୌଣସି ସ୍ଥାନ ଫୋଡ଼ି ହୋଇ ଗଲେ ସେଥିରୁ ପିଚକାରି ମୁହଁରୁ ପାଣି ଆଦି ବାହାରିବା ପରି ଜୋରରେ ରକ୍ତ ଛୁଟିବା—The flowing of blood from a hole in the body like water forced through a syringe.
Pich pich
পীচ পীচ
पीच पोच

ପିଚ୍‌ପିଚ୍ଛ—ପ୍ରାଦେ. (ସମ୍ବଲପୁର) ଅ.—(ଧ୍ୱନ୍ୟନୁକରଣ)—ପଚ୍ (ଦେଖ)
Pich-pichā Pach (See)

ପିଚ୍ ବୋର୍ଡ଼—ବୈଦେ. ବି. (ଇଂ. ପେଷ୍ଟ ବୋର୍ଡ଼)—କାଗଜର ମୋଟା ପଟା—Paste board.
Pich bord
পিঁচবোড় **दफ्ती, कूट**

ପିଚ(ଚି)କାରି—ଦେ. ବି.—ପିଚକା (ଦେଖ)
Picha(chi)kāri Pichikā (See)

ପିଚଣ୍ଡ—ସଂ. ବି. (ଅପି-କଣ୍ଠସ୍ଥ+ଚମ୍ ଧାତୁ=ଭକ୍ଷଣ କରିବା+ସଂଜ୍ଞାର୍ଥେ ଡ)—୧ । ପେଟ; ଉଦର—1. Belly.
Pichaṇḍa

୨ । ଥଲ୍ଲକ ପେଟ—2. A big belly.

୩ । ପଶୁର ପୃଷ୍ଠ ଦେଶ—3 The back of a beast.

ପିଚଣ୍ଡିକା—ସଂ. ବି. (ପିଚଣ୍ଡ+କ+ସ୍ତ୍ରୀ. ଆ)—ଗୋଡ଼ର ପାପୁଲି—The instep of the foot.
Pichaṇḍikā

ପିଚଣ୍ଡିଳ—ସଂ. ବଣ. ପୁଂ (ପିଚଣ୍ଡ+ଇଲ)—
Pichaṇḍila ୧ । ଥଲ୍ଲକ ପେଟଆ—1. Pot-bellied; big-bellied.
(ପିଚଣ୍ଡିଳା—ସ୍ତ୍ରୀ)

୨ । ଭୋଟା; ସ୍ଥୂଳକାୟ—2. Corpulent.

ପିଚରା—ପ୍ରାଦେ. (ସମ୍ବଲପୁର) ବି. (ସଂ. ପିଞ୍ଜଟ; ପିଚଟ)—ଆଖିରୁ ବାହାରିବା ଲେଜରା—Concrete rheum exhuded from the eye; eye-rheum.
Picharā
পিচুঁটী
कीचड़, काँची

ପିଚ୍ଛ—ଦେ. ବି. (ସଂ. ପିଚ)—କଟିମ୍; କଟିର ପଶ୍ଚାଦ୍‌ଭାଗର ଉଭୟ ପାର୍ଶ୍ୱରେ ଥିବା ମାଂସପିଣ୍ଡଦ୍ୱୟ; ଗାଣ୍ଡି—Posteriors; buttock; rump.
Pichā
পাছা
पोन, चूतड़
(ପିଚ୍ଛ—ଅନ୍ୟରୂପ)

ବଳେ ସେ ବାଳକର ପିଚ୍ଛରେ ପିଞ୍ଚୁ ।
— କୃଷ୍ଣସିଂହ. ମହାଭାରତ. ବନ ।

ପିଗ୍ଘପାଡ଼—ଦେ. ବ—ସ୍ତ୍ରୀମାନଙ୍କ ପରଧେୟ ଯେଉଁ ଲୁଗାର ମଝିରେ
Pichāpārda ଗୋଟିଏ ପଟା ଧଡ଼ି ଥାଏ—
ପାଚାପାଡ଼ୀ A cloth with a broad stripe in
तिनपट्टीया the middle.
ଦେ. ବଣ—ମଝିରେ ଆଉ ଗୋଟିଏ ଧଡ଼ି ଥିବା (ସ୍ତ୍ରୀ ପରଧେୟ ବସ୍ତ୍ର)—(a woman's cloth) Having a long stripe running about the middle.
(ପିଗ୍ଘପାଡ଼, ପିଗ୍ଘପାଡ଼ିଆ, ପିଗ୍ଘପାଡ଼ି, ପିଗ୍ଘପାଡ଼ିଆଁ, ପିଛପାଡ଼, ପିଛପାଡ଼ୀ, ପିଛପାଡ଼ି, ପିଛପାଡ଼ିଆ—ଅନ୍ୟରୂପ)

ପିଗ୍ଘଶ—ଗ୍ରା. ବ. ପୁଂ. (ସଂ. ପିଶାଚ)—
Pichāsa ପିଶାଚ; ପ୍ରେତ; ଭୂତ; ପିଚାଶ—
পিচাস **पिशाच** Goblin; ghost; demon; fiend; imp.
ପିଗ୍ଘଶୀ } ସ୍ତ୍ରୀ ଦେ. ବଣ—ପିଗ୍ଘଶିଆ (ଦେଖ)
ପିଗ୍ଘଶୁଣୀ } Pichāsiā (See)

ପିଗ୍ଘଶି—ଦେ. ବଣ. ପୁଂ—ପିଗ୍ଘଶିଆ (ଦେଖ)
Pichāsi Pichāsiā (See)

ପିଗ୍ଘଶିଆ—ଦେ. ବଣ. ପୁଂ. (ସଂ. ପୈଶାଚକ)—
Pichāsiā ୧ । ପିଶାଚ ପ୍ରକୃତିକ—
ପିଗ୍ଘଶୀ } 1. Of fiendish nature.
ପିଗ୍ଘଶୁଣୀ } ସ୍ତ୍ରୀ ୨ । ଅର୍ଥ ପିଶାଚ; ଲୋଭୀ—
ପିଗ୍ଘଶେଇ } 2. Avaricious.
पिशाचिया ୩ । କୃପଣ—3. Miserly.
୪ । ଦୁଷ୍ଟ—4. Wicked.

ପିଗ୍ଘଶୁଣୀ—ଦେ. ବ. ସ୍ତ୍ରୀ. (ସଂ. ପିଶାଚୀ)—
Pichāsuṇi ୧ । ଗ୍ରାମ ଦେବତାବିଶେଷ—
পিশাচী 1. Name of a village-Goddess.
पिशाचनी, चुडैल ୨ । ପ୍ରେତ ଯୋନିବିଶେଷ—
2. A female imp or fiend.
[ଦ୍ର—ଅନ୍ତୁଡ଼ି ଉଠିବା ପୂର୍ବରୁ ପ୍ରସୂତି ପ୍ରାଣ ତ୍ୟାଗ କଲେ ସେ ପିଗ୍ଘଶୁଣୀ ହୁଏ ବୋଲି ଲୋକଙ୍କର ବିଶ୍ୱାସ ।]

ପିଚକା—ଦେ.ବ. (ପିଚ୍‌ପିଚ୍ ଶବ୍ଦରେ ଏଥିର ମୁହଁରୁ ପାଣି ବାହାରିବାରୁ)—
Pichikā ୧ । ପାଣିକୁ ଦୂରକୁ ନିକ୍ଷେପ କରିବାର ସରୁ ମୁହାଁ
পীচকারী, পীচকিরী ନଳ ଯନ୍ତ୍ରବିଶେଷ—
पिचकारी, पिचक, पिचुक्का 1. A syringe.
ପିଚକା }
ପିଚକାର } ଅନ୍ୟରୂପ
ପିଚକାସି }
ରତି ମନମଥ ଦୁହେଁ ପଣାର ପିଚକା ଖେଳୁଥିଲେ ।
କବିସୂର୍ଯ୍ୟ, ସଙ୍ଗୀତ ।
পঁচুকে ୨ । (ପିଲା ଶବ୍ଦର ଅନର୍ଥକ ସହଚର ଶବ୍ଦ) ପିଲା ଆଦି
बच्चा (ଯଥା—ପିଲା ପିଚକା=ସନ୍ତାନ ସନ୍ତତି ଆଦି)—
Children and other incumbrances of one's family.
ଦେ. ବଣ—ବଚକାନା; କ୍ଷୁଦ୍ର—
Small; pigmy; tiny like a child.

ପିଚକା ମାରିବା—ଦେ. କ୍ରି—୧ । ପିଚକାସି ଦ୍ୱାରା ପାଣି ନିକ୍ଷେପ
Pichikā māribā କରିବା ବା ଛାଟିବା—
পিচকারী মারা 1. To cause water to flow
पिचकारी मारना through a syringe.
ଭଜନ ପିଚକା ମାର କରନ୍ତି ସ୍ନାନ । ଶିଶୁଙ୍କର ଛଟା ଅଦ୍ଭୁତାଂଶ ।
୨ । ପିଚକିବା (ଦେଖ)—2. Pichikibā (See)
[ପିଚକା ମାରିବା, ପିଚକାର ମାରିବା, ପିଚକାର ମାରିବା, ପିଚକା(କେ)ଇବା, ପିଚକା(କେ)ଇବା—ଅନ୍ୟରୂପ]

ପିଚକିବା—ଦେ.କ୍ରି.(ସଂ.ପିଚ୍ ଧାତୁ=ଚିପିବା; କମ୍ବା ପିଚ୍‌ପିଚ୍ ଧ୍ୱନ୍ୟନୁକରଣ)
Pichikibā ପିଚକାରରୁ ପାଣି ଛୁଟିଲା ପରି ରକ୍ତ ଆଦି ଛୁଟିବା;
ପିଚକିବା } ଅନ୍ୟରୂପ ଛିଟିକିବା—To flow like water
ପିଚିବା } coming out of a syringe; to
ফিনকিরি দেওয়া **पिचकारी छुटना** spurt out.
[ପିଚକା(କେ)ଇବା—ଅନ୍ୟରୂପ ଓ ଣିଜନ୍ତରୂପ]

ପିଚକିଲା—ଦେ. ବ—ଲଙ୍ଗଳର କଣ୍ଠ ଦେଶରେ ଥିବା ଛିଦ୍ରରେ ଇଷକୁ
Pichikilā ଦୃଢ଼ ଭାବରେ ରଖିବା ପାଇଁ ବସାଯିବା ବାଉଁଶର ବା
চপকন କାଠର ଛୋଟ ଖିଲ—Small wooden or
पच्चर bamboo pins driven into a plough
ପିଚକିଲା } ଅନ୍ୟରୂପ hole to tighten the beam of the
ପିଚକୁଲା } plough.

ପିଚଣ୍ଡି—ସଂ. ବ—ପିଚଣ୍ଡ (ଦେଖ)
Pichiṇḍi Pichaṇḍa (See)

ପିଚଣ୍ଡିକା—ସଂ. ବ—ପିଚଣ୍ଡିକା (ଦେଖ)
Pichiṇḍikā Pichaṇḍikā (See)

ପିଚଣ୍ଡିଲ—ସଂ. ବ—ପିଚଣ୍ଡିଲ (ଦେଖ)
Pichiṇḍila Pichaṇḍila (See)

ପିଚିପିଚି—ଦେ. ଅ. (ଧ୍ୱନ୍ୟନୁକରଣ)—
Pichipichi ୧ । ପାନ ପିକ ଉପର୍ଯ୍ୟୁପରି ପକାଇବାର ଶବ୍ଦ—
(ପିଚିପିଚି—ଅନ୍ୟରୂପ) 1. The sound of repeated
পিচপিচ **पिचपिच** spitting.
୨ । ଉପର୍ଯ୍ୟୁପରି ଚାବୁକ ବା ବେତ ମାରିବା ଶବ୍ଦ—
2. Sound of repeated whipping.
୩ । ପିଚ୍‌ପିଚ୍ (ଦେଖ)—3. Pich-pich (See)

ପିଚି ହେବା—ଦେ. କ୍ରି—(ଘଡ ଆଦିରୁ ରକ୍ତ) ପିଚକିବା (ଦେଖ)—
Pichi hebā Pichikibā (See).
ଯକ୍ଷ ରକ୍ଷ ପିଶାଚମାନେ ନାଚ ନାଚ
ଟାଉଲେ ଦେଖିଥିଲ ରକ୍ତ ଯହୁଁ ପିଚି—
କୃଷ୍ଣସିଂହ ମହାଭାରତ. କର୍ଣ୍ଣ ।

ପିଚୁ—ସଂ. ବ--(ପିଚ୍ ଧାତୁ+କର୍ମ. ଉ)—୧ । କପା; କାର୍ପାସ—
Pichu 1. Cotton.
୨ । କପା ତୁଳା—2. Cotton wool.
୩ । କରଷ ପରିମାଣ; କର୍ଷ; ୨ ତୋଳା—
3. A weight of 2 tolas.
୪ । କୁଷ୍ଠ ରୋଗବିଶେଷ—
4. A kind of leprosy.
୫ । ଅସୁରବିଶେଷ—5. Name of a demon.
ବୈଦେ. ବ—(ଇଂ. ପିଚ୍) – ସ୍ୱଳ; ଆଲକାତରା—
Coal tar; pitch.

ପିଚୁଟ(ଟି)—ଦେ. ବି. (ସଂ. ପିଞ୍ଜଟ)—ନେତ୍ର ମଳ; ନେଳସ—
Pichuṭa(ṭi) The concrete rheum exuded from
पिचुटि कीचड़, काँची the eyes.

ପିଚୁ ତାର—ବୈଦେ. ବି—(ଇଂ. ପିଚ୍ ଓ ଟାର୍)—ଗାଳ; କୋଲ୍‌ତାର୍—
Pichu tāra Coaltar; pitch.
पिचु तारकोल

ପିଚୁମନ୍ଦ(ର୍ଦ୍ଦ)—ସଂ. ବି. (ପିଚୁ=କୁଷ୍ଠ ରୋଗ+ମୃଦ ଧାତୁ=ମର୍ଦ୍ଦନ
Pichumanda(rdda) କରିବା+ଅ)—ନିମ୍ବ ଗଛ—The
Neem tree; Melia Azadirakta.

ପିଚୁରି—ପ୍ରାଦେ (ଗଡ଼ଜାତ) ବି- ପିଚୁଳି (ଦେଖ.—
Pichuri Pichuḷi (See)

ପିଚୁଳ—ସଂ. ବି—(ପିଚୁ=ତୁଳା+ଲା ଧାତୁ=ଗ୍ରହଣ କରିବା+ଅ)+
Pichuḷa ୧ । କପା ତୁଳା—1. Cotton wool.
୨ । ଝାଉଁ ଗଛ—2. The Tamarisk tree.
୩ । ପାଣି ଭୁଆ—3. The diver crow; cormorant.
୪ । ନିଚୁଳ; ହିଜ୍ଜଳ ଗଛ; ଇଜ୍ଜଲ ବୃକ୍ଷ—
4. Barringtonia Acutanglia.

ପିଚୁଳି—ପ୍ରାଦେ (ଗଡ଼ଜାତ) ବି—ବନ୍ୟଗୁଳ୍ମ ବିଶେଷ—
Pichuḷi Ventilago Maderas; Ventilago
ରାଇରୁଈ, ରକ୍ତପିତା रइघानि, पित्ति Caliculata.

ପିଚୂ—ସଂ. ବି—ଷୋଳ ମସା ବା ଏକ କର୍ଷ ଓଜନ (ହି. ଶ)—
Pichū The weight of 2 tolas.

ପିଚ୍ଚ (ଧାତୁ)—ସ—୧ । ବିଭାଗ କରିବା—.
Pichcha (root) 1. To divide.
୨ । କାଟିବା; ଛେଦନ କରିବା—2. To cut.
୩ । ଚିପିବା—3. To press.
୪ । ଦବିଯିବା—
4. To sink down; to become depressed.

ପିଚ୍ଚଟ(ର)—ସ. ବି—(ପିଚ୍ଚ ଧାତୁ+ଅଟ; ଅର)—୧ । ସୀସା—
Pichchaṭa(ra) 1. Lead.
୨ । ରଙ୍ଗ—2. Tin.
୩ । ନେତ୍ର ରୋଗବିଶେଷ; ଅକ୍ଷିଧର ରୋଗ—
3. Ophthalmia.

ପିଚ୍ଛ(ଧାତୁ)—ସ—୧ । ଯନ୍ତ୍ରଣା ଦେବା; ପୀଡ଼ା ଦେବା—
Pichchha(root) 1. To give pain; to torture.
୨ । ବାଧା ଦେବା—2. To hinder.
୩ । ଛେଦନ କରିବା—3. To cut.
୪ । ବିଭକ୍ତ କରିବା—4. To divide.
୫ । ଚିପିବା—To press tightly.

ପିଚ୍ଛ—ସ. ବି—(ପିଚ୍ଛ ଧାତୁ+ଅ)—୧ । ମୟୂରପୁଚ୍ଛ—
Pichchha 1. The tail of peacock.
(ପିଚ୍ଛକ—ଅନ୍ୟରୂପ) ୨ । ପକ୍ଷୀର ଲାଞ୍ଜ—
2. The tail feather of a bird.
୩ । ଲାଙ୍ଗୁଡ଼—3. Tail.
୪ । ଚୂଡ଼ା—4. Crest.
୫ । ମୋଚରସ (ହି. ଶ) (ଦେଖ)—5. Mocharasa (See)

कूची, कूँची ଦେ. ବି—(ସ. ପିଚ୍ଛ)—୧ । ଚାମର ବା ପୁଚ୍ଛାକାରରେ
कूची ବନ୍ଧା ହୋଇଥିବା ଖଜୁରି ଗଛର ଡାଳ; ପିଞ୍ଛ—
1. Some brances of date palm tree bound together (like the aspergill of the Roman Catholic church).

[ଦ୍ର—ଏହାକୁ ଗୋବରପାଣିରେ ବୁଡ଼ାଇ ଧାନ କିଆରିରେ ଥିବା ଧାନଗଛ ଉପରେ ଛିଞ୍ଚିଦେଲେ ଗୋରୁମାନେ ଗୋବର ଗନ୍ଧ ଯୋଗୁଁ ଧାନ ଗଛ ଆଡ଼କୁ ମୁହଁ ବଢ଼ାନ୍ତି ନାହିଁ]

୨ । ରାଜମିସ୍ତ୍ରୀମାନେ ପଲସ୍ତରା କରିଥିବା ସ୍ଥାନରେ ପାଣି ଛିଞ୍ଚିବା ପାଇଁ ବ୍ୟବହାର କରୁଥିବା କୁଟାର ବନ୍ଧା ଗୋଛା—
2. A bundle of straw bound together and used in sprinkling water over the part to be plastered.
୩ । ରାଜୋପକରଣବିଶେଷ; ରାଜ ଚାମର; କ୍ଷୁଦ୍ର ଚାମର—
3. A small chowrie of feathers or tail-shapped fan used to fan kings. (one of the insignia of royalty)
୪ । ଭାତ ଗାଳିବା ପାଇଁ ଅଣିଆ ହୋଇଥିବା ଭାତ ହାଣ୍ଡି ମୁହଁରେ ଦିଆଯିବା ପୁଚ୍ଛାକାର ତାଳପତ୍ରର ମଞ୍ଜୁଆବନ୍ଧା ବିଡ଼ା—
4. A bundle of palm.leaf backs put on the mouth of an inclined cooking pot for sifting down the scum from boiled rice.

[ଦ୍ର—ଭାତହାଣ୍ଡି ପନରେ ଏହାକୁ ଲଗାଇ ଭାତହାଣ୍ଡିକୁ ଅଣାଇ ଦେଲେ ଭାତ ଯାକ ହାଣ୍ଡିମଧ୍ୟରେ ରହିଯାଏ ଓ ସେ ପିଞ୍ଛର ମଧ୍ୟ ଦେଇ ଛାଣି ହୋଇ ପେଜଯାକ ତଳକୁ ବହି ଆସେ ।]

[ଦ୍ର—'ପିଚ୍ଛ' ପକ୍ଷିଙ୍କ ପୁଚ୍ଛ ଗୁଚ୍ଛ ଅଟେ ଓ 'ଚାମର' ପଶୁଙ୍କ ପୁଚ୍ଛ ଗୁଚ୍ଛ ଅଟେ । ପୁଚ୍ଛର ସାଧାରଣ ଅର୍ଥ ପଶୁଙ୍କ ଲାଙ୍ଗୁଡ଼ ଓ ପିଚ୍ଛର ଅର୍ଥ ପକ୍ଷୀଙ୍କ ଲାଙ୍ଗୁଡ଼ ।]

ପିଚ୍ଛନ—ସ. ବି. (ପିଚ୍ଛ ଧାତୁ+ଭାବ. ଅନ)—୧ । ଚିପିବା (ହି. ଶ)
Pichchhana 1 Pressing.
୨ । ଚିପିକିର ଚେଷ୍ଟା କରିବା (ହି. ଶ)—2. Causing depression by pressing.

ପିଚ୍ଛ ମାରିବା—ଦେ. କ୍ରି.—ପିଚ୍ଛଦ୍ୱାରା ଜଳ ବା ଗୋବରପାଣି ଛିଞ୍ଚିବା—
Pichchha māribā To sprinkle water or cowdung-
कूँचिमारा कूचीमारना water with a Pichchha.

ପିଚ୍ଛଳ—ସ. ବିଣ. (ପିଚ୍ଛ ଧାତୁ+ଅଳ)—୧ । ଖସଡ଼ା—
Pichchhaḷa 1 Slippery.
୨ । (ପିଚ୍ଛ+ଳ) ପୁଚ୍ଛ ଯୁକ୍ତ—2. Tailed; having a tail.
ସ. ବି.—୧ । ମୋଚରସ (ଦେଖ) ହି. ଶ)—
1. Mocharasa (See)
୨ । ଅକାଶବଳ୍ଲୀ; ନିର୍ମୁଳୀ ଲତା (ହି. ଶ) (ଦେଖ)—
2. Nirmūḷi (creeper) (see)

୩ । ଶିଶୁ ଗଛ (ହି. ଶ)—3. The Sisu tree.
୪ । ବାସୁକୀବଂଶର ସର୍ପବିଶେଷ (ହି. ଶ)—
4. Name of a mythological serpent.

ପିଚ୍ଛଳଚ୍ଛଦା—ସ. ବି. (ପିଚ୍ଛଳ+ଛଦ୍+ଆ)—୧ । ବରକୋଳି ଗଛ—
Pichchhalachchhadā 1 The Jejube tree.
(ପିଚ୍ଛଳଦଳା—ଅନ୍ୟରୂପ) ୨ । ପୋଇଲତା—
2. Basella Alba (creeper)

ପିଚ୍ଛା—ସ. ବି(ପିଚ୍ଛ ଧାତୁ=ଭାଗକରିବା+କର୍ମ.ଅ; ସ୍ତ୍ରୀ.ଆ)—୧ । ଭାତର
Pichchhā ଫେଣ—1. The scum of boiled rice.
୨ । ସାପର ଗରଳ—2. The poisonous saliva or venom of a snake.
୩ । ଧାଡ଼ି; ପଂକ୍ତି; ଶ୍ରେଣୀ—3. Row, range; line.
୩ । ଘୋଡ଼ାର ପାଦର ରୋଗ; ଘୋଡ଼ାଙ୍କର ଘାଣ୍ଠୁଅରୋଗ—
4. A foot disease of the horse.
୫ । ଶିଶୁ ଗଛ—5. The Sisu tree; Dalbergia Sisso.
୬ । କଦଳୀ ଭଣ୍ଡା; ମୋଚରସ—6. The flower sheath at the end of a bunch of plantains.
୭ । କୋଷ; ଖୋଳ—7. A sheath.
୮ । ଆବରଣୀ; ଘୋଡ଼ଣୀ—8. A cover; lid.
୯ । ଚେଲକା; ଜାକେଟ୍; ଫତେଇ—
9. Jacket; waist-coat.
୧୦ । ଗୁଆ ଗଛ—10. The areca nut tree.
୧୧ । ଶିମିଳି ଗଛର ଅଠା—
11. The gum of silk-cotton tree.
୧୨ । ନାରଙ୍ଗ ଗଛ (ଦେଖ) (ହି. ଶବ୍ଦସାଗର)—
12. Nāraṅga tree (See)
୧୩ । କର୍ମଳା ଗଛ (ହି. ଶ.)—
13. The clearing nut (tree).
୧୪ । ନିର୍ମୂଳୀ ଲତା (ହି. ଶ.) (ଦେଖ)—
14. Nirmūḷi (See).
ଦେ. ବି—ପିଚ୍ଛ (ଦେଖ)—Pichhā (See).
ଦେ. ଅ—ପିଚ୍ଛ (ଦେଖ)—Pichhā (See).
ଯଶ ସାଧନ୍ତୁ ଭକ୍ତିରେ ଯଚ୍ଛା,
ଦେବେ କରନ୍ତୁ ସେ ତାହାଙ୍କ ପିଚ୍ଛା । ଗ୍ରାଚୀ. ଯରଜେ ଗୀତା ।

ପିଚ୍ଛିକା—ସ. ବି. (ପିଚ୍ଛ+କ+ଆ)—୧ । ଚାମର (ହି. ଶ.)—
Pichchhikā 1. The chowri fan.
୨ । ମୟୂର ପୁଚ୍ଛ (ହି. ଶ.)—2. The tail feathers of a peacock.
୩ । ଜୈନସାଧୁମାନଙ୍କ ବ୍ୟବହୃତ ପଶମର ଚାମର (ହି. ଶ.)—
3. A chowri made of wool used by the Jaina ascetics.

ପିଚ୍ଛିଳ—ସ. ବଣ. (ପିଚ୍ଛ+ଇଲ)—୧ । ଖସଡ଼ା—
Pichchhiḷa 1. Slippery.
୨ । ପୁଚ୍ଛଯୁକ୍ତ—2. Tailed.
୩ । ନାଳୁଆ—3. Gummy; slimy.
୪ । ଫେନୁଆ—4. Besmeared with the scum of boiled rice; scummy.
୫ । ସ୍ନିଗ୍ଧ; ତେଲଆ—5. Oily.
ସ. ବି—୧ । ଫେନୁଆ ଭାତ—1. Scummy rice.
୨ । ଘିଅ, ତେଲ ବା ଜଳଯୁକ୍ତ ବ୍ୟଞ୍ଜନ—
2. Curry abounding in water, oil or ghee.
୩ । ଡାଲି—3. Dal; soup of split pulse.
୪ । ସୂପ; ଝୋଳ—4. Soup; broth.
୫ । ଝାଉଁ ଗଛ—
5. The Tamarisk tree; the trembling poplar.
୬ । (ବୈଦ୍ୟକ) ଖଟା, କୋମଳ ଓ କଫକାରୀ ପଦାର୍ଥ (ହି.ଶ.)—
6. Any sour and soft thing.
୭ । ଶ୍ଳେଷ୍ମାତ୍ମକ; ଓଉ (ହି. ଶବ୍ଦସାଗର)—
7. Dilenia Speciosa (fruit)

ପିଚ୍ଛିଳ ତ୍ୱକ୍(ଚ୍)—ସ. ବଣ. (ବହୁବ୍ରୀହି; ପିଚ୍ଛିଳ+ତ୍ୱକ୍)—ଯାହାର ଛାଲି
Pichchhiḷa twak(ch) ବା ବକଳ ନାଳୁଆ—
Having slippery bark or rind
ସ. ବି—୧ । ନାରଙ୍ଗ ଗଛ (ହି. ଶ.) (ଦେଖ)—
1. Nāraṅga tree (See).
୨ । ଧାମଣ ଗଛ (ହି. ଶ.) (ଦେଖ)—
2. Dhāmaṇa tree (See).

ପିଚ୍ଛିଳଦଳା—ସ. ବି. (ବହୁବ୍ରୀହି; ପିଚ୍ଛିଳ+ଦଳ;ଯାହାର ପତ୍ର ବା ପାଖୁଡ଼ା
Pichchhiḷadaḷā ନାଳୁଆ)—ପିଚ୍ଛଳଚ୍ଛଦା (ଦେଖ)—
(ପିଚ୍ଛିଳଚ୍ଛଦା—ଅନ୍ୟରୂପ) Pichchhalachhadā (See).

ପିଚ୍ଛିଳା—ସ. ବି. (ପିଚ୍ଛିଳ+ସ୍ତ୍ରୀ. ଆ)—୧ । ଶିମିଳି ଗଛ—1. The
Pichchhiḷā silk cotton tree; Bombax Heptaphyllum.
୨ । ଶିଶୁଗଛ—2. Dalbergia Sisso tree.
୩ । ପୋଇ ଲତା—3. Basella Alba (creeper).
୪ । କୋଇଲିଖିଆ ଗଛ—4. A medicinal thorny plant; Barleria Longifolia.
୫ । ସାରୁ—5. The arum (an esculent root).
୬ । ବିଛୁଆତି ଗଛ—6. The stinging nettle.
୭ । ଭସି; ପେଶୁ (ହି. ଶ.)—7. Linseed
୮ । ଅଗୁରୁ (ହି. ଶ.)—8. Aloewood.

ପିଛ୍‌ଉ଼ି—ପ୍ରାଦେ (ଲଇଆ) ବି.(ଭୁଲ. ହି. ପିଛୌରି)—ପାଛୁଡ଼ା; ଚଦର;
Pichh-ri ଉତ୍ତରୀୟ—A cloth put on the upper part of the body; a sheet.

ପିଛ—ଦେ. ବି. (ସ. ପିଚ୍ଛ)—ପିଚ୍ଛ (ଦେଖ)—
Pichha Pichchha (See)
ଜଳଃ ପିଛ ସୁସମର
ସଜା କଣ୍ଠରୁ ଗାହନ୍ତୁର । ଭୂପତ—ପ୍ରେମପଞ୍ଚାମୃତ.

ପିଛଡ଼ା(ଳା)—ଦେ. ବି. (ସ.ଅକ୍ଷିପଟଳ; ସ.ପକ୍ଷ୍ମ)—୧ । ଅକ୍ଷିପତା; ଆଖିର
Pichharḍā(ḷā) — ପଲକ; ଦୃଗଞ୍ଚଳ—Eyelid.

চোখের পাতা ଗୃହିଣୀ ତଳଗୃହପରେ ସବ ସଖୀ
পপোটা, পলক, বিরনী ବୋଲେ ବସି ପିଛଡ଼ା ନ ପଡ଼ ଅଛି ।
ଜଗନ୍ନାଥ, ଦାଣ୍ଡି ରାମାୟଣ.

ପିଛୁଡ଼ା (ଲା) } ଅନ୍ୟରୂପ ୨ । ଆଖିର ପଲକ ପଡ଼ିବା—2. Wink;
ପିଚ୍ଛୁଡ଼ା (ଲା) } blinking; twinkling of the eye.

ପିଛଡ଼ା ପକା(କେ)ଇବା—ଦେ. କ୍ରି.—କ୍ଷଣମାତ୍ର ଆଖି ବୁଜିବା—
Pichhardā pakā(ke)iba To wink; to shut the eye.
পলকফেলা পলকগিরানা
ସଭାଜନମାନେ ସେ ତାହାଙ୍କୁ ଚାହିଁଲେ
ପିଛଡ଼ା ନ ପକାଇ ଚକିତେ ରହିଲେ । କୃଷ୍ଣସିଂହ ମହାଭାରତ ଅଦି ।

ପିଛଡ଼ା ପଡ଼ିବା—ଦେ. ବି.— କ୍ଷଣମାତ୍ର ଆଖି ବନ୍ଦ ରହିବା—
Pichhardā pardiba Blinking; wink.
পলকপড়া ଏ କନ୍ୟା ରୂପ ଦେଖି ମୋହର ପିଛଡ଼ା
পলকগীরনা ନ ପଡ଼ୁଛୁ ବାରୁ କରୁଛୁ ଭଡ଼ ଟ୍ରୀଡ଼ା
କୃଷ୍ଣସିଂହ, ମହାଭାରତ, ଉଦ୍ୟୋଗ

ପିଛଣୀ—ଦେ. ବି. ସ୍ତ୍ରୀ(ସ଼. ପିଚ୍ଛଧାରଣୀ)—ଭୂତ ଲାଗିଲେ ଯେଉଁ ଗୁଣିଆ ବା
Pichhanī କାଳସୀ ସ୍ତ୍ରୀ ଭୂତାବିଷ୍ଟ ଲୋକକୁ ମୟୂର ପୁଚ୍ଛ
ওঝানী उम्फाइन; पिछलपाई ଧରି ଝାଡ଼େ—
A female exorcist.
ପିଛୁଣୀ } ଅନ୍ୟରୂପ
ପିଞ୍ଛୁଣୀ }

ପିଛଲ—ଦେ. ବିଣ. (ସ଼ ପିଚ୍ଛଲ; ପିଚ୍ଛିଳ)—ଖସଡ଼ା—
Pichhala विच्छड़ Slippery

ପିଛଲା—ଦେ. ବିଣ.—(ସ଼. ପଶ୍ଚାତ୍)—ପିଛିଲା (ଦେଖ)
Pichhalā Pichhilā (See)

ପିଛଲା ରାତି—ଦେ. ବି. (ସ଼. ପଶ୍ଚିମରାତ୍ରି)—୧ । ରାତ୍ରିର ଶେଷ ଭାଗ;
Pichhalā rāti ଅର୍ଦ୍ଧରାତ୍ରିର ପରବର୍ତ୍ତୀ ସମୟ—
पिछलीरात 1. The early hours of the morning; the last hours of night; the time past midnight.
୨ । (ସ଼. ପଶ୍ଚାତ୍+ରାତ୍ରି)—ଗତରାତ୍ରି—2. Last night.

ପିଛଲା ପହର—ଦେ. ବି. (ସ଼. ପଶ୍ଚିମ+ପ୍ରହର)—ରାତ୍ରିର ଶେଷପ୍ରହର—
Pichhalā pahara The last watch of the night.
पिछला पहर

ପିଛଳି—ଦେ.ବି.(ସ଼.ବଙ୍କ୍ଷଣ=କୋଡ଼ଗାତ)—୧ । ଦେହର ସନ୍ଧି ଘରର
Pichhali ଗିଲ୍ଟି; ବାଗୀ—1. Bubo; lymphatic gland.
বাগী, বাও
गिलटी; बद; बाघी ୨ । ଗିଲ୍ଟି ପଡ଼ିବା ରୋଗ—
(ପିଚ୍ଛୁଳି—ଅନ୍ୟରୂପ) 2. Enlargement of lymphatic gland.

ପିଛଲି—ଦେ. ବିଣ.—(ସ଼. ପଶ୍ଚାଦ୍‌ବର୍ତ୍ତୀ)—୧ । ପଛଲି; ପଶ୍ଚାଦ୍‌ବର୍ତ୍ତୀ—
Pichhali 1. Situate behind.
পেছলী ୨ । ପଛଆଡ଼େ ଆସୁଥିବା—2. Coming behind;
पिछला (ली) coming in the rear.
(ଆଗଲି—ବିପରୀତ) ୩ । ଅନ୍ତ୍ୟ, ଶେଷ—3. Last.
୪ । ପରବର୍ତ୍ତୀ—4. Later; latter.
୫ । ପୂର୍ବତନ; ବିଗତ—5. Last; past.

ପିଛଳି ଦରଜ—ଦେ. ବି—ଗିଲ୍ଟି ଦରଜ ହେବା ରୋଗ—
Pichhali daraja Bubo; painful inflammation of a
বাগী गिलटी lymphatic gland.
(ପଛଳ ଦରଦ, ପିଚ୍ଛୁଳ ଦରଦ, ପିଚ୍ଛୁଳ ଦରଜ,
ପିଚ୍ଛୁଳ ପଡ଼ିବା, ପିଛଳ ପଡ଼ିବା—ଅନ୍ୟରୂପ)

ପିଛଳି ପଡ଼ିବା—ଦେ. କ୍ରି—ଗୋଡ଼ ଖସି ପଡ଼ିଯିବା—
Pichhaḻi pardibā To lose one's foot hold

ପିଛଳିବା—ପ୍ରାଦେ (ସମ୍ବଲପୁର) କ୍ରି (ସ଼. ପିଚ୍ଛଲ; ହି. ଫିସଲନା;
Pichhaliba ବ. ପିଛଲାନ)—(ଗୋଡ଼) ଖସିଯିବା—
To trip; to slip.

ପିଛ—ଦେ. ବି—୧ । (ସ଼. ଋଞ୍ଚ)—ପିଚ୍ଛ (ଦେଖ)
Pichhā 1. Pichā (See)
পিছন; পিছু पीछा ୨ । (ସ଼. ପଶ୍ଚାତ) ଘୋଡ଼ାଆଦିଙ୍କ ପଛଗୋଡ଼—
2. The hind legs of a horse.
୩ । ଶିମିଳିଅଠା (ହରେକୃଷ୍ଣ ଦ୍ରବ୍ୟଗୁଣ)—
3. The gum of silk-cotton.
୪ । (ସ଼. ଅକ୍ଷିପଟଲ, ପକ୍ଷ୍ମ) ଆଖିର ପିଛଡ଼ା; ପତା—
4. Eye-lid.
ଦେଖି ଅଖିଳ ଲୋକେଶ୍ୱର
ନୟନ ପିଛ କଲେ ସ୍ଥିର—ଜଗନ୍ନାଥ, ଭାଗବତ ।
(ଆଗ—ବିପରୀତ) ୫ । (ସ଼. ପଶ୍ଚାତ୍)—ପଶ୍ଚାଦ୍‌ଭାଗ—
5. Back side.
ଦେ. ଅ (ସ଼. ପଶ୍ଚାତ୍)—୧ । ପଛରେ—
1. Behind.
୨ । ଆଡ଼କୁ—2. Towards.
পিছু; পেছুনে पीछे ୩ । ସକାଶେ; ପାଇଁ; ନିମନ୍ତେ—
3. For; on account of.
(ଯଥା—ତା ପିଛ ମୋର ମାସକୁ ଶହେ ଟଙ୍କା ଖରଚ ହେଉଛି) ।
୪ । (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ) ପ୍ରତ୍ୟେକପାଇଁ—
4. Each; for each.
(ଯଥା—ଘରପିଛ ଅଣାଏ ଚନ୍ଦା ହୋଇଛି ।)

ପିଛ(ଛେ)ଇବା—ଦେ. କ୍ରି—ପଛେଇବା; ପିଠି ନ ବୁଲାଇ ପଛଆଡ଼କୁ
Pichhā(chhe)ibā ଘୁଞ୍ଚିବା; ପଛଘୁଞ୍ଚା ଦେବା—
পেছুহটা To move backwards facing the
उलटाचलना (ପିଛେ(ଛେ)ଇବା—ଅନ୍ୟରୂପ) front.

ପିଛ ଉଠା(ଠେ)ଇବା—ଦେ. କ୍ରି (ଘୋଡ଼ା ଆଦି) ପଛ ଗୋଡ଼ରେ ନାତ
Pichhā uṭhā(ṭhe)ibā ମାରିବାକୁ ଗୋଡ଼ ଉଠାଇବା—
লাথিউঠান To raise the hind legs to kick.
लथाड़ उठाना

ପିଛ କରିବା—ଦେ. କ୍ରି—କୌଣସି ସ୍ଥାନରୁ ମୁହଁ ବୁଲାଇ ଫେରିବା—
Pichhā kariba To turn one's back upon.
पिछाकरना ଏବା ପରେ ରକ୍ଷା ପାଇ ଲକ୍ଷତ
ତାହା ପଛେ ପିଛ କରିବୁ ପାର୍ଥ—ଦ୍ରୋଣ, ପଦ୍ମଚେଗୀତା ।

ପିଚ୍ଛଡ଼ା—ଦେ. ବି(ସଂ. ପକ୍ଷପାତ)—୧ । ଆଖିର ପଲକ—
Pichhārdā 1. Eye-lid.
୨ । ପଲକପାତ—2. Blinking.
୩ । ନିମେଷ ମାତ୍ର ସମୟ—
3. A twinkle of the eye.

ପିଚ୍ଛଡ଼ି—ଦେ. ବିଣ (ସଂ. ପଶ୍ଚାତ) —୧ । ପଶ୍ଚାଦ୍‌ଭାଗସ୍ଥ—
Pichhārdi 1. Pertaining to the rear;
ପିଛାଡ଼ି **पिछाड़ि** postern.
୨ । ପଛ ଗୋଡ଼ ସମ୍ବନ୍ଧୀୟ—
2. Pertaining to the hind leg.
ଦେ. ବି—୧ । ପିଚ୍ଛଡ଼ା (ଦେଖ)
1. Pichhārdā (See).
पछाड़ ୨ । ଘୋଡ଼ାର ପଛ ଗୋଡ଼ ବନ୍ଧାହେବା ଦଉଡ଼ା—
2. The ropes for tying the postern legs of a horse.
୩ । ପଶୁର (ଘୋଡ଼ାର) ପଛ ଗୋଡ଼—
3. The hind legs of a beast.
୪ । (ଜାହାଜିଆ ଶବ୍ଦ) ପଶ୍ଚିମଦିଗ—
4. (nautical) West (mariner's compass).
୫ । ଗାଡ଼ିରେ ଲାଗିଥିବା ବଳଦଙ୍କ ପିଣ୍ଡ ଚକଦ୍ୱାରା ଘଷି ନ ହେବା ପାଇଁ ଦଣ୍ଡା ଦେହରେ ବନ୍ଧା ଯାଇଥିବା ବାଉଁଶଖଣ୍ଡ (ଯାହା କି ବଳଦଙ୍କ ପିଣ୍ଡ ଓ ଚକ ମଧ୍ୟରେ ଥାଏ)—
5. A piece of bamboo tied to the shafts of a cart to save the posteriors of the bullocks from being hurt by the moving wheels.

ପିଚ୍ଛଡ଼ିବା—ଦେ. କ୍ରି—ଆଖିର ପଲକ ପକାଇବା—
Pichhārdibā To blink; to wink.
ପଲକଫେଲା ଦମୟନ୍ତୀ ସଙ୍ଗୀ ଭୁଲେ ମୋ ରୂପ ଦେଖି
पलक गीराना ପିଚ୍ଛଡ଼ି ନ ପାରନ୍ତି ତାର ବେନି ଆଖି – କୃଷ୍ଣସିଂ ହ. ମହାଭାରତ ବନ ।

ପିଚ୍ଛଡ଼ି ମାରିବା—ଦେ. କ୍ରି—ପଛ ଗୋଡ଼ରେ ନାଡ଼ ମାରିବା—
Pichhārdi māribā To kick with the hind leg or legs.
ଲାଥୀ ମାରା **लथाड़ मारना**

ପିଚ୍ଛା ଧରିବା—ଦେ. କ୍ରି—୧ । ପଛେ ପଛେ ଯିବା—
Pichhā dharibā 1. To follow.
ପେଛୁ ପେଛୁ ଯାଓଆ ୨ । (ଶିକାରୀ) କୌଣସି ଜୀବ ଯାଇଥିବା ବାଟକୁ
पीछा करना ଖୋଜି ତା ପଛେ ପଛେ ଯିବା—
2. To follow an animal on its track.
୩ । ଆଶ୍ରୟ ବା ଅନୁଗ୍ରହାର୍ଥ କୌଣସି ବ୍ୟକ୍ତିର ସଙ୍ଗେ ଗୋଡ଼ାଇବା—3. To dance attendance upon a person for some favour.

ପିଚ୍ଛା ପଡ଼ିବା—ଦେ. କ୍ରି—ପଛେ ପଛେ ଯିବା—
Pichhā pardibā To follow after (Howells).

ପିଚ୍ଛାରେ—ଦେ. ଅ—ପିଚ୍ଛା (ଦେଖ)
Pichhāre Pichhā (See)

ପିଚ୍ଛାରେ ଲାଗିବା—ଦେ. କ୍ରି—୧ । ଆଶ୍ରୟ ବା ଅନୁଗ୍ରହ ପ୍ରାର୍ଥନାରେ
Pichhāre lagibā କୌଣସି ବ୍ୟକ୍ତିକୁ ସର୍ବଦା ଅନୁସରଣ
ପେଛନେ ଲାଗା କରିବା—1. To wait upon a person; to
पीछे लगना follow a person for some favour or help.
(ପିଚ୍ଛାରେ ଲଗାଇବା—ଣିଜନ୍ତରୂପ)
୨ । କୌଣସି ବ୍ୟକ୍ତି ପ୍ରତି ଖୁବ୍ ଯତ୍ନ କରିବା—
2. To take utmost care of a person.
୩ । କୌଣସି ବ୍ୟକ୍ତିର ଅନିଷ୍ଟାଚରଣ କରିବା ପାଇଁ ସୁଯୋଗ ଜଗିବା—3 To shadow a person.
୪ । କୌଣସି ବ୍ୟକ୍ତି ବା ବିଷୟ ପାଇଁ (ଏତେ ଧନ) ବ୍ୟୟିତ ହେବା—4. (so much money) To be spent after a person or thing.

ପିଚ୍ଛାଲ୍—ପ୍ରାଦେ. (ସମ୍ବଲପୁର) ବି—୧ । ଖୁଲ ଘରର ଓଳ—
Pichhāl 1. The eaves of a thatched house.
ଘରେ ନାହିଁ ବରହମ୍ ଖାଇ, ପିଛଲ୍‌ଥିତେ ମେଞ୍ଚ ଅଁ ନ – ଉଗ ।
୨ । (ଭୁଲ. ଏହି ଅର୍ଥରେ ହି. ପିଛୱାଡ଼ା) ଘରର ପଛଆଡ଼; ବାଡ଼ିଆଡ଼—2. Back side of the house.

ପିଚ୍ଛାଲ୍ ତଲ୍—ପ୍ରାଦେ. (ସମ୍ବଲପୁର) ବି—ଓଳତଳ—
Pichhāl tal The ground below the eaves of a thatch.

ପିଚ୍ଛିଡ଼ା—ଦେ. ବି—ପିଚ୍ଛଡ଼ା (ଦେଖ)
Pichhirdā Pichhardā (See)

ପିଚ୍ଛିଲା—ଦେ. ବିଣ. (ସଂ ପଶ୍ଚାତ୍)—୧ । ପଛିଲା; ପଶ୍ଚାଭାଗରେ ଥିବା;
Pichhilā ପଶ୍ଚାଦ୍‌ବର୍ତ୍ତୀ—1. Situate behind.
ପିଛନ, ପେଛନ, ପିଛା ୨ । ପଛଆଡ଼େ ଆସୁଥିବା—
पिछला 2. Following; coming in the rear.
(ଅଗିଲା—ବିପରୀତ) ୩ । ପୂର୍ବବର୍ତ୍ତୀ—3. Preceding; previous.
୪ । ବିଗତ କାଳୀନ—4. Past; arrear.
ଦେ. ବି—୧ । ପଶ୍ଚାଦ୍‌ଭାଗ—1. Hind part.
୨ । ପଛଆଡ଼—2. The rear.
୩ । ଅତୀତ କାଳ—3 The past.

ପିଚ୍ଛୁଆ—ଦେ. ବି. (ବଣିଆ ଶବ୍ଦ)—ହାତର ଚୁଡ଼ି ପଛରେ କହୁଣୀଆଡ଼କୁ
Pichhuā ପିନ୍ଧାଯିବା ଅଳଙ୍କାର—A kind of bracelet
पछेली worn near the elbow above the churdi.

ପିଚ୍ଛୁଳା(ଲେ)ଇବା—ଦେ. କ୍ରି. (ସଂ. ପ୍ରକ୍ଷାଳନ)—ଅଇଁଠା ବାସନକୁ
Pichhulā(le)ibā ପାଉଁଶ ଆଦିରେ ନ ମାଜି କେବଳ ମାତ୍ର
ପାଖାଳା ପାଣିରେ ଧୋଇଦେବା—To wash superficially
पखालना a utensil which has been used in taking meals.
(ପିଚ୍ଛୁଳାଇବା, ପିଚ୍ଛୁଳେଇବା, ପିଚ୍ଛୁଲାଇବା, ପିଚ୍ଛୁଲେଇବା, ପିଚ୍ଛୁଳିବା, ପିଞ୍ଛୁଳାଇବା, ପିଞ୍ଛୁଳେଇବା, ପିଞ୍ଛୁଳିବା—ଅନ୍ୟରୂପ)

ପିଚ୍ଛୁଳି—ଦେ. ବି—ପିଚ୍ଛଳି (ଦେଖ)—
Pichhuli Pichhali (See).

ପିଛୁଳି ପଡ଼ିବା—ଦେ. ବ—୧ । ଗିଲ୍ଟି ଫୁଲି ଦରଜ ହେବା—
Pichhuli pardiba 1. The painful swelling of (ପିଛୁଳି ଗଡ଼ିବା, ପିଛୁଳି ଦରଜ—ଅନ୍ୟରୂପ) the lymphatic gland.
ଦେ. କ୍ରି—୨ । (ସଂ ପିଚ୍ଛିଳ) ଗୋଡ଼ ଖସି ପଡ଼ିବା—
2. To trip and fall down.
ହସ୍ତେ ଅଇଁଲେ ବୃକ୍ଷ ପିଛୁଳି ପଡ଼ ଛ—ପ୍ରାଚୀ, ବୃନ୍ଦାବନରୂପଣ ଗୀତା ।

ପିଛୋଡ଼ା—ଦେ. ବ. (ପ୍ରାଚୀନ ପଦ୍ୟ)—(ସଂ ପକ୍ଷ୍ମ)—୧ । ଆଖିର ପକ୍ଷ୍ମ;
Pichhorda ପିଛଡ଼ା—Eye-lid.
ଗୋ କାଠ କୃଷ୍ଣର ବ୍ରୂଲତା,
ଗୀ କାର ପିଛୋଡ଼ାରେ ଫିଟା । ଯଶୋବନ୍ତ, ପ୍ରେମଭକ୍ତି ବ୍ରହ୍ମଗୀତା

ପିଜରି—ପ୍ରାଦେ (ସମ୍ବଲପୁର) ବ—ସୂତା କାଟିବାରେ ବ୍ୟବହୃତ ତୁଳାର
Pijari ବଳଣା—Cotton-rolls used for spinning yarn.

ପିଜାସ—ଦେ. ବ. (ସଂ ପିଞ୍ଜୂଷ)—କର୍ଣ୍ଣମଳ; କାନଗୁହ; କାନଗଇ—
Pijasa The rheum deposited inside the ear; the
কানের খোল **गीड़, गीज** wax of the ear.

ପିଜୁଡ଼ି—ଦେ. ବ. (ସଂ ପାରେବତ ଫଳ)—
Pijurdi ପିଦୁଡ଼ି; ପିଆସ୍ତ୍ର; ଶୃଙ୍ଖଳଅଫଳ—
পেয়ারা; পিয়ারা Guava; Ficus Carica;
अमृत; पयारा Psidium Guyava.
ମ. ପେରୁ [ଦ୍ର—ଏ ଗଛ ଆମେରିକାରୁ ଏ ଦେଶକୁ
ତେ. ଜାମପଣ୍ଡୁ ପ୍ରଥମେ ଆସିଥିଲା । ଏହା ଜମ୍ବୁକାଦି ବର୍ଗର ଶ୍ରେଷ୍ଠ
ପିଜୁଡ଼ି ଉଦ୍ୟାନ ବୃକ୍ଷ; ଗ୍ରୀଷ୍ମକାଳରେ ଧଳା ଫୁଲ ଧରେ;
ପିଜୁଡ଼ୁ } ଅନ୍ୟରୂପ ଗଛ ପ୍ରାୟ ବଙ୍କା; ଖୋଲ ମସୃଣ; ବକଲରୁ ଖୋଲ
ପିଜୁଲ ପାଖୁଡ଼ା ଉଠିଯାଏ; କାଠ ଖୁବ୍ ଟାଣୁଆ;କଞ୍ଚାଫଳ
ପିଜୁଳି ଓ ପକ୍ୱ କଷା;ପାଚିଲେ ସ୍ୱାଦୁ ହୁଏ । ଏହାର ପତ୍ର ମୁଖର ଦୁର୍ଗନ୍ଧନାଶକ; ଏହାର ମଞ୍ଜି ଶୃଙ୍ଖଳ ପରି, ଏଥିପାଇଁ ଏହାର ନାମ ଶୃଙ୍ଖଳଅ ।

ଏହା ବଡ଼ ଓ ସାନ ଭେଦରେ ଦୁଇ ପ୍ରକାର । ସାନ ପିଆସ୍ତ୍ରର ସଂସ୍କୃତ ନାମ—ପାରେବତ, ରୈବତ, ଅରେବତକ, ମଧୁଫଳ, ଅମୃତ ଫଳ ଓ ପାରେବତକ । ଏହା ମଧୁରରସ, ବଳକାରକ, ହୃଦୟଗ୍ରାହୀ, ସ୍ନିଗ୍ଧ, ରୁଚିକର ଓ ଶୁକ୍ରଜନକ ।

ବଡ଼ ପିଆସ୍ତ୍ରର ସଂସ୍କୃତ ନାମ—ମହାପାରେବତ, ସ୍ୱର୍ଣ୍ଣ ପାରେବତ, ସାମୁଦ୍ରିକ, ଖାରକ, ରକ୍ତରୈବତକ, ବୃହତ୍ ପାରେବତ, ଦ୍ୱୀପଜ ଓ ଦ୍ୱୀପଖର୍ଜୁର; ଏହା ବଳକାରକ, ପୁଷ୍ଟିକର, ବୃଷ୍ୟ, ଏବଂ ମୂର୍ଚ୍ଛା ଓ ଜ୍ୱର ନାଶକ । ଏହା ପୂର୍ବୋକ୍ତ ପିଆସ୍ତ୍ର ଅପେକ୍ଷା ଅଧିକ ଗୁଣବିଶିଷ୍ଟ । ଉଭୟ ପ୍ରକାର ପିଆସ୍ତ୍ରର ପତ୍ରକୁ ପୋଡ଼ି ଅଫିମ ସଙ୍ଗେ ଗ୍ରାମ୍ୟ ଲୋକେ ମଦତ୍ ବା ଗୁଲ୍ ଭଳି ବ୍ୟବହାର କରନ୍ତି ।]

ପିଞ୍ଛ—ଦେ. ବ—୧ । ପିଚ୍ଛ (ଦେଖ)—1. Pichha (See).
Pinchha ୨ । ଶୁଖିଲା କଡ଼ୁଆ ପତ୍ରର ଛୋଟ ଛୋଟ ବଡ଼ା—
2. Small bunches of dry cocoanut leaves tied together.
ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ)—ଘଣାର ଖାଡ଼—
The stick attached to the basin of an oil mill.

ପିଞ୍ଛଡ଼ା—ଦେ. ବ—୧ । ପିଛଡ଼ା (ଦେଖ)—1. Pichharda (See)
Pinchharda ୨ । (ସଂ ପିଞ୍ଛଟ) ନେତ୍ରମଳ; ଆଖିନେଟେଣ୍ଟ—
2. Concrete rheum of the eye

ପିଞ୍ଛ ଦେବା—ଦେ. କ୍ରି—୧ । ଧାନ ଗଛକୁ ଗୋରୁ ଖାଇଯିବେ ନାହିଁ
Pinchha deba ବୋଲି ପିଞ୍ଛଦ୍ୱାରା ଧାନ ଗଛରେ ଗୋବରପାଣି
(ପିଞ୍ଛ ମାରିବା—ଅନ୍ୟରୂପ) ଛିଞ୍ଚିବା—1. To sprinkle
কুচীমারা water mixed with cow-dung on
कुचीमारना paddy plants to prevent cattle from nibbling them.
୨ । ପଲସ୍ତରା କରିବା ପୂର୍ବରୁ କାନ୍ଥ ଉପରେ ପିଞ୍ଛଦ୍ୱାରା ପାଣି ଛିଞ୍ଚିବା—2. To sprinkle water with the help of a mason's brush on wall which is being plastered.
୩ । ଭାତ ହାଣ୍ଡିର ମୁହଁରେ ପିଞ୍ଛକୁ ହାବୁଡ଼ାଇ ଭାତହାଣ୍ଡିକୁ ଅଣାଇ ଭିତରୁ ପେଜ ଗାଳିବା—3. To put a bunch of straw etc on the mouth of an inclined cooking pot to let the rice water escape therefrom.

ପିଞ୍ଛା—ଦେ. ବ—୧ । ପରଶୁଣି; ପତଳା କଂସା, ଯହିଁରେ ବଡ଼ ପାତ୍ରରୁ
Pinchha ଭାତ ଆଣି ପରିବେଷଣ କରିବାକୁ ହୁଏ—1. A
सरवा thin metal bowl to serve rice.
(ପିଂଛା—ଅନ୍ୟରୂପ) ୨ । (ସଂ ପିଚ୍ଛ) ଚାମର ଜାତୀୟ ବ୍ୟଜନ ବିଶେଷ—2. A kind of chowrie like fan.
ଅଳିଃ ପିଞ୍ଛା ସୁରମର । ଶଂଭ୍ରମ ମୃନ ସୁର ରେ—ଭୂପତି ପ୍ରେମପଞ୍ଚାମୃତ ।
୩ । ପିଛଡ଼ା (ଦେଖ)—
3. Pichharda (See)
ଚା ରୂପ କନ୍ୟାମାନେ ଗ୍ରହି । ନୟନ ପିଞ୍ଛା ନ ଚଳଇ—ଜଗନ୍ନାଥ ଭାଗବତ ।

ପିଞ୍ଛାଡ଼ିବା—ଦେ. କ୍ରି—(ସଂ ପକ୍ଷ୍ମପାତ)—ପିଛାଡ଼ିବା (ଦେଖ)—
Pinchhardiba Pichhardiba (See)
ଧାନ ମଙ୍ଗଳ ରୂପ ଦେଖି
ପିଞ୍ଛାଡ଼ ନ ପାରଇ ଆଖି—ଜଗନ୍ନାଥ ଭାଗବତ ।

ପିଞ୍ଜ୍ (ଧାତୁ)—ସଂ—୧ । ଆଘାତ କରିବା—
Pinj (root) 1. To strike.
୨ । ବଧ କରିବା—2. To kill.
୩ । ବାସ କରିବା—3. To live.
୪ । ସ୍ପର୍ଶ କରିବା—4. To touch.
୫ । ମିଳିତ ହେବା—5. To meet; to mix with.
୬ । ଚକ୍ ଚକ୍ ହେବା; ଦୀପ୍ତି ପାଇବା—
6. To shine; to sparkle.
୭ । ପିଙ୍ଗଳ ବର୍ଣ୍ଣ ହେବା—7. To become tawny.
୮ । ରଞ୍ଜିତ କରିବା—8. To paint; to dye.

ପିଞ୍ଜ—ସଂ. ବ. (ପିଞ୍ଜ୍ ଧାତୁ + ଭାବ. ଅ)—୧ । ବଧ; ହତ୍ୟା—
Pinja 1. Killing; murder; slaughter.
୨ । ଏକପ୍ରକାର କର୍ପୂର—2. A kind of camphor.
୩ । ବଳ; ଶକ୍ତି—3. Power; might; strength.

ସଂ. ବିଣ. ପୁଂ. (ପିଞ୍ଜ ଧାତୁ=ବଧ କରିବା, ଆଘାତ କରିବା + (ପିଞ୍ଜା—ସ୍ତ୍ରୀ) କର୍ମ. ଅ)—୧। ବ୍ୟାକୁଳିତ—
1. Disturbed; confused.
୨। କାତର—2. Confounded.

ପିଞ୍ଜକ—ସଂ. ବି. (ପିଞ୍ଜ ଧାତୁ=ରଞ୍ଜିତ କରିବା + କରଣ. ଅକ)—
Piñjaka ହରିତାଳ (ହି. ଶ)—Yellow orpiment.

ପିଞ୍ଜଟ—ସଂ. ବି. (ପିଞ୍ଜ ଧାତୁ+କର୍ତ୍ତୃ. ଅଟ)—ନେତ୍ରମଳ; ନେଳସି—
Piñjaṭa The concrete rheum or mucus of the eye.

ପିଞ୍ଜନ—ସଂ. ବି. (ପିଞ୍ଜ ଧାତୁ=ସ୍ପର୍ଶ କରିବା; ଆଘାତ କରିବା + କରଣ.
Piñjana ଅନ)—୧। କପା ଉଣିବା ଧନୁ; କାର୍ପାସ ଝୋଟକ ଧନୁ—
1. A bow used in carding cotton.
୨। (+ଭାବ. ଅନ) ତୁଳା ଉଣିବା—
2. Carding of cotton.

ପିଞ୍ଜର—ସଂ. ବି. (ପିଞ୍ଜ ଧାତୁ+ଅର)—୧। ପୀତବର୍ଣ୍ଣ ଅଶ୍ୱବିଶେଷ—
Piñjara 1. A bay or chestnut horse.
୨। ପିଙ୍ଗଳବର୍ଣ୍ଣ—2. Tawny colour.
୩। ହରିତାଳ—3. Yellow orpiment.
୪। ପକ୍ଷୀ ପାଳିବାର ପଞ୍ଜୁରି—4. Bird-cage.
୫। ସ୍ୱର୍ଣ୍ଣ—5. Gold.
୬। ପଞ୍ଜରି ହାଡ଼—6. The ribs.
୭। ଦେହାସ୍ଥି ପୁଞ୍ଜ; ଚର୍ମ ଓ ମାଂସ ହୀନ ହାଡ଼ର ଥାଟ—
7. Skeleton.
୮। ପିତ୍ତଳ—8. Brass.
ତରୁଣୀ ସୁବର୍ଣ୍ଣ ଯେ, ତାନ ପିଞ୍ଜର ପଞ୍ଚରେ।
ଭଞ୍ଜ, ବୈଦେହୀଶବିଳାସ।
୯। ନାଗେଶ୍ୱର ଫୁଲ—
9. The Nāgeśwara flower; Messua Ferra.
ସଂ. ବିଣ.—୧। ପିଙ୍ଗଳ—
1, Tawny; reddish yellow.
୨। ପୀତ; ହଳଦିଆ (ହି. ଶ.)—2. Yellow.

ପିଞ୍ଜରକ—ସଂ. ବି.—ହରିତାଳ (ଦେଖ)
Piñjaraka Yellow orpiment.

ପିଞ୍ଜରା—ଦେ. ବି. (ସଂ. ପିଞ୍ଜର)—ପିଞ୍ଜରୀ (ଦେଖ)
Piñjarā Piñjarī (See)

ପିଞ୍ଜରା ପୋଲ—ଦେ. ବି.—ବୃଦ୍ଧ ଓ ଅକ୍ଷମ ଗୋରୁମାନଙ୍କର ଆଶ୍ରମ;
Piñjarā pola ଗୋଶାଳା—A shelter for decrepit and
পিঞ্জরাপোল पिञ्जरापोल sick cattle.

ପିଞ୍ଜରୀ—ଦେ. ବି. (ସଂ. ପିଞ୍ଜର)—ପକ୍ଷୀମାନଙ୍କୁ ରଖିବା ପାଇଁ ନିର୍ମିତ କାଠ
Piñjarī ବା ଲୁହାର ଛୋଟ ଘର; ପଞ୍ଜୁରି—
খাঁচা, পিঞ্জরা पिञ्जरा(ड़ा) Bird cage.
ପିକ କପୋତ ଶୁଆ ଶାରୀ, ଖଞ୍ଜିତ ହୋଇଛି ପିଞ୍ଜରୀ—ଭୂପତି, ପ୍ରେମପଞ୍ଚାମୃତ।

ପିଞ୍ଜଳ—ସଂ. ବିଣ.—(ପିଞ୍ଜ ଧାତୁ=ପିଙ୍ଗଳ ବର୍ଣ୍ଣ ହେବା+କର୍ତ୍ତୃ. ଅଳ)—
Piñjaḷa ୧। ଫିକା ପଡ଼ି ଯାଇଥିବା—1. Turned grey.
(ପିଞ୍ଜଳା—ସ୍ତ୍ରୀ) ୨। ଯାହା ମୁହଁ ଫିକା ପଡ଼ି ଥାଏ—
2. With the face turned pale.
୩। ଭୟ ବା ଶୋକଦ୍ୱାରା ବ୍ୟାକୁଳ—3. Overcome with grief or terror; panic-struck.
୪। କିଂକର୍ତ୍ତବ୍ୟବିମୂଢ଼—4. Extermely confounded; dumbfounded.
ସଂ. ବି—୧। କୁଶ ପତ୍ର—1. A blade of Kuśa grass.
୨। ହରିତାଳ—2. Yellow orpiment.
୩। ଜଳ ବେତସ (ହି. ଶ)—3. Water ratan.
୪। ଶ୍ରାଦ୍ଧ ଓ ଯଜ୍ଞରେ ବ୍ୟବହୃତ ଏକତ୍ର ବନ୍ଧା ହୋଇଥିବା ଦୁଇଟି କୁଶ (ହି. ଶ)—4. Two blades of Kuśa grass tied together and used in vedic sacrifice.
୫। ପ୍ରଦୀପର ବର୍ତ୍ତିକା—
5. The wick of a lamp. (Apte)

ପିଞ୍ଜା—ସଂ. ବି—(ପିଞ୍ଜ ଧାତୁ+ଅ; ସ୍ତ୍ରୀ ଆ)—୧। ହଳଦୀ—
Piñjā 1. Turmeric.
୨। ହିଂସା—2. Envy.
୩। କ୍ଷତ—3. Injury.
୪। ବଧ—4. Killing.
୫। ଆଘାତ—5. Hurting; striking.
୬। ଠେଙ୍ଗା; ବାଡ଼ି—6 Stick
୭। ତୁଳା—7. Cotton.
ଦେ. ବି—(ସଂ. ପିଞ୍ଜନ)—ତୁଳା ଉଣିବା—
Carding of cotton.
ଦେ. ବିଣ—ଉଣା ହୋଇଥିବା—Carded (cotton).

ପିଞ୍ଜା(ଞ୍ଜେ)ଇବା—ଦେ. କ୍ରି—(ସଂ. ପିଞ୍ଜ ଧାତୁ=ଆଘାତ କରିବା—
Piñjā(ñje)ibā ପିଞ୍ଜିବା କ୍ରିୟାର ଣିଜନ୍ତରୂପ—Causative of
পেঁজান धुनवाना Piñjibā.
ମୃଦୁଳାକୁ ତୁଳା କୋହ୍ଲକର ତୁଳ ଦେହକୁ ପିଞ୍ଜାଇ ହେଉଛ—
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି।

ପିଞ୍ଜାନ—ସଂ. ବି—ସ୍ୱର୍ଣ୍ଣ; ସୁନା (ହି. ଶବ୍ଦସାଗର)—
Piñjāna Gold.

ପିଞ୍ଜିକା—ସଂ. ବି. (ପିଞ୍ଜ ଧାତୁ+ଇକ+ସ୍ତ୍ରୀ. ଆ)—ଉଣା ତୁଳାର
Piñjikā ବଳଣା—A roll of carded cotted from
পাইজ which thread is spun; a skein of cotton
पूनी wool.

ପିଞ୍ଜିବା—ଦେ. କ୍ରି. (ସଂ.ପିଞ୍ଜ ଧାତୁ=ଆଘାତ କରିବା)—୧। ତୁଳାକୁ
Piñjibā ଉଣିବା—1. To cleanse or card cotton
ধোনা, পেঁজা तुनना, धुनना into wool.
୨। ତୁଳା ଉଣିବା ପରି ମନ୍ଥି ପକାଇବା—2. To thoroughly overhaul (like carding cotton).
୩। ଛିନ୍ନଭିନ୍ନ କରିବା—3. To smash up; to disentangle the parts of a thing.
ଅନ କରିବ ଖଣ୍ଡ ଖଣ୍ଡ, ଛଟେ ପିଞ୍ଜିବି ତୋର ପିଣ୍ଡ—
ଜଗନ୍ନାଥ, ଭାଗବତ।

ପିଞ୍ଜୁ(ଞ୍ଜୂ)—ସଂ. ବି. (ପିଞ୍ଜ ଧାତୁ+ଉ; ଊ)—ଦୀପର ବଳତା; ବତୀ—
Pinju(njū) The wick of a lamp.
ପ୍ରାଦେ. (ଗଡ଼ଜାତ) ବି—ତୁଳାର ବଳଣୀ—A roll of carded cotton used in spinning thread.
(ଯଥା—ସେ ପିଞ୍ଜୁ ବୋଳଲା ପର ଲୋକଙ୍କଠାଏ ।)

ପିଞ୍ଜୁଷ—ସଂ. ବି. (ପିଞ୍ଜ ଧାତୁ+ଊଷ)—କର୍ଣ୍ଣମଳ; କାନଗଇ—
Pinjūsha The wax of the ear.

ପିଞ୍ଜେଟ—ସଂ. ବି. (ପିଞ୍ଜ ଧାତୁ+ଏଟ)—ପିଞ୍ଜଟ (ଦେଖ)
Pinjeta Pinjata (See)

ପିଟ୍ (ଧାତୁ)—ସ—୧ । ଏକତ୍ର ହେବା—
Pit (root) 1. To be gathered into one.
୨ । ମିଳିତ ହେବା—2. To meet.
୩ । ଶବ୍ଦ ସହିତ ଆଘାତ କରିବା—
3. To strike with a noise.
୪ । ସଞ୍ଚୟ କରିବା; ଗଦା କରିବା—
4. To gather; to heap together.

ପିଟ୍—ବୈଦେ. ବି. (ଇଂ.)—ରଙ୍ଗମଞ୍ଚର ସନ୍ନିଧିରେ ପ୍ରଥମ ଶ୍ରେଣୀର
Pit ବିଶିଷ୍ଟ ଭଦ୍ରଲୋକମାନଙ୍କ ବସିବା ପାଇଁ ବେଞ୍ଚ, କୁରୁଚ ଆଦି
ପିଟ ପକାଇବା ନିମନ୍ତେ ଖୋଳା ଯାଇଥିବା ଗର୍ତ୍ତ—
पीट Pit (in a theatre hall).

ପିଟ୍‌ମାନ୍—ବୈଦେ. ବି. (ଇଂ. ନାମ) —ଇଂରାଜୀ ସର୍ଟହାଣ୍ଡ ବା ସୂକ୍ଷ୍ମ ଲିପିର
Pit-mān ଆବିଷ୍କାରକ—Pitman; the inventor of the
পিটমান্ system of shorthand which goes by
पीटमैन his name.

ପିଟ—ସଂ. ବି. (ପିଟ୍ ଧାତୁ+କର୍ମ. ଅ)—୧ । ବାଉଁଶ ପାତିଆ କର୍ମିତ
Pita ଟୋକେଇ; ଡୋଲି—1. Basket made of bamboo laths.
୨ । ପେଡ଼ା; ପେଟରା; ପେଢ଼ି—
2. A wicker work trunk.
୩ । ଫୋଟକା; ବିସ୍ଫୋଟକ—
3. Pimple; blister; postule.
୪ । ଘୁଷୁରିଙ୍କ ଅଟେଇ—4. Hovel for hogs; crib.
୫ । ଗୃହ—5. House.
୬ । ଛାତ—6. Roof (Apte).
୭ । ଧ୍ୱଜାରେ ଲାଗିବା ଅଳଙ୍କାରବିଶେଷ—7. A kind of decoration attached to a flag.
୮ । ଗ୍ରନ୍ଥ ବିଭାଗ; ଗ୍ରନ୍ଥର ଖଣ୍ଡ (ହି. ଶ.)—
8. Volume of a book or literary production.
୯ । ରଚନା ବା ଲେଖାର ସଂଗ୍ରହ—
9. A collection of writings (Apte).
୧୦ । ଶସ୍ୟାଗାର; ଅମାର—13. Granary (Apte).

ପିଟକ—ସଂ. ବି. (ପିଟ୍ ଧାତୁ+କର୍ମ. ଅକ)—ପିଟ (ଦେଖ)
Pitaka Pita (See)

ପିଟକା—ସଂ. ବି. (ପିଟକ+ଆ)—୧ । କ୍ଷୁଦ୍ର ବ୍ରଣ—
Pitakā 1. A small boil or pimple (Apte).
୨ । କ୍ଷୁଦ୍ର ପେଟରା (ହି. ଶ.)—2. A small box.

ପିଟଣା—ଦେ. ବି.—(ସଂ. ପିଟ୍ ଧାତୁ)—୧ । କୋବା; ଭୂଇଁ ପିଟି ସମତୁଲ
Pitanā କରିବାର ମୁଗୁର—1. Rammer or mallet used
পিটনা **पिटना** by masons to beat and pave down the floor of a house or the ground.
ବାଳକୁ କେ ବାଜ ପିଟଣାରେ । ପ୍ରାଚୀ, ପରବେ ଗୀତା ।
୨ । ମାଡ଼; ପ୍ରହାର—2. Beating.

ପିଟର—ବୈଦେ. ବି. (ଇଂ. ନାମ)—୧ । ବାଇବଲ୍ ଲିଖିତ ମହାତ୍ମା
Pitar পিটার **पिटर** ସେଣ୍ଟ୍‌ପିଟର—1. St. Peter.
[ଦ୍ର—ଏ ଯୀଶୁଖ୍ରୀଷ୍ଟଙ୍କର ଜଣେକ ଉକ୍ତ ଶିଷ୍ୟ; ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ ।]
୨ । ପିଟର୍ ଦି ଗ୍ରେଟ୍ (ଦେଖ)—2. Pitar di gret (See)

ପିଟର୍ ଦି ଗ୍ରେଟ୍—ବୈଦେ. ବି. (ଇଂ.ନାମ; ପିଟର୍=ନାମ+ଦି ଗ୍ରେଟ୍=
Pitar di gret ପ୍ରସିଦ୍ଧ ମହାପୁରୁଷ)—ରୁଷିଆର ଜଣେ ବିଖ୍ୟାତ
পিটার দি গ্রেট ସମ୍ରାଟ—Peter the Great; a famous
पटर द्रोग्रेट czar of Russia.

ପିଟା—ଦେ. ବି.—(ସଂ. ପିଟ୍ ଧାତୁ)—୧ । ପିଟିବା; ବାଡ଼େଇବା—
Pitā 1. Beating down or ramming; hammer-
পটন **पिटाई** ing.
୨ । ବେତ୍ରାଦି ଦ୍ୱାରା ପ୍ରହାର—2. Thrashing with a cane or thin stick.
୩ । ଘଣ୍ଟା ଓ ଢୋଲ ଆଦି ଉପରେ ଆଘାତ—
3. Striking on a gong or drum.
পিটা, পেটা ଦେ. ବିଣ—୧ । ବାଡ଼ିଆ ହୋଇଥିବା—
पिटाहुआ 1. Beat down; beaten; rammed.
୨ । ହାତୁଡ଼ିରେ ବାଡ଼ିଆ ହୋଇଥିବା—
2. Hammered.
୩ । ମାଡ଼ ଖାଇବାରେ ଅଭ୍ୟସ୍ତ—
পিটু 3. Habituated to thrashing.

ପିଟା(ଟେ)ଇବା—ପିଟିବା କ୍ରିୟାର ଣିଜନ୍ତ ରୂପ—
Pitā(te)ibā Causative of Pitibā.
পিটান, পেটান କହନ୍ତି ଜଣେ ଜଣେ କରୁଣ ପିଟାଅ
पटाना, पिटवाना ପଛେ ତାହାଙ୍କୁ ଯମ ପୁରକୁ ପଠାଅ ।
କୃଷ୍ଣସିଂ. ମହାଭାରତ. ଶାନ୍ତି ।

ପିଟା ଘଡ଼ି—ଦେ. ବି—୧ । ପିଟା ଘଣ୍ଟା (ଦେଖ)
Pitā ghardi 1. Pitā ghanta (See)
୨ । ଯେଉଁ ସମୟଜ୍ଞାପକ ଘଡ଼ି ଟଙ୍ଗ୍ ଟଙ୍ଗ୍ ହୋଇ ବାଜି ସମୟ ଜଣାଇ ଦିଏ—2. Chiming clock.
ସ ଅନ୍ତର ହୋଇଅଛ ପିଟା ଘଡ଼ି ଘଣ୍ଟା ।
ପ୍ରାଚୀ, ବୃନ୍ଦାବନଭୂଷଣ ଗୀତା ।

ପିଟା ଘଣ୍ଟ(ଣ୍ଟା)—ଦେ. ବି—୧ । ଯେଉଁ ଘଣ୍ଟାରେ ଆଘାତ କରି ଶବ୍ଦ
Pitā ghanta(ntā) କରାଯାଏ—1. Gong.
পেটা ঘণ্টা ୨ । (ଲକ୍ଷଣାର୍ଥ) ଯେଉଁ ଲୋକ ଅନେକ ତାଡ଼ନା
पिटा घाटा ଆଦି ସହି ସହି ପଥର ପାଲଟି ଗଲାଣି—
2. A person hardened to constant beating.

ପିଟାପିଟି—ଦେ. ବ—୧ । ବାଡ଼ିଆ ବାଡ଼େଇ—
Piṭāpiṭi 1. Mutual beating.
ପିଟାପିଟି ୨ । ଉପର୍ଯ୍ୟୁପରି ପ୍ରହାର; କର୍ଷମ ମାଡ଼—
पिटापिट 2. Sound thrashing or beating.
ଦେ. ବଣ—ପରସ୍ପର ମଧ୍ୟରେ ବାଡ଼ିଆବାଡ଼େଇ ହେବା—
Beating each other.
ସେ ସବାଙ୍କୁ ତାଙ୍କ ଡାକରେ ପିଟାପିଟି
ହୋଇ କେତେ ଯୁଦ୍ଧେ ଭୂମିରେ ଗଲେ ଲେଟି ।
କୃଷ୍ଣସିଂହ, ମହାଭାରତ, ବନ ।

ପିଟା ଯିବା—ଦେ. କ୍ରି (ପିଟିବାର କର୍ମ ବାଚ୍ୟ)—ଅନ୍ୟ ଦ୍ୱାରା ପ୍ରହୃତ
Piṭā jibā ବା ଆଘାତ ପ୍ରାପ୍ତ ହେବା; ବାଡ଼ିଆ ହେବା—
পিটা খাওয়া To be beaten or hammered.
पिटा जाना (ପିଟା ହେବା—ଅନ୍ୟରୂପ)

ପିଟା ଲୁହା—ଦେ. ବ. (ସ. ପିଟ୍ ଧାତୁ+ଲୌହ)—
Piṭā luhā ଯେଉଁ ଲୁହାକୁ ନିଆଁରେ ତତାଇ ହାତୁଡ଼ିରେ ପିଟି
পেটা লোহা ବା ବାଡ଼େଇ କାମ କରାଯାଏ—
पिटा लुहा Wrought iron.
(ଢଳା ଲୁହା—ବିପରୀତ)

ପିଟି—ପ୍ରାଦେ. (ମେଦନାପୁର) ବ—ପେଡ଼ିପେଡ଼ିକିଆ (ଦେଖ)
Piṭi Perdiperdikiā (See)

ପିଟି ଦେବା—ଦେ. କ୍ରି—ଥରେ ଜୋରରେ ପିଟିବା—
Piṭi debā To strike once with force.

ପିଟି ପକା(କେ)ଇବା—ଦେ. କ୍ରି—ଉପର୍ଯ୍ୟୁପରି ପିଟିବା; ଅତ୍ୟନ୍ତ ପ୍ରହାର
Piṭi pakā(ke)ibā କରିବା—To beat copiously; to give a sound thrashing.

ପିଟିବା—ଦେ.କ୍ରି. (ପିଟ ବା ପିଟ୍ଟ ଧାତୁ=କୁଟିବା; ତୁଲ.ସ. ପୀଡ଼ ଧାତୁ)—
Piṭibā ୧ । ଉପର୍ଯ୍ୟୁପରି ଆଘାତ କରିବା; ସଘାତ କରିବା—
পিটা, পেটা 1. To ram; to strike repeatedly.
पिटना ୨ । ହାତୁଡ଼ିରେ ଧାତୁ ଆଦିକୁ ଆଘାତ କରିବା—
2. To hammer.
୩ । ବାଡ଼େଇବା; ପ୍ରହାର କରିବା; ଯଷ୍ଟି ଦ୍ୱାରା ଆଘାତ କରିବା—
3. To thrash; to beat with a stick.
ମୋତ ପୀୟୂଷ ସଙ୍ଗ ପିଟିଲରେ । ଲବଣ୍ୟଭଞ୍ଜ, ସଙ୍ଗୀତ ।
୪ । ଭୂମିରେ ଆଘାତ କରିବା—
4. To strike on the ground.
(ଯଥା—ମୁଣ୍ଡ ପିଟିବା ।)
୫ । ଆନଦ୍ଧ ବାଦ୍ୟରେ ହାତ ବା କାଠି ଆଦି ଆଘାତ କରିବା—
5. To beat a drum.
ହୋଇ ବାମକର ପିଟେ ଢକା ବାଇଦ । କୃଷ୍ଣସିଂହ, ମହାଭାରତ, ସଭ ।

ପିଟି ଯିବା—ଦେ. କ୍ରି.—କେତେକ ସମୟ ପିଟିବା—
Piṭi jibā To go on beating for some time.

ପିଟିସନ୍—ବୈଦେ. ବ. (ଇଂ. ପେଟିସନ୍) (କଚେରିଆ)—ଦରଖାସ୍ତ;
Piṭisan ଆବେଦନ ପତ୍ର—Petition.

ପିଟିସନ୍ ରାଇଟର୍—ବୈଦେ. ବ. (ଇଂ)—(କଚେରିଆ)—
Piṭisan rāiṭar ୧ । ଦରଖାସ୍ତ ଲେଖକ; ନବିସିନ୍ଦା—
1. Writer or scribe of a petition.
୨ । (ସମ୍ବଲପୁରରେ ବ୍ୟବହୃତ ଅର୍ଥ)—କଚେରୀରେ ଯେଉଁମାନେ ପକ୍ଷମାନଙ୍କ ନିମନ୍ତେ ଦରଖାସ୍ତ ଲେଖନ୍ତି ଓ ତଦ୍‌ବିର କରନ୍ତି—
2. Petition writer working in courts.

ପିଟି ହେବା—ଦେ. କ୍ରି.—୧ । ନିଜେ ବାଡ଼େଇ ହେବା—
Piṭi hebā 1 To strike (one's self).
ପ୍ରାଣକୁ ଅନ୍ତ ଦେଇ ପିଟି ହୋଇ ଚଳେ । କୃଷ୍ଣସିଂହ, ମହାଭାରତ ବ. ।
୨ । ପିଟା ଯାଇ ପାରିବା—2. To be beaten.
(ଯଥା—ଏ ଟାଣୁଆ ଲୁହା ପିଟି ହେଉ ନାହିଁ ।)

ପିଟି ହୋଇ ଯିବା—ଦେ. କ୍ରି.—ଜୋରପୂର୍ବକ କୌଣସି ଟାଣ ବସ୍ତୁରେ
Piṭi hoi jibā ବା ଭୂମିରେ ଆଘାତ ପାଇବା—To strike or come with force against a hard substance.
(ଯଥା—ମୋ ମୁଣ୍ଡ କାନ୍ଥରେ ପିଟି ହୋଇଗଲା ।)

ପିଟୁଣି—ଦେ. ବ.—(ସ. ପିଟ୍ ଧାତୁ)—ଓଳିଆକୁ ବାଙ୍କ ସାର ତାକୁ
Piṭuṇi ସମତୁଲ କର ବାଡ଼େଇବା ପାଇଁ ବ୍ୟବହୃତ ପଟା ବା
पीटना ପିଟୁଣା—A flat mallet used to make the surface of an Oliā smooth by beating.

ପିଟ୍ଟକ—ସ. ବ. (ପିଟ୍ ଧାତୁ+ତ+କ)—ଦନ୍ତମଳ; ଦାନ୍ତର ଛିଟିଆ;
Piṭṭaka ଦନ୍ତ କଟ୍ଟକ—The tartar or excretion of the teeth.

ପିଠ୍ (ଧାତୁ)—ସ.—ଆଘାତ କରିବା—
Piṭh (root) 1. To strike.
୨ । ବଧ କରିବା—2. To kill.
୩ । କଷ୍ଟାନୁଭବ କରିବା; କ୍ଲିଷ୍ଟ ହେବା—
3. To feel pain; to be afflicated.

ପିଠ୍—ପ୍ରାଦେ. (ଭଞ୍ଜିଭାଷା)—ବ—ପିଠି—
Piṭh Back.

ପିଠ—ସ. ବ. (ପିଠ୍ ଧାତୁ+ଅ)—କ୍ଲେଶ; ଯାତନା—
Piṭha Pain; agony.

ପିଠଉ—ଦେ. ବ. (ସ. ପିଷ୍ଟୋଦକ)—ଚାଉଳକୁ ବତୁରାଇ ବାଟି କର
Piṭhau ଚକୁଳି, ଚିତଉ ଆଦି ପିଠା ନିମନ୍ତେ ତିଆରି କରାଯିବା ଘନ
পিটলি পিঠালি ଲେହ—Liquid pulp of moistened
चउरेठ लपसी rice prepared by grinding; liquid paste used for making pastry cakes; batter.
ମାଣ ଯେ ପିଠଉ ନୂଳ ପିଣ୍ଡ ଚଉଳ । ବଳମାଦଳ ।

ପିଠର—ସ. ବ. (ପିଠ=କ୍ଲେଶ+ର ଧାତୁ=ଗ୍ରହଣ କରିବା+ଅ)—
Piṭhara ୧ । ହାଣ୍ଡି; ଥାଳୀ—1. Earthen pot; pan.
(ପିଠରକ, ପିଠରିକା, ପିଠରୀ—ଅନ୍ୟରୂପ) ୨ । ପେଟରା—
2. A basket.
୩ । ଗୃହ—3. House.
୪ । କୋଠରୀ—4 Room.

୫ । ପଟି; ମୁକୁର—5. Mat.

୬ । ମୁଥା—6. Bulbous grass-root.

୭ । ଦଧିମନ୍ଥନ ଦଣ୍ଡ; ଦହିଖୁଆ—
7. Churning rod; churner.

ପିଠରୀ—ସଂ. ବି. (ପିଠ=କ୍ଲେଶ+ସ୍ତ ଧାତୁ=ଗ୍ରହଣ କରିବା+ଇ)—
Piṭhari ପିଠର (ଦେଖ)—Piṭhara (See)

ପିଠଲ—ଦେ. ବି.—ପିଠୋଲ (ଦେଖ)
Piṭhaḷa Piṭhoḷa (See)

ପିଠା—ଦେ. ବି. (ସଂ. ପିଷ୍ଟକ)—ଗହମ, ଚାଉଳ, ମୁଗ ଆଦି ବଟା ବା
Piṭhā ଚୂନା ଦ୍ୱାରା ପ୍ରସ୍ତୁତ ହୋଇଥିବା ଖାଦ୍ୟ—
ପିଠା **चपाती पूआ** Cake.

ଗଞ୍ଜିଆ ଚନ୍ଦ୍ରକାନ୍ତି ଧେନ୍ ବନାଗଜ;
ଯେ ତେଲ ଖୀରି ପିଠା ନୈବେଦ୍ୟ ଭକ୍ଷ । କୃଷ୍ଣସିଂହ ମହାଭାରତ ଦ୍ରୋଣ ।

[ଦ୍ର—ପିଠା ଅନେକ ପ୍ରକାରରେ ତିଆର ହୁଏ । ଚାଉଳ ବଟା ପାଣିଆ ହେଲେ ତାକୁ ପିଠଉ ଓ ଘନ ହେଲେ ତାକୁ ଖଳ ବା ସୋଦୁଅ ବୋଲି ଯାଏ ।

ପୋଡ଼ି କରି, ଭାଜି କରି, ତେଲ ବା ଘିଅରେ ଛାଣି, ପାଣିରେ ସିଝାଇ ଓ ବାମ୍ଫରେ ସିଝାଇ ପିଠା ତିଆର କରାଯାଏ ।

କେତେଗୁଡ଼ିଏ ପିଠାର ନାମ ଯଥା – କାକରା, କାକମାନ, ଆରିସା ପୁରି ବା ଲୁଚି, ରୁଟି, ଖଳରୁଟି, ଇଣ୍ଡୁରି ବା ଏଣ୍ଡୁରି, ଚକୁଳି, ଚିତଉ, ପୋଡ଼ପିଠା, ମଣ୍ଡା, ଗଇଁଠା, ପୁଳି, ବରଲଡ଼ୁ, ବରବରା, ଅପମାଲୁ ବା ଅମାଲୁ (ମାଲପୁଆ), ଝିଲି (କାଣ୍ଡି ବା କାଢ଼ି) ଓ ପାପଡ଼ି ଇତ୍ୟାଦି ପୁରୀ ଜଗନ୍ନାଥଙ୍କ ଦେଉଳରେ, ସତ୍ୟବାଦୀ ଗୋପୀନାଥଙ୍କ ନିକଟରେ ଓ ଭୁବନେଶ୍ୱରର ଲିଙ୍ଗରାଜ ମହାଦେବଙ୍କଠାରେ ନାନା ପ୍ରକାରର ପିଠା ପୂର୍ବରୁ ଚଳି ଆସୁଅଛି, ଯଥା—

ପୁରୀ ଜଗନ୍ନାଥଙ୍କ ନିକଟରେ—ଜଗନ୍ନାଥବଲ୍ଲଭ, ଖଜା, ଗଜା, ଖୁରୁମା, ମଗଜଲଡ଼ୁ, ଛେନାଝାଡ଼ୁଆ, ଛେନାମାଣ୍ଡୁଆ, ଚନ୍ଦ୍ରକାନ୍ତି ଓ ଛିପୁରୀ; ସତ୍ୟବାଦୀ ଗୋପୀନାଥଙ୍କ ନିକଟରେ—ଗୋପାଳବଲ୍ଲଭ, ସରପୁଲି, କାକରା ଓ ଡାଲମ୍ବ, ଅମୃତ ରସାବଳୀ; ଭୁବନେଶ୍ୱର ଲିଙ୍ଗରାଜଙ୍କ ନିକଟରେ—ବସନ୍ତ ବା ବସନ୍ତ ଆରିସା, କାନ୍ତି ଓ ଡାଲମ୍ବ; ଏହାଛଡ଼ା ଆଧୁନିକ ଅନେକ ପ୍ରକାରର ନୂତନ ଧରଣର ପିଠା ମଧ୍ୟ ଲୋକେ କରୁଅଛନ୍ତି ।

ଗଞ୍ଜାମରେ ଲଙ୍କାମରିଚକୁ ପିଠଉରେ ବୁଡ଼ାଇ ଘିଅରେ ବା ତେଲରେ ଛାଣନ୍ତି ଏହାକୁ—ପକୌଡ଼ି କହନ୍ତି ।]

ପିଠା(ଠେ)ଇବା—ଦେ. କ୍ରି—ପିଠିଆଇବା (ଦେଖ)
Piṭhā(ṭhe)ibā Piṭhiāibā (See)

ପିଠାଉ—ଦେ. ବି—ପିଠଉ (ଦେଖ)
Piṭhāu Piṭhau (See)

ପିଠା ଓଷା—ଦେ. ବି—ପିଠା ଯାତ୍ରା (ଦେଖ)
Piṭhā oshā Piṭhā jātrā (See)

ପିଠା ଖଡ଼ିକା—ଦେ. ବି—ପିଠା ପାତିଆ (ଦେଖ)
Piṭhā khaṛḍikā Piṭhā pātiā (See)

ପିଠା ପଣା—ଦେ. ବି. (ସଂ. ପିଷ୍ଟକ ଓ ପ୍ରପାନକ)—
Piṭhā paṇā ଉତ୍ସବ ଆଦିରେ ଖିଆଯିବା ନାନା ପ୍ରକାରର ମିଷ୍ଟାନ୍ନ—Sweetmeats and cakes taken during festivities.

ପିଠା ପଥୁରୀ—ପ୍ରାଦେ. (ଯାଜପୁର) ବି—
Piṭhā pathuri ପଥରରେ ତିଆରି ପତଳା ତାଉଆ—
A thin pan made of stone.
[ଦ୍ର—ଏଥିରେ ଚକୁଳି ପିଠା ହୁଏ ।]

ପିଠା ପାତିଆ—ଦେ. ବି —ଲୁହା ଖଡ଼ିକା; ଚକୁଳି ଆଦି ପଠାରୁ ପଲମରୁ
Piṭhā pātiā ଉଠାଇବା ନିମନ୍ତେ ଚଉଡ଼ାମୁହାଁ ଲୌହ ଦଣ୍ଡ—
A thin iron laddle broadened at one end to lift cakes from the pan.
ଚାଟୁ ପିଠା ପାତିଆ ଦୁହେଁ ଉଚ୍ଚ ଜାଗେ ।
କୃଷ୍ଣସିଂହ ମହାଭାରତ, ବନ ।

ପିଠା ଫଳ—ପ୍ରାଦେ. (ଗଞ୍ଜାମ) ବି—ନେଉଆ ଫଳ—
Piṭhā phaḷa The bullocks heart (fruit).

ପିଠା ଯାତ୍ରା—ଦେ. ବି—ବଡ଼ ଓଷା; କାର୍ତ୍ତିକ ପୂର୍ଣ୍ଣିମା ସମୟରେ କଟକ
Piṭhā jātrā ନଗରର ନିକଟବର୍ତ୍ତୀ ଆଠଗଡ଼ ରାଜ୍ୟର ଧବଳେଶ୍ୱର ମହାଦେବଙ୍କ ନିକଟରେ ହେବା ଯାତ୍ରା—
A festival observed at Dhabaḷeśwara near Cuttack in which cakes and gruel are offered to the Deity.
[ଦ୍ର—ଏ ଯାତ୍ରାରେ ଲୋକମାନେ ବିଶେଷ ପରିମାଣରେ ଜୁଣ୍ଟି କୁଅନ୍ତି । ମଣ୍ଡା ଓ ଖିରିସା ଠାକୁରଙ୍କୁ ଭୋଗ ଲାଗେ ।]

ପିଠାଳୁ—ପ୍ରାଦେ. (ମେଦିନୀପୁର) ବି. (ତୁଳ. ବଂ. ପିଠାଲି)—
Piṭhāḷu ପିଠଉ (ଦେଖ)—Piṭhau (See)

ପିଠି—ଦେ. ବି. (ସଂ. ପୃଷ୍ଠ)—
Piṭhi ୧ । ପୃଷ୍ଠ ଦେଶ; ଜୀବ ଦେହର ପେଟର ବିପରୀତ ବା
पिठ **पीठ** ଉପରସ୍ଥ ଅଂଶ—1. Back.
(ପେଟ—ବିପରୀତ) ଅରେ ଶକୁନ ଯା ଧରିବୁ ପଣ କାଟି
ଯେଣୁ କାଣ୍ଡ ହୋଇଣ ଗଳିବ ପିଠି । କୃଷ୍ଣସିଂହ, ମହାଭାରତ, ସଭା ।

୨ । କୌଣସି ପଦାର୍ଥର ଉପରି ଭାଗ—
2. The surface of a thing.

୩ । ପଦାର୍ଥର ଗୋଟିଏ ପାଖ—
3. One side of a thing.
ଆର ପିଠି ଦର୍ପଣରେ ମୁଖ ନ ଦିଶଇ । ପ୍ରାଚୀ. ଗୁରୁଭକ୍ତି ଗୀତା ।

୪ । କୌଣସି ସ୍ଥାନକୁ ଯିବା ବା ଫେରିବାର ଏକ ଥର—
4. One trip of a double journey.
(ଯଥା—ରିପ୍ଲାଇ କାର୍ଡ଼ର ପ୍ରେରକ ଦୁଇ ପିଠିର ଡାକ ମାସୁଲ ଦେଇଥାନ୍ତି ।)

୫ । ପଛ ପାଖ—5. Back side of a thing.
ଏ ପ୍ରେମ ମୋତେ ନ ଲଭଇ
ଦର୍ପଣ ପିଠି ପ୍ରାଏ ହୋଇ । ଭୂପତି. ପ୍ରେମପଞ୍ଚାମୃତ ।

୬ । ପକ୍ଷ; ତରଫ—6. Side; party.
ଏଥା କର ପିଠିରୁ ହେବାକୁ ପଡ଼େ । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପିଠିଆ—ଦେ. ବି—କଳା ପିଠିଆ; କଳା ବେଠିଆ, ଜଗନ୍ନାଥଙ୍କ ରଥ
Piṭhiā ଟାଣିବା ଲୋକ—Puller of the car of Jagannātha.

ସଂ. ବଣ. ପୁଂ—୧ । ସର୍ବଦା ମାଡ଼ ଗାଳି ଖାଇ ଖାଇ ଗର୍ଯ୍ୟା
ପିଠେଇ } ସ୍ତ୍ରୀ ହେବାରୁ ଯେ ମାଡ଼ ଗାଳି ଆଦରକୁ ଖାତର କରେ
ପିଠୋଇ } ନାହିଁ—1. Not caring for rebukes or
पिट्ठु thrashing (being habituated to rebukes or thrashings).

୨ । ପୃଷ୍ଠଯୁକ୍ତ (ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁଜ୍ୟ)—
2. Having back like.
(ଯଥା—ପଲଙ୍କ ପିଠିଆ ।)

୩ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ) ପିଠି ବୁଲାଇଥିବା—
3. Having one's back towards.
(ଯଥା—ଖରା ପିଠିଆ ହୋଇ ବସିବା ।)

୪ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ) ପିଠିରେ କାର୍ଯ୍ୟ କରିବା—
4. Carrying on different works with the back.
(ଯଥା—ଦ ପିଠିଆ ବଳଦ ଅର୍ଥାତ୍ ଯେଉଁ ବଳଦ ଶଗଡ଼ ଓ ହଳରେ ଲାଗେ ।)

ପ୍ରାଦେ. (ସମ୍ବଲପୁର) ବଣ—ଅନୁଜ; କନିଷ୍ଠ (ଭାଇ)—
(ଉଠିଆ—ବିପରୀତ) Younger (brother).

ପିଠିଆଇବା—ଦେ. କ୍ରି. (ଓଡ଼ିଆ ପିଠି ଶବ୍ଦରୁ ନିଷ୍ପନ୍ନ ନାମ ଧାତୁ)—
Pithiāibā ୧ । ପିଠି ଆଡ଼କୁ ବୁଲାଇବା—
पीठदेना, पीठ दिखाना 1. To turn one's back upon.
(ପିଠେଇବା—ଅନ୍ୟରୂପ) ବାଣକୁ ମାରିଗଣ ଖେଣ କଲିଅଇ ।
ପଳାଇଲେ ଦାନବେ ଶତ୍ରେ ପିଠିଅଇ ।
କୃଷ୍ଣସିଂହ. ମହାଭାରତ ବନ ।

୨ । ଖରା ବା ବର୍ଷାକୁ ପିଠି ଦେଖାଇବା ବା ପଡାଇବା—
2. The expose one's back to the sun or rain.

୩ । କୌଣସି ବସ୍ତୁକୁ ଟେକିବା ବା ଠେଲିବା ପାଇଁ ପିଠି ଲଗାଇବା—3. To put one's back to lift or push a thing.

୪ । ମାଡ଼ଗାଳିକୁ ଭ୍ରୂକ୍ଷେପ ନ କରିବା—
4. Not to care for rebukes or thrashing.

୫ । ଆଦେଶ ଆଦି ଅମାନ୍ୟ କରିବା—
5. To disregard or disobey an order.

୬ । ଖାତିର ନ କରିବା—6. To ignore.

ପିଠିଆ ଉଠିଆ—ପ୍ରାଦେ. (ସମ୍ବଲପୁର) ବଣ. (ବିପରୀତ ସହଚର)—
Pithiā uthiā ଅଗ୍ରଜ ଓ କନିଷ୍ଠ (ଭାଇମାନେ); ଏକୋଦର ପ୍ରସୂତ—Utrine (brothers).

ପିଠି ଅଡ଼ିବା—ଦେ. କ୍ରି—ପ୍ରହାର ଗ୍ରହଣ ପ୍ରସ୍ତୁତ ହୋଇ ପିଠି ପତାଇ କରି
Pithi ardibā ରହିବା—To wait with one's back ready to take a blow.

ପିଠି ଅଡ଼େଇବା—ଦେ. କ୍ରି—କୌଣସି ସ୍ଥାନରୁ ଚାଲିଯିବା—
Pithi ārdeibā To go away from or leave a place.
(ପିଠି ଅଡ଼େଇ ଦେବା—ଅନ୍ୟରୂପ) (ଯଥା—ଶିହାଳୀରୁ ମୁଁ ପିଠି
पीठ दिखाकर जाना; पीठ फेरना ଅଡ଼େଇ ଦେଲିଁ ଦେଲିଁ ପିଲାମାନେ ଗୋଳ ଆରମ୍ଭ କରିବେ ।)

ପିଠିଆ ବଳଦ—ଦେ. ବି—ଯେଉଁ ବଳଦ ପିଠିରେ ଭାର ବହେ; ପଲାଣ
Pithiā balada ବୁହା ବଳଦ; ଯୋଢ଼ିଆ ବଳଦ—
Pack-bullock.

ପିଠିଆ ଭାଇ—ପ୍ରାଦେ. (ସମ୍ବଲପୁର) ବି—ସାନଭାଇ—
Pithiā bhāi Younger brother.

ପିଠି କରିବା—ଦେ. କ୍ରି—୧ । ପଛଆଡ଼କୁ ବୁଲିଯିବା—
Pithi karibā 1. To turn one's back.

୨ । ଅମାନ୍ୟ କରିବା—2. To disobey.
ତାହାଙ୍କୁ କହୁଛୁ ମୋତେ କର ପିଠି । କୃଷ୍ଣସିଂହ. ମହାଭାରତ ବନ ।

୩ । ପୃଷ୍ଠଭଙ୍ଗଦେବା; ଲେଉଟି କରି ଶତ୍ରୁଆଡ଼କୁ ପିଠି-ଦେଖାଇବା—3. To turn one's back and fly away from battle.
ଗଙ୍ଗେ ସେ ଯାଉରେ ନ କର ପିଠିକି
ବୋଇଲେ କହ ଯାଉ ଭୀଷ୍ମ ରଖାଃକ । କୃଷ୍ଣସିଂହ. ମହାଭାରତ ବନ ।

୪ । କୌଣସି ବ୍ୟକ୍ତି ନିକଟରୁ ବା କୌଣସି ସ୍ଥାନରୁ ଚାଲିଯିବା—
4. To leave a place or person.
ଏରୂପେ କହି ବ୍ୟାସ ଅନ୍ତର ଉଠିଲେ
ଯାଉଛି ବୋଲି ପାଣ୍ଡବଙ୍କୁ ପିଠି କଲେ । କୃଷ୍ଣସିଂହ. ମହାଭାରତ ବନ ।

୫ । ଅନୁପସ୍ଥିତ ହେବା—5. To be absent.

୬ । ଅନାଦର କରିବା; ତତ୍ତ୍ୱ ନ ନେବା; ନ ପଚାରିବା—
6. Not to take care of a thing.

୭ । ଭୁଲିଯିବା—7. To forget.

ପିଠି କାମୁଡ଼ା—ଦେ. ବି. (ସଂ. ପୃଷ୍ଠ + କବଳ)—(ଲକ୍ଷଣାର୍ଥ)
Pithi kāmurdā ପରୋକ୍ଷରେ ବା କୌଣସି ବ୍ୟକ୍ତିର
पीठ पीछे बुराकहना ଅନୁପସ୍ଥିତିରେ ତାହାର ନିନ୍ଦାବାଦ; ଚୁଗୁଲି—
(ପିଠିକାମୁଡ଼ିବା; ପିଠିରେ କାମୁଡ଼ିବା—କ୍ରିୟାରୂପ) Backbiting.
ଦେ. ବଣ. ପୁଂ—ଚୁଗୁଲିଆ; ଅନୁପସ୍ଥିତ ବ୍ୟକ୍ତିର ନିନ୍ଦାକାରୀ
(ପିଠିକାମୁଡ଼ୀ—ସ୍ତ୍ରୀ) Backbiting; speaking evil of a person behind his back.

ପିଠିକି(କୁ)କନା ପେଟକୁ ଦାନା—ଦେ. ବି—ମନୁଷ୍ୟପାଇଁ ଦୁଇଟି ଭ
Pithiki(ku)kanā petaku dānā ଦରକାରୀ ପଦାର୍ଥ—
Raiment (for the back) and food (for the belly).

ପିଠି କୁଣ୍ଡେଇ ହେବା—ଦେ. ବି—(ଲକ୍ଷଣାର୍ଥ) ମାଡ଼ ଖାଇବାପାଇଁ
Pithi kundei hebā ପିଠିରେ କଣ୍ଡୁ ଉତ୍ପନ୍ନ ହେବା—
(ପିଠି ଗଲୁ କରିବା—ଅନ୍ୟରୂପ) (figurative) The itching
पिठचुलकन of one's back to get a sound thrashing.
(ଯଥା—ତୁ ଜାଣି ଶୁଣି ଅନ୍ୟାୟ କରୁଛୁ ! ତୋର କଅଣ ପିଠି କୁଣ୍ଡେଇ ହେଉଛି କି ?)

ପିଠି ଘୃପ(ପୁ)ଡ଼ା ଡ଼େ)ଇବା—ଦେ. କ୍ରି—୧ । ସ୍ନେହ ବା ଆଦରର
Pithi chāpa(pu)rdā(rde)ibā ଚିହ୍ନ ସ୍ୱରୂପ କୌଣସି ବ୍ୟକ୍ତିର
ପିଠିରେ ହାତମାରିବା } ଅନ୍ୟରୂପ ପିଠିରେ ଧୀରେ ଧୀରେ
ପିଠିରେ ହାତବୁଲା(ଲେ)ଇବା } ଘୃପୁଡ଼ା ମାରିବା—
पिठ ठोंकना 1. To pat on one's back in fondness.

୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତି କଥଁଲେଇ ସଥଁଲେଇ କଥା କହିବା—2. (figurative) To cajole; to wheedle.

୩ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିଙ୍କୁ ଉତ୍ସାହିତ କରିବା—3. (figurative) To encourage a person.

ପିଠିଛାଟ—ପ୍ରାଦେ. (ଗଡ଼ଜାତ) ବି—ଚିତ ହୋଇ ଶୋଇ ବଳ ଭାଙ୍ଗିବା—Piṭhichhāṭa Cutting somersault while lying on the back.

ପିଠି ଦେବା—ଦେ. କ୍ରି—୧ । (ଯୁଦ୍ଧରେ) ପୃଷ୍ଠଭଙ୍ଗ ଦେବା—Piṭhi debā 1. To turn one's back (in the battle).

୨ । ପିଠି କରିବା (ଦେଖ)—2. Piṭhi karibā (See)

ପିଠି ପେଟ ଲାଗିବା—ଦେ. ବି—୧ । କ୍ଷୁଧା ବା ଉପବାସଯୋଗୁଁ ପେଟ ଭିତରଆଡ଼କୁ ପଶିଯିବା—Piṭhi peṭa lāgibā 1. The sinking of the belly to the wall of the back on account of starvation.

ପିଠିପେଟ ଲାଗିଯିବା, ପିଠିରେ ପେଟ ଲାଗିବା, ପିଠିକି(କୁ)ପେଟ ଲାଗିଯିବା, ପିଠିକି(କୁ)ପେଟ ପଶିଯିବା, ପିଠିପେଟ ଏକ ହେବା } ଅନ୍ୟରୂପ

୨ । ଅତି ଶୀର୍ଣ୍ଣକାୟ ହେବ ଅବସ୍ଥା—2. Emaciation.

ପିଠି ବୁଲ(ଲେ)ଇବା—ଦେ. କ୍ରି—ପିଠି କରିବା (ଦେଖ)—Piṭhibulā(le)ibā Piṭhi karibā (See)

ପିଠିମାଛ—ଦେ. ବି—୧ । ଏକପ୍ରକାର ମାଛ—Piṭhimāchha 1. A species of fish.

୨ । ବଡ଼ମାଛର ପିଠି ଅଂଶ—2. The back part of a fish.

ପିଠିର—ପ୍ରାଦେ. (ସମ୍ବଲପୁର) ବିଣ—କନିଷ୍ଠ (ଭାଇ ଓ ଭଉଣୀ)—Piṭhira Younger (brother or sister).

ପିଠିରେ କାମୁଡ଼ିବା—ଦେ. କ୍ରି—(ସଂ. ପୃଷ୍ଠ+କବଳ)—Piṭhire kāmuṛḍibā ୧ । (ଲକ୍ଷଣାର୍ଥ) ଚୁଗୁଲି କରିବା; କୌଣସି ବ୍ୟକ୍ତିର ଅନୁପସ୍ଥିତିରେ ତାହାର ନିନ୍ଦା କରିବା—1. (fig.) To backbite; to speak evil of a person behind his back.

ପିଠେ କାମଡ଼ାନ — **पीठ पीछे बुराकहना**

୨ । (ଲକ୍ଷଣାର୍ଥ) ଅପ୍ରତୀକରଣୀୟ ଅନିଷ୍ଟ କରିବା—2. (figurative) To injure a person without his being able to remedy or retaliate.

ପିଠିରେ ଖାଇବା—ଦେ. କ୍ରି—୧ । ମାଡ଼ ଖାଇବା—Piṭhire khāibā 1. To be beaten.

(ପିଠିରେ ପାଇବା—ଅନ୍ୟରୂପ) ମାରଖାଓ୍ୱା **पीठपरखाना**

ପିଠିରେ ପଡ଼ିବା—ଦେ. କ୍ରି—(ଲକ୍ଷଣାର୍ଥ) ପକ୍ଷ ସମର୍ଥନ କରିବା; ସହାୟ ହେବା; ରକ୍ଷା କରିବା—Piṭhire paṛḍibā To back; to support; to render help; to protect.

ପିଠି ହାଡ଼—ଦେ. ବି—ମେରୁଦଣ୍ଡ—Piṭhi haṛḍa Back bone.

ଦଣ୍ଡ ଦେଲେ ସାହଣ ମାରିଲେ ମହତ
ଭୂମେ ପଡ଼ ପାଟେ ହେବଲେ ମେରୁ ହାଡ଼ / କୃଷ୍ଣସିଂହ ମହାଭାରତ ବନ

ପିଠୁଆର—ଦେ. ବି—ତରକାରୀରେ ବାଟିଦିଆଯିବା ମସଲାବଟା ପାଣି—Piṭhuāra Spice paste added to curry for giving it flavour.

ପିଠେଇ—ଦେ. ବିଣ—ପିଠିଆର ସ୍ତ୍ରୀଲିଙ୍ଗ—Piṭhei Feminine of Piṭhia

(ପିଠୋଇ—ଅନ୍ୟରୂପ)

ପିଠୋଉ—ଦେ. ବି—ପିଠଉ (ଦେଖ)—Piṭhou Piṭhau (See)

ପିଠୋ(ଠୌ)ଣି—ଦେ. ବି—(ସଂ. ପିଷ୍ଟପର୍ଣ୍ଣୀ, ପୃଶ୍ନିପର୍ଣ୍ଣୀ—ପୃଶ୍ନିପର୍ଣ୍ଣୀ (ଦେଖ)—Piṭho(ṭhau)ṇi Pruśniparṇṇī (See).

ପିଠୋଲ—ଦେ. ବି—୧ । ଛାଞ୍ଚରେ ଢଳା ହୋଇ ପିଠା ଆକୃତିରେ ତିଆରି କରାଯାଇଥିବା ଏକପ୍ରକାର କନ୍ଦ—Piṭhola 1. A kind of sugar manufactured in the form of cakes.

पिठौरी

୨ । ବନଜାତ ଆଳୁବିଶେଷ—2. A kind of wild yam.

[ଦ୍ର—ଏହାକୁ କଞ୍ଚା ଓ ସିଝାଇ କରି ଖାଆନ୍ତି ।]

ପିଡ଼କ—ସଂ. ବି—୧ । ଛୋଟ ବ୍ରଣ—Piṛḍaka 1. Small boil; pimple.

୨ । ଫୋଟକା—2. Blister.

ପିଡ଼ଙ୍ଗ—ଦେ. ବି—(ସଂ. ଶୃକ୍କା)—ଶିମ୍ବାଦି ବର୍ଗର ବର୍ଷାୟୁଃ ଶାକ ବିଶେଷ—Piṛḍaṅga A pot herb; Trigonella Corniculata.

ସଂ. ନାମ—ଶୃକ୍କା, ଅସୃକ୍, ବ୍ରାହ୍ମଣୀ-ଦେଶ, ମରୁନ୍ମାଳା, ଲତା, ଲଘୁ, ସମୁଦ୍ରାନ୍ତା, ବଧୂ, କୋଟ, ବର୍ଷା; ଲଙ୍କାପିକା—ପିଡ଼ିଙ୍ଗ, ପିଡି, ପିଡ଼ଙ୍ଗ

असबरग असबरकपूरी

ମ. ଶୃକ୍କା, ଗାଗୌଣା

ତେ. ଶୃକ୍କଥକେଡୁ ଦ୍ରବ୍ୟ ମୁ

ଫା. ଅସବରଗ୍

[ଦ୍ର—ପକ୍ ଭଜପାଲଥ, ଭୁଇଁ ଚେପଟା ଓ ବଙ୍କା, ଗଛ ମେଥି ଗଛ ପରି । ଏହା ଶାଗରୂପେ ଖିଆଯାଏ । ବୈଦ୍ୟଙ୍କ ମତରେ ଏହା ମଧୁର ତିକ୍ତ ରସ । ଶୀତବୀର୍ଯ୍ୟ, ଶୁକ୍ର ବର୍ଦ୍ଧକ, ତ୍ରିଦୋଷ ନାଶକ ଏବଂ ଏହା କୁଷ୍ଠ, କଣ୍ଡୂ, ବଣ,ଘର୍ମ, ଦାଦ, ଅଲକ୍ଷ୍ମୀ, ଜ୍ୱର ଓ ରକ୍ତଜ ବ୍ୟାଧି-ବିନାଶକ ।]

ପି. ଡବ୍ଲ୍ୟୁ. ଡି—ବୈଦେ. ବି—(ଇଂ)—ସାଙ୍କେତିକ, ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟ ଏହି ତିନି ଶବ୍ଦର ପ୍ରଥମ ଇଂରାଜୀ ଅକ୍ଷର ନେଇ)—ସରକାରଙ୍କ ବାରତ ମିସ୍ତିରି ବିଭାଗ; ପୂର୍ତ୍ତବିଭାଗ—Pi ḍablyu. ḍi P. W. D. Public Works Department of the Government.

[ଦ୍ର–ଇଂରାଜୀ ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟର ଅର୍ଥ ସର୍ବ-ସାଧାରଣ କର୍ମବିଭାଗ । କେହି କେହି ଏହାକୁ D. P. W. ଡି. ପି. ଡବ୍ଲ୍ୟୁ ମଧ୍ୟ ଲେଖନ୍ତି ।]

ପିଡ଼(ଢ଼)ର—ପ୍ରାଦେ. (ଗଞ୍ଜାମ)—ବୈଦେ. (ଇଂ) ବି. (ଇଂ. ପ୍ଲିଡ଼ର) ଓକିଲ—Pirḍa(rḍha)ra Pleader.

ପିଡ଼(ଢ଼)ର ପାଇଟି—ପ୍ରାଦେ. (ଗଞ୍ଜାମ) ବି.—୧ । ଓକାଲତି—Pirḍa(rḍha)ra pāiṭi 1. Pleadership,

୨ । ଓକିଲ ବ୍ୟବସାୟ –
2. The profession of a pleader.

ପିଢ଼ଅ—ଦେ. ବି. (ପିଣ୍ୟାକ=ସ୍ତୁପି ପିଢ଼ଅ)—ତେଲ ବାହା ପେଡ଼ା
Pirdia ହୋଇ ସେଥିରୁ ତେଲ ନିଷାସିତ ହେବା ପରେ ବଳିଥିବା
ସଂ. ପିଣ୍ୟାକ; ତେଲ ପିଣ୍ଡାକ; ଖଳ ପଦାର୍ଥ—Oil-cake.
ଖଇଳ **ଖଳି**

ପିଢ଼ିଖି—ଦେ. ବି.–ପିଢ଼ିପିଢ଼ିଅ (ଦେଖ)
Pirdikhi Pirdipirdia (See)

ପିଢ଼ିପିଢ଼ିଅ—ଦେ. ବି. (ସଂ. ବଡ଼ାଲାକ୍ଷ)—୧ । କୁନ୍ଦୁରୁଖଟି (ଦେଖ)
Pirdipirdia 1. Kundurukhati (See)
୨ । (ସଂ. ଚଣ୍ଡୀ) ଦେଶୀ ଲତା (କବିରାଜ ହରେକୃଷ୍ଣ ଦ୍ରବ୍ୟଗୁଣ)—
2. A creeper.

ପିଢ଼ୁଅ—ଦେ. ବି—୧ । ପିଢ଼ଅ (ଦେଖ)
Pirdua 1. Pirdia (See)
ପ୍ରାଦେ. (ସମ୍ବଲପୁର) ବି—ବନଜାତ ଦ୍ରବ୍ୟବିଶେଷ—
A forest produce.

ପିଢ଼—ଦେ. ବି. (ସଂ. ପୀଠ)—୧ । ଚଉତରା; ବେଦୀ—
Pirdha 1. An altar; platform.
ପାଁଢ଼ୀ; ପିଢ଼ୀ ୨ । ପୀଠସ୍ଥାନ—
ପୀଢ଼ା, ପୀଢ଼ୀ 2. A famous or sacred place.
୩ । ଗୃହଚାଳର ସର୍ବୋଚ୍ଚ ସ୍ଥାନ—
3 The summit of a thatch.
୪ । ବଂଶାନୁଗତ ପୁରୁଷ; ପୋସ୍ତାନୀ—
4. Successive generation of a family.
୫ । ଉଚ୍ଚ ହୁଡ଼—5. A high ridge.
୬ । ପୂର୍ବ ପୁରୁଷଙ୍କ ଆସ୍ଥାନ—6. Ancestral seat.
୭ । ଦେବମୂର୍ତ୍ତିର ମୂଳ ଆସ୍ଥାନ—
7. The pedestal of an idol.
୮ । ବାଜି; ଜୁଆଖେଳରେ ରଖାଯିବା ପଣ—8. Wager.
ପୁଷ୍କର ତୁ ଅସ ଅମ୍ଭେ ପଶା ଖେଳିବା
ଯେତେ ଧନ ବୋଲିବୁ ତୁ ପିଢ଼ି କରିବା । ପ୍ରାଚୀ- ନଳଚରିତ ।
ହେଲେ କରିବା ପିଢ଼ ଜଳ,
ସଂଗ୍ରାମେ ଯେ ଯାହାକୁ ହାର । ଜଗନ୍ନାଥ. ଭାଗବତ ।
୯ । ବାସସ୍ଥାନ; ବସତି—9. Residence.
(ଯଥା—ଭୂୟାଁ ପିଢ଼)
୧୦ । ରଜାଙ୍କ ଅଧୀନସ୍ଥ ଜଙ୍ଗଲି କ୍ଷୁଦ୍ର ରାଜ୍ୟ—
10. A small principality under a Raja.
୧୧ । ଗଦା; ରାଶି; ସ୍ତୂପ—11. Heap.
ପ୍ରାଦେ. (ସିଂହଭୂମ) ବି—କୋଲ୍ହ, କନ୍ଧ, ଶବରଆଦି ଅନାର୍ଯ୍ୟଙ୍କର
ବସତି ବା ଗ୍ରାମମାନଙ୍କର ସମବାୟ—A union of
villages of the Aborigines.

ପିଢ଼ା—ଦେ. ବି. (ସଂ. ପୀଠ)—୧ । ତଳେ ବସିବାର ଭୂଇଁମୁଣ୍ଡରେ
Pirdha ଗୋଡ଼ଥିବା କାଷ୍ଠାସନ—1. A low wooden
ପିଢ଼ୀ, ପିଁଢ଼ା stool or platform.
ପାଢ଼ା ବସି ହିଁକେ ପିଢ଼ାରେ ଗୋଡ଼ ଦେଲେ ଧୋଇ ।
କୃଷ୍ଣସିଂହ. ମହାଭାରତ. ସଭ ।
୨ । ଖାଇ ବସିବାର କାଷ୍ଠାସନ—2. A stool or seat
sitting on which people take meals.
୩ । ଗୃହର ଚାଳର ମଥାନ—
3. The ridge of a thatch.
ପିଢ଼ାରେ ସୁବର୍ଣ୍ଣ କଳସେ
ତୋରଣ କଦଳୀ ହରଷେ । ଜଗନ୍ନାଥ. ଭାଗବତ ।
୪ । ଘରର ଚାଳର ଉପର ପାଖ—4. The outer portion
of the thatch of a house.
ଗ୍ରେତମାନେ ତଳଣେ ଏକଟା ଜାଣିପାରି ସେହିଦିନ ଘରରେ ତାହା ପିଢ଼ା ବା ବାଡ଼ରୁ
ଫଳ କଢ଼ଲୀଶା କଷ୍ଟ ବଳର ଧାନ ଗ୍ରେଷ କରି ନେଉଥାନ୍ତି ।
ଫକୀରମୋହନ, ଛଅମାଣଅଠଗୁଣ୍ଠ ।

ପିଢ଼ାପାଣି—ଦେ. ବି. (ସହଚର ଶବ୍ଦ)—ଖାଇବା ପୂର୍ବରୁ ଆବଶ୍ୟକୀୟ
Pirdhapani ଦୁଇ ଗୋଟି ପ୍ରଧାନ ବସ୍ତୁ; ଯଥା—ବସିବାକୁ ପିଢ଼ା
ଓ ଖାଇବା ସ୍ଥାନରେ ଓ ପତ୍ରରେ ଛିଞ୍ଚିବାକୁ ଓ ପିଇବାକୁ
ପାଣି—A seat to sit on and water to drink
and sprinkle on the spot where a person
sits to take his meal.

ପିଢ଼ାପୁଅ—ପ୍ରାଦେ. (ଯାଜପୁର) ବି—ପୁଅପିଢ଼ା—
Pirdhapua A wooden doll.

ପିଢ଼ାମୁଣ୍ଡି—ପ୍ରାଦେ. (ବାଲେଶ୍ୱର) ବି—ଧାନବିଲରେ ଜନ୍ମୁଥିବା ଘାସ
Pirdhamundi ବିଶେଷ—A kind of weed growing
in paddy fields.

ପିଢ଼ି—ଦେ. ବି. (ସଂ. ପୀଠିକା)—୧ । ବଂଶାନୁକ୍ରମିକ ପୁରୁଷ—
Pirdhi 1. Generation.
ପିଢ଼ି (ଯଥା—ସିଦ୍ଧେଶ୍ୱରପୁରରେ ଆମର ପାଞ୍ଚ ପିଢ଼ି ଭୋଗ
ପୀଢ଼ୀ ହେଲାଣି ।)
୨ । ଉଚ୍ଚସ୍ଥାନକୁ ଆରୋହଣ କରିବା ନିମିତ୍ତ ପାଦପୀଠ—
2. A foot-stool.

ପିଢ୍ର—ପ୍ରାଦେ. (ଗଞ୍ଜାମ) ବୈଦେ. ବି. (ଇଂ. ପ୍ଲିଡ଼ର)—ପିଡ଼ର (ଦେଖ)
Pidhra Pirdar (See).

ପିଣ—ଗ୍ରା. ପ୍ରାଦେ. (କଟକସଦର) ଅ. (ସଂ. ପୁନଃ)—ପୁଣି; ପୁନର୍ବାର—
Pin Again.

ପିଣ୍ଡ୍ (ଧାତୁ)—ସଂ—ରାଶି କରିବା; ଗଦା କରିବା; ଏକତ୍ରିତ କରିବା—
Pind (root) To heap up; to gather together.

ପିଣ୍ଡ—ସଂ. ବି. (ପିଣ୍ଡ୍ ଧାତୁ+କର୍ମ. ଅ)—୧ । ପୁଞ୍ଜ; ରାଶି; ସମୂହ—
Pinda 1. Mass; collection.
୨ । ମେଣ୍ଟା—2. Lump.
୩ । ଗଦା; ରାଶି—3. Heap; mass.
୪ । ପେଣ୍ଡା; ଗୋଛା—4. Cluster; bunch.
୫ । ପରିମାଣ—5. Quantity.
୬ । ଜୀବିକା—6. Livelihood.
୭ । ଲୌହ—7. Iron.
୮ । ପିଣ୍ଡୁଳା; ଗୋଲା; ଗୋଲକ; ଗୋଟି—
8. A ball; a globe; a globular lump.

୯ । ଶ୍ରାଦ୍ଧରେ ପିତୃମାନଙ୍କୁ ଦେୟ ହାତରେ ବଳାଯାଇଥିବ ବଲ୍ଫଳାକାର ଅନ୍ନାଦ—9. An offering of rice etc made into a ball and offered to ancestors; funeral-cakes.
୧୦ । ଗୋଲ ପଦାର୍ଥ—10. A round thing.
୧୧ । ଦେହ; ଶରୀର —11. Body.
ତୋଠାରେ ମନ ପ୍ରାଣ ରଖି ଅଚ୍ଛିନ୍ନେ
ପିଣ୍ଡ ଧରଣ ବ୍ରଜସ୍ଥଲ ଦିନା ବନେ । କୃଷ୍ଣସିଂହ, ମହାଭାରତ, ଅଦ ।
୧୨ । ଅନ୍ନ ଗୁଣ୍ଡା, କବଳ, ଗ୍ରାସ—12. One mouthful of food made up into a ball; morsel.
୧୩ । ଘରର ପିଣ୍ଡା—13. Veranda; portico.
୧୪ । ବଳ; ଶକ୍ତି; କ୍ଷମତା—
14. Might; power; strength.
୧୫ । ଶିହ୍ଲକ; ଗୁଗ୍ଗୁଲ; କୁନ୍ଦୁରୁ ଖୁଣ୍ଟି; ସୁଗନ୍ଧ ଧୂପବିଶେଷ; ଲୋବାନ୍—15. Frankincense; Gum Olibanum.
୧୬ । ଓଡ୍ର ପୁଷ୍ପ; ମନ୍ଦାର ଫୁଲ—16. China rose.
୧୭ । ଖାଦ୍ୟ ସାମଗ୍ରୀ—17. Food.
୧୮ । ମାଂସ—18. Flesh; meat.
୧୯ । ମଦନ ବୃକ୍ଷ; ମହଣ ଗଛ—
19. A tree; Mimosa Catechu.
୨୦ । ଗଜ କୁମ୍ଭ—20. The projection on both the sides of an elephant's brow or forehead.
୨୧ । ଗର୍ଭସ୍ଥ ଭ୍ରୁଣ—21. Foetus; embriyo.
୨୨ । (ଗଣିତ) ରାଶିମାନଙ୍କ ସମଷ୍ଟି—
22. (arithmetic) The total of certain numbers.
୨୩ । (ଜ୍ୟୋତିଷ) ବୃତ୍ତ ଚକ୍ରର ଚତୁର୍ଥାଂଶର ୨୪ଶ ଭାଗ, ୩ ଡିଗ୍ରୀ ୪୫ ମିନଟ୍—23. (astronomy) The 24th part of the quardants of a circle; 3 degrees and 45 minutes.
୨୪ । ଟଟକା ଲହୁଣୀ—24. Fresh butter.
୨୫ । ଭୋଜନ; ଆହାର (ହି. ଶ.)—
25. Eating; taking meal.
ସ. ବିଶ. —୧ । ସଂଗ୍ରହୀକୃତ; ଏକୀଭୂତ—
1. Gathered into a lump.
୨ । ଘନ; ସାନ୍ଦ୍ର—2. Thick.
୩ । ଗୋଟାଳିଆ—3. Consisting of a lump.
୪ । ରାଶିକୃତ—4. Heaped up.
ଦେ. ବି.—୧ । ମୂଳ ଧନ—1. Capital.
୨ । ପିଆଜ ଆଦିର ଗୋଲାକାର ମୂଳ—.
2. Bulbous root; root stock.
୩ । ଗଣିତର ମୂଳ ସଂଖ୍ୟା—3. The root of a mathematical problem.

ପିଣ୍ଡକ—ସ. ବି. (ପିଣ୍ଡ+କ)—୧ । ଶିହ୍ଲକ ନାମକ ଧୂପ ଦ୍ରବ୍ୟ—
Pindaka 1. Frankincense; Gum Myrrh.
୨ । ପିଶାଚ—2. Fiend; goblin.
୩ । ଅସୁର; ରାକ୍ଷସ—2. Demon.
୪ । ପିଣ୍ଡାଳୁ—4. Yam.
୫ । ଗାଜର—5. Carrot.

ପିଣ୍ଡ କନ୍ଦ—ସ. ବି. (ବହୁବ୍ରୀହି)—ପିଣ୍ଡାଳୁ; ଖମ୍ବ ଆଳୁ—
Pinda kanda Yam.

ପିଣ୍ଡ କର୍କଟୀ—ସ. ବି.—ବୋଇତ କଖାରୁ (ହି. ଶ.) (ଦେଖ)
Pinda karkati Boiti kakhāru (See)

ପିଣ୍ଡ ଖର୍ଜୁର(ରୀ)—ସ. ବି.—(ପିଣ୍ଡାକାରରେ ଏକତ୍ର ବନ୍ଧା ହୋଇ ରଖା
Pinda kharjura (ri) ଯିବାରୁ) ଆରବ ଦେଶୀୟ ପାଚିଲା ଖଜୁରୀ କୋଳି; ପେଣ୍ଡି ଖଜୁରୀ—Arabian date fruits.

ପିଣ୍ଡତଗର—ସ. ବି.—ଏକ ପ୍ରକାର ତଗର (ଫୁଲ ଓ ଗୁଳ୍ମ)—
Pinda tagara A kind of Tagara (flower and plant).
ଅନ୍ୟ ସ. ନାମ—ଦଣ୍ଡହସ୍ତୀ ଓ ବର୍ହଣ

ପିଣ୍ଡଦ—ସ. ବିଣ. ପୁଂ—ଯେ ପୂର୍ବ ପୁରୁଷଙ୍କୁ ପିଣ୍ଡ ଦେବାର ଶାସ୍ତ୍ର
Pindada ଅନୁସାରେ ଅଧିକାରୀ—Entitled to offer the funeral cakes to an ancestor.
(ପିଣ୍ଡଦାତା, ପିଣ୍ଡଦାୟକ, ପିଣ୍ଡଦାୟୀ, ପିଣ୍ଡପ୍ରଦ—ଅନ୍ୟରୂପ)
ସ. ବି. ପୁଂ—୧ । ଯେ ପିତୃ ଲୋକଙ୍କୁ ପିଣ୍ଡ ଦିଏ—
1. One who offers funeral cakes to the departed ancestors.
୨ । ସପିଣ୍ଡ; ନିକଟସ୍ଥ ଆତ୍ମୀୟ—
2. Nearest male relation.
୩ । ମୁରବ୍ବୀ—Patron; guardian.
୪ । ଅନ୍ନଦାତା—4. Supporter.

ପିଣ୍ଡଦାନ—ସ. ବି. (୬ଷ୍ଠୀ ତତ୍)—ପିତୃଲୋକଙ୍କୁ ଶ୍ରାଦ୍ଧ ସମୟରେ
Pindadāna ପିଣ୍ଡ ଦେବା—Offering or presentation of funeral cakes to the manes.
(ପିଣ୍ଡ ନିର୍ବପନ, ପିଣ୍ଡ ପ୍ରଦାନ—ଅନ୍ୟରୂପ)

ପିଣ୍ଡ ଦିଆ—ଦେ. ବି.—ପିଣ୍ଡଦାନ (ଦେଖ)
Pinda diā Pinda dāna (See)
পিণ্ড দেওয়া पिण्ड देना

ପିଣ୍ଡ ଦେବା—ଦେ. କ୍ରି.—(ସ. ପିଣ୍ଡଦାନ)—ପିଣ୍ଡ ଦାନ କରିବା;
Pinda debā ପିତୃ ଲୋକଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଉତ୍ସର୍ଗ ବା ଅର୍ପଣ କରିବା—To offer funeral cakes to the deceased ancestors.
পিণ্ড দেওয়া पिण्ड देना
(ପିଣ୍ଡପକା(କେ)ଇବା—ଅନ୍ୟରୂପ)

ପିଣ୍ଡପାତ—ସ. ବି. (୬ଷ୍ଠୀ ତତ୍; ପିଣ୍ଡ+ପାତ)—୧ । ପିଣ୍ଡଦାନ (ଦେଖ)
Pindapāta 1. Pindadāna (See)

ପିଣ୍ଡପାଦ—ସ. ବି. (ବହୁବ୍ରୀହି)—ହସ୍ତୀ—
Pindapāda Elephant.

ପିଣ୍ଡପୁଷ୍ପ—ସ. ବି. (ବହୁବ୍ରୀହି)—ଅଶୋକ ଫୁଲ—1. The Asoka
Pinda pushpa flower; Janesia Asoka.
୨ । ପଦ୍ମ—2. Lotus.

୩ । ମନ୍ଦାର—3. China rose.

୪ । ଟଗର ଫୁଲ—4. The Coronaria (flower).

ପିଣ୍ଡଫଳା—ସ. ବି. (ବହୁବ୍ରୀହି)—ପିତା ଲାଉ—
Pindaphalā Bitter gourd.

ପିଣ୍ଡବୀଜ—ସ. ବି. (ବହୁବ୍ରୀହି; ଯାହାର ବୀଜ ପିଣ୍ଡ ବା ଗୋଲ)—
Pindabija କଣିଅର ଗଛ—Bastard Oleander, (ପିଣ୍ଡବୀଜକ—ଅନ୍ୟରୂପ) yellow oleander.

ପିଣ୍ଡ ବ୍ରହ୍ମାଣ୍ଡ—ଦେ. ବି—ଶରୀର ରୂପକ ସଂସାର—
Pinda brahmānda The body imagined to be the universe.

ଏ ପିଣ୍ଡ ବ୍ରହ୍ମାଣ୍ଡ ସ୍ୱାମୀ ଅର୍ଗଳରେ ରଖିଛ ।
ସ୍ୱାମୀ, ବ୍ରହ୍ମନିରୂପଣ ଗୀତା ।

ପିଣ୍ଡଭାକ୍—ସ. ବି. ପୁଂ ଓ ସ୍ତ୍ରୀ (ପିଣ୍ଡ+ଭଜ ଧାତୁ+କର୍ତ୍ତୃ. କ୍ୱିପ୍)—
Pindabhāk ସନ୍ତାନ ସନ୍ତତିଙ୍କ ପ୍ରଦତ୍ତ ପିଣ୍ଡକୁ ଯେଉଁ ପୂର୍ବ ପୁରୁଷ ଗ୍ରହଣ କରନ୍ତି—(ancestors) Partaking of or receiving funeral cakes offered by the descendants.

ପିଣ୍ଡଭାଗୀ—ସ. ବିଣ. ପୁଂ. (ପିଣ୍ଡ+ଭଜ୍ ଧାତୁ+କର୍ତ୍ତୃ. କ୍ୱିପ୍+ଇନ୍;
Pindabhāgi ୧ମା. ୧ବ; ପିଣ୍ଡଭାଗିନ୍ ଶବ୍ଦ)—ପିଣ୍ଡଭାକ୍
(ପିଣ୍ଡଭାଗିନୀ—ସ୍ତ୍ରୀ) (ଦେଖ)—Pindabhāk (See)

ପିଣ୍ଡମୂଳ—ସ. ବି. (ବହୁବ୍ରୀହି)—
Pindamūla ୧ । ଗର୍ଜର; ଗାଜର—1 Carrot.

୨ । ଶାଲଗମ୍ (ହି. ଶ.)—2. Turnip.

ପିଣ୍ଡରୋଗ—ସ. ବି. (ବହୁବ୍ରୀହି)—୧ । ଯେଉଁ ରୋଗ କୌଣସି ବ୍ୟକ୍ତିର
Pinda roga ଦେହର ସ୍ଥାୟୀ ହୋଇ ରହିଅଛି (ହି. ଶ.)—
1. A chronic disease.

୨ । କୁଷ୍ଠ ରୋଗ (ହି. ଶ.)—2. Leprosy.

ପିଣ୍ଡଲେପ—ସ. ବି. (୬ଷ୍ଠୀ ତତ୍; ପିଣ୍ଡ+ଲେପ)—
Pindalepa ଲେପ ଭାଗ; ପିତୃ,ପିତାମହ, ପ୍ରପିତାମହଙ୍କୁ ପିଣ୍ଡ ଦେବା ସମୟରେ ତାଙ୍କ ଉପରର ୩ ପୁରୁଷଙ୍କୁ ଯେଉଁ ଛୋଟ ପିଣ୍ଡମାନ ଦିଆଯାଏ—Smaller rice cakes offered to one's great great grand-fathers, his father and grand-father during a Śraddha.

ପିଣ୍ଡଲୋପ—ସ. ବି. (୬ଷ୍ଠୀ ତତ୍; ପିଣ୍ଡ+ଲୋପ)—୧ । ବଂଶ ଲୋପାବ
Pindalopa ଜନିତ ପିତୃ ଲୋକଙ୍କୁ ଦିଆ ଯାଉଥିବା ପିଣ୍ଡ ଦାନ ବନ୍ଦ ହେବା—1. The cessation of funeral offering due to the extinction of a family.

୨ । ନିର୍ବଂଶ ଅବସ୍ଥା—2. Extinction of a family.

ପିଣ୍ଡ ଲୋପ ହେବା—କୁଳ ବୁଡ଼ିଯିବା; ନିର୍ବଂଶ ହେବା—
Pinda lopa hebā The extinction of a family.
পিণ্ড লোপ হওয়া ପାଙ୍ଗଣିତ ଅମ୍ଭଙ୍କୁ ଦେଉଛନ୍ତି ଶାପ
पिंड लोप होना ଅମ୍ଭେ ମଲେ ଅମ୍ଭର ପିଣ୍ଡ ହେବ ଲୋପ ।
କୃଷ୍ଣସିଂହ, ମହାଭାରତ, ଅନୁଶାସନ ।

ପିଣ୍ଡା—ସ. ବି. (ପିଣ୍ଡ+ଅ)—
Pindā ୧ । ଇସ୍ପାତ—1. Steel.

୨ । କସ୍ତୁରିବିଶେଷ—2. Musk.

୩ । ହଳଦୀ (ହି. ଶ.)—3 Turmeric.

୪ । ବଂଶପତ୍ରୀ; ବାଉଁଶ ପତ୍ରପରି ଘାସ (ହି. ଶ.)—
4. A kind of grass.

বারান্দা ଦେ. ବି. (ସ. ପିଣ୍ଡ)—ଘର ଆଗ; ଦାଣ୍ଡିଆ—
बसारा, बरांडा Veranda; portico.

ପିଣ୍ଡାବସା—ଦେ. ବିଣ. ପୁଂ. (ଯେଉଁ ବ୍ୟକ୍ତି କାମ କରିବାକୁ ଘରୁ ନ
Pindābasā ବାହାରି ସର୍ବଦା ପିଣ୍ଡା ଉପରେ ବସିଥାଏ)—
ଅଳସୁଆ; ନିଷ୍କର୍ମା (ବ୍ୟକ୍ତି)—Idle (person).

ପିଣ୍ଡାୟସ—ସ. ବି—ଇସ୍ପାତ—
Pindāyasa Steel.

ପିଣ୍ଡାର—ସ. ବି—୧ । ଶାକବିଶେଷ—
Pindāra 1. A kind of pot herb.
[ଦ୍ର—ଏହା ଶୀତଳ ଓ ପିତ୍ତନାଶକ । ହି. ଶ.]

୨ । କ୍ଷପଣକ (ହି. ଶ.)—
2. A Buddhist mendicant.

୩ । ଗୋପ; ଗୋରୁ ଜଗୁଆଳ (ହି. ଶ.)—
3. Cowherd.

୪ । ବିକଙ୍କତ ବୃକ୍ଷ (ହି. ଶ.); ଭଇଞ୍ଚ (ଦେଖ)
4. Bhaincha (See)

ପିଣ୍ଡାରକ—ବି—୧ । ମହାଭାରତୋକ୍ତ ଦ୍ୱାରକାସ୍ଥିତ ହିନ୍ଦୁମାନଙ୍କର ତୀର୍ଥ-
Pindāraka ବିଶେଷ—1. Name of a place of pilgrimage in W. India.
[ଦ୍ର—ଏହା ଗୁଜରାଟରେ ସମୁଦ୍ରକୂଳଠାରୁ ପ୍ରାୟ ଏକ କୋଶ ଦୂରରେ ଅବସ୍ଥିତ । ସ୍କନ୍ଦ ପୁରାଣ, ଲିଙ୍ଗ ପୁରାଣ ଓ ମହାଭାରତରେ ଏଥିର ଉଲ୍ଲେଖ ଅଛି । କଥିତ ଅଛି ଯେ ଏ ତୀର୍ଥରେ ସ୍ନାନ କରି ପାଣ୍ଡବ ଗୋହତ୍ୟା ପାପରୁ ମୁକ୍ତିଲାଭ କରିଥିଲେ । ହି. ଶ.]

୨ । ବସୁଦେବ ଓ ରୋହିଣୀଙ୍କର ଏକ ପୁତ୍ର (ହି. ଶ.)—
2 Name of a son of Basudeba.

୩ । ନାଗବିଶେଷ (ହି. ଶ.)—
3. Name of a mythological serpent.

ପିଣ୍ଡାରି—ଦେ. ବି. (ହି. ପିଣ୍ଡାରୀ, ମ. ପେଣ୍ଡାରୀ, ଭୂଲ ଓ ପେଣ୍ଡ=ହାଟ,
Pindāri ହାଟ ଲୁଣ୍ଠନକାରୀ ଦସ୍ୟୁ)—ଖ୍ରୀ. ଅଷ୍ଟାଦଶ ଶତାବ୍ଦିରେ
পিণ্ডারী ମଧ୍ୟଭାରତରେ ଲୁଣ୍ଠନଆଦି ଉପଦ୍ରବ କରୁଥିବା ଦସ୍ୟୁ-
पिंडारी ଦଳ—The Pindarees; hordes of robbers who infested central India in the 18th century.

[ଦ୍ର—ପିଣ୍ଡାରୀମାନେ କୌଣସି ସ୍ୱତନ୍ତ୍ର ଜାତି ନ ଥିଲେ । ଲୁଟିଅଶ ଦଳକୁ ପିଣ୍ଡାରୀ ବୋଲାଯାଉ ଥିଲା । ମରହଟ୍ଟା, ଅଫଗାନ୍ ଆଦି କେତେକ ଜାତିର ଲୋକ ଏହି ଦଳଭୁକ୍ତ ହୋଇଥିଲେ । ଏମାନଙ୍କର କୌଣସି ନେତା ବା ନିର୍ଦ୍ଦିଷ୍ଟ ସୈନ୍ୟଦଳ ନ ଥିଲେ । ଖ୍ରୀ. ଅଷ୍ଟାଦଶ ଶତାବ୍ଦିରେ ଏମାନେ ମଧ୍ୟଭାରତରେ ଲୁଟପାଟ କରି

ବିଶେଷ ଉପଦ୍ରବ କରୁଥିଲେ । ଅମୀର ଖାଁ ପିଣ୍ଡାରୀମାନଙ୍କ ସର୍ଦ୍ଦାର ଥିଲେ । ଲର୍ଡ଼ ହେଷ୍ଟିଙ୍ଗ୍ସ ୧୮୦୦ ଖ୍ରୀଷ୍ଟାବ୍ଦରେ ବିପୁଳ ସୈନ୍ୟ ନେଇ ଏମାନଙ୍କୁ ଘେରିଲେ । ଏମାନଙ୍କର ଦଳପତି ଅମୀର ଖାଁ ରାଜପୁତାନାର ଟଙ୍କ ରାଜ୍ୟ ପାଇ ସନ୍ତୁଷ୍ଟ ହେଲେ ଓ ଇଂରାଜମାନଙ୍କ ଅଧୀନତା ସ୍ୱୀକାର କଲେ । ଅମୀର ଖାଁଙ୍କ ବଂଶଧରମାନେ ଅଦ୍ୟାପି ଟଙ୍କ ରାଜ୍ୟର ନବାବ । ପିଣ୍ଡାରୀମାନଙ୍କ ଦ୍ୱିତୀୟ ସର୍ଦ୍ଦାର ଚିତୁ ଖାଁ ଅରଣ୍ୟକୁ ପଳାଇ ଯାଇ ବ୍ୟାଘ୍ର ମୁଖରେ ମୃତ୍ୟୁ ଲଭିଲେ । ତୃତୀୟ ସରଦାର କରିମ ଖାଁ ଧୃତ ହୋଇ ଇଂରାଜଙ୍କ ଶରଣାପନ୍ନ ହେବାରୁ ଏହାଙ୍କୁ ସଂଯୁକ୍ତ ପ୍ରଦେଶର ବସ୍ତି ଜିଲ୍ଲାରେ କେତେକ ଜମି ବଂଶାନୁକ୍ରମେ ଜାଗିର ଦିଆଗଲା । ଏହାପରେ ପିଣ୍ଡାରୀମାନଙ୍କ ଦଳ ଧ୍ୱଂସ ପ୍ରାପ୍ତ ହେଲା ।— ଭୋଲାନାଥ ଦାସ. ମିଡ଼ିଲ୍ ଭାରତ ଇତିହାସ ।]

ପିଣ୍ଡାର୍କ—ଦେ. ବି—(ପ୍ରାଚୀନ ପଦ୍ୟ)—ପିଣ୍ଡାରକ (ଦେଖ)—
Pinḍārka Pinḍāraka (See)
ତଉାସ ତୀର୍ଥ ପ୍ରବେଶିଲେ । ପିଣ୍ଡାର୍କ ତୀର୍ଥ ସ୍ନାନ କଲେ ।
ଭୂପତି, ପ୍ରେମପଞ୍ଚାମୃତ ।

ପିଣ୍ଡାଳୁ(ଳୂ)—ସଂ. ବି—ହାତଖୋଜଥିବା ଦେଶୀଆଳୁ—
Pinḍālu(lū) Yam; sweet potato; Discova Globosa; Batatas Esculatus.
ଅନ୍ୟ ସଂ. ନାମ—ପିଣ୍ଡାଡକ, ପିଣ୍ଡ କନ୍ଦ, ରୋମଶ କନ୍ଦ, କନ୍ଦଗ୍ରନ୍ଥି, ପିଚ୍ଛଳ ଓ ସ୍ୱାଦୁକନ୍ଦକ—
ଚୁବଡ଼ୀଆଳୁ
सुथनीपिंडिआ; शकताल्तु, रताल्तु
ମ. ରତାଳେ
ଗୁ. ରତାଳୁ
ତେ. ଚିରଗେଡ଼
ତା. ଯାମଂଷ୍ଟୋଣ୍ଡଂ
[ଦ୍ର—ଏହାର ମୂଳ ହାତୀ ଗୋଡ଼ଭଳି ଭଳି ଗୋଲ; ଏହି ଆଳୁକୁ ଭିଅଣ କରି ଖିଆଯାଏ । ବୈଦ୍ୟକ ମତରେ ଏହା ମଧୁରରସ, ଶୀତବୀର୍ଯ୍ୟ ବୃଷ୍ୟ, ସନ୍ତର୍ପଣ । ଏହା ମୂତ୍ରକୃଚ୍ଛ୍ର, ଦାହ, ଶୋଷ ଓ ପ୍ରମେହ ନାଶକ ।]

ପିଣ୍ଡାହ୍ୱା—ସଂ. ବି—ନାଡ଼ୀ ହିଙ୍ଗୁ (ଦେଖ)—
Pinḍāhwā Nārḍi hingu. (See)

ପିଣ୍ଡି (ଧାତୁ)—ସ—ପିଣ୍ଡ୍ (ଧାତୁ) (ଦେଖ)—
Pinḍi(root) Pinḍa (root) (See)

ପିଣ୍ଡି—ସଂ. ବି—(ପିଣ୍ଡ୍ ଧାତୁ+ଇ)—୧ । ଚକନାଭି; ଚକର ମଧ୍ୟ ମଣ୍ଡଳ—1. The nave of a wheel.
Pinḍi
୨ । ଗୋଡ଼ର ପାପୁଲି—2. The instep.
୩ । ଆଣ୍ଠୁର ଗୋଲ ହାଡ଼—3. Knee bone.
୪ । ଗୋଡ଼ର ଭଣ୍ଡା; ଗୋଡ଼ର ପେଣ୍ଡା—
4. The calf of the leg.
୫ । ଭାତ ଗୁଣ୍ଡା—
5. A mouthful of food made up into a ball.
୬ । ଦେବ ମୂର୍ତ୍ତିଙ୍କ ଗୋଡ଼ ତଳେ ଥିବା ବଇଠି—
6. Pedestal for the image of a Deity.
୭ । ବେଦୀ; ପୀଠ—7. Altar; platform.
୮ । ପିଣ୍ଡା—8. Veranda.
୯ । ଖଜୁର କୋଳି—9. Date fruit.
୧୦ । ଲାଉ—10. Gourd; pumpkin.
୧୧ । ଛୋଟ ପିଣ୍ଡୁଳା—
11. A small round ball or lump.

ପିଣ୍ଡୀ—ଦେ. ବି—(ସଂ. ପିଣ୍ଡ)—୧ । ହାଣ୍ଡିଶାଳରେ ହାଣ୍ଡି ଆଦି ରଖିବା ପାଇଁ ମଲା ଥିବା ଉଚ୍ଚ ବେଦୀ; ଡେଙ୍ଗଡ଼ା—
पिढ़ई
1. An earthen platform with circular grooves to put cooking pots on.
୨ । ଗଛମୂଳେ ବନ୍ଧାଯିବା ବେଦୀ (ଏଥିରେ ଲୋକ ବସନ୍ତି)—
2. A platform raised at the foot of a tree.
୩ । ଏକ ମାହାଳ ପାଇଖାନାରେ ଝାଡ଼ା ଫେରିବା ବେଳେ ତେଇଁ ହୋଇ ବସିବା ପାଇଁ ନିର୍ମିତ ଇଟା ବା ପଥରର ବଇଠି—3. Blocks of brick or stone raised in a latrine to rest one's feet on.

ପିଣ୍ଡିକ ଦୀକ୍ଷିତ—ଦେ. ବି. (ନାମ)—ପୁରୀ ଜିଲ୍ଲା ବିଶ୍ୱନାଥପୁର ଶାସନର ଜଣେ ପ୍ରସିଦ୍ଧ ଉଚ୍ଚ ବଂଶୀୟ ବ୍ରାହ୍ମଣ—
Pinḍika dikshita Name of a Brāhmaṇa of high family of Puri district who performed Jajna.
[ଦ୍ର—ଏ ପୂର୍ବେ ଯଜ୍ଞ କରି ଓଡ଼ିଶା ରାଜାଙ୍କଠାରୁ ଦୀକ୍ଷିତ ଉପାଧି ପାଇଥିଲେ ।]

ପିଣ୍ଡିକ ଶ୍ରୀଚନ୍ଦନ—ଦେ. ବି. (ନାମ)—ଖୋରଧାବାସୀ ଜଣେ କବି—
Pinḍika śrichandana A poet of Khordhā.
[ଦ୍ର—'ମୁକୁନ୍ଦମାଳା' ଓ 'ବସନ୍ତରାସ' ଏ କବିଙ୍କ ରଚିତ ପୁସ୍ତକ-- ତାରିଣୀ. ଉତ୍କଳ-ସାହିତ୍ୟ ଇତିହାସ ।]

ପିଣ୍ଡିକା—ସଂ. ବି. (ପିଣ୍ଡ+କ+ଆ)—୧ । ପିଣ୍ଡି (ଦେଖ)
Pinḍikā 1 Pinḍi (See)
୨ । ବଡ଼ ଆବୁ; ଗୋଟାଳିଆ ମାଂସବୃଦ୍ଧି—
2. Round fleshy swelling.
ଦେ. ବି—୧ । ଦେବତାଙ୍କ ପାଦପୀଠରେ ଦର୍ଶକ ଦର୍ଶନ କଲା ବେଳେ ଦେବା ଭେଟି—
1. Present given to a Deity at the pedestal when a person pays a visit.
୨ । କୌଣସି ବ୍ୟକ୍ତିକୁ ଦିଆଯିବା ଭେଟି ବା ଉତ୍କୋଚ—
2. Present or bribe given to a person.
୩ । ଖଣ୍ଡଖଣ୍ଡ ଦାନାବିଶିଷ୍ଟ କସ୍ତୁରୀ (କବିରାଜ ହରେକୃଷ୍ଣ ଦ୍ରବ୍ୟଗୁଣ)—3. Musk with big grains.
୪ । ତେନ୍ତାଳିକା (ହି. ଶବ୍ଦସାଗର); ତେନ୍ତୁଳି—
4. Tamarind.

ପିଣ୍ଡିକା ଚଢ଼ା(ଢେ଼)ଇବା—ଦେ. କ୍ରି—୧ । ଦେବତାଙ୍କୁ ଦର୍ଶନ କଲା ବେଳେ ତାଙ୍କ ପାଦପୀଠରେ ଭେଟି ରଖିବା—1. To place a gift of money at the pedestal of a Deity.
Pinḍikā charḍhā(rḍhe)ibā
୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଧନାଦି ଭେଟି ବା ଉତ୍କୋଚ ଦେବା—
2. To give a present or bribe to a person.

ପିଣ୍ଡି(ଣ୍ଡୀ)ଖର୍ଜୁର(ରୀ)—ସଂ. ବି—ପିଣ୍ଡ ଖର୍ଜୁର (ଦେଖ)
Pindi(ndi)kharjura(ri) Pinda kharjura (See)

ପିଣ୍ଡିତ—ସଂ. ବିଣ. (ପିଣ୍ଡ୍ ଧାତୁ+ତ)—
Pindita ୧ । ପିଣ୍ଡୀକୃତ କରାଯିବା; ସହତ—
1. Rolled into a ball.
୨ । ସାନ୍ଦ୍ର; ଘନ—2. Dense.
୩ । ରାଶୀକୃତ—3. Heaped up; consolidated.
୪ । ଗୁଣିତ—4. Multiplied.
୫ । ମିଶାଣ କରାଯାଇଥିବା—5. Added up.
ସଂ. ବି—୧ । ଶିଳାରସ (ହି. ଶ)—1. Styrax; benzoin.
୨ । କଂସା (ହି. ଶ)—2. Bell metal.
୩ । ଗଣିତ (ହି. ଶ)—3. Mathematics.

ପିଣ୍ଡିତାର୍ଥ—ସଂ. ବି. (କର୍ମଧା; ପିଣ୍ଡିତ+ଅର୍ଥ)—କୌଣସି ବାକ୍ୟର ବା
Pinditartha ବାକ୍ୟସମୂହର ସ୍ଥୂଳାର୍ଥ—The consolidated meaning of a whole passage (Apte).

ପିଣ୍ଡିଳ—ସଂ. ବିଣ. ପୁଂ. (ପିଣ୍ଡି+ଳ)—୧ । ମୋଟା ଗୋଡ଼ଭଣ୍ଡା-
Pindila ବିଶିଷ୍ଟ (ବ୍ୟକ୍ତି)—1. Having large calves
(ପିଣ୍ଡିଳା—ସ୍ତ୍ରୀ) (Apte).
୨ । ଗଣନାରେ ଦକ୍ଷ—2. Skilled in calculations (Apte).
ସଂ. ବି. ପୁଂ—୧ । ଗଣକ; ଜ୍ୟୋତିଷ—
1. Astronomer; fortune-teller.
୨ । ପୋଲ; ସେତୁ—2. Bridge.
୩ । ମାଟିଗଦା; ସ୍ତୂପ—3. Mound.

ପିଣ୍ଡିଶୂର—ସଂ. ବି. ପୁଂ—ପିଣ୍ଡୀଶୂର (ଦେଖ)
Pindisura Pindisura (See)

ପିଣ୍ଡୀ—ସଂ. ବି. (ପିଣ୍ଡ୍ ଧାତୁ+ଇ; ପିଣ୍ଡ+ଇନ୍; ୧ମା. ୧ବ)—
Pindi ୧ । ପିଣ୍ଡି (ଦେଖ)—1. Pindi (See)
୨ । ପିଣ୍ଡୁଳ—2. Ball; circular packet; roll.
୩ । ପିଣ୍ଡ ଖର୍ଜୁର (ଦେଖ)
3. Pinda kharjura (See)
୪ । ଭିକ୍ଷୁକ—4. Beggar.
୫ । ପିଣ୍ଡଦାତା—5. One who offers funeral cakes to the manes.
୬ । ଏକ ପ୍ରକାର ତଗର ଫୁଲ (ହି. ଶ.)—
6. A kind of Tagara flower.
ସଂ. ବିଣ. ପୁଂ—୧ । ଦେହଧାରୀ—1. Having a body.
୨ । ପିଣ୍ଡଭୁକ୍—2. Partaking of funeral cakes of rice.

ପିଣ୍ଡୀକରଣ—ସଂ. ବି. (ପିଣ୍ଡ+ଅଭୂତ ତଭାବେ ଚ୍ୱି+କରଣ)—
Pindikarana ଗଦା କରିବା—Gathering into a heap.

ପିଣ୍ଡୀକୃତ—ସଂ. ବିଣ. (ପିଣ୍ଡ+ଅଭୂତ ତଭାବେ ଚ୍ୱି+କୃତ)—
Pindikruta ୧ । ମେଣ୍ଟା କରି ଯାଇଥିବା—
1. Made into a lump.
୨ । ଗୁଣ୍ଡା ବଳାଯିବା—2. Rolled into a ball.
୩ । ବଳା ଯାଇଥିବା—3. Pressed together.
୪ । କେନ୍ଦ୍ରରେ ରାଶୀକୃତ—
4. Concentrated at one point.
୫ । ରାଶୀକୃତ—5. Heaped up.

ପିଣ୍ଡୀତକ—ସଂ. ବି.—୧ । ଟୋଲକ (ଦେଖ
Pinditaka 1. Tolaka (See)
କବିରାଜ ହରେକୃଷ୍ଣ—ଦ୍ରବ୍ୟଗୁଣ ।
୨ । ଏକ ପ୍ରକାର ତଗର ଫୁଲ (ହି. ଶ.)—
2. A kind of Tagara flower.
୩ । ମଦନ ବୃକ୍ଷ (ହି ଶ.)—
3 Bushy Gardenia (tree).

ପିଣ୍ଡୀପୁଷ୍ପ—ସଂ. ବି.—ଅଶୋକ ବୃକ୍ଷ (ହି. ଶ.)—
Pindipushpa The Asoka tree.

ପିଣ୍ଡୀଭୂତ—ସଂ. ବିଣ—(ପିଣ୍ଡ+ଅଭୂତ ତଭାବେ ଚ୍ୱି+ଭୂତ)—ଏକତ୍ର
Pindibhuta ବଳାଯାଇ ଗୋଟା କରାଯାଇଥିବା—Made or pressed into a lump; conglomerated.

ପିଣ୍ଡୀର—ସଂ. ବିଣ—(ପିଣ୍ଡ+ଈର)—ଶୁଷ୍କ, ନୀରସ—
Pindira Sapless; dry.
ସଂ. ବିଣ—୧ । ସମୁଦ୍ର ଫେଣ—
1. Cuttle fish bone.
୨ । ଡାଳିମ୍ବ—2. Pomegranate.
୩ । ଲହରୀ ଆଘାତରେ ଜନ୍ମିବା ଫେନ—
3. Foam of the sea.

ପିଣ୍ଡୀଶୂର—ସଂ. ବି. ପୁଂ—(ପିଣ୍ଡି=ଆପଣା ପିଣ୍ଡାରେ ଶୂର=ବୀର; ଭୁଲ—
Pindi sura ଉଦ୍ଧ କୁତା)—୧ । ଯେ ଆପଣା ଦୁଆର ମୁହଁରେ ବୀରତ୍ୱ ଦେଖାଏ କିନ୍ତୁ ବାହାରକୁ ଗଲେ ଭୀରୁ; ଗେହେଶ୍ୱର; ଉଦ୍ଧକୁତା—1. A person who brags of his bravery at his threshold; a braggart.
୨ । କାପୁରୁଷ—2. A coward; poltroon.
୩ । (ପିଣ୍ଡୀ=ଅନ୍ନପିଣ୍ଡ ଖାଇବା ବିଷୟରେ ଶୂର=ବୀର) ଭୋଜନପଟୁ ; ପେଟୁ—3. A glutton; a greedy person.

ପିଣ୍ଡୁଲା—ଦେ. ବି—(ସଂ. ପିଣ୍ଡ)—୧ । ଗୋଲାକାର କରାଯାଇଥିବା ମାଟି
Pindula ବା କାଦୁଅ—1. A lump of clay.
ପିଣ୍ଡୀ ତନ୍ତ୍ରୀଏ ମାଟି ପିଣ୍ଡୁଳାଏ
ପିଂଡ଼ା, ପିଂଡ଼ୋ ଜୀବନ ଉପେ ଦୁପ୍ତି ହଏ—ଜଗନ୍ନାଥ ଭାଗବତ ।
୨ । ଗୋଳା—2. A ball; a round lamp.
ପୁଣି ମାଂସ ପିଣ୍ଡୁଳାକୁ ସେ ମହାକାଳ
ଜଳ ସିଞ୍ଚଣ କରନ୍ତେଲେ ଶତଭାଗ—
କୃଷ୍ଣସିଂହ. ମହାଭାରତ—ଅବ ।

ପିଣ୍ଡୁଳି—ଦେ. ବି—(ସଂ. ପିଣ୍ଡ)—ପିଣ୍ଡୁଳା (ଦେଖ)—
Pinduli Pindula (See)

ପିଣ୍ଡୋଲା—ଦେ. ବି—ପିଣ୍ଡୁଳା (ଦେଖ)
Pindola — Pindula (See)

ପିଣ୍ଡୋଲି—ସଂ. ବି. (ପିଣ୍ଡ୍ ଧାତୁ+ଓଲ)—
Pindoli ଖାଇ ସାରିବା ପରେ ଖାଇବା ପତ୍ରରେ ବଳି ପଡ଼ି ରହି ଯାଇଥିବା ଅବଶିଷ୍ଟ ଖାଦ୍ୟ; ଭୁକ୍ତାବଶେଷ; ଭୁକ୍ତୋଜ୍ଝିତ ଦ୍ରବ୍ୟ—Orts; leavings of a meal.
ଦେ. ବି—ପିଣ୍ଡୁଲା (ଦେଖ)—Pindula (See)

ପିଣ୍ୟାକ—ସଂ. ବି. (ପିଷ୍ ଧାତୁ=ଚୂର୍ଣ୍ଣ କରିବା+କର୍ମ. ଆକ; ନିପାତନ)—
Pinyaka ୧ । ରାଶି ବା ସୋରିଷର ପିଡ଼ିଆ—
1. Oil cake of sessamum or mustard.
୨ । ପିଡ଼ିଆ – 2. Oil cake.
୩ । ହେଙ୍ଗୁ—3. Asafœtida.
୪ । ସିହ୍ଲକ—4. Frankincense.
୫ । ଯାଫ୍ରାନ—4. Saffron.
୬ । ଶିଳା ଜତୁ (ହି. ଗ.)—6. Bitumen; benzoin.

ପିତ୍—ପ୍ରାଦେ. (ସମ୍ବଲପୁର) ବିଣ—ପିତା; ତିକ୍ତ—
Pit Bitter (in taste)

ପିତ୍‌କୁରୁଆ—ପ୍ରାଦେ. (ସମ୍ବଲପୁର) ବି—ତିକ୍ତତା —
Pitkurua Bitter taste; bitterness in taste.

ପିତ—ଦେ. ବି. (ସଂ. ପିତ୍ତ)—୧ । ପିତ୍ତ; ଶରୀରସ୍ଥ ଧାତୁବିଶେଷ—
Pita 1. Bile.
পিত্ত पित्त
୨ । (ପୁଂ. ଓ ସ୍ତ୍ରୀ) ପୀତାମ୍ବରୀ ଓ ପୀତାମ୍ବର ଆଦର ଡାକ ନାମ—
2. Name for calling Pitāmbari and Pitāmbara etc.

ପିତ ଉଠିବା—ଦେ. କ୍ରି—ପିତ୍ତ ଉଠିବା (ଦେଖ)
Pita uthiba Pitta uthiba (See)

ପିତଃ—ସଂ. ସମ୍ବୋ (ପିତୃ ଶବ୍ଦର ସମ୍ବୋଧନ ରୂପ)—ହେ ପିତା—
Pitah Oh father.

ପିତ କେରଣ୍ଡି—ଦେ. ବି—ପିତ୍ତ ଥିବା ସାନ କେରଣ୍ଡି ମାଛ—
Pita kerandi Small species of Kerandi.
(ପିତା କରଣ୍ଡି—ଅନ୍ୟରୂପ) [ଦ୍ର—ଏହାକୁ ପିତା ମାଛ ମଧ୍ୟ କହନ୍ତି ।]

ପିତ ଖସାଇବା (ଇତ୍ୟାଦି)—ଦେ. କ୍ରି—ପିତ୍ତ ଖସାଇବା ଇତ୍ୟାଦି (ଦେଖ)
Pita khasaiba (etc) Pitta khasaiba etc. (See)

ପିତର—ଦେ. ବି. (ବହୁବଚନ; ସଂ. ପିତୃ ଶବ୍ଦର ପ୍ରଥମା ବିଭକ୍ତିର ବହୁବଚନ; ପିତରଃ)—
Pitara
ପିତୃ ଲୋକ; ମନୁଷ୍ୟର ମୃତ ପୂର୍ବପୁରୁଷଗଣ—
One's deceased ancestors.
ଯକ୍ଷ ରାକ୍ଷ ପିଶାଚ ଗୁହ୍ୟକ ପିତର ।
କୃଷ୍ଣସିଂହ. ମହାଭାରତ. ଆଦି ।

ପିତଳ—ଦେ. ବି. (ସଂ. ପିତ୍ତଳ)—
Pitala ୧ । ପିତ୍ତଳ; ମିଶ୍ରିତ ଧାତୁବିଶେଷ—
পিতল पीतल 1. Brass.
୨ । ପିତ୍ତଳରେ ନିର୍ମିତ ପରିମାଣ ପାତ୍ର; ଗଉଣୀ—
2. A measure made of brass.

ପିତଳ କାନ—ଦେ. ବି. (ଲକ୍ଷଣାର୍ଥ)—
Pitala kana ୧ । ଦୂରରୁ ଗୁଣ ଗୁଣ କଥା ଶୁଣି ପାରିବାର ଶକ୍ତି—
1. The power of hearing a very low voice from afar.
୨ । ଚୁଗୁଲି ଶୁଣିବାର ଅଭ୍ୟାସ—
2. Habit of hearing back bitings.

ପିତଳିଆ—ସଂ. (ପିତ୍ତଳ)—ପିତଳ ପରି—
Pitalia Like brass.
पीतली, पीतला

ପିତା—ସଂ. ବି. (ପା ଧାତୁ=ରକ୍ଷା; ପାଳନ କରିବା+କର୍ତ୍ତୃ. ତୃ; ପିତୃ ଶବ୍ଦ ୧ମା ବିଭକ୍ତି ୧ ବଚନ)—
Pita
୧ । ବାପ; ଜନକ—1. Father.
୨ । (ସଂ. ଦ୍ୱିବଚନ)—ପିତା ମାତା ଉଭୟ—Parents.
୩ । (ସଂ. ବହୁବଚନ)—ଚନ୍ଦ୍ରଲୋକବାସୀ ପିତୃ ଲୋକ—
Manes.
[ଦ୍ର—ଏମାନଙ୍କର ନାମ ଯଥା—ଅଗ୍ନିଷ୍ୱାତ୍ତ, ବର୍ହିଷଦ, ସୁଭାସ୍ୱର, ଆଜ୍ୟପ, ଉପହୂତ, କ୍ରବ୍ୟାଦ ଓ ସୁକାଳିନ ।
ଅନ୍ୟ ଭାଷାର ଶବ୍ଦ ସଙ୍ଗେ ଏହି ଶବ୍ଦର ସୌସାଦୃଶ୍ୟ ଯଥା—ସଂସ୍କୃତ—ପିତୃ, ପାର୍ସି—ପଦର୍, ଗ୍ରୀକ୍—ପାଟର୍, ଲାଟିନ୍—ପାଟର୍, ଜର୍ମାନ୍—ଫାଟେର୍, ଇଂରେଜି—ଫାଦାର୍ । ଶାସ୍ତ୍ର ଅନୁସାରେ ଜନ୍ମଦାତା, ଅନ୍ନଦାତା, ଭୟତ୍ରାତା, ଶ୍ୱଶୁର, ବିଦ୍ୟାଗୁରୁ ଓ ଜ୍ୟେଷ୍ଠ ଭ୍ରାତା ଏମାନେ ପିତାଙ୍କ ପରି ।
ସମାସରେ 'ପିତା'ଠାରେ ପିତୃ ଶବ୍ଦ ହୁଏ । ଯଥା—ପିତୃସତ୍ୟ, ପିତୃଧନ ଇତ୍ୟାଦି ।]
ଦେ. ବି—୧ । ଯେଉଁ ତିଅଣରେ ନିମ୍ବ ଆଦି ପିତା ଦିଆଯାଇ ତିକ୍ତ ସ୍ୱାଦ ଯୁକ୍ତ କରାଯାଏ—1. A curry flavoured
সুক্তানি with bitter leaves (e. g. Neem).
ପୁଂ ଓ ସ୍ତ୍ରୀ—୨ । ପୀତାମ୍ବର ଓ ପୀତାମ୍ବରୀର ଡାକ ନାମ—
1. A name by which Pitāmbara or Pitāmbari is called.
তিতো ଦେ. ବିଣ. (ସଂ. ପିତ୍ତ; ତିକ୍ତ)—
୧ । ତିକ୍ତ—1. A bitter taste.
୨ । (ଲକ୍ଷଣାର୍ଥ) ତିକ୍ତ ପଦାର୍ଥ ପରି ଯାହା ମନୁଷ୍ୟଙ୍କୁ ଖରାପ ଲାଗେ; କଟୁ—2. Bitter; disagreeable.
ବଳାକ୍ଷଣେ କହ ଜ୍ୟେଷ୍ଠ ଭ୍ରାତା ପିତା କର
ତୁହି ନ ବୁଝି କୋପିତା ବାଣୀ ପିତା ସର । ଉପ- ବୈଦେହୀଶବିଳାସ ।

ପିତା ଆଳୁ—ଦେ. ବି—ଟୁଙ୍ଗା (ଦେଖ)
Pita alu Tunga (See)

ପିତା କୋରମା—ଦେ. ବି. (ସଂ. କୂଷ୍ମାଣ୍ଡ)—କୋରୁଅଁ (ଦେଖ)
Pita korama Koruan (See)

ପିତା କୋରୁଅଁ—ଦେ. ବି. (ସଂ. କୂଷ୍ମାଣ୍ଡ)—କୋରୁଅଁ (ଦେଖ)
Pita koruan Koruan (See)
(ପିତା କରୁଅ, ପିତା କରୁଇ, ପିତା କରେଇ, ପିତା କରେଇ, ପିତା ଲୁଡ଼େଇ, ପିତା କୋଡ଼େଇ, ପିତା କୋରେଇ—ଅନ୍ୟରୂପ)

ପିତା ଗହମା—ପ୍ରାଦେ (ବାଲେଶ୍ୱର) ବି—ଏକପ୍ରକାର ଖାଦ୍ୟଶାକ;
Pitā gahamā ପିତା ଶାଗ—A kind of bitter leaf.

ପିତାଜାମୁ—ପ୍ରାଦେ. (ଗଡ଼ଜାତ) ବି—ଭୁତଜାମୁ (ଦେଖ)
Pitājāmu Bhatajāmu (See)

ପିତାଟିଆ—ଦେ. ବିଣ—ଈଷତ୍ ତିକ୍ତ ସ୍ୱାଦବିଶିଷ୍ଟ—
Pitāṭia Of slightly bitter taste.

ପିତାତରଡ଼ା—ଦେ. ବି. (ସଂ. ତିକ୍ତ କୁଣ୍ଡିକେଶା)—
Pitātararḍā ଜଙ୍ଗି ପରି ତିକ୍ତସ୍ୱାଦ ଏକପ୍ରକାର ଅରଣ୍ୟ
ସଂ. ତିକ୍ତକୋଶାତକୀ, ଲତାଫଳ—A cucurbitaceous
ସ୍ୱାଜକୋଶାତକୀ, କୃତବେଧନ fruit growing wild; Luffa-
କଟୁତୁଣ୍ଡୀ, ତିକ୍ତତୁଣ୍ଡୀ amera; Luffa-pluckiliana
তিতোতরুই; টেটাঢেণ্ডেল; (Haines).
তেলকুচা; তিতাপরোল कड़ुतराइ झिङ्गा
ତେ. ଚେଡବୀର, ଚେଦୁଦୋଣ୍ଡା.
ଗ. ବୋଦକାକଦି, ପିତ୍ତୋରଡ଼ା, ପିତ୍ରମଠକା
(ପିତାତୋରଡ଼ା—ଅନ୍ୟରୂପ)

ପିତାତରଲା—ପ୍ରାଦେ. (ଗଡ଼ଜାତ) ବି—ପିତାତରଡ଼ା (ଦେଖ)
Pitātaralā Pitātararḍā (See)

ପିତାତିଅଣ—ଦେ. ବି—ଯେଉଁ ତରକାରୀରେ ନମ୍ବଅବ ପିତା ମିଶାଯାଇ
Pitātiaṇa ଥାଏ—Curry flavoured with bitter ingredients.

ପିତାଦତ୍ତା—ଦେ. ବିଣ. (ସଂ. ପିତୃଦତ୍ତା)—ପିତୃଦତ୍ତା (ଦେଖ)
Pitādattā Pitṛudattā (See)
ପିତାଦତ୍ତା କନ୍ୟା ଗଜଦତ୍ତା ସ୍ତ୍ରୀ। ପ୍ରବଚନ।

ପିତାନଳିତା—ଦେ. ବି—ନଳିତାପିତା—
Pitānalitā The leaves of the bitter jute plant.
[ଦ୍ର—ଏହା ଔଷଧରେ ଲାଗେ ।]

ପିତାପାଣି—ଦେ. ବି—ବର୍ଷାଋତୁର ପ୍ରଥମ ଅସରା ବର୍ଷା—
Pitāpāṇi The first shower of a season; the first monsoon shower of the year.
ପହିଲୁ ଅଷାଢ ସିମିତ ନଈରେ ପିତାପାଣି ବଢ଼ିବ
ନାଅ ମେଲିଦେବେ। ଫକୀରମୋହନ. ଉତ୍କଳଭ୍ରମଣ।

ପିତାପାଣିଆ—ଦେ. ବି—ପିତାପାଣି (ଦେଖ)
Pitāpāṇia Pitāpāṇi (See)

ପିତାପିତା—ଦେ. ବି—ବିରସ—Pale
Pitāpitā ଯଥା—(ସେ ମୁହଁ ପିତାପିତା କରୁଛି ।)

ପିତାପୁତ୍ର—ସଂ. ବି. (ଦ୍ୱନ୍ଦ୍ୱ)—ବାପ ଓ ପୁଅ—
Pitāputra Father and son.

ପିତାପୋଇ—ଦେ. ବି—ଏକପ୍ରକାର ପିତାପତ୍ରବିଶିଷ୍ଟ ଜଙ୍ଗଲପୋଇ—
Pitāpoi A kind of creeper.

ପିତାବାଲ୍ଜି—ଦେ. ବି. (କନ୍ଧଭାଷା)—ପ୍ରଧାନ ଦେବତା; ପରମେଶ୍ୱର;
Pitābālji ସବୁ ଦେବତାଙ୍କର ପିତା—
The great father God.

ପିତାମଇତା—ଦେ. ବି. (ସଂ. କଟୁତୁଣ୍ଡୀ)—
Pitāmaitā ପୋଟଳ ଜାତୀୟ ଆରଣ୍ୟ ଲତାଫଳ ବିଶେଷ—
কটুতরাই; তিৎপলতা A bitter variety of Patola.

ପିତାମଶିଆ—ପ୍ରାଦେ. (ଗଡ଼ଜାତ) ବି—ଗୋଲ ଆଳୁ ପରି ଏକ-
Pitāmasiā ପ୍ରକାର ବନ୍ୟମୂଳ—A kind of wild root like potato.
[ଦ୍ର—ଗଛ ଆଳୁ ଲତାପରି ମାଡ଼ିଥାଏ । ମୂଳକୁ ଗରିବ ଲୋକେ (ଶବର, କନ୍ଧ ପ୍ରଭୃତି) ମହର୍ଘ କାଳରେ ପାଣିରେ ସିଝାଇ ଗାଳ ତକଟ କରି ଖାଆନ୍ତି ।]

ପିତାମହ—ସଂ. ବି. ପୁଂ. (ପିତୃ+ପିତାଙ୍କ ପିତା ଅର୍ଥରେ ଆମହ)—
Pitāmaha ୧ । ପିତାଙ୍କ ପିତା; ଜେଜେବାପ—
1. Paternal grand-father.
୨ । ସୁରଜ୍ୟେଷ୍ଠ, ବ୍ରହ୍ମା—2. Brahmā.
(ଯଥା—ବ୍ରହ୍ମାଙ୍କଠାରୁ ଏହି ସମସ୍ତ ପ୍ରଜା ସୃଷ୍ଟ ହୋଇ ଅଛନ୍ତି ବୋଲି ଲୋକେ ତାହାଙ୍କୁ ପିତାମହ ବୋଲି ନିର୍ଦ୍ଦେଶ କରନ୍ତି ।)
୩ । ଦକ୍ଷପ୍ରଜାପତି—3. Dakshya Prajāpati.

ପିତାମହୀ—ସଂ. ବି. ସ୍ତ୍ରୀ. (ପିତାମହ+ସ୍ତ୍ରୀ. ଈ)—ଜେଜେମା; ଗୋଡ଼ମା—
Pitāmahi Paternal grand-mother.

ପିତାମାଛ—ଦେ. ବି—ପିତକେରଣ୍ଡି (ଦେଖ)
Pitāmāchha Pitakerāṇḍi (See)

ପିତା ମାତା—ସଂ. ବି. (ଦ୍ୱନ୍ଦ୍ୱ)—ବାପ ଓ ମା; ଜନକ ଜନନୀ—
Pitā mātā Father and mother; parents.

ପିତା ମାରିବା—ଦେ. କ୍ରି—ନମ୍ବପତ୍ର ଆଦିକୁ ଭାଜି ତିଅଣରେ ମିଶାଇ
Pitā māribā ତିଅଣକୁ ତିକ୍ତସ୍ୱାଦବିଶିଷ୍ଟ କରିବା—
To flavour a curry with bitters.

ପିତାଲାଉ—ଦେ. ବି. (ସଂ. ତିକ୍ତ ଓ ଅଲାବୁ)—
Pitālāu ତିକ୍ତସ୍ୱାଦୁବିଶିଷ୍ଟ ଅଲାବୁ ଜାତୀୟ ଫଳ—
ସଂ. କଟୁତୁମ୍ବୀ তিতোলাউ ततलौआ Bitter gourd.

ପିତା ଲାଗିବା—ଦେ. କ୍ରି—୧ । ତିକ୍ତ ବୋଧ ହେବା—
Pitā lāgibā 1. To taste bitter.
୨ । (ଲକ୍ଷଣାର୍ଥ, କୌଣସି ବିଷୟ) ଅସୁଖକର ବୋଧ ହେବା—
2. (Fig) To feel unpleasant.
ଭବଣର ଗୁଣୀ ହେଲୁ, ତେବେ ପିତା ଲାଗୁଛ
ସାଳବଣ୍ଟ ଦାସ. ପିଣ୍ଡବ୍ରହ୍ମପୁରାଣ ।

ପିତାଲି—ପ୍ରାଦେ. (ସିଂହଭୂମ) ବି—ସାନକେରଣ୍ଡି ମାଛ—
Pitāli A kind of small fish.

ପିତାଲିଆ—ଦେ. ବିଣ—ପିତାଟିଆ (ଦେଖ)
Pitāliā (ପିତ୍ତଲିଆ—ଅନ୍ୟରୂପ) Pitāṭiā (See)

ପିତାଳୁ—ଦେ. ବି—ପାଣିଗମ୍ଭାରି (ଦେଖ)
Pitālu Pāṇigambāri (See)

ପିତାଶ—ଦେ. ବି. ପୁଂ. (ସଂ. ପିଶାଚ)—୧ । ପିଶାଚ—
Pitāsa 1. Fiend.
(ପିତାଶୁଣୀ—ସ୍ତ୍ରୀ) ୨ । (ଇଂ. ପିକେକ୍ସ)—ଗଇନ୍ତି, ଦୁଇପାଖରେ ମୁନ ଥିବା ଅର୍ଦ୍ଧଚନ୍ଦ୍ରାକୃତି କୁରାଢ଼ି—2. Pickaxe.
ଦେ. ବିଣ—୧ । ପୈଶାଚିକ—1. Fiendish.
୨ । ନିଷ୍ଠୁର—2. Cruel.

ପିତାଶଖିଆ—ଦେ. ବଣ. ପୁଂ—ପୁରୁଷଙ୍କୁ ଦଅଯିବା ଅଭିଶାପ—
Pitāsakhiā A curse given to males.
(ପିତାଶଖେଇ—ସ୍ତ୍ରୀ)

ପିତା ଶାଗ—ଦେ. ବ—ପାଣି ମରଯାଇଥିବା ପଡ଼ିଆରେ ଜନ୍ମିବା ଏକ-
Pitāsāga ପ୍ରକାର ତିକ୍ତ ବର୍ଷାୟୁ ଶାକ—A pot herb
ସ. ଗ୍ରୀଷ୍ମସୁନ୍ଦରକ; ପର୍ଣୀକ growing in meadows;
ଗିମିଶାକ୍, ଗିମାଶାଗ Erythrea Roxburghii;
गेइना Mollugo spergula.
(Kirtikar)
[ଦ୍ର—ପତ୍ର ଅଧମୁଖୀ; ଫୁଲ ଶ୍ୱେତ; ଶୀତ ଦିନେ ଫୁଟେ; ଫଳ ଫାଟିଯାଏ । ଏହା ପିତ୍ତ, କଫ, କାମଳ, ପାଣ୍ଡୁ ଓ ପ୍ଲୀହାନାଶକ ।]

ପିତାଶିଆ—ଦେ. ବଣ—(ସ. ପିଶାଚ)—୧ । ପୈଶାଚିକ—
Pitāsiā 1. Fiendish.
୨ । ନିଷ୍ଠୁର—2. Cruel.

ପିତା ଶୁଖୁଆ—ଦେ. ବ—ପିତ କଡ଼ା ହୋଇ ନ ଥିବା କେତେଣ୍ଡି ଅବ
Pitāsukhuā ସାନ ମାଛର ଶୁଖୁଆ—
A kind of small dry fish
[ଦ୍ର—ଏହା ପିତା ଲାଗେ ବୋଲି ଏ ନାମ ।]

ପିତାଶୁଣୀ—ଦେ. ବ. ସ୍ତ୍ରୀ—(ପିଶାଚମା)—ପିତାଶର ସ୍ତ୍ରୀଲିଙ୍ଗ—
Pitāsuni Feminine of Pitāsa.
ଅଡ଼ରେ ଅନେକ ପିତାଶୁଣୀ—ଫକୀରମୋହନ ଛମାଣ ଆଠଗୁଣ୍ଠ ।

ପିତ ନାଟ—ଦେ. ବ—(ସ. ପିତୃ ଓ ନୃତ୍ୟରୁ)—ତନ୍ତ୍ରମନ୍ତ୍ର ପ୍ରୟୋଗଦ୍ୱାରା
Pitināṭa ଦୁଇ ଜଣଙ୍କ ମଧ୍ୟରେ ଲଗାଯିବା କଳିକଜିଆ—
Quarrel brought about by magic.

ପିତିପାଙ୍ଗୁଳା—ଦେ. ବଣ. ପୁଂ—ପିତ୍ତପାଙ୍ଗୁଳା (ଦେଖ)—
Pitipāngulā Pittapāngulā (See)
(ପିତିପାଙ୍ଗୁଳୀ—ସ୍ତ୍ରୀ)

ପିତି ପାଙ୍ଗୁଳିଆ—ଦେ. ବଣ. ପୁଂ—ପିତ୍ତ ପାଙ୍ଗୁଳା (ଦେଖ)—
Pitipāngulia Pitta pāngulā (See).
(ପିତିପାଙ୍ଗୁଳେଇ—ସ୍ତ୍ରୀ)

ପିତି ପିତେଇବା—ଦେ. କ୍ରି—(ସ. ପିତ୍ତ)—କ୍ଷୁଧାଭୁର ହୋଇ ଅତି
Pitipiteibā ବ୍ୟସ୍ତ ହେବା—To be distressed by the
(ପିତିପିତେଇ ଯିବା—ଅନ୍ୟରୂପ) agonies of hunger.

ପିତୁଃ ପୁତ୍ର—ସ. ବ—(ସ. ପିତୁଃ=ପିତାଙ୍କର ପୁତ୍ର)—ଉପଯୁକ୍ତ ବା
Pituhputra ବିଖ୍ୟାତ ପିତାଙ୍କର ଉପଯୁକ୍ତ ପୁତ୍ର; ବାପର ପୁଅ—
The son of a renowned father; the fit son of a fit father. (Apte)

ପିତୁ ନାଟ—ଦେ. ବ—ପିତି ନାଟ (ଦେଖ)—
Pitunāṭa Pitināṭa (See)

ପିତୁଳା—ଦେ. ବ—(ସ. ପୁତ୍ରିକା, ପ୍ରା. ପୁତ୍ତଳକା)—୧ । ପ୍ରତିମା;
Pitulā (ପିତୁଳ—ଅନ୍ୟରୂପ) ମୂର୍ତ୍ତି—1. Image; idol.
ଲେଖେ ସଂସାରେ ନ ଉଡ଼ି ଭୁଲା
ପ୍ରତିଦିନେ ପ୍ରିୟଜନ ପିତୁଳା—ଚନ୍ଦ୍ରଚୂଡ଼ ବନ୍ଧ ।
पुतुल ୨ । ପୁତ୍ତଳିକା; କଣ୍ଢେଇ—2. Doll.
୩ । ଆଖିର ପୁଅ—3. The pupil of the eye.
୪ । (ଲକ୍ଷଣାର୍ଥ) ଆଖିର ପୁଅ ପରି ଅତି ପ୍ରିୟ ବ୍ୟକ୍ତି—
4. (Fig) One's dearest or most beloved person

ପିତୁଳା କନ୍ଦାଇବା—ପ୍ରାଦେ (ଗଡ଼ଜାତ) କ୍ରି—ମୁମୂର୍ଷୁ ରୋଗୀର ମୃତ୍ୟୁର
Pitulā kandāibā ଅବ୍ୟବହିତ ପୂର୍ବେ ଆଖିରୁ ଲୁହ ବୋହିବା-
The sheding of tears of a diseased person just before death.
(ଯଥା—ସ୍ୱାକୁ ପିତୁଳା କନ୍ଦେଇଲଣି, ଏ ଆଉ ବଞ୍ଚିବ ନାହିଁ)

ପିତୁଳା ଘର—ଦେ. ବ—୧ । ଯେଉଁ ଘରେ ପିତୁଳାମାନେ ଥାଆନ୍ତି—
Pitulāghara 1. A house where dolls are kept.
୨ । ଦେଉଳର ଚାରି ପାଖରେ ପାର୍ଶ୍ୱଦେବତାମାନଙ୍କୁ ବସାଇବା ଘର—2. Small temples where images are set up round a temple.

ପିତୁଳା ନାଟ—ଦେ. ବ—(ସ. ପୁତ୍ତଳ ଓ ନୃତ୍ୟ)—କଣ୍ଢେଇ ନାଟ—
Pitulā nāṭa Doll dancing; puppet show.
पूतल बाजी

ପିତୁଳା ପୂଜା—ଦେ. ବ—ଈଶ୍ୱର ସ୍ଥାନରେ ପ୍ରତିମା ପୂଜା—
Pitulāpūjā Image worship; idol worship.

ପିତୁଳି—ଦେ. ବ—ପିତୁଳା (ଦେଖ)
Pituli Pitulā (See)
ଦେ. ବଣ—ପିତୁଳିଆ (ଦେଖ)
Pitulia (See)

ପିତୁଳିଆ—ଦେ. ବଣ. (ସ. ତିକ୍ତରୁ)—
Pitulia ୧ । ପିତାଳିଆ; ଈଷତ୍ ତିକ୍ତ—
तितकुटे 1. Slightly bitter in taste.
(ପିତୁଳିଆ—ଅନ୍ୟରୂପ) ୨ । (ସ. ପିତ୍ତଳ) ପିତ୍ତଳ ସମ୍ବନ୍ଧୀୟ—
2. Brassy; brazen.
୩ । ପିତ୍ତଳ ରଙ୍ଗଯୁକ୍ତ—3. Of brassy colour.
୪ । ପିତ୍ତଳ ମିଶ୍ରିତ—
4. Mixed or alloyed with brass.
୫ । ପିତ୍ତଳ ବାସନରେ ରହିବା ଯୋଗୁଁ ଉଲୁଟେଇ ଯାଇଥିବା (ଖଟା ଦ୍ରବ୍ୟ)—5. That which has become spoiled in taste owing to being kept in a brass vessel.

ପିତୃ—ସ. ବ. (ମୂଳ ଶବ୍ଦ)—୧ । ପିତା (ଦେଖ)
Pitṛu 1. Pitā (See)
୨ । ପିତୃଗଣ—2. The manes.
ଦେ. ବ.—ପିତା—Father.
(ଯଥା—ସେ ମୋର ପିତୃ, ମୁଁ ତାଙ୍କ ବଚନ ଭାଙ୍ଗି ପାରିବି ନାହିଁ ।)

ପିତୃ ଅର୍ଜନ—ଦେ. ବ—ନିଜର ପିତାଙ୍କ ଅର୍ଜିତ ସମ୍ପତ୍ତି—
Pitṛu arjana Paternal acquisities

ପିତୃ ଅର୍ଜିତ—ଦେ. ବଣ—ନିଜର ପିତା ବା ପୂର୍ବ ପୁରୁଷଙ୍କ ଅର୍ଜିତ—
Pitṛu arjita Paternal; acquired by one's ancestors; ancestral (property).

ପିତୃ ଋକ୍ଥ—ସଂ. ବି. (ପିତୃ+ଋକ୍ଥ=ସମ୍ପତ୍ତି, ଦାୟ)—
Pitru ruktha ପୈତୃକ ସମ୍ପତ୍ତି—Paternal property.

ପିତୃକ—ସଂ. ବିଣ. (ପିତୃ+କ)—
Pitruka ୧ । ପୈତୃକ; ପିତୃ ସମ୍ବନ୍ଧୀୟ—1. Paternal.
୨ । ପିତୃ ପୁରୁଷଙ୍କଠାରୁ ପ୍ରାପ୍ତ ବା ଆଗତ—
2. Handed down from one's ancestors; ancestral.

ପିତୃ କର୍ମ—ସଂ. ବି—ପିତୃଲୋକଙ୍କ ଉଦ୍ଦେଶ୍ୟରେ କୃତ ଶ୍ରାଦ୍ଧ
Pitru karma ତର୍ପଣାଦି—Obsequial rites; ceremonies performed to one's ancestors.

ପିତୃ କଳ୍ପ—ସଂ. ବି. ପୁଂ. (ପିତୃ+କଳ୍ପ)—୧ । ପିତୃକର୍ମ—
Pitru kalpa 1. Obsequial ceremonies.
୨ । ପିତୃଲୋକଙ୍କର ଉତ୍ପତ୍ତ୍ୟାଦିଜ୍ଞାପକ ଗ୍ରନ୍ଥବିଶେଷ—
ସଂ. ବିଣ—ପିତୃ ତୁଲ୍ୟ—Father like.

ପିତୃ କାନନ ସଂ. ବି. (୬ଷ୍ଠୀ ତତ୍)—ଶ୍ମଶାନ—
Pitru kānana Cremation ground; crematory.

ପିତୃ କାର୍ଯ୍ୟ—ସଂ. ବି—ପିତୃକର୍ମ (ଦେଖ)
Pitru kārjya Pitru karma (See)

ପିତୃକୁଳ—ସଂ. ବି. (୬ଷ୍ଠୀ ତତ୍)—ପିତାଙ୍କ ବଂଶ—
Pitrukula Paternal line.

ପିତୃ କୃତ୍ୟ—ସଂ. ବି—ପିତୃକର୍ମ (ଦେଖ)
Pitru kruty Pitru karma (See)

ପିତୃ କ୍ରିୟା—ସଂ. ବି—ପିତୃକର୍ମ (ଦେଖ)
Pitru kriyā Pitru karma (See)

ପିତୃଗଣ—ସଂ. ବି. (୬ଷ୍ଠୀ ତତ୍)—
Pitrugana ୧ । ପୂର୍ବ ପୁରୁଷଗଣ; ବଡ଼ବଡ଼ୁଆ; ପିତୃଲୋକ—
1. One's ancestors.
୨ । ମନୁଷ୍ୟମାନଙ୍କର ପୂର୍ବ ପୁରୁଷଙ୍କର ୧୫ଟି ଶ୍ରେଣୀ—
2. 15 classes of Progenitors of the universe; the manes.

[ଦ୍ର—ଅଗ୍ନିଷ୍ୱାତ୍ତାଦି ସପ୍ତ ଓ ମରୀଚ ପ୍ରଭୃତି ଅଷ୍ଟ ମୁନଙ୍କଠାରୁ ଦେବ, ଦାନବ, ଯକ୍ଷ, ମାନବ ପ୍ରଭୃତିଙ୍କର ଉତ୍ପତ୍ତି ହୋଇଥିବାରୁ ଏମାନଙ୍କୁ ପିତୃଗଣ ବୋଲାଯାଏ । ଏମାନେ ଦକ୍ଷ ପ୍ରଜାପତିଙ୍କଠାରୁ ଜାତ । ଶାସ୍ତ୍ର ଅନୁସାରେ ଏହି ପ୍ରତ୍ୟେକଙ୍କର ଗୋଟିଏ ଲେଖାଏ ଗଣ ଅଛି । ଗରୁଡ଼ପୁରାଣୋକ୍ତ ପିତୃମାନଙ୍କ ନାମ—ବିଶ୍ୱ, ବିଶ୍ୱଭୁକ୍, ଆରାଧ୍ୟ, ଧର୍ମ, ଧନ୍ୟ, ଶୁଭାସନ, ଭୂମିଦ, ଭୂମିକୃତ୍, ଭୂତି, କଲ୍ୟାଣ, କଲ୍ୟଦ, କଲ୍ୟତର, କଲ୍ୟତରାଶ୍ରୟ, କଲ୍ୟତାହେତୁ, ଅନଘ, ମହାନ, ମହାତ୍ମା, ମହିତ, ମହିମାବାନ, ମହାବଳ ।]

ପିତୃ ଗୃହ—ସଂ. ବି. (୬ଷ୍ଠୀ ତତ୍)—୧ । କନ୍ୟାର ବାପଘର—
Pitru gruha 1. The house of a bride's father.
୨ । ପିତୃକାନନ; ଶ୍ମଶାନ—2. Cremation ground.
୩ । ପୈତୃକ ଗୃହ—3 One's paternal house.

ପିତୃ ଗୋତ୍ର—ସଂ. ବି. (୬ଷ୍ଠୀ ତତ୍)—ପିତୃକୁଳ (ଦେଖ)
Pitru gotra Pitru kula (See)

ପିତୃଘାତକ—ସଂ. ବିଣ. ପୁଂ. (ଉପପଦ ତତ୍ପୁରୁଷ)—
Pitru ghātaka ପିତାଙ୍କୁ ଯେ ହତ୍ୟା କରେ—
(ପିତୃଘାତିକା—ସ୍ତ୍ରୀ) Parricide; Patricide.

ପିତୃଘାତୀ—ସଂ. ବିଣ. ପୁଂ. (ଉପପଦ ତତ୍ପୁରୁଷ)—
Pitrughāti ପିତୃଘାତକ (ଦେଖ)
(ପିତୃଘାତିନୀ—ସ୍ତ୍ରୀ) Pitrughātaka (See)

ପିତୃଘ୍ନ—ସଂ. ବିଣ. ପୁଂ. (ପିତୃ+ହନ୍ ଧାତୁ+କର୍ତ୍ତୃ. ଅ)—
Pitrughna ପିତୃଘାତକ—Parricide.

ପିତୃ ତର୍ପଣ—ସଂ. ବି. (୬ଷ୍ଠୀ ତତ୍)—
Pitru tarpana ୧ । ପିତୃ ଲୋକଙ୍କ ତୃପ୍ତ୍ୟର୍ଥ ଜଳ ଓ ତିଳାଦି ଦ୍ୱାରା କରାଯିବା କ୍ରିୟା—1. Offering of water and sessamum to the manes or deceased ancestors.
୨ । ପିତୃ ଲୋକଙ୍କର ତୃପ୍ତି—
2. The satisfaction of one's Progenitors.
୩ । ତିଳ; ରାଶି—3. Sessamum.
୪ । ପିତୃତୀର୍ଥ (୧) (ଦେଖ)
4. Pitru tirtha (1) (See)

ପିତୃତିଥି—ସଂ. ବି.—ଅମାବାସ୍ୟା—
Pitrutithi The new moon day.
[ଦ୍ର—ଏଦିନ ପିତୃଗଣ ପଞ୍ଚଦଶ କଳାତ୍ମକ ଚନ୍ଦ୍ରଙ୍କର ସୁଧା ପାନ କରନ୍ତି ।]

ପିତୃତୀର୍ଥ—ସଂ. ବି.—୧ । ଦକ୍ଷିଣ ହସ୍ତର ତର୍ଜନୀ ଓ ଅଙ୍ଗୁଷ୍ଠ ମୂଳ
Pitrutirtha ସ୍ଥିତ କରତଳର ଅଂଶ—1. The part of the palm between the index finger and thumb of the right hand.
[ଦ୍ର—ଏହି ବାଟେ ପାଣିରେ ତର୍ପଣ କରି ଜଳ ଦେଲେ ପିତୃଗଣ ଗ୍ରହଣ କରନ୍ତି ।]
୨ । ଗୟାଧାମ—2. Gay
[ଦ୍ର—ଏଠାରେ ପିଣ୍ଡ ଦେଲେ ପିତୃପୁରୁଷମାନେ ପ୍ରେତଯୋନିରୁ ମୁକ୍ତ ହୁଅନ୍ତି ।]

ପିତୃତ୍ୱ—ସଂ. ବି.—(ପିତୃ+ଭାବେ. ତ୍ୱ)—ଜନକତ୍ୱ; କୌଣସି ଶିଶୁର
Pitrutwa ପ୍ରକୃତ ଜନକ ହେବାର ଅବସ୍ଥା—Paternity; the fact of being the actual father of a child; father-hood.

ପିତୃଦତ୍ତ—ସଂ. ବିଣ.—(୩ୟା ତତ୍)—କନ୍ୟାକୁ ପିତା ଦେଇଥିବା ଧନ
Pitru datta (ଯାହାକି କନ୍ୟାର ସ୍ତ୍ରୀଧନରୂପେ ସ୍ୱୀକୃତରେ କଳ୍ପିତ)—(property) Given to the daughter by her father.

ପିତୃଦତ୍ତା—ସଂ. ବିଣ. ସ୍ତ୍ରୀ.—ପିତାଙ୍କଦ୍ୱାରା ଜାମାତା ହସ୍ତରେ ଅର୍ପିତା
Pitrudattā (କନ୍ୟା)—Given in marriage by the father.

ପିତୃ ଦାନ—ସଂ. ବି—ପିତୃଗଣଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧାଦିରେ ଦିଆଯିବା
Pitru dāna ଅନ୍ନ ବସ୍ତ୍ର ଧନ ରତ୍ନାଦି ଦାନ—Gifts made in honour of one's departed ancestors.

ପିତୃଦାୟ—ସଂ. ବି.—(୬ଷ୍ଠୀ ତତ୍)—ପୁତ୍ର ପିତାଙ୍କ ଅନ୍ତେ ପାଇବା
Pitṛu dāya ସମ୍ପତ୍ତି; ପୈତୃକ ସମ୍ପତ୍ତି—Patrimony.
ଦେ. ବି.—ଆପଣାର ମୃତ ପିତାଙ୍କ ଶୁଦ୍ଧ ଶ୍ରାଦ୍ଧ କରିବାର ଦାୟିତ୍ୱ ବା ଭାର—The obligation to perform the obsequial rights to one's deceased father.

ପିତୃଦିନ—ସଂ. ବି.—୧ । ଅମାବାସ୍ୟା; ପିତୃତିଥି—
Pitṛu dina 1. The new moon day.
୨ । ମୃତ ପିତାଙ୍କ ସାମ୍ବତ୍ସରିକ ଶ୍ରାଦ୍ଧ ଦିବସ—2. The anniversary Śrāddha of one's father.

ପିତୃଦିବସ—ସଂ. ବି.—ପିତୃଦିନ (ଦେଖ)
Pitṛu dibasa Pitṛu dina (See)

ପିତୃଦିବସା—ଦେ. ବି. (ସଂ. ପିତୃଦିବସ)—ମୃତ ପିତାଙ୍କ ସାମ୍ବତ୍ସରିକ
Pitṛu dibasā ଶ୍ରାଦ୍ଧ ଦିବସ—The anniversary of the death of one's father when śrāddha is offered.

ପିତୃଦେବ—ସଂ. ବି. (ରୂପକ)—୧ । ଦେବତାରୂପେ କଳ୍ପିତ ନିଜର
Pitṛu deba ପିତା—1. One's father regarded as a deity.
୨ । (୬ଷ୍ଠୀ ତତ୍)—ପିତାଙ୍କୁ ପୂଜା କରିବା—
2. Worshipping a father (Apte).

ପିତୃଦୈବତ—ସଂ. ବି.—(ବହୁବ୍ରୀହି; ପିତୃଗଣ ଅଟନ୍ତି ଦୈବତ ବା
Pitṛu daibata ଦେବତା ଯାହାର,—ମଘା ନକ୍ଷତ୍ର—
The 10th lunar asterism.

ପିତୃଦ୍ରବ୍ୟ—ସଂ. ବି.—ପିତାଙ୍କ ତ୍ୟକ୍ତ ସମ୍ପତ୍ତି—
Pitṛu drabya Patrimony.

ପିତୃଦ୍ରୋହ—ସଂ. ବି.—ପିତାଙ୍କ ପ୍ରତି ମନ୍ଦ ବ୍ୟବହାର ବା ବିରୋଧା-
Pitṛu droha ଚରଣ—Illtreatment of one's father.

ପିତୃଦ୍ରୋହକ—ସଂ. ବିଣ. ପୁଂ.—ପିତାଙ୍କର ବିରୋଧାଚାରୀ—
Pitṛu drohaka Revolting against one's father; offending one's father.

ପିତୃଦ୍ରୋହୀ—ସଂ. ବିଣ. ପୁଂ.—ପିତୃଦ୍ରୋହକ (ଦେଖ)
Pitṛu drohī Pitṛu drohaka (See)
(ପିତୃଦ୍ରୋହିଣୀ—ସ୍ତ୍ରୀ)

ପିତୃଦ୍ୱେଷ—ସଂ. ବି.—ପିତାଙ୍କ ପ୍ରତି ଈର୍ଷା ବା ଘୃଣା—
Pitṛu dwesha Malice towards father.

ପିତୃଦ୍ୱେଷକ—ସଂ. ବିଣ. ପୁଂ—ପିତାଙ୍କ ପ୍ରତି ଈର୍ଷା ବା ଘୃଣାଯୁକ୍ତ;
Pitṛu dweshaka ପିତୃ ଶତ୍ରୁ—Malicious or spiteful to one's father.
(ପିତୃଦ୍ୱେଷିକା—ସ୍ତ୍ରୀ)

ପିତୃଦ୍ୱେଷୀ—ସଂ. ବିଣ. ପୁଂ.—ପିତୃଦ୍ୱେଷକ (ଦେଖ)—
Pitṛu dweshī Pitṛu dweshaka (See)
(ପିତୃଦ୍ୱେଷିଣୀ—ସ୍ତ୍ରୀ)

ପିତୃଦ୍ୱେଷ୍ଟା—ସଂ. ବିଣ. ପୁଂ.—ପିତୃଦ୍ୱେଷକ (ଦେଖ)
Pitṛu dweshṭā Pitṛu dweshaka (See)
(ପିତୃଦ୍ୱେଷ୍ଟ୍ରୀ—ସ୍ତ୍ରୀ)

ପିତୃଧନ—ସଂ. ବି.—ବାପମାଲ; ପୈତୃକ ସମ୍ପତ୍ତି—
Pitṛu dhana Ancestral property; paternal wealth; patrimony.

ପିତୃପକ୍ଷ—ସଂ. ବି.—୧ । ଆଶ୍ୱିନ କୃଷ୍ଣପକ୍ଷ—1. The dark
Pitṛupaksha fortnight of Āświna.
[ଦ୍ର—ଏହି ୧୫ ଦିନ ପିତୃଲୋକଙ୍କ ଉଦ୍ଦେଶ୍ୟରେ ତର୍ପଣ ଓ ମହାଳୟା ଶ୍ରାଦ୍ଧ କରାଯାଏ ।]
୨ । ଆତ୍ମୀୟ ପିତୃ ସମ୍ବନ୍ଧୀୟ ସ୍ୱଜନାଦି—2. One's paternal relations; relatives connected through one's father.

ପିତୃପତି—ସଂ. ବି. (୬ଷ୍ଠୀ ତତ୍)—ଯମ—
Pitṛupati The god of death.

ପିତୃପଦ—ସଂ. ବି—ପିତୃଲୋକ (ଦେଖ)
Pitṛupada Pitṛuloka (See)

ପିତୃପିତା—ସଂ. ବି. ପୁଂ. (୬ଷ୍ଠୀ ତତ୍)—ପିତାମହ—
Pitṛu pitā Paternal grand mother.
[ଦ୍ର—ପିତାଙ୍କ ପିତାଙ୍କୁ ପିତାମହ, ପିତାମହଙ୍କ ପିତାଙ୍କୁ ପ୍ରପିତାମହ ଓ ପ୍ରପିତାମହଙ୍କ ପିତାଙ୍କୁ ବୃଦ୍ଧପ୍ରପିତାମହ ବା ଗୋସେଇଁ ବାପ କହନ୍ତି ।]

ପିତୃପୁରୁଷ—ସଂ. ବି—୧ । ଆପଣାର ପିତୃପକ୍ଷୀୟ ପୂର୍ବପୁରୁଷ—
Pitṛu purusha 1. One's paternal ancestors.
୨ । ପିତୃଗଣ—2. The manes.

ପିତୃପୈତାମହ—ସଂ. ବିଣ. (ପିତୃପିତାମହ + ଅ)—
Pitṛu paitāmaha ୧ । ପୂର୍ବପୁରୁଷ ସମ୍ବନ୍ଧୀୟ—
1. Ancestral.
୨ । ପୂର୍ବପୁରୁଷ ପରମ୍ପରାଗତ—
2. Descended from one's distant ancestors.
୩ । ପିତୃପିତାମହଙ୍କ ତ୍ୟକ୍ତ (ସମ୍ପତ୍ତି)—
3. Inherited from one's father and grand-father.

ପିତୃପୈତାମହିକ—ସଂ. ବିଣ. (ପିତୃପିତାମହ + ଇକ)—
Pitṛu paitāmahika ପିତୃ ପୈତାମହ (ଦେଖ)
Pitṛu paitāmaha (See)

ପିତୃପ୍ରସୂ—ସଂ. ବି. ସ୍ତ୍ରୀ. (ପିତୃ + ପ୍ରସୂ = ମାତା)—୧ । ପିତାମହୀ—
Pitṛuprasū 1. Paternal grand mother.
୨ । ମୁହଁସନ୍ଧ୍ୟା; ଗୋଧୂଳି ସମୟ—
2. Twilight; evening.
[ଦ୍ର—ଏହି ସମୟରେ ପ୍ରେତ ବା ଭୂତମାନେ ପୃଥିବୀରେ ବିଚରଣ କରନ୍ତି ।]

ପିତୃପ୍ରାପ୍ତ—ସଂ. ବିଣ. (୫ମୀ ତତ୍)—ମୃତ ପିତାଙ୍କଠାରୁ ପ୍ରାପ୍ତ (ଧନ)—
Pitṛu prāpta Inherited from ones father.

ପିତୃବଂଶ—ସଂ. ବି—ପିତୃକୁଳ (ଦେଖ)
Pitṛubaṁśa Pitṛukula (See)

ପିତୃବତ୍—ସଂ. ବିଣ ଓ କ୍ରି. ବିଣ. (ପିତୃ + ତୁଲ୍ୟାର୍ଥେ ବତ୍)—
Pitṛu bat ପିତୃତୁଲ୍ୟ—Like one's father.

ପିତୃବନ—ସଂ. ବ—ପିତୃକାନନ (ଦେଖ)
Pitrubana Pitrukānana (See)

ପିତୃବନ୍ଧୁ—ସଂ. ବ. (୬ଷ୍ଠୀ ତତ୍)—୧ । ଆପଣା ପିତାଙ୍କର ବନ୍ଧୁ—
Pitrubandhu 1. Friend of one's father.
୨ । (ସ୍ମୃତିଶାସ୍ତ୍ର) ପିତାଙ୍କ ସମ୍ପର୍କ ଯୋଗୁଁ ଯେ ଆପଣାର ବନ୍ଧୁ ଲେଖା ହୁଅନ୍ତି—2. One's cognate kinsmen by the father's side.
[ଦ୍ର—ପିତାଙ୍କ ମାମୁଁପୁଅ, ମାଉସୀପୁଅ ଓ ପିଉସୀ ପୁଅ ଭାଇ ।]

ପିତୃବସତି—ସଂ. ବ. (୬ଷ୍ଠୀ ତତ୍)—ପିତୃକାନନ (ଦେଖ)
Pitru basati Pitru kānana (See)

ପିତୃବାନ୍ଧବ—ସଂ. ବ—ପିତୃବନ୍ଧୁ (ଦେଖ)
Pitru bāndhaba Pitrubandhu (See)

ପିତୃବିୟୋଗ—ସଂ. ବ. (୬ଷ୍ଠୀ ତତ୍)—ଆପଣା ପିତାଙ୍କ ମୃତ୍ୟୁ—
Pitru biyoga Death of one's father.

ପିତୃବ୍ୟ—ସଂ. ବ. (ପିତୃ+ଭ୍ରାତା ଅର୍ଥରେ ବ୍ୟ, ତୁଲନାକର ଗ୍ରୀକ୍ ପାଟ୍ରୋସ୍, ଲାଟିନ୍ ପାଟ୍ରୁବସ୍)—ପିତାଙ୍କ ଭାଇ; କକେଇ; ଦଦେଇ—Paternal uncle; one's father's brother.
Pitrubya

ପିତୃବ୍ୟକନ୍ୟା—ସଂ. ବ. ସ୍ତ୍ରୀ—ଖୁଡ଼ୁତାତି ଭଉଣୀ—
Pitrubya kanyā Paternal uncle's daughter.

ପିତୃବ୍ୟପତ୍ନୀ—ସଂ. ବ. ସ୍ତ୍ରୀ—ଖୁଡ଼ୀ ବା ଦେଦେଇ—
Pitrubya patni Paternal uncle's wife; paternal aunt.

ପିତୃବ୍ୟପୁତ୍ର—ସଂ. ବ. ପୁଂ—ଖୁଡ଼ୁତାପୁଅ ଭାଇ—
Pitrubya putra Paternal uncle's son; one's cousin.

ପିତୃବ୍ରତ—ସଂ. ବ—୧ । ପିତୃଯଜ୍ଞ; ଶ୍ରାଦ୍ଧ ତର୍ପଣାଦି—
Pitrubrata 1. Obsequial offerings.
୨ । ପିତୃସେବା—2. Devotion or service rendered to one's father.

ପିତୃଭକ୍ତ—ସଂ. ବଣ. ପୁଂ—ପିତାଙ୍କ ପ୍ରତି ଭକ୍ତିମାନ୍ (ପୁତ୍ର)—
Pitrubhakta Dutiful or devoted to one's father;
(ପିତୃଭକ୍ତା—ସ୍ତ୍ରୀ) dutifully attached to one's father.

ପିତୃଭକ୍ତି—ସଂ. ବ—ପିତାଙ୍କ ପ୍ରତି ପୁତ୍ରର ଶ୍ରଦ୍ଧା ଓ ଅନୁରକ୍ତି—
Pitrubhakti Devotion to one's father; filial duty.

ପିତୃଭୋଜନ—ସଂ. ବ. (ମ. ପ. ଲୋ)—ଶ୍ରାଦ୍ଧରେ ପିତାଙ୍କ ନାମରେ
Pitru bhojana ଉତ୍ସୃଷ୍ଟ ଭୋଜ୍ୟବସ୍ତୁ ବା ପିଣ୍ଡ—
Food offered to the manes.

ପିତୃମନ୍ଦିର—ସଂ. ବ. (୬ଷ୍ଠୀ ତତ୍)—ପିତୃଗୃହ (ଦେଖ)
Pitrumandira Pitrugruha (See)

ପିତୃମାତା—ସଂ. ବ. ସ୍ତ୍ରୀ. (୬ଷ୍ଠୀ ତତ୍)—ପିତାଙ୍କର ମାତା; ପିତାମହୀ—
Pitrumātā Paternal grand-mother.

ପିତୃମାତୃ—ଦେ. ବ. (ଦ୍ୱନ୍ଦ୍ୱ)—୧ । ବାପ ଓ ମା—
Pitrumātru 1. Parents.
[ଦ୍ର—ପିତୃ ଓ ମାତୃ ଶବ୍ଦର ଦ୍ୱନ୍ଦ୍ୱ ସମାସ ହେଲେ ସଂସ୍କୃତ ବ୍ୟାକରଣ ନିୟମ ଅନୁସାରେ 'ମାତାପିତୃ' ଶବ୍ଦ ଓ ତହିଁର ୧ମା ୨ ବଚନରେ 'ମାତାପିତରୌ' ହୁଏ - କିମ୍ବା ପିତରୌ ଶବ୍ଦ ହୁଏ । ଏପରି ସ୍ଥଳରେ 'ପିତୃମାତୃ' ଶବ୍ଦ ପ୍ରୟୋଗ ଅଶୁଦ୍ଧ ଓ ୬ଷ୍ଠୀ ତତ୍ପୁରୁଷରେ ନିଷ୍ପନ୍ନ ପିତୃ ମାତୃ ଶବ୍ଦ (ଯାହାର ୧ମା ୧ବଚନରେ ରୂପ ପିତୃମାତା)ର ଅର୍ଥ ବାପଙ୍କ ମାତା ବା ପିତାମହୀ । ମାତାପିତୃହୀନ ତଳେ ଥିବା କୋଠ ଦେଖ ।]
୨ । ଅନ୍ୟ ବ୍ୟକ୍ତି ପିତା ମାତା ଆଦିଙ୍କ ନାମ ଧରିବା (ଗାଳି ଦେବା)
2. Calling names to another person's father and mother.
(ଯଥା—ତୁ ମତେ ମାଇଲେ ମୁଁ ତୋ ପିତୃମାତୃ ରଖିବି ନାହିଁ !)

ପିତୃମାତୃହୀନ—ଦେ. ବଣ. ପୁଂ—ମାତାପିତୃହୀନ; ମାଆ ବାପ ନ ଥିବା
Pitru mātru hina (ବ୍ୟକ୍ତି)—Orphan; bereft of parents
(ପିତୃମାତୃହୀନା—ସ୍ତ୍ରୀ) [ଦ୍ର—ଏହା ଅଶୁଦ୍ଧ; ଶୁଦ୍ଧ ଶବ୍ଦ—'ମାତାପିତୃହୀନ']

ପିତୃମାନ୍—ସଂ. ବଣ. ପୁଂ—(ପିତୃ+ଅସ୍ତି ଅର୍ଥରେ ମତ୍)—ଜୀବତ୍ପିତୃକ
Pitrumān ଯାହାଙ୍କ ପିତା ବଞ୍ଚି ଅଛନ୍ତି; ବାପ ଥିଲା (ପୁଅ)—
(ପିତୃମତୀ—ସ୍ତ୍ରୀ) Having one's father living.

ପିତୃମୁଖା—ଦେ. ବଣ. ପୁଂ—ଯେଉଁ ଶିଶୁର ଚେହେରା ପିତାଙ୍କ
Pitru mukhā ଚେହେରା ପରି—(a child) Inheriting
(ପିତୃମୁଖୀ - ସ୍ତ୍ରୀ) the appearance of the father.

ପିତୃମେଧ—ସଂ. ବ. (୬ଷ୍ଠୀ ତତ୍) ପିତୃଯଜ୍ଞ (ଦେଖ)
Pitru medha Pitrujajña (See

ପିତୃଯଜ୍ଞ—ସଂ. ବ. (୬ଷ୍ଠୀ ତତ୍)—୧ । ପିତୃଲୋକଙ୍କ ଉଦ୍ଦେଶ୍ୟରେ
Pitrujajña ଅନୁଷ୍ଠିତ ଶ୍ରାଦ୍ଧ ତର୍ପଣାଦି—
1. Obsequial offerings to one's ancestors.
୨ । ଗୃହସ୍ଥର ପ୍ରତିଦିନ କର୍ତ୍ତବ୍ୟ ପିତୃତର୍ପଣ ଓ ବୈଶ୍ୱଦେବ—
2. The daily rituals offered to one's ancestors.
[ଦ୍ର—ପିତୃଯଜ୍ଞାଦି ପଞ୍ଚଯଜ୍ଞ ପ୍ରତ୍ୟହ ଗୃହସ୍ଥର କର୍ତ୍ତବ୍ୟ—ବ୍ରହ୍ମଯଜ୍ଞ—ବେଦାଧ୍ୟୟନ; ପିତୃଯଜ୍ଞ—ପିତୃତର୍ପଣ; ଦେବଯଜ୍ଞ—ଅଗ୍ନିହୋତ୍ର; ଭୂତଯଜ୍ଞ—ଭୂତବଳି; ନୃଯଜ୍ଞ—ଅତିଥିସେବା ।]

ପିତୃଯାନ—ସଂ. ବ. (୬ଷ୍ଠୀ ତତ୍)—୧ । ପିତୃଗଣଙ୍କର ଚନ୍ଦ୍ରଲୋକକୁ
Pitru jāna ଯିବାର ମାର୍ଗ—1. The path of the departed ancestors to the lunar heaven ascribed to them.
୨ । ପୁଣ୍ୟାତ୍ମା ଲୋକଙ୍କୁ ମୃତ୍ୟୁ ପରେ ସ୍ୱର୍ଗକୁ ନେଇ ଯିବାପାଇଁ ଦେବଲୋକରୁ ପଠାଯିବା ରଥ—
2. A car which descends from heaven to take up the souls of the departed ancestors on their death.
୩ । ଦକ୍ଷିଣାୟନ କାଳ—
3. The period during which the sun moves towards the south of the equator.

ପିତୃରାଜ—ସଂ. ବ. (୬ଷ୍ଠୀ ତତ୍)—ଯମ—
Pitṛurāja The deity of Death.

ପିତୃଲୋକ—ସଂ. ବ. (୬ଷ୍ଠୀ ତତ୍)—୧। ସ୍ୱର୍ଗରେ ପିତୃଗଣଙ୍କ ପାଇଁ
Pitṛuloka ନିର୍ଦ୍ଦିଷ୍ଟ ସ୍ଥାନ; ଚନ୍ଦ୍ରଲୋକ—
1. The world or habitation set apart for the souls of the deceased ancestors.
୨। ପିତୃଗଣ—2. Deceased progenitors of the world.
୩। ଆପଣାର ମୃତ ପୂର୍ବପୁରୁଷ—
3. One's departed ancestors.

ପିତୃଶୋକ—ସଂ. ବ.—ପିତୃବିୟୋଗଜନିତ ଦୁଃଖ—Sorrow at
Pitṛuśoka the death of one's father.

ପିତୃଶ୍ରାଦ୍ଧ—ସଂ ବ. (୬ଷ୍ଠୀ ତତ୍)—ପିତୃଲୋକଙ୍କ ଉଦ୍ଦେଶ୍ୟରେ କରାଯିବା
Pitṛu śrāddha ଶ୍ରାଦ୍ଧ; ପିତୃକର୍ମ—Obsequial ceremonies in honour of one's ancestors.

ପିତୃଷ୍ୱ (ସ୍ୱ) ସା—ସଂ. ବ. ସ୍ତ୍ରୀ (୬ଷ୍ଠୀ ତତ୍; ପିତୃଙ୍କର ସ୍ୱସା=ଭଉଣୀ;
Pitṛushwa (swa) sā ୧ମା; ୧ବ)—ପିଉସୀ; ପିଇସୀ—
Father's sister.

ପିତୃଷ୍ୱ (ସ୍ୱ) ସେୟ—ସଂ. ବ. ପୁଂ. (ପିତୃଷ୍ୱସୃ+ଅପତ୍ୟାର୍ଥେ ଏୟ)—
Pitṛushwa (swa) seya ପିଉସୀପୁଅ ଭାଇ—
ପିତୃଷ୍ୱ (ସ୍ୱ) ସେୟୀ—ସ୍ତ୍ରୀ Son of one's father's sister.

ପିତୃଷ୍ୱ (ସ୍ୱ) ସ୍ରୀୟ—ସଂ. ବ ପୁଂ. (ପିତୃଷ୍ୱସୃ+ଅପତ୍ୟାର୍ଥେ ଈୟ)—
Pitṛushwa (swa) sriya ପିତୃଷ୍ୱସେୟ (ଦେଖ)
(ପିତୃଷ୍ୱ (ସ୍ୱ) ସ୍ରୀୟା—ସ୍ତ୍ରୀ). Pitṛushwaseya (See)

ପିତୃଷ୍ୱ (ସ୍ୱ) ସ୍ରେୟ—ସଂ. ବ. ପୁଂ.—ପିତୃଷ୍ୱସେୟ (ଦେଖ)
Pitṛushwa (swa) sreya Pitṛushwaseya (See)
(ପିତୃଷ୍ୱ (ସ୍ୱ) ସ୍ରେୟା—ସ୍ତ୍ରୀ)

ପିତୃ ସଂନିଭ—ସଂ. ବଣ.—ପିତୃକଳ୍ପ (ଦେଖ)
Pitṛu saṃnibha Pitṛukalpa (See)

ପିତୃସଦନ—ସଂ. ବ.—ପିତୃଗୃହ (ଦେଖ)
Pitṛusadana Pitṛugṛuha (See)

ପିତୃ ସଦ୍ମ—ସଂ. ବ—(୬ଷ୍ଠୀ ତତ୍)—ପିତୃକାନନ (ଦେଖ)—
Pitṛu sadma Pitṛu kānana (See)

ପିତୃ ସନ୍ନିଭ—ସଂ. ବଣ—ପିତୃକଳ୍ପ (ଦେଖ)—
Pitṛu sannibha Pitṛukalpa (See)

ପିତୃ ସମ୍ବତ୍ସର—ସଂ. ବ—ପିତାଙ୍କର ମୃତ୍ୟୁଦିବସଠାରୁ ଏକ ବର୍ଷ ସମୟ—
Pitṛu sambatsara Period of one year from the death of one's father.
[ଦ୍ର—ଏହି ବର୍ଷକ ମଧ୍ୟରେ ପିତାଙ୍କୁ ପ୍ରତି ମାସରେ ଶ୍ରାଦ୍ଧ ଦେବାକୁ ହୁଏ ବୋଲି ଏ ସମୟରେ କିମ୍ବା ଧରିଥିବା ପୁତ୍ର ଅନ୍ୟ ଗୃହସ୍ଥର ପାକରେ ଭୋଜନ କରେ ନାହିଁ।
ଆଉ ମଧ୍ୟ ଲୋକଙ୍କର ବିଶ୍ୱାସ ଯେ ଏହି ବର୍ଷକ ମଧ୍ୟରେ ପୁତ୍ରକୁ ନାନା ଦୁଃଖ ଭୋଗ କରିବାକୁ ପଡ଼େ ଓ ଏ ଏକ ବର୍ଷକାଳ ବିତିଗଲେ ଦୁଃଖ କମିଯାଏ।]

ପିତୃସେବା—ସଂ. ବ—(୬ଷ୍ଠୀ ତତ୍)—ଭକ୍ତିପୂର୍ବକ ପିତାଙ୍କର ଶୁଶ୍ରୂଷା—
Pitṛu sebā Devoted service to one's father.

ପିତୃସ୍ଥାନ—ସଂ. ବ—(୬ଷ୍ଠୀ ତତ୍)—୧। ଶ୍ମଶାନ—
Pitṛu sthāna 1. Cremation ground.
୨। ପିତୃଲୋକ; ଚନ୍ଦ୍ରଲୋକ—
2. The heaven for the deceased progenitors.
୩। ପିତୃତୁଲ୍ୟ ପୂଜ୍ୟ ବ୍ୟକ୍ତି—
3. A person in the position of a father to one.

ପିତୃସ୍ଥାନୀୟ—ସଂ. ବଣ. ପୁଂ—୧। ପିତୃତୁଲ୍ୟ; ପିତାଙ୍କ ପରି ମାନନୀୟ—
Pitṛu sthāniya 1. Standing in relationship of a father to a person; deserving to be honoured like one's father.
[ଦ୍ର—ଶାସ୍ତ୍ର ଅନୁସାରେ—ଅନ୍ନଦାତା, କନ୍ୟାଦାତା, ଭୟତ୍ରାତା, ଜ୍ୟେଷ୍ଠଭ୍ରାତା ଓ ଦୀକ୍ଷାଗୁରୁ ଏମାନେ ଆପଣାର ପିତୃସ୍ଥାନୀୟ ଅଟନ୍ତି।]
୨। ଆପଣାର ଅଭିଭାବକ; ମୁରବି—
2. One's guardian.
୩। ଗୁରୁଜନ—3. One's elders.

ପିତୃସୂ—ସଂ. ବ. ସ୍ତ୍ରୀ—(ପିତୃ+ସୂ ଧାତୁ+କର୍ତ୍ତୃ. କ୍ୱିପ୍)—ପିତୃପ୍ରସୂ
Pitṛusū (ଦେଖ)—Pitṛu prasū (See)

ପିତୃ ହତ୍ୟା—ସଂ. ବ—(୬ଷ୍ଠୀ ତତ୍)—ବାପାଙ୍କୁ ବଧ କରିବା—
Pitṛu hatyā Murdering one's father; parricide; patricide.

ପିତୃହନ୍ତା—ସଂ. ବଣ. ପୁଂ—(ପିତୃ+ହନ୍ ଧାତୁ+ତୃ, ୧ମା. ୧ବ)—
Pitṛuhantā ପିତୃଘ୍ନ; ପିତୃଘାତୀ—Parricide.
(ପିତୃହନ୍ତ୍ରୀ—ସ୍ତ୍ରୀ)

ପିତୃହା—ସଂ. ବଣ. ପୁଂ—(ପିତୃ+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Pitṛuhā ତୁଳନା କର: ବୃତ୍ରହା—ପିତୃହନ୍ତା (ଦେଖ)—
Pitṛuhantā (See)

ପିତୃହୀନ—ସଂ. ବଣ. ପୁଂ—(୩ୟା ତତ୍)—ବାପଛେଉଣ୍ଡ; ଯାହାର
Pitṛuhina ପିତା ମରିଅଛନ୍ତି—Fatherless; having lost one's father.
(ପିତୃହୀନା—ସ୍ତ୍ରୀ)

ପିତୃହୂ—ସଂ. ବ—ଡାହାଣ କାନ—
Pitṛuhū One's right ear.
[ଦ୍ର—ସ୍ମୃତି ଶାସ୍ତ୍ର ଅନୁସାରେ ମନୁଷ୍ୟର ଡାହାଣ କାନରେ ଗଙ୍ଗା ବିରାଜିତ ଥିବାରୁ ସେ କାନରେ ହାତମାରିଲେ ମନୁଷ୍ୟ ପବିତ୍ର ହୋଇଯାଏ ଓ ପିତୃଲୋକଙ୍କ ଉଦ୍ଦେଶ୍ୟରେ ତର୍ପଣାଦି କରିବାକୁ ଅଧିକାରୀ ହୁଏ। ବାମ କର୍ଣ୍ଣକୁ ଦେବହୂ ବୋଲାଯାଏ।]

ପିତେଇ ଯିବା—ଦେ. କ୍ରି—ପିତ୍ତାଧିକ୍ୟ ହେତୁରୁ ଶରୀର ପୀଡ଼ିତ ହେବା—To be affected by bile.
Pitei jibā
ପ୍ରାଦେ (ସମ୍ବଲପୁର) କ୍ରି—ଉକେଇଯିବା, ଉଦ୍ଧୁଟି ଯିବା—

ପିତ୍ତ—ସଂ. ବି—(ଅପି=ନିଶ୍ଚୟରୂପେ+ଦୋ ଧାତୁ=ଛେଦନ କରିବା
Pitta କିମ୍ବା ଦେ ଧାତୁ=ପାଳନ କରିବା+କର୍ତ୍ତୃ. ତ)— ବୈଦ୍ୟ-
ସଂ. ପର୍ଯ୍ୟାୟ—ପିତ୍ତମାୟୁ ଶାସ୍ତ୍ର (ଶରୀରସ୍ଥ ପ୍ରଧାନ ତିନି ଧାତୁ
କାଳକ୍ଲୀତ, ତେଜସ୍, ତିକ୍ତ, ଧାତୁ, (ବାତ, କଫ ଓ ପିତ୍ତ) ମଧ୍ୟରୁ
ଉଷ୍ମା, ଅଗ୍ନି, ଅନଳ, ରଞ୍ଜନ ଏକତମ—The gall; bile; choler.
ଆ. ସଫରା
ଫା. ତଲ୍ଖା [ଦ୍ର—ପିତ୍ତ ଶରୀରର ଅନ୍ତର୍ଗତ ଯକୃତରୁ ଉତ୍ପନ୍ନ ହୁଏ । ଏହାର ବର୍ଣ୍ଣ ନୀଳାଭ ପୀତବର୍ଣ୍ଣ ଓ ଏହାର ସ୍ୱାଦ ତିକ୍ତ ବା ପିତା । ଏହା ଯକୃତର ବାହାର ଦୁଇଟି ନାଡ଼ୀଦ୍ୱାରା ପକ୍ୱାଶୟକୁ ଆସି ସେଠାରେ ଆହାରରସ ସଙ୍ଗେ ମିଶେ । ପକ୍ୱାଶୟରେ ଆହାର ଦ୍ରବ୍ୟ ନ ଥିଲେ ପିତ୍ତ ପୁଣି ଯକୃତକୁ ଫେରିଯାଏ । ଆହାରରସରୁ ଅମ୍ଳତା ଦୂର କରିବା, ପେଟ ଭିତରେ ଆହାର୍ଯ୍ୟ ଦ୍ରବ୍ୟକୁ ସଢ଼ାଇ ନ ଦେବା, ଶରୀରର ତାପକୁ ସ୍ଥିର ରଖିବା ପିତ୍ତର କାର୍ଯ୍ୟ । ପିତ୍ତ କମିଗଲେ ମନ୍ଦାଗ୍ନି ଅତିସାର ଓ କୋଷ୍ଠକାଠିନ୍ୟ ହୁଏ । ପିତ୍ତ ଅଧିକ ହେଲେ ଜ୍ୱର, ଦାହ, ବମନ, ତୃଷା, ମୂର୍ଚ୍ଛା ଓ ନାନା ଚର୍ମରୋଗ ହୁଏ । ପିତ୍ତ କମି ହେଲେ ଦେହ ହଳଦିଆ ଦେଖାଯାଏ । ସମୟ ସମୟରେ ଶରୀରରେ ପିତ୍ତ ଅଧିକ ହେଲେ ତାହା ବାନ୍ତି ଦ୍ୱାରା ବାହାରିଯାଏ । ଏହା ଶରୀରସ୍ଥ ତିନି ଧାତୁ (କଫ, ବାତ ଓ ପିତ୍ତ) ମଧ୍ୟରେ ଏକତମ ।

ସାଧାରଣ ଲୋକଙ୍କ ମଧ୍ୟରେ ବିଶ୍ୱାସ ଅଛି ଯେ, ଲୋକର ପିତ୍ତ ଅଧିକ ହେଲେ ଲୋକ ରାଗି ଉଠେ ଓ ବେଳେ ବେଳେ ବାଉଳ ପରି ହୁଏ ଏବଂ ଦେହରେ ପିତ୍ତ ଅଧିକ ଥିବା ବ୍ୟକ୍ତି ଦୁର୍ବଳ ଓ ଚିଡ଼ିଲ ହୁଅନ୍ତି ।]

ପିତ୍ତ ଉଠିବା—ଦେ. କ୍ରି—ହଠାତ୍ ରାଗିଯିବା —
Pitta uṭhibā To become suddenly angry or choleric.
পিত্তি ওঠা
पित्तउबलना [ଦ୍ର—ଲୋକବିଶ୍ୱାସ ଯେ ମୁଣ୍ଡକୁ ପିତ୍ତ ଉଠିଗଲେ ମନୁଷ୍ୟର ମସ୍ତିଷ୍କ ବା ମଗଜ ଗରମ ହୋଇଯାଏ ଓ ସେ ବାଉଳା ପ୍ରାୟ ହୁଏ ।]
ପିତ୍ତ ଚହଟିବା }
ପିତ୍ତ ଗରମ ହେବା } ଅନ୍ୟରୂପ
ପିତ୍ତ ଉତୁରିବା }

ପିତ୍ତକୋଷ—ସଂ. ବି. (୬ଷ୍ଠୀ ତତ୍; ପିତ୍ତ+କୋଷ)—
Pitta kosha ପ୍ରାଣୀର ଶରୀରସ୍ଥ ପିତ୍ତ ଥିବା ମୁଣା ବା ଥଳି — Gall-bladder.

ପିତ୍ତ ଖସା(ସେ)ଇ ଦେବା—ଦେ. କ୍ରି—୧ । (ଲକ୍ଷଣାର୍ଥ) କୌଣସି
Pitta khasā(se)i debā ବ୍ୟକ୍ତିର ପିତ୍ତାଧିକ୍ୟଜନିତ ରାଗକୁ ଶାନ୍ତ କରାଇବାପାଇଁ ଉପଚାର କରିବା—
ପିତ୍ତ ଖସା(ସେ)ଇବା } ଅନ୍ୟରୂପ
ପିତ୍ତ ଉତାରିବା }
To cause a person's anger to subside by checking him.
୨ । (ଗାଳିରେ ବ୍ୟବହୃତ) ଥଣ୍ଡା କରାଇବା; ଶିକ୍ଷା ଦେବା—
2 To teach a lesson to a person.

ପିତ୍ତଘ୍ନ—ସଂ. ବିଣ. (ପିତ୍ତ+ହନ୍ ଧାତୁ+କର୍ତ୍ତୃ. ଅ)—ପିତ୍ତନାଶକ—
Pittaghna Anti-bilious; lessening bile in the system

ସଂ. ବି—ଘିଅ—Ghee.

ପିତ୍ତଘ୍ନୀ—ସଂ. ବି. ସ୍ତ୍ରୀ—ଗୁଳୁଚୀ ଲତା—
Pittaghnī A medicinal creeper; Menispermum Glabrum.

ପିତ୍ତ ଚହଟା(ଟେ)ଇବା—ଦେ. କ୍ରି—୧ । ଶରୀରରେ ପିତ୍ତବୃଦ୍ଧି କରାଇବା-
Pitta chahaṭā(ṭe)ibā 1. To cause increase of bile in the system.
পিত্তি চটান **पित्त उबलाना**
୨ । ଅନ୍ୟ ବ୍ୟକ୍ତିକୁ ରାଗରେ ବାଉଳା କରାଇବା—
2 To madden a person.

ପିତ୍ତ ଚହଟିବା—ଦେ. କ୍ରି—୧ । ସାମୟିକ ବାଉଳତା—
Pitta chahaṭibā 1. Temporary lunacy or mania due to bile
୨ । ପିତ୍ତ ଉଠିବା (ଦେଖ)—
2. Pitta uṭhibā (See)

ପିତ୍ତଜ—ସଂ. ବିଣ. (ଉପପଦ ତତ୍; ପିତ୍ତ+ଜନ୍ ଧାତୁ+କର୍ତ୍ତୃ. ଅ)—
Pittaja ଶରୀରରେ ପିତ୍ତର ଆଧିକ୍ୟ ଯୋଗୁଁ ଜାତ—
(ପିତ୍ତଜନିତ—ଅନ୍ୟରୂପ) Arising out of or due to excess of bile in the system.

ପିତ୍ତଜନକ—ସଂ. ବିଣ—ଶରୀରରେ ପିତ୍ତ ବୃଦ୍ଧିକାରକ (ଔଷଧ)—
Pitta janaka (medicine) Increasing bile secretion in the system.

ପିତ୍ତ ଜ୍ୱର—ସଂ. ବି. (ମ. ପ. ଲୋ; ପିତ୍ତାଧିକ୍ୟ ଜନିତ ଜ୍ୱର)—
Pitta jwara ପୈତ୍ତିକ ଜ୍ୱର; ପିତ୍ତ ଧାତୁର ପ୍ରକୋପଜନିତ ଜ୍ୱର— Bilious fever.

ପିତ୍ତ ଦେହୀ—ଦେ. ବିଣ. ପୁଂ ଓ ସ୍ତ୍ରୀ—ଯେଉଁ ଲୋକର ଦେହରେ ପିତ୍ତ
Pitta dehī ଧାତୁ ଅଧିକ ଥାଏ—Bilious or choleric (person).
পিত্তধাত **पित्त धातका**
(ପିତ୍ତ ଧାତୁ—ଅନ୍ୟରୂପ)
[ଦ୍ର—ପିତ୍ତଦେହୀ ଲୋକମାନେ କ୍ଷୀଣଶରୀର, ହଠାତ୍ ରାଗୀ, ଅବ୍ୟବସ୍ଥିତଚିତ୍ତ ଓ କାମାତୁର ହୁଅନ୍ତି ବୋଲି ଲୋକବିଶ୍ୱାସ ।]

ପିତ୍ତ ନାଶକ—ସଂ. ବିଣ—ପିତ୍ତଘ୍ନ, ଯେଉଁ ଔଷଧଦ୍ୱାରା ଶରୀରର
Pitta nāśaka ପିତ୍ତାଧିକ୍ୟ ନିବୃତ୍ତ ହୁଏ—Anti-bilious;
(ପିତ୍ତ ନିବାରକ—ଅନ୍ୟରୂପ) antidote against biliousness.

ପିତ୍ତ ପଡ଼ିବା—ଦେ. କ୍ରି—ଉପଯୁକ୍ତ ସମୟରେ ଆହାର ନ ପାଇବା ଯୋଗୁଁ
Pitta paṛibā ପିତ୍ତାଶୟରୁ ପିତ୍ତ ଚହଟି ଯାଇଁ କ୍ଷୁଧା ମାନ୍ଦ୍ୟ
পিত্তিপড়া ଓ ବମନାଦି ବିକାର ଉପସ୍ଥିତ ହେବା—Vomitting;
पित्त डालना Dyspepsia etc. caused by bile secretion due to not eating in due time.

ପିତ୍ତ ପାଗ୍ଳା—ଦେ. ବିଣ. ପୁଂ—୧ । ସାମୟିକ ବାଉଳା—
Pitta pāgulā 1. Maniac; temporarily insane.
୨ । ଚିଡ଼ିଲ—2. Choleric; sulky.
୩ । ଯେ ସାମୟିକ ବାଉଳା ପ୍ରାୟ ଏଣୁ ତେଣୁ ବକେ; ବାଚାଳ—
3. One who becomes excited and talkative on occasions.

(ପିତ୍ତପାଗ୍‌ଳ, ପିତ୍ତପାଗ୍‌ଳଆ, ପିତ୍ତପାଗ୍‌ଳା, ପିତ୍ତପାଗ୍‌ଳ, ପିତ୍ତ-ପାଗ୍‌ଳଆ—ଅନ୍ୟରୂପ)
(ପିତ୍ତପାଗ୍‌ଳୀ, ପିତ୍ତପାଗ୍‌ଳେଇ, ପିତ୍ତପାଗ୍‌ଳୀ, ପିତ୍ତପାଗ୍‌ଳେଇ—ସ୍ତ୍ରୀ)

ପିତ୍ତ ପାଗ୍ଳାଇବା—ଦେ. କ୍ରି—ପିତ୍ତ ଚହଟିବା (ଦେଖ)
Pitta pāngulāibā Pitta chahaṭibā (See)
(ପିତ୍ତ ପାଗ୍‌ଳିବା—ଅନ୍ୟରୂପ)

ପିତ୍ତପାଣ୍ଡୁ—ସଂ. ବ.—ହଳଦିଆ କାମଳ ରୋଗ—
Pittapāṇḍu Jaundice.
(ଯଥା—ଏଥିରେ ରୋଗୀର ମଳ, ମୂତ୍ର, ନେତ୍ର ଓ ଦେହ ପୀତାଭ ଦେଖାଯାଏ ।)

ପିତ୍ତ ପ୍ରକୃତି—ସଂ. ବଣ.—(ବହୁବ୍ରୀହି; ପିତ୍ତ+ପ୍ରକୃତି)—ଯେଉଁ
Pitta prakṛuti ବ୍ୟକ୍ତିଠାରେ ପିତ୍ତ ଧାତୁର ଆଧିକ୍ୟ ଥାଏ—Of
(ପିତ୍ତପ୍ରକୃତିକ—ପୁଂ. ଅନ୍ୟରୂପ) bilious temperament.
(ପିତ୍ତ ପ୍ରକୃତିକା—ସ୍ତ୍ରୀ)
[ଦ୍ର—ଏମାନଙ୍କୁ ଖୁବ୍ କ୍ଷୁଧା ଓ ଶୋଷ ହୁଏ; ଏମାନଙ୍କ ବର୍ଣ୍ଣ ଗୋରା, ଲେଉ ଓ ତଳପା ଓ ମୁଖ ରକ୍ତାଭ, ଆଖି ତଳ ଓ କେଶ କହରା ହୁଏ ଓ ଦେହରେ ଲୋମ କମ୍ ଥାଏ ।]

ପିତ୍ତବର୍ଦ୍ଧକ—ସଂ. ବଣ.—ପିତ୍ତଜନକ (ଦେଖ)
Pittabarddhaka Pittajanaka (See)

ପିତ୍ତରକ୍ତ—ସଂ. ବ.—ରକ୍ତପିତ୍ତ ରୋଗ; ଅମ୍ଳପିତ୍ତ ରୋଗ—
Pittarakta Plethora.

ପିତ୍ତଳ—ସଂ. ବ. (ପିତ୍ତ=ପିତ୍ତର ବର୍ଣ୍ଣ+ଲା ଧାତୁ=ଗ୍ରହଣ କରିବା+
Pittaḷa କର୍ତ୍ତୃ. ଅ)—୧ । ତାମ୍ର ଓ ଯିସା ମିଶ୍ରିତ ଧାତୁବିଶେଷ—
1. Brass.
୨ । ଭୂର୍ଜ୍ଜ ପତ୍ର—2. The bark of birch tree.
୩ । ହରିତାଳ—3. Yellow orpiment.
ସଂ. ବଣ.—ପିତ୍ତଯୁକ୍ତ; ପୈତ୍ତିକ—Bilious.

ପିତ୍ତଶ୍ଳେଷ୍ମ—ଦେ. ବ. (ସଂ. ପିତ୍ତ ଓ ଶ୍ଳେଷ୍ମନ୍)—ଶରୀରରେ ପିତ୍ତ ଓ
Pitta śḷeshma କଫର ଆଧିକ୍ୟଜନିତ ଅସୁସ୍ଥତା—Illness due to increase of gall and cough in the system.
ପିତ୍ତଶିଳସମ୍; ପିତ୍ତଶିଲେଷମ, ପିତ୍ତଶ୍ଳେଷ୍ମା
ପିତ୍ତଶେଲେଷମ ପିତ୍ତଶେଲେଷମା } ଅନ୍ୟରୂପ

ପିତ୍ତହା—ସଂ. ବଣ.—(ପିତ୍ତ+ହନ୍ ଧାତୁ+କର୍ତ୍ତୃ. ଅ)—
Pittahā ପିତ୍ତଘ୍ନ (ଦେଖ)—Pittaghna (See)
ସଂ. ବ.—ଘରପୋଡ଼ିଆ (ଦେଖ)—Gharapoṛdiā (See)

ପିତ୍ତା—ଦେ. ବଣ. (ସଂ. ତିକ୍ତ)—ପିତା; ତିକ୍ତ—
Pittā ତିତା **কড়ুবা, তিতা** Of bitter taste.

ପିତ୍ତାତିଶଯ୍ୟ—ସଂ. ବ. (୬ଷ୍ଠୀ ତତ୍; ପିତ୍ତ+ଅତିଶଯ୍ୟ)—
Pittātiśajya ଶରୀରରେ ପିତ୍ତର ବୃଦ୍ଧି—Excessive gall secretion in the system; predomination of bile in the body.

ପିତ୍ତାତିସାର—ସଂ. ବ—ପିତ୍ତାଧିକ୍ୟଜନିତ ଝାଡ଼ା—
Pittātisāra Diarrhoea resulting from excess of
(ପିତ୍ତାତୀସାର—ଅନ୍ୟରୂପ) bile in the system.

[ଦ୍ର—ଏଥିରେ ମଳ ସଙ୍ଗେ ଟକଳଆ ନାଲ ପଡ଼େ ।]

ପିତ୍ତାଧାର—ସଂ. ବ. (୬ଷ୍ଠୀ ତତ୍)—ପିତ୍ତକୋଷ; ଯେଉଁ ମୁଣିରେ ପିତ୍ତ
Pittādhāra ଥାଏ—Gall-bladder.
(ପିତ୍ତାଶୟ—ଅନ୍ୟରୂପ)

ପିତ୍ତାଧିକ—ସଂ. ବଣ. (ବହୁବ୍ରୀହି; ପିତ୍ତ+ଅଧିକ)—ଯେଉଁ ଦେହରେ
Pittādhika ପିତ୍ତ ବିଶେଷଭାବରେ ପ୍ରବଳ ଥିବା ନାଡ଼ୀ ଆଦି ପରୀକ୍ଷାରୁ ଜଣାଯାଏ—(body) In which bile predominates.

ପିତ୍ତାଧିକ୍ୟ—ସଂ. ବ. (୬ଷ୍ଠୀ ତତ୍)—ପିତ୍ତାତିଶଯ୍ୟ (ଦେଖ)
Pittādhikya Pittātiśajya (See)

ପିତ୍ତା ପୋଟଳ—ଦେ. ବ. (ବୈଦ୍ୟକ)—ଏକପ୍ରକାର ପଟୋଳ—
Pittā potaḷa A kind of bitter patola fruit and its creeper.
ସଂ. ପଟୋଳ, କର୍କଶଚ୍ଛଦ, କଟୁଫଳ,
କୁଷ୍ଠହା, କାସମର୍ଦ୍ଦନ
চিংপটোল; চিংপলতা **बड़ बेयर बल**
ତେ. ଚେଡ଼ା ପୋଟ୍ଲମ୍

ପିତ୍ତା ବାଦାମ—ଦେ. ବ. (ବୈଦ୍ୟକ)—ଏକପ୍ରକାର ବାଦାମ—
Pittā bādāma A kind of bitter almond.
ସଂ. ତିକ୍ତବାତାଦ [ଦ୍ର—ଏହା ଖାଇଲେ ଦୃଷ୍ଟିଶକ୍ତି ବର୍ଦ୍ଧିତ ହୁଏ ଓ ଅଗ୍ନିସ୍ଥ ଉଦ୍ଦୀପ୍ତ ହୁଏ । ଦ୍ରବ୍ୟଗୁଣ କଳ୍ପଦ୍ରୁମ ।]

ପିତ୍ତା ବୋଦକା—ପ୍ରାଦେ (ଗଞ୍ଜାମ) ବ. (ବୈଦ୍ୟକ) ପିତା ତରଡ଼ା (ଦେଖ)
Pittā bodakā Pitā tararḍā (see)

ପିତ୍ତା ଲାଉ—ଦେ. ବ. (ବୈଦ୍ୟକ)—ଏକପ୍ରକାର ଲାଉ—
Pittā lāu Bitter gourd.
ସ—ତିକ୍ତାଲାବୁ, କଟୁତୁମ୍ବୀ, ତିକ୍ତଶାକା
তিত্‌লাউ **तित्‌लौकी**
ତେ. ଚେଡ଼ାଆନପୁ

ପିତ୍ତୋଲ୍ବଣ—ସଂ. ବ. (୬ଷ୍ଠୀ ତତ୍)—ପିତ୍ତାତିଶଯ୍ୟ (ଦେଖ)
Pittolwaṇa Pittātiśajya (see)

ପିତ୍ରର୍ଜନ—ସଂ. ବ. (୬ଷ୍ଠୀ ତତ୍; ପିତୃ+ଅର୍ଜନ) ପିତୃ ଅର୍ଜନ (ଦେଖ)
Pitrarjana Pitṛu arjana (see)

ପିତ୍ରର୍ଜିତ—ସଂ. ବଣ. (୩ୟା ତତ୍; ପିତୃ+ଅର୍ଜିତ)—ପିତୃଅର୍ଜିତ (ଦେଖ)
Pitrarjita Pitṛuarjita (see)

ପିତ୍ରାଳୟ—ସଂ. ବ. (୬ଷ୍ଠୀ ତତ୍; ପିତୃ+ଆଳୟ)— ୧ । ପିତୃଭବନ,
Pitrāḷaya ବାପଘର—1. Father's house.
୨ । ପୈତୃକ ବାସସ୍ଥାନ—2. Ancestral residence.

ପିତ୍ର୍ୟ—ସଂ. ବଣ. (ପିତୃ+ଯ)—୧ । ପୈତୃକ—
Pitrya 1. Paternal; ancestral.
୨ । ପିତାଙ୍କଠାରୁ ପ୍ରାପ୍ତ—2. Inherited from father
୩ । ପିତୃଗଣ ନିମନ୍ତେ ଉତ୍ସୃଷ୍ଟ—
3. Dedicated to the manes.
୪ । ଶ୍ରାଦ୍ଧ ତର୍ପଣାଦି ପିତୃକର୍ମରେ ପ୍ରଶସ୍ତ—
4. Sacred to the manes.
ସଂ. ବ.—୧ । ଦଦେଇ, ଜ୍ୟେଷ୍ଠ ତାତ, ଜ୍ୟେଷ୍ଠ ପିତୃବ୍ୟ, ଦେଉତା—1. Father's elder brother.

୨ । ମାଷ; ବର—2. A kind of kidney bean.
୩ । ମଧୁ—3. Honey.
୪ । ପିତୃତୀର୍ଥ; ଅଙ୍ଗୁଷ୍ଠ ଓ ତର୍ଜନୀ ମୂଳମଧ୍ୟସ୍ଥ କରତଳ—
4. The portion of the palm of hand between the root of the index finger and that of the thumb.
୫ । ବଡ଼ ଭାଇ (ହ୍ରି. ଶ.)—5. Elder brother.

ପିତ୍ର୍ୟା—ସଂ. ବଣ. ସ୍ତ୍ରୀ. (ପିତ୍ର୍ୟ+ଆ)—ପିତ୍ର୍ୟର ସ୍ତ୍ରୀଲିଙ୍ଗ— Pitryā Feminine of pitrya.
ସଂ. ବି.—୧ । ମଘା ନକ୍ଷତ୍ର (ହ୍ରି. ଶ.)— 1. The 10th asterism.
୨ । ପୂର୍ଣ୍ଣିମା (ହ୍ରି. ଶ.)—2. The full moon day.
୩ । ଅମାବାସ୍ୟା (ହ୍ରି.ଶ.)—3. The new moon day.

ପିତ୍ସଲ—ସଂ. ବି. (ପତ୍ ଧାତୁ=ଗମନ କରିବା+ସଂଜ୍ଞାର୍ଥେ. ସଲ)— Pitsala ମାର୍ଗ; ପଥ—Road; way; path.
(ପିତ୍ସଲ—ଅନ୍ୟରୂପ)

ପିଜୁଡ଼ି—ଦେ. ବି. (ସଂ. ପାରେବତ ଫଳ)—ପିଜୁଳି (ଦେଖ)
(ପିଜୁଡ଼ି, ପିଜୁଡ଼ୁ—ଅନ୍ୟରୂପ) Pijurdi.

ପିଧାନ—ସଂ. ବି. (ଅପି=ଉପରେ+ଧା ଧାତୁ=ଧାରଣ କରିବା+ Pidhāna ଭାବ. ଅନ)—୧ । ଅପିଧାନ; ଆଚ୍ଛାଦନ; ଆବରଣ— 1. A cover.
ବଳ୍କଳ ପିଧାନ ପ୍ରତି ଶାଖା ଉତ୍ତରରେ—ଭଞ୍ଜ. ବୈଦେହୀଶବିଳାସ ।
୨ । (+କରଣ. ଅନ) ଢାଙ୍କୁଣୀ—2. Lid.
୩ । ଘୋଡ଼ଣୀ—3. A covering.
୪ । ଖଣ୍ଡାର ଖାପ; ଅସିକୋଷ—4. Sheath.
କନ୍ତୁ ଦେଖେ ବଳମ୍ଭିତ କ୍ଷାଂସି ପିଧାନେ । ରାଧାନାଥ. ମହାଯାତ୍ରା ।
୫ । ଆବରଣ ବସ୍ତ୍ର; ରେପର—
5. Wrapper; winding sheet.
୬ । ଅଙ୍ଗରଖା; କୁର୍ତ୍ତା—6. Coat; over coat.
୭ । ପହ୍ନମ; ପିହାଣ; ଢେଲଉଣୀ—
7. A pan or lid for an earthen pot.

ପିଧାନକ—ସଂ. ବି. (ପିଧାନ+ସ୍ୱାର୍ଥେ. କ)—୧ । ଖଡ୍ଗକୋଷ— Pidhānaka 1. A sheath.
୨ । ଗିନା ବା ଗିଲାସର ସରପୋଷ—
2. A lid for a glass or crucible.

ପିନ୍—ବୈଦେ. ବି. (ଇଂ.)—୧ । କେଶ, ଲୁଗା ଓ କାଗଜ ଆଦି ଏକତ୍ର Pin ରଖିବା ନିମନ୍ତେ ବ୍ୟବହୃତ କୌଣସି ଧାତୁର ସରୁ କଣ୍ଟା—
পিন **पिन** 1. Pin.
(ପିନା—ଅନ୍ୟରୂପ) ୨ । ଛୋଟ ଖିଲ—2. Small peg.
୩ । (ଇଂ. ପେନ୍) ନିବ୍—3. Nib.

ପିନ୍ କଣ୍ଟା—ଦେ. ବି.—(ଇଂ. ପିନ୍+ସଂ. କଣ୍ଟକ)—ପିନ୍ (ଦେଖ)— Pinkantā Pin (See)

ପିନ୍ ଭାଇସ୍—ବୈଦେ. ବି. (ବଣିଆ ଶବ୍ଦ) (ଇଂ)—ସୁନା ରୂପାର ତାରକୁ Pin bhāis ଧରି କାମ କରିବା ଲାଗି ଏକ ପ୍ରକାର ହାତୁଆର—
পিনভাইস Pin-vice; gold smith's vice for holding
पिन भाइस wires.

ପିନ୍ସନ୍—ବୈଦେ. ବି. (ଇଂ. ପେନ୍ସନ୍)—ପେନ୍ସନ୍ (ଦେଖ)
Pinsan Pensan (See)
পেনসন **पिनसन**
(ପିନ୍ସିନ୍, ପିନସନ୍, ପିନ୍ସିନ—ଅନ୍ୟରୂପ)

ପିନ୍ସିଲ୍—ବୈଦେ. ବି. (ଇଂ. ପେନ୍ସିଲ୍)—ପେନ୍ସିଲ୍ (ଦେଖ)
Pin-sin পেনসিল **पेंसिल** Pen-sil (See)
ପିନ୍ ସିଲ୍, ପିନସିନ୍, ପିନ(ନ)ସ୍ୱଖଡ଼ି, ପିନ(ନ)ସ୍‌କାଠି, ପିନ୍ସିନ୍, ପିନ୍ସିଲ } ଅନ୍ୟରୂପ

ପିନଦ୍ଧ—ସଂ. ବଣ. (ଅପି=ନିଶ୍ଚୟ+ନହ୍ ଧାତୁ=ବାନ୍ଧିବା+ତ)— Pinaddha ୧ । ବଦ୍ଧ—1. Bound.
୨ । ବନ୍ଧା ହୋଇଥିବା—2. Tied.
୩ । ପରିହିତ—3. Worn; clothed.
୪ । ଆବୃତ—4. Covered; veiled.

ପିନସ—ସଂ. ବି—ଶ୍ଳେଷ୍ମା; କଫ— Pinasa Catarh; cold.
ଦେ. ବି. (ସଂ. ପୀନସ)—ପୀନସ (ଦେଖ) Pinasa (See)

ପିନା—ବୈଦେ. ବି. ଇଂ. (ପିନ୍)—୧ । କାଠର ଛୋଟ ଖିଲ— Pinā 1. Small wooden pegs.
୨ । ପିରକ୍—2. Prick.

ପିନାକ—ସଂ. ବି. (ପା ଧାତୁ=[ଜଗତ] ରକ୍ଷା କରିବା+କର୍ତ୍ତୃ. ଅକ; Pināka ଯାହା ଜଗତକୁ ରକ୍ଷା କରେ)—୧ । ଶିବଧନୁ—
1. The bow used by Śiba.
୨ । ଶିବଙ୍କ ତ୍ରିଶୂଳ—
2. The trident of Śiba.
୩ । ଶିବଙ୍କର ଧନୁାକାର ବାଦ୍ୟଯନ୍ତ୍ର—3. A bow-shaped musical instrmment of Śiba.
[ଦ୍ର—ଏହାକୁ ଶିବ ଯୁଦ୍ଧ ସମୟରେ ଧନୁରୂପେ ଓ ନୃତ୍ୟକାଳରେ ବାଦ୍ୟରୂପେ ବ୍ୟବହାର କରନ୍ତି ।]
୪ । ଧୂଳିବୃଷ୍ଟି; ପାଂଶୁବୃଷ୍ଟି—
4. A shower of dust.
୫ । ନୀଳ ଅଭ୍ର (ହ୍ରି. ଶ.)—5. Blue mica.

ପିନାକଧାରୀ—ସଂ. ବି. (ବହୁବ୍ରୀହି; ପିନାକ+ଧୃ ଧାତୁ+କର୍ତ୍ତୃ. ଇନ୍; Pinākadhāri ୧ମା. ୧ବ.)—ଶିବ; ମହାଦେବ—Śiba.

ପିନାକଧୃକ—ସଂ. ବି. (ବହୁବ୍ରୀହି; ପିନାକ+ଧୃ ଧାତୁ+କର୍ତ୍ତୃ. କ୍ୱିପ୍)— Pinākadhruka ଶିବ; ମହାଦେବ—Śiba.

ପିନାକପାଣି—ସଂ. ବି. (ବହୁବ୍ରୀହି; ପିନାକ ପାଣିରେ ଯାହାର)— Pinākapāni ଶିବ; ମହେଶ୍ୱର—Śiba.

ପିନାକୀ—ସଂ. ବି. (ବହୁବ୍ରୀହି; ପିନାକ+ଇନ୍; ୧ମା. ୧ବ.)— Pināki ୧ । ଶିବ; ମହାଦେବ—1. Śiba.

୨ । ଧନୁାକୃଷ୍ଟ ସପ୍ତତନ୍ତ୍ରବିଶିଷ୍ଟ ବାଦ୍ୟଯନ୍ତ୍ରବିଶେଷ—
2. A kind of stringed musical instrument.
ଢାଳ ମୃଦଙ୍ଗ ବେଣୁ ବୀଣା ପିନାକ୍ତ ରବା ଉଠ୍ୟାଉ ସେ ସେନ—
ଉଦ୍ଧାଚ, ଶଶିସେଣା ।

ପିନାଲ୍‌କୋଡ୍—ବୈଦେ. ବ. (ଇଂ. ପେନାଲ୍‌କୋଡ୍)—ଅପରାଧୀଙ୍କ
Pinal-kod ନିମନ୍ତେ ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟଙ୍କ କୃତ ଦଣ୍ଡବିଧି ଆଇନ—
ପେନାଲ୍‌କୋଡ **पीनलकोड** Penal Code.
(ପେନଲ୍‌କୋଡ୍, ପେନାଲ୍‌କୋଡ୍—ଅନ୍ୟରୂପ)

ପିନାଲ୍ ସେଟଲ୍‌ମେଣ୍ଟ—ବୈଦେ. ବ. (ଇଂ. ପେନାଲ୍ ସେଟ୍ଲମେଣ୍ଟ)—
Pinal setal-menta ଅପରାଧୀମାନଙ୍କୁ ସମାଜ ବା ଗ୍ରାମ ମଧ୍ୟରୁ
ପେନାଲ ସେଟଲମେଂଟ ନେଇ ନିର୍ଦ୍ଦିଷ୍ଟ ସ୍ଥାନରେ ବାସନ୍ଦ କରି ରଖାଇବା
पीनाल सेटलमेंट ସ୍ଥାନ ବା ବସତି—Penal settlement.

ପିନି—ପ୍ରାଦେ. (ବାଲେଶ୍ୱର) ଅ—ପରି; ସଦୃଶ—
Pini Like.

ପିନିସ—ଦେ. ବ. (ସ. ପୀନସ; ପୂର୍ଣ୍ଣନସ୍ୟ)—ନାକର ଅର୍ଶରୋଗ—
Pinisa Polypus of the nose; atrophic rhinites.
पिनास; पिनस [ଦ୍ର—ଏଥିରେ ନାସାରନ୍ଧ୍ରରେ ଘାଆ ହୁଏ,
पीनस, पिंसी ନାକରୁ ରକ୍ତସ୍ରାବ ହୁଏ, ଘ୍ରାଣଶକ୍ତି ଲୋପ ହୁଏ
ପିନସ୍, ପିନାସ, ପିନାସୀ, ପିନସି, ପେନସ, ପେନସୀ } ଅନ୍ୟରୂପ — ଓ ନାକ ଋକ୍ଷ ମାଂସ ଓ ପୂଜରେ ଭର୍ତ୍ତି ହୋଇ ଶେଷକୁ ନାକ ଛୁଣ୍ଡିପଡ଼େ ।]

ପିନ୍ଧା ଦେ. ବ. (ସ. ପିଧାନ; ପରିଧାନ)—୧ । (ବସ୍ତ୍ର ଅଳଙ୍କାର
Pindhā ଆଦି) ପରିଧାନ କରିବା କର୍ମ—
पहरा, पिन्धा 1. Wearing; dressing.
पहनवा ୨ । ପୋଷାକ; ପରିଧେୟ ବସ୍ତ୍ର; ପରିଚ୍ଛଦ—
2. Cloth; dress.
ପିଁଧା, ପିନ୍ଧା } ଅନ୍ୟରୂପ
ମନୁଷ୍ୟବାସକୁ ଦେଖିଲେ ଗୁପ୍ତ, ଦିବ୍ୟ ପଉଁଳୀ ପିନ୍ଧା ନୂଆ ।
ରୂପଚ. ପ୍ରେମପଞ୍ଚାମୃତ ।
ଧୁତୀ ୩ । ଅଣ୍ଟାଠାରୁ ତଳକୁ ଯେଉଁ ଲୁଗା ପିନ୍ଧାଯାଏ;
धोती ଅଧୋବାସ; ଧୋତି—
3. Cloth worn round the waist; lower garment; loin cloth.
୪ । ପିନ୍ଧାଯିବା ଲୁଗାର ଆଗ ପାଖ ଫେର—
4. The plaited portion of the dhoti laid over the front part of the waist-band (Howells).
पहरा ଦେ. ବିଣ—ପରିହିତ; ପରିଧାନ କରାଯାଇଥିବା—
पहनाहुआ Worn.

ପିନ୍ଧା(ନ୍ଧେ)ଇ ଦେବା—ଦେ. କ୍ରି—ଅନ୍ୟ ଲୋକର ଦେହରେ ବସ୍ତ୍ରାଦି
Pindhā(ndhe)i debā ଆବରଣ କରିବା—
To clothe another person.
(ଯଥା—ତାଙ୍କ ବଡ଼ଘରକୁ ମୋତେ ନିମନ୍ତ୍ରଣ କରି ସେ ମତେ ଯୋଡ଼େ ପାଟ ଖଦି ପିନ୍ଧାଇଦେଲେ ।)

ପିନ୍ଧା(ନ୍ଧେ)ଇବା—ଦେ. କ୍ରି—ପିନ୍ଧିବା କ୍ରିୟାର ଣିଜନ୍ତ ରୂପ—
Pindhā(ndhe)ibā Causative of Pindhibā.
पन्हान, परान **पहनाना, पहनाना**

ପିନ୍ଧା ଖଟିବା—ପ୍ରାଦେ. (ଗଡ଼ଜାତ) କ୍ରି—
Pindhā khaṭibā ପିନ୍ଧା ଲୁଗା ରୂପେ ଅନେକ ଦିନ ଯିବା ବା ସହିବା—To wear long (said of a cloth).
(ଯଥା—ଖଦଡ଼ ଲୁଗା ବହୁତ ଦିନ ପିନ୍ଧା ଖଟେ ।)

ପିନ୍ଧା ଚଦର—ଦେ. ବ. (ସହଚର ଶବ୍ଦ)—
Pindhā chādara ଯୋଡ଼; ଅଧୋବାସ ଓ ଉତ୍ତରୀୟ; ଅଣ୍ଟା
ପିନ୍ଧା ଚଦର, ପିନ୍ଧା ପାଛୁଡ଼ା, ପିନ୍ଧା ଦୋସଡ଼ା } ଅନ୍ୟରୂପ — ତଳକୁ ପିନ୍ଧିବା ଲୁଗା ଓ ଦେହରେ ପକାଇବା ଚଦର; ଧୋତି ଓ ଚଦର-
धुती चादर Loin cloth and sheet; a pair of clothes
धोती चद्दर (one to put round the waist and another to put round the upper part of the body); upper and lower garments.
ଦେ. ବିଣ—ଲୁଗା ଓ ଚଦରଦ୍ୱାରା ସଜ୍ଜିତ—Dressed with a loin cloth and a sheet.

ପିନ୍ଧାଣ—ଦେ. ବ. (ସ. ପିଧାନ; ପରିଧାନ)—
Pindhāṇa Wearing; putting on cloth.
पिन्धन **पहनाइ**

ପିନ୍ଧାପିନ୍ଧି—ଦେ. ବ—୧ । ପରସ୍ପର ପରସ୍ପରକୁ ଲୁଗା ପିନ୍ଧାଇବା—
Pindhāpindhi 1. Clothing or dressing each
पिन्धापिन्धी **पहनाइ** other.
୨ । ବସ୍ତ୍ର ପରିଧାନ କ୍ରିୟା—
2. The operation of dressing one's self.

ପିନ୍ଧା ବାସ—ଦେ. ବ—ପରିଧେୟ ବସ୍ତ୍ର; ପିନ୍ଧା ଲୁଗା—
Pindhā bāsa Worn cloth.
ମୋ ପିନ୍ଧା ବାସ ଶେଷକୁ ଛାଡ଼ ଥାଇ ଅଙ୍ଗକୁ ଅଷ୍ଟ ଚମ୍ପା ଫୁଲେ ।
କବିସୂର୍ଯ୍ୟ. ସଙ୍ଗୀତ ।

ପିନ୍ଧାଯିବା—ଦେ. କ୍ରି—ପିନ୍ଧିବାର କର୍ମବାଚ୍ୟ ରୂପ—
Pindhājibā The passive voice of Pindhibā.
पहरा जाओआ **पहनाजाना**
(ପିନ୍ଧା ହେବା—ଅନ୍ୟରୂପ)

ପିନ୍ଧାଳି—ଦେ. ବ—୧ । ଯେ ପିନ୍ଧେ; ଯେ ବସ୍ତ୍ରାଦି ପରିଧାନ କରେ—
Pindhāḷi 1. Wearer.
୨ । ଯେ ଅନ୍ୟକୁ ବସ୍ତ୍ର ଅଳଙ୍କାରାଦିରେ ସଜ୍ଜିତ କରି ପାରେ—
2. One skilled in dressing another or adorning another.

ପିନ୍ଧିବା—ଦେ. କ୍ରି. (ସ. ପିଧାନ; ପରିଧାନ ଓ ଅପି + ଧା ଧାତୁ)—
Pindhibā ୧ । ନାଇବା; ପରିଧାନ କରିବା—1. To wear or
पहरा, पिन्धा **पहनना** put on dress.
ଘର ଲୁଗା ପିନ୍ଧି ଯାଉଛୁ ସଭା
ବେଶ କରିଲେ ମନ ହୋଇବ ଥାଏ । ଢଗ ।
୨ । ନିଜ ଦେହରେ ଅଳଙ୍କାର ଭରି ଦେବା, ଅଳଙ୍କାର ଘେନିବା-
2. To put on or adorn one's self with ornaments.
୩ । ଦେହରେ ଧାରଣ କରିବା—
3. To put (marks etc) on the body.

ପିନ୍ଧିଲା—ଦେ. ବଣ—ପରିହିତ—
Pindhilā Worn (cloth; ornament).
(ପିନ୍ଧିବା—ଅନ୍ୟରୂପ) ଶାଳ ଦେଖିଲେ ମୋ ବଦନେ ପୋଛନ୍ତି ପିନ୍ଧିଲା ବସନେ
ଭୂପତି. ଚତୁମଚଞ୍ଚମୃତ ।

ପନ୍ନିଅମ୍ମା—ପ୍ରାଦେ. (ଗଞ୍ଜାମ) ବ. (କୁମୁଟି ବା ବୈଶ୍ୟଭାଷା)—
Pinniāmmā ଖୁଡ଼ୀ ବା ମାଉସୀ—
Paternal aunt or mafernal aunt.

ପିପତିଷା—ସ. ବ. (ପତ୍ ଧାତୁ=ପତିତ ହେବା+ଇଚ୍ଛାର୍ଥେ ସନ୍=
Pipatishā ପିପତିଷ ଧାତୁ+ଭାବ. ଅ+ଆ)—ପତନେଚ୍ଛା;
ପଡ଼ିବାକୁ ଇଚ୍ଛା—Inclination to fall down or descend.

ପିପତିଷୁ—ସ. ବଣ. (ପତ୍ ଧାତୁ+ଇଚ୍ଛାର୍ଥେ ସନ୍+ଉ)—ପତନେଚ୍ଛୁ—
Pipatishu Disposed to fall down or descent.
ସ. ବ—ପକ୍ଷୀ—Bird.

ପିପବିଷା—ସ. ବ. (ପୂ ଧାତୁ=ପବିତ୍ର ହେବା+ଇଚ୍ଛାର୍ଥେ ସନ୍+ଆ)—
Pipabishā ପବିତ୍ର ହେବାର ଇଚ୍ଛା—
Inclination to become pure.

ପିପବିଷୁ—ସ. ବଣ. (ପୂ ଧାତୁ+ଇଚ୍ଛାର୍ଥେ ସନ୍+ଉ)—ପବିତ୍ର ହେବାକୁ
Pipabishu ଅଭିଳାଷୀ—Wishing to be purified.

ପିପରମି(ମେ)ଣ୍ଟ (ଇତ୍ୟାଦି)—ବୈଦେ. ବ. (ଇଂ. ପେପ୍ପରମିଣ୍ଟ)—
Piparami(me)ṇṭa (etc) ପେପରମିଣ୍ଟ ଇତ୍ୟାଦି (ଦେଖ)
Peparmint etc (See)

ପିପଲ୍—ପ୍ରାଦେ. (ସମ୍ବଲପୁର) ବ. (ସ. ପିପ୍ପଳ; ତୁଳ. ହି. ପୀପଲ)—
Pipal ଅଶ୍ୱତ୍ଥ ଗଛ—Pipal tree.

ପିପଲ୍ ପାତା—ଦେ. ବ. (ବଣିଆ ଶବ୍ଦ)—ମଝି କାନର ପାନପତ୍ର
Pipal pātā ଆକାରର ଅଳଙ୍କାରବିଶେଷ—A kind of leaf-shaped ornament worn over the ears.

ପିପଳା—ଦେ. ବ. (ସଂ ପିପ୍ପଳ)—୧ । ବିମାନ ଓ ଖଟ ଆଲମାରିର
Pipaḷā ବାଡ଼ରେ ଦିଆଯିବା ପିପ୍ପଳ ଆକାରର ଲମ୍ବ କାଠଖଣ୍ଡ—
ପିପ୍ପଳା, ପିପୁଳା, ପିମ୍ପୁଳା, ପିମ୍ପଳା } ଅନ୍ୟରୂପ 1. Wooden pegs put ou the frames of furnitures.
୨ । ବଣପିପଳ; ପିପ୍ପଳୀମୂଳ—
2. Wild piper; Scindapsus officinalis.
[ଦ୍ର—ଏହାର ପତ୍ରର ନାମ 'ଚବ୍ୟ' ଓ 'ଚଇ' ।]

ପିପଳା ମୂଳ—ଦେ. ବ—ପିପ୍ପଳୀମୂଳ (ଦେଖ)
Pipaḷā mūḷa Pippaḷī mūḷa (See)
পিপলামুল **पिपरामूल**
ପିପ୍ପଳା ମୂଳ, ପିମ୍ପଳା ମୂଳ, ପିପୁଳା ମୂଳ, ପିମ୍ପୁଳା ମୂଳ, ପିପଳୀ ମୂଳ } ଅନ୍ୟରୂପ

ପିପଳି—ଦେ. ବ. (ସଂ ପିପ୍ପଳୀ)—ତାମ୍ବୁଳାଦି ବର୍ଗର ସାର୍ଯ୍ୟାସୁ ଲତା-
Pipaḷi ବିଶେଷ—Long pepper; Piper Longunu; Chavica Roxburghii.
ସଂ. ମାଗଧୀ, କୃଷ୍ଣା, ଶୌଣ୍ଡୀ
ଉପକୁଲ୍ୟା, କଣା, ଉଷଣା,
ତିକ୍ତତଣ୍ଡୁଳା, ବୈଦେହୀ,
ଚପଳା, କୋଲା
পিপুল, পিঁপুল
पीपर, पिपाल, पिपल
ମ. ପିପ୍ପଳୀ
ତେ. ପିପ୍ପଲୀଚେଟ୍ଟୁ, ପିପ୍ପଲୁ
ଗୁ. ଲିଂଡ଼ୀପୀପଲ
ଫା. ପିଲ୍‌ପିଲ
ଆ. ଫିଲ, ଡାର୍‌ଫିଲ୍
ପିପୁଳ, ପିମ୍ପଳ, ପିମ୍ପୁଳ, ପିପୋଳ, ପିମ୍ପୋଳ } ଅନ୍ୟରୂପ

[ଦ୍ର—ଏହା ଏକପ୍ରକାର ଲତା । ଏହାର କଞ୍ଚା ଫଳ ଶୁଖିଲେ ସ୍ୱାଗ ଲାଗେ । ପାଚିଲା ଫଳ ଈଷତ୍ ମିଠା ଲାଗେ । ଏହାର ପତ୍ର ଶ୍ରେଷ୍ଠ ପାନ ପତ୍ର । ଏହା ବୃଷ କରାଯାଏ । ଏହା ଅନେକ ଔଷଧରେ ବ୍ୟବହୃତ ହୁଏ । ଏହା ଅଗ୍ନିଦୀପକ, ବୃଷ୍ୟ, ମଧୁରବିପାକ, ରସାୟନ, ଅନୁଷ୍ଣ, କଟୁ, ସ୍ନିଗ୍ଧ, ବାତ-ଶ୍ଳେଷ୍ମନାଶକ, ଲଘୁ ଓ ରେଚକ । ଏହା ଶ୍ୱାସ, କାସ, ଉଦର, ଜ୍ୱର, କୁଷ୍ଠ, ପ୍ରମେହ, ଗୁଳ୍ମ, ଅର୍ଶ, ପ୍ଲୀହା, ଶୂଳ ଓ ଆମବାତ ବିନାଶକ । କଞ୍ଚାପିପ୍ପଳ କଫକାରକ, ଶୀତଳ, ମଧୁର ରସ ଓ ପିତ୍ତନାଶକ; ଶୁଷ୍କ ପିପ୍ପଳୀ ପିତ୍ତ ପ୍ରକୋପକ । ପିପ୍ପଳ ମଧୁସହ ସେବନ କଲେ ମେଦୋରୋଗ କଫ, ଶ୍ୱାସ, କାସ ଓ ଜ୍ୱର ନିବାରିତ ହୁଏ; ବଳ, ମେଧା ଓ ଅଗ୍ନି ବର୍ଦ୍ଧିତ ହୁଏ । ଏହା ଗୁଡ଼ ସହିତ ସେବନ କଲେ ଜୀର୍ଣ୍ଣଜ୍ୱର, ଅଗ୍ନିମାନ୍ଦ୍ୟ, କାସ, ଅଜୀର୍ଣ୍ଣ, ଅରୁଚି, ଶ୍ୱାସ, ହୃଦ୍‌ରୋଗ, ପାଣ୍ଡୁ ଓ କ୍ରିମି ନଷ୍ଟ ହୁଏ ।

ଏହି ଜାତୀୟ ଆରଣ୍ୟ ଲତାର ଫଳ ପିପ୍ପଳୀ ଆକାରର ହୁଏ କିନ୍ତୁ ଖୁବ୍ ବଡ଼ । ଏହାକୁ ସଂସ୍କୃତରେ ଗଜପିପ୍ପଳୀ, କରିପିପ୍ପଳୀ ଓ ଭାଷାରେ ଗଜପିପ୍ପଳା କହନ୍ତି । ଏହା ଚବିକା ଲତାର ଫଳ । ଏହାର ମୂଳ ଔଷଧରେ ଲାଗେ । ଏ ଲତାର ଫଳମଞ୍ଜରୀ ହାତୀଶୁଣ୍ଢ ପରି ସ୍ଥୂଳ ଥିବାରୁ ଏହାର ନାମ ଗଜପିପ୍ପଳୀ (Pothos Officialis) ।

ଆଉ ଏକପ୍ରକାର ପିପ୍ପଳୀର ମୂଳକୁ ସଂସ୍କୃତରେ ପିପ୍ପଳୀମୂଳ ଓ ଭାଷାରେ ପିପ୍ପଳା ବା ବଣପିପ୍ପଳା କହନ୍ତି (Scindapsus Officinalis) ଏହା ଔଷଧରେ ଲାଗେ ।]

ପିପା—ବୈଦେ. ବ. (ପର୍ତ୍ତୁଗୀଜ ପିପା, ଇଂ. ପିପେ)—
Pipā ତୈଳାଦି ରଖିବାର ମୃଦଙ୍ଗାକୃତି ବଡ଼ କୋଠ—
পিপা Cask; barrel.
पीपा ପ୍ରାଦେ.—(କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର)—
(ପିମ୍ପା—ଅନ୍ୟରୂପ) କିରାସିନ ତେଲ ଜଳିବା ଡିବି—
Open Kerosine lamps made of tin.
ପ୍ରାଦେ. (ବସ୍ତର) ବ—ଟିଣ ଆଦିର ଡବା—
Tin case or box.

ପିପାଇ (ଇତ୍ୟାଦି)—ଦେ. ବ—ପିପେଇ ଇତ୍ୟାଦି (ଦେଖ)
Pipāi (etc) Pipei etc. (See)

ପିପା ପତର—ଦେ. ବ—ପିପା ଉପରେ ଯେଉଁ ଲୁହା ପାତିଆ ମଡ଼ା
Pipā patara ହୋଇଥାଏ—Thin iron bands rivetted round barrels.
ପିପା ପତ୍ର, ପିପା ପାତିଆ } ଅନ୍ୟରୂପ

ପିପାସା—ସ. ବ. (ପା ଧାତୁ=ପିଇବା+ଇଚ୍ଛାର୍ଥେ ସନ୍=ପିପାସ ଧାତୁ
Pipāsā +ଭାବ. ଅ+ଆ)—
୧ । ପାନେଚ୍ଛା; ଶୋଷ; ତୃଷା—1. Thirst.
୨ । (ଲକ୍ଷଣାର୍ଥ) କୌଣସି ବସ୍ତୁ ପାଇବାର ବିଶେଷ ଇଚ୍ଛା; ତୃଷ୍ଣା; ଲାଲସା—2. (fig) Hankering after a thing.

ପିପାସାନ୍ୱିତ—ସଂ. ବିଣ. ପୁଂ. (ତୃଷ୍ଣା ଜାତ; ପିପାସା+ଅନ୍ୱିତ)—
Pipāsānwita ୧ । ଶୋଷୀ; ତୃଷାର୍ତ୍ତ—1. A thirst.
(ପିପାସାର୍ତ୍ତ—ଅନ୍ୟରୂପ) ୨ । ତୃଷିତ—2. Thirsty; thirsting.
(ପିପାସାନ୍ୱିତା, ପିପାସାର୍ତ୍ତା—ସ୍ତ୍ରୀ)
୩ । (ଲକ୍ଷଣାର୍ଥ) କୌଣସି ବିଷୟ ପ୍ରତି ଲୋଭସକ୍ତ—
3. (fig) Covetuous or hankering after a thing.

ପିପାସିତ—ସଂ. ବିଣ. ପୁଂ (ପିପାସା+ସଞ୍ଜାର୍ଥେ. ଇତ ବା ପିପାସା ଧାତୁ+
Pipāsita କର୍ତ୍ତୃ. ତ)—ପିପାସାନ୍ୱିତ (ଦେଖ)
(ପିପାସିତା – ସ୍ତ୍ରୀ) Pipāsānwita (See)

ପିପାସୀ—ସଂ. ବିଣ. ପୁଂ (ପିପାସା+ଇନ୍)—ପିପାସାନ୍ୱିତ (ଦେଖ)
Pipāsi Pipāsānwita (See)
(ପିପାସିନୀ – ସ୍ତ୍ରୀ)

ପିପାସୁ—ସଂ. ବିଣ. (ପା ଧାତୁ ସନ୍=ପିପାସ୍ ଧାତୁ+କର୍ତ୍ତୃ. ଉ)—
Pipāsu ପିପାସାନ୍ୱିତ (ଦେଖ)
Pipāsānwita (See)

ପିପିଲି—ଦେ. ବି. (ନାମ)—୧ । ବାଲେଶ୍ୱର ନିକଟସ୍ଥ ପ୍ରାଚୀନ ବନ୍ଦର-
Pipili 1. An ancient port in Balasore.
[ଦ୍ର—ଏଠାରେ ଇଂରେଜମାନେ ଓଡ଼ିଶା ଅଧିକାର ପୂର୍ବରୁ ଗୋଟିଏ ବନ୍ଦର ଓ ଗୋଦାମ ଖୋଲିଥିଲେ ।]
୨ । ପିପୋଲ (ଦେଖ)—2. Pipola (See)

ପିପୀତକ—ସଂ. ବି. (ନାମ)—ଭବିଷ୍ୟ ପୁରାଣୋକ୍ତ ବ୍ରାହ୍ମଣର ନାମ—
Pipītaka Name of a Brāhmaṇa mentioned in the Bhabishya Purāṇa
(ଯଥା—ପିପୀତକୀ ତଳେ ନୋଟ ଦେଖ ।)

ପିପୀତକୀ—ସଂ. ବି. (ପିପୀତକ+ଈ)—ବୈଶାଖ ଶୁକ୍ଳ ଦ୍ୱାଦଶୀ—
Pipitaki The 12th day of the bright lunar fortnight of Baiśākha.
[ଦ୍ର—ଭବିଷ୍ୟପୁରାଣରେ ଏ ଦିନ ଆଚରଣୀୟ ବ୍ରତର ଉପାଖ୍ୟାନ ଅଛି । ପିପୀତକ ନାମକ ବ୍ରାହ୍ମଣଙ୍କୁ ଯମଦୂତମାନେ ଯମ-ଲୋକକୁ ନେଇଗଲେ । ସେଠାରେ ତାଙ୍କୁ ଭାରି ତୃଷା ହେବାରୁ ସେ ବିକଳରେ ଯମଙ୍କୁ ସ୍ତବ କଲେ । ଯମ ତା ସ୍ତବରେ ପ୍ରସନ୍ନ ହୋଇ ତାଙ୍କୁ ମର୍ତ୍ତ୍ୟ ଲୋକକୁ ପଠାଇ ଦେଲେ ଓ ଏ ବ୍ରତ କରିବାକୁ ଉପଦେଶ ଦେଲେ । ଏ ବ୍ରତରେ ଶୀତଳ ଜଳ ପୂର୍ଣ୍ଣ କଳଶ ବ୍ରାହ୍ମଣଙ୍କୁ ଦାନ କରାଯାଏ—ହି. ଶ.]

ପିପୀଲ(ଲ)—ସଂ. ବି. (ପୀଲ୍ ଧାତୁ=ଶୁଦ୍ଧ ହେବା; ସ୍ତବ କରିବା+
Pipīla(la) ଯଙ ଲ+ଅ)—ପିମ୍ପୁଡ଼ି (ଦେଖ)
[ପିପୀଲ(ଲ)କ—ଅନ୍ୟରୂପ] Pimpuṛdi (See)

ପିପୀଲି(ଲି)କା—ସଂ. ବି. (ପୀଲ ଧାତୁ=ଶୁଦ୍ଧ ହେବା; ସ୍ତବ କରିବା+
Pipili(li)kā ଯଙଲ+ଅକ+ଈ)—ପିମ୍ପୁଡ଼ି (ଦେଖ)
Pimpuṛdi (See)

ପିପୀଲିକାଭକ୍ଷୀ—ସଂ. ବି—ପିମ୍ପୁଡ଼ି ଖାଇ ଜୀବନ ଧାରଣ କରିବା ଏକ
Pipilikā bhakshi ପ୍ରକାର ଚତୁଷ୍ପଦ କ୍ଷୁଦ୍ର ଜନ୍ତୁ—The ant eater; the ant bear.
ପିପୀଲିକାଭୁକ୍ }
ପିପୀଲିକାଭୋଜୀ } ଅନ୍ୟରୂପ
[ଦ୍ର—ଏହା ବଜ୍ରକୀଟ ଶ୍ରେଣୀର ଦନ୍ତହୀନ ପୁଚ୍ଛବିଶିଷ୍ଟ ଜନ୍ତୁ । ଏହାର ଥୋମଣୀ ଲମ୍ବ ଓ ମୁହଁଅ ଏବଂ ଗୋଟିଏ ଲମ୍ବା ଲହକା ସରୁ ଜିଭ ଅଛି; ଏହାର ଆଗଗୋଡ଼ର ନଖ ଖୁବ୍ ଦାନ୍ତୁଆ; ଏ ଆଗଗୋଡ଼ରେ ହୁଙ୍କାମାନ ଭାଙ୍ଗି ତା ମଧ୍ୟରେ ମୁହଁ ପୁରାଇ ଲମ୍ବ ଲାଳୁଆ ଜିଭଦ୍ୱାରା ପିମ୍ପୁଡ଼ି ଓ ଉଇମାନଙ୍କୁ ଆଣି ଖାଏ । ଏ ଜୀବ ଦକ୍ଷିଣ ଆଫ୍ରିକାରେ ଓ ଭାରତର ସ୍ଥାନେ ସ୍ଥାନେ ଦେଖାଯାଏ ।]

ପିପୀଲିକାମାର୍ଗ—ସଂ. ବି—(ଯୋଗଶାସ୍ତ୍ର) ପିମ୍ପୁଡ଼ି ପରି ଧୀରେ ଧୀରେ
Pipilikā mārga କ୍ରମଶଃ ଅଧ୍ୟବସାୟ ସହକାରେ ସମାଧି ଲାଭ-କରିବାର ରୀତି—(joga system) The gentle and gradual method of accomplishing Samādhi (separation from mundane concerns) with slowness and steadiness like those of the ants.

ପିପୀଲି(ଲୀ)—ସଂ. ବି—(ପୀଲ ଧାତୁ=ଶୁଦ୍ଧ ହେବା, ସ୍ତବ କରିବା+
Pipili(li) ଯଙ ଲ+ଈ)—ପିମ୍ପୁଡ଼ି (ଦେଖ)—Pimpuṛdi (See).

ପିପୁଲା (ଇତ୍ୟାଦି)—ଦେ. ବି—ପିପଲା ଇତ୍ୟାଦି (ଦେଖ)—
Pipulā (etc) Pipalā etc (See)

ପିପୁଳି—ଦେ. ବି—ପିପଳି (ଦେଖ)—
Pipuli Pipali (See)

ପିପୃଚ୍ଛିଷା—ସଂ. ବି—(ପ୍ରଚ୍ଛ୍ ଧାତୁ ପଚାରିବା+ଇଚ୍ଛାର୍ଥେ. ସନ୍+ଭାବ. ଅ
Pipṛuchchhishā +ଆ)—ପଚାରିବାର ଇଚ୍ଛା—
Wish to ask.

ପିପୃଚ୍ଛିଷୁ—ସଂ. ବିଣ—(ପିପୃଚ୍ଛିଷ୍ ଧାତୁ+କର୍ତ୍ତୃ. ଉ)—ପଚାରିବାକୁ
Pipṛuchchhishu ଇଚ୍ଛୁକ—Wishing to ask.

ପିପେଇ—ଦେ. ବି—କାଉଁରିଆ (ଦେଖ)—
Pipei Kāuṅriā (See)

ପିପେଇ ଅମାବାସ୍ୟା—ଦେ. ବି—(ସଂ. ପୂପାଳ ବା ପୂପଦୀପ ଓ ଅମାବାସ୍ୟା;
Pipei amābāsyā ଏ ଦିନ ପୂପ ବା ପିଠାରେ ଦୀପକାଠି ପୋତି
(ପିପେଇ ଅମାସ୍ୟା—ଅନ୍ୟରୂପ) ପିତୃଲୋକଙ୍କୁ ଶ୍ରାଦ୍ଧ କରାଯାଏ)—
ଦେବାଳୀ ପଯ୍ୟା ଅମାବାସ୍ୟା, ଦେବାଳୀ, କାର୍ତ୍ତିକ ଅମାବାସ୍ୟା-
ଦିବାଳୀ The new moon of the month of Kārttika.

ପିପେଇ ଅମାବସ୍ୟା
ପିପାଇ ଅମାସ୍ୟା
ପିପୋଇ ଅମେଇସା
ପିମ୍ପା ଉଆଁଶ
ପିମ୍ପେଇ ଅମାସିଆ
ପିମ୍ପାଇ ଅମାଇସା } ଅନ୍ୟରୂପ

[ଦ୍ର—ଏ ଦିନ ସନ୍ଧ୍ୟା ପରେ ପିଣ୍ଡବର୍ଜିତ ମହାଳୟା ଶ୍ରାଦ୍ଧ କରାଯାଏ ଓ ପିତୃଲୋକଙ୍କ ପୂପ ଦୀପ ଅର୍ଥାତ୍ ପିଠା ଉପରେ ଦୀପ ପୋତି ଦାନ କରାଯାଏ ଓ ବଡ଼ ବଡ଼ୁଆଙ୍କୁ କାଉଁହୁଲା ଦେଖାଇ ଡକାଯାଏ—"ବଡ଼ ବଡ଼ୁଆଏ ହେ ! ଅନ୍ଧାରରେ ଆସ, ଆଲୁଅରେ ଯାଅ, ବାଇଶି ପାହାଚରେ ଗଡ଼ଗଡ଼ାଉଥାଅ ।"]

ପିପେଇ ଶ୍ରାଦ୍ଧ—ଦେ. ବି—(ସଂ. ପୂପାଳ=ପିଠା)—ପଯ୍ୟାଶ୍ରାଦ୍ଧ; ପିପେଇ
Pipeiśrāddha ଅମାବାସ୍ୟା ଦିନ ସନ୍ଧ୍ୟାପରେ ଦୀପଦାନ ପୂର୍ବକ

ପିପ୍ପାଇ
ପିମ୍ପା
ପିମ୍ପାଇ
ପିମ୍ପେଇ } ଖ୍ରାବ—ଅନ୍ୟରୂପ କରାଯିବା ଶ୍ରାଦ୍ଧ—Offerings of Sraddha done on the evening of Pipaiamabasya.

(ପିପେଇ ଶିରାଧ—ଗ୍ରାମ୍ୟରୂପ)

ପିପେଲ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ପିପ୍ପଳ)—ଅଶ୍ୱତ୍ଥ ଗଛ— Pipel The Pipal tree.

ପିପୋଲ—ଦେ. ବି—(ନାମ)—ପୁରୀଜିଲ୍ଲାର ଗୋଟିଏ ଗ୍ରାମ— Pipola Pipli; a village in the district of Puri.

ପିମ୍ପୋଲ
ପିପିଲ } ଅନ୍ୟରୂପ [ଦ୍ର—ଏହା ଜଗନ୍ନାଥ ସଡ଼କ ଉପରେ । ଏଠାରେ ଦରଜିମାନେ ସୁନ୍ଦର ଛୁଞ୍ଚିକାମର ଚାନ୍ଦୁଆ, ଢଳଅଖୋଳ, ଛତ୍ରଆ, ଭୁଲାଉବା କୁର୍ତ୍ତି ଓ ସୁଜନୀଆଦି କରନ୍ତି । ଇଂରାଜୀ ନାମ ପିପ୍ଲି (Pipli) । ଏଠାରେ ଥାନା, ସବ୍‌ରେଜେଷ୍ଟ୍ରିର ଅଫିସ ଓ ଖ୍ରୀଷ୍ଟାନପଡ଼ା ପ୍ରଭୃତି ଅଛି ।]

ପିପୋଲିଆ—ଦେ. ବିଣ—ପିପୋଲିନିର୍ମିତ— Pipolia Made at Pipli.

ପିପ୍ପଳ—ସଂ. ବି. (ପା ଧାତୁ+ରକ୍ଷା କରିବା+ଅଳ)— Pippala
୧ । ଅଶ୍ୱତ୍ଥଗଛ— 1. The holy fig tree; Ficus Religiosia.
୨ । ଜଳ—2. Water.
୩ । କୁର୍ତ୍ତିର ଆସ୍ତୀନ; କୁର୍ତ୍ତିର ଯେଉଁ ଅଂଶଦ୍ୱାରା ହାତ ଆବୃତ ଥାଏ—3. Sleeve of a coat.
୪ । ରେବତୀ ଗର୍ଭଜାତ ମିତ୍ରଙ୍କର ଏକ ପୁତ୍ର (ଭାଗବତ, ହି. ଶ)— 4. Name of a son of Mitra and Rebati.
୫ । ପକ୍ଷିବିଶେଷ (ହି. ଶ)—5. A species of bird.
୬ । ନଗ୍ନବ୍ୟକ୍ତି (ହି. ଶ)—6. A nude person.
୭ । ବସ୍ତ୍ରଖଣ୍ଡ (ହି. ଶ)—7. A piece of cloth.

ପିପ୍ପଳକ—ସଂ. ବି. (ପା ଧାତୁ+ଅଳ+କ)— Pippalaka
୧ । ସ୍ତନବୃନ୍ତ; ଦୁଧର ଭୁଣ୍ଡି; ସ୍ତନମୁଖ— 1. Nipple.
୨ । ସେଇଁବା ସୂତା; ସୀବନସୂତ୍ର—2. Sewing thread.

ପିପ୍ପଳାମୂଳ—ଦେ. ବି—ପିପ୍ପଳୀମୂଳ (ଦେଖ) Pippalamula Pippali mula (See)

ପିପ୍ପଳ(ଳୀ)—ସଂ. ବି. (ପା ଧାତୁ=ରକ୍ଷା କରିବା+ଅଳ+ଇ, ଈ; ଏହା ରୋଗରୁ ରକ୍ଷା କରେ)—ପିପଳି (ଦେଖ) Pippali(li) Pipali (See)

ପିପ୍ପଳୀମୂଳ—ସଂ. ବି. (ବୈଦ୍ୟକ)—ବଣ ପିପ୍ପଳୀମୂଳ— Pippalimula Piper root; Piper Officinarum.
ସଂ. ଗ୍ରନ୍ଥିକ, ଉଷଣ, ଚଟକାଶିରଃ
ହିପ୍ପଳାମୂଳ
ବିପଲାମୂଳ
ଫା. ଫିଲ୍‌ଫିଲ୍‌ମୋୟା
ଆ. ଆସଲୁଲ ଫିଲଫିଲ୍
ମ. ପିପ୍ପଳୀମୂଳ
ସୁ. ପିପରୀମୂଳ, ଗଣ୍ଠୋଡ଼ା
ତେ. ପିପ୍ପଲୀବେରୁ
[ଦ୍ର—ଏହା ଔଷଧରେ ବ୍ୟବହୃତ ହୁଏ । ଏହା ଅଗ୍ନିଦୀପକ, କଟୁ, ଉଷ୍ଣବୀର୍ଯ୍ୟ, ପାଚକ, ଲଘୁ, ରୁକ୍ଷ, ପିତ୍ତକର ଓ ଭେଦକ, ଏହା କଫ, ବାତ, ଉଦର ଅନାହ, ପ୍ଲୀହା, ଗୁଳ୍ମ, କ୍ରିମି, ଶ୍ୱାସ ଓ କ୍ଷୟ ବିନାଶକ—ଦବ୍ୟଗୁଣ ।]

ପିପ୍ପିକା—ସଂ. ବି. (ପ୍ୟାୟ ଧାତୁ=ବୃଦ୍ଧି ପାଇବା+ଇକ)— Pippika ଦନ୍ତମଳ; ଦାନ୍ତର ଛିଉଆ— The tartar of gum of the teeth.

ପିପ୍ପିଲି—ଦେ. ବି. (ନାମ)—ପିପିଲି (ଦେଖ) Pippili Pipili (See)

ପିବଇ—ଦେ. କ୍ରି (ପଦ୍ୟ)—ପିଇବା କ୍ରିୟାର ପିଅଇର ବିକଳ୍ପରୂପ— Pibai Another form of Piai the drinks.
ଏମନ୍ତ କହୁ ଦୂରକୁ ଯାଇଁ ଖ୍ରାବଣ ପକାଇ ଉଦକ ପିବଇ ।
ଦ୍ୱାରୀ, ରହସ୍ୟମଞ୍ଜରୀ ।

ପିବା—ଦେ. କ୍ରି—(ପ୍ରାଚୀନ ପଦ୍ୟ)—ପିଇବା— Piba To drink.
ପକ୍ଷିଏ ହୀର ପିବା ଅଶେ
ମିଳିଲେ ଧରଣୀର ପାଶେ—ଜଗନ୍ନାଥ ଭାଗବତ ।

ପିମ୍ପା—ଦେ. ବି—ପିପା—(ଦେଖ)— Pimpa Pipa (See)

ପିମ୍ପାଇ—ଦେ. ବି.—ପିପାଇ (ଦେଖ) Pimpai (ପିମ୍ପେଇ—ଅନ୍ୟରୂପ) Pipai (See)

ପିମ୍ପୁଡ଼ି—ଦେ. ବି. (ସଂ. ପିପୀଲୀ)—ପ୍ରସିଦ୍ଧ ଷଟ୍‌ପଦ ପକ୍ଷହୀନ କୀଟ ବିଶେଷ—Formicidae ants
Pimpurdi
ପିପଡ଼ା, ପିଂପଡ଼ା
ଚିତଲ୍ ଦୀ ଚିନ୍ଧୁ ଚୋଦୀ
ମ. ମୁଙ୍ଗୀ
ସମ୍ବଲପୁର. ଗୁଣ୍ଡି
(ପିମ୍ପିଡ଼ି—ଅନ୍ୟରୂପ)
[ଦ୍ର—ଆକାରରେ ଓ ସ୍ୱଭାବରେ ଏମାନେ ମକ୍ଷିକା ପରି; ଏମାନଙ୍କର ଅଣ୍ଡା ଭାରି ସରୁଆ; ଏମାନଙ୍କର ଦୁଇଟି ତୀକ୍ଷ୍ଣ ଦାନ୍ତ ଥାଏ । ଏହି ଦୁଇଟି ଦାନ୍ତରେ ଏମାନେ କାମୁଡ଼ନ୍ତି ଓ ଖାଦ୍ୟ ଦ୍ରବ୍ୟକୁ ଧରନ୍ତି । ଏମାନେ ତିନି ଶ୍ରେଣୀର ସ୍ତ୍ରୀ, ପୁରୁଷ ଓ କ୍ଳୀବ । କ୍ଳୀବମାନେ ପରିଶ୍ରମ କରନ୍ତି । ପକ୍ଷ ହେଲେ ଏମାନେ ଉଡ଼ନ୍ତି ଓ ଶେଷରେ ମୃତ୍ୟୁ ମୁଖରେ ପଡ଼ନ୍ତି ।

ବଡ଼, ସାନ, ନାଲି, ଧଳା ଓ କଳା ଆଦି ଭେଦରେ ଏମାନେ ନାନା ଜାତୀୟ । ଉଇ ଓ ଜନାମାନେ ମଧ୍ୟ ଏହି ଶ୍ରେଣୀର ଅନ୍ତର୍ଗତ । ଏମାନେ ଭାରି ମିଠାପ୍ରିୟ । ଗଛର ପତ୍ରରେ, ମାଟିରେ ଓ ଗଛର ଖୋଲରେ ଏମାନେ ନାନା ପ୍ରକାରର ବସା ତିଆରି କରନ୍ତି ।

୧ । ଯେଉଁମାନେ ଆମ୍ବଗଛରେ ଥାଆନ୍ତି ଓ ଆମ୍ବ ପତ୍ରମାନଙ୍କୁ ଏକତ୍ର ଜଡ଼ିତ କରି ଗୋଟିଏ ଲେଖାଏଁ ଥଳି ପରି ବସା କରନ୍ତି ତାଙ୍କୁ ତାଇ (ବ. ଆମପିପଡ଼ା) କହନ୍ତି । ଏମାନଙ୍କ ରଙ୍ଗ ହଳଦିଆ ଓ ଆକାର ବଡ଼ । ଏମାନଙ୍କ ଡିମ୍ବକୁ ବନଶୀରେ ଗୁନ୍ଥି ମାଛଙ୍କ ଚର କରାଯାଏ ।

୨ । ଏକ ପ୍ରକାର ପିମ୍ପୁଡ଼ି କୃଷ୍ଣବର୍ଣ୍ଣ; ଗଛର କୋରଡ଼ ଓ ଖାଲ ଢଲେ ବସା କରନ୍ତି । ଏମାନଙ୍କୁ କାଠ ପିମ୍ପୁଡ଼ି (ବ. କାଠପିଁପଡ଼ା) କହନ୍ତି ।

୩ । କଳା କଳା ବଡ଼ଗୋଡ଼ିଆମାନଙ୍କୁ ଜନା (ବ. ଡେଁଓ) ବୋଲାଯାଏ । ଏ ଜନାମାନେ ବଡ଼ (ଡଗରା) ଓ ସାନ (ଧୂଳିଆ) ଭେଦରେ ନାନା ପ୍ରକାରର । ଏମାନଙ୍କ କାମୁଡ଼ାଦ୍ୱାରା ରକ୍ତ ଫୁଟେ ଓ ବିଶେଷ ଜ୍ୱାଳା ହୁଏ ।]

୪ । ଧଳା ଧଳା ଜାତୀୟ ପିମ୍ପୁଡ଼ିଙ୍କୁ ଉଈ (ବ. ଉଇ ; White ant Termite) କହନ୍ତି । ଏମାନେ ମାଟିରେ ପାହାଡ଼ ବା ମନ୍ଦିର ପରି ଘର ତିଆରି କରନ୍ତି । ଏହାକୁ ହୁଙ୍କା (ବ. ଢିପି) ବୋଲାଯାଏ ।

୫ । ସାଧାରଣ ପିମ୍ପୁଡ଼ି ନାଲି—(ବ. ଲାଲ୍ ପିମ୍ପୁଡ଼ା) । ଏମାନେ ସାନ ସାନ ଓ ବଡ଼ ବଡ଼ ନାନା ପ୍ରକାରର ହୁଅନ୍ତି । ସାନ ସାନ ମାନଙ୍କୁ ଘି ପିମ୍ପୁଡ଼ି (ବ. ଖୁଦେସ୍ଥା, ଖୁଦେୟ) ବୋଲାଯାଏ । ଏମାନେ କାମୁଡ଼ନ୍ତି ।

୬ । କଳା ପିମ୍ପୁଡ଼ି (ବ. ଶୁଡ଼େୟ, ଡାଆଁ)—ଏମାନେ ବିଷହୀନ ଓ କାମୁଡ଼ନ୍ତି ନାହିଁ ।

୭ । ଏହା ଛଡ଼ା ଏକପ୍ରକାରର ପାହୁଁଶିଆ ପିମ୍ପୁଡ଼ି ଅଛନ୍ତି । ଏମାନେ ଖରା ସମୟରେ କ୍ଷେତରୁ ଶସ୍ୟ ଖାଦ୍ୟମାନ ସଂଗ୍ରହ କରି ଆପଣା ବସାରେ ନେଇ ସଞ୍ଚୟ କରନ୍ତି । ପିମ୍ପୁଡ଼ିମାନେ ଦଳବଦ୍ଧ ହୋଇ ରହନ୍ତି ଓ କାର୍ଯ୍ୟ କରନ୍ତି । ଏମାନେ ଧାଡ଼ି ବାନ୍ଧି ଯିବା ଆସିବା କରନ୍ତି । ଜୀବତତ୍ତ୍ୱବିତ୍‌ମାନେ ଗବେଷଣାଦ୍ୱାରା ଏମାନଙ୍କର ଅଧ୍ୟବସାୟ, କାର୍ଯ୍ୟବିଭାଗ ଓ ନିୟମାଧୀନତା ଆଦି ଦେଖି ଚମତ୍କୃତ ହୋଇ ଅଛନ୍ତି ।

ପିମ୍ପୁଡ଼ି ସମ୍ବନ୍ଧେ କେତେଗୁଡ଼ିଏ ପ୍ରବଚନ ଓ ନ୍ୟାୟ ।

୧ । ଗୁଡ଼ଘରେ ପିମ୍ପୁଡ଼ି ଜଗୁଆଳ (ପହରା) ନ୍ୟାୟ—ଖାଦ୍ୟ ଦ୍ରବ୍ୟକୁ ଖାଦକର ଜିମା କଲେ ଅର୍ଥାତ୍ ଭକ୍ଷକକୁ ଦ୍ରବ୍ୟ ରକ୍ଷା କରିବାକୁ ଦେଲେ ସେ ଦ୍ରବ୍ୟ ନଷ୍ଟ ହେବା ସ୍ୱାଭାବିକ ।

୨ । ପିମ୍ପୁଡ଼ିର ପକ୍ଷୀ ଲାଗିବା ନ୍ୟାୟ—ସର୍ବନାଶ ବା ମୃତ୍ୟୁର ପୂର୍ବ ସମୟ ଉପସ୍ଥିତ ହେବା ।

୩ । ହାତୀ ଗଳି ଯାଉଛି ପିମ୍ପୁଡ଼ି ଗଳିବାକୁ ବାଟ ନାହିଁ, କିମ୍ବା ହାତୀ ଗଳି ଯାଉଛି ପିମ୍ପୁଡ଼ିକୁ ବାଟ ବନ୍ଦ ହେଉଛି ନ୍ୟାୟ—ବଡ଼ ବଡ଼ କଥାରେ ଦୃଷ୍ଟି ନ ଥାଇ ସେ ଛୋଟ ଛୋଟ ବିଷୟକୁ ଜଗେ ।

ପିମ୍ପୁଡ଼ି ହୋଇ ଘାଘରୁଖାରେ ଚଢ଼ିବା ନ୍ୟାୟ—ଛୋଟ ଲୋକ ହୋଇ ବଡ଼ କଥାରେ ହସ୍ତକ୍ଷେପ କରିବା ।

୫ । ହାତୀ ମୁହଁରୁ କଲେ ଖସି ପଡ଼ିଲେ ପିମ୍ପୁଡ଼ିଙ୍କୁ ଖାଇବାକୁ ଶହେ ବରଷ ନ୍ୟାୟ—ହାତୀପରି ବ୍ୟକ୍ତି ସାମାନ୍ୟ ମାତ୍ର (କଲେ ମାତ୍ର ଖାଦ୍ୟ) ଛାଡ଼ି ଗଲେ ସେଥିରେ ଲକ୍ଷ ଲକ୍ଷ ପିମ୍ପୁଡ଼ି ପରି ଜୀବ ପୋଷି ହୁଅନ୍ତି ।

୬ । ହାତୀ ମୁତ ଦେଲେ ପିମ୍ପୁଡ଼ି ପହଁରିଏ ନ୍ୟାୟ—ହାତୀ ପରି ବଡ଼ ଜୀବର ମୂତରେ ପିମ୍ପୁଡ଼ି ପରି ଜୀବ ବୁଡ଼ି ଯାଏ ।

୭ । ଗୁଡ଼ଘର ପିମ୍ପୁଡ଼ି ଖାଇଯିବା ନ୍ୟାୟ—ଯେଉଁ କାର୍ଯ୍ୟକୁ ଶତ୍ରୁଠାରୁ ସର୍ବଦା ସାବଧାନତା ସହିତ ରକ୍ଷା କରିବା ଦରକାର ।

୮ । ପିମ୍ପୁଡ଼ି ଧାର ଲାଗିବା ନ୍ୟାୟ—ଯେଉଁଠାରେ ବହୁଜନଙ୍କ ସମାଗମ ହୁଏ, ସେଠାରେ 'ପିମ୍ପୁଡ଼ି ଧାର' ପରି ଲୋକେ ଚାଲୁଥିବାର ଲୋକେ ତୁଳନା କରନ୍ତି ।

୯ । ଗୁଡ଼କୁ ପିମ୍ପୁଡ଼ି ବାଇ ହେବା ନ୍ୟାୟ—ପିମ୍ପୁଡ଼ିମାନେ ମିଠା ଜିନିଷ ପ୍ରତି ଅତ୍ୟନ୍ତ ଆସକ୍ତ ଥିବାରୁ ବିଷୟ ପ୍ରତି କୌଣସି ବ୍ୟକ୍ତିର ବିଶେଷ ଆଗ୍ରହ ବା ଲୋଭ ଦେଖାଗଲେ ଲୋକେ ଏହି ଉଦାହରଣ ଦେଇଥାନ୍ତି ।]

ପିମ୍ପୁଡ଼ିଆ—ଦେ. ବିଣ—୧ । ପିମ୍ପୁଡ଼ି ସମ୍ବନ୍ଧୀୟ—
Pimpurdiā 1. Relating to ants.
୨ । ପିମ୍ପୁଡ଼ି ପରି—2. Ant like.
୩ । ଗୋରୁମାନଙ୍କର ରୋଗବିଶେଷ—3. A disease of cattle; Eczema of cattle.
[ଦ୍ର—ଏଥିରେ ଗୋରୁମାନଙ୍କ ଦେହରେ ମନ୍ଦା ମନ୍ଦା ଫଳିଯାଇ ଗୋଡ଼ ଓ ଦେହରୁ ଚମ ବାହାରି ପଡ଼େ ।]

ପିମ୍ପୁଡ଼ିଆ ମୁହାଁ—ଦେ.ବିଣ. ପୁଂ—ଅତିଶୟ ରାଗୀ; ଯେ କଟୁ କଥା କହେ; କର୍କଶଭାଷୀ—Harsh mouthed; of an angry nature.
Pimpurdiā muhāñ
(ପିମ୍ପୁଡ଼ିଆ ମୁହାଁ—ସ୍ତ୍ରୀ)

ପିମ୍ପୁଡ଼ି ଧାର—ଦେ. ବି—ଏକାଦିକ୍ରମେ ଚାଲୁଥିବା ପିମ୍ପୁଡ଼ିମାନଙ୍କ ଶ୍ରେଣୀ
Pimpurdi dhāra A line of ants creeping.

ପିମ୍ପୁଡ଼ି ବାସ—ଦେ. ବି—ଏକ ପ୍ରକାର ସରୁ ଧାନ—
Pimpurdi bāsa Name of a fine rice
[ଦ୍ର—ଏ ଧାନର ଚାଉଳ ମୃଦୁ ସୁବାସଯୁକ୍ତ ।]

ପିମ୍ପୁଡ଼ି ମୁହାଁ—ଦେ. ବିଣ—ପିମ୍ପୁଡ଼ିଆ ମୁହାଁ (ଦେଖ)
Pimpurdi muhāñ Pimpurdiā muhāñ (See)
(ପିମ୍ପୁଡ଼ିମୁହାଁ—ସ୍ତ୍ରୀ)

ପିୟାଳ—ସଂ. ବି—(ପୀ ଧାତୁଜ ? ପୀୟ (ସୌତ୍ର ଧାତୁ=ତୃପ୍ତ କରିବା)+ କର୍ତ୍ତୃ. ଅଲ)—ଚାରୁଗଛ; ଚାରକୋଳି ଗଛ, ରାଜାଦନ ବୃକ୍ଷ; ଆମ୍ରାଦି ବର୍ଗର ଆରଣ୍ୟ ତରୁ ବିଶେଷ— Buchanania Latifolia; Chirolia Sapida.
Piyāla
ସଂ ପ୍ରିୟାଳ, ଖର, ବହୁଳ-ବଲ୍କଳ, ଭକ୍ଷବୀଜ, ଚାରୁ, ଖର-ସ୍କନ୍ଧ, ରାଜାଦନ, ତାପସେଷ୍ଟ, ସନ୍ନକଦ୍ରୁ, ଧନୁଷ୍ପଟ.
ପିରାଲ
चिरौञ्जि; पियेलेह; पियार
ମ. ଚାରୋଳୀ.
ଓ. ଚାରୁ; ଚାରକୋଳି
ତା. କାଟମରା
ତେ. ସାରୁପାପୁ
ଗୁ. ଚାରୋଳୀ
ଫା. ବୁକଲେଖାଜା.
ଆ. ହବୁସ୍ ସମାନା.
[ଦ୍ର—ଏଥିର ଫଳ କୃଷ୍ଣବର୍ଣ୍ଣ ଓ ମନୁଷ୍ୟଭୋଜ୍ୟ । ମଞ୍ଜି ଭିତରୁ ବାଦାମ ଭଳି ସୁସ୍ୱାଦୁ ଶସ ବାହାରେ । ଏଥିରୁ ତେଲ ବାହାରେ, ଏହାର ପାଚିଲା କୋଳି ଖାଆନ୍ତି ଓ ହିନ୍ଦୁସ୍ଥାନ ପ୍ରଭୃତିରେ ଏ କୋଳିଦ୍ୱାରା ମିଷ୍ଟାନ୍ନ ପ୍ରସ୍ତୁତ ହୁଏ । ବସନ୍ତ ଋତୁରେ ଏ ଗଛ ଆମ୍ବଗଛ ପରି ବଉଳେ; ଏହାର ଛେଲି, ପତ୍ର ଓ ବୀଜ ଔଷଧାର୍ଥେ ବ୍ୟବହୃତ ହୁଏ । ଏହାର ବୀଜ ମଧୁର, ଶୀତଳ, ଧାତୁ ପୁଷ୍ଟିକର, ବାତ, ପିତ୍ତ, ଦାହ, ଜ୍ୱର ଓ ତୃଷାହାରକ । ଏହା ଆମବର୍ଦ୍ଧକ, ମଳରୋଧକ ଓ ଗୁରୁପାକ । ଏହାର ବୀଜଜାତ ତୈଳ ଇନ୍ଦ୍ରଲୁପ୍ତ (ଟାଙ୍ଗସମୁଣ୍ଡ) ରୋଗରେ ମୁଣ୍ଡରେ ମାଲିସ କରାଯାଏ । ଏହାର ଛେଲିକୁ ଛେଳିଦୁଧ ସହିତ ବାଟି ଖାଇଲେ ରକ୍ତାତିସାର ଭଲ ହୁଏ । ଏହାର ଛେଲିର କ୍ୱାଥ ରକ୍ତପିତ୍ତ ନାଶକ । ଏଥିର କାଠ ଖୁବ ମଜଭୁତ ଏ ଗଛର ଛାଲକୁ ଚିରିଦେଲେ ସେଥିରୁ ଏକପ୍ରକାର ଅଠା ବାହାରେ ।

ପିୟାସାଲ—ଦେ. ବି.—(ସଂ. ପୀତଶାଲ) ଅରଣ୍ୟ ଉଚ୍ଚ ତରୁବିଶେଷ—
Piyāsāla The Indian Kino tree;
ସଂ—ପୀତସାର, ପୀତସାଲ, Pterocarpus Marsupium;

ପ୍ରିୟକ, ସର୍ଜକ, ଜୀବକ,ଅସନ, ପୀତକ; ମହାସର୍ଜ, ବନ୍ଧୂକପୁଷ୍ପ ପ୍ରିୟସାଳକ — Pterocarpus Acuminata (Haines). Pentaptera Tomentosa.

ପିଆଶାଳ
পিআসার ;অসনা,সজ
पियासाल , प्यासाल

ତେ—ମାଦ୍ଦି, ମଦ୍ଦି
ମ—ବବଲ୍ଲ
ଗୁ—ବୟ୍ଯାଂ
ଫା—କମରକସ୍

[ଦ୍ର—ଏହାର କାଠ ପୀତ ବା ଆରକ୍ତପୀତ; ଏ ଗଛରୁ ଗାଢ଼ ରକ୍ତ ବର୍ଣ୍ଣ ନିର୍ଯ୍ୟାସ (gum kino) ବାହାରେ । ଏହାର କାଠ ଶାଳ କାଠ ପରି ଶକ୍ତ ନୁହେ । ତନ୍ତୁ ଏ କାଠରେ ବାକ୍ସ, କବାଟ, ଚଉକି, ପଲଙ୍କ, ଖଟ, ଟେବଲ ଆଦି ତିଆରି ହୁଏ । ଓଡ଼ିଶାର ଗଡ଼ଜାତମାନଙ୍କରେ ଏ ଗଛ ଅନେକ ଜନ୍ମେ । ଏ ଗଛ ଶୀତଦିନେ ପତରଝଡ଼ା ହୁଏ । ଏଥିର ଛାଲରୁ ହଳଦିଆ ରଙ୍ଗ ତିଆରି ହୁଏ । ସିଂହଭୂମି ଓ ଛୋଟନାଗପୁର ଅଞ୍ଚଳରେ ଏ ଗଛରେ ଟସର ପୋକମାନେ ଗୋଟି ବାନ୍ଧନ୍ତି । ସ୍ଥାନେ ସ୍ଥାନେ ଏଥିରେ ଲାଖ ପୋକ ମଧ୍ୟ ଲାଗନ୍ତି । ବୈଦ୍ୟକ ମତରେ ପିଆସାଳ, ଶ୍ୱିତ୍ର, କୁଷ୍ଠ, ବିସର୍ପ, ପ୍ରମେହ, ଗୁହ୍ୟକୃମି, କଫ, ରକ୍ତପିତ୍ତ ଦୂର କରେ ଓ କେଶ ଓ ଚର୍ମର ହିତକର ଅଟେ ।]

ପିର—ବୈଦେ. ବି. (ଫା. ପୀର)—
Pira
পীর
पीर
୧ । ମୃତ୍ୟୁ ପରେ ପୂଜିତ ମୁସଲମାନ୍ ମହାପୁରୁଷ; ମୁସଲମାନ୍ ପୁଣ୍ୟାତ୍ମା ବା ଧାର୍ମିକ ବ୍ୟକ୍ତି; ମହାତ୍ମା— 1. A Mahomedan saint worshipped after his death.

୨ । ହିନ୍ଦୁମାନଙ୍କଦ୍ୱାରା ପୂଜିତ ସତ୍ୟପୀର— 2. Satyapir who is worshipped by the Hindus.
[ଦ୍ର—ପାଲା,ଚଳେ ନୋଟ ଦେଖ ।]

୩ । ଧର୍ମଗୁରୁ—3. A religious preceptor.

ଦେ. ବିଣ. (ଲକ୍ଷଣାର୍ଥ; ବ୍ୟଙ୍ଗ) ସମସ୍ତଙ୍କଠାରୁ ବେଶି— (ironical) Greatest.
(ଯଥା—ସେ ଦୁଷ୍ଟଙ୍କ ପିର ଅଟେ ।)

ପିରଙ୍କ ଆସ୍ଥାନ—ଦେ. ବି. (ଫା. ପୀର+ସଂ. ଆସ୍ଥାନ)—
Piranka āsthāna
পীরের আস্থান
पीरका आस्थान
ପ୍ରସିଦ୍ଧ ମୁସଲମାନ୍ ମୃତ ମହାତ୍ମାଙ୍କର କବରସ୍ଥାନ —The grave of a Mahomedan saint.

[ଦ୍ର—ଓଡ଼ିଶାରେ ଅନେକ ସ୍ଥଳରେ ହିନ୍ଦୁମାନେ ମୁସଲମାନଙ୍କ ପିରଙ୍କୁ ପୂଜା କରିବା ଦେଖାଯାଏ । ସେଠାରେ ମୁସଲମାନ୍ ପୁରୋହିତମାନେ ଶୀରଣୀ (ଭୋଗ)କୁ ଫାତିଆ (ନୈବେଦ୍ୟ) କରିବା ପରେ ତାହା ହିନ୍ଦୁମାନେ ଗ୍ରହଣ କରିବାର ଦେଖାଯାଏ । କଟକ ସହରରେ କଦମରସୁଲ ଗୋଟିଏ ପ୍ରସିଦ୍ଧ ପିର ।
ଖୋର୍ଦ୍ଧାର କାଇପଦରରେ ବୋଖାରି ସାହେବ ମଧ୍ୟ ପିର ଅଟନ୍ତି ।]

ପିରଙ୍କ ସାଙ୍ଗରେ ଥଟ୍ଟା ଖେଳିବା—ଦେ. କ୍ରି—ମାନ୍ୟ ବ୍ୟକ୍ତିଙ୍କୁ ଅପମାନ ଦେବା—To treat a man deserving reverence with disregard.
Piranka sāngare thattā khelibā
পীরের সঙ্গে ঠাট্টাকরা
पीरका साथ दिल्लगी करना

ପିରଙ୍କ ସାଙ୍ଗେ ଗୋସ୍ତାକି କରିବା—ଦେ—ପିରଙ୍କ ସାଙ୍ଗରେ ଥଟ୍ଟା ଖେଳିବା (ଦେଖ)—
Piranka sānge gostāki karibā
পীরের সঙ্গে গোস্তাকী করা
पीरको साथ गोस्ताखी करना
Piranka sāngare thattā khelibā (See).

ପିରଡ଼ା—ପ୍ରାଦେ. (ସମ୍ବଲପୁର) ବି—(ଭୁଲ ସଂ. ପୀଠ)—ପିଢ଼ା; ଛପର ଘରର ଚାଳର ଉପରଭାଗ; ଛାତ—Roof of a thatched house.
Pirardā
(ପିରଡ଼ା, ପିଡ଼ା – ଅନ୍ୟରୂପ)

ପିରତି—ଗ୍ରା. ବି —(ସଂ. ପ୍ରୀତି)—୧ । ପ୍ରଣୟ— 1. Love.
Pirati
পীরিত
୨ । କାମବୃତ୍ତି ସଂଶ୍ଳିଷ୍ଟ ପ୍ରଣୟ— 2. Amorous love.
(ପିରିତି – ଅନ୍ୟରୂପ)

ପିରାମିଡ୍—ବୈଦେ. ବି. (ଇଂ)—ଆଫ୍ରିକା ମହାଦେଶର ଇଜିପ୍ଟ ବା ମିଶର ଦେଶର ପ୍ରାଚୀନ ରାଜାମାନଙ୍କର ସମାଧିସ୍ତୂପ— Pyramid; the Pyramids of Egypt.
Pirāmid
পিরামিড়
पिरामीड़
[ଦ୍ର—ଏଥିରେ ସେମାନଙ୍କର ମୃତ ଦେହ ପୋତା ଯାଉଥିଲା । ଏହା ଇଟା ଓ ପଥରର ଚତୁଷ୍କୋଣ କ୍ଷେତ୍ର ଉପରେ କ୍ରମସୂକ୍ଷ୍ମ ତ୍ରିଭୁଜାକାରର ସ୍ତୂପରୂପେ ଉଠି ଗୋଟିଏ ବିନ୍ଦୁରେ ଶେଷ ହୋଇଥାଏ ।]

ପିରାଲି—ବୈଦେ. ବି—୧ । ମୁସଲମାନଙ୍କ ଅନ୍ନ ସ୍ପର୍ଶନ ବା ଘ୍ରାଣ କରିଥିବା ଯୋଗୁଁ ପତିତ ବଙ୍ଗୀୟ ବ୍ରାହ୍ମଣବିଶେଷ—1. A class of Brāhmaṇas of Bengal who are considered fallen on account of their ancestors having touched food cooked by Mahomedans.
Pirāli
পীরালী

[ଦ୍ର—ସପ୍ତଦଶ ଶତାବ୍ଦୀରେ ଯଶୋହରର ଶାସନକର୍ତ୍ତା ପୀରୁ-ଅଲୀଙ୍କ ଦତ୍ତ ଅନ୍ନକୁ କେତେକ ବଙ୍ଗୀୟ ବ୍ରାହ୍ମଣ ସ୍ପର୍ଶ କରିଥିବାରୁ ସେମାନେ ପତିତ ବୋଲି ବିବେଚିତ ହୋଇଥିଲେ ଓ ସେହିମାନଙ୍କ ବଂଶଧରମାନେ ବଙ୍ଗରେ ପିରାଲୀ ବ୍ରାହ୍ମଣରୂପେ ଅଦ୍ୟ ପରିଚିତ ।]

୨ । ଏକପ୍ରକାର ପଗଡ଼ି—2. A kind of turban.
[ଦ୍ର—ଏହି ପଗଡ଼ି ବଙ୍ଗର ପିରାଲୀ ବ୍ରାହ୍ମଣମାନେ ପ୍ରଥମେ ଉଦ୍ଭାବନ କରିଥିବାର କଥିତ ।]

ପିରି—ଗ୍ରାମ୍ୟ. ଅ—ପରି; ପ୍ରାୟ; ସମାନ— Like.
Piri

ପ୍ରାଦେ (ଜୟପୁର) ବି—ଭୁଟା; ପାଳ— Crushed straw.

ପିରିଅଡ୍ - ବୈଦେ. ବି. (ଇଂ)—୧ । ନିର୍ଦ୍ଦିଷ୍ଟ କାଳ— 1. Period (of time)
Piriad
পিরিয়ড্
परियड्
୨ । ସ୍କୁଲରେ ଛାତ୍ରମାନେ ଗୋଟିଏ ବିଷୟ ପଢ଼ିବା ପାଇଁ ରୁଟିନ୍ ଅନୁସାରେ ନିର୍ଦ୍ଧାରିତ କାଳ—2. A period for studying in school according to the routine.

ପିରିକ—ବୈଦେ. ବି. (ଇଂ. ପ୍ରିକ୍)—୧ । ପିରିକ କଣ୍ଟା (ଦେଖ)— 1. Pirika kantā (See)
Pirika

ପେରେକ୍ ଦେ. ବ—(ସ. ପୁଷ୍କ; କଷର)—ପିରିକ, କଣ୍ଟା
ଫିରିକ ଫିରିକ୍; ଏକପ୍ରକାର କଣ୍ଟାଯୁକ୍ତ ବୁଦାଳିଆ ବନ୍ୟ ଗୁଳ୍ମ—
কাঁটাগুড়কামাই A kind of thorny wild plant; Caparis Sepiaria.

[ଦ୍ର—ଏ ଗଛ ଉଚ୍ଚରେ ତିନ ହାତ ବଢ଼େ । ଏହାର ଡାଳ ଖୁବ୍ ଶକ୍ତ, କଣ୍ଟା ଛୋଟ ଛୋଟ ଓ ମୁନିଆ, ଏହାର କୋଳ ପାଚିଲେ ଖାଆନ୍ତି । ଫୁଲ ଟେଣ୍ଡା ପେଣ୍ଡା, ଧଳା ଓ ବାସନାଯୁକ୍ତ । ଏ ଗୁଳ୍ମର କାଣ୍ଡ ଟେଢ଼ାଳ, କିନ୍ତୁ ଖୁବ୍ ଠାଣୁଆ ଓ ଏଥିରେ ସହଜରେ ଉଇ ଧରନ୍ତି ନାହିଁ ବୋଲି ଲୋକ ଘରମାନଙ୍କ କାନ୍ଥରେ ଏହାକୁ ଦିଅନ୍ତି ।]

ପିରିକ କଣ୍ଟା—ଦେ. ବ—(ଇଂ. ପ୍ରିକ୍+ସ. କଣ୍ଟକ)—୧ । ଛୋଟ
Pirika kaṇṭā ଲୁହା କଣ୍ଟା—1. Small iron pins; prick.
পেরেককাঁটা परेककाँटा ୨ । ପିରିକ ଗୁଳ୍ମର କଣ୍ଟା—
(ପିରିକି କଣ୍ଟା—ଅନ୍ୟରୂପ) 2. The thorn of Pirika plant.

ପିରିକା—ଗ୍ରାମ୍ୟ. ଅ—ପିରି (ଦେଖ)
Pirikā Piri (see)
(ପରିକା—ଅନ୍ୟରୂପ) (ଯଥା—ମୋ ପରିକା ସେ ନୁହେଁ)

ପିରିକି—ବୈଦେ. ବ. (ଇଂ)—ପିରିକ କଣ୍ଟା (ଦେଖ)
Piriki Pirika kaṇṭā (see)
ଦେ. ବ.—ପିରିକ (ଦେଖ)—Pirika (see).

ପିରିଚ—ବୈଦେ. ବ. (ପର୍ତ୍ତୁଗୀଜ ପିରିଜ୍)—ଛୋଟ ଥାଳିଆ—
Pirich Small plate; saucer.
পিরিচ, पिरिच

ପିରିଚ୍ ପିଆଲା—ବୈଦେ. ବ. (ସହଚର ଶବ୍ଦ; ପର୍ତ୍ତୁଗୀଜ୍. ପିରିଜ୍+
Pirich piālā ଫା. ପ୍ୟାଲା)—ଥାଳିଆ ଓ ତହିଁ ସଙ୍ଗର ଗିନା—
পিরিচ পেয়ালা Plate and cup; saucer and cup.
पिरिजप्याला [ଦ୍ର—ଗୁଡ଼ା ଖାଇବାପାଇଁ ପିଆଲାରେ ଗୁଡ଼ା ଥାଏ ଓ ତାକୁ ଢାଳିକରି ପିରିଚରେ ପିଅନ୍ତି]

ପିରୁଆ—ଦେ. ବ.—ପିଢ଼ୁଆ (ଦେଖ)
Piruā Pirḍiā (see)

ପିରୁଡ଼ି—ଦେ. ବ.—ଶସ୍ୟକ୍ଷେତ୍ର ପଡ଼ିଆ ପଡ଼ିଗଲେ ତହିଁରେ ଉଠିବା ଏକ
Piruṛdi ପ୍ରକାର ଘାସ—A kind of wild grass growing on corn fields lying fallow.

ପିରୋଗ—ଗ୍ରାମ୍ୟ. ବ.—ପ୍ରୟୋଗ—
Piroga Application; applying.
ଯେବଣ ବୈଦ୍ୟକ ସର୍ବ ଔଷଧ ହୋଇଛ ଚିଛି
ସୁସ୍ଥ ହୋଇ ତାକୁ ତାହା ପିରୋଗ କଲେ । ପ୍ରାଚୀ, ରହସ୍ୟମଞ୍ଜରୀ ।

ପିରୋଜ(ଜା)—ବୈଦେ. ବ. (ଫା. ଫୀରୋଜା)—ଭୁରସ୍ମଣି—
Piroja(jā) The Beryl (gem).
পিরোজা पिरोजा (ଯଥା—ଏହା ପିତାଭ ନୀଳବର୍ଣ୍ଣ ମଣି ।)

ପିରୋତ୍ତର—ଦେ. ବ. (ତୁଳନାକର—ଦେବୋତ୍ତର; ବ୍ରହ୍ମୋତ୍ତର)—
Pirottara ମୁସଲମାନ ପିରଙ୍କ ଅସ୍ଥାନରେ ସେବା ପୂଜା ନିମନ୍ତେ
পিরোত্তর ଛଣ୍ଡା ଥିବା ବୃତ୍ତି—Endowments for main-
पोरोत्तर taining worship at the tombs of
(ପିରତ୍ତର, ପିରତ୍ର, ପିରୋତ୍ର—ଅନ୍ୟରୂପ) Mahomedan saints.

ପିଲ୍—ବୈଦେ. ବ. (ଇଂ. ପିନ୍; ଇଂ. ପିଲର; ଫା. ପିଲ୍‌ପାୟା)—
Pil ୧ । ଛୋଟ ବାଉଁଶ ଖିଲ—
পীল 1. Wooden or bamboo peg.
मेख ୨ । ଖୁଣ୍ଟ; ଖୁଣ୍ଟି—2. Pillar.
୩ । ସୀମାନିର୍ଦ୍ଦେଶକ ଖୁଣ୍ଟି—3. Boundary pillar.
୪ । (ଇଂ. ପିଲ୍)—ବଟିକା; ବଡ଼ି—4. Pill.
୫ । (ଫା. ପୀଲ୍=ହାତୀ) ସତରଞ୍ଜ ଖେଳର ହାତୀ—
5. The elephant piece in the game of chess.

ପିଲଖାନା—ବୈଦେ. ବ. (ଫା. ପୀଲ୍=ହାତୀ+ଖାନା=ଶାଳା)—
Pil-khānā ହାତୀଶାଳ—A stable for an elephant.
পীলখানা पीलखाना

ପିଲ୍‌ଗାଡ଼ି—ବୈଦେ. ବ. (ଫା. କଚଡ଼ିଆ)—ଭୂମିରେ ଖୁଣ୍ଟ ପୋତା—
Pil-gāṛdi Insertion of a peg into the ground.
পিলগাড়ী पिलगाड़ी

ପିଲ୍‌ଗାଡ଼ି କରିବା—ଦେ. କ୍ରି. (କଚଡ଼ିଆ)—ପିଲ୍ ଗାଡ଼ିବା (ଦେଖ)
Pil-gāṛdi kariba Pil-gāṛdibā (See)

ପିଲ୍ ଗାଡ଼ିବା—ଦେ. କ୍ରି. (କଚଡ଼ିଆ)—୧ । ଖୁଣ୍ଟପୋତିବା—
Pil gāṛdibā 1. To drive or insert a peg into the ground.
୨ । ଖୁଣ୍ଟପୋତି ସୀମା ନିର୍ଦ୍ଦେଶ କରିବା—
2. To put boundary pillars on the ground.

ପିଲ—ଦେ. ବ—କଦଳୀଗଛ ପିଣ୍ଡରୁ ବାହାରିବା କ୍ଷୁଦ୍ର ପୁଅ; କଦଳୀ ଓଧ—
Pila Small seedlings or tubers coming out of the root of a plantain tree.
ପ୍ରାଦେ. (ବାଲେଶ୍ୱର) ବ—ଇଲିଶି ମାଛର ଛୁଆ—
(ପିଲଛୁଆ—ଅନ୍ୟରୂପ) The fry of Hilsa fish.

ପିଲପାଇଆ—ବୈଦେ. ବ. (ଫା. ପିଲ୍ ପାୟ=ହାତୀଗୋଡ଼; ହାତୀ
Pilapāiā ଗୋଡ଼ ପରି ମୋଟ)—୧ । ମୋଟ ଓ ଛୋଟ ଖୁଣ୍ଟି—
পীলপায়া; পীল্পা 1. Small and stout pillar,
पीलपाया; पोल्पा ୨ । ସୀମାଖୁଣ୍ଟି—2. Boundary pillar.
୩ । ଖୁଣ୍ଟ—3. Pillar; column.
(ପିଲପାୟା, ପିଲପାହୁଆ, ପିଲପାଦ୍ୟା, ପିଲପାଇଆ, ପିଲପାହୁଆ, ପିଲପାଦ୍ୟା—ଅନ୍ୟରୂପ)

ପିଲବାଡ଼ି—ଦେ. ବ—୧ । ଛୋଟ ଖିଲା—
Pilabāṛdi 1. Small peg.
୨ । ଦୁଇଖଣ୍ଡ ବାଉଁଶ ବାଡ଼ିଦ୍ୱାରା ଖେଳ—
2. Fencing with sticks.
[ଦ୍ର—ଏଥିରେ ଦୁଇଦଳ ହୋଇ ଖେଳନ୍ତି । ବଡ଼ ବାଡ଼ିର ମାପକୁ "ଲାଲ" ଓ "ଆରଦା" କହନ୍ତି ।]

ପିଲ(ଲି)ସଜ—ଦେ.ବ. (ଫା.ଫତାଲ୍ ସୋଜ୍=ପିତ୍ତଳଦୀପ; ସ.ଦୀପଶଯ୍ୟା)-
Pila(li)saja ୧ । ପିତ୍ତଳର ଦୀପରୁଖା; ପିତ୍ତଳର ଦୀପବୃକ୍ଷ; ପିତ୍ତଳ
পিলসুজ ଦୀପାଧାର—1. Brass lamp-stand.
फतीलसोज, दीवट ୨ । ଗଛଦୀପ; ଯେଉଁ ବୃକ୍ଷାକାର ଦଣ୍ଡରେ ସ୍ତର

ପିଲସେଜ / ପିଲସୁଜ / ପିଲସୁଜ / ପିଲ୍(ଲ)ସୋଜ } ଅନ୍ୟରୂପ] ସ୍ତର ଉଠାଇ ଉପର୍ଯ୍ୟୁପରି ପ୍ରଦୀପଶ୍ରେଣୀ ଲଗା ହୋଇଥାଏ । ଶାଖାବିଶିଷ୍ଟ ଦୀପବୃକ୍ଷ— 2. A chandelier for oil lamps.

ପିଲ୍ଲା—ଦେ. ବି. (ଦ୍ରାବିଡ଼. ପିଲ୍ଲ=ଶିଶୁ, ବାଳକ; ତୁଳନାକର ସଂ ବାଲ; ଛା; ପିଲ୍ଲୈ)—୧ ଶିଶୁ; ସନ୍ତାନ—
Pilā
ଛେଲେ; ଛାଲିଆ; ପିଲ୍ଲା; ପିଲେ 1. Child; offspring.
पिल्ला, छोकरा (ଦ୍ର—ବଙ୍ଗଳାରେ ଏ ଶବ୍ଦ 'ଛେଲେ' ଶବ୍ଦ ସଙ୍ଗେ ସହଚରରୂପେ ବ୍ୟବହୃତ ହୁଏ; ଯଥା ଛେଲେ, ପିଲେ ।)
୨ । ଜୀବମାନଙ୍କର ଶିଶୁ—2 Little ones or offsprings of animals.
ଭୁରଙ୍ଗ ହୁଏ ବ ସ୍ୱରର ପିଲ. କବିସୂର୍ଯ୍ୟ—କବିତା
୩ । ବାଳକ—3. Boy.
୪ । ଅପ୍ରାପ୍ତରଜସ୍କା କନ୍ୟା—
4. A girl before she attains puberty.
୫ । ନିଜର ସ୍ତ୍ରୀବାଳକାଦି ପରିବାରବର୍ଗ—
5. One's family consisting of one's wife and children.
ଦେ. ବିଣ.—୧ । କ୍ଷୁଦ୍ର ଓ ଅଳ୍ପବୟସ୍କ—1. Small and young.
(ଅନ୍ୟ ଶବ୍ଦ ସଙ୍ଗେ ଲାଗେ, ଯଥା—ପିଲ୍ଲାଗଛ)
୨ । ଅଳ୍ପବୟସ୍କ—2. Young.
୩ । କ୍ଷୁଦ୍ର—3. Small; tiny.
୪ । (ସଂ. ପୀତ)—ହଳଦିଆ—4. Yellow.
पीला ପ୍ରାଦେ. (ଭଦ୍ରି ଭାଷା). ବି.—ପୁଅ—Son.

ପିଲା—ଦେ. ବିଣ. (ସଂ ପୀତ)—ଈଷତ୍ ହଳଦିଆ ରଙ୍ଗ—
Pilā **पीला** Yellowish colour.

ପିଲଏ—ଦେ. ବି (ବହୁବଚନ) ୧ । ପିଲ୍ଲମାନେ; ଶିଶୁମାନେ—
Pilae 1. Children.
ଛେଲେରା ଅଣରେ ପିଲଏ ନୃତ୍ୟାନ୍ତି, ମେଘ ଯାଇ ଫସରପାନ୍ତି. ଶିଶୁଗୀତ.
बच्चेँ
୨ । ନିଜର ପରିବାରସ୍ଥ ସ୍ତ୍ରୀପୁତ୍ରାଦି—
1. Family members consisting of one's wife and children.
୩ । ଆପଣାର ସ୍ତ୍ରୀ—3. Wife (in euphemism).
[ଦ୍ର—ଲୋକେ 'ମୋ ସ୍ତ୍ରୀ' ବୋଲି ନ କହି 'ଆମ ପିଲ୍ଲଏ, ଆମ ଭୂଆସ, ଆମ ଘରେ, ଆମ ଘରଆଡ଼େ' ଆଦି ବାକ୍ୟ ବ୍ୟବହାର କରଥାଆନ୍ତି । ଯେପରି କି 'ମୋ ସ୍ତ୍ରୀ ବା ଭାରିଯା' ଶବ୍ଦଟା ଦାଣ୍ଡଲୋକଙ୍କ ଆଗରେ ବ୍ୟବହାର କରିବାକୁ ଲାଜ ମାଡ଼େ । ଏହିପରି ମଧ୍ୟ ସ୍ତ୍ରୀମାନେ 'ମୋ ସ୍ୱାମୀ' ବୋଲି ନ କହି 'ଆମର ସେ, ଆମର ସେମାନେ, ଆମ ଦାଣ୍ଡ ଆଡ଼େ' ଶବ୍ଦମାନ ବ୍ୟବହାର କରନ୍ତି ।]

ପିଲ୍ଲ କଥା—ଦେ. ବି—ପିଲ୍ଲ କୁହା (ଦେଖ)
Pilā kathā Pilā kuhā (See)

ପିଲ୍ଲ କନ୍ୟା—ଦେ. ବି—ଅରଜସ୍କା କନ୍ୟା—
Pilā kanyā Girl-bride; a girl given in marriage before attaining puberty.
ବାଚ୍ଚା ମେୟେ
बच्ची लड़की (ପିଲ୍ଲ କନ୍ୟାଙ୍କ—ଅନ୍ୟରୂପ)
(ବଡ଼ିଲ୍ଲ କନ୍ୟା—ବିପରୀତ)

ପିଲ୍ଲ କବିଲ୍ଲ—ଦେ. ବି. (ସହଚର ଶବ୍ଦ)—ପିଲ୍ଲ ଝିଲ୍ଲ (ଦେଖ)
Pilā kabilā Pilā jhilā (See)

ପିଲ୍ଲ କାଳ—ଦେ. ବି—୧ । ଶିଶୁକାଳ; ଶିଶୁ ଅବସ୍ଥା—
Pilā kāḷa 1. Childhood; boyhood; girlhood.
ଛେଲେ ବେଲା ୨ । ଅଳ୍ପ ବୟସ—2. Young age.
बचपन

ପିଲ୍ଲ କୁହା—ଦେ. ବି—୧ । ଶିଶୁର କଥା—
Pilā kuhā 1. A child's word; the words of a young person.
୨ । ଆପଣାଠାରୁ ଅଳ୍ପବୟସ୍କ ବ୍ୟକ୍ତିର ଉପଦେଶ—
2. The advice given by a younger person.
୩ । ଶିଶୁ ପରି ନଗଣ୍ୟ ଲୋକର ଉପଦେଶ—
3. Advice of an insignificant person.

ପିଲ୍ଲ ଖେଳ—ଦେ. ବି—୧ । ଶିଶୁ କ୍ରୀଡ଼ା—
Pilā khel̤a 1. Child's play.
ଛେଲେ ଖେଲା ୨ । ଶିଶୁଙ୍କ କ୍ରୀଡ଼ା ଭଳି ଅସ୍ଥାୟୀ ଓ ଉପର ଠାଉରିଆ
बच्चोँ की खेला ବିଷୟ—2. Insignificant and superficial matter like children's play.

ପିଲ୍ଲ ଖୋଇ—ଦେ. ବି—ବାଲ ସ୍ୱଭାବ; ବାଲ ଚପଲ୍ୟ—
Pilā khoi Childishness.
ଛେଲେମୀ **बालपन, बचपन**

ପିଲ୍ଲ ଝିଲ୍ଲ—ଦେ. ବି. (ସହଚର ଶବ୍ଦ)—
Pilā jhilā ୧ । ବାଲବଚ୍ଚା; ସନ୍ତାନ ସନ୍ତତି; ପୁଂ ଓ ସ୍ତ୍ରୀ ଶିଶୁ—
1. Children (both male and female).
ଛେଲେ ମେୟେ, ଛେଲେ ପୁଲେ, ଛେଲେ ପୀଲେ
बाल बच्चे, बच्चाबच्ची
୨ । ପୁତ୍ର ବା କନ୍ୟା—
2. Son or daughter.
× × × ଯାହାର ପିଲ୍ଲ ଝିଲ୍ଲ କେହି ନାହିଁ, ସେ କୁକୁର ପାଳିବ, ବିରାଡ଼ି ପାଳିବ × × × ପୋଷି ତାକୁ ଭଲ ପାଏ ।
ଫକୀରମୋହନ. ଛମାଣ ଅଠଗୁଣ୍ଠ ।
୩ । ସ୍ତ୍ରୀ ବାଳକାଦି ସମନ୍ୱିତ ଆପଣାର ପରିବାର—
2. One's family consisting of one's wife and children.

ପିଲ୍ଲଟିଆ—ଦେ. ବିଣ—ବାଲୋଚିତ; ବାଲ ସୁଲଭ—
Pilāṭia Childlike; becoming a child; childish.
ଛେଲେମୋ, ଛେଲେମି
लड़कपनकोसी ପିଲ୍ଲଟିଆ ବଚନ ଶୁଣି କହି ବାନେ । କୃଷ୍ଣସିଂହ. ମହାଭାରତ,
ବେ. ବି—ବାଲ ସ୍ୱଭାବ—Childishness.

ପିଲ୍ଲ ଟୁକେଲ୍—ପ୍ରାଦେ. (ସମ୍ବଲପୁର) ବି—
Pilā ṭukel ପୁଅ ଝିଅ; ପିଲ୍ଲ ପିଲି—
Children (both male and female).

ପିଲଣି(ଣ୍ଟି)ଆ—ଦେ. ବଣ ଓ ବ—ପିଲ୍ଲଟିଆ (ଦେଖ)
Pilāṇi(ṇṭi)ā Pilāṭiā (See)
(ଯଥା—ପିଲ୍ଲଣିଆ ଆଚରଣ, ପିଲ୍ଲଣ୍ଟିଆ ସମାଲୋଚନା ।)

ପିଲ୍ଲ ଦିନ—ଦେ. ବ—ପିଲ୍ଲକାଳ (ଦେଖ)
Pilā dina Pilākāḷa (See)
ପିଲ୍ଲ ଦିନ ପୂଜନା ପ୍ରାଣ କଦଳଥ । କବିସୂର୍ଯ୍ୟ. ସଙ୍ଗୀତ ।

ପିଲ୍ଲ ପଣ—ଦେ. ବ—ପିଲ୍ଲ ଖୋଇ (ଦେଖ)
Pilā paṇa Pilā khoi (See)
[ପିଲ୍ଲ ପଣିଆ(ଆଁ)—ଅନ୍ୟରୂପ]

ପିଲ୍ଲ ପାଇବା—ପ୍ରାଦେ. (ଗଞ୍ଜାମ) କ୍ରି—
Pilā pāibā (ସ୍ତ୍ରୀ ଲୋକ) ସନ୍ତାନ ପ୍ରସବ କରିବା—
To give birth to a child.

ପିଲ୍ଲ ପିଚିକା—ଦେ. ବ—୧ । ଶିଶୁ ଆଦିଙ୍କ ସହିତ ପରିବାରସ୍ଥ ବ୍ୟକ୍ତିଗଣ-
Pilā pichikā 1. The members of a family.
ছেলে পিলে ଅସିଛୁ ଏକା, ଯିବୁ ଏକା,
बालबच्चे ସାଙ୍ଗରେ ନ ଯିବେ ପିଲ୍ଲ ପିଚିକା—ଭଗ ।
(ପିଲ୍ଲ ପିଚକା—ଅନ୍ୟରୂପ) ୨ । ପିଲ୍ଲପିଲି; ସନ୍ତାନ ସନ୍ତତି—
2. Childen (male and female).
୩ । ଛୋଟ ପିଲ୍ଲ—3. Little child.
ମହାତ୍ମା କହ ପିଲ୍ଲ ପିଚିକା କହନ୍ତୁ । ଫକୀରମୋହନ. ଗଳ୍ପସ୍ୱଳ୍ପ ।
୪ । ପରିବାର—4. Family.

ପିଲ୍ଲ ପିଲ୍ଲ—ଦେ. ବ. (ବହୁବଚନ)—ଟିକିଟିକି; କ୍ଷୁଦ୍ର କ୍ଷୁଦ୍ର (ଅନେକ)-
Pilā pilā Tiny (many).
(ପିଲି ପିଲି—ଅନ୍ୟରୂପ)

ପିଲ୍ଲ ପିଲ୍ଲି—ଦେ. ବ. (ସହଚର ଶବ୍ଦ)—ପିଲ୍ଲ ଝିଲ୍ଲ (ଦେଖ)
Pilā pili Pilā jhilā (See)

ପିଲ୍ଲ ବୟସ—ଦେ. ବ—ପିଲ୍ଲ କାଳ (ଦେଖ)
Pilā bayasa Pilā kāḷa (See)

ପିଲ୍ଲ ବସାଣି—ପ୍ରାଦେ. (ଗଞ୍ଜାମ) ବ—ପ୍ରଥମେ ରଜସ୍ୱଳା ହେଲେ
Pilā basāṇi ବାଳିକାର ସାତ ଦିନ ପର୍ଯ୍ୟନ୍ତ ଅସ୍ପୃଶ୍ୟାବସ୍ଥାରେ ସମସ୍ତଙ୍କଠାରୁ ପୃଥକ୍ ହେବା ବିଧାନ—Separate living of a newly menstruated girl for a week after the appearance of her menses.

ପିଲ୍ଲବାଲି—ଦେ. ବଣ. ସ୍ତ୍ରୀ—୧ । ଯାହା କୋଡ଼ରେ ସ୍ତନନ୍ଧୟ ଶିଶୁ ଥାଏ—
Pilābāli 1. Nursing mother.
बच्चावाली ୨ । ବହୁ ସନ୍ତାନଙ୍କ ମାତା—2. A mother of many children.
(ପିଲ୍ଲ ବୁଆଲୀ—ଅନ୍ୟରୂପ)

ପିଲ୍ଲ ବୁଦ୍ଧି—ଦେ. ବ—ପିଲ୍ଲ ଖୋଇ (ଦେଖ)
Pilā buddhi Pilā khoi (See)

ପିଲ୍ଲ ମଣି(ନି)ଷ—ଦେ. ବ—ଅଳ୍ପ ବୟସ୍କ ଶିଶୁ—
Pilā maṇi(ni)sha A mere child.
ছেলে মানুষ **बच्चा आदमी**
(ପିଲ୍ଲ ଲୋକ, ପିଲ୍ଲ ମଣଷ—ଅନ୍ୟରୂପ)

ପିଲ୍ଲମି—ଦେ. ବ. (ବଙ୍ଗଳା ପ୍ରତ୍ୟୟର ଅନୁକରଣ; ଭୁଲ. ଛେଲେମି)—
Pilāmi ବାଲ୍ୟ ଚପଳତା; ପିଲ୍ଲଟିଆ କଥା—Childishness.
ছেলেমী **लड़कपन**

ପିଲ୍ଲଳିଆ—ଦେ. ବଣ—ପିଲ୍ଲଟିଆ (ଦେଖ)
Pilāḷiā Pilāṭiā (See)

ପିଲାସ—ଦେ. ବ. (ବଣିଆ ଶବ୍ଦ) (ଭୁଲ. ଇଂ. ପିନ୍ସର୍ସ; ପଞ୍ଚର୍ଦ.
Pilāsa Pincers)—
ଏକ ପ୍ରକାର ଲୁହାର ଚିମୁଟା ବା ସଣ୍ଡୁଆସି—
A kind of iron pincers.

ପିଲି—ଦେ. ବଣ—ଛୋଟ; କ୍ଷୁଦ୍ର—
Pili Small; tiny.

ପିଲିଆ(ହା)(ଇତ୍ୟାଦି)—ଦେ. ବ—ପିଲେହି ଇତ୍ୟାଦି (ଦେଖ)
Piḷiā(hā) (etc) Piḷehi etc (See)

ପିଲିପିଲା—ଦେ. ବ—ମନୁଷ୍ୟର ଅତର୍କ୍କ ବା ଭୟବିହ୍ୱଳ ହେବା ଅବସ୍ଥା—
Piḷipiḷā Sudden panic.
तिलमिला

ପିଲି ପିଲା(ଲେ)ଇବା—ଦେ. କ୍ରି—ଭୟରେ ସନ୍ତ୍ରସ୍ତ ହେବା; ଅତଙ୍କ
Piḷi piḷā(le)ibā ହେବା—To be panic-stricken.
तिलमिलाना

ପିଲୁ—ଦେ. ବ—ଗୀତାରର ରାଗବିଶେଷ—
Pilu Name of a musical air of the guitar.

ପିଲୁକ—ସଂ. ବ—ପୀଲୁ (ବୃକ୍ଷ) (ହି. ଶ.) (ଦେଖ)
Piluka Pīlu (See)

ପିଲୁ ଗଛ—ଦେ. ବ. (ସଂ. ପୀଲୁ)—ପୀଲୁ (ଦେଖ)
Pilu gachha Pīlu (See)

ପିଲେ—ଦେ. ବ. (ବହୁବଚନ)—ପିଲ୍ଲମାନେ—
Pile Youngsters; children.

ପିଲେଇ (ଇତ୍ୟାଦି)—ଦେ. ବ—ପିଲେହି ଇତ୍ୟାଦି (ଦେଖ)
Piḷei (etc) Piḷehi etc. (See)

ପିଲେଇତି—ଦେ. ବ. (ସ୍ତ୍ରୀ)—୧ । ପିଲ୍ଲବାଲି; ପ୍ରସୂତି; ସନ୍ତାନବତୀ ସ୍ତ୍ରୀ;
Pileiti ଯେଉଁ ସ୍ତ୍ରୀର କୋଡ଼ରେ ଦିଲ୍ଲ ଥାଏ; ଦୁଗ୍ଧପୋଷ୍ୟ
बच्चावाली ସନ୍ତାନବତୀ ସ୍ତ୍ରୀ—1. A woman having a sucking child.
୨ । ବହୁ ସନ୍ତାନ ସନ୍ତତିଙ୍କ ମାତା—
2. Mother of many children.

ପିଲେଇବା—ଦେ. କ୍ରି.—୧ । ପ୍ରୟୋଗ କରିବା—
Pileibā 1. To apply.
୨ । (ବୁଦା ଆଦି ସତେଜ ହୋଇ) କୁଆଁ ମାରିବା—
2. (a bush) To shoot forth sprouts.
ପ୍ରାଦେ (ଗଡ଼ଜାତ) (ବେଉଷଣପରେ ଧାନଗଛ) ମୂଳରୁ ଏକାଧିକ କୁଆଁ ଦେଇ ବୁଦାଳିଆ ହୋଇ ଉଠିବା—
(the paddy plant) To sprout into bushy shoots after puddling.

ପିଲେହି—ଦେ. ବ.—(ସଂ. ପ୍ଲୀହା)—୧ । ପ୍ଲୀହା—
Piḷehi 1. Spleen.
পিলা, পিলে ୨ । ପ୍ଲୀହା ବୃଦ୍ଧି ରୋଗ—2. Enlargement
पिलही, तिल्ली of the spleen.
(ପଲେଇ, ପିଲୋଇ, ପିଲୋହି, ପିଳିଆ, ପିଳିହା—ଅନ୍ୟରୂପ)

ପିଳେହି ଜ(ଜ୍ୱ)ର—ସ. ବ.—ପ୍ଳୀହାର ବୃଦ୍ଧିଯୁକ୍ତ ରୋଗ—
Pilehi ja (jwa)ra Fever accompanied with
পিলেজর तापतिल्ली enlargement of the spleen; spleen fever.

ପିଳେହି ପାଣି ହେବା—ଦେ. ବ.—ଭୟରେ ଅସ୍ଥିର ହେବା;
Pilehi pāṇi hebā ଅତର୍କହେବା—Being alarmed.
পিলেচমকা

ପିଳେହି ଫାଟିବା—ଦେ. ବ.—ପେଟ ଉପରେ ଗୁରୁତର ଆଘାତ ଯୋଗୁଁ
Pilehi phāṭibā ପ୍ଳୀହା ଫାଟିଯିବା—
পিলেফাটা तिल्ली फटना Rupture of the spleen.

ପିଳେହି ମାରିବା—ଦେ. କ୍ରି.—ନାନା ଉପାୟରେ ବା ଉତ୍ତପ୍ତ ଅଙ୍ଗରେ
Pilehi māribā ଡାଆଦ ଦେଇ ବର୍ଦ୍ଧିତ ପିଳେହିକୁ ସାଧାରଣ ଆକାରକୁ ଆଣିବା—To reduce an enlarged spleen to its proper shape by branding the belly with hot iron etc.

ପିଲ୍ଲ—ସ.ବଣ.ପୁଂ—କ୍ଳିନ୍ନଚକ୍ଷୁ; ଯାହାର ଆଖି ସବୁବେଳେ ଲେବେଇଯୁକ୍ତ—
Pilla (ପିଲ୍ଲା—ସ୍ତ୍ରୀ) Blear-eyed.
ସ. ବ—ନେତ୍ର ରୋଗବିଶେଷ—An eye-disease.

ପିଲ୍ଲକା—ସ. ବ.—ହସ୍ତିନୀ; ହାତୁଣୀ (ହ. ଶ)
Pillakā A female elephant.

ପିଲ୍ଲା—ଦେ. ବ.—ପିଲା (ଦେଖ)
Pillā Pilā (See)

ପିଲ୍ଲି—ଦେ. ବଣ.—ପିଲି (ଦେଖ)
Pilli Pili (See)
ପ୍ରାଦେ (ସମ୍ବଲପୁର) ବ.—ପୁଅ (ଦେଖ)—Pua (See)

ପିଲ୍‌ହା—ପ୍ରାଦେ (ମେଦିନୀପୁର). ବ.—ପ୍ଳୀହା—
Pil-hā Spleen.

ପିଲ୍‌ହି—ଦେ. ବ.—(ସ. ପ୍ଳୀହା)—ଛେଳି ଓ ଗୋରୁଙ୍କର ଉଆଁ ରୋଗ
Pil-hi ବିଶେଷ—Anthrax; splenic fever; splenic apoplexy, a fatal disease of sheep and cattle.

ପିଶ୍ (ଧାତୁ)—ସ.—୧ । ତରଳିଯିବା; ଗଳିତ ହେବା—1. To melt.
Pis ୨ । ମିଳାଇଯିବା—2. To dissolve.
୩ । ଚୂର୍ଣ୍ଣ କରିବା—3. To pound; to powder.
୪ । ଦୀପ୍ତ କରିବା—4. To brighten.
୫ । ନଷ୍ଟ କରିବା—5. To destroy; to spoil.
୬ । ଅବୟବୀଭୂତ ହେବା—
6. To be organised; to form a part of the body.
୭ । ଆଲୋକିତ କରିବା—7. To light.
୮ । ପ୍ରବେଶ କରିବା—8. To enter.

ପିଶ୍ ବୋର୍ଡ୍—ବିଦେ. ବ. (ଇଂ ପେଷ୍ଟ ବୋର୍ଡ୍)—ମୋଟା କାଗଜର
Pis-bord ଫଳକ—Paste board.
পিশ বোর্ড় दफ्ति

ପିଶଙ୍ଗ—ସ. ବ. (ପିଶ ଧାତୁ + କର୍ତ୍ତୃ ଅଙ୍ଗ)—ପିଙ୍ଗଳ ବର୍ଣ୍ଣ—
Pisanga Tawny colour.
ସ. ବଣ.—ପିଙ୍ଗଳ—Tawny.
ପିଶଙ୍ଗ ବସ୍ତ୍ର ପରିଧାନ
ସୁନ୍ଦର ନଳିନ ନୟନ—ଜଗନ୍ନାଥ, ଭାଗବତ.
ଦେ. ବଣ.—ରଞ୍ଜିତ—Dyed.
ପିଶଙ୍ଗ ରୂପ କେଶ ଏମନ୍ତ ଦ.ଶ
ଧ୍ୱାନୀ. ଭବନାଥ୍ୟ.

ପିଶଙ୍ଗିତ—ସ. ବଣ. (ପିଶଙ୍ଗ + ଅସ୍ତ୍ୟର୍ଥରେ ଇତ)—ପିଙ୍ଗଳବର୍ଣ୍ଣ
Pisangita ବିଶିଷ୍ଟ—Tawny.

ପିଶା—ପ୍ରାଦେ (ମେଦିନୀପୁର) ବ.—(ଭୁଲ ବ. ପିସେ)—ପିଇସା—
Pisā The husband of one's father's sister.

ପିଶାଚ—ସ. ବ. ପୁଂ (ପିଶିତ=ମାଂସ+ଅମ୍‌ଧାତୁ = ଖାଇବା + କର୍ତ୍ତୃ. ଅ;
Pisācha ନିପାତନ)—୧ । ଦେବଯୋନି ବିଶେଷ—
(ପିଶାଚୀ—ସ୍ତ୍ରୀ) 1. A class of celestial beings; imp; ghost.
୨ । ମାଂସାଶୀ ରାକ୍ଷସ; ପ୍ରେତ ଯୋନି ବିଶେଷ; ଦୈତ୍ୟ,—
2. A malignant spirit; meat-eating demon, a devil; fiend.
୩ । (ଲକ୍ଷଣାର୍ଥ) ନରାଧମ—
3. (figurative) A mean or wicked person.
ଦେ. ବଣ—୧ । ଦୁଷ୍ଟ—1. Wicked.
୨ । ନିଷ୍ଠୁର—2. Cruel.
୩ । ନିର୍ଲଜ୍ଜ—3. Shameless.
୪ । କୃପଣ—4. Miserly.
୫ । ଲୋଭୀ—5. Avaricious.
୬ । ପୈଶାଚିକ—6. Fiendish; devillish

ପିଶାଚ ଅଗ୍ନି—ଦେ. ବ. (ସ. ପିଶାଚାଗ୍ନି)—ଡାହାଣୀ ଆଲୁଅ—
Pisācha agni Will-o-the-wisp.
পেতনীর আলো
ଯେସନେ ଶାଗାଭୂଇ କନେ, ପିଶାଚ ଅଗ୍ନି ଦେଖି ବନେ
ଅଗ୍ନି ମଣି ତାକୁ ପ୍ରତ୍ୟକ୍ଷେ, ଯାଇ ପୁଡ଼ଇ ତାର ପକ୍ଷେ । ଜଗନ୍ନାଥ. ଭାଗବତ ।

ପିଶାଚକ—ସ. ବ. ପୁଂ. (ପିଶାଚ+ସ୍ୱାର୍ଥେ. କ)—ପିଶାଚ (ଦେଖ)
Pisāchaka (ପିଶାଚିକା—ସ୍ତ୍ରୀ) Pisācha (See)

ପିଶାଚକୀ—ସ. ବ. ପୁଂ. (ପିଶାଚକ+ଇନ୍, ୧ମା. ୧ବ)—କୁବେର—
Pisāchaki A name of God Kubera.

ପିଶାଚ ପ୍ରକୃତି—ସ. ବ. (୬ଷ୍ଠୀ ତତ୍)—ଦୁଷ୍ଟବୁଦ୍ଧି—
Pisācha prakruti Fiendish nature.
ସ. ବଣ. (ବହୁବ୍ରୀହି)—ପିଶାଚ ପ୍ରକୃତିବିଶିଷ୍ଟ—
Of a fiendish nature.

ପିଶାଚ ପ୍ରକୃତିକ—ସ. ବଣ. ପୁଂ. (ପିଶାଚ+ପ୍ରକୃତି+କ)—
Pisācha prakrutika ପୈଶାଚିକ—Of a fiendish
(ପିଶାଚ ପ୍ରକୃତିକା—ସ୍ତ୍ରୀ) nature.

ପିଶାଚ ବୃକ୍ଷ—ସ. ବ—ଶାଖୋଟ; ଶାହାଡ଼ା ଗଛ—
Pisācha bruksha Trophis Aspera (tree)

ପିଶାଚ ମୋଚନ ତୀର୍ଥ—ସ. ବ—କାଶୀର ପ୍ରସିଦ୍ଧ ତୀର୍ଥ ବିଶେଷ—
Pisācha mochana tirtha Name of a sacred place in Benares.

ପିଶାଚାଗ୍ନି—ସଂ. ବି—ଚରଗୁଣୀ ଅଲୁଅ—
Pisāchāgni Ignis fatuus; will-o-the-wisp.

ପିଶାଚିଆ—ଦେ. ବିଣ (ସଂ. ପୈଶାଚିକ)—ପୈଶାଚିକ—
Pisāchiā Fiendish.

ପିଶାଚୀ—ସଂ. ବି. ସ୍ତ୍ରୀ—୧ । ପିଶାଚର ସ୍ତ୍ରୀଲିଙ୍ଗ——
Pisāchī 1. Feminine of Pisācha.
୨ । ପୈଶାଚୀ ଭାଷା (ଦେଖ)
2. Paisāchī bhāshā (See)
୩ । ଜଟାମାଂସୀ (ଦେଖ)—3. Jaṭāmāmsī (See)

ପିଶାଚୁଣୀ—ଦେ. ବି. (ସଂ. ପିଶାଚୀ) —୧ । ପିଶାଚୀ—
Pisāchuṇī 1. A female fiend or imp; a she-devil.
পিচাসী; পেতনী
ଚରଗୁଣୀ ଡାହାଣୀ ପିଶାଚୁଣୀ ଶ୍ରେଣୀ
ପିଇଲେ ସୋଡ଼ଷ ସେ ରକ୍ତ ମର୍ଣ ପାର୍ଣ । କୃଷ୍ଣସିଂହ, ମହାଭାରତ ଦ୍ରୋଣ
୨ । ପିଶାଚ ପ୍ରକୃତିକା ସ୍ତ୍ରୀ—2. A devellish woman.

ପିଶାବ—ଦେ. ବି. (ସଂ. ପ୍ରସ୍ରାବ)—ପ୍ରସ୍ରାବ; ମୂତ୍ର—
Pisāba পেছাব **पीसाब** Urine.

ପିଶିତ—ସଂ. ବି. (ପିଶ୍ ଧାତୁ=ଅବୟବୀଭୂତ ହେବା + କର୍ମ ତ)—ମାଂସ—
Pisita Flesh; meat.

ପିଶିତାଶନ—ସଂ. ବି. ପୁଂ. (ପିଶିତ=ମାଂସ + ଅଶ୍ ଧାତୁ ଭକ୍ଷଣ କରିବା + କର୍ତ୍ତୃ. ଅନ)—ପିଶାଚ—Fiend.
Pisitāsana
(ପିଶିତାଶନା—ସ୍ତ୍ରୀ) ସଂ. ବିଣ—ମାଂସ ଭୋଜୀ—
Carnivorous; meat-eating.

ପିଶିତାଶୀ—ସଂ. ବି ଓ ବିଣ. ପୁଂ (ପିଶିତ+ଅଶ୍ ଧାତୁ+କର୍ତ୍ତୃ. ଇନ୍—
Pisitāsī ୧ମା. ୧ବ.)—ପିଶିତାଶନ (ଦେଖ)
(ପିଶିତାଶିନୀ—ସ୍ତ୍ରୀ) Pisitāsana (See)

ପିଶିନା—ଦେ. ବି—ବନ୍ୟ ଗୁଳ୍ମବିଶେଷ—
Pisinā Maba Busifolia (plant).

ପିଶୀ—ପ୍ରାଦେ. (ମେଦିନୀପୁର) ବି. (ଭିଲ ବି. ପିସୀ)—ପିଇସୀ—
Pisī (ପିଶୀମା—ଅନ୍ୟରୂପ) Father's sister.

ପିଶୀଲ—ସଂ. ବି—ମାଟିର କଟେରି (ହ. ଶ)—
Pisīla A cup of earth.

ପିଶୁନ—ସଂ. ବି. (ପିଶ୍ ଧାତୁ+କର୍ତ୍ତୃ. ଉନ)—୧ । ହିଂସ୍ର—
Pisuna 1. Malicious; malignant.
(ପିଶୁନତା—ବି) ୨ । ନିଷ୍ଠୁର; କଠୋର; କ୍ରୂର—
2. Cruel; hard; harsh.
୩ । ଦୁଷ୍ଟ; ଖଳ—3. Wicked; insidious.
୪ । ନୀଚ—4. Low; mean; ignoble; base; vile.
୫ । ବିଶ୍ୱାସଘାତକ—5. Treacherous.
୬ । ଘୃଣ୍ୟ—6 Contemptible.
୭ । ନିର୍ବୋଧ—7. Stupid.
୮ । ଅପବାଦସୂଚକ—8. Slanderous; defamatory.
୯ । ଯେ ପରସ୍ପର ମଧ୍ୟରେ ଭେଦ ଜନ୍ମାଏ; ଚୁଗୁଲିଆ—
9. Causing dissensions; backbiting; telltale.
ସଂ. ବି—୧ । କାକ—1. Crow.
୨ । ଗୁପ୍ତଚର—2. Spy.
୩ । ତୂଳା—3. Cotton.
୪ । କୁଙ୍କୁମ; ହଳଦୀ—4. Turmeric; painting paste.
୫ । ନାରଦ ମୁନି—5. Sage Nārada.
୬ । ତଗର (ଦେଖ) (ହ. ଶ)—6. Tagara (See).

ପିଶୁନ ବଚନ—ସଂ. ବି.—୧ । କୁକଥା—
Pisuna bachana 1. Evil speech.
୨ । ଗାଳିମନ୍ଦ—2. Abuse.
(ପିଶୁନବାକ୍ୟ—ଅନ୍ୟରୂପ) ୩ । ଅପବାଦ—3. Slander.
୪ । ନିଷ୍ଠୁର କଥା—4. Cruel words.

ପିଶୁନା—ସଂ. ବି.—ଚୁଗୁଲି ଖୋସାମଦ; ଚୁଗୁଲିଆପଣ—
Pisunā Backbiting.

ପିଷ୍ (ଧାତୁ)-ସ—୧ । ମର୍ଦ୍ଦନ କରିବା—
Pish 1. To pestle.
୨ । ବାଟିବା; ପେଷିବା—2. To grind.
୩ । ଚୂନା କରିବା—3. To powder.
୪ । ମଳିବା; ଦଳିବା—
4. To bruise; to press repeatedly.
୫ । କ୍ଷତ କରିବା—5. To injure.
୬ । ଦେବା—6 To give.
୭ । ବଳବାନ୍ ହେବା—7. To be strong.
୮ । ବାସ କରିବା—8. To dwell.
୯ । ଚିପୁଡ଼ିବା; ଚିପିବା—9. To squeeze.
୧୦ । ଘଷିବା—10. To rub together.
୧୧ । ପିଟିବା—11. To hammer.

ପିଷ୍ଟ—ସଂ. ବିଣ. (ପିଷ ଧାତୁ+କର୍ମ. ତ)—୧ । ଘୃଷ୍ଟ; ବଟା ହୋଇଥିବା; ମର୍ଦ୍ଦିତ—1. Ground; bruised; pestled.
Pishṭa
୨ । ପିଟା ହୋଇଥିବା—2. Hammered.
୩ । ଚୂର୍ଣ୍ଣିତ—3. Pounded; powdered.
୪ । ଚିପୁଡ଼ା ହୋଇଥିବା—4. Pressed.
୫ । ଚିପି ହୋଇଥିବା; ପେଷି ହେବା; ଦଳିତ—
5. Squeezed; crushed.
୬ । ଦଳା ହେବା; ଚକଟା ହେବା—
6 Kneaded, trodden.
୭ । ଘର୍ଷିତ—7. Rubbed together.
ସଂ. ବି.—୧ । ପିଠା—1. Cake.
୨ । ଶସ୍ୟ ଚୂନା—2. Flour.
ପିଷ୍ଟ ଫଳ ମୂଳ ଜଳ ପାନ ଯେ ନିଦେ । ଓଡ଼ିଆ ଶ୍ରୀ ଗୁରୁଭକ୍ତି ଗୀତା ।
୩ । ପାଣିରେ ଶସ୍ୟ ଚୂନା ଦଳା ହୋଇ ସିଦ୍ଧ କରି ଯାଇଥିବା ଖାଦ୍ୟ—3. Any food prepared by kneading cornflour with water and dressing it.

ପିଷ୍ଟକ—ସଂ. ବି. (ପିଷ୍ଟ=ଶସ୍ୟ ଚୂନା + ବିକାରାର୍ଥେ. କ)—ପିଠା; ପୂପ—
Pishṭaka 1. Cake.
୨ । ପିଡ଼ିଆ; ତେଲ ଚୂର୍ଣ୍ଣ—2. Oil cake.
୩ । ନେତ୍ର ରୋଗବିଶେଷ; ଆଖି ଛଲକା ହେବା ରୋଗ; ଆଖିରେ ଫୁଲ୍ଲ ପଡ଼ିବା ରୋଗ (ହି. ଶବ୍ଦସାଗର)—
3. Opacity of the eye; an eye disease; cataract of the eye.

ପିଷ୍ଟପ—ସ. ବି. (ପିଷ୍ ଧାତୁ=ପ୍ରବେଶ କରିବା + ଅଧିକରଣେ. ଅପ; କପାଲନ)—
Pishṭapa
(ପିଷ୍ଟପ—ଅନ୍ୟରୂପ) ଭୁବନ; ଜଗତ—World.

ପିଷ୍ଟ ପଚନ—ସ. ବି. (ବହୁବ୍ରୀହି; ପିଷ୍ଟ + ପଚନ)—
Pishṭa pachana ପିଠା ପାକ କରିବା ପାତ୍ର; ଭୃଷ୍ଟ ସେକିବା ଗାଉଆ—A pan or pot for preparing or roasting cakes.

ପିଷ୍ଟ ପର୍ଣ୍ଣୀ—ସ. ବି. (ପିଷ୍ଟ=ପିଠା ପରି ପର୍ଣ୍ଣ ଯାହାର)—
Pishṭa parṇṇi ପୃଶ୍ନିପର୍ଣ୍ଣୀ (ଦେଖ)
Pṛusniparṇṇi (See)

ପିଷ୍ଟ ପେଷଣ—ସ. ବି. (୬ଷ୍ଠୀ ତତ୍; ପିଷ୍ଟ + ପେଷଣ)—
Pishṭa peshaṇa ୧ । ଘୃଷ୍ଟ ଘର୍ଷଣ; ଥରେ ବଟା ହୋଇଥିବା ବସ୍ତୁକୁ ଆଉ ଥରେ ବାଟିବା—
1. Pounding or bruising of a thing already pounded.
୨ । (ଲକ୍ଷଣାର୍ଥ) ଥରେ ଆଲୋଚିତ ବିଷୟକୁ ଆଉ ଥରେ ବୃଥା ଆଲୋଚନା କରିବା—2. (figurative) Dealing unnecessarily with a matter already dealt with; fruitless repetition.

ପିଷ୍ଟିକ—ସ. ବି. (ପିଷ୍ଟ + ସଜ୍ଞାର୍ଥେ. କ)—
Pishṭika ୧ । ପିଠଉ—1. Watery paste for making cakes.
(ପିଷ୍ଟୋଦକ—ଅନ୍ୟରୂପ)
୨ । ଖଲି—2. Kneaded flour; dough.

ପିସ୍ (ଧାତୁ)—ସ—୧ । ଯିବା—
Pis (root) 1. To go.
୨ । ଚଳିବା—2. To move.
୩ । ଶକ୍ତ ହେବା—3. To be strong.
୪ । ଆଘାତ କରିବା—4. To strike; to hurt.
୫ । କ୍ଷତ କରିବା—5. To injure.
୬ । ଦାନ କରିବା—5. To give; to bestow.
୭ । ବାସ କରିବା—7. To dwell.

ପିସାନ୍—ପ୍ରାଦେ (ବସ୍ତର) ବି. (ସ. ପିଷ୍ ଧାତୁ; ତୁଲ. ହି. ଏହି ଅର୍ଥରେ ଏହି ଶବ୍ଦ)—
Pisān
୧ । ଚୂନା—1. Powder (of any thing).
୨ । ଶସ୍ୟାଦିର ଚୂର୍ଣ୍ଣ—4. Corn flour

ପିସାନ୍ ପାଲି—ପ୍ରାଦେ. (ବସ୍ତର) ବି—
Pisān pāli କାନ୍ଥରେ ଦିଆଯିବା ଚିତା ବା ଝୋଟି—
Figures made on the wall by drawing with or sprinkling rice-paste.

ପିସ୍ତଲ—ବୈଦେ. ବି. (ଇଂ. ପିଷ୍ଟଲ୍)—
Pistala କ୍ଷୁଦ୍ର ବନ୍ଧୁକ—A pistol.
পিস্তল पिस्तौल
[ପିସ୍ତୁଲ(ଲ), ପିସ୍ତୋଲ(ଲ)—ଅନ୍ୟରୂପ]

ପିସ୍ତା—ବୈଦେ. ବି—ପେସ୍ତା (ଦେଖ)
Pistā Pestā (See)

ପିସ୍ତାବ—ପ୍ରାଦେ. (ମେଦିନୀପୁର) ବି. (ତୁଲ. ବ. ପିସାବ)—
Pistāba ପରସ୍ରା—Urine.

ପିହଲ—ପ୍ରାଦେ. (ପୁରୀ) ବି—ସୁଯୋଗ—
Pihala Opportunity.
ମାଙ୍କଡ଼ଙ୍କର ପିହଲ ପଡ଼ିଗଲା । ଖଳକଣ୍ଠ ଦାସ. ପିଞ୍ଜର ରାମାୟଣ ।

ପିହାଣ—ଦେ. ବି. (ସ. ପିଧାନ)—
Pihāṇa ମାଟିର ପଲମ; ତେଲୁଣୀ; ହାଣ୍ଡି ଉପରେ ଘୋଡ଼ାଯିବା ଶରା ସରା—A shallow pan put over a cooking pot.
ढक्कन, पिहाना
କନକ କୁଡ଼ୁଆ ଆଉ ଯେ ପିଏ ପିହାଣେ । କବିସୂର୍ଯ୍ୟ, ସଙ୍ଗୀତ ।
ପ୍ରାଦେ. (ଗଡ଼ଜାତ) ବି. (ସ. ପାନ)—
୧ । ଗାଈଠାରୁ ଦୁଧ ଦୁହାଁଯିବା ପୂର୍ବରୁ ବାଛୁରୀ ଗାଈଠାରୁ ଦୁଧ ପିଇବା—1. The sucking of the cow's milk by the calf before the cow is milked.
୨ । ଦୁହିଁଲା ପୂର୍ବରୁ ଗାଈଠାରୁ ଦୁଧ ପିଇବା ପାଇଁ ଲଗାଯିବା ବାଛୁରୀ—2. The calf which sucks the cow before it is milked.
୩ । ଦୁଧଅଣି (ଅତି କ୍ଷୁଦ୍ର) ପିଲା ମାଆଠାରୁ ପିଇବା ଦୁଧ—
3. Milk sucked by a suckling from the mother's breast.

ପିହାଣ ମୁହଁ—ଦେ. ବି—ପିହାଣ ପରି ଚଟକା ମୁହଁ—
Pihāṇa muhañ Flat face like a pan; a shallow face.
(ପିହାଣିଆ ମୁହଁ—ଅନ୍ୟରୂପ)

ପିହାଣ ମୁହାଁ—ଦେ. ବିଣ. ପୁଂ—୧ । ପିହାଣ ପରି ଚଟକା ଓ ଅସୁନ୍ଦର ମୁଖ ଯୁକ୍ତ; ଚଟକା ମୁହାଁ—
Pihāṇa muhāñ
ढक्कन मुहाँ 1. Flat-faced; shallow-faced.
(ପିହାଣିଆ ମୁହାଁ—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ବେହୟା; ଲଜ୍ଜିକ—
2. (figurative) Shameless.
ପିହାଣ ମୁହାଁ } ସ୍ତ୍ରୀ
ପିହାଣିଆ ମୁହାଁ }

ପିହାଣିଆ(ଆଁ)—ଦେ. ବି. (ସ. ପିଧାନ)—
Pihāṇiā(āñ) ୧ । ଉପର ପଟ ଚକର ମଝି କଣାରେ ଦିଆଯାଇ ଥିବା ଛିଦ୍ରଯୁକ୍ତ ଗୋଲାକାର କାଠର ଚକତି (ଯେଉଁ ଛିଦ୍ର ମଧ୍ୟରେ ତଳ ପଟ ଚକର କେନ୍ଦ୍ରର ମାଣିଖୁଣ୍ଟି ଗଳା ଯାଇ ତହିଁ ଘୁରେ)—1. A circular piece
(ପିହାଣିଆ—ଅନ୍ୟରୂପ)

of wood (with a hole) put into the central hole of the upper millstone (into which the peg of the lower millstone enters when the upper mill-stone is revolved).

୨ । (ବଣିଆ ଶବ୍ଦ) ଚଉଁରି ଭୁଣ୍ଡିରେ ଲଗାଯିବା ଛୁଦ୍ର ବଣିଷ୍ଟ ଶରା ଆକୃତିର ଧାତୁର ଅଳଙ୍କାର—2. A metal pan-shaped ornament attached to the end of a hair pin.

୩ । ସ୍ତ୍ରୀମାନଙ୍କ ବେଣୀର ଶେଷ ଭାଗରେ ଝୁଲୁଥିବା ପିହାଣ ଆକାରର ଭୁଣ୍ଡି—3. A bit of shallow pan-shaped ornament attached to the end of a cord attached to the braid of hair.

୪ । ପିହାଣ ବା ପଲମ ଆକୃତିର ଏକପ୍ରକାର ଅଳଙ୍କାର (ଏହା ବାଜୁ ଇତ୍ୟାଦିର ଡୋର ଅଗରେ ଭୁଣ୍ଡି ଉପରେ ଦିଆଯାଏ)—4. A piece of shallow pan-like ornament (attached to the end of the string of an armlet).

ପିହିର୍ଡ଼ା—ପ୍ରାଦେ (ସମ୍ବଲପୁର) ବି.—ପିହୁଳା ଦେଖ)
Pihirdā Pihulā (See).

ପିହିତ—ସଂ. ବିଣ. (ଅପି=ସମ୍ପୂର୍ଣ୍ଣରୂପେ+ଧା ଧାତୁ+କର୍ମ ତ; ଅପି ଉପସର୍ଗର ଅ ଲୋପ) ୧ । ଆଚ୍ଛାଦିତ;ଆବୃତ—
Pihita 1. Covered over.

ଛଳ ଭଙ୍ଗ ମୋର ପିହିତ ଯାଉଛେ,
ମୋ ଜୀବନ ଚୋରା ଅନ୍ୟ କପାଟାନେ, ଉଧାଜାଥ — ଲେଖା.

୨ । କୋଷଗତ—2. Ensheathed.
୩ । ଲୁକ୍କାୟିତ—3. Concealed; hidden.
୪ । ତିରୋହିତ—4 Disappeared; vanished,

ପିହିବା—ଦେ. କ୍ରି. (ଅପି+ଧା ଧାତୁ)— ଘୋଡ଼ିବା; ଆଚ୍ଛନ୍ନ କରିବା—
Pihibā To overspread.

ଗହ୍ମ ଗହ୍ମ ଦଶଦିଗ କାମଅନ୍ଧାର ପିହିଲାରେ ।
କବିସୂର୍ଯ୍ୟ — ସଙ୍ଗୀତ.

ପିହିରା—ପ୍ରାଦେ. (ସମ୍ବଲପୁର ବି.—ପିହୁଳା (ଦେଖ)
Pihirā Pihulā (See).

ପିହୁଡ଼ା—ଦେ. ବି.—ପିହୁଳା (ଦେଖ)
Pihurdā Pihulā (See).
(ପିଉଡ଼ା—ଅନ୍ୟରୂପ) ପିଲାବେଳେ ଶ୍ରୀକୃଷ୍ଣଙ୍କୁ ପିହୁଡ଼ାରୋଗ ହୋଇଥିଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ

ପିହୁରା—ପ୍ରାଦେ (ବସ୍ତର). ବି.—ପିହୁଳା (ଦେଖ)
Pihurā Pihulā (See)

ପିହୁଳା—ଦେ. ବି. (ସଂ. ପୂତନା)—ଶିଶୁମାନଙ୍କ ଧନୁଷ୍ଟଙ୍କାର ରୋଗ ବିଶେଷ; ଶିଶୁମାନଙ୍କୁ ଆକ୍ରମଣ କରିବା ବାତବିଶେଷ—
Pihulā (ପିଉଳା—ଅନ୍ୟରୂପ) Infantile epiplepsy; infantile [ପିହୁ(ଉ)ଳା ମାରିବା—ଅନ୍ୟରୂପ] convulsions.

[ଦ୍ର—ଏହାକୁ ଡାହାଣୀ ରୋଗ କହନ୍ତି । ପୂତନା ସ୍ୱଗ୍ରସୀ ଶିଶୁଙ୍କୁ ଆକ୍ରମଣ କରେ ବୋଲି ଲୋକବିଶ୍ୱାସ । ଏଥିରେ ପ୍ରଥମେ ଜ୍ୱର ହୁଏ, ତା ପରେ ଶିଶୁ ଆଖି ଖୋଷିଦେଇ ଅଜ୍ଞାନ ହୋଇଯାଏ । ମୃଗୀ ବା ଅପସ୍ମାରର ଲକ୍ଷଣମାନ ଏଥିରେ ପ୍ରକାଶିତ ହୁଏ ।]

ପିହ୍ଲେଇ—ଦେ.ବି.—(ସଂ ପ୍ଳୀହା)—ପ୍ଳୀହା—
Pihlei ପିଲେ ପିଲ୍ଲୀ Spleen.

ପୀଟାବାଇ—ପ୍ରାଦେ. (ଗଞ୍ଜାମ). ବି.—ପଚଳା ବାଉଁଶବତାରେ ବୁଣା-ଯାଇଥିବା ବାଡ଼—A fencing of split bamboos woven together.
Piṭābai

ପୀଠ—ସଂ. ବି. (ପିଠ ଧାତୁ=କ୍ଲିଷ୍ଟ ହେବା+ଅଧିକରଣ ଅ)—କ୍ଷପାଦନ.
Piṭha ୧ । ବସିବାର ସ୍ଥାନ; ପିଢ଼ା—1. A stool; a seat.

୨ । ଚଉକି—2. Chair.
୩ । ଧର୍ମକ୍ଷେତ୍ର; ଧର୍ମକେନ୍ଦ୍ର; ତୀର୍ଥ—
3. A place of pilgrimage; religious centre.
୪ । ଦେବତାଙ୍କ ଅଧିଷ୍ଠିତ ସ୍ଥାନ—
4. A shrine; the seat of a Deity.
୫ । ଦେଉଳର ମୂଳ ଅଂଶ—
5. The pedestal of a temple.
୬ । ଦେବତା ଆଦିଙ୍କ ମୂର୍ତ୍ତିର ଗୋଡ଼ତଳର ବଇଠି—
6. The pedestal of an image.
୭ । ବଇଠି—7 Base; basis.
୮ । ପିଣ୍ଡି; ଉଚ୍ଚ ସମତଳ ସ୍ତୂପ—
8 A raised platform or mound.
୯ । ବେଦୀ—9. Altar.
୧୦ । ଧର୍ମଶାସ୍ତ୍ର ଅଧ୍ୟୟନ କାରୀ ଛାତ୍ରଙ୍କ ବ୍ୟବହୃତ କୁଶାସନ—
10. The seat of a religious student made of Kuśa grass (Apte).
୧୧ । ବସିବାର ପ୍ରକାରବିଶେଷ; ଆସନବିଶେଷ—
11. A particular posture in sitting (Apte).
୧୨ । (ଜ୍ୟାମିତି) ବୃତ୍ତଖଣ୍ଡର ପୂରକ—
12.(Geometry) The compliment of a segment (Apte)
୧୩ । (ପୁରାଣମତେ) ମହାଦେବପତ୍ନୀ ସତୀ ଦେବୀଙ୍କର ମୃତ ଶରୀରର ଭିନ୍ନ ଭିନ୍ନ ଅବୟବ ଖଣ୍ଡମାନ ପଡ଼ିଥିବାର ସ୍ଥାନ, ଯାହାକି ହିନ୍ଦୁମାନଙ୍କର ତୀର୍ଥରୂପେ ପରିଗଣିତ ହୋଇଅଛି; ସିଦ୍ଧ କ୍ଷେତ୍ର—13. Places on which the different limbs of the body of Śiba's consort Satī fell and which have turned into places of pilgrimage.

[ଦ୍ର—ସତ୍ୟଯୁଗରେ ଦକ୍ଷ ପ୍ରଜାପତି ଗୋଟିଏ ଯଜ୍ଞ ଅନୁଷ୍ଠାନ କଲେ । ସେହି ଯଜ୍ଞକୁ ଅପଣାର ଜ୍ୱାଇଁ ମହାଦେବଙ୍କୁ ନିମନ୍ତ୍ରଣ କଲେ ନାହିଁ, କିନ୍ତୁ ଦକ୍ଷକନ୍ୟା ମହାଦେବଙ୍କ ପତ୍ନୀ ସତୀଦେବୀ ସେଠାକୁ ଯିବାରୁ ଦକ୍ଷ ମହାଦେବଙ୍କୁ ଗାଳିଦେଲେ । ସତୀ ସ୍ୱାମୀଙ୍କର ଅପମାନ ସହ୍ୟ କରି ନ ପାରି ସେହି ଯଜ୍ଞ କୁଣ୍ଡରେ ଝାସ ଦେଇ ପ୍ରାଣତ୍ୟାଗ କଲେ । ମହାଦେବ ଆସି ଏହା ଦେଖି କୋପାନ୍ୱିତ ହୋଇ ଦକ୍ଷ ଯଜ୍ଞକୁ ନଷ୍ଟକରି ସତୀଙ୍କ ମୃତ ଦେହକୁ କାନ୍ଧରେ ପକାଇ ତ୍ରିଭୁବନ ଭ୍ରମଣ କଲେ । ଏହା ଦେଖି ବିଷ୍ଣୁ ସୁଦର୍ଶନ ଚକ୍ର ଦ୍ୱାରା ସତୀଙ୍କ ଦେହକୁ ଖଣ୍ଡ ବିଖଣ୍ଡ କରି ପକାଇଲେ ଓ ତାହାର ଅଂଶମାନ

ଛିଡ଼ିକି କରି ପଡ଼ିଲା । ସେହି ସବୁ ସ୍ଥାନ ୫୧ ପୀଠ ଓ ୨୬ ଉପପୀଠ ନାମରେ ମହାତୀର୍ଥ ରୂପେ ପରିଗଣିତ ହେଲା । ପ୍ରତ୍ୟେକ ପୀଠରେ ଏକ ଦେବୀ ବା ଭୈରବୀ ଓ ଏକ ଭୈରବଙ୍କ ଉଦ୍ଭବ ହେଲା । ପୀଠ ଓ ଉପପୀଠ ସମ୍ବନ୍ଧେ ପୁରାଣମାନଙ୍କରେ ସ୍ଥାନଭେଦ, ଅଙ୍ଗଭେଦ ଓ ମତଭେଦ ଲକ୍ଷିତ ହୁଏ ।

ପୀଠ ସ୍ଥାନମାନ ଯଥା—

୧ ସେହି ସେହି ସ୍ଥାନରେ ପଡ଼ିଥିବା ସତୀଙ୍କ ଅଙ୍ଗର ନାମ	୨ ଅଙ୍ଗ ପଡ଼ିବାର ସ୍ଥାନ	୩ ସେଠାର ଭୈରବୀଙ୍କ ନାମ	୪ ଭୈରବଙ୍କ ନାମ
୧. ବ୍ରହ୍ମ ରନ୍ଧ୍ର	ହିଙ୍ଗୁଳା (ବେଲୁଚିସ୍ଥାନ)	କୋଟ୍ଟରୀ	ଭୀମଲୋଚନ
୨. ତ୍ରିନେତ୍ର	ଶର୍କର	ମହିଷମର୍ଦ୍ଦିନୀ	କ୍ରୋଧୀଶ
୩. ନେତ୍ରାଂଶ ତାରା	ତାରା	ତାରଣୀ	ଉନ୍ମତ୍ତ
୪. ବାମ କର୍ଣ୍ଣ	କରତୋୟାତଟ	ଅପର୍ଣ୍ଣା ବା ଶିଖର ବାସିନୀ	ବାମେଶ ବା ମଦନଭୈରବ
୫. ଡାହାଣ କର୍ଣ୍ଣ	ଶ୍ରୀପର୍ବତ ବା କର୍ଣ୍ଣାଟ	ଶ୍ରୀସୁନ୍ଦରୀ ବା ଜୟ ଦୁର୍ଗା	ସୁନ୍ଦରାନନ୍ଦ ବା ଅଭୀରୁ
୬. ନାସିକା	ସୁଗନ୍ଧା	ସୁନନ୍ଦା	ତ୍ର୍ୟମ୍ବକ
୭. ମନଃ ବା ଭ୍ରୂମଧ୍ୟ	ବକ୍ର ନାଥ	ପାପହରା ବା ମହିଷ ମର୍ଦ୍ଦିନୀ	ବକ୍ରନାଥ
୮. ବାମ ଗଣ୍ଡ	ଗୋଦାବରୀ	ବିଶ୍ୱମାତୃକା ବା ରାକିଣୀ	ବିଶ୍ୱେଶ ବା ଦଣ୍ଡପାଣି
୯. ଡାହାଣ ଗଣ୍ଡ	ଗଣ୍ଡକୀ	ଗଣ୍ଡକୀ ଚଣ୍ଡୀ	ଚକ୍ରପାଣି
୧୦. ଊର୍ଦ୍ଧ୍ୱଦନ୍ତ	ଅନଳ	ନାରାୟଣୀ	ସଂକ୍ରୂର ବା ସଂହର
୧୧. ଅଧୋଦନ୍ତ	ପଞ୍ଚ ସାଗର	ବାରାହୀ	ମହାରୁଦ୍ର
୧୨. ଜିହ୍ୱା ବା ପଦାଙ୍ଗୁଳ	ଜ୍ୱାଳାମୁଖୀ ବା ବିରାଟ	ଅମ୍ବିକା	ଅମୃତାକ୍ଷ; ବଟୁକେଶ୍ୱର ବା ଉନ୍ମତ୍ତଭୈରବ
୧୩. କଣ୍ଠ	କାଶ୍ମୀର	ମହାମାୟା	ତ୍ରିସନ୍ଧ୍ୟା
୧୪. ଗ୍ରୀବା	ଶ୍ରୀହଟ୍ଟ ବା ଶ୍ରୀଶୈଳ	ମହାଲକ୍ଷ୍ମୀ	ସର୍ବାନନ୍ଦ ବା ସମ୍ବରାନନ୍ଦ
୧୫. ଓଷ୍ଠ	ଭୈରବ ପର୍ବତ	ଅବନ୍ତୀ	ଲମ୍ବ କର୍ଣ୍ଣ
୧୬. ଅଧର ବା ଉଦର	ପ୍ରଭାସ	ଚନ୍ଦ୍ରଭାଗା	ବକ୍ରତୁଣ୍ଡ
୧୭. ମର୍ମ	ପ୍ରଭାସ ଖଣ୍ଡ	ସିଦ୍ଧେଶ୍ୱରୀ	ସିଦ୍ଧେଶ୍ୱର
୧୮. ଚିବୁକ	ଜନସ୍ଥାନ	ଭ୍ରାମରୀ	ବିକୃତାଙ୍ଗ
୧୯. ଦ୍ୱିହସ୍ତାଙ୍ଗୁଳ	ପ୍ରୟାଗ	କମଳା; କଲ୍ୟାଣୀ ବା ଲଳିତା	ବେଣୀମାଧବ ବା ଭବ
୨୦. ଡାହାଣହସ୍ତ	ମାନସରୋବର	ଦାକ୍ଷାୟଣୀ	ହର ବା ଅମର
୨୧. ଡାହାଣ ବାହୁ	ଚଟ୍ଟଗ୍ରାମ	ଭବାନୀ	ଚନ୍ଦ୍ରଶେଖର
୨୨. ବାମ ସ୍କନ୍ଧ	ମିଥିଳା	ମହାଦେବୀ	ମହୋଦର
୨୩. ଡାହାଣସ୍କନ୍ଧ	ରତ୍ନାବଳୀ	କୁମାରୀ ବା ଶିବା	ଶିବ ବା କୁମାର
୨୪. ବାମ ମଣିବନ୍ଧ	ମଣିବନ୍ଧ	ଗାୟତ୍ରୀ	ଶଙ୍କର ବା ସର୍ବାନନ୍ଦ
୨୫. ଡାହାଣ ମଣିବନ୍ଧ	ମଣିଦେବ ବା ମଣିବନ୍ଧ	ସାବିତ୍ରୀ	ସ୍ଥାଣୁ ବା ସର୍ବାନନ୍ଦ
୨୬. ବାମକହୁଣୀ	ଉଜ୍ଜୟିନୀ	ମଙ୍ଗଳ ଚଣ୍ଡିକା	କପିଳାମ୍ବର
୨୭. ଡାହାଣକହୁଣୀ	ରଣ ଖଣ୍ଡ	ବହୁଳାକ୍ଷୀ	ମହାକାଳ
୨୮. ବାମବାହୁ	ବହୁଳା	ବହୁଳା	ଭୀରୁକ
୨୯. ଡାହାଣବାହୁ	ବକ୍ରେଶ୍ୱର	ବକ୍ରେଶ୍ୱରୀ	ବକ୍ରେଶ୍ୱର
୩୦. ବାମସ୍ତନ	ଜାଳନ୍ଧର	ତ୍ରିପୁରମାଳିନୀ	ଭୀଷଣ
୩୧. ଡାହାଣସ୍ତନ	ରାମଗିରି	ଶିବାନୀ	ଚଣ୍ଡ
୩୨. ପୃଷ୍ଠଦେଶ	ବୈବସ୍ୱତ ବା କନ୍ୟାଶ୍ରମ	ତ୍ରିପୁଟା ବା ସର୍ବାଣି	ଶମନକର୍ମୀ ବା ନମିଷ
୩୩. ହୃଦୟ	ବୈଦ୍ୟନାଥ	ନବ ଦୁର୍ଗା ବା ଜୟ ଦୁର୍ଗା	ବୈଦ୍ୟନାଥ
୩୪. ନାଭି	ଉତ୍କଳ (ପୁରୀ); ବିରଜାକ୍ଷେତ୍ର ବା ଯାଜପୁର	ବିରଜା ବା ବିମଳା	ଜୟ ବା ଜଗନ୍ନାଥ
୩୫. ଜଠର	ହରଦ୍ୱାର	ଭୈରବୀ	ବକ୍ର
୩୬. କାଖ	କୋଁକ	କୋଁକେଶ୍ୱରୀ	କୋଁକେଶ୍ୱର
୩୭. କଙ୍କାଳ	କାଞ୍ଚୀ ଦେଶ	ଦେବଗର୍ଭା	ରୁରୁ
୩୮. ବାମ ନିତମ୍ବ	କାଳ ମାଧବ	କାଳୀ	ଅସିତାଙ୍ଗ
୩୯. ଡାହାଣ ନିତମ୍ବ	ନର୍ମଦା	ଶୋଣାକ୍ଷୀ	ଭଦ୍ରସେନ
୪୦. ମହାମୁଦ୍ରା (ଯୋନି)	କାମରୂପ (ଆସାମ)	କାମାଖ୍ୟା	ଉମାନନ୍ଦ
୪୧. ବାମ ଜାନୁ	ମାଳବ	ଶୁଭଚଣ୍ଡୀ	ତାମ୍ର
୪୨. ଡାହାଣ ଜାନୁ	ସ୍ରୋତା	ଚଣ୍ଡିକା	ସଦାନନ୍ଦ
୪୩. ବାମ ଜଙ୍ଘ	ଜୟନ୍ତୀ (ଆସାମ)	ଜୟନ୍ତୀ	କ୍ରମଦୀଶ୍ୱର
୪୪. ଡାହାଣ ଜଙ୍ଘ ବା ଜାନୁ	ନେପାଳ ବା ମଗଧ	ମହାମାୟା ବା ସର୍ବାନନ୍ଦକରୀ	କାପାଳୀ ବା ବ୍ୟୋମକେଶ
୪୫. ବାମ ପାଦ	ତ୍ରିସ୍ରୋତା(ତ୍ରିସ୍ରୋତା)	ଭ୍ରାମରୀ	ଅମ୍ବର
୪୬. ଡାହାଣ ପାଦ	ତ୍ରିପୁରା	ତ୍ରିପୁରା	ନଳ ବା ତ୍ରିପୁରେଶ
୪୭. ଡାହାଣ ପାଦାଙ୍ଗୁଷ୍ଠ	କ୍ଷୀର ଗ୍ରାମ	ଯୋଗାଦ୍ୟା	କ୍ଷୀର ଖଣ୍ଡ
୪୮. ଡାହାଣ ପାଦାଙ୍ଗୁଷ୍ଠ ଚତୁଷ୍ଟୟ	କାଳୀଘାଟ (କଲିକତା)	କାଳିକା	ନକୁଳେଶ
୪୯. ବାମ ଗୁଳ୍ଫ	ବିଭାସ	ଭୀମରବା ବା କପାଳିନୀ	କାପାଳୀ
୫୦. ଡାହାଣ ଗୁଳ୍ଫ	କୁରୁକ୍ଷେତ୍ର	ସାବିତ୍ରୀ, ସମ୍ବରୀ ବା ବିମଳା	ସମ୍ବର୍ତ୍ତ ବା ସ୍ଥାଣୁ

୫୧. ବାମ ପାଦାଙ୍ଗୁଳି	ବିନ୍ଧ୍ୟ ଶେଖର	ବିନ୍ଧ୍ୟବାସିନୀ	ପୁଣ୍ୟଭାଜନ

ଉପପୀଠମାନଙ୍କ ନାମ

ପଡ଼ିଥିବା ସତୀଙ୍କ ଅଙ୍ଗ ବା ଅସ୍ଥାଦିର ନାମ	ପଡ଼ିବାର ସ୍ଥାନ	ଭୈରବୀ	ଭୈରବ
୧. କଣ୍ଠ	କଣ୍ଠ କୋଣା	ଭୁବନେଶୀ	ସିଦ୍ଧରୂପ
୨. କେଶ	କେଶଜାଲ (ବୃନ୍ଦାବନ)	ଉମା	ଭୁତେଶ
୩. କୁଣ୍ଡଳ ବା ମଣିକର୍ଣ୍ଣୀ	ବାରାଣସୀ ବା କାଶୀ	ବିଶାଳାକ୍ଷୀ ବା ଅନ୍ନପୂର୍ଣ୍ଣା	କାଳଭୈରବ ବା ବିଶ୍ୱେଶ୍ୱର
୪. ବାମ ଗଣ୍ଡାଂଶ	ଉତ୍ତର	ଉତ୍ତରଣୀ	ଉତ୍ପାଦନ
୫. ଡାହାଣ ଗଣ୍ଡାଂଶ	ନଳସ୍ଥଳ	ଭ୍ରମରୀ	ବିରୂପାକ୍ଷ
୬. ଓଷ୍ଠାଂଶ	ଅଟ୍ଟହାସ	ଫୁଲ୍ଲରା	ବିଶ୍ୱନାଥ ବା ବିଶ୍ୱେଶ
୭. ଦନ୍ତାଂଶ	ସହର	ସୁରେଶୀ	ସୁରେଶ
୮. ଉଚ୍ଛିଷ୍ଟ	ନୀଳାଚଳ (ପୁରୀ)	ବିମଳା	ଜଗନ୍ନାଥ
୯. କଣ୍ଠହାର	ଅଯୋଧ୍ୟା	ଅନ୍ନପୂର୍ଣ୍ଣା	ହରିହର
୧୦. ହାରାଂଶ	ନନ୍ଦୀପୁର	ନନ୍ଦିନୀ	ନନ୍ଦିକେଶ୍ୱର
୧୧. ଗ୍ରୀବାଂଶ ବା ଦକ୍ଷତଳ୍ପ	ଶ୍ରୀ ଶୈଳ	ସର୍ବେଶ୍ୱରୀ	ଚଣ୍ଡୀଭାନନ୍ଦ
୧୨. ଶିରାଂଶ	କାଳୀପୀଠ	ଚଣ୍ଡେଶ୍ୱରୀ	ଚଣ୍ଡେଶ୍ୱର
୧୩. ଅସ୍ତ୍ର	ଚଣ୍ଡୀପଦ	ଚକ୍ରଧାରଣୀ	ଶୂଳପାଣି
୧୪. ପାଣିପଦ୍ମ	ଯଶୋର	ଯଶୋରେଶ୍ୱରୀ	ପ୍ରଚଣ୍ଡ ବା ଚଣ୍ଡ
୧୫. କରାଂଶ	ସତୀଚଳ	ସୁନନ୍ଦା	ସୁନନ୍ଦ
୧୬. ସ୍କନ୍ଧାଂଶ	ବୃନ୍ଦାବନ	କୁମାରୀ ବା କାତ୍ୟାୟନୀ	କୁମାର
୧୭. ବସା(ଚର୍ବୀ)	ଗୌରୀଶେଖର	ଯୁଗାଦ୍ୟା	ଭୀମ
୧୮. ଶିରାନଳ	ନଳହାଟୀ	ସାଫାଳିକା ବା କାଳିକା	ଯୋଗୀଶ
୧୯. ଜଙ୍ଘାଂଶ	ଶୋଣ	ଭଦ୍ରା	ଭଦ୍ରେଶ୍ୱର
୨୦. କକ୍ଷାଂଶ	ସର୍ବଶୈଳ୍ୟ	ବିଶ୍ୱମାତା	ଦଣ୍ଡପାଣି
୨୧. ପଦାଂଶ	କ୍ଷୀରଗ୍ରାମ	ପାର୍ବତୀ	ଭୈରବେଶ୍ୱର
୨୨. ନୂପୁର	ଲଙ୍କା	ଇନ୍ଦ୍ରାକ୍ଷୀ	ରକ୍ଷେଶ୍ୱର
୨୩. ଚର୍ମାଂଶ	କଟକ	କଟକେଶ୍ୱରୀ ବା କାତ୍ୟାୟନୀ	ବାମଦେବ
୨୪. ଲୋମ	ପୁଣ୍ଡ୍ର	ସର୍ବାକ୍ଷିଣୀ	ସର୍ବ
୨୫. ଲୋମଖଣ୍ଡ	ତ୍ରୈଲିଙ୍ଗ	ଚଣ୍ଡନାୟିକା	ଚଣ୍ଡେଶ
୨୬. ଭଗ୍ନାଂଶ	ଶୈତବନ୍ଧ	ଜୟା	ମହାଶ୍ରମ

ପୀଠକ—ସଂ. ବି. (ପୀଠ + ସ୍ୱାର୍ଥେ କ)—ପୀଢ଼ା (ହି. ଶ)—
Pîṭhaka — A wooden stool.

ପୀଠ କେଳି—ସଂ. ବି ପୁଂ.—ନାୟକର ସହାୟକ ବିଶ୍ୱାସୀ ବ୍ୟକ୍ତି—
Pîṭha keḻi — A parasite of a gallant; a boon companion of a lover in amatory matters whose duty is to appease an irritated mistress. (M. W.)
[ଦ୍ର—ଏ ବ୍ୟକ୍ତି କୁପିତା ନାୟିକାକୁ ପ୍ରସାଦନ କରି ନାୟକ ନାୟିକାଙ୍କ ପ୍ରଣୟ ପରିଣତିରେ ସାହାଯ୍ୟ କରେ ।]

ପୀଠଗ—ସଂ.ବିଣ. ପୁଂ. (ପୀଠ + ଗମ୍ ଧାତୁ + କର୍ତ୍ତୃ. ଅ)—ଖୋଟା—
Pîṭhaga (ପୀଠଗା—ସ୍ତ୍ରୀ) — Lame; crippled.

ପୀଠ ଗର୍ଭ—ସଂ. ବି. (୬ଷ୍ଠୀ ତତ୍; ପୀଠ + ଗର୍ଭ)—
Pîṭha garbha — ଦେବମୂର୍ତ୍ତିଆଦିର ବଇଠିର ନିମ୍ନଦେଶରେ ଥିବା ଗର୍ତ୍ତ—The cavity below the pedestal of an image (Apte).

ପୀଠ ଚକ୍ର—ସଂ. ବି—୧ । ଗୋରୁଗାଡ଼ି; ଶଗଡ଼—
Pîṭha chakra — 1. Cart.
୨ । ଚକ୍ରଯୁକ୍ତ ଯାନ—2. Wheeled vehicle; carriage.
୩ । ପ୍ରଣବ ମନ୍ତ୍ରଦ୍ୱାରା ନ୍ୟାସବିଶେଷ—3. A kind of mystic breath-exercise.

ପୀଠ ଦେବତା—ସଂ. ବି—୧ । ପୀଠସ୍ଥାନର ଅଧିଷ୍ଠାତ୍ରୀ ଦେବତା—
Pîṭha debatā — 1. The presiding Deity of a Pîṭhasthāna.
୨ । ଆଧାର ଶକ୍ତି; ଆଦ୍ୟ ଦେବତା (ହି. ଶ)—
2. The Primordeal Deity.

ପୀଠ ନାୟିକା—ସଂ. ବି. ସ୍ତ୍ରୀ—୧ । ଦୁର୍ଗାପୂଜା ସମୟରେ ଯେଉଁ ଚତୁର୍ଦ୍ଦଶ-
Pîṭha nāyikā — ବର୍ଷୀୟା ବାଳିକାକୁ ଦେବୀରୂପେ କଳ୍ପନା କରାଯାଇ ପୂଜା କରାଯାଏ—1. A girl of fourteen who represents Durgā during the worship of the Goddess (Apte).
୨ । ଦୁର୍ଗା (ହି. ଶ)—2. Goddess Durgā.

ପୀଠଭୂ—ସଂ. ବି—ପାଚେରି ବା କାନ୍ଥଆଦିର ମୂଳଦେଶର ଜମି (ହି. ଶ)—
Pîṭhabhū — The basement of a wall (Apte).

ପୀଠମର୍ଦ୍ଦ—ସଂ. ବି. ପୁଂ—ପୀଠକେଳି (ଦେଖ)—Pîṭhakeḻi (See)
Pîṭhamardda (ପୀଠମର୍ଦ୍ଦକ—ଅନ୍ୟରୂପ)

ପୀଠମର୍ଦ୍ଦିକା—ସଂ. ବି. ସ୍ତ୍ରୀ—୧ । ନାଗର ସଙ୍ଗେ ଭେଟ କରାଇବା
Pîṭhamarddikā — ବିଷୟରେ ନାଗରୀକୁ ଯେଉଁ ସଖୀ ସାହାଯ୍ୟ କରେ—1. A lady who assists a heroine in securing her lover.
୨ । ବେଶ୍ୟାମାନଙ୍କୁ ନାଚ ଶିଖାଇବା ଗୁରୁ—
2. A dancing master who instructs courtezans in the art of dancing (Apte).

ପୀଠସର୍ପୀ—ସଂ. ବିଣ. ପୁଂ. (ପୀଠ = ଆସନ + ସୃପ ଧାତୁ = ଗତି କରିବା
Pîṭhasarpi — + ଇନ୍; ଯେ ବସି ବସି ଗମନ କରେ)—ଖଞ୍ଜ—
(ପୀଠସର୍ପିଣୀ—ସ୍ତ୍ରୀ) — Crippled.

ପୀଠ ସ୍ଥାନ—ସଂ. ବି—୧ । ପୁରାତନ ଦେବାଳୟ—
Pîṭha sthāna — 1. An ancient temple.
୨ । ପୁରାଣପ୍ରସିଦ୍ଧ ତୀର୍ଥସ୍ଥାନ; ଯେଉଁଠାରେ ସତୀଙ୍କର ଅବୟବ-ବିଶେଷ ଛିଡ଼ିକି ପଡ଼ିଥିଲା; ପୀଠ (୧୩ ଦେଖ)—
2. A sacred spot where a limb of Pārbatī is said to have fallen (Pîṭha 13 See).

ପୀଠିକା—ସଂ. ବି. (ପୀଠ + କ + ଆ)—୧ । ପୀଢ଼ା—
Pīṭhikā 1. A stool.
୨ । ବଇଠି—2. Pedestal; base.
୩ । ପୁସ୍ତକର ଅଂଶ (ଯଥା—ଦଶକୁମାର ଚରିତର ପୂର୍ବପୀଠିକା, ଉତ୍ତରପୀଠିକା)—3. A section of a book (Apte).
ଦେ. ବି—ପିଠିକା (ଦେଖ)—Piṭhikā (See)

ପୀଠୀ—ସଂ. ବି. (ପୀଠ + ସ୍ତ୍ରୀ ଈ)—୧ । ପୀଢ଼ା; ଆସନ—
Pīṭhī 1. A seat.
୨ । ଚଉକି; ଟୁଲ୍—2. A stool.
ଦେ. ବି—ପିଠି (ଦେଖ)—Piṭhi (See)

ପୀଡ଼୍ (ଧାତୁ)—ସ—୧ । ପୀଡ଼ା ଦେବା; କଷ୍ଟ ଦେବା—
Pīrda (root) 1. To give pain; to torment.
୨ । ମର୍ଦ୍ଦନ କରିବା—2. To pound.
୩ । ଅତ୍ୟାଚାର କରିବା—3. To oppress.
୪ । ଦୋହଲାଇବା—4. To shake.
୫ । ଚପୁଡ଼ିବା; ପେଡ଼ିବା; ଚପିବା—
5. To squeeze; to press together.
୬ । ଘାଣ୍ଟିବା—6. To agitate.
୭ । ବାଧାଦେବା—7. To oppose; to obstruct.
୮ । ବିରକ୍ତ କରିବା—8. To annoy; to molest.
୯ । ନଗରର ଅବରୋଧ କରିବା—8.To beseige a city.
୧୦ । ଘୋଡ଼ାଇବା; ଆବରଣ କରିବା—
10. To cover; to wrap up (Apte).
୧୧ । ଘୋଡ଼ାଇ ପକାଇବା—11. To eclipse (Apte).
୧୨ । ବିନାଶ କରିବା; ଗାଏବ୍ କରିବା—
12. To suppres; to destroy (Apte).
୧୩ । ଭାଙ୍ଗିବା—13. To break; to violate (Apte).
୧୪ । ନେଇ ଯିବା—
14. To take away; to remove (Apte).

ପୀଡ଼(ଢ଼)—ଦେ. ବି.—ପିଢ଼ (ଦେଖ)
Pīrda(rdha) Pirdha (See)

ପୀଡ଼କ—ସ. ବିଣ. ପୁଂ.(ପୀଡ଼ ଧାତୁ + କର୍ତ୍ତୃ. ଅକ; ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ, ଯଥା—ପ୍ରଜାପୀଡ଼କ)—୧ । ପୀଡ଼ାଦାୟକ; ଉତ୍ପୀଡ଼କ—1. Troubling; hurtful; oppressing; oppressive.
Pīrdaka
(ପୀଡ଼କା—ସ୍ତ୍ରୀ)
୨ । କଷ୍ଟଦାୟକ—2. Painful.
୩ । ବିରକ୍ତିଜନକ—3. Vexatious.
ସ. ବି.—ଉତ୍ପୀଡ଼କ ବ୍ୟକ୍ତି—Oppressor; persecutor.

ପୀଡ଼ନ—ସ. ବି. (ପୀଡ଼୍ ଧାତୁ + ଭାବ. ଅନ)—୧ । ଜୁଲମ; ଅତ୍ୟାଚାର କରିବା—1 Oppression; tormenting.
Pīrdana
୨ । ଦୁଃଖ ଦେବା—2. Paining; distressing.
୩ । ଘାଆ ଆଦିର ପୋଡ଼ିବା; ପୋଡ଼ା ଜଳା—
3. The smarting of a wound or sore.
୪ । ବଥା; ବିନ୍ଧା—4. Aching.
୫ । ବିରକ୍ତ କରିବା—5. Annoying.
୬ । ହଇରାଣ କରିବା—6. Harassing; persecuting.
୭ । ଉଚ୍ଛେଦନ; ବିନାଶ କରିବା; ଲୁଟ କରିବା—
7. Devastation; depradation.
୮ । ଚପୁଡ଼ିବା; ରସ ପେଡ଼ିବା—
8. Squeezing; bruising.
୯ । ଚପିବା; ପେଷଣ; ମର୍ଦ୍ଦନ; ଗୁନ୍ଥିବା—9. Pressing.
୧୦ । ପରାଭବ କରିବା—10. Defeating. humilating; subjugating.
୧୧ । ସୂର୍ଯ୍ୟ ଚନ୍ଦ୍ରାଦିଙ୍କ ଗ୍ରହଣ (ଜ୍ୟୋ. ଶା.)—11. Eclipse.
୧୨ । ଉଚ୍ଛେଦ; ନାଶ—12. Elimination; ruin.
୧୩ । ତିରୋଭାବ; ଲୋପ—
13 Extinction; disappearance.

ପୀଡ଼ନୀୟ—ସ. ବିଣ.—(ପୀଡ଼୍ ଧାତୁ + କର୍ମ. ଅନୀୟ)—ଯନ୍ତ୍ରଣା ଦେବାର ଉପଯୁକ୍ତ—Deserving to be pressed or pained (etc.)
Pīrdaniya
(ପୀଡ଼ନୀୟା—ସ୍ତ୍ରୀ)
ସ. ବି.—୧ । ମନ୍ତ୍ରୀ ଓ ସେନା ରହିତ ରାଜା (ଯାଜ୍ଞବଲ୍କ୍ୟ ସ୍ମୃତି) (ଜ୍ୟୋ. ଶା.)—1. A king shorn of his minister and army.
୨ । (ଯାଜ୍ଞବଲ୍କ୍ୟ ସ୍ମୃତି) ଚାରି ପ୍ରକାର ଶତ୍ରୁ ମଧ୍ୟରୁ ଏକ—
2 One of the 4 classes of enemies mentioned in the codes of Hindu law.

ପୀଡ଼ା—ସ. ବି. (ପୀଡ଼୍ ଧାତୁ + ଭାବ. ଅ + ସ୍ତ୍ରୀ. ଆ)—୧ । ଶାରୀରିକ ବା ମାନସିକ କ୍ଳେଶ; ଯନ୍ତ୍ରଣା; ବେଦନା; ବ୍ୟଥା—
Pīrdā
1. Bodily or mental pain; affliction; pang; anguish; trouble; suffering; distress.
୨ । ଅଙ୍ଗାଦିର ବିନ୍ଧା; ବଥା—2. Aching of any limb
୩ । ଅତ୍ୟାଚାର—3. Oppression; torture.
୪ । ବିନାଶ; ଉଚ୍ଛେଦ—4. Destruction; devastation; annihilation; depradation.
୫ । କ୍ଷତି; ଦୁଃଖ—5. Harm; injury.
୬ । (+ କର୍ତ୍ତୃ. ଅ) ରୋଗ—6. Disease.
୭ । ଅନୁକମ୍ପା; ଦୟା; କୃପା—7. Compassion; pity.
୮ । ବାଧା—8. Obstruction.
୯ । ଶାନ୍ତିଭଙ୍ଗ—9. Breach or deprivation of peace; disturbance.
(ଯଥା—ଆଶ୍ରମ ପୀଡ଼ା ।)
୧୦ । ଶିରୋମାଳା; କଣ୍ଠି; ମୁଣ୍ଡରେ ଗୁଡ଼ା ହୋଇ ଥିବା ମାଳ—
10. A chaplet.
୧୧ । ସରଳ ବୃକ୍ଷ, ଦେବଦାରୁ—
11. A tree; Pinus Longifolia.
୧୨ । ଅଙ୍ଗାଦିର ଦରଜ—
12. Acute pain or tenderness of any limb.

୧୩ । ରୋଗ—13. Disease; illness.

୧୪ । ସରଳ ଧୂପ—14. An incense extracted from the pine tree.

ପୀଡ଼ା(ଡ଼େ)ଇବା—ଦେ. କ୍ରି. (ସଂ. ପୀଡ଼ ଧାତୁ ଣିଜନ୍ତ ପୀଡ଼ ଧାତୁ)—
Pirdā(rde)ibā ପୀଡ଼ିବା କ୍ରିୟାର ଣିଜନ୍ତରୂପ—
Causative of Pirdibā.

ପୀଡ଼ାପୀଡ଼ି—ଦେ. ବି—୧ । ଅତ୍ୟନ୍ତ ଯନ୍ତ୍ରଣା ଦେବା—
Pirdāpirdi 1. Afflicting.
पीड़ापीड़ी ୨ । ଉତ୍ପୀଡ଼ନ—2. Oppressing.
जोरजुलम ୩ । ଅତ୍ୟନ୍ତ ଜୋରଜବର ବା ଜବରଦସ୍ତି—
3. Coercion.

ପୀଡ଼ା ପୀଡ଼ି କରିବା—ଦେ. କ୍ରି.—୧ । ଉତ୍ପୀଡ଼ନ କରିବା—
Pirdā pirdi karibā 1. To oppress.
पीड़ापीड़ि करना ୨ । ଅତ୍ୟନ୍ତ କଷ୍ଟ ଦେବା—
दबाव डालना 2. To afflict.
୩ । ବାଧ୍ୟ କରିବା; ଜବରଦସ୍ତି କରିବା—3. To coerce.

ପୀଡ଼ାମାନ—ଦେ. ବିଣ. (ସଂ. ପୀଡ୍ୟମାନ)—ପୀଡ୍ୟମାନ (ଦେଖ)
Pirdāmāna Pidyamāna (See)
କ୍ଷୁଧା ତୃଷାରେ ପୀଡ଼ାମାନ, ହେବେ ତୁଙ୍ଗ ଅଜ୍ଞାନ—
ଜଗନ୍ନାଥ, ଭାଗବତ ।

ପୀଡ଼ା ସ୍ଥାନ—ସଂ. ବି. (୬ଷ୍ଠୀ ତତ୍; ପୀଡ଼ା+ସ୍ଥାନ)—(ଫଳିତଜ୍ୟୋତିଷ)
Pirdā sthāna ଜନ୍ମକୋଷ୍ଠୀରେ ଲଗ୍ନର ତୃତୀୟ, ଷଷ୍ଠ, ଦଶମ ଓ ଏକାଦଶ ସ୍ଥାନମାନଙ୍କ ଛଡ଼ା ଅନ୍ୟ ସ୍ଥାନମାନ; ଅଶୁଭ ଗ୍ରହମାନଙ୍କ ସ୍ଥାନ (ହ୍ର. ଶ.)—(astrology) The places except the 3rd, 6th, 10th and 11th counted from the Lagna in a horoscope.

ପୀଡ଼ିତ—ସଂ.ବିଣ. ପୁଂ (ପୀଡ଼ା+ସଞ୍ଜାତାର୍ଥେ ଇତ)—୧ । ରୁଗ୍ଣ; ରୋଗଗ୍ରସ୍ତ;
Pirdita ରୋଗାର୍ତ୍ତ—1. Ill; sick; afflicted with
(ପୀଡ଼ିତା—ସ୍ତ୍ରୀ) disease; diseased.
୨ । ବ୍ୟଥିତ—2. Ailing; suffering.
୩ । କ୍ଲିଷ୍ଟ; ଦୁଃଖିତ—3. Distressed; aggrieved.
୪ । ଘୃଷ୍ଟ; ମର୍ଦ୍ଦିତ—4. Rubbed; chaffed.
୫ । ଚିପୁଡ଼ା ହୋଇଥିବା—5 Squeezed.
୬ । ଦଳିତ—6. Pressed; kneaded.
୭ । ଧ୍ୱସ୍ତ—7. Destroyed; devastated; laid waste.
୮ । ଉତ୍ପୀଡ଼ିତ; ପ୍ରପୀଡ଼ିତ—8. Oppressed; tortured.
ସଂ. ବି. (ପୀଡ଼ ଧାତୁ+କର୍ମ. ତ)—୧ । ସ୍ତ୍ରୀମାନଙ୍କ କାନରେ ନୋଳି ଆଦି ପିନ୍ଧିବା ପାଇଁ କରାଯାଇଥିବା ଛିଦ୍ର—
1. A bore in the ear of females for putting on rings.
୨ । (+ଭାବ. ତ) ପୀଡ଼ା; ରୋଗ—2. Illness; disease.

ପୀଡ଼ିବା—ଦେ. (ପଦ୍ୟ) କ୍ରି. (ସଂ. ପୀଡ଼ ଧାତୁ)—୧ । ପୀଡ଼ା ଦେବା,
Pirdibā ପୀଡ଼ା କରିବା—1. To pain; to trouble; to
पीड़ा पीड़ना afflict; to give pain.
ବନ ଦେଖି ପୀଡ଼ଇ ମଦନ ଯେ ତାକା—ବୈଶ୍ୟସଦାଶିବ, କଳାବତୀଲାଷ ।
୨ । ଉତ୍ପୀଡ଼ନ କରିବା—2. To oppress.
୩ । ଚିପୁଡ଼ିବା—3. To squeeze.
୪ । ଚିପିବା—4. To press.
୫ । ପୀଡ଼ିତ ହେବା; କ୍ଲିଷ୍ଟ ହେବା—5. To be afflicted.
ଉଷ୍ଣ ଲବଣ କଟୁ ତିକ୍ତ, ଶାକ ଅମ୍ଳିଇ ଯା ଭକ୍ଷଣ
କଲେ ତାହାର କରଇ ସେ ରସେ ସର୍ବାଙ୍ଗ ପୀଡ଼ଇ—
ଜଗନ୍ନାଥ, ଭାଗବତ ।

ପୀଡ଼ିୟ(ଆ)—ଦେ. ବି. (ସଂ. ପୀଡ଼୍ ଧାତୁ=ଚିପୁଡ଼ିବା; ତେଲିଆଳ ଚିପୁଡ଼ା
Pirdiya(ā) ହେବାରୁ ଉତ୍ପନ୍ନ —ପିଡ଼ିଆ (ଦେଖ)
Pirdiā (See)

ପୀଡ୍ୟମାନ—ସଂ. ବିଣ. (ପୀଡ଼ ଧାତୁ ଣିଚ୍+କର୍ମ. ମାନ)—
Pidyamāna ୧ । ଯାହାକୁ ପୀଡ଼ା ଦିଆଯାଉଅଛି, ଉତ୍ପୀଡ୍ୟମାନ—
(ପୀଡ୍ୟମାନା—ସ୍ତ୍ରୀ) 1. Which is being oppressed.
୨ । କ୍ଲିଶ୍ୟମାନ—2. Suffering; ailing.
୩ । ଚିପୁଡ଼ା ଯାଉଥିବା—4 Being squeezed.
୪ । ଚିପା ଯାଉଥିବା—3. Being pressed.

ପୀଢ଼ା(ଢ଼ି)—ଦେ. ବି—ପିଢ଼ା(ଢ଼ି) (ଦେଖ)
Pirdha(rdhi) Pirdhā(rdhi) (See)

ପୀତ—ସଂ. ବିଣ. (ପା ଧାତୁ=ପିଇବା+କର୍ମ. ତ)—୧ । ପାନ କରା
Pita ଯାଇଥିବା—1. Drunk; quaffed.
ପୀତବା } ବି ୨ । (+କର୍ତ୍ତୃ. ତ) ପାନକର୍ତ୍ତା; ପିଇଥିବା; ପାନ
ପୀତବ୍ୟ } କରିଥିବା—2. Having drunk.
୩ । ହଳଦିଆ—3. Yellow.
୪ । ପାଣ୍ଡୁର; କପିଳ—4. Grey; tawny.
ସଂ. ବି. (+ଭାବ. ତ)—୧ । ପାନ; ପିଇବା କର୍ମ—
1. Drinking.
୨ । ହଳଦିଆ ରଙ୍ଗ—2. Yellow colour.
୩ । ହରିତାଳ—3. Yellow orpiment.
୪ । କୁସୁମଫୁଲ—
4. Safflower; Cathamus Tinctorius.
୫ । ଗୋମେଦ, ପୁଷ୍ପରାଗମଣି, ପୋଖରାଜ—5. Topaz.
୬ । ଗୋରୋଚନା—6. Yellow pigment.
୭ । ଶାଖୋଟ ବା ଶାହାଡ଼ା (ଗଛ)—
7. Trophis Aspera (tree).
୮ । ଅଙ୍କୋଠ; ଧଳା ଅଙ୍କୁ ଗଛ—
1. Alangium Hexapetallum.
୯ । ପୀତଝିଣ୍ଟି (ହ୍ର. ଶ.); ଦାସବେରେଣ୍ଡା—
9. Barleria Prionites.
୧୦ । ଏକପ୍ରକାର ସୋମଲତା (ହ୍ର. ଶ.)—
10. A kind of Soma creeper.
୧୧ । ବେତ (ହ୍ର. ଶ)—11. Ratan cane.
୧୨ । ସରଳଧୂପ (ହ୍ର. ଶ.)—
12. Incense extracted from the pine tree.

୧୩ । କପିଳବର୍ଣ୍ଣ (ହ୍ର. ଶ.)—13. Grey or tawny colour.
୧୪ । ହରିଚନ୍ଦନ (ହ୍ର. ଶ.)—14. A kind of sandal.
୧୫ । ନନ୍ଦୀବୃକ୍ଷ (ହ୍ର. ଶ.); ତୁନ୍ଦ ଗଛ—15. Mulberry.
୧୬ । ପଦ୍ମ କାଷ୍ଠ (ହ୍ର. ଶ.) (ଦେଖ)
16. Padma kāshtha (See)
ଦେ. ବି—(ହଳଦିଆ ରଙ୍ଗର ପକ୍ଷୀ) ହଳଦୀବସନ୍ତ ପକ୍ଷୀ—
The yellow Barbet; Cyanops Asiatica (bird).
ତମାଳ ତରୁକୁ ପୀତପୂଥ ବେଢ଼ି ପୀତାମ୍ବର ଶୋଭ ବଗେ—
ଅଭିମନ୍ୟୁ, ବଦଗ୍ଧଚନ୍ତାମଣି ।

ପୀତକ—ସ. ବି. (ପୀତ+ସ୍ୱାର୍ଥେ. କ)—୧ । ହରିତାଳ—
Pitaka 1. Yellow orpiment.
୨ । କୁଙ୍କୁମ; ଜାଫ୍ରାନ—2. Saffron.
୩ । ଅଗୁରୁ ଚନ୍ଦନ—3. Aloe wood.
୪ । ପଦ୍ମ କାଷ୍ଠ—4. A fragrant wood.
୫ । କୁସୁମଫୁଲ—5. Safflower.
୬ । ପିତଳ—6. Brass.
୭ । ମଧୁ—7. Honey.
୮ । ହଳଦୀ—
8. Turmeric; Curcuma Zanthorrhiza.
୯ । (ଗଣିତ) ଅବ୍ୟକ୍ତ ରାଶିବିଶେଷ—
9. (mathematics) An unknown quantity.
୧୦ । ଅଶୋକ ଗଛ—
10. Janesia Asoka (tree).
୧୧ । ଚିରେଇତା ଗୁଳ୍ମ—
11. A sort of Gentia; Cheerāta.
୧୨ । ରାକ୍ଷସବିଶେଷ—
12. Name of a demon,
୧୩ । ସ୍ୱର୍ଣ୍ଣମାକ୍ଷିକ (ହ୍ର. ଶ.)—
13. Iron or copper pyrites.
୧୪ । ବଜ୍ରଯୂ ସାର; ସାଳ ନିର୍ଯ୍ୟାସ (ହ୍ର. ଶ.)—
14. The gum of pine tree used as incense.
୧୫ । ପୀତ ଲୋଧ୍ର (ଉ. ଶ.)—15. The yellow variety of Simplocus Racemosa.
୧୬ । ପୀତ ଚନ୍ଦନ (ହ୍ର. ଶ.)—
16 Yellow sandal wood.
୧୭ । ବିଙ୍କସିତ; ଏକ ପ୍ରକାର ବବୁର ଗଛ (ହ୍ର. ଶ.)—
17 Acacia Arabica.
୧୮ । ଗାଜର (ହ୍ର. ଶ.)—18. Carrot.
୧୯ । ପୀତ ଜୀରକ; ଧଳା ଜୀରା (ହ୍ର. ଶ.)—
19. Cumin seed.

ପୀତ କଦଳୀ—ସ. ବି (କର୍ମଧା)—ସ୍ୱର୍ଣ୍ଣ କଦଳୀ; ଚମ୍ପା କଦଳୀ—
Pita kadalī A variety of plantain with yellow pulp.

ପୀତ କନ୍ଦ—ସ. ବି (ବହୁବ୍ରୀହି)—ଗାଜର—
Pita kanda Carrot.

ପୀତ କରବୀରକ—ସ. ବି—(ହଳଦିଆ) କନିଅର ଫୁଲ—
Pita karabīraka Bastard oleander.

ପୀତକା—ସ. ବି. (ପୀତକ+ଆ)—୧ । ଦାସକେରେଣ୍ଡା—
Pitakā 1. The yellow flowered Barleria (plant).
୨ । ହଳଦୀ—2. Turmeric.

ପୀତ କାବେର—ସ. ବି. (ପୀତ+କାବେର=ବସ୍ତୁ)—
Pita kābera ୧ । କୁଙ୍କୁମ—1. Saffron.
(ପୀତକାବର—ଅନ୍ୟରୂପ) ୨ । ପିତ୍ତଳ—2. Brass.
୩ । ପୀତାକୋରୁଆ ଗୁଳ୍ମ—
3. Holarrhena Dysenterica (plant).

ପୀତ କାଷ୍ଠ—ସ. ବି—୧ । ପୀତ ଚନ୍ଦନ—
Pita kāshtha 1. Yellow sandal.
୨ । ପଦ୍ମ କାଷ୍ଠ (ହ୍ର. ଶ.) (ଦେଖ)
2. Padma kāshtha (See)

ପୀତକାଷ୍ୟ—ସ. ବି—ପୀତ ଚନ୍ଦନ—
Pitakāshya Yellow Sandal.

ପୀତ କୁରବକ—ସ. ବି—ଦାସକେରେଣ୍ଡା (ହ୍ର. ଶ.)—
Pita kurabaka The yellow flowered Barleria.
(ପୀତ କୁରୁଣ୍ଟ, ପୀତ କୁସୁମ, ପୀତଝିଂଟୀ—ଅନ୍ୟରୂପ)

ପୀତ କୁଷ୍ମାଣ୍ଡ—ସ. ବି—ବୋଇତି କଖାରୁ—
Pita kushmānda Curcurbita Maxima.

ପୀତ କୋଶା—ସ. ବି—ଗୋସାଉଳି (ଦେଖ)
Pita kosā Gosāuli (See)

ପୀତ ଗନ୍ଧ—ସ. ବି—ପୀତ ଚନ୍ଦନ (ଦେଖ)
Pita gandha Pita chandana (See)

ପୀତ ଚନ୍ଦନ—ସ. ବି—ଏକ ପ୍ରକାର ଉତ୍କୃଷ୍ଟ ଓ ପୀତାଭ ଚନ୍ଦନ; ହରିଚନ୍ଦନ—A species of yellow sandal wood.
Pita chandana

ସ. କାଲସାର, କାଲାନୁସାର୍ଯ୍ୟକ, ପୀତକ, ପୀତକା, ବର୍ବୂର, କାଲେୟ, ବର୍ବର, କାଲୀୟ, କାଲୀୟକ, ପୀତାଭ, ମାଧବପ୍ରିୟ, କାଲୟକ, ହରିଚନ୍ଦନ, ହରିପ୍ରିୟ, ପୀତଗନ୍ଧ, ପୀତକାଷ୍ଠ, କଳମ୍ବା
ଦ୍ରା. କଳମ୍ବକ
ତେ. କଲମ୍ବନ

[ଦ୍ର—ଏହା ଶୀତବୀର୍ଯ୍ୟ, ତିକ୍ତରସ ଓ କାନ୍ତିକାରକ । ଏହା ବଳଚିକା, କୁଷ୍ଠ, କଣ୍ଡୂ, କଫ, ଦଦ୍ରୁ, ବିଷଦୋଷ, ରକ୍ତପିତ୍ତ, କୃମି, ବ୍ୟଙ୍ଗ, ପିତ୍ତଦୋଷ, ପିପାସା, ଜ୍ୱର ଓ ଦାହରୋଗରେ ଉପକାରୀ । ରକ୍ତ ଚନ୍ଦନର ଅନ୍ୟାନ୍ୟ ଗୁଣ ଏଥିରେ ଦେଖାଯାଏ । ଏହା ଘୋର କଷ ଦେବରେ ଓ ଦେବତାଙ୍କ ଶ୍ରୀଅଙ୍ଗରେ ବୋଳାଯାଏ ।]

ପୀତ ଚମ୍ପକ—ସ. ବି. (କର୍ମଧା; ପୀତ+ଚମ୍ପକ)—
Pita champaka ୧ । ହଳଦିଆ ଚମ୍ପା—
1. Yellow Champaka flower.
୨ । (ବହୁବ୍ରୀହି ବା ଉପମିତ) ପ୍ରଦୀପ—2. Lamp.

ପୀତ ତଣ୍ଡୁଳ—ସ. ବି—ସାଳ ଗଛ (ହ୍ର. ଶ.)—
Pita tandula The Sāla tree.
(ପୀତ ତଣ୍ଡୁଳକା—ଅନ୍ୟରୂପ)

ପୀତ ତୁଣ୍ଡ— ସ. ବ. (ବହୁବ୍ରୀହି; ପୀତ + ତୁଣ୍ଡ)—
Pita tunda ୧ । କାରଣ୍ଡବ ପକ୍ଷୀ; ବାଲି ହଂସ—
(ପୀତ ତୁଦ—ଅନ୍ୟରୂପ) 1. A kind of goose.
୨ । ବାୟା ଚଢ଼େଇ—2. The tailor bird.

ପୀତ ଦାରୁ— ସ. ବ—୧ । ଦେବଦାରୁ—
Pita dāru 1. Pine tree.
୨ । ସରଳ ଧୂପ—2. The gum of pine used as incense.
୩ । ହଳଦୀ (ହି. ଶ.)—3. Turmeric.

ପୀତଦୁଗ୍ଧା—ସ. ବ. ସ୍ତ୍ରୀ. (ବହୁବ୍ରୀହି; ପୀତ + ଦୁଗ୍ଧ + ଆ)—
Pita dugdhā ୧ । ଯେଉଁ ଗାଈର ଦୁଧ ବାଛୁରୀ ପିଇ ସାରିବା ପରେ ମନୁଷ୍ୟ ଦ୍ୱାରା ଦୁହାଁ ଯିବା ପାଇଁ ଗାଈ ବନ୍ଧା ହୋଇଥାଏ—
1. A milch cow ready to be milked after the calf has sucked.
୨ । ଦୁହାଁଳି ଗାଈ—2. A milch cow (Apte).
୩ । ଯେଉଁ ଗାଈର ଦୁଧ ପୂର୍ବରୁ ମହାଜନଙ୍କୁ ବନ୍ଧକ ଦିଆ ଯାଇଅଛି—3. A cow whose milk has been pledged (Apte).

ପୀତଦ୍ରୁ—ସ. ବ—୧ । ଦାରୁ ହରିଦ୍ରା; ଡାଳ ହଳଦୀ—
Pitadru 1. A kind of turmeric.
୨ । ଦେବଦାରୁ—2. Pine.

ପୀତ ଧଡ଼ା—ଦେ. ବ. (ସଂ ପୀତ ଧଟୀ)— ଅଣ୍ଟାରେ ଭିଡ଼ା ଯିବା ହଳଦିଆ
Pita dharḍā ପାଟ ଚଦର; ପୀତାମ୍ବର—A yellow silk sheet used as belt.
[ଦ୍ର—ଶ୍ରୀକୃଷ୍ଣ ଏହାକୁ ଅଣ୍ଟାରେ ଭିଡ଼ୁଥିଲେ ।]

ପୀତନ—ସ. ବ. (ପୀତ = ହଳଦୀ + ନୀ ଧାତୁ + ଅ)—୧ । କୁଙ୍କୁମ—
Pitana 1. Saffron.
(ପୀତନକ—ଅନ୍ୟରୂପ) ୨ ହରିତାଳ—
2. Yellow orpiment.
୩ । ଧୂପ ସରଳ—2. The gum of pine tree.
୪ । ପର୍କଟିବୃକ୍ଷ; ଜରଗଛ—4 The wavy leafed fig tree.
୫ । ଆମ୍ବଡ଼ାଗଛ (ହି ଶ)—
5. The hog-plum tree (Apte).

ପୀତନକ—ସ. ବ.—୧ । ଅମ୍ରାତକ; ଆମ୍ବଡ଼ା—
Pitanaka 1. The hug plum.
୨ । କୁଙ୍କୁମ—2. Saffrom.
୩ । ହରିତାଳ—3. Yellow orpiment.
୪ । ଦେବଦାରୁ—4. A sort of pine.

ପୀତନାଶ—ସ. ବ—ଲକୁଚ; ଜେଉଟ (ଦେଖ)—
Pitanāsa Jeuta (See)

ପୀତନୀ—ସ. ବ—ଶାଳପର୍ଣ୍ଣୀ (ହି. ଶ) ଦେଖ—
Pitani Sālaparnni (See)

ପୀତ ନୀଳ—ସ. ବ.—ସାବଜାବର୍ଣ୍ଣ; ତୃଣବର୍ଣ୍ଣ
Pita nila Green colour.
ସ. ବଣ—ସାବଜା—Green.

ପୀତ ପଟ—ସ. ବ. (ବହୁବ୍ରୀହି; ପୀତ + ପଟ)—ପୀତବସ୍ତ୍ର ପରିଧାନକାରୀ—
Pita pata Putting on yellow cloth.
ପୀତପଟ କଟ ନାଁ ମୋ ଅଗରେ କ ଥିଭ
କନ୍ଦର୍ପ - କଣୋସ ଚମ୍ପୂ ପ ଗୀତ
ସଂ. ବ—ଶ୍ରୀକୃଷ୍ଣ—An epithel of Srikrushna.

ପୀତ ପରାଗ—ସ. ବ. (ବହୁବ୍ରୀହି; ପୀତ + ପରାଗ)—ପଦ୍ମକେଶର(ହି.ଶ.)
Pita parāga The filaments of lotus.

ପୀତପର୍ଣ୍ଣୀ—ସ. ବ. (ପୀତ + ପର୍ଣ୍ଣ + ଈ)—ବୃଶ୍ଚିକାଳୀ; ବିଛୁଆତି—
Pitaparnni The stringing nettle.

ପୀତ ପାଦପ—ସଂ. ବ. ୧ । ଶ୍ୟୋନାକ; ଫଣଫଣା (ଦେଖ)
Pita pādapa 1. Phanaphanā (See).
୨ । ଲୋଧ (ହି. ଶ).—2. Simplocus Racemosus.

ପୀତପାଦା—ସଂ. ବ. (ବହୁବ୍ରୀହି; ପୀତ + ପାଦ + ଅ)—ସାରୀ ପକ୍ଷୀ—
Pitapādā The myna bird.

ପୀତପିଷ୍ଟ—ସଂ. ବ—ସୀସାଧାତୁ—
Pitapisthta Lead (metal) (Ape).

ପୀତ ପୁଷ୍ପ—ସଂ. ବ. (କର୍ମଧା ଓ ବହୁବ୍ରୀହି) ୧ । କନିଅର—
Pitapushpa 1. Yellow oleander.
(ପୀତପୁଷ୍ପକ—ଅନ୍ୟରୂପ ୨ । ପୀତ ଝିଣ୍ଟି—
2. The yellow flowered Barlaria.
୩ । ଜହ୍ନି (ହି.ଶ.)—3. Luffa Acutangula.
୪ । ତଗର (ହି. ଶ).—4 Tagara (See)

ପୀତପୁଷ୍ପା—ସଂ. ବ (ବହୁବ୍ରୀହି.) ୧ । ମହାକାଳ (ଦେଖ)—
Pita pushpā 1. Mahākāla (See).
୨ । ଜହ୍ନି—2. Luffa Acutangula.
। ପୀତ ଝିଣ୍ଟି—3. Yellow Barleria.
୪ । ହଳଦିଆ ଯୁଈ—4. Yellow Jui flower.
୫ । କନିଅର—5, Yellow oleander.

ପୀତପୁଷ୍ପୀ—ସଂ. ବ—ପୀତପୁଷ୍ପା ୪୫ (ଦେଖ)
Pitapushpi Pitapushpā 4. 5. (See)

ପୀତ ବାଲୁକା—ସଂ. ବ—ହଳଦୀ (ହି. ଶ)
Pita bāluka Turmeric.

ପୀତ ବାସ—ସଂ. ବ ପୁଂ—(ପୀତ + ବାସ = ବସ୍ତ୍ର; ବହୁବ୍ରୀହି)୧ । ଶ୍ରୀକୃଷ୍ଣ—
Pita bāsa 1, Srikrushna,
୨ । ଲୋକଙ୍କ ନାମ—2. A name given to males.

ପୀତବାସାଃ—ସଂ. ବଣ. (ବହୁବ୍ରୀହି; ପୀତ + ବାସସ୍)—ଯେ ହଳଦିଆ ଲୁଗା
Pitabāsā ପିନ୍ଧେ—Wearing yellow cloth.
ସଂ. ବ. ଶ୍ରୀକୃଷ୍ଣଙ୍କ ନାମ—A name of Srikrushna.

ପୀତବୀଜା—ସଂ. ବ.—ମେଥୀ—
Pitabijā Trigonella FænuGræcum; fenugreek.

ପୀତଭୃଙ୍ଗି (ଙ୍ଗୀ)—ସଂ. ବ.—ଭୃଙ୍ଗରାଜ (ଦେଖ)
Pitabhrungi (ngi) Bhrungarāja (See)
(ପୀତଭୃଙ୍ଗରାଜ—ଅନ୍ୟରୂପ)

ପୀତ ମଣି—ସଂ. ବି.—ପୁଷ୍ପରାଗ; ପୋଖରାଜ ମଣି—
Pita maṇi (ପୀତରତ୍ନ—ଅନ୍ୟରୂପ) Topaz.

ପୀତ ମୁଦ୍ଗ—ସଂ. ବି—ସୁନାମୁଗ; ମେଥିମୁଗ—
Pita mudga A kind of mung (pulse).

ପୀତ ମୂଳକ—ସଂ ବି.—ପୀତ କନ୍ଦ (ଦେଖ)—
Pita mūḷaka Pita kanda (See)

ପୀତ ରକ୍ତ—ସଂ. ବି. ୧ । ପୋଖରାଜ ମଣି—
Pita rakta 1, Topaz,
୨ । ପଦ୍ମ କାଷ୍ଠ (ଦେଖ)—2. Padma kāshṭha (See)

ପୀତ ଲୋହ—ସଂ. ବି. (କର୍ମଧା; ପୀତ + ଲୋହ)—ପିତ୍ତଳ—
Pita loha Brass.

ପୀତଶାଳ—ସଂ ବି. —୧ । ପିଯ୍ସାଶାଳ (ଦେଖ)
Pitaśāḷa Piyāsāḷa (See)
(ପୀତଶାଳକ—ଅନ୍ୟରୂପ) ୨ । ଅସନ (ଦେଖ)—
2, Asana (see)

ପୀତ ସାର—ସଂ. ବି—୧ । ହରିଚନ୍ଦନ; ପୀତ ଚନ୍ଦନ—
Pita sāra 1, Yellow sandal wood.
୨ । ଗୋମେଦ ବା ପୁଷ୍ପରାଗମଣି—2, Topaz
୩ । ଚନ୍ଦନ ବୃକ୍ଷ—3. Sandal wood.
୪ । ଲେମ୍ବୁ; କମଳା—4, Common Citron; lemon.
୫ । ଅଙ୍କୋଠ; ଧଳାଅଙ୍କୁ ଗଛ—
5, Alangium Hexapetallum tree.
୬ । ପିଯ୍ସାଶାଳ (ଦେଖ)—6, Piyāsāḷa (See).
୭ । ଅସନ (ଦେଖ)—7, Asana (See)
୮ । ଶିଳାରସ (ହି. ଶ.) (ଦେଖ)—8, Siḷārasa (See)

ପୀତ ସାରକ—ସଂ. ବି—୧ । ଅଙ୍କୋଠ ବୃକ୍ଷ—
Pita sāraka 1. Alangium tree.
୨ । ନିମ୍ବ ଗଛ—2. Nim tree.

ପୀତସାରି—ସଂ. ବି—ସୁରୁମା—
Pitasāri (ପୀତସାରକା—ଅନ୍ୟରୂପ) Antimony.

ପୀତ ସାଳ—ସଂ. ବି—୧ । ପିଯ୍ସାଶାଳ (ଦେଖ)—
Pita sāḷa 1. Piyāsāḷa (See)
(ପୀତ ସାଳକ—ଅନ୍ୟରୂପ) ୨ । ଅସନ (ଦେଖ)—
2. Asana (See)

ପୀତ ସ୍ଫଟିକ—ସଂ. ବି—ପଦ୍ମରାଗ ମଣି—
Pita sphaṭika Topaz.

ପୀତ ସ୍ଫୋଟ—ସଂ. ବି—ଖଜୁରୀ; କାଛୁ (ହି. ଶ)—
Pita sphoṭa Itches.

ପୀତା—ସଂ. ବି—(ପୀତ + ଆ)—୧ । ହଳଦି—
Pitā 1. Turmeric.
୨ । ଗୋରୋଚନା—
2. Yellow pigment found in cow's head.
୩ । ଦାରୁ ହଳଦୀ (ହି. ଶ.)—
3. Dāru haḷadi (See)
୪ । ଚମ୍ପା କଦଳୀ (ହି. ଶ)—
4. A variety of plantain with yellow pulp.
୫ । ଶାଳପର୍ଣ୍ଣୀ (ହି. ଶ)—5. Sāḷaparṇni (See).
୬ । ଆକାଶବଲ୍ଲୀ; କମ୍ବଳୀ ଲତା (ହି. ଶ)—
6. A parasitic creeper.
୭ । ଦେବଦାରୁ (ହି. ଶ)—7. Pine (tree).
୮ । ଅଶ୍ୱଗନ୍ଧା (ହି. ଶ) (ଦେଖ)—
8. Aswagandhā tree (See).
୯ । ଜଙ୍ଗଲୀ ଠେଙ୍ଗ (ହି. ଶ)—9. Wild orange.
ସଂ. ବିଣ. ସ୍ତ୍ରୀ—ପୀତର ସ୍ତ୍ରୀଲିଙ୍ଗ—Feminine of Pita.
ଦେ. ବି.—ପୁଂ. ଓ ସ୍ତ୍ରୀ.—ପୀତାମ୍ବର ଓ ପୀତାମ୍ବରୀର ଡାକନାମ-
Name for calling Pitāmbara (male) and Pitāmbari (female).

ପୀତାଭ—ସଂ. ବିଣ (ବହୁବ୍ରୀହି; ପୀତ + ଆଭା)—ହଳଦିଆ—
Pitābha Yellow.
(ପୀତାଭା—ସ୍ତ୍ରୀ) ସଂ. ବି—ପୀତ ଚନ୍ଦନ (ହି. ଶ)—
Yellow sandal.

ପୀତାମାରି—ଦେ. ବି —ବନ୍ୟ ବୃକ୍ଷବିଶେଷ—
Pitāmāri A kind of wild tree.
[ଦ୍ର—ଏହାର ଉଚ୍ଚତା ପ୍ରାୟ ୧୫ ଫୁଟ ହୁଏ ।]

ପୀତାମ୍ବର—ସଂ. ବି —(କର୍ମଧା; ପୀତ + ଅମ୍ବର)—୧ । ହଳଦିଆ ଲୁଗା—
Pitāmbara 1. Yellow cloth.
୨ । (ବହୁବ୍ରୀହି) ବିଷ୍ଣୁ; ଶ୍ରୀକୃଷ୍ଣ—2. Srikṛushṇa.
୩ । ନର୍ତ୍ତକ—3. A dancer.
୪ । ନଟ—4, An actor.
୫ । ହଳଦିଆ ବସ୍ତ୍ରଧାରୀ ସନ୍ନ୍ୟାସୀ—
5. A mendicant wearing yellow clothes.
(ପୀତାମ୍ବରୀ—ସ୍ତ୍ରୀ) ସଂ. ବିଣ. ପୁଂ—ହଳଦିଆ ଲୁଗା ପିନ୍ଧିଥିବା (ବ୍ୟକ୍ତି)—Wearing yellow clothes.

ପୀତାମ୍ବର ଦାଶ—ଦେ. ବି (ନାମ)—ଜନୈକ ଗଞ୍ଜାମବାସୀ ଓଡ଼ିଆ
Pitāmbara dāsa ବ୍ରାହ୍ମଣ କବି—An Oṛdiā Brāhmaṇa poet of Ganjam.
[ଦ୍ର—ଏ ଓଡ଼ିଶା ରାଜା ଶ୍ରୀ ଖାରବିଶୋର ଦେବଙ୍କ ରାଜତ୍ୱ କାଳରେ (ଖ୍ରୀ: ୧୭୩୬—୧୭୭୩) ତାହାଙ୍କର ପ୍ରକାଣ୍ଡ ଗ୍ରନ୍ଥ 'ନୃସିଂହ ପୁରାଣ' ରଚନା କରିଥିଲେ । ତାରଣୀ-ଉତ୍କଳ-ସାହିତ୍ୟ—ଇତିହାସ ।
ଏ କବି ଗୁପ୍ତ ବୈଷ୍ଣବ ଥିଲେ । ଏହାଙ୍କ ପିତାଙ୍କ ନାମ ବାଲୁକେଶ୍ୱର । ଋଷିକୁଲ୍ୟା ନଦୀ ତଟରେ ଏହାଙ୍କର ମଠ ଥିଲା—ଜଗବନ୍ଧୁ-ପ୍ରାଚୀନ-ଉତ୍କଳ ।]

ପୀତାମ୍ବର ଦେବ—ଦେ. ବି (ନାମ)—ଜନୈକ ଓଡ଼ିଆ କବି—
Pitāmbara deba An Oṛdiā poet.
[ଦ୍ର—ଏ ଜଣେ ରାଜା ବା ରାଜବଂଶୀୟ ଥିଲେ । 'ଅଖିଳ ଚନ୍ଦ୍ରାମଣି' ନାମରେ ଖଣ୍ଡିଏ ଭକ୍ତିଗ୍ରନ୍ଥ ଏହାଙ୍କ ରଚିତ—ତାରଣୀ-ଉତ୍କଳ-ସାହିତ୍ୟ-ଇତିହାସ ।]

ପୀତାମ୍ବର ମିଶ୍ର କବିଚନ୍ଦନ—ଦେ. ବି—(ନାମ)—ଜନୈକ ଓଡ଼ିଆ କବି
Pitāmbara miśra kabichandna An Ordiā poet.
[ଦ୍ର—୧୯ଶ ଶତାବ୍ଦୀର ଶେଷ ଭାଗର କବି । 'ରାମବରୁଦାବଳୀ' ଓ 'ପୀତାମ୍ବରୀ ଚଣ୍ଡୀ' ପ୍ରଭୃତି ଗ୍ରନ୍ଥର ପ୍ରଣେତା—ଜଗବନ୍ଧୁ ପ୍ରାଚୀନ ଉତ୍କଳ ।]

ପୀତାମ୍ବର ରାଜେନ୍ଦ୍ର—ଦେ. ବି (ନାମ)—ଜଣେ ଓଡ଼ିଆ କବି—
Pitāmbara rājendra An Ordiā poet.
[ଦ୍ର—ଏ ସମ୍ଭବତଃ ଗଞ୍ଜାମ ଜିଲ୍ଲା ଚିକିଟି ରାଜ୍ୟର ରାଜା ଥିଲେ; 'ରାମଲୀଳା' ଏହାଙ୍କ ରଚିତ ଗ୍ରନ୍ଥ ।]

ପୀତାମ୍ବରା—ସଂ. ବିଣ. ସ୍ତ୍ରୀ—(ପୀତାମ୍ବର+ସ୍ତ୍ରୀ. ଆ)—ପୀତାମ୍ବର ପରିଧାନ କାରିଣୀ—(female) Wearing yellow cloth.
Pitāmbarā

ସଂ. ବି—୧ । ମହାଲକ୍ଷ୍ମୀ—1. Goddess Lakshmi
୨ । ବଗଳାମୁଖୀ—2. One of the forms of Durgā or Dasamahābidyā.

ପୀତାମ୍ବରୀ—ଦେ. ବିଣ. ସ୍ତ୍ରୀ—ପୀତାମ୍ବର ପରିଧାନ କାରିଣୀ—
Pitāmbari (female) Wearing yellow cloth.

ଦେ. ବି—(ସଂ. ପୀତାମ୍ବର)—୧ । ଏକପ୍ରକାର ହଳଦିଆ ପାଟ ଶାଢ଼ୀ—1. A kind of yellow silk cloth.
[ଦ୍ର—ଏଥିର ଠାଣି ନାଲି ଓ ଭରଣୀ ହଳଦିଆ ।]
୨ । ସ୍ତ୍ରୀଲୋକଙ୍କର ନାମ—
2. A name given to females.

ପୀତାରୁଣ—ସଂ. ବି ଓ ବିଣ—(ପୀତ+ଅରୁଣ)—୧ । ହଳଦିଆ ମିଶା ନାଲି ରଙ୍ଗ—Yellowish red colour.
Pitāruṇa
୨ । ସୂର୍ଯ୍ୟ ଫାଟିବା ବେଳ—
2, Daybreak;
ସଂ. ବିଣ - ହଳଦିଆ ମିଶା ନାଲି—Yellow-red.

ପୀତାଶ୍ମା—ସଂ. ବି. (ପୀତ+ଅଶ୍ମନ୍)—ପୁଷ୍ପରାଗ ମଣି—
Pitāśmā (ପୀତାଶ୍ମ—ଅନ୍ୟରୂପ) Topaz.

ପୀତି—ସଂ. ବି. (ପା ଧାତୁ+କର୍ତ୍ତୃ. ତି)—୧ । ଘୋଡ଼ା—
Piti 1. Horse.
୨ । (+ଭାବ. ତି) ପାନ, ପିଇବା—
2. Drinking; draught,
୩ । (+ଅଧି. ତି) ଶୁଣ୍ଡୀ ଦୋକାନ; ଶୌଣ୍ଡିକାଳୟ—
3. Wine shop; dram shop; tavern.
୪ । ହାତୀ ଶୁଣ୍ଢ—4. The proboscis of an elephant.
୫ । ଗତି; ଗମନ—5. Going (Apte).
୬ । (ବୈଦିକ) ରକ୍ଷଣ—6. (vedic) Protection.

ପୀତିକା—ସଂ. ବି. (ପୀତ+କ+ସ୍ତ୍ରୀ. ଆ)—୧ । ହଳଦୀ—
Pitikā 1. Turmeric.
୨ । ସ୍ୱର୍ଣ୍ଣଯୂଥୀ; ହଳଦିଆ ଯୁଇ—2. Golden jasmine.

ପୀତୀ—ସଂ. ବି. (ପୀତ+ଇନ୍; ଅସ୍ତ୍ୟ. ଅର୍ଥରେ)—ଘୋଡ଼ା—
Piti Horse.

ପୀତୁ—ସଂ. ବି. (ପା ଧାତୁ+କର୍ତ୍ତୃ. ତୁ; ଜଳକୁ ଶୁଖାଇବାରୁ)—୧ । ସୂର୍ଯ୍ୟ
Pitu 1. The sun.
୨ । ଅଗ୍ନି—2. Fire.
୩ । ଯୂଥପତି; ହସ୍ତୀ—3. The chief leading elephant of a herd.

ଦେ. ବି. ପୁଂ. ଓ ସ୍ତ୍ରୀ—ପୀତାମ୍ବର ଓ ପୀତାମ୍ବରୀର ଡାକ ନାମ—Name for calling Pitāmbara and Pitāmbari.

ପୀଥ—ସଂ. ବି. (ପା ଧାତୁ+କର୍ତ୍ତୃ. ଥ)—୧ । ସୂର୍ଯ୍ୟ—
Pitha 1. The sun.
୨ । ଅଗ୍ନି—2. Fire.
୩ । କାଳ—3. Time.
୪ । (+କର୍ମ. ଥ) ଜଳ—4. Water.
୫ । ଘୃତ—5. Ghee.

ପୀଥି—ସଂ. ବି. (ପା ଧାତୁ+କର୍ତ୍ତୃ. ଥି)—ଘୋଟକ—
Pithi Horse

ପୀନ—ସଂ. ବିଣ. (ପ୍ୟାୟ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ତ)—
Pina ୧ । ସ୍ଥୂଳ; ମୋଟା—1. Muscular; fat; corpulent; robust; stout; bulky; plump.
୨ । ଫୁଲି ଥିବା—2. Swollen.
୩ । ପ୍ରବୃଦ୍ଧ; ପୁଷ୍ଟ—
3. Enlarged; developed; profuse.
୪ । ସମ୍ପନ୍ନ; ପୂର୍ଣ୍ଣ—4. Finished; full.
୫ । ଗୋଲ ଓ ସ୍ଥୂଳ—5. Full and round.
୬ । ମାଂସଳ—
6. Brawny; fleshy. (Apte).

ପୀନ ଉରଜା—ଦେ. ବି. ସ୍ତ୍ରୀ—(ସଂ. ପୀନ+ଉର=ବକ୍ଷ+ଜନ୍ ଧାତୁ
Pina urajā +ଅ+ସ୍ତ୍ରୀ. ଆ)—(ପୃଥିବୀରୁ ଜାତା)—ସୀତା—Sitā.

ଚଡିକରେ ପୀନ ଉରଜା ଅପୂର୍ବ ଦ୍ରବ୍ୟ ଦେଖି ନ ମାଗିବୁ ।
ଉତ୍ତ. ବୈଦେହୀଶବିଳାସ ।

ଦେ. ବିଣ. ସ୍ତ୍ରୀ—(ପୀନ+ଉରଜ+ଆ)—ପୃଥୁଳ ସ୍ତନବିଶିଷ୍ଟା (ସ୍ତ୍ରୀ)—(a woman) Having plump breasts.

ପୀନ ପୟୋଧର—ସଂ. ବି. (କର୍ମଧା)—ଲାଉଆ ଦୁଧ; ସ୍ଥୂଳସ୍ତନ; ପୀବର ସ୍ତନ—Plump breasts.
Pina payodhara
(ପୀନସ୍ତନ; ପୀନ ବକ୍ଷଃ—ଅନ୍ୟରୂପ)

ପୀନ ପୟୋଧରା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି)—ଲାଉଆ ଦୁଧୀ; ପୀବର-ସ୍ତନା; ସ୍ଥୂଳ କଠିନ କୁଚା—(a woman) Having plump and prominent breasts; having a full bosom.
Pina payodharā
ପୀନସ୍ତନା }
ପୀନବକ୍ଷାଃ } ଅନ୍ୟରୂପ

ପୀନ ଶିଳା—ସଂ. ବି.—(କର୍ମଧା; ପୀନ+ଶିଳା)—କଠିନ ପ୍ରସ୍ତର—
Pina śilā Hard stone.

ବାଦ୍ୟ ବାଜଣା ଜଣା ଅର୍ଥେ ନ କର ପରସ୍ପରେ କଥା ଗୋହ,
ଦଟିକ ପୀନ ଶିଳା ଟେକେ ସେ ହାରୀ ପ୍ରାପ୍ତ ଅବହିତ ହୋଇ ।
ଉତ୍ତ. ବୈଦେହୀଶବିଳାସ ।

ପୀନସ—ସଂ. ବି. (ପୀନ=ମୋଟା+ସେ ଧାତୁ=ନାଶ କରିବା+କର୍ତ୍ତୃ. ଅ)
Pinasa ୧ । ନାସିକା ରୋଗବିଶେଷ; ପିନସରୋଗ—
1. Atrophic rhinites; polypus of the nose.
୨ । ସର୍ଦ୍ଦି—2. Cold; catarrh.

ପୀନସା—ସଂ. ବି.—କାକୁଡ଼ି—
Pinasā Cucumber.

ପୀନସୀ—ସଂ ବିଣ. ପୁଂ. (ପୀନସ+ଇନ୍; ୧ମା. ୧ବ.)—ପୀନସ ରୋଗ-
Pinasi ଗ୍ରସ୍ତ—Suffering from polypus of the nose
(ପୀନସିକା—ସ୍ତ୍ରୀ) or cold.

ପୀନା—ବୈଦେ. ବି. (ଇଂ. ପିନ୍)—କାଠର ସରୁ ଖିଲ—
Pinā Slender wooden peg.
पीना पीना

ପୀନୋଧ୍ନୀ—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ପୀନ=ସ୍ଥୂଳ+ଊଧସ୍=
Pinodhni ପଣ୍ଡା+ଈ)—କୁଣ୍ଡୋଧ୍ନୀ ବା ପୀବରସ୍ତନୀ ଗୋ; ବଡ଼
(ପୀନୋଧାଃ—ଅନ୍ୟରୂପ) ପଣ୍ଡା ଥିବା ଗାଈ—A cow with a large udder.

ପୀନୋନ୍ନତ ପୟୋଧର—ସଂ. ବି. (କର୍ମଧା, ପୀନ+ଉନ୍ନତ+
Pinonnata payodhara ପୟୋଧର)—ସ୍ଥୂଳ ଓ କଠିନ ସ୍ତନ;
ଯେଉଁ ପୀନ ସ୍ତନ ତଳଆଡ଼କୁ ଝୁଙ୍କି ନାହିଁ—Plump and prominent breasts; tight and plump breasts.

ପୀନୋନ୍ନତ ପୟୋଧରା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି)—
Pinonnata payodharā ଯେଉଁ ସ୍ତ୍ରୀର ସ୍ତନ ସ୍ଥୂଳ ଓ ଉନ୍ନତ—
(a woman) With tight and plump breasts,

ପୀପରି—ସଂ. ବି—ଶ୍ରେଷ୍ଠ ପ୍ଲକ୍ଷ ଗଛ (ହି. ଶ)—
Pipari A small variety of Plaksha tree.

ପୀବର—ସଂ. ବିଣ. (ପୈ ଧାତୁ=ବୃଦ୍ଧି ପାଇବା+ବର)—
Pibara ୧ । ପୀନ; ସ୍ଥୂଳ; ମୋଟା—
ପୀବରୀ } ସ୍ତ୍ରୀ 1. Fat; plump.
ପୀବରା } ୨ । କୁଣ୍ଡାଭୁଷୁଣ୍ଡା; ସ୍ଥୂଳାଙ୍ଗ—
[ପୀବରତା(ଭା)—ବି] 2. Corpulent.
୩ । ଗୁରୁ; ଭାରି (ହି. ଶ)—3. Heavy.
ସଂ. ବି—୧ । କଚ୍ଛପ; କଇଁଛ—1. Tortoise (Apte)
୨ । ଜଟା (ହି. ଶ)—2. Matted hair.

ପୀବର ସ୍ତନୀ—ସଂ. ବିଣ. ସ୍ତ୍ରୀ—୧ । ପୀନସ୍ତନୀ; ଘନକୁଚ—
Pibara stani 1. (a woman) Having plump breasts.
୨ । କୁଣ୍ଡୋଧ୍ନୀ—2. (a cow) Having a plump or large udder.

ପୀବରା—ସଂ. ବିଣ. ସ୍ତ୍ରୀ. (ପୀବର+ଆ)—ପୀବରର ସ୍ତ୍ରୀଲିଙ୍ଗ—
Pibarā Feminine of Pibara.
ସଂ. ବି—୧ । ଅଶ୍ୱଗନ୍ଧା—
1. A medicinal plant; Physalis Flexuosa.
୨ । ଶତାବରୀ; ଛତୋରୀ—2. A thorny and ferny creeper; Asparagus Racemosus.
୩ । ତରୁଣୀ; ଯୁବତୀ ସ୍ତ୍ରୀ—2. A young woman.
୪ । କୁଣ୍ଡା ଭୁଷୁଣ୍ଡୀ—4. A fat woman.

ପୀବରୀ—ସଂ. ବିଣ. (ପୀବର+ଈ)—ପୀବରର ସ୍ତ୍ରୀଲିଙ୍ଗ—
Pibari Feminine of Pibara.
ସଂ. ବି—୧ । ପୀବରା (ଦେଖ)—1, Pibarā (See)
ସଂ. ଯୋଷିଣୀ, ଦ୍ରୁମୋତ୍ପଲ, ୨ । ଓଲଟକମଳ ଗଛ—
ପରିବ୍ୟାଧ 2. Abroma Augusta (plant).
୩ । ଗାଈ (ହି. ଶ)—3. Cow (Apte).
୪ । ଶାଳପର୍ଣ୍ଣୀ (ହି. ଶ) (ଦେଖ)
4. Sālaparṇi (See)

ପୀବା—ସଂ. ବି. (ପ୍ୟାୟ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ବନ୍; ୧ମା.
Pibā ୧ବ)—୧ । ବାୟୁ—1. Air; wind.
୨ । ଜଳ—2. Water (Apte).
ସଂ. ବିଣ—୧ । ସ୍ଥୂଳ, ମୋଟା—1. Fat; plump.
୨ । ବଳିଷ୍ଠ—2. Strong.

ପୀବିଷ୍ଠ—ସଂ. ବିଣ. ପୁଂ. (ପୀବନ୍+ଇଷ୍ଠ)—ଅତି ସ୍ଥୂଳ (ହି. ଶ)—
Pibishtha Very plump.
(ପୀବୀୟାନ୍—ଅନ୍ୟରୂପ; ପୀବିଷ୍ଠା, ପୀବୀୟସୀ—ସ୍ତ୍ରୀ)

ପୀୟ (ଧାତୁ)—ସଂ. (ସୌତ୍ର ଧାତୁ)—୧ । ବଧ କରିବା—
Piya (root) 1. To kill.
୨ । ହିଂସା କରିବା—2, To injure.
୩ । ତୃପ୍ତ କରିବା—3, To satisfy.
୪ । ଦୟା କରିବା—4, To be kind.
୫ । ସ୍ନେହ କରିବା—5, To love.
୬ । ସମ୍ମାନ କରିବା—6, To regard; to respect.

ପୀୟତ୍ନୁ—ସଂ. ବିଣ. (ପୀୟ ଧାତୁ=ହିଂସା କରିବା+ଶୀଳାର୍ଥେ ତ୍ନୁ)—
Piyatnu ହିଂସାଶୀଳ; ହିଂସ୍ର—Envious; malicious; malignant.

ପୀୟୁ—ସଂ. ବି (ପୀ ଧାତୁ+କର୍ତ୍ତୃ. ଉ; ଅଥବା ପା ଧାତୁ+ୟୁ)—
Piyu ୧ । କାଳ; ସମୟ—1. Time.
୨ । ସୂର୍ଯ୍ୟ—2. The sun.
୩ । ପେଚା—3. Owl.
୪ । କାକ—4. Crow.
ସଂ. ବିଣ—ହିଂସ୍ର (ହି. ଶ.)—
Malicious; malignant.

ପୀୟୂଷ—ସଂ. ବି (ପୀୟୂ ଧାତୁ=ତୃପ୍ତକରିବା+କର୍ତ୍ତୃ. ଊଷ)—
Piyūsha ୧ । ସୁଧା; ଅମୃତ—1. Nectar.
୨ । ଦୁଗ୍ଧ—2. Milk.
୩ । ମିଷ୍ଟ ରସ—3. Sweet juice.
୪ । ଅତି ମଧୁର ବସ୍ତୁ—
4. Very sweet thing; any thing sweet.
କାହାଁ ଗୀତ ପୀୟୂଷ ପିଇବା—କବିସୂର୍ଯ୍ୟ, କଳୋଗ-ଚମ୍ପୂ, ବ ଗୀତ ।

୫ । ନବପ୍ରସୂତା ଗାଈଠାରୁ ପ୍ରସବର ସପ୍ତ ଦିନ ମଧ୍ୟରେ ଦୁହାଁହେବା ଦୁଗ୍ଧ—5. First week's milk of a cow; milk of a cow during a week after her calving.

[ଦ୍ର—ବୈଦ୍ୟଙ୍କ ମତରେ ଏ ଦୁଗ୍ଧ ଦାହକାରକ, ରକ୍ତର କୋପକାରକ ଓ ପିତ୍ତକାରକ ଅଟେ । ଏହା ସ୍ୱାସ୍ଥ୍ୟର ହାନିକର—ହି. ଶ. ।]

୬ । ଗଜର ଦୁଧ—6. Fresh milk.

ପୀୟୂଷକଣ୍ଠୀ—ଦେ. ବିଣ. ସ୍ତ୍ରୀ (ବହୁବ୍ରୀହି)—ମଧୁର ଗଳା ଥିବା (ସ୍ତ୍ରୀ); ପୀୟୂଷବଚନା ସ୍ତ୍ରୀ—
Piyūshakaṇṭhi A sweet-toned (woman).

ପୀୟୂଷ ବଚନ—ସଂ. ବି—ପୀୟୂଷବାଣୀ (ଦେଖ)
Piyūsha bachana Piyūshabāṇi (See)
(ପୀୟୂଷବଚନା—ସ୍ତ୍ରୀ) ସଂ. ବିଣ. ପୁଂ – ପୀୟୂଷଭାଷୀ (ଦେଖ)
Piyūshabhāshi (See)

ପୀୟୂଷବାଣୀ—ସଂ. ବି—(ଲକ୍ଷଣାର୍ଥ) ମଧୁର ବଚନ—
Piyūsha bāṇi (figurative) Sweet words.

ପୀୟୂଷଭାଷୀ—ସଂ. ବିଣ. ପୁଂ (ବହୁବ୍ରୀହି)—ମଧୁରଭାଷୀ—
Piyūshabhāshi Talking sweetly.
(ପୀୟୂଷଭାଷିଣୀ—ସ୍ତ୍ରୀ; ପୀୟୂଷଭାଷିତା—ବି)

ପୀୟୂଷମହାଃ—ସଂ. ବି (ବହୁବ୍ରୀହି; ପୀୟୂଷ=ଅମୃତପରି+ମହସ୍=ଦୀପ୍ତି, କିରଣ ଯାହାଙ୍କର; ୧ ମା. ୧ବ)—
Piyūshamahāḥ ସୁଧାଂଶୁ; ଚନ୍ଦ୍ର—The moon.

ପୀୟୂଷ ରୁଚ—ସଂ. ବି (ବହୁବ୍ରୀହି; ପୀୟୂଷ + ରୁଚ=କିରଣ ଯାହାଙ୍କର)—
Piyūsha ruchi ୧ । ଚନ୍ଦ୍ର—1. The moon.

୨ । (ପୀୟୂଷରେ ରୁଚ ଯାହାଙ୍କର) ଦେବଗଣ—The Gods.

ସଂ. ବିଣ (ପୀୟୂଷରେ ରୁଚ=ସ୍ନେହ ଯାହାର) ଅମୃତପ୍ରିୟ—Fond of nectar.

ପୀରତି—ଦେ. ବି (ସଂ. ପ୍ରୀତି)—୧ । ପ୍ରୀତି; ଅନୁରାଗ; ପ୍ରଣୟ—
Pirati 1. Love.
ପିରିତ ଏ ବ ଦଣ୍ଡ ବନା ପୀରତରେ – କବିସୂର୍ଯ୍ୟ ବଳଦେବ ରଥଙ୍କ ଗୀତ ।

୨ । ପ୍ରୀତିପାତ୍ର—2. One's beloved person.

ଅରେ କୁଳାଙ୍ଗାର ଅଧୂଅଧମ,
କେତେକାଳରୁ ରେ, ପୀରତି ତୋର ସ୍ୱମ—ବିଶ୍ୱନାଥ. ଚଉତିଶାମାପୂଣ ।

୩ । ପ୍ରେମ; ଭକ୍ତି—3. Devotion; attachment.

ଶ୍ରବଣ ଅବଧି, ଚରଣେ ପୀରତି, ପ୍ରତିକ୍ଷଣେ ମୋର ଆଛି ।
ବିଶ୍ୱନାଥ. ଚଉତିଶାମାପୂର୍ଣ ।

୪ । ସଦ୍ଭାବ—4. Friendship.

୫ । ଅବୈଧ ବା ଗୁପ୍ତ ପ୍ରଣୟ—
5. Illicit or secret love.

(ପୀରତି, ପିରତି—ଅନ୍ୟରୂପ)

ପୀଲ୍ (ଧାତୁ)—ସଂ.—୧ । ଥାମିବା—
Pil (root) 1. To stop.

୨ । ରୋଧ କରିବା—2. To hinder; to obstruct.

୩ । ବିରତ ହେବା—3 To cease.

୪ । ଜଡ଼ୀଭୂତ ହେବା—
4 To become still and dumb.

ବୈଦେଶିକ (ଇଂ)—ବଟିକା—Pill.

ପୀଲୁ—ସଂ. ବି. (ପୀଲ୍ ଧାତୁ + ସଂଜ୍ଞାର୍ଥେ. ଉ)—୧ । ଭୁଇଁଜାମୁ; ବୃହତ୍ ବୃକ୍ଷବିଶେଷ—1. Salvadora Persica; Careya Arborea; Tooth brush tree; the Mustard tree of the Bible.
Pilu
ପୀଲୁ
ଜାଲ, ପୀଲୁ

ସଂ. ଗୁଡ଼ଫଳ; ସ୍ରଂସୀ; ଶୀତ ଫଳ
ମ. ପିଲୁ
ତେ. ଗୋଲୁଗୁଚେଟ୍ଟୁ
ତା. କୋଲୁ
ଗୁ. ଖାଖାଜାଲ୍ୟ
ଫା. ମିସ୍ୱାକ୍
ଆ. ଇରାକ୍

[ଦ୍ର—ଏଥିର କାଠ କୋମଳ, ଈଷତ୍ ପୀତ; ଡାଳ ଓ ଫୁଲ ତଳକୁ ଝୁଲି ଥାଏ;ପାଚିଲା ଫଳ ନାଲି । ଏ ଗଛର ଡାଳରେ ଭଲ ଦାନ୍ତକାଠି ହୁଏ । ଏହା ସିନ୍ଧୁ ଓ ପଞ୍ଜାବ ପ୍ରଦେଶରେ ଓ ବିହାରରେ ଜନ୍ମେ । ବୈଦ୍ୟଙ୍କ ମତରେ ଏଥିର ଫଳ ସ୍ୱାଦୁ, କଟୁ, ତିକ୍ତ, ଉଷ୍ଣ, ଭେଦକ ଓ ବାୟୁ, କଫ, ପିତ୍ତ, ଗୁଳ୍ମ, ପ୍ରମେହ ଓ ସନ୍ଧି ବାତ ନାଶକ ।]

୨ । ଏକ ପ୍ରକାର କୀଟ—2. A kind of insect.

୩ । ହସ୍ତୀ—3. Elephant.

୪ । ଫୁଲ—4. Flower.

୫ । ପରମାଣୁ—5. Atom; molecule.

୬ । ବାଣ; ଶର—6. Arrow.

୭ । ହସ୍ତର ମଧ୍ୟଭାଗ—7. Metacarpus.

୮ । ଅସ୍ଥିଖଣ୍ଡ—8. Piece of bone.

୯ । କୃମି (ହି. ଶ.)—9. Maggot.

୧୦ । ଶର ତୃଣର ପୁଷ୍ପ (ହି. ଶବ୍ଦସାଗର)—
10. The flower of sara reed.

୧୧ । ନାଲି ଝିଣ୍ଟୀ (ହି. ଶବ୍ଦସାଗର)—
11. The red flowered Barleria.

୧୨ । ଆଖରୋଟ ଗଛ (ହି. ଷ.)—12. Walnut tree.

୧୩ । କରତଳ (ହି. ଶ.)—13. Palm of the hand.

ପୀଲୁପର୍ଣ୍ଣୀ—ସଂ. ବି.—୧ । ବୃକ୍ଷବିଶେଷ; ପୀଲୁ—
Pilu parṇṇi 1. Salvadora Persiea (Haines).

୨ । ମୁର୍ବାଲତା; ମୁରୁଗା ଲତା—2 A creeper of hard fibres; Sansevera Zeylanica.

୩ । ବିମ୍ବିକା; କଇଁସି କାକୁଡ଼ି ଲତା—
3. A creeper; Memordica Monadelpha.

୪ । ଏକପ୍ରକାର ଶାକ—4. A kind of pot herb.
[ଦ୍ର—ଏହା ଔଷଧରେ ବ୍ୟବହୃତ ହୁଏ ।]

ପୀଲୂ—ସଂ. ବି.—ପୀଲୁ ୧ (ଦେଖ)
Pilu Pilu (See)

ପୀଷ୍ (ଧାତୁ)—ସଂ.—୧ । ପେଷିବା; ବାଟିବା—1. To crush; to bruise; to rub.
Pish (root)

୨ । ଚୂରିବା—2. To grind.

ପୀସୀ—ପ୍ରାଦେ (ବସ୍ତର): ବି.—ପିଉସୀ (ଦେଖ)
Pisi Pinsi (See).

ପୁ—ଦେ. ଅ. (ଧ୍ୱନ୍ୟନୁକରଣ)—ଶବ୍ଦାନୁକରଣ—
Pu Imitation of a sound.

। ପୁ ।—ଦେ (ସାଙ୍କେତିକ)—୧ । (ଦଲିଲ ଆଦିରେ ବ୍ୟବହୃତ)
। Pu । ଅମୁକର ପୁତ୍ର—1. Abbreviation denoting 'the son of'.

(ଯଥା—ରାମଚନ୍ଦ୍ର ରଥ । ପୁ । ଭଗିରଥ; ଅର୍ଥାତ୍ ଭଗିରଥଙ୍କ ପୁତ୍ର ରାମଚନ୍ଦ୍ର ରଥ ।)

୨ । (ସଂ. ପୂର୍ବ) ଦଲିଲ ଆଦିରେ ଜମିର ଚଉହଦୀ ଲେଖାଯିବା ସମୟରେ ବ୍ୟବହୃତ ସାଙ୍କେତିକ ଚିହ୍ନ; ପୂର୍ବଦିଗ—
2. An abbreviation used in documents to denote 'bounded on the east by'.

୩ । (ସଂ. ପୁନଃ) ପୁନଶ୍ଚ ଶବ୍ଦର ସାଙ୍କେତିକ ଚିହ୍ନ—
3. Abbreviation of 'Punaścha'; again.

[ଦ୍ର—ପତ୍ର ବା ଦଲିଲ ଆଦି ଲେଖି ସାର ଚହିଁରେ ଆଉ କିଛି କଥା ଯୋଗ କରିବାକୁ ହେଲେ ଏହି ସାଙ୍କେତିକ ବ୍ୟବହୃତ ହୁଏ । ଏହାର ଇଂରାଜୀ ବ୍ୟବହାର—'P. S.' ବା 'Post script' ଏହାର ଅର୍ଥ ପୁନଶ୍ଚ ଲେଖୁଅଛି କି; ପୁନଶ୍ଚ ଜଣାଇବାର ଏହିକି]

ପୁଃ—ସଂ. ବି (ପୁର୍ ଶବ୍ଦ ୧ମା ୧ବ)—୧ । ନଗର—1. Town
Puḥ (Apte).

୨ । ଦୁର୍ଗ—2. Fortress; castle (Apte)

୩ । ନଗର ବା ଦୁର୍ଗ ପ୍ରାଚୀର—3. Wall; rampart. (Apte).

୪ । ଶରୀର; ଦେହ—4. Body (Apte)

୫ । ବୁଦ୍ଧି ବୃତ୍ତି—5. Intellect (Apte); intelligence,

ପୁଅ—ଦେ. ବି. (ସଂ.ପୁତ୍ର,ପ୍ରା. ପୁଅ;କମ୍ବା ସଂ. ପୋତ = ଶିଶୁ)—୧ । ପୁତ୍ର—
Pua 1. Son.
পো, ছেলে ୨ । ବାଳକ—2. Boy.
पो; बेटा, बच्चा ବୋମ ଅଶ୍ୱର ମସ୍ତା କଲ.
ଝିଅ ବିପରୀତ— ଗୋପାଳପୁଅଙ୍କ ହରଇ । ଜଗନ୍ନାଥ—ଭାଗବତ.

୩ । ପିଲା; ଶିଶୁ—3. Infant.

୪ । ସନ୍ତାନ—4 Male child.

୫ । ବଂଶଧର; ଜାତୀୟ ବା ବଂଶୀୟ ବ୍ୟକ୍ତି—
5. Man born of a family or belonging to a caste.

(ଯଥା—ଚଷା ଘର ପୁଅ, ପଠାଣ ପୁଅ, ପର ପୁଅ ।)

୬ । ପଶା ଗାଟିରେ ୧ ସଂଖ୍ୟକ ଦାନ—
6. A turn of a die resulting in one.

୭ । କଦଳୀ ଗଛର ମୂଳରୁ ଉତ୍ପନ୍ନ ପୁଅ—7. The shoot or cone of plantain plants.
କଦଳୀର ପୁଅ, କାଇଁଶର ନାତ—କୃଷି ବଚନ ।

୮ । (ବ୍ୟଙ୍ଗାର୍ଥ) ମନୁଷ୍ୟ—8. Man.
ଘର ବୁଡ଼ ପାଣି ଅଣ୍ଟ ଏ ହେଲଣି
ପୁଅଙ୍କର ଦିକା ଝିଅ ଛଡ଼ ଯାଉ ନାହିଁ—ଢଗ ।

୯ । (ସଂ. ପୁତ୍ତଳିକା) ପିଲାଙ୍କ ଖେଳିବା କଣ୍ଢେଇ—
9. An infant's doll.

୧୦ । ଆଖିର ପିତୁଳା—
9. The pupil of the eye.

ପୁଅ କରିବା—ଦେ. କ୍ରି—୧ । ଧର୍ମ ପୁତ୍ର ରୂପେ ଗ୍ରହଣ କରିବା—
Pua kariba 1. To take one as a godson.
ছেলে লওয়া ୨ । ପୋଷ୍ୟ ପୁତ୍ର ଗ୍ରହଣ କରିବା—
2. To adopt a boy as one's son; to take a son in adoption.

ପୁଅ ଖେଳା(ଳେ)ଇବା—ଦେ. କ୍ରି—ନିଜେ ପୁତ୍ର ଜନ୍ମକରି ତାଙ୍କୁ ଆପଣା
Pua khelā(le)ibā କୋଳରେ କ୍ରୀଡ଼ା କରାଇବା ଓ ସ୍ନେହରେ
ছেলে খেলান ବଢ଼ାଇବା—To beget and bring forth
बच्चा खेलाना a son and fondle him on one's lap.

(ଯଥା—ପ୍ରଭୁ ଦୟା କଲେ ଆଉ ବରଷ ଏ ଦିନକୁ ତୁ ପୁଅ ଖେଳାଉଥିବୁ ।)

ପୁଅ ଜଉଁତିଆ—ପ୍ରାଦେ. (ସମ୍ବଲପୁର) ବି—ଷଷ୍ଠୀ ଓଷା ବ୍ରତ—
Pua jiuṅtiā Name of a religious vow observed by females.

[ଦ୍ର—ଜଉଁତିଆ ତଳେ ନୋଟ୍ ଦେଖ]

ପୁଅ ଝିଅ—ଦେ. ବି. (ବିପରୀତ ଲିଙ୍ଗାତ୍ମକ ସହଚର; ସଂ. ପୁତ୍ର+ଦୁହିତା)-
Pua jhia ୧ । ପୁତ୍ର ବା କନ୍ୟା—1. Son or daughter.
ছেলে মেয়ে ୨ । ସନ୍ତାନ ସନ୍ତତି—2. Children,
बेटाबेटी

ପୁଅ ଦା(ଡ଼ା)ର—ବୈଦେ. ବି. (ଫା)—ପୋଦାର (ଦେଖ)
Pua dā(ddā)r Podār (See)

ପୁଅ ନେବା—ଦେ. କ୍ରି—ଜନ୍ମଦାତା ପିତାଠାରୁ ପୋଷ୍ୟପୁତ୍ର ଗ୍ରହଣ
Pua nebā କରିବା—To take a son in adoption
ছেলে লেনা from his natural father.
गोद लेना

ପୁଅ ପଣ—ଦେ. ବି—୧ । ପୁତ୍ରତ୍ୱ—
Pua paṇa 1. Sonship.
[ପୁଅ ପଣିଆ(ଆଁ]—ଅନ୍ୟରୂପ) ୨ । ମନୁଷ୍ୟତା—
2. Manliness; manhood.

୩ । ସାହସ—3. Bravery; courage.

ପୁଅ ପିଢ଼ା—ଦେ. ବି—(ସଂ. ପୁତ୍ତଳିକା)—ଶିଶୁମାନଙ୍କ ଖେଳିବା ନିମନ୍ତେ
Pua pirdhā ପ୍ରସ୍ତୁତ ଚିତ୍ରିତ ପୀଢ଼ା ଆକୃତିବିଶିଷ୍ଟ କଣ୍ଢେଇ—
খেলারপীঢ়ে Small chips of wood prepared and painted for being used as dolls by children.

ପୁଅ ପୁଅକା—ଦେ. ବିଣ—ଅଣ୍ଡିର ପୁଅଙ୍କ ପିନ୍ଧା (ଲୁଗା)—
Pua puakā (cloth) To be worn by male children.

ପୁଅ ବାର—ଦେ. ବି—୧ । ପୋବାର (ଦେଖ)—
Pua bāra (ପୁଅବାଆର—ଅନ୍ୟରୂପ) 1. Pobāra (See)

୨ । (ଲକ୍ଷଣାର୍ଥ) ଅତି ସୁବିଧା; ସୁଯୋଗ; ସୌଭାଗ୍ୟ—
2. (figurative) Good fortune; a good opportunity.

ପୁଅ ବାଲି—ଦେ. ବଣ. ସ୍ତ୍ରୀ—ପୁଅଟି (ଦେଖ)
Puabāli (ପୁଅବୁଅଲି—ଅନ୍ୟରୂପ) Puāti (See)

ପୁଅ ବାହ୍ମୁଣ—ପ୍ରାଦେ (ଗଡ଼ଜାତ) ବ—ରାଜାଙ୍କ ମୃତ୍ୟୁ ପରେ ତାଙ୍କର
Pua bāhmuṇa ପୁତ୍ରଙ୍କ ପ୍ରତିନିଧି ସ୍ୱରୂପ ଯେଉଁ ବ୍ରାହ୍ମଣ ମୃତ ରାଜାଙ୍କର ଶବଦାହାଦି ଓ ଅଶୌଚ ପାଳନାଦି କର୍ମମାନ
(ପୁଅବ୍ରାହ୍ମଣ—ଅନ୍ୟରୂପ) କରନ୍ତି—A Brāhmaṇa who performs the funeral rites of a deceased Raja in lieu of the late king's own son who has to ascend the throne.
[ଦ୍ର—ରାଜାଙ୍କ ମୃତ୍ୟୁର ଅବ୍ୟବହିତ ପରେ ମୃତ ରାଜାଙ୍କ ପୁତ୍ର କେତେକ ମଙ୍ଗଳ କର୍ମମାନ କରି ରାଜଗାଦିରେ ବସନ୍ତି; ଏଥିପାଇଁ ସେ ମୃତ ରାଜାଙ୍କ ଶବଦାହାଦି ଓ ଅଶୌଚ ପାଳନାଦି କରନ୍ତି ନାହିଁ ।]

ପୁଅ ବିକା—ଦେ.ବଣ—(ସଂ.ପୁତ୍ର + ବିକ୍ରୟ)—ପୁଅର ବିବାହ ଉପଲକ୍ଷରେ
Pua bikā କନ୍ୟା ପକ୍ଷର ଅଭିଭାବକଙ୍କଠାରୁ ଟଙ୍କା ନେବା—The practice of taking money as the bridegroom's price from the bride's party.
ବୁଢ଼ା କହୁ ପୁଅବିକା ବେପାର ଅଙ୍କଠାରୁ ଛଡ଼ିଲି ।
ଉତ୍କଳ—ଗୌରବ ।

ପୁଅମା—ଦେ. ବ—ପୁଅର ମା (ଦେଖ)—
Pua mā Puara mā (See)
ପ୍ରାଦେ (ଗଞ୍ଜାମ) ବ—ପାଳଭିମା; ରାଣୀଙ୍କର ପୁଅକୁ ପାଳିଥିବା ଅନ୍ତଃପୁରସ୍ଥା ଦାସୀ—The nurse of the male child of a Rāṇi.

ପୁଅର ଫଣ୍ଡ—ବୈଦେ—ବ—(ଇଂ)—ଦରିଦ୍ର ବ୍ୟକ୍ତିମାନଙ୍କୁ କିମ୍ବା
Puar phaṇḍ ବିଦ୍ୟାଳୟରେ ପଢ଼ୁଥିବା ଗରିବ ଛାତ୍ରମାନଙ୍କ ସାହାଯ୍ୟ
ପୁଅରଫଣ୍ଡ **ପୁଅରଫାଣ୍ଡ** ଦେବାଲାଗି ଆର୍ଥିକ ପାଣ୍ଠି—Poor fund.

ପୁଅର ମା—ଦେ. ବ—୧ । ସନ୍ତାନ ଜନ୍ମ କରିଥିବା ସ୍ତ୍ରୀ—
Puara mā 1. A woman bringing forth male child;
ପୋଅରମା (ପୁଅର ମାଅ—ଅନ୍ୟରୂପ) mother of a male child.
ଯାଉ ଖାଇଲାବେଳକୁ ପୁଅର ମା
ଦୁଲୁ ଦୁଲୁ ପକେଇଲାବେଳକୁ ଝିଅର ମା—ଢଗ ।
୨ । ସନ୍ତାନ ଜନୟିତ୍ରୀ ପ୍ରୌଢ଼ା ସ୍ତ୍ରୀ—
2. A grown up mother.

ପୁଅ ରୋଗ—ଦେ. ବ—(ସଂ. ପୁତ୍ର ଓ ରୋଗ କିମ୍ବା ପୂତନା ରୋଗ)—
Pua roga ପିଲାଙ୍କୁ ଡାହାଣୀ ଖାଇବା ରୋଗ; ଶିଶୁର ଶୀର୍ଣ୍ଣତାଜନକ
ପୁଁ ଷେ; ପୁଁ ଷେଁ ପାଓ୍ୱା ରୋଗବିଶେଷ; ଡାହାଣୀ ବା ଡାହାଣିଆ ରୋଗ—Rickets; an infantile disease resulting in the child becoming withered and emaciated day by day; infantile marasmus or wasting disease.
[ଦ୍ର—ଏଥିରେ ଶିଶୁ କ୍ରମଶଃ ପୋଇଖାଡ଼ୁ ପରି ଶୁଖି ଶୁଖିଯାଏ ଓ ସବୁବେଳେ ତା ହାତ ଗୋଡ଼ ମୋଡ଼ି ମୋଡ଼ି ହେଉଥାଏ ଓ ସେ ଲୁଳା ହୋଇ ଠିଆ ହୁଏ । ଏହାର ପ୍ରତିକାର ପାଇଁ ଶିଶୁର ମର୍ଦ୍ଦନତେଲରେ ମୋଡ଼ାଢୁଇଁ ପକାନ୍ତି ଓ ଶିଶୁର ଦେହରେ କୋଡଅ ଲଗାନ୍ତି ।]

ପୁଆ—ଦେ. ବ—(ସଂ. ପୁତ୍ର)—୧ । କଦଳୀ ଓ ବାଉଁଶର ମୂଳରୁ
Puā ବାହାରିବା ନୂଆ ଗଛ—1. Young seedlings of
ଡେମ୍,ତେଉଁଡ଼,ତେଡ଼୍,ଫୁଙ୍କୀ,ପୁଙ୍କୀ plantain or bamboo; cones
ପୂତୀ or shoots coming out of the root of a plantain or bamboo tree.
[ଦ୍ର—କ୍ଷୁଦ୍ର ପୁଆକୁ ଉଧି ବା ଓଧି ଓ ବଡ଼କୁ ପୁଆ ବୋଲାଯାଏ]
୨ । କୁଆଁ; ବୃକ୍ଷର ନୂତନ ଡାଳ—
2. Shoots; new and tender branches.
ଡୋଡା ମଧ୍ୟରୁ ପୁଆହୁଏ ଆଣି ଜଳେ କ୍ଷେଉଅଛନ୍ତି—
ଫକୀରମୋହନ. ଛମାଣଆଠଗୁଣ୍ଠ ।
୩ । (ସଂ. ପୂପ) ତେଲରେ ବା ଘିଅରେ ଭଜା ବା ଛଣା ହୋଇଥିବା ବୁଟ ବା ପିଠା—3. Cake or gram fried in ghee or oil.
ପୋଆ ୪ । (ସଂ. ପୁତ୍ର) କ୍ଷୁଦ୍ର ବାଲିଆ ମାଛ; ବାଲିଆପତିକା—
ପୁଆ 4. Small Boal fish.
ନୋଡ଼ା ୫ । ଶିଲ ବା ଶିଳରେ ମସଲା ଆଦି ବାଟିବାର କ୍ଷୁଦ୍ର ଲମ୍ବିଡ଼ା
ମସଲ ପଥର ଖଣ୍ଡ—5. Pestle.
(ଯଥା—ଶିଲପୁଆ; ଶିଳ ପୁଆ ।)
୬ । ଆଖୁ ଓ କପାଖାଇର ଯେଉଁ ଗୋଲ କାଠବାଡ଼ି ଦ୍ୱୟ ଘୁରିବା ଦ୍ୱାରା ଆଖୁ ପେଡ଼ାଯାଏ ଓ କପା ଖୁଆ ହୁଏ—
6. The screwed rollers of a sugarcane pressing machine or cotton ginning machine.
୭ । ଡାବଲପୁଆ ଖେଳରେ ଯେଉଁ କ୍ଷୁଦ୍ର କାଠିକୁ ଡାବଲ ବା ବାଡ଼ିଦ୍ୱାରା ଦୂରକୁ ନିକ୍ଷିପ୍ତ କରାଯାଏ—7. A stout pin of bamboo or wood used in children's game of Dābalapuā.
ଦେ. ବଣ – ଘିଅରେ ବା ତେଲରେ ଭଜାଯାଇଥିବା (ବୁଟ)—(gram) Roasted or fried in ghee or oil.
ପ୍ରାଦେ (ସିଂହଭୂମ) ବ—୧ । ଏକ ପାଆ ବା ¼ ସେର—
1. One-fourth of a Seer.
୨ । ପାଆକିଆ ପାତ୍ର—2. A measuring pot of the capacity of ¼ of a Seer.

ପୁଆଇଁବା—ଦେ. କ୍ରି. (ସଂ. ତପ୍ ଧାତୁ)—ପୁହାଁଇବା; ଖରାଁ ଧାସରେ ବା
Puāiṅbā ଖରାରେ ନିଜର ଦେହକୁ ଗରମ କରିବା; ଅଗ୍ନି ବା
ପୋଆନ ଖରାର ଉତ୍ତାପକୁ ସେବନ କରିବା—To warm one-
ତାପନା self before the fire or in the sun; to bask in the fire or sun.
ପୋଇଁବା, ପୁଅଁଇବା } ଅନ୍ୟରୂପ
ପୁଆଁଇବା

ପୁଆଇବା—ଦେ. କ୍ରି.—୧ । (ସଂ.ପୂପ) ଘିଅରେ ବା ତେଲରେ ପିଷ୍ଟକାଦିକୁ
Puāibā ଭାଜିବା—1. To fry cakes with ghee.
ଭାଜା ୨ । (ସଂ. ପ୍ରଭାତ) ପୁହାଇବା; ରାତି ପାହିବା ବା ପ୍ରଭାତ ହେବା
ପୋନା; ତଳନା ପର୍ଯ୍ୟନ୍ତ ସମୟ ଯାପନ କରିବା—2. To pass the night till dawn; to let the whole night pass.
ପୁଏଇବା } ଅନ୍ୟରୂପ
ପୋଇବା
ପୁାଇବା

ପୋହାନ ୩ । ଖଣ୍ଡ, ଚିନିବା ଶିରାରେ କୌଣସି ବସ୍ତୁକୁ ଅଗ୍ନି ଉପରେ ଗୋଳାଇବା—3. To agitate a thing in syrup over fire.

ଦୁଧରେ ପୁଆଇଲ, ଖଣ୍ଡରେ ପୁଆଇଲ,
ତୋ ସତର ଗୁଣ ନ ଛାଡ଼ିଲୁ । ଭଗ ।

୪ । ଉପଶମ କରବା—4. To satiate.

କ୍ଷମେ ପୁଆଇବା ମାର ତାଙ୍କୁ ମେଘରେ ।
ବଇଦେହୀଶ ରତ୍ନାକର ଭଞ୍ଜ ।

ପାଓଆନ ୫ । ପାଇବା କ୍ରିୟାର ଣିଜନ୍ତ ରୂପ—
5. Causative of Pāibā.

ସଙ୍ଗୀତ ସଙ୍କୁ ପୁଆଏ ଶୋକକୁ ଏକ୍ଷ ତା ଗାତ, ନଡ ଧନ ।
କଳ୍ପଲତା ।

ପ୍ରାଦେ. (ବସ୍ତର) କ୍ରି.—ଶୁଆଇବା—To cause to sleep.

ପୁଆଁ—ଦେ. ବ.—ଅଗ୍ନି ବା ଖରାର ତାପକୁ ସେବନ କରବା; ଜାଇଁ ପୋଇଁବା—Warming one's self with fire or in the sun. (ଯଥା—ଜାଆଁପୁଆଁ, ଖରାପୁଆଁ)
Puāñ
ପୋୟାନ

ପୁଆଁ ତର—ଦେ. ବ.—(ସଂ. ପ୍ରଭାତ ତାରା)—ପ୍ରଭାତ ତାରା; ପାହାନ୍ତି ତାରା—The morning star.
Puāñ tara
ଶୁକତାରା (ପୁହାଁତର—ଅନ୍ୟରୂପ)

ପୁଆଣ—ଦେ. ବ.—ପୁହାଣ (ଦେଖ) Puhāṇa (See)
Puāṇa

ପୁଆଣୀ—ଦେ. ବ.—(ସଂ. ପରିଧାନ; ପିଧାନ)—୧ । ସ୍ତ୍ରୀମାନଙ୍କର ପିନ୍ଧିଥିବା ଶାଢ଼ୀ ଉପରେ ଆଉ ଖଣ୍ଡେ ଓଢ଼ଣା ବା ଉତ୍ତରୀୟ ପକାଇବା ଅବସ୍ଥା—1. The dressing of women with an outer sheet over the cloth worn by them.
Puāṇi
ଓଡ଼ନା
(ପୁହାଣୀ—ଅନ୍ୟରୂପ)

୨ । ପୁଆଣୀ ଘର(ଦେଖ)—2. Puāṇi ghara (See)

ପୁଆଣୀ ଘର—ଦେ. ବ.—ବାଳିକାର ଆଶୀର୍ବାଦ ଘର ବା ବନ୍ଦାପନା ଉତ୍ସବ; ରଜସ୍ୱଲା ବାଳିକାର ସ୍ୱାମୀ ସହିତ ପ୍ରଥମ ମିଳନ ରୂପ ଅନୁଷ୍ଠାନ; କନ୍ୟାର ଦ୍ୱିରାଗମନ ସଂସ୍କାର—The ceremony of consummation of marriage of a girl-wife after she has attained puberty.
Puāṇi ghara
ଦିରାଗମନ
(ପୁହାଣୀ ଘର—ଅନ୍ୟରୂପ)

ପୁଆଣୀ ହେବା—ଦେ. କ୍ରି—(ସ୍ତ୍ରୀମାନେ) ପିନ୍ଧିବା ଶାଢ଼ୀ ଉପରେ ଓଢ଼ଣୀ ପକାଇବା—To put on a scarf over the cloth (of women).
Puāṇi hebā
ଓଡ଼ନା ଦେଓୟା
(ପୁହାଣୀ ହେବା—ଅନ୍ୟରୂପ)

ପୁଆଣୀ ହୋଇ ଆସିବା—ଦେ. କ୍ରି—ଋତୁମତୀ କନ୍ୟାର ପ୍ରଥମେ ଶାଶୁ ଘରକୁ ଯିବା; ପହିଲପାଲ ଯିବା—To go to the husband's house for consummation of marriage.
Puāṇi hoi āsibā
ପୁଆଣୀ ହୋଇ ଯିବା }
ପୁହାଣୀ ହୋଇ ଯିବା } ଅନ୍ୟରୂପ
ପୁହାଣୀ ହୋଇ ଆସିବା }

ପୁଆତି—ଦେ. ବ. (ସଂ. ପୁତ୍ରବତୀ)—
Puāti
ପୋୟାତୀ
ପୂତୀ, ଜଚ୍ଚା

୧ । ଗର୍ଭିଣୀ; ଆସନ୍ନ ପ୍ରସବା ନାରୀ—
1. A pregnant woman in an advanced stage.

ପୋଆତି }
ପୋଇତି } ଅନ୍ୟରୂପ
ପୁଏଇତି }

୨ । (ସଂ. ପ୍ରସୂତ)—
ପୋଖତୀ ସ୍ତ୍ରୀ; ସଦ୍ୟ ପ୍ରସୂତା ସ୍ତ୍ରୀ—
2. A woman who has recently delivered.

ଉଠିଅଛି ପର୍ଯ୍ୟନ୍ତ ପୁଆତି ଘରଛଡ଼ା ହୁଏ ନାହିଁ ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

୩ । ସ୍ତନ୍ୟପାୟୀ ଶିଶୁର ମାତା—
3. The mother of a suckling child.

ପୁଅ କାଁଖରେ ପୁଆତି ଥାଏ
ବାଞ୍ଝ ଗଡ଼ ଗଡ଼ଉ ଥାଏ—ଢଗ ।

ପୁଆପୁଇ—ଦେ· ବ—ଅନ୍ୟୋନ୍ୟରେ ମନର ମିଶାମିଶି—Intimately mixing with each other; mutual intimacy.
Puāpui
(ପୁଆପୋଇ—ଅନ୍ୟରୂପ)

ପୁଆ ଯିବା—ଦେ. କ୍ରି—ପୁଆଇବା କ୍ରିୟାର କର୍ମ ବାଚ୍ୟ—Passive voice of Puāibā.
Puā jibā
(ପୁଆ ହେବା—ଅନ୍ୟରୂପ)

ପୁଆର—ଦେ. ବ. (ବଣିଆ ଶବ୍ଦ)—ଠସା ଉପରେ ସୁନା ବା ରୁପାର ପତ୍ର ଥୋଇ ଯେଉଁ ଅଳଙ୍କାର ଗଢ଼ା ଯିବ ତହିଁ ପାଇଁ ଅଗ୍ରପ୍ରେତ ବର୍ଣ୍ଣିଷ୍ଟ ଛେଣୀ—A small metal pestle with which thin metal leaves are beaten into a hollow bulb.
Puāra

ପୁଆରି—ଦେ. ବ—କ୍ଷୁଦ୍ର ଲହଣ; ଡାଗୀ—A small iron chisel.
Puāri
(ପୁହାରି—ଅନ୍ୟରୂପ)

ପୁଆଲ୍—ପ୍ରାଦେ. (ସମ୍ବଲପୁର) ବ. (ଭୁଲ. ହି. ପୁଆଲ୍)—ପାଲ; କୁଟା—Crushed straw.
Puāl

ପୁଆଲ୍ ଗୁରଲା—ପ୍ରାଦେ. (ସମ୍ବଲପୁର) ବ—ଯେଉଁ ବାଡ଼ ଘେରା ଯାଇଥିବା ସ୍ଥାନରେ କୁଟା ବା ନଡ଼ା ଜମା ରହେ—An enclosure for the straw-stack.
Puāl gur-lā

ପୁଆଲ୍ ଛତୁ—ପ୍ରାଦେ. (ସମ୍ବଲପୁର) ବ—ପାଲ ଛତୁ (ଦେଖ) Pāla chhatu (See)
Puāl chhatu

ପୁଆଲ—ପ୍ରାଦେ. (ସିଂହଭୂମ) ବ. (ଭୁଲ. ବଂ. ପୋୟାଲ୍)—ପାଲ; କୁଟା—Crushed straw.
Puāla

ପୁଆଲ ଘର—ପ୍ରାଦେ. (ସମ୍ବଲପୁର) ବ—ଖଡ଼ର ଘର—A thatched house.
Puāla ghara

ପୁଆଲିଆ—ପ୍ରାଦେ. (କନ୍ଧ ଭାଷା) ବ—ଉଙ୍କୁଣୀ; ବଡ଼ ଉକୁଣୀ—Big louse.
Puālia

ପୁଇ—ଦେ. ବ. (ସଂ. ପୂତିକା; ଉପୋଦକା)—
Pui
୧ । ପୋଇ (ଦେଖ)—1. Poi (See)
୨ । (ସଂ. ପଦ) ଖଟର ପୁଆ; ଖଟଖୁରା—2. Bed post.

ରବ ରସ୍ଥ ହୋଇଅଛ ଅର ବେଳ ପୁଇ । ପ୍ରାଚୀନ ବୃନ୍ଦାବନଭୂଷଣ ଗୀତା ।

ଦେ. ବଣ—ପୋଇ (ଦେଖ)—Poi (See)
ପ୍ରାଦେ. (ସିଂହଭୂମ) ବ—ଢିଙ୍କିର ଅଖ—
The axle of a Dhiṅki.

ପୁଇ (ଇତ୍ୟାଦି)—ଦେ. ବି—ପୋଇ ଇତ୍ୟାଦି (ଦେଖ)
Pui (etc) Poi etc (See)

ପୁଇଁ—ଦେ. ବି. (ସଂ. ପୂତି)—ଖେଳରେ ଅସତ୍‌ଭାବରେ ବିପକ୍ଷକୁ ଜିଣିବା
Puiñ ନିମନ୍ତେ ଅବଲମ୍ବିତ ପ୍ରକ୍ରିୟା—
ହୁଡ଼କୁଣ୍ଠୀ Unfair means used in a game.
ଗଇଁ ଥିଲେ ପୁଇଁ ତାହାର ପଡ଼େ । ଚଗ ।
ଦେ. ବିଣ. (ସଂ. ପୂତି)—ପଚା; ସଢ଼ା—Rotten.
(ଯଥା—ପୁଇଁ ଚଙ୍ଗୁଡ଼ି ।)

ପୁଇଁଆ—ଦେ. ବି. (ସଂ. ପୁଣ୍ଡରୀକ ସର୍ପ)—ନାଲି ପୋଇର ଡାଙ୍ଗପରି
Puiñā ଚିକ୍କଣିଆ, ସରୁଆ ଓ ଶ୍ୱେତ ବିଷାକ୍ତ ସାପବିଶେଷ—
ପୁଇଁଆ; ପୁୟେଁ A small snake; Ariphis Baena; Typhlops Braminus.
[ଦ୍ର—ଏହା ୫।୧୦ ଅଙ୍ଗୁଳ ଲମ୍ବ । ଏମାନେ ଗଡ଼ଜାତରେ ଦେଖାଯାଆନ୍ତି, ଏମାନଙ୍କ ବର୍ଣ୍ଣ ଫିକା ନାଲି ।]
ଦେ. ବିଣ—ପୁଇଁ (ଦେଖ)—Puiñ (See)
୨ । ଯେଉଁ ଖେଳାଳି ଖେଳରେ ଭୁଲ ଗୋଲାଏ—
2. (a player) Using unfair means in a game.

ପୁଇଚେଲ୍—ପ୍ରାଦେ. (କଳାହାଣ୍ଡି) ବି—ଶଗଡ଼ର ବାଲୁଲି—
Puichel The pins put at the ends of the yoke of a cart.

ପୁଇନ୍ ଜଜ୍—ବୈଦେ. ବି.(ଇଂ)—ହାଇକୋର୍ଟର ସାଧାରଣ ବିଚାରପତି—
Puin jaj Puisne judge of a High Court.

ପୁଇବା—ଦେ. କ୍ରି—ପୁଆଇବା (ଦେଖ)
Puibā Puāibā (See)

ପୁଏ—ଦେ. ବି. (ବହୁବଚନ)—୧ । ପୁଅମାନେ—
Pue 1. Sons.
୨ । ବାଳକଗଣ—2. Boys.

ପୁଏଇତି—ଦେ. ବି. ସ୍ତ୍ରୀ—୧ । ପୁତ୍ରପ୍ରସୂ ସ୍ତ୍ରୀ—1. Woman giving
Pueitī birth to sons; mother of sons.
୨ । ବହୁ ପୁତ୍ରବତୀ—2. Mother of many sons.
୩ । ପୁଆତି (ଦେଖ)—3. Puātī (See)

ପୁଂ—ସଂ. ବି. (ସଂ. ପୁମସ୍ ଶବ୍ଦ; ୧ମା. ୧ବ ପୁମାନ୍)—୧ । ପୁଂଲିଙ୍ଗ—
Puṁ 1. Masculine gender.
(ପୁଂସ୍—ଅନ୍ୟରୂପ) ୨ । ଅଣ୍ଡିରି; ପୁରୁଷ; ପୁଂସ—2. Male.
୩ । ମନୁଷ୍ୟ—3. Man.
୪ । ମନୁଷ୍ୟ ଜାତି—4. Mankind (Apte).
୫ । (ବ୍ୟାକରଣ) ପୁଂଲିଙ୍ଗ ଶବ୍ଦ—5. (grammar) A word in the masculine gender (Apte).
୬ । ଆତ୍ମା—6. The soul (Apte).
ଦେ. (ସାଙ୍କେତିକ)—। ପୁ । (ଦେଖ)—। Pu । (See)

ପୁଂନାଗ—ସଂ. ବି—ପୁନ୍ନାଗ (ଦେଖ)
Puṁnāga Punnāga (See)
ଏ ପୁଂନାଗ ମାଳା ସମ୍ଭାବତ ଯହିଁ ତହିଁ ରହସ ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ପୁଂବତ୍—ସଂ. ବିଣ—ପୁରୁଷ ପରି—
Puṁbat Manly; manlike; masculine.

ପୁଂଯୋଗ—ସଂ. ବି. (ପୁଂ+ଯୋଗ=ସହବାସ)—
Puṁjoga ସ୍ତ୍ରୀର ପୁରୁଷ ସଙ୍ଗେ ମିଳନ; ପୁରୁଷ ସଙ୍ଗମ—
A woman's copulation with man.

ପୁଂରତ୍ନ—ସଂ. ବି. (ପୁଂ+ରତ୍ନ)—ପୁରୁଷ ରତ୍ନ—
Puṁratna An excellent man (Apte).

ପୁଂଲିଙ୍ଗ—ସଂ. ବି. (୬ଷ୍ଠୀ ତତ୍)—୧ । ଶିଶ୍ନ; ପୁରୁଷଚିହ୍ନ; ପୁରୁଷର
Puṁlinga ଲିଙ୍ଗ—1. Male organ; penis
୨ । (ବ୍ୟାକରଣ) ପୁରୁଷ ବାଚକ ଶବ୍ଦର ଲିଙ୍ଗ—
2. (Grammar) Masculine gender.
୩ । ପୁରୁଷତ୍ୱ—2. Virility; manhood (Apte).

ପୁଂଶକ୍ତି—ସଂ. ବି—ଜନନଶକ୍ତି; ମନୁଷ୍ୟତ୍ୱ; ପୁଂସ୍ତ୍ୱ—
Puṁśakti Potency in man; virility.

ପୁଂଶ୍ଚଳ—ସଂ. ବି. ପୁଂ (ପୁମସ୍=ପୁରୁଷ+ଚଲଧାତୁ=ଚଞ୍ଚଳହେବା+
Puṁśchaḻa କର୍ତ୍ତୃ ଅ; ଯେଉଁ ପୁରୁଷ ରମଣୀ ହେତୁ ଚଞ୍ଚଳ ହୁଏ)
ବ୍ୟଭିଚାରୀ; ପରସ୍ତ୍ରୀଗାମୀ ପୁରୁଷ—Adulterer.

ପୁଂଶ୍ଚଳୀ—ସଂ. ବି. ସ୍ତ୍ରୀ.—(ପୁମସ୍=ପୁରୁଷ+ଚଲଧାତୁ=ଚଞ୍ଚଳହେବା+
Puṁśchaḻī କର୍ତ୍ତୃ ଅ; ସ୍ତ୍ରୀ; ଈ; ଯେଉଁ ସ୍ତ୍ରୀ ଏକାଧିକ ପୁରୁଷ
ବିଷୟରେ ଚଞ୍ଚଳା ହୁଏ ।)—୧ । ଅସତୀ; ଛିନାଳୀ;
ବ୍ୟଭିଚାରିଣୀ ସ୍ତ୍ରୀ—1. Adulteress; unchaste woman.
୨ । ବେଶ୍ୟା—2. Harlot; prostitute.

ପୁଂଶ୍ଚଳୀୟ—ସଂ.ବି. ପୁଂ—(ପୁଂଶ୍ଚଳୀ+ଅପତ୍ୟାର୍ଥେ ଈୟ)—ଅସତୀପୁତ୍ର;
Puṁśchaḻīya ବେଶ୍ୟାପୁତ୍ର—The son of a harlot (Apte).

ପୁଂଶ୍ଚିହ୍ନ—ସଂ ବି. (ପୁଂ ଜ୍ଞାପକ ଚିହ୍ନ; ମଧ୍ୟ ପଦ ଲୋପୀ କର୍ମ୍ମ ୬ଷ୍ଠୀ ତତ୍)
Puṁśchihna ପୁଂଲିଙ୍ଗ; ଶିଶ୍ନ; ଲିଙ୍ଗ—Penis; male. organ.

ପୁଂସ—ଦେ. ବି (ସଂ ପୁମସ୍)—୧ । ପୁରୁଷ; ଅଣ୍ଡିରି—1. Male .
Puṁsa ୨ । ମନୁଷ୍ୟ—2. Man.

ପୁଂସକାର—ଦେ.ବି. (ସଂ ପୁମସ୍+କାର)—୧ । ପୌରୁଷ; ମନୁଷ୍ୟତା—
Puṁsakāra 1. Manliness.
୨ । ମନୁଷ୍ୟୋଚିତ ବୀରତ୍ୱ—
2. Bravery; manlike courage.
୩ । ପୁରୁଷକାର; ପ୍ରଶଂସା—3. Praise.

ପୁଂସତ୍ୱ—ଦେ. ବି. (ସଂ ପୁଂସ୍ତ୍ୱ)—ପୁରୁଷ ପଣିଆ; ପୁରୁଷତ୍ୱ—
Puṁsatwa Potency in man; virility.

ପୁଂସବନ—ସଂ ବି (ପୁମସ୍=ପୁରୁଷ+ସୂ ଧାତୁ=ପ୍ରସବ କରିବା+କରଣେ
Puṁsabana ଅନ)—୧ । ଗର୍ଭିଣୀର ଗର୍ଭଧାରଣର ୨ୟ ବା ୩ୟ ମାସରେ କର୍ତ୍ତବ୍ୟ ସଂସ୍କାରବିଶେଷ—
1. A domestic festival or ceremoney held on a woman on perceiving the sign of the faetus being quick in the 2nd or 3rd month of pregnancy.

[ଦ୍ର—ଗର୍ଭିଣୀ କନର ଗର୍ଭ ମଧ୍ୟରେ ଭ୍ରୁଣର ଚଳନ ଅନୁଭବ କଲେ ଏ ସଂସ୍କାର କରାଯାଏ ।]

୨ । ପୁତ୍ର ଲାଭାର୍ଥ ସଧବା ସ୍ତ୍ରୀ ମାନଙ୍କର କର୍ତ୍ତବ୍ୟ ବ୍ରତବିଶେଷ—
2. A religious vow observed by wives, with a view to getting sons.

[ଦ୍ର—ଏ ବ୍ରତକୁ ସ୍ୱାମୀଙ୍କ ଆଦେଶ ଗ୍ରହଣକରି ମାର୍ଗଶିର ମାସ ଶୁକ୍ଳ ପ୍ରତିପଦଠାରୁ ଆରମ୍ଭ କରାଯାଏ ।]

୩ । ଦୁଗ୍ଧ—3. Milk.

୪ । ପୁରୁଷ ଶିଶୁକୁ ଜନ୍ମ କରାଇବା—
4. Causing the birth of a male child (Apte).

୫ । ଭ୍ରୁଣ—5. Foetus (Apte).

ପୁଂସ୍କାମା—ସଂ. ବିଣ. ସ୍ତ୍ରୀ (ପୁଂ+କାମ+ଆ)—ପୁଂଶ୍ଚଳୀ; ବ୍ୟଭିଚାରିଣୀ—
Pumskāmā Adulteress.
ସଂ ବି.—ପୁରୁଷ ସହବାସ ଇଚ୍ଛୁକା ସ୍ତ୍ରୀ—A woman who hankers after cohabitation.

ପୁଂସ୍କୋକିଳ—ସଂ ବି. (ପୁଂ=ପୁରୁଷ+କୋକିଳ)—ଅଣ୍ଡିରାକୋକିଳ—
Pumskokila Male cuckoo.

ପୁଂସ୍ତ୍ୱ—ସଂ ବି. (ପୁମ୍‌ସ୍+ତ୍ୱ)—୧ । ପୁରୁଷତ୍ୱ—
Pumstwa 1. Manliness; manhood.

୨ । ପୁରୁଷ ପଣିଆ; ସ୍ତ୍ରୀ ସଙ୍ଗମ କରିବାର ସାମର୍ଥ୍ୟ—
2, Virility; potency,

୩ । ଶୁକ୍ର; ବୀର୍ଯ୍ୟ—3. Semen; virile.

୪ । (ବ୍ୟାକରଣ) ପୁଂଲିଙ୍ଗ—
4. The masculine gender (Apte).

ପୁଃ—ଦେ (ସାଙ୍କେତିକ)—। ପୁ । (ଦେଖ)
Puḥ । Pu । (See)

ପୁଁ—ଦେ. ଅ (ଧ୍ୱନ୍ୟନୁକରଣ)—୧ । ବାତକର୍ମର କ୍ଷୀଣ ଶବ୍ଦ—
Puṅ 1. A low sound of passing wind.

ପୁଁ ପୁଁ ୨ । ଧୀରଭାବରେ ଭେରୀ ଆଦି ବଜାଇବାର ଧ୍ୱନି—
(ପୁଁପୁଁ—ଅନ୍ୟରୂପ) 2. A low sound of trumpet.

[ଦ୍ର—ପେଁ ପେଁ ଅପେକ୍ଷା ପିଁ ପିଁ ଧ୍ୱନି କ୍ଷୀଣତର; ପିଁ ପିଁ ଅପେକ୍ଷା ଫିଁ ଫିଁ ଧ୍ୱନି କ୍ଷୀଣତର ଏବଂ ଫିଁ ଫିଁ ଅପେକ୍ଷା ପୁଁ ପୁଁ ଧ୍ୱନି ଆହୁରି କ୍ଷୀଣତର ।]

ପୁଁଟି—ଦେ. ବି—ପୁଟି (ଦେଖ)
Puṅṭi Puṭi (See)

ପ୍ରାଦେ (ବାଲେଶ୍ୱର) ବି (ଭୁଲ. ବ. ପୁଁଟି; ସ. ପ୍ରୋଷ୍ଠୀ)—
କେରାଣ୍ଡି ମାଛ—A small carp fish.

ପୁଁଟି ଚିଙ୍ଗୁଡ଼ି—ପ୍ରାଦେ (ବାଲେଶ୍ୱର)ବି—ଏକପ୍ରକାର କ୍ଷୁଦ୍ର ଚିଙ୍ଗୁଡ଼ିମାଛ—
Puṅṭi chingurḍi A kind of small shrimp.

ପୁକ୍‌ପୁକ୍—ଦେ. ଅ (ଧ୍ୱନ୍ୟନୁକରଣ)—ପାଟି ଓ ଗୁହ୍ୟଦ୍ୱାରାଦି ଉପର୍ଯ୍ୟୁପରି
Puk-puk ସଙ୍କୋଚନ ଓ ପ୍ରସାରଣ ଦ୍ୱାରା ପାକୁ ପାକୁ କରିବା—To alternately open and contract the mouth or the anus.

ପୁକ୍ ପୁକ୍, ପୁକ୍, ପୁକୁ, ପୁକ୍କୁ, ପୁକୁପୁକୁ } ଅନ୍ୟରୂପ

[ଦ୍ର—ପାକୁପାକୁ ଅପେକ୍ଷା ପକୁପକୁ କ୍ଷୁଦ୍ର ପରିସର ସୂଚନା କରେ ।]

ପୁକୁ—ଦେ. ବିଣ—ପୁକ୍କୁ (ଦେଖ)
Puku Pukku (See)

ପୁକୁଲି—ଦେ. ବି—କୋକଲି ମାଛ; ସାମୁଦ୍ରିକ ଚେପଟା କ୍ଷୁଦ୍ର ମାଛ—
Pukuli A kind of small and flat sea-fish.

ପୋକଲି, ପୋକୁଲି, ପୁକୁଲି } ଅନ୍ୟରୂପ

[ଦ୍ର—ଏହା ୧୦ । ୧୨ ଅଙ୍ଗୁଳ ପର୍ଯ୍ୟନ୍ତ ଲମ୍ବ ହୁଏ ।]

ପୁକୁଲି ଶୁଖୁଆ—ଦେ, ବି—କୋକଲି ନାମକ କ୍ଷୁଦ୍ର ସାମୁଦ୍ରିକ ମାଛ
Pukuli śukhuā ଶୁଖାଯାଇ କରା ଯାଇଥିବା ଶୁଖୁଆ—
Dried small salt sea fry (fish).

ପୁକ୍କଶ (ସ) (ଷ)—ସ. ବି. ପୁଂ (ପୁକ୍=କୁତ୍ସିତ+କଶ୍ ଧାତୁ+କର୍ତ୍ତୃ.
Pukkaśa(sa)(sha) ଅ)—୧ । ଚଣ୍ଡାଳ; ନୀଚଜାତୀୟ ବ୍ୟକ୍ତି—

ପୁକ୍କଶା(ସା)(ଷା), ପୁକ୍କଶୀ(ସୀ)(ଷୀ) } ସ୍ତ୍ରୀ

1 A pariah; a low caste people, a person of untouchable caste.

୨ । (+ଅଧି. ଅ) ଶବରାଳୟ; ଚଣ୍ଡାଳାଦି କ୍ଷୁଦ୍ର ଜାତିଙ୍କ ବାସସ୍ଥାନ—2. A house of people of depressed classes.

୩ । ଶବର—3. A fowler.

ସ. ବିଣ—ଅଧମ; ନୀଚ—Vile; low; mean; ignoble.

ପୁକ୍କଶୀ(ସୀ)—ସ. ବି. ସ୍ତ୍ରୀ (ପୁକ୍କଶ+ସ୍ତ୍ରୀ ଈ)—୧ । ନୀଳ ଗଛ—
Pukkaśī(sī) 1. Indigo plant.

୨ । କଣା; କଣିକା—2. Particle.

୩ । ମୁକୁଳ; କଢ଼ି—3. Blossom; bud.

୪ । ଚଣ୍ଡାଳୀ; ଚଣ୍ଡାଳ ପତ୍ନୀ—4. A pariah woman; a woman of the lowest caste.

୫ । ଶବର ପତ୍ନୀ—5. Woman of the fowler caste.

୬ । କାଳିକା—6 Goddess Kāli.

୭ । କାଳିମା (ହ୍ର. ଶ.)—
7. Darkness; blackness

ପୁକ୍କିବା—ଦେ. କ୍ରି—ଶରୀରର ପାଟି ଆଦି ଛିଦ୍ରକୁ ପେଶୀ ଚାଳନ
Pukkibā ଦ୍ୱାରା ଚେଷ୍ଟାପୂର୍ବକ ସଙ୍କୁଚିତ କରିବା—

ପୁକ୍କୁ କରିବା, ପୁକିବା } ଅନ୍ୟରୂପ

To contract the mouth or other orifice of the body by muscular effort.

ପୁକ୍କୁ—ଦେ. ବିଣ—ଚେଷ୍ଟାପୂର୍ବକ ସଙ୍କୁଚିତ କରାଯାଇ ଥିବା (ଶରୀର
Pukku ରନ୍ଧ୍ର)—Contracted (orifice of the body) with muscular effort.

(ପୁକୁ—ଅନ୍ୟରୂପ)

ପୁଖ୍‌ରାଜ—ଦେ. ବି. (ସ. ପୁଷ୍ପରାଗ)—ପୋଖରାଜ; ପୁଷ୍ପରାଗମଣି—
Pukh-rāja Topaz.

ପୁଗୁଳି—ପ୍ରାଦେ (ସମ୍ବଲପୁର ଓ ଗଡ଼ଜାତ) ବି—
Puguli ସ୍ତ୍ରୀ-ସମ୍ପତ୍ତି, ସ୍ୱାମୀଙ୍କ ଭାଇ ଯହିଁରୁ ଭାଗ ପାଇବେ ନାହିଁ—
A wife's property from which the husband's brothers get no share.

ପୁଘା—ପ୍ରାଦେ (ଗଞ୍ଜାମ) ବ—କଞ୍ଚା ହାଣ୍ଡି—
Pughā Unburnt earthen pot.

ପୁଙ୍ଖ—ସ. ବ. (ପୁମସ୍=ପୁରୁଷ+ଖନ ଧାତୁ=ଖୋଳିବା+କର୍ତ୍ତୃ.ଅ)—
Puṅkha ୧ । ବାଣର ପକ୍ଷଯୁକ୍ତ ଅଂଶ—
1. The feathered part of an arrow.
୨ । ଶରର ପକ୍ଷଯୁକ୍ତ ଶେଷଭାଗ—
2. The feathered end of an arrow,
୩ । ବାଣମୂଳ; କାଣ୍ଡ—3. The root of an arrow.
୪ । ସମୂହ—4. Collection.
୫ । ବାଜପକ୍ଷୀ—5. Falcon (Apte).

ପୁଙ୍ଖାନୁପୁଙ୍ଖ—ସଂବଣ. (ପୁଙ୍ଖ=ବାଣମୂଳ ଠାରୁ+ଅନୁପୁଙ୍ଖ=ପୁଙ୍ଖଠାରୁ
Puṅkhānupuṅkha ଅତି ସୂକ୍ଷ୍ମ)—୧ । ସୂକ୍ଷ୍ମାନୁସୂକ୍ଷ୍ମ; ଅତି ସୂକ୍ଷ୍ମ—
1. Minutest.
୨ । ତନ୍ନ ତନ୍ନ—2. Very accurate or thorough.
୩ । ଗବେଷଣାଯୁକ୍ତ; ଆଲୋଚନାମୂଳକ—3. Critical.
୪ । ଉତ୍ସୁକ—4. Eager.
କ୍ରି. ବଣ.—୧ । ଅତି ସୂକ୍ଷ୍ମ ଭାବରେ—
1. Very minutely.
୨ । କୌଣସି ବିଷୟର ମୂଳରୁ ଶେଷ ପର୍ଯ୍ୟନ୍ତ—2. From the beginning to the end of a matter.
୩ । ତନ୍ନ ତନ୍ନ କରି—3. Thoroughly; accurately.
୪ । ଉତ୍ତମରୂପେ ପରୀକ୍ଷା ବା ବିଚାର ପୂର୍ବକ—4. After a thorough examination; on mature consideration.
୫ । ଉତ୍ସୁକ ଭାବରେ—5. Eagerly.
୬ । ଗବେଷଣା ବା ସମାଲୋଚନା ପୂର୍ବକ—6. Critically.

ପୁଙ୍ଖିତ—ସ. ବଣ. (ପୁଙ୍ଖ+ଯୁକ୍ତାର୍ଥେ. ଇତ)—ପକ୍ଷଯୁକ୍ତ (ଶର)—
Puṅkhita (an arrow) Furnished with feathers.

ପୁଙ୍ଗ—ସ. ବ. (ପୁମସ୍=ମନୁଷ୍ୟ+ଗମ୍ ଧାତୁ+କର୍ତ୍ତୃ. ଅ)—୧ । ସମୂହ—
Puṅga 1. Collection; multitude.
୨ । ଗାଦି; ରାଶି; ଗଦା—2. Heap; mass.
୩ । ପରିମାଣ—3. Quantity.

ପୁଙ୍ଗବ—ସ. ବ. ପୁଂ—(ପୁମସ୍=ଅଣ୍ଡିରା+ଗୋ=ଗୋରୁ+ଅ)—
Puṅgaba ୧ । ବୃଷ; ଷଣ୍ଢ—1. A bull.
୨ । ମହୋକ୍ଷ; ବଡ଼ ଷଣ୍ଢ—2. A big bull.
୩ । ଋଷଭ ନାମକ ଔଷଧ—
3. Name of a rare herb.
୪ । (ଲକ୍ଷଣାର୍ଥ) (ଗୋରୁ ପଲ ମଧ୍ୟରେ ବୃଷଭ ଯେଉଁପରି ପ୍ରଧାନ ସେହିପରି) ପ୍ରଧାନ ବ୍ୟକ୍ତି ବା ଶ୍ରେଷ୍ଠ ବ୍ୟକ୍ତି—
4. (figurative) A chief person (like a bull amongst a herd).
[ଦ୍ର—ଏହି ଅର୍ଥରେ ଏହି ଶବ୍ଦ ଅନ୍ୟ ଶବ୍ଦ ପରେ ବ୍ୟବହୃତ ହୁଏ —ଯଥା ନରପୁଙ୍ଗବ=ମନୁଷ୍ୟ ଶ୍ରେଷ୍ଠ; ମୁନିପୁଙ୍ଗବ=ମୁନିଶ୍ରେଷ୍ଠ; ରାଜପୁଙ୍ଗବ=ପ୍ରଧାନ ରାଜା ।]

ପୁଙ୍ଗବ କେତୁ—ସ. ବ. (ବହୁବ୍ରୀହି; ପୁଙ୍ଗବ+କେତୁ)—ବୃଷଧ୍ୱଜ;
Puṅgaba ketu ମହାଦେବ—Siba (who has the figure of a bull painted on his ensign.)

ପୁଙ୍ଗି—ଦେ. ବ—ନାଗେଶ୍ୱରୀ; କେଳାମାନେ ଲାଉରେ ତିଆର କରିଥିବା
Puṅgi ସରୁ ମୁହାଁ ଓ ଉଡ଼ୁଡ଼ା ପେଟଥିଆ ମହୁରୀ—
A pipe or flute made of bottle gourd used by gypsies or snake charmers.

ପୁଚ୍‌କୁନା—ପ୍ରାଦେ. (ସମ୍ବଲପୁର) ବ—
Puch-kunā ଘରର ମଇଳା ପାଣି ବୋହି ଯାଇ ଜମାହେବା ସ୍ଥାନ—
(ପୁଚୁକୁନା—ଅନ୍ୟରୂପ) A place where the foul water of the house is collected.

ପୁଚ୍‌କୁନି—ପ୍ରାଦେ. (ସମ୍ବଲପୁର) ବ—ଅଳଆ ଗଦା—
Puch-kuni A heap of refuse.

ପୁଚ୍ ପୁଚ୍—ଦେ. ବଣ—୧ । (ବ୍ରଣ ବା ଫଳ) ସଢ଼ି ପଚି ଯାଇ ଲଚଲଚ
Puch puch ହୋଇଥିବା; ଲଚର—
পুচ্ পুচ্ 1. Flabby (like a rotten fruit or
পিলপিলা ripe boil.
(ପୁଚୁପୁଚୁ—ଅନ୍ୟରୂପ) ୨ । ଭୀତ ତ୍ରସ୍ତ—
2. Very much frightened.
[ଦ୍ର—ଯଥା—ଆମ୍ବଟି ପୁଚ୍ ପୁଚ୍ ହୋଇଗଲା=ପାଚିଲା ଆମ୍ବଟି ସଢ଼ି ପଚି ନଷ୍ଟ ହୋଇଗଲା ।
ଗାଣ୍ଡି ପୁଚ୍ ପୁଚ୍ ଭାଙ୍ଗିବା ବା ହେବା=ହଡ଼କମ୍ପ ହେବା; ଭୟରେ ତ୍ରସ୍ତ ହେବା ।]

ପୁଚକା—ଦେ. ବଣ. (ସ. ପେଚକ)—
Puchakā ୧ । ଚେପଟା—1. Flat.
(ପୁଚୁକା—ଅନ୍ୟରୂପ) ୨ । ଚେପା କରାଯାଇଥିବା—2. Flattened.
ପୁଚକୀ } ସ୍ତ୍ରୀ ୩ । ଫୁଲକା—3. Leavened; puffed up.
ପୁଚୁକୀ }
পুলকা ୪ । (ଖାଦ୍ୟ) ପୋଚକା; ପୋଚରା; ବାସି ହୋଇ ସଢ଼ି
পচা ଯାଇଥିବା—4. (food) Spoiled by long keeping; stale.
୫ । ପର୍ଯ୍ୟୁଷିତ; ପଚା; ସଢ଼ା—5. Rotten.

ପୁଚକା ଗାଲ—ଦେ. ବ—ଫୁଲି କରି ଅସୁନ୍ଦର ଦେଖାଯିବା ଗାଲ;
Puchakā gāla ଫୁଲୁକା ଗାଲ—Leavened cheek;
ফুলাগাল, টাভাগাল swollen cheek.

ପୁଚ(ଚୁ)କା ଗାଲି(ଲୁ)ଆ—ଦେ.ବଣ. ପୁଂ—୧ । ଯେଉଁ ଲୋକର ଗାଲ
Pucha(chu)kā gāli(lu)ā ଫୁଲୁକା ଥିବାରୁ ତା ମୁହଁ ଅସୁନ୍ଦର
[ପୁଚ(ଚୁ)କା ଗାଲ୍ଲା—ଅନ୍ୟରୂପ) ଦେଖାଯାଏ ଏ—
টাভাগাল, টেভোগাল(পুং), 1. A person with puffed
টেভোগালী স্ত্রী; up cheeks.
୨ । ପେଚା ପରି ଚେପଟା ମୁହାଁ—
2. Flat-faced; owl-faced.
[ପୁଚ(ଚୁ)କା (କୀ)ଗାଲୀ, ପୁଚ(ଚୁ)କା(କୀ) ଗାଲେଇ—ସ୍ତ୍ରୀ]

ପୁଚକିବା—ପ୍ରାଦେ. (ବିହଭୂମ) ବ—ଖସିଯିବା—
Puchakibā To slip away.

ପୁଚ(ଚ୍ଚା)ର — ଦେ. ବି. (ସଂ. କୂର୍ଚ୍ଚୀ)—
Pucha(chā)rā ୧ । ଚୂନ ପାଣିରେ ଓଦା ହୋଇଥିବା କନା ବା
କୁଁଚୀ **পুচারা** ଝୋଟର ବିଣ୍ଡାରେ କାନ୍ଥ ଆଦି ଲେପିବା—
1. Smearing walls with rag moistened with quicklime water.

୨ । କାନ୍ଥ ଆଦି ଧଉଳିବା ପାଇଁ ବ୍ୟବହୃତ କନା ବା ଝୋଟର ପୂଳା—2. A wisp of jute or rag used in whitewashing walls.

୩ । ଶଗଡ଼ର ପହିଆ ଓ ନ୍ଥାମା ମଧ୍ୟରେ ଦେଖାଯିବା ସନ୍ଧିରେ ମରାଯିବା ପତଳା ଖିଲ—3. Thin wedges driven into the space appearing between the rim and arcs of a cart-wheel.

ପୁଚି -- ଦେ. ବି—(ସଂ. କ୍ଷୀଡ=ପିଚ୍ଛ; ଏଥିରେ ନୃତ୍ୟକାରିଣୀଙ୍କ ନିତମ୍ବ
Puchi ଚାଳିତ ହେଉଥିବାରୁ)—ବାଳିକାମାନଙ୍କର ଉଠି ବସି
(ପୁଞ୍ଚି—ଅନ୍ୟରୂପ) ଆଗକୁ ପଛକୁ କୁଦି ନାଚିବା ରୂପ ଏକପ୍ରକାର ଖେଳ—A kind of play amongst girls consisting of frisking dance.

[ଦ୍ର—ଏଥିରେ ବାଳିକା ଓ ଯୁବତୀମାନେ ନାନାପ୍ରକାରର ଅଙ୍ଗ ଭଙ୍ଗୀ ଓ ପାଦ ଚାଳନା କରି ଉଠୁଥାଆନ୍ତି, ବସୁଥାଆନ୍ତି ଓ ନାଚୁଥାଆନ୍ତି । ଏହା ସେମାନଙ୍କ ପକ୍ଷରେ ଗୋଟିଏ କୌତୁକପ୍ରଦ ବ୍ୟାୟାମ ।]

ପ୍ରାଦେ (ଗଞ୍ଜାମ) ବି—ଦାୟିତ୍ୱ—Responsibility.

ପୁଚିଆ - ଦେ. ବିଣ—ପୁଚୁରା (ଦେଖ)
Puchiā Puchurā (See)

ପୁଚି ଖାତ —ପ୍ରାଦେ (ଗଞ୍ଜାମ) ବି. (ତେଲଗୁ)—କଚେରୀରେ ନିର୍ଦ୍ଧାରିତ
Puchi khāta ତାରିଖରେ ହାଜର ହେବା ପାଇଁ ସାକ୍ଷୀମାନେ
ମୁଚାଲିକା ନିଜେ ଯେଉଁ ମୁଚଲିକା ଲେଖି ଦିଅନ୍ତି—Personal recognizance executed by a witness to appear in court on the fixed date of hearing.

ପୁଚି ଖେଳ—ଦେ. ବି—ପୁଚି (ଦେଖ)
Puchi khela Puchi (See)

ପୁଚି ଖେଳିବା—ଦେ. କ୍ରି—୧ । (ବାଳିକା ଓ ଯୁବତୀମାନଙ୍କର) ପୁଚି ଗୀତ
Puchi khelibā ବୋଲି ନାଚିବା—1. To make a frisking dance accompanied with singing.

୨ । ପୁଚି ଖେଳିବାପରି ଉପରକୁ ତଳକୁ ଉଠିବା ପଡ଼ିବା—2. To move up and down like girls in a Puchi play.

ପୁଚି ଗୀତ—ଦେ. ବି— ବାଳିକାମାନେ ପୁଚି ଖେଳ ସମୟରେ ବୋଲିବା
Puchi gita ଗୀତ—Songs sung by girls while making the Puchi dance.

[ଦ୍ର—ପୁଚି ଗୀତ—ପୁଚଲୋ ! ଯାଆ ଯାଆ ଘୁଞ୍ଚିଲୋ !
ଗହ୍ଵର ବଳରେ ମଇଁଷି, ଧାନ କେଉ କେଉ ଖାଉଛି;
ଅଡ଼େଇ ଦେଏରେ ଭାଇ ବେଢେଇ ।]

ପୁଚୁ—ପ୍ରାଦେ (ସମ୍ବଲପୁର) ବିଣ—ଅତି ସାମାନ୍ୟ ସାମାନ୍ୟ କଥାରେ ପ୍ରଶ୍ନ
Puchu କରି ଉତ୍ତରଦାତାକୁ ବିରକ୍ତ କରୁଥିବା (ଲୋକ)—
(a person) Teasing by repeated questions.

ପୁଚୁରା—ଦେ. ବିଣ –(ସଂ. ପୂତି; ପୂୟ)—୧ । ଯୋଚରା; ସଢ଼ା; ବାସି ଓ
Puchurā ଗନ୍ଧିଆ (ଫଳ ଓ ଖାଦ୍ୟାଦି)—1. Rotten to the
ପଚା [ପୁଚ(ଚୁ)ଡ଼ା, ପୁଚରା – ଅନ୍ୟରୂପ] core; stale.
ପଚା ୨ । ପୂଜ ହୋଇ ସଢ଼ି ପଚି ଦୁର୍ଗନ୍ଧଯୁକ୍ତ (ବ୍ରଣାଦି)—
2. Gangrened or mortified (boil etc)

ଦେ. ବି. (ସଂ ପୁଚ୍ଛ)—୧ । ଯୋଚରା; କୋଠାର କାନ୍ଥ ଆଦି
(ପୁଚୁରା—ଅନ୍ୟରୂପ) ଚୂନରେ ଧଉଳେଇବା କାମରେ ବ୍ୟବହୃତ
ତୁଳୀ ଝୋଟର ଗୁଚ୍ଛ—1. A tuft made of flax or
পুচারা jute or rag used in whitewashing walls; a whitewashing brush or mop.

୨ । ପାଣିଆ ଜିନସର ଲେପ କୌଣସି ବସ୍ତୁ ଉପରେ ଦେବା—
2 Putting a layer of a liquid on something.

ପୁଚୁରା ମାରିବା —ଦେ. କ୍ରି – ୧ । ପୋଚରା ମାରିବା; ପୁଚୁରା ଦ୍ଵାରା ଚୂନ
Puchurā māribā ପାଣି ଲଗାଇ କାନ୍ଥ ଆଦି ସଫେଦ କରିବା—

ପୁଚୁରା ଦେବା
ପୁଚୁରାଫେରା(ରେ)ଇବା } ଅନ୍ୟରୂପ — 1. To whitewash walls with a mop.

କଲିଫେରାନ; **পুচারা মারনা**

୨ । ସାମୟିକ ଓ ଅସ୍ଥାୟୀଭାବରେ କୌଣସି କାର୍ଯ୍ୟ କରିବା—
କଲିଫିରନ 2. To make a patch work; to patch up a thing.

ପୁଚ୍ଛ—ସଂ. ବି. (ପିଚ୍ଛ ଧାତୁ=ପୀଡ଼ନ କରିବା + କର୍ତ୍ତୃ ଅ; ନିପାତନ)—
Puchchha ୧ । ଲାଞ୍ଜ; ଲାଙ୍ଗୁଡ଼—1. Tail.

୨ । ପକ୍ଷୀର ଲାଞ୍ଜ; ଲଞ୍ଜା; ପଙ୍ଖା—
2. Tail feather of a bird.

୩ । ଲାଞ୍ଜି; କୌଣସି ଲମ୍ବ ପଦାର୍ଥର ଶେଷ ଭାଗ—
3. The end or extremity of a long thing.

୪ । ଶେଷ ମୁଣ୍ଡ ବା ପାଖ—
4. Tail-end of a thing.

୫ । ପଶ୍ଚାଦ୍ଭାଗ —5. Hind part.

ଦେ. ବି.— ଶରୀରର ମଧ୍ୟଭାଗ—The middle of the body.

କେ ଭାବେ ଏ ଶସ୍ତ୍ର ତଳେ ବଧା ତା
ଉଲଟାଇଛି ଜଘନ-ପାଲି ତା.
ବାହୁବାହ ପୁଚ୍ଛେ. ଏହା ଭୟରୁ ମଧ୍ୟେ ଦଣ୍ଡ ରହେ ।
ଭଞ୍ଜ — କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ.

ପୁଚ୍ଛ କଣ୍ଟକ — ସଂ. ବି —୧ । (ପୁଚ୍ଛରେ କଣ୍ଟକ ପରି ପଦାର୍ଥ) (ବିଛା;
Puchchha kantaka ମହୁମାଛି; ବିରୁଡ଼ି ଆଦିଙ୍କ) ନାହୁଡ଼—
1. Sting (of a bee or scorpion)

୨ । (ବହୁବ୍ରୀହି) ବିଛା—2. Centipede; scorpion.

ସଂ. ବିଣ—ଯେଉଁ ଜୀବର ଲାଙ୍ଗୁଡ଼ରେ ନାହୁଡ଼ ଥାଏ—
Stinged (animal).

ପୁଚ୍ଛଟି —ସଂ. ବି. (ପୁଚ୍ଛ + ଟି)—୧ । ଆଙ୍ଗୁଠିଦ୍ଵାରା ଫୁଟୁକି ମାରିବା—
Puchchhaṭi — 1. Snapping of the fingers.

୨ । ଅଙ୍ଗୁଠି ଫୁଟେଇବା—
2. Cracking of the finger joints.
୩ । ଶ୍ରେଷ୍ଠ ପୁଚ୍ଛ—3. Small tail.
୪ । ନାହୁଡ଼—4. Sting.

ପୁଚ୍ଛଣ୍ଡକ—ସ. ବ. (ପୁଚ୍ଛ + ଅଣ୍ଡକ; ଯାହା ଲାଞ୍ଜରେ ଅଣ୍ଡାକାର ଅସ୍ଥି- Puchchhaṇḍaka ଖଣ୍ଡମାନ ଥାଏ)—ଉଷକଜାତୀୟ ନାଗ-ବିଶେଷ—A kind of venomous snake (probably like rattle snake).

ପୁଚ୍ଛ ଫଳ—ସ. ବ. (ବହୁବ୍ରୀହି, ପୁଚ୍ଛ + ଫଳ)—ବରକୋଳି ଗଛ (ହି. Puchchha phaḷa ଶ.)—The jejube tree.

ପୁଚ୍ଛା(ଚ୍ଛା)—ଦେ. ବ. (ସ. ପୃଚ୍ଛା)—୧ । ପ୍ରଶ୍ନ; ଜିଜ୍ଞାସା— Puchchhā(chhā) 1. Questioning.
ପୁଛା ୨ । କହିବା—2. Speaking.
ପୁଚ୍ଛ ୩ । ଅନୁସନ୍ଧାନ—3. Enquiry.
[ଦ୍ର—'କୁହା' ଶବ୍ଦ ସଙ୍ଗେ ସହଚର ଶବ୍ଦରୂପେ ବ୍ୟବହୃତ ହୁଏ ।]
ପୁଁଛ **ପୌଞ୍ଛା** ୪ । (ସ. ପ୍ରୋଞ୍ଛନ) ପୋଛିବା— 4. Wiping out.
ପ୍ରାଦେ. (ସମ୍ବଲପୁର) ବ—ସାନ ଗାମୁଛା—A small napkin.

ପୁଚ୍ଛା କରିବା—ଦେ. କ୍ରି. (ସ. ପୃଚ୍ଛା)—ପ୍ରଶ୍ନ କରିବା; ପଚାରିବା— Puchchhā karibā To ask.
ପୁଛା ପୁଚ୍ଛା କଲ କେହି ବାଞ୍ଛାରୂପ ହୋଇ ତୁମ୍ଭେ ବାଞ୍ଛା ପୂର୍ଣ୍ଣ କରବ—
ପୁଚ୍ଛନା ଭକ୍ତ. କୋଟୀବ୍ରହ୍ମାଣ୍ଡସୁନ୍ଦରୀ ।

ପୁଚ୍ଛା(ଚ୍ଛା) କୁହା—ଦେ. ବ. (ସ. ପୃଚ୍ଛା + କଥନ)—୧ । ପ୍ରାର୍ଥନା— Puchchhā(chhā) kuhā 1. Prayer.
ବଳାକହା ୨ । ଖୋସାମତ; ବିନୟ; ବାରମ୍ବାର ଅନୁରୋଧ—
ପୁଚ୍ଛତାଛ, ପୁଚ୍ଛପାଚ 2. Supplication; entreaty.
କୁହାପୁଚ୍ଛା } ଅନ୍ୟରୂପ ୨ । ପଚରାଉଚରା; କୁହାବୋଲା—
କୁହାପୋଛା } 3. Talk; conversation.

ପୁଚ୍ଛା(ଚ୍ଛା) ପଚରା—ଦେ. ବ. (ସହଚର ଶବ୍ଦ)—୧ । କୁହାବୋଲା; Puchchhā(chhā) pacharā ବାକ୍ୟାଳାପ—
ବଳାକହା 1. Talk; conversation.
୨ । ବାରମ୍ବାର ଜିଜ୍ଞାସା—2. Repeated questioning.

ପୁଚ୍ଛାପୁଚ୍ଛି—ଦେ. ବ. ଓ ବଣ (ସ. ପୃଚ୍ଛା)—୧ । ଅନ୍ୟୋନ୍ୟ ପ୍ରଶ୍ନ କରିବା; Puchchhāpuchchhi ପଚରାପଚରି—1. Mutual question-
ପୁଛାପୁଛି **ପୁଚ୍ଛପାଚ** ing or enquiring.
(ପୁଚ୍ଛାପୁଚ୍ଛି—ଅନ୍ୟରୂପ) ଅନ୍ୟୋନ୍ୟରେ ମଙ୍ଗଳ ପୁଚ୍ଛାପୁଚ୍ଛି ହେଲେ—
କୃଷ୍ଣସିଂହ, ମହାଭାରତ, ଅଦି ।
୨ । କୁହାକୁହି ହେବା—
2. Talking with each other.
ଏବେ ଭଲ ପୁଚ୍ଛାପୁଚ୍ଛି କେ କାହିଁ ଗମିବ—ଭକ୍ତ, କୋଟୀବ୍ରହ୍ମାଣ୍ଡସୁନ୍ଦରୀ ।

ପୁଚ୍ଛି(ଚ୍ଛି)ବା—ଦେ. କ୍ରି. (ସ. ପ୍ରଚ୍ଛ ଧାତୁ)—ପଚାରିବା; ପ୍ରଶ୍ନ କରିବା— Puchchhi(chhi)bā To ask; to question.
ପୁଛା **ପୁଚ୍ଛନା** ପୁଚ୍ଛିଲେ କହନ୍ତେ ସତ୍ୟ ହସ୍ତିନା ନଗରୀ—କୃଷ୍ଣସିଂହ ମହାଭାରତ ବନ ।
[ଦ୍ର—ଏହା 'କହିବା' ଶବ୍ଦର ଏକାର୍ଥ ସହଚର ଶବ୍ଦରୂପେ ବ୍ୟବହୃତ ହୁଏ ।]
ପ୍ରାଦେ. (ବାଲେଶ୍ୱର ଓ ସମ୍ବଲପୁର) କ୍ରି. (ସ. ପ୍ରୋଞ୍ଛନ)— ପୋଛିବା—To wipe off.

ପୁଚ୍ଛୀ—ସ. ବଣ. ପୁଂ. (ପୁଚ୍ଛ + ଅସ୍ତ୍ୟର୍ଥରେ ଇନ୍; ପୁଚ୍ଛିନ୍ ଶବ୍ଦର ୧ମା, Puchchhī ୧ବ.)—ପୁଚ୍ଛଯୁକ୍ତ—Having a tail.
(ପୁଚ୍ଛିନୀ—ସ୍ତ୍ରୀ) ସଂ. ବ—୧ । କୁକ୍କୁଟ—1. Cock.
୨ । ମୟୂର—2. Peacock.
୩ । ଅରଖ ଗଛ—3. Calatropis Gigantea.
୪ । ନିମ୍ବ ଗଛ—4. Neem tree.
୫ । ନକ୍ଷତ୍ରଲଞ୍ଜା—5. Comet.

ପୁଛିବା—ପ୍ରାଦେ (ସମ୍ବଲପୁର) କ୍ରି. (ସଂ. ପୃଚ୍ଛ୍ ଧାତୁ)—ପଚାରିବା— Puchh-bā To ask; to question.

ପୁଛ—ଦେ. ବ. (ସଂ. ପୁଚ୍ଛ)—ପୁଚ୍ଛ (ଦେଖ) Puchha Puchchha (See)

ପୁଛା କନା—ପ୍ରାଦେ. (ସମ୍ବଲପୁର) ବ—ଝାଡ଼ଣ—Duster; cleaning Puchhā kanā towel or rag.

ପୁଜ(ଜା) (ଇତ୍ୟାଦି)—ଦେ. ବ—ପୂଜ(ଜା) ଇତ୍ୟାଦି (ଦେଖ) Puja(jā) (etc) Pūja(jā) etc (See)

ପୁଞ୍ଜ—ସଂ. ବ. (ପୁମସ୍ + ଜନ୍ ଧାତୁ + କର୍ତ୍ତୃ. ଅ)—୧ । ସମୂହ— Puñja 1. Collection.
୨ । ରାଶି—2. Heap.
୩ । ପଞ୍ଝା—3. Crowd; herd.
୪ । ଗୁଚ୍ଛ; ଗୋଛା—4. Cluster.

ପୁଞ୍ଜ ଦଳ—ସ. ବ. (ବହୁବ୍ରୀହି; ପୁଞ୍ଜ + ଦଳ; ଏଥିର ପତ୍ରମାନ ପୁଞ୍ଜ Puñja daḷa ଥିବାରୁ)—ସୁନୁସୁନିଆ ଶାଗ (ହି. ଶ.) (ଦେଖ) Sunusuniā sāga (See)

ପୁଞ୍ଜଶଃ—ସଂ. ବ. (ପୁଞ୍ଜ + ଶସ୍)—ଦଳ ଦଳ ହୋଇ— Puñjaśaḥ In herds; in clusters.

ପୁଞ୍ଜା—ଦେ. ବ. (ସ. ପୁଞ୍ଜ)—
Puñjā ୧ । ପୁଞ୍ଜ; ସମୂହ—1. Collection.
ପୁଞ୍ଜି **ପୁଞ୍ଜା** ୨ । ୪ଗୋଟି; ଗଣ୍ଡା—2. Four in number.
୩ । ଚାରିଟି ବସ୍ତୁର ସମାହାର—
3. An aggregate of four.

ପୁଞ୍ଜାଏ—ଦେ. ବ. ଓ ବଣ—୧ । ଚାରି ଗୋଟା ବା ଗଣ୍ଡାଏ— Puñjāe 1. Four only.
ଏକଗଣ୍ଡା ଏକା ବତୁରିକେ ଅଛ ପୁଞ୍ଜେ ଲେଖା ତାଃ—ଗ୍ରାଠୀ. ବ୍ରହ୍ମବାଲ୍ୟପଦଗୀତା
ପୁଞ୍ଜିଏ } ଅନ୍ୟରୂପ ୨ । ଅଳ୍ପ; ସାମାନ୍ୟମାତ୍ର—
ପୁଞ୍ଜେ } 2. A little.
(ଯଥା—ମୁଁ ପୁଞ୍ଜାଏ ଭାତ ଖାଇ ଦେଇ ଚାଲି ଆସିଲି ।)

ପୁଞ୍ଜାକିଆ—ଦେ. ବଣ.—୧ । ଚାରିଗୋଟି ଲେଖାଏଁ ଏକତ୍ର ହୋଇ Puñjākiā 1. Arranged or set in clusters of four.
(ପୁଞ୍ଜିକିଆ—ଅନ୍ୟରୂପ) ୨ । ଏକ ଟଙ୍କାରୁ ବା ଏକ ପଇସାକୁ ପୁଞ୍ଜାଏ ବା ଚାରି ଗୋଟି ମିଳୁଥିବା (ଦ୍ରବ୍ୟ)—2. (article) Available at 4 for one rupee or pice.

ପୁଞ୍ଜି – ଦେ. ବ. (ସ. ପୁଞ୍ଜ)—୧ । ଗୁଚ୍ଛ; ଥୋପା; ଗୋଛା—
Puñji 1. Cluster.
ପୁଂଜୀ ପୁଂଜ ପୁଂଜା
୨ । ପାଣ୍ଠି; ବ୍ୟବସାୟର ମୂଳଧନ—
2. Stock in trade; capital in trade.
୩ । ସଞ୍ଚିତ ଧନ—3. Stock; fund; stored cash.
୪ । ପୁଞ୍ଜା; ଏକ ଗଣ୍ଡା—
4. An aggregate or collection of four.
୫ । ପୁଞ୍ଜାର ଆଦରାର୍ଥକ ଆକାର—5. The form of Puñja used in endearment.
୬ । ଜଳପୂର୍ଣ୍ଣ ବିଲରେ ୪ ଗୋଟି କମ୍ପା ପୁଞ୍ଜି ପୁଞ୍ଜି ଧାନ ମଞ୍ଜି ଏକ ଏକ ସ୍ଥାନରେ ବୁଣା ଯିବା—6. Planting or sowing 4 seeds of paddy at one spot at a time in water-logged fields.
୭ । ଘୋଡ଼ା ଆଦି ଏକ ସମୟରେ ଚାରି ଗୋଡ଼ ଉଠାଇ ଦଉଡ଼ିବା 7. A full gallop of a horse etc; a horse's running on all fours.
୮ । ଗଦା—8 Heap.
୯ । ଭଣ୍ଡାର—9. Store.

ପୁଞ୍ଜି ଉଠା(ଠେ)ଇବା—ଦେ. କ୍ରି.—(ଘୋଡ଼ା) ଚାରି ଗୋଡ଼ ଉଠାଇ ଦଉଡ଼ିବା; ପ୍ଲୁତ ଗତି କରିବା—
Puñji uṭhā (ṭhe)ibā (a horse) To run on all fours; to gallop at full speed.
ଚାରପାଓଁଠିୟେ ଦୌଡ଼
सरपट दौड़ना
[ପୁଞ୍ଜି ପକା(କେ)ଇବା—ଅନ୍ୟରୂପ]

ପୁଞ୍ଜି କିଆରି—ଦେ. ବ. (ସ. ପୁଞ୍ଜ ଓ କେଦାର)—ଯେଉଁ ଧାନ କିଆରିରେ ଜଳ ଅଧିକ ହେବାରୁ ଗୋଟିକିଆ ଧାନ ଗଛ ବଞ୍ଚି ପାରିବ ନାହିଁ ଓ ସେଥିଯୋଗୁଁ ଯେଉଁ କିଆରିରେ ପୁଞ୍ଜି ପୁଞ୍ଜି ହୋଇ ଧାନ ବୁଣା ଯାଏ—ବା ରୁଆଯାଏ—A water-logged field where paddy is sown or planted in clusters.
Puñji kiāri
(ପୁଞ୍ଜି ବିଲ—ଅନ୍ୟରୂପ)

ପୁଞ୍ଜିତ—ସ. ବଣ. (ପୁଞ୍ଜ+ଇତ)—୧ । ରାଶୀକୃତ; ଗଦା କରାଯାଇ ଥିବା—1. Heaped together; gathered into a heap.
Puñjita
୨ । ସଞ୍ଚିତ; ସଞ୍ଚିତ—2. Stored; funded; hoarded.
୩ । ଗୋଛା କରାଯାଇ ଥିବା—
3. Gathered into a bunch or cluster.

ପୁଞ୍ଜି ଧାନ—ଦେ. ବ.—ଯେଉଁ ମୋଟ ଧାନ ଜଳ ଜମିରେ ବୁଣା ଯାଏ ବା ରୁଆଯାଏ—Coarse paddy fit to be raised in water-logged fields.
Puñji dhāna

ପୁଞ୍ଜି ପଟ—ପ୍ରାଦେ. (ଯାଜପୁର) ବ.—ଥଳ ମୁଣି—
Puñji paṭa Gunny bag.

ପୁଞ୍ଜି ପଟା—ଦେ. ବ. (ସହଚର ଶବ୍ଦ; ପୁଞ୍ଜି=ସଞ୍ଚିତ ଧନ; ପଟା+ଭୂମି ଅଧିକାର ପଟ୍ଟା)—୧ । ନଗଦ ଧନ ଓ ଭୂସମ୍ପତ୍ତି—
Puñji paṭā
पुंजि पाटा 1. Cash and landed property.
पुंजी उंजी ୨ । ସଞ୍ଚିତ ଧନ ବା ଭୂସମ୍ପତ୍ତି—
(ପୁଞ୍ଜିପଟର; ପୁଞ୍ଜିପଟ୍ଟ—ଅନ୍ୟରୂପ) 2. Cash or land.
୩ । କୌଣସି ବ୍ୟକ୍ତିର ସମସ୍ତ ଧନ—
3. All the riches or wealth of a person.
୪ । ବ୍ୟବସାୟ ପାଇଁ ଆବଶ୍ୟକ ମୂଳଧନ—
4. The capital necessary for a business.

ପୁଞ୍ଜି ପାଣ୍ଠି—ଦେ. ବ. (ଏକାର୍ଥ ବୋଧକ ସହଚର ଶବ୍ଦ)—୧ । ସଞ୍ଚିତ ଧନ; ନଗଦ ଧନ—1 Cash; store; hoard.
Puñji pāṇṭhi
पुंजिपाटा
୨ । ବ୍ୟବସାୟର ମୂଳଧନ—2. Capital in trade; cash invested in a business.

ପୁଞ୍ଜିବାଲା—ଦେ. ବ. ୧ । ଯେଉଁ ବ୍ୟକ୍ତି ନିକଟରେ ବେଶି ପରିମାଣରେ ଧନ ଅଛି—1. A person who has a large hoard with him.
Puñji bālā
(ପୁଞ୍ଜିଦାର, ପୁଞ୍ଜିବାଲା—ଅନ୍ୟରୂପ)
पुंजिदार; পুংজিওয়ালা ୨ । ବ୍ୟବସାୟରେ ଯେଉଁ ବ୍ୟକ୍ତି ମୂଳଧନ ଯୋଗାଇ ଥାଏ—2. Capitalist.
पुंजिदार, पुंजीवाला

ପୁଞ୍ଜି ମହିପାଳ—ଦେ. ବ.—ପୁଞ୍ଜି କିଆରିରେ ଆବାଦ କରାଯିବା ଏକ ପ୍ରକାର ମୋଟ ଧାନ—A kind of coarse paddy grown in water-logged fields.
Puñji mahipāla

ପୁଞ୍ଜିଷ୍ଠ—ସ. ବଣ. (ପୁଞ୍ଜ+ସ୍ଥା ଧାତୁ+କର୍ତ୍ତୃ. ଅ) – ପୁଞ୍ଜୀଭୂତ; ରାଶୀକୃତ—
Puñjishṭha Heaped up; accumulated.

ପୁଞ୍ଜୀକୃତ—ସ. ବଣ. (ପୁଞ୍ଜ+ଅଭୂତ ତଦ୍ଭାବେ ଚ୍ୱି+କୃତ)—
Puñjikṛuta ଏକତ୍ର ଗଦା କରାଯାଇ ଥିବା; ଯାହା ପୂର୍ବରୁ ଇତସ୍ତତଃ ବିକ୍ଷିପ୍ତ ହୋଇଥିଲା ବର୍ତ୍ତମାନ ଗଦା କରାଯାଇ ଅଛି—Gathered together; made into a heap.
(ପୁଞ୍ଜୀକରଣ—ବ)

ପୁଞ୍ଜୀଭୂତ—ସ. ବଣ. (ପୁଞ୍ଜ+ଅଭୂତ ତଦ୍ଭାବେ ଚ୍ୱି+ଭୂତ)—
Puñjibhūta ଯାହା ଏକ ସ୍ଥାନରେ ଗଦା ହୋଇଅଛି—Heaped up.

ପୁଟ୍ (ଧାତୁ)—ସ—୧ । ସଲଗ୍ନ ହେବା—
Puṭ 1. To stick to; to adhere to.
୨ । ଆଲିଙ୍ଗନ କରିବା—2. To clasp; to embrace (Apte).
୩ । ଗୁଡ଼େଇ ହେବା—3. To intertwine,

ପୁଟ୍‌କା—ପ୍ରାଦେ. (ସମ୍ବଲପୁର) ବ—ଗାମୁଛା—
Puṭ-kā Napkin; towel.

ପୁଟ୍ ପୁଟ୍—ପ୍ରାଦେ. (ସମ୍ବଲପୁର) ଅ—ଛଟପଟ (ଜୀବନ)—
Puṭ puṭ Struggling for life.

ପୁଟ୍‌ଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି. (ସ. ପୁଟ୍ ଧାତୁ=ସଲଗ୍ନହେବା)- ଆଲିଙ୍ଗନ କରିବା; କୁଣ୍ଢାଇବା; ପୋଟାଳିବା—
Puṭ-lāibā To embrace; to hug.

ପୁଟ—ସ. ବ. (ପୁଟ୍ ଧାତୁ=ସଲଗ୍ନ ହେବା+କର୍ମ ଅ)—
Puṭa ୧ । ଲୁଗାଆଦିର ଭାଙ୍ଗ ବା ସ୍ତର—1. Fold; layer.
୨ । ପୃଷ୍ଠା; ପୁସ୍ତକର ପୃଷ୍ଠା—2. Page of a book.

୩ । ଆବରଣ; ଘୋଡ଼ଣୀ; ଢାଙ୍କୁଣି—
3. Cover; covering; lid.

୪ । ଗୋଲ ଓ ଗଭୀର ପାତ୍ର—
4. A round and deep cup.

୫ । ଖୋଳ; ଖାପ—5. Sheath.

୬ । ଥଳି—6. Bag.

୭ । ପତ୍ର ନିର୍ମିତ ଡଉପଖା; ଠୋଲା; ଠୋଙ୍ଗା; ଦନା—
7. A cup made of leaves.

୮ । ପିଣ୍ଡୁଳା—8. A ball; lump.

୯ । ଗଣ୍ଠିରି; ପୁଡ଼ା; ପୁଡ଼ିଆ; ପୋଟଳା, ବୋଜଗ—
9. Packet; capsule; bundle.

୧୦ । କରତଳକୃତ ଆଧାର; ପୋଷ—
10. The hollow of the palm.

୧୧ । କରପୁଟ; କରଯୋଡ଼; ଅଞ୍ଜୁଳା—11. The palms folded together into a cup; doubling of the palms.

୧୨ । ଖାଲ; ଗର୍ତ୍ତ—12. Cavity.

୧୩ । ପାକପାତ୍ର—13. Cooking pot.

୧୪ । କୋଇ; ଧାତୁ ଅଉଟିବା ପାତ୍ର—
14. Crucible; melting pot.

୧୫ । ପେଡ଼ା; ଡବ୍ବା; ଫରୁଆ; ବାକସ; ସମ୍ପୁଟ; ଦୁଇପାଳ ଏକତ୍ର ଯୋଡ଼ା ହୋଇ ବନ୍ଦ କରାଯିବା ପାତ୍ର—15. A closed receptacle; a casket; a closed cup made of 2 halves fitting to each other.

ଲୁଟଇଣି ମୋ ଲୁଚ ପୁଟେ ଆସ ପ୍ରମୋଦ । କବିସୂର୍ଯ୍ୟ. ସଙ୍ଗୀତ ।

୧୬ । ପାତ୍ର—16. Vessel.

୧୭ । ଅଗଭୀର ପାତ୍ର—17. A shallow cup (Apte).

୧୮ । କୌଣସି ପତଳା ପଦାର୍ଥ (ଯଥା—ଲୁଗା, ପତ୍ର)କୁ ଭାଙ୍ଗିକରି କରାଯିବା ପାତ୍ର—18. The folding or doubling up of a thin thing to form a cup or hollow (Apte).

୧୯ । ଯୁଗ୍ମ; ଯୋଡ଼ା—19. A pair; couple.

୨୦ । ଘୋଡ଼ାର ଖୁରା; ଟାପୁ—20. The hoof of a horse.

୨୧ । ପରସ୍ପର ଆଲିଙ୍ଗନ—21. Mutual embrace.

୨୨ । ଓଷ୍ଠ ପୁଟ; ଓଠର ପୁଡ଼ା—22. The lips.

ତ କର ସୁରଙ୍ଗ ଅଧରପୁଟକାତ
ବାଟରେ ଅଗ୍ନି ଦେବ ହେଲେ ତ୍ରକ୍ଷକତ । କୃଷ୍ଣସିଂହ. ମହାଭାରତ ସଭା ।

୨୩ । ମୁକୁଟ—23. Crown.

୨୪ । ଟୋପି—24. Cap.

୨୫ । ପଗଡ଼ି—25. Turban.

୨୬ । କର୍ଣ୍ଣପୁଟ; କାନର ପୁଡ଼ା—26 The flap of the ear.

୨୭ । ନାସିକାପୁଟ; ନାକରପୁଡ଼ା—
27. The skin covering the nostril; the nostril.

୨୮ । ଗୁହ୍ୟଦେଶ ଆବରକ ବସ୍ତ୍ର; କୌପୀନ—
28. A strip of rag put on over the privities.

୨୯ । ସଙ୍କୋଚନ—29. Contracting of anything.

୩୦ । ଅକ୍ଷିପତା—30. Eyelid (Apte).

୩୧ । ଜାଇ ଫଳ—31. Nutmeg (Apte).

୩୨ । ମୁହାଁମୁହିଁ ସଂଲଗ୍ନ ଅର୍ଦ୍ଧବୃତ୍ତାକାର ପାତ୍ରଦ୍ୱୟବିଶିଷ୍ଟ ଔଷଧ ପାକ ପାତ୍ର—32. Two hemispherical vessels joined together, the upper one made to tally into the mouth of the other, for the sublimation of medicaments.

୩୩ । କୌଣସି ଦ୍ରବ୍ୟକୁ ପୋଡ଼ିବା ପାଇଁ ବା ଶୁଖାଇବା ପାଇ ଅଗ୍ନିର ବା ସୂର୍ଯ୍ୟର ତାପର ଏକଥର ପ୍ରୟୋଗ—
33. A single application of fire to bake or of the sun's rays to dry a thing (Ganguly).

୩୪ । ଖାଲ; ଖାଲୁଆ ପାତ୍ର—
34. A hollow; concavity (Apte).

୩୫ । କୋମଳ ନୂଆଗଜା ବା ପତ୍ରଉପରର ଆବରଣ—
35. The pod or capsule which envelops young shoots (Apte).

ଦେ. ବି. (ସ. ପୁଟ=ସ୍ତର)—୧ । କୌଣସି ପଦାର୍ଥର ଉପରେ ବୋଳାଯିବା ରଙ୍ଗର ପତଳା ସ୍ତର—1. A thin layer of paint laid on the surface of a thing.

ଦେଖିଲେ ହେଲେ ସତ୍ତ୍ୱେ କୋଟି ପୁଟ
ଚିତ୍ରକୁଟ କେହୁ ହେବ ପ୍ରକଟ । କବିସୂର୍ଯ୍ୟ. କଳଘାକଲ୍ଲୋଳ ।

୨ । ଧାତୁ ଅଉଟିବା ନିମନ୍ତେ ବ୍ୟବହୃତ ପଦାର୍ଥ; ଦ୍ରାବକ—
2. Flux; a solvent.

ପ୍ରାଦେ. (କନ୍ଧମାଳ ଓ ଅନୁଗୁଳ) ବି.—ଦୁଧିଆଳୀ ଗାଈ, ମଇଁଷି, ବଳଦ ବା ପୋଡ଼ାକୁ ନିର୍ଦ୍ଦିଷ୍ଟ କେତେ ବର୍ଷ ବା ମାସ ପାଇଁ ଅନ୍ୟ ବ୍ୟକ୍ତି ନିକଟରେ ବନ୍ଧକ ଦେଇ ଟଙ୍କା ଆଣିବା—
Borrowing money by pledging a milch-cow or working bullock or buffalo.

[ଦ୍ର—ଏ ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ ସମୟ ପାଇଁ ମହାଜନ ଗାଈ ବା ମଇଁଷିର ଦୁଧ ଖାଇବା ବଳଦ ବା ପୋଡ଼ାକୁ ହଳ ଓ ଶଗଡ଼ରେ ଲଗାଇ ତା ଟଙ୍କା ସୁଝିଗଲା ପରେ ଉକ୍ତ ଜୀବକୁ ମାଲିକକୁ ଫେରାଇ ଦିଏ ।]

ପ୍ରାଦେ (ଗଡ଼ଜାତ) ବି—ବର୍ଷକ ସକାଶେ ଭଡ଼ା ଦେଇ ଅନ୍ୟର ବଳଦକୁ ହଳ ଆଦି କାର୍ଯ୍ୟ ପାଇଁ ଆଣିବା ରୀତି—
The custom of bringing another person's plough-bullocks on hire for a fixed period of one year.

ପୁଟକ—ସଂ. ବି—(ପୁଟ ଧାତୁ+ଅକ)—୧ । ପଦ୍ମ—
Puṭaka 1. Lotus.

୨ । ପତ୍ର ନିର୍ମିତ ଠୋଲା; ଦନା; ଡଉପଖା—
2. A cup made of leaves.

୩ । ନ୍ୟୁବ୍ଜ ଗର୍ଭ ପାତ୍ର ବା ବସ୍ତୁ—3. Concave cup.

୪ । ଅଗଭୀର ପାତ୍ର—4. Shallow cup.

୫ । ଖୋଳ—5. Sheath.

୬ । ପୁଡ଼ା—6. Packet.

୭ । ଜାଇଫଳ—7. Nutmeg.
୮ । ଭୁଙ୍ଗ—8. Fold (Apte).

ପୁଟକିତ—ସଂ. ବିଣ (ପୁଟକ+ଇତ)—୧ । ଆବୃତ—
Puṭakita 1. Covered.
୨ । ଭୁଙ୍ଗ କରି ଯାଇଥିବା—2. Folded.

ପୁଟକିନୀ—ସଂ. ବି—(ପୁଟକ+ଇନ୍+ସ୍ତ୍ରୀ. ଈ)—୧ । ପଦ୍ମିନୀ; ପଦ୍ମ
Puṭakini ସମୂହ—1. A collection of lotus flowers.
୨ । ପଦ୍ମଲତା; ପଦ୍ମନାଡ଼—
2. The stem of lotus plant.

ପୁଟଗ୍ରୀବ—ସଂ. ବି- (ବହୁବ୍ରୀହି; ପୁଟ+ଗ୍ରୀବା; ଯାହାର ଗ୍ରୀବାଦେଶ
Puṭagriba ଯୋଡ଼ା ହୋଇଅଛି—୧ । ଗରା (ହ୍ର. ଷ)—
1. Metal jar; pitcher (Apte).
୨ । ତମ୍ବା ଗରା—2. A copper jar (Apte).
୩ । ଗଡ଼ୁ—3 A spouted water-jug.

ପୁଟ ପତ୍ର—ଦେ. ବି—ଏକପ୍ରକାର ବନ୍ୟ ଗଛ—
Puṭa patra (ପୁଟପତ୍ରୀ—ଅନ୍ୟରୂପ) A kind of tree.
(ଗଞ୍ଜାମ—ପୋଡ଼ପତ୍ରୀ) [ଦ୍ର—ଏହାର ପତ୍ରର କ୍ୱାଥ ସେବନ କରିଗଲେ ସ୍ତ୍ରୀମାନଙ୍କର ପ୍ରସବ ନନ୍ତର ଜନ୍ମିବା ବିକାର, ଅର୍ଥାତ୍ ଜ୍ୱର, ଦାହ ଓ ଭ୍ରମ ପ୍ରଭୃତି ନିବାରିତ ହୁଏ—ଦ୍ରବ୍ୟଗୁଣ କଳ୍ପଦ୍ରୁମ ।]

ପୁଟପାକ—ସଂ. ବି—୧ । ଦୁଇଟି ଭାଣ୍ଡର ମୁହିଁକୁ ପରସ୍ପର ଯୋଗ କରି
Puṭa pāka ଅଗ୍ନି ସାହାଯ୍ୟରେ ତହିଁରେ କରାଯିବା ଔଷଧର ପାକ କ୍ରିୟା—1. The process of sublimation done by heating a thing in a closed vessel made of 2 vessels, one turned over the other.
୨ । ମାଟି ବା ଗୋବର ପିଣ୍ଡୁଳା ମଧ୍ୟରେ ଔଷଧ ପୂରାଇ ତାହା ନିଆଁରେ ପୋଡ଼ିବା ପ୍ରକ୍ରିୟା—2. The process of roasting a drug inside a ball of clay or cow-dung.
[ଦ୍ର—ଯେଉଁ ଦ୍ରବ୍ୟର ପୁଟପାକ କରିବାକୁ ହେବ, ତାହା ଜଳରେ ଧୌତ କରି ଅଳ୍ପ ପେଷଣ କରିବ । ପରେ ଏହା ଉପରେ ଜାମୁ, ଗମ୍ଭାରି ଓ ବଟ ପତ୍ର ବେଷ୍ଟନ କରି ତହିଁ ଉପରେ ୧।୨ ଅଙ୍ଗୁଳ ପ୍ରମାଣ ମାଟି ଲେପ ଦେବ । ଏହି ମାଟି ପିଣ୍ଡର ଉପରଭାଗ ରକ୍ତ ବର୍ଣ୍ଣ ହେବା ପର୍ଯ୍ୟନ୍ତ ଏହାକୁ ଘସି ନିଆଁରେ ପୋଡ଼ିବ । ଅନନ୍ତର ଅଗ୍ନିରୁ ବାହାର କରି ଭିତରେ ଥିବା ଔଷଧର ରସ ନିଗାଡ଼ିବ । ଏହାର ନାମ ପୁଟପାକ । ଦ୍ରବ୍ୟଗୁଣ କଳ୍ପଦ୍ରୁମ ।]
୩ । (ବୈଦ୍ୟକ) ମୁହିଁ ବନ୍ଦ ହୋଇଥିବା ପାତ୍ରରେ କୌଣସି ଦ୍ରବ୍ୟକୁ ପୂରାଇ ଅଗ୍ନିମୟ ଗର୍ତ୍ତ ମଧ୍ୟରେ ତାହାକୁ ପାକ କରିବା ପ୍ରଣାଳୀ—3 A mode of roasting a thing in a pit of fire after putting it inside a closed casket.
[ଦ୍ର—ଏହି କ୍ରିୟାରେ ଧାତୁ ଆଦିର ଭସ୍ମ ଆୟୁର୍ବେଦ ମତରେ ତିଆରି କରାଯାଏ ।]
୪ । ପୁଟ ପାକ ଦ୍ୱାରା ସିଦ୍ଧ ଔଷଧ (ହ୍ର. ଷ.)—
4. Any medicine got after sublimation.
୫ । ଜାର୍ଣ୍ଣିକରଣ—5. Digesting (Apte).

ପୁଟ ଭେଦ—ସଂ. ବି. (ଷଷ୍ଠୀ ତତ୍; ପୁଟ=ପରସ୍ପର ସଂଯୋଜନ+
Puṭa bheda ଭେଦ=ଭେଦନ)—
୧ । ନଦୀର ବଙ୍କାଗତି—1. The zigzag course of a river.
୨ । ନଗର—2. City.
୩ । ବୀଣା—3. Harp.

ପୁଟ ଭେଦନ—ସଂ. ବି—୧ । ନଗର; ସହର—
Puṭa bhedana 1. Town; city.
କେଉଁ ସଭା ଯେ ପୁଟ-ଭେଦନେ ଅଛି ନଟ-ବର ସ୍ନେହ ନପଟ ହୋଇ ନିପଟ ।
ବିଦଗ୍ଧ, ସଙ୍ଗୀତ ।
୩ । ଆତୋଦ୍ୟ; ଏକ ପ୍ରକାର ବାଜା—1. A kind of musical instrument (Apte).
୩ । (ଆଖି ପତା) ମେଲା କରିବା—
3 The parting of the eyelids; opening (Apte)
୪ । ଜଳାବର୍ତ୍ତ—4. Whirlpool; eddy (Apte).

ପୁଟା—ଦେ. ବି. (ସଂ. ପୁଟ ଧାତୁ; ସଂ. ପୁଟ=ଥଳ; ପେଟ
Puṭā ଭିତରର ଥଳ)—
ନାଡ଼ୀଭୁଡ଼ୀ ୧ । ଅନ୍ତ୍ରବୃଜୁଳା; ଗର୍ଭସ୍ଥ ଅଙ୍ଗାଦ—
ପୋଟି 1. Bowels; intestine; entrails; viscera.
କାହାର ଡାଳି ଗୋଡ଼ ଯାଉରେ ପୁଟାଟା ।
ପେଟରୁ ବାହାରସ ହୋଇଣ ମେଖାଟା । କୃଷ୍ଣସିଂହ ମହାଭାରତ ବନ ।
୨ । ଫୁସ୍ ଫୁସ୍ ଯନ୍ତ୍ର—2. Lungs.
ପ୍ରାଦେ. (କଟକ) ବି (ସଂ. ପୁଟ)—ବାଉଁଶିଆ—
A small basket.

ପୁଟାଡ଼(ଳ)ିବା—ପ୍ରାଦେ. (ଯାଜପୁର) କ୍ରି. (ସଂ. ପୁଟ ଧାତୁ)—
Puṭārdi(li)bā ଆଲିଙ୍ଗନ କରିବା; କୁଣ୍ଢାଇ ଧରିବା—
To embrace; to clasp.

ପୁଟାରି—ପ୍ରାଦେ. (ସମ୍ବଲପୁର) ବି—ପରିଛା; ଦେଉଳର ତତ୍ତ୍ୱ ନେବା
Puṭāri କର୍ମଚାରୀ—The supervising officer of a temple.

ପୁଟାଳୁ—ସଂ. ବି (ପୁଟ+ଆଳୁ)—କୋଳ କନ୍ଦ (ହ୍ର. ଷ); ବାରାହୀକନ୍ଦ
Puṭālu (ଦେଖ)—Bārāhikanda (See)

ପୁଟାସ୍—ବୈଦେ. ବି (ଇଂ)—ପୋଟାସ୍ (ଦେଖ)
Puṭās Potās (See)

ପୁଟି—ଦେ. ବି. (ସଂ ପୁଟ=ଥଳ)—୧ । ଅନ୍ତ୍ର ବୃଜୁଳା—
Puti 1 Entrails; viscera.
ନାଡ଼ୀଭୁଡ଼ୀ ୨ । ଫୁସ୍ ଫୁସ୍ ଯନ୍ତ୍ର—2. Lungs.
ପୋଟି ୩ । ପଉଟି; ଚୋଡ଼ିଏ ଗଉଣି (ଶସ୍ୟ)
(ପୁଂଟି—ଅନ୍ୟରୂପ) 3. A measure of corn equal to 20 Gaunis.
୪ । ସ୍ଥୂଳକାୟ ବ୍ୟକ୍ତିର ଶରୀରରୁ ଝୁଲୁଥିବା ମାଂସ ପିଣ୍ଡ ଭାଗ—
4. Folds of skin hanging or bulging out from the body of a fat man.
ପୁଟିଆ ୫ । (ସଂ. ପୃଷ୍ଠ) ଶଗଡ଼ ଚକର ପରିଧିରେ ଯୋଡ଼ା ହୋଇ-
ପୁଟି ଥିବା ବୃତ୍ତଖଣ୍ଡାକାର କାଷ୍ଠଖଣ୍ଡମାନ; ଶକଟ ଚକର ଜ୍ୟା—5. The arcs forming the rim of a cart-wheel.

ପୂଁଠୀ ୬ । (ସ.ପ୍ରୋଷ୍ଠୀ)କେଉଣ୍ଡିମାଛ—
पुठीया, सौरी 6. A carp (fish)

ପ୍ରାଦେ (ସମ୍ବଲପୁର). ବ.—ପଇ; ପହି; ଶଗଡ଼ ଚକର ଘେରଥିବା କାଠ—The wooden rim of cart-wheel.

ପ୍ରାଦେ (ଗଞ୍ଜାମ). ବ.—ବଡ଼ଙ୍ଗ ୮ ସେରଅ ନଉଛରେ ୫ କୌଡ଼ି ମାପର ପରମାଣ—A measure of 5 pots of the capacity 8 standard seers.

ପୁଟିଆ—ଦେ. ବ.—୧ । ପିଚ୍ଛ ବା ଜଙ୍ଘର ମାଂସଳ ସ୍ଥାନକୁ ଅଙ୍ଗୁଠିଦ୍ୱାରା ଚିମୁଟିବା—1. Pinching the fleshy part of the thigh or buttocks with the fingers.
Putiā
पूटो

୨ । ମାଂସଳ ଚର୍ମବଳ—
2. Fleshy or flabby folds of skin.

ପ୍ରାଦେ. (ସମ୍ବଲପୁର). ବ—୧ । ନଳଗୋଡ଼ର ପଛ ପାଖର ମାଂସଳ ଅଂଶ; ଗୋଡ଼ ପେଣ୍ଡୁ—1. The back fleshy part of the leg; calf of the leg.

୨ । ଅନ୍ତ୍ରପୁଟା; ଅନ୍ତ ଭୁଜୁଳା—2. Entrails.

ପ୍ରାଦେ (ଗଡ଼ଜାତ) ବ—ଶଗଡ଼ ଚକର ପହି—
The wooden rim of a cart-wheel.

ପୁଟିକା—ସ. ବ (ପୁଟ+କ+ସ୍ତ୍ରୀ ଆ)—୧ । ପୁଡ଼ିଆ—
Putikā 1. Packet.

୨ । ଅଳେଇଚ—2. Cardamom.

ଦେ. ବ—୧ । ଜଙ୍ଘ—1. Thigh.

(ଶ୍ରୀକୃଷ୍ଣଙ୍କର) ଗ୍ରୀବା ପୃଷ୍ଠକାକୋଷ ସେନ ଶଙ୍ଖ ଅଟନ୍ତି ଅଙ୍ଗ ରଚନ ।
ପ୍ରାଚୀ ପୂର୍ଣ୍ଣଚନ୍ଦ୍ରୋଦୟ ।

୨ । ନଳ ଗୋଡ଼ର ପଛର ମାଂସଳ ଅଂଶ—
2. Calf of the leg.

ପୁଟିଙ୍ଗ(ଣ୍, ନ୍)—ବୈଦେ. ବ (ଇଂ. ପୁଟି)—ଚକ୍ ଖଡ଼ିର ଗୁନ୍ଡା ସଙ୍ଗରେ ଝୁଣା ଓ ଗର୍ଜନ ତେଲ ମିଶାଇ ତିଆର କରାଯିବା କାଦୁଅ ଅଠା—Thick paste made of powdered chalk compounded with linseed oil; putty.
Puting(ṇ, n)
ପୁଟଙ୍ଗି, ପୁଟୁଣି, ପୁଟିଙ୍ଗ, ପୁଟୁଣି, ପୁଟିଂ) } ଅନ୍ୟରୂପ
पुटिंग पुटिन

[ଦ୍ର—ଏହାଦ୍ୱାରା କାଚଫଳକକୁ ଆଲମାରିର କାଠଫର୍ମରେ ଲଗାଯାଏ ଓ ଏହା କାଠ କାମର ଫାଟରେ ଭର୍ତ୍ତି କରାଯାଏ ।]

ପୁଟିତ—ସ. ବଣ (ପୁଟ+ସଞ୍ଜାତାର୍ଥେ.ଇତ; କିବା ପୁଟ୍ ଧାତୁ+କର୍ମ.ତ)-
Putita ୧ । ଗ୍ରଥିତ—1. Sewn; stitched.

୨ । ବିଦାରିତ—2. Rented; pierced.

୩ । ମର୍ଦ୍ଦିତ—3. Rubbed; ground.

୪ । ସଙ୍କୁଚିତ—4. Contracted.

୫ । ଆଚ୍ଛାଦିତ; ଆବୃତ—
5. Covered over; enveloped.

୬ । ଆଦ୍ୟ ଓ ଅନ୍ତରେ ମନ୍ତ୍ର ବା ଶ୍ଳୋକବିଶେଷ ଦ୍ୱାରା ଯୁକ୍ତ ହୋଇ ବୋଲାଯିବା (ଶ୍ଳୋକ ବା ମନ୍ତ୍ର —6. (sloka or mystic formula) Preceded by and followed by a specific formula or sloka at the utterance of every couplet or formula.

[ଦ୍ର—ମନ୍ତ୍ରସିଦ୍ଧି ନିମନ୍ତେ କୌଣସି ଗ୍ରନ୍ଥ (ଯଥା—ଚଣ୍ଡୀପୁରାଣ) ର ପ୍ରତ୍ୟେକ ଶ୍ଳୋକ ଆଦ୍ୟରେ ଓ ଶେଷରେ ସେହି ନିର୍ଦ୍ଦିଷ୍ଟ ମନ୍ତ୍ର ପ୍ରଣବ (ଓଁ) ସହିତ ଆବୃତ୍ତି କରାଯାଏ; ଏପରି ପୁଟିତ କରି ଚଣ୍ଡୀ ପାଠ କଲେ ଦୁର୍ଗା ବରପ୍ରଦା ହୁଅନ୍ତି ।]

୭ । ଅଗ୍ନି ଦ୍ୱାରା ପୁଟପାକକିସ୍ଥାରେ ସିଦ୍ଧ—
7. Roasted inside a closed cup.

୮ । ଅବରୁଦ୍ଧ—8. Closed up; sealed.

ସ. ବ —କରପୁଟ; ଅଞ୍ଜଳି—The hollow of the hand; folded palms enclosing a cup-like space.

ପୁଟୀ—ସ. ବ (ପୁଟ+ସ୍ତ୍ରୀ. ଈ)—୧ । କୌପୀନ—
Puṭi 1. A strip of cloth covering the privities.

୨ । ଘୋଡ଼ଣୀ—2. Covering.

୩ । ଢାଙ୍କୁଣୀ—3. Lid; cover.

୪ । ଓଢ଼ଣା—4. A veil.

୫ । ଡାଲୁପତ୍ର—5, A cup made of leaves.

୬ । ସୀମାବଦ୍ଧ ଖାଲି ସ୍ଥାନ—
6. A hollow space enclosed on all sides.

ପୁଟୁ—ପ୍ରାଦେ (ସମ୍ବଲପୁର) ବ—ବର୍ଷାଦିନରେ ଫୁଟିବା ଏକପ୍ରକାର ଛତୁ—
Puṭu A kind of mushroom bursting out during the rains.

ପୁଟୁକା—ପ୍ରାଦେ (ସମ୍ବଲପୁର ଓ ଗଡ଼ଜାତ) ବଣ—ବେଶି ଲମ୍ବା ନୁହେଁ କିନ୍ତୁ ମୋଟା—Small and stout.
Puṭukā

ପୁଟୁଲା—ଦେ. ବ (ସ. ପୋଟଳକା)—ପୋଟଳା; ପୁଡ଼ା—
Puṭulā Packet.
পুটলি **पुड़िया; पोटली**
(ପୁଟୁଳା—ଅନ୍ୟରୂପ)

ପୁଟୁଲି—ଦେ. ବ. (ସ. ପୋଟଳକା)—ଛୋଟ ପୁଡ଼ା—
Puṭuli Small packet.
পুঁটলী ସେହି ମୁହୂର୍ତ୍ତରେ ମା ସାନ୍ତାଣୀ ବନ୍ଧାରୀ ପୋଟଳୀ ଧରି ଅଇ ଗୋଟିଏ
पोटली ପୁଟୁଲି ଧରି ଘରୁ ବାହାରି ଗଲେ – ଫକୀରମୋହନ, ଗଳ୍ପସ୍ୱଳ୍ପ ।
(ପୁଟୁଳି—ଅନ୍ୟରୂପ)

ପୁଟୁଲି ବଣିଆ—ଦେ ବ—ପୋଟଳି ବଣିଆ; ଗନ୍ଧବଣିକ (ଜାତି)—
Puṭuli baniā A caste of Baisya dealing with drugs; the druggist caste.
पंसारी

ପୁଟୋଟଜ—ସ. ବ. (ପୁଟ=ଆବରଣ+ଉଟଜ=ଗୃହ)—
Puṭoṭaja ୧ । କନାଛତା—1. Cloth umbrella.

୨ । ଶ୍ୱେତ ଛତ୍ର—2. White parasol.

ପୁଟୋଦକ—ସ. ବ. (ବହୁବ୍ରୀହି; ପୁଟ ମଧ୍ୟରେ ଥାଏ ଉଦକ ଯାହାର)—
Puṭodaka (ପୁଟୋଉକ—ଅନ୍ୟରୂପ) ନଡ଼ିଆ—Cocoanut.

ପୁଠି—ପ୍ରାଦେ. (ସମ୍ବଲପୁର) ବ—୧ । (ସ. ପୃଷ୍ଠ) ଶଗଡ଼ର ପୁଟ (ଭୁଲ ରୂ. ପୁଣ୍ଠୀ)—1. The arcs of the rim of wheel.
Puṭhi

୨ । (ସ. ପ୍ରୋଷ୍ଠୀ) କେଉଣ୍ଡିମାଛ (ଭୁଲ. ରୂ. ପୃଷ୍ଠ୍ୟା)—
2. The carp fish.

ପୁଡ଼୍‌ପୁଡ଼୍—ଦେ. ଅ. (ଧ୍ୱନ୍ୟନୁକରଣ)—ବାରଂବାର ଅଧୋବାୟୁ
Purd-purd କରିବାର ଅନୁଚ୍ଚ ପଡ଼ପଡ଼ ଶବ୍ଦ—Low repeated
ପଡ଼ପଡ଼ **पड़पड़** cracking sounds of passing wind.
ପୁଡ଼୍; ପୁଡ଼ୁ } ଅନ୍ୟରୂପ [ଦ୍ର—ପୁଡ଼୍‌ପୁଡ଼୍ ଶବ୍ଦ ପଡ଼ପଡ଼ଠାରୁ
ପୁଡ଼ୁପୁଡ଼ୁ } ଅନୁଚ୍ଚ ।]

ପୁଡ଼ା—ଦେ. ବି. (ସଂ. ପୁଟ)—୧ । ନାକର ଦୁଇ ପାଖର ରନ୍ଧ୍ର;
Purdā ନାସାପୁଟ—1. The nostrils.
ପୁଡ଼ିୟା **पुड़ा** ୨ । ପୋଟଳା—2. Packet.

ନାନା ବ୍ୟଞ୍ଜନ ଗୁଡ଼ ଦଧି
ପୁଡ଼ା ଗୋଟିଏ ଦେଲେ ବାନ୍ଧି—ଜଗନ୍ନାଥ. ଭାଗବତ ।

୩ । (ସଂ. ପୃଷ୍ଠା)—ପୁସ୍ତକର ପୃଷ୍ଠା—
3. Page of a book.
୪ । ଝାଳିକ କବାଟର ବା ପଞ୍ଜରର ଏକ ପଟ ବା ଫାଳ—
4. Door-leaf.

କେଉଁ ମାନେ ଘର ଗବାକ୍ଷ ପୁଡ଼ା ଫେଇ—କୃଷ୍ଣସିଂହ. ମହାଭାରତ. ଅଦି ।

୫ । ଫରକଟା ହୋଇ ଠିଆ ହେବା ମନୁଷ୍ୟର ଦୁଇ ଗୋଡ଼ର ମଧ୍ୟବର୍ତ୍ତୀ ଖିଲାଣ ଆକୃତ ସ୍ଥାନ—5. The arch made by the legs extended by a person while standing astrides.
୬ । ଧାନ ଆଦିର ଛୋଟ ଓଳିଆ— 6. A small round packet of grains enclosed inside straw.
୭ । ଠାକୁରଙ୍କୁ ଦିଆଯିବା ଖାଦ୍ୟ ସାମଗ୍ରୀର ସଖା—
7. A present of victuals made to a Deity.
୮ । ଦୁଇପାଖ ବା ମୁଣ୍ଡ ଥିବା ବସ୍ତୁର ଏକପାଖ ବା ମୁଣ୍ଡ—
8. One end or face of a double-faced thing.

ମୃଦଙ୍ଗ ପୁଡ଼ା ବେକ ପଛରେ ପିନ୍ଧିଲେ—କୃଷ୍ଣସିଂହ. ମହାଭାରତ. ବନ ।

ପ୍ରାଦେ. (ସିଂହଭୂମ ଓ ମେଦିନୀପୁର) ବି—୧ । ଓଳିଆ—
1. A packet of grains enclosed inside crushed straw.
୨ । (ବାଲେଶ୍ୱର) ପୋଡ଼ା (ଦେଖ)—2. Pordā (See)

ପୁଡ଼ା(ଡ଼େ)ଇବା—ପ୍ରାଦେ. (ସମ୍ବଲପୁର ଓ ବାଲେଶ୍ୱର) କ୍ରି—
Purdā(rde)ibā ପୋଡ଼ାଇବା (ଦେଖ)—Pordāibā (See)
[ଦ୍ର—ସମ୍ବଲପୁର ଓ ବାଲେଶ୍ୱରରେ 'ପୋ' ସ୍ଥାନରେ 'ପୁ' ଉଚ୍ଚାରଣ ହୁଏ ।]

ପୁଡ଼ା ଟିଙ୍କ—ଦେ. ବି—ଏକପ୍ରକାର ଟିଙ୍କ—
Purdā ṭinka A kind of tick.

ପୁଡ଼ା ମାଂସ—ପ୍ରାଦେ. (ଗଡ଼ଜାତ) ବି—ପତ୍ର ପୁଡ଼ା ମଧ୍ୟରେ ବନ୍ଧା ହୋଇ
Purdā māmsa ଦହକ ନିଆଁରେ ପୋଡ଼ା ଯାଇଥିବା ମାଂସ—
(ପୁଡ଼ା ମାହିଁସ—ଅନ୍ୟରୂପ) Meat cooked in burning charcoal fire while enclosed inside a think packet of leaves.

ପୁଡ଼ି—ଦେ. ବି. (ସଂ. ପୁଟୀ; ପୁଡ଼ାର ଅଦରାର୍ଥକ ଓ କ୍ଷୁଦ୍ରାର୍ଥକ ଆକାର)—
Purdi ୧ । ଛୋଟ ପୁଡ଼ା—1. A small packet.
ଯୋଡ଼କ ୨ । ନାସା ପୁଟ—2. The nostrils.
पुड़िया ଢ କର ଫୁଲର ସେ ନାଶିକା ପୁଡ଼ି—ଭଞ୍ଜ. ସୁବର୍ଣ୍ଣରେଖା ।
୩ । ଦୂବ, ଘାସ ପ୍ରଭୃତିର ସାନ ବିଡ଼ା—
3. A small bunch of grass.
ପ୍ରାଦେ. (ସମ୍ବଲପୁର) ବି—ଦୁଲ୍ସ ପିଠା—
Fried thin wheat-meal cake.
ପ୍ରାଦେ. (ଗଡ଼ଜାତ) ବି—୧ । ଶସ୍ୟାଦିର ପରିମାଣବିଶେଷ; ପଉଟି; ୨୦ ଗୌଣୀ—1. A measure of corn.
୨ । କରତର ବା ଦାଆର ଦାନ୍ତ—
2. The teeth of a sickle or saw (Howells).

ପୁଡ଼ିଆ—ଦେ. ବି.—(ସଂ. ପୁଟିକା; ପ୍ରା. ପୁଡ଼ିଆ)—୧ । ପୁଡ଼ି (ଦେଖ)—
Purdiā 1. Purdi (See)
ପୁରିୟା; ପୁଡ଼ିୟା ୨ । ଏକ ଥର ଔଷଧ ଚୂର୍ଣ୍ଣାଦି ପୂର୍ଣ୍ଣ କାଗଜର ସାନ
पुड़िया ପୁଡ଼ା—2. A small packet of paper enclosing one dose of a medicinal powder.

ପୁଡ଼ିଙ୍ଗ—ବୈଦେ. ବି. (ଇଂ. ପୁଡିଙ୍ଗ୍)—ମଇଦା, ଦୁଧ, ଚିନି ଓ
Puding ଡିମ୍ବରେ ପ୍ରସ୍ତୁତ ପିଠା—
ପୁଡ଼ିଂ **पुडिं** Pudding.
(ପୁଡ଼ିଂ, ପୁଡ଼ିଙ୍ଗି, ପୁଡ଼ିନ୍—ଅନ୍ୟରୂପ)

ପୁଡ଼ିବା—ପ୍ରାଦେ. (ବାଲେଶ୍ୱର, ସମ୍ବଲପୁର ଓ ସିଂହଭୂମ) କ୍ରି.—
Purdibā ପୋଡ଼ିବା (ଦେଖ)—Pordibā (See)

ପୁଡ଼ୁଅ—ପ୍ରାଦେ. (ଗଡ଼ଜାତ) ବି.—ପୋଡ଼ୁଅ; ଅଣ୍ଡିରା ମଇଁଷି—
Purdua (ପୁଡ଼ୁହ—ଅନ୍ୟରୂପ) He-buffalo.

ପୁଡ଼ୁକା—ପ୍ରାଦେ. (ଗଞ୍ଜାମ ଓ ଜୟପୁର) ବି.—ଛତୁ, ଚୁନା ମାଛ, କଅଁଳ
Purdukā ଡଙ୍କ ଆଦି ତେଲ ମସଲା ଲୁଣ ଗୋଳା ଯାଇ ଦହକ ନିଆଁରେ ପୋଡ଼ା ଯିବା ପତ୍ରର ପୁଡ଼ା; ପତ୍ରର ପୋଡ଼ା—
A small quantity of small fishes, tender leaves of some creepers, and mushroom dressed in red hot charcoal while enclosed in a packet of leaves.

ପୁଡ଼ୁଗ—ପ୍ରାଦେ. (ଗଞ୍ଜାମ; ସମ୍ବଲପୁର)—ବି.—(ସଂ. ପୁଟକ)—
Purduga ୧ । ଶସ୍ୟାଦିର ଓଳିଆ—1. A round packet
(ପୁଡ଼ୁଗ—ଅନ୍ୟରୂପ) made of crushed straw for storing grains.
୨ । ଧାନର ବଡ଼ ଓଳିଆ—
2. Big round packet of straw containing paddy.

ମାଛ ବନା ଅଛନ୍ତିରେ ସେହି ପେଣାଟା,
ଉତ୍ସନ୍ନ ହୋଇ କର ପୁଡ଼ୁଗ ପଟଣା । କୃଷ୍ଣସିଂହ, ମହାଭାରତ, ଉଦ୍‌ଯୋଗ ।

ପ୍ରାଦେ. (ଗଡ଼ଜାତ) ବି—
ଶସ୍ୟାଦିର ପରିମାଣ ବିଶେଷ; ପୌଟି; ୨୦ ଖଣ୍ଡି—
A measure of corn.
[ଦ୍ର—ମାଣ = ୪୨ ଟଙ୍କା ଓଜନର ପରିମାଣ ପାତ୍ର; ଖଣ୍ଡି = ୨୦ ମାଣ; ପୁଡ଼ୁଗ = ୨୦ ଖଣ୍ଡି ।]
ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି—
୧ । ୧୬୦ ତାମ୍ବି ପରିମାଣ—1. A measure of corn equal to 160 Tāmbis.

ପୁଡ଼ୁଗା—ପ୍ରାଦେ. (ସମ୍ବଲପୁର) ବ—
Purdugā ୧ । ପୋଡ଼ା ହୋଇଥିବା ବାଇଗଣ ଆଦି ଫଳ—
1. Burnt fruit (used as curry); fruit dressed in burning fire.
୨ । ପୋଡ଼ା ବାଇଗଣ ଆଦିର ଭରତା—
2. A food-paste made of burnt fruit (brinjals etc).

ପୁଡ଼ୁଙ୍ଗା—ପ୍ରାଦେ. (ଗଞ୍ଜାମ) ବ—ପତ୍ର ପୋଡ଼ା—
Purdungā Tender shoots, small fishes, mushroom cooked in burning charcoal, while enclosed in a packet of leaves.

ପୁଡ଼ୁରା—ପ୍ରାଦେ. (ସମ୍ବଲପୁର) ବ—ମଇଁଷି ଛୁଆ —
Purdurā Young buffalo.

ପୁଡ଼େଇବା—ପ୍ରାଦେ. (ସମ୍ବଲପୁର ଓ ବାଲେଶ୍ୱର) କ୍ରି(ଭୁଲ.ବ. ପୁଡ଼ାନ) —
Purdeibā ପୋଡ଼ି ଦେବା—To burn; to set fire to.
(ପୁଡ଼େଇଦେବା—ଅନ୍ୟରୂପ)

ପୁଡ୍ଡା—ପ୍ରାଦେ. (ଗଞ୍ଜାମ) ବ—ପୋଡ଼ ପିଠା (ଦେଖ)
Puddā Pordā pithā (See)

ପୁଢ଼—ପ୍ରାଦେ. (ସମ୍ବଲପୁର) ବ—ପୋଢ଼ୁଅ; ଅଣ୍ଡିରା ମଇଁଷି—
Purdha Male buffalo.

ପୁଢ଼ା—ପ୍ରାଦେ. (ସମ୍ବଲପୁର) ବ—
Purdhā ୧ । ପୋଡ଼ା—1. Burning.
୨ । ପୁଢ଼ (ଦେଖ)—2. Purdha (See)

ପୁଢ଼ା ଘା ପ୍ରାଦେ. (ସମ୍ବଲପୁର) ବ—ପୋଡ଼ା ଘା—
Purdhā ghā A burn.
ପୁଢ଼ା ଘାଏ ଖାଏନ ସେଁକା = ପୋଡ଼ା ଘାଆରେ ବାଲୁହେବ ଦେବା ।
ସମ୍ବଲପୁରୀ ପ୍ରବଚନ ।

ପୁଣ (ଧାତୁ)—ସ—ସତ୍କର୍ମ କରବା—
Puṇa (root) To do good acts.

ପୁଣ—ଦେ. ଅ. (ସ. ପୁନଃ)—
Puṇa ୧ । ପୁନର୍ବାର—1. Again.
ପୁନି ୨ । ଏବଂ—2. And.
ଫିନ, ପୁନି, ଔର ୩ । ଅଧିକନ୍ତୁ; ଆହୁରି—3. Also; moreover
୪ । ମଧ୍ୟ—4. Too; also.
୫ । ପରେ—5. After.
୬ । ତତ୍ପରେ—6. Then; thereafter.
୭ । କିନ୍ତୁ—7. But.
୮ । ପରନ୍ତୁ; ପକ୍ଷାନ୍ତରେ—8. On the other hand.
୯ । ସୁଦ୍ଧା—9. Even

ପୁଣ ପୁଣ—ଦେ. ଅ. (ସ. ପୁନଃ ପୁନଃ)—
Puṇa puṇa ୧ । ପୁନଃ ପୁନଃ—1. Repeatedly.
বারবার ସେ ଭୁଲେ ଇନ୍ଦ୍ର, ରଥକୁ ପ୍ରଦକ୍ଷିଣ
পুনিপুনি, বারবার କରଇ ନମସ୍କାର କଲେ ପୁଣ ପୁଣ ।
କୃଷ୍ଣସିଂ. ମହାଭାରତ. ବନ ।
୨ । ଉପର୍ଯ୍ୟୁପରି—2. Over and over.
୩ । ଥରକୁ ଥର—3. Again and again; several times.

ପୁଣ ପୁଣି—ଦେ. ଅ. (ସ. ପୁନଃପୁନଃ)—ପୁଣପୁଣ (ଦେଖ)
Puṇa puṇi Puṇapuṇa (See)
ପାଞ୍ଚ ଜନଙ୍କ ଶଙ୍ଖ ଧରଣ ଚକ୍ରପାଣି
ବଜାଇଲେ ମୁଖରେ ଭର ପୁଣି ପୁଣି । କୃଷ୍ଣସିଂ. ମହାଭାରତ, ଭୀଷ୍ମ ।

ପୁଣ ପୁଣେ—ଦେ. କ୍ରି. (ସ. ପୁନଃପୁନଃ)—ପୁଣପୁଣ (ଦେଖ)
Puṇa puṇe Puṇapuṇa (See)
କେମନ୍ତେ ପ୍ରବୃତ୍ତରେ ଗୁଣେ
ଦୃଷ୍ଟି ସଞ୍ଚାରେ ପୁଣ ପୁଣେ—ଜଗନ୍ନାଥ. ଭାଗବତ ।

ପୁଣି—ଦେ. ଅ—(ସ. ପୁନଃ)—ପୁଣ (ଦେଖ)
Puṇi Puṇa (See)
ଗୋପ ସୁନ୍ଦରୀଙ୍କ ଶିରେ ମଣି ତୋ ପଦ କଞ୍ଜ ରଖିଲୁ ପୁଣି
ଭୁଜେ ଧରୁ ତୁ ଯେ ହରଣାକ୍ଷୀ କ ଉଠିଲୁ ଉଚ୍ଚରେ—ଉପେନ୍ଦ୍ର ଭଞ୍ଜ—ସଙ୍ଗୀତ ।

ପୁଣି ପୁଣି—ଦେ. ଅ—(ସ. ପୁନଃ ପୁନଃ)—ପୁଣ ପୁଣ (ଦେଖ)
Puṇi puṇi Puṇa puṇa (See)
ସଜଳୋଷେ ପାଣି ପାଣିରେ ଭୁଜେ କ ଗୁଣି ଗୁଣି ସ୍ୱରେ ଶ୍ରବଣକୁ ପୁଣି ପୁଣି ।
ଭକ୍ତ—ପ୍ରେମସୁଧାନିଧି ।

ପୁଣିହିଁ ପୁଣି—ଦେ. ଅ—ପୁଣ ପୁଣ (ଦେଖ)
Puṇihiṅ puṇi Puṇa puṇa (See)
କଣ୍ଠେ ତେ ନ ଛୁଟେ ବଚନ । ପୁଣିହିଁ ପୁଣି ଅଲିଙ୍ଗନ । ଜଗନ୍ନାଥ. ଭାଗବତ ।

ପୁଣ୍ଡ (ଧାତୁ)—ସ—୧ । ପୀଡ଼ନ କରବା—
Puṇḍa (root) 1. To press.
୨ । ଶୋଭନ କରବା; ଭୂଷିତ କରବା—2. To adorn.

ପୁଣ୍ଡ୍ର—ସ. ବ—(ପୁଣ୍ଡ ଧାତୁ + କର୍ତ୍ତୃ. ଅ; ଯାହା କପାଳକୁ ଶୋଭିତ
Puṇḍa କରେ)—କପାଳରେ ଓ ଭ୍ରୂଲତା ମଧ୍ୟରେ କଟାଯିବା ତିଳକ ବା ଚନ୍ଦନର ଚିତା—Mark of sandal paste painted on the forehead and between the eyebrows.

ପୁଣ୍ଡରିଆ କାଠ—ପ୍ରାଦେ (ଗଞ୍ଜାମ) ବ—ପଦ୍ମ କାଷ୍ଠ (ଦେଖ)
Puṇḍariyā kātha Padma kāshtha (See)

ପୁଣ୍ଡରୀ—ସ. ବ—(ପୁଣ୍ଡରନ୍ ଶବ୍ଦ; ୧ମା. ୧ବ)—ସୁବାସିତପତ୍ର ଗୁଳ୍ମ
Puṇḍarī ବିଶେଷ—A plant with scented leaves.
ସ. ନାମ—ପୁଣ୍ଡରୀ, ପ୍ରପୌଣ୍ଡରୀକ, ଶୀତ, ପୁଣ୍ଡର୍ଯ୍ୟ, ପୁଣ୍ଡରୀପୁଷ୍ପକ, ଚକ୍ଷୁଷ୍ୟ, ତଳପୁଷ୍ପକ, ସାଲ ପୁଷ୍ପ, ସ୍ଥଳପଦ୍ମ,] [ଦ୍ର—ଏହାର ପତ୍ର ଶାଳପର୍ଣ୍ଣୀର ପତ୍ର ପରି ଆକାରବିଶିଷ୍ଟ; ଏ ପତ୍ରମାନ ଈଷତ୍ ସୁଗନ୍ଧ । ପତ୍ରର
ସାନୁଜ, ଅନୁଜ ।
पुंडरिया
ରସ ଚକ୍ଷୁରୋଗରେ ହିତକର, ବୈଦ୍ୟକମତରେ ପୁଣ୍ଡରୀ ମିଠା, କଷା, ସାର୍ଯ୍ୟବର୍ଦ୍ଧକ, ଶୀତଳ ଓ ନେତ୍ରହିତକର—ହି. ଶ. ।]

ପୁଣ୍ଡରୀକ—ସ. ବ—(ପୁଣ୍ଡ ଧାତୁ ପୀଡ଼ନ କରବା, ଶୋଭନ କରବା +
Puṇḍarīka କର୍ତ୍ତୃ. ଅରୀକ)—୧ । ଶ୍ୱେତ ପଦ୍ମ—1. White lotus; Nelumbium Speciosum.
୨ । ଅଗ୍ନିକୋଣର ଦିଗ୍ଗଜ—
2. The elephant guarding the S. E. quarter.
୩ । ନାଗ ବିଶେଷ—
3. Name of a mythological serpent.

୪ । ବ୍ୟାଘ୍ର; ଚିତାବାଘ—4. Leopard.
୫ । ଏକପ୍ରକାର ଆଖୁ ; ଧଳା ଆଖୁ—
5. A kind of white sugarcane.
୬ । ଗୋଟି ପୋକ; ପାଟ ପୋକ—
6. A silk coccoon.
୭ । ଗଜ ଜ୍ୱର; ହାତୀର ଜ୍ୱର ରୋଗ—
7. Fever affecting an elephant.
୮ । ସହକାର; ଆମ୍ବ—8. Mango.
୯ । ଶିକ୍ଷକ—9. Teacher.
୧୦ । ବଡ଼ ଶିଷ୍ୟ; ଗଣ ଧର—
10. Monitor of a class.
୧୧ । ଧଳା ରଙ୍ଗ—11. White colour.
୧୨ । କମଣ୍ଡଳୁ—
12. A mendicant's water bowl.
୧୩ । କୁଷ୍ଠ ରୋଗ—13. Leprosy.
୧୪ । ଦମନକ ବା ଦୟଣା ଗଛ—
14. A fragrant plant.
୧୫ । ମେଦିନୀପୁରର ପ୍ରାଚୀନ ନାମ—
15. The ancient name of Midnapur.
୧୬ । ଶ୍ୱେତ ଛତ୍ର—16. A white umbrella.
୧୭ । ଯଜ୍ଞବିଶେଷ—
17. A kind of vedic oblation.
ଅଶ୍ୱମେଧ ରାଜସୂୟ ଯେ ପୁଣ୍ଡରୀକ
ଗୋ ସବ ଆଦି ଯାଗ ଅଛନ୍ତି ଯେତେକ
ଭୃତ୍ତି ହ ମହାଭାରତ—ବନ ।
୧୮ । କମଳ; ପଦ୍ମ (ହି. ଶ.)—18. Lotus.
୧୯ । ତିଳକ (ହି. ଶ.)—19. Mark of sandal or other paste drawn on the forehead.
୨୦ । ଧାନ୍ୟବିଶେଷ (ହି. ଶ.)—
20. A kind of paddy.
୨୧ । ଧଳା ହାତୀ (ହି. ଶ.)—21. White elephant.
୨୨ । ଏକପ୍ରକାର ଶ୍ୟେନ ପକ୍ଷୀ (ହି. ଶ.)—
22. A kind of hawk.
୨୩ । ଶ୍ୱେତ କୁଷ୍ଠ (ହି. ଶ.)—23. Leucoderma.
୨୪ । ଚିନି (ହି. ଶ.)—24. White sugar.
୨୫ । ଧଳା ସାପ (ହି. ଶ.)—25. White serpent.
୨୬ । ଚିତି ସାପ—26. A kind of snake with white rings; Amphisbaena.
୨୭ । କ୍ରୌଞ୍ଚ ଦ୍ୱୀପର ପର୍ବତବିଶେଷ—27. Name of a mountain of the mythological Krauncha island.
୨୮ । ଅଗ୍ନି (ହି. ଶ.)—21. Fire.
୨୯ । ବାଣ; ଶର (ହି. ଶ.)—29. Arrow.
୩୦ । ଆକାଶ (ହି. ଶ.)—30. The sky.
୩୧ । (ନାମ) ରଘୁ ବଂଶର ଏକ ରାଜା (ହି. ଶ.)—
31. Name of a king of the Raghu dynasty.

୩୨ । ମହାଭାରତୋକ୍ତ ତୀର୍ଥ ବିଶେଷ (ହି. ଶ.)—32. Name of a place of Hindu pilgrimage.

ପୁଣ୍ଡରୀକ କାଠ—ଦେ. ବି—୧ । ପୁଣ୍ଡରୀ (ଦେଖ)—
Pundarika kātha 1. Pundari (See)
୨ । ପଦ୍ମ କାଷ୍ଠ (ଦେଖ)—
2. Padma kāshtha (See).
ହରେକୃଷ୍ଣ—ଦ୍ରବ୍ୟଗୁଣ ।

ପୁଣ୍ଡରୀକ ବାସୁଦେବ—ସ. ବି.—ପୁଣ୍ଡରୀକ ନାମଧାରୀ ଜଣେ ପୌରାଣିକ
Pundarika bāsudeba ରାଜା—Name of a king who wanted to be as famous as Bishnu but failed.
[ଦ୍ର—ଏ ବିଷ୍ଣୁଙ୍କ ସଦୃଶ ବେଶଭୂଷା ଧରି ବିଷ୍ଣୁଙ୍କ ପରି ବିଖ୍ୟାତ ହେବାକୁ ଚେଷ୍ଟା କରି ହାସ୍ୟାସ୍ପଦ ହୋଇଥିଲେ । ଏହାଙ୍କର ଅନ୍ୟ ନାମ ପୌଣ୍ଡ୍ରିକ ଓ ପୁଣ୍ଡରୀକ ରାଜା ।]

ପୁଣ୍ଡରୀକାକ୍ଷ—ସ. ବିଣ. (ପୁଣ୍ଡରୀକ=ଶ୍ୱେତପଦ୍ମ+ଅକ୍ଷି=ଚକ୍ଷୁ; ବହୁବ୍ରୀହି)
Pundarikāksha ଶ୍ୱେତପଦ୍ମ ପରି ସୁନ୍ଦର ଚକ୍ଷୁବିଶିଷ୍ଟ—
Lotus-eyed; having eyes as graceful as the white lotus.
ସ. ବି.—ବିଷ୍ଣୁଙ୍କ ନାମ—A name of Bishnu.
[ଦ୍ର—ମହାଭାରତରେ ଲେଖା ଅଛି 'ପୁଣ୍ଡରୀକ' ଅର୍ଥ ପରମ ସ୍ଥାନ ଓ 'ଅକ୍ଷ' ଅର୍ଥ ଅବ୍ୟୟ; ବାସୁଦେବ ପରମ ସ୍ଥାନରେ ବାସ କରନ୍ତି ଓ ତାହାଙ୍କର କ୍ଷୟ ନାହିଁ, ତେଣୁ ସେ ପୁଣ୍ଡରୀକାକ୍ଷ ନାମରେ ଅଭିହିତ ।]

ପୁଣ୍ଡରୀକାୟତାକ୍ଷ—ସ. ବିଣ. ପୁଂ—(ପୁଣ୍ଡରୀକ ପରି ଆୟତ ଅର୍ଥାତ
Pundarikāyatāksha ବିସ୍ତୃତ ଅକ୍ଷି ଯାହାର)—ଶ୍ୱେତପଦ୍ମ ପରି ବିସ୍ତୃତ ଚକ୍ଷୁ ବିଶିଷ୍ଟ (ବ୍ୟକ୍ତି)—(a person) Having eyes as large as the white lotus.

ପୁଣ୍ଡରୀୟକ—ସ. ବି. (ପୁଣ୍ଡ ଧାତୁ+ଅରୀୟକ)—୧ । ସ୍ଥଳପଦ୍ମ—
Pundariyaka 1. Hibiscus Mutabilis (flo er and bushy tree.)
୨ । ପୁଣ୍ଡରୀ (ଦେଖ)—2 Pundari (See)

ପୁଣ୍ଡର୍ଯ୍ୟ—ସ. ବି. (ପୁଣ୍ଡ ଧାତୁ+ଅର୍ଯ୍ୟ)—୧ । ପୁଣ୍ଡରୀ (ଦେଖ)
Pundarjya 1. Pundari (See)
୨ । ନେତ୍ର ରୋଗ ନିବାରକ ଭୈଷଜ୍ୟ ଲତାବିଶେଷ—
2, A medicinal creeper used in curing eye-diseases.

ପୁଣ୍ଡା—ପ୍ରାଦେ. (କଟକ) ବିଣ—ହୃଷ୍ଟପୁଷ୍ଟ; ମୋଟା; ଫାପୁଲା—
Punda Fat; corpulent.
ପ୍ରାଦେ. (ଗଡ଼ଜାତ)—ବି.—ଗାଈ, ମଇଁଷି ଆଦିଙ୍କ ପଲ ବା ଦଳ—
A herd of cows or buffaloes.

ପୁଣ୍ଡୁକା—ପ୍ରାଦେ. (ଯାଜପୁର) ବିଣ.ପୁଂ ଓ ସ୍ତ୍ରୀ—ଯାହାର ଗାଲ ଓ ଦେହ
Pundukā ହୃଷ୍ଟପୁଷ୍ଟ ଓ ଫୁଲୁକା—(A person) Having
(ପୁଣ୍ଡୁକୀ—ସ୍ତ୍ରୀ) a stout body and swollen cheeks.

ପୁଣ୍ଡ୍ର—ସ. ବି. (ପୁଣ୍ଡ ଧାତୁ+ର)—୧ । ଏକ ପ୍ରକାର ଫିକା ରଙ୍ଗର
Pundra ଆଖୁ—1. A kind of grey sugar cane;
(ପୁଣ୍ଡ୍ରକ—ଅନ୍ୟରୂପ) Saccharum Officinarum.

୨ । ବଳିର ଏକ ପୁତ୍ର; ଦୈତ୍ୟବିଶେଷ—
2. Name of a demon, a son of Bali.
[ଦ୍ର—ଏହାଙ୍କ ନାମ ଅନୁସାରେ ପୁଣ୍ଡ୍ର ଦେଶର ନାମ ହୋଇଥିଲା ।]
୩ । କପାଳର ଚିତା; ତିଳକ—3. Mark of sandal-paste put on the forehead.
[ଦ୍ର—ଉପରକୁ କଣା ଯିବା ଚିତା=ଊର୍ଦ୍ଧ୍ୱପୁଣ୍ଡ୍ର; ୩ ଶାଖା ବିଶିଷ୍ଟ ଚିତା=ତ୍ରିପୁଣ୍ଡ୍ର ।]
୪ । ଚିତ୍ର; ଅଙ୍କିତ ଚିତ୍ର—4. Painting; a drawing.
୫ । କୃମି—5. Worm.
୬ । ମାଧବୀ ଲତା—6. A flowering creeper; Gaertnear Racemosa.
୭ । ପୁଣ୍ଡରୀକ; ଶ୍ୱେତ ପଦ୍ମ—7. White lotus.
୮ । ଗୌଡ଼ ଦେଶ; ଗଙ୍ଗାକୂଳରୁ ବିହାର ପ୍ରଦେଶର ଦକ୍ଷିଣ ପର୍ଯ୍ୟନ୍ତ ଦେଶ—8. The country of Gaurda (Rajsahi and part of Bihar).
[ଦ୍ର—ମହାଭାରତ ଅନୁସାରେ ବଳି ରାଜାଙ୍କର ୫ ପୁତ୍ର ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମଙ୍କ ନାମ ଅନୁସାରେ ଭାରତର ୫ଟି ପ୍ରଦେଶର ନାମ ହୋଇଥିଲା (ହି. ଶ.) ।]
୯ । ତିଳକ ବୃକ୍ଷ—9. Name of a tree.
୧୦ । ଗୌଡ଼ୀୟ ବ୍ୟକ୍ତି—
10. A man of the Gaurda country.
୧୧ । ତିନଶ ଗଛ (ହି. ଶ)—11 Tinisa tree (See)
୧୨ । ହ୍ରସ୍ୱପ୍ଲକ୍ଷ; କଣିଗଛ (ହି. ଶ)—
12. Waved-leafed fig tree.
୧୩ । ପୁରାଣୋକ୍ତ ଭାରତର ପ୍ରାଚୀନ ଜାତିବିଶେଷ (ହି. ଶ)—
12. Name of an ancient Indian caste mentioned in the Hindu mythologies
[ଦ୍ର—ବ୍ରହ୍ମାଣ୍ଡ ପୁରାଣ ଓ ମତ୍ସ୍ୟପୁରାଣ ମତରେ ଏମାନେ ପୂର୍ବ-ଭାରତରେ ବାସ କରୁଥିଲେ; ବିଷ୍ଣୁପୁରାଣ ଓ ମାର୍କଣ୍ଡେୟ ପୁରାଣରେ ଏମାନେ ଦାକ୍ଷିଣାତ୍ୟବାସୀ ଥିବାର ବୋଲା ଯାଇଅଛି । ଐତରେୟ ବ୍ରାହ୍ମଣରେ ଏମାନେ ବିଶ୍ୱାମିତ୍ରଙ୍କଠାରୁ ଶାପ ପ୍ରାପ୍ତ ବିଶ୍ୱାମିତ୍ରଙ୍କର କେତେକ ପୁତ୍ରଙ୍କ ବଂଶଧର ଥିବାର ଓ ଶାପ ଯୋଗୁଁ ଏମାନେ ଦସ୍ୟୁ ଓ ଅନ୍ତ୍ୟଜ ହୋଇଥିବାର ବର୍ଣ୍ଣିତ ହୋଇଅଛି—ହି. ଶ ।]
୧୪ । ଘୋଡ଼ା ଦେହରେ ଲୋମରାଜିର ଭଙ୍ଗୀ ଅନୁସାରେ ହେବା ଶଙ୍ଖ, ଚକ୍ର, ଗଦା, ପଦ୍ମ, ଖଡ୍ଗ, ଅଙ୍କୁଶଆଦିର ଚିହ୍ନ (ହି· ଶ)—
14. Certain marks on the body of a horse made by its hair.

ପୁଣ୍ଡ୍ରବର୍ଦ୍ଧନ—ସ. ବି. (ନାମ)—ପୁଣ୍ଡ୍ରଦେଶର ପ୍ରାଚୀନ ରାଜଧାନୀ—
Pundra barddhana Name of the capital of the ancient Pundra Desa.
[ଦ୍ର—ଏହା ହିନ୍ଦୁ ଓ ବୌଦ୍ଧମାନଙ୍କର ତୀର୍ଥରୂପେ ପରିଗଣିତ, ଏଠାରେ ସତୀଙ୍କର ଅଙ୍ଗ ପଡ଼ିଥିବାରୁ ଏହା ହିନ୍ଦୁପୀଠ ରୂପେ ପରିଗଣିତ । କେହି କେହି ଏହାକୁ ଆଧୁନିକ ରଙ୍ଗପୁର, କେହି ପାବନା ଓ କେହି ମାଲଦହ ପାଖେ ଥିବାର କହନ୍ତି—ହି. ଶ ।]

ପୁଣ୍ୟ—ସ. ବି. (ପୁଣ ଧାତୁ+ଭାବ ବା କର୍ମ ଯ; ଅଥବା ପୂ ଧାତୁ=ଶୁଦ୍ଧ
Punya କରିବା+କର୍ତ୍ତୃ. ଯ; ଣ ଆଗମ)—୧ । ଧର୍ମ; ସଦାଚାର ଅନୁଷ୍ଠାନ—1. Doing good acts.
୨ । ସୁକୃତ—2. Meritorious act; piety; virtuous act.
୩ । ଧର୍ମ ବା ନୀତି ସଙ୍ଗତ ଉତ୍କର୍ଷ—
3. Moral or religious merit.
୪ । ଶୁଦ୍ଧତା; ପବିତ୍ରତା—4. Purity.
୫ । ଶୁଦ୍ଧୀକରଣ—5. Purification.
୬ । ପରୋପକାର—6. Works benificial to others.
ସ. ବିଣ—୧ । ଶୁଚି; ପବିତ୍ର—1. Pure; holy.
୨ । ନିର୍ମଳ—2. Clear.
୩ । ଶୁଭସୂଚକ—3. Auspicious.
୪ । ଧର୍ମାନୁମୋଦିତ; ଧାର୍ମିକ—
4. Righteous; pious; meritorious.
୫ । ଆନନ୍ଦପ୍ରଦ—5. Pleasant; delightful
୬ । ସତ୍—6. Virtuous; honest.
୭ । ମନୋଜ୍ଞ; ସୁନ୍ଦର—7. Beautiful; graceful.
୮ । ନୈତିକ—8. Moral.
୯ । ସୁଗନ୍ଧ—9. Fragrant; odorous.
୧୦ । ନିଷ୍ପାପ—10. Sinless.
ଦେ. ବି—୧ । ଧର୍ମୋତ୍ସବ—
1. Religious ceremony or festival.
୨ । ପୁଣ୍ୟାର୍ଥ; ଧର୍ମାର୍ଥ ବ୍ରତ ସାଧନ—
2. Observance of religious fasts.
୩ । (ସ. ପୂର୍ଣ୍ଣିମା)—ପୂର୍ଣ୍ଣିମା—3. Full moon.

ପୁଣ୍ୟ ଅରଜିବା—ଦେ. କ୍ରି—ସତ୍କାର୍ଯ୍ୟଦ୍ୱାରା ଧର୍ମ ସଞ୍ଚୟ କରିବା—
Punya arajibā To store religious merit by पुन्यअरजा पुण्यअरजना doing pious acts.
[ପୁଣ୍ୟଅର୍ଜିବା, ପୁଣ୍ୟକମା(ମେ)ଇବା—ଅନ୍ୟରୂପ]

ପୁଣ୍ୟକ—ସ. ବି. (ପୁଣ୍ୟ+କୈ ଧାତୁ=ବିସ୍ତାର କରିବା+ଅ)—
Punyaka ୧ । ପୁଣ୍ୟ ନିମନ୍ତେ କରାଯିବା ବ୍ରତ ଉପବାସାଦି—
1. Religious observances.
୨ । ବିଷ୍ଣୁ—2. Bishnu.
୩ । ନିଜପୁତ୍ରର କଲ୍ୟାଣ କାମନାରେ ପତ୍ନୀବର୍ଗ ସ୍ତ୍ରୀର ଆଚରିତ ବ୍ରତ (ହି. ଶ)—3 Religious fast observed by a woman for the good of her own son

ପୁଣ୍ୟକ ବ୍ରତ—ସ. ବି—ସନ୍ତାନ ଲାଭାର୍ଥ ସଧବାମାନଙ୍କର ନାନାପ୍ରକାର
Punyaka brata ବିଧି ସହିତ ଏକବର୍ଷକାଳ ବିଷ୍ଣୁପୂଜା—
A religious vow observed by women for the period of a year by worshipping Bishnu for being blessed with offsprings.

ପୁଣ୍ୟକର୍ମା—ସ. ବିଣ. ପୁଂ. (ବହୁବ୍ରୀହି; ପୁଣ୍ୟ+କର୍ମନ୍; ୧ମା. ୧ବ)—
Punyakarmā ୧ । ଧାର୍ମିକ—1. Pious.

୨ । ସତ୍—2. Virtuous; upright
୩ । ସତ୍‌କ୍ରିୟ—3. Meritorious; doing good acts.

ପୁଣ୍ୟ କାଳ—ସଂ. ବି. (କର୍ମଧା)—ଗ୍ରହମାନଙ୍କର ଇଷ୍ଟ ସ୍ଥାନରେ ଉପସ୍ଥାନ
Punya kala ଯୋଗୁଁ ଯେଉଁ ପବିତ୍ର ବା ଶୁଭକାଳ ଉପସ୍ଥିତ ହୁଏ— Holy time; astrologically auspicious time.
[ଦ୍ର—ଏହି ସମୟରେ ହୋମ, ଦାନାଦି କର୍ମ ବିଶେଷ ପୁଣ୍ୟପ୍ରଦ ।]

ପୁଣ୍ୟ କୀର୍ତ୍ତନ—ସଂ. ବି. ୧। (ମ. ପ. ଲୋ)—ପୁଣ୍ୟ ବାକ୍ୟର କଥନ—
Punya kirttana 1. Uttering holy sayings.
୨ । (ବହୁବ୍ରୀହି; ଯାହାଙ୍କ ନାମ କୀର୍ତ୍ତନ କଲେ ପୁଣ୍ୟ ହୁଏ)—
ବିଷ୍ଣୁ—2 A name of Bishnu.

ପୁଣ୍ୟ କୀର୍ତ୍ତି—ସଂ. ବି. (ମ. ପ. ଲୋ) —ପୁଣ୍ୟକାର୍ଯ୍ୟ ଜନିତ ଯଶଃ—
Punya kirtti Fame arising out of pious deeds.
୨ । ବିଷ୍ଣୁଙ୍କ ନାମ—2. Name of Bishnu.
ସଂ. ବିଣ—୧ । ପୁଣ୍ୟବାନ୍—1. Pious.
୨ । ପୁଣ୍ୟଜନିତ କୀର୍ତ୍ତିବିଶିଷ୍ଟ—2. Famous for piety.

ପୁଣ୍ୟକୃତ୍—ସଂ. ବିଣ. ପୁଂ. (ପୁଣ୍ୟ + କୃ ଧାତୁ + କର୍ତ୍ତୃ. କ୍ୱିପ୍)—
Punyakrut ପୁଣ୍ୟକର୍ମୀ (ଦେଖ)—Punyakarmā (See)

ପୁଣ୍ୟ କ୍ଷୟ—ସଂ. ବି. (୬ଷ୍ଠୀ ତତ୍)—ଆପଣାର ସଞ୍ଚିତ ପୁଣ୍ୟର ଫଳର
Punya kshaya ବିନାଶ—Decay of the religious merit already acquired by a man.

ପୁଣ୍ୟ କ୍ଷେତ୍ର—ସଂ. ବି—୧ । ଆର୍ଯ୍ୟାବର୍ତ୍ତ; ହିମାଳୟ ଓ ବିନ୍ଧ୍ୟାଚଳର
Punya kshetra ମଧ୍ୟବର୍ତ୍ତୀ ଦେଶ—1. Northern India.
(ପୁଣ୍ୟଧାମ—ଅନ୍ୟରୂପ) ୨ । ପବିତ୍ରଧାମ; ତୀର୍ଥ; ପୀଠ—2. Holy land; a place of pilgrimage.

ପୁଣ୍ୟ ଗନ୍ଧ—ସଂ. ବି ୧ । (କର୍ମଧା)—ମନୋହର ଗନ୍ଧ—
Punya gandha 1. Pure smell; sweet scent.
୨ । (ବହୁବ୍ରୀହି) ଚମ୍ପା ଗଛ—
2. The Champaka tree; Michelia Champaka.

ପୁଣ୍ୟଗନ୍ଧି—ସଂ. ବିଣ (ପୁଣ୍ୟ+ଗନ୍ଧ+ଇ)—ମନୋହରଗନ୍ଧଯୁକ୍ତ—
Punyagandhi Sweet scented.

ପୁଣ୍ୟ ଜନ—ସଂ. ବି (କର୍ମଧା)—୧ । ପବିତ୍ର ବା ଧାର୍ମିକ ବ୍ୟକ୍ତି—
Punya jana 1 Holy man.
୨ । ଯକ୍ଷ—2. A class of aereal beings.
୩ । (ପୁନ୍=ପବିତ୍ରତା+ଅଜନ=ଯେ ଜାତ କରେ ନାହିଁ)—
ରାକ୍ଷସ—3. Demon; fiend.
ଯାହାର ପୁଣ୍ୟଜନେ (୩) ହୋଇଲେ ବିହାର ପୁଣ୍ୟଜନେ (୧) ବହିଲେ ରଞ୍ଜନ ପୁଣ୍ୟଜନ(୨)
କୁବେର ଯେ ଗାମ୍ଭିମାନ—ଭକ୍ତ. ବୈଦେହୀଶବିଳାସ ।

ପୁଣ୍ୟ ଜନକ—ସଂ. ବି)—ପୁଣ୍ୟ + ଜନ ଧାତୁ ଣିଚ ଜନ ଧାତୁ+କର୍ତ୍ତୃ.
Punya janaka ଅକ)--ପୁଣ୍ୟପ୍ରଦ (ଦେଖ)
Punyaprada (See)

ପୁଣ୍ୟଜନ ପତି—ସଂ. ବି (୬ଷ୍ଠୀ ତତ୍)—୧ । ଯକ୍ଷପତି; କୁବେର—
Punyajana pati 1. The God of wealth.
(ପୁଣ୍ୟଜନେଶ୍ୱର—ଅନ୍ୟରୂପ) ୨ । ଧାର୍ମିକ ଶ୍ରେଷ୍ଠ—
2. An eminent person amongst the pious.
ବସି ଥିଲୁ ଯହିଁ ପୁଣ୍ୟଜନପତି (୧) କରି ପୁଣ୍ୟଜନପତି (୨) ସେ
ଭକ୍ତ ବୈଦେହୀଶବିଳାସ ।

ପୁଣ୍ୟତୋୟା—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି)—ଯେଉଁ ନଦୀର ଜଳ ପବିତ୍ର—
Punyatoyā (river) With holy water.
ସଂ. ବି—ଗଙ୍ଗା ନଦୀ—The river Ganges.

ପୁଣ୍ୟଦ—ସଂ. ବିଣ (ପୁଣ୍ୟ+ଦା ଧାତୁ+କର୍ତ୍ତୃ ଅ)—ପୁଣ୍ୟପ୍ରଦ (ଦେଖ)
Punyada (ପୁଣ୍ୟଦା—ସ୍ତ୍ରୀ) Punyaprada (See)

ପୁଣ୍ୟ ଦର୍ଶନ—ସଂ. ବିଣ. ପୁଂ (ବହୁବ୍ରୀହି ପୁଣ୍ୟ+ଦର୍ଶନ)—
Punya darśana ଯାହାଙ୍କୁ ଦେଖିଲେ ପୁଣ୍ୟଲାଭ ହୁଏ—
(ପୁଣ୍ୟ ଦର୍ଶନା—ସ୍ତ୍ରୀ) Whose mere sight makes a person holy.
ସଂ. ବି—ଶୁକପକ୍ଷୀ; ଉଦଉଦକଳିଆ ପକ୍ଷୀ—
The blue jay; the fairy blue bird.
[ଦ୍ର—ବିଜୟା ଦଶମୀ ଦିନ ଏ ପକ୍ଷୀକୁ ଦର୍ଶନ କରିବା ପୁଣ୍ୟଜନକ ବୋଲି ଲୋକେ ବିଶ୍ୱାସ କରନ୍ତି । ସମ୍ବଲପୁରବାସୀମାନେ ସେ ଦିନ ଏ ପକ୍ଷୀର ଦର୍ଶନଲାଭ କରିବା ପାଇଁ ନାନାସ୍ଥାନ ଓ ବନ ଜଙ୍ଗଲ ଅନ୍ୱେଷଣ କରନ୍ତି ।]

ପୁଣ୍ୟ ଦାୟକ—ସଂ. ବିଣ—ପୁଣ୍ୟପ୍ରଦ (ଦେଖ)
Punya dāyaka (ପୁଣ୍ୟଦାୟିକା—ସ୍ତ୍ରୀ)--Punyaprada (See)

ପୁଣ୍ୟଦେହା—ଦେ. ବିଣ (ସଂ. ପୁଣ୍ୟ + ଦେହ)--ପବିତ୍ରଶରୀରବିଶିଷ୍ଟ—
Punyadehā Having a holy body.
ଭଲେ ଜାଣିଛୁ ଅମ୍ଭେ ଏହା
ତୁମ୍ଭେ ସ୍ୱଭାବେ ପୁଣ୍ୟଦେହା—ଜଗନ୍ନାଥ, ଭାଗବତ ।

ପୁଣ୍ୟ ପର୍ବ—ଦେ. ବି (ସଙ୍କର ଶବ୍ଦ) (ସଂ. ପୂର୍ଣ୍ଣିମା ଓ ପର୍ବ)—
Punya parba ବ୍ରତ ଓ ଉତ୍ସବାଦି—Religious fasts and
परबतौहार्पुण्यिपरब (ପୁଣ୍ୟପରବ—ଅନ୍ୟରୂପ) festivals.

ପୁଣ୍ୟ ପ୍ରଦ—ସଂ. ବିଣ—(ପୁଣ୍ୟ+ପ୍ର+ଦା. ଧାତୁ+କର୍ତ୍ତୃ. ଅ)
Punya prada ଯାହା ପବିତ୍ରତା ପ୍ରଦାନ କରେ—
(ପୁଣ୍ୟପ୍ରଦା—ସ୍ତ୍ରୀ) Conferring religious merit.

ପୁଣ୍ୟ ଫଳ—ସଂ. ବି. (୬ଷ୍ଠୀ ତତ୍)—୧ । ସତ୍‌କାର୍ଯ୍ୟର ଫଳ—
Punya phala 1 Fruits of piety.
୨ । ସତ୍‌କାର୍ଯ୍ୟର ପୁରସ୍କାର—
2. The reward for pious acts.
୩ । କୁଞ୍ଜବନ; ଆରାମ; ଉପବନ—
3. Pleasure-garden; grove.

ପୁଣ୍ୟ ଫଳ ଭାଗୀ—ସଂ. ବିଣ. ପୁଂ (ପୁଣ୍ୟ+ଫଳ+ଭାଗିନ୍)—
Punya phala bhāgi ପୁଣ୍ୟ ଭାଗୀ (ଦେଖ)
(ପୁଣ୍ୟଫଳଭାଗିନୀ—ସ୍ତ୍ରୀ) Punya bhāgi (See)

ପୁଣ୍ୟବନ୍ତ—ଦେ. ବିଣ. ପୁଂ (ସଂ. ପୁଣ୍ୟବତ୍ ଶବ୍ଦ)—ପୁଣ୍ୟବାନ୍—
Punyabanta Pious; religious.
पुण्यवन्त ଧର୍ମ ଯୁକ୍ତ ହେଲେ ପୁଣ୍ୟବନ୍ତ ଲୋକ
पुण्यवंत ପାଇବ ଯାଇ ଅଛେ ଅବଳା ନାୟିକ ।
(ପୁଣ୍ୟବନ୍ତା—ଅନ୍ୟରୂପ) — କୃଷ୍ଣସିଂହ, ମହାଭାରତ, ଅଦି ।

ପୁଣ୍ୟବନ୍ତୀ—ଦେ. ବିଣ. ସ୍ତ୍ରୀ (ସ. ପୁଣ୍ୟବତୀ)—ପୁଣ୍ୟବନ୍ତର ସ୍ତ୍ରୀ ଲିଙ୍ଗ—
Puṇyabanti Feminine of Puṇyabanta.

ଯଶୋଦା ପୁଣ୍ୟବନ୍ତୀ ନାରୀ
ତାହାଙ୍କ ପ୍ରସନ୍ନ ଶ୍ରୀହରି । ଭୂପତି. ପ୍ରେମପଞ୍ଚାମୃତ ।

ପୁଣ୍ୟବାନ୍—ସ. ବିଣ. ପୁଂ (ପୁଣ୍ୟ + ବତ୍; ୧ମା. ୧ବ.)—
Puṇyabān ୧ । ଧାର୍ମିକ—1. Pious; righteous;
(ପୁଣ୍ୟବତୀ—ସ୍ତ୍ରୀ) religious.
୨ । ଭାଗ୍ୟବାନ୍—2. Fortunate; blessed; prosperous.
୩ । ସୁନ୍ଦର; ମନୋଜ୍ଞ—3. Pleasing; beautiful (Apte).

ପୁଣ୍ୟ ଭାକ୍—ସ. ବିଣ. (ପୁଣ୍ୟ + ଭଜ୍ ଧାତୁ + କ୍ୱିପ୍; ପୁଣ୍ୟଭାଜ୍; ୧ମା. ୧ବ.)—
Puṇya bhāk
୧ । ପୁଣ୍ୟଶୀଳ; ଧାର୍ମିକ—1. Pious.
୨ । ପୁଣ୍ୟ ଭାଗୀ (ଦେଖ)—2. Puṇya bhāgī (See)

ପୁଣ୍ୟ ଭାଗୀ—ସ. ବିଣ. ପୁଂ (ପୁଣ୍ୟ + ଭାଗିନ୍; ୧ମା. ୧ବ)—
Puṇya bhāgī ପୁଣ୍ୟ କାର୍ଯ୍ୟରେ ବା ଫଳରେ ଯାହାର ଭାଗ ରହେ-
(ପୁଣ୍ୟଭାଗିନୀ—ସ୍ତ୍ରୀ) Sharing in the merit due to a pious act.

ପୁଣ୍ୟ ଭୂ—ସ. (କର୍ମଧା)—୧ । ଆର୍ଯ୍ୟାବର୍ତ୍ତ; ହିମାଳୟ ଓ ବିନ୍ଧ୍ୟାଚଳର
Puṇya bhū ମଧ୍ୟବର୍ତ୍ତୀ ଦେଶ—1. The country north
(ପୁଣ୍ୟଭୂମି—ଅନ୍ୟରୂପ) of the Bindhya hills and south of the Himalayas.
୨ । ପୀଠ; ତୀର୍ଥ—2. Holy land.
୩ । ପୁତ୍ରବତୀ ସ୍ତ୍ରୀ (ହି. ଶ.)—
3. A woman blessed with a son or sons.

ପୁଣ୍ୟ ଲାଭ—ସ. ବି. (୬ଷ୍ଠୀ ତତ୍)—ସୁକୃତର ଅର୍ଜନ—
Puṇya lābha Attainment of religious merit.

ପୁଣ୍ୟ ଲୋକ—ସଂ. ବି. (କର୍ମଧା)—୧ । ସ୍ୱର୍ଗ—
Puṇya loka 1. Heaven.
୨ । ଦେବଲୋକ; ବୈକୁଣ୍ଠ—2. Paradise.
୩ । ସାଧୁ ବ୍ୟକ୍ତି—3 Pious person.

ପୁଣ୍ୟଶାଳୀ—ସଂ. ବିଣ. ପୁଂ.—ପୁଣ୍ୟବାନ୍ (ଦେଖ)
Puṇyaśāli (ପୁଣ୍ୟଶାଳିନୀ ସ୍ତ୍ରୀ) Puṇyabān (See)

ପୁଣ୍ୟଶୀଳ—ସଂ. ବିଣ. ପୁଂ. (ବହୁବ୍ରୀହି; ପୁଣ୍ୟ ଅଟେ ଶୀଳ=ସ୍ୱଭାବ
Puṇyaśila ଯାହାର)—ଧର୍ମଶୀଳ; ଧାର୍ମିକ—Virtuous;
(ପୁଣ୍ୟଶୀଳା—ସ୍ତ୍ରୀ; ପୁଣ୍ୟଶୀଳତା—ବି) pious.

ପୁଣ୍ୟ ଶ୍ଳୋକ—ସ. ବିଣ. ପୁଂ. (ବହୁବ୍ରୀହି; ପୁଣ୍ୟ=ପବିତ୍ର ଅଟେ
Puṇya śloka ଶ୍ଳୋକ=ଯଶଃ ଯାହାର)—୧ । ପୁତଚରିତ୍ର;
(ପୁଣ୍ୟଶ୍ଳୋକା—ସ୍ତ୍ରୀ) ଧାର୍ମିକ—1. Pious; righteous

ଜନଶ୍ଳୋକେ ପୁଣ୍ୟଶ୍ଳୋକ ସେହି ବାରମଣି
ସିଂହେ ଅମ୍ଭଙ୍କ ଭଜି—ଜଗନ୍ନାଥ. ମହାଭାରତ ।

୨ । ପବିତ୍ରତା ଯୋଗୁଁ ଜଗଦବିଖ୍ୟାତ—
2. Celebrated for piety.
ସ. ବି—୧ । ଜନାର୍ଦ୍ଦନ; ବିଷ୍ଣୁ—1. Bishṇu.
୨ । ନଳ ରାଜା—2. King Naḷa.
୩ । ଯୁଧିଷ୍ଠିର—3. The eldest Pāṇḍaba brother.

ପୁଣ୍ୟଶ୍ଳୋକା—ସ. ବିଣ. ସ୍ତ୍ରୀ (ପୁଣ୍ୟଶ୍ଳୋକ + ଆ)—ପୁଣ୍ୟଶ୍ଳୋକର
Puṇyaśḷokā ସ୍ତ୍ରୀଲିଙ୍ଗ—Feminine of Puṇyaśḷoka.
ସ. ବି—୧ । ଦ୍ରୌପଦୀ—
1. The queen of the Pāṇḍaba brothers.
୨ । ସୀତା—2, Sitā.
[ଦ୍ର—ପ୍ରାତଃକାଳରୁ ଉଠି ପୁଣ୍ୟଶ୍ଳୋକ ଓ ପୁଣ୍ୟଶ୍ଳୋକା ମାନଙ୍କ ନାମ ଉଚ୍ଚାରଣ କଲେ ମଙ୍ଗଳ ଓ ପୁଣ୍ୟଲାଭ ହୁଏ ବୋଲି ପୁରାଣର ଉପଦେଶ ଅଛି ।]

ପୁଣ୍ୟ ସଞ୍ଚୟ—ସଂ. ବି. (୬ଷ୍ଠୀ ତତ୍ ପୁଣ୍ୟ+ସଂଚୟ)—୧ । ଧର୍ମାନୁଷ୍ଠାନ
Puṇya sañchaya 1. Earning of religious merit by doing pious acts.
୨ । ଧର୍ମାନୁଷ୍ଠାନଜନିତ ପୁଣ୍ୟ ରାଶି—2. Accumulation of religious merit earned by piety.

ପୁଣ୍ୟ ସ୍ଥାନ—ସଂ. ବି. (କର୍ମଧା)—୧ । ତୀର୍ଥ—
Puṇya sthāna 1. Sacred place; holy spot.
୨ । (ଫଳିତ ଜ୍ୟୋତିଷ) ଜାତକରେ ଲଗ୍ନର ନବମସ୍ଥାନ—
2. (Astrology) The 9th place counted from one's logna in the horoscope
[ଦ୍ର—ଏହି ସ୍ଥାନରେ ଥିବା ଗ୍ରହମାନଙ୍କ ଦ୍ୱାରା ଜାତ ବ୍ୟକ୍ତିର ପୁଣ୍ୟ ବା ପାପର ବିଚାର କରାଯାଏ]

ପୁଣ୍ୟହା—ସଂ. ବିଣ. (ପୁଣ୍ୟ+ହନ୍ ଧାତୁ + କର୍ତ୍ତୃ କ୍ୱିପ୍)—ଯାହା ପୁଣ୍ୟ
Puṇyahā ନାଶ କରେ—Destructive of one's religious merit.

ପୁଣ୍ୟା—ସ. ବି. ସ୍ତ୍ରୀ (ପୁଣ୍ୟ+ସ୍ତ୍ରୀ ଆ)—୧ । ତୁଳସୀଗଛ—
Puṇyā 1, The holy Basil plant; Ocymum Sanctum.
[ଦ୍ର—ପୁରାଣ ଅନୁସାରେ 'ତୁଳସୀ' ବିଷ୍ଣୁଙ୍କର ପ୍ରିୟା ବୃନ୍ଦାବତୀଙ୍କର ଅବତାର ଓ ଏହାର ସେବା କଲେ ମନୁଷ୍ୟ ପୁଣ୍ୟଲାଭ କରେ ।]
୨ । ପୁନଃ ପୁନା ନଦୀ (ଦେଖ)—2. The river Punaḥ punā (See)
ସଂ. ବିଣ. ସ୍ତ୍ରୀ—(ପୁଣ୍ୟ+ଆ)
ପୁଣ୍ୟର ସ୍ତ୍ରୀଲିଙ୍ଗ—Feminine of Puṇya.

ପୁଣ୍ୟାକାଙ୍କ୍ଷା—ସ. ବି—୧ । (କର୍ମଧା) ପବିତ୍ର ଇଚ୍ଛା—
Puṇyākāṅksha 1. A holy wish.
୨ । (୬ଷ୍ଠୀ ତତ୍) ସତ୍କାର୍ଯ୍ୟ କରିବାର ଇଚ୍ଛା—
2. Intention to do pious acts.
୩ । ପୁଣ୍ୟଲାଭ କରିବାର ଇଚ୍ଛା—
3. Desire of attaining holiness or piety.

ପୁଣ୍ୟାତ୍ମା—ସଂ. ବି. (ବହୁବ୍ରୀହି; ପୁଣ୍ୟାତ୍ମନ୍ ଶବ୍ଦ; ୧ମା. ୧ବ.)—
Punyātmā ଧାର୍ମିକ—Holy; pious.

ପୁଣ୍ୟା ବାଚନ—ଦେ. ବି. (ସଂ. ପୁଣ୍ୟାହ ବାଚନ)—ପୁଣ୍ୟାହବାଚନ
Punyā bāchana (ଦେଖ)—Punyāha bāchana (See)

ପୁଣ୍ୟାର୍ଥୀ—ସଂ. ବିଣ. ପୁଂ (ପୁଣ୍ୟ+ଅର୍ଥ+ଇନ୍; ୧ମା. ୧ବ.)—
Punyārthi ପୁଣ୍ୟଲାଭେଚ୍ଛୁ—Desirous of attaining
(ପୁଣ୍ୟାର୍ଥିନୀ—ସ୍ତ୍ରୀ) holiness or religious merit.

ପୁଣ୍ୟାହ—ସଂ. ବି. (ପୁଣ୍ୟ+ଅହନ୍; ୧ମା. ୧ବ.)—୧ । ପବିତ୍ର ଦିବସ-
Punyāha 1. Sacred day; holy time.
୨ । ଶୁଭ ଦିବସ—2. Auspicious day; good day.
ସଂ. ବିଣ.—କୌଣସି ବ୍ୟକ୍ତିଙ୍କର ଶୁଭ ଦିବସ କାମନାକାରୀ—
Wishing any one a good day (Howells).
ଦେ. ବି.—ଜମିଦାରମାନଙ୍କ ପୁନିଆ ବା ନବ ବର୍ଷର ପ୍ରଥମ
ଅନୁକୂଳ ଦିନ—The zamindars' new year's day.
ଦେ. ଅ.—ଆପଣଙ୍କର ଆଜ ଶୁଭଦିନ ହେଉ; (ଭେଟିବା ବ୍ୟକ୍ତିଙ୍କୁ
ଅଭିବାଦନ)—(Interjection) Good morning! good day!

ପୁଣ୍ୟାହ ବାଚନ—ସଂ. ବି.—(୬ଷ୍ଠୀ ତତ୍; ପୁଣ୍ୟାହ+ବାଚନ)—ଦୈବ
Punyāha bāchana କର୍ମ ଓ ମାଙ୍ଗଳିକ କର୍ମର ଆଦ୍ୟରେ
ସ୍ୱସ୍ତିବାଚନ ବା ସଙ୍କଳ୍ପ—The benedictory prologue uttered before a vedic ceremony is begun.
[ଦ୍ର—ଦୈବ କର୍ମାଦି ଆରମ୍ଭ କରିବା ପୂର୍ବରୁ 'ସ୍ୱସ୍ତି ପୁଣ୍ୟାହଂ,
ସ୍ୱସ୍ତି ପୁଣ୍ୟାହଂ, ସ୍ୱସ୍ତି ପୁଣ୍ୟାହଂ', ଅର୍ଥାତ୍ 'ଆଜ ପବିତ୍ର ଦିବସ ମଙ୍ଗଳମୟ ହେଉ' ଏହି ବାକ୍ୟ ୩ ଥର ବୋଲି ଅନୁଷ୍ଠେୟ କର୍ମର ସଙ୍କଳ୍ପ
ବାକ୍ୟ ବୋଲା ଯାଏ ।]

ପୁଣ୍ୟୋଦକା—ଦେ. ବିଣ. ସ୍ତ୍ରୀ (ପୁଣ୍ୟ+ଉଦକ+ଆ; ବହୁବ୍ରୀହି; ପୁଣ୍ୟ
Punyodakā ଅଟେ ଉଦକ ଯାହାର)—ପୁଣ୍ୟ ତୋୟା (ଦେଖ)
Punyatoyā (See)
ସଂ ବି—ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ
ଓ କାବେରୀ, ଏହି ସାତ ନଦୀ—The names of seven holy rivers of India.
[ଦ୍ର—ଏମାନଙ୍କ ନାମ ଉଚ୍ଚାରଣ କରି ଦୈବ କର୍ମାଦିରେ
ବ୍ୟବହୃତ ଜଳକୁ ଶୁଦ୍ଧ କରାଯାଏ ।]

ପୁଣ୍ୟୋଦୟ—ସଂ. ବି. (୬ଷ୍ଠୀ ତତ୍; ପୁଣ୍ୟ+ଉଦୟ)—୧ । ପୁଣ୍ୟ କର୍ମର
Punyodaya ଫଳ ସ୍ୱରୂପ ସୌଭାଗ୍ୟର ଉଦୟ ବା ଆରମ୍ଭ—
1. The dawning of good fortune as the result of one's holy action in the past life.
୨ । ମନୁଷ୍ୟଠାରେ ପବିତ୍ରତାର ପ୍ରଥମ ଆବିର୍ଭାବ—2. The first appearance of holiness or piety.
୩ । ସୌଭାଗ୍ୟ—3. Good fortune.

ପୁତ୍—ସଂ. ବି. (ପୁ ଧାତୁ=ପବିତ୍ର କରିବା+କର୍ତ୍ତୃ. କ୍ୱିପ୍)—ଅପୁତ୍ରକ
Put ବ୍ୟକ୍ତି ପାଇଁ କଳ୍ପିତ ନରକବିଶେଷ—A particular division of hell for the punishment of sonless persons.
[ଦ୍ର—ପୁତ୍ର ଜନ୍ମ ହେଲେ ମନୁଷ୍ୟ ଏହି ନରକରୁ ପାର ପାଏ ।]
ସଂ. ବିଣ.—କୁତ୍ସିତ—Nasty.

ପୁତ୍ କୋଲି—ପ୍ରାଦେ. (ମୟୂରଭଞ୍ଜ)—ବି.—
Put-koli ଝୁମ୍ପୁର୍ଡି (ଦେଖ)—Jhumpurdi (See)

ପୁତ୍ ପୁତ୍—ଦେ. ଅ.—ପୁଚ୍ ପୁଚ୍ (ଦେଖ)
Put put Puch puch (See)
(ପୁତୁ ପୁତୁ—ଅନ୍ୟରୂପ)

ପୁତଲି—ପ୍ରାଦେ. (ସମ୍ବଲପୁର) ବି.—(ସଂ. ପୁତ୍ତଳୀ; ଭୂଲ. ହି. ପୁତଲୀ)
Put-li ୧ । ପିତୁଳା; ପୁତ୍ତଳିକା—1. Image.
(ପୁତୁଲି—ଅନ୍ୟରୂପ) ୨ । କୁଣ୍ଢେଇ—2. Doll.
୩ । (ସଂ. ପାତିଲୀ) ପତୁଲି; ଚଉଡ଼ାମୁହାଁ ଛୋଟ ହାଣ୍ଡି—
3. A small wide-mouthed earthen pot.

ପୁତ—ଦେ. ବି. (ସଂ. ପୁତ୍ର)—ପୁତ୍ର; ପୁଅ—
Puta पुत् पूत Son.
(ଅବୟସ୍କ ବ୍ୟକ୍ତିମାନଙ୍କର ବାଳକମାନଙ୍କୁ ସମ୍ବୋଧନ କରିବା ଶବ୍ଦ)
ଅରେ ପୁଅ !—3. (A term used by elderly persons in addressing males much younger than themselves) Oh Son!

ପୁତକ—ଦେ. ବି. (ସଂ. ପୁତ୍ତିକା)—ପକ୍ଷଯୁକ୍ତ କ୍ଷୁଦ୍ର ପୋକ; କ୍ଷୁଦ୍ରପତଙ୍ଗ—
Putaka Small winged insect.
पुकी फतिङ्गा

ପୁତଖାଇ—ଦେ. ବିଣ. ସ୍ତ୍ରୀ (ସଂ. ପୁତ୍ର ଓ ଖାଦନ; ସଂ. ପୁତ୍ରଜଗ୍ଧୀ;
Puta khāi ସ୍ତ୍ରୀଲୋକଙ୍କର ସ୍ତ୍ରୀଲୋକଙ୍କୁ ଦିଆଯିବା ଗାଳି)—
୧ । ପୁତ୍ରହନ୍ତ୍ରୀ; ଯେ ଆପଣା ପୁଅକୁ ଖାଏ—
पुत खाकी(गी) (a term of abuse) 1. A woman who
(ପୁତୁଖାଇ—ଅନ୍ୟରୂପ) devours her own son.
୨ । ଡାହାଣୀ—2. A witch.
୩ । ଯାହାର ପୁଅ ମରି ଥାଏ—
3. A woman who has lost her son.

ପୁତଖାଇ ପ(ପୋ)—ଦେ. ବି. ପୁଂ (ସଂ. ପୁତ୍ର+ଖାଦନ+ପୁତ୍ର)—
Putakhāi pa(po) (ପୁରୁଷଙ୍କୁ ଗାଳି ଦେବାରେ ବ୍ୟବହୃତ)
[ପୁତୁଖାଇପ (ପୋ)—ଅନ୍ୟରୂପ] ଡାହାଣୀର ପୁତ୍ର—
(a term of abuse to males) The son of a witch.

ପୁତମୁଣ୍ଡ ଖାଇ—ଦେ. ବିଣ. ସ୍ତ୍ରୀ (ସଂ. ପୁତ୍ର+ମୁଣ୍ଡ+ଖାଦନ)—
Putamunda khāi (ସ୍ତ୍ରୀଙ୍କୁ ଗାଳି ବିଶେଷ) ଯେ ଆପଣା ପୁଅର
(ପୁତୁମୁଣ୍ଡ ଖାଇ—ଅନ୍ୟରୂପ) ମୁଣ୍ଡକୁ ଖାଏ; ଡାହାଣୀ—(a term of abuse) A veritable witch who devours the head of her own son.

ପୁତା—ଦେ. ଅ.—(ସଂ. ପୁତ୍ର,—ପୁତ (ଦେଖ)
Puta Puta (See).

ପୁଣ ବଚନ ଶୁଣି ପୋତା, ବୋଇଲେ ଶୁଣ ଅରେ ପୁତା ।
ପ୍ରାଚୀ. ନିର୍ବାଣମାହାତ୍ମ୍ୟ ।

ପ୍ରାଦେ. (ବାଲେଶ୍ୱର ଓ ସମ୍ବଲପୁର) ବ ଓ ବଣ— ପୋତା (ଦେଖ)—Potā (See)

ପୁତା(ତେ)ଇବା—ପ୍ରାଦେ. (ବାଲେଶ୍ୱର, ସମ୍ବଲପୁର ଓ ଗଡ଼ଜାତ)
Putā(te)ibā (ଭୁଲ. ବ. ପୁତାନ; ପୌଁତାନ)—
ପୁତିବା କ୍ରିୟାର ଣିଜନ୍ତ ରୂପ—
Causative of Putibā.

ପୁତି— ଦେ. ବ. (ସ. ପ୍ରୋତ=ଗ୍ରଥିତ)—
Puti ପଥର ମାଳ; ଅଟିଲ ମାଳ; ଛୋଟ ଛୋଟ କାଚ ଦାନାର
पुँति ମାଳ—A necklace of small glass or
पोत stone beads.

ଜଡ଼ାଇଲ ବହୁଅଛ ଅଙ୍ଗେ, ମୋତ ତେଜ ଖେଳୁଥିଲ ପୁତି ସେନ ।
ଚନ୍ଦ୍ରାମଣି, ଦକ୍ଷମାଦତ୍ୟ ।

ପୁତିବା—ପ୍ରାଦେ. (ବାଲେଶ୍ୱର, ସମ୍ବଲପୁର ଓ ଗଡ଼ଜାତ) କ୍ରି.
Putibā (ଭୁଲ. ବ. ପୁତା)—ପୋତିବା (ଦେଖ)
Potibā (See)

ପୁତନା(ନୀ)— ଗ୍ରା. ବ. ସ୍ତ୍ରୀ. (ସ. ପୂତନା)—ପୂତନା (ଦେଖ)
Putanā(ni) Pūtanā (See)

ପୁତୁରା—ଦେ. ବ. ପୁଂ (ସ. ପୁତ୍ରକ)—ଭାଇ ପୁଅ—
Puturā Brother's son; nephew.
ভাইপো କହିଲେ ତା ଶୁଣି, ପିହଣୀ ପୁତୁରାକୁ
भतीजा ନ ଦେନମ ମୋ ପୁତ୍ର କଲେ ଅପ୍ରାଧକୁ ।
(ହିଆରା—ବିପରୀତ ଲିଙ୍ଗ) କୃଷ୍ଣସିଂହ, ମହାଭାରତ ସଭା ।

ପୁତୁରା ବୋହୂ—ଦେ. ବ. ସ୍ତ୍ରୀ. (ସ. ପୁତ୍ରକ ଓ ବଧୂ)—
Puturā bohū ଭ୍ରାତୃଷ୍ପୁତ୍ରର ସ୍ତ୍ରୀ—Brother's daughter-in-law.

ପୁତୁଲା(ଳ)—ଦେ. ବ—ପୁତ୍ତଳ (ଦେଖ)
Putulā(li) Puttali (See)

ପୁତ୍ତଳ (ଇତ୍ୟାଦ)—ସ. ବ. (ପ୍ରା. ପୁତ୍ତଳକା)—
Puttala (etc) ପୁତ୍ତଳ ଇତ୍ୟାଦ (ଦେଖ)
(ପୁତ୍ତଳକ—ଅନ୍ୟରୂପ) Puttali etc. (See)

ପୁତ୍ତଳ(ଳୀ)—ସ. ବ. (ସ. ପୁତ୍ରିକା ଶବ୍ଦର ପ୍ରାକୃତ ରୂପ; ଏ ଶବ୍ଦ
Puttali(lī) ସଂସ୍କୃତ ଗ୍ରନ୍ଥମାନଙ୍କରେ ଦେଖାଯାଏ)—
(ପୁତ୍ତଳକା—ଅନ୍ୟରୂପ) ୧ । ପ୍ରତିମୂର୍ତ୍ତି; ପ୍ରତିମା—1. Image.
୨ । କଣ୍ଢେଇ—2. Doll; puppet.
୩ । କ୍ଷାତମାନଙ୍କଠାରୁ ବହୁ ଦୂରରେ ମୃତ ଯେଉଁ ବ୍ୟକ୍ତିର ଶବ ମିଳେ ନାହିଁ, ଶବ ଦାହ କରିବା ପାଇଁ ପତ୍ରାଦରେ ରଚିତ ଉକ୍ତ ବ୍ୟକ୍ତିର ମୂର୍ତ୍ତି—
3. An effigy of leaves made of a person whose corpse is not available or traceable for cremation.

ପୁତ୍ତଳ(ଳୀ) ଦାହ—ସ. ବ. (୬ଷ୍ଠୀ ତତ୍)—
Puttali(lī) dāha ୧ । ବହୁ ଦୂରରେ ମୃତ ବ୍ୟକ୍ତିର ବା
ପୁତ୍ତଳ(ଳୀ)ଦହନ } ଅନ୍ୟରୂପ ଯାହାର ଶବ ଦାହାର୍ଥ କ୍ଷାତମାନଙ୍କୁ
ପୁତ୍ତଳ(ଳୀ)ବଧ ମିଳି ପାରେ ନାହିଁ, ପଲାଶ ଆଦି ପତ୍ରରେ ତାହାର ମୂର୍ତ୍ତି ନିର୍ମାଣ କରି ତାକୁ ଦାହ କରିବା ବିଧି; ପର୍ଣ୍ଣଦାହ—1. The burning of the effigy of a person in the place of the actual corpse when the person has died abroad or whose corpse in not available for cremation (Apte).
୨ । (ଆଧୁନିକ ବ୍ୟବହାର) କୌଣସି ଜୀବିତ ବ୍ୟକ୍ତିକୁ ଅପଦସ୍ଥ କରିବା ଉଦ୍ଦେଶ୍ୟରେ ତାହାର ମୂର୍ତ୍ତିକୁ ଦାହ କରିବା—
2 (modern practice) The burning of the effigy of a living person for the purpose of humiliating him in the eyes of the public.

ପୁତ୍ତଳ(ଳୀ) ପୂଜକ—ସ. ବ. (୬ଷ୍ଠୀ ତତ୍)—ପ୍ରତିମା ପୂଜକ—
Puttali(lī) pūjaka Idolator.

ପୁତ୍ତଳ(ଳୀ) ପୂଜା—ସ. ବ. (୬ଷ୍ଠୀ ତତ୍; ପୁତ୍ତଳ+ପୂଜା)—
Puttali(lī) pūjā ୧ । ଈଶ୍ୱରଙ୍କୁ ମୂର୍ତ୍ତି ରୂପରେ ପୂଜା କରିବା—
1. Image worship.
୨ । ପୌତ୍ତଳିକତା—2. Idolatory.

ପୁତ୍ତିକା—ସ. ବ. (ପୁତ୍ = ଅନୁକରଣ ଶବ୍ଦ + ତନ୍ ଧାତୁ = ବିସ୍ତାର
Puttikā କରିବା + ଅ + ସ୍ୱାର୍ଥେ. କ + ସ୍ତ୍ରୀ. ଆ)—
୧ । ଛୋଟ ମହୁମାଛି; ନକଟି ମହୁମାଛି—
1. An humble bee; a small bee.
୨ । ପୋତକ; ପକ୍ଷ ଯୁକ୍ତ ଛୋଟ ପୋକ—
2. Tiny flying insect.
୩ । ଉଇ—3. White ant.

ପୁତ୍ତୋମ ଗୁଡ଼ି ଖାଇ—ପ୍ରାଦେ (ଗଞ୍ଜାମ). ବ.—(ସ୍ତ୍ରୀମାନଙ୍କ ଗାଳଦେବାରେ
Puttoma gurdi khāi ବ୍ୟବହୃତ)—ପୁତଖାଇ (ଦେଖ)—
(A term of abuse amongst women)—
Putakhai (See)
[ଦ୍ର—ସ୍ତ୍ରୀମାନେ କଳି କଲା ସମୟରେ 'ପୁତ୍ତୋମ ଗୁଡ଼ି ଖାଇ' ବୋଲି ପରସ୍ପର ମଧ୍ୟରେ ଗାଳି ଦିଆ ଦେଇ ହୁଅନ୍ତି ।]

ପୁତ୍ର(ତ୍ତ୍ର)—ସ ବ. ପୁଂ (ପୁ ଧାତୁ=ପବିତ୍ର କରିବା+କର୍ତ୍ତୃ ତ୍ର ବା ପୁତ୍
Putra(ttra) ନରକ ବିଶେଷରୁ + ତ୍ରୈ ଧାତୁ=ତ୍ରାଣ କରିବା + କର୍ତ୍ତୃ ଅ; ଯେ ପିତାମାତାଙ୍କୁ ପବିତ୍ର କରେ ବା ପୁତ୍ ନାମକ ନରକରୁ ଉଦ୍ଧାର କରେ ।]
୧ । ଆତ୍ମଜ; ତନୟ; ପୁଅ; ନନ୍ଦନ—1. Son.
[ଦ୍ର—ମନୁ ସଂହିତା ଶାସ୍ତ୍ର ଅନୁସାରେ ପୁତ୍ର ୧୨ ପ୍ରକାର ଯଥା—
୧ । ଔରସ=ଆପଣାଦ୍ୱାରା ଆପଣା ସ୍ତ୍ରୀ ଗର୍ଭରେ ଉତ୍ପନ୍ନ ସନ୍ତାନ—
1. One's begotten son on his wife.
୨ । କ୍ଷେତ୍ରଜ=ମୃତ, ବ୍ୟାଧିଗ୍ରସ୍ତ, କ୍ଲୀବ ବା ଅସମର୍ଥ ବ୍ୟକ୍ତିର ଅନୁମତି କ୍ରମେ ତାହା ସ୍ତ୍ରୀ ଗର୍ଭରୁ ଧର୍ମବିଧି ଅନୁସାରେ ଦେବର ବା ଅନ୍ୟ ପୁରୁଷର ଔରସ ଉତ୍ପନ୍ନ ପୁତ୍ର—

2. A son begotten on the wife of an impotent or deceased person by a near kinsman.

୩ । ଦତ୍ତ୍ରିମ ବା ଦତ୍ତକ=ଜନ୍ମଦାତା ପିତାମାତାଙ୍କ ନିକଟରୁ ସ୍ୱେଚ୍ଛାରେ ବା ଦୁର୍ଭିକ୍ଷାଦି ବିପତ୍‌କାଳରେ ଦାନ ରୂପେ ପ୍ରାପ୍ତ ବାଳକ; ପୋଷ୍ୟ ପୁତ୍ର—3. An adopted son.

୪ । କୃତ୍ରିମ ପୁତ୍ର ବା ପାଳିତ ପୁତ୍ର=ଅନ୍ୟର ଗୁଣବନ୍ତ ପୁତ୍ରକୁ ପୁତ୍ର ରୂପେ ଗ୍ରହଣ କରି ପାଳିଥିବା ପୁତ୍ର—4. A made son; another person's son affiliated to a person who becomes attached to him for his good qualities.

୫ । ଗୂଢ଼ୋତ୍ପନ୍ନ ବା ଗୂଢଜ=ଭର୍ତ୍ତୃଗୃହରେ ପର ପୁରୁଷ ସଂସର୍ଗରେ ସ୍ତ୍ରୀ ଗର୍ଭରେ ଗୁପ୍ତ ଭାବରେ ଉତ୍ପନ୍ନ ବାଳକ—A son of concealed parentage.

୬ । ଅପବିଦ୍ଧ=ଜନ୍ମଦାତା ମାତାପିତାଙ୍କଦ୍ୱାରା ପରିତ୍ୟକ୍ତ ଓ ଅନ୍ୟ ବ୍ୟକ୍ତି ଦ୍ୱାରା ଗୃହୀତ ଓ ପାଳିତ ପୁତ୍ର—6. A son abandoned by his parents and brought up by a third person.

୭ । କାନୀନ=ଅବିବାହିତା କନ୍ୟାର ଗର୍ଭଜାତ ପୁତ୍ର—
7. A maid's son; a son born out of wedlock.

୮ । ସହୋଢ଼=ବିବାହ ପୂର୍ବରୁ କନ୍ୟା ଗର୍ଭବତୀ ହୋଇ ବିବାହ ପରେ ଜନ୍ମ କରିଥିବା ସନ୍ତାନ—8. A son conceived before but born after marriage.

୯ । କ୍ରୀତକ=ମାତାପିତାଙ୍କଠାରୁ କିଣି ନେଇ ପାଳିଥିବା ପୁତ୍ର—
9. Purchased son.

୧୦ । ପୌନର୍ଭବ=ସ୍ୱାମୀଦ୍ୱାରା ପରିତ୍ୟକ୍ତା ବା ବିଧବା ସ୍ତ୍ରୀର ଗର୍ଭରେ ଦ୍ୱିତୀୟ ବ୍ୟକ୍ତି ଔରସରେ ଜାତ ପୁତ୍ର—10. Widow's son; a son of a widow or an abandoned wife,

୧୧ । ସ୍ୱୟଂ ଦତ୍ତ=ଯେ ନିଜେ ପିତାମାତାଙ୍କ ବିନାନୁମତିରେ ବା ଅବିଦ୍ୟମାନରେ ଅନ୍ୟବ୍ୟକ୍ତିଙ୍କ ହାତରେ ଆପଣାକୁ ପୁତ୍ରରୂପେ ସମର୍ପଣ କରେ—11. Self-given son; a son who affiliates himself to a stranger.

୧୨ । ପାରଶବ, ଶୌଦ୍ର ବା ଦାସୀପୁତ୍ର=ଦ୍ୱିଜାତି ପିତାଙ୍କ ଔରସରେ ଶୂଦ୍ରାମାତା ଗର୍ଭରୁ ଉତ୍ପନ୍ନ ପୁତ୍ର—12. Concubine's son; a son of one's Śūdra mistress.

କଳି ଯୁଗରେ ୧ମ (ଔରସ) ଓ ୩ୟ (ଦତ୍ତକ) ପୁତ୍ର ପିଣ୍ଡଦ ଓ ଧନାଧିକାରୀ ଅଟନ୍ତି ।]

୨ । ପୁଂ ସନ୍ତାନ—2. Male child.

୩ । (ଜ୍ୟୋତିଷ) ଲଗ୍ନଠାରୁ ରାଶିଚକ୍ରର ପଞ୍ଚମ ସ୍ଥାନ—
3. (Astrology) The 5th mansion counted from the lagna in a persons horoscope.

୪ । ଜୀବ ଶାବକ; ଛୁଆ—
4. The young one of an animal (Apte) ,

୫ । ସ୍ନେହ ସମ୍ବୋଧନ; ଆପଣାଠାରୁ ବୟସରେ ଅତି ସାନ ବ୍ୟକ୍ତି ବା ସାଧାରଣ ବାଳକ ପ୍ରତି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର ସମ୍ବୋଧନ—4. A term of endearment used in addressing a person much younger than oneself (Apte).

୬ । (ସମାସରେ ଅନ୍ୟଶବ୍ଦ ପରେ ବ୍ୟବହୃତ; ଯଥା ଶିଳାପୁତ୍ର; ଅସିପୁତ୍ର) କୌଣସି ଶ୍ରେଣୀର କ୍ଷୁଦ୍ରାବୟବ ବସ୍ତୁ—
6. Anything little or small of its kind (Apte).

ପୁତ୍ରଂଜୀବ—ସଂ. ବି—(ପୁତ୍ରଂ=ପୁତ୍ରକୁ+ଜୀବ ଧାତୁ+ଅ; ଏହା ସେବନ କଲେ ଗର୍ଭସଞ୍ଚାର ହେବାରୁ ଏହି ନାମ)—ପୁତ୍ରଜୀବ (ଦେଖ)—Putrajiba (See).
Putramjiba
(ପୁତ୍ରଞ୍ଜୀବ—ଅନ୍ୟରୂପ)

ପୁତ୍ରକ—ସଂ. ବି. ପୁଂ—(ପୁତ୍ର+ସ୍ୱାର୍ଥେ. କ)—୧ । ପୁତ୍ର—
Putraka 1. Son.

ପୁତ୍ରକା } ସ୍ତ୍ରୀ
ପୁତ୍ରିକା }
୨ । (ସମ୍ବୋଧନ) ପୁତ୍ରପରି ସ୍ନେହର ପାତ୍ର—
2. A term of endearment used in respect of a person whom one looks upon as his son.

୩ । ଧୂର୍ତ୍ତ ବା ଶଠ ବ୍ୟକ୍ତି—
3. A rogue; a cheat (Apte).

୪ । ପତଙ୍ଗକ; ଝିଣ୍ଟିକା—
4. Grass hopper; locust (Apte).

୫ । କଣ୍ଢେଇ—5. A doll; puppet (Apte).

୬ । ଶରଭ; ଅଷ୍ଟପଦୀ କାଳ୍ପନିକ ଜୀବବିଶେଷ—
6. A fabulous animal with 8 feet (Apte).

୭ । ଦୟା ବା କରୁଣାର ପାତ୍ର—
7. A pitiable person (Apte).

୮ । ଅଲକ୍ତକ ପତ୍ରିକା (ଆଳତାପତ୍ର)—8. A beaten cotton pad saturated with lac-dye.

ପୁତ୍ର କଷ୍ଟ—ସଂ. ବି—(ମ. ପ. ଲୋ)—୧ । ପୁତ୍ରର ମରଣଜନିତ ଦୁଃଖ—
Putra kashṭa 1. Agony or sorrow due to the death of one's son.

> ତାର ବରଷର ଭିତରେ ଥିବସିନ୍ତୁ
> ରଜାକୁ ଗୁଲ ଯାଇ ହେବା ପୁତ୍ରକଷ୍ଟ—କୃଷ୍ଣସିଂହ-ମହାଭାରତ-ବନ ।

୨ । ଅପୁତ୍ରକ ହେବାରୁ ମନରେ ଜାତ କଷ୍ଟ—
2. Grief due to a person being sonless.

୩ । ପୁତ୍ର ବିଚ୍ଛେଦ ଦୁଃଖ—
3. Pangs of separation from one's són.

> ରାଜା ବୋଲନ୍ତି ମନଶ୍ରେଷ୍ଠ
> ମୋର ହୋଇଛି ପୁତ୍ରକଷ୍ଟ—ଜଗନ୍ନାଥ ଭାଗବତ ।

ପୁତ୍ରକଷ୍ଟି—ଦେ. ବିଣ—(ପୁଂ ଓ ସ୍ତ୍ରୀ) (ସଂ. ପୁତ୍ର କଷ୍ଟ+ଇନ୍)—
Putrakashṭi ଅପୁତ୍ରକ ହେବାରୁ ଦୁଃଖଭୋଗ କରୁଥିବା—
Grieved for want of a son.

> ମିତ୍ରା ବରୁଣ ଅର୍ଥେ ଇଷ୍ଟ
> ଅଟନ୍ତି ଦଶ ପୁତ୍ରକଷ୍ଟି—ଜଗନ୍ନାଥ ଭାଗବତ ।

ପୁତ୍ରକା—ସଂ. ବି. ସ୍ତ୍ରୀ—(ପୁତ୍ରକ+ସ୍ତ୍ରୀ. ଆ)—୧ । କନ୍ୟା—
Putrakā 2. Daughter.
୨ । ପୁତ୍ତଳିକା; ପିତୁଳା; କଣ୍ଢେଇ—
2. Image; doll; idol.
୩ । ଅଲତା ପତ୍ର—
3. A sheet of lac-cotton.

ପୁତ୍ର କାମ(ମୀ)—ସଂ. ବିଣ. ପୁଂ. (ବ ହୁବ୍ରୀହି; ପୁତ୍ର+କାମ; ପୁତ୍ର+କାମ; +ଇନ୍; ୧ମା.୧ବ)—ପୁତ୍ରାଭିଳାଷୀ; ପୁଅଟିଏ ହେବା ପାଇଁ ଯେ କାମନା କରେ—
Putra kāma(mi)
ପୁତ୍ରକାମା } ସ୍ତ୍ରୀ
ପୁତ୍ରକାମିନୀ }
Wishing to be blessed with a son; desirous of having a son born to him.

ପୁତ୍ର କାମନା—ସଂ. ବି—(ମ. ପ. ଲୋ)—ଆପଣାର ପୁଅ ଜନ୍ମିବା ପାଇଁ ମନରେ ଜନ୍ମିବା ଇଚ୍ଛା—A desire to be blessed with a son.
Putra kāmanā
(ପୁତ୍ରକାମ୍ୟା—ଅନ୍ୟରୂପ)

ପୁତ୍ରକୃତ୍—ସଂ. ବି—ପୋଷ୍ୟପୁତ୍ର—
Putrakrut An adopted son (Apte).
(ପୁତ୍ରକୃତକ—ଅନ୍ୟରୂପ)

ପୁତ୍ରଜଗ୍ଧୀ—ସଂ. ବି. ସ୍ତ୍ରୀ—(ପୁତ୍ର+ଅଦ ଧାତୁ+କର୍ତ୍ତୃ. ତ+ସ୍ତ୍ରୀ. ଈ)—
Putrajagdhi ପୁତ୍ରଖାଇ; ଯେ ଆପଣା ପିଲାଙ୍କୁ ଖାଇଯାଏ—An unnatural mother who devours her own children (Apte).
(ପୁତ୍ରଦ୍ଧୀ—ଅନ୍ୟରୂପ)

ପୁତ୍ରଞ୍ଜୀବ—ସଂ. ବି—(ପୁତ୍ର+ଜୀବ ଧାତୁ+ଅ. ଯାହା ଦ୍ୱାରା ପୁଅ ଜୀଏଁ)-
Putrajiba (ଆୟୁର୍ବେଦ ମତେ ଏହା ଗର୍ଭଧାରକ ବା ପୁତ୍ରଜୀବ ଜନ୍ମରେ ବିଶେଷ ଉପକାରୀ ଔଷଧ ଥିବାରୁ)—ପୋଇଗୁନ୍ଦିଆ ଗଛ; ବକୁଳ ପତ୍ରପରି ପତ୍ରବିଶିଷ୍ଟ ଇଙ୍ଗୁଦୀ ଜାତୀୟ ପାର୍ବତ୍ୟ ବୃକ୍ଷବିଶେଷ—
ସଂ. ନାମ—ଗର୍ଭକର, ଯଷ୍ଟିପୁଷ୍ପ, ଅର୍ଥସାଧକ, ପୁତ୍ରଜୀବକ, ପୁତ୍ରଜୀବ, ପୁତ୍ରଂଜୀବ—
ଜିୟାପୁତା, ଜିୟାପୋତା
पितेजिया, जातापुटज, पूतजीब
ମ. ଜୀବନ୍ ପୁତ୍ରର
ତେ. କବର ଜୁବି; ଗର୍ଭ
ଗୁ. ପୁତ୍ରଜୀବ
Callicarpa Arboria; Putranjiva Roxburghii, Nagera Putranjiba.
[ଦ୍ର—ଏହାର କ୍ଷୁଦ୍ର ପୁଷ୍ପ ଓ ଫଳ ହୁଏ । ଫଳ ପେଡ଼ିଲେ ତେଲ ବାହାରେ ଓ ଏ ତେଲରେ ଦୀପ ଜଳାଯାଏ । କୋଳ ପଚି ଶୁଖିଗଲେ କଳା ଓ ଶକ୍ତ ହୁଏ ଏବଂ ଲୋକେ ଏହାକୁ ମାଳା ଗୁନ୍ଥି ବ୍ୟବହାର କରନ୍ତି । ଚୈତ୍ର ଓ ବୈଶାଖରେ ଏ ଗଛ ଫୁଲ ଧରେ । ଏ ଗଛର ଛାଲ, ପତ୍ର ଓ ଫଳ ଔଷଧରେ ଲାଗେ ।
ଅମରକୋଷରେ ଇଙ୍ଗୁଦୀ ଓ ପୁତ୍ରଞ୍ଜୀବ ଗଛ ଏକ ବୋଲି ଲେଖା ଅଛି । ବୈଦ୍ୟକମତରେ ଏହା ଗୁରୁ, ଶୁକ୍ରବର୍ଦ୍ଧକ, ଗର୍ଭପ୍ରଦ, କଫଘ୍ନ, ବାତନାଶକ, ମଳମୂତ୍ର ନିଃସାରକ, ରୁକ୍ଷ ଓ ଶୀତବୀର୍ଯ୍ୟ ।]

ପୁତ୍ରଦା—ସଂ. ବି. ସ୍ତ୍ରୀ—(ପୁତ୍ର+ଦା ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Putradā ୧ । ବନ୍ଧ୍ୟାକର୍କୋଟକୀ (ହି. ଶ.) ଅସାରୁଆ (ଲତା ଓ ଫଳ)—1. Memordiea Dioicicamale (creeper and fruit).
୨ । ଲକ୍ଷ୍ମଣା କନ୍ଦ (ହି. ଶ.) (ଦେଖ)—
2. Lakshmanā kanda (See).
୩ । ଶ୍ୱେତ କଣ୍ଟକାରୀ (ହି. ଶ.)—
3. The white flowered Barleria (plant).
୪ । ଜୀବନ୍ତୀ (ହି. ଶ.) (ଦେଖ)—
4. Jibanti (See) (plant)

ପୁତ୍ର ଦାତା—ସଂ. ବିଣ. ପୁଂ. (ପୁତ୍ର+ଦାତୃ; ୧ମା. ୧ବ)—ଯେଉଁ ଦେବତା ବା ମହାପୁରୁଷ ବରଦାନ ପୂର୍ବକ ଅପୁତ୍ରକ ବ୍ୟକ୍ତିଙ୍କୁ ପୁତ୍ର ଦିଅନ୍ତି—
Putradātā
(ପୁତ୍ରଦ, ପୁତ୍ରପ୍ରଦ—ଅନ୍ୟରୂପ)
(ପୁତ୍ରଦାତ୍ରୀ; ପୁତ୍ରଦା; ପୁତ୍ରପ୍ରଦା—ସ୍ତ୍ରୀ) Bestowing a person with a son by one's boons.

ପୁତ୍ର ଦାତ୍ରୀ—ସଂ. ବି—ଶ୍ୱେତ କଣ୍ଟକାରୀ—
Putra dātri The white flowered Barleria.
ସଂ. ବିଣ. ସ୍ତ୍ରୀ—ପୁତ୍ରଦାତାର ସ୍ତ୍ରୀଲିଙ୍ଗ—
Feminine of Putradātā

ପୁତ୍ର ଧର୍ମ—ସଂ. ବି. (୬ଷ୍ଠୀ ତତ୍; ପୁତ୍ର+ଧର୍ମ)—ପିତା ମାତାଙ୍କ ପ୍ରତି ପୁତ୍ରର କର୍ତ୍ତବ୍ୟ କର୍ମ—Filial duty (Apte).
Putra dharma

ପୁତ୍ରପୌତ୍ରାଦି କ୍ରମ—ସଂ. ବି—ବଂଶରେ ପୁଅ, ନାତି, ଅଣନାତି ଓ ପଣନାତିଆଦି ଜନ୍ମିବାରୂପ ଧାରା—
Putrapautrādi krama
Successive generations of sons, grandsons and great grandsons in a family.

ପୁତ୍ରପୌତ୍ରାଦି କ୍ରମେ—ଦେ. କ୍ରି. ବିଣ. (କବାଲାରେ ଲେଖାଯିବା ଭାଷା,
Putrapautrādi krame ସଂ. ପୁତ୍ରପୌତ୍ରାଦି କ୍ରମେଣ)—
ବାପ ପରେ ପୁଅ, ପୁଅ ପରେ ନାତି ଓ ନାତି ପରେ ଅଣନାତି ଏହିପରି କ୍ରମରେ (ସମ୍ପତ୍ତି ଭୋଗ କରିବା)—
By heriditary succession.
(ଯଥା—ବିକ୍ରେୟ ସମ୍ପତ୍ତିରେ ଆପଣ ମୁଁ ମୋର ପୁତ୍ରପୌତ୍ରାଦି କ୍ରମେ ମାଲିକ ଓ ଦଖଲକାର ହେଲି, ହେବ, ହେଲେ ଓ ହେବେ ।)

ପୁତ୍ରପୌତ୍ରୀୟ—ସଂ. ବିଣ. (ପୁତ୍ର+ପୌତ୍ର+ଈୟ)—
Putrapautriya ବଂଶାନୁକ୍ରମରେ ପ୍ରାପ୍ତ ବା ଚଳିଥିବା—
Transmitted from father to son and from son to grandson and so forth; heriditary (Apte).

ପୁତ୍ର ବଧୂ—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍)—ପୁଅର ସ୍ତ୍ରୀ; ବୋହୂ—
Putra badhū Daughter-in-law.

ପୁତ୍ରବାନ୍—ସଂ. ବିଣ. ପୁଂ. (ପୁତ୍ର+ଅସ୍ତି ଅର୍ଥରେ ବତ୍; ୧ମା. ୧ବ)—
Putrabān ଯାହାର ପୁଅଥାଏ—Having a son.
(ପୁତ୍ରବତୀ—ସ୍ତ୍ରୀ)

ପୁତ୍ର ଲାଭ—ସଂ. ବି. (୬ଷ୍ଠୀ ତତ୍)—ନିଜର ପୁଅ ଜନ୍ମହେବା—
Putra lābha Being blessed with a son.

ପୁତ୍ର ଶୋକ—ସଂ. ବି. (ମ. ପ. ଲୋ) — ୧ । ପୁତ୍ରର ମୃତ୍ୟୁଜନିତ ଶୋକ—
Putra śoka 1. Grief due to the death of one's son.
୨ । ପୁତ୍ରର ବିଚ୍ଛେଦ ଜନିତ ଶୋକ—2. Grief due to the separation from one's son.
(ଯଥା—ଦଶରଥ ପୁତ୍ର ଶୋକରେ ପ୍ରାଣତ୍ୟାଗ କଲେ ।)

ପୁତ୍ରଶୋକୀ—ଦେ. ବିଣ. (ପୁଂ ଓ ସ୍ତ୍ରୀ; ସଂ. ପୁତ୍ର ଶୋକ+ଇନ୍)—
Putraśoki ପୁତ୍ରର ମୃତ୍ୟୁ ବା ବିଚ୍ଛେଦଜନିତ ଶୋକଦ୍ୱାରା ସନ୍ତପ୍ତ—Sorrowing for the death of or separation from one's son.

ସେ ଅର୍ଜୁନ ଏବେହଁ ପୁତ୍ରଶୋକୀ ହୋଇ
ମାଦ୍ରେ ମୋତେ ଯେ ପୁତ୍ରଛା ଅଛ କହ । କୃଷ୍ଣସିଂହ ମହାଭାରତ ଦ୍ରୋଣ

ପୁତ୍ରିକ—ସଂ. ବିଣ. ପୁଂ. (ପୁତ୍ର+ଅଛି ଅର୍ଥରେ. କ; ଇ ଆଗମ)—
Putrika ପୁତ୍ରଯୁକ୍ତ; ଯାହାର ପୁତ୍ର ହୋଇଅଛି; ପୁତ୍ରବାନ୍; ସପୁତ୍ର—(ପୁତ୍ରିକା—ସ୍ତ୍ରୀ) (ଅପୁତ୍ରିକ—ବିପରୀତ) Having a son.

ପୁତ୍ରିକା—ସଂ. ବି. ସ୍ତ୍ରୀ. (ପୁତ୍ରକ+ସ୍ତ୍ରୀ. ଆ)—୧ । କନ୍ୟା; ଝିଅ—
Putrikā 1. Daughter.

ମୋହର ତ ପୁତ୍ର ପୁତ୍ରିକା କିଛ ନାହିଁ । କୃଷ୍ଣସିଂହ, ମହାଭାରତ ସଭା ।

୨ । ଅପୁତ୍ରିକ ପିତାଙ୍କ ଉତ୍ତରାଧିକାରୀ ଜନ୍ମ କରିବା ଉଦ୍ଦେଶ୍ୟରେ ବିବାହରେ ଦତ୍ତ କନ୍ୟା—2. A daughter appointed by a sonless father to raise a male issue for him and given in marriage with that end in view.

[ଦ୍ର—ଅପୁତ୍ରକ ପିତା ଆପଣା କନ୍ୟାର ପୁତ୍ର ଜନ୍ମିଲେ ସେ ଆପଣାର ଉତ୍ତରାଧିକାରୀ ହେବ ବୋଲି ସଂକଳ୍ପ କରି ଯେଉଁ କନ୍ୟାକୁ ବିବାହ ଦେଇ ଥାଆନ୍ତି ତାକୁ ପୁତ୍ରିକା ବୋଲାଯାଏ ଓ ଉକ୍ତରୂପେ ମାତାମହଙ୍କ ସମ୍ପତ୍ତିର ଅଧିକାରୀ ସନ୍ତାନକୁ ପୁତ୍ରିକାପୁତ୍ର ବୋଲାଯାଏ—ହିନ୍ଦୁସ୍ମୃତି ।]

୩ । ପିତୁଳା; କଣ୍ଢେଇ—3. A doll; puppet.

୪ । ବାଲ୍ୟକାଳରୁ ପରିବାର ମଧ୍ୟରେ ଲାଳିତାପାଳିତା ଦାସୀ—4. A maid servant brought up in a harem from childhood and used as a concubine by the master.

୫ । କ୍ଷୁଦ୍ର ମହୁମାଛି; ପୁତ୍ତିକା—5. A small bee.

୬ । ଝାଉଁଗଛର କୋମଳ ଲୋମବତ୍ ତନ୍ତୁ—6. The cotton or down of the Tamarisk (Apte).

୭ । ଆଖିର ପିତୁଳା (ହି. ଶ)—
7. The pupil of the eye (Apte).

୮ । ସ୍ତ୍ରୀଲୋକର ଚିତ୍ର (ହି. ଶ)—
8. A picture or photo of a woman.

୯ । (ସମାସରେ ପଦ ପରେ ବ୍ୟବହୃତ, ଯଥା—ଖଡ୍ଗ ପୁତ୍ରିକା, ଅସିପୁତ୍ରିକା)—କୌଣସି ଶ୍ରେଣୀର କ୍ଷୁଦ୍ର ବସ୍ତୁ—
9 Any thing small or little of its kind (Apte).

ପୁତ୍ରିକା ପୁତ୍ର—ସଂ. ବି. (୬ଷ୍ଠୀ ତତ୍; ପୁତ୍ରିକା+ପୁତ୍ର)—
Putrikā putra ୧ । (ପୁଂ.)(ହିନ୍ଦୁସ୍ମୃତି)ଏହି କନ୍ୟାର ପୁତ୍ର ଜାତ (ପୁତ୍ରିକାସୁତ—ଅନ୍ୟରୂପ) ହେଲେ ସେ ମୋର ଉତ୍ତରାଧିକାରୀ ହେବ ବୋଲି ସଂକଳ୍ପ କରି ପିତା ଯେଉଁ କନ୍ୟାକୁ ବିବାହ ଦେଇ ଥାଆନ୍ତି ସେହି କନ୍ୟାଠାରୁ ଉତ୍ପନ୍ନ ସନ୍ତାନ (ମନୁ. ୯।୧୨୭)—1. (Hindu law) The son of one's appointed daughter; a daughter's son who, by previous appointment, becomes the son of the sonless grandfather.

୨ । (ସ୍ତ୍ରୀ) (ମ. ପ. ଲୋ) (ହିନ୍ଦୁସ୍ମୃତି; ମିତାକ୍ଷରା, ଯାଜ୍ଞବଲ୍କ୍ୟ ୨।୧୨୮) ଅପୁତ୍ରକ ପିତାର ପୁତ୍ରରୂପେ ଯେଉଁ କନ୍ୟା ବିବାହ ପରେ ପିତୃଗୃହକୁ ଫେରି ଆସେ—2. A daughter who, being regarded as a son, returns to her father's house after her marriage. (Apte).

୩ । (ପୁଂ) ଦୌହିତ୍ର; କନ୍ୟାର ପୁତ୍ର—
3 Grandson; one's daughter's son (Apte).

ପୁତ୍ରିକା ପ୍ରସୂ—ସଂ. ବି. ସ୍ତ୍ରୀ. (ପୁତ୍ରିକା+ପ୍ର+ସୂ ଧାତୁ+କର୍ତ୍ତୃ. କ୍ୱିପ୍)—
Putrikā prasū ଯେଉଁ ସ୍ତ୍ରୀ କେବଳ କନ୍ୟା ଜନ୍ମ କରେ; ଝିଅ-ବିଆଣୀ ସ୍ତ୍ରୀ—A mother of daughters only (Apte)

ପୁତ୍ରିଣୀ—ସଂ. ବିଣ. ସ୍ତ୍ରୀ. (ପୁତ୍ରିନ୍+ଈ)—ପୁତ୍ରୀର ସ୍ତ୍ରୀଲିଙ୍ଗ—
Putriṇi Feminine of Putri.

ସଂ. ବି. ସ୍ତ୍ରୀ—୧ । ପୁତ୍ରବତୀ ସ୍ତ୍ରୀ; ପୁଅଗୀ; ପୁଅର ମା—
1. A woman who is the mother of a son or sons.

୨ । ମଲ୍ଲଗା; ପରବୃକ୍ଷୀୟ ଲତା—
2. A parasitic plant.

ପୁତ୍ରୀ—ସଂ. ବି. ପୁଂ (ପୁତ୍ର+ଇନ୍;୧ମା; ୧ବ)—୧ । ପୁତ୍ରବାନ୍ ବ୍ୟକ୍ତି—
Putrī 1. A person having a son.

୨ । ପିତା—2. Father.

ସ୍ତ୍ରୀ—(ପୁତ୍ର+ଈ)—୩ । କନ୍ୟା; ଝିଅ—
3. Daughter.

୪ । ଦୁର୍ଗା—4. A name of Durgā (Apte).

ପୁତ୍ରି(ତ୍ରୀ)ୟ—ସଂ. ବିଣ (ପୁତ୍ର+ଇୟ, ଈୟ)—ପୁତ୍ରସମ୍ବନ୍ଧୀୟ—
Putri(trī)ya Relating to a son; filial

ପୁତ୍ରେଷ୍ଟି—ସଂ. ବି (ପୁତ୍ର+ଇଷ୍ଟି=ଯାଗ)—ପୁତ୍ରକାମନା ପୂର୍ବକ ଅନୁଷ୍ଠିତ
Putreshṭi ଯଜ୍ଞ—A vedic sacrifice performed for being blessed with a son or sons.
(ପୁତ୍ରେଷ୍ଟିକା—ଅନ୍ୟରୂପ)

ପୁତ୍ର୍ୟ—ସଂ. ବିଣ (ପୁତ୍ର+ସମ୍ବନ୍ଧାର୍ଥେ. ଯ)—ପୁତ୍ରସମ୍ବନ୍ଧୀୟ—
Putrya Filial.

ପୁଥି—ପ୍ରାଦେ (ବାଲେଶ୍ୱର ଓ ସମ୍ବଲପୁର) ବି (ସଂ. ପୁସ୍ତକ; ଭୁଲ. ବ. ପୁଁଥି)—୧ । ପୁସ୍ତକ—1. Book.
Puthi

୨ । ପୋଥି—2. Palmleaf manuscript.

ପୁଦ(ଦି)ନା—ଦେ. ବି (ସଂ. ପୂତନା;ପୁଦନ; ଫା. ପୋଦନାହ୍)—ପୋଦନା
Puda(di)nā ଶାଗ; ପୋଦନାଶାଗ; ତୁଳସ୍ୟାଦିବର୍ଗର ସୁଗନ୍ଧ କ୍ଷୁଦ୍ର ଶାକବିଶେଷ—Marsh mint; Mentha Viridis; Mentha Arvenis; Mentha Sativa.

ସଂ. ବହ୍ନିଜନନୀ, ରୋଚନୀ,
ରୁଚନ, ପୂତନା, ଶାକଶୋଭନ,
ବାନ୍ତିହାରୀ, ସୁଗନ୍ଧପତ୍ର, ଅଜୀର୍ଣ୍ଣହର
ହି. पुदिना, पुदिनाशाक
ବଂ. पौदिनाह, पुदिना, पादिना
ଗୁ. ପୋଦନା
ତେ. ପୁଦନା

[ଦ୍ର—ଏହାର ଚଟଣି କୁଏ ଓ ଏଥିର ପତ୍ରରୁ ପିପରମେଣ୍ଟ

ମ. ପୁଦିନା (peppermint) ଅର୍କ
ଫା. ପୋଓନା; ଅ. ଫବା ତିଆର ହୁଏ । ଏହା ଅରୁଚି
ପୋଦ୍ନା ଓ ଅଜୀର୍ଣ୍ଣନାଶକ ।
ପୋଦନା } ଅନ୍ୟରୂପ 'ଆଉ ଏକପ୍ରକାର ଶାକ
ପୁଦ୍ନା ଅଛି ତାହାକୁ ପେପରମେଣ୍ଟ
ପୋଦନା ପୁଦନା (ହି. ପୁଦୀନାକାସତ୍=
Peppermint or Mentha Piperita) ବୋଲାଯାଏ ।
ପୁଦନାଜାତୀୟ ଶ୍ରେଷ୍ଠପତ୍ରବିଶିଷ୍ଟ ଶାଗକୁ ରୁଦନା ବୋଲାଯାଏ ।]
ପୁଦନା ଲତାଳିଆ ଗୁଳ୍ମ; ଭୂଇଁରେ ୧ ହାତ ପର୍ଯ୍ୟନ୍ତ ମାଡ଼େ ।
ଏହାର ପତ୍ର ୨ ଅଙ୍ଗୁଳ ଲମ୍ବ ଓ ଦେଢ଼ ଅଙ୍ଗୁଳ ଚଉଡ଼ା ହୁଏ ।
ପତ୍ରର ଅଗ ଦନ୍ତୁର ଓ ଦେହ ରୁକ୍ଷ । ଡାଳ ପୋତି ଲୋକେ
ପୁଦନା ଗଛ ଉତ୍ପାଦନ୍ତି । ପୁଦନାର ଫଲ ଫଲ ହୁଏ ନାହିଁ;
ପେପରମେଣ୍ଟ ପୋଦନାର ଶ୍ୱେତାଭ ଫୁଲ ହୁଏ ମାତ୍ର । ଏହା
ରୁଚିକର, ଅଜୀର୍ଣ୍ଣନାଶକ, ମୁଖର ଜଡ଼ତାନାଶକ, କଫବାୟୁନିବାରକ,
ବଲକର ଓ ବମନ ନିବାରକ । ଏହା ଏ ଦେଶର ଗଛ
ନୁହେ ।]

ପୁଦ୍ଗଲ—ସଂ. ବି (ପୁତ୍=କୁତ୍ସିତ+ଗଲ୍ ଧାତୁ=ଗଳିତ ହେବା+ କର୍ତ୍ତୃ.
Pudgala ଅ) – ୧ । ଆତ୍ମା—1. Soul.
୨ । ଦେହ—2. Body.
୩ । ପରମାଣୁ—3 Atom; molecule.
୪ । ଶିବ—4. Siba (Apte).
୫ । ଗନ୍ଧତୃଣ (ହି. ଶ.)—
5. Scented grass.
ସଂ. ବିଣ—୧ । ସୁନ୍ଦର—1. Beautiful.
୨ । ସୁଶ୍ରୀକ—2 Handsome; lovely; elegant.

ପୁନ—ଦେ. ବି. ପୁଂ.—ପୂର୍ଣ୍ଣଚନ୍ଦ୍ରର ଡାକ ନାମ—
Puna Name for calling Pūrṇnachandra.
ଦେ. ଅ.—(ସଂ. ପୁନଃ) ପୁନଃ (ଦେଖ) Punah (See)
ବଳେ ଯ ତାକୁ ସଙ୍ଗ ନାହିଁ, ହୀପ ପ୍ରସନ୍ନ କରିଛୀ ସେହୁ,
ପୁନ ତ ଧର୍ମ ସ୍ୱରୂପ ଗ୍ରାହ୍ୟ, କ ଜୁଡ଼ ନହିଁ ଯେ । ଲକ୍ଷ୍. ବୈଦେହୀଶବିଳାସ,

ପୁନ ଉତ୍ପତ୍ତି—ଦେ. ବି.(ସଂ. ପୁନଃ+ଉତ୍ପତ୍ତି=ପୁନରୁତ୍ପତ୍ତି) —ପୁନରୁଦ୍ଭବ
Puna utpatti (ଦେଖ) Punarudbhaba (See).

ପୁନଃ—ସଂ. ଅ.—୧ । ପୁନର୍ବାର; ପୁନରପି—
Punah 1. Again.
୨ । ଆଉ ଥରେ—2. Anew; once more.
୩ । ଏବଂ—3. And.
୪ । ପକ୍ଷାନ୍ତରରେ—4. On the other hand.
୫ । ମଧ୍ୟ—5. Also.
୬ । କିନ୍ତୁ—6. But (Apte).
୭ । ଯାହାହେଉ—7. However (Apte).
୮ । ତଥାପି; ତେବେ ସୁଦ୍ଧା—
8. Still; nevertheless (Apte).
୯ । ଅଧିକନ୍ତୁ—9. Further; further more (Apte).
୧୦ । ଏହା ଛଡ଼ା—10. Besides (Apte).
୧୧ । ଅନନ୍ତର; ପରେ (ହି. ଶ)—11. Afterwards; then.

ପୁନଃ ପାକ—ସଂ. ବି.—ପୁନର୍ବାର ସିଦ୍ଧ କରିବା—
Punah pāka Repeated or second time boiling.

ପୁନଃ ପୁନଃ—ସଂ. ଅ—ବାରମ୍ବାର; ଥରକୁ ଥର—
Punah punah Repeatedly; again and again; frequently.

ପୁନଃ ପୁନା—ସଂ. ବି. ସ୍ତ୍ରୀ—ବିହାର ଅନ୍ତର୍ଗତ ଗୟାର ତୀର୍ଥ ନଦୀ ବିଶେଷ—
Punah punā Name of a sacred river in Bihar near Gaya.
[ଦ୍ର—ଏ ନଦୀ ଗୟା ପାଖେ ବହି ଯାଇଅଛି । ଏହା କୂଳରେ
ହିନ୍ଦୁମାନେ ପିଣ୍ଡଦାନ କରନ୍ତି । ବର୍ଷାଋତୁ ଛଡ଼ା ଅନ୍ୟ ଋତୁରେ
ଏହାର ଗର୍ଭରେ ଜଳ ରହେ ନାହିଁ—ହି. ଶ) ।

ପୁନଃ ସଂସ୍କାର—ସଂ. ବି—୧ । ଦ୍ୱିତୀୟବାର ଶୋଧନ ବା ସଂସ୍କାର;
Punah saṁskāra ମରାମତି—1. Repair; renovation.
୨ । ପତିତ ବ୍ୟକ୍ତିକୁ ପ୍ରାୟଶ୍ଚିତ୍ତ କରାଇବା—
2. Conservation or purification of an ostracised person.
୩ । ପୁନର୍ବାର କରାଯିବା ଉପନୟନାଦି ସଂସ୍କାର (ହି. ଶ)
3. Sacraments performed for a second time.

ପୁନଃ ସଙ୍ଗମ—ସଂ. ବି—୧ । ଆଉଥରେ ମିଳନ—
Punah sangama 1. Reunion.
(ପୁନଃ ସନ୍ଧାନ—ଅନ୍ୟରୂପ) ୨ । ଲିଭି ଯାଇଥିବା ହୋମାଗ୍ନିକୁ
ପୁଣି ଜଳାଇବା —2 Rekindling the sacred fire.
when it has been extinguished (Apte)

ପୁନଃ ସମ୍ଭବ—ସଂ. ବି.—ପୁନର୍ଜନ୍ମ; ମୃତ୍ୟୁପରେ ସଂସାରରେ ଜନ୍ମ ଗ୍ରହଣ—
Punah sambhaba Being born again; metempsychosis (Apte).

ପୁନ ପୁନ—ଗ୍ରା. ଅ. (ସଂ. ପୁନଃ ପୁନଃ)—ବାରମ୍ବାର—
Puna puna Again and again.
ଚିନ୍ତା କହନ୍ତି କର ଯୋଡ଼ି
ଚରଣେ ପୁନ ପୁନ ପଡ଼ି । ଜଗନ୍ନାଥ. ଭାଗବତ ।

ପୁନମୀ—ଗ୍ରା. ବି. (ସଂ. ପୂର୍ଣ୍ଣିମା)—ପୂର୍ଣ୍ଣିମା—
Punami Full moon day.
ପୁନବାଁସୀ (ପୁନ୍ନମୀ, ପୁର୍ନମୀ—ଅନ୍ୟରୂପ)

ପୁନର ଜନମ—ଗ୍ରା. ବି. (ପଦ୍ୟ) (ସଂ. ପୁନର୍ଜନ୍ମ)—
Punara janama ପୁନର୍ଜନ୍ମ (ଦେଖ)
Punarjanma (See)

ପୁନରପି—ସଂ. ଅ. (ପୁନଃ+ଅପି)—୧ । ପୁନର୍ବାର; ଆଉ ଥରେ—
Punarapi 1. Again; once more.
୨ । ପୁନଶ୍ଚ; ମଧ୍ୟ; ପୁଣି—2. Also.
୩ । ଏବଂ ମଧ୍ୟ—3. And also.
୪ । ପକ୍ଷାନ୍ତରରେ—4. On the other hand (Apte).
୫ । ଏବଂ ଆଉଥରେ—5. And again.

ପୁନରବାର—ଗ୍ରା. ଅ—ପୁନର୍ବାର (ଦେଖ)
Punarabāra Punarbāra (See)

ପୁନର ବିଚାର—ଗ୍ରା.ବ. (କଟକଆ)(ସଂ.ପୁନର୍ବିଚାର)—ପୁନର୍ବିଚାର (ଦେଖ)
Punara bichāra Punarbichāra (See)

ପୁନରାଏ—ଗ୍ରା. ଅ. (ସଂ. ପୁନର୍ବାର)—ପୁନରାୟ (ଦେଖ)
Punarāe Punarāya (See).

ପୁନରାଗତ—ସଂ. ବିଣ. (ପୁନଃ+ଆଗତ)—୧ । ଫେର ଅସିଥିବା; ପ୍ରତ୍ୟାଗତ—1. Returned; come back.
Punarāgata
(ପୁନରାଗତା—ସ୍ତ୍ରୀ) ୨ । ଆଉଥରେ ଆସିଥିବା—2. Coming again.

ପୁନରାଗମନ—ସଂ. ବ. (ପୁନଃ+ଆଗମନ)—୧ । ପ୍ରତ୍ୟାଗମନ; ପ୍ରତ୍ୟାବର୍ତ୍ତନ; ଲେଉଟା—1. Return; coming back.
Punarāgamana
(ପୁନରାଗମ—ଅନ୍ୟରୂପ)
୨ । ପୁନର୍ବାର ଘଟିବା—2. Recurrence.
୩ । ଥରେ ମୃତ ହୋଇ ଆଉ ଥରେ ଜନ୍ମ ହେବା; ପୁନର୍ଜନ୍ମ—3 Rebirth.

ପୁନରାଧାନ—ସଂ.ବ.(ପୁନଃ+ଆଧାନ)—ସ୍ଥାପିତ ହୋମାଗ୍ନିର ପୁନଃ ସ୍ଥାପନ
Punarādhāna Renewing the consecrated fire (Apte).
(ପୁନରାଧେୟ, ପୁନରାହୃତ—ବିଣ)

ପୁନରାବର୍ତ୍ତନ—ସଂ. ବ. (ପୁନଃ+ଆବର୍ତ୍ତନ)—ପୁନରାଗମନ (ଦେଖ)
Punarābarttana Punarāgamana (See)
(ପୁନରାବର୍ତ୍ତ—ଅନ୍ୟରୂପ)

ପୁନରାବର୍ତ୍ତିତ—ସଂ. ବିଣ. (ପୁନଃ+ଆବର୍ତ୍ତିତ)—୧ । ପୁନରାଗତ; ପ୍ରତ୍ୟାଗତ—1. Returned.
Punarābarttita
(ପୁନରାବର୍ତ୍ତିତା—ସ୍ତ୍ରୀ) ୨ । ଆଉ ଥରେ ଘଟିବା—2. Recurring

ପୁନରାବର୍ତ୍ତୀ—ସଂ. ବିଣ. (ପୁନଃ+ଆ+ବୃତ୍ ଧାତୁ+ଇନ୍; ୧ମା. ୧ବ)
Punarābartti ୧ । ପ୍ରତ୍ୟାଗମନଶୀଳ—1. Returning; reverting.
(ପୁନରାବୃତ୍—ଅନ୍ୟରୂପ)
(ପୁନରାବର୍ତ୍ତିନୀ—ସ୍ତ୍ରୀ) ୨ । ଇହଲୋକକୁ ବାରଂବାର ଆଗମନଶୀଳ—2. Coming to the world again and again; returning to mundane existence (Apte).

ପୁନରାବୃତ୍ତ—ସଂ. ବିଣ. (ପୁନଃ+ଆବୃତ୍ତ)—ପୁନରାବର୍ତ୍ତିତ (ଦେଖ)
Punarābrutta Punarābarttita (See)
(ପୁନରାବୃତ୍ତା—ସ୍ତ୍ରୀ)

ପୁନରାବୃତ୍ତି—ସଂ. ବ. (ପୁନଃ+ଆବୃତ୍ତି)—୧ । ପ୍ରତ୍ୟାବୃତ୍ତି; ପ୍ରତ୍ୟାଗମନ—
Punarābrutti 1. Return; turning or coming back.
୨ । ଆଉ ଥରେ ପଢ଼ିବା—2. Reading again.
୩ । (ପାଠ ଆଦି) ଘୋଷିବା—3. Getting by heart.
୪ । ପୁନର୍ବାର ବୋଲିବା—4. Recitation; repetition.
୫ । ପୁନର୍ଜନ୍ମ—5. Rebirth (Apte).
୬ । କୌଣସି ଗ୍ରନ୍ଥର ଆଉ ଥରେ ସଂସ୍କରଣ—6. Another edition of a book (Apte).
୭ । କଥିତ ବା ଲିଖିତ ବା ପଠିତ ବିଷୟର ପୁନର୍ବାର ଆଲୋଚନ—8. Revision (Apte).

ପୁନରାୟ—ଦେ. ଅ.—(ସଂ. ପୁନର୍ବାର)—୧ । ପୁଣି; ପୁନର୍ବାର; ଫେର—1. Again.
Punarāya
ପୁନରାୟ ୨ । ଅଧିକନ୍ତୁ—2. Moreover.
ଫେର୍, ଫୋନ୍ ୩ । ଆଉ ଥରେ—3. Once again.

ପୁନରାୟାତ—ସଂ. ବିଣ. (ପୁନଃ+ଆୟାତ)—ପୁନରାଗତ (ଦେଖ)
Punarāyāta Punarāgata (See)
(ପୁନରାୟାତା—ସ୍ତ୍ରୀ)

ପୁନରୁକ୍ତ—ସଂ. ବିଣ. (ପୁନଃ+ଉକ୍ତ)—୧ । ଆଉ ଥରେ କଥିତ—
Punarukta 1. Spoken again; repeated.
୨ । ଅନାବଶ୍ୟକ ଓ ଅଭିରକ୍ତ—2. Superfluous; unnecessary (Apte).

ପୁନରୁକ୍ତ ଜନ୍ମା—ସଂ. ବ. ପୁଂ. (ପୁନଃ+ଉକ୍ତ=କଥିତ+ଜନ୍ମନ୍ ଯାହାର
Punarukta janma ୧ମା. ୧ବ; ଯେ ଥରେ ଜନ୍ମ ହେଲା ପରେ ଆଉଥରେ ଜନ୍ମ ହେଲା ବୋଲି ବୋଲା ଯାଏ)—
୧ । ଦ୍ୱିଜ; ବ୍ରାହ୍ମଣ—1. A twice-born; Brāhmana.
୨ । ଅଣ୍ଡଜ—2. Oviparous animal.
୩ । ସର୍ପ—3 Serpent.
୪ । ସରୀସୃପ—4. Reptile; lizard.
୫ । ପକ୍ଷୀ—5. Bird.
୬ । ଚନ୍ଦ୍ର—6. Moon.

ପୁନରୁକ୍ତତା—ସଂ. ବ.—(କାବ୍ୟରେ) କଥିତ ବିଷୟକୁ ଆଉ ଥରେ କହିବା ରୂପ ରଚନା-ଦୋଷ—(a defect in composition) Tautology; superfluity in speech or writing.
Punaruktatā
[ଦ୍ର—ଏହା ଶବ୍ଦ ଦୋଷରେ ଓ ଅର୍ଥ ଦୋଷରେ ଘଟେ ।]
ଶବ୍ଦଦୋଷର ଉଦାହରଣ—
ତମୋଦମ୍ଭହର ଜଗତେ ତୁମ୍ଭ କର ସବୁ ବେ
ଦମ୍ଭଦମ୍ଭ ହର ଭେଷଜ ଫଳ ଶର ସବୁ ବେ ।
ଉପେନ୍ଦ୍ରଭଞ୍ଜ, ବଇଦେହୀଶ ବିଳାସ ।
ଅର୍ଥଦୋଷର ଉଦାହରଣ—
ଜୟ ମହାବୀର କର୍ଣ୍ଣ ଅରାତି ମର୍ଦ୍ଦନ
ଜୟ ରଥୀନ୍ଦ୍ର, କୌରବ ଗୌରବ ବର୍ଦ୍ଧନ
ବିନାଶ ସମରେ ଅଦ୍ୟ ପାଣ୍ଡବ ନିଚୟ
ଜୟ ଅଦ୍ଭୁତ କର୍ଣ୍ଣ ମହାରଥୀ ଜୟ !
ମଧୁସୂଦନ କର୍ଣ୍ଣବଧ—ଦୃଷ୍ଟାନ୍ତ, ଅଳଙ୍କାର ତରଙ୍ଗିଣୀ ।

ପୁନରୁକ୍ତ ବଦାଭାସ—ସଂ. ବ. (ବହୁବ୍ରୀହି; ପୁନରୁକ୍ତବତ୍+ଆଭାସ
Punarukta badābhāsa =ଆପାତତଃ ପ୍ରତୀତ ଯହିଁରେ)—କାବ୍ୟାଲଙ୍କାରବିଶେଷ; ପୁନରୁକ୍ତ ପରି ଜଣାଯାଉଥିବା କିନ୍ତୁ ପ୍ରକୃତରେ ପୁନରୁକ୍ତ ଦୋଷ ନ ଥିବା ରଚନା-ବିଶେଷ—(Rhetoric) A figure of speech; seeming tautology.
[ଦ୍ର—ଏଥିରେ ଭିନ୍ନାକାର ଏକାର୍ଥବୋଧକ ଦୁଇ ବା ବହୁ ଶବ୍ଦ ପ୍ରଯୁକ୍ତ ହୋଇଥିବାରୁ ସେତାକୁ ପ୍ରଥମେ ପୁନରୁକ୍ତ ପରି

ବୋଧ ହୁଏ; କିନ୍ତୁ ପୁନରୁକ୍ତ ପରି ଜଣା ଯାଉଥିବା ବାକ୍ୟର ଗୋଟିଏ ସ୍ୱତନ୍ତ୍ର ଅର୍ଥ ଥାଏ ।]

ପୁନରୁକ୍ତି—ସଂ. ବି. (ପୁନଃ+ଉକ୍ତି)—
Punarukti ୧ । ଦ୍ୱିରୁକ୍ତି; କଥିତ ବିଷୟକୁ ଆଉ ଥରେ କହିବା- 1. Repeating a thing once spoken; repetition.

୨ । କଥିତ ବିଷୟର ଆଉ ଥରେ ଅନାବଶ୍ୟକ କଥନ— 2. Tautology; superfluity.

ପୁନରୁକ୍ତି କରିବା—ଦେ. କ୍ରି—୧ । କଥିତ ବିଷୟକୁ ଆଉ ଥରେ
Punarukti karibā କହିବା—1. To repeat a matter
ପୁନରୁକ୍ତି କରা already spoken
পুনরুক্তি করনা ୨ । ବକ୍ତାଙ୍କ କଥାରେ (ଶ୍ରୋତା) ଜବାବ ଦେବା ବା ଆପତ୍ତି କରିବା—2 To object to the words spoken by the 1st speaker.

ପୁନରୁକ୍ତି ଦୋଷ—ଦେ. ବି—ରଚନାର ଦୋଷବିଶେଷ; ଗୋଟିଏ
Punarukti dosha ବିଷୟକୁ ପୁନର୍ବାର ପ୍ରକାଶ କରିବା ରୂପ ଦୋଷ—A defect in composition; viz, Tautology.

ପୁନରୁଜ୍ଜୀବନ—ସଂ. ବି—ମୃତ୍ୟୁ ପରେ ଆଉ ଥରେ ଜୀଇଁ ଉଠିବା—
Punarujjībana Revival after death; resusciation.

ପୁନରୁଜ୍ଜୀବିତ—ସଂ. ବିଣ. ପୁଂ—ପୁନର୍ବାର ଜୀଇଁ ଉଠିବା—
Punarujjībita Revived after death; resusciated.
(ପୁନରୁଜ୍ଜୀବିତା—ସ୍ତ୍ରୀ)

ପୁନରୁତ୍ଥାନ—ସଂ. ବି—(ପୁନଃ+ଉତ୍ଥାନ)—୧ । ଆଉ ଥରେ
Punarutthāna ଉଠିବା—1. Rising again.

୨ । ପୁନର୍ବାର ଜୀଇଁବା ବା ଆବିର୍ଭୂତ ହେବା— 2. Resurrection; resuscıation.

୩ । ପତନ ପରେ ପୁନର୍ବାର ଉନ୍ନତି— 3. Revival or rise after a fall.

ପୁନରୁତ୍ଥିତ—ସଂ. ବିଣ (ପୁନଃ+ଉତ୍ଥିତ)—ଆଉ ଥରେ ଉଠିଥିବା—
Punarutthita Risen up again; revived after a fall.

ପୁନରୁତ୍ପତ୍ତି—ସଂ. ବି. (ପୁନଃ+ଉତ୍ପତ୍ତି)—
Punarutpatti ୧ । ପୁନର୍ଜନ୍ମ—1. Metempsychosis.
(ପୁନରୁତ୍ପନ୍ନ—ଅନ୍ୟରୂପ) ୨ । ପୁନର୍ବାର ଆବିର୍ଭାବ ହେବା— 2. Appering again.

ପୁନରୁତ୍ପାଦନ—ସଂ. ବି. (ପୁନଃ+ଉତ୍ପାଦନ)—
Punarutpādana ଆଉ ଥରେ ଜନ୍ମ କରିବା—
(ପୁନରୁତ୍ପାଦିତ—ବିଣ) Reproducing; reproduction.

ପୁନରୁଦ୍ଦୀପ୍ତତା—ସଂ. ବି. (ପୁନଃ+ଉଦ୍ଦୀପ୍ତ+ତା)—ରଚନାରେ
Punaruddiptatā ରସଦୋଷବିଶେଷ; ଗୋଟିଏ ରସ ପୁନଃ ପୁନଃ କଥିତ ହେବା ଦୋଷ— A defect in composition; repetition of the same sentiment in a composition.

[ଦ୍ର—ବିଦଗ୍ଧ ଚିନ୍ତାମଣିରେ କୃଷ୍ଣ ଓ ରାଧାଙ୍କର ବିପ୍ରଲମ୍ଭ ଶୃଙ୍ଗାର ବର୍ଣ୍ଣନା ପୁନଃ ପୁନଃ କରି ଯାଇଅଛି । ତେଣୁ ଏହା ଏହି ଦୋଷରେ ଦୁଷ୍ଟ ।]

ପୁନରୁଦ୍ଭବ—ସଂ. ବି. (ପୁନଃ+ଉଦ୍ଭବ)—୧ । ମୃତ୍ୟୁ ପରେ ସଂସାରରେ
Punarudbhaba ପୁନର୍ବାର ଜନ୍ମ ହେବା—1. Revival;
(ପୁନରୁଦ୍ଭୂତ—ଅନ୍ୟରୂପ) rebirth; regeneration; transmigration; metempsychosis.

୨ । (ଲକ୍ଷଣାର୍ଥ) କୌଣସି କଠିନ ପୀଡ଼ାରୁ ବା ବିପଦଜନକ ଆସନ୍ନ ମୃତ୍ୟୁରୁ ରକ୍ଷା ପାଇବା—2. Recovery from the brink of death (e g. from dangerous illness).

ପୁନରୁପଗମ—ସଂ. ବି. (ପୁନଃ+ଉପଗମ)—ଫେରି ଆସିବା—
Punarupagama Return (Apte)
(ପୁନରୁପଗତ—ବିଣ)

ପୁନରୁପୋଢ଼ା—ସଂ. ବି. ସ୍ତ୍ରୀ. (ପୁନଃ+ଉପୋଢ଼ା)—
Punaruporḍhā ପ୍ରଥମେ ବିବାହିତା ହେବା ପରେ ଯେଉଁ ସ୍ତ୍ରୀର
(ପୁନରୂଢ଼ା—ଅନ୍ୟରୂପ) ଦ୍ୱିତୀୟ ଥର ବିବାହ ହୋଇଅଛି— A woman married again (Apte).

ପୁନର୍ଗତି—ସଂ. ବି—୧ । ପୁନର୍ଜନ୍ମ (ଦେଖ)
Punargati 1. Punarjanma (See)
(ପୁନର୍ଗମନ—ଅନ୍ୟରୂପ) 'ମୁକ୍ତ' ସ୍ତୁତେ ବଂବହୃତ
(ପୁନର୍ଗତ—ବିଣ) ଯହିଁ କ ଯନ୍ତେ ପୁନର୍ଗତି । ଜଗନ୍ନାଥ. ଭାଗବତ ।

୨ । ଆଉ ଥରେ ଯିବା—2, Going again.

ପୁନର୍ଜନ୍ମ—ସଂ. ବି—ପୁନରୁଦ୍ଭବ (ଦେଖ
Punarjanma Punarudbhaba (See)

ପୁନର୍ଜାତ—ସଂ. ବିଣ ପୁଂ (ପୁନଃ+ଜାତ)—ପୁନର୍ଜନ୍ମ ପ୍ରାପ୍ତ—
Punarjāta Born again.

ପୁନର୍ଦଖଲ—ଦେ. ବି—(କଚେରିଆ ଭାଷା; ସଂ. ପୁନଃ+ଆ. ଦଖଲ)—
Punardakhala ବେଦଖଲ ହୋଇଥିବା ସମ୍ପତ୍ତିରେ ଅଦାଲତଙ୍କ
পুনর্দখল ସାହାଯ୍ୟରେ ମିଳିବା ଦଖଲ—Recovery of possession through a court of a property from which one has been dispossessed.

ପୁନର୍ଦାରକ୍ରିୟା—ସଂ. ବି—(ପୁନଃ+ଦାରକ୍ରିୟା)—ପୁରୁଷର ପ୍ରଥମ
Punardārakriyā ବିବାହ ପରେ ପୁନର୍ବାର ବିବାହ—
(ପୁନର୍ଦାର ଗ୍ରହଣ—ଅନ୍ୟରୂପ) Taking a second wife; marrying again in the case of a man.

ପୁନର୍ନବ—ସଂ. ବି—(ପୁନଃ+ନବ; ଯାହା କାଟି ପକାଇଲେ ପୁଣି
Punarnaba କଅଁଳେ) - ନଖ—Finger-nail.
(ପୁନର୍ଣ୍ଣବ—ଅନ୍ୟରୂପ)

ପୁନର୍ନବା—ସଂ. ବି—(ପୁନଃ+ନବ+ସ୍ତ୍ରୀ. ଆ; ଯାହାକୁ କାଟି ପକାଇଲେ
Punarnabā ପୁଣି କଅଁଳେ)—ପୁରୁଣିଶାଗ; ଶୋଥନାଶକ ବହୁଶାଖ
ଶ୍ୱେତ ପୁନର୍ନବାର ସଂସ୍କୃତ ପର୍ଯ୍ୟାୟ] ଲତାଶାକ—The spreading
ଶ୍ୱେତ ପୁନର୍ନବା, ଶ୍ୱେତମୂଳା, hogweed; Bœrhagvia
କଠିଲ୍ଲ, ଚିରାଟିକା, ବୃଶ୍ଚୀର, ସିତ- Diffusa; Procumbens
ବର୍ଷାଭୂ, ବର୍ଷାଙ୍ଗୀ, ବର୍ଷାହ୍ୱା, ଦୀର୍ଘପତ୍ର, Andirecta.

ଫଣିବାଟିକା, ପୃଥ୍ୱୀ, ଘନପତ୍ର, ଶୋଥଘ୍ନୀ, ସାର୍ପପତ୍ରିକା

ରକ୍ତ ପୁନର୍ନବା :— ରକ୍ତ ପତ୍ରିକା, ରକ୍ତକାଣ୍ଡା, ବର୍ଷକେତୁ, ବଷାଭୂ, ରକ୍ତପୁଷ୍ପା, ଲୋହିତା, କ୍ରୂରା, ମଣ୍ଡଳପତ୍ରିକା, ବିକସ୍ୱରା, ବିଷଘ୍ନୀ, ସାରଣୀ, ଶୋଣପତ୍ର, ଭୌମ, ପୁନର୍ଭବ, ନବ, ନବ୍ୟ ।

ନୀଳ ପୁନର୍ନବା:—ନୀଳପୁନର୍ନବା, ନୀଲା, ଶ୍ୟାମା, ନୀଳବର୍ଷାଭୂ, ନୀଳମ୍ମା, ପୁନ୍ୟା, ପୁନ୍ନେଶାକ

ସାଁଠ, ଗଦହପୁରନୋ, ବିଶଖପରା

ମ. ଘେଣ୍ଟୁଲୀ

ତେ. ଅଟ୍ଟକମ ମେଣ୍ଡା; ଗାଲଜେରୁ

ତା. ମୁକରଟ୍ଟେକରେ

ଗଞ୍ଜାମ. ଅଷ୍ଟକାପୋଡ଼ୀ

ଗୁ. ସାଟୋଡ଼ୀ

ଅ ଦହକୁଙ୍କା

[ଦ୍ର—ଏହାର ପତ୍ର ଯୋଡ଼ ଯୋଡ଼ ଓ ମୋଟ । ଚେର, ପତ୍ର ଓ ଫୁଲ ଶ୍ୱେତ, ନୀଳ ଓ ରକ୍ତବର୍ଣ୍ଣ ଭେଦରେ ଏହା ତିନପ୍ରକାର ।

ସଂ. ଶ୍ୱେତ ପୁନର୍ନବାକୁ ଓଡ଼ିଆରେ ଶ୍ୱେତପୁରୁଣୀ ବା ଛେତପୁରୁଣୀ ଓ ହିନ୍ଦିରେ ବିଷଖପରା ବଙ୍ଗଳାରେ ଶ୍ୱେତପୁନ୍ନେ କହନ୍ତି । ସଂ. ରକ୍ତ ପୁନର୍ନବାକୁ ଓଡ଼ିଆରେ ନାଲି ପୁରୁଣୀ ହିନ୍ଦିରେ ସାଠ ଓ ଗଦହ ପୁରନୀ ଓ ବଙ୍ଗଳାରେ ଗାଦାପୁନ୍ନେ କହନ୍ତି । ସଂ. ନୀଳ ବା କୃଷ୍ଣ ପୁନର୍ନବାକୁ ପୁରୁଣୀ କହନ୍ତି । ଏ ଶାଗ ବର୍ଷାଦିନେ ପଡ଼ିଆରେ ବହୁଳ ଭାବରେ ମାଡ଼ିଯାଏ ।

ବୈଦ୍ୟକମତରେ ଶ୍ୱେତ ପୁନର୍ନବା ଶୋଥ, ବାୟୁ, ଗରଳ ଦୋଷ, କଫ, ପାଣ୍ଡୁରୋଗ, ଉଦରରୋଗ ଓ ବ୍ରଣ ନାଶକ । ରକ୍ତ ପୁନର୍ନବା କଫ, ପିତ୍ତ ଓ ରକ୍ତଦୁଷ୍ଟିନାଶକ । କୃଷ୍ଣପୁନର୍ନବା ରସାୟନ ଓ ହୃଦ୍‌ରୋଗ, ପାଣ୍ଡୁ, ଶୋଥ, ଶ୍ୱାସ, ବାତ ଓ କଫନାଶକ—ଦ୍ରବ୍ୟଗୁଣ ।

ପୁରୁଣୀର ଚେରକୁ ବାଟି ତହିଁର ରସ ପିଇଲେ ଓ ଅଞ୍ଜନ କରି ବ୍ୟବହାର କଲେ ନେତ୍ର ରୋଗ ଭଲ ହୁଏ । ପୁଷ୍ୟା ନକ୍ଷତ୍ର ଯୁକ୍ତ ତିଥିରେ ଶ୍ୱେତପୁରୁଣୀ ଚେର ଖୋଳିଆଣି ଘରେ ରଖିଲେ ସର୍ପ ଭୟ ନିବାରିତ ହୁଏ ବୋଲି କଥିତ ଅଛି ।]

ପୁନର୍ବସୁ—ସଂ. ବି. (ପୁନଃ+ବସ୍ ଧାତୁ+ଉ; ପ୍ରାଣୀମାନେ ପୁନଃ ପୁନଃ ଯାହାକୁ ଆଶ୍ରୟ କରନ୍ତି)—୧ । (ଜ୍ୟୋତିଷ) ୨୭ ନକ୍ଷତ୍ର ମଧ୍ୟରୁ ୭ମ ନକ୍ଷତ୍ର—1. (astrology) The 7th of the lunar mansions.
Punarbasu

[ଦ୍ର—ଏହା ଧନୁସାକୃତି ଓ ପଞ୍ଚତାରକାବିଶିଷ୍ଟ । ଏ ନକ୍ଷତ୍ରର ଅଧିଷ୍ଠାତ୍ରୃ ଦେବତା ଅଦିତି । ଏ ନକ୍ଷତ୍ରରେ ଜନ୍ମ ଗ୍ରହଣ କରିବା ବ୍ୟକ୍ତି ମିତ୍ରବାନ୍, ଯତ୍ନଶୀଳ, ଦାତା ଓ ପ୍ରତାପଶାଳୀ ହୁଅନ୍ତି । ନକ୍ଷତ୍ର ତଳେ କୋଷ୍ଠ (ଦେଖ)]

୨ । ବିଷ୍ଣୁ—2. Bishnu.

୩ । ଶିବ—Siba

୪ । କାତ୍ୟାୟନ ମୁନିଙ୍କ ନାମାନ୍ତର—4. A name of sage Kātyāyana.

ପୁନର୍ବାର—ଦେ. କ୍ରି. ବିଣ. (ସଂ. ପୁନଃ+ଓ ବାର)—୧ । ପୁନରପି ପୁନଶ୍ଚ; ଆଉ ଥରେ—1. Once again
Punarbāra

୨ । ପୁଣି—2. Again.

ପୁନର୍ବିଚାର—ସଂ. ବି. (କଚରା)—୧ । କଷ୍ଟରୁ ବିହାଇ ଥିବା ବିଷୟର ଆଉ ଥରେ ବିଚାର—1. Review of judgment.
Punarbichāra

୨ । ସାନ ବିଚାର—2. Revision or revival of a decided case.

୩ । ଅପିଲ ବିଚାର—3. Hearing of an appeal.

ପୁନର୍ବିବାହ—ସଂ. ବି.—ମୃତଦାରର ବା ବିଧବାର ଦ୍ୱିତୀୟବାର ବିବାହ; ଦୁତୀୟ ହେବା—Remarriage of a widow or widower.
Punarbibāha

ଦେ. ବି.—ଦ୍ୱିତୀୟଗମନ ରୂପ ସଂସ୍କାର; ପିଲା କନ୍ୟା ଋତୁମତୀ ହେବା ପରେ ସ୍ୱାମୀଙ୍କ ସହିତ ମିଳନରୂପ ଉତ୍ସବ; ଆଶୀର୍ବାଦ ଘର—The ceremony of consummation of marriage of a girl-bride after attaining puberty.

ପୁନର୍ବିଭା—ଦେ. ବି. (ସଂ. ପୁନର୍ବିବାହ)—ଗର୍ଭାଧାନ ବା ଦ୍ୱିତୀୟଗମନ ରୂପ ସଂସ୍କାର; ପୁନର୍ବିବାହ; ଆଶୀର୍ବାଦ ଘର—(ପୁନର୍ବିଭାଘର—ଅନ୍ୟରୂପ) The ceremony of consummation of marriage of a girl-wife after puberty.
Punarbibhā

ପୁନର୍ଭବ- ସଂ. ବିଣ. (ପୁନଃ+ଭୂ ଧାତୁ=ହେବା; ଜନ୍ମିବା+ଅ)—ପୁନର୍ବାର ଜାତ—Reborn.
Punarbhaba

(ପୁନର୍ଭବା - ସ୍ତ୍ରୀ) ସଂ. ବି.—୧ । ପୁନର୍ଜନ୍ମ—1. Rebirth.

୨ । ନଖ—2. The nails.

୩ । ରକ୍ତ ପୁନର୍ନବା—3. The red variety of hogweed.

ପୁନର୍ଭବୀ—ସଂ. ବି.—(ପୁନର୍ଭବ+ଈ)—ଜୀବାତ୍ମା; (ଯାହା ଜୀବର ମୃତ୍ୟୁ ପରେ ଅନ୍ୟ ଦେହରେ ଆବିର୍ଭୂତ ହୁଏ)—The sentient soul (existing again after the dissolution of one's body in another form).
Punarbhabi

ପୁନର୍ଭୂ—ସଂ. ବି. ସ୍ତ୍ରୀ (ପୁନଃ+ଭୂ ଧାତୁ+କ୍ୱିପ୍)—ଥରେ ବିବାହ ହେବା ପରେ ଆଉ ଥରେ ବିବାହ କରିଥିବା ସ୍ତ୍ରୀ; ଅନ୍ୟପୂର୍ବା ସ୍ତ୍ରୀ; ଦ୍ୱିତୀୟ ବାର ସ୍ୱାମୀ ଗ୍ରହଣ କରିଥିବା ବିଧବା ବା ସ୍ୱାମୀପରିତ୍ୟକ୍ତା ସ୍ତ୍ରୀ; ଦୁତୀୟ ବିଭା ହୋଇଥିବା ସ୍ତ୍ରୀ—A woman married a second time after her first marriage.
Punarbhū

[ଦ୍ର—ଏମାନେ ତିନପ୍ରକାର—୧ । ଯିତଯୋନି—ପତ୍ୟନ୍ତର ଗ୍ରାହିଣୀ (ବିଧବା), ୨ । ଗୁରୁଜନଙ୍କ ଦ୍ୱାରା ପ୍ରଦତ୍ତ ବିବାହ ସମ୍ବନ୍ଧ କ୍ଷତା ବିଧବା, ୩ । ବିଧବା ହୋଇ ବ୍ୟଭିଚାରିଣୀ ହେଲେ ଗୁରୁଜନମାନେ ଦେବରାଦିଙ୍କୁ ଯେଉଁ ବିଧବାକୁ ଦିଅନ୍ତି ।

ଏପରି ସ୍ତ୍ରୀର ସନ୍ତାନକୁ 'ପୌନର୍ଭବ' ବୋଲାଯାଏ, ପୁତ୍ରତଳେ କୋଷ୍ଠ ଦେଖ ।]

ପୁନର୍ଯାତ୍ରା—ସଂ. ବି. (ପୁନଃ+ଯାତ୍ରା)—୧ । ବାହୁଡ଼ିବା; ପ୍ରତ୍ୟାବର୍ତ୍ତନ—1. Returning.
Punarjātrā

୨ । ଅଟକିବା ପରେ ଯାତ୍ରା କରିବା—2. Restarting.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ତଳସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ବାଟ' ନ ମିଳିଲେ 'ଵାଟ' ଖୋଜିବେ, କୃଷ ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଣ୍ଣ ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ

୩ । ଜଗନ୍ନାଥଙ୍କର ବାହୁଡ଼ା ଯାତ୍ରା—3. The return journey of Lord Jagannātha in the car.

ପୁନଶ୍ଚ—ସଂ. ଅ (ପୁନଃ+ଚ)—୧ । ପୁନରପି; ପୁଣି; ଫେର—
Punaścha 1. Again.
୨ । ଅଧିକରେ; ଦ୍ୱିତୀୟବାର—2. A second time.
୩ । ପୁନଃ ପୁନଃ—3. Repeatedly.
୪ । ଏବଂ ମଧ୍ୟ—4. And also; and again.

ପୁନା—ଦେ. ବି. ୧ । (ପୁଂ) ପୂର୍ଣ୍ଣାନନ୍ଦର ଡାକନାମ—
Punā 1. A name for calling Pūrṇṇānanda.
୨ । (ସ୍ତ୍ରୀ) ଅନ୍ନପୂର୍ଣ୍ଣାର ଡାକନାମ—
2 A name for calling Annapūrṇṇā.
୩ । (କ୍ଲୀ) ବମ୍ବେ ପ୍ରେସିଡେନ୍‌ସିର ପ୍ରସିଦ୍ଧ ନଗର—
3 Poona, a famous city of Bombay.

ପୁନାଗ(ଙ୍ଗ)—ଦେ. ବି—ପୁନ୍ନାଗ (ଦେଖ)
Punāga(ṅga) (ପୁନ୍ନାଙ୍ଗ—ଅନ୍ୟରୂପ) Punnāga (See)

ପୁନାଙ୍ଗ ତେଲ—ଦେ. ବି—ପୁନ୍ନାଙ୍ଗ ମଞ୍ଜିରୁ ପେଷି ବାହାର କରାଯିବା
Punāṅga tela ତେଲ—Pinnay oil
पुनाङ्गेर तेल [ଦ୍ର—ଏ ତେଲ ଘାଅ ଜାଳବାରେ ବ୍ୟବହୃତ ହୁଏ, (ପୁନାଙ୍ଗମାଲପା—ଅନ୍ୟରୂପ) ଘୋଡ଼ା ଘାଅ ଉପରେ ଏହା ବୋଳିଲେ ଉପକାର ହୁଏ ।]

ପୁନାଙ୍ଗ ବରିଆ—ଦେ. ବି—ପୁନାଙ୍ଗ ବଳିତା ୧ (ଦେଖ)
Punāṅga bariā Punāṅga baḷitā 1 (See)

ପୁନାଙ୍ଗ ବ(ଶ)ଳିତା—ଦେ. ବି—୧ । ପୁନ୍ନାଙ୍ଗ ମଞ୍ଜି ଭିତରର ଶୁଖିଲା ଶସ୍ୟରୁ
Punāṅga ba(śa)ḷitā ବାଟି କନାରେ ଗୁଡ଼ାଇ ଦୀପରେ ବ୍ୟବହାର
(ପୁନାଙ୍ଗବତି—ଅନ୍ୟରୂପ) କରାଯିବା ବର୍ତ୍ତିକା—1 A rag containing the kernel of the seed of mast wood rolled into a wick and used for lighting purposes.
୨ । ପୁନ୍ନାଙ୍ଗ ତେଲରେ ବୁଡ଼ା ହୋଇଥିବା ବର୍ତ୍ତିକା—
2 A wick immersed in Pinnay oil.

ପୁନାଦ—ପ୍ରାଦେ (ଗଞ୍ଜାମ) ବି (ତେଲୁଗୁ ଶବ୍ଦ)—
Punādi ପାଚେରୀର ମୂଳଦୁଆ—
The foundation of a compound-wall

ପୁନି(ଣି)—ଦେ. ବି. ସ୍ତ୍ରୀ—ଅନ୍ନପୂର୍ଣ୍ଣାର ଡାକନାମ—
Puni(ṇi) Name for calling Annapūrṇṇā.
ପ୍ରାଦେ. (ସମ୍ବଲପୁର) ବି (ସଂ. ପୂର୍ଣ୍ଣିମା)—ପୂର୍ଣ୍ଣିମାତିଥି—
Full-moon day.

ପୁନିଅଁ—ଦେ. ବି—୧ । (ସଂ. ପୂର୍ଣ୍ଣିମା) ପୁନେଇଁ (ଦେଖ)
Punian 1. Puneiṅ.(See)
पुन्नी ୨ । (ସଂ. ପୁଣ୍ୟ) ପୁଣ୍ୟ—2. Piety.

पुन्न; पुन्नय ୩ । ବ୍ରତାଦି ଉତ୍ସବ—3. Festival.
ପୁନିଅ
ପୁନ୍ୟ } ଅନ୍ୟରୂପ ୪ । (ସଂ. ପୁଣ୍ୟାହ)—ପୁଣ୍ୟଦିବସ—
ପୁନ୍ୟ 4. A sacred day; a day of piety.

ପୁନୀତ—ସଂ. ବିଣ (ପୂ ଧାତୁ ଣିଚ ପକ୍ଷ ଧାତୁ+କର୍ମ. ତ)—
Punita ପବିତ୍ରୀକୃତ—Hallowed.

ପୁନେଇଁ—ଦେ. ବି—୧ । ପୂର୍ଣ୍ଣଚନ୍ଦ୍ର ନାମକ ପୁରୁଷ ଓ ଅନ୍ନପୂର୍ଣ୍ଣା ନାମକ
Puneiṅ ସ୍ତ୍ରୀକୁ ଡାକିବା ନାମ—1. Names for calling
पुनिम Pūrṇṇachandra and Annapūrṇṇā.
पुनवाँसी ୨ । (ସଂ. ପୂର୍ଣ୍ଣିମା)—ପୂର୍ଣ୍ଣିମା—
2. Fullmoon day.
(ପୁନମି, ପୁନେଇ, ପୁନିଅଁ, ପୁନେଁ, ପୁନ୍ନେଇଁ, ପୁନିଁୟ, ପୁନ୍ୟଁ—ଅନ୍ୟରୂପ)

ପୁନେଇଁ ଖାଇବା—ଦେ. କ୍ରି—ବିବାହର ପ୍ରଥମ ବର୍ଷମଧ୍ୟରେ ପଡ଼ିବା
Puneiṅ khāibā ନିର୍ଦ୍ଦିଷ୍ଟ ଚାରି ଗୋଟି ପୂର୍ଣ୍ଣିମା (ଦୋଳ, କୁମାର, ଗହ୍ମା ଓ ସ୍ନାନ) ରେ ଶ୍ୱଶୁରଘରୁ ନିମନ୍ତ୍ରଣ ପାଇଁ ଜ୍ୱାଇଁ ଯାଇଁ ଭୋଜନ କରିବା—(a soninlaw) To go to the father-in-law's house on invitation on four particular fullmoon days during the 1st year of marriage.

ପୁନେଇଁ ଖିଆ—ଦେ. ବି—ପୁନେଇ ଡାକରାରେ ଶ୍ୱଶୁର ଘରକୁ ଯାଇଁ
Puneiṅ khiā ଜ୍ୱାଇଁଙ୍କ ଭୋଜନ—The dinners given to a son-in-law on four particular full moon days during the 1st year of marriage.

ପୁନେଇଁ ଚାନ୍ଦ—ଦେ. (ସଂ. ପୂର୍ଣ୍ଣିମା ଓ ଚନ୍ଦ୍ର)—
Puneiṅ chānda ୧ । ପୂର୍ଣ୍ଣିମା ରାତିର ପୂର୍ଣ୍ଣଚନ୍ଦ୍ର—
पूर्णिमारचान्द 1. The moon in its full on the full-
बदर moon night.
୨ । ପୂର୍ଣ୍ଣିମା ଚନ୍ଦ୍ରଙ୍କ ପରି ମନୋହର—
2. (a person) Beautiful like the full moon.

ପୁନେଇଁ ଡାକରା—ଦେ. ବି—ବିବାହର ପ୍ରଥମ ବର୍ଷ ମଧ୍ୟରେ ପଡ଼ିବା
Puneiṅ ḍākarā ଚାରି ପୂର୍ଣ୍ଣିମା (ଦୋଳ, କୁମାର, ଗହ୍ମା ଓ ଦେବସ୍ନାନ)ରେ ଶ୍ୱଶୁର ଘରକୁ ଯିବା ପାଇଁ ଜ୍ୱାଇଁଙ୍କୁ ନିମନ୍ତ୍ରଣ—Invitation extended to a son-in-law on 4 particular fullmoon-days during
(ପୁନେଇ ଡକରା—ଅନ୍ୟରୂପ) the 1st year of marriage.

ପୁନେଇଁ ପରବ—ଦେ. ବି (ସଙ୍କର ଶବ୍ଦ; ସଂ. ପୁଣ୍ୟ ଓ ପର୍ବ)—ବ୍ରତ ଓ
Puneiṅ paraba ଉତ୍ସବାଦି—Fasts and festivals.
पुन्नीपरब परबतेउहार (ପୁନେଇଁ ପର୍ବ—ଅନ୍ୟରୂପ)

୧	ଇ	ଈ	ଋ,ୠ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଣ	ଜ	ଶ,ଷ	କ୍ଷ	ଇଅ	ଇଃ	ଢ
୨	ଈ	ଉ	ଋ	ଳ	ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	●	ଙ୍

ପୁନ୍ନ—ଗ୍ରାମ୍ୟ. ବିଣ (ସଂ. ପୂର୍ଣ୍ଣ)—ପୂର୍ଣ୍ଣ—
Punna — Full.

ପୁନ୍ନମୀ—ଗ୍ରା. ବି (ସଂ. ପୂର୍ଣ୍ଣିମା)—ପୂର୍ଣ୍ଣିମା—
Punnami — The full moon day.

ପୁନ୍ନରକ—ସଂ. ବି (ପୁତ୍+ନରକ)—ପୁତ୍ ନାମକ ନରକ, ଯେଉଁଠାରେ ଅପୁତ୍ରକ ଲୋକ ଦୁଃଖ ଭୋଗ କରେ—
Punnaraka — The part of hell reserved for the punishment of sonless persons.

ପୁନ୍ନାଗ—ସଂ. ବି (ପୁମସ୍=ଅଣ୍ଡିରୁ+ନାଗ)—୧ । ପୁନାଙ୍ଗ; ପୋଲଙ୍ଗ (ଗଛ ଓ ଫଳ); ନାଗକେଶରବୃକ୍ଷ ବର୍ଗର ସୁନ୍ଦର ତରୁବିଶେଷ—
Punnāga — 1. Mast wood; Alexandrian Laurel; Colophyllum Inophyllum; Rottleria Tincotoria.
(ସଂ. ପୁରୁଷ, ତୁଙ୍ଗ, ପୁରୁଷାଖ୍ୟ, ରକ୍ତବୃକ୍ଷ, କେଶର, କାମ୍ଭୋଜ, ନାଗପୁଷ୍ପ, ଶୁଭ୍ରପୁଷ୍ପ, ଦେବବଲ୍ଲଭ
ପୁନାଗ, ସୁଲତାନୀଚାମ୍ପା
सुलतानाचंपा, सुरपून
ତା. ପିନ୍ନୈ
ତେ. ପୋନ୍ନଚେଟ୍ଟୁ, ପୋନପୁନାଗମ
ମ. ନାଗଚମ୍ପା, ପୁରଙ୍ଗ
[ବୃ—ଏ ଗଛର କାଠ ଈଷତ୍ ନାଲି, ଭାରି ଟାଣ ଓ ଗଣ୍ଠିଆ, ପତ୍ର ଖୁବ୍ ଚିକ୍କଣ ଓ ଶ୍ୟାମଳ; ବକଳ କୃଷ୍ଣାଭ; ଫୁଲ ଗୁଚ୍ଛପାଖୁଡ଼ିଆ, ଧଳା ଓ ସୁଗନ୍ଧ; ଜ୍ୟୈଷ୍ଠ ମାସରେ ଫୁଲ ଫୁଟେ; ଫଳ ପାଚିଲେ ହଳଦିଆ; ଫଳର ବୀଜ ଗୋଟାଏ ପର ଗୋଲ ଓ ତାହା ଭାଙ୍ଗିଦେଲେ ତହିଁ ମଧ୍ୟରୁ ଯେଉଁ ଗୋଟାଏ ପର ଶସ ବାହାରେ ସେ ଶସକୁ ପେଡ଼ିଲେ ତେଲ ବାହାରେ । ଏ ତେଲ ଜଳାଏ ଓ ଏଥିରେ ଦୀପ ଜଳେ । ପୋଡ଼ା ଘାଆରେ ଏ ତେଲ ଲଗାଇଲେ ବିଶେଷ ଉପକାର ହୁଏ । ପୁନ୍ନାଗ ତେଲ ବାତରୋଗ ଓ ମେହରୋଗର ଔଷଧ ଏବଂ ଏଥିର ଛେଲି ପଶୁଘାଆର ଔଷଧରୂପେ ବ୍ୟବହୃତ ହୁଏ । ସଂସ୍କୃତରେ 'ପୁନ୍ନାଗ' ଶବ୍ଦ ମଧ୍ୟ 'ଜୁଉଅନା' ଗଛ ଅର୍ଥରେ ପ୍ରଯୁକ୍ତ ହୁଏ ।]
୨ । ପୁରୁଷଶ୍ରେଷ୍ଠ—2 Chief amongst men (compared to an elephant).
ବନସ୍ପତିହିଁ ସୁବେଶୋଚିତ ହୋଇ ।
ବଶୀକୃତ ପୁନ୍ନାଗକୁ ବହୁତ ସ୍ତବତ—ଭଞ୍ଜ ବୈଦେହୀଶବିଳାସ ।
୩ । ଅଣ୍ଡିରା ସାପ—3. A male serpent.
୪ । ଅଣ୍ଡିରା ହାତୀ—4. A male elephant.
୫ । ନାଗକେଶର (ଦେଖ)
5. Nāgakeśara (See).
୬ । ଶ୍ୱେତ କମଳ (ହି. ଶ) —6. White lotus.
୭ । ଜାଇଫଳ (ହି. ଶ — 7. Nutmeg.

ପୁପ୍ପୁଟ—ସଂ. ବି—ଘଣ୍ଟିକା ଏବଂ ଦାନ୍ତମୂଳର ରୋଗବିଶେଷ —
Pupphuṭa — Name of a disease of the palate and gums (Apte).

ପୁପ୍ପୁଲ—ସଂ. ବି—ଉଦରସ୍ଥ ବାୟୁ (ହି. ଶ.)—
Pupphula — Wind inside the stomach; flatulency.

ପୁପ୍ପୁସ—ସଂ. ବି—୧ । ପଦ୍ମବୀଜକୋଷ (ହି. ଶ.)—
Pupphusa — 1. The pericarp of lotus.
୨ । ଫୁସ୍‌ଫୁସ୍ (ହି. ଶ)—2. Lungs.

ପୁନ୍ନାଟ(ଡ)—ସଂ. ବି—୧ । ଚକ୍ରମର୍ଦ୍ଦ (ହି. ଶ) ଚକୁଣ୍ଡା(ଗଛ)—
Punnāṭa(ṛḍa) — 1. Cassia Tora tree).
୨ । କର୍ଣ୍ଣାଟକ ନିକଟସ୍ଥ ଦେଶବିଶେଷ—
2. Name of a country near the Karnatic
୩ । ଦିଗମ୍ବର ଜୈନ ସଂପ୍ରଦାୟର ସଂଘବିଶେଷ (ହି. ଶ.)—
3. Name of a sect of Digambara Jainas.

ପୁମାନ୍—ସଂ. ବି. ପୁଂ (ପୁମସ୍ ଶବ୍ଦର ୧ମା ବିଭକ୍ତି ୧ ବଚନ; ପା ଧାତୁ=ରକ୍ଷାକରିବା+ଡୁମସ୍; ଯେ କୁଳରକ୍ଷା କରେ)
Pumān — ୧ । ନର; ପୁରୁଷ—1 Man.
୨ । ଅଣ୍ଡିରପଶୁ; ପୁଂ; ପୁରୁଷ; ଅଣ୍ଡିରା—2 Male.
୩ । ପୁଂଲିଙ୍ଗ—3. Masculine gender
ସଂ. ବିଣ—ଅଣ୍ଡିରା—3. Masculine; male.

ପୁମାନ—ଗ୍ରା. (ପଦ୍ୟ) ବି. ପୁଂ. (ସଂ. ପୁମାନ୍)—ପୁମାନ୍ (ଦେଖ)
Pumāna — Pumān (See).
ସେ ବେଳ ମଧ୍ୟେ ସେ ପୁମାନ
ହୋଇଲେ ସ୍ୱାୟମ୍ଭୁବ ନାମ – ଜଗନ୍ନାଥ, ଭାଗବତ।

ପୁମ୍ବତ୍—ସଂ. ଅ—(ପୁଂ+ବତ୍)—ପୁରୁଷ ପରି—
Pumbat — Like man; masculine.
ସଂ. ବିଣ. (ପୁଂ ଓ ସ୍ତ୍ରୀ)— ପୁରୁଷର ଶକ୍ତି ବା ପ୍ରକୃତିବିଶିଷ୍ଟ—
Masculine.

ପୁର୍—ଦେ. ଅ (ଧ୍ୱନ୍ୟନୁକରଣ)—ଲୁଗା ବା ପତଳା ଓ ନରମା ଜିନିଷ ଚିରି ଯିବାର ଶବ୍ଦ—
Pur — The sound resembling that of tearing up a cloth.
(ପୁରୁର୍, ପୁରୁରୁ, ପୁରୁର—ଅନ୍ୟରୂପ)
ସଂ. ବି. (ପୁ ଧାତୁ+ଅ) ପୁଃ (ଦେଖ)—Puḥ (See).

ପୁର୍ଥି—ପ୍ରାଦେ (ସମ୍ବଲପୁର) ଅ. (ସ ପୁରତଃ)—୧ । ପୁରତଃ; ସାମନାରେ—1. In front.
Pur-thi
୨ । ନିକଟକୁ—2. To; near,

ପୁର୍ନି—ପ୍ରାଦେ (ସମ୍ବଲପୁର). ବି—୧ । ପଦ୍ମଫୁଲ—
Pur-ni — 1. Lotus.
୨ । (ସ ପୁନର୍ନବା) ପୁନର୍ନବା (ଦେଖ)—
2. Punarnabā (See).

ପୁର୍ ପୁର୍—ଦେ. ଅ.—୧ । ପୁର୍ (ଦେଖ)
Pur-pur — 1. Pur (See).
(ପୁରୁପୁରୁ – ଅନ୍ୟରୂପ.)
୨ । (ଧ୍ୱନ୍ୟନୁକରଣ) (ଲୁଗା) ଜୀର୍ଣ୍ଣ ଓ ଟିକି ଟିକି ହୋଇ ଚିରି ଯାଇଥିବା—2. Worn out to shreds; ragged; tattered.

ପ୍ରାଦେ. (ସମ୍ବଲପୁର). ଅ.—ବହୁ ପରମାଣରେ—
In great quantity.

ପୁରୁ ପୁରିଆ—ପ୍ରାଦେ. (ଗଡ଼ଜାତ). ବଣ.—ଭସୁଆଁ ହୋଇଥିବା ଯେଉଁ
Pur-puriā ଧାନକୁ କୁଟିବା ପୂର୍ବରୁ ଖରାରେ ଶୁଖାଇବା ଅବସ୍ଥାରେ
(ପୁରୁପୁରିଆ—ଅନ୍ୟରୂପ) ଚଢ଼ିର ଉପର ପ୍ରସ୍ଥ ଅତ୍ୟଧିକ ଖରାରେ
ଶୁଖି ଯାଇଥାଏ—Par-boiled paddy of which
the skin has peeled off.

ପୁରୁରା—ପ୍ରାଦେ (ସମ୍ବଲପୁର) ବି.—ମଇଁଷି ଛୁଆ—
Pur-rā The young of a buffalo.

ପୁରୁଲା(ଡ଼ା)—ପ୍ରାଦେ. (ସମ୍ବଲପୁର. ବି.—ଛଚିନ୍ଦା (ଦେଖ)
Pur-lā (ṛā) Chhachindā (See).

ପୁର (ଧାତୁ)—ସଂ.—ଅଗ୍ରସର ହେବା—
Pura (root) To advance.

ପୁର—ସଂ ବି. (ପୃ ଧାତୁ=ପୂର୍ଣ୍ଣ କରିବା+ଅ; ଯେଉଁସ୍ଥାନ ନାନାଦି ବସ୍ତୁ
Pura ଦ୍ୱାରା ପୂର୍ଣ୍ଣ ଥାଏ।)—୧। ଅନ୍ତଃପୁର; ଅବରୋଧ—
1. Harem.

୨। ରାଜଧାନୀ; ସହର; ନଗର—2. Town; city.
ଶମ୍ବରପରପୁର ବଲ କ ନୃର.
ବଳସୂର୍ଯ୍ୟ – କୋଷ ଉମୂ ଶ ଗୀତ.

୩। ଦୁର୍ଗ—3. Castle; stronghold; fortress.

୪। ବାସସ୍ଥାନ; ଆଳୟ; ଭବନ; ଗୃହ—
4. House; habitation; residence.

୫। ରକ୍ଷିତ ନଗର—5. Fortified or walled city.

୬। ଶରୀର—6. Body.

୭। କୋଠରି—7. Room; apartment.

୮। ସ୍ଥାନ—8. Place.

୯। ଆଧାର—9. Receptacle.

୧୦। ପାଟଳୀ ପୁତ୍ର ନଗର; ଅଧୁନାତ ବିହାର ପ୍ରଦେଶର ରାଜଧାନୀ ପାଟନାର ପୂର୍ବ ନାମ—10. The ancient name of the modern town of Patna or Bankipur.

୧୧। ପୁଷ୍ପର ଗର୍ଭ—11. The calyx of a flower.

୧୨। ପତ୍ରର ଠୋଲା; ଡଡ଼ୁପତ୍ର—
12. A cup made of leaves.

୧୩। ଚର୍ମ—13. Skin.

୧୪। ଉପର ମହଲାର ଘର, ଗୃହ ଉପରେ ନିର୍ମିତ ଗୃହ—
14. A room on the upper story.

୧୫। ନାଗର ମୁସ୍ତକ; ନାଗର ମୁଥା—
15 A sort of fragrant grass root.

୧୬। ଗୁଗୁଳୁ—16. Bdellium.

୧୭। ଗୁଗୁଲ ଗଛ—
17. The plant exuding bdellium.
ତାପ ପ୍ରକଣ୍ଠକର ସଙ୍ଗତ ସହୃଦୟର ପୁର ଅନ୍ତ ତହିଁ ହୋଇଛ।
ଭଞ୍ଜ ବୈଦେହୀଶବିଳାସ।

୧୮। ଅନ୍ତଃପୁର—
18, The female apartments (Apte).

୧୯। ବେଶ୍ୟାଳୟ—19. A brothel (Apte).

୨୦। ଭଣ୍ଡାର ଘର—20. A store house (Apte).

୨୧। (ଜ୍ୟୋତିଷ) ରାଶି (ହ୍ରି. ଶ.)—
21. Astrological sign

୨୨। କେଶରଦୁରୁସ (ହ୍ରି. ଶ.); ପୀତଝିଣ୍ଟୀ—
22. Yellow Barleria.

୨୩। ଚୁଙ୍ଗା, ନଳ (ହ୍ରି. ଶ.)—23. Tube.

ଦେ. ବି. (ସଂ ପୁର)—୧। ଗ୍ରାମ—1. Village.
[ଦ୍ର—ସାଧାରଣତଃ ଗ୍ରାମ ନାମ ପରେ ପୁର ଶବ୍ଦ ବ୍ୟବହୃତ ହୁଏ। ଯଥା—ବୈଦ୍ୟନାଥପୁର, ନରସିଂହପୁର, ଗୋପାଳପୁର। ରାଜଧାନୀ ଓ ନଗର ନାମ ପରେ ମଧ୍ୟ ପୁର ବ୍ୟବହୃତ ହୁଏ, ଯଥା—ସୋନପୁର, ସମ୍ବଲପୁର।]

ପୁର ୨। (ସଂ ପୂର) ପିଠା ମଧ୍ୟରେ ଦିଆଯିବା ମିଷ୍ଟାନ୍ନ ଚୂର୍ଣ୍ଣ—
ପୁର 2. Stuffing of certain cakes; ground pulse put inside a cake, pudding or sandwich.
[ଦ୍ର—ଶସ୍ୟ ସିଝାର ଚୂନା; ଛେନାଗୁଡ଼, ନଡ଼ିଆକୋରା ଆଦିରେ ପୁର ତିଆରି ହୁଏ।]

ପରତ ପର୍ତ ୩। ବେଢ଼; ପରସ୍ତ; ପ୍ରସ୍ତ—3. Fold; layer.
ଦନ୍ତପୁର ଘେର ରାଜନ୍ତ ବାହୁସ କଣ୍ଠବ ବାଳକ ଜନ—
ବଳସୂର୍ଯ୍ୟ, ସଙ୍ଗୀତ।

୪। ଥର; ବାର—4. Time.
(ଯଥା—ଦୁଇ ପୁର ବନ୍ଧା ହେଲା।)

ଦେ. ଅ. (ସଂ ପୁରତଃ)—ଆଗରେ—In front.
ବାରଣବୃନ୍ଦ ବୃନ୍ଦାକ ଶାନ୍ତପୁରପୁର—ଭଞ୍ଜ. ବୈଦେହୀଶବିଳାସ।

ପୁର ଏଣ୍ଡୁରି—ଦେ. ବି—ଯେଉଁ ଇଣ୍ଡୁରି ପିଠା ମଧ୍ୟରେ ପୁର ଦିଆ
Pura enduri ଯାଇଥାଏ—A steam boiled pudding
(ପୁର ଇଣ୍ଡୁରି—ଅନ୍ୟରୂପ) or sandwich with ground
pulse or sweets inside it.

ପୁରଃ—ସଂ. ଅ. (ସଂ ପୁରସ୍)—୧। ଅଗ୍ରତଃ ଆଗରେ; ସମ୍ମୁଖରେ—
Puraḥ (ପଶ୍ଚାତ୍—ବିପରୀତ) 1. In front.

୨। ପୂର୍ବଦିଗରେ—2 In the west.

୩। ପ୍ରଥମତଃ—3. Firstly.

୪। ଏଥିପୂର୍ବେ; ପୂର୍ବକାଳରେ—4. Formerly; of old.

୫। ପଛଆଡ଼ରେ—5. Behind.

୬। ଅତିକ୍ରାନ୍ତ—6. Gone beyond; surpassed.

ପୁରଃଶରଣ—ଗ୍ରା ବି. (ସଂ ପୁରଶ୍ଚରଣର ଅଶୁଦ୍ଧ ଉଚ୍ଚାରଣ)—ପୁରଶ୍ଚରଣ
Puraḥsaraṇa (ଦେଖ)—Puraścharaṇa (See)

ପୁରଃସର—ସଂ. ବିଣ. ପୁଂ (ପୁରଃ=ଆଗରେ+ସୃ ଧାତୁ=ଗମନ କରିବା
Puraḥsara +କର୍ତ୍ତୃ. ଅ)—୧। ଅଗ୍ରସର; ଅଗ୍ରଗାମୀ—
(ପୁରଃସରୀ—ସ୍ତ୍ରୀ) 1. Advancing in front; going before.

୨। ପୂର୍ବବର୍ତ୍ତୀ—2. Preceding.

୩। ଅଗ୍ରଣୀ—3. Foremost; pre-eminent (Apte).

ସଂ. ବି—୧। ପୂର୍ବବର୍ତ୍ତୀ ବା ପୂର୍ବଗାମୀ ବ୍ୟକ୍ତି—
1. Fore runner; harbinger.

୨ । ପରଗ୍ରାଳକ; ନେତା—2. Leader.
୩ । ସଙ୍ଗୀ ବ୍ୟକ୍ତି; ସହଚର (ହି. ଶ.)—
3. Companion.
୪ । ଅଗ୍ରଗମନ (ହି. ଶ.)—4. Leading; lead.
୫ । ସଙ୍ଗ; ସାହଚର୍ଯ୍ୟ (ହି. ଶ.)—5. Companionship.
ସ. କ୍ରି. ବିଣ—୧ । ପୂର୍ବକ—
1. Preceded by; attended with.
୨ । ସଙ୍ଗେ; ସହିତେ; ସହକାରେ—2 With; by.
(ଯଥା—ମୁଁ ବିନୟ ପୁରଃସର ନିବେଦନ କରୁଅଛି ।)
୩ । ସମଭିବ୍ୟାହାରରେ—3 Accompanied by

ପୁରଃସରଣ—ସ. ବି. (ପୁରଃ + ସରଣ)—ଆଗେ ଆଗେ ଯିବା—
Purahsarana Going before a person.

ପୁର କରିବା—ଦେ. କ୍ରି—ଘର କରିବା; ବାସ କରିବା—
Pura kariba To live; to exist
କରଇ ସମସ୍ତ ଛନ୍ଦରେ ପୁର — ଇଞ୍ଚ. କୋହିନୂରଗ୍ରନ୍ଥ ।

ପୁର କାକ(କେ)ରା—ଦେ. ବି. (ସ. ପୂରିକା)—ମଝିରେ ପୁର ଦିଆ
Pura kaka(ke)ra ଯାଇଥିବା କାକରା ପିଠା—A ghee-boiled
ଡାଲପୁରୀ ଖେଡ଼ୁଆଁ, ଡାଲପୁରୀ sandwich.
(ପୁରକାକ[କେ]ରା—ଅନ୍ୟରୂପ)

ପୁରକା ପୁର—ଦେ. ଅ—୧ । ପ୍ରସ୍ତ ପ୍ରସ୍ତ; ପରସ୍ତକୁ ପରସ୍ତ—
Puraka pura 1. In successive layers; layer after layer
(ପୁରକୁପୁର—ଅନ୍ୟରୂପ)
୨ । ଥରକୁଥର; ବାରମ୍ବାର—2 Repeatedly.

ପୁର କୃତ୍ୟ—ଦେ. ବି—ଘର କାମ; ଗୃହର ନିତ୍ୟକର୍ମ ମାନ—
Pura krutya Domestic duties.
ପୁରୁଷୀ ସମାଜ କଲେ ପୁରକୃତ୍ୟ ପ୍ରଚଳନରେ ଅନୁଷ୍ଠାନ—
ନନ୍ଦକିଶୋର. ଶର୍ମିଷ୍ଠା ।

ପୁର ଜନ—ସ. ବି. (ମ. ପ. ଲୋ)—ପୁରବାସୀ ବ୍ୟକ୍ତି; ନାଗରିକ;
Pura jana —Townsman; citizen.

ପୁରଜା—ବୈଦେ. ବି—ପୁରୁଜା (ଦେଖ)
Puraja Puruja (See)

ପୁରଜିତ୍—ସ. ବି. (ପୁର=ତ୍ରିପୁରାସୁର + ଜି ଧାତୁ =ଜୟ କରିବା +
Purajit କର୍ତ୍ତୃ. କ୍ୱିପ୍)—୧ । ତ୍ରିପୁରାରି; ମହାଦେବ—1. Siba.
ପୁରଜିତ୍ } ଅନ୍ୟରୂପ ୨ । ଚନ୍ଦ୍ରବଂଶୀୟ ଜଣେ ରାଜା—
ପୁରଜିଦ୍ } 2 Name of a king of the Lunar race.
୩ । ଜାମ୍ବବତୀଙ୍କ ଗର୍ଭଜାତ କୃଷ୍ଣଙ୍କର ଏକ ପୁତ୍ର—
3 Name of a son of Krushna.

ପୁରଞ୍ଜନ—ସଂ. ବି. (ପୁରଂ=ଦେହକୁ + ଜନ୍ ଧାତୁ + କର୍ତ୍ତୃ. ଅ;
Puranjana ଯେ ଦେହକୁ ଜନ୍ମ କରେ)—୧ । ଆତ୍ମା—
1. Soul.
୨ । ଜୀବାତ୍ମା—2. The living principle in an animal.
[ଦ୍ର—ଭାଗବତରେ ରୂପକ ଛଳରେ ଲେଖାଅଛି ଯେ ଦେହ ପୁର ଅଟେ, ଦେହର ନବଦ୍ୱାର ନବ ଛିଦ୍ର ଅଟେ । ତନ୍ମଧ୍ୟ ପ୍ରାଚୀର ଅଟେ । ତନ୍ମଧ୍ୟରେ ପୁରଞ୍ଜନ ନାମକ ଜୀବାତ୍ମା ବାସ କରେ—
ହି ଶବ୍ଦସାଗର ।]
୩ । ଜୀବନ—3. Life.
୪ । ଭାଗବତ ବର୍ଣ୍ଣିତ ବ୍ରାହ୍ମଣର ନାମ—4. Name of a celebrated Brahmana described in Bhagabata (Howells).

ପୁରଞ୍ଜୟ—ସ. ବି—(ପୁରଂ=ତ୍ରିପୁରାସୁରଙ୍କୁ + ଜି ଧାତୁ + କର୍ତ୍ତୃ. ଅ)—
Puranjaya ୧ । ଶିବ (ତ୍ରିପୁର ନାଶକ)—1. Siba.
୨ । (ପୁରଂ=ନଗରକୁ + ଜି ଧାତୁ + ଅ) ନଗର ବିଜୟୀ ବୀର—
2. A victor who subjugates or conquers a town.
୩ । ସୂର୍ଯ୍ୟବଂଶୀୟ ବିକୁକ୍ଷି ରାଜାଙ୍କ ପୁତ୍ର କାକୁତ୍ସ୍ଥ ରାଜା—
3. Name of a king of the Solar dynasty.
[ଦ୍ର—ବିଷ୍ଣୁପୁରାଣରେ ଲେଖାଅଛି ଯେ ଦେବତାମାନେ ଦୈତ୍ୟମାନଙ୍କ ଦ୍ୱାରା ପରାସ୍ତ ହୋଇ ବିଷ୍ଣୁଙ୍କଠାକୁ ଗଲେ । ବିଷ୍ଣୁ ସେମାନଙ୍କୁ ପୁରଞ୍ଜୟ ରାଜାଙ୍କଠାକୁ ଯିବାକୁ କହିଲେ ଓ ପୁରଞ୍ଜୟଙ୍କ ନିଜର କିଛି ତେଜଃ ଅର୍ପଣ କଲେ । ପୁରଞ୍ଜୟ ଇନ୍ଦ୍ରଙ୍କୁ ଗୋଟିଏ ବୃଷରୂପ ଧାରଣ କରିବାକୁ କହିଲେ । ଇନ୍ଦ୍ର ବୃଷରୂପ ଧାରଣ କରିବାରୁ ପୁରଞ୍ଜୟ ଇନ୍ଦ୍ରଙ୍କ କକୁଦ (ଚୂଲ) ରେ ବସି ଦୈତ୍ୟମାନଙ୍କ ସଙ୍ଗେ ଯୁଦ୍ଧ କରି ସେମାନଙ୍କୁ ପରାସ୍ତ କଲେ । ଏଥିଯୋଗୁଁ ପୁରଞ୍ଜୟଙ୍କର ଗୋଟିଏ ନାମ କାକୁତ୍ସ୍ଥ ହେଲା ।]

ପୁରଞ୍ଜର—ସ. ବି—(ପୁରଂ + ଜୃ ଧାତୁ + କର୍ତ୍ତୃ. ଅ)—୧ । କୁକ୍ଷି; କାଖସନ୍ଧି—
Puranjara 1. Arm pit.
୨ । ଉପବନ; ବଗିଚା—2. Garden.

ପୁରଟ—ସ. ବି—ସୁବର୍ଣ୍ଣ; ସୁନା—
Purata Gold.

ପୁରଣ—ସ. ବି—(ପୃ ଧାତୁ =ପୂର୍ଣ୍ଣ କରିବା + ଅନ) —ସମୁଦ୍ର—
Purana The ocean.
ଦେ. ବି—ପୂର୍ଣ୍ଣଚନ୍ଦ୍ରର ଡାକ ନାମ—
A name for calling Purnnachandra.
ପ୍ରାଦେ (ବସ୍ତର) ବି—ପଦ୍ମ ଫୁଲ—Lotus (flower).

ପୁରତ—ଦେ. ଅ—(ସ. ପୁରତଃ)—୧ । ଅଗ୍ରରେ; ସମ୍ମୁଖରେ—
Purata 1. In front; before.
୨ । ନିକଟରେ—2. Near.
ଦେଖି ରାଜ ପୁରତ ପରତ
କହନ୍ତି ଯେ ପ୍ରଭୁ କେଉଁଠି—ପ୍ରାଚୀ. ଉପେନ୍ଦ୍ରଭଞ୍ଜ.

ପୁରତଃ—ସ. କ୍ରି. ବିଣ.—(ପୁର + ତସ୍)—ଅଗ୍ରତଃ; ଆଗରେ—
Puratah In front; before

ପୁରତଟୀ—ସ. ବି. (ପୁର=ନଗର + ତଟ =ପ୍ରାନ୍ତ + ଈପ୍; ଯାହା ନଗରର
Puratati ପ୍ରାନ୍ତରେ ଅବସ୍ଥିତ)—୧ । ହାଟ—1 A fair; a market.
୨ । ଛୋଟ ଗ୍ରାମ; ପଲ୍ଲୀ—2. Hamlet; small village.
୩ । ନଗରୋପକଣ୍ଠସ୍ଥ ଗ୍ରାମ; ସହର ତଳର ଗ୍ରାମ—
3. A village in the outskirts of a town.

ପୁରତେ—ଦେ. ଅ. (ସଂ ପୁରତଃ)—ପୁରତଃ; ଆଗରେ; ସମ୍ମୁଖରେ—
Purate — In front; before.

ଚନ୍ଦ୍ରା ଜଳଧିରେ ବୁଡ଼ିବ ମୁଁ କେହୁ
ଜଗୁ ହେବ ସର୍ଜିଙ୍କ ପୁରତେ, କବସୂର୍ଯ୍ୟ ଙ୍ଗୋଭ.

ପୁର ତ୍ରାଣ—ସଂ. ବି. (ପୁର+ତ୍ରୈ ଧାତୁ+କର୍ତ୍ତୃ. ଅନ)—ନଗରର ପାଚେରି;
Pura trāṇa — ଛତ୍ରଦ୍ୱଅଲ—Wall round a city; compound wall.

ପୁର ଦ୍ୱାର—ସଂ. ବି. (୬ଷ୍ଠୀ ତତ୍; ପୁର+ଦ୍ୱାର)—୧ । ନଗରର ଦ୍ୱାର;
Pura dwāra — ଗୋପୁର—1. A city-gate.
୨ । ଘରର ଦ୍ୱାର—2. The door or entrance of a house.

ପୁରଦ୍ୱିଟ୍—ସଂ. ବି.—(ପୁର=ତ୍ରିପୁର+ଦ୍ୱିଷ ଧାତୁ=ହିଂସା କରିବା+
Puradwiṭ — କର୍ତ୍ତୃ କ୍ୱିପ୍; ପୁରଦ୍ୱିଷ ଶବ୍ଦ, ୧ମା ୧ବ) ତ୍ରିପୁରାରି; ଶିବ—Śiba.

ପୁର ନାରୀ—ସଂ. ବି.—ପୁର ସ୍ତ୍ରୀ (ଦେଖ)
Pura nāri — Purastrī (See).

ପୁରନି—ପ୍ରାଦେ. (ବସ୍ତର). ବି.—ପୁରୁଣି (ଦେଖ)
Purani — Puruṇi (See).

ପୁର ନିବେଶ—ସଂ.ବି (୬ଷ୍ଠୀ ତତ୍; ପୁର+ନିବେଶ)—ନଗରର ସ୍ଥାପନ—
Pura nibeśa — The founding of a city (Apte).

ପୁରନ୍ଦର—ସଂ. ବି. (ପୁରଂ=ଅସୁର ପୁରକୁ+ଦୃ ଧାତୁ=ବିଦାରଣ
Purandara — କରିବା+ଅ) ୧ । ଇନ୍ଦ୍ର—1. Indra
୨ । ମହାଦେବ—2. Śiba.
୩ । ବିଷ୍ଣୁ—3. Bishṇu
୪ । (ପୁର=ଗୃହ) ଚୋର—4. Thief; robber.
୫ । ଯେଉଁ ଚୋର ଘରେ ସିନ୍ଧ କାଟି ଚୋରି କରେ—
5. House-breaker.
୬ । ଚବକା; ଚଇକାଠ—
6. Piper Chaba; a medicinal creeper.
[ଦ୍ର—ଏହା ଏକପ୍ରକାର ଲତା, ଏଥିର ଫଳ ପିପ୍ପଳୀ ପରି ।]
୭ । ମରିଚ (ହି. ଶ.)—7. Black pepper.
୮ । ଜ୍ୟେଷ୍ଠା ନକ୍ଷତ୍ର (ହି. ଶବ୍ଦସାଗର)—
8. The 22nd asterism.
ସଂ. ବିଣ.—ବହୁ ଲୋକ ମଧ୍ୟରେ ଶ୍ରେଷ୍ଠ (ବ୍ୟକ୍ତି)—
The best amongst many.
(ଯଥା—ରସିକ ପୁରନ୍ଦର ।)
ଦେ. ବି.—(ଇନ୍ଦ୍ରଙ୍କ ସଙ୍ଗେ ଭୁଲକାସ୍ତୁ) ରାଜା—King.

ପୁରନ୍ଦର ଧର—ଦେ. ବି.—ଉଦୟାଚଳ (ଦେଖ)
Purandara dhara — Udayāchaḷa (See)

ପୁରନ୍ଦର ଧର କନ୍ଦର ଗୁପ୍ତ । ଅଭିମନ୍ୟୁ, ବେଣୁଧ ଚନ୍ଦ୍ରାମଣି ।

ପୁରନ୍ଦର ନୀଳ—ସ. ବି.—ଇନ୍ଦ୍ରନୀଳମଣି—
Purandara nīḷa — Sapphire.

ଗିରି ଦେଖ ପୁରନ୍ଦର ନୀଳ କର କାନ୍ତକାମସ୍ୟ ଉଦିର ।
କବସୂର୍ଯ୍ୟ: କଣୋପରଚମ୍ପୁ, ୮, ଗୀତ ।

ପୁରନ୍ଦରା—ସଂ. ବି. ସ୍ତ୍ରୀ—(ପୁରନ୍ଦର+ଆ)—ଗଙ୍ଗା—
Purandarā — The Ganges.

ପୁରନ୍ଦରୀ—ଦେ. ବିଣ—ପୁରନ୍ଦରର ସ୍ତ୍ରୀଲିଙ୍ଗ—
Purandarī — Feminine of Purandara.

ବଧି ସୁନ୍ଦରୀ ସେ ପୁରନ୍ଦରୀ ତାହାକୁ ବୋଲିବାରୁ – ଉପ. ବୈଦେହୀଶବିଳାସ ।

ପୁରନ୍ଧ୍ରୀ (ନ୍ଧ୍ରୀ)—ସ. ବି. ସ୍ତ୍ରୀ (ପୁରଂ=ଗୃହକୁ+ଧୃ ଧାତୁ=ଧାରଣକରିବା
Purandhri(ndrī) — +କର୍ତ୍ତୃ. ଅ+ସ୍ତ୍ରୀ. ଈ) —୧ । କୁଳବତୀ ସ୍ତ୍ରୀ—1. A respectable lady.
୨ । ପତିପୁତ୍ରବତୀ ସ୍ତ୍ରୀ—2. A woman having her husband and children living.
୩ । ଗୃହକର୍ତ୍ତ୍ରୀ; ଗୃହିଣୀ; ଘରଣୀ—
2. House wife; mistress of the house.
୪ । ମାଇପିଲୋକ; ସ୍ତ୍ରୀଜାତି; ସ୍ତ୍ରୀମାତ୍ର—
4. A woman in geneaal; a female.

ପୁରପାଳ—ସ. ବି (ପୁର=ନଗର+ପାଳ ଧାତୁ=ରକ୍ଷାକରିବା+ଅ)—
Purapāḷa — ୧ । ନଗରପାଳ; ନଗରରକ୍ଷକ—
1. A superintendent of the town police.
୨ । ଗ୍ରାମରକ୍ଷକ; ଚଉକିଦାର—
2. A village watchman.
୩ । (ପୁର=ଦେହ+ପାଳ)—ଜୀବନ—Life.

ପୁର ପିଠା—ଦେ. ବି (ସ. ପୁର+ପିଷ୍ଟକ)—ଯେଉଁ ପିଠା ମଧ୍ୟରେ
Pura piṭhā — ପୁର ଦିଆ ଯାଇଥାଏ—
Sandwich containing layers of ground pulse or sweets.

ପୁର ବଧୂ—ସ ବି—ପୁରସ୍ତ୍ରୀ (ଦେଖ)
Pura badhū — Purastrī (See)

ପୁରବାସୀ—ସ. ବି. ପୁଂ (ପୁର+ବାସିନ୍; ୧ମା. ୧ବ)—
Purabāsī — ୧ । ନଗରବାସୀ ବ୍ୟକ୍ତି; ନାଗରିକ—
(ପୁରବାସିନୀ—ସ୍ତ୍ରୀ) — 1. Townsman; citizen.
୨ । ଗ୍ରାମବାସୀ—2. Villager.
୩ । ଗୃହସ୍ଥ—3. Householder.

ପୁରଭିତ୍—ସ. ବି (ପୁର+ଭିଦ୍ ଧାତୁ+କର୍ତ୍ତୃ. କ୍ୱିପ୍; ପୁରଭିଦ୍, ୧ମା.
Purabhit — ୧ବ) – ତ୍ରିପୁରାରି; ପୁରଞ୍ଜୟ; ମହାଦେବ—Śiba

ପୁର ମାର୍ଗ—ସ. ବି (୬ଷ୍ଠୀ ତତ୍)—ନଗରମଧ୍ୟସ୍ଥ ରାସ୍ତା ବା ଗଳି—
Pura mārga — The road or street of a town; city road.

ପୁରରକ୍ଷ—ସ. ବି (ପୁର+ରକ୍ଷ ଧାତୁ+ଅ)—
Puraraksha — ପୁରପାଳ (ଦେଖ)
Purapāḷa (See)
ପୁରରକ୍ଷକ, ପୁରରକ୍ଷୀ } ଅନ୍ୟରୂପ

ପୁରରା—ପ୍ରାଦେ (ସମ୍ବଲପୁର ଓ ଲଇଥି) ବି—
Purarā — ମଇଁଷିର ଅଣ୍ଡିରା ଛୁଆ—
He-calf of a buffalo.

ପୁର ଶାସନ—ସ.ବି (ପୁର+ଶାସନ)—ପୁରଞ୍ଜୟ; ତ୍ରିପୁରାରି; ମହାଦେବ—
Puraśāsana — Śiba.

ପୁରଶ୍ଚରଣ—ସ. ବି (ପୁରସ୍=ଆଗେ+ଚର୍ ଧାତୁ—ଆଚରଣ କରିବା+
Puraścharaṇa — ଭାବ. ଅନ)—ପୂର୍ବକ୍ରିୟା; ସ୍ୱୀୟ ଇଷ୍ଟଦେବତାଙ୍କ

ମନ୍ତ୍ରରେ ସିଦ୍ଧିଲାଭ କରିବାପାଇଁ ଇଷ୍ଟଦେବତାଙ୍କ ପୂଜା କର ମନ୍ତ୍ରଜପ, ହୋମ, ତର୍ପଣ, ଅଭିଷେକ ଓ ବ୍ରାହ୍ମଣ ଭୋଜନ ଏହି ପଞ୍ଚାଙ୍ଗଯୁକ୍ତ ସାଧନା—
Fivefold worship of one's supreme Deity in order to attain perfection.

୨। ମନ୍ତ୍ରସିଦ୍ଧି କାମନାରେ ନିର୍ଦ୍ଦିଷ୍ଟ ବାର ଇଷ୍ଟମନ୍ତ୍ରର ଜପ—
2. Repetition of a special mystic formula to attain perfection.

ପୁରଶ୍ଛଦ—ସଂ. ବି. (ପୁରଃ+ଛଦ୍ ଧାତୁ=ଘୋଡ଼ାଇବା+କର୍ତ୍ତୃ. ଅ)—
Puraśchhada ୧। ଦର୍ଭ; କୁଶ—1. The holy grass; Saccharum Cylindricum.

୨। ସ୍ତନାଗ୍ର; ଚୁଚୁକ—
2. The nipple of the female breast.

ପୁରସ୍—ସଂ. ଅ—ପୁରଃ (ଦେଖ)
Puras Puraḥ (See)

ପୁର ସଂସ୍କାର—ସଂ. ବି. (୬ଷ୍ଠୀ ତତ୍; ପୁର+ସଂସ୍କାର)—
Pura saṁskāra ଦୁର୍ଗର ମରାମତି—
The repairing of a fort.

ପୁରସ୍କରଣ—ସଂ. ବି. (ପୁରଃ+କରଣ)—୧। ପୂଜା କରିବା—
Puraskaraṇa 1. Worshipping.

୨। ସମ୍ପୂର୍ଣ୍ଣ କରଣ—2. Perfecting.

୩। ଆଗରେ ବା ସମ୍ମୁଖରେ ରଖିବା—
3. Placing in front.

ପୁରସ୍କରଣୀୟ—ସଂ. ବିଣ. (ପୁରସ୍+କରଣୀୟ)—୧। ସମ୍ମାନ ବା
Puraskaraṇiya ଭକ୍ତି କରିବାର ଉପଯୁକ୍ତ; ସମ୍ମାନନୀୟ; ପୂଜନୀୟ—1. Deserving reverence or respect.

୨। ପୁରସ୍କୃତ ହେବାର ଉପଯୁକ୍ତ—
2. Fit to be rewarded.

ପୁରସ୍କର୍ତ୍ତବ୍ୟ—ସଂ. ବିଣ. (ପୁରଃ+କର୍ତ୍ତବ୍ୟ)—୧। ସମ୍ମାନାନ୍ୱିତ
Puraskarttabya ହେବାର ଉପଯୁକ୍ତ—1. Fit to be respected or treated with deference.

୨। ସମ୍ପୂର୍ଣ୍ଣ କରିବାର ଉପଯୁକ୍ତ—
2. Fit to be completed.

୩। ଆଗରେ ସ୍ଥାପିତ ହେବାର ଉପଯୁକ୍ତ—
3. Fit to be placed in front.

୪। ପ୍ରସ୍ତୁତ ହେବାର ଉପଯୁକ୍ତ—
4. Fit to be prepared or fitted out.

ପୁରସ୍କର୍ତ୍ତା—ସଂ. ବିଣ. (ପୁରସ୍+କର୍ତ୍ତୃ. ୧ମା, ୧ବ.)—ଯେ ସମ୍ମାନ
Puraskarttā କରେ—One who honours or respects another.
(ପୁରସ୍କର୍ତ୍ତ୍ରୀ—ସ୍ତ୍ରୀ)

ପୁରସ୍କାର—ସଂ. ବି. (ପୁରସ୍=ପ୍ରଥମେ; ସମ୍ମୁଖରେ+କାର)—
Puraskāra ୧। ମାନ୍ୟ କରିବା; ସମ୍ମାନ ଦେଖାଇବା; ସମାଦର—
1. Honour; respecting; treating with honour.

୨। ଆଦର; ଅଭ୍ୟର୍ଥନା—2. Receiving with honour; welcoming; an address.

୩। ପୂଜନ; ପୂଜା—3. Worshipping.

୪। ବହୁ ମଧ୍ୟରୁ ଏକକୁ ଅଗେ ସମ୍ମାନ ଦେଖାଇବା—
4. Giving preference.

୫। ଭେଟି ଦେବା—5. Act of presenting.

୬। ଉପଢୌକନ; ଉପହାର—6. Present.

୭। ଆଗରେ ଥୋଇବା—7. Laying before.

୮। ଭରସା କରିବା; ଆଶା କରିବା—
8. Expecting; anticipating.

୯। ଶତ୍ରୁକୁ ଆକ୍ରମଣ—9. Attacking; assailing.

୧୦। ସାଙ୍ଗ ବା ସମ୍ପୂର୍ଣ୍ଣ କରିବା—10. Perfecting.

୧୧। ସମାଧା କରିବା; ସମ୍ପନ୍ନ କରିବା—
11. Accomplishing; completing.

୧୨। ପାଲିସ୍ ବା ମସୃଣ କରିବା—12. Polishing.

୧୩। ତିଆର ବା ପ୍ରସ୍ତୁତ ହେବା—13. Getting ready.

୧୪। ସଜ୍ଜିତ କରିବା; ସଜାଇବା—
14. Arraying; arranging; putting in order.

୧୫। ଅଭିଷେକ—
15. Installation; inauguration; initiation.

୧୬। ବକସିସ୍; ପାରିତୋଷିକ—
16. Reward; honorarium; prize.

୧୭। ପବିତ୍ର ଜଳ ଛିଞ୍ଚିବା—
17. Sprinkling with holy water.

୧୮। ପାରିତୋଷିକ ଦେବା—
18. Rewarding; distributing a prize.

୧୯। ସ୍ୱୀକାର—19. Promise; vow.

୨୦। ଅଙ୍ଗୀକାର—20. Acknowledgment.

୨୧। ସମ୍ମତି—21. Agreement; consenting.

୨୨। ଅପବାଦ; ଦୋଷାରୋପ—
22. Accusation; calumny; vilification.

୨୩। ଅଭିଯୋଗ—23. Charge.

୨୪। ଅଭିଶାପ—24. Curse.

୨୫। ରାଜକୀୟ ଦାନ—25. Royal gift; gratuity.

୨୬। ଦାନ—26. Donation; gift.

୨୭। ପଦବୃଦ୍ଧି, ଉନ୍ନତି—
27. Promotion; advancement.

୨୮। ଆକ୍ରମଣ—28. Attacking (Apte).

୨୯। ପବିତ୍ରୀକରଣ—29. Consecrating (Apte).

୩୦। ସାଙ୍ଗରେ ଯିବା—
30. Accompanying; attending (Apte).

୩୧। ଗ୍ରହଣ—31. Acceptance.

ପୁରସ୍କାର ବିତରଣ—ସଂ. ବି—ପାରିତୋଷିକ ଦେବା; ପ୍ରାଇଜ୍ ବାଣ୍ଟିବା—
Puraskāra bitaraṇa — Distribution of prizes.

ପୁରସ୍କାରେ—ଦେ. କି. ବଣ—ଅଦରରେ—
Puraskāre With much respect.
ପୁରସ୍କାରେ ନେଇ ଦେଲେଗର – ଭକ୍ତ. ପ୍ରେମସୁଧାନିଧି ।

ପୁରସ୍କାର୍ଯ୍ୟ—ସ. ବଣ. (ପୁରଃ+କାର୍ଯ୍ୟ)—ପୁରସ୍କର୍ତ୍ତବ୍ୟ (ଦେଖ)
Puraskārjya Puraskarttabya (See)

ପୁରସ୍କୃ (ଧାତୁ)—ସ—୧ । ଅଗରେ ରଖିବା—
Puraskṛu(root) To place before or in front (Apte).
୨ । ନେତା କରବା—2. To make one's leader; to put at the head (Apte).
୩ । ସମ୍ମାନତ କରବା; ସମାଦର କରବା—3. To honour.
୪ । ସମ୍ବର୍ଦ୍ଧନା କରବା—
4. To hospitably receive; to welcome.
୫ । ଉପହାର ଦେବା; ପାରତୋଷିକ ଦେବା—
5. To give a present or reward.
୬ । ଛଳନାରୂପେ ବ୍ୟବହାର କରବା—
6. To use as a pretext (Apte).

ପୁରସ୍କୃତ—ସ. ବଣ. (ପୁରସ୍+କୃତ)—୧ । ସମାଦୃତ—
Puraskṛuta 1. Honoured; respected; revered.
(ପୁରସ୍କୃତା—ସ୍ତ୍ରୀ) ୨ । ପୂଜିତ—2 Worshipped; adored.
୩ । ସମ୍ପାଦିତ; ସମ୍ପନ୍ନ—3. Accomplished.
୪ । ପ୍ରସ୍ତୁତ—4. Prepared; gotready.
୫ । ସମ୍ମୁଖରେ ସ୍ଥାପିତ 5. Placed or laid before; presented; placed in front.
୬ । ସମ୍ମାର୍ଜ୍ଜିତ—6. Polished.
୭ । ଅଭିଷିକ୍ତ—
7. Sprinkled with holy water.
୮ । କୃତାଭିଷେକ —8. Initiated.
୯ । ପୁରସ୍କାରପ୍ରାପ୍ତ —9. Rewarded.
୧୦ । ଅଙ୍ଗୀକୃତ—10. Promised.
୧୧ । ସମ୍ମତ; ସ୍ୱୀକୃତ—11. Agreed.
୧୨ । ଅପବାଦିତ—12. Calumniated.
୧୩ । ଅଭିଯୁକ୍ତ—13. Accused; charged.
୧୪ । ଶତ୍ରୁଦ୍ୱାରା ପ୍ରପୀଡ଼ିତ—
14. Distressed or harassed by the enemy.
୧୫ । ପୂର୍ବରୁ ଚଳିତ—15. Anticipated.
୧୬ । ଗୃହୀତ—16. Taken; accepted.
୧୭ । ଅବଲମ୍ବିତ—
17. Supported by; depending upon.
୧୮ । ଯାହାକୁ ବକ୍ସିସ ଦିଆ ଯାଇଥାଏ—18. Rewarded
୧୯ । ପବିତ୍ରୀକୃତ—19. Consecrated (Apte).
୨୦ । ସମାପ୍ତ; ସମ୍ପୂର୍ଣ୍ଣୀକୃତ—20. Finished; made perfect or complete (Apte).
୨୧ । ନିଯୁକ୍ତ—21. Appointed (Apte).

ପୁରସ୍କ୍ରିୟା—ସ. ବ. (ପୁରସ୍+କ୍ରିୟା)—ପୁରସ୍କାର (ଦେଖ)
Puraskriyā Puraskāra (See)

ପୁରସ୍ତମ—ଗ୍ରା. ବ. (ସ. ପୁରୁଷୋତ୍ତମର ଅଶୁଦ୍ଧ ଉଚ୍ଚାରଣ)—
Purastama ୧ । ଶ୍ରୀ କ୍ଷେତ୍ର; ପୁରୀ ସହର—
ପୁରସୋତ୍ତମ 1. The town of Puri
ସାଇକଲ ଅଛ ପୁରସ୍ତମକୁ ଚେ । ଅଛ ପୃଥଙ୍କ ଗୀତ ।
୨ । ପୁରୁଷୋତ୍ତମ ନାମକ ବ୍ୟକ୍ତିର ଡାକ ନାମ—
2. Name of calling a person named Purushottama

ପୁରସ୍ତମି—ଗ୍ରା. ବଣ—୧ । ପୁରୀଅ; ପୁରୀ ସମ୍ବନ୍ଧୀୟ; ପୁରୁଷୋତ୍ତମ
Purastami ସମ୍ବନ୍ଧୀୟ—1. Pertaining to the town of Puri.
ପୁରସ୍ତମିଆ(ସ୍ତ୍ରୀ)—ଅନ୍ୟରୂପ
ପୁରସ୍ତମାଣୀ, ପୁରସ୍ତମିଆଣୀ, ପୁରସ୍ତମିଆଣୀ } ସ୍ତ୍ରୀ ପୁଂ—୨ । ପୁରୀର ଅଧିବାସୀ—
2. Resident of Puri.

ପୁରସ୍ତାତ୍—ସ. ଅ (ପୁରସ୍+ତାତ୍)—୧ । ପୂର୍ବ ଦିଗରେ—
Purastāt 1. East-ward; in the east.
୨ । ପୂର୍ବେ; ପୂର୍ବ କାଳରେ; ଏଥି ପୂର୍ବେ—
2. Formerly; before; previously.
୩ । ପୁରା କାଳରେ—
3 In old times; in times gone by.
୪ । ପ୍ରଥମେ—
4. Originally; at first; in the beginning.
୫ । ଅଗ୍ର ଦେଶରେ; ଆଗେ; ସମ୍ମୁଖରେ—5. In front.

ପୁରସ୍ତ୍ରୀ—ସ. ବ. (୬ଷ୍ଠୀ ତତ)—୧ । ନଗର ବାସିନୀ ସ୍ତ୍ରୀ—
Purastri 1. A citizeness; a woman dwelling in a town.
୨ । ଗୃହିଣୀ—2. A dame; a matron; house-wife.
୩ । କୁଳ ନାରୀ; ପତିବ୍ରତା ସ୍ତ୍ରୀ—
3. A caste woman
୪ । ଅନ୍ତଃପୁର ବାସିନୀ ନାରୀ; କୁଳବଧୂ; ବୋହୂ ଝିଅସୁଣୀ—
4. A woman of the harem; a woman who does not come out of the public.

ପୁରସ୍ଥ—ସ. ବଣ. ପୁଂ (ପୁର+ସ୍ଥା ଧାତୁ+କର୍ତ୍ତୃ. ଅ)—
Purastha ୧ । ସମ୍ମୁଖସ୍ଥ—1. Situated in front;
(ପୁରସ୍ଥା—ସ୍ତ୍ରୀ) standing in front.
୨ । ଗୃହ ମଧ୍ୟସ୍ଥ—2. Situate inside the house.
୩ । ଘରେ ସର୍ବଦା ରହୁଥିବା—3. Staying at home.

ପୁରସ୍ଥାନି—ଦେ. ବଣ. (ସ ପୁର ଓ ସ୍ଥାନ)—
Purasthāni ପୁର ବା ରାଜଧାନୀରେ ସ୍ଥିତ ବା ଘଟିତ—
Happening or situated in a town or capital.
ବେଦ ଧ୍ୱନି ଦାନ ଧ୍ୱନି ଧନୁ ଧ୍ୱନି
ହୋଇଥିଲା ସେ ବଳଭଦ୍ର ପୁରସ୍ଥାନି । କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।

ପୁରସ୍ଥାୟୀ—ସ. ବଣ. ପୁଂ. (ପୁର+ସ୍ଥା ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)—
Purasthāyi ପୁରସ୍ଥ (ଦେଖ)—Purastha (See)
(ପୁରସ୍ଥାୟିନୀ—ସ୍ତ୍ରୀ)

ପୁରହର—ସଂ. ବି. (ପୁର=ତ୍ରିପୁରାସୁର+ହର=ସଂହାର)—ବି
Purahara ମହାଦେବ—Śiba.

ପୁରହା—ସଂ. ବି. (ପୁର=ତ୍ରିପୁର+ହା ଧାତୁ+କ୍ୱିପ୍; ପୁରହନ୍ ଶବ୍ଦ
Purahā ୧ମା. ୧ବ)—୧ । ମହାଦେବ—1. Śiba.
୨ । ବିଷ୍ଣୁ—2. Bishṇu.

ପୁରା—ସଂ. ଅ. (ପୁର୍ ଧାତୁ=ଅଗ୍ରସର ହେବା+ଅ+ଆ)—
Purā ୧ । ବହୁକାଳ ପୂର୍ବେ—1. Long ago; in ancient times.
୨ । ଏଥିପୂର୍ବେ; ପୂର୍ବକାଳରେ; ଆଗେ—
2. Formerly; once upon a time.
୩ । ଅଳ୍ପ ଦିନ ପୂର୍ବେ—3. Lately; recently.
୪ । ଅଗ୍ରେ; ପ୍ରଥମେ—
4. At first; in the beginning.
୫ । ପରେ; ପଶ୍ଚାତ୍—5. Afterwards.
୬ । ପ୍ରଥମେ; ପହିଲେ—
6. At first; in the first place (Apte).
୭ । ଆଜି ପର୍ଯ୍ୟନ୍ତ—
7. Hitherto; up to the present time (Apte).
୮ । ଅନତିବିଳମ୍ବେ—
8. In a short time; soon; ere long (Apte).
ସଂ. ବି—୧ । ପୁରାଣ—1. Ancient history; legend.
୨ । ପୁରାବୃତ୍ତ; ଇତିହାସ—2. Annals; history.
୩ । ପୂର୍ବଦିଗ—3. The east.
୪ । ଗଙ୍ଗା ନଦୀ—
4. The river Ganges Apte).
୫ । ଦୁର୍ଗ—5. Castle (Apte).
୬ । ସୁଗନ୍ଧିବିଶେଷ—
7. A kind of perfume (Apte).
ସଂ. ବିଣ—୧ । ପ୍ରାଚୀନ; ଚିରନ୍ତନ—
1. Old; ancient; long past.
୨ । ଅତୀତ—2 Past; former.
୩ । ଅତି ଅଳ୍ପ ଦିନ ପୂର୍ବେ ଘଟିଥିବା—
3. Recent; late.
୪ । ଚିର; ଚିରନ୍ତନ—4. Long standing.
୫ । ନିକଟ; ସନ୍ନିହିତ—
5. Adjacent; near; proximate.
୬ । ଅନାଗତ—6. Future.
୭ । ଭୀରୁ—7. Timid.
୮ । ନିକଟ ଭବିଷ୍ୟତ—8. Near future.

ପୁରାକଥା—ସଂ. ବି.—(ପୁରା+କଥା)—୧ । ପ୍ରାଚୀନ କାହାଣୀ—
Purākathā 1. An old legend (Apte)
୨ । ପୁରାବୃତ୍ତ; ଇତିହାସ—2. History.

ପୁରାକଳ୍ପ—ସଂ. ବି. (ପୁରା+କଳ୍ପ)—୧ । ପୂର୍ବବର୍ତ୍ତୀ ସୃଷ୍ଟି—
Purā kalpa 1. A former creation (Apte).
୨ । ଅତୀତ ସମୟର କାହାଣୀ—
2. A story of the past (Apte).
୩ । ଅତୀତ ଯୁଗ—3. A former age (Apte).

ପୁରାକାଳ—ଦେ. ବି.—୧ । ପୁରାତନ କାଳ; ପ୍ରାଚୀନ ସମୟ—
Purākāla 1. Ancient times; old days; yore.
୨ । ଅତୀତ କାଳ—2. Past.

ପୁରାକୃତ—ସଂ. ବିଣ.—ପୂର୍ବେ କରି ଯାଇଥିବା—
Purākṛuta Formerly done.
ସଂ. ବି.—ପୂର୍ବଜନ୍ମକୃତ କର୍ମଚକ୍ର—
Actions done in a former life (Apte).

ପୁରାଗତ—ସଂ. ବିଣ. (ପୁରା+ଆଗତ)—୧ । ପୂର୍ବକାଳୀନ—
Purāgata 1. Of ancient times.
୨ । ପୂର୍ବକାଳରୁ ଆଗତ; ଅବହମାନ କାଳରୁ ଚଳି ଆସୁଥିବା—
2. Obtaining or continuing from old times.

ପୁରାଣ—ସଂ. ବିଣ. (ପୁରା+ଭୂବେ. ଣ; ଯାହା ପୁରାକାଳରେ ଘଟିଥିଲା)
Purāṇa ୧ । ପୁରୁଣା; ଅତି ପ୍ରାଚୀନ; ପୁରାତନ—
1. Ancient; very old.
୨ । ଅନାଦି—2 Having no traceable beginning.
୩ । କ୍ଷୟ ପ୍ରାପ୍ତ; ଜୀର୍ଣ୍ଣ—
3. Decayed; worn out (Apte)
ସଂ. ବି.—୧ । କାର୍ଷାପଣ; କାହାଣ; ୧୬ ପଣ କଉଡ଼ି ପରିମିତ ରୁପା ବା ମୁଦ୍ରା—1. One kāhāṇa or 16 pans or 1280 cowries; a coin or silver equal to one kahan or 1280 cowries.
୨ । ଅତୀତ ଘଟଣା—
2. A past event or occurrence (Apte).
୩ । ଅତି ପ୍ରାଚୀନ କାଳର ବିବରଣ—3. A tale of the past; legendary history (Apte).
୪ । (ପୁରା=ପ୍ରାଚୀନ କାଳରେ+ସଂଘଟିତ ବା ଜାତ ଅର୍ଥେ. ନ; ସଂ. ପୁରାତନର ପ୍ରାକୃତ ଆକାର ପୁରାଣ)—ଅତି ପ୍ରାଚୀନ କାଳରେ ପ୍ରସିଦ୍ଧ ବ୍ୟକ୍ତି, ସମାଜ, ଧର୍ମ ଓ ଦେବତା ଆଦିଙ୍କ ଜନ୍ମ ଓ କ୍ରିୟା କଳାପାଦି ଅବଲମ୍ବନରେ ରଚିତ ଆଖ୍ୟାୟିକା; ବ୍ୟାସାଦି ମୁନିଗଣ ରଚିତ ସର୍ଗ (ସୃଷ୍ଟି), ପ୍ରତିସର୍ଗ (ପ୍ରଳୟ), ବଂଶ (ବଂଶ ବିସ୍ତାର); ମନ୍ୱନ୍ତର (ଯୁଗାଂଶ ବିସ୍ତାର) ଓ ବଂଶାନୁଚରିତ (ବଂଶର ଇତିହାସ)—ଏହି ପାଞ୍ଚ ଗୋଟି ଲକ୍ଷଣାକ୍ରାନ୍ତ ଗ୍ରନ୍ଥବିଶେଷ; ପ୍ରାଚୀନ ଆଖ୍ୟାନ—
4. Mythology; Hindu legendary work by Byāsa and other sages dealing with creation, destruction, genealogy, the different ages and family history of ancient times.

[ଦ୍ର—ବେଦର ସଂହିତା ଓ ବ୍ରାହ୍ମଣ ନାମକ ଭାଗରେ ଅନେକ ରାଜା ଓ ଅପରାପର ବ୍ୟକ୍ତିମାନଙ୍କର ନାମ ଓ ଆଖ୍ୟାୟିକା ଦେଖିବାକୁ ମିଳେ । ଏହାକୁ ପୁରାଣ ବୋଲାଯାଏ । ଏତଦ୍ଭିନ୍ନ ବୈଦିକ ଯୁଗରେ

ସ୍ୱତନ୍ତ୍ର ପୁରାଣ ନ ଥିଲା । କିନ୍ତୁ ବୈଦିକ ଯୁଗର ପରେ ବ୍ୟାସାଦି ମୁନିମାନେ ପୁରାଣମାନ ରଚନା କରିଥିଲେ । ଏହି ଗ୍ରନ୍ଥମାନଙ୍କରେ ବେଦାର୍ଥ ସବିଶେଷରୂପେ ବର୍ଣ୍ଣିତ ହୋଇଅଛି । ପୁରାଣରେ ସ୍ଥାବର, ଜଙ୍ଗମ, ଦେବତା, ଅସୁର, ଗନ୍ଧର୍ବ, ଯକ୍ଷ, ରାକ୍ଷସ ଓ ମନୁଷ୍ୟାଦିଙ୍କ ବୃତ୍ତାନ୍ତ, ସୃଷ୍ଟି ବିବରଣ, ବ୍ରହ୍ମର ସାକାରତା ଓ ନିରାକାରତା ବର୍ଣ୍ଣନ, କ୍ରିୟାଯୋଗ, ଆତ୍ମତତ୍ତ୍ୱନିର୍ଣ୍ଣୟ, ଜ୍ୟୋତିର୍ବିଜ୍ଞାନ, ପୁରାକାଳର ରାଜାମାନଙ୍କ ବଂଶାବଳୀ ଓ କାର୍ଯ୍ୟକଳାପ ଆଦି ନାନା ବିଷୟ ବିଶେଷରୂପେ ବର୍ଣ୍ଣିତ ହୋଇଅଛି । ଏହା ପାଠ କଲେ ଭୂତ, ଭବିଷ୍ୟତ୍ ଓ ବର୍ତ୍ତମାନ ଅବସ୍ଥା ପରିଜ୍ଞାନ, ଜ୍ଞାନର ନିର୍ମଳତା ଓ ବୁଦ୍ଧିର ପ୍ରାଖର୍ଯ୍ୟ ଜନ୍ମେ ।

ପୁରାଣମାନ ସାଧାରଣତଃ ୨ ଶ୍ରେଣୀରେ ବିଭକ୍ତ । ଯଥା—

(କ) ମହାପୁରାଣ ଓ (ଖ) ଉପପୁରାଣ ।

(କ) ମହାପୁରାଣର ସଂଖ୍ୟା ୧୮ ଗୋଟି ଯଥା—

ନାମ	ଶ୍ଳୋକ ସଂଖ୍ୟା	ପ୍ରବର୍ତ୍ତକ ମୁନି	ପ୍ରଧାନ ବିଷୟ
୧—ବ୍ରହ୍ମ	୧୦୦୦୦	ବ୍ୟାସଶିଷ୍ୟ ଲୋମହର୍ଷଣ	ସୂର୍ଯ୍ୟଦେବ
୨—ପଦ୍ମ	୫୫୦୦୦	ଲୋମହର୍ଷଣ ସୁତ ଉଗ୍ରଶ୍ରବା	ସୃଷ୍ଟି ବର୍ଣ୍ଣନା
୩—ବିଷ୍ଣୁ	୨୩୦୦୦	ପରାଶର	ସୃଷ୍ଟିବୃତ୍ତାନ୍ତ ଓ ଇତିହାସ
୪—ଶିବ (ମତାନ୍ତରରେ ବାୟୁ)	୨୪୦୦୦	ସୁତ	ମହାଦେବ
୫—ଭାଗବତ	୧୮୦୦୦	ଶୁକ	ବିଷ୍ଣୁ
୬—ନାରଦୀୟ	୨୫୦୦୦	ନାରଦ	ବିଷ୍ଣୁ
୭—ମାର୍କଣ୍ଡେୟ	୯୦୦୦	ମାର୍କଣ୍ଡେୟ	ଦୁର୍ଗା
୮—ଅଗ୍ନି	୧୫୦୦୦	ବ୍ୟାସଶିଷ୍ୟ ସୁତ	ଅବତାର ଓ ରାଜବଂଶାବଳୀ
୯—ଭବିଷ୍ୟ	୧୪୫୦୦	ବ୍ୟାସ	ଭବିଷ୍ୟତ୍ ଘଟଣାବଳୀ
୧୦—ବ୍ରହ୍ମବୈବର୍ତ୍ତ	୧୮୦୦୦	ସୁତ	ଶ୍ରୀକୃଷ୍ଣ
୧୧—ଲିଙ୍ଗ	୧୧୦୦୦	ସୁତ	ମହାଦେବ
୧୨—ବରାହ	୨୪୦୦୦	ବ୍ୟାସ	ବରାହ ଅବତାର
୧୩—ସ୍କନ୍ଦ	୮୧୧୦୦	ବ୍ୟାସ	ମହାଦେବ
୧୪—ବାମନ	୧୦୦୦୦	ବ୍ୟାସଶିଷ୍ୟ ଲୋମହର୍ଷଣ	ତ୍ରିବିକ୍ରମ ଓ ବାମନ ଅବତାର
୧୫—କୂର୍ମ	୧୭୦୦୦	ବ୍ୟାସ	ଚତୁର୍ବର୍ଗ
୧୬—ମତ୍ସ୍ୟ	୧୪୦୦୦	ବ୍ୟାସ	ସୃଷ୍ଟି ବର୍ଣ୍ଣନ
୧୭—ଗରୁଡ଼	୧୯୦୦୦	ବ୍ୟାସ	ଗରୁଡ଼
୧୮—ବ୍ରହ୍ମାଣ୍ଡ	୧୨୦୦୦	ବ୍ୟାସ	ସୃଷ୍ଟିଠାରୁ ପ୍ରଳୟ ପର୍ଯ୍ୟନ୍ତ

ଅଷ୍ଟାଦଶ ପୁରାଣର ନାମ ଉଲ୍ଲେଖ କରିବା ନିମନ୍ତେ ପଣ୍ଡିତମାନେ ନିମ୍ନଲିଖିତ ଶ୍ଳୋକଟି ପଢ଼ନ୍ତି । 'ମ' ଦ୍ୱୟଂ 'ଭ' ଦ୍ୱୟଂ ଚୈବ 'ବ୍ର' ତ୍ରୟଂ 'ବ' ଚତୁଷ୍ଟୟଂ 'ଅ' 'ନା' 'କୂ' 'ସ୍କ' 'ପ' 'ଲି' 'ଗ' 'ମା' ପୁରାଣାନି ପୃଥକ୍ ପୃଥକ୍ ।

ପ୍ରତ୍ନତତ୍ତ୍ୱବିତ୍‌ମାନେ ଗବେଷଣାଦ୍ୱାରା ସ୍ଥିର କରିଅଛନ୍ତି ଯେ, ବାୟୁ ପୁରାଣ (ଅନ୍ୟନାମ ବ୍ରହ୍ମାଣ୍ଡ ପୁରାଣ) ଓ ମତ୍ସ୍ୟ ପୁରାଣ ସମସ୍ତ ପୁରାଣ ମଧ୍ୟରେ ପୁରାତନ । ବିଷ୍ଣୁପୁରାଣ ତତ୍‌ପରେ ରଚିତ ଏବଂ ଭାଗବତ ସର୍ବଶେଷରେ ରଚିତ ।

(ଖ) ଉପପୁରାଣ ମଧ୍ୟ ୧୮ ଗୋଟି । ଯଥା—

(୧) ସନତ୍‌କୁମାର, (୨) ନରସିଂହ, (୩) ନାରଦ, (୪) ଶୈବଧର୍ମ, (୫) ଦୁର୍ବାସା, (୬) ନାରଦୀୟ, (୭) କପିଳ, (୮) ମାନବ, (୯) ଔଶନସ, (୧୦) ବ୍ରହ୍ମାଣ୍ଡ (୧୧) ବାରୁଣ, (୧୨) କାଳିକା, (୧୩) ମାହେଶ୍ୱର, (୧୪) ଶାମ୍ବ, (୧୫) ସୌର, (୧୬) ପରାଶର, (୧୭) ମାରୀଚ ଓ (୧୮) ଭାର୍ଗବ (ମତାନ୍ତରରେ ଦେବୀ ଭାଗବତ) ଏମାନଙ୍କ ଛଡ଼ା ଅନେକ ଗୁଡ଼ିଏ ଅତିରିକ୍ତ ପୁରାଣ ମିଳେ । ଯଥା—ନନ୍ଦିକେଶ୍ୱର, ଶୁକ୍ର, ବଶିଷ୍ଠ, ଭାସ୍କର, ମନୁ, ବାୟୁ, ମାହେଶ, କଳ୍କି, ଶୈବ, ଆଦିତ୍ୟ, ଆଦି, ଶମ୍ଭୁ, ବଶିଷ୍ଠ, କୃତଲିଙ୍ଗ, ବିଷ୍ଣୁଧର୍ମୋତ୍ତର ବୃହଦ୍ଧର୍ମ, ଧର୍ମ, ଗୌରୀ, ନୀଳ, ଗଣେଶ, ଆମ୍ର, ବିଷ୍ଣୁକେଶରୀ, ଭାଗବତଭୂଷଣ, ଭାଗବତାମୃତ, ଭାଗବତାମୃତସାର, ମହାଭାଗବତ, କାଳୀ, ଦେବୀ ଓ ଭାସ୍କର, ପୁରୁଷୋତ୍ତମପ୍ରସାଦ ।

ପଦ୍ମପୁରାଣ ମତରେ ପୁରାଣସକଳ ତ୍ରିବିଧ—

୧ । ସାତ୍ତ୍ୱିକ ବା ମୋକ୍ଷଦ । ଯଥା—ବିଷ୍ଣୁ, ନାରଦ, ଭାଗବତ, ଗରୁଡ଼, ପଦ୍ମ ଓ ବରାହ ।

୨ । ରାଜସ ବା ସ୍ୱର୍ଗଦ । ଯଥା । ବ୍ରହ୍ମାଣ୍ଡ, ବ୍ରହ୍ମବୈବର୍ତ୍ତ, ମାର୍କଣ୍ଡ, ଭବିଷ୍ୟ, ବାମନ ଓ ବ୍ରହ୍ମ ।

୩ । ତାମସ ବା ନରକ ପ୍ରାପ୍ତି ହେତୁ । ଯଥା—ମତ୍ସ୍ୟ, କୂର୍ମ, ଲିଙ୍ଗ, ଶିବ, ସ୍କନ୍ଦ ଓ ଅଗ୍ନି ।

ବ୍ରହ୍ମପୁରାଣରେ କୋଣାର୍କ, ପୁରୀ ଓ ଭୁବନେଶ୍ୱର ତୀର୍ଥମାନଙ୍କ ବିଷୟ ଅଛି । ସ୍କନ୍ଦପୁରାଣାନ୍ତର୍ଗତ ଉତ୍କଳଖଣ୍ଡରେ ଉତ୍କଳର ତୀର୍ଥମାନଙ୍କ ଉଲ୍ଲେଖ ଅଛି । ଗରୁଡ଼ ପୁରାଣରେ ଚିକିତ୍ସାବିଦ୍ୟା, ଜ୍ୟୋତିଷ, ସାମୁଦ୍ରିକ ଓ ଔଷଧ ବିଷୟ ଅଛି ।

ଭାଗବତ ମତରେ ପୁରାଣର ୧୦ ଟି ଲକ୍ଷଣ; ଯଥା—

ସର୍ଗ ବିସର୍ଗ ବୃତ୍ତିରକ୍ଷା, ହେତୁ ଯେ ମନ୍ୱନ୍ତର ସଂସ୍ଥା
ବଂଶାନୁଚରିତ ଯେ ସଂସ୍ଥା, ଆଶ୍ରୟ ବଂଶର ବ୍ୟବସ୍ଥା
ଏ ଦଶ ଲକ୍ଷଣରେ ଯୁକ୍ତ, ବୋଲି ପୁରାଣ ନାମେ ଖ୍ୟାତ ।

ଜଗନ୍ନାଥ ଭାଗବତ ।

[ଦ୍ର—ଶ୍ରୁତି (ବେଦ) ସ୍ମୃତି (ମନୁସଂହିତା ଆଦି) ଓ ପୁରାଣ ମଧ୍ୟରେ ଶ୍ରୁତି ପ୍ରାଚୀନ ଓ ପୁରାଣ ତତ୍ପରବର୍ତ୍ତୀ କାଳରେ ରଚିତ ହୋଇଥିବାର ଜଣା ପଡ଼େ । ଶ୍ରୁତି, ସ୍ମୃତି ଓ ପୁରାଣରେ କୌଣସି ବିଷୟରେ ମତଭେଦ ଲକ୍ଷିତ ହେଲେ ଶ୍ରୁତି ଓ ସ୍ମୃତିରେ ଲିଖିତ ବିଷୟ ଗ୍ରହଣୀୟ ଓ ଶ୍ରୁତି ଏବଂ ସ୍ମୃତିରେ କୌଣସି ବିଷୟରେ ମତଭେଦ ଲକ୍ଷିତ ହେଲେ ଶ୍ରୁତିଲିଖିତ ବିଷୟ ଗ୍ରହଣୀୟ ବୋଲି ପଣ୍ଡିତମାନେ ସିଦ୍ଧାନ୍ତ କରିଅଛନ୍ତି । ଖ୍ରୀଷ୍ଟ ୫ମ ଶତାବ୍ଦୀରେ ଭାରତୀୟ ହିନ୍ଦୁମାନେ ଜାଭା ଓ ବାଲୀ ଦ୍ୱୀପରେ ଉପନିବେଶ ସ୍ଥାପନ କରିଥିଲେ । ସେଠାରେ ବ୍ରହ୍ମାଣ୍ଡପୁରାଣ ଗ୍ରନ୍ଥ ମିଳିଅଛି—

ହିନ୍ଦୁମାନଙ୍କ ଅନୁକରଣରେ ଜୈନମାନେ ମଧ୍ୟ ଅନେକ ପୁରାଣ ରଚନା କରିଥିଲେ । ଜୈନତୀର୍ଥଙ୍କରଙ୍କ ରଚିତ ୨୪ଟି ଜୈନ ପୁରାଣ ମିଳୁଅଛି । ବୌଦ୍ଧ ଗ୍ରନ୍ଥମାନଙ୍କରେ ପୁରାଣର ଉଲ୍ଲେଖ ନାହିଁ; କିନ୍ତୁ

ତିବ୍ବତ ଓ ନେପାଳର ବୌଦ୍ଧମାନେ ୯ଟି ପୁରାଣ ବା ନବଗ୍ରନ୍ଥକୁ ସ୍ୱୀକାର କରନ୍ତି ଯଥା—୧. ପ୍ରଜ୍ଞାପାରମିତା, ୨. ଗଣ୍ଡବ୍ୟୂହ, ୩. ସମାଧିରାଜ, ୪. ଲଙ୍କାବତାର, ୫. ତଥାଗତ ଗୁହ୍ୟକ, ୬. ସଦ୍ଧର୍ମ ପୁଣ୍ଡରୀକ, ୭. ଲଳିତବିସ୍ତର, ୮. ସୁବର୍ଣ୍ଣପ୍ରଭା; ଓ ୯. ଦଶଭୂମୀଶ୍ୱର— ହି. ଶ. ।]

୫ । ଅଠର ସଂଖ୍ୟା (ହି. ଶ.)—5. The number 18.

୬ । ଶିବ (ହି. ଶ)—6. Śiba.

ଦେ. ବି—(ବ୍ୟଙ୍ଗାର୍ଥ)—୧ । ମନୁଷ୍ୟର ପାରିବାରିକ କଳଙ୍କାଦି ବା ଗୁପ୍ତ କଥା—1. Family secrets or scandal of a person.

୨ । ଗାଳି ମନ୍ଦ—
2. Calling of evil names.

ପୁରାଣଗ—ସଂ. ବି—(ପୁରାଣ+ଗମ୍ ଧାତୁ+ଅ)—୧ । ବ୍ରହ୍ମା (ହି. ଶ)—
Purāṇaga 1. Brahmā.

୨ । ପୁରାଣ କଥକ ବ୍ୟକ୍ତି (ହି. ଶ)—
2. A reader of the Purāṇas.

ପୁରାଣ ଘୃତ—ସଂ. ବି—ପୁରୁଣା ଘିଅ (ଦେଖ)—
Purāṇa ghṛuta Puruṇā ghia (See)

ପୁରାଣ ପଣ୍ଡା—ଦେ. ବି—ଶ୍ରୋତାଙ୍କ ଆଗରେ ଯେ ପୁରାଣ ପାଠ କରନ୍ତି—
Purāṇa paṇḍā A reader of Purāṇas.
(ଯଥା—ଘୋଡ଼ା ଘାସ ନ ଖାଇଲେ ପୁରାଣ ପଣ୍ଡାର ଦୋଷ ।)

ପୁରାଣ ପୁରୁଷ—ସଂ. ବି—(କର୍ମଧା)—୧ । ବିଷ୍ଣୁ—
Purāṇa purusha 1. Bishṇu.

୨ । ପରଂବ୍ରହ୍ମ—2. God.

୩ । ବୃଦ୍ଧ ବ୍ୟକ୍ତି—3. An old man (Apte).

ପୁରାଣ ପ୍ରସିଦ୍ଧ—ସଂ. ବିଣ—ପୁରାଣ ଆଦିରେ ବର୍ଣ୍ଣିତ ବା ଖ୍ୟାତ—
Purāṇa prasiddha Celebrated in the legends.

ପୁରାଣ ଫିଟା(ଟେ)ଇବା—ଦେ. କ୍ରି—୧ । ପୁରାଣ ପାଠ କରିବା ନିମନ୍ତେ
Purāṇa phiṭā(ṭe)ibā ପୋଥିକୁ ଫିଟାଇବା—1. To open
(ପୁରାଣ ଫିଟିବା—ବିଶେଷରୂପ) the Purāṇas to read.

୨ । ପ୍ରାୟଶ୍ଚିତ୍ତାଦିର ବ୍ୟବସ୍ଥା ଦେବା ନିମନ୍ତେ ପୁରାଣ ପୋଥି ଖୋଲିବା—2. To open the Purāṇa to give prescriptions or opinions for expiations.

୩ । (ଲକ୍ଷଣାର୍ଥ) ଲୁଚାବାକ୍ୟରେ ଗାଳି ଦେବା—
3. (fig) To call names.

୪ । କୌଣସି ବ୍ୟକ୍ତିର ପାରିବାରିକ ବନ୍ଧୁ ଛିଦ୍ର ପ୍ରକାଶ କରିବା—
4. To speak out the family secrets of a person.

ପୁରାଣ ବୈରାଗ୍ୟ—ଦେ. ବି—(ବ୍ୟଙ୍ଗାର୍ଥ) (ତୁଳ. ପୋଖରି ବୈରାଗ୍ୟ ଓ
Purāṇa bairāgya ଶ୍ମଶାନ ବୈରାଗ୍ୟ)—ପୁରାଣ ଶ୍ରବଣ କରିବା ପରେ କିଛିକାଳ ପାଇଁ ମନରେ ଯେଉଁ ବୈରାଗ୍ୟ ଉଦୟ ହୁଏ—
Distaste for wordly vanities while listening to a Purāṇa recitation.

ପୁରାଣାନ୍ତ—ସଂ ବି ଯମ—
Purāṇānta An epithet of Jama, the Hindu God of death (Apte)

ପୁରାଣୋକ୍ତ—ସଂ. ବିଣ—(୩ୟା ବା ୭ମୀ ତତ୍; ପୁରାଣ+ଉକ୍ତ)—
Purāṇokta ପୁରାଣରେ ଲେଖାଯାଇଥିବା—Laid down or described in the mythologies,

ପୁରା ତତ୍ତ୍ୱ—ସଂ. ବି—୧ । ଇତିହାସ—
Purā tattwa 1. History.
(ପୁରାତଥ୍ୟ—ଅନ୍ୟରୂପ) ୨ । ପୁରାଣ—
2 The Purāṇas legends.

୩ । ପ୍ରାଚୀନ କାଳର ଘଟଣାବଳୀ ସମ୍ବନ୍ଧୀୟ ଜ୍ଞାନ; ପ୍ରତ୍ନତତ୍ତ୍ୱ—
3. Knowledge about the events of the past; archaeology.

ପୁରା ତତ୍ତ୍ୱବିତ୍—ସଂ. ବିଣ—ପୁରାବିତ୍ (ଦେଖ)—
Purātattwabit Purābit (See)

ପୁରାତନ—ସଂ. ବିଣ—(ପୁରା+ଭାବାର୍ଥେ. ତନ)—୧ । ପ୍ରାଚୀନ; ବୃଦ୍ଧ—
Purātana 1. Old; aged.
(ପୁରାତନୀ—ସ୍ତ୍ରୀ) ୨ । ବହୁ ପ୍ରାଚୀନ—2. Ancient.

୩ । ଅନାଦି—
3. Existing from time immemorial.

ସଂ. ବି—୧ । ବିଷ୍ଣୁ (ହି. ଶ)—1 Bishṇu.

୨ । ପ୍ରାଚୀନ କାହାଣୀ—
2. An ancient story (Apte)

ପୁରାଧ୍ୟକ୍ଷ—ସଂ. ବି—(୬ଷ୍ଠୀ ତତ୍)—୧ । ନଗର ରକ୍ଷକ—
Purādhyaksha 1. Governor of a city; mayor!

୨ । କଞ୍ଚୁକୀ, ଅନ୍ତଃପୁର ରକ୍ଷକ—
2. A watchman of the harem.

ପୁରାନ୍—ପ୍ରାଦେ (ସମ୍ବଲପୁର)—ବି—(ତୁଳ. ହି. ପୁରାନ୍)—ପୁରାଣ
Purān (ଦେଖ)—Purāṇa (See)

ପୁରାନ୍ତକ—ସଂ. ବି—(୬ଷ୍ଠୀ ତତ୍; ପୁର=ତ୍ରିପୁର+ଅନ୍ତକ)—ଶିବ—
Purāntaka Śiba.

ପୁରାବିତ୍—ସଂ. ବିଣ. ପୁଂ—(ପୁରା+ବିଦ୍ ଧାତୁ=ଜାଣିବା+କ୍ୱିପ୍; ପୁରା-
Purābit ବିଦ୍ ଶବ୍ଦ ୧ମା. ୧ବ)—୧ । ପୁରାତତ୍ତ୍ୱବିତ୍; ପ୍ରାଚୀନ କାଳର ତଥ୍ୟ ଜାଣିଥିବା (ବ୍ୟକ୍ତି)—1. Archaeologist.

୨ । ଇତିହାସବେତ୍ତା ବ୍ୟକ୍ତି—2. A historian.

ପୁରାବିଦ—ଦେ ବି. (ସଂ. ପୁରାବିଦ୍)—ପୁରାବିତ୍ (ଦେଖ)
Purābida Purābit (See)

କହ ପୁରାବେତ୍ତ ତତକ୍ଷଣେ
ବୋଲନ୍ତି ପୁରାବିଦ ଜନେ । ଜଗନ୍ନାଥ—ଭାଗବତ ।

ପୁରାବୃତ୍ତ—ସଂ. ବି. (ପୁରା+ବୃତ୍ ଧାତୁ=ଘଟିବା+ତ)—
Purābrutta ୧ । ପ୍ରାଚୀନକାଳର ବୃତ୍ତାନ୍ତ; ଇତିହାସ—
1. History.

୨ । ପୁରାଣ—2. Legend; mythology; an account of past events.

ସଂ. ବିଣ—୧ । ପ୍ରାଚୀନକାଳରେ ଘଟିଥିବା—
1. Occurring in ancient times (Apte).

୨ । ପ୍ରାଚୀନ କାଳ ସମ୍ବନ୍ଧୀୟ—
2. Relating to the past (Apte).

୩ । ପ୍ରାଚୀ; ପୁରାତନ—3. Ancient; old (Apte).

ପୁରାରି—ସଂ. ବି. (୬ଷ୍ଠୀ ତତ୍)—ତ୍ରିପୁରାରି; ମହାଦେବ—
Purāri Siba.

ପୁରାସାହ—ସଂ. ବି. (ପୁର୍=ଶତ୍ରୁପୁର+ସହ୍ ଧାତୁ=ପରାଭବ କରିବା+ଅ)—ଇନ୍ଦ୍ର—Indra.
Purāsāha

ପୁରି—ଦେ· ବି. (ସଂ. ପୂରିକା)—୧ । ଲୁଚି; ଘିଅରେ ଛଣା ହୋଇଥିବା ଅଟାର ପିଠା—1. A roll of flour fried in ghee.
Puri

୨ । (ଆଦରାର୍ଥକ) ପୁରୁଷୋତ୍ତମ ନାମକ ବ୍ୟକ୍ତିଙ୍କୁ ଡାକିବା ନାମ—2. Name for calling a person named Purushottama.

୩ । ଦଶନାମୀ ସନ୍ନ୍ୟାସୀଙ୍କ ଉପାଧିବିଶେଷ—
3. A title added to the names of a sect of Dasanāmi Sannyāsis.

ପ୍ରାଦେ. (ବସ୍ତର) ବି—କାକରା ପିଠା—
A kind of sweet fried cake.

ସଂ. ବି—୧ । ସହର; ନଗର—1. Town; city (Apte).

୨ । ନଦୀ—2. River (Apte).

୩ । ରାଜା—3. A King (Apte).

ପୁରିଆ—ଦେ. ବି—(ଅନାଦରାର୍ଥ) ପୁରୁଷୋତ୍ତମ ନାମକ ବ୍ୟକ୍ତିଙ୍କୁ ଡାକିବା ନାମ—Name for calling a person named Purushottama.
Puriā

ଦେ. ବିଣ—୧ । ପୁରୀ ସହର ବା ଜିଲ୍ଲାର ଅଧିବାସୀ—
1. Inhabitant of Puri District or town.

୨ । ପୋରିଆ (ଦେଖ)—2. Poriā (See).

ପୁରି ତରକାରି—ଦେ. ବି. (ସହଚର) (ସଂ. ପୂରିକା+ଫା. ତରକାରୀ)—ପୁରି ସଙ୍ଗେ ଖିଆଯିବା ତିଅଣ—
Puri tarakāri
लूचीतरकारी **पूरीशाग** Flour-roll and curry.

ପୁରି ମିଠେଇ—ଦେ. ବି. (ସହଚର ଶବ୍ଦ) (ସଂ. ପୂରିକା ଓ ମିଷ୍ଟାନ୍ନ)—(ସାଧାରଣତଃ) ମିଷ୍ଟାନ୍ନ—Sweetmeats.
Puri mithei
लूचीसन्देश **पूरीमठाई** (ପୁରିଲଡ୍ଡୁ(ଡୁ)—ଅନ୍ୟରୂପ)

ପୁରିହା—ଦେ. ବିଣ—ପୋରିଆ (ଦେଖ)
Purihā Poriā (See)

ପୁରୀ—ସଂ. ବି. (ପୁର+ସ୍ତ୍ରୀ. ଈ)—୧ । ନଗର; ନଗରୀ—
Puri 1. Town.

୨ । ବାସସ୍ଥାନ; ଭବନ; ଗୃହ—2. House; habitation.

୩ । ଦେହ; ଶରୀର—3. Body.

୪ । ପ୍ରାସାଦ—4. Palace; building.

୫ । ଦୁର୍ଗ—5. Stronghold (Apte).

ଦେ. ବି—୧ । (ସଂ. ଜଗନ୍ନାଥ ପୁରୀ) ପୁରୁଷୋତ୍ତମ କ୍ଷେତ୍ର; ପୁରୀ ସହର ଓ ଜିଲ୍ଲା—1. The district and town of Puri on the Orissa coast.

୨ । ଦଶନାମୀ ସନ୍ନ୍ୟାସୀମାନଙ୍କର ଉପାଧିବିଶେଷ—
2. A title of Daśanāmi Sannyāsis.

୩ । ପୁରି (ଦେଖ)—3. Puri (See)

ପୁରୀ ନଷ୍ଟ କରିବା—ଦେ. କ୍ରି. (ସଂ. ପୁରୀ ଓ ନଷ୍ଟରୁ)—
Puri nashta karibā . ୧ । ଅପଣାର ଅସଦାଚରଣ ବା ପାପାଚରଣଦ୍ୱାରା କୌଣସି ସ୍ଥାନକୁ ଅପବିତ୍ର କରିବା—
पुरी नष्टकरना **पुरी बिगाड़ना** 1. To defile a place; to desecrate a place by one's sins.

ପୁରୀ ନାଶ କରିବା, ପୁରୀ ବିଗାଡ଼ିବା } ଅନ୍ୟରୂପ

୨ । ମନ୍ଦ ଆଚରଣ ବା ଉଦାହରଣଦ୍ୱାରା କୌଣସି ସ୍ଥାନର ସମସ୍ତ ବ୍ୟକ୍ତିଙ୍କୁ ମନ୍ଦ ପଥଆଡ଼କୁ ନେବା—2. To spoil a whole locality by one's bad example.

ପୁରୀ ନଷ୍ଟ ହେବା, ପୁରୀ ନାଶ ହେବା, ପୁରୀ ବିଗିଡ଼ିବା } କର୍ମବାଚ୍ୟରୂପ

ପୁରୀପାଣ୍ଡା—ପ୍ରାଦେ· (ଗଞ୍ଜାମ) ବି—୨।୩ ଶତାବ୍ଦୀ ପୂର୍ବେ ପୁରୀରୁ ଯାଇ ବିଶାଖାପାଟଣା ଅଞ୍ଚଳରେ ବାସ କରିଥିବା କେତେକ ବ୍ରାହ୍ମଣ—A name by which some Brāhmaṇas who have settled in the Vizag district for 2 or 3 centuries after migrating from Puri, are known.
Puripāndā

[ଦ୍ର—ଏମାନେ ପ୍ରାୟ ୨୦୦ ବର୍ଷ ତଳେ ବିଶାଖାପଟଣା ଅଞ୍ଚଳକୁ ଆସିଥିଲେ । ବୋଧ ହୁଏ ଏହି ଅଞ୍ଚଳର ତତ୍କାଳୀନ ରାଜା ଏହି କେତେକ ବ୍ରାହ୍ମଣଙ୍କୁ ଡକାଇ ନେଇଥିଲେ । ସେପରି ବ୍ରାହ୍ମଣମାନେ ବର୍ତ୍ତମାନ ସେଠାରେ ପ୍ରାୟ ୨୦।୨୫ ଘର ଅଛନ୍ତି । ଏବେ ସେମାନେ ଅବଶ୍ୟ ଆଦୌ ଓଡ଼ିଆ ଭାଷା ଜାଣନ୍ତି ନାହିଁ, କେବଳ କେତେକ ସ୍ତ୍ରୀଲୋକ ଭଙ୍ଗା ଭଙ୍ଗା ଓଡ଼ିଆ ଭାଷାରେ କଥା କହନ୍ତି । ସ୍ତ୍ରୀ ଓ ପୁରୁଷଙ୍କ ବେଶଭୂଷା ଠିକ୍ ତେଲୁଗୁମାନଙ୍କ ବେଶ ଭୂଷା ପରି, ତଥାପି ସେମାନଙ୍କୁ ବିଶାଖାପଟଣାର ସ୍ଥାନୀୟ ଲୋକ ପୁରୀପାଣ୍ଡା ବୋଲି କହୁଛନ୍ତି । ଏମାନଙ୍କ ଅବସ୍ଥା ଭଲ, ନିଜ ନିଜ ପରିବାରର ବିବାହ, ବ୍ରତ ଓ ଶ୍ରାଦ୍ଧ କ୍ରିୟାଗୁଡ଼ିକ ଏମାନେ ସେ ଅଞ୍ଚଳର କମା ବ୍ରାହ୍ମଣ ପୁରୋହିତମାନଙ୍କ ଦ୍ୱାରା କରନ୍ତି ।]

ପୁରୀ ମୋହ—ସଂ. ବି·—(ବହୁବ୍ରୀହି; ପୁରୀ=ଶରୀରର ମୋହ ଜନ୍ମେ ଯାହାଦ୍ୱାରା)—ଧାତୁରା (ହି. ଶ.)—
Puri moha The Dhatura plant (Apte).

ପୁରୀଷ—ସଂ. ବି. (ପୃ ଧାତୁ=ପାଳନ କରିବା+ଈଷ; ଯାହା ସାର ରୂପେ ବୃକ୍ଷାଦିର ମୂଳକୁ ପାଳନ କରେ)—୧ । ଝାଡ଼ା; ଗୁହ; (ପୁରୀଷଣ—ଅନ୍ୟରୂପ) ମଳ; ବିଷ୍ଠା—1. Ordure; dung; faecus; excrement.
Purisha

୨ । ଜଳ—2. Water.

୩ । ମଇଳା; ଅଳଅ—3. Rubbish; dirt (Apte).

ପୁରୀଷଣ—ସଂ. ବି—୧ । ପୁରୀଷ (ଦେଖ)
Purishaṇa 1. Purisha (See)

୨ । ପୁରୀଷତ୍ୟାଗ; ଝାଡ଼ା ଫେରିବା—
2. Evacuation of the bowels (Apte).

ପୁରୀଷ ତ୍ୟାଗ—ସଂ. ବି. (୬ଷ୍ଠୀ ତତ୍; ପୁରୀଷ+ତ୍ୟାଗ)—
Purisha tyāga ମଳତ୍ୟାଗ; ଝାଡ଼ା ଫେରିବା; ହଗିବା—
(ପୁରୀଷୋତ୍ସର୍ଗ—ଅନ୍ୟରୂପ) Voiding excrement; evacuating the bowels.

ପୁରୀଷମ—ସଂ. ବି. (ପୁରୀଷ=ବିଷ୍ଠା+ମା ଧାତୁ=ପରିମାଣ କରିବା+
Purīshama ଅ; ବିରିର ପିଠାଆଦି ଖାଇଲେ ମଳର ପରିମାଣ ଅଧିକ ହୁଏ)—ମାଷ; ବିରି—Black-pulse bean Phaseolus Mas.

ପୁରୀଷାଧାନ—ସଂ. ବି. (୬ଷ୍ଠୀ ତତ୍; ପୁରୀଷ+ଆଧାନ)—୧ । ବିଷ୍ଠାକୁଣ୍ଡ—
Purīshādhāna 1, A receptacle or pot for ordure.
୨ । ଶରୀରସ୍ଥ ମଳଭାଣ୍ଡ—
2. The intestines of the body.

ପୁରୁ—ସଂ. ବି.—୧ । ଦେବଲୋକ; ସ୍ୱର୍ଗ—
Puru 1 The heaven.
୨ । ପୁଷ୍ପ ପରାଗ—2. The farina of flower; pollen.
(ପୁରୂ—ଅନ୍ୟରୂପ) ୩ । ଦେହ; ଶରୀର - 3. Body.
୪ । (ନାମ) ରାଜା ଯଯାତିଙ୍କ ଔରସରେ ଦୈତ୍ୟରାଜ ବୃଷପର୍ବାଙ୍କ ଗର୍ଭରେ ଜାତ କନିଷ୍ଠ କୁମାର; ପାଣ୍ଡବମାନଙ୍କର ଆଦି ପୁରୁଷ—4. Name of a king, the progenitor of the Pāṇḍabas.

[ଦ୍ର—ଏ ଚନ୍ଦ୍ରବଂଶର ୬ଷ୍ଠ ରାଜା ଓ ଯଯାତିଙ୍କ କନିଷ୍ଠ ପୁତ୍ର ଥିଲେ; ଏ ପିତାଙ୍କ ଜରାକୁ ଗ୍ରହଣ କରିବାରୁ ପିତା ସନ୍ତୁଷ୍ଟ ହୋଇ ଜ୍ୟେଷ୍ଠ ପୁତ୍ରମାନଙ୍କୁ ରାଜ୍ୟଭାର ନ ଦେଇ ଏହାଙ୍କୁ ରାଜ୍ୟଭାର ଦେଇଥିଲେ । ଏ କୌରବ ଓ ପାଣ୍ଡବମାନଙ୍କର ପୂର୍ବ ପୁରୁଷ ତଥା ଦୁଷ୍ମନ୍ତ ଓ ଭରତଙ୍କର ପୂର୍ବପୁରୁଷ ଥିଲେ ।]

୫ । ଗ୍ରୀକ୍ ବୀର ସିକନ୍ଦର (ଅଲେକଜାଣ୍ଡର) ଭାରତକୁ ଆକ୍ରମଣ କରିବା (ଖ୍ରୀ. ପୂ. ୩୨୭) ସମୟରେ ତାଙ୍କୁ ସିନ୍ଧୁ ନଦ ତଟରେ ବାଧା ଦେଇ ପରେ ତାଙ୍କ ସଙ୍ଗେ ସନ୍ଧି କରିଥିବା ରାଜାବିଶେଷ—5. King Porus of India with whom Alexander had to fight before crossing the Indus and with whom he was obliged to make a treaty.
୬ । ଦୈତ୍ୟବିଶେଷ—6. Name of a demon (ଯଥା—ଏହାଙ୍କୁ ଇନ୍ଦ୍ର ବଧ କରିଥିଲେ—Apte).
୭ । ସରସ୍ୱତୀ ନଦୀର ଉତ୍ତର ପଶ୍ଚିମସ୍ଥ ନଦୀବିଶେଷ—
7 Name of a river in India.
୮ । ବୃହତ୍ ସଂହିତା ବର୍ଣ୍ଣିତ ଦେଶବିଶେଷ (ହି. ଶ.)—
8. Name of an ancient country of India.
(ପୁର୍ବୀ—ସ୍ତ୍ରୀ) ସଂ. ବିଣ. (ପୃ ଧାତୁ=ପୂରଣ କରିବା+ଉ)—
ପ୍ରଚୁର; ଅଧିକ—Too much; excessive; abundant; plentiful.

[ଦ୍ର—ଏ ଶବ୍ଦ ଅନ୍ୟ ବିଶେଷ୍ୟ ଓ ବିଶେଷଣ ପୂର୍ବେ ସମାସରେ ଯୁକ୍ତ ହେଲେ ପ୍ରଚୁର, ବହୁ, ଅତ୍ୟନ୍ତ ଅର୍ଥ ବୁଝାଏ । ଯଥା—ପୁରୁଲମ୍ପଟ, ପୁରୁହୂତ ।]

ଦେ. ବି ବେଧ; ମୋଟା—Thickness.
ଦେ. ବିଣ—ମୋଟ; ବହଳ—Thick; coarse.

ପୁରୁକୁତ୍ସ—ସଂ. ବି—ମାନ୍ଧାତାଙ୍କ ପୁତ୍ର—
Purukutsa Name of a king; son of Māndhātā.

[ଦ୍ର—ଏହାଙ୍କର ମାନସୀ କନ୍ୟା ନର୍ମଦା ଋଷିଶାପଗ୍ରସ୍ତା ହୋଇ ନଦୀତ୍ୱ ପ୍ରାପ୍ତ ହୋଇଥିଲେ । ହରିବଂଶ ଋଗ୍ୱେଦରେ ଅଛି ଯେ ଦସ୍ୟୁ ନଗର ଧ୍ୱଂସ କରିବା ବିଷୟରେ ଇନ୍ଦ୍ର ଏହାଙ୍କ ସହାୟତା କରିଥିଲେ ହି. ଶବ୍ଦସାଗର ।]

ପୁରୁଖା—ଦେ. ବିଣ. (ସଂ. ପୁରାତନ ବା ପ୍ରାକ୍ତ)—୧ । ପୁରୁଣା—
Purukhā 1. Old.
ପୁର୍ଖା ୨ । ପ୍ରାଚୀନ—2. Ancient.
पुरखा; पुरुखा ୩ । ବୃଦ୍ଧ—3 Old; aged.
ପୁର୍ଖା } ଅନ୍ୟରୂପ ପୁରୁଖା ପୁରୁଖା ଲୋକମାନେ କହନ୍ତି, ଏ ସର୍ବ୍ବଯୁଗର
ପୋରଖା } ଠାକୁରାଣୀ ଟେ—ଫକୀରମୋହନ, ଛମାଣ ଅଠଗୁଣ୍ଠ ।
(ପୁରୁଖୀ—ସ୍ତ୍ରୀ) ୪ । ଅନୁଭବୀ; ପ୍ରବୀଣ—4. Experienced.
୫ । ସୁପକ୍ୱ; ପୋଖତ—5. Matured.
୬ । ଜୀର୍ଣ୍ଣ—6. Decayed; worn out.
ଦେ. ବି—୧ । ପ୍ରବୀଣ ଓ ବୃଦ୍ଧ ବ୍ୟକ୍ତି—1. The elders; an old person of experience.
୨ । ବୃଦ୍ଧ ଲୋକ—2. Elderly person

ପୁରୁଖା କଥା—ଦେ. ବି—୧ । ବୃଦ୍ଧ ପ୍ରବୀଣ ବ୍ୟକ୍ତିଙ୍କ ମୁଖନିଃସୃତ
Purukhā kathā ଉପଦେଶ—1. The advice or words uttered by the elders.
୨ । ମରହଟ୍ଟିଆ ବିଷୟ—2. Obsolete matters.
୩ । ବହୁ ଦିନର ପୁରୁଣା ଖବର—3. Stale news.
୪ । ପ୍ରାଚୀନ ବିଷୟ—4. Ancient matters.
୫ । ଅଗକାଳ କଥା—
5. Thing and association of the past.
୬ । ପ୍ରବଚନ; ପ୍ରବାଦ ବାକ୍ୟ—6. Proverbs.

ପୁରୁଖା ପୁରୁଖି ଦେ. ବିଣ. (ବହୁବଚନାର୍ଥରେ ଦ୍ୱିତ୍ୱ)—
Purukhā purukhi ପ୍ରାଚୀନ ବ୍ୟକ୍ତି ବା ବସ୍ତୁଗଣ—
(ପୁର୍ଖାପୁର୍ଖି—ଅନ୍ୟରୂପ) Old persons or things.

ପୁରୁଜା—ବୈଦେ. ବି. (ଫା. ପୁର୍ଜା)—
Purujā ୧ । ମାରୁଆଡ଼ିମାନଙ୍କ ବ୍ୟବସାୟରେ ପ୍ରଚଳିତ ହେଣ୍ଡ-
ପୁର୍ଜା ନୋଟ—1. Handnote current amongst
पुरजा the Marwari business-men.
ପୁରଜା } ଅନ୍ୟରୂପ ୨ । ଖତ; ଋଣ ପତ୍ର—2. A slip of paper
ପୁର୍ଜା } indicating a loan.

ପୁରୁଜିତ୍—ସଂ. ବି—୧ । ପାଣ୍ଡବଙ୍କ ମାମୁଁ; କୁନ୍ତିଙ୍କ ଭାଇ—
Purujit 1. The maternal uncle of the Pāṇḍaba brothers.

[ଦ୍ର—ଏ କୁନ୍ତି ଭୋଜଙ୍କ ପୁତ୍ର ଓ କୁନ୍ତୀଙ୍କ ଭାଇ ।]

୨ । ବିଷ୍ଣୁ—2. A name of Bishṇu.
୩ । (ଭାଗବତ) ଶଶବିନ୍ଦୁ ବଂଶୀୟ ରୁଚକ ରାଜାଙ୍କ ପୁତ୍ର—
3. Name of a prince mentioned in the Bhāgabata.

ପୁରୁଣ୍ଡା—ପ୍ରାଦେ. (ଗଞ୍ଜାମ) କ୍ରି—୧ । ଖାଲ ପୋତିବା—
Puruṇḍā 1. Filling up a ditch.

୨ । ଖାଲକୁ ପୋଡି ସମତଳ କରିବା —
2. To level up a ditch.

ପୁରୁଡ଼(ଡ଼ି)—ଗ୍ରାମ୍ୟ. ବି. (ସ. ପ୍ରୌଢ଼ି) ଧୃଷ୍ଟତା—ପ୍ରୌଢ଼ି; ମୁହଁ
Purur̤di(r̤hi) ବାଲଙ୍ଗି; ଅଶ୍ଲୀଳନ—Bragging;
ବାହାଦୁରୀ ब्रानगी braggadocio.
(ଯଥା—ଏ ଟୋକାଟା କେଡେ ପୁରୁଡ଼ କରି କଥା କହୁଛି ମ!)

ପୁରୁଡ଼ିବା—ପ୍ରାଦେ. (ଗଞ୍ଜାମ) କ୍ରି (ସ. ପୂ ଧାତୁ)—୧ । ଖାଲ ଆଦିକୁ
Purur̤diba ମାଟିରେ ପୂର୍ଣ୍ଣ କରିବା; ଭରେଣ୍ଟ କରିବା—
1. To fill up a ditch.
୨ । (ଲକ୍ଷଣାର୍ଥ) ପୂର୍ଣ୍ଣ ହେବା—
2 (fig) To be filled up with any thing.
(ଯଥା—ବର୍ଷା ପାଣିରେ ପୋଖରୀ କୂଅ ପୁରୁଡ଼ି ହୋଇ ଯାଇଛି ।)

ପୁରୁଡ଼ି ହେବା—ପ୍ରାଦେ. (ଗଞ୍ଜାମ) କ୍ରି.—(ଖାଲ ଜମି) ପୋତା ହୋଇ
Purur̤di heba ସମଭୂଲ ହେବା—(a hole) To be levelled up or filled up.

ପୁରୁଣା—ଦେ. ବିଣ. (ସ. ପୁରାଣ; ପୁରାତନ)—୧ । ପ୍ରାଚୀନ;
Puruṇa ପୁରାତନ—1. Old; ancient.
(ନୂଆ—ବିପରୀତ) ୨ । ପୁରୁଖା, ପ୍ରବୀଣ—2. Experienced.
୩ । ବହୁକାଳରୁ ଥିବା—3. Of long standing.
୪ । ବହୁକାଳ ହେଲା ସଞ୍ଚିତ—
4 Stored for a long time.
୫ । ଅତୀତ; ପୂର୍ବତନ—5. Former; late; past.
୬ । ବଂଶ ପୁରୁଷାଗତ—6. Handed down from generation to ganeration.
୭ । ଜୀର୍ଣ୍ଣ—7. Worn out; decayed.
୮ । ବୃଦ୍ଧ, ବୟସ୍କ—8 Aged.
୯ । ଯାହା ପୂର୍ବେ ଚଳୁ ଥିଲା କିନ୍ତୁ ବର୍ତ୍ତମାନ ଚଳୁ ନାହିଁ—
9. Obsolete
ଦେ. ବିଣର ବିଣ.—(ଲକ୍ଷଣାର୍ଥ; ମନ୍ଦ ଅର୍ଥରେ ବ୍ୟବହୃତ)—
ଅତ୍ୟନ୍ତ—Very; very much; excessive.
(ଯଥା—ପୁରୁଣା ମାଡ଼ୁଆ; ପୁରୁଣା ପାପୀ ।)
ଦେ ବି.—ପୁରାତନ ବିଷୟ ବା ପୂର୍ବର ସଙ୍ଗୀ—
Former things or past associations; former companion or friend.

ଅରେ କହୁଣା ! ନୂଆ ଦେଖି ପାଶୋରିଲୁ ପୁରୁଣା—ଭଗ.

ପୁରୁଣା କଥା—ଦେ. ବି.—୧ । ପ୍ରାଚୀନ ବିଷୟ—
Puruṇakatha 1. Ancient matter.
পুরানাকথা पुरानीबात ୨ । ପ୍ରବଚନ—
2. Proverb; ancient sayings.

ପୁରୁଣା କାଳ—ଦେ. ବି.—ଅତୀତକାଳ—
Puruṇa kala The past; old times.
পুরাণা কাল पुराणाजमाना

ପୁରୁଣା କାଳିଆ—ଦେ. ବିଣ.—୧ । ପ୍ରାଚୀନ କାଳ ସମ୍ବନ୍ଧୀୟ;ମରହଟ୍ଟୀ—
Puruṇa kal̤ia 1. Of old times.
সেকালের पुरानाकालका ୨ । ଯାହା ପୂର୍ବେ ଚଳୁଥିଲା; କିନ୍ତୁ ବର୍ତ୍ତମାନ ଚଳୁନାହିଁ—Obsolete.

ପୁରୁଣା ଗୁଡ଼—ଦେ. ବି.—(ସ ପୁରାତନ ଗୁଡ଼)—ଏକ ବର୍ଷରୁ ଊର୍ଦ୍ଧ୍ୱକାଳ
Puruṇa gur̤da ସଞ୍ଚିତ ଗୁଡ଼—Molasses preserved
পুরাণাগুড় पुरानागुड़ for more than a year and used as medicine.
[ଦ୍ର—ଏହା ପାଣ୍ଡୁ ପିତ୍ତ ଓ ବାୟୁ ରୋଗରେ ବିଶେଷ ଉପକାରୀ; ଏହା ଭଲ ସ୍ୱାଦବିଶିଷ୍ଟ ।]

ପୁରୁଣା ଘିଅ—ଦେ. ବି.—(ସ. ପୁରାଣଘୃତ)—ଦଶବର୍ଷରୁ ଊର୍ଦ୍ଧ୍ୱକାଳ
Puruṇa ghia ସଞ୍ଚିତ ଘୃତ; ବହୁକାଳ ସଞ୍ଚିତ ଘୃତ—
পুরাণা ঘি पुराना घि Ghee which has been stored for years.
[ଦ୍ର—ଏହା ମାଲିସ କଲେ ଶରୀର ବେଦନା କମିଯାଏ; ଏହା ବାତ ରୋଗ, ଶିରରୋଗ, କର୍ଣ୍ଣରୋଗ ଓ ଅପସ୍ମାର ଆଦି ରୋଗରେ ବିଶେଷ ଉପକାରୀ ।]

ପୁରୁଣା ଚାଉଳ—ଦେ. ବି.—ପୁରୁଣା ଧାନର ଚାଉଳ—
Puruṇachaula Rice, got from paddy more
পুরাণোচাল पुरानाचावल one year old.

ପୁରୁଣା ଧାନ—ଦେ. ବି—ଏ ବର୍ଷର ପୂର୍ବବର୍ତ୍ତୀ ବର୍ଷମାନଙ୍କରେ ଉତ୍ପନ୍ନ
Puruṇa dhana ଓ ସଞ୍ଚିତ ଧାନ୍ୟ—Paddy more than
পুরাণাধান पुरानाधान one year old.

ପୁରୁଣା ପାପୀ—ଦେ. ବି—୧ । ମହା ପାପୀ—
Puruṇa papi 1. A great sinner.
পুরাণোপাপী ୨ । ଯେ ବହୁକାଳ ହେଲା ପାପ କରିଆସୁଅଛି—
पुरानापापी पुरानापाप 2. Old sinner; a confirmed sinner; an old Adam.
୩ । ବହୁଦିନ ଅନୁଭବ ଦ୍ୱାରା ପ୍ରବୀଣ ବ୍ୟକ୍ତି—
3. A person of ripe experience.

ପୁରୁଣା ପୁରୁଣି—ଦେ. ବିଣ—(କଥା ଓ ଉକ୍ତିର ଅନର୍ଥକ ସହଚର
Puruṇa puruṇi ଶବ୍ଦ)—ଜୀର୍ଣ୍ଣ ଓ ପୁରାତନ (ଲୁଗା)—
पुरानापुराना Old and worn out (cloth)
(ପୁରୁଣା ପୁରୁଣା—ଅନ୍ୟରୂପ)

ଘରେ ଥୋଇ ଥିଲ ପୁରୁଣା ପୁରୁଣି ବସି ଦେ ଅଭ ଥରେ ।
ଭିକାରି—ସାବିତ୍ରୀ ବାହା ।

ପୁରୁଣା ପୁଲିସ୍—ଦେ. ବି—(ବ୍ୟଙ୍ଗାର୍ଥ)—ଭାରତ ବର୍ଷରୁ ପ୍ରଥମେ
Puruṇa pulis ଇଂରେଜମାନେ ଅସିବା ସମୟରେ ନିଯୁକ୍ତ ପୁଲିସ-
পুরাণাপুলিস The Police which were formerly maintained by the Government in the early age of British occupation of India.
[ଦ୍ର—ପୂର୍ବେ ଅପରାଧୀ ବା ସନ୍ଦେହୀ ଆସାମୀଠାରୁ ଅପରାଧ ସ୍ୱୀକାରୋକ୍ତି ବାହାର କରିବା ନିମନ୍ତେ ପୁଲିସ କର୍ମଚାରୀମାନେ ଆସାମୀଙ୍କୁ ନାନାପ୍ରକାର ଅତ୍ୟାଚାର ଓ ଉତ୍ପୀଡ଼ନ କରୁଥିଲେ । ଦେଶର ଶିକ୍ଷାବୃଦ୍ଧି ସଙ୍ଗେ ସଙ୍ଗେ ସରକାର ତାହା ନ ହେବା ପାଇଁ ତୀକ୍ଷ୍ଣ ଦୃଷ୍ଟି ଓ କଟକଣା କରି ଅଛନ୍ତି । ଅତଏବ ପୂର୍ବକାଳର ପୁଲିସ ଅତ୍ୟାଚାରର ବିଷୟର ପ୍ରସଙ୍ଗରେ ଲୋକେ ଏହି ଶବ୍ଦ ବ୍ୟବହାର କରିଥାଆନ୍ତି ।]

ପୁରୁଣାବନ୍ଧୁ—ଦେ. ବି—୧ । ଆପଣା ବଂଶ ସଙ୍ଗେ ଯାହାଙ୍କର ଅନେକ
Puruṇabandhu ପୁରୁଷ ହେଲା ବୈବାହିକ ସୂତ୍ରରେ ବନ୍ଧୁତା ଅଛି—
ପୁରାଣୋବନ୍ଧୁ, ପୁରାତନବନ୍ଧୁ 1. A person whose family is related to one's family by ties of marriage for generations.

୨ । କୌଣସି ବ୍ୟକ୍ତି ପୂର୍ବତନ ବନ୍ଧୁ—
2. An old friend.

ପୁରୁଣି—ଦେ. ବି—ପୁନର୍ନବା (ଦେଖ)
Puruṇi Punarnabā (See)

ପୁରୁଦ—ସଂ. ବି (ପୁରୁ=ପ୍ରଚୁର+ଦା ଧାତୁ=ଦେବା+କର୍ତ୍ତୃ. ଅ)—
Puruda ସ୍ୱର୍ଣ୍ଣ—Gold

ପୁରୁଦଂଶକ—ସଂ. ବି (ପୁରୁ=ଅଧିକ+ଦଂଶକ)—୧ । ହଂସ—
Purudaṁśaka 1. Swan.

୨ । ବତକ; ପାତିହଂସ—2. Goose; gander.

ପୁରୁଦ୍ରୁହ—ସଂ. ବି (ପୁରୁ=ଅଧିକ+ଦ୍ରୁହ୍ ଧାତୁ=ଅନିଷ୍ଟ କରିବା+କର୍ତ୍ତୃ.
Purudruha ଅ)—ଇନ୍ଦ୍ର—Indra.

ସଂ. ବିଣ—ବିଶେଷ ହିଂସାକାରୀ—
Very revengeful; malicious; malignant.

ପୁରୁଧା—ସଂ. କ୍ରି. ବିଣ (ପୁରୁ=ବହୁ+ପ୍ରକାରାର୍ଥେ ଧା)—ବହୁଧା;
Purudhā ବହୁପ୍ରକାରରେ—In various ways or kinds.

ପୁରୁଭୁଜ—ସଂ. ବି (ଅଧୁନିକ ବ୍ୟବହାର ପୁରୁ=ବହୁ; ଭୁଜ ଯାହାର)—
Purubhuja ୧ । ଏକପ୍ରକାର ସାମୁଦ୍ରିକ କୀଟ—1. The Polyp; a sea animal of the coral kind resembling boughs of a tree.

[ଦ୍ର—ଏମାନେ ପ୍ରବାଳଶ୍ରେଣୀୟ ଓ ଡାଳପରି ଦେଖାଯାନ୍ତି ।]

୨ । ବହୁଭୁଜବିଶିଷ୍ଟ ଏକପ୍ରକାର ସାମୁଦ୍ରିକ ଜୀବ—
2 The devil fish; Octopus; the cuttle fish.

ପୁରୁଭୋଜା—ସଂ. ବିଣ. ପୁଂ (ପୁରୁ=ଅଧିକ+ଭୁଜ ଧାତୁ=ଖାଇବା+
Purubhojā ଅସ୍; ପୁରୁଭୋଜସ୍ ଶବ୍ଦ ୧ମା ୧ବ)—
ଯେ ଖୁବ ଖାଇ ପାରେ; ପେଟୁ—
Gluttonous; greedy.

ସଂ. ବି—ମେଷ; ମେଣ୍ଢା (ହି. ଗ.)—Sheep.

ପୁରୁଷ—ସଂ. ବି. (ପୁ ଧାତୁ=ପୂରଣ କରିବା+କର୍ତ୍ତୃ. ଅ; ଯେ ଅନ୍ୟର
Purusha ଅଭାବକୁ ବା ଶରୀରକୁ ପୂର୍ଣ୍ଣ କରେ କିମ୍ବା ପୁରୁ=
ଦେହରେ+ଶୀ ଧାତୁ+କର୍ତ୍ତୃ. ଅ; ଅର୍ଥାତ୍ ଯେ ଦେହରେ
ଶୟନ କରେ ବା ଥାଏ; ଅନ୍ୟ ସଂ. ଆକାର ପୂରୁଷ)—

୧ । ମନୁଷ୍ୟ; ନର—1. Man; person.

୨ । ପୁମାନ; ପୁଂଜାତି; ନରଜାତି—
2. Human being; mankind.

[ଦ୍ର—ନରଜାତି ନର ଓ ନାରୀମାନଙ୍କର ସମଷ୍ଟି, ଅଣିରି ଓ ମାଈ ଉଭୟଙ୍କଦ୍ୱାରା ନରଜାତି ଗଠିତ । ହିନ୍ଦୁଶାସ୍ତ୍ର ଅନୁସାରେ ପୁରୁଷଙ୍କୁ ଚାରିଜାତିରେ ଓ ନାରୀଙ୍କୁ ଚାରିଜାତିରେ ବିଭକ୍ତ କରି ଯାଇଅଛି । ଯଥା—ନରଜାତି :—୧. ଶଶ=ମୃଦୁସ୍ୱଭାବ, ରମଣୀୟ, ଗୁଣବାନ୍ ଓ ଧାର୍ମିକ । ୨. ମୃଗ=ମଧୁରଭାଷୀ, ସୁଦେହ, ସାଧୁ, ଗୁଣବାନ୍ ଓ ସତ୍ୟବାଦୀ । ୩. ବୃଷ=ନତାଙ୍ଗ, ଶୀଘ୍ରକାମ ଓ ବଳବାନ୍ । ୪. ଅଶ୍ୱ=ଦୀର୍ଘାଙ୍ଗ ଓ ପରାକ୍ରମୀ ।

ନାରୀଜାତି :—୧. ପଦ୍ମିନୀ=ପଦ୍ମଗନ୍ଧା, ସୁକୁମାରୀ, ପ୍ରେମଶୀଳା, କୋମଳଭାଷିଣୀ, କ୍ଷୀଣଦେହା, ଧାର୍ମିକା ଓ ସ୍ୱାମୀଭକ୍ତା । ୨. ଚିତ୍ରିଣୀ=ସୁନ୍ଦରୀ, ତରଳମତି ଓ ସ୍ନେହଶୀଳା । ୩. ଶଙ୍ଖିନୀ=ଦୀର୍ଘକାୟା, ଦୀର୍ଘକେଶା, ନାତିସ୍ଥୂଳା, ନାତିକୃଶା, ଚଞ୍ଚଳମତି, କ୍ରୋଧସ୍ୱଭାବା ଓ ରତିସମ୍ପୃକ୍ତା । ୪. ହସ୍ତିନୀ=ବୃହଦ୍‌ଦେହା, ନିଷ୍ଠୁରସ୍ୱଭାବା ଓ କାମୁକା ।

ନରଜାତିର ୧ମ, ୨ୟ, ୩ୟ ଓ ୪ର୍ଥ ଜାତି ଯଥାକ୍ରମେ ନାରୀଜାତିର ୧ମା, ୨ୟା, ୩ୟା ଓ ୪ର୍ଥୀ ଶ୍ରେଣୀର ସ୍ତ୍ରୀ ପ୍ରତି ଯୋଗ୍ୟ ବର ବୋଲି ଶାସ୍ତ୍ରରେ ବର୍ଣ୍ଣିତ ।]

୩ । ଅଣିରିପଶୁ; ଅଣିରି ଜୀବ—3. Male being.

୪ । ଜଣ; ବ୍ୟକ୍ତି—4. Individual.

୫ । ପରମାଣୁ—5. Atom.

୬ । (ପୁର=ଶରୀର+ବସ୍ ଧାତୁ=ବାସ କରିବା+ଅ) ଆତ୍ମା—
6. The soul.

୭ । ବିଷ୍ଣୁ; ଈଶ୍ୱର; ଆଦିପୁରୁଷ—7. God Bishṇu.

୮ । ବ୍ରହ୍ମା—8. Brahmā.

୯ । ଜୀବନ—9. Life.

୧୦ । ପରଂବ୍ରହ୍ମ; ପରମାତ୍ମା—10. The Universal Soul; the divine spirit or essence of the universe.

୧୧ । ବନ୍ଧୁ—11. Friend.

୧୨ । (ବ୍ୟାକରଣ) କ୍ରିୟା ବା ବିଶେଷ୍ୟ ପଦର ବ୍ୟକ୍ତିଭେଦ ପରିଚୟ—
12. (grammar) The person; the distinguishing quality of a noun or verb.

[ଦ୍ର—ଓଡ଼ିଆ ବ୍ୟାକରଣରେ ଇଂରାଜି ବ୍ୟାକରଣ ଅନୁକରଣରେ ପ୍ରଥମ ପୁରୁଷ 'ମୁଁ', ଦ୍ୱିତୀୟ ପୁରୁଷ 'ତୁମ୍ଭେ' ଓ ତୃତୀୟ ପୁରୁଷ 'ସେ'; ସଂସ୍କୃତ ବ୍ୟାକରଣରେ 'ଅମ୍ଭେ' ଉତ୍ତମ ପୁରୁଷ, 'ତୁମ୍ଭେ' ମଧ୍ୟମ ପୁରୁଷ ଓ 'ସେ' ପ୍ରଥମ ପୁରୁଷ ଅଟେ ।]

ଦେ. ବି—୧ । ପୁନ୍ନାଗ (ଦେଖ)—1. Punnāga (See)

ବନ୍ଧୁରଣ କରସଙ୍ଗ ପୟୋଧର ଫଳଭୂଙ୍ଗ ପୁରୁଷ ପ୍ରବାଳି ରଞ୍ଜନକ—
ଉତ୍ତ. ବୈଦେହୀଶବିଳାସ ।

ପୁରୁଷ ୨ । ଜଣେ ମନୁଷ୍ୟର ଜୀବନକାଳ—
ପାଣ୍ଡି 2. The life-time of a man.

ବନ୍ଦା ତୁଟିଲେ ବଳସେ, ମଣିଷ ତୁଟିଲେ ପୁରୁଷେ । ଢଗ ।

୩ । କ୍ରମାଗତ ବଂଶଧର ମଧ୍ୟରୁ ଜଣେ— 3. Generation; successive generation in a family.

ଚିହ୍ନାର ଚତୁର୍ଥ ପୁରୁଷ ମୁଁ ଏଡ ଉଦୟ ତା ବଳେ—
ଉତ୍ତ. ବୈଦେହୀଶବିଳାସ ।

୪ । ଉପରକୁ ହାତ ଟେକି ଠିଆ ହେବା ପୁରୁଷର ଉଚ୍ଚତା ପ୍ରମାଣ; ୫ ହାତ—4. A height of one person

with the arms raised up; about seven feet.
(ଯଥା—ଏ ପୋଖରୀରେ ଗୁଡ଼ ପୁରୁଷ ପାଣି ଅଛି ।)

ପୁରୁଷକ—ସଂ. ବି. (ପୁରୁଷ+ତୁଲ୍ୟାର୍ଥେ. କ)—ଅଶ୍ୱାଦି ପଶୁଙ୍କର ଦୁଇଟି
Purushaka ଅଗ ଗୋଡ଼କୁ ଟେକି ଦେଇ ଦୁଇଟି ପଛ ଗୋଡ଼ରେ ଠିଆ ହେବାର ଭଙ୍ଗୀ—The rearing of a horse; the standing posture of a beast on its hind legs with the fore legs in the air; rampant posture of a beast.

ପୁରୁଷକାର—ସଂ. ବି. (ପୁରୁଷ+କାର=କରଣ)—୧ । ପୁରୁଷତ୍ୱ—
Purushakāra 1. Manliness.
୨ । ପୁରୁଷର ଚେଷ୍ଟା, ଯତ୍ନ ବା ପୌରୁଷ—
2. Human activity; manly spirit; valour; prowess; energy.
୩ । ବ୍ୟକ୍ତିଗତ ଉଦ୍ୟମ ବା ଚେଷ୍ଟା—
3. Individual exertion; manly effort.
୪ । ଉତ୍ସାହ—4. Vigour.

ପୁରୁଷ କୁଞ୍ଜର—ସଂ. ବି—ଶ୍ରେଷ୍ଠ ପୁରୁଷ—
Purusha kunjara An ancient person.
(ପୁରୁଷ ପୁଙ୍ଗବ, ପୁରୁଷ ପୁଣ୍ଡରୀକ, ପୁରୁଷ ବ୍ୟାଘ୍ର, ପୁରୁଷର୍ଷଭ, ପୁରୁଷ ସିଂହ, ପୁରୁଷ କେଶରୀ, ପୁରୁଷ ନାଗ—ସମାର୍ଥକ ଶବ୍ଦ)

ପୁରୁଷ କେଳି—ସଂ. ବି—ପୁରୁଷାଇତ (ଦେଖ)
Purusha keli Purushāita (See)
ବିପରୀତ ରତି ଯେ ରମଣୀ ରଙ୍ଗେ ଯହଁ ପୁରୁଷକେଳି ।
ଉଦ୍ଧ. ବୈଦେହୀଶବିଳାସ ।

ପୁରୁଷ ଗ୍ରହ—ସଂ. ବି (ମ. ପ. ଜ୍ୟୋ; ପୁରୁଷାକୃତି ଗ୍ରହ)—
Purusha graha (ଜ୍ୟୋତିଷ ସୂର୍ଯ୍ୟ, ମଙ୍ଗଳ ଓ ବୃହସ୍ପତି ଗ୍ରହ— (astrology) The planets Sun, Mars and Jupiter.

ପୁରୁଷତା(ତ୍ୱ)—ସଂ. ବି. (ପୁରୁଷ+ଭାବାର୍ଥେ ତା. ତ୍ୱ)—
Purushatā(twa) ୧ । ମନୁଷ୍ୟତ୍ୱ; ମନୁଷ୍ୟର ଧର୍ମ—
1. Manliness; manhood.
୨ । ପୌରୁଷ; ଉତ୍ସାହ; ଉଦ୍ୟମ—
2. Manly vigour; energy.
୩ । ପୁଂସ୍ତ୍ୱ; ଅଣ୍ଡ ସ୍ଥାପଣିଆ; ସ୍ତ୍ରୀସଙ୍ଗମସାମର୍ଥ୍ୟ—
3. Virility; potency; ability to cohabit with a woman.
୪ । ମନୁଷ୍ୟୋଚିତ ଶୌର୍ଯ୍ୟ; ବୀର୍ଯ୍ୟ; ବିକ୍ରମ—
4. Manly valour; prowess.
୫ । ବୀରତ୍ୱ; ସାହସ—
5. Heroism; valour, courage.
୬ । ବଳ; ପରାକ୍ରମ—6. Might; prowess.

ପୁରୁଷତ୍ୱ ନାଶ—ସଂ. ବି. (୬ଷ୍ଠୀ ତତ୍; ପୁରୁଷତ୍ୱ+ନାଶ)—
Purushatwa nāsa ପୁଂସ୍ତ୍ୱ ଲୋପ; ପୁରୁଷ ଶକ୍ତିର ବିନାଶ; ସ୍ତ୍ରୀ ସଙ୍ଗମରେ ଅପାରଗତା; ନପୁଂସକତା—
Impotence; loss of manhood.
(ପୁରୁଷତ୍ୱ ଲୋପ, ପୁରୁଷତ୍ୱ ହାନି—ଅନ୍ୟରୂପ)

ପୁରୁଷତ୍ୱ ପ୍ରକାଶ—ସଂ. ବି. (୬ଷ୍ଠୀ ତତ୍)—
Purushatwa prakāsa ବୀରତ୍ୱ ବା ବିକ୍ରମ ଦେଖାଇବା—
Display of manliness.

ପୁରୁଷତ୍ୱ ବର୍ଜିତ—ସଂ. ବିଣ. ପୁଂ—୧ । ପୁଂସ୍ତ୍ୱହୀନ; ସ୍ତ୍ରୀ ସଙ୍ଗମରେ
Purushatwa barjita ଅସମର୍ଥ—1. Impotent.
୨ । ଶୌର୍ଯ୍ୟହୀନ—2. Devoid of courage.
(ପୁରୁଷତ୍ୱବିହୀନ, ପୁରୁଷତ୍ୱହୀନ, ପୁରୁଷତ୍ୱଶୂନ୍ୟ—ଅନ୍ୟରୂପ)

ପୁରୁଷତ୍ୱ ବିଶିଷ୍ଟ—ସଂ. ବିଣ. ପୁଂ—ସ୍ତ୍ରୀସଙ୍ଗମ ଶକ୍ତିବିଶିଷ୍ଟ—
Purushatwa bisishta Potent; virile.
(ପୁରୁଷତ୍ୱବାନ୍, ପୁରୁଷତ୍ୱଯୁକ୍ତ—ଅନ୍ୟରୂପ)

ପୁରୁଷ ଦଘ୍ନ—ସଂ. ବିଣ. (ପୁରୁଷ+ପରିମାଣାର୍ଥେ. ଦଘ୍ନ)—
Purusha daghna ୧ । ଉଚ୍ଚରେ ଏକ ପୁରୁଷ ପରିମିତ; ପୁରୁଷେ ଉଚ୍ଚ—
(ପୁରୁଷ ଦ୍ୱୟସ—ଅନ୍ୟରୂପ)
1. As high as a man.
୨ । ପ୍ରାୟ ୫½ ହାତ ଉଚ୍ଚ—2. 5½ feet high.

ପୁରୁଷ ଦ୍ୱେଷୀ—ସଂ. ବିଣ. ପୁଂ. (ପୁରୁଷ+ଦ୍ୱିଷ୍ ଧାତୁ=ଦ୍ୱେଷ କରିବା
Purusha dweshi +ଇନ୍)—ମନୁଷ୍ୟଘୃଣାକାରୀ;
(ପୁରୁଷ ଦ୍ୱେଷିଣୀ—ସ୍ତ୍ରୀ) ଯାହାକୁ ମନୁଷ୍ୟ ଶତ୍ରୁ ଜଣାନ୍ତି—
Misanthrope; man-hater.

ପୁରୁଷ ଧର୍ମ—ସଂ. ବି. (୬ଷ୍ଠୀ ତତ୍; ପୁରୁଷ+ଧର୍ମ)—
Purusha dharma ପୌରୁଷ; ମନୁଷ୍ୟତା—Manliness.

ପୁରୁଷ ନକ୍ଷତ୍ର—ସଂ. ବି—ହସ୍ତା, ମୂଳା, ଶ୍ରବଣା, ପୁନର୍ବସୁ, ମୃଗଶିରା ଓ
Purusha nakshatra ପୁଷ୍ୟା ନକ୍ଷତ୍ର; ଜ୍ୟୋତିଷୋକ୍ତ ୨୭ ନକ୍ଷତ୍ର ମଧ୍ୟରୁ ୧୩ଶ, ୧୯ଶ, ୨୨ଶ, ୭ମ, ୫ମ ଓ ୮ମ ନକ୍ଷତ୍ର—
The 13th, 19th, 22nd, 7th, 5th and 8th asterism in Hindu astrology.

ପୁରୁଷ ପରମ୍ପରା—ସଂ. ବି. (୬ଷ୍ଠୀ ତତ୍)—
Purusha paramparā ବଂଶ ପରମ୍ପରା; ବଂଶାନୁକ୍ରମ; ପୁରୁଷାନୁକ୍ରମ; ବଂଶର ଏକ ପୁରୁଷଠାରୁ ଅନ୍ୟ ପୁରୁଷଙ୍କ ପର୍ଯ୍ୟନ୍ତ ଏହିପରି କ୍ରମ—Successive generations.
ଦେ. କ୍ରି. ବିଣ—ପୁରୁଷପରମ୍ପରାକ୍ରମେ (ଦେଖ)
Purusha paramparā krame (See)

ପୁରୁଷ ପରମ୍ପରା କ୍ରମେ—ଦେ. କ୍ରି. ବିଣ—ବାପ ପରେ ପୁଅ ଓ ପୁଅ
Purusha paramparā krame ପରେ ନାତି ଏହିପରି କ୍ରମରେ—
From generation to generation; for successive generations.

ପୁରୁଷ ପରମ୍ପରା ଗତ—ସଂ. ବିଣ. (୫ମୀ ତତ୍; ପୁରୁଷ ପରମ୍ପରା+
Purusha paramparā gata ଗତ=ଆଗତ)—
ବହୁ ପୁରୁଷରୁ ଚଳି ଆସୁଥିବା—Transmitted through successive generation; traditional; hereditary.

ପୁରୁଷ ପଶୁ—ସଂ. ବି—ପଶୁ ପରି ଆଚରଣକାରୀ ପୁରୁଷ—
Purusha pasu A beastly man; a brutish person.

ପୁରୁଷ ପୁର—ସଂ. ବି. (ନାମ)—ପ୍ରାଚୀନ ଗାନ୍ଧାର ରାଜ୍ୟର ରାଜଧାନୀ;
Purusha pura ଆଧୁନିକ ପେଶାୱାର—
The ancient name of Peshawar.

ପୁରୁଷ ପ୍ରକୃତିକା ନାରୀ—ସଂ. ବି. ସ୍ତ୍ରୀ—ପୁରୁଷର ସ୍ୱଭାବବିଶିଷ୍ଟ ନାରୀ;
Purusha prakṛutikā nāri ଅଣ୍ଡିରାଚଣ୍ଡୀ—
A virago; an amazon.

ପୁରୁଷ ପ୍ରଧାନ—ସଂ. ବି—ଶ୍ରେଷ୍ଠ ବ୍ୟକ୍ତି —
Purusha pradhāna An eminent person.
(ପୁରୁଷ ଶ୍ରେଷ୍ଠ—ଅନ୍ୟରୂପ)

ପୁରୁଷବାର—ସଂ. ବି—(ହିନ୍ଦୁ ଜ୍ୟୋତିଷ ମତରେ) ରବି, ମଙ୍ଗଳ,
Purushabāra ବୃହସ୍ପତି ଓ ଶନିବାର (ହି. ଶବ୍ଦସାଗର)—
Sunday, Tuesday, Wednesday and Saturday of the week.

ପୁରୁଷ ବିହାର—ଦେ. ବି—ପୁରୁଷାଇତ (ଦେଖ)
Purusha bihāra Purushāita (See)

ପୁରୁଷ ବିହାର ହାର ଜଣେ କୁହ କର କଲ ବୋଲୁ କଲ ସେ ବାହାର ହାର ।
ଉକ୍ତ, ପ୍ରେମସୁଧାନିଧି ।

ପୁରୁଷ ମେଧ—ସଂ. ବି—ନରମେଧ; ଯେଉଁ ଯଜ୍ଞରେ ନର ବଳି ଦିଆ
Purusha medha ଯାଉଥିଲା—A vedic sacrifice in which a man was offered as a sacrifice.
[ଦ୍ର—ଏ ବୈଦିକ ଯଜ୍ଞ କରିବାକୁ କେବଳ ବ୍ରାହ୍ମଣ ଓ କ୍ଷତ୍ରିୟମାନେ ଅଧିକାରୀ ଥିଲେ । ଏ ଯଜ୍ଞ ଚୈତ୍ର ଶୁକ୍ଳ ଦଶମୀ ଦିନ ଆରମ୍ଭ ହୋଇ ୪୦ ଦିନରେ ସମାପ୍ତ ହେଉଥିଲା । ଯଜ୍ଞର ସମାପ୍ତି ପରେ ଯଜ୍ଞକର୍ତ୍ତା ବାନପ୍ରସ୍ଥାଶ୍ରମ ଗ୍ରହଣ କରୁଥିଲେ । ଏ ଯଜ୍ଞର ବିଧାନ ଶୁକ୍ଳ ଯଜୁର୍ବେଦର ୨୩ଶ ଅଧ୍ୟାୟରେ ଓ ଶତପଥ ବ୍ରାହ୍ମଣରେ ଅଛି । (ହି. ଶ.) ।]

ପୁରୁଷ ମେଧି—ଦେ. ବି.—ପୁରୁଷ ମେଧ (ଦେଖ)
Purusha medhi Purushamedha (See)

ପୁରୁଷ ମେଧି ଯଜ୍ଞ କରି,
ତା ଶୁଣି ବୋଲେ ନୃପବର । ଜଗନ୍ନାଥ. ଭାଗବତ ।

ପୁରୁଷ ରତି—ସଂ. ବି.—ପୁରୁଷାଇତ (ଦେଖ)
Purusha rati Purushāita (See)

ପୁରୁଷ ରାଶି—ସଂ. ବି —(ଜ୍ୟୋତିଷ) ମେଷ, ମିଥୁନ, ସିଂହ, ତୁଳା, ଧନୁ ଓ
Purusha rāśi କୁମ୍ଭ—The 6 signs of zodiac, viz— the ram (Aries); the twins (Gemini); the lion (Leo); the balance (Libra); the bow man (Sagitarius) and the pitcher (Aquarius.)

ପୁରୁଷ ଶାର୍ଦ୍ଦୂଳ—ସଂ. ବି.—ପୁରୁଷମାନଙ୍କ ମଧ୍ୟରେ ଶ୍ରେଷ୍ଠ; ଶ୍ରେଷ୍ଠପୁରୁଷ;
Purusha śārddula ପ୍ରଧାନ ଲୋକ—A distinguished man; a superior person; a lord amongst men; an excellent man.
[ଦ୍ର—ଶ୍ରେଷ୍ଠ ଅର୍ଥରେ କୁଞ୍ଜର, ପୁଙ୍ଗବ, ବ୍ୟାଘ୍ର, ସିଂହ, ନାଗ, ବୃଷଭ, କେଶରୀ ଆଦି ଉକ୍ତ ଜାତି ପ୍ରଧାନ ପଶୁ ଓ ପୁଣ୍ଡରୀକ (ପଦ୍ମ) ଶବ୍ଦ ଆଦି ନର ଓ ପୁରୁଷାଦି ଶବ୍ଦ ସଙ୍ଗରେ ବ୍ୟବହୃତ ହୁଏ ।]

ପୁରୁଷ ଶ୍ରେଷ୍ଠ—ସଂ. ବି.—(୭ମୀ ତତ୍; ପୁରୁଷ+ଶ୍ରେଷ୍ଠ) —ପୁରୁଷ ଶାର୍ଦ୍ଦୂଳ
Purusha śreshtha (ଦେଖ)—Purusha śārddula (See)

ପୁରୁଷସୂକ୍ତ—ସଂ. ବି. (ଋଗ୍ବେଦ ୧୦ମ ମଣ୍ଡଳର ନବତିତମ ସୂକ୍ତ)—
Purusha sūkta ବେଦୋକ୍ତ ଷୋଳ ଗୋଟି ମନ୍ତ୍ର—
16 mantras of the Vedas.
[ଦ୍ର—ଏହା ବିଶ୍ୱରୂପୀ ପରମ ପୁରୁଷଙ୍କର ସ୍ତବ ଅଟେ ।]

ପୁରୁଷା—ଦେ. ବି.—(ସଂ. ପୁରୁଷ ସ୍ଥଳରେ ଓଡ଼ିଆ ପଦ୍ୟ ଓ ଗୀତାଦିରେ
Purushā ବ୍ୟବହୃତ)— ମନୁଷ୍ୟ—Man.

ଜନମ ମରଣ ତରଷା, ଏହା ନ ଜାଣେ ପୁରୁଷା—ଭୁବଚନ ।

ପୁରୁଷାଇତ—ଦେ. ବି. (ସଂ. ପୁରୁଷାୟିତ)—ବିପରୀତ ରତି (ଯହିଁରେ ସ୍ତ୍ରୀ
Purushāita ପୁରୁଷ ଉପରେ ଉପବିଷ୍ଟା ହୁଏ)—Inverted sexual intercourse; a pose in copulation in which the woman plays the man.

ପୁରୁଷାଙ୍ଗ—ସଂ. ବି. (ମ. ପ. ଲୋ; ପୁରୁଷତା ଜ୍ଞାପକ ଅଙ୍ଗ)—ପୁଂ. ଚିହ୍ନ;
Purushāṅga ଲିଙ୍ଗ—The male organ; the penis.

ପୁରୁଷାଦ—ସଂ. ବି. (ପୁରୁଷ+ଅଦ୍ ଧାତୁ=ଖାଇବା+କର୍ତ୍ତୃ. ଅ)—
Purushāda ୧ । ନରମାଂସଭୋଜୀ ବ୍ୟକ୍ତି—1. Cannibal.
୨ । ରାକ୍ଷସ—2. A demon.

ପୁରୁଷାଦ୍ୟ—ସଂ. ବି. (୬ଷ୍ଠୀ ତତ୍; ପୁରୁଷ+ଆଦ୍ୟ)—୧ । ଆଦି ପୁରୁଷ;
Purushādya ବିଷ୍ଣୁ—1. Bishṇu.
୨ । ଆଦିନାଥ ନାମକ ଜୈନବିଶେଷ—
2. The name of a Jaina saint.
୩ । ରାକ୍ଷସ (ହି. ଶ.)—3. Demon.

ପୁରୁଷାଧମ—ସଂ. ବିଣ. (୭ମୀ ତତ୍; ପୁରୁଷ+ଅଧମ)—ନରାଧମ; ଅତି
Purushādhama ଘୃଣ୍ୟ (ବ୍ୟକ୍ତି)—Vile; base (person).

ପୁରୁଷାନୁକ୍ରମ—ସଂ. ବି.—ପୁରୁଷ ପରମ୍ପରା (ଦେଖ)
Purushānukrama Purusha paramparā (See)

ପୁରୁଷାନୁକ୍ରମେ—ଦେ. କ୍ରି. ବିଣ.—ପୁରୁଷପରମ୍ପରାକ୍ରମେ (ଦେଖ)
Purushānukrame Purusha paramparā krame (See)

ପୁରୁଷାୟିତ—ସଂ.ବି. (ପୁରୁଷ+ଆୟ+ଇତ)—୧ । ପୁରୁଷାଇତ (ଦେଖ)
Purushāyita 1. Purushāita (See)

ବିଜରେ ଯେ ସୁ:ଚିକ ପୁରୁଷାୟିତ । ଉକ୍ତ. ବୈଦେହୀଶବିଳାସ ।

୨ । ପୁରୁଷ ପରି କର୍ମ କରିବା—
2, Acting like a man (Apte).
୩ । ମନୁଷ୍ୟୋଚିତ ଆଚରଣ—
3 Manly conduct (Apte).

ପୁରୁଷାୟିତା—ସଂ. ବିଣ. ସ୍ତ୍ରୀ. (ପୁରୁଷ+ଆୟ+ଇତ; ଯେ ପୁରୁଷ
Purushāyitā ହୁଏ ସେ ପୁରୁଷ ପାଲଟିବା)—ରତି କାଳରେ ପୁରୁଷର ସ୍ଥାନ ଅଧିକାର କରିଥିବା (ସ୍ତ୍ରୀ)—(a woman) Playing the man during coitus.

ପୁରୁଷାୟୁଷ—ସଂ. ବି. (ପୁରୁଷ+ଆୟୁସ୍+ଅ)—ମନୁଷ୍ୟର ପୂର୍ଣ୍ଣ ପରମାୟୁ
Purushāyusha ଶହେ ବର୍ଷ (ହି. ଶ.)—A period of 100 years.

ପୁରୁଷାର୍ଥ—ସଂ. ବି. (ପୁରୁଷର ଅର୍ଥ = ପ୍ରୟୋଜନ)—୧ । ପୁରୁଷର
Purushārtha ପ୍ରୟୋଜନ ସାଧକ ବର୍ଗ ଚତୁଷ୍ଟୟ ଧର୍ମ, ଅର୍ଥ, କାମ ଓ ମୋକ୍ଷ—1. The 4 aims of human existence viz duty; riches; desire and final beatitude.
୨ । ମନୁଷ୍ୟ ଜୀବନର ଲକ୍ଷ୍ୟ—2. The summum bonum of human existence.
୩ । ସୁଖ—3. Happiness.
୪ । ମୁକ୍ତି—4. Salvation.
୫ । ସଂସାର—5. The world.
[ଦ୍ର—ସାଂଖ୍ୟ ମତରେ ତ୍ରିବିଧ ଦୁଃଖର ଅତ୍ୟନ୍ତ ନିବୃତ୍ତି (ମୋକ୍ଷ) ହିଁ ପରମ ପୁରୁଷାର୍ଥ । ପ୍ରକୃତି ପୁରୁଷାର୍ଥ ପାଇଁ ଜଗତ୍‌ର ସୃଷ୍ଟି କରୁଛି, କିନ୍ତୁ ପୁରୁଷ ପ୍ରକୃତିର ଧର୍ମକୁ ଆପଣାର ଧର୍ମ ବୋଲି ବିଶ୍ବର ଆପଣା ସ୍ବରୂପକୁ ଭୁଲିଯାଉଛି । ପୁରୁଷର ସ୍ବରୂପ ଜ୍ଞାନ ନ ହେବା ପର୍ଯ୍ୟନ୍ତ ପୁରୁଷ ପ୍ରକୃତିକୁ ଛାଡ଼ି ପାରେ ନାହିଁ । ପୁରାଣ ମତରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପୁରୁଷାର୍ଥ ଅଟେ । ଚାର୍ବାକ ମତରେ କାମିନୀ ସଙ୍ଗଜନିତ ସୁଖହିଁ ପୁରୁଷାର୍ଥ ଅଟେ—ହି. ଶ]
୬ । ପୁରୁଷକାର; ପୌରୁଷ; ଉଦ୍ୟମ (ହି. ଶ)
6. Manly exertion.
ତନୟା ପୁରୁଷାର୍ଥ ପଣରେ ନୁହଇଁ ।
କୃଷ୍ଣସିଂହ. ମହାଭାରତ. ବନ.
୭ । ବଳ; ଶକ୍ତି, ସାମର୍ଥ୍ୟ (ହି. ଶ)
7. Strength; potency.
ଦେ. ବି.—୧ । ବାହାଦୁରି; ପ୍ରଶଂସା—1. Credit; praise;
ଗୋଡ଼ାଇଲେ ପୁରୁଷାର୍ଥ ଅଟଇବା ପାଇଁ
କୃଷ୍ଣସିଂହ. ମହାଭାରତ. ଉଦ୍‌ଯୋଗ।
୩ । ପରିଶ୍ରମ—3. Labour.

ପୁରୁଷାର୍ଥୀ—ସଂ. ବିଣ. (ପୁରୁଷାର୍ଥ + ଇନ୍; ୧ମା ୧ବ) ୧ । ଉଦ୍‌ଯୋଗୀ;
Purushārthī ଉଦ୍ୟମୀ—1. Exerting.
୨ । ପରିଶ୍ରମୀ—2. Laborious.
୩ । ବଳୀ; ସାମର୍ଥ୍ୟବାନ୍—3 Strong; powerful.

ପୁରୁଷାଶୀ—ସଂ. ବି. ପୁଂ (ପୁରୁଷ + ଅଶ୍ ଧାତୁ + କର୍ତ୍ତୃ ଇନ୍; ୧ମା ୧ବ)
Purushāsī ୧ । ନରମାଂସ ଭକ୍ଷକ ବ୍ୟକ୍ତି—1. Cannibal.
(ପୁରୁଷାଶିନୀ—ସ୍ତ୍ରୀ) ୨ । ରାକ୍ଷସ—2. Demon.

ପୁରୁଷେ—ଦେ. ବିଣ.—ପୁରୁଷର ଉଚ୍ଚତାଠାରୁ ଏକ ହାତ ଉଚ୍ଚ ବା
Purushe ଗଭୀର—As high or deep as a man
ଏକପୁରୁଷ ऐकपूरुसा with his arms and fingers raised up.
(ଯଥା—ଏ ପୋଖରୀରେ ପୁରୁଷେ ପାଣି ଅଛି ।)
ଦେ. ବି.—ବଂଶର ଏକ ପୁରୁଷର ଜୀବିତ କାଳ—
Life-time of one generation.
(ଯଥା—ମିଶ୍ରବଂଶ ଜମିଦାରୀ ପୁରୁଷେ ମାତ୍ର ଭୋଗ କଲେ ।)

ପୁରୁଷୋତ୍ତମ—ସଂ. ବି. (ପୁରୁଷମାନଙ୍କ ମଧ୍ୟରେ ଉତ୍ତମ ବା ଶ୍ରେଷ୍ଠ)—
Purushottama ୧ । ପୁରୁଷଶ୍ରେଷ୍ଠ; ନରପୁଙ୍ଗବ—
1. Best of men; chief among men; an eminent man.
୨ । ଭଗବାନ୍, ବିଷ୍ଣୁ—2. Bishnu.
୩ । ଜୈନ ବିଶେଷ—3. Name of a Jaina Saint.
୪ । ଜଗନ୍ନାଥ କ୍ଷେତ୍ର; ଶ୍ରୀକ୍ଷେତ୍ର; ନୀଳାଚଳ ଧାମ; ପୁରୀ—
4. The town of Puri, the seat of Lord Jagannath.
କହିଲେ ସେ ପୁରୁଷୋତ୍ତମ
ନଟଂ ପ୍ରକାଶ ଅନୁପାମ. ଯଶୋବନ୍ତ—ପ୍ରେମଭକ୍ତି ବ୍ରହ୍ମଗୀତା.
୫ । ଶତ୍ରୁ ମିତ୍ର ଆଦିଙ୍କ ପ୍ରତି ସର୍ବଦା ଉଦାସୀନ; ନିଷ୍ପାପ ପୁରୁଷ (ହି. ଶ)
6. A sinless person who is indifferent alike to a friend or foe.
୬ । ମଳମାସ; ଅଧିମାସ (ହି. ଶ)
6. An intercalary month.

ପୁରୁଷୋତ୍ତମ ଦାସ—ଦେ. ବି.—(ନାମ)—ଜନୈକ ଓଡ଼ିଆ କବି—
Purushottama dāsa An Oriya poet.
[ଦ୍ର—ଏ କବି ଗଉଡ଼ କୁଳରେ ଜାତ ହୋଇଥିଲେ । 'ଗଙ୍ଗା-ମାହାତ୍ମ୍ୟ' ଏହାଙ୍କ ରଚିତ ପ୍ରଧାନ ଗ୍ରନ୍ଥ ଅଟେ ।]

ପୁରୁଷୋତ୍ତମ ଦେବ—ଦେ. ବି. (ନାମ)—ଉତ୍କଳର ସ୍ୱାଧୀନ ନରପତି—
Purushottama deba. An independent king of Utkal.
[ଦ୍ର—(ଖ୍ରୀ ୧୪୬୭—୧୪୯୭) କପିଳେନ୍ଦ୍ର ଦେବଙ୍କ ଉପପତ୍ନୀଙ୍କ ପୁତ୍ର । କପିଳେନ୍ଦ୍ରଙ୍କର ରାଣୀମାନଙ୍କ ଗର୍ଭରୁ ୧୮ ପୁତ୍ର ଜାତ ହୋଇଥିଲେହେଁ ଏହାଙ୍କ ଗୁଣରେ ମୁଗ୍ଧ ହୋଇ କପିଳେନ୍ଦ୍ର ଏହାଙ୍କୁ ଉପଯୁକ୍ତ ଉତ୍ତରାଧିକାରୀ ରୂପେ ମନୋନୀତ କରିଥିଲେ । କପିଳେନ୍ଦ୍ରଙ୍କ ପୁତ୍ରମାନେ ଏହାଙ୍କ ସଙ୍ଗେ ବିଦ୍ରୋହାଚରଣ କଲେ କିନ୍ତୁ ପୁରୁଷୋତ୍ତମ ଦେବ ସେମାନଙ୍କୁ ଦମନ କରିଥିଲେ ଓ ସେମାନଙ୍କ ଖଣ୍ଡିଏ ଖଣ୍ଡିଏ ରାଜ୍ୟ ଦେଇ ରାଜ୍ୟ ମଧ୍ୟରେ ସାମନ୍ତ ରାଜାରୂପେ ରଖାଇଦେଲେ । ସେ କାଞ୍ଚିରାଜ୍ୟ ଜୟ କରି କାଞ୍ଚିରାଜାଙ୍କ ଜେମା ପଦ୍ମାବତୀଙ୍କ ପାଣି ଗ୍ରହଣ କଲେ । ପୁରୁଷୋତ୍ତମ ଦେବ କର୍ଣ୍ଣାଟ ଜୟ କରିଥିଲେ; ବିଶେଷ ବିଦ୍ୟାନୁରାଗୀଥିଲେ । ଏ ନିଜେ ସଂସ୍କୃତରେ ପଣ୍ଡିତ ଥାଇ 'ତ୍ରିକାଣ୍ଡ ଶେଷ ନାମକ ସଂସ୍କୃତ ଅଭିଧାନ ରଚନା କରିଥିଲେ ଓ ତାଙ୍କର ସଭାପଣ୍ଡିତ ବିଶ୍ୱନାଥ ମହାପାତ୍ର 'ସାହିତ୍ୟ-ଦର୍ପଣ' ନାମକ ସଂସ୍କୃତ ଅଳଙ୍କାର ସମ୍ବନ୍ଧରେ ପ୍ରାମାଣିକ ଗ୍ରନ୍ଥ ରଚନା କରିଥିଲେ । ଏ ପୁରୀଜିଲ୍ଲାରେ ଶ୍ରୀପୁରୁଷୋତ୍ତମପୁର ଓ ଗାରପୁରୁଷୋତ୍ତମପୁର ଶାସନମାନ ବସାଇଥିଲେ ।
କୃପାସିନ୍ଧୁ—ଉତ୍କଳ ସାହିତ୍ୟ ଇତିହାସ ।]

ପୁରୁଷୋତ୍ତମ ପାତ୍ରୀ—ଦେ. ବି. (ନାମ)—ଜନୈକ ସଂସ୍କୃତ ଟୀକାକାର—
Purushottama pārdhi Name of an Oriya Commentator.
[ଦ୍ର—'ଅନାର୍ଘ୍ୟରାଘବ ଟୀକା' ଏହାଙ୍କ ରଚିତ ଗ୍ରନ୍ଥ—ତାରିଣୀ. ଉତ୍କଳ ସାହିତ୍ୟ ଇତିହାସ ।]

ପୁରୁଷୋତ୍ତମ ମାନଧାତା—ଦେ. ବି. (ନାମ)—ଜନୈକ ଉତ୍କଳୀୟ କବି-
Purushottama mānadhātā Name of an Oriya Raja and poet.
[ଦ୍ର—ଏ କବି ନବରଙ୍ଗ ରାଜ୍ୟର ରାଜାଥିଲେ । 'ଶୋଭାବତୀ' କାବ୍ୟର ପ୍ରଣେତା । ତାରିଣୀ. ଉତ୍କଳ ସାହିତ୍ୟ ଇତିହାସ ।]

ପୁରୁଷୋତ୍ତମ ମିଶ୍ର—ଦେ. ବି.—(ନାମ)—ଜଣେକ ଓଡ଼ିଆ କବି—
Purushottama miśra An Oriya poet.
[ଦ୍ର—ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗର କବି । 'ସଙ୍ଗୀତ ନାରାୟଣ' ପ୍ରଭୃତି ଗ୍ରନ୍ଥ ପ୍ରଣୟନ କରିଥିଲେ । ଜଗବନ୍ଧୁ—ପ୍ରାଚୀନ ଉତ୍କଳ ।]

ପୁରୁଷ୍କାର—ଦେ. ବି. (ପ୍ରାଚୀନ ପଦ୍ୟ)—ପୁରୁଷକାର (ଦେଖ)
Puruskāra Purushakāra (See)

ନାଶିଲା ନିଜ ପୁରୁଷ୍କାର
ଲୁଟେ କି କେହ୍ନ ଅହଙ୍କାର । ଜଗନ୍ନାଥ—ଭାଗବତ ।

ପୁରୁଷ୍ଟା(ଷ୍ଠା)—ଗ୍ରା. ବି. (ସଂ. ପୃଷ୍ଠ)—ପୃଷ୍ଠା (ଦେଖ)
Purushṭā(shṭhā) (ପୃଷ୍ଠା—ଅନ୍ୟରୂପ) Pṛushṭhā (See)

ପୁରୁହୁତ—ସଂ. ବିଣ. (ପୁରୁ+ହୁତ; ଯାହାଙ୍କ ଉଦ୍ଦେଶ୍ୟରେ ବହୁଲୋକ
Puruhuta ଯଜ୍ଞ କରନ୍ତି)—ପରମେଶ୍ୱର; ବିଷ୍ଣୁ—
Bishṇu; God.

ଯେ ବିଶ୍ୱକାୟ ପୁରୁହୁତ
ବିଶ୍ୱ ସର୍ଜ୍ଜନେ ଉପଗତ । ଜଗନ୍ନାଥ. ଭାଗବତ ।

ପୁରୁହୂତ—ସଂ. ବି. (ପୁରୁ=ବୈଚିତ୍ର୍ୟବିଶେଷ କର୍ତ୍ତୃକ+ହୂତ=ସ୍ୱବାର୍ଥ
Puruhūta ଆହୂତ)—ଇନ୍ଦ୍ର—Indra.

ପୁରୁହୂତି—ସଂ. ବି—୧ । (ସ୍ତ୍ରୀ) ଦାକ୍ଷାୟଣୀ (ହି. ଶ) (ଦେଖ)
Puruhūti 1. Dākshāyaṇi (See)
୨ । (ପୁଂ) ବିଷ୍ଣୁ (ହି. ଶ)—2. Bishṇu.

ପୁରୂ—ସଂ. ବିଣ—ପୁରୁ (ଦେଖ)
Purū Puru (See)

ପୁରୂବସୁ—ସଂ. ବିଣ. (ପୁରୂ+ବସୁ ଯାହାର; ବହୁବ୍ରୀହି)—
Purūbasu ମହାଧନୀ; ବହୁଧନଶାଳୀ—
Very rich; rolling in riches.

ପୁରୂରବା—ସଂ. ବିଣ (ପୁରୁ+ରୁ ଧାତୁ=ଶବ୍ଦ କରିବା, ଫଳ ଦେବା+
Purūrabā ଅସ୍)—ପୁରୂରବସ୍ ଶବ୍ଦ ୧ମା. ୧ବ.)—ବହୁ ଫଳ-
(ପୁରୋରବା—ଅନ୍ୟରୂପ) ଦାତା, ବରଦାତା—Granting
manifold boons or blessings.
ସଂ. ବି.—୧ । କୁବେର—1 Kubera.
୨ । ବୁଧପୁତ୍ର ଚନ୍ଦ୍ରବଂଶୀୟ ରାଜା—2. A king of the lunar dynasty; the hero of Kālidas's play Bikramorbaśi.

ତାହାଙ୍କୁ ଦେଖି ଗୁଣ ଧାମ,
ହୋଇଲ ସେ ପୁରୂରବା ନାମ । ଜଗନ୍ନାଥ. ଭାଗବତ ।

[ଦ୍ର—ଏ ଉର୍ବଶୀ ଅପ୍ସରାଙ୍କ ସଙ୍ଗେ ବହୁକାଳ ସୁଖରେ ବିହାର କରିବା ପରେ ମୁନିଙ୍କ ଶାପରୁ ତାଙ୍କର ପ୍ରିୟାବିଚ୍ଛେଦ ଘଟିଥିଲା । ଏ କାଳିଦାସଙ୍କର 'ବିକ୍ରମୋର୍ବଶୀ' ନାଟକର ପ୍ରଧାନ ବୀର । ଚନ୍ଦ୍ରଙ୍କ ଔରସରେ ବୃହସ୍ପତିଙ୍କ ସ୍ତ୍ରୀ ତାରାଙ୍କ ଗର୍ଭରୁ ବୁଧ ଜନ୍ମିଥିଲେ ଓ ବୁଧ ଚନ୍ଦ୍ରବଂଶର ଆଦି ପୁରୁଷ ଥିଲେ । ବୁଧଙ୍କର ଇଲାଙ୍କ ସଙ୍ଗେ ବିବାହ ହେଲା ଓ ଇଲାଙ୍କ ଗର୍ଭରୁ ପୁରୂରବା ଜନ୍ମିଲେ । ପୁରୂରବା ଅତି ରୂପବାନ୍, ବୁଦ୍ଧିମାନ୍ ଓ ପରାକ୍ରମୀ ଥିଲେ । ଶାପବଶତଃ ଉର୍ବଶୀ ଭୂଲୋକକୁ ଆସିଥିବା ଅବସ୍ଥାରେ ପୁରୂରବା ଉର୍ବଶୀଙ୍କ ରୂପରେ ମୋହିତ ହୋଇ ତାଙ୍କୁ ବିବାହ କରିବାକୁ କହିଲେ । ଉର୍ବଶୀ ୩ଟି ସର୍ତ୍ତରେ ତାଙ୍କୁ ବିବାହ କଲେ, ଯଥା—୧ । ପୁରୂରବାଙ୍କୁ ଉର୍ବଶୀ କେବେହେଲେ ନଗ୍ନ ଅବସ୍ଥାରେ ଦେଖିବେ ନାହିଁ, ୨ । ଉର୍ବଶୀ କାମାଶକ୍ତା ନ ହେଲେ ପୁରୂରବା ତାଙ୍କୁ ସଙ୍ଗମ କରିବେ ନାହିଁ, ୩ । ଉର୍ବଶୀଙ୍କ ପଲଙ୍କ ପାଖରେ ସର୍ବଦା ୨ଟି ମେଣ୍ଢା ବନ୍ଧା ରହିବେ । ଉର୍ବଶୀଙ୍କ ଶାପ ମୋଚନ ଲାଗି ଜଣେ ଗନ୍ଧର୍ବ ଆସି ରାଜା ଓ ଉର୍ବଶୀ ଶୋଇଥିଲା ବେଳେ ମେଣ୍ଢା ଦୁଇଟିଙ୍କୁ ବଳ-ପୂର୍ବକ ନେଇ ଗଲେ । ରାଜା ସେହି ସମୟରେ ନଗ୍ନ ଅବସ୍ଥାରେ ଶୋଇଥିଲେ; ଗନ୍ଧର୍ବ ହଠାତ୍ ମେଣ୍ଢା ନେଇ ଯିବାରୁ ରାଜା ଲୁଗା ପିନ୍ଧିବାକୁ ସମୟ ନ ପାଇ ମେଣ୍ଢାକୁ ଉଦ୍ଧାର କରିବାକୁ ଧାଇଁଲେ ଓ ତାଙ୍କ ନଗ୍ନଶରୀର ଉର୍ବଶୀଙ୍କ ଦୃଷ୍ଟିଗୋଚର ହେଲା ଓ ଉର୍ବଶୀ ରାଜାଙ୍କୁ ଛାଡ଼ି ସ୍ୱର୍ଗକୁ ଚାଲିଗଲେ । ରାଜା ବହୁ ବିଳାପ କରି ଉର୍ବଶୀଙ୍କୁ ଖୋଜିଲେ କିନ୍ତୁ ପାଇଲେ ନାହିଁ । ଦିନେ ରାଜା ବୁଲୁ ବୁଲୁ କୁରୁକ୍ଷେତ୍ର ନିକଟରେ ଉର୍ବଶୀଙ୍କୁ ଦେଖିଲେ । ଉର୍ବଶୀ ରାଜାଙ୍କ ଔରସରେ ଗର୍ଭବତୀ ହୋଇଥିବାର ପ୍ରକାଶ କରି ପୁତ୍ରମାନେ ଜନ୍ମ ହେଲେ । ପୁତ୍ରମାନଙ୍କୁ ଯେନି ରାଜାଙ୍କ ନିକଟକୁ ଆସି ଏକରାତ୍ରି ମାତ୍ର ତାଙ୍କ ସଙ୍ଗେ ରହିବାର କହି ଚାଲିଗଲେ । ଉର୍ବଶୀ କାଳକ୍ରମେ ୭ଟି ପୁତ୍ର ଜନ୍ମ କରି ଏକରାତ୍ର ମାତ୍ର ରାଜାଙ୍କ ନିକଟ ଆସି ପୁଣି ସ୍ୱର୍ଗକୁ ଚାଲିଗଲେ । ଗନ୍ଧର୍ବ ପୁରୂରବାକୁ ଗୋଟିଏ ଅଗ୍ନି ପୂର୍ଣ୍ଣ ସ୍ଥାଲୀ ଦେଲେ । ସେହି ଅଗ୍ନିରେ ରାଜା ବହୁ ଯଜ୍ଞ କଲେ । ପୁରୂରବାଙ୍କ ରାଜଧାନୀ ଗଙ୍ଗାତଟବର୍ତ୍ତୀ ପ୍ରୟାଗରେ ଥିଲା । ଉକ୍ତ ରାଜଧାନୀର ନାମ ପ୍ରତିଷ୍ଠାନପୁର ଥିଲା—ହି. ଶ. ।]

୩ । ବିଶ୍ୱଦେବ (ହି. ଶବ୍ଦସାଗର)—
3. Biśwadeba Deity.
୪ । ପାର୍ବଣ ଶ୍ରାଦ୍ଧରେ ଅର୍ଚ୍ଚିତ ଦେବବିଶେଷ—4. Name of a Deity worshipped in the Pārbaṇa śrāddha.

ପୁରେ—ପ୍ରାଦେ. (ଭଡ଼ିଭାଷା) ଅ—ସମ୍ମୁଖରେ, ନିକଟରେ—
Pure Before.

ପୁରେଇ(ହି)ତ (ଇତ୍ୟାଦି)—ଗ୍ରା. ବି—ପୁରୋହିତ ଇତ୍ୟାଦି (ଦେଖ)
Purei(hi)ta (etc) Purohita etc (See)

ପୁରେ ପୁରେ—ଦେ. (ପଦ୍ୟ) କ୍ରି. ବିଣ—ପ୍ରତିପୁରରେ; ପ୍ରତିଗୃହରେ—
Pure pure In every house.

ବେ କହୁ ଛଡ ତାହାଙ୍କର
ଆନନ୍ଦ କଲେ ପୁରେପୁର । ଜଗନ୍ନାଥ. ଭାଗବତ ।

ପୁରେନ୍—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ପୁରଇନ୍; ପୁରୈନ=
Puren ପଦ୍ମ; ସଂ. ପୁଟକିନୀ)—ପଦ୍ମଫୁଲ—Lotus.

ପୁରେଲେ—ପ୍ରାଦେ. (ଭଡ଼ିଭାଷା) ଅ—ଆଗରେ; ସମ୍ମୁଖରେ—
Purele In front.

ପୁରୋଇବା—ଦେ. (ପ୍ରାଚୀନ ପଦ୍ୟ) କ୍ରି. (ସଂ. ପୃ ଧାତୁ)—
Puroibā ପୁରାଇବା (ଦେଖ)—Purāibā (See)

ରବ ଭୁ ମନରେ ପୁରୋଇ । ଯଶୋବନ୍ତ. ପ୍ରେମଭକ୍ତିଗୀତା ।

ପୁରୋଗ—ସଂ. ବିଣ. (ପୁରସ୍=ଆଗରେ+ଗମ୍ ଧାତୁ+ଅ)—
Puroga ୧ । ଅଗ୍ରଗାମୀ; ବାଟ କଢ଼ାଉଥିବା—
ପୁରୋଗମ } ଅନ୍ୟରୂପ 1. Going in front; leading.
ପୁରୋଗାମୀ }
୨ । ପ୍ରଧାନ; ଶ୍ରେଷ୍ଠ; ସର୍ବୋତ୍କୃଷ୍ଟ—
2. Chief; best; pre-eminent.
୩ । ଆଗରୁ ଯାଉଥିବା—3. Going before; preceeding.

ପୁରୋଗତ—ସଂ. ବଣ. (ପୁରସ୍+ଗତ)—
Purogata ୧ । ଅଗ୍ରଗତ; ଯେ ଆଗରେ ଯାଇଅଛି—
(ପୁରୋଗତ—ଅନ୍ୟରୂପ) 1. Gone before; preceded.
(ପୁରୋଗତା—ସ୍ତ୍ରୀ) ୨ । ପ୍ରଧାନ—2. Chief.
୩ । ବାଟ କଢ଼ାଉଥିବା—3. Leading.

ପୁରୋଗମନ—ସଂ. ବ. (କର୍ମଧା; ପୁରସ୍+ଗମନ)—୧ । ଆଗରେ ଯିବା—
Purogamana 1. Precedence.
(ପୁରୋଗାମ—ଅନ୍ୟରୂପ) ୨ । ନେତୃତ୍ୱ—2. Lead.
୩ । (ବହୁବ୍ରୀହି) କୁକୁର—3. The Dog.

ପୁରୋଚନ—ସଂ. ବ. (ନାମ)—୧ । ଜତୁ ଗୃହରେ ପାଣ୍ଡବମାନଙ୍କୁ ଦହନ
Purochana କରିବା ପାଇଁ ଦୁର୍ଯ୍ୟୋଧନଙ୍କ ନିଯୁକ୍ତ ଯବନ ମନ୍ତ୍ରୀ—
1. Name of a minister engaged by Durjyodhana to have the Pāndabas burnt in the lac house (but in which he was himself burnt).
[ଦ୍ର—ପାଣ୍ଡବମାନଙ୍କ ଜତୁଗୃହରେ ନିଆଁ ଲଗାଇବା ପାଇଁ ଦୁର୍ଯ୍ୟୋଧନ ପୁରୋଚନଙ୍କୁ ନିଯୁକ୍ତ କରିଥିଲେ । କିନ୍ତୁ ଭୀମସେନ ଭାଇମାନଙ୍କୁ ଓ ମାତାଙ୍କୁ ସଙ୍ଗେ ନେଇ ନିଆଁ ଲାଗିବା ପୂର୍ବରୁ ଜତୁଗୃହରୁ ଚାଲିଗଲେ ଏବଂ ପୁରୋଚନର ବାସ ଗୃହରେ ନିଆଁ ଲଗାଇ ଦେଲେ । ପୁରୋଚନ ଆପଣା ଘରେ ନିଆଁରେ ପୋଡ଼ି ମରିଥିଲା—ହି. ଶ ।]
୨ । ବଳ ବା ଉତ୍ସର୍ଗବିଶେଷ—
2. Name of a certain offering or oblation.
୩ । ହୋମମନ୍ତ୍ରବିଶେଷ—2. Name of a certain mystic formula recited while offering oblations to fire.

ପୁରୋଜନ୍ମା—ସଂ. ବ. (ବହୁବ୍ରୀହି; ପୁରସ୍+ଜନ୍ମନ୍; ପୁରୋଜନ୍ମନ୍ ଶବ୍ଦ
Purojanmā ୧ମା. ୧ବ)—ଅଗ୍ରଜ; ବଡ଼ଭାଇ—
Elder brother.

ପୁରୋଡ଼ା—ସଂ. ବ. (ପୁରସ୍=ଅଗ୍ରେ+ଦାଶ୍ ଧାତୁ=ଦାନ କରିବା
Purordā +କର୍ମ. ଅଣ୍; ଯାହା ପ୍ରଥମେ ଯଜ୍ଞରେ ଦିଆଯାଏ)—
ପୁରୋଡ଼ାଶ୍ / ପୁରୋଡ଼ାଶ } ଅନ୍ୟରୂପ ୧ । ହବି; ଘୃତ; ସଞ୍ଚିତ ଘୃତ—
1. Ghee; clarified butter offered to fire.
୨ । ହବିର୍ଭାଗ; ଚରୁ; ଘିଅ ସଙ୍ଗେ ହୋମାଗ୍ନିରେ ଦିଆଯିବା ମିଷ୍ଟାନ୍ନ—2 Sweetmeat offered with ghee unto the fire.

ଶ୍ରୋମାନେ କପାଳ ମୁଣ୍ଡ ପୁରୋଡ଼ାଶ
ଦ୍ରୋଣ କୃପ ଶିଷ୍ୟେ ହୋଇବେ ଯେ ସଦସ୍ୟ ।
କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।

୩ । ଯବଚୂର୍ଣ୍ଣ ନିର୍ମିତ ରୁଟି—
3. Roll of bread made of barley flour.
୪ । ମାଳପୁଆ—4. A pastry cake fried in ghee.
୫ । ପିଷ୍ଟକ ଭଜିବା; ଭାଲୁ ଚଟୁ—
5. A sort of ladle used in frying cakes.
୬ । ହୁତଶେଷ—
6. The orts or leavings of a sacrifice.
୭ । ଯଜ୍ଞରେ ବଳି ଦିଆଯିବା ପଶୁର ଅବୟବ—
7. The limbs of a victim offered in sacrifice.
୮ । ଯଜ୍ଞପାଇଁ ପୁରୋଡ଼ା ପ୍ରସ୍ତୁତ କରିବା ସମୟରେ ଉଚ୍ଚାରିତ ମନ୍ତ୍ର (ହି. ଶ)—1. Vedic formula recited while preparing the sweetmeat for a sacrifice.

ପୁରୋଡ଼ାଶ୍ୟ—ସ. ବଣ—(ପୁରୋଡ଼ାଶ+ଯ)—ହବିର୍ଯୋଗ୍ୟ; ହବି ସହିତ
Purordāsya ଅଗ୍ନିରେ ଦିଆଯିବା ଯୋଗ୍ୟ—Fit to be offered into the sacrificial fire.

ପୁରୋଦ୍ଭବ—ସ. ବଣ. ପୁଂ—(ପୁରସ୍=ଅଗ୍ରେ+ଉଦ୍ଭବ)—ପୂର୍ବେ ଜାତ—
Purodbhaba Born before; of prior orgine.
(ପୁରୋଦ୍ଭବ—ଅନ୍ୟରୂପ) (ପୁରୋଦ୍ଭବା—ସ୍ତ୍ରୀ)

ପୁରୋଧା—ସ. ବ—(ପୁରସ୍=ପ୍ରଥମେ+ଧା ଧାତୁ=ଧାରଣ କରିବା+
Purodhā ଅସ୍; ପୁରୋଧସ୍ ଶବ୍ଦ; ୧ମା. ୧ବ)—ପୁରୋହିତ
ପୁରୋଧ / ପୁରୋଧାମାସ୍ } ଅନ୍ୟରୂପ ଯଜ୍ଞାଦିରେ ମନ୍ତ୍ରାଦି ଉଚ୍ଚାରଣ କରିବା ବ୍ରାହ୍ମଣ—A priest officiating at sacrifices.

ପୁରୋବର୍ତ୍ତୀ—ସ. ବଣ. ପୁଂ—(ପୁରସ୍+ବୃତ୍ ଧାତୁ+ଇନ୍; ୧ମା. ୧ବ)-
Purobartti ଅଗ୍ରବର୍ତ୍ତୀ; ସମ୍ମୁଖେ ସ୍ଥିତ—Placed before or in front
(ପୁରୋବର୍ତ୍ତିନୀ—ସ୍ତ୍ରୀ)

ପୁରୋଭାଗ—ସ. ବ—(ପୁରସ୍+ଭାଗ)—ସାମନା ଅଂଶ—
Purobhāga Front part.

ପୁରୋଭାଗୀ—ସ ବଣ—(ପୁରସ୍+ଭଜ୍ ଧାତୁ=ସେବା କରିବା+ଇନ୍)-
Purobhāgi ୧ । କେବଳ ଦୋଷଦର୍ଶୀ; ଦୋଷଗ୍ରାହୀ—
(ପୁରୋଭାଗିନୀ—ସ୍ତ୍ରୀ) 1. Censorious; fault-finding.
୨ । ପ୍ରଥମେ ଅଂଶ ପାଇବାର ଯୋଗ୍ୟ—
2. Fit to get the first share.

ପୁରୋହିତ—ସଂ. ବ—(ପୁରସ୍=ପ୍ରଥମେ+ଧା ଧାତୁ=ଧାରଣ କରିବା+
Purohita ତ)—୧ । ଋତ୍ୱିକ; ପୁରୋଧା; ଯେଉଁ ବ୍ୟକ୍ତି ଯଜମାନଙ୍କ ଯଜ୍ଞ କର୍ମ କରାଇବାକୁ ନିଯୁକ୍ତ ହୁଅନ୍ତି; ପ୍ରଧାନ ଯାଜକ—1. Priest; a priest who is apppointed to officiate at ceremonies.
୨ । ଗୃହସ୍ଥର ଗାର୍ହସ୍ଥ୍ୟ ଦୈନିକ ଅନୁଷ୍ଠାନରେ ନିଯୁକ୍ତ ବ୍ରାହ୍ମଣ—
2. Domestic chaplain
ଦେ. ବ—ବ୍ରାହ୍ମଣମାନଙ୍କ ଉପାଧି ବିଶେଷ—
A family title of Brāhmana.

ପୁରୋହିତ ଦକ୍ଷିଣା—ସ. ବ—(ମ. ପ. ଲୋ; ପୁରୋହିତ+ଦକ୍ଷିଣା)—
Purohita dakshinā ପୁରୋହିତ ବିଦାକି (ଦେଖ)—
Purohita bidāki (See)

ପୁରୋହିତ(ତି)ପିଣ୍ଡା—ଦେ. ବ—(ସ. ପୁରୋହିତ ଓ ପରିଧାନ)—
Purohita(ti)pindhā ହୋମାଦି କାର୍ଯ୍ୟରେ ପୁରୋହିତଙ୍କୁ ଦିଆଯିବା ନୂତନ ବସ୍ତ୍ର—New cloth presented to the officiating priest at a ceremony.

ପୁରୋହିତ ବିଦାକି—ଦେ. ବି—ହୋମାଦି କାର୍ଯ୍ୟରେ ପୁରୋହିତଙ୍କୁ ଦିଆ-
Purohita bidāki ଯିବା ପାରଶ୍ରମିକ ବା ଉପହାର—
Remuneration or gift made to the officiating priest.

ପୁରୋହିତି—ଦେ. ବି—(ସଂ. ପୌରୋହିତ୍ୟ)—୧ । ପୌରହିତ୍ୟ—
Purohiti 1 The state of being the officiating priest.
ପୁରୁତ୍‌ଗିରି पिरोहिताइ
୨ । ପୁରୋହିତଙ୍କ କାର୍ଯ୍ୟ—
2. Priestly function; priesthood.

ପୁରୋହିତିଆ—ଦେ. ବିଣ—୧ । ପୁରୋହିତ ସମ୍ବନ୍ଧୀୟ—
Purohitiā 1. Priestly.
ପୁରୁତିଆ ୨ । ପୁରୋହିତଙ୍କୁ ଦିଆଯିବା ଯୋଗ୍ୟ—
पिरोहितिया 2. Fit to be given away to a priest.
[ଦ୍ର—ଆଜିକାଲି ଦେଖାଯାଏ ଯେ ଉତ୍ସବ ଆଦିରେ ପୁରୋହିତଙ୍କୁ ଯାହା ଦିଆଯିବାର ବ୍ୟବସ୍ଥା ଥାଏ ଲୋକେ ନୀରସ ଜିନିଷ ଦିଅନ୍ତି, ଯଥା—ଲୁଗା ସ୍ଥଳରେ କଉଆ, ସ୍ୱର୍ଣ୍ଣ ସ୍ଥଳରେ ଦୁଇ ଗୁର ଅଣ ମୂଲ୍ୟର ଟିକିଏ ସୁନା ; ଏଥିପାଇଁ ଲୋକେ କହନ୍ତି ଏହା ପୁରୋହିତିଆ ବା ପୁରୋହିତଙ୍କୁ ଦାନ ଦିଆଯିବା ଉପଯୁକ୍ତ ଜିନିଷ ହୋଇଅଛି ।]

ପୁରୋହିତିଆଣୀ—ଦେ. ବି—ପୁରୋହିତଙ୍କ ସ୍ତ୍ରୀ—
Purohitiāṇi The wife of a Purohita.
ପୁରୁତାନୀ पुरोहितानी

ପୁର୍ଜା—ବୈଦେ. ବି—ପରୁଜା (ଦେଖ)—
Purjā Purujā (See)

ପୁର୍ଥି—ପ୍ରାଦେ (ସମ୍ବଲପୁର) ଅ—ପୃଥିବୀ (ଦେଖ)
Purthi Purthi (See)
ଗ୍ରା. ବି (ସଂ. ପୃଥ୍ୱୀ)—ପୃଥିବୀ—The earth.

ପୁର୍ନି—ପ୍ରାଦେ (ମେଦିନୀପୁର) ବି—ପୁନର୍ନବା (ଦେଖ)—
Purni Punarnabā (See)

ପୁର୍ରା—ପ୍ରାଦେ (ସମ୍ବଲ ପୁର) ବି—ମଇଁଷି ଛୁଆ—
Purrā A young buffalo.

ପୁର୍ଷ—ଗ୍ରା. ବି—(ପ୍ରାଚୀନ ପ୍ରୟୋଗ)—ପୁରୁଷ—
Pursha Purusha.
ଦେବମାନଙ୍କେ ବ୍ରହ୍ମବରେ ସାର
ଅସ୍ତାପୂର୍ଷ ଏ ଦଶ ଅବତାର – ପ୍ରାଚୀ. ପରଜେ ଗୀତା ।

ପୁଲ୍‌ଟିସ୍—ବୈଦେ. ବି—(ଇଂ)—ବ୍ରଣ ବା ଘା ଆଦି ଉପରେ ଦିଆଯିବା
Pultis ପଟ୍ଟ ବା ପ୍ରଲେପ—Poultice.
(ପୁଲ୍ଟିସ୍—ଅନ୍ୟରୂପ) ପୁଲ୍‌ଟିସ पुलटीस

ପୁଲ୍‌ଟିସ୍ ଚଢ଼ା(ଢେ)ଇବା—ଦେ. କ୍ରି—ବ୍ରଣ ଆଦି ଉପରେ ମେଥି ଆଦି
Pultis chardhā(rdhe)ibā ବାଟି ଉଷୁମ କରି ମୋଟ ପିଠାପରି
(ପୁଲ୍ଟିସ୍ ଦେବା—ଅନ୍ୟରୂପ) କରି ଲଦି ଦେବା—
ପୁଲ୍‌ଟିସ୍ ଚଢ଼ାନ पुलटीस चढ़ाना To poultice.

ପୁଲ(ଲ) (ଧାତୁ)—ସଂ—୧ । ଉନ୍ନତ ହେବା—
Pula(la)(root) 1. To be high.
୨ । ବୃଦ୍ଧି ପାଇବା—2 To increase.
୩ । ଠିଆ ହେବା—3. Stand up.
୪ । ଏକତ୍ର ବା ସଂଗୃହୀତ ହେବା—4. To be gathered or collected together.
୫ । ଟାଣିବା—5. To draw or pull out.

ପୁଲ—ସଂ. ବି.—(ପୁଲ୍ ଧାତୁ + ଅ.)—୧ । ପୁଲକ; ରୋମାଞ୍ଚ—
Pula 1. The hairs of the body standing on end; horripilation.
୨ । ଗଦା; ରାଶି; (ହେ. ଶ.)—2. Mass.
ବିଣ.—୧ । ବିପୁଳ; ବୃହତ୍—
1. Vast; grand.
୨ । ବିସ୍ତୃତ—2. Extensive.
ପ୍ରାଦେ. (ବାଲେଶ୍ୱର ବି—ପୋଲ (ଦେଖ) Pola (See)

ପୁଲକ—ସଂ. ବି—(ପୁଲ୍ ଧାତୁ + ଭାବ. ଅକ)—୧ । ରୋମାଞ୍ଚ;
Pulaka ରୋମୋଦ୍‌ଗମ; ବିଶେଷ ଆନନ୍ଦ ହେତୁ ରୋମ ଟାଙ୍କୁର ଉଠିବା—1. Horripilation; the hairs of one's body standing on the ends (through delight or sudden thrill of joy); the bristling of furs of the body symptomatic of extreme delight or thrill.
୨ । ବିଶେଷ ଆନନ୍ଦ; ହର୍ଷ—2. Thrill of joy.
୩ । ମଣିବିଶେଷ—3. A kind of gem.
[ଦ୍ର—ଏ ମଣି ଭାରତର କେତେକ ସ୍ଥାନରେ ଖଣିରେ ମିଳେ । ରାଜପୁତନାରୁ ମିଳିବା ମଣି ଉତ୍କୃଷ୍ଟ ବିବେଚିତ ହୁଏ । ଦାକ୍ଷିଣାତ୍ୟର ବିଶାଖାପଟଣା, ଗୋଦାବରୀ, ତ୍ରିଚିନାପଲ୍ଲୀ ଓ ଉନାବାଲି ଜିଲ୍ଲାମାନଙ୍କରେ ଏହା ମିଳେ । ଏହା ଅନେକ ବର୍ଣ୍ଣର ମିଳେ, ଯଥା—ଧଳା, ସାବଜା, ହଳଦିଆ, ନାଲି, କଳା ଓ ଛପଛପକିଆ । ଏ ମଣିଦ୍ୱାରା ମାଣିକ ଓ ନୀଳା କଟାଯାଇ ପାରେ—ହି. ଶ ।]
୪ । ଜୀବଙ୍କ ଦେହରେ ଲାଗିବା ପୋକ—
4. Worms attacking the body of animals.
୫ । ଗଜାଲପିଣ୍ଡ; ହାତୀଙ୍କୁ ଖାଇବାକୁ ଦିଆଯିବା ଲୁଚାରେ ବନ୍ଧା ହୋଇଥିବା ଶସ୍ୟାଦିର ପିଣ୍ଡୁଳା—5. A rolled ball of grain or sweets with which an elephant is fed.
୬ । ହରିତାଳ—6. Yellow orpiment.
୭ । ପାନପାତ୍ର—7. Goblet; drinking cup; wine glass.
୮ । ଗନ୍ଧର୍ବବିଶେଷ—8. Name of a heavenly chorister or musician.
୯ । କବାଟ ପଟାରେ ମରାଯିବା ଛତିବାଲା କଣ୍ଟା—
9. Iron knobs struck on a door leaf.
୧୦ । କଙ୍କୁଷ୍ଠ; ପାର୍ବତୀୟ ମୃତ୍ତିକାବିଶେଷ (ଧଳା ବା ହଳଦିଆ ରଙ୍ଗର)—10. Name of a mountainous soil of silvery or golden colour.
୧୧ । ରତ୍ନର ଦୋଷବିଶେଷ (ହେ· ଶ)—
11. A particular defect in gems.

୧୨ । ମଦ୍ୟପାତ୍ରବିଶେଷ (ହ୍ର. ଶ)—
12. A kind of wine cup.
୧୩ । ଏକପ୍ରକାର ଗେରୁ (ହ୍ର. ଶ)—
13. A kind of red chalk.
୧୪ । ଏକପ୍ରକାର ସୋରଷ (ହ୍ର. ଶ)—
14. A kind of mustard (Apte).
ଦେ. ବି—ସମୂହ—Multitude.
ବାମ ଲୋଚନ ତୁ ରିତା ବାମ ମୋଚନ ତଥାଭା
ପାଶ୍ର୍ୱ ପୁଲକ ପୁଲକ କପୋଳେ ଧରି । ଉପ. ବୈଦେହୀଶବିଳାସ ।
ବିଣ—ପୁଲକିତ (ଦେଖ)—Pulakita (See)
ପୁଲକ ହୋଇ ବୃକ୍ଷ ପତ୍ର
ସ୍ୱର୍ଗେ ଦେବତା କଲେ ସ୍ତୁତ । ଜଗନ୍ନାଥ. ଭାଗବତ ।

ପୁଲକ ଜାଲକ—ସଂ. ବି. (୬ଷ୍ଠୀ ତତ୍; ପୁଲକ+ଜାଲକ)—
Pulaka jālaka ବହୁରୋମୋଦ୍ଗମ; ଦେହର ନାନାସ୍ଥାନରେ ପୁଲକୋଦ୍ଗମ—Horripilation throughout the body.
ପୁଲକଜାଳକ ଗୁହ୍ନି ଯେ ଅତ୍ୟ ବହୁଳ ବେଗେ ।
ଉପ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ପୁଲକା(କେ)ଇବା—ଦେ. କ୍ରି—୧ । ପୁଲକିବା କ୍ରିୟାର ଣିଜନ୍ତରୂପ—
Pulakā(ke)ibā 1. The causative form of Pulakibā.
[ପୁଳୁକା(କେ)ଇବା—ଅନ୍ୟରୂପ] ୨ । ଅନ୍ୟର ଦେହରେ ପୁଲକ ବା ରୋମୋଦ୍ଗମ କରାଇବା—2. To cause horripilation.
୩ । ଅତ୍ୟନ୍ତ ପୁଲକିତ ବା ହର୍ଷୋତ୍ଫୁଲ୍ଲ କରିବା—
3. To cause a thrill of joy.
୪ । ପୁଲକିତ ହେବା—4. To have a thrill of joy; to have horripilation.

ପୁଲକାଙ୍ଗ—ସଂ. ବି. (ବହୁବ୍ରୀହି; ଯାହା ଅଙ୍ଗରେ ପୁଲକ ଜନ୍ମାଏ)—
Pulakānga ବରୁଣ ଦେବତାଙ୍କ ପାଶାସ୍ତ୍ର—The noose of God Baruna.

ପୁଲକିତ—ସଂ. ବିଣ. (ପୁଲକ+ଇତ)—୧ । ରୋମାଞ୍ଚିତ; ପୁଲକଯୁକ୍ତ—
Pulakita 1. With hairs standing on end or bristling.
(ପୁଲକିତା—ସ୍ତ୍ରୀ)
(ପୁଳୁକିତ—ଅନ୍ୟରୂପ) ୨ । ଆହ୍ଲାଦିତ; ପରମାନନ୍ଦିତ—
2. Filled with joy; extremely delighted; feeling a thrill of joy; enraptured.
୩ । (ପୁଷ୍ପାଦି)—ପ୍ରସ୍ଫୁଟିତ—3. Full blown (flower).

ପୁଲ(ଲୁ)କିବା—ଦେ. କ୍ରି. (ସଂ. ପୁଲକ)—୧ । ଦେହ ରୋମାଞ୍ଚିତ ହେବା; ଲୁମ ଠାକୁର ଉଠିବା; ପୁଲକିତ ହେବା—
Pula(lu)kibā 1. To have one's hairs standing on ends.
ପୁଲକା, ପୁଲକାନ
ପୁଲକନା (ପୁଲ[ଲୁ]କି ଉଠିବା—ଅନ୍ୟରୂପ)
ପୁଲକିତ ପଲ ବଡାନେ ଅନାଇ ପୁଲକ ଉଠଇ ହୃଅ—
ସାନନ୍ଦ. ଜଗନ୍ମୋହନ ।
୨ । ହର୍ଷୋତ୍ଫୁଲ୍ଲ ହେବା; ଆନନ୍ଦିତ ହେବା; ଆହ୍ଲାଦିତ ହେବା—
2. To be thrilled with joy.
୩ । (ଫୁଲ) ପ୍ରସ୍ଫୁଟିତ ହେବା—3. To be blown (said of flowers); to become full blown.

ପୁଲକୀ—ସଂ. ବିଣ. ପୁଂ. (ପୁଲକ+ଇନ୍; ୧ମା. ୧ବ.)—ପୁଲକିତ
Pulakī (ଦେଖ)—Pulakita (See)
(ପୁଲକିନୀ—ସ୍ତ୍ରୀ) [ଦ୍ର—କଦମ୍ବ ଫୁଲର କେଶରଗୁଡ଼ିକ ଠିଆ ହୋଇଥିବାରୁ ତାହାକୁ ପୁଲକୀ କୁହାଯାଏ ।]

ପୁଲସ୍ତି(ସ୍ତ୍ୟ)—ସଂ. ବି. (ପୁଲ=ମହତ୍+ସ୍ତ୍ୟୈ ଧାତୁ=ଏକତ୍ର କରିବା
Pulasti(stya) +ଅ)—୧ । ବ୍ରହ୍ମାଙ୍କ ମାନସପୁତ୍ର, ସପ୍ତ ମହର୍ଷିଙ୍କ ମଧ୍ୟରୁ ଜଣେ—1. Name of one of the seven sages.
[ଦ୍ର—ଏ ବିଶ୍ରବାଙ୍କ ପିତା ଓ କୁବେର ଏବଂ ରାବଣଙ୍କର ପିତାମହ ଥିଲେ ।]
୨ । ସପ୍ତର୍ଷିମଣ୍ଡଳର ଗୋଟିଏ ନକ୍ଷତ୍ର—
2. One of the stars of the constellation; the great Bear; Phecda.
[ଦ୍ର—ନକ୍ଷତ୍ର ତଳେ କୋଷ୍ଠ ଦେଖ ।]
୩ । ଶିବ (ହ୍ର. ଶ.)—3. Siba.

ପୁଲହ—ସଂ. ବି. (ପୁଲ=ବିଶେଷ; ଅନେକ+ହା ଧାତୁ=ତ୍ୟାଗ
Pulaha କରିବା+ଅ)—୧ । ବ୍ରହ୍ମାଙ୍କ ମାନସପୁତ୍ର; ସପ୍ତର୍ଷିଙ୍କ ମଧ୍ୟରୁ ଜଣେ—1. Name of one of the seven sages.
୨ । ସପ୍ତର୍ଷିମଣ୍ଡଳର ଗୋଟିଏ ନକ୍ଷତ୍ର—
2. One of the stars of the constellation the great Bear; Merak.
[ଦ୍ର—କ୍ରତୁ, ପୁଲହ, ପୁଲସ୍ତ୍ୟ, ଅତ୍ରି, ଅଙ୍ଗିରା, ବଶିଷ୍ଠ ଓ ମରୀଚ ଏହି ସାତଗୋଟି ଋଷି ତାରାରୂପେ କଳ୍ପିତ ହୋଇଅଛନ୍ତି ଓ ଏମାନଙ୍କ ତର୍ପଣ କରାଯାଏ । ନକ୍ଷତ୍ର ତଳେ କୋଷ୍ଠ ଦେଖ ।]

ପୁଲା—ସଂ. ବି. (ପୁଲ୍ ଧାତୁ+ଆ)—୧ । ପୁଲାୟିତ (ଦେଖ)
Pulā 1. Pulāyita (See)
ପୁଳା ୨ । ଘଣ୍ଟିକା—2. The soft palate; uvula (Apte).
ଥୋଡା ଦେ. ବି. (ସଂ. ପୁଲ)—୧ । ମେଣ୍ଟା; ହାତର ମୁଠା ଥିବା ପାଟିରେ ଏକାଥରକେ ଯେତେ ପରିମିତ ବସ୍ତୁ ସମ୍ଭାଏ—
1. A quantity of some thing which can be grasped at a time by the mouth or hand.
୨ । ଥରେ କାମୁଡ଼ି କରି ଯେତେ ପରିମିତ ବସ୍ତୁ ନିଆଯାଇ ପାରେ—
2. The quantity which can be taken or bitten at one bite.
୩ । ଏକ କବଳ ପରିମାଣ—
3. One mouthful of a thing.
୪ । ଏକମୁଠା ପରିମାଣ—4. One handful.
୫ । ଏକକୁଣ୍ଢ ପରିମାଣ—5. One armful.
୬ । ତାଡ଼ା; ଗୋଛା; ବିଡ଼ା—
6. Cluster, bundle; sheaf.
୭ । ମେଣ୍ଟା—7. Lump.

ପୁଲି—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ)—ବିଣ—ଫୋମ୍ପା; ଫମ୍ପା—
Pula Hollow.

ପୁଳା(ଳେ)ଇବା—ଦେ. କ୍ରି—(ସ. ପୁଲ୍ ଧାତୁ)—୧ । ପୃଥକ୍ ପୃଥକ୍
Pulā(le)ibā ପୁଳାରେ ରଖିବା—1. To divide and put in separate bundles.

୨ । ହାତରେ ଏକ ଏକ ମୁଠା କରି ଛଣ୍ଡାଇବା—
2. To pluck or pull a thing by successive clasps of the palm.

ପୁଳାଏ—ଦେ. ବ. ଓ ବିଣ—୧ । ଏକପୁଳା ମାତ୍ର—
Pulāe 1. One mouthful or handful only.
(ପୁଳେଏ—ଅନ୍ୟରୂପ)

୨ । ମେଣ୍ଟାଏ—2. A lump of.

୩ । ଏକ ଗୋଛା—3. A bunch of.

୪ । ଥୋଡ଼ାଏ; ପର୍ଯ୍ୟାପ୍ତ—
4. A big quantity or lump of.
(ଯଥା—ତା ହାତରେ ପୁଳାଏ ଧନ ପଡ଼ିଗଲାରୁ ସେ ଏବେ ବାଲଙ୍ଗି ବାହାର କରୁଅଛି ।)

ପୁଳାକ—ସଂ. ବ. (ପୁଲ୍ ଧାତୁ+ଅକ)—୧ । ଶସ୍ୟହୀନ ଧାନ; ଅଗାଡ଼ି
Pulāka 1. Shrivelled grain; empty grain; grainless paddy; chaff.

୨ । ଭାତର ପିଣ୍ଡୁଳା; ଭକ୍ତ ପୁଳକା—
2. A ball of boiled rice.

୩ । ସଂକ୍ଷେପ—3. Abridgement; abbreviation; compendium.

୪ । ଦ୍ରୁତତ୍ୱ; କ୍ଷିପ୍ରତା—4. Celerity; despatch.

୫ । ଚାଉଳଧୁଆ ପାଣି—5. Rice water.

୬ । ଅଳ୍ପତ୍ୱ—6. Smallness.

୭ । ପେଜ (ହ୍ୱି. ଶ.)—
7. Water sifted from boiled rice.

୮ । ଭାତ (ହ୍ୱି. ଶ.)—8. Boiled rice.

୯ । ମାଂସୋଦନ; ପଲାଉ (ହ୍ୱି. ଶ.)—
9. Rice boiled with meat.

(ପୁଳକ—ଅନ୍ୟରୂପ) ଦେ. ବ. ଓ ବିଣ—ପୁଳାଏ (ଦେଖ)
Pulāe (See).

ପୁଳାକୀ—ସଂ. ବ. (ପୁଳାକ+ଇନ୍; ୧ମା ୧ବ.)—ବୃକ୍ଷ; ଗଛ (ହ୍ୱି. ଶ)
Pulāki A tree (Apte).

ପୁଳଙ୍ଗ—ଦେ. ବ.—ପୁନ୍ନାଗ (ଦେଖ)
Pulāṅga Punnāga (See)
(ପୋଲଙ୍ଗ—ଅନ୍ୟରୂପ)

ପୁଳଙ୍ଗ ଗଡ଼ି ଖେଳ—ଦେ. ବ.—ବାଳକମାନେ ପୁନାଙ୍ଗ ଫଳରେ
Pulāṅga gardi khela ଖେଳିବା ଏକ ପ୍ରକାର ଖେଳ—
A kind of out door game played by the children with "Punnāga' or 'pulāṅga fruits.

[ଦ୍ର—ପୁଳଙ୍ଗ ଫଳ ତିନି ଗୋଟି ତ୍ରିକୋଣାକାରରେ ରଖି ତା ଉପରେ ଗୋଟିଏ ପୁଳଙ୍ଗ ରଖନ୍ତି । ଗୋଟିଏ ଚାରିକୋଣିଆ ଘେରର ଚାରିକୋଣରେ ଏହିପରି ଚାରି ଗଦା ପୁଳଙ୍ଗ ରଖନ୍ତି । ଦୂରରେ ଠିଆ ହୋଇ ଖେଳାଳୀମାନେ ଜଣ ଜଣ ହୋଇ ତା ଉପରକୁ ଗୋଟିଏ ପୁଳଙ୍ଗ ଲକ୍ଷ୍ୟ କରି ଫୋପାଡ଼ନ୍ତି । ଯେଉଁ ଖେଳାଳୀ ସେ ଗଦାକୁ ଲାଗରେ ଭାଙ୍ଗେ ସେ ସେହି ଭଙ୍ଗା ଗଦାର ପୁଳଙ୍ଗ-ଗୁଡ଼ିକ ନେଇ ଯାଏ । ଯେଉଁ ପୁଳଙ୍ଗଟାକୁ ଧରି ଫୋପାଡ଼ ଲକ୍ଷ କରନ୍ତି ତାକୁ ବାଟ କୁହା ଯାଏ ।]

ପୁଳା ପୁଳା—ଦେ. ଅ—୧ । ଉପର୍ଯ୍ୟୁପରି ଥରକୁଥର କାମୁଡ଼ିବା ପ୍ରକାରେ—
Pulā pulā 1. By successive bites.
ପୁଳାକୁପୁଳା / ପୁଳାପୁଳା କରି } ଅନ୍ୟରୂପ
୨ । ଏକାଥରକେ ହାତରେ ଯେତେ ନେଇ ହେବ ଏହିପରି ବହୁବାର—
2. By handfuls.

୩ । ଗୋଛା ଗୋଛା କରି—3. By sheaves.

୪ । କଲ କଲ କରି—4. By mouthfuls.

୫ । ଗଦା ଗଦା କରି—5. In lumps.

ପୁଳା ପୁଳା କରିବା—ଦେ. କ୍ରି—ଉପର୍ଯ୍ୟୁପରି କାମୁଡ଼ି କରି ବା ଖୁମ୍ପି
Pulā pulā karibā କରି କେଡା କେଡା କରିବା—
To tear into shreds by repeated bites or scratching with finger nails.

ପୁଳାୟିତ—ସ. ବ—(ପୁଲ୍ ଧାତୁ. ଆ+ତ)—୧ । ଘୋଡ଼ାର ମନ୍ଦ
Pulāyita ଦଉଡ଼; ଦୁଲ୍କି—1. Canter or trot of a horse; a horse's gallop.

୨ । ଘାସ ବା ଶସ୍ୟର ଗୋଛା—
2. A sheaf of corn or grass.

ପୁଳି—ଦେ. ବ—୧ । ଛୋଟ ପୁଳା ବା ମେଣ୍ଟା—
Pūli 1. A small lump or sheaf.

୨ । (ସଂ. ପୂଳକା) ପୂଳି (ଦେଖ)—
2. Pūli (See)

ପୁଲି—ବୈଦେ. ବ (ଇଂ)—ଶଗଡ଼; ଭାରି ଜିନଷ ଦଉଡ଼ିରେ ଉଠାଇବା
Puli ପାଇଁ ଲଗାଯିବା ଚକ—Pulley.

ପୁଲକେଶି—ସ. ବ. (ନାମ)—ଦକ୍ଷିଣଭାରତରେ ରାଜତ୍ୱ କରୁଥିବା
Pulikeśi ଚାଲୁକ୍ୟ ବଂଶୀୟ ଦୁଇ ଜଣ ରାଜା—Name of two kings of the Chālukya dynasty ruling the Southern India.

[ଦ୍ର—ପ୍ରଥମ ପୁଲକେଶି ଖ୍ରୀଷ୍ଟ ୬ଷ୍ଠ ଶତାବ୍ଦିରେ ପଲ୍ଲବମାନଙ୍କ ରାଜଧାନୀ ବାତାପିପୁରୀକୁ ଜୟ କରି ଦକ୍ଷିଣରେ ଚାଲୁକ୍ୟ ରାଜ୍ୟ ସ୍ଥାପନ କରିଥିଲେ । ଦ୍ୱିତୀୟ ପୁଲକେଶି ଖ୍ରୀଷ୍ଟ ୬୧୦ ରେ ସମଗ୍ର ଦାକ୍ଷିଣାତ୍ୟକୁ ଓ ମହାରାଷ୍ଟ୍ର ଦେଶକୁ ଆପଣା ରାଜ୍ୟଭୁକ୍ତ କରିଥିଲେ । ବାଣଭଟ୍ଟ ଏହାଙ୍କ ରାଜସଭାର ପଣ୍ଡିତ ଥିଲେ । ଏହାଙ୍କ ରାଜତ୍ୱ କାଳରେ ଚୀନ୍‌ପରିବ୍ରାଜକ ଭାରତକୁ ଆସିଥିଲେ । ରାଜା ହର୍ଷବର୍ଦ୍ଧନ ସମଗ୍ର ଉତ୍ତରଭାରତ ଅଧିକାର କରି ଦକ୍ଷିଣ ଭାରତକୁ ଆକ୍ରମଣ କରିବାକୁ ଯାଇ ଏହାଙ୍କ ଦ୍ୱାରା ପରାସ୍ତ ହୋଇଥିଲେ— ହ୍ୱି. ଶ]

ପୁଲିଙ୍ଗ—ଗ୍ରା. ବ—(ସ. ପୁଂଲିଙ୍ଗର ଅଶୁଦ୍ଧ ଉଚ୍ଚାରଣ)—ପୁଂଲିଙ୍ଗ
Puliṅga ପୁଲିଙ୍ଗ (ଦେଖ)—Pumliṅga (See)

ପୁଲ(ଲି)ନ—ସ. ବି—(ପୁଲ୍ ଧାତୁ + କର୍ତ୍ତୃ. ଇନ୍)—୧ । ନଦୀ ଓ
Pu**l**i(li)na ଜଳାଶୟ୍ର ଆଦର ଅନୁଚ୍ଚ ତଟ—1. The low shore of a river or lake; the beech; the bank.

୨ । ନଦୀ ଗର୍ଭସ୍ଥ କ୍ଷୁଦ୍ର ଦ୍ୱୀପ—
2. Islet in the bed of a river.

୩ । ନଈ ମଝିରେ ପଡ଼ିବା ଚିପ; ବାଲି ଦ୍ୱୀପ; ପଠା; ଚଡ଼ା—
3 A sand-bank; alluvial formation in a river; a raised plot in the bed of a river.

୪ । ନଦୀ ତଟସ୍ଥ ବାଲି—4. The sand bank formed on the bank of a river.

ଯେବେ ଉତ୍ତରରୁ ଯାଉଥ ଦକ୍ଷିଣ ଦେଖାଇ ଦେଇ ପୁଳନ ସେ—
ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ପୁଳ(ଲି)ନ୍ଦ—ସ. ବି—(ପୁଲ୍ ଧାତୁ + ଇନ୍ଦ)—୧ । ମ୍ଳେଚ୍ଛ ଜାତି
Pu**l**i(li)nda ବିଶେଷ; ଋଜୁଆଡ଼—1. Barbarian, a caste
(ପୁଳନ୍ଦକ—ଅନ୍ୟରୂପ) of aborigines or wild tribes.

[ଦ୍ର—ରାମାୟଣ, ମହାଭାରତ, ପୁରାଣ ଓ କାବ୍ୟରେ ଏ ଜାତିର ଉଲ୍ଲେଖ ଅଛି । ବିଶ୍ୱାମିତ୍ରଙ୍କ ଅଭିଶାପରେ ତାଙ୍କର କେତେକ ପୁତ୍ରଙ୍କଠାରୁ ପୁଳନ୍ଦ, ଶବର ଆଦି ବର୍ବର ଜାତି ଉତ୍ପନ୍ନ ହୋଇଥିଲେ । କେହି କେହି ଏ ପ୍ରାଚୀନ ଜାତି ସିନ୍ଧୁ ପ୍ରଦେଶ ନିକଟରେ, କେହି କେହି ଗୁଜରାଟ ଓ ରାଜପୁତାନା ମଧ୍ୟରେ ବାସ କରୁଥିବାର କହନ୍ତି—ହି. ଶ ।]

୨ । କନ୍ଧ ଜାତି—
2. The Khonds of central India.

ଝୁଣା ଲାଗି ହତ ହୋଇ ପୁଳନ୍ଦ କୁଟୀରେ—
ରାଧାନାଥ – ମହାଯାତ୍ରା ।

୩ । ଅବୋଧ୍ୟ ଭାଷା ବ୍ୟବହାର କରିବା ବଣୁଆ ଜାତି—
3. A wild tribe using a jargon dialect.

୪ । କେଳା—4. The fowler.

୫ । ପୁଳନ୍ଦ ଜାତିଙ୍କ ଦେଶ—
5. The country inhabited by aborigines.

୬ । କନ୍ଧମାଳ—6. The Khondmahals of Orissa.

ପୁଲିନ୍ଦା—ଦେ. ବି. (ସ. ପୁଲ=ଗଦା; ସ୍ୱାର୍ଥେ)—୧ । ବନ୍ଧା ହୋଇ
Pulinda ମୁଦା ହୋଇଥିବା କାଗଜର ତାଡ଼ା—1. A packet
ପୁଲିନ୍ଦା of papers bound into a bundle; bundle;
पुलिंदा parcel.

ତାସେଟା ଏବ ମୁନସୀଙ୍କ ସେସନ ସହିତ ରିପୋର୍ଟ ପୁଲିନ୍ଦା
ଥାନାକୁ ପଠାଇଲ—ଫକୀରମୋହନ- ଛମାଣ ଅଠଗୁଣ୍ଠ ।

୨ । ଲଫାପା; କାଗଜର ଖୋଳ—2. An envelope.

୩ । ବୋଜଗୁ; ଗଣ୍ଠିରି—3. Bale; package.

ସ. ବି—ତାପ୍ତୀ ନଦୀର ଉପନଦୀବିଶେଷ (ହି. ଶ.)—
Name of tributary of the Tāpti river.

ପୁଲିଶ—ସ. ବି. (ନାମ)—ପୌଲିଶ ସିଦ୍ଧାନ୍ତ ନାମକ ଜ୍ୟୋତିଷ ଗ୍ରନ୍ଥକର୍ତ୍ତା
Pulisa ଋଷି—Name of a sage who was the author of an astronomical work.

[ଦ୍ର—ବରାହମିହିରଙ୍କୋକ୍ତ ପଞ୍ଚ ସିଦ୍ଧାନ୍ତରୁ ଏକତମ । କେହି କେହି ପୁଲିଶଙ୍କୁ ୟୁନାନୀ (ଯବନ), କେହି କେହି ମିଶ୍ର ଦେଶବାସୀ ବୋଲି ଅନୁମାନ କରନ୍ତି—ହି. ଶ. ।]

ବୈଦେ. ବି. (ଇଂ)—ପୁଲିସ (ଦେଖ)—Pulisa (See)

ପୁଲିସ୍—ବୈଦେ. ବି. (ଇଂ)—ପୋଲିସ୍; ସାଧାରଣ ସମୟରେ ରାଜ୍ୟରେ
Pulis ଶାନ୍ତିରକ୍ଷା, ଅପରାଧ ନିବାରଣ ଓ ଅପରାଧୀଙ୍କୁ ଧରିବା କାମରେ
पुलिस ନିଯୁକ୍ତ ରାଜକର୍ମଚାରୀ ଓ ସେମାନଙ୍କ ବିଭାଗ—
पुलिस Police (force, department and official.)
(ପୁଲିସି—ଅନ୍ୟରୂପ) ଅନ ବୋଲେ ମୁହିଁ ଅଛଇ ପୁଲିସ – ଭୀମ... ଚଉପଦୀ ।

[ଦ୍ର—ଯେଉଁ ଯେଉଁ ଇଲାକାରେ ଯେଉଁ ଯେଉଁ ପୁଲିସ୍ ନିଯୁକ୍ତ ହୁଅନ୍ତି ସେହି ସେହି ଇଲାକା ଅନୁସାରେ ତାଙ୍କର ନାମ ହୁଏ; ଯଥା—ଷ୍ଟେଟ ବା ଗଡ଼ଜାତ ପୁଲିସ୍, ମଫସଲ ପୁଲିସ୍, ଅବକାରୀ ପୁଲିସ୍, ନିମକୀ ପୁଲିସ୍, ରେଲୱେ ପୁଲିସ୍, ମିଲିଟେରି ପୁଲିସ୍, ଟାଉନ ପୁଲିସ ।

ବିଶେଷ ବିଶେଷ କାର୍ଯ୍ୟ ଉପଲକ୍ଷରେ ନିଯୁକ୍ତ ପୁଲିସ୍‌ଙ୍କର ଭିନ୍ନ ଭିନ୍ନ ନାମ ଅଛି । ଯଥା—ସାଧାରଣ ପୁଲିସ୍, ମିଲିଟାରୀ ପୁଲିସ ବା ଆର୍ମ୍ସ ପୁଲିସ୍, ସଦର ପୁଲିସ୍, ଗ୍ରାମ୍ୟ ପୁଲିସ୍, ରିଜର୍ଭ ପୁଲିସ୍, ରିଜର୍ଭ ପୁଲିସ୍, କୋର୍ଟ ପୁଲିସ୍, ଡିଟେକଟିଭ୍ ପୁଲିସ୍, ଅତିରିକ୍ତ ବା ବଦଳି ପୁଲିସ୍, ସ୍ପେଶାଲ ପୁଲିସ୍ ।]

ପୁଲିସ୍ ଅଫିସ୍—ବୈଦେ. ବି. (ଇଂ)—ପୁଲିସ ବିଭାଗର ଅଫିସ—
Pulis aphis Police office.
पुलिस अफिस **पुलिस अफिस**

ପୁଲିସ୍ ଅଫିସର୍—ବୈଦେ. ବି. (ଇଂ)—ପୁଲିସ କନଷ୍ଟେବଲଙ୍କ ଅପେକ୍ଷା
Pulis aphisar ଉଚ୍ଚତର ପୁଲିସ୍ କର୍ମଚାରୀ—Police officer.
पुलिस अफिसर **पुलिस अफसर**

ପୁଲିସ୍ ଆଉଟ୍ ପୋଷ୍ଟ—ବୈଦେ. ବି (ଇଂ)—ପୁଲିସ୍ ଫାଣ୍ଡି (ଦେଖ)
Pulis āut posht Pulis phāndi (See)

ପୁଲିସ୍ ଇଜାହାର୍—ବୈଦେ. ବି. (ଇଂ. ପୁଲିସ୍+ଫା. ଏଜହାର)—
Pulis ijāhār ଅପରାଧ ସମ୍ବନ୍ଧେ ପୁଲିସ୍‌କୁ ଦିଆଯିବା ସମ୍ବାଦ—

ପୁଲିସ ଇଜ୍ହାର
ପୁଲିସ ଏତଲା
ପୁଲିସ ଏଜାହାର
ପୁଲିସ ଏତଲ(ଲେ)ଇ } ଅନ୍ୟରୂପ

First information given to the police; formal information given to the police of the commission of an offence.

ପୁଲିସ୍ ଇନ୍‌ସପେକ୍ଟର୍—ବୈଦେ. ବି.(ଇଂ)—ପୁଲିସ ସବଇନ୍‌ସିପେକ୍ଟରଙ୍କ
Pulis inspektar ଉପରସ୍ଥ କର୍ମଚାରୀ—Police Inspector.
पुलिस इनिसपेकटर **पुलिस इंसपेक्टर**
(ପୁଲିସ୍ ଇନସି ପେକ୍ଟର, ପୁଲିସ ଦାରୋଗା—ଅନ୍ୟରୂପ)

ପୁଲିସ୍ ଇନ୍ସିପେକ୍ଟର୍ ଜେନେରଲ୍—ବୈଦେ. ବି.(ଇଂ)—ପୁଲିସ୍ ବିଭାଗର
Pulis inspektar jenaral ପ୍ରାଦେଶିକ ସର୍ବୋଚ୍ଚ ହାକିମ—
पुलिस इनिपेकर जेनरल Inspector general of
पलिस इंसपेक्टर जनरल police in a province.

[ଦ୍ର—ପ୍ରାଦେଶିକ ସର୍ବୋଚ୍ଚ ପୁଲିସ ହାକିମ ଇନ୍‌ସପେକ୍ଟର ଜେନେରଲ । ତାଙ୍କ ତଳେ ବିଭାଗୀୟ ହାକିମ, ଡେପୁଟୀ ଇନ୍‌ସ-

ପେକ୍ଟର ଜେନେରଲ । ତାଙ୍କ ତଳେ ଜିଲ୍ଲା ହାକିମ, ସୁପରିଣ୍ଟେଣ୍ଡେଣ୍ଟ୍ ବା ପୁଲିସ ସାହେବ । ତାଙ୍କ ତଳେ ହାକିମ, ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟ୍ । ତାଙ୍କ ତଳେ ଇନ୍‌ସପେକ୍ଟର ବା ଦାରୋଗା । ତାଙ୍କ ତଳେ ସବଇନ୍‌ସପେକ୍ଟର ବା ମୁନସି । ତାଙ୍କ ତଳେ ହେଡ୍ କନେଷ୍ଟବଲ ବା ଜମାଦାର । ତାଙ୍କ ତଳେ ରାଇଟର୍ ବା ଲିଟରେଟ୍ କନେଷ୍ଟବଲ । ସମସ୍ତଙ୍କ ତଳେ କନେଷ୍ଟବଲ୍ ବା ସିପାହି ।]

ପୁଲିସ୍ କନଷ୍ଟବଲ—ବୈଦେ. ବି. (ଇଂ.—ପୁଲିସ ବିଭାଗର ପିଅଦା ବା
Pulis kanashtabala ସିପାହି—Police constable;
ପুলিস কনেষ্টবল पुलिस कांस्टेबल policeman.
(ପୁଲିସ ସିପାହି, ପୁଲିସ୍‌ମାନ୍—ଅନ୍ୟରୂପ)

ପୁଲିସ୍ କମିସନର—ବୈଦେ. ବି. (ଇଂ)—ବଡ଼ ବଡ଼ ସହରର ଉଚ୍ଚତମ
Pulis kamisanara ପୁଲିସ କର୍ମଚାରୀ—The commi-
পুলিস কমিসনর ssioner of police in presidency
पुलिस कमिशनर towns.
[ଦ୍ର—କଲିକତା, ବମ୍ବେ, ମାନ୍ଦ୍ରାଜ ଓ ରେଙ୍ଗୁନ ଆଦି ସହରରେ ପୋଲିସ କମିସନର ଥାଆନ୍ତି ।]

ପୁଲିସ୍ କେଶ୍—ବୈଦେ ବି. (ଇଂ)—୧ । ଯେଉଁ ମକଦ୍ଦମାକୁ ପୁଲିସ
Pulis kes ତଳେ ବିଚାର ନିମନ୍ତେ ହାକିମଙ୍କ ନିକଟକୁ ପଠାଇ
পুলিস কেস पुलिसकेश थाଆନ୍ତି—1. Police case.
୨ । ଯେଉଁ ମକଦ୍ଦମାରେ ମାଜିଷ୍ଟ୍ରେଟଙ୍କ ହୁକୁମ ନ ପାଇ କରି ମଧ୍ୟ ପୁଲିସ ଆସାମୀଙ୍କୁ ଗିରଫଦାର କରି ବିଚାର ନିମନ୍ତେ ପଠାଇ ପାରନ୍ତି—2 Warrant case; case cognisable by the police.

ପୁଲିସ୍‌କୋର୍ଟ—ବୈଦେ. ବି. (ଇଂ ପୁଲିସ୍ କୋର୍ଟ)—ବଡ଼ ବଡ଼
Pulis kot ସହର (କଲିକତା, ମାନ୍ଦ୍ରାଜ, ବମ୍ବେ ପ୍ରଭୃତି) ବା
পুলিসকোর্ট ପ୍ରାଦେଶିକ ରାଜଧାନୀରେ ପୁଲିସ ଚାଲାଣି ଆସାମୀମାନଙ୍କ
पुलिसकोरट ବିଚାରାର୍ଥ ପ୍ରତିଷ୍ଠିତ ଅଦାଲତ—Police court.
(ପୁଲିସକୋର୍ଟ—ଅନ୍ୟରୂପ)

ପୁଲିସ୍ ଗାର୍ଡ୍—ବୈଦେ. ବି. (ଇଂ)—ସରକାରୀ ତହବିଲ ବା ଅପରାଧୀ
Pulis gārd ବା କଏଦୀମାନଙ୍କୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ
ପୁଲିସ ଗାର୍ଡ, ପୁଲିସ ଗାର୍ଦ } ଅନ୍ୟରୂପ — ନେବା ଆଣିବା ସମୟରେ ତାଙ୍କୁ ରକ୍ଷା କରିବାକୁ ନିଯୁକ୍ତ ପୁଲିସ ଦଳ—
পুলিস গার্ড Police guard; a posse of constables.
पुलिस गार्ड

ପୁଲିସ୍ ଗୁ(ଗୋ)ଇନ୍ଦା—ବୈଦେ. ବି. (ଇଂ. ପୁଲିସ୍+ଫା. ଗୋଇନ୍ଦା)—
Pulis gu(go)indā ଅପରାଧ ସମ୍ବନ୍ଧେ ପୁଲିସକୁ ସାହାଯ୍ୟ କରିବା
ପୁଲିସ ଗୁ(ଗୋ)ଏନ୍ଦା—ଅନ୍ୟରୂପ) ନିମନ୍ତେ ଗୁପ୍ତଚର—
পুলিস গোয়েন্দা Police spy; Police informer.
पुलिस गोइन्दा

ପୁଲିସ୍ ଗେଜେଟ—ବୈଦେ. ବି. (ଇଂ)—ପୁଲିସ ବିଭାଗର ସମ୍ବାଦ
Pulis gejet ସଙ୍କଳିତ ହୋଇଥିବା ସରକାରୀ ଖବର କାଗଜ—
পুলিসগেজেট Police Gazettee.
पुलिस गजेट

ପୁଲିସ୍ ଚାଲାଣ—ଦେ. ବି. (ଇଂ. ପୁଲିସ୍+ଫା. ଚାଲାନ)—
Pulisa chalāṇa ପୁଲିସ ଦ୍ୱାରା ଆସାମୀ ଗିରଫଦାର ହୋଇ
(ପୁଲିସ ଚାଲାଣି—ଅନ୍ୟରୂପ) ମାଜିଷ୍ଟ୍ରେଟଙ୍କ କୋର୍ଟକୁ ପଠା ଯାଇଥିବା
পুলিস চালাণ (case or accused) Chalanned or sent
पुलिस चालान up by the police.

ପୁଲିସ୍ ଜମାଦାର—ବୈଦେ. ବି. (ଇଂ. ଫା)—
Pulis jamadāra ପୁଲିସ କନଷ୍ଟବଲମାନଙ୍କ ଉପରସ୍ଥ କର୍ମଚାରୀ—
পুলিস জমাদার Police Head Constable.
पुलिस जमादार

ପୁଲିସ୍ ଟ୍ରେନିଙ୍ଗ—ବୈଦେ. ବି. (ଇଂ)—ପୁଲିସ ଚାକିରିରେ ନିଯୁକ୍ତ
Pulis ṭrening ହେବା ନିମନ୍ତେ ମନୋନୀତ ବ୍ୟକ୍ତିମାନଙ୍କୁ ତାଲିମ
পুলিস ট্রেনিঙ্গ କରାଯିବା—Police training.
पुलिस ट्रेनिङ्ग

ପୁଲିସ୍ ଠେଙ୍ଗିଣି—ଦେ. ବି—ସାଧାରଣ ସମୟରେ ପୁଲିସ କନଷ୍ଟବଲ
Pulis ṭhengiṇi ବ୍ୟବହାର କରୁଥିବା ଏକ ହାତ ଦେଢ଼ହାତ
পুলিসের লাঠী ଲମ୍ବର ଛୋଟ ଠେଙ୍ଗା—
पुलिस लाठी Police baton.

ପୁଲିସ୍ ଡାଇରୀ—ବୈଦେ. ବି. (ଇଂ)—ପୁଲିସ କର୍ମଚାରୀମାନେ ଥାନାରେ
Pulis ḍāiri କିମ୍ବା ମକଦ୍ଦମା ତଦାରଖ ସମୟରେ ପ୍ରତିଦିନ
পুলিস ডাইরি କରାଯିବା କର୍ମମାନ ଲିପିବଦ୍ଧ କରୁଥିବା ପତ୍ରିକା—
पुलिस डायरि Police diary.

ପୁଲିସ୍ ତଦନ୍ତ—ଦେ. ବି. (ଇଂ. ପୁଲିସ+ସଂ. ତଦନ୍ତ)—
Pulis tadanta କୌଣସି ଅପରାଧ ବିଷୟ ପୁଲିସ
(ପୁଲିସ ତଦାରଖ—ଅନ୍ୟରୂପ) କର୍ମଚାରୀମାନଙ୍କ ଦ୍ୱାରା ଅନୁସନ୍ଧାନ—
পুলিস তদন্ত Investigation by the Police.
पुलिस तदारख

ପୁଲିସ୍ ତଲାସ(ସି)—ବୈଦେ. ବି. (ଇଂରାଜି ପୁଲିସ+ତୁର୍କି ତଲ୍ଲାସ)—
Pulis talāsa(si) ପୁଲିସ କର୍ମଚାରୀଙ୍କଦ୍ୱାରା ଅପରାଧସଂକ୍ରାନ୍ତ ବସ୍ତୁ
পুলিস তালাস ବା ବ୍ୟକ୍ତି ପାଇଁ କୌଣସି ଗୃହ ଖୋଜାଯିବା—
पुलिस तलास House-search by the Police.

ପୁଲିସ୍ ଥାନା—ଦେ. ବି—ପୁଲିସ ସବଇନ୍‌ସପେକ୍ଟର ଓ ତାଙ୍କ ଅଧୀନରେ
Pulis thānā କେତେଗୁଡ଼ିଏ ଜମାଦାର ଓ କନଷ୍ଟବଲ ଅବସ୍ଥାନ
(ପୁଲିସ ଷ୍ଟେସନ—ଅନ୍ୟରୂପ) କରୁଥିବା ଗୃହ—
পুলিস থানা Police Station.
पुलिस थाना, कतवालि

ପୁଲିସ୍ ଦରସ୍—ବୈଦେ. ବି. (ଇଂ. ପୁଲିସ+ଡ୍ରେସ)—
Pulis daras ପୁଲିସ କର୍ମଚାରୀଙ୍କ ପାଇଁ ନିର୍ଦ୍ଧାରିତ ପରିଧେୟ ବସ୍ତ୍ର—
ପୁଲିସ ଦରେସ, ପୁଲିସ ପୋଷାକ } ଅନ୍ୟରୂପ — Police dress.
পুলিস দরেস पुलिस द्रेस
[ଦ୍ର—ଆମ ଦେଶରେ କଳା କୁର୍ତ୍ତି, ନାଲି ପଗଡ଼ି ଗୋଡ଼ବନ୍ଧା ଓ ଧଳା ପୁଲିସମାନଙ୍କର ପୋଷାକ ଅଟେ ।]

ପୁଲିସ୍ ନଜରବନ୍ଦି—ବୈଦେ. ବି. (ଇ+ଫା)—
Pulis najarabandi ଅପରାଧୀ ବ୍ୟକ୍ତି ଓ ସମାଜ ବିଦ୍ୱେଷୀ

ପୁଲସ ନଜର } ଅନ୍ୟରୂପ ଆସାମୀର ଗତିବିଧି ପ୍ରତି ପୁଲସର
ପୁଲସ ନଜର ବନ୍ଦ } ତୀକ୍ଷ୍ଣ ଦୃଷ୍ଟି ରହିବାର ବିଧାନ—
পুলিস নজরবন্দ Police surveillance.
पुलिस नजरबन्द **ବିଣ**—ପୁଲସର ତୀକ୍ଷ୍ଣ ଦୃଷ୍ଟିରେ ରହିଥିବା—
Kept under Police surveillance.

ପୁଲସ୍ ପରେଟ୍(ଡ୍)—ବୈଦେ. ବି. (ଇଂ. ପୁଲସ୍+ପାରେଡ୍)—
Pulis paret(d) ପୁଲସ କନଷ୍ଟେବଲମାନେ ଯୁଦ୍ଧବିଦ୍ୟା ଶିକ୍ଷାର୍ଥ
পুলিস পারেড় କ୍ରୀଡ଼ା—Police parade.
पुलिस परेड

ପୁଲସ୍ ପହରା—ଦେ. ବି. (ଇଂ ପୁଲସ+ସଂ. ପ୍ରହରୀ)—
Pulis pahara ପୁଲସଙ୍କ ଦ୍ୱାରା କୌଣସି ସ୍ଥାନ ବା ବ୍ୟକ୍ତିକୁ
পুলিস পাহারা ଜଗାଇବା—Guarding of a place or
पुलिस पहरा person by Police.

ପୁଲସ ପହରା ବାଲା—ବୈଦେ. ବି—ପୁଲସ ମନ୍ତ୍ରୀ (ଦେଖ)
Pulisa pahara bala Pulisa mantri (See)

ପୁଲସ୍ ଫଉଜ(ଦ)—ବୈଦେ.ବି. (ଫା. ଇଂ. ପୁଲସ+ଫା. ଫୌଜ)—
Pulis phauja(da) ଏକ ସ୍ଥାନରେ ରକ୍ଷିତ ପୁଲସ କର୍ମଚାରୀଙ୍କ
(ପୁଲସ ପଲଟଣ—ଅନ୍ୟରୂପ) ଦଳ—The Police force; a
পুলিস ফৌজ plattoon of Police.
पुलिस फउज

ପୁଲସ୍ ଫାଣ୍ଡି—ଦେ. ବି. (ଇଂ. ପୁଲସ+ଫା. ଫାଣ୍ଡି)—
Pulis phandi ଅଳ୍ପ ସଂଖ୍ୟକ ପୁଲସ ଥିବା କାର୍ଯ୍ୟାଳୟ—
(ପୁଲସ ଚଉକି—ଅନ୍ୟରୂପ) Police out post.
পুলিস আউট পোষ্ট **पुलिस चौकी**

ପୁଲସ୍ ବାଲା—ବୈଦେ. ବି. (ଫା. ଇଂ. ପୁଲସ+ଫା. ପ୍ରତ୍ୟୟ ୱାଲା)—
Pulis bali ପୁଲସ କର୍ମଚାରୀ—Police officer.
পুলিস ওয়ালা **पुलिसवाले**

ପୁଲସ୍ ମଦତ୍(ଦ୍)—ବୈଦେ. ବି. (ଇଂ. ପୁଲସ+ଫା. ମଦଦ୍)—
Pulis madat(d) କୌଣସି କାର୍ଯ୍ୟ ବା ଶାନ୍ତି ରକ୍ଷା ନିମନ୍ତେ
ପୁଲସ ତଇନାତ } ଅନ୍ୟରୂପ ହାକିମଙ୍କ ଆଦେଶରେ ପୁଲସ ପଠାଯିବା-
ପୁଲସ ମୁତଏନ } Deputation of Police to a
পুলিস মদদ certain place to prevent breach of
पुलिस मदद the peace.

ପୁଲସ ମାଜିଷ୍ଟ୍ରେଟ୍—ବୈଦେ. ବି. (ଇଂ.—ବଡ଼ ବଡ଼ ସହରର ପୁଲସ
Pulis majishtret ଦ୍ୱାରା ଚାଲାଣ ହୋଇଥିବା ମକଦ୍ଦମାମାନ
পুলিস মাজিষ্ট্রেট ବିଚାର କରିବା ନିମନ୍ତେ ନିଯୁକ୍ତ ବିଚାରପତି—
पुलिस मेजेष्ट्रर Police magistrate; city magistrate;
ପୁଲସ୍ ମାଜିଷ୍ଟର } ଅନ୍ୟରୂପ Presidency magistrate.
ପୁଲସ୍ ମେଜେଷ୍ଟର }

ପୁଲସ୍ମା (ମେ)ନ୍—ବୈଦେ. ବି. (ଇଂ)—୧ । କୌଣସି ପୁଲସ୍
Pulis ma (me)n କର୍ମଚାରୀ—1. Policeman.
পুলিস ম্যান ୨ । ପୁଲସ କନଷ୍ଟେବଲ—
पुलिस मॅन 2. Police constable

ପୁଲସ୍ ମୁନସି—ବୈଦେ. ବି. (ଆ)—ପୁଲସ୍ ସବଇନସପେକ୍ଟର (ଦେଖ)
Pulis munasi Pulis sabanisapektar (See)

ପୁଲସ ରାଇଟର—ବୈଦେ. ବି. (ଇଂ)—ରାଇଟର କନଷ୍ଟେବଲ; ଲେଖା
Pulis raitar ପଢ଼ା ଜାଣି ଥିବା କନଷ୍ଟେବଲ ଉପରେ ଥାନାର
পুলিস রাইটর କାଗଜପତ୍ର ଲେଖିବାର ଭାର ଥାଏ—Writer or
पुलिस राइटर literate constable.

ପୁଲସ ରିପୋର୍ଟ—ବୈଦେ. ବି. (ଇଂ)—ପୁଲସ କର୍ମଚାରୀ କୌଣସି
Pulisa ripot ମକଦ୍ଦମା ତଦନ୍ତ କରି ତଦନ୍ତର ଫଳ କର୍ତ୍ତୃପକ୍ଷଙ୍କୁ
ପୁଲସ୍ ରିପୋର୍ଟ } ଅନ୍ୟରୂପ ଜଣାଇବା ପାଇଁ ପ୍ରେରିତ ଲେଖା
ପୁଲସି ରିପୋର୍ଟ } Police report.

ପୁଲସ୍ ରୁ (ରୋ) ଲ(ଲା)—ବୈଦେ. ବି. (ଇଂ) ପୁଲସ୍+ରୋଲର୍)—
Pulis ru (ro) la(la) ପୋଲସ୍ ଠେଙ୍ଗିଣି (ଦେଖ)
পুলিসকা Polis thengini (See

ପୁଲସ ଲାଇନ—ବୈଦେ. ବି. (ଇଂ)—ପୁଲସ୍ ଫଉଜ ଥିବା ସ୍ଥାନ ବା
Pulis laina ଛାଉଣୀ—Police line; police barracks.
(ପୁଲସ୍ ନାଇନ୍, ପୁଲସ୍ ନୟନ୍—ଅନ୍ୟରୂପ)
পুলিস লাইন **पुलिस लाइन**

ପୁଲସ୍ ଷ୍ଟେଶନ—ବୈଦେ. ବି (ଇଂ)—ପୁଲସ୍ ଥାନା (ଦେଖ)
Pulis shtesan Pulis thana (See)

ପୁଲସ ମନ୍ତ୍ରୀ—ବୈଦେ. ବି. (ଇଂ)—ପହରା ଦେବାବାଲା ପୁଲସ୍ କନଷ୍ଟେବଲ
Pulis mantri Police sentry; police sentinal.

ପୁଲସ୍ ସବଇନସ୍‌ପେକ୍ଟର—ବୈଦେ. ବି. (ଇଂ)—ଜମାଦାରଙ୍କ ଉପରସ୍ଥ
Pulis subanis pektara କର୍ମଚାରୀ—
Police Sub-Inspector.

ପୁଲସ୍ ସର୍ଜନ୍ (ଣ୍ଟ)—ବୈଦେ. ବି. (ଇ.. ପୁଲସ୍+ସର୍ଜେଣ୍ଟ)—
Pulis sarjan(nt) ୧ । ଇଉରୋପୀୟ କନଷ୍ଟେବଲ—
পুলিস সার্জন **पुलिस सार्जंट** 1. Police sarjeant.
ପୁଲସ୍ ସର୍ଜଣ୍ଟ, ପୁଲସ୍ ସର୍ଜେଣ୍ଟ } ଅନ୍ୟରୂପ ୨ । (ଇଂ ପୁଲସ+
ପୁଲସ୍ ସାର୍ଜେଣ୍ଟ } ସର୍ଜନ୍)—ଯେଉଁ
পুলিস মার্জন্ ଡାକ୍ତର ପୁଲସ ଚାଲାଣି ମକଦ୍ଦମାର ଆହତ ବ୍ୟକ୍ତିଙ୍କୁ
पुलिस डांकतर ବା ଶବକୁ ମାଇନା କରନ୍ତି—
(ପୁଲସ୍ ଡାକ୍ତର—ଅନ୍ୟରୂପ) 2. Police surgeon.

ପୁଲସ ସୁପରିଣ୍ଟେଣ୍ଡେଣ୍ଟ—ବୈଦେ. ବି. (ଇ)—ଜିଲ୍ଲାର ଭାରପ୍ରାପ୍ତ
Pulis suparintendenta ସର୍ବୋଚ୍ଚ ପୁଲସ୍ ହାକିମ—
পুলিস সাহেব District superintendent of police.
पुलिससाहेब (ପୁଲସ୍ ସାହେବ—ଅନ୍ୟରୂପ)

ପୁଲସ୍ ହୁଲିଆ—ବୈଦେ. ବି. (ଇଂ. ପୁଲସ୍+ଇ. ହାଲ୍ଲୋ; ତୁଳ. ସଂ.
Pulis hulia କୋଳାହଳ)—ନିରୁଦ୍ଦିଷ୍ଟ ବ୍ୟକ୍ତି ବା ଅପରାଧୀ ବା
পুলিস হুলিআ ବସ୍ତୁକୁ ଖୋଜି ପାଇବା ନିମନ୍ତେ ତହିଁର ପରିଚୟସୂଚକ
पुलिस हुल्ला ବିବରଣ ବର୍ଣ୍ଣନା ପୂର୍ବକ ପୁଲସରେ ଦିଆଯିବା
ବିଜ୍ଞାପନ—Police Halloo; the detailed description of a missing thing or person given to the police to enable the police to trace the same.

ପୁଲସି—ବୈଦେ. ବି. (ଇଂ)—ପୁଲସ (ଦେଖ)
Pulisi Pulisa (See)

ପୁଳିସୀ ଦେ. ବିଣ.—ପୁଲିସ ସମ୍ବନ୍ଧୀୟ—
ପୁଲିସୀ Relating to police.
(ଯଥା—ପୁଲିସ ଗୃହର ।)

ପୁଲୋମ—ସଂ. ବି. ପୁଂ (ପୁଲୋମନ୍ ଶବ୍ଦ ୧ମା. ୧ବ.)—୧ । ଇନ୍ଦ୍ରଙ୍କ
Puloma ଶ୍ୱଶୁର ଓ ଶଚୀଙ୍କ ପିତା; ଦୈତ୍ୟବିଶେଷ—
1. Name of the father in-law of Indra.
[ଦ୍ର—ଏହାଙ୍କୁ ଇନ୍ଦ୍ର ବଧ କରି ଶଚୀଙ୍କୁ ପତ୍ନୀରୂପେ ଆଣିଥିଲେ।
୨ । ବଚ—2. Achorus calamus (M. W.)

ପୁଲୋମଜା—ସଂ. ବି. ସ୍ତ୍ରୀ—(ପୁଲୋମନ+ଜନ୍ ଧାତୁ+ଅ+ସ୍ତ୍ରୀ. ଆ)—
Pulomajā ଶଚୀ; ପୁଲୋମ ନାମକ ଦୈତ୍ୟର କନ୍ୟା; ଇନ୍ଦ୍ରପତ୍ନୀ—
Sachi (the official and traditional) wife of God Indra.

ପୁଲୋମଜିତ୍—ସଂ. ବି—(ପୁଲୋମନ+ଜି ଧାତୁ+କର୍ତ୍ତୃ. କ୍ୱିପ୍; ଏ
Pulomajit ପୁଲୋମା ନାମକ ଦୈତ୍ୟଙ୍କୁ ପରାଜିତ ଓ ବଧ କରି ତାହାର କନ୍ୟା ଶଚୀ ଦେବୀଙ୍କୁ ହରଣ କରି ଆଣିଥିବାରୁ)—ଇନ୍ଦ୍ର—
ପୁଲୋମ ଦ୍ୱିଟ୍, ପୁଲୋମ ଭିତ୍, ପୁଲୋମାରି } ଅନ୍ୟରୂପ
God Indra.

ପୁଲୋମହୀ—ସଂ. ବି—ଅହିଫେନ; ଅଫିମ (ହି. ଶ)—
Pulomahī Opium (M. W).

ପୁଲୋମା—ସଂ. ବି. ସ୍ତ୍ରୀ (ନାମ)—ଭୃଗୁଙ୍କ ପତ୍ନୀ ଓ ଚ୍ୟବନ ଋଷିଙ୍କ
Pulomā ମାତା—The wife of sage Bhrugu and mother of Chyabana.
[ଦ୍ର—ଏ ବୈଶ୍ୱାନର ନାମକ ଦୈତ୍ୟର କନ୍ୟା ଥିଲେ ।]

ପୁଲ୍ଲ—ସଂ. ବିଣ—(ପୁଲ୍ ଧାତୁ+ତ)—୧ । ବିସ୍ତୃତ—
Pulla 1. Expanded; spread.
୨ । ସମ୍ପୂର୍ଣ୍ଣ ପ୍ରସ୍ଫୁଟିତ—
2. Full blown (flower).
ବି—ଫୁଲ; ପୁଷ୍ପ—Flower.

ପୁଷ୍ (ଧାତୁ)—ସଂ—୧ । ପୋଷିବା—
Push (root) 1. To maintain.
୨ । ପାଳିବା—2. To bring up; to rear.

ପୁଷ୍—ଦେ (ଧ୍ୱନ୍ୟନୁକରଣ)ଅ—(ଭୁଲ. ଅଇରଶ ଓ ଗେଲିକ୍ ପୁସ୍=
Push ବିରାଡ଼ି; ଡଚ୍ ପୋଏସ୍)—ବିରାଡ଼ିଙ୍କୁ ଡାକିବାର ସମ୍ବୋଧନ—
Interjection used in calling the pussy.
(ଯଥା—ଆସ୍ ପୁସ୍ ।)

ପୁଷ୍ ପୁଷ୍—ବୈଦେ. ବି (ଇଂ. ପୁଷ୍—ଠେଲିବାରୁ)—ଏକପ୍ରକାର
Push push ଠେଲା ଗାଡ଼ି—A kind of pushing cart;
পুষ পুস্ पुसपुस् push-push.

ପୁଷ୍ ପୁନି—ପ୍ରାଦେ (ସମ୍ବଲପୁର) ବି—ପୌଷ ପୂର୍ଣ୍ଣିମା (ଦେଖ)—
Push pūni Paush pūrnnimā (See).

ପୁଷ—ଦେ. ବି—(ସଂ. ପୌଷ)—ମାର୍ଗଶିର ମାସର ପରବର୍ତ୍ତୀ ଚାନ୍ଦ୍ରମାସ;
Pusha ପୌଷ ମାସ—The lunar month of Pausha
পৌষ following the month of Mārgasira
पुस (December and January).

ପୁଷର ଅନ୍ତରେ ସଙ୍ଗୀଙ୍କର ପ୍ରତ୍ୟାଗ—
ପ୍ରାଚୀ—ଲତସଂମ୍ଭୂଷ ।

ପୁଷ କରଣୀ—ଗ୍ରା. (ପଦ୍ୟ) ବି—ପୁଷ୍କରଣୀ (ଦେଖ)—
Pusha karinī Pushkarinī (See)
ପୁଷ୍କରିଣୀକ ଗୃହଁ ଦୋପେଣ ଣୀପ ଦଅର ।
ପ୍ରତୋ ଶଣଣେ ।

ପୁଷକା(କାଁ)ଅ(ଅଁ)ଳ—(ସଂ. ପୌଷ+କାମଲ)—ପୁଷ ମାସରେ କରିବା
Pushakā(kāṅ)ā(āṅ)la ଓ ସମୟ ସମୟରେ ଦେଖାଯିବା ମେଘୁଆ ବା କୁହୁଡ଼ିଆ ପାଗ—
ପୁଷ କାହା(ହାଁ)ଳ, ପୁଷ କା(କାଁ)ଅ(ଅଁ)ଳ, ପୁଷି କାହା(ହାଁ)ଳ } ଅନ୍ୟରୂପ
Cloudy or foggy weather sometimes appearing in the month of Pous.

ପୁଷ ପୂର୍ଣ୍ଣିମୀ—ଦେ. ବି—(ସଂ. ପୌଷ ଓ ପୂର୍ଣ୍ଣିମା)—ପୌଷ ପୂର୍ଣ୍ଣିମା
Pusha pūrnnamī (ଦେଖ)—Pausha Pūrnnimā (See)—
ପୁଷ ପୁନିଅଁ, ପୁଷ ପୁନମୀ, ପୁଷ ପୁନିଅଁ, ପୁଷୁ ପୂର୍ଣ୍ଣିମୀ, ପୁଷ(ଷୁ) ପୁନେଇଁ } ଅନ୍ୟରୂପ

ପୁଷ ମାସ—ଦେ. ବି (ସଂ. ପୌଷ+ମାସ)—୧ । ପୌଷ ମାସ; ମାର୍ଗଶିର
Pusha māsa ମାସର ପରବର୍ତ୍ତୀ ଚାନ୍ଦ୍ର ମାସ—1. The
(ପୁଷମାସ—ଅନ୍ୟରୂପ) month of Pausha (December-
পৌষমাস पुसमहिना Jauary).
୨ । (ଲକ୍ଷଣାର୍ଥ) ଆନନ୍ଦର ସମୟ—
2. Time of merriment and plenty.
[ଦ୍ର—ପୁଷ ମାସରେ ଧାନ ଫସଲ କଟା ହେବାରୁ ଧାନ ପାଇଁ ଚଷୀ ଓ ମୂଲିଆମାନେ ଆନନ୍ଦରେ ଦିନ କାଟନ୍ତି । ପୁଷ ମାସରେ ଆମ ଦେଶରେ ଅତି ଗରୀବ ମୂଲିଆ ଲୋକ ମଧ୍ୟ ପରର ଧାନ କାଟି ତହିଁ ପାଇଁ ଧାନ ମୂଲ ପାଏ । ଏଥିପାଇଁ ଆନନ୍ଦ ଓ ଖାଦ୍ୟ ପ୍ରାଚୁର୍ଯ୍ୟର ସମୟ ଅର୍ଥରେ ପୁଷ ମାସ ବ୍ୟବହୃତ ହୁଏ ଯଥା—କାହାର ପୁଷମାସ, କାହାର ସର୍ବନାଶ—ଢଗ ।]

ପୁଷ ରବିବାର ଓଷା—ଦେ. ବି—(ସଂ. ପୌଷ ରବିବାର ଉପବାସ)—
Pusha rabibāra oshā ପୁଷ ମାସର ପ୍ରତି ରବିବାର ଦିନ ସ୍ତ୍ରୀମାନଙ୍କର କରାଯିବା ଓଷା—
ପୁଷ ରବିବାର ଓଷା, ପୁଷୁ ରବିବାର ଓଷା } ଅନ୍ୟରୂପ
The festival observed on every Sunday of the month of Pausha by females.

ପୁଷା—ସଂ. ବି—(ପୁଷ୍ ଧାତୁ+ଭାବ. ଅ+ଆ)—୧ । ପୋଷଣ; ପାଳନ—
Pushā 1. Cherising; bringing up.
୨ । ଲାଙ୍ଗଲକୀ ଗଛ; ଲାଙ୍ଗଲୀଗଛଳିଆ ଗୁଳ୍ମ—
2. A poisionous plant; wolfs bane; Aconitum Napellus.
ପ୍ରାଦେ (ସମ୍ବଲପୁର ଓ ବାଲେଶ୍ୱର) ବି—ପୁଷା ପୁଅ (ଦେଖ)—
Pushā pua (See).
ବିଣ—ପୋଷା; ପାଳିତ—Brought up.

ପୁଷା ପୁଅ—ପ୍ରାଦେ (ସମ୍ବଲପୁର ଓ ବାଲେଶ୍ୱର) ବି—(ସଂ. ପୋଷ୍ୟପୁତ୍ର)—
Pushā pua ପୋଷ୍ୟପୁତ୍ର—Adopted son.

ପୁଷି—ଦେ. ବି—(ବିରାଡ଼ିକୁ ଡାକିବା ସମୟରେ କରାଯିବା ସିଟ୍ ଧ୍ୱନିର ଅନୁକରଣରେ ନିଷ୍ପନ୍ନ ଶବ୍ଦ; ତୁଳ. ଇଂ. ପୁସି; ଆଇରିସ୍ ଓ ଗେଲିକ୍ ପୁସ୍; ଡଚ୍—ପୋଏସ୍; ଡା. ପୁସ୍ସେଇ)—
Pushi
୧ । ବିରାଡ଼ି—1. Cat.
୨ । ପ୍ରିୟ ବିରାଡ଼ି—2. A pet cat.
ଅ—ପୋଷା ବିରାଡ଼ିକୁ ସ୍ନେହରେ ଡାକିବାର ଶବ୍ଦ—
A term of endearment for calling a pet cat.

ପୁଷିଆଁ—ପ୍ରାଦେ (ବାଲେଶ୍ୱର; ସମ୍ବଲପୁର ଓ ଗଡ଼ଜାତ)—ବିଣ (ଅମୁକ ଦ୍ୱାରା) ପୋଷ୍ୟ; ଅନୁଜୀବୀ—Dependent on; maintained by.
Pushiañ

ପୁଷିଆଁ ପୁଅ—ପ୍ରାଦେ (ବାଲେଶ୍ୱର; ସମ୍ବଲପୁର; ଗଡ଼ଜାତ) ବି—ପୋଷ୍ୟପୁତ୍ର—Adopted son
Pushiañ pua

ପୁଷିତ—ସଂ. ବିଣ. ପୁଂ. (ପୁଷ୍ ଧାତୁ+କର୍ମ. ତ)—ପୁଷ୍ଟ; ପାଳିତ—Maintained; brought up.
Pushita
(ପୁଷିତା—ସ୍ତ୍ରୀ)

ପୁଷି ଫୁଟ୍ ଜନସନ୍—ବେଦେ. ବି. (ଇଂ. ପୁସିଫୁଟ୍=ବିରାଡ଼ି ଖୋଜ ପଦ୍ର ଚାଲିବା ବେଳେ ଯାହାର ପଦଶବ୍ଦ ଶୁଣାଯାଏ ନାହିଁ+ଇଂ. ନାମ ଜନ୍‌ସନ୍)—
Pushi phut janasan
Pussyfoot Johnson; the celebrated American leader of temprance movement.

ପୁଷିବା—ପ୍ରାଦେ. (ବାଲେଶ୍ୱର) କ୍ରି. (ସଂ. ପୁଷ୍ ଧାତୁ; ତୁଳ ବଂ. ପୁଷା)—ପାଳିବା; ପୋଷିବା—To bring up; to maintain.
Pushibā

ପୁଷି ବିରାଡ଼ି—ଦେ. ବି—ପୁଷି (ଦେଖ)—Pushi (See)
Pushi birārḍi (ପୁଷିବିଲେଇ—ଅନ୍ୟରୂପ)

ପୁଷ୍କର—ସଂ. ବି. (ପୁଷ୍ ଧାତୁ+ସଞ୍ଜ୍ଞାର୍ଥେ କର)—
Pushkara
୧ । ଆକାଶ; ବ୍ୟୋମ; ଶୂନ୍ୟ—
1. The sky; heaven; atmosphere; the air.
୨ । ଜଳ—2. Water.
୩ । ପଦ୍ମ—3. Lotus.
୪ । ପଦ୍ମ କୋଷ—4. The cupola or the inner disk of the lotus flower; the pistil of the lotus (like an inverted cone).
[ଦ୍ର—ଏହା ଫାଳକିଆ ଗିନା ବା ଲୁଣ୍ଡ ପରି, ଏହା ମଧ୍ୟରେ ପଦ୍ମମଞ୍ଜି ଥାଏ ଓ ଏହାକୁ କେଶରମାନ ଘେରିଥାଏ ।]
୫ । ହସ୍ତୀ ଶୁଣ୍ଢାଗ୍ର; ହାତୀ ଶୁଣ୍ଢର ଅଗ—
5. The tip of the elephant's trunk.
୬ । ମୃଦଙ୍ଗାଦି ବାଦ୍ୟ ଭାଣ୍ଡର ମୁଖ (ଯହିଁ ଉପରେ ଚମଡ଼ା ମଡ଼ାଯାଏ)—6. The head of a drum.
୭ । ପୁଷ୍କର ତୀର୍ଥ (ଦେଖ)—7. Pushkara tīrthā (See)
ପୁଷ୍କର ଜଳେ ସ୍ନାନ କଲେ ଯେଉଁ ଫଳ
ସେହି ଜଳରସ୍ତି ତୁଅଇ ସେହି ଫଳ । କୃଷ୍ଣସିଂହ, ମହାଭାରତ, ଅବ ।
୮ । ସପ୍ତ ପ୍ରକାର ମେଘ ମଧ୍ୟରୁ ଏକପ୍ରକାର ମେଘ—
8. Name of a cloud
[ଦ୍ର—ହିନ୍ଦୁ ଜ୍ୟୋତିଷ ଗଣନାକ୍ରମେ ଯେଉଁ ବର୍ଷ ପୁଷ୍କର ମେଘ ପୃଥିବୀରେ ଆବିର୍ଭୂତ ହୁଏ ସେ ବର୍ଷ ଶସ୍ୟହାନି; ଦୁର୍ଭିକ୍ଷ ଓ ଅନାବୃଷ୍ଟି ହୁଏ । ଏହାକୁ 'ବାଇଗଣକୋଡ଼ା' ବା 'ମଳାମଳା' ମେଘ କହନ୍ତି । ଏ ମେଘ ଉଠାଇଲେ ନିକଟରେ ବେଶି ବର୍ଷା ହେବାର ସମ୍ଭାବନା ନ ଥାଏ ଓ ଏହା ଦୁର୍ଭିକ୍ଷର ସୂଚନା କରେ । ଏଥିର ଡାକ ବଚନ ଅଛି—ହନଳୁ ମଳାମଳା; ଗ୍ରହଣ ନିର୍ମଳା, ଡାକବୋଲେ ପୁଛାରେ ରାଜ୍ୟ ଛାଡ଼ ପଳା ।]
୯ । କାଣ୍ଡ; ଶର—9. Arrow.
୧୦ । ପୃଥିବୀର ପୌରାଣିକ ସପ୍ତଦ୍ୱୀପ ମଧ୍ୟରୁ ଗୋଟିଏ ଦ୍ୱୀପ—
10. One of the 7 mythological islands forming the universe.
[ଦ୍ର—ଏ ଦଧି ସମୁଦ୍ରର ଆଗରେ ଅବସ୍ଥିତ ଓ ଏହାର ବିସ୍ତାର ଶାକଦ୍ୱୀପର ଦ୍ୱିଗୁଣ ଥିବାର କଥିତ—ହ୍ବି. ଶ ।]
୧୧ । ପୁଷ୍କର ଦ୍ୱୀପସ୍ଥ ପର୍ବତବିଶେଷ—11. One of a mythological mountain in the island of Pushkara.
୧୨ । ବରୁଣଙ୍କ ପୁତ୍ର—12 Name of the son of the ocean God.
[ଦ୍ର—ଏ ପୁଷ୍କର ଦ୍ୱୀପରେ ବାସ କରୁଥିଲେ—ହ୍ବି. ଶ ।]
୧୩ । ନଳରାଜାଙ୍କ ଭ୍ରାତା—
13. Name of the brother of King Nala
[ଦ୍ର—ଏ ନଳରାଜାଙ୍କୁ ପଶାଖେଳରେ ହରାଇ ନଳଙ୍କଠାରୁ ନିଷଧ ରାଜ୍ୟ ନେଇଥିଲେ, ପରେ ନଳ ଋତୁପର୍ଣ୍ଣଙ୍କଠାରୁ ପଶାଖେଳ ଶିଖି ଏହାଙ୍କୁ ହରାଇ ଏହାଙ୍କଠାରୁ ନିଜରାଜ୍ୟ ଉଦ୍ଧାର କଲେ ।]
୧୪ । ଖଣ୍ଡାର ପତ୍ର; ଖଡ୍ଗଫଳକ—14. Sword blade
୧୫ । ଖଡ୍ଗକୋଷ; ଖଣ୍ଡାର ଖାପ—
15. The sheath of a sword.
୧୬ । ଯୁଦ୍ଧ; ସଂଗ୍ରାମ—16. War; battle; fighting.
୧୭ । କୁଷ୍ଠରୋଗବିଶେଷ—17. A kind of leprosy.
୧୮ । କୁଷ୍ଠନାମକ ଔଷଧ; କୁଡ଼ ନାମକ ଔଷଧ—
18. A medicinal herb; (Costus Speciosus).
୧୯ । ନୃତ୍ୟ ଶାସ୍ତ୍ର; ନୃତ୍ୟ କଳା—
19. The science or art of dancing.
୨୦ । ଅଂଶ; ଭାଗ—20. Part.
୨୧ । ମତ୍ତତା; ନିଶା—21. Intoxication.
୨୨ । ସଂଯୋଗ; ମିଳନ—22. Union; conjunction.
୨୩ । ନାଗବିଶେଷ; ପଦ୍ମ ନାଗ—
23. A reddish cobra.
୨୪ । ହ୍ରଦ; ପୋଖରୀ—24. Lake; tank; pond.
୨୫ । ମୁର୍ଦ୍ଦାର; ମଡ଼—25. Dead-body (Howells).
୨୬ । ସାରସ ପକ୍ଷୀ—26. Indian crane.
୨୭ । ନୀଳ ପଦ୍ମ—27. Blue lotus flower (Howells).
୨୮ । ଏକପ୍ରକାର ଢୋଲ—28. A kind of drum.
୨୯ । (ଜ୍ୟୋତିଷ) ପୁଷ୍କର ଦୋଷ (ଦେଖ)
29. (Astrology) Pushkara dosha (See)

୩୦ । (ଜ୍ୟୋତିଷ) ଯୋଗବିଶେଷ—
30. (Astrology) An auspicious astrological conjunction.

[ଦ୍ର—ଏଥିରେ ଗଙ୍ଗା, ଗୋଦାବରୀ, କୃଷ୍ଣା ଓ କାବେରୀ ନଦୀମାନଙ୍କରେ ସ୍ନାନଯୋଗ ପଡ଼େ । ରବି ଓ ବୃହସ୍ପତି ମକର ରାଶିରେ ଥିବା ସମୟରେ ରବିବାର ଦିନ ପୂର୍ଣ୍ଣିମା ପଡ଼ିଲେ ଗଙ୍ଗାରେ ପୁଷ୍କର ଯୋଗ, ସିଂହ ରାଶିରେ ଥାଇ ରବି ଯଦି ବୃହସ୍ପତିଯୁକ୍ତ ହୁଅନ୍ତି ଓ ଗୁରୁବାରରେ ପୂର୍ଣ୍ଣିମା ହେଲେ ଗୋଦାବରୀରେ ପୁଷ୍କର, ରବି ମେଷ ରାଶିରେ ବୃହସ୍ପତିଙ୍କ ସଙ୍ଗେ ସଂଯୁକ୍ତ ହେଲେ ଓ ସୋମବାର ଦିନ ଶୁକ୍ଲାଷ୍ଟମୀ ହେଲେ କାବେରୀରେ ପୁଷ୍କର, ରବି କର୍କଡ଼ା ରାଶିରେ ରାହୁ ସହିତ ମିଳିତ ହେଲେ ଯଦି ସୋମବାର ଦିନ ପୂର୍ଣ୍ଣିମା ବା ଅମାବାସ୍ୟା ହୁଏ ତେବେ କୃଷ୍ଣାରେ ପୁଷ୍କର ଯୋଗ ପଡ଼େ ।)

୩୧ । ସୂର୍ଯ୍ୟ (ହି. ଶ)—31. The sun.

୩୨ । ପିଞ୍ଜରା; ପଞ୍ଜୁରୀ (ହି. ଶ)—32. Bird's cage

୩୩ । ପୁଷ୍କର ମୂଳ (ହି. ଶବ୍ଦସାଗର) (ଦେଖ)
33. Pushkara mūḷa (See)

୩୪ । ଦିଗ୍ଗଜବିଶେଷ (ହି. ଶ.)
34. Name of one of the mythological elephants guarding the quarters of globe.

୩୫ । ବିଷ୍ଣୁଙ୍କର ଏକ ନାମ—25. A name of Bishṇu.

[ଦ୍ର— ପ୍ରଳୟ ପରେ ବିଷ୍ଣୁଙ୍କ ନାଭିରୁ ଯେଉଁ ପଦ୍ମ ବାହାରିଥିଲା ଓ ଯେଉଁ ପଦ୍ମରୁ ବ୍ରହ୍ମା ଜନ୍ମିଥିଲେ ତାହା ବିଷ୍ଣୁଙ୍କର ଗୋଟିଏ ଅଙ୍ଗ ଥିବାରୁ ହରିବଂଶରେ ଅଛି—ହି. ଶ ।]

୩୬ । ଶିବ (ହି. ଶ)—36. Śiba.

୩୭ । (ନାମ) କୃଷ୍ଣଙ୍କର ଏକପୁତ୍ର (ହି. ଶ)—
37. Name of a son of Kṛushṇa.

୩୮ । (ନାମ) ଭରତଙ୍କର ଏକ ପୁତ୍ର (ହି. ଶ)—
38. Name of a son of king Bharata.

୩୯ । (ନାମ) ଅସୁରବିଶେଷ (ହି. ଶ)—
39 Name of a demon.

୪୦ । କରଚୁଲର କଟୋରି (ହି. ଶବ୍ଦସାଗର)—40. The cupshaped part of a spoon or ladle.

୪୧ । ସର୍ପ (ହି. ଶ)—41. Serpent.

୪୨ । ପଦ୍ମକନ୍ଦ (ହି. ଶବ୍ଦସାଗର)—
42. The root of the lotus plant.

୪୩ । ବୁଦ୍ଧଙ୍କର ଏକ ନାମ (ହି. ଶବ୍ଦସାଗର)—
43. A name of the Buddha.

ଦେ. ବି—୧ । ପଦ୍ମବୀଜ; ପଦ୍ମଫୁଲ ମଧ୍ୟରେ ଥିବା କୋଷ ମଧ୍ୟରେ ଯେଉଁ ମଞ୍ଜି ଥାଏ—1. The seeds found inside the inner disk of a lotus.

[ଦ୍ର—ପଦ୍ମଫୁଲ ଶୁଖିଗଲେ ପାଖୁଡ଼ାସାକ ଝଡ଼ିବା ପରେ ଏସ କୋଷଟି ରହେ ଓ ତହିଁ ମଧ୍ୟସ୍ଥ ମଞ୍ଜିଗୁଡ଼ିକ ପକ୍ୱତା ଲାଭ କରି ଟାଣୁଆ ଓ କୃଷ୍ଣବର୍ଣ୍ଣ ହୁଏ । ତାକୁ ଫୋଡ଼ି ଲୋକେ ଜପମାଳା କରନ୍ତି ।]

୨ । ସାତଗାତି ଖେଳ (ଦେଖ)—
2. Sātagāti kheḷa (See)

ପୁଷ୍କର କର୍ଣ୍ଣିକା – ସ. ବି. (ପୁଷ୍କର + କର୍ଣ୍ଣ + କ + ସ୍ତ୍ରୀ. ଆ)—ସ୍ଥଳପଦ୍ମ—
Pushkara karṇṇikā Habiscus Mutabilis (flower and plant.)
(ପୁଷ୍କରନାଡ଼ୀ—ଅନ୍ୟରୂପ)

ପୁଷ୍କରଣୀ—ଗ୍ରା. ବି.—(ସ. ପୁଷ୍କରଣୀର ଅଶୁଦ୍ଧ ଉଚ୍ଚାରଣ)—ପୋଖରୀ—
Pushkaraṇi Tank; pond.

ପୁଷ୍କର ତିଥି—ସ. ବି.— ପୁଷ୍କର ଦୋଷ (ଦେଖ)
Pushkara tithi Pushkara dosha (See)
(ପୁଷ୍କର ନକ୍ଷତ୍ର, ପୁଷ୍କର ବାର—ଅନ୍ୟରୂପ)

ପୁଷ୍କର ତୀର୍ଥ – ଦେ. ବି.— ହିନ୍ଦୁ ତୀର୍ଥବିଶେଷ; ହ୍ରଦବିଶେଷ—
Pushkara tīrtha A place of pilgrimage of the Hindus near Ajmere; a lake

[ଦ୍ର—ଏହି କ୍ଷୁଦ୍ର ହ୍ରଦ ଅଜମିରଠାରୁ ୭ ମାଇଲ ଦୂରରେ ବାଲୁକାସ୍ତୂପବେଷ୍ଟିତ ଉପତ୍ୟକା ମଧ୍ୟରେ ଅବସ୍ଥିତ । ହ୍ରଦଟି ବୃତ୍ତାଭାସ ଆକୃତିବିଶିଷ୍ଟ । ଏହାର ଚାରି ପାଖରେ ଦେବମନ୍ଦିର ଓ ସମାଧିମନ୍ଦିରମାନ ଅଛି । ଏଠାରେ ବ୍ରହ୍ମାଙ୍କ ମନ୍ଦିର ଅଛି ଓ ବ୍ରହ୍ମାଙ୍କ ମୂର୍ତ୍ତି ପୂଜିତ ହୁଅନ୍ତି । ଏହାର ସ୍ଥାନୀୟ ନାକ ନାମ ପୋକର । କାର୍ତ୍ତିକ ପୂର୍ଣ୍ଣିମାରେ ଲକ୍ଷାବଧି ହିନ୍ଦୁ ଯାତ୍ରୀ ଏଠାରେ ସ୍ନାନ କରନ୍ତି । ବ୍ରହ୍ମା ଏଠାରେ ସାବିତ୍ରୀଙ୍କ ଅନୁପସ୍ଥିତିରେ ଅନ୍ୟ ଗୋଟିଏ ସ୍ତ୍ରୀକୁ ସାବିତ୍ରୀ କଳ୍ପନା କରି ତାଙ୍କୁ ସାବିତ୍ରୀଙ୍କ ପ୍ରତିନିଧି କରି ଯଜ୍ଞ କରିଥିଲେ । ଏଠାରେ ବ୍ରହ୍ମାଙ୍କ ମୂର୍ତ୍ତି ଓ ମନ୍ଦିର ଅଛି । କଥିତ ଅଛି ଯେ, ଭାରତବର୍ଷରେ କେବଳ ଏହିଠାରେହିଁ ବ୍ରହ୍ମାଙ୍କର ମୂର୍ତ୍ତି ପୂଜା ହେଉଅଛନ୍ତି । ଏଠାରେ ମଧ୍ୟ ସାବିତ୍ରୀ, ବଦରୀନାରାୟଣ ଓ ବରାହଜୀଙ୍କ ମନ୍ଦିର ଅଛି । ଏହି ସମୟରେ ଏଠାରେ ଏକ ସପ୍ତାହବ୍ୟାପି ବଡ଼ ମେଳା ହୁଏ । ଗୋରୁ, ଘୋଡ଼ା ଓ ଓଟ ବିକ୍ରି ହୁଏ । ବର୍ଷେ ବର୍ଷେ ହଜାର ହଜାର ଓଟ ମେଳାରେ ବିକି ହୁଅନ୍ତି । କବିବର ରାଧାନାଥ କହିଛନ୍ତି—

"ସୁରୂପା ଅଂଶୁପା ଲୋକେ ଅଗୋଚର
ପୂଜାସ୍ପଦ ହେଲା ଗୋଷ୍ପଦ ପୁଷ୍କର ।"

ପଦ୍ମପୁରାଣରେ ଲେଖା ଅଛି ଯେ ଏହିଠାରେ ଯଜ୍ଞ କରିବା ପୂର୍ବରୁ ବ୍ରହ୍ମାଙ୍କ ହାତରୁ ଗୋଟିଏ ପଦ୍ମ ଭୂମିରେ ଖସି ପଡ଼ିଥିଲା ଓ ଏହି ପଦ୍ମ ପଡ଼ିବାରୁ ରସାତଳରେ ତପସ୍ୟା କରୁଥିବା ଦେବଦ୍ରୋହୀ ବଜ୍ରନାଭି ନାମକ ଅସୁରର ମୃତ୍ୟୁ ଘଟିଲା । ବ୍ରହ୍ମାଙ୍କ ହାତର ପୁଷ୍କର (ପଦ୍ମ) ଏଠାରେ ଖସି ପଡ଼ିବାରୁ ଏ ତୀର୍ଥର ନାମ ପୁଷ୍କର ହେଲା । ହି. ଶ.]

ପୁଷ୍କର ଦୋଷ—ସ. ବି. (ଜ୍ୟୋତିଷ)—ଜ୍ୟୋତିଷୋକ୍ତ ଛଅଟି ନକ୍ଷତ୍ର
Pushkara dosha ତିନିଟି ବାର ଓ ତିନିଟି ତିଥିରେ ମୃତ୍ୟୁ ଘଟିବା ଜନିତ ଅମଙ୍ଗଳ—(astrology) Certain inauspicious periods in which a person's death forebodes disaster to his family.

[ଦ୍ର—ପୁନର୍ବସୁ, ଉତ୍ତରାଷାଢ଼ା, କୃତ୍ତିକା, ଉତ୍ତରାଫାଲ୍ଗୁନୀ ପୂର୍ବଭାଦ୍ରପଦ ଓ ବିଶାଖା ଏହି ଛଅଟି ନକ୍ଷତ୍ର; ଦ୍ୱିତୀୟା, ସପ୍ତମୀ ଓ ଦ୍ୱାଦଶୀ ଏହି ତିନି ଗୋଟି ତିଥି; ରବି, ମଙ୍ଗଳ ଓ ଶନି ଏହି ତିନି ଗୋଟି ବାରରେ ମନୁଷ୍ୟର ମୃତ୍ୟୁ ହେଲେ ପୁଷ୍କରଦୋଷ ଲାଗେ ।

ଏହି ଛଅ ଗୋଟି ଦୋଷ ମଧ୍ୟରୁ ଯେତେ ଗୋଟି ଦୋଷ ଲାଗେ ତାକୁ ସେତେ ପାଦ (୧, ୨ ବା ୩) ପାଦ ଦୋଷ ଲାଗିବାର କହନ୍ତି ।

ବାରଦୋଷରେ କୃଷିନାଶ, ତିଥି ଦୋଷରେ ଗୋଧନ ନାଶ, ନକ୍ଷତ୍ରରେ ବଂଶନାଶ ଓ ତ୍ରିଦୋଷରେ ସମ୍ପଦନାଶ ଘଟେ । ଶାସ୍ତ୍ରରେ ବାରଦୋଷ ପାଇଁ ଭୂମିଦାନ, ତିଥିଦୋଷ ଶାନ୍ତି ପାଇଁ ଅନ୍ନଦାନ, ନକ୍ଷତ୍ରଦୋଷ ଶାନ୍ତି ପାଇଁ ତିଳକାଞ୍ଚନ ଦାନର ବ୍ୟବସ୍ଥା ଅଛି ।]

ପୁଷ୍କର ନାଭ — ସଂ. ବି. (ବହୁବ୍ରୀହି; ପୁଷ୍କର + ନାଭ) — ପଦ୍ମନାଭ; ବିଷ୍ଣୁ—
Pushkara nābha Bishṇu.

ପୁଷ୍କର ମାଳା — ସଂ. ବି — ପଦ୍ମ ଫୁଲର ମାଳ—
Pushkara māḻā A garland made of lotus.
ଦେ. ବି—**ପୁଷ୍କର ମାଳି (ଦେଖ)**
Pushkara māḻi (See)

ପୁଷ୍କର ମାଳି — ଦେ. ବି. (ସଂ. ପୁଷ୍କର ଓ ମାଳ) — ପୋଖରୀ ପଦ୍ମବୀଜ
Pushkara māḻi ଗୁନ୍ଥା ହୋଇଥିବା ଜପାମାଳା—
ପୁଷ୍କର ମାଳ / ପୁଷ୍କର ମାଳା } ଅନ୍ୟରୂପ
A string of beads made of lotus seeds sewn through.

ପୁଷ୍କର ମୂଳ — ସଂ. ବି. (ବୈଦ୍ୟଶାସ୍ତ୍ର)—**ପୁଷ୍କର ଦେଶୀୟ** ଔଷଧବିଶେଷ;
Pushkara mūḻa କାଶ୍ମୀର ଦେଶ ପ୍ରସିଦ୍ଧ ପାତାଳ ପଦ୍ମିନୀ—
The root of Alpotaxis Auriculata.
पुष्करमूल
पोहोकर मूली
ସ. ପୋକର ମୂଳ
ମ. ପୁଷ୍କର ମୂଳ
[ଦ୍ର—ବାୟୁ, କଫ, ଶ୍ୱାସ, ଶୋଥ, ଅରୁଚି ବାତଶ୍ଳେଷ୍ମିକଜ୍ୱର ଓ ପାଣ୍ଡୁରୋଗରେ ଏହା ଉପକାରୀ । ଏହାର ଅଭାବରେ କୁଡ଼ ବ୍ୟବହାର କରାଯାଏ ।]
(ପୁଷ୍କର ଜଟା, ପୁଷ୍କର ଶିଫା, ପୁଷ୍କରାଗ୍ୟ, ପୁଷ୍କରାହ୍ୱୟ, ପୌଷ୍କର, ପଦ୍ମପତ୍ର, କାଶ୍ମୀର, ପୁଷ୍କର ସାଗର—ଅନ୍ୟ ସଂ. ନାମ)

ପୁଷ୍କର ଯୋଗ — ସଂ. ବି. (ଜ୍ୟୋତିଷ) —**ପୁଷ୍କର ୩୦ (ଦେଖ)**
Pushkara joga Pushkara 30 (See)

ପୁଷ୍କର ହ୍ରଦ — ଦେ. ବି—**ପୁଷ୍କର ତୀର୍ଥ (ଦେଖ)**
Pushkara hrada Pushkara tīrtha (See)

ପୁଷ୍କରା — ସଂ. ବି. (ପୁଷ୍କର + ଅ) — ପଦ୍ମର ବୀଜକୋଷ—
Pushkarā The seed-vessel of the lotus.

ପୁଷ୍କରାକ୍ଷ — ସଂ. ବି. ପୁଂ. (ବହୁବ୍ରୀହି; ପୁଷ୍କର + ଅକ୍ଷ)—
Pushkarāksha ପଦ୍ମନେତ୍ର; ପୁଣ୍ଡରୀକାକ୍ଷ; ବିଷ୍ଣୁ—
Name of Bishṇu.

ପୁଷ୍କରାଖ୍ୟ — ସଂ. ବି. (ବହୁବ୍ରୀହି; ପୁଷ୍କର + ଆଖ୍ୟା + ଅ)—
Pushkarākhya ୧ । ସାରସ ପକ୍ଷୀ—1. Indian crane.
(ପୁଷ୍କରାହ୍ୱ—ଅନ୍ୟରୂପ) ୨ । କୁଡ଼ ଔଷଧ—
2. A medicinal herb.
୩ । ପୁଷ୍କର ମୂଳ (ଦେଖ)—3. Pushkara mūḻa (See)

ପୁଷ୍କରିକା — ସଂ. ବି—ଲିଙ୍ଗର ଅଗ୍ରଭାଗରେ ଛୋଟ ଛୋଟ ବ୍ରଣ ବାହାରିବା
Pushkarikā ରୋଗବିଶେଷ (ହି. ଶ)—A disease in which small eruptions appear on the extremity of the male organ.

ପୁଷ୍କରିଣୀ — ସଂ. ବି. ସ୍ତ୍ରୀ. (ପୁଷ୍କର=ପଦ୍ମ; ଜଳ ଅସ୍ତି+ଇନ୍+ସ୍ତ୍ରୀ ଈ)—
Pushkariṇī ୧ । ପୋଖରୀ; ସରୋବର; ଜଳାଶୟ—
1. Tank; pond.
୨ । ଚାରିଧାରୁ ବା ୪୦୦ ହାତ ପରିମିତ ସମଚତୁରସ୍ର ଜଳାଶୟ—
2. A square tank measuing 200 yards each side.
[ଦ୍ର – ପୁଷ୍କରିଣୀର ପାଞ୍ଚଗୁଣ ଆକାରବିଶିଷ୍ଟ ଜଳାଶୟକୁ ତଡ଼ାଗ ବୋଲାଯାଏ ।]
୩ । ହ୍ରଦ; ଅକୃତ୍ରିମ ଜଳାଶୟ—3. A lake.
୪ । ସରୋଜିନୀ; ପଦ୍ମପୋଖରୀ—
4. A tank full of lotuses.
୫ । ହସ୍ତିନୀ; ହାତୁଣୀ—5. A she-elephant.
୬ । ସ୍ଥଳପଦ୍ମ—6. Habiscus mutabilis (flower).
୭ । ପଦ୍ମନାଳ; ପଦ୍ମନାଡ଼—7. The stalk of lotus.
୮ । ପୁଷ୍କର ମୂଳ ଔଷଧ—8. A medicinal root.
୯ । କୁଡ଼ ନାମକ ଔଷଧ—9 Costus speciotus.

ପୁଷ୍କରୀ — ସଂ. ବି. ପୁଂ. (ପୁଷ୍କର=ହସ୍ତୀଶୁଣ୍ଡାଗ୍ର+ଇନ୍, ୧ମା. ୧ବ.)—
Pushkarī ହସ୍ତୀ—Elephant.

ପୁଷ୍କଳ — ସଂ. ବଣ. ପୁଂ. (ପୁଷ୍ ଧାତୁ + କଲ)—୧ । ଉତ୍କୃଷ୍ଟ; ଶ୍ରେଷ୍ଠ—
Pushkaḻa 1. Excellent; chief; eminent; principal.
(ପୁଷ୍କଳା—ସ୍ତ୍ରୀ) ୨ । ପ୍ରଚୁର; ପର୍ଯ୍ୟାପ୍ତ—
2. Plentiful; plenteous; abundant.
୩ । ପରିପୂର୍ଣ୍ଣ—3. Full; filled; rich; complete.
୪ । ଶୁଭ; ହିତ—4. Good; beneficial; salutary.
୫ । ସଦ୍‌ଗୁଣବିଶିଷ୍ଟ—5. Possed of good qualities.
୬ । ବହୁ—6. Many; much.
୭ । ଉପସ୍ଥିତ; ବର୍ତ୍ତମାନ (ହି. ଶ.)—7. Present.
୮ । ପବିତ୍ର (ହି. ଶ.)—8. Pure.
ବି—୧ । ଶସ୍ୟ ପରିମାଣବାଚକବିଶେଷ; ପସୁରୀ; ପାଞ୍ଚସେର ପରିମିତ; ୬୪ ପୋଷ ବା ୮ କୁଞ୍ଚି ପରିମାଣ—1. A neasure of corn; 64 handfuls or 5 seers.
୨ । ଗ୍ରାସ ଚତୁଷ୍ଟୟାତ୍ମିକା ଭିକ୍ଷା; ଯେତିକରେ ମନୁଷ୍ୟ ଚାରିଗଣ୍ଡା ଭାତ ଖାଇ ପାରିବ ସେତିକି ପରିମାଣ ଭିକ୍ଷାନ୍ନ—
2. A quantity of alms to the extent of four mouthfuls of food.
୩ । ମେରୁପର୍ବତ—3. The mythological mountain holding up the universe.
୪ । ପୁଷ୍କରତୀର୍ଥ (ଦେଖ)—4 Pushkara tīrtha (See)
୫ । ବରୁଣଙ୍କର ଏକ ପୁତ୍ର—
5. One of the sons of God Baruṇa.
୬ । ଭରତ ରାଜାଙ୍କ ଦୁଇ ପୁତ୍ର ମଧ୍ୟରୁ ଏକତର—6. Name of one of the two sons of king Bharata.

ତକ୍ଷ ପୁଷ୍କଳ ବେନି ସୁତ
ଭରତ ପତ୍ନୀ ଗର୍ଭେ ହୋଇ—ଜଗନ୍ନାଥ, ଭାଗବତ ।

୭ । ଅସୁରବିଶେଷ (ହ୍ମ. ଶ.)—
7. Name of a demon.
୮ । ଏକପ୍ରକାର ଢୋଲ (ହ୍ମ. ଶ.)—
8 A kind of drum,
୯ । ଏକପ୍ରକାର ବୀଣା (ହ୍ମ. ଶ.)—9. A kind of harp.
୧୦ । ଶିବ (ହ୍ମ. ଶ.)—10 Siba.

ପୁଷ୍କଳାବତୀ—ସଂ. ବି—ଭରତ ରାଜାଙ୍କ ପୁତ୍ର ପୁଷ୍କଳଙ୍କଦ୍ୱାରା ସ୍ଥାପିତ ପଞ୍ଜାବ ଅନ୍ତର୍ଗତ ପ୍ରାଚୀନ ନଗରୀ—Name of an ancient town in Punjab founded by Pushkala the son of king Bharata.
Pushkalabati

[ଦ୍ର—ଏହା ଗାନ୍ଧାର ଦେଶର ପ୍ରାଚୀନ ରାଜଧାନୀ । ବିଷ୍ଣୁପୁରାଣରେ ଲେଖା ଅଛି ଯେ ଏହାକୁ ଭରତଙ୍କ ପୁତ୍ର ପୁଷ୍କଳ ସ୍ଥାପନ କରିଥିଲେ । ସିକନ୍ଦରଙ୍କ ଭାରତ ଆକ୍ରମଣ ସମୟରେ ଏ ନଗରୀ ଥିଲା । ଏରିଅନ ଆଦି ଗ୍ରୀକ୍ ଲେଖକମାନେ ପେଉକେଲ, ପ୍ୟୁକୋଲେଇଟସ୍ ନାମରେ ଏହାକୁ ଉଲ୍ଲେଖ କରିଅଛନ୍ତି । ଏହାକୁ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରେ ଭାରତକୁ ଆସିଥିବା ଚୀନ ପରିବ୍ରାଜକ ହୁଏନ୍‌ସାଂ ଦେଖିଥିଲେ ଓ ଏଠାରେ ଗୁଡ଼ାଏ ହିନ୍ଦୁ ଦେବମନ୍ଦିର ଓ ବୌଦ୍ଧସ୍ତୂପ ଥିବାର ଲେଖିଅଛନ୍ତି । ପେଶବାରର ୯ କୋଶ ଉତ୍ତରରେ ସ୍ୱାତ ଓ କାବୁଲ ନଦୀର ସଙ୍ଗମସ୍ଥଳରେ ଥିବା ଆଧୁନିକ ହସ୍ତନଗର ଗ୍ରାମର ସ୍ଥାନରେ ଏ ନଗର ଥିଲା—ହ୍ମ. ଶ. ।]

ପୁଷ୍ଟ—ସଂ. ବିଣ. (ପୁଷ୍ ଧାତୁ+କର୍ମ. ତ)—୧ । ପ୍ରତିପାଳିତ—
Pushta 1. Brought up; maintained; nourished; cherished; supported.
(ପୁଷ୍ଟା—ସ୍ତ୍ରୀ)
(ପୁଷ୍ଟତା, ପୁଷ୍ଟି—ବି) ୨ । ସ୍ଥୂଳ; ମୋଟା—2. Fat; corpulent.
୩ । ଯାହାକୁ ଖାଦ୍ୟଦ୍ୱାରା ସ୍ଥୂଳକାୟ କରାଯାଇଥାଏ—
3. Fattened.
୪ । ବୃଦ୍ଧିଯୁକ୍ତ—4. Thrived.
୫ । ଦଗ୍ଧ—5. Burnt.
୬ । ପରିପୁଷ୍ଟ; ସୁପରିଣତ—Well developed.

[ଦ୍ର—ଏହି ଶବ୍ଦ ଅନ୍ୟ କେତେକ ଶବ୍ଦ ପରେ ବ୍ୟବହୃତ ହୁଏ; ଯଥା—ଅନ୍ନପୁଷ୍ଟ, କାକପୁଷ୍ଟ; ପରପୁଷ୍ଟ, ହୃଷ୍ଟପୁଷ୍ଟ, ପରାନ୍ନପୁଷ୍ଟ ଇତ୍ୟାଦି ।]

୭ । (କର୍ତ୍ତୃ. ତ) ବଳବର୍ଦ୍ଧକ; ପୋଷଣକାରୀ (ହ୍ମ. ଶ) —
7. Nourishing.

ଗ୍ରା. ବି—(ସଂ. ପୃଷ୍ଠର ଅଶୁଦ୍ଧ ଉଚ୍ଚାରଣ) ପିଠି ପାଖ—
Back; back side.

ଗ୍ରା. ବିଣ—(ସଂ. ସ୍ପଷ୍ଟର ଅଶୁଦ୍ଧ ଉଚ୍ଚାରଣ)—୧ । ସ୍ପଷ୍ଟ—
1. Clear.
୨ । ଭଲ; ଉତ୍ତମ—2. Good.

୧ ଓ ୨—ଶୁଣ ହେ ରାଜନ ଦୁହିତାଙ୍କର ଧୃତରାଷ୍ଟ୍ର,
ତାହାଙ୍କ ପରସ୍ଥିବା କେଉଁ କଥା ପୁଷ୍ଟ ।
କୃଷ୍ଣସିଂହ ମହାଭାରତ ଶଲ୍ୟ ।

ସଂ. ବି. ବିଷ୍ଣୁ (ହ୍ମ. ଶ)—Bishnu.

ପୁଷ୍ଟ ତାଡ଼ିତ—ଦେ. ବି—(ଅଧୁନିକ ବିଜ୍ଞାନପରିଭାଷା)—ତାଡ଼ିତ ଶକ୍ତି ବିଶେଷ; ତାଡ଼ିତର ସଂଯୋଜକ ଶକ୍ତି—
Pushta tardita Positive electricity.

ପୁଷ୍ଟଦା—ଦେ. ବିଣ—(ସଂ. ପୁଷ୍ଟିଦ)—ଉନ୍ନତିପ୍ରଦ; ଶୁଭପ୍ରଦ—
Pushtada Having prosperity.

ଅଷ୍ଟ ସିଦ୍ଧି କାମେ କାମନାଭୀ ଯେ ପୁଷ୍ଟଦା – ଶିବ ସ୍ତୋତ୍ର ।

ପୁଷ୍ଟାଙ୍ଗ—ସଂ. ବି. ପୁଂ—(ବହୁବ୍ରୀହି; ପୁଷ୍ଟ+ଅଙ୍ଗ)—ସ୍ଥୂଳ; ମୋଟା;
Pushtanga ସ୍ଥୂଳକାୟ—Fat; corpulent.
(ପୁଷ୍ଟାଙ୍ଗୀ - ସ୍ତ୍ରୀ)

ପୁଷ୍ଟି—ସଂ. ବି—(ପୁଷ୍ ଧାତୁ+ଭାବ. ତି)—୧ । ପୋଷଣ; ପ୍ରତିପାଳନ—
Pushti 1. Nourishment.
୨ । ପରିଣତି—2. Development.
୩ । ବୃଦ୍ଧି; ଉନ୍ନତି—3. Thriving; flourishing; increase; prosperity; growth.
୪ । ପ୍ରଚୁରତା; ପର୍ଯ୍ୟାପ୍ତି—4. Abundance.
୫ । ପୂର୍ଣ୍ଣତା—5. Fullness.
୬ । ଅଶ୍ୱଗନ୍ଧା ଗଛ—
6. Physalis Flexuosa (plant)
୭ । ଷୋଡ଼ଶ ମାତୃକାରୁ ଏକତମା—7. One of the 16 nourishing she-Deities of the creation.

ଦେ. ବି—ବଣିଆ, ତେଲି ପ୍ରଭୃତି ବ୍ୟବସାୟ ବୃତ୍ତିକାରୀ ଜାତିଙ୍କ ବଂଶୋପାଧିବିଶେଷ—A family title of goldsmith or oilman cast among Hindus.

[ଦ୍ର—ଏହି ଶବ୍ଦ ଅଶୁଦ୍ଧରୂପେ 'ପୃଷ୍ଠି' ବା 'ପୃଷ୍ଟି' ବୋଲି କେତେକ ଲେଖନ୍ତି ।]

ପୁଷ୍ଟିକର—ସଂ. ବିଣ—(ପୁଷ୍ଟି+କୃ ଧାତୁ+କର୍ତ୍ତୃ. ଅ)—୧ । ବୃଦ୍ଧିକାରକ, ବଳପ୍ରଦ, ଯାହା ଶରୀରକୁ ପୁଷ୍ଟ କରାଏ—
Pushtikara

ପୁଷ୍ଟିକାରକ, ପୁଷ୍ଟିଦ, ପୁଷ୍ଟିଦାତା, ପୁଷ୍ଟି ପ୍ରଦ } ଅନ୍ୟରୂପ

1. Nourishing; nutritious; causing growth.
୨ । ଉନ୍ନତିକାରକ—
2. Producing prosperity.

ପୁଷ୍ଟି କର୍ମ—ଦେ· ବି—ଶୁଭ କର୍ମ—
Pushti karma Auspicions ceremonies.

ଶାନ୍ତ ବୋଲି ଗ୍ରହଶାନ୍ତି ପୁଷ୍ଟିକର୍ମ ଯେତେ
କରିବ ପଣ୍ଡିତ ବିଷ୍ଣୁ ବିପ୍ର ଦାନ ବ୍ରତେ – ଶିବସ୍ୱରୋଦୟ ।

ପୁଷ୍ଟିକା—ସଂ. ବି—(ପୁଷ୍ଟି+ସଜ୍ଞାର୍ଥେ. କ+ସ୍ତ୍ରୀ. ଆ)—ଗେଣ୍ଡା ଶାମୁକା;
Pushtika ଜଳଶୁକ୍ତି—Oyster.

ପୁଷ୍ଟେ—ଦେ. କ୍ରି. ବିଣ—ଗୁରୁତର ଭାବରେ—
Pushte Seriously.

ବିସ୍ମୟରେ ଭଗ ହେଲେ ପୁଷ୍ଟେ
ବର୍ଣ୍ଣିମତରେ ଏହି କଥା ପୁଷ୍ଟେ ।
ଭଞ୍ଜ· ବୈଦେହୀଶବିଳାସ ।

ପୁଷ୍ପ (ଧାତୁ)—ସଂ—ବିକସିତ ହେବା; ଫୁଟିବା—
Pushp (root) To blossom forth, to flower.

ପୁଷ୍ପ—ସଂ. ବି. (ପୁଷ୍ପ ଧାତୁ+କର୍ତ୍ତୃ. ଅ)—୧ । ଫୁଲ—
Pushpa 1. Flower.

୨ । ସ୍ତ୍ରୀରଜଃ—2. Menses; menstrual flux.

୩ । (✝ସ୍ତ୍ରବ, ଅ) ବିକାଶ; ପ୍ରକାଶ—
3, Expansion; exhibition.

୪ । ନେତ୍ରରୋଗବିଶେଷ; ଆଖିର ଫୁଲ; ପରଳ—
4. A disease of the eye; albugo; leucoma.

୫ । ପୁଷ୍ପକ ୧ (ଦେଖ)—5. Pushpaka 1. (See)

ପୁଷ୍ପକ—ସଂ. ବି.—(ପୁଷ୍ପ+କ)—୧ । କୁବେରଙ୍କ ରଥ—
Pushpaka 1. The chariot of God Kubera.

୨ । ଆଖିର ଫୁଲ ରୋଗ—2. Leucoma.

୩ । ସୀସା—Lead.

୪ । ସ୍ତ୍ରାବିକଷ—4. Green vitriol; iron sulphate.

୫ । ସୁରୁମା; ରସାଞ୍ଜନ—
5. Antimony; collyrium.

୬ । ରତ୍ନ ଖଚିତ କଙ୍କଣ—7. A bracelet of jewels.
ବର ଶ୍ରବଣକୁ ଛନିବେ ପୁଷ୍ପକ ମଣ୍ଡନେ ହୋଇ ସଙ୍ଗେ ।
ଭଞ୍ଜ, ବୈଦେହୀଶବିଳାସ ।

୭ । ପିତ୍ତଳ—7. Brass.

୮ । ମାଟି ଉମ୍ବେଇ—
8. An earthen fire-pan.

ଦେ. ବି—ଫୁଲ—Flower.
ବୋଲେ ବୋଲନ୍ତି ଏ ପୁଷ୍ପକ ପୁଷ୍ପକ ଲୋକ ଫିଙ୍ଗି ସାଗରେ
ଭଞ୍ଜ, ବୈଦେହୀଶବିଳାସ ।

ବିଣ—ମୁକ୍ତ; ବିକାଶ ପ୍ରାପ୍ତ—
ବସାଇଣ ଅଙ୍କରେ ଧରିବେ ପୁଷ୍ପକ
ବମାନେ ପୁଷ୍ପକ ହେବା ଉ ମନେ ଅଙ୍କର ସୁଖେ—
ଭଞ୍ଜ, ବୈଦେହୀଶବିଳାସ ।

ପୁଷ୍ପକ ବିମାନ—ସଂ. ବି (ନାମ)—କୁବେରଙ୍କ ରଥର ନାମ—
Pushpaka bimāna Name of the chariot of god Kubera.
ପୁଷ୍ପ ଯାନ, ପୁଷ୍ପକ ଯାନ, ପୁଷ୍ପକ ରଥ, ପୁଷ୍ପ ରଥ } ଅନ୍ୟରୂପ

ପୁଷ୍ପ କରଣ୍ଡକ—ସଂ. ବି—(ମ. ପ. ଲୋ; ପୁଷ୍ପ ରଖିବା ପାଇଁ ବ୍ୟବହୃତ କରଣ୍ଡକ)—୧ । ଫୁଲ ଗୁଙ୍ଗୁଡ଼ା; ଫୁଲ ଡାଲି—1. A tray of flowers, a basket of flowers.
Pushpa karandaka

୨ । ଅବନ୍ତୀ ବା ଉଜ୍ଜୟିନୀ ନଗରସ୍ଥ ମହାକାଳ ନାମକ ଶିବଲିଙ୍ଗଙ୍କର ପ୍ରସିଦ୍ଧ ଉଦ୍ୟାନ—2. The garden belonging to the Deity Mahākāla in Ujjayini (N. W. India)

ପୁଷ୍ପ କାଳ—ଦେ. ବି—୧ । ରାତ୍ରିକାଳ—
Pushpa kāla 1. Night.
ବନୌକା ଅଗ୍ରମେ ପୁଷ୍ପକାଳ ଶେଷ କରି ଅଶେଷ ତୋଷଭର—
ଭଞ୍ଜ, ବୈଦେହୀଶବିଳାସ ।

୨ । ବସନ୍ତ ସମୟ—2. Time of spring.

୩ । (ସ୍ତ୍ରୀମାନଙ୍କର) ଋତୁକାଳ—
ବେଳେ ପୁଷ୍ପକାଳ ହେବାରୁ ମୋଚିବ ଶିବ ମନ୍ତ୍ରର ଜପରବ—
ଭଞ୍ଜ, ପ୍ରେମସୁଧାନିଧି ।

ପୁଷ୍ପ କାସୀଶ—ସଂ. ବି—ନସ୍ୟୌଷଧ; କଷ୍ଟତ ପୀତବର୍ଣ୍ଣ ସ୍ତ୍ରାବିକଷ ବିଶେଷ—Green vitriol or sulphate of iron
Pushpa kāsisa
ପୁଷ୍ପ କାଶୀଶ, ପୁଷ୍ପ କାଶୀଶ } ଅନ୍ୟରୂପ

ପୁଷ୍ପ କୀଟ—ସଂ. ବି—(ମ. ପ. ଲୋ; ପୁଷ୍ପ+କୀଟ)—୧ । ଭ୍ରମର—
Pushpa kita 1. The black bee.

୨ । ଫୁଲକୁ ଆକ୍ରମଣ କରିବା ପୋକ—
2. Any insect attacking flowers

ପୁଷ୍ପ କେତନ—ସଂ. ବି (ବହୁବ୍ରୀହି; ପୁଷ୍ପ+କେତନ=ଚିହ୍ନ)—
Pushpa ketana ୧ । କାମଦେବ; କନ୍ଦର୍ପ; ପୁଷ୍ପଧନ୍ୱା—
1. Cupid (personified as a Deity)

୨ । କାଳକେତୁ ନାମକ ବିଦ୍ୟାଧର ପୁତ୍ର—2. Name of the son of a flower named Kālaketu.

ପୁଷ୍ପ ଗର୍ଭକ—ସଂ. ବି—ଫୁଲର ତୋଡ଼ା ବା କେଣ୍ଡା—
Pushpa garbhaka A nosegay; a bouquet; a posy.

ପୁଷ୍ପ ଗିରି—ସଂ. ବି—ବରୁଣାଧିଷ୍ଠିତ ମାଲ୍ୟବାନ ପର୍ବତ—
Pushpa giri A fabulous mountain said to be the abode of the Sea-God.

ପୁଷ୍ପ ଗୁଚ୍ଛ—ସଂ. ବି—ଫୁଲର ଗୋଛା—
Pushpa guchchha A bunch of flowers.

ପୁଷ୍ପ ଘାତକ—ସଂ. ବି—(ବହୁବ୍ରୀହି; ପୁଷ୍ପ+ଘାତକ=ବିନାଶକ; ଫୁଲ ଫୁଟିଲେ ଯେଉଁ ଗଛ ମରଯାଏ)—ବାଉଁଶ; ବଂଶ—Bamboo.
Pushpa ghātaka

ପୁଷ୍ପ ଚୟନ—ସଂ. ବି—(୬ଷ୍ଠୀ ତତ୍; ପୁଷ୍ପ+ଚୟନ)—ଫୁଲ ତୋଳିବା—
Pushpa chayana The plucking of flowers.
(ପୁଷ୍ପ ପ୍ରଚୟ; ପୁଷ୍ପ ପ୍ରଚ୍ୟୁ—ଅନ୍ୟରୂପ)

ପୁଷ୍ପ ଚାପ—ସଂ. ବି—(ବହୁବ୍ରୀହି; ପୁଷ୍ପ+ଚାପ)—୧ । ମଦନ; କନ୍ଦର୍ପ—
Pushpa chāpa 1. Cupid.
ପୁଷ୍ପ ଧନୁଃ, ପୁଷ୍ପ ଶରାସନ } ଅନ୍ୟରୂପ

୨ । (ମ. ପ. କର୍ମଧା) କନ୍ଦର୍ପଙ୍କ କରଧୃତ ଧନୁ—2. The bow of cupid.

[ଦ୍ର—ଏହା ପାଞ୍ଚଗୋଟି ଫୁଲରେ ପ୍ରସ୍ତୁତ ଯଥା—ଅରବିନ୍ଦ, ଅଶୋକ, ଚୂତ, ନବମଲ୍ଲିକା ଓ ନୀଳୋତ୍ପଳ ।]

ପୁଷ୍ପଚାମର—ସଂ. ବି. (ବହୁବ୍ରୀହି; ପୁଷ୍ପ ଅଟେ ଚାମର ଯାହାର)—
Pushpa chāmara ୧ । ଦମନକ ବା ଦଅଣା ଗଛ—
1. Artemesia; a fragrant plant.

୨ । କେତକୀ ବୃକ୍ଷ; କିଆ ଓ କେତକୀ ଗଛ—
2. Pandenus; odoratissinus; Indian screwpine.

ପୁଷ୍ପଜ—ସଂ. ବିଣ. (ପୁଷ୍ପ+ଜନ୍ ଧାତୁ ଜାତ ହେବା+କର୍ତ୍ତୃ. ଅ)—
Pushpaja ପୁଷ୍ପରୁ ଜାତ—Born of flowers.
ବି.—ମଧୁ—Honey

ପୁଷ୍ପ ଜୀବୀ—ସଂ. ବି. ପୁଂ (ପୁଷ୍ପ+ଜୀବଧାତୁ+ଇନ୍; ୧ମା. ୧ବ.)—
Pushpa jibi ପୁଷ୍ପବ୍ୟବସାୟୀ; ଫୁଲୁରି; ମାଳୀ—
(ପୁଷ୍ପଜୀବିନୀ—ସ୍ତ୍ରୀ) A flower gardener.

ପୁଷ୍ପଦ—ସଂ. ବିଣ. (ପୁଷ୍ପ+ଦା ଧାତୁ+କର୍ତ୍ତୃ. ଅ) —ଯେ ଫୁଲ ଦିଏ — Pushpada Supplying flowers; giving or producing flower.

ବି.—ଫୁଲ ଧରିବା ଗଛ—Flowering plants.

ପୁଷ୍ପଦନ୍ତ—ସଂ. ବି. (ନାମ)—୧ । ବାୟୁକୋଣସ୍ଥ ଦିଗ୍‌ଗଜ— Pushpadanta 1. The legendary elephant guarding the N. W. quarters.

୨ । ଶିବଙ୍କର 'ମହିମ୍ନଃ ସ୍ତବ' ରଚୟିତା ଗନ୍ଧର୍ବବିଶେଷ— 2. Name of an aerial being who is the author of a famous hymn addressed to Siba.

[ଦ୍ର— ଶିବାନୁଚର ଗନ୍ଧର୍ବରାଜ ଦିନେ ଲୁଚି କରି ମହାଦେବ ଓ ପାର୍ବତୀଙ୍କ ବିଶ୍ରମ୍ଭାଳାପ ଶୁଣୁଥିବା ଅପରାଧରୁ ମହାଦେବଙ୍କ ଅଭିଶାପରେ ମର୍ତ୍ତ୍ୟରେ କବି ବରରୁଚି ରୂପରେ ଜନ୍ମଗ୍ରହଣ କଲେ । ଦୁର୍ଗାଙ୍କ ସଖୀ ଜୟା ଏହାଙ୍କ ସ୍ତ୍ରୀ । ଏ ଶିବନିର୍ମାଲ୍ୟ ଲଙ୍ଘନ କରିବା ଦୋଷରୁ ଗନ୍ଧର୍ବତ୍ୱ ହରାଇଥିଲେ ଏବଂ ମହିମ୍ନଃ ସ୍ତବ ରଚନାପୂର୍ବକ ତାହା ଗାନ କରି ମହାଦେବଙ୍କୁ ପ୍ରସନ୍ନ କରାଇ ପୁଣି ଗନ୍ଧର୍ବ ଶରୀର ପ୍ରାପ୍ତ ହେଲେ । ଏହି ସ୍ତବ ଓଡ଼ିଶାରେ ମହିମ୍ନ ନାମରେ ପ୍ରସିଦ୍ଧ । ଏହି ସ୍ତବର ପ୍ରଥମ ଶ୍ଳୋକର ଆଦ୍ୟ ଶବ୍ଦ 'ମହିମ୍ନଃ ପାରଂ ତେ' ।]

୩ । ନାଗବିଶେଷ—3. Name of a legendary serpent.

ପୁଷ୍ପ ଦାମ—ସଂ. ବି. (ପୁଷ୍ପ+ଦାମନ୍=ମାଳ)—୧ । ଫୁଲର ମାଳା— Pushpa dāma 1. A garland or wreath of flowers.

୨ । ୧୯ ଅକ୍ଷର ପାଦବିଶିଷ୍ଟ ଛନ୍ଦୋବିଶେଷ— 2. A metre consisting of lines of 19 letters.

[ଦ୍ର—ଶିବ ମହିମ୍ନଃ ସ୍ତବ ଏହି ଛନ୍ଦରେ ରଚିତ ।]

ପୁଷ୍ପ ଦ୍ରବ—ସଂ. ବି. (୬ଷ୍ଠୀ ତତ୍, ପୁଷ୍ପ+ଦ୍ରବ)—୧ । ପୁଷ୍ପସାର— Pushpa draba 1. Essence of flowers.

(ପୁଷ୍ପନିର୍ଯ୍ୟାସ— ଅନ୍ୟରୂପ) ୨ । ମଧୁ; ମକରନ୍ଦ; ମଧୁ— 2. Honey.

ପୁଷ୍ପଧ—ସଂ. ବି. (ପୁଷ୍ପ+ଧା. ଧାତୁ+ଅ)—ପତିତ ବ୍ରାହ୍ମଣର ସନ୍ତାନ— Pushpadha The offspring of an outcasted Brāhmaṇa.

ପୁଷ୍ପଧନ୍ୱା —ସଂ. ବି. (ପୁଷ୍ପ ଧନ୍ୱନ୍ ଶବ୍ଦ, ୧ମା. ୧ବ; ପୁଷ୍ପ+ଧନୁସ୍, ଧନୁସ୍= ଧନ୍ୱନ୍; ପୁଷ୍ପରେ ନିର୍ମିତ ଧନୁ ଯାହାର)— Puspadhanwā ମଦନ; ପୁଷ୍ପଚାପ—God Cupid.

ପୁଷ୍ପ ପତ୍ର—ସଂ. ବି. (୬ଷ୍ଠୀ ତତ୍; ପୁଷ୍ପ+ପତ୍ର)—୧ । ଫୁଲର ପାଖୁଡ଼ା— Pushpa patra 1. The petals of a flower.

୨ । (ଦ୍ୱନ୍ଦ୍ୱ) ଫୁଲ ଓ ପତ୍ର— 2. The flower and the leaf.

ପୁଷ୍ପପଥ—ସଂ. ବି. (୬ଷ୍ଠୀ ତତ୍; ପୁଷ୍ପ=ସ୍ତ୍ରୀ ରଜଃର+ପଥିନ୍=ପଥ)— Pushpa patha ଯୋନି; ସ୍ତ୍ରୀଜନନେନ୍ଦ୍ରିୟ—Vagina; the vulva; the female generative organ.

ପୁଷ୍ପ ପରାଗ—ସଂ. ବି—ଫୁଲର ରେଣୁ— Pushpa parāga The pollen of flowers.

ପୁଷ୍ପ ପାଳକ—ଦେ. ବି—ପଶୁପାଳକ (ଦେଖ) Pushpa pālaka Pasupālaka (See)

ପୁଷ୍ପ ପୁର—ସଂ. ବି. (ନାମ) —ପାଟଳିପୁତ୍ର ନଗର; (ଆଧୁନିକ) ପାଟନା— Pushpa pura The ancient name of modern town of Patna in Bihar.

ପୁଷ୍ପ ଫଳ —ସଂ. ବି. (ବହୁବ୍ରୀହି; ପୁଷ୍ପ+ଫଳ)—୧ । କଇଥ; କପିତ୍ଥ— Pushpa phala 1. The wood apple.

୨ । ପାଣିକଖାରୁ; ବୋଇତି କଖାରୁ ଓ ଲାଉ; କୁଷ୍ମାଣ୍ଡ ଲତା— 2. The pumpkin and gourd (creepers); Benin Cassa; Cerifera.

୩ । (ଦ୍ୱନ୍ଦ୍ୱ) ଫୁଲ ଓ ଫଳ—Flower and fruit.

ପୁଷ୍ପବତୀ—ସଂ. ବିଣ. ସ୍ତ୍ରୀ—ରଜସ୍ୱଳା, ଋତୁମତୀ— Pushpabati Menstruated.

ପୁଷ୍ପବନ୍ତ—ଦେ. ବି. (ସଂ. ପୁଷ୍ପ+ଅନ୍ତ ଅର୍ଥରେ ବନ୍ତ)—ଚନ୍ଦ୍ର ଓ ସୂର୍ଯ୍ୟ— Pushpa banta The sun and the moon.

ଉପମା-ମାତଙ୍ଗ ସେହି ଯେ
ଏଣୁ ପୁଷ୍ପବନ୍ତେ ଯୁକ୍ତ ହୋଇବାରେ ସମସ୍ତେ ଜାନକୁ ଧାଇଯେ
ଭଞ୍ଜ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ପୁଷ୍ପ ବାଟିକା—ସଂ. ବି. (ପୁଷ୍ପ+ବାଟିକା)—ଫୁଲ ବଗିଚା; ଫୁଲ ବାଡ଼ି; Pushpa bāṭikā ବିହାରୋଦ୍ୟାନ—Flower garden; (ପୁଷ୍ପବାଟୀ—ଅନ୍ୟରୂପ) pleasure garden.

ପୁଷ୍ପବାଣ—ସଂ. ବି. (ମ. ପ. ଲୋ; କର୍ମଧା; ପୁଷ୍ପ+ବାଣ)— Pushpa bāṇa ୧ । ମଦନର ପୁଷ୍ପ ନିର୍ମିତ ଶର—

ପୁଷ୍ପଧନ୍ୱୀ, ପୁଷ୍ପଶର, ପୁଷ୍ପସାୟକ } ଅନ୍ୟରୂପ

1. The flowery arrows of God Cupid.

୨ । (ବହୁବ୍ରୀହି) କାମଦେବ— 2. The God cupid.

ପୁଷ୍ପବାନ୍—ସଂ. ବିଣ. (ପୁଷ୍ପବତ୍ ଶବ୍ଦ; ୧ମା. ୧ବ.)—ପୁଷ୍ପିତ— Pushpabān (ପୁଷ୍ପବତୀ—ସ୍ତ୍ରୀ) Flowering.

ପୁଷ୍ପ ବାସ—ସଂ. ବି (୬ଷ୍ଠୀ ତତ୍ —ଫୁଲର ବାସନା— Pushpa bāsa The scent of flowers.

ପୁଷ୍ପବାସ ବଟିକା—ସଂ. ବି. (ବୈଦ୍ୟକ)—ସର୍ଦ୍ଦି ଓ ଶ୍ୱାସ ଆଦିର ଔଷଧ Pushpabāsa baṭikā ବଟିକାବିଶେଷ—A medicinal pill prescribed in Āyurbeda for cold and asthma.

ପୁଷ୍ପବିଲଗ—ଦେ. ବିଣ—ପୁଷ୍ପବତୀ— Pushpabilaga Menstruated.

ତନେ ରତ୍ନ ଶେଷ ନୃଷେ ହେଲ ପୁଷ୍ପବିଲଗରୁ – ବନମାର୍ଗ ସଙ୍ଗୀତ ।

ପୁଷ୍ପ ବିଷ—ସଂ. ବି. (ବୈଦ୍ୟକ)—ଆୟୁର୍ବେଦୋକ୍ତ ପାଞ୍ଚ ପ୍ରକାର ବିଷାକ୍ତ Pushpa bisha ଫୁଲ (ଜ୍ଞାନେନ୍ଦ୍ର)—Five poisonous flowers, mentioned in the Āyurbeda.

[ଦ୍ର—ବେତ, କଦମ୍ବ, ବଲ୍ଲିଜ, କରମ୍ଭ ଓ ମହାକରମ୍ଭ ଏମାନଙ୍କର ଫୁଲ ବିଷାକ୍ତ ଅଟେ ଓ ଏହା ଖାଇଲେ ପେଟ ଫାମ୍ପି ବାନ୍ତି ଓ ମୂର୍ଚ୍ଛା ହୁଏ ।]

ପୁଷ୍ପ ବୃଷ୍ଟି—ସଂ. ବି. (୬ଷ୍ଠୀ ତତ୍; ପୁଷ୍ପ+ବୃଷ୍ଟି) –ଶୂନ୍ୟରୁ ବା ଉପରୁ Pushpa brushṭi ବର୍ଷିଲା ପରି ଫୁଲ ପଡ଼ିବା—The raining (ପୁଷ୍ପବର୍ଷଣ—ଅନ୍ୟରୂପ) or showering of flowers on a person from above or the sky.

[ଦ୍ର—ପୂର୍ବେ ଦେବତାମାନେ କୌଣସି ବ୍ୟକ୍ତି ଉପରେ ସନ୍ତୁଷ୍ଟ ହେଲେ ତା ଉପରେ ଆକାଶରୁ ପୁଷ୍ପବୃଷ୍ଟି କରୁଥିଲେ । ଏବେ କୋଠା ଉପରେ ଚଢ଼ି ଲୋକେ ତଳେ ଯାଉଥିବା ବ୍ୟକ୍ତି ଉପରେ ଫୁଲ ପକାଉ ଅଛନ୍ତି ।]

ପୁଷ୍ପ ଭୂଷଣ—ସ. ବ. (ତୃତୀୟା ତତ୍; ପୁଷ୍ପ+ଭୂଷଣ)—୧ । ଫୁଲରେ ମଣ୍ଡିଣି ହେବା—1. Flower decoration; bedecking one-self with flowers; adorning the body with flowers.
Pushpa bhūshana (ପୁଷ୍ପମଣ୍ଡନ—ଅନ୍ୟରୂପ)

୨ । (ଷଷ୍ଠୀତତ୍) ପୁଷ୍ପଦ୍ୱାରା ରଚିତ ଅଳଙ୍କାର—2. Ornaments made of flowers instead of gold and jewellery

ପୁଷ୍ପ ଭେଦ—ଦେ. ବ—ପ୍ରଥମ ରଜୋ ଦର୍ଶନ—First menstruation.
Pushpa bheda

କୁସୁମ ସମୟ କାଳେ ଅବଳାମଣି
ପୁଷ୍ପଭେଦ ପାଇଲ ରହିବା ରମଣୀ—
ଦିଶୁଣଙ୍କର. ଲୀଷା ଟରଳାସ ।

ପୁଷ୍ପ ମଞ୍ଜରିକା—ସ. ବ—ନୀଳ ପଦ୍ମ—The blue lotus.
Pushpa manjarikā

ପୁଷ୍ପମୟ—ସ. ବ—୧ । ଫୁଲ ନିର୍ମିତ—1. Made of flowers; floral.
Pushpamaya

୨ । ଫୁଲରେ ପୂର୍ଣ୍ଣ—2. Flowery.

ପୁଷ୍ପ ମାସ—ସ. ବ—(ମ. ପ. ଲୋ; ପୁଷ୍ପୋଦ୍ଗମ ହେବା ମାସ)—୧ । ମଧୁ ମାସ; ଚୈତ୍ର ମାସ—1. The month of Chaitra.
Pushpa māsa

୨ । ବସନ୍ତ କାଳ—2. The spring time

ପୁଷ୍ପମିତ୍ର—ଦେ. ବ (ନାମ)—ମିତ୍ର ବଂଶର ସ୍ଥାପନକର୍ତ୍ତା—The founder of the Mitra dynasty.
Pushpa mitra

[ଦ୍ର—ଏ ମୌର୍ଯ୍ୟବଂଶର ଶେଷ ରାଜାଙ୍କୁ ବଧ କରି ମୌର୍ଯ୍ୟ ସିଂହାସନ ଅଧିକାର କରିଥିଲେ ଓ ସମସ୍ତ ଆର୍ଯ୍ୟାବର୍ତ୍ତରେ ଏକେଶ୍ୱର ସମ୍ରାଟ ହୋଇଥିଲେ । ସେ ବ୍ରାହ୍ମଣ ଥିବାରୁ ତାଙ୍କ ରାଜତ୍ୱରେ ବୌଦ୍ଧ ଧର୍ମ ପରିବର୍ତ୍ତରେ ବ୍ରାହ୍ମଣ ଧର୍ମ ପୁଣି ପ୍ରସାର ପାଇଥିଲା—କ୍ଲାସିକ୍ସ ଇତିହାସ ।]

ପୁଷ୍ପ ରଜଃ—ସ. ବ—(ଷଷ୍ଠୀ ତତ୍; ପୁଷ୍ପ+ରଜଃ)—କୁସୁମ ପରାଗ; ଫୁଲର ରେଣୁ—The pollen or farina of flowers.
Pushpa rajah (ପୁଷ୍ପରେଣୁ—ଅନ୍ୟରୂପ)

ପୁଷ୍ପ ରସ—ସ. ବ—(ଷଷ୍ଠୀ ତତ୍; ପୁଷ୍ପ+ରସ)—ମକରନ୍ଦ; ମଧୁ; ମଦ୍ଧୁ—Honey from flowers.
Pushpa rasa (ପୁଷ୍ପରସାହ୍ୱ—ଅନ୍ୟରୂପ)

ପୁଷ୍ପ ରାଗ—ସ. ବ—(ବହୁବ୍ରୀହି; ପୁଷ୍ପର ରାଗପରି ରାଗ=ବର୍ଣ୍ଣ ଯାହାର) ପଦ୍ମରାଗ ମଣି; ପୋଖରାଜ; ପୀତ ସ୍ଫଟିକ—Topaz (gem).
Pushpa rāga

ପୁଷ୍ପ ଲିହ—ସ. ବ—(ପୁଷ୍ପ+ଲିହ୍ ଧାତୁ+କର୍ତ୍ତୃ. ଅ)—ଭ୍ରମର—The black bee.
Pushpa liha

ପୁଷ୍ପ ଶକଟୀ—ସ. ବ—୧ । ଆକାଶବାଣୀ, ଦୈବବାଣୀ—1. A voice from heaven.
Pushpa śakatī

୨ । ପୁଷ୍ପ ବୃଷ୍ଟି—2. A shower of flowers falling from the sky.

ପୁଷ୍ପ ଶୂନ୍ୟ—ସ. ବଣ—ଯହିଁରେ ଫୁଲ ଧରେ ନାହିଁ—Flowerless.
Pushpa śūnya

ବ—ଡିମ୍ବିରି ଗଛ—The fig tree.

ପୁଷ୍ପ ଶୂନ୍ୟା—ସ. ବ. ସ୍ତ୍ରୀ—ଯେଉଁ ସ୍ତ୍ରୀର ଆଦୌ ଋତୁ ହୁଏ ନାହିଁ; ହେଉନାହିଁ; ଅପୁଷ୍ପୀ ମାଇକିନିଆ—A woman who has had never any mens.
Puspa śūnyā

ପୁଷ୍ପ ଶ୍ରୀ—ସ. ବ (ମ. ପ. ଲୋ)—ଅନେକ ଗୁଡ଼ିଏ ସୁନ୍ଦର ଫୁଲ ଫୁଟିଥିବାରୁ ଉତ୍ପନ୍ନ ସୌନ୍ଦର୍ଯ୍ୟ—The beauty of flowers abounding at a place
Pushpa śrī

ପୁଷ୍ପ ସମୟ—ସ. ବ—୧ । ବସନ୍ତ କାଳ—1. The spring.
Pushpa samaya

୨ । ସ୍ତ୍ରୀର ଋତୁକାଳ—2. Menstrual period.

ପୁଷ୍ପ ସାର—(ଷଷ୍ଠୀ ତତ୍; ପୁଷ୍ପ+ସାର)—୧ । ଫୁଲର ମଧୁ—1. Nectar or honey of flowers.
Pushpa sāra

ପୁଷ୍ପ ସ୍ୱେଦ } ଅନ୍ୟରୂପ
ପୁଷ୍ପ ସତ୍ତ୍ୱ

୨ । ଫୁଲର ନିର୍ଯ୍ୟାସ—2. Essence of flowers.

୩ । (ବହୁବ୍ରୀହି) ତୁଳସୀ—3. The holy Basil.

ପୁଷ୍ପ ହାସ—ସ. ବ—(ବହୁବ୍ରୀହି; ପୁଷ୍ପର ବିକାଶ ପରି ବିକାଶ ଯାହାଙ୍କର)—୧ । ବିଷ୍ଣୁ—1. Bishnu.
Pushpa hāsa

୨ । (ଷଷ୍ଠୀ ତତ୍) ଫୁଲ ଫୁଟିବା—2. The blooming of flowers.

ପୁଷ୍ପହାସା—ସ. ବ. ସ୍ତ୍ରୀ—ରଜସ୍ୱଳା; ଋତୁମତୀ ସ୍ତ୍ରୀ—A woman during her menses.
Pushpahāsā

ପୁଷ୍ପ ହୀନ—ସ. ବଣ—(ତୃତୀୟା ତତ୍; ପୁଷ୍ପ+ହୀନ)—୧ । ପୁଷ୍ପବର୍ଜ୍ଜିତ—1. Flowerless; destitute of flowers.
Pushpa hīna

୨ । ଅପୁଷ୍ପକ ଯହିଁରେ ଫୁଲ ଫୁଟେ ନାହିଁ—2. Having no flowers; which does not bear flowers; not flowering.
(ପୁଷ୍ପହୀନା—ସ୍ତ୍ରୀ)

ବ—ଡିମ୍ବିରି—Ficus Hispida; the fig tree.

ପୁଷ୍ପ ହୀନା—ସ. ବ. ସ୍ତ୍ରୀ—୧ । ନିବୃତ୍ତରଜସ୍କା ସ୍ତ୍ରୀ—1. A woman past her menses.
Pushpa hīnā

୨ । ବନ୍ଧ୍ୟା ସ୍ତ୍ରୀ—2. Barren woman.

୩ । ଡିମ୍ବିରି ଗଛ—3. The fig tree.

ପୁଷ୍ପା—ସ. ବ—(ନାମ)—କର୍ଣ୍ଣପୁରୀ; ଭାଗଲପୁର—The ancient name of the modern Bhagalpur.
Pushpā

ପୁଷ୍ପାଜୀବ—ସ. ବ. ପୁଂ—(ବହୁବ୍ରୀହି; ପୁଷ୍ପ+ଆଜୀବ=ଜୀବିକା)—ଫୁଲର ମାଳୀ—A flower gardener; flower-man; florist.
Pushyājiba (ପୁଷ୍ପାଜୀବୀ—ଅନ୍ୟରୂପ) [ପୁଷ୍ପାଜୀବା—ସ୍ତ୍ରୀ]

ପୁଷ୍ପାଞ୍ଜନ—ସ. ବ (ବୈଦ୍ୟକ)—ଦାରୁ ହରିଦ୍ରା ପ୍ରଭୃତିରେ ପ୍ରସ୍ତୁତ ଏକ ପ୍ରକାର ଅଞ୍ଜନ—A collyrium made from turmeric.
Pushpānjana

[ଦ୍ର—ଏହା ନେତ୍ର ରୋଗରେ ବିଶେଷ ଉପକାରୀ ।]

ପୁଷ୍ପାଞ୍ଜଳି—ସ. ବ—(୬ଷ୍ଠୀ ତତ୍; ପୁଷ୍ପ+ଅଞ୍ଜଳି)—ଦେବତାଙ୍କ ଉପରକୁ Pushpānjali ଫୋପଡ଼ା ଯିବା ଫୁଲର ଅଞ୍ଜୁଳା; ଅଞ୍ଜଳିଏ ଫୁଲ—A handful of flowers to be presented to a Deity; flowers contained inside the hollow or cup made by folding the two palms together.

ପୁଷ୍ପାବଚୟ—ସ. ବ. (୬ଷ୍ଠୀ ତତ୍; ପୁଷ୍ପ+ଅବଚୟ)—ଫୁଲତୋଳା—Pushpābachāya Gathering of flowers

ପୁଷ୍ପାବଚୟୀ—ସ. ବ. ପୁଂ. (ପୁଷ୍ପ+ଅବଚୟିନ୍; ୧ମା ୧ବ.)—Pushpābachāyi ପୁଷ୍ପାଜୀବ (ଦେଖ)—Pushpājiba(See) (ପୁଷ୍ପାବଚୟିନୀ—ସ୍ତ୍ରୀ)

ପୁଷ୍ପାୟୁଧ—ସ. ବ—୧ । (ବହୁବ୍ରୀହି) କାମଦେବ—1. God Cupid. Pushpāyudha ୨ । (ମ. ପ. ଲୋ. କର୍ମଧା) କାମଦେବଙ୍କ (ପୁଷ୍ପାସ୍ତ୍ର—ଅନ୍ୟରୂପ) ଧନୁ ଓ ଶର—2. The bow and the arrows of God Cupid.

ପୁଷ୍ପାର୍କ—ସ. ବ. (ବୈଦ୍ୟକ)—ଫୁଲରୁ କଢ଼ା ହେବା ଅରଖ—Essence Pushpārka distilled from certain flowers by putting them inside the petals of screwpine.

[ଦ୍ର—ସେବତୀ, ପଦ୍ମ, ବାସନ୍ତୀ, ଗୋଲାପ, ଚମେଲି, ଯୂଇ, ଚମ୍ପା, ବଉଳ, କଦମ୍ବ ପ୍ରଭୃତି ଫୁଲର ପାଖୁଡ଼ାକୁ କେତକୀ ଫୁଲର ପାଖୁଡ଼ା ମଧ୍ୟରେ ପୂରାଇ ଯଥାବିଧି ଅରଖ ବା ନିର୍ଯ୍ୟାସ ବାହାର କରାଯାଏ ।

ଏହା ଧ୍ୱଜଭଙ୍ଗ, ଯକ୍ଷ୍ମା ଆଦି ରୋଗରେ ବିଶେଷ ଉପକାରୀ ।]

ପୁଷ୍ପାସବ—ସ. ବ. (୬ଷ୍ଠୀ ତତ୍; ପୁଷ୍ପ+ଆସବ)—ମକରନ୍ଦ; ଫୁଲର Pushpāsaba ମଧୁ—Flower honey.

ପୁଷ୍ପାହ୍ୱା—ସ. ବ. ସ୍ତ୍ରୀ. (ପୁଷ୍ପ+ଆହ୍ୱେ ଧାତୁ+ଅ+ସ୍ତ୍ରୀ. ଆ)—ଶତପୁଷ୍ପା; Pushpāhwa ସଲ୍ଫପ—A sort of fennel; Anethum Sowa

ପୁଷ୍ପିକା—ସ. ବ. (ପୁଷ୍ପକ+ସ୍ତ୍ରୀ. ଆ)—୧ । ଦନ୍ତମଳ—Pushpikā 1. The tartar of the teeth

୨ । ଲିଙ୍ଗମଳ; ଗେଜା—2. The mucus of the glans penis or urethra.

୩ । ଝିଲ୍ଲୀ ବା ଝିଣ୍ଟିକାବିଶେଷ—3. A kind of cricket or grasshopper.

୪ । ଗ୍ରନ୍ଥର ଅଧ୍ୟାୟ ଶେଷରେ ବା ଗୀତ ଶେଷରେ ଗ୍ରନ୍ଥକାରଙ୍କ ନିଜର ପରିଚୟସୂଚକ ବାକ୍ୟ; ଭଣିତା—4. The peroration or concluding portion of an essay or song containing biographical allusion of the author himself.

ପୁଷ୍ପିତ—ସ. ବିଣ—(ପୁଷ୍ପ+ସଞ୍ଜାତ ଅର୍ଥେ ଇତ)—୧ । କୁସୁମିତ; Pushpita ଜାତପୁଷ୍ପ—1. Flowering; in flower; (ପୁଷ୍ପିତା—ସ୍ତ୍ରୀ) flowered.

୨ । ପ୍ରସ୍ଫୁଟିତ—2. Blossommed.

୩ । ପ୍ରକାଶିତ—3. Expanded; manifested.

ପୁଷ୍ପିତା—ସ. ବିଣ. ସ୍ତ୍ରୀ—ଋତୁମତୀ (ସ୍ତ୍ରୀ)—Pushpitā Menstruated.

ପୁଷ୍ପିତାଗ୍ରା—ସ. ବ—ସଂସ୍କୃତ ଛନ୍ଦୋବିଶେଷ—Pushpitāgrā Name of a Sanskrit metre.

[ଦ୍ର—ଏଥିର ୧ମ ଓ ୩ୟ ଚରଣରେ ୧୨ ଅକ୍ଷର ଓ ୨ୟ ଓ ୪ର୍ଥ ଚରଣରେ ୧୩ ଅକ୍ଷର ଥାଏ । ଲକ୍ଷଣ ଯଥା—

ଅୟୁଜି ନଯୁଗ ରେଫତୋ ଯକାରୋ

ଯୁଜି ଚ ନଜୌ ଜରଗାଶ୍ଚ ପୁଷ୍ପିତାଗ୍ରା—

ଛନ୍ଦୋମଞ୍ଜରୀ ।]

ପୁଷ୍ପୀ—ସ. ବ—(ପୁଷ୍ପ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—ପୁଷ୍ପଯୁକ୍ତ; Pushpi ପୁଷ୍ପିତ—Flowering; bearing flowers. (ପୁଷ୍ପିଣୀ—ସ୍ତ୍ରୀ)

ପୁଷ୍ପେଷୁ—ସ. ବ—[ବହୁବ୍ରୀହି; ପୁଷ୍ପନିର୍ମିତ ଇଷୁ (ବାଣ) ଯାହାର]—Pushpeshu କାମଦେବ; ପୁଷ୍ପଧନ୍ୱା—The God of love; Cupid.

ପୁଷ୍ପୋତ୍ସବ—ସ. ବ—(ମ. ପ. ଲୋ; ପୁଷ୍ପଦର୍ଶନୋପଲକ୍ଷେ ଉତ୍ସବ)—Pushpotsaba ୧ । ବାଳିକାର ପ୍ରଥମ ରଜୋଦର୍ଶନ ଉପଲକ୍ଷରେ କରାଯିବା ଉତ୍ସବବିଶେଷ—1. A ceremony observed at the first menstruation of a girl.

୨ । ଫୁଲଦ୍ୱାରା କ୍ରୀଡ଼ା ବା ଉତ୍ସବ—2. A sporting with flowers; a flower-show.

୩ । ଆଶୀର୍ବାଦ ଘର—3 Remarriage ceremony; consummation of marriage.

ସେ ବଧୂ ପୁଷ୍ପୋତ୍ସବ ଅନ୍ତେ

ପତ୍ନୀ ଅଣାଇ ଗୃହ ବାସେ । ଜଗନ୍ନାଥ. ଭାଗବତ ।

ପୁଷ୍ପୋଦ୍ୟାନ—ସ. ବ. (ମ. ପ. ଲୋ. କର୍ମଧା; ପୁଷ୍ପ+ଉଦ୍ୟାନ)—Pushpodyāna ଫୁଲ ବଗିଚା—A flower garden.

ପୁଷ୍ୟ—ସ. ବ. (ପୁଷ୍ ଧାତୁ+କର୍ତ୍ତୃ. ଯ)—୧ । ୨୭ ଗୋଟି ନକ୍ଷତ୍ର Pushya ମଧ୍ୟରୁ ୮ମ ନକ୍ଷତ୍ର; ସମବାହୁ ତ୍ରିଭୁଜ ପରି ୩ଟି ତାରାର (ପୁଷ୍ୟା—ଅନ୍ୟରୂପ) ମଝିରେ ଥିବା କ୍ଷୀଣ ନକ୍ଷତ୍ରପୁଞ୍ଜ—1. The 8th lunar astrerism; the Asses and the Manger.

[ଦ୍ର—ନକ୍ଷତ୍ର ତଳେ ନୋଟ୍ ଦେଖ ।]

୨ । ପୌଷମାସ—2. The lunar month of pausha (December and January).

୩ । କଳିଯୁଗ—3. The Kali or fourth age of the world.

ପୁଷ୍ୟ ଗ୍ରା. ବ. (ସ. ପୁଷ୍ପ)—୧ । ଫୁଲ—1. Flower.

୨ । ସ୍ତ୍ରୀ ରଜଃ—2, The menses of females.

ପ୍ରାଦେ. (ବାଲେଶ୍ୱର) ବିଣ—ପୋଷ୍ୟ (ପୁତ୍ର)—Adopted (son)

ପୁଷ୍ୟପାଳକ—ଗ୍ରା. ବ. (ସ. ପୁଷ୍ପ ଓ ପାଳକ)—ପଶୁପାଳକ (ଦେଖ) Pushyapālaka Pasupālaka (See

ପୁଷ୍ୟବତୀ—ଗ୍ରା. ବିଣ. ସ୍ତ୍ରୀ·—ପୁଷ୍ପବତୀ (ଦେଖ)
Pushyabatī Pushpabatī (See)

ପୁଷ୍ୟରଥ—ସଂ. ବି.—୧ । ଚକ୍ର ଯାନ—
Pushya ratha 1. A wheeled conveyance.
୨ । କ୍ରୀଡ଼ା ରଥ—2. A pleasure car.

ପୁଷ୍ୟଲକ—ସଂ. ବି.—(ପୁଷ୍ ଧାତୁ+ଇ=ପୁଷି=ପୁଷ୍ଟି କର୍ମିତ୍ୱ+ଅଲ୍ ଧାତୁ
Pushyalaka =ପର୍ଯ୍ୟାପ୍ତ ହେବା+କର୍ତ୍ତୃ. ଅ; ପୁଷ୍ୟଲ+କ)—
୧ । ଗନ୍ଧମୃଗ; କସ୍ତୁରୀ ମୃଗ—1. Musk deer.
୨ । କ୍ଷପଣକ—2. A naked mendicant.
୩ । କୀଳା; ଗୋଜା—3. A pin; peg; bolt; stake.

ପୁଷ୍ୟ ସ୍ନାନ—ସଂ. ବି. (ଜ୍ୟୋତିଷ)—ପୌଷ ପୂର୍ଣ୍ଣିମା; ପୌଷ ମାସରେ ଚନ୍ଦ୍ର
Pushya snāna ପୁଷ୍ୟା ନକ୍ଷତ୍ରକୁ ଗମନ କଲେ ଯେଉଁ ଯୋଗ ହୁଏ ତହିଁରେ ରାଜା ଓ ଦେବତାଙ୍କର ସ୍ନାନ; ପୁଷ୍ୟାଭିଷେକ—
A sacred bath taken at the conjunction of the moon with the 'Pushyā' asterism; fullmoon day of the month of 'Pausha'.

ପୁଷ୍ୟାଧୀନ—ଗ୍ରା. ବିଣ. (କଟକୀଆ) (ସଂ. ପୋଷ୍ୟ+ଅଧୀନ)—ଅନ୍ୟଦ୍ୱାରା
Pushyādhīna ପ୍ରତିପାଳିତ ବା ପୋଷା ଯାଉଥିବା—
Maintained by another.
(ଯଥା—ସେ ପିଲାଟି ଅମୂର ପୁଷ୍ୟାଧୀନରେ ଥିଲା ।)

ପୁଷ୍ୟାଭିଷେକ—ସଂ. ବି.—୧ । ପୁଷ୍ୟସ୍ନାନ ଯୋଗରେ ରାଜାମାନଙ୍କର
Pushyābhisheka ସିଂହାସନରେ ଅଭିଷେକ—1. The ceremonial investiture of kings during the 'Pushya snāna' conjunction.
୨ । ପୁଷ ମାସ ପୂର୍ଣ୍ଣିମୀ ଦିନ ଜଗନ୍ନାଥ ଓ ଲିଙ୍ଗରାଜଙ୍କର ଅଭିଷେକ ଓ ତତ୍ସମ୍ବନ୍ଧୀୟ ଯାତ୍ରା—2. Festival of the Deities Jagannātha and Lingarāja on the fullmoon day of the month of Paušha.

ପୁସ୍ତ୍ (ଧାତୁ)—ସଂ.—୧ । ବନ୍ଧନ କରିବା—
Pust (root) 1. To bind; to tie.
୨ । ଲେପନ କରିବା—2 To smear.
୩ । ସମ୍ମାନ କରିବା—3. To respect.

ପୁସ୍ତ—ସଂ. ବି. (ପୁସ୍ତ୍ ଧାତୁ+କର୍ମ.ଅ; ଯାହା ବାନ୍ଧି କରି ରଖିବାକୁ
Pusta ହୁଏ)—୧ । ଗ୍ରନ୍ଥ; ବହି; ପୋଥି; କିତାପ; ଖାତା—
(ପୁସ୍ତକ—ଅନ୍ୟରୂପ) 1. Book; manuscript.
(ପୁସ୍ତୀ,—ସ୍ତ୍ରୀ) ୨ । (+ଭାବ. ଅ) ଲେପନ ପ୍ରଭୃତି ଶିଳ୍ପ କର୍ମ—
2. Artistic smearing.
୩ । ଚିତ୍ର କର୍ମ—3. Painting.
୪ । ଲେପନ; ଲିପାପୋଛା—4. Plastering; besmearing; whitewashing.
୫ । ଧାତୁ ବା କାଷ୍ଠ ବା ମୃତ୍ତିକା ନିର୍ମିତ ବସ୍ତୁ—5. Any thing made of metal, wood or clay; any work of manual art.

ବିଣ.—୧ । ବଦ୍ଧ; ବନ୍ଧା ହୋଇଥିବା—1. Bound; tied.
୨ । ଆଚ୍ଛାଦିତ—2. Covered.
୩ । ପରିପୂର୍ଣ୍ଣ—3. Filled up.
ଦେ. ବି.—(ସଂ. ପୃଷ୍ଠ)—୧ । କାଗଜର ପିଠି ପାଖ—
1. Back side of a paper.
୨ । ପୃଷ୍ଠା—2. Page.
୩ । ବହିର ମଲାଟ—3. The outer cover or binding of a book.

ପୁସ୍ତକ—ସଂ. ବି. (ପୁସ୍ତ+ସ୍ୱାର୍ଥେ. କ)—ପୁସ୍ତ (ଦେଖ)
Pustaka (ପୁସ୍ତିକା—ସ୍ତ୍ରୀ) Pusta (See)

ପୁସ୍ତକ ଦାନା—ଦେ. ବି.—ପୋସ୍ତକ ଦାନା (ଦେଖ)
Pustaka dānā Postaka dānā (See)
(ପୁସ୍ତଦାନା—ଅନ୍ୟରୂପ)

ପୁସ୍ତ କର୍ମ—ସଂ. ବି.—୧ । ଲେପନ କର୍ମ—
Pusta karma 1. Annointing; besmearing.
୨ । ଚିତ୍ର କର୍ମ—2. Painting.
୩ । ଶିଳ୍ପ କର୍ମ—3. Any work of art.

ପୁସ୍ତକର୍ମୀ—ସଂ. ବି. (ପୁସ୍ତ=ଲେପନ+କର୍ମିନ୍; ପୁସ୍ତକର୍ମିନ୍ ଶବ୍ଦ ୧ମା.
Pustakarmā ୧ବ.)—୧ । ଶିଳ୍ପୀ—1. An artist; artisan; artificer.
୨ । ଚିତ୍ରକାର—2. A painter.

ପୁସ୍ତକାଗାର—ସଂ. ବି. (୬ଷ୍ଠୀ ତତ୍, ପୁସ୍ତକ+ଆଗାର)—ଲାଇବ୍ରେରି,
Pustakāgāra ଗ୍ରନ୍ଥମାନ ସଞ୍ଚିତ ହେବାର ସ୍ଥାନ—
(ପୁସ୍ତକାଳୟ—ଅନ୍ୟରୂପ) Library.

ପୁସ୍ତକାଚାର୍ଯ୍ୟ—ସଂ. ବି. (ପୁସ୍ତକ+ଆଚାର୍ଯ୍ୟ)—ଯେଉଁ ବ୍ୟକ୍ତି ବୈଦିକ
Pustakāchārjya ଅନୁଷ୍ଠାନରେ ପୁସ୍ତକ ପାଠ କରି ପୁରୋହିତଙ୍କୁ ସାହାଯ୍ୟ କରନ୍ତି—A person who reads the book during the performance of a rite.

ପୁସ୍ତକାଧାର—ସଂ.ବି. (୬ଷ୍ଠୀ ତତ୍; ପୁସ୍ତକ+ଆଧାର)—୧ । ବହି ରଖିବା
Pustakādhāra ବାକ୍ସ ବା ଆଲମାରି—Book shelf.
୨ । ବ୍ୟାସାସନ (ଦେଖ)—2. Byāsāsana (See)

ପୁସ୍ତା—ବୈଦେ. ବି. (ପା ପୁସ୍ତାହ୍)—୧ । ଉଚ୍ଚ ପକ୍କା କାନ୍ଥକୁ ମଜବୁତ
Pustā କରିବା ପାଇଁ ତାହା ପଛରେ ଦିଆଯିବା ଠେସ କାନ୍ଥ—
1. A buttress added to strengthen a high wall; a bulwark.
୨ । ବନ୍ଧା ହେବା ବହି ବାନ୍ଧିବା ସମୟରେ ବହିର ପିଠି ପାଖରେ ଆଡ଼ ବାଗରେ ଯେଉଁ ସୂତା ବା କନା ଦିଆଯାଏ ଓ ବହିର ଫର୍ମାମାନ ସିଲାଇ ହୋଇଥିବା ସୂତାମାନଙ୍କୁ ଯେ ଟାଣି ରଖେ ଏବଂ ଯାହା ମଲାଟରେ ସଂଯୁକ୍ତ ହୁଏ (କବାଟର କବଜାଦ୍ୱାରା ଯେଉଁ କାର୍ଯ୍ୟ ହୁଏ ପୁସ୍ତାଦ୍ୱାରା ବନ୍ଧା ବହିର ସେହି କାମ ହୁଏ)—
2. A backing put at the back of a bound book through the threads of the different forms comprising the bound volume.

ପୁସ୍ତାନ୍—ବୈଦେ. ବ—(ପା)—୧ । ପୁସ୍ତା (ଦେଖ)—
Pustān 1. Pustā (See)
(ପୋସ୍ତାନ୍—ଅନ୍ୟରୂପ) ୨ । ପୁସ୍ତାନି (ଦେଖ)—
2. Pustāni (See).

ପୁସ୍ତାନି—ବୈଦେ. ବ—(ପା. ପୁସ୍ତାନ୍)—୧ । ମୂଳଦୁଆ—
Pustāni 1. Foundation.
(ପୋସ୍ତାନି—ଅନ୍ୟରୂପ) ୨ । ବଂଶର ଏକ ପୁରୁଷ —
1. One generation of a family.
୩ । ପୂର୍ବ ପୁରୁଷ—3. Ancestors
[ଦ୍ର—ହସ୍ତାନି ପରେ ପୁସ୍ତାନି ସହଚର ଶବ୍ଦରୂପେ ବ୍ୟବହୃତ ହୁଏ ।]

ପୁସ୍ତିକା—ସ. ବ—(ପୁସ୍ତକ+କ୍ଷୁଦ୍ରାର୍ଥେ. ଆ)—ଛୋଟ ବହି; ଚଟି ବହି—
Pustikā Booklet; pamphlet.
(ପୁସ୍ତୀ—ଅନ୍ୟରୂପ)

ପୁଷ୍ଫୁସ—ସ. ବ—ଫୁସ୍ ଫୁସ୍; ଶରୀରାଭ୍ୟନ୍ତରସ୍ଥ ନିଶ୍ୱାସ କୋଷ—
Pusphusa Lungs.

ପୁଷ୍ଫୁସ ଶ୍ୱାସକ—ସ. ବଣ—(ପ୍ରାଣୀ-ବିଜ୍ଞାନ ପରିଭାଷା)—ଫୁସ୍‌ଫୁସ୍‌ଦ୍ୱାରା
Pusphusa śwāsaka ଯେଉଁ ପ୍ରାଣୀ ସ୍ଥଳଭାଗରେ ଶ୍ୱାସ ଗ୍ରହଣ କରେ; (ଯେଉଁ ଗେଣ୍ଡାମାନେ ଶୁଖିଲାରେ ଚଳନ୍ତି)—
Pulmonate (snails).
ବ—ସ୍ଥଳଜ ଶମ୍ବୁକ; ଗେଣ୍ଡା—The land snail; the pulmonate; the garden snail.

ପୁହର୍—ପ୍ରାଦେ (ସମ୍ବଲପୁର) ବ—ମଳ; ମଇଳା—
Puhar Dirt; filth.
ବଣ—ମଇଳା; ମଳଥିବା—Dirty; filthy; foul

ପୁହା(ହେ)ଇବା—ଦେ. କ୍ରି—(ସ. ପ୍ରଭାତ)—୧ । ରାତ୍ରିସାରା ଚେଇଁ
Puhā(he)ibā ରହିବା-1. To remain awake throughout the night.
(ପୋହାଇବା—ଅନ୍ୟରୂପ)
୨ । ପୁଆଇବା; ରାତ୍ରି ପ୍ରଭାତ ହେବା ପର୍ଯ୍ୟନ୍ତ ସମୟ ଅତିବାହିତ କରିବା—2. To pass the night till dawn; to let the night dawn.
କାମିନୀ ସଙ୍ଗେ ଯେବେ ପୁହାଇ ଲୁ ରାତି—
କୃଷ୍ଣସିଂହ, ମହାଭାରତ, ସଭା ।
୩ । ଅତିବାହିତ କରିବା; ସମୟ କ୍ଷେପଣ ବା ନଷ୍ଟ କରିବା—
3. To while away the time.
ଦୁଃଖେ ରଜନୀ ପୁହାଇଲ
ନନ୍ଦ ସଭାରେ ବସେ ବଳ—ଜଗନ୍ନାଥ, ଭାଗବତ ।

ପୁହାଁଣ—ପ୍ରାଦେ. (ବାଲେଶ୍ୱର) ବ—ଧାନ ଗଛର କେଣ୍ଡାକୁ ନଷ୍ଟ
Puhānrā କରିବା ଏକ ପ୍ରକାର ପୋକ—A kind of insect that destroys the ears of paddy plants.

ପୁହାଣ—ପ୍ରାଦେ (ଜୟପୁର)—ବ—୧ । ପୁଆଳ (ଦେଖ)
Puhāna 1. Puāla (See)
୨ । ଖଣ୍ଡାଏତଙ୍କ ବଂଶୋପାଧିବିଶେଷ—
2. The family title of some Khandāetas.

ପୁହୁଣା(ଣି)—ପ୍ରାଦେ. (ବାଲେଶ୍ୱର) ବ(ଭୁଲ ବ. ପୋନା)—ମାଛ ସାଆଁଳ—
Pahunā(ni) The young spawn or offspring of fishes moving in shoals.
[ପୋହଣା(ଣି)—ଅନ୍ୟରୂପ]

ପୁହୁରା—ପ୍ରାଦେ (ସମ୍ବଲପୁର) ବଣ—ଅପରିଷ୍କାର; ଅପରିଚ୍ଛନ୍ନ (ବ୍ୟକ୍ତି)—
Puhurā [ପୁହୁରୀ—ସ୍ତ୍ରୀ] Unclean (person); slovenly.

ପୁହୁରୀ—ପ୍ରାଦେ (ସମ୍ବଲପୁର) ବଣ. ସ୍ତ୍ରୀ—ଅନିଚ୍ଛୁକ—
Puhuri Unwilling.
(ପୁହୁରିଆ—ପୁଂ) ବ. ସ୍ତ୍ରୀ.—ପୁହୁରାର ସ୍ତ୍ରୀଲିଙ୍ଗ—
The feminine of puhurā.

ପୂ (ଧାତୁ)—ସ—୧ । ପବିତ୍ର କରିବା—
Pū (root) 1. To purify.
୨ । ସଫା କରିବା—2. To cleanse.
୩ । ପବିତ୍ର ହେବା—
3. To become pure.

ପୂଗ—ସ ବ—(ପୂ. ଧାତୁ+ଗ; କିମ୍ବା ପଚ୍ ଧାତୁ+କରଣ. ଅ)—
Pūga ୧ । ଗୁବାକ; ଗୁଆ—1. The areca nut (tree and fruit); Areca Catechu.
୨ । ସମାଜ—
2. Society; corporation.
୩ । ପଣସ ଗଛ—3. Jack fruit tree.
୪ । ସମୂହ; ରାଶି; ପୁଞ୍ଜ—
4. Multitude; collection; heap; quantity.
୫ । ଛନ୍ଦଃ—5. Metre.

ପୂଗ କୃତ—ସ ବଣ—(ପୂଗ=ପୁଞ୍ଜ+କୃତ)—ପୁଞ୍ଜୀକୃତ; ରାଶୀକୃତ—
Pūga kruta Amassed; gathered into a heap; heaped up.

ପୂଗ ପାତ୍ର—ସ. ବ. (ପୂଗ=ଗୁବାକ; ଅର୍ଥାତ୍ ଗୁବାକଯୁକ୍ତ ଚର୍ବିତ ତାମ୍ବୁଲ+ପାତ୍ର)—
Pūga pātra
(ପୂଗ ପୀଠ—ଅନ୍ୟରୂପ) ୧ । ପିକଦାନୀ—1. Spittoon used by betel-chewers.
୨ । ନିଷ୍ଠୀବନ ପାତ୍ର—2. A spittle pot.

ପୂଗ ପୋତ—ସ. ବ—ଛୋଟ ଗୁଆ ଗଛ—
Pūga pota Small areca nut tree.
କଦଳୀ ବୃକ୍ଷ ପୂଗପୋତେ
ତରୁ ଛେଦିବ ମାଳ ଯୂଥେ । ଜଗନ୍ନାଥ, ଭାଗବତ ।

ପୂଗ ରୋଟ—ସ. ବ. (ପୂଗ=ଗୁଆ ଗଛ+ରୁଟ୍ ଧାତୁ=ସାଦୃଶ୍ୟ ପାଇବା+ଅ; ଯାହା ଗୁଆ ଗଛ ପରି ଦେଖାଯାଏ)—
Pūga rota
(ପୂଗ ରୋଟକ—ଅନ୍ୟରୂପ) ହିନ୍ତାଳ ଗଛ—The marshy date tree; Phænix Paludosa.

ପୂଙ୍ଗ—ଦେ. ବ. (ସ. ପୁଙ୍ଖ)—ସମୂହ—
Pūnga Collection.
ବଧୂ ସାଜିଛ ସଙ୍ଗେ, ବଢ଼ ମାୟାମା ଉଷଧ ପୂଙ୍ଗେ ।
ଭକ୍ତ, ବୈଦେହୀଶବିଳାସ ।

ପୂଜ୍ (ଧାତୁ)—ସ—୧ । ପୂଜା କରିବା—
Pūj (root) 1. To worship; to adore.

୨ । ସମ୍ମାନ କରିବା—2. To respect.

ପୂଜ—ଦେ. ବି (ସଂ. ପୂୟ) — ପୂଯ; କ୍ଲେଦ—
Pūja Pus.
ପୂଜ ଅଳ ପୂର୍ବସ ବଣ ଇସେ
ପୁଂଜ ବୁତ୍ପିତ ପୂଜ ରଜ ବାସେ। ଜଳୋଥ, ଘାଗରେ।

ପୂଜକ—ସଂ. ବିଣ. ପୁଂ (ପୂଜ୍ ଧାତୁ+କର୍ତ୍ତୃ. ଅକ)—
Pūjaka ଯେ ପୂଜା କରେ—Worshipping.
(ପୂଜିକା—ସ୍ତ୍ରୀ) ବି—୧ । ଉପାସକ—1. A worshipper.
୨ । ଦେବତାଙ୍କ ପୂଜାହାରୀ—2. A priest of a Deity.

ପୂଜନ—ସଂ. ବି. (ପୂଜ ଧାତୁ+ଭାବ. ଅନ)—
Pūjana ବନ୍ଦନା; ପୂଜା; ଅର୍ଚ୍ଚନା—Worshipping.

ପୂଜନୀ—ସଂ. ବି. (ପୂଜନ + ଈ) — ଘରଚଟିଆ ପକ୍ଷୀ—
Pūjani A sparrow.

ପୂଜନୀୟ—ସଂ. ବିଣ. ପୁଂ (ପୂଜ୍ ଧାତୁ+କର୍ମ. ଅନୀୟ)—
Pūjaniya ବନ୍ଦନୀୟ; ଆରାଧ୍ୟ; ପୂଜିତ ହେବାର ଯୋଗ୍ୟ—
(ପୂଜନୀୟା—ସ୍ତ୍ରୀ) Fit to be worshipped or revered; adorable; reverend.

ପୂଜୟିତବ୍ୟ—ସଂ. ବିଣ. ପୁଂ (ପୂଜ୍ ଧାତୁ+କର୍ମ ତବ୍ୟ)—
Pūjayitabya ଆରାଧ୍ୟ—Fit to be revered.
(ପୂଜିତବ୍ୟ—ଅନ୍ୟରୂପ) (ପୂଜୟିତବ୍ୟା — ସ୍ତ୍ରୀ)

ପୂଜୟିତା—ସଂ. ବିଣ. ପୁଂ (ପୂଜ୍ ଧାତୁ+କର୍ତ୍ତୃ. ତୃ; ପୂଜୟିତୃ ଶବ୍ଦ
Pūjayitā ୧ମା, ୧ବ)—
(ପୂଜୟିତ୍ରୀ—ସ୍ତ୍ରୀ) ପୂଜକ — Worshipping.
ବି—ଦେବତାଙ୍କ ପୂଜାହାରୀ—A priest.

ପୂଜା—ସଂ. ବି. (ପୂଜ୍ ଧାତୁ+ଭାବ. ଅ+ଆ)—
Pūjā ୧ । ଅର୍ଚ୍ଚନା; ଆରାଧନା; ଉପାସନା—
1. Worship; homage; adoration.
[ଦ୍ର—ତନ୍ତ୍ର ମତରେ ଶକ୍ତି ବା ଦେବୀ ପୂଜାର ୬୪ ଗୋଟି ଉପଚାର ବା ଅଙ୍ଗ (ତନ୍ତ୍ରସାର ଶିବ ଯାମଲ) ଯଥା;—

୧. ଆସନାରୋପଣ—ଆସନରେ ବସାଇବା ।
୨. ସୁଗନ୍ଧ ତୈଳାଭ୍ୟଙ୍ଗ—ଫୁଲର ତେଲ ମାଲିସ୍ ।
୩. ମଜ୍ଜନଶାଳା ପ୍ରବେଶନ—ଗାଧୁଆ ଘରକୁ ନେବା ।
୪. ମଜ୍ଜନମଣିପୀଠୋପବେଶନ—ଗାଧୁଆ ଘରେ ଚୌକିରେ ବସାଇବା ।
୫. ଦିବ୍ୟ ସ୍ନାନୀୟ —ବଟା ଗନ୍ଧଦ୍ରବ୍ୟ ବୋଳିବା ।
୬. ଉଦ୍ୱର୍ତ୍ତନ—ଗାତ୍ରମାର୍ଜ୍ଜନ; ଦେହ ଘଷିବା ।
୭. ଉଷ୍ଣୋଦକ ସ୍ନାନ — ଗରମ ପାଣିରେ ଗାଧୋଇ ଦେବା ।
୮. କନକ କଳସ ସ୍ଥିତ ସକଳ ତୀର୍ଥ ଜଳାଭିଷେକ—ସୁନା କଳସରେ ଥିବା ତୀର୍ଥ ଜଳରେ ସ୍ନାନ କରାଇବା ।
୯. ଧୌତ ବସ୍ତ୍ର ପରିମାର୍ଜ୍ଜନ—ପାଲଟା ଲୁଗା କାଚିବା ।
୧୦. ଅରୁଣ ଦୁକୂଳ ପରିଧାନ—ନାଲି ପାଟଶାଢ଼ୀ ପିନ୍ଧାଇବା ।
୧୧. ଅରୁଣ ଦୁକୂଳୋତ୍ତରୀୟ— ନାଲି ପାଟ ଓଢ଼ଣୀ ପକାଇବା ।
୧୨. ଆଲେପ ମଣ୍ଡପ ପ୍ରବେଶନ—ଚନ୍ଦନ ଲେପିବା ନିମିତ୍ତ ମନ୍ଦିରକୁ ନେବା ।
୧୩. ଆଲେପ ମଣିପୀଠୋପବେଶନ—ଚନ୍ଦନ ଲେପିବା ପାଇଁ ମନ୍ଦିରରେ ଚଉକିରେ ବସାଇବା ।
୧୪. ଚନ୍ଦନାଗୁରୁ କୁଙ୍କୁମ କର୍ପୂର କସ୍ତୁରୀ ଗୋରୋଚନା ଦ୍ରବ୍ୟଗନ୍ଧ ସର୍ବାଙ୍ଗାନୁଲେପନ—ଚନ୍ଦନ ଆଦି ସୁଗନ୍ଧ ଦ୍ରବ୍ୟ ଦେହରେ ବୋଳିବା ।
୧୫. କେଶଭାର କାଳାଗୁରୁ ଧୂପ ଓ ମଲ୍ଲିକା ମାଲତୀ ଚମ୍ପକାଦି ସର୍ବର୍ତ୍ତୁ କୁସୁମମାଳା ଭୂଷଣ— କେଶକୁ ଧୂପଦ୍ୱାରା ସୁଗନ୍ଧିତ କରିବା ଓ ସବୁ ଋତୁର ଫୁଲର ମାଳ ପିନ୍ଧାଇବା ।
୧୬. ଭୂଷଣ ମଣ୍ଡପ ପ୍ରବେଶନ— ଅଳଙ୍କାର ପିନ୍ଧିବା ମଣ୍ଡପକୁ ନେବା ।
୧୭. ଭୂଷଣ ମଣିପୀଠୋପବେଶନ—ଭୂଷଣ ମଣ୍ଡପର ଚୌକିରେ ବସାଇବା ।
୧୮. ନବମଣି ମୁକୁଟ—ନବରତ୍ନ ଖଚିତ ମୁକୁଟ ପିନ୍ଧାଇବା ।
୧୯. ଚନ୍ଦ୍ର ଶକଳ—ମୁଣ୍ଡରେ ଚନ୍ଦ୍ର ପଗଡ଼ୀ ପିନ୍ଧାଇବା ।
୨୦. ସୀମନ୍ତ ସିନ୍ଦୂର —ସୀଁଥିରେ ସିନ୍ଦୂର ଦେବା ।
୨୧. ତିଳକ ରତ୍ନ—କପାଳରେ ତିଳକ ଦେବା ।
୨୨. କାଳାଞ୍ଜନ—ଆଖିରେ କଜ୍ଜଳ ଦେବା ।
୨୩. କର୍ଣ୍ଣପାଳୀ ଯୁଗଳ - କର୍ଣ୍ଣରେ କୁଣ୍ଡଳ ବା କାପ ଦେବା ।
୨୪. ନାସାଭରଣ— ନାକରେ ଅଳଙ୍କାର ପିନ୍ଧାଇବା ।
୨୫. ଅଧର ଯାବକ—ଓଠରେ ଅଳତା ବୋଳିବା ।
୨୬. ଗ୍ରଥନ ଭୂଷଣ—(ବେକରେ) କଣ୍ଠି ଦେବା ।
୨୭. କନକ ଚିତ୍ର ପଦକ—(ବେକରେ) ସୁନା ପଦକ ଦେବା ।
୨୮. ମହା ପଦକ—(ବେକରେ) ବଡ଼ ପଦକ ଦେବା ।
୨୯ ମୁକ୍ତାବଳି—(ବେକରେ) ମୁକ୍ତାହାର ଦେବା ।
୩୦. ଏକାବଳି—(ବେକରେ) ଏକସରିଆ ହାର ଦେବା ।
୩୧. ଦେବଚ୍ଛନ୍ଦକ—(ବେକରେ) ବଡ଼ ହାର ଦେବା ।
୩୨. କେୟୂର ଯୁଗଳ ଚତୁଷ୍ଟୟ—ଚାରି ବାହୁରେ ଦୁଇସରିଆ ବାଜୁ
୩୩. ବଳୟାବଳି—ହାତରେ ଖଡ଼ୁମାନ ।
୩୪. ଊର୍ମିକାବଳି—ଏକ ପ୍ରକାର ଖଡ଼ୁ ।
୩୫. କାଞ୍ଚୀଦାମ—ଗୋଠ ।
୩୬. କଟିସୂତ୍ର—ଅଣ୍ଟା ସୂତା ।
୩୭. ଶୋଭାଖ୍ୟାଭରଣ — ନଳୀ ଗୋଡ଼ର ଅଳଙ୍କାର ।
୩୮. ପାଦ କଟକ—ଗୋଡ଼ ଖଡ଼ୁ ବା ପାହୁଡ଼ ।
୩୯. ରତ୍ନ ନୂପୁର—ଘାଗୁଡ଼ି ବା ବାଜେଣୀ ବା ବଳା ।
୪୦. ପଦାଙ୍ଗୁରୀୟକ—ଗୋଡ଼ ମୁଦି ।
୪୧. ଏକ କରେ ପାଶ
୪୨. ଅନ୍ୟ କରେ ଅଙ୍କୁଶ
୪୩. ଇତର କରେ ପୁଣ୍ଡ୍ରେକ୍ଷୁଚାପ
୪୪. ଅପର କରେ ପୁଷ୍ପବାଣ
} ଚାରି ହାତରେ ଚାରିଗୋଟି ଶସ୍ତ୍ର ।
୪୫. ଶ୍ରୀମନ୍ମାଣିକ୍ୟ ପାଦୁକା—ରତ୍ନ କଠାଉ ।
୪୬. ସ୍ୱସମାନ ବେଶାଭରଣ ଭୂଷିତ ଦେବତାମାନଙ୍କ ସହ ସିଂହାସନାରୋହଣ—
ନାନାପ୍ରକାର ବେଶଭୂଷାରେ ସଜ୍ଜିତ ହୋଇଥିବା ଦେବତାମାନଙ୍କ ସଙ୍ଗେ ସିଂହାସନରେ ବସାଇବା ।
୪୭. କାମେଶ୍ୱର ପର୍ଯ୍ୟଙ୍କୋପବେଶନ—ପଲଙ୍କରେ ବସାଇବା ।

୪୮. ଅମୃତାଶନ ଚଷକ—ଅମୃତ ପାନପାତ୍ର ।
୪୯. ଆଚମନୀୟ—ଭୋଜନ ପୂର୍ବରୁ ଚଳୁପାଇଁ ଜଳ ।
୫୦. କର୍ପୂର ବର୍ତ୍ତିକା—କର୍ପୂରର ସଳିତା ।
୫୧. ଆନନ୍ଦୋଲ୍ଲାସ ବିଲାସହାସ—ପ୍ରେମହାସ୍ୟ ।
୫୨. ମଙ୍ଗଳାରାତ୍ରିକ—ମଙ୍ଗଳ ଆଳତି ।
୫୩. ଶ୍ୱେତଚ୍ଛତ୍ର—ଧଳା ଛତା ।
୫୪. ଚାମର ଯୁଗଳ—ଦୁଇଟି ଚଅଁର ।
୫୫. ଦର୍ପଣ—ଆରସୀ ।
୫୬. ତାଳବୃନ୍ତ—ବିଞ୍ଚଣା ।
୫୭. ଗନ୍ଧ—ଚନ୍ଦନ ।
୫୮. ପୁଷ୍ପ—ଫୁଲ ।
୫୯. ଧୂପ—ଜୁଣାଆଦିର ଧୂପ
୬୦. ଦୀପ—ଘିଅର ପ୍ରଦୀପ
୬୧. ନୈବେଦ୍ୟ—ଭୋଗ; ଖାଦ୍ୟ ଦ୍ରବ୍ୟ ଅର୍ପଣ ।
୬୨. ପୁନରାଚମନୀୟ—ଆଞ୍ଚୁଆ ପାଣି ।
୬୩. ତାମ୍ବୂଳ—ପାନ ।
୬୪. ବନ୍ଦନ—ସ୍ତୁତି ।

ସର୍ବଦେବତା ପୂଜାର ୩୬ ଉପଚାର ଯଥା—(ଏକାଦଶୀ ତତ୍ତ୍ୱ ଲିଖିତ)

୧ । ଆସନ, ୨ । ଅଭ୍ୟଞ୍ଜନ (ତେଲ ଲଗାଇଦେବା), ୩ । ଉଦ୍ୱର୍ତ୍ତନ, ୪ । ନିରୁକ୍ଷଣ, ୫ । ସମ୍ମାର୍ଜନ, ୬ । ସର୍ପି, ୭ । ସ୍ନାପନ, ୮ । ଆବାହନ, ୯ । ପାଦ୍ୟ, ୧୦ । ଅର୍ଘ୍ୟ; ୧୧ । ଆଚମନୀୟ, ୧୨ । ବସ୍ତ୍ର, ୧୩ । ଯଜ୍ଞୋପବୀତ, ୧୪ । ଅଳଙ୍କାର; ୧୫ । ଗନ୍ଧ, ୧୬ । ପୁଷ୍ପ, ୧୭ । ଧୂପ, ୧୮ । ଦୀପ ୧୯ । ତାମ୍ବୂଳ, ୨୦ । ନୈବେଦ୍ୟ, ୨୧ । ପୁଷ୍ପମାଳ, ୨୨ । ଅନୁଲେପନ, ୨୩ । ଶଯ୍ୟା, ୨୪ । ଚାମର, ୨୫ । ବ୍ୟଜନ, ୨୬ । ଆଦର୍ଶ ଦର୍ଶନ, ୨୭ । ନମସ୍କାର, ୨୮ । ନର୍ତ୍ତନ, ୨୯ । ଗୀତ, ୩୦ । ବାଦ୍ୟ, ୩୧ । ଦାନ, ୩୨ । ସ୍ତୁତି, ୩୩ । ହୋମ, ୩୪ । ପ୍ରଦକ୍ଷିଣ, ୩୫ । ଦନ୍ତକାଷ୍ଠ (ଦାନ୍ତଖୁଣ୍ଟା) ପ୍ରଦାନ, ୩୬ । ଦେବବିସର୍ଜନ ।

ଅଷ୍ଟାଦଶୋପଚାର ଯଥା—

୧ । ଆସନ, ୨ । ସ୍ୱାଗତ, ୩ । ପାଦ୍ୟ ଓ ଅର୍ଘ୍ୟ, ୪ । ଆଚମନୀୟକ, ୫ । ସ୍ନାନ, ୬ । ବସ୍ତ୍ର, ୭ । ଉପବୀତ, ୮ । ଭୂଷଣ, ୯ । ଗନ୍ଧ, ୧୦ । ପୁଷ୍ପ, ୧୧ । ଧୂପ, ୧୨ । ଦୀପ, ୧୩ । ଅନ୍ନ ବା ନୈବେଦ୍ୟ, ୧୪ । ଦର୍ପଣ, ୧୫ । ମାଲ୍ୟ, ୧୬ । ଅନୁଲେପନ, ୧୭ । ନମସ୍କାର, ୧୮ । ବିସର୍ଜନ ।

ଷୋଡ଼ଶୋପଚାର ଯଥା—(ତନ୍ତ୍ରସାର ମତରେ)

୧ । ପାଦ୍ୟ, ୨ । ଅର୍ଘ୍ୟ, ୩ । ଆଚମନ ବା ପ୍ରଥମେ ମୁହଁ ଧୋଇବା ପାଣି, ୪ । ସ୍ନାନ, ୫ । ବସନ, ୬ । ଭୂଷଣ, ୭ । ଗନ୍ଧ, ୮ । ପୁଷ୍ପ, ୯ । ଧୂପ, ୧୦ । ଦୀପ, ୧୧ । ନୈବେଦ୍ୟ, ୧୨ । ତାମ୍ବୂଳ, ୧୩ । ଅର୍ଚ୍ଚନା, ୧୪ । ସ୍ତୋତ୍ର, ୧୫ । ତର୍ପଣ, ୧୬ । ନମସ୍କ୍ରିୟା ।

ଦଶୋପଚାର ଯଥା—

୧ । ପାଦ୍ୟ, ୨ । ଅର୍ଘ୍ୟ, ୩ । ଆଚମନ, ୪ । ମଧୁପର୍କ, ୫ । ଆଚମନ, ୬ । ଗନ୍ଧ, ୭ । ପୁଷ୍ପ, ୮ । ଧୂପ, ୯ । ଦୀପ, ୧୦ । ନୈବେଦ୍ୟ ।

ପଞ୍ଚୋପଚାର ଯଥା—

୧ । ଗନ୍ଧ, ୨ । ପୁଷ୍ପ, ୩ । ଧୂପ, ୪ । ଦୀପ, ୫ । ନୈବେଦ୍ୟ ।

ସାଧାରଣତଃ ଷୋଡ଼ଶୋପଚାର ଓ ପଞ୍ଚୋପଚାରରେ ପୂଜାବିଧି କରାଯାଇ ଥାଏ ଓ ବିଶେଷ ବିଶେଷ ପୂଜା ଉପଲକ୍ଷରେ ୧୮ ଓ ୩୬ ଉପଚାର ଦ୍ୱାରା ପୂଜା କରାଯାଇ ଥାଏ । ତାନ୍ତ୍ରିକମାନେ ୬୪ ଉପଚାରରେ ଦେବତାଙ୍କୁ ପୂଜା କରିଥାଆନ୍ତି ।]

୨ । ସମ୍ମାନନା—2. Showing respect.

୩ । ଗୁଣ କୀର୍ତ୍ତନ; ପ୍ରଶଂସା; ଗୁଣଗାନ—
3. Praising; chanting hymns of praise.

ଦେ. ବି—୧ । ଦେବ ପୂଜା; ଦେବାର୍ଚ୍ଚନ—1. Worship of a Deity.

୨ । ପାଳି (ଦେଖ)—2. Pālā (See)
(ଯଥା—ଠିଆପୂଜା; ପୋଥିପୂଜା, ଜାଈଁଲପୂଜା, ବାଦପୂଜା, ଆଠପୂଜା, ଷୋଳପୂଜା ଇତ୍ୟାଦି ।)

୩ । ଦେବତାଙ୍କୁ ନୈବେଦ୍ୟ ଅର୍ପଣକରିବା—
3. Offering of food to a Deity.

୪ । ଦୈନିକ ସନ୍ଧ୍ୟାବନ୍ଦନାଦି—
4. Daily prayers of a person; daily worship.

୫ । ମାନ; ସମ୍ମାନ—5. Respect; honour.

୬ । ନୈବେଦ୍ୟ—6. Offering to a Deity.

୭ । (ବ୍ୟଙ୍ଗାର୍ଥ)—ଶୋଧନ; ଗାଳିଦେବା—
7. (ironical) Rebuking.

୮ । ଦଶହରା; ଶରତ୍କାଳୀନ ଦୁର୍ଗାପୂଜା—
8. The autumnal Durgā Pūjā.

[ଦ୍ର—ପୂର୍ବେ ଆମ ଦେଶରେ ଶରତ୍କାଳୀନ ପୂଜା ସମୟରେ ଗୃହ ପ୍ରତିଷ୍ଠିତା ମହିଷାସୁରମର୍ଦ୍ଦିନୀ ଦଶଭୁଜା ବନଦୁର୍ଗା ପ୍ରତିମାଙ୍କର ପୂଜା, ଗ୍ରାମଦେବତାମାନଙ୍କର ପୂଜା, ଚଣ୍ଡୀ ଆଦି ପାଠ ଓ ବଳିଦାନ କରାଯାଉଥିଲା । ମୃଣ୍ମୟୀ ପ୍ରତିମା ତିଆରି କରି ଶାରଦୀୟ ପୂଜା କରିବାର ପ୍ରଥା ବଙ୍ଗଦେଶରୁ ଆମ ଦେଶରେ ଚଳିଅଛି । ଏବେ ଆମ ଦେଶରେ ଉପନିବେଶ କରିଥିବା ବଙ୍ଗାଳୀମାନଙ୍କ ଘରେ ଓ ଗ୍ରାମରେ ମୃଣ୍ମୟୀ ପ୍ରତିମାଙ୍କ ପୂଜା ଖୁବ୍ ସମାରୋହ ସହିତ ସମ୍ପାଦିତ ହୁଏ । ଆମ ଦେଶରେ ପୂର୍ବେ ଦୋଳ ଯାତ୍ରା ପ୍ରଧାନ ଉତ୍ସବ ଥିଲା । ବର୍ତ୍ତମାନ ଦୋଳ ଓ ଦଶହରା ଦୁଇଟି ପ୍ରଧାନ ପର୍ବ ରୂପେ ଗଣିତ ହୋଇଅଛି ।]

ପୂଜା ଅର୍ଚ୍ଚନା—ଦେ. ବି—(ଏକାର୍ଥକ ସହଚର ଶବ୍ଦ—୧ । ଦେବତାଙ୍କ
Pūjā archchanā ଆରାଧନା—1. Worship of a Deity.
(ପୂଜା ବନ୍ଦନା—ଅନ୍ୟରୂପ) ୨ । ଦେବତାଙ୍କ ଆରାଧନାଦି କର୍ମ—
2. Devotional acts performed for a Deity.

ପୂଜା ଆହ୍ନିକ—ଦେ. ବି—ନିତ୍ୟ କରଣୀୟ ପାରମାର୍ଥିକ କର୍ମ—
Pūjā āhnika Religious rites done or prescribed to be done by a person every day.

ପୂଜା(ଜେ)ଇବା—ଦେ. କ୍ରି—୧ । ପୂଜା କରାଇବା—
Pūjā(je)ibā To make or offer offerings.
ବଚ୍ଛିତ ସ୍ଥାନେ ପୂଜାଇ ଲବଣଶ୍ରୀଙ୍କ ମନ—ଉତ୍କ. ବୈଦେହୀଶବିଳାସ ।

୨ । ପୂଜିବା କ୍ରିୟାର ଣିଜନ୍ତରୂପ—
2. The causative form of Pūjibā.

ପୂଜା କରିବା—ଦେ. କ୍ରି. (ସ. ପୂଜ୍ ଧାତୁ)—୧ । ସମ୍ମାନ ଦେବା—
Pūjā karibā 1. To pay respects or homage,
୨ । ସେବା କରିବା—
2. To serve or tend a person.
୩ । ଦେବତାଙ୍କୁ ନୈବେଦ୍ୟ ଅର୍ପଣ କରିବା ଓ ବନ୍ଦନା କରିବା—
3. To offer offerings to a Deity and to worship.
୪ । ସତ୍ୟନାରାୟଣ ପାଲାର ଗୀତ ବା ନାଚ କରିବା—
4. To perform Pālā (song or dancing).
୫ । ଦୈନିକ ପୂଜା ଅହ୍ନିକାଦି କରିବା—
5 To perform one's daily religious rites.
(ଯଥା—ଦେବପୂଜା, ସ୍ତୁତିପାଠ, ସନ୍ଧ୍ୟା ବନ୍ଦନା, ମାଳା ଗଡ଼ାଇବା, ସଙ୍କୀର୍ତ୍ତନ କରିବା, ଚନ୍ଦନ ଘୋରିବା, ନିର୍ମାଲ୍ୟ ସେବା କରିବା, ଧର୍ମଶାସ୍ତ୍ର ପଢ଼ିବା ହୋମ କରିବା, ତୁଳସୀ ମୂଳରେ ପାଣି ଦେବା ପ୍ରଭୃତି ଦୈନିକ ପୂଜାର ଅନ୍ତର୍ଗତ ।)
୬ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିଙ୍କୁ ନାନାବିଧ ସୁଖ ବା ଭୋଗରେ ରଖିବା—6. (figurative) To give a person all conceivable comforts of life.
୭ । ବ୍ୟବହାର୍ଯ୍ୟ ବସ୍ତୁକୁ ଅଭିପ୍ରେତ ବ୍ୟବହାରରେ ନ ଲଗାଇ ରଖିଦେବା—
7. Not to use a thing but store it instead of applying it to its intended use.
୮ । (ବ୍ୟଙ୍ଗ) ଶୋଧିବା; ଗାଳିମନ୍ଦ କରିବା—
8. To abuse a person.

ପୂଜା କୋଥଳି—ଦେ. ବି—ଯେଉଁ ଥଳିରେ ମନୁଷ୍ୟର ନିତ୍ୟ ବ୍ୟବହାର୍ଯ୍ୟ ପୂଜାର ସାମଗ୍ରୀ (ଯଥା—ଜପମାଳା, ଚନ୍ଦନପେଡ଼ି, ଚନ୍ଦନକାଠ, ନିର୍ମାଲ୍ୟ ଆଦି) ଥାଏ—
Pūjā kothali
A wallet containing the materials used during one's daily worship.
ପୂଜା ଥୁଥଳି, ପୂଜା କୋଥଳି, ପୂଜା ମୁଣି } ଅନ୍ୟରୂପ

ପୂଜା କ୍ରମ—ସ. ବି—ପୂଜାବିଧି (ଦେଖ)
Pūjā krama Pūjābidhi (See)

ପୂଜା ଘଡ଼ି—ଦେ. ବି—୧ । ଶାରଦୀୟ ଦୁର୍ଗାପୂଜାର ଅବ୍ୟବହିତ ପୂର୍ବ ବା ପରବର୍ତ୍ତୀ ସମୟ—
Pūjā ghardi
1. The time of the autumnal Durgāpūjā.
୨ । ପୂଜା ଉପଲକ୍ଷ—
2. The occasion of the Durgāpūjā festival.
[ଦ୍ର—ପୂଜାଘଡ଼ି ବା ପୂଜା ସମୟରେ ଲୋକେ ନାନା ଭୋଗ୍ୟ ଦ୍ରବ୍ୟ ଓ ନୂତନ ବସ୍ତ୍ର ଆଦି କିଣି ଘରକୁ ନିଅନ୍ତି । ଏଥିପାଇଁ ବଜାର ନାନା ଚିତ୍ତାକର୍ଷକ ପଣ୍ୟଦ୍ରବ୍ୟରେ ପୂର୍ଣ୍ଣ ହୋଇଥାଏ ଓ ପଣ୍ୟଦ୍ରବ୍ୟର ଦରଦାମ ବଢ଼ିଯାଏ । ପୂଜା ଉପଲକ୍ଷରେ ଗୃହସ୍ଥମାନଙ୍କର ଉତ୍ସବାଦିରେ ବହୁ ବ୍ୟୟ ହୁଏ । ଚାକର ଓ ଆଶ୍ରିତ ଲୋକମାନଙ୍କୁ ବକ୍‌ସିସ୍ ଆଦି ମଧ୍ୟ ଦିଆଯାଏ ।]

ପୂଜା ଛୁଟି—ଦେ. ବି—ଶାରଦୀୟ ଦୁର୍ଗାପୂଜା ସମୟରେ ସ୍କୁଲ ଓ କଚେରି ଆଦିର ଦୀର୍ଘ ଛୁଟି—The Durgāpūjā holidays.
Pūjā chhuṭi
(ପୂଜା ଅବକାଶ, ପୂଜା ବନ୍ଦ —ଅନ୍ୟରୂପ)

ପୂଜା ଦେବା—ଦେ. କ୍ରି—ଦେବତାଙ୍କୁ ନୈବେଦ୍ୟ ବସ୍ତୁ ବା ଭୋଗ ମନ୍ତ୍ରାଦିଦ୍ୱାରା ସମର୍ପଣ କରିବା—To make offerings to a Deity by consecrating the food.
Pūjā debā
पूजा देना
पूजा लगाना (ପୂଜା ଲଗାଇବା—ଅନ୍ୟରୂପ)

ପୂଜା ପଟଳ—ସ. ବି—ପୂଜାର ଅଙ୍ଗସମୂହ—
Pūjā paṭaḷa The rituals of worship.
ସବୁବେଳେ ପୂଜାପଟଳ ହରିନାମ ଭଜନରେ ରହିଥାଏ —
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପୂଜା ପଣ୍ଡା—ଦେ. ବି—ଯେଉଁ ପଣ୍ଡା ମନ୍ତ୍ରପାଠପୂର୍ବକ ଦେବତାଙ୍କୁ ପୂଜା କରନ୍ତି ବା ନୈବେଦ୍ୟ ଲଗାନ୍ତି—A Paṇḍā who offers offerings to the Deity.
Pūjā paṇḍā
पूजापाण्डा

ପୂଜାପାଠ—ସ. ବି—ଦେବପୂଜା ଓ ଧର୍ମପୁସ୍ତକରୁ ମନ୍ତ୍ରାଦି ପାଠ କରିବା—
Pūjāpāṭha To recite the mantras from a book at the time of offering Pūjā.

ପୂଜା ପାର୍ବଣ—ଦେ. ବି—ବାର୍ଷିକ ପର୍ବପର୍ବାଣି—The religious festivals of the year.
Pūjā pārbaṇa
पूजा पार्वण, पर्व तेहार (ପୂଜାପର୍ବ—ଅନ୍ୟରୂପ)

ପୂଜାପାର୍ବଣୀ—ଦେ. ବି—ପ୍ରତିବର୍ଷ ଉତ୍ସବାଦି ଉପଲକ୍ଷରେ ଆଶ୍ରିତ ବ୍ୟକ୍ତି ଓ ଭୃତ୍ୟମାନଙ୍କୁ ସ୍ୱାମିମାନେ ଅନୁଗ୍ରହପୂର୍ବକ ଦେବା ବକ୍‌ସିସ (ଧନ ଓ ବସ୍ତ୍ରାଦି)—Tips or rewards given to servants etc on the occasions of religious festivals.
Pūjāpārbaṇi

ପୂଜାପୂଜି—ଦେ. ବି. (କରର୍ଥକ ଦ୍ୱିତ୍ୱସୂଚକ ଶବ୍ଦ)—ସନ୍ଧ୍ୟା ବନ୍ଦନା ଓ ଦେବାର୍ଚ୍ଚନାଦି ବିଧି—The ceremonies of daily worship and offering.
Pūjāpūji

ପୂଜା ପେଡ଼ି—ଦେ. ବି (ସ. ପୂଜାପେଟିକା)—ପୂଜାର ସରଞ୍ଜାମ ରଖାଯିବା ବାକ୍‌ସ ବା କୋଥଳି—A box or bag containing the materials used during one's daily worship.
Pūjā perḍi
ପୂଜାପେଡ଼ା, ପୂଜାବାକ୍‌ସ } ଅନ୍ୟରୂପ

ପୂଜା ବାଢ଼ିବା—ଦେ. କ୍ରି—ଦେବତାଙ୍କ ଆଗରେ ନୈବେଦ୍ୟ ନେଇ ସ୍ଥାପନ କରିବା—To place offerings before a Deity.
Pūjā bāṛhibā

ପୂଜାବାଲା—ଦେ. ବି—ଯେଉଁମାନେ ସତ୍ୟପୀର ପାଲାର ଗୀତ ଓ ନାଚ କରନ୍ତି—The chanters of Pālā.
Pūjābālā
पूजावाला (ପୂଜାବାଲା—ଅନ୍ୟରୂପ)

ପୂଜା ବିଧି—ସ. ବି (୬ଷ୍ଠୀ ତତ୍)—ଦେବତାଙ୍କୁ ପୂଜା କରିବାର ବଶିଷ୍ଟ ବା କ୍ରମିକ ବିଧାନ—The rules laid down for special and general worshipping of Deities.
Pūjābidhi

ପୂଜା ବୋଲିବା—ଦେ. କ୍ରି—ପୂଜାର ମନ୍ତ୍ର ଓ ବିଧିଆଦି ମୁହଁରେ ଆବୃତ୍ତି କରିବା—To recite the mantras of Pūjā from memory.
Pūjā bolibā

ପୂଜାମନାସ(ସା)—ଦେ. ବ—ଇଷ୍ଟ ସିଦ୍ଧି ହେଲେ ଦେବତାଙ୍କୁ ବଶିଷ୍ଟ ଭୋଗ ଅର୍ପଣ କରିବାର ସଙ୍କଳ୍ପ—
Pūjāmanāsa(sā)
(ପୂଜାମାନତ, ପୂଜାମାନସିକ—ଅନ୍ୟରୂପ) A vow of offering special offering to a Deity in case one's wishes are fulfilled.
ପୂଜାମାନତ
पूजामानत

ପୂଜା ମନାସିବା—ଦେ. କ୍ରି—ଅଭୀଷ୍ଟ ସିଦ୍ଧ ହେଲେ କୌଣସି ଦେବତାଙ୍କୁ ବଶିଷ୍ଟ ଭାବରେ ପୂଜା ଓ ଭୋଗ କରିବାପାଇଁ ମନରେ ସଙ୍କଳ୍ପ କରିବା—
Pūjā manāsibā
ପୂଜା ମାନିବା, ପୂଜା ଯାଚିବା, ପୂଜା ମାନତ କରିବା } ଅନ୍ୟରୂପ
To vow special offerings and worship to a Deity in future if one's particular desire is fulfilled.
ପୂଜାମାନା
पूजा मानत करना

ପୂଜାରି—ଦେ. ବ. (ସ. ପୂଜାକାରି)—୧ । ପୂଜାହାରି; ପଣ୍ଡା; ଦେବପୂଜକ ବ୍ରାହ୍ମଣ; ଦେଉଳିଆ ବ୍ରାହ୍ମଣ—1. A Brāhmaṇa who serves and worships a Deity.
Pūjāri
ପୂଜାହାରି, ପୂଝାରି } ଅନ୍ୟରୂପ
ପୂଜାରୀ କିମ୍ବା ଯଥା ଜଗ୍ମାଥର ଦେବତା ପୂଜାରି
पुजारी ପ୍ରାଣଠୁଁ ବି ଇଷ୍ଟଦେବତାର ଗୌରବକୁ ତ ଅପମାନ—ଚନ୍ଦ୍ରାମଣି, ଚନ୍ଦ୍ରମାଦର୍ଶ।
[ଦ୍ର—ଏମାନେ ଅଶ୍ରୋତ୍ରିୟ ବ୍ରାହ୍ମଣ । ଦେବସେବା ଏମାନଙ୍କର ପ୍ରଧାନ କାର୍ଯ୍ୟ । ଶ୍ରୋତ୍ରିୟ ବ୍ରାହ୍ମଣମାନେ ଏମାନଙ୍କ ସହିତ ବୈବାହିକ ସମ୍ବନ୍ଧ କରନ୍ତି ନାହିଁ—ବ୍ୟବହାରିକ ।]
୨ । ନୀଚଶ୍ରେଣୀୟ ପଣ୍ଡା ବ୍ରାହ୍ମଣ—
2. A lower class of Brāhmaṇas who are professional servants of Deities.
୩ । ପାଚକ ବ୍ରାହ୍ମଣ; ରାନ୍ଧୁଣିଆ ବ୍ରାହ୍ମଣ—
3. A Brāhmaṇa cook.
ପ୍ରାଦେ. (ସମ୍ବଲପୁର) ବ—ସମ୍ବଲପୁରରେ ବ୍ରାହ୍ମଣମାନଙ୍କ ବଂଶୋପାଧିବିଶେଷ—A family-title of certain Brāhmaṇas of Sambalpur.

ପୂଜାର୍ହ—ସ. ବଣ. ପୁଂ. (ପୂଜା+ଅର୍ହ ଧାତୁ = ଯୋଗ୍ୟ ହେବା+କର୍ତ୍ତୃ. ଅ)—ପୂଜିତ ହେବାର ଯୋଗ୍ୟ; ପୂଜ୍ୟ; ସମ୍ମାନଭାଜନ—
Pūjārha
(ପୂଜାର୍ହା—ସ୍ତ୍ରୀ) Respectable; worshipable; deserving homage.

ପୂଜା ସାମଗ୍ରୀ—ସ. ବ—୧ । ଦେବପୂଜାର ଉପକରଣ—
Pūjā sāmagri 1. Materials required for the
(ପୂଜା ସମ୍ଭାର—ଅନ୍ୟରୂପ) performance of the rites.
୨ । ପୂଜାଦ୍ରବ୍ୟ; ନୈବେଦ୍ୟ—2 Offerings intended to be given to a Deity
୩ । ଯେଉଁ ଯେଉଁ ବସ୍ତୁ ବା ପାତ୍ରାଦି ମନୁଷ୍ୟର ନିତ୍ୟ ପୂଜାହ୍ନିକ ସମୟରେ ଦରକାର ହୁଏ (ଯଥା—ପଞ୍ଚପାତ୍ରୀ, ମାଳା, ଚନ୍ଦନକାଠ, ଚନ୍ଦନପେଡ଼ି)—3. The articles required during a person's daily worship.

ପୂଜାହ୍ନିକ—ସ. ବ. (ସଂଗତ ଶବ୍ଦ; ପୂଜା+ଆହ୍ନିକ)—ଦୈନିକ ପୂଜାବନ୍ଦନାଦି—
Pūjāhnika Daily worship.

ପୂଜିତ—ସଂ. ବଣ. ପୁଂ. (ପୂଜ୍ ଧାତୁ+କର୍ମ. ତ)—୧ । ଯାହାଙ୍କୁ ପୂଜା କରି ଯାଇ ଅଛି; ଅର୍ଚ୍ଚିତ—
Pūjita
(ପୂଜିତା—ସ୍ତ୍ରୀ) 1. Worshipped; adored.
୨ । ସତ୍କୃତ; ସେବିତ—2. Entertained.
୩ । ସମ୍ମାନିତ—3. Respected; revered.
୪ । ପ୍ରଶଂସିତ—4. Praised; eulogised.

ପୂଜିତବ୍ୟ—ସଂ. ବଣ.—(ପୂଜ୍ ଧାତୁ+କର୍ମ. ତବ୍ୟ)—ପୂଜୟିତବ୍ୟ; ପୂଜନୀୟ—Worshipable; respectable; adorable.
Pūjitabya
(ପୂଜିତବ୍ୟା—ସ୍ତ୍ରୀ)

ପୂଜିବା—ଦେ. କ୍ରି.—(ସ. ପୂଜ୍ ଧାତୁ)—୧ । (ଦେବତାଙ୍କୁ) ପୂଜା କରିବା—1. To offer worship (to a Deity).
Pūjibā
ପୂଜା **पूजना** ଯାହା ପାଇଁ ଶିବ ପୂଜୁଥିଲ । କବିସୂର୍ଯ୍ୟ. ସଙ୍ଗୀତ ।
୨ । ସମ୍ମାନ କରିବା—2. To pay homage.
ପ୍ରାଦେ. (କଳାହାଣ୍ଡି ଓ ଯାଜପୁର) କ୍ରି.—ହାଣିବା; କାଟିବା—To cut.

ପୂଜେଇ—ପ୍ରାଦେ. (ସମ୍ବଲପୁର)—ଦେ ପୂଜା (ଦେଖ)
Pūjei De pūjā (See)

ପୂଜୋପକରଣ—ସଂ. ବ. (୬ଷ୍ଠୀ ତତ୍; ପୂଜା+ଉପକରଣ)—
Pūjopakaraṇa ୧ । ପୂଜା ସାମଗ୍ରୀ—1. The materials for service or worship of a Deity.
୨ । ପୂଜାର ଅଙ୍ଗ—2. The different parts or stages in the ritual of worshipping a Deity.

ପୂଜ୍ୟ—ସଂ. ବଣ. ପୁଂ (ପୂଜ୍ ଧାତୁ+କର୍ମ. ଯ)—ପୂଜନୀୟ; ଆରାଧ୍ୟ—
Pūjya Venerable; adorable.
(ପୂଜ୍ୟା—ସ୍ତ୍ରୀ) ବ. ପୁଂ—ଶ୍ୱଶୁର—Father-in-law.

ପୂଜ୍ୟପଦ—ସଂ. ବଣ. ପୁଂ (ବହୁବ୍ରୀହି; ପୂଜ୍ୟ ଅଟେ ପଦ ଯାହାଙ୍କର)—
Pūjya pada ପରମ ପୂଜନୀୟ; ଯାହାଙ୍କ ଚରଣ ବନ୍ଦନୀୟ;
(ପୂଜ୍ୟପାଦ—ଅନ୍ୟରୂପ) ପରମାରାଧ୍ୟ—Much revered; very venerable.

ପୂଜ୍ୟମାନ—ସଂ. ବଣ. ପୁଂ. (ପୂଜ୍ ଧାତୁ+କର୍ମ. ମାନ)—୧ । ପୂଜ୍ୟ—
Pūjyamāna 1. Venerable.
(ପୂଜ୍ୟମାନା—ସ୍ତ୍ରୀ) ୨ । ସେବ୍ୟମାନ; ଯାହାଙ୍କୁ ପୂଜା କରି ଯାଉଛି—
2. Being worshipped; revered; venerated.

ପୂଣ୍ (ଧାତୁ)—ସଂ.—ଏକତ୍ର କରିବା; ରାଶୀକୃତ କରିବା—
Pūṇa (root) To heap up; to amass.

ପୂତ୍ (ଧାତୁ)—ସଂ.—ପବିତ୍ର ହେବା—
Pūt (root) To become pure.

ପୂତ—ସଂ. ବଣ—(ପୂ ଧାତୁ+କର୍ମ. ତ)—୧ । ଶୁଦ୍ଧ; ପବିତ୍ର—
Pūta 11. Pure; sacred; holy.
(ପୂତା—ସ୍ତ୍ରୀ) ୨ । ନିର୍ମଳ—2. Clean; dirtless.
୩ । ପବିତ୍ରୀକୃତ—3. Purified, consecrated.
୩ । ପରିଷ୍କୃତ—3. Cleaned; cleansed.
୪ । ତୁଷଶୂନ୍ୟୀକୃତ—4. Winnowed; threshed.
୫ । ସତ୍ୟ; ପ୍ରକୃତ—5. True.

୬ । ସରଳ; ସାଧୁ—6. Honest; sincere.
୭ । ରକ୍ଷିତ—7. Guarded; defended.
୮ । (ପୂୟ୍ ଧାତୁ+ଗନ୍ଧାଇବା=କର୍ତ୍ତୃ. ତ) ଦୁର୍ଗନ୍ଧଯୁକ୍ତ—
8. Bad-smelling; stinking.
ବି.—୧ । ପାଛୁଡ଼ା ଧାନ ବା ଚାଉଳ—
1. Winnowed paddy or rice.
୨ । ଶଙ୍ଖ—2. Conch shell.
୩ । କୁଶ—3. Kusa grass.

ପୂତ କ୍ରତାୟୀ—ସଂ. ବି. ସ୍ତ୍ରୀ (ପୂତକ୍ରତୁ+ସ୍ତ୍ରୀ. ଅର୍ଥରେ ଈ; ନିପାତନ)—
Pūta kratāyi ଇନ୍ଦ୍ରପତ୍ନୀ; ଶଚୀ—
Sachi, the consort of Indra.

ପୂତକ୍ରତୁ—ସଂ. ବି. ପୁଂ (ବହୁବ୍ରୀହି; ପୂତ=ପବିତ୍ର, କ୍ରତୁ=ଯଜ୍ଞ
Pūta kratu ଯାହାଙ୍କର)—ଦେବରାଜ; ଇନ୍ଦ୍ର—
Indra, the king of the Hindu Gods.

ପୂତିଗନ୍ଧ—ସଂ. ବିଣ.—(ବହୁବ୍ରୀହି; ପୂତ+ଗନ୍ଧ)—ଦୁର୍ଗନ୍ଧଯୁକ୍ତ—
Pūta gandha Foul-smelling; foetid.
ବି.—ଦୁଜ୍ଝଣ୍ଡି; ବବୁର (ଗୁଳ୍ମ)—
Ocymum Pilosum (plant).

ପୂତତୃଣ—ସଂ ବି.—ଶ୍ୱେତ କୁଶ—
Pūta truna White Kusa grass.

ପୂତ ଦ୍ରୁ—ସଂ. ବି.—ପଳାଶ ଗଛ—
Pūta dru A tree; Butea Frondosa.
(ପୂତ ଦ୍ରୁମ—ଅନ୍ୟରୂପ)

ପୂତ ଧାନ୍ୟ—ସଂ. ବି—ଖସା; ରାଶି; ତିଳ—
Pūta dhānya Sesamum.

ପୂତନା—ସଂ. ବି. ସ୍ତ୍ରୀ. (ପୂଙ୍ ଧାତୁ. ଣିଚ୍; ପୂତ ଧାତୁ=ପବିତ୍ର କରିବା
Pūtanā +କର୍ତ୍ତୃ. ଅନ+ଆ)—୧ । ହରିତକୀ; ହରିଡ଼ା—
1. Yellow myrobalan.
୨ । ବକାସୁରର ଭଉଣୀ; ରାକ୍ଷସୀବିଶେଷ—
2. A demoness, sister of Bakāsura, whose life was sucked out of her by Srikrushna when he was a mere suckling.
[ଦ୍ର—ଏ ଅସୁରୁଣୀ କଂସର ଆଦେଶରେ ଆପଣା ସ୍ତନରେ ବିଷ ବୋଳି ଶ୍ରୀକୃଷ୍ଣଙ୍କୁ ସ୍ତନ୍ୟପାନ କରାଇଲା । କିନ୍ତୁ ଅନ୍ତର୍ଯ୍ୟାମୀ ତାହାର ଉଦ୍ଦେଶ୍ୟ ଜାଣି ପାରି ଏକା ଶୋଷାକେ ତା ସ୍ତନରୁ ସ୍ତନ୍ୟ ସଙ୍ଗେ ପ୍ରାଣକୁ ଶୋଷି ନେଲେ ଓ ରାକ୍ଷସୀ ସେହିଠାରେ ପ୍ରାଣତ୍ୟାଗ କଲା ।]
୩ । ଶିଶୁମାନଙ୍କର ପୁଅ ରୋଗ—
3. Infantile marasmus.
[ଦ୍ର—ଏହା ପୂତନା ରାକ୍ଷସୀର ଆକ୍ରମଣର ଫଳ ବୋଲି ଲୋକେ ବିଶ୍ୱାସ କରନ୍ତି ।]
୪ । ଗନ୍ଧମାଂସୀ; ଜଟାମାଂସୀ—
4. Indian spikenard; Racemosa; Nardostachys Jatamansi.
୫ । ଗାଲଆ ପତନୀ (ହରେକୃଷ୍ଣ ଦ୍ରବ୍ୟଗୁଣ)—
5. The civet cat; Viverra Gunda.

ପୂତନା ବାଡ଼ି—ପ୍ରାଦେ. (ଗଞ୍ଜାମ) ବି—
Pūtanā bārdi ବାଳକ ବାଳିକାମାନଙ୍କର ଝାଡ଼ା ବାନ୍ତି ରୋଗ—
The diarrhea which attacks infants at the time of teething; infantile diarrhoea.

ପୂତନାରି—ସଂ. ବି. (୬ଷ୍ଠୀ ତତ୍; ପୂତନା+ଅରି)—
Pūtanāri ପୂତନା ବଧକାରୀ ଶ୍ରୀକୃଷ୍ଣ—
(ପୂତନା ସୂଦନ—ଅନ୍ୟରୂପ) A name of Srikrushna.

ପୂତନୀ—ସଂ. ବି. (ପୂଙ୍ ଧାତୁ ଣିଚ୍ ପୂତ ଧାତୁ+ଅନ+ସ୍ତ୍ରୀ. ଈ)—
Pūtani ପୁଦିନା (ଦେଖ)—Pudinā (See)
ଦେ. ବି—୧ । ପୂତନା ୨ (ଦେଖ)
1. Putanā (See)
୨ । ଦୁଷ୍ଟା ସ୍ତ୍ରୀ—2. A wicked woman.

ପୂତ ପାପ—ସଂ. ବିଣ. ପୁଂ (ପୂତ=ପବିତ୍ରୀକୃତ ହୋଇଅଛି ପାପ
Pūta pāpa ଯାହାର)—ପାପ ମୁକ୍ତ—Purified; freed
(ପୂତ ପାପ୍ମା—ଅନ୍ୟରୂପ) (ପୂତ ପାପା—ସ୍ତ୍ରୀ) from sin.

ପୂତ ଫଳ—ସଂ. ବି—ପଣସ (ଗଛ ଓ ଫଳ)—
Pūta phala Jack fruit (tree and fruit).

ପୂତା—ସଂ. ବିଣ. ସ୍ତ୍ରୀ (ପୂତ+ସ୍ତ୍ରୀ. ଆ)—ପବିତ୍ରା—
Pūtā Pure (female).
ବି—ଦୂବ୍ବା; ଦୂବ—Dūba grass.

ପୂତାତ୍ମା—ସଂ. ବିଣ. ପୁଂ ଓ ସ୍ତ୍ରୀ. (ପୂତ+ଆତ୍ମନ୍; ପୂତାତ୍ମନ୍ ଶବ୍ଦ;
Pūtātmā ୧ମା. ୧ବ)—୧ । ପବିତ୍ରାତ୍ମା—
1. Pure-souled; pure-minded.
୨ । ପୁଣ୍ୟାତ୍ମା—2. Pious; virtuous.

ପୂତି—ସଂ. ବି. (ପୂଙ୍ ଧାତୁ=ପବିତ୍ର କରିବା+ଭାବ. ତି)—
Pūti ୧ । ପବିତ୍ରତା—1. Purity; sanctity.
୨ । ପବିତ୍ରୀକରଣ; ପ୍ରକ୍ଷାଳ—2. Purification.
୩ । (ପୂୟ୍ ଧାତୁ=ଦୁର୍ଗନ୍ଧ ହେବା+ଭାବ. ତି)—
ଦୁର୍ଗନ୍ଧ—3. Stink.
୪ । ମଡ଼ାର ଗନ୍ଧ—4. Stench of dead body.
୫ । ଖଟ୍ଟାଶ ମୁଷ୍କ; ଗାଲଆ ଚେଙ୍ଗାର କୋଷ—
5. The testicle of the civest cat or pole cat; Putorius Fœtidus.
ବିଣ—ଦୁର୍ଗନ୍ଧମୟ—Stinking; fœtid.

ପୂତିକ—ସଂ. ବି. (ପୂତି=ଦୁର୍ଗନ୍ଧ+କୈ ଧାତୁ=ପ୍ରକାଶ କରିବା+
Pūtika କର୍ତ୍ତୃ. ଅ)—୧ । ବିଷ୍ଠା; ଗୁହ; ମଳ—
1. Ordure; excrement.
୨ । ପୂତି କରଞ୍ଜ (ଦେଖ)
2. Pūti karañja (See)
୩ । ପୂତିକା ୧ (ଦେଖ)—1. Pūtikā 1 (See)

ପୂତି କରଞ୍ଜ—ସଂ. ବି—ଲଟା କରଞ୍ଜ ବା ବରପୋଲ ଗଛ—
Pūti karañja Caesalpina Bonducella; the grey Bonduc.
ପୂତି କରଜ, ପୂତି କର୍ଣ୍ଣିକା, ପୂତୀ କରଜ, ପୂତୀ କରଞ୍ଜ—ଅନ୍ୟରୂପ)
[ଦ୍ର—ଏହା ଗିଲ୍ଲଜାତୀୟ କଣ୍ଟାଯୁକ୍ତ ଲଟାଣିଆ ଗଛ । ଏହା ଜଙ୍ଗଲରେ ଓ ପାଣିକୂଳରେ ହୁଏ । ଫଳ ମଧ୍ୟ ଗିଲ ଫଳ ପରି କଣ୍ଟାକଯୁକ୍ତ । ତା ମଧ୍ୟରେ ଗୋଟାଳ ପରି ଛାଣୁଆ ମଞ୍ଜି ଥାଏ ।]

ପୂତି କର୍ଣ୍ଣ—ସଂ. ବି—(ପୂତି+କର୍ଣ୍ଣ)—କାନ ପଚା ରୋଗ—
Pūtikarṇṇa Foetid ulceration of the ear; purulent otorrhoea.
(ପୂତି କର୍ଣ୍ଣିକ—ଅନ୍ୟରୂପ)

ପୂତିକା—ସଂ. ବି—(ପୂୟ୍ ଧାତୁ=ଦୁର୍ଗନ୍ଧ ହେବା+ତି+ସ୍ୱାର୍ଥେ କ+
Pūtikā ସ୍ତ୍ରୀ. ଆ; ଅନ୍ୟ ସଂ. ନାମ ଉପୋଦକା)—୧ । ପୋଇ ଶାଗ-
1. The Basella creeper (pot herb).
୨ । କଟାସ; ଗନ୍ଧମାର୍ଜ୍ଜାର; ଶାଳଆପତନୀ—
2. Pole cat; civet cat.
୩ । ପୂତି କରଞ୍ଜ (ଦେଖ)—
3. Pūti karañja (See).

ପୂତିକା ମୁଖ—ସଂ.ବି—(ବହୁବ୍ରୀହି; ପୂତିକା=ପୋଇଶାଗ ପରି ମୁଖ=
Pūtikā mukha ଆକୃତି ଯାହାର)—ଶାମୁକା—Bivalve shell; oyster.

ପୂତି କାଷ୍ଠ—ସଂ. ବି—(ପୂତି=ପବିତ୍ର+କାଷ୍ଠ)—ସରଳ ବା
Pūti kāshṭha ଦେବଦାରୁ ଗଛ—A sort of pine; Pinus Devadāru.
(ପୂତି କାଷ୍ଠକ—ଅନ୍ୟରୂପ)

ପୂତି କୀଟ—ସଂ. ବି (କର୍ମଧା)—ପାଡ଼ୁରି ପୋକ (ଦେଖ)
Pūti kīṭa Pārdurā poka (See)

ପୂତି ଗନ୍ଧ—ସଂ. ବି—୧ । ଅତି ଦୁର୍ଗନ୍ଧ; ବଦବୋଇ—
Pūti gandha 1. Foetid smell; stench.
୨ । ଗନ୍ଧକ—2. Sulpher.
୩ । ଇଙ୍ଗୁଦ ବୃକ୍ଷ—3. Balanites Roxburghii; a tree bearing acorns which produce oil when pressed.
୪ । ରଙ୍ଗ—4. Tin.
୫ । ଶାଳଆ ପତନୀ (ହରେକୃଷ୍ଣ ଦ୍ରବ୍ୟଗୁଣ)—5. Civet cat.
ବିଣ—ପୂତିଗନ୍ଧି (ଦେଖ)—
Pūti gandhi (See)

ପୂତି ଗନ୍ଧି—ସଂ. ବିଣ (ପୂତି+ଗନ୍ଧ+ଇ)—ଦୁର୍ଗନ୍ଧ ଯୁକ୍ତ; ଗନ୍ଧିଆ—
Pūti gandhi Foetid; foul-smelling.
(ପୂତି ଗନ୍ଧିକ—ଅନ୍ୟରୂପ)

ପୂତି ଗନ୍ଧିକା—ସଂ. ବି—ଔଷଧ ବୃକ୍ଷବିଶେଷ; ବାକୁଚୀ—
Pūti gandhikā A medicinal plant; Psoralea Gorylifolia; Serratula Anthelmintica.

ପୂତିତୈଳା—ସଂ. ବି—ଜ୍ୟୋତିଷ୍ମତୀ ଲତା; ଲତା କଟଶ୍ରୀ, ବନ୍ୟପ୍ରଜାତୀ
Pūtitailā ଲତାବିଶେଷ; ଫୁଟି ଫୁଟିକା ଲତା—A wild creeper Heart-seed; Heart pea; Cardiospermum Helicacabum.

ପୂତିନସ୍ୟ—ସଂ. ବି—(ପୂତି=ଦୁର୍ଗନ୍ଧମୟ+ନସ୍ୟ=ନାସାରନ୍ଧ୍ର)—
Pūtinasya ନାସିକାରୋଗବିଶେଷ; ନାକରୁ ଦୁର୍ଗନ୍ଧ ବାହାରିବା ରୋଗ—A disease in which there are foetid exhalations from the nostril; ozoena.

ପୂତି ବକ୍ତ୍ର—ସଂ. ବିଣ. ପୁଂ—(ବହୁବ୍ରୀହି; ପୂତି+ବକ୍ତ୍ର)—ଯାହା ମୁହଁରୁ
Pūti baktra ସର୍ବଦା ଦୁର୍ଗନ୍ଧ ବାହାରେ; ବାସୁଆମୁହାଁ—
(ପୂତିବକ୍ତ୍ରା—ସ୍ତ୍ରୀ) A person whose mouth emits a foetid smell.

ପୂତି ବାତ—ସଂ. ବି—୧ । ଶ୍ରୀଫଳ; ବେଲ ଗଛ—
Pūti bāta 1. The Bel tree; Aegle Marmelos.
୨ । ଦୁର୍ଗନ୍ଧ—2. Stench; foul smell.

ପୂତି ବାଷ୍ପ—ସଂ. ବି—(କର୍ମଧା; ପୂତି+ବାଷ୍ପ)—ପଚା ନର୍ଦ୍ଦମା ଆଦିରୁ
Pūti bāshpa ବାହାରିବା ଦୁର୍ଗନ୍ଧ ବାଷ୍ପ – Offensive vapour coming out of putrid drains.
(ପୂତି ବାଷ୍ପ—ଅନ୍ୟରୂପ)

ପୂତି ମାଂସ—ସଂ. ବି—(କର୍ମଧା)—ସଢ଼ା ବା ପଚା ମାଂସ—
Pūti māṁsa Rotten flesh; putrid meat.

ପୂତୀକ—ସଂ. ବି—୧ । ପୂତି କରଞ୍ଜ (ଦେଖ)
Pūtīka 1. Pūti karañja (See)
୨ । ଗନ୍ଧ ମାର୍ଜ୍ଜାର; ଶାଳଆପତନୀ—2. Civet cat.

ପୂତୁନ(ନା,ନୀ)—ଗ୍ରା.ବି—(ସଂ. ପୂତନା)—୧ । ପୂତନା ୨ (ଦେଖ)—
Pūtuna(nā, nī) 1. Pūtanā 2 (See)
(ପୁତୁନୀ—ଅନ୍ୟରୂପ) ୨ । ଦୁଷ୍ଟା ସ୍ତ୍ରୀ—2. Vile woman.

ପୂତ୍ୟଣ୍ଡ—ସଂ. ବି. (ବହୁବ୍ରୀହି; ପୂତି+ଅଣ୍ଡ=ମୁଷ୍କ ବା ଡିମ୍ବ)—
Pūtyaṇḍa ୧ । ପାଡ଼ୁରି ପୋକ (ଦେଖ)
1. Pārdurā poka (See)
୨ । କସ୍ତୁରୀ ମୃଗ—2. Musk deer.
୩ । ଶାଳଆପତନୀ—3. Civet cat.
୪ । ଖଟ୍ଟାଶ; କଟାଶ—4. Pole cat; wild cat.

ପୂନେଇ(ଇଁ) ଶାଗ—ପ୍ରାଦେ. (ବାଲେଶ୍ୱର)—ପୁନର୍ନବା (ଦେଖ)
Pūnei(iñ) śāga Punarnabā (See)
(ପୁଣ୍ଣିମା ଶାଗ; ପୁନମା ଶାଗ—ଅନ୍ୟରୂପ)

ପୂପ—ସଂ. ବି. (ପୂ ଧାତୁ=ପବିତ୍ର କରିବା+ସଂଜ୍ଞାର୍ଥେ. ପ)—୧ । ପିଠା—
Pūpa 1. Cake.
୨ । ରୋଟିକା; ରୁଟି—2. Bread; pastry cake.

ପୂପଲା—ସଂ. ବି. (ପୂପ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ+ଆ)—
Pūpalā ଘୃତପକ୍ୱ ପିଷ୍ଟକ; ଘିଅ ପିଠା—
A cake roasted in ghee.

ପୂପାଳୀ—ସଂ. ବି. (ପୂପ+ଆଳୀ)—ପୁଳି ପିଠା (ଦେଖ)
Pūpāli Puli piṭhā (See)

ପୂପାଷ୍ଟକା—ସଂ. ବି. (ପୂପ=ପିଠା+ଅଷ୍ଟକା=ଅଷ୍ଟମୀ ତିଥିରେ କୃତ୍ୟ
Pūpāshṭakā ଶ୍ରାଦ୍ଧ)—ପିଷ୍ଟକଦ୍ୱାରା ପୌଷ କୃଷ୍ଣ ଅଷ୍ଟମୀ ଦିନ କରାଯିବା ଶ୍ରାଦ୍ଧ—A śraddha performed with cakes on the 8th day of the dark fortnight of the month of Paushа.

ପୂପିକା—ସ. ବ. (ପୂପ+କ+ସ୍ତ୍ରୀ. ଆ)—ପୂପଲା (ଦେଖ)
Pūpikā Pūpaḷā (See)

ପୂବା—ଗ୍ରା. ବଣ. (ସ. ପୂର୍ବ୍ୟ)—୧ । ପୂରୁବା; ପୂର୍ବସମ୍ବନ୍ଧୀୟ—
Pūbā 1. Eastern.
পূর্বের পূরবা; পূরবাই ୨ । ପୂର୍ବଦିଗରୁ ଅସୁଥିବା—
(ଙ୍ଗ୍ରା—ଅନ୍ୟରୂପ) 2. Coming from the east.

ପୂବାଇ(ଲି)—ଗ୍ରା. ବଣ.—ପୂବା (ଦେଖ)
Pūbāi(li) Pūbā (See)
ପୂବାଇ ଗୋଷ୍ଠୀ ଭାଇ ଦମକା ପବନ ବାହେଇ ଦେଲା—
ଫକୀରମୋହନ, ଗଳ୍ପସ୍ୱଳ୍ପ ।

ପୂବେଇ—ଦେ. ବଣ. (ସ. ପୂର୍ବୀୟ)—ପୂବା (ଦେଖ)
Pūbei (ପୂବେଇ—ଅନ୍ୟରୂପ) Pūbā (See)

ପୂବେଇ ପବନ—ଦେ. ବ—ପୂର୍ବରୁ ବହୁଥିବା ପବନ—The east
Pūbei pabana wind; the wind blowing from the east.
ପୂବେଇ ବତାସ } ଅନ୍ୟରୂପ
ପୂବେଇ ବାଆ }
[ଦ୍ର—ପୂବେଇ ପବନ ବହୁକାଳ ବହୁକାଳ ପର୍ଯ୍ୟନ୍ତ ଶୀଘ୍ର ବର୍ଷିବାର ସୂଚନା କରେ ।]

ପୂବେଇ ପାଣି—ଦେ. ବ—ପୂର୍ବ ଦିଗରୁ ହେଉଥିବା ବର୍ଷା—
Pūbei pāṇi Rain coming from clouds blowing
(ପୂବେଇ ବରଷା—ଅନ୍ୟରୂପ) from the east.

ପୂବେଇ ବଢ଼ି—ଦେ. ବ—ପୂବେଇ ପବନ ବା ବର୍ଷା ପରେ ନଦୀର
Pūbei barḍhi ବନ୍ୟା—Flood of a river after east-wind.

ପୂବେଇ ମେଘ—ଦେ. ବ—ଯେଉଁ ମେଘ ପୂର୍ବ ଦିଗରୁ ଉଠାଇ ଥାଏ—
Pūbei megha Clouds rising in the east

ପୂୟ(ୟ୍ଯ) (ଧାତୁ)—ସ.—ଦୁର୍ଗନ୍ଧ ହେବା—
Pūj(y) (root) To emit bad small.

ପୂୟ—ସ. ବ. (ପୂୟ୍ ଧାତୁ+କର୍ତ୍ତୃ. ଅ)—ପୂଜ; ଘନୀଭୂତ ଶୁକ୍ଳବର୍ଣ୍ଣ
Pūja ବିକୃତ ରକ୍ତ—Ichor; pus; offensive matter discharged from gangrened wounds and ulcers.

ପୂୟ ପାଣି—ଦେ. ବ. (ସ. ପୂୟ+ପାନୀୟ)—୧ । ଜଳୀୟ ପୂୟ;
Pūja pāṇi ପାଣିଆ ପୂଜ—1. Watery pus; purulent discharge.
পূঁজপানী पूँजपानी
ପୂୟ ରକତ } ଅନ୍ୟରୂପ
ପୂୟ ନାଳ }
୨ । ସଢ଼ା ଘାଆ ଆଦିରୁ ବାହାରିବା ପୂଜ ଓ ଜଳୀୟ ସ୍ରାବ—
2. Pus and other matters coming out from rotten sores.

ପୂୟ ରକତ ବିଆଣ—ଦେ. ବ—୧ । ସ୍ତ୍ରୀଲୋକମାନଙ୍କ ଜନ୍ମ କରିବା
Pūja rakata biāṇa ପ୍ରକ୍ରିୟା (ଯହିଁରେ ରକ୍ତାଦି ସ୍ରାବ ହୁଏ)—
1. The act of giving birth; delivery (in which there is copious discharge of blood and pus)
୨ । ମନୁଷ୍ୟ (ଯେ ପୂଜ ରକ୍ତରୁ ଜନ୍ମିଥାଏ)—2. Man (born from pools of pus and blood).

ପୂୟ ରକତିଆ—ଦେ. ବଣ—ପୂଜ ଓ ରକ୍ତାକ୍ତ—
Pūja rakatiā Reeking with pus and blood.

ପୂୟ ରକ୍ତ—ସ. ବ—୧ । ନାସାରୋଗବିଶେଷ—1. A disease of
Pūja rakta the nose in which there is discharge of blood and pus from the nostrils.
୨ । ପୂୟ ଓ ରକ୍ତ—2. Pus and blood.
୩ । ପୂୟ ମିଶ୍ରିତ ରକ୍ତ—3. Bloody pus.

ପୂୟ ସରସର—ଦେ. ବଣ—ପୂୟାକ୍ତ; ପୂୟରେ ବୁଡ଼ିଥିବା—
Pūju sarasara Reeking with pus; purulent.
(ପୂୟ ଲଟପଟ, ପୂୟ ପଟ୍ଟପଟ—ଅନ୍ୟରୂପ)

ପୂୟା(ଯେ)ଇବା—ଦେ. କ୍ରି. (ସ. ପୂୟ)—୧ । (ବ୍ରଣାଦି) ପାଚିବା
Pūjā(je)ibā ପୂୟରେ ପୂର୍ଣ୍ଣ ହେବା—1. (Boil etc) To become full of pus; to suppurate.
ପୂୟ ହେବା } ଅନ୍ୟରୂପ
ପୂୟ ହେବା }
୨ । ବ୍ରଣାଦିରୁ ପୂୟର ଧାର ନିର୍ଗତ ହେବା—
2. (a sore) To emit pus.

ପୂୟାରି—ସ. ବ. (୬ଷ୍ଠୀ ତତ୍; ପୂୟ+ଅରି; ଏହାର ପତ୍ର ପୂୟ
Pūjāri ନାଶ କରେ ବୋଲି)—ନିମ୍ବ ଗଛ—
The Nim tree.

ପୂୟିଆ—ଦେ. ବଣ. ପୁଂ—୧ । ଘାଆ ବା କାଛୁ କୁଣ୍ଡିଆ ଯୋଗୁ
Pūjiā ପୂଜ ସରସର ହୋଇଥିବା (ବ୍ୟକ୍ତି)—
(ପୂୟେଇ—ସ୍ତ୍ରୀ) 1. (a person) Whose body is full of purulent wounds or itches etc.
୨ । ପୂୟାକ୍ତ—2 Full of pus; purulent.

ପୂୟୋଦ—ସ. ବ. (ପୂୟ+ଉଦକ; ଏ ସ୍ଥାନରେ ପାପୀମାନେ ପୂୟ-
Pūjoda ପାଣିରେ ବୁଡ଼ନ୍ତି)—ନରକବିଶେଷ—
(ପୂୟୋଦକ—ଅନ୍ୟରୂପ) A particular part of hell.

ପୂର୍ (ଧାତୁ)—ସ—୧ । ପୂର୍ଣ୍ଣ କରିବା—
Pūr (root) 1. To fill up.
୨ । ପୂର୍ଣ୍ଣ ହେବା—2. To be full.
୩ । ସନ୍ତୁଷ୍ଟ କରିବା—3. To satisfy.
୪ । ସନ୍ତୁଷ୍ଟ ହେବା—4 To be satisfied.

ପୂର—ସ. ବ. (ପୂର୍ ଧାତୁ+କରଣ. ଅ)—
Pūra ୧ । ବାରିରାଶି; ଜଳରାଶି—
1. A mass of water.
୨ । ଜଳ ସ୍ରୋତଃ; ପ୍ରବାହ—2. Current of water.
୩ । ନଦୀ ବଢ଼ି—
3. Swelling or flood of a river.
୪ । ହ୍ରଦ—4. Lake.
୫ । ପୁଷ୍କରିଣୀ; ପୋଖରୀ—5. Tank
୬ । ବ୍ରଣ ବା ଘାଆର ପୂରିଯିବା ଅବସ୍ଥା—
6. Healing of an ulcer or wound.
୭ । ଅତ୍ୟାଧିକ୍ୟ—7. Superabundance.
୮ । ପୁରୀ; ଲୁଚି—
8. Unleavened cake fried in ghee.

୯ । ପିଠା ମଧ୍ୟରେ ପୂର୍ଣ୍ଣ କରାଯିବା ମିଷ୍ଟ ଚୂର୍ଣ୍ଣ ବା ସିଦ୍ଧ ଶସ୍ୟ—
9. Ground sweets or boiled pulse put inside sandwiches; stuffing put inside cakes.

୧୦ । ପରିପୂରଣ—10. Fulfilment; filling up.

୧୧ । ଗୁଗ୍ଗୁଳ; ଦାହାଗୁରୁ - 11. A kind of sandal used as incense; frankincense.

ବିଣ. (ଅନ୍ୟ ଶବ୍ଦ ସହିତ ସମାସରେ ଯୁକ୍ତ)—
ଅମୁକ ଦ୍ୱାରା ପୂର୍ଣ୍ଣ—Full of; filled with.

ପୂରକ—ସଂ. ବିଣ. (ପୂର୍ ଧାତୁ + କର୍ତ୍ତୃ. ଅକ)—
Pūraka ପରିପୂର୍ଣ୍ଣ କାରକ—That which fills up; filling up.

ସଂ. ବି. ୧ । (ଗଣିତ)—ଗୁଣକ ସଂଖ୍ୟା; ଯେଉଁ ସଂଖ୍ୟା ଦ୍ୱାରା ମୂଳ ସଂଖ୍ୟାକୁ ଗୁଣନ କରାଯାଏ—
1. (Arithmetic) The multiplier.

୨ । (ଯୋଗ) ପ୍ରାଣାୟାମର ଅଙ୍ଗବିଶେଷ; ବହିର୍ଦ୍ଦେଶରୁ ବାମ ନାସା ଦ୍ୱାରା ବାୟୁକୁ ଅନ୍ତରକୁ ନେବା—
2. (joga) Slow inspiration; taking in air through the left nostril

[ଦ୍ର—ପୂରକ ଦ୍ୱାରା ବାୟୁକୁ ବାମ ପାଖ ନାକପୁଡ଼ା ଭିତରକୁ ନେବାକୁ ହୁଏ ଓ ଭିତରକୁ ଯାଇଥିବା ପବନକୁ କୁମ୍ଭକ ଦ୍ୱାରା ଅଟକାଇବାକୁ ହୁଏ । ରେଚକ ଦ୍ୱାରା ବାୟୁକୁ ଡାହାଣ ନାକ ପୁଡ଼ା ଦ୍ୱାରା ବାହାର କରିବାକୁ ହୁଏ । ଏହି ୩ ପ୍ରକ୍ରିୟା କଲେ ପ୍ରାଣାୟାମ ସାଧିତ ହୁଏ ।]

୪ । ବାଜପୁର; ଲେମ୍ବୁ—4. Citron.

୫ । ମୃତାଶୌଚ କାଳରେ ପ୍ରେତୋଦ୍ଦେଶରେ ଦେୟ ଦଶପିଣ୍ଡ—
5. The ten funeral cakes offered to the ghost of the deceased during the funeral rites

[ଦ୍ର—ଏହି ପୂରକ ପିଣ୍ଡ ଦ୍ୱାରା ମୃତ ବ୍ୟକ୍ତିର ଅତିବାହିକ ଦେହର ନିବୃତ୍ତି ହୁଏ ଓ ସେ ପ୍ରେତ ଦେହ ପ୍ରାପ୍ତ ହୁଏ ।]

ପୂର କୃତ—ସଂ. ବିଣ—ପରିପୂର୍ଣ୍ଣ—
Pūra kruta Filled up.

ପୂରଣ—ସଂ. ବିଣ. (ପୂର୍ ଧାତୁ + କର୍ତ୍ତୃ. ଅନ)—
Pūraṇa ପୂରକ—Filling up.

ବି—୧ । (ଗଣିତ) ପୂରକ; ଗୁଣକ—
1. (arithmetic) Multiplier.

୨ । (+ ଭାବ. ଅନ) ପୂର୍ଣ୍ଣ କରିବା—
2. Act of filling up or completing.

୩ । ପୂରକ ପିଣ୍ଡ—3. Obsequal cakes,

୪ । (ପୂର୍ ଧାତୁ + ଭାବ. ଅନ) ଗୁଣନ—
4. Multiplication.

୫ । ବର୍ଷଣ—5. Raining.

୬ । ବୃଷ୍ଟି—6. Rain.

୭ । ଲୁଗାର ଅଡ଼ ସୁତା; ବାଘଡନ୍ତୁ; ଭରଣୀ ସୁତା—
7. The woof or cross-thread of a cloth.

୮ । ସେତୁ; ପୋଲ—8. Bridge.

୯ । ବନ୍ଧ—9. Embankment; dyke.

୧୦ । ସମୁଦ୍ର—10. Ocean.

ପୂରଣୀ—ସଂ. ବି. (ପୂରଣ + ସ୍ତ୍ରୀ. ଈ)—
Pūraṇi ୧ । ଶାଲ୍ମଳୀ ବୃକ୍ଷ; ଶିମିଳି ଗଛ—
1. The silk cotton tree.

୨ । ବାଘଡନ୍ତୁ; ଭରଣୀ ସୂତା—
3. The woof of cloth.

ପୂରନ୍ତା—ଦେ. ବିଣ. (ସଂ. ପୂର୍ ଧାତୁ)—
Pūrantā ୧ । ଲୋକ ପୂର୍ଣ୍ଣ—1. Full of people.

୨ । ପୂର୍ଣ୍ଣ—2. Full.

ଫୁଟନ୍ତ ଫୁଲ ବାଟେ ପୂରନ୍ତା ଛିଡ଼ ।
ବଳସୂର୍ଯ୍ୟ, ଭକ୍ତ କଇ ରମ୍ଭ ପ ଗୀତ ।

୩ । (ସଂ. ପୁରାତନ) ପୁରାତନ; ପ୍ରାଚୀନ—
3. Old; ancient.

ପୂରନ୍ତା କାଳ—ଦେ. ବି—୧ । ପ୍ରାଚୀନକାଳ—
Pūranta kāla 1. Ancient times.

(ଯଥା—ଏ ଘର ବନ୍ଧ ପୂରନ୍ତା କାଳର ।)

୨ । ବୃଦ୍ଧ ବୟସ—2. Old age.

ପୂରନ୍ତା ଘର—ଦେ. ବି—୧ । ଯେଉଁ ଘରେ ଧନ ଓ ଜନ ପୂର୍ଣ୍ଣ ରହିଅଛି—
Pūrantā ghara 1. A house full of people and wealth.

୨ । ଲୋକ ପୂର୍ଣ୍ଣ ଗୃହ—2. House full of people.

୩ । ଲକ୍ଷ୍ମୀ ପୂର୍ଣ୍ଣ ଗୃହ—3. House full of riches.

ପୂରନ୍ତା ନଈ - ଦେ. ବି—ଜଳ ପୂର୍ଣ୍ଣ ନଦୀ—
Pūrantā nai River full of water.

(ପୂରନ୍ତା ନଦୀ—ଅନ୍ୟରୂପ) (ଦ୍ର—ଏହିପରି ପୂରନ୍ତା ପୋଖରୀ, ପୂରନ୍ତା ଗଡ଼ିଆ ଆଦି ହୁଏ ।)

ପୂରବୀ -ଦେ. ବି—(ସଂ. ପୂର୍ବୀ)—ମାଳବ ଗୌଡ଼ା ରାଗର ମିଶ୍ରଣରେ
Pūrabi ଉତ୍ପନ୍ନ ସଙ୍ଗୀତର ରାଗିଣୀ ବିଶେଷ—Name of a
ପୂରବୀ ପୂରବୀ mixed musical air or tune.

(ପୂରୁବୀ—ଅନ୍ୟରୂପ) [ଦ୍ର—ଏହା ଦିବସର ୪ର୍ଥ ପ୍ରହରରେ ଗାଇବାକୁ ହୁଏ । ଏହାର ଆଠ 'ରେ' ୨ୟ 'ଧା' (ଷଷ୍ଠ) ଓ ଦୁଇ 'ମ' (୪ର୍ଥ) ଥାଏ ।]

ପୂରୟିତା—ସଂ. ବିଣ (ପୂର୍ ଧାତୁ ଣିଚ = ପୂରି ଧାତୁ + କର୍ତ୍ତୃ. ତୃ=
Pūrayitā ପୂରୟିତୃ ଶବ୍ଦ ୧ମା. ୧ବ.)—ପୂରକ; ପରିପୂର୍ଣ୍ଣ
(ପୂରୟିତ୍ରୀ—ସ୍ତ୍ରୀ) କାରକ—Filling up; that which fills up.

ପୂରା—ଦେ. ବିଣ. (ସଂ. ପୂର୍ ଧାତୁ)—୧ । ସମାପ୍ତ—
Pūrā 1. Finished; completed.

ପୂରା ପୁରା ୨ । ସମାହିତ—2. Accomplished.

୩ । ସମ୍ପୂର୍ଣ୍ଣ; ଅଖଣ୍ଡ—3. Complete; whole.

୪ । ପ୍ରଚୁର—4. Copious.

୫ । ପରିପୂର୍ଣ୍ଣ—5. Filled up.
୬ । ପୂର୍ଣ୍ଣ—6. Full.
୭ । ଅତ୍ୟନ୍ତ—7. Excessive.
ବି.—ପୂର୍ଣ୍ଣ କରିବା; ପୂରଣ କରିବା—Filling up.
ପ୍ରାଦେ. (ସମ୍ବଲପୁର) ବି.—ପୂରା ମୁଠି (ଦେଖ)
Pūrā muṭhi (See)
କ୍ରିୟା ବିଣ.—୧ । ପୂର୍ଣ୍ଣ ରୂପେ—1. Fully; completely.
୨ । ଅତ୍ୟନ୍ତ—Very much.
(ଯଥା—ପୂରା ଦୁଷ୍ଟ; ପୂରା ବଗୁଲିଆ) ।

ପୂରା(ରେ)ଇ ଦେବା—ଦେ. କ୍ରି.—୧ । ହଠାତ୍ ଭର୍ତ୍ତି କରିବା—
Pūrā(re)i debā 1. To suddenly thrust.
पूरिये देओया ୨ । କୌଣସି ସ୍ଥାନକୁ ପ୍ରବେଶ କରିବାକୁ ସମର୍ଥ
घूसादेना କରିବା—2. To enable one to enter a place; to admit.
(ଯଥା—ସାଆନ୍ତଙ୍କ ଦୁଆରେ ଭୁଖା ଖଣ୍ଡା ଭିତରକୁ କାହାରିକୁ ପୂରାଇ ଦେଉ ନାହିଁ ।)

ପୂରା(ରେ)ଇବା—ଦେ. କ୍ରି. (ସଂ. ପୂର୍ ଧାତୁ=ପୂର୍ଣ୍ଣ କରିବା; ପୂରିବାର
Pūrā(re)ibā ସକର୍ମକ ରୂପ)—୧ । ପୂର୍ଣ୍ଣ କରିବା—1. To fill.
ମୋତେ ମୋତେ ହୁଦି ଯିବ ତୁମ୍ଭେ ଗର୍ଭେ ମୋ ଦେହ ପୂରାଇ କରିଲ ଯତେ ।
ଜଗନ୍ନାଥ. ସଙ୍ଗୀ. ।
पूरान ୨ । ସମ୍ପୂର୍ଣ୍ଣ କରିବା—
ढकेलना; पूराना 2. To complete; to bring to completion.
୩ । ସମାଧା କରିବା—3. To accomplish.
୪ । ସବୁଠାରେ ବ୍ୟାପିଲା ପରି କରିବା—
4. To cause to spread everywhere.
ମହୀମାରେ ପୂରାଇଛନ୍ତି ଭଳ ଲେଖ ।
କୃଷ୍ଣସିଂହ ମହାଭାରତ ସଭା ।
୫ । ଭର୍ତ୍ତି କରିବା; ଭିତରକୁ ପ୍ରବେଶ କରାଇବା—
5. To thrust.
୬ । ପୂରଣ କରିବା; ସଫଳ କରି ରଖିବା—6. To fulfil.
କଟରେ ଶକ୍ତିକ ସେ କଥା କଲେନ
କହଣ ପୂରାଇବ ସୁଯୋଧନ କାମ । କୃଷ୍ଣସିଂହ. ମହାଭାରତ. ବନ.
୭ । (କୌଣସି ସ୍ଥାନରେ) ପ୍ରବେଶ କରାଇବା; କୌଣସି ସ୍ଥାନ ଭିତରକୁ ଛାଡ଼ି ଦେବା—7. To allow to enter; to admit.
୮ । ନିଜର ଦେହରେ ପୂର୍ଣ୍ଣ କରି ରଖିବା—8. To keep a thing filled up within one's self.
(ଯଥା—ପେଟରେ ସେ କେତେ ବିଦ୍ୟା ପୂରାଇଛି ।)
୯ । (କାମନା, ଲାଳସା) ପରିତୃପ୍ତ କରିବା—
9 To gratify.
ଏହାକାଣି ଅନେ ଦେଇ, ମନ୍ତ୍ର ପ୍ରେମ ରସେ ପୂରାଅ ସ୍ପୃହା ।
ଗୋପୀନାଥ. ମହାଭାରତ ।
୧୦ । ହଳଦି ଆଦିକୁ ଏକପୁର ବା ଏକଥର ବାଟିବା—
10. To bruise (turmeric etc) once with the pestle.

୧୧ । ମିଶାଇବା; ଦୋଷ ବା ଅପୂର୍ଣ୍ଣ ସ୍ଥାନକୁ ପୂର୍ଣ୍ଣ କରିବା—
11. To include; to supplement.
ଶୁଦ୍ଧ ଅଶୁଦ୍ଧ ପୂରାଇ କହିବା ଅଭ୍ୟାସ ।
ପ୍ରାଚୀ. ବୃନ୍ଦାବନରୂପଣ ଗୀତା
୧୨ । ପୂରିବା କ୍ରିୟାର ଣିଜନ୍ତ ରୂପ—
12. The causative form of pūribā.
[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା, ନେବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ପୂରା କରିବା—ଦେ. କ୍ରି. (ସଂ. ପୂର୍ଣ୍ଣ)—୧ । ପୂର୍ଣ୍ଣ କରିବା—
Pūrā karibā 1. To fill up.
पूराकरना ୨ । ସମାପ୍ତ କରିବା—
पूरा करना 2. To finish.
୩ । ସମ୍ପୂର୍ଣ୍ଣ କରିବା—3. To bring to a close.
୪ । ସମାଧା କରିବା—
4. To accomplish; to bring round.

ପୂରା ପଟା(ଟେ)ଇବା—ଦେ. କ୍ରି.—୧ । ପୂରା କରିବା; ଶେଷ କରିବା;
Pūrā paṭā(ṭe) ibā ସମାପ୍ତ କରିବା—1. To finish; to complete.
पूरा पटान
पूरा करना ୨ । ପୂର୍ଣ୍ଣ କରିବା; ସମ୍ପୂର୍ଣ୍ଣ କରିବା—
2. To fill up.
୩ । ସମାହିତ କରିବା—3. To accomplish.

ପୂରା ପଟିବା—ଦେ. କ୍ରି.—୧ । ସମ୍ପୂର୍ଣ୍ଣ ହେବା—
Pūrā paṭibā 1. To be completed.
(ପୂରା ପଡ଼ିବା; ପୂରା ହେବା—ଅନ୍ୟରୂପ) ୨ । ସମାପ୍ତ ହେବା—
पूरा हओया 2. To be finished.
पूरा होना ୩ । ସମାହିତ ହେବା—3. To be accomplished.

ପୂରା ପଡ଼ିବା—ଦେ. କ୍ରି—୧ । ପୂରା ପଟିବା (ଦେଖ)
Pūrā parḍibā 1. Pūrā paṭibā (See).
୨ । କୌଣସି କୃତ ଅଙ୍ଗୀକାରକୁ ରକ୍ଷାକରି ପାରିବା—
2. To be able to keep one's promise.
୩ । ନିଜର କର୍ତ୍ତବ୍ୟ କରିବା—3. To do one's duty.

ପୂରା ପୂରି—ଦେ. ବି—୧ । ଅନ୍ୟୋନ୍ୟରେ ପୂର୍ଣ୍ଣ କରିବା—
Pūrā pūri 1. Filling each other.
पुरोपूरी ୨ । ପଶା ପଶି; ଅନ୍ୟୋନ୍ୟରେ ପ୍ରବେଶ କରାଇବା—
भरपूर 2 Mutual thrusting.
ବିଣ—୧ । ପରିପୂର୍ଣ୍ଣ—1. Filled up.
୨ । ସମାପ୍ତ—2. Finished.
୩ । ସମ୍ପୂର୍ଣ୍ଣ—3. Complete.
୪ । (କୌଣସି ପାତ୍ରର) ମୁଖ ପର୍ଯ୍ୟନ୍ତ ପୂର୍ଣ୍ଣ—
4. Full to the brim.
କ୍ରି. ବିଣ—ସମ୍ପୂର୍ଣ୍ଣରୂପେ—Completely; fully.

ପୂରା ପେଟ—ଦେ. ବି—୧ । ଭୋଜନରେ ପୂରିତ ଉଦର—
Pūrā peṭa 1. Belly filled up with food.
୨ । ସ୍ତ୍ରୀର ପୂର୍ଣ୍ଣ ଗର୍ଭାବସ୍ଥା—
2. Advanced state of pregnancy.

ପୂରା ମାସ—ଦେ. ବ—(ସଂ. ପୂର୍ଣ୍ଣ+ମାସ)—୧ । ଗର୍ଭଧାରଣର ପୂର୍ଣ୍ଣ ମାସ
Pūrā māsa (୯ ବା ୧୦ ମାସ) ସମୟ; ଆସନ୍ନପ୍ରସବ ସମୟ—
1. Ninth or tenth month of pregnancy.
୨ । ସମ୍ପୂର୍ଣ୍ଣ ଏକ ମାସ—2. One whole month.

ପୂରା ମୁଠି—ପ୍ରାଦେ (ସମ୍ବଲପୁର)—ବ—ଗୁଗଳଣ ଖେଳଚା ଏକପ୍ରକାର
Pūrā muṭhi କଉଡ଼ି ଖେଳ—A kind of game with sea-shells.
[ଦ୍ର—ଏଥିରେ ଭୂଇଁରେ ଗୋଟିଏ ଯୁକ୍ତ ଚନ୍ଦ୍ର ବା ଛକ ଗାର କଟାଯାଏ ।]

ପୂରାମ୍ଳ—ସଂ. ବ—ଆମ୍ରାତକ; ଅମ୍ବଡ଼ା—
Pūrāmḷa 1. Hog plum; Spondias Magnifera.
୨ । ବୃକ୍ଷାମ୍ଳ; ତେନ୍ତୁଳ—2 Tamarind.

ପୂରା ଯିବା—ଦେ. କ୍ରି—(ପୂରିବାର କର୍ମବାଚ୍ୟ ରୂପ)—ଭିତରକୁ ଭରଣ
Pūrā jibā କରାଯିବା—To be thrust in.
(ପୂରାହେବା—ଅନ୍ୟରୂପ) ପୂରାଯାଓଯ଼ା पूराजाना

ପୂରା ଶାଳ—ଦେ. ବଣ—୧ । ପୂର୍ଣ୍ଣାଙ୍ଗ; ସମ୍ପୂର୍ଣ୍ଣରୂପେ ପରିପୁଷ୍ଟ—
Pūrā śāḷa 1 Fully developed.
(ପୂରାଶାଳିଆ—ଅନ୍ୟରୂପ) ୨ । ହୃଷ୍ଟପୁଷ୍ଟ; ମୋଟା ସୋଟା; ସ୍ଥୂଳକାୟ—
2. Corpulent; fat,

ପୂରି—ଦେ. ବ—୧ । ପୂରିକା ୧ (ଦେଖ)
Pūri 1. Pūrikā 1 (See)
ପୂରୀ ୨ । ମୃଦଙ୍ଗ ଆଦିର ମୁହଁରେ ମଡ଼ାଯିବା ଚମଡ଼ା—
ପୂରୀ 2. Circuar bit of leather put on the mouth of a drum.

ପୂରିକା—ସଂ. ବ. ସ୍ତ୍ରୀ (ପୂରି+ସ୍ୱାର୍ଥେ. କ+ସ୍ତ୍ରୀ. ଆ)—୧ । ପୁରି;
Pūrikā ଘୃତପକ୍ୱ ଗୋଧୂମ ପିଷ୍ଟକ—1. Unleavened bread fried in ghee.
୨ । କଚୁରି; ପୂରପିଠା—2. Sandwich.

ପୂରିତ—ସଂ. ବଣ—(ପୂର୍ ଧାତୁ+କର୍ମ. ତ)—୧ । ପୂର୍ଣ୍ଣ କରାଯାଇଥିବା-
Pūrita 1. Filled.
୨ । ପରିପୂର୍ଣ୍ଣ—2. Filled up; full.
୩ । ଗୁଣିତ—3. Multiplied.

ପୂରିବା—ଦେ. କ୍ରି—(ପୂର୍ ଧାତୁ=ପୂର୍ଣ୍ଣ କରିବା)—୧ । ପୂର୍ଣ୍ଣ ହେବା, ପୂର୍ଣ୍ଣ ହେବା—1. To become full; to be filled.
Pūribā
[ପୂର(ରେ)ଇବା—ଣିଜନ୍ତ] ପୂର୍ଣହଓଯ଼ା पूराहोना,पूरना up.
୨ । (ମନୋବାଞ୍ଛା) ଫଳବତୀ ହେବା; ସିଦ୍ଧ ହେବା; ସଫଳ ହେବା-
2. (a desire) To bear fruit; to be fulfilled.
ତୋହର ପ୍ରସାଦେ ସକଳ କାମନା ଯାଉଅଛି ମାଗୋ ପୂରି—
ମଧୁସୂଦନ. ଉଦମାଳା ।
୩ । ସମ୍ପୂର୍ଣ୍ଣ ହେବା; ସମାପ୍ତ ହେବା—
3. To be completed; to be finished.
୪ । (ସମୟର ମିଆଦ) ଅତିକ୍ରାନ୍ତ ହେବା; କାଳ ଶେଷ ହେବା—
4. (time limit) To expire or pass.
ଅଣା ଲୁହ୍ୟାର ପୂରିଲା କାଳ ଏଣୁ ଦେହେ ଧାଇଁ ମନ ଶିଥିଳ—
ଭଗ ।
୫ । ବ୍ୟାପିବା; ବ୍ୟାପ୍ତ ହେବା—5. To spread over; to pervade; to be immanent.
କି ପୁରେ ପୂରି ରହୁ ଯଶ—ଭୂପତି. ପ୍ରେମପଞ୍ଚାମୃତ ।
୬ । ସମାହିତ ହେବା—6. To be accomplished.
୭ । ଅଣ୍ଟିବା; ଯଥେଷ୍ଟ ହେବା—
7. To suffice; to be sufficient.
୮ । ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିର୍ଦ୍ଦିଷ୍ଟ ସମୟରେ ଦଶଜଣଙ୍କ ସଙ୍ଗେ ଯୋଗ ଦେବା—8 To join with others in a specified matter in a specified time.
(ଯଥା—ଗ୍ରାମ ଭେଟିବାରେ ଅମୁକ ଲୋକ ପୂରି ପାରୁନାହିଁ ।)
୯ । (ଲକ୍ଷଣାର୍ଥ) ସନ୍ତୁଷ୍ଟ ହେବା—
9. (figurative) To be satisfied or satiated.
(ଯଥା—ତା ରୂପ ଦେଖି ମୋ ପେଟ ପୂରିଗଲା ।)
୧୦ । ଦେହଯାକ ବ୍ୟାପିବା—
10. To spread or appear throughout the body.
ଗାଢ଼ ଗୋବିନ୍ଦଙ୍କ ପୂରିଲା ପୁଲକ—
କବିସୂର୍ଯ୍ୟ ବଳଦେବ ରଥ. ଗ. ଗୀତ ।
୧୧ । ପଶିବା; ପ୍ରବେଶ କରିବା—
11. To enter; to be thrust.
ଶୁଣି କମ୍ପିଲେ ବଗପାଳେ
ପୂରିଲେ ଭୂମି ଅନ୍ତରାଳେ । ଜଗନ୍ନାଥ. ଭାଗବତ ।
୧୨ । (ଗର୍ବରେ) ଉତ୍ଫୁଲ୍ଲ ହେବା—12. To be bloated or puffed up with (pride).

ପୂରି ଯିବା—ଦେ. କ୍ରି—୧ । ଅଣ୍ଟିବା; ଯଥେଷ୍ଟ ହେବା—
Pūri jibā 1. To suffice.
୨ । ପୂରିବା (ଦେଖ)—2. Pūribā (See)

ପୂରୁ—ସଂ. ବ. (ପୂର ଧାତୁ+ଉ)—୧ । ବୈରାଜ ମନୁଙ୍କ ପୁତ୍ର—
Pūru 1. The son of Bairāja Manu.
୨ । ଜହ୍ନୁ ମୁନିଙ୍କ ପୁତ୍ର—
2. A son of sage Jahnu.
୩ । ରାକ୍ଷସବିଶେଷ—3. Name of a demon.
୪ । ଶର୍ମିଷ୍ଠାଙ୍କ ଗର୍ଭରୁ ଜାତ ଯଯାତିଙ୍କ ପୁତ୍ର—
4. Name of a son of Jajāti.
୫ । ମନୁଷ୍ୟ (ହି. ଗ)—5. Man.

ପୂରୁବ—ଦେ. ବ. (ସଂ. ପୂର୍ବ)—୧ । ପୂର୍ବଦିଗ—
Pūruba 1. The east.
पूरब ୨ । ପୂର୍ବ କାଳ—2. Old times.
पूरब ୩ । ଅତୀତ—3. The past.
ବଣ—୧ । ପୂର୍ବଦିଗସ୍ଥ—1. Eastern
୨ । ପ୍ରାଚୀନ—2. Ancient
୩ । ଅତୀତ—3. Past
୪ । ଆଗକାର; ପୂର୍ବତନ—4. Former.
ପୁରୁବ ମାଧବ କି ? ମାଧବ ହୋଇଲେ ଚିହ୍ନା ହୋଇବ
ମାଧବ କେଶ ତକଇଁ-କି ? ଭଗ ।

ପୂରୁବ ଦୁଆର—ଦେ. ବ—୧ । ହତା ବା ଘରର ପୂର୍ବଦଗରେ ଥିବା ଦୁଆର—1, The eastern door of a house or compound.
Pūruba duāra
ପୂରবদ্বার
पूरबदरवाजा ୨ । କୌଣସି ଦେଉଳର ବେଢ଼ାରେ ଥିବା ପୂର୍ବ ପାଖର ଦୁଆର; ସିଂହଦ୍ୱାର—2. The lions gate or the eastern gate of the compound of a temple.

ପୂରୁବ ଦୁଆରି—ଦେ. ବଣ—ପୂର୍ବଦଗରେ ଦ୍ୱାରଥିବା (ଘର)—(House) Having its door to the east.
Pūruba duāri
(ପୂରୁବ ଦୁଆରଆ—ଅନ୍ୟରୂପ)

ପୂରୁବ ମୁହାଁ—ଦେ. ବଣ (ସ. ପୂର୍ବମୁଖ)—ପୂର୍ବଦଗକୁ ମୁହଁ ବୁଲାଇଥିବା; ଯାହାର ମୁହଁ ପୂର୍ବକୁ ଥାଏ—Facing east.
Pūruba muhā̃
(ପୂରୁବ ମୁଖା—ଅନ୍ୟରୂପ)

ପୂରୁବା—ଦେ. ବଣ. (ସ. ପୂର୍ବୀୟ)—ପୂର୍ବଦଗ ସମ୍ବନ୍ଧୀୟ—Eastern.
Pūrubā পূরবা **पूरबा**

ପୂରୁବା ପୂରୁବି—ଦେ. ବଣ—୧ । ବହୁକାଳରୁ ପ୍ରଚଳତ—
Pūrubā pūrubi 1. Obtaining since a long time
ପୂରବା ପୂରବି } ଅନ୍ୟରୂପ ୨ । ଅତ ପ୍ରାଚୀନ—
ପୂରବା ପୂରୁବି } 2. Very old; ancient.
୩ । ପିତୃପୈତାମହକ; ପୈତୃକ—3. Ancestral.
ବ—ପୂର୍ବପୁରୁଷ ଗଣ; ବଡ଼ବଡ଼ୁଆ—
One's ancestors; forefathers.
କ୍ରି. ବଣ—୧ । ପୁରୁଷାନୁକ୍ରମେ—1. For generations.
୨ । ଅବହମାନ କାଳରୁ—2. From time immemorial.

ପୂରୁଷ—ସ. ବ. [ପୂର୍ ଧାତୁ=(ପୁଷ୍ପଗୁଳକୁ) ପୂର୍ଣ୍ଣ କରବା+କର୍ତ୍ତୃ. କୃଷ]—୧ । ପୁରୁଷ (ଦେଖ)
Pūrusha 1. Purusha (See)
୨ । ଆତ୍ମା (ବ୍ର. ଶ)—2. The soul.

ପୂରୋଇବା—ଗ୍ରା. (ପଦ୍ୟ) କ୍ରି—ପୂରାଇବା (ଦେଖ)
Pūroibā Purāibā (See)
ବାଣାସକେ ଉପୂର ପୂରୋଇ ଥୋଇ ଶର
ମୋତ ଅର୍ଦ୍ଧ ଶୁଣୁ ଛେ । ଉଞ୍ଜ. କୋଶବୃହାଗଡ଼ୁବସ ।

ପୂର୍ଣ୍ଣ—ସ. ବଣ. (ପୂର୍ ଧାତୁ+କର୍ମ. ତ)—୧ । ପରପୂର୍ଣ୍ଣ—
Pūrnna 1. Filled up.
(ପୂର୍ଣ୍ଣା—ସ୍ତ୍ରୀ) ୨ । ସମ୍ପୂର୍ଣ୍ଣ—2. Complete; full.
ପୂର୍ଣ୍ଣତା } ବ. ୩ । ସମାପ୍ତ—3. Finished; completed.
ପୂର୍ଣ୍ଣତ୍ୱ } ୪ । ସମସ୍ତ; ସମୁଚୟ—4. Whole; entire.
୫ । ସମର୍ଥ—5. Able.
୬ । ସିଦ୍ଧ; ସଫଳ—6. Successful; fulfilled.
୭ । ଶକ୍ତ—7. Strong; powerful.
୮ । ସର୍ବାଙ୍ଗ ସମ୍ପନ୍ନ—8. Fully developed.
୯ । ସ୍ୱାଧୀନ; ଅପେକ୍ଷା ଶୂନ୍ୟ—9. Independent.
୧୦ । ଦୋଷ ଶୂନ୍ୟ—10. Flawless.
୧୧ । ଆପ୍ତକାମ—11. Having one's desire fulfilled.
୧୨ । ଅଭାବଶୂନ୍ୟ (ବ୍ର. ଶ)—12. Having no want.
ବ. (ପୂର୍ ଧାତୁ+କର୍ତ୍ତୃ. ତ)—ଜଳ—Water.
ଦେ. ବ—ପୂର୍ଣ୍ଣଚନ୍ଦ୍ରର ଡାକ ନାମ—
Name for calling Pūrnnachandra.

ପୂର୍ଣ୍ଣକ—ସ. ବ. (ପୂର୍ଣ୍ଣ+କ)—ସ୍ୱର୍ଣ୍ଣଚୂଡ଼ ପକ୍ଷୀ; କୁକୁଡ଼ା—Cock.
Pūrnnaka

ପୂର୍ଣ୍ଣ କକୁଦ୍—ସ. ବ. (ବହୁବ୍ରୀହ; ପୂର୍ଣ୍ଣ ହୋଇଅଛି କକୁଦ୍=ଚୂଳ ଯାହାର)—ତରୁଣ ବୟସ୍କ ବୃଷ—A full-grown bull.
Pūrnna kakud

ପୂର୍ଣ୍ଣ କରି—ଦେ. କ୍ରି. ବଣ—୧ । ସମ୍ପୂର୍ଣ୍ଣରୂପେ—1. Fully.
Pūrnna kari
୨ । ପୂର୍ଣ୍ଣ ମାତ୍ରାରେ—2. In large dozes.
ଚୂର୍ଣ୍ଣ ପତର ପୂର୍ଣ୍ଣ କରି, ନାଉ ଦଉଥାଏ ପୂର୍ଣ୍ଣ କରି । ଚଗ ।

ପୂର୍ଣ୍ଣ କରବା—ଦେ. କ୍ରି. (ସ. ପୂର୍ ଧାତୁ)—୧ । ପୂରାଇବା; ସମ୍ପୂର୍ଣ୍ଣ କରବା—1, To complete.
Pūrnna karibā
পূর্ণকরা ୨ । ଭରତ କରବା—2. To fill up; to thrust.
पूरन करना ୩ । ସମାପ୍ତ କରବା—3, To finish.
୪ । ସଫଳ କରବା—4. To fulfil.

ପୂର୍ଣ୍ଣ କଳସ—ସ. ବ—ପୂର୍ଣ୍ଣ କୁମ୍ଭ (ଦେଖ)
Pūrnna kalasa Pūrnna kumbha (See)

ପୂର୍ଣ୍ଣ କାମ—ସ. ବଣ. ପୁଂ. (ବହୁବ୍ରୀହ; ପୂର୍ଣ୍ଣ ହୋଇଅଛି କାମ= ମନୋରଥ ଯାହାର)—୧ । ଯାହାର ଅଭୀଷ୍ଟ ସିଦ୍ଧ ହୋଇଅଛି—1, Having one's wishes fulfilled,
Pūrnna kāma
(ପୂର୍ଣ୍ଣକାମା—ସ୍ତ୍ରୀ)
(ପୂର୍ଣ୍ଣକାମକ—ଅନ୍ୟରୂପ)
କେବେ ହୋଇ ନ ପାରଇ ସେ ପୂର୍ଣ୍ଣକାମ—କୃଷ୍ଣସିଂ. ମହାଭାରତ. ସଭ
୨ । ତୃପ୍ତ; ସନ୍ତୁଷ୍ଟ—2. Satisfied; satiated.

ପୂର୍ଣ୍ଣ କୁମ୍ଭ—ସ. ବ—୧ । ଜଳପୂର୍ଣ୍ଣ ଘଟ; ଭରା ମାଠିଆ—
Pūrnna kumbha 1. A jar filled up with water.
୨ । ଉତ୍ସବ; ପୂଜା, ଶ୍ରାଦ୍ଧ ଓ ସ୍ୱସ୍ତିବାଦ କର୍ମରେ ପ୍ରଥମ ଅନୁକୂଳ ସ୍ୱରୂପ ସ୍ଥାପିତ ହେବା ପବତ୍ର ଜଳପୂର୍ଣ୍ଣ ଘଟ—
2. A jar filled with holy water kept on occasions of ceremonies.

ପୂର୍ଣ୍ଣକୁମ୍ଭ ମେଳା—ଦେ. ବ—ହରଦ୍ୱାରରେ ଫଗୁଣ ମାସରେ ହେବା ବାର୍ଷିକ ମେଳା—
Pūrnnakumbha melā
A religious fair which takes place at Hardwar every year.
[ବଙ୍ଗଳା ସ୍ୱାମୀ ବ୍ରହ୍ମାନନ୍ଦ ୧୬୬୩ ପୃଷ୍ଠା ଦ୍ରଷ୍ଟବ୍ୟ ।]

ପୂର୍ଣ୍ଣ ଗର୍ଭ—ସ. ବ—ଗର୍ଭସ୍ଥ ସନ୍ତାନ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇଥିବା ଗର୍ଭାବସ୍ଥା—
Pūrnna garbha Full pregnancy; advanced stage of pregnancy.

ପୂର୍ଣ୍ଣଗର୍ଭା—ସ. ବଣ. ସ୍ତ୍ରୀ (ବହୁବ୍ରୀହ; ପୂର୍ଣ୍ଣଗର୍ଭ ହୋଇଅଛି ଯାହାର)—ଯେଉଁ ଗର୍ଭିଣୀର ଗର୍ଭସ୍ଥ ସନ୍ତାନ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇଅଛି ଓ ଯେଉଁ ସ୍ତ୍ରୀ ଶୀଘ୍ର ସନ୍ତାନ ପ୍ରସବ କରବ;
Pūrnnagarb

ଆସନ୍ନପ୍ରସବା—1. (a woman) In an advanced stage of pregnancy.
୨ । ପୂର ପିଠା (ହି. ଶ.)—2. Sandwich.

ପୂର୍ଣ୍ଣ ଚନ୍ଦ୍ର—ସଂ. ବି—ପୂର୍ଣ୍ଣିମାର ୧୬ କଳାବିଶିଷ୍ଟ ଚନ୍ଦ୍ର—
Pūrnna chandra Full moon.
ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—
A name given to males.

ପୂର୍ଣ୍ଣଚ୍ଛେଦ—ସଂ. ବି. (ପୂର୍ଣ୍ଣ+ଛେଦ; ସମାସ ହ)—କୌଣସି
Pūrnnachchheda ଲେଖାକୁ ପାଠ କଲା ବେଳେ ପଢ଼ା ଯାଏ ବିରାମ
(ପୂର୍ଣ୍ଣବିରାମ—ଅନ୍ୟରୂପ) ସ୍ଥଗିତ ରଖାଯିବାର ସୂଚକ ଚିହ୍ନ; '।'—
(ପୂର୍ଣ୍ଣଚ୍ଛେଦ—ଦେଶଜ ରୂପ) Fullstop; '.'
[ଦ୍ର—ଏ ଚିହ୍ନ ଇଂରାଜୀରେ ଗୋଟିଏ ବିନ୍ଦୁ ଓ ଓଡ଼ିଆରେ ଗୋଟିଏ ଦାଣ୍ଡିଆ ଆକାର ।]

ପୂର୍ଣ୍ଣତଃ—ସଂ. କ୍ରି. ବିଣ (ପୂର୍ଣ୍ଣ+ତସ୍)—ପୂର୍ଣ୍ଣରୂପେ—
Pūrnnatah Completely; fully.

ପୂର୍ଣ୍ଣତୟା—ସଂ. କ୍ରି. ବିଣ (ପୂର୍ଣ୍ଣତା ଶବ୍ଦର ୩ୟା ଏକବଚନ)—ପୂର୍ଣ୍ଣ-
Pūrnnatayā ଭାବରେ—Completely.

ପୂର୍ଣ୍ଣତମ(ର)—ସଂ. ବିଣ. (ପୂର୍ଣ୍ଣ+ତମ; ତର)—ଅତିପୂର୍ଣ୍ଣ—
Pūrnnatama(ra) Full.
ମୃଗ ପକ୍ଷୀ ବ୍ୟାଘ୍ର ଯେ ଅନ୍ୟ ବନଚର
ମାନଙ୍କରେ ସେ ବନ ହୋଇଛି ପୂର୍ଣ୍ଣତର —
କୃଷ୍ଣସିଂହ, ମହାଭାରତ. ବନ ।

ପୂର୍ଣ୍ଣ ପରିବର୍ତ୍ତକ—ସଂ. ବି. (ଜୀବ ବିଜ୍ଞାନ ପରିଭାଷା)—ଯେଉଁ ପ୍ରାଣୀ-
Pūrnna paribarttaka ମାନେ ବାରମ୍ବାର ସମ୍ୟକ୍‌ରୂପେ ଦେହ ପରିବର୍ତ୍ତନ କରନ୍ତି—The metamorphosis animals; animals which undergo various successive transformations or developments.
(ଯଥା—ପ୍ରଜାପତି, ଭିଇ, ଝିଣ୍ଟିକା ।]

ପୂର୍ଣ୍ଣ ପାତ୍ର—ସଂ. ବି—୧ । କୌଣସି ପଦାର୍ଥରେ ପୂର୍ଣ୍ଣ ହୋଇଥିବା ପାତ୍ର—
Pūrnna pātra 1. A cup or vessel filled with some matter.
୨ । ହୋମାନ୍ତେ ବ୍ରାହ୍ମଣଙ୍କୁ ଦକ୍ଷିଣାରୂପେ ଦେୟ ତଣ୍ଡୁଳପୂର୍ଣ୍ଣ ହାଣ୍ଡି—2. A pot filled with rice given to a Brāhmana at the end of a 'homa' or sacrifice.
୩ । ଜଳପୂର୍ଣ୍ଣ ପାତ୍ର—3. A jar filled up with water.
୪ । ପୁତ୍ର ଜନ୍ମାଦି ଉତ୍ସବରେ ପାରିତୋଷିକରୂପେ ଆଶ୍ରିତ ଓ ଭୃତ୍ୟାଦିଙ୍କୁ ଦିଆଯିବା ବସ୍ତ୍ରାଲଙ୍କାରାଦି (ହି. ଶ.)—
4. Presents or gifts given to servants etc on the occasions of festivities.

ପୂର୍ଣ୍ଣ ପ୍ରଜ୍ଞ—ସଂ. ବିଣ. ପୁଂ—ପୂର୍ଣ୍ଣଜ୍ଞାନୀ; ଯାହାର ଜ୍ଞାନ ପୂର୍ଣ୍ଣତା ପ୍ରାପ୍ତ
Pūrnna prajna ହୋଇଅଛି—Very wise; of mature
(ପୂର୍ଣ୍ଣପ୍ରଜ୍ଞା—ସ୍ତ୍ରୀ) understanding.
(ପୂର୍ଣ୍ଣପ୍ରଜ୍ଞତା—ବି) ବି—ପୂର୍ଣ୍ଣପ୍ରଜ୍ଞ ଦର୍ଶନର ପ୍ରଣେତା ମାଧ୍ୱାଚାର୍ଯ୍ୟ—
A name of Mādhwāchārjya.

ପୂର୍ଣ୍ଣପ୍ରଜ୍ଞ ଦର୍ଶନ—ସଂ. ବି—ବେଦାନ୍ତ ସୂତ୍ର ଓ ତହିଁ ଉପରେ ରାମାନୁଜଙ୍କ
Pūrnnaprajna darsana ଭାଷ୍ୟ ଅବଲମ୍ବନରେ ସଙ୍କଳିତ ଦର୍ଶନ ଶାସ୍ତ୍ର (ହି. ଶବ୍ଦସାଗର)—
Name of a system of Hindu philosophy based on the Bedānta Sūtra as expounded by Rāmānuja

ପୂର୍ଣ୍ଣ ବୟସ୍କ—ସଂ. ବିଣ. ପୁଂ (ବହୁବ୍ରୀହି; ପୂର୍ଣ୍ଣ+ବୟସ୍+କ)—
Pūrnna bayaska ୧ । ସାବାଳକ; ପ୍ରାପ୍ତ ବୟସ୍କ—
(ପୂର୍ଣ୍ଣ ବୟସ୍କା—ସ୍ତ୍ରୀ) 1. Adult; one who has attained majority; major.
୨ । ପରିଣତ ବୟସ୍କ—2. One who has attained the age of mature understanding.

ପୂର୍ଣ୍ଣ ବିକାଶ—ସଂ. ବି (କର୍ମଧା)—ସମ୍ପୂର୍ଣ୍ଣ ରୂପେ ବିକସିତ ହେବା ଅବସ୍ଥା—
Pūrnna bikāsa Full-blown condition.

ପୂର୍ଣ୍ଣ ବୀଜ—ସଂ. ବି. (ବହୁବ୍ରୀହି)—ଟାଭ ଲେମ୍ବୁ—
Pūrnna bija A kind of lemon.

ପୂର୍ଣ୍ଣ ବ୍ରହ୍ମ—ସଂ. ବି—ପରଂ ବ୍ରହ୍ମ; ଅଖଣ୍ଡ ବ୍ରହ୍ମ; ପରମେଶ୍ୱର—
Pūrnna brahma God; the Essence pervading the universe.

ପୂର୍ଣ୍ଣମା—ସଂ. ବି. (ବହୁବ୍ରୀହି; ପୂର୍ଣ୍ଣ+ମା=ଚନ୍ଦ୍ର)—
Pūrnnamā ପୂର୍ଣ୍ଣିମା ତିଥି—The fullmoon day of a lunar month.

ପୂର୍ଣ୍ଣ ମାତ୍ରା—ସଂ. ବି—୧ । ସମ୍ପୂର୍ଣ୍ଣ ପରିମାଣ—
Pūrnna mātrā 1. Full quantity or measure.
୨ । ଔଷଧର ସମ୍ପୂର୍ଣ୍ଣ ଏକ ଦାନ—
2. A full dose of a medicine.
୩ । ଅଖଣ୍ଡିତ ଅବସ୍ଥା—3. Entirety.

ପୂର୍ଣ୍ଣ ମାସ—ସଂ. ବି. (ପୂର୍ଣ୍ଣ+ମାସ)—୧ । ପୂର୍ଣ୍ଣମା (ଦେଖ)
Pūrnna māsa 1. Pūrnnamā (See)
୨ । ପୂର୍ଣ୍ଣିମା ତିଥିରେ କର୍ତ୍ତବ୍ୟ ଯାଗବିଶେଷ—
2. A sacrifice performable on the fullmoon day.

ପୂର୍ଣ୍ଣମାସୀ—ସଂ. ବି. (ପୂର୍ଣ୍ଣ+ମାସ+ସ୍ତ୍ରୀ ଈ)—
Pūrnnamāsi ୧ । ପୂର୍ଣ୍ଣିମା ତିଥି—1. Full moon day.
୨ । ଗୋପପୁରବାସିନୀ ସନ୍ନ୍ୟାସିନୀବିଶେଷ—
2. Name of a female anchorite mentioned in the Bhāgabata.
[ଦ୍ର—ଏ ଯୋଗମାୟାଙ୍କ ଅବତାର ଥିଲେ । ଏ ମାୟା ବିସ୍ତାର କରି ରାଧା କୃଷ୍ଣଙ୍କ ମିଳନ କରାଇଥିଲେ ଓ ସମସ୍ତଙ୍କୁ ମାୟାରେ ବଶୀଭୂତ କରି ରଖିଥିଲେ । ଏହାଙ୍କ ହେତୁରୁ ରାଧାଙ୍କ ଶାଶୁ ଜଟିଳା ରାଧା କୃଷ୍ଣଙ୍କ ପ୍ରଣୟ ସମ୍ବନ୍ଧରେ କିଛି ମାତ୍ର ଜାଣି ପାରି ନ ଥିଲେ ।]

ପୂର୍ଣ୍ଣମୀ—ଦେ ବି. (ସଂ. ପୂର୍ଣ୍ଣିମା)—ପୂର୍ଣ୍ଣିମା (ଦେଖ)
Pūrnnami Pūrnnimā (See)

ପୂର୍ଣ୍ଣ ମିତ୍ରାକ୍ଷର—ସଂ. ବି—ଯେଉଁ ପଦ୍ୟରେ ପ୍ରଥମ ପାଦର ଅନ୍ତ୍ୟବର୍ଣ୍ଣ ଓ
Pūrnna mitrākshara ଉପାନ୍ତ୍ୟ ସ୍ୱର ସହିତ ପରବର୍ତ୍ତୀ ପାଦର

ଅନ୍ତ୍ୟ ବର୍ଣ୍ଣ ଓ ଉପାନ୍ତ୍ୟ ସ୍ୱରର ମିଳନ ଥାଏ— A poetical composition in which the ultimate letter and the penultimate vowel of the lines tally with each other.
(ଉଦାହରଣ ଯଥା—ଏକାଳେ ରବିଙ୍କି ନେଇ କି ଯାମା ଆକର୍ଷି, ଅରୁନ୍ଧତୀ ସହ ଶୋଭା ଦଶିଲେ ସପ୍ତର୍ଷି ।)

[ଦ୍ର—ଓଡ଼ିଆର ପ୍ରାଚୀନ କବିମାନେ ପୂର୍ଣ୍ଣମିତ୍ରାକ୍ଷରରେ ପଦ୍ୟ ରଚନା ନ କରି ଅପୂର୍ଣ୍ଣ ମିତ୍ରାକ୍ଷରରେ ପଦ୍ୟ ରଚନା କରୁଥିଲେ । ଇଂରାଜୀ, ବଙ୍ଗଳା ଓ ହିନ୍ଦିରେ ଶବ୍ଦର ଶେଷ ବର୍ଣ୍ଣ ହଲନ୍ତରୂପେ (ଯଥା, ପାନ ସ୍ଥଳରେ ପାନ୍) ଉଚ୍ଚାରିତ ହେଉ ଥିବାରୁ ଉକ୍ତ ଭାଷାର ପଦ୍ୟମାନଙ୍କରେ ପୂର୍ଣ୍ଣମିତ୍ରାକ୍ଷର ନ ହେଲେ ରଚନା କର୍ଣ୍ଣକଟୁ ହୁଏ । ଏଥିପାଇଁ ବଙ୍ଗଳାରେ ଓ ହିନ୍ଦିରେ ପ୍ରଥମ ପାଦର ପାନ୍‌କୁ ମିଳାଇବା ପାଇଁ ୨ୟ ପାଦରେ 'କାନ୍' ଶବ୍ଦ ରଚନା କରିବାକୁ ପଡ଼େ । କିନ୍ତୁ ଓଡ଼ିଆରେ ଶେଷ ବର୍ଣ୍ଣର ଉଚ୍ଚାରଣ ହଲନ୍ତ ହେଉ ନ ଥିବାରୁ ପ୍ରଥମ ଧାଡ଼ିର କେବଳ ଶେଷ ବର୍ଣ୍ଣ ସଙ୍ଗେ ୨ୟ ଧାଡ଼ିର କେବଳ ଶେଷ ବର୍ଣ୍ଣ ମିଳିଲେ କର୍ଣ୍ଣକଟୁ ହୁଏ ନାହିଁ । ଆଧୁନିକ ଓଡ଼ିଆ କବିମାନେ (ରାଧାନାଥଙ୍କ ଯୁଗରୁ ଆରମ୍ଭ କରି) ଓଡ଼ିଆରେ ଅପୂର୍ଣ୍ଣ ମିତ୍ରାକ୍ଷର ପରିବର୍ତ୍ତେ ପୂର୍ଣ୍ଣ ମିତ୍ରାକ୍ଷର ଚଳାଇ ଥିବାର ଦେଖାଯାଏ । ଓଡ଼ିଆର ପ୍ରାୟ ସମସ୍ତ ପ୍ରାଚୀନ କାବ୍ୟ ଓ କବିତା ଅପୂର୍ଣ୍ଣ ମିତ୍ରାକ୍ଷରରେ ରଚିତ ।]

ପୂର୍ଣ୍ଣ ଯୋଗ—ସଂ. ବି(କର୍ମଧା) —ବାହୁ ଯୁଦ୍ଧବିଶେଷ—
Pūrṇṇa joga A kind of wrestling.

ପୂର୍ଣ୍ଣ ହୋମ—ସଂ. ବି—(ବହୁବ୍ରୀହି; ପୂର୍ଣ୍ଣ ହୁଏ ହୋମ ଯାହାଦ୍ୱାରା)—
Pūrṇṇa homa ପୂର୍ଣ୍ଣାହୁତି; ହୋମ ଶେଷରେ ଦିଆଯିବା ଆହୁତି- The final oblation given to the fire at the end of a 'homa'.

ପୂର୍ଣ୍ଣା—ସଂ. ବି—(ପୂର୍ଣ୍ଣ + ଆ)—୧ । ପଞ୍ଚମୀ, ଦଶମୀ, ପୂର୍ଣ୍ଣିମା ଓ
Pūrṇṇā ଅମାବାସ୍ୟା ତିଥି—1. The 5th, 10th and the 15th days of a lunar fortnight.
୨ । ଦକ୍ଷିଣ ଭାରତର ଏକ ନଦୀ (ହି. ଶ)—
2. A river of South India.
ବିଣ —ପୂର୍ଣ୍ଣର ସ୍ତ୍ରୀଲିଙ୍ଗ—
Feminine of Pūrṇṇa.

ପୂର୍ଣ୍ଣା ତିଥି—ସଂ. ବି—୧ । ପୂର୍ଣ୍ଣା ୧ (ଦେଖ)
Pūrṇṇā tithi 1. Pūrṇṇā 1 (See)
୨ । ପୂର୍ଣ୍ଣିମା (ଦେଖ)—
2. Pūrṇṇimā (See).

ପୂର୍ଣ୍ଣାନନ୍ଦ—ସଂ. ବି (କର୍ମଧା)—୧ । ପରମାନନ୍ଦ; ଅତ୍ୟନ୍ତ ଆନନ୍ଦ—
Pūrṇṇānanda 1. Greatest happiness.
୨ । (ବହୁବ୍ରୀହି) ଆନନ୍ଦମୟ ପରମେଶ୍ୱର; ପରଂବ୍ରହ୍ମ—
2. The supreme God.
୩ । ଜନୈକ ତନ୍ତ୍ରଶାସ୍ତ୍ର ସଂକଳୟିତା ପଣ୍ଡିତ—
3. Name of a compiler of Tantra lore.

ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—
A name given to males.

ପୂର୍ଣ୍ଣାନ୍ତରେ—ଦେ. କ୍ରି. ବିଣ—(ସଂ. ପୂର୍ଣ୍ଣତଃ)—ପୂର୍ଣ୍ଣ ଭାବରେ—
Pūrṇṇāntare Fully; completely.
ଦୁଇ ସ୍ୱର ପୂର୍ଣ୍ଣାନ୍ତରେ ବହୁଥାଇ ଯେବେ—
ପ୍ରାଚୀ, ଶିବସ୍ୱରୋଦୟ ।

ପୂର୍ଣ୍ଣାବତାର—ସଂ. ବି (କର୍ମଧା)—ଦେବତାଙ୍କର ସମ୍ପୂର୍ଣ୍ଣ ଅବତାର—
Pūrṇṇābatāra Full incarnation of a Deity.
(ଅଂଶାବତାର—ବିପରୀତ)
[ନୃସିଂହ, ରାମ ଓ ଶ୍ରୀକୃଷ୍ଣ ଓ ମତାନ୍ତରରେ କେବଳ ଶ୍ରୀକୃଷ୍ଣ ବିଷ୍ଣୁଙ୍କର ପୂର୍ଣ୍ଣାବତାର ବୋଲି କଥିତ ।]

ପୂର୍ଣ୍ଣାଭିଷେକ—ସଂ. ବି—ତନ୍ତ୍ରୋକ୍ତ ବାମ ମାର୍ଗୀୟଙ୍କର ଅଭିଷେକ-
Pūrṇṇābhisheka ବିଶେଷ—Name of a ceremonial bath prescribed in the Tantras.
[ଦ୍ର—ସାଧକ ଗୁରୁଙ୍କଦ୍ୱାରା ଦୀକ୍ଷିତ ହେଉଥିବେଲେ ଏ ଅଭିଷେକ କରାଯାଏ ।]

ପୂର୍ଣ୍ଣାୟୁଃ—ସଂ. ବି—(କର୍ମଧା; ପୂର୍ଣ୍ଣ+ଆୟୁଃ)—୧ । (କଳି ଯୁଗରେ)
Pūrṇṇāyuḥ ଅଷ୍ଟୋତ୍ତରଶତବର୍ଷ ଜୀବିତ କାଳ ବା ପରମାୟୁ—
(ପୂର୍ଣ୍ଣାୟୁ—ଦେଶଜରୂପ) 1. Full longevity of 108 years in the Kāli age.
୨ । (ବହୁବ୍ରୀହି)—ଶତାୟୁଃ ବ୍ୟକ୍ତି—
2. A man living for 100 years.
[ଦ୍ର—ସତ୍ୟଯୁଗରେ ମନୁଷ୍ୟମାନଙ୍କର ପରମାୟୁ ଏକ ଲକ୍ଷ ବର୍ଷ । ତ୍ରେତାରେ ଦଶହଜାର ବର୍ଷ, ଦ୍ୱାପରରେ ଏକ ହଜାର ବର୍ଷ ଓ କଳି ଯୁଗରେ ୧୨୦, ମତାନ୍ତରରେ ୧୦୮, ମତାନ୍ତରରେ ୧୦୦ ବର୍ଷ । ସାଧାରଣତଃ କଳିଯୁଗରେ ମନୁଷ୍ୟଙ୍କ ପରମାୟୁ 'କଳି ଷଠୀ' ୬୦ ଠାରୁ ୮୦ ବର୍ଷ ପର୍ଯ୍ୟନ୍ତ ଥିବାର ଲୋକେ କହି ଥାଆନ୍ତି । ଉପନିଷଦରେ ଅଛି 'ଜିଜୀବିଷେତ୍ ଶତଂ ସମାଃ' ଅର୍ଥାତ୍ ଲୋକେ ଶହେ ବର୍ଷ ବଞ୍ଚିବାକୁ ଇଚ୍ଛା କରିବେ । ଦ୍ୱିଜାତିଙ୍କ ସନ୍ଧ୍ୟାରେ 'ଓଁ ଜୀବେମଃ ଶରଦଃଶତଂ, ଶୃଣୁୟାମଃ ଶରଦଃଶତଂ' (ଅର୍ଥାତ୍ ଆମ୍ଭେମାନେ ଶହେଟି ଶରତ୍‌କାଳ ଭୋଗ କରିବାକୁ ବଞ୍ଚିବା) ବୋଲି ସ୍ତବ ଅଛି ।]
ବିଣ.— (ବହୁବ୍ରୀହି)—୧ । ଶତାୟୁଷ୍କ; ଶତବର୍ଷଜୀବୀ—
1. Living for a hundred years.
୨ । ଅଷ୍ଟୋତ୍ତରଶତ ବର୍ଷ ଜୀବୀ—
2. Living for 108 years.

ପୂର୍ଣ୍ଣାହୁତି—ସଂ. ବି.—୧ । ହୋମ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଦିଆଯିବା
Pūrṇṇāhuti ଆହୁତି—1. Final offering of ghee etc made unto the fire just at the end of a 'Homa'.
୨ । (ଲକ୍ଷଣାର୍ଥ) କୌଣସି କର୍ମର ପରିସମାପ୍ତି—
2. (figurative) The completion of anything.

ପୂର୍ଣ୍ଣି—ସଂ. ବି. (ପୂ ଧାତୁ=ପୂର୍ଣ୍ଣ କରିବା+ଭାବ. ତି)—୧ । ପୂର୍ତ୍ତି;
Pūrṇṇi ପୂରଣ—Act of filling up; completing.
୨ । ପୂର୍ଣ୍ଣିମା (ହି. ଷ.)—2. The full moonday.

ପୂର୍ଣ୍ଣିମା—ସ. ବ (ପୂର୍ଣ୍ଣ+ମା ଧାତୁ=(ଚନ୍ଦ୍ରଙ୍କୁ) ପରିମାଣ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ)—ଶୁକ୍ଳପକ୍ଷର ପଞ୍ଚଦଶୀ ତିଥି—
Pūrṇṇimā The fullmoon day.
[ସ. ନାମ, ପୂର୍ଣ୍ଣିମା, ପୂର୍ଣ୍ଣମାସୀ, ପିତ୍ର୍ୟା, ଗ୍ଲୌ, ଅନନ୍ତା, ଚନ୍ଦ୍ରମାତା, କଳାଂକନା, ଜ୍ୟୋତ୍ସ୍ନୀ, ଇନ୍ଦୁମତୀ, ସିତା, ରାକା, ଅନୁମତୀ ।]

ପୂର୍ଣ୍ଣେନ୍ଦୁ—ସ. ବ.—(କର୍ମଧା; ପୂର୍ଣ୍ଣ+ଇନ୍ଦୁ)—ପୂର୍ଣ୍ଣ ଚନ୍ଦ୍ର—
Pūrṇṇendu The full moon.

ପୂର୍ଣ୍ଣୋପମା—ସଂ. ବ.—ଉପମାଳଂକାରବିଶେଷ—
Pūrṇṇopamā A kind of simile in rhetoric.
[ଦ୍ର—ଯେଉଁ ଉପମାଳଂକାରରେ ଉପମାନ, ଉପମେୟ, ସାଧାରଣ ଧର୍ମ ଓ ଉପମାସୂଚକ ଶବ୍ଦମାନଙ୍କର ସ୍ପଷ୍ଟ ଉଲ୍ଲେଖ ଥାଏ ସେଠାରେ ପୂର୍ଣ୍ଣୋପମା ହୁଏ । ଉଦାହରଣ ଯଥା—
'ଖଣ୍ଡ ଖଣ୍ଡ ଧଳା ମେଘ ସୁନୀଳ ଅମ୍ବରେ,
ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ—ମଧୁସୂଦନ, ଛନ୍ଦମାଳା ।
ଏଠାରେ ଉପମାନ—ବୋଇତ, ଉପମେୟ—ମେଘ, ସାଧାରଣ ଧର୍ମ—ଧଳା ଓ ଭାସିବା ଏବଂ ଉପମାସୂଚକ ଶବ୍ଦ, ଯଥା—ଏହି ସମସ୍ତଙ୍କର ସ୍ପଷ୍ଟ ଉଲ୍ଲେଖ ଅଛି ।]

ପୂର୍ତ୍ତ—ସ.ବଣ(ପୃ ଧାତୁ=ପୂରଣ କରିବା+କର୍ମ. ତ)—୧ । ପରିପୂରିତ—
Pūrtta 1. Filled up.
(ପୂର୍ତ—ଅନ୍ୟରୂପ) ୨ । ସମ୍ପୂର୍ଣ୍ଣ—2. Complete; full.
୩ । ଆଚ୍ଛାଦିତ—3. Covered.
୪ । ଆଚ୍ଛନ୍ନ; ଲୁକ୍କାୟିତ—4 Concealed.
୫ । ସମାପିତ—5. Completed; finished.
ବ.—(+ଭାବ. ତ)—୧ । ସାଧାରଣଙ୍କ ଉପକାରାର୍ଥ ପୁଷ୍କରିଣୀ ଓ କୂପ ଖନନାଦି ରୂପ କାର୍ଯ୍ୟ—1. Public works; acts of public utility; such as digging of wells and tanks, building of temples, planting of groves etc.
୨ । ପାଳନ—2 Nourishing; cherishing.
୩ । ପୂରଣ—3. Filling up.

ପୂର୍ତ୍ତ କର୍ମ—ସ.ବଣ—ସାଧାରଣଙ୍କ ହିତାର୍ଥ ରାଜମାର୍ଗ, ପୁଷ୍କରିଣୀ ଓ କୂପାଦି ନିର୍ମାଣ କର୍ମ—Public works;
Pūrtt karma works of public utility.

ପୂର୍ତ୍ତ ବିଭାଗ—ଦେ. ବ. (ଆଧୁନିକ ବ୍ୟବହାର)—
Pūrtta bibhāga ସରକାରଙ୍କର ବାରିକମିସ୍ତିରି ମହକୁମା—
(ପୂର୍ତ୍ତିବିଭାଗ—ଅନ୍ୟରୂପ) The Public Works Department; the Engineering Department of the Government; P. W. D.

ପୂର୍ତ୍ତି—ସ. ବ. (ପୃ ଧାତୁ+ଭାବ ତି)—୧ । ପୂର୍ଣ୍ଣ କରିବା—
Pūrtti 1. Act of filling up.
୨ । ପୂର୍ଣ୍ଣତା କର୍ମ—2. Fulfilment; perfection; fullness.
୩ । ସନ୍ତୋଷ—3. Satisfaction; satiety.
୪ । ସମାପ୍ତି; ସମ୍ପୂର୍ଣ୍ଣତା—4. Completion.
୫ । କୌଣସି କାର୍ଯ୍ୟ ପାଇଁ ଲୋଡ଼ା ହେବା ବସ୍ତୁମାନଙ୍କ ମଧ୍ୟରୁ ଯାହା କମିଥାଏ ତାହା ପୂରଣ କରିବା କର୍ମ (ହି. ଶ)—
5. The act of filling up the things wanting for a certain work; supplementing.
୬ । (ଗଣିତ) ଗୁଣନ (ହି. ଶ)—
6. (arithmetic) Multiplication.

ପୂର୍ତ୍ତୀ—ସ. ବଣ. ପୁଂ. (ପୂର୍ତ୍ତି+ଇନ୍, ୧ମା. ୧ବ)—୧ । ତୃପ୍ତିଦାୟକ—
Pūrtti 1. Satisfying.
(ପୂର୍ତ୍ତିନୀ—ସ୍ତ୍ରୀ) ୨ । ଇଚ୍ଛାପୂର୍ଣ୍ଣକାରକ—
2. Fulfilling one's desire.
୩ । ପୂରିତ (ହି. ଶ)—3. Filled up.

ପୂର୍ବ୍ (ଧାତୁ)—ସ—ପୂରଣ କରିବା—
Pūrb (root) To fill up.

ପୂର୍ବ—ସ. ସର୍ବ (ପୂର୍ବ ଧାତୁ+କର୍ତ୍ତୃ. ଅ; ପୂର୍ବେ ସର୍ବ ପ୍ରଥମେ ଦେବତାମାନେ ଏହି ଦିଗରେ ବାସ କରିଥିଲେ ବୋଲି ଏହାର ନାମ ପୂର୍ବ ହୋଇଥିବା ବିଷୟ ପୁରାଣରେ ଅଛି)—
Pūrba
୧ । ଆଦ୍ୟ; ପ୍ରଥମ—1. First; original.
୨ । ପ୍ରଥମେ ବା ଆଗେ ଘଟିଥିବା—
2. Preceding; foregoing.
୩ । ଅତୀତ; ପ୍ରାଚୀନ; ପଶ୍ଚାଦ୍‌ବର୍ତ୍ତୀ; ପୂର୍ବକାଳୀନ—
3. Former; prior; past; ancient; previous.
୪ । ପ୍ରଥମେ ବୋଲାଯାଇ ଥିବା; ପୂର୍ବୋକ୍ତ—
4. Aforesaid; previously mentioned.
୫ । ସମଗ୍ର—5. Whole; entire.
୬ । ଅଗ୍ର୍ୟ—6. Situated before; placed in front.
୭ । ଊର୍ଦ୍ଧ୍ୱସ୍ଥ (ଯଥା—ପୂର୍ବକାୟ)—7. Upper; fore.
୮ । ପ୍ରାଚ୍ୟ ଦେଶୀୟ—8. Eastern; oriental.
୯ । ଜ୍ୟେଷ୍ଠ—9. Elder.
୧୦ । ସୂର୍ଯ୍ୟ ଯେଉଁ ଦିଗରୁ ଉଦିତ ହୁଅନ୍ତି—
10. The east.
ସ ବ—୧ । (ବହୁବଚନ) ବଡ଼ବଡ଼ୁଆ; ପୂର୍ବ ପୁରୁଷ ଗଣ—
1. Ancestors; forefathers.
୨ । (ବହୁବଚନ) ଅତୀତକାଳର ବ୍ୟକ୍ତିମାନେ—
2. The ancients.
୩ । କାରଣ—3. Reason; cause.
୪ । ଇତିବୃତ୍ତ—4. History; legend; annals.
ବଣ—(ଅନ୍ୟ ଶବ୍ଦ ପରେ ସଙ୍ଗଥିବା ଆଦି ଅର୍ଥରେ ବ୍ୟବହୃତ)—ପୂର୍ବେ ହୋଇଥିବା—Happened before.
(ଯଥା—ଅଶ୍ରୁତପୂର୍ବ=ପୂର୍ବେ ଯାହା ଶୁଣା ନ ଥିଲା; ଅଦୃଷ୍ଟପୂର୍ବ=ପୂର୍ବେ ଯାହା ଦେଖା ନ ଥିଲା; ଅଭୂତପୂର୍ବ=ପୂର୍ବେ ଯାହା ହୋଇ ନ ଥିଲା ; ଭୂତପୂର୍ବ=ପୂର୍ବେ ଯାହା ହୋଇଥିଲା ।)

ପୂର୍ବକ—ସ. ବଣ. (ଅନ୍ୟ ଶବ୍ଦ ପରେ ଯୁକ୍ତ) ପୁରଃସର; ଯାହାର ପୂର୍ବରେ ଅମୁକ ବିଷୟ ଥାଏ—Preceding; prior
Pūrbaka

(ଯଥା—ବିନୟ ପୂର୍ବକ ନିବେଦନ, କର ମର୍ଦ୍ଦନ ପୂର୍ବକ ଅଭ୍ୟର୍ଥନା ।)

ଅ—୧ । ପୁରଃସର—1. Following; preceded; by.
(ଯଥା—ମୁଁ ନମସ୍କାର ପୂର୍ବକ ନିବେଦନ କରୁଅଛି ।)

୨ । ସହିତ; ସହକାରେ—2. With.
(ଯଥା—ଆପଣ କୃପାପୂର୍ବକ ଏ କାର୍ଯ୍ୟ କରିବେ ।)

୩ । ଦ୍ୱାରା; କ୍ରମେ—3. By
(ଯଥା—ବଳପୂର୍ବକ ଅପହରଣ କରିବା ।)

ପୂର୍ବ କଥିତ—ସ. ବିଣ—ପ୍ରାଗୁକ୍ତ; ପ୍ରଥମୋକ୍ତ; ପୂର୍ବୋକ୍ତ; ଉପର୍ଯ୍ୟୁକ୍ତ—
Pūrba kathita Aforesaid; abovesaid.

ପୂର୍ବ କରୀ—ସ. ବି. (ପୂର୍ବ+କରିନ୍)—ଐରାବତ ହସ୍ତୀ; ପୂର୍ବଦିଗର ହସ୍ତୀ—
Pūrba karī ହସ୍ତୀ—The elephant guarding the east.

ପୂର୍ବକରୀ ପୂର୍ବ ଦିଗର ଦନ୍ତରୁ ବାହାର ହେଲେ ।
ଇନ୍ଦ୍ର. କୋଷ ଦ୍ୱିତୀୟ ସ୍କନ୍ଧ ।

ପୂର୍ବ କାୟ—ସ. ବି—୧ । (ମନୁଷ୍ୟର) ନାଭିର ଉପରେ ଥିବା ଶରୀରାଂଶ-
Pūrba kāya 1. The upper part of the body; the part above the navel (of man).

୨ । (ପଶୁ ଆଦିଙ୍କ) ଦେହର ଆଗ ପାଖ—2 The fore part of the body (of beasts).

ପୂର୍ବକାର—ଦେ. ବିଣ—ଆଗକାର; ପୂର୍ବକାଳର—
Purbakāra Former; previoua; olden.
(ପୂର୍ବକା—ଅନ୍ୟରୂପ) আগেকার **पहलेका**

ପୂର୍ବ କାଳ—ସ. ବି. (କର୍ମଧା; ପୂର୍ବ+କାଳ)—
Purba kāla ୧ । (ବ୍ୟାକରଣ) ଅତୀତକାଳ—
1. Past tense.

୨ । ଅତୀତ; ଗତ ସମୟ—
2. The past; past time.

୩ । ପ୍ରାଚୀନକାଳ; ପୁରାକାଳ—
3. The old; the ancient days.

ପୂର୍ବ କାଳିଆ—ଦେ. ବିଣ. (ସ. ପୂର୍ବ କାଳିକ)—
Pūrba kāliā ୧ । ଆଗେକାର; ପୂର୍ବ କାଳର—1. Olden.
পূর্ব কালের ୨ । ମରହଟିଆ—2. Obsolete.
पुरानी चालका

ପୂର୍ବ କାଳିକ—ସ. ବିଣ. (ପୂର୍ବକାଳ+ଇକ)—
Pūrba kālika ୧ । ଆଗକାର—1. Former.
(ପୂର୍ବକାଳୀନ—ଅନ୍ୟରୂପ) ୨ । ପ୍ରାଚୀନ କାଳର—
2. The olden times.

ପୂର୍ବ କୃତ—ସ. ବିଣ—୧ । ଗତ କାଳରେ କରା ଯାଇଥିବା—
Pūrba kruta 1. Done before; previously committed.

୨ । ପୂର୍ବ ଜନ୍ମରେ ଅନୁଷ୍ଠିତ—2. Done during one's previous existence.

ପୂର୍ବ ଗଙ୍ଗା—ସ. ବି—ନର୍ମଦା ନଦୀ (ହ. ଶ.)—
Pūrba gangā The river Nerbuddn.

ପୂର୍ବ ଗୋଳା(ଳା)ର୍ଦ୍ଧ—ସ. ବି. (ଆଧୁନିକ ବ୍ୟବହାର; ଭୁଗୋଳ ପରିଭାଷା)-
Pūrba golā(lā) rddha ପୃଥିବୀ ଗୋଳକର ପୂର୍ବାର୍ଦ୍ଧ—
The eastern hemisphere of the globe.
[ଦ୍ର—ଏଥିରେ ଅସିଆ, ଇଉରୋପ, ଆଫ୍ରିକା ଓ ଅଷ୍ଟ୍ରେଲିଆ ମହାଦେଶମାନ ଅଛନ୍ତି । ପଶ୍ଚିମ ଗୋଳାର୍ଦ୍ଧରେ ଦକ୍ଷିଣ ଆମେରିକା ଓ ଉତ୍ତର ଆମେରିକା ଏହି ଦୁଇଟି ମହାଦେଶ ଅଛି ।]

ପୂର୍ବ ଚିତ୍ତି—ସ.ବି. ସ୍ତ୍ରୀ—ଜମ୍ବୁଦ୍ୱୀପର ରାଜା ଅଗ୍ନୀଧ୍ରଙ୍କ ପତ୍ନୀ ଅପ୍ସରୋବିଶେଷ-
Pūrba chitti The wife of Agnidhra, the king of Jambudwipa said to be a heavenly nymph.

ପୂର୍ବଜ—ସ. ବିଣ. ପୁଂ. (ବହୁବ୍ରୀହି; ପୂର୍ବ+ଜନ୍ ଧାତୁ+କର୍ତ୍ତୃ. ଅ)—
Pūrbaja ୧ । ପିତୃ ପିତାମହାଦି—1. Forefathers.
(ପୂର୍ବ ଜନ୍ମା—ଅନ୍ୟରୂପ) ୨ । ଜ୍ୟେଷ୍ଠ ପୁତ୍ର—2. Eldest son.

୩ । ଜ୍ୟେଷ୍ଠ ଭ୍ରାତା; ଅଗ୍ରଜ—3. Elder brother.

୪ । ଚନ୍ଦ୍ରଲୋକବାସୀ ପିତୃ ଲୋକ (ଦ୍ର. ଶବ୍ଦସାଗର)—
4. The spiritual bodies of the deceased ancestors moving in the Chandraloka.

ସ. ବିଣ. ପୁଂ—ଜ୍ୟେଷ୍ଠ; ଅଗ୍ରଜ—
Elder; eldest; first born.
(ପୂର୍ବଜା, ପୂର୍ବଜନ୍ମା—ସ୍ତ୍ରୀ)

ପୂର୍ବ ଜନ୍ମ—ସ. ବି. (କର୍ମଧା; ପୂର୍ବ+ଜନ୍ମନ୍)—
Pūrba janma ବର୍ତ୍ତମାନ ଜନ୍ମର ପୂର୍ବେ ଥିବା ଥରେ ମନୁଷ୍ୟର ଜନ୍ମ—Previous state of one's existence.

ପୂର୍ବଜନ୍ମ ଲବ୍ଧ—ସ. ବି. (୭ମୀ ତତ୍; ପୂର୍ବଜନ୍ମ+ଲବ୍ଧ)—
Pūrbajanma labdha ପୂର୍ବ ଜନ୍ମରେ ମିଳିଥିବା—
(ପୂର୍ବ ଜନ୍ମାର୍ଜିତ—ଅନ୍ୟରୂପ) Earned or acquired in
(ପୂର୍ବଜନ୍ମଲବ୍ଧା—ସ୍ତ୍ରୀ) one's former existence.

ପୂର୍ବଜା—ସ. ବି. ସ୍ତ୍ରୀ. (ପୂର୍ବଜ+ସ୍ତ୍ରୀ. ଆ)—ବଡ଼ ଭଉଣୀ—
Pūrbajā Elder sister.

ପୂର୍ବ ଜିନ—ସ. ବି. (କର୍ମଧା; ପୂର୍ବ=ପ୍ରଥମ+ଜିନ=ଜୈନଗୁରୁ)—
Pūrba jina ୧ । ମଞ୍ଜୁଘୋଷ ନାମକ ସର୍ବ ପ୍ରଥମ ଜୈନଗୁରୁ—
1. Name of an ancient per-Buddhist teacher.

୨ । ପୂର୍ବାବଧିର ଜୈନ ଧର୍ମ ପ୍ରବର୍ତ୍ତକ ୨୪ ଜଣ ଗୁରୁ—
2. Twentyfour Jaina saints of a former era.

ପୂର୍ବ ଜୀବନ—ସ. ବି. (କର୍ମଧା; ପୂର୍ବ+ଜୀବନ)—
Pūrba jībana ୧ । ମନୁଷ୍ୟ ଜୀବନର ଅତୀତ କାଳ—
1. One's past life; the past of a man's life

୨ । ପୂର୍ବ ଜନ୍ମ—2. Previous existence before one was born in this world.

ପୂର୍ବ ଜ୍ଞାନ—ସ. ବି—୧ । ପୂର୍ବ ଜନ୍ମାର୍ଜିତ ଜ୍ଞାନ—
Pūrba jnyāna 1. Knowledge derived in one's previous existence.

୨ । ଏଥିପୂର୍ବେ ଅର୍ଜିତ ଜ୍ଞାନ—2. Previous knowledge.

ପୂର୍ବତନ—ସ. ବଣ. (ପୂର୍ବ+ଘଟିଥିବା ଅର୍ଥରେ ତନ)—
Pūrbatana ୧ । ଆଗକାଳର—2. Former; previous.
(ପୂର୍ବତନୀ—ସ୍ତ୍ରୀ) ୨ । ପୂର୍ବକାଳୀନ—2. Of ancient times.

ପୂର୍ବ ଦକ୍ଷିଣ—ଦେ. ବି. (ସ. ପୂର୍ବ ଦକ୍ଷିଣା)—ଅଗ୍ନି କୋଣ—
Pūrba dakshiṇa The south east.
পূর্ব দক্ষিণ **पूरब दक्खन**

ପୂର୍ବ ଦକ୍ଷିଣା—ସ. ବି (ପୂର୍ବ+ଦକ୍ଷିଣ+ଆ)—ଅଗ୍ନି କୋଣ—
Pūrba dakshiṇā The south east.

ପୂର୍ବ ଦଶା—ସ. ବି—ପୂର୍ବତନ ଅବସ୍ଥା—
Pūrba daśā Former condition.

ପୂର୍ବ ଦିକ୍—ସ. ବି—ପ୍ରାଚୀ— The east.
Pūrba dik [ଦ୍ର—ପୂର୍ବ ଦିଗରୁ ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ରମାନେ ଉଦିତ ହୁଅନ୍ତି; ଏଥିର ଦିକ୍‌ପାଳ ବା ଦିକ୍‌ପତି ଇନ୍ଦ୍ର ଓ ଏଥିର ଦିଗ୍‌ଗଜ ଐରାବତ ।]

ପୂର୍ବ ଦିଗ—ଦେ. ବି. (ସ. ପୂର୍ବଦିକ୍)—ପୂର୍ବଦିକ୍ (ଦେଖ)
Pūrba diga Pūrba dik (See)
পূর্ব্বদিগ **पूरबदिग**

ପୂର୍ବ ଘାଟ—ଦେ. ବି—ଦକ୍ଷିଣ ଭାରତର ପୂର୍ବ ଉପକୂଳ ପାଖେ ପାଖେ
Pūrbaghāṭa ଅବସ୍ଥିତ ପର୍ବତଶ୍ରେଣୀ—The Eastern
পূর্ববঘাট **पूरबीघाट** Ghats mountain-range.

ପୂର୍ବ ଦେବ—ସ. ବି. (ଦେବତାମାନଙ୍କ ପୂର୍ବରେ ଜନ୍ମଗ୍ରହଣ କରିଥିବାରୁ)
Pūrba deba ୧ । ଦୈତ୍ୟ; ଦାନବ; ଅସୁର—
1 The demons.
[ଦ୍ର—ଦୈତ୍ୟମାନେ କଶ୍ୟପଙ୍କ ପ୍ରଥମା ସ୍ତ୍ରୀ ଦିତିଙ୍କ ପୁତ୍ର । ଏମାନେ ଦେବତାମାନଙ୍କର ବୈମାତ୍ରେୟ ବଡ଼ଭାଇ । ଏମାନେ ପ୍ରଥମେ ଦେବତା ଥିଲେ, କିନ୍ତୁ ମନ୍ଦ ପ୍ରକୃତି ଓ ଅସଦାଚରଣଦ୍ୱାରା ପରେ ସୁରବିରୋଧୀ ବା ଅସୁର ହେଲେ । ଖ୍ରୀଷ୍ଟିଆନ୍‌ମାନଙ୍କ ଧର୍ମଶାସ୍ତ୍ରରେ ମଧ୍ୟ ସଇତାନ୍ (Satan) ପ୍ରଥମେ ଦେବଦୂତ (Angel) ଥିଲା, କିନ୍ତୁ ପରେ ଈଶ୍ୱରଙ୍କ ବିରୋଧରେ ବିଦ୍ରୋହୀ ହୋଇ ସ୍ୱର୍ଗ ଭ୍ରଷ୍ଟ ହେଲା ।]
୨ । ପିତୃଲୋକ—2 The forefathers.
୩ । ନର ଓ ନାରାୟଣ (ହି. ଶବ୍ଦସାଗର)—
3. The incarnation of Bishṇu as Nara and Nārāyaṇa.

ପୂର୍ବ ଦେଶ—ସ. ବି.—ପୂର୍ବଦିଗରେ ଅବସ୍ଥିତ ଭୂଭାଗ—
Pūrba deśa The eastern regions; the east.

ପୂର୍ବ ନିପାତ—ସ. ବି. (ବ୍ୟାକରଣ)—ଯେଉଁ ସମସ୍ତ ବା ସମାସନିଷ୍ପନ୍ନ
Pūrba nipāta ପଦରେ ପରବର୍ତ୍ତୀ ପଦ ପ୍ରଥମେ ନ୍ୟସ୍ତ ହୁଏ ଓ ପୂର୍ବବର୍ତ୍ତୀ ପଦ ପରେ ନ୍ୟସ୍ତ ହୁଏ—
The irregular priority of a word in a compound.
(ଯଥା—ପୂର୍ବରେ+ଶ୍ରୁତ=ଶ୍ରୁତପୂର୍ବ; ଅହିତ+ଅଗ୍ନି=ଅଗ୍ନ୍ୟାହିତ ।)

ପୂର୍ବ ନିରୂପଣ—ସ. ବି.—ଭାଗ୍ୟ (ହି. ଶବ୍ଦସାଗର)—
Pūrba nirūpaṇa Luck.

ପୂର୍ବ ପକ୍ଷ—ସ. ବି.—୧ । ଶୁକ୍ଳପକ୍ଷ; ଚନ୍ଦ୍ର ପକ୍ଷ (କ୍ଷୀରୋଦେନ୍ଦ୍ର)—
Pūrba paksha 1. The bright fortnight of a lunar month.
୨ । (ତର୍କ ଶାସ୍ତ୍ର) ବିଚାରାର୍ଥ ଉତ୍ଥାପିତ କୌଣସି ପ୍ରଶ୍ନ—
2. (logic) A question for decision.
୩ । (ହିନ୍ଦୁ ସ୍ମୃତି) ମକଦ୍ଦମାରେ ବାଦୀ ବା ମୁଦେଇ—
3. A complaint or plaintiff in a case.
୪ । (ହିନ୍ଦୁ ସ୍ମୃତି) ମକଦ୍ଦମାରେ ଅଭିଯୋଗ ପତ୍ର ବା ଆରଜି—
4. The petition of complaint or plaint in a case.
୫ । କୃଷ୍ଣ ପକ୍ଷ (ହି. ଶ.)—
5. The dark fortnight of a lunar month.

ପୂର୍ବ ପକ୍ଷ ପାଦ—ସ. ବି.—(ହିନ୍ଦୁ ସ୍ମୃତି)—ଧର୍ମାଧିକରଣରେ ପ୍ରତିକାର
Pūrba paksha pāda ପ୍ରାର୍ଥନା ସମ୍ବନ୍ଧୀୟ ଚାରିପାଦ ବା ଉପକ୍ରମ
(ପୂର୍ବ ବାଦ—ଅନ୍ୟରୂପ) ମଧ୍ୟରୁ ସର୍ବ ପ୍ରଥମ ବା ଭାଷା ପାଦ; ଆରଜି ବା ଦରଖାସ୍ତ—(Hindu law) The first step in litigation, viz complaint or plaint.
[ଦ୍ର—ପାଦ ତଳ ନୋଟ୍ ଦ୍ରଷ୍ଟବ୍ୟ ।]

ପୂର୍ବ ପର୍ବତ—ସ. ବି. (ମ. ପ. ଲୋ; ପୂର୍ବ=ପୂର୍ବ ଦିଗରେ ଅବସ୍ଥିତ
Pūrba parbata +ପର୍ବତ)—ଉଦୟାଚଳ—
ପୂର୍ବ ଶୈଳ } ଅନ୍ୟରୂପ
ପୂର୍ବ ଗିରି }
The legendary range of mountains in the east over which the sun is said to rise.

ପୂର୍ବ ପିତାମହ—ସ. ବି. ପୁଂ—ପ୍ରପିତାମହ; ପିତାଙ୍କ ପିତାମହ (ହି. ଶ)—
Pūrba pitāmaha Great grandfather.
(ପୂର୍ବ ପିତାମହୀ—ସ୍ତ୍ରୀ) (ଦ୍ର—ଏହିପରି ପୂର୍ବ ମାତାମହ, ପୂର୍ବ ମାତାମହୀ ଆଦି ଶବ୍ଦ ହୁଏ ।)

ପୂର୍ବ ପୁରୁଷ—ସ. ବି—୧ । ବଂଶର ଆଦି ପୁରୁଷ—
Pūrba purusha 1. The progenitor or lineal ancestor of a family.
(ପୂର୍ବ ପୁରୁଷୀୟ—ବଣ)
୨ । ପିତୃ ପିତାମହାଦି—2. Forefathers; ancestors.

ପୂର୍ବ ପ୍ରଚଳିତ—ସ. ବଣ—୧ । ବହୁ ପୂର୍ବରୁ ଯାହା ଚଳି ଆସୁଅଛି—
Pūrba prachalita 1. Current for a long time past.
(ପୂର୍ବ ପ୍ରବର୍ତ୍ତିତ—ଅନ୍ୟରୂପ)
୨ । ପୂର୍ବ କାଳରେ ଯାହା ପ୍ରଚଳିତ ଥିଲା—
2. Current long ago.
୩ । ମରହଟ୍ଟିଆ—2. Old fashioned; obsolete.

ପୂର୍ବ ପ୍ରଥା—ସ. ବି—୧ । ପୂର୍ବ କାଳରୁ ଚଳି ଆସୁଥିବା ପ୍ରଥା ବା ଅଭ୍ୟାସ—
Pūrba prathā 1. Custom obtaining from time immemorial.
(ପୂର୍ବ ରୀତି—ଅନ୍ୟରୂପ)
୨ । ଆଗକାଳର ଢଙ୍ଗ—2 Previous custom.
୩ । ମରହଟ୍ଟି ଢଙ୍ଗ—3. Obsolete custom.

ପୂର୍ବଫଲ୍ଗୁନୀ— ସ. ବି. (ପୂର୍ବ=ପ୍ରଥମ+ଫଲ୍ଗୁନୀ=ନକ୍ଷତ୍ରବିଶେଷ)—
Pūrba phālguni (ଜ୍ୟୋତିଷ) ୨୭ ଗୋଟି ନକ୍ଷତ୍ର ମଧ୍ୟରୁ
ପୂର୍ବ ଫାଲ୍ଗୁନୀ } ସ୍ତ୍ରୀ ୨ଟି ତାରାବିଶିଷ୍ଟ ଶଯ୍ୟାକୃତି ଏକାଦଶ
ପୂର୍ବା ଫାଲ୍ଗୁନୀ } ନକ୍ଷତ୍ର—
The 11th asterism consisting of two stars.
[ଦ୍ର—ନକ୍ଷତ୍ର ତଳ ନୋଟ୍ ଦ୍ରଷ୍ଟବ୍ୟ ।]

ପୂର୍ବ-ବଙ୍ଗ— ସ. ବି—ବଙ୍ଗ ଦେଶର ପୂର୍ବାଂଶ—
Pūrba banga East Bengal.

ପୂର୍ବବତ୍—ସ. ଅ—୧ । ଆଗପରି; ପୂର୍ବେ ଯେଉଁ ପରି ଥିଲା ସେହିପରି—
Pūrbabat 1. As before.
୨ । ପୂର୍ବୋକ୍ତ ପ୍ରକାରେ—
2. As aforesaid; in the above manner.

ପୂର୍ବ ବୟଃ— ସ. ବି. (କର୍ମଧା, ପୂର୍ବ+ବୟସ୍)— ବାଲ୍ୟକାଳ—
Pūrba bayah Boyhood; young age.

ପୂର୍ବବର୍ତ୍ତୀ—ସ. ବିଣ. (ପୂର୍ବ+ବୃତ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Pūrbabartti ୧ । ଅଗ୍ରଗାମୀ—1. Going in front.
(ପୂର୍ବ ବର୍ତ୍ତିନୀ—ସ୍ତ୍ରୀ) ୨ । ଅଗ୍ରସର—2. Advancing.
(ପୂର୍ବ ବର୍ତ୍ତିତା—ବି) ୩ । ପୂର୍ବଦିଗରେ ସ୍ଥିତ—3. Situate in the east.
୪ । ଏଥିପୂର୍ବେ ଘଟିଥିବା—4. Previous; preceding.

ପୂର୍ବ ବାଦ—ସଂ. ବି—୧ । ପ୍ରଥମେ ଉଚ୍ଚାରିତ ବାକ୍ୟ—
Pūrba bāda 1. First uttered word.
୨ । (ହିନ୍ଦୁସ୍ମୃତି) ପ୍ରଥମ ଅଭିଯୋଗ ବା ନାଲିସ; ପ୍ରଥମ ଏତଲାଇ—
2. First complaint, first information.

ପୂର୍ବବାଦୀ—ସଂ. ବି (ହିନ୍ଦୁସ୍ମୃତି)—୧ । ମକଦ୍ଦମାରେ ବାଦୀ—
Pūrbabādi 1. Plaintiff.
୨ । ଫେରଆଦୀ; ମୁଦେଇ—2. One who lodges the first information; complainant.

ପୂର୍ବ ବୃତ୍ତ— ସଂ. ବି (କର୍ମଧା)—ପୂର୍ବବୃତ୍ତ; ଇତିହାସ—
Pūrba brutta History.

ପୂର୍ବ ଭକ୍ଷିକା—ସଂ. ବି—୧ । ପ୍ରାତର୍ଭୋଜନ (ହି.ଶ)—
Pūrba bhakshikā 1. Breakfast.
୨ । ଜଳଖିଆ (ହି. ଶବ୍ଦସାଗର)—
2, Light refreshment; tiffen.

ପୂର୍ବ ଭାଦ୍ର—ଦେ. ବି. (ସଂ. ପୂର୍ବଭାଦ୍ରପଦ)—
Pūrba bhādra ପୂର୍ବ ଭାଦ୍ରପଦ (ଦେଖ)
ପୂର୍ବ ଭାଦ୍ରବ } ଅନ୍ୟରୂପ Pūrba bhādrapada (See)
ପୂର୍ବ ଭୋଦୁଅ }

ପୂର୍ବ ଭାଦ୍ରପଦ—ସ. ବି. (ଜ୍ୟୋତିଷ)—୨୭ ନକ୍ଷତ୍ର ମଧ୍ୟରୁ ପଞ୍ଚବିଂଶ
Pūrba bhādrapada ନକ୍ଷତ୍ର—The 25th asterism or lunar mansion.
(ପୂର୍ବଭାଦ୍ରପଦା—ଦେଶଜରୂପ)
(ପୂର୍ବଭାଦ୍ରପଦା—ଅନ୍ୟରୂପ) [ଦ୍ର—ନକ୍ଷତ୍ର ତଳ ନୋଟ୍ ଦ୍ରଷ୍ଟବ୍ୟ]

ପୂର୍ବ ମୀମାଂସା—ସ. ବି—୧ । ଜୈମିନି ପ୍ରବର୍ତ୍ତିତ ହିନ୍ଦୁ ଦର୍ଶନ ଶାସ୍ତ୍ର-
Pūrba mimāmsā ବିଶେଷ—1. The system of Hindu philosophy propounded by Jaimini.
୨ । ବେଦର କର୍ମକାଣ୍ଡ ବିଷୟକ ତର୍କଶାସ୍ତ୍ର—2. Enquiry into the 1st or ritual portion of the Bedas.

ପୂର୍ବ ଯକ୍ଷ— ସ. ବି—ଜିନବିଶେଷ; ବୃଷଭଦେବଙ୍କ ଜନ୍ମ ପୂର୍ବରେ ଆବିର୍ଭୂତ
Pūrba jaksha ମହାତ୍ମାବିଶେଷ—Name of a Jaina saint.

ପୂର୍ବ ଯୋଗିନୀ—ସ. ବି. (ପୂର୍ବ=ପୂର୍ବଦିଗରେ ଅବସ୍ଥିତା+ଯୋଗିନୀ=
Pūrba jogini ପାର୍ବତୀ)—(ଜ୍ୟୋତିଷ) ଯେଉଁ ସମୟରେ ଯୋଗିନୀ ବା ପାର୍ବତୀ ପୂର୍ବଦିଗରେ ବା ଉତ୍ତରପୂର୍ବ (ଈଶାନ୍ୟ) କିମ୍ବା ଦକ୍ଷିଣପୂର୍ବ (ଅଗ୍ନି) କୋଣରେ ଥାଆନ୍ତି; ପ୍ରତିପଦ ଓ ନବମୀ ତିଥି—(astrology) The time during which the astrological Jogini or Pārbati is said to be on the eastern or N. W. or S. W. quarter of the globe.
[ଦ୍ର—ଜ୍ୟୋତିଷ ମତରେ ଯୋଗିନୀ ଯେଉଁ ଦିଗରେ ଯେତେବେଳେ ଥାଆନ୍ତି, ସେ ଯାତ୍ରାକାରୀର ବାମପାଖରେ ବା ପୃଷ୍ଠରେ ଥିବା ସମୟରେ ଯାତ୍ରା କଲେ ଶୁଭ ଓ ଡାହାଣରେ ବା ସମ୍ମୁଖରେ ଥିବା ସମୟରେ ଯାତ୍ରା କଲେ ଅଶୁଭ ଘଟେ । ପୂର୍ବ ଯୋଗିନୀ ସମୟରେ ପଶ୍ଚିମକୁ ଓ ଦକ୍ଷିଣ ଆଡ଼କୁ ଯାତ୍ରା କରାଯାଇ ପାରେ ।]

ପୂର୍ବ ରଙ୍ଗ—ସଂ. ବି—୧ । ନାଟ୍ୟାଭିନୟର ଉପକ୍ରମ; ପ୍ରସ୍ତାବନା—
Pūrba ranga 1, Prelude to a play; prologue of a drama.
୨ । ନାଟ୍ୟଶାଳା; ରଙ୍ଗାଳୟ—2. Theatre.
୩ । ଶ୍ରୀକୃଷ୍ଣଙ୍କ ମନରେ ପ୍ରଥମେ ସଞ୍ଚାରିତ ହୋଇଥିବା ପ୍ରେମାନୁରାଗ—
2. First attachment which attracted Srikrushna.

ପୂର୍ବ ରାଗ—ସଂ. ବି. (କର୍ମଧା; ପୂର୍ବ=ପ୍ରଥମ+ରାଗ=ଅନୁରାଗ)—
Pūrba rāga ପରସ୍ପରଙ୍କ ବିଷୟ ଶ୍ରବଣ ବା ପରସ୍ପର ଦର୍ଶନାଦିଦ୍ୱାରା ନାୟକ ନାୟିକାଙ୍କମନରେ ସଂଜାତ ପ୍ରଥମ ପ୍ରଣୟ; ପ୍ରଣୟାଙ୍କୁର—
Incipient love; the first seeds of attachment between the would-be lovers; love at first sight or hearing.

[ଦ୍ର—କେହି କେହି କହନ୍ତି ଯେ ପୂର୍ବରାଗ କେବଳ ନାୟିକାଙ୍କଠାରେ ଜାତ ହୁଏ । ଏଥିରେ ନାୟକଙ୍କ ସଙ୍ଗେ ମିଳିତ ହେବାର ଅଭିଳାଷ, ନାୟକ ସମ୍ବନ୍ଧୀୟ ଚିନ୍ତା, ନାୟକ ବିଷୟ ସ୍ମରଣ, ସଖୀମାନଙ୍କ ନିକଟରେ ନାୟକ ବିଷୟରେ ଚର୍ଚ୍ଚା, ନାୟକ ସଙ୍ଗେ ମିଳିତ ହେବା ପାଇଁ ଉଦ୍‌ବିଗ୍ନତା, ପ୍ରଳାପ, ଉନ୍ମାଦ, ରୋଗ, ମୂର୍ଚ୍ଛା ଓ ମୃତ୍ୟୁ ଏପରି ଦଶଟି ଅବସ୍ଥା ନାୟିକାର ଘଟେ । ନାୟକଙ୍କ ସଙ୍ଗେ ମିଳିତ ନ ହେବା ପର୍ଯ୍ୟନ୍ତ ନାୟିକାର ପୂର୍ବରାଗ ହୁଏ । ମିଳିତ ହେବା ପରେ ଉଭୟଙ୍କ ମନରେ ଜାତ ହେବା ଭାବକୁ ପ୍ରେମ ବା ପ୍ରୀତି ବୋଲାଯାଏ—ହି. ଶବ୍ଦସାଗର ।]

পূর্বের রাগ ଦେ. ବି—(ଅନ୍ୟଠାରେ) ପୂର୍ବରୁ ଥିବା କ୍ରୋଧ;
पुरुबकी रञ्ज ଅଦଉତି—Malice; grudge; spite.

ସେ ତ ହୋଇଅଛନ୍ତି ରଣ ବାଣ୍ଟରେ ଅଗ
ସାହେବ କ ଖାନ୍ତି ଉପରେ ପୂର୍ବରାଗ—କୃଷ୍ଣସିଂହ, ମହାଭାରତ, ଭୀଷ୍ମ ।

ପୂର୍ବରାତ୍ର—ସଂ. ବି (୬ଷ୍ଠୀ ତତ୍; ପୂର୍ବନିପାତ; ରାତ୍ରିର ପୂର୍ବ = ପ୍ରଥମାଂଶ)—
Pūrbarātra ରାତ୍ରିର ପ୍ରଥମ ଭାଗ; ସନ୍ଧ୍ୟାଠାରୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ—
The first part of the night; evening.

ତ ବଚନରେ ଅପରରାତ୍ରେ ଛାନକନେ
ମନକୁ ସମ୍ଭତ କରନ୍ତୁ ପୂର୍ବରାତ୍ରେ—କୃଷ୍ଣସିଂହ, ମହାଭାରତ, ବନ ।

ପୂର୍ବ ରାତ୍ରି—ସଂ. ବି. (କର୍ମଧା; ପୂର୍ବ + ରାତ୍ରି)—
Pūrba rātri ପୂର୍ବ ଦିବସର ରଜନୀ; ଗତ ରାତ୍ରି—
Previous night; preceding night.

ପୂର୍ବରୁ—ଦେ. ଅ. (ସ. ପୂର୍ବାତ୍)—
Pūrbaru ୧ । ପୂର୍ବ ଦିଗରୁ—1 From the east.
পূর্বথেকে, আগেথেকে ୨ । ପ୍ରଥମ ଆରମ୍ଭରୁ—
पाहिलेसे 2. From the beginning.
୩ । ଅତୀତ କାଳରୁ—3. From before.
୪ । ଏଥିର ଆଗେ—4 Previously.
୫ । ଆଗରୁ—5. Beforehand.

ପୂର୍ବ ରୂପ—ସଂ. ବି. (କର୍ମଧା; ପୂର୍ବ + ରୂପ)—
Pūrba rūpa ୧ । ପ୍ରଥମେ ବା ଆଗେ ଥିବା ଆକାର—
1. Previous appearance or shape.
୨ । ପୂର୍ବ ଲକ୍ଷଣ (ଦେଖ)—2. Pūrba lakshaṇa (See)

ପୂର୍ବ ଲକ୍ଷଣ—ସଂ. ବି. (କର୍ମଧା; ପୂର୍ବ + ଲକ୍ଷଣ)—
Pūrba lakshaṇa ୧ । ରୋଗାଦି ଘଟିବାର ପୂର୍ବରୁ ପ୍ରକାଶିତ
ଚିହ୍ନ—1. Previous symtoms of a disease;
premonitory signs of an approaching illness.
୨ । ଶକୁନ—2. Omen; premonition; augury.
୩ । କୌଣସି ବିଷୟ ଘଟିବା ପୂର୍ବରୁ ଲକ୍ଷିତ ଚିହ୍ନ—
3. Previous indication of something which
is going to happen.

ପୂର୍ବ ଷୋଡ଼ଶ—ସଂ. ବି—ଅନ୍ତ୍ୟେଷ୍ଟି କ୍ରିୟାର ପ୍ରଥମ ଦିବସଠାରୁ ଦଶମ
Pūrba shorḍasa ଦିବସ ପର୍ଯ୍ୟନ୍ତ ଅନୁଷ୍ଠିତ କର୍ମ—
The funeral rites performed during the
period extending from the 1st to the 10th
day of a person's death.

ସେଠାରେ ଗଙ୍ଗାଙ୍କର ସହ ସୁତ ପାଇ
କଲ ପୂର୍ବଷୋଡ଼ଶ ସମାପତ ମୁହିଁ । କୃଷ୍ଣସିଂହ, ମହାଭାରତ, ଅନୁଶାସନ

[ଦ୍ର—ଏକାଦଶାଦି ଦିନ ଅନୁଷ୍ଠିତ କର୍ମକୁ ଉତ୍ତର ଷୋଡ଼ଶ
ବୋଲାଯାଏ ।]

ପୂର୍ବ ସଂସ୍କାର—ସଂ. ବି—୧ । ପୂର୍ବ ଜନ୍ମାର୍ଜିତ ପ୍ରବୃତ୍ତି ବା ଧାରଣା—
Pūrba saṃskāra 1. Nature or inclination or
associations earned as the result of one's
previous existence.
୨ । ପ୍ରଥମେ ମନୁଷ୍ୟର ମନରେ ହୋଇଥିବା ଧାରଣା—
2. Past opinion; first impression.

ପୂର୍ବ ସନ୍ଧ୍ୟା—ବି—୧ । ପୂର୍ବ ଦିନର ସନ୍ଧ୍ୟା—
Pūrba sandhyā 1. The evening of the previous
day.
୨ । ସନ୍ଧ୍ୟାର ପୂର୍ବ ସମୟ—
2 The time before evening.
୩ । ପ୍ରାତଃକାଳ (ଗ୍ରା. ଶ)—3. Morning.

ପୂର୍ବା—ସ. ବିଣ. ସ୍ତ୍ରୀ. (ପୂର୍ବ + ଆ; ପୂର୍ବର ସ୍ତ୍ରୀଲିଙ୍ଗ)—୧ । ପ୍ରଥମା—
Pūrbā 1. First (feminine).
୨ । ପୂର୍ବ କାଳୀନା—2 Earlier.
୩ । ପୂର୍ବ ଦିକ୍ସ୍ଥିତା—3. Eastern.
ସ. ବି—୧ । ପୂର୍ବଦିକ୍ (ଗ୍ରା. ଶ)—1. The east.
୨ । ପୂର୍ବ ଫାଲ୍ଗୁନୀ ନକ୍ଷତ୍ର (ଗ୍ରା. ଶ)—
2. The 11th asterism.

ପୂର୍ବାଚରିତ—ସ. ବିଣ. (ପୂର୍ବ + ଆଚରିତ)—ପୂର୍ବକୃତ; ପ୍ରଥମେ କରା-
Pūrbācharita ଯାଇଥିବା—Done before.

ପୂର୍ବାଚଳ—ସ. ବି. (କର୍ମଧା; ପୂର୍ବ + ଅଚଳ)—ଉଦୟାଚଳ—
Pūrbā chaḷa The eastern range of mountains
(ପୂର୍ବାଦ୍ରି—ଅନ୍ୟରୂପ) from which the sun is said to
(ପଶ୍ଚିମାଚଳ—ବିପରୀତ) rise.

ପୂର୍ବାନୁକ୍ରମ—ଦେ. ବି—ପୂର୍ବେ ପ୍ରକାଶିତ ପ୍ରବନ୍ଧର ପରବର୍ତ୍ତୀ ଅଂଶର ବିବୃତ୍ତି-
Pūrbānukrama Continuation of the portion
of an essay already published, written or
(ପୂର୍ବାନୁବୃତ୍ତି—ଅନ୍ୟରୂପ) spoken.

ପୂର୍ବାନୁରାଗ—ସ. ବି. (କର୍ମଧା; ପୂର୍ବ + ଅନୁରାଗ)—
Pūrbānurāga ୧ । ପ୍ରେମର ପ୍ରଥମ ସଞ୍ଚାର—
1. The early indication of love or attach-
ment.
୨ । ପୂର୍ବକାଳର ସୁହାଗ ବା ପ୍ରେମ—
2. Former attachment or love.
୩ । ପୂର୍ବରାଗ (ଦେଖ)—3. Pūrbarāga (See)

ପୂର୍ବାପର—ସ. ବି. (ଦ୍ୱନ୍ଦ୍ୱ; ପୂର୍ବ + ଅପର)—
Pūrbāpara ୧ । ଅଗା ଗୋଡ଼ା; ଆରମ୍ଭ ଓ ଶେଷ—
1. The beginning and the end.
୨ । ଅନୁପୂର୍ବ—2. Sequence.
୩ । ପ୍ରଥମ ବିଷୟ ଓ ଅନ୍ତିମ ବିଷୟ—
3. The first and the last things; preceding
and following matters.
୪ । ପୂର୍ବ ଓ ପଶ୍ଚିମ—4. East and west.
୫ । ଆଗ ଓ ପଛ—5. Front side and back side.
ବିଣ—୧ । ଆନୁପୂର୍ବିକ—1. Connected; coherent.
୨ । ଧାରାବାହିକ—2. Successive; serial.
୩ । ଆଗିଲା ଓ ପିଛିଲା; ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ—
3. Prior and subsequent; former and latter.

୪ । ଆଗରେ ଥିବା ଓ ପଛରେ ଥିବା—
4 Situated in front and behind,
କ୍ରି. ବିଣ—୧ । ମୂଳଠାରୁ ଶେଷ ପର୍ଯ୍ୟନ୍ତ—
1. From the begininng to the end.
୨ । ଆନୁପୂର୍ବିକ ରୂପେ—2. In a connected manner; coherently; in due sequence.

ପୂର୍ବାପର ସମ୍ବନ୍ଧ—ସ. ବି—ଗୋଟିଏ ଆଗ ଗୋଟିଏ ପଛ, ଏହିଭଳି ସମ୍ପର୍କ—
Pūrbāpara sambandha Sequence; coherent relation.
(ପୂର୍ବାପର ସମ୍ପର୍କ—ଅନ୍ୟରୂପ)

ପୂର୍ବାପର୍ଯ୍ୟ——ସ. ବି. (ପୂର୍ବାପର + ଭାବାର୍ଥ ଯ)—
Pūrbāparjya ପୂର୍ବାପର ହେବାର ଅବସ୍ଥା—
Sequence; priority and subsequence.

ପୂର୍ବା ପୂର୍ବୀ——ଦେ. ଅ—୧ । ବହୁକାଳରୁ (ଘଟି ଆସୁଥିବା)—
Pūrbā pūrbi 1, From former times.
୨ । ବହୁକାଳରୁ ଧାରାବାହିକରୂପେ—
2. In succession for a long time,

ପୂର୍ବାପେକ୍ଷା—ସ. ବି—ପୂର୍ବ ବିଷୟ ବା ପ୍ରସଙ୍ଗ ପ୍ରତି ଦୃଷ୍ଟି—
Pūrbāpeksha Reference to what has preceded,
ଦେ. କ୍ରି. ବିଣ—୧ । ପୂର୍ବଠାରୁ; ପୂର୍ବ ଅପେକ୍ଷା—
पूर्वापेक्षा 1. Than before.
୨ । ପୂର୍ବ ବିଷୟ ସଙ୍ଗେ ତୁଳନା କରି ଗଲାବେଳେ—
2. Jn comparison with what has preceded; with reference to the past.
पहिलेसे

ପୂର୍ବାବଧି—ସ. କ୍ରି. ବିଣ.—(ପୂର୍ବ+ଅବଧି)—୧ । ପୂର୍ବକାଳ ଠାରୁ;
Pūrbābadhi ଆଗରୁ—1. From former times; from before; since the past.
୨ । ଆଦ୍ୟରୁ; ପ୍ରଥମରୁ—2. From the beginning.

ପୂର୍ବାବସ୍ଥା—ସ. ବି.—ଆଗକାଳର ଅବସ୍ଥା—Former or past
Pūrbābastha condition; previous state.

ପୂର୍ବାବେଦକ—ସ. ବି. (ହିନ୍ଦୁ ସ୍ମୃତି)—ମୁଦେଇ; ବାଦୀ (ହି. ଲ.)
Pūrbābedaka (Hindu law) Complainant; plaintiff.

ପୂର୍ବାଭାଦ୍ରପଦ(ଦା)—ସ. ବି.—ପୂର୍ବଭାଦ୍ରପଦ (ଦେଖ)
Pūrbā bhādrapada (dā) Pūrba bhādrapada (See)

ପୂର୍ବାଭାଷ—ସ. ବି. (ପୂର୍ବ+ଆଭାଷ)—କୌଣସି ବିଷୟ ଘଟିବାର ପୂର୍ବ
Pūrbābhāsha ସୂଚନା—Previous indication.

ପୂର୍ବାଭ୍ୟାସ—ସ. ବି.—(ପୂର୍ବ+ଅଭ୍ୟାସ)—୧ । ପୂର୍ବ ଜନ୍ମରେ ଗଠିତ
Pūrbābhyāsa ହୋଇଥିବା ଅଭ୍ୟାସ—1. The habits or associations formed by a man as a result of his existence in a past life.
୨ । ଆଗକାଳର ଅଭ୍ୟାସ—2. Previous habit.
୩ । ପୂର୍ବ ପ୍ରଥା—3. Previous or old custom

ପୂର୍ବାର୍ଜିତ—ସ. ବିଣ—୧ । ପୂର୍ବଜନ୍ମର କାର୍ଯ୍ୟର ଫଳ ସ୍ୱରୂପ—
Pūrbārjita 1. Resulting from one's actions in a previous existence.
(ପୂର୍ବାର୍ଜିତା—ସ୍ତ୍ରୀ)
୨ । ପୂର୍ବ ଜନ୍ମର କାର୍ଯ୍ୟଦ୍ୱାରା ମିଳିଥିବା; ପୂର୍ବଜନ୍ମାର୍ଜିତ —
2. Earned by one's actions in a previous existence.
(ଯଥା—ପୂର୍ବାର୍ଜିତ ବିଦ୍ୟା, ପୂର୍ବାର୍ଜିତ-ପୁଣ୍ୟ ଇତ୍ୟାଦି ।)
୩ । ଏଥିପୂର୍ବେ ବା ପ୍ରଥମେ ରୋଜଗାର କରି ସାଇଥିବା; ପ୍ରଥମାର୍ଜିତ—2. Earned previously.

ପୂର୍ବାର୍ଦ୍ଧ—ସ. ବି—୧ । ପ୍ରଥମାର୍ଦ୍ଧ; କୌଣସି ବସ୍ତୁର, ବିଷୟର ବା
Pūrbārddha ସମୟର ପହିଲି ଅଧିକ—
ପର୍ବାର୍ଦ୍ଧ } ବିପରୀତ
ପଶ୍ଚିମାର୍ଦ୍ଧ }
1. The first half of a thing or matter or time,
୨ । ଦୁଇ ଭାଗବିଶିଷ୍ଟ ଗ୍ରନ୍ଥର ପ୍ରଥମ ଭାଗ—
2. The first part or volume of a book consisting of 2 parts or volumes.
୩ । ମନୁଷ୍ୟ ଦେହର ନାଭିର ଉପରସ୍ଥ ଅଂଶ—
3. The upper half of a man's body,
୪ । ପଶୁଦେହର ଆଗ ଅଂଶ—
4. The fore part of the body of a beast.
ଦେ. ବି—ପୂର୍ବଗୋଲାର୍ଦ୍ଧ; ଭୂଗୋଳକର ପୂର୍ବ ପାର୍ଶ୍ୱରେ ଅବସ୍ଥିତ ଫାଳ—The eastern hemisphere of the globe.
[ଦ୍ର—ଏଥିରେ ଆସିଆ, ଇଉରୋପ, ଆଫ୍ରିକା ଓ ଅଷ୍ଟ୍ରେଲିଆ ମହାଦେଶମାନ ଅଛି ।]

ପୂର୍ବାର୍ଦ୍ଧ୍ୟ—ସ. ବିଣ. (ପୂର୍ବାର୍ଦ୍ଧ+ଯ)—ପୂର୍ବାର୍ଦ୍ଧ ସମ୍ବନ୍ଧୀୟ—
Pūrbārddhya Relating to the first or eastern half

ପୂର୍ବାଳାପ—ସ. ବି—୧ । କୌଣସି କାର୍ଯ୍ୟ ସମ୍ବନ୍ଧେ ପୂର୍ବରୁ କରାଯିବା
Pūrbālapa କଥାବାର୍ତ୍ତା—1, Preliminary talk or discussion about a matter.
୨ । (ଆଧୁନିକ) ବରକନ୍ୟାଙ୍କର ବିବାହ ପୂର୍ବରୁ ଆଳାପ ପରିଚୟ, ଉଜଗାର, ଦେଖାଗହିଁ ବା ବିସିଉଠ—2. Courtship.
ଶୁଦ୍ଧକର ହେଲା ବର କନ୍ୟାଙ୍କ ମଧ୍ୟରେ ପୂର୍ବାଳାପ ଅର୍ଥାତ୍
courtship ଗୁଲ୍ଲ—ଫକାଇମେ ହକ, ଗଲ୍ଲଗୁଲ୍ଲ ।

ପୂର୍ବାଶା—ସ. ବି. (ପୂର୍ବ + ଆଶା = ଦିଗ)—ପ୍ରାଚୀ; ପୂର୍ବଦିଗ—
Pūrbāsā The east.

ପୂର୍ବାଷାଢ଼—ଦେ. ବି—ପୂର୍ବାଷାଢ଼ା (ଦେଖ)
Pūrbāshārdha Pūrbāshārdha (See)
पूर्वाषाढ़ **पूर्वाषाढ़**

ପୂର୍ବାଷାଢ଼ା—ସ. ବି. (ପୂର୍ବ = ପ୍ରଥମ + ଆଷାଢ଼ା = ନକ୍ଷତ୍ରବିଶେଷ)—
Pūrbāshārdhā (ଜ୍ୟୋତିଷ) ୨୭ ନକ୍ଷତ୍ର ମଧ୍ୟରୁ ବିଂଶତିତମ ନକ୍ଷତ୍ର—(astrology) The 20th asterism or lunar mansion.
[ଦ୍ର—ନକ୍ଷତ୍ର ତଳ କୋଠି ଦେଖ ।]

ପୂର୍ବାହ୍ନ—ସ. ବି. (୬ଷ୍ଠୀ ତତ୍; ପୂର୍ବ + ଅହନ; ଅହର ପୂର୍ବ)—
Pūrbāhna ୧ । ଦିବସର ପ୍ରଥମାର୍ଦ୍ଧ; ସକାଳଓଳ; ସକାଳରୁ ଦ୍ୱିପ୍ରହର ପର୍ଯ୍ୟନ୍ତ ସମୟ—1. The first half of the day; forenoon; A. M; Ante meridian.
(ପରାହ୍ନ—ବିପରୀତ)

୨ । ଦିବସର ୪ଭାଗ (୬୦ ଦଣ୍ଡ ବା ୧୨ ଘଣ୍ଟା) ମଧ୍ୟରୁ ପ୍ରଥମ ଭାଗ (୧୦ ଦଣ୍ଡ ବା ୪ ଘଣ୍ଟା); ସକାଳରୁ ଦଶ ଘଣ୍ଟାଠାରୁ ବେଳ ପର୍ଯ୍ୟନ୍ତ ସମୟ—2. The first four hours of the day; 6 to 10 A. M.

[ଦ୍ର—ଦିବସର ପ୍ରଥମ ୧୦ ଦଣ୍ଡ ବା ୪ ଘଣ୍ଟାକୁ ପୂର୍ବାହ୍ଣ (୬ଟାଠାରୁ ୧୦ଟା); ଦ୍ୱିତୀୟ ୧୦ ଦଣ୍ଡ ବା ୪ ଘଣ୍ଟାକୁ (୧୦ଟାରୁ ୨ଟା) ମଧ୍ୟାହ୍ନ, ଏବଂ ତୃତୀୟ ବା ଶେଷ ୧୦ ଦଣ୍ଡକୁ (୨ଟାରୁ ୬ଟା) ଅପରାହ୍ଣ ବୋଲାଯାଏ ।]

ପୂର୍ବାହ୍ଣକ—ସଂ. ବଣ—୧ । ପୂର୍ବାହ୍ଣ ସମ୍ବନ୍ଧୀୟ (ହି.ଶ)—
Pūrbāhṇaka 1. Relating to the forenoon.

୨ । ପୂର୍ବାହ୍ଣରେ କରଣୀୟ (ହି.ଶ)—
2. Performable during the forenoon.

ସ. ବି—ପୂର୍ବାହ୍ଣ (ଦେଖ)—Pūrbāhṇa (See)

ପୂର୍ବାହ୍ଣିକ—ସଂ. ବଣ (ପୂର୍ବାହ୍ଣ+ଇକ)—୧ । ପୂର୍ବାହ୍ଣ ସମ୍ବନ୍ଧୀୟ—
Pūrbāhṇika 1. Relating to the forenoon.

୨ । ପୂର୍ବାହ୍ଣରେ କର୍ତ୍ତବ୍ୟ—
2 Performable during the forenoon.

ସ. ବି—ପୂର୍ବାହ୍ଣରେ କୃତ୍ୟ କର୍ମ (ଯଥା—ଦନ୍ତଧାବନ, ସ୍ନାନ, ଦେବପୂଜା)—Any act which is to be performed in the forenoon.

ପୂର୍ବାହ୍ନ—ଦେ. ବି. (ସ. ପୂର୍ବାହ୍ଣର ଅଶୁଦ୍ଧ ବର୍ଣ୍ଣବିନ୍ୟାସ)—ପୂର୍ବାହ୍ଣ
Pūrbāhna (ଦେଖ)—Pūrbāhṇa (See)

ପୂର୍ବୀୟ—ସଂ. ବଣ. (ପୂର୍ବ+ଈୟ)—୧ । ପୂର୍ବଦିଗ ସମ୍ବନ୍ଧୀୟ;
Pūrbīya ପୂର୍ବେଇ—1. Eastern; easterly.

୨ । ଅତୀତକାଳ ସମ୍ବନ୍ଧୀୟ—
2. Relating to the past time.

ପୂର୍ବେ—ଦେ. ଅ—୧ । ଆଗେ; ପୂର୍ବରେ; ପୂର୍ବକାଳରେ—
Pūrbe 1. In former times; formerly.

ପୂର୍ବେ ୨ । ଏଥିର ଆଗେ —2. Before this.

ପହିଲେ ୩ । ପ୍ରାଚୀନ କାଳରେ—
3. In days of yore; in old time.

ପୂର୍ବେ **ପ୍ରଥମେ** ୪ । ସର୍ବପ୍ରଥମେ—4 First; at first.

୫ । ପୂର୍ବଦିଗରେ—5. In the east.

[ଦ୍ର—ଏହାର ସାଙ୍କେତିକ । ପୂ ।]

ପୂର୍ବେଦ୍ୟୁଃ—ସଂ. ଅ. (ପୂର୍ବ= ବିଗତ+ଦିବସାର୍ଥେ ଏଦ୍ୟୁସ୍)—
Pūrbedyuḥ ୧ । ଗତକାଲି—1. Yesterday; previous day.

୨ । ପ୍ରାତଃକାଳ—2. Morning or the prime of the day.

୩ । ଧର୍ମବାସର—3. Festival day; holiday.

ପୂର୍ବୋକ୍ତ—ସଂ. ବଣ (ପୂର୍ବ+ଉକ୍ତ)—ଏଥିପୂର୍ବେ କଥିତ ହୋଇଥିବା;
Pūrbokta ପ୍ରାଗୁକ୍ତ— Aforesaid; before-mentioned
(ପୂର୍ବୋକ୍ତ—ଅନ୍ୟରୂପ)

ପୂର୍ବୋତ୍ତର—ସଂ. ବି (ପୂର୍ବ+ଉତ୍ତର)—ପୂର୍ବ ଓ ଉତ୍ତର ଦିଗମାନଙ୍କ
Pūrbottara ମଧ୍ୟବର୍ତ୍ତୀ କୋଣ; ଉତ୍ତର ପୂର୍ବ କୋଣ; ଈଶାନ
(ପୂର୍ବୋତ୍ତର—ଅନ୍ୟରୂପ) କୋଣ— The north-east quarter.

ପୂର୍ବୋଦିତ—ସଂ. ବଣ (ପୂର୍ବ+ଉଦିତ)—୧ । ପୂର୍ବଦିଗରେ ଉଠିଥିବା—
Pūrbodita 1. Risen in the east.

୨ । ପୂର୍ବୋକ୍ତ; ପୂର୍ବକଥିତ—2. Afore-said.

ପୂର୍ବୋଦ୍ଧୃତ—ସଂ. ବଣ. (ପୂର୍ବ+ଉଦ୍ଧୃତ)—୧ । ଅନ୍ୟଠାରୁ ସଂଗୃହୀତ
Pūrboddhṛuta ହୋଇ ଏଥିପୂର୍ବରୁ ଲେଖା ଯାଇଥିବା (ବିଷୟ)—
1. Previously quoted (matter).

୨ । ଆଗରୁ ସଂଗୃହୀତ—2. Gathered before.

ପୁଳ୍ (ଧାତୁ)—ସଂ—୧ । ଏକତ୍ର କରିବା; ସଂଗ୍ରହ କରିବା; ଗୋଟାଇବା—
Puḻ (root) 1. To collect; to gather.

୨ । ରାଶି କରିବା; ଗଦା କରିବା—
2. To heap together; to heap up

ପୂଳକ—ସଂ. ବି. (ପୂଳ ଧାତୁ+କର୍ମ. ଅକ)—୧ । ପୋଟଳା; ପୁଡ଼ା—
Pūḻaka 1. Packet.

୨ । ପୂଳି (ଦେଖ)—2. Pūḻi (See)

ପୂଳି—ସଂ. ବି. (ପୂଳ ଧାତୁ+କର୍ମ. ଇ)—୧ । ପୁଳିପିଠା; ଘିଅରେ ପୁଆ
Pūḻi ହୋଇଥିବା ମିଠା ପିଠା—

ପୂଳକା } ଅନ୍ୟରୂପ 1. Sweet cake fried in ghee.
ପୂଳୀ }

୨ । ପିଠାର ଏକପ୍ରକାର ବାମ୍ପସିଦ୍ଧ ଖେଚ ପିଠା; କଣ୍ଟଇ ଇଣ୍ଡୁରି—2. A kind of cake boiled in steam.

[ଦ୍ର—ପୂଳି ନାନାପ୍ରକାରର; ଯଥା—ସରପୂଳି, ଛେନାପୂଳି ଇତ୍ୟାଦି । ଏହା ଘିଅରେ ପୁଆଯାଏ କମ୍ବା ବାଷ୍ପସିଦ୍ଧ ହୁଏ । କେତେକ ପୂଳିରେ ମିଠା ଦିଆଯାଏ ଓ ଅନ୍ୟ କେତେକରେ ମିଠା ଦିଆଯାଏ ନାହିଁ । ଶସ୍ୟ ଚୂନାରେ ପାଣି ମିଶାଇ କମ୍ବା ବଟୁରି ଶସ୍ୟକୁ ବାଟି ପୂଳି ପ୍ରସ୍ତୁତ କରାଯାଏ ।]

ପୂଷ୍ (ଧାତୁ)—ସଂ—୧ । ପୋଷଣ କରିବା; ପାଳିବା—
Pūsh (root) 1. To nourish; to bring up.

୨ । ବୃଦ୍ଧି କରିବା—2. To increase; to enhance.

୩ । ବୃଦ୍ଧି ପାଇବା—3. To grow.

ପୂଷ—ସ. ବି. (ପୂଷ୍ ଧାତୁ+କର୍ତ୍ତୃ. ଅ)—
Pūsha ୧ । ବ୍ରହ୍ମଦାରୁ ବା ତୁଠ ଗଛ—
(ପୂଷ୍ୟ—ଅନ୍ୟରୂପ) 1. The mulberry; Morus Indica.

[ଦ୍ର—ଏହାର ପତ୍ର ଖାଇ ପାଟ ପୋକମାନେ ଗୋଟି ବାନ୍ଧନ୍ତି ।]

୨ । ପୌଷ ମାସ (ହି. ଶବ୍ଦସାଗର)—
2 The lunar month of Pausha.

ପୂଷକ—ସ. ବି. (ପୂଷ ଧାତୁ+ଅକ)—
Pūshaka ୧ । ତୁଁତ ଗଛ—1. The mulberry plant.

୨ । ତୁଁତ ଫଳ (ହି. ଶ.)—2. Mulberry.

ପୂଷଣ୍(ଣ)—ସଂ. ବି (ପୂଷ୍ ଧାତୁ+କର୍ତ୍ତୃ.ଅନ୍; ଅନ)—୧ । ସୂର୍ଯ୍ୟ—
Pūshaṇ(ṇa) 1. The sun.
୨ । ବାର ଆଦିତ୍ୟ ଦେବତା ମଧ୍ୟରୁ ଏକ—
2. One of the 12 Āditya Deities.

ପୂଷା—ସଂ. ବି. ପୁଂ. (ପୂଷ ଧାତୁ+କର୍ତ୍ତୃ. ଅନ୍; ପୂଷନ୍ ଶବ୍ଦ; ୧ମା. ୧ବ;
Pūshā ଯେ ସଂସାର ଜୀବଗଣଙ୍କ ପାଳନ କରନ୍ତି)—
୧ । ସୂର୍ଯ୍ୟ—1. The sun.
ଭରୁ ଏହୁ କହାଇ, ମନ୍ଦ ଦେଖନ୍ତେ କାଳ, ପୂର୍ବଦଉ ପଦ୍ମଙ୍କୁ ପୂଷାରେ ।
କବିସୂର୍ଯ୍ୟ. ସଙ୍ଗୀତ ।
୨ । (ପୂଷ ଧାତୁ ଅ+ସ୍ତ୍ରୀ. ଆ)—ପୃଥିବୀ—
2. The earth.
୩ । ଶରୀରସ୍ଥ ପ୍ରଧାନ ଦଶ ନାଡ଼ୀ ମଧ୍ୟରୁ ଗୋଟିଏ ନାଡ଼ୀ—
3. One of the 10 chief veins of the body.
[ଦ୍ର—ଦଶ ନାଡ଼ି ତଳେ ନୋଟ୍ ଦେଖ; ଏହା ଡାହାଣ କାନର ଗୋଟିଏ ନାଡ଼ୀ । ହି. ଶ.]

ପୂଷାତ୍ମଜ—ସଂ. ବି. (୬ଷ୍ଠୀ ତତ୍; ପୂଷା+ଆତ୍ମଜ)—
Pūshātmaja ୧ । ମେଘ—1. The clouds.
୨ । ଇନ୍ଦ୍ର—2. Indra.

ପୃ (ଧାତୁ)—ସଂ—୧ । ପାଳନ କରିବା—
Pṛu (root) 1. To nourish.
୨ । ରକ୍ଷା କରିବା—2. To protect.
୩ । ପରିପୂର୍ଣ୍ଣ କରିବା—3. To fill up.
୪ । ଆନନ୍ଦିତ କରିବା—4 To please.
୫ । ଯୋଗ କରିବା—5. To join.
୬ । ଚେଷ୍ଟା କରିବା—6. To exert.
୭ । ମିଶାଇବା—7. To mix together.

ପୃକ୍କା—ସଂ. ବି. ସ୍ତ୍ରୀ. (ସ୍ପୃଶ୍ ଧାତୁ+କ+ସ୍ତ୍ରୀ. ଆ; ଅନ୍ୟ ସଂ. ନାମ
Pṛukkā ସ୍ପୃକ୍କା, ଲଙ୍କାପିକା)—
ମିଡ଼ିଂଶାଗ ପିଡ଼ଙ୍ଗ ଶାଗ—Trigonslla Corniculata
ଅସବରଗ (pot herb).

ପୃକ୍ତ—ସଂ. ବିଣ. (ପୃଚ୍ ଧାତୁ+କର୍ତ୍ତୃ. ତ)—
Pṛukta ୧ । ସଂଲଗ୍ନ—1. Attached; touching.
୨ । ମିଶ୍ରିତ—2. Mixed.
୩ । ଯୁକ୍ତ—3. Joined; combined; connected.

ପୃକ୍ତି—ସଂ. ବି. (ପୃଚ୍ ଧାତୁ+ଭାବ. ତି)—
Pṛukti ୧ । ମିଶ୍ରଣ—1. Mixing.
୨ । ସଂଯୋଗ—2. Contact; junction.
୩ । ସଂସ୍ପର୍ଶ—3. Connection; touch.

ପୃକ୍ଷ—ସଂ. ବି—ଅନ୍ନ (ହି. ଶ.)—
Pṛuksha Food.

ପୃଚ୍ (ଧାତୁ)—ସଂ—୧ । ସଂଲଗ୍ନ ହେବା—
Pṛuch (root) 1. To be attached to.
୨ । ସ୍ପର୍ଶ କରିବା; ଛୁଇଁବା—
2. To touch; to come in contact with.
୩ । ଦମନ କରିବା—
3. To check; to control; to subdue.
୪ । ବାଧା ଦେବା—
4. To restrain; to hinder.

ପୃଚ୍ଛକ—ସଂ. ବିଣ. ପୁଂ. (ପ୍ରଚ୍ଛ ଧାତୁ=ପଚାରିବା+କର୍ତ୍ତୃ. ଅକ)—
Pṛuchchhaka ୧ । ଅନୁସନ୍ଧାନକାରୀ; ଜିଜ୍ଞାସୁ—
(ପୃଚ୍ଛିକା—ସ୍ତ୍ରୀ) 1. Inquisitive; investigating; enquiring.
୨ । ପ୍ରଶ୍ନକାରୀ—2. Questioning.

ପୃଚ୍ଛଣ(ନ, ନା)—ସଂ. ବି. (ପ୍ରଚ୍ଛ ଧାତୁ+ଭାବ. ଅନ+ଆ)—
Pṛuchchhaṇa(na, nā) ପଚାରିବା; ଅନୁସନ୍ଧାନ—Asking; enquiring.

ପୃଚ୍ଛା—ସଂ. ବି. (ପ୍ରଚ୍ଛ ଧାତୁ+ଭାବ ଅ+ଆ)—
Pṛuchchhā ୧ । ପ୍ରଶ୍ନ—1. Question.
ପୃଷ୍ଟ } ବିଣ ୨ । ଜିଜ୍ଞାସା—2. Desire to know; curiosity.
ପୃଚ୍ଛ୍ୟ

ପୃଜ୍ (ଧାତୁ)—ସଂ—ସ୍ପର୍ଶ କରିବା—
Pṛuj (root) To touch.

ପୃଡ଼୍ (ଧାତୁ)—ସଂ—ଆନନ୍ଦିତ କରିବା—
Pṛurd (root) To delight.

ପୃଣ୍ (ଧାତୁ)—ସଂ—ସନ୍ତୁଷ୍ଟ କରିବା—To satisfy; to please; to gratify.
Pṛuṇ (root)

ପୃତନା—ସଂ. ବି. (ପୃ ଧାତୁ=ପୂର୍ଣ୍ଣ କରିବା+କର୍ତ୍ତୃ. ତନ+ଆ)—
Pṛutanā ୧ । ସୈନ୍ୟ; ସେନାଦଳ—1. Army.
ବଙ୍ଗଦେଶୀ ଭଣରଙ୍ଗ ରସିକ ପୃତନା । ଯଥାକାଥ—ମହାଯାତ୍ରା ।
୨ । ଯୁଦ୍ଧ (ହି. ଶ)—3. Battle; fight; war.
୩ । ବାହିନୀ ତ୍ରୟ; ଯେଉଁ ସୈନ୍ୟ ଦଳରେ ୨୪୩ ଗଜାରୋହୀ, ୨୪୩ ରଥାରୋହୀ, ୭୨୯ ଅଶ୍ୱାରୋହୀ ଓ ୧୨୧୫ ଜଣ ପଦାତି, ଅର୍ଥାତ୍ ମୋଟରେ ୨୪୩୦ ଜଣ ସିପାହୀ ଥାଆନ୍ତି—
3, A division consisting of 243 elephanteers, 243 charioteers, 729 horsemen and 1215 infantry, total 2430 soldiers.

[ଦ୍ର—ମହାଭାରତ ଅନୁସାରେ ବିଭିନ୍ନ ସୈନ୍ୟଦଳମାନଙ୍କ ନାମ ଓ ସଂଖ୍ୟା ।

ପତ୍ତି=୧ ରଥ, ୧ ଗଜ, ୩ ଅଶ୍ୱ, ୫ ପଦାତି=୧୦ ସୈନିକ । ପତ୍ତି×୩ ସେନାମୁଖ=୩ ରଥ+୩ ଗଜ+୯ ଅଶ୍ୱ+୧୫ ପଦାତି =୩୦ ସୈନିକ । ସେନାମୁଖ×୩=ଗୁଲ୍ମ=୯ ରଥ+୯ ଗଜ+୨୭ ଅଶ୍ୱ+୪୫ ପଦାତି=୯୦ ସୈନିକ । ଗୁଲ୍ମ×୩=ଗଣ=୨୭ ରଥ+୨୭ ଗଜ+୮୧ ଅଶ୍ୱ+୧୩୫ ପଦାତି=୨୭୦ ସୈନିକ । ଗଣ×୩=ବାହିନୀ=୮୧ ରଥ+୮୧ ଗଜ+୨୪୩ ଅଶ୍ୱ+୪୦୫ ପଦାତି=୮୧୦ ସୈନିକ । ବାହିନୀ×୩=ପୃତନା=୨୪୩ ରଥ+୨୪୩ ଗଜ+୭୨୯ ଅଶ୍ୱ+୧୨୧୫ ପଦାତି=୨୪୩୦ ସୈନିକ । ପୃତନା×୩=ଚମୂ=୭୨୯ ରଥ+୭୨୯ ଗଜ+୨୧୮୭ ଅଶ୍ୱ+୩୬୪୫ ପଦାତି=୭୨୯୦ ସୈନିକ । ଚମୂ×

୩ = ଅନୀକିନୀ = ୨୧୮୭ ରଥ + ୨୧୮୭ ଗଜ + ୬୫୬୧ ଅଶ୍ୱ + ୧୦୯୩୫ ପଦାତି = ୨୧୮୭୦ ସୈନିକ । ଅନୀକିନୀ × ୧୦ = ଅକ୍ଷୌହିଣୀ = ୨୧୮୭୦ ରଥ + ୨୧୮୭୦ ଗଜ + ୬୫୬୧୦ ଅଶ୍ୱ + ୧୦୯୩୫୦ ପଦାତି = ୨୧୮୭୦୦ ସୈନିକ ।]

ପୃତନାନୀ—ସ. ବ. (ପୃତନା + ଅନୀ; ତୁଲ. ସେନାନୀ) – ପୃତନା ନାମକ ସୈନ୍ୟଦଳର ସେନାପତି—
Prutanāni The commander of a Prutanā.
(ପୃତନାପତି—ଅନ୍ୟରୂପ)

ପୃଥ୍ (ଧାତୁ)—ସ.—୧ । କ୍ଷେପଣ କରିବା; ନିକ୍ଷେପ କରିବା—
Pruth (root) 1. To throw; to cast.
୨ । ପଠାଇବା—2. To send; to direct.

ପୃଥକ୍—ସ. ଅ.—(ପୃଥ୍ ଧାତୁ + କର୍ମ. ଅକ୍)—୧ । ଅଲଗା; ସ୍ୱତନ୍ତ୍ର; ଭିନ୍ନ
Pruthak 1. Separate.
୨ । ଇତର—2. Vulgar.
୩ । ନୀଚ—3. Low; mean.
୪ । ଛଡ଼ା; ବିନା—4. Without; besides; except.
୫ । ନାନା—5 Various; several.
ବିଣ.—୧ । ଭିନ୍ନ; ସ୍ୱତନ୍ତ୍ର—1. Separate, distinct.
୨ । ଅନ୍ୟ—2. Different.
କ୍ରି. ବିଣ.—ସ୍ୱତନ୍ତ୍ର ଭାବରେ—Separately; apart; distinctly; differently.

ପୃଥକ୍‌କରଣ—ସ. ବି.—ଅଲଗା କରିବା କାର୍ଯ୍ୟ—
Pruthak-karana The act of separating.
(ପୃଥକ୍କରଣ—ଅନ୍ୟରୂପ) (ପୃଥକ୍‌କୃତ—ବିଣ)

ପୃଥକ୍‌କ୍ଷେତ୍ର—ସ. ବି. ପୁଂ—(ପୃଥକ୍ = ଭିନ୍ନ ଭିନ୍ନ + କ୍ଷେତ୍ର = ଉତ୍ପତ୍ତିସ୍ଥାନ; ବହୁବଚନ)—ଏକପିତୃକ କିନ୍ତୁ ଭିନ୍ନ-
Pruthak-kshetra
(ପୃଥକ୍ କ୍ଷେତ୍ରଜ—ଅନ୍ୟରୂପ) ମାତୃକ ସନ୍ତାନଗଣ; ଏକ ପିତାଙ୍କ
(ପୃଥକ୍ କ୍ଷେତ୍ରା—ସ୍ତ୍ରୀ) ଔରସରେ ଭିନ୍ନ ଭିନ୍ନ ମାତାଙ୍କ ଗର୍ଭରୁ ଜାତ ସନ୍ତାନଗଣ; ବୈମାତ୍ରେୟ ଭ୍ରାତୃଗଣ—Children born of the same father but from different mothers; step-brothers.

ପୃଥକ୍‌ତା—ସ. ବି.—୧ । ପାର୍ଥକ୍ୟ; ପ୍ରଭେଦ—
Pruthaktā 1. Difference; distinction.
(ପୃଥକ୍ତ୍ୱ; ପୃଥକ୍ତା, ପୃଥକ୍ତ—ଅନ୍ୟରୂପ) ୨ । ସ୍ୱାତନ୍ତ୍ର୍ୟ—
2. Individuality.
୩ । ଅଲଗା ଅଲଗା ହେବା ଅବସ୍ଥା—3. Separateness; the state of being separate.
୪ । ନାନାଭାବ; ଅନେକତା—4. Severalty.
୫ । (ବୈଶେଷିକ ଦର୍ଶନ) ଭେଦ ବୁଦ୍ଧି ପ୍ରତିପାଦକ ଗୁଣବିଶେଷ—5. (Hindu philosophy) The quality which establishes distinction.

ପୃଥକ୍‌ତ୍ୱଚା—ସ. ବି. (ପୃଥକ୍ + ତ୍ୱଚ୍ = ବଲ୍କଲ + ସ୍ତ୍ରୀ. ଆ)—
Pruthak-twachā ମୂର୍ବା (ଦେଖ)—Mūrbā (See)

ପୃଥକ୍‌ପର୍ଣ୍ଣୀ—ସ. ବି. (ପୃଥକ୍ + ପର୍ଣ୍ଣ = ପତ୍ର + ସ୍ତ୍ରୀ. ଈ)—
Pruthak-parnni ପୃଶ୍ନିପର୍ଣ୍ଣୀ (ଦେଖ)
Prusni parnni (See)

ପୃଥକ୍ ପିଣ୍ଡ—ସ. ବି. ପୁଂ—(ବହୁବ୍ରୀହି; ପୃଥକ୍ + ପିଣ୍ଡ)—ଅସପିଣ୍ଡ;
Pruthak pinda ଯେଉଁ ବ୍ୟକ୍ତିଙ୍କୁ ପିଣ୍ଡ ଦିଆଯାଇ ପାରିବ ନାହିଁ;
(ପୃଥକ୍ ପିଣ୍ଡା—ସ୍ତ୍ରୀ) ଯେଉଁ ଦୂର ସମ୍ପର୍କୀୟ ବ୍ୟକ୍ତିଙ୍କ ମୃତକାଶୌଚ ପାଳିବାକୁ ହୁଏ ନାହିଁ—Distant agnate and cognate relations not connected by oblations of rice cakes with a person.
{ ଦ୍ର—ପିତୃକୁଳର ୩ ପୁରୁଷ ଓ ମାତୃ କୁଳର ୩ ପୁରୁଷ [(ସଗୋତ୍ର) ପିତୃ, ପିତାମହ ଓ ପ୍ରପିତାମହ; (ଅସଗୋତ୍ର) ମାତାମହ; ପ୍ରମାତାମହ ଓ ବୃଦ୍ଧ ପ୍ରମାତାମହ ଓ ଏମାନଙ୍କର ସ୍ତ୍ରୀମାନେ] ଆପଣାର ସପିଣ୍ଡ ଅଟନ୍ତି । ଏହାଙ୍କ ଉପରର ୩ ପୁରୁଷ ପର୍ଯ୍ୟନ୍ତ ଅସପିଣ୍ଡ, କିନ୍ତୁ ସମାନୋଦକ ଅଟନ୍ତି । ଏମାନେ ଓ ତାଙ୍କ ଉପରର ଜ୍ଞାତିମାନେ ପୃଥକ୍ ପିଣ୍ଡ ଅଟନ୍ତି ଓ ଏମାନଙ୍କ ପାଇଁ ଅଶୌଚ ପାଳିବାକୁ ହୁଏ ନାହିଁ ।}

ପୃଥକ୍ ପୃଥକ୍—ସ.ଅ.—(ବହୁ ଲୋକ ବା ପଦାର୍ଥ ବା ବିଷୟ) ସ୍ୱତନ୍ତ୍ରରୂପେ, ଭିନ୍ନ ଭିନ୍ନ ହୋଇ; ଅଲଗା ଅଲଗା ହୋଇ—
Pruthak pruthak Separately; severally.

ପୃଥକ—ଦେ. ବିଣ (ସ. ପୃଥକ୍)—୧ । ପୃଥକ୍—
Pruthaka 1. Separate.
पृथक ୨ । ପୃଥଗନ୍ନ (ଦେଖ)
अलग 2. Pruthaganna (See)
୩ । ପୃଥଗ୍‌ବାସ (ଦେଖ)—3. Pruthag-bāsa (See)

ପୃଥକ କରିବା—ଦେ. କ୍ରି.—ଅଲଗା କରିବା—
Pruthaka karibā To separate; to set apart.
पृथक करना अलग करना

ପୃଥକ ହେବା—ଦେ. କ୍ରି.—୧ । ଭିନ୍ନ ହେବା; ଭିନ୍ନେ ହେବା—
Pruthaka hebā 1. To be separated.
पृथक होना ୨ । ପରସ୍ପର ଠାରୁ ପୃଥଗନ୍ନ ପୃଥଗ୍‌ବାସ ହେବା—
अलग होना 2. To be separated from each other in mess and lodging.

ପୃଥକାନ୍ନ—ଦେ. ବିଣ. ଓ ବି. (କଟକିଆ)—ପୃଥଗନ୍ନ (ଦେଖ)
Pruthakānna Pruthaganna (See)
(ପୃଥକ ଅନ୍ନ—ଅନ୍ୟରୂପ) पृथकान्न

ପୃଥକାନ୍ନବର୍ତ୍ତୀ—ଦେ. ବିଣ.—(କଟକିଆ ଭାଷା)—ଅଲଗା ହୋଇ
Pruthakānna bartti ଭିନ୍ନ ବାସ କରୁଥିବା—
Separate in mess.

ପୃଥକାନ୍ନବାସ—ଦେ. ବି (କଟକିଆ)—ପୃଥଗନ୍ନ ବାସ (ଦେଖ)
Pruthakānnabāsa Pruthaganna bāsa (See).
पृथकान्न वास

ପୃଥକାନ୍ନ ହେବା—ଦେ. କ୍ରି—ଭିନ୍ନେ ହେବା; ହାଣ୍ଡି ପୃଥକ୍ କରିନେବା; ଅଲଗା ଅଲଗା ହୋଇ ରହିବା -
Pruthakānna hebā To separte in mess.
पृथकान्न होना

ପୃଥକ୍କୀକରଣ—ସଂ. ବି—(ପୃଥକ୍+ଅଭୂତ ତଦ୍ଭାବେ ଚ୍ୱି+କରଣ)—
Pṛuthakīkaraṇa ମିଳିତ ବସ୍ତୁକୁ ଭିନ୍ନ ଭିନ୍ନ କରିବା; ବିଚ୍ଛିନ୍ନ କରିବା (କ୍ଷୀରେନ୍ଦ୍ର)—
(ପୃଥକ୍କରଣ—ଅନ୍ୟରୂପ)
Act of separating.

ପୃଥକ୍କୀକୃତ—ସଂ. ବିଣ—(ପୃଥକ୍+ଅଭୂତ ତଦ୍ଭାବେ ଚ୍ୱି+କୃତ)—
Pṛuthakī kṛuta ବିଚ୍ଛିନ୍ନ (କ୍ଷୀରେନ୍ଦ୍ର)—Separated.
(ପୃଥକ୍କୃତ—ଅନ୍ୟରୂପ)

ପୃଥଗ୍ଜନ—ସଂ. ବି—(କର୍ମଧା; ପୃଥକ୍+ଜନ; ସନ୍ଧିଦ୍ୱାରା କ୍ ସ୍ଥାନରେ ଗ୍)—୧ । ଇତର ଲୋକ—1. Vulgar person; one of the common people· one of the mass.
Pṛuthag-jana
(ପୃଥକ୍ ଜନ—ଅନ୍ୟରୂପ)
୨ । ମୂର୍ଖ—2. An ignorant person.
୩ । ନୀଚ ଲୋକ—3. A low person.
୪ । ପାପୀ—4, A sinner; vicious person.
୫ । ଦୁଷ୍ଟବୁଦ୍ଧି ବ୍ୟକ୍ତି—5. A wicked person.
୬ । ବିଭିନ୍ନ ବ୍ୟକ୍ତି—
6. A different person.
୭ । ବାହାର ଲୋକ; ବହିରଙ୍ଗ ବ୍ୟକ୍ତି—
7. An outsider.
୮ । (ବହୁବଚନ) ପୃଥକ୍ କ୍ଷେତ୍ରଜ—
8. (plural) Uterine brothers.

ପୃଥଗ୍ ବାସ—ସଂ. ବିଣ (ପୃଥକ୍+ବାସ)—ପୃଥକ୍ ପୃଥକ୍ ଘରେ ରହୁଥିବା;
Pṛuthag-bāsa ଭିନ୍ନ ହୋଇଥିବା (ଏକା ପରିବାରସ୍ଥ ବ୍ୟକ୍ତି)—
Separate in lodging; living in separate houses.
(ପୃଥଗ୍ବାସ—ଅନ୍ୟରୂପ)

ପୃଥଗ୍ ବୀଜ—ସଂ. ବି+(ବହୁବ୍ରୀହି)—ଭଲିଆ (ଦ୍ରୁ. ଶ)—
Pṛuthag-bīja Marking nut; Semicarpus Anacardium.
(ପୃଥଗ୍ବୀଜ—ଅନ୍ୟରୂପ)

ପୃଥଗ୍ଭାବ—ସଂ. ବି—(କର୍ମଧା; ପୃଥକ୍+ଭାବ)—୧ । ସ୍ୱାତନ୍ତ୍ର୍ୟ—
Pṛuthag-bhāba 1, Individuality.
୨ । ବିଶେଷତ୍ୱ—2. Peculiarity.
୩ । ଭିନ୍ନ ମନୋଭାବ—3. A different thought.

ପୃଥଗନ୍ନ—ସଂ. ବିଣ—(ବହୁବ୍ରୀହି; ପୃଥକ୍+ଅନ୍ନ)—ହାଣ୍ଡି ଅଲଗା କରିଥିବା; ଅଲଗା ହୋଇ ରାନ୍ଧି ଖାଉଥିବା (ଏକ ପରିବାରର ବ୍ୟକ୍ତିଗଣ); ଯେ ଏକାନ୍ନବର୍ତ୍ତୀ ନୁହନ୍ତି—
Pṛuthaganna
Separated in mess; having separate cooking.
ବି—(ଏକାଧିକ ବ୍ୟକ୍ତି) ନିଜନିଜର ପୃଥକ୍ ରୁନ୍ଧେଇ କରି ଖାଇବାର ବ୍ୟବସ୍ଥା—Separation in mess; separte cooking arrangement for one anothtr.

ପୃଥଗନ୍ନବର୍ତ୍ତୀ—ସଂ. ବିଣ—(ପୃଥଗନ୍ନ+ବର୍ତ୍ତିନ୍; ୧ମା. ୧ବ.—
Pṛuthaganna bartti ପୃଥକାନ୍ନବର୍ତ୍ତୀ (ଦେଖ)—
Pṛuthakānnabartti (See)

ପୃଥଗନ୍ନବାସ—ସଂ. ବିଣ—ପୃଥଗନ୍ନ ଓ ପୃଥଗ୍ବାସ; ହାଣ୍ଡି ଓ ଘର ଅଲଗା କରି ନେଇ ବାସ କରୁଥିବା (ଏକ ପରିବାରସ୍ଥ ବ୍ୟକ୍ତିଗଣ)—(persons of the same family) Who are separate in mess and lodging from one another.
Pṛuthagannabāsa

ପୃଥଗାତ୍ମତା—ସଂ. ବି—(ପୃଥକ୍+ଆତ୍ମନ୍=ସ୍ୱଭାବ+ତା)—
Pṛuthagātmatā ୧ । ଆପଣାର ସ୍ୱାତନ୍ତ୍ର୍ୟ ବା ବ୍ୟକ୍ତିତ୍ୱ ସମ୍ବନ୍ଧେ ବିବେକ—1. Consciousnees of one's individuality.
(ପୃଥଗାତ୍ମତ୍ୱ—ଅନ୍ୟରୂପ)
୨ । ବିରକ୍ତି; ବିରାଗ—2 Aversion.
୩ । ସ୍ୱାତନ୍ତ୍ର୍ୟ—3. Individuality.
୪ । ଇତରବିଶେଷ ବିବେଚନା ବା ବୋଧ—
4. Discrimination; judgment.

ପୃଥଗାତ୍ମା—ସଂ. ବି. (ପୃଥଗାତ୍ମନ୍ ଶବ୍ଦ; ପୃଥକ୍+ଆତ୍ମନ୍)—ପରମାତ୍ମାଠାରୁ ପୃଥକ୍କୃତ ଆତ୍ମା—The spirit of an individual as detached or distinct from the Universal Soul.
Pṛuthagātmā
ବିଣ.—୧ । ସ୍ୱତନ୍ତ୍ରତାବିଶିଷ୍ଟ—
1. Having an individuality.
୨ । ଭିନ୍ନସ୍ୱଭାବବିଶିଷ୍ଟ—2. Of a different nature.

ପୃଥଗାତ୍ମିକା—ସଂ. ବି ସ୍ତ୍ରୀ. (ପୃଥକ୍+ଆତ୍ମନ+ଅକ+ସ୍ତ୍ରୀ. ଆ)—
Pṛuthagātmikā ୧ । ସ୍ୱାତନ୍ତ୍ର୍ୟ; ବ୍ୟକ୍ତିତ୍ୱ, ବିଶେଷତ୍ୱ—
1. Individuality.
୨ । ନିଜର ସ୍ୱତନ୍ତ୍ର ଅବସ୍ଥାନ—2. Separate existence; individual or separate state of being.

ପୃଥଗ୍ଗୁଣ—ସଂ. ବି. (କର୍ମଧା; ପୃଥକ୍+ଗୁଣ)—ବିଭିନ୍ନ ଗୁଣ—
Pṛuthagguṇa Separate attribute or property,
ବିଣ—ପୃଥକ୍ ପୃଥକ୍ ଗୁଣବିଶିଷ୍ଟ; ବିଭିନ୍ନ ଗୁଣବିଶିଷ୍ଟ (ବସ୍ତୁ)—
Having different qualities or properties.

ପୃଥଗ୍ବିଧ—ସଂ. ବିଣ. (ବହୁବ୍ରୀହି; ପୃଥକ୍+ବିଧା=ପ୍ରକାର ଯାହାର)—
Pṛuthagbidha ୧ । ବିଭିନ୍ନ ପ୍ରକାରର; ନାନାବିଧ—
(ପୃଥଗ୍ବିଧା—ସ୍ତ୍ରୀ) 1. Multifarious; of various kinds; diverse; multiform.
[ପୃଥଗ୍ବିଧତା(ତ୍ୱ)—ବି]
୨ । ଭିନ୍ନପ୍ରକାରର; ଅନ୍ୟବିଧ—
2. Of a different kind.

ପୃଥବୀ—ସଂ. ବି. (ପ୍ରଥ ଧାତୁ=ବିଖ୍ୟାତ ହେବା, ବିସ୍ତୃତ ହେବା+କର୍ତ୍ତୃ ବୀ; ପୃଥୁନାମକ ରାଜା+ଦୁହିତାର୍ଥେ. ଈ)—
Pṛuthabī
ପୃଥିବୀ (ଦେଖ)—Pṛuthibī (See)

ପୃଥା—ସଂ. ବି. ସ୍ତ୍ରୀ. (ପ୍ରଥ ଧାତୁ=ବିଖ୍ୟାତ ହେବା+କର୍ତ୍ତୃ. ଅ+ସ୍ତ୍ରୀ ଆ)—ଯଦୁବଂଶୀୟ ବସୁଦେବଙ୍କ ଭାଇ ଶୂରସେନଙ୍କ କନ୍ୟା ଓ ପାଣ୍ଡୁ ରାଜାଙ୍କ ପ୍ରଥମା ସ୍ତ୍ରୀ; କୁନ୍ତୀଦେବୀ; ଯୁଧିଷ୍ଠିର, ଭୀମ ଓ ଅର୍ଜ୍ଜୁନଙ୍କ ମାତା; କୋଇଲା—The first wife of king Pāṇḍu and mother of the three elder Pāṇḍaba brothers.
Pṛuthā

[ଦ୍ର—ଶୂରସେନ ଆପଣାର ଅନପତ୍ୟ ପିଉସୀପୁଅ ଭାଇ କୁନ୍ତିଭୋଜଙ୍କ ନିକଟ ସତ୍ୟ କରିଥିଲେ ଯେ ତାଙ୍କର ପ୍ରଥମ ସନ୍ତାନକୁ ସେ ତାଙ୍କୁ ପାଳିବାକୁ ଦେବେ । ସେହି ସତ୍ୟ ଅନୁସାରେ ଶୂରସେନ ଆପଣା କନ୍ୟା ପୃଥାଙ୍କୁ କୁନ୍ତିଭୋଜଙ୍କ ହସ୍ତରେ ସମର୍ପଣ କରିଥିଲେ ଓ ଉକ୍ତ କନ୍ୟା ବାଲ୍ୟକାଳରୁ କୁନ୍ତିଭୋଜଙ୍କ ଦ୍ୱାରା ପାଳିତା ହୋଇ କୁନ୍ତୀ ନାମ ପାଇଥିଲେ ।]

ପୃଥାଜ—ସଂ. ବି. ପୁଂ—୧ । କୁନ୍ତୀଙ୍କ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ—
Pṛuthāja 1. The first three Pāṇḍaba brothers.

ପୃଥା ନନ୍ଦନ, ପୃଥା ପୁତ୍ର, ପୃଥା ସୁତ } ଅନ୍ୟରୂପ

[ଦ୍ର—କର୍ଣ୍ଣ ମଧ୍ୟ କୁନ୍ତୀଙ୍କର କାନୀନ ପୁତ୍ର ଥିଲେ ।]

୨ । ଅର୍ଜୁନ ବୃକ୍ଷ—2. Arjuna tree.

ପୃଥା ପତି—ସଂ. ବି. (୬ଷ୍ଠୀ ତତ୍; ପୃଥା + ପତି)—ପାଣ୍ଡୁରାଜା—
Pṛuthā pati King Pāṇḍu, the nominal husband of Kuntī.

[ଦ୍ର—ଏ ନାମମାତ୍ର କୁନ୍ତୀଙ୍କର ପତି ଥିଲେ । କାରଣ କୁନ୍ତୀ ବିବାହ ପୂର୍ବରୁ ସୂର୍ଯ୍ୟଙ୍କ ଔରସରେ କର୍ଣ୍ଣଙ୍କୁ ଓ ବିବାହ ପରେ ଧର୍ମଦେବତାଙ୍କ ଔରସରେ ଯୁଧିଷ୍ଠିରଙ୍କୁ, ପବନ ଦେବତାଙ୍କ ଔରସରେ ଭୀମଙ୍କୁ ଓ ଇନ୍ଦ୍ରଙ୍କ ଔରସରେ ଅର୍ଜୁନଙ୍କୁ ଜନ୍ମ କରିଥିଲେ ।]

ପୃଥିବୀ—ସଂ. ବି. (ପ୍ରଥ୍ ଧାତୁ=ବିଖ୍ୟାତ ହେବା, ବିସ୍ତୃତ ହେବା + କର୍ତ୍ତୃ. ଇବ + ସ୍ତ୍ରୀ ଈ; କିମ୍ବା ପୃଥୁ=ରାଜାବିଶେଷ+ଅପତ୍ୟାର୍ଥେ ଈ)—୧ । ଭୂମଣ୍ଡଳ; ମହୀ; ଅବନୀ; ଧରା—
Pṛuthibī 1. The globe; the world.

[ଦ୍ର—ପୁରାଣରେ ବର୍ଣ୍ଣିତ ହୋଇଅଛି ଯେ ପୃଥିବୀ ପୃଥୁ ନାମକ ରାଜାଙ୍କ ଧର୍ମକନ୍ୟା ଅଟନ୍ତି । ବେଣ ରାଜାଙ୍କ ପୁତ୍ର ପୃଥୁ ପ୍ରଜାପାଳନାର୍ଥ ପୃଥିବୀକୁ ଗାଭୀ କରି ଏହାଠାରୁ ଶସ୍ୟାଦି ଦୋହନ କଲେ ଓ ଏହାକୁ ଆପଣାର କନ୍ୟା ବୋଲି କଳ୍ପନା କଲେ ।

ଏ ମୋର ଦୁହିତା ହୋଇବ
ଏଣେ ବଞ୍ଚିଲେ ସର୍ବ ଜୀବ ।
ଜୀବର ଜୀବଦାତା ଯେଣୁ
ଏହାର ପୃଥ୍ୱୀ ନାମ ତେଣୁ । ଜଗନ୍ନାଥ-ଭାଗବତ ।

ଆହୁରି ମଧ୍ୟ ପୁରାଣରେ ବର୍ଣ୍ଣିତ ହୋଇଅଛି ଯେ ପୃଥିବୀ ତିନିକୋଣିଆ ଏବଂ ଏହାର ମଧ୍ୟରେଖା ନର୍ମଦା । ନର୍ମଦା ନଦୀ ଭାରତର ମଧ୍ୟସ୍ଥଳରେ ବିନ୍ଧ୍ୟାଚଳକୁ ବାହାରି ଭାରତକୁ ଆର୍ଯ୍ୟାବର୍ତ୍ତ ଓ ଦକ୍ଷିଣାପଥରୂପେ ଦୁଇଭାଗ କରିଅଛି । ଏଥିପାଇଁ ଅନୁମାନ କରାଯାଏ ଯେ ପୌରାଣିକ ଭୂଗୋଳରେ ଏକା ଭାରତବର୍ଷହିଁ ପୃଥିବୀ ନାମରେ ଖ୍ୟାତ ଥିଲା । ଆହୁରି ମଧ୍ୟ ପୁରାଣରେ ଅଛି ଯେ ପୃଥିବୀରେ ୭ଟି ସମୁଦ୍ର ଓ ସପ୍ତ ସମୁଦ୍ର ମଧ୍ୟରେ ୭ ଗୋଟି ଦ୍ୱୀପ ଥିଲା । ତହିଁମଧ୍ୟରୁ ଜମ୍ବୁଦ୍ୱୀପର ଏକାଂଶରେ ଭାରତ ଅବସ୍ଥିତ ଥିଲା । (ଜ୍ଞାନେନ୍ଦ୍ର)

ପୃଥିବୀର ଅନ୍ୟ ସଂ.ନାମ ଅଚଳା, ଅଦିତି, ଅନନ୍ତା, ଅବନୀ, ଆଦ୍ୟା, ଇଡ଼ା, ଇରା, ଇଳା, ଉର୍ବରା, ଉର୍ବୀ, କୁ, କ୍ଷମା, କ୍ଷାମା, କ୍ଷିତି, କ୍ଷୋଣୀ, ଗୋ, ଗୋତ୍ରା, ଜଗତ୍, ଜଗତୀ, ଜ୍ୟା, ଧରଣୀ, ଧରିତ୍ରୀ, ଧରା, ଧରିତ୍ରୀ, ଧାତ୍ରୀ, ନିଶ୍ଚଳା, ପାରା, ଭୂ, ଭୂମି, ମହି, ମହୀ, ମେଦିନୀ, ରତ୍ନଗର୍ଭା, ରତ୍ନାବତୀ, ରସା, ବସୁନ୍ଧରା, ବସୁଧା, ବସୁମତୀ, ବିପୁଳା, ଶ୍ୟାମା, ଭୁବନ, ସହା, ସ୍ଥିରା, ସାଗରମେଖଳା । ଆଧୁନିକ ଜ୍ୟୋତିଷୀମାନଙ୍କ ଗଣନାକ୍ରମେ ସୌରଜଗତରେ ଦୂରତ୍ୱ ହିସାବରେ ପୃଥିବୀ ତୃତୀୟ ଗ୍ରହ, (ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ବୁଧ ଓ ଶୁକ୍ର ଅଛନ୍ତି) । ପୃଥିବୀର ପରିଧି ପ୍ରାୟ ୨୫୦୦୦ ମାଇଲ ଓ ବ୍ୟାସ ପ୍ରାୟ ୮୦୦୦ ମାଇଲ ଅଟେ । ପୃଥିବୀର ଆକାର ନାରଙ୍ଗ ପରି ଗୋଲ ଓ ଏଥିର ଉତ୍ତର ଓ ଦକ୍ଷିଣ ଅଂଶ ଚେପ୍ଟା । ପୃଥିବୀ ଏକ ଅହୋରାତ୍ରରେ ଥରେ ଆପଣା ଅକ୍ଷଦଣ୍ଡ ଉପରେ ଘୂରେ ଓ ୩୬୫ ଦିନ ୬ ଘଣ୍ଟା ୯ ମିନିଟରେ ଥରେ ସୂର୍ଯ୍ୟର ଚାରିପାଖେ ବୁଲି ଆସେ । ସୂର୍ଯ୍ୟଠାରୁ ପୃଥିବୀ ୩୦ ଲକ୍ଷ ମାଇଲ ଦୂରରେ ଅଛି । ଜଳର ଗୁରୁତ୍ୱ ତୁଳନାରେ ପୃଥିବୀର ଗୁରୁତ୍ୱ ୫.୬ ଅଟେ । ପୃଥିବୀର ଜଳଭାଗ ସ୍ଥଳଭାଗର ପ୍ରାୟ ତିନିଗୁଣ ।

ଆଧୁନିକ ବୈଜ୍ଞାନିକମାନେ କହନ୍ତି ଯେ ଘୂର୍ଣ୍ଣାୟମାନ ନୀହାରିକା ମଣ୍ଡଳରୁ ଖଣ୍ଡିଏ ଜ୍ୱଳନ୍ତ ଅଂଶ ଛିଡ଼ିକି ଯାଇ ତାହା କ୍ରମଶଃ ଥଣ୍ଡା ହୋଇ ବାଷ୍ପୀୟ ରୂପରୁ ତରଳ ରୂପ ଓ ତରଳ ରୂପରୁ ଘନ ରୂପ ଧାରଣ କରି ପୃଥିବୀରେ ପରିଣତ ହୋଇଅଛି । ପୃଥିବୀର ଉପର ଅଂଶ ଥଣ୍ଡା ହୋଇଅଛି, କିନ୍ତୁ ଏଥିର ଗର୍ଭରେ ଗରମ ତରଳ ବସ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଛି । ହିନ୍ଦୁ ପୁରାଣ ମତରେ ପ୍ରଳୟ ଜଳରେ ଜନ୍ମିଥିବା ଦୁଇଟି ରାକ୍ଷସ ମଧୁକୈଟଭଙ୍କୁ ବିଷ୍ଣୁ ବଧ କରିବାରୁ ତାଙ୍କ ମେଦରୁ ପୃଥିବୀ ଜାତ ହୋଇଅଛି । ଉପନିଷଦରେ ଲେଖାଅଛି ଯେ ପରମାତ୍ମାଙ୍କ ଠାରୁ ପ୍ରଥମେ ଆକାଶ, ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ ଓ ଜଳରୁ ପୃଥିବୀ ଉତ୍ପନ୍ନ ହେଲା—ହି. ଶ ।]

୨ । ଭୂମି—2. Earth; soil.

ପୃଥିବୀ ତଳ—ସଂ. ବି—(୬ଷ୍ଠୀ ତତ୍; ପୃଥିବୀ + ତଳ)—ଧରାତଳ; ପୃଥିବୀର ଉପରିଭାଗ—The surface of the earth.
Pṛuthibī taḻa
(ପୃଥିବୀ ପୃଷ୍ଠ—ଅନ୍ୟରୂପ)

ପୃଥିବୀ ତୀର୍ଥ—ସଂ. ବି—ମହାଭାରତୋକ୍ତ ହିନ୍ଦୁମାନଙ୍କର ତୀର୍ଥବିଶେଷ—
Pṛuthibī tīrtha Name of a sacred place of Hindu pilgrimage

ପୃଥିବୀ ତୀର୍ଥେ ଯାଇ ସତ୍ୱେ, ଦେବୀ ଦର୍ଶନ
ଫଳ ଲଭି କରିବା ମାତ୍ରକେ ଗମନ—କୃଷ୍ଣସିଂହ, ମହାଭାରତ, ବନ ।

ପୃଥିବୀ ପତି—ସଂ. ବି—(୬ଷ୍ଠୀ ତତ୍; ପୃଥିବୀ + ପତି)—୧ । ଭୂପତି; ନୃପତି; ରାଜା—1. A king.
Pṛuthibī pati

ପୃଥିବୀ କ୍ଷିତ୍, ପୃଥିବୀ ପାଳ, ପୃଥିବୀ ଭୁକ୍; ପୃଥିବୀଶ } ଅନ୍ୟରୂପ

୨ । ସମ୍ରାଟ୍—2. Sovereign; emperor.

ପୃଥିବୀ ମଣ୍ଡଳ—ସଂ. ବି—୧ । ମହୀତଳ; ଭୂମଣ୍ଡଳ; ସମଗ୍ର ପୃଥିବୀ—
Pṛuthibī manḍaḻa 1. The whole world.

୨ । ଭୂଗୋଳକ—2. The terrestrial globe.

ପୃଥିବୀ ରୁହ—ସଂ. ବି—(ପୃଥିବୀ+ରୁହ୍ ଧାତୁ=ଜନ୍ମିବା + କର୍ତ୍ତୃ. ଅ)—
Pṛuthibī ruha ୧ । ମହୀରୁହ; ଗଛ—1. Tree; plant.

୨ । ଉଦ୍ଭିଦ ଜଗତ୍—2. The vegetable world.

ପୃଥୀ—ଗ୍ରା. ବ—(ସ. ପୃଥ୍ୱୀ; ପୃଥିବୀ)—ପୃଥିବୀ—The world.
Pruthi ଯେବେ ପୃଥୀରେ ବୃଷ୍ଟି ହୋଇ
ଦେବତା ବ୍ରାହ୍ମଣେ କର୍ଣ୍ଣ — ଗ୍ରାରୀ ଯଶୋବନ୍ତ ପ୍ରେମ ଭକ୍ତି ଗୀତା ।

ପୃଥୁ—ସ. ବ. ପୁଂ—(ପ୍ରଥ୍ ଧାତୁ=ଖ୍ୟାତ ହେବା+ଉ)—
Pruthu ୧ । ତ୍ରେତା ଯୁଗରେ ସୂର୍ଯ୍ୟବଂଶୀୟ ପଞ୍ଚମ ନୃପତି—
1. Name of an ancient king of the Tretā age.
ତା ଦେହୁ ପୃଥୁ ନାମେ ହତ
ଜନ୍ମିଲେ ଜନରୂପ ଧରି । ଜଗନ୍ନାଥ. ଭାଗବତ ।

[ଦ୍ର—ପୃଥିବୀର ସମସ୍ତ ଖାଉଳକୁ ପରାସ୍ତ କରିବାରୁ ଏହାଙ୍କର ଯଶଃ ପୃଥିବୀରେ ବିଖ୍ୟାତ ହୋଇଥିଲା ଓ ଏ ପୃଥିବୀର ପ୍ରଥମ ରାଜା ବୋଲି ପରିଗଣିତ ହେବାରୁ ପୃଥିବୀ ଏହାଙ୍କ କନ୍ୟାରୂପେ କଳ୍ପିତ ହୋଇଥିଲେ । ଏହାଙ୍କର ବିଚିତ୍ର ଜନ୍ମବୃତ୍ତାନ୍ତ ଭାଗବତ ୪ର୍ଥ ସ୍କନ୍ଧ ୧୫ଶ ଅଧ୍ୟାୟରେ ବର୍ଣ୍ଣିତ ଅଛି । ବେଣ ରାଜା ଅତ୍ୟନ୍ତ ଦୁଷ୍ଟ ଥିଲେ ଓ ବ୍ରାହ୍ମଣଙ୍କ ଶାପରେ ନଷ୍ଟ ହେଲେ । ବେଣଙ୍କ ମୃତ୍ୟୁ ପରେ ପୃଥିବୀ ଅରାଜକ ହେବାରୁ ବ୍ରାହ୍ମଣମାନେ ବେଣଙ୍କ ମୃତପିଣ୍ଡର ଉରୁଦେଶକୁ ମନ୍ଥନ କରିବାରୁ ଏକ ଭୟଙ୍କର ପୁରୁଷ ଉତ୍ପନ୍ନ ହେଲା; ଏହାର ବଂଶ ନିଷାଦ ହେଲେ । ପୁଣି ବ୍ରାହ୍ମଣମାନେ ବେଣଙ୍କ ଶବର ବାହୁଯୁଗ୍ମ ମନ୍ଥନ କରିବାରୁ ସ୍ତ୍ରୀ ଓ ପୁରୁଷ ଦୁଇଟି ଜାତ ହେଲେ । ପୁରୁଷ ପୃଥୁ ଓ ସ୍ତ୍ରୀ ଅର୍ଚ୍ଚି । ପ୍ରଜାମାନେ ପୃଥୁଙ୍କୁ ରାଜା ଓ ଅର୍ଚ୍ଚିଙ୍କୁ ତାଙ୍କ ରାଣୀ କଲେ । ପୃଥିବୀ ଶସ୍ୟହୀନ ହୋଇଥିବାରୁ ପୃଥୁ ପୃଥିବୀକୁ ଗାଭୀରୂପେ କଳ୍ପନା କରି ତାକୁ ଦୁହିଁବାରୁ ପୃଥିବୀଠାରୁ ଶସ୍ୟାଦି ଉତ୍ପନ୍ନ ହେଲା ।]

୨ । ଅଗ୍ନି—2. The Fire-God.
୩ । କୃଷ୍ଣଜୀରକ; କଳାଜୀରା—3. A pungent seed; Nigella Indica; black cumin seed.
୪ । ଅହିଫେନ; ଅଫିମ—4. Opium.
୫ । ଭୂକପର୍ଣ୍ଣୀ; ହଙ୍ଗପତ୍ରୀ; ବାଳ୍ହିଁଶ ପତ୍ରିଆ ଘାସ—
5. A kind of grass; Balanites Roxburghii.
ବିଣ—୧ । ସ୍ଥୂଳ; ମୋଟା—1. Fat; corpulent.
(ପୃଥୁଡା; ପୃଥ୍ୱୀ—ବ) ୨ । ବହୁଦୂର ବିସ୍ତୃତ; ବିଶାଳ—
2. Wide; spacious; expansive; extensive.
୩ । ମହତ୍; ବଡ଼—3. Great; large.
ଜନ୍ମେ ରେ ଯେହ୍ନାଇ ହଲେ ଏହୁ ଉଣ୍ଡୀପୁରେ
କ୍ଷୀରେଦ୍ରେ ପୀୟୂଷ ପ୍ରାପ୍ତେ ପୃଥୁ ପୃଥ୍ୱଯଶା — ରଘୁନାଥ ମହାପାତ୍ର ।
୪ । ନିପୁଣ, ଚତୁର—4. Smart; clever.
୫ । ପ୍ରଚୁର—5. Abundant.
୬ । ଅସଂଖ୍ୟ (ହ୍ର. ଶ)—6. Countless.
୭ । ପ୍ରବୀଣ (ହ୍ର. ଶ)—7. Experienced.

ପୃଥୁକ—ସ. ବ—(ପ୍ରଥ୍ ଧାତୁ=ଖ୍ୟାତ ହେବା+ଉକ କର୍ମ୍ମ ପୃଥୁ=
Pruthuka ମୋଟା+କ)—୧ । ପ୍ରାଣିଶିଶୁ; ଶାବକ; ଛୁଆ—
1. The young of an animal; infant; child.
୨ । ଚିପିଟକ; ଚୂଡ଼ା—2. Flattened rice used as food without cooking.
ପୃଥୁକ ଦେନ ଉପାଧନ
ଦ୍ୱିଜ ଦାରକା ଅଗମନ — ଜଗନ୍ନାଥ. ଭାଗବତ ।

ଗ୍ରା. ଅ. ବିଣ ଓ କ୍ରି. ବିଣ. (ପୃଥକ୍‌ର ଅଶୁଦ୍ଧ ଉଚ୍ଚାରଣ)—
ପୃଥକ୍ (ଦେଖ)—Pruthak (See)

ପୃଥୁକା—ସଂ. ବ—ଭୂକପର୍ଣ୍ଣୀ; ହଙ୍ଗପର୍ଣ୍ଣୀ; ବାଳ୍ହିଁଶପତ୍ରିଆ ଘାସ—
Pruthukā A kind of grass; Balanites Roxburghii.
(ପୃଥୁଲା, ପୃଥ୍ୱିକା—ଅନ୍ୟରୂପ)

ପୃଥୁଗ୍ରୀବ—ସଂ. ବିଣ. ପୁଂ. (ବହୁବ୍ରୀହି, ପୃଥୁ+ଗ୍ରୀବା)—
Pruthugriba ମୋଟା ବେକ ଥିବା (ବ୍ୟକ୍ତି)—
(ପୃଥୁଗ୍ରୀବା—ସ୍ତ୍ରୀ) Having a stout or fat neck.

ପୃଥୁଚ୍ଛଦ—ସ. ବିଣ. (ବହୁବ୍ରୀହି; ପୃଥୁ+ଛଦ; ସନ୍ଧି ଯୋଗୁଁ ଛ ସ୍ଥାନରେ ଚ୍ଛ)
Pruthuchchhada ୧ । ମୋଟା ପତ୍ରବିଶିଷ୍ଟ—
1. Having thick leaves
୨ । ବଡ଼ ପତ୍ରବିଶିଷ୍ଟ – 2. Having large leaves.
ସ. ବ.—୧ । ଏକପ୍ରକାର ଘାସ —1. A kind of grass.
୨ । ହସ୍ତିକନ୍ଦ (ହ୍ର. ଶ)—2. A kind of bulbous root.

ପୃଥୁ ତଣ୍ଡୁଳ—ସ.ବ.—ଚୂଡ଼ା ବା ମୁଢ଼ି—Flattenod or fried rice.
Pruthu tandula ବଢ଼ ଭରଣୀ ଭିକ୍ଷା କରି,
ପୃଥୁ ତଣ୍ଡୁଳ ମୁଷ୍ଟି ଧରି । ଜଗନ୍ନାଥ. ଭାଗବତ ।

ପୃଥୁ ନିତମ୍ବ—ସ. ବିଣ. ପୁଂ (ବହୁବ୍ରୀହି; ପୃଥୁ+ନିତମ୍ବ)—ବଡ଼ ବଡ଼
Pruthu nitamba ପିଚ୍ଛ ଥିବା (ବ୍ୟକ୍ତି); ଓଲଅ ଗାଣ୍ଡିଆ—
(ପୃଥୁନିତମ୍ବୀ—ଅନ୍ୟରୂପ) Having fat or large buttocks.
(ପୃଥୁ ନିତମ୍ବା; ପୃଥୁ ନିତମ୍ବିନୀ—ସ୍ତ୍ରୀ)

ପୃଥୁ ପତ୍ର—ସଂ. ବ. (ବହୁବ୍ରୀହି; ପୃଥୁ+ପତ୍ର)—(ବୈଦ୍ୟକ)—
Pruthu patra ୧ । ନାଲି ରସୁଣ—
1. A kind of red garlic.
୨ । ହସ୍ତିକନ୍ଦ (ହ୍ର. ଶ)—2. A kind of bulbous root.

ପୃଥୁ ପଲାଶିକା—ସଂ ବ.—(ବୈଦ୍ୟକ) ପାଳୁଅ ଗଛ—
Pruthu palāsikā The Zeodary; the Curcuma;
सटी कचुर Indian arrowroot.

ପୃଥୁ ପାଣି—ସଂ. ବିଣ. (ବହୁବ୍ରୀହି; ପୃଥୁ+ପାଣି)—ଆଜାନୁଲମ୍ବିତ ବାହୁ
Pruthu pāni (ହ୍ର.ଶ.)—Having long hands extending to the knees.

ପୃଥୁ ବକ୍ତ୍ର—ସଂ. ବିଣ. ପୁଂ. (ବହୁବ୍ରୀହି; ପୃଥୁ+ବକ୍ତ୍ର)—ବଡ଼ ମୁହାଁ;
Pruthu baktra ଯାହାର ମୁହଁ ବଡ଼—Big-faced.
(ପୃଥୁବକ୍ତ୍ରା—ସ୍ତ୍ରୀ)

ପୃଥୁ ରୋମା—ସଂ. ବିଣ.—(ବହୁବ୍ରୀହି; ପୃଥୁ+ରୋମନ୍; ୧ମା. ୧ବ.—
Pruthu romā ୧ । ଘନ ଲୋମଯୁକ୍ତ—
(ପୃଥୁଲୋମା—ଅନ୍ୟରୂପ) 1. Having thick fur.
୨ । ଟାଆଁସା ବାଳୁଆ—2 Wiry-haired.
୩ । ବଡ଼ ବଡ଼ କାତିବିଶିଷ୍ଟ—3. Having large scales.
[ଦ୍ର—କାତି ମାଛମାନଙ୍କର ଲୋମ ଅଟେ ।]
୪ । ଦୀର୍ଘ କେଶଯୁକ୍ତ—4. Having long hair.
ସ. ବ.—୧ । ମତ୍ସ୍ୟ; ମାଛ—1. Fish.

୨ । (ଜ୍ୟୋତିଷ) ମୀନ ରାଶି (ହି. ଶବ୍ଦସାଗର)
2. The astronomical sign, Pisces.

ପୃଥୁଳ—ସଂ. ବିଣ. (ପୃଥୁ+ସ୍ୱାର୍ଥେ. ଲ)—୧ । ସ୍ଥୂଳ, ମୋଟା—1. Fat.
Pruthula ୨ । ବିଶାଳ—2. Extensive; large; broad.
(ପୃଥୁଳା—ସ୍ତ୍ରୀ) [ପୃଥୁଳତା(ଭା)—ବି]

ପୃଥୁଳାକ୍ଷ—ସଂ. ବିଣ. ପୁଂ. (ବହୁବ୍ରୀହି, ପୃଥୁଳ+ଅକ୍ଷି)—
Pruthulaksha ବିଶାଳନେତ୍ରବିଶିଷ୍ଟ—
(ପୃଥୁଲୋଚନ—ଅନ୍ୟରୂପ) Having big eyes; big-eyed.

ପୃଥୁଳାକ୍ଷୀ } ସ୍ତ୍ରୀ
ପୃଥୁଲୋଚନା } ସଂ. ବି—ପୁରୁବଂଶୀୟ ନୃପବିଶେଷ—
Name of a king of the Pūru dynasty.

ପୃଥୁ ଶେଖର—ସଂ. ବିଣ. (ବହୁବ୍ରୀହି; ପୃଥୁ+ଶେଖର)—ଉଚ୍ଚ ଶୃଙ୍ଗ-
Pruthu śekhara ଯୁକ୍ତ—Having a lofty summit.
ବି.—ପର୍ବତ—Mountain

ପୃଥୁଶ୍ରବାଃ—ସଂ. ବିଣ. ପୁଂ—(ପୃଥୁ+ଶ୍ରବସ୍; ୧ମା. ୧ବ.)—ବଡ଼ ବଡ଼
Pruthu śrabāḥ କାନଯୁକ୍ତ; ଦୀର୍ଘକର୍ଣ୍ଣ—Big-eared.
ସଂ. ବି.—୧ । ସ୍କନ୍ଦଙ୍କ ଅନୁଚରବିଶେଷ—
1. Name of an attendant of Skanda.
୨ । ଶଶବିନ୍ଦୁ ରାଜାଙ୍କ ପୁତ୍ରବିଶେଷ—
2. Name of a son of king Śaśabindu.

ପୃଥୁ ସ୍କନ୍ଧ—ସଂ. ବିଣ. ପୁଂ (ବହୁବ୍ରୀହି; ପୃଥୁ+ସ୍କନ୍ଧ)—ସ୍ଥୂଳସ୍କନ୍ଧବିଶିଷ୍ଟ—
Pruthu skandha Having broad shoulders
ବି.—ଶୂକର—Swine; hog.

ପୃଥୂଦକ—ସଂ. ବି. (ନାମ)—ସରସ୍ୱତୀ ନଦୀର ଦକ୍ଷିଣ ତଟସ୍ଥ ପ୍ରସିଦ୍ଧ
Pruthūdaka ପ୍ରାଚୀନ ତୀର୍ଥ (ଆଧୁନିକ ନାମ ପେହୋଆ)—
[ଦ୍ର—ଏଠାରେ ରାଜା ପୃଥୁ ଆପଣାର ପିତା ବେଣଙ୍କର ଅନ୍ତ୍ୟେଷ୍ଟି-କ୍ରିୟା କରିଥିଲେ ଓ ୧୨ ଦିନ କାଳ ଅଭ୍ୟାଗତମାନଙ୍କୁ ଜଳ ପିଆଇ ଥିଲେ ବୋଲି ପୁରାଣମାନଙ୍କରେ ଲେଖାଅଛି—ହି. ଶ ।]

ପୃଥୂଦର—ସ. ବିଣ. ପୁଂ (ବହୁବ୍ରୀହି; ପୃଥୁ+ଉଦର)—
Pruthūdara ୧ । ସ୍ଥୂଳୋଦର—1. Big-bellied.
(ପୃଥୂଦରୀ—ସ୍ତ୍ରୀ) ୨ । ଅନ୍ତୁଲ ପେଟୁଆ—2. Pot-bellied
ସ. ବି—ମେଣ୍ଢା; ମେଷ (ହି. ଶ)—Sheep.

ପୃଥ୍ୱୀ—ସ. ବି. ସ୍ତ୍ରୀ. (ପୃଥୁ=ରାଜା+କନ୍ୟାର୍ଥେ ଈ)—
Pruthwī ୧ । ପୃଥିବୀ ଇତ୍ୟାଦି (ଦେଖ)
1. Pruthibī etc (See)
୨ । କଳାଜୀରା—2. Black cumin seed.
୩ । ହିଙ୍ଗୁ ପତ୍ରୀ; ବାଇଁଶ ପତ୍ରିଆ ଘାସ—
3. A kind of grass.
୪ । ୧୭ ଅକ୍ଷରଥା ଛନ୍ଦୋବିଶେଷ—
4. A metre of 17 letters.
୫ । ପୁନର୍ନବା; ପୁରୁଣୀ ଶାଗ—5. The hog weed.
୬ । ମାଟି; ମୃତ୍ତିକା—6. The soil.
୭ । ବଡ଼ ଅଳେଇଚ (ହି. ଶ)—7. Cardamom.

ପୃଥ୍ୱୀକା—ସ. ବି. (ପୃଥ୍ୱୀ+କ+ସ୍ତ୍ରୀ. ଆ)—୧ । (ବୈଦ୍ୟକ) ବଡ଼
Pruthwikā ଅଳେଇଚ—1. Cardamom
୨ । କଳାଜୀରା—2. Black cumin seed.
୩ । ହିଙ୍ଗୁପତ୍ରୀ ଘାସ—3. A kind of grass.

ପୃଥ୍ୱୀ ଚକ୍ରବାଳ—ସ. ବି—ଦିଗନ୍ତବ୍ୟାପୀ ସମଗ୍ର ଭୂଖଣ୍ଡ—
Pruthwī chakrabāla The earth encircled on all sides by the horizon.

ପୃଥ୍ୱୀ ଚକ୍ରବାଳ ପରିବୃତ ବାଲୁକେଣ ଗ୍ରସିବାରେ ଏ ରସ ଗୋ ।
କବିସୂର୍ଯ୍ୟ, କଳୋଗ୍ରା ଉତ୍ପ. ପ. ଗୀତ ।

ପୃଥ୍ୱୀଧର—ସ. ବି. (ପୃଥ୍ୱୀ+ଧୃ ଧାତୁ+କର୍ତ୍ତୃ. ଅ)—ପର୍ବତ—
Pruthwīdhara Mountain.

ପୃଥ୍ୱୀ ପତି—ସ. ବି. (୬ଷ୍ଠୀ ତତ୍, ପୃଥ୍ୱୀ+ପତି)—ରାଜା—
Pruthwī pati King.
(ପୃଥ୍ୱୀନାଥ, ପୃଥ୍ୱୀପାଳ, ପୃଥ୍ୱୀଶ—ଅନ୍ୟରୂପ)

ପୃଥ୍ୱୀ ପୁତ୍ର—ସଂ. ବି. (୬ଷ୍ଠୀ ତତ)—ମଙ୍ଗଳଗ୍ରହ—
Pruthwī putra The planet Mars.

ପୃଥ୍ୱୀରାଜ—ସଂ. ବି. (୬ଷ୍ଠୀ ତତ୍; ପୃଥ୍ୱୀ+ରାଜନ୍)—ନରପତି—
Pruthwīrāja King.
ଦେ. ବି (ନାମ)—ଭାରତର ଶେଷ ସ୍ୱାଧୀନ ହିନ୍ଦୁ ରାଜା—
The last independent king of North India.
[ଦ୍ର—ଏହାଙ୍କ ସଙ୍ଗେ ଜୟଚନ୍ଦ୍ରଙ୍କର ବିବାଦ ହେବାରୁ ଜୟଚନ୍ଦ୍ରଙ୍କ ଆହ୍ୱାନକ୍ରମେ ଯବନମାନେ ଭାରତ ଆକ୍ରମଣ କରି ଭାରତର ସ୍ୱାଧୀନତା ଲୋପ କଲେ ।]

ପୃଦାକୁ—ସଂ. ବି—୧ । ସର୍ପ (ହି. ଶ)—1. Serpent.
Prudāku ୨ । ବିଛା (ହି. ଶ)—2. Scorpion.
୩ । ଚିତାବାଘ (ହି. ଶ)—3. Leopard.
୪ । ହାତୀ (ହି. ଶ)—4. Elephant.
୫ । ବୃକ୍ଷ (ହି. ଶ)—5. Tree.

ପୃଶ୍ନି—ସଂ. ବିଣ. (ସ୍ପୃଶ୍ ଧାତୁ=ସ୍ପର୍ଶ କରିବା+କର୍ମ ନି; ଯାହାକୁ
Pruśni ଅନାୟାସରେ ସ୍ପର୍ଶ କରାଯାଇ ପାରେ)—
୨ । ଖର୍ବଶରୀର; ବାମନ ଅପେକ୍ଷା ଈଷତ୍ ଲମ୍ବକାୟ—
1. Dwarfish; of short stature.
୨ । ଦୁର୍ବଳ—2. Weak; feeble.
୩ । ସୂକ୍ଷ୍ମ; ପତଳା—3. Thin; delicate.
୪ । ଧଳା; ଶ୍ୱେତ (ହି. ଶ)—4. White.
୫ । ଚିତ୍ରିକା; କବୁରା (ହି. ଶ)—
5. Multicoloured; variegated.
୬ । ସାଧାରଣ (ହି. ଶ)—6. Ordinary.
ବି—୧ । କିରଣ—1. Ray of light.
୨ । ଦଳ; କୋରଜାଙ୍ଗି—
2. An aquatic weed which spreads over water; Pistia Stratiotes.
୩ । ପୃଥ୍ୱୀ—3. The earth.
୪ । ସୁତପା ରାଜାଙ୍କ ମହଷୀ (ଯେ ପର ଜନ୍ମରେ ବସୁଦେବଙ୍କ ସ୍ତ୍ରୀ ଦେବକୀ ହୋଇଥିଲେ)—4. The queen of king

Sutapā who in a succeeding birth became Debakī, the mother of Śrīkrushṇa.

୫ । ଛଉଁକା ଗାଈ (ହ୍ଵ. ଶ.)—
5. A cow of variegated colour.

୬ । ଅମୃତ (ହ୍ଵ. ଶ.)—6. Nectar.

୭ । ବେଦ (ହ୍ଵ. ଶ)—7. The Bedas.

୮ । ପ୍ରାଚୀନ ଋଷିବିଶେଷ (ହ୍ଵ. ଶ.)—
8. Name of a sage.

୯ । (ବୈଦିକ) ଜଳ—9. Water.

୧୦ । ଘୃତ—10. Ghee.

୧୧ । ଅନ୍ନ—11. Food.

ପୃଶ୍ନି ଗର୍ଭ—(ବୈଦିକ) ସଂ. ବି. (ବହୁବ୍ରୀହି; ପୃଶ୍ନି=ଜଳ, ଘୃତ, ଅନ୍ନ ଅଛି ଗର୍ଭରେ ଯାହାର)—
Pṛuśni garbha
ଭଗବାନ; ବିଷ୍ଣୁ—Bishṇu.

ପୃଶ୍ନି ଯେ ଅର୍ଥ ଜଳ ଘିଅ ଅନ୍ନ
ବେଦେ ପ୍ରବର୍ତ୍ତଇ ହେ ଜାଣ ଅର୍ଜୁନ।
ଏମାନେ ତ ମୋହର ଗର୍ଭରେ ଅଛନ୍ତି
ତେଣୁ ପୃଶ୍ନି ଗର୍ଭ ବୋଲି ମୋତେ କହନ୍ତି ।
କୃଷ୍ଣସିଂହ. ମହାଭାରତ ଶାନ୍ତି।

ପୃଶ୍ନିପର୍ଣ୍ଣୀ—ସଂ. ବି. (ପୃଶ୍ନି=ବୋରଝାଞ୍ଜିଦଳ+ପର୍ଣ୍ଣ=ପତ୍ର+ଇନ୍)—
Pṛuśni parṇṇī
କୃଷ୍ଣପର୍ଣ୍ଣୀ କ୍ଷୁପ—Hemionites Cordifolia; Uraria Lagopoides; Herpestis Monniera (Kirtikar).

ଅନ୍ୟ ସଂ. ନାମ—ପୃଥକପର୍ଣ୍ଣୀ, ଚିତ୍ରପର୍ଣ୍ଣୀ, ମେଖଳା, ଅଙ୍ଘ୍ରିବଲ୍ଲିକା, କ୍ରୋଷ୍ଟୁବିନ୍ନା, ସିଂହପୁଚ୍ଛୀ, ଧମନୀ, କଳଶି, ଧାବନୀ, ଗୁହା, ସିଂହଲାଙ୍ଗୁଲୀ, ଚକ୍ରପର୍ଣ୍ଣୀ, ପିଷ୍ଟପର୍ଣ୍ଣୀ, ତନ୍ବୀ, ଲାଙ୍ଗୁଲୀ, କ୍ରୋଷ୍ଟୁକ ପୁଚ୍ଛିକା, ଚକ୍ରକୁଲ୍ୟା, ଦୃଷ୍ଟିପର୍ଣ୍ଣୀ, କଲଶୀ, କ୍ରୋଷ୍ଟୁକ ମେଖଳା, ତନ୍ବୀ, ଶୃଗାଲବୃନ୍ତା, ବିଷ୍ଣୁପର୍ଣ୍ଣୀ, ଘୃଷ୍ଟିଲା, ବ୍ୟାଘ୍ରୁକମେଖଳା, କଙ୍କଶତ୍ରୁ, ଘର୍ଘା, ଶୃଗାଲବୃନ୍ତା, ତ୍ରିପର୍ଣ୍ଣୀ, କଦଳା, ଘର୍ଘପତ୍ରା, ଅତିଗୁହା, ଚିତ୍ରପର୍ଣ୍ଣିକା ସିଂହପୁଷ୍ପୀ, କଲସୀ, କ୍ରୋଷ୍ଟୁପୁଚ୍ଛୀ, ଶୀର୍ଣ୍ଣମାଲା, ମହାଗୁହା, ଶୃଗାଲବିନ୍ନା, ଲାଙ୍ଗୁଳିକା, ବୃତ୍ତପର୍ଣ୍ଣୀ, ପୃଷ୍ଣିପର୍ଣ୍ଣୀ, ଅଙ୍ଘ୍ରିପର୍ଣ୍ଣୀ ଚାକুলେ, জলনিম, শ্বেতচাকুলে **पीठवन, पिठौनी,** **ଅଗ୍ନିବିରଣୀ, डाबड़ा, दौला** ମ. ସେବଗ୍, ପୀଠବନ୍.

[ଦ୍ର—ଏହା ଶିମ୍ବାଦି ବର୍ଗର ଲଟାଣିଆ କ୍ଷୁପ । ପତ୍ର ଗୋଟିକିଆ ଓ ତିନି ଗୋଟିଆ ଥାଏ । ପତ୍ର ପ୍ରାୟ ଗୋଲ ଓ ଲୋମଶ । ଫୁଲ ଅନେକ ଓ ଧଳା ଓ ଆରକ୍ତ ବର୍ଣ୍ଣ । ଛୁଇଁରେ ୨ଟି ପବ । ଛୁଇଁ ମଝିରୁ ଭାଙ୍ଗି ଯାଇ ଦୁଇଟି ଯାକ ପବ ଲାଗିଥାଏ । ଗଛ ଲଟେଇ କରି ଯିବା ସମୟରେ ଗଣ୍ଠିମାନଙ୍କରୁ ଚେର ବାହାରେ । ଏହାର ପତ୍ର ଦଳ ବା ବୋରଝାଞ୍ଜିର ପତ୍ର ପରି । ଏହା ଔଷଧରେ ବ୍ୟବହୃତ ହୁଏ । ଏହା ତ୍ରିଦୋଷନାଶକ । ଏହାକୁ ଦେହରେ ;ବାନ୍ଧିଲେ ପାଳଜର ଭଲ ହୁଏ । ବୈଦ୍ୟକ ମତରେ ଏହା ଶୁକ୍ରବର୍ଦ୍ଧକ, ଉଷ୍ଣବୀର୍ଯ୍ୟ, ମଧୁରରସ ଓ ସାରକ; ଦାହ, ଜ୍ୱର, ଶ୍ୱାସ, ରକ୍ତାତିସାର, ତୃଷ୍ଣା ଓ ବମନନିବାରକ । ଏ ଲତା ପଶ୍ଚିମ ଭାରତରେ ଓ ବଙ୍ଗଦେଶରେ ଜନ୍ମେ, କିନ୍ତୁ ଦାକ୍ଷିଣାତ୍ୟରେ ଦେଖାଯାଏ ନାହିଁ ।

ତେ. କୋଲାକୁପୋନ୍ନା
ଗୁ. ପୃଷ୍ଣିପର୍ଣ୍ଣୀ

ପୃଶ୍ନୀ—ସଂ. ବି. ସ୍ତ୍ରୀ. (ପୃଶ୍ନି+ସ୍ତ୍ରୀ. ଈ)—ପୃଶ୍ନି; ବାରିପର୍ଣ୍ଣୀ; ଦଳ; ବୋରଝାଞ୍ଜି—An aquatic weed which spreads over water; Pistia Stratiotes.
Pṛuśnī

ପୃଷ୍ (ଧାତୁ)—ସ—୧ । ସେଚନ କରିବା—
Pṛush (root) 1. To sprinkle.

୨ । କ୍ଲାନ୍ତ ହେବା—2. To become tired.

୩ । ଆଘାତ କରିବା—3. To hurt; to strike.

୪ । ଦେବା—4. To give.

ପୃଷତ୍—ସଂ. ବି. (ପୃଷ୍ ଧାତୁ+କର୍ମ ଅତ୍)—୧ । ତରଳ ବା ଦ୍ରବପଦାର୍ଥର ଟୋପା—1. Drop of a liquid.
Pṛushat

୨ । ମଣ୍ଡଳାକାର ଦାଗ—2. Spot; circular mark.

୩ । ମଣ୍ଡଳାକାର ଚିତା; ଚିତାର ଟୋପା—3. A tip of painting put on the body.

୪ । ଶ୍ୱେତ ବିନ୍ଦୁଯୁକ୍ତ ହରିଣ; ବାଙ୍କୁଟିଆ; ରଙ୍କୁମୃଗ—
4. White-spotted deer; the Aris; the hog deer.

ବିଣ—ସିକ୍ତ—Sprinkled.

ପୃଷତ—ସଂ. ବି. ପୁଂ (ପୃଷ୍ ଧାତୁ+କର୍ମ ଅତ)—୧ । ଜଳାଦିର ବିନ୍ଦୁ—
Pṛushata 1. Drop of liquid.

୨ । ବାଙ୍କୁଟିଆ; ଶ୍ୱେତ ବିନ୍ଦୁଯୁକ୍ତ ମୃଗ; ଚିତ୍ରମୃଗ—
2. The white-spotted deer

୩ । ଭରଦ୍ୱାଜ ମୁନିଙ୍କ ପୁତ୍ର—
3. The son of sage Bharadwāja.

୪ । ଦ୍ରୁପଦ ରାଜାଙ୍କ ପିତା—
4. The father of king Drupada.

୫ । ସର୍ପବିଶେଷ (ହ୍ଵ. ଶବ୍ଦସାଗର)—
5. A kind of snake.

୬ । ରୋହିମାଛ (ହ୍ଵ. ଶ)—6. Rohi fish.

ପୃଷତାମ୍ପତି—ସଂ. ବି. (ପୃଷତାଂ=ହରିଣମାନଙ୍କର+ପତି=ପ୍ରଭୁ)—
Pṛushatāmpati ମୃଗବାହନ; ଅନିଳ; ବାୟୁ—
The wind God; air.

ପୃଷତାଶ୍ୱ—ସଂ. ବି. (ପୃଷତ=ମୃଗମାନେ ଅଟନ୍ତି+ଅଶ୍ୱ=ବାହନ ଯାହାଙ୍କର)—ପୃଷତାମ୍ପତି (ଦେଖ)
Pṛushatāśwa Pṛushatāmpati (See)
(ପୃଷଦଶ୍ୱ; ପୃଷଦଂଶ—ଅନ୍ୟରୂପ)

ପୃଷତୀ—ସଂ. ବି. ସ୍ତ୍ରୀ. (ପୃଷତ୍+ସ୍ତ୍ରୀ. ଈ)—୧ । ଶ୍ୱେତବିନ୍ଦୁଯୁକ୍ତା ମୃଗୀ; ହରିଣୀ—1. The female spotted deer.
Pṛushatī

୨ । ଅଞ୍ଜନ ଶଳାକା; ଆଖିରେ କଜଳ ଲଗାଇବା କାଠି—
2. A pencil for applying collyrium to the eyes.

ପୃଷତ୍କ—ସଂ. ବି (ପୃଷ ଧାତୁ=ଆଘାତ କରିବା+କର୍ତ୍ତୃ.ଅକ)—ବାଣ (ହ୍ଵ. ଶବ୍ଦସାଗର)—Arrow.
Pṛushatka

ପୃଷଦାଜ୍ୟ—ସଂ. ବି (ପୃଷତ୍+ଆଜ୍ୟ)—ଦଧି ମିଶ୍ରିତ ଘୃତ (ହ୍ଵ. ଶ)—
Pṛushadājya 'Ghee mixed with curd.

ପୃଷନ୍ତି— ସଂ. ବ. ସ୍ତ୍ରୀ. (ପୃଷତ୍+ଅନ୍ତି)— ବିନ୍ଦୁ; କଣା—
Pṛushanti Drop.

ପୃଷାକରା—ସଂ. ବ—ବଟକରା (ହି. ଶ.)—
Pṛushākarā Standard bits used for weighing.

ପୃଷାର୍ଥ—ଗ୍ରା. ବ. (ସଂ. ପୁରୁଷାର୍ଥ)—ଗୌରବ; ପୌରୁଷ; ବାହାଦୁରୀ;
Pṛushārtha ପ୍ରଶଂସା—Credit; praise.
(ପୃଷାର୍ଥ—ଅନ୍ୟରୂପ)

ପୃଷୋଦର—ସଂ. ବଣ. (ବହୁବ୍ରୀହି; ପୃଷତ୍+ଉଦର; ନିପାତନସିଦ୍ଧ)—
Pṛushodara ଯାହାର ପେଟରେ ବିନ୍ଦୁ ବିନ୍ଦୁ ଚିହ୍ନ ଥାଏ—
Having the belly marked with spots.
[ଦ୍ର—ସଂସ୍କୃତ ବ୍ୟାକରଣରେ ନିପାତନସିଦ୍ଧ ପଦର ଉଦାହରଣସ୍ୱରୂପ 'ପୃଷୋଦର' ଲେଖା ଯାଇଅଛି ।]
ସଂ. ବ—ବାୟୁ (ହି. ଶ)—Wind.

ପୃଷୋଦ୍ୟାନ—ସଂ. ବ. (ପୃଷତ=ସିକ୍ତ+ଉଦ୍ୟାନ; ନିପାତନସିଦ୍ଧ;
Pṛushodyāna ଯହିଁରେ ଜଳ ସେଚନ କରି ଗଛ ବଢ଼ାଯାଏ)—
କ୍ଷୁଦ୍ର ବଗିଚା—A small garden.

ପୃଷ୍ଟ—ସଂ. ବଣ. ପୁଂ. (ପ୍ରଚ୍ଛ ଧାତୁ=ପଚାରିବା+କର୍ମ. ତ)—
Pṛushṭa ଜିଜ୍ଞାସିତ—Asked; questioned.
(ପୃଷ୍ଟା—ସ୍ତ୍ରୀ) ବ. (+ଭାବ. ତ)—ଜିଜ୍ଞାସା—
Questioning; interrogation.
ଗ୍ରା. ବଣ. (ସଂ. ସ୍ପଷ୍ଟ)—ସ୍ପଷ୍ଟ—
Clear; unambiguous.
ବ. (ସଂ. ପୃଷ୍ଠର ଅଶୁଦ୍ଧ ଉଚ୍ଚାରଣ)—ପୃଷ୍ଠ (ଦେଖ)
Pṛushṭha (See).

ପୃଷ୍ଟା—ଗ୍ରା. ବ. (ସଂ. ପୃଷ୍ଠାର ଅଶୁଦ୍ଧ ଉଚ୍ଚାରଣ)— ପୃଷ୍ଠା (ଦେଖ)
Pṛushṭā Pṛushṭhā (See)

ପୃଷ୍ଟି—ସଂ. ବ. (ସ୍ପୃଶ୍ ଧାତୁ+ଭାବ. ତି)— ୧ । ରଶ୍ମି; କିରଣ—
Pṛushṭi 1. Ray of light.
୨ । ସ୍ପର୍ଶ—2. Touch.
୩ । (ପ୍ରଚ୍ଛ ଧାତୁ+ଭାବ. ତି) ପଚାରିବା; ଜିଜ୍ଞାସା (ହି. ଶ)—
3. Questioning.
୪ । ପଛ ଅଂଶ (ହି. ଶ)—4. Back part.
ଦେ. ବ (ସ ପୃଷ୍ଟି)—ପାଟବା ଓ ବଣିଆ ଆଦିଙ୍କ ବଂଶୋପାଧି—
Family-title of certain goldsmiths, cloth-dealers and some other Śūdras.

ପୃଷ୍ଟି ପର୍ଣ୍ଣୀ—ଗ୍ରା. ବ—ପୃଶ୍ନିପର୍ଣ୍ଣୀ (ଦେଖ)
Pṛushṭi parṇṇī Pruśniparṇṇī (See)
[ପୃଷ୍ଟିଁ ପର୍ଣ୍ଣୀ, ପୃଷ୍ଟି ପର୍ନୀ, ପୃଷ୍ଟ ପର୍ଣ୍ଣୀ(ର୍ନୀ), ପୃଷ୍ଟି(ଷ୍ଟିଁ)ପର୍ଣ୍ଣୀ—ଅନ୍ୟରୂପ]

ପୃଷ୍ଠ—ସ. ବ. (ପୃଷ୍ ଧାତୁ=କ୍ଲାନ୍ତ ହେବା+ଥ)—
Pṛushṭha ୧ । ପିଠି—1. The back.
(ପୃଷ୍ଠକ—ଅନ୍ୟରୂପ) ୨ । ପଛଆଡ଼ —2. Back side.
୩ । ବସ୍ତୁର ଉପର ପାଖ—
3. Upper side.
୪ । ବାହାର ପାଖ —
4. Outside; outer surface.
୫ । ପର୍ବତ ଆଦିର ମଥାନ—5 Ridge.
୬ । ପଛ; ଶେଷ ଭାଗ—6. The rear.
୭ । ଏକ ପାଖ; ତଳ—7. Surface.
୮ । ପତ୍ରର ପିଠି ପାଖ; ପତ୍ରର ଯେଉଁ ପାଖ ଭୂମି ଅଡ଼କୁ ଥାଏ—
8. The back of a leaf.
୯ । ଦେଉଳର ଅଂଶବିଶେଷ—
9. A part of a temple.
[ଦ୍ର—ଦେଉଳ ତଳେ ନୋଟ ଦେଖ ।]
୧୦ । ପୁସ୍ତକର ପତ୍ରର ଏକ ପାଖ—
10. Page of a book.
୧୧ । ପୁସ୍ତକର ପତ୍ର (ହି. ଶବ୍ଦସାଗର)—
11. A leaf of a book.

ପୃଷ୍ଠ ଗୋପ—ସ. ବ. (ପୃଷ୍ଠ=ପଛ ପାଖ+ଗୁପ୍ ଧାତୁ=ଜଗିବା+
Pṛushṭha gopa କର୍ତ୍ତୃ. ଅ)—ପୃଷ୍ଠ ରକ୍ଷୀ (ଦେଖ)
(ପୃଷ୍ଠ ଗୋପ୍ତା—ଅନ୍ୟରୂପ) Pṛushṭha rakshī (See)

ପୃଷ୍ଠ ଗ୍ରନ୍ଥି—ସ. ବ. (୬ଷ୍ଠୀ ତତ୍; ପୃଷ୍ଠ+ଗ୍ରନ୍ଥି)—ପିଠିର କୁଜ; ଚୁଲ—
Pṛushṭha granthi Hump on the back.

ପୃଷ୍ଠ ଚକ୍ଷୁଃ—ସ. ବ. (ବହୁବ୍ରୀହି; ପୃଷ୍ଠ+ଚକ୍ଷୁସ୍; ପୃଷ୍ଠ ଦେଶରେ
Pṛushṭha chakshuḥ ଚକ୍ଷୁ ଯାହାର)—
୧ । କର୍କଟ; କଙ୍କଡ଼ା—1. A crab.
୨ । ଭଲ୍ଲୁକ; ଭାଲୁ—2. Bear.

ପୃଷ୍ଠ ଚର—ସ. ବ. (ପୃଷ୍ଠ=ପଛ ଆଡ଼େ+ଚର୍ ଧାତୁ=ଯିବା+
Pṛushṭha chara କର୍ତ୍ତୃ. ଅ.)—୧ । ପଶ୍ଚାଦ୍ ଭାଗରେ ସ୍ଥିତ—
1 Situated on the back; being in the rear.
୨ । ପଶ୍ଚାତ୍ ଅନୁସରଣକାରୀ; ଅନୁଗାମୀ—
2 Following; going after.

ପୃଷ୍ଠଜ—ସ. ବଣ (ପୃଷ୍ଠ+ଜନ୍ ଧାତୁ+କର୍ତ୍ତୃ. ଅ)—
Pṛushṭhaja ୧ । ପିଠିରେ ଜନ୍ମିବା—1. Appearing on the back.
୨ । ପରେ ଜନ୍ମିବା—2. Born after.

ପୃଷ୍ଠତଃ—ସ. ଅ. (ପୃଷ୍ଠ+୫ମୀ ଓ ୭ମୀ ବିଭକ୍ତିରେ ତସ୍)—
Pṛushṭhataḥ ୧ । ପଛ ଆଡ଼େ; ପଶ୍ଚାଦ୍ ଭାଗରେ—
(ଅଗ୍ରତଃ—ବିପରୀତ) 1. Behind the back; behind; on the back of.
୨ । ପଛ ଆଡ଼ରୁ—2. From behind.
୩ । ପିଠି ଆଡ଼ରେ—3. On the back side.

ପୃଷ୍ଠ ଦଣ୍ଡ—ସ. ବ. (ମ. ପ. ଲୋ; ପୃଷ୍ଠରେ ଅବସ୍ଥିତ ଦଣ୍ଡ)—
Pṛushṭha daṇḍa ୧ । ମେରୁ ହାଡ଼—1. The spine; backbone.
୨ । ବେକଶିର—2. Spinal cord.

ପୃଷ୍ଠ ଦୃଷ୍ଟି— ସ. ବ (ବହୁବ୍ରୀହି; ପୃଷ୍ଠ+ଦୃଷ୍ଟି)—ଭଲ୍ଲୁକ; ଭାଲୁ—
Pṛushṭha drushṭi The bear.

ବିଣ—ଯେ ପଛ ଅଡ଼କୁ ଚାହିଁ ପାରେ—
Capable of looking behind.

ପୃଷ୍ଠ ଦେଶ—ସ. ବି—୧ । ପିଠି—
Prushtha desa 1. The back.
୨ । ଉପର ଅଂଶ—2. The upper part.
୩ । ତଳ—3. The surface.

ପୃଷ୍ଠପର୍ଣ୍ଣୀ—ସ. ବି—ପୃଶ୍ନିପର୍ଣ୍ଣୀ (ଦେଖ)
Prushthaparnni Prusniparnni (See)

ପୃଷ୍ଠ ପୋଷକ—ସ. ବିଣ. ପୁଂ—ସହାୟକ—
Prushtha poshaka Patronizing; supporting.
(ପୃଷ୍ଠ ପୋଷିକା—ସ୍ତ୍ରୀ) ବି—ସହାୟକ ବ୍ୟକ୍ତି—
Patron; supporter.

ପୃଷ୍ଠ ପୋଷଣ—ସ. ବି—୧ । ପଛଅଡ଼େ ଥାଇ ସହାୟ କରିବା—
Prushtha poshana 1. Supporting from behind.
୨ । ଆନୁକୂଲ୍ୟ; ସାହାଯ୍ୟ—2. Patronage; support.

ପୃଷ୍ଠ ପୋଷିତ—ସ. ବିଣ—ଅନ୍ୟ ଦ୍ୱାରା ପଛଅଡ଼ୁ ସାହାଯ୍ୟ ପ୍ରାପ୍ତ; ଉସ୍ତାଦ-
Prushtha poshita ଦ୍ୱାରା ସାହାଯ୍ୟ ପ୍ରାପ୍ତ—Supported
(ପୃଷ୍ଠ ପୋଷିତା—ସ୍ତ୍ରୀ) from behind; patronized.

ପୃଷ୍ଠ ପ୍ରଦର୍ଶନ—ସଂ. ବି. (ପଳାଇବା ବ୍ୟକ୍ତିର ପିଠି ଦେଖା ଯିବାରୁ)—
Prushtha pradarsana. ୧ । ପଳାଇବା—1. Fleeing
ପୃଷ୍ଠ ଦାନ } ଅନ୍ୟରୂପ away; backsliding.
ପୃଷ୍ଠ ଭଙ୍ଗ } ୨ । ରଣରେ ଭଙ୍ଗ ଦେବା; ଯୁଦ୍ଧ ଭୂମିରୁ
ପଳାୟନ; ରଣଭଙ୍ଗ—2 Fleeing away from
the battle field; precipitate flight.

ପୃଷ୍ଠ ଫଳ—ଦେ. ବି. (୬ଷ୍ଠୀ ତତ୍; ପୃଷ୍ଠ+ଫଳ)—
Prushtha phala ପୃଷ୍ଠର ବର୍ଗ ଫଳ—The square measure or area of the surface.

ପୃଷ୍ଠ ବଂଶ—ସଂ. ବି. (ମ. ପ ଲୋ; ପୃଷ୍ଠ+ବଂଶ)—
Prushtha bamsa ମେରୁଦଣ୍ଡ; ପିଠି ହାଡ଼; ବେଏଁଶିରା ହାଡ଼—
Spine; backbone.

ପୃଷ୍ଠ ବାସ୍ତୁ—ସଂ. ବି—ଏକ ଘର ଉପରେ ତିଆରି ହେବା ଘର (ହି.ଶ)—
Prushtha bastu A house built on the roof of another house.

ପୃଷ୍ଠ ବାହ—ସଂ. ବି. (ପୃଷ୍ଠ+ବହ୍ ଧାତୁ+ଅ; ଯେ ପିଠିରେ ବୋଝ
Prushtha baha ବହେ)—୧ । ଖାଣ୍ଡି ବଳଦ; ଥୋଡ଼ି ବଳଦ—
ପୃଷ୍ଠ ବାହ୍(ଡ଼୍) } ଅନ୍ୟରୂପ 1. A pack bullock; an ox
ପୃଷ୍ଠ ବାହ୍ୟ } of burden
୨ । ଯେଉଁ ପଶୁର ପିଠିରେ ବୋଝ ବୁହାଯାଏ—
2, An animal carrying loads on the back.

ପୃଷ୍ଠ ବ୍ରଣ—ସଂ. ବି—ପଠା; ପିଠିରେ ହେବା ମାରାତ୍ମକ ବଥ—
Prushtha brana Carbuncle.

ପୃଷ୍ଠଭାଗ—ସ. ବି.—୧ । ପିଠି (ହି. ଶ)—
Prushtha bhaga 1. Back.
୨ । ପଛ ଅଡ଼—2. Back side; rear.

ପୃଷ୍ଠ ମର୍ମ—ସ. ବି.—ସୁଶ୍ରୁତ ଅନୁସାରେ ମନୁଷ୍ୟର ପିଠିରେ ମେରୁଦଣ୍ଡର
Prushtha marma ଦୁଇ ପାଖରେ ଥିବା ୧୪ ଟି ମର୍ମସ୍ଥାନ—
Fourteen vulnerable points on the back on both sides of the human spine.
[ଦ୍ର—ଏଥି ମଧ୍ୟରୁ କୌଣସି ମର୍ମ ସ୍ଥାନରେ ଆଘାତ ଲାଗିଲେ ମନୁଷ୍ୟ ମରି ଯାଇ ପାରେ କିମ୍ବା ଆଜୀବନ ଅକର୍ମଣ୍ୟ ହୋଇ ଯାଇ ପାରେ । (ହି. ଶ.)]

ପୃଷ୍ଠ ମାଂସାଦ—ସ. ବି.—(ପୃଷ୍ଠ+ମାଂସ+ଅଦ୍ ଧାତୁ+କର୍ତ୍ତୃ. ଅ)—
Prushtha mamsada ପଶ୍ଚାତ୍ କୁତ୍ସାକାରୀ; ଚୁଗୁଲିଆ (ହି. ଶ.)-
A backbiter.

ପୃଷ୍ଠ ମାଂସାଦନ—ସ. ବି. (ପୃଷ୍ଠ+ମାଂସ+ଅଦ୍ ଧାତୁ+ଭାବ. ଅନ)—
Prushtha mamsadana ଚୁଗୁଲି (ହି. ଶ)—Backbiting.

ପୃଷ୍ଠ ରକ୍ଷକ—ସ. ବିଣ.—ପଛଅଡ଼େ ଥାଇ ସାହାଯ୍ୟ କରିବା (ବ୍ୟକ୍ତି)—
Prushtha rakshaka Helping from the rear.
ବି.—ପୃଷ୍ଠ ଭାଗରେ ରହି ରକ୍ଷା କରିବା ସୈନିକ— Rear guard.

ପୃଷ୍ଠ ରକ୍ଷା—ସ. ବି.—ପଛଅଡ଼େ ରହି ସୈନ୍ୟଙ୍କୁ ରକ୍ଷା କରିବା—
Prushtha raksha Helping an army from the rear.
ବିଣ.—ପୃଷ୍ଠରକ୍ଷକ (ଦେଖ)
Prushtha rakshaka (See)

ପୃଷ୍ଠ ରକ୍ଷୀ—ସ. ବି. (ପୃଷ୍ଠ+ରକ୍ଷ ଧାତୁ+ଇନ୍)- ଯେଉଁ ଯୋଦ୍ଧାମାନେ
Prushtha rakshi ସୈନ୍ୟର ପିଠିଆଡ଼ ଜଗିଥାଆନ୍ତି—
The rear guard of an army.

ପୃଷ୍ଠରେ—ଦେ. ଅ.—ପଛଆଡ଼ରେ—
Prushthare On the back side.
ହନୁ ପଳାଇ ସିଂହକାୟନ୍ତ ବାସବର ପୃଷ୍ଠରେ ଶରଣ ପଶିଲେ ।
ବିଶ୍ୱନାଥ ବିଚିତ୍ରରାମାୟଣ ।

ପୃଷ୍ଠଶୟ—ସ. ବିଣ. ପୁଂ—(ପୃଷ୍ଠ=ପିଠି+ଶୀ ଧାତୁ=ଶୋଇବା+କର୍ତ୍ତୃ.
Prushthasaya ଅ)—ଉତ୍ତାନଶାୟୀ; ଯେ ଚିତ ହୋଇ ଶୁଏ--
(ପୃଷ୍ଠଶୟା—ସ୍ତ୍ରୀ) Sleeping on the back.

ପୃଷ୍ଠ ଶୃଙ୍ଗ—ସ. ବି. (ବହୁବ୍ରୀହି; ପୃଷ୍ଠ+ଶୃଙ୍ଗ; ଯାହାର ଶିଙ୍ଗ ପିଠିଆଡ଼କୁ
Prushtha srunga ବଙ୍କେଇଁ ଥାଏ)—ବନ୍ୟ ଛାଗଲ; ବଣୁଆ
ଛେଳି— Wild goat; the ibex

ପୃଷ୍ଠ ଶୃଙ୍ଗୀ—ସ. ବି. (ବହୁବ୍ରୀହି; ପୃଷ୍ଠ+ଶୃଙ୍ଗ+ଇନ୍; ୧ମା. ୧ବ.)—
Prushtha srungi ୧ । ଭୀମସେନ (ହି.ଶ.)—1. Bhimasena.
୨ । ମେଣ୍ଢା—2 A ram.
୩ । କ୍ଲୀବ; ନପୁଂସକ—3. An eunoch.
୪ । ମହିଷ—4 Buffalo.

ପୃଷ୍ଠା—ସ. ବି. (ପୃଷ୍ଠ+ଆ)—୧ । ପୁସ୍ତକାଦିର ପତ୍ର—
Prushtha 1 Page or leaf of a book.
୨ । ପୀଢ଼ା—2. A wooden seat.

ପୃଷ୍ଠା ଫିସ୍—ଦେ. ବି. (କଚିରିଆ) (ସ. ପୃଷ୍ଠା ଓ ଇଂ. ଫିସ୍)—ରେଜିଷ୍ଟ୍ରୀ
Prushtha phis କରାଯିବା ଦଲିଲକୁ ସରକାରୀ ରେଜିଷ୍ଟ୍ରୀ
ପୃଷ୍ଠା ଫିସ ବହିରେ ନକଲ କରିବା ନିମନ୍ତେ ରେଜିଷ୍ଟ୍ରୀ ଅଫିସର

କର୍ମଚାରୀ ପକ୍ଷମାନଙ୍କଠାରୁ ଦଲିଲର ପୃଷ୍ଠାର ସଂଖ୍ୟାନୁପାତରେ ନେଉଥିବା ଫିସ୍ ବା ରେସମ ଶୁଳ୍କ—Page fee charged by the Registration officer according to the number of pages of a registered deed
(ପୃଷ୍ଠାଫୀ; ପୃଷ୍ଠାଫି ସ୍—ଅନ୍ୟରୂପ)

ପୃଷ୍ଠାସ୍ଥି—ସଂ. ବ. (୬ଷ୍ଠୀ ତତ୍; ପୃଷ୍ଠ + ଅସ୍ଥି)—ମେରୁ ହାଡ଼—
Prushtasthi Spine.

ପୃଷ୍ଠି—ଦେ. ବ.—ପୃଷ୍ଣି (ଦେଖ)
Prushthi Prushti (See)
(ପୃରୁଷ୍ଟି, ପୁରୁଷ୍ଟି, ପୃଷ୍ଟି, ପୁଷ୍ଟି—ଅନ୍ୟରୂପ)

ପୃଷ୍ଠୋଦୟ—ସଂ. ବ. (ଏ ରାଶିମାନଙ୍କ କଳ୍ପିତ ଆକାରମାନ ପ୍ରଥମେ ପୃଷ୍ଠ
Prushthodaya ଭାଗରୁ ଉଦିତ ହେବାରୁ)—(ଜ୍ୟୋତିଷ) ମେଷ, ବୃଷ, କକଡ଼ା, ଧନୁ, ମକର ଓ ମୀନ ରାଶି ମାନ—
(Astrology) The zodiacal signs of Aries, Taurus, Cancar, Sagitarius, Capricorn and Piscus.

ପୃଷ୍ଠୋପରି—ସଂ. କ୍ରି. ବଣ—ପିଠି ଉପରେ—
Prushthopari On the back.

ପୃଷ୍ଠ୍ୟ—ସଂ. ବଣ—(ପୃଷ୍ଠ+ସମ୍ବନ୍ଧାର୍ଥେ. ଯ)—ପୃଷ୍ଠ ସମ୍ବନ୍ଧୀୟ—
Prushthya Relating to the back.
ବ—୧ । ପିଠିରେ ଲଦନ ବୋହିବା ଘୋଡ଼ା—
1. A pack-horse.
୨ । ପିଠିରେ ଲଦନ ବୋହିବା ପଶୁ—
2. A pack-animal.

ପୃଷ୍ଣି—ସଂ. ବ.—୧ । ପୃଶ୍ନି (ଦେଖ)
Prushni 1. Prusni (See)
୨ । (ପୃଷ ଧାତୁ+ନି) ଗୋଇଠି; ପାର୍ଷ୍ଣି—2. The heel.
୩ । କିରଣ; ରଶ୍ମି—3. Ray of light.

ପୃଷ୍ଣି ପର୍ଣ୍ଣୀ—ସଂ. ବ.—ପୃଶ୍ନିପର୍ଣ୍ଣୀ (ଦେଖ)
Prushni parnni Prusni parnni (See)

ପୄ (ଧାତୁ)—ସ—୧ । ପାଳନ କରିବା—
Prru (root) 1. To nourish.
୨ । ରକ୍ଷା କରିବା—2. To protect.
୩ । ପୂର୍ଣ୍ଣ କରିବା—3. To fill up.

ପେ—ବୈଦେ. ବ. (ଇଂ)—ଦରମା; ଭୃତ୍ୟର ମାସିକ ପାରିଶ୍ରମିକ—
Pe पे **पे** Pay; salary.

ପେ ଅର୍ଡର୍—ବୈଦେ. ବ. (ଇଂ)—କୌଣସି ଲୋକକୁ ଟଙ୍କା ଦେବା-
Pe ardar ପାଇଁ ସରକାରୀ ବା ବ୍ୟାବହାରିକ ଆଦେଶ—
পে অর্ডর; পে অর্ডর Pay order; an official or business order for payment of money to a specified person.

ପେଇ—ବୈଦେ. ବ. (ଇଂ)—ଯାହାକୁ ଟଙ୍କା ଦିଆଯାଏ—
Pei Payee.
ଦେ. ବ. (ସଂ. ପା ଧାତୁ)—ପେହ (ଦେଖ)—Pehi (See)

ପେଇଁ—ଗ୍ରା. ଅ—ପାଇଁ; ନିମନ୍ତେ—
Peiñ **जन्ये वास्ते** For; on account of.

ପେଇବା—ଦେ. କ୍ରି. (ପିଇବାର ଣିଜନ୍ତରୂପ)—ପିଆଇବା (ଦେଖ)
Peibā (ପିଆଇବା—ଅନ୍ୟରୂପ) Piāibā (See)

ପେଉଡ଼ି—ପ୍ରାଦେ. (ମେଦିନୀପୁର) ବ—ପେଦୁଡ଼ି (ଦେଖ)
Peurdi Pedurdi (See)

ପେଏଁକାଳ—ଦେ. ବ. (ଧ୍ୱନ୍ୟନୁକରଣ)—ହାତୀର ରଡ଼ି ବା ଶବ୍ଦ—
Pe-eñkāla The braying of an elephant.
ପେହେଁକାଳ } ଅନ୍ୟରୂପ
ପେଙ୍କାଳ

ପଥର ଗଡ଼ିଯିବା ପରି ଛଟେ ଗଡ଼ି
ଛଡ଼ିଲେ ଅହର୍ନିଶି ପେହେଁକାଳ ରଡ଼ି ।
କୃଷ୍ଣସିଂହ, ମହାଭାରତ, ବନପର୍ବ ।

ପେଏଁକାଳି—ଦେ. ବ. (ଧ୍ୱନ୍ୟନୁକରଣ; ଏହାକୁ ଫୁଙ୍କିଲେ ପେଁପେଁ ଶବ୍ଦ
Pe-eñkāli ଉତ୍ପନ୍ନ ହେବାରୁ)—୧ । ମହୁରୀ; ତୁରୀ; କାହାଳୀ—
ପେଁକାଳି } ଅନ୍ୟରୂପ
ପେହେଁକାଳି
ପେଙ୍କାଳି
1. A pipe; a small clarion; cone-shaped musical pipe
୨ । ପିଲାମାନେ ବଜାଇ ଖେଳିବା ବାଦ୍ୟ-
बाँसुरी; तुरही ଯନ୍ତ୍ରବିଶେଷ—2. A kind of trumpet or pipe used by children.
[ଦ୍ର—ସାଧାରଣତଃ ନଡ଼ିଆ ବା ତାଳପତ୍ରର ଗୋଟିଏ ଫାଳକୁ କୁଣ୍ଡଳୀ କରି ଗୁଡ଼ାଇ ଏହା ତିଆରି କରାଯାଏ ।]
୩ । ଅମ୍ବର ଗଜୁରିଥିବା ଟାକୁଆ ମଧ୍ୟରେ ଥିବା ଦୁଇଫାଳିଆ କୋଇଲିର ଗୋଟିଏ ଫାଳକୁ ଚେରିଛି କରି ଘଷି ଶିଶୁମାନେ କରିବା ମହୁରୀ (ହ୍ର. ଣ)—3. A whistle made by children by whetting one side of the kernel of a sprouting mango-stone.

ହାତୀ କେ ! ଘୋଡ଼ା କେ ! ମୋ ପେଏଁକାଳି ବଢେଇ ଦେ !
ଖାପଥିଲେ ବାହାରି ଯା ! ବେଙ୍ଗଥିଲେ କଟର କଟର ହୁଇଥା ।
ଶିଶୁଗୀତ ।

୪ । ହାତୀଙ୍କର ଉଚ୍ଚ ରଡ଼ି (ଏହା ପେଁପେଁ ଶବ୍ଦ ଥିବାରୁ)—
4. The braying sound made by an elephant.

ପେଏଁକାଳିଆ—ଦେ. ବ—୧ । ଧାନଗଛର ରୋଗବିଶେଷ—
Pe-eñkāliā 1. A kind of disease affecting paddy plants.
ପେଙ୍କାଳିଆ } ଅନ୍ୟରୂପ
ପେହେଁକାଳିଆ
[ଦ୍ର—ଶାରଦଧାନ ଗଛରୁ କେଣ୍ଡା ବାହାରିବା ପୂର୍ବରୁ ଭାଦ୍ରବମାସରେ ଖରା ଖରା ହୋଇ ଘଡ଼ଘଡ଼ି ମାରିଲେ ଧାନଗଛର ଗର୍ଭରୁ କାହାଳ ପରି ଗୋଟାଏ ଲମ୍ବ ଶଣ୍ଢ ବା କଣ୍ଢା ବାହାରେ ଓ ତହିଁରେ ଧାନ ଫଳେ ନାହିଁ ।]
୨ । ପେହେଁକାଳି ବଜାଇବା ବ୍ୟକ୍ତି—
2. A person who blows a pipe.
୩ । ପେଏଁକାଳି (ଦେଖ)—3. Pe-eñkāli (See)

ପେଏଁ କାଳିଆ ମାରିବା—ଦେ. କ୍ରି—ପେଏଁ କାଳିଆ ୧ (ଦେଖ)
Pe-eñ kāliā māribā Pe-eñ kāliā 1 (See)

ପେଏଁକାଳିବା—ଦେ. କ୍ରି—(ହାତୀ) ବୋବେଇବା ବା ଗର୍ଜନ କରିବା-
Pe-eñkālibā To bray (said of an elephant).
(ପେହେଁକାଳିବା, ପେଙ୍କାଳିବା—ଅନ୍ୟରୂପ)

ପେଁ—ଦେ. (ଧ୍ୱନ୍ୟନୁକରଣ) ଅ—ଭୁମ୍ବା ଭେର ଅବ୍ଦର ଧ୍ୱନି—
Peñ पीँ पें The sound of a musical pipe.
(ପେଁ ପାଁ, ପେଁ ପେଁ, ପେଁଏଁ ପେଁଏଁ—ଅନ୍ୟରୂପ)
ପେଁପେଁୟା(ୟାଁ)ବେତ—ଦେ. ବ—ଖୁବ୍ ସରୁ ବେତ—
Peñpeñyā(yāñ) beta A very slender ratan.
(ପେଏଁପେୟାଁ ବେତ—ଅନ୍ୟରୂପ)
ପେକମ—ପ୍ରାଦେ. (ଗଞ୍ଜାମ) ବ. (ସଂ. ପକ୍ଷମ୍)—ମୟୂର ପୁଚ୍ଛ—
Pekāma (ପେଖମ—ଅନ୍ୟରୂପ) Peacock tail.
ପେକିଂ (ଇତ୍ୟାଦି)—ବୈଦେ. ବ. (ଇଂ. ପାକିଙ୍ଗ୍)—
Pekiṅ (etc) ପାକିଙ୍ଗ୍ ଇତ୍ୟାଦି (ଦେଖ
(ପେକିଙ୍ଗ୍—ଅନ୍ୟରୂପ) Pakiṅg etc (See)
ପେକିନ୍—ଦେ. ବ—(ନାମ) ଚୀନଦେଶର ଉତ୍ତର ପଶ୍ଚିମରେ ଥିବା
Pekin ନଗର—The town of Peking in China.
(ପିକିନ୍, ପେକିଙ୍ଗ୍, ପିକିଙ୍ଗ୍—ଅନ୍ୟରୂପ)
ପେକ୍ଷିବା—ଦେ. (ପଦ୍ୟ) କ୍ରି. (ସଂ. ଉପେକ୍ଷା)—ତ୍ୟାଗ କରିବା—
Pekshibā To abandon; to give up,
ମୋର ଜୀବନ ବନ୍ଧୁ ଦୁଃଖୀ
ଧ୍ୟାନ ଭେଜନ ଦୂରେ ପେକ୍ଷି। ଜଗନ୍ନାଥ. ଭାଗବତ।
ପେଖନା—ଦେ. ବ. (ସଂ. ପ୍ରେକ୍ଷଣ)—୧। ଛଳନା; ବାହାନା; ଭାନ—
Pekhanā 1, Pretence; deceit; feigning; excuse.
भान "ମୁଁ" ଭାବେ କହୁଛ ଅମର ଉଦ୍ଧକଣ
बहाना ଦେଖାଉଛ ଏବେ ଅଫେଷ ପେଖନା। ରାଧାନାଥ. ଦରବାର।
ପେଖନ, ପେଖାନା, ପେଖିଣ୍ଡି, ପେଖିନ — ଅନ୍ୟରୂପ
୨। କପଟ ବ୍ୟବହାର—2, Hypocricy.
୩। ଛଇ; ଥଟ୍ଟା—3. Joking; jest.
୪। ଦୁଷ୍ଟାମି—4. Wickedness.
ପେଖନା କାଢ଼ିବା—ଦେ. କ୍ରି—୧। ଛଟା ଗାଳିବା—
Pekhanā kārdhibā 1, To pretend; to feign.
ପେଖନା ଖେଳିବା, ପେଖନା ଦେଖା(ଖେ)ଇବା, ପେଖନା ବାହାର କରିବା, ପେଖନା କରିବା — ଅନ୍ୟରୂପ
୨। ଛଇ ବାହାର କରିବା—2, To exhibit queer ways,
୩। ଥଟ୍ଟା ଖେଳିବା—3, To play jokes.
भानकरा बहानाकरना
ପେଗ୍—ବୈଦେ. ବ. (ଇଂ)—୧। କାଠର ପିନ୍; ଖିଲ—
Peg 1. A wooden pin.
पेग ୨। ମଦ ପିଇବା ପିଆଲା—
पेग 2 A peg of wine.
ପେଗମ୍ବର—ବୈଦେ. ବ. (ଫା. ପୟଗମ୍ବର)—ପୟଗମ୍ବର (ଦେଖ)
Pegambar Payagambara (See)
ପେଗୁ—ଦେ. ବ (ନାମ)—୧। ବ୍ରହ୍ମଦେଶର ବିଭାଗ ଓ ସହର—
Pegu 1. The division and town Pegu in Lower
पेगु Burma.
पयगु [ଦ୍ର—ଏହି ନଗର ରେଙ୍ଗୁନର ଉତ୍ତର ପୂର୍ବରେ ଓ
(ପୟୁଗୁ—ଅନ୍ୟରୂପ) ସିଟାଙ୍ଗ ନଦୀ କୂଳରେ ଅବସ୍ଥିତ।]
୨। ବ୍ରହ୍ମଦେଶୀୟ ଉତ୍କୃଷ୍ଟ ଘୋଡ଼ା ବା ଟଟ୍ଟୁ—
2. A Pegu pony; Burmese pony.

ପେଙ୍ଗ—ଦେ. ବ—କରଷଣା; ବନ୍ୟ ବୃକ୍ଷବିଶେଷ—
Peṅga Celastrus Paniculata (tree).
करषणा मालकङ्गनी
ପେଙ୍ଗା—ଦେ. ବିଣ—(ସ. ପଙ୍ଗୁ)—୧। ଖୋଟା; ଲେଙ୍ଗଡ଼ା—
Peṅgā 1. Cripple; lame.
ପେଙ୍ଗେଇ, ପେଙ୍ଗୀ } ସ୍ତ୍ରୀ ୨। ଖେଟେଇ କରି ଚାଲୁଥିବା—
2. Limping; halt.
ବ—୧। ଖେଟେଇ କରି ଚାଲିବା—1. Limping.
୨। ଦୋଳି ଖେଳିବା ବେଳେ ନିଜର ବାହୁ ଓ ଗୋଡ଼ର ବଳ ଦ୍ୱାରା ଦୋଳିକୁ ଏକ ପାଖରୁ ଅନ୍ୟପାଖକୁ ଚଳାଇବା କର୍ମ—
2. The act of giving a push to a swing with
पेङ्ग पेंग्गा one's own arms and legs.
ପେଙ୍ଗା(ଙ୍ଗେ)ଇବା—ଦେ. କ୍ରି—(ସ. ପଙ୍ଗୁଲ=ଖୋଟା; (Beams)—
Peṅgā(ṅge)ibā ଖେଟେଇବା; ଖେଟେଇ କରି ଚାଲିବା—
लेङ्गड़ाना To walk in a halting or limping manner;
लङ्गड़ाना to limp).
ପେଙ୍ଗାଣ—ଦେ. କ୍ରି.—ଛଳନା; ଠକାମି—
Peṅgāṇa Feigning.
ପେଙ୍ଗା ପେଙ୍ଗି—ଦେ. ବ—ପେଙ୍ଗେଇ କରି ଚାଲିବା ଗତି—
Peṅgā peṅgi Limping gait.
ପେଙ୍ଗା ମାରିବା—ଦେ. ବ—ଗୋଡ଼ ଓ ବାହୁଦ୍ୱାରା ବଳ ପ୍ରୟୋଗ କରି
Peṅgā māribā ନିଜେ ଦୋଳି ପଦଞ୍ଚାଇ ଦେବା—
फेंगमारना To apply force to a swing with one's
পেংগামারা own legs or arms so as to cause the swing to move to and fro.
ପେଙ୍ଗୁ—ଦେ. ବ—ବନ୍ୟଗୁଳ୍ମବିଶେଷ—
Peṅgu A kind of wild plant.
[ଦ୍ର—ଏହାର ଫୁଲ ସରୁ ଓ ଧଳା ଏବଂ କୋଳି ପେଙ୍ଗା ପେଙ୍ଗା; ଏହି ଫଳକୁ ଦୁଇ ମୁହଁ ମେଲା ବାଉଁଶ ନଳରେ ପୁରାଇ ଖଣ୍ଡିଏ କାଠିରେ ପଞ୍ଚଅଡ଼ୁ କେଞ୍ଚ ଦେଲେ ଶବ୍ଦ କରି ଫୁଟେ। ପିଲାମାନେ ଏଥିରେ ଖେଳନ୍ତି।]
ପେଙ୍ଗୁ ନଳି—ଦେ. ବ—ଶିଶୁମାନେ କ୍ରୀଡ଼ାର୍ଥ ପେଙ୍ଗୁ କୋଳି ପୁରାଇ
Peṅgu nali ଫୁଟାଇବା ପାଇଁ ବ୍ୟବହୃତ ଦୁଇମୁହଁ ମେଲା ବାଉଁଶ
ନଳ—A bamboo tube open at both ends with which children play by putting a Peṅgu berry in it and ramming the berry with a slender rod.
ପେଚ(ଞ୍ଚ) ପାଚ(ଞ୍ଚ)—ଦେ. ବ—(ଫା. ପେଚ୍+ଧ୍ୱନ୍ୟନୁକାରୀ ଅନର୍ଥକ
Pech(ñch) pāch(ñch) ସହଚର)—୧। କଳ କଦର—
পেঁচ প্যাঁচ पेंचपाँच 1. Intricacies.
୨। ମଲ୍ଲଦ୍ୱାରା ପ୍ରଯୁକ୍ତ କୌଶଳ—2. A tactful movement of the limbs of an athlete.
୩। କୂଟ ନୀତି ପ୍ରୟୋଗ—3. The application of a crooked policy or tactics.
୪। କୌଶଳ—4. Trick.

୫ । କୂଟ ନୀତ—5. Policy; tactics.

୬ । ଗୋଲକ ଧନ୍ଦା; ବିଷମ ସମସ୍ୟା—
6. Maze; dilemma.

୭ । ଗୃହଚ୍ଛିଦ୍ର; ବଂଶର ଗୁପ୍ତ ଦୋଷ—
7. The secrets of a family; family-scandal.

ପେଚ(ଞ୍ଚ)—ଦେଦେ· ବ—(ଫା. ପେଚ୍=କୁଣ୍ଡଳୀକୃତ ମୋଡ଼; ଭୁଲ.ସ.
Pecha (ñcha) ସୂର୍ ଧାତୁ)—୧ । ଯେଉଁ ଲୁହା କଣ୍ଟାର ଅଗପାଖ
ପ୍ୟାଁଚ, ପେଁଚ ମୋଡ଼ ମୋଡ଼ ହୋଇଥାଏ ଓ ଯାହାକୁ କାଠ ମଧ୍ୟରେ
पेच, पेंच ଘୂରାଇ କରି ପୂରାଯାଏ; ଇସ୍କ୍ରୁ; ପେଚକଣ୍ଟା; ଭଉଁରିସ୍କ୍ରୁ—
1. Screw.

୨ । ଚକ୍ରାକାରରେ ମୋଡ଼ ମୋଡ଼ ହୋଇଥିବା ଦଉଡ଼ି; କୁଣ୍ଡଳୀକୃତ ରଜ୍ଜୁ—2. Spiral rope; coil.

୩ । ଦଉଡ଼ିକୁ ଗୁଡ଼ାଇବାର ଥର ବା ମୋଡ଼ା—
3. A coil of a rope; a twist of a rope.

୪ । କୂଟ କୌଶଳ; ଗୂଢ଼ ଉପାୟ; ଜଟିଳ କୌଶଳ—
4. A deep-laid scheme; a plot; secret or covert plan.

୫ । ଗୋଲକ ଧନ୍ଦା; ସଙ୍କଟାପନ୍ନ ଅବସ୍ଥା; ଗୋଲମାଳିଆ କଥା; ଧନ୍ଦକା; ବିଷମ ସମସ୍ୟା—5. Intricacy; a critical predicament; maze; dilemma; a fix; perplexity.

୬ । ବିପଦ; ଦାଉ; ଦୁଃଖ; କ୍ଲେଶ; ସଙ୍କଟ; ଘୋର ବିପଦ—
6. Trouble; botheration; inextricable danger.

୭ । କପଟାଚରଣ—7. Hypocricy.

୮ । ଗୁଲବାଜୀ; ଫନ୍ଦିବାଜୀ—
8. Policy; trick; tactics.

୯ । ପ୍ରତିଦ୍ୱନ୍ଦୀକୁ ତଳେ ପକାଇ ଦେବା ନିମନ୍ତେ ମଲ୍ଲର ହସ୍ତପଦାଦିର କୌଶଳଯୁକ୍ତ ଚାଳନ—2. A clever trick or turn performed by an athlete to bring down his opponent.

୧୦ । ପେଚ ପରି ମୋଡ଼ମୋଡ଼କିଆ ଗତି—
10. Spiral motion.

୧୧ । ଆବର୍ତ୍ତ; ଭଉଁରି—
11. Eddy; whirlpool.

୧୨ । ପେଚ ଘୂରିବାର ଆବର୍ତ୍ତ ବା ଥର—
12. One round of a screw.

୧୩ । ମୋଡ଼ମୋଡ଼ ହୋଇଥିବା ଘଣ୍ଟାର କୁଣ୍ଡଳୀକୃତ ପାତିଆ—
13. The spring of a clock.

୧୪ । ଶିରପେଚ; ଟୋପି ବା ପଗଡ଼ିର ସାମନା ପାଖରେ ଖୋସାଯିବା ଏକପ୍ରକାର ଅଳଙ୍କାର—14. A kind of tuft set with gems put on the front side of a cap or turban.

ପେଚକ—ସଂ. ବ. (ପିଚ୍ ଧାତୁ=ବ୍ୟକ୍ତ କରିବା, ଗୁରିବା+ଅକ)—
Pechaka ୧ । (ପୁ) ପେଚା (ଦେଖ)
(ପେଚକୀ—ସ୍ତ୍ରୀ) 1. Pecha (See)

୨ । ହସ୍ତୀର ପୁଚ୍ଛର ମୂଳ ବା ଅଗ୍ର—2. The root or tip of an elephant's tail.

୩ । ଗୁହ୍ୟଦେଶାଚ୍ଛାଦକ ମାଂସ ପିଣ୍ଡ; ପଦ୍ମ—
3. A lump of flesh covering the mouth of the anus.

୪ । ପର୍ଯ୍ୟଙ୍କ; ପଲଙ୍କ—4. Bedstead; sofa.

୫ । ମେଘ—5. Cloud.

୬ । ଉକୁଣୀ—6. Louse.

ପେଚ(ଞ୍ଚ) କଣ୍ଟା—ଦେ.ବ—ଅଗ ପାଖ ମୋଡ଼ ମୋଡ଼ ହୋଇଥିବା ଲୁହା
Pecha(ñcha) kanṭā କଣ୍ଟା; ଇସ୍କ୍ରୁ; ଇସ୍କ୍ରୁପ୍ରୁ—A screw.
ପେଁଚ କାଁଟା **पेच**

ପେଚକ ଧ୍ୱନି—ସ. ବ· (୬ଷ୍ଠୀ ତତ୍; ପେଚକ+ଧ୍ୱନି)—
Pechaka dhwani ପେଚାର ହୁଁ ହୁଁ ରବ; ପେଚାର ରବ—
(ପେଚକ ରାବ—ଅନ୍ୟରୂପ) The screech of an owl.

ପେଚ(ଞ୍ଚ) କଷ୍—ଦେ.ବ. (ଫା)—୧ । ଯେଉଁ ହତିଆରକୁ ପେଚକଣ୍ଟାର
Pecha(ñcha) kash ମୁଣ୍ଡରେ ଥିବା ସରୁ ଘାର ମଧ୍ୟରେ
ପେଁଚକଷ ପୂରାଇ ପେଚ କଣ୍ଟାକୁ ଅଣ୍ଟିବାକୁ ବା କାଢ଼ିବାକୁ
पेचकश ଲୁଏ—1. A screw-driver.

ପେଚ(ଞ୍ଚ) କଷିବା—ଦେ. କ୍ରି—୧ । ପେଚ କଣ୍ଟାକୁ ବୁଲାଇ କ୍ରମଶଃ
Pecha(ñcha) kashibā ଛିଦ୍ର ଭିତରକୁ ପ୍ରବେଶ କରାଇବା—
ପେଚ(ଞ୍ଚ) ଅଣ୍ଟା(ଣ୍ଟୋ)ଇବା, ପେଚ(ଞ୍ଚ) ଅଣ୍ଟିବା, ପେଚ(ଞ୍ଚ) ବସା(ସେ)ଇବା, ପେଚ(ଞ୍ଚ) ମୋଡ଼ିବା } ଅନ୍ୟରୂପ — To drive a screw into a hole.
୨ । ଘଣ୍ଟାର ସ୍ପ୍ରିଙ୍ଗକୁ ଗୁଡ଼ାଇବାପାଇଁ ଘଣ୍ଟାରେ ଗୁବି ଦେବା—
ପେଁଚ ଅାଁଟା 2. To wind up the spring of a clock
पेच कसना or watch.

୩ । (ଲକ୍ଷଣାର୍ଥ) ଗୁଭୁରୀ ବା କୌଶଳ ପ୍ରୟୋଗ କରି ମନୁଷ୍ୟକୁ ବଶ କରିବା—3. (figurative) To bring a person under control by tactics.

ପେଚକା—ଦେ. ବିଣ.—୧ । ସ. (ପେଚକ ଶବ୍ଦରୁ) ପେଚା ପରି—
Pechakā 1, Owlish; owl-like.
(ପେଚକୀ—ସ୍ତ୍ରୀ) ୨ । (ସ. ଚପିଟ) ଚେପା; ଚେପଟା; ଚଟକା—
2 Flat; flattened.

୩ । ହାତ ଗୋଡ଼ ଆଦି ଯୁକ୍ତ ମାଂସ ପିଣ୍ଡୁଳା ପରି ହୋଇ ପେଚା ପରି ବସିଥିବା—2. Sitting by contracting or bringing together one's limbs like a lump of flesh (as an owl).

ପେଚ କାଟିବା—ଦେ. କ୍ରି—ଯନ୍ତ୍ର ସାହାଯ୍ୟରେ ସାଧା କଣ୍ଟାରେ ଘାର
Pecha kāṭibā କରି ତାକୁ ପେଚରେ ପରିଣତ କରିବା—
ପେଁଚକାଟା **पेचकाटना** To turn a nail into a screw.

ପେଚ(ଞ୍ଚ) କାଢ଼ିବା—ଦେ. କ୍ରି—ପେଚକଷ୍ ଦ୍ୱାରା ପେଚ କଣ୍ଟାକୁ ଛିଦ୍ର
Pecha(ñcha) kāṛhibā ଭିତରୁ ଉପରକୁ ଆଣିବା—
ପେଁଚ ଖୁଲା **पेच खोलना** To unscrew.
[ପେଚ(ଞ୍ଚ) ଫୁଗାଳିବା, ପେଚ(ଞ୍ଚ) ଖୋଲିବା, ପେଚ(ଞ୍ଚ) ଫୁସୁଲା(ଲେ)ଇବା—ଅନ୍ୟରୂପ]

ପେଚକା ମୁହଁ—ଦେ. ବି—ପେଚ୍ଚ ପରି ଚେପଟା ଓ ଚକା ଅସୁନ୍ଦର ମୁହଁ—
Pechakā muhan̄ Flat and round owl-like face.
(ପେଚ୍ଚ ମୁହଁ—ଅନ୍ୟରୂପ)

ପେଚକା ମୁହାଁ—ଦେ. ବିଣ. ପୁଂ—୧ । ଚଟକା ମୁହଁ ଯୁକ୍ତ; ପେଚ୍ଚ ପରି
Pechakā muhān̄ ଚେପଟା ମୁଖ ଯୁକ୍ତ—1. Owl-faced;
(ପେଚ୍ଚ ମୁହାଁ—ଅନ୍ୟରୂପ) with face like an owl; flat-faced.
ପେଚକା ମୁହାଁ, ପେଚ୍ଚମୁହାଁ } ସ୍ତ୍ରୀଲିଙ୍ଗ
ପେଚକି ମୁହାଁ, ପେଚୀମୁହାଁ }
୨ । ଫୁଲକା ମୁହାଁ;
ଚେପ୍‌ଟା ମୁଖୋ ଫୁଲୁକାମୁହାଁ—2. Having a puffed up or bloated face.
चपटा मुहँ वाला

ପେଚକୀ—ସ. ବି. ପୁଂ. (ପେଚକ+ଇନ୍)—
Pechakī ହସ୍ତୀ—Elephant.
(ପେଚକିନୀ—ସ୍ତ୍ରୀ) ସ୍ତ୍ରୀ. (ପେଚକ+ଈ)—ମାଈ ପେଚ୍ଚ; ପେଚୀ—
A she-owl.

ପେଚ ଜନ୍ତା—ଦେ. ବି. (ବଣିଆ ଶବ୍ଦ)—ଅଲଙ୍କାରର ନାଡ଼ରେ ବା
Pecha jantā ସାଧା କଣ୍ଟାରେ ପେଚର ଘର କରିବା ପାଇଁ ଛିଦ୍ର
ଚେପ୍‌ଟା ମୁହାଁ ଥିବା ଇସ୍ପାତ ଦଣ୍ଡରେ ବା ଚଦ୍ଦରେ ତିଆରି
ପେଁଚେର ଯାନ୍ତା ହତିଆର୍—An instrument of steel for
पेचका यांता turning nails or pins into screws.
[ଦ୍ର—ଏହି ଜନ୍ତାରେ ଥିବା ଛିଦ୍ରକୁ ପେଚର ଆବଶ୍ୟକ ଆକାର ଅନୁସାରେ ବଡ଼ ଓ ସାନ କରାଯାଇ ପାରେ । କଣ୍ଟାର ମୁନକୁ ଉକ୍ତ ଜନ୍ତାର ଛିଦ୍ର ମଧ୍ୟରେ ପୂରାଇ ଜନ୍ତାକୁ ଘୂରାଇଲେ କଣ୍ଟାର ଦେହରେ ପେଚର ଘର କାଟି ହୋଇଯାଏ ।]

ପେଚ(ଞ୍ଚ)ଦାର୍—ବୈଦେ. ବିଣ.—୧ । ପେଚ ପରି କୁଣ୍ଡଳମୟ—
Pecha(n̄cha)dār 1. Spiral.
ପେଁଚଦାର ୨ । (ଲକ୍ଷଣାର୍ଥ) ଜଟିଳ (ବିଷୟ)—2. (figurative)
पेचदार; पेचीदा (a matter) Full of intricacies.

ପେଚ(ଞ୍ଚ)ବାଜ୍—ଦେ. ବିଣ.—୧ । କୂଟ ନୀତିବିଶାରଦ; ଫନ୍ଦିବାଜ୍—
Pecha(n̄cha)bāj 1. Tactician; politic.
ପେଁଚବାଜ, ପେଁଚାଓ ୨ । କୌଶଳୀ; ଫନ୍ଦିବାଜ୍; ଫିକରବାଜ୍—
पेचदार 2. Artful; full of stratagems.
୩ । କପଟାଚାରୀ—3. Hypocritical.
୪ । ଯେ ପ୍ରତିଦ୍ୱନ୍ଦୀ ମଲ୍ଲକୁ ପରାସ୍ତ କରିବାର ନାନାବିଧ ଫିକର ଜାଣେ—4. Proficient in the art of throw-
[ପେଚ(ଞ୍ଚ)ବାଜୀ—ବି] ing down the opponent athlete.

ପେଚବାନ୍—ବୈଦେ. ବି. (ଫା)—୧ । ଅଲବଲ୍ଲା ହୁକ୍କାରେ ଲଗାଯିବା ବଡ଼
Pechabān ନଳ—1. A long tube attached to an
ପେଚବାନ **पेचवान** Alaballā hubble-bubble.
୨ । ବଡ଼ ହୁକ୍କା; ଅଲବଲ୍ଲା ହୁକା—
2. A hubble-bubble with pedestal.

ପେଚ(ଞ୍ଚ) ବୁଲା(ଲେ)ଇବା—ଦେ. କ୍ରି.—୧ । ପେଚ କଣ୍ଟାକୁ ଅଣ୍ଡିବା
Pecha(n̄cha)bulā(le)ibā ବା କାଢ଼ିବା କମକୁ ତାକୁ ବାମ
[ପେଚ(ଞ୍ଚ)ମୋଡ଼ିବା—ଅନ୍ୟରୂପ] ବା ଡାହାଣ ଆଡ଼କୁ ଘୂରାଇବା—
ପେଁଚ ଘୁମାନା 1. To turn a screw; to twist the head
पेच घुमाना of a screw in order to screw it in or unscrew it.
୨ । (ଲକ୍ଷଣାର୍ଥ) କୌଶଳ ବା ଗୁଳ୍ପ ପ୍ରୟୋଗ କରିବା—
2. (figurative) To apply a policy or stratagem.

ପେଚ(ଞ୍ଚ) ମାରିବା—ଦେ. କ୍ରି.—୧ । ପ୍ରତିଦ୍ୱନ୍ଦୀ ମଲ୍ଲକୁ ଭୂମିରେ ପକାଇ
Pecha(n̄cha) māribā ଦେବାପାଇଁ ବା ଚିତ୍ କରିବାପାଇଁ
ପେଁଚ ମାରା କୌଶଳଯୁକ୍ତ ଅଙ୍ଗ ସଞ୍ଚାଳନ କରିବା—
1. To perform a trick of
पेच मारना the hands or legs to throw down one's rival athlete or opponent wrestler.

ପେଚ(ଞ୍ଚ)ରେ ପକା(କେ)ଇବା—ଦେ. କ୍ରି.—କୌଣସି ବ୍ୟକ୍ତିକୁ ବିପଦ
Pecha(n̄cha)re pakā(ke)ibā ବା ସଙ୍କଟରେ ପକାଇବା—
ପ୍ୟାଁଚେଫେଲା **पेचमें फसाना** To put a person in an
[ପେଚ(ଞ୍ଚ)ରେ ଗିରା(ରେ)ଇବା—ଅନ୍ୟରୂପ] awkward predicament or in danger.

ପେଚ(ଞ୍ଚ)ରେ ପଡ଼ିବା—ଦେ. କ୍ରି.—୧ । ସଙ୍କଟାପନ୍ନ ଅବସ୍ଥାରେ ପଡ଼ିବା
Pecha (n̄cha)re paṛdibā ହେବା—1. To be in a fix
ପ୍ୟାଁଚେ ପଡ଼ା **पेचमें फसना** or dangr; to come to grief.
୨ । ବିଷମ ସମସ୍ୟାରେ ପଡ଼ିବା—
2. To be in the horns of a dilemma.
୩ । କୂଟ ନୀତିର ଆବର୍ତ୍ତରେ ପତିତ ହେବା—3. To be the victim of a plot or conspiracy.

ପେଚ୍ଚ—ଦେ. ବି. ପୁଂ—(ସ. ପେଚକ)—ପେଚକ; ଉଲୁକ—
Pechā The owl.
(ପେଚ—ଅନ୍ୟରୂପ) [ଦ୍ର—ଏ ଶବ୍ଦକୁ ଉତ୍ତର ଲୋକମାନେ
[ପେଚୀ—ସ୍ତ୍ରୀ] ପେଚା ବୋଲି ଉଚ୍ଚାରଣ କରିଥାଆନ୍ତି ।
ପେଁଚା ଏହା ଗୃଧ୍ରଜାତିର ପ୍ରସହବର୍ଗ ପକ୍ଷିବିଶେଷ । ଏହାର ଆଖି
उल्लू, पेचा ଡବାଡବା ଅର୍ଥାତ୍ ଗୋଲ; ମୁହଁ ଚକା, ଅର୍ଥାତ୍ ମନୁଷ୍ୟର ମୁହଁ ପରି ଗୋଲ ଓ ଚଟକା; ଥଣ୍ଟ ଛୋଟ, ଓ ଉପର ଥଣ୍ଟର ଅଗ ବଙ୍କା; ଗୋଡ଼ରେ ଦାଢ଼ୁଆ ନଖ ଅଛି; ଏହାର ଆଖି ମୁହଁପାଖରେ ପର ବେଢ଼ି ଥିବାରୁ ଏହାର ମୁହଁ ଗମ୍ଭୀର ଦେଖାଯାଏ । ଏହାର ଡେଣା ଖଇରା ବା ପାଣ୍ଡୁଟିଆ ଏବଂ ଧଳା ଛୋଟିଛୋଟିକିଆ । ଏ ରାତ୍ରିଚର ପକ୍ଷୀ । ଏହାକୁ ଦିନରେ ଦେଖାଯାଏ ନାହିଁ । ପେଚ୍ଚ ଦିନଯାକ ଅନ୍ଧାରରେ ବା ଗଛକୋରଡ଼ରେ ଲୁଚିଥାଏ । ରାତି ହେଲାରୁ ଉଡ଼ି କରି ଛୋଟ ଛୋଟ ପକ୍ଷୀମାନଙ୍କ ବସାରେ ଆକ୍ରମଣ କରି ଖାଏ । ଏ ପକ୍ଷୀ ହୁଁ ହୁଁ ରାବ କରେ ଓ ଏହାର ଶବ୍ଦ ଭୟ ବ୍ୟଞ୍ଜକ । ସାଧାରଣତଃ ପେଚ୍ଚ ୧୨।୧୬ ଅଙ୍ଗୁଳ ଲମ୍ବ ହୁଏ । ଏହାର ଗୋଡ଼ ଛୋଟ ଥିବାରୁ ଏ ବସିଲା ବେଳେ ଏହାର ଗୋଡ଼ ପେଟର ପକ୍ଷତଳେ ଲୁଚିଯାଏ ଓ ଏହା ମେଞ୍ଚାଏ ମାଂସ ଭଳି ଦେଖାଯାଏ । ଏ ପକ୍ଷୀ ଲକ୍ଷ୍ମୀଙ୍କର ବାହନ । କିନ୍ତୁ ଏହାକୁ ଲୋକେ ଅଶୁଭର ଶକୁନ ବୋଲି ବିଶ୍ୱାସ କରନ୍ତି । ରାତିରେ ଏ ପକ୍ଷୀ ଯାହାର ଘର ଉପରେ ବା ବାଡ଼ିରେ ରାବ କରେ

ତାହାର ଅସନ୍ନ ବିପଦ ଘଟିବ ବୋଲି ଲୋକେ ବିଶ୍ୱାସ କରନ୍ତି ଓ ଏଥିର ପ୍ରତିକାର ପାଇଁ ଗୃହ ପ୍ରତିଷ୍ଠା ଓ ହୋମାଦି କରନ୍ତି । ଯେଉଁ ସ୍ତ୍ରୀ ସୁନା ଗହଣା କରେ (ମତାନ୍ତରରେ ଲୁହା ଗହଣା କରେ) କିମ୍ବା ଦେଢ଼ଶୁରର ଅଇଣ୍ଠା ଖାଏ ସେ ପରଜନ୍ମରେ ପେଚ୍ଚ ହୋଇ ଜନ୍ମ ହୁଏ ବୋଲି ସ୍ତ୍ରୀଲୋକଙ୍କ ମଧ୍ୟରେ ପ୍ରବାଦ ଅଛି ।

ଅଙ୍ଗ ଭେଦରେ, ସ୍ୱର ଭେଦରେ, ଆକାର ଭେଦରେ ନାନା-ଜାତିର ପେଚ୍ଚ ଅଛନ୍ତି; କିନ୍ତୁ ଆମ ଦେଶରେ ସେମାନଙ୍କର ପୃଥକ୍ ନାମ ନାହିଁ । ବଙ୍ଗଳା ଓ ଇଂରାଜୀରେ ସେମାନଙ୍କର ପୃଥକ୍ ନାମ ଅଛି । ଯଥା—কালপেঁচা—Hawk owl (Ninox Scutulatei); ছোটপেঁচা—Jungle owlet (Glancidium Radiatum); কোটরিয়া পেঁচা—Spotted owlet (Athene Brama); লক্ষ্মীপেঁচা—Barn owl (Stryx Flammia); হুতুমপেঁচা—Brown fish-owl (Ketupa Ceylomensis) । ଇଂରାଜୀରେ ଏହା ଛଡ଼ା—Spotted owl, barred owl, eared owl, flammulated owl, horned owl, screech owl, snowy owl, burrowing owl, ଭିନ୍ନ ଭିନ୍ନ ଜାତୀୟ ପେଚ୍ଚଙ୍କର ନାମ ଅଛି । କାହାର ଅସନ୍ନ ବିପଦ ଘଟିବାର ସୂଚିତ ହେଲେ ଲୋକେ କହୁଥାନ୍ତି ତା ମୁଣ୍ଡରେ ପେଚ୍ଚ ବସିଲାଣି ବା ତା ଉପରେ ପେଚ୍ଚ ଉଡ଼ିଲାଣି ।

ପେଚ୍ଚ ବସିବାବେଳେ ମାଉଁସ ମେଞ୍ଚା ପରି ଦେଖା ଯିବାରୁ ଯେଉଁ ଲୋକ ହାତ ଗୋଡ଼ ସାକୁଡ଼ି ହୋଇ ବସିଥାଏ ତାକୁ କହନ୍ତି ସେ ପେଚ୍ଚଟି ପରି ବସିଛି ।

ଯେଉଁ ପୁରୁଷର ବା ସ୍ତ୍ରୀର ମୁହଁ ପେଚ୍ଚପରି ଗୋଲ ଓ ଚେପ୍ଟା (ଅତଏବ ଅସୁନ୍ଦର) ତାକୁ ପେଚ୍ଚମୁହାଁ ବା ପେଚ୍ଚମୁହାଁ କହନ୍ତି ।

ଯେଉଁ ଲୋକ ବନ୍ଧୁମାନଙ୍କ କୌଣସି ସ୍ଥାନରେ ଘରଭିତରେ ରହୁଥାଏ ଓ ବାହାରକୁ ନ ଆସେ, ଲୋକେ କହନ୍ତି 'ପେଚ୍ଚ କୋରଡ଼ରେ ପଶିଲା ଭଳି ସେ ଘର ଭିତରେ ପଶିଛି' ।

ବାଇବଲରେ ପେଚ୍ଚ ଅଶୁଭ-ସୂଚକ ଓ ଦେଶକ୍ଷୟର ଶକୁନ ଥିବାର କଥିତ ହୋଇଅଛି । ପାଶ୍ଚାତ୍ୟ କବି ଓ ଗଳ୍ପକାରମାନେ ପେଚ୍ଚକୁ ଅଶୁଭ ଶକୁନ ମଧ୍ୟରେ ପରିଗଣିତ କରନ୍ତି ।

ପ୍ରାଚୀନ ଗ୍ରୀକ୍ ଓ ରୋମକମାନେ ଏ ପକ୍ଷୀକୁ ମିନର୍ଭା (ସରସ୍ୱତୀ)ଙ୍କର ବାହାନ ଓ ଜ୍ଞାନର ଚିହ୍ନ ସ୍ୱରୂପ ବିବେଚନା କରୁଥିଲେ ।]

ବିଣ—ପେଚକୀ (ଦେଖ)—Pechakā (See).

ପେଚ୍ଚ ଆଖିଆ—ଦେ. ବିଣ. ପୁଂ—ପେଚ୍ଚ ପରି ଗୋଲ ଆଖିଯୁକ୍ତ—
Pechā ākhiā Owl-eyed.
(ପେଚ୍ଚ ଆଖେଇ—ସ୍ତ୍ରୀ) ପ୍ରାଦେ (ଯାଜପୁର) ବିଣ.—୧ । କୌଣସି କାର୍ଯ୍ୟ ଯେଉଁ ରୂପରେ ଆରମ୍ଭ ହୋଇଥିଲା ତାହା ଛଡ଼ା ଅନ୍ୟ ଏକ ରୂପ ଧାରଣ କରିବା (ଅବସ୍ଥା)—1. (a matter) Taking a form or turn different from the original plan or form towards which it had been progressing.
୨ । ବିଗିଡ଼ିଯିବା (କାର୍ଯ୍ୟ); ଵାଞ୍ଛିଅ ହୋଇଯିବା (ଉଦ୍ୟମ)—
2. Spoiled; frustrated.
(ଯଥା—ମୋ ଶୁଦ୍ଧର ଉଦ୍ୟମଟା ପେଚ୍ଚ ଆଖିଆ ହୋଇଗଲା ।)

ପେଚ୍ଚ ଡାକିବା—ଦେ. କ୍ରି—(ଲକ୍ଷଣାର୍ଥ)—୧ । ଅସନ୍ନ ବିପଦ ବା
Pechā ḍākibā ଅମଙ୍ଗଳର ସୂଚନା ଜଣାଯିବା—
1. (figurative) Forebodings of an impending calamity.
୨ । ପେଚ୍ଚ ରାବିବା (ଦେଖ)—
2. Pechā rābibā (See).

ପେଚ୍ଚ ନାକା—ଦେ. ବିଣ—ଚେପଟା ନାସିକାବିଶିଷ୍ଟ—
Pechā nākā Flat-nosed.
চেপটানাকওয়ালা चिपटानाकवाला
(ପେଚ୍ଚ ନାକିଆ—ଅନ୍ୟରୂପ) (ପେଚ୍ଚ ନାକୀ, ପେଚ୍ଚ ନାକେଇ—ସ୍ତ୍ରୀ)

ପେଚ୍ଚ ବସିବା—ଦେ. କ୍ରି—ଅମଙ୍ଗଳ ସୂଚକ ଶକୁନ ଦେଖାଯିବା—
Pechā basibā Forebodings of impending evil.
(ପେଚ୍ଚ ଉଡ଼ିବା—ଅନ୍ୟରୂପ) (ଯଥା—ତା ମୁଣ୍ଡରେ ବା ଘରେ ପେଚ୍ଚ ବସିଲାଣି, ତା ମୁଣ୍ଡ ଉପରେ ପେଚ୍ଚ ଉଡ଼ିଲାଣି ।)

ପେଚ୍ଚ ମୁହାଁ—ଦେ. ବିଣ. ପୁଂ—ଯାହାର ପେଚ୍ଚ ପରି ଚଟକା ଓ ଅସୁନ୍ଦର
Pechā muhān̐ ମୁହଁ—Owl-faced; flat-faced; ugly-faced.
(ପେଚ୍ଚମୁହୀଁ, ପେଚୀମୁହୀଁ—ସ୍ତ୍ରୀ)

ପେଚ୍ଚ ରାବିବା—ଦେ. କ୍ରି—ପେଚକର ଭୟବ୍ୟଞ୍ଜକ ଧ୍ୱନି
Pechā rābibā The screech of an owl.
[ପେଚ୍ଚଡାକ, ପେଚ୍ଚ ବୋବାଳ, ପେଚ୍ଚ ବୋବା(ବେ)ଇବା, ପେଚ୍ଚରାବ—ଅନ୍ୟରୂପ]

ପେଚ୍ଚ ହେବା—ଦେ. କ୍ରି—ମାଂସ ପିଣ୍ଡୁଳା ପରି ସାକୁ ଯୁକୁ ହୋଇଯିବା—
Pechā hebā To be contracted into a lump or mass.

ପେଚିଲ—ସ. ବି. (ପେଚ + ଇଲ)—ହସ୍ତୀ—
Pechila Elephant.

ପେଚୀ—ଦେ. ବିଣ. ସ୍ତ୍ରୀ—୧ । ପେଚ୍ଚ ପରି ସାକୁ ଯୁକୁ ହୋଇ ବସିଥିବା
Pechi (ବାଳିକା ବା ସ୍ତ୍ରୀ ଲୋକ)—(a woman) Who sits by contracting her limbs like an owl.
୨ । ପେଚ୍ଚମୁହାଁ—2. Owl-faced; flat faced (girl or woman).

ପେଚୁ—ସ. ବି. (ପିଚ୍ ଧାତୁ=ଆଘାତ କରିବା + ଉ)—କଚୁଶାକ; ସାରୁ—
Pechu Arum; Arum Colocasia; colocacia.
(ପେଚୁଲ, ପେଚୁଳୀ—ଅନ୍ୟରୂପ)

ପେଚୁ(ଞ୍ଚୁ)ଆ—ଦେ. ବିଣ—୧ । ପେଚ ପରି ବଙ୍କା—1. Coiled or
Pechu(n̄chu)ā twisted like a screw.
পেঁচবালা पेचीला ୨ । ପେଁଚବାଜ—2. Artful; politic; full of stratagems.

ପେଜ୍—ବୈଦେ. ବି. (ଇଂ)—୧ । ପୁସ୍ତକର ପୃଷ୍ଠା—
Pej পেজ पेज 1. Page of a book.
୨ । ପୃଷ୍ଠାଙ୍କ—2. The figures written on every page of a book.
୩ । ରାଜା ଆଦିଙ୍କ ଅନୁଚର ବାଳକ ଭୃତ୍ୟ—
3. A page or boy attendant of a king.
ପ୍ରାଦେ. (ସମ୍ବଲପୁର; ଶେଷବର୍ଣ୍ଣର ହଲନ୍ତ ଉଚ୍ଚାରଣ) ବି—ପେଜ;
ଭାତର ମଣ୍ଡ—Rice gruel.

ପେଜ୍ ଓହ୍ଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଭାତରୁ ପେଜ ଗାଳିବା—
Pej ohlāibā To let out the scum-water from boiled rice.

ପେଜ୍ ଦେବା—ଦେ. କ୍ରି. (ଇଂ. ପେଜ୍ + ସଂ. ଦା ଧାତୁ) – ପୁସ୍ତକାଦିର
Pej debā ପ୍ରତ୍ୟେକ ପୃଷ୍ଠାରେ ପୃଷ୍ଠାଙ୍କ ଲେଖିବା—
পেজ দেওয়া **पेज देना** To page a book.

ପେଜ୍ ପ୍ରୁଫ୍—ବୈଦେ. ବି. (ଇଂ)—ଛପା ହେବା ବିଷୟ ଶେଷଥର
Pej pruph ସଂଶୋଧିତ ହୋଇ ଛପା ହେବାକୁ ଦିଆଯିବା ମୁଦ୍ରିତ
পেজপ্রুফ **पेजप्रूफ** ଫର୍ଦ୍ଦ—Page proof; final proof of a printed matter.

[ଦ୍ର—କୌଣସି ପାଣ୍ଡୁଲିପି ଛପା ହେବା ପାଇଁ ଛପାଖାନାକୁ ଦିଆ ଗଲେ କମ୍ପୋଜିଟରମାନେ ପ୍ରଥମେ ପାଣ୍ଡୁଲିପିରେ ଥିବା ଅକ୍ଷରମାନଙ୍କୁ ଯୋଡ଼ି ଷ୍ଟିକ୍‌ରେ ବସାନ୍ତି । ସେହି ଯୋଡ଼ା ଷ୍ଟିକ୍‌ରୁ ଯେଉଁ ମୁଦ୍ରଣ ବା ଛାପ କରାଯାଏ ତାକୁ ଗାଲିପ୍ରୁଫ୍ (galley-proof) ବୋଲାଯାଏ । ପ୍ରୁଫ୍‌ରିଡର୍ (ପ୍ରୁଫ୍ ସଂଶୋଧନକାରୀ ବ୍ୟକ୍ତି) ଉକ୍ତ ଗାଲି ପ୍ରୁଫ୍‌କୁ ଦେଖି ସେଥିରେ ଥିବା ଭୁଲମାନ ସଂଶୋଧନ କରନ୍ତି ଓ କମ୍ପୋଜିଟରମାନେ ଉକ୍ତ ସଂଶୋଧନମାନଙ୍କ ଅନୁସାରେ ଗାଲି ପ୍ରୁଫ୍‌କୁ ସଂଶୋଧନ କରନ୍ତି । ମୁଦ୍ରିତ ପୁସ୍ତକ ଯେଉଁ ଆକାରରେ (ଅର୍ଥାତ୍ କ୍ୱାର୍ଟୋ [ଚାରିପେଜି], ଅକ୍ଟେଭୋ [ଆଠପେଜି],ବାରପେଜି, ଷୋଳପେଜି ଆଦି ଆକାରରେ) ଛପା ହେବାର ବିହିତ ଥାଏ ସେହି ଆକାରରେ କମ୍ପୋଜିଟର ସଂଶୋଧିତ ଗାଲିପ୍ରୁଫ୍-ମାନଙ୍କୁ ପୃଷ୍ଠା ପୃଷ୍ଠା କରି ସଜାନ୍ତି । ତା ପରେ ପୃଷ୍ଠା ଅନୁସାରେ ସଜ୍ଜିତ ବିଷୟର ଛପା କରା ଯାଏ । ଏହାକୁ ପେଜ୍‌ପ୍ରୁଫ୍ ବୋଲାଯାଏ । ଏ ପେଜ୍‌ପ୍ରୁଫ୍‌କୁ ପ୍ରୁଫ୍‌ରିଡର୍ ଶେଷଥର ସଂଶୋଧନ କରନ୍ତି ଓ କମ୍ପୋଜିଟରମାନେ ପେଜ୍‌ପ୍ରୁଫ୍‌ରେ ପରିଲକ୍ଷିତ ଭ୍ରମମାନଙ୍କୁ ସଂଶୋଧନ କଲା ପରେ ଉକ୍ତ ପେଜ୍‌ପ୍ରୁଫ୍‌ରୁ ଅନ୍ତିମ ମୁଦ୍ରଣ କରାଯାଏ ।]

ପେଜ—ଦେ. ବି. (ସଂ. ପେୟ)—ରନ୍ଧା ଭାତର ଫେଣ; ଭାତ ରାନ୍ଧିଲେ
Peja ଯେଉଁ ଫେନମୟ ଜଳ ବାହାରେ— Water let down
ফেন, মাড় from a pot of boiling rice; foam-broth
पीच, माँड़ of boiling rice; scum of boiled rice.
ପ୍ରାଦେ. (ଜୟପୁର) ବି—ଭାତ; ପକ୍ୱାନ୍ନ—Boiled rice.
(ବସ୍ତର ଓ ଜୟପୁର)—ଜାଉ—Rice-gruel.
(ସମ୍ବଲପୁର ଓ ଲରିଆ ଭାଷା)—ପଖାଳ—Moistened boiled rice,
(ଯଥା—ତଏଁ ପେଜ୍ ଖାଓନ୍‌କା ?—ତୁମ୍ଭେ ପଖାଳ ଖାଇଲଣି କି ?)

ପେଜ ଖାଇଯିବା—ପ୍ରାଦେ. (ଯାଜପୁର) କ୍ରି—ଘଟ ଘଟ ହେବା (ଦେଖ)
Peja khāijibā Ghaṭa ghaṭa hebā (See)

ପେଜ ନଳା— ଦେ. ବି— ଯେଉଁ ନଳାବାଟେ ରୁଷେଇ ଘରୁ ବାହାର
Peja naḷā ଆଡ଼କୁ ପେଜ ଢଳା ହୋଇ ବୋହିଯାଏ—
The pipe or drain which conveys the scum of boiled rice from the cook-room.

ପେଜ ପାଣି—ଦେ. ବି—ପେଜ ମିଶ୍ରିତ ଜଳ; ତୋରାଣି—
Peja pāṇi Water mixed with scum.
[ଦ୍ର—ପେଜ ପାଣି ସଙ୍ଗେ କୁଣ୍ଡାଗୋଳାଇ ଗୋରୁଙ୍କୁ ଖାଇବାକୁ ଦିଆଯାଏ ।]

ପେଜ ପାଣି ହାଣ୍ଡି—ଯେଉଁ ହାଣ୍ଡିରେ ଗୋରୁମାନଙ୍କୁ ଖୋଇବା ନିମନ୍ତେ
Peja pāṇi hāṇḍi ଭାତରୁ ଗଳା ହେବା ପେଜ ଢଳା ହୋଇ ରଖା ଯାଇଥାଏ—The pot iu which the scum of boiled rice is kept for feeding cattle.

ପେଜ ଭାତ—ପ୍ରାଦେ. (କଳାହାଣ୍ଡି) ବି—ପଖାଳ ଭାତ—
Peja bhāta Moistend rice.

ପେଜି—ବୈଦେ. ବିଣ. (ଇଂ. ପେଜ୍ ସଙ୍ଗେ ଦେଶୀ ଇ ପ୍ରତ୍ୟୟ; ଏହା
Peji ଅନ୍ୟ ସଂଖ୍ୟାବାଚକ ଶବ୍ଦ ସହିତ ଯୁକ୍ତ ହୁଏ, ଯଥା—
পেজী ବାରପେଜି, ଆଠପେଜି ଇତ୍ୟାଦି)—୧ । (ଏତେ) ପୃଷ୍ଠାଯୁକ୍ତ—
पेजी 1. Having (so many) pages.
୨ । ଯେଉଁ କାଗଜର ଏକ ଫରଦକୁ ଭାଙ୍ଗ କଲେ ଏତେ (୪।୮।୧୨।୧୬।୩୨ ଇତ୍ୟାଦି) ସଂଖ୍ୟକ ପୃଷ୍ଠା ହୁଏ—
2. (equivalent to 'paged' in the words eight-paged, twelve-paged) Having so many pages to each sheet.

ପେଜୁଆ – ଦେ. ବିଣ — ୧ । ପେଜ ମିଶ୍ରିତ—
Pejuā 1, Mixed with froth or scum of boiled rice.
୨ । ପେଜପରି ଢଳ ଢଳ ଦେଖାଯିବା; ଫେନିଳ—
2. With a frothy or scummy appearance.
୩ । ଅତ୍ୟଧିକ ରୂପେ ସିଦ୍ଧ ହେବାରୁ ପେଜମିଶା (ଅନ୍ନ)—
3. Over boiled (rice).
୪ । ଜାଉପରି କାଠୁଆ—4. Gruelly; thick like gruel.

ପେଟ୍‌ନା—ପ୍ରାଦେ. (ଉତ୍ତରଭାଷା) କ୍ରି—ପିଟିବା—
Peṭ-nā (ପେଟ୍‌ବା—ଅନ୍ୟରୂପ) To beat.

ପେଟ—ସଂ. ବି. (ପିଟ୍ ଧାତୁ=ସଂହତ ହେବା+ଅ, ଯହିଁରେ ପଦାର୍ଥ ସବୁ
Peṭa ସଂଗୃହୀତ ହୋଇ ରକ୍ଷିତ ହୁଏ)—୧ । ପେଟରା—
1. A box or trunk with a moving lid.
୨ । ପେଡ଼ା; ପେଡ଼ି—
2. A basket with a removeable lid.
୩ । ସମୂହ—3. Multitude.
୪ । ଜୀବିକା; ଉଦର ପୂରଣ—4, Livelihood.
୫ । ହସ୍ତର ବିସ୍ତାର; ଚପେଟା—5. The open palm with the fingers extended.
୬ । ଥଳି—6. Bag.
ଦେ. ବି. (ପ୍ରା. ପୋଟ୍ଟ=ଉଦର, ତୁଳ. ମ. ପୋଟ, ପୋଟ୍, ସଂ. ପେଟ=ଥଳି)—୧ । ଜଠର; ଉଦର—
2. Belly; stomach.

ଚକ୍ର-ବକ୍ରରୁ ପେଟ ହେବାକାଳେ ଶକଟ ହେଲାଟି ଯାହା ସେ ବଳେଇ ମୃତୁ
କ ଥିଲା କହ ଜଣା ଏବେ ଯାଉଛି ଶୁଣା ରୁ ପୁଣି ତୃଷ୍ଣେ ଘଣ୍ଟି ଗ୍ରନ୍ଥ ଲହୁ—
କବିସୂର୍ଯ୍ୟ. ସଙ୍ଗୀତ ।

[ଦ୍ର—ମନୁଷ୍ୟ ଦେହର ନାଭିର ଉପରସ୍ଥ ଓ ଛାତିର ତଳ ଅଂଶକୁ ସାଧାରଣତଃ ପେଟ ବା ଉପର ପେଟ ଓ ନାଭିତଳର ଅଂଶକୁ ତଳ ପେଟ ବୋଲାଯାଏ ।]

୨ । ସ୍ତ୍ରୀର ଗର୍ଭ—2. Womb.

ବହୁତ ଦେଲୁ ପୁତ୍ର କଷ୍ଟ
ଗୋଡ଼ ନର୍କକୁ ମୋର ପେଟ – ଜଗନ୍ନାଥ. ଭାଗବତ ।

[ଦ୍ର—ପେଟର ଉପର ଚମଡ଼ା, ପେଟର ଅନ୍ତର୍ଦେଶ, ସ୍ତ୍ରୀମାନଙ୍କ ଗର୍ଭ, ସ୍ଥୂଳୋଦର ଇତ୍ୟାଦି ଅର୍ଥରେ ଏ ଶବ୍ଦ ବ୍ୟବହୃତ ହୁଏ ।]

୩ । ଗର୍ଭାବସ୍ଥା—3. Pregnancy.

୪ । (ଲକ୍ଷଣାର୍ଥ) କୌଣସି ବସ୍ତୁର ମଧ୍ୟଭାଗ—
4 The middle portion of a thing.
(ଯଥା— ଗଛର ପେଟରେ ବହୁତ ପାଣି ଜମା ହୋଇଛି ।)

୫ । ଅନ୍ତର୍ଭାଗ—5. The interior of a thing.

୬ । କୌଣସି ଗୋଲାକାର ବସ୍ତୁର ବୃତ୍ତ ମଧ୍ୟସ୍ଥ ପାଖ—
6. The concave side of a circular thing.

୭ । ମନ; ଅନ୍ତର; ହୃଦୟ; ମସ୍ତିଷ୍କ—
7. Mind; heart; brain.

ଚମତ୍କାର କଥା ଦେଖି ପେଟରେ କପଟ ରଖି
ଭୋଗେ ନାହିଁ କହନ୍ତି ସେନ ରେ – କବିସୂର୍ଯ୍ୟ. ଜଗୋ ସାତମ୍, ବ-ଗୀତ ।

୮ । ଫୋଲ୍ ବସ୍ତୁର ଅନ୍ତର୍ଦେଶ—
8. The inside of a hollow thing.

୯ । ଜୀବିକା—6 Livelihood.

୧୦ । ବନ୍ଧୁକ ତୋପ ଆଦିର ଗର୍ଭ—
10. The barrel of a gun or cannon.

୧୧ । ପରିବାରରେ ପୋଷା ହେବା ବ୍ୟକ୍ତି—
11. Member of a family.
(ଯଥା—ମୁଁ କେଉଁଣ କେତୋଟା ପେଟ ପୋଷି ପାରିବି ନାହିଁ ?)

ପେଟ ଆଉଟି ହେବା—ଦେ. କ୍ରି—ଭୋକରେ ପେଟର ଭିତର ଘାଣ୍ଟି ହେବା—Agitation inside the belly due to fasting.
Peṭa āuṭi hebā
পেট ঢক ঢক করা

ପେଟ ଉ(ଓ)ଲଟିବା—ଦେ. କ୍ରି—୧ । ଅଜୀର୍ଣ୍ଣ ଯୋଗୁଁ ହଠାତ୍ ଝାଡ଼ା ବା ବାନ୍ତିର ବେଗ ଜଣାଯିବା—1. A tendency to vomit or pass stools as a result of indigestion.
Peṭa u(o)laṭibā
পেট উলটা, পেট চলা
पेटचलना
(ପେଟ ଲେଉଟିବା—ଅନ୍ୟରୂପ) ୨ । ଅଜୀର୍ଣ୍ଣ ଯୋଗୁଁ ଖୁବ୍ ଝାଡ଼ା ହେବା—2. Passing of copious stools owing to indigestion.

ପେଟ ଉଶ୍ୱାସ ଲାଗିବା—୧ । (ଝାଡ଼ା ବା ଅଧୋବାୟୁ ହେବାଦ୍ୱାରା) ଗର୍ଭରେ ଅନୁଭୂତ ଅସ୍ୱସ୍ତି ବା ଯନ୍ତ୍ରଣା କମିବା—1. Feeling of easiness after the subsidence of stomach troubles, or after a good evacuation.
Peṭa uśwāsa lāgibā
পেট হালকা হওয়া
पेट हलका होना
(ପେଟ ଉଶ୍ୱାସ ହେବା—ଅନ୍ୟରୂପ)
୨ । ପ୍ରସବଦ୍ୱାରା ଗର୍ଭର ଭାର କମିବା—
2. Feeling of easiness after child birth.

ପେଟକ—ସଂ. ବି. (ପେଟ + ସ୍ୱାର୍ଥେ. କ)—୧ । ଗୋଲ ପାତ୍ର; କୁମ୍ଭା; ବୋତଲ—1. A bottle or a round pot.
Peṭaka
୧ । ମୁହଁରେ ଢାଙ୍କୁଣି ଥିବା ଛୋଟ ପେଡ଼ି; ପେଡ଼ୀ—
2. Basket with a lid; casket.
୩ । ପେଡ଼ି; ପେଟେଶ୍ୱ—
3. An enclosed receptacle.
୪ । ବାକ୍ସ—4. Box.
ଦେ. ବି—ଉଦର ପୂର୍ଣ୍ଣ ଏକଥର ଭୋଜନ—
A bellyful of food.

ପେଟ କଅଣ ହେବା—ଦେ. କ୍ରି—୧ । ପେଟରେ ବ୍ୟଥା ହେବା; ପେଟକୁ ମାରିବା—1. Colic pain
Peṭa ka-aṇa hebā
পেট খুঁচান, পেট কেমন কেমন করা
୨ । ଅଜୀର୍ଣ୍ଣ ବା ବାୟୁ ଯୋଗୁଁ ପେଟରେ ଦୁଃଖାନୁଭୂତି—2. Stomachic trouble due to indigestion or wind.
पेट दुखना
ପେଟ ଖେଞ୍ଚିବା, ପେଟ ବଥା(ଥୋ)ଇବା, ପେଟ ଖେଞ୍ଚି ହେବା, ପେଟ ଦୁଖା(ଖୋ)ଇବା ପେଟ ଦୁଖ ହେବା } ଅନ୍ୟରୂପ

ପେଟ କଁ କଁ ହେବା—ଦେ. କ୍ରି—୧ । କ୍ଷୁଧା ସମୟରେ ନ ଖାଇବା ଯୋଗୁଁ ପେଟରେ କଁ କଁ ଶବ୍ଦ ହେବା—1. A sound in the belly due to hunger.
Peṭa kan̄ kan̄ hebā
পেট চুই চুই করা
(ପେଟ କଅଁ କଅଁ ହେବା—ଅନ୍ୟରୂପ)
୨ । ଅନ୍ତ୍ରକୋଷଜନିତ ପେଟ ମଧ୍ୟରେ ଶବ୍ଦ—
2. The sound of the intestines descending to and going out of the testicles in Hernia.

ପେଟ କଟା—ଦେ. ବି—ପେଟ ଚିରା ବନ୍ଧୁକ—Breach loader.
Peṭa kaṭā
ପେଟ କଟା ସାତ ହାତ ବନ୍ଧୁକ । ଗରଜାଳ ବାଣ ସରୁଠୁଁ ଦେବ—
ବ୍ରଜନାଥ. ସମରତରଙ୍ଗ ।
(ପେଟ କଟା ନଳ—ଅନ୍ୟରୂପ)

ପେଟ କପଟୀ—ଦେ. ବିଣ—ଅନ୍ତ କପଟୀ (ଦେଖ)
Peṭa kapaṭī — Anta kapaṭī (See)
(ପେଟ କପଟିଆ—ଅନ୍ୟରୂପ)

ପେଟ କରିବା—ଦେ. କ୍ରି—୧ । ପେଟ କାଢ଼ିବା (ଦେଖ)
Peṭa karibā — 1. Peṭa kārdhibā (See)
୨ । ପେଟରେ କରିବା (ଦେଖ)—
2. Peṭare karibā (See)
ବନକୁ ଏକାକୀ କେବେ ନ ଯିବୁ ଅଛି ବା
ବନେ ମିଶି ପେଟ କରି ଦେବେ ଋଷି ଖୋକା—
ବ୍ରଜବନ୍ଧୁ. ମହାଭାରତ. ମଧ୍ୟ ।

ପେଟ କଲ କଲ ହେବା—ଅଜୀର୍ଣ୍ଣ ଓ ବାୟୁ ଯୋଗୁଁ ପେଟମଧ୍ୟରେ ଶବ୍ଦ ହେବା—Sounds inside the stomach due to wind and indigestion.
Peṭa kaḷa kaḷa hebā
পেট কল কল করা
पेट गुड़गुड़ाना
ପେଟ ଭୁ ଭୁ ହେବା, ପେଟ ଡାକ ଦେବା, ପେଟ ଡାକିବା; ପେଟ ଘୁ ଘୁ ହେବା; ପେଟ ଘୁ ଘୁ ଡାକିବା } ଅନ୍ୟରୂପ

ପେଟ କଷ୍ଟ—ଦେ. ବି—୧ । ପେଟର ଜ୍ୱାଳା; କ୍ଷୁଧାର ଜ୍ୱାଳା—
Peṭa kashṭa — 1. Pangs of hunger.

পেটের কষ্ট ୨ । ପର୍ଯ୍ୟାପ୍ତ ଭୋଜନ ନ ମିଳିବାର ଦୁଃଖ—
पेटकी मार 2. Lack of enough food; malnutrition.

ପେଟ କାଟ—ଦେ. ବି—୧ । ଖାଦ୍ୟ ବନ୍ଦ କରିବା—
Peṭa kāṭa 1. Stopping of one's food.
পেট কাটা ପେଟ କାଟ ମୁଣ୍ଡ କାଟ ଏକା କଥା—ଢଗ ।
पेट काटना ୨ । ପୂର୍ଣ୍ଣ ଭୋଜନ ନ କରି ଅଳ୍ପ ଅଳ୍ପ ଖାଇବା—
2. Taking less than one's usual meal.
୩ । ବ୍ୟୟ ଲାଘବ କରଣାର୍ଥ ଅଳ୍ପ ଖାଇବା—
3 Eating less than what is necessary with a view to retrenchment.

ପେଟ କାଟି କାଟି ହେବା—ଦେ. ବି—ପେଟରେ ଶୂଳ ହେବା—
Peṭa kāṭi kāṭi hebā Colic pain.
পেট কামড়ান **पेटका पाड़ा होना**
[ପେଟ କାଟ ହେବା, ପେଟ କାମୁଡ଼ିବା (କାମୁଡ଼ି ହେବା), ପେଟ ଟାଣିବା, ପେଟ ଟାଣି ହେବା, ପେଟକୁ ମାରିବା,ପେଟ ମୋଡ଼ି ହେବା—ଅନ୍ୟରୂପ]

ପେଟ କାଟିବା—ଦେ. କ୍ରି—ଖାଦ୍ୟ ଦ୍ରବ୍ୟର ପରିମାଣ କମ କରିବା—
Peṭa kāṭibā To lessen one's usual quantity
পেট কাটা **पेट काटना** (ପେଟ ମାରିବା—ଅନ୍ୟରୂପ) of meal.

ପେଟ କାଢ଼ିବା—ଦେ. କ୍ରି—୧ । ସ୍ଥୂଳୋଦରଯୁକ୍ତ ହେବା—
Peṭa kārḍhibā 1. To be pot-bellied.
(ପେଟ ବାହାର କରିବା—ଅନ୍ୟରୂପ) ୨ । ସ୍ଫୀତଗର୍ଭଯୁକ୍ତ ହେବା—
পেট বাহির করা 2. To exhibit a swollen belly (due to
पेट निकालना corpulence or advancad pregnancy).

ପେଟ କାବୁରା—ଦେ. ବି. ପୁଂ—ପେଟୁ; ଉଦରମ୍ଭରି—
Peṭa kāburā Greedy; gluttonous.
(ପେଟ କାବୁରୀ—ସ୍ତ୍ରୀ) পেট সর্বস্ব **पेटार्थु**

ପେଟ କାମୁଡ଼ା—ଦେ. ବି—୧ । ଉଦର ପୀଡ଼ା; ଶୂଳ ରୋଗ—
Peṭa kāmurḍā 1. Colic pain; belly-ache.
পেট কামড়া ୨ । ଉଦର ବଥାଇବା—
पेट गड़ना 2. Pain in the bowels
(ପେଟ ଶୋଷା, ପେଟ ଠଣା, ପେଟ ଟାଣିବା, ପେଟ ବଥା, ପେଟ ବନ୍ଧା, ପେଟ କାମୁଡ଼ି ହେବା, ପେଟ ମରା—ଅନ୍ୟରୂପ)

ପେଟକୁ ଖାଇବା—ଦେ. କ୍ରି—୧ । ଉଦର ପୂରଣ କରିବା—
Peṭaku khāibā 1. To take food.
୨ । କୌଣସି ରୋଗର ପ୍ରତିକାର ପାଇଁ ଭକ୍ଷ୍ୟ ଔଷଧ ବ୍ୟବହାର କରିବା—2. To take or eat a medicine.

ପେଟକୁ ଦାନା ଯିବା—ଦେ. ବି—୧ । ଖାଦ୍ୟ ଦ୍ରବ୍ୟ ଉଦରସ୍ଥ ହେବା—
Peṭaku dānā jibā 1. Eating of food.
পেটে অন্ন যাওয়া ୨ । ଖାଦ୍ୟ ରୁଚିବା—2. Eating
[ପେଟକୁ ଅ(ଆ)ଧାର ଯିବା—ଅନ୍ୟରୂପ] with relish
(ଯଥା—ଦୁଇ ମାସ ଜ୍ୱରରେ ପଡ଼ି ମୋ ପେଟକୁ ଦାନା ଯାଉ ନାହିଁ ।)

ପେଟକୁ ଦେଇ ପିଠିକି ମାରିବା—ଦେ.କ୍ରି—କୌଣସି ବ୍ୟକ୍ତିକୁ ଖାଇବାକୁ
Peṭaku dei piṭhiki māribā ଦେଇ ତାକୁ ପ୍ରହାର କରିବା-
পেটে দিয়ে পিঠে মারা To give a person food and then
(ପେଟରେ ଦେଇ ପିଠିରେ ମାରିବା—ଅନ୍ୟରୂପ) beat him.

ପେଟକୁ ମାରିବା—ଦେ. ବି—୧ । ଶୂଳ ରୋଗ—
Peṭaku māribā 1. Colic pain.
କ୍ରି—ଝାଡ଼ା ପରିଷ୍କାର ହେବା ବିଶ୍ୱାସରେ ପେଟରେ ହାତ ଦ୍ୱାରା ଫୁଟୁକି ମାରିବା—To pat on the belly (with a belief that thus there will be a cleansing of the bowels).

ପେଟକୁ ଯିବା—ଦେ. କ୍ରି—(ଖାଦ୍ୟ) ଉଦରସାତ୍ ହେବା; ଖିଆ ହେବା-
Peṭaku jibā To be eaten.
(ପେଟରେ ପଡ଼ିବା—ଅନ୍ୟରୂପ) পেটে পড়া **पेटमे जाना**

ପେଟ ଖଙ୍କାରି(ଲି)ବା—ଦେ. କ୍ରି—ପେଶିକୁ ସଂକୋଚନ କରିବା ଦ୍ୱାରା
Peṭa khaṅkāri(li)bā ପେଟକୁ ଗହ୍ୱରାକୃତ କରିବା—
(ପେଟ (ଖ)ଖାଙ୍କିବା—ଅନ୍ୟରୂପ) To make the belly recede towards the back by muscular effort.

ପେଟ ଖସା—ଦେ. ବି—ଗର୍ଭପାତ—
Peṭa khasā Abortion; miscarriage.

ପେଟ ଖସା(ସେ)ଇବା—ଦେ. କ୍ରି—୧ । ହାତ ଦ୍ୱାରା ପେଟରେ ତେଲ
Peṭa khasā(se)ibā ମର୍ଦ୍ଦନ କରି ଉପରୁ ତଳକୁ ଓ ତଳୁ
পেট খসা ଉପରକୁ ହାତ ଚଳାଇବା—
1. To massage the outside of the stomach.
୨ । ସ୍ତ୍ରୀର ଗର୍ଭସ୍ରାବ ବା ଗର୍ଭପାତ କରିବା; ପେଟ ଭଙ୍ଗାଇବା—
2. To cause abortion; to bring about miscarriage.

ପେଟ ଖସିବା—ଦେ. ବି—୧ । ପେଟ ଖସା (ଦେଖ)
Peṭa khasibā 1. Peṭa khasā (See)
পেট খসা ୨ । ଜନ୍ମ କରିବା ସମୟ ନିକଟବର୍ତ୍ତୀ ବା ଆସନ୍ନ ହେବାରୁ ଗର୍ଭର ଫଳ୍ପ ତଳପେଟକୁ ଖସି ଆସିବା—
2. The swelling of the belly descending to the abdomen just before a woman is confined.

ପେଟ ଖୁଞ୍ଚି ହେବା—ଦେ. ବି—ଉଦର ମଧ୍ୟରେ କଣ୍ଟା ଫୋଡ଼ିବା ପରି
Peṭa khuñchi hebā ଯନ୍ତ୍ରଣା ହେବା; ପେଟକୁ ମାରିବା—
পেট খুঁচা Stinging sensation inside the
पेटकी पीड़ा होना stomach; colic pain.
[ପେଟ କଣ୍ଟା ମାଇ(ରି)ଲା ଭଳି ହେବା—ଅନ୍ୟରୂପ]

ପେଟ ଗଡ଼ ଗଡ଼ ହେବା—ଦେ. ବି—ଅଜୀର୍ଣ୍ଣ ବା ବାୟୁଯୋଗୁଁ ପେଟ
Peṭa garḍa garḍa hebā ମଧ୍ୟରେ ଶବ୍ଦ—Noise in
পেট গড় গড় করা the stomach due to indiges-
पेट गुड़गुड़ाना tion or bowel complaints.
(ପେଟ ଖରାପ ହେବା, ପେଟ ଗଡ଼ବଡ଼ ହେବା, ପେଟ ଗଡ଼ବଡ଼ ହେବା, ପେଟ ଡାଡ଼ି ହେବା, ପେଟ ଗୁଡ଼ୁଗୁଡ଼ୁ ହେବା, ପେଟ ଫୁହି ଫୁହି ହେବା —ଅନ୍ୟରୂପ)

ପେଟ ଗଡ଼ବଡ଼(ଡ଼ି)—ଦେ. ବି—ଉଦରସ୍ଥ ପାକଯନ୍ତ୍ରର କ୍ରିୟା ଖରାପ ହେବା—Derangement of the stomach.
Peṭa gar̤dabar̤da(r̤di)
ପେଟ খারাপ **पेटकी गड़बड़ी**
(ପେଟ ବିଗିଡ଼ା, ପେଟ ବିଗିଡ଼ିବା—ଅନ୍ୟରୂପ)

ପେଟ ଘୁ ଘୁ ହେବା—ଦେ. ବି.—ବହୁକାଳ ନ ଖାଇଲେ ଖାଲି ପେଟରେ ଘୁ ଘୁ ଶବ୍ଦ ଶୁଣା ଯିବା—A sound heard inside the stomach of a person who has been fasting.
Peṭa ghu ghu hebā
পেট হড় হড় করা
(ପେଟ ଘୁରୁ ଘୁରୁ ହେବା—ଅନ୍ୟରୂପ)

ପେଟ ଘାଣ୍ଟି ହେବା—ଦେ. ବି.—୧ । ଅଜୀର୍ଣ୍ଣ ବା ବାୟୁ ଯୋଗୁଁ ଉଦର ମଧ୍ୟରେ ଆନ୍ଦୋଳନ ଓ ଶବ୍ଦର ଅନୁଭୂତି ହେବା—1. Agitation inside the stomach due to indigestion or wind.
Peṭa ghāṇṭi hebā
ପେଟ ଘାଣ୍ଟି ଚକଟ ହେବା; ପେଟ ଚକଟ ହେବା; ପେଟ ଗୁଳୁଣ୍ଡି ହେବା } ଅନ୍ୟରୂପ
पेटमें खलबली पड़ना
୨ । ଘୋର ଚିନ୍ତା—2. Great anxiety.

ପେଟ ଚିରିବା—ଦେ. କ୍ରି—୧ । ଗର୍ଭିଣୀର ପେଟକୁ ଅସ୍ତ୍ରଦ୍ୱାରା ଚିର ଶିଶୁକୁ ବାହାର କରିବା—1. To rip open the stomach of a pregnant woman and bring out the child from it.
Peṭa chiribā
পেট হাসান
पे चीरना
[ଦ୍ର—ପ୍ରସବ କରି ନ ଥିବା ପୂର୍ଣ୍ଣଗର୍ଭା ସ୍ତ୍ରୀ ମୃତା ହେଲେ ଶ୍ମଶାନରେ ତାହାର ଗର୍ଭ ଚିରି ହୋଇ ତା ପେଟରୁ ଭ୍ରୂଣ କଢ଼ା ହେବା ପରେ ମାତାର ଶବକୁ ଓ ଭ୍ରୂଣକୁ ଦାହ କରାଯାଏ । ଏଥିପାଇଁ ସ୍ତ୍ରୀମାନଙ୍କ ମଧ୍ୟରେ ଗୋଟିଏ ଗାଳି ଅଛି 'ତୋ ପେଟ ଚିରା ହେଉ' ଅର୍ଥାତ୍ ତୁ ପ୍ରସବ କରି ନ ପାରି ମରୁ ।]
୨ । ଉଦର ମଧ୍ୟସ୍ଥ ଅର୍ବୁଦ ଆଦିକୁ ଚିକିତ୍ସା କରିବା ପାଇଁ ପେଟରେ ଅସ୍ତ୍ରୋପଚାର କରିବା—2. To perform an operation in the stomach.

ପେଟ ଛପା(ପେ)ଇବା—ଦେ. କ୍ରି.—ନିଜର ଗର୍ଭାବସ୍ଥା ଗୋପନ କରିବା—To conceal one's pregnancy.
Peṭa chhapā(pe)ibā
[ପେଟ ଲୁ(ଲ୍ଲ)ଚ୍(ଚୋ)ଇବା—ଅନ୍ୟରୂପ]
(ଯଥା—ଧାଇକୁ ପେଟ ଛପାଇବା ନ୍ୟାୟ ।)

ପେଟ ଜଳିବା—ଦେ. ବି.—ଜଠରାଗ୍ନି ପ୍ରଜ୍ୱଳିତ ହେବା; କ୍ଷୁଧାରେ ଅସ୍ଥିର ହେବା—Acute hunger; pangs of hunger.
Peṭa jaḷibā
পেট জলা **पेट जलना**
(ପେଟ ପୋଡ଼ିବା; ପେଟ ପୋଡ଼ିଯିବା—ଅନ୍ୟରୂପ)

ପେଟ ଜାଳା—ଦେ. ବି.—୧ । ଅନ୍ନ ଚିନ୍ତା—
Peṭa jāḷā 1. Anxiety for getting one's meal
(ପେଟ ଜ୍ୱାଳା—ଅନ୍ୟରୂପ) ୨ । କ୍ଷୁଧାର ଜ୍ୱାଳା—
পেটের জ্বালা **पेटकी पीड़ा** 2. The pangs of hunger.
୩ । ଉପର୍ଯ୍ୟୁପରି ଗର୍ଭବତୀ ହେବାର ଯନ୍ତ୍ରଣା—3. The pangs due to repeated pregnancy.

ପେଟ ଟାଣି ବସିବା—ଦେ. କ୍ରି.—ପୂର୍ଣ୍ଣ ଭୋଜନ ପରେ ଉଚ୍ଚ ପେଟ ଦେଖାଇ କରି ବସିବା—To sit with a protruding belly after a full meal.
Peṭa ṭāṇi basibā
পেট দেখান
पेट दिखाना
ଭୋଜନ କରି ସୁଖେ ବସେ ପେଟ ଟାଣି ।
କୃଷ୍ଣସିଂ. ମହାଭାରତ. ସଭା ।

ପେଟ ଟାଣିବା—ଦେ. କ୍ରି.—ପେଟକୁ ମାରିବା—
Peṭa ṭānibā Colic pain.

ପେଟ ଥଣ୍ଡା ହେବା—ଦେ. ବି.—୧ । ଖାଦ୍ୟଦ୍ୱାରା ଜଠରାଗ୍ନିର ଶାନ୍ତି; ଭୋଜନଦ୍ୱାରା ପରିତୃପ୍ତି—
Peṭa thaṇḍā hebā
পেট ঠাণ্ডা হওয়া 1. Satiety on taking food.
पेट थयड़ा होना ୨ । ଔଷଧାଦି ପ୍ରୟୋଗରେ ଉଦର ମଧ୍ୟରେ ଅନୁଭୂତ ଦାହର ନିବୃତ୍ତି—2. Allevation of burning sensation inside the stomach by medicine.

ପେଟ ଦରଜ(ଦ) ହେବା—ଦେ. ବି.—୧ । ପେଟରେ ଦରଜ ବୋଧ ହେବା—Pain in the stomach.
Peṭa daraja (da) hebā
পেটের দর্জ **पेटकी दर्द पेटमें बल पड़ना**
ପେଟ ଧରିବା, ପେଟ ପଗ୍ରଶ ହେବା, ପେଟ ପ୍ରାଣ ହେବା } ଅନ୍ୟରୂପ
୨ । ବହୁତ ହସିବା ଯୋଗୁଁ ପେଟରେ ବ୍ୟଥା ଜନ୍ମିବା—2. A feeling of distress in the belly due to laughing too much.

ପେଟ ଦୁଃଖ—ଦେ. ବି.—୧ । ପାକ ଯନ୍ତ୍ରର ବିକ୍ରିୟା—
Peṭa duḥkha 1. Derangement of the stomach; digestive troubles.
পেটের দুখ **पेट दुखना**
(ପେଟ ଦୁଖ, ପେଟର ଦୁଃଖ—ଅନ୍ୟରୂପ)
୨ । ମନୋଗତ ବେଦନା—2. Internal trouble.
ସେ ପର କହେଇ ପେଟର ଦୁଃଖ ଜାଣି ପାରେ—ଭଗ ।
୩ । ପେଟ ମଧ୍ୟରେ ହେଉଥିବା ବେଦନା—
3. The pangs felt inside the belly.
ପେଟ ଦୁଖ କିଠି କାହୁଁ ଜାଣିବ ?—ଭଗ

ପେଟ ଦେଖା(ଖେ)ଇବା—ଦେ. କ୍ରି.—୧ । ଗର୍ଭଧାରଣ ହେବା ନ ହେବା ବିଷୟ ପରୀକ୍ଷା କରିବା ପାଇଁ ଧାଇକୁ ପେଟ ଦେଖାଇବା—1. To have one's belly examined by a midwife to find out if one is pregnant.
Peṭa dekhā (khe)ibā
পেট দেখান
पेट दिखाना
୨ । ନିଜର ଖାଦ୍ୟାଭାବ ମୋଚନାର୍ଥ ଦାତା ଆଦିକୁ ଆପଣା ଅବସ୍ଥା ଜଣାଇବା—1. To express one's want before a doner.

ପେଟ ଧନ୍ଦା—ଦେ. ବି.—୧ । ଜୀବିକା ନିର୍ବାହର ଉପାୟ—
Peṭa dhandā 1 Means of livelihood.
(ପେଟର ଧନ୍ଦା—ଅନ୍ୟରୂପ) ୨ । ନିଜର ଭୋଜନାର୍ଥ ପାକ କ୍ରିୟାର ଉଦ୍‌ଯୋଗ—2. Preparation for cooking one's meal.
পেটের ধাঁধা
पेटका धंधा

ପେଟନ—ସ. ବି—(ପିଟ୍ ଧାତୁ+ଅନ)—ମାରିବା; ପିଟିବା—
Peṭana Striking; beating.

ପେଟ ପାଟଣା—ଦେ. ବି—ଜୀବିକା—
Peṭa pāṭaṇā (one's) Living; means for living; livelihood.

ପେଟ ପାର—ଦେ. ବ—ଡଙ୍ଗାର ପେଟରେ ବା ତଳରେ ଆଡ଼ ବାଗରେ
Peṭa pāri ଦିଆଯାଇଥିବା ଠେସ କାଠ—A cross-piece of
[ପେଟ ପାର(ରେ)ଣୀ—ଅନ୍ୟରୂପ] wood given at the bottom of a country boat.
[ଦ୍ର—ଏହା ଡଙ୍ଗାର କାନ୍ଥ ଦ୍ୱୟର ମୂଳକୁ ଟେସି କରି ରଖେ ।]

ପେଟ ପିଲା—ଦେ. ବ—୧ । ଗର୍ଭସ୍ଥ ଭ୍ରୂଣ—
Peṭa pilā 1. Fœtus; embryo.
ପେଟେରବାଛା **पेटकीबच्चा** ଗର୍ଭବନ୍ତ ମାତା ଯେ ପେଟ ପିଲାଟି
ଥାନ୍ତୁ ନ ପକାଇ ରକତ ଝୋପାକେ—କୃଷ୍ଣସିଂହ. ମହାଭାରତ ବନ ।
୨ । ମାତୃଗର୍ଭରୁ ଉତ୍ପନ୍ନ ସନ୍ତାନ—2. Offspring.

ପେଟ ପୀଡ଼ା—ପ୍ରାଦେ (ବସ୍ତର) ବ—ପେଟ ମର—
Peṭa pīrdā Colic pain.

ପେଟ ପୁଅ—ଦେ. ବ—ଗର୍ଭସ୍ଥ ସନ୍ତାନ—
Peṭa pua ପେଟେରଛେଲେ **पेटकालड़का** Offspring.
ତୁମ୍ଭେ ଏବା ମୋହର ପେଟ ପୁଅ ସୁଦ୍ଧ
ତୁମ୍ଭ ଯେଣ ମୂର୍ଖ ପାଇବ ସେ ଆନନ୍ଦ—କୃଷ୍ଣସିଂହ. ମହାଭାରତ, ବନ ।

ପେଟ ପୂର—ଦେ. ବ—(ସ. ପେଟ ଓ ପୂର୍ଣ୍ଣ)—ପୂରା ପେଟକରି
Peṭa pūrā ଖାଇବା; ପୂର୍ଣ୍ଣ ଭୋଜନଜନିତ ସନ୍ତୋଷ—
(ପେଟ ଭର—ଅନ୍ୟରୂପ) Satisfaction due to a full
ପେଟଭରା **पेटभर** meal; eating to the fill.
ବଣ—ପୂର୍ଣ୍ଣ ଭୋଜନ କରିଥିବା—
Having one's bellyful.
ନିଇ ଉଠିଲେ ଅନିକଷ୍ଟ, ପେଟ ପୂର ବହୁ ଦରେ ଖାଆନ୍ତୁ, ଖାଲି ହବ ସନ୍ତୁଷ୍ଟ—ଭଗ ।
କ୍ରି. ବଣ—୧ । ପୂର୍ଣ୍ଣ ସନ୍ତୋଷ ସହିତ—
2. With full satisfaction.
୨ । ସମ୍ପୂର୍ଣ୍ଣ ସନ୍ତୋଷ ହେବା ପର୍ଯ୍ୟନ୍ତ—2. To satiety.

ପେଟ ପୂର(ରେ)ଇବା—ଦେ. କ୍ରି—୧ । ଭୋଜନ କରିବା—
Peṭa pūrā(re)ibā 1. To eat.
ପେଟଟାଲା, ପେଟପୋରା ୨ । ସତ୍ ବା ଅସତ୍ ଉପାୟରେ କମ୍ପା ଖାଦ୍ୟ
पेटपालना ବା ଅଖାଦ୍ୟ ଦ୍ୱାରା ଯେନ କେନ ଉଦର ଭର୍ତ୍ତି କରିବା—
2. To fill up one's stomach anyhow.

ପେଟ ପୂର କରି ଖାଇବା—ଦେ. କ୍ରି—ପୂର୍ଣ୍ଣ ଭୋଜନ କରିବା—
Peṭa pūrā kari khāibā To eat one's fill.
(ପେଟ ପୂରା(ରେ)ଇ ଖାଇବା; ପେଟେ ଖାଇବା—ଅନ୍ୟରୂପ)
ପେଟପୋରାଖାଓୟା **पेटभरखाना**

ପେଟ ପୂରିବା—ଦେ. ବ—୧ । ଖାଦ୍ୟ ଦ୍ୱାରା ଉଦରର ପୂର୍ତ୍ତି—
Peṭa pūribā 1. Having a full meal.
ପେଠଭରା ଏବେ ଖାଇ ନ ପୂରଇ ପେଟ,
पेटभरजाना କରି ଓଳିଆରେ ମାରୁଛ ହାତ—ଭଗ ।
୨ । (ଲକ୍ଷଣାର୍ଥ) ସନ୍ତୁଷ୍ଟ ହେବା; ଆଶାର ତୃପ୍ତି—
2. (figurative) Fulfilment of one's wish or hope.
ଉହୁଁ ଏବେ ବିନା ଖାଇବୁ ନାହିଁ. ମନ୍ତ୍ରୀ କହା ହେଲେ ପେଟ ପୂରୁଥିବ
ବଳେ ପଦେ କଥା କହିବୁ ନାହିଁ—ଭଗ ।

ପେଟ ପୋକ—ପ୍ରାଦେ (ବାଲେଶ୍ୱର) ବ—ଗର୍ଭସ୍ଥ ସନ୍ତାନ—
Peṭa poka Embryo; foetus.

ପେଟପୋଛା—ପ୍ରାଦେ (ସମ୍ବଲପୁର) ବଣ—(ତୁଳ. ହି. ପେଟ ପୋଛନା=ଅନ୍ତିମ
Peṭapochhā ସନ୍ତାନ)—କୋଡ଼ପୋଛା; ଯେଉଁ ସନ୍ତାନ ପରେ
ମାତାଙ୍କର ଆଉ ସନ୍ତାନ ଜନ୍ମେ ନାହିଁ—Last (offspring).
ବ—କୋଡ଼ ପୋଛା ପିଲା; ଅନ୍ତିମ ସନ୍ତାନ—
A mother's last or ultimate child.
[ଦ୍ର—ଯେଉଁ ପରି କୌଣସି ପାତ୍ରର ଭିତର ନିଃଶେଷରୂପେ ପୋଛି ଆଣିବା ପରେ ପାତ୍ରରେ ଆଉ କିଛି ଜିନସ ନ ଥାଏ, ସେହି ଉପଲକ୍ଷରେ କୋଡ଼ପୋଛା, ପେଟପୋଛା ଶବ୍ଦମାନ ବ୍ୟବହୃତ ହୋଇ ଅଛି । ଅର୍ଥାତ୍ ଯେଉଁ ସନ୍ତାନ ଜନ୍ମ ହେଲା ପରେ ମାଆଙ୍କ ପେଟ ନିଃଶେଷରୂପେ ପୋଛି ହୋଇଯାଏ ଓ ତତ୍ପରେ ଆଉ କୌଣସି ସନ୍ତାନ ଜନ୍ମେ ନାହିଁ ।]

ପେଟ ପୋଡ଼ା—ଦେ. ବ—ସ୍ତ୍ରୀମାନେ ଗର୍ଭ ନ ହେବାର ଔଷଧବିଶେଷ—
Peṭa pordā Medicine used to prevent
(ପେଟପଡ଼ା—ଅନ୍ୟରୂପ) conception; centraceptive
ପେଟପୋଡ଼ା medicine.

ପେଟ ପୋଷା—ଦେ. ବ—୧ । ଜୀବିକା ନିର୍ବାହ; ଉଦର ପୋଷଣ—
Peṭa poshā ପେଟପୋଷା 1. Earning one's livelihood.
୨ । ଯଦ୍ଦ୍ୱାରା ମନୁଷ୍ୟର ଜୀବିକା ନିର୍ବାହ ହୁଏ—
2. Means of subsistence.

ପେଟ ପୋଷିବା—ଦେ. କ୍ରି—ଉଦର ପୋଷଣ କରିବା—
Peṭa poshibā To maintain one's self.
(ପେଟ ପାଳିବା—ଅନ୍ୟରୂପ) ପେଟ ପୋଷ ନାହିଁ ତୋଷ—ଭଗ
ପେଟପୋଷା **पेटपालना**

ପେଟ ଫଟା—ଦେ. ବଣ—ପୂର୍ଣ୍ଣ (ଭୋଜନ); ପେଟ ଫାଟି ଯିବାପରି
Peṭa phaṭā ପେଟଫାଟ୍ଟା (ଭୋଜନ)—Full (meal).

ପେଟ ଫମ୍ପା—ଦେ. ବ—୧ । ଗର୍ଭସ୍ଫୀତି; ବାୟୁର ପ୍ରକୋପରୁ ଗର୍ଭ ସ୍ଫୀତ
Peṭa phampā ହେବା—Tympanites;
ପେଟଫମ୍ପା(ମ୍ପେ)ଇବା, ପେଟଫାମ୍ପିବା, ପେଟଫୁଲା, ପେଟଫୁଲା(ଲେ)ଇବା } ଅନ୍ୟରୂପ flatulency; swelling of the belly (due to wind in the bowels).
ପେଟଫୁଲା ପେଟକାମ୍ପା **पेटफूलना**
୨ । (ପେଟ ଫୁଲାଇଲେ ମନୁଷ୍ୟ ଯେପରି ଅସ୍ଥିର ହୁଏ ସେହିପରି) କୌଣସି ଗୁପ୍ତକଥା ପ୍ରକାଶ ନ କରିବା ପର୍ଯ୍ୟନ୍ତ ଅସ୍ଥିର ହେବା—2. Uneasy feeling till one gives out a secret entrusted to him.

ପେଟ ଫାଟିଯିବା—ଦେ. ବ—୧ । ବହୁ ଭୋଜନ ଯୋଗୁଁ ଗର୍ଭସ୍ଫୀତି;
Peṭa phāṭijibā ବାୟୁ ଯୋଗୁଁ ପେଟ ଫାଟିବା ପରି
(ପେଟ ଫାଟିପଡ଼ିବା—ଅନ୍ୟରୂପ) ବୋଧ ହେବା—1. A feeling
ପେଟ ফেটে যাওয়া of bursting of the stomach due
पेट फटजाना to excessive eating or wind.
୨ । ଗର୍ଭପାତ—2. Abortion.

୩ । ଗର୍ଭସ୍ଥ ଶିଶୁର ଅବୟବ ବା ଆକାର ଅସାଧାରଣରୂପେ ପୁଷ୍ଟ ହେବା ଯୋଗୁଁ ଗର୍ଭିଣୀର ଉଦର ବିଶେଷ ଭାବରେ ସ୍ଫୀତ ହୋଇ ଗର୍ଭିଣୀକୁ ଅଶାନ୍ତି ଅ ବୋଧ ହେବା—3. Very uneasy feeling of the mother owing to an unusually large growth of the child in the womb.

ପେଟ ଫୁଟିବା—ଦେ. କ୍ରି—ଅଜୀର୍ଣ୍ଣ ବା ବାୟୁ ଯୋଗୁଁ ପେଟ ଭିତରେ ଭୁଡ ଫୁଟିବା ପରି ଶବ୍ଦ ହେବା—
Peṭa phuṭibā
(ପେଟ ଟକ ଟକ ହେବା—ଅନ୍ୟରୂପ) Sounds in the belly due to indigestion or wind.
পেট ফুটফুট করা
पेट गुड़ गुड़ाना

ପେଟ ଫୁଲା(ଲେ)ଇବା—ଦେ. କ୍ରି—୧ । ପୂର୍ଣ୍ଣଭୋଜନ ବା ବାୟୁରୋଗ ଜନିତ ଉଦର ସ୍ଫୀତ; ପେଟ ଫାମ୍ପିବା—
Peṭa phulā(le)ibā
পেটফুলা 1. Swelling of the abdomen due to indigestion or wind in the stomach.
पेटफुलना
୨ । (ଲକ୍ଷଣାର୍ଥ) ଅମର୍ଷତା—2. (figurative) Sullenness.

ଦେଖିଲେ କଥା ନ କହେ
ନ ଦେଖିଲେ ପେଟ ଫୁଲାଇ ଥାଏ । ଉଇ ।

ପେଟଫୁଲା ଶାଗ—ପ୍ରାଦେ. (ବାଲେଶ୍ୱର) ବି—ପାଣିକୂଳରେ ଜନ୍ମୁଥିବା ଖେଡବର୍ଣ୍ଣ ପତ୍ରଯୁକ୍ତ ସ୍ୱାଦୁ ଶାକବିଶେଷ—
Peṭaphulā śāga
A kind of aquatic pot herb
[ଦ୍ର—ଏହାକୁ ଖାଇଲେ ପେଟ ଫୁଲଏ ବୋଲି ଲୋକେ ଭୟରେ ଖାଆନ୍ତି ନାହିଁ । ଏହା ଦେଖିବାକୁ ପିଡାଶାଗ ପରି ।]

ପେଟ ଫୁଲିବା—ଦେ. କ୍ରି—୧ । ପେଟ ଫୁଲାଇବା (ଦେଖ)
Peṭa phulibā 1. Peṭa phulāibā (See)
পেটফুলা ୨ । ଜନ୍ମ କରିବାର ଅବ୍ୟବହିତ ପରେ ପ୍ରସୂତିର
पेटफुलना ଗର୍ଭର ଚାରିପାଖେ ଲୁଗା ନ ବାନ୍ଧିବା ଯୋଗୁଁ ଗର୍ଭର ସ୍ଫୀତି—2. Swelling of the abdomen of a newly delivered mother unless it is immediately tied with a bandage.

ପେଟ ବଥା—ଦେ. ବି—୧ । ଶୂଳ ରୋଗ—
Peṭa bathā 1. Colic
ପେଟମରି } ଅନ୍ୟରୂପ ୨ । ଗର୍ଭିଣୀର ପ୍ରସବ ବେଦନା—
ପେଟବିନ୍ଧା } 2 Pangs of child-birth.
পেটের ব্যাথা **पेटकी पीड़ा**

ପେଟ ବଥା(ଥେ)ଇବା—ଦେ. କ୍ରି—୧ । ପେଟକୁ ମାରିବା—
Peṭa bathā(the)ibā 1. Colic pain.
পেটবথান ୨ । ପ୍ରସବ କରିବା ପୂର୍ବରୁ ବେଦନା ଅନୁଭବ କରିବା;
पेटकी पीड़ा होना ପ୍ରସବଶୂଳ—2. Undergoing pangs before childbirth.

ପେଟ ବନ(ନ୍ଧ)ନ କରିବା—ଦେ. କ୍ରି—୧ । ମନ୍ତ୍ରଯନ୍ତ୍ର ପ୍ରୟୋଗଦ୍ୱାରା ପୂର୍ଣ୍ଣ ଗର୍ଭବତୀର ପ୍ରସବ କ୍ରିୟାକୁ ବିଳମ୍ବିତ କରିବା—1. To cause delay in delivery by the use of charms or black magic.
Peṭa banda(ndha)na karibā
(ପେଟ ବାନ୍ଧିବା—ଅନ୍ୟରୂପ)
୨ । ମନ୍ତ୍ର ଯନ୍ତ୍ରଦ୍ୱାରା ବନ୍ଧ୍ୟା କରାଇବା—
2. To cause sterility in a woman by applying charms.

ପେଟ ବାନ୍ଧିବା—ଦେ. କ୍ରି—ପ୍ରସୂତିର ଗର୍ଭ ଫୁଲି ନ ଯିବ ବୋଲି ଜନ୍ମ କରିବାର ଅବ୍ୟବହିତ ପରେ ପେଟ ଚାରିପାଖେ ଲୁଗା ବାନ୍ଧିବା—To tie a cloth round the waist of a woman who has been newly delivered of a child, so as the belly will not become swollen afterwards.
Peṭa bāndhibā
(ପେଟ ଘେରିବା—ଅନ୍ୟରୂପ)
পেট বাঁধা
पेट बाँधना

ପେଟ ବାହାର କରିବା—ଦେ. କ୍ରି—ସ୍ଥୂଳୋଦର ଯୁକ୍ତ ହେବା—
Peṭa bāhāra karibā To have a pot-belly.
পেটবাহির করা **पेट निकालना**

ପେଟ ବାହାରିବା—ଦେ. କ୍ରି—୧ । ଉଦରର ସ୍ଫୀତି—
Peṭa bāhāribā 1. The swelling of the belly or abdomen; being pot-bellied.
পেট উঠা, পেট ওঠা
पेट निकलना
୨ । ଗର୍ଭାବସ୍ଥା ଯୋଗୁଁ ଉଦରର ସ୍ଫୀତି—
2. Swelling of the belly due to pregnancy.

ପେଟ ବିକଳ—ଦେ. ବି—କ୍ଷୁଧାର ଜ୍ୱାଳା—
Peṭa bikaḷa The pangs of hunger.
পেটের জালা(দায়) ପେଟ ବିକଳରେ ମାଧ୍ୱ ଯୋଗୀ । ଉଇ ।
पेटकी ज्वाला

ପେଟ ବିକଳା—ଦେ. ବିଣ. ପୁଂ—କ୍ଷୁଧାରେ ବା ଅଭାବବଳରୁ ଯେ ଛଟପଟ ହୁଏ—
Peṭa bikaḷā
(ପେଟ ବିକଳିଆ—ଅନ୍ୟରୂପ) Restless through hunger.
(ପେଟ ବିକଳୀ, ପେଟ ବିକଳେଇ—ସ୍ତ୍ରୀ)

ଏହି ଘରରେ କୌଣସି ପେଟବିକଳିଆ ବ୍ରାହ୍ମଣ ଜଳପାନ ମାଗି ବସିଲେ ସାଆନ୍ତେ
ତାକୁ ଅଙ୍ଗୁଳିଅ ପାଖରେ ପୁଞ୍ଚା ଚଡ଼ା ଧରି ପଥକୁ ଗୋପାଡ଼ ଦିଅନ୍ତି ।
ଫକୀରମୋହନ- ଛମାଣ ଆଠଗୁଣ୍ଠ ।

ପେଟ ଭଗାରି ହେବା—ଦେ. କ୍ରି. (ଭାଇ ଭଗାରି ଯେଉଁପରି ବିବାଦ ଲଗାଇ ମନୁଷ୍ୟକୁ ଅସ୍ଥିର କରି ପକାନ୍ତି ସେହିପରି ପେଟ ମନୁଷ୍ୟକୁ ଅସ୍ଥିର କରିବା)—
Peṭa bhagāri hebā
୧ । ଉଦର ଜ୍ୱାଳାରୁ ମନୁଷ୍ୟର ଅସ୍ଥିର ହେବା ଅବସ୍ଥା—
1. Restlessness on account of hunger.
୨ । (ସ୍ତ୍ରୀ) ଅସମୟରେ ବା ବାରଂବାର ଗର୍ଭବତୀ ହେବା ହେତୁ କଷ୍ଟଭୋଗ କରିବା ଅବସ୍ଥା—2. Suffering much inconvenience on account of repeated pregnancy.
୩ । (ସ୍ତ୍ରୀ) ଅସମୟରେ ବା ଅତ୍ୟଳ୍ପ କାଳ ବ୍ୟବଧାନରେ ରଜସ୍ୱଳା ହେବା ଯୋଗୁଁ ଅସୁବିଧା ଭୋଗ କରିବା ଅବସ୍ଥା—
3. Suffering inconvenience on account of being menstruated out of time or at short intervals.

ପେଟ ଭଙ୍ଗା—ଦେ. ବି—୧ । ଗର୍ଭପାତ କରାଇବା—
Peṭa bhaṅgā 1. Causing of abortion.

পেটফেলা ୨ । ଗର୍ଭପାତ—2. Abortion; miscarriage.
पेट गिराना ବଣ. ପୁଂ—ଅନ୍ୟର ଗର୍ଭପାତକାରୀ—
[ପେଟ ଭଙ୍ଗା(ଙ୍ଗେ)ଇ—ସ୍ତ୍ରୀ] Causing of abortion of another; abortifacient.

ପେଟ ଭଙ୍ଗା(ଙ୍ଗେ)ଇବା—ଦେ. କ୍ରି—୧ । କୌଣସି ସ୍ତ୍ରୀର ଗର୍ଭପାତ
Peṭa bhaṅgā(ṅge)ibā କରାଇବା—1. To cause
পেট ভাঙ্গান abortion of a woman.
पेट गिराना ୨ । (ସ୍ତ୍ରୀ ନିଜେ) ଆପଣା ଗର୍ଭପାତ କରାଇବା—
2. To cause one's own abortion or miscarriage.

ପେଟ ଭାଙ୍ଗିବା—ଦେ. କ୍ରି—ଅନ୍ୟ ସ୍ତ୍ରୀର ଗର୍ଭପାତ କରାଇବା—
Peṭa bhāṅgibā To cause another's abortion;
পেটভাঁগা to bring on a miscarriage.
पेट गिराना ଦେ. ବି—ଗର୍ଭପାତ ବା ଗର୍ଭସ୍ରାବ—
Miscarriage or abortion

ପେଟ ଭାତ—ଦେ. ବି—ଉଦରପୂର୍ଣ୍ଣ ମାତ୍ର; ଚାକର ଯୋଗୁଁ କୌଣସି ନଗଦ
Peṭa bhāta ଦରମା ନ ମିଳି କେବଳ ମୁଠାଏ ଖୋରାକ
(ପେଟମୁଠାକ; ପେଟମୁଠାଏ—ଅନ୍ୟରୂପ) ମିଳିବା—Only
পেটভাতা fooding given as wages to a servant.
(ଯଥା—ସେ ପେଟଭାତ ଖାଇ ସେଠାରେ ଚାକର କରୁଛି ।)

ପେଟ ମାଡ଼ିବା—ଦେ. କ୍ରି—୧ । ତଳଆଡ଼କୁ ପେଟ ଲଗାଇ ମୁହଁମାଡ଼ି
Peṭa mārḍibā ଶୋଇବା—1 To lie with one's belly
(ପେଟ ମାଡ଼ି ଶୋଇବା—ଅନ୍ୟରୂପ) to the ground.
୨ । ପେଟକୁ ତକିଆରେ ଠେସ ଲଗାଇବା—
2. To have one's belly propped up by a pillow.

ପେଟ ମାରିବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଭୋକ ହେଲେ ବେଳେ
Peṭa māribā ନ ଖାଇବା—1. Not to eat when hungry.
୨ । ପେଟ କାଟିବା (ଦେଖ)—2. Peṭa kāṭibā (See)

ପେଟ ମୋଡ଼ା—ଦେ. ବି—ଉଦର ବଥାଇବା—
Peṭa morḍā Pain in the bowels; colic pain.
(ପେଟ ମୋଡ଼ି ହେବା, ପେଟ ମୋଡ଼ି ମୋଡ଼ି ହେବା—ଅନ୍ୟରୂପ)

ପେଟର କଥା—ଦେ. ବି.—ମନୋଗତ ଭାବ—
Peṭara kathā One's inmost thoughts.
পেটের কথা **पेटकी बात**

ପେଟର ଜାଳା—ଦେ. ବି.—କ୍ଷୁଧାର ଉଦ୍ଦୀପନ—
Peṭara jālā The pangs of hunger.
পেটে জ্বালা **पेटकि ज्वाला** (ପେଟର ଜଳା—ଅନ୍ୟରୂପ)

ପେଟର ଦାଏ(ୟ)—ଦେ. ବି.—୧ । କ୍ଷୁଧାର ଜ୍ୱଳା; ବୁଭୁକ୍ଷାର ଉଦ୍ଦୀପନ—
Peṭara dāe (ya) 1. The pangs of hunger.
পেটের দায় ୨ । ଉଦରାନ୍ନ ସଂସ୍ଥାନ ପାଇଁ ଚିନ୍ତା—
पेटकीज्वाला 2. Anxiety for earning one's livelihood.

ପେଟର ପିଲା—ଦେ. ବି.—୧ । ଆପଣା ଗର୍ଭଜାତ ସନ୍ତାନ—
Peṭara pilā 1. The child of one's womb.
ପେଟର ଛୁଆ, } ଅନ୍ୟରୂପ ୨ । ସ୍ତନ୍ୟପାୟୀ ଶିଶୁ—
ପେଟର ବଛା } 2. A suckling.
পেটের ছেলে; পেটের বাচ্চা ୩ । ମାତୃ ଗର୍ଭ ମଧ୍ୟସ୍ଥ ଜୀବନ୍ତ ଭ୍ରୂଣ—
पेटका बच्चा 3. A quick foetus in the mother's womb.

ପେଟର ବେଦନା—ଦେ. ବି.—୧ । ମନୋଗତ ଦୁଃଖ; ଶୂଳ—
Peṭara bedanā 1. Mental sorrow.
पेटकी वेदना ୨ । ଗର୍ଭ ବେଦନା; ଗର୍ଭିଣୀର ସନ୍ତାନଧାରଣଜନିତ
କଷ୍ଟ; ଗର୍ଭର ଭାର—2. The difficulties experienced by a woman during pregnancy.
୩ । ପ୍ରସବ ବେଦନା; ବଅଁଶର ଦୁଃଖ; ଶୂଳ—
3 The pangs of childbirth; labour pain; pangs of labour.
୪ । ପେଟର ରୋଗ—4. Bowel complaints.
୫ । କ୍ଷୁଧାର ଉଦ୍ଦୀପନ—5. The pangs of hunger.

ପେଟର ଭାର—ଦେ. ବି—ଗର୍ଭସ୍ଥ ସନ୍ତାନ ବହନ ରୂପ ଭାର—
Peṭara bhāra The load borne in the womb by a
পেটেরে বোঝা **पेटका बोझा** pregnant woman.
(ପେଟର ଭର, ପେଟର ଭାର—ଅନ୍ୟରୂପ)

ପେଟ (ଟେ)ରା—ଦେ. ବି.—(ସଂ. ପେଟକ; ପିଟକ)—୧ । ପେଡ଼ି;
Peṭa(ṭe)rā ପେଡ଼ା; ବାଉଁଶ ବା ବେତରେ ତିଆରି ଆବରଣଯୁକ୍ତ
পেটরা; পাটরা; পেটারা ପେଡ଼ା—1. A basket with a
पिटारा; पेटरिआ moving cover.
୨ । ସିନ୍ଦୁକ; ବାକ୍ସ—2. A trunk; a box.
ଦେ. ବଣ.—ପେଟୁଆ (ଦେଖ)—Peṭuā (See)

ପେଟରୀ(ଲୀ)—ଦେ. ବଣ.—ସ୍ତ୍ରୀ—ଗର୍ଭବତୀ (ସ୍ତ୍ରୀ)—
Peṭarī(lī) Pregnant (woman),
(ପେଟରୀ, ପେଟଲୀ, ପେଟୁରୀ, ପେଟୁଲୀ—ଅନ୍ୟରୂପ) **पेटवालि**

ପେଟରୁ କାଢ଼ିବା—ଦେ. କ୍ରି.—(ଲକ୍ଷଣାର୍ଥ) ଆପଣା ମନରୁ ଗୋଟାଏ
Peṭaru kārḍhibā ବୁଦ୍ଧି ବା କୌଶଳ ଉଦ୍ଭାବନ କରିବା—
পেটথেকে বাহির করা (figurative) To devise a plan
पेटसे निकालना out of one's wits.

ପେଟରୁ ପଡ଼ିବା—ଦେ. କ୍ରି.—୧ ଗର୍ଭରୁ ଜାତ ହେବା—
Peṭaru parḍibā 1. To be born from the mother's womb.
পেটেথেকে পড়া ୨ । ଉଦରରୁ ଖସି ପଡ଼ିବା (ଭ୍ରୂଣ ବା କୀଟାଦି)—
पेटसे गिरना 2. To come out of the stomach.

ପେଟରେ ଓଦାକନା ପକା(କେ)ଇବା—ଦେ. କ୍ରି.—୧ । ନଖାଇ ନ
Peṭare odākanā pakā(ke)ibā ପିଇ ଉପାସ ପେଟରେ
କାମ କରିବା—1. To work without taking any food.
୨ । ଦରମା ବା ଖୋରାକ ନ ପାଇ ଚାକର ବା କାମ କରିବା—
2. To work without getting any salary or maintenance.

ପେଟରେ କରିବା—ଦେ. କ୍ରି—(ସଙ୍ଗମଦ୍ୱାରା) ସ୍ତ୍ରୀର ଗର୍ଭ ସଞ୍ଚାର କରାଇବା; ଗର୍ଭାଧାନ କରିବା—
Peṭare karibā
পেটে করা **पेट करना** To impregnate a woman.

ପେଟରେ ଧରିବା—ଦେ. କ୍ରି—୧ । ଭ୍ରୂଣକୁ ଗର୍ଭରେ ଧାରଣ କରିବା—
Peṭare dharibā 1. To bear a foetus in the womb.
পেটে ধরা ୨ । ଆପଣାର ଉଦରରେ ବିଦ୍ୟା ବା ବୁଦ୍ଧି ଧାରଣ କରିବା—
पेटमें धारन करना 2. To have learning in one's stomach; to have one's stomach full of knowledge; to know many a thing.

ପେଟରେ ପକା(କେ)ଇବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଅନ୍ୟାଯ୍ୟ ଭାବରେ ଆତ୍ମସାତ୍ କରିବା—
Peṭare pakā(ke)ibā
পেটে ফেলা 1. (figurative) To misappropriate.
पेटमे डालना ୨ । ଖାଇବା; ଉଦରସାତ୍ କରିବା —2. To eat.
୩ । ଅନ୍ୟକୁ ଖାଇବାକୁ ଦେବା—
3. To give food to a person; to feed another.

ପେଟରେ ପଡ଼ିବା— ଦେ. କ୍ରି.— ପେଟରେ ପଶିବା ୩ (ଦେଖ)
Peṭare paṛibā Peṭare pasibā 3 (See)

ପେଟରେ ପଶିବା—ଦେ. କ୍ରି—୧ । ଅନ୍ୟର ଖାଦ୍ୟ ଦ୍ରବ୍ୟରେ ଦୃଷ୍ଟି ପକାଇବା— 1. To cast sinful or covetuous eyes an another's food.
Peṭare pasibā
পেটে ঢুকা
पेटमें घूसना, पेटमें पैठना [ଦ୍ର—ସାଧାରଣ ଲୋକଙ୍କର ବିଶ୍ୱାସ ଯେ ଜଣେ ଲୋକ ଖାଉଥିବା ପଦାର୍ଥରେ ବା ଖାଇବା ସମୟରେ ଅପ୍ରେତ ବସ୍ତୁରେ ଅନ୍ୟର ଲୋଭ ଦୃଷ୍ଟି ବା 'ଦୃଷ୍ଟି' ପଡ଼ିଲେ ସେ ଖାଦ୍ୟ ଦ୍ରବ୍ୟକୁ ଯେ ଖାଏ ତା ପେଟ ଟାଣେ । ବିଶେଷତଃ ଏପରି ପୁରୁଷ (ଡାହାଣା) ଓ ସ୍ତ୍ରୀ (ଡାହାଣୀ) ଅଛନ୍ତି ଯେ, ସେମାନେ ଅନ୍ୟର ଖାଦ୍ୟ ପ୍ରତି ଦୃଷ୍ଟି ପକାଇଲେ ସେ ଖାଦ୍ୟ ଦ୍ରବ୍ୟକୁ ଯେ ଖାଇବ ତାହା ପେଟରେ ସେ ଖାଦ୍ୟ ହଜମ ହେବ ନାହିଁ ଓ ତା ପେଟ କଷ୍ଟେ ଟାଣିବ ।]
୨ । ଗୋପନରେ ବିପକ୍ଷର ବା ଶତ୍ରୁର ପକ୍ଷ ଅବଲମ୍ବନ କରି ତାକୁ ଏ ପକ୍ଷର ସବୁ ଗୁପ୍ତ କଥା କହିବା—2. To be in secret league with the enemy.
୩ । (ଖାଦ୍ୟ ଦ୍ରବ୍ୟ) ଉଦରସ୍ଥ ହେବା; ଭୁକ୍ତ ହେବା—
3. To be eaten.
୪ । (ଶିଶୁ) ମାତୃଗର୍ଭରେ ରହିବା—
4. (child) To be in the mother's womb.
୫ । କୌଣସି ବ୍ୟକ୍ତିର ଗୁପ୍ତ କଥା ବା ରହସ୍ୟ ଜାଣିବା ପାଇଁ ତାହା ସଙ୍ଗେ ଘନିଷ୍ଠତା ସ୍ଥାପନ କରିବା—
5. To establish intimacy with a person with a view to knowing his secrets.

ପେଟରେ ଭୋକ ମୁହଁରେ ଲାଜ—ଦେ. (ନ୍ୟାୟ)—୧ । କ୍ଷୁଧାର୍ତ୍ତ ବ୍ୟକ୍ତି ଖାଦ୍ୟ ପ୍ରାର୍ଥନା କରିବା ପାଇଁ ଲଜ୍ଜା ବୋଧ କରିବା ନ୍ୟାଯ୍ୟ—
Peṭare bhoka muhaṅre lāja
পেটে খিদে মুখে লাজ
(ପେଟେ ଭୋକ ମୁହେଁ ଲାଜ—ଅନ୍ୟରୂପ) 1. (analogy) A person's feeling of delicacy to beg food while he is hungry.
[ଦ୍ର—ଏପରି 'ମୁହଁରେ ଲାଜ' କରିବାଦ୍ୱାରା ଫଳତଃ ତାହାର କ୍ଷୁଧା ନିବୃତ୍ତ ହୁଏ ନାହିଁ ।]
୨ । (କୌଣସି ବିଷୟରେ) ଅନ୍ତରରେ ଅନୁଭୂତ ଅଭାବକୁ ଲଜ୍ଜା ବା ସଙ୍କୋଚବଶତଃ ପ୍ରକାଶ କରିବା—
2. Not expressing one's mind in shyness.

ପେଟରେ ମାରିବା—ଦେ. କ୍ରି—୧ । ଝାଡ଼ା ଫେରିବାକୁ ଯିବାବେଳେ ବସ୍ତୁ ଖୋଲାସା ହେବା ପାଇଁ ପେଟରେ କରତଳଦ୍ୱାରା ଫୁଟୁକ ମାରିବା—1. To pat on one's abdomen with a belief that there will be clean evacuation by this process.
Peṭare māribā
পেটেমারা
पेटमारना
୨ । କୌଣସି ବ୍ୟକ୍ତିକୁ ଖାଇବାକୁ ନ ଦେବା; କୌଣସି ବ୍ୟକ୍ତିକୁ ଉପାସ ରଖାଇବା—2. To starve a person; to keep a person starving.
୩ । କ୍ଷୁଧା ହେଲାବେଳେ ନ ଖାଇବା—
3. Not to eat when hungry.
୪ । (ଲକ୍ଷଣାର୍ଥ) ମନୋଗତ କୌଣସି ଦୁଃଖକୁ ବାହାରେ ପ୍ରକାଶ ନ କରିବା—4. (figurative) Not to give vent to one's mental agony.

ପେଟରେ ଯିବା—ଦେ. କ୍ରି—କୌଣସି ଖାଦ୍ୟ ଦ୍ରବ୍ୟ ଆପଣା ଶରୀରରେ ସହ୍ୟ ହେବା ବା ଜୀର୍ଣ୍ଣ ହେବା—
Peṭare jibā
পেটে যাওয়া, (any food) To agree with one's
পেটে সওয়া stomach; to be digested by a person.
अनुकूल होना

ପେଟରେ ରଖିବା—ଦେ. କ୍ରି — ୧ । ପେଟରେ ଧରିବା (ଦେଖ)
Peṭare rakhibā 1. Peṭare dharibā (See)
পেটে রখা ୨ । କୌଣସି ଗୁପ୍ତ କଥା ଅନ୍ୟ ବ୍ୟକ୍ତି ଆଗେ ପ୍ରକାଶ ନ କରିବା— 2. To keep a matter into one's self; not to disclose a secret.
पेटमे रखना

ପେଟରେ ରହିବା—ଦେ. କ୍ରି—(କୌଣସି କଥା) ବାହାରେ ପ୍ରକାଶିତ ନ ହୋଇ ମନ ମଧ୍ୟରେ ରହିବା—
Peṭare rahibā
পেটে থাকা (any matter) Not to be given out or divulged.
पेटमे रहना
(ଯଥା—ମୋ ପେଟ କଥା ପେଟରେ ରହିଲାଣି ।)
(ପେଟରେ କୋଳପ ପଡ଼ି ରହିବା, ପେଟରେ ଖିଳ ପଡ଼ି ରହିବା, ପେଟରେ ମୁଦମରି ରହିବା—ଅନ୍ୟରୂପ)

ପେଟରେ ହେବା—ଦେ. କ୍ରି—ଗର୍ଭବତୀ ବା ଅନ୍ତଃସତ୍ତ୍ୱା ହେବା—
Peṭare hebā To become pregnant; to conceive.
পেট হওয়া **पेटसे होना** ୨ । ପେଟମରି—2. Colic.

ପେଟ ରୋଗ—ଦେ ବି—୧ । ପେଟର ଅସୁଖ;ପେଟ ମଧ୍ୟରେ ଜାତ ରୋଗ—
Peṭa roga 1. A disorder of the bowels.
পেটের ব্যামো **पेटकी बिमारी**

ପେଟ ଲାଗିଯିବା—ଦେ. ବି—ବହୁତ ନ ଖାଇବାରୁ ଲମ୍ବା ଦୀର୍ଘ ଉପବାସ ଯୋଗୁଁ ପେଟ ଉପରର ଚମଡ଼ା ପିଠି ଆଡ଼କୁ ଲଇଁଯିବା; ପେଟର ଗହ୍ୱର ପିଠିରେ ଲଗ୍ନ ହେବା —
Peṭa lāgijibā
ପେଟ ପଶିଯିବା } ଅନ୍ୟରୂପ
ପେଟ ପିଠି ଲାଗିଯିବା }

पेट पीठसे लगजाना The stomach becoming depressed or sunken owing to fasting.

ପେଟ ଲଣ୍ଡିଆ—ପ୍ରାଦେ. (ପୁରୀ) ଵଣ. ପୁଂ ଓ ସ୍ତ୍ରୀ—ମାତା ଗର୍ଭବତୀ ଥାଇ
Peṭa lāṇḍiā ମୃତ୍ୟୁର ଘଟିବା ପରେ ଜାତ (ସନ୍ତାନ)—
Posthumous (child).

ପେଟ ଶୁଖା(ଖେ)ଇବା—ଦେ. କ୍ରି.—୧। ଉପବାସ କରିବା—
Peṭa śukhā (khe)ibā 1. To fast.
ପେଠପିଠେ ଲାଗ ୨। ଖରାକୁ ପେଟ ଦେଖାଇ ଶୋଇବା—
2. To bask in the sun with one's belly up.

ପେଟ ଶୁଖିବା—ଦେ. ବି—ଖାଦ୍ୟାଭାବ ଘଟିବା—
Peṭa śukhibā Want of food.
ଚକଣଙ୍କୁ ଲହୁଁ ଶୁଖିଲ ପେଟ
ଜୀବନ ବଞ୍ଚିବା ହେଲ ସଙ୍କଟ। ଉଦ୍ଧାର, ଗୋପାଳହସ୍ତ।

ପେଟ ଶୂଳା—ଦେ. ବି—୧। ପେଟକୁ ମାରିବା; ଶୂଳ ରୋଗ—
Peṭa śūḷā 1. Colic pain.
ପେଟ ଶୂଳା(ଳେ)ଇବା } ଅନ୍ୟରୂପ
ପେଟ ଶୂଳା(ଳେ)ଇ ହେବା }
ପେଟେ ବେଦନା ୨। ଗର୍ଭିଣୀର ଶୂଳ; ପ୍ରସବ ପୂର୍ବରୁ ଗର୍ଭିଣୀର
पेट दुखना ପେଟରେ ଅନୁଭୂତ ବେଦନା—2, The pangs before childbirth; labour pains.

ପେଟ ସଫା ହେବା—ଦେ. ବି—୧। ପରିଷ୍କାର ଝାଡ଼ା ହେବୁ ପେଟ
Peṭa saphā hebā ଭିତରର ମଇଳା ବାହାର ଯିବା—
ପେଟ ସାଫ ହওয়া 1. A copious discharge of stools;
पेट छुटना a clean evacuation.
୨। କୌଣସି ଗୁପ୍ତ କଥାର ପ୍ରକାଶ—
2. (figurative) Publication or divulging of any secret.
୩। ପ୍ରସବାନ୍ତେ ଗର୍ଭରୁ ଫୁଲ, ନାଡ଼ି ଓ ରକ୍ତାଦି ନିଃଶେଷ ହୋଇ ବାହାର ଯିବା—3. The coming out of the placenta and blood etc from the womb after childbirth.

ପେଟ ସର୍ବସ୍ୱ—ଦେ. ବଣ—ପେଟୁ; ଯାହାର ଭୋଜନ କରିବା ଛଡ଼ା
Peṭa sarbaswa ଅନ୍ୟ ଅଭିଳାଷ ନ ଥାଏ—Greedy;
ପেট সর্বস্ব पेटार्थी(र्थु) gluttonous.

ପେଟ ସାନ ଆଖି ବଡ଼—ଦେ (ନ୍ୟାୟ)—ବେଶି ପରିମାଣରେ ଖାଦ୍ୟ
Peṭa sāna ākhi barḍa ଖାଇବାର ଶକ୍ତି ନ ଥିବା ସ୍ଥଳେ
পেটছোট চোখবড় ପତରରେ ବେଶି ଗୁଡ଼ାଏ ଖାଦ୍ୟ ବଢ଼ା ହେବା ପାଇଁ ଆଗ୍ରହ ପ୍ରକାଶ କରିବା—Wishing to have a large quantity of food served to a person while he is incapable of eating so much.

ପେଟ ହେବା—ଦେ. ବି—ଗର୍ଭାଧାନ—
Peṭa hebā Being pregnant; conception.
পেটহওয়া କ୍ରି—ପେଟରେ ହେବା (ଦେଖ)—
पेटसे होना Peṭare hebā (See)

ପେଟା—ଦେ. ବଣ. ପୁଂ—୧। ସ୍ଥୂଳୋଦର—
Peṭā Pot-bellied.
(ପେଟୀ, ପେଟେଇ—ସ୍ତ୍ରୀ) ୨। କୁକ୍ଷିମ୍ଭରି; ଉଦରମ୍ଭରି—
হাঁদাপেটা पेटल 2. Greedy; gluttonous.
পেটুক पेटू ୩। ଉଦର ଯୁକ୍ତ—
পেট ওয়ালা पेटवाला 3. Bellied (as in big-bellied).
[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ପରେ ବ୍ୟବହୃତ ହୁଏ; ଯଥା—ପଲମ ପେଟା, ଥଲ୍ଲ ପେଟା, ଲାଉ ପେଟା ଇତ୍ୟାଦି।]
ପ୍ରାଦେ (ସମ୍ବଲପୁର) ବି—କରଣ; ପାଚିଲା ଧାନଗଛକୁ ବାଆରେ କାଟି କ୍ଷେତରେ ସାରି ସାରି କରି ରଖିବା—Laying of the ripe paddy plants cut from the roots on the field in rows.
ପ୍ରାଦେ (ବାଲେଶ୍ୱର) ବି—୧। କାଗଜର ଗୁଡ଼ି ଦେହରେ ଆଡ଼ ଭାବରେ ବନ୍ଧା ହୋଇ ବସିଥିବା କାଠି ବା ବାଉଁଶର ପାତିଆ—
1. A thin twig laid crosswise in a paper-kite.
୨। ଗୁଡ଼ି ଦେହରେ ତ୍ରିକୋଣାକାର ହୋଇ ବନ୍ଧା ହୋଇଥିବା ଦୁଇ ଖଣ୍ଡ ସୂତା—Two bits of thread attached to a paper-kite and forming a triangle with the body of the kite.

ପେଟା(ଟେ)ଇ ପଡ଼ିବା—ଦେ. କ୍ରି—ପେଟକୁ ଭୂମିରେ ଲଗାଇ ଶୋଇବା
Peṭā(ṭe)i parḍibā To lie with one's stomach touching the ground.

ପେଟା(ଟେ)ଇବା—ଦେ. କ୍ରି—(ପେଟ ଶବ୍ଦରୁ ଉଦ୍ଭୂତ ନାମ ଧାତୁ)—
Peṭā(ṭe)ibā ଭୂମିରେ ପେଟ ଲଗାଇ (ଭୂମିର ପର) ହାତ ଗୋଡ଼କୁ
(ପଟେଇଇବା—ଅନ୍ୟରୂପ) ଚଳାଇବା ଦ୍ୱାରା ଗତି କରିବା—
পেটেচলা To move with the hands and legs by
रेंगना having the belly grovelling on the ground; to creep on one's belly; to crawl.
[ଦ୍ର—ଶିଶୁମାନେ ପ୍ରଥମେ ପେଟାନ୍ତି, ତା ପରେ ଗୁରୁଣ୍ଡନ୍ତି ତା ପରେ ଚାଲନ୍ତି।]

ପେଟାକ—ସ. ବି—ପେଟକ; ପେଡ଼ା; ପେଟରା—
Peṭāka A basket with a lid; a box.

ପେଟା କାଠି—ପ୍ରାଦେ. (ବାଲେଶ୍ୱର) ବି.—ପେଟା ପ୍ରାଦେ ୧ (ଦେଖ)
Peṭā kāṭhi Peṭā 1. (See)

ପେଟି—ଦେ. ବି—୧। ପେଟରେ ବନ୍ଧାଯିବା ମେଖଳା; କମରବନ୍ଧ—
Peṭi 1. A belt
পেটি पेटी ୨। ଗୋବରା ଗୋବରା ଚଢ଼େଇଙ୍କ ଗଳାରେ ପାଖେ ପେଟରେ ବନ୍ଧା ଥିବା, ଅଗରେ ଫୁଲ ବା କଉଡ଼ି ଲାଗିଥିବା ସୂତୁଲି—
2. A string tied round the belly of a Gobarā bird.
୩। ଘୋଡ଼ାଙ୍କ ପିଠି ଉପରେ ପଡ଼ିଥିବା ଜିନ୍ ବା ଗଦିକାମାର ଦୁଇ ପାଖକୁ ଘୋଡ଼ାର ପେଟ ବାଟେ ଯେଉଁ ଫିତାଦ୍ୱାରା ବନ୍ଧା ଯାଏ—3. Strap which keeps the saddle tight on the back of a horse.

୪ । ବାକ୍ସ, ଖଟ ଆଦିର ମଧ୍ୟ ଭାଗରେ ଚଉଡ଼ା ବାଗରେ ଲଗାଯିବା କାଠ ବା ଧାତୁର ଲମ୍ବା ପଟି ବା ଦଣ୍ଡ—A small bar of metal or wood laid crosswise in the frame of a bedstead or box; a cross bar.

୫ । ଚିଲିକାରେ ମିଳୁଥିବା ଏକ ପ୍ରକାର ଚିଙ୍ଗୁଡ଼ି ମାଛ—5. A kind of shrimps found in the Chilka lake.

୬ । ବଡ଼ ମାଛର ପେଟ ଭାଗ—
6. The belly portion of a fish.

[ଦ୍ର—ବଡ଼ ମାଛର ପେଟରେ କଣ୍ଟା ନ ଥିବାରୁ ଓ ତାହା ମାଂସଳ ଥିବାରୁ ତାହା ଲୋକେ ଭାଜି କରି ଖାଇବାକୁ ପସନ୍ଦ କରନ୍ତି ।]

୭ । ଭଣ୍ଡାରୀର ମୁଠି; ଯେଉଁ ଥଳୀରେ ଭଣ୍ଡାରୀ ଖୁର, କଇଞ୍ଚି, ନଖୁରୁଣି ଆଦି ରଖେ—7. A barber's wallet.

ପ୍ରାଦେ (ଗଞ୍ଜାମ) ବି—ପେଟ—Stomach.

ବୈଦେ ବିଣ (ଇଂ. ପେଟ୍ଟି)—୧ । କ୍ଷୁଦ୍ର; ଛୋଟ—
1. Small; petty.

(ଯଥା—ପେଟି କାଣ୍ଟ୍ରାକ୍ଟ ।)

୨ । ପ୍ରଜାର ଅଧୀନ (ପ୍ରଜା); ଶିକମୀ ରଇତ—
2. Subordinate holding; an under-tenure.

(ଯଥା—ପେଟି ପ୍ରଜା, ପେଟି ମକଦ୍ଦମୀ ।)

ପେଟିଆ—ଦେ. ବିଣ. ପୁଂ. (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ)—ଉଦର-
Peṭiā ଯୁକ୍ତ—(used with other words)—Bellied.
(ପେଟେଇ—ସ୍ତ୍ରୀ) (ଯଥା—ଥଳ୍‌ଥଳ୍‌ପେଟିଆ 'ଥ': ବଡ଼ନଇଡିଆ 'ଦ'—ଶିଶୁବଚନ; ମୃଦଙ୍ଗପେଟିଆ ଇତ୍ୟାଦି ।)

ପେଟି କଟା—ଦେ. ବି—ଯେଉଁ ଗୋବରା ଚଢ଼େଇ ଅନ୍ୟ ଚଢ଼େଇ
Peṭi kaṭā ସଙ୍ଗେ ଲଢ଼େଇ କରି ହାରି ଯିବାରୁ ତା ପେଟରେ ବନ୍ଧା ହୋଇଥିବା ପେଟିକୁ କାଟି ପକ୍ଷିସ୍ୱାମୀ ତାକୁ ଉଡ଼ାଇ ଦିଏ—A Gobarā bird which is let loose after its belt is cut when it is defeated by its rival.

ପେଟିକା—ସଂ. ବି—୧ । ପେଟକ (ଦେଖ)
Peṭikā 1. Peṭaka (See)
୨ । ପେଡ଼ି ପେଡ଼ିକିଆ (ଦେଖ)
2. Perdi perdikiā (See)
୩ । ସମୂହ; ସମୁଚ୍ଚୟ; ରାଶି—
3 Collection; multitude.

ପେଟି କାଣ୍ଟ୍ରାକ୍ଟ(ଟି)—ବୈଦେ. ବି. (ଇଂ. ପେଟ୍ଟି କଣ୍ଟ୍ରାକ୍ଟର)—
Peṭi kāntarāṭa ṭi) କୌଣସି ପୂର୍ତ୍ତ କାର୍ଯ୍ୟରେ ବଡ଼ କଣ୍ଟ୍ରାକ୍ଟରର ଅଧୀନ ଛୋଟ କଣ୍ଟ୍ରାକ୍ଟର—A sub-contractor; petty contractor.
ପେଟି କ(କା)ନ୍ଟ୍ରାକ୍ଟ(ଟି). } ଅନ୍ୟରୂପ
ପେଟି କନ୍ଟ୍ରାକ୍ଟର }
ପେଟୀ କାନ୍ତରାଟ ਪੇਟੀ ਕਾਨਤਰਾਟਕਾਰ

ପେଟି ଗଣ୍ଠି—ପ୍ରାଦେ. (ଗଡ଼ଜାତ) ବି—ଗୁଡ଼ାଏ ଲମ୍ବ ବାଉଁଶ ଶଗଡ଼ରେ
Peṭi ganṭhi ବୋଝାଇ କରି ନିଆଯିବା ଅବସ୍ଥାରେ ଶଗଡ଼ର ଦଣ୍ଡା ପାଖରେ ବାଉଁଶର ଯେଉଁ ଅଗମାନ ଦଣ୍ଡାର ବାହାରକୁ ବଢ଼ିକା ରହିଥାଏ ସେହି ଅଗମାନଙ୍କୁ ଯେଉଁ ଲଇଗଣ୍ଠି ଦ୍ୱାରା ଏକତ୍ର ବଢ଼ା କରି ବନ୍ଧାଯାଏ—A knot of some tenacious creeper with which the bulging out ends of a cartload of bamboos are tied together.

[ଦ୍ର—ଦଣ୍ଡାରୁ ବଢ଼ିକ ଥିବା ବାଉଁଶମାନଙ୍କ ଅଗ ମଧ୍ୟରୁ ୨ଟି ଅଗ ବନ୍ଧା ଯାଏ ନାହିଁ । ସେହି ୨ଟି ଅଗ ଶଗଡ଼ର ଦଣ୍ଡାର କାର୍ଯ୍ୟ କରେ ।]

ପେଟି ବତା—ଦେ. ବି—ଘରର କାମଡ଼ାରେ ଲାଗିବା ତଳ ପାଖର
Peṭi batā ବତା—The split bamboos which are put on the inner side of the bamboo frame-work of a thatch.

ପ୍ରାଦେ. (ଗଡ଼ଜାତ) ବି—ଟୋକେଇ, ମୁଗୁରା, ଖଇଞ୍ଚ ଓ ପୋଲୁହର ଭିତର ପାଖେ ବନ୍ଧାଯିବା ବତା— Bamboo laths attached to the inner side of ordinary baskets and fishing baskets.

ପେଟି ବନ୍ଧ—ଦେ. ବି—ନଦୀ ଆଦିରେ ଚଉଡ଼ା ବାଗରେ ପକା ଯିବା
Peṭi bandha ବନ୍ଧ; ଆଡ଼ବନ୍ଧ—An embankment laid across a river or field; a cross-dam.

ପେଟି ମାଛ—ପ୍ରାଦେ. (ବାଲେଶ୍ୱର) ବି—ମାଛର ପେଟ ନିକଟରୁ କଟା
Peṭi māchha ଯାଇଥିବା ଅଂଶ ବା ଖଣ୍ଡ—Bits cut from
(ପେଟ ମାଛ—ଅନ୍ୟରୂପ) the belly of a large fish.

[ଦ୍ର—ଏଥିରେ ମାଛର ଅନ୍ୟ ଅଂଶ ଅପେକ୍ଷା କମ କଣ୍ଟା ଥାଏ ଓ ଏହା ତେଲିଆ ଓ କୋମଳ ଥିବାରୁ ରନ୍ଧା ବା ଭଜା ହେଲେ ଖାଇବାକୁ ଭଲ ଲାଗେ ।]

ପେଟି ଲଇ—ଦେ. ବି—ପେଟି ବତାକୁ ଉଡ଼ ବାନ୍ଧିବା ପାଇଁ ବ୍ୟବହୃତ
Peṭi lai ଲଇ—Tenacious fibres of creepers used in tying the split bamboo laths inside the surface of a thatch-frame.

ପ୍ରାଦେ. (ଗଡ଼ଜାତ)—ଶଗଡ଼ରେ ବାଉଁଶ ଗୋଟା ଆଣିବା ବେଳେ ପେଟି ଗଣ୍ଠି ବାନ୍ଧିବାରେ ବ୍ୟବହୃତ ଲଇ—
Tenacious fibres of creepers used in tying the bulging ends of long bamboos carried on carts.

ପେଟି ଶେଣୀ—ଦେ. ବି—ଘର ଘରର ଉତାକୁ ଲଗାଇ କରି ଦିଆଯିବା
Peṭi seṇi ଲମ୍ବା ଶେଣୀ—The long wall-plate put over the Urā of a thatched house.

[ଦ୍ର—ଏହା ଯୋଗୁଁ ଉତା ଦମ୍ ହୁଏ । ବାଉଁଶଆଡ଼ କାନ୍ଥର ବାଉଁଶର ଅଗମାନ ଏହି ଶେଣୀରେ କଣ୍ଟାଦ୍ୱାରା ମରାଯାଏ ।]

ପେଟୀ—ସ. ବି—ପେଟକ (ଦେଖ)
Peṭi Peṭaka (See)
ବୈଦେ. ବିଣ—ପେଟି (ଦେଖ)—Peṭi (See)
ଦେ. ବିଣ—ପେଟାର ସ୍ତ୍ରୀଲିଙ୍ଗ—
The feminine of Peṭa.

ପେଟୁ—ଦେ. ବିଣ—ଉଦରମ୍ଭରି—
Peṭu ପେଟୁକ ਪੇਟੂ Greedy; gluttonous.

ପେଟୁଆ—ଦେ. ଣ. ପୁଂ—ଯାହାର ବଡ଼ ପେଟ—Big-bellied.
Petuā
(ପେଟେଇ, ପେଟୋଇ—ସ୍ତ୍ରୀ)

ପେଟୁକ—ଦେ. ଣ—ଉଦରମ୍ଭରି—
Petuka পেটুক **पेटू** Greedy; gluttonous.

ପେଟୁରା(ଲା)—ଦେ. ଣ—ସ୍ଥୂଳୋଦର—
Peturā(lā) (ପେଟୁରୀ(ଲୀ)—ସ୍ତ୍ରୀ) Pot-bellied.

ପେଟୁଲି—ଦେ. ଣ. ସ୍ତ୍ରୀ.—୧ । ଗର୍ଭବତୀ—
Petuli 1. Pregnant.
୨ । ବୃହତ୍ ଗର୍ଭ ବା ଉଦରବିଶିଷ୍ଟା (ସ୍ତ୍ରୀ)—
2. Big-bellied (woman).

ପେଟେ—ଦେ. ଣ. ଓ କ୍ରି. ଣ—୧ । ଉଦରପୂର୍ତ୍ତିରୂପେ (ଭୋଜନ)—
Pete 1. Belly-ful of (meal).
(ଯଥା—ସେ ଅନ୍ନତକ ମୋର ପେଟେ ହେଲା ।)
୨ । ପେଟ ପର୍ଯ୍ୟନ୍ତ ଲାଗିବା ଗଭୀର (ଜଳ)—
2. Of a depth (of water) reaching one's belly.
(ଯଥା—ଏ ଖଣିଗାଡ ପେଟେ ଖୋଲା ହେଲାଣି ।)

ପେଟେ ଖାଇବା—ଦେ. କ୍ରି—ଉଦର ପୂର୍ତ୍ତି କରି ଭୋଜନ କରିବା—
Pete khāibā To eat one's fill; to take a full
এক পেট খাওয়া **पेटभर खाना** meal.
(ପେଟେ ଖାଇବା—ଅନ୍ୟରୂପ)

ପେଟେ ଗିଳିବା—ଦେ. କ୍ରି. (ବ୍ୟଙ୍ଗାର୍ଥ)—
Pete gilibā ପେଟେ ଖାଇବା (ଦେଖ)
এক পেট ঠুঁকা (ironical) Pete khāibā (See)
पेटभर ठुँसना
(ପେଟେ ଠୁଙ୍କିବା, ପେଟେ ମାରିବା, ପେଟେ ଠୁଁସିବା—ଅନ୍ୟରୂପ)

ପେଟେଣ୍ଟ—ବୈଦେ. ବି. (ଇଂ—କୌଣସି ବ୍ୟକ୍ତିର ଉଦ୍ଭାବିତ ଦ୍ରବ୍ୟକୁ
Petent କେବଳ ମାତ୍ର ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ପ୍ରସ୍ତୁତ କରିବା ବା
পেটেন্ট ବିକ୍ରି କରିବା ନିମନ୍ତେ ଉକ୍ତ ବ୍ୟକ୍ତିଙ୍କୁ ଦିଆଯିବା ରାଜ-
पेटेंट ପ୍ରଦତ୍ତ ଅଧିକାର; ଏକଚାଟିଆ ଅଧିକାରନିର୍ଦ୍ଦେଶକ ସନନ୍ଦ-
Patent; monopoly for the manufacture or sale of a certain article.

[ଦ୍ର—କୌଣସି ବ୍ୟକ୍ତି ଗୋଟିଏ ନୂଆ ଯନ୍ତ୍ର ବା ପ୍ରଣାଳୀ ଆବିଷ୍କାର କଲେ ତାହା ସରକାରରେ ରେଜିଷ୍ଟରି କରିବାକୁ ହୁଏ । ତାହା ହେଲେ ଉକ୍ତ ପଦାର୍ଥ 'ପେଟେଣ୍ଟ' ହେଲା; ଏପରି ରେଜିଷ୍ଟରି ହେବା ପରେ 'ପେଟେଣ୍ଟୀ'ର ବିନା ଅନୁମତିରେ ଅନ୍ୟ କେହି ବ୍ୟକ୍ତି ଉକ୍ତ ବସ୍ତୁ ତିଆରି କଲେ ବା ବିକିଲେ ତାଙ୍କୁ ଦଣ୍ଡ ଦିଆଯାଏ ଓ ପେଟେଣ୍ଟୀଙ୍କୁ ସେ କ୍ଷତି ପୂରଣ ଦେବାକୁ ବାଧ୍ୟ ହୁଏ ।]

ଣ—ଯେଉଁ ଦ୍ରବ୍ୟର ବା ଔଷଧର ବା ଅବସ୍ଥିତ କଳର ଏକ-ଚାଟିଆ ଅଧିକାର ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ବ୍ୟକ୍ତିଠାରେ ଅର୍ପିତ ହୋଇଥାଏ—Patent (medicine); patented (article).

ପେଟେଣ୍ଟ ଓ(ଔ)ଷଧ—ଦେ. ବି. (ଇଂ. ପେଟେଣ୍ଟ + ସଂ. ଔଷଧ)—
Petent o(au)shadha) ପେଟେଣ୍ଟ ମେଡିସିନ୍ (ଦେଖ)
পেটেন্ট ঔষুধ Petent medisin (See)
पेटेंट दवा

ପେଟେଣ୍ଟ ମେଡିସିନ୍—ବୈଦେ. ବି. (ଇଂ)—
Petent medisin ସରକାରଙ୍କ ଦ୍ୱାରା ମାର୍କା ମରା ହୋଇ ତାହା
(ପେଟେଣ୍ଟ ମେଡ଼ିସନ—ଅନ୍ୟରୂପ) ତିଆରି ଓ ବିକ୍ରିର ନିର୍ଦ୍ଦିଷ୍ଟ
পেটেন্ট মেডিসিন ଅଧିକାର ଜଣଙ୍କଠାରେ ଅର୍ପିତ ହୋଇଥିବା
पेटेंटमेडिसन ଔଷଧ—Patent medicine.

ପେଟେଣ୍ଟ ଭଙ୍ଗ କରିବା—ଦେ. କ୍ରି—ସରକାରରେ ରେଜିଷ୍ଟରୀ ହୋଇ-
Petent bhanga karibā ଥିବା କୌଣସି ପେଟେଣ୍ଟ ଦ୍ରବ୍ୟକୁ
(ପେଟେଣ୍ଟ ଲଙ୍ଘନ କରିବା—ଅନ୍ୟରୂପ) ଅନ୍ୟାୟରେ ବିକ୍ରି କରିବା ବା
পেটেন্ট ভঙ্গ করা ପ୍ରସ୍ତୁତ କରିବା—To infringe a patent.

ପେଟେଣ୍ଟୀ—ବୈଦେ. ବି. (ଇଂ)—କୌଣସି ଦ୍ରବ୍ୟର ଆବିଷ୍କାରକରୂପେ
Petenti ଯେଉଁ ବ୍ୟକ୍ତିର ନାମ ସରକାରରେ ରେଜିଷ୍ଟରୀ
পেটেন্টী କରାଯାଇ ଥାଏ—Patentee
पेटेंटी

ପେଟେରା—ଦେ. ବି. (ସଂ. ପେଟକ)—ପେଟରା (ଦେଖ)
Peterā Petarā (See)
(ପେଟ୍ରା—ଅନ୍ୟରୂପ) পেটরা **पिटारा,पेटरिया**

ପେଟେ ହେବା—ପ୍ରାଦେ. (ସମ୍ବଲପୁର) କ୍ରି. (ତୁଳ. ହି. ପେଟସେ
Pete hebā ହୋନା)—ଗର୍ଭବତୀ ହେବା—
(ପେଟ୍ରୀ ହେବା—ଅନ୍ୟରୂପ) To become pregnant.

ପେଟ୍ରୀ—ପ୍ରାଦେ. (ସମ୍ବଲପୁର) ଣ. ସ୍ତ୍ରୀ—ଗର୍ଭବତୀ—
Petri Pregnant.

ପେଟ୍ରୋଲ୍—ବୈଦେ. ବି. (ଇଂ)—୧ । ମଟର ଆଦି ଚଳାଇବାରେ
Petrol ବ୍ୟବହୃତ ତେଲ—1. Petrol.
পেট্রোল ୨ । ମାର୍ଜିତ କେରୋସିନ୍—
पेट्रोल 2 Purified kerosine oil.

ପେଟ୍ରୋଲିଅ(ୟ)ମ୍—ବୈଦେ. ବି. (ଇଂ)—କେରୋସିନ୍ ତେଲ—
Petrolia(ya)m Petrolium.
পেট্রোলিয়ম **पेट्रोलियम**

ପେଠା—ଦେ. ଣ. ପୁଂ—ବାଙ୍ଗର; ବାଙ୍ଗୁରୁ—
Pethā Dwarfish.
নাটা ପ୍ରାଦେ. (ସମ୍ବଲପୁର) ଣ—ଉଦରମ୍ଭରି; ପେଟୁ—
ठिंगना, नाटा Greedy; gluttonous.
(ପେଠୀ—ସ୍ତ୍ରୀ)

ପେଡ୍—ବୈଦେ. ଣ. (ଇଂ)—୧ । ପ୍ରଦତ୍ତ; ଦିଆ ଯାଇଥିବା (ଧନ)—
Ped 1. Paid (amount).
পেড ୨ । ଯେଉଁ କାରବାର ସମ୍ବନ୍ଧେ ବା ବ୍ୟକ୍ତି ସମ୍ବନ୍ଧେ ଦେୟ
पेड ଧନ ଦିଆ ସରିଅଛି—2. Paid up (bill or
(ଅନ୍‌ପେଡ୍—ବିପରୀତ) person)
୩ । ଯେଉଁ ଡାକ ଚଳିବା ପୂର୍ବରୁ ମାସୁଲ ପ୍ରେରକ ଡାକ ଟିକଟ

ଆକାରରେ ଦେଇ ଅଛନ୍ତି (ଓ ଯହିଁ କମ୍ପନ୍ତେ ଗ୍ରାହକଙ୍କୁ ଡାକ ମାସୁଲ ଦେବାକୁ ପଡ଼େ ନାହିଁ ।)—
3. Paid; prepaid (postal letter or parcel).
୪ । ବେତନ ଭୋଗୀ (ଭୃତ୍ୟ); ବୈତନିକ—
4. Paid (servant).

ପେଡ୍ ଅପ୍ ପଲସୀ—ବୈଦେ. ବ. (ଇଂ)—ଯେଉଁ ଜୀବନବୀମା ପଲସୀ
Ped ap palisi ପାଇଁ ଦେୟ ଧନ ବୀମାକାରୀ ବଦାକ୍ ଦେଇ
ପେଡ ଅପ ପଲିସୀ ସାର ଥାଅନ୍ତି, ଅର୍ଥାତ୍ ଯାହା ପାଇଁ ଆଉ
पेड अप पलिसी ପ୍ରିମିୟମ୍ ଦେବାକୁ ପଡ଼େ ନାହିଁ—
Paid up Life Insurance policy.

ପେଡ଼ା—ସ. ବ. ସ୍ତ୍ରୀ (ପିଡ୍ ଧାତୁ=ଏକତ୍ରିତ କରିବା+ଅ+ସ୍ତ୍ରୀ. ଆ)—
Perda ୧ । ପେଟରା; ବାକ୍ସ—1. Box; basket with a lid; a portmanteau.
୨ । ମଇଁଷି ଛୁଆ—
2. The young of a buffalo.
୩ । ଆରୋପଣ—3. Imposition.
ଦେ. ବ. (ସ. ପିଣ୍ଡ; ପେଟକା)—୧ । ଏକ ପ୍ରକାର ମିଷ୍ଟାନ୍ନ; ଦୁଧକୁ ନିଆଁରେ ଖୁବ୍ ଗାଢ଼ା କରି ଆଉଟି ତହିଁରେ ଚିନି
ପେଡ଼ା ଆଦି ଦେଇ ପେଡ଼ି ଆକାରରେ କରାଯିବା ମିଷ୍ଟାନ୍ନ—
पेडा 1. A sweetmeat made of thickened milk and sugar.
୨ । (ସ. ପୀଡ଼୍ ଧାତୁ)—ଆଖୁ ପେଡ଼ିବା ଘଣା—
2. Sugar-mill.
୩ । ହଳଦୀ ଆଦି ଲମ୍ବ ବସ୍ତୁର ଖଣ୍ଡ—
3. Long pieces of turmeric etc.
ପେଷା ୪ । (ସ. (ପୀଡ଼ନ)—ପେଡ଼ିବା କ୍ରିୟା—
पेड़ना 4. The act of squeezing or pressing.
ପେଷା ବଣ—ଘଣାରେ ପେଷା ହୋଇଥିବା—
पेड़ाहुआ Squeezed or pressed in a mill.

ପେଡ଼ା(ଡ଼ି) ଆଡ଼ଖୁର—ଦେ. ବ. (ସହଚର ଶବ୍ଦ) କାଠର ଓ ବେତର
Perda(rdi) ardakhura ପେଡ଼ିମାନ—Boxes of wood and cane.
[ଦ୍ର—ଝିଅ ଶାଶୁଘରକୁ ଯିବା ସମୟରେ ତା ସଙ୍ଗେ ପିତୃଗୃହରୁ ପଠାଯିବା (ଖାଦ୍ୟ ଦ୍ରବ୍ୟ ଛଡ଼ା ଅନ୍ୟ) ପଦାର୍ଥମାନ (ଯଥା—ମସଲ୍ଲି-ମସଲ୍ଲ ଓ ଲୁଗାପଟା) ବେତର ପେଡ଼ି ଓ କାଠର ଚକ୍ରିତ ବାକ୍ସ ବା ଆଡ଼ଖୁରରେ ସଜଡ଼ା ହୁଏ ।]

ପେଡ଼ା(ଡ଼େ)ଇବା—ଦେ. କ୍ରି—୧ । ପେଡ଼ିବା କ୍ରିୟାର ଣିଜନ୍ତରୂପ—
Perda(rde)iba 1. The causative form of Perdiba.
ପେଷାନ
पेड़ाना ୨ । ଅନ୍ୟଦ୍ୱାରା ପେଡ଼ିବା କାର୍ଯ୍ୟ କରାଇବା—
2. To have a thing pressed or squeezed; to cause to be pressed.

ପେଡ଼ା ନଡ଼ିଆ ତେଲ—ଦେ. ବ—ଶୁଖିଲା ନଡ଼ିଆ ଘଣାରେ ପେଡ଼ା
Perda nardia tela ହୋଇ ବାହାର ଥିବା ତେଲ—
Pressed cocoanut oil.
[ଦ୍ର—ନଡ଼ିଆକୁ କୋର ତହିଁର ରସକୁ ନିଆଁରେ ବସାଇ କର୍ଚ୍ଚିଲ କରି ଯେଉଁ ତେଲ ପଦାର୍ଥ ବାହାର କରାଯାଏ, ତାହାକୁ ନଡ଼ିଆ ଘିଅ ବା ମରା ନଡ଼ିଆ ତେଲ କହନ୍ତି ।
ଶୁଖିଲା ନଡ଼ିଆର ଖଣ୍ଡମାନଙ୍କୁ ଘଣାରେ ପେଡ଼ି ଯେଉଁ ତେଲ ପଦାର୍ଥ ବାହାର କରାଯାଏ ତାକୁ ପେଡ଼ା ନଡ଼ିଆ ତେଲ ବା ନଡ଼ିଆ ମାଲପା କହନ୍ତି ।]

ପେଡ଼ାଳି—ଦେ.ବ. (ସ. ପୀଡ଼୍ ଧାତୁ)—ଯେ ତୈଳବୀଜ ଆଦି ପେଡ଼େ—
Perdali One who presses or squeezes (oil-seeds).
ପେଷାଳୀ **पेरवा**

ପେଡ଼ି—ଦେ. ବ. (ସ. ପେଟକା; ପେଡ଼ା)—୧ । ମଞ୍ଜୁଷା; କାଠର ବା
Perdi ବାଉଁଶର ଆବରଣଯୁକ୍ତ ଆଧାର—
ପେଡ଼ି 1. A basket with a lid.
पेटारा ୨ । (ସ. ପିଣ୍ଡ; ପୀଠ) ଚନ୍ଦନ ପେଡ଼ି —2. A stone slab
ପୀଡ଼ି to grind sandal wood into paste.
पीढ़ी ପ୍ରାଦେ. (ଗଞ୍ଜାମ) ବ—ବାକ୍ସ—A box.

ପେଡ଼ି ପେଟରା—ଦେ. ବ. (ଏକାର୍ଥକ ସହଚର ଶବ୍ଦ)—
Perdi petara ପେଡ଼ି ଓ ପେଟରା ଆଦି ଆଧାରମାନ—
Diferent sorts of boxes with lids.
[ଦ୍ର—ପେଡ଼ିର ଘୋଡ଼ଣୀ ପେଡ଼ିଠ ଭଲଖଣ୍ଡଠାରୁ ପୃଥକ୍ ଥାଏ; ପେଟରାର ଘୋଡ଼ଣୀ ତଳଖଣ୍ଡ ସଙ୍ଗେ କବଜାଦ୍ୱାରା ଲାଗି ଥାଏ ।]

ପେଡ଼ିପେଡ଼ିକିଆ—ଦେ. ବ. (ସ. ପେଟକା; ପେଟୀ=ପେଡ଼ା; ପେଡ଼ାର
Perdiperdikia ଆକୃତିର ଫଳ ଥିବାରୁ)—ଜବାଦବର୍ଗର
ପେଡ଼ିପେଡ଼ିଆ } ଅନ୍ୟରୂପ ବନ୍ୟ ଗୁଳ୍ମବିଶେଷ—
ପେଡ଼ିପେଡ଼ିକା } Abultilon Indicum; Sida
ସ. ଭୂକର୍ଣ୍ଣୀ, ଦେବିକା, Asiatica; Hibiscus Furcatus
ଭୂବେଷ୍ଟୀ, ପିଣ୍ଡାର (Haines); Trewia Nudiflora.
ପେଟାରି; ପିଟଲୀ; ଝାପିଟାରି [ଦ୍ର—ଏହାର ପତ୍ର ପାନପତ୍ର ପରି
पिटारी, पेड़ार ଓ ପତ୍ରର ଧଡ଼ି ଦନ୍ତୁର । ଗଛ
(ମିଡ଼ି—ମେଦନୀପୁର) ୩ ହାତ ପର୍ଯ୍ୟନ୍ତ ଉଚ୍ଚ । ଫୁଲ ନାରଙ୍ଗୀ ବର୍ଣ୍ଣର । ସନ୍ଧ୍ୟାବେଳେ ଫୁଲ ଫୁଟେ । ଶୀତକାଳରେ ଫଳ ପାଚେ । ଫଳ ଗିନା ପରି ଏକଫାଳକିଆ ଓ ଫଳର ବ୍ୟାସ ଗୋଟିଏ ଅଧଲା ପରି । ଫଳର ଦେହରେ ଅବିକଳ ଦନ୍ତି ଖୁଆ ପରି ୧୨।୧୮ଟା ପଟାଟିଏ ଚଉଡ଼ା ବା କରମଙ୍ଗାଆ ଶିରା ଥାଏ । ସ୍ତ୍ରୀଲୋକମାନେ ଏ ଫଳକୁ ପିଠୋଉ ପାଣି ବା ଚାଉଳ ପାଣିରେ ବୁଡ଼ାଇ କାନ୍ଥରେ ଛାପ ମାରନ୍ତି ଓ ସେ ଚିତା ଗୋଲାକାର ଓ କମ କମ ଦେଖାଯାଏ ।]

ପେଡ଼ିବା—ଦେ. କ୍ରି. (ସ. ପୀଡ଼୍ ଧାତୁ)—୧ । ରସ ବାହାରିବା ପାଇଁ
Perdiba କୌଣସି ବସ୍ତୁକୁ (ଆଖୁ, ତୈଳବୀଜ ଆଦି) ଚିପିବା;
ମାଡ଼ା, ପେଷା ଦଳିବା; ପେଷିବା—To press or squeeze a
पेरना; पेड़ना thing for juice; to press out the juice; to extract.

ମଠିଅବ ତେଲ ପେଡ଼ିଅବେ ନାହିଁ,
କୃତ୍ରିମ୍ କୋଷରେ ଅର୍ପିଲ କରି ତପସ କରଇ ତେବ ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

୬ । ବିଶେଷ ପୀଡ଼ା ଦେବା—
2. To oppress; to give much trouble.

ପେଢ଼ ଭୋଗ—ପ୍ରାଦେ. (ପୁରୀ) ବି—ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା
Perdi bhoga ରଥରେ ଥିବା ସମୟରେ ଦୂରବର୍ତ୍ତୀ ଗ୍ରାମର ଲୋକମାନେ ପେଢ଼ରେ ଯେଉଁ ମିଷ୍ଟାନ୍ନ ନୈବେଦ୍ୟ ପଦାର୍ଥମାନ ବହି ନେଇ ସେହି ପେଢ଼ ସହିତ ଭୋଗ ଲଗାନ୍ତି—
Sweets carried in cane boxes from a distance and offered to the Deities Jagannātha, which on cars Balabhadra and Subhadrā during the car festival in Puri.

ପେଢ଼ ଲୁଗା—ଦେ. ବି—ଉତ୍ସବ ବା ବିଶେଷ ବିଶେଷ ଉପଲକ୍ଷରେ
Perdi lugā ପିନ୍ଧିବା ପାଇଁ ପେଢ଼ରେ ସାଇତା ହୋଇଥିବା
ତୋଲା କାପଡ଼ ଲୁଗା—Cloth which is stored to be used on special occasions.

ପେଢ଼ା(ଢ଼ି)—ଦେ. ବି. (ସଂ. ପେଡ଼ା)—ପେଡ଼ା(ଡ଼ି) (ଦେଖ)
Perdhā(rdhi) Perda(rdi) (See)

ପେଣ୍ଟ—ବୈଦେ. ବି—୧। (ଇଂ. ପାଣ୍ଟ)—ପେଣ୍ଟାଲୁନ୍ (ଦେଖ)
Pent Pentalun (See)
পেন্ট ୨। (ଇଂ. ପେଣ୍ଟ) ରଙ୍ଗ କରିବା; ରଞ୍ଜିତକରଣ—
पेंट 2. Painting.
୩। (ଇଂ. ପେଣ୍ଟ) ବସ୍ତୁ ଓ କାଠ ଆଦିରେ ବୋଳାଯିବା ରଙ୍ଗ—
3. Paint; dye.

ପେଣ୍ଟ କୋଟ୍—ବୈଦେ. ବି—(ଇଂ. ପାଣ୍ଟ+କୋଟ୍)—ପାଶ୍ଚାତ୍ୟ
Pent kot ପୋଷାକ ବିଶେଷ; ପାଇଜାମା ଓ କୁର୍ତ୍ତା—Pants and
পেন্ট কোট পতলূন কুর্তা coat.

ପେଣ୍ଟ—ପ୍ରାଦେ (ଗଞ୍ଜାମ) ବି—ଶିକାର; ମୃଗୟା—
Penta Chase; hunting.

ପେଣ୍ଟାଲୁନ୍—ବୈଦେ. ବି—(ଇଂ. ପାଣ୍ଟାଲୁନ୍)—ପତ୍ଲୁନ୍; ପତ୍ଲୁମ୍;
Pentalun ପାଇଜାମା; ଗାଣ୍ଡିମୁଣା—Pants; trousers; pantaloons.
ପେଣ୍ଟାଲନ୍, ପେଣ୍ଟଲୁନ୍, ପେଣ୍ଟାଲମ୍, ପେଣ୍ଟଲମ୍, ପେଣ୍ଟନ୍, ପେଣ୍ଟୁଲୁନ୍, ପେଣ୍ଟୁଲମ୍, ପେଣ୍ଟୁଲେନ୍ } ଅନ୍ୟରୂପ
পেন্টুলুন পতলুন

ପେଣ୍ଟର୍—ବୈଦେ. ବି—(ଇଂ) ଚିତ୍ରକର—
Pentar পেন্টার पेंटार Painter.

ପେଣ୍ଟିଆ—ପ୍ରାଦେ (ଜୟପୁର) ବି—ଏକଜାତୀୟ ଓଡ଼ିଆ କୃଷକ—
Pentiā A class of Oriya cultivators of Jeypur in Vizag district.
[ଦ୍ର—ଏମାନେ ବସ୍ତର ଅଞ୍ଚଳରୁ ଆସି ଜୟପୁରରେ ବାସ କରୁଅଛନ୍ତି ।]

ପେଣ୍ଟିଙ୍ଗ୍—ବୈଦେ. ବି—(ଇଂ)—୧। ରଙ୍ଗ କରିବା—
Penting 1. Painting; dying.
পেন্টিঙ্গ ୨। ରଙ୍ଗକରି ଯାଇଥିବା ଚିତ୍ର—
पेंटिंग 2. A painting; painted picture.

ପେଣ୍ଠ—ଦେ. ବି—(ସଂ. ପୀଠ ବା ପଟ୍ଟ; ପଣ୍ୟସ୍ଥାନ; ପ୍ରା. ପଣ୍ଠ)—
Pentha ୧। ଗଞ୍ଜ; ହାଟ—1. Market; mart.
পাট, হাট ୨। ପ୍ରସିଦ୍ଧ ବାଣିଜ୍ୟ କେନ୍ଦ୍ର, ଯେଉଁ ସ୍ଥାନରେ ବହୁ
पैठ, पेंठ ପରିମିତ ପଣ୍ୟ ଦ୍ରବ୍ୟର କ୍ରୟବିକ୍ରୟ ହୁଏ—
3. Emporium; a centre of trade.
୩। ପଣ୍ୟଦ୍ରବ୍ୟର ଭଣ୍ଡାର—
3. A store for merchandise; warehouse.
୪। ଯେଉଁ ସ୍ଥାନରେ କୌଣସି ପଣ୍ୟଦ୍ରବ୍ୟ (ବସ୍ତ୍ରାଦି) ବହୁ ପରିମାଣରେ ପ୍ରସ୍ତୁତ ହୁଏ (ଯଥା, ତନ୍ତି ପେଣ୍ଠ)—
4. A centre of manufacture of a certain merchandise.
୫। ଦଳ—5. Group; crowd.
୬। ବେପାରୀମାନଙ୍କ ଗ୍ରାମ—
6. A village or seat of traders.
୭। ବହୁଜନସମାଗମ ସ୍ଥାନ—7. A place crowded with many people; a resort of a large number of people.
ନିତ୍ୟ ସେ ଖେଳଇ ବ ପେଣ୍ଠ
ନାମ ଗୁପତ ବଇକୁଣ୍ଠ—ଖାନକୁଣ୍ଡ. ଭକ୍ତକଣ୍ଠଲ ।

ପେଣ୍ଠା—ଦେ. ବିଶ. ପୁଂ—ପେଠା (ଦେଖ)
Penthā (ପେଣ୍ଠୀ—ସ୍ତ୍ରୀ) Pethā (See)
পাঁঠা ବି—ଅଣ୍ଡିରି ଛେଳ ବା ମେଣ୍ଢାଛୁଆ; ଛୋଟ ବୋଦା—
A male young of sheep or of goat.

ପେଣ୍ଠା ନଡ଼ିଆ—ଦେ. ବି—୧। ନଡ଼ିଆ ଫଳୁଥିବା ଅଳ୍ପ ବୟସର ବା
Penthā nardiā ବାଙ୍ଗର ଗଛ—1. A young or dwarfish cocoanut tree yielding fruits.
୨। ଛୋଟ ଆକାରର ନଡ଼ିଆ—
2. Small-sized cocoanut.

ପେଣ୍ଠିଆ—ଦେ. ବିଶ—ଛୋଟ; ବାଙ୍ଗୁରା—
Penthia Dwarfish; small; stunted.
ପ୍ରାଦେ (ଗଡ଼ଜାତ) ବି—ଯେଉଁ ବ୍ୟକ୍ତି ଶିକାରୀ ପଛରେ ମଞ୍ଚାରେ ବସିଥାଏ ଓ ଜନ୍ତୁ ଆସିଲେ ଶିକାରୀକୁ ଦେଖାଏ, ବନ୍ଧୁକ ଧରିଥାଏ, କାର୍ତ୍ତୁଜ୍ ଯୋଗାଏ ଓ ଶିକାରୀକୁ କୌଣସି ଜନ୍ତୁ ଆକ୍ରମଣ କଲେ କୁରାଢ଼ୀଦ୍ୱାରା ତାକୁ ଆଘାତ କରେ—
A person who sits behind the hunter on the machan and is always ready at hand to do his bidding and help him.

ପେଣ୍ଠୀ—ଦେ. ବିଶ. ସ୍ତ୍ରୀ—୧। ଗେଡ଼ୀ; ବାଙ୍ଗୁରୀ—
Penthi 1. Dwarfish (woman); stunted.
ন্যাটা ठंगनी ୨। ଛୋଟ—2. Small; little.
পাঁঠী ବି—୧। ଛୋଟ ମାଈ ଛେଳ ବା ମେଣ୍ଢୀ—
1. A young female goat or sheep.
୨। ଗେଡ଼ୀ ଅଥଚ ପୁଷ୍ଟାଙ୍ଗୀ ସ୍ତ୍ରୀ—
2. A short and sturdy woman.
କୃଷ୍ଣ କହୁଛନ୍ତି କେଉଁ ପେଣ୍ଠୀର
ଭୁ ମୋର ସମାନ ହୋଇ ଗର୍ଜିବୁ—ଅଭିମନ୍ୟୁ ସାମନ୍ତସିଂହାର ।

୩ । ସାନ ଟୋକୀ—3. Little girl; lass.

୪ । ଯେଉଁ ଛେଳିର ପ୍ରଥମ ଗର୍ଭ ହୋଇ ନ ଥାଏ—
4 A she-goat which has not yet conceived.

ପେଣ୍ଡ୍ରା—ପ୍ରାଦେ (ଗଡ଼ଜାତ) ବି—(ତା. ପଣ୍ଡା = ଘୁଷୁରି)—
Pend-rā ୧ । ହେଟା—1. Wolf.
(ପେଣ୍ଡ୍ରା—ଅନ୍ୟରୂପ) ୨ । ଏକ ପ୍ରକାର ଛୋଟ ବାଘ; ଚିତାବାଘ—
2. Small leopard.

ପେଣ୍ଡା—ଦେ. ବିଣ—(ସଂ. ପଣ୍ଡ ବା ପିଣ୍ଡ)—୧ । ସ୍ତବକ; ଗୋଛ;
Pendā থুলো ଥୋପା; ଗୁଚ୍ଛ—1. Cluster.
पुला, गट्ठा; गुप्फा ନେଉଁଳେ କେଶପାଶ ଟଣା ହୋଇଅଛି
ପେଣ୍ଡା ପେଣ୍ଡା ହୋଇ ଶ ମୁକୁଟା ଲମ୍ବିଛି—
କୃଷ୍ଣସିଂହ. ମହାଭାରତ. ଆଦି ।

୨ । ବିଡ଼ା—2. Sheaf.

୩ । ଫଳର ପେନ୍ଥା ବା କାନ୍ଦି—
3 A bunch of fruits coming out of one stem.

୪ । କଦଳୀ ଫଳର ପେଣା—
4. A cluster of plantain-fruits.

পায়ের ডিমা, পিণ্ড ବି—(ସଂ. ପିଣ୍ଡି)—ଗୋଡ଼ର ଆଣ୍ଠୁ ତଳଠାରୁ
पिंडली ବଳାଗଣ୍ଠି ପର୍ଯ୍ୟନ୍ତ ଅଙ୍ଗର ମାଂସଳ ସ୍ଥାନ; ଭଣ୍ଡା—
The calf of the leg.

ପ୍ରାଦେ (ଯାଜପୁର) ବି—ଧାନର କେଣ୍ଡା—
An ear of paddy.

ପେଣ୍ଡା ପେଣ୍ଡା—ଦେ. କ୍ରି. ବିଣ.—ଗୁଚ୍ଛ ଗୁଚ୍ଛ ହୋଇ; ଥୋପା ଥୋପା;
Pendā pendā ପେନ୍ଥି ପେନ୍ଥି—In clusters; in tassels.
থুলো থুলো गुप्फा गुप्फा

ପେଣ୍ଡା ବାଳ—ଦେ. ବି.—ଗୋଛାଏ ଲମ୍ବ ବାଳ; ସ୍ଥୂଳ କେଶଗୁଚ୍ଛ—
Pendā bāla A thick mass of flowing hair.
ପେଣ୍ଡାବାଳ ମୁକୁଳାଇ ବସି ଅଛି କେହି ।
ରାଧାନାଥ. ମହାଯାତ୍ରା

ପେଣ୍ଡାଲ୍—ବୈଦେ. ବି. (ଇଂ. ପାଣ୍ଡାଲ୍‌ର ଅଶୁଦ୍ଧ ଉଚ୍ଚାରଣ)—
Pendāl ପାଣ୍ଡାଲ୍ (ଦେଖ)—Pāndāl (See)
প্যাণ্ডাল पंडाल

ପେଣ୍ଡାଳିବା—ଦେ. କ୍ରି—ସମ୍ଭାଳିବା—
Pendāliba সামলান सहना To tolerate.

ପେଣ୍ଡି—ଦେ. ବି.—(ପେଣ୍ଡାର ଅଳ୍ପାର୍ଥକ ଆକାର)—୧ । ଛୋଟ ଗୁଚ୍ଛ—
Pendi 1. A small cluster.

୨ । ଝାଲୁର ବା ପାଟଫୁଲର ଗୁଚ୍ଛ; ଝୁଣ୍ଡିର ସ୍ତବକ—
2. Tassels; a cluster of pendants.

୩ । ପିଣ୍ଡି; ଛୋଟ ବେଦୀ—
3. A small platform or seat.

୪ । ନୋଥର ତଳରେ ଝୁଲୁଥିବା ଝୁମ୍ପା—5. A cluster of tiny pendants hanging from a circular nose-ring.

ପେଣ୍ଡିଂ—ବୈଦେ. ବିଣ. (ଇଂ) (କଚେରୀ)—ଫଇସଲ ହୋଇ ନ ଥିବା;
Pendim ବାକି ରହି ଥିବା—Pending.

(ପେଣ୍ଡିଙ୍ଗ୍—ଅନ୍ୟରୂପ) (ଯଥା—ପେଣ୍ଡିଙ୍ଗ୍ କାମ, ପେଣ୍ଡିଙ୍ଗ କେସ୍
পেণ্ডিঙ্গ पेंडिङ्ग ଇତ୍ୟାଦି ।)

ପେଣ୍ଡି କନିଅର—ଦେ. ବି.—ଗୁଚ୍ଛ ଗୁଚ୍ଛ ଫୁଲ ଧରିବା ଏକ ପ୍ରକାର
Pendi kaniara ପୁଷ୍ପ ଗୁଳ୍ମ—Tecoma.

ପେଣ୍ଡି ଖଜୁର(ରା, ରି)—ଦେ. ବି.—(ସଂ. ପିଣ୍ଡ ଖର୍ଜୁର)—ଆରବ ଓ
Pendi khajura(rā, ri) ମିଶର ଆଦି ଦେଶଜାତ ଏକ ପ୍ରକାର
ଖଜୁରୀ କୋଳି—Arabian dates.
পিংড়ি খেজুর पिंडि खजूर
[ଦ୍ର—ଏହା ମାଂସଳ ଓ ସୁମିଷ୍ଟ । ପାଚିଲା ଫଳଗୁଡ଼ାଏ ଏକାଠି ରଖାଗଲେ ପିଣ୍ଡ ବା ଗୋଟା ବାନ୍ଧି ଯାଏ ।]

ପେଣ୍ଡି ଜହ୍ନୀ—ଦେ. ବି. (ସଂ. ପିଣ୍ଡ ଓ ଜ୍ୟୋତ୍ସ୍ନୀ)—ଏକ ପ୍ରକାର ଜହ୍ନୀ;
Pendi jahni ଗୋଟିଏ ଡେମ୍ଫରେ ଗୁଚ୍ଛ ଗୁଚ୍ଛ ଫଳ ଧରିବା ଜହ୍ନୀ—
A kind of Luffa which bears fruits in
থোক ধুন্দুল clusters.

ପେଣ୍ଡି ଝ(ଝି)ଞ୍ଜିର(ରି)—ଦେ. ବି.—ତଡ଼ିଁସା ଭୁଣ୍ଡିରୁ ବା ଝିଙ୍କାଠିରୁ
Pendi jha(jhi)ñjira(ri) ଓହଳ ଥିବା ଝିଞ୍ଜିରିର ଗୁଚ୍ଛ—
A cluster of pendants with chains hanging from the end of a hairpin.

ପେଣ୍ଡି ଝଲକା—ଦେ. ବି. (ବଣିଆ ଶବ୍ଦ)—କାନର ବାଉଳ ଦେହରେ
Pendi jhalakā ପେନ୍ଥା ପେନ୍ଥା ହୋଇ ଝୁଲୁ ଥିବା ଝରା;
ବାଉଳ ଘର ଉପର କାନର ଗୋଟିଏ ଅଳଙ୍କାର—
An ear ornament consisting of a bunch of pendants suspended from a ring.

ପେଣ୍ଡି ବାଇଗଣ—ଦେ. ବି.—ଯେଉଁ ବାଇଗଣ ଗଛରେ ପେନ୍ଥା ପେନ୍ଥା
Pendi bāigana ସରୁ ସରୁ ବାଇଗଣ ଫଳେ—
কুলি বেগুন, থুবি কুলি বেগুন A kind of brinjal which appears in clusters in the plant.

ପେଣ୍ଡୁ—ଦେ. ବି—(ସଂ. ପିଣ୍ଡ)—୧ । କନ୍ଦୁକ; ବଲ୍—
Pendu গোলা पिंड; गेंद 1. Ball.

୨ । ନଟୁ—2. A whirling top.
ପେଣ୍ଡୁ ମୋ କେ କେଉଁ ସେବଇ;
ଅଟଳ ଯାଅ ସୋ ଦେଖାଇ । ଭୂପତି. ପ୍ରେମପଞ୍ଚାମୃତ ।

ପେଣ୍ଡୁରା—ଦେ. ବି.—ପେଣ୍ଡ୍ରା (ଦେଖ)
Pendurā Pend-rā (See)

ପେଣ୍ଡୁରାମୁହାଁ—ଦେ. ବିଣ. (ପୁଂ)—ପୁରୁଷଙ୍କ ପ୍ରତି ଗାଳିବିଶେଷ—
Pendurā muhāñ A term of abuse to males.

ପେଣ୍ଡୁଳା(ଳି)—(ସଂ. ପିଣ୍ଡ)—ପିଣ୍ଡୁଳା(ଳି) (ଦେଖ)
Pendulā(li) Pindulā(li) (See).
ଭୂଇଁର ପେଣ୍ଡୁଳି ପାଳ ଥିଲ ଛୋଟେ ତହିଁ ତହିଁ ଜଡ଼ ଦେବ ମାନବେ ।
କବିକଲୋଳ. କୃଷ୍ଣକୁମାର ।

ପେତ୍‌ନୀ—ପ୍ରାଦେ. (ସମ୍ବଲପୁର)—ବି. ସ୍ତ୍ରୀ. (ଭୁଲ. ବଂ. ପେତନୀ; ହି.
Pet-ni ପ୍ରେତନୀ)—ପେତୁଣୀ (ଦେଖ)—Petuni (See)
(ପେତ୍‌ନୀ, ପେତେନ୍—ଅନ୍ୟରୂପ)

ପେତୁଣୀ—ଦେ. ବି.ସ୍ତ୍ରୀ (ସଂ. ପ୍ରେତ)—ପିଶାଚୁଣୀ; ନବ ପ୍ରସୂତ ମୃତା ହେଲେ
Petuni ତାହାର ପ୍ରେତ—1. The ghost of a woman
পেতনী प्रेतनि who dies just after child-birth.

ସେହି ବରକଛରେ ଗୋଟାଏ ବଡ଼ ପେଡ଼ୁଣୀ ବସି ଭାଳ ଦୋହଲାଏ ।
ଫକୀରମୋହନ — ଛମାଣ ଆଠଗୁଣ୍ଠ ।

୨ । ସ୍ତ୍ରୀରୂପ ଧାରଣୀ ଭୂତ—2. A female ghost.

ପେଦୁଡ଼(ଡ଼ି,ଡ଼ୁ)—ଦେ. ବ. (ସଂ. ପାରେବତ; ଭୁଲ. ପ୍ରିୟ ଓ ଦୂର; ଏହାର
Pedurda rdi,rdu) ପାଚିଲା ଫଳ ପାଇଲେ ଲୋକର ଅନ୍ୟ ପ୍ରିୟ ଫଳ ପ୍ରତି ଲାଳସା ଦୂର ହୁଏ) —ଗୃହଜାତ
(ପେଦୁର—ଅନ୍ୟରୂପ) ଫଳ—Guava; Ficus Carica.
পিছড়; পেয়ারা **अमरूत**

ପେନ୍—ବୈଦେ. ବ. (ଇଂ)—୧ । କଲମ; ଲେଖନୀ—
Pen পেন **पेन** 1. Pen.
୨ । ଲୁହାର କଲମ; ନିବ୍—2. Steel pen; nib.

ପେନ୍ କଲମ—ଦେ. ବ. (ଇଂ. ପେନ୍ + ଫା. କଲମ୍)—
Pen kalama ପେନ୍ ୨ (ଦେଖ)—Pen 2. (See).

ପେନ୍ସ୍—ବୈଦେ. ବ. (ଇଂ. ପେନ୍ନୀର ବହୁବଚନ)—ଇଂଲଣ୍ଡରେ
Pen-s ପ୍ରଚଳିତ ତାମ୍ର ମୁଦ୍ରା; ଏକ ଶିଲିଙ୍ଗର ୧/ ଭାଗରୁ ଏକ
পেনস **पेन्स** (ପେନ୍ସ୍—ଅନ୍ୟରୂପ) ଭାଗ—Pence.
[ଦ୍ର—ଏହି ଶବ୍ଦ ପେନିର ବହୁବଚନ ଅଟେ ।]
ଦେ. ବ—ପିନସ (ଦେଖ)—Pinasa (See)

ପେନ୍ସନ୍—ବୈଦେ. ବ. (ଇଂ)—କର୍ମରୁ ଅବସରପ୍ରାପ୍ତ ବୃଦ୍ଧ ଓ
Pen-san ଅଶକ୍ତାବସ୍ଥାପ୍ରାପ୍ତ କର୍ମଚାରୀଙ୍କୁ ଖଞ୍ଜା ଦେବା ବୃତ୍ତି
পেনসন **पेन्सन** ବା ଖୋରାକି—Pension.
(ପେନ୍ସିନ୍, ପେନ୍ସେନ୍— ଅନ୍ୟରୂପ)

ପେନ୍ସନ୍ ପ୍ରାପ୍ତ—ଦେ. ବଣ—କର୍ମରୁ ଚିରକାଳ ପାଇଁ ଅବସର ଲାଭ କରି
Pen-san prāpta ମାସିକ ବୃତ୍ତି ପାଉଥିବା—Pensioned,
পেনসন প্রাপ্ত **पेन्सनप्राप्त** retired.

ପେନ୍ସନର୍— ବୈଦେ. ବ. (ଇଂ)—ପେନ୍ସନ୍ ପାଉଥିବା କର୍ମଚାରୀ—
Pen-sanar পেনসনার **पेन्सनर** Pensioner.

ପେନ୍ସିଲ୍— ବୈଦେ. ବ. (ଇଂ)—କାଳୀର ବିନା ସାହାଯ୍ୟରେ ଅସ୍ଥାୟୀ
Pen-sil ଭାବରେ ଲେଖିବା ପାଇଁ ବ୍ୟବହୃତ ସୀସାର ବା ଖଡ଼ିର
পেনসিল **पेन्सिल** ଲେଖନୀ—Pencil

ପିନ୍ସିନ୍(ଲ୍)
ପିନ(ନ)ସ୍(ସି)ଖଡ଼ି
ପେନସିନ୍(ନ,ଲ,ଳ) } ଅନ୍ୟରୂପ
ପେନ୍ସୁନ୍(ନ,ଲ,ଳ)
ପେନ(ନ)ସିଲ

[ଦ୍ର—କାଗଜରେ ଲେଖିବା ପାଇଁ ବ୍ୟବହୃତ ଉଡ଼ନ୍ ପେନ୍ସିଲ୍ ବା ଲେଡ୍ ପେନ୍ସିଲ ଓ ସ୍ଲେଟ ଉପରେ ଲେଖିବା ପେନ୍ସିଲ୍କୁ ଖଡ଼ି ପେନ୍ସିଲ୍ ବା ସ୍ଲେଟ୍ ପେନ୍ସିଲ କହନ୍ତି । ଭିନ୍ନ ଭିନ୍ନ ରଙ୍ଗର ପେନ୍ସିଲ୍କୁ ସେହି ସେହି ରଙ୍ଗର ନାମରେ ନାମକରଣ କରାଯାଏ, ଯଥା—ନାଲି, ନେଳି, ବାଇଗଣୀ ପେନ୍ସିଲ୍ । ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ ବ୍ୟବହୃତ ପେନ୍ସିଲର ମଧ୍ୟ ଭିନ୍ନ ନାମ ଅଛି, ଯଥା—ଡ୍ରଇଂ ପେନ୍ସିଲ, କପିଙ୍ଗ୍ ପେନ୍ସିଲ, ସ୍ଲେଟ୍ ପେନ୍ସିଲ ।]

ପେନା—ବୈଦେ. ବ. (ଇଂ. ପିନ୍)—କାଠର ସରୁ ଖିଲ; ଶଲାକା—
Penā পেনা **पीना** Wooden peg.

ପେନାଙ୍ଗ୍—ଦେ. ବ. (ନାମ)—ମାଳୟ ଉପଦ୍ୱୀପର ପଶ୍ଚିମରେ ଥିବା
Penāng କ୍ଷୁଦ୍ର ଦ୍ୱୀପ—The island of Penang to the
পেনাঙ্গ **पेनाङ्ग** west of the Malay peninsula.
[ଦ୍ର—ଏହାର ପ୍ରଧାନ ନଗର ଓ ବନ୍ଦର ଜର୍ଜଟାଉନ୍ ।]

ପେନାଲ୍ କୋଡ୍—ବୈଦେ. ବ. (କତରଥ)—ଦଣ୍ଡବିଧି ଆଇନ; ବିଭିନ୍ନ
Penāl koḍ ଅପରାଧମାନଙ୍କ ପାଇଁ ଯେଉଁ ଆଇନ୍‌ରେ ବିଭିନ୍ନ
পেনাল কোড ଦଣ୍ଡର ବ୍ୟବସ୍ଥା ଅଛି—Penal code.
पेनाल कोड

ପେନାଲ୍ଟି—ବୈଦେ. ବ. (ଇଂ)—୧ । ଅର୍ଥଦଣ୍ଡ—
Penāl-ṭi 1. Fine.
পেনাল্টী ୨ । କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ନ କଲେ ବା ଧନ ନ
पेनाल्टी ଦେଲେ ତହିଁ ଉପରେ ପଡ଼ିବା ଅଧିକା ଦଣ୍ଡ—
(ପେନାଲ୍ଟୀ, ପିନାଲ୍ଟି—ଅନ୍ୟରୂପ) 2. Penalty.

ପେନାଲ୍ ସର୍ଭିଚୁଡ୍—ବୈଦେ. ବ. (ଇଂ)—ସଶ୍ରମ କାରାଦଣ୍ଡ ପରିବର୍ତ୍ତେ-
Penāl sarbhichuḍ ସେତେବେଳେ ଅପରାଧୀଙ୍କୁ ଦିଆଯିବା ନିର୍ବା-
ସନ ଦଣ୍ଡ—Penal servitude.

ପେନି—ବୈଦେ. ବ. (ଇଂ. ପିନାଫୋର୍)—୧ । ପିଲାମାନେ ପିନ୍ଧିବା
Peni ଏକପ୍ରକାର କୁର୍ତ୍ତା (ଏହା ପଛଆଡ଼ରୁ ଡୋରିରେ
পেনী **पेनि** ଭିଡ଼ାଯାଏ)—1. Pinafore.
୨ । (ଇଂ. ଏକବଚନ ପେନ୍ନୀ)—ବିଲାତ ପ୍ରଚଳିତ ତାମ୍ର ମୁଦ୍ରା; ଏକ ଶିଲିଙ୍ଗର $\frac{1}{12}$—2. Penny. (ବହୁବଚନ—ପେନ୍ସ୍) .

ପେନିୱେଟ୍—ବୈଦେ. ବ. (ଇଂ)—ବିଲାତି ଓଜନବିଶେଷ (ପ୍ରାୟ
Peniweṭ ୧୦ ରତି)—Pennyweight; a standard-
পেনীওয়েট **पेनिवेट** weight.

ପେନୁ—ପ୍ରାଦେ. (ଗଡ଼ଜାତ) ବ (କନ୍ଧଭାଷା)—ଦେବତା—
Penu (ପେନ୍ନୁ—ଅନ୍ୟରୂପ) Deity.
[ଦ୍ର—କନ୍ଧମାନେ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଦେବତାଙ୍କ ପୂଜା କରନ୍ତି; ଯଥା—ବେରା ପେନୁ—ପୃଥିବୀ ଦେବତା; ଲୋହା ପେନୁ—ଯୁଦ୍ଧ ଦେବତା; ନାଦ୍ରୁ ପେନୁ—ଗ୍ରାମ ଦେବତା; ଦାଞ୍ଜ ପେନୁ—ଚନ୍ଦ୍ରଦେବତା; ସାଣ୍ଡେ ପେନୁ—ସୀମା ବା ବାସ୍ତୁ ଦେବତା; ଯୁଗ ପେନୁ—ବସନ୍ତ ରୋଗ ଦେବତା; ସୋରୁ ପେନୁ—ପାହାଡ଼ ଦେବତା; ଗସା ପେନୁ—ବନଦେବତା; ମୁଣ୍ଡା ପେନୁ—ଜଳାଶୟ ଦେବତା; ସିଗୁ ଓ ସୁଦ୍ରୋଜୁ ପେନୁ—ଝରଣା ଦେବତା; ପିଦ୍ଜୁ ପେନୁ—ବର୍ଷାଦେବତା; ପିଲାମୁ ପେନୁ—ମୃଗୟାଦେବତା, ସିଙ୍ଗା ପେନୁ—ମୃତ୍ୟୁ ବା ପ୍ରଳୟ ଦେବତା ।]

ପେନ୍ତିଆ—ପ୍ରାଦେ. (ଗଞ୍ଜାମ) ବ—ଗଞ୍ଜାମ ଜିଲ୍ଲାର ପାଠକ (ଶୂଦ୍ର)
Pentiā ବିଶେଷ—A class of Śūdras in the district of Ganjam.

ପେନ୍ଥା(ନ୍ଥି)—ଦେ. ବ. (ସିଂ. ପିଣ୍ଡ)—ଗୁଚ୍ଛ; ପେଣ୍ଡା—
Penthā(nthi) থুলো **गुच्छा** Cluster ; bunch.

ପେଣ୍ଡ—ଦେ. ବ. (ସଂ. ପିଣ୍ଡ; ପଦ୍ମ; ପଦ୍ମ କଳିକା ସଦୃଶ ଆକାର ଓ ବର୍ଣ୍ଣ
Penda ଥିବାରୁ; ଅନ୍ୟ ସଂ. ନାମ ଯୋନିକନ୍ଦ)—
পাঁদ, প্যাঁদ ୧ । (ଅଶ୍ଳୀଳ) ସ୍ତ୍ରୀମାନଙ୍କ ଯୋନିଭ୍ରଂଶ ରୋଗ;
अंडिली, काँच ସ୍ତ୍ରୀ ଲୋକମାନଙ୍କର ଜନନେନ୍ଦ୍ରିୟ ବାଟେ ଖସି ପଡ଼ୁଥିବା ଜରାୟୁ ବା ପଦ୍ମ—

1. The fart; strangulated uterus; prolapse of the uterus; polypus of the uterus; Ventris Crepitus.
୨ । ସ୍ତ୍ରୀଲୋକମାନଙ୍କ ଗୁହ୍ୟ ଦ୍ୱାର ବାଟେ ବାହାର ପଡ଼ୁଥିବା ମାଂସପିଣ୍ଡ; ଗୁଦଭ୍ରଂଶ ରୋଗ—
2. Prolapse of the rectum.

ପେନ୍ଦା—ଦେ. ବଣ—ପେନ୍ଦୁରା (ଦେଖ)
Pendā Pendurā (See)

ପେନ୍ଦୀ / ପେନ୍ଦେଇ } ସ୍ତ୍ରୀ ପ୍ରାଦେ. (ଯାଜପୁର) ବ. (ଧାନ ପ୍ରଭୃତିର) କେଣ୍ଡା—Ears of corn (paddy etc).

ପେନ୍ଦା ମୁହାଁ—ଦେ. ବଣ. ପୁଂ—ବିରସ ମୁହାଁ; ବିମର୍ଷ ମୁଖ ଯୁକ୍ତ;
Pendā muhā̃ ଯେ ସବୁବେଳେ ମୁହଁ ଶୁଖାଇ ଥାଏ—
[ପେନ(ନ୍ଦୁ)ରା ମୁହାଁ—ଅନ୍ୟରୂପ) Sad-faced; always wearing a gloomy expression on the face.
ପେନ୍ଦା ମୁହାଁ
ପେନ୍ଦୀ ନ୍ଦୁ(ରା)ମୁହାଁ } ସ୍ତ୍ରୀ
ପେନ୍ଦୀ ମୁହାଁ

ପେନ୍ଦି—ଦେ. ବ. (ସ. ପିଣ୍ଡ)—
Pendi ୧ । ଗେଣ୍ଡୁ; କଂସା, ଗିନା, ବୋତଲ ଆଦିର ତଳେ ଉଠିଲ ପାଖକୁ ପେଶିଯାଇ ଥିବା ଗାଣ୍ଡି—
पेँदा, पेंदी 1. A hollow or depression at the bottom of a pot, dish or bottle.
୨ । ଛାଞ୍ଚରେ କାଦୁଅ ପୂରାଇ ଗଢ଼ା ହେବା କଞ୍ଚା ଇଟାର ତଳ ପାଖରେ ଲାଗି ରହିଥିବା ବଳକା ମାଟି—
2. The earth bulging out at the bottom side of a brick prepared in the mould.
୩ । କାକୁଡ଼ି ଫଳର ଭୁଣ୍ଡି ପାଖେ ଥିବା ପିତାଳିଆ ଅଂଶ—
3. The part of a cucumber fruit just near its stem, which tastes bitter.
କାକୁଡ଼ି ଖାଇ ପେନ୍ଦିରେ କଡ଼ୁଆ ।ତଗ।
୪ । ତୁମ୍ବ ବାଣର ଯେଉଁ ଫଙ୍କାଣ୍ଡି ମୁହଁରେ କାଅଁ ଧରାଇ ଦିଆଯାଏ—
4. The hole of a Tumba firework which is ignited.
୫ । ପେନ୍ଦ (ଦେଖ)—5. Penda (See)
୬ । ଗିନା ଆଦିର ବଇଠି—6. The pedestal of a cup.

ପେନ୍ଦି ଗାଡ଼—ଦେ. ବ—ପେନ୍ଦି ୪ (ଦେଖ)
Pendi gāta Pendi 4 (See)

ପେନ୍ଦୁରା—ଦେ. ବଣ. ପୁଂ—୧ । ପେନ୍ଦ ରୋଗାକ୍ରାନ୍ତ ବ୍ୟକ୍ତି—
Pendurā (a person) Suffering from prolapse of the uterus or of the rectum.
(ପେନ୍ଦରା,ପେନ୍ଦେରା—ଅନ୍ୟରୂପ)
(ପେନ୍ଦରୀ, ପେନ୍ଦରୀ, ପେନ୍ଦୁରୀ, ପେନ୍ଦେରୀ—ସ୍ତ୍ରୀ)
୨ । ପେନ୍ଦାମୁହାଁ (ଦେଖ)—2. Pendā muhā̃ (See);

ପେପର—ବୈଦେ. ବ. (ଇଂ)—
Pepar ୧ । କାଗଜ—1. Paper.
ପେପার ୨ । ଖବର କାଗଜ—2. Newspaper.
पेपर ୩ । ପ୍ରଶ୍ନ ଲେଖାଥିବା କାଗଜ—
3. Question paper.
୪ । (କଚେରୀ) କୌଣସି ନଥି ସମ୍ପର୍କୀୟ କାଗଜପତ୍ର—
4. A paper connected with a record.

ପେପର ବୁକ୍—ବୈଦେ. ବ. (ଇଂ.) (କଚେରୀ)—
Pepar buk ହାଇକୋର୍ଟରେ ଚଳୁଥିବା ମକଦମାର ଆବଶ୍ୟକୀୟ
পেপার বুক্ କାଗଜ ପତ୍ରର ଇଂରାଜି ନକଲ ଛପା ହୋଇଥିବା
पेपर बुक् ବହି—Paper-book of a case in the High Court.

ପେପରମେଣ୍ଟ—ବୈଦେ. ବ. (ଇଂ. ପେପରମିଣ୍ଟ)—ବିଲାତି ପୁଦିନା—
Peparament Peppermint.
পেপারমেন্ট [ଦ୍ର—ପୁଦିନା ତଳେ ନୋଟ୍ ଦେଖ ।]
पेपरमिंट
(ପିପରମେଣ୍ଟ, ପେପରମେଣ୍ଟ; ପେପରମିଣ୍ଟ, ପେପରମେଣ୍ଟ ପୁଦିନା—ଅନ୍ୟରୂପ)

ପେପରମେଣ୍ଟ ଅର୍କ(ର୍ଖ)—ଦେ. ବ. (ଇଂ. ପେପରମେଣ୍ଟ+ଫା. ଅରକ୍)—
Pepar-ment arka (rkha) ପେପରମେଣ୍ଟରୁ ପ୍ରସ୍ତୁତ ସୁରାସାର—
পেপারমেন্ট অরক Essence of mentha.
पेपरमिंटका अरक [ପେପରମେଣ୍ଟ ଅରକ (ଖ)—ଅନ୍ୟରୂପ]

ପେପରମେଣ୍ଟ ତେଲ—ଦେ. ବ—ପେପରମେଣ୍ଟରୁ ପ୍ରସ୍ତୁତ ତୈଳ—
Pepar-ment tela Oil mentha.
(ପେପରମେଣ୍ଟ ଅଏଲ୍—ଅନ୍ୟରୂପ)
পেপারমেন্ট তেল पेपरमिंट तेल

ପେପରମେଣ୍ଟ ଫୁଲ—ଦେ. ବ—ପେପରମେଣ୍ଟରୁ ପ୍ରସ୍ତୁତ ଲବଣ ଭୂତ
Pepar-ment phula ପଦାର୍ଥ—Crystals or flowers
পেপারমেন্ট ফুল पेपरमिंटका फुल of peppermint.

ପେପରମେଣ୍ଟ ମିଠା(ଠେ)ଇ—ଦେ. ବ. (ଇଂ. ପେପରମେଣ୍ଟ ଓ ସ. ମିଷ୍ଟାନ୍ନ)—
Pepar-ment mithā(the)i
পেপারমেন্ট মেঠাই ପିପରମେଣ୍ଟଦ୍ୱାରା ସୁବାସିତ ମିଠେଇ—
पेपरमिंट मिठाई Peppermint lozenges.

ପେପର ୱେଟ୍—ବୈଦେ. ବ. (ଇଂ)—ଖଣ୍ଡଖଣ୍ଡିଆ କାଗଜ ପବନରେ
Pepar wet ଉଡ଼ି ନ ଯିବା ପାଇଁ ତା ଉପରେ ରଖାଯିବା ଶୀଶାର
পেপার ওয়েট বା କାଚର ଗୋଲକ—Paper-weight.
पेपर वेट् (ପେପର ଉଏଟ୍, ପେପର ଓ୍ୱେଟ୍—ଅନ୍ୟରୂପ)

ପେପେୟା—ଦେ. ବ—ପପୟା (ଦେଖ)
Pepeyā Papayā (See)
(ପେପୟା, ପେପେ,,ପେପେ, ପେପେୟା—ଅନ୍ୟରୂପ)

ପେବଲ୍ ଚଶମା—ଦେ. ବ. (ଇଂ. ପେବ୍ଲ + ଫା. ଚଶ୍ମା)—
Pebal chashamā ସ୍ୱଚ୍ଛ ପଥର ଘଷା ହୋଇ ତିଆରି ହୋଇ
(ପେବ୍ଲ ଚଶମା—ଅନ୍ୟରୂପ) ଥିବା ଚଷମା—Spectacles made
পেবলপ্রচক্ষু पेबलचशमा from pebbles.

ପେବଲୀ—ସ. ବ—ଅଙ୍ଗ ବିକ୍ଷେପ ସହକାରେ ନୃତ୍ୟ (କ୍ଲାନେନ୍ତ୍ର)—
Pebali A dance accompanied with violent motion of the limbs;

ପେ ବିଲ୍—ବୈଦେ. ବି. (ଇଂ)—ଦରମା ପାଇବା ପାଇଁ କର୍ତ୍ତୃପକ୍ଷଙ୍କ ଆଗରେ
Pe bil पेबील पेबिल ପେସ୍ ହେବା ବିଲ୍—Pay bill.

ପେମ—ଦେ. ବି. (ସଂ. ପ୍ରେମ ପ୍ରା. ପେମ)—୧ । ପ୍ରଣୟ; ପ୍ରେମ; ସ୍ନେହ;
Pema ପ୍ରୀତି—1. Love; attachment; affection,
(ପେମ୍ନ—ଅନ୍ୟରୂପ) fondness.
पेम ୨ । ଆନନ୍ଦ—2. Delight; joy.
पेम ୩ । ଉତ୍ସବ—3. Festivity; merriment.
୪ । ଆଦର; ସୁହାଗ—4. Endearment; fondling.
୫ । (ବ୍ୟଙ୍ଗାର୍ଥ) ଗୁପ୍ତ ପ୍ରେମ—5. Secret love.
୬ । ଅବୈଧ ପ୍ରେମ—6 Illicit love.
୭ । ଅଦ୍ଭୁତ ବା ବେଜାୟ ପ୍ରଣୟ—
7. Undue familiarity; infatuated attachment.
୮ । ଅସାଧାରଣ ଘଟଣା ବା ବିଷୟ—8 An unusual or uncommon occurrence or matter.
୯ । କୌତୁକ; ତାମସା; ରଙ୍ଗ; ସୁଅଙ୍ଗ; ଥଟ୍ଟା—
9. Jest; sport.
୧୦ । ପଥୁବ; ଆଶ୍ଚର୍ଯ୍ୟଜନକ ଘଟଣା; ଅଦ୍ଭୁତ କାଣ୍ଡ—
10. A wonderful thing or feat.
୧୧ । ନୂଆ କଥା; ଅଶ୍ରୁତପୂର୍ବ ବିଷୟ—
11. An unheard of matter.

ପେମ କାଢ଼ିବା—ଦେ. କ୍ରି—୧ । ଅଦ୍ଭୁତ ବିଷୟର ପ୍ରସ୍ତାବ ଅଗତ
Pema kārḍhibā କରିବା—1. To propose an unheard of matter.
ପେମ ଦେଖା(ଖେ)ଇବା }
ପେମ ବାହାର କରିବା } ଅନ୍ୟରୂପ ୨ । ତମସା ଲଗାଇବା—
ପେମ ଲଗା(ଗେ)ଇବା } 2. To make a sport.
୩ । ସୁହାଗ କରିବା—3. To fondle.

ପେମା—ଦେ. ବିଣ. ପୁଂ. (ସଂ. ପ୍ରେମିକ)—ପ୍ରେମିକ—
Pemā (ପେମୀ—ସ୍ତ୍ରୀ) Lover; sweetheart.

ପେମେଣ୍ଟ—ବୈଦେ. ବି. (ଇଂ)—ଧନ ଦେବା କର୍ମ—
Pemenṭ पेमेंट पेमेंट Payment.

ପେୟ—ସଂ. ବିଣ. (ପା ଧାତୁ=ପିଇବା+ଯୋଗ୍ୟାର୍ଥେ ଯ)—
Peya ପାନଯୋଗ୍ୟ; ପାନୀୟ—Drinkable.
(ପେୟା—ସ୍ତ୍ରୀ) ବି—୧ । ପାନୀୟ ବସ୍ତୁ—1. A drink.
୨ । ପାଣିଆ ଜିନିଷ—2. Liquid; fluid.

ପେୟା—ସଂ. ବି. ସ୍ତ୍ରୀ. (ପେୟ+ସ୍ତ୍ରୀ. ଆ)—(ବୈଦ୍ୟକ) ଏକ ପ୍ରକାର
Peyā ଯବାଗୁ ବା ଯାଉ; ଯାଉପାଣି; ଚାଉଳକୁ ୧୧ ବା ୧୫ ଗୁଣ ଜଳରେ ପାକ କରି ଗୋଳାଇ ପ୍ରସ୍ତୁତ କରିବା ମଣ୍ଡ—
A gruel made by boiling rice with 11 or 15 times its own weight of water.

ପେୟୁ—ସଂ. ବି. (ପୀ ଧାତୁ=ପିଇବା+କର୍ତ୍ତୃ. ଉ)—୧ । ସମୁଦ୍ର—
Peyu 1. The sea.
୨ । ଅଗ୍ନି—2. Fire.
୩ । ସୂର୍ଯ୍ୟ—3. The sun (Apte).

ପେୟୂଷ—ସଂ. ବି. (ପୀୟୂଷ+ଅ)—୧ । ପୀୟୂଷ; ଅମୃତ—
Peyusha 1. Nectar.
୨ । ଜନ୍ମ କରିବାର ୭ ଦିନ ମଧ୍ୟରେ ଗାଈ ଠାରୁ ଦୁହାଁଯିବା ଦୁଧ—2. Milk drawn from a cow which has calved within 7 days.
୩ । ତଟକା ଘିଅ—3. Fresh ghee (Apte).

ପେରଚ୍ଛ—ଦେ. ବି—(ଜାହାଜିଆ ଭାଷା)—ଜାହାଜର ବାଡ଼—
Perachhā The railing on the edge of a ship's deck.

ଅମ ଜେମି ମାନେ ବ ଦୁଇ ଜାହାଜ ପେରଚ୍ଛ
ଅଭ ଢାଳରେ ସଙ୍ଗତ ଥାଇ—ଫକୀରମୋହନ ଗଳ୍ପସ୍ୱଳ୍ପ ।

ପେର(ରେ)ଣ୍ଟାଳୁ—ପ୍ରାଦେ (ଗଞ୍ଜାମ) ବି—(ତେଲୁଗୁ ଭାଷାରୁ ଅନୁକୃତ)-
Pera(re)nṭālu କୌଣସି ରାଜଜେମା ବା ଧନୀଗୃହର ସ୍ତ୍ରୀ ମରିଗଲେ ତାହାର ପ୍ରଥମ ବାର୍ଷିକ ଶ୍ରାଦ୍ଧଦିନ ପ୍ରତିବେଶିନୀ ଓ ବନ୍ଧୁ ସ୍ତ୍ରୀ ଲୋକମାନଙ୍କୁ ନିମନ୍ତ୍ରଣ କରି ସେମାନଙ୍କୁ ଦିଆଯିବା ଭୋଜ, ବସ୍ତ୍ର ଓ ଅଳଙ୍କାରାଦି—Feast, cloth and ornaments given to female relatives and neighbours invited to the 1st anniversary of the death of a princess or rich lady.

ପେର(ରେ)ଣ୍ଟାଳୁ ବସିବା—ପ୍ରାଦେ (ଗଞ୍ଜାମ) କ୍ରି—କୌଣସି ମୃତା ରାଜ-
Pera(re)nṭālu basibā ଜେମା ବା ଧନୀ ସ୍ତ୍ରୀର ପ୍ରଥମ ସାମ୍ବତ୍ସରିକ ଶ୍ରାଦ୍ଧଦିନ ସ୍ତ୍ରୀଲୋକମାନେ ନିମନ୍ତ୍ରିତା ହୋଇ ଭୋଜ, ବସ୍ତ୍ର ଓ ଅଳଙ୍କାର ପାଇବା—To get fooding, cloth and ornaments on the 1st anniversary of a princess or rich lady.

ପେରଳୀ—ସଂ ବି—ତାଣ୍ଡବ ନୃତ୍ୟର ଏକ ଭେଦ (ହି. ଶ)—
Peraḷi A kind of male-dance.

ପେରି—ଗ୍ରା (ଉତର) ଅ—(ସଂ. ପ୍ରାୟ)—ପରି; ପ୍ରାୟ—
Peri (ପେରକା—ଅନ୍ୟରୂପ) Like.

ପେରୁ—ସଂ. ବି—(ପୀ. ଧାତୁ=ପିଇବା+କର୍ତ୍ତୃ. ରୁ)—୧ । ସମୁଦ୍ର—
Peru 1. Ocean.
୨ । ଅଗ୍ନି—2. Fire.
୩ । ସୂର୍ଯ୍ୟ—3; The sun.
୪ । ସ୍ୱର୍ଣ୍ଣାଦ୍ରି; ସ୍ୱର୍ଣ୍ଣଗିରି; ମେରୁଗିରି—
4 The mythological Golden mountain.
ସଂ. ବିଣ—୧ । ରକ୍ଷାକାରୀ (ହି. ଶ)—
1. Protecting; saving.
୨ । ପୂରଣକାରୀ (ହି. ଶ)—2, Filling up.
ବୈଦେ. ବି. (ଇଂ)—୧ । (ଦକ୍ଷିଣ ଆମେରିକାର ପେରୁଦେଶର
पेरू ନାମରୁ; ତୁଳ. ଫା. ପୀଲ୍=କୁକୁଡ଼ା)—ଆମେରିକାରୁ
पेरू; पीरू ପ୍ରଥମେ ଆନୀତ ଗୃହପାଳିତ ବୃହଦାକାର କୁକ୍କୁଟ ବିଶେଷ—
1. A Turkey cock.
୨ । ଦକ୍ଷିଣ ଆମେରିକାର ଦେଶବିଶେଷ—
2. Peru, a country of South America.

ପେରୁଅ(ଆ)—ପ୍ରାଦେ. (ସମ୍ବଲପୁର) ବ—ପାରା; ପାରାବତ—
Perua(ā) Pigeon.

ପେରେକ୍—ବୈଦେ. ବ. (ଇଂ. ପ୍ରିକ୍)—ପିରକ; ସରୁ ଲୁହାକଣ୍ଟା—
Perek ପେରেক **पिरिक** Small iron nail; prick.

ପେରୋଜ(ଜା)—ସ. ବ. (ଫା. ଫୀରୋଜା; ସ. ପେରୋଜମ୍; ବଙ୍ଗଳା ପେରୋଜ ଓ ଭୁରଷ୍ମଣୀ)—ଭୁରଷ୍ମଣୀ; ପାରସ୍ୟ ଦେଶୀୟ ନୀଳ ହରଦ୍ବର୍ଣ୍ଣ ଉପରତ୍ନବିଶେଷ—
Peroja(jā) ପେରোজ **पीरोजा** Torquois (a minor gem).
[ଦ୍ର—ଏହା ଦୁଇ ପ୍ରକାରର । ଏକ ପ୍ରକାରର ରଙ୍ଗ ସବୁଜ ଓ ଅନ୍ୟର ରଙ୍ଗ ପାଣ୍ଡୁଁଶିଆ । ଏହାର ଭସ୍ମ ଔଷଧରେ ଲାଗେ ।]

ପେଲ୍(ଲ୍) (ଧାତୁ)—୧ । ଗତି କରିବା—
Pel(l) (root) 1. To move.
୨ । କମ୍ପିବା—2. To shake or tremble.

ପେଲ୍‌ବା—ପ୍ରାଦେ. (ଉତ୍ତରଭାଗ) କ୍ରି—(ହୁକୁମ) ଅମାନ୍ୟ କରିବା—
Pelbā To disobey (order).

ପେଲ—ସ. ବ (ପେଲ୍ ଧାତୁ+କର୍ତ୍ତୃ. ଅ)—
Pela ୧ । ଅଣ୍ଡକୋଷ; ମୁଷ୍କ; ଭୁଡୁଣ୍ଡ—1 Testicle
(ପେଲକ—ଅନ୍ୟରୂପ) [ଦ୍ର—ଏ ଶବ୍ଦ ଓଡ଼ିଆ ଓ ବଙ୍ଗଳାରେ ଅଶିଷ୍ଟ ଭାଷାରେ ବ୍ୟବହୃତ; ହି. ପେଲଡ଼ । ଓଡ଼ିଆରେ ଇତର ଉଚ୍ଚାରଣ-ପେର]
୨ । ଲିଙ୍ଗ; ମେଢ୍ର—2. Penis.
୩ । (+ଭାବ. ଅ)—ଗମନ—3. Going.
୪ । ଗତି—4. Motion.
୫ । କ୍ଷୁଦ୍ରାଂଶ—5. Particle; small part.

ପେଲ୍‌ଘେଇବା—ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) କ୍ରି—
Pelagheibā ଠେଲି ଦେବା—To push.

ପେଲଣ—ଦେ. ବ. (ସ. ପୀଡ଼ନ)—୧ । ପେଲିବା କର୍ମ—
Pelaṇa 1. The act of pushing.
୨ । (ଅଶ୍ଳୀଳ) ସ୍ତ୍ରୀ ସଙ୍ଗମ; ମୈଥୁନ—
2. (indecent) Coition with a woman.

ପେଲଣା—ଦେ. ବଣ—ପେଲିବା କ୍ରିୟାରେ ବ୍ୟବହୃତ—
Pelaṇā Used in the act of pushing.
ବ—୧ । ପେଲଣ (ଦେଖ)—1. Pelaṇa (See)
୨ । ପେଲଣା ଜାଲ (ଦେଖ)—2. Pelaṇā jāla (See)

ପେଲଣା କାଠି—ଦେ. ବ—୧ । ଧାନ କୁଟାଳୀ ଢିଙ୍କି ଲାଞ୍ଜରେ ଠିଆ ହୋଇ ଧାନ କୁଟୁଥିବା ସମୟରେ ଢିଙ୍କି ମୁଣ୍ଡାରେ ପଡ଼ା ହୋଇଥିବା ଧାନକୁ କଣର ବାହରେ ଶୁଖାଇ (ଗୋଳାଇ) ଦେବା ପାଇଁ ବ୍ୟବହୃତ ଏକ ପ୍ରକାର ବଙ୍କା ବାଡ଼ି—1. A curved pole used by a person standing at the tail-end of a Ḍhiṅki to stir the corn in the hole (receiver) of the Ḍhiṅki.
Pelaṇā kāṭhi
(ପେଲଣାବାଡ଼ି—ଅନ୍ୟରୂପ)
୨ । ପେଲଣା ଜାଲ ଯେଉଁ ତ୍ରିକୋଣାକାର ବନ୍ଧ ବାଉଁଶରେ ବନ୍ଧା ହୋଇଥାଏ—2. The triangular bamboo frame of a pushing net.

ପେଲଣା ଗୁଞ୍ଜିବା—ଦେ. କ୍ରି—ପେଲଣା ଜାଲଦ୍ୱାରା ମାଛ ଧରିବା—
Pelaṇā guñjibā To fish with a pushing net.

ପେଲଣା ଜାଲ—ଦେ. ବ—ଠେଲା ଜାଲ; ତ୍ରିକୋଣାକାର ବାଉଁଶରେ ସଲଗ୍ନ ଏକପ୍ରକାର ଜାଲ—
Pelaṇā jāla
କଣି; ফেটাজাল
ठेलाजाल
A kind of pushing net with a triangular bamboo frame.
[ଦ୍ର—ଏହାକୁ ତ୍ରିଭୁଜର ଶିଖର ଦେଶରୁ ଧରି ପଛ ଅଡ଼ୁ ଆଗକୁ ପେଲାଯାଏ ।]

ପେଲଣା ପଟା—ପ୍ରାଦେ. (ଗଞ୍ଜାମ) ବ—ଧାନ କୁଟିବା ଲୋକ ଉପରିରେ ଧାନକୁ ଆଗେ ଆଗେ ଶୁଖାଇବା ପାଇ ବ୍ୟବହୃତ ବେଣ୍ଟ ସହିତ କାଠର ପଟା—A long wooden plate used by a person standing at the tail-end of a Ḍhiṅki; to stir the paddy in the hole at the other end.
Pelaṇā paṭā

ପେଲ(ଲ)ବ—ସ. ବଣ. (ପେଲ=କ୍ଷୁଦ୍ରାଂଶ+ବ)—୧ । କୃଶ; କ୍ଷୀଣ—
Pela(la)ba 1. Thin; slim.
୨ । କୋମଳ; ନରମ—2. Soft; tender.
୩ । ମୃଦୁ—3. Slender; delicate.
୪ । ସରୁ; ସୂକ୍ଷ୍ମ—4. Fine; tender.
୫ । ବିରଳ—5. Rare; scarce.
୬ । ଭଙ୍ଗୁର—6. Fragile.
୭ । ବକ୍ର—7. Bent; crooked.
୮ । ଲଘୁ; ହାଲୁକା—8. Light.

ପେଲ ମଳା—ଦେ. ବ. ୧ । (ଘୋଡ଼ାକୁ ଅଣ୍ଡା କରିବା ଉପଲକ୍ଷରେ)
Pela malā ଅଣ୍ଡକୋଷକୁ ମଳିବା—
1. Pressing of the scrotum while gelding a horse.
(ପେଲଦଳା, ପେଲ ଆଉଁସା—ଅନ୍ୟରୂପ)
୨ । କୌଣସି ବ୍ୟକ୍ତିର ଅଣ୍ଡକୋଷକୁ ଆଉଁସିବା—
2. Rubbing of the testicles.
୩ । (ଅଶିଷ୍ଟ) (ଲକ୍ଷଣାର୍ଥ) ଖୁସାମଦ; ଖୋସାମଦ—
3. (figurative) (slang) Flattering; flattery.

ପେଲା—ଦେ. ବଣ. ପୁଂ. (ସ. ପୀଡ଼ନ)—
Pelā ୧ । ଯେ ଅତ୍ୟଧିକ ବା ବାରମ୍ବାର ପେଲେ—
ପেলা 1. Given to too much pushing; pushing
पेलू too much or too often.
ଅଗ ଡଗ, ପର ଗାଉ ଦୂହା, ଗାଣ୍ଡ ପେଲା
ଏ ତିନ ଜଣ ଜାଣିଁ ଥାଇଁ ଥାଇଁ ମଲା—ଡାକ ।
(ପେଲେଇ—ସ୍ତ୍ରୀ) ୨ । ଯେ ପେଲେ ବା ଠେଲେ—
2. Pushing.
୩ । (ଅଶ୍ଳୀଳ) ପୁଂ—ଅତି କାମୁକ; ଲମ୍ପଟ—
3. (indecent) Lecherous.
୪ । ଆଦେଶ ଲଙ୍ଘନକାରୀ—4. Disobedient.

ବ—୧ । କଇଞ୍ଚିଆ; ଘୃଲ ଘରେ ଭୁଲଆ ଖୁଣ୍ଟ ଦିଅ ନ ଯାଇ ଦୁଇ ପାଖ କାନ୍ଥ ଅଧରୁ ମଥାନ ମଝିକୁ କଣ୍ଠି ବାଗରେ ଯେଉଁ ବାଉଁଶ ବା କାଠଦ୍ୱୟ ଡେଶ୍ ଯାଇ ମଝିରେ ଶିଖର ଦେଶରେ ପରସ୍ପର ସମ୍ବନ୍ଧ ଲାଗିଥାଏ—1. Two poles in the shape of the handles of scissors which sustain the ridge-plate of a thatched house and are set diogonally on the middle of the side walls.

[ଦ୍ର—ଏହି ପେଲା ଦ୍ୱୟର ଛକ ଭୁଲଆ ଖୁଣ୍ଟର କାର୍ଯ୍ୟ କରେ ଓ ଏହି ଛକକୁ କଇଁଚ କୁହାଯାଏ ।]

୨ । ପାଣି ନାଳକୁ ବନ୍ଧାଇ ମାଛ ମାରିବା ପାଇଁ ବନ୍ଧରେ ଦିଆ-ଯିବା ଅଡ଼ (ଅଡ଼ କାଠ) କୁ ସ୍ରୋତ ମାଡ଼ି ବା ପେଲି ନ ଦେବ ଏଥିପାଇଁ ସ୍ରୋତର ବିପରୀତ ଅଡ଼ୁ ଲଗାଯିବା ଠିଅ—2. A prop put behind the cross-beam of a dam to bear the brunt of the forcing current.

୩ । ଠେସ; ଠିଅ—3. A prop

পেলা ୪ । ପେଲିବା କର୍ମ—
पेलना 4. The act of pushing

୫ । ଶ୍ୱାସ ରୋଗଜନିତ ଅଙ୍ଗବିକ୍ଷେପ—
5. Spasm; convulsion due to asthma.

ପ୍ରାଦେ. (ପୁରୀ) ବ—ଦଣ୍ଡ ବା କୁସ୍ତି—
Gymnastic exercise; dand.

ଗ୍ରା. ବ. (ଅଶ୍ଳୀଳ; ପୁରୁଷ ପକ୍ଷରେ ପ୍ରଯୁକ୍ତ)—(indecent) ମୈଥୁନ ଉପଲକ୍ଷରେ ସ୍ତ୍ରୀକୁ ବାରମ୍ବାର ଠେସିବା କର୍ମ— Act of giving repeated pushes to a woman by a male during coition

ପେଲା(ଲେ)ଇବା—ଦେ. କ୍ରି. (ସ. ପୀଡ୍ ଧାତୁ)—
Pelā(le)ibā ୧ । ପେଲିବା କ୍ରିୟାର ଣିଜନ୍ତ ରୂପ—
পেলান 1. The causative form of Pelibā.
पेलवाना ୨ । ଅନ୍ୟ ବ୍ୟକ୍ତି ଦ୍ୱାରା ପେଲିବା କାର୍ଯ୍ୟ କରାଇବା— 2. To cause another person to do the pushing.

୩ । (କବାଟକୁ) ଆଉଜାଇବା— 3. To turn a door in.

୪ । ମେଲା ହୋଇଥିବା କବାଟକୁ ବନ୍ଦ କରିବା — 4. To shut a door.

୫ । (ଅଶ୍ଳୀଳ, ସ୍ତ୍ରୀ ପକ୍ଷରେ ପ୍ରଯୁକ୍ତ) ପୁରୁଷ ଦ୍ୱାରା ନିଜକୁ ସଙ୍ଗମ କରାଇବା—5. (slang) To submit to sexual intercourse (said of a woman.)

ପ୍ରାଦେ. (ମେଦିନୀପୁର) କ୍ରି—ଫିଙ୍ଗିବା; ଫୋପାଡ଼ି ଦେବା— To throw away.

ପେଲା ପଣ—ଦେ. ବି—ଦୁଃସାହସିକ କାର୍ଯ୍ୟ କରିବା; ଦୁଃସାହସିକତା—
Pelā paṇa Fool-hardiness; rashness; over-
গোয়াঁরগিরী उजडपन [ପେଲାପଣିଆ(ଆଁ)—ଅନ୍ୟରୂପ] daring.

ପେଲାପେଲି—ଦେ. ବି. ଓ ବିଣ.—୧ । ଠେଲାଠେଲି; ଅନ୍ୟୋନ୍ୟରେ
Pelā peli ଠେସା ଠେସି—1. Mutual pushing.

ଅନ୍ୟୋନ୍ୟରେ ସେ ଉଚ୍ଚ ରଡ଼ ବୋଲି,
ପଳାଇଲେ ସେନାଏ ହୋଇ ପେଲା ପେଲି । କୃଷ୍ଣସିଂହ. ମହାଭାରତ ଦ୍ରୋଣ ।

୨ । ବହୁତ ଠେଲିବା—2. Too much pushing.
ঠেলাঠেলি ୩ । ଦୁଇଜଣଙ୍କ ମଧ୍ୟରେ କଳି କଜିଆ; ବାଗ୍‌ବିବାଦ—
रेलपेल 3. Mutual quarrelling or recrimination.

ପେଲାପେଲି କରି ଦିନ ନେବା—ଦେ. ବି.—ଦେ. କ୍ରି.—
Pelā peli kari dina nebā ୧ । ଯେନ ତେନ ପ୍ରକାରେଣ ଅଶକ୍ତ ବ୍ୟକ୍ତିଦ୍ୱାରା
ପେଲା ପେଲି କରି କାମ ହୁଠା(ଠେ)ଇବା }
ପେଲା ପେଲି କରି କାମ ଭୁଲା(ଲେ)ଇବା } ଅନ୍ୟରୂପ
କାର୍ଯ୍ୟ ଚଳାଇ ନେବା—1. To have a work done anyhow with the help of an unfit person.

ନିସତକୁ ନାରୁଣୀକୋଡ଼ି ସରତା,
ପେଲି ପେଲି କରି ଦିନ ନଇ ଥା । ଜଗ ।

୨ । ଚଳନ୍ତରମାଖିଆ କରି ଅର୍ଥାତ୍ ରଅଠଅ କରି କାର୍ଯ୍ୟକୁ ସମାଧା କରିବା —2. To carry a work through anyhow; to do a work slovenly.

ପେଲାସ୍—ବୈଦେ. ବି.—(ଇଂ. ପ୍ଲାୟାର୍ସ୍)—୧ । ବଢ଼େଇ, କଣିଆ ଆଦିଙ୍କ
Pelās ବ୍ୟବହୃତ ଏକ ପ୍ରକାର ସଣ୍ଡାଶି; ଜମ୍ବୁରା—1. Pliers;
পেলাস पेलास a kind of sturdy pincers.
(ପିଲାସ୍, ପ୍ଲାସ୍; ପ୍ଲାୟାସ୍(ର୍)—ଅନ୍ୟରୂପ)

୨ । (ଇଂ) ଖ୍ରୀ ୧୮୦୨ ସାଲରେ ଡାକ୍ତର ଅଲ୍‌ବର୍ସଙ୍କଦ୍ୱାରା ଆବିଷ୍କୃତ ମଙ୍ଗଳ ଓ ବୃହସ୍ପତି ମଧ୍ୟରେ ଅବସ୍ଥିତ ଏକ ଗ୍ରହ (ହି. ଶ.)—2. Pellas; name of a newly discovered planet.

[ଦ୍ର—ଏହା ସୂର୍ଯ୍ୟଙ୍କ ଠାରୁ ୨୮ କୋଟି ମାଇଲ ଦୂରରେ ଅବସ୍ଥିତ । ୪ ବର୍ଷ ୮ ମାସରେ ଏ ଥରେ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରେ । ଆକାରରେ ଏହା ଚନ୍ଦ୍ରଙ୍କ ଅପେକ୍ଷା କ୍ଷୁଦ୍ର (ହି. ଶ.) ।]

ପେଲି(ଲୀ)—ସ. ବି.—(ପେଲ ଧାତୁ+ଇ)—ଘୋଡ଼ା—
Peli(lī) Horse.

ପେଲିଆ—ଦେ. ବିଣ. (ସ. ପେଲ)—୧ । ଭୁରୁଣ୍ଡା; ବଡ଼ ଅଣ୍ଡକୋଷ
Peliā ଯୁକ୍ତ; ଅଣ୍ଡିଆ—1. Having big testicles.

୨ । ଅଣ୍ଡକୋଷଯୁକ୍ତ—2. Having testicle.

[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ପରେ ଯୁକ୍ତ ହୁଏ, ଯଥା—ଷଣ୍ଢ-ପେଲିଆ, କାଣି ପେଲିଆ, ଏକପେଲିଆ, ଯାଦୁର୍ ପେଲିଆ ।]

ପେଲି ଆସିବା—ପ୍ରାଦେ. (ଯାଜପୁର) କ୍ରି.—ବଳପୂର୍ବକ ପଶି ଆସିବା—
Peli āsibā To enter a place forcibly; to push one's way into a place.

ପେଲି ଦେବା—ଦେ. କ୍ରି.—୧ । ପଛଆଡ଼ୁ କୌଣସି ବ୍ୟକ୍ତିକୁ ଗର୍ତ୍ତକୁ ବା
Peli debā ଖାଲକୁ ଠେଲିଦେବା—1. To push a person
ঠেলে দেওয়া पेलदेना from behind to a hole or pits.
(ଯଥା—ସେ ପିଲାଟିକୁ କୂଅକୁ ପେଲି ଦେଲା ।)

୨ । ଡଙ୍ଗାକୁ ପଛ ମଙ୍ଗ ଆଡ଼ୁ ବପଖାଉ ବଗକୁ ଠେଲିବା— 2. To push a boat from behind.

ଏହୁ କଥାକୁ, କାଆ ପେଲ ଦେଇ କଲକଡାକୁ – ଡଗ ।

ପେଲବା—ଦେ. କ୍ରି. (ସଂ. ପେଲ ଧାତୁ ଜମ୍ମା ପୀଡ଼୍ ଧାତୁ (Beams); Pelibā ଭୂଲ. ଡା. ପେଲ)—୧ । (ସକର୍ମକ) ପଛଆଡ଼ୁ ଠେଲିବା; ଠେଲା, ପେଲା **पेलना** ଠେଁସିବା—1. To push from behind; (ପେଲଦେବା—ଅନ୍ୟରୂପ) to shove; to push forward.

ଛଇଳ ହସି ମୋ ଭରତ ଭରକେ ଦେଇ ପେଲଲେ ।
କବସୂର୍ଯ୍ୟ, ସଙ୍ଗୀତ ।

୨ । (ଅଶ୍ଳୀଳ) (ପୁରୁଷ) ସ୍ତ୍ରୀ ସଙ୍ଗମ କରିବା—2. (indecent) To cohabit a woman; to perform the act of coition with a woman (said of a man)

୩ । (ଆଦେଶ) ଲଙ୍ଘିବା; (ବୋଲ) ନ ମାନିବା— 3. To disobey (an order).

ଭବର ଅବସ୍ଥାରେ ମୋ ପଡ ବୋଲ ପେଲ.
ଅଙ୍କାନେ ଏଠାକୁ ଆସି ପଇଲୁଛ। ହେଲ । ଭୂ- ସୀ. ବଳମଙ୍ଗମାସ୍ୱଣ ଅବ ।

୪ । ଅବମାନନା କରିବା—4. To show disrespect; to disregard.

୫ । ଅତିକ୍ରମଣ କରିବା; ବଳପୂର୍ବକ ଆଗ ବଢ଼ି ଯିବା— 5. To step over; to overstep; to force one's way forward.

ସବେ ପଦେ ବନେ ପେଲ;
ଡ଼ୁସ୍ତରେ ଏବା ତୁଳା ଜାଳ – ରୂପଡ. ପ୍ରେମପଞ୍ଚାମୃତ ।

୬ । ଦୀପର ବଳତାକୁ ତେଜିବା— 6. To trim the wick of a lamp.

୭ । ଜବରଦସ୍ତି ଠେଲିବା—7. To push with force.

୮ । (ସଂ. ପ୍ରେରଣ) ଡଙ୍ଗାକୁ ପଛ ମଙ୍ଗଆଡ଼ରୁ ବପଖାଉ ବଗକୁ ଠେଲିବା—8. To push a boat from behind.

[ଦ୍ର—ଏହି କ୍ରିୟାର ଅସମାପିକା ରୂପ ସଙ୍ଗେ ଆଣିବା, ଆସିବା, ଦେବା, ନେବା, ପକା(କୋ)ଇବା, ପଶିବା, ଯିବା ଆଦି କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ପେଲବା ଠେଲିବା—ଦେ. କ୍ରି. (ସହଚର ଶବ୍ଦ)—୧ । ଜୋରରେ Pelibā ṭhelibā ଠେଁସିବା—1. To push with force. ପେଲା ଠେଲା, ୨ । (ଗୁରୁଜନ ଆଦିଙ୍କୁ) ଖାତିର ନ କରିବା; ଅମାନ୍ୟ **रेल पेल करना** କରିବା—2. To disregard (one's superiors).

ତାଙ୍କୁ ଯାହା ନ ରୁଚିଲା, ସ୍ୱାମୀଙ୍କୁ ପେଲ ଠେଲ;
ଧାବନ କଟେ ଗଲେ ନନ୍ଦ ବାସ । କବସୂର୍ଯ୍ୟ, ସଙ୍ଗୀତ ।

ପେଲ ଯିବା—ଦେ. କ୍ରି.—ବାଧାକୁ ଠେଲି ଦେଇ କୌଣସି ସ୍ଥାନକୁ Peli jibā ପଶି ଯିବା—To push on one's way; to go ଠେଲେ ଯାଓୟା by pushing through obstacles. **घुसेड़ना**. (ପେଲ ପଶିବା—ଅନ୍ୟରୂପ)

ଠେଲ ଦେଇ ପେଲ ଯିବା, ଧକା ଖାଇଲେ ସହିବା,
ଥକା ମନ ଗୁଲ ଯିବା—ଭଜନ;

ପେଲ ହେବା—ଦେ. କ୍ରି.—ଊର୍ଦ୍ଧ୍ୱଶ୍ୱାସ ଯୋଗୁଁ ବା ଧଇଁ ଯୋଗୁଁ Peli hebā ଉପର୍ଯ୍ୟୁପର ଆଗକୁ ପଛକୁ ଖୁବ୍ ଜୋରରେ ଅନ୍ଦୋଳିତ ହେବା; ହାଲି ହେବା—To be violently হাঁপা convulsed with severe and repeated **हाँफना** asthmatic spasms.

ପେଲେଇ ହେବା—ଦେ. କ୍ରି. (ପେଲବାର ଣିଜନ୍ତ)—୧ । ପେଲ ହେବା Pelei hebā (ଦେଖ) 1. Peli hebā (See)

୨ । ପେଲାଇବା ୫ (ଦେଖ)—2. Pelāibā 5 (See)

ପେଲେଇ—ଦେ. ବଣ. ସ୍ତ୍ରୀ (ଗାଳରେ ବ୍ୟବହୃତ) ଅଶ୍ଳୀଳ)—ରତି Pelei କାମିନୀ (ସ୍ତ୍ରୀ); ଅତି କାମୁକା (ସ୍ତ୍ରୀ)—(indecent) Lecherous (woman); hankering after coition.

ପେଲେଣା (ଇତ୍ୟାଦି)—ଦେ. ବି.—ପେଲଣା ଇତ୍ୟାଦି (ଦେଖ) Pelenā (etc) Pelaṇā etc (See)

ପେଲେଗ୍—ବୈଦେ. ବି. (ଇଂ ପ୍ଲେଗ୍)—ପ୍ଲେଗ୍ (ଦେଖ) Peleg পেলেগ **पेलेग** Pleg (See)

ପେଲେଣି ବାଡ଼ି—ପ୍ରାଦେ. (ଗଞ୍ଜାମ)—ବି.—ପେଲଣା ପଟା (ଦେଖ) Peleṇi bāṛdi Pelaṇā paṭā (See)

ପେଲେନ୍—ବୈଦେ. ବଣ. (ଇଂ. ପ୍ଲେନ୍)—୧ । ଚତୁରସ୍ର; ସମତଳ— Pelen পেলেন **चतरस** 1. Plain; level.

୨ । ମସୃଣ—2. Smooth.

ରାନ୍ଦା ବି.—୧ । ସମତଳ କ୍ଷେତ୍ର—1. A level field.

रंदा ୨ । ବଢ଼େଇଙ୍କ ରନ୍ଦା—2. Carpenter's plane.

ପେଶ—ସଂ. ବି.—(ପିଶ୍ ଧାତୁ + ଅ)—ଆକାର— Pesa Form; shape (Apte).

ପେଶଲ—ସଂ. ବଣ. (ପିଶ୍ ଧାତୁ=ଅଙ୍ଗୀଭୂତ ହେବା + ଅଲ)—୧ । ଦକ୍ଷ— Pesala 1. Pert; competent; expert. (ପେସଲ, ପେଷଲ—ଅନ୍ୟରୂପ) ୨ । ଚତୁର— [ପେଶଲତା(ତ୍ୱ)—ବି] 2. Dexterous; ingenious. (ପେଶଲା—ସ୍ତ୍ରୀ) ୩ । ଧୂର୍ତ୍ତ—3. Cunning; crafty.

୪ । ସୁନ୍ଦର; ସୁନ୍ଦର; ମନୋହର— 4. Handsome; beautiful.

୫ । କୋମଳ—5. Soft

୬ । ଚକ୍କଣ—6. Smooth.

ସଂ. ବି.—ବିଷ୍ଣୁ (ହ୍ର. ଶ.)—A name of Bishnu.

ପେଶଲେ—ଦେ. କ୍ରି. ବଣ (ସଂ. ପେଶଲ)—ମୃଦୁ ସ୍ୱରରେ; ମୃଦୁଭାବରେ; Pesale କୋମଳତା ସହିତ—Softly; in a soft tone.

ବୋଲେ ପ୍ରସନ୍ନେ ସକଳ କୁମାର ପେଶଲେ ।
ଉତ୍ତ. ବୈଦେହୀଶବିଳାସ ।

ପେଶଓ୍ବା(ବା)—ବୈଦେ. ବି. (ଫା. ପେଶ୍‌ଓ୍ବା=ନେତା)— Pesawā(bā) ୧ । ମହାରାଷ୍ଟ୍ରୀୟ ସେନାପତି ବା ନାୟକ— পেশবা **पेशवा** 1. A commander-in-chief or leader (ପେଶୁଆ, ପେଶୋଆ, ପେଶ୍ୱା—ଅନ୍ୟରୂପ) of the Marhattas.

୨ । ପୁରୋହିତ—2. Priest.

୩ । ମହାରାଷ୍ଟ୍ର ସାମ୍ରାଜ୍ୟର ପ୍ରଧାନ ମନ୍ତ୍ରୀଙ୍କ ଉପାଧି— 3. The title of the prime minister of the Marhatta kingdom; Peishwa.

[ଦ୍ର—ଶିବଜୀଙ୍କ ମୃତ୍ୟୁ ପରେ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ଆଦ୍ୟଭାଗରେ ସତାରାରେ ରାଜତ୍ୱ କରୁଥିବା ଶିବଜୀଙ୍କ ବଂଶଧରମାନଙ୍କ ନାମରେ ଶାସିତ ମରହଟ୍ଟା ରାଜ୍ୟ ୮ ଜଣ ପ୍ରଧାନ ବା ମନ୍ତ୍ରୀଙ୍କ ପରାମର୍ଶରେ ଶୃଙ୍ଖଳିତ ହେଉଥିଲା । ଏ ଆଠଜଣଙ୍କ ମଧ୍ୟରେ ମୁଖ୍ୟ-ପ୍ରଧାନ ବା ପ୍ରଧାନ ମନ୍ତ୍ରୀଙ୍କର 'ପେଶ୍ୱା' ଉପାଧି ଥିଲା ଓ କାଳକ୍ରମେ ଏ ଉପାଧି ଓ ରାଜକର୍ମ ବଂଶଗତ ହେଲା । ପେଶ୍ୱାମାନଙ୍କ ରାଜଧାନୀ ପୁନାରେ ଥିଲା । କୋଙ୍କଣ ଦେଶବାସୀ ଜଣେ ମରହଟ୍ଟୀ ବ୍ରାହ୍ମଣ ବାଲାଜୀ ବିଶ୍ୱନାଥ ପ୍ରଥମେ ପେଶ୍ୱା ହେଲେ (ଖ୍ରୀ. ୧୭୧୪-୧୭୨୦) । ଏ ମୋଗଲ ବାଦସାହାଙ୍କ ସଙ୍ଗେ ସନ୍ଧି କରି ଦାକ୍ଷିଣାତ୍ୟର ୬ଟି ସୁବାରୁ ଚତୁର୍ଥ ଆଦାୟ କରିବାର, ପୁନାରେ ସ୍ୱାଧୀନ ରାଜ୍ୟ କରିବାର ଓ ଏହି ରାଜଗୀ ତାଙ୍କର ବଂଶାନୁଗତ ହେବାର ବ୍ୟବସ୍ଥା କରାଇ ନେଲେ । ବାଲାଜୀଙ୍କ ପୁଅ ବାଜି ରାଓ ତାଙ୍କ ଅନ୍ତେ ପେଶ୍ୱା ହେଲେ (ଖ୍ରୀ. ୧୭୨୦-୧୭୪୦) । ଏ ମୋଗଲମାନଙ୍କଠାରୁ ମାଲବଆଦି ଗୁଡ଼ିଏ ରାଜ୍ୟ ଜୟ କଲେ ଓ ପର୍ତ୍ତୁଗୀଜମାନଙ୍କଠାରୁ ବେସୀନ୍ ଜୟ କଲେ । ତାଙ୍କ ପୁଅ ବାଲାଜୀ ବାଜୀ ରାଓ ପେଶ୍ୱା ହେଲେ (ଖ୍ରୀ. ୧୭୪୦-୧୭୬୧) । ଏହାଙ୍କ ଅମଳରେ ବରୋଦାରେ ଗାଇକୱାଡ଼, ବେରାରରେ ଭୋଁସଲା ମରହଟ୍ଟା ରାଜ୍ୟମାନ ସ୍ଥାପିତ ହେଲା । ୧୭୪୯ ରେ ସତାରାରର ମରହଟ୍ଟା ରାଜା ସାହୁ ତାଙ୍କର ଉଇଲ୍‌ଦ୍ୱାରା ବାଲାଜୀ ବାଜି ରାଓଙ୍କୁ ସମସ୍ତ ମରହଟ୍ଟା ରାଜ୍ୟର ରାଜା ମନୋନୀତ କଲେ । ସେହି ଦିନଠାରୁ ପେଶ୍ୱାମାନେ ସ୍ୱାଧୀନ ମରହଟ୍ଟା ରାଜା ହେଲେ ଓ ପୁନା ତାଙ୍କର ରାଜଧାନୀ ହେଲା । ଏହାଙ୍କ ସୈନ୍ୟମାନେ ତୃତୀୟ ପାଣିପଥ ଯୁଦ୍ଧରେ ଆଫଗାନିସ୍ତାନର ରାଜାଙ୍କ ଦ୍ୱାରା ୧୭୬୧ ଖ୍ରୀଷ୍ଟାବ୍ଦରେ ପରାସ୍ତ ହେଲେ ଏବଂ ଏହି ଦୁଃଖରେ ବାଲାଜୀ ବାଜି ରାଓ ମଲେ । ଏହାଙ୍କ ପରେ ଏହାଙ୍କ ପୁଅ ମଧୁ ରାଓ ପେଶ୍ୱା ହେଲେ (ଖ୍ରୀ.୧୭୬୧-୧୭୭୨) । ତାଙ୍କ ପରେ ତାଙ୍କ ଭାଇ ନାରାୟଣ ରାଓ ପେଶ୍ୱା ହେଲେ (୧୭୭୨—୭୩) ଓ ପ୍ରାଣଘାତକ ହସ୍ତରେ ତାଙ୍କର ପ୍ରାଣ ଯିବାରୁ ନାରାୟଣଙ୍କ ପୁତ୍ର ମଧୁରାଓ ନାରାୟଣ ଓ ରାଘୋବା ନାମକ ଜଣେ ପ୍ରତିଦ୍ୱନ୍ଦ୍ୱୀ ସଙ୍ଗେ ସିଂହାସନ ଯୋଗୁଁ କଳି ହେଲା । ଇଂରାଜମାନେ ରାଘୋବାଙ୍କ ପକ୍ଷ ସମର୍ଥନ କଲେ ଓ ପରେ ତାଙ୍କୁ ମଧୁରାଓ ନାରାୟଣ ନାବାଳଗଙ୍କର ମହାଫିସ୍ କଲେ । ମଧୁରାଓ ନାରାୟଣ ୧୭୯୫ରେ ଆତ୍ମହତ୍ୟା କଲେ । ତା ପରେ ରାଘୋବାଙ୍କ ପୁଅ ୨ୟ ବାଜି ରାଓ ପେଶ୍ୱା ହେଲେ । ଏ ଇଂରେଜମାନଙ୍କ ସଙ୍ଗେ ଖ୍ରୀ: ୧୮୦୨ ରେ ବେସିନ୍‌ରେ ସନ୍ଧିପତ୍ର ସ୍ୱାକ୍ଷର କଲେ ଏବଂ ୧୮୧୭ରେ ଇଂରେଜଙ୍କ ସଙ୍ଗେ ପୁନାରେ ସନ୍ଧି କରି ସମସ୍ତ କ୍ଷମତା ଇଂରେଜଙ୍କୁ ଅର୍ପଣ କଲେ ଓ ଇଂରେଜଙ୍କଠାରୁ ପେନ୍‌ସନ୍ ପାଇ ବିଠୁରରେ ରହିଲେ ଏବଂ ତାଙ୍କ ରାଜ୍ୟ ଇଂରାଜଙ୍କ ବମ୍ବେ ପ୍ରେସିଡେନ୍‌ସିର ଅନ୍ତର୍ଭୁକ୍ତ ହେଲା — ପ୍ରୋଥେରୋ ସାହେବଙ୍କ ଇଂରାଜ ଭାରତ ଇତିହାସ ।]

ପେଶୱା(ବା)ଜ୍—ବୈଦେ. ବି. (ଫା)—ମୁସଲମାନ ସ୍ତ୍ରୀଲୋକେ ଓ Pesawā(bā)j ବିଶେଷତଃ ବେଶ୍ୟା ଓ ନାଚବାଲୀମାନଙ୍କ (ପେଶୁଆଜ୍—ଅନ୍ୟରୂପ) ପିନ୍ଧିବା ପାଇଜାମା—Trousers worn
পেশবাজ by Muslim females and specially by
पेशवाज dancing girls.

ପେଶୱା(ବା)ର୍—ଦେ. ବି. (ନାମ) (ପ୍ରାଚୀନ ସଂ. ନାମ ପୁରୁଷପୁର)— Pesawā(bā)r ଭାରତର ଉତ୍ତର ପଶ୍ଚିମ ସୀମାନ୍ତ ଅଞ୍ଚଳ ଓ ନଗର— [ପେଶାବ(ୱ,ବା,ୱା)ର୍—ଅନ୍ୟରୂପ] .Peshwar; name of a
পেশাবর **पेशावर** district and town on the N. W. frontier of India.

ପେଶୱାରୀ—ଦେ. ବିଣ—ପେଶୱାର ଦେଶୀୟ—
Pesawāri Belonging to Peshwar.
পেশাবরী ବି—ପେଶୱାର ଦେଶୀୟ ବ୍ୟକ୍ତି; କାବୁଲୀ—
पेशावरी A Peshwari.

ପେଶସ୍କାରୀ—ଦେ. ବି—ଭୁମ୍ବୁରୀଆ ପୋକ—
Pesaskāri Mud-wasp.
কুমরে পোকা ଜନ୍ତୁର ସେହି ରୂପ ଧରି
घिरनी ଯେସନେ କୀଟ ପେଶସ୍କାରୀ । ଜଳେଥାଏ ଭାଗବତ ।

ପେଶି(ଶୀ)—ସଂ. ବି. (ପିଶ୍ ଧାତୁ=ଅବୟବୀଭୂତ ହେବା+କର୍ତ୍ତୃ. ଇ)—
Pesi(si) ୧ । ସ୍ନାୟୁ; ଶରୀରସ୍ଥ ମାଂସ ପିଣ୍ଡ—1 The fleshy parts of the body; lumps of flesh in the body; muscle.

[ଦ୍ର—ଏହି ପେଶୀମାନଙ୍କ ଦ୍ୱାରା ଇଚ୍ଛା ମାତ୍ରେ ଶରୀରର ଅଙ୍ଗ ଆଦିର ସଞ୍ଚାଳନ, ସଙ୍କୋଚନ ଓ ପ୍ରସାରଣ କ୍ରିୟା ସମାଧା ହୁଏ ।]

୨ । ବଜ୍ର; ଚଡ଼କ—2. Thunderbolt
୩ । ଖଡ୍ଗାଦିର କୋଷ—3. Sheaf,
୪ । ଅଣ୍ଡ; ଡିମ୍ବ—4 Egg.
୫ । ରାକ୍ଷସୀବିଶେଷ—5. Name of a demoness.
୬ । ପିଶାଚୀବିଶେଷ—6. Name of a female imp.
୭ । ନଦୀବିଶେଷ —7. Name of a river.
୮ । ଫୁଟିଲା କଢ଼ି; ସୁପକ୍ୱ କଳିକା—8. A flowering bud; a bud about to blow.
୯ । ଜଟାମାଂସୀ – 9 Spikenard.
୧୦ । ଡାଲି; ରଗଡ଼ା ବିରି; ବିଦଳିତ ମାଷ—
10. Split peas; husked pulse.

ପେଶି(ଶୀ) କୋଷ—ସଂ. ବି—ଅଣ୍ଡକୋଷ—
Pesi(si) kosha Testicle.

ପେଷ୍ (ଧାତୁ)—ସ—୧ । ଗମନ କରିବା—
Pesh (root) 1. To go.
୨ । ଚଳିବା—2. To move

ପେଷ—ସଂ. ବିଣ. (ପେଷ୍ ଧାତୁ+ଅ)—
Pesha ୧ । ସୁନ୍ଦର—1. Handsome.
ପେଶ } ଅନ୍ୟରୂପ ୨ । ଦକ୍ଷ—2. Dexterous.
ପେସ }

ପେଷଣ—ସଂ. ବି. (ପିଷ୍ ଧାତୁ=ବାଟିବା; ଚୂରିବା+ଭାବ. ଅନ)—
Peshana ୧ । ପେଷିବା; ବାଟିବା; ମର୍ଦ୍ଦନ କରିବା; ଦଳନ—
1. Pestling; crushing.
୨ । ଚୂରିବା; ଚୂର୍ଣ୍ଣନ; ରଗଡ଼ିବା—
2. Grinding; pulverising.

୩ । (+କରଣ. ଅନ) ପେଷଣ କରିବାର ପାତ୍ର; ଖଲ—
3. A mortar.
୪ । ଶିଳ—4. Grinding slab.
୫ । ପେଷଣ କରିବାର ଯନ୍ତ୍ର; ଶିଳ ଓ ଶିଳପୁଅ—
5. A crushing slab and muller.
୬ । ଖଲ ଓ ପୁଅ—
6. A pestle and mortar.
୭ । ଚକି—7. A grinding mill.
୮ । ପଟି—8. A bandage.
୯ । ଶତଗ୍ରନ୍ଥି; ଧକଣ୍ଡା ସିଜୁ—2. Euphorbia.
ଦେ. ବି. (ସ. ପ୍ରେଷଣ)—୧ । ପଠାଇବା—
1. Sending out.
ପାଣ୍ଡବଙ୍କ ଠାବୁ ଦୂତର ପେଷଣ
ଶତ ଅନ୍ତେ କଲେ ଧୃତରାଷ୍ଟ୍ର, ଶୁଣ । କୃଷ୍ଣସିଂହ, ମହାଭାରତ. ଅର ।
୨ । କୌଣସି ବ୍ୟକ୍ତିଠାରେ ଭୂତ ପ୍ରେତ ଆଦିଙ୍କୁ ମନ୍ତ୍ର ଦ୍ୱାରା ପ୍ରବେଶ କରାଇବା—2. Causing an evil spirit to possess a person by employing charms

ପେଷଣ ଦନ୍ତ—ସ. ବି—କଲ ଦାନ୍ତ; ଚକା ଦାନ୍ତ—
Peshaṇa danta — Molar tooth.

ପେଷଣ ପାତ୍ର—ସ. ବି—୧ । ଖଲ—
Peshaṇa pātra — 1. Mortar.
୨ । ଶିଳ—2. A slab of stone for crushing.

ପେଷଣା—ଦେ. ବି—୧ । ପେଷିବା ପଥର ଖଣ୍ଡ; ଶିଳ—
Peshaṇā — 1. Crushing slab of stone.
ଯାଁତା **यन्ता** ୨ । ଘୋରଣା; ଚକି—
2. A grinding mill.
୩ । ପେଷିବା; ବାଟିବା—3. Crushing.

ପେଷଣି(ଣୀ)—ସ. ବି. (ପିଷ୍ ଧାତୁ+କରଣ ଅନ; +ଈ)—
Peshaṇi(ṇī) ୧ । ପେଷଣ ଯନ୍ତ୍ର; ଶିଳ ଓ ଶିଳପୁଅ—
1. A crushing slab and muller.
୨ । ଚକି; ଘୋରଣା ଚକି—2 A grinding mill.
୩ । ଶିଳପୁଅ—3. A roller; a muller
୪ । ଖଲର ପୁଅ—4. A pestle.

ପେଷଣୀୟ—ଦେ, ବିଣ. (ପିଷ୍ ଧାତୁ+କର୍ମ ଅନୀୟ)—
Peshaṇiya ୧ । ବାଟିବାର ଯୋଗ୍ୟ—1 Capable of being crushed or bruised
୨ । ଚୂରିବାର ଯୋଗ୍ୟ—2. Capable of being ground into powder.

ପେଷନ୍—ପ୍ରାଦେ. (ସମ୍ବଲପୁର) ବି—
Peshan ୧ । ପେଷିବା; ପଠାଇବା—1. To send.
୨ । (ସ. ପିଷ୍ ଧାତୁ) ଚୂରିବା; ପେଷଣ କ୍ରିୟା—
2. Pounding; grinding.
୩ । ଶସ୍ୟାଦିର ପିଷ୍ଟ ଚୂର୍ଣ୍ଣ—3. Corn flour.

ପେଷା—ଦେ. ବିଣ (ସ. ପ୍ରେଷିତ)—୧ । ପ୍ରେଷିତ; ପ୍ରେରିତ—1. Sent.
Peshā ୨ । (ସ. ପିଷ୍ ଧାତୁ) ପିଷ୍ଟ; ଚୂର୍ଣ୍ଣ ଯାଇଥିବା—
পেষা **पेषा** 2. Pounded.
ବୈଦେ. ବି. (ଫା)—୧ । ବ୍ୟବସାୟ; ବୃତ୍ତି; ଜୀବିକା; ଜୀବନୋପାୟ—Livelihood; profession.
পেসা × × × ପେଷା ଗ୍ରାମ ଦେବତା ପୂଜା ଆଦି ଗୁଣ ।
पेसा ଫକୀରମୋହନ. ଛମାଣ ଅଠଗୁଣ୍ଠ ।
୨ । ବେପାର—2. Trade.
ପ୍ରାଦେ. (ସମ୍ବଲପୁର) ବି—ବଡ଼ ପେଷଣା; ଯନ୍ତ୍ରରେ ଗହମ ଆଦି ଶସ୍ୟ ଚୂନା ହୋଇଯାଏ—
A big grinding or powdering mill.

ପେଷା(ଷୋ)ଇବା—ଦେ. କ୍ରି—ପେଷିବା କ୍ରିୟାର ଣିଜନ୍ତ ରୂପ—
Peshā(sho)ibā — The causative form of Peshibā.
পিষান ୧ । ଚୂରାଇବା—1. To cause to be ground.
पषवाना ୨ । ଦଳାଇବା—2. To cause to be kneaded.
୩ । ମର୍ଦ୍ଦନ କରାଇବା—3. To cause to be bruised.

ପେଷାକ—ସ. ବି. (ପିଷ୍ ଧାତୁ+କରଣ ଅକ)—
Peshāka ପେଷଣୀ; ଶିଳ—A small grinding slab of stone.

ପେଷାଦାର୍—ବୈଦେ. ବି. (ଫା)—
Peshādār ୧ । ବେପାରୀ—1. A trader.
পেষাদার ୨ । ବ୍ୟବସାୟୀ—2. Professional man.
पेषादार ୩ । ମାମଲତକାର—
3. A man of business.

ପେଷାଦାରି—ବୈଦେ. ବି. (ଫା)—
Peshādāri ୧ । ବ୍ୟବସାୟ କରିବା ବୃତ୍ତି; ପେଷାଦାରର କାର୍ଯ୍ୟ—
পেষাদারী 1. The state of following a regular
पेषादारी profession or trade.
୨ । ପେଷାଦାର ଲୋକର ବ୍ୟବହାର—2. The conduct of a professional men.
ବିଣ—ପେଷାଦାରିଆ (ଦେଖ)—Peshādāriā (See)

ପେଷାଦାରିଆ—ଦେ. ବିଣ—ପେଷାଦାର ସମ୍ବନ୍ଧୀୟ—
Peshādāriā Relating to a professional man.
পেষাদারী **पेषादारी**

ପେଷା ଯି(ହେ)ବା—ଦେ. କ୍ରି—(ପେଷିବାର କର୍ମବାଚ୍ୟରୂପ)—ପିଷ୍ଟ ହେବା—
Peshā ji(he)bā — To be pounded.
পিসাযাওয়া **पिसाजाना**

ପେଷାଲୀ—ଦେ. ବି—(ସ. ପିଷ୍ ଧାତୁ)—ଚକିରେ ଅଟା ଆଦି ପେଷିବା ଲୋକ—Grinder.
Peshāḷi पिसनहारी

ପେଷି—ସ. ବି—ବଜ୍ର (ହୃ. ଶ)—
Peshi — Thunder.

ପେଷିବା—ଦେ. କ୍ରି—(ସ. ପିଷ୍ ଧାତୁ)—୧ । ମର୍ଦ୍ଦନ କରିବା; ବାଟିବା—
Peshibā পিসা 1. To bruise; to crush or press.
पिसना ୨ । ମଳିବା; ରଗଡ଼ିବା; ଦଳିବା—2. To knead.
ଉତ୍କଳ ସନ୍ତାନେ, ମୁଦ୍ଗର କଷ୍ଟକେ
ବର୍ଷି ବର୍ଷି ପେଷନ୍ତୁ ଛମାଣ ଚୂର୍ଣ୍ଣ—ଚୂରାଏ ଗାଁଠଲଙ୍ଗର ।
୩ । ପେଷିବା; ଚୂରିବା—3. To grind.

୪ । (ସଂ. ପ୍ରେଷ ଧାତୁ) ପ୍ରେରଣ କରିବା; ପଠାଇବା; ବାହାରିବା-- 4 To send; to send out.
ତୁମ୍ଭକୁ ଇଚ୍ଛ, ମୋତେ ଜେବା ପାଇଁ ପେଷି
ଅଛନ୍ତି ଏ ରଥରେ ବସ ଧାଇଁ ଅସି – କୃଷ୍ଣସିଂହ, ମହାଭାରତ ବନ ।

ପେଷି ହେବା — ଦେ. କ୍ରି — (ସଂ. ପିଷ ଧାତୁ; ପେଷିବାର କର୍ମବାଚ୍ୟରୂପ)—
Peshi hebā ୨ । ଚୂନା ହେବା—2. To be pounded.
୩ । ଦଳ ହୋଇଯିବା—3. To be pressed.

ପେଷୀ—ସଂ. ବ—ପିଶାଚୀ (ହ୍ରୁ. ଶ)—
Peshī A female imp.

ପେସ୍—ବୈଦେ. ବଣ (ଫା)—୧ । ସମ୍ମୁଖବର୍ତ୍ତୀ—
Pes ପେଁସ पेश 1. Frontal.
୨ । ଉପସ୍ଥାପିତ—2 Presented.
ବ—ବିଚାରାର୍ଥ ବିଚାରକଙ୍କ ନିକଟ ବା ଆଦେଶାର୍ଥ ହାକିମଙ୍କ ନିକଟ କାଗଜ ପତ୍ରର ଉପସ୍ଥାପନ—Putting up of papers before a court or high official for consideration and order.

ପେସ୍କବଜ୍— ବୈଦେ. ବ (ଫା)— ଦୁଇଆଡ଼େ ଧାର ଥିବା କଟାରି—
Pes-kabaj A double-edged chopper.
(ପେସକବ୍ଜ—ଅନ୍ୟରୂପ) ପେଶକବଜ पेशकब्ज

ପେସ୍ କରିବା—ଦେ. କ୍ରି —୧ । ଆଦେଶ ନିମନ୍ତେ କୌଣସି ବିଷୟ
Pes karibā ହାକିମଙ୍କ ନିକଟ ଉପସ୍ଥାପିତ କରିବା—To put
ପେଁସକରା up a matter before a superior officer for
पेश करना order.
୨ । ଜଣାଇବା—2. To lay before; to submit.

ପେସ୍କସ୍— ବୈଦେ. ବ (ଫା)—୧ । ସମ୍ରାଟଙ୍କୁ ଦିଆଯିବା ନଗଦ ସଲାମୀ;
Pes kas ନଜରାନା; ଉପଢୌକନ—1. A present in cash
(ପେସ୍କସ୍—ଅନ୍ୟରୂପ) given to an emperor as a show
ପେଶକସ पेशकश of homage or fealty.
୨ । ଜମିଦାର ଓ ରାଜାମାନେ ସରକାରଙ୍କୁ ଦେବା ରାଜସ୍ୱ—
2. Peiskash; tribute; revenue paid by Rajas and Zamindars to Government.
[ଦ୍ର—ଓଡ଼ିଶାର ଗଡ଼ଜାତର ରାଜାମାନେ ସରକାରଙ୍କୁ ଦେଉଥିବା ପେସ୍କସ୍ର ବିବରଣ ଯଥା—

ଗଡ଼ଜାତର ନାମ	ବର୍ଗମାଇଲ	ରାଜସ୍ୱ ଆଦାୟ (ଟଙ୍କା)	ପେସ୍ କସ୍ (ଟଙ୍କା)
ଅଠଗଡ଼	୧୬୮	୧୭୧୦୦୦	୨୮୦୦
ଅଠମଲ୍ଲିକ	୭୩୦	୨୦୦୦୦୦	୪୮୦
ବାମଡ଼ା	୧୯୮୮	୫୯୧୦୦୦	୭୫୦୦
ବଡ଼ମ୍ବା	୧୩୪	୧୦୮୦୦୦	୧୩୯୮
ବୌଦ	୧୨୬୪	୨୮୨୦୦୦	୮୦୦
ବଣେଇ	୧୨୯୬	୨୩୭୦୦୦	୨୭୦୦
ଦଶପଲ୍ଲା	୫୬୮	୧୫୧୦୦୦	୬୭୧
ଢେଙ୍କାନାଳ	୧୪୬୩	୫୦୯୦୦୦	୫୦୯୯
ଗାଙ୍ଗପୁର	୨୪୯୨	୬୫୫୦୦୦	୧୦୦୦୦
ହିନ୍ଦୋଳ	୩୧୨	୧୨୨୦୦୦	୫୫୧
କଳାହାଣ୍ଡି	୩୭୪୫	୬୩୨୦୦୦	୧୬୦୦୦
କେନ୍ଦୁଝର	୩୦୯୬	୯୪୨୦୦୦	୧୭୧୦
ଖଣ୍ଡପଡ଼ା	୨୪୪	୧୩୫୦୦୦	୪୨୧୨
ମୟୂରଭଞ୍ଜ	୪୨୪୩	୨୭୩୨୦୦୦	୧୦୬୮
ନରସିଂହପୁର	୧୯୯	୧୧୬୦୦୦	୧୪୫୬
ନୟାଗଡ଼	୫୮୮	୩୫୪୦୦୦	୫୫୨୫
ନୀଲଗିରି	୨୭୮	୧୯୩୦୦୦	୩୯୦୦
ପାଲଲହଡ଼ା	୪୫୨	୮୦୦୦୦	୨୬୭
ପାଟଣା	୨୩୯୯	୮୫୫୦୦୦	୧୩୫୦୦
ରଣପୁର	୨୦୩	୬୬୦୦୦	୧୪୦୧
ରେଢ଼ାଖୋଲ	୮୩୩	୮୭୦୦୦	୨୦୦୦
ସୋନପୁର	୯୦୬	୩୨୫୦୦୦	୧୨୦୦୦
ତାଳଚେର	୩୯୯	୨୭୮୦୦୦	୧୦୪୦
ତିଗିରିଆ	୪୬	୩୨୦୦୦	୮୮୨
ସରେଇକଲା	୪୪୯	?	୦
ଖରସୁଆଁ	୧୫୩	?	୦

ଯୁଙ୍ଗ ଉତ୍କଳ ୧. ୮. ୧୯୩୨ ।]

୩ । କମରବନ୍ଧ—3. A belt.
୪ । ବଙ୍କାଦାର କ୍ଷୁଦ୍ର ଅସ୍ତ୍ରବିଶେଷ (ଏହା କମରବନ୍ଧରେ ଗୁପ୍ତ ଭାବରେ ଲୁକ୍କାୟିତ ଥାଏ)—4. A crooked dagger kept concealed below the belt.

ପେସ୍କସ୍(ସୀ) ମାହାଲ୍—ବୈଦେ. ବ—(ଫା)—କରଦ ରାଜ୍ୟ—
Pes-kas(sī) mahāl Tributary state.

ପେସ୍କାର୍—ବୈଦେ. ବ (ଫା)—୧ । ହାକିମଙ୍କ ନିକଟ ମକଦ୍ଦମା
Pes-kār ସମ୍ବନ୍ଧୀୟ କାଗଜ ପତ୍ର ଉପସ୍ଥାପିତ କରିବା କର୍ମଚାରୀ; କ୍ଷମ୍-
(ପେସ୍କାର—ଅନ୍ୟରୂପ) କରଣ—1. Peshkar; a clerk who
ପେଶକାର puts up papers before a superior officer.
पेशकार
୨ । କାରପରଦାଜ—2. Agent.

ପେସ୍କାରି—ବୈଦେ. ବ (ଫା)— ପେସ୍କାରର ଚାକିରି—
Peskari The post of a peshkar.
ପେଶକାରୀ पेशकारी

ପେସ୍ଗୀ - ବୈଦେ. ବ. (ଫା)—ଅଗ୍ରିମ ଦିଆ ଯିବା ପାରିଶ୍ରମିକ ବା
Pes-gī ବଣ୍ଟି ସ୍ୱ—Money advanced to a worker
ପେଶଗୀ पेसगी before the work is taken up.
ବଣ.—ଅଗ୍ରିମ—Paid in advance.

ପେସ୍ବନ୍ଦ୍—ବୈଦେ. ବ. (ଫା)—ଘୋଡ଼ାର ପିଠିରେ ପଡ଼ିବା ଗୁଦି-
Pes-band ଜାମାର ସାମନା ପାଖରୁ ଘୋଡ଼ାର ବେକ ବାଟେ ବୁଲ
ପେଶବନ୍ଦ पेसबन्द ବନ୍ଧାଯାଇ ଥିବା ବନ୍ଧନ (ଏଥିଯୋଗୁଁ ଗୁଦିଜାମା ଘୋଡ଼ାର ପିଠି ଆଡ଼କୁ ଖସି ଯାଏ ନାହିଁ)—A rope which passes by the neck of a horse and keeps the saddle in position.

ପେସୀ—ଦେ. ବ. (ସଂ ଅତସୀ; ମସୃଣା)—ପେସୁ; ଫେସୀ; ମସୀନା;
Pesi ଯୋରଷ ପର ଶ୍ରେଷ୍ଠ ତୈଳପ୍ରଦ ଶାକବିଶେଷ —

(ପେସୁ, ପେସୀ, ପେସୁ—ଅନ୍ୟରୂପ) Linseed; Linum
ତିସୀ, ମସୀନା **तिसी, अलसी** Usitissimum.
ମ. ଅଳସୀ, ଅଲଶି [ଦ୍ର—ଏହା ଚେତ୍ର ଓ ବାଇଗଣ ମଞ୍ଜି ପର;
ଭା. ଅଲ୍‌ସି, ଉସର ଶୀତକାଳର ଫସଲ; **ଫୁଲ ପଞ୍ଚଦଳ ଓ ଆକାଶ**
ତେ. ଅଡସି ପର ନୀଳବର୍ଣ୍ଣ ।

ପୂର୍ବକାଳରେ ଏ ଗଛର ଛାଲରୁ ଅତି ସୂକ୍ଷ୍ମ ତନ୍ତୁ ବାହାରୁ ଥିଲା ଓ ସେ ସୂତାରେ କ୍ଷୌମବସ୍ତ୍ର ପ୍ରସ୍ତୁତ ହେଉଥିଲା । ବର୍ତ୍ତମାନ ତେଲ ପାଇଁ ଲୋକେ ଏହାର ଚାଷ କରନ୍ତି । ଏହି ମଞ୍ଜିରୁ ନସ୍ୟନ-ସୂକ ତେଲ (Linseed oil) ବାହାରେ ଓ ଉକ୍ତ ତେଲ କବାଟ ଆଦିରେ ଦିଆଯିବା ରଙ୍ଗ (paint)ରେ ମିଶାଯାଏ ।

ପେସୀ ମଞ୍ଜିକୁ ବାଟି ବଥ ଉପରେ ପୁଲ୍‌ଟିସ୍ ଦେଲେ ବଥ ପାଚିଯାଏ ।]

ପେଶୀ ବୈଦେ. ବ. (ଫା) ହାକମଙ୍କ ପାଖେ ନଥି ଆଦି ପେଶ୍ କରିବା
पेशी କାମ—The act of putting up a file before an official.

ବଣ.—ଯେଉଁ ନଥି ହାକମଙ୍କ ପାଖେ ପେଶ୍ କରାଯିବ—
(a record) About to be put up before an official.

ପେସୀ ତେଲ—ଦେ. ବ.—ନସ୍ୟନସୂକ ତେଲ—
Pesi tela ତିସୀତେଲ Linseed oli.
(ପେସୁ ତେଲ—ଅନ୍ୟରୂପ)

ପେସ୍ତା—ବୈଦେ. ବ. (ଫା. ପିସ୍ତା)—ପିସ୍ତା; କାବୁଲ ଦେଶୀୟ ଖାଦ୍ୟ
Pestā ଫଳବିଶେଷ—Pistachio; pistacia nut;
ପେସ୍ତା **पिस्ता** Pistacia Vera.
(ପିସ୍ତା—ଅନ୍ୟରୂପ) [ଦ୍ର—ଏହା ଆମ୍ରାଦି ବର୍ଗର ବୃକ୍ଷବିଶେଷର ଫଳ । ଆଫଗାନିସ୍ଥାନର ପଶ୍ଚିମ ବାଲ୍‌କ (Balk) ଦେଶରୁ କାବୁଲିମାନେ ଏ ଫଳକୁ ଆଣି ଭାରତରେ ବିକ୍ରି କରନ୍ତି । ଏଥିର ମଞ୍ଜି ଭିତରର ଶସ ତେଲିଆ ଓ ସ୍ୱାଦଯୁକ୍ତ । ଏହା ପିଠା ଆଦିରେ ପଡ଼େ ଓ ଶସରୁ ବାହାରିବା ତେଲ ଔଷଧରେ ଲାଗେ ।]

ପେସ୍ୱର—ସ. ବଣ. (ପିସ୍ ଧାତୁ=ଗମନ କରିବା+ଶୀଳାର୍ଥେ ବର)—
Peswara ୧ । ଜଙ୍ଗମ; ଗତିଶୀଳ—
1. Moving; moveable.
୨ । ବିନାଶ ଯୋଗ୍ୟ—2. Liable to destruction.
୩ । ଶୋଭାଯୁକ୍ତ—3. Splendid; grand.

ପେହି—ଗ୍ରା. ବ. (ସ. ପା ଧାତୁ; ନୀଚ ଲୋକଙ୍କ ଭାଷା)—ବାଜାବାଲାଙ୍କୁ
Pehi ମଦ୍ୟପାନାର୍ଥ ଦିଆଯିବା ବକ୍‌ସିସ୍—Tip given to
(ପେହି କଉଡ଼ି—ଅନ୍ୟରୂପ) drummers etc for a drink.

ପୈ (ଧାତୁ)—ସ.—୧ । ଶୁଷ୍କ ହେବା—
Pai (root) 1. To dry up.
୨ । ମଉଳି ଯିବା—
2. To wither; to become pale.

[ଦ୍ର—ଭାଷାରେ 'ପଇ' ଓ 'ପଏ' ଆଦ୍ୟରେ ଥିବା ଦେଶଜ ଓ ବୈଦେଶିକ ଶବ୍ଦ ମାନ 'ପୈ' ଯୁକ୍ତ ହୋଇ ମଧ୍ୟ ଉଚ୍ଚାରିତ ଓ ଲିଖିତ ହୁଏ, ଯଥା—ପଇଠ ସ୍ଥାନରେ ପୈଠ, ପଏଗମ୍ବର ସ୍ଥାନରେ ପୈଗମ୍ବର, ପଇକାର ସ୍ଥାନରେ ପୈକାର, ପଇତଲ୍=ପୈତଲ ପଇଦା=ପୈଦା ।]

ପୈତାମହ—ସ. ବଣ. (ପିତାମହ+ଅ)—
Paitāmaha ୧ । ପିତାମହ ସମ୍ବନ୍ଧୀୟ (ଧନ)—
(ପୈତାମହକ—ଅନ୍ୟରୂପ) 1. (property) Pertaining to one's paternal grand-father.
୨ । ପିତାମହଙ୍କଠାରୁ ଆଗତ—
2. Inherited from one's paternal grand-father.

ପୈତି—ଦେ. ବ—ପଇତି (ଦେଖ)
Paiti Paiti (See)

ପୈତୃକ—ସ. ବଣ. (ପିତୃ+ସମ୍ବନ୍ଧାର୍ଥେ. କ)—
Paitruka ୧ । ପିତୃସମ୍ବନ୍ଧୀୟ—1. Paternal; relating to one's father.
୨ । ପିତୃପିତାମହାଦି ସମ୍ବନ୍ଧୀୟ—2. Ancestral.

ପୈତୃଷ୍ୱସ୍ରୀ(ସ୍ରେ)ୟ—ସ. ବ. ପୁଂ. (ପିତୃ ସ୍ୱସୃ+ଅପତ୍ୟାର୍ଥେ. ଈୟ;
Paitrushwasrī(sre)ya ଏୟ)—ଅପଣାର ପିଇସୀର ପୁଅ ଭାଇ-
ପୈତୃଷ୍ୱସ୍ରୀୟା } ସ୍ତ୍ରୀ One's cousin; son of one's father's
ପୈତୃଷ୍ୱସ୍ରୀୟୀ sister

ପୈତ୍ତ—ସ. ବଣ. (ପିତ୍ତ+ଅ)—୧ । ପିତ୍ତସମ୍ବନ୍ଧୀୟ; ପିତ୍ତଜନିତ—
Paitta 1. Bilious.
(ପୈତ୍ତିକ—ଅନ୍ୟରୂପ) ୨ । ପିତ୍ତାଧିକ୍ୟରୁ ଜାତ—2. Due to excess of bile in the system.

ପୈତ୍ର—ସ. ବଣ. (ପିତୃ+ଅ)—୧ । ପୈତୃକ—
Paitra 1. Paternal.
(ପୈତ୍ର୍ୟ—ଅନ୍ୟରୂପ) ୨ । ପିତୃପୈତାମହିକ—
1. Ancestral; hereditary.

ବ—ତର୍ଜନୀ ଓ ଅଙ୍ଗୁଷ୍ଠର ମଧ୍ୟଭାଗ; ପିତୃତୀର୍ଥ—
The edge of the palm between the index finger and the thumb.

[ଦ୍ର—ତର୍ପଣ କରିବା ସମୟରେ ପିତୃମାନଙ୍କୁ ଏହି ବାଟେ ପାଣି ଦିଆଯାଏ ।]

ପୈଖାନା—ବୈଦେ. ବ—ପାଇଖାନା (ଦେଖ)
Paikhānā Pāikhānā (See)

ପୈଗମ୍ବର—ବୈଦେ. ବ. (ଫା)—ପୟଗମ୍ବର (ଦେଖ)
Paigambara Payagambara (See)

ପୈଜ—ଦେ. ବ. (ପ୍ରାଚୀନ ପଦ୍ୟ) (ସ. ପ୍ରତିଜ୍ଞା; ପ୍ରା. ପଡିଞ୍ଜା, ପଇଞ୍ଜା)—
Paija ପହିଜ (ଦେଖ)
पैज Pahija (See)

ପୈଞ୍ଚାଳିଶ(ଶି) (ଇତ୍ୟାଦି)—ଦେ. ବ ଓ ବଣ. (ସଂଖ୍ୟାବାଚକ)—
Painchālisa(si) (etc) ପଞ୍ଚାଳିଶ ଇତ୍ୟାଦି (ଦେଖ),
Painchālisa etc (See)

ପୈଞ୍ଛ—ଦେ. ବ—ପଇଞ୍ଛ (ଦେଖ)
Painchi **पैंछा** Painchi (See)

ପୈଞ୍ଜଣା(ମ)—ଦେ. ବ—ପାଇଁଜମ୍ (ଦେଖ)—
Painjanā(ma) **पैंजना(नी)** Pāinjam (See)

ପୈଠ (ଇତ୍ୟାଦ)—ଦେ. ବ ଓ ବଣ—ପଇଠ ଇତ୍ୟାଦ (ଦେଖ)
Paitha (etc) पैठ Paitha etc (See)

ପୈଠର—ସ. ବଣ. (ପିଠର=ହାଣ୍ଡି+ଅ)—ସ୍ଥାଲପକ୍ୱ (ମାଂସାଦ); ହାଣ୍ଡିରେ ସିଝା ଯାଇଥିବା (ମାଂସ)—
Paithara (flesh or meat) Cooked in an earthen pot.

ପୈଡ଼—ଦେ. ବ—ପଇଡ଼ (ଦେଖ)
Pairda Pairda (See)

ପୈଡ଼ା—ଗ୍ରା. ବ. ପ୍ରାଦେ. (ବାଲେଶ୍ୱର)—ପରଡ଼ା (ଦେଖ)
Pairda Parirda (See)

ପୈତ(ତୁ)କ ପ(ପୋ)ଡ଼ା—ଦେ. ବ—ପଇତକ ପଡ଼ା (ଦେଖ)
Paita(tu)ka pa(po)rda Paitaka parda (See)

ପୈତା (ଇତ୍ୟାଦ)—ଦେ. ବ—ପଇତା ଇତ୍ୟାଦ (ଦେଖ)
Paita (etc) Paita etc (See)

ପୈତ୍ର ଦବସ—ସ.ବ—ମନୁଷ୍ୟ ଗଣନାରେ ଏକ ମାସ ସମସ୍ତ ପିତୃଲୋକଙ୍କର ୧ ଦନ—The period of a month
Paitra dibasa
(ପୈତ୍ର ଦନ—ଅନ୍ୟରୂପ) according to human calculation which is equal to one day in the world of the deceased ancestors.

ପୈତ୍ରିକ—ପ୍ରାଦେ. (ମେଦନାପୁର) ବ, (ମୂଳ. ପୈତୃକ ଶବ୍ଦର ବଙ୍ଗଳା ଉଚ୍ଚାରଣ ପୈତ୍ରିକ)—ପୈତୃକ (ଦେଖ)
Paitrika Paitruka (See)

ପୈନ୍ତରା—ଦେ. ବ. (ସ. ପଦାନ୍ତର; ପ୍ରା. ପୟାଂତର)—ପଇନ୍ତରା (ଦେଖ)
Paintara Paintara (See)

ପୈନ୍ତିରଶ(ଶି) (ଇତ୍ୟାଦ)—ଦେ. ବ ଓ ବଣ (ସଂଖ୍ୟାବାଚକ)—ପଇନ୍ତିରଶ ଇତ୍ୟାଦ (ଦେଖ)
Paintirisa(si)
(ପୈନ୍ତ୍ରିଶ[ଶି], ପୈନ୍ତିଶ[ଶି]—ଅନ୍ୟରୂପ) Paintirisa etc (See)

ପୈଦଲ—ଦେ. ବ. ବଣ ଓ କ୍ରି. ବଣ—ପଇଦଲ (ଦେଖ)—
Paidala Paidala (See)

ପୈଦା (ଇତ୍ୟାଦ)—ଦେ. ବ—ପଇଦା ଇତ୍ୟାଦ (ଦେଖ)
Paida (etc) Paida etc (See)

ପୈବସ୍ତ(ସ୍ତି)—ବୈଦେ. ବ—ପଇବସ୍ତ (ଦେଖ)
Paibasta(sti) Paibasta (See)

ପୈମାସ୍(ସି) (ଇତ୍ୟାଦ)—ବୈଦେ. ବ—ପଇମାସ ଇତ୍ୟାଦ (ଦେଖ)
Paimās(si) (etc) Paimāsa etc (See)

ପୈରବ୍(ବୀ)—ବୈଦେ. ବ—ପଇରବ୍(ବ) (ଦେଖ)
Pairab(bi) Pairab(bi) (See)

ପୈଲବ—ସ. ବଣ. (ପୀଲୁ+ଅ)—ପୀଲୁବୃକ୍ଷ ସମ୍ବନ୍ଧୀୟ (ବୃ. ଶ.)—
Pailaba Relating to the Pilu tree.

ପୈଶଲ୍ୟ—ସ. ବ. (ପେଶଲ+ଯ)—କୋମଳତା—
Paisalya Softness.

ପୈଶାଚ—ସ. ବ. (ପିଶାଚ+ଅ)—ପୈଶାଚକ (ଦେଖ)
Paisācha Paisāchika (See)
(ପୈଶାଚୀ—ସ୍ତ୍ରୀ) ବ—ପୈଶାଚ ବବାହ (ଦେଖ)
Paisācha bibāha (See)

ପୈଶାଚ ପଦ୍ଧତି—ସ. ବ (କର୍ମଧା)—ପୈଶାଚକ ଧାସ୍ତ ବା ରୀତି—Devilish custom; diabolical practice.
Paisācha paddhati

ପୈଶାଚ ବବାହ—ସ. ବ. (ହିନ୍ଦୁସ୍ମୃତି)—ବଳପୂର୍ବକ କନ୍ୟାକୁ ଅପହରଣ କର ବବାହ କରବା ପଦ୍ଧତି; ଛଳବଳ କୌଶଳରେ କନ୍ୟାକୁ ଆଣି ବବାହ କରବାର ପଦ୍ଧତି—One of the 8 forms of marriage mentioned in Hindu Law and recognised by the ancient Hindu books, though counted as the basest form of marriage.
Paisācha bibāha

[ଦ୍ର—ହିନ୍ଦୁସ୍ମୃତିମାନଙ୍କରେ ୮ ପ୍ରକାର ବବାହର ଉଲ୍ଲେଖ ଅଛି । ଛଳ ବଳ କୌଶଳରେ କନ୍ୟାକୁ ଅପହରଣ କର କମ୍ବା ସୁପ୍ତା, ମତ୍ତା ବା ପ୍ରମତ୍ତା କନ୍ୟାକୁ ଜବରଦସ୍ତି ବା ଗୋପନରେ ସଙ୍ଗମ କର ବବାହ କରବା ପ୍ରଥାର ନାମ ପୈଶାଚକ ବବାହ । ଅନ୍ୟ ୭ ପ୍ରକାର ବବାହଜାତ ସନ୍ତାନ ନ ଥିଲେ ଏପର ବବାହର ସନ୍ତାନ ପିତୃଧନରେ ଅଧିକାରୀ ହେବେ ।]

ପୈଶାଚକ—ସ. ବଣ. (ପିଶାଚ+ଇକ)—୧ । ପିଶାଚସମ୍ବନ୍ଧୀୟ—
Paisāchika 1. Infernal; demoniac; relating to the demons.
(ପୈଶାଚକୀ—ସ୍ତ୍ରୀ)
୨ । ପିଶାଚ ପ୍ରକୃତି ସୁଲଭ—
2. In conformity with devilish nature.
୩ । ପିଶାଚ ପରଚାଳିତ—
3. Controlled or conducted by demons.

ପୈଶାଚକ ଭାଷା—ସ. ବ—ସଂସ୍କୃତ ଭାଷାର ବକୃତରୂପ ଓ ବକୃତ ଉଚ୍ଚାରଣଯୁକ୍ତ ପ୍ରାକୃତ ଭାଷାବଶେଷ—
Paisāchika bhāshā
(ପୈଶାଚୀ—ଅନ୍ୟରୂପ) A degraded Prākruta dialect.

[ଦ୍ର—ପ୍ରାଚୀନ ସଂସ୍କୃତ ନାଟକମାନଙ୍କରେ (ବଶେଷତଃ 'ଭାସ' ରଚତ ଯୌଗନ୍ଧରାୟଣ ଗ୍ରନ୍ଥରେ) ଏ ଭାଷାର ଉଦାହରଣ ଦ୍ରଷ୍ଟବ୍ୟ ।]

ପୈଶୁନ(ନ୍ୟ)—ସ. ବ. (ପିଶୁନ+ଭାବ. ଅ; ଯ)—୧ । ପିଶୁନର ଅଚରଣ—1. The conduct of a Pisuna.
Paisuna(nya)
୨ । ଧୂର୍ତ୍ତତା; ଶଠତା—2. Roguery; artfulness.
୩ । ଦୁଷ୍ଟାମି—3. Wickedness.
୪ । ନୀଚତା—4. Meanness; depravity.
୫ । ନିଷ୍ଠୁରତା—5. Cruelty.
୬ । ପରନିନ୍ଦା ଘୋଷଣା; ଚୁଗୁଲି—
6. Defaming others; slandering; backbiting.
[ଦ୍ର—ଏହା ଦଶବଧ ପାପ ମଧ୍ୟରୁ ବାଚନିକ ପାପ ଅଟେ ।]
ଦେ. ବ—୧ । ନିନ୍ଦା—1. Blame.
୨ । ଦୁର୍ନାମ—
2. Evil repute; bad name; scandal.
୩ । ଲଜ୍ଜା—3. Shame.

ବଣ—୧ । ଲଜ୍ଜାଜନକ—1. Shameful.

୨ । ନିନ୍ଦାଜନକ—2. Blameworthy.

୩ । ଲଜ୍ଜିତ—3. Ashamed; abashed.

୪ । ନିନ୍ଦାରେ ମ୍ରିୟମାଣ—4. Humliated.

ପୈଶୁନ(ନ୍ୟ) ମିଳିବା—ଦେ. କ୍ରି—କୌଣସି ବ୍ୟକ୍ତି ନାମରେ ନିନ୍ଦା ରଟିତ ହେବା; ଦୁର୍ନାମ ବା ଅପବାଦର ରଟନା—Being defamed or slandered; getting a bad name.
Paiśuna(nya) milibā

୨ । ନିନ୍ଦା ବା ଅପମାନରେ ମ୍ରିୟମାଣ ହେବା—
2. Being humiliated or abashed.

ପୈଶୁନ(ନ୍ୟ) ଲାଗିବା—ଦେ. କ୍ରି—୧ । ଲଜ୍ଜିତ ହେବା—
Paiśuna(nya) lāgibā 1. Being ashamed.

୨ । ଲଜ୍ଜାରେ ମଲା ପରି ବୋଧ ହେବା—
2. Being utterly humiliated.

ପୈଶୁନ୍ୟତା—ଗ୍ରା. ବି. (ସଂ. ପୈଶୁନ୍ୟ)—ପୈଶୁନ (ଦେଖ)
Paiśunyatā Paiśuna (See)

ପୈଷ୍ଟିକ—ସଂ. ବଣ. (ପିଷ୍ଟ+ଇକ)—ପିଷ୍ଟକ ସମ୍ବନ୍ଧୀୟ—
Paishṭika Relating to cakes.

ବି—୧ । ଯବ, ଧାନ ବା ଚାଉଳକୁ ସିଝାଇ ସଢ଼ାଇ ତିଆର କରାଯିବା ମଦ; ଚାଉଳ ମଦ; ଦେଶୀ ସରାପ—
1. Spirituous liquor or wine made from fermented barley, paddy or rice; country liquor.

[ଦ୍ର—ବଙ୍ଗଳାରେ ଏହାକୁ ଧେନୋ ମଦ୍ (ଅର୍ଥାତ୍ ଧାନୁଆ ମଦ) ବୋଲି କହନ୍ତି । କିନ୍ତୁ ପ୍ରକୃତରେ ଏହା ଚାଉଳ ସିଝାରୁ ପ୍ରସ୍ତୁତ ହୁଏ । ଚାଉଳକୁ ରାନ୍ଧି ଭାତକୁ ସଢ଼ାଇ ସେଥିରେ ବାଖର (Yeast) ଗୋଳାଇ ପିଠା ପରି କରବାକୁ ହୁଏ ଓ ସେହି ପିଷ୍ଟକ ବା ପିଠାରୁ ବକଯନ୍ତ୍ର ସାହାଯ୍ୟରେ ଅରକ ବାହାର କରାଯାଏ । ମଦ ପାଇଁ ବ୍ୟବହୃତ ଚାଉଳକୁ ଲୋକେ ବାଛନ୍ତି ନାହିଁ । ଏଥିଯୋଗୁଁ ତହିଁରେ ଧାନ ମିଶିଥାଏ । ଏହି କାରଣରୁ ବଙ୍ଗଳାରେ ତାକୁ ଧାନୁଆ ମଦ କହନ୍ତି ଓ ମଦୁଆମାନେ ଭକ୍ତିପୂର୍ବକ ଏହାକୁ 'ଧାନେଶ୍ୱରୀ' ନାମରେ ସମ୍ବୋଧନ କରନ୍ତି ।]

୨ । ପିଷ୍ଟକସମୂହ—
2. A collection or heap of cakes.

ପୈଷ୍ଟିକର—ଗ୍ରା. ବଣ—('ପଇସାଟିକର'ର ଚଞ୍ଚଳ ଉଚ୍ଚାରଣ)--ପଇସାକର; ଏକ ପଇସା ମାତ୍ର ମୂଲ୍ୟର—
Paishṭikara Worth one pice only.

ପୈଷ୍ଟୀ—ସଂ. ବି—ପୈଷ୍ଟିକ ୧ (ଦେଖ)
Paishṭī Paishṭika 1 (See);

ପୈସା (ଇତ୍ୟାଦି)—ଦେ. ବି—ପଇସା ଇତ୍ୟାଦି (ଦେଖ)
Paisā (etc) Paisā etc (See)

ପୋ—ଗ୍ରା. ବି. (ସଂ. ପୁତ୍ର)—୧ । ପୁଅ—
Po 1. Son.

ବାପ ବୋହନ୍ତି ପୋ ପୁଛାନ୍ତି; ଖଣ୍ଡି ମୁଣ୍ଡ ସବୁ ଭୁମରି—
ସମ୍ବଲପୁରୀ ପ୍ରବଚନ ।

୨ । ବଂଶଧର—2. Descendant; progeny.

ପୋଅ—ଗ୍ରା. ବି—ପୋ (ଦେଖ)
Po-a Po (See)

କଳଙ୍କୀ କହାଉ କର ତୁମ୍ଭେ ବାରପୋଅ – ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।

ପୋଇ—ଦେ. ବି. ପୁଂ. (ସଂ. ପୁତ୍ରକ)—
Poi ୧ । ଛୋଟପୁଅ; ପିଲା, ଶିଶୁ ବାଳକ—
1. A male child.

କାଲେ ଅରଣ୍ୟକୁ କରେ ପଳାୟନ
ଅବା ସେଷେ ପୋଇ ଅଇଁଠ ଭଣ । ଅଜସ୍ୱଚନ୍ଦ୍ର ଶେଷବନ୍ଦୀ ।

୨ । ସ୍ତ୍ରୀ. (ସଂ. ପୁତ୍ରିକା) ଛୋଟ କନ୍ୟା—
2. A small female child.

୩ । (କ୍ଷୁଦ୍ର ଅର୍ଥରେ ବ୍ୟବହୃତ) ଛୋଟ ଚିଙ୍ଗୁଡ଼ି ମାଛ; ଚିଙ୍ଗୁଡ଼ି ପୋଇ—3 A small shrimp.

ଚିଙ୍ଗୁଡ଼ି ପୋଇରେ ଚିଙ୍ଗୁଡ଼ି ପୋଇ !
ଛୋଟ ବାଳକେ ଲମ୍ବବାଳ ଦେ ? ଶିଶୁଗୀତ ।

[ଦ୍ର—ପିଲାମାନଙ୍କ ମୁଣ୍ଡର ବାଳକୁ ମାଆମାନେ ପୋଖରୀରେ ଧୋଇଲା ବେଳେ ପିଲାଙ୍କ ମନୋରଞ୍ଜନାର୍ଥ ଛୋଟ ଚିଙ୍ଗୁଡ଼ି ମାଛକୁ ସମ୍ବୋଧନ କରି ଏ ଗୀତ ବୋଲନ୍ତି ।]

୪ । ଧାନ ଛଡ଼ା ଅନ୍ୟ ଶସ୍ୟ, ଯଥା—ମୁଗ, ବିରି, କୋଳଥ, ମାଣ୍ଡିଆ, ରାଶିଆଦିକୁ ଦେଢ଼ି ବା ପାଞ୍ଚଗାହି ସୁଧ କରାରରେ ଦାଦନ ଲଗାଇବା ରୀତି—4. The practice of advancing cereals on loan.

୫ । (ସଂ. ପୋତକୀ, ଉପୋଦକା)—ପୁଇଶାଗ—5. A potherb; Basella Alba; Malabar Nightshade.

ଅନ୍ୟ ସଂ. ନାମ, ମାଳବା, ଅମୃତବଲ୍ଲରୀ, କଳମ୍ବୀ, ପିଚ୍ଛିଲା, ମୋହିନୀ, ବିଶାଳା, ମୂଚିକା, ମଦଶାକା
ପୁଇଁ, ପୁଇଁ
ପୋଇ
ଗୁ. ପୋଈ
ମ. ମାୟାଳୁ, ଥେର

୬ । ନାଲିପୋଇ ବା ବଣପୁଇ—
6. Basella Rubra.

[ଦ୍ର—ଏହା ପିଚ୍ଛିଳରସ, ବହଳ-ପତ୍ରିଆ ଲତା । ଏଥିର ପତ୍ର ଓ ଡାଙ୍ଗ (ଖାଡ଼ା) ଶାଗରୂପେ ବ୍ୟବହୃତ ହୁଏ । ଏଥିର ଫଳ ପାଚିଲେ କଳା ହୁଏ ଓ ତାକୁ ଚିପିଲେ ନାଲି ରସ ବାହାରେ । ପୋଇ ଲତା ଧଳା ଓ ନାଲି ଭେଦରେ ଦୁଇ ପ୍ରକାର । ବୈଦ୍ୟଶାସ୍ତ୍ର ମତରେ ଏହା ଶୀତବୀର୍ଯ୍ୟ ସ୍ନିଗ୍ଧ, ଶ୍ଳେଷ୍ମକର, ବାୟୁ ଓ ପିତ୍ତନାଶକ, କଣ୍ଠର ଅହିତକର, ନିଦ୍ରାଜନକ, ଶୁକ୍ରବର୍ଦ୍ଧକ, ରକ୍ତପିତ୍ତ ନିବାରକ, ବଳକର, ରୁଚିପ୍ରଦ, ପୁଷ୍ଟିକର ଓ ତୃପ୍ତିଜନକ ।]

ଯାଗରେ ହିଁକେ ନ ପାଇଲେ ସୋମଲତ
ପ୍ରତିନିଧିରେଟ କରନ୍ତି ହେତ ପୋଇ । କୃଷ୍ଣସିଂହ. ମହାଭାରତ ବନ ।

୭ । ରାଗବିଶେଷ—7. Name of a musical air.

[ଦ୍ର—ରାଗ ତଳେ ନୋଟ ଦେଖ ।]

ବଣ. (ସଂ. ପୂତି)—ପଚା; ସଢ଼ା—Rotten.

ଯଥା—ପୋଇ ପଣସ ।

ପ୍ରାଦେ. (ଗଞ୍ଜାମ) ବି. (ସଂ. ପଥ)—ରେଳପଥ; ରେଳଗାଡ଼ି ଯିବାର ଲୌହମାର୍ଗ—Road laid down for railway; railway; rail line.

ମଇଁଶୀର ହସ୍ପର୍ଶରେ ରେଭ ପୋଇବୁ ଖସିଗଲ ।
ଚୈତନ୍ୟ ଅଶ ୨୫/୩/୮ ।

ପ୍ରାଦେ. (ସମ୍ବଲପୁର) ବ— ମାଈ କୁକୁଡ଼ା—Hen.

ପୋଇଁବା—ଦେ. କ୍ରି—ପୁଆଁଇବା (ଦେଖ)
Poiñba Puañiba (See)

ଛଡ଼ା ହୋଇଥିଲ ହସନ୍ତୀର ପାଶେ
କମାଠାର ଅଗ୍ନି ପୋଇଁବା ସକାଶେ । ଜଗବନ୍ଧୁ, ଶେଷବର୍ଷୀ ।

ପୋଇ କେର(ରେ)ଣ୍ଡା—ଦେ. ବିଣ. ପୁଂ—ପୁଇଁ କେରଣ୍ଡି ମାଛ ଭଳି
Poi kera(re)ṇḍā ଅତି ହୀନ ବ୍ୟକ୍ତି (ଉପହାସାର୍ଥ, ଲୁଣ୍ଠି, (ପୋଇ କେରଣ୍ଡୀ—ସ୍ତ୍ରୀ) ଅଳ, ଶଣ୍ଢ)—A very insignificant person.

ଲିଗାମୁଣ୍ଡା ପୋଇକେରେଣ୍ଡା ହିଂସାହୁଅରେ ଥାଏ
ଅଇଣ୍ଠା ଭାତରୁ ମୁଣ୍ଡିଏ ପାଇଲେ ପାଣି ଛଡ଼େଇ ଖାଏ । ଗଗ ।

ପୋଇ କେରଣ୍ଡି—ଦେ ବ—କ୍ଷୁଦ୍ର କେରଣ୍ଡି ମାଛ; ଚୂନା କେରଣ୍ଡି—
Poi keranḍi Very small Barb (fish); Barbus Chola.

ପୋଇ ଖଡ଼ା—ଦେ. ବ—ପୋଇ ଲତାର ପତ୍ରହୀନ ଡାଙ୍କ—
Poi khardā The leafless stem of the Basella creeper.
(ପୋଇ ଖାଡ଼, ପୋଇ ଡାଙ୍ଗ, ପୋଇ ନାଡ଼—ଅନ୍ୟରୂପ
ପୁଇଁଡାଁଠା

ପୋଇ ଖରଡ଼ା—ଦେ. ବ.—ଖରଡ଼ା ହୋଇଥିବା ବା ନାଅଁରେ ସିଝା
Poi khararḍā ଯାଇଥିବା ପୋଇ ଶାଗ—The Basella leaves boiled and used as curry.

ପୋଇ ଗୁଲି - ଦେ.ବ. (ସ. ପୂତିକା+ଗୋଲକ) — ପୋଇ ଗଛର ପାଚିଲା
Poi guli କୋଳି—The ripe berries of the Basella creeper.
(ପୋଇ ମିଞ୍ଜି, ପୋଇ ମିଞ୍ଜଡ଼, ପୋଇ ମଞ୍ଜି—ଅନ୍ୟରୂପ)

[ଦ୍ର—ଏହି ଫଳମାନ ପୋଇ ଲତାର ନାଡ଼ରେ ଫଳେ । ଏହା କୃଷ୍ଣ ବର୍ଣ୍ଣ ଓ ଏହାକୁ ଚିପି ଦେଲେ ଏଥିରୁ ଫିକା ନାଲି ରସ ବାହାରେ ।]

ପୋଇ ଚାନ୍ଦି—ଦେ. ବ. (ସ. ଚନ୍ଦ୍ରକ; ଚନ୍ଦ୍ରଗୋଳକା)—ଚନ୍ଦ୍ରକା; ଟଙ୍କା
Poi chāndi ଚାନ୍ଦି ମାଛ; ଏକ ପ୍ରକାର କ୍ଷୁଦ୍ର ଚେପଟା ଉଜଳ
চান্দা, চাঁদগুড়া, চাঁগ্ড়া ମୁଦ୍ରାକୃତି ମାଛ—A kind of very
चाँदा small flat circular silvery fish; Ambassia Ranga.

[ଦ୍ର—ଏହାର ପରିଧି ଟଙ୍କାଠାରୁ କ୍ଷୁଦ୍ର; ପିଠିର ପଖରେ କଣ୍ଟା ଥାଏ । ଏହାର କାତି ଅଛି । ଏହା ଧଳା ଓ ଚେପଟା ।]

ପୋଇ(ଇଁ) ଚାନ୍ଦିଆ—ଦେ.ବ.—(ସ. ପୁତ୍ରଂଜୀବ)—ପୁତ୍ର ଜୀବ (ଦେଖ)
Poi(iñ) chāndiā Putra jiba (See)
জিয়াপুত, জিয়াপোতা ବହୁତ ପୋଇ ଚାନ୍ଦିଆ ଅବ ଖେଳେ ବୃକ୍ଷ ।
पुतजिया କୃଷ୍ଣସିଂହ, ମହାଭାରତ, ବନ ।

୨ । ଇଙ୍ଗୁଦ (ଦେଖ)—2. Ingudi (See)

୩ । ପୋଇଚାନ୍ଦି (ଦେଖ)—3. Poichāndi (See)

ପୋଇଚ୍ଚ ରକ୍ତ—ଦେ. ବ. ଓ ବିଣ – ପୋଇ ରସ ପରି କଳାମିଶା ନାଲି
Poichā rakta Dark red colour.
(ପୋଇଚ୍ଚ ରଙ୍ଗ—ଅନ୍ୟରୂପ)

ପୋଇ ଚି(ଚୁ)ଙ୍ଗୁଡ଼ି – ଦେ.ବ.(ସ. ପୂତିକା+ଚଙ୍ଗଟ)—୧ । କ୍ଷୁଦ୍ର ଚିଙ୍ଗୁଡ଼ି—
Poi chi(chu)ṅgurḍ 1. Small shrimps.

୨ । ପୋଇ ଶାଗ ସଙ୍ଗେ ଚିଙ୍ଗୁଡ଼ି ମାଛ ରନ୍ଧା ହୋଇଥିବା ତରକାରି—2. Curry consisting of Basella leaves cooked with shrimps.

ପୋଇ ଡଙ୍କ—ଦେ. ବ – ପୋଇ ଲତାର କୋମଳ ଅଗ୍ରଭାଗ —
Poi daṅka The tender shoots of Basella creeper.

ପୋଇ ପଣସ—ଦେ. ବ—(ସ. ପୂତି +ପନସ)—ଯେଉଁ ପଣସକଠା
Poi panasa ପଚିବେଳରୁ ସଢ଼ିଯାଇ ଗଛରୁ ଝଡ଼ିପଡ଼େ—The youug jack fruit which becomes foetid and untimely drops from the tree.

ପୋଇବା – ଦେ. କ୍ରି.—ପୁଅଇବା (ଦେଖ)
Poibā Puāibā (See)

ଛୁଞ୍ଚିହୁଡ଼ା କେଶର ଏଣି ଘୃଅପୁରେ ପୋଇ;
କର୍ପୂର ମହକ ମେଲ ନିଠା ଦୂଧେ ମୋହ—ପ୍ରାଚୀ ଉଦ୍ଧବଂମଙ୍ଗଳ ।

ପୋଇ ମାରିଷ—ଦେ. ବ. (ସ. ପୂତି ଓ ମାରିଷ) ଖଡ଼ା ଜାତୀୟ ଏକ
Poi mārisha ପ୍ରକାର ବନ୍ୟ ଶାଗ—A kind of pot herb growing wild.

ପୋଇ ମିଚି(ଚୁ)ଡ଼ି—ପ୍ରାଦେ. (ବାଲେଶ୍ୱର) ବ.– ପୋଇଗଛର ଫଳ –
Poi michi(chu)rdi The berries of Basella creeper.

ପୋଇ ରକ୍ତ—ଦେ. ବ.—୧ । ପାଚିଲା ପୋଇ ଫଳର ଫିକା ନାଲି ରସ--
Poi rakta 1. The pink or pale-red coloured juice pressed from the ripe berries of Basella creeper.
(ପୋଇ ରକତ—ଅନ୍ୟରୂପ)

୨ । ଫିକା ରଙ୍ଗର ରକ୍ତ—2. Pink coloured blood; pale coloured blood (of an anemic person).

ପୋଇଲା—ଦେ. ବ. ପୁଂ.—(ଗାଳବିଶେଷ)—୧ । ଦାସୀପୁତ୍ର; ଜନ୍ମଦାସ-
Poilā 1. The son of a slave girl or concubine; a born slave.

୨ । କ୍ରୀତଦାସ—2. Slave.

ସ୍ତ୍ରୀ—ପୋଇଲୀ ବା ଦାସୀପରି ଅଧୀନା ବା ଉପପତ୍ନୀ ସ୍ତ୍ରୀ—
A woman who is treated as a concubine or slave girl by the master.

ପୋଇଲା ଶବରୁଣୀ—ଦେ. ବ. (ମହାଭାରତ)—କୁନ୍ତୀଙ୍କ ସହଚରୀ ଏକ
Poilā Śabaruṇi ଶବରସ୍ତ୍ରୀର ନାମ—The name of a Śabara woman who was for some time a companion of Kunti.

[ଦ୍ର—ପାଣ୍ଡୁ ମାଦ୍ରୀ ଦେବୀଙ୍କ ସଙ୍ଗେ ଶତଶୃଙ୍ଗ ପର୍ବତରେ ରହିଥିବାର ସମ୍ବାଦ ଏ ଆସି କୁନ୍ତୀଙ୍କୁ କହିଥିଲା ।]

ପୋଇଲୀ—ଦେ. ବ. ସ୍ତ୍ରୀ—(ସ. ପୂତିକା=ଦାସୀ ଅଥବା ସ. ପୋଷ୍ଠା=
Poili ଦାସୀ)—୧ । ରାଜା ଆଦିଙ୍କ ଉଆସରେ ଥିବା ପରିଚାରିକା; ରକ୍ଷିତା ଦାସୀ; ଯେଉଁ ଦାସୀକୁ ସ୍ୱାମୀ ବିବାହ ନ କରି ଆପଣାର ସ୍ତ୍ରୀ ପରି ଘରେ ରଖନ୍ତି—1. Concubine; a maid servant kept as a mistress; a female slave kept as a concubine.

[ଦ୍ର—ଆମ ଦେଶରେ ପୋଇଲୀ ରଖିବା ପ୍ରଥା ରଜା ଓ କ୍ଷତ୍ରିୟମାନଙ୍କ ଘରେ ଚଳୁ ଥିଲା, ଏବଂ ତାଙ୍କ ଦେଖାଦେଖି କରଣ ସମାଜରେ ମଧ୍ୟ ଚଳଇ, ଏବଂ କରଣ ସମାଜର ଦେଖା ଦେଖି ଓଡ଼ିଶାରେ ଉପନିବେଶ କରିଥିବା ବଙ୍ଗାଳୀ (କେସ୍ତ)ମାନଙ୍କ ମଧ୍ୟରେ ଏ ପ୍ରଥା ଚଳଇ । ରଜାମାନଙ୍କ ଉଆସର ପୋଇଲୀମାନଙ୍କୁ "ଘର ଝିଅ" ବୋଲାଯାଏ । ରଜାମାନେ କ୍ଷେତ୍ରଜ ପିଲା-ମାନଙ୍କୁ ରଜାନ୍ତଃପୁରକୁ ଆଣି ବାଲ୍ୟକାଳରୁ ଲାଳନ ପାଳନ କରି ରଖନ୍ତି ଓ ସେମାନେ ବୟଃପ୍ରାପ୍ତା ହେଲେ ରଜା ବା ତାଙ୍କ ଉତ୍ତରାଧିକାରୀଙ୍କର ଅଙ୍ଗଲଗା ଦାସୀ ହୁଅନ୍ତି । ପୋଇଲୀଙ୍କ ପୁଅ ମାନଙ୍କୁ ରାଜବଂଶର 'ଅନ୍ତର ପୁଅ' ବୋଲାଯାଏ ଓ କରଣ ସମାଜରେ 'ଗୋଲାମ ବା ଭିତ ଅନ୍ତର ବୋଲାଯାଏ ଓ ଉପନିବେଶୀ ବଙ୍ଗାଳୀଙ୍କ ଘରେ 'ସାଗରପେସା' ବୋଲାଯାଏ । ବର୍ତ୍ତମାନ କରଣ ସମାଜରୁ ଓ କେସ୍ତ ସମାଜରୁ ଏ ପ୍ରଥା କ୍ରମଶଃ କମି ଯାଉଅଛି । ଦାସୀପୁତ୍ରମାନେ ପିତାଙ୍କ ସମାଜରେ ମିଶନ୍ତି ନାହିଁ । କିନ୍ତୁ ବିବାହିତା ସ୍ତ୍ରୀଗର୍ଭଜାତ ସନ୍ତାନର ଅଭାବରେ ଏମାନେ ପିତୃସମ୍ପତ୍ତିର ଅଧିକାରୀ ହୁଅନ୍ତି । ଦାସୀପୁତ୍ରମାନେ ହିନ୍ଦୁଶାସ୍ତ୍ରାନୁସାରେ ପିତୃ-ସମ୍ପତ୍ତିରୁ ଖୋରାକପୋଷାକ ପାଇବାର ଅଧିକାରୀ ଅଟନ୍ତି ।]

୨ । ଦାସୀ; ସେବାକାରିଣୀ; ଭୃତ୍ୟା; ଗୃହକରିଆଣୀ—
2. Maid servant

କୈକେୟୀଙ୍କର ମନ୍ତ୍ରୀ ବୋଲି ଗୋଟିଏ ପୋଇଲୀ ଥିଲା ।
ବଳରାମ. ବିଲଙ୍କା ରାମାୟଣ ।

ପୋଇଲୀ ଅଡ଼ର ପୁଅ—ଦେ. ବି—ଦାସୀ ପୁତ୍ର—
Poili ārḍara pua — Son of a concubine.
(ପୋଇଲି ପୁଅ—ଅନ୍ୟରୂପ)

ପୋଇଲୀ କଥା—ଦେ. ବି. (ବିନମ୍ରୋକ୍ତି)—
Poili kathā — ଦାସୀପରି ଅନୁଗତା ସ୍ତ୍ରୀର ଅନୁରୋଧ ବା ଉପଦେଶ—
(ପୋଇଲୀ ଲୁହା, ପୋଇଲା ବୋଲ—ଅନ୍ୟରୂପ) The humble advice of a woman,

ପୋଇଲୀ ପରିବାରି—ଦେ. ବି. (ଏକାର୍ଥବୋଧକ ସହଚର ଶବ୍ଦ)—
Poili paribāri — ଦାସୀ ଓ ରକ୍ଷିତା ସ୍ତ୍ରୀ ଆଦି—
दासी चाकरानी — Maid servants and concubines of a
दासी लौंड़ी — family.

ପୋଇଲୀ ପରିବାରି କୋଳ୍ପିଏ କ ନାଇଣ ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ପୋଇଲୀ ମାଇପ—ଦେ. ବି—ରଖେଇ ଦାସୀ; ରକ୍ଷିତା ସ୍ତ୍ରୀ; ଉପପତ୍ନୀ—
Poili māipa — A female servant used as a
ঢেমনী **सुरैतीन** — concubine

ପୋଏ—ଦେ. ବି. (ସଂ. ପୁତ୍ର)—
Poe — ୧ । (ବହୁବଚନ) ପୁଅମାନେ—1. Sons.
(ପୁଏ—ଅନ୍ୟରୂପ)

ପ୍ରଦ୍ୟୁମ୍ନ ପରି ମୋ ପୋଏ ଶ୍ୟାମବର୍ଣ୍ଣୀ ।
କୃଷ୍ଣସିଂହ. ମହାଭାରତ. ବନ ।

୨ । (ବହୁବଚନ) ପିଲାମାନେ—2. Children.

ପୋଏ ବୋଲନ୍ତି ତାର ଥିବ
ବାମ ଦକ୍ଷିଣ ଛାଡ଼ି ଯିବ । ଗ୍ରାତୀ. ନର୍ଗୁଣ ମାହାତ୍ମ୍ୟ ।

୩ । (ଏକ ବଚନ) ଏକ ପୁତ୍ର—3. A son; one son.

ନବୃତ ତାର ପୁତ୍ର ହୋଏ
ଦଶାର୍ହ ନାମେ ତାର ପୋଏ । ଜଗନ୍ନାଥ. ଭଗବତ ।

ପୋଏଳା—ଦେ. ବି. (ସଂ. ପ୍ରବାଳ)—ପୋହଳା (ଦେଖ)
Poeḻā — Pohaḻā (See)

ମାଣିକ୍ୟ ସଂଯୋଗ ଯେହ୍ନେ ପୋଏଳା ଅଛି ।
ଗ୍ରୀତୀ. ଶିଶୁଶଙ୍କର ଭକ୍ତାଭିଳାଷ ।

ପୋଁ—ଦେ. ଅ. (ଧ୍ୱନ୍ୟନୁକରଣ)—
Poṅ — ୧ । ପେଁକାଳର ଶବ୍ଦ—1. The sound of
पों **पौं** — blowing a flute.

୨ । ଅଧୋବାୟୁ ବହିର୍ଗମନର ଧ୍ୱନିବିଶେଷ—
2. A sound of passing wind through the anus.

(ଦ୍ର—ପୋଁଠାରୁ ପଁ ନିମ୍ନତର ଓ ପଁ ଠାରୁ ପୁଁ ନିମ୍ନତର ଶବ୍ଦ ।)

ପୋକ—ଦେ. ବି. (ସଂ. ପୁତ୍ତିକା; ପୁଲକ)—
Poka — ୧ । କୀଟ; କୀଟ ପତଙ୍ଗ—
पोका **कीड़ा, पिल्लू** — 1. Insects (generally)

[ଦ୍ର—ପ୍ରକୃତରେ ପକ୍ଷହୀନ କ୍ଷୁଦ୍ର ଜୀବଙ୍କୁ ପୋକ ବୋଲାଯିବା ଉଚିତ; କିନ୍ତୁ ସାଧାରଣତଃ ପକ୍ଷହୀନ ଜୀବ(କୀଟ)ଙ୍କୁ ଓ ପକ୍ଷବିଶିଷ୍ଟ ଜୀବ (ପତଙ୍ଗ)ମାନଙ୍କୁ ମଧ୍ୟ ପୋକ ବୋଲାଯାଏ ।]

୨ । ଅଂଶେଇ; କୃମି—2. Moth; worms; maggots.

[ଦ୍ର—ପୋକ ୨ ଭାଗରେ ବିଭକ୍ତ; ଯଥା—କୃମି (ପକ୍ଷହୀନ) ଓ ପତଙ୍ଗ (ପକ୍ଷଯୁକ୍ତ) । ଏ ଉଭୟଙ୍କର ସଂ. ନାମ ପୁଲକ । 'କୀଟ'ର ଅର୍ଥ-ଯେ ଗତି କରେ । ପକ୍ଷହୀନ ଓ ପକ୍ଷବିଶିଷ୍ଟ ପୋକଙ୍କୁ କୀଟପତଙ୍ଗ ବା ପୋକଯୋକ (ବ. ପୋକାମାକଡ଼; ହି. କୀଡ଼ାମ-କୌଡ଼ା) କୁହାଯାଏ ।

ପୋକ ଅନେକ ଶ୍ରେଣୀର ଅଛନ୍ତି । କେତେକ ପୋକ ଡିମ୍ବରୁ ଜନ୍ମି କୃମି ପରି କିଛିକାଳ ରହନ୍ତି; ତହିଁରେ ସେମାନଙ୍କର ଗୋଡ଼ ଜନ୍ମେ ଓ ତହିଁରେ ପକ୍ଷ ଜନ୍ମେ ।

ଖାଦ୍ୟ ଓ ଆକ୍ରାନ୍ତ ବସ୍ତୁ ଭେଦରେ ପୋକମାନଙ୍କର ଭିନ୍ନ ଭିନ୍ନ ନାମକରଣ ହୋଇଅଛି; ଯଥା—(ଆକ୍ରାନ୍ତ ବସ୍ତୁଭେଦରେ) ଆଖୁ ପୋକ, ଗୃହଳ ପୋକ, କାନକୁଟୁଲୀ, କୁକୁରମାଛି ।

(ସାଦୃଶ୍ୟ ଭେଦରେ) ହୁଲୁଣିଆ ପୋକ, ଘୋଡ଼ା(ମୁହାଁ) ପୋକ, ସାଧବଘର ବୋହୂ (ପାଟ ପୋକ) ।

(ଗୁଣ ଭେଦରେ)—ଧାରୁଡ଼ା ପୋକ, ଗନ୍ଧୀ ପୋକ, ଜୁଳୁ-ଜୁଳିଆ ପୋକ, କେଉଁଟିଆ ପୋକ ।

(ବାସସ୍ଥାନ ଭେଦରେ)—ପାଣିଭଅଁର, ଗୋଷ୍ଠୀପୋକ, ବାଲି ଭଅଁର, ମାଟିବିରୁଡ଼ି, ଗୋବର ପୋକ ।

କେତେକ ପକ୍ଷହୀନ ଓ ପଦହୀନ ପୋକଙ୍କର ନାମ—ଦସୀ-ପୋକ, କୃମି ବା କୁରୁମି—(ଏମାନେ ମନୁଷ୍ୟର ପେଟ ଭିତରେ ଓ ମଳରେ ଥାଆନ୍ତି ଓ ଅତି କ୍ଷୁଦ୍ର ଓ ସୂତା ପରି ଦେଖାଯାନ୍ତି), ଅଂଶେଇ—(ପଶୁ ଘାଆ ପ୍ରଭୃତିରେ ମାଛି ବସିଲେ ମାଛିଠାରୁ ଏମାନେ ଜନ୍ମ ହୁଅନ୍ତି) ।

ପଦବିଶିଷ୍ଟ ଓ ପକ୍ଷହୀନ ପୋକ; ଯଥା—ମାକଡ଼ସା ବା ବୁଢ଼ିଆଣୀ, ଝିଙ୍କ, ବିଛା, ଉକୁଣୀ, ଢେଲୁଣୀ ପୋକ, ଗଉଡ଼ୁଣୀ ପୋକ ।

ପଦ ଓ ପକ୍ଷବିଶିଷ୍ଟ ପୋକ; ଯଥା — ମାଛି, ଅସରପା, ଝିଣ୍ଟିକା, ଭଅଁର, କୁକୁରମାଛି, ପ୍ରଜାପତି ।

ପକ୍ଷବିଶିଷ୍ଟ ପଦହୀନ ପୋକ ନାହାନ୍ତି ।

ପକ୍ଷଯୁକ୍ତ ପୋକମାନେ ଅଣ୍ଡଜ । ଏମାନେ ସାଧାରଣତଃ ଡିମ୍ବଠାରୁ ପୂର୍ଣ୍ଣାଙ୍ଗ ପର୍ଯ୍ୟନ୍ତ ଚାରିଗୋଟି ଅବସ୍ଥା ମଧ୍ୟ ଦେଇ ଜୀବନ ଯାପନ କରନ୍ତି । ଯଥା—୧. ଅଣ୍ଡ ବା ଡିମ୍ବ—Egg, ୨. ଅବୟବଶୂନ୍ୟ କୃମି—Larva stage, ୩. ପୁଳକ, କୋଷ ବା ଗୋଣ୍ଡି—Pupa stage. ୪. ପକ୍ଷ ଲାଗିବା ଅବସ୍ଥା ବା ପୂର୍ଣ୍ଣାଙ୍ଗ—Winged stage or adult stage

ସମସ୍ତ ପ୍ରକାର ଅଣ୍ଡଜ ପୋକଙ୍କର ପକ୍ଷ ହୁଏ ନାହିଁ । ଯେଉଁମାନଙ୍କର ପକ୍ଷ ହୁଏ ସେମାନେ ସାଧାରଣତଃ ଷଟ୍‌ପଦ (ଯଥା—ପ୍ରଜାପତି, ପିମ୍ପୁଡ଼ି, ମାଛି ଇତ୍ୟାଦି) ସେଥିମଧ୍ୟରୁ କାହାର କାହାର ୪ ପକ୍ଷ (ଯଥା, ପିମ୍ପୁଡ଼ି, କକି) ଓ କାହାର ୨ ପକ୍ଷ ଥାଏ(ଯଥା--ମଶା; ମାଛି) । କୌଣସି କୌଣସି ପୋକ ଡିମ୍ବରୁ ଫୁଟି ପୂର୍ଣ୍ଣାଙ୍ଗ ହୁଅନ୍ତି (ଯଥା—ଉକୁଣୀ, ଘରପୋକ, ଝିଙ୍କ) । କେତେକ ପୋକଙ୍କ ଉପରେ ଭାରି ଟାଣୁଆ ପକ୍ଷ ଥାଏ (ଯଥା—ଗୋବର ପୋକ, କଳାଭଅଁର, ଗୁଞ୍ଜର ପୋକ) । ଏମାନଙ୍କୁ ଦୃଢ଼ପକ୍ଷୀ କୁହାଯାଏ । କେତେକ ପୋକ ସେମାନଙ୍କର ପାର୍ଶ୍ୱପଦ ସାହାଯ୍ୟରେ ବହୁଦୂରକୁ ଡେଇଁ ପାରନ୍ତି (ଯଥା— ପତଙ୍ଗ, ଝିଣ୍ଟିକା) । ସବାରୁଆ ବା ଶୁଅଁବାଳ ପୋକମାନେ ବଢ଼ି କରି ପ୍ରଜାପତି ହୁଅନ୍ତି ।]

ପୋକ ଉଠିବା—ଦେ ବି.—(କୌଣସି ବ୍ୟକ୍ତି) କ୍ରୋଧାନ୍ଧ ହେବା ବା ଗର୍ବରେ ଉନ୍ମତ୍ତ ହେବା—The state of a person being excessively angry or excited.
Poka uṭhibā
(ପୋକ ଚଢ଼ିବା—ଅନ୍ୟରୂପ)
मगज (दिमाक)मे कीड़ा काटना

[ଦ୍ର— କ୍ରୋଧୋନ୍ମତ୍ତ ବା ଗର୍ବୋନ୍ମତ୍ତ ଲୋକଙ୍କୁ ଦେଖି ଲୋକମାନେ କହନ୍ତି ତା ମୁଣ୍ଡରୁ ବା ମଗଜରୁ ପୋକ ଉଠିଲାଣି ।]

ପୋକ କାଟିବା— ଦେ. ବି.—୧ । କୌଣସି ବସ୍ତୁକୁ ପୋକ ଆକ୍ରମଣ କରି ନଷ୍ଟ କରିବା—1. A thing being eaten or damaged by worms.
Poka kāṭibā
(ପୋକ ଖାଇବା—ଅନ୍ୟରୂପ)
ପୋକାୟ ଖାଓୟା **कीड़ा काटना**

୨ । ଦାନ୍ତ ଭିତରେ ପୋକ ଲାଗିବାରୁ ଦାନ୍ତରେ ତୀବ୍ର ବେଦନା ଅନୁଭୂତ ହେବା—2. Extreme pain felt inside the teeth, said to be due to the presence of some insects.

ପୋକ ଖିଆ— ଦେ. ବିଣ.— କାଠ ଦଷ୍ଟ; କାଟଦ୍ୱାରା ନଷ୍ଟ ହୋଇଥିବା—Worm-eaten; moth-eaten.
Poka khiā
(ପୋକକଟା, ପୋକଲଗା—ଅନ୍ୟରୂପ)
ପୋକା କାଟା **कीड़ासे काटा हुआ**

ପୋକ ଝିଞ୍ଜାରିବା — ଦେ. ବି.—ପୋକମାନେ କୌଣସି ପଦାର୍ଥକୁ ଛିଦ୍ର କରି ଖାଇ ନଷ୍ଟ କରିବା—Being moth-eaten and reduced to shreds.
Poka jhiñjāribā
कीड़ा घुन घुनी करना

(ପୋକ ଘଣିବା; ପୋକ ଘଣା ଘଣା କରିବା—ଅନ୍ୟରୂପ)

ପୋକଡ଼ା—ପ୍ରାଦେ. (ଗଡ଼ଜାତ) ବିଣ.— ପୋକଖିଆ (ଦେଖ)
Pokarḍā Poka khiā (See)

ପୋକ ଡାଉଁ ଡାଉଁ—ପ୍ରାଦେ. (ଗଡ଼ଜାତ) ବିଣ.—ପୋକ ସାଲୁ ସାଲୁ (ଦେଖ)—Poka sālu sālu (See)
Poka dāuñ dāuñ

ପୋକ(ଖ)ତ(ତା)—ବୈଦେ. ବିଣ. (ଫା. ପୋଖ୍ତ) ଭୁଲ. ସଂ. ପକ୍ୱ)—
Poka(kha,ta(tā) ୧ । ଦୃଢ଼; କଠିନ—1. Hard.
[ପୋଖତ(ତା, ପେଖ୍ତ(ତ୍ତା)] ୨ । ମଜବୁତ୍; ପକ୍କା—2. Strong.
ପୋକ୍ତ(କ୍ତା) **पोक्त**
୩ । ପାକଲ—3. Mature.
୪ । ସୁପରିଣତ—4. Well developed.
୫ । ସୁପରିପକ୍ୱ—5. Well ripened.
୬ । ଅନୁଭବୀ; ପ୍ରବୀଣ—6. Experienced.
୭ । ବୃଦ୍ଧ; ବୟସ୍କ—7. Old; of ripe age.

ପୋକ(ଖ)ତାନ(ନି)—ବୈଦେ. ବି. (ଫା. ପୋଖ୍ତାନ୍)—ଲୁଣ ମାରିବା ପ୍ରକ୍ରିୟା; ସମୁଦ୍ର ପାଣିରୁ ଲୁଣ ତିଆରି କରିବା. Manufacture of salt from sea-water.
Poka(kha)tān(ni)
ପୋକ୍ତାନ **पोक्तान**
(ପୋକ୍ତାନ, ପୋକ୍ତାନି—ଅନ୍ୟରୂପ)

ଦେଶୀୟଲୋକ ସମସ୍ତରୁ (ଲୁଣ) ପୋକ୍ତାନ କାର୍ଯ୍ୟ ସାକ୍ଷାତ୍ ସମ୍ବନ୍ଧରେ ବନ୍ଦୋବସ୍ତ କରି ଥିଲେ । ଫକୀରମୋହନ, ଗଳ୍ପ ସ୍ୱଳ୍ପ ।

ପୋକତି (ଇତ୍ୟାଦି)—ଦେ. ବି ଓ ବିଣ — ପୋଖତି ଇତ୍ୟାଦି (ଦେଖ)—
Pokati (etc) Pokhati etc (See)

ପୋକ ଧରିବା—ଦେ. ବି.—କୌଣସି ବସ୍ତୁକୁ ପୋକ ଆକ୍ରମଣ କରିବାକୁ ଆରମ୍ଭ କରି ସମ୍ପୂର୍ଣ୍ଣଭାବରେ ନଷ୍ଟ ନ କରି ଥିବା ଅବସ୍ଥା—A thing being attacked with worms.
Poka dharibā
(ପୋକ ଲାଗିବା—ଅନ୍ୟରୂପ)
ପୋକାୟ ଧରା **कीड़ा लगना**

ପୋକ ପଡ଼ିବା— ଦେ. ବି.—ମାଛି ବସିବା; ଅଂଶେଇ ପଡ଼ିବା; ଦେହସ୍ଥ ବ୍ରଣାଦି ଦୂଷିତ ହେଲେ ତହିଁରେ କୀଟ ଜନ୍ମିବା—The growing of maggots in a festering sore.
Poka parḍibā
ପୋକପଡ଼ା **कीड़ा पड़ना**

[ଦ୍ର— କୌଣସି ମନୁଷ୍ୟ ଦେହରେ ଘାଆରେ ପୋକ ପଡ଼ିଲେ ସେ ବ୍ୟକ୍ତି ଅଶୁଚି ବିବେଚିତ ହୁଏ ଓ ତାହାକୁ 'ମାଛିଆ ପାତକ' ଦୋଷ ଲାଗେ । ଶାସ୍ତ୍ରନିର୍ଦ୍ଦିଷ୍ଟ ପ୍ରାୟଶ୍ଚିତ୍ତ, ଦାନ ଓ ବ୍ରାହ୍ମଣ-ଭୋଜନ କରାଇଲେ ସେ ଉକ୍ତ ପାତକରୁ ମୁକ୍ତ ହୁଏ ।]

ପୋକ ଫୁଟିବା— ଦେ. ବି.—କୌଣସି ସଢ଼ା ପଦାର୍ଥ ବା ଘାଆରେ ବହୁ ପରିମାଣରେ ପୋକ ଜନ୍ମିବା—A thing or a sore becoming infested with maggots on account of its being putrified or rotton.
Poka phuṭibā
पिल्लु फलजाना

ପୋକ ବିନ୍ଧା—ଦେ. ବିଣ.— ଯେଉଁ ପଦାର୍ଥକୁ ପୋକ ବିଣା କରି ପକାଇ ଥାଆନ୍ତି—Bored by worms.
Poka bindhā
ପୋକାୟ ଛାଁଦାକରା **कीड़ाका काटा हुआ**

ପୋକ ଯୋକ—ଦେ. ବି. (ଏକାର୍ଥକ ସହଚର ଶବ୍ଦ, ସଂ. ପୁଲକ+ଜଳୌକା) ପୋକ ଆଦି—Insects; maggots and worms.
Poka joka
ପୋକା ମାକଡ଼ **कीड़ा मकोड़ा**

ପୋକର୍—ବୈଦେ. ବି. (ଇଂ)—ଚୁଲୀର ନିଆଁକୁ ଉଖାରିବା ପାଇଁ
Pokar ବ୍ୟବହୃତ ଲୁହାର ଗେଞ୍ଜଣା କାଠି—
পোকার **खोंचो; खोंचाठी** Iron poker.

ପୋକରା—ଦେ. ବିଣ.—ପୋକଖିଆ (ଦେଖ)
Pokarā Poka khiā (See)

ଯେ ଧନୁ ଦେଖି ଗଳାଇ ଅର୍ପିଲ ତାହାକୁ
ଆମ୍ଭେ ଭାଙ୍ଗିଲୁ ଗଲା ସେ ପୋକରା ହୋଇ ହେ—ବିଶ୍ୱନାଥ ବିଚିତ୍ରରାମାୟଣ ।

ପୋକ ଶୁଂଘା—ଦେ. ବି—୧ । ସୋମରାଜ୍ୟାଦି ବର୍ଗର ବର୍ଷାୟୁଃ ଶାକ
Poka śumghā ବିଶେଷ; ବଡ଼ ପୋକଶୁଂଘା—Blumea
ସଂ. କୁକୁନ୍ଦର, ପୀତପୁଷ୍ପ, ଭୁକ୍ରୁଦ୍ରୁ, ଭୁକ୍ରୁଦ୍ରୁମ, ମୃଦୁଚ୍ଛଦ, ଅଲମ୍ବୁଷା, ଭୂମାଥ, ଭୂକଦମ୍ବ, ଗୋଷ୍ଠଲ, ତାମ୍ରଚୂଡ଼—
Lacerena; Blumea Odorata; Coryza Lacera; Coryza Terebinthina; a herbarious plant.
কুকশিমা, কুকশিমে.
কুকুরশোঁকা, কুকুরমুতা,
कुकुरशुंगा, बूड़ाशुंगा
कुकुरौंधा, कुकुरोंदि,
कुकुरमुत्ता, चौदार, तम्बाकु
ଆ. ସଲୌବରୁଲ୍, ଅଜ୍
ଫା. କମାଦରୁସ୍
ମ. ଭୁଭୁରବନ୍ଦା
ଗୁ. କୋକରୁନ୍ଦା
[ଦ୍ର—ଏହି ଗୁଳ୍ମ ଏକ ଫୁଟ ପର୍ଯ୍ୟନ୍ତ ଉଚ୍ଚ ଓ ବୃନ୍ତାଳଥା; ପତ୍ର ଲୋମଶ ଓ ଧୂଆଁପତ୍ର ପରି; ମୂଳରୁ ପତ୍ର ବାହାରେ; ଫୁଲ ହଳଦିଆ ଓ ନାଲି; ଶୀତଦିନେ ଫୁଟେ । ଏହାର ପତ୍ରରେ ତାର୍ପିନ୍ ତେଲର ଗନ୍ଧ ଅଛି । ଏହା ଔଷଧରେ ବ୍ୟବହୃତ ହୁଏ । ବୈଦ୍ୟକ ମତରେ ଏହା କଟୁତିକ୍ତ ରସ ଏବଂ ଜ୍ୱର, ରକ୍ତ ଦୋଷ ଓ କଫନାଶକ । ଏହାଦ୍ୱାରା ରକ୍ତପିତ୍ତ, ଅତିସାର ଓ ଘୋରଦାହ ପ୍ରଶମିତ ହୁଏ । ଏହାର କଞ୍ଚାମୂଳକୁ ଚର୍ବଣରେ ଯାକିଲେ ମୁଖଶୋଷ ନିବାରିତ ହୁଏ—
କୁକୁରମାନେ ଏ ଗଛକୁ ଶୁଂଘିବା ପରେ ଏ ଗଛ ଆଡ଼କୁ ଲକ୍ଷ୍ୟ କରି ମୂତନ୍ତି । (ମଣ୍ଡଅର ଉଇଲ୍ୟାମ୍) ।]
୨ । ବାଉ ପୋକଶୁଂଘା—2. Vernonia Cinerera; Pogostemon Plectranthoides (Haines); Ageratum Conyzoids (Haines); Celsia Coromandelina (Kirtikar).
[ଦ୍ର—ଏହାର ପତ୍ର ପୋକଶୁଂଘା ପତ୍ର ପରି ବିନ୍ଦୁ ଶ୍ଳେଷ; ଏ ଗଛ ଉଚ୍ଚତାରେ ୨।୩ ହାତ ପର୍ଯ୍ୟନ୍ତ ହୁଏ । ଏଥିରେ ଡାଳ ଅଛି । ଏହା ବଡ଼ ପୋକଶୁଂଘାଠାରୁ ଭିନ୍ନ ଜାତୀୟ ଗଛ ।]

ପୋକ ସାଲୁ ସାଲୁ—ଦେ. ବିଣ—କୀଟ ମୂର୍ତ୍ତି; ଯହିଁରେ ବହୁତ କୀଟ
Poka sālu sālu ଏକଆଡ଼ରୁ ସେଆଡ଼କୁ ଯିବା ଆସିବା କରୁଥାଆନ୍ତି—
ପୋକ ସାହିଁ ସାହିଁ, ପୋକ ହଳ ହଳ } ଅନ୍ୟରୂପ
Copiously infested with worms or maggots.
कोड़ाखदबद

ପୋକା—ଦେ. ବିଣ—ପୋକରା; କୀଟଦଷ୍ଟ—Worm eaten.
Pokā পৌকাকাটা **काठखौक, कीड़कट्टु**

ପୋଖଡ଼ା—ପ୍ରାଦେ (ଗଡ଼ଜାତ) ବିଣ—ପୋକଖିଆ (ଦେଖ)
Pokhaṛā Poka khiā (See).

ପୋଖତ୍(ତା)—ବୈଦେ. ବିଣ—ପୋକତ୍ (ଦେଖ)—
Pokhat(tā) Pokat (See.

ସହଦେବ ଏହିପରି କହୁ ସତ୍ୟ ବାଣୀ
ପାଣ୍ଡୁ ଅମ୍ଭ ପୋଖତ ହେଲା ସେହିକ୍ଷଣି—ସାରଳା ମହାଭାରତ ବନ ।

ପ୍ରାଦେ (ବାଲେଶ୍ୱର) ବି ଓ ବିଣ—ପୋଖତି (ଦେଖ)—
Pokhati (See).

ପୋଖତା ଘର—ପ୍ରାଦେ (ବାଲେଶ୍ୱର) ବି—୧ । ସ୍ତ୍ରୀର ସନ୍ତାନ ଜନ୍ମ
Pokhatā ghara ହେବା—1. Delivery of a child.
୨ । ପୋଖତି ଶାଳ (ଦେଖ)—
2 Pokhati śāla (See).
୩ । କୌଣସି ପରିବାରରେ ସନ୍ତାନ ଜନ୍ମ ହେବା ସମୟ ବା ଉତ୍ସବ (ତୁଳନା କର—ବିଭାଘର, ବ୍ରତଘର, ଅଶୀର୍ବାଦ ଘର)—
3. The state of or the cermonies performed in connection with a birth in a family.

ପୋଖତାନି—ଦେ. ବିଣ—୧ । ପୁରୁଷାନୁକ୍ରମିକ; ପାରଂପରିକ—
Pokhatāni 1. Traditional; ancestral.
୨ । ଅତି ପ୍ରାଚୀନ ଓ ଭଦ୍ର (ପରିବାର)—
2. Ancient and respectable (family).
ବୈଦେ. ବି—ପୋକତାନ୍ (ଦେଖ)—Pokatān (See).

ପୋଖତି—ଦେ. ବି—(ସଂ. ପ୍ରସୂତି)—୧ । ସନ୍ତାନ ପ୍ରସବ—
Pokhati 1. A woman's confinement; child-bearing.
ପୋକତି; ପୋକ୍ତି, **ପୁଙ୍ଖତି**, ପୁଙ୍ଖତି, ପୁଖୁତି } ଅନ୍ୟରୂପ
୨ । ନବ ପ୍ରସୂତି ଅବସ୍ଥା—
পোয়াতী The condition of being recently
जच्चा, परसौती delivered of a child.
୩ । ପ୍ରସୂତି; ସଦ୍ୟ ପ୍ରସୂତା ସ୍ତ୍ରୀ; ଛୁଆପିଲା ସ୍ତ୍ରୀ—
3. A woman who has been newly delivered of a chilp.
[ଦ୍ର—ଜନ୍ମ କରିବାର ୧୨ ଦିନ, ୨୧ ଦିନ ବା ୩୦ ଦିନ ପର୍ଯ୍ୟନ୍ତ ପ୍ରସୂତିକୁ ପୋଖତି କୋହାଯାଏ ।]
ବିଣ—ସଦ୍ୟଃ ପ୍ରସୂତା—Recently confined (woman).

ପୋଖତିଆଲୀ—ଦେ. ବି. ସ୍ତ୍ରୀ-ଯେଉଁ ସ୍ତ୍ରୀଲୋକମାନେ ପ୍ରସବ କାଳରେ
Pokhatiāli ପ୍ରସୂତିର ଦେଖାଶୁଣା ଓ ସାହାଯ୍ୟ କରନ୍ତି—
ধাঁই Women who attend a woman during
दाइजनाइ, दगरिन and after delivery; midwife.

ପୋଖତି ଛାଲି—ପ୍ରାଦେ (ଗଞ୍ଜାମ) ବି—ଭେରୁ (ଦେଖ)—
Pokhati chhāli Bheru (See).

ପୋଖତି ବୈରାଗ୍ୟ—ଦେ. ବି—(ଲକ୍ଷଣାର୍ଥ)—ଅଳ୍ପକାଳ ସ୍ଥାୟୀ
Pokhati bairāgya ବୈରାଗ୍ୟ—Any short-lived aversion, (like the aversion to co-habitation born in the mind of a woman who is recently confined.)
[ଦ୍ର—ପ୍ରସବ ବେଦନା ଅନୁଭବ କରିବା ହେତୁ ପ୍ରସୂତିର ମନରେ ସ୍ୱାମିସହବାସ ପ୍ରତି ଯେଉଁ ବୈରାଗ୍ୟ ଜନ୍ମେ ତାହା ଅଳ୍ପକାଳ ସ୍ଥାୟୀ ଅଟେ । ତେଣୁ କୌଣସି ଅଳ୍ପକାଳସ୍ଥାୟୀ ବୈରାଗ୍ୟ

ସାଧାରଣ ଲେଖେ ଅପର ପୃଷ୍ଠାରେ ପ୍ରଥମ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ' ନ ମିଳିଲେ 'ଗାଢ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅଙ୍ଗ ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ପ୍ରଭୃତି ଏ ଶବ୍ଦ ବ୍ୟବହୃତ ହୁଏ, ଯଥା—ଶ୍ମଶାନ ବୈରାଗ୍ୟ, ପୁରାଣ ବୈରାଗ୍ୟ, ରତିପ୍ରାନ୍ତ ବୈରାଗ୍ୟ ଇତ୍ୟାଦି ।]

ପୋଖତ ଶାଳ—(ସଂ.ପ୍ରସୂତିଶାଳା) ଅନ୍ତୁଡ଼ିଶାଳ; ଯେଉଁ ଘରେ ପ୍ରସୂତି ସନ୍ତାନ Pokhati s̄a̱la আঁতুড়ঘর ପ୍ରସବ କରେ—Lying-in room. (ପୋଖତି ଘର—ଅନ୍ୟରୂପ) আঁতুড় ঘর **जच्चाखाना, सोइरीघर**

ପୋଖତ ହାଣ୍ଡି—ଦେ. ବି—ଯେଉଁ ହାଣ୍ଡିରେ ଅନ୍ତୁଡ଼ିଶାଳର ପାଉଁଶ Pokhati hāṉḏi ଆଦି ଭର୍ତ୍ତି ହୋଇ ପ୍ରସବର ୬ଷ୍ଠ ଦିବସରେ আঁতুড়েহাঁড়ি (ଅର୍ଥାତ୍ ଛଠିଅର ଦିନ) ଫୋପଡ଼ା ଯାଏ—The **सोइरीवरतन** earthen pot containing the ashes of the lying-in room which is thrown away on the 6th day after child-birth.

ପୋଖତ ହେବା—ଦେ. କ୍ରି—ସନ୍ତାନ ପ୍ରସବ କରିବା— Pokhati hebā To be delivered of a child, **बच्चा जनना** ଥିଲେ ମୃତ ! ଅଜ ପରାବେ ତୁ ହବୁ ପୋଖତ । ଚଗ ।

ପୋଖର—ଦେ. ବି—ଗଛ ମଧ୍ୟରେ ଥିବା ଫମ୍ପା ଗର୍ତ୍ତ; କୋରଡ଼— Pokhara A hollow in the trunk of a tree. খোঁড়ল **खोखर**

ପୋଖରା—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି. (ସଂ. ପ୍ରଖରା) Pokharā (ସ୍ତ୍ରୀଲୋକମାନଙ୍କ ଗାଳି ବିଶେଷ)—ଦୁଷ୍ଟା ସ୍ତ୍ରୀ— (a term of abuse) A wicked woman; vixen.

ପୋଖରାଜ— ଦେ. ବି. (ସଂ. ପୁଷ୍ପରାଗ)—ପୁଷ୍ପରାଗ ମଣି— Pokharāja পোখরাজ **पुखराज** Topaz.

ପୋଖରିଆ—ଦେ. ବି—୧ । ଦେଉଳ ମଧ୍ୟସ୍ଥ ଚତୁରସ୍ର ଗହ୍ୱର— Pokhariā 1. The pit inside a temple (resembling a square tank).

୨ । ଚତୁରସ୍ର ଗର୍ତ୍ତ—2 A square pit

ଦେ. ବିଣ—ପୋଖରୀ ପରି ଚତୁରସ୍ର— Square like a tank.

ପୋଖରୀ—ଦେ. ବି. (ସଂ. ପୁଷ୍କରୀ, ପୁଷ୍କରିଣୀ, ପୁଷ୍କର (Beams) ପ୍ରା· Pokharī ପୁକ୍ଖରୀ)—୧ । ପୁଷ୍କରିଣୀ—1. Tank.

পুকুর ବରଷା ଋତୁରେ ବରଷେ ଅପାର

पोखर(रा)(री) ପୂରଇ ବଳ ପୋଖରୀ । ନନ୍ଦକିଶୋର ଶର୍ମା । ।

বাহ্যি; দাস্ত ୨ । ଝାଡ଼ା—2. Faecundation; passing **दस्त, झाड़ा** of stools; evacuation of the bowels.

୩ । ହଇଜା—3. Cholera

୪ । ଆମାଶୟ ବା ଅତିସାର ଯୋଗୁଁ ବହୁ ପରିମାଣରେ ମଳସ୍ରାବ— 4. Profuse evacuation due to diarrhoea or dysentery.

ପୋଖରୀ ଅଡ଼(ଡ଼େ)—ଦେ. ବି—ପୋଖରୀ ପାଣି ୨ (ଦେଖ) Pokharī a̱rḏa(rḏe) Pokharī pāṉi 2 (See)

ପୋଖରୀ ଓ(ଔ)ଷଧ—ଦେ.ବି—ଝାଡ଼ା କରାଇବାର ଔଷଧ; ଜୋଲାପ— Pokhari o(au)shadha A purgative; cathartic বাহ্যি উষুদ; জুলাপ **जुल्लाब** medicine.

ପୋଖରୀ କରା(ରେ)ଇବା—ଦେ. କ୍ରି—ଔଷଧ ପ୍ରୟୋଗଦ୍ୱାରା କୋଷ୍ଠ- Pokharī karā(re)ibā ବଦ୍ଧତା ଦୂର କରି ଝାଡ଼ା କରାଇବା— বাহ্যি করান To cause evacuation of the bowels **दस्त कराना** by the use of a purgative.

ପୋଖରୀ ଛୁଆଁ—ଦେ. ବି—ଝାଡ଼ା ଫେରି ଆସିବା ପରେ ଲୁଗା ନ Pokharī chhuān̄ ଧୋଇବା ଯୋଗୁଁ ଅଶୁଦ୍ଧି— Uncleanness of the cloth worn by a person while passing stools and remaining unwashed.

ବିଣ—୧ । ଯେଉଁ ବ୍ୟକ୍ତି ଝାଡ଼ା ଫେରି ଆସିବା ପରେ ଶୌଚ ହୋଇ ନ ଥାଏ ବା ଲୁଗା ଧୋଇ ନ ଥାଏ— 1. A person who has not washed after passing stools.

୨ । ଝାଡ଼ା ଫେରି ଆସିଥିବା ବ୍ୟକ୍ତିର ପରିହିତ ଲୁଗା, ଯାହା ଧୁଆ ହୋଇ ନ ଥାଏ—2. (a cloth) Not yet washed after the wearer passes stools.

୩ । (ଲକ୍ଷଣାର୍ଥ) ଭୀତ—3. (figurative) Terrified.

ପୋଖରୀ ଛୁଆଁ ହେବା—ଦେ· କ୍ରି—ଝାଡ଼ା ଫେରିବା ପରେ ଲୁଗା Pokharī chhuān̄ hebā ଧୋଇ ନ ଥିବା—1. To remain unwashed after easing.

୨ । (ଲକ୍ଷଣାର୍ଥ) ଭୟଭୀତ ହେବା—2. (figurative) To be frightened; to be terrified.

ପୋଖରୀ ପାଣି—ଦେ. ବି—୧ । ପୁଷ୍କରିଣୀର ଜଳ— Pokharī pāṉi 1. Tank-water.

বাহ্যি ୨ । ଝାଡ଼ା ଫେରିବା—

दिशा; पोखर दिशा 2. Easing one's self.

ପଶ୍ଚିମେ ମାଣ ସୂର୍ଯ୍ୟ ସୂର୍ଯ୍ୟ ଭାଁ ହାତରେ ଚାଲିଛି
ଧରି ପୋଖରୀ ପାଣି ବାହାରି ଅଛନ୍ତି ।

ଫକୀରମୋହନ—ଛମାଣ ଅଠଗୁଣ୍ଠ ।

[ଦ୍ର—ମଫସଲରେ ଲୋକେ ସାଧାରଣତଃ ଗାଆଁ ମୁଣ୍ଡରେ ଥିବା ପୋଖରୀ କୂଳରେ କମ୍ବା ତାହା ନିକଟରେ ଥିବା ପଡ଼ିଆରେ ବା ବାଡ଼ିରେ ଝାଡ଼ା ଫେରିବାକୁ ଯାଆନ୍ତି ଓ ସେହି ପୋଖରୀର ପାଣିଦ୍ୱାରା ଶୌଚାଦି କ୍ରିୟା କରନ୍ତି । ଏଥିଯୋଗୁଁ ଝାଡ଼ା ଫେରିବା ଅର୍ଥରେ ପୋଖରୀ ଓ ପୋଖରୀ ପାଣି, ବାହାରକୁ, ବାଡ଼ିକି ଇତ୍ୟାଦି ଶବ୍ଦମାନ ବ୍ୟବହୃତ ହୋଇଅଛି । ସଂସ୍କୃତରେ ମଧ୍ୟ 'ବହିର୍ଦ୍ଦେଶ ଗମନ'ର ବ୍ୟବହାର ଅଛି । ଗଡ଼ଜାତ ଓ ଗଞ୍ଜାମରେ ପୋଖରୀକୁ ବନ୍ଧ ବୋଲି ଯାଉଥିବାରୁ ଝାଡ଼ା ଫେରିବା ଅର୍ଥରେ ବନ୍ଧକୁ ଯିବା ଶବ୍ଦ ବ୍ୟବହୃତ ହୁଏ ।]

ପୋଖରୀ ପାଣି ବସିବା—ଦେ. କ୍ରି—ଝାଡ଼ା ଫେରିବା; ମଳୋତ୍ସର୍ଗ କରିବା- Pokharī pāṉi basibā to evacuate; to ease one's self. (ପୋଖରୀ ପାଣି କରିବା—ଅନ୍ୟରୂପ) বাহ্যে বসা; বাহ্যি করা **दिशाफिरना**

୧	ଇ	ଡ଼	ର୍‌,ଋ	ଝ	ଏ	ଦ୍ବିସନ୍ଧ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଘ	ଢ	ଶ,ଷ	ଙ୍କ	ଇସ୍	ହୃଅ	ଛ
୨	ଈ	ଢ଼	ଋ	ଳ୍	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ୍ବ	ଙ୍ଗ	ଇଅ	●	ନ

ପୋଖରୀ ପାଣି ମାଡ଼ିବା—ଦେ. ବ—ମଳୋଦ୍ବେଗ ହେବା—
Pokharī pāṇi mārḍibā Having a strong tendency to ease one's self.
[ପୋଖରୀ ପାଣି ଦେଖା(ଖେ)ଇବା, ପୋଖରୀ ପାଣି ଚଳବ ହେ(ଦେ)ବା, ପୋଖରୀ ମାଡ଼ିବା, ପୋଖରୀ ଦେଖା(ଖେ)ଇବା, ପୋଖରୀ ଚଳବ ହେବା, ପୋଖରୀ ଚଳବ ଦେବା—ଅନ୍ୟରୂପ] বাহ্যে পাওয়া **दिशा लगना**

ପୋଖରୀ ପାଣି ଯିବା—ଦେ. କ୍ରି—୧ । ଝାଡ଼ା ଫେରିବାକୁ ବାହାରକୁ ଯିବା—1. To go out to ease one's self.
Pokharī pāṇi jibā
ପୋଖରୀ ଯିବା, ପୋଖରୀ ଆଡ଼ ଯିବା, ପୋଖରୀ ଅଡ଼େ ଯିବା—ଅନ୍ୟରୂପ
୨ । ପୋଖରୀ ପାଣି ବସିବା(ଦେଖ) 2. Pokhari pāṇi basibā (See)
বাহ্যে যাওআ **दिशाजाना**

ପୋଖରୀ ବନ୍ଦ—ଦେ. ବ—କୋଷ୍ଠ ବଦ୍ଧତା—
Pokharī banda বাহ্যিবন্দ **कब्जियत** Constipation.

ପୋଖରୀ ସଫା—ଦେ. ବ—ପରିଷ୍କାରରୂପେ ଝାଡ଼ା ହେବା—
Pokharī saphā Clean evacuation of the bowels; a free evacuation.
বাহ্যি পরিষ্কার **झाड़ा खुलासा**
[ପୋଖରୀ ଖୋଲସା, ପୋଖରୀ ଖୁ(ଖୋ)ଲସା—ଅନ୍ୟରୂପ]

ପୋଖରୀ ହୁଡ଼ା—ଦେ. ବ—ପୋଖରୀ ଚାରିପାଖର ବନ୍ଧ—
Pokharī hurḍā The raised banks round a tank.
পুকুরের পাড় **तलावका पाड़** (ପୋଖରୀ ଆଡ଼—ଅନ୍ୟରୂପ)

ପୋଖରୀ ହେବା—ଦେ. ବ—୧ । ଝାଡ଼ା ହେବା—
Pokharī hebā 1. Evacuation of the bowels.
বাহ্যি হওয়া **दस्त होना**
୨ । ଝାଡ଼ା ବାନ୍ତି ବା ଅତିସାର ଯୋଗୁଁ ଅତିରିକ୍ତ ମଳସ୍ରାବ—2. Profuse evacuation due to dysentery or diarrhoea.
ଦେ. କ୍ରି—ଝାଡ଼ା ବାନ୍ତି ରୋଗରେ ଆକ୍ରାନ୍ତ ହେବା—
To be attacked with diarrhoea.

ପୋଗଣ୍ଡ—ସଂ. ବିଣ. (ଅପ=[କ୍ରୁଦ୍ଧେଁ; ଅପକୃଷ୍ଟ]+ଗମ ଧାତୁ=ଗମନ କରିବା+ଡ ନିପାତନ; ଅପୋଗଣ୍ଡ)—
Pogaṇḍa
(ପୌଗଣ୍ଡ—ବ) ୧ । ବିକଳାଙ୍ଗ—1. Deformed; having a defective or deficient limb or limbs.
୨ । ଯେଉଁ ବ୍ୟକ୍ତିର ହାତରେ ଓ ଗୋଡ଼ରେ ସାଧାରଣ ଆଙ୍ଗୁଠି ସଂଖ୍ୟା ଅପେକ୍ଷା ବେଶି ବା କମି ଅଙ୍ଗୁଳି ଥାଏ—
2. Having fingers more or less than ordinary.
୩ । ନ୍ୟୂନାଧିକାଙ୍ଗ—3. Having a redundant or defective member of the body.
୪ । ପାଞ୍ଚରୁ ପନ୍ଦର ବର୍ଷ ମଧ୍ୟରେ ଯେଉଁ ଶିଶୁର ବୟସ—
4. Aged between five and fifteen years.
ବି—୧ । ବିକଳାଙ୍ଗ ବ୍ୟକ୍ତି—
1. A deformed person.
୨ । ଯେଉଁ ବ୍ୟକ୍ତିର କୌଣସି ଅଧିକା ଅଙ୍ଗ ଥାଏ—
2. A person with a redundant limb.
୩ । ପାଞ୍ଚ ବର୍ଷରୁ ବଡ଼ ଓ ଷୋଳ ବର୍ଷରୁ ସାନ ପିଲା—
3. A boy between five and sixteen years of age.
[ଦ୍ର—କେହି କେହି ୫ ବର୍ଷଠାରୁ ୧୦ ବର୍ଷ ପର୍ଯ୍ୟନ୍ତ ବୟସର ବାଳକକୁ ପୋଗଣ୍ଡ କହନ୍ତି ।]

ପୋଙ୍ଗା—ଦେ. ବ. (ସଂ. ପୁଟକ=ଫମ୍ପା ପାତ୍ର)—ବାଉଁଶର ସରୁ ନଳ—
Poṅgā A tube cut from slender bomboo.
পোঁগা **पोंगा** [ଦ୍ର—ସରୁ ବାଉଁଶର ୨ଟି ଗଣ୍ଠିକୁ ଦୁଇଅଡ଼ୁ କାଟି ଦେଲେ ଯେଉଁ ପୋଲା ନଳ ରହେ ତାକୁ ପୋଙ୍ଗା ବୋଲାଏ । ଏହାକୁ ବଣିଆ ଫୁଙ୍କନଳ କରନ୍ତି ଓ ହାତ ବନ୍ଧଣୀର ବେଣ୍ଟରେ ମଧ୍ୟ ଏହା ଲାଗେ ।]

ପୋଙ୍ଗୀ—ଦେ. ବ. (ଚୀନ୍ ଦେଶୀୟ ଭାଷା)—୧ । ବୌଦ୍ଧ ସନ୍ନ୍ୟାସୀ—
Poṅgī 1. Buddhist recluse; Pongi.
পোঁগী **पोंगी** [ଦ୍ର—ଏମାନେ ଗୃହତ୍ୟାଗୀ, ଗେରୁଆ ଲୁଗା (ପୁଙ୍ଗୀ—ଅନ୍ୟରୂପ) ପିନ୍ଧନ୍ତି ଓ ମସ୍ତକ ମୁଣ୍ଡନ କରନ୍ତି । ବ୍ରହ୍ମଦେଶରେ ଓ ଆସାମରେ ଏମାନେ ବହୁଶଃ ଦେଖାଯାଆନ୍ତି । ସ୍ଥାନେ ସ୍ଥାନେ ମଧ୍ୟ ଏମାନଙ୍କର ମଠ ଅଛି ।]
୨ । ଚୀନ ଦେଶରେ ବୁଣା ଯିବା ଏକପ୍ରକାର ନରମ ରେସମ କନା— 2. Pongee; a soft kind of silk woven in China and got from the cocoons of a wild silk worm.

ପୋଚ—ଦେ. ବ. (ସଂ. ପୂତି)—ବଦବୋଇ; ଦୁର୍ଗନ୍ଧ; ଦୁଷ୍ଟଗନ୍ଧ—
Pocha Fetid or very offensive smell.
পচাগন্ধ **बदबू** ପ୍ରାଦେ. (ଗଞ୍ଜାମ) ବିଣ—ପୋଚଆ; ସଢ଼ା—
Rotten.

ପୋଚକା—ପ୍ରାଦେ. (ଗଞ୍ଜାମ) ବିଣ. (ସଂ. ପୂତି)—ସଢ଼ି ଦୁର୍ଗନ୍ଧମୟ ହୋଇ ଯାଇଥିବା (ଖାଦ୍ୟ)—Rotten and turned fetid; rancid.
Pochakā
(ପୋଚ୍‌କା—ଅନ୍ୟରୂପ)

ତୁ ବଳୁଅ ହେବ କୁ ପୋଚକ ମାଂସ
ଖାଇକୁ କଇ ନପାରଣ ଖାବ ନାଶ—କୃଷ୍ଣସିଂ. ମହାଭାରତ, ଶାନ୍ତି ।

ବି—ମଇଳା ପାଣି—Refuse or filthy water.

ପୋଚକା ନାଳ—ପ୍ରାଦେ. (ଗଞ୍ଜାମ) ବି—ମଇଳା ପାଣି ବୋହିଯିବାର ନାଳ—Drain for foul water.
Pochakā nāḷa
(ପୋଚନଳା, ପୋଚନାଳ—ଅନ୍ୟରୂପ)

ପୋଚକା ପାଣି—ପ୍ରାଦେ. (ଗଞ୍ଜାମ) ବି—ଘରର ଧୂଆ ଧୋଇ ମଇଳା ପାଣି—The filthy water cleared out from a room or house.
Pochakā pāṇi
(ବର୍ଷାପାଣି—ବିପରୀତ)

ପୋଚର୍‌—ଦେ. ବିଣ. (ସଂ. ପୂତି; ସଂ. ପଚ ଧାତୁ)—୧ । ସଢ଼ା; ପଚ୍—
Pocharā 1. Rotten; putrid.

୨ । ମଇଳା—2. Dirty; filthy.

ପଚା ସଢ଼ା; ପଁଚା ବି—୧ । ଯେଉଁ ଲୋକର ଦେହରେ ସର୍ବଦା ପଶୁ ଘା ହୋଇ ଗନ୍ଧ ଛୁଟୁଥାଏ—1. A person whose body is always full of sores and pus.

କୁଁଚୀ ପୋଚାଯ ୨ । (ସଂ. ପୁଚ୍ଛ ବା ପ୍ରୋଞ୍ଛନ) କାନ୍ଥ ଆଦି ଚୂନ ସଫେଦ କରିବା ପାଇଁ ବ୍ୟବହୃତ ବାଉଁଶ କାଠିର ଅଗରେ ବନ୍ଧା ହୋଇଥିବା ଝୁଡ଼ାକୁଚ ଝୋଟର କୁଚୁସ୍ ବା ତଅଁର—2. A tuft of flax tied to the end of a stick and used as a brush to whitewash walls; whitewashing mop.

୩ । ଘଚଗ୍; ଶଗଡ଼ର ଚକରେ ଅରମାନଙ୍କୁ ଅଟକାଇ ରଖିବା ଖିଲ—3. A peg which tightens the spoke with the rim of a wheel.

୪ । ଶଗଡ଼ର ଚକ ଓ ପହିର ସନ୍ଧିରେ ମରାଯିବା କାଠ ବା ବାଉଁଶର ପତଳା ଖିଲ—4. Thin wedge of wood or bamboo lath driven into the opening between the iron rim and arc of a cart-wheel.

ପୋଚଗ୍ ମାରିବା— ଦେ. କ୍ରି—୧ । ପଚଗ୍ ମାରିବା (ଦେଖ)
Pocharā māribā — 1. Pacharā māribā (See)

୨ । ପରଦୃଷ୍ଟ ସାମାନ୍ୟ ଦୋଷମାନଙ୍କ ଭ୍ରମରୂପେ ସଂଶୋଧନ କରିବା—2. To remedy the minute defects found out in a thing.

୩ । ଅସ୍ଥାୟୀରୂପେ କୌଣସି ଛିଦ୍ର ଆଦି ବନ୍ଦ କରିବା—3. To do a patch work; to stop a gap temporarily.

ପୋଚାଇ—ପ୍ରାଦେ. (ସିଂହଭୂମ) ବି. (ଭୁଲ. ହି. ପଚବାଇ; ବି. ପଚୁଇ)—
Pochāi — ଚାଉଳ, ଯବ ଆଦିକୁ ସଢ଼ାଇ ତାକୁ ସିଝାଇ ଚୁଆଇ ଯେଉଁ ମଦ ତିଆରି କରାଯାଏ—Spirit destilled from fermented rice or barley.

ପୋଚିଆ — ଦେ. ବିଣ — ପୋଚଗ୍ (ଦେଖ)
Pochiā — Pocharā (See)
(ପେଗ୍—ଅନ୍ୟରୂପ)

ପୋଛ— ବୈଦେ. ବି. (ଫା. ପୋଶ୍)— ପୋଶ୍ (ଦେଖ)
Pochh — Poś (See)

ପୋଛ—ଦେ. ବି. (ସଂ. ପ୍ରୋଞ୍ଛନ; ସଂ. ପ୍ର+ଉଞ୍ଛ)—କୌଣସି ପଦାର୍ଥ
Pochha — ଉପରେ ରଙ୍ଗ ଆଦି ପୋଛିବାର ବା ବୋଳିବାର ଥର—
পৌছ ପୌଁଛ 1. Time of laying a paint on a thing.

୨ । ସ୍ତର; ଲେପ—2. Layer.
(ଯଥା—ଏ ସବାସରେ ତିନି ପୋଛ ବାର୍ଣ୍ଣିସ୍ ଲାଗିବ)

୩ । ବଟାଲି ଓ କଟାରି ଆଦି ଶସ୍ତ୍ରର ଯେଉଁ ଅଂଶ ଶାଣ ଦିଆଯାଇ ପାହାଣିଆ ହୋଇଥାଏ—3. The sloping edge of a chised or other weapon.

୪ । ବିନାଶ; ଧ୍ୱଂସ; ସର୍ବନାଶ; ମୂଳପୋଛ—
4. Destruction; ruin; extinction.
ଏଥିରୁ ବଂଶର ହୋଇଯିବ ପୋଛ — କୃଷ୍ଣସିଂହ. ମହାଭାରତ, ସଭା ।

ପୋଛଣି—ପ୍ରାଦେ. (ପୁରୀ) ବି. (ସଂ. ପ୍ରୋଞ୍ଛନ) ନୂଆ ଧରା ଯାଇଥିବା
Pochhaṇi — ବିଷଧର ସାପର ଲାଙ୍ଗୁଡ଼କୁ ବାମ ହାତରେ ଧରି ସାପକୁ ଓହୋଳାଇ ଡାହାଣ ହାତକୁ ମୁଠା କରି ସାପର ଲାଙ୍ଗୁଡ଼ଠାରୁ ମୁଣ୍ଡ ଆଡ଼କୁ ମୁଠାକୁ ଚଳାଇବାରୂପ ଗୁଣିଆର କର୍ମ—The act of passing the right hand by a snake-charmar over the body of a newly caught poisonus snake by holding the tail with the left hand and moving the fisted right palm downwards from the tail toward its head.
(ଦ୍ର—ନିପୁଣ ଗୁଣିଆ ପୋଛଣି କରି ବିଷଧର ସର୍ପକୁ ବଳବୀର୍ଯ୍ୟହୀନ କରି ଦିଏ ଓ ସର୍ପ ଗରଳଗ୍ରନ୍ଥିକୁ ବାନ୍ଧି କରି ପକାଏ । କିନ୍ତୁ ଯେ ନିପୁଣ ଗୁଣିଆ ନୁହେଁ ସେ ପୋଛଣି କଲାବେଳେ ସାପ ଲେଉଟି କରି ତାକୁ ଦଂଶି ଦେଲେ ତାର ମୃତ୍ୟୁ ଘଟେ ।)

ପୋଛ ମାଟି —ଦେ. ବି. —କୁମ୍ଭାରମାନେ ହାଣ୍ଡି ଗଢ଼ି ସାରି ତାହା ଉପରେ
Pochha maṭi — ଯେଉଁ ମାଟିର ସୂକ୍ଷ୍ମ ପ୍ରଲେପ ଦେଇ ହାଣ୍ଡିକୁ ମସୃଣ
পৌঁছা মাছি — କରନ୍ତି—Clay which is rubbed and thinly laid over an earthen pot to make it smooth before it is put into the oven.

ପୋଛା—ଦେ. ବି. (ସଂ. ପ୍ରୋଞ୍ଛନ; ପ୍ରା: ପୋଚ୍ଛଣ)—୧ । ପୋଛିବା—
Pochhā — 1. Wiping.
ମୁଛା ୨ । ଲେପିବା; ବୋଳିବା—
ପୋଁଛନ 2. Besmearing; anointing.
[ଦ୍ର—ଏହି ଅର୍ଥରେ ଏ ଶବ୍ଦ ଲିପା ଶବ୍ଦ ସଙ୍ଗେ ସହଚର ରୂପେ ବ୍ୟବହୃତ; ଯଥା —ଲିପାପୋଛା ।]

ମୁଁଛା ପୌଁଛନ; ପୌଁଛ ୩ । (ସଂ. ପୃଚ୍ଛ ଧାତୁ) ପଚାରିବା—
3. Questioning.
(ଦ୍ର—ଏହି ଅର୍ଥରେ ଏହି ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ସହଚର ରୂପେ ବ୍ୟବହୃତ ହୁଏ; ଯଥା—ଲୁଚାପୋଛା; ଗଣାପୋଛା ।)

୪ । ଯେଉଁ ଟୋକାଇରେ ଗୁହାଳ ଆଦିର ପୋଛା ଯାଉଥିବା ଗୋବର ଓ ଅଳିଆ କଢ଼ାଯାଏ—4 A basket used to remove the sweepings of a cattle-shed.

ବିଣ—୧ । ପୋଛା ହୋଇଥିବା—1. Wiped.

୨ । ଲିପା ହୋଇଥିବା; ଲେପିତ—
2. Anointed; besmeared.

୩ । ପୁଂ. (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—ଗୁହାଳ ପୋଛା ଟୋକା; ଅଇଁଠା ପୋଛା ଚାକର) ଯେ ପୋଛେ—
(ପୋଛି —ସ୍ତ୍ରୀ)
3. Sweeping; wiping.
ବୋଇଲି ଟୋଇଲି କୋହିଲି କଛ
ଅଧିକାର କରି ଗୁହାଳ ପୋଛି – ଉଗ ।

୪ । (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—ଗୁହାଳ ପୋଛା ଟୋକେଇ) ଯାହା ପୋଛା କାର୍ଯ୍ୟରେ ବ୍ୟବହୃତ ହୁଏ—
4. (any thing) Used in connection with sweeping operation.

୫ । (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା— କୋଡ଼ପୋଛା ଟିଙ୍କ ।) ଯାହା ନିଃଶେଷ କରେ—
5. Exhausting; emptying.
ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) ବି—ଅଙ୍ଗପୋଛା; ଗାମୁଛା—
A napkin or rubbing towel.

ପୋଛା(ଛେ)ଇବା—ଦେ. କ୍ରି.—୧ । ପୋଛିବା କ୍ରିୟାର ଣିଜନ୍ତରୂପ—
Pochhā(chhe)ibā 1. The causative form of Pochhibā).
ମୁଛାନ **पौंछवाना**
୨ । ଅନ୍ୟଦ୍ୱାରା ପୋଛିବା କ୍ରିୟା କରାଇବା—
2. To cause another person to sweep or wipe out.
ଦ୍ରୌପଦୀ ବାଳ ଧରି ମୋ ଅଗ୍ରରେ ଅତ
କେ ଥାନ୍ତା ଯମ ହାତେ ନ ପୋଛଇ ପାନ୍ତି—
କୃଷ୍ଣସିଂହ, ମହାଭାରତ, ସଭା ।

ପୋଛା ପୋଛ—ଦେ. ବିଣ.—ପରିଷ୍କୃତ ହୋଇଥିବା—
Pochhā pochha Cleansed.
ତେଣୁ ପୋଛ ହେଉ ଅଲେଙ୍ଗ ଦେହ କୋଷତ,
ଉନକୁ ବନ ଗୋଇ ବସୁଥାଏ ଅତ — କୃଷ୍ଣସିଂହ, ମହାଭାରତ, ଉଦ୍ୟୋଗ ।
ବି.—ପୋଛା ପୋଛି (ଦେଖ)—Pochhā pochhi (See)

ପୋଛା ପୋଛି—ଦେ. ବି.—୧ । ପରସ୍ପର ଦେହକୁ ପୋଛିବା ବା ପରସ୍ପର ଆଖିରୁ ଲୁହ ପୋଛିବା—1. Rubbing of each other's body or wiping of the tears from one another's eyes.
Pochhā pochhi
पोंछापोंछि, मुछामुछि
पोंछा पोंछि
(ପୋଛି ପାଛି—ଅନ୍ୟରୂପ) ୨ । ଗାଧୋଇ ସାରି ବା ମୁହଁ ହାତ ଧୋଇ ସାରି ଦେହରୁ ପାଣି ଆଦି ଗାମୁଛାଦ୍ୱାରା ଉତ୍ତମରୂପେ ପୋଛିବା କର୍ମ—2. The act of wiping out water etc from the body after a wash or bath.
ଗାଧୋଇ ପୋଛା ପୋଛି ହୋନ୍ତେ କୂଳେ ଅସି;
ହେଲେ ଉତ୍ତମ ସୁବେଶ ସେହି ଗଛ ବେଶୀ — କୃଷ୍ଣସିଂହ, ମହାଭାରତ, ଆଦି ।
୩ । କୌଣସି ପାତ୍ରରେ ଥିବା ଦ୍ରବ୍ୟକୁ ସମ୍ପୂର୍ଣ୍ଣରୂପେ ନିଃଶେଷ କରି ପାତ୍ରର ଗାତ୍ରକୁ ପୋଛି ଆଣିବା—3. Emptying a receptacle by wiping out all its contents.
୪ । ଓଦା ଗାମୁଛାରେ ଦେହକୁ ପୋଛିବା—4. Rubbing of one's body with a wet towel.
ବିଣ.—ପୋଛା ପୋଛ (ଦେଖ)—
Pochhā pochha (See)
ଅ.—ପାତ୍ରରୁ ଖାଦ୍ୟ ଆଦି ନିଃଶେଷ କରି ପୋଛିବା ପ୍ରକାରେ—
By wiping out a thing completely from a receptacle.

ପୋଛା ଲଗି—ପ୍ରାଦେ. (ଗଡ଼ଜାତ) ବି.—ରାଜାମାନଙ୍କର ଗାଧୁଆ ପରେ ଗାମୁଛା ଦ୍ୱାରା ଦେହ ପୋଛି ହେବା କର୍ମ—
Pochhā lāgi The act of rubbing the body with a napkin after bath (said of Rajas).

ପୋଛି ପାଛି—ଦେ. କ୍ରି. ବିଣ. (ପୋଛିବା ଓ ସମଧ୍ୱନକ ଅନର୍ଥକ ପାଛିବା କ୍ରିୟାଦ୍ୱୟର ଅସମାପିକା ରୂପ, କ୍ରି. ବିଣ.
Pochhi pāchhi
ପୋଛିପାଛି କରି } ଅନ୍ୟରୂପ ରୂପେ ବ୍ୟବହୃତ)—
ପୋଛାପୋଛି କରି
୧ । ଉତ୍ତମରୂପେ ପୋଛିକରି—
1. By wiping well.
୨ । ସମ୍ପୂର୍ଣ୍ଣରୂପେ ନିଃଶେଷ କରି—
2. By exhausting completely.
୩ । ସମ୍ପୂର୍ଣ୍ଣରୂପେ ପରିଷ୍କୃତ କରି—
3 By cleansing well.

ପୋଛିବା—ଦେ. କ୍ରି. (ସଂ. ପ୍ରୋଞ୍ଛନ ପ୍ରା. ପୋଛଣ)—୧ । ବସ୍ତ୍ର ବା ହସ୍ତ ଦ୍ୱାରା ଶରୀରରୁ ମଳ ଆଦି ପରିଷ୍କାର କରିବା—
Pochhibā
मुछा, पुँछा 1.To wipe the dirt of the body by rubbing with a cloth or with the palm.
पोछना, पोँछना
[ପୋଛା(ଛେ)ଇବା—ଣିଜନ୍ତରୂପ]
ଅତ ମଳିନ ମୋ ଅଙ୍ଗ ଧୂଳି ଧୂସରିତ ହେ ! ପୋଛଣ ଗ୍ରାହକରେ ।
ମଧୁସୂଦନ, ଭଜନମାଳା ।
୨ । ପ୍ରଲେପ କରିବା; ଲିପିବା; ବୋଳିବା—
2 To plaster; to besmear; to anoint.
୩ । ମାର୍ଜନା କରିବା; ଭୂମିରେ ପଡ଼ିଥିବା ଅଇଁଠା ଉଠାଇ ନେଇ ଉକ୍ତ ଭୂମିକୁ ପରିଷ୍କାର କରି ଲିପିବା—
3. To sweep a place clean.
(ଯଥା—ଘର ତଳ ପୋଛିବା, ଗୁହାଳ ପୋଛିବା)—
୪ । ନିଃଶେଷ କରିବା—4. To exhaust.
୫ । ଅଦୃଶ୍ୟ କରାଇବା; ଲୋପ କରିବା—
4 To cause to disappear; to destroy.
କହିବ ମାତାକୁ ସୂତାର ନ ଶୋଚ
ନୃପତେଁ ତାକୁ ପକାଇବ ପୋଛ । ରାଧାନାଥ—ଚନ୍ଦ୍ରଭାଗା ।
୫ । କୌଣସି ସ୍ଥାନରେ ବା ଅଙ୍ଗରେ ଲାଗିଥିବା କୌଣସି ପଦାର୍ଥକୁ ଉଠାଇ ନେଇ ଉକ୍ତ ସ୍ଥାନରେ ଲୁଗା ବା ହାତ ଘଷି ପରିଷ୍କୃତ କରିବା—5. To take away something adhering to a place or the body and cleansing it by rubbing or wiping it with cloth or hand.
ଯଥା—(ଲୁହ ପୋଛିବା, ଝାଳ ପୋଛିବା, ଗୁହ ପୋଛିବା, ଅଇଁଠା ପୋଛିବା, ଶିଂଘାଣି ପୋଛିବା, କଣ୍ଟା ଘାଆରୁ ରକ୍ତ ପୋଛିବା ।)
୬ । କୌଣସି ଲେଖାକୁ ହାତ ବା ଲୁଗାଆଦିଦ୍ୱାରା ଲିଭାଇବା—
6 To wipe out a writing.
ଲେଖିଲୁ ମୋ ଲେଖିଲ ପୋଛ
ତୋ ଉତ୍ତ ରସିକ କେ ଅଛ । ଭୂପତି, ପ୍ରେମପଞ୍ଚାମୃତ ।
୭ । ଓଦା ହୋଇଥିବା ଅଙ୍ଗରେ ବା ସ୍ଥାନରେ ବା ପଦାର୍ଥରେ ବସ୍ତ୍ର ଆଦି ଘଷିତ କରି ଜଳକୁ ଶୁଖାଇବା—7. To rub cloth on a wet limb or place and make it dry.
ତତ୍ୟ ବସନେ ପୋଛ ପାଦ
ଅବନେ ସଖୀ ଗଦ ଗଦ । ଭୂପତି, ପ୍ରେମପଞ୍ଚାମୃତ
୮ । କୌଣସି ଉଚ୍ଚ ସ୍ଥାନକୁ ବା ବୃକ୍ଷାଦିର ଗଣ୍ଡିକୁ କାଟି ଭୂମି ସଙ୍ଗେ ସମତଳ କରିବା—8 To cut a high land or standing tree and make it level with the ground.

(ଯଥା—ଏ ଘରକୁ ମୂଲ ପୋଛ୍ଛ କାଟପକାଅ ।

[ଦ୍ର—ଦ୍ୱିକର୍ମକ ପୋଛ୍ଛବା କ୍ରିୟାର କର୍ମରୂପେ ପୋଛ୍ଛ ହେବା ପଦାର୍ଥ (ଯଥା—ଗୋବର ପୋଛ୍ଛବା) ଓ ପୋଛ୍ଛ ହେବା ସ୍ଥାନ (ଯଥା—ଗୁହାଳ ପୋଛ୍ଛବା) ବ୍ୟବହୃତ ହୁଏ । ଯେବେ ଦୁଇଟିଯାକ କର୍ମ ଏକ ସ୍ଥାନରେ ବ୍ୟବହୃତ ହୁଏ ତେବେ ଗୌଣକର୍ମଟି ୭ମୀ ବିଭକ୍ତି ହୁଏ । ଯଥା—ମୁହଁ ପୋଛ୍ଛବା, ଝାଳ ପୋଛ୍ଛବା, ମୁହଁରୁ ଝାଳ ପୋଛ୍ଛବା ' ଗୁହାଳ ପୋଛ୍ଛବା, ଗୋବର ପୋଛ୍ଛବା, ଗୁହାଳରୁ ଗୋବର ପୋଛ୍ଛବା । ପୋଛ୍ଛବା କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ନେବା, ପକା(କେ)ଇବା, ଅଣିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ. ଯଥା—ପୋଛ୍ଛଦେବା, ପୋଛ୍ଛନେବା ।]

୧୦ । (ସଂ. ପ୍ରଚ୍ଛ ଧାତୁ; କହିବା କ୍ରିୟା ସଙ୍ଗେ ସହଚର ରୂପେ ବ୍ୟବହୃତ; କହିବା ପୋଛ୍ଛବା)—ପଚାରିବା; କହିବା—10. To ask; to speak.

ପୋଛ୍ଛ ହୋଇ ଯିବା—ଦେ. କ୍ରି—୧ । ଲିଭିଯିବା—
Pochhi hoi jibā 1. To be effaced.
୨ । ମନରୁ ବିସ୍ମୃତ ହେବା—2. To be forgotten.

ପୋଛୁଣୀ—ଦେ. ବି (ସଂ. ପ୍ରୋଞ୍ଛନୀ)—ପୋଛ୍ଛବା କନା—Duster; a
Pochhuṇi rag with which something is wiped.
(ପୋଛଣୀ—ଅନ୍ୟରୂପ) ଲକୁଣୀ ପୋଛୁଣୀ ପ୍ରାଏ ହୋଇଛ ଚକୁଣ ।
ପ୍ରତୀ. ବୃନ୍ଦାବନଭ୍ରମଣ ଗୀତା ।

ପୋଟ୍ (ଇତ୍ୟାଦି)—ବୈଦେ. ବି—ପୋର୍ଟ୍ ଇତ୍ୟାଦି (ଦେଖ)
Pot (etc) Port etc (See)
ଦେ. ବି. (ସଂ. ପୃଷ୍ଠ)—ବନ୍ଧା ବହିର ପୃଷ୍ଠାମାନଙ୍କ ପଛଅଡ଼,
ପୋଟ ଯେଉଁ ଅଂଶରେ ସୂତା ଗଳା ଯାଇ ପୃଷ୍ଠାମାନ ପରସ୍ପର ସହିତ
पोट ସିଲାଇ ହୁଏ—The back of the pages of a bound book in which the pages are sewn to one another.

ପୋଠ—ସଂ. ବି. (ପୁଠ୍ ଧାତୁ=ସଂଯୁକ୍ତ ହେବା+ଭାବ. ଅ)—
Poṭa ୧ । ଯୋଗ; ସଂଯୋଗ—1. Joining; connection.
୨ । ଘରର ମୂଳଦୁଆ—2. Foundation of a house.
୩ । ମିଳନ—3. Mixing; meeting.
୪ । ସଦ୍ଭାବ; ମନର ମେଳ—4. Friendship; agreement.
୫ । ସ୍ପର୍ଶ—5. Touch (Apte)
ଦେ. ବି—ପୁଟ (ଦେଖ)—Puṭa (See)

ପୋଟକ—ସଂ. ବି. ପୁଂ (ପୁଟ୍ ଧାତୁ+ଅକ)—ଚାକର; ଭୃତ୍ୟ—
Poṭaka (ପୋଟିକା—ସ୍ତ୍ରୀ) Servant.

ପୋଟଗଳ—ସଂ. ବି. (ପୋଟ=ମିଳନ+ଗଲ୍ ଧାତୁ=ଗମନ କରିବା+
Poṭagaḷa ଅ)—୧ । ନଳ ତୃଣ; କାଣ୍ଡଶର ଘାସ—
(ପୋଟଗଳକ—ଅନ୍ୟରୂପ) 1. A sort of reed; Arunda Tabialis.
୨ । କାଶ ତୃଣ—2. A sort of grass; Saccharum Spontanium.
୩ । ମତ୍ସ୍ୟ—3. Fish.

୪ । ଏକପ୍ରକାର ସାପ (ହି. ଶ)—4. A kind of serpent.

ପୋଟଳ—ସଂ. ବି—(ପୁଟ୍ ଧାତୁ=ସଂଶ୍ଳିଷ୍ଟ ହେବା+ଅଳ)—୧ । ମିଳନ;
Poṭaḷa ସଂଶ୍ଳେଷ; ଯୋଗକରଣ—1. Mixing; joining.
୨ । ଆଲିଙ୍ଗନ—3. Embrace.
୩ । ମୂଳଦୁଆ; ଭିତ୍ତି—3. Foundation.
୪ । ପୋଟଳା; ପୁଡ଼ା—4. Packet; bundle.

ପୋଟଳକ } ଅନ୍ୟରୂପ ଦେ. ବି—ପଟୋଳ (ଦେଖ)—
ପୋଟଳିକା } Paṭola (See)

ପୋଟଳ ଚକୁଳୀ—ଦେ. ବି—(ସଂ.ପୁଟ ଓ ଶଷ୍କୁଲୀ)—ଯେଉଁ ସରୁ ଚକୁଳି
Poṭaḷa chakuḷi ପିଠାର ମଝିରେ ମିଷ୍ଟାନ୍ନ ବା ପୂର ରଖାଯାଇ ଧଡ଼ିମାନଙ୍କୁ ଲେଉଟାଇ ଆଣି ଚଉକୋଣିଆ ଭାଙ୍ଗ କରାଯାଇଥାଏ—A thin pastry cake folded into a square after spreading sweets in the middle; a folded sandwich.

ପୋଟଳା—ଦେ. ବି—(ସଂ. ପୋଟଳିକା)—ପୁଡ଼ା—
Poṭaḷā A packet; bundle; package
पोटला पोटला

ପୋଟଳା ପୋଟଳି—ଦେ. ବି—(ସଂ. ପୋଟଳ)—୧ । ପରସ୍ପର ପ୍ରେମରେ
Poṭaḷā poṭaḷi ଆଲିଙ୍ଗନ କରିବା—1. Mutual
पोटला पुँटली पोटलापोटली embracing.
୨ । ବଡ଼ ଓ ସାନ ପୋଟଳାମାନ; ସବୁ ଲୁଗାପଟା—
2. Small and big packets; bag and baggage.
ଦେ. ବିଣ—ପ୍ରେମାଲିଙ୍ଗନରେ ପରସ୍ପର ଜଡ଼ିତ—
Embracing each other.
ଏରୂପେ କହୁଁ କହୁଁ ଅନନ୍ତ ଲକ୍ଷ୍ମୀତ
ଡେଣ୍ଟେ ସେ ହୋଇଲେ ପୋଟଳା ପୋଟଳି—କୃଷ୍ଣସିଂହ ମହାଭାରତ ଅଦ ।

ପୋଟଳି—ଦେ. ବି—୧ । (ସଂ. ପୋଟଳିକା) ଛୋଟ ପୋଟଳା; ଛୋଟ
Poṭaḷi ପୁଡ଼ା—1. A small packet or package.
पुँटली ୨ । (ସଂ. ପଟଳ) ପଟି—2. Bandage.
पोटली (ଯଥା—ଅଖ ପୋଟଳି ।)
୩ । (ସଂ. ପୋଟଳ) ମିଳନ ବା ସ୍ନେହାଲିଙ୍ଗନ ଉପଲକ୍ଷେ ବନ୍ଧୁର ପ୍ରଦତ୍ତ ଉପଢୌକନ—A present given when a person meets a friend.
(ଯଥା—ନଣନ୍ଦ ପୋଟଳି ।)

ପୋଟଳିକା—ସଂ. ବି—(ପୁଟ୍ ଧାତୁ+ଅଳ+କ+ସ୍ତ୍ରୀ. ଆ)—ପୋଟଳା-
Poṭaḷikā A packet.

ପୋଟଳି ବଣିଆ(ଆଁ)—ଦେ. ବି—(ସଂ. ପୋଟଳକ+ବଣିକ; ଏମାନେ
Poṭaḷi baṇiā(āṅ) ମସଲା ଅଦର ପୋଟଳା ବାନ୍ଧି ଗଉଁଗାଁକୁ
गन्धबेने ବୁଲନ୍ତି—ଗନ୍ଧ ବଣିକ; ଯେଉଁ ବଣିଆମାନେ ମସଲା
पंसारी ଅଦ ବିକନ୍ତି—A caste of druggists or traders in spices and condiments.

ପୋଠା—ସଂ. ବି—(ସଂ. ପୁଠ୍ ଧାତୁ=ସଂଯୁକ୍ତ ହେବା+କର୍ତ୍ତୃ. ଅ । -ସ୍ତ୍ରୀ.
Poṭhā ଆ)—୧ । ପୁରୁଷଲକ୍ଷଣଯୁକ୍ତା ସ୍ତ୍ରୀ; ପୁଂଲକ୍ଷଣା ସ୍ତ୍ରୀ; ଯେଉଁ ସ୍ତ୍ରୀର ସ୍ତନ ନ ଥାଇ ଦାଢ଼ି ଅଦ ଥାଏ—1. A woman with the signs of a male (such as mustache) a masculine woman; amazon.

ସଙ୍ଗତରେ ଆଗତ ତା ପୋଟ। ଗୋଟାଏ
ୀାର ସନ୍ଧି ଜଃ ହୋଇ ପ୍ରକଟ ହୁଏ – ଭକ୍ତ କୋତୁକୃଷ୍ଣସୁନ୍ଦରୀ।

୨ । ସ୍ତ୍ରୀଲକ୍ଷଣଯୁକ୍ତ ପୁରୁଷ—2. Hermaphrodite; a male with decidedly female characteristics.

୩ । ପୋଇଲି; ଦାସୀ—
3. Female servant; a maid servant.

ଦେ. ବି. (ସଂ. ପୁଟ=ଥଳି)—୧ । ମାଛର ପୁଟି—
1. The bladder of fish.

୨ । ମାଛର ବା ଛେଳିର ଅନ୍ତ୍ରବୁଜୁଳା—
2. The viscera of an animal; entrails.

ଦେ.ବିଣ.(ପୁଂ)—ଯେଉଁ ବ୍ୟକ୍ତିର ପେଟ ଅାଦର ମାଂସର ପୁଟି ଝୁଲୁ ଥାଏ-- (ପୋଟୀ, ପୋଟେଇ—ସ୍ତ୍ରୀ) (a person) Whose fleshy folds bulge out from the belly.

ପୋଟା(ଟ)ଳିବା—ପ୍ରାଦେ.(ସମ୍ବଲପୁର ଓ ଗଞ୍ଜାମ) କ୍ରି.—(ସଂ. ପୋଟଲ)—
Potā(ṭa)liba ଅାଲିଙ୍ଗନ କରିବା; କୁଣ୍ଢାଇବା—To embrace.
ତଦନ୍ତେ କୃଷ୍ଣ ଅର୍ଜୁନଙ୍କୁ ପୋଟାଳିଲେ।
କୃଷ୍ଣସିଂହ. ମହାଭାରତ । ସଭା।

[ଦ୍ର— ବୋହୂ ଶାଶୁଘରକୁ ପହିଲିପାଳି ଯିବା ସମୟରେ ନଣନ୍ଦ ପାଇଁ ଖଣ୍ଡିଏ ଶାଢ଼ୀ, ଓ ପାନିଅା, ଫରୁଅା ଅାଦି ଗୋଟିଏ ପେଡ଼ିରେ ନେଇ ଥାଏ, ତାକୁ ନଣନ୍ଦ ପୋଟଳି କୁହାଯାଏ। ପ୍ରଥମେ ଶାଶୁଘରେ ପାଦ ଦେବା ମାତ୍ରେ ନଣନ୍ଦ ଦେହଳୀଠାକୁ ଅାସି ନୂଅା ବୋହୂକୁ ଅଭିନନ୍ଦନ ଓ ଅାଲିଙ୍ଗନ କରି ଘରକୁ ନିଏ । ସେହି ସମୟରେ ବୋହୂ ନଣନ୍ଦଙ୍କୁ ଉକ୍ତ ନଣନ୍ଦ ପୋଟଳି ଉପଢୌକନ ଦିଏ। ବୋହୂ ଓ ନଣନ୍ଦଙ୍କ ପ୍ରଥମ ମିଳନ ବା ସ୍ନେହାଲିଙ୍ଗନର ଉପହାର ସ୍ୱରୂପ ଏହା ଦିଅା ଯିବାରୁ ଏହାର ନାମ ନଣନ୍ଦ ପୋଟଳି ହୋଇ ଥିବାର ସମ୍ଭବ । ପୁରୀ କଟକ ଅାଦି ଅଞ୍ଚଳରେ ଅାଲିଙ୍ଗନ ଅର୍ଥରେ 'ପୋଟଳିବା' ଶବ୍ଦର ଏହିଠାରେ ମାତ୍ର ବ୍ୟବହାର ଦେଖାଯାଏ, ଅନ୍ୟତ୍ର ଦେଖାଯାଏ ନାହିଁ । କିନ୍ତୁ ଗଞ୍ଜାମ ଓ ସମ୍ବଲପୁରରେ ପୋଟଳିବା, ପୋଟାଳିବା ଅାଲିଙ୍ଗନ କରିବା ଅର୍ଥରେ ବ୍ୟବହୃତ ହୁଏ । କୃଷ୍ଣସିଂହ ମହାଭାରତରେ ମଧ୍ୟ ଏ ଶବ୍ଦ ଅନେକ ଥର ବ୍ୟବହୃତ ହୋଇ ଅଛି । 'ପୋଟାଳିବାର' ଅାଲିଙ୍ଗନ କରିବା ଅର୍ଥ ଗଞ୍ଜାମ ଓ ସମ୍ବଲପୁର ଅଞ୍ଚଳରେ ଚଳେ କିନ୍ତୁ ଏ ଦୁଇ ଅଞ୍ଚଳର ମଧ୍ୟବର୍ତ୍ତୀ ପୁରୀ କଟକ ଅଞ୍ଚଳରେ ଚଳେ ନାହିଁ କାହିଁକି ?]

ପୋଟାସ୍—ବୈଦେ. ବି. (ଇଂ. ପୋଟାଶ୍)—ବୃକ୍ଷ ଅାଦିର ପାଉଁଶକୁ
Potās ପାଣିରେ ଗୋଳାଇ ଛାଣିଲେ ପାତ୍ରର ତଳେ ଯେଉଁ ଲୁଣ
ପୋଟାସ **पोटास** ପରି ବସ୍ତୁ ବସି ଯାଏ—Potash.

ପୋଟିକ—ସଂ. ବି. (ପୁଟ୍ ଧାତୁ+ଇକ)—୧ । ବିସ୍ଫୋଟକ—
Poṭika 1 Eruption.
୨ । ବଥ—2. A boil.

ପୋଟୀ—ସଂ. ବି. (ପୋଟ+ଈ)—ବୃହତ୍ କୁମ୍ଭୀର—
Poṭi A large alligator.
ଦେ. ବି. ସ୍ତ୍ରୀ.—ପୋଟେଇ—(ଦେଖ)—Poṭei (See)

ପୋଟେଇ—ଦେ. ବିଣ.ସ୍ତ୍ରୀ—୧ । ନିୟମିତରୂପେ ଯେଉଁ ସ୍ତ୍ରୀର ଋତୁ ମାସକୁ
Poṭei ମାସ ହେଉ ନ ଥାଏ—1. (a woman) Whose monthly course is not regular.

୨ । ଯେଉଁ ସ୍ତ୍ରୀର ମାଂସବଳୀ ପେଟ ଅାଦିରୁ ଓହୋଳ ପଡ଼ି ଥାଏ; ସ୍ଥୂଳକାୟା ସ୍ତ୍ରୀ—2. (a woman) Whose flesh bulges out of the belly in folds; fat.

ପୋଟଳିକା—ସଂ. ବି. (ପୁଟ୍ ଧାତୁ+ଅଳ+କ+ସ୍ତ୍ରୀ. ଅା)—ପୋଟଳୀ;
Poṭṭalikā ପୁଡ଼ା—Bundle; packet; a parcel.
(ପୋଟୁଳୀ—ଅନ୍ୟରୂପ)

ପୋଡ଼—ଦେ. ବି. (ସଂ. ପୁଟ୍ ଧାତୁ)—୧ । ପୋଡ଼ିବା; ଦାହ—
Porḍa ପୋଡ଼ **ताव** 1. Burning.
୨ । ତତାଇବା; ଉତ୍ତାପନ—2. Heating a thing in fire.
୩ । ଇଟା ବା ହାଣ୍ଡି ଅାଦି ନିଅାଁରେ ପୋଡ଼ା ହେବାର ପ୍ରକାର—
3. The quality of a brick or earthen pot after it is burnt.
(ଯଥା—ଏ ଇଟାର ଭଲ ପୋଡ଼ ହୋଇଛି ।)
ପ୍ରାଦେ. (ସମ୍ବଲପୁର) ବି.—ପୋଡ଼; ଅଣ୍ଡିରା ମଇଁଷି—
A male buffalo.
ବିଣ.—ବଡ଼—Great.

ପୋଡ଼ନ୍ତା—ଦେ. ବିଣ.—୧ । ଜଳୁ ଥିବା; ପୋଡ଼ୁଥାଉ ଥିବା—
Porḍantā 1. Burning; blazing.

ପୋଡ଼ ପତ୍ରୀ—ପ୍ରାଦେ. (ଗଞ୍ଜାମ) ବି.—ପୁଟପତ୍ରୀ (ଦେଖ)
Porḍa patri Puṭa patri (See)

ପୋଡ଼ ପାଡ଼—ଗ୍ରା. ବିଣ. (ପୁଂ ଓ ସ୍ତ୍ରୀ)—୧ । (ଗାଳିରେ ବ୍ୟବହୃତ) ଅତି
Porḍa pārḍa ମନ୍ଦ ବା ହୀନ (ବ୍ୟକ୍ତି); ପୋଡ଼ାମୁହାଁ—
ପୋଡ଼ାମୁହେଁ 1. Very bad (person); vile.
୨ । ସମ୍ପୂର୍ଣ୍ଣରୂପେ ଦଗ୍ଧ—2. Completely burnt.

ପୋଡ଼ ପିଠା—ଦେ. ବି. (ସଂ. ପୁଟ ଓ ପିଷ୍ଟକ)—ଗୁଡ଼ିଲ ଓ ବିରି ବଟାରେ
Porḍa piṭhā ପିଠା ଓ ମସଲା ଅାଦି ଗୋଳ ତାକୁ
(ପୁଡ଼ପିଠା—ଅନ୍ୟରୂପ) କଦଳୀ ପତ୍ରରେ ପିଣ୍ଡୁଳା କରି ବାନ୍ଧି ପାଉଁଶ
ପୋଡ଼ା ପିଠା ମଧ୍ୟରେ ପୋତି ଉପରେ ଓ ତଳେ ଦହକ ନିଅାଁ ର
लिट्टी; दाल पीठा ଉତ୍ତାପରେ ସିଦ୍ଧ କରି ପ୍ରସ୍ତୁତ କରିବା ପିଠା—
A cake made of a packet containing kneaded and sweetened flour-paste baked inside a heap of live charcoal and hot ashes.

ପୋଡ଼ ପୋଡ଼—ଦେ. ବିଣ.—ଉତ୍ତମରୂପେ ପୋଡ଼ି ଯାଇଥିବା (ପିଠା
Porḍa porḍa ଅାଦି)—Well-burnt (cake etc).

ପୋଡ଼ା—ଦେ. ବି. (ସଂ. ପୁଟ୍ ଧାତୁ)—୧ । ଦଗ୍ଧ କରିବା; ଦହନ—
Porḍā 1. Burning.
ପୋଡ଼ାନ ୨ । ଶରୀରର ଦାହ; ଜ୍ୱାଳା—2. Inflammation;
दहन burning pain.
୩ । ନିଅାଁରେ ପକାଇ ସିଦ୍ଧ କରାଯିବା ଫଳ ଅାଦି—
3. A thing dressed by being put into fire.
(ଯଥା—ବାଇଗଣ ପୋଡ଼ା, ମାଛ ପୋଡ଼ା ଇତ୍ୟାଦି ।)
୪ । ନିଅାଁ ଲଗାଯିବା—4. Being set on fire.
ବଣ ଦାଣୀ ଦନ ବେବ ମହୁଁ ପୋଡ଼ା—ଚର।

ବିଣ—୧ । ଦଗ୍ଧ—1. Burnt ;scorched; charred; parched.
ପোড়া **জলাহুআ**

୨ । ଭସ୍ମୀଭୂତ—2. Reduced to ashes.

୩ । ତାପିତ; ସନ୍ତପ୍ତ—3. Sorrowing; afflicted with sorrow.

ଏ ଦାରୁଣ ବତାକରେ ଦଧ ମୋର ପୋଡ଼ା ପ୍ରାଣ ରହୁଅଛି ।
ରାଧାନାଥ, ପାର୍ବତୀ କାବ୍ୟର ଉପସଂହାର ।

୪ । ତୁଚ୍ଛ; ଘୃଣ—4. Despised; despicable; vile.

୫ । ବ୍ୟର୍ଥ—5. Useless; fruitless.

୬ । ଅତି ମନ୍ଦ—5. Very bad; worst.

୭ । (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ, ଯଥା—ଲଙ୍କାପୋଡ଼ା ବାନର) ଯେ ପୋଡ଼ି ଦିଏ—7. One who sets fire to; incendiary.
(ପୋଡ଼ୀ – ସ୍ତ୍ରୀ)

୮ । ଯାହା ପୋଡ଼ି ଯାଇଥାଏ—8. Burnt.
(ଯଥା—ପୋଡ଼ା ତିଅଣ ।)

ପୋଡ଼ା(ଡ଼େ)ଇବା—ଦେ. କ୍ରି—୧ । ପୋଡ଼ିବା କ୍ରିୟାର ଣିଜନ୍ତ ରୂପ—
Porḍā(rḍe)ibā 1. The causative form of Porḍibā.
পোড়ান ୨ । ଅନ୍ୟ ଦ୍ୱାରା ପୋଡ଼ିବା କ୍ରିୟା କରାଇବା—
जलाना 2. To cause to be burnt.

ବାସ ଘର ରେ ବେଢ଼ାଇ
ବହ୍ନିରେ ଦେଲ ପୋଡ଼ାଇ । ଭକ୍ତ. ବୈଦେହୀଶବିଳାସ ।

ପୋଡ଼ା କପାଳ—ଦେ. ବି—ମନ୍ଦ ଭାଗ୍ୟ—
Porḍā kapāla Ill fortune; bad luck.
পোড়া কপাল **जला भाग्य, जला किस्मत**

ପୋଡ଼ା କପାଳିଆ—ଦେ. ବିଣ—ମନ୍ଦଭାଗ୍ୟ; ହତଭାଗ୍ୟ—
Porḍā kapālia Unfortunate; unlucky.
(ପୋଡ଼ା କପାଳୀ—ସ୍ତ୍ରୀ) পোড়া কপালিয়া **जली किसमत वाला**

ପୋଡ଼ା ଘା—ଦେ. ବି—ନିଆଁରେ ପୋଡ଼ିଯିବା ଦ୍ୱାରା ଦେହରେ ଯେଉଁ ଘାଅ ହୋଇ ଥାଏ—A sore produce by fire; burn.
Porḍā ghā
(ପୋଡ଼ା ଘାଅ—ଅନ୍ୟରୂପ) পোড়া ঘা **जला घाव**

ପୋଡ଼ା ଘାରେ ଚୂନ ଦେବା—ଦେ. କ୍ରି—(ଲକ୍ଷଣାର୍ଥ) ବେଦନା ଅନୁଭବ କରୁଥିବା ବ୍ୟକ୍ତିକୁ ଅଧିକ ବେଦନା ଦେବା—
Porḍā ghāre chūna debā
পোড়া ঘায়ে চুন দেওয়া
जलेपर नमक छींटना (figurative) To add to one's misery.

[ପୋଡ଼ା ଘାରେ ଲୁଣ ଦେବା(ମାଡ଼ିବା), ପୋଡ଼ା ଘାରେ ଚୂନ ମର୍ଦ୍ଦା(ଡ଼େ)ଇବା,ପୋଡ଼ା ଘାରେ ଚୂନ ମାଡ଼ିବା—ଅନ୍ୟରୂପ)

ପୋଡ଼ା ତିଅଣ—ଦେ. ବି—ଯେଉଁ ତିଅଣ ଅତ୍ୟଧିକ ଜାଳ ଯୋଗୁଁ ବିସ୍ୱାଦ ହୋଇଯାଏ—Overburnt curry.
Porḍā tiaṇa
পোড়া তরকারী **जली हुइ तरकारी, जला हुआ तीमन**

ପୋଡ଼ା ତିହୁଡ଼ି—ପ୍ରାଦେ. (ଗଞ୍ଜାମ) ବି. (ସ. ଭୁବସ୍ତ୍ରୀ)—ହରଡ଼—
Porḍā tihurḍi A pulse; Cayanus Indicus

ପୋଡ଼ା ନାରଙ୍ଗ(ଙ୍ଗା)—ଦେ. ବି—ଶିଶୁମାନଙ୍କ ମୁହଁରେ ଓ ଦେହରେ ହେବା ଠେକା ଠେକା ଫୋଟକା ପରି ବ୍ରଣ ରୋଗବିଶେଷ—
Porḍā nāraṅga(ṅgā)
পোড়া নারঙ্গা **अगिया घाव**
A kind of eruption bursting out on the limbs and face of infants.

[ଦ୍ର—ଶିଶୁକାଠର ତେଲ ଲଗାଇଲେ ଏହା ଭଲ ହୁଏ ।]

ପୋଡ଼ା ପେଟ—ଦେ. ବି. (ଭୁଲ. ସ. ଦଗ୍ଧୋଦର)—
Porḍā peṭa ଭୁକ୍ତ ଉଦରଜ୍ୱାଳାରେ ଦୁର୍ଦ୍ଦ ଉଦର; କ୍ଷୁଧାର ଜ୍ୱାଳା—
পোড়া পেট The ignoble cravings of hunger.
मुआ पेट

ଏବେ ଅନେକ ରୂପ କଲ୍ପନ ଏ ପୋଡ଼ା ପେଟ ହେ ।
ଗୋବିନ୍ଦ, ଶୋକଶ୍ଳୋକ ।

ପୋଡ଼ା ମାଟି—ଦେ. ବି—ଚୁଲି ଭିତରର ମାଟି (ଯାହାକି ଅଗ୍ନି ସଂଯୋଗରେ ଉତ୍ତମ ରୂପେ ଦଗ୍ଧ ହୋଇଥାଏ)-
Porḍā māṭi
পোড়া মাটি Burnt earth from the walls of an oven.
पकी मीटी

[ଦ୍ର—ଏହାକୁ କେହି କେହି ଗର୍ଭିଣୀ ଖାଇବାକୁ ସୁଖ ପାଆନ୍ତି ।]

ପୋଡ଼ା ମୁହାଁ—ଦେ. ବିଣ. ପୁଂ. (ଗାଳିରେ ବ୍ୟବହୃତ)—
Porḍā muhāṅ ୧ । ମୁହଁପୋଡ଼ା; ଯାହାର ମୁହଁ ପୋଡ଼ି ଯାଇଅଛି
(ପୋଡ଼ାପାଡ଼ମୁହାଁ – ଅନ୍ୟରୂପ) 1. Having a burnt or charred face.
(ପୋଡ଼ାମୁହୀଁ — ସ୍ତ୍ରୀ)
পোড়ার মুখ, পোড়ার মুখে ୨ । ଅମଙ୍ଗଳକ—2. Bringing ill luck.
मुहँ जला

୩ । ଅସୁନ୍ଦରମୁହାଁ—3. Having an ugly face.

ପୋଡ଼ା ମୁଢ଼ି—ଦେ. ବି – (ପୋଡ଼ା ମୁଢ଼ି ପରି) ଅଖାଦ୍ୟ ମୂଲ୍ୟହୀନ ବସ୍ତୁ—
Porḍā murḍhi A worthless and valueless thing (as burnt parched rice

[ଯଥା—ମୁଁ ତାଙ୍କ ଘରେ ଦୁଇ ଦିନ ଉପବାସ ରହିଲି ଯେ ମୋତେ ପୋଡ଼ା ମୁଢ଼ି ଗଣ୍ଡାଏ ସୁଦ୍ଧା କେହି ଖାଇବାକୁ ଦେଲେ ନାହିଁ ।]

ପୋଡ଼ା ମୁହାଁ ବାନର—ଦେ. ବି. ପୁଂ. (ଗାଳିବିଶେଷ)—
Porḍā muhāṅ bāndara ୧ । ଅସୁନ୍ଦରମୁହାଁ ବ୍ୟକ୍ତି—
মুখ পোড়া বাঁদর 1. A person with a very ugly face.
काला मुहँका बन्दर ୨ । ହନୁ ମାଙ୍କଡ଼—1. Black-faced monkey; Entellus.
(ପୋଡ଼ା ମୁହାଁ ବାନରୀ—ସ୍ତ୍ରୀ)

[ଦ୍ର—ହନୁ ମାଙ୍କଡ଼ ମୁହଁ କଳା ଦେଖା ଯାଉଥିବାରୁ ଲୋକେ କହନ୍ତି ଯେ ହନୁମାନ ଲଙ୍କା ପୋଡ଼ି ସାରି ଲଙ୍ଗୁଳ ପାଉଁଶକୁ କରତଳରେ ମଳି ମୁହଁରେ ବୋଳି ଦେଇଥିବାରୁ ଓ ପାଉଁଶ ଉପରେ ଗୁଡ଼ି ଥିବାରୁ ତାହାର ବଂଶଧରମାନଙ୍କ ମୁହଁ, ପାଦ ଓ ଲେଞ୍ଜ କଳା ହୋଇଗଲା ।]

ପୋଡ଼ା ଶଙ୍କର(ରା)—ଦେ. ବି—ଚିଲିକାରେ ଦେଖାଯିବା ଏକପ୍ରକାର ପକ୍ଷୀ—A species of birds found in the Chilka lake.
Porḍā śaṅkara(rā)

ପୋଡ଼ି—ଦେ. ବି—(ଅନ୍ୟ ଶବ୍ଦ ସଙ୍ଗେ ଲାଗେ, ଯଥା—ଘର ପୋଡ଼ି; ବଣ ପୋଡ଼ି)—ଅଗ୍ନି ସଂଯୋଗରେ ଦାହ—Burning.
Porḍi
পুড়ী **जली**

ପୋଡ଼ିଆ—ଦେ. ବିଣ—(ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ)—ପୋଡ଼ା ୭ ଓ ୮ (ଦେଖ)—Porḍā 7 and 8 (See).
Porḍia

ପୋଡ଼ି ଖାଇବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ସର୍ବଥା ତ୍ୟାଗ କରିବା—
Porḍi khāibā 1. (figurative) To give up altogether.
পুড়েখাওয়া

(ଯଥା—ଏବେ କୁଅଁରୁଣୀମାନେ ଘରକୁ ପୋଡ଼ି ଖାଇଲେଣି ।)
୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ସର୍ବନାଶ ଘଟାଇବା—
2. (figurative) To cause a person's ruin.
୩ । ପାଶୋରି ପକାଇବା—3. To forget.

ପୋଡ଼ି ଦେବା—ଦେ. କ୍ରି—୧ । କୌଣସି ବସ୍ତୁକୁ ଅଗ୍ନି ଦ୍ୱାରା ଭସ୍ମୀଭୂତ କରିବା—1. To burn to ashes.
Pordi deba
ପୁଡ଼େଦେଓୟା ୨ । (ଲକ୍ଷଣାର୍ଥ) ବିନାଶ କରିବା; ନଷ୍ଟ କରିବା—
जला देना 2. (figurative) To destroy.
(ଯଥା—କାଳର ପଦ୍ମବନକୁ ପୋଡ଼ିଦେଲା ।)
୩ । ନ ମାନିବା—3. To disregard; to ignore.
[ପୋଡ଼ି ପକା(କେ)ଇବା—ଅନ୍ୟରୂପ] ତୋ ସ୍ନେହ ଘିଅ ପାନ କରୁ
ବଧ୍ୟ ନଷେଧ ପୋଡ଼ି ଦେଲୁ—ଭୂ. ଦେ. ପ୍ରେମପଞ୍ଚାମୃତ ।
୪ । (ନିଆଁରେ ନଷ୍ଟ କରିବାଭଳି ବା ଅଙ୍ଗାର କରିବା ଭଳି) କୌଣସି ପଦାର୍ଥକୁ ନଷ୍ଟ ବା କଳା କରିଦେବା—
4. To spoil or turn a thing black (as if it were burnt by fire; to char.
(ଯଥା—ଭୁକୁଡ଼ି ଆମ୍ବଭଉଁଳସାକ ପୋଡ଼ି ଦେଲା)

ପୋଡ଼ିପାଡ଼ି ଦେବା—ଦେ. କ୍ରି—(ନିରର୍ଥକ ସହଚର ଶବ୍ଦ)—
Pordipardi deba ୧ । ନିଃଶେଷ ରୂପେ ପୋଡ଼ି ଦେବା—
जलाकरखाक्‌करदेना 1. To burn a thing to ashes.
(ଯଥା—ସୈନ୍ୟମାନେ ଗ୍ରାମକୁ ପୋଡ଼ିପାଡ଼ି ଦେଲେ)
୨ । (ଲକ୍ଷଣାର୍ଥ) ସର୍ବଥା ମନରୁ ପାଶୋରି ଦେବା—
2. (figurative) To forget a thing totally.

ପୋଡ଼ିପାଡ଼ି ଯିବା—ଦେ. କ୍ରି—ସମ୍ପୂର୍ଣ୍ଣରୂପେ ଭସ୍ମୀଭୂତ ହେବା—
Pordipardi jiba To be burnt to ashes.
मटिआमेटहोना; खाकहोजाना

ପୋଡ଼ିବା—ଦେ. କ୍ରି—(ସଂ. ପ୍ଳୁଷ ଧାତୁ)—୧ । (ସକର୍ମକ) ତତାଇବା; ନିଆଁରେ ଉତ୍ତପ୍ତ କରିବା—1. To heat in fire.
Pordiba
ପୁଡ଼ା, পোড়া जलाना,जलना (ଯଥା—ସୁନାକୁ ବଣିଆ ପୋଡ଼େ)
୨ । (ସକର୍ମକ) ନିଆଁ ଲଗାଇବା; ଅଗ୍ନି ସଂଯୋଗ କରିବା—
2. To set fire to; to burn.
(ଯଥା—ଘର ପୋଡ଼ିବା)
୩ । (ଅକର୍ମକ) ନିଆଁ ଲାଗିଲା ପରି ଜ୍ୱାଳା କରିବା—
3. To have a burning sensation or inflammation of any limb.
(ଯଥା—ମୋ ଗୋଡ଼ ହାତ ପୋଡ଼ୁଛି; ଲଙ୍କାମରିଚ ଖାଇ ମୋ ପାଟି ପୋଡ଼ୁଛି)
୪ । (ସକର୍ମକ) ନିଆଁ ଲଗାଇ ଭସ୍ମୀଭୂତ କରିବା—
4 To turn into ashes by setting fire.
(ଯଥା—ଲୁଣ୍ଠାଗଦାକୁ ପୋଡ଼ିବା)
୫ । (ଅକର୍ମକ) (ମନ) ଦୁଃଖରେ ବା ଚିନ୍ତାରେ ସନ୍ତପ୍ତ ହେବା—
5. (one's mind) To be afflicted with grief or anxiety.
ବଣ ପୋଡ଼ିଲେ(୧୪)ଦୁନିଆ ଜାଣେ, ମନ ପୋଡ଼ିଲେ(୫) କେହି ନଜାଣେ—ତଗ ।
୬ । (ସକର୍ମକ) ବିନାଶ କରିବା—6. To destroy.
୭ । (ଅକର୍ମକ) ବିନଷ୍ଟ ହେବା—7. To be destroyed.
ପୋଡ଼ୁ ଏ ଦେହକୁ ତକ୍ଷଣ
କେ ବୋଲେ କର୍ଣ୍ଣେ ଘାତ ଶୁଣ—ଜଗନ୍ନାଥ. ଭାଗବତ ।
୮ । (ସକର୍ମକ) ଶବଦାହ କରିବା; ଚିତାନଳରେ ଭସ୍ମୀଭୂତ କରିବା—8. To cremate a dead body.
ଅଷ୍ଟକ ବୋଇଲେ ସେ ହୋଇଥାଏ ମୃତ
ପୋଡ଼ନ୍ତୁ ପୋତନ୍ତୁ ବା ତାହାକୁ ଭୂତତ—କୃଷ୍ଣସିଂହ ମହାଭାରତ ଅଦ ।
ପୋଡ଼, ପୋଡ଼, ପଚା, ଏ ଉନଟି ଏକା—ତଗ ।
୯ । (ସକର୍ମକ) ଅଳ୍ପ ସନ୍ତପ୍ତ କରିବା; ଉତ୍ତପ୍ତ କରିବା—
9. To scorch.
୧୦ । (ସକର୍ମକ) ଅଗ୍ନି ଉପରେ ପକାଇ ସିଦ୍ଧ କରିବା—
10. To dress or roast a thing in fire.
(ଯଥା—ମାଛ ପୋଡ଼ିବା, ବାଇଗଣ ପୋଡ଼ିବା)
୧୧ । (ସକର୍ମକ) ଅଙ୍ଗାର ବା କୋଇଲା ତିଆରି କରିବା ପାଇଁ କାଠକୁ ନିଆଁରେ ଦଗ୍ଧ କରିବା—
11. To burn wood into charcoal; to char.
୧୨ । (ସକର୍ମକ) ଖାର ଉତ୍ପାଦନ କରିବା ପାଇଁ କଦଳୀ ବାସୁଙ୍ଗାକୁ ଦଗ୍ଧ କରିବା—12. To burn the branches and stems of plantain trees to produce alkali.
୧୩ । (ସକର୍ମକ)ପୋଡ଼ା ଇଟା ଉତ୍ପାଦନ କରିବା ପାଇଁ ବା ପୋଡ଼ା ହାଣ୍ଡି କରିବା ପାଇଁ କଞ୍ଚାଇଟାକୁ ବା କଞ୍ଚାହାଣ୍ଡିକୁ (ଭାଟିରେ ବା ଭୁହାରେ) ଦଗ୍ଧ କରିବା—13. To burn bricks and earthen pots in ovens.
୧୪ । (ଲକ୍ଷଣାର୍ଥ) (ସକର୍ମକ) ପାଶୋରି ଦେବା; ଭୁଲିଯିବା—
14. (figurative) To forget; to commit into oblivion.
୧୫ । (ଅକର୍ମକ) ପୋଡ଼ିଯିବା; ଦଗ୍ଧ ହେବା—
15. To be on fire.
[ଦ୍ର—୧ । କୌଣସି ଦ୍ରବ୍ୟକୁ ପୋଡ଼ିଲେ ତାହା ଅଙ୍ଗାର ବା ପାଉଁଶ ହୋଇଯାଏ । ପୋଡ଼ିବା ଦ୍ୱାରା ଯେଉଁ ବସ୍ତୁ ଉତ୍ପନ୍ନ ହୁଏ ସେହି ବସ୍ତୁ ସଙ୍ଗେ ପୋଡ଼ିବା କ୍ରିୟା ଲଗାଯାଏ ଯଥା—ଧୋବା ଖାର ପୋଡ଼ୁଅଛି, କୁମ୍ଭାର ହାଣ୍ଡି ପୋଡ଼ୁଛି, ଖଅର ଅଙ୍ଗାର ପୋଡ଼ୁଛି । ଯଥାର୍ଥରେ ଖାର, ହାଣ୍ଡି ବା ଅଙ୍ଗାରକୁ ପୋଡ଼ାଯାଏ ନାହିଁ, କିନ୍ତୁ କଦଳୀବାସୁଙ୍ଗା, କଞ୍ଚା ହାଣ୍ଡି ବା କଞ୍ଚା କାଠକୁ ପୋଡ଼ି ଯଥାକ୍ରମେ ଖାର, ପୋଡ଼ାହାଣ୍ଡି ଓ ଅଙ୍ଗାର ତିଆରି କରାଯାଏ—
[ଦ୍ର—୨ । ପୋଡ଼ିବା କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା, ପକା(କେ)ଇବା, ଯିବା ଆଦି କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ପୋଡ଼ିଯା—ଦେ. ଅ. (ଗାଳି ବା ଅଭିଶାପରେ ବ୍ୟବହୃତ)—
Pordija ଭୁ ଭସ୍ମୀଭୂତ ହୋ !—(a curse) Be burnt down ! go to ashes !
পুঁড়েযা आग लगजाओ

ପୋଡ଼ି ଯାଉ—ଦେ. ଅ. (ଖେଦ ବା ବିରକ୍ତିବ୍ୟଞ୍ଜକ ଉକ୍ତି)—
Pordi jau ୧ । ଛାଡ଼ ସେ କଥା ! ଅମୁକ ବିଷୟରେ ଉଲ୍ଲେଖ କରନା—1. Dont mentaion the subject.
পুড়েযাক
आगलगे
(ଯଥା—ମୋ ବଡ଼ କଥା ପୋଡ଼ି ଯାଉ ! ମୋ ବାବାଙ୍କ ବଡ଼ ତ ଭଲ ହେବାକୁ ନାହିଁ ।)

୨ । (ଅମୁକ ବସ୍ତୁ ବା ବିଷୟ) ଥିଲେ କେତେ, ଗଲେ କେତେ ?; (ଉକ୍ତ ପ୍ରସଙ୍ଗ ବା ବସ୍ତୁ) ଚୁଲିକି ଯାଉ—2. Damn (the matter) ! I care a fig for it ! Let it go to dogs

ବୁଢ଼ା ମାଙ୍କଡ଼ରେ ବୁଢ଼ା ମାଙ୍କଡ଼ ! (ମୋ) ବର କୋଳ ପାଉଛ;
ପୋଡ଼ି ଯାଉ ତୋ ବରକୋଳ, ମୋ ହାତକ ଛାଡ଼ର।
ବୁଢ଼ାମାଙ୍କଡ଼ କାହାଣୀ ।

ପୋଡ଼ି ଯିବା—ଦେ. କ୍ରି. (ପୋଡ଼ିବା କ୍ରିୟାର କର୍ମବାଚ୍ୟରୂପ)—
Pordi jibā ୧ । ଦଗ୍ଧ ହେବା—1 To be burnt.
पुड़े याओआ ୨ । ଭସ୍ମୀଭୂତ ହେବା ବା ଅଙ୍ଗାରରେ ପରିଣତ ହେବା—2. To be burnt to ashes; to be charred.
जल जाना
୩ । ନିଆଁ ଲାଗିବା—3. To be on fire.
୪ । ଅତି ଉତ୍ତପ୍ତ ହେବା—4. To be scorched.
୫ । ଯେତେ ପରିମାଣରେ ଅଗ୍ନିରେ ସିଝିବା ହେବାର କଥା, ତହିଁରୁ ବେଶି ପରିମାଣରେ ଅଗ୍ନି ପ୍ରୟୋଗଦ୍ୱାରା (ଭାତ ବା ତିଅଣ ଆଦି) ନଷ୍ଟ ହେବା—5. To be overboiled or overburnt (said of rice and curry).
ପୋଡ଼ିଗଲା ତିଅଣରେ ଅଛି କି ସ୍ୱାଦ ? ଢଗ ।
୬ । କୁହୁଡ଼ି ଯୋଗୁଁ ଆମ୍ବ ବଉଳ କଳା ଦେଖାଯିବା ଓ ଝଡ଼ି ନ ଧରି ଝଡ଼ି ପଡ଼ିବା—6. (said of mango-buds) To be spoiled and charred on account of mist.
୭ । (ଲକ୍ଷଣାର୍ଥ) ବିନଷ୍ଟ ହେବା—
6. (figurative) To be ruined.
୮ । ପାଶୋରି ଯିବା—8 To be forgotten.

ପୋଡ଼ିଶା—ପ୍ରାଦେ. (ସମ୍ବଲପୁର) ବି—ଭାକୁଡ଼ି ମାଛ (ଦେଖ)
Pordisā Bhākurda māchha (See)

ପୋଡ଼ୁ(ଢୁ)ଅ(ହ)—ଦେ. ବି—୧ । ପୋଢ଼ (ଦେଖ)
Pordu(rdhu)a(ha) 1. Pordha (See)

ପାକ ମାଂସ ଗିଦ କେଁ, ବୁଢ଼ାଇଲେ ଟେଟେଂ ଶୁଣି
ସହଜେ ପୋଢୁଅ ହେଲ ପାଂଶ ଭଡ଼ିଲେ । ବୈଦେହୀଶ, ଉପେନ୍ଦ୍ରଭଞ୍ଜ ।
୨ । ମାଛ ଧରିବାର ଯନ୍ତ୍ରବିଶେଷ; ପୋଳୁଅ—
2. An upturned basket-like contrivance with an opening at the top for catching fish.
[ଦ୍ର—ପୋଳୁଅ ଭଳେ ନୋନ୍ ଦେଖ ।]

ପୋଡ଼ୁଅ(ଆ) ମାହାର—ପ୍ରାଦେ. (ଗଡ଼ଜାତ) ବି—ଯେଉଁ ପିଲା ହଳେ ମଇଁଷି ଚରାଇବାକୁ ନିଏ—
Pordua(ā) māhāra
ପୋଢୁଅ ମାହାର } ଅନ୍ୟରୂପ A boy who takes out a pair of buffaloes for grazing.
ପୋଢୁଅ ମାହାରଆ }

ପୋଡ଼ୁଅଁ (ଅଁ, ହଁ, ହାଁ)(ଇତ୍ୟାଦି)—ପୋଢୁଅଁ ଇତ୍ୟାଦି (ଦେଖ)
Porduañ(āñ, hañ, hāñ) Pordhuañ etc (See)

ପୋଢ଼—ଦେ. ବି—ପୋଢ଼ୁଅ; ଅଣ୍ଡିରା ମଇଁଷି—
Pordha A male buffalo.
ଉଇଁ ପୋଢ଼ ବୋଦା ବଡ଼ ହୋଇଲେ ସମ୍ପୂର୍ଣ୍ଣ । ପ୍ରଭାତ, ଶଙ୍କରେଣ ।

ପୋଢୁଅ—ଦେ. ବି—କୋଲଆମାନେ ସମୁଦ୍ରକୁ ମାଛ ମାରିବାକୁ ଯିବା
Pordhua ନିମନ୍ତେ ବ୍ୟବହାର କରିବା ଛୋଟ ଡଙ୍ଗା; ପଡ଼ିଆ—
डिंगी Catamaran of fishermen.

ପୋଢୁଅଁ (ହାଁ)—ଦେ. ବିଣ. (ସଂ. ପ୍ରଥମ, ପ୍ରା. ପଢ଼ମ)—୧ । ପ୍ରଥମ—
Pordhuañ(hañ) 1. First.
୨ । ପ୍ରଥମଜାତ; ମାତା ଗର୍ଭରୁ ଜାତ ସର୍ବଜ୍ୟେଷ୍ଠ
बड़ (ସନ୍ତାନ)—2. First born; eldest
जेष्ठ (child).
(ଯଥା—ପୋଢୁଅଁ ପୁଅ; ପୋଢୁଅଁ ଝିଅ ।)
[ଦ୍ର—ପୋଢୁଅଁ ପିଲାର ପରେ ଜନ୍ମ ହେବା ସନ୍ତାନକୁ ଦୁଅ-ପୋଢୁଅଁ କହନ୍ତି ।]

ପୋଢୁଅଁ ଅଷ୍ଟମୀ—ଦେ. ବି—ପ୍ରଥମାଷ୍ଟମୀ; ମାର୍ଗଶିର କୃଷ୍ଣ ଅଷ୍ଟମୀ—
Pordhuañ ashtamī The 8th day of the dark fort-
प्रथमाष्टमी night of the month of Mārgasira.
प्रथमाष्टमी [ଦ୍ର—ଓଡ଼ିଶାରେ ଏ ଦିନ ଘରର ଜ୍ୟେଷ୍ଠ ସନ୍ତାନ ନୂଆ ଲୁଗା ପିନ୍ଧେ ଓ ତାର ବନ୍ଦାପନା କରାଯାଏ ଓ ଘରେ ହଳଦିପତ୍ରରେ ସିଝା ପିଠାଆଦି ହୁଏ ।]

ପୋଢୁଅଁ ଗାଈ—ଦେ. ବି. (ସଂ. ପ୍ରଥମା ଓ ଗାଭୀ)—
Pordhuañ gāī ଯେଉଁ ଗାଈ ପ୍ରଥମେ ସନ୍ତାନ ପ୍ରସବ କରିଥାଏ—
प्रथम बियानी A cow which has given birth to
पहिलठ a calf for the first time.

ପୋଢୁଅଁ ଫଳ—ଦେ. ବି. ପୁଂ ଓ ସ୍ତ୍ରୀ. (ସଂ. ପ୍ରଥମ+ଫଳ)—
Pordhuañ phala ମାତାର ପ୍ରଥମ ସନ୍ତାନ—
[ପୋଢୁଅଁ ପିଲା (ବିଅଣ)—ଅନ୍ୟରୂପ] The first born
प्रथम सन्तान **प्रथम फल** offspring of a mother.

ପୋଢୁଅଁ ହେବା—ଦେ. କ୍ରି—ପ୍ରଥମାଷ୍ଟମୀ ଦିନ—(ପରିବାରର ଜ୍ୟେଷ୍ଠ
Pordhuañ hebā ସନ୍ତାନ) ନୂଆ ଲୁଗା ପିନ୍ଧି ଚନ୍ଦନ ସିନ୍ଦୁର ଆଦିରେ ଭୂଷିତ ହୋଇ ବନ୍ଦାପନା ହେବା ପରେ ପିଠା ଖାଇବା—(said of the eldest child of a family) To go through some ceremonies after being decked with new cloth etc on the Prathamāshtamī day.

ପୋଣ୍ଡୁଅ—ଦେ. ବି—ଭାତପୁଡ଼ା (ଦେଖ)
Pondua (ପଣ୍ଡୁଅ—ଅନ୍ୟରୂପ) Bhātapurdā (See)

ପୋତ—ସଂ. ବି. (ପୂ ଧାତୁ=ପବିତ୍ର କରିବା+କର୍ମ. ତ)—
Pota ୧ । ବୋଇତ; ସମୁଦ୍ରଯାନ; ଜାହାଜ—
1 A ship; a sea-going vessel.
୨ । ଜୀବଶିଶୁ; ଶାବକ—
2. The young of an animal.
୩ । ଦଶବର୍ଷବୟସ୍କ ହାତୀ ଛୁଆ—
3. A young elephant of 10 years of age.

୪ । ନୌକା—4. Boat.
୫ । ବହିତ୍ର; ଅରିତ୍ର—5 An oar.
୬ । ଗୃହ ନିର୍ମାଣର ସ୍ଥାନ; ବାସ୍ତୁ (ମେଦିନୀ)—
6. The site of a house.
୭ । (ପୋତନ୍ ଶବ୍ଦ, ୧ମା. ୧ବ.) ବସ୍ତ୍ର—7. Cloth
୮ । କେରୁପାଲ୍; ପାଲ—1. Paulin
ଦେ· ବି (ପାନବରଜ)—ତେରଛା ବାଗରେ ପୋତା ଯାଇ ଦୁଇଟିକ ଓ ମୁଠା ଗଣ୍ଠିରେ ପରସ୍ପର ସଲଗ୍ନ ହୋଇଥିବା ଖଣ୍ଡ ଦ୍ୱୟ—Poles put slantingly against each other and tied together at the top to train two opposite betel creepers.

ପୋତକ—ସଂ. ବି. (ପୋତ + ସ୍ୱାର୍ଥେ. କ)—ପ୍ରାଣୀର ଛୁଆ—
Potaka The young of an animal.
ଦେ. ବି. (ସଂ. ପୁତ୍ତିକା)—ପକ୍ଷଯୁକ୍ତ ଅତି କ୍ଷୁଦ୍ର କୀଟ—
A tiny winged insect.

ପୋତକାର—ଦେ. ବି – ୧ । ନାବିକ; ନାହୁରି—
Potakāra 1. Sailor; boat-man.
୨ । ଜାହାଜର ମାଲିକ—2. The owner of a ship.

ପୋତକୀ—ସଂ. ବି. ସ୍ତ୍ରୀ. (ପୁତ୍ ନାମ ଧାତୁ=ଦୁର୍ଗନ୍ଧ ହେବା + କର୍ତ୍ତୃ. ଅକ + ଈ)—୧ । ପୋଇ ଶାଗ; ପୂତିକା—
Potakī 1. Basella (potherb).
୨ । ଶ୍ୟାମା ପକ୍ଷୀ; ଗୁଣ୍ଡୁକାଳିକା ଚଢ଼େଇ—2. The pied myna bird; Sturnopaster Centra.

ପୋତକୁ(କୋ)ଳି—ଦେ. ବି – ବନ୍ୟ ବୃକ୍ଷବିଶେଷ ଓ ତାହାର ଫଳ—
Potaku(ko)ḻi Ficus Cunia tree and berry(Haines).
ଡୋକାଡୁମ୍ବର [ଦ୍ର—ଏ ଗଛ ନଈ ଓ ଝରର କୂଳରେ ଜନ୍ମେ ଓ ସନ୍ତସନ୍ତିଆ ଜମିରେ ବଢ଼େ । ଏହାର ପାଚିଲା ଫଳ ଲୋକେ ଖାଆନ୍ତି । ଏହାର ଡାଳରେ ଲାଖ ପୋକ ବସା ବାନ୍ଧନ୍ତି ।]

ପୋତନ—ସଂ. ବିଣ. (ପୂ ଧାତୁ=ପବିତ୍ର କରିବା + ତନ)—
Potana ୧ । ପବିତ୍ରତାକାରକ—1. Purifying.
(ପୋତନୀ—ସ୍ତ୍ରୀ) ୨ । ଶୁଦ୍ଧ; ପବିତ୍ର (ହ୍ରି. ଶ)—2. Pure.
୩ । ସ୍ୱଚ୍ଛ (ହ୍ରି. ଶ.)—3. Transparent.

ପୋତ ନାୟକ—ସଂ. ବି—୧ । ଜାହାଜର ମାଲିକ—
Pota nāyaka 1. Ship-owner.
୨ । ଜାହାଜର କାପ୍ତାନ୍—
2. The captain of a ship.

ପୋତ ପାଳ—ସଂ. ବି—ପୋତ ନାୟକ (ଦେଖ)
Potapāḻa Pota nāyaka (See)
(ପୋତ ବାହକ—ଅନ୍ୟରୂପ)

ପୋତ ପ୍ଲବ—ସଂ. ବିଣ. (ପୋତ+ପ୍ଲୁ ଧାତୁ=ପାରି ହେବା + ଅ)—
Pota plaba ଯେ ନୌକାଦ୍ୱାରା ନଦୀ ଆଦି ପାରି ହୁଏ—
Crossing a river by boat.

ପୋତ ବଣିକ୍—ସଂ. ବି—ବୋଇତଆଳ; ନୌକାଦ୍ୱାରା ବାଣିଜ୍ୟ କରିବା
Pota baṇik ବ୍ୟକ୍ତି—A merchant who trades by sea; voyaging merchant.

ପୋତ ବାହ—ସଂ. ବି. (ପୋତ + ବହ୍ ଧାତୁ+କର୍ତ୍ତୃ. ଅ)—
Potabāha ୧ । ନୌପରିଚାଳକ—1. The conductor of a boat.
୨ । ନାବିକ; ମାଝୀ—2. Sailor; boatman.

ପୋତରକ୍ଷ—ସଂ. ବି. (ପୋତ + ରକ୍ଷ୍ ଧାତୁ + କରଣ. ଅ)—ଡଙ୍ଗାର
Potaraksha ସୁକାନୀ ବା ମଙ୍ଗ—The rudder of a boat.

ପୋତା—ସଂ. ବି. (ପୂ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)—୧ । ବିଷ୍ଣୁ—
Potā 1. Bishṇu.
୨ । ଯଜ୍ଞାଦି କର୍ମରେ ନିଯୋଜିତ ପୁରୋହିତବିଶେଷ—
2. One of the priests commissioned to officiate at a sacrifice.
ପୁଁତା; ପୋତା ଦେ. ବି. (ସଂ. ପ୍ରୋକ୍ତ)—୧ । ପୋତିବା—
पोतना; तोपना 1. Burying.
ଭିଟା, ପୌତା ୨ । (ସଂ. ପ୍ରୋଥିତ) ଭୂମି ମଧ୍ୟରେ ପୋତା ଥିବା
निव ଘରର, କାନ୍ଥର ବା ଖମ୍ବର ଅଂଶ; ମୂଳଦୁଆ—
2. Foundation; the part of a wall, pillar etc below the ground level.
ଅଣଟାରେ ଅଣଗମ୍ଭ ପକାଇଛ ପୋତା—ସ୍ୱାତୀ, ବୃନ୍ଦାବନରୂପଣଗୀତ ।
ବିଣ—ଭୂଗର୍ଭରେ ପ୍ରୋଥିତ (ଧନ)—
Buried; hoarded in a pit (treasure).
ପ୍ରାଦେ. (ବସ୍ତୁର) ବି—ଅଖା; ବସ୍ତା—Gunny bag.
ପୋତା; ଫୋତା ବୈଦେ. (ଫା. ଫୋତା)—୧ । ଅଣ୍ଡକୋଷ—
फो(पो)ता 1 Testicle.
୨ । ଅଣ୍ଡକୋଷ ଆଚ୍ଛାଦକ ମାଂସ ଓ ଚର୍ମ—2. Scrotum.

ପୋତା(ତେ)ଇବା—ଦେ. କ୍ରି—(ପୋତିବା କ୍ରିୟାର ଣିଜନ୍ତରୂପ—
Potā(te)ibā The causative form of Potibā.)
ପୌଁତାନ ଅନ୍ୟଦ୍ୱାରା ପୋତିବା କ୍ରିୟା କରାଇବା—
तोपवाना; पोतवाना To cause to be buried or planted.
ନଗରଦ୍ୱାରେ ପୂର୍ଣ୍ଣକୁମ୍ଭ ଥପାଇଲେ
ପୋତାଇ ରମ୍ଭାତରୁ ତୋରଣୀ ବାନ୍ଧିଲେ – କୃଷ୍ଣସିଂହ, ମହାଭାରତ. ଶାନ୍ତି

ପୋତା ଦେଶ—ଦେ. ବି. (ଫା. ଫୋତା + ସଂ. ଦେଶ)—କୋଡ଼ଗାତ—
Potā deśa Groin; hip-joint.
कँुचकी କାହାର ପୋତାଦେଶେ ବାଣ ପୋତି ହୋଇ
काञ्छ ରହନ୍ତେ ଗୋଡ଼ ପୋତି ଉଠେ ନ ପଳାଇ—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ

ପୋତାଧାନ—ସଂ. ବି. (ପୋତ+ଆଧାନ)—ମାଛ ଜାଆଁଳଙ୍କ ମେଳ
Potādhāna (ହ୍ରି. ଶ.)—A shoal of fry of fishes.

ପୋତାଧିଷ୍ଠାନ—ସଂ. ବି. (୬ଷ୍ଠୀ ତତ୍; ପୋତ+ଅଧିଷ୍ଠାନ)—ପୋତା-
Potādhishṭhāna ଶ୍ରୟ (ଦେଖ)—Potāśraya (See)

ପୋତାଧ୍ୟକ୍ଷ—ସଂ. ବି. (୬ଷ୍ଠୀ ତତ୍; ପୋତ + ଅଧ୍ୟକ୍ଷ)—ପୋତ ନାୟକ
Potādhyaksha (ଦେଖ)—Potanāyaka (See)

ପୋତା ନୋତା (ଲୋତା) ନିଧି ନିଖାତ—ଦେ. ବି. (ସହଚର ଶବ୍ଦ;
Potā notā (lotā) nidhi nikhāta କବଲା ଆଦିରେ ବ୍ୟବହୃତ ଶବ୍ଦରୟ)—(ବିକ୍ରି ହେଉଥିବା ସମ୍ପତ୍ତିରେ) ଭୂଗର୍ଭରେ ଥିବା ଓ ଭୂପୃଷ୍ଠରେ ଥିବା ସର୍ବପ୍ରକାର ଧନ—Every kind of riches found below or above the ground
(ପୋତା ନୋତା—ଅନ୍ୟରୂପ) (of the conveyed property).

ପୋତାମୁହାଁ—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତି ମୁହଁକୁ ସର୍ବଦା ତଳକୁ
Potāmuhā̃ କରିଥାଏ—Having a down-cast face;
পৌতামুখো one who always turns his face
ঘোমনমুহুঁ বালা towards the ground.
(ପୋତାମୁହାଁ—ସ୍ତ୍ରୀ) [ଦ୍ର—ଏମାନେ କପଟୀ ଓ ଧୂର୍ତ୍ତ ଥିବାର ଲୋକଙ୍କର ବିଶ୍ୱାସ ।]

ପୋତା ଯେତେ ଉଭା ତେ(ସେ)ତେ—ଦେ. (ପ୍ରବଚନ)—୧ । ଯେଉଁ
Potā jete ubhā te(se)te ଘରର ତାଳୁ ବା ଖୁଣ୍ଟ ଭୂମି ଉପରକୁ
भीतर बाहार एक ଯେତେ ଉଠିଥାଏ ଭୂମି ତଳେ ମୂଳଦୁଆ ସେତିକି ଥାଏ—1. A house having its foundation below the ground equal to the structure above it.
୨ । (ଲକ୍ଷଣାର୍ଥ) ଯେଉଁ ବ୍ୟବସାୟୀ ବ୍ୟକ୍ତି ବାଣିଜ୍ୟରେ ଯେତେ ମୂଳଧନ ବାହାରେ ଲଗାଇ ଥାଏ, ଅସମୟ ପାଇଁ ତାହାର ଘରେ ସେତିକି ପାଣ୍ଠି ମଧ୍ୟ ଜମା ରଖିଥାଏ—
2. (figurative) A trader who has as much cash in reserve (for unforseen contingencies) as he has invested in trade.
[ଦ୍ର—ଯେଉଁ ଗୃହର ପୋତା ଯେତେ ଉଭା ତେତେ ସେହି ଗୃହ ଖୁବ୍ ମଜବୁତ ଓ ସ୍ଥାୟୀ ହୁଏ । ଅତଏବ ଯେଉଁ ବ୍ୟକ୍ତି ଯେତେ ଟଙ୍କା ବାହାରେ ଖଟାଇଥାଏ, ଘରଭିତରେ ଯେବେ ସେତିକି ଟଙ୍କା ଜମା ରଖିଥାଏ ତେବେ ଏପରି ଉପମା ଦିଆଯାଏ ଓ ସେ ବ୍ୟକ୍ତି ସହଜରେ ବ୍ୟବସାୟରେ ହାରଯାଏ ନାହିଁ ।]

ପୋତାରୋହୀ—ସଂ. ବଣ. ପୁଂ—ଜାହାଜରେ ଚଢ଼ି ଯାତ୍ରା କରୁଥିବା—
Potārohī Performing journey in a ship.
(ପୋତାରୋହଣୀ—ସ୍ତ୍ରୀ) ସଂ. ବି.—ଜାହାଜର ଯାତ୍ରୀ—
The passenger on board a ship.

ପୋତାଶ୍ରୟ—ସଂ. ବି. – (୬ଷ୍ଠୀ ତତ୍; ପୋତ+ଆଶ୍ରୟ; ତୁଳ ଇଂ.ପୋର୍ଟ୍)
Potāśraya ଜାହାଜର ଆଶ୍ରୟ ନେବାର ସ୍ଥାନ; ବନ୍ଦର—
Port; harbour; haven.

ପୋତି—ଦେ. ବି.—ପୁତି (ଦେଖ)
Poti Puti (See)
ବାବନ୍ଦ ଗଣାଲେ ପୋତି
ଘାର ହେଲ ଉପହାସରେ – ଉପେନ୍ଦ୍ର. ଗୀତଲହରୀ ।

ପୋତିବା ଦେ. କ୍ରି. (ସଂ. ପ୍ରୋଥ୍ ଧାତୁ)—୧ । ଭୂଇଁରେ ଗାତ
Potibā ଖୋଳି ଗାତରେ କୌଣସି ବସ୍ତୁକୁ ରଖି ତହିଁ ଉପରେ
পুতা, পুঁতা ମାଟି ଘୋଡ଼ାଇବା; ଭୂ-ଗର୍ଭରେ ପୂରାଇବା;
तोपना; पोतना; गाड़ना ପ୍ରୋଥିତ କରିବା; ଭୂଗର୍ଭନିହିତ କରିବା—
1. To bury; to inter.
ଅଙ୍ଗଦ ବୋଇଲେ ସେ ହୋଇଯାଏ ମୃତ
ପୋତିବୁ ପୋତନ୍ତୁ ମା ତାହାକୁ ଦୁରିତ—କୃଷ୍ଣସିଂହ, ମହାଭାରତ. ଅଦ ।
୨ । (ମୁହଁ) ଭୂମି ଆଡ଼କୁ ବୁଲାଇବା; ତଳକୁ କରିବା—
2. To turn towards the ground (said of the face).
ହିଡବ ଯଏ ପୁଣି ପୋତିଦେଲେ ମୁଖ—କୃଷ୍ଣସିଂହ, ମହାଭାରତ, ସଭା ।

୩ । (କୌଣସି ମନୁଷ୍ୟ ଉପରେ ବାଣ ଆଦି ବୃଷ୍ଟି କରି ତଦ୍ୱାରା ତାକୁ) ଆଚ୍ଛାଦିତ କରିବା—3. To cover over; to heap up anything over a person.
(ଯଥା—ରାମଚନ୍ଦ୍ର ରାକ୍ଷସମାନଙ୍କୁ ବାଣରେ ପୋତି ପକାଇଲେ)
୪ । ଗର୍ତ୍ତ ଆଦିକୁ ମୃତ୍ତିକା ଆଦିଦ୍ୱାରା ପୂର୍ଣ୍ଣ କରି ଭୂମିର ସମତୁଲ କରିବା—4. To fill up (a hole or tank).
୫ । (ଲକ୍ଷଣାର୍ଥ) ବହୁ ପରିମାଣରେ କୌଣସି ବସ୍ତୁଦ୍ୱାରା କୌଣସି ବ୍ୟକ୍ତିକୁ ଆକ୍ରାନ୍ତ କରିବା—5. (figurative) To overwhelm a person (with too much of anything).
(ଯଥା—ସେ ତାକୁ ମାଡ଼ ଗାଳିରେ ପୋତି ପକାଇଲା ।)
୬ । ରୋପଣ କରିବା; ଭୂ-ଗର୍ଭରେ ଗାତ ଖୋଳି ମୂଳକୁ ସେ ଗାତରେ ବସାଇବା (ଯଥା,ଖୁଣ୍ଟ ଓ ଗଛ)—6. To plant.
୭ । ଗୋପନୀୟ ପଦାର୍ଥକୁ ଘୋଡ଼ାଇ ପକାଇଲା ଭଳି କୌଣସି କଳଙ୍କ ଆଦିକୁ ପ୍ରକାଶ ନ କରିବା—
7. To hide or hush up a secret.

ପୋତୁଲି—ପ୍ରାଦେ. (ମେଦିନୀପୁର) ବି—ବେଙ୍ଗଲା—Thrashing
Potuli of paddy-sheaves by bullocks.

ପୋତେଇସୁଣୀ—ଦେ. ବି. ସ୍ତ୍ରୀ. (ସ୍ତ୍ରୀଲୋକମାନଙ୍କ ଗାଳି)—ଯେଉଁ ସ୍ତ୍ରୀ
Poteisuni ଭୂଗର୍ଭରେ ପୋତା ହୋଇଥିବା ଶବକୁ ଖାଏ; ଡାହାଣୀ
डायन A witch (who devours dead bodies buried
ডাইনী in the ground).

ପୋତ୍ର—ସଂ. ବି. (ପୂ ଧାତୁ=ପବିତ୍ର କରିବା+କରଣ. ତ୍ର)—
Potra ୧ । ଶୁକରର ମୁଖାଗ୍ର; ଘୁଷୁରି ଥୋମଣି—
1. The snout of a hog.
୨ । ହଳମୁଖ; ଲଙ୍ଗଳର ଫାଳ; ଲଙ୍ଗଳ ଲୁହା —
2 Ploughshare; plough-point.
୩ । ବଜ୍ର—3. Thunderbolt.
୪ । କ୍ରୋଡ଼—4. Lap; bosom.
୫ । ବହିତ୍ର; ଅରିତ୍ର—5. Rudder, oar.
୬ । ନାବ (ହି. ସ.)—6 Boat.

ପୋତ୍ରାୟୁଧ—ସ. ବି. (ବହୁବ୍ରୀହି; ପୋତ୍ର+ଆୟୁଧ)—ଘୁଷୁରି; ବାରହା—
Potrāyudha Hog; boar.

ପୋତ୍ରୀ—ସଂ. ବି. ପୁଂ (ପୋତ୍ର+ଇନ୍; ୧ମା. ୧ବ.)—ଘୁଷୁରି; ଶୁକର—
Potrī Hog.

ପୋଥକୀ- ସଂ. ବି.—ଶିଶୁମାନଙ୍କର ଅକ୍ଷିଗୋଲାରେ କଣ୍ଡୁ ଓ ସ୍ରାବଯୁକ୍ତ
Pothakī ରକ୍ତ ସୋରିଷ ତୁଲ୍ୟ ଏକପ୍ରକାର କଷ୍ଟପ୍ରଦ ପୀଡ଼କା ବା ବ୍ରଣ (ଦ୍ରବ୍ୟଗୁଣ କଳ୍ପଦ୍ରୁମ)—An eye-disease of infants.

ପୋଥା(ଥି)—ଦେ. ବି. (ସଂ. ପୁସ୍ତୀ; ପ୍ରା. ପୋଥି; ସଂ. ପୁସ୍ତିକା; ପ୍ରା.
Pothā(thi) ପୋତ୍ଥିଆ)—୧ । ପୁସ୍ତକ; ବହି—
পুঁথি, পোথা **पोथा, पोथि** 1. Book; a volume.
୨ । ତାଳ ପତ୍ରରେ ଲେଖା ଗ୍ରନ୍ଥ—
2. Palm-leaf manuscript.

[ଦ୍ର—ତାଳପତ୍ରର ଛୋଟ ପୋଥିକୁ ଖେଡା ଓ ବଡ଼ ପୁସ୍ତକକୁ ଚୋଥା ବା ପୋଥି ବୋଲଯାଏ ।]

୩ । (ପୋଥିରେ ଲେଖା ହୋଇଥିବାରୁ)—ଶାସ୍ତ୍ର; ଧର୍ମଶାସ୍ତ୍ର—
3. Scripture; religious treatise.

ପୁଅଷ୍ଟି ର ବୋଇଲେ ଜାଣ ସବୁ ପୋଥା;
କହନ୍ତ ପଣ୍ଡୁଜ୍ଞ ମୋ କହିବା କଥା । କୃଷ୍ଣସିଂହ. ମହାଭାରତ ଏ ଇ ।

୪ । ପୋଥିରେ ଲେଖା ଥିବା ବିଷୟ ପରି ଦୀର୍ଘ ବିଷୟ—
4. Any thing long like a narrative in a book.
(ଯଥା— ମୋ ଦୁଃଖ କହିଲେ ଗୋଟିଏ ପୋଥି ହେବ ।)

ପୋଥି ଗାଦି—ଦେ. ବି.—୧ । ଭାଗବତ ଗାଦି; ଧର୍ମ ପୁସ୍ତକମାନ ଏକତ୍ର
Pothi gādi ରଖାଯାଇ ପ୍ରତିଦିନ ପୂଜା କରାଯାଉଥିବା ସ୍ତୂପ—
पोथीकी गद्दी, रेहल 1. A collection of scriptures put on a seat and worshiped daily.
୨ । ଲାଇବ୍ରେରୀ; ବହୁ ଗ୍ରନ୍ଥ ସଂଗ୍ରହ—2. Library.

ପୋଥି ଗୋସା(ସେ)ଇଁ—ଦେ. ବି.—ଦେବତାରୂପେ ପ୍ରତିଦିନ ପୂଜିତ
Pothi gosā(se)iṅ ପୋଥି ଗାଦି; ଭାଗବତ ଗୋସାଇଁ—
पोथि गोसाईं A collection of scriptures or palm-leaf manuscripts worshipped as a Deity.

ପୋଥି ପତ୍ର—ଦେ. ବି. (ଏକାର୍ଥ ବୋଧକ ସହଚର ଶବ୍ଦ) —
Pothi patra ପୁସ୍ତକ ଆଦି; ବହି ପତର—Books, etc.
(ପୋଥି ପତର; ପୋଥି ପାଞ୍ଜି—ଅନ୍ୟରୂପ) পুঁথি টুঁথি **पोथिपत्तर**

ନାଆଁ ମାହାନ୍ତି ଗାଆଁ ମାହାନ୍ତି
ପୋଥି ପତର ବୋହୁ ମାହାନ୍ତି—ଢଗ ।

ପୋଥି ପାଠ—ଦେ. ବି.—୧ । ପୁସ୍ତକସ୍ଥ ଅନାୟତ୍ତ ବିଦ୍ୟା—
Pothi pātha 1. Learning contained in books only
পুঁথি বিদ্যা **पोथि पाठ** but not mastered.
୨ । ପୁସ୍ତକରେ ଲେଖା ହୋଇଥିବା ବିଷୟ—
2. Matters contained in books.
(ପୋଥି ବିଦ୍ୟା—ଅନ୍ୟରୂପ)

ପୋଥି ପୂଜା—ଦେ. ବି.—ପୋଥି ବା ପୁସ୍ତକକୁ ସତ୍ୟପୀରଙ୍କ ଆଖ୍ୟାନ
Pothi pūjā ପାଠ କରି ସତ୍ୟନାରାୟଣଙ୍କ ପୂଜା କରିବା ରୀତି—
पोथि पुजा Worship of the Satyanārāyaṇa Deity by reciting narratives and songs from a book.
[ଦ୍ର—ପାଲା ତଳେ କୋଡ଼ି ଦେଖ ।]

ପୋଥି ବିଡ଼ା—ଦେ. ବି—ବନ୍ଧା ହୋଇଥିବା ତାଳପତ୍ରର ଗୋଛା—
Pothi birdā A bundle of palmleaf manuscripts bound together.
पोथिका गट्ठा

ପୋଦ(ଡ଼ି)ନା (ଇତ୍ୟାଦି)—ଦେ. ବି—ପୁଦନା ଇତ୍ୟାଦି (ଦେଖ)
Poda(di)nā (etc) Pudanā etc (See)

ପୋଦା(ଦ୍ଦା)ର—ବୈଦେ. ବି. (ଫା. ଫୌତା=ଭୂକର, ଖଜଣା;
Podā(ddā)r ଫୌତାଦାର=ଯେ ରାଜସ୍ୱ ଟଙ୍କା ପରୀକ୍ଷା କରେ)—
পোদ্দার ୧ । ଟଙ୍କା କୃତ୍ରିମ କି ଭଲ ତାହା ପରୀକ୍ଷା କରିବା ବ୍ୟକ୍ତି—
पोद्दार 1. A person who tests coins; poddar.
୨ । ତହବିଲଦାର; କର୍ମଚାରୀ—2. A cash keeper; cashier.
୩ । ବଣିଆ; ସ୍ୱର୍ଣ୍ଣ ରୌପ୍ୟ ବ୍ୟବସାୟୀ ବଣିକ—
3 Goldsmith; jeweller.
୪ । ମୁଦ୍ରା ବ୍ୟବସାୟୀ; ଅର୍ଥବଣିକ —
4. Money-changer; banker.

ପୋଦା(ଦ୍ଦା)ରି—ବୈଦେ. ବି. (ଫା)—ପୋଦାରର କର୍ମ—
Podā(ddā)ri The work or post of a Poddār.
পোদ্দারী **पोद्दारी**

ପୋପ୍—ବୈଦେ. ବି. (ଇଂ)—ଖ୍ରୀଷ୍ଟିୟାନ୍‌ମାନଙ୍କ ରୋମାନ୍ କାଥଲିକ୍
Pop ସମ୍ପ୍ରଦାୟର ଧର୍ମଗୁରୁ—Pope.
পোপ [ଦ୍ର—ଏହାଙ୍କ ଅସ୍ଥାନ ଇଉରୋପର ଇଟାଲୀ ଦେଶର ରୋମ୍
पोप ନଗରରେ । ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ସଭ୍ୟଜଗତର ସବୁ ଖ୍ରୀଷ୍ଟିୟାନ୍‌ମାନଙ୍କର ଏ ଧର୍ମଗୁରୁ ଥିଲେ, କିନ୍ତୁ ଖ୍ରୀ. ପଞ୍ଚଦଶ ଶତାବ୍ଦୀରେ ଜର୍ମାନୀରେ ଲୁଥର୍ ନାମକ ଜଣେ ଖ୍ରୀଷ୍ଟିୟାନ୍ ଧର୍ମସଂସ୍କାରକଙ୍କ ପ୍ରଚରିତ ଶିକ୍ଷା ଯୋଗୁଁ କେବଳ ରୋମାନ୍ କାଥଲିକ୍ ସମ୍ପ୍ରଦାୟ ଉପରେ ପୋପଙ୍କର ଆଧିପତ୍ୟ ରହିଲା । ମହାରାଜାମାନଙ୍କ ଅଭିଷେକ ଓ ବୈବାହିକ ବନ୍ଧ ପ୍ରଭୃତି ପୋପଙ୍କ କାର୍ଯ୍ୟମାନ ଆଡ଼ମ୍ବର ସହକାରେ ସମାହିତ ହୁଏ ଓ ପୋପ୍‌ଙ୍କ ନଗରକୁ ଭାଟିକାନ୍ ବୋଲାଯାଏ ।]

ପୋପରା—ଦେ. ବିଣ. (ସଂ. ପ୍ର + ଷ୍ଫାର ଧାତୁ=ସ୍ଫୀତ ହେବା)—
Poparā ୧ । ଫମ୍ପା; ଶୂନ୍ୟ—1. Hollow.
ফাঁপরা **पोपला** ୨ । ପୋରହା; ଜୀର୍ଣ୍ଣ—2. Worn out.

ପୋ(ପୋଁ)ପେଇ ଅମାସ୍ୟା—ପ୍ରାଦେ. (ଗଞ୍ଜାମ) ବି. (ସଂ. ପୁପ ପାପରୁ)—
Po(poṅ)pei amāsyā ପିପେଇ ଅମାବାସ୍ୟା (ଦେଖ)
Pipei amābāsyā (See)
[ପୋପେଁ ଅମାସ୍ୟା, ପୋପେଇ ଅମାବାସ୍ୟା, ପୋପେଇ ଅମା(ମେ)ଇସା—ଅନ୍ୟରୂପ]

ପୋପେୟା—ବୈଦେ. ବି—ପପୟା (ଦେଖ)
Popeyā Papayā (See)

ପୋବାର—ଦେ. ବି—୧ । ପଶାଖେଳର ଦାନବିଶେଷ; ୧୩ ସଂଖ୍ୟକ
Pobāra ଦାନ; ପୁଅବାର—1. A throw of dice resulting in the turning up of points 13.
পবার
पबारह [ଦ୍ର—ଗୋଟିଏ କାଠିରେ ୬, ଅନ୍ୟଟିରେ ୬ ଓ ଅନ୍ୟ ଗୋଟିକରେ ୧ ବିନ୍ଦୁ (ବା ପୁଅ) ହେଲେ ଏହି ଦାନ ହୁଏ ।]
୨ । (ଲକ୍ଷଣାର୍ଥ) ସୁଯୋଗ—
2. (figurative) Opportunity.
୩ । ଆନନ୍ଦ ବା ମଉଜର ବେଳ—
3. Time of cheer or rejoicing.
୪ । ସୌଭାଗ୍ୟ—4. Good luck.
(ପୋ ବାଆର, ପୁଅ ବାଆର, ପଅ ବାଆର—ଅନ୍ୟରୂପ)

ପୋବୁଆ—ଦେ. ବି. (ସଂ. ପର୍ବତ)—୧ । ପର୍ବତ ମତ୍ସ୍ୟ; ଏକପ୍ରକାର
Pobuā କାତି ନ ଥିବା ସାନ ମାଛ—1. A small fish without scale; butter fish.

୨ । ସାନ ବାଳଅମାଛ ବା ବାଳଅ ପଡ଼କା—
2. Small Boal fish.
[ପବୁଅ, ପୋବା, ପବଢ଼ା(ବା) ପୋବା, ପୋବଦା—ଅନ୍ୟରୂପ]

ପୋମେଡ୍—ବୈଦେ. ବି. (ଇଂ)—ଲବୁଣି ପରି କୋମଳ, ତୈଳମୟ ଓ
Pomed ବାଠଥା ଲେପବିଶେଷ—Pomatum; pomade.
(ପୋମେଟମ୍—ଅନ୍ୟରୂପ) পোমোটম **पमेटम**

ପୋୟ(ୟେ)ଲା—ଦେ. ବି. (ପ୍ରାଚୀନ ଦେ)—ପୋହଲା (ଦେଖ)
Poya(ye)la Pohala (See)
ଦେଖ ଦେଖ ଗୋ ସୁନ୍ଦର ତୋଳା
ଢ ଏ ମାଣିକ୍ୟର ରଙ୍ଗ ପୋୟଲା । ପ୍ରାଚୀ, ରହସ୍ୟମଞ୍ଜରୀ ।

ପୋରଆ(ହା)—ଦେ. ବିଣ. (ସଂ. ପୁରାତନ)—
Poria(hā) ଧଡଡ଼ା; ଅତି ପୁରୁଣା ହେବାରୁ ଜୀର୍ଣ୍ଣ—
पुराना Old and worn out.
(ଯଥା—ପୋରଆ ସୂତା, ପୋରଆ ଲୁଗା ଇତ୍ୟାଦି ।)

ପୋରୁଅ(ହ)—ଗ୍ରା. (ଇତର) ବି—୧ । ପୋଡ଼ୁଅ (ଦେଖ)
Porua(ha) 1. Pordua (See)
୨ । ପୋଲୁଅ (ଦେଖ)—2 Polua (See)

ପୋରୁଆଁ(ହାଁ)—ଗ୍ରା (ଇତର) ବିଣ—ପୋଢ଼ୁଆଁ (ଦେଖ)
Poruān(hān) Pudhuān (See)

ପୋର୍ଟ—ବୈଦେ. ବି. (ଇଂ)—ସମୁଦ୍ର ଉପକୂଳସ୍ଥ ବାଣିଜ୍ୟର କେନ୍ଦ୍ର
Port পোর্ট **पोर्ट** ନଗର; ବନ୍ଦର—Port.

ପୋର୍ଟ ଅଫିସର—ବୈଦେ. ବି. (ଇଂ)—
Port aphisar ବନ୍ଦରର କର୍ମ ବୁଝାସୁଝା କରବା ରାଜକର୍ମଚାରୀ—
পোর্ট আফিসর **पोर्ट अफसर** Port officer.

ପୋର୍ଟ ଟ୍ରଷ୍ଟ—ବୈଦେ. ବି. (ଇଂ)—ବନ୍ଦରର ଉନ୍ନତି ପାଇ ଗଠିତ
Port trasht পোর্টট্রষ্ট **पोर्टट्रस्ट** ସଙ୍ଘ—Port trust.

ପୋର୍ଟ ମାନ୍—ବୈଦେ. ବି. (ଇଂ ଓ ଫ୍ରେଞ୍ଚ. ପୋର୍ଟ ମାଣ୍ଟୋ) —
Port man ଚମଡ଼ା ବାକ୍ସ; ଲୁଗା ପଟା ରଖିବା ପାଇଁ ବ୍ୟବହୃତ
পোর্ট মেন ଚମଡ଼ାର ବାକସ—Leathern box; port
पोट मैन manteau.
[ପୋର୍ଟ ମେନ , ପୋର୍ଟ ମ୍ୟାନ୍ ପୋର୍ଟ ମାଣ୍ଟ(ଣ୍ଟୋ)—ଅନ୍ୟରୂପ]
[ଦ୍ର—ଏ ମଦ ପ୍ରଥମେ ସ୍ପେନ୍ ଦେଶର ପୋର୍ଟୁଗାଲ ଓ ଓପୋର୍ଟୋ ନଗରମାନଙ୍କରେ ପ୍ରସ୍ତୁତ ହେଉ ଥିବାରୁ ସେହି ନଗରମାନଙ୍କ ନାମ ଅନୁସାରେ ଏ ମଦର ନାମକରଣ ହୋଇଅଛି ।]

ପୋର୍ଟ ୱାଇନ୍—ବୈଦେ. ବି. (ଇଂ)—
Port wain ସ୍ପେନ୍ ଦେଶରେ ପ୍ରସ୍ତୁତ ଉତ୍କୃଷ୍ଟ ମଦ୍ୟ ବିଶେଷ—
পোর্ট ওয়াইন্ **पोर्ट वाइन** Portwine.
(ପୋର୍ଟ ଉଆଇନ୍—ଅନ୍ୟରୂପ)

ପୋର୍ଟ ହୋଲ୍—ବୈଦେ. ବି (ଇଂ)—
Port hol ଜାହାଜର ଭଲ ମହଲାରେ ଥିବା ବାତାୟନ ବା ଝରକା—
পোর্ট হোল **पोर्ट होल** Porthole.

ପୋଲ୍—ବୈଦେ ବି. (ଇଂ)—୧ । ଭୂମିର ଇଂରାଜୀ ଦୈର୍ଘ୍ୟ ମାପ-
Pol ବିଶେଷ—1. Pole; a unit of lineal English
পোল **पोल** land meausre.
[ଦ୍ର—ଇଂରାଜୀ ପୋଲ୍ ଶବ୍ଦର ଅର୍ଥ ବାଉଁଶ ଦଣ୍ଡ ବା ପଡ଼କା । ଇଂରାଜୀ ପୋଲ୍‌ର ଲମ୍ବ=୫½ ଗଜ । ୧ ବର୍ଗ ପୋଲ=୩୦¼ ବର୍ଗ ଗଜ । ୪୦ ବର୍ଗ ପୋଲ୍=୧ ରୁଡ୍ । ୪ ରୁଡ୍=୧ ଏକର ।]
୨ । ପୋଲାଣ୍ଡ ଦେଶବାସୀ ବ୍ୟକ୍ତି—
2. A Pole; inhabitant of Poland.
୩ । ପୃଥିବୀର କଳ୍ପିତ ମେରୁ ଦଣ୍ଡର ଅଗ୍ର; ମେରୁ—
3. The pole of the earth.

ପୋଲ—ସ. ବି - ଫୁଲୁକା ରୁଟି (ହ୍ରି. ଶ)—
Pola A kind of puffed up pastry cake.
পুল **पुल** ବୈଦେ. ବି. (ଫା. ପୁଲ୍)—ପାଣି ଯିବାର ସୁଡ଼ଙ୍ଗ; ଘଙ୍ଗ—
Bridge; culvert; sluice.
ଦେ. ବି.(ସ. ଶୀତ)--୧ ! ବାଉଁଶ ବା ନଳ ମଧ୍ୟସ୍ଥ ଲମ୍ବ ଛିଦ୍ର—
1. Long hole in a tube.
(ଯଥା—ଯେଡ଼େ ବାଉଁଶ ତେଡ଼େ ପୋଲ ।)
୨ । ବଡ଼ ଖଣା; ଗହ୍ବର—
2. A big hole or pit; chasm.
୩ । ଶୂନ୍ୟ ସ୍ଥାନ—3 Empty space.
फाम्पा, फाँपर ବିଣ—୧ । ପୋଲା; ଫମ୍ପା—
पोला 1. Empty; hollow.
ଜଡାମଣି ଭୂମେ ବଞ୍ଚା ନଥ ପୋଲ । ରାଧାନାଥ. ଦରବାର ।
୨ । ଅନ୍ତଃସାରହୀନ; ନିଃସାର—2. Hollow inside; unsubstantial.
ନେତେ ଯେତେ ବୋଲୁଥିବ ବୋଲ
ମେ ବଢ଼ଥା ପାକର ପୋଲ—ତତ ।

ପୋଲ(ଲେ)ଇ—ଦେ. ବି—୧ । ପଲେଇ; ରାଜସେବକ ବିଶେଷ—
Pola(le)i 1. Name of a class of king's servants.
(ପଲେଇ, ପଲ୍ଲାଇ—ଅନ୍ୟରୂପ) ୨ । ଶୂଦ୍ରମାନଙ୍କର ବଂଶୋପାଧି-ବିଶେଷ—2. Family-title of a some Śūdras.
[ଦ୍ର—ପୋଲେଇ ବା ପୁଲେଇ ଶୂଦ୍ରମାନଙ୍କ ବଂଶୋପାଧି ଅଟେ । ଏମାନେ ଆପଣାର ବଂଶୋପାଧିକୁ ବଦଳାଇ କ୍ରମଶଃ ମହାନ୍ତିସୂଚକ, ଖଣ୍ଡାଏତ, କରଣ ଓ କ୍ଷତ୍ରିୟ ହେବା ପାଇଁ ଚେଷ୍ଟା କରବାର ଦୃଶ୍ୟ ଓଡ଼ିଶାରେ ବିରଳ ନୁହେଁ ।]

ପୋଲକାଶୁଣୀ—ଦେ. ବି. ସ୍ତ୍ରୀ—(ସ. ପୌଲକାଶିନୀ)—ଗ୍ରାମଦେବତା
Polakāsuni ବିଶେଷ—Name of a villags Goddess.

ପୋଲା—ପ୍ରାଦେ (ବାଲେଶ୍ୱର) ବି—ପୁଳାଏ—
Polā A bundle or bunch.

ପୋଲା—ଦେ. ବିଣ—(ସ.ପ୍ର+ଶୀର ବା ଶୀର୍ଯ୍ୟ ଧାତୁ=ଶୀତ ହେବା; ସ.
Polā ପୋଲ=ଫୁଲୁକାରୁଟୀ(ହ୍ରି.ଶ)—୧ । ଫମ୍ପା—1. Hollow.
(ନଦା—ବିପରୀତ) ୨ । ଅନ୍ତଃସାରଶୂନ୍ୟ—2. Emptied of
ফাঁপা **पोला** the inner subștace or kernel
୩ । ଅସାର; ସାରହୀନ—3. Unsubstantial.
୪ । ଯାହା ପାଇଁ ଧନ ଲାଗେ ନାହିଁ, ଫୋକଟ; ମାଗଣା; ଅଯତ୍ନ-ଲବ୍ଧ; ମୋଫତ—4. Gratis; gratuitous; free; got without labour or trouble.

गैररजिष्टरी, उलको ୫ । ରେଜିଷ୍ଟ୍ରୀ ହୋଇ ନଥିବା (ଦସ୍ତାବିଜ)— 5. Unregistered (document)
(ଯଥା—ପୋଲା ତମସୁକ, ପୋଲା କବ(ବା)ଲା, ପୋଲା ଦଲିଲ, ପୋଲା ଦସ୍ତାବିଜ)

ପୋଲାଉ(ଓ)—ବୈଦେ. ବି—ଫା. ପୁଲାଓ, ପଲାଓ; ମୂଳ. ସଂ. ପୁଲାକ;
Polāu(o) ପଲାନ୍ନ)—ପଲାଉ (ଦେଖ)—Palāu (See)
পোলাও पुलाव

ପୋଲା ଖିଆ—ଦେ. ବିଣ—ଯେଉଁ ବ୍ୟକ୍ତି ପର ଉପରେ ପଡ଼ି ମାଗଣା
Polā khiā ଭୋଜନ କରେ; ପରାନ୍ନଭୋଜୀ; ମୋଫତଖିଆ, ମୋଫତ
(ପୋଲାଭୁଆ—ଅନ୍ୟରୂପ) ଖୋର—Hanger on; dependent
मुफतखोर, परमूले फलाहारी on another's bounty for
পরখাও one's food; living at another's expense.

ପୋଲାଣ୍ଡ୍—ବୈଦେ. ବି (ଇଂ) (ନାମ)—ୟୁରୋପର ଦକ୍ଷିଣ ପଶ୍ଚିମସ୍ଥ ସ୍ୱତନ୍ତ୍ର
Polānd ରାଜ୍ୟ ବିଶେଷ—Poland; a country of
(ପୋଲାଣ୍ଡ୍—ଅନ୍ୟରୂପ) পোলাণ্ড पोलैंड Europe.
[ଦ୍ର—ଏହି ରାଜ୍ୟ ପୂର୍ବେ ରୁଷିଆ ସାମ୍ରାଜ୍ୟର ଅଧୀନ ଥିଲା; କିନ୍ତୁ ସମ୍ପ୍ରତି ସ୍ୱତନ୍ତ୍ର ସାଧାରଣତନ୍ତ୍ର ରାଜ୍ୟ ହୋଇଅଛି ।]

ପୋଲାନ୍ତ—ପ୍ରଦେ. (ଗଞ୍ଜାମ) ବିଣ—ହାଲୁକା ବା ଫସଫସିଆ ହୋଇ
Polānta ଚଷା ହୋଇଥିବା (ଭୂମି)—(soil) Cultivated in such a manner as to make it light or porous and well pounded; well cultivated.

ପୋଲା ପଇଠ—ଦେ. ବି. (କଚେରୀ)—ଋଣ ବାବଦକୁ କିଛି ନଗଦ
Polā paitha ଟଙ୍କା ପଇଠ ଦେବା ପାଇଁ ଖାତକ ଅକ୍ଷମ ଥିବା
ପୋଲା ପୈଠ } ଅନ୍ୟରୂପ ସ୍ଥଳେ ତମସୁକର ମିଆଦ ବଜାଏ
ପୋଲା ଅସୁଲ } ରଖିବାପାଇଁ ଖାତକଠାରୁ ନଗଦ ଧନ
खालीवसुलीका ନ ନେଇ ଋଣ ତମସୁକ ପୃଷ୍ଠରେ ଯେଉଁ ଅସୁଲ ପ୍ରସଙ୍ଗ ଲେଖି ଦିଏ—A formal endorsement of payment on the back of a bond to save limitation though no actual payment is made by the debtor

ପୋଲା ଫାଙ୍କିଆ—ଦେ, ବିଣ—୧ । ଦାୟିତ୍ୱଜ୍ଞାନଶୂନ୍ୟ—
Polā phānkiā 1. Irresponsible.
୨ । ଅକର୍ମା—3. Idle; doing nothing
୩ । ଯେ ମାଗଣାରେ ବା ଆପଣାକୁ ପରିଶ୍ରମ ନ କରାଇ ପରଦ୍ୱାରା କାମ ଉଠାଇ ନିଏ—3. Getting one's work done without personal trouble or expense.

ପୋଲାରି—ଦେ, ବି—(ବଣିଆ ଶବ୍ଦ)—କିଲା (ଦେଖ)
Polāri Kilā (See)

ପୋଲାରେ ଖାଇ ମେଲାରେ ଶୋଇବା—ଦେ (ପ୍ରବଚନ)—୧ । ପରର
Polāre khāi melāre soibā ଭୋଜନ କରି ପର ଘରେ
खाना ईंघाट थाना बींघाट ଶୋଇବା—1. To dine at the table of others and sleep in the house of others.
୨ । (ଲକ୍ଷଣାର୍ଥ) ବେପରୱା ହୋଇ ଚଳିବା; କିଛି ଅର୍ଜନ ନ କରି ପୋଲାଫାଙ୍କିଆ ହୋଇ ଚଳିବା—2. (figurative) To live at the expense of other people.

ପୋଲିକା—ସଂ. ବି.—୧ । ପୂଳି (ଦେଖ)
Polikā 1. Pūli (See)
(ପୋଲୀ—ଅନ୍ୟରୂପ) ୨ । ପତଳା ରୁଟି—2. Thin bread.

ପୋଲିଙ୍ଗ୍—ବୈଦେ. ବି. (ଇଂ)—ଭୋଟ୍ ନଆଯିବା କର୍ମ—
Poling Polling; election
(ପୋଲିଂ—ଅନ୍ୟରୂପ) পোলিঙ্গ पोलिङ्ग

ପୋଲିଙ୍ଗ୍ ଅଫିସର—ବୈଦେ. ବି. (ଇଂ)—ଭୋଟ୍ ନଆଯାଉଥିବା
Poling aphisar ସ୍ଥାନର ତତ୍ତ୍ୱାବଧାରକ କର୍ମଚାରୀ—
পোলিঙ্গ আফিসার पोलिङ्ग अफसर Polling officer.

ପୋଲିଙ୍ଗ୍ ଷ୍ଟେଶନ—ବୈଦେ. ବି. (ଇଂ)—ଯେଉଁ ସ୍ଥଳରେ କୌଣସି
Poling shtesan ସଦସ୍ୟ ନିର୍ବାଚନ ପାଇଁ ଭୋଟ୍ ସଂଗୃହୀତ ହେଉ
(ପୋଲିଂ ଷ୍ଟେଶନ୍—ଅନ୍ୟରୂପ) ଥାଏ—Polling station
পোলিঙ্গ ষ্টেসন पोलिङ्ग स्टेशन

ପୋଲିଟିକାଲ (ଇତ୍ୟାଦି)—ବୈଦେ. ବି. (ଇଂ)—ପଲିଟିକାଲ୍ ଇତ୍ୟାଦି
Politikāl etc) (ଦେଖ)—Palitikal etc. (See)

ପୋଲିସ (ଇତ୍ୟାଦି)—ବୈଦେ. ବି. (ଇଂ. ପୋଲିସ୍)—
Polis (etc) ପୁଲିସ୍ ଇତ୍ୟାଦି (ଦେଖ)—Pulis etc (See)

ପୋଲିସୁ—ବୈଦେ. ପ୍ରାଦେ (ଗଞ୍ଜାମ) ବି.—(ଇଂ. ପୋଲିସ୍)—
Polisu ପୋଲିସ୍—Police.

ପୋଳୁଅ(ହ)—ଦେ. ବି.—୧ । (ସଂ. ପଲବ; ଅନ୍ୟ ସଂ. ନାମ ପଞ୍ଜରା-
Polua(ha) ଖେଟ)—ମାଛ ଧରିବା ଉପଯୋଗୀ ବଉଁଶଶଲାକା
ପୋଳୁଅ } ନିର୍ମିତ, ଗୋଟିଏ ମୁଖ ସରୁ ଛିଦ୍ର ବିଶିଷ୍ଟ ଓ
ପୋହଲି } ଅନ୍ୟରୂପ ଅପର ମୁଖ ଚୋକେଇ ପରି ମେଲାଥିବା
ପୋହୁଲ } ଯନ୍ତ୍ରବିଶେଷ—A basket-like
পোলো, পলো contrivance or coop made of bamboo
टापी laths like an upturned tub open at both ends, one end narrower than the other, which is put in shallow water and the fish inside which are caught by groping with the hands.
[ଦ୍ର—ଏହା ଦୁଇ ପ୍ରକାରର ଦେଖା ଯାଏ । ବାଉଁଶ କାଠିଦ୍ୱାରା ନିର୍ମିତ ପୋଳୁଅକୁ କାଠି ପୋଳୁଅ କହନ୍ତି ଓ ଜାଲଦ୍ୱାରା ଘେରା ହୋଇଥିବା ପୋଳୁଅକୁ ଜାଲ ପୋଳୁଅ (ହି. ଝାପ) କହନ୍ତି । ଅଳ୍ପ ପାଣି ଥିବା ସ୍ଥାନରେ ପୋଳୁଅକୁ ମଡ଼ାଇଲେ ତାହା ଦ୍ୱାରା ଅଧିକୃତ ସୀମାରେ ମାଛକୁ ହାତରେ ଦରାଣ୍ଡି ଧରିବାକୁ ହୁଏ ।]

ପୋଳୁଅ(ହ) ଘଣ୍ଟା—ଦେ. ବି.—ମାଛ ଧରିବା ଲାଗି ପୋଳୁଅ ମଡ଼ାଇ
Polua(ha ghantā ପୋଖରୀର ପାଣିକୁ ଘାଣ୍ଟିବା—Agitating
टापसे घोलमहा the water of a tank by throwing
(ପୋଳୁଅ ଚକଟା—ଅନ୍ୟରୂପ) 'Polua' for fishing.

ସାତ ଚକଟା ପୋଳୁଅ ଘଣ୍ଟା,
କହୁଛ ଭୂଷଣ ବାଇଶି କଣ୍ଟା;
ଚଳ ଦୁଖାଦକୁ ସରଗ ଦେଖିଲ,
ମଟେ ଉରଛକ ବଳଣି ଘଣ୍ଟା ! ଚଗ ।

ପୋଲୁଅ(ହ) ମଡ଼ା(ଡ଼େ)ଇବା—ଦେ. କ୍ରି.—ମାଛ ଧରିବା ନିମନ୍ତେ Polua(ha) marḍā(rḍe)ibā ପୋଲୁହକୁ ପାଣିରେ ବସାଇବା—**टाप मढ़ाना** To press the polua in water in order to catch fish.

ପୋଲୁହା—ଦେ. ବ.—ପୋଲୁହଦ୍ୱାରା ମାଛ ଧରିବା ବ୍ୟକ୍ତି—Poluhā One who fishes with the help of 'polua'. পোলো অলা **टापी वाला**

ପୋଲୋ—ବୈ.ଦେ ବ. (ଇଂ)—ଅଶ୍ୱାରୋହୀମାନଙ୍କର କନ୍ଦୁକ କ୍ରୀଡ଼ା Polo পোলো **पोलो** ବିଶେଷ—Polo (game).

[ଦ୍ରି—ଏ ଖେଳରେ ଭୂମିରେ ଗଡ଼ୁ ଥିବା ଗୋଟିଏ ସାନ ପେଣ୍ଡୁକୁ ଖେଳାଳୀମାନେ ଘୋଡ଼ା ଚଢ଼ି ଥିବା ଅବସ୍ଥାରେ ଗୋଟିଏ ଅଗବଙ୍କା ଲମ୍ବ ବାଡ଼ି (ବାଡ଼ି) ଦ୍ୱାରା ବାଡ଼ଉ ଥାଆନ୍ତି ଓ ପେଣ୍ଡୁର ଗତି ଅନୁସାରେ ଘୋଡ଼ାଙ୍କୁ ଚାଳିତ କରୁ ଥାଆନ୍ତି । ଘୋଡ଼ା ନ ଚଢ଼ି ଖେଳାଳିମାନଙ୍କର ଏହି ପ୍ରକାର ପେଣ୍ଡୁ ବାଡ଼ିଆ ଖେଳକୁ ଗଲ୍ଫ୍ ବୋଲାଯାଏ । ଏ ଖେଳ ଇଉରୋପରୁ ଆସି ଏ ଦେଶରେ ଚଳନ୍ତି । ପେଣ୍ଡୁ ନିର୍ଦ୍ଦିଷ୍ଟ ଖେଳାଳୀଙ୍କ ଦଳର ଆଘାତରେ ଗଡ଼ି ଯାଇ ନିର୍ଦ୍ଦିଷ୍ଟ ଗର୍ତ୍ତମାନଙ୍କରେ ପଡ଼ିଲେ ଏ ଖେଳରେ ହାରଜିଣ ହୁଏ ।]

ପୋଲ୍‌ଟିସ୍—ବୈଦେ. ବ. (ଇଂ)—ପୁଲ୍‌ଟିସ୍ (**ଦେଖ**) Pol-ṭis Pul-ṭis (See)

ପୋଶ୍—ବୈଦେ. ବ.—୧ । (ଫା. ପୋଶ୍=ଯହିଁରେ ପାଦ ଅବ ସ୍ଥାପିତ Poś ହୁଏ=ପାଦୁକା; ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା ପାଉଁପୋଶ୍)—କାଦୁଅ ବା ଧୂଳ ଲାଗି ଥିବା ଜୋତା ବା পোস ଗୋଡ଼ ତଳପାଖ ପୋଛିବା ନିମନ୍ତେ ବ୍ୟବହୃତ ଆଖାର ବା **पोश** କତାର ଆସନ—1. A door-mat used as a brush or cushion for rubbing the soleson.

(ଯଥା—ପାଁପୋଶ, ପାଉଁପୋଶ୍ ।)

୨ । (ଫା. ପୋଶ୍=ପରିଚ୍ଛଦ; ପୋଷାକ; ଅନ୍ୟ ଶବ୍ଦ ସଙ୍ଗେ ଲାଗେ ଯଥା ଗରମ ପୋଶ୍; ଖୋଲ୍‌ପୋଶ୍)—ପୋଷାକ; ପରିଚ୍ଛଦ—2. Dress; raiment.

[ଦ୍ରି—ପରିଚ୍ଛଦ ଅର୍ଥରେ ପୋଶ୍ ଶବ୍ଦ ଫାରସୀ ଭାଷାରୁ ଆସି ନାହିଁ; ଏ ଶବ୍ଦ ଭାରତ ବର୍ଷରେ ପ୍ରଥମେ ବ୍ୟବହୃତ ହୋଇ ପରେ ଫାର୍‌ସୀ ଭାଷାରେ ଚଳିଅଛି । ହି. ଶ.]

ପୋଷ—ସଂ. ବ. (ପୁଷ ଧାତୁ=ପୋଷିବା+ଭାବ. ଅ)—Posha ୧ । ପୋଷଣ; ପାଳନ; ବର୍ଦ୍ଧନ—1. Nourishing; rearing; bringing up.

୨ । ପୁଷ୍ଟି—2. Nourishment.

୩ । ଆଧିକ୍ୟ; ବୃଦ୍ଧି (ହି. ଶବ୍ଦସାଗର)—3. Increase; increment.

୪ । ତୁଷ୍ଟି; ସନ୍ତୋଷ (ହି. ଶବ୍ଦସାଗର)—4. Satisfaction; contentment.

ଦେ. ବ. (ସଂ. ପ୍ରସୃତ; କୋଷ)—

୧ । ଗଣ୍ଡୂଷ; ଗୋକର୍ଣ୍ଣାକୃତ କରତଳ; ଅର୍ଦ୍ଧାଞ୍ଜଳ—1. The palm of one hand formed into a cup.

୨ । ଏକ ହାତର କରତଳକୁ ପାତ୍ରାକୃତ କଲେ ତହିଁରେ ସମ୍ମାଇବା ବସ୍ତୁର ପରିମାଣ; ଅର୍ଦ୍ଧାଞ୍ଜଳ ପରିମାଣ—2. A quantity of anything contained inside the palm of one hand concavely bent into the নোট **लप, चुल्लू** shape of a cup.

[ଦ୍ରି—ଦୁଇ କରତଳର କାଣି ଅଙ୍ଗୁଠି ପାଖକୁ ପାତ୍ରାକୃତ କଲେ **ଅଞ୍ଜଳା** (**ସଂ. ଅଞ୍ଜଳ**) ଓ ଏକ ଏକ କରତଳକୁ ମୁଦ୍ରିତ କଲେ ମୁଠା (ସଂ. ମୁଷ୍ଟି ହୁଏ); ସଂଯୁକ୍ତ କର କରତଳ ଓ ଅଙ୍ଗୁଠିମାନଙ୍କୁ ପାଖ ପାଖ କଲେ ତାହା ପୋଷ ହୁଏ; ବିସ୍ତାରିତ ଏକ କରତଳକୁ ପାତ୍ରାକୃତ କଲେ ଅଙ୍ଗୁଠିକୁ ଛାଡ଼ି ଦେଲେ କେବଳ ଲେଉଟ ମଝିରେ ଯେଉଁ ପାତ୍ରାକୃତ ଖାଲ ହୁଏ ତାକୁ **ଗଣ୍ଡୂଷ** ବୋଲାଯାଏ । 'ପୋଷ' ଶବ୍ଦ ପାତ୍ରୀକୃତ ସାଙ୍ଗୁଳ ଏକ କରତଳରେ ସମ୍ମାଇବା ତରଳ ଓ ଘନ ପଦାର୍ଥ ପ୍ରତି ପ୍ରଯୁଜ୍ୟ ହୁଏ ଓ 'ଚଳ' ଶବ୍ଦ କେବଳ ତରଳ ପଦାର୍ଥ ପ୍ରତି ପ୍ରଯୁଜ୍ୟ ହୁଏ । ଯଥା—ପୋଷେ ଚାଉଳ; ପୋଷେ ଘିଅ; ଚଳେ ପାଣି ।]

୩ । (ସଂ. ପୋଷଣ) (ଗୃହ ପାଳିତ ଜୀବ) ପାଳକର ଅଜ୍ଞାନୁବର୍ତ୍ତୀ ହେବା ଅବସ୍ଥା; ପାଳିତ ଜୀବର ପାଳକଙ୍କଠାରେ ପ୍ରତି ପ୍ରଦର୍ଶିତ ଅଜ୍ଞାନୁବର୍ତ୍ତିତା—3. Becoming domesticated or পোস, **पोस** tamed.

(ଯଥା—ଏ ନେଉଳଟି ମାସକ ଭିତରେ ଖୁବ୍ ପୋଷ ମାନିଲାଣି ।]

ପୋଷକ—ସଂ. ବଣ, ପୁଂ. (ପୁଷ ଧାତୁ+କର୍ତ୍ତୃ. ଅକ)—Poshaka ୧ । ପ୍ରତିପାଳନକାରୀ—Nourishing; cherishing; maintaining. (ପୋଷିକା—ସ୍ତ୍ରୀ)

୨ । ଯେ ଆଣି ଘରେ ପାଳିଥାଏ—2. Rearing.

୩ । (ଆଇନ୍) (କୌଣସି ଦାବୀ ବା ଉକ୍ତିର) ସମର୍ଥନକାରୀ—3 (law) Supporting (a claim or statement).

୪ । ସହାୟକ—4. Helping.

୫ । ବର୍ଦ୍ଧକ (ହି. ଶ.)—5. Increasing.

ବ—ପ୍ରତିପାଳକ ବ୍ୟକ୍ତି—Supporter; maintainer.

ପୋଷକତା—ସଂ. ବ. (ପୋଷକ+ତା)—Poshakatā ପୋଷଣ କରିବାର ଭାବ—পোষকতা The act or state of nourishing.

ଦେ. ବ. (କଚେରିଆ) ଦାବୀର ସମର୍ଥନ କରିବା ଅବସ୍ଥା—The state of an evidence supporting a claim.

ପୋଷକ ପ୍ରମାଣ—ଦେ. ବ. (କଚେରିଆ)—Poshaka pramāṇa ଯେଉଁ ପ୍ରମାଣ ଦ୍ୱାରା ଦାବୀ ସମର୍ଥିତ ହୁଏ- পোষক প্রমাণ **पोषक प्रमाण** Evidence in support of a claim or statement.

ପୋଷକତା କରିବା—ଦେ. କ୍ରି. (କଚେରିଆ)—Poshakatā karibā କୌଣସି ଦାବୀକୁ ବା ଉକ୍ତିକୁ ପ୍ରମାଣ ଦ୍ୱାରା ସମର୍ଥନ କରିବା—পোষকতা করা To support or substantiate a claim or statement by some proof.

ପୋଷ କରିବା—ଦେ. କ୍ରି—କରତଳକୁ ଗୋକର୍ଣ୍ଣୀକୃତ କରିବା—
Posha karibā To make the palm of the
ଲୋଟ କରା hand into a cup.
हात पसारना

ପୋଷଣ—ଦେ. ବି. (ପୁଷ୍ ଧାତୁ+ଭାବ. ଅନ)—
Poshaṇa ୧ । ପାଳନ; ବର୍ଦ୍ଧନ—1. Nourishing;
ପୋଷିତ, ପୁଷ୍ଟ } ବିଣ cherishing; rearing.
ପୋଷଣୀୟ, ପୋଷ୍ୟ }
୨ । ପୁଷ୍ଟି—2. Nourishment
୩ । ଖାଦ୍ୟାଦି ଦ୍ୱାରା ଆଶ୍ରୟ ପ୍ରଦାନ—
3. Maintaining; supporting.
୪ । ସ୍ୱମର୍ଯ୍ୟାଦାସ୍ଥିତ ନିଜ ଭକ୍ତ ପ୍ରତି ଭଗବାନଙ୍କର ଅନୁଗ୍ରହ-
4. God's grace or favour to a god-fearing devotee.
ବସ୍ତୁ ବଳସ୍ୟ 'ସ୍ଥିତି' ନାମ
ତା ଅନୁଗ୍ରହ ସେ ପୋଷଣ । ଜଗନ୍ନାଥ. ଭାଗବତ ।
୫ । ସହାୟତା (ହି. ଶ.)—5. Help; support.

ପୋଷଣାହାରୀ—ଦେ. ବିଣ—ପୋଷଣକାରକ; ଯେ ପୋଷେ; ପରପାଳକ-
Poshaṇāhārī Maintaining; supporting others
पोषनेवाला by one's earning.
(ପୋଷଣାହାରିଣୀ—ଅନ୍ୟରୂପ) (ଯଥା—ତାର ୨୫ ବରଷର ପୋଷଣାହାରୀ ପୁଅ ମରିଗଲା ।)

ପୋଷଣୀୟ—ସ. ବିଣ. (ପୁଷ୍ ଧାତୁ+କର୍ମ. ଅନୀୟ)—
Poshaṇiya ୧ । ପାଳନୀୟ—1. Maintainable.
(ପୋଷଣୀୟା—ସ୍ତ୍ରୀ) ୨ । ପୋଷିବାର ଯୋଗ୍ୟ—
2. Deserving to be maintained.

ପୋଷନ୍ତା—ଦେ. ବିଣ. (ପୋଷିବା କ୍ରିୟାର ଏକ ଆକାର ବିଶ, ରୂପେ
Poshantā ବ୍ୟବହୃତ)—ପୋଷଣାହାରୀ (ଦେଖ)
ପୋଷିଲା } ଅନ୍ୟରୂପ Poshaṇāhārī (See)
ପୋଷିବା }

ପୋଷ ମନା(ନେ)ଇବା—ଦେ. କ୍ରି. (ସକର୍ମକ)—କୌଣସି ଜନ୍ତୁକୁ
Posha manā(ne)ibā ଆଣି ଘରେ ପୋଷି ଆପଣାର ଅଧୀନ
पोष मानान କରିବା—To domesticate and tame
जन्तु बनाना, पोष मनाना an animal.

ପୋଷ ମାନିବା—ଦେ. କ୍ରି. (ଅକର୍ମକ)—(କୌଣସି ବନ୍ୟ ଜନ୍ତୁ)
Posha mānibā ମନୁଷ୍ୟର ଅଧୀନ ହେବା—
ପୋଷ ମାନା (a wild animal) To become dom-
पोष माना esticated or tame.
(ପୋଷ ମାନିବା—ଅନ୍ୟରୂପ)

ପୋଷୟିତ୍ନୁ—ସ. ବି. (ପୁଷ୍ ଧାତୁ. ଣିଚ୍=ପୋଷି ଧାତୁ=ପରଦ୍ୱାରା
Poshayitnu ପୋଷାଇବା+କର୍ତ୍ତୃ. ଇତ୍ନୁ)—୧ । କୋକିଳ—
1 Indian cuckoo.
୨ । (ପୁଷ୍ ଧାତୁ+ଇତ୍ନୁ) ଭର୍ତ୍ତା; ସ୍ୱାମୀ—2. Husband.
ବିଣ.—୧ । ପୋଷଣକାରୀ—
1. Supporting; maintaining.
୨ । ପୁଷ୍ଟିକର—2. Nourishing.

ପୋଷା—ଦେ. ବି—(ସ. ପୁଷ୍ ଧାତୁଜ ପୋଷଣ)—୧ । ପୋଷିବା;
Poshā ପାଳନ କରିବା; ପୋଷଣ—1. Maintaining.
ପୋଷା ୨ । କୌଣସି ଜୀବକୁ ଆଣି ଘରେ ପାଳିବା—
पोषान 2. Domesticating.
୩ । ପୋଷ ୩ (ଦେଖ)—3. Posha 3 (See).
ପୋଷା ବିଣ—୧ । ପାଳିତ—
पालतु, पोषाहुआ 1. Maintained; brought up;
(ଯଥା—ପୋଷା ପୁଅ) adopted.
୨ । ଗୃହପାଳିତ—2. Domesticated.
୩ । ବଶୀଭୂତ; ପୋଷ ମାନିଥିବା—
3. Tame; tamed.
ପୋଷା ଶାରିକ ନୋ କଏ ଯେ କେଉ
ଅରଣ୍ୟରେ ସ୍ୱବ ଦେବ—ତନ ।
୪ । ଯାହା ଦ୍ୱାରା କୁଟୁମ୍ବ ଆଦିଙ୍କୁ ପୋଷିବାକୁ ହୁଏ—
4. Affording maintenance.
(ଯଥା—କୁଟୁମ୍ବ ପୋଷା ବୃତ୍ତି)
୫ । ଯେ ପାଳେ—5. Maintaining.
(ଯଥା—ଲକ୍ଷ ପୋଷା ଲୋକ)

ପୋଷା(ଷେ)ଇବା—ଦେ. କ୍ରି—୧ । ପୋଷିବା କ୍ରିୟାର ଣିଜନ୍ତରୂପ—
Poshā(she)ibā ୧ । ଅନ୍ୟ ଦ୍ୱାରା ପୋଷଣ କ୍ରିୟା କରାଇବା—
ପୋଷାନ 1. To cause to be reared or maintained.
पुसाना ୨ । ପଟିବା; ମନୋମତ ହେବା; ଭଲ ଲାଗିବା; ସୁଖକର ଜଣାଯିବା—2. To suit; to be to one's liking or fancy.
(ଯଥା—ମତେ ଦଶ ହାକିମଙ୍କ ମନ ଯୋଗାଇବା ଗୃହସ୍ଥ ପୋଷାଇବ ନାହିଁ ।)
୩ । ପ୍ରତିପୋଷଣ ନିମନ୍ତେ ଯଥେଷ୍ଟ ହେବା; ଅଣ୍ଟିବା—
3. To suffice for one's maintenance.
(ଯଥା—ମତେ ମାସକୁ ଟ ୩ ୦ ଦରମା ପୋଷାଇବ ନାହିଁ)
୪ । ଲାଭଜନକ ହେବା—4. To be profitable.
(ଯଥା—ଏ ବେପାର ମତେ ପୋଷାଇବ ନାହିଁ)

ପୋଷାକ—ବୈଦେ. ବି—(ଫା. ଭୁଲ. ସ. ବେଶଭୂଷା)—୧ । ପରିଚ୍ଛଦ,
Poshāka ପୋଷାକ ବେଶ—1. Dress; clothing.
पोशाक କ ଜନ ଦ ଦୋଷାକ ଲେଡ଼ା ହେବ ତହିଁ—ସ୍ୱାଧୀନାଥ ଦରବାର
୨ । ସଭ୍ୟ ସମାଜରେ ଅନୁମୋଦିତ ପରିଚ୍ଛଦ; ଫେସନର ଅନୁକୂଳ ବେଶଭୂଷା—3. Dress approved for social functions; fashionable dress.
୩ । କୌଣସି ପଦରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରିଧାନାର୍ଥ ନିର୍ଦ୍ଦିଷ୍ଟ ପରିଚ୍ଛଦ—3. Particular dress laid down to be worn by a person holding a particular office.
(ଯଥା—ପୁଲିସ୍ ପୋଷାକ; ଦରବାର ପୋଷାକ)
[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦର ସହିତ ଯୁକ୍ତରୂପେ ମଧ୍ୟ ବ୍ୟବହୃତ ହୁଏ, ଯଥା—ଖୋସ୍‌କ ପୋଷାକ ।]

ପୋଷାକଧାରୀ—ଦେ. ବିଣ. ପୁଂ—(ଫ. ପରିଚ୍ଛଦଧାରୀ ଶବ୍ଦ ଦୃଷ୍ଟିରେ
Poshākadhārī ଫା. ପୋଷାକ୍ ଓ ସଂ. ଧାରୀ ଶବ୍ଦଦ୍ୱୟ ସମନ୍ୱୟ)—
(ପୋଷାକ ଧାରଣୀ—ସ୍ତ୍ରୀ) ପରିଚ୍ଛଦଧାରୀ—Wearing a dress;
पोषाकधारी **पोषाकधारी** dressed.

ପୋଷାକ ପତ୍ର—ଦେ. ବି—(ନିରର୍ଥକ ଦ୍ୱିତୀୟ ସହଚର ଶବ୍ଦ)—
Poshāka patra ପାଗ ପଟୁକା; ଲୁଗାପଟା; ଜାମାଜୋଡ଼ା—
ପୋଷାକ ପତ୍ରଣ } ଅନ୍ୟରୂପ Clothes; full dress.
ପୋଷାକ ପରିଚ୍ଛଦ }
पोषाकटोषाक **पोशाकतसाक**

ପୋଷାକିଆ—ଦେ. ବିଣ—ପୋଷାକୀ (ଦେଖ)
Poshākiā Poshākī (See)

ପୋଷାକୀ—ବୈଦେ. ବିଣ—(ଫା. ପୋଷାକୀ)—୧ । ପୋଷାକ ସମ୍ବନ୍ଧୀୟ-
Poshākī पोषाकी **पोशाकी** 1. Relating to dress.
୨ । ପୋଷାକ ବା ପରିଚ୍ଛଦର ବ୍ୟୟ ନିମନ୍ତେ ଦିଆଯିବା—
2. (allowance) Given for one's raiment.
୩ । ପୋଷାକରୂପେ ବ୍ୟବହୃତ—
3. Used as a dress suit.
୪ । ପୋଷାକର ଉପଯୁକ୍ତ—
4. Fit to be used as dress.
୫ । ପୋଷାକ ଦ୍ୱାରା ସୁସଜ୍ଜିତ—5. Dressed up.
୬ । ଯାହା ବହୁକାଳ ପିନ୍ଧାଯାଇ ପାରେ—
6. Which can be worn for a long time.
୭ । ସଉକୀ; ସୌଖୀନ ପୋଷାକ ପିନ୍ଧିବାକୁ ଯେ ସୁଖ ପାଏ—
7. Fond of fashionable dress; foppish.
୮ । ସୌଖୀନ୍ ପରିଚ୍ଛଦଧାରୀ—8. Wearing fashionable dress; fashionably dressed.
୯ । ସୌଖୀନ; ସଭ୍ୟସମ୍ମତ ଅନୁମୋଦିତ—
9. Elegant; fashionable; approved by the custom of elegant society.
ବି—୧ । ଦେଖାଶୁଣା; ପାଳନ ବିଷୟରେ ଯତ୍ନ; ଶୁଶ୍ରୂଷା—
पोशाक् 1. Care in bringing up.
ଯଥା—ଆମ ସାଆନ୍ତାଣୀ ତାଙ୍କ ପୋଷିଅ ପୁଅକୁ ଖୁବ୍ ପୋଷାକୀରେ ପାଳନ୍ତି ।
୨ । ସୁଖ ସ୍ୱାଚ୍ଛନ୍ଦ୍ୟର ଅତିଶଯ୍ୟ ବା ଚରମ ଭୋଗ—
2. Luxury; lap of luxury.
ଯଥା—ପିଲାଦିନୁ ଜଗବନ୍ଧୁ ପୋଷାକୀରେ ବଢ଼ି ଆସିଛି ।
୩ । ଫେସନ୍; ସଭ୍ୟ ବା ଧନୀସମାଜାନୁମୋଦିତ ବେଶଭୂଷାଆଦିର ପଦ୍ଧତି—3. Fashion in dress; fashionable style; gaudiness in dress.
ଦେ. ବି. (ସଂ. ପୁଷ୍ ଧାତୁ)—ପୋଷଣ କରିବା ପଦାର୍ଥ—
Material for maintenance.

ପୋଷାକୀ ପିନ୍ଧା—ଦେ. ବି—୧ । ଯେଉଁ ଲୁଗାକୁ ପିନ୍ଧି ସଭା ସମିତି,
Poshākī pindhā ଉତ୍ସବ ଦରବାର, ଉତ୍ସବ ଓ ବନ୍ଧୁବାନ୍ଧବଙ୍କ
(ପୋଷାକୀ ଲୁଗା—ଅନ୍ୟରୂପ) ଘରକୁ ଯିବାକୁ ହୁଏ—1. The
पोषी कापड़ cloth which a man uses to
पोशाकी कपड़ा; घराउ कपड़ा wear on remonial and festive occasions.
୨ । ପେଡ଼ିଲୁଗା; ଯେଉଁ ପୋଷାକକୁ ବା ଲୁଗାକୁ ବିଶେଷ ଉପଲକ୍ଷ ଛଡ଼ା ଅନ୍ୟ ସମୟରେ ସାଇତି ରଖିବାକୁ ହୁଏ—
2. Stored valuable dress.

ପୋଷାକୀ ଭାଷା—ଦେ. ବି—୧ । ଯେଉଁ ଭାଷାକୁ ବିଶେଷ ଅଳଙ୍କାର
Poshākī bhāshā ଦ୍ୱାରା ସଜ୍ଜିତ କରାଯାଇ ଥାଏ; ଅଳଙ୍କୃତ ଭାଷା—
लछेदार भाषा 1. Ornamental language.
୨ । ସାଧୁଭାଷା; ସଭ୍ୟଜନ ବ୍ୟବହୃତ ଭାଷା—
2. The language used in refined society.

ପୋଷା(ଷାଁ)ପୁଅ—ଦେ.ବି.(ସଂ.ପୋଷ୍ୟ ପୁତ୍ର)—ପାଳିତପୁତ୍ର; ପୋଷ୍ୟପୁତ୍ର—
Poshā(shān) pua Adopted son.
ପୋଷିଅ ପୁଅ } ଅନ୍ୟରୂପ ପୋଷାପୁଅ ଗୁଣ୍ଡାପୁଅ, କାମ ପଡ଼ିଲେ ନ କରନ୍ତି ଭଅ । ଢଗ ।
ପୁଷିଅ ପୁଅ }
पोस्सिपुत्तुर **पोसपुत**

ପୋଷାଳୀ—ଦେ. ବିଣ—୧ । ପଶୁ ପ୍ରଭୃତି ଜୀବମାନଙ୍କୁ ପୋଷି ରଖିଥିବା
Poshāḻi ବ୍ୟକ୍ତି—1. One who tames beasts.
୨ । ପୋଷଣାହାରୀ (ଦେଖ)—2. Poshaṇāhārī (See)

ପୋଷିବା—ଦେ. କ୍ରି. (ସଂ. ପୁଷ୍ ଧାତୁ)—୧ । ପୋଷଣ କରିବା; ପାଳିବା;
Poshibā ପ୍ରତିପାଳନ କରିବା—1. To maintain.
पोषा ପଡ଼ି ତ ପଦ୍ମିନ ପୋଷନ୍ତ ସବୁକାଳେ ।
पोषना କୃଷ୍ଣସିଂ ହ. ମହାଭାରତ. ବନ ।
୨ । ଲାଳନପାଳନ କରିବା—
2. To rear; to bring up.
୩ । (ହୃଦୟରେ ଆଶା)—ଜାଗ୍ରତ କରି ରଖିବା—
3. To cherish (hope).
ପୋଷିଥିଲେ ଆଶା ଅବା ଫେରିବେ ପାଣ୍ଡବେ, ହୃଦୟରେ ।
ରାଧାନାଥ—ମହାଯାତ୍ରା ।
୪ । ସହାୟ ହେବା; ଆଶ୍ରୟ ହେବା—4. To help; to support; to patronise; to be of help.
ଯଥା—ବାବାରେ ! ତୁ ଏ ବୁଢ଼ାକୁ ବାଡ଼ି ଖଣ୍ଡିଏ ଦେଇ ପୋଷିଲୁ !
୫ । ଅନ୍ୟବ୍ୟକ୍ତିର ଜୀବିକା ନିର୍ବାହରେ ସହାୟ ହେବା—
5. To provide means for maintenance.
ପେଟ ପୋଷ, ନାହିଁ ଦୋଷ । ଢଗ ।
୬ । ଗ୍ରାସାଚ୍ଛାଦନ ଯୋଗାଇବା—
6. To give food and raiment.
ଯଥା—ତାକୁ ପୋଷିଲେ ଯେ, ହାତୀଟିଏ ପୋଷିଲେ ସେ ।
୭ । ବନ୍ୟଜୀବକୁ ଆଣି ଘରରେ ରଖି ଖୁଆଇ ପିଆଇ ପୋଷା ମନାଇବା—7. To domesticate or tame a wild animal.

ପୋଷିବା ପାଳିବା—ଦେ. କ୍ରି. (ଏକାର୍ଥ ବୋଧକ ସହଚର ଶବ୍ଦ)—
Poshibā pāḻibā ୧ । ଲାଳନ ପାଳନ କରିବା—
पोषा पाला 1. To bring up.

पोसना पालना ୨ । ଯତ୍ନ ସହକାରେ ପାଳନ କରିବା —
2. To bring up with care.

ପୋଷିଲି ପାଳିଲି କୋହଲ ଜନ୍ତୁ
ଅଧିକାର କଲ ଗୁହାଳ ପୋଛି । ଭଗ ।

ପୋଷୀ—ଦେ. ବିଣ. (ସ. ପୋଷକ; ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା—
Poshi ଲକ୍ଷପୋଷୀ)—ଯେ ପୋଷେ; ପ୍ରତିପାଳକ—
Maintaining.

ବୋଲଅ ଜଗତେ ସିନା ଲକ୍ଷ ପୋଷୀ । ସ୍ୱଧାନାଥ – ଦରବାର ।

ପୋଷୁକ—ସଂ. ବିଣ. ପୁଂ (**ପୁଷ୍** ଧାତୁ + ଶୀଳାର୍ଥେ ଉକ) —
Poshuka ପୋଷଣକାରୀ—Supporting; maintainig.

ପୋଷେ—ଦେ. ବି ଓ ବିଣ— ହାତର କରତଳ ପୃଷ୍ଠରେ ଏକ ଥରକେ
Poshe ସମ୍ଭାଇବା ପରିମାଣ; ଏକ ପୋଷମାତ୍ର—
একলোট **एकलप** A handful; a handful of.

ପୋଷ୍ଟ୍—ବୈଦେ. ବି. (ଇଂ)—୧ । ଡାକ; ଚିଠିପତ୍ରାଦି ପ୍ରେରଣର
Posht ସରକାରୀ ବ୍ୟବସ୍ଥା—1. Post.
পোষ্ট [ଦ୍ର—ଏହି ଇଂରାଜୀ ଶବ୍ଦ ଅନ୍ୟ ଇଂରାଜୀ ଶବ୍ଦମାନଙ୍କ
पोष्ट ପରେ ଓ ପୂର୍ବେ ବ୍ୟବହୃତ ହୁଏ, ଯଥା—ଇ. ପି. ପୋଷ୍ଟ୍;
ପାର୍ସେଲ୍ ପୋଷ୍ଟ୍, ବୁକ୍ ପୋଷ୍ଟ୍, ବେରଙ୍ଗ୍ ପୋଷ୍ଟ, ଆଉଟ୍
ପୋଷ୍ଟ, ପୋଷ୍ଟ୍ ମାଷ୍ଟର୍, ପୋଷ୍ଟ୍ ପିଅନ୍ ।]
୨ । ଖୁଣ୍ଟ—2. Post.
ଗ୍ରା. ବିଣ. (ସଂ. ସ୍ପଷ୍ଟର ଅଶୁଦ୍ଧ ଉଚ୍ଚାରଣ)—ସ୍ପଷ୍ଟ—Clear.
କ୍ରି. ବିଣ—୧ । ସ୍ପଷ୍ଟରୂପେ—1. Clearly.
୨ । ନିଃସନ୍ଦେହରୂପେ—2. Undoubtedly.

ପୋଷ୍ଟ୍ ଅଫିସ୍—ବୈଦେ. ବି. (ଇଂ)—ଡାକଘର—
Posht aphis Post office.
পোষ্ট আপিস **पोष्टआफिस**
[ପୋଷ୍ଟାଫିସ୍, ପୋଷ୍ଟ ଅଫି(ଫ)ସ—ଅନ୍ୟରୂପ]

ପୋଷ୍ଟ୍ ଇଲକା—ବୈଦେ. ବି. (ଇଂ. ପୋଷ୍ଟ + ଫା. ଏଲାକା)—
Posht ilākā ପୋଷ୍ଟାଲ ଡିପାର୍ଟ୍‌ମେଣ୍ଟ (ଦେଖ)
পোষ্ট এলাকা **पोष्ट एलाका** Poshtāl dipārtment (See)
ପୋଷ୍ଟ୍ ବିଭାଗ } ଅନ୍ୟରୂପ [ଦ୍ର—ଆଧୁନିକ କଥାବାର୍ତ୍ତା
ପୋଷ୍ଟାଲ୍ ଇଲାକା ଓ ଲେଖାରେ ପୋଷ୍ଟ୍ (post)
ପୋଷ୍ଟାଲ୍ ବିଭାଗ ପୋଷ୍ଟାଲ୍ (postal) ପୋଷ୍ଟ୍
ଅଫିସ୍ (post office) ଶବ୍ଦମାନଙ୍କ ସଙ୍ଗେ ଅନେକ ପ୍ରଚଳିତ
ଇଂରାଜୀଶବ୍ଦମାନ ଲାଗି ବିକୃତ ଓ ଅବିକୃତ ହୋଇ ଓଡ଼ିଆରେ ବ୍ୟବହୃତ
ହେଉଅଛି; ଯଥା—ପୋଷ୍ଟାଲ୍ ଇନ୍ସପେକ୍ଟର୍ (postal inspector)
ପୋଷ୍ଟାଲ୍ ସାର୍ଟିଫିକେଟ୍ (postal certificate) ପୋଷ୍ଟାଲ୍
ଅର୍ଡ଼ର୍ (postal order) ପୋଷ୍ଟାଲ୍ ସୁପରିଣ୍ଟେଣ୍ଡେଣ୍ଟ୍ (postal
superintendent) ପୋଷ୍ଟାଲ ରସିଦ୍ (postal receipt)
ପୋଷ୍ଟ୍ ମାଷ୍ଟର୍ ଜେନେରାଲ (post master general)
ପୋଷ୍ଟାଲ୍ ଭ୍ୟାନ୍ (postal van) ପୋଷ୍ଟାଲ୍ ରନର୍ (postal
runner) ପୋଷ୍ଟାଲ୍ ମନିଅର୍ଡ଼ର୍ (postal money order) ।
ଡାକବିଭାଗ ସମ୍ବନ୍ଧୀୟ ଅନେକ ଶବ୍ଦ ମଧ୍ୟ ବିକୃତ ଓ ଅବିକୃତ
ହୋଇ ଚଳୁଅଛି; ଯଥା- ସେଭିଙ୍ଗସ୍ ବ୍ୟାଙ୍କ୍ (savings bank),
ମନିଅର୍ଡ଼ର (moneyorder), ରସିଦ୍ (receipt), ଇନ୍‌ସିଓର୍
(insure), ଭାଲ୍ୟୁ ପେବ୍ଲ ପାର୍ସେଲ୍ (V. P. parcel);
ପୋଷ୍ଟେଜ୍ (postage), ରେଜିଷ୍ଟ୍ରେସନ୍ (registration),
ଏନ୍‌ଭଲପ୍ (envelope), ସର୍ଭିସ୍ ପୋଷ୍ଟ୍ (service post),
ସବ୍ ପୋଷ୍ଟମାଷ୍ଟର୍ (sub postmaster), ଡେପୁଟୀ
ପୋଷ୍ଟ ମାଷ୍ଟର (deputy post master), ଏଆର୍ ପୋଷ୍ଟ
Air post) ।]

ପୋଷ୍ଟ୍ କାର୍ଡ୍(ଡ଼)—ବୈଦେ. ବି (ଇଂ)—ଏକ ପାଖରେ ଚିଠି ଲେଖିବାର
Posht kārd(rd) পোষ্টকার্ড **पोष्टकार्ड** ପତ୍ର—Post card.
[ଦ୍ର—ସରକାରୀ କର୍ମଚାରୀମାନେ ସରକାରୀ କାର୍ଯ୍ୟରେ
ଯେଉଁ କାର୍ଡ଼ ବ୍ୟବହାର କରନ୍ତି ଓ ଯହିଁରେ ଅନ୍ ହିଜ୍
ମେଜେଷ୍ଟିଜ୍ ସର୍ଭିସ୍ (on His Majesty's service) ମାର୍କା
ମରାଥାଏ ତାକୁ ସର୍ଭିସ୍ କାର୍ଡ଼୍ (service card) ବୋଲା-
ଯାଏ ।]

ପୋଷ୍ଟ୍ ଗ୍ରାଜୁଏଟ୍—ବୈଦେ. ବି. (ଇଂ)—ବି. ଏ. ପାଶ କରିବା ପରେ
Posht grājuet ସାଧାରଣ ଜ୍ଞାନ ବୃଦ୍ଧି ସକାଶେ ଅଗାଧ ବିଦ୍ୟାପାଠ
পোষ্ট গ্রাজুএট ଓ ଗବେଷଣାରେ ନିଯୁକ୍ତ ଛାତ୍ର —
पोष्ट ग्राजुएट Post graduate scholar.

ପୋଷ୍ଟ୍ ବକ୍ସ—ବୈଦେ. ବି. (ଇଂ)—୧ । ଯେଉଁ ବାକ୍ସରେ ସାଧାରଣ
Posht baks ଲୋକେ ଡାକରେ ଚିଠିପତ୍ର ଗଳାଇ ପକାନ୍ତି—
পোষ্টবাকস **पोष्टबक्स** 1. Post box.
ପୋଷ୍ଟ ବାକସ } ଅନ୍ୟରୂପ ୨ । ଡାକଘରେ ଭିନ୍ନ ଭିନ୍ନ ଲୋକଙ୍କ
ପୋଷ୍ଟ ବାକ୍ସ ନାମରେ ଆସିବା ଚିଠିମାନଙ୍କୁ
ଡାକ ପିଅନ ଯେଉଁ ବାକ୍ସରେ ପକାଏ—2 Post
boxes of different persons kept at the
post office.
[ଦ୍ର—ଏ ବାକ୍ସର ଗୋଟିଏ ଚାବି ମାଲିକ ପାଖରେ ଏବଂ
ଆଉ ଗୋଟିଏ ଚାବି ପିଅନ୍ ହାତରେ ଥାଏ । ପିଅନ ସେ ବାକ୍ସରେ
ଚିଠି ରଖି ଦେଇ ଗଲା ପରେ ମାଲିକର ଲୋକ ଆସି ବାକ୍ସ ଫିଟାଇ
ଚିଠିମାନ ନେଇଯାଏ ।]

ପୋଷ୍ଟ୍ ବାଗ୍—ବୈଦେ. ବି (ଇଂ)—ଯେଉଁ ମୁଣି ବା କୋଥଳିରେ
Posht bāg ଡାକରେ ବୁହାଯିବା କାଗଜପତ୍ରମାନ ଭରିଛି କସ୍-
পোষ্টবেগ ଯାଇ ଏକ ଡାକଘରୁ ଅନ୍ୟସ୍ଥାନକୁ ପ୍ରେରିତ
पोष्टबेग ହୁଏ—Post bag.
(ପୋଷ୍ଟ ବ୍ୟା[ବେ]ଗ୍—ଅନ୍ୟରୂପ)

ପୋଷ୍ଟ୍ ମର୍ଟ(ଟେ)ମ୍—ବୈଦେ. ବି. (ଇଂ. ପୋଷ୍ଟ ମର୍ଟେମ୍)—ମୃତ୍ୟୁର
Posht marta(rte)m କାରଣ ସ୍ଥିର କରିବା ପାଇଁ ଶବର
পোষ্টমারটম **पोष्टमार्टम** ବ୍ୟବଚ୍ଛେଦ—Post mortem
examination.

ପୋଷ୍ଟ୍ ମାଷ୍ଟର୍—ବୈଦେ. ବି. (ଇଂ)—ଡାକ ମୁନସୀ; ଡାକବାବୁ,
Posht māshtar ଡାକଘରର ଅଧ୍ୟକ୍ଷ —Post master.
পোষ্টমাষ্টর **पोष्टमाष्टर**

ପୋଷ୍ଟ୍ ମାଷ୍ଟର୍ ଜେନ(ନେ)ରଲ୍—ବୈଦେ. ବି. (ଇଂ)—ପ୍ରଦେଶର ଡାକ ବିଭାଗର ଉଚ୍ଚତମ ହାକିମ—Post master general.
Posht mashtar jena(ne)ral
ପোষ্টমাষ্টর জেনেরাল
पोष्टमाष्टर जनरल

ପୋଷ୍ଟ୍ ମାନ୍—ବୈଦେ. ବି. (ଇଂ)—ଡାକପିଅନ; ଡାକବାଲା; ଯେଉଁ ପିଅଦା ଚିଠିପତ୍ର ବାଣ୍ଟେ—Postman; postal peon.
Posht-man
পোষ্টম্যান पोष्टमैन
[ପୋଷ୍ଟମ୍ୟା(ମେ)ନ୍; ପୋଷ୍ଟ ପିଅ(ଓ)ନ୍—ଅନ୍ୟରୂପ]

ପୋଷ୍ଟା—ସ. ବିଣ. ପୁଂ. (ପୁଷ ଧାତୁ+କର୍ତ୍ତୃ. ତୃ=ପୋଷ୍ଟୃ ଶବ୍ଦ; ୧ମା ୧ବ.)—ପୋଷଣକାରୀ—Maintaining; supporting.
Poshta
(ପୋଷ୍ଟ୍ରୀ – ସ୍ତ୍ରୀ)

ବି—୧ । ପୋଷଣ କର୍ତ୍ତା ବ୍ୟକ୍ତି—1. Supporter

୨ । ପୂତିକ; ପୂତିକରଞ୍ଜ, କରପୋଲ; କଣ୍ଟାକରଞ୍ଜ—2. Grey Bonduc (a thorny creeper).

ପୋଷ୍ଟାପି(ଫି)ସ୍—ବୈଦେ. ବି. (ଇଂ. ପୋଷ୍ଟ ଅଫିସ୍)—ପୋଷ୍ଟ ଅଫିସ୍; ଡାକଘର—Post office.
Poshtapi(phi)s
পোষ্টঅফিস पोष्टाफिस

ପୋଷ୍ଟାଲ୍—ବୈଦେ. ବିଣ. (ଇଂ)—ଡାକସମ୍ବନ୍ଧୀୟ—Postal.
Poshtal পোষ্টাল पोष्टाल

[ଦ୍ର—ଇଂରାଜୀ ପୋଷ୍ଟ ବିଶେଷ୍ୟ ପଦରୁ ନିଷ୍ପନ୍ନ ବିଶେଷଣ ଇଂ. ପୋଷ୍ଟାଲ୍ (ପୋଷ୍ଟ ବା ଡାକସମ୍ବନ୍ଧୀୟ) ଶବ୍ଦ ସଙ୍ଗେ ବ୍ୟବହୃତ ଅନ୍ୟ ଇଂରେଜୀ ଶବ୍ଦମାନ ମଧ୍ୟ ଭାଷାରେ ଚଳିଲାଣି; ଯଥା—ପୋଷ୍ଟାଲ୍ ଗାଇଡ୍, ପୋଷ୍ଟାଲ୍ ରନର୍, ପୋଷ୍ଟାଲ୍ ଷ୍ଟାମ୍ପ୍, ପୋଷ୍ଟାଲ୍ ମନିଅର୍ଡ଼ର, ପୋଷ୍ଟାଲ୍ ସେଭିଙ୍ଗସ୍ ବ୍ୟାଙ୍କ, ପୋଷ୍ଟାଲ୍ ସାର୍ଟିଫିକେଟ୍ ।]

ପୋଷ୍ଟାଲ୍ ଗାଇଡ୍—ବୈଦେ. ବି. (ଇଂ)—ଡାକବିଭାଗଦ୍ୱାରା ପ୍ରକାଶିତ ଡାକବିଭାଗର ନିୟମାବଳୀ ସମ୍ବଳିତ ପୁସ୍ତକ—Postal guide.
Poshtal gaid
পোষ্টাল গাইড पोष्टल गाइड

ପୋଷ୍ଟେଜ୍—ବୈଦେ. ବି. (ଇଂ)—୧ । ଡାକ ମାହାସୁଲ—1. Postage.
Poshtej
পোষ্টেজ

୨ । ଡାକ ଟିକଟ—2. Postal stamp.

पोष्टेज [ଦ୍ର—ସରକାରୀ କର୍ମଚାରୀମାନେ ସରକାରୀ ଚିଠି ପାଇଁ ବ୍ୟବହାର କରିବା ଡାକ ଟିକଟ ଉପରେ ଅନ୍ ହିଜ୍ ମେଜେଷ୍ଟିଜ୍ ସର୍ଭିସ୍ ଓନ୍ଲି (On His Majesty's service only) 'ସମ୍ରାଟଙ୍କ ଖାସ୍ କାର୍ଯ୍ୟରେ; ବ୍ୟବହାର୍ଯ୍ୟ ମାତ୍ର' ଛାପା ମରାଯାଇଥିବା ଡାକ ଟିକଟକୁ ସର୍ଭିସ୍ ପୋଷ୍ଟେଜ୍ (service postage) ବା ସର୍ଭିସ୍ ଷ୍ଟାମ୍ପ୍ (Service stamp) କହନ୍ତି ।]

ପୋଷ୍ୟ—ସ. ବିଣ. ପୁଂ. (ପୁଷ ଧାତୁ+କର୍ମ. ଯ)—୧ । ଯାହାକୁ ମନୁଷ୍ୟର ପୋଷିବା ଉଚିତ; ପୋଷଣ ଯୋଗ୍ୟ; ପ୍ରତିପାଳ୍ୟ—1. Deserving to be maintained or taken care of.
Poshya
(ପୋଷ୍ୟା—ସ୍ତ୍ରୀ)

୨ । ଯାହାକୁ ପୋଷାଯାଏ—2. Maintained; cherished.

ବି—୧ । ପରିବାର—1. Family.

୨ । ଭୃତ୍ୟ—2. Dependent; servant.

ପୋଷ୍ୟ ପୁତ୍ର—ସ. ବି. (କର୍ମଧା; ପୋଷ୍ୟ+ପୁତ୍ର)—ପୋଷିଅଣା ପୁଅ; ଦତ୍ତକ ପୁତ୍ର—Adopted son.
Poshya putra
[ଦ୍ର—ପୁତ୍ର ତଳେ ନୋଟ୍ ଦେଖ ।]

ପୋଷ୍ୟ ବର୍ଗ—ସ. ବି. (୬ଷ୍ଠୀ ତତ୍; ପୋଷ୍ୟ+ବର୍ଗ)—
Poshya barga

୧ । ଆପଣାର ପରିବାରଭୁକ୍ତ ବ୍ୟକ୍ତିଗଣ—1. One's dependents; the members of one's family.

୨ । ଭୃତ୍ୟବର୍ଗ—2. The body of one's attendants and followers, retinue.

୩ । ହିନ୍ଦୁଶାସ୍ତ୍ର ଅନୁସାରେ ଯେଉଁ ଯେଉଁ ବ୍ୟକ୍ତିମାନଙ୍କୁ ମନୁଷ୍ୟ ପୋଷିବାର କର୍ତ୍ତବ୍ୟ ଓ ଯାହାଙ୍କୁ ନ ପୋଷିଲେ ପାପ ହୁଏ—3. A class of persons or dependents whom every householder is enjoined by the Hindu codes to maintain.

[ଦ୍ର—ପିତା, ମାତା, ଗୁରୁ, ସନ୍ତାନ, ଭ୍ରାତା, ଅତିଥି, ଅଗ୍ନି ଦେବତା ଓ ଆଶ୍ରିତ ବ୍ୟକ୍ତିମାନେ ମନୁଷ୍ୟର ପୋଷ୍ୟବର୍ଗ ଅଟନ୍ତି ।]

ପୋସ୍ତ—ବୈଦେ. ବି (ଫା) (ସ. ନାମ ଖସଖସ; ଖସବୀଜ; ଖାଖସ)—
Posta
ପোস্ত पोस्त
(ପୋସ୍ତକ—ଅନ୍ୟରୂପ)

୧ । ଅଫିମ ଗଛ—1. The poppy plant; Papaver Somniferum.

[ଦ୍ର—ଏହା ପ୍ରାୟ ୩ ମାସ ବଞ୍ଚିବା ଶାକଗୁଳ୍ମବିଶେଷ । ଫୁଲର ୪ ପାଖୁଡ଼ା; କେଉଁ ଫୁଲ ଧଳା, କେହି ନାଲି ଓ କେହି ଛିପଛିପକିଆ । ଫଳ ହୋଇ ପରେ, କଞ୍ଚା ଫଳକୁ ଛୁରିରେ ଚିରିଲେ ଚହିଁରୁ ଯେଉଁ ଅଠାଳିଆ ରସ ବାହାରେ ତାହା ଶୁଖିଗଲେ ଅଫିମ ହୁଏ । ପାଚିଲା ଫଳ ଶୁଖି ଗଲେ ତାହା ମଧ୍ୟରୁ ସୋରିଷଠାରୁ ଛୋଟ ଛୋଟ ଧଳା ମଞ୍ଜି ବାହାରେ ତାକୁ ପୋସ୍ତଦାନା କହନ୍ତି ।]

୨ । ଅଫିମ ଗଛର ଫଳ; ଅଫିମ ଗଛର ବକଡ଼ା—2. Poppy-berries; poppy-head or capsule.

୩ । ଅଫିମ ଫଳ ଭିତରେ ଥିବା ମଞ୍ଜି—3. Poppy seeds.

୪ । ଛାଲ; ଚମଡ଼ା—4. Hide; skin.

୫ । ବଲ୍କଲ—5. Bark.

୬ । ବହି ବନ୍ଧା ହେବା ଚମଡ଼ା—6. Leather for binding books.

ପୋସ୍ତକ ଦାନା—ବୈଦେ. ବି. (ଫା. ପୋସ୍ତ୍ ଦାନା)—ଅଫିମ ଫଳ ମଧ୍ୟରେ ଥିବା ଶ୍ୱେତବର୍ଣ୍ଣ ଅତି କ୍ଷୁଦ୍ର ସର୍ଷପାକାର ମଞ୍ଜି—Poppy seeds; Papaver Rhœs; Papaver Dubium.
Postaka dana
(ପୋସ୍ତଦାନା—ଅନ୍ୟରୂପ)
ସ. ସୁବୀଜ, ସୁକ୍ଷ୍ମବୀଜ, ଖସ୍ଖସ୍; ଖସବୀଜ, ଖାଖସବୀଜ
পোস্তদানা, লাল্‌পোস্তা
खसखसदाना; पोस्तदाना, लालपोस्ता, खसखसकेदाना
ଗଞ୍ଜାମ. ଆଫୁମଞ୍ଜି
ତେ. ଏସ୍ୱଗା ଶାଗାସାଲ୍;

[ଦ୍ର—ଏହା ବଟା ହୋଇ ତରକାରୀରେ ମିଶାଯାଏ ଓ ତରକାରୀରେ ମସଲାରୂପେ ଓ ନାନା ଔଷଧରେ ବ୍ୟବହୃତ ହୁଏ; ବୈଦ୍ୟଶାସ୍ତ୍ର ମତରେ ପୋସ୍ତଦାନାରୁ ବାହାରିବା ତେଲ

ଏରାପୋସ୍ତକସ୍ମା, ଗସଗସାଲୁ ବଲଜନକ, ଶୁକ୍ରକାରକ, ଗୁରୁ, ବାୟୁ-
ଡା. ଶିଗ୍ରାମ୍ପ, ଗାଶାରେଡ ନାଶକ, କଫଘ୍ନ, ଶୀତବୀର୍ଯ୍ୟ, ମଧୁରରସ
ମ. ଖସଖସ, ଗୁ. ଖସଖସ ଓ ମଧୁରବିପାକ—ଦ୍ରବ୍ୟଗୁଣ ।]
ଫା. ଭୁଖମେ କୋକ୍‌ନାର, ଆ. ହବୁଲ୍ କୋକନାର୍

ପୋସ୍ତ ବନ୍ଧ—ବୈଦେ. ବ—୧ । (ଫା. ପୁସ୍ତାବନ୍ଦୀ)—କାନ୍ଥଆଦିର ପଛ-
Posta bandi ଅଡ଼େ ମୂଳପାଖେ ଇଟା, ମାଟି, ପଥରଆଦି ଗଢ଼ି
ପୋସ୍ତାବନ୍ଦୀ କାନ୍ଥକୁ ଅଟଳ କରିବାର ପ୍ରଣାଳୀ—1. The
पुस्तावन्दी building of a buttress to support a wall.
ପୋସ୍ତବନ୍ଦୀ ୨ । (ଫା. ପୋସ୍ତବନ୍ଦୀ) ବହିକୁ ଚମଡ଼ା ମଲାଟଦ୍ୱାରା
पोस्तबन्दी ବାନ୍ଧିବା—2 Binding of a book with
(ପୋସ୍ତ ବନ୍ଧ—ଅନ୍ୟରୂପ) leather; leather-binding.

ପୋସ୍ତା—ବୈଦେ. ବ—୧ । (ଫା. ପୋସ୍ତ)—ପୋସ୍ତ ୧।୨।୩ (ଦେଖ)
Postā Posta 1,2,3 (See)
ପୋସ୍ତା ୨ । (ଫା. ପୁସ୍ତା)—କାନ୍ଥକୁ ମଜଭୁତ କରିବା ପାଇଁ
पोस्ता ତହିଁର ମୂଳରେ ଗଢ଼ାଯିବା ବା ଗଦା କରାଯିବା ଇଟା;
पुश्ता ପଥର, ଚୂନ ବା ମାଟିର ରାଶି—2. Buttress built
पोस्ता to support a wall.

ପୋସ୍ତାନ(ନି)—ବୈଦେ. ବ. (ଫା. ପୁସ୍ତାନୀ)—ପୁସ୍ତାନି (ଦେଖ)
Postān(ni) पुस्तानी **पुस्तॅनी**) Pustāni (See)

ପୋହଣା—ପ୍ରାଦେ. (ସିଂହଭୂମ୍) ବ (ସଂ. ପୋତାଧାନ=ମାଛଛୁଆଁଙ୍କ
Pohaṇā ମଦା; ଭୁଲ ବଂ. ପୋନା)—୧ । ମାଛର ଛୁଆଁଅଳ;
ଉତ୍ପନ୍ନମାତ୍ର ମତ୍ସ୍ୟ ଶିଶୁ—1. Fish fry.
୨ । ମାଛ ଛୁଆଁଙ୍କ ମଦା—2. A shoal of young fishes.

ପୋହଳ—ପ୍ରାଦେ. (ବାଲେଶ୍ୱର) ବ—ପୋଲୁଅ (ଦେଖ)
Pohaḻa Poḻua (See)
(ପୋହୁଳ—ଅନ୍ୟରୂପ) ପ୍ରାଦେ. (ଗଡ଼ଜାତ) ବ—ଶଗଡ଼ ଦଣ୍ଡାର
ସର୍ବଶେଷ ଫଳ—The hindmost cross-piece in the body-frame of a cart.

ପୋହଳ କିଲା—ପ୍ରାଦେ. (ଗଡ଼ଜାତ) ବ—ଶଗଡ଼ ଦଣ୍ଡାର ଶେଷ ଫଳର
Pohaḻa kilā ଦୁଇ ମୁଣ୍ଡରେ ଦିଆ ଯାଇଥିବା କିଲ—
The pins put into the two ends of the hindmost cross-piece attached to the body-frame of a cart.

ପୋହଳ ଚପିବା—ପ୍ରାଦେ. (ବାଲେଶ୍ୱର) କ୍ରି—ପୋଲୁଅ ସାହାଯ୍ୟରେ
Pohaḻa chāpibā ମାଛ ମାରିବା; ପୋଲୁଅ ମଡ଼ାଇବା—
(ପୋହଳ ମାଡ଼ିବା—ଅନ୍ୟରୂପ) To press the Poḻua in water to catch fish.

ପୋହ(ହୋ)ଳା—ଦେ. ବ. (ସଂ. ପ୍ରବାଳ)—ସାମୁଦ୍ରିକ ଉପରତ୍ନବିଶେଷ—
Poha(ho)ḻā Coral; Corallium Rubrum.
पंगा [ଦ୍ର—ଏହା ବୃକ୍ଷାକୃତି ସାମୁଦ୍ରିକ ଜୀବର ଅସ୍ଥି ।
मुंगा ଏହା ଖଣ୍ଡଖଣ୍ଡ ହୋଇ କଟାଯାଇ ବିକା ହୁଏ,
ସଂ. ଅଙ୍ଗାରମଣି ଏଥିରେ ମାଳ ଗୁନ୍ଥି ସ୍ତ୍ରୀଲୋକମାନେ ପିନ୍ଧନ୍ତି ଓ
ଲତାମଣି, ଏହାର ଭସ୍ମ ଔଷଧରେ ବ୍ୟବହୃତ ହୁଏ । ରତ୍ନ ଚଳେ-
ବିଦ୍ରୁମ, ନୋଟ୍ ଦେଖ ।]
ରକ୍ତକନ୍ଦକ, ୨ । ପୋହଳା ମାଛ (ଦେଖ)
ରକ୍ତାଙ୍ଗ 2. Pohaḻā māchha (See)
୩ । ପିହୁଳା (ଦେଖ)—3. Pihuḻā (See)

ପୋହଳା ଏଣ୍ଡା—ପ୍ରାଦେ. (ଗଞ୍ଜାମ) ବ—ପୋହଳା ଏଣ୍ଡୁଅ (ଦେଖ)
Pohaḻā eṇḍā Pohaḻā eṇḍua (See)

ପୋହଳା ଏଣ୍ଡୁଅ—ଦେ. ବ. (ସଂ. ପ୍ରବାଳ+ଓ. ଏଣ୍ଡୁଅ)—
Pohaḻā eṇḍua ଏକ ପ୍ରକାର ନାଲି ମୁଣ୍ଡିଆ ଏଣ୍ଡୁଅ—
A kind of chameleon; the horned Iguana; Iguana Tuberculata.
[ଦ୍ର—ଏମାନଙ୍କୁ ବହୁରୂପା ଏଣ୍ଡୁଅ କୁହାଯାଏ । ଏମାନଙ୍କ ମୁଣ୍ଡ ଓ ବେକ ପୋହଳା ପରି ନାଲି ଦେଖାଯାଏ । ଏମାନେ ବିଷଧର ଅଟନ୍ତି । ଏମାନଙ୍କ ଶରୀରର ରଙ୍ଗ ଏମାନଙ୍କ ବସିବା ସ୍ଥାନ ଓ ପଦାର୍ଥର ରଙ୍ଗ ଅନୁସାରେ ବଦଳୁ ଥାଏ ।]

ପୋହଳା ମାଛ—ଦେ. ବ. (ସଂ. ନାମ. ଅଜ୍ଞାନ)—
Pohaḻā māchha ପୋଖରୀ ଓ ନଦୀ ଆଦିରେ ଥିବା ଏକପ୍ରକାର
(ପୋହୋଳା ମାଛ—ଅନ୍ୟରୂପ) ଛୋଟ କାତିଯୁକ୍ତ ମାଛ—
ବାଟା A small freshwater fish allied to the minnow or chub; minny; Cirrhina Reba.
[ଦ୍ର—ଏମାନେ ଲମ୍ବରେ ୧ ଗୁଣ୍ଠ ପର୍ଯ୍ୟନ୍ତ ବଢ଼ନ୍ତି । ଛୋଟ ଛୋଟ ସରୁଆ ପୋହଳାମାଛଙ୍କୁ କାଠି ପୋହଳା (ବଂ. ଖଡ଼କେ ବାଟା) ବୋଲାଯାଏ । ବଡ଼ ଆକାରର ପୋହଳା ମାଛମାନଙ୍କୁ ବଡ଼ ପୋହଳା (ବଂ. ଭାଙ୍ଗନ୍‌ବାଟା କହନ୍ତି ।]

ପୋହଳା ମାଳ—ଦେ. ବ—ପ୍ରବାଳ ଗୁନ୍ଥା ହୋଇଥିବା ହାର—
Pohaḻā māḻa A necklace of corals strung to-
ପଳାକାଁଠି **मुंगाकीमाला** gether; a string of corals.
(ପୋହଳା କଣ୍ଠି, ପୋହଳା ହାର—ଅନ୍ୟରୂପ)

ପୌଂଶ୍ଚଲେୟ—ସଂ. ବ. ପୁଂ. (ପୁଂଶ୍ଚଲୀ=ଅସତୀ+ଅପତ୍ୟାର୍ଥେ ଏୟ)—
Paumschaḻeya ଅସତୀତନୟ; ବେଶ୍ୟାପୁତ୍ର—
ପୌଂଶ୍ଚଲେୟୀ } ସ୍ତ୍ରୀ The son of an adulteress;
ପୌଂଶ୍ଚଲେୟୀ } whoreson.

ପୌଂସବନ—ସଂ. ବ. (ପୁଂସବନ+ଅ)—ପୁଂସବନ (ଦେଖ)
Paumsabana Pumsabana (See)
ବଣ—ପୁଂସବନ ସମ୍ବନ୍ଧୀୟ—Relating to Pumsabana.

ପୌଗଣ୍ଡ—ସଂ. ବ. (ପୋଗଣ୍ଡ+ଭାବ. ଅ)—୧ । ପୋଗଣ୍ଡ ଅବସ୍ଥା;
Pauganda ୫ ବର୍ଷଠାରୁ ୧୦ ବର୍ଷ (ମତାନ୍ତରରେ ୧୫ ବର୍ଷ)
ପର୍ଯ୍ୟନ୍ତ ବାଲ୍ୟାବସ୍ଥା—1. Boyhood between 5 to 10 years of age.
[ଦ୍ର—କେହି କେହି ବାଲ୍ୟାବସ୍ଥାକୁ ୩ ଭାଗରେ ବିଭକ୍ତ କରନ୍ତି, ଯଥା—
୫ ବର୍ଷ ପର୍ଯ୍ୟନ୍ତ—କୌମାର ବା କୁମାର ବା ଶୈଶବ ବା ଶିଶୁ,
୧୦ ବର୍ଷ ପର୍ଯ୍ୟନ୍ତ—ପୌଗଣ୍ଡ ବା ପୋଗଣ୍ଡ,
୧୫ ବର୍ଷ ପର୍ଯ୍ୟନ୍ତ—କୈଶୋର ବା କିଶୋର ।]

୨ । ଦଶବର୍ଷରୁ ଅଳ୍ପ ବୟସ୍କ ଶ୍ରେଷ୍ଠ ବାଳକ—
2. A boy below 10 years of age.
୩ । ବିକଳାଙ୍ଗ—3. A person deficient in some limbs.
୪ । ଅପ୍ରାପ୍ତବୟସ୍କ ବାଳକ; ନାବାଳକ—4. A minor.

ପୌଟି—ଦେ. ବି—ପଉଟି (ଦେଖ)—Pauti (See)
Pauti ପ୍ରାଦେ. (ସିଂହଭୂମ) ବି—୧୦ ମହଣ ପରିମାଣ—
A measure of 10 maunds.

ପୌଣ୍ଡରୀକ—ସଂ. ବି—ପ୍ରପୌଣ୍ଡରୀକ (ଦେଖ)
Paundarika Prapaundarika (See)
(ପୌଣ୍ଡର୍ଯ୍ୟ—ଅନ୍ୟରୂପ)

ପୌଣ୍ଡ୍ର—ସଂ. ବି. (ପୁଣ୍ଡ୍ର+ଅ)—୧ । ପୁଣ୍ଡ୍ରଦେଶ; ପ୍ରାଚୀନ ଗୌଡ଼
Paundra ଦେଶ; ଅଧୁନାକ ବିହାରର ଦକ୍ଷିଣାଂଶ—
1. The ancient name of the country extending from the Ganges along the south of Bihar.
୨ । ପୁଣ୍ଡ୍ରଦେଶବାସୀ ବ୍ୟକ୍ତି—
2. Inhabitant of Pundra country.
୩ । ଭୀମସେନଙ୍କ ଶଙ୍ଖର ନାମ—
3. Name of the conch blown by Bhima.
ପୁଂଡ୍ରୀ ଆକ ୪ । ପୁଣ୍ଡ୍ର ଆଖୁ—4. A kind of pale straw-
पौंढ़ा coloured sugarcane.

ପୌଣ୍ଡ୍ରକ—ସଂ. ବି—୧ । ପୌଣ୍ଡ୍ର ୪ (ଦେଖ)
Paundraka 1 Paundra 4 (See)
୨ । ବର୍ଣ୍ଣସଙ୍କର ଜାତିବିଶେଷ; ବୈଶ୍ୟ ଔରସରେ ଶୌଣ୍ଡିକା ଗର୍ଭଜାତ ସନ୍ତାନ—2. A mixed caste begotton by a Baisya father on a destiller caste woman.
[ଦ୍ର—ଏମାନେ ଆଖୁରୁ ଗୁଡ଼ ତିଆର କରୁଥିଲେ ।]
୩ । କରୁଷ ବା ପୁଣ୍ଡ୍ରଦେଶର ରାଜା—3. A king who tried to set himself up as Srikrushna and was ultimately killed by him.
[ଦ୍ର—ଏ କରୁଷଙ୍କର ଶଳା ଥିଲେ । ଏହାଙ୍କ ପିତାଙ୍କ ନାମ ବସୁଦେବ, ଏଥିପାଇଁ ଏ ଆପଣାକୁ ବାସୁଦେବ ନାମରେ ଡାକୁଥିଲେ । ପାଣ୍ଡବମାନଙ୍କ ରାଜସୂୟ ଯଜ୍ଞରେ ଭୀମ ଏହାଙ୍କୁ ହରାଇଥିଲେ । ଏ ଶ୍ରୀକୃଷ୍ଣଙ୍କ ପରି ରୂପ ଓ ବେଶ ଧାରଣ କରିଥାଆନ୍ତି । ଏ ନାରଦଙ୍କଠାରୁ ଶ୍ରୀକୃଷ୍ଣଙ୍କ ମହିମା ଶୁଣି କ୍ରୁଦ୍ଧ ହୋଇ ଓ ଏକଲବ୍ୟ ଆଦିଙ୍କୁ ନେଇ ଶ୍ରୀକୃଷ୍ଣଙ୍କ ରାଜଧାନୀ ଦ୍ୱାରକାକୁ ଆକ୍ରମଣ କଲେ ଓ ସେଠାରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ହତ ହେଲେ—ହ. ଶ ।]

ପୌଣ୍ଡ୍ର ବର୍ଦ୍ଧନ—ସଂ. ବି—ପୁଣ୍ଡ୍ର ବର୍ଦ୍ଧନ (ଦେଖ)
Paundra barddhana Pundra barddhana (See)

ପୌଣ୍ଡ୍ରିକ—ସଂ. ବି. (ପୁଣ୍ଡ୍ର+ଇକ)—୧ । ପୁଣ୍ଡ୍ର ଆଖୁ—
Paundrika 1. A variety of sugarcane.
୨ । ବର୍ଣ୍ଣସଙ୍କର ଜାତିବିଶେଷ; ପୌଣ୍ଡ୍ରକ—
2. A mixed caste.

୩ । ପୌଣ୍ଡ୍ରକ ରାଜା—3. Name of a king.
୪ । ପୁଣ୍ଡ୍ର ୮ (ଦେଖ)—4. Pundra 8 (See)
୫ । ଋଷିବିଶେଷ (ହ. ଶ)—5. Name of a sage.
୬ । ତିତିର ଜାତୀୟ ପକ୍ଷିବିଶେଷ (ହ. ଶ)—
6. A kind of partridge (bird).

ପୌଣ୍ୟ—ସଂ. ବିଣ. (ପୁଣ୍ୟ+ଅ)—ପୁଣ୍ୟକର୍ମକାରକ (ହ. ଶ)—
Paunya (ପୌଣ୍ୟା—ସ୍ତ୍ରୀ) Doing pious acts.

ପୌତିକ—ସଂ. ବି. (ପୁତ୍ତିକା+ଅ)—ପୌତ୍ରିକ (ଦେଖ)
Pautika Pautrika (See)

ପୌତି ନାସିକ୍ୟ—ସଂ. ବି. (ପୂତି ନାସିକା+ଭବାର୍ଥେ. ଯ)—
Pauti nāsikya ୧ । ସିଂଘାଣୀ; ନାସିକାମଳ; ନାକର ବଙ୍କୁଲୀ—
1. The slimy exudation form the nostril.
୨ । ପୀନସ ରୋଗ (ହ. ଶ)—2. Polypus of the nose.

ପୌତ୍ତଳିକ—ସଂ. ବିଣ. ପୁଂ. (ପୁତ୍ତଳ+ଇକ)—ପ୍ରତିମା ପୂଜକ—
Pauttalika Idolatrous; worshipping God in
(ପୌତ୍ତଳିକା—ସ୍ତ୍ରୀ) the shaps of idols.

ପୌତ୍ତଳିକତା—ସଂ. ବି. (ପୌତ୍ତଳିକ+ଭାବ. ତା)—
Pauttalikatā ପ୍ରତିମା ପୂଜା; ସାକାର ଉପାସନା—
Idolatory; idol worship.

ପୌତ୍ତିକ—ସଂ. ବି. (ପୁତ୍ତିକ=ତକ୍ଷକ ମହୁମାଛି+ଅ)—
Pauttika ପୌତ୍ରିକ (ଦେଖ)—Pautrika (See)

ପୌତ୍ର—ସଂ. ବି. ପୁଂ. (ପୁତ୍ର+ଅପତ୍ୟାର୍ଥେ. ଅ)—ପୁଅର ପୁଅ; ନାତି—
Pautra Son's son; grandson.
(ପୌତ୍ରୀ—ସ୍ତ୍ରୀ) (ଦୌହିତ୍ର—ବିପରୀତ)

ପୌତ୍ରିକ—ସଂ. ବି. (ପୁତ୍ରିକା=ତକ୍ଷକ ମହୁମାଛି+ଅ)—
Pautrika ପୌତ୍ତିକ; ତକ୍ଷକମହୁ—A kind of pale-coloured honey gathered by small bees.
[ଦ୍ର—ଏ ମହୁ ଦେଖିବାକୁ ଘିଅ ପରି ପିଙ୍ଗଳ ବର୍ଣ୍ଣ । ଏ ମହୁମାଛିମାନେ ସାଧାରଣତଃ ଗଛର କୋରଡ଼ରେ ଓ ଘର କାନ୍ଥର କଣାରେ ଫେଣା କରନ୍ତି ।]
ବିଣ. (ପୁତ୍ର+ଇକ)—୧ । ପୁତ୍ର ସମ୍ବନ୍ଧୀୟ—
1. Relating to the son.
୨ । (ପୌତ୍ର+ଇକ) ପୌତ୍ର ସମ୍ବନ୍ଧୀୟ—
2. Relating to the grandson.

ପୌତ୍ରିକେୟ—ସଂ. ବି. ପୁଂ. (ପୁତ୍ରିକା+ଅପତ୍ୟାର୍ଥେ. ଏୟ)—
Pautrikeya ୧ । ଦୌହିତ୍ର; ଝିଅର ପୁଅ ନାତି—
ପୌତ୍ରିକେୟା, ପୌତ୍ରିକେୟୀ } ସ୍ତ୍ରୀ 1. Daughter's son; grandson.
୨ । ପୁତ୍ରିକା ପୁତ୍ର (ଦେଖ)
2. Putrikā putra (See)

ପୌତ୍ରୀ—ସଂ. ବି. ସ୍ତ୍ରୀ. (ପୌତ୍ର+ସ୍ତ୍ରୀ. ଈ)—
Pautri ପୁଅର ଝିଅ; ନପ୍ତ୍ରୀ; ନାତୁଣୀ—
(ପୌତ୍ରିଣୀ—ସ୍ତ୍ରୀ) Son's daughter.
ବିଣ. ପୁଂ. (ପୌତ୍ର+ଇନ୍)—ଯାହାର ନାତି ହୋଇଥାଏ—
(ପୌତ୍ରିଣୀ—ସ୍ତ୍ରୀ) Having a son's son.

ପୌଦ୍ଗଳିକ — ସ. ବିଣ. (ପୁଦ୍ଗଳ + ଇକ) —
Paudgalika ୧ । ଦେହ ସମ୍ବନ୍ଧୀୟ—
1. Relating to the body.
୨ । ଆତ୍ମା ସମ୍ବନ୍ଧୀୟ—2. Relating to the soul.
୩ । ପରମାଣୁ ସମ୍ବନ୍ଧୀୟ—3. Atomic; molecular.
୪ । ବିଷୟାନୁରକ୍ତ (ଦ୍ର. ଶବ୍ଦସାଗର)—
4. Devoted to worldly affairs.

ପୌନଃପୁନିକ — ସ. ବିଣ. (ପୁନଃ ପୁନଃ + ଭବ ଅର୍ଥରେ ଇକ)—
Paunahpunika ପୁନଃ ପୁନଃ ଘଟୁଥିବା—Recurring.
ବି. (ଗଣିତ)—ଏକ ପ୍ରକାର ଦଶମିକ ଭଗ୍ନାଂଶ, ଯହିଁରେ ଦଶମିକର ପରବର୍ତ୍ତୀ ସଂଖ୍ୟା ପୁନଃ ପୁନଃ ଆବୃତ୍ତ ହେଉଥାଏ—
(mathematics) Recurring decimal, recurring fraction.

ପୌନଃପୁନିକତା — ସ. ବି. (ପୁନଃପୁନିକ + ଭାବ. ତା)—
Paunahpunikatā ୧ । ପୁନଃ ପୁନଃ ଘଟୁଥିବା ଅବସ୍ଥା—
(ପୌନଃ ପୁନ୍ୟ—ଅନ୍ୟରୂପ) 1. Reiteration; repetition.
୨ । ପୁନଃ ପୁନଃ ଉଲ୍ଲେଖ ବା ଉଚ୍ଚାରଣ ବା କଥନ—
2. Frequent repetition of a matter.

ପୌନଃପୌନିକ — ଦେ. ବିଣ. (ସ. ପୌନଃପୁନିକର ଅଶୁଦ୍ଧ
Paunahpaunika ଉଚ୍ଚାରଣ)—ପୌନଃପୁନିକ ଭଗ୍ନାଂଶ—
Recurring decimal.

ପୌନରୁକ୍ତ — ସ. ବି. (ପୁନରୁକ୍ତ + ଭାବ. ଅ)—
Paunarukta ପୁନରୁକ୍ତି; ପୁନଃ ପୁନଃ କଥନ—
(ପୌନରୁକ୍ତ୍ୟ—ଅନ୍ୟରୂପ) Repetition; tautology.

ପୌନର୍ଭବ — ସ. ବି. ପୁଂ (ପୁନର୍ଭୂ + ଅପତ୍ୟାର୍ଥେ. ଅ)—
Paunarbhaba ପୁନର୍ଭୂର ପୁତ୍ର; ବିଧବାର ଗର୍ଭରେ ପୁନର୍ବିବାହିତ
(ପୌନର୍ଭବା — ସ୍ତ୍ରୀ) ସ୍ୱାମୀଙ୍କ ଔରସଜାତ ସନ୍ତାନ—
1. Son of a remarried widow; the son of a widow by her second marriage.
[ଦ୍ର—ଏହି ପୁତ୍ର ହିନ୍ଦୁ ସ୍ମୃତି ଲକ୍ଷିତ ୧୨ ପ୍ରକାର ପୁତ୍ର ମଧ୍ୟରୁ ଏକତମ ।]
୨ । ବିଧବା ବିବାହ କରିଥିବା ପୁରୁଷ (ଦ୍ର. ଶବ୍ଦସାଗର)—
2. A male who has married a widow.
ବିଣ— ୧ । ପୁନର୍ବିବାହିତା ବିଧବା ସମ୍ବନ୍ଧୀୟ —
1. Relating to or connected with a remarried widow.
୨ । ପୁନର୍ବାର ଜାତ— 2. Born again.
୩ । ପୁନର୍ବାର ଘଟିବା; ଅଧିକା—
3. Additional; repeated; recurring.

ପୌନର୍ଭବା — ସ. ବି. ସ୍ତ୍ରୀ. (ପୁନର୍ଭୂ + ଅ + ସ୍ତ୍ରୀ. ଆ)—
Paunarbhabā ୧ । ବରପୂର୍ବା କନ୍ୟା; ଯେଉଁ କନ୍ୟା ଥରେ ଜଣେ ସ୍ୱାମୀଙ୍କୁ ଅର୍ପିତ ହୋଇଥାଏ—
1. A girl who has once been formally betrothed or joined to a husband by words or by ceremonial rites.
[ଦ୍ର—କାଶ୍ୟପଙ୍କ ମତରେ ୧. ବାଗ୍‌ଦତ୍ତା, ୨. ମନୋଦତ୍ତା, ୩. କୃତକୌତୁକମଙ୍ଗଳା (ଯାହା ହାତରେ କୌତୁକସୂତ୍ର ବନ୍ଧା ହୋଇ ସାରି ଥାଏ), ୪. ଉଦକସ୍ପର୍ଶିତା (ଯାହା ଉପରେ କୋଇଲି ବୁଡ଼ ପାଣି ଛିଞ୍ଚା ହୋଇ ସାରି ଥାଏ), ୫. ପାଣିଗୃହୀତିକା (ଯାହାର ପାଣିଗ୍ରହଣ ବା ହାତଗଣ୍ଠି ବନ୍ଧ ବେଦୀ ଉପରେ ସରି ଯାଇଥାଏ), ୬. ଅଗ୍ନିପରିଗତା (ଯାହାର ବେଦୀ ଉପରେ ସ୍ୱାମୀ ସଙ୍ଗେ ହୋମ ସରି ଯାଇଥାଏ), ଓ ୭. ପୁନର୍ଭୂପ୍ରଭବା; ଏପରି ୭ ପ୍ରକାର କନ୍ୟାଙ୍କୁ ପୌନର୍ଭବା କନ୍ୟା ବୋଲାଯାଏ । ଦ୍ର. ଶ.]
୨ । ପୁନର୍ଭୂର କନ୍ୟା—2. Daughter of a remarried widow.

ପୌନେ — ଦେ. ବିଣ—ପଉନେ (ଦେଖ)
Paune Paune (See)

ପୌର — ସ. ବିଣ. ପୁଂ. (ପୁର + ଭବାର୍ଥେ. ଅ)—
Paura ୧ । ପୁରବାସୀ; ନାଗରିକ; ସହରିଆ; ନଗରବାସୀ—
(ପୌରୀ—ସ୍ତ୍ରୀ) 1. Living in a town or city.
୨ । ନଗର ସମ୍ବନ୍ଧୀୟ—2. Relating to a town or city; civic; municipal.
୩ । ପୁରସ୍ଥିତ—3. Situate in a town.
୪ । ପୁର ଜାତ; ନଗରରେ ଉତ୍ପନ୍ନ—
4. Produced in a town; city-bred.
୫ । ଉଦର ପୂରକ—5. Filling up the belly.
୬ । ପୂର୍ବ ଦେଶୀୟ—6. Belonging to the East.
୭ । ପୂର୍ବକାଳରେ ଜାତ—7. Born in the past.
୮ । ପେଟୁ; ଉଦରମ୍ଭରି—8. Gluttonous.
ବି—୧ । ସହରର ବାସିନ୍ଦା—
1. A citizen; townsman.
୨ । ଏକପ୍ରକାର ଘାସ; ରୋହିଷ ତୃଣ; ଗ୍ରାମକର୍ପୂର—
2, A kind of fragrant grass.

ପୌରକ — ସ. ବି. (ପୌର + କ)—
Pauraka ୧ । ବାହ୍ୟାରାମ; ଗୃହର ବାହାରେ ଥିବା ବଗିଚା—
1. A garden outside a house.
[ଦ୍ର— ଘରର ଭିତର ଅଞ୍ଚଳରେ ଥିବା ବଗିଚାକୁ ନିଷ୍କୁଟ ବୋଲାଯାଏ ।]
୨ । ସହରର ବାହାରେ ଥିବା ଆରାମ—
2. A garden or park in the neighbourhood of a city. (M. W.)

ପୌରଗୀୟ — ସ. ବିଣ— ପୂର୍ବ ଜନ୍ମ ସମ୍ବନ୍ଧୀୟ (ଦ୍ର. ଶବ୍ଦସାଗର)—
Pauragiya Relating to one's previous existence.

ପୌରଜନ — ସ. ବି (କର୍ମଧା; ପୌର + ଜନ)—
Paurajana ପୁରବାସୀ; ନାଗରିକ—
Citizen; townsman.

ପୌର ଜାନପଦ — ସ. ବି. (ଦ୍ୱନ୍ଦ୍ୱ; ପୌର + ଜାନପଦ)—
Paura jānapada ନଗରବାସୀ ଓ ଜନପଦବାସୀ ବ୍ୟକ୍ତିଗଣ; ସହରିଆ ଓ ମଫସଲିଆ ଲୋକମାନେ—Townspeople and village folks.

ପୌରନ୍ଦର— ସଂ. ବିଣ. (ପୁରନ୍ଦର+ଅ)—ଇନ୍ଦ୍ରଙ୍କ ସମ୍ବନ୍ଧୀୟ—
Paurandara Relating to Indra.
ବି.— ଜ୍ୟେଷ୍ଠା ନକ୍ଷତ୍ର (ଏଥିର ଅଧିପତି ଇନ୍ଦ୍ର)—
The 18th lunar mansion.

ପୌରନ୍ଦରୀ— ସଂ. ବି. ସ୍ତ୍ରୀ. (ପୁରନ୍ଦର+ଅ, ସ୍ତ୍ରୀ. ଈ)—(ଇନ୍ଦ୍ରାଧିଷ୍ଠିତ)
Paurandari ପୂର୍ବ ଦିଗ—The East.
ବାଳ ଜ୍ୟୋତ୍ସ୍ନା ଯୋଗେ ଶୋଭି ପୌରନ୍ଦରୀ ।
ଉପେନ୍ଦ୍ରଭଞ୍ଜ. ଲେଖା ।

ପୌରବ— ସଂ. ବିଣ. ପୁ. (ପୂରୁ+ଅପତ୍ୟାର୍ଥେ. ଅ)—ଯଯାତିଙ୍କ ପୁତ୍ର
Pauraba ପୂରୁଙ୍କର ବଂଶୀୟ—Descended from the race
(ପୌରବୀୟ—ଅନ୍ୟରୂପ) of king Pūru.
[ଦ୍ର—ଶର୍ମିଷ୍ଠା ଗର୍ଭଜାତ ଯଯାତିଙ୍କ କନିଷ୍ଠ ପୁତ୍ର ପୂରୁ ଆପଣା ପିତାଙ୍କର ଜରା ଗ୍ରହଣ କରି ସ୍ୱାର୍ଥତ୍ୟାଗର ଜ୍ୱଳନ୍ତ ଉଦାହରଣ ଦେଖାଇ ଥିବାରୁ ତାଙ୍କର ନାମ ଅନୁସାରେ ତାଙ୍କ ବଂଶର ନାମକରଣ ହୋଇଥିଲା ।]
ବି.— ୧ । ପୂରୁ ରାଜାଙ୍କ ବଂଶ—
1 The race of king Pūru.
୨ । ପୂରୁ ରାଜାଙ୍କ ବଂଶଧର—
2. The descendant of king Pūru.
୩ । ଭାରତର ଉତ୍ତର ପଶ୍ଚିମସ୍ଥ ପ୍ରାଚୀନ ଦେଶବିଶେଷ—
3. An ancient country in Northwestern India.
୪ । ପୁରାଣୋକ୍ତ ଜଣେ ହିନ୍ଦୁ ରାଜା—
4. Name of an ancient king of India.
[ଦ୍ର—ଏ ତିନ ଲକ୍ଷ ଘୋଡା ଦାନ ଓ ଅଶ୍ୱମେଧ ଯଜ୍ଞ କରି ସ୍ୱର୍ଗକୁ ଯାଇଥିଲେ । ହି. ଶ.]
୫ । ମୂର୍ଚ୍ଛନା ବା ରାଗିଣୀବିଶେଷ— 5. Name of a tune or modulation in music. (M. W.)

ପୌରବୀ – ସଂ. ବି. ସ୍ତ୍ରୀ (ପୂରୁ+ଅପତ୍ୟାର୍ଥେ. ଅ. ସ୍ତ୍ରୀ. ଈ)—
Paurabi ୧ । ବସୁଦେବଙ୍କର ଏକ ପତ୍ନୀ—One of the wives of king Basudeba.
[ଦ୍ର—ଏହାଙ୍କର ପ୍ରକୃତ ନାମ ରୋହିଣୀ, କିନ୍ତୁ ବାଳେ ବଳରାମଙ୍କ ଜନନୀ ରୋହିଣୀଙ୍କ ନାମ ସଙ୍ଗେ ଏହାଙ୍କ ନାମର ଗଣ୍ଡଗୋଳ ହେବ, ଏଥିପାଇଁ ଏହାଙ୍କୁ ଏହି ନାମ ଦିଆ ଯାଇଥିଲା ।]
୨ । ଦେଶ ଓ ମଲ୍ଲାର ରାଗର ମିଶ୍ରଣରେ ଉତ୍ପନ୍ନ ରାଗିଣୀ—
2. A mixed tune

ପୌରଷ—ଗ୍ରା. ବି. (ସଂ. ପୌରୁଷ)—ପୌରୁଷ (ଦେଖ)
Paurasha Paurusha (See)

ପୌର ସଖ୍ୟ—ସଂ ବି. (ପୁର+ସଖି+ଯ)—ଏକ ନଗରରେ ବା Paura sakhya ଗ୍ରାମରେ ବାସ କରୁଥିବା ଯୋଗୁଁ ପରସ୍ପର ବନ୍ଧୁତା—Fellowcitizenship; mutual friendship between co-townsmen or co-villagers.

ପୌରସ୍ତ୍ୟ—ସଂ. ବିଣ. (ପୁରସ୍+ଭବ. ତ୍ୟ)—୧ । ପ୍ରାଚ୍ୟ; ପୂର୍ବ
Paurastya ଦେଶୀୟ—1. Eastern; oriental.
୨ । ସମ୍ମୁଖରେ ଅବସ୍ଥିତ—2. Situated in front.
୩ । ଅଗ୍ରେଭବ; ପ୍ରଥମ—
3. First; prior; foremost; initial.
ବି —ପ୍ରାଚ୍ୟ ଗୌଡ଼ ଦେଶବାସିଗଣ—
The people in the East Gaurda (M W.)

ପୌରସ୍ତ୍ରୀ—ସଂ. ବି. (କର୍ମଧା, ପୌର=ପୁରବାସିନୀ+ସ୍ତ୍ରୀ)—
Paurastri ୧ । ପୁରନାରୀ; ପୁରାଙ୍ଗନା; ଘରଣୀ—
(ପୌରନାରୀ, ପୌରାଙ୍ଗନା—ଅନ୍ୟରୂପ) 1. A housewife
୨ ଅନ୍ତଃପୁରବାସିନୀ ସ୍ତ୍ରୀ—
2. A woman of the harem.
୩ । ନଗରବାସିନୀ ସ୍ତ୍ରୀ—
3. A woman residing in a town.
୪ । ସହରର ବେଶ୍ୟା—4. A prostitute of the town.

ପୌରାଣ—ସଂ. ବିଣ. (ପୁରାଣ+ସମ୍ବନ୍ଧାର୍ଥେ. ଅ)—୧ । ପୁରାଣ
Paurāṇa ସମ୍ବନ୍ଧୀୟ—1. Pauranic; relating to the
(ପୌରାଣୀ – ସ୍ତ୍ରୀ) Purāṇas; mythological.
୨ । ପୁରାଣ ବିତ୍—2. Versed in the mythological lore or the ancient legends.
୩ । ପୁରାଣ କଥିତ—3. Mentioned in the Purāṇas.
୪ । ପୁରାତନ; ପ୍ରାଚୀନ—
4. Ancient; relating to the past age.
୫ । ପୁରାଣ ବା ଏକ କାହାଣ କଉଡ଼ି ମୂଲ୍ୟର (ବସ୍ତୁ)—
5 Of the value of 16 Paṇas of shell money

ପୌରାଣିକ—ସଂ. ବିଣ. (ପୁରାଣ+ସମ୍ବନ୍ଧାର୍ଥେ. ଇକ)—ପୌରାଣ (ଦେଖ)
Paurāṇika Paurāṇa (See)
(ପୌରାଣିକୀ—ସ୍ତ୍ରୀ) ବି – ୧ । ପୁରାଣବିତ୍ ବ୍ରାହ୍ମଣ —
1. A Brāhmaṇa well versed in the ancient legends; a mythologist.
୨ । ଯେଉଁ ବ୍ୟକ୍ତି ସମବେତ ଶ୍ରୋତୃବର୍ଗଙ୍କ ଆଗରେ ପୁରାଣ ପାଠ ବା ପୁରାଣ କଥା ବକ୍ତୃତା କରନ୍ତି—
2. A person who reads or recites mythology and legends before an audience.

ପୌରିକ—ସଂ. ବିଣ. ଓ ବି. (ପୁର+ଭବାର୍ଥେ. ଇକ)—ପୌର (ଦେଖ)
Paurika Paura (See)

ପୌରୁଷ—ସଂ. ବି. (ପୁରୁଷ+ଭାବ. ବା କର୍ମ ଅର୍ଥରେ ଅ)—
Paurusha ୧ । ପୁରୁଷତ୍ୱ—1. Manliness.
୨ । ପୁରୁଷକାର—2. Manly exertion.
୩ । ସାହସ—3. Courage; valour; manhood.
୪ । ଅଣ୍ଡିରାପଣିଆ; ପୁଂସ୍ତ୍ୱ—4. Virility.
୫ । ରେତଃ; ଶୁକ୍ର—5. Semen; virile.
୬ । ଉଦ୍ୟମ; ଉଦ୍ଯୋଗ—6. Strenuous affort.
୭ । ତେଜଃ—7. Vigour.
୮ । ପରାକ୍ରମ—
2. Strength; power; might; prowess.

୯ । ପୁରୁଷ ପ୍ରମାଣ ଉଚ୍ଚତା; ଊର୍ଦ୍ଧ୍ୱବାହୁ ହୋଇ ଠିଆ ହେଲେ ଗୋଡ଼ର ତଳପାଠାରୁ ହାତର ମଝି ଅଙ୍ଗୁଠିର ଅଗ ପର୍ଯ୍ୟନ୍ତ ଉଚ୍ଚତା—9. The height of a man standing with the arms lifted up.

୧୦ । ଗୌରବ; ମାହାତ୍ମ୍ୟ—10. Greatness.

୧୧ । ଏକ ମନୁଷ୍ୟ ନେଇ ପାରିବା ବୋଝ—
11. A load or weight which can be lifted by one man; one man's load.

ବଣ—୧ । ପୁରୁଷ ସମ୍ବନ୍ଧୀୟ; ମାନସିକ—
1. Manly; human.

୨ । ପୁରୁଷ ପ୍ରମାଣ ଉଚ୍ଚ; ପ୍ରାୟ ୪½ ହାତ ଉଚ୍ଚ—
2. Of the height of a man standing with hands lifted up.

୩ । ଜଣେ ମନୁଷ୍ୟ ବହି ପାରିବା ଭଳି (ବୋଝ)—3 (load) Which can be carried by one person.

ଦେ. ବି—୧ । ପ୍ରଶଂସା—1. Praise; eulogy.

୨ । ବାହାଦୁର—2. Excellence.

୩ । ବାହାବା—3. Applause; credit.

ପୌରୁଷ କରିବା—ଦେ. କ୍ରି—୧ । ପ୍ରଶଂସା କରିବା—
Paurusha karibā 1. To eulogise.
ପୌରুষকরা ୨ । ବାହାଦୁର କରିବା; ଧନ୍ୟ ଧନ୍ୟ କରିବା—
पौरुष करना 2. To speak highly of a person; to give credit to a person; to applaud.

ପୌରୁଷତା—ସ. ବି. (ପୌରୁଷ+ତା)—୧ । ସାହସିକତା—
Paurushatā 1. Courageousness; vigorousness.
(ପୌରୁଷତ୍ୱ; ପୌରୁଷ୍ୟ—ଅନ୍ୟରୂପ) ୨ । ସାର୍ଥ୍ୟବତ୍ତା—
2. Powerfulness; might.

ପୌରୁଷାଦ—ସ. ବଣ. (ପୁରୁଷାଦ+ଅ)—ନରମାଂସ ଭକ୍ଷକ ସମ୍ବନ୍ଧୀୟ—
Paurushāda Relating to cannibals; peculiar to man-eaters.

ପୌରୁଷେୟ—ସ. ବଣ. (ପୁରୁଷ+ଏୟ)—୧ । ପୁରୁଷ
Paurusheya ସମ୍ବନ୍ଧୀୟ—1. Manly; human.

୨ । ମନୁଷ୍ୟକୃତ—2. Made by man.

୩ । ପୁରୁଷର ପ୍ରକୃତିଗତ—
3. Relating to human nature.

୪ । ଆତ୍ମାରୁ ଜାତ—
4. Derived from the soul or spirit.

୫ । ଆଧ୍ୟାତ୍ମିକ—5. Spiritual.

ବି—୧ । ମନୁଷ୍ୟ ହତ୍ୟା; ମଣିଷ ମାରୁ—
1. Manslaughter.

୨ । ପୁରୁଷସମୂହ—2. A number of men.

୩ । ବ୍ୟକ୍ତିଗତ ଆଇନ—3. Personal law; law relating to human conduct.

୪ । ବ୍ୟକ୍ତିଗତ ଚେଷ୍ଟା—4. Personal effort;

୫ । ଦିନ ମୂଲିଆ—
5. A day-labourer; hireling (M. W).

ପୌରେୟ—ସ. ବଣ. (ପୌର+ଏୟ)—ପୌର (ଦେଖ)
Paureya Paura (See)
(ପୌରେୟୀ—ସ୍ତ୍ରୀ) ସ. ବି—ନଗରର ସୀମାସ୍ଥ ଦେଶ ବା ଗ୍ରାମାଦି—Suburb; villages or country in the outskirts of a town.

ପୌରୋଗବ—ସ. ବି. ପୁଂ. (ପୁରସ୍=ଅଗ୍ରେ+ଗୋ=ନେତ୍ର ଯାହାର,
Paurogaba ପୁରୋଗୁ, ଅର୍ଥାତ୍ ଖାଦ୍ୟ ବସ୍ତୁ ପ୍ରତି ଯାହାର ପ୍ରଥମେ ଦୃଷ୍ଟି ପଡ଼ୁଥାଏ; ପୁରୋଗୁ+ଅ)—
୧ । ରନ୍ଧନଶାଳାଧ୍ୟକ୍ଷ; ହେଡ୍ ଖାନ୍‌ସାମା—1. The superintendent of a kitchen; hotel-overseer; head cook.

୨ । ରାଜାଙ୍କ ମହାସୁଆର—
2. Inspector of the Royal kitchen (M. W.).

ପୌରୋଧାସ୍ୟ—ସ. ବି. ଓ ବଣ. (ପୁରୋଧସ୍+ଯ)—ପୌରୋହିତ୍ୟ
Paurodhāsya (ଦେଖ)—Paurohitya (See)

ପୌରୋଭାଗ୍ୟ—ସ. ବି. (ପୁରୋଭାଗିନ୍+ଭାବ. ଯ)—ଗୁଣଭାଗ
Paurobhāgya ପରତ୍ୟାଗ କରି ଦୋଷଭାଗ ମାତ୍ର ଦର୍ଶନ—
Fault-finding; cavilling.

ପୌରୋହିତ—ସ. ବଣ. (ପୁରୋହିତ+ଅ)—ପୁରୋହିତ ସମ୍ବନ୍ଧୀୟ—
Paurohita Relating to a priest; priestly.

ପୌରୋହିତ୍ୟ—ସ. ବି. (ପୁରୋହିତ+ଯ)—ପୁରୋହିତି (ଦେଖ)
Paurohitya Purohiti (See)
ବଣ—ପୁରୋହିତବଂଶୀୟ—
Belonging to the family of a priest (M. W.).

ପୌର୍ଣ୍ଣମାସ—ସ. ବି. (ପୂର୍ଣ୍ଣମାସୀ+ଭବାର୍ଥେ. ଅ)—ପୂର୍ଣ୍ଣିମାରେ କୃତ୍ୟ
Paurnnamāsa ଯାଗବିଶେଷ—
A sacrifice done on the fullmoon day.

ପୌର୍ଣ୍ଣମାସୀ—ସ. ବି. (ପୂର୍ଣ୍ଣମାସ+ଅ+ସ୍ତ୍ରୀ. ଈ)—୧ । ପୂର୍ଣ୍ଣିମା—
Paurnnamāsi 1. Fullmoon day.
(ପୌର୍ଣ୍ଣମାସ୍ୟ—ବଣ) ୨ । ପୂର୍ଣ୍ଣମାସୀ (ଦେଖ)—
2. Pūrnnamāsi (See)

ପୌର୍ଣ୍ଣମୀ—ସ. ବି—ପୂର୍ଣ୍ଣିମା (ଦେଖ)—
Paurnnami Pūrnnimā (See)

ପୌର୍ଣ୍ଣିମ—ସ. ବି. (ପୂର୍ଣ୍ଣିମା+ଅ)—୧ । ସନ୍ନ୍ୟାସୀ—
Paurnnima 1. An ascetic.
୨ । ଯୋଗୀ; ତପସ୍ୱୀ—2. An anchorite; a sage.

ପୌର୍ଣ୍ଣିମା—ସ. ବି. (ପୂର୍ଣ୍ଣିମା+ଅ+ଆ)—ପୂର୍ଣ୍ଣିମା—
Paurnnimā The fullmoon day.

ପୌର୍ତ୍ତ—ସ. ବି. (ପୂର୍ତ୍ତ+ଅ)—ପୂର୍ତ୍ତ କର୍ମ (କୂପ ଖନନ, ବ୍ରାହ୍ମଣ
Paurtta ଭୋଜନ ଆଦି)—A meritorious act, e. g. feeding of Brāhmaṇas, digging of wells etc (M.W.)

ପୌର୍ତ୍ତିକ—ସ. ବଣ. (ପୂର୍ତ୍ତ+ଇକ)—ପୂର୍ତ୍ତକର୍ମସମ୍ବନ୍ଧୀୟ—
Paurttika Relating to charitable or meritorious works (M. W.)·

ପୌର୍ବ(ର୍ବ)—ସ. ବଣ. (ପୂର୍ବ+ଅ)—୧ । ପ୍ରାଚ୍ୟ; ପୂର୍ବସମ୍ବନ୍ଧୀୟ—
Paurba(rbba) 1. Relating to the east; eastern.
(ପୌର୍ବୀ; ପୌର୍ବ୍ବୀ—ସ୍ତ୍ରୀ) ୨ । ପ୍ରାଚୀନ; ଅତୀତକାଳସମ୍ବନ୍ଧୀୟ—
2. Relating to the past.
୩ । ପ୍ରାଥମିକ—3. Prior; first.

ପୌର୍ବକାଳିକ—ସ. ବଣ. (ପୂର୍ବକାଳ+ଇକ)—ପୂର୍ବକାଳସମ୍ବନ୍ଧୀୟ—
Paurbakālika Relating to the past.

ପୌର୍ବକାଲ୍ୟ—ସ. ବି. (ପୂର୍ବକାଳ+ଯ)—ପୂର୍ବେ ଘଟିଥିବା ଅବସ୍ଥା—
Paurbakālya Priority of time (M. W.).

ପୌର୍ବଦେହିକ—ସ. ବଣ—୧ । ପୂର୍ବଦେହସମ୍ବନ୍ଧୀୟ—
Paurba dehika 1. Relating to a past form.
୨ । ପୂର୍ବଜନ୍ମସମ୍ବନ୍ଧୀୟ—
2. Relating to one's past life or birth.

ପୌର୍ବପଦିକ—ସ. ବଣ—୧ । ପୂର୍ବପଦ ସମ୍ବନ୍ଧୀୟ—1. Relating
Paurbapadika to the previous word or sentence.
୨ । (ବ୍ୟାକରଣ) ସମାସସିଦ୍ଧ ପଦର ପୂର୍ବପଦ ସମ୍ବନ୍ଧୀୟ—
2. Relating to the 1st member of a compound word.

ପୌର୍ବବାର୍ଷିକ—ସ. ବଣ. (ପୂର୍ବବର୍ଷ+ଇକ)—ପୂର୍ବ ବର୍ଷରେ
Paurbabārshika ବା ବର୍ଷମାନଙ୍କରେ ଘଟିଥିବା—Done or happened in the previous year or years.

ପୌର୍ବଭକ୍ତିକ—ସ. ବଣ. (ପୂର୍ବଭକ୍ତ+ଇକ)—ଭାତ ଖାଇବା
Paurbabhaktika ପୂର୍ବରୁ ଖିଆଯିବା—
Taken before eating rice. (M.W.)

ପୌର୍ବାପର୍ଯ୍ୟ—ସ. ବି. (ପୂର୍ବାପର+ଭାବ. ଯ)—୧ । ଅନୁପୂର୍ବିକତା—
Paurbāparjya 1. Succession.
୨ । ଧାରବାହିକତା—2. Continuity.
୩ । ଅନୁକ୍ରମ—3. Sequence.
୪ । କାର୍ଯ୍ୟ ଓ କାରଣସମ୍ବନ୍ଧ—
4. The relationship of cause and effect.
୫ । କାରଣ; ହେତୁ—5. Cause.
୬ । ଉତ୍ପତ୍ତି ଓ ପରିଣାମ—
6. Beginning and end; birth and effect.

ପୌର୍ବାର୍ଦ୍ଧିକ—ସ. ବଣ. (ପୂର୍ବାର୍ଦ୍ଧ+ଇକ)—୧ । ପୂର୍ବାର୍ଦ୍ଧ ସମ୍ବନ୍ଧୀୟ—
Paurbārddhika 1. Relating to the eastern or
(ପୌର୍ବାର୍ଦ୍ଧ୍ୟ—ଅନ୍ୟରୂପ) first half.
୨ । ପୂର୍ବାର୍ଦ୍ଧରେ ଅବସ୍ଥିତ—2. Situated in the eastern half or portion.

ପୌର୍ବାହ୍ଣିକ—ସ. ବଣ.—(ପୂର୍ବାହ୍ଣ+ଇକ)—ପୂର୍ବାହ୍ଣ ସମ୍ବନ୍ଧୀୟ—
Paurbāhnika Relating to the forenoon.
(ପୌର୍ବାହ୍ଣିକୀ—ସ୍ତ୍ରୀ)

ପୌର୍ବି(ର୍ବ୍ବି)କ—ସଂ. ବଣ.—ପୌର୍ବ (ଦେଖ)
Paurbi(rbbi)ka [ପୌର୍ବି(ର୍ବ୍ବି)କୀ—ସ୍ତ୍ରୀ] Paurba (See)

ପୌଲସ୍ତ୍ୟ—ସଂ. ବି. ପୁଂ (ପୁଲସ୍ତ୍ୟ+ଅପତ୍ୟାର୍ଥେ. ଅ)—
Paulastya ୧ । ପୁଲସ୍ତ୍ୟ ମୁନିଙ୍କ ସନ୍ତାନ—
1. The son of Pulastya sage.
୨ । କୁବେର—2 Kubera; the God of wealth.
୩ । ରାବଣ—3. Rābana; the demon king of Lankā.
୪ । କୁମ୍ଭକର୍ଣ୍ଣ—
4. Kumbhakarnna, a brother of Rābana.
୫ । ଚନ୍ଦ୍ର—6. The moon (M. W.)
୬ । ବିଭୀଷଣ—
5. Bibhīshana; a brother of Rābana.

ପୌଲସ୍ତ୍ୟୀ—ସଂ. ବି. ସ୍ତ୍ରୀ—(ପୌଲସ୍ତ୍ୟ+ଈ)—ଶୂର୍ପଣଖା; କୁମ୍ଭୀନସୀ,
Paulastyī ରାବଣ ଭଗିନୀ—Sūrpanakhā; the sister of Rābana.

ପୌଳି—ସଂ. ବି. (ପୋଳ+ଇ)—୧ । ପୁଳ ପିଠା—
Pauli 1. A kind of cake.
(ପୌଳିକା, ପୌଳୀ—ଅନ୍ୟରୂପ) ୨ । ଈଷତ୍ ପକ୍ୱ ରୁଟି—
2 A sort of thin half-baked bread.
୩ । ସାମାନ୍ୟ ଭଜା ହୋଇଥିବା ଶସ୍ୟ (ହି. ଶ.)—
3. Half-fried grain.

ପୌଲିଶ ସିଦ୍ଧାନ୍ତ—ସଂ. ବି. (ପୁଲିଶ+ଅ+ସିଦ୍ଧାନ୍ତ)—ପ୍ରାଚୀନ ହିନ୍ଦୁ
Paulisa siddhānta ଜ୍ୟୋତିଷ ଗ୍ରନ୍ଥବିଶେଷ—
Name of an ancient astronomical work based on the system of Paulus Alexandrinus.
[ଦ୍ର—ବରାହମିହିରୋକ୍ତ ପଞ୍ଚ ସିଦ୍ଧାନ୍ତ ମଧ୍ୟରୁ ପୌଲିଶ ସିଦ୍ଧାନ୍ତ ଏକତମ; ଏଥିର ଗ୍ରନ୍ଥକାରଙ୍କ ନାମ ସଂସ୍କୃତରେ 'ପୁଲିଶ' ବୋଲି ଲେଖା ଯାଇଅଛି । ପୁଲିଶଙ୍କର ଗ୍ରୀକ୍ ନାମ ପଲସ୍ ଅଲେକ୍ଜାଣ୍ଡ୍ରାଇନସ୍ (Paulus Alexandrinus) ଥିଲା । କେହି କେହି ଏହାଙ୍କୁ ଗ୍ରୀସ୍‌ବାସୀ, କେହି କେହି ମିଶରବାସୀ ବୋଲି କଳ୍ପନା କରନ୍ତି ।]

ପୌଲୋମୀ—ସଂ. ବି. ସ୍ତ୍ରୀ (ପୁଲୋମନ୍+ଅପତ୍ୟାର୍ଥେ. ଅ+ସ୍ତ୍ରୀ. ଈ)—
Paulomī ୧ । ପୁଲୋମା ଦୈତ୍ୟର ତନୟା, ଇନ୍ଦ୍ର ପତ୍ନୀ, ଶଚୀ—
1. Sachī; the consort of Indra.
୨ । ଭୃଗୁ ଋଷିଙ୍କ ପତ୍ନୀ—2. Wife of sage Bhrugu.

ପୌଷ—ସଂ. ବି. (ପୌଷୀ=ପୁଷ୍ୟା ନକ୍ଷତ୍ର ଯୁକ୍ତା ପୂର୍ଣ୍ଣିମା+ଯୁକ୍ତାର୍ଥେ. ଅ;
Pausha ଏହି ମାସର ପୂର୍ଣ୍ଣିମାରେ ଚନ୍ଦ୍ର ପୁଷ୍ୟା ନକ୍ଷତ୍ର ଯୁକ୍ତ ଥିବାରୁ)—
୧ । ପୁଷ ମାସ; ମାର୍ଗଶିରର ପରବର୍ତ୍ତୀ ଓ ମାଘର ପୂର୍ବବର୍ତ୍ତୀ ଚାନ୍ଦ୍ର ମାସ—1. The lunar month of Pausha (December and January.)
[ଦ୍ର—ଜ୍ୟୋତିଷ ମତରେ ଏହି ମାସରେ ଜନ୍ମ ଗ୍ରହଣ କଲେ ମନୁଷ୍ୟ କୃଶ, ପରୋପକାରୀ, ପିତୃଧନହୀନ, କଷ୍ଟାନ୍ୱିତ, ବ୍ୟୟଶୀଳ, କର୍ମଦକ୍ଷ ଓ ସ୍ଥିର ହୁଏ ।]

୨ । (ଜ୍ୟୋତିଷ) ବାର୍ହସ୍ପତ୍ୟ ୧୨ ବର୍ଷ ମଧ୍ୟରୁ ୩ୟ ବର୍ଷର ନାମ— 2. (Astrology) Name of the 3rd year in the 12 years' cycle of Jupiter (M. W.)

ପୌଷ ପୂର୍ଣ୍ଣିମା—ସ. ବି.—ପୌଷ ମାସର ପୂର୍ଣ୍ଣିମା—
Paushа pūrṇṇimā The fullmoon day of the month of Pausha.
[ଦ୍ର—ଏ ଦିନ ଶ୍ରୀ ଜଗନ୍ନାଥଙ୍କର ଓ ରାଜାମାନଙ୍କର ପୁଷ୍ୟାଭିଷେକ ଉତ୍ସବ କରାଯାଏ ।]

ପୌଷ ମାସ—ସ. ବି.—ପୌଷ (ଦେଖ)
Pausha māsa Pausha (See)
ଦେ. ବି.—(ଲକ୍ଷଣାର୍ଥ) ସୁଖ ଓ ଆନନ୍ଦର ସମୟ—
(figurative) A time of merriment.
କାର ପୌଷ ମାସ କାର ସର୍ବ ନାଶ—ଚନ୍ଦ୍ରକଶୋର. କର୍ଣ୍ଣଭଣା ।
[ଦ୍ର—ଏ ସମୟରେ ଧାନ କଟା ହୋଇ ଥିବାରୁ ଜମିବାଡ଼ି ଥିବା ଲୋକ ଓ ଯାହାର ଜମିବାଡ଼ି ନାହିଁ ଏପରି ଗରିବ ଧାନ-କଟାଳି ମଧ୍ୟ ଧାନ କଟାକଟି ଯୋଗୁଁ କିଛି ଧାନ ହାତରେ ପାଇ ଆନନ୍ଦରେ ଥାଆନ୍ତି ।]

ପୌଷୀ—ସ. ବି. (ପୁଷ୍ୟା+ଅ+ଈ)—ପୁଷ୍ୟା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା—
Paushī The fullmoon day of the lunar month of Pausha.

ପୌଷୀୟ—ସ. ବିଣ. (ପୌଷ+ଜାତାର୍ଥେ· ଏୟ)—ପୌଷ ମାସରେ
Paushīya ଜାତ ବା ପ୍ରସ୍ତୁତ—Made or produced in the month of Pausha.

ପୌଷ୍କର—ସ. ବି. (ପୁଷ୍କର+ ଅ)—
Paushkara ୧ । ପୁଷ୍କର ମୂଳ (ହି. ଶ.) (ଦେଖ)
1. Pushkara mūḻa (See)
୨ । ପଦ୍ମଲତାର ମୂଳ (ହି. ଶବ୍ଦସାଗର)—
2. The root of lotus plant.
୩ । ଏରଣ୍ଡ ମୂଳ (ହି. ଶବ୍ଦସାଗର)—
3. The root of castor seed tree.
୪ । ସ୍ଥଳ ପଦ୍ମ (ଦେଖ) (ହି. ଶବ୍ଦସାଗର)—
4. Sthaḻa padma (See)

ପୌଷ୍କରଣୀ—ସ. ବି. (ପୁଷ୍କରଣୀ+ଅ+ଈ)—
Paushkariṇī କ୍ଷୁଦ୍ର ପୋଖରୀ (ହି. ଶବ୍ଦସାଗର)—
Small tank; pool.

ପୌଷ୍କଲ୍ୟ—ସ. ବି. (ପୁଷ୍କଲ+ଯ)—ସମ୍ପୂର୍ଣ୍ଣତା (ହି. ଶ.)—
Paushkalya Completeness.

ପୌଷ୍ଟିକ—ସ. ବିଣ. (ପୁଷ୍ଟି+ଇକ)—ପୁଷ୍ଟିକର—
Paushṭika Nourishing; nutritious.
ବି—୧ । ପୁଷ୍ଟି ସାଧନ କର୍ମ—
1. Any operation of nutrition.
୨ । ଚୂଡ଼ାକର୍ମ ସମୟରେ ପିନ୍ଧାଯିବା ଲୁଗା—
2. A cloth put on during the ceremony of tonsure (M. W.)
୩ । କ୍ଷୌର ସମୟରେ ଦେହରେ ପକାଯିବା ବସ୍ତ୍ରବିଶେଷ—
3. An apron put over the body during shaving.
୪ । ଯେଉଁ କର୍ମ ଦ୍ୱାରା ଧନ ଜନ ଆଦିର ବୃଦ୍ଧି ହୁଏ—
4. Any work which increases fortune and family.

ପୌଷ୍ପ—ସ. ବିଣ. (ପୁଷ୍ପ+ଅ)—୧ । ପୁଷ୍ପ ସମ୍ବନ୍ଧୀୟ—
Paushpa 1. Floral; flowery.
୨ । ପୁଷ୍ପ ନିର୍ମିତ—2. Made of flowers.
ବି—୧ । ପୁଷ୍ପପୁରୀ; ପାଟଳିପୁତ୍ର—
1. A name of the city Pāṭaḻiputra.
୨ । ପୁଷ୍ପ ପରାଗ (ହି. ଶବ୍ଦସାଗର)—
2. The pollen of flowers.
୩ । ପୁଷ୍ପରୁ ପ୍ରସ୍ତୁତ ମଦ୍ୟ (ହି. ଶବ୍ଦସାଗର)—
3. Wine destilled from flowers.

ପୌଷ୍ପୀ—ସ. ବି. ସ୍ତ୍ରୀ—ପୁଷ୍ପ ନଗର; ପାଟଳିପୁତ୍ର ନଗରର ନାମାନ୍ତର—
Paushpī A name of the ancient town of Pāṭaḻiputra (the modern Patna).

ପୌଷ୍ୟ—ସ. ବିଣ (ପୁଷ୍ୟା+ଯ)—
Paushya ପୁଷ୍ୟା ନକ୍ଷତ୍ର ସମ୍ବନ୍ଧୀୟ—
Relating to the 8th asterism.
ବି. (ପୁଷନ୍+ଅପତ୍ୟାର୍ଥେ. ଯ)—ମହାଭାରତୋକ୍ତ ଜଣେ ରାଜା—
Name of a king mentioned in the Mahābhārata. (M. W.)
[ଦ୍ର—ଏ କରବୀରପୁରର ପୁଷନ୍ ରାଜାଙ୍କ ପୁତ୍ର ଥିଲେ ।]

ପ୍ୱର (ଇତ୍ୟାଦି)—ବୈଦେ. ବିଣ. (ଇଂ. ପୁଅର)—
Pwar (etc) ପୁଅର୍ ଇତ୍ୟାଦି (ଦେଖ)
Puar etc. (See)

ପ୍ୟାକିଙ୍ଗ୍—ବୈଦେ. ବି. (ଇଂ. ପାକିଙ୍ଗ୍)—୧ । ଗଣ୍ଠିଗ୍ର—
Pyākiṅg 1. Packing.
पेकिंङ्ग ୨ । ପେକିନ୍ (ଦେଖ)—2. Pekin (See)
পেকিঙ্গ [ଦ୍ର—ଇଂରାଜୀରେ P ଅକ୍ଷର ଓ a ଅକ୍ଷର ପରେ ଯୁକ୍ତ (ପାକିଙ୍ଗ୍; ପେକିଙ୍ଗ୍—ଅନ୍ୟରୂପ) ହେବା ଶବ୍ଦମାନ ଯଥା—ପାକ୍; ପାକେଟ୍, ପାଉ୍, ପାଣ୍ଡ୍, ପାସ୍, ପାସେଞ୍ଜର୍, ପାମ୍ଫ୍ଲେଟ୍, ପାନେଲ୍ଆଦି ଶବ୍ଦ ଓଡ଼ିଆରେ ଭିନ୍ନ ଭିନ୍ନ ଲେଖକ ପା, ପ୍ୟା ଓ ପେ ପୂର୍ବକ କରି ଲେଖନ୍ତି ।]

ପ୍ୟାକିଙ୍ଗ୍ କରିବା—ଦେ. କ୍ରି. (ଇଂ· ପାକିଙ୍ଗ୍; ପାକ୍)—
Pyākiṅg karibā କୌଣସି ବସ୍ତୁକୁ ଏକତ୍ର କରି ବାନ୍ଧିବା—
(ପ୍ୟାକ୍ କରିବା—ଅନ୍ୟରୂପ) To pack a thing.

ପ୍ୟାକିଙ୍ଗ୍ ଚାର୍ଜ—ବୈଦେ. ବି. (ଇଂ. ପାକିଙ୍ଗ୍ ଚାର୍ଯ)—
Pyākiṅg chārja କୌଣସି ଜିନିଷ ପ୍ୟାକ୍ କରିବାର ଖରଚ—
पेकिंङ्ग चार्ज প্যাকিঙ্গ চার্জ Packing charge.

ପ୍ୟାକେଟ୍—ବୈଦେ. ବି. (ଇଂ. ପାକେଟ୍)—ପୁଳିନା; କ୍ଷୁଦ୍ର ମୁଦା ବିଡ଼ା—
Pyāket प्याकेट প্যাকেট Packet.

ପ୍ୟାଟ—ସ. ଅ—ଡାକିବାରେ ବ୍ୟବହୃତ ଧ୍ୱନି; ହେ ! ଅହେ !—
Pyat A particle used in calling (M. W.).

ପ୍ୟାତ(ନ)—ସ. ବିଣ. (ପ୍ୟାୟ୍ ଧାତୁ+ତ; ମୂଳ ଇଂ. ଫାଟ୍)—
Pyāta(na) ମୋଟା; ସ୍ଥୂଳ; ପୀନ—Fat; swollen.

ପ୍ୟାଦା—ବୈଦେ. ବି. (ଫା)—ପିଆଦା (ଦେଖ)
Pyādā Piādā (See)

ପ୍ୟାଉ ଫୋଟେ—ପ୍ରାଦେ. (କଳାହାଣ୍ଡି) ବି. (ସ. ପାନୀୟ ଶ୍ଚୋଟକ)—
Pyāu phote ପାଣି ଟୋପା; ଜଳବିନ୍ଦୁ—Drop of water.

ପ୍ୟାମ୍ଫ୍ଲେଟ୍—ବୈଦେ. ବି. (ଇଂ. ପାମ୍ଫ୍ଲେଟ୍)—କ୍ଷୁଦ୍ର ପୁସ୍ତକ; ପୁସ୍ତିକା—
Pyāmphlet প্যানফ্লেট पैम्फलेट Pamphlet.
(ପାମ୍ଫ୍ଲେଟ୍; ପେମ୍ଫ୍ଲେଟ—ଅନ୍ୟରୂପ)

ପ୍ୟାୟ୍ (ଧାତୁ)—ସ—୧ । ବୃଦ୍ଧି ପାଇବା—1. To grow.
Pyāya (root) ୨ । ବଢ଼ାଇବା—2. To increase; to augment.
୩ । ସ୍ଫୀତ ହେବା—3. To swell; to be enlarged.

ପ୍ୟାୟନ—ସ. ବିଣ. (ପ୍ୟାୟ୍ ଧାତୁ+ଅନ)—
Pyāyana ୧ । (+କର୍ମ. ଅନ) ଯାହାକୁ ସ୍ଥୂଳ କରାଯାଏ—
(ପ୍ୟାୟିତ—ବି) 1. Caused to swell.
୨ । (କର୍ତ୍ତୃ. ଅନ) ବର୍ଦ୍ଧନକାରକ—
2. Causing to grow or thrive.
ବି. (ଭାବ. ଅନ) ବର୍ଦ୍ଧନ; ବୃଦ୍ଧି—Growth; increase.

ପ୍ୟାୟିତ—ସ. ବିଣ. (ପ୍ୟାୟ୍ ଧାତୁ+କର୍ମ. ତ)—୧ । ସ୍ଥୂଳୀକୃତ—
Pyāyita 1. Fattened.
୨ । ବର୍ଦ୍ଧିତ—2. Increased.

ପ୍ୟାରା—ଦେ. ବି ଓ ବିଣ—ପିଆରା (ଦେଖ)
Pyārā Piārā (See)
ବୈଦେ. ବି. (ଇଂ. ପାରା)—ପାରା (ଦେଖ)—Pārā (See)

ପ୍ୟାରୀ (ଇତ୍ୟାଦି)—ପିଆରୀ ଇତ୍ୟାଦି (ଦେଖ)
Pyārī (etc) Piārī etc (See)

ପ୍ୟାଲା—ବୈଦେ. ବି—ପିଆଲା (ଦେଖ)
Pyālā Piālā (See)

ପ୍ୟାସ୍—ପ୍ରାଦେ. (ସମ୍ବଲପୁର ଓ ଲରଥା) ବି. (ମୂଳ. ହି. ପ୍ୟାସ; ସ. ପିପାସା)—ଶୋଷ; ତୃଷା—Thirst.
Pyās

ପ୍ୟାସେଞ୍ଜର୍ (ଇତ୍ୟାଦି)—ବୈଦେ. ବି. (ଇଂ. ପାସେଞ୍ଜର୍)—
Pyāsenjar (etc) ପାସେଞ୍ଜର୍ ଇତ୍ୟାଦି (ଦେଖ)
Pāsenjar etc (See)

ପ୍ୟୁନ୍—ବୈଦେ. ବି. (ଇଂ. ପିଅନ୍)—ପିଅନ୍ (ଦେଖ)
Pyun পিউন पुन Pian (See)

ପ୍ୟୁନିଟିଭ୍ (ଇତ୍ୟାଦି)—ବୈଦେ. ବିଣ—ପିଉନିଟିଭ୍ ଇତ୍ୟାଦି (ଦେଖ)
Pyunitibh (etc) Piunitibh etc (See)

ପ୍ୟୁଲି(ଡ଼ି)—ଦେ. ବି ଓ ବିଣ. (ସଂ. ପୀତ, ପିଙ୍ଗଳ)—ପିଉଳି (ଦେଖ)
Pyuli (rdi) Piuli (See)

ପ୍ୟୁଷ୍ (ଧାତୁ)—ସଂ—୧ । ଦଗ୍ଧ କରିବା—1. To burn.
Pyush (root) ୨ । ଭାଗ କରିବା—2. To divide.
୩ । ପରିତ୍ୟାଗ କରିବା—3. To relinquish; to part with.

ପ୍ୟୁସ୍(ଧାତୁ)—ସ.—ଭାଗ କରିବା—
Pyus (root) To divide.

ପ୍ୟୈ(ଧାତୁ)—ସ—୧ । ବୃଦ୍ଧି କରିବା—
Pyai (root) 1. To increase.
୨ । ବୃଦ୍ଧି ପାଇବା—2. To grow.
୩ । ଫୁଲିବା—3. To swell.

ପ୍ର—ସ. ଅ—(ଉପସର୍ଗ) (ପ୍ରଥ୍. ଧାତୁ=ବିଖ୍ୟାତ ହେବା+ଅ; ମୂଳ.
Pra ଲାଟିନ୍ ଉପସର୍ଗ ପ୍ରୋ=ସମ୍ମୁଖରେ, କ୍ରମରେ ଓ ପ୍ରି=ପୂର୍ବେ, ପ୍ରଥମେ ଓ ଇଂ. ଉପସର୍ଗ ଫୋର୍=ପୂର୍ବରୁ, ପ୍ରଥମରୁ)—ବିଂଶତି ଉପସର୍ଗ ମଧ୍ୟରୁ ଏକତମ; ଯାହା ନିମ୍ନଲିଖିତ ଅର୍ଥରେ ଧାତୁ ପୂର୍ବେ ବ୍ୟବହୃତ ହୁଏ—A prefix implying:—
୧ । ଖ୍ୟାତି (ଯଥା ପ୍ରସିଦ୍ଧ)—1. Fame; renown.
୨ । ଉତ୍କର୍ଷ; ପ୍ରକର୍ଷ (ଯଥା—ପ୍ରକର୍ଷ, ପ୍ରଗୁଣ)—
2. Excellence.
୩ । ଆଧିକ୍ୟ; ବିଶେଷ; ଅତିଶୟ (ଯଥା—ପ୍ରମତ୍ତ ଓ ପ୍ରବାଦ)—
3. Excess; very much; intensity.
୪ । ସର୍ବତୋଭାବ; ସମ୍ପୂର୍ଣ୍ଣତା (ଯଥା—ପ୍ରଫୁଲ୍ଲ)—
4. Fullness; completeness.
୫ । ଆରମ୍ଭ—5. Beginning.
୬ । ଉଦ୍ଭବ; ଉତ୍ପତ୍ତି (ଯଥା—ପ୍ରଭବ)—
6. Birth; source.
୭ । ପ୍ରଥମର ଭାବ; ପ୍ରାଥମ୍ୟ (ଯଥା—ପ୍ରାହ୍ଣ)—
7. Priority.
୮ । ଆଚରଣ; ବ୍ୟବହାର—
8. Conduct; treatment.
୯ । ଗତି (ଯଥା—ପ୍ରସ୍ଥାନ)—2. Motion; forth; out (as in go forth; set out).
୧୦ । ରୀତି—10. Usage.
(ଯଥା—ବିଶେଷ୍ୟ ଓ ବିଶେଷଣ ପୂର୍ବେ ଏ ଉପସର୍ଗ ନିମ୍ନଲିଖିତ ଅର୍ଥରେ ବ୍ୟବହୃତ ହୁଏ—ମନୀଅର୍. ଉଇଲିୟମ୍)—
୧୧ । କ୍ଷମତା (ଯଥା—ପ୍ରଭୁ)—11. Power (Apte).
୧୨ । ଅଭାବ; ବିଚ୍ଛେଦ (ଯଥା—ପ୍ରୋଷିତ, ପ୍ରପର୍ଣ୍ଣ)—
12. Destitution; separation (Apte).
୧୩ । ନିର୍ମଳତା (ଯଥା—ପ୍ରସନ୍ନ)—
13. Purity (Apte).
୧୪ । ଇଚ୍ଛା (ଯଥା—ପ୍ରାର୍ଥନା)—14. Wish (Apte).
୧୫ । ନିବୃତ୍ତି (ଯଥା—ପ୍ରଶମ)—
15. Cessation (Apte)
୧୬ । ସମ୍ମାନ (ଯଥା—ପ୍ରାଂଜଳି)—
16. Adoration; respect (Apte).
୧୭ । ଆଗରୁ; ଅଗ୍ରେ (ଯଥା—ପ୍ରସ୍ଥାନ)—
17. Before; forward; forth.

୧୮ । ଅତ୍ୟନ୍ତ (ଯଥା—ପ୍ରଚଣ୍ଡ)—
18. Too much; excessively.

୧୯ । ଅଧିକ ଦୂରବର୍ତ୍ତୀ (ଯଥା—ପ୍ରପିତାମହ; ପ୍ରପୌତ୍ର)—
More distant.

୨୦ । ସମ୍ୟକ୍‌ରୂପେ (ଯଥା—ପ୍ରଦାନ)—
20. Out and out; completely.

୨୧ । ପ୍ରଶସ୍ତ (ଯଥା—ପ୍ରଗ୍ରୀବ)—21. Broad.

(ପ୍ର—ଉପସର୍ଗଯୁକ୍ତ ସଂସ୍କୃତ ଶବ୍ଦମାନ କବିତାରେ ଓ ଗ୍ରାମ୍ୟ ବ୍ୟବହାରରେ ସମୟେ ସମୟେ 'ପର' ରୂପେ ବ୍ୟବହୃତ ହୁଏ ଯଥା—ପ୍ରକାଶ=ପରକାଶ; ପ୍ରମାଦ-ପରମାଦ; ପ୍ରମନ୍ତ୍ର=ପରମନ୍ତ୍ର ଇତ୍ୟାଦି ।)

ପ୍ରଉଗ—ସଂ. ବି.—ରଥ ଦଣ୍ଡାର ସାମନା ପାଖର ତ୍ରିଭୁଜାକାର ଅଂଶ; Prauga ଶଗଡ଼ର ଜୁଆମୁଣ୍ଡି—The fore part of the shafts of a chariot or bullock cart. (M. W.)

। ପ୍ରଃ ।—ଦେ.—ସାଙ୍କେତିକ ଚିହ୍ନ (କଚରଅ)—ଅ.—୧ । 'ପ୍ରଗନ୍ନା' ଶବ୍ଦର ।Prah। ସାଙ୍କେତିକ ରୂପେ ଲେଖାରେ ବ୍ୟବହୃତ (ଯଥା—। ପ୍ର । (।ପ୍ର।—ଅନ୍ୟରୂପ) କୋଦଣ୍ଡା ଅର୍ଥାତ୍ କୋଦଣ୍ଡା ପ୍ରଗନ୍ନା)—
1. An abbreviation for the word 'Pergunna' (this abbreviation is also used in writing the same passage in English, as Pr. Kodinda.

୨ । 'ପ୍ରତି' ବା ପ୍ରସ୍ଥର ସାଙ୍କେତିକ ଚିହ୍ନ—
2 Abbreviation of 'prati or width.
(ଯଥା—। ସା । ୫ କାହାଣ, । ପ୍ର । ୪ କାହାଣର କ୍ଷେତ୍ରେ ଜମି ।)

ପ୍ରକଟ—ସଂ. ବିଣ. (ପ୍ର=ସର୍ବତୋଭାବରେ+କଟ୍ ଧାତୁ=ଗମନ କରିବା Prakata +ଅ)—୧ । ବ୍ୟକ୍ତ—1. Uufolded; clear.
୨ । ପ୍ରକାଶିତ; ଦେଖାଯାଉଥିବା; ପ୍ରତ୍ୟକ୍ଷ—
2. Displayed; becoming manifest.
୩ । ପ୍ରକାଶ୍ୟ—
3. Apparent; evident; open; visible.
୪ । ସ୍ପଷ୍ଟ—4 Clear.
୫ । ଶ୍ରେଷ୍ଠ—5. Excellent.
୬ । ପ୍ରଗ୍ରଚିତ—6. Published; proclaimed.
୭ । ଉଦ୍ଭବ; ଆବିର୍ଭୂତ (ହି. ଶ)—7. Appearing.
ଦେ· କ୍ରି ବିଣ—ସ୍ପଷ୍ଟରୂପେ—Clearly.
ଭକ୍ତର ଛୀନ ସାଳସାଃ
ନବଦ୍ଧ ପ୍ରକାଶ ପ୍ରକଟ—ରୂପଚ. ପ୍ରେମସୁଧାମୃତ ।

ପ୍ରକଟକ—ସଂ. ବିଣ. ପୁଂ—(ପ୍ର+କଟ୍ ଧାତୁ+କର୍ତ୍ତୃ. ଅକ)-ଯାହା Prakataka ପ୍ରକଟ କରେ; ପ୍ରକାଶକ—Exhibiting; (ପ୍ରକଟିକା—ସ୍ତ୍ରୀ) publishing.
ଲକ୍ଷ୍ୟ ପ୍ରବନ୍ଧ ବର୍ଣ୍ଣନ ଚତୁର ପ୍ରକଟକ ଗଣ ଦେଶ ମଙ୍ଗଳ—
ଭକ୍ତ· ହେମନ୍ତଗ୍ରନ୍ଥ ।

ପ୍ରକଟନ—ସଂ. ବି—(ପ୍ର+କଟ୍ ଧାତୁ+ଭାବ. ଅନ)—୧ । ପ୍ରକାଶ Prakatana କରିବା—1. Publication.
୨ । ବ୍ୟକ୍ତ କରଣ—2. Making manifest.
୩ । ସ୍ପଷ୍ଟରୂପେ ବୁଝାଇବା—
3. Making clear exposition; expounding.

ପ୍ରକଟା(ଟେ)ଇବା—ଦେ. (ପଦ୍ୟ) କ୍ରି—(ପ୍ରକଟିବାର ଣିଜନ୍ତ ରୂପ)—
Prakata(te)iba ଅନ୍ୟ ଦ୍ୱାରା ପ୍ରକଟିତ କରାଇବା—
ପ୍ରକটান 1. To cause to be manifested. **ପ୍ରଗଟାନା** or published.
୨ । ପ୍ରକଟିତ କରିବା—
2. To unfold; to manifest; to exhibit.
ସୁଗ୍ରଗ୍ରୀବ-ଶିକ୍ଷା ଫଳେ ସେ ଛନ୍ଦନା କେତେ ଛନ୍ଦ ପ୍ରକଟାଇ ।
ରାଧାନାଥ. ଯଯାତି ।

ପ୍ରକଟିତ—ସଂ. ବିଣ. (ପ୍ର+କଟ୍ ଧାତୁ+କର୍ମ. ତ)—
Prakatita ୧ । ପ୍ରକାଶିତ—1. Published.
୨ । ବ୍ୟକ୍ତ—3. Manifest; apparent.
୩ । ପ୍ରଦର୍ଶିତ—3. Displayed; shown.
୪ । ବିକଶିତ; ପ୍ରସ୍ଫୁଟିତ—4. Opened; expanded.

ପ୍ରକଟିବା—ଦେ. (ପଦ୍ୟ) କ୍ରି—୧ । ପ୍ରକଟିତ ବା ବ୍ୟକ୍ତ ହେବା—
Prakatiba 1. To be manifested.
প্রকটা କଟୁଗନ୍ଧି ଲେଖ ପ୍ରକଟ ହଇଲେ ପୀନ ପୟୋଧର ।
ପ୍ରଗଟନା କବିସୂର୍ଯ୍ୟ. ସଙ୍ଗୀତ ।
୨ । ପ୍ରକଟ ବା ପ୍ରକାଶ କରିବା; ଦେଖାଇବା—
2. To manifest; to show.
ଶମ୍ଭୁ ତେଜି ରୂପ ସେ ରୂପେ ଚଳିବା
ପ୍ରକଟୁ ପ୍ରଚ୍ଛନ୍ନ ଶକ୍ତି ମାରାସ୍ଥିବା । ରାଧାନାଥ. ଚିଲିକା ।
୩ । ବ୍ୟକ୍ତ କରିବା—
3. To express; to give vent to.
ଅହା ମୋର ପତ କେତେ ତସ୍କର ଗଣ୍ଡିଲ
ଭୂଣ୍ଡିତ ପ୍ରକଟିବାକୁ ଅପରାଧ ମୋର । ଭୁଲସୀ ଦକ୍ଷିଣଗ୍ରାମାଯଣ, ଅଦ ।

ପ୍ରକଟୀକରଣ—ସଂ ବି. (ପ୍ରକଟ+ଅଭୂତ ତଦ୍ଭାବେ. ଚ୍ୱି+କରଣ)—
Prakatikarana ୧ । ଅବ୍ୟକ୍ତ ବିଷୟକୁ ବ୍ୟକ୍ତ କରିବା—
1. Making visible.
୨ । ପ୍ରକାଶ କରଣ—2. Promulgation; publishing.
୩ । ସ୍ପଷ୍ଟ କରିବା—3. Making clear.

ପ୍ରକଟୀକୃତ—ସଂ. ବିଣ· (ପ୍ରକଟ+ଅଭୂତ ତଦ୍ଭାବେ. ଚ୍ୱି+କୃତ)—
Prakatikruta ୧ । ବ୍ୟକ୍ତୀକୃତ—1. Made visible or apparent.
୨ । ବିଶଦୀକୃତ; ବିସ୍ତାରିତ—2. Amplified.
୩ । ପ୍ରକାଶିତ; ଘୋଷିତ—3. Promulgated.

ପ୍ରକଟୀ ଭୂତ—ସଂ. ବିଣ. (ପ୍ରକଟ+ଅଭୂତ ତଦ୍ଭାବେ. ଚ୍ୱି+ଭୂତ)—
Prakati bhūta ବର୍ତ୍ତମାନ ସ୍ପଷ୍ଟ ରୂପେ ପ୍ରକାଶିତ—
Become manifest.

ପ୍ରକଥନ—ସଂ. ବି. (ପ୍ର+କଥନ)—
Prakathana ଉଚ୍ଚୈଃସ୍ୱରରେ ପ୍ରଚାର କରଣ—Announcing; publishing loudly; proclaiming.

ପ୍ରକମ୍ପ—ସଂ. ବି. (ପ୍ର + କମ୍ପ ଧାତୁ=କମ୍ପିବା + ଭାବ. ଅ) —
Prakampa ୧ । ଅତିଶୟ କମ୍ପ; ବେପଥୁ—1. Shivering; vibration; trembling; quaking; tremor.
୨ । ପ୍ରଭଞ୍ଜନ; ବାୟୁ —2. Air; wind.
୩ । ସ୍ଥିତିସ୍ଥାପକ ବସ୍ତୁ—3. An elastic thing.
୪ । ନରକବିଶେଷ —
4. Name of a part of hell.
୫ । ରାବଣର ସେନାପତିବିଶେଷ—
5. Name of a general of Rābana.
ବିଣ. (+ କର୍ତ୍ତୃ. ଅ)—୧ । ଅତିଶୟ କମ୍ପମାନ—
1. Shivering; trembling violently.
୨ । କମ୍ପନ କାରକ— 2 Shaking; causing shiver.

ପ୍ରକମ୍ପନ—ସଂ. ବି. (ପ୍ର + କମ୍ପ ଧାତୁ + ଭାବ. ଅନ)—ପ୍ରକମ୍ପ; ବିଶେଷ
Prakampna କମ୍ପ—Shivering; violent trembling; vibration.
(ପ୍ରକମ୍ପିତ; ପ୍ରକମ୍ପମାନ—ବିଣ)

ପ୍ରକମ୍ପମାନ—ସଂ ବିଣ.—(ପ୍ର+କମ୍ପ ଧାତୁ+କର୍ତ୍ତୃ. ଅନ)— କମ୍ପମାନ;
Prakampamāna ଅତ୍ୟନ୍ତ କମ୍ପୁଥିବା—Shivering; vibrating.
(ପ୍ରକମ୍ପମାନା—ସ୍ତ୍ରୀ)

ପ୍ରକର—ସଂ. ବି. (ପ୍ର+କୃ ଧାତୁ=ବିକ୍ଷେପ କରିବା+କର୍ମ. ଅ)—
Prakara ୧ । ବିକୀର୍ଣ୍ଣ କୁସୁମାଦି—1. Scattered flowers.
୨ । ପୁଷ୍ପାଦିର ସ୍ତବକ—2. Bunch.
୩ । ଗୋଛା—3. Sheaf; bundle.
୪ । ରାଶି; ସମୂହ—4. Collection; heap; quantity.
୫ । ଅଗୁରୁ (ହି. ଶ.) – 5. Aloe wood; agallochia.
୬ । (ପ୍ର + କୃ ଧାତୁ=କରିବା + ଭାବ. ଅ)—ବନ୍ଧୁତା—
6. Friendship.
୭ । ସହାୟତା; ସାହାଯ୍ୟ—
7. Co-operation; aid; assistance.
୮ । ଅଧିକାର—8. Authority; possession.
୯ । ସମ୍ମାନ—9. Respect.
୧୦ । ରୀତିନୀତି; ବ୍ୟବହାର—10 Usage; custom.
୧୧ । ନଟ ନଟୀଙ୍କ ପୋଷାକ—
11. Theatrical dress or disguise.
୧୨ । ସ୍ତ୍ରୀଲୋକକୁ ଭୁଲାଇ କରି ସତୀତ୍ୱ ହରଣ କରିବା; ଫୁସୁଲାଇ କରି ସ୍ତ୍ରୀଲୋକକୁ ଘରୁ ବାହାର କରି ନେବା—
12. Seduction of a woman.
ବିଣ.— (ପ୍ର+କୃ ଧାତୁ + କର୍ତ୍ତୃ. ଅ)—ବୃଦ୍ଧ—
1. Old; aged.
ପ୍ରକର ବରଷ କଳସ ଗଣିବା ଭାବେ ସୁବାସ ହୃଦବାରେ ।
ଭଞ୍ଜ କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । କର୍ମଠ; କାର୍ଯ୍ୟପଟୁ—2. Able; pert; skilful.
୩ । ଜୁସିଆର (ହି. ଶ.) —3. Cautious.

ପ୍ରକରଣ—ସଂ. ବି. (ପ୍ର+କୃ ଧାତୁ+ଭାବ. ଅନ) — ୧ । ସମ୍ୟକ୍‌ରୂପେ
Prakarana କରଣ—1. Doing a thing excellently.
୨ । ସର୍ଜନ; ନିର୍ମାଣ; ଉତ୍ପାଦନ—
2. Creation; production.
୩ । କାର୍ଯ୍ୟ—3. Act.
୪ । ଘଟଣା; କାଣ୍ଡ; ବ୍ୟାପାର —
4. Affair; event; matter.
୫ । ପ୍ରଭେଦ—5. Difference; distinction.
୬ । ଉପାୟ; କୌଶଳ—6. Means; artifices.
୭ । ପ୍ରକାର—7. Kind; species.
୮ । ବିଷୟ; ପ୍ରସଙ୍ଗ—8. Topic; subject-matter.
୯ । ପ୍ରବନ୍ଧ—9. Essay.
୧୦ । ପ୍ରସ୍ତାବ—10. Proposal; discourse.
୧୧ । ସମ୍ମାନକରଣ—11. Showing respect.
୧୨ । ଭୂମିକା; ଅବତରଣିକା—12. Introduction.
୧୩ । ନାଟକର ପୂର୍ବାଭାଷ —
13. Prologue to a drama; prelude.
୧୪ । ଗ୍ରନ୍ଥାଂଶ; ଅଧ୍ୟାୟ; ପରିଚ୍ଛେଦ—
14. Chapter; section of a book.
୧୫ । କୌଣସି ଗୋଟିଏ ପ୍ରସଙ୍ଗ ବିଷୟକ ଗ୍ରନ୍ଥ —
15. A monologue; treatise; monograph.
୧୬ । ପାଦ; ରଚନାର ଅଂଶ ବା ବିଭାଗ—16. Paragraph.
୧୭ । ନାଟକର ପ୍ରକାରଭେଦ; ଯେଉଁ ନାଟକରେ ସାମାଜିକ ପ୍ରକୃତି ଏବଂ ପ୍ରେମ ବିଷୟକ ବର୍ଣ୍ଣନା ଥାଏ—
17. A society-and-love-drama.
[ଦ୍ର—ପ୍ରକରଣ ନାଟକ ଶ୍ରେଣୀୟ, କିନ୍ତୁ ନାଟକଠାରୁ ହୀନ । ଏହା ସାମାଜିକ ଆଚାର ବ୍ୟବହାର ଓ ପ୍ରେମ ବର୍ଣ୍ଣନା ବିଷୟ ଅବଲମ୍ବନରେ ଲିଖିତ ହୋଇଥାଏ । ପ୍ରକରଣ ନାଟକରେ ପ୍ରେମବିଷୟକ ସାମାଜିକ ଚିତ୍ର ଥାଏ । ଏହା ଶୁଦ୍ଧ ଓ ସଂକୀର୍ଣ୍ଣ ଭେଦରେ ୨ ପ୍ରକାର; ଶୁଦ୍ଧ ପ୍ରକରଣରେ ନାୟକ ଉଚ୍ଚ ବଂଶୀୟ କୁଳବନ୍ତ ଓ ନାୟିକା ବେଶ୍ୟା; ସଂକୀର୍ଣ୍ଣ ପ୍ରକରଣରେ ନାୟକ ମନ୍ତ୍ରୀ, ବ୍ରାହ୍ମଣ ବା ବଣିକ ଓ ନାୟିକା ଭଦ୍ରପରିବାରପାଳିତା ସ୍ତ୍ରୀ ବା ସହଚରୀ । ପ୍ରକରଣ କବିକଳ୍ପିତ ଲୌକିକ ଗଳ୍ପ । ସାମାଜିକ ପ୍ରକୃତି ଓ ପ୍ରେମ ବର୍ଣ୍ଣନା ଏବଂ ଶୃଙ୍ଗାର ରସ ଏହାର ପ୍ରଧାନ ଅଙ୍ଗ । ମୃଚ୍ଛକଟିକ, ମାଳତୀମାଧବ ଆଦି ଗ୍ରନ୍ଥ ଏହି ଶ୍ରେଣୀର ଅନ୍ତର୍ଗତ ।]

ପ୍ରକରଣ ଗ୍ରନ୍ଥ—ସଂ. ବି — ଗୋଟିଏ ବିଷୟକୁ ଅବଲମ୍ବନ କରି ଲେଖାଯିବା
Prakarana grantha କ୍ଷୁଦ୍ର ଗ୍ରନ୍ଥ—A small treatise on a particular subject; a monologue.

ପ୍ରକରଣ ଜ୍ଞାନ —ସଂ. ବି — (୬ଷ୍ଠୀ ତତ୍; ପ୍ରକରଣ + ଜ୍ଞାନ)—ଆଲୋଚ୍ୟ
Prakarana jnāna ବିଷୟର ପ୍ରସଙ୍ଗ ବୋଧ—
Comprehension of the subject matter of a treatise or discourse.

ପ୍ରକରଣିକା —ସଂ. ବି. ସ୍ତ୍ରୀ—(ପ୍ରକରଣ + ଅଳ୍ପାର୍ଥେ. କ + ସ୍ତ୍ରୀ. ଆ)—
Prakaranikā କ୍ଷୁଦ୍ର ପ୍ରକରଣ; କ୍ଷୁଦ୍ର ନାଟକବିଶେଷ—
(ପ୍ରକରଣୀ--ଅନ୍ୟରୂପ) A small love drama; a minor love drama.

ପ୍ରକରଣୀୟ—ସ. ବଣ—(ପ୍ରକରଣ+ସମ୍ବନ୍ଧାର୍ଥେ. ଈୟ)—୧ । ପରିଚ୍ଛେଦ
Prakaraṇiya ସମ୍ବନ୍ଧୀୟ—1. Relating to a chapter or section.
୨ । ପ୍ରବନ୍ଧ ବିଷୟକ—2. Relating to the subject matter of a treatise or discourse.

ପ୍ରକରୀ—ସ. ବ. ସ୍ତ୍ରୀ—(ପ୍ର+କୃ. ଧାତୁ+ଅଧି. ଅ+ସ୍ତ୍ରୀ. ଈ)—
Prakarī ୧ । ଅଭିନୟର ସାଜସଜ୍ଜା—1. Theatre dress.
୨ । ନାଟିକା—2. A small drama.
୩ । ଅନାବୃତ ସ୍ଥାନ—3. An open space.
୪ । ଚତ୍ୱର; ଅଗଣା—4 A court-yard.
୫ । ଛକ; ଚୌରାସ୍ତାର ମିଳନ ସ୍ଥାନ—
5. A meeting place of cross roads.
୬ । ନାଟକରେ ପ୍ରୟୋଜନସିଦ୍ଧି ପାଇଁ ଆବଶ୍ୟକ ୫ଟି ସାଧନ ମଧ୍ୟରୁ ଏକତମ, ଯହିଁରେ କୌଣସି ଏକଦେଶବ୍ୟାପୀ ଚରିତ୍ରର ବର୍ଣ୍ଣନ ଥାଏ (ହି. ଶ)—6. One of the essential parts of a drama in which a character relating to a particular matter is treated.

ପ୍ରକର୍ଷ—ସ. ବ—(ପ୍ର+କୃଷ୍. ଧାତୁ=ଆକର୍ଷଣ କରିବା+ଭାବ. ଅ)—
Prakarsha ୧ । ଉନ୍ନତି—1 Improvement.
୨ । ଶ୍ରେଷ୍ଠତା; ଉତ୍କର୍ଷ; ଉତ୍କୃଷ୍ଟତା; ଉତ୍ତମତା—
2. Excellence; preeminence; superiority; goodness.
(ପ୍ରକୃଷ୍ଟ—ବଣ)
୩ । ବିଶେଷତ୍ୱ—
3. Peculiarity; specialty; distinction.
୪ । ଆଧିକ୍ୟ—4. Intensity; excess.
୫ । ବିଶ୍ୱଜନୀନତ୍ୱ; ସର୍ବସାଧାରଣତ୍ୱ—
5. Universality.
୬ । ନିଶ୍ଚିତତା—6. Absoluteness; certainty.

ପ୍ରକର୍ଷକ—ସ. ବଣ—(ପ୍ର+କୃଷ୍ ଧାତୁ+କର୍ତ୍ତୃ. ଅକ)—ଉତ୍କର୍ଷ
Prakarshaka ସମ୍ପାଦକ (ହି. ଶ)—Causing preeminence.
(ପ୍ରକର୍ଷିକା—ସ୍ତ୍ରୀ)

ପ୍ରକର୍ଷଣ—ସ. ବ—(ପ୍ର+କୃଷ୍ ଧାତୁ+ଭାବ. ଅନ)—୧ । ବିଶେଷ
Prakarshaṇa ଭାବରେ କର୍ଷଣ—1. Thorough ploughing.
(ପ୍ରକର୍ଷିତ, ପ୍ରକର୍ଷଣୀୟ—ବଣ)
୨ । ଆଗକୁ ଠେଲା—2. Pushing forth (M. W).
୩ । ଟାଣି ଆଣିବା; ଆକର୍ଷଣ—
3. Attracting; drawing.
୪ । ଆଧିକ୍ୟ—4. Intensity.
୫ । ପ୍ରାଧାନ୍ୟ; ଉତ୍କର୍ଷ; ଶ୍ରେଷ୍ଠତା—
5. Excellence; superiority.
୬ । କଷ୍ଟ ଦେବା—6. Harassing; distracting.
୭ । ସର୍ବସାଧାରଣତ୍ୱ—7 Universality.
୮ । କ୍ଷେତ୍ରରେ ଅଗ୍ର ବା ଓଡ଼ ଦେବା; ହଳ କରିବା—
8. Drawing furrows; ploughing (M. W).
୯ । ବନ୍ଧକୀ ଦ୍ରବ୍ୟକୁ ବ୍ୟବହାର କରିବା ଦ୍ୱାରା ମୂଳ ଟଙ୍କାର ନ୍ୟାଯ୍ୟ ସୁଧ ଅପେକ୍ଷା ଅଧିକ ଆଦାୟ ପାଇବା—
9. Realisation in excess of the interest due on a loan by the use of the pledged article; enjoyment of the surplus income after setting off the interest in full by the use of the pledged article.

ପ୍ରକର୍ଷିତ—ସ. ବଣ—(ପ୍ର+କୃଷ୍ ଧାତୁ ଣିଚ୍=କର୍ଷି ଧାତୁ+କର୍ମ. ତ)-
Prakarshita ୧ । ଆକର୍ଷିତ—1. Attracted; drawn.
୨ । ଉତ୍ତମରୂପେ ଚଷା ହୋଇଥିବା—
2. Ploughed thoroughly.
ବି—ବନ୍ଧକୀ ଜିନିଷର ବ୍ୟବହାର ଦ୍ୱାରା ପ୍ରାପ୍ୟ ସୁଧରୁ ବେଶି ଲାଭ—
Surplus profit on a pledge over and above the interest due.
[ଦ୍ର—ହିନ୍ଦୁସ୍ମୃତି ଅନୁସାରେ ମହାଜନ ଏହି ଅଧିକା ଲାଭକୁ ଖାତକକୁ ଫେରାଇ ଦେବାକୁ ବାଧ୍ୟ । ହି. ଶ]

ପ୍ରକଳା—ସ. ବି—(ପ୍ର+କଳା)—ଏକ କଳା ସମୟର ୬୦ ଭାଗର ଏକ
Prakaḻā ଭାଗ (ହି. ଶ)—One sixtieth of one Kaḻā of time.

ପ୍ରକଳ୍ପନ(ନା)—ସ. ବି—(ପ୍ର+କଳ୍ପି ଧାତୁ+ଅନ+ଆ)—ସ୍ଥିରୀକରଣ
Prakaḻpana(nā) (ହି. ଶ)—Ascertainment.

ପ୍ରକଳ୍ପିତ—ସ. ବଣ—(ପ୍ର+କଳ୍ପି. ଧାତୁ+କର୍ମ. ତ)—୧ । ଅନୁଚିନ୍ତିତ-
Prakaḻpita 1. Thought beforehand; contemplated.
୨ । ସଂକଳ୍ପିତ—2; Resolved; determined.
୩ । ଉଦ୍ଭାବିତ—3. Invented; devised.
୪ । ପାତିତ (ଯଥା—ଅଶ୍ରୁ)—4. Shed (as tears).
୫ । ସ୍ଥିରୀକୃତ; କଳ୍ପିତ (ହି. ଶ)—5. Ascertained,

ପ୍ରକଶ—ସ. ବି—(ପ୍ର+କଶ୍ ଧାତୁ+ଭାବ.ଅ)—୧ । କୋରଡ଼ା ମାରିବା
Prakaśa (ହି. ଶ)—2. Whipping.
୨ । ପୀଡ଼ା ଦେବା; କଷ୍ଟ ଦେବା (ହି. ଶ)—
2. Afflicting; oppressing.

ପ୍ରକଶୀ—ସ. ବି—ଶୂକ ନାମକ ରୋଗ, ଯହିଁରେ ପୁରୁଷର ମୂତ୍ରେନ୍ଦ୍ରିୟ
Prakaśī ଫୁଲିଯାଏ ଓ ଯାହା ଇନ୍ଦ୍ରିୟକୁ ବଢ଼ାଇବା ପାଇଁ ଔଷଧ ପ୍ରୟୋଗ କରିବାରୁ ଜାତ ହୁଏ (ହି. ଶ.)—
A disease accompanied by the swelling of the penis.

ପ୍ରକାଙ୍କ୍ଷା—ସଂ. ବି. (ପ୍ର+କାଙ୍କ୍ଷ ଧାତୁ+ଭାବ.ଅ+ଆ)—କ୍ଷୁଧା; ଭୋକ—
Prakāṅkshā Appetite; desire for food.

ପ୍ରକାଣ୍ଡ—ସଂ. ବି. (ପ୍ର+କାଣ୍ଡ)—୧ । ମୂଳଠାରୁ ସ୍କନ୍ଧ ବା ଶାଖାମୂଳ
Prakāṇḍa ପର୍ଯ୍ୟନ୍ତ ବୃକ୍ଷାଂଶ; ବୃକ୍ଷର କାଣ୍ଡ; ଗଛର ଗଣ୍ଡି—
1. The trunk of a tree; stem of a tree.
୨ । ଶାଖା; ଡାଳ—2. Branch; a shoot.
୩ । ପ୍ରଗଣ୍ଡ; ବାହୁର ଉପର ଅଂଶ; ଡେଣା—
3. The upper part of the arm (M. W.).
୪ । ବୃକ୍ଷ (ହି. ଶ)—4. Tree.

ବିଣ—୧ । ଉତ୍କୃଷ୍ଟ—1. Excellent; preeminent.
୨ । ପ୍ରଶସ୍ତ; ବହୁ ବିସ୍ତୃତ—2. Very wide; extensive
୩ । ଖୁବ୍ ବଡ଼; ଅତି ବୃହତ୍—
3. Very great; very large; enormous; gigantic.
୪ । ସୁଖୀ—4 Happy.
୫ । ବୃହତ୍‌କାୟ; ମୋଟା—5. Stout; stupenduous; corpulent.
୬ । ଅତ୍ୟୁଚ୍ଚ; ଡେଙ୍ଗା—6. Tall; very high.

ପ୍ରକାମ—ସଂ. ଅ ଓ କ୍ରି. ବିଣ. (ପ୍ର + କମ୍ ଧାତୁ = ବାଞ୍ଛା କରିବା + କର୍ମ. ଅ
Prakāma ୧ । ପ୍ରଚୁରରୂପେ; ଯଥେଷ୍ଟରୂପେ; ପର୍ଯ୍ୟାପ୍ତରୂପେ—
1. Sufficiently; enough.
୨ । ସ୍ୱେଚ୍ଛାକ୍ରମେ—2. Voluntarily; willingly.
୩ । ଅତ୍ୟନ୍ତ—3. Very much; excessive.
୪ । ଆନନ୍ଦ ସହକାରେ—4. With pleasure; with delight; gladly (M. W.).
ବି—୧ । ଆନନ୍ଦ—1. Joy; delight; pleasure (M. W.).
୨ । ପର୍ଯ୍ୟାପ୍ତି—2. Plenty (Howells).
୩ । କାମାତୁରତା—3. Voluptuousness (Howells).
୪ । କାମନା; ଇଚ୍ଛା (ହୁ. ଶ)—4. Desire; wish.
ବିଣ—ଯଥେଷ୍ଟ (ହୁ. ଶ)—Sufficient.

ପ୍ରକାମଭୁକ୍—ସଂ. ବିଣ. ପୁଂ. (ପ୍ରକାମ + ଭୁଜ ଧାତୁ + କର୍ତ୍ତୃ. କ୍ୱିପ୍; ୧ମା
Prakāmabhuk ୧ବ)—ପେଟ ପୂରିବା ବା ତୃପ୍ତିବା ପର୍ଯ୍ୟନ୍ତ ଖାଉଥିବା (ବ୍ୟକ୍ତି)—Eating till satisfied; eating enough (M. W.).

ପ୍ରକାର—ସଂ. ବି. (ପ୍ର + କୃ ଧାତୁ + ଭାବ. ଅ)—୧ । ରୀତି; ଧାରା; ଭଙ୍ଗି—
Prakāra 1. Manner; fashion; mode; way; peculiarity.
୨ । ରକମ—2. Sort; kind.
୩ । ସାଦୃଶ୍ୟ—3. Similarity; resemblance.
୪ । ପ୍ରଭେଦ—4. Variety; difference.
୫ । ଶ୍ରେଣୀ; ବିଭାଗ; ଜାତି—5. Species; class.
୬ । ଭିନ୍ନ ଶ୍ରେଣୀ—6. Different class.
୭ । ଉପାୟ; କୌଶଳ—7. Means.
୮ । ଗୁଣଜନିତ ଭେଦ—8. Variety due to quality.
ଦେ. ବି—୧ । ଢଙ୍ଗଢାଙ୍ଗ—1. A peculiar mode.
୨ । ଛଇ—2. Pranks.
(ଯଥା—ଏ ଟୋକାଟା ଗୋଟାଏ ପ୍ରକାର କାଢ଼ୁଛି ।)
୩ । ବିଶିଷ୍ଟ ଭଙ୍ଗି—3. A display of one's individuality.
[ଦ୍ର—ଏହି ଶବ୍ଦ ଆକାର ଶବ୍ଦ ପରେ ସହଚରରୂପେ ବ୍ୟବହୃତ ହୁଏ ।]

ପ୍ରକାର ଗତ—ସଂ. ବିଣ. (ବିଜ୍ଞାନ ପରିଭାଷା)—ଗୁଣ ସମ୍ବନ୍ଧୀୟ—
Prakāra gata Qualitative.

ପ୍ରକାର ବିଶେଷ—ସଂ. ବି—ଅନେକ ପ୍ରକାର ବା ଶ୍ରେଣୀ ମଧ୍ୟରୁ
Prakara biśesha ଏକ ତମ; ଏକପ୍ରକାର—One of the
(ପ୍ରକାରଭେଦ—ଅନ୍ୟରୂପ) peculiar modes or classes; a peculiar sort.

ପ୍ରକାରାନ୍ତର—ସଂ. ବି—ଅନ୍ୟ ପ୍ରକାର; ଭିନ୍ନ ପ୍ରକାର—
Prakārāntara Another kind or sort; a different manner.

ପ୍ରକାରାନ୍ତରରେ—ଦେ. କ୍ରି. ବିଣ—୧ । ଅନ୍ୟଥା; ପରନ୍ତୁ—
Prakārāntarare 1. Otherwise; on the otherhand.
(ପ୍ରକାରାନ୍ତରେ—ଅନ୍ୟରୂପ) ୨ । ଅନ୍ୟରୂପେ—
প্রকারান্তরে 2. In another way.
୩ । ଅପ୍ରକାଶ୍ୟ ରୂପରେ—3. Indirectly.

ପ୍ରକାଶ—ସଂ. ବି. (ପ୍ର + କାଶ ଧାତୁ = ଦୀପ୍ତି ପାଇବା + ଭାବ. ଅ)—
Prakāśa ୧ । ତେଜଃ; ଦୀପ୍ତି; ଆଲୋକ; ଜ୍ୟୋତିଃ—
1. Light; lustre.
୨ । ଚାକଚକ୍ୟ—2. Splendour; brilliance; dazzle.
[ପ୍ରକାଶତା(ତ୍ୱ)—ବି]
୩ । ଉଜ୍ଜ୍ୱଳତା—3. Brightness
୪ । ଶୋଭା—4. Beauty; elegance.
୫ । ସ୍ପଷ୍ଟତା; ବ୍ୟକ୍ତତା—5. Clearness.
୬ । ବିକାଶ; ଜାହିର; ଜାରି; ଅଭିବ୍ୟକ୍ତି—
6. Manifestation; display; appearance.
୭ । ପ୍ରସାରଣ; ବିସ୍ତାର—7. Expansion; diffusion.
୮ । ପ୍ରସିଦ୍ଧି; ପ୍ରଚାର—8. Publicity; publication; promulgation.
୯ । ପ୍ରକଟନ; ବ୍ୟକ୍ତ କରଣ—
9. Displaying; revelation.
୧୦ । ପ୍ରସ୍ଫୁଟନ; (ଫୁଲର) ଫୁଟିବା—
10. Blowing (e. g. of a flower).
୧୧ । ଯଶଃ; ଖ୍ୟାତି—11. Renown; fame.
୧୨ । ଆବିଷ୍କାର—12. Discovery.
୧୩ । ରୌଦ୍ର; ଖରା—13. Sunshine.
୧୪ । ସାଦୃଶ୍ୟ—14. Similitude.
୧୫ । ଜ୍ଞାନ—15. Sense; knowledge.
୧୬ । ବୈବସ୍ୱତ ମନୁଙ୍କ ପୁତ୍ରବିଶେଷ—
16. Name of a son of Baibaśwata Manu.
୧୭ । ହାସ୍ୟ—17. Laughter (M. W.).
୧୮ । କଂସା; କାଂସ୍ୟ—18. Bell metal.
ବିଣ—୧ । ସଦୃଶ—1. Like.
୨ । ବିକସିତ—2. Blown; expanded.
୩ । ପରିଦୃଷ୍ଟ—0. Visible; seen.
୪ । ପ୍ରକଟିତ—
4. Published; divulged; promulgated.
୫ । ଉଜ୍ଜ୍ୱଳ—5 Bright; shining.

୬ । ପ୍ରସିଦ୍ଧ—
6 Famous; renowned; celebrated.
୭ । ଉଦ୍ଭାବିତ—7. Discovered; invented.
୮ । ସ୍ପଷ୍ଟ—8. Manifest; apparent; evident; clear.
୯ । ଗୋଚର; ପ୍ରତ୍ୟକ୍ଷ (ହି. ଶ.)—9. Known; realised.
ଅ. (ନାଟକୀୟ ଭାଷା)—୧ । ସର୍ବଜନ ସମକ୍ଷରେ—
1. Before the eyes of all; openly; in public.
୨ । ସମସ୍ତେ ଶୁଣି ପାରିଲା ଭଳି; ଉଚ୍ଚୈଃସ୍ୱରରେ—
2. Loudly; aloud; audibly.
[ଦ୍ର—ଅଭିନୟ ସମୟରେ ନଟ ବା ନଟୀ ନିକଟସ୍ଥ ଅନ୍ୟ ନଟନଟୀ ଶୁଣି ନ ପାରିବା ଭଳି ମନେ ମନେ ଆନ୍ଦୋଳନ କରୁଥିବା କଥାକୁ ଗୋପନରେ (aside) କହି, ତା ପରେ ସମସ୍ତଙ୍କୁ ଶୁଣାଇ ଯେଉଁ କଥା କହେ ତାକୁ 'ପ୍ରକାଶ' (aloud) ବୋଲାଯାଏ । ଏହାର ବିପରୀତ ସ୍ୱଗତ ବା ଆତ୍ମଗତ ଅଟେ ।]

ଦେ. (ବାକ୍ୟାର୍ଥକ ଶବ୍ଦ)—ଏହା ଆମ୍ଭ ନିକଟରେ ପ୍ରକାଶିତ ହୋଇଅଛି—It appears to me.
(ଯଥା—ପ୍ରକାଶ ଯେ ଅମୁକ ଲୋକ ଚୋରି କରିଅଛି ।]
प्रकाश ଦେ. ବି—୧ । (ଆଧୁନିକ) ଗ୍ରନ୍ଥର ସଂସ୍କରଣ ବା ପ୍ରଚାର—
प्रकाश 1. Publication of a book.
୨ । ରାତି ଭୋର ହେବା—2. Dawning.

ପ୍ରକାଶକ—ସ. ବିଣ. ପୁଂ. (ପ୍ର+କାଶ୍ ଧାତୁ+କର୍ତ୍ତୃ. ଅକ)—
Prakāśaka ୧ । ବ୍ୟକ୍ତକାରକ—1. Making clear or
(ପ୍ରକାଶିକା—ସ୍ତ୍ରୀ) manifest.
୨ । ଯେ ପ୍ରକାଶ କରେ; ପ୍ରକଟନକାରୀ—
2. One who divulges or publishes.
୩ । ବ୍ୟାଖ୍ୟାକାରୀ—3. Explaining; illustrating,
୪ । ପ୍ରଦର୍ଶକ—4. Manifesting; displaying.
୫ । ଉଜ୍ଜ୍ୱଳ—
5. Bright; shining; brilliant (M. W.).
ବି—୧ । ଗ୍ରନ୍ଥାଦିର ପ୍ରଚାରକର୍ତ୍ତା—
1, Publisher of a book.
୨ । ବ୍ୟାଖ୍ୟା କରିବା ବ୍ୟକ୍ତି—2. Expounder.
୩ । ମହାଦେବ (ହି. ଶ)—2. Mahādeba.

ପ୍ରକାଶ କରିବା—ଦେ କ୍ରି—୧ । ପ୍ରକଟନ କରିବା—
Prakāśa kariba 1. To publish; to unfold.
प्रकाश करना ୨ । ସାଧାରଣଙ୍କ ନିକଟରେ କହିବା—
प्रकाश करना 2 To speak out; to give out.
୩ । ଗୁପ୍ତ ରହସ୍ୟ ଆଦି କହିଦେବା—
3. To divulge a secret.
୪ । ଖୋଲି କରି ଦେଖାଇବା—4. To display.
୫ । କୌଣସି ରାଜା ଆଦିଙ୍କ ଉପରେ ଚାମର ଖଣ୍ଡ ଆଦି ଇତସ୍ତତଃ ସଞ୍ଚାଳନ କରିବା—5. To wave a chowrie or cloth over a person.

ବେଦରେ ଅଗ୍ନିର ପ୍ରକାଶ ଭରତ କହନ୍ତି—ଇଣ୍ଡି. ବୈଦେଶିକବଳାଧ ।
୬ । ବ୍ୟକ୍ତ କରିବା—
6. To exhibit; to manifest.
୭ । ଗ୍ରନ୍ଥକୁ ମୁଦ୍ରଣଦ୍ୱାରା ପ୍ରଚାର କରିବା—
7. To publish a book.

ପ୍ରକାଶ କାମ—ସ. ବିଣ. ପୁଂ. (ବହୁବ୍ରୀହି; ପ୍ରକାଶ+କାମ)—ଯଶଇଚ୍ଛୁ;
Prakāśa kāma ଯେ ଯଶଃ କାମନା କରେ—
(ପ୍ରକାଶକାମା—ସ୍ତ୍ରୀ) Wishing for renown (M. W.).

ପ୍ରକାଶଜ୍ଞାତା—ସ. ବି. (ପ୍ରକାଶ+ଜ୍ଞା ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Prakāśajnāta (ଯେ ସୂର୍ଯ୍ୟଙ୍କର ବା ଦିବସର ପ୍ରକାଶକୁ ଜାଣି ପାରେ) କୁକ୍କୁଟ; କୁକୁଡ଼ା—The cock.

ପ୍ରକାଶତଃ—ସ. କ୍ରି. ବିଣ. (ପ୍ରକାଶ+ତଃ)—ପ୍ରକାଶ୍ୟ ଭାବରେ—
Prakāśatah Openly.

ପ୍ରକାଶତା—ସ. ବି. (ପ୍ରକାଶ+ଭାବ. ତା)—୧ । ପ୍ରତ୍ୟକ୍ଷୀଭୂତ
Prakāśatā କରଣ; ପ୍ରକଟନ—1. Manifestation;
(ପ୍ରକାଶତ୍ୱ—ଅନ୍ୟରୂପ) publication.
୨ । ଦର୍ଶନୀୟତା—2. Visibility.
୩ । ଉଜ୍ଜ୍ୱଳତା; ଦୀପ୍ତି—3. Brightness, luminousity.
୪ । ସ୍ପଷ୍ଟତା—4. Clearness.

ପ୍ରକାଶ ଥାଉ କି—ଦେ. (ବାକ୍ୟ)—ଏଥିପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ
Prakāsa thāu ki କରାଯାଉଅଛି—A phrase meaning
प्रकाश थाके कि 'Be it known'.
[ଦ୍ର—କୌଣସି ପତ୍ର ଲେଖି ସାରି ପୁନର୍ବାର ଅନ୍ୟ କୌଣସି ବିଷୟ ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ କେତେକ ବାକ୍ୟ ଯୋଗ କରିବାକୁ ହେଲେ ଏ ବାକ୍ୟ ଲେଖାଯାଏ । ଏହା ଇଂରାଜୀରେ Post script ବା P.S.ପରି ସ୍ଥଳରେ ବ୍ୟବହୃତ ହୁଏ ।]

ପ୍ରକାଶନ—ସ. ବି. (ପ୍ର+କାଶ୍ ଧାତୁ+ଭାବ. ଅନ)—
Prakāśana ୧ । ପ୍ରକାଶକରଣ; ପ୍ରକଟୀକରଣ—
1. Publishing; manifesting; divulging.
୨ । ଦେଖାଇବା—2. Exhibiting.
୩ । ଆଲୋକିତ କରିବା—3. Illuminating.
୪ । ସୁସ୍ପଷ୍ଟ କରିବା—4. Making clear.
୫ । ଗ୍ରହନକ୍ଷତ୍ରାଦିର ଉଦୟ—5 Appearing; rising.
୬ । (+କର୍ତ୍ତୃ. ଅନ) ବିଷ୍ଣୁ (ହି. ଶ.)—
6. A name of Bishnu.
ସ. ବିଣ—ଉଜ୍ଜ୍ୱଳ; ଦୀପ୍ତିମାନ୍ (ହି. ଶ)—Bright.

ପ୍ରକାଶ ନାରୀ—ସ. ବି. ସ୍ତ୍ରୀ—ବାରନାରୀ; ବେଶ୍ୟା—
Prakāsa nāri Prostitute; public woman (M.W).

ପ୍ରକାଶନୀୟ—ସ. ବିଣ. (ପ୍ର+କାଶ୍ ଧାତୁ+କର୍ମ. ଅନୀୟ)—୧ । ଦର୍ଶନୀୟ—
Prakāśaniya 1 Visible.
୨ । ଦେଖାଇବାର ଯୋଗ୍ୟ—
2. Capable of being displayed or manifested.
୩ । ପ୍ରଚାର ଯୋଗ୍ୟ; ପ୍ରକଟନ ଯୋଗ୍ୟ—
3. Worth publishing.

ପ୍ରକାଶ ପାଇବା—ଦେ. କ୍ରି—୧ । ପ୍ରକାଶିତ ହେବା—2. To become manifest; to be apparent.
Prakāsa pāibā
ପ୍ରକାଶ ହওয়া ୨ । ସ୍ପଷ୍ଟରୂପେ ଜଣା ହେବା—2. To become well known; to become clear.
प्रकाश होना
(ପ୍ରକାଶ ହେବା—ଅନ୍ୟରୂପ) ୩ । ଗୋଚରୀଭୂତ ହେବା; ଦେଖାଯିବା—3. To appear; to come to light; to transpire.

ପ୍ରକାଶମାନ—ସଂ. ବିଣ. (ପ୍ର+କାଶ୍ ଧାତୁ+କର୍ତ୍ତୃ. ଅନ)—
Prakāsamāna ୧ । ଦୀପ୍ତିମାନ୍—1. Dazzling; brilliant.
(ପ୍ରକାଶମାନା—ସ୍ତ୍ରୀ)
୨ । ଉଜ୍ଜ୍ୱଳ—2. Bright; shining.
୩ । ସ୍ପଷ୍ଟ—3. Clear; evident.

ପ୍ରକାଶାତ୍ମା—ସଂ. ବିଣ. (ବହୁବ୍ରୀହି; ପ୍ରକାଶ+ଆତ୍ମନ୍; ୧ମା. ୧ବ.)—
Prakāsātmā ୧ । ଯାହାର ଆଚରଣ ବା ପ୍ରକୃତି ଅତି ଉଜ୍ଜ୍ୱଳ—
1. Of brilliant character or nature.
୨ । ବ୍ୟକ୍ତସ୍ୱଭାବ—
2 Whose self is manifest; self-evident.
୩ । ସ୍ୱୟଂଦୀପ୍ତ—3 Self-illuminated.
୪ । ଅତି ଉଜ୍ଜ୍ୱଳ—4. Very bright.
ବି—୧ । ଈଶ୍ୱର; ଭଗବାନ୍—1. God.
୨ । ସୂର୍ଯ୍ୟ—2. The sun.

ପ୍ରକାଶିତ—ସଂ. ବିଣ. (ପ୍ର+କାଶ୍ ଧାତୁ+କର୍ମ. ତ)—୧ । ଉଦ୍ଭାସିତ; ଦୀପ୍ତ—1. Glittering.
Prakāsita
୨ । ପ୍ରସ୍ଫୁଟିତ—2. Blown.
୩ । ବ୍ୟକ୍ତ—3. Manifest; displayed.
୪ । ଜ୍ଞାନଗମ୍ୟ; ପ୍ରକଟ—
4. Evident; apparent.
୫ । ଶୋଭିତ—5. Beautified.
୬ । ସ୍ପଷ୍ଟୀକୃତ; ଘୋଷିତ; ପ୍ରଚାରିତ—6. Disclosed; published; revealed; promulgated; divulged.
୭ । ଆବିଷ୍କୃତ—7. Invented; discovered.
୮ । (ଆଧୁନିକ) ମୁଦ୍ରଣଦ୍ୱାରା ପ୍ରକଟିତ (ପୁସ୍ତକ)—
8. Published (book).

ପ୍ରକାଶିତ ବିରୁଦ୍ଧତା—ସ. ବି (ଅର୍ଥଦୋଷବିଶେଷ)—ଯେଉଁ ସ୍ଥଳରେ
Prakāsita biruddhatā ଉକ୍ତିର ବିରୁଦ୍ଧାର୍ଥ ପ୍ରକାଶିତ ହୁଏ—
A defect in composition where an apparently innocent expression conveys a totally different sinister meaning.
[ଦ୍ରୁ—ଆଶୀର୍ବାଦ କରେଁ ତବ ତନୟେ ରାଜନ । ରାଜ୍ୟଶ୍ରୀ କରନ୍ତୁ ତାଙ୍କୁ ଶୀଘ୍ର ଆଲିଙ୍ଗନ—ଏଠାରେ ରାଜାଙ୍କୁ ଆଶୀର୍ବାଦ କରିବାକୁ ଯାଇ ରାଜାଙ୍କର ମୃତ୍ୟୁ ହେଲେ ତାଙ୍କ ପୁଅ ରାଜା ହେବାର ସୂଚନା କରି ପ୍ରକୃତରେ ତାଙ୍କର ମୃତ୍ୟୁ କାମନା କରାଯାଇ ଥିବାରୁ ପ୍ରକାଶିତ ବିରୁଦ୍ଧତା ଦୋଷ ହୋଇଅଛି—ଲୁଳମଣି. ଅଳଙ୍କାର ତରଙ୍ଗିଣୀ ।]

ପ୍ରକାଶିତବ୍ୟ—ସ. ବିଣ (ପ୍ର+କାଶ୍ ଧାତୁ+କର୍ମ. ତବ୍ୟ)—ପ୍ରକାଶିତ ହେବାର ଯୋଗ୍ୟ—
Prakāsitabya
Fit to be published or divulged.

ପ୍ରକାଶିବା—ଦେ. କ୍ରି (ପଦ୍ୟ)—୧ । ପ୍ରକାଶିତ ହେବା—
Prakāsibā 1. To become visible; to appear.
প্রকাশা ୨ । ପ୍ରକାଶିତ କରିବା; ଦର୍ଶାଇବା; ବ୍ୟକ୍ତ କରିବା—
प्रकाशना; प्रगसना 2. To exhibit, to give vent to.
କାମିନୀ ପ୍ରକାଶନ୍ତି ଭାବ ସଙ୍କେତେ—ରାଧାନାଥ, ମେଘଦୂତ ।
୩ । କହିବା—3. To say.
କଳକଣ୍ଠ କଳ କଳରବ ଶୁଣିଲେ ପ୍ରକାଶେ ପ୍ରିୟ ମନୋରମ—
ଉତ୍ତ. ପ୍ରେମସୁଧାନିଧି ।
୪ । (ରାତ୍ରି) ପାହିବା—4. (the night) To dawn.
ଏମନ୍ତେ ପ୍ରକାଶିଲା ନିଶି
ଏବେ ଦ୍ୱାରକାପୁରେ ପଶି—ଜଗନ୍ନାଥ, ଭାଗବତ ।
୫ । ପ୍ରସ୍ଫୁଟିତ ହେବା; ଫୁଟିବା—
5. To be blown; to expand.
ଦମୟନ୍ତୀ ଭୁବନକମଳ ପ୍ରକାଶିଲା—କୃଷ୍ଣସିଂହ. ମହାଭାରତ. ବନ ।
୬ । ପ୍ରଚାର କରିବା; ପ୍ରକଟିତ କରିବା—6. To publish.

ପ୍ରକାଶୀ—ସଂ ବିଣ. ପୁଂ (ପ୍ରକାଶ+କର୍ତ୍ତୃ. ଇନ୍; ୧ମା. ୧ବ.)—
Prakāsi ଦୀପ୍ତିମାନ୍—Shining; radiant.
(ପ୍ରକାଶିନୀ—ସ୍ତ୍ରୀ)

ପ୍ରକାଶ୍ୟ—ସଂ. ବିଣ. (ପ୍ର+କାଶ୍ ଧାତୁ+କର୍ମ. ଯ)—୧ । ପ୍ରକାଶ କରିବାର ଯୋଗ୍ୟ—1. Fit to be published or brought to light; publishable.
Prakāsya
୨ । ଯାହା ପରେ ପ୍ରକାଶିତ ହେବ—2. Which will be published; to be published.
୩ । ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ—
3. Opened to the public.
୪ । ଦୃଶ୍ୟ—4. Visible.
୫ । ଯାହା ଗୋପନୀୟ ନୁହେଁ—5. Not private; public.

ପ୍ରକାଶ୍ୟତଃ—ଦେ. କ୍ରି. ବିଂ. (ସ. ପ୍ରକାଶତଃ)—ସର୍ବସାଧାରଣ ଦେଖି ପାରିବା ପ୍ରକାରେ—1. Openly; publicly.
Prakāsyatah
୨ । ଗୋପନ ନ କରି—2. Without concealment.

ପ୍ରକାଶ୍ୟ ସ୍ଥାନ—ଦେ. ବି.—ଯେଉଁ ସ୍ଥାନକୁ ସର୍ବସାଧାରଣ ଯାଇ ପାରନ୍ତି ବା ସମସ୍ତେ ଦେଖି ପାରନ୍ତି—
Prakāsya sthāna
A public place; a place open to the public.

ପ୍ରକାଶ୍ୟ ସ୍ଥାନ ମଇଳା (ଳା) କରିବା—ଦେ. ବି.—ସର୍ବସାଧାରଣଙ୍କ ଦୃଷ୍ଟିରେ ପଡ଼ିବା ସ୍ଥାନକୁ ଅପରିଷ୍କାର କରିବା (ଏହା ଭାରତୀୟ ଦଣ୍ଡବିଧି ଆଇନରେ ଅପରାଧ ରୂପେ ଗଣିତ)—Public nuisance (an offence under the Indian Penal Code.)
Prakāsya sthāna mailā(lā) karibā

ପ୍ରକ୍ରିୟା—ଗ୍ରା. ବି. (ପଦ୍ୟ)—ପରକୀୟା (ଦେଖ)
Prakriyā Parakiyā (See)
ପ୍ରକ୍ରିୟା ଇସ ଭେଦ ହୁଇ,
ବଂଶୀ ଶୁଦ୍ଧପ୍ରେମା ହୋଇ । ଭୂପତି. ପ୍ରେମପଞ୍ଚାମୃତ ।

ପ୍ରକୀର୍ଣ୍ଣ—ସଂ. ବଣ. (ପ୍ର+କୃ ଧାତୁ=ବକ୍ଷେପ କରିବା+କର୍ମ. ତ)—
Prakirnna ୧ । ବକ୍ଷିପ୍ତ; ବୁଣା ଯାଇଥିବା—1. Strewn; diffused; scattered; spread about; broadcast.
୨ । ପ୍ରଚାରିତ; ପ୍ରକଟିତ—
2. Published; divulged; promulgated.
୩ । ପ୍ରସ୍ଫୁଟିତ; ବକସିତ—
3. Opened; expanded; full-blown.
୪ । ବବଧ; ଅନେକ ପ୍ରକାରର—
4. Miscellaneous; of various kinds
୫ । ଅସମ୍ବଦ୍ଧ—5. Incoherent; loose.
୬ । ଉନ୍ମାର୍ଗ; ଉଚ୍ଛୃଙ୍ଖଳ—
6. Irregular; wild; desultory.
୭ । ବଚଳିତ; ଆନ୍ଦୋଳିତ—7. Agitated; excited.
୮ । ତରଙ୍ଗିତ—8. Wavy; billowy.
୯ । ମିଳିତ; ମିଶ୍ରିତ (ବୃ. ଶ.)—1. Mixed up.
ବ.—୧ । ପୁସ୍ତକର ଅଧ୍ୟାୟ—
1. A section of a book, a chapter.
୨ । ପୂତି କରଞ୍ଜ—2. Caesalpina Bonducella.
୩ । ବ୍ୟଜନବଶେଷ; ଚାମର—
2. A chowrie; a tail used as a fan
୪ । ବବଧ ନୀତିବଚନସଂଗ୍ରହ—4. A collection of miscellaneous moral rules; a miscellany,

ପ୍ରକୀର୍ଣ୍ଣକ—ସଂ. ବ. (ପ୍ରକୀର୍ଣ୍ଣ+ସ୍ୱାର୍ଥେ. କ)—୧ । ଚାମର; ଚଅଁର—
Prakirnnaka 1. A chowrie, a tail used as a fan.
୨ । ପୁସ୍ତକର ଅଧ୍ୟାୟ—2. Chapter or section of a book.
୩ । ବସ୍ତାର—3. Extension; extent.
୪ । ନାନା ବଷୟ ସଗ୍ରହ ପୁସ୍ତକ—4. A miscellany; a book of miscellaneous collections.
୫ । ଅଶ୍ୱ; ଘୋଡ଼ା—5. Horse.
୬ । ଶାସ୍ତ୍ରରେ ବା ଆଇନ୍‌ରେ ଅନୁକ୍ତ ବଷୟ, ବଚାରପତି ଦୋଷର ଗୁରୁତା ବା ଲଘୁତା ଦୃଷ୍ଟିରେ ଯହିଁର ଶାସ୍ତି ଦେବେ—6. A case not provided for in the law books but left to the discretion of the judge to decide according to the gravity of the matter.
୭ । ଯେଉଁ କ୍ଷୁଦ୍ର ପାପମାନଙ୍କ ପ୍ରାୟଶ୍ଚିତ୍ତ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ନାହିଁ (ବୃ. ଶ)—7. Minor sins not mentioned in the books which lay down expiations.

ପ୍ରକୀର୍ତ୍ତନ—ସ.ବ. (ପ୍ର+କୃତ୍ ଧାତୁ=କୀର୍ତ୍ତନ କରିବା+ଭାବ. ଅନ)—
Prakirttana ୧ । କଥନ—1. Mention.
୨ । ଘୋଷଣା କରିବା—2. Proclaiming.
୩ । ଜୋରରେ କହିବା—3. Speaking loudly.

ପ୍ରକୀର୍ତ୍ତି—ସ. ବ. (ପ୍ର+କୃତ୍ ଧାତୁ=କୀର୍ତ୍ତନ କରିବା+ଭାବ. ତି)—
Prakirtti ୧ । ପ୍ରସିଦ୍ଧି; ଖ୍ୟାତି—1. Fame; renown; celebrity.
୨ । ପ୍ରଚାର; ଘୋଷଣା—2. Declaration; publication.

ପ୍ରକୀର୍ତ୍ତିତ—ସ. ବଣ. (ପ୍ର+କୃତ୍ ଧାତୁ=କୀର୍ତ୍ତନ କରିବା+କର୍ମ. ତ)—
Prakirttita ୧ । ବର୍ଣ୍ଣିତ—1. Mentioned; described.
୨ । ଉଚ୍ଚୈଃସ୍ୱରରେ ପ୍ରକଟିତ—
2 Proclaimed aloud; announced.
୩ । ପ୍ରଚାରିତ—3. Published; declared.
୪ । ବ୍ୟାଖ୍ୟାକୃତ—4. Explained.
୫ । ବଖ୍ୟାତ; ପ୍ରସିଦ୍ଧ—5. Celebrated; renowned.

ପ୍ରକୀର୍ଯ୍ୟ—ସଂ. ବ. (ପ୍ର+କୃ ଧାତୁ=ବକ୍ଷେପ କରିବା+କର୍ମ. ଯ)—
Prakirjya ପୂତି କରଞ୍ଜ—Caesalpina Bonducella (a plant).
ବଣ—୧ । ବସ୍ତାରଯୋଗ୍ୟ—
1. To be spread about or expanded.
୨ । ପ୍ରକାଶ ଯୋଗ୍ୟ—2. To be published or promulgated or diffused.

ପ୍ରକୁପିତ—ସଂ. ବଣ. (ପ୍ର+କୁପ୍ ଧାତୁ+କର୍ତ୍ତୃ. ତ)—
Prakupita ୧ । ଅତଶୟ କ୍ରୁଦ୍ଧ—
(ପ୍ରକୁପିତା—ସ୍ତ୍ରୀ) 1. Enraged; incensed; agitated.
୨ । ବଶୃଙ୍ଖଳ—2. Disordered; deranged.
୩ । ଯାହାକୁ ରାଗେଇ ଦିଆଯାଇ ଅଛି—
3. Provoked to anger.
୪ । ଯାହାର ପ୍ରଭାବ ଅତି ବଢ଼ିଯାଇଛି (ବୃ. ଶ)—
4 Whose influence has increased much.

ପ୍ରକୃତ—ସଂ. ବଣ. (ପ୍ର+କୃ ଧାତୁ=କରିବା+କର୍ତ୍ତୃ ଓ କର୍ମ. ତ)—
Prakruta ୧ । ସମାହିତ; ସମ୍ପୂର୍ଣ୍ଣୀକୃତ—
(ବକୃତ—ବପରୀତ) 1. Accomplished; completed.
୨ । ରଚିତ; ନର୍ମିତ—2. Made; composed; prepared.
୩ । ଅବକୃତ—3. Not deteriorated; not disordered.
୪ । ଯେଉଁ ବଷୟ ନେଇ ବବାଦ ବା ତର୍କ ଚାଲୁଥାଏ—
4. In question; under discussion.
୫ । ପ୍ରସ୍ତାବିତ—5. Proposed.
୬ । ଠିକ୍—6. Accurate; right.
୭ । ବାଞ୍ଛିତ; ଅଭିଳଷିତ—
7. Desired; expected; cherished.
୮ । ଅଧିକୃତ—8. Possessed.
୯ । ଦରକାରୀ; ପ୍ରୟୋଜନୀୟ—
9. Important; necessary.
୧୦ । ବାସ୍ତବକ; ଯଥାର୍ଥ—10. Actual; real.
୧୧ । ଅସଲ; ଖାଣ୍ଟି—11. Genuine.
୧୨ । ସତ୍ୟ—12. True.

୧୩ । ଅମିଶ୍ରିତ; ବିଶୁଦ୍ଧ—13. Unadulterated.

ପ୍ରକୃତତା(ତ୍ୱ)—ସ. ବି—୧ । ପ୍ରକୃତ ଅବସ୍ଥା—
Prakrutatā(twa) 1. Actual state.
୨ । ସତ୍ୟତା—2. Truth.
୩ । ବାସ୍ତବତା—3. Actuality; reality.

ପ୍ରକୃତାର୍ଥ—ସ. ବିଣ—(ବହୁବ୍ରୀହି)—୧ । ଯଥାର୍ଥ; ଠିକ୍—
Prakrutārtha 1. Right; accurate; real; genuine.
୨ । ସତ୍ୟ—2. True.
ବି—ନାଲିସ କରିବାର ଯଥାର୍ଥ କାରଣ—The true object of a suit; the cause of action of a suit.

ପ୍ରକୃତ ପ୍ରସ୍ତାବରେ—ଦେ. କ୍ରି. ବିଣ—୧ । ଠିକ୍ କହିବାକୁ ଗଲେ; ସତ୍ୟ କଥା ଏହି ଯେ—1. In point of fact; to speak the truth.
Prakruta prastābare
(ପ୍ରକୃତ ପ୍ରସ୍ତାବେ—ଅନ୍ୟରୂପ)
ପ୍ରକৃতপ্ৰস্তাবে सचमुच
୨ । ଠିକ୍ ରୂପରେ; ଯଥାର୍ଥରେ—
2. Rightly; truly.
୩ । ସତେ ସତେ—3. Actually.

ପ୍ରକୃତ ବିବରଣ—ଦେ. ବି—(କତରଆ)—ସତ୍ୟ କଥା; ପ୍ରକୃତ ଘଟଣା—
Prakruta bibarana Actual facts; the true facts; facts as they are.
ପ୍ରକୃତ ଘଟଣା } ଅନ୍ୟରୂପ
ପ୍ରକୃତ ହାଲ }
প্ৰকৃতবিবরণ असलहाल

[ଦ୍ର—ପ୍ରତିବାଦୀ ନିଜର ଲିଖିତ ଜବାବରେ ବାଦୀର ଅଭିଯୋଗ ଲିଖିତ ବିଷୟମାନ ଖଣ୍ଡନ କରିସାରି ଶେଷରେ ମକଦ୍ଦମାର ପ୍ରକୃତ ହାଲ ବା ବିବରଣ ବୋଲି କି କାରଣରୁ ବାଦୀ ତା (ପ୍ରତିବାଦୀର) ନାମରେ ମିଥ୍ୟା ମକଦ୍ଦମା କରିଅଛି ତହିଁର ବିଷୟ ବିବୃତ କରେ ।]

ପ୍ରକୃତି—ସ. ବି—(ପ୍ର+କୃ ଧାତୁ+କରଣ. ତି)—୧ । ଭଗବାନଙ୍କର ମାୟାଖ୍ୟା ଶକ୍ତି, ଯାହାଦ୍ୱାରା ବିଶ୍ୱ ବ୍ରହ୍ମାଣ୍ଡର ଯାବତୀୟ ପଦାର୍ଥ ସୃଷ୍ଟି ହୋଇଅଛି; ସଂସାରର ବା ଜଡ଼ ଜଗତର ଭୌତିକ ପ୍ରଧାନ କାରଣ—1. The Nature as distinguished from the Spirit, Nature, the personified will or the creative energy of the Supreme Being.
Prakruti

[ଦ୍ର—ଭଗବାନଙ୍କର ଯେଉଁ ମାୟାଖ୍ୟା ଶକ୍ତି ଦ୍ୱାରା ଏ ବିଶ୍ୱର ସୃଷ୍ଟି ହୋଇଅଛି ତାକୁ ପ୍ରକୃତି ବୋଲିଯାଏ । ଏହା ଦ୍ୱିବିଧ, ଯଥା—ପରା ଓ ଅପରା । ପରା (ଶ୍ରେଷ୍ଠା) ଜୀବ ସ୍ୱରୂପ ଚେତନାମୟୀ ପ୍ରକୃତି । ଏହା ଜଗତକୁ ରକ୍ଷା କରୁଅଛି । ଏହାହିଁ ଜୀବର ପ୍ରାଣ । ଅପରା (ନିକୃଷ୍ଟା) କ୍ଷିତି, ଅପ୍, ତେଜଃ, ମରୁତ୍, ବ୍ୟୋମ, (ପଞ୍ଚଭୂତ) ମନ, ବୁଦ୍ଧି ଓ ଅହଙ୍କାର ।

ହିନ୍ଦୁ ଦର୍ଶନ ମତରେ—ଆତ୍ମା ଛଡ଼ା ଜଗତରେ ଅନ୍ୟ ସମସ୍ତ ବସ୍ତୁର ମୂଳକାରଣ 'ପ୍ରକୃତି' ଅଟେ । ପ୍ରକୃତି ଅତି ବିଚିତ୍ର ଉତ୍ପାଦିକା-ଶକ୍ତିବିଶିଷ୍ଟ । ପୁରୁଷ (Spirit) ଓ ପ୍ରକୃତି (Nature) ଏହି ଉଭୟଙ୍କ ମିଳନରେ ଏ ଜଗତର ସୃଷ୍ଟି । ପୁରୁଷ ସ୍ୱୟଂ କିଛି କାର୍ଯ୍ୟ କରେ ନାହିଁ; କେବଳ ଦର୍ଶକ ମାତ୍ର । ପ୍ରକୃତି ଓ ପୁରୁଷର ସଂଯୋଗ ହେଲେ ସୃଷ୍ଟି କାର୍ଯ୍ୟର ଆରମ୍ଭ ହୁଏ । ପ୍ରକୃତିରୁ ସତ୍ତ୍ୱ, ରଜଃ ଓ ତମଃ ଏହି ତିନି ଗୁଣ ଉତ୍ପନ୍ନ ହୁଅନ୍ତି । ଏହି ତିନି ଗୁଣ ସାମ୍ୟାବସ୍ଥାରେ ଥିଲେ ପ୍ରକୃତି ନିରୁପାଧିକ ରୂପେ ଅବସ୍ଥାନ କରୁଥାଏ; କିନ୍ତୁ ଉକ୍ତ ଗୁଣତ୍ରୟର ଅସାମ୍ୟାବସ୍ଥା ଘଟିଲେ ସୃଷ୍ଟି କାର୍ଯ୍ୟ ଆରମ୍ଭ ହୁଏ ।]

୨ । (ସାଂଖ୍ୟଦର୍ଶନ) ସତ୍ତ୍ୱ, ରଜଃ ଓ ତମଃ, ଜଡ଼ ଜଗତର ଏହି ତ୍ରିଗୁଣାତ୍ମକ ଆଦିକାରଣ; ନିରାକାର ଓ ଜ୍ଞାନମୟ ଈଶ୍ୱରଙ୍କର ସାକାର ଓ ଜଡ଼ରୂପେ ଜଗତରେ ପ୍ରକାଶମାନ ଗୁଣ—
2. (Sāmkhya philosophy) The material attributes of the Creator.
୩ । ଯାବତୀୟ ସୃଷ୍ଟ ପଦାର୍ଥ; ନିସର୍ଗ—2. The creation.
୪ । ସୃଷ୍ଟ ପଦାର୍ଥର ୫ ଗୋଟି ଉପାଦାନ; ପଞ୍ଚ ମହାଭୂତ (କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ)—4. The five primordial elements of creation; the elements.
୫ । ବସ୍ତୁର ପ୍ରଥମାବସ୍ଥା—
5. The natural stage of a thing.
୬ । ଅଜ୍ଞାନ; ମାୟା; ଅବିଦ୍ୟା—
6. Spiritual ignorance; illusion.
୭ । ଆଦି କାରଣ—7. Prime cause; origin.
୮ । ସ୍ତ୍ରୀ; ଯୋଷିତ୍; ନାରୀ—
8. Woman; a female; woman kind.
୯ । ଦେବୀ; ଠାକୁରାଣୀ—9 A Goddess.
[ଦ୍ର—ସାବିତ୍ରୀ, ରାଧିକା, ଦୁର୍ଗା, ଷଷ୍ଠୀ, ଲକ୍ଷ୍ମୀ ଓ ଗଙ୍ଗା ପ୍ରଭୃତି ପ୍ରକୃତି ଅଟନ୍ତି ।]
୧୦ । ସୃଷ୍ଟିର ଆଦ୍ୟାଶକ୍ତି—10. The original creative energy of the universe.
୧୧ । ପଞ୍ଚଭୂତାତ୍ମକ ଦେହ—11. The body composed of the 5 prime elements.
୧୨ । ଶକ୍ତି—
12. Power; energy; potency; strength.
୧୩ । ଜୀବାତ୍ମା; ଆତ୍ମା—13. Soul.
୧୪ । ପରମାତ୍ମା; ବିଶ୍ୱାତ୍ମା—14 The soul of the universe; God.
୧୫ । ଜନନୀ—15. Mother.
୧୬ । ଯୋନି—16. Female organ.
୧୭ । ଲିଙ୍ଗ; ଶିଶ୍ନ—17. Male organ; penis.
୧୮ । ଗୁହ୍ୟ ଦ୍ୱାର—18. The anus.
୧୯ । ଜନ୍ତୁ ଜଗତ୍—19. The animal world.
୨୦ । ଅମାତ୍ୟ—20. Minister.
୨୧ । ବାସିନ୍ଦା—21. An inhabitant.
୨୨ । (ବହୁବଚନ) ସପ୍ତବିଧ ରାଜ୍ୟାଙ୍ଗ (ଯଥା—୧ ସ୍ୱାମୀ, ୨ ମନ୍ତ୍ରୀ ୩ ସହାୟ, ୪ ଧନ, ୫ ଦେଶ ୬ ଦୁର୍ଗ ଓ ୭ ସୈନ୍ୟ, ଏବଂ ମତାନ୍ତରରେ, ୮ ପ୍ରଜା)—22. The 7 requisites

for a kingdom (viz-1 the head, 2 minister, 3 allies, 4 treasure, 5 kingdom 6. castle, 7 army and according to some, 8 the subjects).

୨୩ । (ବହୁବଚନ) ରାଜ୍ୟର ପ୍ରଜାମଣ୍ଡଳ—
23. The subjects of a kingdom.

୨୪ । (ବହୁବଚନ) ରାଜାଙ୍କର ଦଶବିଧ ସହାୟକ—(ଯଥା—ପୁରୋହିତ, ପ୍ରତିନିଧି, ପ୍ରଧାନ, ସଚିବ, ମନ୍ତ୍ରୀ, ପ୍ରାଡ୍‌ବିବାକ, ପଣ୍ଡିତ, ସୁମନ୍ତ୍ରକ, ଅମାତ୍ୟ ଓ ଦୂତ)—24. The 10 assistants to a king; the body of a king's ministers.

୨୫ । ମନର ଭାବ ବା ଗତି; ମିଜାଜ; ମତି ଗତି—
25. Disposition; temperament.

୨୬ । ସ୍ୱଭାବ; ଚରିତ୍ର—26. Individual nature.

୨୭ । (ବୈଦ୍ୟକ) ଜନ୍ମ କାଳରେ ଶରୀରସ୍ଥ କଫ, ବାତ ପିତ୍ତ ଏହି ତିନି ରସ ମଧ୍ୟରୁ ଗୋଟିକର ପ୍ରାବଲ୍ୟ—27. The predominance of one of the humours of the body at the time of a person's birth.

୨୮ । (ଅଳଙ୍କାର ଶାସ୍ତ୍ର) ଏକବିଂଶତ୍ୟକ୍ଷର ବୃତ୍ତି, ସଂସ୍କୃତ ଛନ୍ଦୋବିଶେଷ—22. (prosody) Name of a Sanscrit metre of 21 syllables.

୨୯ । (ବ୍ୟାକରଣ) ଧାତୁ ବା ଶବ୍ଦମୂଳ—29. (grammar) The root; the crude or elementary form of a word or verb before it takes an inflection.

[ଦ୍ର—ଗତ ଶବ୍ଦର ପ୍ରକୃତି ଗମ ଧାତୁ ଓ ପ୍ରତ୍ୟୟ ତ; ରାଜକୀୟ ଶବ୍ଦର ପ୍ରକୃତି ରାଜନ୍ ।]

୩୦ । (ଗଣିତ) ଗୁଣକ—
30. (mathematics) Coefficient; multiplier.

ଦେ. ବି. - ୧ । ବଦ୍ଧମୂଳ ଅଭ୍ୟାସ—Confirmed habit.

ପ୍ରକୃତି ଖଣ୍ଡ—ସଂ. ବି.—ବ୍ରହ୍ମବୈବର୍ତ୍ତ ପୁରାଣର ଦ୍ୱିତୀୟ ଖଣ୍ଡ—
Prakṛuti khanḍa   Name of the 2nd part of Brahmabaibartta Purāṇa.

ପ୍ରକୃତିଗତ—ସଂ. ବିଣ.—(୨ୟା ତତ୍)—ସ୍ୱଭାବସୁଲଭ; ସ୍ୱଭାବସିଦ୍ଧ—
Prakṛutigata   Natural; innate.

ପ୍ରକୃତି ଛଡ଼ା—ଦେ. ବିଣ.—୧ । ଅମାନୁଷିକ—
Prakṛuti chharḍā   1. Inhuman.
୨ । ପ୍ରକୃତି ବିରୁଦ୍ଧ—2. Unnatural.
୩ । ଅମଙ୍ଗଳକର—3. Bringing evil.
୪ । ମନ୍ଦ ପ୍ରକୃତିବିଶିଷ୍ଟ—
4. Having an evil nature.

ପ୍ରକୃତି ଛାଡ଼ିବା—ଦେ. ବି.—ନିଜର ପ୍ରକୃତି ବା ସ୍ୱଭାବବିରୁଦ୍ଧ କାର୍ଯ୍ୟ କରିବା ବା କଥା କହିବା—
Prakṛuti chhārḍibā   Doing or saying of an unnatural thing.

[ଦ୍ର—ଲୋକଙ୍କର ବିଶ୍ୱାସ ଯେ ମନୁଷ୍ୟ ମରିବାର କିଛି ଦିନ ପୂର୍ବରୁ ତାଙ୍କୁ (ବା ତାର) ପ୍ରକୃତି ଛାଡ଼ି ଯାଏ । ଅର୍ଥାତ ଭଲ ପ୍ରକୃତିର ଲୋକ ମନ୍ଦ କାର୍ଯ୍ୟ କରେ ଓ ମନ୍ଦ ପ୍ରକୃତିର ଲୋକ ଭଲ କାର୍ଯ୍ୟ କରେ । ଏଥିପାଇଁ ପ୍ରକୃତିଛଡ଼ା କାର୍ଯ୍ୟ ଦେଖିଲେ ଲୋକେ କହନ୍ତି ଏ ଲୋକଙ୍କୁ (ବା ଏ ଲୋକର) ପ୍ରକୃତି ଛାଡ଼ିଲାଣି; ଅର୍ଥାତ୍ ଏହାର ମରଣ ନିକଟ ହେଲାଣି ।]

ପ୍ରକୃତିଜ—ସଂ. ବିଣ. (ପ୍ରକୃତି + ଜନ୍ ଧାତୁ + କର୍ତ୍ତୃ ଅ)—
Prakṛutija   ୧ । ସ୍ୱଭାବଜାତ—1. Inborn; innate; produced from nature.
୨ । ପ୍ରାକୃତିକ—2. Natural.
ବି—ପ୍ରକୃତିଠାରୁ ଉତ୍ପନ୍ନ ସତ୍ତ୍ୱ, ରଜଃ ଓ ତମଃ ଗୁଣତ୍ରୟ—
The 3 prime qualities of matter.

ପ୍ରକୃତି ଜନ—ସଂ. ବି. (ଏକ ବଚନ)—ରାଜ୍ୟର ପ୍ରଜା—
Prakṛuti jana   A subject of a king.

ପ୍ରକୃତି ତତ୍ତ୍ୱ—ସଂ. ବି. (୬ଷ୍ଠୀ ତତ୍; ପ୍ରକୃତି + ତତ୍ତ୍ୱ)—
Prakṛuti tattwa   ୧ । ପ୍ରକୃତି ସମ୍ବନ୍ଧୀୟ ଗୂଢ଼ ସତ୍ୟ—
1. The truths or secrets of nature.
୨ । ପଦାର୍ଥ ବିଦ୍ୟା—2. Physical science; physics; natural philosophy.

ପ୍ରକୃତି ତରଳ—ସଂ. ବିଣ. (ତୃତୀୟା ତତ୍; ପ୍ରକୃତି + ତରଳ)—
Prakṛuti taraḷa   ଯାହାର ସ୍ୱଭାବ ଅବ୍ୟବସ୍ଥିତ ବା ଚପଳ—
(ପ୍ରକୃତି ତରଳା—ସ୍ତ୍ରୀ)   Fickle; dissolute; changeful by
(ପ୍ରକୃତି ତରଳତା—ବି)   nature.

ପ୍ରକୃତି ପୁଞ୍ଜ—ସଂ. ବି—୧ । ରାଜ୍ୟର ପ୍ରଜା ସମୂହ—
Prakṛuti punja   1. The subjects of a king.
୨ । ପ୍ରାଣିଗଣ—2. The animal kingdom.

ପ୍ରକୃତି ପୁରୁଷ—ସଂ. ବି—୧ । ମନ୍ତ୍ରୀ—
Prakṛuti purusha   1. Minister.
୨ । ଭୃତ୍ୟ—2. Servant.
୩ । ପ୍ରକୃତି ଓ ପୁରୁଷ—3. Nature and spirit.

ପ୍ରକୃତି ପୂଜା—ସଂ. ବି. (୬ଷ୍ଠୀ ତତ୍; ପ୍ରକୃତି + ପୂଜା)—
Prakṛuti pūjā   ୧ । ଜଡ଼ ପୂଜା—1. The worship of nature; nature-worship.
୨ । ଶିବ ଲିଙ୍ଗ ପୂଜା; ଈଶ୍ୱରଙ୍କୁ ଶିବ ଲିଙ୍ଗ ରୂପେ କଳ୍ପନା କରି ପୂଜା କରିବା—2. Phallism; the worship of the phallic emblem as God.

ପ୍ରକୃତି ବତ୍ସଳ—ସଂ. ବିଣ. ପୁଂ. (୭ମୀ ତତ୍)—
Prakṛuti batsaḷa   ପ୍ରଜାଙ୍କ ପ୍ରତି ସ୍ନେହପୂର୍ଣ୍ଣ—
(ପ୍ରକୃତି ବତ୍ସଳା—ସ୍ତ୍ରୀ)   Loving one's subject.
(ପ୍ରକୃତି ବତ୍ସଳତା, ପ୍ରକୃତି ବାତ୍ସଲ୍ୟ—ବି)

ପ୍ରକୃତି ବାଦ—ସଂ. ବି—୧ । ପ୍ରକୃତି ତତ୍ତ୍ୱ; ପ୍ରାକୃତ ଦର୍ଶନ—
Prakṛuti bāda   1. Natural philosophy;
(ପ୍ରକୃତିବାଦୀ—ବିଣ ପୁଂ)   naturalism.

୨ । ଧାତୁବାଦ; ଶବ୍ଦର ମୂଳ ନିର୍ଣ୍ଣୟ ବା ପ୍ରକୃତାର୍ଥ ବିଗ୍ରହ—
2. The ascertainment of the root and literal meaning of words.

[ଦ୍ର—'ପ୍ରକୃତିବାଦ ଅଭିଧାନ' ନାମରେ ଗୋଟିଏ ପ୍ରାମାଣିକ ବଙ୍ଗଳା ଅଭିଧାନ ସ୍ୱର୍ଗୀୟ ବଙ୍ଗୀୟ ପଣ୍ଡିତ ଶ୍ରୀ ରାମକମଳ ବିଦ୍ୟାଲଙ୍କାର ସଂକଳନ କରିଥିଲେ ଓ ତାହା ବଙ୍ଗ ଓ ଉତ୍କଳରେ ବିଶେଷ ଆଦୃତ ହୋଇ ତାହାଁର ବହୁ ସଂସ୍କରଣ ପ୍ରକାଶିତ ହୋଇଅଛି । ଏହି ଭାଷାକୋଷରେ ଅନେକ ଶବ୍ଦର ପ୍ରକୃତିବାଦ ଉକ୍ତ ପ୍ରକୃତିବାଦ ଅଭିଧାନର ଅବଲମ୍ବନରେ ଲିଖିତ ହୋଇଅଛି ଓ ଅଧିକାଂଶ ସ୍ଥଳରେ ଉକ୍ତ ସ୍ଥାନମାନଙ୍କରେ 'ପ୍ରକୃତିବାଦ' ସଙ୍କେତ ଲେଖା ଯାଇଅଛି ।]

୪ । ଜଡ଼ବାଦ—4. Materialism.

ପ୍ରକୃତି ବିକୃତି—ସଂ. ବି (ପ୍ରକୃତି+ବିକୃତି; ବିପରୀତାର୍ଥକ ଶବ୍ଦଦ୍ୱୟ)—
Prakṛuti bikṛuti ୧ । (୬ଷ୍ଠୀ ତତ୍) ସ୍ୱାଭାବିକ ଅବସ୍ଥାର ପରିବର୍ତ୍ତନ—1. Mutation of the natural or original state.

୨ । (ବିପରୀତାର୍ଥ ଦ୍ୱନ୍ଦ୍ୱ) ସ୍ୱାଭାବିକ ଅବସ୍ଥା ଓ ପରିବର୍ତ୍ତିତ ଅବସ୍ଥା—2. Natural state and changed condition; nature and art.

ପ୍ରକୃତି ବିଜ୍ଞାନ—ସଂ. ବି. (ଆଧୁନିକ ପ୍ରୟୋଗ)—
Prakṛuti bijnāna ପଦାର୍ଥ ବିଜ୍ଞାନ; ପ୍ରକୃତି ତତ୍ତ୍ୱ ବିଷୟକ ଶାସ୍ତ୍ର (ପ୍ରକୃତି ବିଦ୍ୟା, ପ୍ରକୃତି ଶାସ୍ତ୍ର—ବି) Natural philosophy; physics; natural science.

[ଦ୍ର—ଏ ଶବ୍ଦ ସାହାଯ୍ୟରେ ପ୍ରକୃତିବିଜ୍ଞାନବିତ୍ (ପୁଂ ଓ ସ୍ତ୍ରୀ), ପ୍ରକୃତିବିଜ୍ଞାନବେତ୍ତା (ପୁଂ) ଓ ପ୍ରକୃତି ବିଜ୍ଞାନବେତ୍ତ୍ରୀ (ସ୍ତ୍ରୀ) ଶବ୍ଦମାନ ଉତ୍ପନ୍ନ ହୁଏ ।]

ପ୍ରକୃତି ବିପର୍ଯ୍ୟୟ—ସଂ. ବି—ରଚନାଗତ ରସଦୋଷବିଶେଷ—
Prakṛuti biparjyaya A rhetorical defect in which a personage is made to say things or act in a way contrary to his nature.

[ଦ୍ର—କାବ୍ୟରେ ବର୍ଣ୍ଣିତ ନାୟକ ନାୟିକା ପ୍ରଭୃତିଙ୍କର ପ୍ରକୃତି-ସିଦ୍ଧ ଗୁଣ ବା ସ୍ୱଭାବର ଅନ୍ୟଥା ବର୍ଣ୍ଣନ ହେଲେ ଏହି ଦୋଷ ହୁଏ; ଯଥା—ରାମାୟଣରେ ରାମଚନ୍ଦ୍ର ଧୀରୋଦାତ୍ତ ନାୟକ । ଧୀରୋଦାତ୍ତ ନାୟକ ପର ଗୋପନରେ ବାଳୀକୁ ବଧ କରିବା ତାଙ୍କ ପ୍ରକୃତିର ଅନୁରୂପ ନୁହେଁ, ଅତଏବ ଏଠାରେ ପ୍ରକୃତି ବିପର୍ଯ୍ୟୟ ଦୋଷ ହେଲା । କୁଳମଣି ଅଲଙ୍କାର ତରଙ୍ଗିଣୀ ।]

ପ୍ରକୃତି ବିରୁଦ୍ଧ—ସଂ. ବିଣ. (୬ଷ୍ଠୀ ତତ୍; ପ୍ରକୃତି+ବିରୁଦ୍ଧ)—
Prakṛuti biruddha ସ୍ୱଭାବର ବିପରୀତ; ନିଜର ପ୍ରକୃତିର ପ୍ରତିକୂଳ—Against nature; contrary to one's nature.

ପ୍ରକୃତି ମଣ୍ଡଳ—ସଂ. ବି—୧ । ସ୍ୱାମୀ ଅମାତ୍ୟାଦି ରାଜାଙ୍କ ସହିତ ପ୍ରଜା ମଣ୍ଡଳ;
Prakṛuti mandala ରାଜ୍ୟର ସମସ୍ତ ଅଙ୍ଗଗୁଡ଼ିକ—
1. All the 8 requisites of a kingdom.

[ଦ୍ର—ସ୍ୱାମୀ, ଅମାତ୍ୟ, ସହାୟ, ଧନ, ଦେଶ, ଦୁର୍ଗ, ସୈନ୍ୟ ଓ ପ୍ରଜା ଏମାନେ ପ୍ରକୃତି ମଣ୍ଡଳ ଅଟନ୍ତି ।]

୨ । ପ୍ରଜା ସମୂହ—2. The whole body of the subjects of a kingdom.

ପ୍ରକୃତି ମେଣ୍ଟ(ଣ୍ଟା)ଣ—ଦେ. ବି—୧ । ନିଜର ପ୍ରକୃତିର ଅନୁକୂଳ
Prakṛuti menṭa(nṭā)ṇa କୌଣସି କାର୍ଯ୍ୟ କରିବା; ପ୍ରକୃତିର ଆନୁକୂଲ୍ୟ ସାଧନ—1. Satisfaction of the cravings of one's nature.

ପ୍ରକୃତି ମେଣ୍ଟା } ଅନ୍ୟରୂପ
ପ୍ରକୃତି ମେଣ୍ଟିବା }
ପ୍ରକୃତି ମେଟାନ
प्रकृति मिटना

୨ । ନିଜର ଅଭ୍ୟାସଗତ କୌଣସି କାର୍ଯ୍ୟ କରିବା ଦ୍ୱାରା ନିଜର ମନର ତୃପ୍ତି ସାଧନ—1. Satisfaction of the cravings due to one's habits.

ପ୍ରକୃତି ମେଣ୍ଟା(ଣ୍ଟେ)ଇବା—ଦେ. କ୍ରି—୧ । ନିଜର ପ୍ରକୃତିର ଅନୁକୂଳ
Prakṛuti menṭā(nṭe)iba କୌଣସି କାର୍ଯ୍ୟ କରି ନିଜର ମନକୁ ତୃପ୍ତ କରିବା—1. To satisfy the cravings of one's nature.

ପ୍ରକୃତି ମେଟାନ
प्रकृति मिटाना

୨ । ନିଜର ଅଭ୍ୟାସଗତ କୌଣସି କାର୍ଯ୍ୟ କରି ନିଜର ମନକୁ ତୃପ୍ତ କରିବା—1. To satisfy the cravings due to one's habits.

୩ । ନିଜର ପାଶବ ବୃତ୍ତିକୁ ଚରିତାର୍ଥ କରିବା—
3. To satisfy the cravings of one's animal propensities.

୪ । ମନର ସାଧ ମେଣ୍ଟାଇବା—
4. To satisfy one's are desires.

ପ୍ରକୃତି ରଞ୍ଜକ—ସଂ. ବିଣ. ପୁଂ—(୬ଷ୍ଠୀ ତତ୍; ପ୍ରକୃତି + ରଞ୍ଜକ)—ପ୍ରଜା-
Prakṛuti rañjaka ରଞ୍ଜକ; ପ୍ରଜାବତ୍ସଳ—(a king) Who (ପ୍ରକୃତିରଞ୍ଜିକା—ସ୍ତ୍ରୀ) gives contentment or satisfaction to his subjects.

ପ୍ରକୃତି ରଞ୍ଜନ—ସଂ. ବି—(୬ଷ୍ଠୀ ତତ୍; ପ୍ରକୃତି + ରଞ୍ଜନ)—
Prakṛuti rañjana ନ୍ୟାୟ ଓ ଦୟାପୂର୍ଣ୍ଣ ଶାସନ ଦ୍ୱାରା ପ୍ରଜା-ମାନଙ୍କର ସନ୍ତୋଷ ବିଧାନ—Satisfying the subjects by just and merciful administration.

[ଦ୍ର—ରାଜା ଶବ୍ଦର ପ୍ରକୃତିଗତ ଅର୍ଥ 'ଯେ ପ୍ରଜାଙ୍କୁ ରଞ୍ଜନ କରନ୍ତି' । ପ୍ରକୃତି ପୁଞ୍ଜଙ୍କୁ ସନ୍ତୁଷ୍ଟ କରିବା ଯୋଗୁଁ ରାଜାଙ୍କୁ 'ରାଜା' ବୋଲାଯାଏ ।]

ପ୍ରକୃତି ସିଦ୍ଧ—ସଂ. ବିଣ—(ତୃତୀୟା ତତ୍; ପ୍ରକୃତି+ସିଦ୍ଧ)—୧ । ସ୍ୱଭାବ-
Prakṛuti siddha ସିଦ୍ଧ; ସ୍ୱାଭାବିକ, ନୈସର୍ଗିକ; ପ୍ରାକୃତିକ—1. Natural; effected by nature.

୨ । ସ୍ୱଭାବଜ; ସହଜ—2. Inborn; innate.

ପ୍ରକୃତି ସୁଭଗ—ସଂ. ବିଣ. ପୁଂ—(ତୃତୀୟା ତତ୍; ପ୍ରକୃତି + ସୁଭଗ)—
Prakṛuti subhaga ପ୍ରକୃତିର ଗୁଣରେ ସୁନ୍ଦର ବା ମନୋରମ—(ପ୍ରକୃତି ସୁଭଗା—ସ୍ତ୍ରୀ) Pleasant or agreeable by nature.

ପ୍ରକୃତି ସୁଲଭ—ସଂ. ବିଣ—ନିଜର ପ୍ରକୃତିର ଅନୁକୂଳ—
Prakṛuti sulabha Agreeable or favourable to one's nature or disposition.

ପ୍ରକୃତିସ୍ଥ—ସ. ବିଣ. ପୁଂ—୧ । ସ୍ୱାଭାବିକ ଅବସ୍ଥା ପ୍ରାପ୍ତ —
Prakrutistha 1. Restored to one's original condition.
(ପ୍ରକୃତିସ୍ଥା—ସ୍ତ୍ରୀ) ୨ । ସ୍ୱାଭାବିକ—
2. Natural; incidental to nature.
୩ । ସ୍ୱାଭାବିକ ସୁସ୍ଥତାଯୁକ୍ତ—
3. Normal; healthy.
୪ । କୋପ ପରେ ଶାନ୍ତ ଅବସ୍ଥା ପ୍ରାପ୍ତ—4 In the state when one's anger has abated.
୫ । ନିଜର ପ୍ରାକୃତିକ ଅବସ୍ଥାରେ ଅବସ୍ଥିତ—
5. Situate or standing in one's natural state.
୬ । ସ୍ୱଭାବଜ—
6. Inherent; innate (Apte)
୭ । ଆରୋଗ୍ୟ ପ୍ରାପ୍ତ—7. Recovered (Apte).
୮ । (ଜ୍ୟୋତିଷ) ଉତ୍ତରାୟଣ ଉଲ୍ଲଂଘନ ପୂର୍ବକ ପ୍ରତ୍ୟାଗତ (ସୂର୍ଯ୍ୟ) [ହି. ଶ]—8. (Astronomy) The sun's returning after the summer solstice.
୯ । ନିଜର ନିଂଜାସ୍ୱର ଅଣ୍ଡା ଅବସ୍ଥାକୁ ପ୍ରାପ୍ତ—
9. Come to one's self (Apte).
୧୦ । ନଗ୍ନ—10. Striped bare of every thing (Apte).

ପ୍ରକୃତିସ୍ଥ ହେବା—ଦେ. କ୍ରି—୧ । ଆପଣାର ନିଂଜାସ୍ ଥଣ୍ଡା ହେବା
Prakrutistha heba ଅବସ୍ଥାକୁ ପ୍ରାପ୍ତ ହେବା—1. To be
প্রকৃতিস্থ হওয়া one's self again; to come to one's
प्रकृतिस्थ होना senses again
୨ । ଆପଣାର ପୂର୍ବ ସୁସ୍ଥତା ବା ଦେହର ସୁଧାରଣ ଲାଭ କରିବା-
2. To come back to one's health.

ପ୍ରକୃତୋତ୍ତର—ସ. ବି—(କର୍ମଧା; ପ୍ରକୃତ+ଉତ୍ତର)—୧ । ସଦୁତ୍ତର—
Prakrutottara 1. A right reply
୨ । ଠିକ୍ ଜବାବ—
2. A well deserved reply; a fitting answer.

ପ୍ରକୃଷ୍ଟ—ସ. ବିଣ—(ପ୍ର+କୃଷ୍ ଧାତୁ+କର୍ମ. ତ)—୧ । ଉତ୍କୃଷ୍ଟ;
Prakrushta ଉତ୍ତମ—1. Excellent; superior; pre-eminent.
୨ । ପ୍ରଶଂସନୀୟ—2. Praiseworthy.
୩ । ଟଣା ଯାଇଥିବା; ଆକର୍ଷିତ; ଆକୃଷ୍ଟ—
3. Attracted; drawn forth.
୪ । ବହୁକାଳବ୍ୟାପୀ—4. Long; protracted.
୫ । ବହୁଦୂରବ୍ୟାପୀ—5. Long in space.
୬ । ଅତ୍ୟାଗ୍ରହୀତ—6. Harassed.
୭ । ବେଦନା ପ୍ରାପ୍ତ—7 Distracted.
୮ । ମୁଖ୍ୟ; ପ୍ରଧାନ (ହି. ଶ)—
8. Chief; principal.
୯ । ପ୍ରଶସ୍ତ (ଜ୍ଞାନେନ୍ଦ୍ର)—9. Extensive; wide.

ପ୍ରକୃଷ୍ଟତା—ସ. ବି—ଉତ୍କର୍ଷ; ଉତ୍କୃଷ୍ଟତା—
Prakrushtata Superiority; excellence; pre-eminence.
(ପ୍ରକୃଷ୍ଟତ୍ୱ—ଅନ୍ୟରୂପ)

ପ୍ରକୃପ୍ତ—ସ. ବିଣ—(ପ୍ର+କୃପ୍ତ)—୧ । ରଚିତ; ଗ୍ରଥିତ—
Prakrupta 1. Constructed.
୨ । ଉଦ୍ଭୂତ; ସଂଭୂତ; ଜାତ (ଜ୍ଞାନେନ୍ଦ୍ର)—
2. Borns; produced.
୩ । କୃତ (ଜ୍ଞାନେନ୍ଦ୍ର)—3. Done.

ପ୍ରକେତ—ସ. ବିଣ—(ପ୍ର+କିତ୍ ଧାତୁ ଣିଚ୍ କେତ ଧାତୁ=ଜଣାଇବା+
Praketa କର୍ତ୍ତୃ. ଅ)—ବିଶେଷ ରୂପେ ଜ୍ଞାପକ (ଜ୍ଞାନେନ୍ଦ୍ର)—
Particularly indicative.
ସ. ବି—ପ୍ରକୃଷ୍ଟ ସୁଖ ସାଧନ (ଜ୍ଞାନେନ୍ଦ୍ର)—
The attainment or accomplishment of supreme good.

ପ୍ରକୋଠ—ସ. ବି—(ପ୍ର+କୋଠ)—୧ । ପରିଖା—
Prakota 1 Moat.
୨ । ମାଟି ଆଦିର ଗଦା (ହି. ଶ); ସ୍ତୂପ—
2. A heap of earth or rubbish; mound.

ପ୍ରକୋପ—ସ. ବି—(ପ୍ର+କୁପ୍ ଧାତୁ+ଭାବ. ଅ)—୧ । ଅତିଶଯ୍ୟ
Prakopa କୋପ—1. Turbulence; irritation; provocation,
୨ । ଆଧିକ୍ୟ—
2, Inclemency; fury; excess,
(ଯଥା—କଫ ପିତ୍ତାଦିର ପ୍ରକୋପ; ଶୀତର ପ୍ରକୋପ)
୩ । କଠୋରତା; ଉତ୍କଟତା; (ରୋଗର) ଆଧିକ୍ୟ—
3. Severity (of a disease); rage (of a disease),
(ଯଥା—ଜ୍ୱରର ପ୍ରକୋପ)
୪ । ଶରୀରରେ ବାତ, ପିତ୍ତ ବା କଫାଦିର ବୃଦ୍ଧି—
4. Vitiation or excess of the humours in the system.
୫ । ଭୟଙ୍କର ରାଗ; କ୍ରୋଧାନ୍ଧତା—5. Violence of anger; exasperation.

ପ୍ରକୋପନ—ସ. ବିଣ. (ପ୍ର+କୁପ୍ ଧାତୁ, ଣିଚ କୋପି ଧାତୁ+କର୍ତ୍ତୃ.
Prakopana ଅନ)—ଉତ୍ତେଜକ—
Provocating, irritating.
ବି. (+ଭାବ. ଅନ)—୧ । ଉତ୍ତେଜନ—Provocation.
(ପ୍ରକୋପକ—ବିଣ) ୨ । ବର୍ଦ୍ଧନ—2. Increasing.
୩ । ଅଗ୍ନି ପ୍ରଭୃତିକୁ ତେଜିବା (ଜ୍ଞାନେନ୍ଦ୍ର)—
3. Stimulation or trimming of fire etc.

ପ୍ରକୋପିତ—ସ. ବିଣ. (ପ୍ରକୋପ+ସଞ୍ଜାତ ଅର୍ଥେ. ଇତ)—
Prakopita ୧ । ଅତିକ୍ରୁଦ୍ଧ—1. Incensed; irritated; exasperated; enraged.
୨ । ଉତ୍ତେଜିତ—2. Provoked; stimulated.

ପ୍ରକୋଷ୍ଠ—ସଂ. ବି. (ପ୍ର+କୁଷ୍ ଧାତୁ=ସଂଲଗ୍ନ ହେବା+ସଂଜ୍ଞାର୍ଥେ ଠ)—
Prakoshṭha ୧ । କହୁଣି ଠାରୁ ହାତ ଗଣ୍ଠି ପର୍ଯ୍ୟନ୍ତ ହସ୍ତାଂଶ; ନଳହାତ—1. The part of the hand between the elbow and the wrist; the forearm.
୨ । ରାଜପ୍ରାସାଦର ସଦର ଫାଟକ ପାଖରେ ଥିବା କୋଠରି—2 A room adjoining the main gate of a palace (M. W.).
୩ । କକ୍ଷ; ଗୃହ; କୋଠରି—3. Room; compartment
୪ । ଚଉକାଠ—4. The frame of a door.
୫ । ଦ୍ୱାରର ପାର୍ଶ୍ୱସ୍ଥ ଗୃହ—5 Side room; a room by the side of a door.
୬ । ଚତ୍ୱର; ଚଉହଦୀ; ଅଗଣା; ଘରର ପାଖରେ କୋଠାଥିବା ଅଗଣା; ମହଲ—6. A courtyard; quadrangle; a courtyard having houses on all sides.

ପ୍ରକ୍କ(କ୍କା, କ୍ୱ, କ୍ୱା)ଣ—ସଂ. ବି. (ପ୍ର+କ୍ୱଣ୍ ଧାତୁ=ଶବ୍ଦ କରିବା+ଭାବ. ଅ)—
Prakka(kkā, kwa, kwā)ṇa ୧ । ଧ୍ୱନି, ଶବ୍ଦ—1. Sound; noise.
୨ । ବୀଣାର ଧ୍ୱନି—2. The sound or tune of a harp.

ପ୍ରକ୍ରମ(ମା)—ସଂ. ବି. (ପ୍ର+କ୍ରମ ଧାତୁ=ଯିବା+ଭାବ. ଅ;+ଆ)—
Prakrama(mā) ୧ । ଗମନ—1. Going; proceeding.
୨ । ପଦକ୍ଷେପଣ—2. Stepping; pacing.
୩ । ପରିଭ୍ରମଣ—3. Roaming; wandering; revolving.
୪ । ପଦକ୍ଷେପ—4. Step; stride.
୫ । ଅତିକ୍ରମ; ଉଲ୍ଲଂଘନ—5. Overcoming; surpassing.
୬ । ସମ୍ବନ୍ଧ—6. Relation.
୭ । ଉପକ୍ରମ; ପ୍ରଥମାରମ୍ଭ; ସୂଚନା—7. Beginning; commencement; indication.
୮ । ରୀତି; ଢଙ୍ଗ—8. Method; manner.
୯ । ଅବକାଶ; ଅବସର—9. Leisure; occasion.
୧୦ । ହାର; ଅନୁପାତ—10 Proportion; ratis.
୧୧ । ନିୟମ—11. Regularity.
୧୨ । କ୍ରମ (ହି. ଶ)—12. Arrangement; method; regular succession.

ପ୍ରକ୍ରମଣ—ସଂ. ବି. (ପ୍ର+କ୍ରମ୍ ଧାତୁ+ଭାବ. ଅନ)—
Prakramaṇa ୧ । ପ୍ରକ୍ରମ (ଦେଖ)—1. Prakrama (See)
୨ । ଆଗକୁ ଯିବା (ହି. ଶ)—2. Advancing.
୩ । (ପ୍ର+କ୍ରମ୍ ଧାତୁ ଣିଚ+ଭାବ. ଅନ)—ପାର କରିବା (ହି. ଶ)—2. Taking across; ferrying across.
୪ । ଆରମ୍ଭ କରିବା (ହି. ଶ)—. Commencing.

ପ୍ରକ୍ରମ ଭଙ୍ଗ—ସଂ. ବି. (୬ଷ୍ଠୀ ତତ୍; ପ୍ରକ୍ରମ+ଭଙ୍ଗ)—ରଚନାର ବା
Prakrama bhaṅga ବର୍ଣ୍ଣନାର ଦୋଷବିଶେଷ; ଆରମ୍ଭ କରାଯାଇଥିବା କ୍ରମ ପରେ ପାଳିତ ନ ହେବା ଦୋଷ (ହି. ଶ) —A defect in composition; breach of continuity in a narrative or description

ପ୍ରକ୍ରାନ୍ତ—ସଂ. ବିଣ. (ପ୍ର+କ୍ରମ୍ ଧାତୁ+କର୍ମ. ତ)—
Prakrānta ୧ । ଅପସାରିତ; ଦୂରୀକୃତ—1. Removed.
(ପ୍ରକ୍ରାନ୍ତା—ସ୍ତ୍ରୀ) ୨ । (+କର୍ତ୍ତୃ.ତ) ଗତ; ଅନ୍ତର୍ହିତ—2. Gone away; retired: disappeared.
୩ । ଆରବ୍ଧ; କୃତାରମ୍ଭ—3. Commenced.
୪ । ପ୍ରସ୍ତାବିତ—4. Proposed.
୫ । ଅତିକ୍ରାନ୍ତ—5. Surpassed.

ପ୍ରକ୍ରିୟା—ସଂ. ବି. (ପ୍ର+କୃ ଧାତୁ+ଭାବ. ଯ+ଆ)—୧ । ଅନୁଷ୍ଠାନ—
Prakriyā 1, Engagement; ceremony.
୨ । କାର୍ଯ୍ୟ ପ୍ରଣାଳୀ—2. Process; procedure.
୩ । ପ୍ରୟୋଗ—3. Application.
୪ । ଗ୍ରନ୍ଥପ୍ରକରଣ; ପରିଚ୍ଛେଦ—4. Chapter.
୫ । ବ୍ୟବହାର—5. Use.
୬ । ବିଶିଷ୍ଟ ଅଧିକାର—6. Privilege.
୭ । ନୃପମାନଙ୍କର ଚାମର ଛତ୍ରାଦି ରାଜଚିହ୍ନର ଧାରଣ—7. Bearing of the insignia of royalty.
୮ । ଉତ୍କୃଷ୍ଟ କାର୍ଯ୍ୟ—8. Good act; excellent work.
୯ । ଔଷଧାଦିର ଫଳ—2. The actiou of a remedy on the system.
୧୦ । ପ୍ରଣାଳୀ; ଢଙ୍ଗ—10. Method; system.

ପ୍ରକ୍ଲିନ୍ନ—ସଂ. ବିଣ. (ପ୍ର+କ୍ଲିଦ୍ ଧାତୁ=ଆର୍ଦ୍ର ହେବା+କର୍ତ୍ତୃ.ତ)—
Praklinna ୧ । ସିକ୍ତ; ଆର୍ଦ୍ର—1 Wet; moistened.
୨ । ପ୍ରଚୁର କ୍ଲେଦଯୁକ୍ତ—2. Full of dirty matter.
୩ । ପରିତୁଷ୍ଟ; ସନ୍ତୁଷ୍ଟ—5 Satisfied; pleased.

ପ୍ରକ୍ଷାତ—ଦେ. ବିଣ. (ସଂ. ପ୍ରଖ୍ୟାତ)—ପ୍ରସିଦ୍ଧ; ବିଖ୍ୟାତ—
Prakshāta Celebrated.

ବଳସିତ ହୋଇଲ ସ୍ୱକୀୟ ଅର୍ଥକରେ
ବଢ଼ୁକରେ ଅସ୍ୱାଦିଲେ ପ୍ରକ୍ଷାତ ଶୁଭ୍ରରେ—ଉକ୍ତ ବୈଦେହୀଶବିଳାସ ।

ପ୍ରକ୍ଷାଳକ—ସଂ. ବିଣ. (ପ୍ର+କ୍ଷାଳ ଧାତୁ ଣିଚ୍=କ୍ଷାଳ ଧାତୁ=ଧୋଇବା
Prakshālaka +କର୍ତ୍ତୃ. ଅକ)—ଯେ ଧୌତ କରେ—
(ପ୍ରକ୍ଷାଳକା—ସ୍ତ୍ରୀ) Washing.

ପ୍ରକ୍ଷାଳନ—ସଂ. ବି. (ପ୍ର+କ୍ଷାଳ ଧାତୁ+ଭାବ. ଅନ)—୧ । ପଖାଳିବା,
Prakshālana ଧୋଇବା—1. Washing; rinsing.
୨ । ପରିଷ୍କରଣ—2. Cleansing.
୩ । ପ୍ରାୟଶ୍ଚିତ୍ତ—3 Expiation.
ବିଣ. (+କର୍ତ୍ତୃ. ଅନ)—୧ । ଯେ ସର୍ବଦା ଗାଧୁଏ—1. Performing frequent ablutions (M. W).
୨ । ଯେ ଧୂଆଧୋଇ କରେ—2. Washing; cleansing (M. W).

ପ୍ରକ୍ଷାଳନୀୟ—ସଂ. ବଣ—ଧୌତ ହେବାର ଯୋଗ୍ୟ—
Prakshāḻaniya Fit to be washed or rinsed.
(ପ୍ରକ୍ଷାଳ୍ୟ—ଅନ୍ୟରୂପ)

ପ୍ରକ୍ଷାଳିତ—ସଂ. ବଣ. (ପ୍ର+କ୍ଷାଳିତ)—ଧୌତ—
Prakshāḻita Washed.

ପ୍ରକ୍ଷାଳିବା—ଦେ. (ପଦ୍ୟ) କ୍ରି (ସଂ. ପ୍ର+କ୍ଷାଳ ଧାତୁ)—୧ । ପ୍ରକ୍ଷାଳନ
Prakshāḻibā କରିବା; ପଖାଳିବା—1 To wash.

ପ୍ରକ୍ଷାଳି ପୂର୍ବଦମ୍ଭ ଜଳ ଉକ୍ତି ପ୍ରକ୍ଷାଳନ୍ତ ଦେହ ଶୌଚ ହେବ—
ପକ୍ଷାଳେ ରାଧାନାଥ. ମହାଯାତ୍ରା ।

୨ । (ଲକ୍ଷଣାର୍ଥ) (ନଈ) ନିକଟ ଦେଇ ବୋହିବା—
2. (figurative) (river) To flow by.

ପ୍ରକ୍ଷାଳଇ କୈଳାକନ୍ୟା ତ୍ରିସ୍ରୋତା ପାଦ ଯାର ନିରନ୍ତରେ—
ରାଧାନାଥ; ପାର୍ବତୀ ।

ପ୍ରକ୍ଷିପ୍ତ—ସଂ. ବଣ. (ପ୍ର+କ୍ଷିପ୍ ଧାତୁ+କର୍ମ. ତ)—୧ । ଫୋପଡ଼ା
Prakshipta ଯାଇଥିବା; ନିକ୍ଷିପ୍ତ—
1. Thrown; cast; propelled; hurled.
୨ । ନ୍ୟସ୍ତ—2. Deposited; placed.
୩ । ଅନ୍ତର୍ନିବେଶିତ; ଅନ୍ତର୍ନିହିତ—
3. Inserted; put in; intercalated, injected.
୪ । ମୂଳ ଗ୍ରନ୍ଥକାର ଲେଖିବା ପରେ ଅନ୍ୟ ବ୍ୟକ୍ତିଦ୍ୱାରା ଗୋପନରେ ଗ୍ରନ୍ଥରେ ଯୋଗ କରାଯାଇଥିବା (ବିଷୟ)—
4. Interpolate (passage).
୫ । ଏଣେ ତେଣେ ବିଞ୍ଚା ଯାଇଥିବା—
5. Scattered about; strewn.

ପ୍ରକ୍ଷେଦନ—ସଂ. ବି. (ପ୍ର+କ୍ଷିଦ୍ ଧାତୁ=ମୁକ୍ତ କରିବା+କରଣ. ଅନ)—
Prakshedana ଲୌହମୟ ବାଣ; ନାରାଚ—An iron arrow.

ପ୍ରକ୍ଷେପ—ସଂ. ବି (ପ୍ର+କ୍ଷିପ୍ ଧାତୁ+ଭାବ. ଅ)—୧ । ନିକ୍ଷେପ;
Prakshepa ଫୋପାଡ଼ିବା—1. Throwing; hurling.
(ପ୍ରକ୍ଷେପଣ—ଅନ୍ୟରୂପ) ୨ । ରଚନା; ବିନ୍ୟାସ—
(ପ୍ରକ୍ଷେପକ, ପ୍ରକ୍ଷେପଣୀୟ—ବଣ) 2. Deposit; arrangement
୩ । ଏକତ୍ର ବ୍ୟବସାୟ କରିବା ପାଇଁ ପ୍ରତ୍ୟେକ ଅଂଶୀଦାର ମୂଳଧନସ୍ୱରୂପ ଯେଉଁ ଟଙ୍କା ଜମା କରନ୍ତି—
3. Capital put by each member of a firm into the common stock.
୪ । ରଥ ବା ଗାଡ଼ିରେ ଚାଳକର ବସିବା ଆସନ—
4. Box of a carriage; coach box (M. W).
୫ । (ସଙ୍ଗୀତ) ସିତାରଆଦି ଯନ୍ତ୍ରରେ କୌଣସି ସ୍ୱର ଆଳାପ କରିବା ସମୟରେ ସେହି ସ୍ୱରର ଏକ ବା ଏକାଧିକ ସ୍ୱର ବ୍ୟବଧାନରେ କ୍ରମ ପରଦାରେ ବାଆଁ ହାତର ଅଙ୍ଗୁଠିକୁ ଘଷି ଅବରୋହରେ ଅଧୋଗତିକୁ ଯିବା—5 Act of descending to lower scales by moving the left fingers while playing on a stringed instrument with the right fingers.
୬ । ପାଚନ ବା ତୈଳ ତିଆର ହେଉଥିବା ବେଳେ ପାକ ପାତ୍ରରେ ଯାହା ପକାଇବାକୁ ହୁଏ—
6. Ingredients thrown into the cooking pot in the course of preparing a decoction or medicinal oil.
୭ । ମୂଳ ଗ୍ରନ୍ଥରେ ପରେ ଯୁକ୍ତ କରାଯାଇଥିବା ବିଷୟ—
7. Interpolation.
୮ । ଅନ୍ତର୍ନିବେଶନ—8. Injection; insertion.
୯ । ଏଣେ ତେଣେ ବିଞ୍ଚିବା—
8. Scattering; strewing.
୧୦ । ଜାହାଜ ଆଦି ଚଳାଇବା (ହି. ଶ)—
10. Plying of a boat or ship.
୧୧ । ନିଶ୍ଚିତକରଣ (ହି. ଶ)—11. Ascertainment.

ପ୍ରକ୍ଷୋଭଣ(ନ)—ସଂ ବି. (ପ୍ର+କ୍ଷୋଭନ)—ଘାବରି ହେବା;
Prakshobhaṇa(na) ଅସ୍ଥିରତା—Restlessness; alarm.

ପ୍ରକ୍ଷ୍ୱେଡ଼ନ—ସଂ. ବି. (ପ୍ର+କ୍ଷ୍ୱିଡ଼୍ ଧାତୁ=ମୁକ୍ତ କରିବା+କରଣ. ଅନ)—
Prakshwerdana ୧ । ଲୌହମୟ ବାଣ, ନାରାଚ—
1. An iron arrow.

ଭୁଜ ଭୂଷା ବପକ୍ଷ ପ୍ରକ୍ଷ୍ୱେଡ଼ନର ଗଣ—ବିବର୍ଣ୍ଣ. ବିଶୋଗ୍ରାଚମ୍, ଉ. ଗୀତ

୨ । (+କର୍ମ. ଅନ) ଚିତ୍କାର; ସୋରଗୋଳ—
2. Hue and cry; clamour; shout.
୩ । (+ଭାବ. ଅନ) ବାଣ ଆଦି ଗତି କରିବାର ସାଇଁସାଇଁ ଶବ୍ଦ—
3. Hissing; whizzing (M. W).

ପ୍ରଖର—ସଂ. ବଣ. (ପ୍ର+ଖର)—୧ । ଅତି ତୀବ୍ର—
Prakhara 1. Very keen.
(ପ୍ରଖରା—ସ୍ତ୍ରୀ) ୨ । ଅତି କଠୋର ବା କଠିନ—
(ପ୍ରଖରତା, ପ୍ରଖରତ୍ୱ—ବି) 2. Very hard or tough.
୩ । ଶାଣିତ; ଅତି ତୀକ୍ଷ୍ଣ—3. Very sharp.
୪ । ପ୍ରଚଣ୍ଡ—4. Smart; acute.
୫ । ଅତିଶୟ ଉଷ୍ଣ—5. Very hot; scorching.
୬ । ଖର ସ୍ୱାଦ—9. Very pungent or acrid.
ବି—(ପ୍ର+ଖନ୍ ଧାତୁ=ଖୋଳିବା+କର୍ମ. ର)—
୧ । ହାତୀର ବା ଘୋଡ଼ାର ସାଞ୍ଜୁ—
1. Mail armour for a horse or elephant.
୨ । ଅଶ୍ୱତର; ଖଚର—2. A mule.
୩ । କୁକ୍କୁର—3. A dog.

ପ୍ରଖର ବୁଦ୍ଧି—ସଂ. ବି. (କର୍ମଧା; ପ୍ରଖର+ବୁଦ୍ଧି)—୧ । ତୀକ୍ଷ୍ଣବୁଦ୍ଧି—
Prakhara buddhi 1. Acuteness of understanding.
୨ । ସୂକ୍ଷ୍ମବୁଦ୍ଧି—2. Penetration.
ବଣ. (ବହୁବ୍ରୀହି)—ତୀକ୍ଷ୍ଣବୁଦ୍ଧିବିଶିଷ୍ଟ—
Penetrating; of keen intelligence.

ପ୍ରଖଳ—ସଂ. ବଣ. ପୁଂ. (ପ୍ର+ଖଳ)—ଅତ୍ୟନ୍ତ ଦୁଷ୍ଟ (ହି. ଶ)—
Prakhaḻa (ପ୍ରଖଳା—ସ୍ତ୍ରୀ) Very wicked; wanton.

ପ୍ରଖ୍ୟ—ସଂ. ବଣ. ପୁଂ. (ପ୍ର+ଖ୍ୟା ଧାତୁ=କହିବା+କର୍ମ. ଅ)—ତୁଲ୍ୟ;
Prakhya (ପ୍ରଖ୍ୟା—ସ୍ତ୍ରୀ) ସଦୃଶ—Like; resembling.
[ଦ୍ର—ସମାସରେ ଏହି ଶବ୍ଦ ଅନ୍ୟ ଶବ୍ଦ ପରେ ଯୁକ୍ତ ହୁଏ; ଯଥା—ଗୁରୁପ୍ରଖ୍ୟ, ସୂର୍ଯ୍ୟପ୍ରଖ୍ୟ ।]

ପ୍ରଖ୍ୟା—ସଂ. ବି. (ପ୍ର+ଖ୍ୟା ଧାତୁ+କର୍ମ. ଅ+ସ୍ତ୍ରୀ. ଆ)—୧ । ସାଦୃଶ୍ୟ—
Prakhyā 1. Resemblance; similarity; likeness.
୨ । ଉଜ୍ଜ୍ୱଳତା—2. Lustre; effulgence.
୩ । ଖ୍ୟାତି; ପ୍ରସିଦ୍ଧି; ଯଶଃ—
3. Fame; celebrity.
୪ । ସମତା—4. Sameness.
୫ । ଉପମା (ହି. ଶ)—5. Comparision.
୬ । ନାମ (କ୍ୱଚିତ୍)—6. Name.
୭ । ସଂଜ୍ଞା (କ୍ୱଚିତ୍)—7. Definition; title.
ବିଶ. ସ୍ତ୍ରୀ—ସ୍ପଷ୍ଟରୂପେ ପ୍ରତୀୟମାନ—
Visible; clear (M. W.).

ପ୍ରଖ୍ୟାତ—ସଂ. ବିଶ. (ପ୍ର+ଖ୍ୟାତ)—୧ । ବିଖ୍ୟାତ; ପ୍ରସିଦ୍ଧ—
Prakhyāta 1. Celebrated; famous.
୨ । ଚିହ୍ନା—2. Well known; recognised.
୩ । ସନ୍ତୁଷ୍ଟ—3. Pleased; contented.
୪ । ସୁଖୀ—4. Happy; pleased.
୫ । ପୂର୍ବେ କଥିତ—5. Spoken before.
୬ । ଅଗ୍ରେ ନିର୍ଦ୍ଧାରିତ—
6. Forestalled; fore-ordained.
୭ । (ସ୍ମୃତି) ଅନ୍ୟ ଖରିଦଦାରଙ୍କୁ ଦିଆ ନ ଯାଇ ପ୍ରାର୍ଥୀଙ୍କୁ ବିକ୍ରି କରାଯିବା ପାଇଁ ଆଇନ୍ ଅନୁସାରେ ଦାବୀ କରାଯିବା ସମ୍ପତ୍ତି—7. Property claimed by right of pre-emption (M. W.).

ପ୍ରଖ୍ୟାତି—ସଂ. ବି. (ପ୍ର+ଖ୍ୟା ଧାତୁ+ଭାବ. ତି)—୧ । ସୁଖ୍ୟାତି—
Prakhāti 1. Publicity; celebrity.
୨ । ଯଶଃ—2. Fame.
୩ । ପ୍ରଶଂସା—3. Eulogium; praise.

ପ୍ରଗ—ସଂ. ଅ—ପ୍ରାତଃକାଳ; ସକାଳ—
Praga Morning; dawn.

ପ୍ରଗଣା(ଣା, ଣ୍ଣା)—ବୈଦେ. ବି. (ଫା. ପର୍‌ଗନା)—ପରଗଣା (ଦେଖ)
Pragaṇa(ṇā, ṇṇā) প্রগণা परगना Paragaṇā (See)

ପ୍ରଗଣେ(ଣେ, ଣ୍ଣେ)—ବୈଦେ. ବିଶ. (କଚେରୀ) (ଫା. ପରଗନେ)—
Pragaṇe(ṇe, ṇṇe) (ଏଥିର ସାଙ୍କେତିକ । ପ୍ର ।)—ଅମୁକ ପ୍ରଗଣାର প্রগণে परगने ଅନ୍ତର୍ଗତ—Within the jurisdiction of the Pergunna of.
[ଦ୍ର—ଯେଉଁ ପ୍ରଗଣାର ନାମ ଏ ଶବ୍ଦ ପରେ ବ୍ୟବହୃତ ହୁଏ ସେହି ପ୍ରଗଣାର ଅନ୍ତର୍ଗତ ଯଥା—। ମୌ । (ମୌଜେ) ସିଦ୍ଧେଶ୍ୱରପୁର । ପ୍ର । (ପ୍ରଗଣେ) କୋଦଣ୍ଡା, ଅର୍ଥାତ୍ କୋଦଣ୍ଡା ପ୍ରଗଣାର ଅନ୍ତର୍ଗତ ସିଦ୍ଧେଶ୍ୱରପୁର ମୌଜା ।]

ପ୍ରଗଣ୍ଡ—ସଂ. ବି. (ପ୍ର+ଗଣ୍ଡ)—କହୁଣୀଠାରୁ ସ୍କନ୍ଧ ପର୍ଯ୍ୟନ୍ତ ବାହୁଭାଗ; ଭେଣା—
Pragaṇḍa The upper arm.

ପ୍ରଗଣ୍ଡୀ—ସଂ. ବି.—ଦୁର୍ଗର ଉଚ୍ଚ ପ୍ରାଚୀର, ଯହିଁ ଉପରେ ବସି ଦୂରସ୍ଥ ବସ୍ତୁମାନ ଦେଖା ଯାଏ (ହି. ଶ)—
Pragaṇḍi Rampart; high wall of a fort.

ପ୍ରଗତ—ସଂ. ବିଶ. (ପ୍ର+ଗତ)—୧ । ପୃଥଗ୍‌ଭୂତ—
Pragata 1. Separated; apart.
୨ । ଅଗ୍ରସର ହୋଇଥିବା—
2. Advanced; gone forward.
୩ । ଦୂରୀଭୂତ—3. Gone away.
୪ । ମୃତ—4. Deceased; dead.
୫ । ବିଯୁକ୍ତ—5. Subtracted.

ପ୍ରଗତ ଜାନୁ—ସଂ. ବିଶ. ପୁଂ (ବହୁବ୍ରୀହି; ପ୍ରଗତ+ଜାନୁ)—ବକ୍ରପାଦ-
Pragata jānu ବିଶିଷ୍ଟ; ଯାହାର ଦୁଇ ଆଣ୍ଠୁ ଫାଙ୍କରେ ହୋଇ (ପ୍ରଗତ ଜାନୁକ—ଅନ୍ୟରୂପ) ଯାଇଅଛି—Bandy-legged; having the knees wide apart.

ପ୍ରଗତି—ସଂ. ବି. (ପ୍ର+ଗତି)—୧ । ଉନ୍ନତି—
Pragati 1. Improvement.
୨ । ପ୍ରସ୍ଥାନ—2. Going away.

ପ୍ରଗନ୍ଧ—ସଂ. ବିଶ. (ପ୍ର+ଗନ୍ଧ)—ପ୍ରକୃଷ୍ଟ ଗନ୍ଧଯୁକ୍ତ (କ୍ୱଚିତ୍)—
Pragandha Having an excellent smell.
ସଂ. ବି.—ଘରପୋଡ଼ିଆ (ହି. ଶ.) (ଦେଖ)
Gharapoṛdiā (See)

ପ୍ରଗମନ—ସଂ. ବି.—(ପ୍ର+ଗମନ)—୧ । ଆଗ ବଢ଼ିବା (ହି. ଶ.);
Pragamana ଅଗ୍ରସର ହେବା—1. Advancing.
୨ । ଉନ୍ନତି (ହି. ଶ.)—2. Improvement.
୩ । କଳି; ଝଗଡ଼ା (ହି. ଶ.)—3. Quarrel; dispute.
୪ । ଯୁଦ୍ଧ; ଲଢ଼ାଇ (ହି. ଶ.)—4. Fighting.
୫ । ଉତ୍ତମ ବା ଉପଯୁକ୍ତ ଉତ୍ତର (ହି. ଶ.)—
5. A fitting or proper reply.

ପ୍ରଗଲ୍ଭ—ସଂ. ବିଶ. ପୁଂ (ପ୍ର+ଗଲ୍‌ଭ ଧାତୁ=ଅହଙ୍କାରୀ ହେବା+
Pragalbha କର୍ତ୍ତୃ. ଅ)—୧ । ଅହଙ୍କାରୀ; ଦାମ୍ଭିକ—
(ପ୍ରଗଲ୍‌ଭା—ସ୍ତ୍ରୀ) 1. Vain; proud; arrogant; over-
(ପ୍ରଗଲ୍ଭତା, ପ୍ରଗଲ୍ଭତ୍ୱ—ବି) brearing.
୨ । ଆପଣା ଶକ୍ତି ଉପରେ ଆସ୍ଥାବାନ୍—
2. Confident on one's powers.
୩ । ଉତ୍ସାହୀ; ସାହସୀ—3. Bold; courageous.
୪ । ନିର୍ଲଜ୍ଜ—4 Shameless.
୫ । ସ୍ଥିରପ୍ରତିଜ୍ଞ; ଦୃଢ଼—5. Resolute; firm.
୬ । ଉଦ୍ଧତ; ଧୃଷ୍ଟ—6 Audacious; insolent.
୭ । ପାରଗ; ସମର୍ଥ—
7. Able; competent.
୮ । ନିର୍ଭୀକ; ନିର୍ଭୟ—8. Fearless; intrepid.
୯ । ଦୁଷ୍ଟ; ଦୁର୍ଜନ—9. Wicked.
୧୦ । ଅବିନୀତ—
10. Disobedient; arrogant; impudent.
୧୧ । ଅବିଚଳିତ; ନିଷ୍କମ୍ପ—
11. Undisturbed, unshaken.
୧୨ । ପ୍ରଧାନ; ମୁଖ୍ୟ—12. Chief; principal, supreme.

୧୩ । ଉତ୍ସାହିତ—13. Encouraged.
୧୪ । ଉଦ୍ୟୋଗୀ—14. Prompt; ready; energetic.
୧୫ । ବିଖ୍ୟାତ–15. Celebrated; illustrious.
୧୬ । ପ୍ରତିଭାନ୍ୱିତ—16. Talented.
୧୭ । ଏକଜିଦିଆ—17. Preverse; wilful.
୧୮ । ପ୍ରତ୍ୟୁତ୍ପନ୍ନମତିଯୁକ୍ତ— 18. Having presence of mind; ready-witted.
୧୯ । ପ୍ରଚୁର—19. Abundant.
୨୦ । ପ୍ରମଥନକାରୀ—20. Overpowering.
୨୧ । ଚତୁର (ହି. ଶ)—21. Cunning.
୨୨ । ଯେ କହିବା ବିଷୟରେ ସଙ୍କୋଚ ରଖେ ନାହିଁ (ହି. ଶ)—
22. Impertinent; pert; presumptious.
୨୩ । ଅଭିମାନୀ (ହି. ଶ)—23 Cavlling; prone to take offence at petty matters.
୨୪ । ପୁଷ୍ଟ (ହି. ଶ)—24. Developed.
୨୫ । ଗମ୍ଭୀର (ହି. ଶ)—25. Grave; sullen.
୨୬ । ବାଚାଳ; ବାକ୍‌ଚତୁର; ଯେ ବୃଥା ଗୁଣ୍ଡାଏ ଗପେ—
26. Talkative; babbling.
ବି (+ଭାବ. ଅ)—ଗର୍ବ—Vanity.

ପ୍ରଗଲ୍ଭ ବଚନୀ—ସ.ବି.ସ୍ତ୍ରୀ—ମଧ୍ୟା ନାୟିକାର ଏକ ଭେଦ; ଯେଉଁ ନାୟିକା
Pragalbha bachani ନିଜର ଦୁଃଖ ବା କ୍ରୋଧ ଓ ଈର୍ଷାକୁ ପ୍ରକଟିତ କରେ (ହି. ଶବ୍ଦସାଗର)—
A woman who is very passionate and cannot suppress her grief, anger or jealously.

ପ୍ରଗଲ୍ଭା—ସ. ବିଣ. ସ୍ତ୍ରୀ. (ପ୍ରଗଲ୍ଭ+ଆ)—ପ୍ରଗଲ୍ଭର ସ୍ତ୍ରୀଲିଙ୍ଗ—
Pragalbha Feminine of Pragalbha.
ବି. ସ୍ତ୍ରୀ—୧ । ନାୟିକାବିଶେଷ; ପତିମାନ୍ତ୍ର ବିଷୟରେ କେଳିକଳାପକୋବିଦା ସ୍ତ୍ରୀ—1. A lady who counts her husband's caresses and is almost in a swoon at the consumnation.

[ଦ୍ର—ଏହି ଶ୍ରେଣୀର ନାୟିକାର ରତିପ୍ରୀତି ଆକାଙ୍କ୍ଷଣୀୟ ଓ ରତିବନ୍ଧନ ଆନନ୍ଦରେ ତାହାର ମୋହ ଉପସ୍ଥିତ ହୁଏ । ମାନ ଅବସ୍ଥାରେ ଏ ନାୟିକା ୩ ଶ୍ରେଣୀରେ ବିଭକ୍ତ । ଯଥା—ଧୀରା,ଅଧୀରା ଓ ଧୀରାଧୀରା ।]

୨ । କାମାସକ୍ତା ସ୍ତ୍ରୀ—2. A lustful lady.
୩ । ନିର୍ଲଜ୍ଜା ସ୍ତ୍ରୀ—3. An immodest or shameless woman.
୪ । ପ୍ରୌଢ଼ା (ନାୟିକା) (ହି. ଶ) (ଦେଖ)
4. Praurdha (See)

ପ୍ରଗାଢ଼—ସ. ବିଣ. (ପ୍ର+ଗାଢ଼)—
Pragardha ୧ । ସାତିଶୟ; ଅତ୍ୟନ୍ତ; ଅତିଶୟ; ଅତ୍ୟଧିକ—
1. Much; excessive.
୨ । ଶକ୍ତ; କଠିନ; ଦୃଢ଼—
2. Hard; firm; difficult.
୩ । ନିବିଡ଼; ଘନ—3. Very thick; dense.
୪ । ଅଗାଧ; ଘୋର; ଗମ୍ଭୀର—4. Deep; profound.
୫ । କଷ୍ଟସାଧ୍ୟ—5. Difficult.
ବି—୧ । କ୍ଲେଶ; ଯାତନା; ବେଦନା—
1. Pangs; pain; privation.
୨ । କଷ୍ଟ—2. Difficulty; trouble.
କ୍ରି. ବିଣ—୧ । ଦୃଢ଼ରୂପେ—1. Firmly; tightly.
୨ । ଅତ୍ୟନ୍ତ—2. Very much; exceedingly.

ପ୍ରଗାଢ଼ ବିଦ୍ୟା—ସ. ବିଣ. (କର୍ମଧା; ପ୍ରଗାଢ଼+ବିଦ୍ୟା)—
Pragardha bidyā ଅଗାଧ ବିଦ୍ୟା; ଗମ୍ଭୀର ଜ୍ଞାନ—
Deep learning.

ପ୍ରଗାତା—ସ. ବିଣ. ପୁଂ. (ପ୍ର+ଗାତୃ; ୧ମା. ୧ବ)—ଉତ୍କୃଷ୍ଟ ଗାୟକ—
Pragātā An excellent singer.
(ପ୍ରଗାତ୍ରୀ, ପ୍ରଗାୟିକା—ସ୍ତ୍ରୀ) (ପ୍ରଗାୟୀ—ଅନ୍ୟରୂପ)
ସଂ. ବିଣ ପୁଂ—ସଙ୍ଗୀତନିପୁଣ; ଗାନନିପୁଣ—
Skilful in singing.

ପ୍ରଗୁଣ—ସଂ. ବିଣ. (ପ୍ର+ଗୁଣ)—୧ । ପ୍ରକୃଷ୍ଟ ଗୁଣସମ୍ପନ୍ନ—
Praguna 1. Having excellent qualities.
(ପ୍ରଗୁଣା—ସ୍ତ୍ରୀ) ୨ । ସୁଦକ୍ଷ; ସୁନିପୁଣ—
2. Skilful; dexterous.
୩ । ସତ୍—3. Honest; upright.
୪ । ସରଳ; କପଟଶୂନ୍ୟ—
4. Straight; frank; sincere.
୫ । ଅନୁକୂଳ—
5. Favourably disposed; well disposed.

ପ୍ରଗ୍ରହ—ସଂ. ବି. (ପ୍ର+ଗ୍ରହ୍ ଧାତୁ=ଗ୍ରହଣ କରିବା+କର୍ମ. ଅ; ଏଥିର
Pragraha ଅପଭ୍ରଂଶ ପଘା)—
(ପ୍ରଗ୍ରାହ—ଅନ୍ୟରୂପ) ୧ । ଘୋଡ଼ାର ଲଗାମ; ରଶ୍ମି—
1. Rein of a horse.
୨ । ଘୋଡ଼ା ଓ ଗୋରୁ ଆଦିଙ୍କ ବାନ୍ଧିବାର ପଘା—
2. A halter or rope for tying cattle.
୩ । ଡୋର; ରଜ୍ଜୁ; ଦଉଡ଼ି—3. Rope; string.
୪ । ରଶ୍ମି; କିରଣ—4. Ray.
୫ । ତୁଳାସୂତ୍ର; ନିକିତିର ଦଉଡ଼ି—5. String of a balance.
୬ । (+କରଣ. ଅ)—ଭୁଜ; ହାତ; ବାହୁ—
6. Arm; hand.
୭ । ଅନୁଗ୍ରହ; କୃପା—7. Favour; kindness.
୮ । (+ଭାବ. ଅ)—ଗ୍ରହଣ—8. Taking; seizing.
୯ । (+କର୍ମ. ଅ)—ବନ୍ଦୀ; କଏଦୀ—
9. A prisoner; a captive
୧୦ । (+ଭାବ. ଅ)—ବନ୍ଧନ—
10. Confinement; captivity.

୧୧ । କନିଅର ଗଛ—11. A sort of flowering plant; Thevetia Nerifloria.

୧୨ । ଇନ୍ଦ୍ରିୟନିଗ୍ରହ (ହି. ଶ)—12. Self control; controlling of one's passions.

୧୩ । (+କର୍ମ.ଅ)— ନେତା (ହି. ଶ)—13. Leader.

୧୪ । (+କର୍ମ.ଅ)—ସୁନା (ହି. ଶ)—14. Gold.

୧୫ । (+କର୍ତ୍ତୃ. ଅ) ବିଷ୍ଣୁ (ହି. ଶ)—15. Bishnu.

୧୬ । (+ଭାବ. ଅ)—ଘୋଡ଼ାଆଦି ପଶୁଙ୍କୁ ଦମନ କରିବା (ହି.ଶ)—16. Breaking or training of horses and other beasts.

ପ୍ରଗ୍ରୀବ—ସଂ. ବିଣ. ପୁଂ. (ବହୁବ୍ରୀହି; ପ୍ର+ଗ୍ରୀବା)—
Pragriba ୧ । ପ୍ରଶସ୍ତଗ୍ରୀବା ବିଶିଷ୍ଟ—1. Broad necked.
(ପ୍ରଗ୍ରୀବା—ସ୍ତ୍ରୀ) ୨ । ଯାହାର ବେକ ଲମ୍ବ—2. Long necked (Howells).

ବି—୧ । ଦ୍ରୁମଶୀର୍ଷକ; ବୃକ୍ଷର ଅଗ୍ରଭାଗ—1. The top of a tree.

୨ । ବାତାୟନ; ଗବାକ୍ଷ—2. Latticed window.

୩ । ବିଶ୍ରାମାର୍ଥ ଗୃହ—3. A rest house.

୪ । ପ୍ରାସାଦୋପରିସ୍ଥ ଗମ୍ବୁଜ—4. A turret or room on the top of a building.

୫ । ବାରଣ୍ଡା—5. Balcony (Howells).

୬ । ଗୃହାଦିର ପ୍ରାନ୍ତ ଭାଗରେ ଦିଆଯିବା କାଷ୍ଠନିର୍ମିତ ବାଡ଼—6. A wooden railing on the edge of a building.

୭ । ଆମୋଦ ପ୍ରମୋଦର ଗୃହ (ହି. ଶ)—7. A house of amusements.

ପ୍ରଗ୍ରେସ୍ (ଇତ୍ୟାଦି)—ବୈଦେ. ବି—ପ୍ରୋଗ୍ରେସ୍ ଇତ୍ୟାଦି (ଦେଖ)
Pragres (etc) Progres etc (See)

ପ୍ରଘଟ—ଦେ. ବିଣ. (ସଂ. ପ୍ରକଟ)—୧ । ପ୍ରସିଦ୍ଧ; ପ୍ରକଟିତ—
Praghaṭa প্রগট प्रकट 1. Published.

ଶ୍ରବଣେ ଶୁଣି ମନେ ଘେନ,
ପ୍ରଘଟ ନୁହଇ ପ୍ରଶ୍ନ—ଯଶୋବନ୍ତ ପ୍ରେମଭକ୍ତି ବ୍ରହ୍ମଗୀତା ।

୨ । ସର୍ବସାଧାରଣରେ ପ୍ରକାଶିତ—2 Made public.

୩ । ପ୍ରଖ୍ୟାତ—3. Celebrated.

ସଂ. ବି—୧ । ପ୍ରଖ୍ୟାତି—1. Celebrity.

୨ । ପ୍ରଚାର; ପ୍ରକଟନ—2. Publication.

ପ୍ରଘଟ କରିବା—ଦେ. କ୍ରି.—(ସଂ. ପ୍ରକଟ)—ସାଧାରଣରେ ପ୍ରକାଶ କରିବା—To publish a matter.
Pragaṭa kariba
प्रगटाना; प्रघटाना

ପ୍ରଘଟ ହେବା—ଦେ. କ୍ରି. (ସଂ. ପ୍ରକଟ)—ସାଧାରଣରେ ପ୍ରକାଶିତ ହେବା—To be published broad cast.
Praghaṭa hebā
প্রগটনা प्रघटना

ପ୍ରଘଣ(ଣ)—ସଂ. ବି. (ପ୍ର+ହନ୍ ଧାତୁ=ଆଘାତ କରିବା+କର୍ମ. ଅ; ଯାହାକୁ ଆଘାତ କରାଯାଏ ବା ଯାହାଦ୍ୱାରା ଆଘାତ କରାଯାଏ)—୧ । ବହିର୍ଦ୍ୱାର ପ୍ରକୋଷ୍ଠକ; ଅଳିନ୍ଦ—1. A covered terrace in front of a house; corrider.
Praghaṇa(ṇa) (ପ୍ରଘାଣ—ଅନ୍ୟରୂପ)

୨ । ତାମ୍ର କୁଣ୍ଡ—2. A copper pot.

୩ । ଲୌହ ମୁଦ୍ଗର—3. Iron club.

୪ । ବାରଣ୍ଡା (ହି. ଶ.)—4. Veranda.

ପ୍ରଘସ—ସଂ. ବି. (ପ୍ର+ଅଦ୍ ଧାତୁ=ଭକ୍ଷଣ କରିବା+ଭାବ. ଅ; ଅଦ୍=ଘସ୍)—୧ । ପ୍ରକୃଷ୍ଟ ଭୋଜନ—Excellent meal.
Praghasa (ପ୍ରଘସା—ସ୍ତ୍ରୀ)

୨ । ଭୂରି ଭୋଜନ—2. Full meal.

୩ । (+କର୍ତ୍ତୃ. ଅ) ରାକ୍ଷସ; ଅସୁର; ଦୈତ୍ୟ—3. Demon.

ସଂ. ବିଣ.—ପେଟୁ; ଭୋଜନପ୍ରିୟ—Gluttonous.

ପ୍ରଘାତ—ସଂ. ବି. (ପ୍ର+ଘାତ)—୧ । ଯୁଦ୍ଧ—1. Combat.
Praghāta

୨ । ମାରଣ—2. Killing; slaughter.

ପ୍ରଘୋଷକ—ସଂ. ବି. (ପ୍ର+ଘୋଷ+କ)—୧ । ଘୋଷା; ଗୋଳମାଳ—1. Noise.
Praghoshaka

୨ । ଶବ୍ଦ; ଧ୍ୱନି—2. Sound (Howells).

ପ୍ରଚକ୍ର—ସଂ. ବି. (ପ୍ର+ଚକ୍ର)—ଗମନଶୀଳ ସୈନ୍ୟଦଳ—An army in motion.
Prachakra

ପ୍ରଚଣ୍ଡ—ସଂ. ବିଣ. (ପ୍ର+ଚଣ୍ଡ)—୧ । ତୀବ୍ର; ପ୍ରଖର; ଉଗ୍ର—1. Sharp; bitter.
Prachaṇḍa
(ପ୍ରଚଣ୍ଡା—ସ୍ତ୍ରୀ) ୨ । ଏକଜିଦିଆ—
[ପ୍ରଚଣ୍ଡତା(ତ୍ୱ)—ବି] 2. Obstinate; head-strong.

୩ । ଦୁଃସହ; ଅସହ୍ୟ—3. Intolerable.

୪ । ଦୁର୍ଦ୍ଧର୍ଷ—4. Indomitable.

୫ । ପ୍ରବଳ; ପ୍ରତାପୀ—5. Mighty.

୬ । ଅତ୍ୟନ୍ତ କୋପଯୁକ୍ତ—6. Impetuous; very angry; violent; passionate.

୭ । ଅତ୍ୟୁଷ୍ଣ—7. Very hot.

୮ । ଭୟଙ୍କର; ଭୀଷଣ—8. Ferocious.

୯ । କଠିନ; କଠୋର (ହି. ଶ.)—9. Harsh; hard.

ସଂ. ବି.—୧ । ଶିବଙ୍କ ଗଣବିଶେଷ—1. Name of an attendant of Siba.

୨ । ଧଳା କନିଅର ଫୁଲ (ହି. ଶ.)—2. White oleander (flower).

ପ୍ରଚଣ୍ଡ ନନ୍ଦନ—ଦେ. ବି.—ଭୁଶଣ୍ଡ (ଦେଖ)
Prachaṇḍa nandana Bhusaṇḍa (See)

... ଗଣପତି ବଶ ମୂଳେ,
ବିଜ ପ୍ରଚଣ୍ଡ ନନ୍ଦନ ବସେ ଭାଳେ—ପ୍ରା. ରହସ୍ୟମଞ୍ଜରୀ ।

ପ୍ରଚଣ୍ଡା—ସଂ. ବିଣ. ସ୍ତ୍ରୀ—(ପ୍ରଚଣ୍ଡ+ଆ)—ପ୍ରଚଣ୍ଡର ସ୍ତ୍ରୀଲିଙ୍ଗ—Feminine of Prachaṇḍa.
Prachaṇḍā

ସଂ. ବି. ସ୍ତ୍ରୀ.—୧ । ଦୁର୍ଗା; ଚଣ୍ଡୀ—1. Goddes chaṇḍi.

୨ । ଦୁର୍ଗାଙ୍କର ଏକ ସଖୀ—2. Name of a companion of Durgā.

୩ । ଶ୍ୱେତଦୂର୍ବା—3. The pleached variety of Duba grass.

ପ୍ରଚଣ୍ଡେ—ଦେ. କ୍ରି. ବଣ—ଅତି ଶୀଘ୍ର ବା ବେଗ ସହକାରେ—
Prachande With great velocity.

ଜଳଶ ଦଶ ଅଦୃଶ୍ୟ ଶଲକ୍ଷ ନୃଲେ ଦଶ,
ଶୀଘ୍ର ଶାଡ଼ୁ କ ଉଦ୍ୟ ଗତ ପ୍ରଚଣ୍ଡେ । ଉତ୍ତ. ବୈଦେହୀଶବିଳାସ ।

ପ୍ରଚୟ—ସଂ. ବି. (ପ୍ର+ଚି ଧାତୁ=ଗୁଣ୍ଠାଇବା+ଭାବ. ଅ)—୧ । ଉଚ୍ଚୟନ; Prachaya ସଂଗ୍ରହ; ଗୋଟାଇବା—1. Collection; gathering; picking up.
୨ । (+କର୍ମ. ଅ) ରାଶି; ସ୍ତୂପ; ପୁଞ୍ଜ—2. Mass; heap.
୩ । ଗୋଠା ବାନ୍ଧିବା; ଜମାଟ—
3. Union; aggregation.
୪ । ଉପଚୟ; ବୃଦ୍ଧି—4. Growth; increase.
୫ । ଦଳ; ସମୂହ (ହ୍ର. ଶ.)—5. Herd; flock.
୬ । ଲଗି ଆଦି ଦ୍ୱାରା ଗଛରୁ ଫୁଲ ଫଳ ସଂଗ୍ରହ କରିବା (ହ୍ର. ଶ)—
6. Picking up of flowers and fruits with the help of a pole.

ପ୍ରଚୟକ—ସଂ. ବି. ପୁଂ.—(ପ୍ର+ଚି ଧାତୁ+କର୍ତ୍ତୃ. ଅକ)—ଫୁଲ-Prachayaka ତୋଳାଳ—A person who is plucking flowers.
(ପ୍ରଚୟିକା—ସ୍ତ୍ରୀ)

ପ୍ରଚର—ସଂ. ବି. (ପ୍ର+ଚର୍ ଧାତୁ=ଯିବା+ଅଧିକରଣେ. ଅ)—
Prachara ୧ । ପଥ; ବର୍ତ୍ମ; ମାର୍ଗ—1. Path; road.
୨ । (+ଭାବ. ଅ) ବ୍ୟବହାର; ରୀତି—
2. Custom; usage.
୩ । ପ୍ରଚଳନ—3. Currency.
୪ । ବିସ୍ତୃତ ହେବା—4. Spreading; diffusion.
୫ । ପ୍ରସିଦ୍ଧି—5. Publicity.

ପ୍ରଚରଣ—ସଂ. ବି. (ପ୍ର+ଚର୍ ଧାତୁ+ଭାବ. ଅନ)—ବିଚରଣ; ଏଣେ Pracharana ତେଣେ ବୁଲିବା—Roving.

ପ୍ରଚରଦ୍ରୂପ—ସଂ. ବଣ. (ବହୁବ୍ରୀହି; ପ୍ରଚରତ୍=ପ୍ରଚରିତ ହେଉଥିବା; Pracharadrūpa ଚଳୁ ଥିବା (ରୂପ) ବସ୍ତୁ ବ୍ୟବହୃତ; ଭୂରି ପ୍ରଚଳିତ (କ୍ଷୀରେନ୍ଦ୍ର)—In extensive use; widely prevalent.

ପ୍ରଚରିତ—ଦେ. ବଣ—ପ୍ରଚଳିତ; ବ୍ୟବହୃତ—
Pracharita Used.

ବଳାସ ବଶରେ ସଂସାର ପ୍ରଚରିତ ।
ଉତ୍ତ, ବୈଦେହୀଶବିଳାସ ।

ପ୍ରଚରିବା—ଦେ. କ୍ରି. (ସଂ. ପ୍ରଚର; ପ୍ରଚାର)—
Pracharibā ୧ । ପ୍ରଚାର କରିବା; କହିବା—
प्रचरना प्रचरना 1. To say; to declare.

ଚେବେକ ମୃତକ ପଶୁ ବନରୁ ସେ
ବାଇ ପଶୁ ପଚ ଏ ସୁନ୍ଦର ଗୋ । ଉତ୍ତ, ବୈଦେହୀଶବିଳାସ ।

୨ । ପ୍ରସାରିତ ହେବା; ବିସ୍ତୃତ ହେବା; ବ୍ୟାପି ଯିବା—
2. To be spread; to pervade.

ସେ ହରି ମାୟା ଏ ସଂସାରେ
ମୋହିଲା ଭୁବନ ପ୍ରଚରେ । ଜଗନ୍ନାଥ. ଭାଗବତ ।

୩ । ଚାଲିଚଳି ହେବା—
3. To move about; to go on.

କ ଭୁବେ ପ୍ରଚରଇ କେ
ଅସନେ ଶୟନେ ଗମନେ । ଜଗନ୍ନାଥ. ଭାଗବତ ।

୪ । ପ୍ରଚାରିତ ହେବା—4 To be published.

ପ୍ରଚଳ—ସଂ. ବଣ. (ପ୍ର+ଚଲ୍ ଧାତୁ=ଯିବା+କର୍ତ୍ତୃ. ଅ)—
Prachala ୧ । ପ୍ରକୃଷ୍ଟ ଚଳନଯୁକ୍ତ; ଚଞ୍ଚଳ ଗତିବିଶିଷ୍ଟ—
1. Going fast; fleet.
୨ । ପ୍ରବଳ—2. Prevalent.
୩ । ପ୍ରଚଳିତ; ପ୍ରାଦୁର୍ଭୂତ—3. Current; prevailing.
୪ । ଅଭ୍ୟସ୍ତ—4. Customary.
୫ । ସର୍ବତ୍ର ପ୍ରଚାରିତ—5. Published; circulated.
୬ । ଚଞ୍ଚଳ—6. Brisk; restless.
୭ । କମ୍ପିତ—
7. Trembling; tremulous (Apte)
ସଂ. ବି—ମୟୂର (ହ୍ର. ଶ)—Peacock.
ଦେ. ବି—୧ । ଯିବା ଆସିବା; ଚଳିବା—
1. Going and coming; movement.

ଗେହୁକୁଳ ପରେ ପଡ଼ି ହାଟାକୁଳ
ହୋଇଛୁ ଭୂଣା ପତାଙ୍କର ପ୍ରଚଳ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

୨ । ଚଳାଚଳ ହେବା—2. Getting on.
୩ । ପ୍ରଚଳନ—3. Currency.
୪ । ଗତି—4. Movement.
୫ । ପ୍ରାବଲ୍ୟ—5. Prevalence.

ପ୍ରଚଳନ—ସଂ. ବି. (ପ୍ର+ଚଲ୍ ଧାତୁ+ଭାବ. ଅନ)—
Prachalana ୧ । ପ୍ରାଦୁର୍ଭାବ—1. Prevalence.
୨ । ପ୍ରବର୍ତ୍ତନ—2. Vogue; currency.
୩ । ସାଧାରଣରେ ପ୍ରକାଶିତ ହେବା; ପ୍ରଚାର—
3. Publication; circulation.
୪ । ଗତି—4. Movement.
୫ । ଅନାଲସ୍ୟ—5. Activity.

ପ୍ରଚଳା—ସଂ. ବି. (ପ୍ର+ଚଲ୍ ଧାତୁ+ଭାବ. ଅ+ଆ)—
Prachalā ୧ । ବସିଥିବା ବା ଠିଆ ହୋଇଥିବା ବ୍ୟକ୍ତିକୁ ଯେଉଁ ନିଦ୍ରା ଘଟେ (ହ୍ର. ଶବ୍ଦସାଗର)—
1 Sleep which overtakes a person while sitting or standing.
୨ । ଯେଉଁ ପାପ କର୍ମର ଉଦୟରେ ନିଦ୍ରା ଘୋଟେ (ହ୍ର. ଶ)—
2. Any sinful act which makes a person sleepy.

ପ୍ରଚଳାକ—ସଂ. ବି. (ପ୍ର+ଚଲ୍ ଧାତୁ+କର୍ତ୍ତୃ. ଅକ; ଯାହା ସ୍ୱତଃ Prachalāka ଚଳିତ ହୁଏ)—୧ । ମୟୂରପୁଚ୍ଛ—
1. The fan-like tail of a peacock.
୨ । ସାପ ଫଣା—2. The hood of a serpent.
୩ । ଭୁଜଙ୍ଗମ; ସର୍ପ—3. Serpent.

୪ । (+ଭାବ. ଅକ) ଶରଘାତ—
4. The stroke of an arrow.

ପ୍ରଚଳାକୀ—ସ. ବି. ପୁଂ (ପ୍ରଚଳାକ+ଅସ୍ତି ଅର୍ଥରେ ଇନ୍; ୧ମା.୧ବ)—
Prachalāki ୧ । ମୟୂର—1. Peacock.
(ପ୍ରଚଳାକିନୀ—ସ୍ତ୍ରୀ) ୨ । ସର୍ପ—2. Snake.

ପ୍ରଚଳିତ—ସ. ବିଣ. (ପ୍ର+ଚଳ୍ ଧାତୁ+କର୍ତ୍ତୃ. ତ)—
Prachalita ୧ । ପ୍ରଚାରିତ—1. Published; circulated.
୨ । ପ୍ରବଳ—2. Prevalent.
୩ । ଯାହା ସର୍ବତ୍ର ଚଳୁଅଛି; ସର୍ବତ୍ର ବ୍ୟବହୃତ—
3. In vogue; everywhere; prevailing.
୪ । ସ୍ୱୀକୃତ—4. Recognised.
୫ । ଦୂରକୁ ଗତ—5. Gone away.
୬ । ଘୂର୍ଣ୍ଣିତ—6. Rolling; revolving.
୭ । ଭ୍ରମଣଶୀଳ—7. Wandering; roving.
୮ । ଗତିଯୁକ୍ତ—8 Moving; set in motion.
୯ । ବିଚଳିତ; କମ୍ପିତ—
9. Moved; shaken; trembling.
୧୦ । ପ୍ରସିଦ୍ଧ—10. Famous.
୧୧ । ଯାହା ବର୍ତ୍ତମାନ ବ୍ୟବହୃତ ହେଉଅଛି—
11. In use; current.
୧୨ । ବ୍ୟବହାରସିଦ୍ଧ—12. Customary.
୧୩ । ଯାହାକୁ ସମସ୍ତେ ମାନନ୍ତି—
13. Universally admitted.
ସ. ବି. (+ଭାବ. ତ) ଗତି—Movement.

ଅଛ ଗାଦକୁ କିବା ଦେବା ସଉ
ଯାହା ପ୍ରଚଳିତ ରହିଁ କର, ହିତ ଦେଇ ଏକେରେ କର ।
ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ପ୍ରଚୟ—ସ. ବି. (ପ୍ର+ଚି ଧାତୁ=ଚୟନ କରିବା+ଭାବ. ଅ)—
Prachāya ୧ । ହସ୍ତଦ୍ୱାରା ଦ୍ରବ୍ୟାଦିର ସଂଗ୍ରହ (ପ୍ରକୃତିବାଦ)—
1. Collection with the hands; heaping up with the hands.
୨ । (+କର୍ମ. ଅ) ସମୂହ; ରାଶି; ଗଦା—
2. Heap; multitude (Apte).
୩ । ବୃଦ୍ଧି; ଉପଚୟ—
3. Growth; increase (Apte).
୪ । ସାମାନ୍ୟ ମିଳନ—4. Slight union (Apte).
୫ । ଘନୀଭାବ, ଜମାଟ (ପ୍ରକୃତିବାଦ)—5. Conglomeration.
୬ । (ବ୍ୟାକରଣ) ଯତିସ୍ଥାନ ସ୍ୱର—
6. (grammar) The neutral accentless tone.
୭ । (ଗଣିତ) ଶ୍ରେଢ଼ୀଙ୍କରେ ଦୁଇ ସଂଖ୍ୟାର ମଧ୍ୟରେ ଥିବା ବ୍ୟବଧାନ ସଂଖ୍ୟା—7. (arithmetic) The common difference of terms in a progression (Apte).
୮ । ଲଗି ଆଦିଦ୍ୱାରା ଉଚ୍ଚ ବୃକ୍ଷାଦିରୁ ଫୁଲ ଫଳ ତୋଳିବା; ଘାରିବା—8. Plucking of flowers and fruits from a high tree with the help of a pole.

ପ୍ରଚାୟକ—ସ. ବି. ପୁଂ. (ପ୍ର+ଚି ଧାତୁ+କର୍ତ୍ତୃ. ଅକ)—୧ । ଫଳ ଫୁଲ
Prachāyaka ତୋଳାଳି ବ୍ୟକ୍ତି—1. A person who
(ପ୍ରଚାୟିକା—ସ୍ତ୍ରୀ) gathers or plucks fruits and flowers.
୨ । ଯେ ଗଦା କରେ—
2. A person who gathers things into a heap.

ପ୍ରଚାର—ସ. ବି (ପ୍ର+ଚର୍ ଧାତୁ=ଯିବା+ଭାବ. ଅ)—
Prachāra ୧ । ଚଳନ; ଗମନ—1. Proceeding; going.
୨ । ଏଣେତେଣେ ବୁଲିବା—2. Walking about.
୩ । ପ୍ରାବଲ୍ୟ; ପ୍ରଚଳନ—3. Currency; prevalence.
୪ । ସର୍ବତ୍ର ପ୍ରକାଶ—4. Publication; circulation.
୫ । ରୀତି; ବ୍ୟବହାର—5. Custom; usage.
୬ । ପ୍ରସିଦ୍ଧି—6. Celebrity; notoriety.
୭ । ବିସ୍ତାର; ପ୍ରସାର—7. Expansion; spreading.
୮ । ପ୍ରକାଶ; ଅଭିବ୍ୟକ୍ତି—
8. Appearance; manifestation.
୯ । ବକ୍ତୃତାଦ୍ୱାରା ପ୍ରକାଶ—9 Preaching.
୧୦ । ଆଚରଣ—10. Conduct.
୧୧ । ଗୋ ମେଷାଦି ଚରାଇବା; ଚାରଣ—
11. Tending cattle.
୧୨ । ଧର୍ମମତର ଘୋଷଣା—
12. Preaching of religious doctrines.
୧୩ । ଗୋଚର; ଗୋଚାରଣ ଭୂମି—13. Pasture ground.
୧୪ । ଘୋଷଣା—
14. Proclamation, declaration, propaganda.
୧୫ । ନିରନ୍ତର ବ୍ୟବହାର (ହି. ଶବ୍ଦସାଗର)—
15. Constant use.
୧୬ । (+କର୍ତ୍ତୃ. ଅ) ଘୋଡ଼ାର ଆଖିର ରୋଗବିଶେଷ; ଯହିଁରେ ଆଖି ପାଖର ମାଂସ ବଢ଼ିଯାଇ ଆଖିକୁ ଘୋଡ଼ାଇ ପକାଏ (ହି. ଶ.)—16. An eye disease of the horse in which the flesh round the eye grows and gradually hides the eye.
ବେ. ବ—୧ । ସ୍ଥିତି; ଅସ୍ତିତ୍ୱ—1. Existence.
୨ । ଦେଖାଯିବା ଅବସ୍ଥା—2. Visibility.

ଅବର କୁହେଁ ଅଦକାର
ତବସେ କୋହ ତା ପ୍ରଚାର—ଜ୍ୟୋତି, ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

୩ । ପଠାଇବା; ପ୍ରେରଣ—3. Sending.

ଚନ୍ଦ୍ରେ କହୁରେ ନର୍ମଲେ ଗ୍ରହେ ଏଣ ପ୍ରଚାରେ ଅବା—ଉଦ୍ଧ. ପ୍ରେମସୁଧାନିଧି ।

ପ୍ରଚାରକ—ସ. ବିଣ. ପୁଂ—(ପ୍ର+ଚର୍ ଧାତୁ ଣିଚ୍+କର୍ତ୍ତୃ. ଅକ)—
Pracāraka ୧ । ପ୍ରଚାରକାରୀ; ଯେ ପ୍ରଚାର କରେ—
(ପ୍ରଚାରିକା—ସ୍ତ୍ରୀ) 1. Preaching; circulating.

୨ । ପ୍ରକାଶକାରୀ—
2. Publishing; propagating.
୩ । କୌଣସି ବସ୍ତୁର ପ୍ରଚଳନ ବୃଦ୍ଧିକାରୀ (ତ୍ରି. ଣ)—
3. Increasing the circulation of anything.
ସଂ. ବି. ପୁଂ—୧ । ପ୍ରଚାର କରିବା ବ୍ୟକ୍ତି—
1. Preacher; circulator,
୨ । ରଖୁଆଳ; ଗୋମେଷାଦିଙ୍କ ଜଗୁଆଳ—
2. Tender of cattle; pastor.
୩ । ଧର୍ମମତଙ୍କୁ ସର୍ବସାଧାରଣରେ ପ୍ରକାଶ କରିବା ବ୍ୟକ୍ତି—
3. A missionary; a religious preacher.
୪ । ଯଜ୍ଞ, ହୋମ ଆଦି ସମୟରେ ଯେଉଁ ବ୍ରାହ୍ମଣ ପୋଥି ଧରି ପୁରୋହିତଙ୍କୁ ମନ୍ତ୍ରାଦି ପଢ଼ି ବତାଇବାପାଇଁ ନିଯୁକ୍ତ ହୋଇ ଥାଆନ୍ତି; ପୁସ୍ତକାଚାର୍ଯ୍ୟ—4. A Brāhmaṇa who is commissioned to read aloud the mantras from the book and direct the details of the rites performed during a sacrifice by the priest.

ପ୍ରଚାର କରିବା—ଦେ. କ୍ରି—୧ । ଘୋଷଣା କରିବା—
Prachāra karibā 1. To preach; to propagate.
প্রচারকরা प्रचारकरना ୨ । ବିସ୍ତାର କରିବା—
2. To spread; to diffuse.
୩ । ସାଧାରଣରେ ପ୍ରକାଶ କରିବା—
3. To publish.
୪ । ପଠାଇବା—4 To send.
ଚାର ପ୍ରଚାର ଏ ଚୋର ବର୍ଣ୍ଣ କଭ ଯେ ନାହିଁ—ଭଞ୍ଜ ।
୫ । ପ୍ରୟୋଗ କରିବା—To apply.
ନାନା ଉପଚାର ପ୍ରଚାର କଲେ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
୬ । (ଅଦାଲତ) କୌଣସି ବ୍ୟକ୍ତିର କୌଣସି ବିଷୟରେ ସ୍ୱତ୍ୱ ବା ଅଧିକାର ଥିବା ବିଷୟ ବିଚାରପୂର୍ବକ ସିଦ୍ଧାନ୍ତ କରି ଉକ୍ତ ସ୍ୱତ୍ୱ ବା ଅଧିକାର ବିଷୟ ସ୍ପଷ୍ଟ ଓ ଫଏସଲା ଘୋଷଣା କରିବା—
6. (a court) To declare the right or title of a party to a property in a declaratory suit.

ପ୍ରଚାରଣ—ସଂ. ବି—(ପ୍ର+ଚର ଧାତୁ ଣିଚ୍=ଚାର ଧାତୁ=ଗତି କରାଇବା+ଭାବ. ଅନ)—୧ । ପ୍ରକଟନ—
Prachāraṇa 1. Publication; circulation.
୨ । ଧର୍ମମତାଦିର ପ୍ରଚାରକରଣ—2. Preaching.

ପ୍ରଚାରୟିତା—ସଂ. ବିଣ. ପୁଂ—(ପ୍ର+ଚର ଧାତୁ ଣିଚ୍+କର୍ତ୍ତୃ. ତୃ; ୧ମା.
Prachārayitā ୧ବ)—ପ୍ରଚାରକ (ଦେଖ)—
(ପ୍ରଚାରୟିତ୍ରୀ—ସ୍ତ୍ରୀ) Prachāraka (See)

ପ୍ରଚାରିତ—ସଂ. ବିଣ—(ପ୍ର+ଚର୍ ଧାତୁ ଣିଚ୍+କର୍ମ. ତ)—
Prachārita ୧ । ପ୍ରକାଶିତ; ସର୍ବତ୍ର ଘୋଷିତ—1. Published; preached; spread; propagated.
୨ । ଚରିତଚରଣ; ପଶୁ ଆଦି ଚରିଥିବା (ସ୍ଥାନ)—2. Grazed.
୩ । ବିସ୍ତାରିତ—3, Spread, diffused.

ପ୍ରଚାରିବା—ଦେ. କ୍ରି (ପଦ୍ୟ)—(ସଂ. ପ୍ରଚାରଣ)—ପ୍ରଚାର କରିବା
Prachāribā (ଦେଖ)—Prachāra karibā (See)
প্রচার ଚୈତନ୍ୟବିଭୂତି ମହାତ୍ମାଙ୍କରେ; ପ୍ରଚାରିଲେ ବଇକୁଣ୍ଠ ଆନନ୍ଦ ମନେ
प्रचारना ନୀଳାଦ୍ରି ଦେବ. ଛନ୍ଦମାଳା ।

ପ୍ରଚାଲ—ସଂ. ବି—(ପ୍ର+ଚଲ୍ ଧାତୁ+ଅଧିକରଣ. ଅ)—ବୀଣାଯନ୍ତ୍ରର କଣ୍ଠ
Prachāla ଦେଖ—The neck of the Indian lute (Apte)

ପ୍ରଚାଲିତ—ସଂ. ବିଣ—(ପ୍ର+ଚାଲିତ)—୧ । ପ୍ରଚାରିତ; ସର୍ବତ୍ର ପ୍ରକାଶିତ
Prachālita 1. Published; promulgate.
୨ । ଭଲ ଭାବରେ ଚାଳିତ—2. Well moved.

ପ୍ରଚିତ—ସଂ. ବିଣ. (ପ୍ର+ଚି ଧାତୁ=ଚୟନ କରିବା+କର୍ମ. ତ)—
Prachita ୧ । ଚୟିତ; ତୋଳାଯାଇଥିବା—1. Plucked.
୨ । ସଂଗୃହୀତ—2. Collected; gathered; amassed.
୩ । ଆଚ୍ଛାଦିତ—3. Covered; filled.
୪ । ଅନୁଦାତ୍ତ—4. Accentless.

ପ୍ରଚୀୟମାନ—ସଂ. ବିଣ. (ପ୍ର+ଚି ଧାତୁ=ଚୟନ କରିବା+କର୍ମକର୍ତ୍ତୃ.
Prachīyamāna ଆନ)—ବର୍ଦ୍ଧମାନ; ବୃଦ୍ଧିଶୀଳ—
Increasing.

ପ୍ରଚୁର—ସଂ. ବିଣ. (ପ୍ର+ଚୁର୍ ଧାତୁକ ଚୋର ଧାତୁ=ବୃଦ୍ଧି ପାଇବା
Prachura +ଭାବ. ଅ)—୧ । ବହୁତ; ବହୁଳ—
(ପ୍ରଚୁରତା, ପ୍ରାଚୁର୍ଯ୍ୟ—ବି) 1. Much; many.
୨ । ପ୍ରଭୂତ; ପର୍ଯ୍ୟାପ୍ତ—2. Plentiful; excessive; abundant.
୩ । ଯଥେଷ୍ଟ—2. Ample; enough; sufficient.
ସଂ. ବି. ପୁଂ—ତସ୍କର; ଚୋର—Thief.

ପ୍ରଚେତସ—ଦେ. ବି. (ସଂ. ପ୍ରଚେତସ୍)—ପ୍ରଚେତାଃ ୨ (ଦେଖ)
Prachetasa Prachetāḥ 2 (See)
ସେ ଧର୍ମଶୀଳ ପ୍ରଚେତସ
ଯଜ୍ଞ ବସ୍ତୁକୁ କରୁ ଦୋଷ । ଜଗନ୍ନାଥ, ଭାଗବତ ।

ପ୍ରଚେତସୀ—ସଂ. ବି. (ପ୍ରଚେତସ୍+ଈ)—୧ । ପ୍ରଚେତାଙ୍କ କନ୍ୟା
Prachetasī (ସ୍ତ୍ରୀ. ଣ)—1. The daughter of Prachetāḥ
୨ । କାଫର୍ଡ଼ା (ସ୍ତ୍ରୀ. ଣ) (ଦେଖ)—2. Kāpharḍa (See)

ପ୍ରଚେତା—ଦେ. ବି. (ସଂ. ପ୍ରଚେତାଃ)—ପ୍ରଚେତା (ଦେଖ)
Prachetā Prachetāḥ (See)
ଦକ୍ଷଙ୍କ ପିତା ଅଷ୍ଟ ପାଦ
ସେ ଯେ ପ୍ରଚେତା ଦଶ ଭାଇ । ଜଗନ୍ନାଥ, ଭାଗବତ ।
ସଂ. ବି. (ପ୍ର+ଚିତ୍ ଧାତୁ=ଚେତିବା+କର୍ତ୍ତୃ. ତୃ; ୧ମା. ୧ବ)—
ସାରଥି—Charioteer; coachman.
ସଂ. ବିଣ—ସଂଗ୍ରହକାରୀ—Collecting; gathering; compiling.

ପ୍ରଚେତାଃ—ସଂ. ବି. (ବହୁବ୍ରୀହି; ପ୍ର=ଉତ୍କୃଷ୍ଟ+ଚେତସ୍+ମନ;
Prachetāḥ ପ୍ରଚେତସ୍ ୧ମା. ୧ବ)—୧ । ବରୁଣ—
1. The God of water.

୨ । ରାଜା ପ୍ରାଚୀନବର୍ହିଙ୍କର ପୁତ୍ରମାନେ—
2. Name of the sons of king Prāchina Barhi
[ଦ୍ର—ରାଜା ପୃଥୁଙ୍କର ନାତି ପ୍ରାଚୀନବର୍ହିଙ୍କର ୧୦ ଟି ପୁତ୍ର । ପ୍ରତ୍ୟେକଙ୍କର ନାମ ପ୍ରଚେତାଃ ଥିଲା । ଏମାନେ ଦଶହଜାର ବର୍ଷ କାଳ ସମୁଦ୍ର ଭିତରେ ଥାଇ କଠିନ ତପସ୍ୟା କରି ବିଷ୍ଣୁଙ୍କଠାରୁ ପ୍ରଜାସୃଷ୍ଟି କରିବାକୁ ବର ପାଇଥିଲେ । ଦକ୍ଷ ଏମାନଙ୍କର ପୁତ୍ର ଥିଲେ—ହି. ଶ ।]
୩ । ପ୍ରାଚୀନ ଋଷିବିଶେଷ (ହି. ଶ)—
3. Name of a sage.
୪ । ଦ୍ୱାଦଶ ପ୍ରଜାପତିଙ୍କ ନାମ (ହି. ଶ)—4. Name of the 12th Progenitor of mankind.
ସଂ. ବିଣ —ଅହ୍ଲାଦିତ; ତୁଷ୍ଟ—Pleased; gladdened.

ପ୍ରଚେତିତ—ସଂ. ବିଣ. (ପ୍ର+ଚିତ୍ ଧାତୁ+କର୍ମ. ତ)—ଜ୍ଞାତ—
Prachetita Known.

ପ୍ରଚେୟ—ସଂ. ବିଣ. (ପ୍ର+ଚି ଧାତୁ+କର୍ମ. ଯ)—୧ । ବର୍ଦ୍ଧନୀୟ—
Pracheya 1. Capable of being augmented.
୨ । ଯାହା ଚୟନ କରାଯାଇ ପାରେ; ଚୟନୀୟ—
2. Fit to be plucked or collected.
୩ । ଗ୍ରହଣୀୟ—3. Fit to be taken.

ପ୍ରଚେଳ—ସଂ. ବି—ହଳଦିଆ ଚନ୍ଦନକାଠ ପୀତଚନ୍ଦନ—
Prachela Yellow sandal wood (Apte).

ପ୍ରଚେଳକ—ସଂ. ବି—ଘୋଡ଼ା—A horse (Apte).
Prachelaka ସଂ. ବିଣ—ଯେ ବହୁତ ଚାଲେ (ହି. ଶ)—
Moving or walking too much.

ପ୍ରଚୋଦକ—ସଂ. ବିଣ. ପୁଂ. (ପ୍ର+ଚୁଦ୍ ଧାତୁ=ପ୍ରେରଣ କରିବା+ କର୍ତ୍ତୃ. ଅକ)—୧ । ପ୍ରେରଣକାରୀ—
Prachodaka
(ପ୍ରଚୋଦିକା—ସ୍ତ୍ରୀ) 1. Sending.
୨ । ଉତ୍ତେଜକ—2. Inciting; stimulating; stimulant.

ପ୍ରଚୋଦନ(ନା)—ସଂ. ବି. (ପ୍ର+ଚୁଦ୍ ଧାତୁ=ପ୍ରେରଣ କରିବା+ଭାବ. ଅନ+ଆ)—୧ । ପ୍ରେରଣ—
Prachodana(nā)
(ପ୍ରଚୋଦ—ଅନ୍ୟରୂପ) 1. Sending; deputing.
୨ । ନିର୍ଦ୍ଦେଶ—2. Directing; enjoining.
୩ । ଆଦେଶ—3. Prescribing; command, order.
୪ । ନିୟମ; ଆଇନ—4. Rule law.
୫ । ଉତ୍ତେଜନ—5. Inciting stimulating.

ପ୍ରଚୋଦିତ—ସଂ. ବିଣ. (ପ୍ର+ଚୁଦ୍ ଧାତୁ+କର୍ମ. ତ)—୧ । ନିୟୋଜିତ—
Prachodita 1. Engaged.
(ପ୍ରଚୋଦନ—ଦ୍ର) ୨ । ପ୍ରେରିତ—2. Sent; diputed.
୩ । ପ୍ରଣୋଦିତ—3 Prescribed.
୪ । ଆଦିଷ୍ଟ—4 Directed.
୫ । ଉତ୍ତେଜିତ—5 Incited; stimulated.

ପ୍ରଚ୍ଛ୍ (ଧାତୁ)—ସଂ—୧ । ପଚାରିବା—
Prachchh (root) 1 To ask; to question; to enquire,
୨ । ଜାଣିବାକୁ ଇଚ୍ଛା କରିବା—
2. To desire to know.

ପ୍ରଚ୍ଛକ—ସଂ. ବିଣ. ପୁଂ. (ପ୍ରଚ୍ଛ୍ ଧାତୁ+କର୍ତ୍ତୃ. ଅକ)—
Prachchhaka ପ୍ରଶ୍ନକାରୀ— Questioning.
(ପ୍ରଚ୍ଛିକା—ସ୍ତ୍ରୀ)

ପ୍ରଚ୍ଛଦ—ସଂ. ବି. (ପ୍ର+ଛଦ୍ ଧାତୁ=ଆବରଣ କରିବା+କରଣ. ଅ; ସନ୍ଧି ଯୋଗୁଁ 'ଛ' ସ୍ଥାନରେ 'ଚ୍ଛ'; 'ପାଛୁଡ଼ା' ଏହାର ଅପଭ୍ରଂଶ)—୧ । ଆଚ୍ଛାଦନ—
Prachchhada
ପ୍ରଚ୍ଛାଦ }
ପ୍ରଚ୍ଛାଦନ } ଅନ୍ୟରୂପ 1. A cover.
ପ୍ରଚ୍ଛନ୍ନ }
ପ୍ରଚ୍ଛାଦିତ } ବିଣ ୨ । ଆବରଣ ବସ୍ତ୍ର—
2. A wrapper; a cloak.
୩ । ବିଛଣା ଚଦର —3. Bed-cover.
୪ । କମ୍ବଳ (ହି. ଶ.)—4. Blanket.
୫ । ଚୋଗା (ହି. ଶ.)—5. Chogah.
୬ । (+ଭାବ. ଅ) ଆଚ୍ଛାଦନ—
6. The act of covering.

ପ୍ରଚ୍ଛଦପଟ—ସଂ. ବି. (ମ. ପ. ଲୋ. କର୍ମଧା; ପ୍ରଚ୍ଛଦରୂପେ ବ୍ୟବହୃତ ବସ୍ତ୍ର)—୧ । ଆବରଣ ବସ୍ତ୍ର—
Prachchhadapata
1. A cloak; a wrapper.
୨ । ପାଛୁଡ଼ା—2. An upper sheet.
୩ । ଓଢ଼ଣା—3. A veil.
୪ । ପରଦା—4. A curtain.
୫ । ବହିର ମଲାଟ—5. The cover of a book.

ପ୍ରଚ୍ଛନା—ସଂ. ବି. (ପ୍ରଚ୍ଛ୍ ଧାତୁ+ଭାବ. ଅନ+ଆ)—ପ୍ରଶ୍ନ; ଜିଜ୍ଞାସା
Prachchhanā (ଜ୍ଞାନେନ୍ଦ୍ର)—Questioning.

ପ୍ରଚ୍ଛନ୍ନ—ସଂ. ବିଣ. (ପ୍ର+ଛଦ୍ ଧାତୁ+କର୍ମ. ତ; ସନ୍ଧି ଯୋଗୁଁ 'ଛ' ସ୍ଥାନରେ 'ଚ୍ଛ')—୧ । ଲୁକ୍କାୟିତ; ଗୁପ୍ତ—
Prachchhanna
1. Concealed; hidden; secret; covert.
୨ । ଆବୃତ—2. Covered.
ସଂ. ବି—ଗୁପ୍ତଦ୍ୱାର; ଚୋର କବାଟ—
A loop-hole; a trap-door; a secret door.

ପ୍ରଚ୍ଛନ୍ନଚାରୀ—ସଂ. ବିଣ. ପୁଂ—୧ । ଗୁପ୍ତଭାବରେ ବିଚରଣକାରୀ—
Prachchhannachāri 1. Moving in disguise.
ପ୍ରଚ୍ଛନ୍ନଚରେ—ଅନ୍ୟରୂପ ୨ । ଅଲକ୍ଷିତ; ଗୁପ୍ତ—
(ପ୍ରଚ୍ଛନ୍ନଚାରିଣୀ—ସ୍ତ୍ରୀ) 2. Secret; latent.
ସଂ. ବି. ପୁଂ—ଗୁପ୍ତଚର—Spy; secret emissary.

ପ୍ରଚ୍ଛନ୍ନତାପ—ସଂ. ବି. (ବିଜ୍ଞାନପରିଭାଷା)—ଯେଉଁ ତାପ କୌଣସି ବସ୍ତୁରେ ଅପ୍ରକାଶ୍ୟଭାବରେ ଥାଏ ମାତ୍ର ତାପମାନ ଯନ୍ତ୍ର ବା ଅନ୍ୟ ପଦାର୍ଥରେ ତାହାର କାର୍ଯ୍ୟ ସ୍ପଷ୍ଟଭାବରେ ପ୍ରକାଶ ପାଏ—Latent heat.
Prachchhannatāpa

ପ୍ରଚ୍ଛନ୍ନବେଶ—ସଂ. ବି (କର୍ମଧା; ପ୍ରଚ୍ଛନ୍ନ+ବେଶ)—ଯେଉଁ ବେଶଦ୍ୱାରା ନିଜର ସ୍ୱରୂପକୁ ଗୋପନ କରାଯାଏ—
Prachchhannabeśa
(ପ୍ରଚ୍ଛନ୍ନବେଶା—ସ୍ତ୍ରୀ) Mask; a disguise.

ସଂ. ବଣ. ପୁଂ (ବହୁବ୍ରୀହି)—ବେଶଦ୍ୱାରା ନିଜର ସ୍ୱରୂପକୁ ଗୋପନ କରିଥିବା (ବ୍ୟକ୍ତି)—
(a person) Wearing a mask; disguised.

ପ୍ରଚ୍ଛନ୍ନବେଶୀ—ସଂ. ବଣ. ପୁଂ (ପ୍ରଚ୍ଛନ୍ନବେଶ+ଇନ୍; ୧ମା ୧ବ)—
Prachchhannabesi ପ୍ରଚ୍ଛନ୍ନବେଶଧାରୀ; ଗୁପ୍ତବେଶ ଧରିଥିବା—
(ପ୍ରଚ୍ଛନ୍ନବେଶିନୀ—ସ୍ତ୍ରୀ) Wearing a mask.

ପ୍ରଚ୍ଛର୍ଦ(ର୍ଦ୍ଦ)ନ—ସଂ. ବି. (ପ୍ର+ଛର୍ଦ୍ ଧାତୁ+ଭାବ. ଅନ)—୧। ରେଚନ;
Prachchharda(rdda)na ଶ୍ୱାସକୁ ନାକବାଟେ ଛାଡ଼ିବା—
1. Exhalation.
୨। ବମନ—2. Vomiting.

ପ୍ରଚ୍ଛର୍ଦି(ର୍ଦ୍ଦି)କା—ସଂ. ବି (ପ୍ର+ଛର୍ଦ୍ ଧାତୁ+କର୍ତ୍ତୃ. ଅ+ଆ)—
Prachchhardi(rddi)kā ୧। ବମନକାରକ ଔଷଧ (ହି. ଶ)—
1. A medicine which causes vomiting; a nauseating medicine.
୨। ବମନ; ବାନ୍ତି; ବାନ୍ତି (ହି. ଶବ୍ଦସାଗର)—
2. Vomiting.

ପ୍ରଚ୍ଛାଦକ—ସଂ. ବି. (ପ୍ର+ଛଦ୍ ଧାତୁ ଣିଚ୍+କର୍ତ୍ତୃ. ଅକ)—ସ୍ୱାମି-
Prachchhādaka ପରିତ୍ୟକ୍ତା ସ୍ତ୍ରୀର ବିଳାପସୂଚକ ଗୀତ—
The wailing song of a wife deserted by her husband.

ପ୍ରଚ୍ଛାଦନ—ସଂ. ବି (ପ୍ର+ଛଦ୍ ଧାତୁ ଣିଚ୍+କର୍ମ. ଅନ)—୧। ଉପରେ
Prachchhādana ଘୋଡ଼ାଇବା—1. Covering over.
(ପ୍ରଚ୍ଛାଦିତ—ବଣ) ୨। ଲୁଚାଇବା—2 The act of hiding
୩। ପ୍ରଚ୍ଛଦ (ଦେଖ)—3. Prachchhada (See)

ପ୍ରଚ୍ଛାୟ—ସଂ. ବି (ପ୍ର+ଛାୟା)—ପ୍ରକୃଷ୍ଟ ଛାୟା—
Prachchhāya Deep shade; umbra.

ପ୍ରଚ୍ଛିନ୍ନ—ଗ୍ରା. ବଣ. (ପ୍ରାଚୀନ ପଦ୍ୟ) (ସଂ. ପ୍ରଚ୍ଛନ୍ନ)—୧। ପ୍ରଚ୍ଛନ୍ନ; ଗୁପ୍ତ;
Prachhinna ଲୁକ୍କାୟିତ—1. Hidden; concealed.
ସେ ପରେ ମନ୍ତ୍ର ଯନ୍ତ୍ର ପୁଣ; ସକଳ ପ୍ରଚ୍ଛିନ୍ନ ପ୍ରମାଣ—
ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା।
୨। ଆବୃତ—2. Covered.
୩। (ସଂ. ପରିଚ୍ଛିନ୍ନ=ନିର୍ଣ୍ଣୀତ) ସୁସ୍ପଷ୍ଟ, ବ୍ୟକ୍ତ—
3. Very clear; apparent.
ନିର୍ଣ୍ଣୟ କୋନ ଏ ପ୍ରଚ୍ଛିନ୍ନ; ସ୍ୱାଧୀନରେ ଭୁମ୍ଭେ ଶୁଣ—
ଚ୍ୟୁତୀ. ନିର୍ଣ୍ଣୟମାଧୁରୀ।

ପ୍ରଜ—ସଂ ବି. (ପ୍ର+ଜନ୍ ଧାତୁ=ଜାତ ହେବା+କର୍ତ୍ତୃ. ଅ; ଯେ
Praja ଜାୟାଠାରେ ପ୍ରବେଶ କରି ପୁନର୍ବାର ସନ୍ତାନରୂପ ଧରି ଜନ୍ମଗ୍ରହଣ କରେ)—ସ୍ୱାମୀ; ପତି—Husband.

ପ୍ରଜଂଘ—ସଂ. ବି. (ନାମ) (ପ୍ର=ପ୍ରକୃଷ୍ଟ+ଜଂଘା ଯାହାର)—ରାବଣର
Prajaṁgha ସେନାପତି ରାକ୍ଷସବିଶେଷ—
Name of a demon commander of Rābaṇa.

ପ୍ରଜନ—ସଂ. ବି. (ପ୍ର+ଜନ୍ ଧାତୁ+ଣିଚ୍+ଭାବ. ଅ)—
Prajana ୧। ଗର୍ଭ କରିବା; ଉତ୍ପାଦନ କରିବା; ସ୍ତ୍ରୀଗର୍ଭରେ ସନ୍ତାନ ଉତ୍ପାଦନ କରିବା—1. Impregnating; begetting.
୨। ଗବାଦିଙ୍କର ମୈଥୁନାଦିଯୋଗ; ପଶୁମାନଙ୍କର ଜୋଡ଼ ଖାଇବା—2. Impregnation of cattle; mating of beasts.
୩। ପଶୁମାନଙ୍କର ଗର୍ଭଗ୍ରହଣ କାଳ; ପଶୁମାନଙ୍କର ବଳ ପିବା—
3. The season of a cow taking a bull; heat; the periodic time of sexual excitement of female animals.
୪। (+କର୍ତ୍ତୃ. ଅ)—ପୂର୍ବପୁରୁଷ—4. Ancestor.
୫। ଜନ୍ମଦାତା; ଜନକ—5. Progenitor; father; begetter.
୭। (+କରଣ. ଅ)—ଲିଙ୍ଗ; ପୁରୁଷେନ୍ଦ୍ରିୟ (ହି. ଶ)—
7. Penis; male organ.

ପ୍ରଜନନ—ସଂ. ବି. (ପ୍ର+ଜନ୍ ଧାତୁ ଣିଚ୍+ଭାବ. ଅନ)—
Prajanana ୧। ଗର୍ଭ ଉତ୍ପାଦନ; ସ୍ତ୍ରୀଗର୍ଭରେ ସନ୍ତାନ ଆଧାନ—
1. Impregnation; procreation.
୨। ଯୋନି—2. Vulva; female organ.
୩। ଜନ୍ମ—3. Birth; production; generation.
୪। (ସୂତିକା) ଧାତ୍ରୀକର୍ମ (ହି ଶ)—4. Mid-wifery.

ପ୍ରଜନନ ବିଦ୍ୟା—(ଆଧୁନିକ ପ୍ରୟୋଗ) - ଯେଉଁ ଶାସ୍ତ୍ରରେ ଜନ୍ମବିଷୟକ
Prajanana bidyā ତଥ୍ୟମାନଙ୍କର ଅନୁଶୀଳନ କରାଯାଏ—
(ପ୍ରଜନନ ବିଜ୍ଞାନ—ଅନ୍ୟରୂପ) The science of eugenics; the science of mid-wifery; obstetrics.

ପ୍ରଜନିକା—ସଂ. ବି. ସ୍ତ୍ରୀ (ପ୍ର+ଜନ ଧାତୁ+କର୍ତ୍ତୃ. ଅକ) - ଜନନୀ; ମାତା-
Prajanikā Mother.

ପ୍ରଜନିଷ୍ଣୁ—ସ ବଣ. (ପ୍ର+ଜନ୍ ଧାତୁ+କର୍ତ୍ତୃ. ଇଷ୍ଣୁ)—ଜନନଶୀଳ—
Prajanishṇu Prolific; productive; generative.

ପ୍ରଜଳ୍ପ—ସ. ବି.—(ପ୍ର+ଜଳ୍ପ୍ ଧାତୁ+ଅ)—୧। ଗପସପ; ବ୍ୟର୍ଥଗଳ୍ପ-
Prajalpa 1. Prattle; gossip.
(ପ୍ରଜଳ୍ପନ—ଅନ୍ୟରୂପ) ୨। ଆପଣାର ପ୍ରିୟ ବ୍ୟକ୍ତିର ପ୍ରସନ୍ନତା ଉତ୍ପାଦନାର୍ଥ କଥିତ ବାକ୍ୟ—(ହି. ଶବ୍ଦସାଗର)—
2. Words uttered to please one's dear ones.

ପ୍ରଜା—ସ. ବି. (ପ୍ର+ଜନ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—୧। ରାଜ୍ୟ-
Prajā ବାସୀ ଲୋକ—1. The people of a kingdom; the subjects.
୨। ରଇତ—2. Tenant.
୩। ଜନ; ନର—3. Person; individual.
୪। ପ୍ରାଣୀ—4. Animal; living being.
୫। ସନ୍ତାନସନ୍ତତି; ଅପତ୍ୟ—
5. Offspring; progeny.
ଦେ. ବି.—ଯେ ଜମିଦାର ଅଧୀନରେ ଜମି ଚାଷ କରେ—
A raiyat; a person cultivating land under a landlord; tenant.

[ଦ୍ର—ପୂର୍ବକାଳରେ ରାଜ୍ୟର ସମସ୍ତ ଜମି ରାଜାଙ୍କର ଥିଲା ଏବଂ ପ୍ରଜାମାନେ ଜମି ଚାଷ କରି ଉତ୍ପନ୍ନ ଶସ୍ୟର ଅଂଶ ବା ତତ୍ପରିମିତ ଧନ ରାଜାଙ୍କୁ କରରୂପେ ଦେଉଥିଲେ । ବର୍ତ୍ତମାନ ପ୍ରଜାଙ୍କଠାରୁ ରାଜକର ଆଦାୟ କରିବା ପାଇଁ ଇଂରାଜ ସରକାର 'ଜମିଦାର' ଓ 'ମଧ୍ୟସ୍ୱତ୍ୱାଧିକାରୀ' ଶ୍ରେଣୀ ସୃଷ୍ଟି କରିଅଛନ୍ତି । ଜମିଦାର ବା ମଧ୍ୟସ୍ୱତ୍ୱାଧିକାରୀମାନେ ପ୍ରଜାଙ୍କଠାରୁ କର ଆଦାୟ କରି ତହିଁରୁ ଆପଣାର ନିର୍ଦ୍ଦିଷ୍ଟ ପାରିଶ୍ରମିକ ବା ମାଲିକାନା କାଟି ରଖି ବାକି ଟଙ୍କା ସରକାରରେ ଦାଖଲ କରନ୍ତି ବା ମଧ୍ୟସ୍ୱତ୍ୱାଧିକାରୀମାନେ ତାଙ୍କ ପ୍ରଜାମାନଙ୍କଠାରୁ ଖଜଣା ଆଦାୟ କରି ଆପଣାର ପାରିଶ୍ରମିକ କାଟି ରଖି ଜମିଦାରଙ୍କୁ ଦିଅନ୍ତି । ଜମିଦାର ଏ କାର୍ଯ୍ୟ ପାଇଁ ତାଙ୍କର ପାରିଶ୍ରମିକ ମଧ୍ୟ କାଟି ରଖନ୍ତି । ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ଚଳାଚଳର ସୁବିଧା ପାଇଁ ସରକାର ପ୍ରଜାସ୍ୱତ୍ୱ ଆଇନ କରିଅଛନ୍ତି । ଏ ଆଇନଦ୍ୱାରା ପ୍ରଜାମାନଙ୍କୁ ଭିନ୍ନ ଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇ ଅଛି— ସ୍ଥିତିବାନ୍; ଦଖଲସତ୍ତ୍ୱଶୂନ୍ୟ, ସିକମି, ଚନ୍ଦନା, ଭାଗଦାରି ନଗଦ ଓ ଉଠିବାନ୍ଦି । ମଝିରେ ମଝିରେ ସରକାର ସେଟଲମେଣ୍ଟ କରି ପ୍ରଜାର ଜମି, ଜମା ଓ ସ୍ୱତ୍ୱ ତଦନ୍ତ କରି ସ୍ୱତ୍ୱଲିପି ପ୍ରସ୍ତୁତ କରନ୍ତି ଓ ତାହାର ନକଲ ଜମିଦାର ବା ମଧ୍ୟସ୍ୱତ୍ୱାଧିକାରୀ ଓ ପ୍ରଜା ଉଭୟଙ୍କୁ ଦିଅନ୍ତି । ଜମିଦାରମାନେ ସରକାରରେ ନିଯୁକ୍ତିରୂପେ ରାଜସ୍ୱ ଦାଖଲ କରିବା ପାଇଁ ସରକାରଙ୍କ ସପକ୍ଷରେ କେତେକ ସର୍ତ୍ତସମ୍ବଳିତ କବୁଲିୟତ ସମ୍ପାଦନ କରି ଦିଅନ୍ତି ।]

ପ୍ରଜାକାମ—ସଂ. ବିଣ. ପୁ. (ବହୁବ୍ରୀହି; ପ୍ରଜା+କାମ=କାମନା)—
Prajā kāma ସନ୍ତାନାର୍ଥୀ; ଆପଣାର ସନ୍ତାନ ହେବା ପାଇଁ ଯେ (ପ୍ରଜାକାମା—ସ୍ତ୍ରୀ) କାମନା କରେ—Desirous of getting an offspring.

ପ୍ରଜାକାମନା—ସଂ. ବି. (୪ର୍ଥୀ ତତ୍; ପ୍ରଜା+କାମନା)—ସନ୍ତାନଲାଭେଚ୍ଛା—
Prajā kāmanā Desire for having an offspring.

ପ୍ରଜାକାମୀ—ସଂ. ବିଣ. ପୁଂ (ପ୍ରଜାକାମ+ଇନ୍; ୧ମା, ୧ବ)—
Prajā kāmi ପ୍ରଜାକାମ (ଦେଖ)—Prajā kāma (See)
(ପ୍ରଜାକାମିନୀ—ସ୍ତ୍ରୀ)

ପ୍ରଜାଗର—ସଂ. ବି.—୧ । (ପ୍ର+ଜାଗୃ ଧାତୁ=ଚେଇଁବା+ଭାବ. ଅ)—
Prajāgara ୧ । ଜାଗରଣ—1. Waking.
୨ । (+କର୍ତ୍ତୃ. ଅ) ବିଷ୍ଣୁ—2. Bishṇu.
ସଂ. ବିଣ.—୧ । ଯେ ଚେଇଁ ଥାଏ; ଜାଗରୂକ—
1. Watching; wakeful.
୨ । ସତର୍କ—2. Cautious; watchful.

ପ୍ରଜାତନ୍ତୁ—ସଂ. ବି. (ମ. ପ. ଲୋ. କର୍ମଧା; ପ୍ରଜା+ତନ୍ତୁ)—
Prajātantu ୧ । ବଂଶ; କୁଳ 1. Line of descendants; lineage.
୨ । ସନ୍ତାନ—2. Offspring.

ପ୍ରଜାତନ୍ତ୍ର—ସଂ. ବି. (ମ. ପ. ଲୋ. କର୍ମଧା; ପ୍ରଜା+ତନ୍ତ୍ର; ପ୍ରଜାପରିଚାଳିତ
Prajātantra ତନ୍ତ୍ର)—ପ୍ରଜାମାନଙ୍କଦ୍ୱାରା ପରିଚାଳିତ ରାଜ୍ୟଶାସନ ପ୍ରଣାଳୀ—Republicanism; democracy; commonwealth; democratic form of government.
ସଂ. ବିଣ. (ବହୁବ୍ରୀହି)—ପ୍ରଜାମାନଙ୍କଦ୍ୱାରା କରାଯିବା ଶାସନ-ସମ୍ବନ୍ଧୀୟ—Democratic; republican.

ପ୍ରଜାତା—ସଂ. ବି.—ଗର୍ଭବତୀ ସ୍ତ୍ରୀ—
Prajātā A woman big with a child.

ପ୍ରଜାତୀର୍ଥ—ସଂ. ବି.—ଜାତକର୍ମ ଉତ୍ସବକାଳ—The auspicious
Prajā tirtha moment of celebrating a birth.
ଧର୍ମ ତନୟ ସୁତ ଚକ୍ଷେ, ଦକ୍ଷିଣା ଦେଲେ ପ୍ରଜାତୀର୍ଥେ ।
ଜଗନ୍ନାଥ. ଭାଗବତ ।

ପ୍ରଜାଦ—ସଂ. ବିଣ. (ପ୍ରଜା+ଦା ଧାତୁ+ଅ)—
Prajāda ୧ । ସନ୍ତାନଦାତା—1. Granting progeny.
(ପ୍ରଜାଦା—ସ୍ତ୍ରୀ) ୨ । ବନ୍ଧ୍ୟାତ୍ୱନିବାରକ—
2. Removing barrenness.
୩ । ଗର୍ଭଦ—3 Bringing about conception.

ପ୍ରଜାଦାନ—ସଂ. ବି. (୬ଷ୍ଠୀ ତତ୍; ପ୍ରଜା+ଦାନ)—ରୌପ୍ୟ—
Prajādāna Silver.

ପ୍ରଜାଧର୍ମ—ସଂ. ବି. (୬ଷ୍ଠୀ ତତ୍; ପ୍ରଜା+ଧର୍ମ)—
Prajādharma ୧ । ପିତାମାତାଙ୍କ ପ୍ରତି ସନ୍ତାନର କର୍ତ୍ତବ୍ୟ—
1. The duties of children towards their parents.
୨ । ରାଜାଙ୍କ ପ୍ରତି ପ୍ରଜାମାନଙ୍କର କର୍ତ୍ତବ୍ୟ—
2. The duties of subjects towards their king.

ପ୍ରଜାନାଥ—ସଂ. ବି. (୬ଷ୍ଠୀ ତତ୍; ପ୍ରଜା+ନାଥ)—
Prajānātha ୧ । ରାଜା—1. King.
୨ । ବ୍ରହ୍ମା—2. Brahmā.
୩ । ମନୁ—3. Manu.
୪ । ଦକ୍ଷ—4. Daksha.

ପ୍ରଜାନ୍ତକ—ସଂ. ବି. (୬ଷ୍ଠୀ ତତ୍; ପ୍ରଜା+ଅନ୍ତକ)—
Prajāntaka ୧ । ଅତ୍ୟାଚାରୀ ରାଜା—
1. An oppressive king; tyrant.
୨ । ଯମ—2. The God of death.
ସଂ. ବିଣ—ପ୍ରଜାପୀଡ଼କ—Oppressive; tyranical.

ପ୍ରଜାପତି—ସଂ. ବି. (୬ଷ୍ଠୀ ତତ୍; ପ୍ରଜା=ଲୋକସକଳ+ପତି)—
Prajāpati ୧ । ସ୍ରଷ୍ଟା; ବ୍ରହ୍ମା—1. Brahmā; the creator of men.
୨ । ବ୍ରହ୍ମାଙ୍କର ୧୦ ଜଣ ମାନସ ପୁତ୍ର (ଯେଉଁମାନେ ପୃଥିବୀର ଜୀବଜଗତର ଆଦିପୁରୁଷ)—
2 The progenitors of the animal kingdom.
[ଦ୍ର—ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ, ଭୃଗୁ, ଦକ୍ଷ (ମତାନ୍ତରରେ ପ୍ରଚେତାଃ) ଓ ନାରଦ ଏହି ୧୦ ଜଣ ଋଷି ବ୍ରହ୍ମାଙ୍କର ମାନସ ପୁତ୍ର ।]
୩ । ରାଜା—3 King.
୪ । ପିତା; ଜନକ—4 Father.
୫ । ଜାମାତା—5. Son-in-law.
୬ । ଦିବାକର; ସୂର୍ଯ୍ୟ—6. The sun.

୭ । ଅଗ୍ନି—7. Fire.

୮ । ବିଶ୍ୱକର୍ମା—8. The divine architect.

୯ । ବିଷ୍ଣୁ—9. Bishnu

୧୦ । ଲିଙ୍ଗ—10. Penis

୧୧ । ଯଜ୍ଞ—11. Sacrifice.

୧୨ । ମନୁ (ହ୍ର. ଶ)—12. Manu.

୧୩ । ଗୃହକର୍ତ୍ତା (ହ୍ର. ଶ)—
13. The head or master of a family.

୧୪ । ନକ୍ଷତ୍ରବିଶେଷ (ହ୍ର. ଶବ୍ଦସାଗର)—
14. Name of a star.

୧୫ । ପ୍ରାଜାପତ୍ୟ ବିବାହ (ହ୍ର. ଶ)—
15. Prājāpatya marriage.

प्रजापति ଦେ. ବି. (ସ. ପ୍ରଜାପାଳ)—

पौंका, बौंका, तितली ୧ । ବେଣୁପତ୍ରୀ; ଷଟ୍‌ପଦୀ ପତଙ୍ଗବିଶେଷ—
1. Butter-fly; moth.

[ଦ୍ର—ପ୍ରଜାପତିର ପ୍ରଥମ ଅବସ୍ଥା ଡିମ୍ବ; ତା ପରେ ଫୁଟି କୀଟ ଏବଂ ତତ୍ପରେ ଉକ୍ତ କୀଟ ଗୋଟିଏ ଖୋଳ ବା ଗୋଟି ବାନ୍ଧି ସେ ଗୋଟିରେ କିଛି ଦିନ ରହିବା ପରେ ତାକୁ ଫୁଟାଇ ତହିଁ ମଧ୍ୟରୁ ପକ୍ଷ ଯୁକ୍ତ ହୋଇ ପ୍ରଜାପତିରୂପେ ବାହାରେ । ଭିନ୍ନ ଭିନ୍ନ ଜାତୀୟ ପ୍ରଜାପତିଙ୍କ ଗୋଟିରୁ ରେଶମ, ତସର, ଏଣ୍ଡି, ମୁଗା ଆଦିର ତନ୍ତୁ ବାହାରେ ।

ଏହାର ପକ୍ଷ ନାନା ବର୍ଣ୍ଣ; ଅଙ୍ଗ ପୁଷ୍ପପରାଗବତ୍ ରେଣୁମୟ । ଏହାର ରେଫ ବା ନଳ ଅଛି ।]

୨ । (ବଣିଆ ଶବ୍ଦ) ପ୍ରଜାପତି ଆକୃତିର ସୁନା ବା ରୁପାର ଅଳଙ୍କାର ବିଶେଷ (ଯାହାକୁ ସ୍ତ୍ରୀ ଲୋକେ ମୁଣ୍ଡରେ ପିନ୍ଧନ୍ତି)—
2. A butterfly-shaped ornament for the hair.

ପ୍ରଜାପାଳ—ସଂ. ବି. (ଉପପଦ ତତ୍ପୁରୁଷ; ପ୍ରଜା+ପାଳ୍ ଧାତୁ)—
Prajāpāla ୧ । ନ୍ୟାୟମାର୍ଗରେ ପ୍ରଜାଙ୍କ ପାଳକ ରାଜା—
(ପ୍ରଜାପାଳକ—ଅନ୍ୟରୂପ) 1. Just and righteous king; a real protector of the people.

୨ । ପ୍ରଜାପତି—2. Butterfly.

ସଂ. ବିଣ—ନ୍ୟାୟମାର୍ଗରେ ପ୍ରଜାପାଳନ କରୁଥିବା (ରାଜା)—
(a king) Protecting one's subjects righteously.

ପ୍ରଜାପାଳନ—ସଂ. ବି. (୬ଷ୍ଠୀ ତତ୍; ପ୍ରଜା+ପାଳନ)—
Prajāpālana ୧ । ସନ୍ତାନପାଳନ; ଶିଶୁଙ୍କ ଯତ୍ନପୂର୍ବକ ବଢ଼ାଇବା—1. The bringing up of the children.

୨ । ରାଜ୍ୟର ପ୍ରଜାମାନଙ୍କୁ ରକ୍ଷା କରିବା—
2. Protecting one's subjects.

ପ୍ରଜାପୀଡ଼କ—ସଂ. ବି. (ଉପପଦ ତତ୍ପୁରୁଷ; ପ୍ରଜା+ପୀଡ଼କ)—
Prajāpirdaka ଅତ୍ୟାଚାରୀ ରାଜା—A tyrant; an oppressive king.

ସଂ. ବିଣ—ଅତ୍ୟାଚାରୀ (ରାଜା); ଯେ ପ୍ରଜାମାନଙ୍କ ଉପରେ ନାନାପ୍ରକାର ଜୁଲମ କରେ—Oppressive; tyranical.

ପ୍ରଜାପୀଡ଼ା—ସଂ. ବି. (୬ଷ୍ଠୀ ତତ୍; ପ୍ରଜା+ପୀଡ଼ା)—
Prajāpirdā ପ୍ରଜାଙ୍କ ଉପରେ ରାଜାଙ୍କ ଅତ୍ୟାଚାର—
(ପ୍ରଜାପୀଡ଼ନ—ଅନ୍ୟରୂପ) Oppression of the subjects by a king or ruler.

ପ୍ରଜାପୁଞ୍ଜ—ସଂ. ବି. (ପ୍ରଜା+ପୁଞ୍ଜ; ୬ଷ୍ଠୀ ତତ୍) —ପ୍ରଜାସମୂହ—
Prajā punja The body of subjects of a kingdom.
[ପ୍ରଜାବୃନ୍ଦ, ପ୍ରଜାମଣ୍ଡଳ(ଳୀ)—ଅନ୍ୟରୂପ]

ପ୍ରଜାଫୁଟ୍—ପ୍ରାଦେ. (ଯାଜପୁର) ବି—
Prajāphut ଅତି ଗୁପ୍ତ କଥାର ସର୍ବତ୍ର ପ୍ରକାଶ—
Publication of a secret.
(ଯଥା—ଏ କଥାଟା ଅଳ୍ପ ଦିନେ ପ୍ରଜାଫୁଟ୍ ହୋଇଯିବ ।)

ପ୍ରଜାବତୀ—ସ. ବି. ସ୍ତ୍ରୀ—(ପ୍ରଜା+ଅଛି ଅର୍ଥରେ ବତ୍+ସ୍ତ୍ରୀ. ଈ)—
Prajābati ୧ । ଭ୍ରାତୃଜାୟା—1 Brother's wife.

୨ । ଜ୍ୟେଷ୍ଠଭ୍ରାତୃଜାୟା; ଭାଉଜ—
2. An elder brother's wife.

୩ । ସନ୍ତାନବତୀ; ପୁଅଝିଅ ଥିବା ମାଆ—3. A mother of children; a woman blessed with children.

୪ । ଗର୍ଭବତୀ ସ୍ତ୍ରୀ—
4. A pregnant woman.

୫ । (ନାମ) ପ୍ରିୟବ୍ରତ ରାଜାଙ୍କ ସ୍ତ୍ରୀ (ହ୍ର. ଶ)—
4. Name of the wife of king Priyabrata.

ସ. ବିଣ. ସ୍ତ୍ରୀ—୧ । ଗର୍ଭବତୀ—
1. Pregnant (Howells)

୨ । ସନ୍ତାନସନ୍ତତିସମ୍ପନ୍ନା (ମାତା)—
2. (a woman) Blessed with children.

ପ୍ରଜାବତ୍ସଳ—ସ. ବିଣ. ପୁଂ—ପ୍ରଜାଙ୍କୁ ପୁତ୍ରନିର୍ବିଶେଷରେ ପାଳନ କରୁଥିବା (ରାଜା)—(a king) Who looks upon the subjects as his sons.
Prajābatsala
(ପ୍ରଜାବତ୍ସଳା—ସ୍ତ୍ରୀ
(ପ୍ରଜାବତ୍ସଳତା; ପ୍ରଜାବାତ୍ସଲ୍ୟ—ବି)

ପ୍ରଜା ବସା(ସେ)ଇବା—ଦେ. କ୍ରି—୧ । ଖଜଣା ନେଇ କୌଣସି ଜମିକୁ ପ୍ରଜା ଚାଷ କରିବା ସକାଶେ ପ୍ରଜା ସଙ୍ଗେ ବନ୍ଦୋବସ୍ତ କରିବା—
Prajā basā(se)ibā
(ପ୍ରଜାବିଲି କରିବା—ଅନ୍ୟରୂପ)
प्रजाबसान, प्रजाबिलिकरना 1. To settle lands with
प्रजाबिलिकरना tenants; to let out lands to rayats.

୨ । ପତିତ ଜମିକୁ ଆବାଦ କରିବା ପାଇଁ ଓ ତହିଁରେ ଘରଦ୍ୱାର କରି ରହିବା ପାଇଁ ଅନ୍ୟ ଅଞ୍ଚଳରୁ ପ୍ରଜାଙ୍କୁ ଆଣାଇ କୌଣସି ଜମିରେ ରଖାଇବା—2. To settle tenants on waste lands.

ପ୍ରଜାବିଲି—ଦେ. ବି—ଖଜଣା ନେଇ କୌଣସି ଜମିକୁ ପ୍ରଜା ଚାଷ କରିବେ ବୋଲି ପ୍ରଜା ସଙ୍ଗେ ଜମିଦାରର ବନ୍ଦୋବସ୍ତ—
Prajābili
प्रजाबिलि Settling of any land with tenants;
प्रजाबिलि letting out lands to raiyats.

ପ୍ରଜାବୃଦ୍ଧି—ସଂ. ବି—(୬ଷ୍ଠୀ ତତ୍; ପ୍ରଜା+ବୃଦ୍ଧି)—୧ । ସନ୍ତାନବୃଦ୍ଧି—
Prajābṛuddhi 1. Increase of offspring.
୨ । ରାଜ୍ୟର ଲୋକସଂଖ୍ୟାର ବୃଦ୍ଧି—

ପ୍ରଜାମେଲି—ଦେ. ବି—ଜମିଦାରଙ୍କ ବିରୋଧରେ ପ୍ରଜାମାନଙ୍କର ଏକ
Prajāmeḷi ବିଷୟରେ ଦଳଗଠନ—A rising of the
প্রজামেলি raiyats against a Zamindar or ruler.
বলৱা (ପ୍ରଜାବିଦ୍ରୋହ—ଅନ୍ୟରୂପ)

ପ୍ରଜାୟିନୀ—ସଂ. ବି. ସ୍ତ୍ରୀ—(ପ୍ର + ଜନ୍ ଧାତୁ = ଉତ୍ପନ୍ନ ହେବା + କର୍ତ୍ତୃ.
Prajāyini ଇନ୍ + ସ୍ତ୍ରୀ. ଈ)—ସନ୍ତାନଜନନୀ; ମାତା; ପ୍ରସୂତି—
Mother; one who has recently given birth to a child.

ପ୍ରଜାରଞ୍ଜକ—ସଂ. ବିଣ. ପୁଂ—(ଉପପଦ ତତ୍ପୁରୁଷ; ପ୍ରଜା + ରଞ୍ଜକ)—
Prajārañjaka ରାଜ୍ୟର ପ୍ରଜାଙ୍କ ମନୋରଞ୍ଜନକାରୀ; ପ୍ରଜାଙ୍କର
(ପ୍ରଜାରଞ୍ଜିକା—ସ୍ତ୍ରୀ) ସୁଖ, ଶାନ୍ତି ଓ ଆନନ୍ଦବିଧାୟକ—
Keeping the subjects contented.

ପ୍ରଜାରଞ୍ଜନ—ସଂ. ବି—(୬ଷ୍ଠୀ ତତ୍; ପ୍ରଜା+ ରଞ୍ଜନ)—ରାଜ୍ୟର
Prajārañjana ପ୍ରଜାମାନଙ୍କର ସୁଖ, ଶାନ୍ତି ଓ ଆନନ୍ଦ-ବିଧାନ—
Satisfying one's subjects by establishing peace, order and happiness.

ପ୍ରଜାଲୋକ—ସଂ. ବି—(ବହୁବଚନ; ପ୍ରଜା + ଲୋକ)—ରାଜ୍ୟର
Prajāloka ପ୍ରଜାମାନେ—The subjects; the people.

ପ୍ରଜାଶ୍ରମ—ସଂ. ବି—(ପ୍ରଜା + ଆଶ୍ରମ)—ଗୃହସ୍ଥାଶ୍ରମ (ଦେଖ)—
Prajāśrama Gṛuhasthāśrama (See)
ଯେ ପ୍ରଜାଶ୍ରମେ ଧର୍ମ ଚଳେ
ନିର୍ଲୋଭେ ଭ୍ରମେ ଗଡାଗଳେ—ଜଗନ୍ନାଥ, ଭାଗବତ ।

ପ୍ରଜାସତ୍ୱ (ଇତ୍ୟାଦି)—ଗ୍ରା. ବି—(ସଂ. ପ୍ରଜା+ସ୍ୱତ୍ୱ)—ପ୍ରଜାସ୍ୱତ୍ୱ ଇତ୍ୟାଦି
Prajāsatwa (etc) (ଦେଖ)—Prajāswatwa etc (See)

ପ୍ରଜାସୃକ୍—ସଂ. ବି. ପୁଂ—(ପ୍ରଜା+ ସୃଜ୍ ଧାତୁ = ସୃଷ୍ଟିକରିବା + କର୍ତ୍ତୃ.
Prajāsṛuk କ୍ୱିପ୍; ପ୍ରଜାସୃଜ୍; ୧ମା. ୧ବ)—୧ । ବ୍ରହ୍ମା—
1. Brahmā.
୨ । ଜନକ; ପିତା—2. Father.

ପ୍ରଜାସ୍ୱତ୍ୱ—ଦେ. ବି—(ସଂ. ପ୍ରଜା + ସ୍ୱତ୍ୱ)—ରଇତ ଜମିକୁ ବାର
Prajāswatwa ବର୍ଷରୁ ଊର୍ଦ୍ଧ୍ୱ ଭୋଗ କରିବା ପ୍ରଜାର ଉକ୍ତ ଭୂମି
(ପ୍ରଜାସ୍ୱ—ଅନ୍ୟରୂପ) ଉପରେ ଆଇନ ଅନୁସାରେ ପ୍ରବର୍ତ୍ତିବା ସ୍ୱତ୍ୱ—
প্রজাস্বত্ব ବା ଅଧିକାର; ସ୍ଥିତିବାନ୍ ସ୍ୱତ୍ୱ—Tenancy right;
प्रजास्वत्व occupancy right.
[ଦ୍ର—ଜମିର ପ୍ରକାର, ବ୍ୟବହାର ଓ ଜମି ଦଖଲ କରିବାର ସମୟ ଅନୁସାରେ ପ୍ରଜାର ଜମିରେ ଆଇନାନୁଯାୟୀ ଭିନ୍ନ ଭିନ୍ନ ସ୍ୱତ୍ୱ ପ୍ରବର୍ତ୍ତେ ।]

ପ୍ରଜାସ୍ୱତ୍ୱ ଆଇନ୍—ଦେ. ବି—ଯେଉଁ ଆଇନରେ ସରକାର, ଜମିଦାର ଓ
Prajāswatwa āin ପ୍ରଜାଙ୍କର ପରସ୍ପର ସମ୍ପର୍କ ଓ ସ୍ୱତ୍ୱ ଆଦି
ଲିପିବଦ୍ଧ ହୋଇଥାଏ—Tenancy Act; law governing the relationship between a landlord and his tenants.
[ଦ୍ର—ବର୍ତ୍ତମାନ ୧୯୧୩ ସାଲର ୩ ଆଇନକୁ ଓଡ଼ିଶାର ପ୍ରଜାସ୍ୱତ୍ୱ ଆଇନ ବୋଲାଯାଏ । ଏଥିରେ ପ୍ରଜାମାନଙ୍କ ଶ୍ରେଣୀବିଭାଗ ଜମିଦାରଙ୍କୁ ଖଜଣା ଦେବାର ନିୟମ, ଖଜଣା ନ ଦେବା ପ୍ରଜାନାମରେ ମକଦ୍ଦମା, ପ୍ରଜାମାନଙ୍କର ବିଭିନ୍ନ ସ୍ୱତ୍ୱ; ପ୍ରଜାର ଜମିର ଖରିଦ ବିକି, ମଧ୍ୟସ୍ୱତ୍ୱ, ରଇତି, ଶୂନନା ଆଦି ଯୋଗରେ ପ୍ରଜାର ଭିନ୍ନ ଭିନ୍ନ ଅଧିକାର, ପ୍ରଜାକୁ ଜମିରୁ ବେଦଖଲ କରିବା, ଜମିର ଉନ୍ନତିବିଧାନ କରିବା, ଜମି ଛାଡ଼ି ଯିବା, ପ୍ରଜାଙ୍କୁ ପାଉତି ଦେବା ଆଦି ବିଷୟରେ ନିୟମ ଓ କଟକଣାମାନ ଲିପିବଦ୍ଧ ହୋଇଅଛି ।]

ପ୍ରଜାହିତ—ସଂ. ବି. (ପ୍ରଜା+ହିତ)—୧ । ପ୍ରଜାମାନଙ୍କର କଲ୍ୟାଣ ବା
Prajāhita ମଙ୍ଗଳ—1. Benefit of the subjects.
୨ । ସନ୍ତାନମାନଙ୍କର ମଙ୍ଗଳ—
2. Benefit of the children.
୩ । (ବହୁବ୍ରୀହି)—ଜଳ—3. Water.
ସଂ. ବିଣ—୧ । ପ୍ରଜାଙ୍କ ପକ୍ଷେ କଲ୍ୟାଣଦାୟକ; ପ୍ରଜାମାନଙ୍କର ହିତକର—1. Beneficial to the subjects.
୨ । ପ୍ରଜାମାନଙ୍କର ମଙ୍ଗଳକାମୀ—
2. Wishing good to the subjects or tenants.

ପ୍ରଜିତ୍—ସଂ. ବି—ବିଜେତା (ହି. ଶ)—
Prajit Victor.

ପ୍ରଜୀବନ—ସଂ. ବି—ଜୀବିକା (ହି. ଶ)—
Prajibana Livelihood.

ପ୍ରଜୁଷ୍ଟ—ସଂ. ବିଣ. ପୁଂ (ପ୍ର + ଜୁଷ୍ ଧାତୁ = ସେବା କରିବା + କର୍ତ୍ତୃ.
Prajushṭa ତ)—(କୌଣସି ବ୍ୟକ୍ତି ବା ବିଷୟ ପ୍ରତି) ଅତ୍ୟନ୍ତ
(ପ୍ରଜୁଷ୍ଟା—ସ୍ତ୍ରୀ) ଆସକ୍ତ ବା ଅନୁରକ୍ତ—Devoted to; much attached.

ପ୍ରଜେଶ—ସଂ. ବି. (୬ଷ୍ଠୀ ତତ୍; ପ୍ରଜା+ଈଶ)—
Prajeśa ପ୍ରଜାପତି (ଦେଖ)—Prajāpati (See)
(ପ୍ରଜେଶ୍ୱର—ଅନ୍ୟରୂପ)

ପ୍ରଜ୍ଝଟିକା—ସଂ. ବି—ପଜ୍ଝଟିକା (ଦେଖ)
Prajjhaṭikā Pajjhaṭikā (See)

ପ୍ରଜ୍ଞ—ସଂ. ବିଣ. ପୁଂ. (ପ୍ର + ଜ୍ଞା ଧାତୁ = ଜାଣିବା — କର୍ତ୍ତୃ. ଅ)—
Prajna ୧ । ଜ୍ଞାନୀ—1. Wise.
(ପ୍ରଜ୍ଞା—ସ୍ତ୍ରୀ) ୨ । ବିଚକ୍ଷଣ—2. Sharp; clever.
[ପ୍ରଜ୍ଞତା(ତ୍ୱ)—ବି] ୩ । ପଣ୍ଡିତ; ବିଦ୍ୱାନ୍—3. Learned.
୪ । (ପ୍ର+ଜାନୁ+ କ; ନିପାତନ)—ପ୍ରଣତଜାନୁକ—
4. Having bent knees; bandy-legged.
୫ । (ଅନ୍ୟ ସଙ୍ଗେ)—ପରିଚିତ—
5. Acquainted with (another).

ପ୍ରଜ୍ଞପ୍ତି—ସଂ. ବି. (ପ୍ର+ଜ୍ଞପ୍ତି)—୧ । ଉତ୍ତମରୂପେ ଜଣାଇବା—
Prajñapti 1. Giving of information.
୨ । ସୂଚନା—2. Indicating.
୩ । ସଙ୍କେତ—3. Hint.

ପ୍ରଜ୍ଞା—ସଂ. ବି. (ପ୍ର + ଜ୍ଞା ଧାତୁ+ଭାବ. ଅ+ସ୍ତ୍ରୀ. ଆ)—୧ । ବୁଦ୍ଧି—
Prajñā 1. Uuderstanding; intellect.

୨ । ଜ୍ଞାନ—2. Wisdom; knowledge.
୩ । ଭଲମନ୍ଦ ବିଚାର; ବିବେଚନା—
3. Judgment; discrimination.
୪ । ମନ୍ତ୍ରଣା—4. Advice; counsel; consultation.
୫ । ଚତୁରତା—5. Cleverness; shrewdness.
୬ । ପ୍ରାଜ୍ଞୀ ସ୍ତ୍ରୀ; ବୁଦ୍ଧିମତୀ ସ୍ତ୍ରୀ—
6. A learned or wise lady.
୭ । ସରସ୍ୱତୀ—7. The Hindu Goddess of learning
୮ । ମନର ଏକାଗ୍ରତା (ହି. ଶ)—
8. Intentness; close attention.
୯ । ସଙ୍କେତ (ଜ୍ଞାନେନ୍ଦ୍ର)—9. Hint; indication.
ବି· ବିଣ—ପ୍ରଜ୍ଞର ସ୍ତ୍ରୀଲିଙ୍ଗ—Feminine of Prajna.

ପ୍ରଜ୍ଞାଚକ୍ଷୁଃ—ସଂ. ବି—୧ । (ରୂପକ; ପ୍ରଜ୍ଞା+ଚକ୍ଷୁ)—
Prajnāchakshuh ଚକ୍ଷୁ ସଙ୍ଗେ ତୁଳନୀୟ ବୁଦ୍ଧି—
1. Intelligence compared to the eye; the eye of understanding.
୨ । (ବହୁବ୍ରୀହି)—ଧୃତରାଷ୍ଟ୍ରଙ୍କ ନାମ—2. An epithet of the blind king Dhrutarāshtra.
ସଂ. ବିଣ. (ବହୁବ୍ରୀହି)—୧ । ଯେ ପ୍ରଜ୍ଞାରୂପ ଚକ୍ଷୁଦ୍ୱାରା ବିଷୟମାନ ଦେଖେ; ଜ୍ଞାନୀ—1. Seeing with the eye of understanding or wisdom; wise.
୨ । (ବ୍ୟଙ୍ଗ)—ଅନ୍ଧ (ହି. ଶ)—2. (ironical) Blind.

ପ୍ରଜ୍ଞାନ—ସଂ. ବି. (ପ୍ର+ଜ୍ଞାନ)—୧ । ବୁଦ୍ଧି—
Prajnāna 1. Intellect.
୨ । ଜ୍ଞାନ—2. Wisdom.
୩ । ଚିହ୍ନ; ସଂକେତ—3. Sign; token.
୪ । ଚୈତନ୍ୟ—4. Inner consciousness.
ସଂ. ବିଣ. ପୁଂ—ଜ୍ଞାନୀ—Wise.

ପ୍ରଜ୍ଞା ବାଦ—ସଂ.ବି. (ମ.ପ.ଲୋ.କର୍ମଧା)—୧ । ହିତ କଥା; ପ୍ରାଜ୍ଞ ବାକ୍ୟ—
Prajna bāda 1. A wise saying.
୨ । ଜ୍ଞାନୀ ବ୍ୟକ୍ତିର କଥାପରି ଅନୁମିତ ବାକ୍ୟ—
2. Seemingly wise saying.

ପ୍ରଜ୍ଞାବାନ୍—ସଂ. ବିଣ. ପୁଂ (ପ୍ରଜ୍ଞା+ବତ୍)—
Prajnābān ୧ । ପଣ୍ଡିତ; ବିଦ୍ୱାନ୍—1. Learned.
(ପ୍ରଜ୍ଞାମୟ—ଅନ୍ୟରୂପ) ୨ । ଜ୍ଞାନୀ—2. Wise.
ପ୍ରଜ୍ଞାବତୀ, ପ୍ରଜ୍ଞାମୟୀ } ଅନ୍ୟରୂପ ୩ । ବୁଦ୍ଧିମାନ୍—3. Intelligent.
୪ । ଚତୁର—3. Shrewd.

ପ୍ରଜ୍ଞା ବୃଦ୍ଧ—ସଂ. ବିଣ. ପୁଂ (ତୃତୀ.ତତ୍; ପ୍ରଜ୍ଞା+ବୃଦ୍ଧ)—
Prajna bruddha (ବୟସରେ ନୁହେଁ) ଜ୍ଞାନରେ ବଡ଼—
(ପ୍ରଜ୍ଞାବୃଦ୍ଧା—ସ୍ତ୍ରୀ) Old in wisdom (not in years).

ପ୍ରଜ୍ଞୀ—ସଂ. ବିଣ. ପୁଂ. (ପ୍ରଜ୍ଞା+ଇନ୍; ୧ମା. ୧ବ)—
Prajni ପ୍ରଜ୍ଞାବାନ୍ (ଦେଖ)
(ପ୍ରଜ୍ଞିନୀ—ସ୍ତ୍ରୀ) Prajnābān (See)

ପ୍ରଜ୍ଞୁ—ସଂ. ବିଣ. ପୁଂ. (ପ୍ର+ଜାନୁ; ଉପାଦାନ)—ପ୍ରସରିତଜାନୁକ—
Prajnu Bandy-legged.

ପ୍ରଜ୍ୱଳନ—ସଂ. ବିଣ. (ପ୍ର+ଜ୍ୱଳନ)—
Prajwalana ୧ । ଧୁ ଧୁ ଜଳିବା; ଅତିଶୟ ଦହନ—
1. Intense burning; blazing.
୨ । ନିଆଁରୁ ଶିଖା ଉଠି ଜଳିବା—
2. Flaming up of fire; burning.
୩ । ପ୍ରଦୀପନ—
3. Setting fire; lighting; kindling.
୪ । ନିଆଁ ଲାଗିବା—4. Being on fire.

ପ୍ରଜ୍ୱଳନୀୟ—ସଂ. ବିଣ. (ପ୍ର+ଜ୍ୱଳନୀୟ)—
Prajwalaniya ଜ୍ୱଳନୋପଯୁକ୍ତ; ଦାହ୍ୟ—
Combustible; inflammable.

ପ୍ରଜ୍ୱଳିତ—ସଂ. ବିଣ. (ପ୍ର+ଜ୍ୱଳିତ)—
Prajwalita ଜ୍ୱଳନ ଯୁକ୍ତ; ଜଳୁଥିବା; ପ୍ରଦୀପ୍ତ—
Inflamed; burning; blazing.

ପ୍ରଜ୍ୱଳିବା—ଦେ. କ୍ରି. (ସଂ. ପ୍ରଜ୍ୱଳନ)—
Prajwaliba ଅତିଶୟ ଜଳିବା; ପ୍ରଦୀପ୍ତ ହେବା—
ପ୍ରଜ୍ୱଳା ମଜଳା To blaze; to burn intensely.
ଦ୍ରବକ କହେ ଚମେ ପ୍ରଜ୍ୱଳ । ପ୍ରୀତୀ, ପରତେ ଗୀତା ।

ପ୍ରଜ୍ୱଳେ—ଦେ. କ୍ରି. ବିଣ. (ସଂ. ପ୍ରଜ୍ୱଳିତ)—
Prajwale ପ୍ରବଳ ଭାବରେ (ଜଳିବା)—
(burning) Violently.
ଜଳେ ପ୍ରଜ୍ୱଳେ ଅର୍ଦ୍ଧ, ଛାଡ଼ି ଜଳେ ପୂର୍ଣ୍ଣତା ଏବେ ।
ଉକ୍ତ. କୋଷ୍ଟକୁଷ୍ଟାଣ ସୁବଦ ।

ପ୍ରଜ୍ୱାଳନ—ସଂ. ବି. (ପ୍ର+ଜ୍ୱାଳନ)—ଜଳାଇବା; ନିଆଁ ଲଗାଇବା—
Prajwālana Kindling; setting fire to;
(ପ୍ରଜ୍ୱାଳିତ—ବିଣ) igniting.

ପ୍ରଜ୍ୱାଳିତ—ସଂ. ବିଣ. (ପ୍ର+ଜ୍ୱାଳିତ)—
Prajwālita ଯହିଁରେ ନିଆଁ ଲଗାଇ ଦିଆଯାଇ ଥାଏ; ପ୍ରଦୀପିତ—
Enkindled; set fire to; ignited.

ପ୍ରଡୀନ—ସଂ. ବିଣ. (ପ୍ର+ଡୀନ)—ପକ୍ଷୀମାନଙ୍କର ତିର୍ଯ୍ୟକ୍ ଗତି—
Pradina Oblique flight of birds.

ପ୍ରଣତ—ସଂ. ବିଣ. ପୁଂ. (ପ୍ର+ନମ୍ ଧାତୁ+କର୍ତ୍ତୃ. ତ; ଣତ୍ୱ ବିଧାନ)—
Pranata ୧ । କୃତ ପ୍ରଣାମ; ଯେ ନମସ୍କାର କରଅଛି—
(ପ୍ରଣତା—ସ୍ତ୍ରୀ) 1. Having made obeisance; obeisant.
(ପ୍ରଣତି—ବି) ୨ । ନତ; ଆଗକୁ ନଇଁ ପଡ଼ିଥିବା—
2. Bent; bowed down; prostrate.
୩ । ବକ୍ର—3. Curved; crooked; oblique.
୪ । ପଟୁ—4. Skilful; competent.
୫ । ନମ୍ର—5. Humble.
୬ । ଅନୁଗତ; ଆଜ୍ଞାନୁବର୍ତ୍ତୀ—6. Obedient.
ସଂ. ବି—୧ । ଭକ୍ତ (ହି. ଶ)—1. Devotee.
୨ । ଉପାସକ (ହି. ଶ)—2. Worshipper.

ପ୍ରଣତପାଳ—ସ.ବଣ.ପୁଂ. (୬ଷ୍ଠୀ ତତ ; ପ୍ରଣତ+ପାଳ ଧାତୁ+କର୍ତ୍ତୃ. ଅ)—
Pranatapāla ଭକ୍ତମାନଙ୍କର ରକ୍ଷକ—Protecting one's devotees.
(ପ୍ରଣତପାଳକ—ଅନ୍ୟରୂପ)
(ପ୍ରଣତପାଳା; ପ୍ରଣତ ପାଳକା)—ସ୍ତ୍ରୀ)

ପ୍ରଣତାର୍ତ୍ତିହର—ସ. ବଣ. ପୁଂ. (ପ୍ରଣତ+ଆର୍ତ୍ତି+ହର)—
Pranatārttihara ଯେ ଭକ୍ତର ଦୁଃଖକୁ ହରଣ କରେ—
(ପ୍ରଣତାର୍ତ୍ତିହରା—ସ୍ତ୍ରୀ) Removing the hardship or misery of one's devotees.

ପ୍ରଣତି—ସ. ବି. (ପ୍ର+ନମ୍ ଧାତୁ+ଭାବ. ତି; ଣତ୍ୱ ବିଧାନ)—
Pranati ୧ । ପ୍ରଣିପାତ; ପ୍ରଣାମ; ଦଣ୍ଡବତ—
1. Obeisance; bow; salutation.
୨ । ନମ୍ରଭାବ; ନମ୍ରତା—2. Humility.
୩ । ଶିଷ୍ଟାଚାର—3. Courtesy; etiquitte.

ପ୍ରଣପତ—ଗ୍ରା. ବି. (ସ. ପ୍ରଣିପାତ)—ପ୍ରଣିପାତ (ଦେଖ)
Pranapata Pranipāta (See)
প্রণতি
प्रणाम
ଅଚ୍ୟୁତ ଯେ ପ୍ରଣପତେ ହୋଇ ବହୁତେ ।
ଗ୍ରାମୀ ଶ୍ରୀ ଗୁରୁଭକ୍ତି ଗୀତା ।

ପ୍ରଣପତ୍ୟ—ଦେ. ବି. (ସ. ପ୍ରଣିପାତ)—ନମସ୍କାର; ଦଣ୍ଡବତ—
Pranapatya Obeisance; salutation.
ଦେ. ବଣ—ପ୍ରଣମିତ (ଦେଖ)—Pranamita (See)

ପ୍ରଣପତ୍ୟ ହେବା—ଦେ. କ୍ରି—ନମସ୍କାର କରିବା—
Pranapatya hebā To bow down in reverence.
প্রণতি হওয়া प्रणतना

ପ୍ରଣବ—ସଂ. ବି. (ପ୍ର+ନୁ ଧାତୁ=ସ୍ତବ କରିବା+କରଣ ଅ; ଣତ୍ୱବିଧାନ;
Pranaba ଯାହାଦ୍ୱାରା ସ୍ତବ କରାଯାଏ)—୧ । ଓଁକାର—
1. The mystical and sacred syllable 'om' uttered in the beginning of a Mantra.

ପ୍ରଣାୟକ—ସଂ. ବି. ପୁଂ. (ପ୍ର+ନୀ ଧାତୁ+କର୍ତ୍ତୃ. ଅକ)—
Pranāyaka ୧ । ସୈନ୍ୟାଧ୍ୟକ୍ଷ—1. A commander of an army.
୨ । ପ୍ରଧାନ ପଥଚାଳକ—2. Chief guide; a head; a chief.
୩ । ବିଷ୍ଣୁ—3. Bishnu.
୪ । ଈଶ୍ୱର—4. God.
୫ । ଏକପ୍ରକାର ଢକ୍କା—5. A kind of drum.

ପ୍ରଣବରୁ ଅଶୁଦ୍ଧ—ଦେ. ବଣ—ପ୍ରଥମରୁ ବିଗିଡ଼ିବା (କର୍ମ)—
Pranabaru asuddha (a work) Spoilt from the beginning.
প্রণবথেকে অশুদ্ধ अवलसे बिगड़ा
[ଦ୍ର—ପ୍ରଥମେ ପ୍ରଣବ ବା 'ଓଁ' ଉଚ୍ଚାରଣ ନ କରି ବା ଅଶୁଦ୍ଧ ଭାବରେ ଉଚ୍ଚାରଣ କରି କୌଣସି ମନ୍ତ୍ର ପଢ଼ିଲେ ତାହା ନିଷ୍ଫଳ ହୁଏ ବୋଲି ଶାସ୍ତ୍ରରେ ଅଛି । ସେହିପରି କୌଣସି କାର୍ଯ୍ୟ ଆରମ୍ଭରୁ ବିଗିଡ଼ିଲେ ତାହା ଫଳଦାୟକ ହୁଏ ନାହିଁ ଓ ତାହାକୁ ପ୍ରଣବରୁ ଅଶୁଦ୍ଧ ବୋଲାଯାଏ ।]

ପ୍ରଣମିତ—ସଂ. ବଣ. (ପ୍ର+ନମିତ; ଣତ୍ୱ ବିଧାନ)—
Pranamita ୧ । ନମସ୍କାର କରିଥିବା—1 Bowed down; having made obeisance.
(ପ୍ରଣମିତା—ସ୍ତ୍ରୀ)
୨ । ନତ—2. Bent.
୩ । ସମ୍ମାନ ସହକାରେ ପ୍ରଦତ୍ତ—
3. Offered or given respectfully.
ଦେ. ବି—ପ୍ରଣାମ; ନମସ୍କାର—Obeisance; salutation.
ଶୁଣି ପ୍ରଣମିତ କଲ ଅଧିକ ପ୍ରେମା ।
ଶିଶୁଶଙ୍କର. ଉଷା ଅଭିଳାଷ ।

ପ୍ରଣମିତ ହେବା—ଦେ. କ୍ରି (ସ. ପ୍ରଣମିତ)—ପ୍ରଣାମ କରିବା—
Pranamita hebā To make obeisance.
প্রণামকরা प्रणमना
ପାଞ୍ଚେଁ ଜଣେ ଦୂର ଯାଇ; ସାଷ୍ଟାଙ୍ଗେ ପ୍ରଣମିତ ହେଉ ।
ଭୂପତି. ପ୍ରେମ ପଞ୍ଚାମୃତ ।

ପ୍ରଣମିବା—ଦେ. କ୍ରି. (ପଦ୍ୟ) (ସ. ପ୍ରଣାମ)—ପ୍ରଣାମ କରିବା—
Pranamibā To make obeisance; to fall prostrate at another's feet.
প্রনমা प्रणमना
ସାଷ୍ଟାଙ୍ଗେ ପ୍ରଣମି କରଯୋଡ଼ି ଭକ୍ତ ହୋଇ ଅଛନ୍ତି ।
ଜଗନ୍ନାଥ—ଭଗ ।

ପ୍ରଣମ୍ୟ—ଦେ. ବି.—(ସ. ପ୍ରଣାମ)—ପ୍ରଣାମ; ନମସ୍କାର—
Pranamya প্রণাম प्रनाम Obeisance.
ପ୍ରଣମ୍ୟ କରି ଜଣ ଜଣ—ଜଗନ୍ନାଥ. ଭାଗବତ ।

ପ୍ରଣୟ—ସ. ବି. (ପ୍ର+ନୀ ଧାତୁ=ପ୍ରାପ୍ତ ହେବା+ଭାବ. ଅ; ଣତ୍ୱବିଧାନ)—
Pranaya ୧ । ପ୍ରେମ; ପ୍ରୀତି—1. Love.
୨ । ବନ୍ଧୁତା; ବନ୍ଧୁସ୍ନେହ—
2 Friendly regard; friendship.
୩ । ଅନୁରାଗ; ସ୍ନେହ—3. Affection; fondness.
୪ । ଆସକ୍ତି; ମନର ମେଳ; ଭାବ; ଘନିଷ୍ଠତା—
4. Attachment; intimacy; familiarity.
୫ । ପ୍ରାର୍ଥନା; ଯାଚଞ୍ଚା—
5. Asking; begging; beseeching; praying.
୬ । ଆଳାପ—6. Acquaintance; acquaintance due to mutual conversation.
୭ । ଶ୍ରଦ୍ଧା; ଭକ୍ତି—
7. Regard; devotion; reverence.
୮ । ବିଶ୍ୱାସ—8. Trust; confidence.
୯ । ପ୍ରସବ; ସନ୍ତାନ ଉତ୍ପାଦନ—
9. Giving birth to; bringing forth children.
୧୦ । ନିର୍ବାଣ; ମୁକ୍ତି; ମୋକ୍ଷ—
10. Final emancipation.
୧୧ । ପ୍ରୀତିପୂର୍ବକ ପ୍ରାର୍ଥନା—
11. Affectionate solicitation.
୧୨ । (+କର୍ତ୍ତୃ. ଅ) ନେତା—12. A leader; a guide.
୧୩ । (+ଭାବ. ଅ) ନେତୃତ୍ୱ—
13. Guidance; leadership.

ପ୍ରଣୟ କଳହ—ସଂ. ବି. (ମ. ପ. ଲୋ. କର୍ମଧା; ପ୍ରଣୟ+କଳହ)—
Praṇaya kaḷaha ୧ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଅଳ୍ପକାଳସ୍ଥାୟୀ କଳି—1. Love-quarrels (usually ending in speedy reconciliation).
୨ । ଥଟ୍ଟାରେ ଥଟ୍ଟାରେ କଳି—
2. (figurative) A mock quarrel.

ପ୍ରଣୟ ଗୀତ—ସଂ. ବି—ପ୍ରେମୋଦ୍ଦୀପକ ଗାନ—
Praṇaya gita Love song; amatory song.
(ପ୍ରଣୟଗୀତିକା, ପ୍ରଣୟଗୀତି, ପ୍ରଣୟ ସଙ୍ଗୀତ, ପ୍ରଣୟଗାଥା—ଅନ୍ୟରୂପ)

ପ୍ରଣୟନ—ସଂ. ବି. (ପ୍ର+ନୀ ଧାତୁ+ଭାବ. ଅନ; ଣତ୍ୱ ବିଧାନ)—
Praṇayana ୧ । ନିର୍ମାଣ; ସର୍ଜନ—1. Making; creating; constructing; building.
୨ । ସମ୍ପାଦନ—2. Performance; execution; carrying out; accomplishment.
୩ । ରଚନା—3. Composing; arranging; compiling.
୪ । ଉଦ୍ଭାବନ—4. Inventing.
୫ । (+କରଣ. ଅନ)—ଅଗ୍ନି ସମିନ୍ଧନ କରିବା ମନ୍ତ୍ର; ଯେଉଁ ମନ୍ତ୍ର ପାଠ କରି ହୋମାଗ୍ନି ଜାଳିବାକୁ ହୁଏ—
5. Vedic formula recited before kindling a sacrificial fire.
୬ । (+ଭାବ. ଅନ)—ଚଳାଇବା—6. Conducting.
୭ । ବାଣ୍ଟିବା—7. Distributing.
୮ । ପୁରସ୍କାରଦାନ; ପୁରସ୍କୃତି—8, Rewarding.
୯ । ଦଣ୍ଡର ଆଦେଶ—9. Ordering or awarding of punishment; sentencing.
୧୦ । କୌଣସି କାର୍ଯ୍ୟର ସୂତ୍ରପାତ କରଣ—
10 Founding; starting.
୧୧ । ସ୍ଥାପନ; ପ୍ରତିଷ୍ଠା—
11. Placing; establishing; setting up.

ପ୍ରଣୟ ପତ୍ର—ସଂ. ବି. (ମ. ପ. ଲୋ. କର୍ମଧା; ପ୍ରଣୟ+ପତ୍ର)—
Praṇaya patra ପ୍ରଣୟୀ ଓ ପ୍ରଣୟିନୀଙ୍କ ମଧ୍ୟରେ ଦିଆନିଆ ହେବା ପତ୍ର; ପ୍ରେମଲିପି—Love letter.
ପ୍ରଣୟ ପତ୍ରିକା, ପ୍ରଣୟ ଲେଖ, ପ୍ରଣୟ ଲିପି } ଅନ୍ୟରୂପ

ପ୍ରଣୟ ପାଶ—ସଂ. ବି. (ରୂପକ, ପ୍ରଣୟ+ପାଶ)—ପାଶ ବା ଜାଲରୂପେ କଳ୍ପିତ ପ୍ରଣୟ; ପରସ୍ପର ପ୍ରତି ସୁଦୃଢ଼ ଅନୁରାଗ—
Praṇaya pāśa
(ପ୍ରଣୟବନ୍ଧନ—ଅନ୍ୟରୂପ) Tie of love or affection; intense love; attachment.

ପ୍ରଣୟ ଭାଜନ—ସଂ. ବିଣ. (୬ଷ୍ଠୀ ତତ୍; ପ୍ରଣୟ+ଭାଜନ)—
Praṇaya bhājana ପ୍ରୀତିପାତ୍ର; ଯାହାଙ୍କୁ ପ୍ରେମ କରିବା ଉଚିତ;
(ପ୍ରଣୟ ପାତ୍ର; ପ୍ରଣୟାସ୍ପଦ—ଅନ୍ୟରୂପ) ପ୍ରିୟ; ପ୍ରୀତିଭାଜନ—
Beloved; dear.

ପ୍ରଣୟ ସମ୍ଭାଷଣ—ସଂ. ବି. (ମ. ପ. ଲୋ; କର୍ମଧା; ପ୍ରଣୟ+ସମ୍ଭାଷଣ)—
Praṇaya sambhāshaṇa ୧ । ପ୍ରେମାଳାପ; ପ୍ରଣୟୀ ଓ ପ୍ରଣୟିନୀ ବା ୨ଜଣ ପ୍ରଣୟୀଙ୍କ ମଧ୍ୟରେ ହେବା ଆଳାପ—1. Talk between lovers or friends.
(ପ୍ରଣୟସମ୍ବୋଧନ—ଅନ୍ୟରୂପ)
୨ । ନାୟିକା ଓ ନାୟକଙ୍କର ପରସ୍ପର ପ୍ରତି ଅନୁରାଗବ୍ୟଞ୍ଜକ ଭାଷା—2. Term of endearment used by lovers to each other.

ପ୍ରଣୟାକାଙ୍କ୍ଷୀ—ସଂ. ବିଣ. ପୁଂ. (୬ଷ୍ଠୀ ତତ୍)—
Praṇayākānkshi କୌଣସି ବ୍ୟକ୍ତିର ପ୍ରଣୟଲାଭାର୍ଥ ଉତ୍ସୁକ—
(ପ୍ରଣୟାକାଙ୍କ୍ଷିଣୀ—ସ୍ତ୍ରୀ) Desirous of gaining the love or
(ପ୍ରଣୟାକାଙ୍କ୍ଷା—ବି) attachment of a person.

ପ୍ରଣୟାଭିମାନ—ସଂ. ବି. (ମ. ପ. ଲୋ; ପ୍ରଣୟ+ଅଭିମାନ)—
Praṇayābhimāna ପ୍ରଣୟ ବ୍ୟାପାର ସମ୍ପର୍କରେ ପ୍ରଣୟୀ ଓ ପ୍ରଣୟିନୀଙ୍କ ମଧ୍ୟରେ ଜାତ ଅଭିମାନ—
ପ୍ରଣୟାଭିମାନୀ—ପୁଂ } ବିଣ
ପ୍ରଣୟାଭିମାନିନୀ—ସ୍ତ୍ରୀ }
Sullenness arising out of love matter between two lovers.

ପ୍ରଣୟାଳାପ—ସଂ. ବି. (ମ. ପ. ଲୋ. କର୍ମଧା; ପ୍ରଣୟ+ଆଳାପ)—
Praṇayālāpa ପ୍ରେମ ସମ୍ଭାଷଣ; ନାୟକ ନାୟିକାଙ୍କ ମଧ୍ୟରେ ହେବା ସ୍ନେହାଳାପ —Love talk.
[ଦ୍ର—ଏହିପରି ସମାସରେ ପ୍ରଣୟ ଶବ୍ଦ ସଙ୍ଗେ ଅନେକ ଶବ୍ଦ ଯୁକ୍ତ ହୁଏ, ଯଥା—ପ୍ରଣୟଗର୍ଭିତ, ପ୍ରଣୟଜନିତ, ପ୍ରଣୟପାତ୍ର, ପ୍ରଣୟରକ୍ତ, ପ୍ରଣୟବନ୍ଧନ, ପ୍ରଣୟଗାଥା, ପ୍ରଣୟବଚନ, ପ୍ରଣୟଲିପି, ପ୍ରଣୟଭଙ୍ଗ, ପ୍ରଣୟଶୀଳ, ପ୍ରଣୟଶାଳୀ, ପ୍ରଣୟାଭିଳାଷ, ପ୍ରଣୟାନୁରାଗ, ପ୍ରଣୟାଦର, ପ୍ରଣୟାତ୍ମକ, ପ୍ରଣୟସଞ୍ଚାର, ପ୍ରଣୟାନୁରାଗ, ପ୍ରଣୟାସକ୍ତ, ପ୍ରଣୟାହ୍ୱାନ, ପ୍ରଣୟ ସମ୍ବୋଧନ, ପ୍ରଣୟ ବ୍ୟଞ୍ଜକ ଇତ୍ୟାଦି ।]

ପ୍ରଣୟିନୀ—ସଂ. ବିଣ. ସ୍ତ୍ରୀ. (ପ୍ରଣୟିନ୍+ସ୍ତ୍ରୀ. ଈ)—
Praṇayini 'ପ୍ରଣୟୀର' ସ୍ତ୍ରୀ ଲିଙ୍ଗ—
Feminine of Praṇayi.
ସଂ. ବି—୧ । ପ୍ରେମପାତ୍ର ସ୍ତ୍ରୀ—
1. Mistress; a man's sweet heart.
୨ । ସ୍ତ୍ରୀ; ଭାର୍ଯ୍ୟା—2. Wife.

ପ୍ରଣୟୀ—ସଂ. ବି. ପୁଂ. (ପ୍ରଣୟ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Praṇayi ୧ । ଯେ ସ୍ନେହ କରେ; ପ୍ରେମିକ—
(ପ୍ରଣୟିନୀ—ସ୍ତ୍ରୀ) 1. Lover.
୨ । ଯାହାକୁ ସ୍ନେହ କରାଯାଏ; ପ୍ରୀତିପାତ୍ର—
2. Sweet heart; one's beloved person.
୩ । ସ୍ୱାମୀ—2. Husband.
ସଂ. ବିଣ. ପୁଂ—ଅନୁରକ୍ତ; ଅନୁରାଗୀ—
Attached; devoted; loving.
୨ । ପ୍ରେମାସ୍ପଦ—2. Beloved.

ପ୍ରଣସ—ସଂ. ବିଣ. ପୁଂ. (ବହୁବ୍ରୀହି; ପ୍ର—ପ୍ରଗତ ବା ବିଗତ+ନାସିକା; ନାସିକା ସ୍ଥାନରେ ନସ୍ ଆଦେଶ ଓ ଣତ୍ୱ ବିଧାନ)—
Praṇasa
(ପ୍ରଣସା—ସ୍ତ୍ରୀ) ରୋଗାଦିରେ ଯାହାର ନାକ ନଷ୍ଟ ହୋଇଅଛି—
One who has lost one's nose; noseless.

ପ୍ରଣାଦ—ସଂ. ବି. (ପ୍ର+ନାଦ; ଶବ୍ଦ ବିଧାନ)—
Praṇāda ୧ । ହର୍ଷ କୋଳାହଳ; ଆନନ୍ଦ ଧ୍ୱନି—
1. Shout of joy.
୨ । ଅତି ଉଚ୍ଚ ଶବ୍ଦ—2. Halloo; loud shout.
୩ । କର୍ଣ୍ଣନାଦ ରୋଗ; କାନରେ ଭଁ ଭଁ ଶବ୍ଦ ଅନୁଭୂତ ହେବା ରୋଗ—3. A disease in which various sounds are felt inside the ears.

ପ୍ରଣାମ—ସଂ. ବି. (ପ୍ର+ନମ୍ ଧାତୁ=ନଇଁବା; ନମସ୍କାର କରିବା+ ଭାବ. ଅ; ଶବ୍ଦ ବିଧାନ)—
Praṇāma
୧ । ପ୍ରଣତି; ଭକ୍ତି ପୂର୍ବକ ନମସ୍କାର—
1. Obeisance; reverential salutation
୨ । ଜ୍ୟେଷ୍ଠ, ଶ୍ରେଷ୍ଠ ଓ ଗରିଷ୍ଠ ବ୍ୟକ୍ତିମାନଙ୍କ ସମ୍ମୁଖରେ ବା ଦେବପ୍ରତିମା ସମ୍ମୁଖରେ ବା ଈଶ୍ୱରଙ୍କୁ ଲକ୍ଷ୍ୟ କରି ମସ୍ତକକୁ ବା ଦେହକୁ ନତ କରି ହାତ ଯୋଡ଼ି ବା ଚରଣ ତଳେ ମୁଣ୍ଡ ଲଗାଇ ଅଭିବାଦନ କରିବା—
2. Reverential salutation made to one's elder or respectable people or to God or to a Deity by bowing down one's body.
[ଦ୍ର—ପ୍ରଣାମ ସ୍ଥାପକର୍ତ୍ତଙ୍କ ବ୍ୟାପାର ଏବଂ ସାଧାରଣତଃ ୪ ପ୍ରକାର ଯଥା—ଅଭିବାଦନ, ପଞ୍ଚାଙ୍ଗ, ଅଷ୍ଟାଙ୍ଗ ଓ କରଶିରଃ- ସଂଯୋଗ ।
ଅଭିବାଦନ—ନାମୋଚ୍ଚାରଣ ପୂର୍ବକ କମ୍ପା ନମ୍ର ବଚନ ଉଚ୍ଚାରଣ ପୂର୍ବକ ନମସ୍କାର ।
ପଞ୍ଚାଙ୍ଗ ପ୍ରଣାମ—ବାହୁଦ୍ୱୟ, ଜାନୁଦ୍ୱୟ, ମସ୍ତକ, ବାକ୍ୟ ଓ ଦର୍ଶନେନ୍ଦ୍ରିୟ ଏହି ୫ଟିର ସଂଯୋଗରେ ନମସ୍କାର ।
ଅଷ୍ଟାଙ୍ଗ ବା ସାଷ୍ଟାଙ୍ଗ ପ୍ରଣାମ—ପଦଦ୍ୱୟ, ଜାନୁଦ୍ୱୟ, କରଦ୍ୱୟ, ବକ୍ଷଃସ୍ଥଳ, ମସ୍ତକ, ଦର୍ଶନେନ୍ଦ୍ରିୟ, ବାକ୍ୟ ଓ ମନ ଏହି ଆଠ ଗୋଟିର ସଂଯୋଗରେ ନମସ୍କାର ।
କରଶିରଃ ସଂଯୋଗ ପ୍ରଣାମ—ହସ୍ତ ଦ୍ୱୟକୁ ମୁଣ୍ଡରେ ଲଗାଇ କରିବା ନମସ୍କାର ।
କାୟିକ, ବାଚକ ଓ ମାନସିକ ଭେଦରେ ମଧ୍ୟ ପ୍ରଣାମ ୩ ପ୍ରକାର ।]

ପ୍ରଣାମି—ଦେ. ବି. (ସଂ. ପ୍ରଣାମ; ପ୍ରଣାମ ବେଳେ ଦେୟ ହେବାରୁ)—
Praṇāmi ଠାକୁରଙ୍କୁ ବା ଗୁରୁଜନମାନଙ୍କୁ ନମସ୍କାର କରିବା
ପ୍ରଣାମୀ ସମୟରେ ଦିଆଯିବା ଭେଟି, ସଲାମୀ, ନଜରାନା—
परनामी A present given by one to a Deity or a respectable person while making obeisance.
କେହି ଭକ୍ତ ଦେବତାଙ୍କୁ କହି ପ୍ରଣାମି ହେଲେ
ଟଙ୍କା ପଇସା ସେହିଠାରେ ପଡ଼ି ରହିଥାଏ । ଫକୀରମୋହନ, ଗଳ୍ପସ୍ୱଳ୍ପ ।

ପ୍ରଣାମୀ—ସଂ. ବିଣ. ପୁଂ (ପ୍ରଣାମ+ଇନ୍; ୧ମା. ୧ବ.)—ପ୍ରଣାମକାରୀ;
Praṇāmi ଯେ ନମସ୍କାର କରୁଥାଏ—Bowing down;
(ପ୍ରଣାମିନୀ—ସ୍ତ୍ରୀ) making obeisance.

ପ୍ରଣାୟକ—ସଂ. ବିଣ. ପୁଂ (ପ୍ର+ନାୟକ; ଶବ୍ଦ ବିଧାନ)—ପଥ ଦେଖାଉଥିବା—Leading; guiding.
Praṇāyaka
(ପ୍ରଣାୟିକା—ସ୍ତ୍ରୀ)
ସଂ. ବି. ପୁଂ—୧ । ନେତା ବ୍ୟକ୍ତି—1. Leader.
୨ । ସେନାପତି—2. Leader or commander of an army.

ପ୍ରଣାଳ(ଳୀ)—ସଂ. ବି. (ପ୍ର+ନଲ୍ ଧାତୁ=ବାନ୍ଧିବା+କରଣ. ଅ; +ସ୍ତ୍ରୀ. ଈ; ଶବ୍ଦ ବିଧାନ)—
Praṇāḷa(ḷi)
ପ୍ରଣାଳକ, ପ୍ରଣାଳିକା } ସ୍ତ୍ରୀ ୧ । ଜଳ ବାହାରିଯିବାର ବାଟ; ପାଣି ନାଳ; ନଳା; ନର୍ଦ୍ଦମା—
1. Channel; watercourse; drain.
୨ । ଧାଡ଼ି; ଶ୍ରେଣୀ—2. Row; line.
୩ । କାର୍ଯ୍ୟ ସାଧନର ବାଟ; ଉପାୟ—
3 Means; mediation.
୪ । ରୀତି—4. Custom; practice.
୫ । ନିୟମ—5. Rule.
୬ । ପଦ୍ଧତି—6. Method.
୭ । ଦେଶାଚାର—7. Usage.
୮ । ଧାରା—8. Succession; series.
୯ । (ଭୂଗୋଳ) ଦୁଇ ବୃହତ୍ ଜଳ ଭାଗକୁ ସଂଯୋଗ କରୁଥିବା ସଂକୀର୍ଣ୍ଣ ଜଳ ଭାଗ—9. (geography) Straits; a narrow channel connecting two wide expanses of water.
ଦେ. ବି.—ଶିବଲିଙ୍ଗର ଜଳି; ଶିବ ଲିଙ୍ଗର ଚାରିପାଖରେ ଥିବା ନାଳ—The channel round the phallic image of Śiba.

ପ୍ରଣାଶ—ସଂ. ବି—(ପ୍ର+ନଶ୍ ଧାତୁ+ଭାବ ଅ; ଶବ୍ଦ ବିଧାନ)
Praṇāśa ୧ । ମୃତ୍ୟୁ—1. Death; decease.
(ପ୍ରନଷ୍ଟ—ବିଣ.) ୨ । ବିନାଶ; ଧ୍ୱଂସ—2. Destruction; perdition; ruin.
୩ । ପଳାୟନ—3. Fleeing away.
୪ । ଲୋପ—4. Extinction.

ପ୍ରଣିଧାନ—ସଂ ବି (ପ୍ର+ନି+ଧା ଧାତୁ+ଭାବ.ଅନ, ଶବ୍ଦ ବିଧାନ)
Praṇidhāna ୧ । ଚିତ୍ତର ଏକାଗ୍ରତା—
1. Concentration of mind.
୨ । ଅଭିନିବେଶ, ମନୋଯୋଗ—2. Attention.
୩ । ଧ୍ୟାନ—3. Contemplation; profound meditation
୪ । ଚେଷ୍ଟା; ପ୍ରଯତ୍ନ; ପ୍ରୟାସ —
4. Great effort; exertion; endeavour.
୫ । ଯୋଗ; ସମାଧି—5 Concentrated meditation.
୬ । ପ୍ରବେଶ—6. Access; entrance.
୭ । ଅର୍ପଣ; ନ୍ୟାସ—7. Delivering; entrusting.
୮ । ଭକ୍ତିବିଶେଷ—8. A kind of devotion.

୯ । କର୍ମର ଫଳ ତ୍ୟାଗ—9. The renunciation of the fruit of one's action.

୧୦ । ଭାବୀ ଜନ୍ମ ସମ୍ବନ୍ଧେ କୌଣସି ପ୍ରକାର ପ୍ରାର୍ଥନା (ହି. ଶ)
10. A prayer about one's future birth.

ପ୍ରଣିଧି—ସଂ. ବ (ପ୍ର+ନି+ଧା ଧାତୁ+କର୍ତ୍ତୃ. ଇ; ଣତ୍ୱବିଧି)—
Praṇidhi ୧ । ଚର; ଦୂତ—1. Messenger; emissary.
୨ । କୌଣସି ବିଷୟ ଗୁପ୍ତଭାବରେ ଲକ୍ଷ୍ୟ କରିବା—
2. Spying.
୩ । ଗୁପ୍ତଚର—3. Spy; secret emissary.
୪ । ଅନୁଚର; ସଙ୍ଗୀ—
4. Companion; attendant; follower.
୫ । (+ଭାବ. ଇ) ପ୍ରାର୍ଥନା—
5. Solicitation; entreaty.
୬ । ଅବଧାନ; ମନୋଯୋଗ—6. Attention.
୭ । ଅଙ୍ଗୀକାର; ପ୍ରତିଶ୍ରୁତି—7. Promise.
୮ । ନିଯୋଗ—8. Engagement.
୯ । ପଦ; ସ୍ଥାନ—9. Situation.
୧୦ । ତତ୍ପରତା (ଶ୍ରୀନେନ୍ଦ୍ର)—10. Readiness.

ପ୍ରଣିନାଦ—ସଂ. ବ (ପ୍ର+ନିନାଦ; ଣତ୍ୱ ବିଧାନ)—୧ । ଗମ୍ଭୀର ଶବ୍ଦ—
Praṇinada 1. Deep rumbling sound.
୨ । ବଜ୍ରନିନାଦ—2. Thundering sound.

ପ୍ରଣିପତନ—ସଂ. ବ (ପ୍ର+ନି+ପତ୍ ଧାତୁ+ଭାବ ଅନ; ଣତ୍ୱବିଧି)—
Praṇipatana ୧ । ନଇଁକରି କରିବା ନମସ୍କାର; ପ୍ରଣାମ; ପ୍ରଣତି—
1. Reverent salutation; obeisance; salutation by bowing down
୨ । ନଇଁ ପଡ଼ିବା—2. Prostration; bowing down.

ପ୍ରଣିପତ୍ୟ—ସଂ. ଅ. (ସଂ. 'ପ୍ରଣିପତ୍ୟ' ଅସମାପିକା ରୂପର ଅର୍ଥ ନମସ୍କାର
Praṇipatya କରି)—ପ୍ରଣାମ ପୂର୍ବକ; ନମସ୍କାର ସହ; ପ୍ରଣିପାତ ପୂର୍ବକ—Having saluted; after salutation.
(ଯଥା—ମୋର ପ୍ରଣିପତ୍ୟ ନିବେଦନ ଏହି କି··· ।)
ଦେ ବ—ପ୍ରଣିପାତ; ନମସ୍କାର—Obeisance.
ବସାଇ ପ୍ରଣିପତ୍ୟ ଘଟେ, ବିଧି ସମ ସେ ସବୁ ନାଟେ—
ଭଞ୍ଜ. ବୈଦେହୀଶବିଳାସ।

ପ୍ରଣିପତ୍ୟ ହେବା—ଦେ. କ୍ରି.—ନମସ୍କାର କରିବା—To make
Praṇipatya hebā obeisance; to bow down
ପ୍ରଣାମକରା **ପ୍ରଣବନା** (ପ୍ରଣିପତ୍ୟ କରିବା — ଅନ୍ୟରୂପ)

ପ୍ରଣିପାତ—ସଂ. ବ (ପ୍ର+ନି+ପତ୍ ଧାତୁ+ଭାବ.ଅ)-ପ୍ରଣିପତନ (ଦେଖ)—
Praṇipāta Praṇipatana (See)

ପ୍ରଣିହିତ—ସଂ. ବଣ (ପ୍ର+ନି+ଧା ଧାତୁ+କର୍ମ. ତ; ଣତ୍ୱ ବିଧାନ)—
Prāṇihita ୧ । ଅର୍ପିତ—1. Entrusted; delivered; consigned.
୨ । ସ୍ଥାପିତ—2. Placed; deposited.
୩ । ପ୍ରାପ୍ତ—3 Obtained; acquired.
୪ । ସ୍ୱୀକୃତ—4. Acknowledged; admitted.
୫ । ସ୍ଥିରୀକୃତ—5. Ascertained; decided; settled.
୬ । ମନୋଯୋଗୀ—6. Attentive.
୭ । ସମାହିତ—7. Engaged in meditation.
୮ । ବିସ୍ତୃତ; ପ୍ରସାରିତ—8. Spread; extended.
୯ । ମିଶ୍ରିତ—9. Mixed with.
୧୦ । ନିଯୁକ୍ତ—10. Applied; directed; employed.
୧୧ । ଗୁପ୍ତଚର ବା ଅନୁସନ୍ଧାନ ସାହାଯ୍ୟରେ ପ୍ରାପ୍ତ ହୋଇଥିବା—
11. Spied out.
୧୨ । (+କର୍ତ୍ତୃ. ତ) ଯତ୍ନଶୀଳ—12. Careful
୧୩ । ହୁସିଆର—13. Cautious.

ପ୍ରଣୀ—ସଂ. ବ.—(ପ୍ର+ନୀ ଧାତୁ+କର୍ତ୍ତୃ. କ୍ୱିପ୍)—ଈଶ୍ୱର (ହି. ଶ.)
Praṇi God.

ପ୍ରଣୀତ—ସଂ. ବଣ (ପ୍ର+ନୀ ଧାତୁ+କର୍ମ. ତ) ୧ । କୃତ; ରଚିତ—
Praṇita 1. Composed; made; done.
୨ । ଲିଖିତ—2. Written.
୩ । ନିର୍ମିତ—3. Built; constructed.
୪ । ପ୍ରସ୍ତୁତ—4. Prepared.
୫ । କଥିତ—5. Said; declared.
୬ । ପ୍ରତିଷ୍ଠିତ—6 Established.
୭ । ପ୍ରବେଶିତ—7. Introduced or thrust into.
୮ । ସଂଗୃହୀତ—8. Compiled.
୯ । ପ୍ରେରିତ—9. Sent; emitted; deputed.
୧୦ । ନିକ୍ଷିପ୍ତ—10. Thrown; cast.
୧୧ । ଉପଯୁକ୍ତ—11. Proper; fit.
୧୨ । ଅର୍ପିତ; ଦତ୍ତ—
12. Delivered; given; handed over.
୧୩ । ଅଦାଲତରେ ନିଷ୍ପନ୍ନ; ଫଇସଲ କରି ଯାଇଥିବା—
13. Decreed; disposed of
୧୪ । ସଂସ୍କୃତ (ହି. ଶ)—14. Repaired; reformed;
୧୫ । ଉତ୍ସୃଷ୍ଟ (ହି. ଶବ୍ଦସାଗର)—
15. Offered up; abandoned.
ସଂ. ବ—୧ । ମନ୍ତ୍ରାଦି ଦ୍ୱାରା ସଂସ୍କୃତ ଯଜ୍ଞୀୟ ଅଗ୍ନି—
1. Sacrificial fire consecrated by mystical formulas.
୨ । ମନ୍ତ୍ର-ସଂସ୍କୃତ ଜଳ—2 Consecrated water.

ପ୍ରଣୀତା—ସଂ. ବି. ସ୍ତ୍ରୀ (ପ୍ରଣୀତ+ସ୍ତ୍ରୀ. ଆ)—ହୋମରେ ବ୍ୟବହୃତ
Praṇitā ଚତୁଷ୍କୋଣ ଜଳ ପାତ୍ରବିଶେଷ—A sort of rectangular cup used for keeping water at a Homa or vedic sacrifice.

ପ୍ରଣୀତି—ସଂ. ବ. (ପ୍ର+ନୀ ଧାତୁ+ଭାବ. ତି)—୧ । ନେତୃତ୍ୱ—
Praṇiti 1. Guidance; conduct
୨ । ଅନୁଗ୍ରହ—2. Favour.

ପ୍ରଣୀୟ—ସଂ. ବ. (ପ୍ର+ନୀ ଧାତୁ+କରଣ. ଯ)—ଯଜ୍ଞ ପାତ୍ର, ଜଳ ଓ
Praṇiya ଅଗ୍ନି ଆଦି ସଂସ୍କାର କରିବାର ବୈଦିକ ମନ୍ତ୍ର (ହି. ଶ)—
Vedic formula for consecrating anything.

ପ୍ରଣୂତ—ସଂ. ବଣ. (ପ୍ର+ନୂ ଧାତୁ=ସ୍ତୁତି କରିବା+କର୍ମ. ତ)—
Pranūta ୧ । ଯାହାଙ୍କୁ ସ୍ତୁତି କରାଯାଇ ଅଛି—
1. One to whom a prayer has been offered.
୨ । ପ୍ରଶଂସିତ—2. Praised; eulogised.

ପ୍ରଣେତା—ସଂ. ବି. ପୁଂ (ପ୍ର+ନୀ ଧାତୁ+କର୍ତ୍ତୃ. ତୃ; ପ୍ରଣେତୃ. ୧ମା.
Praneta ୧ବ. ଶବ୍ଦବଧାନ)—୧ । ରଚୟିତା—
(ପ୍ରଣେତ୍ରୀ—ସ୍ତ୍ରୀ) 1. Author; composer.
୨ । ନିର୍ମାତା—2. Builder; maker; constructor; creator.
୩ । ନେତା—3. A leader.
୪ । ଧର୍ମମତ ପ୍ରଚାରକ—4. The promulgator of a religious doctrine; a teacher of religious tenets.

ପ୍ରଣେୟ—ସଂ. ବଣ. (ପ୍ର+ନୀ ଧାତୁ+କର୍ମ. ଯ)—୧ । ଅଧୀନ; ବଶୀଭୂତ;
Praneya ଅନୁଗତ—1. Docile; submissive; amenable; yielding.
୨ । ସୁନ୍ଦର; ରମଣୀୟ—2. Agreeable.
୩ । ପ୍ରାପଣୀୟ—3. Obtainable.
୪ । କୃତଲୌକିକସଂସ୍କାର—4. One on whom customary rites have been performed.

ପ୍ରଣୋଦିତ—ସଂ. ବଣ. (ପ୍ର+ନୁଦ୍ ଧାତୁ ଣିଚ୍. ନୋଦି ଧାତୁ=ପ୍ରେରଣ
Pranodita କରାଇବା+କର୍ମ. ତ; ଶବ୍ଦବଧାନ)—୧ । ପ୍ରେରିତ—
1. Sent; deputed.
୨ । ନିଯୋଜିତ—2. Directed; engaged; employed.
୩ । ଚାଳିତ—3, Guided; driven; set in motion.

ପ୍ରତକ୍ଷ—ଗ୍ରା. ବଣ. (ସଂ. ପ୍ରତ୍ୟକ୍ଷ)—ପ୍ରତ୍ୟକ୍ଷ (ଦେଖ)
Prataksha Pratyaksha (See)

ସେ ବୃକ୍ଷମୂଳେ ଥିବା ମିଛ
ପଥ ଗଲବାହ ପ୍ରତକ୍ଷ—ଭୂପତ; ଚେମତଛାମୃତ ।

ପ୍ରତତ—ସଂ. ବଣ (ପ+ତନ୍ ଧାତୁ+କର୍ତ୍ତୃ. ତ.)—୧ । ବିସ୍ତୃତ—
Pratata 1. Spread.
୨ । ଖୁବ ଲମ୍ବା ଓ ଚୌଡ଼ା—2. Extensive.

ପ୍ରତତି(ତୀ)—ସ୍ତ୍ରୀ. ବି.—୧ । (ପ୍ର+ତନ୍ ଧାତୁ=ବିସ୍ତୃତ ହେବା+କର୍ତ୍ତୃ.
Pratati(tī) ତି;+ଈ)—ବ୍ରତତୀ; ବିସ୍ତାରିତ ଲତା—
1. A spreading creeper.
୨ । (+ଭାବ. ତି)—ବ୍ୟାପ୍ତି; ବିସ୍ତୃତି—
2. Expansion; spreading; extension.

ପ୍ରତନ—ସଂ. ବଣ. (ପ୍ର=ପୂର୍ବେ+ଦିବାର୍ଥରେ ତନ, ନିପାତନ)—
Pratana ପୁରାତନ; ପ୍ରାଚୀନ—Old; ancient.

ପ୍ରତନୁ—ସଂ. ବଣ. (ପ୍ର+ତନୁ)—୧ । ସୂକ୍ଷ୍ମ, ସରୁ; ପତଳା—
Pratanu 1. Thin; delicate; minute.
୨ । କ୍ଷୁଦ୍ର; ସଂକୀର୍ଣ୍ଣ—2. Very small; narrow.
୩ । ଅତି ସାମାନ୍ୟ—3 Insignificant; trifling.

ପ୍ରତପନ—ସଂ. ବି. (ପ୍ର+ତପ ଧାତୁ=ତତାଇବା+ଭାବ ଅନ)—
Pratapana ୧ । ତତାଇବା—1. Heating.
୨ । ଗରମି; ଉତ୍ତାପ—2. Heat.

ପ୍ରତପ୍ତ—ସଂ. ବଣ. (ପ୍ର+ତପ୍ ଧାତୁ=ତତାଇବା+କର୍ମ. ତ)—
Pratapta ୧ । ଉତ୍ତପ୍ତ; ଗରମ; ଉଷ୍ଣ—1. Hot.
୨ । ତାପିତ—2. Heated.
୩ । ଅତ୍ୟୁଗ୍ର—3. Ardent.
୪ । ତେଜସ୍ୱୀ—4. Spirited; mettled.
୫ । କଥିତ—5. Said.
୬ । ଘୋଷିତ—6. Declared.
୭ । ଦୁଃଖିତ—7. Pained.

ପ୍ରତର୍କ—ସଂ. ବି. (ପ୍ର+ତର୍କ)—୧ । ସଂଶୟ; ସନ୍ଦେହ—
Pratarka 1. Doubt.
୨ । ଅନୁମାନ—2. Conjecture; guess; supposition.
୩ । ତର୍କ; ବାଦନୁବାଦ—3. Argument.

ପ୍ରତର୍ଦ(ର୍ଦ୍ଦ)ନ—ସଂ. ବି. (ପ୍ର+ତର୍ଦ ଧାତୁ+କର୍ତ୍ତୃ. ଅନ)—
Pratarda(rdda)na ୧ । ଦିବୋଦାସଙ୍କ ପୁତ୍ର, ମଦାଳସାଙ୍କ ସ୍ୱାମୀ ଓ ଶ୍ରୀରାମଚନ୍ଦ୍ରଙ୍କ ସମସାମୟିକ କାଶୀର ରାଜା—
1. Name of a king of Benares who was a contemporary of Rāmachandra.
୨ । ଋଷିବିଶେଷ—2. Name of a sage.
୩ । ବିଷ୍ଣୁ—3. A name of Bishnu.
୪ । ତାଡ଼ନକାରୀ—4. Beating; chastising.
୫ । (+ଭାବ+ଅନ) ତାଡ଼ନ—5. Beating.

ପ୍ରତଳ—ସଂ. ବି. (ପ୍ର+ତଳ)—୧ । ବିସ୍ତାରିତାଙ୍ଗୁଳି କରତଳ—
Pratala Palm of the hand with the fingers extended.
୨ । ପାତାଳପୁରର ଏକ ବିଭାଗ—2 One of the divisions of the lower world. (Apte).

ପ୍ରତାନ—ସ୍ତ୍ରୀ. ବି. ୧ । (ପ୍ର+ତନ୍ ଧାତୁ=ବିସ୍ତୃତ ହେବା+ଭାବ. ଅ)
Pratāna ବିସ୍ତାର—1. Expansion.
୨ । (+କର୍ତ୍ତୃ. ଅ) ଲତାତନ୍ତୁ—
2. The fibre of a creeper; tendril.
୩ । ବାୟୁରୋଗବିଶେଷ; ବାତରୋଗ; ମୂର୍ଚ୍ଛା—
3. Epilepsy; fainting.
୪ । ଲତା (ହି. ଶ.)—4. Creeper.
୫ । ତନ୍ତୁ (ହି. ଶ.)—5. Fibre.
ସ୍ତ୍ରୀ. ବଣ—୧ । ତନ୍ତୁମୟ (ହି. ଶ.)—1. Fibrous.
୨ । ବିସ୍ତୃତ (ହି. ଶ.)—2. Extensive; spreading

ପ୍ରତାନିନୀ—ସଂ. ବି—(ପ୍ର+ତନ୍ ଧାତୁ=ବିସ୍ତୃତ ହେବା+କର୍ତ୍ତୃ ଇନ୍
Pratānini +ସ୍ତ୍ରୀ. ଈ)—୧ । ଲତା—1. Creeper.
(ପ୍ରତାନୀ [ପୁଂ.])—୨ । ବିସ୍ତୃତ ଲତା—
2. A spreading creeper.

ପ୍ରତାପ—ସଂ. ବି. (ପ୍ର+ତପ୍ ଧାତୁ=ତତାଇବା+ଭାବ. ଅ)—
Pratāpa ୧ । ମହତ୍ତ୍ୱ; ପ୍ରଭାବ—1. Dignity; greatness.
୨ । ଐଶ୍ୱର୍ଯ୍ୟ—2. Majesty.
୩ । ପ୍ରଭୁଶକ୍ତି; ପ୍ରଭୁତ୍ୱ—3. Mastery.
୪ । ବଳ; ପରାକ୍ରମ; କ୍ଷମତା—4. Might; power.
୫ । ରାଜାଙ୍କର ଧନ, ଦଣ୍ଡ ଓ ସୈନ୍ୟାଦିଜନିତ ଶକ୍ତି—
5 Regal majesty or dignity.
୬ । ତେଜଃ—6. Spirit; energy; vigour.
୮ । ସାହସ; ଶୌର୍ଯ୍ୟ; ବୀରତ୍ୱ—8. Heroism; valour.
୯ । ଔଜ୍ଜ୍ୱଲ୍ୟ; ଦୀପ୍ତି—9. Splendour; radiance.
୧୦ । ଆତପ; ଖରା—10. Sunshine.
୧୧ । ତାପ; ଗରମି—11. Heat.
୧୨ । ସନ୍ତାପ—12. Burning heat.
୧୩ । ଅର୍କଗଛ—13. The swallow wart (plant).; Calotropis Gigantea.
୧୪ । ମନସ୍ତାପ—14. Regret; sorrow.
୧୫ । ଯୁବରାଜଙ୍କ ଛତ୍ର (ହି. ଶ.)—15. The regal umbrella held over the head of the crown-prince,
୧୬ । (ନାମ+କର୍ତ୍ତୃ. ଅ)—ରାମଚନ୍ଦ୍ରଙ୍କର ଜଣେ ସଖା—
16. Name of a friend of Rāmachandra.
ଦେ. ବି—(ନାମ)—ସମ୍ରାଟ୍ ଆକବରଙ୍କ ଅମଳରେ ରାଜପୁତାନା ଅନ୍ତର୍ଗତ ମିବାର ରାଜ୍ୟରେ ରାଜତ୍ୱ କରୁଥିବା ଜନୈକ ପ୍ରସିଦ୍ଧ ରାଣା—A king of Mewar who was a cotemporary of Akbar the Great.
[ଦ୍ର—ଏ ବଡ଼ ପ୍ରତାପଶାଳୀ ରାଜା ଥିଲେ । ଏ ଆକବରଙ୍କ ବଶ୍ୟତା ସ୍ୱୀକାର ନ କରି ତାହାଙ୍କ ସଙ୍ଗେ ବାରମ୍ବାର ଯୁଦ୍ଧ କରିଥିଲେ ।]

ପ୍ରତାପନ—ସଂ. ବି.—୧ । (ପ୍ର+ତପ୍ ଧାତୁ ଣିଚ୍+ଭାବ.ଅନ) ପୀଡ଼ନ—
Pratāpana 1. Oppression; torture.
୨ । (+ଅଧିକରଣ. ଅନ) କୁମ୍ଭୀପାକ ନରକ—
2. Name of a part of the hell where sinners are tortured.
୩ । (+କର୍ତ୍ତୃ. ଅନ) ବିଷ୍ଣୁଙ୍କର ଏକ ନାମ—
3. A name of Bishnu.
ସଂ. ବିଣ—୧ । (+କର୍ତ୍ତୃ. ଅନ) ସନ୍ତାପଜନକ—
1. Oppressive; causing pain.
୨ । ତାପଜନକ—2 Heating; heat-producing.

ପ୍ରତାପ ପୁରୁଷୋତ୍ତମ ଦେବ—ଦେ. ବି. (ନାମ)—ସ୍ୱାଧୀନ ଉତ୍କଳର
Pratāpa purushottama deba ଜନୈକ ରାଜା—
Name of a king of Orissa.

ପ୍ରତାପବାନ୍—ସଂ. ବିଣ. ପୁଂ. (ପ୍ରତାପ+ଅସ୍ତି ଅର୍ଥରେ ବତ୍; ୧ମା.୧ବ)-
Pratāpabān ୧ । ପ୍ରତାପବିଶିଷ୍ଟ; ପରାକ୍ରମଶୀଳ—
(ପ୍ରତାପଶାଳୀ—ଅନ୍ୟରୂପ) 1. Powerful; mighty.
ପ୍ରତାପବତୀ } ସ୍ତ୍ରୀ
ପ୍ରତାପଶାଳିନୀ }
୨ । ଐଶ୍ୱର୍ଯ୍ୟଶାଳୀ; ପ୍ରଭାବଶାଳୀ—
2. Majestic; magnificent.
୩ । ଉତ୍ପୀଡ଼କ—3. Oppressive.
୪ । ତେଜୋମୟ—4. Glorious; grand.
୫ । ଉଜ୍ଜ୍ୱଳ—5. Splendid; radiant; shining.

ପ୍ରତାପ ରାମଚନ୍ଦ୍ର ଦେବ—ଦେ. ବି. (ନାମ)—ସ୍ୱାଧୀନ ଉତ୍କଳର ଜଣେ
Pratāpa rāmachandra deba ରାଜା—Name of a king of Orissa.

ପ୍ରତାପ ରାୟ—ଦେ. ବି. (ନାମ)—ଜନୈକ ପ୍ରାଚୀନ ଉତ୍କଳୀୟ କବି—
Pratāpa rāya An ancient poet of Orissa.
[ଦ୍ର—ଏ ଭଞ୍ଜଙ୍କ ପୂର୍ବ ଯୁଗର କବି । 'ଶଶିସେଣା' ଏହାଙ୍କ ପ୍ରଣୀତ ଗ୍ରନ୍ଥ ।]

ପ୍ରତାପରୁଦ୍ର ଦେବ—ଦେ. ବି. (ନାମ)—ସ୍ୱାଧୀନ ଉତ୍କଳର ଜନୈକ
Pratāparudra deba ପ୍ରସିଦ୍ଧ ରାଜା—A famous king of Orissa.
[ଦ୍ର—ଏ କାଞ୍ଚିବିଜୟୀ ପୁରୁଷୋତ୍ତମ ଦେବଙ୍କ ଔରସରେ ତାଙ୍କ ପତ୍ନୀ କାଞ୍ଚନେମା ପଦ୍ମାବତୀଙ୍କ ଗର୍ଭଜାତ ସନ୍ତାନ । ଏହାଙ୍କ ରାଜତ୍ୱ-କାଳରେ ବଙ୍ଗଦେଶର ପଠାଣମାନେ ଏକାଧିକବାର ଉତ୍କଳ ଆକ୍ରମଣ କରି ପରାସ୍ତ ହୋଇଥିଲେ । ଏ ଦାକ୍ଷିଣାତ୍ୟରେ ବହୁକାଳ ଯୁଦ୍ଧରେ ଲିପ୍ତ ଥିଲେ । ଏହାଙ୍କ ରାଜତ୍ୱରେ ଖେମଣ୍ଡୀର ରାଜାମାନେ ବିଦ୍ରୋହୀ ହୋଇଥିଲେ ଓ ପ୍ରଥମେ ଉତ୍କଳର ଗଜପତି ରାଜାଙ୍କର ପ୍ରଭୁତ୍ୱ କୃଷ୍ଣା ନଦୀର ଦକ୍ଷିଣରୁ ଅପସାରିତ ହେଲା । ଏ ବିଜୟନଗରର ରାଜା କୃଷ୍ଣରାୟଙ୍କ ସଙ୍ଗେ ସନ୍ଧି କରି ତାଙ୍କୁ ନିଜର କନ୍ୟା ପ୍ରଦାନ କରି-ଥିଲେ । ପରେ ଏ କୃଷ୍ଣା ଓ ଗୋଦାବରୀ ମଧ୍ୟସ୍ଥ ରାଜ୍ୟ ଗୋଲକୁଣ୍ଡାରୁ ମଧ୍ୟ ସନ୍ଧିଦ୍ୱାରା ଛାଡ଼ି ଦେଇଥିଲେ । ଏହାଙ୍କ ଅମଳରେ ଶ୍ରୀ ଚୈତନ୍ୟଦେବ ଓଡ଼ିଶାକୁ ଆସି ପୁରୀଠାରେ ଅବସ୍ଥାନ କରି ଉତ୍କଳରେ ବୈଷ୍ଣବଧର୍ମ ପ୍ରଚାର କରିଥିଲେ; ରାଜା ନିଜେ ଶ୍ରୀଚୈତନ୍ୟଙ୍କର ଜଣେ ଭକ୍ତ ହୋଇଥିଲେ । ଯାଜପୁରରେ ବରାହ-ନାଥଙ୍କ ମନ୍ଦିର ଓ ବୃହତ୍ ଦଶାଶ୍ୱମେଧ ଘାଟ ଏହାଙ୍କ କୀର୍ତ୍ତି । ଏ ପୁରୀ ଜିଲ୍ଲାରେ ବୀରପ୍ରତାପପୁର ପ୍ରଭୃତି ବ୍ରାହ୍ମଣ ଶାସନମାନ ବସାଇଥିଲେ । ଏହାଙ୍କ ସମୟରେ ଜଗନ୍ନାଥ ଦାସଙ୍କ ଭାଗବତ ଓ ବଳରାମ ଦାସଙ୍କ ରାମାୟଣ ରଚିତ ହୋଇଥିଲା । ଏହାଙ୍କ ରାଜତ୍ୱରେ ଉତ୍କଳ ସାହିତ୍ୟ ଓ ସଂସ୍କୃତ-ସାହିତ୍ୟ ଚର୍ଚ୍ଚାର ଆଦର ବଢ଼ିଥିଲା । ପର୍ତ୍ତୁଗୀଜ୍ ବଣିକ-ମାନେ ଏହି ସମୟରେ ଉତ୍କଳରେ ବାଣିଜ୍ୟର ସୂତ୍ରପାତ କରିଥିଲେ । ଏହାଙ୍କ ପରେ ଉତ୍କଳର ସ୍ୱାଧୀନତା ଲୋପ ହେଲା । ଏ ୧୪୯୫ ଖ୍ରୀଷ୍ଟାବ୍ଦରୁ ୧୫୩୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।]

ପ୍ରତାପାଦିତ୍ୟ—ଦେ. ବି. (ନାମ)—ବଙ୍ଗଦେଶର ଜନୈକ ସ୍ୱାଧୀନ ରାଜା-
Pratāpāditya Name of king of Bengal.
[ଦ୍ର—ଏ ଯଶୋହର ଦେଶର ରାଜା ଥିଲେ । ସମ୍ରାଟ୍ ଜାହାଙ୍ଗିରଙ୍କ ଆଦେଶ ଅନୁସାରେ ମାନସିଂହ ଏହାଙ୍କୁ ଯୁଦ୍ଧରେ ପରାସ୍ତ କରି ବନ୍ଦୀ କରିଥିଲେ । ଏ ବନ୍ଦୀ ଅବସ୍ଥାରେ ଜଗନ୍ନାଥ କ୍ଷେତ୍ରରେ ପ୍ରାଣତ୍ୟାଗ କଲେ ।]

ପ୍ରତାପାନ୍ୱିତ—ସଂ. ବିଣ. ପୁଂ. (ତୃ୍ୟା ତତ୍; ପ୍ରତାପ + ଅନ୍ୱିତ)—
Pratāpānwita ପ୍ରତାପବାନ୍ (ଦେଖ)
(ପ୍ରତାପାନ୍ୱିତା—ସ୍ତ୍ରୀ) Pratāpabān (See)

ପ୍ରତାପିବା—ଦେ. କ୍ରି. (ପଦ୍ୟ) (ସଂ. ପ୍ରତାପ)—ଉତ୍ତପ୍ତ କରିବା—
Pratāpibā प्रतापा तापना To heat.
ଯାହାର ମସ୍ତେ ଅଗ୍ନି ଜାତ
ତେଜେ ପ୍ରତାପଇ ଜଗତ । ଜଗନ୍ନାଥ. ଭାଗବତ ।

ପ୍ରତାପୀ—ସଂ. ବିଣ. ପୁଂ. (ପ୍ରତାପ+ଅସ୍ତ୍ୟ ଅର୍ଥରେ ଇନ୍; ୧ମା. ୧ବ)—
Pratāpi ପ୍ରତାପବାନ୍ (ଦେଖ)
(ପ୍ରତାପିନୀ—ସ୍ତ୍ରୀ) Pratāpabān (See)
ସଂ. ବି—ରାମଚନ୍ଦ୍ରଙ୍କର ଏକ ସଖା (ହି . ଶ·)—
Name of a friend of Rāmachandra.

ପ୍ରତାରକ—ସଂ. ବିଣ. (ପ୍ର+ତୃ ଧାତୁ=ଠକିବା+କର୍ତ୍ତୃ. ଅକ)—
Pratāraka ୧ । ପ୍ରତାରଣାକାରୀ; ବଞ୍ଚନାକାରୀ—
(ପ୍ରତାରିକା—ସ୍ତ୍ରୀ) 1 Cheating; perfidious.
୨ । ଧୂର୍ତ୍ତ—2. Sly; cunning.
ସଂ. ବି—ବଞ୍ଚକ; ଶଠ ବ୍ୟକ୍ତି—
A knave; a cheat.

ପ୍ରତାରଣ(ଣା)—ସଂ. ବି. (ପ୍ର+ତୃ ଧାତୁ+ଭାବ. ଅନ;+ଆ)—
Pratārana(nā) ୧ । ପ୍ରବଞ୍ଚନା; ଛଳନା—1. Fraud.
୨ । ଠକାମି—2. Cheating; deceit
୩ । ଧୂର୍ତ୍ତତା; ଶଠତା—3. Cunning.

ପ୍ରତାରଣ ଶୀଳ—ସଂ. ବିଣ. ପୁଂ. (ବହୁବ୍ରୀହି; ପ୍ରତାରଣ+ଶୀଳ=
Pratārana sila ପ୍ରକୃତି)—ବଞ୍ଚନାକାରୀ; ପ୍ରବଞ୍ଚକ (ବ୍ୟକ୍ତି)—
(ପ୍ରତାରଣଶୀଳା—ସ୍ତ୍ରୀ) Deceitful; perfidious.

ପ୍ରତାରଣାମୟ—ସଂ. ବିଣ. (ପ୍ରତାରଣା+ମୟ)—ଛଳନା ପୂର୍ଣ୍ଣ—
Pratāranāmaya Full of deceit.
(ପ୍ରତାରଣା ମୂଳକ—ଅନ୍ୟରୂପ)

ପ୍ରତାରିତ—ସଂ. ବିଣ. (ପ୍ର+ତୃ ଧାତୁ ଣିଜନ୍ତ ତାର ଧାତୁ+କର୍ମ. ତ)—
Pratārita ପ୍ରବଞ୍ଚିତ; ଯେ ଅନ୍ୟ ଦ୍ୱାରା ଠକା ଯାଇଥାଏ—
Deceived; cheated.
ସଂ. ବି (+ଭାବ. ତ)—ବଞ୍ଚନା—Deceit

ପ୍ରତାଲ—ଦେ. ବି. (ସେଟଲମେଣ୍ଟରେ ବ୍ୟବହୃତ ଶବ୍ଦ; ସଂ. ପର୍ଯ୍ୟବେକ୍ଷଣ
Pratāla ହି. ଶବ୍ଦସାଗର)—୧ । ତନଖିବା; ଚେକ୍ କରିବା—
प्रताल परताल, पड़ताल 1. Checking.
୨ । ପୁନଃ ପରୀକ୍ଷା—2. Re-examination.
୩ । କୌଣସି ବିଷୟକୁ ତନ୍ନ ତନ୍ନ କରି ଦେଖିବା—
3. Examining minutely.
୪ । ପୁନର୍ବାର ମାପିବା—4. Re-measurement.

ପ୍ରତାଲିବା—ଦେ. କ୍ରି—୧ । ପରତାଲିବା; କୌଣସି ବିଷୟ ଠିକ୍ ଅଛି କି
Pratāliba ନାହିଁ ଏହା ତନଖି କରି ବୁଝି ନେବା;
(ପ୍ରତାଲ କରିବା—ଅନ୍ୟରୂପ) ଅନୁଶୀଳିବା—1. To check;
प्रतालकरा पड़तालना to examine.
୨ । ପୁନର୍ବାର ପରୀକ୍ଷା କରିବା—
2. To re-examine a thing to see if it is correct or is as stated to be,
୩ । ପୁନର୍ବାର ମାପିବା—3. To re-measure.
[ଦ୍ର—ଓଡ଼ିଶା ସେଟଲମେଣ୍ଟରେ କସୁଲି ହିନ୍ଦୁସ୍ଥାନୀ ଅମିନମାନଙ୍କ ଦ୍ୱାରା ଏ ଦେଶରେ ପ୍ରଥମେ ଏ ଶବ୍ଦ ବ୍ୟବହୃତ ହେଲା । ଯେଉଁ ଜମିକୁ ଅମିନ ଥରେ ମାପି ଖସଡ଼ାରେ ନୋଟ୍ କରିଥାଏ ଉପରସ୍ଥ କର୍ମଚାରୀ ଉକ୍ତ ଅମିନର ନୋଟ୍ ଠିକ୍ କି ନାଁ ଏହା ଦେଖିବା ପାଇଁ ସରଜମିନକୁ ଆସି ସ୍ଥଳବିଶେଷରେ ମାପ କରି ଦେଖନ୍ତି, ଏହାକୁ ପ୍ରତାଲ କୁହାଯାଏ ।]

ପ୍ରତି—ସଂ. ଉପସର୍ଗ (ପ୍ରଥ୍ ଧାତୁ=ବିଖ୍ୟାତ ହେବା+ଭାବ ଅତି)—
Prati ଉପପଦ ବିଶେଷ (ନିମ୍ନଲିଖିତ ଅର୍ଥମାନ ସୂଚନାକରେ)—
A prefix indicating the following senses.
୧ । ପ୍ରଶସ୍ତି; ବିସ୍ତାର—1. Width; breadth.
୨ । ଦୁଇଥର—2. Twice.
୩ । ପୁନଃ ପୁନଃ; ପୁନର୍ବାର—3. Repeatedly; again.
(ଯଥା—ପ୍ରତିଧ୍ୱନି; ପ୍ରତିଗତ.)
୪ । ବଦଳ; ପରିବର୍ତ୍ତେ—
4. Instead of; in lieu of; exchange; barter.
(ଯଥା—ପ୍ରତିହିଂସା; ପ୍ରତିଦାନ; ପ୍ରତିଭୂ.)
୫ । ଦିଗରେ; ଅଭିମୁଖରେ—5. Towards.
(ଯଥା—ପ୍ରତିମୁଖ)
୬ । ଅନ୍ୟର ସ୍ଥାନରେ କାର୍ଯ୍ୟ କରିବା ପ୍ରତିନିଧି—
6. Substitute; representative.
୭ । ଦିଗକୁ; ଆଡ଼କୁ—7. To; towards.
୮ । ଏକ ଏକ; ପ୍ରତ୍ୟେକ—
8. Each; successive; every; one by one.
(ଯଥା—ପ୍ରତିଦିନ; ପ୍ରତିପଦ; ପ୍ରତିବର୍ଷ.)
୯ । ପରସ୍ପର—9. Each other.
(ଯଥା—ପ୍ରତିଘାତ)
୧୦ । ସମୀପ; ନିକଟ—10. Near.
(ଯଥା—ପ୍ରତିବାସୀ; ପ୍ରତିକଣ୍ଠ)
୧୧ । ଅଭିମୁଖ୍ୟ—11. In front.
(ଯଥା—ପ୍ରତିମୁଖ)
୧୨ । ସମ୍ବନ୍ଧ; ସମ୍ପର୍କ—12. Connection.
୧୩ । ସମାନତ୍ୱ; ସମତା—13. Equality; similarity.
(ଯଥା—ପ୍ରତିବିମ୍ବ; ପ୍ରତିବଳ; ପ୍ରତିଯୋଗିତା.)
୧୪ । ଅଗ୍ରଭାଗ—14. Top; fore part.
(ଯଥା—ପ୍ରତିଜଙ୍ଘା)
୧୫ । ଅଂଶ—15 Part.
୧୬ । ଅନୁସାରେ—16. According to.
୧୭ । ସ୍ୱଳ୍ପ; ସ୍ତୋକ—17. Little.
(ଯଥା—ପ୍ରତିଜିହ୍ୱା; ପ୍ରତିକୂପ)

୧୮ । ନକଲ—18. Copy.
(ଯଥା—ପ୍ରତିଲିପି)
୧୯ । ପ୍ରତିକୂଳତା; ବୈପରୀତ୍ୟ—19. Opposition.
(ଯଥା—ପ୍ରତିକ୍ରିୟା; ପ୍ରତିବାଦୀ)
୨୦ । ସମ୍ବନ୍ଧରେ—20. About.
୨୧ । ଉଦ୍ଦେଶ୍ୟ; ଲକ୍ଷ୍ୟ—21. Aim.
(ଯଥା—ପ୍ରତିବର୍ତ୍ତନ)
୨୨ । ଉପଯୋଗୀ—22. Fit; fitting.
(ଯଥା—ପ୍ରତିଭାଳୀ)
୨୩ । ସାଦୃଶ୍ୟ; ଅନୁରୂପ—
23. Resemblance; similarity.
(ଯଥା—ପ୍ରତିମା; ପ୍ରତିମୂର୍ତ୍ତି; ପ୍ରତିକାଶ; ପ୍ରତିକୃତି)
୨୪ । ସଜ୍ଜା—24. Dress; adornment.
(ଯଥା—ପ୍ରତିକର୍ମ)
୨୫ । ବିରୋଧ—25. Contrariety; contradiction.
(ଯଥା—ପ୍ରତିକାର)
୨୬ । ବିରୋଧରେ—26. Against.
(ଯଥା—ପ୍ରତିଦ୍ୱନ୍ଦୀ; ପ୍ରତିକୂଳ)
୨୭ । ନିଶ୍ଚୟ—27. Certainly.
(ଯଥା—ପ୍ରତିଗ୍ରହ; ପ୍ରତିଜ୍ଞା)
୨୮ । ନିନ୍ଦା—28 Censure; blame.
(ଯଥା ପ୍ରତିକ୍ଷିପ୍ତ)
୨୯ । ମନ୍ଦ; ନିକୃଷ୍ଟ—29. Inferior; bad.
(ଯଥା—ପ୍ରତିକୃଷ୍ଟ)
୩୦ । ସ୍ୱଭାବ—30 Nature.
୩୧ । ସମାଧି—31. Meditation.
୩୨ । ପଶ୍ଚାତ୍—32. Behind.
(ଯଥା—ପ୍ରତୀଚୀ)
୩୩ । ଶରୀର; ଦେହ—33. Body.
(ଯଥା—ପ୍ରତିକର୍ମ)
୩୪ । ବିଶିଷ୍ଟରୂପେ—34. Particularly.
(ଯଥା—ପ୍ରତିନନ୍ଦନ; ପ୍ରତିବୋଧ; ପ୍ରତିଶୟନ)
୩୫ । ସମ୍ପର୍କରେ ଦୂରତର—
35 More distant in relationship.
(ଯଥା—ପ୍ରତିନପ୍ତା)
୩୬ । ପ୍ରଥମ—36. First.
(ଯଥା—ପ୍ରତିପଦ୍)
୩୭ । ଲେଉଟରେ; ପ୍ରତିବଦଳରେ—37 In return.
(ଯଥା—ପ୍ରତିବାର୍ତ୍ତା; ପ୍ରତିଧ୍ୱନି, ପ୍ରତ୍ୟୁପକାର ।)
୩୮ । ସର୍ବଦା—38 Always.
(ଯଥା—ପ୍ରତିକ୍ଷଣ)
୩୯ । ସର୍ବତୋଭାବରେ—39. In all respects.
୪୦ । ଉତ୍ତରରେ—40. In reply.
(ଯଥା—ପ୍ରତ୍ୟୁତ୍ତର, ପ୍ରତିବାକ୍ୟ)
୪୧ । (ଉପପଦ) (ଅନ୍ୟ ଶବ୍ଦ ପରେ ସ୍ୱତନ୍ତ୍ର ବ୍ୟବହାର)—
ଅମୁକକୁ ଲକ୍ଷ କରି—41. Aiming at.
(ଯଥା—ଭୀମ ତତ୍ ପ୍ରତି ଶର ନିକ୍ଷେପ କଲେ)
୪୨ । (ଉପପଦ) ଅମୁକ ଆଡ଼କୁ; ଅଭିମୁଖରେ—
42. Towards.
୪୩ । (ଉପପଦ)କୁ; ନିକଟକୁ—43. To; near.
(ଯଥା—ଗୁରୁଙ୍କ ପ୍ରତି ଶ୍ରଦ୍ଧା କରିବ)
ଦେ॰ ବି. (ସଂ. ପ୍ରତି ଉପସର୍ଗ—ପ୍ରଶସ୍ତି)—୧ । ପ୍ରସ୍ଥ; ଓସାର; ଚଉଡ଼ା—1. Width; breadth.
ଦୀର୍ଘ ପ୍ରତି ଯୋଜନ ପଞ୍ଚ ପ୍ରମାଣତ
ବେଢ଼ୀ ଏହି ଅଛି ଦେଶ ହେ ନରପତି । କୃଷ୍ଣସିଂହ ମହାଭାରତ ବନ ।
୨ । ପରସ୍ତ; ସ୍ତର—2. Layer; fold.
ଛନ ପ୍ରତି କରି ବନ୍ଧ ଉପରେ,
ବାନ୍ଧନ୍ତି ବନ୍ଧ ତାହା ପ୍ରାନ୍ତଣରେ । ପ୍ରାଚୀ—ପରବେ ଶୀଘ୍ର ।
ଦେ. ଅ.—୧ । ଠାରୁ; ଅପେକ୍ଷା—
1. From; than.
ବ୍ରହ୍ମହତ୍ୟା ପ୍ରତି ଶରଣାଗତ ଲୋକେ
ଛାଡ଼ି ଦେଲେ ପାତକ ହୁଅଇ ଅଧିକେ । କୃଷ୍ଣସିଂହ. ମହାଭାରତ । ବନ ।
କର ଯା କରେ ମୂର୍ଖକୁ ସ୍ତୁତି, ଏସବୁ ବନ ଜାଣି ବପତ୍ତି;
ଏଥିକି ପ୍ରତି ଗରଳରେ କାଳ ମାରିବା ଭଲ ସେ । ଗୋକୁଳକୃଷ୍ଣ. ରସକଲ୍ଲୋଳ ।
୨ । (ସଂ. ପ୍ରତ୍ୟହ)—ପ୍ରତିଦିନ; ନିତି—2. Everyday.
(ଯଥା—ନିତିପ୍ରତି = ପ୍ରତିଦିନ ।)
[ଦ୍ର—ଏହି ଅର୍ଥରେ ଏହା 'ନିତି' ଶବ୍ଦ ସଙ୍ଗେ ଏକାର୍ଥକ ସହଚର ଶବ୍ଦରୂପେ ବ୍ୟବହୃତ ହୁଏ ।]
ପ୍ରାଦେ. (ଗଞ୍ଜାମ) ଅ—ଅନୁସାରେ, ଅନୁଯାୟୀ—
According to.
[ଦ୍ର—ନବରଚିତ ସଙ୍ଗୀତାଦିର ଶିରୋନାମାରେ ଏହା ବ୍ୟବହୃତ ହୁଏ । କୌଣସି ପୁରାତନ ସଙ୍ଗୀତ ବା ରାଗ ବା ବାଣୀ ଲେଖି ତାହା ପରେ ଏହି 'ପ୍ରତି' ଶବ୍ଦ ଲେଖିଲେ ବୁଝାଯାଏ ଯେ ନବରଚିତ ସଙ୍ଗୀତଟି ଉକ୍ତ ପୁରାତନ ଗୀତ ବା ରାଗ ଅନୁସାରେ ଗାଇବାକୁ ହେବ ।]

ପ୍ରତି ଆଶା—ଦେ. (ପଦ୍ୟ) ବି. (ସଂ. ପ୍ରତ୍ୟାଶା)—ପ୍ରତ୍ୟାଶା; ବିଶେଷ
Prati āśā ପ୍ରତିଆଶା ଆଶା—Hope.
ପ୍ରତି ଆଶାରେ ସେ ରମା ରୂପ ଧରି ଗଲେ ।
ଉପେ॰ କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ପ୍ରତି ଉତ୍ତର—ଦେ. (ପଦ୍ୟ) ବି. (ସଂ. ପ୍ରତ୍ୟୁତ୍ତର)—ପ୍ରତ୍ୟୁତ୍ତର—
Prati uttara Reply.
ପ୍ରତିଉତ୍ତର, କାଲି କି ହେବ ସତ ହୋଇ ।
ଉପେ॰ କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ପ୍ରତି ଉପକାର—ଦେ. (ପଦ୍ୟ) ବି.—(ସଂ. ପ୍ରତ୍ୟୁପକାର) ପ୍ରତ୍ୟୁପକାର—
Prati upakāra A return for kindness.
ପ୍ରତି ଉପକାର ଏହାଙ୍କୁ କରିବାର,
କାଳରେ ମଧ୍ୟ ଘଟିତ ହୋଇବ ସଂସାର । କୃଷ୍ଣସିଂହ. ମହାଭାରତ. ଅଦି ।

ପ୍ରତି ଓଜେ(ଝେ)—ଦେ. କ୍ରି. ବିଣ—ପ୍ରତିବଦଳରେ; ପରିବର୍ତ୍ତରେ—
Prati oje (jhe) In lieu of; in exchange for.

ପ୍ରତିକ—ସ. ବିଣ. (କାର୍ଷାପଣ + ଇକ; ପ୍ରକୃତିବାଦ; ନିପାତନ)—ଷୋଳ
Pratika ପଣ ବା କାହାଣେ କଉଡ଼ିରେ କ୍ରୀତ—Purchased with one kāhāṇa or 1280 cowries (shell).

ପ୍ରତି କଚ୍ଛ(ଛ,କ୍ଷ)—ଦେ. ବିଣ. (ସ. ପ୍ରତି ଓ କକ୍ଷ; ଭୁଲ. ସମକକ୍ଷ)—
Prati kachha (chhha, ksha) ୧ । ପ୍ରତିଯୋଗୀ—1 Rival.
୨ । ସମକକ୍ଷ—2. Equal.
ଏହି ପ୍ରକାରେ କଲ ପ୍ରତିକଚ୍ଛ ।
ପ୍ରାଚୀ. ରଘୁବଂଶକଥନ ।

ପ୍ରତି କଞ୍ଚୁକ—ସ. ବି.—ଶତ୍ରୁ (ହି. ଶ.)—
Prati kañchuka Adversary (Apte).

ପ୍ରତି କଣ୍ଠ—ସ. ଅ—(ଅବ୍ୟୟୀଭାବ; କଣ୍ଠର ପ୍ରତି=ସମୀପ)—କଣ୍ଠ
Prati kaṇṭha ନିକଟରେ; ଗଳା ପାଖରେ—Near the neck.

ପ୍ରତିକରଣୀୟ—ସ ବି. (ପ୍ରତି + କରଣୀୟ)—ପ୍ରତିକାର୍ଯ୍ୟ (ଦେଖ)
Pratikaraṇiya Pratikārjya (See)

ପ୍ରତିକର୍ମ—ସ. ବି.—୧ । (ପ୍ରତି=ବିରୋଧରେ+କର୍ମ)—ପ୍ରତିକ୍ରିୟା—
Prati karma 1. Reaction.
୨ । ପ୍ରତିକାର—2. Remedy.
୩ । (ପ୍ରତି=ଦେହ ସଜ୍ଜା+କର୍ମ) ଦେହର ବେଶଭୂଷା; ପ୍ରସାଧନ—3. Decoration; dressing; toilet; personal embellishment.

ପ୍ରତି(ତୀ)କାର—ସ. ବି. (ପ୍ରତି=ବିରୁଦ୍ଧ + କୃ ଧାତୁ+ଭାବ. ଅ ବା ଘଞ୍
Prati(tī)kāra 'ଘଞ' ପ୍ରତ୍ୟୟ; ଘଞ ପ୍ରତ୍ୟୟ ହେଲେ ପୂର୍ବବର୍ତ୍ତୀ ଉପସର୍ଗର ଶେଷ ସ୍ୱର ବିକଳ୍ପେ ଦୀର୍ଘ ହୁଏ; ତୁଳନୀୟର ପ୍ରତୀକାଶ, ନୀକାଶ ଇତ୍ୟାଦି)—୧ । ପ୍ରତିକ୍ରିୟା; ପ୍ରତିବିଧାନ—1. Remedy; counter-action.
୨ । ପ୍ରତିଶୋଧ; ବୈରି ନିର୍ଯାତନ; ପ୍ରତିହିଂସା—2. Revenge; retaliation.
୩ । ପ୍ରତିଫଳ—3. Requital.
୪ । କ୍ଷତିପୂରଣ—4. Compensation.
୫ । ଉପଚାର; ଉପାୟ—5. Measure; means.
୬ । ଚିକିତ୍ସା—6. Medical treatment.
୭ । ଉପଶମ—7. Recovery; improvement; alleviation.
୮ । ପ୍ରତିକୂଳାଚରଣ—8. Acting in opposition.
୯ । ଋଣାଦିର ପରିଶୋଧ—9. Discharge of a debt or obligation.

ପ୍ରତି(ତୀ)କାରକ—ସ. ବିଣ. ପୁଂ (ପ୍ରତି + କୃ ଧାତୁ + କର୍ତ୍ତୃ. ଅକ)—
Prati(tī)kāraka ଯେ ପ୍ରତିକାର ବା ପ୍ରତିବିଧାନ ଅଡ଼ କରେ—
(ପ୍ରତିକାରିକା—ସ୍ତ୍ରୀ) Counteracting; remedying; retaliating.

ପ୍ରତି(ତୀ)କାର୍ଯ୍ୟ—ସ. ବିଣ. (ପ୍ରତି + କୃ ଧାତୁ + କର୍ମ. ଯ)—ପ୍ରତିକାର
Prati(tī)kārjya କରିବା ଯୋଗ୍ୟ—Remediable.

ପ୍ରତି(ତୀ)କାଶ—ସ. ବିଣ. (ପ୍ରତି=ସାଦୃଶ୍ୟ+କାଶ ଧାତୁ=ପ୍ରାପ୍ତି ପାଇବା
Prati(tī)kāśa +ଭାବ. ଅ)—ସଦୃଶ; ତୁଲ୍ୟ ଦେଖାଯିବା—Resembling; having the appearance of.

ପ୍ରତିକି(କୁ,ରେ)—ଦେ. ଅ.—ଠାରୁ; ଅପେକ୍ଷା—From; than.
Pratiki(ku,re) ସବୁ ଧର୍ମ ପ୍ରତିକ ସତ୍ୟ ଅଟେ ସାର ।
କୃଷ୍ଣସିଂ ଭ—ମହାଭାରତ, ବନ ।

ପ୍ରତିକୂପ—ସ. ବି. (ପ୍ରତି=କ୍ଷୁଦ୍ର+କୂପ)—ଗଡ଼ଖାଇ; ପରିଖା—
Pratikūpa A moat; ditch.

ପ୍ରତିକୂଳ—ସ. ବିଣ. (ପ୍ରତି=ବିରୁଦ୍ଧ+କୂଳ)—୧ । ବିପକ୍ଷ; ବିପରୀତ—
Pratikūla 1. Contrary; opposite.
[ପ୍ରତିକୂଳତା(ତ୍ୱ)—ବି] ୨ । ବିରୋଧୀ—2. Adverse; opposing.
୩ । ଶତ୍ରୁଭାବାପନ୍ନ—3. Inimical; hostile.
୪ । ଓଲଟା—4. Inverse.
୫ । ଅପ୍ରସନ୍ନ; ବାମ—5. Unfavourable.

ପ୍ରତିକୃତି—ସ. ବି. (ପ୍ରତି=ପୁନର୍ବାର+କୃ ଧାତୁ+କରଣ. ତି)—
Pratikṛuti ୧ । ପ୍ରତିମୂର୍ତ୍ତି—1. Effigy; statue.
୨ । ନକଲ—2. Copy; counterfoil.
୩ । ପ୍ରତିବିମ୍ବ—3. Image; reflection.
୪ । ପ୍ରତିନିଧି—4. Substitute; deputy.
୫ । (+ଭାବ. ତି) ପ୍ରତିବିଧାନ; ପ୍ରତିକାର—5. Remedy.
୬ । ସାଦୃଶ୍ୟ—6. Resemblance; likeness.
୭ । ପ୍ରତିହିଂସା—7. Revenge.
୮ । ପ୍ରତିଶୋଧ—8 Retaliation.

ପ୍ରତିକୃଷ୍ଟ—ସଂ ବି. (ପ୍ରତି+କୃଷ୍ଟ)—୧ । ନିକୃଷ୍ଟ—
Pratikṛushṭa 1. Inferior; mean
୨ । ଦୁଇଥର କର୍ଷିତ ହୋଇଥିବା; ଦୁଇ ଥର ଚଷ କରାଯାଇ ଥିବା (ଜମି)—2. Tilled twice.

ପ୍ରତିକ୍ରିୟା—ସ. ବି. (ପ୍ରତି+କ୍ରିୟା)—୧ । ପ୍ରତିଶୋଧ—
Pratikriyā 1. Requital; retaliation.
୨ । ପ୍ରତିବିଧାନ; ପ୍ରତିକାର—2. Counteraction.
୩ । ପ୍ରସାଧନ; ଭୂଷଣ—3 Decoration; dressing.
୪ । ଶୋଭା—4. Embellishment.
୫ । ବିପରୀତ କ୍ରିୟା—5. Reaction.

ପ୍ରତିକ୍ଷଣ—ସ. କ୍ରି. ବିଣ. (ବୀପ୍ସାର୍ଥେ ଅବ୍ୟୟୀଭାବ; କ୍ଷଣକ୍ଷଣ)—
Pratikshaṇa ୧ । ପ୍ରତି ମୁହୂର୍ତ୍ତରେ—
(ପ୍ରତିକ୍ଷଣେ—ଦେଶଜରୂପ) 1. Every movement.
୨ । ସର୍ବଦା—2. Constantly.
୩ । ପୁନଃ ପୁନଃ—3. Repeatedly.

ପ୍ରତିକ୍ଷିପ୍ତ—ସ. ବିଣ. (ପ୍ରତି+କ୍ଷିପ୍ତ)—
Pratikshipta ୧ । ପ୍ରେରିତ—1. Sent; dispatched;
(ପ୍ରତିକ୍ଷେପ—ବି) deputed.
୨ । ନିନ୍ଦିତ—2. Calumniated; blamed.

୩ । ତିରସ୍କୃତ; ଭର୍ତ୍ସିତ—3. Censured; reviled.
୪ । ଅସ୍ୱୀକୃତ—4. Repudiated.
୫ । ନିବାରିତ—5. Prohibited; resisted.
୬ । ପଦଚ୍ୟୁତ—6. Dismissed.
୭ । ନାମଞ୍ଜୁର କରି ଯାଇଥିବା; କଣ୍ଟିତ—
7. Refused; rejected.
୮ । ବାଧିତ—8 Obliged.

ପ୍ରତିକ୍ଷେପ—ସଂ. ବି. (ପ୍ରତି+କ୍ଷେପ)—
Pratikshepa ୧ । ନିରାଶା—1. Hopelessness; desperation.
(ପ୍ରତିକ୍ଷିପ୍ତ—ବିଣ)
୨ । ତିରସ୍କାର—2. Rebuke.
୩ । ନିବାରଣ—3. Prohibition.
୪ । ତ୍ୟାଗ—4 Abandonment.
୫ । ପ୍ରେରଣ—5. Deputation; despatching.
୬ । ପଦଚ୍ୟୁତି—6. Dismissal.

ପ୍ରତିଗମ—ଦେ. ବି—ଆଗେଇ ଅଣିବା—
Pratigama Going in advance for some distance to receive a coming person.
ପ୍ରତିଗମ ଭବେ ମୂର୍ଚ୍ଛା, ସ୍ୱଭାବେ କନକ ଇଚ୍ଛା
କନକ ଅଭାବ ପୂର୍ବେ ନକୁଞ୍ଜେ ବର୍ଷ । ଉ୍ୟାଗୀ. ଉର୍ଷବାଦଧ ।

ପ୍ରତିଗର୍ଜନ—ସଂ. ବି. (ପ୍ରତି+ଗର୍ଜନ)—
Pratigarjana ୧ । ଏକ ଗର୍ଜନର ପ୍ରତ୍ୟୁତ୍ତରରେ କରାଯିବା ଗର୍ଜନ—
1. An answering roar.
୨ । ଗର୍ଜନର ପ୍ରତିଧ୍ୱନି—2. Echo of a roar.

ପ୍ରତିଗିର—ଦେ. ବି. (ସଂ. ପ୍ରତି+ଗିର୍)—ପ୍ରତିବଚନ; ପ୍ରତ୍ୟୁତ୍ତର—
Pratigira Rejoinder.

ପ୍ରତିଗିରି—ସଂ. ବି. (ପ୍ରତି+ଗିରି)—
Pratigiri ୧ । ଏକ ପର୍ବତର ବିପରୀତ ଦିଗରେ ବା ସମ୍ମୁଖରେ ଥିବା ପର୍ବତ—1. A mountain standing opposite to another mountain.
୨ । ନିକୃଷ୍ଟ ବା କ୍ଷୁଦ୍ର ପର୍ବତ; ପାହାଡ଼—2. Small or inferior mountain; hill.
୩ । ପର୍ବତ ପରି ଦେଖା ଯାଉଥିବା ସ୍ଥାନ ବା ବସ୍ତୁ—
3. Anything appearing like a mountain (Howells).

ପ୍ରତିଗୃହୀତ—ସଂ. ବିଣ (ପ୍ରତି+ଗ୍ରହ୍ ଧାତୁ+କର୍ମ. ତ)—
Pratigṛuhita ୧ । ସ୍ୱକୀୟ ବୋଲି ଗୃହୀତ—
(ପ୍ରତିଗୃହୀତା—ସ୍ତ୍ରୀ) 1. Acknowledged.
୨ । ସ୍ୱୀକୃତ—2. Assented to; affiliated.
୩ । ଗୃହୀତ—3. Received; accepted.

ପ୍ରତିଗ୍ର(ଗ୍ରା)ହ—ସଂ. ବି. (ପ୍ରତି+ଗ୍ରହ୍ ଧାତୁ+ଭାବ. ଅ)—
Pratigra(grā)ha ୧ । ଦାନ ଗ୍ରହଣ—1. Accepting a gift; acceptance of a gift.
(ପ୍ରତିଗ୍ରହଣ—ଅନ୍ୟରୂପ)
୨ । ଦାନ ଗ୍ରହଣ କରିବାର ଅଧିକାର—
2 Right to receive a gift.
[ଦ୍ର—ଶାସ୍ତ୍ର ଅନୁସାରେ ବ୍ରାହ୍ମଣର ଷଟ୍‌କର୍ମ ମଧ୍ୟରୁ ଏହା ଏକତମ ।]
୩ । ଅଙ୍ଗୀକାର—3. Acknowledgement.
୪ । ସ୍ୱୀକାର—4. Assent; agreement.
୫ । ପ୍ରତ୍ୟଭିଯୋଗ; ନାଲିସ ବିରୋଧରେ ନାଲିସ—
5. Counter-charge.
୬ । ଅପିଲ୍—6. Appeal.
୭ । ପ୍ରତିକୂଳ ଗ୍ରହ—7. Unfavourable planet; a malignant planet.
୮ । ଅନୁଗ୍ରହ—8. Favour.
୯ । ଦେୟ ବସ୍ତୁ—9. Gift; donation.
୧୦ । ପତଦ୍‌ଗ୍ରହ; ପିକଦାନ—
10. A spitting pot; spittoon.
୧୧ । ବନ୍ଧୁଭର୍ତ୍ସନା; ବନ୍ଧୁର ସମାଦର—
11. Friendly reception (Howells).
୧୨ । ସୈନ୍ୟ ରକ୍ଷା; ସୈନ୍ୟ ପାଳନ—12. Defence or maintenance of an army.
୧୩ । (+କର୍ମ. ଅ) ସୈନ୍ୟ ପୃଷ୍ଠ; କ୍ଲାନ୍ତ ସୈନ୍ୟଙ୍କ ସ୍ଥାନ ପୂରଣ କରିବା ନିମନ୍ତେ ସୈନ୍ୟସନ୍ନିବେଶର ପଛକୁ ୮୦୦ ହାତ ଦୂରରେ ରକ୍ଷିତ ସୈନ୍ୟ ଦଳ—
13. The reserve of an army.

ପ୍ରତିଗ୍ରାହୀ—ସଂ. ବିଣ. ପୁଂ (ପ୍ରତି+ଗ୍ରହ୍ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)—
Pratigrāhi ଯେ ପ୍ରତିଗ୍ରହ ବା ଦାନ ଗ୍ରହଣ କରେ—
(ପ୍ରତିଗ୍ରାହିଣୀ—ସ୍ତ୍ରୀ) Accepting gift.
ସଂ. ବି. ପୁଂ—ଦାନ ଗ୍ରହଣକାରୀ ବ୍ୟକ୍ତି—Donee.

ପ୍ରତିଘ—ସଂ. ବି. (ପ୍ରତି+ହନ୍ ଧାତୁ+କରଣ. ଅ)—
Pratigha ୧ । କ୍ରୋଧ—1. Wrath; rage.
୨ । (+ଭାବ. ଅ) ପ୍ରତିଘାତ—2. Return blow.
୩ । ପରସ୍ପର ସଂଗ୍ରାମ—3. Mutual fighting.
୪ । (+କର୍ମ. ଅ) ଶତ୍ରୁ—4. Enemy.
୫ । ମୂର୍ଚ୍ଛା—5. Fainting.
୬ । (+କର୍ତ୍ତୃ. ଅ) ପ୍ରତିବନ୍ଧକ—6. Obstacle.
ସଂ. ବିଣ. (+କର୍ତ୍ତୃ. ଅ) ପ୍ରତିକୂଳ—
Adverse; unfavourable.

ପ୍ରତି(ତୀ)ଘାତ—ସଂ. ବି. (ପ୍ରତି+ହନ ଧାତୁ+ଭାବ. ଅ)—
Prati(tī)ghāta ୧ । ଆହତ ବସ୍ତୁ ଆଘାତ କରିବା ପଦାର୍ଥକୁ ଯେଉଁ ନେଇଉଠ ଆଘାତ କରେ—1. Counter-stroke; a blow in return.
୨ । କୌଣସି ଆଘାତକୁ ସମ୍ଭାଳିବା ବା ଠେଲିବା ପାଇଁ ବ୍ୟବହୃତ ବଳ—2. Repulsion.
୩ । ଠକ୍କର; ଠୋକର—3. Repulse; rebound.
୪ । ବ୍ୟାଘାତ; ବିଘ୍ନ—5. Obstruction; hinderance.
୫ । ବିରୋଧ—5. Opposition.
୬ । ଶତ୍ରୁତା—6. Enmity.

୭ । କ୍ଷେପ—7. Throwing; casting.
୮ । ନିରାସ; ନିରାକରଣ—
8. Warding off; rebuff.

ପ୍ରତିଘାତନ—ସ. ବି. (ପ୍ରତି+ଘାତନ)—୧ । ମାରଣ; ହତ୍ୟା; ବଧ; Pratighātana ପ୍ରାଣସଂହାର—1. Killing; slaughter.
୨ । ପ୍ରତ୍ୟାଘାତକରଣ—
2. Repelling; striking in return.
୩ । ବିଘ୍ନ; ବାଧା—3. Obstruction.

ପ୍ରତିଚକ୍ଷୁ—ସ. ବି. (ପ୍ରତି+ଚକ୍ଷୁ)—ଚଷମା; ପ୍ରଚକ୍ଷୁ—
Pratichakshuh Spectacles.
(ପ୍ରତିଚକ୍ଷୁ—ଦେଶଜରୂପ)
ଚକ୍ଷୁ ନ ହେବ କେହ ମଦେ ମତ୍ତ ପ୍ରତିଚକ୍ଷୁ ପରି ।
ଉଷ. ବୈଦେହୀଶବିଳାସ ।

ପ୍ରତିଚ୍ଛାୟା—ସ. ବି. (ପ୍ରତି+ଛାୟା; ସନ୍ଧିଯୋଗୁଁ 'ଛ' ସ୍ଥାନରେ 'ଚ୍ଛ')—
Pratichchhāyā ୧ । ପ୍ରତିମୂର୍ତ୍ତି; ପ୍ରତିକୃତି—
1. A statue; image.
୨ । ଚିତ୍ର; ଛବି—2. A picture.
୩ । ଫଟୋ—3. Photo.
୪ । ସାଦୃଶ୍ୟ—4. Resemblance.
୫ । ପ୍ରତିବିମ୍ବ—5. Reflected image.
୬ । ଛାୟା—6. Shadow.

ପ୍ରତିଜଂଘା—ସ. ବି. (ପ୍ରତି=ଅଗ୍ରଭାଗ+ଜଂଘା)—ଅଗ୍ରଜଙ୍ଘା; ଜଙ୍ଘର
Pratijamghā ଅଗ୍ରଭାଗ—The fore part of the thigh.

ପ୍ରତିଜିହ୍ୱା—ସ. ବି. (ପ୍ରତି=କ୍ଷୁଦ୍ର+ଜିହ୍ୱା)—ତାଳୁମୂଳସ୍ଥ କ୍ଷୁଦ୍ର ଜିହ୍ୱା; Partijihwā ଘଣ୍ଟିକା—Uvula; soft palate.

ପ୍ରତିଜ୍ଞା—ସ. ବି. (ପ୍ରତି+ଜ୍ଞା ଧାତୁ+ଭାବ ଅ+ସ୍ତ୍ରୀ. ଆ)—
Partijnā ୧ । ଶପଥ; ପଣ—1. Vow; oath.
୨ । ସ୍ୱୀକାର—
2. Assent; admission; acknowledgement.
୩ । ବାଗ୍‌ଦାନ; ପ୍ରତିଶ୍ରୁତି; ଅଙ୍ଗୀକାର—
3. Promise; agreement.
୪ । ଘୋଷଣା—4. Declaration.
୫ । କର୍ତ୍ତବ୍ୟାବଧାରଣ; ଉଦ୍ଦେଶ୍ୟସାଧନ ନିମନ୍ତେ ଦୃଢ଼ସଂକଳ୍ପ—
5. Determination; resolution.
୬ । ପ୍ରସ୍ତାବ—6. A proposal.
୭ । (ନ୍ୟାୟ) ନ୍ୟାୟର ପ୍ରତିପାଦ୍ୟ-ନିର୍ଦ୍ଦେଶକ ବାକ୍ୟ—
7. (Logic) Proposition; assertion.
୮ । (ଗଣିତ) ଅଙ୍କଶାସ୍ତ୍ରର ସାଧ୍ୟ ବିଷୟ—
8. A mathematical proposition.
୯ । (ଜ୍ୟାମିତି) ପ୍ରସ୍ତାବ; ଜ୍ୟାମିତିର ଉପପାଦ୍ୟ ବିଷୟ ଅର୍ଥାତ୍ ଯେଉଁ ପ୍ରସ୍ତାବକୁ ପ୍ରମାଣ କରାଯାଏ—
9. Geometrical proposition; theorem.
୧୦ । ଅଭିଯୋଗ; ମକଦ୍ଦମାର ଅରଜି—
10. Plaint; complaint
୧୧ । ମକଦ୍ଦମାରେ ପ୍ରମାଣିତ ହେବା ବିଷୟ; ଇସୁ—
11, The points to be proved in a suit; issue.
বাহাদুরী, डींग ଦେ. ବି—୧ । ପରାକ୍ରମ; କର୍ମମତ—
1. Might; power; prowess.
୨ । ଆପଣାର କ୍ଷମତାକୁ ବଢ଼ାଇ; ଆତ୍ମପ୍ରଶଂସା—
2. Declaration of one's prowess.
ବେଢ଼ି କରନ୍ତେ ଚିହ୍ନ ବଚଥ ପ୍ରତିଜ୍ଞା କହି—ଉଷ. ବୈଦେହୀଶବିଳାସ ।
ଗ୍ରା. ବିଣ—ପରାକ୍ରମୀ—Mighty.
(ଯଥା—ଆମ ଗାଁଅର ମାଳକଣ୍ଠ ନାଥେ ଭାରି ପ୍ରତିଜ୍ଞା ଦେବତା)

ପ୍ରତିଜ୍ଞା କରିବା—ଦେ. କ୍ରି—୧ । ଆପଣାର କର୍ମମତ୍ତ ବା ପରାକ୍ରମ
Pratijnā karibā ବିଷୟରେ ବଢ଼ାଇ କରିବା; ବାଲ୍‌ଙ୍ଗି
(ପ୍ରତିଜ୍ଞା କହିବା; ପ୍ରତିଜ୍ଞା କାଢ଼ିବା—ଅନ୍ୟରୂପ) କରିବା—
প্রতিজ্ঞাকরা **बानगीकरना** 1. To brag or boast of one's prowess
୨ । (କଚରଆ)—ଶପଥପୂର୍ବକ କହିବା—
2. To declare solemnly.

ପ୍ରତିଜ୍ଞାତ—ସ. ବିଣ. (ପ୍ରତି+ଜ୍ଞା ଧାତୁ+କର୍ମ ତ)—୧ । ଅବଧାରିତ—
Pratijnāta 1. Determined; resolved.
୨ । ସ୍ୱୀକୃତ—2. Agreed; admitted.
୩ । ଅଙ୍ଗୀକୃତ—3 Promised; vowed.
୪ । ପ୍ରକାଶିତ; ବ୍ୟକ୍ତ; ଘୋଷିତ—4. Propounded.
୫ । ପ୍ରସ୍ତାବିତ—5. Proposed.
ସ. ବି—(+ଭାବ.ତ) ପ୍ରତିଜ୍ଞା—Proposal; vow; promise.

ପ୍ରତିଜ୍ଞା ପତ୍ର—ସ. ବି (ମ. ପ. ଲୋ. କର୍ମଧା; ପ୍ରତିଜ୍ଞା+ପତ୍ର)—
Pratijnā patra ୧ । ଅଙ୍ଗୀକାର ଲିପି; ଯେଉଁ ଲିପିରେ କୌଣସି ବ୍ୟକ୍ତି କୌଣସି ବିଷୟ ଘୋଷଣା କରେ—
1. Affidavit; solemn statement in writing.
୨ । ଏକରାରନାମା; ଚୁକ୍ତିପତ୍ର—
2 Written agreement; a deed of contract.
୩ । ଘୋଷଣାପତ୍ର—3. A written declaration.
୪ । ହାଣ୍ଡନୋଟ୍; ପରେ ଟଙ୍କା ଦେବାପାଇଁ କରାଯିବା ସ୍ୱୀକାରପତ୍ର—
4. A promissory note; a handnote.

ପ୍ରତିଜ୍ଞାବଦ୍ଧ—ସ. ବିଣ. ପୁଂ (୩ୟା ତତ୍; ପ୍ରତିଜ୍ଞା+ଅବଦ୍ଧ)—କୌଣସି
Pratijnābaddha କର୍ମ କରିବାକୁ ଅଙ୍ଗୀକାର ଦ୍ୱାରା ବାଧ୍ୟ ଥିବା—
(ପ୍ରତିଜ୍ଞାବଦ୍ଧା—ସ୍ତ୍ରୀ) Promise-bound; bound to do a certain act by virtue of a solemn promise.

ପ୍ରତିଜ୍ଞା ଭଙ୍ଗ—ସ. ବି (୬ଷ୍ଠୀ ତତ୍; ପ୍ରତିଜ୍ଞା+ଭଙ୍ଗ)—ଅପେ କରିଥିବା
Pratijnā bhanga ସତ୍ୟକୁ ଲଙ୍ଘନ କରିବା—Breach of promise.

ପ୍ରତିଜ୍ଞେୟ—ସ. ବିଣ (ପ୍ରତି+ଜ୍ଞା ଧାତୁ+କର୍ମ. ଯ)—
Pratijneya ୧ । ପ୍ରତିଜ୍ଞାତ ହେବା ଯୋଗ୍ୟ, ଯେଉଁ ବିଷୟ ପ୍ରତିଜ୍ଞାତ ହେବା ଉଚିତ—1. Fit to be promised.
୨ । ସ୍ୱୀକରଣୀୟ; ଅଙ୍ଗୀକାର୍ଯ୍ୟ—
2. Deserving to be assented to.

ସ. ବି. ପୁଂ—(+ କର୍ତ୍ତୃ. ଯ) ସ୍ତୁତିପାଠକ; ବନ୍ଦୀ; ଭାଟ; ଯେ (ପ୍ରତିକ୍ଷେପ୍ତ୍ରୀ—ସ୍ତ୍ରୀ) ରାଜଦରବାରୀମାନଙ୍କ ପଦ ଓ ବଂଶମର୍ଯ୍ୟାଦା ଆଦି ଘୋଷଣା କରେ—A herald; a bard; a panegyrist; a proclaimer of the ranks and titles of courtiers in a king's court.

ପ୍ରତିତନ୍ତ୍ର—ସଂ. ବି—ଆପଣାର ଶାସ୍ତ୍ରର ମତର ବିରୁଦ୍ଧ ମତର ପ୍ରଖ୍ୟାପକ ଶାସ୍ତ୍ର
Pratitantra (ହି. ଶ)—Any scripture which propounds doctrines opposed to the doctrines propounded in one's scriptures

ପ୍ରତିତର—ସ. ବି (ପ୍ରତି + ତୃ ଧାତୁ + କରଣ ଅ)—ନୌଚାଳନଦଣ୍ଡ;
Pratitara କାତ (ହି. ଶ)—A pole with which a boat is propelled.

ପ୍ରତିତାଳି—ସ. ବି (ପ୍ରତି=ଉପଯୋଗୀ + ତାଳ=ତାଲା + ଇ)—
Pratitāli ତାଲା ଖୋଲିବାର ଚାବି; କୁଞ୍ଚିକାଠି—
[ପ୍ରତିତାଳକ(କା)—ଅନ୍ୟରୂପ] Key of a padlock; a key which fits into a padlock.

ପ୍ରତିତୁଲ୍ୟ—ଦେ. ବିଣ.—ସମ; ସଦୃଶ—
Pratitulya Similar,

ତା ପ୍ରତିତୁଲ୍ୟ ଏ ଜଗତେ
ନ ଦେଖି ସ୍ୱର୍ଗ ମର୍ତ୍ତ୍ୟ ଗତେ – ଜଗନ୍ନାଥ, ଭାଗବତ ।

ପ୍ରତିଦାନ—ସ. ବି (ପ୍ରତି=ବିପରୀତ + ଦାନ)—୧ । ଗୃହୀତ ଦ୍ରବ୍ୟର
Pratidāna ପ୍ରତ୍ୟର୍ପଣ—1. Restoration or return
(ପ୍ରତିଦତ୍ତ, ପ୍ରତିଦେୟ—ବିଣ) of a thing taken; restitution.

୨ । ବିନିମୟ; ବଦଳ—2. Exchange; barter.

୩ । ଗୃହୀତ ବସ୍ତୁର ବିନିମୟରେ ଦିଆଯିବା ପଦାର୍ଥ—
3. Requital; a gift in return; a return present.

ପ୍ରତିଦିଗ—ଦେ. ଅ (ସ. ପ୍ରତି ଓ ଦିକ୍)—ପ୍ରତିଦିଶ (ଦେଖ)—
Pratidiga Pratidisa (See).

ପ୍ରତିଦିନ—ସ. ଅ. କ୍ରି. ବିଣ (ଅବ୍ୟୟୀଭାବ; ତୁଳ. ପ୍ରତିକ୍ଷଣ)—
Pratidina ୧ । ପ୍ରତ୍ୟହ; ରୋଜ—1. Everyday; daily.

୨ । ଦିନକୁ ଦିନ – 2. From day to day.

ପ୍ରତିଦିବା—ସ. ବି. ୧ । (ପ୍ରତି+ଦିବ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅନ୍
Pratidibā ପ୍ରତିଦିବନ୍, ୧ମା. ୧ବ)—ସୂର୍ଯ୍ୟ (ପ୍ରକୃତିବାଦ)—
1. The sun (M. W.)

୨ । ଦିବସ—2. A day (M. W.)

ସ. ଅ. (ଅବ୍ୟୟୀଭାବ; ପ୍ରତି + ଦିବା = ଦିବସ)—ପ୍ରତିଦିନ—
Everyday.

ପ୍ରତିଦିଶ—ସ. ଅ. (ଅବ୍ୟୟୀଭାବ; ପ୍ରତି + ଦିଶ୍)—୧ । ପ୍ରତିଦିଗରେ—
Pratidiśa 1. In every direction or quarter.

୨ । ଚାରିଆଡ଼େ—2. All round; on all sides.

ପ୍ରତିଦିଶି—ସ. ଅ. (ପ୍ରତି=ପ୍ରତ୍ୟେକ+ଦିଶି= ଦିଗରେ)—
Pratidiśi ପ୍ରତିଦିଶ (ଦେଖ)—Pratidiśa (See)

ପ୍ରତିଦେୟ—ସ. ବିଣ. (ପ୍ରତି + ଦେୟ)—୧ । ପ୍ରତିଦାନର ଉପଯୁକ୍ତ –
Pratideya 1. Fit to be given as a return-gift.

୨ । ପ୍ରତ୍ୟର୍ପଣ କରିବାର ଯୋଗ୍ୟ—
2. Returnable; restorable

ପ୍ରତିଦ୍ୱନ୍ଦୀ—ଦେ. ବିଣ. (ସ. ପ୍ରତିଦ୍ୱନ୍ଦ୍ୱୀର ଅଶୁଦ୍ଧ ବ୍ୟବହାର)—
Pratidwandi ପ୍ରତିଦ୍ୱନ୍ଦ୍ୱୀ (ଦେଖ)
(ପ୍ରତିଦ୍ୱନ୍ଦତା—ବି) Pratidwandwi (See)

ପ୍ରତିଦ୍ୱନ୍ଦ୍ୱୀ—ସ. ବିଣ. ପୁଂ. (ପ୍ରତିଦ୍ୱନ୍ଦ୍ୱ + ଇନ୍; ପ୍ରତିଦ୍ୱନ୍ଦ୍ୱିନ୍ ୧ମା ୧ବ)—
Pratidwandwi ୧ । ଶତ୍ରୁପକ୍ଷ—1. Inimical.
(ପ୍ରତିଦ୍ୱନ୍ଦ୍ୱିନୀ—ସ୍ତ୍ରୀ) ୨ । ବିପକ୍ଷୀୟ; ବିରୋଧୀ—
(ପ୍ରତିଦ୍ୱନ୍ଦ୍ୱିତା—ବି) 2. Opposing; adverse.

୩ । ସମକକ୍ଷ; ପ୍ରତିଯୋଗୀ—
3 Rival; vying with.

ସ. ବି—୧ । ବିପକ୍ଷ; ଶତ୍ରୁ; ପ୍ରତିପକ୍ଷ—
1. An adversary; opponent.

୨ । ଯେ ଅନ୍ୟ ସାଙ୍ଗେ ପଣ ପକାଏ; ଅନ୍ୟ ସହ ପ୍ରତିଯୋଗିତା କରିବା ବ୍ୟକ୍ତି—2. A rival.

ପ୍ରତିଧ୍ୱନି—ସଂ. ବି. (ପ୍ରତି=ବଦଳ + ଧ୍ୱନି)—ଗୋଟିଏ ଧ୍ୱନି କୌଣସି
Pratidhwani ସ୍ଥାନରେ ବାଜିଲେ ବାହାରି ଯେଉଁ ଲେଉଟି ଶବ୍ଦ
ପ୍ରତିନାଦ } ଅନ୍ୟରୂପ ଶୁଣାଯାଏ—An echo; rever-
ପ୍ରତିନିନ(ନା)ଦ } beration.

ପ୍ରତିଧ୍ୱନିତ—ସଂ. ବିଣ. (ପ୍ରତି + ଧ୍ୱନିତ)—
Pratidhwanita ୧ । ପ୍ରତିଧ୍ୱନିରୂପେ ଶୁଣାଯିବା (ଶବ୍ଦ)—
(ପ୍ରତିନାଦିତ—ଅନ୍ୟରୂପ) 1 Reverberated; echoed.

୨ । ପ୍ରତିଧ୍ୱନିଦ୍ୱାରା ପୂର୍ଣ୍ଣ (ସ୍ଥାନ)—
2. Reverberating with a sound or echo.

ସଂ. ବି—ପ୍ରତିଧ୍ୱନି—Echo.

ପ୍ରତିନନ୍ଦନ—ସଂ. ବି. (ପ୍ରତି=ବିଶିଷ୍ଟ + ନନ୍ଦନ)—୧ । ଅଭିନନ୍ଦନ—
Pratinandana 1. Commendation; congratulation.

୨ । ପ୍ରଶଂସା—2. Praise.

୩ । ଆଶୀର୍ବାଦଦ୍ୱାରା ସମ୍ଭାଷଣ—3. Welcoming.

ପ୍ରତିନପ୍ତା—ସଂ. ବି. ପୁଂ. (ପ୍ରତି+ନପ୍ତୃ=ପ୍ରତିନପ୍ତୃ, ୧ମା. ୧ବ)—
Pratinaptā ପ୍ରପୌତ୍ର; ପୁଅର ନାତି; ଅଣନାତି –
(ପ୍ରତିନପ୍ତ୍ରୀ—ସ୍ତ୍ରୀ) Great grandson; son's grandson.

ପ୍ରତିନାୟକ—ସଂ. ବି. ପୁଂ. (ପ୍ରତି+ନାୟକ)—(କାବ୍ୟାଦିରେ) ଯେଉଁ
Pratināyaka ବ୍ୟକ୍ତି ନାୟକର ପ୍ରତିଦ୍ୱନ୍ଦ୍ୱୀ ବା ବିରୋଧୀ—
(ପ୍ରତିନାୟିକା—ସ୍ତ୍ରୀ) (in fiction). A person who is represented as the adversary or rival of the hero.

ପ୍ରତିନିଧି—ସଂ. ବି. (ପ୍ରତି=ପରିବର୍ତ୍ତରେ+ନି + ଧା ଧାତୁ=ଧାରଣ
Pratinidhi କରିବା + କର୍ମ. ଇ)—୨ । ବଦଳିଆ; ଏକ ବ୍ୟକ୍ତିର ପରିବର୍ତ୍ତରେ କାର୍ଯ୍ୟ କରିବା ବ୍ୟକ୍ତି—1. A deputy; proxy; a substitute; a locum tenens.

୨ । ଯେ କୌଣସି ଅନୁପସ୍ଥିତ ବ୍ୟକ୍ତିର ସ୍ଥାନ ଅଧିକାର କରିବାର କ୍ଷମତା ପାଇଥାଏ—2. A representative; a person authorised to represent an absent person.

୩ । ଜାମିନଦାର—3. Surety.

୪ । ପ୍ରତିକୃତି—4. Likeness.

ପ୍ରତିନିଧି ସଭା—ଦେ. ବି—ପ୍ରଜା ସମ୍ପ୍ରଦାୟଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ
Pratinidhi sabhā ଦ୍ୱାରା ଗଠିତ ସଭା —An assembly of representatives of the people.

ପ୍ରତିନିବର୍ତ୍ତନ—ସଂ. ବି. (ପ୍ରତି=ଉଦ୍ଦେଶ୍ୟ ବା ଲକ୍ଷ୍ୟକୁ+ନିବର୍ତ୍ତନ)—
Pratinibarttana ୧ । ଅଭୀଷ୍ଟ ବିଷୟରୁ ନିବୃତ୍ତି; ଲକ୍ଷ୍ୟ ପ୍ରତି
ପ୍ରତିନିବୃତ୍ତ } ବିଣ ଅଗ୍ରସର ନ ହୋଇ ନିବର୍ତ୍ତିବା—
ପ୍ରତିନିବର୍ତ୍ତିତ } 1. Withdrawing from a desired object; desisting from one's aim.

୨ । ପ୍ରତ୍ୟାବର୍ତ୍ତନ; ଫେରିବା; ପ୍ରତ୍ୟାଗମନ—2. Returning.

୩ । ନିବାରଣ—3. Prevention.

୪ । କୌଣସି ବ୍ୟକ୍ତିକୁ ଅଭୀଷ୍ଟ କାର୍ଯ୍ୟରୁ ନିବର୍ତ୍ତାଇବା—4. Causing a person to desist from his aim.

ପ୍ରତିନିବୃତ୍ତ—ସଂ. ବିଣ. (ପ୍ରତି=ଲକ୍ଷ୍ୟରୁ+ନିବୃତ୍ତ)—
Pratinibrutta ୧ । ପ୍ରତ୍ୟାଗତ; ଫେରି ଆସିଥିବା—
(ପ୍ରତିନିବର୍ତ୍ତନ, ପ୍ରତିନିବୃତ୍ତ—ଦ) 1. Come back; returned.

୨ । ବିରତ; କ୍ଷାନ୍ତ—2 Desisting from; turned away from; withdrawing from (one's aim).

ପ୍ରତିନିୟତ—ଦେ. କ୍ରି. ବିଣ—୧ । ପ୍ରତିକ୍ଷଣ; ପ୍ରତିମୁହୂର୍ତ୍ତରେ—
Pratiniyata 1. Every moment.
ପ୍ରତିନିୟତ हरहमेशा ୨ । ସର୍ବଦା—2. Always.

ପ୍ରତିନିଶ—ସଂ. କ୍ରି. ବିଣ (ଅବ୍ୟୟୀଭାବ; ପ୍ରତି+ନିଶା)—
Pratinisa ପ୍ରତିରାତ୍ରିରେ; ରାତିସୁଦ୍ଧିରେ—
[ପ୍ରତିନିଶା ଶି)—ଦେଶଜରୂପ] Nightly; every night.

ପ୍ରତି(ତୀ)ପ—ସଂ. ବି. (ପ୍ରତି=ବିଶେଷ ଭାବରେ+ପା ଧାତୁ=ପାଳନ
Prati(ti)pa କରିବା+ଅ)—ଚନ୍ଦ୍ରବଂଶୀୟ ଜଣେ ରାଜା; ଭୀଷ୍ମଙ୍କ ପିତାମହ ଓ ଶାନ୍ତନୁଙ୍କ ପିତା—A king of the Lunar race.

ସଂ. ବିଣ. (ପ୍ରତି=ବିପରୀତ+ପା ଧାତୁ=ପାଳନ କରିବା+
[ପ୍ରତି(ତୀ)ପା—ସ୍ତ୍ରୀ] ଭାବ. ଅ)—୧ । ବିପରୀତ; ବିରୁଦ୍ଧ—
[ପ୍ରତି(ତୀ)ପତା—ବି] 1. Opposed; opposite.

୨ । ପ୍ରତିକୂଳ—2. Unfavourable.

ଗ୍ରା. ବି. (ସଂ. ପ୍ରତିପଦ୍)—ପ୍ରତିପଦ୍ ୧ (ଦେଖ)
Pratipat 1 (See)

ସେ ଦିନୁ ସେ ଦିନ ପ୍ରତିପ ଶଶି ପରି (ବଢ଼ିଲା) ।
ବୃନ୍ଦାବତୀ, ମଧୁସୂଦନ ଦାସ ।

ପ୍ରତିପକ୍ଷ—ସଂ. ବି. (ପ୍ରତି=ବିରୁଦ୍ଧ+ପକ୍ଷ)—୧ । ବିପକ୍ଷ; ବିପକ୍ଷୀୟ ବ୍ୟକ୍ତି-
Pratipaksha 1. Adversary; opponent.

୨ । ଶତ୍ରୁ—2. Enemy; foe.

୩ । ଶତ୍ରୁପକ୍ଷ—3. Hostile party.

୪ । ଅପର ପକ୍ଷ—4. Opposite party.

୫ । ପ୍ରତିଦ୍ୱନ୍ଦ୍ୱୀ—5. Rival.

୬ । (ଦେୱାନୀ ମକଦ୍ଦମାରେ) ପ୍ରତିବାଦୀ; ଜବାବୀ—
6. A defendant in a civil suit.

୭ । (ଫଉଜଦାରୀ ମକଦ୍ଦମାରେ) ଆସାମୀ; ମୁଦାଲା—
7. An accused in a criminal case.

୮ । ସାଦୃଶ୍ୟ—8. Likeness; resemblance; similarity.

ପ୍ରତିପଚନ୍ଦ୍ର—ସଂ. ବି. (ପ୍ରତିପତ୍+ଚନ୍ଦ୍ର; ପ୍ରତିପଦା ଦିନର ଅତି କ୍ଷୀଣ
Pratipachchandra ଚନ୍ଦ୍ର ଲୋକଙ୍କ ଅକ୍ଷିକୁ ଦେଖା ନ ଯିବାରୁ; ତୁଳ. ଆକାଶ କୁସୁମ; ଶଶଶୃଙ୍ଗ; ଲେଞ୍ଜ ବାଳ)—
ଅଦୃଶ୍ୟ ବସ୍ତୁ—An invisible thing.

ପ୍ରତିପଦ୍(ଦ୍)—ସଂ. ବି (ପ୍ରତି=ପ୍ରଥମ+ପଦ୍ ଧାତୁ=ଯିବା, ଗତିକରିବା+
Pratipat d) କ୍ୱିପ୍; ପ୍ରତିପଦ୍ ୧ମା. ୧ବ)—୧ । ଶୁକ୍ଳପକ୍ଷ ବା କୃଷ୍ଣପକ୍ଷର ପ୍ରଥମ ତିଥି; ପୂର୍ଣ୍ଣିମା ଓ ଅମାବାସ୍ୟାର ପରଦିନ (ଶୁକ୍ଳ ଓ କୃଷ୍ଣଭେଦରେ ପ୍ରତିପଦ୍ ୨ଟି, ଶୁକ୍ଳ ପ୍ରତିପଦ୍ ଓ କୃଷ୍ଣ ପ୍ରତିପଦ୍)—1. The first day of the lunar fortnight; the 1st day of the moon's increase or wane.

୨ । ବୃଦ୍ଧି—2 Increase.

୩ । ବୁଦ୍ଧି—3. Understanding.

୪ । ପଦବୀ—4. Rank; title.

୫ । ଫଳାଫଳ—5. Consequence.

ପ୍ରତିପତ୍ତି—ସଂ. ବି (ପ୍ରତି+ପଦ୍ ଧାତୁ+ଭାବ. ତି)—୧ । ଗୌରବ;
Pratipatti ସୁଖ୍ୟାତି; ପ୍ରତିଷ୍ଠା—1. Fame; reputation.

୨ । ମାନ; ସମ୍ମାନ—2. Respect.

୩ । ପ୍ରାପ୍ତି—3. Gaining; obtaining; acquisition.

୪ । ପଦପ୍ରାପ୍ତି—4. Acquirement of a position or title.

୫ । ଉନ୍ନତି—5 Elevation; advancement; promotion.

୬ । ପ୍ରବୃତ୍ତି; ସାଂସାରିକ କାର୍ଯ୍ୟ—
6. Worldly practice or activity.

୭ । କୌଣସି ବିଷୟ ସମ୍ପୂର୍ଣ୍ଣରୂପେ ବୁଝିପାରିବା; ପ୍ରବୋଧ; ଜ୍ଞାନ—
7. Wisdom; comprehension.

୮ । କର୍ତ୍ତବ୍ୟଜ୍ଞାନ—8. Sense of duty.

୯ । ଅବଧାରଣ; ସ୍ଥିରୀକରଣ—
9. Determination; settlement.

୧୦ । ଅଭିମାନ; ଗର୍ବ—
10. Pride; haughtiness; sallennese.

୧୧ । ପ୍ରଗଲ୍ଭତା—11. Arrogance; audacity.

୧୨ । ଅଭିଯୋଗ—12. Complaint; charge.

୧୩ । ବିଶ୍ୱାସ; ପ୍ରତ୍ୟୟ—
13 Trust; confidence.

୧୪ । ସ୍ୱୀକାର; ଅଙ୍ଗୀକାର—
14. Acknowledgement; promise.

୧୫ । ଦାନ—15 Giving; presentation.

୧୬ । ପ୍ରୟୋଗ; ବ୍ୟବହାର—16 Application; use.
୧୭ । ଉପକାର—17. Benefit; profit.
୧୮ । ଉପାୟ—18. Means; expedient.
୧୯ । ପ୍ରମାଣଦ୍ୱାରା ଦର୍ଶାଇବା—
19. Proving; establishing by evidence.
୨୦ । ବ୍ୟବସ୍ଥା—20. Disposal; arrangement.
୨୧ । ବିତରଣ—21. Distribution.
୨୨ । ପ୍ରମାଣ; ସାକ୍ଷ—22. Evidence; testimony.
୨୩ । ଅଭିପ୍ରାୟ; ମତଲବ—
23. Purpose; design.
୨୪ । ଇଚ୍ଛା; ଅଭିଳାଷ—24. Desire; wish.
୨୫ । ପ୍ରବଞ୍ଚନା; ପ୍ରତାରଣ—
25. Fraud; deception.
୨୬ । ସ୍ଥିରତା—26. Certainty.
୨୭ । ଭକ୍ତି ବା ସ୍ନେହପୂର୍ଣ୍ଣ ଆଚରଣ—
27. Respectful or affectionate behaviour.
୨୮ । ସନ୍ତୋଷ ଉତ୍ପାଦନ—28. Satisfying.

ପ୍ରତିପଦ—ଦେ. ବି—(ସଂ. ପ୍ରତିପଦ୍)—ପ୍ରତିପତ୍ (୧) (ଦେଖ)
Pratipada Pratipat (1) (See)
୨ । (ସଂ. ପ୍ରତି+ପଦ) ପ୍ରତ୍ୟେକ ପଦକ୍ଷେପ ବା ପଦକ୍ଷେପ—
ପ୍ରତିପଦ 2. Every step.
(ଯଥା—ମୁଁ ଏ ପାହାଡ଼ିଆ ଭୂଇଁରେ ପ୍ରତି ପଦରେ ଝୁଣ୍ଟୁଛି ।)
୩ । ପ୍ରତ୍ୟେକ ବାକ୍ୟ ବା କଥା—3. Every word.
(ଯଥା—ତାଇତିକିଆ ଖାଲି ପ୍ରତିପଦରେ ଖଳଉଛି ।)
ଦେ. କ୍ରି.ବିଣ. (ସଂ. ପ୍ରତିପଦଂ)—୧ । ପଦେ ପଦେ—
ପ୍ରତିପଦେ 1. At every step.
୨ । ଉପର୍ଯ୍ୟୁପରି—2. Repeatedly.
୩ । ସର୍ବଦା—3. Always; constantly.

ପ୍ରତିପଦା—ଦେ. ବି.—ପ୍ରତିପତ୍ (୧) (ଦେଖ)
Pratipadā Pratipat (1) (See)

ପ୍ରତିପନ୍ନ—ସଂ. ବିଣ. (ପ୍ରତି+ପଦ୍ ଧାତୁ+କର୍ମ. ତ)—୧ । ଅବଧାରିତ;
Pratipanna ସ୍ଥିରୀକୃତ—1. Settled; determined; established; ascertained.
୨ । ପ୍ରମାଣିତ—2. Proved; testified; demonstrated.
୩ । ପ୍ରମାଣ ଓ ତର୍କାଦିଦ୍ୱାରା ସ୍ଥିରୀକୃତ—
3. Ascertained after evidence, enquiry or discussion.
୪ । ବିଦିତ; ଜ୍ଞାତ—4 Known; understood.
୫ । ଅଙ୍ଗୀକୃତ—5. Promised; acknowledged.
୬ । ସ୍ୱୀକୃତ—6. Assented to; agreed to.
୭ । ଗୃହୀତ—7. Accepted.
୮ । ପ୍ରାପ୍ତ—8 Obtained; acquired; gained.
୯ । ସମ୍ପାଦିତ; କୃତ 9. Effected; accomplished.
୧୦ । ଅଭିଯୁକ୍ତ—10. Charged.
୧୧ । ଅନୁମତ; ଅନୁମୋଦିତ—11. Permitted; approved.
୧୨ । ସମ୍ମାନିତ—12. Respected.

ପ୍ରତିପାଦକ ସଂ. ବିଣ. ପୁଂ (ପ୍ରତି+ପଦ୍ ଧାତୁ ଣିଚ୍+କର୍ତ୍ତୃ. ଅକ)—
Pratipādaka ୧ । ବୋଧକ—1. Explanatory.
(ପ୍ରତିପାଦିକା—ସ୍ତ୍ରୀ) ୨ । ନିଷ୍ପାଦକ—2. Accomplishing.
୩ । ଯେ ପ୍ରମାଣ ଦ୍ୱାରା କୌଣସି ବିଷୟ ସ୍ଥିର କରି ଦେଖାଇଦିଏ—
3. Demonstrating.
୪ । ନିର୍ଣ୍ଣାୟକ—4. Ascertaining; establishing.
୫ । କାର୍ଯ୍ୟର ସୂତ୍ରପାତକାରୀ—5. Inaugurating.
୬ । ଉତ୍ପାଦକ—6. Producing; bringing about; causing.
୭ । କୌଣସି ପ୍ରସ୍ତାବର ବା ବିଷୟର ଉପସ୍ଥାପକ—
7. Propounding any matter.

ପ୍ରତିପାଦନ—ସଂ. ବି (ପ୍ରତି+ପଦ୍ ଧାତୁ ଣିଚ୍+ଭାବ. ଅନ)—
Pratipādana ୧ । ଦାନ—1. Gift; donation.
(ପ୍ରତିପାଦିତ, ପ୍ରତିପନ୍ନ—ବିଣ) ୨ । ଉତ୍ପାଦନ—2. Producing.
୩ । ସମ୍ପାଦନ; ନିଷ୍ପାଦ—3. Accomplishing.
୪ । ପ୍ରମାଣଦ୍ୱାରା ଦେଖାଇବା—
4. Demonstrating; proving.
୫ । ସ୍ଥିରୀକରଣ—
5. Establishing; ascertaining; determining.
୬ । ସରଳ ବା ବୋଧଗମ୍ୟ କରାଇବା—
6. Rendering clear or intelligible.
୭ । ବୁଝାଇଦେବା—7. Explaining.
୮ । ଜ୍ଞାପନ; ବୋଧନ
8. Apprising; informing; making known.
୯ । ପ୍ରତିପତ୍ତି (ଦେଖ)
9. Pratipatti (See)

ପ୍ରତିପାଦିତ—ସଂ. ବିଣ (ପ୍ରତି+ପାଦ ଧାତୁ+କର୍ମ. ତ)—
Pratipādita ୧ । ଦତ୍ତ; ଅର୍ପିତ—1. Given; delivered.
(ପ୍ରତିପାଦନ—ବି)
୨ । ସମ୍ପାଦିତ—2. Accomplished.
୩ । ପ୍ରମାଣିତ—3. Proved; demonstrated.
୪ । ସ୍ଥିରୀକୃତ; ନିର୍ଣ୍ଣୀତ—4. Ascertained; settled.
୫ । ଉତ୍ପନ୍ନ—5. Caused; produced.
୬ । ବିଜ୍ଞାପିତ—6 Informed; notified.
୭ । ବୋଧିତ; ବୁଝାଇ ଦିଆ ଯାଇଥିବା—
7. Explained, instructed.

ପ୍ରତିପାଦ୍ୟ—ସଂ. ବିଣ. (ପ୍ରତି+ପଦ୍ ଧାତୁ=ଗମନ କରିବା+କର୍ମ. ଯ)-
Pratipādya ୧ । ପ୍ରମାଣସାଧ୍ୟ—1. Demonstrable.
୨ । ଅଭିଧେୟ—2. Fit to be mentioned.
୩ । ଯାହା ବୁଝାଇ ଦିଆ ଯିବା ଯୋଗ୍ୟ—
3. Fit to be explained.

୪ । ବୋଧ୍ୟ—4. Fit to be understood.

୫ । ବର୍ଣ୍ଣନୀୟ ବିଷୟ ସମ୍ବନ୍ଧୀୟ—5. Describable; predicable; relevant to the matter to be described.

୬ । ସ୍ଥିରୀକୃତ ହେବା ଯୋଗ୍ୟ—6. Ascertainable.

ପ୍ରତିପାଳ—ଦେ. ବି. (ସଂ. ପ୍ରତିପାଳନ)—ପ୍ରତିପାଳନ (ଦେଖ)
Pratipāḷa Pratipāḷana (See)

ଗୁରୁ ଦକ୍ଷିଣାକୁ ବୋଲ ପ୍ରତିପାଳ କର ।
ପ୍ରାଚୀ. ନୃସିଂହ ଗଡ଼ିଶେଣୀ ।

ପ୍ରତିପାଳକ—ସଂ. ବିଣ. (ପ୍ରତି+ପାଳ ଧାତୁ=ରକ୍ଷା କରିବା + କର୍ତ୍ତୃ. ଅକ)
Prati pāḷaka ଯେ ପ୍ରତିପାଳନ କରେ; ଯେ ପୋଷେ—
(ପ୍ରତିପାଳିକା—ସ୍ତ୍ରୀ) Supporting; bringing up; maintaining.

ସଂ. ବି.—୧ । ରାଜା—1. King.

୨ । ପାଳନକାରୀ ବ୍ୟକ୍ତି—2. Protector; supporter.

ପ୍ରତିପାଳନ(ନା)—ସଂ. ବି. (ପ୍ରତି+ପାଳ ଧାତୁ+ଭାବ. ଅନ;+ଆ)—
Pratipāḷana(nā) ୧ । ରକ୍ଷଣ—1. Watching; guarding.
(ପ୍ରତିପାଳିତ—ବିଣ) ୨ । ପାଳିବା; ଅନ୍ନବସ୍ତ୍ରାଦି ଦ୍ୱାରା ପୋଷଣ—
2 Supporting; maintaining.

୩ । (ନିୟମ) ପାଳନ କରିବା; ମାନିବା; ଅନୁସରଣ କରିବା—
3. Observance; obeying; following (a rule).

୪ । ଆଜ୍ଞାପାଳନ—4. Obeying of an order.

ପ୍ରତିପାଳନୀୟ—ସଂ. ବି. (ପ୍ରତି+ପାଳ ଧାତୁ + କର୍ମ. ଅନୀୟ)—
Pratipāḷaniya ୧ । ପୋଷଣୀୟ—1. Cherishable.
(ପ୍ରତିପାଳୟିତବ୍ୟ—ଅନ୍ୟରୂପ) ୨ । ରକ୍ଷଣୀୟ—
2. To be observed or protected or kept.

୨ । ଯାହାକୁ ପୋଷିବା ଉଚିତ—
3. Deserving to be maintained.

ପ୍ରତିପାଳିତ—ସଂ. ବିଣ. (ପ୍ରତି+ପାଳ ଧାତୁ+କର୍ମ. ତ)—
Pratipāḷita ୧ । ପୋଷିତ—1. Maintained
(ପ୍ରତିପାଳନ ବି) cherished; provided for.

୨ । ପାଳିତ; ଅନୁସୃତ—2. Observed; practised.

୩ । ରକ୍ଷିତ—3. Protected; obeyed.

ପ୍ରତିପାଳିବା—ଦେ. (ପଦ୍ୟ) (ସଂ. ପ୍ରତିପାଳନ)—
Pratipāḷibā ୧ । ପ୍ରତିପାଳନ କରିବା; ପୋଷିବା—
প্রতিপালা 1. To maintain.
प्रतिपालना ୨ । (ଆଜ୍ଞା ଆଦି) ପାଳନ କରିବା—
2. To obey (an order).

ଭକ୍ତ ବଚନ ପ୍ରତିପାଳି,
ଗୋରୁ ଚରାଇ ବନମାଳୀ । ରୂପସ. ମେଘଶାମୃତ ।

୩ । ଯତ୍ନପୂର୍ବକ ରକ୍ଷା କରିବା
3. To keep with care; to protect.

ପର କୁହାକୁ କ ହେବ ଯହୁଁ ମନ ମତ;
ଯେ ଯାହାର ଦ୍ରବ୍ୟ ସେ ତାହାକୁ ପ୍ରତିପାଳ । ଉଦ୍ଧ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ପ୍ରତିପାଲ୍ୟ—ସଂ. ବିଣ. (ପ୍ରତି + ପାଳ ଧାତୁ+କର୍ମ. ଯ)—
Pratipālya ପୋଷ୍ୟ; ପ୍ରତିପାଳନୀୟ—
Maintainable; cherishable; observable.

ପ୍ରତିପୁରୁଷ—ସଂ. ବି—୧ । (ପ୍ରତି=ବଦଳଅ+ପୁରୁଷ)—ପ୍ରତିନିଧି—
Pratipurusha 1. Proxy, deputy.

୨ । ପ୍ରତ୍ୟେକ ମନୁଷ୍ୟ—2. Every man.

ପ୍ରତିପୂଜନ—ସଂ. ବି. (ପ୍ରତି + ପୂଜନ)—ଅଭିବାଦନ; ସାଦର ସମ୍ଭାଷଣ—
Pratipūjana Welcoming; congratulating.
(ପ୍ରତିପୂଜା—ଅନ୍ୟରୂପ) (ପ୍ରତିପୂଜିତ, ପ୍ରତିପୂଜ୍ୟ—ବିଣ)

ପ୍ରତିପୋଷକ—ସଂ. ବିଣ. ପୁଂ. (ପ୍ରତି+ପୋଷକ)—୧ । ସହାୟକ—
Pratiposhaka 1. Assisting; helping.
(ପ୍ରତିପୋଷିକା—ସ୍ତ୍ରୀ) ୨ । ପ୍ରତିପାଳକ—2, Maintaining.

ପ୍ରତିପୋଷଣ—ସଂ. ବି. ପ୍ରତି + ପୋଷଣ)—ପ୍ରତିପାଳନ; ଜୀବିକାନିର୍ବାହ-
Pratiposhaṇa Maintaining.
(ପ୍ରତିପୋଷିତ, ପ୍ରତିପୋଷଣୀୟ—ବିଣ)

ଦେ. ବିଣ—ପ୍ରତିପୋଷିତ—Maintained; cherished.

ପ୍ରତିପୋଷଣ ହେବା—ଦେ. କ୍ରି—ନିଜର ଜୀବିକା ନିର୍ବାହ କରିବା;
Pratiposhaṇa hebā ପୋଷି ହେବା—
প্রতিপালন হওয়া To get one's maintenance or
प्रतिपोषन होना support; to maintain one's self.
(ଯଥା—ମୁଁ ଓକାଲତି ବ୍ୟବସାୟ ଦ୍ୱାରା ପ୍ରତିପୋଷଣ ହେଉଥିଲି ।)

ପ୍ରତିପୋଷିତ—ସଂ. ବିଣ. (ପ୍ରତି + ପୋଷିତ)—ପ୍ରତିପାଳିତ (ଦେଖ)—
Pratiposhita Pratipāḷita (See).

ପ୍ରତି ପ୍ରତି—ଦେ. ଅବ୍ୟୟ—୧ । ପ୍ରତ୍ୟେକ—1. Each.
Prati prati ୨ । ପ୍ରତିଦିନ—2. Everyday.

୩ । ସର୍ବଦା—3. Always.

୪ । ବାରମ୍ବାର—4. Again and again.

ପ୍ରତିପ୍ରତିମା—ସଂ. ବି. (ପ୍ରତି+ପ୍ରତିମା)—ଫଟୋ—
Pratipratimā Photo

ସନ୍ନ୍ୟାସୀ କହି ଯାହା ପ୍ରତିପ୍ରତିମା ଅଣିଛ ଦର୍ଶନ ଦେବାକୁ—ଉଦ୍ଧ. ଲାବଣ୍ୟବତୀ ।

ପ୍ରତିଫଳ—ସଂ. ବି. (ପ୍ରତି=ବଦଳରେ+ଫଳ)—୧ । ପ୍ରତିଶୋଧ—
Pratiphaḷa 1. Revenge; retribution.

୨ । କୌଣସି କାର୍ଯ୍ୟ ପାଇଁ ପ୍ରଦତ୍ତ ପୁରସ୍କାର ବା ଦଣ୍ଡ—
2 Reward or punishment meted out for an action.

୩ । ପ୍ରତ୍ୟୁପକାର—
3. A good turn, requital; recompense.

୪ । କାର୍ଯ୍ୟର ଶେଷଫଳ—
4. The consequence of an action.

୫ । ପ୍ରତିବିମ୍ବ—5 Reflected image; shadow.

ପ୍ରତିଫଳନ—ସଂ. ବି. (ପ୍ରତି + ଫଲ୍ ଧାତୁ+ଭାବ. ଅନ)—
Pratiphaḷana ୧ । ପ୍ରତିବିମ୍ବପାତ—1. Reflection.

୨ । ଜଳାଦିରେ ପ୍ରତିବିମ୍ବିତ କୌଣସି ବସ୍ତୁର ଛାୟା—
2. Reflected image.

ପ୍ରତିଫଳିତ—ସଂ. ବିଣ. (ପ୍ରତି + ଫଳିତ)—୧ । ପ୍ରତିବିମ୍ବିତ—
Pratiphaḷita 1. Reflected.

୨ । ପ୍ରତିଶୋଧ କରାଯାଇଥିବା—
2. Retaliated; recompensed.

ପ୍ରତିଫଳିବା—ଦେ. (ପଦ୍ୟ) କ୍ରି—(ସ. ପ୍ରତିଫଳ)—ପ୍ରତିବିମ୍ବିତ ହେବା—
Pratiphaliba To be reflected.
ପ୍ରତିଫଳା ଶୋଣସ୍ତ୍ରଣ ଫୁଟ୍ଟ ଅନ୍ତସ୍ତରେ ସ୍ଥଳେ
ଚନ୍ଦ୍ରୁ ତୋ ଚରଣ ବକ୍ଷେ ପ୍ରତିଫଳେ—ରାଧାନାଥ. ଚନ୍ଦ୍ରଭାଗା ।

ପ୍ରତିବଚନ—ସ. ବି (ପ୍ରତି+ବଚନ)—୧ । ପ୍ରତ୍ୟୁତ୍ତର—
Pratibachana 1. Reply; answer; rejoinder.
୨ । ପ୍ରତିଧ୍ୱନି—2. Echo.
(ପ୍ରତିବାକ୍ୟ, ପ୍ରତିବାଣୀ—ଅନ୍ୟରୂପ) ୩ । ପ୍ରତିକୂଳ ଉକ୍ତି—
3. Adverse saying.
୪ । ଭିନ୍ନାର୍ଥ-ବିଶିଷ୍ଟ ବାକ୍ୟ—4. Synonym.
୫ । କଥାର ଜବାବ—5. Response.

ପ୍ରତିବଦ୍ଧ—ସ. ବିଣ (ପ୍ରତି=ବିରୁଦ୍ଧ+ବଦ୍ଧ=ବନ୍ଧା)—
Pratibaddha ୧ । ବନ୍ଧା ଯାଇଥିବା; ଆବଦ୍ଧ—1. Bound.
୨ । ବାଧାପ୍ରାପ୍ତ—
2. Impeded; obstructed; thwarted.
୩ । ନିବାରିତ—3. Prevented.

ପ୍ରତିବଧ—ସ. ବି. (ପ୍ରତି+ବଧ୍ ଧାତୁ=ବିନାଶ କରିବା+ଅ)—
Pratibadha ପ୍ରତିହିଂସାମୂଳକ ହତ୍ୟା—
Killing in revenge.
ବାନର ପ୍ରତିବଧେ ହେଉ.
ଅପଣେ ତନୁ ତ୍ୟାଗ କରୁ । ରୂପଦ. ପ୍ରେମପଞ୍ଚାମୃତ ।

ପ୍ରତିବନ୍ଧ—ସ. ବି. (ପ୍ରତି+ବନ୍ଧ୍ ଧାତୁ=ବାନ୍ଧିବା+ଭାବ. ଅ)—
Pratibandha ୧ । ବନ୍ଧନ—1. Binding.
୨ । ସମ୍ବନ୍ଧ—2. Connection.
୩ । ବାଧା; ବିଘ୍ନ—3. Obstacle; impediment.
୪ । ନିରାଶା—4. Disappointment.
ସ. ବିଣ (+କର୍ମ. ଅ)—୧ । ନିବାରିତ—1. Prevented.
୨ । ବାଧାପ୍ରାପ୍ତ—2. Impeded; thwarted.

ପ୍ରତିବନ୍ଧକ—ସ. ବିଣ (ପ୍ରତି+ବନ୍ଧ୍ ଧାତୁ+କର୍ତ୍ତୃ. ଅକ)—ବାଧାଜନକ;
Pratibandhaka ପ୍ରତିରୋଧକ—
Obstructing; impeding.
ସ. ବି. (+ଭାବ. ଅ) ୧ । ବାଧା; ବ୍ୟାଘାତ—
1. Impediment; obstacle.
୨ । ବାନ୍ଧିବା; ବନ୍ଧନ—2. Binding.
୩ । ବୃକ୍ଷର ଶାଖା—3. Branch; a shoot.

ପ୍ରତିବନ୍ଧୁ—ସ. ବି. (ପ୍ରତି=ସମାନ+ବନ୍ଧୁ)—ବନ୍ଧୁର ସମାନ ବ୍ୟକ୍ତି
Pratibandhu (ହୁ. ଶ.)—A person who is considered as a relative though not actually so.

ପ୍ରତିବଳ—ସଂ. ବିଣ. (ପ୍ରତି=ସମାନ+ବଳ)—୧ । ସମବଳଶାଳୀ—
Pratibala 1. Having equal strength.
୨ । ଯାହାସଙ୍ଗେ ଲଢ଼ିବାକୁ ସମବଳଶାଳୀ ବା ସମକକ୍ଷ ଯୋଦ୍ଧା ଥାଏ—2. Equally matched.
ସଂ. ବି—ସମକକ୍ଷ ଯୋଦ୍ଧା—
Well-matched adversary.

ପ୍ରତିବସ୍ତୂପମା—ସଂ. ବି. (ପ୍ରତି+ବସ୍ତୁ+ଉପମା)—ଅର୍ଥାଲଙ୍କାରବିଶେଷ
Pratibastūpamā (ଉପମାନ ଓ ଉପମେୟରୂପେ ପ୍ରଯୁକ୍ତ ହୋଇ ଥିବା ଦୁଇଟି ବାକ୍ୟର ସାଧାରଣ ଧର୍ମ ଭିନ୍ନ ଭିନ୍ନ ପଦ ଦ୍ୱାରା କଥିତ ହେଲେ 'ପ୍ରତିବସ୍ତୂପମା' ଅଲଙ୍କାର ହୁଏ—
ଭୁଲମଣି. (ଅଲଙ୍କାରତରଙ୍ଗିଣୀ)—
A figure of speech; a kind of expressed simile.
[ଦ୍ର—ଉଦାହରଣ—
କଲୁ ରୂପ ଥିଲେ ପ୍ରତିଭେ କେବେ ରସିକ ଛାଡ଼େ,
ମଧୁ ଥିଲେ ଯତ୍ନେ ଯତନେ ଖୋଜ ମଧୁପ କାଢ଼େ—
ରାଧାନାଥ. ଚନ୍ଦ୍ରଭାଗା ।]

ପ୍ରତିବାତ—ସଂ. କ୍ରି. ବିଣ (ପ୍ରତି+ବାତ)—୧ । ବାୟୁର ବିପରୀତ
Pratibāta ଦିଗରେ; ଯେଉଁ ଆଡ଼୍ର ବାୟୁ ବହୁଛି ସେହି ଆଡ଼କୁ—
(ଅନୁବାତ—ବିପରୀତ) To leeward; against the wind.

ପ୍ରତି(ତୀ)ବାଦ—ସଂ. ବି. (ପ୍ରତି+ବଦ୍ ଧାତୁ+ଅ)-୧ । ପ୍ରତିକୂଳ ଉକ୍ତି-
Prati(tī)bāda 1. Contradiction.
୨ । ମକଦ୍ଦମାରେ ପ୍ରତିବାଦୀର ପ୍ରଦତ୍ତ ଜବାବ—
2. Pleading in reply; defendant's statement.
୩ । ଆପତ୍ତି—3. Objection.
୪ । ବିବାଦ— . Contention; dispute.
୫ । ପ୍ରତ୍ୟୁତ୍ତର—5. Reply.
୬ । ଅଭିଯୋଗ; ମାଲିମକଦ୍ଦମା—6. Litigation.
୭ । ଆରୋପିତ ଅଭିଯୋଗ ବିରୋଧରେ ଆପତ୍ତି—
7. Protest against a charge.

ପ୍ରତିବାଦ—ଦେ. ବି. (କଟକରଅ ଭାଷା; ସଂ ପ୍ରତିବାଦୀ)—
Pratibadi ୧ । ପ୍ରତିବାଦୀ (ଦେଖ)—1. Pratibādi (See).
୨ । ବିବାଦ—2. Dispute.
(ଯଥା—ତାର ମୋର ପ୍ରତିବାଦ ଅଛି ।)
୩ । ମନୋମାଳିନ୍ୟ—3. Ill feeling.
୪ । ଅଦୟା—4. Grudge; spite.
(ଯଥା—ସେ ପ୍ରତିବାଦରେ ମୋ ନାଆଁରେ ମିଛ ମକଦ୍ଦମା କରିଛି)
ଦେ. ବିଣ—ଶତ୍ରୁଭାପନ୍ନ—Inimical.

ପ୍ରତି(ତୀ)ବାଦୀ—ସଂ. ବି. ପୁଂ. (ପ୍ରତି+ବାଦିନ୍; ୧ମା. ୧ବ)—
Prati(tī)badi ୧ । ବାଦୀର ବିପକ୍ଷୀୟ ବ୍ୟକ୍ତି; ଜବାବୀ; ପ୍ରତ୍ୟର୍ଥୀ-
(ପ୍ରତିବାଦିନୀ—ସ୍ତ୍ରୀ) 1. A defendant; a respondent.
୨ । ଆସାମୀ; ମୁଦାଲା—2. An accused.
୩ । ବିପକ୍ଷ ପକ୍ଷ—3. Opposite party; opponent.

ପ୍ରତିବାପ—ସ. ବି. (ପ୍ରତି+ବପ୍ ଧାତୁ+କର୍ମ. ଅ)—୧ । ଚୂର୍ଣ୍ଣ, ଚୂନା
Pratibāpa (ହୁ. ଶ)—1. Powder.
୨ । କଲ୍କ; ସିଠା (ହୁ. ଶ.)—
2. Sediment; refuse or dirt of a fluid.
୩ । (+ଭାବ. ଅ) ଧାତୁର ଭସ୍ମକରଣ (ହୁ. ଶ)
3. Oxidisation of metals.

୪ । ପାଚନ ଅନ୍ଦରେ ପକାଯିବା ଔଷଧ ଚୂର୍ଣ୍ଣ (ବୃ. ଶ)
4. Medicinal powder which is put into a decoction.

ପ୍ରତିବାର୍ତ୍ତା—ସଂ. ବି (ପ୍ରତି+ବାର୍ତ୍ତା)—ଲେଉଟି ଖବର; ପ୍ରେରିତ ବାର୍ତ୍ତାର
Pratibārttā ଉତ୍ତର—News in return.

ପ୍ରତିବାସର—ସଂ. କ୍ରି. ବିଣ (ପ୍ରତି+ବାସର)—ପ୍ରତିଦିନ; ପ୍ରତ୍ୟହ—
Pratibāsara Every day; daily.

ପ୍ରତିବାସ—ସଂ. ବି. (ପ୍ରତି=ଉତ୍ତମ+ବାସ)—୧ । ସୁଗନ୍ଧ (ବୃ. ଶ)—
Pratibāsa 1. Sweet scent.
୨ । ନିକଟରେ ବାସ କରିବା (ବୃ. ଶ)—
2. Living near; neighbourhood.

ପ୍ରତିବାସୀ—ସଂ. ବି. ପୁଂ (ପ୍ରତି+ବସ୍ ଧାତୁ+ଇନ୍, ୧ମା. ୧ବ)
Pratibāsi ପଡ଼ୋଶୀ; ନିକଟସ୍ଥ ଗୃହସ୍ଥ—Neighbour.
(ପ୍ରତିବାସିନୀ—ସ୍ତ୍ରୀ)
(ପ୍ରତିବାସିତା—ବି) ସଂ ବିଣ—ସନ୍ନିକଟରେ ବାସ କରୁଥିବା—
Neighbouring; living near by.

ପ୍ରତିବାହୁ—ସଂ. ବି (ପ୍ରତି+ବାହୁ)—୧ । ବାହୁର ଅଗ୍ରଭାଗ (ବୃ. ଶ)
Pratibāhu 1. The fore part of the arm.
୨ । (ନାମ) ଶଫଲ୍କଙ୍କର ଏକପୁତ୍ର ଓ ଅକ୍ରୂରଙ୍କର ଭାଇ (ବୃ. ଶ.)—2. Name of a brother of Akrūra.

ପ୍ରତିବିଧାନ—ସଂ. ବି (ପ୍ରତି+ବିଧାନ)—୧ । ପ୍ରତିକାର—
Pratibidhāna 1. Remedy.
(ପ୍ରତିବିହିତ—ବିଣ) ୨ । ଲେଉଟି ଉପାୟ—
2. Counteraction; remedial means.
୩ । ଉପାୟ—3. Means.
୪ । ନିବାରଣ—4. Prevention.
୫ । ପ୍ରତିଶୋଧ—5 Revenge; retaliation.
୬ । ହୁସିଆର; ସତର୍କତା—6. Precaution.
୭ । ଉପଶମ—7. Alleviation: relief; abatement.

ପ୍ରତିବିଧିତ୍ସା—ସଂ. ବି (ପ୍ରତି+ବି+ଧା ଧାତୁ ଇଚ୍ଛାର୍ଥରେ ସନ୍+ଅ)—
Pratibidhitsā ପ୍ରତିବିଧାନ କରିବାର ଇଚ୍ଛା—Desire for remedying a thing.
(ପ୍ରତିବିଧିତ୍ସୁ—ବିଣ.)

ପ୍ରତିବିମ୍ବ—ସଂ. ବି (ପ୍ରତି=ତୁଲ୍ୟ+ବିମ୍ବ=ମୂର୍ତ୍ତି)—୧ । (ଅବ୍ୟୁତ୍ପନ୍ନଭାବ)
Pratibimba ସମାନ ଆକୃତି—1. Similar figure.
୨ । ପ୍ରତିଚ୍ଛାୟା; ଦର୍ପଣ ଓ ପାଣି ଆଦିରେ ଦେଖାଯିବା କୌଣସି ବସ୍ତୁର ରୂପ—2 Reflected image; shadow.
୩ । (ବହୁବ୍ରୀହି) ଦର୍ପଣ; ଆରସୀ—3. Glass; mirror.
୪ । ମୂର୍ତ୍ତି; ପ୍ରତିମା (ବୃ. ଶ)—4. Image.

ପ୍ରତିବିମ୍ବ ବାଦ—ବେଦାନ୍ତର ସିଦ୍ଧାନ୍ତବିଶେଷ, ଯହିଁରେ ଜୀବକୁ ଈଶ୍ୱରଙ୍କ
Pratibimba bāda ପ୍ରତିବିମ୍ବ ଥିବାର ସ୍ୱୀକାର କରାଯାଏ (ବୃ.ଶ)
A vedantic theory in which the animal is regarded as the image of God.

ପ୍ରତିବିମ୍ବିତ—ସଂ. ବିଣ (ପ୍ରତି+ବିମ୍ବ ଧାତୁ+କର୍ମ. ତ)—ଯାହାର ଛାୟା
Pratibimbita ପାଣି ଓ ଦର୍ପଣ ଆଦିରେ ପଡ଼ୁଥାଏ—Reflected.

ପ୍ରତିବିମ୍ବିବା—ଦେ. (ପଦ୍ୟ) କ୍ରି. (ସଂ ପ୍ରତିବିମ୍ବିତ)—ପ୍ରତିବିମ୍ବିତ ବା
Pratibimbiba ପ୍ରତିଫଳିତ ହେବା—
প্রতিবিম্বা To be reflected.
ନବା କୁସୁମ ପ୍ରତିବିମ୍ବି ଅଛି ନିର୍ମଳ ମୁକୁର ଗଣ୍ଡେ
ଉଷ—କୋଣାର୍କନ୍ଦ୍ୱାଶସ୍ତବକ ।

ପ୍ରତିବିହିତ—ସଂ ବିଣ. (ପ୍ରତି+ବିହିତ)—
Pratibihita ୧ । ପ୍ରତିବିଧାନୀକୃତ; ଯାହାର ପ୍ରତିବିଧାନ କରା ଯାଇଅଛି—1. Remedied.
୨ । ଶୋଧିତ; ସଜ୍ଜିତ—2. Arranged.
୩ । ନିବାରିତ—3. Prevented.
୪ । ଉପଶମିତ—4. Alleviated.

ପ୍ରତିବୀଜ—ସଂ. ବିଣ—୧ । ଯାହାର ବୀଜ ନଷ୍ଟ ହୋଇଅଛି—
Pratibija 1. Of which the seed is lost.
୨ । ସନ୍ତତିର ଉତ୍ପାଦିକା ଶକ୍ତି ନଷ୍ଟ ହୋଇଅଛି (ବୃ. ଶ)—
2. Of which the productive power is lost.

ପ୍ରତିବୁଦ୍ଧ—ସଂ. ବିଣ. ପୁଂ (ପ୍ରତି+ବୁଦ୍ଧ)—
Pratibuddha ୧ । ପ୍ରସିଦ୍ଧ—1. Well known.
(ପ୍ରତିବୁଦ୍ଧା—ସ୍ତ୍ରୀ) ୨ । ଉନ୍ନତ—2. Elevated.
୩ । ଯେ ସ୍ୱୟଂ ନିଦରୁ ଉଠିଛି—
3. Risen from sleep.
[ଦ୍ର—ଯାହାକୁ କେହି ନିଦରୁ ଉଠାଇଥାଏ ତାକୁ ପ୍ରତିବୋଧିତ ବୋଲାଯାଏ, ଯେ ଆପଣା ମନକୁ ନିଦରୁ ଉଠିଥାଏ ତାକୁ ପ୍ରତିବୁଦ୍ଧ ବୋଲାଯାଏ ।]

ପ୍ରତିବୁଦ୍ଧି—ସଂ. ବି. (ପ୍ରତି+ବୁଦ୍ଧି)—
Pratibuddhi ବିପରୀତ ବୁଦ୍ଧି (ବୃ. ଶବ୍ଦସାଗର)—
Opposite or contrary intelligence.

ପ୍ରତି(ତୀ)ବେଶ—ସଂ. ବି. (ପ୍ରତି+ବିଶ୍ ଧାତୁ=ପ୍ରବେଶ କରିବା +ଅଧିକରଣ. ଅ)—
Prati(ti)besa
୧ । ପଡ଼ଶା ଘର—1. Neighbouring house.
୨ । ସନ୍ନିକଟସ୍ଥ ଅଞ୍ଚଳ—2. Neighbourhood.

ପ୍ରତି(ତୀ)ବେଶୀ—ସଂ. ବି. ପୁଂ. (ପ୍ରତି+ବିଶ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Prati(ti)besi
ପ୍ରତିବେଶିନୀ / ପ୍ରତିବେଶ ବାସିନୀ } ସ୍ତ୍ରୀ ପଡ଼ୋଶୀ—Neighbour.
(ପ୍ରତିବେଶବାସୀ—ଅନ୍ୟରୂପ)
ସଂ. ବିଣ. ପୁଂ—ନିକଟରେ ବାସ କରୁଥିବା—
Neighbouring; living near by.

ପ୍ରତିବୋଧ—ସଂ. ବି. (ପ୍ରତି=ବିଶିଷ୍ଟ+ବୋଧ)—
Pratibodha ୧ । ବିଶିଷ୍ଟ ଜ୍ଞାନ—1. Understanding; special knowledge.
୨ । ନିଦ୍ରା ଭାଙ୍ଗିବା; ଜାଗରଣ—
2 Waking; awaking.
୩ । କୌଣସି ଭାବ ଦ୍ୱାରା ମନରେ ଜାତ ହେବା ଲେଉଟି ଭାବ—
3. Reflected idea.

୪ । (ଫୁଲର) ଫୁଟିବା—4. Opening; blowing (of flower).

୫ । ସ୍ମରଣ—5. Recollection.

ପ୍ରତିବୋଧକ—ସଂ. ବି ଓ ବିଣ. ପୁଂ—୧ । ନିଦ୍ରା ଭଙ୍ଗକାରୀ—
Pratibodhaka 1. One who rouses a person from sleep.
(ପ୍ରତିବୋଧିକା—ସ୍ତ୍ରୀ)

୨ । ଜ୍ଞାନ ଉତ୍ପନ୍ନ କରାଇବା ବ୍ୟକ୍ତି—
2. One who generates knowledge or wisdom.

୩ । ତିରସ୍କାରକ—3. Reprimander.

୪ । ଶିକ୍ଷକ—4. Teacher.

ପ୍ରତିବୋଧନ—ସଂ. ବି. (ପ୍ରତି+ବୋଧନ)—
Pratibodhana ୧ । ନିଦରୁ ଉଠାଇବା—1. Awakening; rousing up.

୨ । ଜ୍ଞାନ ଉତ୍ପାଦନ କରଣ—
2 Generating knowledge.

ପ୍ରତିବୋଧିତ—ସଂ. ବିଣ. (ପ୍ରତି+ବୋଧିତ)—
Pratibodhita ୧ । ଜାଗରିତ; ଯାହାକୁ କେହି ବ୍ୟକ୍ତି ନିଦରୁ ଉଠାଇଅଛି—1. Awakened.

୨ । ବିକଶିତ; ପ୍ରସ୍ଫୁଟିତ—2 Opened; full blown.

୩ । ଯାହାକୁ କୌଣସି ବିଷୟ ସ୍ମରଣ କରାଇ ଦିଆ ଯାଇଅଛି—
3. Reminded; made to recollect.

ପ୍ରତିଭ—ଦେ. ବି. (ସଂ. ପ୍ରତିଭା)—ସାଦୃଶ୍ୟ—
Pratibha Similarity.

ଜାମ୍ବ ମୂର୍ତ୍ତି ଜାତ ପାଳିବା ଏହିତ ଅର୍ଥେ ରଖିଲେ ପ୍ରତିଭ ।
ସନକୁଷ୍ଠ ରସକଲ୍ଲୋଳ ।

ସଂ. ବିଣ. ପୁଂ. (ଅନ୍ୟ ଶବ୍ଦ ସଙ୍ଗେ ସମାସରେ ବ୍ୟବହୃତ ଯଥା—
(ପ୍ରତିଭା—ସ୍ତ୍ରୀ) ସୂର୍ଯ୍ୟପ୍ରତିଭ) ଅମୁକ ପରି ପ୍ରଭା ଯୁକ୍ତ—
Shining like.

ପ୍ରତିଭଟ—ଦେ. ବିଣ—ସଦୃଶ; ସମାନ—
Pratibhaṭa Similar.

ବଦନ ସୁଆସାର ପ୍ରତିଭଟ, ପେଟ୍ଟୁସାକ ନପଟ କପଟ ।
କବିସୂର୍ଯ୍ୟ. ବଳଭଦ୍ର ।

ସଂ. ବି. (ପ୍ରତି+ଭଟ)—୧ । ସମକକ୍ଷ ଯୋଦ୍ଧା (ହି. ଶ)—
1. An equal warrior; a match.

୨ । ଶତ୍ରୁ (ହି. ଶ.)—2. Enemy.

୩ । ପ୍ରତିଦ୍ୱନ୍ଦ୍ୱୀ ଯୋଦ୍ଧା (ହି. ଶବ୍ଦସାଗର)—
3. Adversary; rival warrior.

ପ୍ରତିଭୟ—ସଂ. ବି. (ପ୍ରତି+ଭୟ)—୧ । ଅତ୍ୟନ୍ତ ଭୟ—
Pratibhaya 1. Great fear; terror.

୨ । ବିପଦ—2. Danger (Howells).

ସଂ. ବିଣ—ଅତି ଭୟଙ୍କର—
Terrible; formidable (Howells).

ପ୍ରତିଭା—ସଂ. ବି. (ପ୍ରତି+ଭା ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ +ସ୍ତ୍ରୀ. ଆ)—
Pratibhā

୧ । ପ୍ରଜ୍ଞା; ଅସାଧାରଣ ବୁଦ୍ଧି—
1. Extraordinary intelligence.

୨ । ପ୍ରତ୍ୟୁତ୍ପନ୍ନ ମତି; ଉପସ୍ଥିତ ବୁଦ୍ଧି—
3. Presence of mind.

୩ । ନବନବୋନ୍ମେଷଶାଳିନୀ ବୁଦ୍ଧି—3. Creative genius.

୪ । ପ୍ରଭା; ଦୀପ୍ତି; ଔଜ୍ଜ୍ୱଲ୍ୟ—
4. Splendour; brilliancy.

୫ । ସାଦୃଶ୍ୟ—5. Similarity.

୬ । ପ୍ରତିବିମ୍ବିତ ଆଲୋକ ବା ଉଜ୍ଜ୍ୱଳତା—
6. Reflected light or lustre.

୭ । ସାହସିକତା—7. Boldness.

୮ । ପ୍ରଗଲ୍ଭତା—
8 Audacity; pertness; forwardness.

୯ । ପ୍ରଖର ବୁଦ୍ଧି; ତୀକ୍ଷ୍ଣ ବୁଦ୍ଧି—
9. Sharp wit; brilliant intellect.

ଦେ. ବି. (ସଂ. ପ୍ରଭାବ)—ଶକ୍ତି; ସାମର୍ଥ୍ୟ; କ୍ଷମତା—
Power.

ଗୁଣ ଅବସ୍ୱରେ ଅଛି ଯେଉଁ ଶୋଭା,
କହିବାକୁ କାହାର ହୋଇବ ପ୍ରତିଭା । କୃଷ୍ଣସିଂହ ମହାଭାରତ ବନ ।

ପ୍ରତିଭାତ—ସଂ. ବିଣ. (ପ୍ରତି+ଭା ଧାତୁ=ଦୀପ୍ତି ପାଇବା+କର୍ମ. ତ)—
Pratibhāta ୧ । ପ୍ରଦୀପ୍ତ—1 Lighted.

୨ । (+କର୍ତ୍ତୃ. ତ) ଉଦିତ—2. Risen.

୩ । ପ୍ରକାଶିତ—3. Appearing; manifested.

୪ । ପ୍ରତୀତ—4 Believed.

ପ୍ରତିଭା ଦେବୀ—ଦେ. ବି. (ନାମ)—ଜଣେକ ଉତ୍କଳୀୟା ଲେଖିକା—
Pratibhā debī Name of a living Oria female writer.

[ଦ୍ର—ଏ ସରଳ ସୁନ୍ଦର ଓଡ଼ିଆ ଭାଷାରେ 'ବିଦେଶୀ' ନାମକ ଖଣ୍ଡିଏ ପୁସ୍ତକ ଲେଖି ଅଛନ୍ତି । (ତାରିଣୀ. ଉ. ସା. ଇତିହାସ ।]

ପ୍ରତିଭାନ—ସଂ. ବି. (ପ୍ରତି+ଭା ଧାତୁ+ଭାବ. ଅନ)—୧ । ପ୍ରଜ୍ଞା—
Pratibhāna 1. Intellect.

୨ । ଜ୍ଞାନ—2 Knowledge.

୩ । ବୁଦ୍ଧି—3 Intelligence.

୪ । ପ୍ରଭା—4 Brilliance; lustre.

ପ୍ରତିଭାନ୍ୱିତ—ସଂ. ବିଣ. ପୁଂ. (ଷଷ୍ଠୀ ତତ୍; ପ୍ରତିଭା+ଅନ୍ୱିତ)—
Pratibhānwita ୧ । ତୀକ୍ଷ୍ଣଧୀସମ୍ପନ୍ନ—1. Quick-witted; having sharp intellect.

ପ୍ରତିଭାପନ୍ନ, ପ୍ରତିଭାବାନ୍, ପ୍ରତିଭାଶାଳୀ, ପ୍ରତିଭାସମ୍ପନ୍ନ } ଅନ୍ୟରୂପ

ପ୍ରତିଭାନ୍ୱିତା, ପ୍ରତିଭାପନ୍ନା, ପ୍ରତିଭାବତୀ, ପ୍ରତିଭାଶାଳିନୀ, ପ୍ରତିଭାସମ୍ପନ୍ନା } ସ୍ତ୍ରୀ

୨ । ଉପସ୍ଥିତ ବୁଦ୍ଧିସମ୍ପନ୍ନ—
2. Having presence of mind.

୩ । ନବନବୋନ୍ମେଷଶାଳିନୀ ବୁଦ୍ଧିଯୁକ୍ତ
3. Having creative genius; resourceful.

୪ । ବୁଦ୍ଧି ଶାଳୀ; ବୁଦ୍ଧିମାନ୍—4. Intelligent.
୫ । ପ୍ରଗଲ୍ଭ—5. Audacious; bold; forward.
୬ । ପ୍ରଭାବଶିଷ୍ଟ—6. Brilliant.

ପ୍ରତିଭାଷ—ସ. ବି.—(ପ୍ରତି+ଭାଷ)—ପ୍ରତିବାକ୍ୟ; ପ୍ରତ୍ୟୁତ୍ତର—
Pratibhāsha (ପ୍ରତିଭାଷଣ—ଅନ୍ୟରୂପ) Reply; response.

ପ୍ରତିଭାଷ କରିବା—ଦେ. କ୍ରି. (ସ. ପ୍ରତିଭାଷ)—ଉତ୍ତର ଦେବା—
Pratibhāsha karibā To reply.
ଦଶମି ହ ଶ୍ରବଣରେ କଲେ ପ୍ରତିଭାଷ,
ବୋଲ ରହି ଉପୁର ସହିଁ ବୁ କ ଦେଶ । ଉଷ, ବୈଦେହୀଶବିଳାସ ।

ପ୍ରତିଭାଷା—ଦେ. ବି. (ସ. ପ୍ରତିଭାଷ)—ପ୍ରତ୍ୟୁତ୍ତର—
Pratibhāshā Reply; rejoinder.
ଭାଷାକୁ ପ୍ରତିଭାଷାମାନ; ଛଡ କହନ୍ତ ଅଳ ଅଳ ।
ପ୍ରାଚୀ, ଗର୍ଜନ-ଭେଦ୍ୟୋଦୟ ।

ପ୍ରତିଭାଷିତ—ସ. ବିଣ. (ପ୍ରତି+ଭାଷିତ)—ପ୍ରତ୍ୟୁତ୍ତରରୂପେ କଥିତ—
Pratibhāshita Replied; spoken in reply.
ସ. ବି.—ପ୍ରତ୍ୟୁତ୍ତର—Reply.

ପ୍ରତିଭାସ—ସ. ବି. (ପ୍ରତି+ଭାସ)—୧ । ଆଲୋକ ଯୋଗୁଁ ଶୋଭା ବା
Pratibhāsa ପ୍ରକାଶ—1. Illumination.
୨ । ଅଳଙ୍କରଣ—2. Adornment; decoration.
୩ । ଭ୍ରମ (ହ୍ୱ. ଷ.)—3. Illusion; mistake.

ପ୍ରତିଭାସିତ—ସ. ବିଣ. (ପ୍ରତି+ଭାସିତ)—୧ । ଆଲୋକଦ୍ୱାରା ଦୀପ୍ତ—
Pratibhāsita 1. Illuminated.
୨ । ଅଳଙ୍କୃତ—
2. Adorned; decorated (Howells).

ପ୍ରତିଭୂ—ସ. ବି. (ପ୍ରତି+ଭୂ ଧାତୁ=ହେବା+କର୍ତ୍ତୃ. କ୍ୱିପ୍)—
Pratibhū ୧ । ଯାମିନ୍‌ଦାର; ଯେ ଜଣର ଅଭାବରେ ଅନ୍ୟ ବ୍ୟକ୍ତି ପାଇଁ ଦାୟିତ୍ୱ ଗ୍ରହଣ କରିବାକୁ ସ୍ୱୀକାର କରେ; ପରର ଦାୟିତ୍ୱ ଗ୍ରହଣକାରୀ ବ୍ୟକ୍ତି—1. A person standing as a surety for another; a security; bondsman.
୨ । ଯାମିନ୍—2. Bail; security.

ପ୍ରତିଭୂଲିପି—ସ. ବି (୬ଷ୍ଠୀ ତତ୍; ପ୍ରତିଭୂ+ଲିପି)—ଯାମିନ୍‌ନାମା—
Pratibhū lipi Bail-bond; surety-bond.
(ପ୍ରତିଭୂ ଲେଖ; ପ୍ରତିଭୂପତ୍ର—ଅନ୍ୟରୂପ)

ପ୍ରତିମ—ସ. ବିଣ. ପୁଂ (ପ୍ରତି+ମା ଧାତୁ+କର୍ମ. ଅ)—ସମାନ; ସଦୃଶ;
Pratima ତୁଲ୍ୟ—Like; similar; resembling
(ପ୍ରତିମା—ସ୍ତ୍ରୀ) [ଦ୍ର—ଏହା ବହୁସ୍ଥଳରେ ସମାସରେ ଅନ୍ୟ ଶବ୍ଦ ପରେ ବସେ; ଯଥା—ସୋଦର ପ୍ରତିମ; ପୁତ୍ର ପ୍ରତିମ, ଭଗିନୀ ପ୍ରତିମା ।]

ପ୍ରତିମଣ୍ଡଳ—ସ. ବି. (ପ୍ରତି+ମଣ୍ଡଳ)—ସୂର୍ଯ୍ୟ ଆଦି ଉଜ୍ଜ୍ୱଳ ଗ୍ରହଙ୍କ ମଣ୍ଡଳ;
Pratimandala ପରିବେଶ (ହ୍ୱ. ଷ.)—
The halo round the sun and other luminaries.

ପ୍ରତିମା—ସ. ବି. (ପ୍ରତି+ମା ଧାତୁ=ପରିମାଣ କରିବା+କର୍ମ. ଅ;+ଆ)
Pratimā ୧ । ପିତୁଳା; ପ୍ରତିମୂର୍ତ୍ତି—1. Idol; image.
୨ । ରୂପ—2. Figure.
୩ । ସାଦୃଶ୍ୟ; ପ୍ରତିକୃତି—
3. Likeness; similarity; resemblance.
୪ ଛବି—4. Picture.
୫ । ଦେବ ବିଗ୍ରହ; ଦେବମୂର୍ତ୍ତି—
5. Image of a Deity; idol.
୬ । ଚିହ୍ନ—6. Symbol.
୭ । ପ୍ରତିବିମ୍ବ—7. Reflected image.
୮ । ଗଜର ଦନ୍ତଦ୍ୱୟର ମଧ୍ୟଭାଗରେ ଶୁଣ୍ଢର ଉପରି ଅଂଶ—
8. The part of an elephant's trunk between the tusks.
୯ । (+ତଉଲ. ଅ+ଆ)—ବଟଖରା—
9. Standard pieces used in weighing.
୧୦ । ସାହିତ୍ୟର ଅଳଙ୍କାରବିଶେଷ (ହ୍ୱ. ଷ.)—
1. A figure of speech.
[ଦ୍ର—ଏଥିରେ ମୁଖ୍ୟ ବ୍ୟକ୍ତିର ବା ପଦାର୍ଥର ଅଭାବରେ ତତ୍ସଦୃଶ କୌଣସି ବ୍ୟକ୍ତିର ବା ପଦାର୍ଥର ସ୍ଥାପନାର ବର୍ଣ୍ଣନ କରାଯାଏ—(ହ୍ୱ. ଷ.)]
ସଂ. ବିଣ. (ସମାସରେ) ପ୍ରତିମର ସ୍ତ୍ରୀଲିଙ୍ଗ—
Feminine of Pratima.

ପ୍ରତିମା ଗୃହ—ଦେ. ବି. (ଅଧୁନିକ ବ୍ୟବହାର)—ଯେଉଁ ଗୃହରେ ପ୍ରାଚୀନ
Pratimā gruha କାଳର ପ୍ରତିମାଦି ଦ୍ରବ୍ୟସମୂହ ସାଧାରଣଙ୍କ
(ପ୍ରତିମା ମନ୍ଦିର—ଅନ୍ୟରୂପ) ଦର୍ଶନାର୍ଥ ରକ୍ଷିତ ହୁଏ; ଯାଦୁଘର—
A museum.

ପ୍ରତିମା ତତ୍ତ୍ୱ—ଦେ. ବି. (ଅଧୁନିକ ବ୍ୟବହାର)—ମୂର୍ତ୍ତିବିଜ୍ଞାନ—
Pratimā tattwa Iconology; science of images.
(ପ୍ରତିମାବିଜ୍ଞାନ, ପ୍ରତିମାଶାସ୍ତ୍ର, ପ୍ରତିମା ବିଦ୍ୟା—ଅନ୍ୟରୂପ)

ପ୍ରତିମାନ—ସ. ବି.(ପ୍ରତି+ମା ଧାତୁ+କର୍ମ.ଅନ)—୧ । ପ୍ରତିମା (ଦେଖ)
Pratimāna 1. Pratimā (See)
୨ । ସମାନତା (ହ୍ୱ. ଷ)—2. Equality.
୩ । ଦୃଷ୍ଟାନ୍ତ; ଉଦାହରଣ (ହ୍ୱ. ଷ)—3. Example.
୪ । ପ୍ରତିନିଧି (ହ୍ୱ. ଷ)—4. Representative.

ପ୍ରତିମାନନା—ସ. ବି. (ପ୍ରତି+ମାନନା)—ସମ୍ମାନ—
Pratimānanā Respect; veneration; homage (Howells).

ପ୍ରତିମା ପୂଜକ—ସ. ବିଣ. ପୁଂ. (ଅଧୁନିକ ବ୍ୟବହାର)—
Pratimā pūjaka ଯେ ଦେବମୂର୍ତ୍ତିଙ୍କୁ ଈଶ୍ୱରଜ୍ଞାନରେ ପୂଜା
(ପ୍ରତିମା ପୂଜକା—ସ୍ତ୍ରୀ) କରେ—Idolatrous.
ସ. ବି. ପୁଂ—ପ୍ରତିମାଙ୍କୁ ଦେବତାରୂପେ ପୂଜା କରିବା ବ୍ୟକ୍ତି—
Idolator.

ପ୍ରତିମା ପୂଜା—ସ. ବି—ଈଶ୍ୱର ଜ୍ଞାନରେ ଦେବମୂର୍ତ୍ତିର ପୂଜା—
Pratimā pūjā Image worship; idolatry.

ପ୍ରତିମା ବିସର୍ଜନ—ସ. ବି. (୬ଷ୍ଠୀ ତତ୍; ପ୍ରତିମା+ବିସର୍ଜନ)—
Pratimā bisarjana ଆବାହନ ଓ ଅବାହନ ପୂର୍ବକ ଦେବତାରୂପେ ପୂଜିତ ଦେବମୂର୍ତ୍ତିଙ୍କୁ ପୂଜା ଶେଷରେ ମନ୍ତ୍ରପାଠ ପୂର୍ବକ

ବିଦାୟ ଦେଇ ପାଣିରେ ଫିଙ୍ଗିବା—Consigning an Idol to the water after it is worshipped and formally relinquished.

ପ୍ରତିମାଳା—ସ. ବି—ସ୍ମରଣ ଶକ୍ତିର ପରୀକ୍ଷା ଦେବା ବା ପରୀକ୍ଷା କରିବା
Pratimālā ପାଇଁ ଏକାଧିକ ବ୍ୟକ୍ତିଙ୍କର ଏକାନୁକ୍ରମେ ଶ୍ଳୋକ ବା କବିତାଦିର ଆବୃତ୍ତି—Recitation of slokas or couplets by several persons, one after the other, to test their memory.

ପ୍ରତିମାସ—ସ. ଅ. (ପ୍ରତି+ମାସ)—ପ୍ରତ୍ୟେକ ମାସରେ—
Pratimāsa Monthly; every month.

ପ୍ରତିମାସୀୟ—ସ. ବିଣ. (ପ୍ରତିମାସ+ଈୟ)—ପ୍ରତିମାସରେ ଘଟୁଥିବା—
Pratimāsiya Monthly; recurring every month
(ପ୍ରତିମାସିକ—ଅନ୍ୟରୂପ)

ପ୍ରତିମୁଖ—ସ. ବିଣ. (ପ୍ରତି=ସାମନା ଦିଗରେ+ମୁଖ)—
Pratimukha ୧ । ସାମନାରେ ଥିବା; ଆଡ଼କୁ ମୁହଁ କରିବା—
1. Facing; opposite; confronting.
୨ । ଅଭିମୁଖ; ସମ୍ମୁଖବର୍ତ୍ତୀ—2. Situate in front.
ସ. ବି—୧ । ନାଟକ ବା ଅଭିନୟର ଅଂଶବିଶେଷ (ଯେଉଁଠାରେ ନାଟକୀୟ ବିଷୟ କ୍ରମଶଃ ଗାଢ଼ତର ହୁଏ)—
1. Part of a play in which the plot thickens; epitasis (Howells); the main action of a drama leading to the catastrophe (Chambers English Dictionary).
[ଦ୍ର—ନାଟକର ୫ ଅଙ୍ଗସନ୍ଧି ମଧ୍ୟରୁ ଏହା ଏକ; ଏଥିରେ ବିଳାସ, ପରିସର୍ପ, ନର୍ମ, ପ୍ରଗମନ, ବିରୋଧ, ପର୍ଯ୍ୟୁପାସନ, ପୁଷ୍ପ, ବଜ୍ର, ଉପନ୍ୟାସ ଓ ବର୍ଣ୍ଣସଂହାର ଆଦିର ବର୍ଣ୍ଣନ ହୋଇଥାଏ (ହି· ଶ ।]
୨ । କୌଣସି ବସ୍ତୁର ପଛ ଭାଗ (ହି. ଶ)—
2. The rear or back part of a thing.

ପ୍ରତିମୂର୍ତ୍ତି—ସ. ବି. (ପ୍ରତି+ମୂର୍ତ୍ତି)—୧ । ପ୍ରତିକୃତି—
Pratimūrtti 1 A statue.
୨ । ପ୍ରତିମା—2. Image.
୩ । ସାଦୃଶ୍ୟ—3. Likeness; resemblance.
୪ । ଗୋଟିଏ ବସ୍ତୁର ବା ଜୀବର ସାଦୃଶ୍ୟରେ ନିର୍ମିତ ପ୍ରତିମା—
4. An image formed in the shape of an animal or thing.

ପ୍ରତିଯତ୍ନ—ସ. ବି. (ପ୍ରତି=ବିଶିଷ୍ଟ+ଯତ୍ନ)—
Pratijatna ୧ । ବିଶିଷ୍ଟ ଯତ୍ନ ବା ଚେଷ୍ଟା; ପ୍ରଯତ୍ନ—
1. Strenuous endeavour.
୨ । ଯୋଗାଡ଼—2. Preparation (Howells).
୩ । ଅତ୍ୟନ୍ତ ଆଦର—3. Excessive fondling.
୪ । ଲାଳସା (ହି· ଶ)—
4, Hankering after anything.
୫ । ଉପଗ୍ରହ (ହି. ଶ)—5. Satellite.
୬ । କଏଦୀ (ହି. ଶ); ବନ୍ଦୀ—6. Prisoner.
୭ । ସଂସ୍କାର (ହି. ଶ)—7. Repair; renovation.

ପ୍ରତିଯୋଗ—ସ. ବି. (ପ୍ରତି+ଯୋଗ)—
Pratijoga ୧ । ବିପକ୍ଷତା; ବିରୋଧ; ଶତ୍ରୁତା—
1. Opposition; resistance; enmity.
୨ । ସହଯୋଗ—2. Co-operation; partnership; association.
୩ । ପ୍ରତିଦ୍ୱନ୍ଦିତା; ସମକକ୍ଷତା—3. Rivalry; competition.

ପ୍ରତିଯୋଗୀ—ସ. ବି ଓ ବିଣ. ପୁଂ. (ପ୍ରତି+ଯୁଜ୍ ଧାତୁ+ଇନ୍; ୧ମା. ୧ବ)—୧ । ପ୍ରତିଦ୍ୱନ୍ଦ୍ୱୀ—1. Rival.
Pratijogi
(ପ୍ରତିଯୋଗିତା—ବି) ୨ । ବିପକ୍ଷ—2. Opponent.
(ପ୍ରତିଯୋଗିନୀ—ସ୍ତ୍ରୀ) ୩ । ଅଂଶୀଦାର; ସରିକଦାର—
3. Co-sharer; partner.
୪ । ସହଯୋଗୀ—4. Associate; co-operator.

ପ୍ରତିଯୋଦ୍ଧା—ସ· ବି. ପୁଂ. (ପ୍ରତି+ଯୋଦ୍ଧୃ; ୧ମା. ୧ବ)—
Pratijoddhā ୧ । କୌଣସି ଯୋଦ୍ଧାର ବିପକ୍ଷରେ ପଡ଼ି
(ପ୍ରତିଯୋଦ୍ଧ୍ରୀ—ସ୍ତ୍ରୀ) ପକାଇ ଯୁଦ୍ଧ କରିବା ଯୋଦ୍ଧା—
1. Concombatant; antagonist.
୨ । ଶତ୍ରୁ—2. Enemy.

ପ୍ରତିଯୋଧ—ସ. ବି. ପୁଂ. (ପ୍ରତି=ବିପକ୍ଷ+ଯୁଧ୍ ଧାତୁ+କର୍ତ୍ତୃ. ଅ)—
Pratijodha ପ୍ରତିଯୋଦ୍ଧା (ଦେଖ)
(ପ୍ରତିଯୋଧା—ସ୍ତ୍ରୀ) Pratijoddhā (See)

ପ୍ରତିଯୋଧୀ—ଦେ. ବି. (ସ. ପ୍ରତିଯୋଦ୍ଧା)—ପ୍ରତିଯୋଦ୍ଧା (ଦେଖ)
Pratijodhi Pratijoddhā (See)

ପ୍ରତିରଥ—ସଂ. ବି. (ବହୁବ୍ରୀହି; ପ୍ରତି=ବିପକ୍ଷ+ରଥ)—
Pratiratha ବିପକ୍ଷୀୟ ଯୋଦ୍ଧା—An opponent; adversary; an antagonist in a battle.

ପ୍ରତିରବ—ସଂ. ବି. (ପ୍ରତି+ରବ)—୧ । ପ୍ରତିଧ୍ୱନି—
Pratiraba 1. Echo.
(ପ୍ରତିସ୍ୱର—ଅନ୍ୟରୂପ) ୨ । କୌଣସି ରବ ବା ଧ୍ୱନିର ଜବାବରେ କରାଯିବା ଧ୍ୱନି—2. A shout made in response to another.

ପ୍ରତିରାତ୍ର—ସଂ· କ୍ରି. ବିଣ. (ପ୍ରତି+ରାତ୍ରି)—ପ୍ରତି ରାତିରେ—
Pratirātra Nightly; every night.

ପ୍ରତିରୁଦ୍ଧ—ସଂ. ବିଣ. (ପ୍ରତି+ରୁଦ୍ଧ)—୧ । ଅବରୁଦ୍ଧ—
Pratiruddha 1. Confined.
(ପ୍ରତିରୋଧ—ବି) ୨ । ଘେରାଉ କରାଯାଇ ଥିବା; ଶତ୍ରୁ ସୈନ୍ୟଦ୍ୱାରା ଅବରୁଦ୍ଧ—2. Surrounded; besieged; blockaded.
୩ । ନିବାରିତ; ବାଧାପ୍ରାପ୍ତ—3. Prevented; hindered; impeded; restrained; obstructed.

ପ୍ରତିରୂପ—ସଂ. ବି. (ପ୍ରତି=ସଦୃଶ+ରୂପ)—୧ । ସାଦୃଶ୍ୟ—
Pratirūpa 1. Resemblance; likeness.
୨ । ପ୍ରତିମୂର୍ତ୍ତି; ପ୍ରତିମା—2. Portrait; image.

୩ । ପ୍ରତିଲିପି —3. Counterpart; a duplicate; a copy.
୪ । ନକଲ; ଜାଲ୍—4. Counterfeit.
୫ । ପ୍ରତିବିମ୍ବ—5. Reflected shadow; image.
୬ । ନମୁନା—6. Pattern; specimen.
୭ । ବସ୍ତୁର ବା ବ୍ୟକ୍ତିର ଅନୁରୂପ ଛବି—
7. A picture drawn to resemble a person or thing.
୮ । ପ୍ରତିନିଧି (ହି. ଶ)—8. Representative.
(ପ୍ରତିରୂପା—ସ୍ତ୍ରୀ) ସଂ. ବିଣ—ସଦୃଶ—
Resembling; corresponding.

ପ୍ରତିରୂପୀ—ଦେ. ବି ଓ ବିଣ. (ସଂ. ପ୍ରତିରୂପ)—ପ୍ରତିରୂପ (ଦେଖ)
Pratirūpi Pratirūpa (See)

ପ୍ରତିରୋଧ—ସଂ. ବି. (ପ୍ରତି+ରୋଧ)—୧ । ପ୍ରତିବନ୍ଧକ; ବାଧା—
Pratirodha 1. Obstruction; hinderance; resistance.
ପ୍ରତିରୁଦ୍ଧ, ପ୍ରତିରୋଧିତ } ବିଣ ୨ । ନିବାରଣ; ନିଷେଧ—
2. Prevention.
୩ । ଅଟକ—3. Restraint.
୪ । ବିପକ୍ଷତା; ପ୍ରତିକୂଳତା—4. Opposition.
୫ । ଘେରାଉ; ଅବରୋଧ—5. Siege; blockade.

ପ୍ରତିରୋଧକ—ସଂ. ବିଣ. ପୁଂ (ପ୍ରତି+ରୁଧ୍ ଧାତୁ+କର୍ତ୍ତୃ. ଅକ)—
Pratirodhaka ୧ । ବାଧା ଦେଉଥିବା—1. Obstructing.
(ପ୍ରତିରୋଧୀ—ଅନ୍ୟରୂପ) ୨ । ଅଟକ କରୁଥିବା—
(ପ୍ରତିରୋଧିକା, ପ୍ରତିରୋଧିନୀ—ସ୍ତ୍ରୀ) 2. Restraining.
(ପ୍ରତିରୋଧନ—ବି) ୩ । ଅବରୋଧକାରୀ—
3. Besieging; blockading.
୪ । ଯେ ଅଟକ କରି ଛଡାଇନିଏ—
4. Robbing (Howells).
ସଂ. ବି.—୧ । ଡକାଏତ—1. Robber.
୨ । ବାଧା ଦେବା ବ୍ୟକ୍ତି—2 Obstructor (Howells).

ପ୍ରତିଲକ୍ଷ(କ୍ଷ୍ୟ)—ଦେ. ବି. (ସଂ. ଲକ୍ଷ; ଲକ୍ଷ୍ୟ)—୧ । ଉପମା; ତୁଳନା—
Pratilaksha (kshya) 1. Comparison.
ଏଥିକୁ ପ୍ରତିଲକ୍ଷ ଦେବା;
ଭୋ ନୃପ ଦେଖାଇ କହିବା—ଜଗନ୍ନାଥ. ଭାଗବତ ।
୨ । ଉପମା ବା ତୁଳନା ଦ୍ୱାରା ଅନୁମିତ ସାଦୃଶ୍ୟ—
2. Similarity found out on comparision.
ଦେ. ବିଣ—୧ । ଉପମାଯୋଗ୍ୟ—1. Comparable.
୨ । ଉପମାଦ୍ୱାରା ସମାନ ଥିବାର ପ୍ରତିପାଦିତ—
2. Found to be similar in comparision.

ପ୍ରତିଲିପି—ସଂ. ବି. (ପ୍ରତି+ଲିପି)—୧ । ନକଲ—
Pratilipi 1. A copy.
୨ । କୌଣସି ଲେଖାକୁ ଦେଖି ସେହି ମୁତାବକ ଅବିକଳ ଲେଖିବା ଲେଖା—2. A transcript; the counterpart of a writing.

ପ୍ରତିଲେଖ—ସଂ. ବି. (ପ୍ରତି+ଲେଖ)—କୌଣସି ପତ୍ରର ଲିଖିତ
Pratilekha ପ୍ରତ୍ୟୁତ୍ତର—A written reply to a letter.

ପ୍ରତିଲୋମ—ସଂ. ବିଣ. (ପ୍ରତି=ବିପରୀତ+ଲୋମ=ଶରୀରର ରୁମ)—
Pratiloma ୧ । ପ୍ରତିକୂଳ; ବାମ; ବିରୁଦ୍ଧ—
(ଅନୁଲୋମ—ବିପରୀତ) 1. Contrary; opposite
୨ । ଓଲଟା; ବିପରୀତ—2. Inverse; inverted.
୩ । ଦେହର ଲୋମର ବିପରୀତ ଦିଗରେ ଚାଳିତ—
3. Moved against the hair or grain.
୪ । ନୀଚ—4 Low; vile; base; depraved.
୫ । ନିର୍ଦ୍ଦିଷ୍ଟ ନିୟମ ବା ଶୃଙ୍ଖଳାବିରୁଦ୍ଧ—
5 Contrary to the prescribed rule or order.
୬ । ନୀଚତର ଜାତୀୟ—6. Of a lower caste.
୭ । ବର୍ଣ୍ଣଗତ ନିୟମବିରୁଦ୍ଧ—
7. Contrary to the rules of caste.
ସ. କ୍ରି. ବିଣ—ଲୋମର ବିପରୀତ ଦିଗରେ—
Against the hair or grain.

ପ୍ରତିଲୋମଜ—ସଂ. ବିଣ. ପୁଂ (ପ୍ରତିଲୋମ+ଜନ ଧାତୁ+କର୍ତ୍ତୃ. ଅ)—
Pratilomaja ପ୍ରତିଲୋମ ବିବାହରୁ ଉତ୍ପନ୍ନ; ନୀଚ ବର୍ଣ୍ଣର
(ପ୍ରତିଲୋମଜାତ—ଅନ୍ୟରୂପ) ପୁରୁଷର ଔରସରେ ଉଚ୍ଚ ବର୍ଣ୍ଣର
ପ୍ରତିଲୋମଜା, ପ୍ରତିଲୋମଜାତା } ସ୍ତ୍ରୀ. ସ୍ତ୍ରୀ ଗର୍ଭରୁ ଜାତ (ସନ୍ତାନ)—Born of a 'Pratiloma' marriage.
[ଦ୍ର—କ୍ଷତ୍ରିୟ ପୁରୁଷ ଔରସରେ ବ୍ରାହ୍ମଣୀଗର୍ଭରୁ, ବୈଶ୍ୟ ଔରସରେ କ୍ଷତ୍ରିୟା ଗର୍ଭରୁ ଓ ଶୂଦ୍ର ଔରସରେ ବୈଶ୍ୟାଗର୍ଭରୁ ଜାତ ସନ୍ତାନଙ୍କୁ ପ୍ରତିଲୋମଜ ବୋଲାଯାଏ । କ୍ଷତ୍ରିୟ ପିତା ଓ ବ୍ରାହ୍ମଣୀ ମାତାଠାରୁ ଉତ୍ପନ୍ନ ସନ୍ତାନ ସୂତ; ବୈଶ୍ୟ ପିତା ଓ ବ୍ରାହ୍ମଣୀ ମାତାଠାରୁ ଉତ୍ପନ୍ନ ବୈଦେହିକ; ଶୂଦ୍ରପିତା ଓ ବ୍ରାହ୍ମଣୀ ମାତାଠାରୁ ଉତ୍ପନ୍ନ ଚଣ୍ଡାଳ; ବୈଶ୍ୟ ପିତା ଓ କ୍ଷତ୍ରିୟା ମାତାଠାରୁ ଉତ୍ପନ୍ନ ମାଗଧ; ଶୂଦ୍ର ପିତା ଓ କ୍ଷତ୍ରିୟା ମାତାଠାରୁ ଉତ୍ପନ୍ନ କ୍ଷତ୍ତା; ଶୂଦ୍ର ପିତା ଓ ବୈଶ୍ୟା ମାତାଠାରୁ ଉତ୍ପନ୍ନ ଅୟୋଗବ; ଏମାନେ ପ୍ରତିଲୋମଜ ଅଟନ୍ତି (ହି. ଶ) । ଏବଂ ଉଚ୍ଚ ବର୍ଣ୍ଣର ପୁରୁଷ ଔରସରେ ନୀଚତର ବର୍ଣ୍ଣର ସ୍ତ୍ରୀ ଗର୍ଭରୁ ଜାତ ସନ୍ତାନଙ୍କୁ ଅନୁଲୋମଜ ବୋଲାଯାଏ ।]

ପ୍ରତିଲୋମ ବିବାହ—ସଂ. ବି. (କର୍ମଧା; ପ୍ରତିଲୋମ+ବିବାହ)—ଉଚ୍ଚ-
Pratiloma bibāha ତର ବର୍ଣ୍ଣର କନ୍ୟା ସଙ୍ଗେ ନୀଚତର
(ଅନୁଲୋମ ବିବାହ- ବିପରୀତ) ବର୍ଣ୍ଣର ପୁରୁଷର ବିବାହ—
Marriage of a girl of a higher caste with a man of a lower caste; morganatic or exogamous marriage.

ପ୍ରତିଶଙ୍କନୀୟ—ସଂ. ବିଣ. ପୁଂ. (ପ୍ରତି+ଶଙ୍କନୀୟ)—୧ । ଯାହାକୁ
Pratiśankaniya ସର୍ବଦା ସର୍ବତୋଭାବରେ ଭୟ ବା ସନ୍ଦେହ
(ପ୍ରତିଶଙ୍କନୀୟା—ସ୍ତ୍ରୀ) କରାଯାଏ; ପରିଶଙ୍କନୀୟ—1. Always regarded with fear or suspicion.
୨ । ସର୍ବଥା ଶଙ୍କା ଉତ୍ପାଦକ—
2. Causing fear in every way.

ପ୍ରତିଶଙ୍କା—ସଂ. ବି (ପ୍ରତି=ସତତ+ଶଙ୍କା=ଭୟ)—୧ । ସତତ ଭୟ—
Pratiśankā 1. Constant fear.
୨ । ସର୍ବତୋଭାବରେ ଭୟ—2. Extreme fear.
୩ । ଗୁରୁତର ସନ୍ଦେହ—3. Grave suspicion.

ପ୍ରତିଶତ—ସଂ. ଅ (ପ୍ରତି+ଶତ)—ଶତକଡ଼ା; ପ୍ରତି ଶହ; ପ୍ରତି ଶହ
Pratiśata ହିସାବରେ—Per cent.

ପ୍ରତିଶବ୍ଦ—ସଂ. ବି (ପ୍ରତି=ସମାନ+ଶବ୍ଦ)—୧ । ପ୍ରତିଧ୍ୱନି—
Pratiśabda 1. Echo; reverberation.
୨ । ସମାନାର୍ଥକ ଅନ୍ୟ ଶବ୍ଦ; ଗୋଟିଏ ଶବ୍ଦର ତୁଲ୍ୟାର୍ଥବୋଧକ ଅନ୍ୟ ଶବ୍ଦ—2. Synonym

ପ୍ରତିଶୟ—ସଂ. ବି (ପ୍ରତି+ଶୀ ଧାତୁ=ଶୋଇବା+ଭାବ. ଅ)—
Pratiśaya ଅଭୀଷ୍ଟ-ସିଦ୍ଧି ପାଇଁ ଦେବତାଙ୍କଠାରୁ ଆଦେଶଲାଭ
(ପ୍ରତିଶୟନ—ଅନ୍ୟରୂପ) କରିବା ସଙ୍କଳ୍ପରେ ସ୍ନାନଭୋଜନାଦି ତ୍ୟାଗ କରି ଦେବତାଙ୍କ ନିକଟରେ ପଡ଼ିରହିବା; ଧାରଣା ପଡ଼ିବା; ଅଧିଆ ପଡ଼ିବା—Lying Dhārnā before a Deity; lying prostrate before a Deity for days together without any food till one's prayers are answered by the Deity.

ପ୍ରତିଶାପ—ଦେ. ବି—ଅଭିଶାପ ଦେଇଥିବା ବ୍ୟକ୍ତିକୁ ଅଭିଶପ୍ତ ବ୍ୟକ୍ତିର
Pratiśāpa ଦେବା ଅଭିଶାପ—A curse uttered in return for a curse.
ଦକ୍ଷକୁ ପ୍ରତିଶାପ ଦେଇ
ବୋଲଇ ସଙ୍କଳ ନେ ଶୃଙ୍ଗି—ଜଗନ୍ନାଥ ଭାଗବତ ।

ପ୍ରତିଶାୟିତ—ସଂ. ବିଣ. ପୁଂ (ପ୍ରତି+ଶୀ ଧାତୁ+କର୍ତ୍ତୃ. ତ)—
Pratiśāyita ଯେ ଦେବତାଙ୍କ ପାଖେ ଧାରଣା ପଡ଼ିଥାଏ—
(ପ୍ରତିଶାୟିତା—ସ୍ତ୍ରୀ) Lying prostrate before a Deity till one's prayers are attended to.

ପ୍ରତିଶାସନ—ସଂ. ବି (ପ୍ରତି+ଶାସନ)—୧ । ବିଶିଷ୍ଟ ଆଦେଶ—
Pratiśāsana 1. Special order.
ପ୍ରତିଶାସକ, ପ୍ରତିଶାସିତ (ପୁଂ); ପ୍ରତିଶାସ୍ତା, ପ୍ରତିଶାସିକା (ବିଣ); ପ୍ରତିଶାସିତା, ପ୍ରତିଶାସ୍ତ୍ରୀ (ସ୍ତ୍ରୀ)
୨ । କୌଣସି କାର୍ଯ୍ୟ ପାଇଁ ଦୂତ ବା ଭୃତ୍ୟ ପ୍ରେରଣ—2. Sending or deputing a messenger on a certain mission.
୩ । ପ୍ରଥମ ଆଦେଶକୁ ରହିତ କରିବା ହୁକୁମ—3. Counter order; countermanding order.

ପ୍ରତିଶିଷ୍ୟ—ସଂ. ବି. ପୁଂ—ଶିଷ୍ୟର ଶିଷ୍ୟ; ନାତି ଚେଲା—
Pratiśishya The disciple of one's disciple.
(ପ୍ରତିଶିଷ୍ୟା—ସ୍ତ୍ରୀ)

ପ୍ରତିଶୋଧ—ସଂ. ବି (ପ୍ରତି+ଶୋଧ)—୧ । ପ୍ରତିହିଂସା—
Pratiśodha 1. Revenge.
୨ । ପ୍ରତିବିଧାନ—2. Remedy; requital.

ପ୍ରତିଶୋଧ ନେବା—ଦେ. କ୍ରି—ପ୍ରତିହିଂସା କରିବା—
Pratiśodha debā To be avenged; to take revenge.
ପ୍ରତିଶୋଧକରିବା, ପ୍ରତିଶୋଧନେବା } ଅନ୍ୟରୂପ
প্রতিশোধলওয়া বদ্‌লালেনা

ପ୍ରତିଶ୍ୟା(ସ୍ୟା)ୟ—ସଂ. ବି—୧ । ଶର୍ଦ୍ଦି (ହି. ଶ.)—
Pratiśyā(syā)ya 1. Cold.
୨ । ପୀନସ ରୋଗ—2. Atrophic rhinites.

ପ୍ରତିଶ୍ରବ—ସଂ. ବି (ପ୍ରତି+ଶ୍ରୁ ଧାତୁ+କର୍ମ. ଅ)—୧ । ପ୍ରତ୍ୟୁତ୍ତର—
Pratiśraba 1. Reply; answer.
୨ । ପ୍ରତିଶ୍ରୁତି; ଅଙ୍ଗୀକାର—2. Promise.
୩ । ସ୍ୱୀକାର—3. Assent; agreement.

ପ୍ରତିଶ୍ରୟ—ସଂ. ବି (ପ୍ରତି+ଶ୍ରି ଧାତୁ=ସେବା କରିବା, ଆଶ୍ରୟ କରିବା+
Pratiśraya କର୍ମ. ଅ)—୧ । ଆଶ୍ରୟ; ଯେଉଁଠାରେ ଆଶ୍ରୟ ନିଆଯାଏ—1. Shelter; refuge.
୨ । ବାସସ୍ଥାନ—2. Abode.
୩ । କୌଣସି ଦ୍ରବ୍ୟ ରଖାଯିବା ସ୍ଥାନ ବା ଆଧାର—
3. Repository; receptacle.

ପ୍ରତିଶ୍ରୁତ—ସଂ. ବିଣ. ପୁଂ (ପ୍ରତି+ଶ୍ରୁ ଧାତୁ+କର୍ମ. ତ)—
Pratiśruta ୧ । ଅଙ୍ଗୀକୃତ—
1. Promised.
୨ । ସ୍ୱୀକୃତ—2. Agreed to; assented to.
(ପ୍ରତିଶ୍ରୁତା—ସ୍ତ୍ରୀ) ୩ । ପୁଂ (+କର୍ତ୍ତୃ. ତ) ଯେ ଅଙ୍ଗୀକାର କରିଥାଏ— Promising; agreeing to.

ପ୍ରତିଶ୍ରୁତ ହେବା—ଦେ. କ୍ରି—କୌଣସି ବିଷୟ କରିବା ପାଇଁ ଆଗରୁ
Pratiśruta hebā ଅଙ୍ଗୀକାର କରିବା—To bind one's
প্রতিশ্রুত হওয়া self by a promise; to make a
प्रतिश्रुत होना promise.

ପ୍ରତିଶ୍ରୁତି—ସଂ. ବି. (ପ୍ରତି+ଶ୍ରୁ ଧାତୁ+ଭାବ. ତି)—
Pratiśruti ୧ । ଅଙ୍ଗୀକାର—1. Promise.
୨ । ସ୍ୱୀକାର—2. Assent; agreement.
୩ । ପ୍ରତିଧ୍ୱନି—3. Echo.

ପ୍ରତିଷିଦ୍ଧ—ସଂ. ବିଣ (ପ୍ରତି+ସିଧ୍ ଧାତୁ=ସମ୍ପନ୍ନ କରିବା+କର୍ମ. ତ;
Pratishiddha ଷତ୍ୱ ବିଧାନ)—ନିଷିଦ୍ଧ; ନିବାରିତ—
(ପ୍ରତିଷେଧ—ବି) Prohibited; forbidden.

ପ୍ରତିଷେଦ୍ଧା—ସଂ. ବିଣ. ପୁଂ (ପ୍ରତି+ସିଧ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ;
Pratisheddhā ଷତ୍ୱ ବିଧାନ)—ପ୍ରତିଷେଧକ (ଦେଖ)
(ପ୍ରତିଷେଦ୍ଧ୍ରୀ—ସ୍ତ୍ରୀ) Pratishedhaka (See)

ପ୍ରତିଷେଧ—ସଂ. ବି. (ପ୍ରତି+ସିଧ୍ ଧାତୁ+ଭାବ. ଅ; ଷତ୍ୱ ବିଧାନ)—
Pratishedha ୧ । ନିବାରଣ; ନିଷେଧ—1. Prohibition.
ପ୍ରତିଷିଦ୍ଧ, ପ୍ରତିଷେଧିତ } ବିଣ
୨ । ଅସ୍ୱୀକାର—2. A denial.
୩ । ବିରୋଧ; ପ୍ରତିବାଦ—
3. Contradiction; opposition.
୪ । ଅଟକାଇବା—4. Restraining.
୫ । ବର୍ଜନ; ପରିହାର; ତ୍ୟାଗ—5. Abandonment.
୬ । ନିୟମର ବ୍ୟତିକ୍ରମ—
6. An exception to a rule.
୭ । କାବ୍ୟାଲଙ୍କାରବିଶେଷ—
7. A figure of rhetoric.

ପ୍ରତିଷେଧକ—ସଂ.ବଣ.ପୁଂ(ପ୍ରତି+ସିଧ୍ ଧାତୁ+କର୍ତ୍ତୃ.ଅକ; ଷତ୍ୱବିଧାନ)—
Pratishedhaka ୧ । ନିବାରକ—1. Preventive.
(ପ୍ରତିଷେଧିକା—ସ୍ତ୍ରୀ) ୨ । ନିଷେଧକାରୀ—2. Prohibiting.
୩ । ପ୍ରତିକାରକାରୀ—3. Counteracting; remedying.

ପ୍ରତିଷେଧକ ଔଷଧ—ସଂ. ବି. (କର୍ମଧା; ପ୍ରତିଷେଧକ+ଔଷଧ)—
Pratishedhaka aushadha ରୋଗନିବାରକ ଔଷଧ; ଯେଉଁ ଔଷଧ ବ୍ୟବହାର କଲେ ରୋଗ ପ୍ରଥମରୁ ଆକ୍ରମଣ କରେ ନାହିଁ—An antidote; preventive.

ପ୍ରତିଷ୍ଠ—ସଂ. ବି. (ପ୍ରତି+ସ୍ଥା ଧାତୁ+ଅ; ଷତ୍ୱ ବିଧାନ)—
Pratishtha ପ୍ରତିଷ୍ଠାଯୁକ୍ତ; ଗୌରବାନ୍ୱିତ—Renowned;
(ପ୍ରତିଷ୍ଠା—ସ୍ତ୍ରୀ) famous; celebrated.

ପ୍ରତିଷ୍ଠା—ସଂ. ବି. (ପ୍ରତି+ସ୍ଥା ଧାତୁ+ଭାବ. ଅ+ସ୍ତ୍ରୀ. ଆ; ଷତ୍ୱବିଧାନ)—
Pratishtha ୧ । ସୁଖ୍ୟାତି; ସୁନାମ; ପ୍ରସିଦ୍ଧି—
1. Celebrity; fame; reputation.
୨ । ଗୌରବ; ମର୍ଯ୍ୟାଦା—2. Glory; honour.
୩ । (+ଅଧିକରଣ. ଅ) କ୍ଷିତି; ପୃଥିବୀ—3. The earth.
୪ । (+ଭାବ. ଅ) ଉଚ୍ଚ ପଦସ୍ଥିତି—4 High position.
୫ । ବ୍ରତାଦିର ଉଦ୍‌ଯାପନ—5. Accomplishment or ceremonial conclusion of a religious rite or vow.
୬ । ସମାପ୍ତି—6. Completion; accomplishment.
୭ । ଚତୁରକ୍ଷର ଛନ୍ଦୋବିଶେଷ—7. Name cf a metre of 4 lines consisting of 4 syllables each.
୮ । ଅବସ୍ଥାନ; ସ୍ଥିତି—8. Staying; fixation.
୯ । ଅବଲମ୍ବନ; ଆଶ୍ରୟ—
9. Assylum; refuge; shelter.
୧୦ । ସ୍ଥାନ; ଆସ୍ପଦ—
10. Place; position; station; site.
୧୧ । ସୀମା—11. Boundary.
୧୨ । ସ୍ଥିରତା—12. Steadfastness; fixity.
୧୩ । ଅଧ୍ୟବସାୟ—13. Perseverance.
୧୪ । ମନ୍ଦିର, ଦେବତା, ଜଳାଶୟ ଓ ଗୃହ ଆଦି ପ୍ରସ୍ତୁତ ହେବାପରେ ସେମାନଙ୍କୁ ମନ୍ତ୍ରାଦିଦ୍ୱାରା ପରିଶୁଦ୍ଧ କରି ବ୍ୟବହାରଯୋଗ୍ୟ କରିବା—14. An opening ceremony; consecration of a temple, image, tank, house etc after its completion.
୧୫ । ସଂସ୍ଥାପନ—15. Establishment; opening.
୧୬ । ମୂଳଦୁଆ; ମୂଳଭିତ୍ତି—16 Foundation.
୧୭ । ଦ୍ୱିଜାତିଙ୍କର ଗର୍ଭାଧାନଠାରୁ ବିବାହ ପର୍ଯ୍ୟନ୍ତ କର୍ତ୍ତବ୍ୟ ସଂସ୍କାରମାନ—17. Ceremonial rites performed on a person of the twice-born caste.
୧୮ । ଦେବବ୍ରାହ୍ମଣାଦିଙ୍କର ବା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ—18. Consecration of a thing for the use or benefit of an idol or Brāhmaṇas or the public; formal endowment of a temple or charitable institution.
୧୯ । କନ୍ୟାଦାନ—19. The giving away of a daughter in marriage.
ଦେ. ବଣ—ପରିଶୁଦ୍ଧ; ପବିତ୍ରିତ—Consecrated.

ପ୍ରତିଷ୍ଠା କରିବା—ଦେ. କ୍ରି—୧ । ନୂତନ ଘର, ପୁଷ୍କରିଣୀ, କୂପ,
Pratishthā karibā ଦେବାଳୟ, ଦେବତାଆଦିଙ୍କୁ ମନ୍ତ୍ରାଦିଦ୍ୱାରା ପରିଶୁଦ୍ଧ କରି ଉଦ୍ଦିଷ୍ଟ କାର୍ଯ୍ୟ ପାଇଁ ଉତ୍ସର୍ଗ କରିବା—
प्रतिष्ठा करना 1. To consecrate a new house, tank or other institution to the intended use.
୨ । ସଂସ୍ଥାପନ କରିବା—
2. To install; to establish; to open; to start
୩ । ପ୍ରଶଂସା କରିବା—3. To praise.

ପ୍ରତିଷ୍ଠାତା—ସଂ. ବି. ପୁଂ. (ପ୍ରତି+ସ୍ଥା ଧାତୁ+କର୍ତ୍ତୃ. ତୃ; ୧ମା, ୧ବ.)—
Pratishthātā ୧ । ଯେ ପ୍ରତିଷ୍ଠା କରେ; ସଂସ୍ଥାପକ—
(ପ୍ରତିଷ୍ଠାତ୍ରୀ—ସ୍ତ୍ରୀ) 1. A founder; a consecrator.
[ଦ୍ର—ପ୍ରତି ଉପସର୍ଗ ସ୍ଥା ଧାତୁରୁ ପ୍ରତିଷ୍ଠାକର, ପ୍ରତିଷ୍ଠାଜନକ, ପ୍ରତିଷ୍ଠିତ, ପ୍ରତିଷ୍ଠମାନ, ପ୍ରତିଷ୍ଠାନ୍ୱିତ, ପ୍ରତିଷ୍ଠାଶାଳୀ, ପ୍ରତିଷ୍ଠାଭାଜନ ପ୍ରତିଷ୍ଠାର୍ଥୀ, ପ୍ରତିଷ୍ଠାସ୍ଥ ଓ ପ୍ରତିଷ୍ଠାଦାୟକ ଆଦି ଶବ୍ଦ ନିଷ୍ପନ୍ନ ହୁଏ ।]

ପ୍ରତିଷ୍ଠାନ—ସଂ. ବି. (ପ୍ରତି+ସ୍ଥା ଧାତୁ+ଭାବ. ଅନ)—୧ । ଭାରତର
Pratishthāna ପ୍ରାଚୀନ ନଗରବିଶେଷ—1. Name of an ancient town in India.
୨ । ଅଲ୍ଲାହାବାଦର ପ୍ରାଚୀନ ନାମ—
2. The ancient name of Allahabad.
୩ । ଦାକ୍ଷିଣାତ୍ୟର ଅଧିପତି ଶାଳିବାହନଙ୍କ ରାଜଧାନୀ—
3. The ancient capital of king Śāḷibāhana in South India.
[ଦ୍ର—ଏହାର ଆଧୁନିକ ନାମ ପଇଠାନ । ଏହା ଗୋଦାବରୀ ତୀରରେ ଅବସ୍ଥିତ । ହ୍ରି. ଶ]
୪ । ପ୍ରସିଦ୍ଧି; ଖ୍ୟାତି—4. Celebrity.
୫ । ଅବସ୍ଥାନ—5. Position; site.
୬ । ବ୍ରତାଦିର ଉଦ୍ୟାପନ ସମୟରେ ଅନୁଷ୍ଠେୟ କର୍ମ—
6. Ceremony performable at the conclusion
(ପ୍ରତିଷ୍ଠିତ—ବଣ) of a vow or religious fast.
୭ । ଅନୁଷ୍ଠାନ—7. Institution.

ପ୍ରତିଷ୍ଠାପନ—ସଂ. ବି. (ପ୍ରତି+ସ୍ଥାପନ; ଷତ୍ୱବିଧାନ)—୧ । ପ୍ରତିଷ୍ଠାକରଣ—
Pratishthāpana 1. Establishing; consecrating.
୨ । ଅବସ୍ଥାପନ; ସ୍ଥାପନ କରିବା—
2. Putting; placing.
୩ । ନିର୍ମାଣ—3. Erecting; building.
୪ । ସମାପନ—4. Accomplishment.

ପ୍ରତିଷ୍ଠାପିତ—ସଂ. ବଣ. (ପ୍ରତି+ସ୍ଥାପିତ; ଷତ୍ୱବିଧାନ)—୧ । ଅବସ୍ଥାପିତ—
Pratishthāpita 1. Placed; put.

(ପ୍ରତିଷ୍ଠାପନ—ବି) ୨ । ପ୍ରତିଷ୍ଠା କରା ଯାଇଥିବା—
2. Established; opened.
୩ । ନିର୍ମିତ—3 Erected.
୪ । ସମାପିତ—4. Accomplished.

ପ୍ରତିଷ୍ଠିତ—ସଂ. ବିଣ. (ପ୍ରତି+ସ୍ଥିତ; ଷତ୍ୱବିଧାନ)—୧ । ପ୍ରତିଷ୍ଠାଯୁକ୍ତ
Pratishthita ଗୌରବାନ୍ୱିତ; ସମ୍ମାନିତ; ବିଖ୍ୟାତ—
1. Respectable; famous; celebrated.
୨ । ଉତ୍ସୃଷ୍ଟ; ଉତ୍ସର୍ଗୀକୃତ—2. Offered; dedicated
୩ । ସଂସ୍କୃତ; ମନ୍ତ୍ରାଦିଦ୍ୱାରା ପରିଶୋଧିତ—3. Consecrated.
୪ । ସମାହୃତ; ସମାପିତ—4. Accomplished.
୫ । ସ୍ଥାପିତ; ଅବସ୍ଥାପିତ—5. Situated; placed; established; fixed; founded.
୬ । ଆରବ୍ଧ—6. Started; opened.

ପ୍ରତିସଂହାର—ସଂ. ବି. (ପ୍ରତି+ସଂହାର)—୧ । ସମ୍ବରଣ; ପ୍ରତ୍ୟାହାର—
Pratisamhāra 1. Retraction; withdrawal.
(ପ୍ରତିସଂହୃତ—ବିଣ) ୨ । ସଙ୍କୁଚିବା—2. Compression.
୩ । ପ୍ରତ୍ୟାକର୍ଷଣ—3. Drawing back.
୪ । ଫେରାଇ ନେବା—4. Taking back.

ପ୍ରତିସମ୍ପତ୍ତି—ଗ୍ରା. ବି.—ବହୁମୂଲ୍ୟ ଧନ—
Pratisampatti Valuable property.
ଜୟଦେବ ବର୍ଣ୍ଣିଲେ ମୋହନ ମୂରତି;
ହରି ପାଦ ପଦ୍ମ ମୁନ ପ୍ରତିସମ୍ପତ୍ତି—ପ୍ରାଚୀ. ଭଗବାନ୍ଧ ।

ପ୍ରତିସର—ସଂ. ବି. (ପ୍ରତି+ସୃ ଧାତୁ+କର୍ତ୍ତୃ. ଅ)—୧ । ସୈନ୍ୟପୃଷ୍ଠ—
Pratisara 1. The rear of an army.
୨ । ଆଶ୍ରିତ ବ୍ୟକ୍ତି—2. Dependant.
୩ । ଭୃତ୍ୟ; କିଙ୍କର—3. Servant; attendant.
୪ । ପ୍ରଜା—4. Subject.
୫ । ମାଲ୍ୟ; ହାର—5. Garland; wreath.
୬ । ବଳୟ; କଙ୍କଣ—6. Bracelet.
୭ । ପ୍ରାତଃକାଳ—7. Daybreak.
୮ । ବିବାହ କାଳରେ ପିନ୍ଧାଯିବା କରକଙ୍କଣ ସୂତ୍ର; କରସୂତ୍ର; ବାଜୁଅ ସୂତା; କୌତୁକ ସୂତ୍ର—8. A consecrated string tied round the wrist at nuptials.
୯ । (+ଭାବ. ଅ)—ଘାଆର ଆରୋଗ୍ୟକରଣ—
9. Healing a sore.
ସଂ. ବିଣ. ପୁଂ (ସମାସରେ)—୧ । ଆଶ୍ରିତ—
1. Dependent on.
୨ । ଆଡ଼କୁ ଯାଉଥିବା—2. Going towards.
୩ । ଅବଲମ୍ବନକାରୀ—3. Having recourse to.

ପ୍ରତିସର୍ଗ—ସଂ. ବି. (ପ୍ରତି+ସର୍ଗ)—ସୃଷ୍ଟବସ୍ତୁରୁ ଉପାଦାନମାନ ସଂଗ୍ରହପୂର୍ବକ କୌଣସି ବସ୍ତୁର ସର୍ଜନ—
Pratisarga Secondary or continued creation out of primeval matters or materials.

ପ୍ରତିସା(ସୀ)ରା—ସଂ. ବି.—ଯବନିକା; ପରଦା; ପଟ—
Pratisā(si)rā Screen; curtain.

ପ୍ରତିସୂର୍ଯ୍ୟ—ସଂ. ବି. (ପ୍ରତି+ସୂର୍ଯ୍ୟ)—୧ । ସୂର୍ଯ୍ୟମଣ୍ଡଳ—
Prati sūrjya 1. The sun's orb.
୨ । ଆକାଶରେ ଦେଖାଯିବା ଉତ୍ପାତବିଶେଷ, ଯହିଁରେ ସୂର୍ଯ୍ୟଙ୍କ ସାମନାରେ ଆଉ ଏକ ସୂର୍ଯ୍ୟ ଦେଖା ଯାଆନ୍ତି (ହି. ଶ.)
2. An ominous phenomenon of the sky in which an image of the sun is seen in front of the sun.
୩ । ଏଣ୍ଡୁଅ (ହି. ଶ.)—3. Chameleon.

ପ୍ରତିସେନା—ସଂ ବି. (ପ୍ରତି+ସେନା)—ଶତ୍ରୁର ସେନା—
Pratisenā The army of an enemy.

ପ୍ରତିସ୍ପନ୍ଦନ—ସଂ. ବି. (ଆଧୁନିକ ବିଜ୍ଞାନ ପରିଭାଷା)—ଆଘାତର ଫଳରେ ହେବା ସ୍ପନ୍ଦନ—
Pratispandana Vibration or excitement due to a stroke.

ପ୍ରତିସ୍ପନ୍ଦନଶୀଳ—ସଂ. ବିଣ. (ଆଧୁନିକ ବିଜ୍ଞାନ ପରିଭାଷା)—
Pratispandanasīla ଆଘାତର ଫଳରେ ଯାହା ସ୍ପନ୍ଦିତ ହୁଏ—
Excitable; prone to vibrate after a stroke.

ପ୍ରତିସ୍ୱନ—ସଂ. ବି. (ପ୍ରତି+ସ୍ୱନ)—ପ୍ରତିଧ୍ୱନି—
Pratiswana Echo.

ପ୍ରତିହତ—ସଂ. ବିଣ. (ପ୍ରତି+ହତ)—
Pratihata ୧ । ନିରାଶ—1. Disappointed.
୨ । ପ୍ରତିବନ୍ଧ; ବାଧା ପ୍ରାପ୍ତ—
2 Opposed; obstructed; resisted.
୩ । ଆହତ—3. Struck; hurt.
୪ । ପ୍ରତିଘାତ ପ୍ରାପ୍ତ—
4. Beaten back; struck in return.
୫ । ସ୍ଖଳିତ; ଚ୍ୟୁତ—5. Fallen; overthrown.
୬ । ପ୍ରତିହିଂସାର୍ଥ ହତ—6. Killed in revenge.
୭ । ଢାଲ ଆଦି ଦ୍ୱାରା ସମ୍ଭାଳା ଯିବା (ଆଘାତ)—
7. Warded off; repelled.
୮ । ପ୍ରେରିତ—3. Sent; emitted; despatched.
୯ । ଘୃଣିତ—9. Hated.
୧୦ । ଅନ୍ୟ ଆଡ଼କୁ ବୁଲା ହୋଇଥିବା—
10. Averted; turned away.
୧୧ । ଦୂରୀକୃତ—11. Expelled; driven out.
୧୨ । ପ୍ରତିବିମ୍ବିତ—12. Reflected.
୧୩ । ନିରସ୍ତ; ଶାନ୍ତ—13. Ceased.

ପ୍ରତିହତ-ପ୍ରତିକ୍ରିୟା—ସଂ. ବି. (ଆଧୁନିକ ବିଜ୍ଞାନ ପରିଭାଷା)—
Pratihata-pratikriyā ଆଘାତ ଯୋଗୁଁ ସମ୍ପୃକ୍ତ ବସ୍ତୁରେ ଲକ୍ଷିତ ପ୍ରତିକ୍ରିୟା—Reflex action.

ପ୍ରତିହତି—ସଂ ବି. (ପ୍ରତି+ହନ୍ ଧାତୁ+ତି)—
Pratihati ୧ । ପ୍ରତିଘାତ—1. Return blow.
୨ । ଠେକ୍କର (ହି. ଶ); ଠୋକର—2. Collision.
୩ । କ୍ରୋଧ (ହି. ଶ)—3. Anger; rage.

ପ୍ରତିହନ୍ତା—ସଂ. ବିଣ. ପୁଂ. (ପ୍ରତି+ହନ୍ ଧାତୁ+ତୃ; ୧ମା. ୧ବ)—
Pratihantā ୧ । ଯେ ଆଘାତ ଅଟକାଏ ସମ୍ମୁଖ ହଏ—
(ପ୍ରତିହନ୍ତ୍ରୀ - ସ୍ତ୍ରୀ) 1. Warding off a blow.
୨ । ପ୍ରତିଘାତକାରୀ—
2. Repelling; opposing; resisting.

ପ୍ରତିହସ୍ତ—ସଂ. ବି. (ପ୍ରତି+ହସ୍ତ)—ପ୍ରତିନିଧି—
Pratihasta Proxy; deputy; substitute.
(ପ୍ରତିହସ୍ତକ—ଅନ୍ୟରୂପ)

ପ୍ରତି(ତୀ)ହାର—ସଂ. ବି. (ପ୍ରତି+ହୃ ଧାତୁ+କର୍ମ. ଅ)—
Prati(tī)hāra ୧ । ଦ୍ୱାର—1. Door.
୨ । ଫାଟକ—2. Gate.
୩ । (+କର୍ତ୍ତୃ. ଅ) ଦ୍ୱାରପାଳ—
3. Doorkeeper; porter; janitor.
[ତ୍ରି—ହନ୍ଦୁ ଶାସ୍ତ୍ର ମତେ ଇଙ୍ଗିତାକାରଜ୍ଞ, ଦକ୍ଷ, ପ୍ରିୟଦର୍ଶନ, ବଳବାନ୍, ପ୍ରିୟବାଦୀ, ଅଲୁବ୍ଧ ଓ ଶିଷ୍ଟସ୍ୱଭାବ ଦ୍ୱାରପାଳଙ୍କୁ ପ୍ରତିହାର ବୋଲାଯାଏ ।]
୪ । (+କରଣ. ଅ) ପ୍ରତ୍ୟୁପକାର ରୂପ ଅଭିସନ୍ଧିଯୁକ୍ତ ସନ୍ଧିପତ୍ର—
4. An alliance of confederacy; a tready between two powers for return of benefits.
୫ । (+ଭାବ. ଅ) ମାୟା; କପଟତା; ଛଳ—
5. Trick; disguise.
୬ । (+କର୍ତ୍ତୃ. ଅ) ବାଜିଗର; ଭୁଲୁକି—
6. Juggler; magician.
୭ । (+ଭାବ. ଅ) ପରିହାର; ତ୍ୟାଗ—
7. Abandonment; shunning.
୮ । ପ୍ରତାରଣା—8. Cheating.
ଦେ. ବି—ରାଜପୁତମାନଙ୍କର ଶାଖାବିଶେଷ—
A branch of the Rajpoots.
ପ୍ରତିହାର, ପ୍ରମାରକ, ରାଠୋର, ଚୌହାନ । ରାଧାନାଥ- ମହାଯାତ୍ରା ।

ପ୍ରତିହାରକ—ସଂ. ବି. ପୁଂ (ପ୍ରତି+ହୃ ଧାତୁ+କର୍ତ୍ତୃ. ଅକ)—
Pratihāraka ୧ । ମାୟାକର; ବାଜିଗର - 1. Juggler.
(ପ୍ରତାରିକା—ସ୍ତ୍ରୀ) ୨ । ପ୍ରତାରକ ବ୍ୟକ୍ତି—2. A cheat.
ସଂ. ବିଣ. ସ୍ତ୍ରୀ—୧ । ମାୟାବୀ— 1. Illusive.
୨ । ପ୍ରତାରକ—2. Deceptive.

ପ୍ରତିହାରଣ—ସଂ. ବି. (ପ୍ରତି+ହୃ ଧାତୁ ଣିଚ୍+କରଣ. ଅନ;
Pratihāraṇa ଣତ୍ୱ ବିଧାନ)—୧ । ପ୍ରବେଶ ଦ୍ୱାର—
1. Door; entrance.
୨ । (ପ୍ରତି+ହୃ ଧାତୁ ଣିଚ୍ ହାର ଧାତୁ+ଭାବ. ଅନ)—
ପ୍ରବେଶନ; ଦ୍ୱାର ପ୍ରବେଶର ଅନୁମତି—
2. Permission to enter a door.

ପ୍ରତି(ତୀ)ହାରୀ—ସଂ. ବି. ପୁଂ (ପ୍ରତି+ହୃ ଧାତୁ+ଇନ୍; ୧ମା. ୧ବ)—
Prati(tī)hārī ୧ । ପଡ଼ିହାରୀ; ଦ୍ୱାରରକ୍ଷକ—1. Door-
[ପ୍ରତି(ତୀ)ହାରଣୀ—ସ୍ତ୍ରୀଲିଙ୍ଗ] keeper; porter; janitor.
୨ । ରାଜାନ୍ତଃପୁରର ବହିର୍ଦ୍ୱାର ରକ୍ଷକ—2. The keeper of the outer gate of a Raja's harem.
ସଂ. ବି. ସ୍ତ୍ରୀ. (ପ୍ରତିହାର+ସ୍ତ୍ରୀ. ଈ) ଦ୍ୱାରପାଳିକା—
A female door keeper.

ପ୍ରତିହାର୍ଯ୍ୟ—ସଂ. ବିଣ. (ପ୍ରତି+ହୃ ଧାତୁ+କର୍ମ. ଯ)—
Pratihārjya ପରିହାର୍ଯ୍ୟ; ତ୍ୟାଜ୍ୟ—Avoidable; to be
[ପ୍ରତିହର୍ତ୍ତ(ର୍ତ୍ତ)ବ୍ୟ—ଅନ୍ୟରୂପ] shunned or avoided.

ପ୍ରତି(ତୀ)ହାସ—ସଂ. ବି. (ପ୍ରତି+ହସ୍ ଧାତୁ+କର୍ତ୍ତୃ. ଅ)—
Prati(tī)hāsa ୧ । କରବୀ (ଦେଖ)—1. Karabī (See)
୨ । ଉପହାସକାରୀ ପ୍ରତି ହାସ୍ୟ—2. Returning a laugh; a returning sneer.

ପ୍ରତିହିଂସକ—ସଂ. ବିଣ. ପୁଂ (ପ୍ରତି+ହିଂସ୍ ଧାତୁ+କର୍ତ୍ତୃ. ଅକ)—
Pratihiṁsaka ଯେ ଦାଉ ସାଧେ; ଯେ ପ୍ରତିହିଂସା କରେ;
(ପ୍ରତିହିଂସିକା—ସ୍ତ୍ରୀ) ପ୍ରତିହିଂସାପରାୟଣ—Revengeful.

ପ୍ରତିହିଂସା—ସଂ. ବି. (ପ୍ରତି+ହିଂସା)—
Pratihiṁsā ବୈରଶୁଦ୍ଧି; ବୈର ନିର୍ଯ୍ୟାତନ; ଦାଉ ସାଧିବା; ବୈର-ପ୍ରତି ଶୋଧ—Retation; revenge.

ପ୍ରତୀକ—ସଂ. ବିଣ (ପ୍ରତି+ଇ ଧାତୁ=ଗମନ କରିବା+କର୍ତ୍ତୃ. ଇକ)—
Pratīka ୧ । ବିରୁଦ୍ଧ; ପ୍ରତିକୂଳ; ବିପରୀତ—
1. Opposite; contrary.
୨ । ଆଡ଼କୁ ଯାଉଥିବା—2. Going towards.
୩ । ଉପରକୁ ଉଠୁଥିବା—3. Going uphill.
ସଂ. ବି—୧ । ପ୍ରତ୍ୟଙ୍ଗ—1. Limbs.
୨ । ଦେହର ଅଂଶ—2. Part of the body.
୩ । ପଦ୍ମ; ଚିହ୍ନ (ହି)—3. Trace; sign.
୪ । କୌଣସି ପଦ୍ୟର ବା ଗଦ୍ୟର ଆଦ୍ୟର ବା ଅନ୍ତର କିଛି ଅଂଶ ଦେଖି ବା ପଢ଼ି ପୂର୍ଣ୍ଣବାକ୍ୟର ପତା ଲଗାଇବା (ହି. ଶ)—
4. Finding out the full sentence or sloka after knowing a part thereof.
୫ । ମୁଖ; ମୁହଁ (ହି. ଶ)—5. Face.
୬ । ଆକୃତି; ରୂପ (ହି. ଶ)—6. Shape.
୭ । ପ୍ରତିରୂପ (ହି. ଶ)—7. Image.
୮ । ପୋତଳ (ହି. ଶ) (ଦେଖ)—8. Potala (See)

ପ୍ରତୀକ୍ଷ—ସଂ. ବିଣ (ପ୍ରତି+ଈକ୍ଷ୍ ଧାତୁ+କର୍ମ. ଅ)—୧ । ସମ୍ମାନନୀୟ—
Pratīksha 1. Worthy to be treated with consideration or respect.
୨ । ପୂଜନୀୟ—2. Venerable; worshipable.
୩ । ପାଳନୀୟ—3. Worthy to be fulfilled or observed (Howells).

ପ୍ରତୀକ୍ଷଣ—ସଂ. ବି (ପ୍ରତି+ଈକ୍ଷଣ)—୧ । ଅବଲୋକନ—
Pratīkshaṇa 1. Seeing; perceiving.
(ପ୍ରତୀକ୍ଷିତ; ପ୍ରତୀକ୍ଷକ-ବିଣ) ୨ । ବିବେଚନା—
1. Consideration; regard.

୩ । ଅପେକ୍ଷା କରିବା—3 Awaiting; expectation.

୪ । ପରିପୋଷଣ; ପାଳନ —
4. Maintaining; bringing up.

୫ । ସଫଳତା—5 Fulfilment.

୬ । ପୂଜା – 6. Worship; adoration; veneration.

୭ । ପ୍ରଣିଧାନ; ଅଭିନିବେଶ —7. Attention.

ପ୍ରତୀକ୍ଷା— ସଂ. ବି (ପ୍ରତି + ଈକ୍ଷ୍ ଧାତୁ = ଦେଖିବା + ଭାବ. ଅ + ସ୍ତ୍ରୀ. ଆ)—
Pratiksha ୧ । ଅପେକ୍ଷା; ଆଶା—1. Waiting; expectation.

୨ । ଆକାଙ୍କ୍ଷା—2. Desire

୩ । ପୂଜା; ସମ୍ମାନ—3. Respect; worship; adoration.

୪ । ପ୍ରତିପାଳନ—
4. Protecting; cherishing; fulfilling.

୫ । ନିରୀକ୍ଷଣ—5. Seeing.

୬ । ଅନ୍ୱେଷଣ—6. Reference.

୭ । ପ୍ରଣିଧାନ—7. Consideration.

ପ୍ରତୀଚୀ— ସଂ ବି (ପ୍ରତି = ପଶ୍ଚାତ୍ + ଅନଚ୍ ଧାତୁ = ଯିବା + ଅଧିକରଣ. କ୍ୱିପ୍; ପଶ୍ଚାତ୍ ବା ଦିନାନ୍ତେ ସୂର୍ଯ୍ୟ ଏହି ଦିଗକୁ ଯାଉଥିବାରୁ)–ପଶ୍ଚିମଦିଗ—The western quarter.
Pratichi

ପ୍ରତୀଚୀନ— ସଂ. ବିଣ (ପ୍ରତୀଚୀ + ସମ୍ବନ୍ଧାର୍ଥେ ଈନ; ଭିନ୍ନ· ପ୍ରାଚୀନ; ଭିନ୍ନାର୍ଥୀନ)— ୧ । ପଶ୍ଚିମ ସମ୍ବନ୍ଧୀୟ; ପଶ୍ଚିମ ଦେଶୀୟ; ପଶ୍ଚିମ ଦେଶ ଜାତ—1. Western.
Pratichina
(ପ୍ରତୀଚୀନା – ସ୍ତ୍ରୀ)

୨ । ପଛଆଡ଼େ ଥିବା—2. Being behind; situated in the rear.

ପ୍ରତୀଚୀରେ—ଦେ. ଅ (ସଂ. ପ୍ରତି + ଚର)—ପ୍ରତି ବିଷୟରେ ଓ ଚିରକାଳ—For ever and in every matter.
Pratichire

> ବିଧି ପୂର୍ବରେ ଦକ୍ଷିଣ ପ୍ରତୀଚୀରେ ଭଜ
> ବିହିତ ତବ ଭାବର ଭକ୍ତରେ ସହଜ—ଭକ୍ତ ବୈଦେହୀଶବିଳାସ ।

ପ୍ରତୀଚୀଶ —ସଂ ବି (୬ଷ୍ଠୀ ତତ୍; ପ୍ରତୀଚୀ + ଈଶ) ବରୁଣ—
Pratichisa The Hindu sea-god.

ପ୍ରତୀଚ୍ୟ—ସଂ. ବିଣ (ପ୍ରତୀଚୀ + ସମ୍ବନ୍ଧାର୍ଥେ ଯ)—ପ୍ରତୀଚୀନ (ଦେଖ)
Pratichya Pratichina (See)
(ପ୍ରତୀଚ୍ୟା—ସ୍ତ୍ରୀ)

ପ୍ରତୀତ—ସଂ ବିଣ (ପ୍ରତି + ଇ ଧାତୁ = ଯିବା, ବୋଧକରିବା + କର୍ମ. ତ)—
Pratita ୧ । ବିଖ୍ୟାତ; ପ୍ରସିଦ୍ଧ—1. Celebrated; renowned.
(ପ୍ରତୀତି – ବି)

୨ । ଜ୍ଞାତ; ଅନୁଭୂତ—2. Known; realised.

୩ । ତୁଷ୍ଟ; ପ୍ରୀତ—3. Delighted; pleased.

୪ । ସମ୍ମାନିତ—4. Respected.

୫ । ଅତୀତ—5. Past.

୬ । ବିଶ୍ୱସ୍ତ—6. Trusted; believed.

୭ । ଜ୍ଞାନବାନ୍; ଜ୍ଞାନୀ—7. Wise.

ପ୍ରତୀତି— ସଂ. ବି (ପ୍ରତି + ଇ ଧାତୁ + ଭାବ. ତି)—
Pratiti ୧ । ପ୍ରସିଦ୍ଧି; ଖ୍ୟାତି—1. Fame; renown; celebrity.

୨ । ବୋଧ; ଜ୍ଞାନ—2. Knowledge; understanding.

୩ । ବିଶ୍ୱାସ—3. Belief; trust; confidence.

୪ । ଦୃଢ଼ ବିଶ୍ୱାସ—4. Conviction; firm belief.

୫ । ସମ୍ମାନ—5. Respect.

୬ । ହର୍ଷ; ପ୍ରୀତି—6. Joy; delight.

୭ । ସନ୍ତୋଷ —7. Satisfaction.

୮ । ଅନୁଭୂତି—8. Experience.

ପ୍ରତୀପ—ସଂ. ବିଣ (ପ୍ରତି = ବିରୁଦ୍ଧ + ଅପ୍ = ଜଳ + ଅ; ଜଳାଗମ; ଯାହା ସ୍ରୋତର ବିପରୀତ ଦିଗକୁ ଯାଏ)—୧ । ବିରୁଦ୍ଧ; ପ୍ରତିକୂଳ; ବିପରୀତ—1. Opposite; contrary.
Pratipa

୨ । ପଶ୍ଚାଦ୍‌ଗାମୀ—2. Retrograde.

୩ । ପରାଙ୍ମୁଖ —
3. Having one's face averted from a thing.

୪ । ପଶ୍ଚିମ ଦେଶୀୟ—4. Western.

୫ । ଧୃଷ୍ଟ; ଅବାଧ୍ୟ—
5. Disobedient; refractory; perverse; cross; impertinent.

୬ । ସ୍ୱାଭାବିକ ବା ପ୍ରାକୃତିକ ନିୟମର ବିରୁଦ୍ଧାଚାରୀ—
6. Following a course against nature.
(lit. against the grain or stream)

ସଂ ବି—୧ । ପଶ୍ଚିମ ଦିଗ—1. The west.

୨ । ଚନ୍ଦ୍ରବଂଶୀୟ ଶାନ୍ତନୁରାଜାଙ୍କ ପିତା—
2. Name of a king of the Lunar dynasty.

୩ । ବିରୋଧ; ପ୍ରତିକୂଳତା—3. Opposition.

୪ । ଅର୍ଥାଲଙ୍କାରବିଶେଷ [ପ୍ରସିଦ୍ଧ ବସ୍ତୁ (ଯଥା—ଚନ୍ଦ୍ର) ସଙ୍ଗେ ଅନ୍ୟ କୌଣସି ନୂତନ ବା ନିକୃଷ୍ଟ ବସ୍ତୁ (ଯଥା—ଥାଳ)କୁ ତୁଳନା କରିବା]—4. A figure in rhetoric (comparing a thing to an inferior object).

ପ୍ରତୀପଗାମୀ—ସ. ବିଣ. ପୁଂ. (ପ୍ରତୀପ + ଗାମିନ୍; ୧ମା. ୧ବ)—
Pratipagami ୧ । ବିପରୀତ ଦିଗରେ ଗମନକାରୀ—
(ପ୍ରତୀପଗାମିନୀ—ସ୍ତ୍ରୀ) 1. Going in an opposite direction.
(ପ୍ରତୀପଗମନ – ବି) ୨ । ପ୍ରତିକୂଳାଚାରୀ—2. Acting in a contrary direction; acting in opposition.

୩ । ଅମାନିଆ—3. Refractory.

ପ୍ରତୀପଦର୍ଶୀ—ସ. ବିଣ. ପୁଂ. (ପ୍ରତୀପ + ଦର୍ଶିନ୍; ୧ମା. ୧ବ)—
Pratipadarsi ୧ । ବିପରୀତଦର୍ଶୀ; ଯେ ଭଲ କଥାକୁ ମନ୍ଦରୂପେ ବା ମନ୍ଦ କଥାକୁ ଭଲରୂପେ ଦେଖେ—1. Seeing things from an opposite or contrary point of view.

୨ । ଦେଖିଲା ବେଳକୁ ଯେ ଦର୍ଶକଆଡ଼ୁ ମୁହଁ ଫେରାଇ ନିଏ—
2. Averting the face from the person who looks at him.

ପ୍ରତିପଦର୍ଶିନୀ—ସଂ. ବିଣ. ସ୍ତ୍ରୀ—'ପ୍ରତିପଦର୍ଶୀ'ର ସ୍ତ୍ରୀଲିଙ୍ଗ—
Pratipadarsini Feminine of 'Pratipadarsi'
ସଂ. ବି. ସ୍ତ୍ରୀ—୧ । ନାରୀ; ସ୍ତ୍ରୀ—1. Woman.
୨ । ନବସ୍ତ୍ରୀ ବା ନବବଧୂ (ଯେ ଦର୍ଶକ ଆଡ଼ୁ ମୁହଁକୁ ବୁଲାଇନଏ)-
2. A new wife or a new bride.

ପ୍ରତୀପ ବଚନ—ସଂ. ବି. (କର୍ମଧା; ପ୍ରତୀପ+ବଚନ)—
Pratipa bachana ୧ । ପ୍ରତିବାଦ; ବିରୁଦ୍ଧବାଦ—
(ପ୍ରତୀପବାଦ—ଅନ୍ୟରୂପ) 1. Contradiction.
୨ । ଅପ୍ରକୃତ ଉତ୍ତର-2. A perverse or evasive reply.
୩ । ପୂର୍ବବର୍ତ୍ତୀ ବକ୍ତାଙ୍କ ଯୁକ୍ତିର ପ୍ରକୃତ ଉତ୍ତର ନ ଦେଇ ଅନ୍ୟ ବ୍ୟକ୍ତିଙ୍କୁ କହିବା—3. A speech made to a third person without giving a direct reply to the previous speaker.

ପ୍ରତୀବାପ—ସଂ. ବି. (ପ୍ରତି=ପୁନର୍ବାର+ବପ୍ ଧାତୁ=ବୁଣିବା+ଭାବ.ଅ).
Pratibāpa ୧ । ଗଳିତ ଧାତୁ ସଙ୍ଗେ ଦ୍ରବ୍ୟାନ୍ତରର ମିଶ୍ରଣ—
1. Fluxing of metals.
୨ । ନ୍ୟାସ—2. Casting; depositing; entrusting.
୩ । କୌଣସି ବସ୍ତୁର ଆକୃତି, ଅବସ୍ଥା ବା ଗୁଣର ବୈଲକ୍ଷଣ୍ୟ ଉତ୍ପାଦନାର୍ଥ ସେଥିରେ ଦ୍ରବ୍ୟାନ୍ତର-ନିକ୍ଷେପ—
3. Adding or throwing a substance into a thing in order to change it.
୪ । ରାଜ୍ୟରେ ଘଟିବା ଉପଦ୍ରବ—4. A public calamity.
୫ । ପାନୀୟ ଔଷଧରେ ମିଶାଯିବା ଔଷଧବିଶେଷ—
5. A thing mixed with a medicinal draught.
୬ । ସିଦ୍ଧ ହେଉଥିବା ସମୟରେ ବା ପରେ ଔଷଧ ସଙ୍ଗେ କୌଣସି ଉପକରଣ ମିଶାଇବା-6. Adding something to a medicine during or after decoction.
୭ । ଦୈବୀ ଉପଦ୍ରବ (ହି. ଶ.)—
7. A natural calamity; a divine visitation.

ପ୍ରତୀୟମାନ—ସଂ. ବିଣ. (ପ୍ରତି+ଇ ଧାତୁ+କର୍ମ. ଅନ)—ବିଶ୍ୱାସକୃତ;
Pratiyamāna ଯାହା ବିଶ୍ୱାସ କରାଯାଉଅଛି; ଯାହା ଜଣାଯାଉ ଅଛି ବା ବୋଧ ହେଉଅଛି—Being trusted or believed; perceptible; apparent.

ପ୍ରତୀୟମାନୋତ୍ପ୍ରେକ୍ଷା—ସଂ. ବି—ଅର୍ଥାଲଙ୍କାରବିଶେଷ (ଯହିଁରେ
Pratiyamānotpreksbā ଉତ୍ପ୍ରେକ୍ଷାସୂଚକ ଶବ୍ଦ, ଯଥା—ଯେପରି, କି,ପରି, ତୁଲ୍ୟ ଉଲ୍ଲେଖ ହୋଇ ନ ଥାଏ, ଅଥଚ ତାହା ଉତ୍ପ୍ରେକ୍ଷା ବୋଲି ଜଣାପଡ଼େ)—A kind of implied simile.
[ଦ୍ର—ପ୍ରତୀୟମାନୋତ୍ପ୍ରେକ୍ଷା—'ତାଙ୍କ ଚନ୍ଦ୍ରବଦନରୁ ହାସ୍ୟସୁଧା ନିର୍ଗତ ହେଉଅଛି ।' ଯେଉଁ ଉତ୍ପ୍ରେକ୍ଷାରେ ଉତ୍ପ୍ରେକ୍ଷାସୂଚକ ଶବ୍ଦର ପ୍ରୟୋଗ ହୋଇଥାଏ ତାହାକୁ ବାଚ୍ୟୋତ୍ପ୍ରେକ୍ଷା ବୋଲାଯାଏ; ଯଥା—ତାଙ୍କ ମୁଖ ଚନ୍ଦ୍ର ତୁଲ୍ୟ ଏବଂ ତହିଁରୁ ସୁଧାପରି ହାସ୍ୟ ନିର୍ଗତ ହେଉଅଛି ।]

ପ୍ରତୁଦ—ସଂ. ବି—(ପ୍ର+ତୁଦ୍ ଧାତୁ=ବ୍ୟଥିତ କରିବା+କର୍ତ୍ତୃ. ଅ)—
Pratuda ଯେଉଁ ପକ୍ଷୀ ଆପଣା ଶିକାରକୁ ଥଣ୍ଟରେ ଚିରକରି ଖାଏ--(ଯଥା—ଗୃଧ୍ର, ଶ୍ୟେନ, ପେଚକଆଦି ହିଂସ୍ରପକ୍ଷୀ)—
A bird of prey which feeds on the prey by tearing with the beak.

ପ୍ରତୁଲ—ସଂ. ବି. (ପ୍ର+ତୁଲ ଧାତୁ+କର୍ମ ଅ)-୧ । ଅତଳାତଳ ସମ୍ପତ୍ତି;
Pratula ଐଶ୍ୱର୍ଯ୍ୟ; ବିଭବ—
1. Immense wealth; prosperity.
୨ । ସୌଭାଗ୍ୟ—2. Good fortune.
୩ । ପ୍ରାଚୁର୍ଯ୍ୟ; ଆଧିକ୍ୟ—3 Abundance.
୪ । ଯଥେଷ୍ଟତା—4. Sufficiency.
୫ । ମଙ୍ଗଳ; ଉପକାର—5 Benefit.
୬ । ବାହୁଲ୍ୟ; ବୃଦ୍ଧି—6. Excess.
ସଂ. ବିଣ—୧ । ବିଷମ; ଭୟାନକ—1. Fierce.
(ପ୍ରତୁଲା—ସ୍ତ୍ରୀ) ୨ । ପ୍ରଚୁର—2. Abundant.
(ପ୍ରତୁଲତା—ବି) ୩ । ଯଥେଷ୍ଟ—3 Sufficient.
୪ । ଅତୁଳନୀୟ—4 Incomparable.

ପ୍ରତୁଲ୍ୟ—ଦେ. ବିଣ. (ସଂ. ପ୍ର+ତୁଲ୍ୟ)—ସଦୃଶ; ସମାନ—
Pratulya Similar.
ସମେ ପ୍ରତୁଲ୍ୟ କେହି ନାହିଁ,
ସର୍ବକେ ବୁଝେ ବ୍ରହ୍ମା ସେହି । ଜଗନ୍ନାଥ, ଭାଗବତ ।

ପ୍ରତୁଲ୍ୟେ—ଦେ. ଅ. (ସଂ. ତୁଲ୍ୟ)-ପରି; ସଦୃଶ—
Pratulye Like.
ଉତ୍ତିତା ପ୍ରତୁଲ୍ୟେ ଧରଣୀ,
ଘୃଣେ ନିର୍ବେଶି ନୃପମଣି । ଜଗନ୍ନାଥ, ଭାଗବତ ।

ପ୍ରତେ—ଦେ. ବି. (ସଂ. ପ୍ରତ୍ୟୟ)—୧ । ପରତେ; ବିଶ୍ୱାସ—
Prate 1. Faith; reliance; trust; confidence; belief.
୨ । ନିଶ୍ଚିତ ଜ୍ଞାନ—2. Conviction; a definite knowledge.
প্রত্যয় पतयारा
ଦେ. ବିଣ—୧ । ଯାହାକୁ ବିଶ୍ୱାସ କରାଯାଏ; ବିଶ୍ୱାସଦ୍ୱାରା ଗୃହୀତ-
1. Believed; trusted; accepted on trust.
୨ । ବିଶ୍ୱସନୀୟ—2. Believable.

ପ୍ରତେ ଆସିବା—ଦେ. କ୍ରି—୧ । ବିଶ୍ୱାସନୀୟ ବୋଲି ଗୃହୀତ ହେବା;
Prate āsibā ବିଶ୍ୱାସ କରାଯିବା—1. To be believed; to be trusted.
ପ୍ରତେ ଲାଗିବା } ଅନ୍ୟରୂପ
ପ୍ରତେ ହେବା
ଏ ଅଦ୍ଭୁତ କଥା ନିକେ କ ଦେଖିଲେ
କେମନ୍ତେ ବା ହେବ ପ୍ରତେ ? ରଘୁନାଥ, ପାବକ ।
প্রত্যয় হওয়া
पतयारा होना ୨ । ଜଣାଯିବା—2. To be felt; to seem; to appear.
ଆଉ କେଉଁ ପ୍ରତେ ଅଛେ କି ପ୍ରଣିତ
କି ଭୃତକ ପୃଣ୍ୟବର୍ଣ୍ଣ । ରଘୁନାଥ, ଯଯାତି ।

ପ୍ରତେ କରିବା—ଦେ. କ୍ରି—ପରତେ ଯିବା; ବିଶ୍ୱାସ କରିବା—
Prate karibā To believe; to trust; to rely upon.
(ପ୍ରତେ ଯିବା—ଅନ୍ୟରୂପ)

ପ୍ରତ୍ୟୟ ଯାଓଯ଼ା — ଅଙ୍ଗେ ଅନ୍ଥ ସପ୍ତଶାଳରୁ ଶାଳେ ଭୂମେ
ପ୍ରତ୍ୟାଗ କରବା — ବଞ୍ଚିଲେ କେଷେ ଅବା ପ୍ରତେ ଯିବୁଁ ଅମ୍ଭେ ।
କୃଷ୍ଣସିଂହ. ମହାଭାରତ ବନ ।

ପ୍ରତେଜନ—ସଂ. ବ (ପ୍ର+ତିଜ୍ ଧାତୁ+ଭାବ. ଅନ)—ଉତ୍ତେଜନ—
Pratejana — Inciting; exciting.
(ପ୍ରତେଜକ, ପ୍ରତେଜିତ, ପ୍ରତେଜନୀଯ଼—ବିଣ)

ପ୍ରତେଜିବା—ଦେ. (ପଦ୍ୟ) କ୍ରି.(ସଂ.ପ୍ରତେଜନ)—୧ । ଉତ୍ତେଜିତ କରବା—
Pratejibā — To irritate; to excite.
ସେ ନାରୀ ସ୍ୱରୂପ ଧରଇ ପୁରୁଷ ଅଙ୍ଗ ପ୍ରତେଜଇ । ଜଗନ୍ନାଥ. ଭାଗବତ ।
(ପ୍ରତେ୍ୟଜିବା, ପ୍ରତ୍ୟଜିବା; ପ୍ରତ୍ୟାଜିବା—ଅନ୍ୟରୂପ)
୨ । (ସଂ. ତ୍ୟଜ୍ ଧାତୁ)—ତ୍ୟାଗ କରବା—
2. To give up.
କପିଳ ବଚନ ଶୁଣିଲେ, ମୋହ ପଟଳ ପ୍ରତେଜିଲେ ।
ଜଗନ୍ନାଥ. ଭାଗବତ ।

ପ୍ରତୋଦ—ସଂ. ବ. (ପ୍ର+ତୁଦ୍ ଧାତୁ=ପୀଡ଼ନ କରବା+କରଣ. ଅ)—
Pratoda — ୧ । ଅଶ୍ୱାଦିତାଡ଼ନଦଣ୍ଡ; ଚାବୁକ; କୋରଡ଼ା; ଚାବୁ—
1. A whip.
୨ । ହାତୀଅଙ୍କୁଶ—2. A hook or goad for taming elephants.
୩ । ପାଞ୍ଚଣ; ଗବାଦିଚାଳନାର୍ଥ ସୂକ୍ଷ୍ମଲୌହାଗ୍ରଦଣ୍ଡ—
3. A goad for driving cattle; an iron-pointed stick to drive cattle.

ପ୍ରତୋଲି—ସଂ. ବ. ସ୍ତ୍ରୀ. (ପ୍ର+ତୁଲ୍ ଧାତୁ=ଗମନ କରବା+ଅଧିକରଣ.
Pratolā — ଅ)—୧ । ଚଉଡ଼ା ରାସ୍ତା; ବଡ଼ଦାଣ୍ଡ—
1. High road; broad street.
୨ । ଅଭ୍ୟନ୍ତର ମାର୍ଗ; ଗଳି—
2. A path; a bye-path; lane; street.
୩ । ଦୁର୍ଗର ଯେଉଁ ଦ୍ୱାର ନଗର ଆଡ଼କୁ ଥାଏ (ହ୍ର. ଶ)—
3. The gate of a fort facing the city.
୪ । ଵଥଆଦିରେ ବନ୍ଧାଯିବା ପଟି (ହ୍ର. ଶ)—
4. Bandage tied over boils etc.

ପ୍ରତୋଷିବା—ଦେ. କ୍ରି. (ସଂ. ତୁଷ୍ ଧାତୁ)—ସନ୍ତୁଷ୍ଟ କରବା—
Pratoshibā — To satisfy.
ଭବେ ପ୍ରତୋଷି ତାଙ୍କ ମନ
କହନ୍ତି ମଧୁର ବଚନ — ଜଗନ୍ନାଥ. ଭାଗବତ ।

ପ୍ରତ୍ନ—ସଂ. ବିଣ. (ପ୍ରାକ୍=ପୂର୍ବକାଳ+ଘଟିବା ଅର୍ଥରେ ନ; ନିପାତନ)—
Pratna — ପ୍ରାଚୀନ; ପୁରାତନ—Old; ancient.

ପ୍ରତ୍ନ ତତ୍ୱ(ତ୍ତ୍ୱ)—ସଂ. ବ. [କର୍ମଧା; ପ୍ରତ୍ନ+ତତ୍ତ୍ୱ (ତ୍ତ୍ୱ)]—
Pratna tatwa(ttwa) — ୧ । ପୁରାତତ୍ତ୍ୱ; ପ୍ରାଚୀନକାଳର ଇତିହାସ—
1. Antiquity; history of ancient times.
୨ । ଯେଉଁ ଶାସ୍ତ୍ର ବା ଗ୍ରନ୍ଥଦ୍ୱାରା ପୁରାକାଳର ଅବସ୍ଥା ଉତ୍ତମରୂପେ ଜଣା ପଡ଼େ—2. A work or treatise on antiquity; archeology.

ପ୍ରତ୍ନତତ୍ୱ(ତ୍ତ୍ୱ)ବିତ୍—ସଂ. ବ. ପୁଂ. (ପ୍ରତ୍ନତତ୍ତ୍ୱ+ବିଦ୍ ଧାତୁ+କର୍ତ୍ତୃ. କ୍ୱିପ୍;
Pratnatatwa(ttwa)bit — ୧ମା. ୧ବ)—ପୁରାଣବେତ୍ତା;
ପ୍ରତ୍ନତତ୍ତ୍ୱବେତ୍ତା, ପ୍ରତ୍ନତତ୍ତ୍ୱ ବିଶାରଦ } ଅନ୍ୟରୂପ ପୁରାତତ୍ତ୍ୱବିତ୍—An antiquarian; an archeologist.
ସଂ. ବିଣ—ପ୍ରତ୍ନତତ୍ତ୍ୱରେ ପାରଙ୍ଗମ—
Versed in archeology.

ପ୍ରତ୍ନତତ୍ତ୍ୱାନୁସନ୍ଧାନ—ସଂ. ବ. (କର୍ମଧା; ୬ଷ୍ଠୀ ତତ୍)—
Pratnatattwānusandhāna — ପ୍ରାଚୀନ ତତ୍ତ୍ୱସମ୍ବନ୍ଧେ ଗବେଷଣା—
Antiquarian research.

ପ୍ରତ୍ନତତ୍ତ୍ୱାନୁସନ୍ଧିତ୍ସୁ—ସଂ. ବ—ପ୍ରାଚୀନ ତତ୍ତ୍ୱାନୁସନ୍ଧାନ ବିଷୟରେ ଦତ୍ତ
Pratnatattwānusandhitsu — ଚିତ୍ତ—Bent on antiquarian research.

ପ୍ରତ୍ୟଆହାର—ଗ୍ରା. (ପଦ୍ୟ) ବ. (ସଂ. ପ୍ରତ୍ୟାହାର)—ପ୍ରତ୍ୟାହାର (ଦେଖ)
Pratya-āhāra — Pratyāhāra (See)
ଯମ ନିଯ଼ମ ଆସନ ପ୍ରାଣାମ
ପ୍ରତ୍ୟ ଆହାର ଧ୍ୟାନକୁ ଧାରଣ । ପ୍ରାଚୀ. ରହସ୍ୟମଞ୍ଜରୀ ।

ପ୍ରତ୍ୟକ୍—ସଂ. ଅ. (ପ୍ରତି+ଅନଚ୍ ଧାତୁ=ଯିବା+କ୍ୱିପ୍; ପ୍ରତ୍ୟଚ୍—୧ମା.
Pratyak — ୧ବ)—୧ । ପଶ୍ଚାତ୍—1. Behind; rear; subsequent.
୨ । ପୂର୍ବବର୍ତ୍ତୀ—2. Prior.
୩ । ପଶ୍ଚାଦ୍‌ବର୍ତ୍ତୀ କାଳ; ପୂର୍ବକାଳ—3. Former times.
୪ । ପଶ୍ଚିମଦେଶୀଯ଼—4. Western.
୫ । ପଶ୍ଚିମ ଦିଗ—5. The west.
୬ । ଅନ୍ତର୍ନିହିତ—6. Internal; inner.
୭ । ପଛଆଡ଼କୁ—7. Backwards.
୮ । ପଶ୍ଚିମଆଡ଼କୁ—8. Westwards.

ପ୍ରତ୍ୟକ୍ ଚୈତନ୍ୟ—ସଂ. ବ. (ପ୍ରତ୍ୟକ୍=ଅନ୍ତର୍ନିହିତ+ଚୈତନ୍ୟ)—
Pratyak-chaitanya — ୧ । ଅନ୍ତରାତ୍ମା—1. The inner Soul.
(ପ୍ରତ୍ୟକ୍ ଚେତନ—ଅନ୍ୟରୂପ)
୨ । ପ୍ରତ୍ୟେକ ବ୍ୟକ୍ତିର ଅନ୍ତର୍ନିହିତ ବ୍ୟକ୍ତିତ୍ୱ; ଜୀବାତ୍ମା—
2. The individual Soul existing in every person.
୩ । ପରମେଶ୍ୱର; ପରଂବ୍ରହ୍ମ; ପରମାତ୍ମା—
3. The Universal Soul; God.
୪ । ଆତ୍ମଜ୍ଞାନପ୍ରାପ୍ତ ଯୋଗୀ (ହ୍ର. ଶ)—4. A person who has attained spiritual wisdom.

ପ୍ରତ୍ୟକ୍ଷ—ସଂ. ବିଣ. (ପ୍ରତି=ଲକ୍ଷ୍ୟ+ଅକ୍ଷ=ଇନ୍ଦ୍ରିଯ଼, ଅଥବା ପ୍ରତି=
Pratyaksha — ସମ୍ମୁଖରେ+ଅକ୍ଷି=ଚକ୍ଷୁ)—୧ । ଆଖି ଆଗରେ
(ପରୋକ୍ଷ—ବିପରୀତ) ଥିବା; ସ୍ପଷ୍ଟ; ସାକ୍ଷାତ୍—1. Being before the eyes; clear; evident.
୨ । ଇନ୍ଦ୍ରିଯ଼ଗ୍ରାହ୍ୟ; ଇନ୍ଦ୍ରିଯ଼ଗୋଚର; ଇନ୍ଦ୍ରିଯ଼ଦ୍ୱାରା ଅନୁଭୂତ ହେବା ଯୋଗ୍ୟ—2. Cognisable by any of the senses; perceptible.
୩ । ଦେଖା ଯାଉଥିବା; ଦୃଶ୍ୟମାନ—
3. Visible; manifest.
୪ । ସାକ୍ଷାତ୍ ସଂପର୍କରେ ସଂବନ୍ଧ—
4. Direct; immediate.

ସଂ. ବି—ଇନ୍ଦ୍ରିୟ ଯୋଗୁଁ ହେବା ଜ୍ଞାନ; ଯେଉଁ ଜ୍ଞାନ ଇନ୍ଦ୍ରିୟଦ୍ୱାରା ଗମ୍ୟ ହୁଏ—Perception; knowledge from sense-perception.

ଦେ. ବିଣ—୧ । ଅନୁଭୂତ; ଅନୁଭବଦ୍ୱାରା ଜ୍ଞାତ—1. Experienced; realised; known by experience.

ଅନଙ୍ଗ ସକାଶରୁ ଶ୍ରୀ ସଙ୍ଗ ଅଙ୍ଗ ଦୁଃଖ
ଭ୍ରମୁକ୍ତ ସବୁଁ ହୋଇଛ ପ୍ରତ୍ୟକ୍ଷ । କୃଷ୍ଣସିଂହ. ମହାଭାରତ. ଅଦି ।

୨ । ନିଶ୍ଚିତ; ସତ—2. True; real.

ଏକଥା ଅଛଇ ପ୍ରତ୍ୟକ୍ଷ
ଅଶ୍ୱତ୍ଥ ବୃକ୍ଷ ତକ୍ଷ ବୃକ୍ଷ । ଜଗନ୍ନାଥ. ଭାଗବତ ।

ଦେ. ଅ—ନିଶ୍ଚୟ—Certainly.

ମୃତ୍ୟୁ ସାର୍ଥୀରେ ଲେଖା ପ୍ରତ୍ୟକ୍ଷ ହୋଇବୁ ତୁହି ।
ଉପେ. ବୈଦେହୀଶବିଳାସ ।

ପ୍ରତ୍ୟକ୍ଷ କରିବା—ଦେ. କ୍ରି—୧ । ନିଜେ ଚକ୍ଷୁ ବା ଇନ୍ଦ୍ରିୟଦ୍ୱାରା ଅନୁଭବ କରିବା—1. To have direct knowledge or perception; to perceive; to realise; to see with one's own eyes or to feel with one's own senses.
Pratyaksha kariba
প্রত্যক্ষ করা
प्रत्यक्ष करना

୨ । ଅଙ୍ଗେ ନିଭେଇବା—2. To experience.

ପ୍ରତ୍ୟକ୍ଷକାରୀ—ସ. ବିଣ. ପୁଂ—ଯେ ନିଜେ ଦେଖି ବା ଇନ୍ଦ୍ରିୟଦ୍ୱାରା ଅନୁଭବ କରି କୌଣସି କଥା ଜାଣି ଥାଏ; ସ୍ୱୟଂ ଦ୍ରଷ୍ଟା—Having personal or direct knowledge.
Pratyakshakāri
(ପ୍ରତ୍ୟକ୍ଷକାରିଣୀ—ସ୍ତ୍ରୀ)

ପ୍ରତ୍ୟକ୍ଷ ଗୋଚର—ସ. ବିଣ.—ଦୃଷ୍ଟିଗୋଚର; ନେତ୍ରପଥବର୍ତ୍ତୀ; ଚକ୍ଷୁର୍ଗ୍ରାହ୍ୟ—Visible.
Pratyaksha gochara

ପ୍ରତ୍ୟକ୍ଷତଃ—ସ. କ୍ରି. ବିଣ (ପ୍ରତ୍ୟକ୍ଷ+ତସ୍)—୧ । ସ୍ପଷ୍ଟରୂପେ—1. Clearly; evidently.
Pratyakshataḥ

୨ । ଇନ୍ଦ୍ରିୟଦ୍ୱାରା ଅନୁଭୂତ ହେବା ପ୍ରକାର—2. Perceptibly.

୩ । ସାକ୍ଷାତ୍—3. Directly; before one's eyes.

ପ୍ରତ୍ୟକ୍ଷ ଦର୍ଶନ—ସ. ବି. (କର୍ମଧା; ପ୍ରତ୍ୟକ୍ଷ+ଦର୍ଶନ)—୧ । ସାକ୍ଷାଦ୍ଦର୍ଶନ 1. Seeing with one's own eyes; personal interview.
Pratyaksha darśana

୨ । (ବହୁବ୍ରୀହି)—ସାକ୍ଷୀ; ନିଜେ ଆଖିରେ ଦେଖିଥିବା ସାକ୍ଷୀ—2. An eye-witness.

(ପ୍ରତ୍ୟକ୍ଷଦର୍ଶନା—ସ୍ତ୍ରୀ) ସ. ବିଣ. ପୁଂ (ବହୁବ୍ରୀହି)—ସାକ୍ଷାଦ୍ଦର୍ଶୀ; ସ୍ୱୟଂ ଦ୍ରଷ୍ଟା—Having witnessed a thing with one's own eyes.

ପ୍ରତ୍ୟକ୍ଷ ଦର୍ଶୀ—ସ. ବିଣ. ପୁଂ (ପ୍ରତ୍ୟକ୍ଷ+ଦୃଶ୍ ଧାତୁ+କର୍ତ୍ତୃ. ଇନ୍; ୧ମା ୧ବ.)—ସାକ୍ଷାଦ୍ଦର୍ଶୀ; ସ୍ୱୟଂ ଦ୍ରଷ୍ଟା; ଯେ ନିଜେ ଦେଖି ଥାଏ—Seeing with one's own eyes; having seen anything with one's own eyes.
Pratyaksha darśi
(ପ୍ରତ୍ୟକ୍ଷଦର୍ଶିନୀ—ସ୍ତ୍ରୀ)

ସ. ବି. ପୁଂ—ସାକ୍ଷାତ୍ ଦେଖିଥିବା ବ୍ୟକ୍ତି—Eye-witness.

ପ୍ରତ୍ୟକ୍ଷ ଦେବତା—ଦେ. ବି.—ଯେଉଁ ଦେବତାଙ୍କର ଶକ୍ତି ବା କ୍ଷମତା ଲୋକେ ଶୀଘ୍ର ସାଙ୍ଗେ ସାଙ୍ଗେ ଜାଣି ପାରନ୍ତି—A Deity whose power is immediately experienced or perceived by the people.
Pratyaksha debatā

ଠାକୁରାଣୀ କର ପ୍ରତ୍ୟକ୍ଷ ଦେବତା ।
ଫକୀରମୋହନ. ଛମାଣ ଅଠଗୁଣ୍ଠ ।

ପ୍ରତ୍ୟକ୍ଷ ପ୍ରମାଣ—ସଂ. ବି. (କର୍ମଧା; ପ୍ରତ୍ୟକ୍ଷ+ପ୍ରମାଣ)—୧ । ଚାକ୍ଷୁଷ ପ୍ରମାଣ—1. Ocular demonstration
Pratyaksha pramāṇa

୨ । ସାକ୍ଷାତ୍ ପ୍ରମାଣ; ନିଜେ ଜାଣିଥିବା ବା ଅନୁଭବ କରିଥିବା ରୂପ ପ୍ରମାଣ—2. Direct evidence.

୩ । ଇନ୍ଦ୍ରିୟଦ୍ୱାରା ଅନୁଭୂତ ପ୍ରମାଣ—3. Evidence of one's senses.

ପ୍ରତ୍ୟକ୍ଷ ଫଳ—ସଂ. ବି. (କର୍ମଧା; ପ୍ରତ୍ୟକ୍ଷ+ଫଳ)—୧ । ସାକ୍ଷାତ୍ ପରିଣାମ—Direct effect.
Pratyaksha phala

୨ । ହାତେ ହାତେ ବା ସାଙ୍ଗେ ସାଙ୍ଗେ ଘଟିବା ଫଳ—2. Immediate result.

ପ୍ରତ୍ୟକ୍ଷ ବାଦ—ସଂ. ବି. (କର୍ମଧା; ପ୍ରତ୍ୟକ୍ଷ+ବାଦ)—୧ । ସମକ୍ଷରେ କହିବା—1. Speaking to one's face.
Pratyaksha bāda

୨ । ଜଡ଼ବାଦ; ପ୍ରକୃତିତତ୍ତ୍ୱ; ଦେହାତ୍ମବାଦ—2. The theory of materialism.

୩ । ପ୍ରତ୍ୟକ୍ଷ ପ୍ରମାଣ ଛଡ଼ା ଅନ୍ୟ ପ୍ରମାଣ ସ୍ୱୀକାର ନ କରିବା ରୂପକ ମତ—3. The theory of believing in nothing except what one perceives directly through one's senses.

ପ୍ରତ୍ୟକ୍ଷବାଦୀ—ସ. ବିଣ. ପୁଂ (ପ୍ରତ୍ୟକ୍ଷ+ବଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—୧ । ଯେ ପ୍ରତ୍ୟକ୍ଷ ପ୍ରମାଣ ଛଡ଼ା ଅନ୍ୟ ପ୍ରମାଣ ସ୍ୱୀକାର କରେ ନାହିଁ; ଯେ ଇନ୍ଦ୍ରିୟଗ୍ରାହ୍ୟ ବିଷୟ ଛଡ଼ା ଅନ୍ୟ ପ୍ରମାଣକୁ ବା ଯୁକ୍ତିକୁ ପ୍ରମାଣରୂପେ ଗ୍ରହଣ କରେ ନାହିଁ; ଜଡ଼ବାଦୀ—1. Materialistic; admitting of no other evidence than what is perceived by the senses.
Pratyakshabādi
(ପ୍ରତ୍ୟକ୍ଷବାଦିନୀ—ସ୍ତ୍ରୀ)

୨ । ବୌଦ୍ଧ—2. Buddhistic.

ସ. ବି—ବୌଦ୍ଧଧର୍ମାବଲମ୍ବୀ ବ୍ୟକ୍ତି—1. A Buddhist.

୨ । ଜଡ଼ବାଦୀ ବ୍ୟକ୍ତି—2 A materialist.

ପ୍ରତ୍ୟକ୍ଷ ଭୂତ—ସ. ବିଣ. (ପ୍ରତ୍ୟକ୍ଷ+ଭୂତ)—ଇନ୍ଦ୍ରିୟଗୋଚରୀଭୂତ; ଇନ୍ଦ୍ରିୟ ଦ୍ୱାରା ଅନୁଭୂତ—Directly perceived by one's senses.
Pratyaksha bhūta

ପ୍ରତ୍ୟକ୍ଷର—ସ. କ୍ରି. ବିଣ. (ପ୍ରତି+ଅକ୍ଷର)—୧ । ଗୋଟିଏ ଗୋଟିଏ ଅକ୍ଷରକୁ ଧରି ଧରି (ପଢ଼ିବା)—1. (reading) Letter by letter.
Pratyakshara

୨ । ଅକ୍ଷରଶଃରୂପେ—2. Literally

ପ୍ରତ୍ୟକ୍ଷ ସିଦ୍ଧ—ସଂ. ବିଣ—ପ୍ରତ୍ୟକ୍ଷ ପ୍ରମାଣ ଦ୍ୱାରା ପ୍ରମାଣୀକୃତ—
Pratyaksha siddha Proved by direct evidence; proved before one's eyes.

ପ୍ରତ୍ୟକ୍ଷୀ—ସଂ. ବିଣ. ପୁଂ. (ପ୍ରତ୍ୟକ୍ଷ+ଇନ୍; ୧ମା. ୧ବ.)—
Pratyakshi ଯେ ଜଣେ ଇନ୍ଦ୍ରିୟ ଦ୍ୱାରା ଅନୁଭବ କରିଅଛି; ସାକ୍ଷାଦ୍‌ଦର୍ଶୀ; ସ୍ୱୟଂଦ୍ରଷ୍ଟା—Having perceived a thing by the senses.
(ପ୍ରତ୍ୟକ୍ଷିଣୀ, ପ୍ରତ୍ୟକ୍ଷିଣୀ—ସ୍ତ୍ରୀ.)

ପ୍ରତ୍ୟକ୍ଷୀକରଣ—ସଂ. ବିଣ. (ପ୍ରତ୍ୟକ୍ଷ+ଅଭୂତ ତଦ୍ଭାବେ ଚ୍ୱି+କରଣ)—
Pratyakshikarana ୧ । ଏଥିପୂର୍ବେ ଅପ୍ରତ୍ୟକ୍ଷ ବିଷୟକୁ (ପ୍ରତ୍ୟକ୍ଷୀକୃତ—ବିଣ) ପ୍ରତ୍ୟକ୍ଷ କରିବା—1. Perception of a thing previously imperceptible.
୨ । ଅପ୍ରତ୍ୟକ୍ଷ ବିଷୟ ପ୍ରତ୍ୟକ୍ଷ ବା ସ୍ପଷ୍ଟ ହେବାର ଉପାୟ କରିବା—
2. Making a thing manifest or preceptible.

ପ୍ରତ୍ୟକ୍ଷୀଭୂତ—ସଂ. ବିଣ. (ପ୍ରତ୍ୟକ୍ଷ+ଅଭୂତ ତଦ୍ଭାବେ ଚ୍ୱି+ଭୂତ)—
Pratyakshibhūta ଯାହା ପୂର୍ବେ ପ୍ରତ୍ୟକ୍ଷ ହୋଇ ନ ଥିଲା (ପ୍ରତ୍ୟକ୍ଷୀଭାବ—ବି) କିନ୍ତୁ ବର୍ତ୍ତମାନ ପ୍ରତ୍ୟକ୍ଷ ହୋଇଅଛି—
Made manifest or evident (said of a thing not perceptible before).

ପ୍ରତ୍ୟଗାତ୍ମା—ସଂ. ବି. (ପ୍ରତ୍ୟକ୍+ଆତ୍ମନ୍; ୧ମା. ୧ବ)—
Pratyagātmā ପ୍ରତ୍ୟକ୍ ଚୈତନ୍ୟ (ଦେଖ)
Pratyak chaitanya (See)

ପ୍ରତ୍ୟଗାଶା—ସଂ. ବି. (କର୍ମଧା; ପ୍ରତ୍ୟକ୍=ପଶ୍ଚାତ୍+ଆଶା=ଦିଗ)—
Pratyagāśā ପଶ୍ଚିମଦିଗ—The west.
(ପ୍ରତ୍ୟଗ୍‌ଦିକ୍—ଅନ୍ୟରୂପ)

ପ୍ରତ୍ୟଗ୍ର—ସଂ. ବିଣ. (ପ୍ରତି+ଅଗ୍ର)—୧ । ନବୀନ; ନୂତନ—
Pratyagra 1. New.
୨ । ତଟକା—2. Fresh; young.
୩ । ଶୋଧିତ—3. Purified; refined.
୪ । ଉଜ୍ଜ୍ୱଳ; ଅମ୍ଳାନ—4. Bright; clear.
୫ । ଅଳ୍ପକାଳ ହେଲା ଘଟିଥିବା—5. Recent.
ସଂ. ବି—ରାଜା ବୃହଦ୍ରଥଙ୍କ ପୁତ୍ର—
Name of a prince of ancient India.

ପ୍ରତ୍ୟଙ୍ଗ—ସଂ ବି. (ପ୍ରତି+ଅଙ୍ଗ)—୧ । ପ୍ରଧାନ ଅଙ୍ଗର ଅଂଶ;
Pratyanga ଅଙ୍ଗାବୟବ; ଶରୀରର କ୍ଷୁଦ୍ର କ୍ଷୁଦ୍ର ବା ଅପ୍ରଧାନ ଅଙ୍ଗ—
1. Limb; a minor member of the body.
[ଦ୍ର—ଅଙ୍ଗ; ଯଥା—ହସ୍ତ, ପଦ, ମୁଖ । ପ୍ରତ୍ୟଙ୍ଗ; ଯଥା—ଅଙ୍ଗୁଳି, ନାସିକା, କାନ, ଓଠ, କପାଳ ।]
୨ । ଉପକରଣ—2. Element; material.
୩ । ଅସ୍ତ୍ରଶସ୍ତ୍ର; ହତିଆର—
3. Weapon; instrument (Howells).
୪ । ଅଂଶ—4. Part; division (Howells).
[ଦ୍ର—ଏହି 'ପ୍ରତ୍ୟଙ୍ଗ' ଶବ୍ଦ 'ଅଙ୍ଗ' ଶବ୍ଦ ପରେ ସହଚରରୂପେ ବ୍ୟବହୃତ ହୁଏ ।]

ପ୍ରତ୍ୟଙ୍ମୁଖ—ସଂ. ବିଣ. (ବହୁବ୍ରୀହି; ପ୍ରତ୍ୟକ୍+ମୁଖ; ସନ୍ଧିଦ୍ୱାରା କ୍+ମୁ=ଙ୍ମୁ)—୧ । ପଶ୍ଚିମଆଡ଼କୁ ମୁହଁ କରିବା—
Pratyanmukha (ପ୍ରାଙ୍ମୁଖ—ବିପରୀତ) 1. Facing the west.
୨ । ପଛଆଡ଼କୁ ମୁହଁ କରିବା—
2. Having turned the face backwards.

ପ୍ରତ୍ୟନୀକ—ସଂ. ବି. (ପ୍ରତି=ବିରୁଦ୍ଧ; ବିପକ୍ଷ+ଅନୀକ=ସୈନ୍ୟ)—
Pratyanika ୧ । ପ୍ରତିପକ୍ଷ; ବିପକ୍ଷଦଳ—
1. Opposite party.
୨ । ଶତ୍ରୁ—2. Enemy; antagonist.
୩ । ଦେୱାନୀ ମକଦ୍ଦମାରେ ପ୍ରତିବାଦୀ—
3. A defendant in a civil suit.
୪ । ଫଉଜଦାରୀ ମକଦ୍ଦମାରେ ଆସାମୀ—
4. An accused in a criminal case.
୫ । ବିଘ୍ନ—5. Obstacle.
୬ । କାବ୍ୟାଳଙ୍କାରବିଶେଷ—
6. A figure of speech in rhetoric.
[ଦ୍ର—ଏ ଅଳଙ୍କାରରେ ବର୍ଣ୍ଣିତ ବସ୍ତୁ ପ୍ରତି ଅନ୍ୟ ବସ୍ତୁ ହିତକର ବା ଅହିତକର ଥିବାର ବର୍ଣ୍ଣିତ ହୁଏ—ହି. ଶ ।]
୭ । ପ୍ରତିଶୋଧ ନେବାକୁ ଅସମର୍ଥ ବ୍ୟକ୍ତିର ହାନି କରିବା; ମଲା ଉପରେ ଶଗଡ଼ ଚଳାଇବା—7. Injuring a person incapable of retaliating; hurting a fallen person; flogging a dead horse.
ସଂ. ବିଣ—୧ । ଶତ୍ରୁଭାପନ୍ନ—1. Inimical; hostile.
୨ । ବିରୋଧକାରୀ; ବିପକ୍ଷ; ପ୍ରତିବାଦୀ—
2. Opposing; contradicting; antagonistic.

ପ୍ରତ୍ୟନୁମାନ—ସଂ. ବି. (ପ୍ରତି=ବିରୁଦ୍ଧ+ଅନୁମାନ)—
Pratyanumāna କୌଣସି ଅନୁମାନର ବିରୁଦ୍ଧ ଅନୁମାନ—
A supposition against another supposition.

ପ୍ରତ୍ୟନ୍ତ—ସଂ. ବିଣ. (ପ୍ରତି=ପ୍ରାୟ+ଅନ୍ତ=ଶେଷ)—୧ । ପ୍ରାନ୍ତବର୍ତ୍ତୀ—
Pratyanta 1. Bordering on; situated on the border or in the outskirts; skirting.
୨ । ସୀମାନ୍ତସ୍ଥିତ—2. Situated beyond the boundary.
୩ । ସନ୍ନିହିତ; ସଲଗ୍ନ—3 Contiguous; adjacent.
୪ । ନିକଟବର୍ତ୍ତୀ—4. Near; neighbouring.
ସଂ. ବି—୧ । ସୀମା; ପ୍ରାନ୍ତ—
1. Limit; boundary; extremity.
୨ । ମ୍ଳେଚ୍ଛ ଦେଶ; ଅସଭ୍ୟ ବ୍ୟକ୍ତିମାନଙ୍କ ଅଧ୍ୟୁଷିତ ଦେଶ—
2. A country inhabited by unclean, uncivilised or savage people.

ପ୍ରତ୍ୟନ୍ତ ପର୍ବତ—ସଂ. ବି. (କର୍ମଧା; ପ୍ରତ୍ୟନ୍ତ+ପର୍ବତ)—ବଡ଼ ପର୍ବତର
Pratyanta parbata ପାଖକୁ ଲାଗିଥିବା କ୍ଷୁଦ୍ର ପର୍ବତ—

ପ୍ରତ୍ୟପକାର—ସଂ. ବି. (ପ୍ରତି + ଅପକାର)—ଅପକାରର ପ୍ରତିଶୋଧାର୍ଥ କୃତ ଅପକାର—A bad deed done in return for a bad deed.
Pratyapakāra

ପ୍ରତ୍ୟପରାଧ—ସଂ. ବି. (ପ୍ରତି + ଅପରାଧ)—୧ । ପ୍ରତ୍ୟଭିଯୋଗ (ଦେଖ) 1. Pratyabhijoga (See)
Pratyaparādha
୨ । ଅପରାଧୀ ବ୍ୟକ୍ତି ପ୍ରତି କରାଯିବା ଅପରାଧ—
2. An offence committed on provocation.

ପ୍ରତ୍ୟବସାନ—ସଂ. ବି. (ପ୍ରତି+ଅବସାନ)—ଭୋଜନ (ହି. ଶ)—Eating; meal.
Pratyabasāna

ପ୍ରତ୍ୟବାୟ—ସଂ. ବି. (ପ୍ରତି + ଅବ + ଇ ଧାତୁ + ଭାବ. ଅ)—
Pratyabāya ୧ । ପାପ—1. Sin.
୨ । ବାଧା—2. Obstruction; restraint.
୩ । ବିରୋଧାଚରଣ; ବିପକ୍ଷତା—3. Opposition.
୪ । ନୈରାଶ୍ୟ—4. Hopelessness.
୫ । ବିଘ୍ନ—5. Impediment.
୬ । ଆଶାର ବିଫଳତା—6. Disappointment.
୭ । ବିପରୀତ ଘଟଣା—7. Reverse.
୮ । ଶାସ୍ତ୍ରବିହିତ ନିତ୍ୟକର୍ମ ନ କରିବା ଯୋଗୁଁ ପାପ (ହି. ଶ)—
8 Sin of omission due to the non-performance of daily duties and ritual enjoined in the Śāstras.

ପ୍ରତ୍ୟବେକ୍ଷଣ—ସଂ. ବି. (ପ୍ରତି + ଅବେକ୍ଷଣ)—୧ । ପର୍ଯ୍ୟବେକ୍ଷଣ—1. Observation.
Pratyabekshaṇa
(ପ୍ରତ୍ୟବେକ୍ଷା—ଅନ୍ୟରୂପ) ୨ । ଅନୁସନ୍ଧାନ—
2. Investigation.
୩ । ସତର୍କତା—3. Caution.
୪ । ବିଚାର—4. Consideration.

ପ୍ରତ୍ୟଭିଜ୍ଞା—ସଂ. ବି. (ପ୍ରତି + ଅଭିଜ୍ଞା)—୧ । ଚିହ୍ନିପାରିବା; ସ୍ମୃତି ସାହାଯ୍ୟରେ ଉତ୍ପନ୍ନ ଜ୍ଞାନ—
Pratyabhijñā
(ପ୍ରତ୍ୟଭିଜ୍ଞାନ—ଅନ୍ୟରୂପ) 1. Recognition; knowing with the help of one's memory.
ପ୍ରତ୍ୟଭିଜ୍ଞାତ } ବିଣ
ପ୍ରତ୍ୟଭିଜ୍ଞାତା }
୨ । ଚିହ୍ନଟ—2 Identification.
୩ । (ଦର୍ଶନ ଶାସ୍ତ୍ର) ଏହା ସେହି ଇତ୍ୟାକାର ଜ୍ଞାନ—
3. (philosophy) Consciousness of the identity of a thing.
୪ । ପରମାତ୍ମା (ଈଶ୍ୱର) ଓ ଜୀବାତ୍ମା ଏକ ଥିବା ବିଷୟ ଯେଉଁ ଜ୍ଞାନଦ୍ୱାରା ମାନିବାକୁ ହୁଏ (ହି. ଶ)—4. The knowledge of the identity of man's soul with God.

ପ୍ରତ୍ୟଭିବାଦ—ସଂ. ବି. (ପ୍ରତି + ଅଭିବାଦ)—ପ୍ରତିନମସ୍କାର; ପ୍ରଣାମ କରିବା ବ୍ୟକ୍ତିଙ୍କୁ ପୂଜ୍ୟ ବ୍ୟକ୍ତିଙ୍କର ଆଶୀର୍ବାଦ ବଚନ ବା ଅଭିବାଦନ—
Pratyabhibāda
(ପ୍ରତ୍ୟଭିବାଦନ—ଅନ୍ୟରୂପ)
Salutation in return; counter-greeting; return salutation; blessing uttered by a person to whom a person salutes.

ପ୍ରତ୍ୟଭିଯୋଗ—ସଂ. ବି. (ପ୍ରତି + ଅଭିଯୋଗ)—୧ । ଅଭିଯୁକ୍ତ ବ୍ୟକ୍ତି ଅଭିଯୋକ୍ତା ବିରୋଧରେ କରିବା ଅଭିଯୋଗ—
Pratyabhijoga
1. A counter-charge; a counter-accusation.
୨ । ବାଦୀ ବା ଅପିଲାଣ୍ଟ ବିରୋଧରେ କରାଯିବା ମକଦ୍ଦମା—
2. A counter-case; cross-appeal.
୩ । ପ୍ରଥମ ନିଷ୍ପତ୍ତିର ବିରୋଧରେ ଅଭିଯୋଗ; ଅପିଲ୍—
3. An appeal.

ପ୍ରତ୍ୟୟ—ସଂ. ବି. (ପ୍ରତି + ଇ ଧାତୁ=ଯିବା + ଭାବ. ଅ)—୧ । ଆସ୍ଥା; ବିଶ୍ୱାସ—1. Trust; faith; belief; reliance; confidence.
Pratyaya
୨ । ଦୃଢ଼ ବିଶ୍ୱାସ; ନିଶ୍ଚୟାତ୍ମକ ଜ୍ଞାନ; ପ୍ରତୀତି—
2. Conviction; firm faith.
୩ । ମନରେ ଜନ୍ମିବା ଭାବ—3. Idea.
୪ । ନିଶ୍ଚୟ; ନିଃସନ୍ଦେହତା—4. Certainty.
୫ । ସ୍ଥିରୀକରଣ—5. Ascertainment.
୬ । ଶପଥ—6. Oath.
୭ । ପାରମାର୍ଥିକ ଚିନ୍ତା; ଧର୍ମସମ୍ବନ୍ଧୀୟ ଚିନ୍ତା—
7. Religious or spiritual contemplation.
୮ । ତପ୍ତ ଲୌହ, ଅଗ୍ନି ଆଦି ଦ୍ୱାରା ପରୀକ୍ଷା; ମାଣ୍ଡ—
8. An ordeal by fire, hot iron etc.
୯ । ରନ୍ଧ୍ର; ଛିଦ୍ର—9. Hole.
୧୦ । ଜ୍ଞାନ—10. Knowledge.
୧୧ । ରୀତି; ଆଚାର; ପଦ୍ଧତି—
11. Custom; practice; mode; usage.
୧୨ । ସ୍ୱାଦୁତ୍ୱ; ମିଷ୍ଟତ୍ୱ—12. Sweetness.
୧୩ । ପ୍ରତିପତ୍ତି; ପ୍ରଖ୍ୟାତି; ପ୍ରସିଦ୍ଧି—
13. Celebrity; credit.
୧୪ । କାରଣ; ହେତୁ—14. Cause; reason.
୧୫ । ବିବେଚନା—
15. Appreciation; consideration.
୧୬ । ସହକାରୀ ବ୍ୟକ୍ତି—16. An assistant.
୧୭ । (ବ୍ୟାକରଣ) ଶବ୍ଦ ବା ଧାତୁ ପରେ ଯୋଗ କରାଯିବା ବିଭକ୍ତି ବା ଚିହ୍ନ—17. (Grammar) An affix or inflexion added to a root or word; suffix.

ପ୍ରତ୍ୟୟ କରିବା—ଦେ. କ୍ରି.—ବିଶ୍ୱାସ କରିବା—
Pratyaya kariba To trust; to believe.
প্রত্যয়করা পতযারা করলা

ପ୍ରତ୍ୟୟକାରୀ—ସଂ. ବିଣ. ପୁଂ. (ପ୍ରତ୍ୟୟ+କୃ ଧାତୁ+ଇନ୍; ୧ମା. ୧ବ.)
Pratyayakārī ୧ । ଯାହା ଅନ୍ୟର ମନରେ ବିଶ୍ୱାସ ଜନ୍ମାଏ—
(ପ୍ରତ୍ୟୟକାରିଣୀ—ସ୍ତ୍ରୀ) 1. That which makes one believe; inducing belief.
୨ । ଯେ ନିଜେ ବିଶ୍ୱାସ କରେ—2. Trusting.
ସଂ. ବି.—ମୋହର; ଛାପ—A seal; a signet.

ପ୍ରତ୍ୟୟ ଜନକ—ସ. ବଣ. (୬ଷ୍ଠୀ ତତ୍; ପ୍ରତ୍ୟୟ+ଜନକ)—୧ । ଯାହା
Pratyaya janaka ବିଶ୍ୱାସ ଜନ୍ମାଏ—1. Trustworthy; generating belief.
୨ । ଯାହା ଉପରେ ବିଶ୍ୱାସ ଜନ୍ମିଥାଏ; ବିଶ୍ୱସ୍ତ—
2. Faithful; trusted.

ପ୍ରତ୍ୟୟ ଭାଜନ —ସ. ବଣ. (୬ଷ୍ଠୀ ତତ୍, ପ୍ରତ୍ୟୟ+ଭାଜନ)—ବିଶ୍ୱାସର
Pratyaya bhājana ପାତ୍ର; ଯାହାକୁ ବିଶ୍ୱାସ କରାଯାଏ—
Trustworthy.

ପ୍ରତ୍ୟୟାତୀତ—ସ. ବଣ. (ପ୍ରତ୍ୟୟ+ଅତୀତ)—ବିଶ୍ୱାସର ଅଯୋଗ୍ୟ—
Pratyayātita Unbelievable; beyond belie

ପ୍ରତ୍ୟୟିତ - ସ. ବଣ. (ପ୍ରତ୍ୟୟ+ଜାତାର୍ଥେ. ଇତ)—ବିଶ୍ୱସ୍ତ—
Pratyayita . Relied upon.

ପ୍ରତ୍ୟୟୀ—ସ.ବଣ. (ପ୍ରତ୍ୟୟ+ଇନ୍; ୧ମା.୧ବ.)—୧ । ବିଶ୍ୱାସକାରୀ—
Pratyayi 1. Trusting; believing.
(ପ୍ରତ୍ୟୟିନୀ—ସ୍ତ୍ରୀ) ୨ । ଯାହାକୁ ବିଶ୍ୱାସ କରାଯାଏ; ବିଶ୍ୱସନୀୟ—
2. Trustworthy; faithful.

ପ୍ରତ୍ୟରି—ସଂ. ବ. (ପ୍ରତି=ବିରୁଦ୍ଧଭାବରେ+ଋ ଧାତୁ=ପ୍ରାପ୍ତ ହେବା+
Pratyari ଇ)—୧ । ଶତ୍ରୁ—1. Enemy.
୨ । (ଜ୍ୟୋତିଷ) ଜନ୍ମନକ୍ଷତ୍ରଠାରୁ ୫ମ, ୧୪ ଶ ଓ ୨୩ଶ ତାରା
2. The 5th, 14th and 23rd lunar asterisms counted from the natal star of a person.

ପ୍ରତ୍ୟର୍ଥ—ସଂ. ବ. (ପ୍ରତି+ଅର୍ଥ)—୧ । ପ୍ରତ୍ୟୁତ୍ତର—
Pratyartha 1. Reply.
୨ । ଶତ୍ରୁତା—2, Enmity; hostility.
୩ । ପ୍ରତିସୂର୍ଯ୍ୟ (ଦେଖ)—3. Pratisūrjya (See)

ପ୍ରତ୍ୟର୍ଥୀ—ସଂ. ବ. ପୁଂ (ପ୍ରତି+ଅର୍ଥ+ଇନ୍; ୧ମା ୧ବ)—୧ । ବିପକ୍ଷ;
Pratyarthi ଶତ୍ରୁ—1. Adversary.
୨ । ମକଦ୍ଦମାରେ ପ୍ରତିବାଦୀ —
(ପ୍ରତ୍ୟର୍ଥିନୀ—ସ୍ତ୍ରୀ) 2. A defendant in a case.
୩ । ମକଦ୍ଦମାରେ ଅପର ପକ୍ଷ—
3, The opposite party in a case.
ସ. ବଣ—ପ୍ରତିକୂଳ—Opposing; hostile.

ପ୍ରତ୍ୟର୍ପଣ—ସ. ବ. (ପ୍ରତି+ଅର୍ପଣ)—
Pratyarpaṇa ୧ । ପ୍ରତିଦାନ; ଦତ୍ତ ବସ୍ତୁକୁ ଦାତାକୁ ଫେରାଇ
ପ୍ରତ୍ୟର୍ପକ } ବଣ
ପ୍ରତ୍ୟର୍ପିତ }
ଦେବା—1. Returning to the giver of a thing given.
୨ । ନେଇଥିବା ପଦାର୍ଥକୁ ଲେଉଟାଇବା—
2. Restoration of a thing taken.

ପ୍ରତ୍ୟହ—ଦେ. ଅ. (ପ୍ରତି+ଅହନ୍; ସ. ପ୍ରତ୍ୟହଂ)—
Pratyaha ୧ । ନିତି; ପ୍ରତିଦିନ—
1. Daily; every day.
୨ । ସକାଳେ; ପ୍ରାତଃକାଳରେ —
2. In the morning; at daybreak.

ପ୍ରତ୍ୟାକର୍ଷଣ—ସ. ବ. (ପ୍ରତି+ଆକର୍ଷଣ)—
Pratyākarshaṇa ଟାଣିବା ବ୍ୟକ୍ତି ଦ୍ୱାରା ବା ବସ୍ତୁ ଦ୍ୱାରା
ପ୍ରତ୍ୟାକର୍ଷିତ } ବଣ
ପ୍ରତ୍ୟାକୃଷ୍ଟ }
ଟାଣୁଥିବା ବ୍ୟକ୍ତି ବା ବସ୍ତୁ ପ୍ରତି କରାଯିବା ଆକର୍ଷଣ; ଲେଉଟି ଓଟରା—
Counter-attraction.

ପ୍ରତ୍ୟାକ୍ରମଣ—ସ. ବ. (ପ୍ରତି+ଆକ୍ରମଣ)—
Pratyākramaṇa ଆକ୍ରମଣକାରୀ ପ୍ରତି କରାଯିବା ଆକ୍ରମଣ—
(ପ୍ରତ୍ୟାକ୍ରାନ୍ତ—ବଣ) Counter-attack.

ପ୍ରତ୍ୟାଖ୍ୟାତ—ସ. ବଣ. (ପ୍ରତି+ଆଖ୍ୟାତ)—
Pratyākhyāta ୧ । ନିରାକୃତ—1. Rejected; disallowed.
(ପ୍ରତ୍ୟାଖ୍ୟାନ—ବ)
୨ । ତିରସ୍କୃତ—2. Reproached.
୩ । ନାମଞ୍ଜୁର କରା ଯାଇଥିବା; ରଦ୍ଦ କରା ଯାଇଥିବା—
3. Set aside; nullified.
୪ । ଅସ୍ୱୀକୃତ—4 Impugned; refused; denied; disowned.
୫ । ନିବାରିତ—5. Forbidden; prohibited.
୬ । ବିଜ୍ଞାପିତ—6. Informed; notified.
୭ । ବିଖ୍ୟାତ—7. Celebrated.

ପ୍ରତ୍ୟାଖ୍ୟାନ—ସ. ବ. (ପ୍ରତି+ଆଖ୍ୟାନ)—
Pratyākhyāna ୧ । ନିରାକରଣ—1. Rejection.
(ପ୍ରତ୍ୟାଖ୍ୟାତ—ବଣ) ୨ । ରଦ୍ଦ କରିବା; ନାମଞ୍ଜୁର କରିବା—
2. Setting aside; nullification.
୩ । ଅସ୍ୱୀକାର—
3. Denial; refusal; disowning.
୪ । ତିରସ୍କାର—4. Reproach; reprimand.
୫ । କହୁଥିବା କଥାକୁ ନ ମାନିବା—
5. Disavowal; impugnment.
୬ । ନିଜର କଥିତ ବାକ୍ୟର ପ୍ରତ୍ୟାହାର—
6. Withdrawal of one's statement.

ପ୍ରତ୍ୟାଗତ—ସ ବଣ. (ପ୍ରତି+ଆଗତ)—
Pratyāgata ୧ । ଫେରି ଆସିଥିବା; ପ୍ରତିନିବୃତ୍ତ—
(ପ୍ରତ୍ୟାଗତି—ବ) 1. Returned; reverted; come back.
୨ । ପୁନରାଗତ—2. Come again.

ପ୍ରତ୍ୟାଗମ—ସ. ବ. (ପ୍ରତି+ଆଗମ)—
Pratyāgama ୧ । ଫେରି ଆସିବା; ଲେଉଟିବା—
(ପ୍ରତ୍ୟାଗମନ—ଅନ୍ୟରୂପ) 1. Returning; coming back.
୨ । ଆଉ ଥରେ ଆସିବା—2. Coming again.

ପ୍ରତ୍ୟାଦିଷ୍ଟ—ସ. ବଣ. (ପ୍ରତି+ଆଦିଷ୍ଟ)—
Pratyādishṭa ୧ । ପ୍ରତ୍ୟାଖ୍ୟାତ; ନିରାକୃତ—1. Set aside; refused; rejected.
(ପ୍ରତ୍ୟାଦେଶ—ବ)
୨ । ଅନ୍ୟ ଦ୍ୱାରା ସାବଧାନ ବା ହୁସିଆର କରାଇ ଦିଆ ଯାଇଥିବା—
2. Warned; cautioned.

୩ । ଦୈବବାଣୀ ରୂପେ ପ୍ରକାଶିତ (ବିଷୟ)—3. Revealed by heaven; spoken as oracle or revelation.

୪ । ଦୈବବାଣୀ ଦ୍ୱାରା ଆଦେଶ ପ୍ରାପ୍ତ (ବ୍ୟକ୍ତି)— 4. Enjoined by Heaven; inspired by God.

୫ । ପ୍ରଚାରିତ; ପ୍ରକାଶିତ—5. Published.

ପ୍ରତ୍ୟାଦେଶ—ସଂ. ବି. (ପ୍ରତି + ଆଦେଶ)—୧ । ପ୍ରତ୍ୟାଖ୍ୟାନ—
Pratyādesa 1. Rejection; disavowal.
(ପ୍ରତ୍ୟାଦିଷ୍ଟ—ବିଣ) ୨ । ସାବଧାନତାସୂଚକ ଦୈବବାଣୀ—
2. Oracular warning.
୩ । ଦୈବବାଣୀ; ଦେବାଜ୍ଞା—
3. Divine command; revelation.
୪ । ଈଶ୍ୱର ପ୍ରେରଣାରେ ମନରେ ଜନ୍ମିବା ଭାବ—
4. Inspiration.
୫ । ବିଘ୍ନ; ବାଧା—5. Obstacle.
୬ । ପରିତ୍ୟାଗ—6. Abandonment.
୭ । ନିଷେଧାଜ୍ଞା—7. Injunction.
୮ । ଆଦେଶକୁ ରଦ୍ଦ କରିବା ଆଦେଶ—
7. Countermand; nullifying order.

ପ୍ରତ୍ୟାଧାନ—ସଂ. ବି. (ପ୍ରତି + ଆ + ଧା ଧାତୁ + କର୍ମ ଅନ)—ମସ୍ତକ—
Pratyādhāna Head.

ପ୍ରତ୍ୟାନୟନ—ସଂ. ବି. (ପ୍ରତି + ଆନୟନ)—
Pratyānayana ୧ । ପୁନରାନୟନ; ଫେରାଇ ଆଣିବା—
(ପ୍ରତ୍ୟାନୀତ—ବିଣ) 1. Bringing back.
୨ । ବନ୍ଧକ ଜିନିଷର ପୁନରୁଦ୍ଧାର—2. Redemption of a pledge or mortgage.

ପ୍ରତ୍ୟାନୀତ—ସଂ. ବିଣ. (ପ୍ରତି + ଆନୀତ)—
Pratyānita ଫେରାଇ ଅଣା ଯାଇଥିବା; ବନ୍ଧକରୁ ମୁକୁଳା ଯାଇଥିବା—Brought back; redeemed.

ପ୍ରତ୍ୟାବର୍ତ୍ତନ—ସଂ. ବି. (ପ୍ରତି + ଆବର୍ତ୍ତନ)—
Pratyābarttana ପ୍ରତ୍ୟାଗମ (ଦେଖ)
(ପ୍ରତ୍ୟାବୃତ୍ତି—ଅନ୍ୟରୂପ) Pratyāgama (See)
(ପ୍ରତ୍ୟାବର୍ତ୍ତିତ, ପ୍ରତ୍ୟାବୃତ୍ତ—ବିଣ)

ପ୍ରତ୍ୟାବୃତ୍ତ—ସଂ. ବିଣ. (ପ୍ରତି + ଆବୃତ୍ତ)— ପ୍ରତ୍ୟାଗତ (ଦେଖ)
Pratyābrutta Pratyāgata (See)
[ଦ୍ର—ପ୍ରତ୍ୟାବୃତ୍ତର ଅର୍ଥ ଯେ ନିଜେ ଫେରି ଆସିଅଛି; ପ୍ରତ୍ୟାବର୍ତ୍ତିତର ଅର୍ଥ ଯାହାକୁ ଫେରାଇ ଅଣା ଯାଇଅଛି ।]

ପ୍ରତ୍ୟାରମ୍ଭ—ସଂ. ବି. (ପ୍ରତି + ଆରମ୍ଭ]—
Pratyārambha ୧ । ବିଗିଡ଼ି ଯାଇଥିବା କାର୍ଯ୍ୟର ପୁନରାରମ୍ଭ—
(ପ୍ରତ୍ୟାରବ୍ଧ—ବିଣ) 1. Recommencement of a work which has been spoiled.
୨ । ରଦ୍ଦ କରିବା—2. Annulment.

ପ୍ରତ୍ୟାଲୀଢ଼—ସଂ. ବି. (ପ୍ରତି + ଆ + ଲିହ୍ ଧାତୁ + ଭାବ. ତ)—
Pratyālirdha ଶରସନ୍ଧାନ ସମୟରେ ବାମପାଦକୁ ପ୍ରସାରଣ ଓ ଦକ୍ଷିଣପାଦକୁ ସଙ୍କୋଚନ କରି ବସିବା—An attitude of extending the left leg and contracting the right one while shooting with a bow.
ସଂ. ବିଣ—୧ । ଭକ୍ଷିତ; ଭୁକ୍ତ—1. Eaten.
୨ । ଆସ୍ୱାଦିତ—2. Tasted.
୩ । ଚଟା ହୋଇଥିବା—3. Licked up.

ପ୍ରତ୍ୟାଶା—ସଂ. ବି— (ପ୍ରତି + ଆଶା)—୧ । ଆଶା; ପ୍ରତୀକ୍ଷା—
Pratyāsā 1. Hope; expectation.
୨ । ପ୍ରତ୍ୟୟ; ବିଶ୍ୱାସ; ଆସ୍ଥା—
2. Confidence; faith; trust.
୩ । ଆକାଙ୍କ୍ଷା—3. Desire.
୪ । ଅର୍ଥ ଲାଭର ବା ଫଳପ୍ରାପ୍ତିର ଆଶା—
4. Hope of gain or favourable consequence.
୫ । କାର୍ଯ୍ୟସିଦ୍ଧିର ଆଶା—
5. The hope of attainment of success.

ପ୍ରତ୍ୟାଶୀ—ସଂ ବିଣ. ପୁଂ (ପ୍ରତ୍ୟାଶା + ଇନ୍; ୧ମା. ୧ବ)—
Pratyāsi ୧ । ପ୍ରତ୍ୟାଶାଯୁକ୍ତ; ଯେ ପ୍ରତ୍ୟାଶା କରେ—
(ପ୍ରତ୍ୟାଶିନୀ—ସ୍ତ୍ରୀ) 1 Hoping; expecting; desiring.
୨ । ଫଳପ୍ରାପ୍ତି ପାଇଁ ଆଶାନ୍ୱିତ—
2 Expectant for the result.

ପ୍ରତ୍ୟାସତ୍ତି—ସଂ. ବି (ପ୍ରତି + ଆ + ସଦ୍ ଧାତୁ + ଭାବ. ତି)—ନୈକଟ୍ୟ—
Pratyāsatti Nearness; proximity.

ପ୍ରତ୍ୟାସନ୍ନ—ସଂ. ବିଣ ପୁଂ ଓ କ୍ଲୀ. (ପ୍ରତି + ଆସନ୍ନ)—୧ । ନିକଟବର୍ତ୍ତୀ—
Pratyāsanna 1. Proximate; contiguous.
(ପ୍ରତ୍ୟାସନ୍ନା—ସ୍ତ୍ରୀ) ୨ । ଦେହକୁ ଲାଗିଥିବା—
2. Adjacent; leaning to; attached to
୩ । ପରସ୍ପରକୁ ଲାଗାଲାଗି—
3. Close to each other; touching each other.

ପ୍ରତ୍ୟାହତ—ସଂ. ବିଣ (ପ୍ରତି + ଆହତ)—୧ । ପ୍ରତିହତ—
Pratyāhata 1. Repulsed; repelled.
୨ । ବ୍ୟାହତ; ବାଧାପ୍ରାପ୍ତ—2. Resisted; obstructed.
ସଂକୁଚିତ—3. Contracted; shrunk.

ପ୍ରତ୍ୟାହାର—ସଂ. ବି (ପ୍ରତି + ଆ + ହୃ ଧାତୁ + ଭାବ. ଅ)—
Pratyāhāra ୧ । ଫେରାଇ ନେବା—1. Taking back; withdrawing.
(ପ୍ରତ୍ୟାହରଣ—ଅନ୍ୟରୂପ)
(ପ୍ରତ୍ୟାହୃତ, ପ୍ରତ୍ୟାହାର୍ଯ୍ୟ—ବିଣ) ୨ । ଯୋଗାଙ୍ଗବିଶେଷ; ସ୍ୱସ୍ୱ ବିଷୟରୁ ଇନ୍ଦ୍ରିୟମାନଙ୍କୁ ନିବୃତ୍ତ କରାଇ ଈଶ୍ୱରଙ୍କଠାରେ ମନୋନିବେଶ କରିବା; ଇନ୍ଦ୍ରିୟଦମନ—2. Abstraction; withdrawing one's self from sensual perception and concentrating one's mind on the abstract or the Supreme Being.
୩ । ସଂକୋଚନ—3. Contracting.
୪ । ସାରସଙ୍କଳନ—4. Abridgement; compendium.
୫ । କହିଥିବା କଥାକୁ ଲେଉଟାଇନେବା—
5. Withdrawal of a statement already made.

ପ୍ରତ୍ୟୁକ୍ତ(କ୍ତି)—ସଂ. ବ [ପ୍ରତି + ଉକ୍ତ (କ୍ତି)]—୧ । ପ୍ରତ୍ୟୁତ୍ତର—
Pratyukta (kti) 1. Reply; response.
୨ । କୌଣସି ଉକ୍ତିର ଉତ୍ତରରେ ପ୍ରଦତ୍ତ ଉତ୍ତର—
2. Rejoinder given to a verbal statement.

ପ୍ରତ୍ୟୁତ—ସଂ. ଅ—ବରଂ; ପରନ୍ତୁ—
Pratyuta On the other hand; otherwise.

ପ୍ରତ୍ୟୁତ୍ତର—ସଂ ବ (ପ୍ରତି + ଉତ୍ତର)—ଉତ୍ତରର ଉତ୍ତର—
Pratyuttara Rejoinder; reply to an answer.

ପ୍ରତ୍ୟୁତ୍ଥାନ—ସଂ ବ (ପ୍ରତି + ଉତ୍ଥାନ)—ମାନ୍ୟବ୍ୟକ୍ତିଙ୍କୁ ଅଭିବାଦନ
Pratyutthāna କରିବାକୁ ଠିଆ ହେବା—Standing up
(ପ୍ରତ୍ୟୁତ୍ଥିତ—ବିଣ) to show respect to a superior.

ପ୍ରତ୍ୟୁତ୍ପନ୍ନ—ସଂ. ବିଣ (ପ୍ରତି + ଉତ୍ପନ୍ନ)—୧ । ପୁନରୁତ୍ପନ୍ନ—
Pratyutpanna 1. Reborn; reproduced.
(ପ୍ରତ୍ୟୁତ୍ପତ୍ତି, ପ୍ରତ୍ୟୁତ୍ପାଦନ—ବ) ୨ । (ଗଣିତ) ଗୁଣିତ—
2. (mathematics) Multiplied
୩ । ଉପସ୍ଥିତ—3 Arrived; present.
୪ । ସତ୍ୱର—4. Prompt; hurried.
ସ. ବ—୧ । (ଗଣିତ) ଗୁଣନ—1. (mathematics) Multiplication.
୨ । କେତେକ ରାଶିର ଗୁଣଫଳ—2. The product of a multiplication.

ପ୍ରତ୍ୟୁତ୍ପନ୍ନ ମତି—ସଂ ବ. (କର୍ମଧା; ପ୍ରତ୍ୟୁତ୍ପନ୍ନ + ମତି)—ଉପସ୍ଥିତ ବୁଦ୍ଧି;
Pratyutpanna mati କାର୍ଯ୍ୟକାଳରେ ଝଟ୍ କରି ଉପସ୍ଥିତ ହେବା ବୁଦ୍ଧି—Presence of mind; quickness of perception.
ସଂ. ବିଣ (ବହୁବ୍ରୀହି—ଉପସ୍ଥିତ ବୁଦ୍ଧିଯୁକ୍ତ; ହଠାତ୍ ଘଟିବା ଅବସ୍ଥାର ପ୍ରତିକାର ପାଇଁ ଯାହାଙ୍କୁ ବୁଦ୍ଧି ସ୍ଫୁରେ—Having presence of mind; resourceful.

ପ୍ରତ୍ୟୁଦ୍‌ଗତ—ସ. ବିଣ (ପ୍ରତି + ଉଦ୍‌ଗତ)—୧ । ଯାହାକୁ ଊର୍ଦ୍ଧ୍ୱକୁ ଗତି
Pratyudgata କରାଇ ଦିଆ ଯାଇଅଛି—1. Caused to go up; raised up.
୨ । ଅଭ୍ୟର୍ଥନା ସହିତ ବିଦାୟପ୍ରାପ୍ତ—
2. Sent off with acclamations (said of a guest).
୩ । ଉତ୍ଥିତ—3. Risen up; ascended.

ପ୍ରତ୍ୟୁଦ୍‌ଗମ—ସଂ. ବ (ପ୍ରତି + ଉଦ୍‌ଗମ)—ଆଗମନକାରୀଙ୍କୁ ଅଭ୍ୟର୍ଥନା କରି
Pratyudgama ଆଣିବା ନିମନ୍ତେ ବାହାରିବା; ଆଗନ୍ତୁକଙ୍କୁ
(ପ୍ରତ୍ୟୁଦ୍‌ଗମନ—ଅନ୍ୟରୂପ) ପାଛୋଟି ଆଣିବାପାଇଁ ଯିବା—
Setting out to welcome a coming guest.

ପ୍ରତ୍ୟୁପକାର—ସଂ. ବ (ପ୍ରତି + ଉପକାର)—ଉପକାରୀର ଉପକାର
Pratyupakāra ସାଧନ—A return for kindness; a favour in requital.
[ପ୍ରତ୍ୟୁପକୃତ (ପୁଂ, ପ୍ରତ୍ୟୁପକୃତା (ସ୍ତ୍ରୀ), ପ୍ରତ୍ୟୁପକାରୀ (ପୁଂ), ପ୍ରତ୍ୟୁପକାରିଣୀ (ସ୍ତ୍ରୀ), ପ୍ରତ୍ୟୁପକର୍ତ୍ତା (ପୁଂ), ପ୍ରତ୍ୟୁପକର୍ତ୍ତ୍ରୀ (ସ୍ତ୍ରୀ)—ବିଣ.]

ପ୍ରତ୍ୟୁପଦେଶ—ସଂ. ବ (ପ୍ରତି + ଉପଦେଶ)—୧ । ଉପଦେଶକାରୀ ପ୍ରତି
Pratyupadeśa ଉପଦେଶ—1. Admonition; advice given in return for an advice.
ପ୍ରତ୍ୟୁପଦିଷ୍ଟ; ପ୍ରତ୍ୟୁପଦେଶକ (ପୁଂ)
ପ୍ରତ୍ୟୁପଦେଶିକା (ସ୍ତ୍ରୀ) } ବିଣ.]
ପ୍ରତ୍ୟୁପଦେଷ୍ଟା (ପୁଂ)ଷ୍ଟ୍ରୀ—(ସ୍ତ୍ରୀ)
୨ । ନିର୍ଦ୍ଦିଷ୍ଟ ବିଧାନାନୁଯାୟୀ ଉପଦେଶ ଦାନ—
2. Giving advice according to rules laid down.

ପ୍ରତ୍ୟୁ(ତ୍ୟୂ)ଷ(ସ)—ସଂ. ବ. (ପ୍ରତି + ଉଷ ଧାତୁ = ଦଗ୍ଧ କରିବା + ଅସ୍)—୧ । ପ୍ରଭାତ; ପ୍ରାତଃକାଳ—
Pratyu(tyū)sha(sa) 1. Dawn; daybreak.
୨ । ବଡ଼ି ଭୋର—2. Early morning.

ପ୍ରତ୍ୟୂହ—ସଂ. ବ. (ପ୍ରତି + ଊହ ଧାତୁ = ତର୍କ କରିବା + ଭାବ. ଅ)—
Pratyūha ୧ । ବିରୁଦ୍ଧ ତର୍କ—1. Opposing argument; counter-argument.
୨ । ଅନ୍ତରାୟ; ବାଧା; ବିଘ୍ନ—
2. Obstacle; impediment.

ପ୍ରତ୍ୟେକ—ସ. ସର୍ବନାମ ଓ କ୍ରି. ବିଣ—୧ । ଏକ ଏକକରି ସମସ୍ତ; ଜଣ
Pratyeka ଜଣ କରି; ଜଣଜଣକେ—1. Each; one and all; one by one.
୨ । ଜଣେ ଜଣେ—2. Every one.

ପ୍ରତ୍ୟେକେ—ଦେ. ସର୍ବନାମ; କ୍ରି. ବିଣ (ସ. ପ୍ରତ୍ୟେକ)-ପ୍ରତ୍ୟେକ (ଦେଖ)
Pratyeka Pratyeka (See).
প্রত্যেকে हरएक

ପ୍ରତ୍ୟେତା—ସ. ବିଣ. ପୁଂ (ପ୍ରତି + ଇ ଧାତୁ + କର୍ତ୍ତୃ. ତୃ; ପ୍ରତ୍ୟେତୃ, ୧ମା.
Pratyetā ୧ବ)—ପ୍ରତ୍ୟୟକାରୀ; ବିଶ୍ୱାସକାରୀ—
(ପ୍ରତ୍ୟେତ୍ରୀ—ସ୍ତ୍ରୀ) Trusting; believing.

ପ୍ରଥ୍ (ଧାତୁ)—ସ—୧ । ବିଖ୍ୟାତ ହେବା—
Prath (root) 1. To be famous.
୨ । ଜ୍ଞାତ ହେବା —2. To be known.
୩ । ନିକ୍ଷେପ କରିବା—3. To throw.
୪ । ବୁଣିଦେବା—4. To scatter; to sow.
୫ । ବିସ୍ତାର କରିବା—5. To spread.
୬ । ପ୍ରସିଦ୍ଧ କରିବା—6. To celebrate.
୭ । ପ୍ରଶଂସା କରିବା—7. To praise.

ପ୍ରଥମ—ସ. ବିଣ. ପୁଂ (ପ୍ରଥ୍ ଧାତୁ + ଅମ)—୧ । ଆଦି; ଆଦ୍ୟ—
Prathama 1. First; primary.
(ପ୍ରଥମା—ସ୍ତ୍ରୀ) ୨ । ଆଦିମ; ମୌଳିକ—2. Original.
୩ । ସମସ୍ତଙ୍କ ଅପେକ୍ଷା ପୂର୍ବରେ ହୋଇଥିବା—
3. Earliest; primitive.
୪ । ଜ୍ୟେଷ୍ଠ—4. Eldest.
୫ । ମୁଖ୍ୟ; ପ୍ରଧାନ; ଶ୍ରେଷ୍ଠ—
5. Chief; principal.

୬ । ପୂର୍ବବର୍ତ୍ତୀ—6. Prior; previous; former.
୭ । ଅଗ୍ରଜ —7. Elder.
୮ । ଯୋଗ୍ୟତା ବିଷୟରେ ଶ୍ରେଷ୍ଠ—
8. First in proficiency.
ଦେ. ଅ—ପ୍ରଥମତଃ (ଦେଖ)
প্রথম पहिले Prathamatah (See).
ଦେ. ବି —ସଂସ୍କୃତ ବିଦ୍ୟାଳୟରେ କାବ୍ୟ, ବ୍ୟାକରଣ ଆଦି ବିଷୟରେ ଛାତ୍ରମାନଙ୍କର ନିର୍ଦ୍ଦିଷ୍ଟ ପ୍ରଥମ ପରୀକ୍ଷା—
The first examination in Kābya, Byākaraṇa and other fixed subjects in Sanscrit schools.
(ଯଥା—ସିଏ ଏ ବର୍ଷ କାବ୍ୟ ପ୍ରଥମ ଦେବେ)

ପ୍ରଥମଜ—ସଂ ବିଣ. ପୁଂ (ପ୍ରଥମ + ଜନ ଧାତୁ + କର୍ତ୍ତୃ. ଅ)—
Prathamaja ପୋଢୁଆଁ; ପ୍ରଥମୋତ୍ପନ୍ନ; ଜ୍ୟେଷ୍ଠ (ସନ୍ତାନ)—
(ପ୍ରଥମଜା—ସ୍ତ୍ରୀ) First born; eldest (offspring).

ପ୍ରଥମଜଂଘା—ଦେ. ବି— ଦେବାଳୟର ଅଂଶବିଶେଷ ('ଦେଉଳ ତଳେ
Prathamajaṁghā ନୋଟ୍ ଦେଖ)—Part of a temple (See notes under 'Deuḻa')

ପ୍ରଥମତ—ଗ୍ରା. ବିଣ (ସଂ. ପ୍ରଥମତଃ)— ପ୍ରଥମତଃ (ଦେଖ)
Prathamata Prathamatah (See).
প্রথমতঃ पहिले

ଭୃଗୁ ବୋଇଲେ ହେ ମାନସ ପ୍ରଥମତ
ବିବିଧ ପୂଜା କଲେ ମନରୁ ସଙ୍ଖାତ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ପ୍ରଥମତଃ—ସଂ, କ୍ରି. ବିଣ (ପ୍ରଥମ + ତସ୍)— ୧ । ପ୍ରଥମରେ—
Prathamatah 1. At first; firstly.
୨ । ପହିଲୁଁ; ଆରମ୍ଭରୁ—
2 From the beginning.
୩ । ପୂର୍ବେ—3. Formerly; previously.

ପ୍ରଥମ ପୁରୁଷ—ସଂ. ବି (ସଂସ୍କୃତ ବ୍ୟାକରଣ)—ତୃତୀୟ ବ୍ୟକ୍ତି ସମ୍ବନ୍ଧେ
Prathama purusha ବ୍ୟବହୃତ ପୁରୁଷ (ଯାହାର ଚିହ୍ନ 'ସେ', 'ସେମାନେ' ଇତ୍ୟାଦି)—
(Sanscrit grammar) The third person.
ଦେ. ବି (ଓଡ଼ିଆ ବ୍ୟାକରଣ)—କହିବା ବ୍ୟକ୍ତି ନିଜକୁ ଲକ୍ଷ୍ୟକରିବା ପୁରୁଷ (ଏହାର ଚିହ୍ନ 'ମୁଁ', 'ଆମ୍ଭେ' ଇତ୍ୟାଦି)—
(Oria grammar) The 1st person.
[ଦ୍ର—ସଂସ୍କୃତରେ 'ସେ' ପ୍ରଥମ ପୁରୁଷ, 'ତୁମ୍ଭେ' ମଧ୍ୟମ ପୁରୁଷ ଓ 'ମୁଁ' ଉତ୍ତମ ପୁରୁଷ; ମାତ୍ର ଓଡ଼ିଆରେ ଓ ଇଂରାଜୀରେ 'ସେ' ୩ୟ ପୁରୁଷ, 'ତୁମ୍ଭେ' ୨ୟ ପୁରୁଷ ଓ 'ମୁଁ' ୧ମ ପୁରୁଷ ।]

ପ୍ରଥମ ବୟଃ—ସଂ. ବି. (କର୍ମଧା)—ବାଲ୍ୟକାଳ—
Prathama bayah Childhood.

ପ୍ରଥମ ବୟସ—ଦେ ବି—ବାଲ୍ୟକାଳ—
Prathama bayasa Childhood.

ଚିତଅନ୍ତରେ କଲ-କବି;
ଭୂମିର ପ୍ରଥମ ବୟସ । ଜଗନ୍ନାଥ. ଭାଗବତ ।

ପ୍ରଥମ ବରଣ—ସଂ. ବି— ବିବାହବେଦୀରେ ହାତଗଣ୍ଠି ବା କନ୍ୟାଦାନ
Prathama baraṇa ବିଧି ପୂର୍ବରୁ ବରଙ୍କୁ କନ୍ୟାଦାତାଙ୍କର ବିଧି ଅନୁସାରେ କରିବା ବରଣକର୍ମବିଶେଷ—
The rites of formal invitation performed in respect of bridegroom by the bride's father before the marriage tie is bound.

ପ୍ରଥମବରଣ୍ଡୀ—ଦେ. ବି—ଦେଉଳର ଅଂଶବିଶେଷ ('ଦେଉଳ' ତଳେ
Prathamabaraṇḍi ନୋଟ୍ ଦେଖ)—
Part of a temple (See notes under Deuḻa).

ପ୍ରଥମ ବିବାହ—ସଂ. ବି—ଏକାଧିକ ବିବାହ କରିଥିବା ବ୍ୟକ୍ତିର ପହିଲଥର
Prathama bibāha ହୋଇଥିବା ବିବାହ—The first marriage of a person married more than once.

ପ୍ରଥମ ଭାର୍ଯ୍ୟା—ଦେ. ବି. ସ୍ତ୍ରୀ—(ସଂ. ପ୍ରଥମା + ଭାର୍ଯ୍ୟା) —ବହୁବିବାହିତ
Prathama bhārjyā ପୁରୁଷର ପ୍ରଥମ ବିବାହର ସ୍ତ୍ରୀ—
ପ୍ରଥମ ସ୍ତ୍ରୀ / ପ୍ରଥମ ଭାରିଯା } ଅନ୍ୟରୂପ The first wife of a person married more than once.
(ଏହିପରି ସ୍ତ୍ରୀ ପକ୍ଷରେ ପ୍ରଥମ ସ୍ୱାମୀ ଶବ୍ଦର ମଧ୍ୟ ବ୍ୟବହାର ହୁଏ)

ପ୍ରଥମାଙ୍ଗୁଳି—ସଂ. ବି. (କର୍ମଧା; ପ୍ରଥମ + ଅଙ୍ଗୁଳି)—ବୃଦ୍ଧାଙ୍ଗୁଷ୍ଠ; ବୁଢ଼ା
Prathamāṅguḻi ଅଙ୍ଗୁଠି—The thumb.

ପ୍ରଥମାପଦା—ଦେ. ବି—ବାଲେଶ୍ୱରର ସ୍ଥାନବିଶେଷ; ପୋଢୁଆଁପଦା—
Prathamāpadā Name of a place in Balasore.

ନାନାବିଧ ହେଲ ଲେଖେ ଲେଖାରଣ୍ୟ ପ୍ରଥମାପଦା — ରାଧାନାଥ. ଚିଲିକା ।

[ଦ୍ର— ଏହାର ପ୍ରଚଳିତ ନାମ ପଢ଼ୁଆପଦା ।]

ପ୍ରଥମା ବିଭକ୍ତି— ସଂ. ବି. (ବ୍ୟାକରଣ)—କର୍ତ୍ତୃକାରକର ବିଭକ୍ତି—
Prathamā bibhakti (Grammar) The 1st case or nominative case.

ପ୍ରଥମାଶ୍ରମ—ସଂ. ବି. (କର୍ମଧା; ପ୍ରଥମ + ଆଶ୍ରମ)—ଦ୍ୱିଜାତିମାନଙ୍କର
Prathamāśrama ଜୀବନର ଚତୁର୍ବିଧ ଆଶ୍ରମ ମଧ୍ୟରୁ ପ୍ରଥମ ବା ବ୍ରହ୍ମଚର୍ଯ୍ୟ ଆଶ୍ରମବିଶେଷ—The first of the 4 stages prescribed in the life of a twice born; the life of a celebate or continent student.

ପ୍ରଥମାଷ୍ଟମୀ—ସଂ. ବି. (କର୍ମଧା; ପ୍ରଥମ + ଅଷ୍ଟମୀ)—ମାର୍ଗଶିର ମାସର
Prathamāshṭami କୃଷ୍ଣ ଅଷ୍ଟମୀ; ପଢ଼ୁଆଁ ଅଷ୍ଟମୀ—
The 8th day of the dark fortnight of the month of Mārgaśira.
[ଦ୍ର—ଏ ଦିନ ବଂଶର ପ୍ରଥମଜାତ ସନ୍ତାନ ବା ଜ୍ୟେଷ୍ଠପୁତ୍ରମାନଙ୍କର ନବବସ୍ତ୍ର ପରିଧାନ, ବନ୍ଦାପନା ଓ ମିଷ୍ଟାନ୍ନ ଭକ୍ଷଣାଦି ହୁଏ । ଏହା ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ଗୋଟିଏ ଯାତ୍ରାଦିବସ ।]

ପ୍ରଥମେ—ସଂ. ଅ — ୧ । ପ୍ରଥମତଃ, ପହିଲେ—
Prathame 1. At first; firstly.
୨ । ଆଗେ; ପୂର୍ବେ—2. Previously; formerly.

ପ୍ରଥମୋତ୍ପନ୍ନ— ସଂ. ବିଣ. ପୁଂ. (ପ୍ରଥମ + ଉତ୍ପନ୍ନ) — ଜ୍ୟେଷ୍ଠ, ପଢ଼ୁଆ—
Prathamotpanna First born.
(ପ୍ରଥମୋତ୍ପନ୍ନା—ସ୍ତ୍ରୀ)

ପ୍ରଥସୁର—ଦେ. ବଣ—(ସଂ. ପୃଥୁ ଶବ୍ଦରୁ ଅତ୍ୟର୍ଥେ ନିଷ୍ପନ୍ନ ପ୍ରଥିଷ୍ଠ)—
Prathasura ଅତି ମହତ୍—Very great.
ଯୋଗ ସିଦ୍ଧ ହୋଇ କପ ସମ୍ମକୁ ପାଇ;
ପବନ ଛକତ ଉହ ପ୍ରଥସୁର ହୋଇ । ପ୍ରାଚୀ. ଶିବସ୍ୱରୋଦୟ ।

ପ୍ରଥା—ସଂ. ବ—(ପ୍ରଥ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—୧ । ପଦ୍ଧତି;
Prathā ରୀତି; ଧାର୍ଯ୍ୟ—1. Custom; usage.
୨ । ଢଙ୍ଗ—2. Mode; manner.
୩ । (+ଭାବ. ଅ) ବିସ୍ତାର; ବିସ୍ତୃତି—
3. Extension; spreading out.
୪ । ଖ୍ୟାତି; ପ୍ରସିଦ୍ଧି—4. Celebrity; fame.

ପ୍ରଥିତ—ସଂ. ବଣ. (ପ୍ରଥ୍ ଧାତୁ+କର୍ମ. ତ)—୧ । ପ୍ରସିଦ୍ଧ; ଖ୍ୟାତ—
Prathita 1. Famous; celebrated.
(ପ୍ରଥିତ—ବ) ୨ । ବିସ୍ତୃତ—
2. Spread; extended; stretched.
୩ । ପ୍ରକଟିତ; ପ୍ରକାଶିତ—3. Published; manifest.
୪ । ନିକ୍ଷିପ୍ତ—4. Thrown; cast.
୫ । ଅତି ଦରକାରୀ—5. Important.
୬ । ପ୍ରଶଂସିତ—6. Praised; eulogised.
ସଂ. ବ—୧ । ବିଷ୍ଣୁ—1. Bishṇu.
୨ । ସ୍ୱାରୋଚିଷ ମନୁଙ୍କର ପୁତ୍ରବିଶେଷ—
2. Name of a son of Swarochisha Manu.

ପ୍ରଥିତ ନାମା—ସଂ. ବଣ ପୁଂ. (ବହୁବ୍ରୀହି; ପ୍ରଥିତ+ନାମନ୍ ୧ମା. ୧ବ.)
Prathita nāmā —ପ୍ରଖ୍ୟାତନାମା; ଯଶସ୍ୱୀ; ସୁପ୍ରସିଦ୍ଧ—
ପ୍ରଥିତଯଶାଃ } ଅନ୍ୟରୂପ Celebrated; famous;
ପ୍ରଥିତକୀର୍ତ୍ତି } wellknown.

ପ୍ରଥିମା—ସଂ. ବ (ପୃଥୁ=ବୃହତ୍, ସ୍ଥୂଳ+ଭାବାର୍ଥରେ ଇମନ୍ ୧ମା. ୧ବ.)—
Prathimā ୧ । ପୃଥୁତ୍ୱ; ସ୍ଥୂଳତ୍ୱ—
1. Greatness; magnitude.
୨ । ବିସ୍ତାର—2. Extent.
୩ । ଘନତା; ବେଧ—3. Thickness.
୪ । ଓସାରିଆ; ଓସାର—4. Breadth.

ପ୍ରଥିଷ୍ଠ—ସଂ. ବଣ. ପୁଂ (ପୃଥୁ+ଅତିଶଯ୍ୟାର୍ଥରେ ଇଷ୍ଠ)—୧ । ଖୁବ୍ ମୋଟା
Prathishṭha ଅତିଶୟ ସ୍ଥୂଳ—1. Very fat; very
(ପ୍ରଥିଷ୍ଠା—ସ୍ତ୍ରୀ) thick.
୨ । ଅତି ବଡ଼—2. Very large; very great.
୩ । ଖୁବ୍ ଓସାରିଆ—3. Very broad.

ପ୍ରଥୀୟାନ୍—ସଂ. ବଣ. ପୁଂ (ପୃଥୁ+ଅତିଶଯ୍ୟାର୍ଥରେ ଈୟସ୍; ପ୍ରଥୀୟସ୍
Prathiyān ୧ମା. ୧ବ.)—(ପ୍ରଥିଷ୍ଠ ଦେଖ)—
(ପ୍ରଥୀୟସୀ—ସ୍ତ୍ରୀ) Prathishṭha (See).

ପ୍ରଥୁଶ୍ରବା—ଗ୍ରା. ବ.—(ସଂ. ପୃଥୁଶ୍ରବସ୍ ଶବ୍ଦର ୧ମା. ୧ବ. ପୃଥୁଶ୍ରବାଃ)—
Prathusrabā ଜଣେକ ଋଷି—Name of a sage.
ପ୍ରଥୁଶ୍ରବା ସେ କୁରଙ୍ଗେ ଉଦ୍ଭୂତ ।
କୃଷ୍ଣସିଂ. ମହାଭାରତ. ବନ ।

ପ୍ରଦ—ସଂ. ବଣ. ପୁଂ (ପ୍ର+ଦା ଧାତୁ+କର୍ତ୍ତୃ. ଅ; ସମାସରେ ଅନ୍ୟ ଶବ୍ଦ
Pradha ସଙ୍ଗେ ଯୁକ୍ତ ହୁଏ ଯଥା—ଶାନ୍ତିପ୍ରଦ, ଫଳପ୍ରଦ)—
(ପ୍ରଦା—ସ୍ତ୍ରୀ) ଯାହା ଦାନ କରେ; ପ୍ରଦାୟକ; ଦାତା—
That which gives; giving.

ପ୍ରଦକ୍ଷିଣ—ସଂ. ବ.—ପ୍ରଦକ୍ଷିଣା (ଦେଖ)
Pradakshiṇa Pradakshiṇā (See)
(ପ୍ରଦକ୍ଷିଣା—ସ୍ତ୍ରୀ) ସଂ. ବଣ. (ପ୍ର+ଦକ୍ଷିଣ=ଅନୁକୂଳ)—
୧ । ଅନୁକୂଳ—1. Favourable; friendly;
well-disposed.
୨ । ଶୁଭସୂଚକ—2. Auspicious.

ପ୍ରଦକ୍ଷିଣା—ସଂ. ବ. (ପ୍ର+ଦକ୍ଷିଣ+ଆ)—୧ । ଆପଣାର ଡାହାଣଆଡ଼କୁ
Pradakshiṇā ବୁଲି ଗତି କରିବା—1 Moving to the
right.
୨ । ପରିକ୍ରମା; ପରିକ୍ରମଣ; ଦେବତା ବା ପୂଜ୍ୟ ବ୍ୟକ୍ତିଙ୍କର ଡାହାଣ
ପାଖରୁ ଆରମ୍ଭ କରି ଓ ତାଙ୍କ ଆଡ଼କୁ ଆପଣାର ଡାହାଣ
ପାଖ ରଖି ତାଙ୍କ ଚାରିଆଡ଼େ ବୁଲି ଆସିବା—
2. Circumambulation from left to right;
walking round a sacred person or Deity
keeping one's right side towards him.
୩ । ଉପାସନା; ବନ୍ଦନା—3. Worshipping.
୪ । ନମସ୍କାର—4. Salutation; obeisance.

ପ୍ରଦତ୍ତ—ସଂ. ବଣ. (ପ୍ର+ଦତ୍ତ)—୧ । ସମର୍ପିତ; ଦତ୍ତ—
Pradatta 1. Given; bestowed; presented.
(ପ୍ରଦାନ—ବ) (ପ୍ରଦତ୍ତା—ସ୍ତ୍ରୀ) ୨ । ନ୍ୟସ୍ତ; ଅର୍ପିତ—
2. Conferred; entrusted.

ପ୍ରଦର—ସଂ. ବ. (ପ୍ର+ଦୃ ଧାତୁ+ଭାବ. ଅ)—୧ । ଫାଡ଼ିବା; ବିଦାରଣ—
Pradara 1. Tearing; rending.
୨ । ଭଙ୍ଗ—2. Breaking; fracture.
୩ । (+କରଣ. ଅ) ବାଣ—3. An arrow; shaft.
୪ । (+କର୍ମ. ଅ) ଫାଟ—4. Fissure; cleft.
୫ । (+କର୍ତ୍ତୃ. ଅ) ଅସୃଗ୍ଦର; ସ୍ତ୍ରୀଲୋକଙ୍କର ଜନନେନ୍ଦ୍ରିୟ ବାଟେ
ଅତ୍ୟଧିକ ପରିମାଣରେ କ୍ଷରିତ ହେବା ଶ୍ୱେତ ରସ ବା ରକ୍ତ
ସ୍ରାବ ରୂପ ରୋଗବିଶେଷ—5. A female disease;
menorrhagia; leucorrhoea.
[ଦ୍ର—ଏହା ଶ୍ୱେତ ଓ ରକ୍ତ ସ୍ରାବ ଭେଦରେ ୨ ପ୍ରକାର
ଯଥା—ଶ୍ୱେତପ୍ରଦର (Leucorrhoea) ଓ ରକ୍ତପ୍ରଦର
(metrorrhagia).

ପ୍ରଦର୍ଶକ—ସଂ. ବଣ. ପୁଂ (ପ୍ର+ଦର୍ଶକ)—୧ । ଯେ କୌଣସି ବିଷୟ
Pradarśaka ଦେଖାଏ—1. Exhibiting; producing
(ପ୍ରଦର୍ଶିକା—ସ୍ତ୍ରୀ) before the eyes.
୨ ବ୍ୟାଖ୍ୟାକାରୀ—2. Propounding.
୩ । ଯେ ଶିକ୍ଷା ଦିଏ—3. Teaching.
୪ । (ପଥ) ଦେଖାଇବା (ବ୍ୟକ୍ତି)—
4. Leading (the way.)

୫ । ଯେ କୌଣସି ବିଷୟ ଦେଖାଇଦିଏ—
5. Pointing out; showing.
୬ । ଯେ ଦେଖେ—6. Seeing.
ସଂ. ବି.—୧ । ଶିକ୍ଷକ; ଗୁରୁ—1. Teacher.
୨ । ବ୍ୟାଖ୍ୟାକାରୀ ବ୍ୟକ୍ତି—2. Expounder; propounder.
୩ । ଭବିଷ୍ୟଦ୍ ବକ୍ତା—3. Seer; prophet.
୪ । ଦର୍ଶକ—4. Spectator.

ପ୍ରଦର୍ଶନ—ସଂ. ବି. (ପ୍ର+ଦୃଶ୍ ଧାତୁ ଣିଚ ଦର୍ଶି ଧାତୁ+ଭାବ. ଅନ)—
Pradarśana ୧ । ଦେଖାଇବା—
1. Showing; exhibiting.
୨ । ବର୍ଣ୍ଣନା; ଉଲ୍ଲେଖ—2 Describing; narrating; mentioning.
୩ । ସୂଚନା—3. Indication.
୪ । ବ୍ୟାଖ୍ୟା କରିବା—
4. Expounding; propounding; explaining.
୫ । ଭବିଷ୍ୟତ୍ ବିଷୟର କଥନ—5. Prophesying.

ପ୍ରଦର୍ଶନୀ—ସଂ. ବି. ସ୍ତ୍ରୀ. (ପ୍ରଦର୍ଶନ+ସ୍ତ୍ରୀ. ଈ)—
Pradarśani ମେଳା; ଯେଉଁଠାରେ ବହୁ ସ୍ଥାନରୁ ସଂଗୃହୀତ ଦ୍ରବ୍ୟ ସମୂହ ସାଧାରଣଙ୍କୁ ପ୍ରଦର୍ଶିତ ହୁଏ—A show; an exhibition; a fair.
[ଦ୍ର—ଯେଉଁ ଯେଉଁ ବିଷୟକ ଦ୍ରବ୍ୟମାନ ପ୍ରଦର୍ଶନୀରେ ପ୍ରଦର୍ଶିତ ହୁଏ ସେହି ସେହି ବିଷୟ ବା ଦ୍ରବ୍ୟର ନାମରେ ପ୍ରଦର୍ଶନୀର ନାମକରଣ ହୁଏ, ଯଥା—ପୁଷ୍ପ ପ୍ରଦର୍ଶନୀ, ଶିଳ୍ପ ପ୍ରଦର୍ଶନୀ, କୃଷି ପ୍ରଦର୍ଶନୀ, ପଶୁ ପ୍ରଦର୍ଶନୀ ।]

ପ୍ରଦର୍ଶନୀୟ—ସଂ. ବିଣ. (ପ୍ର+ଦର୍ଶନୀୟ)—
Pradarśaniya ପ୍ରଦର୍ଶିତ ହେବା ଯୋଗ୍ୟ; ଯାହା ସମସ୍ତଙ୍କୁ ଦେଖାହେବା ଯୋଗ୍ୟ—Fit to be exhibited.

ପ୍ରଦର୍ଶିତ—ସଂ. ବିଣ. (ପ୍ର+ଦର୍ଶିତ)—
Pradarśita ୧ । ଦେଖାଇ ଦିଆ ଯାଇଥିବା—1. Shown;
(ପ୍ରଦର୍ଶନ—ବି) exhibited; displayed.
୨ । ଉଲ୍ଲିଖିତ—2 Mentioned.
୩ । ସୂଚିତ—3. Indicated.
୪ । ପ୍ରକଟିତ—4. Published; declared.
୫ । ବ୍ୟାଖ୍ୟାତ—5. Explained; expounded.

ପ୍ରଦଳ—ସଂ. ବି. (ପ୍ର+ଦଳ)—ବାଣ; ଶର (ହ. ଶ)—
Pradaḷa Arrow.

ପ୍ରଦଳି—ଦେ. ବି—୧ । ଗୋଳମାଳ—
Pradaḷi 1. Noise.
୨ । ବଡ଼ ପାଟି; ଉଚ୍ଚ ସ୍ୱର—2. Loud voice.

ପ୍ରଦହି—ସଂ. ବି—ଭୂଣ୍ଡ ପୋଡ଼ା (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)—
Pradahi Tuṇḍa porḍā (See)

ପ୍ରଦାତବ୍ୟ—ସଂ. ବିଣ. (ପ୍ର+ଦାତବ୍ୟ)—
Pradātabya ପ୍ରଦତ୍ତ ହେବା ଯୋଗ୍ୟ; ପ୍ରଦେୟ—
Fit to be given away or bestowed.

ପ୍ରଦାତା—ସଂ. ବିଣ. ପୁଂ. (ପ୍ର+ଦାତୃ; ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହୁଏ)—
Pradātā ୧ । ପ୍ରଦ; ଯେ ଦିଏ; ଦାନକର୍ତ୍ତା—
ପ୍ରଦାୟକ } ଅନ୍ୟରୂପ
ପ୍ରଦାୟୀ } 1. Giving; bestowing.
୨ । ଅତ୍ୟନ୍ତ ପ୍ରଦାନଶୀଳ—
(ପ୍ରଦାତ୍ରୀ, ପ୍ରଦାୟିକା, ପ୍ରଦାୟିନୀ—ସ୍ତ୍ରୀ) 1. Very liberal.

ପ୍ରଦାନ—ସଂ. ବି. (ପ୍ର+ଦାନ)—
Pradāna ୧ । ବିତରଣ; ଅର୍ପଣ; ଦେବା—1. Imparting;
(ପ୍ରଦତ୍ତ, ପ୍ରଦେୟ—ବିଣ) giving; bestowing.
୨ । ଅପ୍ରେପଣ—2. Conferring.
୩ । ବିଶିଷ୍ଟ ଦାନ—3. Donation; gift.
୪ । ଭେଟି; ଉପହାର—4. Present.
୫ । ଗଜାଙ୍କୁଶ—
5. A goad or hook for driving elephants.
୬ । ପ୍ରେରଣ—6. Sending.
୭ । ପାଞ୍ଚଣ—7. A rod for driving cattle.
୮ । ବିବାହ (ହ. ଶ)—8. Marriage.
[ଦ୍ର—ଏହା ପ୍ରଥମ ଅର୍ଥରେ ଆଦାନ ଶବ୍ଦ ପରେ ସହଚର ରୂପେ ବ୍ୟବହୃତ ହୁଏ ।]

ପ୍ରଦାନ କରିବା—ଦେ. କ୍ରି—ଦେବା—
Pradāna kariba To give; to bestow.
প্রদান করা प्रदान करना

ପ୍ରଦାନିବା—ଦେ. (ପଦ୍ୟ) କ୍ରି (ସଂ. ପ୍ରଦାନ)—ପ୍ରଦାନ କରିବା—
Pradāniba প্রদানা To impart; to give.
ଏମନ୍ତ ସୁଅଶିଷ ମନ୍ତ୍ର ପ୍ରଦାନି—
ମଧୁସୂଦନ,କବିତାବଳୀ

ପ୍ରଦାବ—ସଂ. ବି (ପ୍ର+ଦାବ)—ଦାବାଗ୍ନି—
Pradāba Forest conflagration.

ପ୍ରଦାହ—ସଂ. ବି (ପ୍ର+ଦାହ)—୧ । ଜ୍ୱର ଯୋଗୁଁ ବା ଅନ୍ୟ କାରଣରୁ
Pradāha ଶରୀରରେ ଅନୁଭୂତ ପୋଡ଼ା ଜଳା—
1. Inflammation of the body
୨ । ଶରୀରର ତାପବୃଦ୍ଧି—
2. Rise of temperature in the body; high temperature of the body.

ପ୍ରଦିକ୍—ସଂ. ବି (ପ୍ର+ଦିଶ୍; ପ୍ରଦିଶ୍ ଶବ୍ଦ ୧ମା. ୧ବ)—ବିଦିକ୍;
Pradik ଦୁଇ ପ୍ରଧାନ ଦିଗର ମଧ୍ୟବର୍ତ୍ତୀ କୋଣ (ଯଥା—ଅଗ୍ନି, ବାୟୁ, ନୈର୍ଋତ)—A corner between two cardinal points of the compass.

ପ୍ରଦିଗ୍ଧ—ସଂ. ବିଣ (ପ୍ର+ଦିହ୍ ଧାତୁ+କର୍ମ. ତ)—୧ । ବୋଳା
Pradigdha ହୋଇଥିବା; ଲିପ୍ତ—1. Smeared; daubed; annointed.
୨ । ସ୍ନିଗ୍ଧ; ତେଲରେ ବା ଘିଅରେ ସିକ୍ତ (ହ.ଶ)—
2. Besmeared with oil or ghee.
ସଂ. ବି—ମାଂସ ବ୍ୟଞ୍ଜନବିଶେଷ; ବହୁ ପରିମାଣରେ ମସଲା ଗୋଳଆ ହୋଇ ଘିଅର ଓ ଦହିର ଛୁଙ୍କା ଦିଆଯାଇ

ସିଝା ହୋଇଥିବା ମାଂସ ଭଇଖାସ୍ତ—A kind of meat curry; curry prepared by frying meat with ghee and curd

ପ୍ରଦିଷ୍ଟ—ସଂ. ବଣ (ପ୍ର+ଦିଶ୍ ଧାତୁ+କର୍ମ. ତ)—୧ । ନିର୍ଦ୍ଧାରିତ;
Pradishta ନିର୍ଦ୍ଦିଷ୍ଟ—1. Appointed; specified.
୨ । ଉପଦିଷ୍ଟ—2. Instructed
୩ । ଦତ୍ତ—3. Given; bestowed.

ପ୍ରଦୀପ—ସଂ. ବ (ପ୍ର+ଦୀପ) ୧ । ଦୀପ—
Pradipa 1. A lamp.
୨ । ବର୍ତ୍ତିସ୍ଥ ଜ୍ୱଳନ୍ତ ଅଗ୍ନିଶିଖା—
2 A flame issuing from a burning wick.
୩ । ଦୀପ୍ତି; ପ୍ରଭା—3. Dazzling; brilliance.
୪ । (ଲକ୍ଷଣାର୍ଥ) ଆଲୋକ ବା ଜ୍ଞାନପ୍ରଦ ବସ୍ତୁ—
4. (Figurative) Anything which gives knowledge or light.
(ଯଥା—ଜ୍ଞାନ ପ୍ରଦୀପ; ଗାଢ ପ୍ରଦୀପ ।)
୫ । ପ୍ରଦୀପ ବସ୍ତୁ ମାନଙ୍କୁ ପ୍ରକାଶିତ କରିବା ପରି କୌଣସି ଗ୍ରନ୍ଥକୁ ସମୁଜ୍ଜ୍ୱଳ ବ୍ୟାଖ୍ୟା କରିବା ଗ୍ରନ୍ଥ—
5. A commentary.
୬ । ଦୀପକ ରାଗର ପୁତ୍ର, ରାଗିଣୀବିଶେଷ (ହ୍ରି. ଶ)—
6. Name of a secondary musical air.
ସଂ. ବଣ—(ଲକ୍ଷଣାର୍ଥ) ଗୌରବପ୍ରଦ—
(figurative) Shedding glory; glorious.
(ଯଥା—କୁଳ ପ୍ରଦୀପ ।)

ପ୍ରଦୀପକ—ସଂ. ବଣ. ପୁଂ (ପ୍ର+ଦୀପକ)—୧ । ପ୍ରଦୀପନକାରକ; ଯାହା
Pradipaka ଉଦ୍ଦୀପନ କରେ—1. Kindling;
(ପ୍ରଦୀପିକା—ସ୍ତ୍ରୀ) igniting.
୨ । ଉତ୍ତେଜକ—2. Exciting; stimulating.
୩ । ଯାହା ଆଲୋକିତ କରେ—
3. Shedding light; illuminating.
୪ । ଯାହା ଗୌରବ ବୃଦ୍ଧି କରେ—
4. Glorious; glorifying.
ସ. ବ—୧ । ଏକପ୍ରକାର ଭୟଙ୍କର ମାରାତ୍ମକ ଉଦ୍ଭିଜ୍ଜ ବିଷ—
1. A kind of fatal vegetable poison.
[ଦ୍ର—ଏହା ଖଇରର ଗଛର ପରିପରି ଫଳୁଥିବା ଗୋଟିଏ ଗଛର ମୂଳ ଓ ଏହା ସମୁଦ୍ର ଉପକୂଳରେ ଜନ୍ମେ—ହ୍ରି. ଶ ।]
୨ । ଲଣ୍ଠନ—2. Lantern.

ପ୍ରଦୀପନ—ସ. ବ. (ପ୍ର+ଦୀପନ)—୧ । ଉଦ୍ଦୀପନ; ଜଳାଇବା; ନିଆଁ
Pradipana ଲଗାଇବା—1. Kindling; inflaming; igniting; setting fire to.
୨ । ଉତ୍ତେଜନ—2. Exciting; stimulating.
୩ । ପ୍ରକାଶକରଣ; ପ୍ରକାଶନ; ଉଦ୍ଭାସନ—
3. Exhibiting; illuminating.
୪ । ଅଗ୍ନିପରି ଉଜ୍ଜ୍ୱଳବର୍ଣ୍ଣ ସ୍ଥାବର ବିଷବିଶେଷ—
4. A mineral poison of red colour (probably phosphorus).
୫ । ଗୌରବ ବର୍ଦ୍ଧନ—5. Glorification.

ପ୍ରଦୀପାମାବାସ୍ୟା—ସ. ବ. (ପ୍ରଦୀପ+ଅମାବାସ୍ୟା)—
Pradipamābāsyā ପିପେଇ ଅମାବାସ୍ୟା (ଦେଖ)
Pipei amābāsyā (See)

ପ୍ରଦୀପିକା—ସ. ବ. (ପ୍ରଦୀପକ+ଆ)—୧ । କ୍ଷୁଦ୍ର ଲଣ୍ଠନ (ହ୍ରି. ଶ)—
Pradipikā 1. Small lantern.
୨ । ଦୀପକ ରାଗର ସ୍ତ୍ରୀ, ରାଗିଣୀବିଶେଷ (ହ୍ରି. ଶ)—
2. Name of a secondary musical air.
ସ. ବଣ. ସ୍ତ୍ରୀ—ପ୍ରଦୀପକର ସ୍ତ୍ରୀଲିଙ୍ଗ—
Feminine of Pradipaka.

ପ୍ରଦୀପ୍ତ—ସ. ବଣ. (ପ୍ର+ଦୀପ୍ତ)—୧ । ପ୍ରଜ୍ୱଳିତ—
Pradipta 1. Kindled; lighted up; inflamed.
(ପ୍ରଦୀପ୍ତି—ବ) ୨ । ପ୍ରକାଶିତ—2. Manifested.
୩ । ଦାଉ ଦାଉ ଜଳୁଥିବା—3. Blazing; burning.
୪ । ଉତ୍ତେଜିତ—4. Excited; stimulated.
୫ । ଖୁବ୍ ଉଜ୍ଜ୍ୱଳ—5 Very bright; dazzlingly bright.

ପ୍ରଦୀପ୍ତତେଜାଃ—ସ. ବଣ. (ବହୁବ୍ରୀହି; ପ୍ରଦୀପ୍ତ+ତେଜସ୍, ୧ମା. ୧ବ)--
Pradiptatejāḥ ଯାହାର ତେଜ ନିଆଁ ପରି ଜଳୁଛି—
Of brilliant lustre; dazzling.

ପ୍ରଦୀପ୍ତ ହୁତାଶ—ସଂ. ବି. (କର୍ମଧା; ପ୍ରଦୀପ୍ତ+ହୁତାଶ)—
Pradipta hutāsa ଦାଉ ଦାଉ ଜଳୁଥିବା ନିଆଁ—
(ପ୍ରଦୀପ୍ତହୁତାଶନ—ଅନ୍ୟରୂପ) A blazing fire; a fire in flames.

ପ୍ରଦୃପ୍ତ—ସଂ. ବଣ. ପୁଂ. (ପ୍ର+ଦୃପ୍ତ)—ଅତି ଗର୍ବିତ—
Pradrupta Very much elated; puffed up with
(ପ୍ରଦୃପ୍ତା—ସ୍ତ୍ରୀ) arrogance.

ପ୍ରଦେୟ—ସଂ. ବଣ. ପୁଂ. (ପ୍ର+ଦେୟ)—
Pradeya ପ୍ରଦାନଯୋଗ୍ୟ; ପ୍ରଦତ୍ତ ହେବା ଯୋଗ୍ୟ—
(ପ୍ରଦେୟା—ସ୍ତ୍ରୀ) Bestowable; conferrable; fit to be given away.
ସଂ. ବ—ଭେଟି; ନଜରାନା (ହ୍ରି. ଶ)—Present.

ପ୍ରଦେୟା—ସଂ. ବଣ. ସ୍ତ୍ରୀ. (ପ୍ରଦେୟ+ସ୍ତ୍ରୀ. ଆ)—
Pradeyā ୧ । 'ପ୍ରଦେୟ'ର ସ୍ତ୍ରୀଲିଙ୍ଗ—
1. Feminine of Pradeya.
୨ । ଯେଉଁ କନ୍ୟା ବରଙ୍କୁ ପ୍ରଦତ୍ତ ହେବାର ଉପଯୁକ୍ତା ହୋଇଅଛୁ; ବିବାହଯୋଗ୍ୟା—2. Marriageable (girl); fit to be given away in marriage.

ପ୍ରଦେଶ—ସଂ. ବ. (ପ୍ର+ଦେଶ)—୧ । ଦେଶର ଏକାଂଶ; ଦେଶାଂଶ—
Pradesa 1, Part of a country; province,
[ଦ୍ର—ଦେଶର ଯେଉଁ ଏକ ବିସ୍ତୃତ ଅଂଶର ଭାଷା, ରୀତିନୀତି, ଶାସନପଦ୍ଧତି ଓ ଜଳବାୟୁ ଦେଶର ଅନ୍ୟ ଅଂଶମାନଙ୍କ ଅପେକ୍ଷା ଭିନ୍ନ ତାକୁ ପ୍ରଦେଶ ବୋଲାଯାଏ ।]

୨ । ଅଞ୍ଚଳ; ଜିଲ୍ଲା—2. Division of a country; district.

୩ । ସ୍ଥାନ; ଦେଶ—3. Region; place; tract; spot.

୪ । ଅଂଶ—4. Part.

୫ । ବିସ୍ତାରିତ କରତଳର ବୃଦ୍ଧାଙ୍ଗୁଳିର ଅଗରୁ ତର୍ଜନୀଅଙ୍ଗୁଳିର ଅଗ ପର୍ଯ୍ୟନ୍ତ ଦୂରତ୍ୱର ପରିମାଣ; ତର୍ଜନ୍ୟଙ୍ଗୁଷ୍ଠସନ୍ଧିତ ଦୈର୍ଘ୍ୟ—5. A span measured from the tip of the thumb to that of the forefinger.

୬ । ଭିତ୍ତି; କାନ୍ଥ—6. Wall.

୭ । ଅଙ୍ଗ—(ହ୍ର. ଶ)—7. Limb.

୮ । ନିଷ୍ପତ୍ତି—8. Decision (Apte).

୯ । (ବ୍ୟାକରଣ) ଉଦାହରଣ—9. An example (in grammar) (Apte).

ଦେ. ବି (ସଂ. ପରଦେଶ)—୧ । ପ୍ରବାସ—1. Sojourn.

୨ । ବିଦେଶ—2. Foreign country.

ପ୍ରଦେଶନ—ସଂ. ବି (ପ୍ର+ଦିଶ୍ ଧାତୁ+ଭାବ. ଅନ)—୧ । ଦାନ—
Pradeśana 1 Gift; donation.

୨ । ଉପଢୌକନ; ଉପହାର; ଭେଟି—2. A present; offering.

୩ । ଭେଟି ଦେବା—3. Presentation.

୪ । ଉତ୍କୋଚ; ଘୁଷ୍—4. Bribe.

୫ । ଦେବୋଦ୍ଦେଶରେ ପ୍ରଦତ୍ତ ବଳି—5. A victim offered to a Deity.

୬ । ଆଦେଶ—6. Command.

୭ । ଉପାୟ—7. Means.

୮ । (ପ୍ର+ଦିଶ୍ ଧାତୁ ଣିଚ +ଭାବ ଅନ) ଦେଖାଇ ଦେବା—8. Pointing out (Apte).

୯ । (+କର୍ମ. ଅନ)—ପରାମର୍ଶ; ଉପଦେଶ—9. Advice; instruction (Apte).

ପ୍ରଦେଶ(ଶି)ନୀ—ସଂ. ବି. (ପ୍ର+ଦିଶ୍ ଧାତୁ=ଦେଖାଇବା+ଅନ(ଇନ)
Pradeśa(śi)ni +ସ୍ତ୍ରୀ. ଈ; ଯାହା ସାହାଯ୍ୟରେ କୌଣସି ବସ୍ତୁକୁ ଦେଖାଇ ଦିଆଯାଏ)—ତର୍ଜନୀ; ତର୍ଜନୀ ଅଙ୍ଗୁଳି—The fore finger; the index finger.

ପ୍ରଦେଶୀ—ଦେ. ବିଣ. (ସଂ. ପରଦେଶୀୟ)—
Pradeśi ୧ । ବିଦେଶୀୟ—1. Belonging to a
परदेशी परदेशी (ପ୍ରଦେଶିଆ—ଅନ୍ୟରୂପ) foreign country;

୨ । ପ୍ରବାସୀ—1. Sojourning; living abroad.

ଦେ. ବି—୧ । ବିଦେଶୀୟ ବ୍ୟକ୍ତି—1. Foreigner.

୨ । ପ୍ରବାସୀ ଲୋକ—2. Sajourner.

ସଂ. ବିଣ. (ପ୍ରଦେଶ+ଈ) ପ୍ରଦେଶ ସମ୍ବନ୍ଧୀୟ—Provincial.

ପ୍ରଦେଶୀୟ—ସଂ. ବିଣ. (ପ୍ରଦେଶ+ସମ୍ବନ୍ଧାର୍ଥରେ. ଈୟ)—
Pradeśiya ୧ । ପ୍ରଦେଶ ସମ୍ବନ୍ଧୀୟ; ପ୍ରାଦେଶିକ—
(ପ୍ରାଦେଶିକ—ଅନ୍ୟରୂପ) 1. Provincial; relating to a province.

୨ । (ଅମୁକ) ପ୍ରଦେଶବାସୀ—2. Belonging to or residing in (such and such) a province.

୩ । (ଅମୁକ) ପ୍ରଦେଶରେ ପ୍ରଚଳିତ—3. Current in a particular province.

୪ । ଦେଶାଂଶ ବିଶେଷ ପ୍ରଚଳିତ (ବାକ୍ୟ)—4 Provincial (word).

ପ୍ରଦେଶୀୟ ଭାଷା—ଦେ. ବି—ଦେଶାଂଶ ପ୍ରଚଳିତ ଭାଷା ବା ବୋଲି—
Pradeśiya bhāshā Provincial language;
প্রদেশীয় ভাষা प्रदेशी भाषा dialect.
[ପ୍ରଦେଶୀୟ ଭାକା(ଖା)—ଅନ୍ୟରୂପ]

ପ୍ରଦେଶୀୟ କର—ଦେ. ବି—୧ । ଇଂରେଜ ସରକାର ଜମିଦାରଙ୍କଠାରୁ
Pradeśiya kara ଖଜଣା ଛଡ଼ା ଅଦାୟ କରିବା ଶୁଳ୍କ
প্রদেশীয় কর ବିଶେଷ—1. A kind of cess realised by Government from Zamindars besides land-revenue.

୨ । ପ୍ରଦେଶବାସୀଙ୍କଠାରୁ ଅଦାୟ ହେବା ଖଜଣା—2 Provincial rate.

ପ୍ରଦେହ—ସଂ. ବି. (ପ୍ର+ଦିହ୍ ଧାତୁ+ଭାବ. ଅ)—
Pradeha ୧ । ପ୍ରଲେପନ; ଲେପିବା—1. Smearing; anointing.

୨ । (+କର୍ମ. ଅ) ମଲମ; ପ୍ରଲେପ—2. An unguent; unction; ointment.

୩ । ସୁଗନ୍ଧିତୋଳ୍ପ ବ୍ୟଞ୍ଜନବିଶେଷ (ହ୍ର. ଶ)—3. A kind of curry.

ପ୍ରଦୋଷ—ସଂ. ବି. (ପ୍ର=ଆରମ୍ଭ+ଦୋଷା=ରାତ୍ରି+ଅ; କିମ୍ବା ପ୍ର+
Pradosha ଦୋଷ; ଯେଉଁ ସମୟରେ ଦୁଷ୍ଟ ଲୋକେ ଅପରାଧ
(ପ୍ରଦୋଷା—ସ୍ତ୍ରୀ) କରନ୍ତି)—୧ । ସାୟଂକାଳ; ସନ୍ଧ୍ୟା; ରଜନୀମୁଖ—1. Nightfall; evening.

୨ । (ପ୍ର+ଦୋଷ)—ଗୁରୁତର ଦୋଷ—2. Grave fault

ସଂ. ବିଣ. ପୁଂ (ପ୍ର+ଦୋଷ)—୧ । ମନ୍ଦ; ଦୁଷ୍ଟ—1. Wicked; bad.

୨ । ପାପିଷ୍ଠ—2. Sinful.

୩ । ବିଶେଷ ଦୋଷଯୁକ୍ତ—3. Vitiated; very defective.

ପ୍ରଦୋଷକ—ସଂ. ବିଣ. (ପ୍ରଦୋଷ+କ)—
Pradoshaka ସନ୍ଧ୍ୟାକାଳରେ ଜାତ ବା ଘଟୁଥିବା—
(ପ୍ରଦୋଷଜ—ଅନ୍ୟରୂପ) Produced or happening in the evening.

ପ୍ରଦ୍ୱେଷ—ସ. ବିଣ. (ପ୍ର+ଦ୍ୱେଷ)—
Pradwesha ୧ । ଶତ୍ରୁତା; ବୈର—1. Enmity.
୨ । ଘୃଣା (ହି. ଷ)—2 Hatred

ପ୍ରଦ୍ୱେଷ୍ଟା—ସ. ବିଣ. ପୁଂ (ପ୍ର+ଦ୍ୱେଷ୍ଟୃ; ୧ମା. ୧ବ)—
Pradweshta ୧ । ଶତ୍ରୁତାପନ୍ନ—1. Hostile.
(ପ୍ରଦ୍ୱେଷ୍ଟ୍ରୀ—ସ୍ତ୍ରୀ) ୨ । ହିଂସାକାରୀ; ହିଂସ୍ର—
2. Revengeful; malicious.
୩ । ଦ୍ୱେଷପୂର୍ଣ୍ଣ ଜ୍ଞାନକାରୀ—3. Hating; disliking.

ପ୍ରଦ୍ୟୁତିତ—ସ. ବିଣ. (ପ୍ର+ଦ୍ୟୁତିତ)—୧ । ପ୍ରଜ୍ୱଳିତ—
Pradyutita 1. Ignited; illuminated.
୨ । ପ୍ରକାଶିତ—2. Manifested.

ପ୍ରଦ୍ୟୁମ୍ନ—ସ. ବି. (ପ୍ର=ପ୍ରସିଦ୍ଧ+ଦ୍ୟୁମ୍ନ=ଶକ୍ତି; ପ୍ରକୃଷ୍ଟ ଶକ୍ତି
Pradyumna ଥିବାରୁ)—୧ । କନ୍ଦର୍ପ; କାମ; ମଦନ—
1. Cupid.
୨ । (ନାମ) ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠ ପୁତ୍ର—2. The name of the eldest son of Srikrushna.
[ଦ୍ର—ଏ ଶ୍ରୀକୃଷ୍ଣଙ୍କ ଔରସରେ ରୁକ୍ମିଣୀଙ୍କ ଗର୍ଭରୁ ଜାତ ହୋଇ ଥିଲେ । ଏ ବିଷ୍ଣୁଙ୍କର ୪ର୍ଥ ଅଂଶଜ ।]

ପ୍ରଦ୍ୟୋତ—ସ. ବି. (ପ୍ର+ଦ୍ୟୁତ୍ ଧାତୁ+କର୍ତ୍ତୃ. ଅ)—
Pradyota ୧ । କିରଣ; ରଶ୍ମି—1. Ray of light.
୨ । ଆଲୋ; ଦୀପ୍ତି; ଆଲୁଅ—
2. Light; lustre; radiance.
୩ । (ନାମ) ନୃପବିଶେଷ—3. Name of a king.
୪ । (ନାମ) ଯକ୍ଷବିଶେଷ—4. Name of a Jakshá.

ପ୍ରଦ୍ୟୋତନ—ସ. ବିଣ. (ପ୍ର+ଦ୍ୟୁତ୍ ଧାତୁ+କର୍ତ୍ତୃ. ଅନ)—
Pradyotana ୧ । ଦ୍ୟୋତନଶୀଳ; ଉଜ୍ଜ୍ୱଳ; ଜଳୁଥିବା—
(ପ୍ରଦ୍ୟୋତିତ, ପ୍ରଦ୍ୟୋତକ—ବିଣ) 1. Blazing; radiant.
୩ । (ପ୍ର+ଦ୍ୟୁତ୍ ଧାତୁ ଣିଚ୍+କର୍ତ୍ତୃ. ଅନ)—
ଯାହା ଉଜ୍ଜ୍ୱଳ ବା ଆଲୋମୟ କରେ—
3. Illuminating; brightening.
ସ. ବି—୧ । (+ଭାବ ଅନ) ଆଲୋ; ଔଜ୍ଜ୍ୱଲ୍ୟ—
1. Lustre; radiance; blaze.
୨ । (+କର୍ତ୍ତୃ. ଅନ) ସୂର୍ଯ୍ୟ—2. The sun.

ପ୍ରଦ୍ର(ଦ୍ରା)ବ—ସ. ବି. (ପ୍ର+ଦ୍ରୁ ଧାତୁ=ଯିବା+ଭାବ. ଅ)—
Pradra(drā)ba ୧ । ପ୍ରସ୍ଥାନ; ପଳାୟନ—1. Flight;
(ପ୍ରଦ୍ରୁତ—ବିଣ) retreat; fleeing away.
୨ । ଦଉଡ଼ିବା—2. Running.
୩ । ଦ୍ରୁତ ଗତି—3. Speed; quick motion.

ପ୍ରଧନ—ସ. ବି—ଯୁଦ୍ଧ (ହି. ଶବ୍ଦସାଗର)—
Pradhana Fight; battle.
ସ. ବିଣ (ବହୁବ୍ରୀହି)—ଖୁବ୍ ଧନୀ (ହି. ଶ)—Very rich.

ପ୍ରଧମନ—ସ. ବି. (ପ୍ର+ଧ୍ମା ଧାତୁ+ଭାବ. ଅନ)—୧ । ନାକଦ୍ୱାରା
Pradhamana ଔଷଧାର୍ଥ ନସ୍ୟାଦି ଶୁଙ୍ଘିବା କ୍ରିୟା (ହି. ଶ.)—
1. The act of taking something through the nose for a medicinal purpose.
୨ । (+କର୍ମ. ଅନ) ଔଷଧାର୍ଥେ ବ୍ୟବହୃତ ନସ୍ୟ—
2. Medicinal snuff.

ପ୍ରଧା—ସ. ବି—ଦକ୍ଷ ପ୍ରଜାପତିଙ୍କର ଏକ କନ୍ୟା ଓ କଶ୍ୟପଙ୍କର ଏକ
Pradhā ସ୍ତ୍ରୀ—Name of a daughter of Daksha Prajāpati.

ପ୍ରଧାନ—ସ. ବି. (ପ୍ର+ଧା. ଧାତୁ=ଧାରଣ କରିବା+କର୍ତ୍ତୃ. ଅନ)—
Pradhāna ୧ । (ସାକାର ଜଗତର ଆଦି ବୀଜ) ପରମେଶ୍ୱର—
1. God (the seed of the material world).
୨ । ପରମାତ୍ମା—2. The Universal Soul.
୩ । ପ୍ରକୃତି; ଜଗତର ମୂଳକାରଣ—
3. Nature; the creative energy.
୪ । ଅବ୍ୟାପ୍ରକୃତି; ସୃଷ୍ଟି ବା ବିକାଶପୂର୍ବରୁ ବିଦ୍ୟମାନା ପ୍ରକୃତି—
4. Unevolved Nature.
୫ । ବୁଦ୍ଧି—5. Intellect; understanding.
୬ । ଶ୍ରେଷ୍ଠ ବିଷୟ—
6. Chief or principal matter.
୭ । ଶ୍ରେଷ୍ଠ ବ୍ୟକ୍ତି—7. Principal person.
୮ । ଶ୍ରେଷ୍ଠ ବସ୍ତୁ—
8. Principal object or thing.
୯ । ରାଜାଙ୍କର ଅମାତ୍ୟ; ମନ୍ତ୍ରୀ—9 Minister.
୧୦ । ରାଜାଙ୍କ ସହଚର—10. A courtier.
୧୧ । ରାଜାଙ୍କ ସେନାପତି—
11. General of a king.
୧୨ । ହସ୍ତୀପକ; ମାହୁନ୍ତ—
12. The driver of an elephant.
(ପ୍ରଧାନା—ସ୍ତ୍ରୀ) ସ. ବିଣ—୧ । ମୁଖ୍ୟ; ଶ୍ରେଷ୍ଠ—
1. Chief; principal.
୨ । ସର୍ବୋତ୍ତମ; ସର୍ବୋତ୍କୃଷ୍ଟ—
2. Best; foremost; most excellent.
୩ । ଆଦ୍ୟ—2. Original.
୪ । (ଅନ୍ୟ ଶବ୍ଦ ସହିତ ସମାସରେ ଯୁକ୍ତ ହେଲେ; ଯଥା—ଶୀତପ୍ରଧାନ, ଗ୍ରୀଷ୍ମପ୍ରଧାନ) ଯେଉଁଠାରେ ଅମୁକ ବିଷୟ ପ୍ରାଧାନ୍ୟ ଲାଭ କରିଥାଏ—4. Where any matter or thing is predominant or prevailing.
ଦେ. ବି—୧ । କ୍ଷତ୍ରିୟ ଓ ଶୂଦ୍ରଙ୍କ ବଂଶୋପାଧିବିଶେଷ—
1. A family title of the Kshatriya and Sūdras.
୨ । ଗ୍ରାମର ରାଜସ୍ୱ ଆଦାୟକାରୀ ରାଜକର୍ମଚାରୀ—
2. The collecting agent of a village.
୩ । ଗ୍ରାମର ମୁଖ୍ୟ ବ୍ୟକ୍ତି—
3. The head-man of a village.

୪ । ଉତ୍କଳର ସ୍ୱାଧୀନ ରାଜାଙ୍କ ସମୟରେ ଗ୍ରାମଶାସନ ପାଇଁ ଗଠିତ ଗ୍ରାମପଞ୍ଚର ବା ଗ୍ରାମ ସଭାର ସଭାପତିଙ୍କ ଉପାଧିବିଶେଷ— 4. The generic title of the headman of the administrative assembly of a village in the reign of the independent kings of Orissa.

ପ୍ରଧାନ କାରଣ—ସଂ. ବି. (କର୍ମଧା; ପ୍ରଧାନ+କାରଣ)—ମୁଖ୍ୟ ବା ମୂଳକାରଣ—Original cause
Pradhāna kāraṇa

ପ୍ରଧାନ କାରଣବାଦ—ସଂ. ବି—ସାଙ୍ଖ୍ୟବାଦ; ଯେଉଁ ମତରେ ପ୍ରଧାନା ବା ଅବ୍ୟା ପ୍ରକୃତି ଜଗତର କାରଣ ବୋଲି କଥିତ—The theory or doctrine that the unevolved Nature is the primary cause of the world.
Pradhāna kāraṇabāda

ପ୍ରଧାନତଃ—ସଂ. କ୍ରି. ବିଣ. (ପ୍ରଧାନ+ତସ୍)—୧ । ଶ୍ରେଷ୍ଠତାନୁସାରେ 1. According to eminence.
Pradhānataḥ
୨ । ଆଦୌ—2. Firstly.
୩ । ପ୍ରାଧାନ୍ୟତଃ—3. Chiefly.
[ଦ୍ର—ବିଶେଷ୍ୟ ଓ ସର୍ବନାମ ପରେ ତସ୍ ପ୍ରତ୍ୟୟ ହେବା ସଂସ୍କୃତ ବ୍ୟାକରଣର ନିୟମ ଅଟେ; କିନ୍ତୁ ଓଡ଼ିଆ ଲେଖକମାନେ ବିଶେଷଣ ସଙ୍ଗେ ମଧ୍ୟ ତସ୍ ପ୍ରତ୍ୟୟ କରି ସ୍ଥଳତଃ ଅଧିକ ପ୍ରୟୋଗ କରନ୍ତି, କିନ୍ତୁ ଏ ପ୍ରୟୋଗ ଠିକ୍ ନୁହେଁ । 'ପ୍ରଧାନତଃ' ଶବ୍ଦରେ ପ୍ରଧାନ ଶବ୍ଦ ବିଶେଷ୍ୟରୂପେ ବ୍ୟବହୃତ ।]

ପ୍ରଧାନତା(ତ୍ୱ)—ସଂ. ବି. (ପ୍ରଧାନ+ତା[ତ୍ୱ])—୧ । ପ୍ରାଧାନ୍ୟ— 1. Excellence.
Pradhānatā(twa)
୨ । ଶ୍ରେଷ୍ଠତା—2. Pre-eminence.
୩ । ଉତ୍କର୍ଷ—3. Superiority.

ପ୍ରଧାନ ଧାତୁ—ସଂ. ବି. (କର୍ମଧା; ପ୍ରଧାନ+ଧାତୁ)—(ଶରୀରସ୍ଥ ସର୍ବଶ୍ରେଷ୍ଠ ଧାତୁ) ଶୁକ୍ର; ବୀର୍ଯ୍ୟ—Semen.
Pradhāna dhātu

ପ୍ରଧାନ ନଗର—ଦେ. ବି—ରାଜ୍ୟର ରାଜଧାନୀ— The capital of a country.
Pradhāna nagara

ପ୍ରଧାନ ପାଟ—ଦେ. ବି. (ନାମ)—ବାମଣ୍ଡା ରାଜ୍ୟର ରାଜଧାନୀ ଦେବଗଡ଼ର ସନ୍ନିକଟସ୍ଥ ଗୋଟିଏ ଝର— Name of a mountain-spring in the State of Bamra in Orissa.
Pradhāna pāṭa

ପ୍ରଧାନ ପାଟର ପ୍ରପାତ ଦୃଶ୍ୟ—ସ୍ୱଭାବତଃ ଚିତ୍ତାକର୍ଷକ ।

[ଦ୍ର—ଏହିଠାରୁ ଯନ୍ତ୍ରଦ୍ୱାରା ଜଳ କଢ଼ାଯାଇ ଦେବଗଡ଼ବାସୀଙ୍କୁ ଜଳପାଣି ଯୋଗାଯାଏ । ବାମଣ୍ଡାର ରାଜା ସ୍ୱର୍ଗୀୟ ସୁବଳ ଦେବ ଏ ପ୍ରପାତର ଧାରେ ଧାରେ ପାହାଡ଼ର ଉପରକୁ ଉଠିବା ପାଇଁ ପକ୍କା ସିଡ଼ି କରିଥିବାରୁ ସେହି ସିଡ଼ି ବାଟେ ଏ ଝରଣାର ମୂଳଦେଶରୁ ପାହାଡ଼ ଉପରକୁ ଉଠି ହୁଏ । ଏହାର ଶୋଭା ଅତି ମନୋହର ।]

ପ୍ରଧାନ ମନ୍ତ୍ରୀ—ଦେ. ବି—ରାଜାଙ୍କର ଶ୍ରେଷ୍ଠ ମନ୍ତ୍ରୀ— Prime minister.
Pradhāna mantri

ପ୍ରଧାନ ଯାଜକ—ଦେ. ବି. (ବାଇବଲ୍ ଅନୁବାଦ ଭାଷା)—ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ପ୍ରଧାନ ଧର୍ମଗୁରୁ— High priest; bishop; lord bishop.
Pradhāna jājaka

ପ୍ରଧାନାଙ୍ଗ—ସଂ. ବି. (କର୍ମଧା; ପ୍ରଧାନ+ଅଙ୍ଗ)—୧ । ଉତ୍ତମାଙ୍ଗ; ମସ୍ତକ 1. The head.
Pradhānānga
୨ । ସମାଜର ମୁଖ୍ୟ ସଭ୍ୟ—2. A pre-eminet member of an assembly.
୩ । ରାଜ୍ୟର ପ୍ରଧାନ ବ୍ୟକ୍ତି— 3. The chief personage in a kingdom.
୪ । ଶ୍ରେଷ୍ଠ ଅବୟବ—4. Chief limb.
୫ । ପ୍ରଧାନ ଉପକରଣ—5. Chief material.
୬ । ଉତ୍ତମାଙ୍ଗ ବା କାର୍ଯ୍ୟକାରୀ—6. A serviceable limb.

ପ୍ରଧି—ସଂ. ବି. (ପ୍ର+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଇ; ଯାହା ଚକ୍ରକୁ ଧାରଣ କରେ)—ଚକ୍ରର ଧାର; ନେମି; ପହି— The rim or periphiry of a wheel.
Pradhi

ପ୍ରଧି ମଣ୍ଡଳ—ସଂ.ବି. (୬ଷ୍ଠୀ ତତ୍; ପ୍ରଧି+ମଣ୍ଡଳ)—ଚକ୍ରର ପରିଧି ବା ବେଢ଼; ପହିଆ— The circumfernce of a wheel.
Pradhi maṇḍaḷa

ପ୍ରଧୀ—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ପ୍ର=ପ୍ରକୃଷ୍ଟ+ଧୀ=ବୁଦ୍ଧି)— ତୀକ୍ଷ୍ଣବୁଦ୍ଧିବିଶିଷ୍ଟ—Having sharp intellect; clever; shrewd; acute.
Pradhī
ସଂ. ବି.—(ପ୍ର=ପ୍ରକୃଷ୍ଟା+ଧୀ)—ତୀକ୍ଷ୍ଣ ବୁଦ୍ଧି—Sharp intellect; clear understanding.

ପ୍ରଧୂନିତ—ସଂ. ବିଣ. (ପ୍ର+ଧୂନିତ)—ଯାହାକୁ ବିଶେଷ ଭାବରେ ବା ଜୋରରେ କମ୍ପିତ କରା ଯାଇଥାଏ— Greatly shaken.
Pradhūnita
(ପ୍ରଧୂନନ—ବି)

ପ୍ରଧୂପିତ—ସଂ. ବିଣ. (ପ୍ର+ଧୂପ୍ ଧାତୁ=ସନ୍ତପ୍ତ କରିବା+କର୍ମ. ତ)— ୧ । ସନ୍ତାପିତ—1. Afflicted.
Pradhūpita
୨ । ଉତ୍ତପ୍ତ—2. Heated.
୩ । ପ୍ରତପ୍ତ—3. Inflamed.
୪ । ଉତ୍ତେଜିତ—4. Excited.

ପ୍ରଧୂମିତ—ସଂ. ବିଣ. (ପ୍ର+ଧୂମ+ଯୁକ୍ତାର୍ଥେ. ଇତ)—୧ । ଧୂମାୟିତ; ଧୂଆଁ ହେଉଥିବା; ଜୁଳୁଜୁଳୁ ଥିବା; ଯହିଁରୁ ଧୂଆଁ ବାହାରୁଥାଏ—1. Smoking; smouldering.
Pradhūmita
୨ । ଜ୍ୱଳନୋନ୍ମୁଖ—2. About to burn.

ପ୍ରଧୃଷ୍ଟ—ସଂ. ବିଣ. ପୁଂ (ପ୍ର+ଧୃଷ୍ଟ)—ଅତ୍ୟନ୍ତ ଗର୍ବିତ— Arrogant.
Pradhrushṭa
(ପ୍ରଧୃଷ୍ଟା—ସ୍ତ୍ରୀ) (ପ୍ରଧୃଷ୍ଟତା—ବି)

ପ୍ରଧୃଷ୍ୟ—(ପ୍ର+ଧୃଷ୍ ଧାତୁ+କର୍ମ. ଯ)—ଯାହାର ଗର୍ବକୁ ଖର୍ବୀକୃତ କରି ଯାଇ ପାରେ—One whose spirit or pride can be suppressed.
Pradhrushya

ପ୍ରଧ୍ୱଂସ—ସଂ. ବି. (ପ୍ର+ଧ୍ୱଂସ)—୧ । ବିନାଶ— 1. Ruin; destruction.
Pradhwaṁsa
(ପ୍ରଧ୍ୱଂସକ, ପ୍ରଧ୍ୱଂସୀ, ପ୍ରଧ୍ୱସ୍ତ—ବିଣ) ୨ । (ସାଂଖ୍ୟ) କୌଣସି ବସ୍ତୁର ଅତୀତ ଅବସ୍ଥା (ହ. ଶ.)—2. (Sāmkhya philosophy) The past condition of a thing.

ପ୍ରଧ୍ମାତ—ସଂ. ବଣ. (ପ୍ର+ଧ୍ମା ଧାତୁ=ଶବ୍ଦ କରିବା; ଫୁଁ ଲଗାଇବା+
Pradhmāta କର୍ମ. ତ)—୧ । ଧ୍ୱନିତ; ମୁଖରିତ; ଶବ୍ଦାୟମାନ—
1. Resounded; resonant.
୨ । ବାୟୁପୂରିତ; ଯହିଁରେ ଫୁଙ୍କି କରି ପବନ ପୂରି ଯାଇଥାଏ—
2. Filled with wind blown; inflated with wind.
୩ । ସନ୍ଧୁକ୍ଷିତ; ପ୍ରଜ୍ୱାଳିତ—
3. Inflamed; ignited; kindled.
୪ । ପ୍ରତିଧ୍ୱନିରେ ପୂର୍ଣ୍ଣ—
4. Reverberated; filled with echoes.

ପ୍ରନ(ଣ)ଷ୍ଟ—ସଂ. ବଣ. (ପ୍ର+ନଷ୍ଟ)—୧ । ସମ୍ପୂର୍ଣ୍ଣରୂପେ ନଷ୍ଟ; ବିନଷ୍ଟ—
Prana(ṇa)shṭa 1. Destroyed; ruined.
୨ । ମୃତ—2. Dead.

ପ୍ରନାଳୀ—ଗ୍ରା. ବି. (ସଂ. ପ୍ରଣାଳୀର ଅଶୁଦ୍ଧ ଉଚ୍ଚାରଣ)—ପ୍ରଣାଳୀ (ଦେଖ)—
Pranāli Praṇāli (See)

ପ୍ରପଞ୍ଚ—ସଂ. ବି.—୧ । (ପ୍ର+ପଂଚ ଧାତୁ=ବିସ୍ତୃତ ହେବା+ଭାବ. ଅ)
Prapañcha ୧ । ବିସ୍ତାର; ପରିସର—
1. Extent; expanse.
୨ । ବିସ୍ତୃତି—2. Expansion; extension.
୩ । ସମୂହ; ବିସ୍ତର; ରାଶି—
3. Abundance; heap.
୪ । ପ୍ରକାଶ—4. Manifestation.
୫ । ବୈପରୀତ୍ୟ—5. Opposition; reversion; inversion.
୬ । ମାୟା; ଭ୍ରମ; ଭ୍ରାନ୍ତି—6. Error; illusion.
୭ । (+କର୍ତ୍ତୃ. ଅ) ଜଗତ୍; ସଂସାର—
7. The world; the creation.
୮ । ପରିଦୃଶ୍ୟମାନ ଘଟନା—8. Phenomenon.
୯ । ପ୍ରବଞ୍ଚନା; ପ୍ରତାରଣା—
9. Delusion; deceit; trick; fraud.
୧୦ । ପରିଦୃଶ୍ୟମାନ ଜଗତ୍ ସଂସାର—10. The phenomenal world; the world round us.
୧୧ । ଥଟ୍ଟା; ତାମସା—11. Jest; joke.
୧୨ । ଧୂର୍ତ୍ତତା—12. Wickedness; wantoness.
୧୩ । ରଚନାର ପ୍ରାଚୁର୍ଯ୍ୟ ବା ବହୁଳତା—13. Copiousness or prolixity in composition.
ଦେ. ବଣ.—୧ । ପ୍ରବଞ୍ଚନା ପୂର୍ଣ୍ଣ; ଶଠ—
1. Deceitful; fraudulent.
୨ । ମାୟାପୂର୍ଣ୍ଣ—2. Full of illusion
୩ । ଦୁଷ୍ଟ—3. Wicked.
୪ । ଧୂର୍ତ୍ତ; ଚତୁର—4. Cunning.
୫ । ଉଦ୍‌ଭଟ; ଅସୁନ୍ଦର—5. Awkward; ugly.
୬ । ମନ୍ଦ ପ୍ରକୃତିକ—6. Evil-natured.

ପ୍ରପଞ୍ଚ ବୁଦ୍ଧି—ଦେ. ବି.—୧ । ଧୂର୍ତ୍ତତା—1. Cunning.
Prapañcha buddhi ୨ । ମନ୍ଦ ବୁଦ୍ଧି; ଦୁଷ୍ଟ ବୁଦ୍ଧି—
2. Wantonness; wickedness.

ପ୍ରପଞ୍ଚମୟ—ସଂ. ବଣ. (ପ୍ରପଞ୍ଚ+ମୟ)—ପ୍ରତାରଣା ପୂର୍ଣ୍ଣ—
Prapañchamaya Deceitful.

ପ୍ରପଞ୍ଚିତ—ସଂ. ବଣ. (ପ୍ର+ପଂଚ ଧାତୁ+କର୍ମ ତ)—୧ । ବିସ୍ତୃତ—
Prapañchita 1. Expanded; diffused.
୨ । ମାୟାପୂର୍ଣ୍ଣ—2. Full of illusion; illusive.
୩ । ଭ୍ରମଯୁକ୍ତ; ଭ୍ରାନ୍ତିପୂର୍ଣ୍ଣ—3. Erring; mistaken.
୪ । ପ୍ରବଞ୍ଚିତ—4. Deceived; beguiled.
୫ । ବିସ୍ତାରିତରୂପେ ପ୍ରକାଶିତ; ବ୍ୟାଖ୍ୟାତ—
5. Fully explained; dilated; manifested.

ପ୍ରପଞ୍ଚୀ—ସଂ. ବଣ. ପୁଂ—(ପ୍ରପଞ୍ଚ+ଇନ୍; ୧ମା. ୧ବ)—ଦୁଷ୍ଟ—
Prapañchi Wicked.
(ପ୍ରପଞ୍ଚିନୀ—ସ୍ତ୍ରୀ) କନ୍ଦର୍ପ ପ୍ରପଞ୍ଚୀ, କନ୍ଦର୍ପ ଭ୍ରମେ ଶିବ ଅବା ସ୍ୱୟଂ।
(ପ୍ରପଞ୍ଚିଆ—ଦେଶଜରୂପ) —ଉପେନ୍ଦ୍ର, ବଇଦେହୀଶବିଳାସ।

ପ୍ରପତ୍ତି—ସଂ. ବି—ଅନନ୍ୟ ଭକ୍ତି; ଏକାନ୍ତ ଭକ୍ତି—
Prapatti Concentrated devotion

ପ୍ରପଦ—ସଂ. ବି (ପ୍ର=ଅଗ୍ର+ପଦ)—୧ । ଗୋଡ଼ର ଅଗ—
Prapada 1. The tip of the foot.
୨ । ଗୋଡ଼ ଅଙ୍ଗୁଠି—2. Finger of the leg.
ବାଳା ପ୍ରପଦେ ଛୁଞ୍ଚିଅ—ଉପେ. ବୈଦେହୀଶବିଳାସ।

ପ୍ରପନ୍ନ—ସଂ. ବଣ ପୁଂ. (ପ୍ର+ପଦ୍ ଧାତୁ=ଗମନ କରିବା, ପାଇବା+
Prapanna କର୍ତ୍ତୃ. ତ)—୧ । ଶରଣାଗତ; ଆଶ୍ରିତ—
(ପ୍ରପନ୍ନା—ସ୍ତ୍ରୀ) 1. Taking refuge with.
୨ । ଅବଲମ୍ବନ କରିଥିବା—2 Resorting to.
୩ । ପ୍ରାପ୍ତ; ଅଧିଗତ—3. Attained; obtained; got; received.
୪ । ରକ୍ଷିତ—4. Sheltered; protected.
୫ । ସ୍ୱୀକୃତ; ଅଙ୍ଗୀକୃତ—5. Agreed to; promised.
୬ । ନିର୍ଧନ; ଗରିବ—6 Poor; needy.
୭ । ପୀଡ଼ିତ—7. Afflicted; distressed.
୮ । ଆସକ୍ତ; ସଂସକ୍ତ—8. Adhering to; attached to.
୯ । କୃତାନ୍ୱେଷଣ—9. Seeking.
୧୦ । ସମାଗତ; ଉପସ୍ଥିତ—10. Arrived; reached.

ପ୍ରପର୍ଣ୍ଣ—ସଂ. ବଣ. (ବହୁବ୍ରୀହି; ପ୍ର=ଗତ+ପର୍ଣ୍ଣ=ପତ୍ର)—
Praparṇṇa ଯେଉଁ ବୃକ୍ଷରୁ ପତ୍ର ଝଡ଼ି ପଡ଼ିଅଛି—
(tree) Devoid of leaves (Apte).
ସଂ. ବି—ଝଡ଼ି ପଡ଼ିଥିବା ପତ୍ର—Fallen leaf (Apte).

ପ୍ରପା—ସଂ. ବି. (ପ୍ର+ପା ଧାତୁ+ଅପାଦାନ ଅ+ସ୍ତ୍ରୀ. ଆ)—
Prapā ୧ । ଜଳସତ୍ର; ପାନୀୟଶାଳା—1. A place where drinking water is distributed.
୨ । ବିଶ୍ରାମ ସ୍ଥଳ—2. A place of refreshment; resting place.

୩ । ଗୋରୁମାନଙ୍କ ପାଣିକୁଣ୍ଡ—
3. A cistern for watering cattle.
୪ । ଜଳାଶୟ; ବଡ଼ ପୋଖରୀ—4. Tank.
୫ । କୂପ—5. Well.
୬ । ପାଣିକୁଣ୍ଡ; ଜଳାଧାର—
6. Cistern; reservoir of water.
୭ । (+କର୍ମ. ଅ) ଢୋକ—7. Draught.
୮ । (+ଅଧିକରଣ. ଅ)—ଯଜ୍ଞଶାଳା—
8. Sacrificial room.

ପ୍ରପାକ—ସଂ. ବି. (ପ୍ର+ପଚ୍ ଧାତୁ+ଭାବ. ଅ)—୧ । ବଥ ପାଚିବା—
Prapāka 1. The ripening of boil (Apte).
୨ । ଅଙ୍ଗର ଫୁଲା ଓ ପୋଡ଼ାଜଳା—
2. Inflammation (Apte).

ପ୍ରପାଣି—ସଂ. ବି. (ପ୍ର+ପାଣି)—୧ । କରତଳ; ହାତର ଲେଉଟ—
Prapāṇi 1. Palm of the hand.
୨ । ହାତର ଅଗ—2. The fore part of the hand.

ପ୍ରପାତ—ସଂ. ବିଣ. (ପ୍ର+ପତ୍ ଧାତୁ+କର୍ତ୍ତୃ. ଅ)—
Prapāta ଆଗକୁ କୁଦୁଥିବା ବା ଡେଇଁଥିବା—
Leaping forward (Howells).
(ସଂ. ବି+ଅପାଦାନ ଅ)—୧ । ପର୍ବତର ଭୃଗୁଦେଶ; ପର୍ବତର ଉଚ୍ଚସ୍ଥାନ ବା ଅତଡ଼—1. Precipice; cliff of a hill; steep declivity.
୨ । ତୀର; କୂଳ—2. Bank; shore.
୩ । (+କର୍ତ୍ତୃ.ଅ) ନିର୍ଝର; ଝରଣା—3. Waterfall; cascade.
୪ । (+ଭାବ. ଅ)—ପତନ—4. Fall.

ପ୍ରପାଥ—ସଂ. ବି. (ଭୁଲ. ଇଂ. ପାଥ୍)—ପଥ ରାସ୍ତା—
Prapātha A roadway (Apte).

ପ୍ରପାଦିକ—ସଂ. ବି—ମୟୂର—Peacock (Apte).
Prapādika

ପ୍ରପାନ—ସଂ. ବି. (ପ୍ର+ପାନ)—୧ । ପ୍ରପା (ଦେଖ)
Prapāna 1. Prapā (See)
୨ । ଘୋଡ଼ାର ଉପର ଓଠମଣିର କମ୍ବଭାଗ—
2. The under part of a horse's upper lip (Apte).
୩ । ପଣା; ସରବତ୍—3. A sort of sweet drink.

ପ୍ରପାନକ—ସଂ. ବି. (ପ୍ରପାନ+ସ୍ୱାର୍ଥେ କ)—ଖଣ୍ଡମରୀଚାଦି ମିଶ୍ରିତ
Prapānaka ପାନୀୟବିଶେଷ; ପଣା; ସରବତ୍—
A sort of sweet drink made of sugar and spices.

ପ୍ରପିତାମହ—ସଂ. ବି. ପୁଂ. (ପ୍ର+ପିତାମହ)—୧ । ପିତାମହଙ୍କ ପିତା—
Prapitāmaha 1. Paternal great grandfather.
(ପ୍ରପିତାମହୀ—ସ୍ତ୍ରୀ) ୨ । ସର୍ବଲୋକପିତାମହ; ବ୍ରହ୍ମା—
2. Brahmā.
୩ । ପରଂବ୍ରହ୍ମ—3. The Supreme Spirit (Apte).
୪ । କୃଷ୍ଣ—4 Krushṇa (Apte).

ପ୍ରପିତୃବ୍ୟ—ସଂ. ବି. ପୁଂ. (ପ୍ର+ପିତୃବ୍ୟ)—ପିତାଙ୍କ ପିତୃବ୍ୟ—
Prapitrubya Paternal grand uncle (Apte).

ପ୍ରପୀଡ଼ନ—ସଂ. ବି. (ପ୍ର+ପୀଡ଼ନ)—୧ । ଚିପା; ଚିପିବା—
Prapīrḍana 1. Pressing; squeezing.
ପ୍ରପୀଡ଼ିତ } ବିଣ ୨ । ଉତ୍ପୀଡ଼ନ—
ପ୍ରପୀଡ଼କ } 2. Oppression; torture

ପ୍ରପୀତ(ନ)—ସଂ. ବିଣ. [ପ୍ର+ପୀତ (ନ)]—ଫୁଲିଥିବା—
Prapīta(na) Swollen up; distended (Apte).

ପ୍ରପୁତ୍ର—ସଂ. ବି. ପୁଂ. (ପ୍ର+ପୁତ୍ର)—ପୌତ୍ର—
praputra One's son's son; grandson (Apte).
(ପ୍ରପୁତ୍ରୀ—ବିପରୀତ ଲିଙ୍ଗ; ପ୍ରପୁତ୍ରବଧୂ—ସ୍ତ୍ରୀ)

ପ୍ରପୁନା(ନ୍ନା)ଟ(ଡ଼; ଲ)—ସଂ. ବି—ଚକୁଣ୍ଡା (ଦେଖ)—
Prapunā(nnā)ṭa(rḍa; ḷa) Chakuṇḍā (See) (Apte)

ପ୍ରପୌଣ୍ଡରୀକ—ସଂ. ବି. (ପ୍ର+ପୁଣ୍ଡରୀକ+ଅ)—୧ । ଔଷଧବୃକ୍ଷବିଶେଷ
Prapauṇḍarika 1. A kind of medicinal plant.
[ସ.ପର୍ଯ୍ୟାୟ—ଶୀତ,ଶାପୁଷ୍ପ, ପୁଣ୍ଡରୀ, ପୁଣ୍ଡର୍ଯ୍ୟ, ପୌଣ୍ଡରୀକ, ସୁପୁଷ୍ପ, ସାନୁଜ ଓ ଅନୁଜ] [ଦ୍ର—ଏହାର ମୂଳ ଔଷଧରେ ବ୍ୟବହୃତ । ଏହା ତିକ୍ତମଧୁର ରସ, ମଧୁରବିପାକ, ଶୀତଳ, ବର୍ଣ୍ଣକାରକ, ଶୁକ୍ରବର୍ଦ୍ଧକ, ନୟନ ହିତକାରକ ଏବଂ ପିତ୍ତ,ରକ୍ତ, ବ୍ରଣ, ଦାହ, ପିପାସା, ଜ୍ୱର ଓ ରକ୍ତପିତ୍ତରୋଗରେ ଉପକାରୀ ।]
ପୁଣ୍ଡରିଆ; ପୁଣ୍ଡରୀ
ପୁଣ୍ଡରୀ
ମ—ପୁଣ୍ଡରୀକ
ତେ—ପୁଣ୍ଡରୀକମନୁ, ଗେଣ୍ଡାୟାନମୁ
୨ । ପଦ୍ମମୂଳ—2. Root stock of Nymphaea lotus.

ପ୍ରପୌତ୍ର—ସଂ. ବି ପୁଂ. (ପ୍ର+ପୌତ୍ର)—ପୁତ୍ରର ନାତି; ପୌତ୍ରର ପୁତ୍ର;
Prapautra ଅଣନାତି—Son's grandson; one's
(ପ୍ରପୌତ୍ରୀ—ବିପରୀତଲିଙ୍ଗ) agnatic great grandson.

ପ୍ରଫୁଲ୍ତ—ସଂ. ବିଣ. (ପ୍ର+ଫୁଲ୍ଲ ଧାତୁ+କର୍ତ୍ତୃ. ତ)—ପ୍ରଫୁଲ୍ଲ (ଦେଖ)—
Praphulta (ପ୍ରଫୁଲ୍ତି—ବି) Praphulla (See) (Apte).

ପ୍ରଫୁଲ୍ଲ—ସଂ. ବିଣ. (ପ୍ର+ଫୁଲ୍ଲ ଧାତୁ=ବିକସିତ ହେବା+କର୍ତ୍ତୃ. ତ)—
Praphulla ୧ । ପ୍ରସ୍ଫୁଟିତ; ବିକଶିତ; ଫୁଟିଥିବା (ଫୁଲ)—
(ପ୍ରଫୁଲ୍ଲତା—ବିଶେଷ୍ୟ) 1. Full blown (as a flower); expanded; blooming.
୨ । ହସୁଥିବା; ହାସ୍ୟମୟ—2. Smiling; laughing.
୩ । ଉଜ୍ଜ୍ୱଳ—3. Shining; radiant.
୪ । ପ୍ରସନ୍ନ; ଆନନ୍ଦିତ—4. Pleased; gladdened; cheerful.
ଦେ. ବି—୧ । ପ୍ରଫୁଲ୍ଲତା (ଦେଖ)—
1. Praphullatā (See).
୨ । (ପୁଂ) ଲୋକଙ୍କୁ ଦିଆଯିବା ନାମ—
2 Name given to males.

ପ୍ରଫୁଲ୍ଲ ଚିତ୍ତ—ସଂ. ବି. (କର୍ମଧା. ପ୍ରଫୁଲ୍ଲ+ଚିତ୍ତ)—୧ । ହୃଷ୍ଟ ଚିତ୍ତ;
Praphulla chitta ଆନନ୍ଦିତ ମନ—

ପ୍ରଫୁଲ୍ଲାନ୍ତଃକରଣ } 1. Glad heart; cheerful mind.
ପ୍ରଫୁଲ୍ଲଚେତାଃ } ଅନ୍ୟରୂପ ୨ । ସନ୍ତୁଷ୍ଟ ମନ—
ପ୍ରଫୁଲ୍ଲମନାଃ } 2. Contented mind.
ସଂ. ବଣ. ପୁଂ. (ବହୁବ୍ରୀହି)—୧ । ସନ୍ତୁଷ୍ଟହୃଦୟ—

ପ୍ରଫୁଲ୍ଲଚିତ୍ତ } —ସ୍ତ୍ରୀ 1. Contented.
ପ୍ରଫୁଲ୍ଲାନ୍ତଃକରଣା } ୨ । ତୁଷ୍ଟ; ଆନନ୍ଦିତ—
2. Cheerful; glad.

ପ୍ରଫୁଲ୍ଲତା(ତ୍ୱ)—ସଂ. ବି· [ପ୍ରଫୁଲ୍ଲ+ଭାବାର୍ଥରେ ତା (ତ୍ୱ)]
• Praphullatā(twa) ୧ । ବିକାଶ; ବିସ୍ତୃତି; ବିସ୍ତାର—
(ପ୍ରଫୁଲ୍ଲ - ବଣ) 1. Expansion.
୨ । ଆହ୍ଲାଦ; ଉଲ୍ଲାସ; ହର୍ଷ—
2. Cheerfulness; gaiety; gladness.

ପ୍ରଫୁଲ୍ଲ ନୟନ——ସଂ. ବି. (କର୍ମଧା; ପ୍ରଫୁଲ୍ଲ+ନୟନ) ହର୍ଷୋତ୍ଫୁଲ୍ଲ ଚକ୍ଷୁ
Praphullanayana Beaming eyes; eyes sparkling
(ପ୍ରଫୁଲ୍ଲନେତ୍ର, ପ୍ରଫୁଲ୍ଲଲୋଚନ – ଅନ୍ୟରୂପ) with gladness.

ପ୍ରଫୁଲ୍ଲନୟନା } ସଂ. ବଣ. ପୁଂ–(ବହୁବ୍ରୀହି)—
ପ୍ରଫୁଲ୍ଲନେତ୍ରୀ } —ସ୍ତ୍ରୀ ହର୍ଷୋତ୍ଫୁଲ୍ଲ ନୟନଯୁକ୍ତ—
ପ୍ରଫୁଲ୍ଲଲୋଚନା } With sparkling eyes.

ପ୍ରଫୁଲ୍ଲବଦନ—ସଂ ବି. (କର୍ମଧା; ପ୍ରଫୁଲ୍ଲ+ବଦନ)—ସହାସ୍ୟ ବା ପ୍ରସନ୍ନ
Praphulla badana ମୁଖ —Beaming countenance;
(ପ୍ରଫୁଲ୍ଲମୁଖ—ଅନ୍ୟରୂପ) smiling face.

ପ୍ରଫୁଲ୍ଲ ବଦନା } —ସ୍ତ୍ରୀ ସଂ. ବଣ. ପୁଂ (ବହୁବ୍ରୀହି) ସହାସ୍ୟମୁଖ—
ପ୍ରଫୁଲ୍ଲମୁଖୀ } Smiling.

ପ୍ରଫୁଲ୍ଲିତ—ଗ୍ରା. ବଣ (ସ. ପ୍ରଫୁଲ୍ଲ)—ପ୍ରଫୁଲ୍ଲ (ଦେଖ)
Praphullita Praphulla (See).

ପ୍ରଫେସର୍—ବୈଦେ. ବି (ଇଂ ପ୍ରୋଫେସର୍)—ପ୍ରୋଫେସର୍;
Praphesar କଲେଜର ଅଧ୍ୟାପକ—
প্রোফেসার্ **प्रोफेसार** Professor.

ପ୍ରବକ୍ତା—ସ. ବି. ପୁଂ (ପ୍ର+ବକ୍ତୃ; ୧ମା. ୧ବ.)—୧ । ପ୍ରଗଲ୍ଭ ବକ୍ତା—
Prabaktā 1. Orator.
(ପ୍ରବକ୍ତ୍ରୀ—ସ୍ତ୍ରୀ)— ୨ । ଶିକ୍ଷକ; ଗୁରୁ—2. Teacher.
୩ । ବ୍ୟାଖ୍ୟାକାରକ ବ୍ୟକ୍ତି—3. Propounder; annotator.
୪ । ଗଳ୍ପର ଉଦ୍ଭାବକ—
4. Originator of a story. (Howells)
୫ । ବେଦାଦିର ଉପଦେଶକ—
4. A person who devliers discourses on the Bedas.
ସଂ. ବଣ. ପୁଂ—ବକ୍ତୃତାକାରୀ—Lecturing.

ପ୍ରବଗ—ସଂ. ବି—ପକ୍ଷୀ (ହି. ଶ) (ଭୁଲ.ପ୍ଲବଗ)
Prabaga Bird.

ପ୍ରବଚନ—ସଂ. ବି (ପ୍ର=ଉତ୍କୃଷ୍ଟ+ବଚନ)—୧ । ସାଂସାରିକ ଅଭିଜ୍ଞତା·
Prabachana ପୂର୍ଣ୍ଣ ଦେଶପ୍ରଚଳିତ ଆପ୍ତବଚନ; ପ୍ରବାଦ; ଜନଶ୍ରୁତି—
1. Tradition; wise sayings; proverbs; elegant sayings.
୨ । ଶାସ୍ତ୍ରବଚନ—2. Sayings from scriptures; scriptural doctrines.
୩ । ନୀତିବାକ୍ୟ—3. Moral precepts.
୪ । ବ୍ୟାଖ୍ୟା କରି ଯାଇଥିବା ଧର୍ମବାଦ—
4. Propounded religious doctrine.
୫ । ବେଦାଦି ଈଶ୍ୱରମୁଖନିଃସୃତ ଶାସ୍ତ୍ର—
5. Holy treatise (such as the Bedas); the scriptures.
୬ । ଅଧ୍ୟାପନା—6. Instruction; teaching profession.
୭ । ଉତ୍କୃଷ୍ଟ ବକ୍ତୃତା—7. Excellent speech.
୮ । ବାଗ୍ମିତା—8 Eloquence; oratory.
୯ । ବ୍ୟାଖ୍ୟାନ (ହି. ଶ)—9. Expounding; explaining.
୧୦ । ବେଦାଙ୍ଗ (ହି. ଶ) (ଦେଖ)—10. Bedānga (See).

ପ୍ରବଚନ ପଟୁ—ସ. ବଣ (୭ମୀ ତତ୍; ପ୍ରବଚନ+ପଟୁ)—୧ । ବାଗ୍ମୀ—
Prabachana paṭu 1. Eloquent; elegant in
(ପ୍ରବଚନ ପଟୁତା—ବି) speech.
୨ । ଆବଶ୍ୟକବେଳେ ଯେଉଁ ବ୍ୟକ୍ତି ପ୍ରବଚନମାନ ଉଦ୍ଧାର କରି ପାରନ୍ତି—2 Expert in quoting proverbs.

ପ୍ରବଞ୍ଚକ—ସଂ. ବଣ. ପୁଂ (ପ୍ର+ବଞ୍ଚ୍ ଧାତୁ+କର୍ତ୍ତୃ ଅକ.)–ପ୍ରତାରକ;
Prabañchaka ଶଠ; ଧୂର୍ତ୍ତ—Cheating; sly; deceit-
(ପ୍ରବଞ୍ଚିକା—ସ୍ତ୍ରୀ) ful; fraudulent.

ପ୍ରବଞ୍ଚନ(ନା)—ସଂ. ବି [ପ୍ର+ବଞ୍ଚନ (ନା)]—ପ୍ରତାରଣା; ଠକାମି—
Prabañchana (nā) Cheating; deceit; fraud.
(ପ୍ରବଞ୍ଚିତ—ବଣ)

ପ୍ରବଞ୍ଚିତ—ସଂ. ବଣ. ପୁଂ (ପ୍ର+ବଞ୍ଚିତ)—ପ୍ରତାରିତ; ଯେ ଠକାମିରେ
Prabañchita ପଡ଼ିଥାଏ—Cheated; defrauded;
(ପ୍ରବଞ୍ଚିତା—ସ୍ତ୍ରୀ) imposed upon.

ପ୍ରବଞ୍ଚିବା—ଦେ. କ୍ରି (ପଦ୍ୟ) (ସଂ. ପ୍ରବଞ୍ଚନ)—ପ୍ରତାରଣା କରିବା;
Prabañchibā ଠକିବା—To cheat.
প্রবংচা ଯେ ଯାହା ଲୋଡ଼େ ଭାବ ନ ମିଳେ ତାହା।
धोकादेना ପ୍ରବଞ୍ଚେ ତ୍ରାଣ ତାର ଅଶାର ମାୟା—ଭ. ଗୀ

ପ୍ରବଟ—ସଂ. ବି— (ପ୍ର+ବଟ୍ ଧାତୁ=ବିଭାଗ କରିବା+କର୍ମ. ଅ)—
Prabaṭa ଗୋଧୂମ; ଗହମ—Wheat.

ପ୍ରବଣ—ସଂ. ବଣ—(ପ୍ର+ବଣ୍ ଧାତୁ=ଶବ୍ଦ କରିବା; ନତ ହେବା+
Prabaṇa କର୍ତ୍ତୃ. ଅ)—୧ । ବକ୍ର—1. Curved.
(ପ୍ରବଣତା(ତ୍ୱ)—ବି ୨ । ନତ—2. Bowed; bent.
୩ । ବିନୀତ; ନମ୍ର—3. Humble; modest.
୪ । ଆସକ୍ତ; ରତ; ପ୍ରବୃତ୍ତ—
4. Attached to; devoted to; engaged in,
୫ । (ସମାସରେ) ପ୍ରକୃତି ବା ଅଭ୍ୟାସ ଅନୁସାରେ ଆସକ୍ତ—
5. Inclined; disposed to; prone to; habituated to.

[ପ୍ର—ସମାସରେ ଏହି ଶବ୍ଦ ଅନ୍ୟ ଶବ୍ଦ ପରେ ବସି ବିଶେଷଣ ପଦ ସିଦ୍ଧ ହୁଏ ଯଥା—କ୍ରୋଧପ୍ରବଣ; ସ୍ନେହପ୍ରବଣ; ଭଙ୍ଗପ୍ରବଣ ।]
୬ । ପୂର୍ଣ୍ଣ; କୃତାଧିକାର—
6. Filled with; possessed of
୭ । କ୍ରମନିମ୍ନ; ଗଡ଼ାଣିଆ; ଢାଲୁ—7. Sloping.
୮ । ଅନୁକୂଳ—8 Favourable.
୯ । ପ୍ଳୁତ—9. Jumped; leaped; long
୧୦ । ଦୁର୍ବଳ, କୃଶ; କ୍ଷୀଣ—10. Weak; thin.
୧୧ । ତ୍ୱରିତ—11. Swift.
୧୨ । ଅଭିମୁଖ—12. Standing in front of or near.
୧୩ । ଶକ୍ତ; ପାରଗ—13. Able; powerful.
୧୪ । ନିପୁଣ—14 Skilful.
୧୫ । ଆୟତ୍ତ—15. Brought under control.
୧୬ । ପ୍ରଗୁଣ; ସରଳ—16. Straight.
୧୭ । ଉନ୍ମୁଖ—17 Looking upwards.
୧୮ । ଆହିତ; ନ୍ୟସ୍ତ; ସ୍ଥାପିତ—18. Placed; deposited.
୧୯ । ସ୍ନିଗ୍ଧ—19. Smooth.
୨୦ । ଅଧୀନ—20. Dependent.
୨୧ । ବଦାନ୍ୟ—21. Generous.
୨୨ । ବିନଷ୍ଟ—22. Decayed.
୨୩ । (ସ୍ନେହ ଆଦି ଦ୍ୱାରା) ପ୍ଲାବିତ—
23. Flooded with; steeped in.
୨୪ । ଉଦାର (ହି. ଶ)—24. Liberal-minded.
ସଂ. ବି—୧ । ଚତୁଷ୍ପଥ; ଚାରିଆଡ଼କୁ ବାଟଥିବା ଛକ—
1. A meeting of 4 roads.
୨ । ଉଦର—2. Belly.
୩ । ଢାଲୁ (ହି. ଶ)—3. A slope.
୪ । ପାହାଡ଼ର ପାଖ (ହି. ଶ)—
4. The side of a hill.
୫ । କ୍ଷଣ (ହି. ଶ)—5. Moment.
୬ । ଆହୁତି (ହି. ଶ)—
6. Oblation of ghee unto the fire,
୭ । ପର୍ବତର ଭୃଗୁ—7. Cliff.

ପ୍ରବଣତା(ତ୍ୱ)—[ପ୍ରବଣ+ଭାବାର୍ଥରେ ତା (ତ୍ୱ)]—୧ । ଅନୁକୂଳତା—
Prabanatā(twa) 1. Tendency.
(ପ୍ରବଣ—ଦେଖ) ୨ । କୌଣସି ବିଷୟ ପ୍ରତି ମନ ଢଳିବା; ଆସକ୍ତି; ଝୁଙ୍କ—2. Inclination; propensity; proneness.
୩ । ଅନୁରକ୍ତି—3. Attachment; devotion.
୪ । ନମ୍ରତା—4. Modest; humility
୫ । ପୂର୍ଣ୍ଣତା—5. Saturity; fullness (Apte).

ପ୍ରବତ୍ସ୍ୟତ୍ପତିକା—ସଂ. ବି. ସ୍ତ୍ରୀ—ଯେଉଁ ନାୟିକାର ପତି ବା ନାଗର
Prabat-syat-patikā ବିଦେଶକୁ ଯିବାର ଅଛି (ହି. ଶ)—
ପ୍ରବତ୍ସ୍ୟତ୍ପ୍ରେୟସୀ } --ଅନ୍ୟରୂପ A heroine (in fiction) whose
ପ୍ରବତ୍ସ୍ୟଦ୍ଭର୍ତ୍ତୃକା } lover is shortly to go on a sojourn.

ପ୍ରବଦନ—ସଂ. ବି. (ପ୍ର+ବଦ୍ ଧାତୁ+ଭାବ. ଅନ)—ଘୋଷଣା(ହି.ଶ)--
Prabadana Publication; announcement.

ପ୍ରବନ୍ଧ—ସଂ. ବି (ପ୍ର+ବନ୍ଧ୍ ଧାତୁ—ବାନ୍ଧିବା; ରଚନା କରିବା+କର୍ମ.
Prabandha ଅ)—୧ । ସନ୍ଦର୍ଭ; ରଚନା—
1. Composition; essay.
୨ । ଧାରାବାହିକ ଉପାଖ୍ୟାନ—
2. A connected narrative; treatise.
୩ । ପରସ୍ପର ଅନ୍ୱୟଯୁକ୍ତ ବାକ୍ୟାବଳୀ—
3. Essay; words connected with each other.
୪ । ପ୍ରକୃଷ୍ଟ ବନ୍ଧନ—4. A close bond.
୫ । କୌଶଳ—5. Contrivance.
୬ । ଆରମ୍ଭ—6. Beginning.
୭ । କ୍ରମିକତା—7. Continuance; succession.
୮ । ପୂର୍ବାପର ସଙ୍ଗତି—9. Sequence.
୯ । ଯୋଜନା—9. Joining; uniting.
୧୦ । ଆୟୋଜନ—
10. Preparation; collection of meterials.
୧୧ । ବ୍ୟବସ୍ଥା; ବନ୍ଦୋବସ୍ତ—
11. Arrangement; settlement; disposition.
ଦେ. ବି—୧ । ଆଲୋଚନା—1. Discussion.
୨ । ସମ୍ବନ୍ଧ; ସମ୍ପର୍କ—2. Relation.

ପ୍ରବନ୍ଧକାର—ସଂ. ବି (ପ୍ରବନ୍ଧ+କୃ ଧାତୁ+କର୍ତ୍ତୃ. ଅ)—ରଚକ;
Prabandhakāra ସନ୍ଦର୍ଭର ରଚୟିତା—
Composer; essayist.

ପ୍ରବନ୍ଧ ନୃତ୍ୟ—ଦେ. ବି—ଅଙ୍ଗାଦିର ସୁକୌଶଳପୂର୍ଣ୍ଣ ଚାଳନା ସହ ନୃତ୍ୟ
Prabandha nrutya ବିଶେଷ—A kind of dancing accompanied with tactful and graceful movements of the limbs.

ଗୀତ ଗୁହାର କଳାଚିଥେ ଯୋଇଲେ ନୋହିଲ ପ୍ରବନ୍ଧନୃତ୍ୟ—
ଦୀନ, ରହସ୍ୟମଞ୍ଜରୀ ।

ପ୍ରବନ୍ଧ ମାଳା—ସଂ. ବି. (୬ଷ୍ଠୀ ତତ୍; ପ୍ରବନ୍ଧ+ମାଳା)—ଏକତ୍ର ସନ୍ନି-
Prabandha mālā ବେଶିତ ପ୍ରବନ୍ଧଚୟ—
A collection of essays.
ଦେ. ବି—ସ୍ୱର୍ଗୀୟ ମଧୁସୂଦନ ରାଓଙ୍କ କୃତ ଓଡ଼ିଆ ସାହିତ୍ୟର ଗଦ୍ୟ ପାଠ୍ୟପୁସ୍ତକବିଶେଷ—Name of an Oriya prose text book by the late Madhusudan Rao

ପ୍ରବର—ସଂ. ବି. (ପ୍ର+ବୃ ଧାତୁ—ବରଣ କରିବା+କର୍ମ. ଅ)—
Prabara ୧ । ଗୋତ୍ର ପ୍ରବର୍ତ୍ତକାରୀ ମୁନି—
1. A sage who contributes to the continuance of a family or tribe.
୨ । ବଂଶଧର; ସନ୍ତତି—
2 Offspring; descendant.
୩ । ଗୋତ୍ର—3. Family; race; kindred.

୪ । ଏକପ୍ରକାର କଳାମୁଗ; ବରଗୁଡ଼—
4. A kind of black pulse.
୫ । ଆବରଣ ପାତ୍ର—5. A covering; lid.
୬ । ଅଗୁରୁ ଚନ୍ଦନ—
6. A fragrant wood; the aloe wood.
(ପ୍ରବରା—ସ୍ତ୍ରୀ) ସଂ. ବଣ—୧ । ଅତ୍ୟୁତ୍କୃଷ୍ଟ; ଶ୍ରେଷ୍ଠ—
1. Best; excellent; pre-eminent.
୨ । ମୁଖ୍ୟ; ପ୍ରଧାନ—2. Chief; principal.

ପ୍ରବରଣ—ସଂ. ବି (ପ୍ର+ବରଣ)—ଦେବତାଙ୍କର ଆବାହନ (ହ୍ର. ଶ)—
Prabaraṇa Formal invokation or invitation extended to a Deity.

ପ୍ରବରା—ସଂ. ବଣ. ସ୍ତ୍ରୀ (ପ୍ରବର+ଆ)—ପ୍ରବରର ସ୍ତ୍ରୀଲିଙ୍ଗ—
Prabarā Feminine of Prabara.
ସଂ. ବି—୧ । ଅଗୁରୁ ଚନ୍ଦନ (ହ୍ର. ଶ.)—1. Aloe wood.
୨ । ଗୋଦାବରୀର ଉପନଦୀବିଶେଷ—
2. Name of tributary of the Godābarī river.
[ଦ୍ର—ଏହାର ଅନ୍ୟ ନାମ ପୟୋଧରା । (ହ୍ର. ଶ)]

ପ୍ରବର୍ତ୍ତ—ସଂ. ବି. (ପ୍ର+ବୃତ୍ ଧାତୁ+ଭାବ. ଅ)—୧ । ଆରମ୍ଭ—
Prabartta 1. Commencement.
୨ । କାର୍ଯ୍ୟରେ ହାତ ଦେବା—
2. Undertaking a work.

ପ୍ରବର୍ତ୍ତକ—ସଂ. ବଣ. ପୁଂ. (ପ୍ର+ବୃତ୍ ଧାତୁ+କର୍ତ୍ତୃ. ଅକ)—
Prabarttaka ୧ । ପ୍ରବର୍ତ୍ତନକାରୀ; ଯେ ପ୍ରବର୍ତ୍ତାଏ—
(ପ୍ରବର୍ତ୍ତିକା—ସ୍ତ୍ରୀ) 1. Inducing; inciting.
୨ । ପ୍ରଦର୍ଶକ—
2. Indicating; leading; showing.
୩ । ପ୍ରଣେତା—
3. Composing; constructing.
୪ । ଯେ କୌଣସି ନୂତନ କର୍ମର ବା ବିଷୟର ସୂତ୍ରପାତ କରେ—
4. Founding; starting; introducing a new institution or system.
ସଂ. ବି—୧ । ପ୍ରତିଷ୍ଠାତା ବ୍ୟକ୍ତି—1. Founder
୨ । ଉତ୍ତେଜକ ବ୍ୟକ୍ତି—2. Instigator.
୩ । ରଚକ—3. Composer; author.

ପ୍ରବର୍ତ୍ତକ ଭେଦୁଆ—ଦେ. ବି. (ଅଧୁନାତନ ବ୍ୟବହାର; ଭୁଲ. ଇଂ.
Prabarttaka bheduā ଏଜେଣ୍ଟ ପ୍ରଭୋକେଟର)—
ଯେଉଁ ଭେଦୁଆ ଅପରାଧୀ ସଙ୍ଗେ ମିଶି ଅପରାଧୀକୁ ଅପରାଧ କରିବାକୁ ପ୍ରବର୍ତ୍ତାଏ—Agent provocator; a spy engaged to incite a person to commit some offence and then give the clue to the authorities.

ପ୍ରବର୍ତ୍ତନ(ନା)—ସଂ. ବି. [ପ୍ର+ବୃତ୍ ଧାତୁ ଣିଚ୍ ବର୍ତ୍ତି ଧାତୁ+ଭାବ.
Prabarttana(nā) ଅନ+(ଆ)]—୧ । ନିୟୋଜନ—
1. Engaging; directing.
୨ । କୌଣସି କାର୍ଯ୍ୟ କରିବାକୁ କୌଣସି ବ୍ୟକ୍ତିକୁ ଉତ୍ତେଜିତ କରିବା; ପ୍ରେରଣା; ମତାଇବା—
2. Inducing; inciting; exciting; urging; stimulating; instigating.
୩ । ଆରମ୍ଭ; ସୂତ୍ରପାତ—
3 Beginning, starting; commencement.
୪ । ଚାଳନ—4 Setting in motion.

ପ୍ରବର୍ତ୍ତୟିତା—ସଂ. ବଣ. ପୁଂ. (ପ୍ର+ବୃତ୍ ଧାତୁ ଣିଚ୍=ବର୍ତ୍ତି ଧାତୁ+
Prabarttayitā +କର୍ତ୍ତୃ. ତୃ; ୧ମା. ୧ବ)—
(ପ୍ରବର୍ତ୍ତୟିତ୍ରୀ—ସ୍ତ୍ରୀ) ଯେ କୌଣସି ବିଷୟରେ ପ୍ରବୃତ୍ତ କରାଏ; ନିୟୋଜକ—Engaging; inciting; exciting; instigating.

ପ୍ରବର୍ତ୍ତ(ର୍ତ୍ତେ)ଇବା—ଦେ. କ୍ରି—('ପ୍ରବର୍ତ୍ତିବାର ଣିଜନ୍ତ ରୂପ')—
Prabarttā(rtte)ibā ୧ । କୌଣସି କାର୍ଯ୍ୟ କରିବାକୁ
ପ୍ରବର୍ତ୍ତାନ **ପ୍ରବର୍ତ୍ତାନା** ଉତ୍ତେଜିତ କରାଇବା; ମତାଇବା—
(ଉପଗୀତ—ବରର୍ତ୍ତାଇବା) 1. To urge; to induce; to incite.

ପ୍ରଥମ ଯୁଗେ ଶୁକ୍ଳ ବର୍ଣ୍ଣେ
ମନ୍ତ୍ରୁ ପ୍ରବର୍ତ୍ତାଇଲ ଜନେ । ଜଗନ୍ନାଥ, ଭାଗବତ ।

୨ । ନିୟୋଜିତ କରିବା—2 To cause to be engaged in a work; to employ.
୩ । କୌଣସି ନୂତନ କାର୍ଯ୍ୟ ପ୍ରଥମେ ଆରମ୍ଭ କରିବା—
3. To introduce a new matter or thing.
୪ । ଫୁସୁଲାଇବା—4. To inveigle.

ପ୍ରବର୍ତ୍ତା ପ୍ରବର୍ତ୍ତି—ଦେ. ବି. (ସଂ. ପ୍ରବର୍ତ୍ତନ)—
Prabarttā prabartti ୧ । ମତାମତି; କୌଣସି ବ୍ୟକ୍ତିକୁ
ପ୍ରବର୍ତ୍ତାପ୍ରବର୍ତ୍ତି କୌଣସି କାର୍ଯ୍ୟ କରିବାକୁ ମତାଇବା—
1. Instigating; influencing.
୨ । ଫୁସୁଲାଇବା—2. Inveigling.
୩ । ରାଜି କରାଇବା—
3. Successfully inducing.

ପ୍ରବର୍ତ୍ତିତ—ସଂ. ବଣ. (ପ୍ର+ବୃତ୍ ଧାତୁ ଣିଚ୍ ବର୍ତ୍ତି ଧାତୁ+କର୍ମ. ତ)—
Prabarttita ୧ । ଉତ୍ତେଜିତ—1. Incited; instigated; influenced.
(ପ୍ରବର୍ତ୍ତନ—ବି)
୨ । ଉତ୍ସାହିତ—2. Encouraged; stimulated.
୩ । ନିୟୋଜିତ—
3. Engaged; deputed; commissioned.
୪ । ଜ୍ଞାପିତ—4. Informed; apprised.
୫ । ପ୍ରେରିତ; ପରିଚାଳିତ—
5. Guided; led; driven.
୬ । ଆରବ୍ଧ—6 Commenced; begun.
୭ । ଚାଳିତ—7. Set in motion; started.
୮ । ପ୍ରତ୍ୟାବର୍ତ୍ତିତ—8. Caused to return.
୯ । ଉତ୍ପାଦିତ; ଜାତ—9. Generated.

ପ୍ରବର୍ତ୍ତିବା—ଦେ. କ୍ରି. (ସ. ପ୍ରବର୍ତ୍ତନ)—
Prabarttibā ୧ । କୌଣସି କାର୍ଯ୍ୟ କରିବାକୁ ପ୍ରବୃତ୍ତ ହେବା
ପ୍ରବର୍ତ୍ତା ପ୍ରବର୍ତ୍ତନା ବା ମାତିବା—1. To be engaged in
(ନିବର୍ତ୍ତିବା—ବିପରୀତ) doing a work.

ରଥ ଉପରେ ଅତି ଅସ୍ଥିର ହେଲେ
ତାଙ୍କ ସଙ୍ଗେ ପ୍ରବର୍ତ୍ତି ପ୍ରାଣ ହରିଲେ । କୃଷ୍ଣସିଂ. ମହାଭାରତ. ଅଦି ।

୨ । କୌଣସି କାର୍ଯ୍ୟରେ ମନ ବଳାଇବା—
2. To set one's mind on a work; to be bent on.

କମେ ପ୍ରବର୍ତ୍ତି ହେଲୁ ଶ୍ରମୀ । ପ୍ରାଚୀ. ନର୍ମଶମହାତ୍ମ୍ୟ ।

୩ । ଯାଚିବା; ଖଟିବା—3. To apply.
(ଯଥା—ଏ ବିଷୟରେ ମୋଠାରେ ଦୋଷ ପ୍ରବର୍ତ୍ତିବ ନାହିଁ ।)

୪ । ଜନ୍ମିବା; ଉତ୍ପାଦିତ ହେବା—
4. To be born; to be created or produced.

୫ । ଘଟିବା—5. To happen.

ଯାହାଙ୍କଠାରୁ କାର୍ଯ୍ୟ କାରଣ ଏ ଦୃଢ
ବିସ୍ତାର ଜନ୍ମ ମୃତ୍ୟୁ ପ୍ରବର୍ତ୍ତି ଅଛି ମସ୍ତ । କୃଷ୍ଣସିଂ. ମହାଭାରତ ଅଦି ।

୬ । କୌଣସି କାର୍ଯ୍ୟ ଆରମ୍ଭ କରିବା; କାମରେ ହାତ ଦେବା—
6. To undertake or start a work.

୭ । ଆରବ୍ଧ ହେବା—7. To be commenced or begun; to be introduced; to begin.

ଏ ରୂପେ ସଜ୍ଜନେ ରଣ ପ୍ରବର୍ତ୍ତିଲ । କୃଷ୍ଣସିଂ. ମହାଭାରତ ବନ ।

୮ । ବୃଦ୍ଧି କରିବା; ବଢ଼ାଇବା—8. To increase.

ତା ଦେଖି ଦେବତାଏ ଚକ୍ଷୋ ନିବର୍ତ୍ତାଇ
କହୁଲେ ବଢିବ ସେ ତେଜ ପ୍ରବର୍ତ୍ତଇ । କୃଷ୍ଣସିଂ. ମହାଭାରତ ବନ ।

୯ । ବିଦିତ ହେବା; ପ୍ରକାଶିତ ହେବା; ଜ୍ଞାତ ହେବା—
9. To be published; to be known.

ହଂସ ଶ୍ରୋତଣ ଯାତ୍ରା ପ୍ରଶସ୍ତି ଅଛି ପ୍ରବର୍ତ୍ତି । ଉଦ୍ଧ. ବୈଦେହୀଶବିଳାସ ।

ପ୍ରବର୍ତ୍ତେଇ ଦେବା—ପ୍ରାଦେ. (ଯାଜପୁର) କ୍ରି—ବାଣ୍ଟିଦେବା—
Prabarttei debā To distribute.
(ଯଥା—ଏ ସଭାରେ ପାନ ପ୍ରବର୍ତ୍ତେଇ ଦିଅ ।)
ଦେ. କ୍ରି—ପ୍ରବର୍ତ୍ତାଇବା (ଦେଖ)
Prabarttāibā (See)

ପ୍ରବର୍ଦ୍ଧକ—ସ. ବିଣ. ପୁଂ (ପ୍ର+ବୃଧ୍ ଧାତୁ+କର୍ତ୍ତୃ. ଅକ)—
Prabarddhaka ଯେ ବଢ଼ାଏ—Increasing.
(ପ୍ରବର୍ଦ୍ଧିକା—ସ୍ତ୍ରୀ)

ପ୍ରବର୍ଦ୍ଧନ—ସ. ବି. (ପ୍ର+ବର୍ଦ୍ଧନ)—୧ । ପ୍ରତିପାଳନ—
Prabardhana 1. Bringing up
(ପ୍ରବର୍ଦ୍ଧିତ—ବିଣ) ୨ । ବଢ଼ାଇବା—2. Augmenting: enlargement.
ସଂ. ବିଣ ପୁ—ଯେ ବଢ଼ାଏ—Augmenting; increasing.

ପ୍ରବର୍ଦ୍ଧମାନ—ସ ବିଣ. (ପ୍ର+ବର୍ଦ୍ଧମାନ,—ବିଶେଷରୂପେ ବଢୁଥିବା—
Prabarddhamāna Increasing rapidly.

ପ୍ରବର୍ଦ୍ଧିତ—ସ ବିଣ. (ପ୍ର+ବର୍ଦ୍ଧିତ; ପ୍ରବୃଦ୍ଧର ଣିଜନ୍ତରୂପ)—
Prabarddhita ୧ । ବିଶେଷରୂପେ ବର୍ଦ୍ଧିତ—
(ପ୍ରବର୍ଦ୍ଧନ—ବି.) 1 Much increased; augmented.

୨ । ପ୍ରତିପାଳିତ; ଯାହାକୁ ଅନ୍ୟ ଲୋକ ଯତ୍ନପୂର୍ବକ ପାଳି ବଢ଼ାଇ ଥାଏ—2. Brought up with care.

ପ୍ରବର୍ଷଣ—ସ. ବି. (ପ୍ର+ବର୍ଷଣ)—୧ । ବୃଷ୍ଟି; ବର୍ଷା—
Prabarshaṇa 1. Rain.
୨ । ସ୍ରମ ଓ ଲକ୍ଷ୍ମଣ ବାସ କରିଥିବା କିଷ୍କିନ୍ଧ୍ୟା ନିକଟସ୍ଥ ପର୍ବତ—
2. Name of a mountain near Kishkindhyā.

ପ୍ରବଳ—ସ. ବିଣ. (ବହୁବ୍ରୀହି; ପ୍ର=ପ୍ରକୃଷ୍ଟ+ବଳ)—୧ । ଅତି
Prabaḷa ବଳବାନ୍; ପ୍ରଭୂତ ବିକ୍ରମଶାଳୀ; ବଳୁଆ—
(ପ୍ରବଳା—ସ୍ତ୍ରୀ) (ପ୍ରବଳତା;ପ୍ରାବଲ୍ୟ—ବି) 1. Mighty; very strong.
୨ । ଅତ୍ୟନ୍ତ କ୍ଷମତାଶାଳୀ—2. Very influential.
୩ । ଯୁକ୍ତିଯୁକ୍ତ; ଯୁକ୍ତିସଙ୍ଗତ—3. Valid; cogent.
୪ । ପୂର୍ଣ୍ଣରୂପେ କ୍ଷମତା ବା ଆଧିପତ୍ୟ ବିସ୍ତାର କରୁଥିବା—
4. Predominant; preponderating; getting the upper hand; having mastery.
୫ । ଭୟାନକ; ଉଗ୍ର—5. Frightful; violent.
୬ । ଅତ୍ୟଧିକ; ପ୍ରଭୂତ—6. Excessive; very great.
୭ । ଘୋଟିଥିବା—7. Prevalent; pervading.
୮ । ଅକାଟ୍ୟ (ଯୁକ୍ତି)—
8. Unanswerable; unrebuttable.

ପ୍ରବଳତା(ତ୍ୱ)—ସ. ବି. (ପ୍ରବଳ+ତା)—୧ । ଶକ୍ତିମତ୍ତା; ବଳଶାଳିତା—
Prabaḷatā(twa) 1. Mightiness; powerfulness
୨ । କୌଣସି ସ୍ଥାନରେ ରୋଗ ଆଦି ଘୋଟିଯିବା ଅବସ୍ଥା—
2. Predominance; prevalence.
୩ । ଏକାଧିପତ୍ୟ—Mastery.
୪ । ଆତ୍ୟାଧିକ୍ୟ—4. Excess.

ପ୍ରବଳ ପରାକ୍ରମ—ସ. ବି. (କର୍ମଧା; ପ୍ରବଳ+ପରାକ୍ରମ)—
Prabaḷa parākrama ଅତ୍ୟନ୍ତ କ୍ଷମତା—Great power.
(ପ୍ରବଳ ପ୍ରତାପ, ପ୍ରବଳ ବିକ୍ରମ—ଅନ୍ୟରୂପ)
ସ. ବିଣ. ପୁଂ (ବହୁବ୍ରୀହି)—ବିଶେଷ ବିକ୍ରମଶାଳୀ—
Very mighty or powerful.
(ପ୍ରବଳ ପରାକ୍ରମା; ପ୍ରବଳ ପ୍ରତାପା, ପ୍ରବଳବିକ୍ରମା—ସ୍ତ୍ରୀ)

ପ୍ରବଳ ପରାକ୍ରମୀ—ସ. ବିଣ. ପୁଂ—ବିଶେଷ କ୍ଷମତାଶୀଳ; ଅତ୍ୟନ୍ତ ଶକ୍ତିଶାଳୀ—Very powerful; mightiest.
Prabaḷa parākrami
ପ୍ରବଳ ପରାକ୍ରାନ୍ତ, ପ୍ରବଳ ପ୍ରତାପାନ୍ୱିତ, ପ୍ରବଳ ପ୍ରତାପୀ, ପ୍ରବଳ ବିକ୍ରମୀ } ଅନ୍ୟରୂପ

ପ୍ରବଳ ହେବା—ଦେ. କ୍ରି.—ଘୋଟିଯିବା—
Prabaḷa hebā 1. To predominate; to prevail.
୨ । ନିଜର ଆଧିପତ୍ୟ ବା ଶକ୍ତି ବିସ୍ତାର କରିବା—
2. To preponderate; to spread one's power or influence.

ପ୍ରବଳା(ଳେ)ଇବା—ଦେ. (ପଦ୍ୟ) କ୍ରି. (ସ. ପ୍ରବଳ ଶବ୍ଦରୁ ଓଡ଼ିଆ ନାମ
Prabaḷā(ḷe)ibā ଧାତୁ; ଣିଜନ୍ତ)—ବିଶେଷ ଭାବରେ ବାରମ୍ବାର ଉପର୍ଯ୍ୟୁପରି ଅନୁରୋଧ କରିବା; ଜିଦ କରିବା; ବଳାଇବା—To insist.

ତୁମ୍ଭେ ତପାଠଁ ମନେ ଏବେ ପ୍ରବଳାଇ;
କହୁଛ ବଇସିବା କାଳ ହୋଇ ନାହିଁ । କୃଷ୍ଣଙ୍କ ମହାଭାରତ ବନ ।

ପ୍ରବଳାକ୍ଷୀ—ସଂ. ବ. ପୁଂ—୧ । ମୟୂର (ହ୍ରି. ଶ)—
Prabalaki 1. Peacock.
(ପ୍ରବଳାକ୍ଷୀ—ସ୍ତ୍ରୀ) ୨ । ସର୍ପ (ହ୍ରି. ଶ.)—2. Serpent.

ପ୍ରବଳାନୁରାଗ—ସଂ. ବ. (କର୍ମଧା; ପ୍ରବଳ+ଅନୁରାଗ)—ଅତ୍ୟନ୍ତ ସ୍ନେହ
Prabalanuraga ବା ଆସକ୍ତି—Excessive attachment.

ପ୍ରବଳିବା—ଦେ. (ପଦ୍ୟ) କ୍ରି. (ସଂ. ପ୍ରବଳ ଶବ୍ଦରୁ ଓଡ଼ିଆ ନାମ ଧାତୁ)—
Prabaliba ୧ । ପ୍ରବୃତ୍ତ ହେବା—1. To be engaged.
ସର ପର୍ଯ୍ୟନ୍ତ ଯାହାକୁ ମିଳଇ,
ସେ ସୁଖେ ତା ଭୋଗନେ ପ୍ରବଳଇ । ଜଗନ୍ନାଥ, ଜଡ଼ଜାଳକଲ୍ଲୋଳ ।
୨ । ପ୍ରବଳ ହେବା; ବୃଦ୍ଧି ପାଇବା—
2. To increase.
୩ । ଘୋଟିବା; ଏକାଧିପତ୍ୟ ବିସ୍ତାର କରିବା—
3. To predominate; to have mastery.
ତବେକ ତ ହୁଏବ, ତେ ତ ପ୍ରବଳୁଥିବ ।
ଜଗନ୍ନାଥ, ସଙ୍ଗୀତ ।

ପ୍ରବସଥ—ସଂ. ବ. (ପ୍ର+ବସ୍ ଧାତୁ+ଭାବ. ଅଥ)—୧ । ପ୍ରସ୍ଥାନ (ହ୍ରି. ଶ)
Prabasatha 1. Going away.
୨ । ପ୍ରବାସ (ହ୍ରି. ଶ.)—Sojourn.

ପ୍ରବସନ—ସଂ. ବ. (ପ୍ର+ବସ୍ ଧାତୁ+ଭାବ. ଅନ)—୧ । ବିଦେଶରେ
Prabasana ବାସ କରିବା (ହ୍ରି. ଶବ୍ଦସାଗର)—
1. Living abroad; sojourning.
୨ । ବାହାରକୁ ଯିବା—2. Going out; issuing forth.

ପ୍ରବହ—ସଂ. ବ. (ପ୍ର+ବହ୍ ଧାତୁ+କର୍ତ୍ତୃ. ଅ)—୧ । ସ୍ରୋତଃ; ପ୍ରବାହ—
Prabaha 1. Current.
୨ । ସପ୍ତ ବାୟୁର ଅନ୍ତର୍ଗତ ବାୟୁବିଶେଷ—2. One of the seven winds spread over the universe.
[ଦ୍ର—ଏ ବାୟୁ ଆବହ ବାୟୁର ଉପରେ ଅବସ୍ଥିତ ଓ ଜ୍ୟୋତିଷ୍କ ଏ ବାୟୁରେ ଚଳୁ ଅଛନ୍ତି (ହ୍ରି. ଶ.) ।]
୩ । (+ଭାବ. ଅ) ଗୃହନଗରାଦିରୁ ବହିର୍ଗମନ—
3 Going out of a house or town.
୪ । (+କର୍ତ୍ତୃ. ଅ) ଅଗ୍ନିର ସପ୍ତ ଜିହ୍ୱା ମଧ୍ୟରୁ ଏକ (ହ୍ରି. ଶ)—
4. One of the seven tongues of fire.
୫ । (+ଅଧିକରଣ ବା କର୍ମ. ଅ) ଯେଉଁ କୁଣ୍ଡ ମଧ୍ୟକୁ ନାଳ ଆଦି ଦ୍ୱାରା ଜଳ ଯାଏ (ହ୍ରି. ଶ)—5. A cistern which is filled up by water flowing through a drain.
୬ । (ପ୍ର+ବହ) ପ୍ରଖର ସ୍ରୋତଃ—6. Strong current.

ପ୍ରବହଣ—ସଂ. ବ (ପ୍ର+ବହ୍ ଧାତୁ+କରଣ. ଅନ)—୧ । ଜଳଯାନ—
Prabahana 1. A conveyance over water.
୨ । ଆଚ୍ଛାଦନ ବା ପରଦାଯୁକ୍ତ ଯାନ; ଖଟିଆ; ଡୋଲି—
2. A covered conveyance; a litter with hangings.
୩ । (+ଭାବ. ଅନ) ସ୍ରୋତଃ; ପ୍ରବାହ—3. Current
୪ । ନେଇ ଗ୍ଲଯିବା (ହ୍ରି. ଶ)—4. Carrying away.
୫ । (+କର୍ତ୍ତୃ. ଅନ, ନାବ; ଡଙ୍ଗା (ହ୍ରି. ଶ)—5. Boat.
୬ । (+ଅଧିକରଣ. ଅନ) କନ୍ୟାକୁ ବିବାହ ଦେବା (ହ୍ରି. ଶ)—
6. Giving a daughter in marriage.

ପ୍ରବହ୍ଲି(ହ୍ଲୀ)—ସଂ. ବ (ପ୍ର+ବହ୍ଲ ଧାତୁ=କହିବା+କର୍ମ. ଇ;+ସ୍ତ୍ରୀ.
Prabahli (hli) ଈ)—ପ୍ରହେଳିକା; ପହଲୀ; ଗାଁଦିଆ—
(ପ୍ରବହ୍ଲିକା—ଅନ୍ୟରୂପ) A riddle; an enigma; a conundrum

ପ୍ରବାଚ—ସଂ ବ (ପ୍ର+ବଚ୍ ଧାତୁ+କର୍ମ. ଅ)—୧ । ଘୋଷଣା—
Prabacha 1. Declaration; announcement;
(ପ୍ରବାଚ୍ୟ—ବିଣ) proclamation (Howells);
(ପ୍ରବାଚନ—ଅନ୍ୟରୂପ) ୨ । ଉତ୍ତମରୂପେ କହିବା—
2. Speaking excellently; oratory.
୩ । ଉତ୍କୃଷ୍ଟ ବକ୍ତୃତା—3. An excellent speech; oration.

ପ୍ରବାଚକ—ସ. ବିଣ. ପୁଂ (ପ୍ର+ବାଚକ)—ଘୋଷଣାକାରୀ—
Prabachaka Announcing; proclaiming
(ପ୍ରବାଚକା—ସ୍ତ୍ରୀ) (Howells).
(ପ୍ରବାକ—ଅନ୍ୟରୂପ) ସଂ. ବ. ପୁଂ—୧ । ଘୋଷଣାକାରୀ ବ୍ୟକ୍ତି—
1. Proclaimer.
୨ । ଶ୍ରେଷ୍ଠ ବକ୍ତା । (ହ୍ରି. ଶ)—2. An excellent preacher, orator.

ପ୍ରବାଣି(ଣୀ)—ସଂ. ବ (ପ୍ର+ବେ ଧାତୁ=ଲୁଗା ବୁଣିବା+କରଣ.
Prabani (ni) ଅନ+ଇ (ଈ)—ତନ୍ତୀର ମାକୁ ବା କଣ୍ଡା; ତନ୍ତ ଶଳାକା—A weaver's shuttle.

ପ୍ରବାତ—ସଂ. ବ (ପ୍ର+ବା ଧାତୁ+କର୍ତ୍ତୃ. ତ)—୧ । ପ୍ରବଳ ବାୟୁ—
Prabata 1. Strong wind.
୨ । (+ଭାବ. ତ) ପବନର ଝଙ୍କ (ହ୍ରି. ଶ)—2. Gust of wind.
୩ । (+ଅଧିକରଣ. ତ) ଯେଉଁଠାରେ ଖୁବ୍ ପବନ ବହୁଥାଏ (ହ୍ରି. ଶ)
3. A place where the wind blows strongly; a windy place.
୪ । ଗାଲୁ; ପ୍ରବଣ—(ହ୍ରି. ଶ)—4. A slope.
ସଂ. ବିଣ—(ପ୍ର+ବାତ) ବାୟୁଦ୍ୱାରା ଆନ୍ଦୋଳିତ (ହ୍ରି. ଶ)—
Shaken or rocked by wind.

ପ୍ରବାଦ—ସଂ. ବ (ପ୍ର+ବଦ୍ ଧାତୁ+କର୍ମ. ଅ)—୧ । ପରମ୍ପରାଗତ
Prabada ବାକ୍ୟ; ଜନଶ୍ରୁତି—1. Tradition.
୨ । ପ୍ରବଚନ—2. Proverb.
୩ । ଉଡ଼ାକଥା; ଜନରବ—3. A rumour; a report.
୪ । ନିନ୍ଦା; କୁତ୍ସା; ଅପବାଦ—4. Defamation.
୫ । ପରସ୍ପର କଥୋପକଥନ; କଥାବାର୍ତ୍ତା—
5. Discourse; conversation; dialogue.

ପ୍ରବାଦ ବଚନ—ସଂ. ବ—ପ୍ରବଚନ; ଢଗ—
Prabada bachana A proverb; a traditional saying.
(ପ୍ରବାଦ ବାକ୍ୟ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୃଷ ନ ମିଳିଲେ 'କୃଶ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଦ୍ଧ ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ପ୍ରବାର—ସଂ. ବି. (ପ୍ର+ବୃ ଧାତୁ+କର୍ତ୍ତୃ. ଅ) ୧ । ପ୍ରବର (ଦେଖ)—
Prabāra 1. Prabara (See)
୨ । (+କରଣ. ଅ) ବସ୍ତ୍ର; ଲୁଗା—2. Cloth.
୩ । ଉତ୍ତରୀୟ—(ହ୍ରୁ. ଶ.—3. Sheet.
୪ । ଆଚ୍ଛାଦନ; ଘୋଡ଼ଣୀ (ହ୍ରୁ. ଶ)—4. Covering.

ପ୍ରବାରଣ—ସଂ. ବି. (ପ୍ର+ବାରଣ)—୧ । ନିଷେଧ (ହ୍ରୁ.ଶ)—
Prabārana 1. Prohibition
୨ । କାମ୍ୟ ଦାନ; କୌଣସି ଫଳ କାମନାରେ କରାଯିବା ଦାନ (ହ୍ରୁ.ଶ)—2. A gift made with some end in view.
୩ । ବର୍ଷାଋତୁ ଅନ୍ତେ ଅନୁଷ୍ଠିତ ବୌଦ୍ଧମାନଙ୍କ ଉତ୍ସବବିଶେଷ (ହ୍ରୁ.ଶ)—3 A Buddhist festival observed after the rains.

ପ୍ରବାଳ—ସଂ. ବି (ପ୍ର+ବଲ୍ ଧାତୁ+କର୍ତ୍ତୃ. ଅ)—୧ । ରତ୍ନବିଶେଷ; ବିଦ୍ରୁମ; ପୋହଳା ('ପୋହଳା' ତଳେ ନୋଟ୍ ଦେଖ)—
Prabāla 1. Coral,
୨ । ଅଙ୍କୁର; ବୃକ୍ଷର ନବୀନ ପଲ୍ଲବ ବା ଶାଖା; ନୂଆ ହୋଇ କଅଁଳ ଅସୁଥିବା ଡାଳ ବା ପତ୍ର—
ପ୍ରବାଳ ପତାକା ଉଡ଼ାଇ ବନେ ବନ ଲଭା ଦେଖ ଠାବେ ଠାବେ।
ରାଧାନାଥ. ଚାନ୍ଦଳୀ।
2. Young shoot or leaves of a tree; a sprout.
୩ । ବୀଣାଦଣ୍ଡ—3. The body or shaft of a harp.

ପ୍ରବାଳ କୀଟ—ସ. ବି—ଯେଉଁ କୀଟମାନଙ୍କ କଙ୍କାଳ ପୋହଳା ଅଟେ—
Prabāla kita Coral insect.

ପ୍ରବାଳ ଦ୍ୱୀପ—ଦେ. ବି—ପ୍ରବାଳ କୀଟମାନଙ୍କର କଙ୍କାଳ ସ୍ତୂପଦ୍ୱାରା
Prabāla dwipa ଗଠିତ ଦ୍ୱୀପ—Coral island.

ପ୍ରବାସ—ସ. ବି—(ପ୍ର+ବାସ)—୧ । ନିଜ ଦେଶ ଛଡ଼ା ଅନ୍ୟ
Prabāsa ଦେଶରେ କିଛିକାଳ ଅବସ୍ଥାନ—1. Staying abroad; sojourn; temporary residence in a foreign land.
୨ । ବିଦେଶ—
2. A foreign country; a strange place.

ପ୍ରବାସ କରିବା—ଦେ. କ୍ରି—ବିଦେଶରେ ଯାଇ ରହିବା—
Prabāsa kariba To stay abroad.
প্রবাসকরা **परदेश करना**

ପ୍ରବାସନ—ସ. ବି—୧ । (ପ୍ର+ବସ୍ ଧାତୁ. ଣିଚ୍=ବାସି ଧାତୁ+ଭାବ.
Prabāsana ଅନ)—ନିର୍ବାସନ; କୌଣସି ବ୍ୟକ୍ତିକୁ ବିଦେଶକୁ
ପ୍ରବାସିତ } ବିଣ ପଠାଇବା—1. Sending a person
ପ୍ରବାସ୍ୟ } abroad; exiling a person.
୨ । (ପ୍ର+ବସ୍ ଧାତୁ+ଭାବ. ଅ) ବିଦେଶରେ ବାସ କରିବା—
2. Living in a foreign land; sojourning.
୩ । ମାରଣ; ବଧ; ହତ୍ୟା—
3. Killing; slaughter.

ପ୍ରବାସିଆ—ଦେ. ବିଣ—(ସ. ପ୍ରବାସୀ)—ପ୍ରବାସୀ (ଦେଖ)—
Prabāsiā Prabāsi (See).
পরদেশী **परदेशी**

ପ୍ରବାସିତ—ସ. ବିଣ—(ପ୍ର+ବସ୍ ଧାତୁ ଣିଜନ୍ତ ବାସି ଧାତୁ+କର୍ମ.
Prabāsita ତ)—୧ । ନିର୍ବାସିତ—
1. Exiled; expatriated.
୨ । ହତ—2. Slaughtered.

ପ୍ରବାସୀ—ସ. ବିଣ. ପୁଂ—(ପ୍ରବାସ+ଇନ୍; ଅଥବା ପ୍ର+ବସ୍ ଧାତୁ+
Prabāsi କର୍ତ୍ତୃ. ଇନ୍; ୧ମା. ୧ବ)—ଯେ ପ୍ରବାସରେ ଥାଏ;
(ପ୍ରବାସିନୀ—ସ୍ତ୍ରୀ) ପ୍ରୋଷିତ—Sojourning; living abroad.
পরদেশী ଦେ. ବି—୧ । ପ୍ରବାସୀ ବ୍ୟକ୍ତି—
परदेशी 1. A sojourner.
୨ । ବିଦେଶରୁ ଆସି ବାସ କରିଥିବା ବ୍ୟକ୍ତି—
2. A stranger.
୩ । ଯେଉଁ ବ୍ୟକ୍ତି ଅନ୍ୟ ଲୋକର ଘରେ ବସା କରିଥାଏ—
3. A lodger.

ପ୍ରବାସ ପତ୍ନୀ—ଦେ. ବି.—(ରସିକତାମୟ ବ୍ୟଙ୍ଗବଚନ; ନିଜ ଘରେ
Prabāsa patni ଥିବା ସମୟରେ ସ୍ତ୍ରୀ ପାକ କରୁଥିବାରୁ)—ପ୍ରବାସ ବାସ ସମୟରେ ନିଯୁକ୍ତ ପାଚକ; ସୁଆର—
A cook who cooks for a person in sojourn.

ପ୍ରବାସ୍ୟ—ସ. ବିଣ. ପୁଂ—(ପ୍ର+ବସ ଧାତୁ ଣିଚ୍+କର୍ମ. ଯ)—
Prabāsya ୧ । ଯାହାକୁ ନିର୍ବାସିତ କରିବା ଉଚିତ—
(ପ୍ରବାସ୍ୟା—ସ୍ତ୍ରୀ) 1. Deserving to be exiled.
୨ । ଯାହାକୁ ନିର୍ବାସିତ କରାଯିବ—
2. About to be exiled.

ପ୍ରବାହ—ସ. ବି—(ପ୍ର+ବହ୍ ଧାତୁ+କର୍ତ୍ତୃ. ଅ)—୧ । ସ୍ରୋତ;
Prabāha ଜଳଧାରା—1. Current; stream; flow.
୨ । ଧାରା; ଶ୍ରେଣୀ—
2. Series; continuous line.
୩ । ଅବିଚ୍ଛେଦ ଗତି—
3. Continuous motion.
୪ । ଚିନ୍ତାସ୍ରୋତ—
4. Continuous train of thought (Howells).
୫ । ପ୍ରବୃତ୍ତି—
5. Activity; engagement; action.
୬ । ବିସ୍ତାର—
6. Circulation; promulgation; extent.
୭ । ପରମ୍ପରାଗତ ବ୍ୟବହାର; ଚଳନ୍ତି ରୀତି—
7. Usage; traditional custom.
୮ । ଅବିଚ୍ଛିନ୍ନତା; ଧାରାବାହିକତା—
8. Continuity; unbroken succession.

୯	ର	ଡ଼	ଋ,ୠ	ଝ	ଏ	ହ୍ରସ୍ୱ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଢ
୬	ଢ଼	ଭ	ରୁ	ଲ	ଦ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	●	ନ୍ତ

୯। ଦ୍ରୁତଗାମୀ ଘୋଟକ—9. A swift horse.
୧୦। ପୁଷ୍କରିଣୀ—10. A pond; tank.

ପ୍ରବାହକ—ସଂ. ବି—୧। (ବିଜ୍ଞାନ ପରିଭାଷା; ପ୍ର+ବହ୍ ଧାତୁ ଣିଚ୍+ କର୍ତ୍ତୃ. ଅକ)—ଯାହା ତାପ ବା ବିଦ୍ୟୁତ୍‌କୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଚଳିବାରେ ବାଧା ଦିଏ ନାହିଁ—
Prabāhaka 1. Conductor (of heat or electricity).
୨। ରାକ୍ଷସ (ହି. ଶ)—2. Demon; fiend.
(ପ୍ରବାହିକା—ସ୍ତ୍ରୀ) ସଂ. ବିଣ. ପୁଂ—ଯାହା ଉତ୍ତମରୂପେ ବହନ କରି ପାରେ—Able to carry well.

ପ୍ରବାହିକା—ସଂ. ବି—(ପ୍ର+ବହ୍ ଧାତୁ ଣିଜନ୍ତ ବାହି ଧାତୁ+କର୍ତ୍ତୃ. ଅକ+ସ୍ତ୍ରୀ. ଆ)—ଗ୍ରହଣୀ ରୋଗ; ଉଦରାମୟ; ଶୂଳା ଝାଡ଼ା—Diarrhœa
Prabāhikā
ସଂ. ବିଣ. ସ୍ତ୍ରୀ—ପ୍ରବାହକର ସ୍ତ୍ରୀଲିଙ୍ଗ—Feminine of Prabāhaka.

ପ୍ରବାହିତ—ସଂ. ବିଣ—(ପ୍ରବାହ+ଇତ)—୧। ଧାରାବାହିକ—
Prabāhita 1. Successive.
୨। ଧାରରେ ବହିଯାଉ ଥିବା—
2. Flowing; running.
୩। ପ୍ରବାହବିଶିଷ୍ଟ; ସ୍ରୋତୋବିଶିଷ୍ଟ—
3. Having a current.
୪। ଯାହାକୁ ବୁହାଇ ନିଆଯାଇ ଅଛି—
4. Carried; borne.
୫। ସ୍ରୋତଃ ଦ୍ୱାରା ବାହିତ (ଜଳାଦି)—
5. (water) Made to flow in a current.

ପ୍ରବାହିନୀ—ସଂ. ବିଣ. ସ୍ତ୍ରୀ—(ପ୍ର+ବହ୍ ଧାତୁ+କର୍ତ୍ତୃ. ଇନ୍+ସ୍ତ୍ରୀ. ଈ)—
Prabāhinī ପ୍ରବାହୀର ସ୍ତ୍ରୀଲିଙ୍ଗ—Feminine of Prabāhī.
ସଂ. ବି. ସ୍ତ୍ରୀ—ସ୍ରୋତସ୍ୱିନୀ; ନଦୀ—River.

ପ୍ରବାହୀ—ସଂ. ବିଣ—(ପ୍ରବାହ+ଇନ୍; ୧ମା. ୧ବ)—୧। ଯାହା ବହି ଯାଉଥାଏ—1. Flowing.
Prabāhī
(ପ୍ରବାହିନୀ—ସ୍ତ୍ରୀ) ୨। ପ୍ରବାହବିଶିଷ୍ଟ; ସ୍ରୋତସ୍ୱାନ୍—
2. Having a current
୩। ଯେ ବୋହି ନିଏ—3 Carrying away.
୪। ତରଳ (ହି. ଶ)—4. Liquid.
୫। (ସ୍ତ୍ରୀ) (ପ୍ରବାହ+ଈ)—ବାଲୁକା (ହି. ଶ.)—
5. Sand.

ପ୍ରବାହୁ—ସଂ. ବି. (ପ୍ର+ବାହୁ)—କହୁଣିର ନିମ୍ନଭାଗ—
Prabāhu The lower part of the elbow.

ପ୍ରବିଗ୍ରହ—ସଂ. ବି. (ପ୍ର+ବିଗ୍ରହ)—ସନ୍ଧିଭଙ୍ଗ (ହି. ଶ)—
Prabigraha Infringement of a treaty.

ପ୍ରବିଚୟ—ସଂ. ବି. (ପ୍ର+ବି+ଚି ଧାତୁ+ଭାବ. ଅ)—
Prabichaya ୧। ଅନୁସନ୍ଧାନ (ହି. ଶ)—
1. Inquiry; quest.
୨। ପରୀକ୍ଷା (ହି. ଶ)—2. Test; examination.

ପ୍ରବିଦାରଣ—ସଂ. ବି. (ପ୍ର+ବିଦାରଣ)—୧। ପୂର୍ଣ୍ଣରୂପେ ବିଦାରଣ—
Prabidāraṇa 1. A complete tearing.
୨। ଯୁଦ୍ଧ (ହି. ଶ)—2. Fight; war.

ପ୍ରବିଭକ୍ତ—ସଂ. ବିଣ. (ପ୍ର+ବିଭକ୍ତ)—୧। ବହୁଧା ବିଭକ୍ତ—
Prabibhakta 1. Divided into many parts.
(ପ୍ରବିଭକ୍ତିତ—ଣିଜନ୍ତ ନିଷ୍ପନ୍ନ ରୂପ) ୨। ବଣ୍ଟାଯାଇଥିବା—
2. Partitioned.

ପ୍ରବିର—ସଂ. ବି—ପୀତକାଷ୍ଠ; ଏକପ୍ରକାର ଚନ୍ଦନ (ହି. ଶ)—
Prabira A kind of yellow sandal wood.

ପ୍ରବିଲସିବା—ଦେ. (ପଦ୍ୟ) କ୍ରି (ସଂ. ପ୍ର+ବି+ଲସ ଧାତୁ)—
Prabilasibā ୧। ଶୋଭା ପାଇବା; ସୁନ୍ଦର ଦିଶିବା—
ପ୍ରବିଳାସା 1. To look beautiful.
୨। ଝକଝକ ଦିଶିବା—2. To shine.
ଗୁରୁତଳେ ପ୍ରବଳସେ ଅଳକ ମୃଗ ର ଉଜସିକର। ପ୍ରାଚୀ. ଉପବାସ୍ଥା

ପ୍ରବିଷା—ସଂ. ବି—ମହୁରା; ଅତିବିଷା (ଦେଖ) (ହି. ଶ)—
Prabishā (ପ୍ରତିବିଷା—ଅନ୍ୟରୂପ) Aconite.

ପ୍ରବିଷ୍ଟ—ସଂ. ବିଣ. (ପ୍ର+ବିଶ୍ ଧାତୁ+କର୍ତ୍ତୃ. ତ)—
Prabishṭa ୧। ଯାହା ଭିତରକୁ ପ୍ରବେଶ କରିଅଛି—
(ପ୍ରବେଶିତ—ଣିଜନ୍ତନିଷ୍ପନ୍ନ ରୂପ) 1. Entered into; gone into.
୨। ନିଯୁକ୍ତ; ଅଭିନିବିଷ୍ଟ—
2. Engaged in; occupied with.
୩। ଅନ୍ତର୍ଗତ—3 Internal.

ପ୍ରବୀଣ—ସଂ. ବିଣ. (ପ୍ର+ବୀଣ୍ ଧାତୁ ଣିଚ୍=ବୀଣି ଧାତୁ=ବୀଣା ବଜାଇବା +ଅ)—୧। ଅଭିଜ୍ଞ; ବିଜ୍ଞ; ବହୁଦର୍ଶୀ—
Prabiṇa
(ପ୍ରବୀଣା—ସ୍ତ୍ରୀ) 1. Experienced.
ପ୍ରବୀଣତା, ପ୍ରବୀଣତ୍ୱ, ପ୍ରାବୀଣ୍ୟ } ବି
୨। ଦକ୍ଷ; ନିପୁଣ; କୁଶଳ—
2. Skilful; versed in; proficient.
୩। ପଟୁ; ବିଶେଷଜ୍ଞ—3. Expert.
୪। ପ୍ରାଚୀନ—4. Old.
୫। ସୁପକ୍ୱ—5. Ripe; matured.
୬। ଚତୁର—6. Clever
୭। ବାକ୍‌ପଟୁ; ବାଗ୍ମୀ—7. Eloquent.
୮। କୃତୀ; ବିଦ୍ୱାନ୍—8. Learned; well versed.
୯। ଆନନ୍ଦିତ—9. Delighted.
୧୦। ସୁଖୀ—10. Happy.
ସଂ. ବି—ଉତ୍ତମ ଗାୟକ ବା ବାଦକ (ହି. ଶ)—
An excellent singer or musician.

ପ୍ରବୀର—ସଂ. ବି. (ପ୍ର+ବୀର)—୧ । ଶ୍ରେଷ୍ଠ ବୀର—
Prabira 1. Great hero.
୨ । (ନାମ) ଭୌତ୍ୟମନୁଙ୍କର ଏକ ପୁତ୍ର (ହ. ଶ)—
2. Name of a son of Bhautya Manu.
୩ । (ନାମ) ମାହିଷ୍ମତୀ ରାଜ୍ୟର ରାଜା ନୀଳଧ୍ୱଜ ଓ ରାଣୀ ଜ୍ୱାଳାଙ୍କ ପୁତ୍ର—3. Name of a prince of Māhishmati
[ଦ୍ର—ଏହାଙ୍କ ବିଷୟ ଜୈମିନି ମହାଭାରତରେ ଉଲ୍ଲିଖିତ ହୋଇଅଛି କିନ୍ତୁ ବ୍ୟାସଦେବଙ୍କ ମହାଭାରତରେ ନାହିଁ । ଯୁଧିଷ୍ଠିରଙ୍କ ଅଶ୍ୱମେଧ ଯଜ୍ଞଘୋଟକ ମାହିଷ୍ମତୀ ନଗରୀରେ ପହଞ୍ଚିବା ବେଳେ ପ୍ରବୀର ବନ୍ଧୁ ସ୍ତ୍ରୀଙ୍କ ସହିତ ଉପବନରେ କ୍ରୀଡ଼ା କରୁଥିଲେ । ଜଣେ ପ୍ରେୟସୀ ମଦନମଞ୍ଜରୀର ଅନୁରୋଧରେ ରାଜକୁମାର ଉକ୍ତ ଘୋଡ଼ାକୁ ଧରି ରଖିଲେ । ଏଥିରେ ଅର୍ଜୁନଙ୍କ ସଙ୍ଗେ ନୀଳଧ୍ୱଜ ରାଜାଙ୍କର ଘୋର ଯୁଦ୍ଧ ହେଲା । ନୀଳଧ୍ୱଜ ହାରିଲେ । ସୂର୍ଯ୍ୟଦେବ ନୀଳଧ୍ୱଜଙ୍କ ଜାମାତା ଥିଲେ । ସୂର୍ଯ୍ୟଙ୍କ ପରାମର୍ଶରେ ନୀଳଧ୍ୱଜ ଉକ୍ତ ଘୋଡ଼ାକୁ ଅର୍ଜୁନଙ୍କୁ ଫେରାଇ ଦେବାକୁ ଉଦ୍ୟତ ହେବାରୁ ରାଣୀ ଜ୍ୱାଳା ତାଙ୍କୁ ବହୁତ ଧିକ୍କାରିଲେ ଓ ଅର୍ଜୁନଙ୍କ ସଙ୍ଗେ ଯୁଦ୍ଧ କରିବାକୁ ସ୍ୱାମୀଙ୍କୁ ଉତ୍ତେଜିତ କଲେ । ଯୁଦ୍ଧରେ ପ୍ରବୀର ହତ ହେଲେ ଓ ନୀଳଧ୍ୱଜ ଅର୍ଜୁନଙ୍କୁ ଘୋଡ଼ା ଲେଉଟାଇ ଦେଲେ । ଏଥିରେ ଜ୍ୱାଳା କ୍ରୁଦ୍ଧା ହୋଇ ସ୍ୱାମୀଙ୍କ ଗୃହ ତ୍ୟାଗ କରି ନିଜ ଭାଇଙ୍କ ଘରକୁ ଗଲେ । ଭାଇମାନେ ତାଙ୍କୁ ତଡ଼ିଦେବାରୁ ଜ୍ୱାଳା ନୌକାରେ ଗଙ୍ଗା ପାରି ହୋଇ ଗଙ୍ଗାକୂଳରେ ରହିଲେ ଓ ଗଙ୍ଗାଙ୍କୁ କହିଲେ;--ଅର୍ଜୁନ ତୁମ ପୁଅ ଭୀଷ୍ମଙ୍କୁ ମାରିପକାଇଲେ, ଏଥିରେ ତୁମ୍ଭର ପ୍ରତିହିଂସା ହେଲା ନାହିଁ ! ଗଙ୍ଗା ଦେବୀ ଏହା ଶୁଣି ଅର୍ଜୁନଙ୍କ ପ୍ରତି କ୍ରୁଦ୍ଧା ହୋଇ ଅଭିଶାପ ଦେଲେ ଯେ, ୬ ମାସ ମଧ୍ୟରେ ଅର୍ଜୁନଙ୍କ ମୁଣ୍ଡକାଟ ହେବ । ଏହା ଶୁଣି ଜ୍ୱାଳା ପ୍ରସନ୍ନା ହେଲେ ଓ ସେ ଅଗ୍ନିରେ ଝାସ ଦେଲେ ଏବଂ ଅର୍ଜୁନଙ୍କ ବଧାର୍ଥ ତୀକ୍ଷ୍ଣବାଣର ରୂପ ଧାରଣ କରି ବଭ୍ରୁବାହନଙ୍କ ତୂଣୀରରେ ଯାଇ ରହିଲେ—ହ. ଶ ।]
ସଂ. ବିଣ. ପୁଂ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ; ଯଥା—କୁରୁପ୍ରବୀର)—ବୀରମାନଙ୍କ ମଧ୍ୟରେ ଶ୍ରେଷ୍ଠ—Very heroic; distinguished amongst warriors.

ପ୍ରବୁଦ୍ଧ—ସଂ. ବିଣ. (ପ୍ର+ବୁଧ୍ ଧାତୁ+କର୍ତ୍ତୃ. ତ)—
Prabuddha ୧ । ଜ୍ଞାନବାନ୍; ଜ୍ଞାନୀ—1. Wise.
(ପ୍ରବୋଧିତ—ଣିଜନ୍ତ ବିଶେଷ୍ୟ ରୂପ) ୨ । ପ୍ରଫୁଲ୍ଲ; ପ୍ରସ୍ଫୁଟିତ; ବିକସିତ—
2. Expanded; full blown.
୩ । ଜାଗରିତ; ଚେଇଁଉଠିଥିବା—
3. Wakened; awake.
୪ । ସାବଧାନ—4. Wary; cautious.
ସଂ. ବି. ପୁଂ. (ନାମ)—ଭାଗବତୋକ୍ତ ଋଷଭଦେବଙ୍କର ଏକପୁତ୍ର—
Name of a son of Rushabha deba.

ପ୍ରବୃତ୍ତ—ସଂ. ବିଣ. (ପ୍ର+ବୃତ୍ ଧାତୁ+କର୍ତ୍ତୃ. ତ)—୧ । ନିଯୁକ୍ତ—
Prabrutta 1. Engaged in; occupied with.
(ପ୍ରବୃତ୍ତି—ବି) ୨ । କୌଣସି କାର୍ଯ୍ୟରେ ବ୍ୟାପୃତ—
(ପ୍ରବର୍ତ୍ତିତ—ଣିଜନ୍ତ ବିଶେଷ୍ୟ ରୂପ) 2. Busy (with any work.
୩ । ରତ—3. Addicted to.
୪ । (କୌଣସି କର୍ମ) ଆରମ୍ଭ କରିଥିବା (ବ୍ୟକ୍ତି)—
(ପ୍ରବୃତ୍ତା—ସ୍ତ୍ରୀ) 4. Setting about (to do an act)
୫ । (+କର୍ମ. ତ) ଆରବ୍ଧ—
5. Commenced; undertaken; begun.
୬ । ଉତ୍ପନ୍ନ—6. Produced.
୭ । ପ୍ରଚଳିତ—7. Made current; promulgated.
୮ । ପ୍ରବୃତ୍ତିବିଶିଷ୍ଟ—8. Having inclination; eager.
୯ । ଉତ୍କୃଷ୍ଟ ପଥବିଶିଷ୍ଟ—9. Having excellent roads; well furnished with roads.
୧୦ । ନିର୍ଦ୍ଧାରିତ—10. Settled.
୧୧ । (+କର୍ତ୍ତୃ. ତ) ଉଦ୍ୟତ—
11. Ready; preparad to do any act.

ପ୍ରବୃତ୍ତ ହେବା—ଦେ. କ୍ରି (ସ. ପ୍ରବୃତ୍ତ)—୧ । କୌଣସି କାର୍ଯ୍ୟ କରିବାକୁ
Prabrutta hebā ମନ ବଳାଇବା—1. To be bent on
(ନିବୃତ୍ତହେବା—ବିପରୀତ) doing a work.
ପ୍ରବୃତହଓୟା **प्रवृत्तहोना** ୨ । କୌଣସି କାର୍ଯ୍ୟ କରିବାକୁ ଆରମ୍ଭ କରିବା—2 To set about doing something.
୩ । ଉଦ୍ୟତ ହେବା—3 To be ready to do something.

ପ୍ରବୃତ୍ତି—ସ. ବି (ପ୍ର+ବୃତ୍ ଧାତୁ+ଭାବ. ତି)—୧ । ଇଚ୍ଛା—
Prabrutti 1. Desire; wish.
(ନିବୃତ୍ତି—ବିପରୀତ) ୨ । ଝୁଙ୍କ୍; ପ୍ରବଣତା—
2. Inclination.
୩ । କୌଣସି ବିଷୟ ପ୍ରତି ଅତ୍ୟଧିକ ଅନୁରକ୍ତି—
3. Addiction (to any thing).
୪ । କୌଣସି କାର୍ଯ୍ୟ ପ୍ରତି ଅନୁରାଗ; ଝୁଙ୍କି—
4. Tendency; predilection; propensity.
୫ । (ନ୍ୟାୟ) କାର୍ଯ୍ୟ କରିବାକୁ ଯତ୍ନ—
5. Activity or occupation (as opposed to contemplation).
୬ । ଅଧ୍ୟବସାୟ ସହକାରେ ଅନୁଧାବନ—
6. Prosecution of an object with perseverance.
୭ । ଅଧ୍ୟବସାୟ—7. Perseverance.
୮ । ବ୍ୟାପାର—8, Any operation; any matter.
୯ । ଖବର; ବାର୍ତ୍ତା; ସମ୍ବାଦ—
9. Tidings; news; intelligence.
୧୦ । ସ୍ରୋତଃ; ପ୍ରବାହ—10 Current; flow.
୧୧ । କାର୍ଯ୍ୟାରମ୍ଭ—11. Commencement of a work; undertaking.
[ଦ୍ର—ବାକ୍ୟ, ବୁଦ୍ଧି ଓ ଶରୀର ଦ୍ୱାରା କୌଣସି କାର୍ଯ୍ୟର ଆରମ୍ଭକୁ ପ୍ରବୃତ୍ତି ବୋଲାଯାଏ; ରାଗ ଦ୍ୱେଷାଦି ଷଡ଼୍ ରିପୁ ମନୁଷ୍ୟ ମନରେ

କାର୍ଯ୍ୟରେ ପ୍ରବୃତ୍ତ କରାନ୍ତି । ଯେଉଁ କାର୍ଯ୍ୟ ଦ୍ଵାରା ମନୁଷ୍ୟର ଇଷ୍ଟ ସାଧନ ହୁଏ ତାହା କରିବାକୁ ମନୁଷ୍ୟ ମନରେ ପ୍ରବୃତ୍ତି ଜନ୍ମେ ଓ ଯଦ୍ଦ୍ଵାରା ଅନିଷ୍ଟ ସାଧନ ହୁଏ ତହିଁରୁ ମନୁଷ୍ୟ ମନରେ ନିବୃତ୍ତି ଜନ୍ମେ ।]

୧୨ । (+କର୍ତ୍ତୃ. ତ) ହସ୍ତିମଦ—
12. The juice exuded from elephant's temples.

୧୩ । ଗତି—13. Speed; motion; course.

୧୪ । ଉତ୍ପତ୍ତି—14 Production; birth.

୧୫ । ଉତ୍ତେଜନା—15. Excitement.

୧୬ । ଆଚାର; ବ୍ୟବହାର—
16. Practice; conduct.

୧୭ । (ଗଣିତ) ଗୁଣକ—
17 (arithmetic) The multiplier.

ଗ୍ରା. ବି—ହଇଜା; ବସୂଚକା—Cholera.
(ଯଥା—ସେ ଗାଁରେ ୪ ଦିନ ହେଲା ପ୍ରବୃତ୍ତି ପଡ଼ିଛି ।)

ପ୍ରବୃତ୍ତିଜ୍ଞ—ସଂ. ବିଣ. ପୁଂ (ପ୍ରବୃତ୍ତି+ଜ୍ଞା ଧାତୁ+କର୍ତ୍ତୃ. ଅ)—
Prabruttijña ଖବର ଜାଣିଥିବା (ବ୍ୟକ୍ତି)—
(ପ୍ରବୃତ୍ତିଜ୍ଞା—ସ୍ତ୍ରୀ) Knowing the news (Howells).
ସଂ. ବି. ପୁଂ—୧ । ସମ୍ବାଦବାହକ; ଦୂତ—
1. Messenger; emissary.
୨ । ଚର—2. Spy (Howells).

ପ୍ରବୃତ୍ତି ମାର୍ଗ—ସଂ. ବି. (୬ଷ୍ଠୀ ତତ୍; ପ୍ରବୃତ୍ତି+ମାର୍ଗ)—୧ । ସଂସାରର
Prabrutti mārga ପଥ; ସଂସାରିକ କାର୍ଯ୍ୟର ମାର୍ଗ—
(ନିବୃତ୍ତିମାର୍ଗ—ବିପରୀତ) 1. The ways of the world; attachment to worldly concerns.
୨ । ସାଂସାରିକ କାର୍ଯ୍ୟ କରିବାଦ୍ଵାରା ଯୋଗସାଧନ ବା ମୁକ୍ତିଲାଭର ପ୍ରଣାଳୀ—2. Mode of attaining salvation by doing worldly acts.

ପ୍ରବୃଦ୍ଧ—ସଂ. ବିଣ. (ପ୍ର+ବୃଧ୍ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ତ)—
Prabruddha ୧ । ବିଶେଷରୂପେ ବୃଦ୍ଧି ପ୍ରାପ୍ତ—
(ପ୍ରବୃଦ୍ଧି, ପ୍ରବର୍ଦ୍ଧନ—ବି) 1. Enlarged; greatly
(ପ୍ରବର୍ଦ୍ଧିତ—ଣିଜନ୍ତସମ୍ବନ୍ଧ ରୂପ) increased; augmented.
୨ । ବଢ଼ି ଥିବା (ନଦୀ; ଜଳ ଆଦି)—
2. Inundated; flooded.
ବନ ଲଭ ପ୍ରବୃଦ୍ଧ ସଲିଳ ସର ଭଳ ।
ଉତ୍ତ. ବୈଦେହୀଶବିଳାସ ।
୩ । ଫୁଲି ଥିବା—3. Swollen.
୪ । ବହୁ ବିସ୍ତୃତ—4. Spread out over a large extent; expanded.
୫ । ଗର୍ବିଷ୍ଠିତ—5. Arrogant; haughty (Apte).
୬ । ଖୁବ୍ ବଡ଼—6. Very large; gigantic.
୭ । ଭୟଙ୍କର—7. Violent (Apte).
୮ । ପୂର୍ଣ୍ଣତାପ୍ରାପ୍ତ—8. Full grown (Apte).
୯ । ଗମ୍ଭୀର—9. Deep (Apte).
ସଂ. ବି.—୧ । ତରବାରିର ଏକ କସରତ୍ (ହ୍ରୂ. ଶ.)—
1. A kind of sword-play.
[ଦ୍ର—ଏଥିରେ ତରବାରିର ମୁନଦ୍ଵାରା ଶତ୍ରୁର ଶରୀର ସ୍ପର୍ଶ କରାଯାଏ—(ହ୍ରୂ. ଶ.) ।]
୨ । (ନାମ) ରଜା ରଘୁଙ୍କର ଏକ ପୁତ୍ର—
2. Name of a son of king Raghu.
[ଦ୍ର—ଏ ଗୁରୁଙ୍କ ଅଭିଶାପରେ ୧୨ ବର୍ଷ କାଳ ରାକ୍ଷସ ହୋଇଥିଲେ (ହ୍ରୂ. ଶ.) ।]

ପ୍ରବେକ—ସଂ. ବିଣ.—୧ । ଅତି ଉତ୍କୃଷ୍ଟ—
Prabeka 1. Most excellent (Apte).
୨ । ପ୍ରଧାନ (ହ୍ରୂ. ଶ.)—2. Chief.
୩ । ଅତି ଉତ୍ତମ—3. Best; choicest (Apte).

ପ୍ରବେଟ—ସଂ. ବି. (ପ୍ର+ବିଟ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ)—
Prabeṭa ଯବ—Barley.

ପ୍ରବେଣି(ଣୀ)—ସଂ. ବି. (ପ୍ର+ବେଣ୍ ଧାତୁ+ଗମନ କରିବା+କର୍ତ୍ତୃ.ଇ)—
Prabeṇi(ṇi) ୧ । କେଶର ବେଣୀ; କେଶବିନ୍ୟାସ—
1. Braid of hair.
୨ । ହସ୍ତୀପୃଷ୍ଠର ରଙ୍ଗିନ୍ ଆସ୍ତରଣ—
2. A coloured covering laid over the back of an elephant.
୩ । (ନାମ) ମହାଭାରତୋକ୍ତ ନଦୀବିଶେଷ—
3. Name of a river of ancient India.

ପ୍ରବେତା—ସଂ. ବି. ପୁଂ. (ପ୍ରବେତୃଶବ୍ଦ ୧ମା. ୧ବ)—ସାରଥୀ—
Prabetā Charioteer; driver of a car.

ପ୍ରବେଲ—ସଂ. ବି—ହଳଦିଆ ମୁଗ; ସୁନା ମୁଗ—
Prabela A kind of yellow cereals.

ପ୍ରବେଶ—ସଂ ବି. (ପ୍ର+ବିଶ୍ ଧାତୁ=ଭିତରକୁ ଯିବା+ଭାବ. ଅ)—
Prabesa ୧ । ଅନ୍ତର୍ନିବେଶ; ଭିତରକୁ ଯିବା—1. Entry;
ପ୍ରବିଷ୍ଟ } ବିଣ going inside; entrance; ingress;
ପ୍ରବେଶ୍ୟ } admission; introduction.
୨ । ଭିତରକୁ ଗଳିଯିବା; ପଶିଯିବା—2. Penetration.
୩ । କୌଣସି ବିଷୟରେ ବିଶେଷରୂପେ ନିବିଷ୍ଟ ହେବା—
3. Deep engagement in any matter.
୪ । ଶାସ୍ତ୍ରାଦିରେ ଅଧିକାର ବା ପଟୁତା—
4 Proficiency in any branch of learning.
୫ । (+କରଣ. ଅ) ବାଟ; ପଥ—5. Way; path.
ଦେ. ବି—ଭୂତ ଓ ଦେବତାଆଦିଙ୍କର ମନୁଷ୍ୟଠାରେ ଅବେଶ-
Being possessed by a spirit or Deity.
ଗ୍ରା. ବିଣ—(ସଂ. ପ୍ରବିଷ୍ଟ)—ପ୍ରବିଷ୍ଟ (ଦେଖ)—
Prabishta (See).

ପ୍ରବେଶକ—ସଂ. ବିଣ. (ପ୍ର+ବିଶ୍ ଧାତୁ+କର୍ତ୍ତୃ. ଅକ)—
Prabesaka ୧ । ପ୍ରବେଶକାରୀ; ଅଭ୍ୟନ୍ତରଗାମୀ—
(ପ୍ରବେଶିକା—ସ୍ତ୍ରୀ) 1. Going inside; entering; penetrating.

୨ । ଯାହା ପୂର୍ବରୁ ସୂଚନା ଦିଏ—2. Introductory.
୩ । ପ୍ରଥମ—3. First.
୪ । ଯାହା ପ୍ରବିଷ୍ଟ କରାଏ—
4. Causing to enter; thrusting.
ସଂ. ବି—ନାଟକରେ ପରବର୍ତ୍ତୀ ଅଙ୍କର ପ୍ରସ୍ତାବନାସ୍ୱରୂପ ପାତ୍ର ଦ୍ୱାରା କଥିତ ଅଂଶବିଶେଷ; ବିଷ୍କମ୍ଭକ—
An introductory monologue introducing the subject of the next act or scene in a play.

ପ୍ରବେଶ କରିବା—ଦେ. କ୍ରି—୧ । ଭିତରକୁ ଯିବା—
Prabesa kariba 1. To enter into.
୨ । ଉପସ୍ଥିତ ହେବା—2. To arrive at.
(ପ୍ରବେଶ ନେବା—ଅନ୍ୟରୂପ) ୩ । ଅଭିନିବେଶପୂର୍ବକ ବିଚାର କରିବା—3. To consider with attention.
୪ । ଉତ୍ତମରୂପେ ବୁଝିବା—4. To understand well.

ପ୍ରବେଶନ—ସଂ. ବି—୧ । (ପ୍ର+ବିଶ୍ ଧାତୁ+କରଣ. ଅନ)—
Prabesana ପ୍ରଧାନ ଦ୍ୱାର; ସିଂହଦ୍ୱାର—
ପ୍ରବେଶିତ, ପ୍ରବେଶନୀୟ } ବିଣ 1. Chief entrance; lion's gate.
୨ । (+ଭାବ. ଅନ) ପ୍ରବେଶ କରିବା—2 Entering.
୩ । (ପ୍ର+ବିଶ୍ ଧାତୁ ଣିଚ୍+ଭାବ. ଅନ)—ପ୍ରବିଷ୍ଟ କରାଇବା; ପୂରାଇବା—3 Thrusting; causing to enter.

ପ୍ରବେଶ ଦ୍ୱାର—ସଂ. ବି—କୌଣସି ସ୍ଥାନକୁ ଯିବାର ଦ୍ୱାର—
Prabesa dwara An inlet.

ପ୍ରବେଶ ମାର୍ଗ—ସଂ. ବି—କୌଣସି ସ୍ଥାନକୁ ଯିବାର ବାଟ—
Prabesa marga A road leading to a place.
(ପ୍ରବେଶ ପଥ—ଅନ୍ୟରୂପ)

ପ୍ରବେଶାଧିକାର—ସଂ. ବି. (୬ଷ୍ଠୀ ତତ୍; ପ୍ରବେଶ+ଅଧିକାର)—
Prabesadhikara ଭିତରକୁ ପଶିବାର ସ୍ୱତ୍ୱ ବା ଦାବି—
The right of entry; right of admittance to a place.

ପ୍ରବେଶିକା—ସଂ. ବି. (ପ୍ର+ବିଶ ଧାତୁ+କରଣ ଅକ+ସ୍ତ୍ରୀ ଆ)—
Prabesika ୧ । ପରିଚୟ ପତ୍ର—1 Introduction letter.
୨ । କୌଣସି ସ୍ଥାନକୁ ପ୍ରବେଶ କରିବାର ଟିକେଟ୍—
2. Ticket of admission.
୩ । କୌଣସି ସ୍ଥାନକୁ ପ୍ରବେଶ କରିବାପାଇଁ ଦିଆଯିବା ଧନ (ହି. ଶ.)
3. Fee for admission.
ଦେ. ବିଣ—ଯାହାଦ୍ୱାରା କୌଣସି ସ୍ଥାନକୁ ପ୍ରବେଶ କରିବା ଅଧିକାର ପ୍ରଦତ୍ତ ବା ସୂଚିତ ହୁଏ—Giving admission to; giving a right to enter; entitling a person to admission.

ପ୍ରବେଶିକା ପରୀକ୍ଷା—ଦେ. ବି—ମାଟ୍ରିକୁଲେସନ୍ ପରୀକ୍ଷା; ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିବା ପୂର୍ବରୁ ବିଦ୍ୟାର୍ଥୀଠାରୁ ଗୃହୀତ ପରୀକ୍ଷାବିଶେଷ—
Prabesika pariksha
प्रवेशिका परीक्षा
The Entrance or Matriculation examination.
[ଦ୍ର—ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ବିଦ୍ୟାର୍ଥୀ କଲେଜ୍‌ରେ ପଢ଼ିପାରନ୍ତି; ଅର୍ଥାତ୍ ବିଶ୍ୱବିଦ୍ୟାଳୟରେ ପ୍ରବେଶାଧିକାର ପାଆନ୍ତି।]

ପ୍ରବେଶିକା ପୁସ୍ତକ—ଦେ. ବି. (ଆଧୁନିକ ପ୍ରୟୋଗ)—ଛାତ୍ରର ବିଦ୍ୟାଳୟରେ ନାମ ଲେଖାଇବା ସମୟରେ ନିର୍ଦ୍ଦିଷ୍ଟ ସମ୍ବାଦ ସବୁ ଯେଉଁ ପୁସ୍ତକରେ ପୂରଣ କରାଯାଏ—Admission Register of a school.
Prabesika pustaka
ପ୍ରବେଶିକା ରେଜିଷ୍ଟାର(ରି), ପ୍ରବେଶିକା ବହି } ଅନ୍ୟରୂପ

ପ୍ରବେଶିତ—ସଂ. ବିଣ. (ପ୍ର+ବିଶ୍ ଧାତୁ ଣିଚ୍+କର୍ମ. ତ)—
Prabesita ଯାହାକୁ ଭିତରକୁ ପୂରାଇ ଦିଆଯାଇଅଛି; ଭିତରକୁ ଭରତି କରାଯାଇଥିବା—Introduced into; caused to enter; thrust; admitted.

ପ୍ରବେଶିବା—ଦେ. କ୍ରି (ପଦ୍ୟ) (ସଂ. ପ୍ରବେଶ)—ପ୍ରବେଶ କରିବା;
Prabesiba ପହଞ୍ଚିବା—To reach.
ପ୍ରବେଶିବୁ ଶରଣ ଚରଣମାତରେ—ସ୍ନାନଯାତ୍ରା, ମେଘଦୂତ ।

ପ୍ରବେଶୀ—ସଂ. ବିଣ. ପୁଂ. (ପ୍ରବେଶ+ଇନ୍; ୧ମା. ୧ବ)—
Prabesi ପ୍ରବେଶ କରୁଥିବା—Entering in (Howells).
(ପ୍ରବେଶିନୀ—ସ୍ତ୍ରୀ)

ପ୍ରବେଷ୍ଟ—ସଂ. ବି. (ପ୍ର+ବେଷ୍ଟ ଧାତୁ=ବେଢ଼ିବା+କରଣ. ଅ)—
Prabeshta ୧ । ବାହୁ—1 Arm.
(ପ୍ରବେଷ୍ଟକ—ଅନ୍ୟରୂପ) ୨ । ବାହୁର ନୀଚଭାଗ—
2. Lower arm.
୩ । ଦକ୍ଷିଣ ବାହୁ—3. Right arm.
୪ । ହସ୍ତୀର ଦନ୍ତ ମୂଳର ମାଂସ—
4. An elephant's gum.
୫ । ଗଜପୃଷ୍ଠର ଆସ୍ତରଣ—
5. A covering for the back of an elephant.

ପ୍ରବେଷ୍ଟା—ସଂ. ବିଣ—(ପ୍ର+ବିଶ୍ ଧାତୁ+କର୍ତ୍ତୃ. ତୃ; ୧ମା ୧ବ)—
Prabeshta ପ୍ରବେଶକାରୀ; ଯେ ପଶେ—
(ପ୍ରବେଷ୍ଟ୍ରୀ—ସ୍ତ୍ରୀ) Entering.

ପ୍ରବୋଧ—ସଂ. ବି. (ପ୍ର+ବୁଧ୍ ଧାତୁ+ଭାବ. ଅ)—୧ । ଜାଗରଣ;
Prabodha ନିଦରୁ ଉଠିବା—1. Awaking (from sleep or ignorance).
୨ । ଚେଇଁ ରହିବା; ଚଇଁ—2 Wakefulness.
୩ । ଜ୍ଞାନ—3. Consciousness.
୪ । ପ୍ରକୃଷ୍ଟ ଜ୍ଞାନ—
4. Wisdom; understanding.
୫ । ବୁଦ୍ଧି—5. Intellect; intelligence.
୬ । ସାନ୍ତ୍ୱନା—6. Consolation; soothing.
୭ । ହୁସିଆର; ସତର୍କତା—7. Vigilance.
୮ । ବିକାଶ—8. Expanding.
୯ । ଉପଦେଶ—9. Instruction.
୧୦ । ଉତ୍ତେଜନା—10. Excitement.
୧୧ । ଜ୍ଞାନର ବିକାଶ—11. The awakening of consciousness; the dawning of knowledge

୧୨ । ସ୍ୱାଚ୍ଛନ୍ଦ୍ୟ—12. Comfort.

ପ୍ରବୋଧକ—ସଂ. ବଣ. ପୁଂ (ପ୍ର+ବୁଧ୍ ଧାତୁ ଣିଚ୍+କର୍ତ୍ତୃ. ଅକ)—
Prabodhaka ୧ । ଜାଗରଣକାରୀ; ଯେ ନିଦରୁ ଉଠାଏ—
(ପ୍ରବୋଧିକା—ସ୍ତ୍ରୀ) 1. Awakening.
୨ । ଜ୍ଞାନୋଦ୍ଦୀପକ—2. Convincing; awakening consciousness or knowledge.
୩ । ସାନ୍ତ୍ୱନାକାରୀ—3. Consoling.
୪ । ଉଦ୍ରେକକ—4. Exciting; stimulating.
୫ । ଯେ ଚେତାଇ ଦିଏ—5. Cautioning.
୬ । ଉପଦେଶକ—6. Advising.

ପ୍ରବୋଧନ(ନା)—ସଂ. ବି. (ପ୍ର+ବୁଧ୍ ଧାତୁ ଣିଚ୍=ବୋଧି ଧାତୁ+ଭାବ. ଅନ; +ଆ)—୧ । କୌଣସି ବ୍ୟକ୍ତିଙ୍କୁ ନିଦରୁ ଉଠାଇବା; ଜାଗରିତକରଣ—1. Awakening; arousing.
Prabodhana(nā)
୨ । ଉଦ୍ରେକନ; ଉଦ୍ଦୀପନ—2. Exciting; reviving.
୩ । ସାନ୍ତ୍ୱନାଦାନ; ଆଶ୍ୱାସନ—. Consoling; soothing.
ବଶ୍ରାଷଣ ସହୁଭେ ଯେତେ ନାରୀ କଲେକ ହେ ସ୍ନାନ,
ସମସ୍ତ ତାଙ୍କୁ ପ୍ରବୋଧନା କରି ନେଲେକ ସଦନ ।
ବଶ୍ୱନାଥ. ବଚ୍ଛେଦରାମାୟଣ ।
୪ । ଜ୍ଞାପନ—4. Informing.
୫ । ବୁଝାଇବା—5. Convincing; instruction.
୬ । ସୁଗନ୍ଧ ଦ୍ରବ୍ୟର ପୂର୍ବଗନ୍ଧର ପୁନରୁଦ୍ଧାରନ—
6. Reviving the original fragrance of a thing.
୭ । କୌଣସି ବ୍ୟକ୍ତିଙ୍କୁ ଜ୍ଞାନ ଦେବା—7. Infusing knowledge or wisdom into a person
୮ । ଜାଗରଣ (ହି. ଶ.)—8. Waking up.

ପ୍ରବୋଧନୀ—ସଂ. ବି. (ପ୍ରବୋଧନ+ଈ.)—୧ । ଦୁରାଲଭା—
Prabodhani 1. A prickly plant; Hedysarum Alhagi.
୨ । ହରିଙ୍କର ଉତ୍ଥାନ ଏକାଦଶୀ; କାର୍ତ୍ତିକ ଶୁକ୍ଳ ଏକାଦଶୀ—
2. The 11th day of the bright fortnight of the month of Kārttika.

ପ୍ରବୋଧିତ—ସଂ. ବଣ. (ପ୍ର+ବୁଧ୍ ଧାତୁ ଣିଚ୍+କର୍ମ. ତ)—
Prabodhita ୧ । ଜାଗରିତ—1. Awakened; aroused.
୨ । ଉଦ୍ରେକିତ; ଉଦ୍ଦୀପିତ—
2. Excited; revived; stimulated.
୩ । ବିକସିତ—3. Full blown; expanded.
୪ । ଯାହାର ମନକୁ ଅନ୍ୟ ଲୋକ ବୁଝାଇ ଅଛି—
4. Convinced.
୫ । ଜ୍ଞାପିତ—5. Informed.
୬ । ସାନ୍ତ୍ୱନାପ୍ରାପ୍ତ—6. Consoled; soothed.
୭ । ଜ୍ଞାନପ୍ରାପ୍ତ—
7. Infused with wisdom or knowledge.

ପ୍ରବୋଧିବା—ଦେ. (ପଦ୍ୟ) କ୍ରି—(ସଂ. ପ୍ରବୋଧ)—ପ୍ରବୋଧ ଦେବା;
Prabodhiba ସାନ୍ତ୍ୱନା ଦେବା—To console.
ଅନେକେ ପ୍ରବୋଧି ନନ୍ଦଙ୍କ ପ୍ରାଣ—ମଧୁସୂଦନ. ରାମଚରିତାମୃତ

ପ୍ରବ୍ରଜନ—ସଂ. ବି.—ଗୃହ ତ୍ୟାଗ ପୂର୍ବକ ସନ୍ନ୍ୟାସ ଅବଲମ୍ବନ—
Prabrajana Taking up the life of an ascetic by renouncing the world.

ପ୍ରବ୍ରଜିତ—ସଂ. ବଣ. ପୁଂ. (ପ୍ର+ବ୍ରଜ୍ ଧାତୁ=ଯିବା+କର୍ତ୍ତୃ. ତ)—
Prabrajita ୧ । ପ୍ରବାସଗତ—1. Gone abroad.
(ପ୍ରବ୍ରଜିତା—ସ୍ତ୍ରୀ) ୨ । ଭ୍ରମଣକାରୀ; ପରିବ୍ରାଜକ—
2. Wandering; itinerant.
ସଂ. ବି. ପୁଂ—୧ । ବୌଦ୍ଧ ଭିକ୍ଷୁ—
1 A Buddhist mendicant
୨ । ପ୍ରବ୍ରଜ୍ୟା ଗ୍ରହଣକାରୀ ସନ୍ନ୍ୟାସୀ—2. An ascetic.

ପ୍ରବ୍ରଜିତା—ସଂ. ବି. ସ୍ତ୍ରୀ (ପ୍ରବ୍ରଜିତ+ସ୍ତ୍ରୀ. ଆ)—୧ । ତାପସୀ; ମାତାଜୀ—
Prabrajitā 1. A female mendicant.
୨ । ଜଟାମାଂସୀ (ହି. ଶବ୍ଦସାଗର) (ଦେଖ)—
2. Jaṭāmamsi (See)
୩ । ଗୋରଖମୁଣ୍ଡୀ (ହି. ଶବ୍ଦସାଗର) (ଦେଖ)
3. Gorakha mundi (See)
ସଂ. ବଣ. ସ୍ତ୍ରୀ—ପ୍ରବ୍ରଜିତର ସ୍ତ୍ରୀଲିଙ୍ଗ—
Feminine of Prabrajita.

ପ୍ରବ୍ରଜ୍ୟା—ସଂ. ବି. (ପ୍ର+ବ୍ରଜ ଧାତୁ+ଭାବ. ଯ+ସ୍ତ୍ରୀ. ଆ)—
Prabrajyā ୧ । ସନ୍ନ୍ୟାସଧର୍ମ—1. Religious mendicancy; renunciation of the world; asceticism.
୨ । ପ୍ରବାସ; ଦେଶାନ୍ତରରେ ବାସ—
2 Sojourning; living abroad.

ପ୍ରବ୍ରଜ୍ୟାବସିତ—ସଂ. ବଣ. ପୁଂ (୫ମୀ ତତ; ପ୍ରବ୍ରଜ୍ୟା+ଅବସିତ=
Prabrajyābasita ନାଶପ୍ରାପ୍ତ)—ସନ୍ନ୍ୟାସ ଧର୍ମରୁ ଭ୍ରଷ୍ଟ;
ସନ୍ନ୍ୟାସ ଧର୍ମ ଗ୍ରହଣ କରିବା ପରେ ତହିଁରୁ ଚ୍ୟୁତ (ବ୍ୟକ୍ତି)—
(an ascetic) Having infringed his vows of renunciation.

ପ୍ରବ୍ରାଜ—ସଂ. ବି. (ପ୍ର+ବ୍ରଜ୍ ଧାତୁ+ଅଧିକରଣ. ଅ)—
Prabrāja ୧ । ଅତ୍ୟନ୍ତ ନିମ୍ନ ଦେଶ—
1. Very low country.
୨ । (+ଭାବ. ଅ) ସନ୍ନ୍ୟାସ—2. Renunciation of worldly concerns; asceticism.

ପ୍ରବ୍ରାଜନ—ସଂ. ବି. (ପ୍ର+ବ୍ରଜ୍ ଧାତୁ ଣିଚ୍+ଭାବ. ଅନ)—ନିର୍ବାସନ—
Prabrājana Exiling; banishment.
(ପ୍ରବ୍ରାଜିତ—ବଣ)

ପ୍ରବ୍ରାଜିତ—ସଂ. ବଣ. (ପ୍ର+ବ୍ରଜ୍ ଧାତୁ ଣିଚ୍+କର୍ମ. ତ)—
Prabrājita ନିର୍ବାସିତ—Exiled; banished.
(ପ୍ରବ୍ରାଜନ—ବି)

ପ୍ରଭ—ସଂ. ବଣ. ପୁଂ. (ବହୁବ୍ରୀହି ସମାସରେ ପୁଂଲିଙ୍ଗର ବିଶେଷଣ ହେଲେ
Prabha ପରବର୍ତ୍ତୀ 'ପ୍ରଭା' ଶବ୍ଦର ଆକାର ଲୋପ ହୋଇ 'ପ୍ରଭ'
(ପ୍ରଭା—ସ୍ତ୍ରୀ) ହୁଏ, ଯଥା—ସୂର୍ଯ୍ୟପ୍ରଭ, ବିଦ୍ୟୁତ୍ ପ୍ରଭ)—
(ଅମୁକପରି)ପ୍ରଭାଯୁକ୍ତ—Having radiance like; radiant like.

ଦେ. ବି. (ସଂ. ପ୍ରଭା)—ପ୍ରଭା; କାନ୍ତି—
Lustre; splendour.

ବିଅର୍ଥ ହେଉ ଚନ୍ଦ୍ରମାଳା ନାହିଁ ଝଳକ ପ୍ରଭ ।
ଉକ୍ତ. ବୈଦେହୀଶବିଳାସ ।

ପ୍ରଭଞ୍ଜନ—ସଂ. ବି. (ପ୍ର+ଭଞ୍ଜ୍ ଧାତୁ=ଭାଙ୍ଗିବା+କର୍ତ୍ତୃ. ଅନ)—
Prabhañjana ୧ । ପ୍ରଚଣ୍ଡ ବାୟୁ; ଝଡ଼—1. Tempest.
୨ । ବାୟୁ—2. Air; wind.
୩ । (+ଭାବ. ଅନ) ବିନାଶ (ହି. ଶ)—
3. Destruction; ruin.
୪ । (ନାମ) ମହାଭାରତୋକ୍ତ ମଣିପୁରର ରାଜା—
4. Name of a king of ancient Maṇipura.
ସଂ. ବଣ—ଭଞ୍ଜନକାରୀ; ଯେ ଭାଙ୍ଗି ପକାଏ—
Breaking.
ଦେ. ବଣ. (ପ୍ର+ଭଗ୍ନ)—ଭଗ୍ନ—Broken.

ପ୍ରଭଞ୍ଜନ—ପଥ ପ୍ରଭଞ୍ଜନ ହୋଇବ । ଉକ୍ତ. ବୈଦେହୀଶବିଳାସ ।

ପ୍ରଭଞ୍ଜନ ପଥ—ସଂ. ବି. (୬ଷ୍ଠୀ ତତ୍; ପ୍ରଭଞ୍ଜନ+ପଥ)—
Prabhañjana patha ବାତାୟନ; ଝରକା—Window.

ପ୍ରଭଞ୍ଜନ-ପଥ ପ୍ରଭଞ୍ଜନ ହୋଇବ । ଉକ୍ତ. ବୈଦେହୀଶବିଳାସ ।

ପ୍ରଭଦ୍ର—ସଂ. ବି—ନିମ୍ବ (ଦେଖ) (ହି. ଶ)—
Prabhadra Nimba (See)

ପ୍ରଭବ—ସଂ. ବି. (ପ୍ର+ଭୂ ଧାତୁ+ଭାବ. ଅ)—
Prabhaba ୧ । ଜନ୍ମ; ଉତ୍ପତ୍ତି—1. Birth.
୨ । (+ଅଧିକରଣ. ଅ) ଜନ୍ମ ସ୍ଥାନ; ଉତ୍ପତ୍ତି ସ୍ଥାନ—
2. Birth-place.
୩ । ବିକ୍ରମ; ପ୍ରଭାବ; ପରାକ୍ରମ—
3. Power; might; strength.
୪ । (+ଅପାଦାନ ଅ) ଉତ୍ପତ୍ତି କାରଣ; ନିମିତ୍ତ କାରଣ; ମୂଳ କାରଣ—4. Cause; origin; basis; source; generative cause.
୫ । ଆଲୋକ—5. Light.
୬ । ଆକର (ହି. ଶ)—6. Mine.
୭ । ସୃଷ୍ଟି; ସଂସାର (ହି. ଶବ୍ଦସାଗର)—
7. Creation; the world.
୮ । ନଦୀର ଉତ୍ପତ୍ତି ସ୍ଥାନ (ହି. ଶବ୍ଦସାଗର)—
8. The source of a river.
ସଂ. ବଣ. ପୁଂ. (ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ ହେଲେ,
(ପ୍ରଭବା—ସ୍ତ୍ରୀ) ଯଥା—ରତ୍ନ ପ୍ରଭବ)—୧ । ଉତ୍ପାଦନକାରୀ—
1. Generating; giving birth to; producing.
୨ । ପ୍ରଭାବଶାଳୀ—2. Mighty; powerful.

ପ୍ରଭବନ—ସଂ. ବି. (ପ୍ର+ଭୂ ଧାତୁ+ଭାବ. ଅନ)—
Prabhabana ୧ । ଉତ୍ପତ୍ତି; ଜନ୍ମ—1. Birth.
୨ । (+ଅପାଦାନ ଅନ) ଆକର; ଖଣି (ହି. ଶ)—
2. Mine.
୩ । ମୂଳ (ହି. ଶ)—3. Origin; root
୪ । (+ଅଧିକରଣ. ଅନ) ଅଧିଷ୍ଠାନ (ହି. ଶ)—
4. Abode; residence.

ପ୍ରଭବବିଷ୍ଣୁ—ଦେ. (ପଦ୍ୟ) ବଣ—ପ୍ରଭବିଷ୍ଣୁ (ଦେଖ)—
Prabhababishṇu Prabhabishṇu (See)

ପ୍ରଭବ ବିଷ୍ଣୁ ଭୁ ଈଶ୍ୱର
ମହାମହିମ ଯୋଗେଶ୍ୱର । ଜଗନ୍ନାଥ. ଭାଗବତ ।

ପ୍ରଭବିବା—ଦେ. କ୍ରି. (ପଦ୍ୟ) (ସଂ. ପ୍ରଭବ)—ଜନ୍ମିବା; ଜାତ ହେବା—
Prabhabibā To be born; to be produced.

ଯେସନେ ଉଠିବାରୁ ଜଳ
ପ୍ରଭବ ପ୍ରକାଶ ସକଳ । ଜଗନ୍ନାଥ ଭାଗବତ ।

ପ୍ରଭବିଷ୍ଣୁ—ସଂ. ବଣ. ପୁଂ. (ପ୍ର+ଭୂ ଧାତୁ+ଶୀଳାର୍ଥରେ ଇଷ୍ଣୁ)—
Prabhabishṇu ପ୍ରଭାବଶୀଳ; ଶକ୍ତିଶାଳୀ—
Mighty; supreme; potent.
ସଂ. ବି—୧ । ପ୍ରଭୁ (ହି. ଶ)—1. Lord; master.
୨ । ବିଷ୍ଣୁ (ହି. ଶ)—2. Bishṇu.

ପ୍ରଭା—ସଂ. ବି. (ପ୍ର+ଭା ଧାତୁ=ଦୀପ୍ତି ପାଇବା+ଭାବ. ଅ+ସ୍ତ୍ରୀ. ଆ)—
Prabhā ୧ । କିରଣ—1. Ray.
୨ । ତେଜଃ; ଉଜ୍ଜ୍ୱଳତା—2. Brightness; radiance; brilliancy; glory.
୩ । ଦୀପ୍ତି; ଜ୍ୟୋତିଃ—3. Splendour; lustre.
୪ । ଆଲୋକ—4. Light.
୫ । ପ୍ରକାଶ—5. Display, manifestation.
୬ । ସୂର୍ଯ୍ୟଙ୍କର ଏକ ପତ୍ନୀ—6. Name of a wife of the Sun-god.
୭ । କୁବେରପୁରୀ—7. The palace of the Hindu God of riches.
୮ । ଦୁର୍ଗା—8. Durgā.
୯ । ଗୋପୀବିଶେଷ—9. Name of one of the Gopis or consorts of Śrikṛushṇa.
୧୦ । ସୂର୍ଯ୍ୟବିମ୍ବ (ହି. ଶ); ସୂର୍ଯ୍ୟମଣ୍ଡଳ—
13. The sun's disc.
୧୧ । (ନାମ) ଅପ୍ସରାବିଶେଷ (ହି. ଶ)—
11. Name of a heavenly nymph.
୧୨ । ଦ୍ୱାଦଶାକ୍ଷରୀ ସଂସ୍କୃତ ବୃତ୍ତବିଶେଷ; ମନ୍ଦାକିନୀ (ହି. ଶ)—
12. Name of a Sanscrit metre of 12 syllables.
ଦେ. ବି—୧ । ଦେବମୂର୍ତ୍ତିଙ୍କ ପଛଆଡ଼େ ମୁଣ୍ଡର ଗୁରୁପାଖ ବେଢ଼ି ଲଗାଯାଇଥିବା ଧାତୁ ଅବା କାରୁକାର୍ଯ୍ୟଖଚିତ ଅଡ଼ା ବା ବାଡ଼ା; ମେଢ଼ (ଯାହା ଦେହକୁ ଦେବମୂର୍ତ୍ତିଙ୍କ ଅଉଜାଇ ବସାଇ ବାନ୍ଧି ଦିଆଯାଏ)—1. The hold of the image of a Deity; the framework attached to the back of an image.

୨ । (ସ୍ତ୍ରୀ) ପ୍ରଭାବତୀ ନାମ୍ନୀ ସ୍ତ୍ରୀର ଡାକନାମ—
2. A name for calling Prabhābatī.

ପ୍ରଭାକର—ସଂ. ବିଣ (ପ୍ରଭା + କୃ ଧାତୁ + କର୍ତ୍ତୃ. ଅ)—ଅତ୍ୟନ୍ତ ଦୀପ୍ତିକର; **Prabhākara** ତେଜୋମୟ; ସମୁଜ୍ଜ୍ୱଳ—Dazzling; glaring; radiant; brilliant; shining; luminous.

ସଂ. ବି—୧ । ତେଜୋମୟ ବସ୍ତୁ; ଜ୍ୟୋତିଷ୍କ—
1. A luminary.

୨ । ସୂର୍ଯ୍ୟ—2. The sun.

୩ । ଚନ୍ଦ୍ର—3. The moon.

୪ । ଅଗ୍ନି—4. Fire.

୫ । ସାଗର; ସମୁଦ୍ର—5. Ocean.

୬ । ଅର୍କବୃକ୍ଷ—6. The swallow wart (plant); Calotropis Gigantea.

୭ । ଅତ୍ରିବଂଶୀୟ ମୁନିବିଶେଷ—7. Name of a sage.

୮ । କୁଶଦ୍ୱୀପସ୍ଥ ବର୍ଷ ବା ଦେଶବିଶେଷ—
8. Name of a tract of country in the ancient geography of the Hindus.

୯ । ମାର୍କଣ୍ଡେୟପୁରାଣ ଅନୁସାରେ ଅଷ୍ଟମ ମନ୍ୱନ୍ତରର ଏକ ଦେବତାଙ୍କ ନାମ (ହ୍ୱ ଶ)—9. Name of a Deity worshipped during the 8th Manwantara.

ଦେ. ବି. ପୁଂ—୧ । ଲୋକଙ୍କ ନାମ—
1. A name given to males.

୨ । ଏକ ପ୍ରସିଦ୍ଧ ମୀମାଂସକଙ୍କ ନାମ (ହ୍ୱ.ଶ)—
2. Name of an author of a treatise on Mimāmsā.

ପ୍ରଭାକର ବର୍ଦ୍ଧନ—ଦେ. ବି. (ନାମ) ସ୍ଥାଣ୍ୱୀଶ୍ୱର ବା ଥାନେଶ୍ୱରର ଜଣେ **Prabhākara barddhana** ପ୍ରାଚୀନ ରଜା—Name of a king of Thāneswara.
[ଦ୍ର—ଏ ବିକ୍ରମ ସମ୍ବତ୍ ୬୦୦ ପୂର୍ବେ ରାଜତ୍ୱ କରୁଥିଲେ । ଏହାଙ୍କ ପୁତ୍ର ମହାପ୍ରତାପୀ ହର୍ଷବର୍ଦ୍ଧନଙ୍କ ରାଜଧାନୀ କାନ୍ୟକୁବ୍ଜରେ ଥିଲା । ଏ ସୂର୍ଯ୍ୟୋପାସକ ଥିଲେ (ହ୍ୱ.ଶ)]

ପ୍ରଭା କୀଟ—ସଂ. ବି (ମ. ପ. ଲୋ. କର୍ମଧା; ପ୍ରଭାଯୁକ୍ତ କୀଟ)—**Prabhā kīṭa** ଜ୍ୟୋତିରିଙ୍ଗଣ; ଜୁଳୁଜୁଳିଆ ପୋକ—Firefly.

ପ୍ରଭାଞ୍ଜନ—ସଂ. ବି (ପ୍ରଭା + ଅଞ୍ଜନ)—ଶୋଭାଞ୍ଜନ; ସଜନାଗଛ—**Prabhānjana** A tree; Hyperanthera Moringa (M. W).

ପ୍ରଭାତ—ସଂ. ବି—(ପ୍ର + ଭା ଧାତୁ + କର୍ତ୍ତୃ. ତ)—୧ । ପ୍ରାତଃକାଳ; **Prabhāta** ଉଷା; ପାହାନ୍ତା; ପାହାନ୍ତିଆ—Morning; dawn; day-break.

୨ । ସୂର୍ଯ୍ୟଙ୍କ ଔରସରେ ପ୍ରଭାଙ୍କ ଗର୍ଭରେ ଜାତ ଦେବତା (ହ୍ୱ.ଶ)
2. Name of a Deity said to be the son of the Sun-god through his wife Prabhā.

ସଂ. ବିଣ - ପ୍ରଭାଯୁକ୍ତ—Dazzling; brilliant.

ଦେ. ବି (ସଂ. ପ୍ରଭା)—ପ୍ରଭା; ଦୀପ୍ତି—Lustre.
ସନ୍ଧ୍ୟା ହେବାର ପାଶେ ଜୋତ୍ସ୍ନା ବସୁ ଯେସନ ପ୍ରଭାତରେ
ପ୍ରଭାତରେ ନେଇ ପରକ ବରଣ ଦେଇ ତାହା ଅନନ୍ତରେ—ଭକ୍ତ ପ୍ରେମସୁଧାନିଧି ।

ପ୍ରଭାତ ଅବକାଶ—ଦେ. ବି (ମ. ପ. ଲୋ. କର୍ମଧା; ପ୍ରଭାତ + ଅବକାଶ)—**Prabhāta abakāsa** ୧ । ପାହାନ୍ତାରୁ ଉଠି ବୋଲିବା ସ୍ତବ ବିଶେଷ; ପାହାନ୍ତି ଅବକାଶ—(ଅବକାଶ ୧୧ ଦେଖ)—
प्रभाती 1. Hymns recited at daybreak (See
प्रभाती Abakāsa).

୨ । ପ୍ରତ୍ୟୁଷରେ ପାଇବା ଅବସର; ଦିବସର କର୍ମମୟ ଜୀବନ ଆରମ୍ଭ ପୂର୍ବରୁ ପ୍ରଭାତରେ ମନୁଷ୍ୟ ସ୍ଥିରଚିତ୍ତରେ ଯେଉଁ ଅବସର ଭୋଗକରେ—2. Early morning when a man's mind is at ease.

ପ୍ରଭାତ ବସନ—ଦେ. ବି—ରାତିପିନ୍ଧା; ଯେଉଁ ଲୁଗା ରାତିରେ ପିନ୍ଧା **Prabhāta basan** ହୋଇଥାଏ ମାତ୍ର ସକାଳେ ଯାହାକୁ ପାଲଟିବାକୁ ହୁଏ—Cloth for night wear; cloth which is worn at night but changed at day-break.
ପ୍ରାଣ ପ୍ରିୟେ କର ଯେନ ଥାଉଛ ଯାହାକୁ
ସଜନୀକ ପ୍ରଭାତ ବସନ ପ୍ରିୟେ ତାକୁ—ଭକ୍ତ ପ୍ରେମ ସୁଧାନିଧି ।

ପ୍ରଭାତି(ତୀ)ତା(ତ)ରା—(ସଂ. ପ୍ରଭାତ + ତାରା) ଶୁଅଁତରା; ସକାଳ ହେବା **Prabhāti(tī)tā(ta)rā** ପୂର୍ବେ ପୂର୍ବ ଦିଗରେ ଦେଖାଯିବା ଉଜ୍ଜ୍ୱଳ
प्रभातीतारा ଶୁକ୍ର ଗ୍ରହ ('ଶୁକ୍ର' ତଳେ ନୋଟ୍ ଦେଖ)—The morning star.
ଦେଖଇ ନିଶ ଶେଷ ବଲେ ଏ ଗିରିଶିରେ
ପ୍ରଭାତ ତାରା ମୃଷ ଗୋଦାବରୀରେ । ରାଧାନାଥ ତୁଳସୀସ୍ତବକ

ପ୍ରଭାତିବା—ଦେ. (ପଦ୍ୟ) କ୍ରି. (ସଂ. ପ୍ରଭାତ)—ପ୍ରଭାତ ହେବା; ସକାଳ **Prabhātibā** ହେବା; (ରାତି)ପାହିବା—To dawn.
प्रभात ପ୍ରଭାତେ ଭବାନୀ ହସିଲେ ଉଲ୍ଲସି ଲେ
पो फटना ପଙ୍କଜବଦନୀ ଉଷା ଉଦୟ ଅଚଳେ—ରାଧାନାଥ ବେଣୀସଂହାର ।

ପ୍ରଭାତୀ—ଦେ. ବିଣ.. (ସଂ. ପ୍ରଭାତୀୟ)—୧ । ପ୍ରଭାତ କାଳୀନ—**Prabhāti** 1. Relating to dawn.

୨ । ପ୍ରାତଃକାଳରେ ଗେୟ—
2. Proper to be sung in the morning

୩ । ପ୍ରାତଃକାଳର ଉପଯୁକ୍ତ—
3. Fit for the morning.

ସଂ. ବି.—୧ । ପ୍ରଭାତ ଅବକାଶ; ପ୍ରାତଃକାଳରେ ଗେୟ ସ୍ତବ—
1. A hymn sung at dawn.

୨ । ଦନ୍ତ ଧାବନ; ଦାନ୍ତଘଷା (ହ୍ୱ.ଶ)
2. Brushing of the teeth (at dawn).

ପ୍ରଭାତୀ ରାଗ—ଦେ. ବି. (ଏହା ସକାଳେ ବୋଲାଯିବାର ଉପଯୁକ୍ତ **Prabhāti rāga** ଥିବାରୁ)—ରାଗବିଶେଷ; ଭୈରବୀ ରାଗ—
प्रभातीराग Name of a musical note fit to be set
प्रभातीराग to music in the morning.

ପ୍ରଭା ତୀର୍ଥ—ସଂ. ବି—ଶିବ ପୁରାଣୋକ୍ତ ତୀର୍ଥବିଶେଷ—**Prabhā tīrtha** Name of a sacred place (M. W).

ପ୍ରଭାନ—ସ. ବ. (ପ୍ର+ଭା ଧାତୁ+ଭାବ. ଅନ)—
Prabhāna ୧ । ଆଲୋକ; ଜ୍ୟୋତିଃ—1. Light.
୨ । ଦୀପ୍ତି—2. Radiance; lustre (M. W.)

ପ୍ରଭାନୁ—ସ. ବ. (ପ୍ର+ଭାନୁ)—ଶ୍ରୀକୃଷ୍ଣଙ୍କର ଜଣେକ ପୁତ୍ର—
Prabhānu Name of a son of Srikrushna (M. W.)

ପ୍ରଭାବ—ସ. ବ. (ପ୍ର+ଭୂ ଧାତୁ+ଭାବ. ଅ)—
Prabhāba ୧ । ସାମର୍ଥ୍ୟ; ଶକ୍ତି; କ୍ଷମତା—1. Power; strength; might; influence; potency.
୨ । ପ୍ରାଦୁର୍ଭାବ—2. Manifestation; prevalence.
୩ । (+କରଣ. ଅ)—ପ୍ରଭୁଶକ୍ତି; ପ୍ରତାପ; ରାଜାଙ୍କର କୋଷ-ଦଣ୍ଡଜ ତେଜଃ—3. Majesty; kingly dignity.
୪ । ସାହସ—4. Valour; courage.
୫ । ତେଜଃ—5. Radiance; spirit; glamour; splendour.
୬ । ମହିମା—6. Greatness; magnificence; glory.
୭ । (+ଭାବ. ଅ) ଉଦ୍ଭବ; ଉତ୍ପତ୍ତି—
7. Birth; production.
୮ । (+କର୍ତ୍ତୃ. ଅ) (ନାମ) ସ୍ୱାରୋଚିଷ ମନୁଙ୍କ ପୁତ୍ରବିଶେଷ—
8. Name of one of the sons of Swarochisha Manu.
୯ । (ନାମ) ପ୍ରଭାଗର୍ଭଜାତ ସୂର୍ଯ୍ୟପୁତ୍ର—9. Name of one of the sons of the Sun-god.
୧୦ । (ନାମ) ଅଷ୍ଟାବସୁଙ୍କ ମଧ୍ୟରୁ ଜଣେ—
10. One of the eight Basu gods.
୧୧ । (+ଭାବ. ଅ) ପ୍ରାବଲ୍ୟ—
11. Predominance; outbreak.

ପ୍ରଭାବଜ—ସ. ବଣ. (ପ୍ରଭାବ+ଜନ୍ ଧାତୁ+କର୍ତ୍ତୃ. ଅ)—
Prabhābaja ପ୍ରଭାବରୁ ଉତ୍ପନ୍ନ—Born of or due to Prabhāba.

ପ୍ରଭାବତୀ—ସ. ବଣ. ସ୍ତ୍ରୀ. (ପ୍ରଭାବତ୍+ଈ)—'ପ୍ରଭାବାନ୍' ଶବ୍ଦର
Prabhābati ସ୍ତ୍ରୀଲିଙ୍ଗ—Feminine of Prabhāban.
ସ. ବ. ସ୍ତ୍ରୀ—୧ । (ନାମ) ସୂର୍ଯ୍ୟପତ୍ନୀ—1. Name of a wife of the Sun-god (M. W.)
୨ । (ନାମ) ଜୈନ ତାପସୀବିଶେଷ—
2. Name of a female Jaina saint.
୩ । (ନାମ) ବଜ୍ରନାମକ ଅସୁରର କନ୍ୟା—
3. Name of the daughter of a demon Bajra.
୪ । (ନାମ) ଅପ୍ସରାବିଶେଷ—4. Name of a heavenly nymph (M. W).
୫ । (ନାମ) ଅଙ୍ଗ ଦେଶର ରାଜା ଚିତ୍ରରଥଙ୍କର ସ୍ତ୍ରୀ—
5. Name of the wife of a king of Anga (M. W.)
୬ । (ନାମ) କୁମାରାନୁଚର ମାତୃକାବିଶେଷ—6. Name of a female attendant of Kārttikeya.
୭ । (ନାମ) ପ୍ରଦ୍ୟୁମ୍ନଙ୍କ ସ୍ତ୍ରୀ; ରାଜା ବଜ୍ରନାଭଙ୍କ କନ୍ୟା—
7. Name of the wife of Pradyumna. (M. W.)
୮ । (ନାମ) ମହାଦେବଙ୍କର ଅନୁଚର ଗଣଦେବତାଙ୍କ ବୀଣା—
8. The lute of the attendants of Siba.
୯ । (ନାମ) ମହାଭାରତୋକ୍ତ ତାପସୀବିଶେଷ—9. Name of a female sage (M. W.)
୧୦ । ତ୍ରୟୋଦଶାକ୍ଷର ଛନ୍ଦୋବିଶେଷ; ରୁଚିରା—
10. Name of a Sanscrit metre of 13 syllables.
୧୧ । ପ୍ରଭାତୀ ରାଗ ବା ଗୀତ (ହି. ଶ)—
11. A musical tune or song suitable for the morning.
ଦେ. ବ. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
A name given to females.

ପ୍ରଭାବନା—ସ. ବ. (ପ୍ର+ଭାବନା)—ଉଦ୍ଭାବନା; ପ୍ରକାଶ (ହି. ଶ)—
Prabhābanā Manifestation; invention.

ପ୍ରଭାବନ୍ତ—ଦେ. ବଣ. (ସ. ପ୍ରଭାବାନ୍)—ପ୍ରଭାବାନ୍ (ଦେଖ)
Prabhābanta Prabhāban (See)
ବନ୍ଦି ସେ ଗର୍ବେ ମ୍ଳାନ କରୁ ପ୍ରଭାବନ୍ତ
ହେବାକୁଛି ମ୍ଲାନ ନାମ ତାଙ୍କ ଖ୍ୟାତ । କୃଷ୍ଣସିଂହ. ମହାଭାରତ. ଶଲ୍ୟ

ପ୍ରଭାବାନ୍—ସଂ. ବଣ. ପୁଂ. (ପ୍ରଭା+ଅସ୍ତି ଅର୍ଥରେ ବତ୍; ୧ମା. ୧ବ)—
Prabhāban ୧ । ପ୍ରଭାଯୁକ୍ତ; ଦୀପ୍ତିଶାଳୀ; ତେଜୋମୟ—
(ପ୍ରଭାବତୀ—ସ୍ତ୍ରୀ) 1. Luminous; lustrous; radiant; glorious; splendid.
୨ । କ୍ଷମତାଶାଳୀ—2. Powerful; mighty.

ପ୍ରଭାଷ—ସଂ. ବ. (ପ୍ର+ଭାଷ୍ ଧାତୁ=କହିବା+ଭାବ. ଅ)—
Prabhāsha ୧ । ପ୍ରକୃଷ୍ଟ କଥନ—1. Excellent saying or speech.
୨ । (+କର୍ତ୍ତୃ. ଅ)—ଅଷ୍ଟାବସୁ ମଧ୍ୟରୁ ଏକତମ—
2. One of the eight Basu-gods.

ପ୍ରଭାସ—ସଂ. ବଣ. (ପ୍ର+ଭାସ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ)—
Prabhāsa ପ୍ରଖର ଦୀପ୍ତିଶାଳୀ—Radiant; refulgent; very bright.
ସଂ. ବ—୧ । (ନାମ) ପଶ୍ଚିମ ଭାରତର ତୀର୍ଥବିଶେଷ; ସୋମତୀର୍ଥ—
1. Name of a place of pilgrimage in W. India.
[ଦ୍ର—ଚନ୍ଦ୍ର ଦକ୍ଷକନ୍ୟା ସପ୍ତବିଂଶତି ନକ୍ଷତ୍ରଙ୍କର ପାଣିଗ୍ରହଣ କରିଥିଲେ; କିନ୍ତୁ ସେ ସମସ୍ତଙ୍କ ପ୍ରତି ସମବ୍ୟବହାର ନ କରି ରୋହିଣୀଙ୍କଠାରେ ଅତ୍ୟନ୍ତ ଆସକ୍ତ ହେବାରୁ ଅପର କନ୍ୟାମାନଙ୍କ ନିବେଦନ ଶୁଣି ଦକ୍ଷପ୍ରଜାପତି କ୍ରୋଧାନ୍ୱିତ ହୋଇ ତାହାଙ୍କୁ ଅଭିଶାପ ଦେଇଥିଲେ । ଚନ୍ଦ୍ର ଯକ୍ଷ୍ମା ରୋଗରେ ଆକ୍ରାନ୍ତ ଓ ପ୍ରଭାହୀନ ହୋଇ ଏହି ପୁଣ୍ୟ କ୍ଷେତ୍ରରେ ବହୁକାଳ ତପସ୍ୟା କରି ରୋଗମୁକ୍ତ ହେଲେ ଏବଂ ନିଜର ପୂର୍ବ ପ୍ରଭା ଲାଭ କଲେ । ତେଣୁ ଏହି କ୍ଷେତ୍ରର ନାମ 'ପ୍ରଭାସ' ହେଲା । ଏହି ତୀର୍ଥରେ ଶ୍ରୀକୃଷ୍ଣ ଏକ ସହସ୍ର ବର୍ଷ ତପସ୍ୟା କରିଥିଲେ । (ମଦନମୋହନ. ତୀର୍ଥଦର୍ଶନ) ।]

୨ । (ନାମ) ଜୈନମାନଙ୍କର ଅଧିପତି ବିଶେଷ—
2. Name of a Jaina saint.
୩ । (ନାମ) କୁମାରଙ୍କ ଅନୁଚରବିଶେଷ—
. Name of an attendant of Kārttikeya.
୪ । (ନାମ) ଅଷ୍ଟାବସୁ ମଧ୍ୟରୁ ଏକତମ—
4. One of the 8 Basu-gods.
୫ । (ନାମ) ଅଷ୍ଟମ ମନ୍ୱନ୍ତରର ଏକ ଦେବଗଣ—5. Name of a class of Deities of the 8th cycle of the creation.
୬ । (+ଭାବ. ଅ)—ଦୀପ୍ତି; ଜ୍ୟୋତିଃ (ହି. ଶ.)—
6. Radiance; lustre.

ପ୍ରଭାସିବା—ଦେ. (ପଦ୍ୟ) କି (ସଂ. ପ୍ରଭାସ)—୧ । ପ୍ରକାଶିତ ହେବା—
Prabhāsibā 1. To be manifest.
ପ୍ରଭାସା ୨ । ଦୀପ୍ତି ପାଇବା
ପ୍ରଭାସିବା 2. To shine.

ପ୍ରଭିନ୍ନ—ସଂ. ବିଣ—(ପ୍ର+ଭିଦ୍ ଧାତୁ+କର୍ତ୍ତୃ. ତ)—୧ । ପ୍ରସ୍ଫୁଟିତ—
Prabhinna 1. Full blown; expanded; opened.
୨ । ପ୍ରକାଶିତ—2. Manifest.
୩ । (+କର୍ମ.ତ) ବିଶେଷ ଭେଦଯୁକ୍ତ; ବିଚ୍ଛିନ୍ନ—
3. Severed; separated.
୪ । ବିଦଳିତ—4. Trampled; ground.
୫ । ମଦସ୍ରାବୀ (ହସ୍ତୀ)—5. (elephant) Having juice coming out of its temple.
ସଂ. ବି—ମତ୍ତହସ୍ତୀ—A must elephant; an elephant in rut.

ପ୍ରଭୁ—ସଂ. ବି—(ପ୍ର+ଭୂ ଧାତୁ+କର୍ତ୍ତୃ. ଡୁ)—୧ । ବିଷ୍ଣୁ; ଭଗବାନ୍;
Prabhu ଈଶ୍ୱର—1. Bishnu; God.
୨ । ରାଜା—2. King; sovereign.
୩ । ପତି; ଭର୍ତ୍ତା—3. Husband.
୪ । ଅଧିପତି; ସ୍ୱାମୀ—4. Lord; master.
[ଦ୍ର—ଅନୁଗ୍ରହ ନିଗ୍ରହ କରିବାକୁ ସମର୍ଥ; ଯାହାଙ୍କ ହାତରେ କାହାର ରକ୍ଷା, ଦଣ୍ଡ ଓ ପୁରସ୍କାର ବିଧାନର ଭାର ଥାଏ ସେହି ତାହାର ପ୍ରଭୁ ଅଟନ୍ତି ।]
୫ । ମାଲିକ; ଅଧିକାରୀ—5. Owner; proprietor.
୬ । ଶବ୍ଦ—6. Sound.
୭ । ପାରଦ—7. Mercury.
୮ । (ନାମ) ଅଷ୍ଟମ ମନ୍ୱନ୍ତରର ଏକ ଦେବଗଣ—
8. A class of Deities of the 8th cycle of the creation.
ସଂ. ବିଣ—୧ । ସମର୍ଥ—1. Able; capable.
୨ । ଶକ୍ତ—2. Strong.
୩ । ନିତ୍ୟ; ଚିରନ୍ତନ—3. Eternal.
୪ । ପ୍ରଧାନ; ଶ୍ରେଷ୍ଠ—
4. Chief; eminent; great.
୫ । ଅନୁଗ୍ରହ ଓ ନିଗ୍ରହକ୍ଷମ—
5. Having power to reward and punish.
୬ । ଯାହାଙ୍କ ଆଶ୍ରୟରେ ଜଣକର ଜୀବିକା ନିର୍ବାହ ହୁଏ—
6. Providing subsistence to a person
ଦେ. ଅ—(ସଂ. ପ୍ରଭୋ)—ପ୍ରଭୋ (ଦେଖ)—
Prabho (See).

ପ୍ରଭୁତା(ତ୍ୱ)—ସଂ. ବି—[ପ୍ରଭୁ+ଭାବ. ତା (ତ୍ୱ)]—୧ । ଆଧିପତ୍ୟ—
Prabhutā(twa) 1. Supremacy; mastery; ownership.
୨ । କ୍ଷମତା; ଅଧିକାର—2. Dominion; power.
୩ । ପ୍ରାଧାନ୍ୟ; ମହତ୍ତ୍ୱ— . Greatness.
୪ । ରାଜତ୍ୱ; ରାଜ୍ୟଶାସନ—
4. Sovereignty; kingship; government.
୫ । ଶାସନାଧିକାର (ହି. ଶ)—
5. Right of ruling.

ପ୍ରଭୁ ପାଦ—ସଂ. ବିଣ—(ଗୁରୁ ବା ବରିଷ୍ଠ ମାନ୍ୟବ୍ୟକ୍ତିଙ୍କ ପ୍ରତି ପ୍ରଯୁଜ୍ୟ)—
Prabhu pāda ସମ୍ମାନାସ୍ପଦ; ସମ୍ମାନାର୍ହ—Respectable.

ପ୍ରଭୁ ଭକ୍ତ—ସଂ. ବିଣ. ପୁଂ—(୭ମୀ ତତ୍; ପ୍ରଭୁ+ଭକ୍ତ)—ପ୍ରଭୁ ବା
Prabhu bhakta ସ୍ୱାମୀଙ୍କଠାରେ ଅନୁରକ୍ତ—Devoted to
(ପ୍ରଭୁଭକ୍ତା—ସ୍ତ୍ରୀ) one's master; loyal; faithful.

ପ୍ରଭୁ ଭକ୍ତି—ସଂ. ବି—(୭ମୀ ତତ୍; ପ୍ରଭୁ+ଭକ୍ତି)—ପ୍ରଭୁଙ୍କଠାରେ ଏକାନ୍ତ
Prabhu bhakti ଭକ୍ତି—Devotion to one's master fidelity; loyalty.

ପ୍ରଭୂତ—ସଂ. ବିଣ. (ପ୍ର+ଭୂ ଧାତୁ+କର୍ତ୍ତୃ. ତ)—୧ । ପ୍ରଚୁର;
Prabhūta ଅତ୍ୟନ୍ତ; ଅଧିକ—1. Plentiful; various;
(ପ୍ରଭୂତି—ବି) much; excessive; abundant; multifarious.
୨ । ଅତ୍ୟନ୍ତ ପ୍ରୟୋଜନୀୟ—
2. Very important.
୩ । ଉଚ୍ଚ; ଉନ୍ନତ—3. Lofty; high.
୪ । ଉତ୍ପନ୍ନ—4. Born; produced.
୫ । ଶାସିତ—5. Governed.
୬ । ପରିପକ୍ୱ—6. Matured.
୭ । ଅସାମାନ୍ୟ—
7. Extraordinary; uncommon.
୮ । ଉଦ୍ଭୂତ (ହି. ଶ)—8. Common.

ପ୍ରଭୃତ—ଗ୍ରା. (ପ୍ରାଚୀନ ପଦ୍ୟ) ବି. (ସଂ. ପରଭୃତ)—
Prabhṛuta ୧ । ପରଭୃତ; କୋକିଳ—1. Cuckoo.
୨ । ପର ବା ଶତ୍ରୁମାନେ ଧୃତ ହେବା—
2. Catching of enmies.
ବ୍ୟ,ଖ୍ୟାନ ଶେଷରେ ଗାର୍ଣ୍ଣ ସାହେବ ପ୍ରଭୃତ (୧ ଓ ୨) ସ୍ଥଳ
ମଧୁକର ସେହି ଉଦବଳେ—ଇଙ୍ଗ. ବୈଦେଶିକଶବ୍ଦକୋଷ ।—

ପ୍ରଭୃତି—ସଂ. ଅ. (ପ୍ର+ଭୃ ଧାତୁ=ପୋଷଣ କରିବା+ଭାବ. ତି; ଅନ୍ୟ
Parbhṛuti ଶବ୍ଦ ସଙ୍ଗେ ପ୍ରଯୁଜ୍ୟ)—

୧ । ଆଦି; ଇତ୍ୟାଦି; ଆଦିକରି; ଏବଂ ଅନ୍ୟମାନେ; ଓଗେରେ—
1. Etcetera (etc); and others.
୨ । ଅବଧି; ରୁ; ଠାରୁ—
2. From; after; forth; forward.
(ଯଥା—ଅଦ୍ୟ ପ୍ରଭୃତି ମୁଁ ଆପଣଙ୍କର ଦାସ ହେଲି ।)
୩ । ରକମ—3. Kind.
[ଦ୍ର—ପ୍ରଭୃତି ଶବ୍ଦ ସମସ୍ତ ଭରେ ଅନ୍ୟ ଶବ୍ଦ ପରେ ବିଶେଷଣ-ରୂପେ ବ୍ୟବହୃତ ହୁଏ; ଯଥା — ଗ୍ରାମ ପ୍ରଭୃତୟଃ ସର୍ବେ=ଗ୍ରାମ ଆଦି ସମସ୍ତେ ।]

ପ୍ରଭେଦ—ସଂ. ବି. (ପ୍ର+ଭିଦ୍ ଧାତୁ=ଭେଦ କରିବା+ଭାବ. ଅ)—
Prabheda ୧ । ପାର୍ଥକ୍ୟ; ବୈଲକ୍ଷଣ୍ୟ; ବିଭିନ୍ନତା; ବିଶେଷତ୍ୱ—
1. Difference; distinction.
୨ । ବିକାଶ; ପ୍ରସ୍ଫୁଟନ; ଫୁଟିବା—
2. Blowing; opening.
୩ । ବିଧି; ପ୍ରକାର; ରକମ—
3. Kind; sort; manner.
୪ । ଭେଦ କରି ବାହାରିବା —4. Coming out of a thing by piercing through it.

ପ୍ରଭେଦକ—ସଂ. ବିଣ. (ପ୍ର+ଭିଦ୍ ଧାତୁ+କର୍ତ୍ତୃ. ଅକ)—
Prabhedaka ୧ । ଯେ ଭେଦ କରେ—
(ପ୍ରଭେଦିକା—ସ୍ତ୍ରୀ) 1. Distinguishing.
୨ । ପାର୍ଥକ୍ୟସାଧକ—2. Separating.
୩ । ଯାହା ବିଦ୍ଧ ହୁଏ ବା ଫୁଟାଇ ହୁଏ—3. Piercing.

ପ୍ରଭେଦ କରିବା—ଦେ. କ୍ରି—୧ । ପାର୍ଥକ୍ୟ ବିଚାର କରିବା—
Prabheda kariba 1. To make distinction; to treat separately.
প্রভেদ করা (ବଙ୍ଗ)
प्रभेद करना (ହିନ୍ଦୀ) ୨ । ଭିନ୍ନ କରିବା—2. To separate.
(ପ୍ରଭେଦ ରଖିବା—ଅନ୍ୟରୂପ)

ପ୍ରଭେଦନୀ—ସଂ. ବି. ସ୍ତ୍ରୀ. (ପ୍ରଭେଦନ+ସ୍ତ୍ରୀ. ଈ)—ଭେଦନାସ୍ତ୍ରବିଶେଷ;
Prabhedani ଫୋଡ଼ଣୀ; ଭଅଁର—A piercing instrument; a bodkin; awl.
(ପ୍ରଭେଦକା—ଅନ୍ୟରୂପ)

ପ୍ରଭୋ—ସଂ. ସମ୍ବୋଧନ (ପ୍ରଭୁ ଶବ୍ଦର ସମ୍ବୋଧନ; ଈଶ୍ୱର ଓ ରାଜା
Prabho ଆଦିଙ୍କଠାରେ ପ୍ରଯୁଜ୍ୟ)—ପ୍ରଭୁ ହେ !—Oh Lord.

ପ୍ରଭ୍ରଂଶଥୁ—ସଂ. ବି. (ପ୍ର+ଭ୍ରଂଶ ଧାତୁ+କର୍ତ୍ତୃ. ଅଥୁ)—ପୀନ୍ସ ରୋଗ
Prabhramsathu (ବୈ. ଶ)—Atrophic rhinites.

ପ୍ରଭ୍ରଷ୍ଟ—ସଂ. ବି. (ପ୍ର+ଭ୍ରଂଶ୍ ଧାତୁ+କର୍ମ. ତ)—୧ । ଧ୍ୱଂସପ୍ରାପ୍ତ;
Prabhrashta ବିନଷ୍ଟ—1. Ruined; destroyed.
୨ । (+କର୍ତ୍ତୃ.ତ) ଚ୍ୟୁତ; ପତିତ—2. Fallen.
୩ । ଭଗ୍ନ—3. Broken.

ପ୍ରଭ୍ରଷ୍ଟକ—ସଂ. ବି. (ପ୍ରଭ୍ରଷ୍ଟ+କ)—୧ । ଶିଖାବଲମ୍ବିନୀ ମାଳା (ବୈ. ଶ.)—
Prabhrashtaka 1. A garland put round the head; chaplet.
୨ । ମୁଣ୍ଡରୁ ତଳକୁ ଝୁଲୁଥିବା ମାଳା (ବୈ. ଶ.)—
2. A garland hanging from the head.

ପ୍ରମତ୍ତ—ସଂ. ବିଣ. ପୁଂ (ପ୍ର+ମତ୍ତ)—୧ । ପ୍ରମାଦଯୁକ୍ତ; ଅସାବଧାନ;
Pramatta ଗରୁ ହୁସିଆରୁ—1. Negligent; careless.
(ପ୍ରମତ୍ତା—ସ୍ତ୍ରୀ) [ପ୍ରମତ୍ତତା(ତ୍ୱ)—ବିଶେଷ୍ୟ]
୨ । ଉନ୍ମତ୍ତ; ମଭୁଆଲ; ପାଗଳ; ମସ୍ତ—
2. Maddened; turned insane.
୩ । ଅତି ଆସକ୍ତ—3. Addicted to.
୪ । ନିଶାରେ ଚୂର; ମଭୁଆଲ—
4. Intoxicated; inebriated.

ପ୍ରମଥ—ସଂ. ବି.—୧ । (ପ୍ର+ମଥ୍ ଧାତୁ=ମନ୍ଥିବା+କର୍ତ୍ତୃ. ଅ)—
Pramatha ମହାଦେବଙ୍କ ପାରିଷଦଗଣ—
1. The attendants of Mahādeba.
[ଦ୍ର—ଏମାନେ ୩୬ କୋଟି ସଂଖ୍ୟକ, ନୃତ୍ୟଗୀତାଦିବିଶାରଦ, ମାୟାବୀ ଓ ନାନା ରୂପଧାରୀ ଅଟନ୍ତି । କାଳିକା ପୁରାଣ ମତରେ ଏମାନଙ୍କ ମଧ୍ୟରୁ କେତେକ ଭୋଗବିମୁଖ, ଯୋଗୀ ଓ ତ୍ୟାଗୀ ଅଟନ୍ତି, କେତେକ ଭୋଗପରାୟଣ ଓ କାମୁକ ଅଟନ୍ତି । ଶିବଙ୍କ କ୍ରୀଡ଼ାରେ ଏମାନେ ସହାୟକ ଅଟନ୍ତି (ହି. ଶ.) ।]
୨ । ଘୋଟକ; ଘୋଡ଼ା—2. Horse.
୩ । (ନାମ) ଧୃତରାଷ୍ଟ୍ରଙ୍କର ଏକ ପୁତ୍ର—
3. Name of a son of Dhrutarāshtra.
୪ । (+ଭାବ. ଅ)—ପ୍ରମଥନ (ଦେଖ)
4. Pramathana (See)
୫ । ରାମାୟଣୋକ୍ତ ରାକ୍ଷସବିଶେଷ—5. Name of a demon described in the Rāmāyana.
ବୈଶାଖ ଋଷଭଙ୍କ ବଧ ସୁ ଅ ପ୍ରମଥକ ବଶେ ରଙ୍ଗୀ ।
ଉଷ. ବୈଦେହୀଶବିଳାସ ।

ପ୍ରମଥନ—ସଂ. ବି. (ପ୍ର+ମଥନ)—୧ । ହତ୍ୟା; ବଧ—
Pramathana 1. Killing; slaughter.
୨ । ଉତ୍ପୀଡ଼ନ; ଯନ୍ତ୍ରଣା ଦେବା—
2. Distressing; oppressing; torturing.
୩ । ଉନ୍ମୂଳନ—3. Uprooting.
୪ । ବିଲୋଡ଼ନ; ମନ୍ଥିବା—
4. Depredation; agitation; churning.
୫ । ତ୍ୟାଗ—5. Abandonment.
୬ । ପରିଭବ; ଅବମାନନା—6. Insult.
୭ । ମର୍ଦ୍ଦନ—7. Rubbing.
୮ । ଚକଟିବା—8. Kneading.
୯ । ଚୂରିବା—9. Pounding.

ପ୍ରମଥ ନାଥ—ସଂ. ବି. (୬ଷ୍ଠୀ ତତ୍; ପ୍ରମଥ+ନାଥ)—
Pramatha nātha ମହାଦେବ; ଶିବ—Siba.
(ପ୍ରମଥାଧିପ, ପ୍ରମଥେଶ, ପ୍ରମଥାଧୀଶ, ପ୍ରମଥାଧୀଶ୍ୱର—ଅନ୍ୟରୂପ)

ପ୍ରମଥା—ସଂ. ବି. (ପ୍ର+ମଥ୍ ଧାତୁ+ଭାବ. ଅ+ଆ)—୧ । ପୀଡ଼ା—
Pramathā 1. Torture.
୨ । (+କର୍ତ୍ତୃ. ଅ+ଆ) ହରଡ଼ା (ବୈ. ଶ.)—2. Myrobalan.

ପ୍ରମଥାଳୟ—ସ. ବି. (୬ଷ୍ଠୀ ତତ୍; ପ୍ରମଥ+ଆଳୟ)—୧ । ଦୁଃଖ ବା
Pramathālaya ଯନ୍ତ୍ରଣା ଦିଆଯିବାର ସ୍ଥାନ—
1. A place of torture.
୨ । ନରକ (ହି. ଶ.)—2. Hell.

ପ୍ରମଥିତ—ସ. ବିଣ. (ପ୍ର+ମଥିତ)—୧ । ବିଲୋଡ଼ିତ—
Pramathita 1. Churned; kneaded; agitated.
୨ । କ୍ଲେଶିତ; ଉତ୍ପୀଡ଼ିତ—2. Oppressed.
୩ । ମର୍ଦ୍ଦିତ—3. Rubbed; bruised
୪ । ଚୂର୍ଣ୍ଣିତ—4. Pounded.
ସଂ. ବି—ନିର୍ଜଳ ଘୋଳଦହି (ହି.ଶ)—
Unwatered churned curd.

ପ୍ରମଦ—ସଂ. ବି—୧ । [ପ୍ର+ମଦ୍ ଧାତୁ=ହୃଷ୍ଟ ହେବା, ମତ୍ତ ହେବା+
Pramada ଅ]—୧ । (+କରଣ. ଅ) ଧାତୁର ଫୁଲ—
1. The Dhātura flower.
୨ । (+କର୍ତ୍ତୃ. ଅ) ଦୈତ୍ୟବିଶେଷ—
2. Name of a demon.
୩ । (+ଭାବ. ଅ) ଆନନ୍ଦ; ହର୍ଷ—
3. Delight; rapture; joy.
୪ । ମତ୍ତତା—4. Madness; intoxication.
୫ । (ନାମ) ବଶିଷ୍ଠଙ୍କର ଏକ ପୁତ୍ର (ହି. ଶବ୍ଦସାଗର)—
5 Name of a son of Basishtha.
(ପ୍ରମଦା—ସ୍ତ୍ରୀ) ସ. ବିଣ. ପୁଂ (+କର୍ତ୍ତୃ. ଅ)—
୧ । ମତ୍ତ; ଉନ୍ମତ୍ତ—1. Maddened.
୨ । ନିଶାରେ ଭୋଳ; ମଉଆଳ—2. Intoxicated.
୩ । ଆନନ୍ଦରେ ମତ୍ତ—3. Maddened with joy.

ପ୍ରମଦକ—ସ. ବି. (ପ୍ର+ମଦ୍ ଧାତୁ+କର୍ତ୍ତୃ. ଅକ)—
Pramadaka ପରଲୋକ ଅସ୍ୱୀକାରକାରୀ ବ୍ୟକ୍ତି; ନାସ୍ତିକ—
Atheist; one who has no faith in the life after.

ପ୍ରମଦ କାନନ—ସ. ବି. (୬ଷ୍ଠୀ ତତ୍; ପ୍ରମଦ+କାନନ)—
Pramada kānana ୧ । ରାଜାଙ୍କ ଅନ୍ତଃପୁରସ୍ଥ ଉଦ୍ୟାନ—
1. A pleasure-garden attached to a harem.
ପ୍ରମଦ ବନ, ପ୍ରମଦାରାମ, ପ୍ରମଦୋଦ୍ୟାନ } ଅନ୍ୟରୂପ
୨ । ଖୁସିବଗିଚା—2. Pleasure garden.

ପ୍ରମଦା—ସ. ବି. ସ୍ତ୍ରୀ. (ବହୁବ୍ରୀହି; ପ୍ର=ଉତ୍କୃଷ୍ଟ+ମଦ=ରୂପ, ଯୌବନ,
Pramadā ସୌଭାଗ୍ୟାଦି ଜନିତ ଗର୍ବ+ସ୍ତ୍ରୀ. ଆ)—
୧ । ମନୋହାରିଣୀ ସ୍ତ୍ରୀ; ସୁନ୍ଦରୀ ନାରୀ—
1. A graceful or charming lady.
୨ । ଯୁବତୀ ସ୍ତ୍ରୀ—2. A youthful woman.
୩ । ଯୌବନୋଦ୍‌ଫୁଲ୍ଲା ସ୍ତ୍ରୀ—3. A buxom lady.
୪ । ଚତୁର୍ଦ୍ଦଶାକ୍ଷର ଛନ୍ଦୋବିଶେଷ—
4. A metre of 14 syllables.
୫ । ପ୍ରିୟଙ୍ଗୁ (ହି. ଶ) (ଦେଖ)
5. Priyangu (See)

ପ୍ରମଦ୍ୱର—ସ. ବିଣ. ପୁଂ—ଅମନୋଯୋଗୀ—
Pramadbara (ପ୍ରମଦ୍ୱରା—ସ୍ତ୍ରୀ) Inattentive (Apte).

ପ୍ରମନାଃ—ସ. ବିଣ. (ପ୍ର+ମନସ୍)—ପ୍ରସନ୍ନ; ହର୍ଷଯୁକ୍ତ (ହି. ଶ)—
Pramanāh Delighted; jolly.

ପ୍ରମନ୍ୟୁ—ସ. ବିଣ. (ପ୍ର+ମନ୍ୟୁ)—
Pramanyu ଅତି କ୍ରୁଦ୍ଧ (ହି. ଶ)—Enraged.
ସଂ. ବି—ଅତ୍ୟନ୍ତ କ୍ରୋଧ (ହି. ଶ)—Rage.

ପ୍ରମର୍ଦ୍ଦ(ର୍ଦ୍ଦ)ନ—ସଂ. ବି. (ପ୍ର+ମୃଦ ଧାତୁ+ଭାବ. ଅନ)—
Pramarda(rdda)na ୧ । ଖୁବ ମଳିବା—
1. Rubbing much.
୨ । ଅଚ୍ଛା କରି ଚକଟିବା—2. Thorough kneading.
୩ । ଦଳନ; ବିନଷ୍ଟ କରିବା—3. Crushing.
୪ । (+କର୍ତ୍ତୃ. ଅନ; ଏ ରାକ୍ଷସଙ୍କୁ ଓ ଦୁଷ୍ଟଙ୍କୁ ମର୍ଦ୍ଦନ କରିବାରୁ) ବିଷ୍ଣୁ—4. Bishnu.
ସଂ. ବିଣ. ପୁଂ—୧ । ଦଳନକାରୀ—1. Crushing.
୨ । ଚକଟୁଥିବା—2. Kneading.

ପ୍ରମଲୋଟ୍—ପ୍ରାଦେ. (ଗଞ୍ଜାମ) ବୈଦେ. (ଇଂ. ପ୍ରମିସରୀ ନୋଟ୍) ବି—
Pramalot ଋଣ ପତ୍ର; ହାଣ୍ଡ୍ ନୋଟ୍—Hand note.
(ପ୍ରମିଲୋଟ, ପ୍ରଲୋଟ—ଅନ୍ୟରୂପ)

ପ୍ରମା—ସଂ. ବି. (ପ୍ର+ମା ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Pramā ୧ । ନିଶ୍ଚୟପ୍ରବୋଧ ବା ଜ୍ଞାନ—1. Conviction.
୨ । (ନ୍ୟାୟ) ସତ୍ୟ ଜ୍ଞାନ—2. (logic) Knowledge free from error; true knowledge.
୩ । ନିଅଁ; ମୂଳଦୁଆ (ହି. ଶ)—3. Foundation.
୪ । ମାପ (ହି. ଶ)—4. Measurement.

ପ୍ରମାଇ—ଗ୍ରା. ବି—(ସ. ପରମାୟୁଃ)—ପରମାୟୁଃ—
Pramāi Life-time; the entire period of the life of a being.
(ପ୍ରମାଇଷ, ପ୍ରମାୟୁ, ପ୍ରମେଇଷ—ଅନ୍ୟରୂପ)

ପ୍ରମାଣ—ସ. ବି—(ପ୍ର+ମା ଧାତୁ+ଭାବ. ଅନ)—୧ । ଯଥାର୍ଥ ଜ୍ଞାନ—
Pramāṇa 1. True knowledge.
୨ । ସାକ୍ଷୀ—2. Witness.
୩ । ଯାହା ଦ୍ୱାରା କୌଣସି ବିଷୟର ସତ୍ୟତା ନିରୂପିତ ହୁଏ—
3. Evidence; proof; testimony.
୪ । ସୀମା—
4. Limit; mark; boundary.
୫ । ପରିମାଣ—5. Measure; capacity
୬ । ଶାସ୍ତ୍ର; ଧର୍ମଗ୍ରନ୍ଥ—
6. Scripture; religious authority.
୭ । ନଜିର; ପ୍ରାମାଣିକ ବାକ୍ୟ ବା ବିଷୟ—
7. Ruling; authority.
୮ । ଲେଖ୍ୟ; ପାଣ୍ଡୁଲିପି; ଦଲିଲ—
8. Manuscript; document; a deed.
୯ । ଜ୍ଞାନସାଧନ ଇନ୍ଦ୍ରିୟ—
9. Organ of sense.

୧୦ । ନିଶ୍ଚୟ—10. Certainty.
୧୧ । ବିଶ୍ୱାସ; ଦୃଢ଼ ଧାରଣା; ପ୍ରତ୍ୟୟ—
11. Faith; confidence; trust; conviction.
୧୨ । (ନ୍ୟାୟ) ପ୍ରତ୍ୟକ୍ଷ, ଅନୁମାନ, ଉପମାନ ଓ ଶାବ୍ଦ ଏହି ଚାରି ପ୍ରକାରର ଜ୍ଞାନର ସୋପାନ—12. (Logic) The four materials (preception, inference, comparison and words) on which a judgment is formed.

[ଦ୍ର—ପ୍ରମାଣ ନ୍ୟାୟଶାସ୍ତ୍ରର ମୁଖ୍ୟ ବିଷୟ ଅଟେ । ଗୌତମ ଚାରି ପ୍ରକାର ପ୍ରମାଣ ସ୍ୱୀକାର କରିଅଛନ୍ତି:—ପ୍ରତ୍ୟକ୍ଷ, ଅନୁମାନ, ଉପମାନ ଓ ଶାବ୍ଦ । ଇନ୍ଦ୍ରିୟଦ୍ୱାରା ଅନୁଭୂତ ପ୍ରମାଣର ନାମ ପ୍ରତ୍ୟକ୍ଷ; ଲିଙ୍ଗ ଓ ଲିଙ୍ଗୀ ଏ ଦୁହିଙ୍କର ପ୍ରତ୍ୟକ୍ଷ ଜ୍ଞାନରୁ ଉତ୍ପନ୍ନ ପ୍ରମାଣର ନାମ ଅନୁମାନ; ଜ୍ଞାତ ବସ୍ତୁର ସାଦୃଶ୍ୟଦ୍ୱାରା ଅନ୍ୟ ବସ୍ତୁର ଜ୍ଞାନକୁ ଉପମାନ; ଆପ୍ତ ବା ବିଶ୍ୱାସପାତ୍ର ବ୍ୟକ୍ତିର ବାକ୍ୟକୁ ଶାବ୍ଦ ପ୍ରମାଣ ବୋଲାଯାଏ । ମୀମାଂସା ଦର୍ଶନ ଏହି ଚାରି ପ୍ରମାଣ ଛଡ଼ା ଆଉ ଚାରିଗୋଟି ପ୍ରମାଣ ସ୍ୱୀକାର କରେ :- ଐତିହ୍ୟ, ଅର୍ଥାପତ୍ତି, ସମ୍ଭବ ଓ ଅଭାବ । ଯାହା ପରମ୍ପରାକ୍ରମେ ପ୍ରସିଦ୍ଧ ତାହା ଐତିହ୍ୟ; ଯାହାକୁ ନ ଶୁଣି ବା ନ ଦେଖି ସ୍ୱୀକାର ନ କଲେ ଦେଖା ବା ଶୁଣା କଥାର ଅର୍ଥରେ ଆପତ୍ତି ହୋଇ ପାରେ ତାହା ଅର୍ଥାପତ୍ତି; ଯେଉଁ ପ୍ରମାଣଦ୍ୱାରା ଅଙ୍ଗୀ ମଧ୍ୟରେ ଅଙ୍ଗ ଥିବାର, ବ୍ୟାପକରେ ବ୍ୟାପ୍ୟ ଥିବାର, ସର୍ଜକର ସୃଷ୍ଟ ବସ୍ତୁ ସ୍ୱୀକାର କରାଯାଏ, ତାକୁ ସମ୍ଭବ ଓ କୌଣସି ବସ୍ତୁର ବା ବିଷୟର ଅନୁପସ୍ଥିତି ଯହିଁଦ୍ୱାରା ସିଦ୍ଧ ହୁଏ, ତାକୁ ଅଭାବ ବୋଲାଯାଏ । ନୈୟାୟିକମାନେ ଶେଷୋକ୍ତ ଚାରି ପ୍ରମାଣକୁ ସ୍ୱତନ୍ତ୍ର ପ୍ରମାଣ ବୋଲି ମାନନ୍ତି ନାହିଁ ଓ ଏ ଚାରିଗୋଟି ପ୍ରଥମୋକ୍ତ ଚାରିଗୋଟିର ଅନ୍ତର୍ଗତ ଥିବାର କହନ୍ତି । ଚାର୍ବାକ ଦର୍ଶନରେ କେବଳ ପ୍ରତ୍ୟକ୍ଷ ପ୍ରମାଣ, ବୌଦ୍ଧ ଦର୍ଶନରେ ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣ, ସାଂଖ୍ୟରେ ପ୍ରତ୍ୟକ୍ଷ, ଅନୁମାନ ଓ ଆଗମ, ବୈଶେଷିକରେ ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣ ଗୃହୀତ ହୋଇଅଛି । ଧର୍ମଶାସ୍ତ୍ର (ଆଇନ)ରେ ପ୍ରମାଣକୁ ଚାରି ଶ୍ରେଣୀରେ ବିଭକ୍ତ କରାଯାଇଅଛି— ୧. ଲିଖିତ (ଦଲିଲ); ୨. ଭୁକ୍ତି (ଦଖଲ), ୩. ସାକ୍ଷୀ (ଗୁହା) ଓ ୪. ଦିବ୍ୟ (ଶପଥ)—ହି. ଶ ।]

୧୩ । ହେତୁ—13. Cause; motive; reason.
୧୪ । ଇୟତ୍ତା; ଅନ୍ଦାଜ; ଅଟକଳ (ହି. ଶ)—
14. Measure; estimate.
୧୫ । ମୂଳଧନ (ହି. ଶ)—
15. Capital in business.
୧୬ । ଆଦେଶପତ୍ର (ହି. ଶ.)—
16. Writ; a written order.

ପ୍ରମାଣ ଦେ, ବି—୧ । ହଲପ; ଶପଥ—1. Oath.

ପ୍ରମାନ ୨ । (ସଂ. ପରମାଣ) ପରମାଣ; ମାପ—1. Measure

ପ୍ରମାଣ ଦେ. ବିଣ—୧ । ସୁପ୍ରମାଣିତ—
ପ୍ରମାଣ 1. Well proved.
୨ । ଠିକ୍; ନିଃସନ୍ଦେହ—2. Undoubted.
ଜଣାଇଲେ ସତୀ, ଥିଉଁ ସେ ଭୁଜଙ୍ଗପଣ ନାହିଁ ଅ ପ୍ରମାଣ ଗୋ—
କବିସୂର୍ଯ୍ୟ: ସଙ୍ଗୀତ ।

୩ । (କଚେରୀ ଓ ଦଲିଲରେ ବ୍ୟବହୃତ) ସ୍ୱୀକୃତ—
3. Agreed to.
(ଯଥା—ଏ ତମସୁକ ଲିଖିତ ବିଷୟମାନ ମୋର ପ୍ରମାଣ)
ଦେ. ଅ—୧ । ନିଶ୍ଚୟ; ଅବଶ୍ୟ—
1. Certainly; must.
(ଯଥା—ମୁଁ ଆଜି ସେଠାକୁ ଯିବା ପ୍ରମାଣ)
୨ । ପର୍ଯ୍ୟନ୍ତ—2. Upto; till
କନ୍ତୁ ପ୍ରମାଣ ଚଳେ ଥାଉ; ଏଣିକି କୃଷ୍ଣ ମୁଖ ଚାହିଁ ।
ଜଗନ୍ନାଥ, ଭାଗବତ ।
୩ । ଅନୁସାରେ; ଅନୁଯାୟୀ—
3. According to; in pursuance of
(ଯଥା—ମୁଁ ତାଙ୍କ ଆଜ୍ଞା ପ୍ରମାଣ ସେଠାକୁ ଯିବି ।)
୪ । (କଚେରୀ ଓ ଦଲିଲରେ ବ୍ୟବହୃତ) ଏହା ମୋର ସମ୍ମତ ଅଟେ; ସହି—4. This is agreed to by me.
(ଯଥା—ଏ ଦୁଇ ଶହ ଟଙ୍କାର ତମସୁକ ରାମ ସାହୁଙ୍କର ପ୍ରମାଣ ।)
୫ । (କଚେରୀ)—ଯଥାର୍ଥରେ; ଏହା ଠିକ୍ ଅଟେ—
5. This is actually so.
(ଯଥା—ଏ କରମାଳା ସନ୍ତକ କମଳା ଦେଈଙ୍କର ପ୍ରମାଣ ।)
୬ । (କଚେରୀ)—ପୂର୍ବକ; ଗ୍ରହଣ ପୂର୍ବକ—
6. By taking; on
(ଯଥା—ମୁଁ ହଲପ ପ୍ରମାଣ ଏ କଥା କହୁଛି ।)
୭ । ବଳେ; ମୁଁ ସନ୍ତୁଷ୍ଟ ହେବି—7. I will be satisfied.
(ଯଥା—ଏ ଦୁଷ୍ଟ ଲୋକକୁ ଏ ସହରରୁ ତଡ଼ିଲେ ଯାଇ ପ୍ରମାଣ ।)
ପ୍ରାଦେ. (ଗଞ୍ଜାମ) ବି.—୧ । ସ୍ୱାକ୍ଷର—1. Signature.
୨ । ଅଶିକ୍ଷିତ ବ୍ୟକ୍ତିର ସନ୍ତକ—2. Mark put on a document by an unlettered person

ପ୍ରମାଣ କରିବା—ଦେ. କ୍ରି—୧ । ପ୍ରମାଣିତ କରିବା—
Pramāṇa kariba 1. To prove.
ପ୍ରମାଣକରା ୨ । ହଲପ ବା ଶପଥ କରିବା—
प्रमाण करना; प्रमानना 2. To take oath.

ପ୍ରମାଣ କୁଶଳ—ସଂ. ବିଣ. ପୁଂ—ଯେ ଭଲ ତର୍କ କରିପାରେ (ହି. ଶ)—
Pramāṇa kusala Able to argue well.
(ପ୍ରମାଣକୁଶଳା—ସ୍ତ୍ରୀ) (ପ୍ରମାଣକୁଶଳତା—ବି)

ପ୍ରମାଣ କୋଟି—ସଂ. ବି. (୬ଷ୍ଠୀ ତତ୍; ପ୍ରମାଣ+କୋଟି)—
Pramāṇa koṭi କୌଣସି ବିଷୟର ପ୍ରମାଣ ପାଇଁ ପ୍ରୟୋଜନୀୟ ବିଷୟ ସକଳ (ହି. ଶ)—The scope or aggregate of matters required to prove a matter.

ପ୍ରମାଣ ଦେବା—ଦେ. କ୍ରି—୧ । ବିଚାରକଙ୍କ ଆଗେ ପ୍ରମାଣ ଉପସ୍ଥାପିତ
Pramāṇa deba କରିବା—1. To adduce evidence
ପ୍ରମାଣ ଦେଓଆ before a judge.
प्रमाण देना ୨ । ସାକ୍ଷ୍ୟ ଦେବା—2. To give evidence.

ପ୍ରମାଣ ପତ୍ର—ସଂ. ବି—୧ । ନିଦର୍ଶନପତ୍ର—
Pramāṇa patra 1. A letter of authority.
୨ । ରସିଦ୍; ପ୍ରାପ୍ତିସ୍ୱୀକାର ପତ୍ର—
2. Voucher; receipt.

୩ । ଲିଖିତ ପ୍ରମାଣ —3. Written testimony; documentary proof.

୪ । ସାର୍ଟିଫିକେଟ୍—4. A certificate.

ପ୍ରମାଣ ପୁରୁଷ—ସଂ. ବି. (ମ. ପ. ଲୋ; କର୍ମଧା; ପ୍ରମାଣ+ପୁରୁଷ)— Pramāṇa purusha ୧ । ବିଚାରକର୍ତ୍ତା—1. Judge.

୨ । ମଧ୍ୟସ୍ଥ; ପଞ୍ଚାଏତ୍; ସାଲିସ; ଯେଉଁ ବ୍ୟକ୍ତିଙ୍କ ମୀମାଂସାକୁ ଉଭୟ ପକ୍ଷ ଗ୍ରହଣ କରନ୍ତି—2. An umpire; an arbitrator.

ପ୍ରମାଣ ବାକ୍ୟ—ସଂ. ବି. (ପ୍ରମାଣ+ବାକ୍ୟ)—ଯେଉଁ ବାକ୍ୟକୁ Pramāṇa bākya ପ୍ରମାଣରୂପେ ଗ୍ରହଣ କରାଯାଏ— Authoritative statement.

ପ୍ରମାଣ ସଇ(ହି)—ଦେ. ବିଣ. (ସଂ. ପରିମାଣାନୁସାରୀ)— Pramāṇa sai hi) ୧ । ପୂର୍ଣ୍ଣ ପରିମାଣାନୁଯାୟୀ—
ପ୍ରମାଣସଇ 1. Of full measure.
पूरा नापका ୨ । ପରିମାଣାନୁଯାୟୀ— 2. Up to the mark.

୩ । ପୂର୍ଣ୍ଣବୟସ୍କ ବା ପୂର୍ଣ୍ଣାକୃତି ବ୍ୟକ୍ତିର କଣ୍ଠରେ ନିର୍ମିତ— 3. Constructed to suit an adult of full size.

ପ୍ରମାଣ ସିଦ୍ଧ—ସଂ. ବିଣ. (୩ୟା ତତ୍; ପ୍ରମାଣ+ସିଦ୍ଧ)—ପ୍ରମାଣଦ୍ୱାରା Pramāṇa siddha ପ୍ରତିଷ୍ଠିତ—Established by evidence.

ପ୍ରମାଣାଭାବ—ସଂ. ବି. (୬ଷ୍ଠୀ ତତ୍; ପ୍ରମାଣ+ଅଭାବ)— Pramāṇābhāba ପ୍ରମାଣର ଅନୁପସ୍ଥିତି; ପ୍ରମାଣରାହିତ୍ୟ— Want of evidence.

ପ୍ରମାଣିକା—ସଂ. ବି.(ପ୍ରମାଣ+କ+ଆ)—ଅଷ୍ଟାକ୍ଷର ଚରଣଚତୁଷ୍ଟୟଯୁକ୍ତ Pramāṇikā ଛନ୍ଦୋବିଶେଷ—
(ପ୍ରମାଣୀ—ଅନ୍ୟରୂପ) A metre of 8 syllables.

[ଦ୍ର—ଏଥିର ପ୍ରତି ଚରଣରେ ଏକ ଜଗଣ, ଏକ ରଗଣ, ଏକ ଲଘୁ ଓ ଏକ ଗୁରୁ ବର୍ଣ୍ଣ ଥାଏ; ଏ ବୃତ୍ତର ଅନ୍ୟ ନାମ ନଗସ୍ୱରୂପିଣୀ; ଏଥିର ଉଦାହରଣ—ନମାମି ଭକ୍ତବତ୍ସଳଂ, କୃପାଳୁଶୀଲକୋମଳଂ, ଭଜାମି ତେ ପଦାମ୍ବୁଜଂ, ଅକାମିନାଂ ସ୍ୱଧାମଦଂ-ହି. ଶ ।]

ପ୍ରମାଣିତ—ସଂ. ବିଣ. (ପ୍ରମାଣ+ଇତ)—ପ୍ରମାଣଦ୍ୱାରା ସିଦ୍ଧ; ସାବ୍ୟସ୍ତ— Pramāṇita Proved.

ପ୍ରମାଣିବା—ଦେ. (ପଦ୍ୟ) କ୍ରି. (ସଂ. ପ୍ରମାଣ)—୧ । ପ୍ରମାଣିତ କରିବା— Pramāṇibā 1. To prove
ପ୍ରମାଣା ନେନେ ମୁଁ ଦେଖିଛି ସୀତା ଅଭୂତ ପ୍ରକାରେ
प्रमानना ସତିକୁ ପ୍ରମାଣିକୁ ଅଗ୍ନି-ପରୀକ୍ଷାରେ ।
ନନ୍ଦକିଶୋର· ସୀତାବନବାସ ।

୨ । ନିରୂପଣ କରିବା; ସ୍ଥିର କରିବା— 2. To ascertain.
ସେମାନଙ୍କ ଅସୂଷ ପ୍ରମାଣିବା କେତେ
ତା ଶୁଣିବା ଇଚ୍ଛା ହେଉଛି ମୋର ଚିତ୍ତେ । କୃଷ୍ଣସିଂ· ମହାଭାରତ ଅଦ ।

୩ । ଆଶ୍ରୟ କରିବା; ଅବଲମ୍ବନ କରିବା— 3. To have resort to.
ସ୍ୱଧର୍ମେ ଥାଇ ଯେବା ପ୍ରାଣୀ
ହରି ଭଜନ ନ ପ୍ରମାଣି । ଜଗନ୍ନାଥ· ଭାଗବତ ।

୪ । ଦେଖିବା—4. To see.
ସତ୍ତ୍ୱୀ ବୃତ୍ତ କ ନ ଜାଣୁ
ତୁ ନାଥ ଅନ୍ତର ପ୍ରମାଣୁ । ଜଗନ୍ନାଥ, ଭାଗବତ ।

ପ୍ରମାଣୀକୃତ—ସଂ. ବିଣ. (ପ୍ରମାଣ+ଅଭୂତ ତଦ୍ଭାବେ ଚ୍ୱି+କୃତ)— Pramāṇikruta ୧ । ପ୍ରମାଣଦ୍ୱାରା ସ୍ଥିରୀକୃତ— 1. Established by proof; proved beyond doubt.

୨ । ପ୍ରାମାଣିକରୂପେ ଗୃହୀତ; ଆଦୃତ—2. Regarded or accepted as an authority (Apte).

୩ । ବିଶ୍ୱସିତ—3. Believed; confided in (Apte).

ପ୍ରମାଣୁ—ଦେ. ଅ. (ସଂ. ପରିମାଣ)—ପରି; ସଦୃଶ; ସମାନ— Pramāṇu Like; as
କୋମଳ ନବଜାତ ପ୍ରମାଣୁ ଦନ୍ତ ଭଣ୍ଡ ଲ ଯେ ।
ଭକ୍ତ· କୋଷ୍ଠବୃତ୍ତାନ୍ତଦ୍ୱଦିବ ।

ପ୍ରମାଣେ—ଦେ. ଅ. (ସଂ. ପରିମାଣ)—୧ । ଅନୁସାରେ; ମୁତାବକ— Pramāṇe 1. According to; in compliance with.
ପ୍ରମାଣେ **मुताबिक, माने**
ତୁମ୍ଭ ଉପଦେଶ ପ୍ରମାଣେ ପ୍ରତକ୍ଷେ ଦେଖିଲି ସେତେବେଳେ ।
ଉପେନ୍ଦ୍ର· ପ୍ରେମଚିନ୍ତାମଣି ।

୨ । ସଦୃଶ; ତୁଲ୍ୟ—2 Like; as.
ହସ୍ତୀ ପ୍ରମାଣେ ଫଳ ଧାରି,
ରସ ଯେ ଗଳନ୍ତ ଅପାରି । ଜଗନ୍ନାଥ, ଭାଗବତ ।

୩ । (କଥିରଥି) ସହକାରେ; (ଶପଥ) ପୂର୍ବକ; ଗ୍ରହଣପୂର୍ବକ— 3. On (oath); on taking.
(ଯଥା—ମୁଁ ଧର୍ମପ ପ୍ରମାଣେ ଏ କଥା କହୁଛି ।)

୪ । ମାପ ମୁତାବକ; ଅମୁକର ସଙ୍ଗେ ମେଳ ଖାଇବା ଭଳି— 4. According to the measure of; to fit in with.
(ଯଥା—ଏ ଜୋତା ମୋର ଗୋଡ଼ପ୍ରମାଣେ ହୋଇଛି ।)

ପ୍ରମାତବ୍ୟ—ସଂ. ବିଣ.—(ପ୍ର+ମା ଧାତୁ+କର୍ମ. ତବ୍ୟ)— Pramātabya ୧ । ପ୍ରମାଣିତ ହେବାର ଯୋଗ୍ୟ— 2. Demonstrable.

୨ । ବଧ୍ୟ (ହି. ଶ.)—2. Deserving to be killed.

ପ୍ରମାତା—ସଂ. ବିଣ. ପୁଂ. (ପ୍ର.+ମା ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)— Pramātā ୧ । ବିଚାର ବା ସ୍ଥିର କରିବାକୁ ସମର୍ଥ—
(ପ୍ରମାତ୍ରୀ—ସ୍ତ୍ରୀ) 1. Competent to judge or ascertain. (Apte)

୨ । ପ୍ରମାଣକାରକ—2 Proving; demonstrating.

୩ । ଯେ ପ୍ରମାଣ ବା ସତ୍ୟଜ୍ଞାନ ଲାଭ କରିଅଛି (ହି. ଶ.)— 3. One who has acquired true or correct knowledge or right notion.

ସଂ. ବି.—୧ । ପ୍ରତ୍ୟକ୍ଷ ପ୍ରମାଣ—1. Direct evidence.

୨ । ପ୍ରକୃତ ସାକ୍ଷୀ—2. A true witness.

୩ । ପ୍ରତିଫଳିତ ମନୋବୃତ୍ତି—3. Reflected emotion.

୪ । ନଜିର୍—4. Authority (Apte).

ପ୍ରମାତାମହ—ସଂ. ବି. ପୁଂ—(ପ୍ର=ଦୂରତର+ମାତାମହ)—ମାତାମହଙ୍କ ପିତା—The father of one's maternal grand-father.
Pramātāmaha
(ପ୍ରମାତାମହୀ—ସ୍ତ୍ରୀ)

ପ୍ରମାତ୍ର—ସଂ. ବି.—ନିର୍ଦ୍ଦିଷ୍ଟ ସଂଖ୍ୟା (ହି. ଶ.)—
Pramātra — A fixed number.

ପ୍ରମାଥ—ସଂ. ବି. (ପ୍ର+ମଥ୍ ଧାତୁ=ମନ୍ଥନ କରିବା+ଭାବ. ଅ)—
Pramātha ୧ । ମଥନ; ବିଲୋଡ଼ନ—
1. Agitating; churning.
୨ । ହତ୍ୟା—7 Slaughter.
୩ । ମର୍ଦ୍ଦନ—3. Pressing; squeezing.
୪ । ନିର୍ଯ୍ୟାତନ; ନିପୀଡ଼ନ—4. Oppression.
୫ । ଯନ୍ତ୍ରଣା ଦେବା—5. Tormenting.
୬ । (+କର୍ତ୍ତୃ. ଅ)—ପ୍ରମଥଗଣ; ଶିବାନୁଚରବିଶେଷ—
6. A class of attendants of Śiba.
୭ । (ନାମ) ଧୃତରାଷ୍ଟ୍ରଙ୍କ ପୁତ୍ରବିଶେଷ—
7. Name of a son of Dhṛutarāshṭra.
୮ । (ନାମ) କୁମାରାନୁଚରବିଶେଷ—
8. A companion of Kārttikeya.
୯ । (+ଭାବ. ଅ) ବଳପୂର୍ବକ ହରଣ—
3. Snatching away.
୧୦ । ସ୍ତ୍ରୀକୁ ବଳାତ୍କାରରେ ସଂଭୋଗ (ହି. ଶବ୍ଦସାଗର)—
10. Rape.
୧୧ । (ମଲ୍ଲଯୁଦ୍ଧ) ପ୍ରତିଦ୍ୱନ୍ଦ୍ୱୀକୁ ଭୂମିରେ ଚିତ୍ କରି ପକାଇ ଦେଇ ତା ଉପରେ ବସିବା (ହି. ଶବ୍ଦସାଗର)—
11. (wrestling) Felling the adversary on the ground and sitting over him.
୧୨ । ବିନାଶକରଣ—12. Destruction; ruining.

ପ୍ରମାଥୀ—ସଂ. ବିଣ. ପୁଂ. (ପ୍ର+ମଥ୍ ଧାତୁ+କର୍ତ୍ତୃ. ଇନ; ୧ମା. ୧ବ.)-
Pramāthi ୧ । ଉତ୍ପୀଡ଼କ—1. Oppressive.
(ପ୍ରମାଥିନୀ—ସ୍ତ୍ରୀ) ୨ । କ୍ଲେଶଦାୟକ—
2. Afflicting; distressing.
୩ । ବିନାଶକ—3. Destroying; ruining; killing.
୪ । କ୍ଷୋଭଦାୟକ—5. Tormenting.
୫ । ଆଲୋଡ଼ନକାରୀ—5. Agitating; churning.
ସଂ. ବି. ପୁଂ (ନାମ)—୧ । ରାମଚନ୍ଦ୍ରଙ୍କ ବାନର ସେନାର ଏକ ଯୂଥପତି (ହି. ଶ.)—1. Name of a monkey-captain in the monkey army of Rāma.
୨ । ଖରର ସହଚର ରାକ୍ଷସବିଶେଷ (ହି. ଶ.)—
2. Name of a demon.
୩ । ଧୃତରାଷ୍ଟ୍ରଙ୍କର ଏକ ପୁତ୍ର (ହି. ଶ.)—
3. Name of a son of Dhṛutarāshṭra.
୪ । ମୁଖ, ଆଖି, କାନ ଆଦିରେ ସଞ୍ଚିତ କଫର ନିବାରକ ଔଷଧ (ହି. ଶ.)—4. A medicine which clears the deposit of phlegm in the mouth, eye, ear etc; an expectorant.

ପ୍ରମାଦ—ସଂ. ବି. (ପ୍ର+ମଦ୍ ଧାତୁ+ଭାବ. ଅ)—୧ । ଅସାବଧାନତା;
Pramāda 1. Negligence; carelessness; inadvertence.
୨ । ବିପଦ; ଦୁର୍ଘଟଣା—2. Danger; calamity; mishap.
୩ । ଭ୍ରାନ୍ତି; ଭ୍ରମ—
3. Mistake; error; oversight; blunder.
୪ । ବିସ୍ମୃତି—4. Forgetfulness.
୫ । ମାନସିକ ଦୌର୍ବଲ୍ୟ—
5. Mental weakness; mental debility.
୬ । ପ୍ରମତ୍ତତା; ନିଶା—6. Intoxication.
୭ । ବାତୁଳତା—7. Insanity; madness.
୮ । (ଯୋଗଶାସ୍ତ୍ର) ସାଧକର ଚିତ୍ତବିକ୍ଷେପ ଜନ୍ମାଇବା ସମାଧିର ଅନ୍ତରାୟବିଶେଷ (ହି. ଶ.)—8. Absence of concentration during Joga exercise.
[ଦ୍ର—ସମାଧିର ୯ଟି ଅନ୍ତରାୟ ମଧ୍ୟରୁ ଏହା ଚତୁର୍ଥ; ଏଥିଯୋଗୁଁ ସାଧକ ସମାଧି ପାଇଁ ସାଧନାର ଭାବନା ଭୁଲିଯାଏ—ହି. ଶ. ।]
୯ । ମୂର୍ଚ୍ଛା—
9. Fainting; swoon (Apte).
୧୦ । ଅମନୋଯୋଗ—10. Inattention (Apte).
ଦେ. ବି—୧ । ଦୁର୍ନାମ—1. Defamation.
୨ । ଦୌରାତ୍ମ୍ୟ; ଉପଦ୍ରବ—2. Outrage.
ବେଲଲ୍ତ କୃଷ୍ଣ ! ସାଧୁ ସାଧୁ,
କରିଲେ ମାଲଙ୍କ ପ୍ରମାଦ—ଜଗନ୍ନାଥ ଭାଗବତ ।
୩ । ଦୁଃଖର ବିଷୟ—
3. A matter of regret or sorrow.
ଦେ. ବିଣ—ଦୁଃଖଦାୟକ—
Painful; afflicting.
[ଦ୍ର—ଏ ଶବ୍ଦ 'ଭ୍ରମ' ଶବ୍ଦ ସଙ୍ଗେ ଏକାର୍ଥବୋଧକ ସହଚରରୂପେ ବ୍ୟବହୃତ ହୁଏ ।]

ପ୍ରମାଦ ବଧ—ସଂ. ବି—(ମ. ପ. ଲୋ. କର୍ମଧା; ପ୍ରମାଦ+ବଧ; ଆଧୁନିକ ପ୍ରୟୋଗ)—ଅନିଚ୍ଛାସତ୍ତ୍ୱେ ଭୁଲ ବା ଅସାବଧାନତାଜନିତ ନରହତ୍ୟା—Killing a person through carelessness or error; culpable homicide not amounting to murder.
Pramāda badha

ପ୍ରମାଦ ଶୂନ୍ୟ—ସଂ. ବିଣ—(୩ୟା ତତ୍; ପ୍ରମାଦ+ଶୂନ୍ୟ)—
Pramāda śūnya ଭ୍ରାନ୍ତିହୀନ; ଅଭ୍ରାନ୍ତ—
(ପ୍ରମାଦହୀନ—ଅନ୍ୟରୂପ) Free from error.

ପ୍ରମାଦିକା—ସଂ. ବି. ସ୍ତ୍ରୀ—(ପ୍ର+ମଦ୍ ଧାତୁ=ଅସାବଧାନ ହେବା+
Pramādikā କର୍ତ୍ତୃ. ଅକ+ସ୍ତ୍ରୀ. ଆ)—୧ । ପ୍ରଗଲ୍ଭା କନ୍ୟା; ଅଣ୍ଡିରାଚଣ୍ଡୀ—1. An impudent girl.
୨ । ଦୂଷିତା କନ୍ୟା; ଯେଉଁ କୁମାରୀର ପୁରୁଷସଂଭୋଗ ଘଟିଅଛି—
2. A deflowered girl; a ravished maiden.
୩ । ଅସାବଧାନା ସ୍ତ୍ରୀ—
3. A careless woman (Apte).

ପ୍ରମାଦିତ—ସ. ବିଣ. ପୁଂ—(ପ୍ରମାଦ+ଇତ)—ଉପହସିତ—
Pramādita Rediculed; mocked; scoffed at (Apte).
(ପ୍ରମାଦିତା—ସ୍ତ୍ରୀ)

ପ୍ରମାଦୀ—ସ. ବିଣ. ପୁଂ—(ପ୍ରମାଦ+ଯୁକ୍ତାର୍ଥରେ ଇନ୍; ୧ମା. ୧ବ.)—
Pramādi ୧ । ପ୍ରମାଦଯୁକ୍ତ; ଅସାବଧାନ; ଅମନୋଯୋଗୀ—
(ପ୍ରମାଦବାନ୍—ଅନ୍ୟରୂପ) 1. Careless; negligent;
(ପ୍ରମାଦିନୀ; ପ୍ରମାଦବତୀ—ସ୍ତ୍ରୀ) inattentive,
୨ । ପ୍ରମତ୍ତ; ନିଶାରେ ଭରପୂର; ମତୁଆଳ—
2. Maddened; intoxicated.
୩ । ବାଉଳ—3 Insane; mad.

ପ୍ରମାପକ—ସ. ବିଣ—(ପ୍ର+ମା ଧାତୁ ଣିଚ+କର୍ତ୍ତୃ. ଅକ)—
Pramāpaka ଯାହା ପ୍ରମାଣ ଉପସ୍ଥାପିତ କରେ—
Furnishing authority or proof (Apte).
ସ ବି—ନଜୀର—Authority (Apte).

ପ୍ରମାପଣ(ନ)—ସ. ବି—୧ । ମାରଣ (ହି. ଶ)—
Pramāpaṇa(na) 1. Slaughter; killing (Apte).
୨ । ନାଶ (ହି. ଶ.)—
2. Ruin; destruction.

ପ୍ରମାପୟିତା—ସ. ବିଣ. ପୁଂ—(ପ୍ର+ମା ଧାତୁ ଣିଚ+ତୃ; ୧ମା. ୧ବ)-
Pramāpayitā ୧ । ଘାତକ (ହି. ଶ)—1. Killing.
(ପ୍ରମାପୟିତ୍ରୀ—ସ୍ତ୍ରୀ) ୨ । ନାଶକ—2. Destructive.
୩ । ଅନିଷ୍ଟକାରକ—3. Injurious.
ସ. ବି. ପୁଂ—ଘାତକ ବ୍ୟକ୍ତି—
A murderer (Apte)

ପ୍ରମାୟୁ—ସ. ବିଣ—(ପ୍ର+ମା ଧାତୁ+ଉ)—ନାଶଶୀଳ; ଯର;
Pramāyu ଧ୍ୱଂସଶୀଳ (ହି. ଶ)—Liable to decay.
(ପ୍ରମାୟୁକ—ଅନ୍ୟରୂପ ଗ୍ରା. ବି—(ସ. ପରମାୟୁଃର ଅଶୁଦ୍ଧ ଉଚ୍ଚାରଣ)—ପରମାୟୁଃ—The period of one's life.

ପ୍ରମାରକ—ଦେ. ବି—ରାଜପୁତମାନଙ୍କର ଶାଖାବିଶେଷ—
Pramāraka A branch of the Rajputs.
ଚଉହାନ ପ୍ରମାରକ ରାଠୋର ବ୍ୟେଲ
କାଛୱାସ ଗୁର କୁଳ ଯଶ ମହାବାଳେ—ରଘୁନାଥ ମହାପାତ୍ର ।

ପ୍ରମିତ—ସ. ବିଣ—(ପ୍ର+ମା ଧାତୁ+କର୍ମ ତ)—୧ । ପରମିତ—
Pramita 1. Measured.
(ପ୍ରମିତି—ବି) ୨ । ପରିମାଣ ଦ୍ୱାରା ଜ୍ଞାତ—
2. Known by measurement.
୩ । ପ୍ରମାଣିତ—3 Proved.
୪ । ପୂର୍ବରୁ ନିର୍ଦ୍ଧାରିତ—
4. Preordained; predetermined.
୫ । ପ୍ରାମାଣିକ—5. Authoritaive.
୬ । ଜ୍ଞାତ—6. Known; understood.
୭ । ଅଳ୍ପ; ସାମାନ୍ୟ (ହି. ଶ.)—
7. Little; small.
୮ । ଅବଧାରିତ; ନିର୍ଣ୍ଣିତ—8 Ascertained.
୯ । (+କର୍ତ୍ତୃ ତ)—ଯେ ପ୍ରମା ବା ଯଥାର୍ଥ ଜ୍ଞାନ ଲାଭ କରିଅଛି (ହି. ଶ)—One who has attained true or perfect knowledge.

ପ୍ରମିତି—ସ. ବି—(ପ୍ର+ମା ଧାତୁ+ଭାବ. ତି)—୧ । ନିଶ୍ଚୟାତ୍ମକ ଜ୍ଞାନ—
Pramiti 1. Positive knowledge; conviction.
୨ । ପ୍ରମାଣିତ ହେବା ଅବସ୍ଥା—2. Condition of being proved or established.
୩ । ପ୍ରମାଣଦ୍ୱାରା ଲବ୍ଧ ଯଥାର୍ଥ ଜ୍ଞାନ—3. True knowledge acquired by means of evidence.

ପ୍ରମୀଢ଼—ସ. ବିଣ.—(ପ୍ର+ମାହ ଧାତୁ+କର୍ତ୍ତୃ. ତ) ୧ । ଗାଢ଼ା; ଘନ।
Pramirdha (ହି. ଶବ୍ଦସାଗର)— 1. Thick; dense.
୨ । ମୂତ୍ରରୂପେ ବହିର୍ଗତ (ହି. ଶ)—
2. Issued from the body in the shape of urine; passed as urine (Apte)

ପ୍ରମୀତ—ସ. ବିଣ. (ପ୍ର+ମୀ ଧାତୁ=ବିନାଶ କରିବା; ବଧ କରିବା+
Pramita କର୍ମ. ତ)—୧ । ହତ—1. Killed.
(ପ୍ରମୀତି—ବି) ୨ । ଯଜ୍ଞରେ ବଧ କରି ଯାଇଥିବା (ପଶୁ)—
2 (a victim) Killed at a vedic sacrifice.
୩ । ମୃତ (ହି. ଶ.)—3. Dead.
ସ. ବି.—ଯଜ୍ଞରେ ବଳି ଦିଆ ଯିବା ଜୀବ—
1 An animal killed at a sacrifice.

ପ୍ରମୀଳନ—ସ. ବି.—(ପ୍ର+ମୀଲ ଧାତୁ+ଭାବ. ଅନ)—ନିମୀଳନ;
Pramilana (ଆଖି) ମୁଦିବା—Closing (of the eyelids).

ପ୍ରମୀଳା—ସ. ବି. (ପ୍ର+ମୀଲ ଧାତୁ=ଚକ୍ଷୁ ମୁଦ୍ରିତ ହେବା+ଭାବ. ଅ
Pramilā +ସ୍ତ୍ରୀ. ଆ)—୧ । ତନ୍ଦ୍ରା; ନିଦ୍ରାବେଶ—
(ପ୍ରମୀଳିତ, ପ୍ରମୀଳୀ—ବିଣ) 1. Dozing; nap; sleepiness
୨ । ଚକ୍ଷୁର୍ନିମୀଳନ; ଆଖି ବୁଜିବା—
2. Shutting or closing of the eyes.
୩ । ଅବସାଦ; ଗ୍ଲାନି—3. Lassitude; exhaustion.
୪ । (ନାମ) ରାବଣର ପୁତ୍ରବଧୂ; ଇନ୍ଦ୍ରଜିତ ବା ମେଘନାଦର ସ୍ତ୍ରୀ—
4. The wife of Rabaṇa's son Indrajita.
୫ । (ନାମ) ଅର୍ଜୁନଙ୍କର ଏକ ସ୍ତ୍ରୀ—
5. A wife of Arjuna.
[ଦ୍ର—ଯୁଧିଷ୍ଠିରଙ୍କ ଯଜ୍ଞାଶ୍ୱ ଏହାଙ୍କ ରାଜ୍ୟ ବାଟେ ଯିବା ବେଳେ ଏ ତାକୁ ଧରି ରଖିବାରୁ ଅର୍ଜୁନଙ୍କ ସଙ୍ଗେ ଏହାଙ୍କର ଯୁଦ୍ଧ ହେଲା ଓ ଏ ପରାସ୍ତ ହୋଇ ଅର୍ଜୁନଙ୍କୁ ବିବାହ କଲେ । ଏହାଙ୍କ ରାଜ୍ୟରେ କେବଳ ସ୍ତ୍ରୀମାନେ ବାସ କରୁଥିଲେ—ଆପ୍ଟେ ।]

ପ୍ରମୁକ୍ତ—ସ. ବିଣ. (ପ୍ର+ମୁକ୍ତ)—୧ । ମୁକୁଳା କରି ଯାଇଥିବା—
Pramukta 1. Loosened; dishevelled.
(ପ୍ରମୁକ୍ତି, ପ୍ରମୋଚନ—ବି) ୨ । ବନ୍ଧନରୁ ମୁକ୍ତ—
2. Liberated; set free.
୩ । ପରିତ୍ୟକ୍ତ—3. Abandoned; renounced.
୪ । କ୍ଷିପ୍ତ—4. Cast; hurled.
୫ । ନିର୍ବାସିତ—5. Exiled.

ପ୍ରମୁଖ—ସଂ. ବଣ. (ପ୍ର+ମୁଖ) - ୧ । ପ୍ରଥମ—
Pramukha 1. First; foremost.
୨ । ଶ୍ରେଷ୍ଠ; ପ୍ରଧାନ—2. Chief; principal.
୩ । (ଅମୁକ) ଯେଉଁମାନଙ୍କ ଅଗରେ ଅଛନ୍ତି; ପୁରଃସର; (ଅମୁକଙ୍କ) ନେତୃତ୍ୱରେ ଚାଳିତ—3 Led by; under the leadership of; headed by.
[ଦ୍ର—ଏହି ଅର୍ଥରେ ଏ ଶବ୍ଦ ଅନ୍ୟ ଶବ୍ଦ ସହିତ ସମାସରେ ଯୁକ୍ତ ହୁଏ; ଯଥା- ଇନ୍ଦ୍ରପ୍ରମୁଖ ଦେବଗଣ ।]
୪ । ଅମୁକଙ୍କ ସହିତ—4. Accompanied with.
୫ । ମାନନୀୟ—6. Respectable; honourable.
୬ । (ଅମୁକଙ୍କ) ଆଡ଼କୁ ମୁହଁ ବୁଲାଇଥିବା—
6. Facing; turning the face towards.
ସଂ. ବି.—୧ । ଆଦି; ଆରମ୍ଭ—1. Beginning.
୨ । ମାନନୀୟ ବ୍ୟକ୍ତି—2. A respectable person.
୩ । ସମୂହ—3. Heap; collection; multitude.
୪ । ପୁନ୍ନାଗ (ବୃକ୍ଷ) (ଦେଖ)—
4. Punnāga (tree) (See)
୫ । ମୁଖ; ପାଟି—5. The mouth (Apte).
୬ । ଅଧ୍ୟାୟର ବା ପରିଚ୍ଛେଦର ଆରମ୍ଭ—6. The beginning of a chapter or section (Apte).
୭ । ତତ୍କାଳ; ଉପସ୍ଥିତ ସମୟ; ବର୍ତ୍ତମାନ କାଳ—
7. The time being; the present.
ସଂ. ଅ.—୧ । ଆଦି; ଇତ୍ୟାଦି—1. Etcetera.
୨ । (ଅମୁକ) ଆଡ଼କୁ ମୁହଁ କରି—2. Towards; facing.
୩ । ସମ୍ମୁଖରେ—3. In front.
୪ । ସେହି ସମୟରେ; ତତ୍କାଳେ—4. Presently.
ଦେ. ବି. (ସଂ. ପ୍ରମୁଖତଃ)—ସାମ୍ମୁଖ୍ୟ—Front.
ଅଳମ୍ଭ ସାତ୍ୟକି ପ୍ରମୁଖକୁ ଯାଇ,
ବୋଇଲେ କଣ ସିଦ୍ଧ ସୁଝିଲେ ହେ ଭାଇ। କୃଷ୍ଣସିଂହ, ମହାଭାରତ. ଭୀଷ୍ମ।

ପ୍ରମୁଖତଃ—ସଂ. କ୍ରି. ବିଂ. (ପ୍ରମୁଖ+୫ମୀ ଓ ୭ମୀ ବିଭକ୍ତି ତସ୍)—
Pramukhataḥ ୧ । ପ୍ରମୁଖାତ୍ (ଦେଖ)
1. Pramukhāt (See)
୨ । ସାମନାରେ—2. In front (Apte); before.

ପ୍ରମୁଖାତ୍—ସଂ. ଅ. (ପ୍ରମୁଖର ୫ମୀ ବିଭକ୍ତି)—୧ । ମୁଖରୁ (ଶୁଣାଯିବା ବିଷୟ)—(heard) From the mouth of.
Pramukhāt
(ଯଥା—ଦୂତ ପ୍ରମୁଖାତ୍ ଏ ସଂବାଦ ଅବଗତ ହୋଇ ରାଜା ଦୁଃଖିତ ହେଲେ ।)
୨ । ମୌଖିକଭାବରେ—2. Orally.

ପ୍ରମୁଦ୍—ସଂ. ବି. ସ୍ତ୍ରୀ. (ପ୍ର+ମୁଦ୍ ଧାତୁ+ଭାବ କ୍ୱିପ୍)—ଅତ୍ୟନ୍ତ ଆନନ୍ଦ—
Pramud Extreme joy.

ପ୍ରମୁଦିତ—ସଂ. ବଣ. (ପ୍ର+ମୁଦିତ)—୧ । ପ୍ରଫୁଲ୍ଲ; ହୃଷ୍ଟ; ଆହ୍ଲାଦିତ; ହର୍ଷୋତ୍‌ଫୁଲ୍ଲ—1. Elated; pleased; delighted; overjoyed.
Pramudita
(ପ୍ରମୋଦ—ବି)
୨ । ସୁଖୀ—2 Happy.
୩ । ବିକଶିତ; ପ୍ରସ୍ଫୁଟିତ—
3. Opened; full blown; blooming.

ପ୍ରମୁଦିତ ବଦନ—ସଂ. ବଣ. ପୁଂ. (ବହୁବ୍ରୀହି; ପ୍ରମୁଦିତ+ବଦନ)—
Pramudita badana ପ୍ରଫୁଲ୍ଲମୁଖବିଶିଷ୍ଟ (ବ୍ୟକ୍ତି)—
(ପ୍ରମୁଦିତାନନ—ଅନ୍ୟରୂପ) Having a delighted countenance.
ପ୍ରମୁଦିତବଦନା } ସ୍ତ୍ରୀ
ପ୍ରମୁଦିତାନନା }
[ଦ୍ର—ଏହିପରି ମଧ୍ୟ ପ୍ରମୁଦିତହୃଦୟ, ପ୍ରମୁଦିତଚେତାଃ, ପ୍ରମୁଦିତମନାଃ ଶବ୍ଦମାନ ଲକ୍ଷ୍ୟ ହୁଏ ।]

ପ୍ରମୁଦିତ ବଦନା—ସଂ. ବଣ. ସ୍ତ୍ରୀ—ଦ୍ୱାଦଶାକ୍ଷର ଛନ୍ଦୋବିଶେଷ—
Pramudita badanā A metre of 12 syllables.
ସଂ. ବି. ସ୍ତ୍ରୀ—'ପ୍ରମୁଦିତ ବଦନ'ର ସ୍ତ୍ରୀଲିଙ୍ଗ—
Feminine of Pramudita badana.

ପ୍ରମୁଷିତ—ସଂ. (ପ୍ର+ମୁଷ୍ ଧାତୁ=ଚୋରି କରିବା+କର୍ମ. ତ)—
Pramushita ୧ । ଅପହୃତ—2. Stolen; taken away (Apte).
୨ । ଚେତନା ବିରହିତ—2. Unconscious (Apte).
୩ । ବ୍ୟଥିତ—3 Distracted (Apte).

ପ୍ରମୃତ—ସଂ. ବି. (ବହୁବ୍ରୀହି; ପ୍ର=ବହୁ+ମୃତ; ଯଦ୍ୱାରା ବହୁଜୀବ ମୃତ ହୁଅନ୍ତି । ଭୂମି ଚାଷ କରିବା ଦ୍ୱାରା ଭୂପୃଷ୍ଠସ୍ଥ ଓ ଭୂଗର୍ଭସ୍ଥ ବହୁ କ୍ଷୁଦ୍ର କୀଟାଦି ମୃତ ହୁଅନ୍ତି)—ଚାଷଦ୍ୱାରା ଜୀବିକାନିର୍ବାହ; କୃଷି (ହି. ଶ)—Agriculture; husbandry.
Pramṛuta

ପ୍ରମୃଷ୍ଟ—ସଂ. ବଣ. (ପ୍ର+ମୃଜ୍ ଧାତୁ+କର୍ମ. ତ)—୧ । ନିରସ୍ତ—
Pramṛushṭa 1. Ceased.
ପ୍ରମୃଷ୍ଟି } ବି
ପ୍ରମାର୍ଜ୍ଜନ }
୨ । ମାର୍ଜ୍ଜିତ—2. Cleansed; polished; scoured.
୩ । ମର୍ଦ୍ଦିତ—3 Rubbed; kneaded; bruised.

ପ୍ରମେୟ—ସଂ. ବଣ (ପ୍ର+ମା ଧାତୁ+କର୍ମ. ଯ)—
Prameya ୧ । ପରିମେୟ; ଯାହାକୁ ମାପ କରାଯାଇ ପାରେ—
1. Measurable.
୨ । ଜ୍ଞେୟ—2. Knowable.
୩ । ଅବଧାର୍ଯ୍ୟ—3. Ascertainable.
୪ । ଯାହା ପ୍ରମାଣିତ ହୋଇପାରେ; ପ୍ରମାଣଯୋଗ୍ୟ—
4. Proveable; demonstrable.
୫ । ସସୀମ—5. Finite.
ସଂ. ବି—୧ । ପ୍ରମାଣଯୋଗ୍ୟ ବିଷୟ—
1. A thing to be proved.
୨ । ଅନୁସନ୍ଧେୟ ବିଷୟ—2. Object of enquiry.
୩ । (ବେଦାନ୍ତ) ଆତ୍ମା ଓ ଜ୍ଞାନସାଧନ ଇନ୍ଦ୍ରିୟାଦି—
3. The soul and the sense-organs.
୪ । (ନ୍ୟାୟ) ଶୁଦ୍ଧ ଚୈତନ୍ୟ—
4. (Nyāya) The soul; the spirit.
[ଦ୍ର—ବହୁବସ୍ତୁ ଜ୍ଞାନର ବିଷୟ ବା ପ୍ରମେୟ ହୋଇପାରେ; କିନ୍ତୁ ଯେଉଁ ବସ୍ତୁମାନଙ୍କ ଜ୍ଞାନଦ୍ୱାରା ମୋକ୍ଷ ବା ଅପବର୍ଗର ପ୍ରାପ୍ତି ହୁଏ ତାହାକୁ ଗୌତମ ତାଙ୍କ ନ୍ୟାୟଦର୍ଶନରେ ପ୍ରମେୟ ନାମ ଦେଇ-

ଅଛନ୍ତି । ଏହା ସଂଖ୍ୟାରେ ୧୨ଟି —ଆତ୍ମା, ଶରୀର, ଇନ୍ଦ୍ରିୟ, ଅର୍ଥ, ବୁଦ୍ଧି, ମନଃ, ପ୍ରବୃତ୍ତି, ଦୋଷ, ପ୍ରେତ୍ୟଭାବ, ଫଳ, ଦୁଃଖ ଓ ଅପବର୍ଗ । ବୈଶେଷିକ ଦର୍ଶନକାର ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ ଓ ସମବାୟକୁ ପ୍ରମେୟ ବୋଲି ଉଲ୍ଲେଖ କରିଅଛନ୍ତି—ହି. ଶ ।]

୫ । ପରିଚ୍ଛେଦ (ହି. ଶ)—5. Chapter ;section.

୬ । ବିଷୟ; ଚରିତ; ଆଲୋଚ୍ୟ ବିଷୟ—
6. Matter; subject-matter.

ଅତ ଇମମସ୍ୟ ବିମଳ ସମସ୍ତ ବଚନ ପ୍ରମେୟ ତାହାର ।
ଭକ୍ତ. କୋଷୀବ୍ରହ୍ମାଣ୍ଡଭଜ ।

ପ୍ରମେହ—ସଂ. ବି (ପ୍ର+ମିହ୍ ଧାତୁ=ସେଚନ କରିବା+ଅଧିକରଣ. ଅ)
Prameha —ମୂତ୍ରମାର୍ଗରେ ଶୁକ୍ର ଓ ପୂଜଆଦି ପଡ଼ିବା ଯନ୍ତ୍ରଣାଦାୟକ ରୋଗ; ଧାତୁ ପଡ଼ିବା ରୋଗ; ମୂତ୍ର ପୀଡ଼ାରୋଗ ବିଶେଷ—Gonerrhoea; urinary affectation.

[ଦ୍ର—ହିନ୍ଦୁ ବୈଦ୍ୟଶାସ୍ତ୍ର ମତେ ପ୍ରମେହ ବିଂଶତି ପ୍ରକାର—୧ । ଉଦକମେହ—ଗୋଳିଆ ପ୍ରସ୍ରାବ, ୨ । ସାନ୍ଦ୍ରମେହ—ମୂତ୍ରକୁ କିଛିସମୟ ରଖିଲେ ତାହା ଗାଢ଼ା ବା ଟେକପରି ହୁଏ, ୩ । ଇକ୍ଷୁମେହ—ପ୍ରସ୍ରାବର ମିଠା ସ୍ୱାଦ ହୁଏ, ୪ । ସୁରାମେହ-ପ୍ରସ୍ରାବ କୌଣସି ପାତ୍ରରେ ରଖିଲେ ଉପରଦେଶ ସ୍ୱଚ୍ଛ ଓ ତଳଦେଶ ଘନ, ୫ । ପିଷ୍ଟମେହ—ପ୍ରସ୍ରାବ ପିଠଉ ପରି କାଠୁଆ ହୁଏ, ୬ । ଶୁକ୍ରମେହ—ପ୍ରସ୍ରାବରେ ଶୁକ୍ର ମିଶିଥାଏ, ୭ । ଶନୈଃମେହ—ଧୀରେ ଧୀରେ ପ୍ରସ୍ରାବ ହୁଏ ୮ । ଶୀତମେହ—ଥଣ୍ଡା ପ୍ରସ୍ରାବ, ୯ । ଶୀତେଲା ବା ସିକତାମେହ—ପ୍ରସ୍ରାବ ସଙ୍ଗେ ବାଲୁକାକଣା ପରି କ୍ଷୁଦ୍ର କ୍ଷୁଦ୍ର ପଦାର୍ଥ ବାହାରେ, ୧୦ । ଲାଲାମେହ—ପ୍ରସ୍ରାବ ଲାଳୁଆ ହୁଏ, ୧୧ । ହରିଦ୍ରାମେହ—ପ୍ରସ୍ରାବ ହଳଦିଆ, ୧୨ । ନୀଳମେହ—ପ୍ରସ୍ରାବ ନୀଳବର୍ଣ୍ଣ, ୧୩ । ମଞ୍ଜିଷ୍ଠମେହ—ପ୍ରସ୍ରାବ ନାଲି ଓ ମତ୍ସ୍ୟଗନ୍ଧ, ୧୪ । ରକ୍ତମେହ—ପ୍ରସ୍ରାବ ଫିକା ନାଲି, ଉଷ୍ଣ ଓ ଲବଣାକ୍ତ, ୧୫ । ବସା ବା ସର୍ପିମେହ—ପ୍ରସ୍ରାବ ଚର୍ବିମିଶ୍ରିତ, ୧୬ । ମଜ୍ଜାମେହ—ପ୍ରସ୍ରାବ ମଜ୍ଜା ବା ହାଡ଼ରସ ମିଶ୍ରିତ, ୧୭ । କ୍ଷୌଦ୍ରମେହ—ପ୍ରସ୍ରାବ କଷାୟ ଓ ମଧୁର ରସ, ୧୮ । ହସ୍ତିମେହ—ଅଧିକ ପ୍ରସ୍ରାବ, ୧୯ । କ୍ଷାରମେହ—ପ୍ରସ୍ରାବ କ୍ଷାର ଜଳପରି ଗୋଳିଆ, ୨୦ । କାଳମେହ—ପ୍ରସ୍ରାବ ସଙ୍ଗେ କୃଷ୍ଣାଭ ଧାତୁ ପଡ଼େ । ସବୁ ପ୍ରକାରର ମେହର ଚିକିତ୍ସା ନ ହେଲେ ମଧୁମେହରେ ପରିଣତ ହୁଏ ଓ ଏଥିରେ ମଳୁପରି ଗାଢ଼ା ଧାତୁ ନିର୍ଗତ ହୁଏ ଓ ପ୍ରସ୍ରାବନଳ ମଧ୍ୟରେ ଘାଆ ଓ ଅସହ୍ୟ ବେଦନା ହୁଏ । ଏ ରୋଗ ସଂକ୍ରାମକ ଅଟେ । ରୋଗୀର ମୂତ୍ର, ରେତଃ ଓ ବ୍ୟବହୃତ ବସ୍ତ୍ରଆଦି ଅନ୍ୟ ବ୍ୟକ୍ତିର ସଂସ୍ପର୍ଶରେ ଆସିଲେ ଶୋଷୋକ୍ତ ବ୍ୟକ୍ତିକୁ ଏ ରୋଗ ଉଠେ ।]

ପ୍ରମେହୀ—ସଂ. ବିଣ. ପୁଂ. (ପ୍ରମେହ+ଇନ୍; ୧ମା. ୧ବ)—
Pramehi ପ୍ରମେହ ରୋଗାକ୍ରାନ୍ତ—Suffering from gonerrhoea
(ପ୍ରମେହିଣୀ—ସ୍ତ୍ରୀ)

ପ୍ରମୋକ୍ଷ—ସଂ. ବି. (ପ୍ର+ମୋକ୍ଷ)—
Pramoksha ୧ । ମୁକ୍ତି—1. Liberation.

୨ । ମୋକ୍ଷ ଗତି—2. Salvation

୩ । ତ୍ୟାଗ—3. Abandonment.

୪ । ନିକ୍ଷେପ—4. Throwing.

୫ । ତଳେ ପକାଇ ଦେବା—
5 Dropping; letting fall.

ପ୍ରମୋଚନ—ସଂ. ବି. (ପ୍ର+ମୋଚନ)—
Pramochana ୧ । ମୁକ୍ତକରିବା—1 Liberating.

୨ । ନିକ୍ଷେପ କରଣ—2 Shedding, emitting.

୩ । ବଳପୂର୍ବକ ଛଡ଼ାଇ ନେବା—
3. Robbing; snatching away.

ପ୍ରମୋଦ—ସଂ. ବି. (ପ୍ର+ମୁଦ୍ ଧାତୁ+ଭାବ. ଅ)—
Pramoda ୧ । ଆନନ୍ଦ; ଆହ୍ଲାଦ; ହର୍ଷ; ଆମୋଦ—
(ପ୍ରମୋଦିତ—ବିଣ 1. Delight; joy. pleasure; gaiety.

୨ । ସାଂଖ୍ୟ ଦର୍ଶନ ମତରେ ଅଷ୍ଟ ସିଦ୍ଧି ମଧ୍ୟରୁ ଗୋଟିଏ—
2. One of the 8 perfection according to the Sāmkhya philosophy (Apte).

୩ । (ନାମ) କୁମାରଙ୍କ ଅନୁଚରବିଶେଷ (ହି. ଶ)—
3. Name of an attendant of Kumāra.

୪ । (ନାମ) ନାଗବିଶେଷ ହି. ଶ)—
4. Name of a mythological serpent.

୫ । ଉଗ୍ର ଗନ୍ଧ—5. A strong perfume (Apte)

ଦେ. ବି. ପୁଂ—ପୁରୁଷଙ୍କ ଦିଆଯିବା ନାମ—
A name given to males.

ଦେ. ବିଣ. (ସଂ. ପ୍ରମୋଦିତ)—
ମୋଦିତ; ଆନନ୍ଦିତ—Glad.

ଏହା ଏକ କୃଷ୍ଣ ହୋଇଲେ ପ୍ରମୋଦ । କୃଷ୍ଣଙ୍କ ହି. ମହାଭାରତ ଅଡ ।

[ଦ୍ର—ଏହା 'ଆମୋଦ' ଶବ୍ଦ ସଙ୍ଗେ ସହଚର ରୂପେ ବ୍ୟବହୃତ ହୁଏ ।]

ପ୍ରମୋଦ କାନନ—ସଂ. ବି. (ପ୍ରମୋଦ+କାନନ)—
Pramoda kānana ଖୁସ୍ ବଗିଚା; ଆମୋଦ ପ୍ରମୋଦ ନିମନ୍ତେ ଉଦ୍ଦିଷ୍ଟ ଉଦ୍ୟାନ—A pleasure-garden.
(ପ୍ରମୋଦ ବନ, ପ୍ରମୋଦାଶ୍ରମ; ପ୍ରମୋଦୋଦ୍ୟାନ; ପ୍ରମୋଦୋପବନ—ଅନ୍ୟରୂପ)

ପ୍ରମୋଦନ—ସଂ. ବି. (ପ୍ର+ମୁଦ୍ ଧାତୁ ଣିଚ୍—ମୋଦ ଧାତୁ+
Pramodana ଭାବ. ଅନ)—୧ । ଆମୋଦ ପ୍ରଦାନ—
1. Causing delight; gladdening.

୨ । ବିଷ୍ଣୁଙ୍କର ଏକ ନାମ—
2. A name of Bishnu.

୩ । (ପ୍ର+ମୁଦ ଧାତୁ+ଭାବ. ଅନ) ଆନନ୍ଦ; ହର୍ଷ—
3. Deligt (Apte).

ସଂ. ବିଣ—ପ୍ରୀତି ଦାୟକ—Delightful

ପ୍ରମୋଦ ନଦ—ସଂ. ବି. (ରୂପକ କର୍ମଧା; ପ୍ରମୋଦ+ନଦ)—
Pramoda nada ଆନନ୍ଦ ସାଗର—Ocean of joy;
(ପ୍ରମୋଦସାଗର, ପ୍ରମୋଦାବ୍ଧି—ଅନ୍ୟରୂପ) boundless joy.

ହିଗୁଣ ଅବରେ ପ୍ରମୋଦନଦରେ ମଜ୍ଜି ଯେଣ ଗଲେ କର ଧର ।
କବିସୂର୍ଯ୍ୟ, ଚନ୍ଦ୍ରୋଗଜନ୍ମ ।

ପ୍ରମୋଦ ଭବନ—ସଂ. ବି—ବିଳାସ ଗୃହ—
Pramoda bhabana A house of pleasure; a house (ପ୍ରମୋଦ ଗୃହ, ପ୍ରମୋଦାଗାର—ଅନ୍ୟରୂପ) for amusement.

ପ୍ରମୋଦ ଭୂମି—ସଂ. ବି—କ୍ରୀଡ଼ା ଭୂମି—
Pramoda bhūmi Play ground.

ପ୍ରମୋଦ ସଟ୍ଟକ—ସଂ. ବି—ଶ୍ରାନ୍ତି ଓ ପିପାସା ଦୂରକାରୀ ପାନୀୟବିଶେଷ—
Pramoda saṭṭaka A kind of drink which expels lassitude.
[ଦ୍ର—ଦସାଦନ୍ତ ସଙ୍ଗେ ଚିନି, ମରିଚ, ପିପ୍ପଳି, ଲବଙ୍ଗ, କର୍ପୂର ଗୁଣ୍ଡା ଓ ପାଚିଲା ଡାଳିମ୍ବ ମଞ୍ଜି ମିଶା ଯାଇ ଏହା ପ୍ରସ୍ତୁତ ହୁଏ । ହି. ଶ]

ପ୍ରମୋଦିତ—ସ ବିଣ. (ପ୍ର+ମୁଦ୍ ଧାତୁ ଣିଚ୍+କର୍ମ କ୍ତ)—ଆନନ୍ଦିତ—
Pramodita Delighted; overjoyed.
ସଂ. ବି—କୁବେରଙ୍କ ନାମ—
A name of Kubera (Apte).

ପ୍ରମୋଦିବା—ଦେ. (ପଦ୍ୟ) କ୍ରି. (ସଂ. ପ୍ରମୋଦ)—
Pramodibā ପ୍ରମୋଦିତ କରିବା; ଆନନ୍ଦିତ କରିବା—
To gladden; to cause delight.
ବାର୍ତ୍ତା କହି ଦେଲି ମୁହିଁ
ବାଳକ ମନ ପ୍ରମୋଦ । ଉପେ. ବୈଦେହୀଶବିଳାସ ।

ପ୍ରମୋଦୀ—ସଂ. ବିଣ. ପୁଂ. (ପ୍ରମୋଦ+ଇନ୍; ୧ମା. ୧ବ.)—
Pramodī ୧ । ପ୍ରମୋଦକାରୀ; ଆନନ୍ଦଦାୟକ—
(ପ୍ରମୋଦିନୀ - ସ୍ତ୍ରୀ) 1. Delighting; gladdening.
୨ । ପ୍ରମୋଦିତ; ଆନନ୍ଦିତ—
2. Delighted; happy (Apte).

ପ୍ରମୋହ—ସଂ. ବିଣ. (ପ୍ର+ମୋହ)—୧ । ମୋହ; ମୂର୍ଚ୍ଛା—
Pramoha 1 Swoon.
୨ । ଭ୍ରାନ୍ତି—2. Error; mistake; delusion.
୩ । ବିମୋହିତ ହେବା ଅବସ୍ଥା—3 Fascination.

ପ୍ରମୋହନ—ସଂ. ବି. (ପ୍ର+ମୁହ ଧାତୁ ଣିଚ ମୋହ ଧାତୁ+ଭାବ.ଅନ)-
Pramohana ୧ । ମୋହିତ କରିବା—1. Fascinating.
ପ୍ରମୋହିତ } ବିଣ
ପ୍ରମୋହୀ }
୨ । (+କର୍ତ୍ତୃ. ଅନ) ଶତ୍ରୁଦଳକୁ ମୋହ. ଯୁକ୍ତ କରିବା ଅସ୍ତ୍ରବିଶେଷ (ହି ଶ)-
2. A kind of weapon which causes swooning amongst the enemy.

ପ୍ରମ୍ଳାନ—ସଂ. ବିଣ (ପ୍ର+ମ୍ଲୈ ଧାତୁ+କର୍ତ୍ତୃ କ୍ତ)—
Pramlāna ୧ । ଅତ୍ୟନ୍ତ ମ୍ଳାନ—1 Faded; withered away
(ପ୍ରମ୍ଳାନା ସ୍ତ୍ରୀ)
(ପ୍ରମ୍ଳାନତା - ବି) ୨ । ଅତି ମଳଆ—2. Very dirty; soiled.

ପ୍ରମ୍ଳୋଚା—ସଂ ବି. ସ୍ତ୍ରୀ. (ନାମ)—ଅପ୍ସରାବିଶେଷ—
Pramlochā Name of a heavenly nymph.

ପ୍ରଯତ—ସଂ.ବିଣ. (ପ୍ର+ଯମ୍ ଧାତୁ=ବିଷୟ ବିରତ ହେବା+କର୍ତ୍ତୃ କ୍ତ)—
Prajata ୧ । ସଂଯତ; ଜିତେନ୍ଦ୍ରିୟ—
1. Controlled; regulated; restrained.
୩ । ଶୁଚି; ପବିତ୍ର—3, Holy; pious; pure.
୩ । ବିଷୟବିରତ—3. Withdrawn from worldly concerns.
୪ । ପ୍ରଯତ୍ନଶୀଳ—4 Very careful; exerting; persevering.

ପ୍ରଯତାତ୍ମା—ସଂ. ବିଣ—(ବହୁବ୍ରୀହି; ପ୍ରଯତ+ଆତ୍ମନ୍)—ସଂଯମୀ;
Prajatātmā ଜିତେନ୍ଦ୍ରିୟ—Self-restrained; self-subdued.

ପ୍ରଯତ୍ନ—ସଂ. ବି—(ପ୍ର+ଯତ୍ନ)—ପ୍ରଚୁର ଚେଷ୍ଟା; ବିଶେଷ ଯତ୍ନ—
Prajatna 1. Endeavour; exertion; utmost care
[ଦ୍ର—କୌଣସି କାର୍ଯ୍ୟ ଓ ବିଶେଷତଃ କଠିନ କାର୍ଯ୍ୟ ବା ଉଦ୍ଦେଶ୍ୟକୁ ପୂର୍ଣ କରିବା ପାଇଁ ଯେଉଁ କ୍ରିୟା କରାଯାଏ ତାକୁ ପ୍ରଯତ୍ନ ବୋଲାଯାଏ ।]
୨ । ମନର ସଙ୍କଳ୍ପ—2. Exertion of will; resolve.
୩ । ଅଧ୍ୟବସାୟ; ଉପର୍ଯୁ୍ୟପରି ଚେଷ୍ଟା—3. Perseverance; assiduity; continuous effort.
୪ । ଖୁବ୍ ସାବଧାନତା—
4. Caution; great care.
୫ । (ନ୍ୟାୟ ଦର୍ଶନ) ପ୍ରବୃତ୍ତି ନିବୃତ୍ତି ଓ ଜୀବନ କାରଣ—
5. (Nyāya philosophy) Engaging in any act, prosecuting it and completing it; sustained activity.
୬ । ପରିଶ୍ରମ—6, Labour.
୭ । (ବ୍ୟାକରଣ) ଶବ୍ଦ ବା ଧ୍ୱନି ଉଚ୍ଚାରଣ କରିବା ଯୋଗୁଁ ମୁଖ, ଗଳାଆଦିଦ୍ୱାରା କୃତ ପରିଶ୍ରମ (ହି. ଶ)—
7. (Grammar) Effort of the mouth, throat etc in the production of articulate sounds (Apte).
[ଦ୍ର—ଧ୍ୱନି ଉତ୍ପନ୍ନ କରିବା ପାଇଁ ଯେଉଁ ପ୍ରଯତ୍ନ କରାଯାଏ ତାହା ଦୁଇ ପ୍ରକାର । ଆଭ୍ୟନ୍ତର ଓ ବାହ୍ୟ-ଧ୍ୱନି ଉତ୍ପନ୍ନ ହେବା ପୂର୍ବରୁ ବାଗ୍‌ଯନ୍ତ୍ରର କ୍ରିୟାକୁ ଆଭ୍ୟନ୍ତର ପ୍ରଯତ୍ନ ଓ ଧ୍ୱନି ଉଚ୍ଚାରଣର ଅନ୍ତ୍ୟ କ୍ରିୟାକୁ ବାହ୍ୟ ପ୍ରଯତ୍ନ ବୋଲାଯାଏ । ଆଭ୍ୟନ୍ତର ପ୍ରଯତ୍ନ ଅନୁସାରେ ବର୍ଣ୍ଣମାନଙ୍କୁ ୪ ଶ୍ରେଣୀରେ ବିଭକ୍ତ କରା ଯାଇଅଛି— ୧. ବିବୃତ (ଯହିଁର ଉଚ୍ଚାରଣରେ ମୁହଁ ବା ବାଗିନ୍ଦ୍ରିୟ ଖୋଲା ରହେ, ଯଥା ସ୍ୱରବର୍ଣ୍ଣରେ); ୨. ସ୍ପୃଷ୍ଟ (ଯହିଁର ଉଚ୍ଚାରଣରେ ବାଗିନ୍ଦ୍ରିୟର ଦ୍ୱାର ବନ୍ଦ ଥାଏ, ଯଥା—କ ଠାରୁ ମ ପର୍ଯ୍ୟନ୍ତ ୨୫ ଗୋଟି ବର୍ଗ୍ୟ ବର୍ଣ୍ଣ); ୩. ଈଷତ୍ ବିବୃତ (ଯହିଁର ଉଚ୍ଚାରଣରେ ବାଗିନ୍ଦ୍ରିୟ ଈଷତ ଖୋଲା ଥାଏ, ଯଥା—ଯ ର ଲ ବ), ୪. ଈଷତ୍ ସ୍ପୃଷ୍ଟ (ଯଥା—ଶ ଷ ସ ହ) । ବାହ୍ୟ ପ୍ରଯତ୍ନ ଅନୁସାରେ ବର୍ଣ୍ଣମାନଙ୍କୁ ୨ ଶ୍ରେଣୀ କରା ଯାଇଅଛି । ୧. ଅଘୋଷ (ଯହିଁର ଉଚ୍ଚାରଣରେ ଶ୍ୱାସ ଆବଶ୍ୟକ ହୁଏ କିନ୍ତୁ ନାଦ ହୁଏ ନାହିଁ ଯଥା—ବର୍ଗର ୧ମ ଓ ୨ୟ ବର୍ଣ୍ଣ, ଶ, ଷ, ସ) ଓ ଘୋଷ (ଯହିଁର ଉଚ୍ଚାରଣରେ ନାଦ ହୁଏ, ଯଥା—ବର୍ଗର ୩ୟ, ୪ର୍ଥ, ୫ମ ବର୍ଣ୍ଣ ଓ ସ୍ୱରବର୍ଣ୍ଣ)—ହି. ଶ ।]

ପ୍ରଯତ୍ନତଃ—ସଂ. କ୍ରି. ବିଣ—(ପ୍ରଯତ୍ନ+ତସ୍)—ଅତ୍ୟନ୍ତ ଯତ୍ନସହକାରେ—
Prajatnataḥ Assiduously; with utmost care and caution.

ପ୍ରଯ(ସ୍ତ)ସ୍ତ—ସଂ. ବଣ—(ପ୍ର+ଯସ୍ ଧାତୁ+କର୍ମ. ତ)—ଯହିଁରେ ମସଲା Praja(ya)sta ଆଦ ଦଆଯାଇ ରନ୍ଧା ହୋଇଥାଏ—Seasoned; dressed with condiments (Apte).

ପ୍ରଯା(ୟା)ଗ—ସଂ. ବ-ବହୁବ୍ରୀହି[ପ୍ର+ଯାଗ]—୧ । ଶତକ୍ରତୁ; ଇନ୍ଦ୍ର—
Prajā yā ga 1. Indra.
୨ । (ପ୍ର+ଯା ଧାତୁ+କର୍ତ୍ତୃ. ଅ+ ଗ)—ଅଶ୍ୱ —
2. Horse.
୩ । (ପ୍ର+ଯାଗ) ଯଜ୍ଞ—3. A sacrifice.
୪ । (ପ୍ର+ଯାଗ) ଯେଉଁଠାରେ ଯାଗ କରାଯାଏ; ଯଜ୍ଞଭୂମି—
4. A place of sacrifice.
୫ । (ପ୍ର+ଯାଗ) ଗଙ୍ଗା, ଯମୁନା ଓ (ଗୁପ୍ତ) ସରସ୍ୱତୀ ନଦୀମାନଙ୍କ ସଙ୍ଗମସ୍ଥଳ; ଅଲ୍ଲାହାବାଦ—5. Allahabad at the confluence of the Ganges and the Jumuna.

[ଦ୍ର—ଏଠାରେ ଗଙ୍ଗା ଓ ଯମୁନା ମିଳିତ ହୋଇଅଛନ୍ତି । ସରସ୍ୱତୀ ଏଠାରେ ମିଳିତ ହୋଇ ଥିବାର ବୋଲାଯାଏ । କିନ୍ତୁ ବର୍ତ୍ତମାନ ସରସ୍ୱତୀ ନଦୀର କୌଣସି ଚିହ୍ନ ଏଠାରେ ଦେଖାଯାଏ ନାହିଁ । ଗଙ୍ଗା ଓ ଯମୁନାର ସଙ୍ଗମ ସ୍ଥଳରେ ପୂର୍ବେ ବହୁ ଯାଗ ହୋଇଥିବାରୁ ଏହାର ନାମ ପ୍ରୟାଗ ହୋଇଅଛି । ଏହା ହିନ୍ଦୁ ତୀର୍ଥରୂପେ ବହୁ ପ୍ରାଚୀନ କାଳରୁ ପ୍ରସିଦ୍ଧ । ରାମାୟଣରେ ଉଲ୍ଲେଖ ଅଛି ଯେ ରାଜାମାନଙ୍କ ଅଭିଷେକପାଇଁ ଏଠାରୁ ଜଳ ଯାଉଥିଲା । ରାମଚନ୍ଦ୍ର ବନଗମନ କାଳରେ ପ୍ରୟାଗରେ ଭରଦ୍ୱାଜ ମୁନିଙ୍କ ଆଶ୍ରମବାଟେ ଯାଇଥିଲେ । ପ୍ରୟାଗ ବହୁକାଳ କୋଶଳ ରାଜ୍ୟର ଅନ୍ତର୍ଗତ ଥିଲା । ଅଶୋକ ଆଦ ବୌଦ୍ଧ ରାଜାମାନଙ୍କ ସମୟରେ ଏଠାରେ ଅନେକ ବୌଦ୍ଧ ବିହାର ଥିଲା । ଅଶୋକଙ୍କ ସ୍ତମ୍ଭ ଅଦ୍ୟାପି କେଲ୍ଲା ମଧ୍ୟରେ ଅଛି । ଏ ସ୍ତମ୍ଭରେ ସମୁଦ୍ରଗୁପ୍ତଙ୍କ ପ୍ରଶସ୍ତି ଖୋଳା ହୋଇଅଛି । ଖ୍ରୀଷ୍ଟ ୫ମ ଶତାବ୍ଦୀର ପ୍ରାରମ୍ଭରେ ଚୀନ ପରିବ୍ରାଜକ ଫାହିଅନ୍ ଏଠାକୁ ଆସିଥିଲେ ଓ ସେ ସମୟରେ ଏହା କୋଶଳ ରାଜ୍ୟର ଅନ୍ତର୍ଗତ ଥିଲା । ଖ୍ରୀଷ୍ଟ ସପ୍ତମ ଶତାବ୍ଦୀରେ ଚୀନ ପରିବ୍ରାଜକ ହୁଏନ୍‌ସାଂ ଏଠାକୁ ଆସି ଏଠାରେ ଅକ୍ଷୟବଟକୁ ଦେଖିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଇଂରାଜଙ୍କ କିଲ୍ଲା ମଧ୍ୟରେ ଅକ୍ଷୟବଟ ବିଦ୍ୟମାନ । ପୁରାଣମାନଙ୍କ ମଧ୍ୟରେ ପ୍ରାଚୀନତମ ମତ୍ସ୍ୟପୁରାଣରେ ଏ ତୀର୍ଥର ମାହାତ୍ମ୍ୟ ବର୍ଣ୍ଣିତ ହୋଇଅଛି । ଏହା ପ୍ରଜାପତିଙ୍କ କ୍ଷେତ୍ର ବୋଲି ଉକ୍ତ ପୁରାଣରେ ଲେଖାଅଛି । ମାଘ ମାସରେ ଏଠାରେ ସବୁ ତୀର୍ଥମାନେ ବାସ କରନ୍ତି । ଏଥିପାଇଁ ମାଘ (ମକର) ମାସରେ ଏଠାରେ ତ୍ରିବେଣୀ ସଙ୍ଗମରେ ସ୍ନାନ ବହୁପୁଣ୍ୟପ୍ରଦ । ମତ୍ସ୍ୟ ପୁରାଣରେ ଗଙ୍ଗା ଯମୁନାର ଏଠାରେ ସଙ୍ଗମ ହୋଇଥିବାର ଲେଖା ଅଛି, କିନ୍ତୁ ସରସ୍ୱତୀର ସଙ୍ଗମ ବିଷୟ ଲେଖା ନାହିଁ । ସମ୍ଭବତଃ ଗଙ୍ଗା ଓ ଯମୁନା ଦୁଇଟି ବେଣୀ ଓ ସନ୍ନିକଟ ନଦୀ ଦ୍ୱୟର ଧାର ଗୋଟିଏ, ଏପରି ତ୍ରିବେଣୀ ଥିବାରୁ ଏହାର ତ୍ରିବେଣୀ ନାମ ହୋଇଅଛି । ପ୍ରୟାଗର ଆଧୁନିକ ନାମ ଅଲ୍ଲାହାବାଦ (ଫା. ଇଲ୍ଲାହାବାଦ୍—ଈଶ୍ୱରଙ୍କ ନଗର) (ହି. ଶ); ମୋଗଲ ସମ୍ରାଟଙ୍କ ସମୟରେ ଏହାର ଏହି ନାମ ହୋଇ ଅଛି । ବର୍ତ୍ତମାନ ଏହା ଯୁକ୍ତପ୍ରଦେଶର ରାଜଧାନୀ; ଏଠାରେ ହାଇକୋର୍ଟ, ବିଶ୍ୱବିଦ୍ୟାଳୟ, ଲାଟଭବନ, କଲେଜ ଓ ସଙ୍ଗମ ସ୍ଥଳରେ ନଦୀତୀରରେ ଗୋଟିଏ ବଡ଼ କିଲ୍ଲା ଅଛି । ଏଠାରେ ୧୨ ବର୍ଷରେ ଥରେ କୁମ୍ଭମେଳା ହୁଏ । ତ୍ରିବେଣୀରେ ସ୍ନାନ କରି ହିନ୍ଦୁମାନେ ନୀଳମାଧବ ବିଗ୍ରହଙ୍କୁ ଦର୍ଶନ କରନ୍ତି । ବର୍ତ୍ତମାନ ମଧ୍ୟ ଏଠାରେ ଗୋଟିଏ ରମଣୀୟ ସ୍ଥାନ ଭରଦ୍ୱାଜ ଆଶ୍ରମ ନାମରେ କଥିତ । ଏଠାର ନଦୀରେ ବହୁ ସଂଖ୍ୟକ ବଡ଼ କଚ୍ଛପ ଦେଖା ଯାଆନ୍ତି । ମୋତିଲାଲ ନେହେରୁ ଓ ଜହରଲାଲ ନେହେରୁଙ୍କ ପ୍ରାସାଦ ଓ ବସ୍ତୃତ ଦିଗ ଏଠାରେ ଅବସ୍ଥିତ ।]

ପ୍ରୟାଗ ମେଳା—ଦେ. ବ—୧ । କୁମ୍ଭମେଳା (ଦେଖ)
Prayāga melā 1. Kombhamelā (See).
୨ । ପ୍ରତି ବର୍ଷ ମକର ମାସରେ ପ୍ରୟାଗରେ ସ୍ନାନଯୋଗ ସମୟରେ ହେବା ମେଳା—2. A fair held at Allahabad in the month of Māgha every year.

ପ୍ରୟାଗ ରାଜ—ବୈଦେ.ବ (ହିନ୍ଦିରୁ ଅନୁକୃତ)-ପ୍ରୟାଗତୀର୍ଥ; ଅଲ୍ଲାହାବାଦ—
Prayāga rāj Allahabad.

ପ୍ରୟାଣ—ସଂ. ବ (ପ୍ର+ଯା ଧାତୁ=ଯିବା+ଭାବ. ଅନ)—୧ । ଯାତ୍ରା—
Prayāṇa 1. March; journey.
(ପ୍ରୟାଣ—ଣିଜନ୍ତସିଦ୍ଧ ରୂପ) ୨ । ଯୁଦ୍ଧଯାତ୍ରା—
(ପ୍ରୟାତ—ବଣ) 2. Invasion; expedition.
୩ । ପରଲୋକଯାତ୍ରା; ମୃତ୍ୟୁ—3. Death.
୪ । ପ୍ରସ୍ଥାନ—4. Departure.
୫ । ଗମନ—5. Going forth.
୬ । ଗତି—6. Motion.
୭ । ଯାତ୍ରାର ଆରମ୍ଭ; ଭ୍ରମଣପାଇଁ ବାହାରିବା—
7 Setting out; starting on a journey (Apte).
୮ । ଆରମ୍ଭ—8. Commencement; beginning (Apte).
୯ । (+କରଣ. ଅନ)—ଘୋଡ଼ାର ପିଠି—
9. The back of a horse (Apte).
୧୦ । କୌଣସି ଜନ୍ତୁର ପଛଭାଗ—
10 The hinder part of an animal (Apte)

ପ୍ରୟାଣ କାଳ—ସଂ. ବ (୬ଷ୍ଠୀ ତତ୍; ପ୍ରୟାଣ+କାଳ)—୧ । ଯାତ୍ରା କରିବା
Prayāṇa kāla ସମୟ; କୌଣସି ସ୍ଥାନକୁ ଯିବାପାଇଁ ଅନୁକୂଳ (ପ୍ରୟାଣ ସମୟ—ଅନ୍ୟରୂପ) କରିବା ବେଳ—1. The time of starting; the time of departure.
୨ । ମୃତ୍ୟୁକାଳ; ମରିବାବେଳ—
2. The moment of death.

ପ୍ରୟାଣ ଭଙ୍ଗ—ସଂ. ବ (୬ଷ୍ଠୀତତ୍; ପ୍ରୟାଣଭଙ୍ଗ)—୧ । ଯାତ୍ରା ସମୟରେ
Prayāṇa bhañga ଅନୁକୂଳ ବିଗିଡ଼ିବା—1. An obstacle at one's starting.
୨ । ଯାତ୍ରା ବନ୍ଦହେବା; ବାଟରେ ରହିବା—
2. Break of journey; halt (Apte).

ପ୍ରୟାତ—ସଂ. ବଣ. ପୁଂ (ପ୍ର+ଯା ଧାତୁ+କର୍ତ୍ତୃ. ତ)—୧ । ପ୍ରସ୍ଥିତ;
Prayāta ଗତ—1. Gone forth.
(ପ୍ରୟାତା—ସ୍ତ୍ରୀ) ୨ । ମୃତ—2. Dead.
୩ । ସୁପ୍ତ (ହି.ଶ)—3. Asleep.

ସ. ବ — ୧ । ଅତଟ୍ଟ; ଭୃଗୁ—1. Precipice (Apte).
୨ ।(+ଭାବ. ତ) ଦେଶ ଆକ୍ରମଣ—2. Invasion (Apte).

ପ୍ରୟାସ—ସ. ବି (ପ୍ର+ଯସ୍ ଧାତୁ=ଯତ୍ନ କରିବା+ଭାବ. ଅ)--
Prayāsa ୧ । ଯତ୍ନ—1. Care.
୨ । ଅଭିଳାଷ; ଇଚ୍ଛା—2. Desire; inclination.
୩ । ଚେଷ୍ଟା—3. Effort.
୪ । ଶ୍ରମ; କ୍ଳେଶ; ଆୟାସ—
4. Trouble; labour; exertion.
୫ । କ୍ଲମ; କ୍ଳାନ୍ତି—5. Fatigue.
୬ । କଷ୍ଟ—6. Difficulty (Apte).

ପ୍ରଯୁକ୍ତ—ସଂ. ବଣ (ପ୍ର+ଯୁକ୍ତ)—୧ । ବ୍ୟବହୃତ—
Prajukta 1. Used; employed.
(ପ୍ରଯୁକ୍ତା—ସ୍ତ୍ରୀ) ୨ । ଦୃଢ଼ସଂଯୋଗବିଶିଷ୍ଟ—
2. Intimately connected or mixed up; closely united with or joined to
୩ । ନିଦ୍ରିତ—3. Asleep.
୪ । ଋଣ ଦିଆଯାଇଥିବା; ସୁଧରେ ଲଗା ଯାଇଥିବା; ବେପାରରେ ଖଟା ଯାଇଥିବା; ପ୍ରୟୋଗ କରାଯାଇଥିବା (ଧନାଦି)—
4. Lent; invested; applied.
୫ । ନିନ୍ଦିତ—5. Scandalous; infamous.
୬ । ସଂଯମବିଶିଷ୍ଟ—6. Restrained; controlled.
୭ । ଅର୍ପିତ—7. Endowed.
୮ । ଉଦ୍ଭୂତ; ଜାତ—8. Produced by; resulting from; caused by.
୯ । ନିଯୁକ୍ତ—1. Appointed; commissioned; employed.
୧୦ । ପ୍ରେରିତ—10 Sent; despatched.
୧୧ । ଉଲ୍ଲିଖିତ—11. Mentioned above.
୧୨ । ଉଚ୍ଚାରିତ—12. Pronounced; uttered.
୧୩ । ଉଦାହୃତ—13. Quoted; illustrated; examplified.
୧୪ । ବିଖ୍ୟାତ—14. Celebrated.
୧୫ । ସଂଯୁକ୍ତ—
15. Associeted; joined; connected.
୧୬ । ଅନୁଷ୍ଠିତ—16. Performed.
୧୭ । ଗ୍ରଥିତ; ରଚିତ—17. Constructed; made.
୧୮ । ରଥ ଆଦିରେ ଯୋଗ୍ଯ ଯାଇଥିବା—
18. Yoked; harnessed (Apte).
୧୯ । (ସମାସରେ) (ଅମୁକର) ଫଳରେ ଘଟିଥିବା—
19. Resulting from; consequent upon (Apte).
୨୦ । ଉତ୍ତେଜିତ—20. Instigated; prompted; urged (Apte).
୨୧ । (ଅମୁକ ଆଡ଼କୁ) ନିକ୍ଷିପ୍ତ—
21. Hurled at; directed to (Apte).

ସ. ବି—କାରଣ; ହେତୁ—
Cause; motive; reason.
ଦେ. କ୍ରି. ବିଣ. (ସ. ପ୍ରଯୁକ୍ତ=କାରଣ)—
କାରଣରୁ; ନିମନ୍ତେ; ହେତୁରୁ—Arising from; due to; on account of; owing to.
(ଯଥା—ମୁଁ ରୋଗପ୍ରଯୁକ୍ତ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲି ।)

ପ୍ରଯୁକ୍ତି—ସ. ବି. (ପ୍ର+ଯୁଜ୍ ଧାତୁ+ଭାବ. ତି)—
Prajukti ୧ । ପ୍ରୟୋଜନ—1. Necessity; occasion.
୨ । ମୁଖ୍ୟ ଉଦ୍ଦେଶ୍ୟ—2. Main reason; main object; end; motive.
୩ । ହେତୁ; କାରଣ—3. Reason; cause.
୪ । ବ୍ୟବହାର; ପ୍ରୟୋଗ—4 Application; employment; use; investment.
୫ । ପ୍ରେରଣ—5. Sending; commission.
୬ । ଶବ୍ଦର ଉଚ୍ଚାରଣବିଶେଷ—6. A peculiar pronunciation of words.
୭ । ଉତ୍କୃଷ୍ଟ ଯୁକ୍ତି—7. Excellent reasoning.
୮ । ପ୍ରଯତ୍ନ—8. Exertion; effort (Apte),
୯ । ମତାଇବା; ଉତ୍ତେଜନ—
9. Incitement; instigation.
୧୦ । ଫଳ —10 Consequence.

ପ୍ରଯୁଜ୍ୟ—ସ. ବିଣ. (ପ୍ର+ଯୁଜ୍ ଧାତୁ+କର୍ମ. ଯ)—
Prajujya ୧ । ପ୍ରୟୋଗ କରିବାର ଯୋଗ୍ୟ—
1. Applicable; susceptible.

ପ୍ରଯୁଜ୍ୟମାନ—ସ. ବିଣ. (ପ୍ର+ଯୁଜ୍ ଧାତୁ+କର୍ମ. ଶାନଚ୍)—
Prajujyamāna ଯାହାକୁ ପ୍ରୟୋଗ କରି ଯାଉଅଛି—
Being applied or used; being employed.

ପ୍ରଯୁତ—ସ. ବିଣ. (ପ୍ର+ଯୁତ)—
Prajuta ୧ । ସଂଯୁକ୍ତ—1. Connected; joined.
୨ । ସନ୍ନିଳିତ—2. Mixed up
ସ. ବି — ନିଯୁତ; ଦଶ ଲକ୍ଷ—One million.

ପ୍ରଯୁତ୍ସୁ—ସ. ବିଣ. ପୁଂ (ପ୍ର+ଯୁଧ୍ ଧାତୁ+କର୍ତ୍ତୃ.ସୁ)—
Prajutsu ୧ । ଯୋଦ୍ଧା (ହ. ଶ)—1. Warrior.
୨ । ମେଣ୍ଢା (ହ. ଶ)—2. Ram.
୩ । ସନ୍ନ୍ୟାସୀ—3. An ascetic.
୪ । ଇନ୍ଦ୍ର—4 Indra.
୫ । ବାୟୁ—5. Air; wind.

ପ୍ରଯୋକ୍ତା—ସ. ବିଣ. ପୁଂ—(ପ୍ର+ଯୁଜ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)
Prajoktā ୧ । ପ୍ରୟୋଗକାରୀ—1. Applying; employing.
(ପ୍ରଯୋକ୍ତ୍ରୀ—ସ୍ତ୍ରୀ) ୨ । ଉତ୍ତେଜକ; ଯେ ମତାଏ ବା ପ୍ରବର୍ତ୍ତାଏ—
2. Intoxicating; stimulating; inciting.
୩ । ଯେ ବାଣ ଆଦି ମାରେ—
3. Shooting an arrow.

ସଂ. ବି. ପୁଂ.—୧ । ଉତ୍ତମର୍ଣ୍ଣ; ଋଣଦାତା; ମହାଜନ—
1. Creditor; capitalist.
୨ । ନାଟକର ସୂତ୍ରଧାର—
2. Chief actor; leading actor.

ପ୍ରୟୋ(ଯୋ)ଗ—ସ. ବି.—୧ । (ପ୍ର+ଯୁଜ୍ ଧାତୁ+କର୍ମ. ଅ)—
Prayo(jo)ga ଦୃଷ୍ଟାନ୍ତ; ଉଦାହରଣ—1. Example.
୨ । (+ଭାବ. ଅ) ଅଭିନୟ—
2. Dramatic performance.
୩ । ପ୍ରଦର୍ଶନ—3. Exhibition.
୪ । ବଶୀକରଣ—4. Subduing; subjugating.
୫ । ଭୌତିକ ବିଦ୍ୟା; ଇନ୍ଦ୍ରଜାଲ—5. Magic.
୬ । ପ୍ରଥା; ବ୍ୟବହାର—6. Usage; practice.
୭ । ନିୟୋଜନ; ପ୍ରଯୁକ୍ତି; କାର୍ଯ୍ୟରେ ଲଗାଇବା—
7. Application; engagement; employment.
୮ । (ଅର୍ଥାତ୍) ସୁଧରେ ଲଗାଇବା; ମହାଜନୀ; ଋଣଦାନ—
8 Investment of money; usury; lending money.
୯ । ଲାଭ ପାଇଁ ଅର୍ଥାଦି ଖଟାଇବା; ବେପାର; ବେଉସାୟ—
9. Business; trade.
୧୦ । ହେତୁ; କାରଣ; ପ୍ରୟୋଜନ; ମତଲବ—
10. Reason; cause; motive.
୧୧ । ପ୍ରତିକାର ବା ଔଷଧ ବିନିଯୋଗ—
11. Employment of remedies.
୧୨ । ଉଦ୍ଦେଶ୍ୟ—12. Aim; object.
୧୩ । ଉପାୟ—13. Device; contrivance.
୧୪ । ନିୟୋଗ—14. Appointing.
୧୫ । କାର୍ଯ୍ୟ—15. Action; act.
୧୬ । ବିଷୟ; ବ୍ୟାପାର—
16. Affair; matter; concern.
୧୭ । ଉଲ୍ଲେଖ—17. Mentioning.
୧୮ । ନିଦର୍ଶନ; ଚିହ୍ନ—18. Sign; indication.
୧୯ । ନମୁନା—19. Sample; specimen.
୨୦ । ବ୍ୟବସାୟରେ ଖଟାଯିବା ମୂଳଧନ—
20. Capital invested in business.
୨୧ । ଆରମ୍ଭ—21. Beginning.
୨୨ । ଯନ୍ତ୍ର; ଉପାୟ—22. Instrument; means (Apte).
୨୩ । ଅନୁଷ୍ଠାନ—23. Proceeding; performance.
୨୪ । ପ୍ରବର୍ତ୍ତନ—24. Setting in action.
୨୫ । ଗ୍ରନ୍ଥାଦିରେ ଥିବା ମୂଳ ବଚନ (ଯାହା ଉପରେ ଟୀକା କରି-ଯାଏ)—25. Context; original text of a work.
୨୬ । ମହାଜନକଥିତ ବା ବ୍ୟବହୃତ ବଚନ; ନଜିର—
26. Authority; authotitative precedent; words or passages used by previous authors.
୨୭ । (ବାଣ ଆଦି) ଲକ୍ଷ୍ୟ ଆଡ଼କୁ ଫୋପାଡ଼ିବା ବା ପ୍ରେରଣ କରିବା—27. Throwing or sending forth (e. g. an arrow) towards the target
୨୮ । ଦୃଷ୍ଟାନ୍ତ (ହି. ଶ.)—ଉଦାହରଣ—28. Example.
୨୯ । ତାନ୍ତ୍ରିକ ଉପଚାର (ହି. ଶ)—29. Application of tantric rites; black magic.
(ଯଥା—ଏହା ସଂଖ୍ୟାରେ ୧୨ ଟି ଯଥା; ମାରଣ, ମୋହନ, ଉଚ୍ଚାଟନ, କୀଲନ, ବିଦ୍ୱେଷଣ, କାମନାଶନ, ସ୍ତମ୍ଭନ, ବଶୀକରଣ, ଆକର୍ଷଣ, ବନ୍ଧମୋଚନ, କାମପୂରଣ ଓ ବାକ୍‌ପ୍ରସାରଣ—ହି. ଶ।)
୩୦ । ଯଜ୍ଞାଦି କର୍ମର ଅନୁଷ୍ଠାନବିଧି; ପଦ୍ଧତି (ହି. ଶ)—
30. Course; procedure; ceremonial form (Apte).

ପ୍ରୟୋଗ କରିବା—ଦେ. କ୍ରି—ଲଗାଇବା—
Prayoga kariba 1. To apply or employ.
प्रयोगकरना ୨ । ଖଟାଇବା; ନିୟୋଜିତ କରିବା—
प्रयोगकरना 2. To employ.
୩ । ବ୍ୟବସାୟରେ ଲଗାଇବା—3. To invest.
୪ । (ବାକ୍ୟ ଆଦି) ବ୍ୟବହାର କରିବା—
4. To use (words).

ପ୍ରୟୋଗତଃ—ସ. କ୍ରି. ବିଣ - (ପ୍ରୟୋଗ+ତସ୍)—୧ । ପ୍ରୟୋଗ
Prayogatah ଅନୁସାରେ—1. According to use.
୨ । ଫଳରେ; କାର୍ଯ୍ୟତଃ—
2. Actually; in fact.
୩ । ଅନୁସାରେ—3. According to (Apte)
୪ । ବ୍ୟବହାରତଃ—
4. In practice; practically.

ପ୍ରୟୋଗ ନିପୁଣ—ସ. ବିଣ. ପୁଂ—(୭ମୀ ତତ୍)—୧ । ପ୍ରୟୋଗ
Prayoga nipuna ବିଷୟରେ ପଟୁ—1. Skilled in practice (Apte).
(ପ୍ରୟୋଗ ନିପୁଣା—ସ୍ତ୍ରୀ)
୨ । ପ୍ରୟୋଗ ବିଷୟରେ ଅନୁଭବୀ—
2. Practically experienced (Apte).
ପ୍ରୟୋଗ ଚତୁର } ଅନ୍ୟରୂପ (ପ୍ରୟୋଗ ନୈପୁଣ୍ୟ - ବି)
ପ୍ରୟୋଗାଭିଜ୍ଞ }

ପ୍ରୟୋଗାତିଶୟ—ସ ବି—(ପ୍ରୟୋଗ+ଅତିଶୟ)—ନାଟକର ପ୍ରସ୍ତାବନା
Prayogātisaya ବିଶେଷ—(ନାଟକାରମ୍ଭରେ ଯେବେ ଏକ ପ୍ରକାର ପ୍ରୟୋଗ କରୁ କରୁ ସଙ୍ଗେ ସଙ୍ଗେ ଅନ୍ୟ ପ୍ରକାର ପ୍ରୟୋଗ ପ୍ରଯୁକ୍ତ ହୁଏ ଏବଂ ସେହି ପ୍ରୟୋଗକୁ ଅବଲମ୍ବନ କରି ନାଟକୀୟ ବ୍ୟକ୍ତିର ରଙ୍ଗମଞ୍ଚରେ ପ୍ରବେଶ ସମ୍ପନ୍ନ ହୁଏ ତେବେ 'ପ୍ରୟୋଗାତିଶୟ' ନାମକ ପ୍ରସ୍ତାବନା ହୁଏ)—
One of the 5 kinds of prologue in which a part or performance is superceded by another in such a manner that a character is suddenly brought on the stage; i.e., where the Sūtradhāra goes out hinting

the entrance of a character and thus performs a part superceding that which he had apparently intended for his own, viz dancing (Apte).

[ଦ୍ର—ସଙ୍ଗୀତ ଦାମୋଦରରେ ଏଥିର ବର୍ଣ୍ଣନା ଅଛି । ଯଦି ଏକ ପ୍ରୟୋଗରେ ଅନ୍ୟ ପ୍ରୟୋଗ ନିୟୋଜିତ ହୋଇ ପାତ୍ର ରଙ୍ଗମଞ୍ଚରେ ପ୍ରବେଶ କରେ ତାହାହେଲେ ପ୍ରୟୋଗାତିଶୟ ହୁଏ ।]

ପ୍ରୟୋଗିବା—ଦେ. କ୍ରି (ପଦ୍ୟ)—(ସ. ପ୍ରୟୋଗ) –
Prayogibā ପ୍ରୟୋଗ କରିବା (ଦେଶ)—Prayoga karibā
ପ୍ରୟୋଗ ପ୍ରଯୋଗନା (See).

ଯେଉଁ ଅସ୍ତ୍ର ଅନନ୍ତ ପ୍ରୟୋଗିଲ ଋଷି
ଅମର ହେଲେ ହୋନ୍ତା ଯମପୁରବାସୀ – କୃଷ୍ଣସିଂ. ମହାଭାରତ. ଦ୍ରୋଣ ।

ପ୍ରୟୋଗୀ—ସ. ବଣ. ପୁଂ. (ପ୍ର+ଯୁଜ୍ ଧାତୁ+କର୍ତ୍ତୃ. ଇନ୍ ; ୧ମା.୧ବ)-
Prayogi ୧ । ଯେ ପ୍ରୟୋଗ କରେ; ପ୍ରୟୋଗକାରୀ—
(ପ୍ରୟୋଗିନୀ—ସ୍ତ୍ରୀ) 1 Applying; employing.

ତୃଷ୍ଣ ସ୍ମୃତିତ ସ୍ୱରର ପରବୃତ୍ତ ବୃତ୍ତରେ ପ୍ରୟୋଗୀ ଏ ସମସ୍ୱର ଭର ଭରରେ ।
ଭକ୍ତ. ବିଦେଗ୍ଧସଙ୍କଳନ ।

୨ । ଯାହାର କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥାଏ—
2. Having an object in view (Apte).

ପ୍ରୟୋ(ଯୋ)ଜକ—ସ. ବଣ. (ପ୍ର+ଯୁଜ୍ ଧାତୁ+କର୍ତ୍ତୃ. ଅକ)—
Prayo(jo)jaka ୧ । ପ୍ରୟୋଗକର୍ତ୍ତା—1. Applying.
ପ୍ରୟୋ(ଯୋ)ଜିକା—ସ୍ତ୍ରୀ) ୨ । ବ୍ୟବହାରକାରୀ—2. Using.
୩ । ନିୟୋକ୍ତା; ନିୟୋଗକାରୀ—3. Employing.
୪ । ପ୍ରେରକ—4. Sending.
୫ । ପ୍ରବର୍ତ୍ତକ—
5. Setting in action; inducing.
୬ । ଉତ୍ତେଜକ—6. Instigating; exciting.
୭ । ଅନ୍ୟ ଦ୍ୱାରା କାର୍ଯ୍ୟ କରାଇବା ବା ଅନ୍ୟକୁ କାର୍ଯ୍ୟରେ ଲଗାଇବା (ବ୍ୟକ୍ତି)—7. Causing a thing to be done; causing a thing to be done by others.
୮ । (ବ୍ୟାକରଣ) ଅନ୍ୟ ଦ୍ୱାରା କୌଣସି କାର୍ଯ୍ୟ କରାଇବା ଅର୍ଥଯୁକ୍ତ (କ୍ରିୟା ବା କର୍ତ୍ତା)—7. (grammar) Causative (form of a verb or subject).
ସ. ବି—୧ । କାର୍ଯ୍ୟରେ ନିଯୁକ୍ତକାରୀ ବ୍ୟକ୍ତି—
1. An employer (Apte).
୨ । ଗ୍ରନ୍ଥକାର—2. An author (Apte).
୩ । ପ୍ରତିଷ୍ଠାତା ବ୍ୟକ୍ତି—3. A founder (Apte).
୪ । ଋଣଦାତା; ମହାଜନ—
4. A money-lender (Apte).
୫ । ଆଇନକର୍ତ୍ତା; ସୂତ୍ରକାର—
5. A lawgiver (Apte); legislator.
୬ । ପ୍ରବର୍ତ୍ତକ—6. Instigator.

ପ୍ରୟୋଜକ କର୍ତ୍ତା—ସ. ବି. (ବ୍ୟାକରଣ)—
Prayojaka karttā ଅନ୍ୟ ଦ୍ୱାରା କ୍ରିୟା ସାଧନ କରାଇବା କର୍ତ୍ତା—(grammar) The principal agent; the subject which causes an act to be done by another.

[ଦ୍ର—ବାକ୍ୟରେ ମୁଖ୍ୟ କର୍ତ୍ତା ଥାଇ, କ୍ରିୟାସାଧନ ପାଇଁ ଅନ୍ୟ କର୍ତ୍ତାର ପ୍ରୟୋଜନ ହେଲେ, ଅର୍ଥାତ୍ ମୁଖ୍ୟକର୍ତ୍ତା ନିଜେ କ୍ରିୟା ସାଧନ ନ କରି ଅନ୍ୟ ଦ୍ୱାରା ତାହା କରାଇଲେ ପ୍ରଥମୋକ୍ତ କର୍ତ୍ତାକୁ ପ୍ରଯୋଜକ କର୍ତ୍ତା ବୋଲାଯାଏ । ଯାହା ଦ୍ୱାରା କ୍ରିୟା ସାଧନ କରାଯାଏ ତାକୁ ପ୍ରୟୋଜ୍ୟ କର୍ତ୍ତା ବୋଲାଯାଏ । ରାମବାବୁ ତାଙ୍କ ଚପରାସି ଦ୍ୱାରା ଗରବକୁ ମରାଇଲେ । ଏ ବାକ୍ୟରେ ରାମବାବୁ ନିଜେ ନ ମାରି ଚପରାସି ଦ୍ୱାରା ମରାଇବାରୁ ରାମବାବୁ ପ୍ରୟୋଜକ କର୍ତ୍ତା ଓ ଚପରାସି ପ୍ରୟୋଜ୍ୟ କର୍ତ୍ତା ।]

ପ୍ରୟୋଜକ କ୍ରିୟା—ସ. ବି. (ବ୍ୟାକରଣ)—
Prayojaka kriyā କରାଇବା ଅର୍ଥବୋଧକ କ୍ରିୟା; ଣିଜନ୍ତ କ୍ରିୟା—(grammar) Causative form of a verb.

[ଦ୍ର—'କରିବା'ର ପ୍ରୟୋଜକ ରୂପ 'କରାଇବା'; 'ଖାଇବା' —'ଖୋଇବା' ବା 'ଖୁଆଇବା'; 'ଧରିବା'—'ଧରାଇବା','ଶୋଇବା' —'ଶୁଆଇବା' ।]

ପ୍ରୟୋଜନ—ସ. ବି. (ପ୍ର+ଯୁଜ୍ ଧାତୁ ଣିଚ୍=ଯୋଜ ଧାତୁ +ଭାବ. ଅନ)—
Prayojana
୧ । ଚରମ ଉଦ୍ଦେଶ୍ୟ—1. Purpose; ultimate object; motive; end in view.
୨ । ଆବଶ୍ୟକତା—
2. Necessity; importance; need
୩ । ହେତୁ—3. Cause; occasion; reason.
୪ । ଉତ୍ପତ୍ତି; ମୂଳ—4. Origin.
୫ । ମତଲବ; ଅଭିପ୍ରାୟ; ଇଚ୍ଛା—
5. Intention; desire; design.
୬ । ପ୍ରୟୋଗ କରଣ; ବ୍ୟବହାର; ଉପଯୋଗ—
6. Application; employment; engagement; use.
୭ । ଫଳ; ପରିଣାମ—7. Consequence; result; end.

[ଦ୍ର—ନ୍ୟାୟ ଦର୍ଶନରେ ୧୬ ପ୍ରକାର ବସ୍ତୁ ସ୍ୱୀକୃତ ହୋଇ ଅଛି । ତହିଁ ମଧ୍ୟରୁ ପ୍ରୟୋଜନ ଚତୁର୍ଥ ଅଟେ । ଯେଉଁ ଉଦ୍ଦେଶ୍ୟ ଯୋଗୁଁ କୌଣସି କାର୍ଯ୍ୟରେ ପ୍ରବୃତ୍ତି ଜନ୍ମେ ତାକୁ ପ୍ରୟୋଜନ ବୋଲାଯାଏ । ତତ୍ତ୍ୱ ଦୃଷ୍ଟିରେ ଆତ୍ୟନ୍ତିକ ଦୁଃଖ ନିବୃତ୍ତିହିଁ ସଂସାରରେ ମୁଖ୍ୟ ପ୍ରୟୋଜନ ଅଟେ । ସଂସାରରେ ଅନ୍ୟ ସବୁ ଗୌଣ ପ୍ରୟୋଜନ ଅଟେ । ହି. ଶ]

ପ୍ରୟୋଜନବତୀ ଲକ୍ଷଣା—ସ. ବି. (ଅଲଙ୍କାର ଶାସ୍ତ୍ର)—
Prayojanabati lakshanā ପ୍ରୟୋଜନ ଦ୍ୱାରା ବାଚ୍ୟାର୍ଥର ଭିନ୍ନ ଅର୍ଥ ପ୍ରକାଶିତ ହେବା ଲକ୍ଷଣା—
A rhetorical figure in which words are taken in their figurative import.

[ଦ୍ର—ଦଶଇକାରେ ସେ ଗ୍ରାମରୁ ଦଶ ମୁଣ୍ଡ ଗଲେ । ଏଠାରେ ଦଶଙ୍କ ମୁଣ୍ଡର ଅର୍ଥ ୧୦ଟ ମୁଣ୍ଡଧାରୀ ମନୁଷ୍ୟ । ଏହା ପ୍ରୟୋଜନାବତୀ ଲକ୍ଷଣା । ଯେଉଁ ଲକ୍ଷଣା ଦ୍ୱାରା ଶବ୍ଦର ପ୍ରକୃତିଗତ ଅର୍ଥ କରା ନ ଯାଇ ଗୋଟିଏ ବିଶିଷ୍ଟ ଅର୍ଥ ହୁଏ ତାକୁ ରୁଢ଼ି ଲକ୍ଷଣା ବୋଲାଯାଏ । କୁଶଳ ଶବ୍ଦର ପ୍ରକୃତିଗତ ଅର୍ଥ 'ଯେ କୁଶ ସବୁ କାଟେ' । କିନ୍ତୁ କୁଶଳ ଶବ୍ଦର ଏହି ଅର୍ଥ ନ ହୋଇ ଦକ୍ଷ ବା ନିପୁଣ ଅର୍ଥରେ ଏହା ବ୍ୟବହାର କରାଯାଏ । ଏହା ରୁଢ଼ି ଲକ୍ଷଣା— ହି. ଶବ୍ଦସାଗର ।]

ପ୍ରୟୋଜନାତିରକ୍ତ—ସଂ. ବିଣ. (୫ମୀ ତତ୍; ପ୍ରୟୋଜନ+ଅତିରିକ୍ତ)—
Prayojanātirikta ଆବଶ୍ୟକତା ଅପେକ୍ଷା ବେଶି—More than necessary; more than enough.

ପ୍ରୟୋଜନାନୁରୂପ—ସଂ. ବିଣ. (୬ଷ୍ଠୀ ତତ୍; ପ୍ରୟୋଜନ+ଅନୁରୂପ)—
Prayojanānurūpa ଯେତିକି ଆବଶ୍ୟକ ସେତିକି; ଯଥେଷ୍ଟ—As much as is necessary; enough.

ପ୍ରୟୋଜନୀୟ—ସଂ. ବିଣ. (ପ୍ର+ଯୁଜ୍ ଧାତୁ+କର୍ମ. ଅନୀୟ)—
Prayojaniya ୧ । ଆବଶ୍ୟକ; ଦରକାରୀ; ଉପକାରୀ—
1. Useful; needful; necessary; important.
୨ । ଉପଯୁକ୍ତ—2. Suitable.
୩ । କାମିକା—3 Serviceable.

ପ୍ରଯୋ(ୟୋ)ଜ୍ୟ—ସଂ. ବିଣ. (ପ୍ର+ଯୁଜ୍ ଧାତୁ+କର୍ମ. ଯ)—
Prajo(yo)jya ୧ । ପ୍ରୟୋଗ କରିବା ଯୋଗ୍ୟ; ପ୍ରଯୁକ୍ତ ହେବା ଯୋଗ୍ୟ; ବ୍ୟବହାର୍ଯ୍ୟ—1. Fit to be used or employed; applicable; serviceable.
୨ । ଯାହା ଦ୍ୱାରା କୌଣସି କାର୍ଯ୍ୟ ସାଧିତ ହୁଏ—
2. Instrumental.
୩ । ଯାହାକୁ ପ୍ରୟୋଗ କରାଯାଏ—
3. That which is applied.
୪ । ଯାହା ପ୍ରୟୋଗ କରାଯିବ—4. To be applied
୫ । ଆଚରଣୀୟ; କର୍ତ୍ତବ୍ୟ (ହି. ଶ.)—
5. Fit to be done; proper.
ସଂ. ବି—୧ । ମୂଳଧନ; ବ୍ୟବସାୟାଦିରେ ଖଟାଯିବା ଧନ—
1. Capital; money invested in trade.
୨ । ଭୃତ୍ୟ—2. Servant.
୩ । କାର୍ଯ୍ୟସାଧନର ଉପାୟ—3. Instrument or means used to accomplish a work.

ପ୍ରୟୋଜ୍ୟ କର୍ତ୍ତା—ସଂ. ବି. (ବ୍ୟାକରଣ)—ମୁଖ୍ୟ କର୍ତ୍ତା ନିଜେ କାର୍ଯ୍ୟ-
Prayojya karttā ସାଧନ ନ କରି ଯେଉଁ କର୍ତ୍ତାଦ୍ୱାରା କାର୍ଯ୍ୟ ସାଧନ କରାଏ—(grammar) Instrumental agent (as opposed to the principal agent.)
[ଦ୍ର—ରାମ ବାବୁ ଚପରାସିଦ୍ୱାରା ଗରୁକୁ ମରାଇଲେ ଏଠାରେ ରାମ ବାବୁ ପ୍ରୟୋଜକ କର୍ତ୍ତା ଓ ଚପରାସି ପ୍ରୟୋଜକ କର୍ତ୍ତା । କ୍ରିୟାର ଣିଜନ୍ତ ରୂପର ବ୍ୟବହାରରେ ମୁଖ୍ୟକର୍ତ୍ତା ପ୍ରୟୋଜକ କର୍ତ୍ତା ହୁଏ । ସକର୍ମକ କ୍ରିୟାର ଣିଜନ୍ତ ପ୍ରୟୋଗରେ ପ୍ରଯୋଜ୍ୟ କର୍ତ୍ତାଠାରେ ୩ୟା ବିଭକ୍ତି ବା ୬ଯା ବିଭକ୍ତି ହୁଏ । ଯଥା—ରାମ ଚପରାସିଦ୍ୱାରା ଗରୁକୁ ମରାଇଲେ । ଏଠାରେ ପ୍ରୟୋଜ୍ୟ କର୍ତ୍ତାର ୩ୟା ବିଭକ୍ତି । ମାତା ଶିଶୁକୁ ଭାତ ଖୁଆଇଲେ । ଏଠାରେ ପ୍ରୟୋଜ୍ୟ କର୍ତ୍ତାର ୨ୟା ବିଭକ୍ତି । ଅକର୍ମକ କ୍ରିୟାର ଣିଜନ୍ତ ପ୍ରୟୋଗରେ ପ୍ରୟୋଜ୍ୟ କର୍ତ୍ତାଠାରେ ୨ୟା ବିଭକ୍ତି ହୁଏ, ଯଥା— ମାତା ଶିଶୁକୁ ଶୁଆଉ ଅଛନ୍ତି ।]

ପ୍ରରୋଚନ(ନା)—ସଂ. ବି. (ପ୍ର+ରୁଚ୍ ଧାତୁ ଣିଚ୍=ରୋଚ ଧାତୁ+
Prarochana(nā ଭାବ. ଅନ+ସ୍ତ୍ରୀ. ଆ)—୧ । ଉତ୍ତେଜନ; (ପ୍ରରୋଚକ, ପ୍ରରୋଚିତ—ବିଣ) ମତାଇବା; ଉଦ୍ଦୀପନା; ଉସକେଇବା—1. Stimulating; exciting; incitement; instigation; prompting.
୨ । ପ୍ରବର୍ତ୍ତାଇବା—2. Persuation.
୩ । ପ୍ରସନ୍ନତା ସମ୍ପାଦନ; ସନ୍ତୋଷ କରାଇବା—
3. Propitiating.
୪ । ଫୁସୁଲାଇବା—4. Seduction, inveigling.
୫ । ପ୍ରେରଣା—5. Causation.
୬ । ପ୍ରସ୍ତାବନାର ଅଙ୍ଗବିଶେଷ; ଦର୍ଶକମାନଙ୍କ ଅନୁଗ୍ରହଲାଭ ଆଶାରେ ନାଟକର ପ୍ରସ୍ତାବନାର ଯେଉଁ ଅଂଶରେ ଗ୍ରନ୍ଥକାରଙ୍କର ବା ବର୍ଣ୍ଣିତ ବିଷୟର ସୁଯଶଃ ଘୋଷିତ ହୋଇଥାଏ—
6. A prelude extolling the author or the subject matter of a drama; a valedictory introduction to a drama.
୭ । କୌଣସି ବିଷୟରେ ରୁଚି ଜନ୍ମାଇବା (ହି. ଶ.)—
7. Creating a taste for anything.

ପ୍ରରୋହ—ସଂ. ବି. (ପ୍ର+ରୁହ୍ ଧାତୁ+କର୍ତ୍ତୃ. ଅ)—୧ । କଢ଼—
Praroha 1. Bud.
୨ । ଅଙ୍କୁର; ଗଜା—2. A shoot; a sprout.
୩ । ମୂଳ—3. Root.
୪ । ବର ଆଦି ଗଛର ଓହଳ—4. Aerial roots of banyan and some other trees.
୫ । ଲତାଙ୍କୁର; ନୂଆ ପତ୍ର ବା ଡାଳ—
5. A new leaf or branch.
୬ । (+ଭାବ. ଅ) ଉଦ୍ଭବ; ମୂଳ—6. Origin.
୭ । ଆରୋହଣ—7. Ascending.
୮ । ତୁନ୍ ଗଛ; ନଂଦୀ ବୃକ୍ଷ (ହି. ଶବ୍ଦସାଗର)—
8. Tun (tree) (See)-

ପ୍ରରୋହଣ—ସଂ. ବି. (ପ୍ର+ରୁହ୍ ଧାତୁ+ଭାବ. ଅନ; ଣତ୍ୱବିଧି)—
Prarohaṇa ୧ । ଆରୋହଣ; ଚଢ଼ିବା—1. Ascending.
୨ । ଭୂମିରୁ ବାହାରିବା—2. Sprouting up.
୩ । ଉଦ୍ଭବ (ହି. ଶ)—3. Birth.

ପ୍ରରୋହ ଭୂମି- ସଂ. ବି. (ବହୁବ୍ରୀହି; ପ୍ରରୋହ+ଭୂମି; ଯେଉଁ ଭୂମିରୁ
Praroha bhūmi ବହୁତ ଗଜା ଉଠେ)—ଉର୍ବରା ଜମି—
-- Productive or fertile land.

ପ୍ରରୋହଶାଖୀ—ସଂ. ବି. (ପ୍ରରୋହ+ଶାଖା+ଇନ୍; ୧ମା. ୧ବ)—
Praroha śākhī ଯେଉଁ ଗଛର ଡାଳକୁ ପୋଡିଲେ ତାହା ସ୍ୱତନ୍ତ୍ର ଗଛରେ ପରିଣତ ହୁଏ (ହୃ. ଷ.)—Trees from which grafts can be made.

ପ୍ରଳପନ—ସଂ. ବି. (ପ୍ର+ଲପ୍ ଧାତୁ+ଭାବ. ଅନ)—୧ । ପ୍ରଳାପ; ଅନର୍ଥକ ବାକ୍ୟ ପ୍ରୟୋଗ—1. Babbling; incoherent talk.
Pralapana
୨ । ଗପିବା; କଥନ—2. Speaking; talking.

ପ୍ରଳପିତ—ସଂ. ବିଣ. (ପ୍ର+ଲପ୍ ଧାତୁ+କର୍ମ. ତ)—୧ । କଥିତ—
Pralapita 1. Spoken; uttered.
୨ । ବୃଥା ଉକ୍ତ—2. Spoken in vain; babbled orth.
ସଂ. ବି. (+ଭାବ. ତ)—ପ୍ରଳାପ—
Incoherent talk; gibberish.

ପ୍ରଳ(ଲ)ମ୍ବ—ସଂ. ବି. (ପ୍ର+ଲମ୍ବ୍ ଧାତୁ=ଲମ୍ବିବା+କର୍ତ୍ତୃ. ଅ)—
Prala(la)mba ୧ । ବୃକ୍ଷ ଶାଖା—1. Branch.
୨ । ଗଛର ଓହଳ—
2. Aerial roots descending from the branch of a tree.
୩ । ବଳରାମଙ୍କଦ୍ୱାରା ନିହତ ଦୈତ୍ୟବିଶେଷ—
3. Name of a demon killed by Balarāma.
[ଦ୍ର—ଏକଦା କୃଷ୍ଣ ଓ ବଳରାମ ଗୋପବାଳକଙ୍କ ସଙ୍ଗେ ଖେଳୁ ଥିଲେ । ମାୟାବୀ ପ୍ରଲମ୍ବାସୁର ଗୋପବାଳକ ବେଶ ଧରି ଏମାନଙ୍କ ସଙ୍ଗେ ଖେଳୁ ଥାଏ । ପିଲାମାନଙ୍କ ମଧ୍ୟରେ କଥା ହେଲା ଯେ ଯେଉଁ ପିଲା ଖେଳରେ ହାରିବ, ସେ ଜିଣିବା ପିଲାକୁ କାନ୍ଧରେ ବସାଇ ବୁଲାଇବ । ପ୍ରଲମ୍ବାସୁର ହାରିଲା ଓ ବଳରାମ ଜିତିଲେ । ପ୍ରଲମ୍ବାସୁର ବଳରାମଙ୍କୁ କାନ୍ଧରେ ବସାଇ ପଳାଇ ଯିବାକୁ ବସିଥିଲା, କିନ୍ତୁ ବଳରାମ ଆପଣା ଦେହକୁ ଏପରି ଭାରି କରି ଦେଲେ ଯେ ପ୍ରଲମ୍ବାସୁର ଗୁପ୍ତି ହୋଇ ଗଲା । ତା ପରେ ଅସୁର ନିଜ ରୂପ ଧାରଣ କରିବାରୁ ବଳରାମ ତା ସଙ୍ଗେ ଯୁଦ୍ଧ କରି ତାକୁ ମାରି ପକାଇଲେ—ଭାଗବତ (ହି. ଶ.) ।]
୪ । ଉଦ୍ଭିଦର ଅଙ୍କୁର—
4. The shoot or sprout of a plant; offshoot.
୫ । ହାର—5. Necklace.
୬ । ପୟୋଧର; ସ୍ତନ—6. The breast of females.
(ପ୍ରଲମ୍ବିତ—ବିଣ) ୭ । ମେଘ—7. Cloud.
୮ । (+ଭାବ. ଅ) ପ୍ରଲମ୍ବନ; ଝୁଲିବା; ଲଟକିବା—
8. Hanging down.
୯ । କାର୍ଯ୍ୟରେ ବୃଥାରେ ବିଲମ୍ବ କରିବା (ହି. ଶବ୍ଦସାଗର)—
9. Tardiness; dilatoriness
ସଂ. ବିଣ—୧ । (+କର୍ତ୍ତୃ. ଅ) ଲମ୍ବମାନ—
1. Hanging down; pendant; pendulous.
୨ । ନଇଁ ପଡ଼ିଥିବା—2. Stooping.
୩ । ଅଳସ; ଦୀର୍ଘସୂତ୍ରୀ—3. Idle; dilatory.
୪ । ବିଶେଷ ଲମ୍ବ—4. Very long.

ଶତ ହେଲେ ଶୁଣିଲ କୋମଳ,
ପ୍ରଲମ୍ବ ଉତ୍ତମ ସୁଲକ୍ଷଣ । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଗ୍ରା. ବି. (ପ୍ରାଚୀନ ପଦ୍ୟ) (ସଂ. ପ୍ରଣବ) ଓଁକାର—
1. The mystical sound 'om' uttered in the beginning of a Mantra.
ସର୍ବମନ୍ତ୍ରରୂପେ ବାଦ୍ୟବେଦର
ଉଚ୍ଚେ ପ୍ରଲମ୍ବ ଅଛନ୍ତି ବାଦ୍ୟ ଯେତ । ପ୍ରାଚୀ. ରହସ୍ୟମଞ୍ଜରୀ ।
୨ । (ସଂ. ପ୍ରଣାମ) ପ୍ରଣାମ—2. Obeisance.
ଗ୍ରା. ବିଣ (ସଂ. ପ୍ରଣମିତ)—ପ୍ରଣମିତ—
Bowing down; making obeisance.
ଶୁଣି ଅର୍ଜୁନ ପ୍ରଲମ୍ବ ହୋଇ—ପ୍ରାଚୀ. ପରଚେଗୀତା ।

ପ୍ରଲମ୍ବ କରିବା—ଗ୍ରା କ୍ରି—ନମସ୍କାର କରିବା—
Pralamba kariba To bow down in reverence.
ସ୍ୱାମୀର ଚରଣ ତଳେ ପ୍ରଲମ୍ବ କରି—ପ୍ରାଚୀ. ପ୍ରଭାତ ଷଷ୍ଠିଶେଣୀ ।

ପ୍ରଲମ୍ବକୁନ୍ତଳା—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ପ୍ରଲମ୍ବ+କୁନ୍ତଳ+ସ୍ତ୍ରୀ. ଆ)—
Pralambakuntalā ସୁଦୀର୍ଘକେଶା (ନାରୀ)—
(Woman) Having long hair.
ଚଳମ୍ବ ଗମନ ପ୍ରଲମ୍ବକୁନ୍ତଳା ଅବଲମ୍ବ ଏହୁ ମନୋହର ସେ ।
ଉପେ. ବୈଦେହୀଶବିଳାସ ।

ପ୍ରଲମ୍ବଘ୍ନ—ସଂ. ବି. ପୁଂ. (ପ୍ରଲମ୍ବ+ହନ୍ ଧାତୁ+କର୍ତ୍ତୃ ଅ)—
Pralambaghna (ପ୍ରଲମ୍ବାସୁରର ହନ୍ତା) ବଳରାମ—
(ପ୍ରଲମ୍ବହା, ପ୍ରଲମ୍ବମର୍ଦ୍ଦନ, ପ୍ରଲମ୍ବାରି—ଅନ୍ୟରୂପ) Balarāma.

ପ୍ରଲମ୍ବିତ—ସଂ. ବିଣ. (ପ୍ର+ଲମ୍ବିତ) ଲମ୍ବିଥିବା; ଲମ୍ବମାନ; ତଳକୁ ଲମ୍ବିଥିବା—
Pralambita
Hanging down; overhanging.
ଗ୍ରା. (ପଦ୍ୟ) ବି—ନମସ୍କାର—Obeisance.
ମାତାଙ୍କର ଶ୍ରୀପଦରେ ପ୍ରଲମ୍ବିତ ଦେଲେ କରେ;
ପଚାରିଲେ ଏହୁ କଥା କହେ ବେଗେଣ । ପ୍ରାଚୀ. ନଳଚରିତ ।
ଗ୍ରା. ବିଣ (ସଂ. ପ୍ରଣମିତ)—ପ୍ରଣାମ କରିଥିବା—
Making obeisance.

ପ୍ରଲମ୍ବିବା—ଗ୍ରା. (ପ୍ରାଚୀନ ପଦ୍ୟ) କ୍ରି (ସଂ. ପ୍ରଣାମ)—ପ୍ରଣାମ କରିବା—
Pralambibā To make obeisance.
ଦୃଷ୍ଟିକି ପ୍ରଲମ୍ବି କଲେ ଚତୁର୍ଦ୍ଦଶ ଶ୍ରୀମ—ଜଗନ୍ନାଥ. ଦଶକୁଟଭଗବତ ।

ପ୍ରଲମ୍ଭ—ସଂ. ବି. (ପ୍ର+ଲଭ୍ ଧାତୁ=ଲାଭ କରିବା+ଭାବ. ଅ)—
Pralambha ୧ । ବିଶେଷ ଲାଭ—1. Special profit.
୨ । ଛଳନା; ବଞ୍ଚନା—2. Fraud; cheating.

ପ୍ରଳୟ—ସଂ. ବି. (ପ୍ର+ଲୀ ଧାତୁ=ଲୀନ ହେବା+ଭାବ. ଅ)—
Pralaya ୧ । ବ୍ରହ୍ମାଣ୍ଡର ବିନାଶ; କଳ୍ପାନ୍ତକ୍ଷୟ; ସୃଷ୍ଟିର ଲୋପ—
1. The dissolution of the universe at the end of eve y 'kalpa'.
[ଦ୍ର—ପ୍ରଳୟ ଚାରି ପ୍ରକାର, ଯଥା—ନିତ୍ୟ, ପ୍ରାକୃତିକ, ନୈମିତ୍ତିକ ଓ ଆତ୍ୟନ୍ତିକ ।]
୨ । ମୃତ୍ୟୁ; ମରଣ—2. Death.
୩ । ବିଲୟ; କ୍ଷୟ; ବିନାଶ; ଧ୍ୱଂସ—
3. Total destruction; annihilation.
୪ । ମୋହ; ମୂର୍ଚ୍ଛା—4. Fainting; syncope; loss of sense; swoon.

୫ । (ଲକ୍ଷଣାର୍ଥ) ଭୟାନକ ବିପଦ୍ —
5. (figurative) Imminent danger; calamity.
୬ । ଅଷ୍ଟ ସାତ୍ତ୍ୱିକବିକାର ମଧ୍ୟରୁ ଏକତମ; ସଂଜ୍ଞାହୀନତା —
6. One of 8 Sātwika bikāras; senselessness.

ବହରୁ ଅଛ ଭିନ୍ନରୂପେ ପ୍ରଳୟ
ବାଧିବାରୁ ସାତ୍ତ୍ୱିକ ସେ କ୍ଷୀଣକାୟ — ଭଞ୍ଜ. ବୈଦେହୀଶବିଳାସ ।

[ଦ୍ର—କୂର୍ମପୁରାଣ ଅନୁସାରେ ବ୍ରହ୍ମା ଏ ଜଗତକୁ ସୃଷ୍ଟି କରିବା ପରେ ତାହା ଏକ କଳ୍ପ ବା ଏକ ହଜାର ଚତୁର୍ଯୁଗ ବା ବ୍ରହ୍ମାଙ୍କର ଏକ ଦିବସ ପର୍ଯ୍ୟନ୍ତ ରହେ । ତତ୍ପରେ ବ୍ରହ୍ମା ଶୟନ କରିବାରୁ ବ୍ରହ୍ମାଣ୍ଡର ପ୍ରଳୟ ଉପସ୍ଥିତ ହୁଏ ଓ ଏ ପ୍ରଳୟ ବ୍ରହ୍ମାଙ୍କର ଏକ ରାତ୍ରି ବା ଏକ କଳ୍ପ ପର୍ଯ୍ୟନ୍ତ ରହେ । ଏ ପ୍ରଳୟରେ କେବଳ ବିଷ୍ଣୁ ବା ବ୍ରହ୍ମା ବଞ୍ଚି ରହନ୍ତି । ବ୍ରହ୍ମାଙ୍କର ରାତି ପାହିଗଲେ ବ୍ରହ୍ମା ପୁଣି ଜଗତକୁ ସୃଷ୍ଟି କରନ୍ତି । ଏ ପ୍ରଳୟକୁ କଳ୍ପାନ୍ତ ବା ନୈମିତ୍ତିକ ବା ବ୍ରାହ୍ମ ପ୍ରଳୟ ବୋଲାଯାଏ । ବ୍ରହ୍ମାଣ୍ଡ ମହଦାଦି ପ୍ରକୃତିରେ ଲୀନ ହେବାର ନାମ ପ୍ରାକୃତିକ ପ୍ରଳୟ । ପ୍ରାକୃତିକ ପ୍ରଳୟରେ ପୃଥିବୀ ଜଳରେ, ଜଳ ଅଗ୍ନିରେ, ଅଗ୍ନି ବାୟୁରେ, ବାୟୁ ଆକାଶରେ, ଆକାଶ ମହତ୍ତତ୍ତ୍ୱରେ ଓ ମହତ୍ତତ୍ତ୍ୱ ପ୍ରକୃତିରେ ଲୀନ ହୋଇଯାଏ । ବ୍ରହ୍ମଜ୍ଞାନ ଲାଭ ହେଲେ ଯୋଗୀମାନଙ୍କର ପରମାତ୍ମାରେ ଲୀନ ହେବାର ନାମ 'ଆତ୍ୟନ୍ତିକ ପ୍ରଳୟ'। ବ୍ରହ୍ମାଣ୍ଡର ଯାବତୀୟ ସୃଷ୍ଟ ପଦାର୍ଥର ଦିବାନିଶି ଯେଉଁ ପରିବର୍ତ୍ତନ ବା ବିନାଶ ଲାଗିଅଛି ତାହା ନିତ୍ୟ ପ୍ରଳୟ—ହି. ଶ ।]

ପ୍ରଳୟ କାଳ—ସଂ. ବି—(୬ଷ୍ଠୀ ତତ୍) କଳ୍ପାନ୍ତରେ ବ୍ରହ୍ମାଣ୍ଡର ପ୍ରଳୟ
Pra̱laya kā̱la ଘଟିବା ସମୟ—The time of the universal dissolution.

ପ୍ରଳୟଙ୍କର—ସଂ. ବିଣ—(ପ୍ରଳୟ+କୃ ଧାତୁ+କର୍ତ୍ତୃ. ଅ; ଅନୁସ୍ୱାର
Pra̱layaṅkara ଆଗମ)—ପ୍ରଳୟକାରୀ; ବିଧ୍ୱଂସୀ; ସଂହାରକାରୀ;
(ପ୍ରଳୟଙ୍କରୀ—ସ୍ତ୍ରୀ) ସର୍ବନାଶସମୁତ୍ପାଦକ—1. Destructive; annihilating; causing utter ruin.

ପ୍ରଳାପ—ସଂ. ବି — ୧ । (ପ୍ର+ଲପ୍ ଧାତୁ+ଭାବ. ଅ)—ନିରର୍ଥକ ବାକ୍ୟ-
Pra̱lāpa 1. Chatter.
୨ । ଉନ୍ମତ୍ତ ବ୍ୟକ୍ତିର ନିରର୍ଥକ ବାକ୍ୟ —
2. Delirious talk; ravings of a mad man.
୩ । ଅସାର ବାକ୍ୟ; ଅସମ୍ବଦ୍ଧ ଗଳ୍ପ —
3. Incoherent talk; prattle; gibberish.
୪ । ରୋଗର ଉପସର୍ଗବିଶେଷ, ଯହିଁରେ ରୋଗୀ ଗୁଡ଼ାଏ ବକେ—
4. Delirium.
୫ । ବିଳାପ—5. Wailing; lamentation.

ପ୍ରଳାପ କରିବା—ଦେ. କ୍ରି—ଅସମ୍ବଦ୍ଧ ବାକ୍ୟ ଗପିବା —
Pra̱lāpa karibā To talk incoherently; to rave.
প্রলাপকরা **प्रलापकरना**

ପ୍ରଳାପୀ— ସ. ବିଣ. ପୁଂ—(ପ୍ର+ଲପ୍ ଧାତୁ +କର୍ତ୍ତୃ. ଇନ୍; ୧ମା. ୧ବ)-
Pra̱lāpi ଯେ ପ୍ରଳାପ କରେ—Raving; talking
(ପ୍ରଳାପିନୀ—ସ୍ତ୍ରୀ) incoherently; prattling.

ପ୍ରଲୀନ—ସଂ. ବିଣ—(ପ୍ର+ଲୀ ଧାତୁ +କର୍ତ୍ତୃ. ତ)—୧ । ଲୟପ୍ରାପ୍ତ;
Pralīna ମିଳାଇ ଯାଇଥିବା—1. Dissolved; quite
(ପ୍ରଲୀନା—ସ୍ତ୍ରୀ) absorbed.
[ପ୍ରଲୀନତା(ତ୍ୱ)—ବି] ୨ । ମୂର୍ଚ୍ଛିତ —
2. Fainted; swooning.
୩ । ଅନ୍ତର୍ହିତ—3. Disappeared.
୪ । ଚେଷ୍ଟାଶୂନ୍ୟ; ଜଡ଼ବତ୍ —4. Inert.

ପ୍ରଳେ—ଗ୍ରା. (ପ୍ରାଚୀନ ପଦ୍ୟ). ବି—(ସଂ. ପ୍ରଳୟ)—ପ୍ରଳୟ; ବିନାଶ—
Pra̱le Destruction; dissolution.

ଏ ରୂପେ ଜନରୂପ ଧରି
ଉତ୍ପତ୍ତି ସ୍ଥିତି ପ୍ରଳେ କରି — ପ୍ରା. ଛା. ନିର୍ଗୁଣ ମାହାତ୍ମ୍ୟ ।

ପ୍ରଲେପ—ସଂ. ବି—(ପ୍ର+ଲିପ୍ ଧାତୁ+ଭାବ. ଅ)—୧ । ଲିପିବା;
Pralepa ଉପରେ ବୋଳିବା —1. Anointing; smearing;
(ପ୍ରଲେପନ—ଅନ୍ୟରୂପ) plastering.
୨ । (+କରଣ ବା କର୍ମ. ଅ) ମଲମ—
2 Ointment; salve; plaster.
୩ । ପଦାର୍ଥ ଉପରେ ବୋଳାଯିବା ପତଳା ସ୍ତର—
3. A thin layer laid over a thing.

ପ୍ରଲେପକ —ସ. ବିଣ. ପୁଂ —(ପ୍ର+ଲିପ ଧାତୁ+କର୍ତ୍ତୃ. ଅକ) —
Pralepaka ଯେ ଲେପନ କରେ ବା ଲିପେ—Smearing,
(ପ୍ରଲେପିକା — ସ୍ତ୍ରୀ) anointing.
ସଂ. ବି—ବାତ କଫଦୋଷରୁ ଉତ୍ପନ୍ନ ଏକପ୍ରକାର ଜୀର୍ଣ୍ଣ ଜ୍ୱର — A kind of chronic fever accompanied with profuse perspiration.
[ଦ୍ର—ଏଥିରେ ଦେହ ସାମାନ୍ୟ ତାତିଥାଏ ଓ ଦେହ ଝାଳରେ ବୁଡ଼ି ଥାଏ—ହି. ଶ ।]

ପ୍ରଳାପକ—ସଂ. ବିଣ. ପୁଂ—(ପ୍ର+ଲପ୍ ଧାତୁ+କର୍ତ୍ତୃ. ଅକ)—
Pra̱lāpaka ଯେ ବୃଥାରେ ଗୁଡ଼ାଏ ଗପେ—
(ପ୍ରଳାପିକା —ସ୍ତ୍ରୀ) Raving; babbling.
ସଂ. ବି—ରୋଗୀ ପ୍ରଳାପ କରିବା ସନ୍ନିପାତ ରୋଗ ବିଶେଷ—ହି. ଶ) — A kind of collapse in which the patient becomes delirious.

ପ୍ରଳାପନ—ସଂ. ବି—(ପ୍ର+ଲପ୍ ଧାତୁ +ଭାବ. ଅନ) — ବହୁତଗୁଡ଼ାଏ
Pra̱lāpana ବା ନିରର୍ଥକ ଗପିବା—Raving; babbling.

ପ୍ରଲୋଭନ—ସଂ. ବି - (ପ୍ର+ଲୁଭ୍ ଧାତୁ ଣିଚ=ଲୋଭି ଧାତୁ+ଭାବ.
Pralobhana ଅନ)—ଲୋଭ ଦେଖାଇବା; ଲାଳସା ଜନ୍ମାଇବା;
ପ୍ରଲୋଭକ } ବିଣ ଅତିଶୟ ଲୋଭ ଉତ୍ପାଦକ — Allurement,
ପ୍ରଲୋଭତ } enticement; temptation; seduction.
ସଂ. ବିଣ—(+କର୍ତ୍ତୃ. ଅନ)—ଲୋଭଜନକ; ଯେ ଲୋଭ ଦେଖାଇ ଅନ୍ୟକୁ ଭୁଲାଏ—Alluring; tempting; seducing.

ପ୍ରଲୋଭିତ—ସଂ. ବିଣ—(ପ୍ର+ଲୋଭତ)—୧ । ପ୍ରଲୋଭନ ଦ୍ୱାରା
Pralobhita ଆକୃଷ୍ଟ—1. Seduced; allured; enticed.

୨ । ଅତ୍ୟନ୍ତ ଆକୃଷ୍ଟ—
2. Very much attracted.

ପ୍ରଲୋଭୀ—ସଂ. ବିଣ. ପୁଂ. (ପ୍ର+ଲୋଭ+ଅସ୍ତି. ଅର୍ଥରେ;ଇନ୍‌୯ମା.୧ବ)
Pralobhi —ଅତି ଲୋଭୀ; ଲୁବ୍ଧ—Very covetuous or
(ପ୍ରଲୋଭନୀ—ସ୍ତ୍ରୀ) avaricious.
ଧାର୍ମିକ ଦଗ୍ଧରେ ନ କରୁ;
ପ୍ରଲୋଭୀ ପ୍ରାଣୀ ଅଟେ ସେହୁ । ଜଗନ୍ନାଥ. ଭାଗବତ ।

ପ୍ରଲୋଲୁପ—ସଂ. ବିଣ. ପୁଂ (ପ୍ର+ଯଙ୍‌ ଲୁଗନ୍ତ ଲୁପ୍‌ ଧାତୁ+କର୍ତ୍ତୃ. ଅ)-
Pralolupa ୧ । ଅତ୍ୟନ୍ତ ଲୋଭୀ—1. Very covetuous.
(ପ୍ରଲୋଲୁପା—ସ୍ତ୍ରୀ) ୨ । କୌଣସି ଦ୍ରବ୍ୟ ପ୍ରତି ଅତ୍ୟନ୍ତ ଲାଳାୟିତ—
2. Hankering after any thing.

ପ୍ରଶଂସନ—ସ. ବି. (ପ୍ର+ଶଂସ୍‌ ଧାତୁ+ଭାବ. ଅନ)—୧ । ସ୍ତୁତି;
Prasamsana ଗୁଣକୀର୍ତ୍ତନ —1. Praising; eulogising.
(ପ୍ରଶଂସକ, ପ୍ରଶଂସୀ, ପ୍ରଶଂସିତ—ବିଣ) ୨ । ଧନ୍ୟବାଦ ଦେବା—
2. Giving thanks.

ପ୍ରଶଂସନୀୟ—ସ. ବିଣ. (ପ୍ର+ଶଂସ୍‌ ଧାତୁ+କର୍ମ. ଅନୀୟ)—
Prasamsaniya ପ୍ରଶଂସିତ ହେବାର ଯୋଗ୍ୟ—
(ପ୍ରଶଂସନୀୟା—ସ୍ତ୍ରୀ) Laudable; praiseworthy; deserving praise; admirable.

ପ୍ରଶଂସା—ସ. ବି. (ପ୍ର+ଶଂସ୍‌ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Prasamsa ୧ । ସୁଖ୍ୟାତି; ଗୁଣକୀର୍ତ୍ତନ; ସ୍ତୁତି; ସ୍ତବ—
(ନିନ୍ଦା—ବିପରୀତ) 1. Praise; eulogy; applause.
୨ । ଧନ୍ୟବାଦ— 2. Thanks—giving.

ପ୍ରଶଂସାପତ୍ର—ଦେ. ବି.—ସାର୍ଟିଫିକେଟ—
Prasamsa patra Testimonial; certificate.

ପ୍ରଶଂସାବାଦ—ସଂ. ବି. (୬ଷ୍ଠୀ ତତ୍‌; ପ୍ରଶଂସା+ବାଦ)—ସ୍ତୁତିବାଦ;
Prasamsa bada ଗୁଣକୀର୍ତ୍ତନ—Eulogy; applause.

ପ୍ରଶଂସାଭାଜନ—ସଂ. ବିଣ. (ପ୍ରଶଂସା=ଖ୍ୟାତି+ଭାଜନ=ପାତ୍ର;)
Prasamsa bhajana ୬ଷ୍ଠୀ ତତ—ପ୍ରଶଂସନୀୟ (ଦେଖ)
ପ୍ରଶଂସାର୍ହ, ପ୍ରଶଂସାପାତ୍ର—ଅନ୍ୟରୂପ) Prasamsaniya (See)
(ପ୍ରଶଂସାର୍ହା—ସ୍ତ୍ରୀ)

ପ୍ରଶଂସିତ—ସଂ. ବିଣ. ପୁଂ ପ୍ର+ଶଂସ୍‌ ଧାତୁ+କର୍ମ. ତ)—ଯାହାର
Prasamsita ଗୁଣ କୀର୍ତ୍ତନ କରାଯାଇ ଅଛି; ଯାହାକୁ ପ୍ରଶଂସା କରା
(ପ୍ରଶଂସିତା—ସ୍ତ୍ରୀ) ଯାଇଅଛି—Eulogised; praised; extolled; applauded.

ପ୍ରଶଂସିତବ୍ୟ—ସଂ. ବିଣ. (ପ୍ର+ଶଂସ୍‌ ଧାତୁ+କର୍ମ. ତବ୍ୟ)—
Prasamsitabya ପ୍ରଶଂସା ପାଇବାର ଯୋଗ୍ୟ; ପ୍ରଶଂସିତ ହେବାର
(ପ୍ରଶଂସିତବ୍ୟା—ସ୍ତ୍ରୀ) ଯୋଗ୍ୟ—Praiseworthy; deserving praise.

ପ୍ରଶଂସିତା—ଗ୍ରା. (ପ୍ରାଚୀନ ପଦ୍ୟ) ବିଣ (ପୁଂ. ଓ ସ୍ତ୍ରୀ. ରେ ବ୍ୟବହାର)—
Prasamsita ପ୍ରଶଂସିତ (ଦେଖ)—Prasamsita (See)
ବାସବରେ ଯେ ପ୍ରଶଂସିତା ବଖାଣ ନାହିଁ ଜାଣ ତା ।
ଉପେ. ବୈଦେହୀଶବିଳାସ ।

ପ୍ରଶଂସିବା—ଦେ. (ପଦ୍ୟ) କ୍ରି. —(ସଂ. ପ୍ରଶଂସା)—ପ୍ରଶଂସା କରିବା—
Prasamsiba To praise.

ଅଟ ଭକ୍ତ ହୋଇ ବହୁତ ପ୍ରଶଂସନ୍ତି । କୃଷ୍ଣସିଂହ. ମହାଭାରତ. ଅଦି ।

ପ୍ରଶଂସୋପମା—ସଂ. ବି.—ଏକ ପ୍ରକାର ଉପମାଲଙ୍କାର, ଯହିଁରେ
Prasamsopama ଉପମେୟର ଅଧିକ ପ୍ରଶଂସା କରି ଉପମାନର
ପ୍ରଶଂସା ଦେଖାଇଦିଆଯାଏ (ହି. ଶବ୍ଦସାଗର)—
A kind of simile in which the praise of the object of comparision is indicated by praising the thing with which it is compared.

ପ୍ରଶଂସ୍ୟ—ସଂ. ବିଣ. (ପ୍ର+ଶଂସ୍‌ ଧାତୁ+କର୍ମ. ଯ)—ପ୍ରଶଂସନୀୟ;
Prasamsya ପ୍ରଶଂସିତ ହେବାର ଯୋଗ୍ୟ—
(ପ୍ରଶଂସ୍ୟା—ସ୍ତ୍ରୀ) Laudable; praiseworthy.

ପ୍ରଶତ୍ୱା—ସଂ. ବି. (ପ୍ରଶତ୍ୱନ୍‌ ଶବ୍ଦ ୧ମା. ୧ବ.)—ସମୁଦ୍ର (ହି. ଶ)—
Prasatwa Ocean.

ପ୍ରଶନ—ଗ୍ରା. (ଓ ପଦ୍ୟ)—ବି.—ପ୍ରଶ୍ନ (ଦେଖ)
Prasana Prasna (See)
ସଂଯୋଗେ ଅଛି ଥିଲେ ମନ,
ପ୍ରଶନ କଲ ନୃପମଣି । ଭୂପତି. ପ୍ରେମପଞ୍ଚାମୃତ ।

ପ୍ରଶମ—ସଂ. ବି. (ପ୍ର+ଶମ୍‌ ଧାତୁ+ଭାବ. ଅ)—୧ । ଶମତା; ଶାନ୍ତି—
Prasama 1 Peace, quiesence; appeasement.
୨ । ଉପଶମ—2. Palliation; subsidence; pacification.
୩ । ବୈରାଗ୍ୟ—3. Renunciation.
୪ । ନିର୍ବାଣ; ନାଶ—4 Extinction.
୫ । ଅବସାଦ—5. Lassitude.
୬ । (ନାମ) ରନ୍ତିଦେବଙ୍କ ପୁତ୍ର—
6. Name of a son of king Rantideva.
୭ । ନିବୃତ୍ତି (ହି, ଶ.)—
7. Cessation,
ସଂ. ବିଣ. ପୁଂ—(+କର୍ତ୍ତୃ. ଅ)—୧ । ଶାନ୍ତ—
1. Pacified; calm.
(ପ୍ରଶମା—ସ୍ତ୍ରୀ) ୨ । ଭଦ୍ର; ନମ୍ର—1. Gentle.

ପ୍ରଶମନ—ସଂ. ବି—(ପ୍ର+ଶମ୍‌ ଧାତୁ=ଶାନ୍ତ ହେବା ଣିଚ୍‌+ଭାବ.
Prasamana ଅନ)—୧ । ଶାନ୍ତ କରିବା—
ପ୍ରଶମିତ, ପ୍ରଶମନୀୟ } ବିଣ 1. Palliation; extenuation; pacification.
୨ । ହନନ; ମାରଣ; ବଧ—
2. Slaughter; killing.
୩ । (ଶମ୍‌ ଧାତୁ+ଭାବ. ଅନ) ଶାନ୍ତି; ଶମତା—
3. Peace; calmness, tranquility.
୪ । ଅନୁରଞ୍ଜନ—4. Refreshing.
୫ । ବିଶ୍ରାମ; ବିରାମ—
5. Cessation, quiescence, reposing.
୬ । ନିବାରଣ; ନିବର୍ତ୍ତନ—6. Prevention.
୭ । ସ୍ଥିରୀକରଣ—7. Determiation, settling.
୮ । ଅସ୍ତ୍ରପ୍ରହାର (ହି. ଶ)—
8. Striking with a weapon.

୯ । (ନାମ) ସତ୍ରାଜିତଙ୍କର ଏକ ଭାଇ—
9. Name of a brother of Satrājita.

ପ୍ରଶମା—ସଂ. ବି. ସ୍ତ୍ରୀ—ଜଣେ ଅପ୍ସରାର ନାମ—
Praśamā Name of a heavenly nymph.

ପ୍ରଶମିତ—ସଂ. ବିଣ—(ପ୍ର+ଶମ୍ ଧାତୁ ଣିଚ୍=ଶମି ଧାତୁ+କର୍ମି. ତ)—
Praśamita ୧ । ଶମତାପ୍ରାପ୍ତ; ଯାହାକୁ ଅନ୍ୟ କେହି ଶାନ୍ତ କରାଇ ଅଛି—1. Palliated, tranquilised.
୨ । ନିବାରିତ—2. Prevented.
୩ । ଶାନ୍ତ—3. Appeased, satiated.

ପ୍ରଶସ୍ତ—ସଂ. ବିଣ—(ପ୍ର+ଶଂସ୍ ଧାତୁ=ସ୍ତୁତି କରିବା+କର୍ମି. ତ)—
Praśasta ୧ । ପ୍ରଶଂସିତ—1. Praised; commended.
(ପ୍ରଶସ୍ତି—ବି) ୨ । ମଙ୍ଗଳମୟ—2. Auspicious.
୩ । ନିପୁଣ; ଦକ୍ଷ—3. Skilful.
୪ । ପ୍ରସାରଯୁକ୍ତ; ବିସ୍ତୃତ; ଚଉଡ଼ା—
4. Extensive; broad; wide; spacious.
୫ । ଶ୍ରେଷ୍ଠ; ଉତ୍ତମ—5. Good, excellent.
୬ । ଠିକ୍—6. Right.
୭ । ପ୍ରଶଂସନୀୟ—7. Praiseworthy.
ସ. ବି—୧ । (ନାମ) ରାକ୍ଷସବିଶେଷ—
1. Name of a demon.
ଯାହା ବାଣେ କୁମ୍ଭାଣ୍ଡ ପଡ଼ି ଭୁଇଁ
ତାଙ୍କୁ ମାଇଲା ପ୍ରଶସ୍ତ ଶର ହେ ଦଇବ—ବିଶ୍ୱନାଥ. ବିଚିତ୍ରରାମାୟଣ ।

ପ୍ରଶସ୍ତାଦ୍ରି—ସ. ବି—ମଧ୍ୟ ପ୍ରଦେଶର ପର୍ବତବିଶେଷ—
Praśastādri Name of a mountain in central India (Apte).

ପ୍ରଶସ୍ତି—ସ. ବି—(ପ୍ର+ଶଂସ୍ ଧାତୁ+ଭାବ. ତି)—୧ । ପ୍ରଶଂସା—
Praśasti 1. Commendation, praise, eulogy.
୨ । ଶ୍ରେଷ୍ଠତା—2 Excellence, eminence.
୩ । ପଂକ୍ତି—3. Row, line.
୪ । ପତ୍ର ଲେଖିବା ସମୟରେ ପତ୍ରର ଆଦ୍ୟରେ ଲେଖାଯିବା ପ୍ରଶଂସାସୂଚକ ବାକ୍ୟ; ଶିରୋନାମା (ହି. ଶ)—
4. The titles and words of praise used in the beginning of a letter.
୫ । ରାଜବଂଶର ଓ ରାଜାଙ୍କ କାର୍ଯ୍ୟ ଆଦିର ବର୍ଣ୍ଣନାତ୍ମକ ଏକପ୍ରକାର ଆଜ୍ଞାପତ୍ର; ଯାହା ପଥର ଉପରେ ବା ତାମ୍ର ପଟ୍ଟ ଆଦିରେ ଖୋଦିତ ହୋଇଥାଏ (ହି. ଶବ୍ଦସାଗର)—
5. A description of the family and exploits of a king engraved on stone or metal plates under the king's orders.
୬ । ପ୍ରାଚୀନ ପୁସ୍ତକର ଆଦ୍ୟରେ ଓ ଅନ୍ତରେ ଲେଖାଥିବା ଗ୍ରନ୍ଥକାରର ନାମ ଓ ପରିଚୟ ଓ ରଚନା ବା ଲେଖାର କାଳ ଓ ପୁସ୍ତକ ଲିଖିତ ବିଷୟର ସଂକ୍ଷିପ୍ତ ସୂଚନା (ହି.ଶ)—
6. A brief indication of the name and particulars of the author; the time of composition or writing and the content given at the beginning and end of old work.
୭ । ବର୍ଣ୍ଣନା—7. Description (Apte).
୮ । ଆଶୀର୍ବାଦ; ମଙ୍ଗଳାଭିବାଦନ—
8. Benediction (Apte).
୯ । କୌଣସି ବ୍ୟକ୍ତିଙ୍କ ପ୍ରଶଂସାସୂଚକ କ୍ଷୁଦ୍ର କବିତା—
9. A panegyric or small poem written in praise of any one (Apte).

ପ୍ରଶସ୍ୟ—ସ. ବିଣ. (ପ୍ର+ଶଂସ୍ ଧାତୁ+କର୍ମି. ଯ)—
Praśasya ୧ । ପ୍ରଶଂସନୀୟ—1. Praiseworthy; commendable.
(ପ୍ରଶସ୍ୟା—ସ୍ତ୍ରୀ)
୨ । ଶ୍ରେଷ୍ଠ; ଉତ୍ତମ—2. Excellent; good.

ପ୍ରଶାଖ—ସ. ବିଣ. (ପ୍ର+ଶାଖା)—
Praśākha ୧ । ବହୁ ଶାଖାଯୁକ୍ତ—1. Having many branches.
୨ । ଝାମ୍ପୁଡ଼ା ଶାଖାବିଶିଷ୍ଟ—
2. Having spreading branches.
୨ । ହାତ ଗୋଡ଼ ଯୁକ୍ତ ହେବା ଅବସ୍ଥା ଯୁକ୍ତ (ଭ୍ରୂଣ)—
2. (the embryo) Being in the stage of the formation of the hands and feet (Apte).

ପ୍ରଶାଖା—ସ. ବି. (ପ୍ର+ଶାଖା)—୧ । ଛୋଟ ଡାଳ—
Praśākhā 1. Twig; small branches.
(ପ୍ରଶାଖିକା—ଅନ୍ୟରୂପ) ୨ । ବଡ଼ ଡାଳରୁ ବାହାରିଥିବା ଛୋଟ ଡାଳ—2. Offshoot of a branch.

ପ୍ରଶାନ୍ତ—ସ. ବି. (ପ୍ର+ଶମ୍ ଧାତୁ+କର୍ତ୍ତୃ. ତ)—
Praśānta 1. Calm; smooth; sedate.
(ପ୍ରଶାନ୍ତା—ସ୍ତ୍ରୀ) (ପ୍ରଶାନ୍ତି—ବି) ୨ । ଶମତାପ୍ରାପ୍ତ—
2. Pacified; tranquilised.
୩ । ଅବ୍ୟାକୁଳ—3. Unruffled; serene.
୪ । ନିବୃତ୍ତ; ଶାନ୍ତ—4. Ceased.
୫ । ସମାପ୍ତ—5. Ended.
୬ । ମୁକ୍ତ—6. Relieved; liberated.
୭ । ଅଚଳ—7. Immovable.
୮ । ସ୍ଥିର; ଅଚଳ—8. Still; motionless (Apte).
୯ । ବଶୀକୃତ—
9. Tamed; subdued; quelled (Apte).
୧୦ । ମୃତ—10. Dead; deceased (Apte).
ଦେ. ବି.—୮ । କୌଣସି ବ୍ୟକ୍ତିକୁ ଦିଆଯିବା ନାମ—
8. The name given to a certain male person.

ପ୍ରଶାନ୍ତଚିତ୍ତ—ସ. ବି.—(କର୍ମଧା) ଅବ୍ୟାକୁଳ ଚିତ୍ତ—
Praśāntachitta Tranquil mind.
(ପ୍ରଶାନ୍ତଚିତ୍ତା—ସ୍ତ୍ରୀ) ସ. ବିଣ. ପୁଂ (ବହୁବ୍ରୀହି)—ଯାହାର ଚିତ୍ତ (ପ୍ରଶାନ୍ତଚେତାଃ, ପ୍ରଶାନ୍ତମନାଃ, ପ୍ରଶାନ୍ତହୃଦୟ-ଅନ୍ୟରୂପ) ଅବ୍ୟାକୁଳ
Tranquil in mind; at ease.

ପ୍ରଶାନ୍ତଚେଷ୍ଟ—ସଂ. ବିଣ. ପୁଂ (ବହୁବ୍ରୀହି; ପ୍ରଶାନ୍ତ+ଚେଷ୍ଟା)—
Praśāntacheshṭa ୧ । ନିଶ୍ଚେଷ୍ଟ; ସ୍ଥିର
(ପ୍ରଶାନ୍ତଚେଷ୍ଟା—ସ୍ତ୍ରୀ) 1. Calm; motionless.
୨ । କାର୍ଯ୍ୟରୁ ଶାନ୍ତ—
2. Resting; ceased to work (Apte).

ପ୍ରଶାନ୍ତବାଧ—ସଂ. ବିଣ. (ବହୁବ୍ରୀହି; ପ୍ରଶାନ୍ତ+ବାଧା)—ଯାହାର ସମସ୍ତ
Praśāntabādha ବାଧା ଦୂରୀକୃତ ହୋଇଅଛି—
Having all obstacles removed (Apte).

ପ୍ରଶାନ୍ତ ମହାସାଗର—ଦେ. ବି. (ନାମ)—ଏସିଆ ମହାଦେଶର ପୂର୍ବ ଓ
Praśānta mahāsāgara ଆମେରିକାର ପଶ୍ଚିମରେ ଅବସ୍ଥିତ
প্রশান্ত মহাসাগর ମହାସମୁଦ୍ରବିଶେଷ—
प्रशान्त महासागर The Pacific ocean.
[ଦ୍ର—ଏହାର ଉପରିଭାଗ ଝଡ଼ ଆଦି ଦ୍ୱାରା ବିଶେଷ ଆନ୍ଦୋଳିତ ଓ ତରଙ୍ଗାୟିତ ହୁଏ ନାହିଁ ବୋଲି ଏହାର ଏପରି ନାମ ହୋଇ ଅଛି ।]

ପ୍ରଶାନ୍ତାତ୍ମା—ସଂ. ବିଣ. (ବହୁବ୍ରୀହି; ପ୍ରଶାନ୍ତ+ଆତ୍ମା)—ଯାହାର ହୃଦୟ
Praśāntātmā କାମ କ୍ରୋଧ ବା ଦୁଃଖ ଶୋକ ଆଦି ଦ୍ୱାରା ବିଚଳିତ ହୁଏ ନାହିଁ—1. Having peace of mind; tranquil.
୨ । ସ୍ଥିରମନାଃ—2. Having peace mind; composed in mind.

ପ୍ରଶାନ୍ତି—ସଂ. ବି. (ପ୍ର+ଶାନ୍ତି)—୧ । ପୂର୍ଣ୍ଣ ଶାନ୍ତି—
Praśānti 1. Absolute peace.
୨ । ସ୍ଥିରତା—2. Calmness; tranquility.

ପ୍ରଶାସନ—ସଂ. ବି. (ପ୍ର+ଶାସନ)—୧ । ରାଜବିଧି; ଆଇନ—
Praśāsana 1. Ordinance; law; regulation.
(ପ୍ରଶାସକ, ପ୍ରଶାସ୍ତା, ପ୍ରଶାସିତ—ବିଣ)
୨ । ପ୍ରକୃଷ୍ଟ ଶାସନ—
2. Excellent administration.
୩ । ରାଜ୍ୟ ଶାସନ—3. Government (Apte).
୪ । କର୍ତ୍ତବ୍ୟ ସମ୍ବନ୍ଧେ ଶିକ୍ଷା ଦାନ (ହି. ଶବ୍ଦସାଗର)—
4. Enjoining (Apte).

ପ୍ରଶାସିତ—ସଂ. ବିଣ. (ପ୍ର+ଶାସିତ)—୧ । ଉତ୍ତମରୂପେ ଶାସିତ—
Praśāsita 1. Well governed.
୨ । ବ୍ୟବସ୍ଥା ଦ୍ୱାରା ପ୍ରକାଶିତ—
2. Promulgated; ordinated.
୩ । ବିଧିବଦ୍ଧ—3. Enacted.

ପ୍ରଶାସିତା—ସଂ. ବି ଓ ବିଣ. ପୁଂ—(ପ୍ର+ଶାସ୍ ଧାତୁ=ଶାସନ
Praśāsitā କରିବା+କର୍ତ୍ତୃ. ତୃ)—୧ । ଶାସନକର୍ତ୍ତା—
(ପ୍ରଶାସ୍ତା—ଅନ୍ୟରୂପ) 1. Governor; ruler.
ପ୍ରଶାସିତ୍ରୀ } ସ୍ତ୍ରୀ ୨ । ମିତ୍ର (ହି. ଶ)—2. Friend.
ପ୍ରଶାସ୍ତ୍ରୀ } ୩ । ପରିଚାଳକ—
3. Superintendent; guide; conductor; director.

୪ । ଋତ୍ୱିକ୍; ପୁରୋହିତ—Priest.
୫ । ରାଜା—5. King (Apte).
୬ । ପରାମର୍ଶଦାତା—6. Adviser (Apte).

ପ୍ରଶିଷ୍ୟ—ସଂ. ବି—(ପ୍ର+ଶିଷ୍ୟ)—ଶିଷ୍ୟର ଶିଷ୍ୟ; ନାତିଶିଷ୍ୟ—
Praśishya A disciple of one's disciple; a pupil of one's pupil.

ପ୍ରଶ୍ନ—ସଂ. ବି—(ପ୍ରଚ୍ଛ୍ ଧାତୁ=ପଚାରିବା+ଭାବ. ନ)—
Praśna ୧ । ପଚାରିବା; ଜିଜ୍ଞାସା; କୌଣସି ବିଷୟ ଜାଣିବାକୁ ଇଚ୍ଛୁକ ବ୍ୟକ୍ତିର ଅନ୍ୟ ବ୍ୟକ୍ତିକୁ ପଚାରିବା ବାକ୍ୟ—
1. Question; query, interpellation; interogation.
୨ । ଅଭିଯୋଗ—2. Complaint.
୩ । ମକଦ୍ଦମାରେ ପୂର୍ବପକ୍ଷ; ସମାଧାନ ନିମିତ୍ତ ଉପସ୍ଥାପିତ ବିଷୟ—
3. A point at issue; a problem put up for solution; the subject of controversy.
୪ । ଉପନିଷଦ୍ ବିଶେଷ—
4. Name of a Bedānta work.
[ଦ୍ର—ଏଥିରେ ୬ଟି ପ୍ରଶ୍ନ ଓ ୬ଟି ପ୍ରଶ୍ନର ୬ଟି ଉତ୍ତର ଅଛି; ଏହା ଅଥର୍ବବେଦୀୟ । ଏଥିରେ ୬୭ଟି ମନ୍ତ୍ର ଅଛି । ଏଥିରେ ପ୍ରଜାପତିଙ୍କଠାରୁ ସୃଷ୍ଟିର ଉତ୍ପତ୍ତି ଓ ଅଦ୍ୱୈତମତ ଅଳଙ୍କାରଦ୍ୱାରା ନିରୂପିତ ହୋଇଅଛି—ହି. ଶ ।]
୫ । ଭବିଷ୍ୟତ୍ ଜାଣିବା ପାଇଁ ପଚାରିବା ଜିଜ୍ଞାସା—
5. A question about the future; inquiry about the future (Apte).
୬ । ପରୀକ୍ଷାର୍ଥୀମାନଙ୍କ ସମାଧାନାର୍ଥ ଦିଆଯିବା ବିଷୟ—
6. Question put to an examinee.
୭ । ମକଦ୍ଦମାର ତଦନ୍ତ—
7. A judicial inquiry or investigation (Apte).
୮ । ଟୋକେଇ ବୁଣା କାମ—
8 Basket work (Apte).
ଦେ. ବି—(ତଦ୍ଭବ)—୧ । ସୱାଲ; ଏକ ପକ୍ଷର
প্রশ্ন, সবাল ଅପର ପକ୍ଷର ସାକ୍ଷୀକୁ ଅଦାଲତରେ ଯେଉଁ ବିଷୟମାନ
सवाल ପଚାରନ୍ତି—1. Questions put in a court by a pleader to a witness.
[ଦ୍ର—ଏହା ୩ ପ୍ରକାର—ମୁଖ୍ୟ ପ୍ରଶ୍ନ—Examination-in-chief; ଜେରା ବା କୂଟ ପ୍ରଶ୍ନ—Cross-examination; ପୁନଃ ପ୍ରଶ୍ନ—Re-examination.]
୨ । ଏକ ପକ୍ଷ ଅପର ପକ୍ଷକୁ ମକଦ୍ଦମା ସମ୍ବନ୍ଧରେ କୌଣସି ସମ୍ବାଦ ଜାଣିବା ପାଇଁ ଯେଉଁ ଲିଖିତ ଜିଜ୍ଞାସା କରେ—
. Interrogatory.

ପ୍ରଶ୍ନ କରିବା—ଦେ. କ୍ରି—୧ । ପଚାରିବା—
Praśna karibā 1. To ask.
প্রশ্নকরা ୨ । ଜ୍ୟୋତିଷ ଆଦି ଶାସ୍ତ୍ରର ଗଣନା ଦ୍ୱାରା ଭବିଷ୍ୟତ୍
प्रश्नकरना ସମ୍ବନ୍ଧେ କୌଣସି ବିଷୟ ଜାଣିବାପାଇଁ ଜ୍ୟୋତିଷଙ୍କୁ ପଚାରିବା—2. To put a question to an-

astrologer regarding the future for solution according to astrological calculations.

୩ । ପ୍ରଶ୍ନକର୍ତ୍ତାଙ୍କ ଦ୍ୱାରା କଥିତ କୌଣସି ଫୁଲ, ଫଳ, ଜୀବ, ନାମ ଆଦିକୁ ମୂଳ କରି ବଶିଷ୍ଟ ଗଣନାକ୍ରମେ କୌଣସି ଭବିଷ୍ୟତ୍ ଜ୍ଞାତବ୍ୟ ବିଷୟ କହିବା—3. To foretell some future event by some fortuitous mode of calculation.

ପ୍ରଶ୍ନକର୍ତ୍ତା—ସଂ. ବିଣ. ଓ ବି.—୧ । ଜିଜ୍ଞାସୁ—
Praśna karttā 1. One who asks questions.
(ପ୍ରଶ୍ନକର୍ତ୍ତ୍ରୀ—ସ୍ତ୍ରୀ) ୨ । ପରୀକ୍ଷାର୍ଥୀମାନଙ୍କ ଉତ୍ତର ପ୍ରତୀକ୍ଷାରେ ଯେଉଁ ପରୀକ୍ଷକ ପ୍ରଶ୍ନମାନ ଲିପିବଦ୍ଧ କରନ୍ତି—2. Examiner; a person who puts question to examinees; question-setter.

ପ୍ରଶ୍ନକାଗଜ—ଦେ. ବି.—ଯେଉଁ କାଗଜରେ ପରୀକ୍ଷାର୍ଥୀଙ୍କ ଠାରୁ ଉତ୍ତର
Praśna kāgaja ମିଳିବା ନିମନ୍ତେ ନିର୍ଦ୍ଧାରିତ ପ୍ରଶ୍ନମାନ ଲେଖା
(ପ୍ରଶ୍ନପତ୍ର—ଅନ୍ୟରୂପ) ଥାଏ—Question papers for
প্রশ্ন কাগজ **प्रश्न कागज** examinees.

ପ୍ରଶ୍ନଚିହ୍ନ—ଦେ. ବି.—ଯେଉଁ ଚିହ୍ନ ପ୍ରଶ୍ନସୂଚକ ବାକ୍ୟ ପରେ ବ୍ୟବହୃତ
Praśna chihna ହୁଏ (ଏହିପରି ଚିହ୍ନ—?)—
(ପ୍ରଶ୍ନସୂଚକ ଚିହ୍ନ—ଅନ୍ୟରୂପ) Note of interrogation;
প্রশ্ন চিহ্ন **प्रश्नचिह्न** query mark.

ପ୍ରଶ୍ନ ଦୂତୀ—ସ. ବି. ସ୍ତ୍ରୀ (ବହୁବ୍ରୀହି; ପ୍ରଶ୍ନ+ଦୂତୀ=କ୍ରୀଡ଼ନ;)—ପ୍ରଶ୍ନ
Praśna dūtī ଛଳରେ ଯହିଁରେ କ୍ରୀଡ଼ା କରାଯାଏ)—ପ୍ରହେଳିକା-ନାମ୍ନୀ ଦ୍ରବ୍ୟ—A riddle; an enigma.

ପ୍ରଶ୍ନବାଚକ—ସଂ. ବିଣ. (ଉପପଦ ତତ୍ପୁରୁଷ; ପ୍ରଶ୍ନ+ବାଚ୍ ଧାତୁ+କର୍ତ୍ତୃ.
Praśna bāchaka ଅକ)—୧ । ପ୍ରଶ୍ନସମ୍ବନ୍ଧୀୟ—
1. Relating to questions.
(ପ୍ରଶ୍ନବୋଧକ; ପ୍ରଶ୍ନାତ୍ମକ, ପ୍ରଶ୍ନସୂଚକ—ଅନ୍ୟରୂପ)
୨ । ଯେଉଁ ବାକ୍ୟ ପ୍ରଶ୍ନର ସୂଚନା କରେ—
2. Interrogation.

ପ୍ରଶ୍ନ ବିବାକ—ସ. ବି.—(ପ୍ରଶ୍ନ+ବି+ବଚ୍ ଧାତୁ+କର୍ତ୍ତୃ. ଅ)—
Praśna bibāka ୧ । ପ୍ରଶ୍ନୋତ୍ତରଦାୟକ ଜ୍ୟୋତିର୍ବିଦ୍ ବିଶେଷ—
1. An astrologer who can solve questions regarding one's future.
୨ । ବିବାଦରେ ମଧ୍ୟସ୍ଥ ବ୍ୟକ୍ତି; ପଞ୍ଚ, ସରପଞ୍ଚ—
2. An arbitrator; an umpire (Apte)

ପ୍ରଶ୍ନ ସମାଧାନ—ସ. ବି. (୬ଷ୍ଠୀ ତତ୍; ପ୍ରଶ୍ନ+ସମାଧାନ)—ପ୍ରଶ୍ନର ଉଚିତ
Praśna samādhāna ଉତ୍ତର ଦେବା—Solution of a
(ପ୍ରଶ୍ନସାଧନ—ଅନ୍ୟରୂପ) problem; answering to a question.

ପ୍ରଶ୍ନୋତ୍ତର—ସ. ବି.—୧ । (ଦ୍ୱନ୍ଦ୍ୱ; ପ୍ରଶ୍ନ+ଉତ୍ତର)—କୌଣସି ପ୍ରଶ୍ନ ଓ
Praśnottara ତହିଁର ଉତ୍ତର—Question and answer, catechism.
୨ । (୬ଷ୍ଠୀ ତତ୍) ପ୍ରଶ୍ନର ଉତ୍ତର ଦେବା—
Answers given to questions.

ପ୍ରଶ୍ୱା—ସ. ବି.—ପୁନର୍ବସୁ ନକ୍ଷତ୍ର ପୁଞ୍ଜର ଉଜ୍ଜ୍ୱଳତମ ତାରା ଏହାର ଅନ୍ୟ
Praśwā ନାମ ଲୁବ୍ଧକ (ନକ୍ଷତ୍ର ତଳେ ନୋଟ ଦେଖ)—
The Dogstar; sirius; Alpha Canis Majoris.

ପ୍ରଶ୍ୱାସ—ସ. ବି. (ପ୍ର=ପ୍ରକୃଷ୍ଟ; ସମ୍ୟକ୍+ଶ୍ୱାସ)—୧ । ନାକ ବାଟେ
Praśwāsa ପଦାକୁ ଆସିବା ବାୟୁ; ନାସିକାଗତ ବାୟୁର ନିର୍ଗମ—
(ନିଃଶ୍ୱାସ—ବିପରୀତ) 1. Expiration; exhalation.
[ଦ୍ର—ଏହା 'ଶ୍ୱାସ' ଓ 'ନିଶ୍ୱାସ' ଶବ୍ଦ ପରେ ସହଚରରୂପେ ବ୍ୟବହୃତ ହୁଏ ।]
୨ । ନାକ ବାଟେ ବହିର୍ଗତ ଶ୍ୱାସ (ହି. ଶ.)—
2. Breath exhaled from the nostrils.
୩ । ନାକ ବାଟେ ଶ୍ୱାସ ବାୟୁର ଗମନାଗମନ—
3. Breath; respiration (Apte).

ପ୍ରଶ୍ର(ସ୍ର)ବଣ—ସ. ବି. (ପ୍ର+ଶ୍ରୁ ଧାତୁ=ସ୍ରବିବା+ଭାବ. ଅନ)—
Praśra(sra)baṇa ୧ । ଝରଣା; ନିର୍ଝର—
(ପ୍ରଶ୍ର(ସ୍ର)ବିତ—ବିଣ) 1. Spring; cascade; water-fall.
୨ । କ୍ଷରଣ; ଝରିବା—2. Oozing; dripping.
୩ । ମାଲ୍ୟବାନ୍ ପର୍ବତ—3. A range of hills in the Western ghats of India.

ପ୍ରଶ୍ରୟ—ସ. ବି. (ପ୍ର+ଶ୍ରି ଧାତୁ=ସେବା କରିବା, ଆଶ୍ରୟ କରିବା+ଭାବ.ଅ)-
Praśraya ୧ । ସମ୍ମାନସୂଚକ ଭଙ୍ଗୀ—
(ପ୍ରଶ୍ରୟଣ—ଅନ୍ୟରୂପ) 1. Respectful demeanour.
୨ । ଗେଲ; ଆଦର; ଯତ୍ନ—
2. Fondness, solicitude.
୩ । ପ୍ରଣୟ; ସ୍ନେହ—
3. Affection; attachment; love (Apte).
୪ । ବିନୟ—4 Civility; courtesy; politeness.
୫ । ସ୍ନେହଯୁକ୍ତ ସମ୍ମାନ—5. Regard; esteem.
୬ । ବିଶ୍ୱାସ; ଆସ୍ଥା—6. Trust, reliance; confidence.
୭ । (+କର୍ମ. ଅ) ଆଶ୍ରୟ; ଠେକ (ହି. ଶ.)—7. Prop.
୮ । ଆଶ୍ରୟ ସ୍ଥାନ (ହି. ଶବ୍ଦସାଗର)—
8. Place of refuge; shelter.

ପ୍ରଶ୍ରୟ ଦେବା—ଦେ. କ୍ରି.—ଗେହ୍ଲା କରିବା; ମୁହଁ ଦେବା; ଆଦର
Praśraya debā କରିବା—To give indulgence; to
প্রশ্রয় দেওয়া show an undue regard; to fondle.
प्रश्रय देना

ପ୍ରଶ୍ରୟ ପାଇବା—ଦେ. କ୍ରି.—ଅତ୍ୟଧିକ ଆଦର ପାଇବା; ଗେହ୍ଲାରେ
Praśraya pāibā ବଢ଼ିବା—To be treated with
প্রশ্রয় পাওয়া indulgence; to be fondled excessively.
प्रश्रय पाना

ପ୍ରଶ୍ରିତ—ସଂ. ବିଣ—(ପ୍ର+ଶ୍ରି ଧାତୁ=ସେବା କରିବା+କର୍ମ. ତ)—
Praśrita ୧ । ଆଦୃତ—1. Respected; esteemed.
(ପ୍ରଶ୍ରିତା—ସ୍ତ୍ରୀ) ୨ । ସ୍ନେହପ୍ରାପ୍ତ—2. Loved.
ପ୍ରଶ୍ରୟୀ, ପ୍ରଶ୍ରୟିତ } ଅନ୍ୟରୂପ ୩ । ଗେଲବସର; ଗେହ୍ଲା; ମୁହଁ ପାଇଥିବା—
3. Fondled, treated with indulgence

୪ । (କର୍ତ୍ତୃ. ତ)—ବିନୀତ—4. Humble; loyal.

୫ । ଶିଷ୍ଟ; ଭଦ୍ର—

5, Civil; polite; courteous (Apte).

ପ୍ରଶ୍ଲିଷ୍ଟ—ସ. ବଣ. (ପ୍ର + ଶ୍ଲିଷ୍ ଧାତୁ + କର୍ମ. ତ)—

Prashlishta ୧ । ଗୁନ୍ଥା ହୋଇଥିବା; ବଳା ଯାଇଥିବା—

(ପ୍ରଶ୍ଲେଷ—ବ) 1. Twisted; entwined (M. W.)

୨ । ଯୁକ୍ତିଯୁକ୍ତ—

2. Well argued; well reasoned (Apte).

୩ । ସନ୍ଧିପ୍ରାପ୍ତ (ହି. ଶବ୍ଦସାଗର) —

3. Joined together.

ସ. ବ. (ବ୍ୟାକରଣ)—୧ । ସ୍ୱର ସନ୍ଧି—

1. Grammatical agglutination of two vowels; euphonic coalition or combination of vowels (Apte).

୨ । ସ୍ୱର ସନ୍ଧି ଦ୍ୱାରା ଉତ୍ପନ୍ନ ସ୍ୱର—

2. Vowel formed after agglutination.

ପ୍ରଶ୍ଲେଷ—ସ. ବ. (ପ୍ର + ଶ୍ଲିଷ୍ ଧାତୁ + ଭାବ. ଅ)—

Prashlesha ୧ । ସଂଯୁକ୍ତ—1. Close contact.

୨ । ସ୍ୱରସନ୍ଧି—

2. Euphonic combination of vowels.

ପ୍ରଷ୍ଟ—ସ. ବ—୧ । ରଥରେ ଯୋଡ଼ା ବା ବଳଦ ଲାଗିଥିବା ଗାଡ଼ିରେ

Prashta ଆଗରେ ଲାଗିଥିବା ଯୋଡ଼ା ବା ବଳଦ (ହି. ଶ)—

1. A horse or bullock yoked to a cart in front of two side horses.

୨ । ତିପାଇ (ହି. ଶବ୍ଦସାଗର)—

2. A teapoy; tripod.

ସ. ବଣ—ପାର୍ଶ୍ୱସ୍ଥ (ହି' ଶ)—Lateral.

ପ୍ରଷ୍ଟବ୍ୟ—ସ. ବଣ. (ପ୍ରଚ୍ଛ୍ ଧାତୁ=ପଚାରିବା + କର୍ମ. ତବ୍ୟ)—

Prashtabya ଜିଜ୍ଞାସ୍ୟ; ପଚାରିବା ଯୋଗ୍ୟ—Questionable; fit to be asked.

ପ୍ରଷ୍ଟା — ସ. ବଣ. ପୁଂ. (ପ୍ରଚ୍ଛ୍ ଧାତୁ + କର୍ତ୍ତୃ. ତୃ; ୧ମା. ୧ବ)—

Prashta ପ୍ରଶ୍ନକର୍ତ୍ତା; ଜିଜ୍ଞାସୁ—Questioning;

(ପ୍ରଷ୍ଟ୍ରୀ—ସ୍ତ୍ରୀ) inquiring.

ପ୍ରଷ୍ଠ—ସ. ବଣ—୧ । ଅଗ୍ରଗାମୀ; ଅଗୁଆ (ହି. ଶ)—

Prashtha 1. Standing or being in front.

୨ । ପ୍ରଧାନ—2. Chief (Apte).

ସ. ବ—ନେତା—A leader (Apte),

ପ୍ରଷ୍ଠବାହ୍—ସ. ବ. ପୁଂ—ହଳରେ ମଣ ହେଉଥିବା ବଳଦ—

Prashthabāh A young bull being trained for the plough (Apte).

ପ୍ରଷ୍ଠୌହୀ—ସ. ବ. ସ୍ତ୍ରୀ—ପୋଢ଼ୁଆଁ ଗାଈ; ପହିଲି ବିଆଣୀ ଗାଈ—

Prashthyauhi A cow for the first time with a calf (Apte).

ପ୍ରସ୍ (ଧାତୁ)—୧ । ବିସ୍ତାର କରିବା—

Pras (root) 1. To spread out.

୨ । ପ୍ରସବ କରିବା—2. To bring forth young; to give birth to

ପ୍ରସଂଖ୍ୟା—ସ. ବ. (ପ୍ର + ସଂଖ୍ୟା)—

Prasamkhyā ୧ । ସବୁ ସଂଖ୍ୟାର ଯୋଗଫଳ (ହି. ଶ)—

1. Total number; sum total.

୨ । ଚିନ୍ତା—2. Reflection (Apte).

ପ୍ରସଂଖ୍ୟାନ—ସଂ. ବ. (ପ୍ର + ସମ୍ + ଖ୍ୟା ଧାତୁ=କହିବା + ଭାବ. ଅନ)—

Prasamkhyāna ୧ । ଋଣାଦିର ପରିଶୋଧ—

1. Payment; liquidation (Apte).

୨ । ଗଣନା—2. Enumeration (Apte).

୩ । ଆତ୍ମାନୁସନ୍ଧାନ—

3. Self-examination; reflection.

୪ । ଧ୍ୟାନ—4. Meditation.

୫ । ସମ୍ୟକ୍ ଜ୍ଞାନ—5. Perfect knowledge.

୬ । ପୂର୍ବ ଘଟଣାମାନଙ୍କ ସମ୍ବନ୍ଧେ ମନରେ ଆଲୋଚନା—

6. Retrospection.

୭ । ପ୍ରସିଦ୍ଧି; ଖ୍ୟାତି—

7. Fame; reputation (Apte).

ସଂ. ବଣ — ୧ । ସମ୍ୟକ୍‌ଜ୍ଞାନଯୁକ୍ତ—

1. Having deep knowledge.

୨ । ଅସଂଖ୍ୟ—2. Innumerable.

ପ୍ରସଙ୍ଘ—ସଂ. ବ—(ପ୍ର + ସଂଘ)—ଭିଡ଼; ବହୁଜନ ସମାଗମ—

Prasamgha A great multitude (Apte).

ପ୍ରସକ୍ତ—ସ. ବଣ —(ପ୍ର + ସଂଜ୍ ଧାତୁ=ଲାଗିଯିବା + କର୍ତ୍ତୃ. ତ)—

Prasakta ୧ । ଅବିରତ; ଅନବରତ; ନିତ୍ୟ—

1. Constant; eternal; everlasting; incessant; uninterrupted.

୨ । ପ୍ରାପ୍ତ—2. Obtained; gained.

୩ । ଅନୁରକ୍ତ; ଆସକ୍ତ—3. Attached to; enamoured of; devoted to; fond of.

୪ । ନିଯୁକ୍ତ; ରତ—

4. Engaged in; employed.

୫ । ସ୍ୱଚ୍ଛ; ନିର୍ମଳ—

5. Clear; transparent; pellucid.

୬ । ସଂଯୁକ୍ତ; ସଂଲଗ୍ନ; ସଂଶ୍ଲିଷ୍ଟ; ଲାଗିଯାଇଥିବା—

6. Connected with; sticking to; adherering to.

୭ । ପ୍ରସ୍ତାବିତ—7. Proposed.

୮ । ବ୍ୟବହୃତ—8. Applied.

୯ । ବିସ୍ତୃତ—

9. Expanded, spread.

୧୦ । ଉତ୍ସୁକ—10. Zealous.

୧୧ । ସନ୍ନିକଟବର୍ତ୍ତୀ; ଲଗାଲଗି—

11. Contiguous; near.

୧୨ । ପ୍ରାପ୍ତ—
12- Got; obtained (Apte).
୧୩ । ବିକଶିତ—13. Expanded; opened (Apte).
ସ. କ୍ରି. ବିଣ —(ସ. ପ୍ରସକ୍ତଂ)—ଅବିରତ—
.Incessantly, continuously (Apte).

ପ୍ରସକ୍ତି—ସ. ବି—(ପ୍ର+ସଂଜ୍ ଧାତୁ+ଭାବ. ତି)—୧ । ଅନୁରକ୍ତି;
Prasakti ଆସକ୍ତି—1. Attachment; devotion.
୨ । ପ୍ରଣୟ; ପ୍ରେମ—2 Love; affection.
୩ । ଅନୁମିତି—3. Inference; deduction; conclusion (Apte).
୪ । ପ୍ରସଙ୍ଗ—4. A topic or subject of discourse or controversy.
୫ । ମିଳନ; ସଂଯୋଗ—5. Connection; union; intercourse; association.
୬ । ଉତ୍ସାହ; ଅଧ୍ୟବସାୟ—6 Perseverance; energy (Apte).
୭ । ଉପାର୍ଜନ—7. Acquisition; earning.
୮ । ବ୍ୟାପ୍ତି—1. Spreading; expansion.
୯ । ନିଯୁକ୍ତି; ପ୍ରବୃତ୍ତି—9. Engagement; activity; addiction to; occupation.
୧୦ । ଆପତ୍ତି—10. Objection.
୧୧ । ପ୍ରସନ୍ନତା—11. Favourableness.
୧୨ । ଲାଗିଯାଇ ଥିବା; ସଂଶ୍ଳେଷ—12. Adherence.
୧୩ । ପ୍ରାପ୍ତି—13. Acquisition; gain (Apte).

ପ୍ରସଙ୍ଗ—ସଂ. ବି—(ପ୍ର+ସଂଜ୍ ଧାତୁ=ଲାଗିବା+ଭାବ. ଅ)—
Prasanga ୧ । ସମ୍ପର୍କ; ସମ୍ବନ୍ଧ; ସଙ୍ଗତି—1. Connection; association.
(ପ୍ରସଙ୍ଗନ—ଶୀଜନ୍ତ ବିଶେଷରୂପ)
୨ । ପ୍ରସ୍ତାବ—2. Proposal.
୩ । ବକ୍ତୃତ୍ୱାଧୀନ ବିଷୟ—
3. Subject; topic; subject-matter.
୪ । ଆସକ୍ତି; ପ୍ରସକ୍ତି—
4. Attachment; addiction.
୫ । ଅତ୍ୟନୁରାଗ—
5 Devotedness; excessive fondness.
୬ । ଅନ୍ୱିତ ବାକ୍ୟ ବା ପଦ—
6. Connected language; style
୭ । କୌଣସି ବ୍ୟକ୍ତି ବା ବିଷୟ ସମ୍ବନ୍ଧରେ ଉଲ୍ଲେଖ—
7. Mention.
୮ । ଅନ୍ୱିତ ତର୍କ ବା ଯୁକ୍ତି—
8. Connected reasoning; argument.
୯ । ବ୍ୟାପ୍ତି—9. Diffusion; spreading.
୧୦ । ଗୁପ୍ତ ବିଷୟର ପ୍ରକାଶ—
10. Divulging a secret.
୧୧ । ନାଟକର ଅବାନ୍ତର ଘଟଣା—
11. A subsidiary incident in a drama.
୧୨ । ସୁବିଧା; ସୁଯୋଗ—
12. Opportunity; conjuncture.
୧୩ । ଆପତ୍ତି—13. Objection..
୧୪ । ମୈଥୁନ; ସଙ୍ଗମ—
14. Copulation; coition.
୧୫ । ଉଲ୍ଲେଖ; ଉତ୍ଥାପନ—
15 Introduction; reference.
୧୬ । ଅବୈଧ ସଙ୍ଗମ—
16. Illicit intercourse (Apte).
୧୭ । ଘଟଣା—
17. Event; incident; occurrence (Apte).
୧୮ । ପିତା ଓ ମାତାଙ୍କର ନାମୋଲ୍ଲେଖ—
18 Mention of parents (Apte).
୧୯ । ଅବିଚ୍ଛେଦ୍ୟ ସମ୍ପର୍କ—
19. Inseparable connection (Apte)
୨୦ । ଅବତାରଣା—20 Introduction (Apte)

ପ୍ରସଙ୍ଗ କରିବା—ଦେ. କ୍ରି.—(କୌଣସି ବିଷୟ) ଉଲ୍ଲେଖ କରିବା—
Prasanga kraiba To mention (a matter)
ପ୍ରସଙ୍ଗ କରା ଠକୁରରବା ଅବସର, କଲେ ଭୁ ପ୍ରସଙ୍ଗ ମୋର।
प्रसङ्ग करना କବିସୂର୍ଯ୍ୟ. କଳୋଷ ଚମ୍ପୂ।

ପ୍ରସଙ୍ଗକ୍ରମେ—ଦେ. କ୍ରି. ବିଣ. (ସ. ପ୍ରସଙ୍ଗକ୍ରମେଣ)—କୌଣସି କଥା
Prasanga krame ପଡ଼ୁ ପଡ଼ୁ; କୌଣସି ବିଷୟର ଉଲ୍ଲେଖ
ପ୍ରସଙ୍ଗକ୍ରମେ ହେବା ସମ୍ପର୍କରେ—In the course of dealing
प्रसङ्गक्रमे with a subject; in connection with a topic, by the bye; incidentally.
(ଯଥା—ମୁଁ ଭାଷାକୋଷରେ ଶବ୍ଦମାନଙ୍କ ଅର୍ଥ ସଂଗ୍ରହ କରୁ ଅଛି । ପ୍ରସଙ୍ଗକ୍ରମେ ଶବ୍ଦମାନଙ୍କ ସମ୍ବନ୍ଧେ ବୈଜ୍ଞାନିକ ଓ ଐତିହାସିକ ଟିପଣୀ ଦେଇଅଛି ।)

ପ୍ରସଙ୍ଗତଃ—ସ. କ୍ରି. ବିଣ. (ପ୍ରସଙ୍ଗ+ତସ)—ପ୍ରସଙ୍ଗକ୍ରମେ—
Prasangath Incidentally.
(ପ୍ରସଙ୍ଗରୁ, ପ୍ରସଙ୍ଗରେ—ଅନ୍ୟରୂପ)

ପ୍ରସଙ୍ଗ ନିବାରଣ—ସ. ବି. (୬ଷ୍ଠୀ ତତ୍; ପ୍ରସଙ୍ଗ+ନିବାରଣ)—
Prasanga nibarana ଭବିଷ୍ୟତରେ ଏହିପରି ଘଟଣା ନ
ପ୍ରସଙ୍ଗ ବାରଣ } ଅନ୍ୟରୂପ ଘଟିବା ବିଷୟରେ କଟକଣା—
ପ୍ରସଙ୍ଗ ନିରାକରଣ Prevention or obviation of similar contingencies in future.

ପ୍ରସଙ୍ଗବଶାତ୍—ସ. କ୍ରି. ବିଣ.—ଘଟଣାକ୍ରମେ ବା ପ୍ରସଙ୍ଗକ୍ରମେ—
Prasangabasat Incidentally; in the cause of
(ପ୍ରସଙ୍ଗବଶତଃ—ଅନ୍ୟରୂପ) events or of conversation.
(ପ୍ରସଙ୍ଗବଶରୁ—ଦେଶଜରୂପ)

ପ୍ରସଙ୍ଗ ବିଧ୍ୱଂସ—ସ. ବି. (୬ଷ୍ଠୀ ତତ୍; ପ୍ରସଙ୍ଗ+ବିଧ୍ୱଂସ)—ମାନମୋଚନର
Prasanga bidhwamsa ୬ଟି ନିର୍ଦ୍ଦିଷ୍ଟ ଉପାୟ ମଧ୍ୟରୁ
(ପ୍ରସଙ୍ଗବିଧ୍ୱଂସ—ଅନ୍ୟରୂପ) ଗୋଟିଏ; ମିଥ୍ୟା ଭୟ ଦେଖାଇ ମାନିନୀର ମନରେ ଭୟ ଉପୁଜାଇ ତାହାର ଅଭିମାନରୁ ଛଡ଼ାଇବା (ହ୍ଵ. ଷ.)—Removing the displeasure from mind of a sullen mistress by infusing in her a false fear.

ପ୍ରସଙ୍ଗ ବିନିବୃତ୍ତି—ସଂ. ବି. (୬ଷ୍ଠୀ ତତ୍; ପ୍ରସଙ୍ଗ+ବିନିବୃତ୍ତି)—
Prasanga binibrutti ଭବିଷ୍ୟତରେ କୌଣସି ଘଟଣା ପୁଣି (ପ୍ରସଙ୍ଗ ନିବୃତ୍ତି—ଅନ୍ୟରୂପ) ଥରେ ନ ଘଟିବା—Non-recurrence of a contingency (Apte).

ପ୍ରସଙ୍ଗାନ୍ତର—ସଂ. ବି.—(କର୍ମଧା; ଅନ୍ୟ+ପ୍ରସଙ୍ଗ)—
Prasangāntara ୧ । ଅନ୍ୟ ବିଷୟ—1. Another matter.
୨ । ଅନ୍ୟ ସମ୍ପର୍କ—2. Another connection.

ପ୍ରସଙ୍ଗୀ—ସଂ. ବିଣ.—(ପ୍ରସଙ୍ଗ+ଇନ୍; ୧ମା ୧ବ.)—୧ । ଅନୁରକ୍ତ—
Prasangi 1. Fond of; attached to; devoted to (Apte).
୨ । ଅପ୍ରଧାନ—2. Secondary; subordinate (Apte).
୩ । ସାମୟିକ ଘଟିବା; ଭୋଦେବା—
3. Incidental; occasional (Apte).

ପ୍ରସଙ୍ଗେ—ଦେ. କ୍ରି. ବିଣ. (ସ. ପ୍ରସଙ୍ଗେଣ)—ପ୍ରସଙ୍ଗକ୍ରମେ—
Prasange In the course of a subject

ବହୁତ ଦିନା ମୁହିଁ କଥାଇ ପ୍ରସଙ୍ଗେ ।
କୃଷ୍ଣସିଂ. ମହାଭାରତ. ଉଦ୍ୟୋଗ ।

ପ୍ରସଂଘ—ସ. ବିଣ. (ପ୍ର+ସଂଘ)—ଶ୍ରେଣୀବଦ୍ଧ (ହି. ଶ.)—
Prasamgha 1. Arranged in rows or classes.

ପ୍ରସତ୍ତି—ସ. ବି. (ପ୍ର+ସଦ୍ ଧାତୁ+ଭାବ. ତି)—୧ । ପ୍ରସନ୍ନତା (ହି.ଶ.)
Prasatti 1. Favourableness; graciousness (Apte)
୨ । ନିର୍ମଳତା; ସ୍ୱଚ୍ଛତା—
2. Transparence; clearness (Apte).

ପ୍ରସନ୍ନ—ସ. ବିଣ. (ପ୍ର+ସଦ୍ ଧାତୁ=ଯିବା+କର୍ତ୍ତୃ. ତ)—୧ । ତୁଷ୍ଟ;
Prasanna ପ୍ରଫୁଲ୍ଲ; ସନ୍ତୁଷ୍ଟ—1. Pleased; delighted; (ପ୍ରସନ୍ନା—ସ୍ତ୍ରୀ) cheerful; complacent.
(ପ୍ରସନ୍ନତା(ଭା),ପ୍ରସତ୍ତି, ପ୍ରସାଦ—ବି) ୨ । ଅନୁକୂଳ—
2. Favourable; propitious; gracious; kindly disposed towards.
୩ । ନିର୍ମଳ; ପରିଷ୍କାର—3. Clear; clean.
୪ । ସ୍ୱଚ୍ଛ—4. Pellucid; transparent.
୫ । ଉଜ୍ଜ୍ୱଳ—5. Bright.
୬ । ସୁବୋଧଗମ୍ୟ—
6. Plain; easily intelligible (Apte).
୭ । ଶାନ୍ତ—7. Tranquil; soothed (Apte).
୮ । ମନୋହର—8. Pleasing.
୯ । ସତ୍ୟ; ଠିକ୍; ଯଥାର୍ଥ—9. True; correct (Apte).
ଦେ. ବି.—୧ । ପ୍ରଫୁଲ୍ଲତା; ଶୋଭା; ପ୍ରସନ୍ନତା—
1. Grace; beauty.

ବନ୍ଧୁରେ ହେବ ପୁଣି ସେ ରୂପ ଦର୍ଶନ,
ଅନୁମାନ ଅଗୋଚର ଚନ୍ଦ୍ର ପ୍ରସନ୍ନ । ଭକ୍ତ. କୋଣାର୍କ-ଶ୍ରୀଚନ୍ଦନ ।

୨ । (ପୁଂ) ଲୋକଙ୍କୁ ଦିଆ ଯିବା ନାମ—
2. A name given to males,
[ଦ୍ର—ପ୍ରସନ୍ନକୁମାର (ପୁଂ) ଓ ପ୍ରସନ୍ନକୁମାରୀ (ସ୍ତ୍ରୀ) ନାମ ଯଥାକ୍ରମେ ପୁରୁଷଙ୍କୁ ଓ ସ୍ତ୍ରୀଙ୍କୁ ଦିଆଯାଏ ।]

ପ୍ରସନ୍ନ ଚିତ୍ତ—ସ ବିଣ. ପୁଂ. (ବହୁବ୍ରୀହି; ପ୍ରସନ୍ନ+ଚିତ୍ତ)—ପ୍ରଫୁଲ୍ଲମନାଃ;
Prasanna chitta ଯାହାର ମନ ଆନନ୍ଦିତ ହୋଇଅଛି—
(ପ୍ରସନ୍ନଚେତାଃ; ପ୍ରସନ୍ନମନା; Delighted; pleased.
ପ୍ରସନ୍ନ ହୃଦୟ—ଅନ୍ୟରୂପ)
(ପ୍ରସନ୍ନଚିତ୍ତା, ପ୍ରସନ୍ନହୃଦୟା—ସ୍ତ୍ରୀ)

ପ୍ରସନ୍ନ ବଦନ—ସ. ବିଣ. ପୁଂ (ବହୁବ୍ରୀହି; ପ୍ରସନ୍ନ+ବଦନ)—ହର୍ଷମୁଖ;
Prasanna badana ଯାହାର ମୁଖ ସର୍ବଦା ପ୍ରଫୁଲ୍ଲ ଥାଏ—
ପ୍ରସନ୍ନମୁଖ, ପ୍ରସନ୍ନାନନ } ଅନ୍ୟରୂପ Looking pleased; gracious looking.
(ପ୍ରସନ୍ନବଦନା, ପ୍ରସନ୍ନମୁଖୀ; ପ୍ରସନ୍ନାନନା—ସ୍ତ୍ରୀ)

ପ୍ରସନ୍ନମୂର୍ତ୍ତି—ସ. ବିଣ. (ବହୁବ୍ରୀହି; ପ୍ରସନ୍ନ+ମୂର୍ତ୍ତି)—ଯାହାର ଦେହେଷ୍ଟ
Prasanna mūrtti ପ୍ରଫୁଲ୍ଲ; ସୁନ୍ଦର—Having a graceful figure; having a beautiful appearance.

ପ୍ରସନ୍ନସଲିଳ—ସ. ବି. ପୁଂ (ବହୁବ୍ରୀହି; ପ୍ରସନ୍ନ+ସଲିଳ)—ନିର୍ମଳ-
Prasannasalila ଜଳପୂର୍ଣ୍ଣ—Full of clear water.
(ପ୍ରସନ୍ନସଲିଳା—ସ୍ତ୍ରୀ)

ପ୍ରସନ୍ନା—ସ. ବିଣ. ସ୍ତ୍ରୀ (ପ୍ରସନ୍ନ+ସ୍ତ୍ରୀ. ଆ)—'ପ୍ରସନ୍ନ'ର ସ୍ତ୍ରୀଲିଙ୍ଗ—
Prasannā Feminine of 'Prasanna'.
ସଂ. ବି. ସ୍ତ୍ରୀ—୧ । ମଦିରା; ମଦ—
1. Spirituous liquor; wine.
୨ । ସନ୍ତୋଷବିଧାନ; ପ୍ରଶମନ—
2 Propitiation; pleasing (Apte).

ପ୍ରସନ୍ନାତ୍ମା—ସ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ପ୍ରସନ୍ନ+ଆତ୍ମା; ୧ମା.
Prasannātma ୧ବ.)—୧ । ପ୍ରଫୁଲ୍ଲ ଚେତାଃ—
1. Delighted; gay
୨ । ନିର୍ମଳହୃଦୟ—2. Pure hearted.
୩ । ଯାହାର ମନ ଅନୁକୂଳ ହୋଇ ଅଛି—
3. Gracious-minded; propitious (Apte).

ପ୍ରସନ୍ନେ—ଦେ. କ୍ରି. ବିଣ—୧ । ପ୍ରକାଶ୍ୟ ରୂପରେ—
Prasanne ପ୍ରସନ୍ନେ 1. In an open manner.

ମୁଖ ଅଧର ଦଶନ ହରଷ ପଦ ହେବ ଏଣ ପ୍ରସନ୍ନେ ଜାଣିଣ ମନେ ବହି
ବିଦଗ୍ଧ-ଚିନ୍ତାମଣି—ଭକ୍ତ. ଦେଶଭ୍ରମ ଦଧିଆଣ ।

୨ । ପ୍ରସନ୍ନତା ସହକାରେ; ମନୋହରରୂପେ—
2 Favourably; gracefully.
୩ । ଆନନ୍ଦିତ ହୋଇ—3. With delight; delightedly.

ପ୍ରସବ—ସ. ବି. (ପ୍ର+ସୂ ଧାତୁ=ଜନ୍ମ କରିବା+ଭାବ. ଅ)—
Prasaba ୧ । ସନ୍ତାନ ଜନ୍ମ କରିବା କ୍ରିୟା; ଉତ୍ପାଦନ; ଗର୍ଭମୋଚନ
1. Bringing forth; delivery; giving birth to; child birth; confinement; generation; begetting.
୨ । ଜନ୍ମ; ଉତ୍ପତ୍ତି—
2. Birth; production; procreation.

୩ । ବିସ୍ତାର—3. Spreading; extending.
୪ । ସନ୍ତାନ; ଅପତ୍ୟ—
4. Offspring; progeny; children.
୫ । ଫଳ—5. Fruit; product (Apte).
୬ । ଫୁଲ—6 Flower.
୭ । ନିମିତ୍ତ; ହେତୁ; କାରଣ—7. Cause.
୮ । ଆଦିମୂଳ; ଉତ୍ପତ୍ତିସ୍ଥଳ—8. Origin, source.
୯ । ବୃଦ୍ଧି; ବଢ଼ତି (ହି. ଶ.)—9. Increase, affluence.
୧୦ । ବିକାଶ (ହି. ଶ.)—10. Expansion.
୧୧ । କଢ଼; କଳିକା—11 Blossom (Apte).

ପ୍ରସବକ—ସଂ. ବି. (ପ୍ରସବ+କ)—ପିଆଳ ବୃକ୍ଷ (ହି. ଶ.) (ଦେଖ)
Prasabaka Piyāla tree (See).

ପ୍ରସବ କରା(ରେ)ଇବା—ଦେ. କ୍ରି.—ସନ୍ତାନ ଜନ୍ମ କରିବା ସମୟରେ,ଜନନୀକୁ ସାହାଯ୍ୟ ଦେବା—To deliver; to help a woman in delivery.
Prasaba karā(re)ibā
প্রসব করান
প্রসব করনা

ପ୍ରସବ କରିବା—ଦେ. କ୍ରି—ଜନ୍ମ କରିବା—
Prasaba karibā To give birth to; to bring forth: to be delivered of.
প্রসবকরা प्रसवकरना

ପ୍ରସବ ଗୃହ—ସ. ବି—ଅନୁଡ଼ଘର; ଯେଉଁ ଘରେ ମାତା ପିଲା ଜନ୍ମ କରିଥାଏ—Lying-in room.
Prasaba gṛuha
(ପ୍ରସବାଗାର—ଅନ୍ୟରୂପ)

ପ୍ରସବ ଧର୍ମୀ—ସ. ବିଣ. ପୁଂ—(ପ୍ରସବ+ଧର୍ମନ୍+ଇନ୍; ୧ମା. ୧ବ)-
Prasaba dharmī ଯେ ପ୍ରସବ କରେ; ସନ୍ତାନ ଉତ୍ପାଦକ; ଉର୍ବର—Prolific; productive (Apte).
(ପ୍ରସବ ଧର୍ମିଣୀ—ସ୍ତ୍ରୀ)

ପ୍ରସବନ—ସ. ବି—(ପ୍ର+ସୂ ଧାତୁ+ଭାବ. ଅନ)—୧ । ଶିଶୁ ଜନ୍ମ କରିବା; ସନ୍ତାନୋତ୍ପାଦନ—1 Giving birth; bearing children.
Prasabana
୨ । ଉତ୍ପାଦିକା ଶକ୍ତି—2. Fecundity (Apte).
୩ । ପ୍ରସବ କରାଇବା; ପ୍ରସବ କଲାବେଳେ ପ୍ରସୂତିକୁ ସାହାଯ୍ୟ କରିବା—3 Helping a woman during delivery.

ପ୍ରସବନ୍ତୀ—ସ. ବି. ସ୍ତ୍ରୀ—ଶୂଳ ଖାଉଥିବା ସ୍ତ୍ରୀ; ପ୍ରସବ ବେଦନା ଭୋଗ କରୁଥିବା ସ୍ତ୍ରୀ—A woman in labour (Apte).
Prasabanti

ପ୍ରସବ ବନ୍ଧନ—ସ. ବି—(୬ଷ୍ଠୀ ତତ୍; ପ୍ରସବ+ବନ୍ଧନ)—୧ । ଫୁଲ; ଫଳ ଓ ପତ୍ରାଦିର ଡେମ୍ଫ—
Prasaba bandhana
1. Footstalk of a leaf, fruit or flower; peduncle.
୨ । ଫୁଲ ଗଚ୍ଛର କାଠି (ହି. ଶ)—A splinter or twig to which a nosegay is tied or fixed.

ପ୍ରସବ ବେଦନା—ସ. ବି—ସନ୍ତାନ ଜନ୍ମ କରିବା ସମୟରେ ମାତା ଯେଉଁ କଷ୍ଟ ପାଏ; ଶୂଳ ଖାଇବା ଦୁଃଖ—
Prasaba bedanā
(ପ୍ରସବ ବ୍ୟଥା—ଅନ୍ୟରୂପ) Pangs of delivery; the labour pain; travail; throes.

ପ୍ରସବିତା—ସ. ବି. ପୁଂ—(ପ୍ର+ସୂ ଧାତୁ+ତୃ; ୧ମା. ୧ବ)—
Prasabitā ୧ । ଜନକ; ପିତା—1. Father.
(ପ୍ରସବୀ - ଅନ୍ୟରୂପ) ୨ । ଉତ୍ପତ୍ତିଦାତା ବ୍ୟକ୍ତି—
2. Begetter; producer; progenitor.

ପ୍ରସବିତ୍ରୀ } ସ୍ତ୍ରୀ
ପ୍ରସବିନୀ }
ସ. ବିଣ. ପୁଂ—ଉତ୍ପାଦକ—
Producing; begetting.

ପ୍ରସବିବା—ଦେ. (ପଦ୍ୟ) କ୍ରି—(ସଂ. ପ୍ରସବ)—(ସନ୍ତାନ) ଜନ୍ମ କରିବା-
Prasabibā To give birth to; to bring forth.
প্রসবা
प्रसवकरना
ଲକ୍ଷ୍ମଣ ଶଙ୍ଖ ସେ ସୁମିତ୍ରା ପ୍ରସବିଲେ—
କୃଷ୍ଣସିଂହ. ମହାଭାରତ ବନ ।

ପ୍ରସବ୍ୟ—ସ. ବିଣ—୧ । (ପ୍ର+ସବ୍ୟ=ବାମ)—ପ୍ରତିକୂଳ; ବିପରୀତ; ଓଲଟା—1. Adverse; inverted; contrary; reverse.
Prasabya
୨ । ବାମ ଆଡ଼ୁ ପ୍ରଦକ୍ଷିଣ କରିବା—
2. Circumambulation from the left side.
୩ । (ପ୍ର+ସୂ ଧାତୁ+କର୍ମ. ଯ) ପ୍ରସବନୀୟ; ଯାହା ପ୍ରସୂତ ହେବ-
3. About to be born.

ପ୍ରସଭ—ସ. ବି—(ବହୁବ୍ରୀହି; ପ୍ର=ଗତ+ସଭା=ସମାଜ ଅର୍ଥାତ୍ ସମାଜ ସାଧ୍ୟ ବିଷୟର ସହିତରେ)—ଯବରଦସ୍ତି; ବଳାତ୍କାର; ବଳ ପ୍ରୟୋଗ—Violence; use of force.
Prasabha
ସ. କ୍ରି. ବିଣ—୧ । ବଳପୂର୍ବକ—
1. Forcibly; violently.
୨ । ହଠାତ୍—2. Suddenly.
୩ । ଅଧିକ ପରିମାଣରେ—
3. Much; exceedingly.

ପ୍ରସଭ ହରଣ—ସ. ବି—(ପ୍ରସଭ+ହରଣ)—
Prasabha haraṇa ୧ । ଜବରଦସ୍ତି କୌଣସି ବସ୍ତୁ ନେଇଯିବା; ବଳାତ୍କାର ପୂର୍ବକ ହରଣ; ଡକାଇତି—1. Dacoity; snatching away anything by force.
୨ । ବଳପୂର୍ବକ ସ୍ତ୍ରୀହରଣ—
2. Kidnapping.

ପ୍ରସଭେ—ଦେ. କ୍ରି. ବିଣ—(ସଂ ପ୍ରସଭଂ)—୧ । ହଠାତ୍—
Prasabhe 1. Suddenly.
୨ । ବଳପୂର୍ବକ—2. With force.
ପ୍ରସଭେ ପଶୁଣ ଶତ୍ରୁ ଦର୍ପକ-ଭୁଜଂଗ୍ – ରଘୁନାଥ ବିଳାସ ।

ପ୍ରସମୀକ୍ଷଣ—ସ. ବି—(ପ୍ର+ସମୀକ୍ଷଣ)—୧ । ବିବେଚନା—
Prasamikshaṇa 1. Consideration.
(ପ୍ରସମୀକ୍ଷା—ଅନ୍ୟରୂପ) ୨ । ଉତ୍ତମରୂପେ ବିଚାର କରିବା—
2. Deliberation.
୩ । ତର୍କବିତର୍କ—3. Discussion.

ପ୍ରସର—ସଂ. ବି—(ପ୍ର+ସୃ ଧାତୁ=ଯିବା; ବ୍ୟାପିବା+ଭାବ. ଅ)—
Prasara ୧ । ଅଗକୁ ଗତି—1. Advancing.
୨ । ଗମନ; ଚଳନ—2. Going; motion.

୩ । ଘୋଟି ଯିବା—
3. Act of spreading; pervading.
୪ । ବେଗ—4. Velocity; speed; fleetness.
୫ । ସୁବିଧା; ସୁଯୋଗ—
5. Opportunity; occasion.
୬ । ବିସ୍ତାର; ବ୍ୟାପ୍ତି—6. Spreading; extending; extension; expansion.
୭ । ସ୍ଥାନ—7. Space; room.
୮ । ଯଥେଷ୍ଟ ସ୍ଥାନ—8. Ample space.
୯ । ସ୍ୱାର୍ଥ ପ୍ରବୃତ୍ତି—2. Selfish desire.
୧୦ । ପ୍ରକର୍ଷ; ପ୍ରାଧାନ୍ୟ—10. Excellence; eminence.
୧୧ । ଉତ୍ପତ୍ତି—11. Birth; production.
୧୨ । (+କର୍ମ. ଅ) ସମୂହ; ରାଶି—
12. Multitude; heap; collection.
୧୩ । ଯୁଦ୍ଧ—13. Fight; battle.
୧୪ । ପ୍ରଣୟ; ସ୍ନେହ—14. Affection.
୧୫ । ଉପାୟ—15. Process; project.
୧୬ । ନାରାଚ (ହ୍ର. ଶ)—16. An iron arrow.
୧୭ । ସାହସ; ସାହସ (ହ୍ର. ଶ)—17. Courage; bravery.
୧୮ । ଦୃଷ୍ଟିର ସୀମା—18. Limit of one's vision; range of vision; ken.
୧୯ । (ବୈଦ୍ୟଶାସ୍ତ୍ର) ଶରୀରସ୍ଥ ବାତ ପିତ୍ତ କଫର ବୃଦ୍ଧି ବା କମିଯିବା ବାତ ପିତ୍ତାଦିର ଅଳ୍ପତା ବା ଆଧିକ୍ୟ (ହ୍ର. ଶ)—
19. (medical science) Morbid displacement of the bodily humours (Apte); increase or decrease of the humours of the system.
୨୦ । ଜଳପ୍ଲାବର ବୃଦ୍ଧି; ବଢ଼ି (ହ୍ର. ଶ)—
20. Flood; inundation.
୨୧ । ସ୍ରୋତଃ—21. Flow; stream; current (Apte).
୨୨ । ସ୍ୱାଧୀନ ଗତି—22. Free scope; unimpeded motion (Apte).
୨୩ । ଆକାର—23. Dimension; extent (Apte).
୨୪ । ପ୍ରାବଲ୍ୟ—24. Prevalence (Apte).
୨୫ । ସ୍ନେହପୂର୍ଣ୍ଣ ପ୍ରାର୍ଥନା; ଅନୁ—25. Affectionate solicitation (Apte).
୨୬ । ବିନାଶ; ସର୍ବନାଶ—26. Destruction; ruin (Apte).
ସଂ ବିଣ. (+କର୍ତ୍ତୃ. ଅ)—ଗମନଶୀଳ—
Moving; proceeding.

ପ୍ରସରଣ—ସଂ. ବି. (ପ୍ର + ସୃ ଧାତୁ + ଭାବ. ଅନ)—
Prasaraṇa ୧ । ଆଗକୁ ଗତି କରିବା—1. Advancing.
୨ । ଇତସ୍ତତଃ ଗମନ—2. Going forth, wandering.
୩ । (ବାୟୁଆଦି) ବହିବା—3. Blowing.
୪ । ଶତ୍ରୁସୈନ୍ୟଙ୍କୁ ବେଷ୍ଟନ କରିବା—
4. Surrounding the enemy.

ଶତ ପ୍ରସରଣେ ଏବେ ବେଢ଼ିଲେ ଅଗତ
ଅନର୍ଥିକ, ଅକ୍ରନ୍ଦନ ଯଥା ଦୃଢ଼ ଜନ୍ମ । ସ୍ୱର୍ଣ୍ଣାକ୍ଷର, ମହାଯାତ୍ରା ।

୫ । ବହିର୍ଗତ ହେବା—5. Issuing.
୬ । ତୃଣକାଷ୍ଠାଦି ସଂଗ୍ରହ କରିବାକୁ ସୈନ୍ୟମାନଙ୍କର ଇତସ୍ତତ ଭ୍ରମଣ—6. Going forth over the country for forage (said of an army).
୭ । ଇତସ୍ତତଃ ବ୍ୟାପିବା—7. Spreading over; diffusion.
୮ । ବ୍ୟାପ୍ତି; ବିସ୍ତାର—8. Spreading; pervading.
୯ । ବଢ଼ିବା; ବୃଦ୍ଧି—9. Increasing.
୧୦ । ଉତ୍ପତ୍ତି—10. Birth; production.
୧୧ । ସ୍ୱାର୍ଥପ୍ରବୃତ୍ତି—11. Selfish desire.
୧୨ । ମନୋହାରିତ୍ୱ—12. Amiability (Apte).
୧୩ । ବିକଶନ; ବିକାଶ—13. Expanding (Apte).
୧୪ । ପଳାଇଯିବା—14. Running away (Apte).

ପ୍ରସରଣି(ଣୀ)—ସଂ. ବି—ଶତ୍ରୁକୁ ବେଷ୍ଟନ କରିବା; ଘେରିବା—
Prasaraṇi(ṇī) Beseiging; investing; surrounding an enemy (Apte).

ପ୍ରସର ହେବା—ଦେ. କ୍ରି. (ସଂ. ପ୍ରସର=ବିକାଶ)—ପହରଫାଟିବା—
Prasara hebā To dawn.

ଚଳିବ କି ପନ୍ଥ ଦ୍ୱାରକା ମିଳିବ,
ଆସି ପ୍ରସର ହୋଇଲା ଦିନ । ଗୋପୀ. ରସମଞ୍ଜରୀ ।

ପ୍ରସରାଇବା—ଦେ. କ୍ରି. (ପ୍ରସରିବାର ଣିଜନ୍ତରୂପ)—
Prasarāibā ୧ । ଇତସ୍ତତଃ ପ୍ରସାରିତ କରିବା—
1. To spread abroad.
୨ । ପ୍ରଚାର କରିବା—2. To publish.

ପୃଥ୍ୱୀତଳ ବ୍ୟାପିବ ଚାରୁବେଣ ପ୍ରସରାଇଲେ ଏ ଗୀତ ।
କବିସୂର୍ଯ୍ୟ, କଳୋରଚନ୍ଦ୍ର ।

ପ୍ରସରିବା—ଦେ. କ୍ରି. (ସଂ. ପ୍ରସର)—୧ । ବହିର୍ଗତ ହେବା—
Prasaribā 1. To issue forth.
୨ । (ନିଃଶ୍ୱାସାଦି) ବହିବା—2. To blow.

ନାସାଗ୍ରର ପଦ-ଫୁଲରୁ ଅନିଳ ପ୍ରସରୁଛି ବେଗ ବେଗ ।
କବିସୂର୍ଯ୍ୟ, କଳୋରଚନ୍ଦ୍ର ।

୩ । ସ୍ଥାନଆଦିରେ ବିଖ୍ୟାତ ହେବା; ପ୍ରକଟିତ ହେବା—
3. To be published.

ଚମକୁ କେଶରୀସତ, ତେଲଙ୍ଗେର ଶ୍ରୀତ ବେଳ ପ୍ରସରୁଛି ଯାହା ନାମ
କବିସୂର୍ଯ୍ୟ, ସଙ୍ଗୀତ ।

୪ । ବୃଦ୍ଧି ପାଇବା—4. To increase.

ଜନକୁ ଜନ ମାତ ପାପ ପ୍ରସରଇ ।
ପୃଥିବୀ ଦେବୀ ଗତ ଯାଇବାକୁ ହେଇ । କୃଷ୍ଣସିଂହ, ମହାଭାରତ, ଅଦି ।

୫ । ଘୋଟିବା—5. To overspread.

ଦେଶ ସଂଦେହ ତ ଘନ ପ୍ରସରଇ । ଶିଶୁଶଙ୍କର, ଉଷା ଅଭିଳାଷ ।

୬ । (ଶବ୍ଦ) ସଞ୍ଚାରିତ ହେବା—6. To be diffused over.

ଏ ଅନ୍ତର ଯୋଗେ ଭୂମି ଉଦ୍ଧୃଷ ନିକରେ
ପ୍ରସରଇ ଦଶ ଦିଗେ । ରାଧାନାଥ, ମହାଯାତ୍ରା ।

୭ । ଊଣା ହେବା; କମିଯିବା; ଅପସାରିତ ହେବା—
7. To become less; to abate.

ଅଳ୍ପ ବସନ୍ତ ପ୍ରସରନ୍ତି ଶୀତ । ତ୍ୟାଗୀଙ୍କ, ସଙ୍ଗୀତ ।

୮ । ବ୍ୟାପିବା; ବିସ୍ତୃତ ହେବା—
8. To be diffused or spread.

ପ୍ରସର୍ପକ—ସଂ. ବିଣ. ପୁଂ. (ପ୍ର+ସୃପ୍ ଧାତୁ+କର୍ତ୍ତୃ. ଅକ)—
Prasarpaka ୧ । ଅନାହୂତ ହୋଇ ଉପସ୍ଥିତ ହୋଇଥିବା ବ୍ୟକ୍ତି—
(ପ୍ରସର୍ପି—ଅନ୍ୟରୂପ) 1. An intruder; a person who attends a function uninvited.
ପ୍ରସର୍ପିକା / ପ୍ରସର୍ପିଣୀ } ସ୍ତ୍ରୀ
୨ । ଆଗକୁ ଗତି କରୁଥିବା—
2. Advancing.
୩ । ଚାରିଆଡ଼େ ବ୍ୟାପି ଥିବା—3. Pervading.
୪ । ଗୁରୁଣ୍ଡି କରି ଯାଉଥିବା—4. Creeping.

ପ୍ରସର୍ପଣ—ସଂ. ବି. (ପ୍ର+ସୃପ୍ ଧାତୁ=ଯିବା+ଭାବ. ଅନ)—
Prasarpaṇa ୧ । ପ୍ରସରଣ; ବିସ୍ତାର; ବ୍ୟାପ୍ତି; ଘୋଟିଯିବା—
1. Spreading on all sides; expanding; pervading.
୨ । ଗମନ—2. Going; moving.
୩ । ସନ୍ତରଣ—3. Swimming.
୪ । ଅଗ୍ରସର ହେବା—4. Advancing.
୫ । ଗୁରୁଣ୍ଡି କରି ଯିବା—5. Creeping or crawling forth.

ପ୍ରସହ—ସଂ. ବି. (ପ୍ର+ସହ୍ ଧାତୁ=ସହିବା, ପାରଗ ହେବା+କର୍ତ୍ତୃ.
Prasaha ଅ)—୧ । ଯେଉଁ ପକ୍ଷୀମାନେ ଝାମ୍ପ ମାରି ଶିକାରକୁ ଧରନ୍ତି; ଶିକାରୀ ପକ୍ଷୀ (ଯଥା—ଚିଲ, ଶାଗୁଣା, ବାଜ, ସେନ୍, କୁଆ)—1. A bird of prey; a bird which pounces upon its prey.
[ଦ୍ର—ବୈଦ୍ୟଶାସ୍ତ୍ରରେ ପକ୍ଷୀମାନଙ୍କ କରାଯାଇ ଥିବା ଶ୍ରେଣୀମାନଙ୍କ ମଧ୍ୟରେ ପ୍ରସହ ଏକଶ୍ରେଣୀର । ଏ ପକ୍ଷୀମାନଙ୍କ ମାଂସ ଉଷ୍ଣବୀର୍ଯ୍ୟ ଓ ଏମାନଙ୍କ ମାଂସ ଖାଇଲେ ଶ୍ଳେଷ୍ମ, ଭସ୍ମକ ଓ ଶୁକ୍ରକ୍ଷୟ ରୋଗ ହୁଏ—ହି ଶ ।]
୨ । ହିଂସ୍ରଜନ୍ତୁ; ମାଂସାଶୀ ଜନ୍ତୁ—2. Beast of prey.
(ଯଥା—ସିଂହ; ବ୍ୟାଘ୍ର ପ୍ରଭୃତି ।)
୩ । (+ଭାବ. ଅ)—ସମ୍ଭାଳିବା; ଖୁବ ସହିବା—
3. Bearing; enduring; withstanding (Apte).
୪ । ବାଧା ଦେବା—4. Resistance (Apte).
୫ । ବିରୋଧ—5. Opposition (Apte).
୬ । ସହନଶୀଳତା ସହିଷ୍ଣୁତା—6. Endurance (Apte).

ପ୍ରସହନ—ସଂ. ବି. (ପ୍ର+ସହ୍ ଧାତୁ+କର୍ତ୍ତୃ. ଅନ)—
Prasahana ୧ । ଶିକାରୀ ପଶୁପକ୍ଷୀ—
1. A beast or bird of prey.
୨ । (ଭାବ. ଅନ)—ଆଲିଙ୍ଗନ—2. Embracing.
୩ । ସହିଷ୍ଣୁତା—3. Endurance.
୪ । ସମ୍ଭାଳିବା; ସହିବା—4. Bearing; enduring.
୫ । ପରାଭବ—5. Defeat.
୬ । ଅନାଦର—6 Disregard.
୭ । ପରାସ୍ତକରଣ—7. Defeating; overcoming (Apte).
୮ । ଆଲିଙ୍ଗନ—8 Embracing; embrace (Apte).
୯ । ବାଧାଦାନ; ପ୍ରତିରୋଧନ—9. Resisting.
ସଂ. ବିଣ—କ୍ଷମାରହିତ—Relentless; inexorable.

ପ୍ରସହ୍ୟ—ସଂ. ଅ. (ପ୍ର+ସହ୍ ଧାତୁ+ଭାବ. ଯ)—୧ । ହଠାତ୍; ସହସା—
Prasahya 1. Suddenly; abruptly.
୨ । ବଳପୂର୍ବକ—2. Violently; forcibly.
୩ । ଅତ୍ୟନ୍ତ—3. Much; exceedingly (Apte).

ପ୍ରସହ୍ୟ ଚୌର—ସଂ. ବି—ବଳାତ୍କାରପୂର୍ବକ ଚୋରି କରିବା ବ୍ୟକ୍ତି;
Prasahya chaura ଡକାଏତ—Dacoit; plunderer; highway man.

ପ୍ରସହ୍ୟ ହରଣ—ସଂ. ବି—୧ । ବଳାତ୍କାର ଅପହରଣ; ଲୁଟି; ଡକାଇତି—
Prasahya haraṇa 1. Dacoity; plunder.
୨ । ଜବରଦସ୍ତି ନେଇଯିବା—2. Violent or forcible seizure; snatching away by force.

ପ୍ରସା—ଦେ. ବି. (ସଂ. ପ୍ରସ୍ରା)—୧ । ମୂତ୍ର—
Prasā 1. Urine.
পিসাব; পেছাব पेशाब ୨ । ମୂତ୍ରତ୍ୟାଗ—2. Urination.
[ପ୍ରସାପ(ବ), ପ୍ରସ୍ରା, ପ୍ରସ୍ରାପ(ବ)—ଅନ୍ୟରୂପ]

ପ୍ରସା କରିବା—ଦେ. କ୍ରି. (ସଂ. ପ୍ରସ୍ରା)—ମୂତ୍ରତ୍ୟାଗ କରିବା; ମୂତିବା—
Prasā karibā To pass urine; to make water.
পিসাবকয়া, পেছাবকরা पेशाबकरा
(ପ୍ରସାଫେରିବା—ଅନ୍ୟରୂପ)

ପ୍ରସାଜ(ଜା)ଳା—ଦେ. ବି. (ସଂ. ପ୍ରସ୍ରା ଓ ଜ୍ୱାଲା; ଜ୍ୱଳନ)—
Prasāja(jā)ḷā ପ୍ରସ୍ରାବ କରିବା ସମୟରେ ପ୍ରସ୍ରାବ ନଳୀରେ
পেছাবজালা ଯନ୍ତ୍ରଣା ଅନୁଭୂତିରୂପକ ରୋଗବିଶେଷ—
पेशाबकाजलन Painful urination.
(ପ୍ରସାପୋଡ଼ା—ଅନ୍ୟରୂପ)

ପ୍ରସାତିକା—ସଂ. ବି—ଅଣୁବ୍ରୀହି; ଶୁଆଁଶସ୍ୟ (ହି. ଶ)—
Prasātikā A kind of tiny grain.

ପ୍ରସାଦ—ସଂ. ବି. (ପ୍ର+ସଦ୍ ଧାତୁ=ହୃଷ୍ଟ ହେବା ପ୍ରସନ୍ନ ହେବା+ଭାବ.
Prasāda ଅ)—୧ । ଦେବନିବେଦିତ ଦ୍ରବ୍ୟ—
1. Food offered to a Deity.
୨ । ଗୁରୁଜନଙ୍କ ଭୁକ୍ତାବଶିଷ୍ଟ (ଯାହାକୁ ଶିଷ୍ୟାଦି ଭକ୍ତିସହକାରେ ସେବା କରନ୍ତି)—2. Food left by one's elders or preceptors.
୩ । ସ୍ୱଚ୍ଛତା; ନିର୍ମଳତା—
3. Clearness; transparency.
୪ । ଉଜ୍ଜ୍ୱଳତା; ଚିକ୍କଣତା—4. Brightness; radiance.
୫ । ଦୟା; ଅନୁଗ୍ରହ; କୃପା—
5. Favour; kindness; clemency.

୬ । ସଂଯୋଗ; ପ୍ରସଙ୍ଗ; ସଙ୍ଗ—6. Association.

୭ । ପ୍ରସନ୍ନତା—7. Grace; approbation; propitiousness; cheerfulness.

୮ । ମନର ଶାନ୍ତି—8. Peace of mind; composure; contentment; calmness; mental tranquility.

୯ । ଅଶ୍ରା ମିଜାଜ—9. Good temper; cheerfulness of disposition (Apte).

୧୦ । ଦାନ; ବକ୍ସିସ୍—
10. Free gift; gratuity (Apte).

୧୧ । ଦେବତା ଅବଙ୍କୁ ପ୍ରସନ୍ନ କରବା ପାଇଁ ଦଅଯିବା ଭୋଗ—
11. Any propitiatory offering (Apte).

୧୨ । ଭେଟି (ହ୍ର. ଷ.)—12. A present.

୧୩ । ମଙ୍ଗଳ; କଲ୍ୟାଣ —
13. Prosperity; wellbeing; welfare.

୧୪ । ବାକ୍ୟର ଗୁଣବିଶେଷ—
14. Elegance in composition; perspecuity; clearness of style; poetry written in easy and elegant style.

[ଦ୍ର—ଯେଉଁ ସ୍ଥଳରେ ବାକ୍ୟ ପାଠ ମାତ୍ରେ ଅର୍ଥ ବୋଧହୁଏ, ଅଥଚ ବର୍ଣ୍ଣିତ ବିଷୟ ସମ୍ବନ୍ଧରେ ମନରେ ସ୍ୱାଭାବିକ ଅଙ୍କିତ ହୁଏ ଏବଂ ଗ୍ରାମ୍ୟ ଶବ୍ଦ ବ୍ୟବହୃତ ହୁଏ ନାହିଁ ତାହା ପ୍ରସାଦଗୁଣବିଶିଷ୍ଟ ରଚନା ।]

୧୫ । ସୌମ୍ୟତା—15. Gentleness; serenity.

୧୬ । ସ୍ୱାସ୍ଥ୍ୟ—16. Health.

ପ୍ରସାଦ ଦେ. ବ—୧ । (ସାଧୁଭାଷା ପ୍ରୟୋଗ) ଅନ୍ନ ବ୍ୟଞ୍ଜନାଦି ଖାଦ୍ୟ—
प्रसाद 1. Food

[ଦ୍ର—କେତେକ ବ୍ୟକ୍ତି ଗୋଟିଏ କଥାକୁ ସାଧାରଣ ଭାଷାରେ ନ କହି ସାଧୁଭାଷା ବ୍ୟବହାର କରିବାକୁ ସୁଖ ପାଆନ୍ତି । 'ଭାତ ଖାଇବାକୁ ଆସ' ଏ କଥା ନ କହି 'ପ୍ରସାଦ ସେବା କରିବାକୁ ଆସନ୍ତୁ' ବୋଲି କହନ୍ତି । 'ଆପଣ ଖାଇଲେଣି କି ?' ଏ କଥା ନ କହି 'ଆପଣଙ୍କର ଭୋଜନ ହେଲାଣି କି ?' କହନ୍ତି । ସାଧୁଭାଷାବ୍ୟବହାରପ୍ରିୟ ବ୍ୟକ୍ତିମାନଙ୍କ ମୁହଁରୁ ଏହି ଶ୍ରେଣୀର ଅନେକ ବାକ୍ୟ ଶୁଣାଯାଏ ।]

୨ । ଦେବତାଙ୍କଠାରେ ବଳି ଦିଆ ଯାଇଥିବା ପଶୁର ମାଂସ—
2. Meat of a victim slaughtered before an idol.

ପ୍ରସାଦକ—ସଂ. ବିଣ. ପୁଂ. (ପ୍ର + ସଦ୍ ଧାତୁ ଣିଚ୍=ସାଦି ଧାତୁ+କର୍ତ୍ତୃ. ଅକ)—୧ । ନିର୍ମଳତାସମ୍ପାଦକ—
Prasādaka
(ପ୍ରସାଦୀ—ଅନ୍ୟରୂପ) 1. Bringing about or producing clearness.
(ପ୍ରସାଦିକା, ପ୍ରସାଦକା—ସ୍ତ୍ରୀ)

୨ । ଅନୁଗ୍ରହାକାଂକ୍ଷୀ—2. Solicitous of favour.

୩ । ପ୍ରୀତିକର—3. Pleasing.

୪ । ନିର୍ମଳ—4. Clear.

୫ । ଯେ ପ୍ରସନ୍ନତା ଜନ୍ମାଏ—5 Propitiating.

ସଂ. ବି—୧ । ଦେବଧାନ୍ୟ—1. A kind of grain.

୨ । ବାସ୍ତୁକ; ବଥୁଆ ଶାଗ—2. A kind of pot-herb; white goose foot; Chenopodium Album.

ପ୍ରସାଦନ—ସଂ. ବି (ପ୍ର+ସଦ୍ ଧାତୁ ଣିଚ୍=ସାଦି ଧାତୁ+ଭାବ. ଅନ)—
Prasādana ୧ । ପ୍ରସନ୍ନତାସମ୍ପାଦନ—1. Gratifying; act of pleasing; propitiating.
(ପ୍ରସାଦନୀୟ—ବିଣ)

୨ । ପରିଷ୍କରଣ—
2. Clearing; cleansing; purifying.

୩ । ଅନ୍ନ—3. Boiled rice.

୪ । ରାଜକୀୟ ପଟ୍ଟବାସ—
4. A royal tent (Apte).

(ପ୍ରସାଦନା—ସ୍ତ୍ରୀ) ସଂ. ବିଣ. ପୁଂ—ପ୍ରସନ୍ନତାସମ୍ପାଦନକାରୀ (ହ୍ର. ଷ)—Propitiating; pleasing.

ପ୍ରସାଦନା – ସଂ. ବି. (ପ୍ରସାଦନ+ଆ)—୧ । ପୂଜା—
Prasādanā 1. Worship; divine service.

୨ । ପରିଚର୍ଯ୍ୟା; ସେବା—
2. Tending; affectionate service.

ପ୍ରସାଦି —ଗ୍ରା. ବି. (ସଂ. ପ୍ରସାଦ) – ଦେବନୈବେଦ୍ୟ ଖାଦ୍ୟ—
Prasādi पेसाद परसाद Food offered to a Deity.
प्रसादी ଦେ. ବିଣ. (ସଂ. ପ୍ରସାଦିତ)—ଦେବତାଙ୍କଠାରେ ଲାଗି
परसाद; प्रसादी ହୋଇଥିବା (ବସ୍ତ୍ର, ମାଳ ଆଦି)—(cloth, garland etc) Used and then put off by an idol; discarded.

ପ୍ରସାଦିତ —ସଂ. ବି (ପ୍ର+ସଦ୍ ଧାତୁ ଣିଚ୍+କର୍ମ. ତ)—୧ । ଅନୁଗୃହୀତ—
Prasādita 1. Favoured; treated graciously.

୨ । ସନ୍ତୁଷ୍ଟ—2. Satisfied; pleased.

୩ । ପୂଜିତ—3. Worshipped.

୪ । ପରିଷ୍କୃତ—4. Purified.

୫ । ଅନୁଗ୍ରହଦତ୍ତ—5. Bestowed graciously.

୬ । ଯାହାର ପ୍ରସନ୍ନତା ସମ୍ପାଦନ କରାଯାଇଅଛି—
6. Appeased; propitiated (Apte).

୭ । ଶମିତ—7. Calmed; soothed (Apte).

ପ୍ରସାଦିବା – ଦେ. (ପଦ୍ୟ) କ୍ରି. (ସଂ. ପ୍ରସାଦ)—ଅନ୍ୟକୁ ପ୍ରସନ୍ନ
Prasādibā କରିବା —To propitiate or please another.
प्रसादना प्रसादना

ପ୍ରସାଦୀକୃତ—ସଂ. ବିଣ — ୧ । ଯେଉଁ ଖାଦ୍ୟ ଦ୍ରବ୍ୟ ଦେବତାଙ୍କୁ ନୈବେଦ୍ୟ
Prasādikŗuta ହୋଇଅଛି—
1. (food) Already offered to a Deity.

୨ । ଉପହାରରୂପେ ପ୍ରଦତ୍ତ—
2. Given as a present (Apte).

୩ । ବକ୍ସିସ ବା ଅନୁଗ୍ରହରୂପେ ପ୍ରଦତ୍ତ—3. Bestowed as a gift or favour (Apte).

ପ୍ରସାଦ୍ୱାର—ଦେ. ବି (ସଂ. ପ୍ରସ୍ରାଦ୍ୱାର)—ଜନନେନ୍ଦ୍ରିୟ—
Prasādwāra The urinary organ.
पेशाबद्वार पेशाबकाद्वार

ପ୍ରସାଧକ—ସଂ. ବଣ. ପୁଂ (ପ୍ର+ସାଧ୍ ଧାତୁ=ସିଦ୍ଧ କରିବା; ଭୂଷିତ
Prasādhaka କରିବା+କର୍ତ୍ତୃ. ଅକ)—୧ । ନିର୍ବାହକ—
(ପ୍ରସାଧିକା—ସ୍ତ୍ରୀ) 1. Accomplishing.
୨ । ବେଶକାରୀ—2. Adorning; decorating.
୩ । ପରିଷ୍କାରକ—3. Cleansing; purifying.
ସଂ. ବି—୧ । ଭୃତ୍ୟ—1 Servant.
୨ । ବେଶକାରୀ ଭୃତ୍ୟ; ଖଟଣି ସେବକ—
2. A servant whose duty is to dress the master or mistress; a valet-de-chambre.

ପ୍ରସାଧନ—ସଂ. ବି. (ପ୍ର+ସାଧ୍ ଧାତୁ+ଭାବ. ଅନ)—୧ । ଅଳଙ୍କରଣ;
Prasādhana ସଜାଇବା; ବେଶ କରିବା—1. Decoration;
(ପ୍ରସାଧିତ, ପ୍ରସାଧନୀୟ—ବଣ) embellishment.
୨ । ବନ୍ଦୋବସ୍ତ—2. Arranging.
୩ । ସାଧନ; ସମ୍ପାଦନ—
3. Accomplishing; effecting.
୪ । (+କରଣ. ଅନ) ବେଶ; ସଜ୍ଜାର ଉପକରଣ; ସାଜ—
4. Dress; toilette.
୫ । କଙ୍କତିକା; ପାନିଆ—5. Hair comb.
୬ । ମହାବଳା ଲତା (ବୃ. ଶ)—
6. A medicinal creeper.

ପ୍ରସାଧନ ବିଶେଷ—ସଂ. ବି.—ଅତି ଉତ୍ତମ ଅଳଙ୍କରଣ—
Prasādhana bisesha Highest decoration (Apte)

ପ୍ରସାଧନୀ—ସଂ. ବି. (ପ୍ରସାଧନ+ସ୍ତ୍ରୀ. ଈ)—୧ । କଙ୍କତିକା; ପାନିଆ—
Prasādhani 1. Comb.
୨ । ଭାଙ୍ଗ; ସିଦ୍ଧି—2. An intoxicating drink made with the leaves of hemp.

ପ୍ରସାଧିକା—ସଂ. ବଣ. ସ୍ତ୍ରୀ—(ପ୍ରସାଧକ+ସ୍ତ୍ରୀ. ଆ)—ପ୍ରସାଧକର ସ୍ତ୍ରୀଲିଙ୍ଗ
Prasādhikā Feminine of prasādhaka.
ସଂ. ବି.—୧ । ବଣୁଆ ଧାନ୍ୟ (ବୃ. ଶ.)—
1. Paddy growing wild.
୨ । ରାଣୀଙ୍କ ବେଶକାରିଣୀ ଦାସୀ—2. A lady's maid; a female attendant who looks to the toilet of her mistress (Apte).

ପ୍ରସାଧିତ—ସଂ. ବଣ (ପ୍ର+ସାଧିତ)—୧ । ସୁସମ୍ପାଦିତ; ସମାହିତ—
Prasādhita 1. Accomplished; welldone.
୨ । ଅଳଙ୍କୃତ; ସଜ୍ଜିତ—2. Decorated; embellished.
୩ । ପ୍ରମାଣିତ—3. Pronounced (Apte).

ପ୍ରସାର—ସଂ. ବି. (ପ୍ର+ସୃ ଧାତୁ=ଯିବା+ଭାବ. ଅ)—
Prasāra ୧ । ଇତସ୍ତତଃ ଗମନ—1. Going about.
(ପ୍ରସାରିତ, ପ୍ରସାର୍ଯ୍ୟ—ବଣ) ୨ । ବ୍ୟାପିବା—
2. Spreading; expanding; diffusion.
୩ । ଗମନ—3. Going; movement.
୪ । ବିସ୍ତାର—4. Extension; extent.
୫ । ଓସାର—5. Width.
୬ । ପ୍ରସରିଣ; ତୃଣକାଷ୍ଠାଦି ସଂଗ୍ରହ ନିମନ୍ତେ ସୈନ୍ୟମାନଙ୍କର ଇତସ୍ତତଃ ଭ୍ରମଣ—6. Going out for forage, spreading over the country to forage (Apte).
୭ । ବହିର୍ଗମନ; ନିର୍ଗମ—
7. Going forth; exit; issuing forth.
୮ । (ମୁଖ) ବ୍ୟାଦାନ; ମେଲ୍ଲା କରିବା—
8. Opening (the mouth) (Apte)
୯ । (ହାତ ଆଦି) ବଢ଼ାଇବା—
9. Extending (the hands).
୧୦ । ବିକ୍ରୟ ପାଇଁ ପଣ୍ୟ ଦ୍ରବ୍ୟାଦିର ବିସ୍ତାର; ପସରା ମେଲ୍ଲା ଯିବା—
10. Exhibition or exposure of commodities for sale.

ପ୍ରସାରଣ—ସଂ. ବି. (ପ୍ର+ସୃ ଧାତୁ ଣିଚ୍=ସାରି ଧାତୁ+ଭାବ. ଅନ)—
Prasārana ୧ । ବିସ୍ତାର କରିବା; ମେଲାଇବା—
(ସଙ୍କୋଚନ—ବିପରୀତ) 1. Spreading; extending; unfolding.
୨ । ଶତ୍ରୁଙ୍କୁ ବେଷ୍ଟନ କରିବା—
2. Surrounding the enemy.
୩ । ପ୍ରସାର; ପ୍ରସରଣ—3. Going out for forage.
୪ । ମେଲ ହୋଇ ଯିବା—4. Expanding.
୫ । (ବ୍ୟାକରଣ) ସନ୍ଧି ଆଦିର ନିୟମ ଅନୁସାରେ ଉଷ୍ମବର୍ଣ୍ଣମାନଙ୍କ (ଯ, ର, ଵ) ସ୍ୱର ବର୍ଣ୍ଣରେ (ଇ, ଋ, ଉ) ପରିବର୍ତ୍ତନ—
5. (grammar) The change of a semi-vowel into a vowel.
୬ । ପଣ୍ୟ ଦ୍ରବ୍ୟାଦିକୁ ବିକ୍ରି ନିମନ୍ତେ ମେଲାଇବା; ପସରା ମେଲାଇବା—6. Exhibiting or exposing commodities for sale.

ପ୍ରସାରଣ କରିବା—ଦେ. କ୍ରି.—(ସଂ. ପ୍ରସାରଣ) (ହାତ) ବଢ଼ାଇବା ବା
Prasārana karibā ମେଲାଇବା—To stretch one's hand; to expand.

ପ୍ରସାର(ରି)ଣୀ—ସଂ. ବି. (ପ୍ର+ସୃ ଧାତୁ+କର୍ତ୍ତୃ. ଅନ; ଇନ୍+ସ୍ତ୍ରୀ. ଈ)—
Prasāra(ri)ni ୧ । ପସାରୁଣୀ (ଦେଖ)
1. Pasāruni (See)
୨ । ଲାଜକୁଳି (ଲତା) (ଦେଖ)
2. Lājakuli (creeper) (See)
୩ । ଲୁଟପାଟ ନିମନ୍ତେ ସୈନ୍ୟମାନଙ୍କର ସର୍ବତୋବ୍ୟାପ୍ତି ବା ଖେଦି ଯିବା—3. The diffusion or dispersion of an army for the purpose of looting.
୪ । ଶତ୍ରୁକୁ ଘେରିଯିବା—4. Surrounding an enemy.

ପ୍ରସାରିତ—ସଂ. ବଣ. (ପ୍ର+ସୃ ଧାତୁ ଣିଚ୍+କର୍ମ. ତ)—୧ । ବିସ୍ତାରିତ—
Prasārita 1. Outstretched; extended.
୨ । ବ୍ୟାପ୍ତ; ବିକ୍ଷିପ୍ତ—2. Diffused.
୩ । ସମ୍ପାଦିତ—3. Completed; accomplished.

୪ । ବିକଶିତ—4. Expanded (Apte).
୫ । ବିକ୍ରି ନିମନ୍ତେ ବିସ୍ତାରିତ (ପଣ୍ୟଦ୍ରବ୍ୟ)—
5 Exhibited; exposed for sale.

ପ୍ରସାରିବା—ଦେ. କ୍ରି. (ସଂ. ପ୍ରସାର)—୧ । ବିସ୍ତାର କରିବା—
Prasāriba 1 To spread.
ପ୍ରସାରିତ କରା
পসারনো
ଚଳେ ବସନ ପ୍ରସାରି, ତୃଣ ଦଶନରେ ଧରି ।
ବଇଦେହୀଶ. ବଳେଶ୍ୱରଙ୍କ ।
୨ । (ଲକ୍ଷଣାର୍ଥ) କହିବା—2. (fig) To speak.
ବୋଧ ଅର୍ଥ, ବଚନ ପ୍ରସାରେ ଭଲଗ । ଉପ. ବୈଦେହୀଶବିଳାସ ।
୩ । ପଣ୍ୟଦ୍ରବ୍ୟାଦିକୁ ବିକିବାପାଇଁ ମେଲାଇ ରଖିବା—
3. To exhibit or expose commodities for sale.

ପ୍ରସାରୀ—ସ. ବିଣ. (ପ୍ର + ସୃ ଧାତୁ + କର୍ତ୍ତୃ. ଇନ୍)—
Prasāri ୧ । ମୃଦୁମନ୍ଦଗମନଶୀଳ—1. Proceeding slowly; gliding.
(ପ୍ରସାରିଣୀ—ସ୍ତ୍ରୀ)
୨ । ପ୍ରସରଣଶୀଳ—2. Spreading; expanding.
୩ । ବ୍ୟାପ୍ତ—3. Spreading about.
୪ । ପ୍ରକାଶିତ—4. Unfolded.

ପ୍ରସିତ—ସ. ବି—ପୂଜ (ହି. ଶ)—Pus.
Prasita ସ. ବିଣ—୧ । ବଦ୍ଧ—
1. Bound; fastened (Apte).
୨ । ଅନୁରକ୍ତ—2. Devoted to (Apte).
୩ । ନିଯୁକ୍ତ—3. Engaged in (Apte).
୪ । ଆସକ୍ତ—4. Intent on; longing for (Apte).
୫ । ଅତି ନିର୍ମଳ—5. Very clear (Apte).

ପ୍ରସିତି—ସଂ. ବି—୧ । ରଶି; ଦଉଡ଼ି (ହି. ଶ)—1. Rope.
Prasiti ୨ । ରଶ୍ମି (ହି. ଶ)—2. Rays; rein.
୩ । ଜ୍ୱାଳା (ହି. ଶ)—3. Flame.
୪ । ଜାଲ—4. Net (Apte).
୫ । ବନ୍ଧନ—5. Tie; ligament; fetter (Apte).
୬ । ଆକ୍ରମଣ; ଉତ୍ପାତ—6. Attack; assault (Apte).
୭ । ନିକ୍ଷେପ—7. Throw; shot (Apte).
୮ । ପ୍ରସାର—8. Reach; extent (Apte).
୯ । ଧାରା; କ୍ରମ—9. Series; succession (Apte).
୧୦ । ଶକ୍ତି; ଅଧିକାର; କ୍ଷମତା—
10. Power; authority; influence (Apte).

ପ୍ରସିଦ୍ଧ—ସଂ. ବିଣ. (ପ୍ର + ସିଧ୍ ଧାତୁ = ସମ୍ପନ୍ନ ହେବା + କର୍ତ୍ତୃ. କ୍ତ)—
Prasiddha ୧ । ବିଖ୍ୟାତ—1. Celebrated; famous noted.
ପ୍ରସିଦ୍ଧି } ବି
ପ୍ରସିଦ୍ଧତା }
୨ । ଅଲଙ୍କୃତ; ଭୂଷିତ—
2. Adorned; ornamented.
୩ । ଉଜ୍ଜ୍ୱଳ—3. Enlightened.
ଦେ. ଅ—ନିଶ୍ଚେ—Certainly.
ଜଗତରେ ପୁଣ୍ୟକ୍ଷିତରେ ଅବର ବା ସ୍ୱର
ଜାଣିବ ଏ ଦୁଇ କଥା ମିଛବ ପ୍ରସିଦ୍ଧ । ପ୍ରାଚୀ. ଶିବସ୍ୱରୋଦୟ ।

ପ୍ରସିଦ୍ଧି—ସଂ. ବି. (ପ୍ର + ସିଧ୍ ଧାତୁ = ଖ୍ୟାତ ହେବା + ଭାବ. କ୍ତି)—
Prasiddhi ୧ । ଖ୍ୟାତି; ପ୍ରତିପତ୍ତି—
1. Fame; renown; celebrity.
୨ । ଭୂଷା; ଅଲଙ୍କାର—2. Ornament; decoration.
୩ । ସିଦ୍ଧି—3. Fulfilment; accomplishment.

ପ୍ରସିଦ୍ଧି ତ୍ୟାଗ—ସଂ. ବି. (ଅଳଙ୍କାର)—ଶବ୍ଦଦୋଷବିଶେଷ—
Prasiddhi tyāga A defect in composition.
[ଦ୍ର—ଯେଉଁଠାରେ ସାଧାରଣ ବ୍ୟବହୃତ ଶବ୍ଦ ବ୍ୟବହୃତ ନ ହୋଇ ଅସାଧାରଣ ଶବ୍ଦର ପ୍ରୟୋଗ କରାଯାଇଥାଏ ସେଠାରେ ଏହି ଦୋଷ ଘଟେ; ଯଥା—
ବୃଥା ହାଣ ଶର ମୃଗୀ ଅଙ୍ଗେ ନାଇବି ନା ସୁନ୍ଦର
ବହାଣୀ ଲଗାଇ ଶୀଳ ସେତୁ ଯେଣୁ ଅଙ୍ଗେ ମହ । ଉପାଖ୍ୟାନ. ଲଷା ।
ଏଠାରେ 'ବାଣ ଲଗାଇବା' ଅର୍ଥରେ 'ବାଣ ହାଣିବା' ପ୍ରୟୋଗ ପ୍ରସିଦ୍ଧି-ତ୍ୟାଗ ଦୋଷଯୁକ୍ତ ।]

ପ୍ରସୁତ—ସଂ. ବିଣ. (ପ୍ର + ସୁ ଧାତୁ + କ୍ତ)—ଚିପୁଡ଼ା ଯାଇଥିବା (ହି. ଶ)—
Prasuta Pressed.

ପ୍ରସୁପ୍ତ—ସଂ. ବିଣ. ପୁଂ. (ପ୍ର + ସୁପ୍ତ)—ଗାଢ଼ନିଦ୍ରାଭିଭୂତ—
Prasupta Fast asleep.
(ପ୍ରସୁପ୍ତା—ସ୍ତ୍ରୀ) (ପ୍ରସୁପ୍ତି—ବି)

ପ୍ରସୂ—ସଂ. ବି. ସ୍ତ୍ରୀ. (ପ୍ର + ସୂ ଧାତୁ = ଜନ୍ମ କରିବା + କର୍ତ୍ତୃ. କ୍ୱିପ୍)—
Prasū ୧ । ଜନନୀ; ମାତା—1. Mother.
୨ । ଘୋଟକୀ—2. A mare.
୩ । କଦଳୀ ଗଛ—3. Plantain tree.
୪ । ବିସ୍ତୃତ; ମାଡ଼ିବା ଲତା—4. A spreading creeper.
୫ । କୋମଳ ତୃଣ—5. Soft grass (Apte).
୬ । କୁଶ ତୃଣ—6. Kuśa grass (Apte).
ବିଣ. ସ୍ତ୍ରୀ. (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—ବୀରପ୍ରସୂ)—
ଯେ ଜନ୍ମଦିଏ—Bringing forth; producing.

ପ୍ରସୂକା—ସଂ. ବି—୧ । ଅଶ୍ୱଗନ୍ଧା (ହି. ଶ) (ଦେଖ)
Prasūkā 1. Aśwagandhā (See)
୨ । ଘୋଡ଼ୀ; ଘୋଟକୀ—2. A mare (Apte).

ପ୍ରସୂତ—ସଂ. ବି. ପୁଂ. (ପ୍ର + ସୂ ଧାତୁ + କର୍ମ. କ୍ତ)—
Prasūta ୧ । ସଂଜାତ; ଉତ୍ପନ୍ନ; ଜନ୍ମଗ୍ରହଣ କରିଥିବା—
(ପ୍ରସୂତା—ସ୍ତ୍ରୀ) 1. Born; produced; engendered.
୨ । (+କର୍ମ. କ୍ତ) ଉତ୍ପାଦକ (ହି. ଶ)—
2. Producing; productive.
ସଂ. ବି—୧ । ଫୁଲ—1. Flower.
୨ । ଉତ୍ପାଦକ ବସ୍ତୁ—2. Any productive source (Apte).
୩ । ସୂତିକା ରୋଗ; ପ୍ରସବ ପରେ ସ୍ତ୍ରୀମାନଙ୍କ ହେବା ଜ୍ୱର ଓ ଝାଡ଼ା (ହି. ଶବ୍ଦସାଗର)—
3. Puerperal fever and dysentery.

ପ୍ରସୂତା—ସ. ବଣ. ସ୍ତ୍ରୀ. (ପ୍ର+ସୂ ଧାତୁ+କର୍ତ୍ତୃ. ତ+ସ୍ତ୍ରୀ. ଆ)—
Prasūtā ଯେଉଁ ସ୍ତ୍ରୀ ଅଳ୍ପଦିନ ହେଲା ସନ୍ତାନ ଜନ୍ମ କରିଅଛି; (ପ୍ରସୂତ, ପ୍ରସୂତିକା—ଅନ୍ୟରୂପ) ପୋଷଣୀ ହୋଇଥିବା ସ୍ତ୍ରୀ; ଜାତାପତ୍ୟା—Recently confined; (a woman) who has been recently delivered of a child.

ସ. ବି. ସ୍ତ୍ରୀ—୧ । ମାତା; ଜନନୀ—1. Mother.

୨ । ଘୋଟକୀ—2. Mare (Apte).

ପ୍ରସୂତି—ସ. ବି. ସ୍ତ୍ରୀ. (ପ୍ର+ସୂ ଧାତୁ=ପ୍ରସବ କରିବା+କର୍ମ. ତି)—
Prasūti ୧ । ସନ୍ତାନ; ଅପତ୍ୟ—1. Offspring; child.

୨ । ଗର୍ଭ—2. Mother's womb.

୩ । (+ଭାବ. ତି) ପ୍ରସବ—
3. Generation; procreation; begetting.

୪ । ଉଦ୍ଭବ; ଉତ୍ପତ୍ତି; ଜନ୍ମ—4. Birth; production.

୫ । (+ଅପାଦାନ. ତି) କାରଣ—5. Cause.

୬ । ମାତା—6. Mother.

୭ । (ନାମ) ଦକ୍ଷ ପ୍ରଜାପତିଙ୍କ ସ୍ତ୍ରୀ; ସତୀଙ୍କ ମାତା—
7. Name of the wife of Daksha Prajāpati.

୮ । ଜନ୍ମଦାତା—8. Producer; generator; procreator (Apte).

ପ୍ରସୂତିକା—ସ. ବି. (ପ୍ରସୂତି+କ+ଆ)—୧ । ପୋଷଣୀଥିଲୀ; ସଦ୍ୟଃ
Prasūtikā ପ୍ରସୂତା ସ୍ତ୍ରୀ—1. A woman recently delivered (Apte).

୨ । ଦୁଃଖ (ହି. ଶ)—2. Pain.

ପ୍ରସୂତିଜ—ସ. ବି. (ପ୍ରସୂତି=ପ୍ରସବ+ଜନ୍ ଧାତୁ+କର୍ତ୍ତୃ. ଅ)—
Prasūtija ୧ । ପ୍ରସବ ଜନ୍ୟ ଦୁଃଖ; (ପ୍ରକୃତିବାଦ)—
1. Pain resulting as a necessary consequence of birth (Apte).

୨ । ଦୁଃଖ; କ୍ଲେଶ—2. Pain; agony.

୩ । ଜାରଜ ସନ୍ତାନ—3. Bastard child.

ପ୍ରସୂନ—ସ. ବି. (ପ୍ର+ସୂ ଧାତୁ+କର୍ମ. ନ)—୧ । କୁସୁମ; ପୁଷ୍ପ—
Prasūna 1. Flower.

୨ । ମୁକୁଳ; କଢ଼—2. Bud; blossom.

୩ । ଫଳ—3. Fruit.

ସ. ବଣ—ଜାତ; ଉତ୍ପନ୍ନ—Born; produced.

ପ୍ରସୃତ—ସ. ବଣ. (ପ୍ର+ସୃ ଧାତୁ+କର୍ତ୍ତୃ. ତ)—୧ । ଗତ—
Prasṛuta 1. Gone forward.

(ପ୍ରସୃତ—ବି) ୨ । ବିସ୍ତୃତ; ବିସ୍ତାରିତ—
2. Stretched out; extended; spread.

୩ । ବ୍ୟାପ୍ତ—3. Diffused.

୪ । ପ୍ରବୃଦ୍ଧ; ବୃଦ୍ଧିପ୍ରାପ୍ତ—4. Increased; lengthened.

୫ । ନିଯୁକ୍ତ—5. Engaged in.

୬ । ସଂଯୁକ୍ତ—6. Attached to.

୭ । ପ୍ରଚଳିତ—7 Used; current.

୮ । ବେଗଗାମୀ—8. Swift; quick.

୯ । ପ୍ରଦର୍ଶିତ—9. Manifested (Apte).

୧୦ । ପ୍ରକାଶିତ—10. Displayed (Apte).

୧୧ । ବିନୀତ—11. Humble; modest (Apte).

୧୨ । ଇନ୍ଦ୍ରିୟ ଲୋଲୁପ; ଲମ୍ପଟ (ହି. ଶ)—12 Sensual.

ସ. ବି—୧ । ଅର୍ଦ୍ଧାଞ୍ଜଳି; ପୋସ—1. Handful; the palm of the hand stretched out and hollowed (Apte).

୨ । ଦୁଇପଳ ଓଜନ—2. A measure of 2 Palas.

ପ୍ରସୃତଜ—ସଂ. ବି—ମହାଭାରତ ଅନୁସାରେ ବ୍ୟଭିଚାରରୁ ଉତ୍ପନ୍ନ ସନ୍ତାନ;
Prasṛutaja କୁଣ୍ଡ ଓ ଗୋଳକ (ହି. ଶ)—A particular class of sons born out of adultery; an adulterine (Apte).

ପ୍ରସୃତି—ସ. ବି. (ପ୍ର+ସୃ ଧାତୁ+ଭାବ. ତି)—୧ । ବିସ୍ତାର—
Prasṛuti 1. Extension.

୨ । ବ୍ୟାପ୍ତି—2. Diffusion.

୩ । ସନ୍ତାନ—3. Offspring.

୪ । ପୋସ; ଅର୍ଦ୍ଧାଞ୍ଜଳି—4. A handful.

ପ୍ରସେକ—ସ. ବି. (ପ୍ର+ସିଚ୍ ଧାତୁ+ଭାବ. ଅ)—୧ । ସେଚନ;
Praseka ସିଞ୍ଚିବା—1. Sprinkling.

୨ । ଦ୍ରବ ପଦାର୍ଥର ଯେଉଁ ଅଂଶ ଗଳିତ ହୋଇ ଟୋପା ଟୋପା ହୋଇ ପଡ଼େ—2. Droppings of a liquid.

୩ । ସୁଶ୍ରୁତୋକ୍ତ ଅସାଧ୍ୟ ରୋଗବିଶେଷ (ହି. ଶ)—
3. A kind of serious disease.

୪ । ଚରକୋକ୍ତ ନାକରୁ ଓ ମୁହଁରୁ ପାଣି ପଡ଼ିବା ରୋଗ (ହି.ଶ)—
4. A disease resulting int he issue of watery substance from the nose and the mouth; watering of the mouth and nose (Apte).

୫ । ଅଣଙ୍କର ପାତ୍ର—
5. The bowl of a spoon or ladle (Apte).

ପ୍ରସେଦିକା—ସ. ବି. (ପ୍ର+ସଦ୍ ଧାତୁ=ଗମନ କରିବା+କର୍ତ୍ତୃ. ଅକ+
Prasedikā ଆ)—କ୍ଷୁଦ୍ର ଉଦ୍ୟାନ (ଶବ୍ଦକଳ୍ପଦ୍ରୁମ)—
A small garden.

ପ୍ରସେନଜିତ୍—ସ. ବି (ନାମ)—ଭାଗବତୋକ୍ତ ସତ୍ରାଜିତଙ୍କର ଏକ ଭାଇ—
Prasenajit Name of a brother of Satrājita.
(ପ୍ରସେନ—ଅନ୍ୟରୂପ) [ବ୍ର—ଏ ଯଯାତିଙ୍କ ଜ୍ୟେଷ୍ଠପୁତ୍ର ଯଦୁଙ୍କ ବଂଶଧର ଥିଲେ (ଶବ୍ଦକଳ୍ପଦ୍ରୁମ) । ପ୍ରସେନଜିତଙ୍କ ନିକଟରେ ସ୍ୟମନ୍ତକ ମଣି ଥିଲା । ସେ ତାକୁ ପିନ୍ଧି ଦିନେ ଶିକାର କରିବାକୁ ଯାଇଥିଲେ । ଅରଣ୍ୟରେ ଗୋଟିଏ ସିଂହ ତାଙ୍କୁ ମାରି ତାଙ୍କଠାରୁ ମଣି ନେଲା । ଉକ୍ତ ସିଂହକୁ ଜାମ୍ବବାନ୍ ମାରି ଉକ୍ତ ମଣି ନେଲେ । ପ୍ରସେନଜିତଙ୍କୁ ମାରି ତାଙ୍କଠାରୁ ମଣି ଛଡ଼ାଇ ନେଇଛନ୍ତି ବୋଲି ସତ୍ରାଜିତ ଶ୍ରୀକୃଷ୍ଣଙ୍କୁ ଅପବାଦ ଦେବାରୁ ଶ୍ରୀକୃଷ୍ଣ ଏ ଅପବାଦକ୍ଷାଳନାର୍ଥ ବନକୁ ଯାଇ ଜାମ୍ବବାନଙ୍କଠାରେ ଉକ୍ତ ମଣି ଦେଖିଲେ । ଜାମ୍ବବାନ ଉକ୍ତ ମଣି

ସହିତ ଅପଣା କନ୍ୟା ଜାମ୍ବବତୀଙ୍କୁ ଶ୍ରୀକୃଷ୍ଣଙ୍କଠାରେ ଅର୍ପଣ କଲେ । ଶ୍ରୀକୃଷ୍ଣ ଜାମ୍ବବତୀଙ୍କୁ ବିବାହ କଲେ ଓ ସ୍ୟମନ୍ତକ ମଣିକୁ ସତ୍ରାଜିତଙ୍କୁ ଦେଲେ—ହି. ଷ. ।]

ପ୍ରସେବ—ସଂ. ବି. (ପ୍ର+ସିବ୍ ଧାତୁ+ଅ)—୧ । ବୀଣାର ତୁମ୍ବି—
Praseba 1. The bowl of a lyre.
୨ । ସୂତାର ଥଳି—2. A cotton bag.

ପ୍ରସ୍କନ୍ଦ—ସଂ. ବି. (ପ୍ର+ସ୍କନ୍ଦ୍ ଧାତୁ+ଭାବ. ଅ)—୧ । ଡିଆଁ, ଡିଅଁ (ହି. ଷ) —1. Jump; leap.
Praskanda
(ପ୍ରସ୍କନ୍ଦନ—ଅନ୍ୟରୂପ) ୨ । (+କର୍ତ୍ତୃ. ଅ) ଶିବ (ହି. ଷ.)—2. Śiba.
୩ । ଜୁଲାବ; ବିରେଚକ ଔଷଧ—3. Purgative.
୪ । ଅତିସାର—4. Dysentery; diarrhoea.

ପ୍ରସ୍କନ୍ନ—ସଂ. ବିଣ. (ପ୍ର+ସ୍କନ୍ଦ୍ ଧାତୁ+କର୍ତ୍ତୃ. ତ)—୧ । ପତିତ(କ୍ଳୀବେନ୍ଦ୍ର)—
Praskanna 1. Fallen; dropped.
୨ । ଗତ (କ୍ଳୀବେନ୍ଦ୍ର)—2. Gone.
୩ । ନିଃସୃତ; ବାହାରିତ (କ୍ଳୀବେନ୍ଦ୍ର)—3. Issuing.
୪ । ଶୁଷ୍କ (କ୍ଳୀବେନ୍ଦ୍ର)—4 Dry.
୫ । ସମାଜର ନିୟମଭଙ୍ଗକାରୀ (ହି. ଷ)—
5. Infringing the rules of society.
୬ । (+କର୍ମ.ତ) ପରାଜିତ—6. Defeated (Apte).
ସଂ. ବି—୧ । ଘୋଡ଼ାର ରୋଗବିଶେଷ—
1. A disease attacking horses.
[ଦ୍ର—ଏ ରୋଗରେ ଘୋଡ଼ାର କଟି ଭାର ହୁଏ ଓ ଶରୀର ସ୍ତବ୍ଧ ହୁଏ । ମୂତ୍ରତ୍ୟାଗବେଳେ ଘୋଡ଼ା କ୍ଲେଶ ପାଏ—ହି. ଷ ।]
୨ । ସମାଜଚ୍ୟୁତ ବ୍ୟକ୍ତି—2. An outcast (Apte).

ପ୍ରସ୍ତ—ଦେ. ବି. (ସଂ. ପ୍ରସ୍ଥ)—୧ । ପ୍ରସ୍ଥ; ଚଉଡ଼ା—
Prasta 1. Breadth; width.
চৌড়াই, পরস্ত चवड़ाइ
পরত ୨ । (ସଂ. ପଟଳ; ସ୍ତର) ପରସ୍ତ; ପାଖୁଡ଼ା; ସ୍ତର—
পর্ত, परत 2. Layer; fold; plait.
বার दफा ୩ । ଥର—3. Time.
সাজ, সেট ୪ । ଅଳଙ୍କାର; ବାସନ ଆଦିର ଏକ ସଜ ଓ ସାର—
जथा 4. A set (of utensils, ornaments etc).
ପ୍ରାଦେ. (ବାଲେଶ୍ୱର) ବି—ପିଣ୍ଡା; ଅଗଣା—Courtyard.

ଭିତର ପ୍ରସ୍ତରେ ମାଇକିନିଆଙ୍କୁ ଭାବିଙ୍କର କବରିବାର ପାଇଁ ।
ଫକୀରମୋହନ. ଲଛମା ।

ପ୍ରସ୍ତବ—ସଂ. ବି (ପ୍ର+ସ୍ତବ)—୧ । ପ୍ରଶଂସାପୂର୍ଣ୍ଣ ସ୍ତବ—
Prastaba 1. A hymn of praise (Apte); hallelujah.
୨ । ଉପଯୁକ୍ତ ସମୟ; ସୁଯୋଗ—
2. A fit time or opportunity (Apte)

ପ୍ରସ୍ତର—ସଂ. ବି (ପ୍ର+ସ୍ତୃ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ଅ)—
Prastara ୧ । ପାଷାଣ; ପଥର—1. Stone.
୨ । ରତ୍ନ; ମଣି—2. Gem; jewel.
୩ । ପୁଷ୍ପ ପଲ୍ଲବାଦିରଚିତ ଶଯ୍ୟା—
3. A bed made of flowers and leaves.
୪ । ତୃଣ ଆଦିର ଗୋଛା (ହି. ଷ)—
4. A sheaf or handful of grass.
୫ । ଶଯ୍ୟା; ବିଛଣା (ହି. ଷ.)—5. Bed.
୬ । ଚମଡ଼ାର ଥଳି (ହି. ଷ.)—6. Leathern bag.
୭ । ସମତଳ (ହି. ଷ.)—
7. A flat surface; plain (Apte).
୮ । ପୁସ୍ତକର ପରିଚ୍ଛେଦ—
8. Section or paragraph of a work (Apte).

ପ୍ରସ୍ତରଣ(ଣା)—ସଂ. ବି. (ପ୍ର+ସ୍ତୃ ଧାତୁ+କର୍ତ୍ତୃ. ଅନ+ଆ)—
Prastarana(nā) ୧ । ଶଯ୍ୟା—1. A bed (Apte).
୨ । ଆସନ—2. A seat (Apte).
୩ । (+ଭାବ. ଅନ+ଆ) ବିସ୍ତାରିବା; ବିସ୍ତୃତ କରିବା—
3. Act of spreading.

ପ୍ରସ୍ତରଫଳକ—ସଂ. ବି (୬ଷ୍ଠୀ ତତ୍; ପ୍ରସ୍ତର+ଫଳକ)—୧ । ପଥରର ପଟା—1. A slab of stone.
Prastaraphalaka
୨ । ସ୍ଲେଟ୍—2. Slate.

ପ୍ରସ୍ତରମୟ—ସଂ. ବିଣ. (ପ୍ରସ୍ତର+ମୟ)—୧ । ପ୍ରସ୍ତର ନିର୍ମିତ—
Prastaramaya 1. Made of stone.
୨ । ପଥୁରିଆ; ପ୍ରସ୍ତରବହୁଳ—2. Stony; full of stones.

ପ୍ରସ୍ତାବ—ସଂ. ବି. (ପ୍ର+ସ୍ତୁ ଧାତୁ=ସ୍ତବ କରିବା; ଆରମ୍ଭ କରିବା+ଭାବ. ଅ)—୧ । ପ୍ରସଙ୍ଗ; ବିଷୟ—
Prastāba
ପ୍ରସ୍ତାବିତ } ବିଣ 1. Subject; matter; topic.
ପ୍ରସ୍ତାବ୍ୟ }
୨ । ଉଲ୍ଲେଖ—2. Mention of a matter.
୩ । ପ୍ରାକ୍‌କଥନ; ଅବତାରଣା; କଥାରମ୍ଭ—
3. Introduction; preliminary mention of a matter.
୪ । ପରିଚ୍ଛେଦ; ପ୍ରକରଣ—4. Chapter; section.
୫ । ସୁଯୋଗ—5. Opportunity; proper or fit season.
୬ । ଅବସର—6. Occasion.
୭ । ସାମବେଦର ଅଙ୍ଗବିଶେଷ—
7. A part of the Sāma Veda.
୮ । ଆରମ୍ଭ—8. Beginning; commencement (Apte).
୯ । ପ୍ରସ୍ତାବନା; ନାଟକାଦିର ଅବତାରଣା—
9. The prologue of a drama (Apte).
୧୦ । ଚର୍ଚ୍ଚା; ଅବସର ବେଳେ କଥିତ ବାକ୍ୟ (ହି. ଷ)—
10. Discussion.
୧୧ । ପ୍ରସ୍ତୋତା ନାମକ ଋତ୍ୱିକ୍‌ଦ୍ୱାରା ଗୀତ ସାମବେଦର ଗାନ (ହି. ଷ)—11. The prelude or introductory song of the Sāma Veda.

ଦେ. ବି. (ଆଧୁନିକ)—କୌଣସି ସଭାରେ ଆଲୋଚିତ ବା
ପ୍ରস্তাব ଗୃହୀତ ହେବା ପାଇଁ ଉପସ୍ଥାପିତ ବିଷୟ—
प्रस्ताव A proposal made at a meeting or assembly.

[ଦ୍ର—ସଭାରେ ଜଣେ ଗୋଟିଏ ପ୍ରସ୍ତାବ (proposal) ଉପସ୍ଥାପିତ କରେ; ତତ୍ପରେ ତାକୁ ଅନ୍ୟ କେହି ଅନୁମୋଦନ (seconding) ଓ ସମର୍ଥନ (supporting) କରନ୍ତି, ତତ୍ପରେ ସଭାସ୍ଥ ବ୍ୟକ୍ତିମାନଙ୍କ ମତ (vote) ନିଆଯାଇ ତାହା ଗୃହୀତ (passed) ବା ନାମଞ୍ଜୁର (rejected or lost) ହୁଏ ।]

ପ୍ରସ୍ତାବ ଆଗତ କରିବା—ଦେ. କ୍ରି—ସଭାସମିତିରେ କୌଣସି ପ୍ରସ୍ତାବ
Prastāba āgata karibā ପ୍ରଥମେ ପକାଇବା; ପ୍ରସ୍ତାବ କରିବା—To put a proposal to a meeting.
ପ୍ରସ୍ତାବ ଉପସ୍ଥାପିତ କରିବା } ଅନ୍ୟରୂପ
ପ୍ରସ୍ତାବ ଆଣିବା

[ଦ୍ର—ପ୍ରସ୍ତାବ ସଭାରେ ଉପସ୍ଥାପିତ ହେବାରେ ତାହାକୁ ଅନ୍ୟମାନେ ଅନୁମୋଦନ କରନ୍ତି (to second), ସମର୍ଥନ କରନ୍ତି (to support), କିମ୍ବା କାହାର ଉକ୍ତ ପ୍ରସ୍ତାବରେ ଆପତ୍ତି ଥିଲେ କେହି ଆପତ୍ତି କରେ (to oppose), କିମ୍ବା ସଂଶୋଧକ ପ୍ରସ୍ତାବ ଆଗତ କରେ (to propose an amendment), ତା ପରେ ସଂଶୋଧିତ ପ୍ରସ୍ତାବ ବା ସଂଶୋଧିତ ପ୍ରସ୍ତାବ ନ ଥିଲେ ମୂଳ ପ୍ରସ୍ତାବ ସଭାସ୍ଥ ବ୍ୟକ୍ତିମାନଙ୍କ ମତ ପାଇଁ ସଭାରେ ଉପସ୍ଥାପିତ ହୁଏ (to put to the vote), ସବଶେଷରେ ପ୍ରସ୍ତାବ ସପକ୍ଷରେ ଅଧିକାଂଶ ବ୍ୟକ୍ତିଙ୍କ ମତ ହେଲେ ତାହା ଗୃହୀତ (passed) ହୁଏ; ଅନ୍ୟଥା ତାହା ନାମଞ୍ଜୁର (lost or defeated) ହୁଏ ।]

ପ୍ରସ୍ତାବକ—ସଂ. ବିଣ, ପୁଂ. (ପ୍ର + ସ୍ତୁ ଧାତୁ ଣିର୍ + କର୍ତ୍ତୃ. ଅକ)—
Prastābaka ୧ । ଯେ ପ୍ରସ୍ତାବ ଆଗତ କରେ—
(ପ୍ରସ୍ତାବିକା—ସ୍ତ୍ରୀ) 1. Proposing.
୨ । (ଆଧୁନିକ) ସଭାରେ କୌଣସି ପ୍ରସ୍ତାବର ଉପସ୍ଥାପକ—
2. Making a proposal at a meeting.
ସଂ. ବି—ପ୍ରସ୍ତାବ ଉପସ୍ଥାପିତ କରିବା ବ୍ୟକ୍ତି—Proposer.

ପ୍ରସ୍ତାବ କରିବା—ଦେ. କ୍ରି—ସଭାଆଦିରେ କୌଣସି ବିଷୟ ଉତ୍ଥାପନ
Prastāba karibā କରିବା—To make a proposal; to propose.
(ପ୍ରସ୍ତାବ ବାଢ଼ିବା—ଅନ୍ୟରୂପ)
প্রস্তাব করা । **प्रस्ताव करना**

ପ୍ରସ୍ତାବ ଗ୍ରହଣ—ସଂ. ବି. (ଆଧୁନିକ; ୬ଷ୍ଠୀ ତତ୍)—ସଭାରେ ଉପସ୍ଥାପିତ
Prastāba grahaṇa ପ୍ରସ୍ତାବର ସଭ୍ୟମାନଙ୍କ ଦ୍ୱାରା ମଞ୍ଜୁର କରାଯିବା—The passing of a proposal.

[ଦ୍ର—ସଭା ସମିତିରେ ଉପସ୍ଥାପିତ ପ୍ରସ୍ତାବ ସମ୍ପର୍କରେ କେତେଗୁଡ଼ିଏ ଶବ୍ଦ ଭାଷାରେ ବ୍ୟବହୃତ ହୁଏ; ଯଥା—ପ୍ରସ୍ତାବ ଅନୁମୋଦନ, ପ୍ରସ୍ତାବ ସମର୍ଥନ, ପ୍ରସ୍ତାବ ସଂଶୋଧନ, ପ୍ରସ୍ତାବ ନାମଞ୍ଜୁର ।]

ପ୍ରସ୍ତାବନ—ସଂ. ବି. (ପ୍ର + ସ୍ତୁ ଧାତୁ + ଭାବ. ଅନ)—
Prastābana ପ୍ରସ୍ତାବ କରିବା କର୍ମ—
The act of proposing.

ପ୍ରସ୍ତାବନା—ସଂ. ବି. (ପ୍ର + ସ୍ତୁ ଧାତୁ ଣିର୍ = ସ୍ତାବ ଧାତୁ + ଭାବ. ଅନ
Prastābanā + ସ୍ତ୍ରୀ. ଆ)—୧ । ଉପକ୍ରମ; ଆରମ୍ଭ; ଉତ୍ଥାପନ—
1. Commencement.
୨ । ଅବତାରଣା—2. Introduction.
୩ । ଗ୍ରନ୍ଥାଦିର ଆରମ୍ଭରେ ଗ୍ରନ୍ଥବିଷୟର ସୂଚନା—
3. Preface.
୪ । ନାଟକାଦି ଗ୍ରନ୍ଥରେ ଅଭିନୟ ଆରମ୍ଭରେ ନଟର ଅବତାରଣା ମଙ୍ଗଳାଚରଣ—4. Prologue; prelude.
୫ । ନାଟକାଭିନୟର ଆରମ୍ଭରେ ନଟ, ନଟୀ, ସୂତ୍ରଧାରଆଦିଙ୍କ ମଧ୍ୟରେ କଥୋପକଥନ ଛଳରେ ନାଟକୀୟ ପ୍ରସଙ୍ଗର ବା ଗ୍ରନ୍ଥକାରଙ୍କ ପରିଚୟ ଦେବା—5. An introductory dialogue between the head acter and the actress introducing the audience to the incidents of the drama (Apte).

[ଦ୍ର—ନାନ୍ଦୀ ପରେ ସୂତ୍ରଧାର କାବ୍ୟାର୍ଥବ୍ୟଞ୍ଜକ ସ୍ୱମଧୁର କଳକଣ୍ଠ-ଦ୍ୱାରା ସାମାଜିକମାନଙ୍କର ଚିତ୍ତରଞ୍ଜନ କରନ୍ତି କିମ୍ବା ଋତୁବିଶେଷକୁ ଅବଲମ୍ବନ କରି ନଟୀମୁଖରେ ଗୋଟିଏ ଗୀତ ବୋଲାନ୍ତି । ତତ୍ପରେ ନଟୀ, ବିଦୂଷକ ଓ ସୂତ୍ରଧାର ମିଳିତ ହୋଇ ପ୍ରକୃତ ପ୍ରସ୍ତାବବିଷୟକ କଥୋପକଥନ ଆରମ୍ଭ କରନ୍ତି । ଏହାକୁ ପ୍ରସ୍ତାବନା ବୋଲାଯାଏ । ନାଟକମାନଙ୍କରେ ୫ ପ୍ରକାର ପ୍ରସ୍ତାବନା ଦେଖାଯାଏ, ଯଥା—ଉଦ୍‌ଘାତକ, କଥୋଦ୍‌ଘାତ, ପ୍ରୟୋଗାତିଶୟ, ପ୍ରବୃତ୍ତକ ଓ ଅବଲଗିତ ।]

ପ୍ରସ୍ତାବ ଭଙ୍ଗ—ସଂ. ବି. (ଆଧୁନିକ; ୬ଷ୍ଠୀ ତତ୍)—କୌଣସି ଉତ୍ଥାପିତ
Prastāba bhaṅga ପ୍ରସ୍ତାବର ବିରୋଧାଚରଣ—
Vetoing of a proposal; acting contrarily to a proposal.

ପ୍ରସ୍ତାବିକା—ସଂ. ବିଣ. ସ୍ତ୍ରୀ (ପ୍ରସ୍ତାବକ + ସ୍ତ୍ରୀ. ଆ)—'ପ୍ରସ୍ତାବକ'ର ସ୍ତ୍ରୀଲିଙ୍ଗ
Prastābikā Feminine of 'Prastābaka'.
ସଂ. ବି. (ଆଧୁନିକ ପ୍ରୟୋଗ)—କୌଣସି ଅନୁଷ୍ଠାନର ପୂର୍ବାଭାଷ ପତ୍ର; ଅନୁଷ୍ଠାନ ପତ୍ର—Prospectus.

ପ୍ରସ୍ତାବିତ—ସଂ. ବିଣ (ପ୍ରସ୍ତାବ + କୃତାର୍ଥେ. ଇତ)—୧ । ପ୍ରସ୍ତାବ କରା-
Prastābita ଯାଇ ଥିବା—1. Proposed.
୨ । ଉଲ୍ଲିଖିତ—2. Mentioned.
୩ । ଉତ୍ଥାପିତ—3. Introduced.
୪ । ପ୍ରସଙ୍ଗକ୍ରମେ ଉକ୍ତ—4. Referred to.

ପ୍ରସ୍ତାର—ସଂ. ବି. (ପ୍ର + ସ୍ତୃ ଧାତୁ ଣିଚ + ଭାବ. ଅ)—୧ । ବିସ୍ତାର—
Prastāra 1. Spreading; diffusion.

ନଳସ୍ୱ ଧରେ ମଳୟ ଧର ଶୋଭା ବଢ଼ଇ ଜନ ପ୍ରସ୍ତାର ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । ଆଧିକ୍ୟ; ବୃଦ୍ଧି (ହ. ଶ.)—2. Increase.
୩ । ପତ୍ର, ପୁଷ୍ପ, ତୃଣାଦିରଚିତ ଶଯ୍ୟା (ହ. ଶ.)—
3. A bed of grass, leaves or flowers.
୪ । ପରସ୍ତ; ସ୍ତର (ହ. ଶ.)—4. Layer.

୫ । (+କରଣ. ଅ) ସିଢ଼ି (ହି. ଶ.)—
5. Ladder; flight of steps.
୬ । ସମତଳ (ହି. ଶବ୍ଦସାଗର)—
6. A plain; a flat surface.
୭ । ଘାସ ବଣ (ହି. ଶବ୍ଦସାଗର)—
7. A place overgrown with grass.
୮ । ବୃକ୍ଷାଳଥ ଜଙ୍ଗଲ—8. Thicket wood (Apte).
୯ । (ଛନ୍ଦଃ ଶାସ୍ତ୍ର) ଛନ୍ଦମାନଙ୍କର ଗୁରୁ ଲଘୁ ଭେଦ, ରୂପ ଓ ଲଘୁ ଗୁରୁ ବର୍ଣ୍ଣ ସଂଖ୍ୟା ଅଙ୍କ ଲେଖା ଥିବା ଫଳକ—9. (prosody) A tabular representation of the long and short vowels of a metre with all possible varieties (Apte).

ପ୍ରସ୍ତିର—ସଂ. ବି.—ପତ୍ର ଓ ଫୁଲ ଅଦରେ ରଚିତ ଶଯ୍ୟା—
Prastira A bed of leaves and flowers (Apte).

ପ୍ରସ୍ତୀତ(ମ)—ସଂ. ବିଣ.—୧ । ଶବ୍ଦାୟମାନ; ଶବ୍ଦଉତ୍ପାଦକ—
Prastita(ma) 1. Sounded; making a sound (Apte.)
୨ । ଘନସମାବିଷ୍ଟ—
2. Crowded together; swarming (Apte.)

ପ୍ରସ୍ତୁତ—ସଂ. ବିଣ. (ପ୍ର+ସ୍ତୁ ଧାତୁ+କର୍ମ. ତ)—୧ । ଉପସ୍ଥିତ; ବର୍ତ୍ତମାନ—1. Present; impending.
Prastuta
୨ । ଉକ୍ତିଖିତ—2. Above-mentioned; above-said.
୩ । ଆଲୋଚିତ ହେଉଥିବା—3. Under discussion.
୪ । ନିର୍ମିତ; ରଚିତ—4. Made; constructed.
୫ । ସଜ୍ଜିତ—5. Furnished.
୬ । ଉଦ୍ୟୁକ୍ତ; ତତ୍ପର—
6. Ready; prepared; prompt.
୭ । ପ୍ରଶଂସିତ—7. Praised; eulogised (Apte).
୮ । ଅଭିଲଷିତ—8. Desired; expected.
୯ । ପ୍ରତ୍ୟୁତ୍ପନ୍ନ; ପୁନର୍ବାର ଜାତ—9. Reproduced.
୧୦ । ସୁଦକ୍ଷ—10. Expert; skilful.
୧୧ । ଯଥାର୍ଥ; ପ୍ରକୃତ—11. Real; actual.
୧୨ । ପ୍ରାସଙ୍ଗିକ—12. Relating to the subject matter; relevant.
୧୩ । ସମାହିତ; ସମ୍ପାଦିତ; ନିଷ୍ପନ୍ନ—
13. Accomplished; effected; executed.
୧୪ । ଆରବ୍ଧ—14. Commenced; begun (Apte).
୧୫ । ଘଟିଥିବା—15. Happened (Apte).
୧୬ । ଉକ୍ତ; କଥିତ—16. Spoken (Apte).
୧୭ । ପ୍ରସ୍ତାବିତ—17. Proposed (Apte).
୧୮ । ଉଦ୍ୟତ—18. Ready; prepared (Apte).
୧୯ । (ଅଲଙ୍କାର ଶାସ୍ତ୍ର)—ଆଲୋଚିତ; ଯାହାର ଆଲୋଚନା କରାଯାଉଅଛି—19. (rhetoric) Forming the subject of discussion (Apte).
୨୦ । ଉପଯୁକ୍ତ (ହି. ଶ)—20. Fit.
ସଂ. ବି.—ଆଲୋଚିତ ବିଷୟ—The matter in hand; the subject under discussion.

ପ୍ରସ୍ତୁତ ହେବା—ଦେ. କ୍ରି.—କୌଣସି ଉପସ୍ଥିତ କାର୍ଯ୍ୟ ନିମନ୍ତେ ତତ୍ପର
Prastuta heba ହେବା—To get one's self ready for an impending matter; to be prepared for a thing.

ପ୍ରସ୍ତୁତାଙ୍କୁର—ସଂ. ବି.—କାବ୍ୟାଲଙ୍କାରବିଶେଷ—
Prastutāṅkura A figure of speech in which a reference is made to a passing circumstance to bring out something latent in the hearer's mind.

ପ୍ରସ୍ତୁତାଲଂକାର—ସଂ. ବି.—ଯେଉଁ ଅଲଙ୍କାରରେ ପ୍ରସ୍ତୁତ (ଉପସ୍ଥିତ)
Prastutālankāra ବସ୍ତୁ ସମ୍ବନ୍ଧେ କେତେକ କଥା କହି ବକ୍ତାର ଅଭିପ୍ରାୟ ଅନ୍ୟ ପ୍ରସ୍ତୁତ ବସ୍ତୁ ପ୍ରତି ଲକ୍ଷ୍ୟ ଯାଏ—(ହି. ଶ)—A kind of figure of speech, in which a reference is made to the subject in hand which may to applicable to another.

ପ୍ରସ୍ତୁତି—ସଂ. ବି. (ପ୍ର+ସ୍ତୁ ଧାତୁ+ଭାବ. ତି)—୧ । ପ୍ରଶଂସା—
Prastuti 1. Praise.
୨ । ପ୍ରସ୍ତାବନା—2. Prelude; prologue.
୩ । ଉପସ୍ଥିତି—3. Presence.
୪ । ନିଷ୍ପତ୍ତି—4. Decision.

ପ୍ରସ୍ଥ—ସଂ. ବି. (ପ୍ର+ସ୍ଥା ଧାତୁ+ଅଧିକରଣ. ଅ)—୧ । ଶସ୍ୟାଦିର
Prastha ପରିମାଣବିଶେଷ; ୪୮ ଅଞ୍ଜଳି; ୩୨ ପଲ—
1. A measure of corn; about 48 double handfuls.
[ଦ୍ର—ଏହି ପରିମାଣ ୨ ତୁଳାର; ଓଜନର ପରିମାଣ ଓ ମାପର ପରିମାଣ । ଏ ପରିମାଣରେ ମତଭେଦ ଲକ୍ଷିତ ହୁଏ । କେହି କହନ୍ତି ୪ କୁଡ଼ବ=୧ ପ୍ରସ୍ଥ; କେହି କହନ୍ତି ୨ ଶରାବ=୧ ପ୍ରସ୍ଥ; କେହି କହନ୍ତି ୪ ପ୍ରସ୍ଥ=୧ ଆଢ଼କ । ବମନ ବିରେଚନ ଓ ଶୋଣିତ ମୋକ୍ଷଣରେ କେହି କହନ୍ତି ୧ ପ୍ରସ୍ଥ=୧୩୩ ପଲ; କେହି କହନ୍ତି =୨ ପଲ, କେହି କହନ୍ତି=$\frac{1}{16}$ ଦ୍ରୋଣ ହି. ଶ ।]
୨ । ଅଧିତ୍ୟକା; ପର୍ବତ ଉପରସ୍ଥ ସମତଳ ଭୂମି—
2. Table land on the top of a mountain; plateau.
୩ । ଉପତ୍ୟକା—3. Valley; dale; glen.
୪ । ବିସ୍ତୃତ ସମତଳ ଭୂମି—4. Level expanse.
୫ । ୧୨ ଅଙ୍ଗୁଳ ପରିମିତ ସ୍ଥାନ—
5. A space of 12 fingers.
୬ । ପରସର; ବିସ୍ତାର—6. Width; expanse.
୭ । ଓସାର—7. Breadth.
୮ । ବାସନର ଏକସାଜ—8. A set of utensils.
୯ । ପରିଚ୍ଛଦର ଏକସାଜ—9. A suit of clothes.

୧୦ । ପାହାଡ଼ର ଉଚ୍ଚ ତଟ; ଅତଡ଼ (ହ୍ର. ଶ)—
10. Precipice.
ଦେ. ବି—ପ୍ରସ୍ତ (ଦେଖ)—Prasta (See)

ପ୍ରସ୍ଥାନ—ସଂ. ବି· (ପ୍ର + ସ୍ଥା ଧାତୁ + ଭାବ. ଅନ)—୧ । ଗମନ; ଯିବା—
Prasthāna 1. Going; proceeding.
(ପ୍ରସ୍ଥାପନ—ଣିଜନ୍ତରୂପ) ୨ । କୌଣସି ସ୍ଥାନ ତ୍ୟାଗ କରି ଯିବା—
ପ୍ରସ୍ଥିତ, ପ୍ରସ୍ଥାନୀୟ } ବିଣ 2. Departure; exodus.
୩ । ଯାତ୍ରା—3. Starting from a place; procession.
୪ । ସୈନ୍ୟମାନଙ୍କର ଯୁଦ୍ଧାର୍ଥ ଗମନ—
4. The march of an army.
୫ । ଶତ୍ରୁର ଅଭିମୁଖରେ ବିଜିଗୀଷୁର ଯାତ୍ରା—
5 The march of an assailant; expedition.
୬ । ହୀନବ୍ୟକ୍ତିଙ୍କ ଚରିତ୍ରବର୍ଣ୍ଣନାତ୍ମକ ୨ ଅଙ୍କଯୁକ୍ତ ନାଟକବିଶେଷ—
6. An inferior kind of drama in 2 acts.
୭ । ରୀତି; ପଦ୍ଧତି—7. Mode; system.
୮ । ମୃତ୍ୟୁ—8 Death (Apte).
୯ । ପ୍ରେରଣ—9. Sending away; despatching (Apte).
୧୦ । (+ଅଧିକରଣ. ଅନ) ମାର୍ଗ (ହ୍ର. ଶ)—10. Way; road.

ପ୍ରସ୍ଥାପନ(ନା)—ସଂ. ବି. (ପ୍ର + ସ୍ଥା ଧାତୁ ଣିଚ୍+ଭାବ., ଅନ)—
Prasthāpana(nā) ୧ । ପଠାଇବା; ପ୍ରେରଣ—
ପ୍ରସ୍ଥାପିତ, ପ୍ରସ୍ଥାପନୀୟ } ବିଣ 1. Sending away; despatching.
୨ । ରାଜକୀୟ ଦୌତ୍ୟ କାର୍ଯ୍ୟରେ ନିଯୋଗ—
2. Appointment to an embassy.
୩ । ଅନ୍ୟର ଗବାଦି ପଶୁଙ୍କୁ ପଳାୟନ—3. Harrying; cattle-lifting; carrying away of cattle.
୪ । ପ୍ରମାଣିତ କରିବା—4. Proving; demonstrating (Apte).
୫ । ନିଯୋଜନ—5 Using; employing (Apte).

ପ୍ରସ୍ଥାପିତ—ସଂ. ବିଣ (ପ୍ର+ସ୍ଥାପିତ)—୧ । ଦୌତ୍ୟ କାର୍ଯ୍ୟରେ ପ୍ରେରିତ—
Prasthāpita 1. Despatched on an errand.
(ପ୍ରସ୍ଥାପନ—ବି) ୨ । ପଠା ଯାଇଥିବା; ପ୍ରେରିତ—2. Sent.

ପ୍ରସ୍ଥାୟୀ—ସଂ. ବିଣ. ପୁଂ (ପ୍ର+ସ୍ଥା ଧାତୁ+ଇନ; ୧ମା. ୧ବ)—
Prasthāyi ୧ । ଯେ ଯାତ୍ରା କରୁଅଛି—
(ପ୍ରସ୍ଥାୟିନୀ—ସ୍ତ୍ରୀ) 1 Departing; starting.
୨ । ଭ୍ରମଣକାରୀ—2. Travelling; going (Apte).

ପ୍ରସ୍ଥିତ—ସଂ. ବିଣ. ପୁଂ (ପ୍ର+ସ୍ଥିତ)—୧ । ଚାଲି ଯାଇଥିବା; ଗତ—
Prasthita 1. Departed; gone; set out.
(ପ୍ରସ୍ଥିତା—ସ୍ତ୍ରୀ) ୨ । ଗମନୋଦ୍ୟତ—2. Ready to depart.
(ପ୍ରସ୍ଥିତି—ବି)

ପ୍ରସ୍ନ—ଗ୍ରା. (ପଦ୍ୟ) ବିଣ (ସଂ. ପ୍ରସନ୍ନ)—ପ୍ରସନ୍ନ (ଦେଖ)
Prasna Prasanna (See)
ବିମଳ ପ୍ରସ୍ନ ଭରଣ । ବିଧାନ ସେ ଅନକ୍ଷଣ—
ଉପ. ବୈଦେହୀଶବିଳାସ ।

ସଂ. ବି (ପ୍ର + ସ୍ନା ଧାତୁ + ଅଧିକରଣ. ଅ)—ସ୍ନାନପାତ୍ର (ହ୍ର. ଶ)—
A vessel for bathing (Apte).

ପ୍ରସ୍ନବ—ସଂ. ବି (ପ୍ର+ସ୍ନୁ ଧାତୁ=ବହିବା+ଭାବ. ଅ)—୧ । ଧାର ବହିବା—1. Flowing (Apte).
Prasnaba
୨ । ତରଳୀଭୂତ ପଦାର୍ଥର ଧାର—
2. A stream or flow (as of milk) (Apte).
୩ । କ୍ଷରଣ; ସ୍ରାବ—3 Exudation (Apte).

ପ୍ରସ୍ନୁଷା—ସଂ. ବି. ସ୍ତ୍ରୀ (ପ୍ର+ସ୍ନୁଷା; ତୁଲ. ପ୍ରମାତାମହ; ପ୍ରପିତାମହ)—
Prasnushā ନାତୁଣୀବୋହୂ; ନାତିର ସ୍ତ୍ରୀ—Grandson's wife; one's grand daughter-in-law.

ପ୍ରସ୍ପନ୍ଦନ—ସଂ. ବି (ପ୍ର+ସ୍ପନ୍ଦନ)—ଥରିବା; ଦକଦକ ହେବା; କମ୍ପନ—
Praspandana Palpitating; vibrating; trembling.

ପ୍ରସ୍ପେକ୍ଟସ୍—ବୈଦେ. ବି (ଇଂ)—କୌଣସି ଅନୁଷ୍ଠାନର ଆରମ୍ଭ ପୂର୍ବରୁ
Praspektas ପ୍ରଚାରିତ ବିବରଣ ପତ୍ର—Prospectus.
प्रास्पेक्टस प्रास्पेक्टस

ପ୍ରସ୍ଫୁଟ—ସଂ. ବିଣ (ପ୍ର+ସ୍ଫୁଟ୍ ଧାତୁ=ବିକଶିତ ହେବା+କର୍ତ୍ତୃ. ଅ)—
Prasphuta ୧ । ଉତ୍ତମରୂପେ ଫୁଟିଥିବା; ବିକଶିତ; ପ୍ରଫୁଲ୍ଲ—
(ପ୍ରସ୍ଫୁଟିତ—ଅନ୍ୟରୂପ) 1. Full blown; expanded.
୨ । ପ୍ରକାଶିତ; ପ୍ରକଟିତ—
2. Manifest; published; divulged.
୩ । ସୁସ୍ପଷ୍ଟ—3. Plain; clear; evident.

ପ୍ରସ୍ଫୁରକ—ସଂ. ବି (ଆଧୁନିକ ବ୍ୟବହାର)—ଦୀପକ ପଦାର୍ଥବିଶେଷ;
Prasphuraka ଅମ୍ଳଜାନ ବାଷ୍ପ ଯୋଗେ ଜଳି ଉଠିବା ପଦାର୍ଥ-ବିଶେଷ—Phosphorus.

ପ୍ରସ୍ଫୁରିତ—ସଂ. ବିଣ (ପ୍ର+ସ୍ଫୁରିତ)—୧ । ସ୍ଫୀତ; ଫୁଲି ଉଠିବା—
Prasphurita 1. Swollen.
୨ । ମୁକୁଳିତ—2. Budded.
୩ । ବିକଶିତ—3. Full blown.
୪ । ଥରୁଥିବା; କମ୍ପିତ—4. Shaking; shivering quivering; trembling.

ପ୍ରସ୍ଫୁରିତାଧର—ସଂ. ବିଣ. ପୁଂ (ବହୁବ୍ରୀହି; ପ୍ରସ୍ଫୁରିତ+ଅଧର)—
Prasphuritādhara (କ୍ରୋଧ ଯୋଗୁଁ) ଯାହାର ଓଠ ଥରୁ
(ପ୍ରସ୍ଫୁରିତାଧରା—ସ୍ତ୍ରୀ) ଥାଏ; କମ୍ପିତାଧର—
With quivering lips.

ପ୍ରସ୍ଫୋଟନ—ସଂ. ବି (ପ୍ର+ସ୍ଫୁଟ୍ ଧାତୁ+ଭାବ. ଅନ)—୧ । ପୋଛିବା—
Prasphoṭana 1. Wiping away; rubbing out.
୨ । ତାଡ଼ନ—2. Beating; striking.
୩ । ବିଦାରଣ—3. Piercing.
୪ । ଫୁଟିବା; ବିକାଶ—
4. Opening; expanding; blooming.
୫ । କୁଲାଦ୍ୱାରା ପାଛୁଡ଼ିବା—
5. Winnowing; threshing.
୬ । ପାଚିବା—6. Ripening.
୭ । ପ୍ରକାଶିତ ହେବା—7. Being manifest.

୮ । (+କରଣ. ଅନ) କୁଲା—
8. Winnowing basket (Apte).
୯ । (+କର୍ମ. ଅନ) କୁଲାରେ ପାଛୁଡ଼ା ହୋଇଥିବା ଶସ୍ୟ—
9. Winnowed corn
୧୦ । (ସୂ ଧାତୁ ଣିଜନ୍ତ+ଭାବ. ଅନ) ପ୍ରସ୍ଫୁଟିତ କରାଇବା—
10. Causing to bloom or blow.
୧୧ । ପ୍ରକାଶିତ କରିବା—11. Revealing; making clear or manifest (Apte).

ପ୍ରସ୍ୱ(ସ୍ୱା)ନ—ସ. ବି. (ପ୍ର+ସ୍ୱନ)—ଉଚ୍ଚଧ୍ୱନି—
Praswa(swā)na Loud noise (Apte).

ପ୍ରସ୍ୱାପ—ସ. ବି. (ପ୍ର+ସ୍ୱପ୍ ଧାତୁ=ଶୋଇବା+ଭାବ. ଅ)—
Praswāpa ୧ । ଗାଢ଼ନିଦ୍ରା—1. Profound sleep.
୨ । ସ୍ୱପ୍ନ—2. Dream (Apte).
୩ । (+କର୍ତ୍ତୃ. ଅ) ନିଦ୍ରା ଉତ୍ପାଦକ ଅସ୍ତ୍ରବିଶେଷ—
3. A missile which induces sleep in the person attacked.

ପ୍ରସ୍ୱାପକ—ସ. ବିଣ. ପୁଂ (ପ୍ର+ସ୍ୱପ୍ ଧାତୁ ଣିଚ୍+କର୍ତ୍ତୃ. ଅକ)—
Praswāpaka ୧ । ନିଦ୍ରା ଉତ୍ପାଦକ—
(ପ୍ରସ୍ୱାପିକା—ସ୍ତ୍ରୀ) 1. Soporific; causing sleep.
୨ । ହତ୍ୟା—2. Slaying (Apte).

ପ୍ରସ୍ୱାପନ—ସ. ବି. (ପ୍ର+ସ୍ୱପ୍ ଧାତୁ ଣିଚ+ଭାବ. ଅନ)—
Praswāpana ୧ । ନିଦ୍ରା ଉତ୍ପାଦନ—
1. Causing or inducing sleep.
୨ । (+କର୍ତ୍ତୃ. ଅନ) ପ୍ରସ୍ୱାପ ୩ (ଦେଖ)
2. Praswāpa 3 (See)
ଏହି ପ୍ରସ୍ୱାପନ ଅସ୍ତ୍ର ଭୃଗୁ ଦତ୍ତ—ଭୃଗୁ ତ. ମହାଭାରତ. ବନ ।
ସଂ. ବିଣ—ନିଦ୍ରାଜନକ—
Inducing sleep; soporific.

ପ୍ରସ୍ୱିନ୍ନ—ସଂ. ବିଣ. (ପ୍ର+ସ୍ୱିଦ୍ ଧାତୁ=ଝାଳ ବୋହିବା+କର୍ତ୍ତୃ. ତ)—
Praswinna ୧ । ଝାଳରେ ବୁଡ଼ିଥିବା; ଘର୍ମିତ—
(ପ୍ରସ୍ୱେଦିତ—ଅନ୍ୟରୂପ) 1. Perspiring; sweated.
୨ । ଉତ୍ତପ୍ତ—2. Heated.
୩ । ବାମ୍ଫଅଗ୍ନି ଗ୍ରହଣ କରୁଥିବା (ବ୍ୟକ୍ତି)—
3. Having a vapour bath.

ପ୍ରସ୍ୱେଦ—ସଂ. ବି. (ପ୍ର+ସ୍ୱେଦ)—ଖୁବ୍‌ବେଶୀ ଝାଳ—
Prasweda Profuse sweating; perspiration.
(ପ୍ରସ୍ୱେଦନ—ଣିଜନ୍ତ ସିଦ୍ଧ ବିଶେଷ୍ୟ)

ପ୍ରସ୍ରଂଶ—ସଂ. ବି. (ପ୍ର+ସ୍ରଂଶ୍ ଧାତୁ+ଭାବ. ଅ)—୧ । ପତନ—
Prasramsa 1. Falling down.
୨ । ଗର୍ଭସ୍ରାବ; ଗର୍ଭପାତ—2. Miscarriage; abortion.

ପ୍ରସ୍ରବ—ସ. ବି. (ପ୍ର+ସ୍ରୁ ଧାତୁ=ଗଳିବା+ଭାବ. ଅ)—୧ । ତରଳିବା—
Prasraba 1. Melting.
୨ । କ୍ଷରଣ; ଗଳନ—2. Distillation.
୩ । ଟୋପା ଟୋପା ପଡ଼ିବା—3. Oozing; dropping.
୪ । ଝରିବା; ବହିଯିବା—4. Trickling; running.
୫ । ବୋହିବା—5. Flowing.
୬ । (+କର୍ତ୍ତୃ. ଅ)—ସ୍ତନରୁ ବା ପଖାରୁ ସ୍ରବିବା ଦୁଗ୍ଧ—
6. Milk flowing from the breast or udder (Apte).
୭ । ପ୍ରସ୍ରାବ; ମୂତ୍ର—7. Urine (Apte).
୮ । ପେଜ—8. The overflowing scum of boiling rice (Apte).
୯ । ଧାର; ସ୍ରୋତ—9 A flow; a stream (Apte).

ପ୍ରସ୍ରବଣ—ସ. ବି. (ପ୍ର+ସ୍ରୁ ଧାତୁ+କର୍ତ୍ତୃ. ଅନ)—୧ । ଉତ୍ସ; ନିର୍ଝର;
Prasrabana ଝରଣା—1. Fountain; spring.
୨ । ଜଳପ୍ରବାହ; ଜଳ ଧାର—2. Flow of water.
୩ । (+ଭାବ. ଅନ) ଟୋପା ଟୋପା ହୋଇ ବହିବା—
3. Oozing; leaking; dropping.
୪ । ସ୍ୱେଦ; ଝାଳ—4. Sweat; perspiration.
୫ । ମୂତ୍ର ତ୍ୟାଗକରଣ—5 Urination; voiding urine; passing water.
୬ । (+ଅଧାରାନ. ଅନ)—ମାଲ୍ୟବାନ ପର୍ବତ; ଜନସ୍ଥାନ ମଧ୍ୟବର୍ତ୍ତୀ ପର୍ବତବିଶେଷ—6. Name of a range of mountains in the Western ghats of India.
୭ । ଜଳପ୍ରପାତ—
7. Waterfall; cascade; cataract (Apte).
୮ । ଜଳର ପନ୍ଥା—8. A spout (Apte).

ପ୍ରସ୍ରବଣୀ—ସ. ବି. (ପ୍ରସ୍ରବଣ+ଈ)-(ବୈଦ୍ୟକ) ଯେଉଁ ଯୋନିରୁ
Prasrabani ସର୍ବଦା ଜଳୀୟ ସ୍ରାବ ହେଉଥାଏ—A female organ always exuding a watery liquid.
[ଦ୍ର—ଏହାର ଅନ୍ୟ ନାମ ଦୁଷ୍ଟ ଜାବନୀ । ଏପରି ଜୋକବଣ୍ଠିଷ୍ଟ ସ୍ତ୍ରୀର ସର୍ବୋଦସ୍ତୁ ହେବା କଷ୍ଟକର (ହୁ. ଷ.) ।]

ପ୍ରସ୍ରବଣୀ ଲେଖନୀ—ସ. ବି. (ଅଧୁନିକ ବାଙ୍ଗ୍ୟ ବ୍ୟବହାର)—ଝର
Prasrabani lekhani କଲମ; ନିର୍ଝର ଲେଖନୀ; ଯେଉଁ କଲମରେ ସ୍ୟାହି ଭର୍ତ୍ତି ହୋଇ ଥାଏ; ଫାଉଣ୍ଟେନ୍ ପେନ୍—
Fountain pen.

ପ୍ରସ୍ରା—ସ. ବି. (ପ୍ର+ସ୍ରୁ ଧାତୁ=କ୍ଷରିତ ହେବା+କର୍ମ. ଅ)—
Prasrā ୧ । ମୂତ୍ର; ମୂତ (ପ୍ରକୃତବାଦ)—1. Urine.
୨ । (+ଭାବ. ଅ)—ପ୍ରକୃଷ୍ଟରୂପେ କ୍ଷରଣ—(ପ୍ରକୃତବାଦ)—
2. Excessive distillation.

ପ୍ରସ୍ରା ତଲବ—ଦେ. ବି. (ସ. ପ୍ରସ୍ରାବ+ଅ. ତଲବ୍)—ମୂତ ମାଡ଼ିବା—
Prasrā talaba Having a tendency to urinate.
পেসাব তলব पेसाब तलब

ପ୍ରସ୍ରାବ—ସ. ବି. (ପ୍ର+ସ୍ରବ)—୧ । ମୂତ୍ର; ପରିସ୍ରବ—
Prasrāba 1. Urine.
୨ । ମୂତିବା—2. Urination.
୩ । ଟୋପା ଟୋପା ହୋଇ ପଡ଼ିବା—
3. Oozing; dropping.
୪ । କ୍ଷରଣ; ଝରିବା—4 Flowing.

ପ୍ରସ୍ରାବ (ଇତ୍ୟାଦି)—ଦେ. କ୍ରି.—ପ୍ରସା ଇତ୍ୟାଦି (ଦେଖ)
Prasrāba (etc) Prasā etc (See)

ପ୍ରସ୍ରାବ ଦ୍ୱାର—ସଂ. ବି.—ଜନନେନ୍ଦ୍ରିୟ—
Prasrāba dwāra The urinary organ.

ପ୍ରସ୍ରୁତ—ସଂ. ବିଣ. (ପ୍ର+ସ୍ରୁ ଧାତୁ+କର୍ତ୍ତୃ. ତ)—ଗଳିତ; ସ୍ରବିତ—
Prasruta Oozing; dropping.

ପ୍ରହଣେ(ନେ)ମି—ସଂ. ବି.—ଚନ୍ଦ୍ର—
Prahaṇe(ne)mi Moon (Apte)

ପ୍ରହତ—ସଂ. ବିଣ. (ପ୍ର+ହନ୍ ଧାତୁ+କର୍ମ. ତ)—୧ । ଆହତ; ଆଘାତ ପ୍ରାପ୍ତ; ପ୍ରତାଡ଼ିତ—
Prahata 1. Wounded; struck; smitten.

୨ । ହତ—2. Killed.

୩ । ପରାଜିତ—3. Defeated; overpowered.

୪ । ବିସ୍ତୃତ; ପ୍ରସାରିତ—4. Stretched.

୫ । ନିକଟସ୍ଥ—5. Contiguous.

୬ । ସୀମାବଦ୍ଧ—6. Bounded; limited.

୭ । ବିତାଡ଼ିତ—7. Driven; repelled.

୮ । ଗୁଣୀ; ବିଦ୍ୱାନ୍—8. Learned; endowed with good qualities; accomplished.

୯ । । ଗୁଣିତ—9. Multiplied.

୧୦ । ରାଶୀକୃତ; ଏକତ୍ରୀଭୂତ—
1. Gathered together; heaped up.

୧୧ । ଚୂର୍ଣ୍ଣିତ; କ୍ଷୁଣ୍ଣ; ଚିହ୍ନା ବା ଦଳା ହୋଇଥିବା—
11. Pounded; bruised.

ପ୍ରହର—ସଂ. ବି. (ପ୍ର+ହୃ ଧାତୁ=ହରଣ କରିବା, ଆଘାତ କରିବା+ଭାବ. ଅ)—୧ । ଘଣ୍ଟ ଉପରେ ଆଘାତ (ପୂର୍ବେ ରାଜଦ୍ୱାରରେ ପ୍ରତି ପହରରେ ଘଣ୍ଟା ଦିଆ ଯାଉଥିଲା)—
Prahara 1. Stroke on a gong.

୨ । (+ଅଧିକରଣ. ଅ) ଯାମ; ଦିବାରାତ୍ରିର ୮ ଭାଗରୁ ଏକ ଭାଗ; ପହର; ୩ ଘଣ୍ଟା କାଳ—2. A period of 3 hours; watch.

ପ୍ରହରଣ—ସଂ. ବି.—୧ । (ପ୍ର+ହୃ ଧାତୁ+କରଣ. ଅନ)—
Praharaṇa ଆୟୁଧ; ଅସ୍ତ୍ର—1. Weapon.

୨ । (+ଅଧିକରଣେ. ଅନ)—ଯୁଦ୍ଧ—2. War.

୩ । (+କର୍ମ. ଅନ) ସ୍ତ୍ରୀଲୋକଙ୍କ ବହନାର୍ଥେ ଆଚ୍ଛାଦିତ ଯାନ ବା ରଥବିଶେଷ—3. A covered conveyance or litter for ladies.

୪ । (ଭାବ. ଅ) ଆଘାତ; ପ୍ରହାର; ମାଡ଼—
4. Beating; stroke.

ପ୍ରହରଣୀୟ—ସଂ. ବିଣ. (ପ୍ର+ହୃ ଧାତୁ+କର୍ମ. ଅନୀୟ)—
Praharaṇiya ପ୍ରହାର ପାଇବା ଯୋଗ୍ୟ—
Deserving to be beaten.

ସଂ. ବି. (+କରଣ ଅନୀୟ)—ଆୟୁଧ; ଅସ୍ତ୍ର—Weapon.

ପ୍ରହରା—ଦେ. ବି. (ସଂ. ପ୍ରହରୀ)—
Praharā ପହରା; ପ୍ରହରୀର କର୍ମ; ହାମରାଇ—ପାହାରା पहरा Watch; guard.
(ରାମଶଙ୍କର ବିବାସିନୀ—୨୧ ଅଧ୍ୟାୟ)

ପ୍ରହରାଜ—ଦେ. ବି. (ସଂ. ପ୍ରହର ବା ପ୍ରହରୀ ଓ ରାଜନ୍)—
Praharāja ବ୍ରାହ୍ମଣମାନଙ୍କର ରାଜଦତ୍ତ ବଂଶୋପାଧିବିଶେଷ—
A family-title bestowed on **Brāhmaṇas.**

ପ୍ରହରାଦ—ଗ୍ରା. (ପଦ୍ୟ) ବି. (ସଂ. ପ୍ରହ୍ଲାଦ)—
Braharāda ପ୍ରହ୍ଲାଦ ୩ (ଦେଖ)
Prahlāda 3 (See)

ତାହାଙ୍କ ରୂପେ ପ୍ରହରାଦ, ହର ବିଷମ୍ବେ ଉତ୍କ୍ଷେଦ ।
କୃଷ୍ଣସିଂ. ମହାଭାରତ. ବନ ।

ପ୍ରହରୀ—ସଂ. ବି. ପୁଂ. (ପ୍ରହର+ଇନ୍; ୧ମା. ୧ବ)—
Praharī ୧ । ପହରିବାଲା; ଚଉକିଦାର; ମନ୍ତ୍ରୀ—
1. A watchman; sentry.
(ପ୍ରହରୀ—ସ୍ତ୍ରୀ—ପ୍ରକୃତିବାଦ)

[ଦ୍ର—ପୂର୍ବେ ରାଜଦ୍ୱାରରେ ୧ ପ୍ରହର ଅନ୍ତରରେ ସମୟ ନିର୍ଦ୍ଦେଶକ ଘଣ୍ଟା ବାଜୁଥିଲା ହେଉଥିଲା ଏବଂ ପହରିବାଲାମାନେ ବଦଳ ହେଉଥିଲେ ।]

୨ । ଅନ୍ୟ ପାଇଁ ଜାମିନ୍ ହେବା ବ୍ୟକ୍ତି—
2. A surety; a guarantee.

୩ । ଘଣ୍ଟାବାଦକ—3. A bellman (Apte).

ପ୍ରହର୍ତ୍ତା—ସଂ. ବି ଓ ବିଣ. ପୁଂ (ପ୍ର+ହୃ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Praharttā ୧ । ପ୍ରହାର କର୍ତ୍ତା—1. Striking; beating.
(ପ୍ରହର୍ତ୍ତ୍ରୀ—ସ୍ତ୍ରୀ)

୨ । ଯୋଦ୍ଧା—2. Combatant; warrior.

୩ । ଆକ୍ରମଣକାରୀ—3. Assailant.

ପ୍ରହର୍ଷ—ସଂ. ବି. (ପ୍ର+ହର୍ଷ)—ଆହ୍ଲାଦ; ବିଶେଷ ଆନନ୍ଦ—
Praharsha Mirth; delight; joy; rapture.
(ପ୍ରହୃଷ୍ଟ—ବିଣ)

ପ୍ରହର୍ଷଣ—ସଂ. ବି. (ପ୍ର+ହୃଷ୍ ଧାତୁ ଣିଚ୍+କର୍ତ୍ତୃ. ଅନ)—
Praharshaṇa ୧ । ଆନନ୍ଦସାଧନ—1. Delighting; giving joy; enrapturing.
(ପ୍ରହର୍ଷିତ—ବିଣ)

୨ । ବୁଧ ଗ୍ରହ—2. The planet Mercury.

୩ । ତ୍ରୟୋଦଶାକ୍ଷର ପାଦଯୁକ୍ତ ଛନ୍ଦୋବିଶେଷ—
3 A metre of 13 syllables.

(ପ୍ରହର୍ଷଣୀ—ସ୍ତ୍ରୀ) ସଂ. ବିଣ. (+କର୍ତ୍ତୃ. ଅନ)—

୧ । ଆହ୍ଲାଦଜନକ—1. Delightful; joyful.

୨ । ଆହ୍ଲାଦିତ—2. Over-joyed; delightful; hilarious.

ପ୍ରହର୍ଷ(ର୍ଷି)ଣୀ—ସଂ. ବି—ହଳଦୀ—
Praharsha(rshi)ṇi Turmeric (Apte).

ପ୍ରହଲ୍ଲା(ହ୍ଲା)ଦ—ଗ୍ରା. ବି. (ସଂ. ପ୍ରହ୍ଲାଦ)—
Prahalā(llā)da ପ୍ରହ୍ଲାଦ ୩ (ଦେଖ)
Prahlāda 3 (See)

ଯୁବ ପ୍ରହସନର ଦୃଶ୍ୟ ଅଶ୍ଳେ ଦର
ହସଯୁ ପାଶ ବର ବୃଦ୍ଧେ ଗଲେ ରଡ଼ । କୃଷ୍ଣ ହ. ମହାଭରତ, ଅବ ।

ପ୍ରହସନ—ସଂ ବି. (ପ୍ର+ହସ୍ ଧାତୁ+ଭାବ. ଅନ)—
Prahasana ୧ । ଉଚ୍ଚ ହାସ୍ୟ—1. Loud laugh; hearty laughter.
୨ । ଉଲ୍ଲାସ; ଅହ୍ଲାଦ—
2. Hilarity; mirth; merriment.
୩ । ବ୍ୟଙ୍ଗୋକ୍ତି; ପରିହାସୋକ୍ତି—
3. Satire; irony; redicule.
୪ । (+କର୍ମ. ଅନ) ପରିହାସ; ଥଟ୍ଟା ତାମସା; ରସିକତା—
4. Jesting; gallantry; buffoonery
୫ । (+ଅଧିକରଣ. ଅନ)—
ହାସ୍ୟରସୋଦ୍ଦୀପକ କ୍ଷୁଦ୍ର ନାଟ୍ୟ ପ୍ରକାରବିଶେଷ—
5. A farce; burlesque.

ପ୍ରହସ୍ତ—ସଂ ବି. (ପ୍ର+ହସ୍ତ)—
Prahasta ୧ । ବିସ୍ତାରିତାଙ୍ଗୁଳି କରତଳ—1. Open palm of the hand with the fingers extended.
୨ । ଚପୁଡ଼ା; ଚପେଟାଘାତ—2. A slap
୩ । ରାବଣର ସେନାପତିବିଶେଷ—
3. Name of one of Rābaṇa's generals.

ପ୍ରହାଣ—ସ. ବି. (ପ୍ର+ହା ଧାତୁ+ଭାବ. ତ)—
Prahāṇa ୧ । ପରିତ୍ୟାଗ—1. Abandonment.
୨ । ଚିତ୍ତର ଏକାଗ୍ରତା—
2. Concentration of mind.

ପ୍ରହାର—ସଂ. ବି. (ପ୍ର+ହୃ ଧାତୁ+ଭାବ. ଅ)—
Prahāra ୧ । ଅଘାତ; ମାଡ଼; କଳହ; ପାହାର—
1 Striking; beating; strife; stroke; a blow.
୨ । ଯୁଦ୍ଧ—2. Fight; battle.
[ଦ୍ର—'ପ୍ର+ହୃ ଧାତୁରୁ' ପ୍ରହାରକ, ପ୍ରହରଣୀୟ, ପ୍ରହାରଣ, ପ୍ରହାସ୍ତ, ପ୍ରହାର୍ଯ୍ୟ, ପ୍ରହୃତ ଅଦି ଶବ୍ଦ ହୁଏ ।]

ପ୍ରହାର କରିବା—ଦେ. କ୍ରି—୧ । ମାଡ଼ ମାରିବା; ପିଟିବା—
Prahāra karibā 1. To strike; to beat; to strife.
প্রহার করা प्रहार करना
୨ । ଅସ୍ତ୍ର ଶସ୍ତ୍ରାଦି ଦ୍ୱାରା ଅଘାତ କରିବା—
2. To strike with weapons.
ପିଟାର ବଦର ଟୁଟର ପ୍ରହାର କରାଣ-ବଟେନେ ଶେ ।
କବିସୂର୍ଯ୍ୟ. ସଙ୍ଗୀତ ।

ପ୍ରହାରିବା—ଦେ. (ପଦ୍ୟ) କ୍ରି. (ସ. ପ୍ରହାର)—
Prahāribā ପ୍ରହାର କରିବା (ଦେଖ)
প্রহারা प्रहारना Prahāra karibā (See)

ପ୍ରହାସ—ସ. ବି. (ପ୍ର+ହାସ୍)—୧ । ଅଭିନେତା; ନଟ—
Prahāsa 1. A dancer; an actor.
୨ । ଅଟ୍ଟହାସ; ଉଚ୍ଚହାସ୍ୟ—2. Loud laugh.
୩ । ସୋମ ତୀର୍ଥ; ପ୍ରଭାସ ତୀର୍ଥ—
3. Name of a place of pilgrimage.
୪ । ଶିବ; ମହାଦେବ—4. Siba.
୫ । ନାଗବିଶେଷ—5. Name of a serpent.
୬ । ପ୍ରସ୍ଫୋଟନ; ଫୁଟିବା—6. Blooming; expanding.
୭ । ପ୍ରଭାସ ତୀର୍ଥ (ଦେଖ) (ହି. ଶ)—7. Prabhāsa tirtha. (See).
ସ. ବିଣ—ସମୁଜ୍ଜ୍ୱଳ—Very bright; glittering; dazzling.

ପ୍ରହାସୀ—ସ. ବିଣ. ପୁଂ. (ପ୍ର+ହସ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Prahāsi ୧ । ଉଚ୍ଚହାସ୍ୟକାରୀ—1. Laughing aloud.
(ପ୍ରହାସିନୀ—ସ୍ତ୍ରୀ) ୨ । ହାସ୍ୟୋତ୍ପାଦକ—
2. Producing laughter.
ସ. ବି. ପୁଂ—ଭାଣ୍ଡ; ବିଦୂଷକ—
Jester; a clown; a buffoon.

ପ୍ରହିତ—ସ. ବିଣ. (ପ୍ର+ଧା ଧାତୁ=ପ୍ରେରଣ କରିବା+କର୍ମ. ତ)—
Prahita ୧ । ପ୍ରେରିତ—1. Sent; despatched; discharged; emitted.
୨ । ପ୍ରଯୁକ୍ତ; ନିଯୁକ୍ତ—
2. Employed; engaged; commissioned.
୩ । ବିସ୍ତୃତ; ପ୍ରସାରିତ—3. Stretched; extended.
୪ । ନିରସ୍ତ—4. Suppressed; checked.
୫ । ପ୍ରଦତ୍ତ—5. Bestowed; endowed.

ପ୍ରହୀଣ(ନ)—ସ. ବିଣ. (ପ୍ର+ହା ଧାତୁ+କର୍ମ. ତ)—୧ । ବର୍ଜିତ—
Prahiṇa(na) 1. Deprived of.
୨ । ବିଚ୍ୟୁତ—2. Surrendered; separated from.
୩ । ପରିତ୍ୟକ୍ତ—3. Abandoned.

ପ୍ରହୁତ—ସ. ବିଣ. (ପ୍ର+ହୁତ)—ବଳି ବୈଶ୍ୱଦେବ; ଭୂତଯଜ୍ଞ (ହି. ଶ)—
Prahuta A daily offering of boiled rice to the spirits and animals.

ପ୍ରହୃତ—ସ. ବିଣ. (ପ୍ର+ହୃ ଧାତୁ+କର୍ମ. ତ)—
Prahruta ୧ । ଅହତ; ଅଘାତପ୍ରାପ୍ତ—
1. Struck; beaten; wounded.
୨ । ନିପୀଡ଼ିତ—2. Oppressed.
୩ । ନିକ୍ଷିପ୍ତ (ହି. ଶ)—3. Thrown.
୪ । ବିସ୍ତାରିତ (ହି. ଶ)—4. Spread out.
ସ. ବି. (+ଭାବ. ତ)—ପ୍ରହାର—Striking.

ପ୍ରହୃଷ୍ଟ—ସ. ବିଣ. (ପ୍ର+ହୃଷ୍ଟ)—ଅହ୍ଲାଦିତ—
Prahrushta Overjoyed; delighted; rejoiced.

ପ୍ରହେଣକ—ସ. ବି—୧ । ମଣ୍ଡଳଭୋଗ; ଯବାଗୁ; ଯାଉ—
Prahenaka 1. Gruel; jelly.
୨ । ଏକପ୍ରକାର ପିଷ୍ଟକ—2. A kind of cake (Apte).

ପ୍ରହେତି—ସ. ବି—ରାକ୍ଷସବିଶେଷ—
Praheti Name of a demon.
ରାକ୍ଷସ କୁଳରେ ଜାତ, ହେତି ପ୍ରହେତି ବିଖ୍ୟାତ ।
ବଳରାମ. ଜଗମୋହନ ।

ପ୍ରହେଳକ—ସଂ. ବି. (ପ୍ର+ହେଲ ଧାତୁ+ଅକ)—
Prahelaka ୧ । ପ୍ରହେଣକ (ଦେଖ)
1. Prahenaka (See) (Apte).
୨ । ପ୍ରହେଳିକା (ଦେଖ)—2. Prahelikā (See) (Apte)

ପ୍ରହେଳା—ସଂ. ବି (ପ୍ର+ହେଲା)—ଅନିୟନ୍ତ୍ରିତ ଆଚରଣ—
Prahelā Loose conduct; unrestrained behaviour (Apte).

ପ୍ରହେଳିକା—ସଂ. ବି. (ପ୍ର+ହେଲ୍ ଧାତୁ=ଅପ୍ରାପ୍ୟ ସୂଚନା କରିବା+
Prahelikā କରଣ. ଅ+କ+ସ୍ତ୍ରୀ. ଆ)—ପହଲି; କୂଟପ୍ରଶ୍ନ,
ପ୍ରହେଳୀ } ଅନ୍ୟରୂପ ଢାଁଗ କଥା—Riddle; enigma; a puzzle; conundrum.
ପ୍ରହେଳ }
ଉଦାହରଣ :—ବନ୍ଧୁ ନୁହେଁ ସେ କଳାନ୍ଧ୍ରା
ସାପ ନୁହେଁ ତାର ଲମ୍ବ ଦୁରତା
ନୁହେଁ ଦ୍ରୌପଦୀ ପାଣ୍ଡବର ତାର
ବୁଝି କହିବ ହେ ପଣ୍ଡିତବର ।
(ଉତ୍ତର—ଲେଖନୀ ବା କଲମ)—ଲୁଳମଣି. ଅଳଙ୍କାର ତରଙ୍ଗିଣୀ ।

ପ୍ରହ୍ରା(ହ୍ଲା)ଦ—ସଂ. ବି. (ପ୍ର+ହ୍ଲାଦ୍ ଧାତୁ=ଆନନ୍ଦିତ ହେବା+ଭାବ.
Prahrā(hlā)da ଅ)—୧ । ହର୍ଷ; ଆହ୍ଲାଦ—
1. Delight; joy; hilarity.
୨ । ଗୋଳମାଳ—2. Noise; uproar.
୩ । ଶବ୍ଦ; ଧ୍ୱନି—3. Sound (Apte).
୪ । (+କର୍ତ୍ତୃ. ଅ) ଦାନବରାଜ ହିରଣ୍ୟକଶିପୁର ପୁତ୍ର—
4. The son of Hiranyakasipu.
[ଦ୍ର—ଏ ହିରଣ୍ୟକଶିପୁର ପୁତ୍ର ଥିଲେ । ଏ ପିଲାଦିନୁ ଭଗବଦ୍ଭକ୍ତ ଥିଲେ । ହିରଣ୍ୟକଶିପୁ ଏହାଙ୍କୁ ବିଷ୍ଣୁଭକ୍ତିରୁ ବିଚଳିତ କରିବାକୁ ପ୍ରଲୋଭନ ଓ ଭୟ ଦେଖାଇ, ଶେଷରେ ଦଣ୍ଡ ଦେଲେ; କିନ୍ତୁ ଏ ତହିଁରେ ବିଚଳିତ ହେଲେ ନାହିଁ । ଅବଶେଷରେ ଭଗବାନ୍ ନରସିଂହରୂପରେ ଏକ ସ୍ତମ୍ଭ ମଧ୍ୟରୁ ବାହାରି ହିରଣ୍ୟକଶିପୁଙ୍କୁ ନଖରେ ବିଦାରଣ କଲେ ଓ ପ୍ରହ୍ଲାଦଙ୍କୁ ରକ୍ଷା କଲେ । ପ୍ରହ୍ଲାଦଙ୍କ ପୁତ୍ର ବିରୋଚନ ଓ ପୌତ୍ର ବଳି ।]
୫ । ନାଗବିଶେଷ—
5. Name of a mythological serpent.

ପ୍ରାଇଜ୍—ବୈଦେ. ବି (ଇଂ)—୧ । ପୁରସ୍କାର; ଉପହାର; ସର୍ବୋତ୍କୃଷ୍ଟ
Prāij ଛାତ୍ରଙ୍କୁ ଦିଆଯିବା ଉପହାର—1. Prize; reward.
ପ୍ରାଇଜ ୨ । ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ—
प्राइज 2. The occasion of the prize distribution of a school.

ପ୍ରାଇଜ୍ ବିତରଣ—ଦେ. ବି. (ଇଂ. ପ୍ରାଇଜ୍ ଓ ସଂ. ବିତରଣ)—
Prāij bitarana ଛାତ୍ରାଦିଙ୍କୁ ପୁରସ୍କାର ବିତରଣ—
প্রাইজ বিতরণ प्राइज बंटन Prize-distribution.
(ପ୍ରାଇଜ୍ ବଣ୍ଟନ—ଅନ୍ୟରୂପ)

ପ୍ରାଇଭେଟ୍—ବୈଦେ. ବିଣ (ଇଂ)—୧ । ବ୍ୟକ୍ତିଗତ—
Prāibhet প্রাইভেট प्राइवेट 1. Personal.
୨ । ଘରୋଇ—2. Private; domestic.
୩ । ଗୁପ୍ତ; ଗୋପନୀୟ—3. Confidential.
୪ । ସାଧାରଣରେ ଅପ୍ରକାଶ୍ୟ—4. Not public.
ବୈଦେ. ବି—ସାଧାରଣ ସୈନିକ—A common soldier.

ପ୍ରାଇଭେଟ୍ ଟିଉଟର୍—ବୈଦେ. ବି (ଇଂ)—ଛାତ୍ରଙ୍କୁ ଘରେ ପଢ଼ାଇବା
Prāibhet tiutar ଶିକ୍ଷକ—Private tutor.
প্রাইভেট টিউটার प्राइवेट ट्यूटर
(ପ୍ରାଇଭେଟ୍ ଟ୍ୟୁଟର୍—ଅନ୍ୟରୂପ)

ପ୍ରାଇଭେଟ୍ ଟିଉସନ୍—ବୈଦେ. ବି (ଇଂ)—ଶିକ୍ଷକର ଛାତ୍ରଙ୍କୁ ଘରେ
Prāibhet tiusan ପଢ଼ାଇବା କାର୍ଯ୍ୟ—Private tuition.
প্রাইভেট টিউসন प्राइवेट ट्यूशन
(ପ୍ରାଇଭେଟ୍ ଟ୍ୟୁସନ୍, ପ୍ରାଇଭେଟୀ—ଅନ୍ୟରୂପ)

ପ୍ରାଇମ୍ ମିନିଷ୍ଟ(ଷ୍ଟା)ର୍—ବୈଦେ. ବି (ଇଂ)—ପ୍ରଧାନ ମନ୍ତ୍ରୀ—
Prāim minishta(shtā)r Prime minister.
প্রাইম মিনিষ্টার प्राइम मिनिष्टर

ପ୍ରାଇମର୍—ବୈଦେ. ବି. (ଇଂ)—୧ । କୌଣସି ଭାଷାର ବର୍ଣ୍ଣମାଳା
Prāimar ଶିକ୍ଷା ଦେବା ପ୍ରାଥମିକ ପୁସ୍ତକ—1. A first book
প্রাইমর प्राइमर of reading; alphabet book.
୨ । କୌଣସି ବିଷୟ (ଯଥା—ବିଜ୍ଞାନ, ସ୍ୱାସ୍ଥ୍ୟରକ୍ଷା, ଜ୍ୟୋତିଷ, ରସାୟନ)ର ପ୍ରାରମ୍ଭିକ ଜ୍ଞାନ ଯେଉଁ ପୁସ୍ତକରୁ ଲାଭ କରାଯାଏ—2. A primer on any subject.

ପ୍ରାଇଭେଟ୍ ସେକ୍ରେଟ(ଟେ)ରି—ବୈଦେ. ବି (ଇଂ)—ବଡ଼ଲୋକ ଓ
Prāibhet sekreta(te)ri ବଡ଼ ହାକିମମାନଙ୍କର ନିଜର
প্রাইভেট সেক্রেটরী ବ୍ୟକ୍ତିଗତ ବା ବେସରକାରୀ ଚିଠିପତ୍ର ଲେଖିବା
प्राइवेट सेक्रेटरी ପାଇଁ ନିଯୁକ୍ତ କର୍ମଚାରୀ—Private secretary.

ପ୍ରାଇମ(ମେ)ରି—ବୈଦେ. ବିଣ (ଇଂ)—ପ୍ରାଥମିକ—
Prāima(me)ri প্রাইমা(মে)রী प्राइमेरी Primary.

ପ୍ରାଇମେରି ସ୍କୁଲ୍—ବୈଦେ. ବି. (ଇଂ)—ଆଦ୍ୟକାଳ ଧରଣରେ ପ୍ରାଥମିକ
Prāimeri skul ଶିକ୍ଷା ଦିଆଯିବାର ବିଦ୍ୟାଳୟ—Primary
প্রাইমেরী স্কুল प्राइमेरी स्कूल school.
(ପ୍ରାଇମେରି ଇସ୍କୁଲ, ପ୍ରାଇମେରି ବିଦ୍ୟାଳୟ—ଅନ୍ୟରୂପ)
[ଦ୍ର—ଭାରତରେ ଦୁଇ ଶ୍ରେଣୀର ପ୍ରାଇମେରି ସ୍କୁଲମାନ ଅଛି; ଯଥା—ଅପର୍ ବା ଉଚ୍ଚପ୍ରାଇମେରି ସ୍କୁଲ, ଲୋଅର୍ ବା ନିମ୍ନପ୍ରାଇମେରି ସ୍କୁଲ ।]

ପ୍ରାଏ—ଗ୍ରା. ଅ. (ସଂ. ପ୍ରାୟ)—୧ । ପରି; ପରା—
Prāe মত, মতন एकसाँ; बराबर 1. Like.
(ପ୍ରାଏକ—ଅନ୍ୟରୂପ) କୋଟଏ ପ୍ରାଏ ଦେଖାଇ ଲାଗିବ
ବହିଲ ଶର ପବନ—ରାଧାନାଥ, ପାର୍ବତୀ ।
୨ । ପ୍ରାୟ (ଦେଖ)—2. Prāya (See)

ପ୍ରାଂଶୁ—ସଂ. ବିଣ. (ବହୁବ୍ରୀହି; ପ୍ର+ଅଂଶୁ=ରେଣୁ; ଯାହାର ଅଂଶୁମାନ
Prāmsu ପ୍ରକୃଷ୍ଟ ଅଟେ)—୧ । ଡେଙ୍ଗା; ଉଚ୍ଚ; ଉନ୍ନତ—
(ପ୍ରାଂଶୁତା[ତ୍ୱ]—ବି) 1. High; elevated; tall.
୨ । ଦୀର୍ଘ—2. Long; extended (Apte).
ସଂ. ବି—୧ । ବୈବସ୍ୱତମନୁଙ୍କ ପୁତ୍ରବିଶେଷ—
1. A son of Baibaswata Manu.
୨ । ବିଷ୍ଣୁ (ହି. ଶ)—2. Bishnu.

୩ । ଡେଙ୍ଗା ଲୋକ—3. A tall person (Apte).

ପ୍ରାଂଶୁଲଭ୍ୟ—ସଂ. ବଣ. (ଓସ୍ପା ତତ୍; ପ୍ରାଂଶୁ+ଲଭ୍ୟ)—ଡେଙ୍ଗା ଲୋକ ହାତ ବଢ଼ାଇଲେ ଯାହାକୁ ତା ହାତ ପାଏ—Which can be reached by the hands of a tall man; attainable by a tall person.
Prāmsu labhya

ପ୍ରାକ୍—ସଂ. ଅ. (ପ୍ର+ଅନଚ୍ ଧାତୁ=ଯିବା+ଅଧିକରଣେ କ୍ୱିପ୍)—
Prāk ୧ । ସମ୍ମୁଖରେ; ଅଗରେ—1. In front.
୨ । ପ୍ରଥମେ; ଆଦ୍ୟରେ—2. At first.
୩ । ଆରମ୍ଭରେ—3. In the beginning.
୪ । ପୂର୍ବେ; ପୂର୍ବକାଳରେ—
4. Before; previously; in the past.
୫ । ପୂର୍ବଦେଶରେ; ପୂର୍ବଦିଗରେ—1. In the east.
୬ । କ୍ରମେ; କ୍ରମଶଃ—6. Gradually.
୭ । ଏଥିପୂର୍ବେ—7. Already.
୮ । ପୂର୍ବଦିଗକୁ—8. To the east of.
୯ । ପ୍ରାତଃକାଳରେ; ପ୍ରତ୍ୟୁଷରେ—
9. At dawn; at daybreak (Apte).
୧୦ । (ଅମୁକ) ପର୍ଯ୍ୟନ୍ତ—
10. Up to; as far as (Apte).

ପ୍ରାକ୍‌ଚରଣ—ସଂ. ବି. (ପ୍ରାକ୍+ଚରଣ)—ଯୋନି; ଭଗ (ହି. ଶ)—
Prāk-charana The female organ.

ପ୍ରାକ୍‌ଛାୟ—ସଂ. ବି. (ବହୁବ୍ରୀହି; ପ୍ରାକ୍+ଛାୟା; ଯେଉଁ ସମୟରେ ଧ୍ରୁବ୍ୟାଦିର ଛାୟା ପୂର୍ବଦିଗକୁ ପଡ଼େ)—ଅପରାହ୍ନ କାଳ (ହି. ଶ)—Afternoon.
Prāk-chhāya

ପ୍ରାକ୍‌ପଦ—ସଂ. ବି. (ପ୍ରାକ୍+ପଦ)—ସମାସଯୁକ୍ତ ବା ସମସ୍ତ ପଦର ପ୍ରଥମ ଶବ୍ଦ—The first member of a compound word.
Prākpada
(ପୂର୍ବପଦ—ଅନ୍ୟରୂପ)
[ଦ୍ର—ପରବର୍ତ୍ତୀ ପଦକୁ ଉତ୍ତର ପଦ ବୋଲଯାଏ ।]

ପ୍ରାକ୍‌ଫଳ—ସଂ. ବି. (ବହୁବ୍ରୀହି; ପ୍ରାକ୍+ଫଳ)—ପଣସ ଫଳ—
Prākphala The jack fruit.

ପ୍ରାକ୍‌ଶିରଃ—ସଂ. ବଣ. ପୁଂ. (ବହୁବ୍ରୀହି; ପ୍ରାକ୍=ପୂର୍ବଦିଗକୁ+ଶିରସ୍=ମୁଣ୍ଡ)—୧ । ପୂର୍ବଦିଗକୁ ଶିର କରିଥିବା—
Prāksirah
1. Having one's head turned to he east.
୨ । ପୂର୍ବମୁଖୀ—2. Facing east.

ପ୍ରାକ୍‌ସନ୍ଧ୍ୟା—ସଂ. ବି. (ପ୍ରାକ୍+ସନ୍ଧ୍ୟା)—ପ୍ରାତଃକାଳ; ସୂର୍ଯ୍ୟୋଦୟ-କାଳୀନ ଦିବସର ସନ୍ଧିକାଳ—
Prāksandhyā
Dawn; daybreak.

ପ୍ରାକରଣିକ—ସଂ. ବଣ. (ପ୍ରକରଣ+ଇକ)—
Prākaranika ପ୍ରକରଣ ବା ପରିଚ୍ଛେଦ ସମ୍ବନ୍ଧୀୟ—
Relating to a chapter or section; sectional.

ପ୍ରାକରମ—ଗ୍ରା. (ପଦ୍ୟ) ବି. (ସଂ. ପରାକ୍ରମ)—ପରାକ୍ରମ (ଦେଖ)
Prākarama Parākrama (See)
(ପ୍ରାକର୍ମ, ପ୍ରାକ୍ରମ—ଅନ୍ୟରୂପ) ଅଧିକ ସେ ସରକି ବଳ ପ୍ରାକର୍ମରେ ।
କୃଷ୍ଣସିଂ. ମହାଭାରତ. ଆଦି ।

ପ୍ରାକର୍ଷିକ—ସଂ. ବି. ପୁଂ. (ପ୍ରକର୍ଷ+ଅର୍ଥାର୍ଥେ. ଇକ)—
Prākarshika ୧ । ଶିଙ୍ଗ; ଲମ୍ପଟ ବା କାମୁକ ବ୍ୟକ୍ତି—
1. A lecher.
୨ । ଅସ୍ୱାଭାବିକ ଉପାୟରେ ପୁରୁଷର କାମବୃତ୍ତି ଚରିତାର୍ଥ କରିବା ପାଇଁ ରକ୍ଷିତ ପୁରୁଷ ବା ବାଳକ—
2. A catamite (Apte).
୩ । କୁଟୁଣୀ; ଭଡ଼ୁଆ—3. A man who procures other people's wives for adultery.
୪ । ପରସ୍ତ୍ରୀର ଉପାର୍ଜନଦ୍ୱାରା ଜୀବକାନିର୍ବାହକାରୀ ବ୍ୟକ୍ତି—
4. A person living on the earnings of adultery of the wives of other people
୫ । ଅନ୍ୟ ବ୍ୟକ୍ତିର ସ୍ତ୍ରୀଦ୍ୱାରା ପ୍ରତିପାଳିତ ବ୍ୟକ୍ତି—5. A man supported by another's wife (Apte).
ସଂ. ବଣ. ପୁଂ—ଉତ୍କର୍ଷ ପାଇବାର ଯୋଗ୍ୟ—Entitled to preference or superiority (Apte).
(ପ୍ରାକର୍ଷିକା—ସ୍ତ୍ରୀ)

ପ୍ରାକାମ୍ୟ—ସଂ. ବି. (ପ୍ରକାମ+ଭାବେ. ଯ)—
Prākāmya ୧ । ଯଥେଚ୍ଛାଚାରିତ୍ୱ; ସ୍ୱଚ୍ଛନ୍ଦାନୁବର୍ତ୍ତିତା—
1. Wilfulness; freedom of will; acting according to one's will.
୨ । ଅଦମନୀୟ ମନଃ—2. Irresistible will (Apte).
୩ । ମହାଦେବଙ୍କର ଓ ସାଧକର ଅଷ୍ଟବିଧ ଐଶ୍ୱର୍ଯ୍ୟ ମଧ୍ୟରୁ ଏକତମ; ଯେଉଁ ଶକ୍ତିବଳରେ ସିଦ୍ଧିପ୍ରାପ୍ତ ସାଧକ ଯାହା ଇଚ୍ଛା କରେ ତାହା ପାଏ—3. The irresistible will of a perfect person or of Siba; the perfection of will-power which enables one to get whatever he wants; (one of the eight divine attributes).
[ଦ୍ର—ମନୁଷ୍ୟ ତପସ୍ୟାଦ୍ୱାରା ଏହି ଐଶ୍ୱର୍ଯ୍ୟ ପ୍ରାପ୍ତ ହେଲେ ସେ ଯେଉଁ ବସ୍ତୁ ଇଚ୍ଛା କରେ ତାହା ପାଏ; ସେ ଇଚ୍ଛା କଲେ ଭୂମି-ତଳରେ ପୋତି ହୋଇ ରହିପାରେ ବା ଆକାଶରେ ଉଡ଼ିପାରେ ।]

ପ୍ରାକାର—ସଂ ବି. (ପ୍ର+ଆ+କୃ ଧାତୁ=ବିକ୍ଷେପ କରିବା+କର୍ମ. ଅ)—
Prākāra ୧ । ବେଷ୍ଟନ; ବାଡ଼—1. Enclosure; fence.
୨ । ବପ୍ର; ପାଚିରୀ; ଇଡ଼ଦିଅଲ—
2. Compound wall; a surrounding wall.
୩ । ମାଟିବନ୍ଧ ଉପରେ ବସାଯାଇ ଥିବା କାନ୍ଥ—
3. A wall raised on a high bank of earth.
୪ । ନଗର ବା ଦୁର୍ଗର ରକ୍ଷା ନିମନ୍ତେ ତହିଁ ଚାରିପାଖେ ବସାଯାଇ ଥିବା କାନ୍ଥ—4. Rampart; a wall raised round a city or fort.

ପ୍ରାକାର୍ଷକ—ସଂ. ବି. ପୁଂ—୧ । ସ୍ତ୍ରୀମାନଙ୍କ ମଧ୍ୟରେ ନୃତ୍ୟକାରୀ ପୁରୁଷ (ହି. ଶ)—1. A male who dances amongst females.
Prākārshaka
୨ । ପରସ୍ତ୍ରୀର ଜାରକର୍ମର ଉପାର୍ଜନଦ୍ୱାରା ପ୍ରତିପୋଷିତ ପୁରୁଷ (ହି. ଶ)—2. A man who lives on the earnings of adultery of the wives of other men.

ପ୍ରାକାଶ—ସଂ. ବ. (ପ୍ରକାଶ+ସ୍ୱାର୍ଥେ ଅ)—ପ୍ରକାଶ (ଦେଖ)
Prākāsa Prakāsa (See)

ପ୍ରାକାଶ୍ୟ(ସ୍ୟ)—ସଂ. ବ—ପ୍ରକୀର୍ତ୍ତି; ଯଶଃ (ହ. ଶ)—
Prākāsya(sya). Fame; renown (Apte).

ପ୍ରାକୃତ—ସଂ. ବଣ. (ପ୍ରକୃତି+ଭବାର୍ଥେ. ଅ)—୧ । ଅକୃତ୍ରିମ;ନୈସର୍ଗିକ;
Prākṛuta ପ୍ରକୃତିରୁ ଜାତ; ମୌଳିକ; ଅପରିବର୍ତ୍ତିତ; ଅବିକୃତ—
ପ୍ରାକୃତା } ସ୍ତ୍ରୀ
ପ୍ରାକୃତୀ }
1. Natural; original; unmodified; unaltered (Apte).
[ପ୍ରାକୃତତା(ତ୍ୱ)—ବ] ୨ । ପ୍ରକୃତିସମ୍ବନ୍ଧୀୟ; ପ୍ରାକୃତିକ—
2. Relating to nature.
୩ । ସ୍ୱାଭାବିକ; ସହଜ; ସ୍ୱଭାବସିଦ୍ଧ—
3. Inborn; inherent.
୪ । ପ୍ରଜାସମ୍ବନ୍ଧୀୟ—4. Relating to the subjects.
୫ । ସାମାନ୍ୟ; ସାଧାରଣ—
5. Common; usual; ordinary.
୬ । (ପ୍ର+ଅକୃତ=ଅପକାର୍ଯ୍ୟ)—ନୀଚ; ଅଧମ; ଇତର—
6. Low; mean; vulgar.
୭ । ଅଶିଷ୍ଟ; ଅସଭ୍ୟ—7. Uncultured; unrefined (Apte).
୮ । ଅଶିକ୍ଷିତ—8. Illiterate; uneducated (Apte).
୯ । ଭୌତିକ—1. Material; physical.
୧୦ । ମାୟାମୟ—10. Illusory.
୧୧ । (ଦର୍ଶନ ଶାସ୍ତ୍ର)—ମହତତତ୍ତ୍ୱାଦିଦ୍ୱାରା ସୃଷ୍ଟ—
11. (Hindu philosophy) Created by Mahat-tattwa etc.

ପ୍ରାକୃତ ବୈକୃତ ସଂସାର,
ମହତ ଗ୍ରାନର ସଞ୍ଚାର । ଜଗନ୍ନାଥ. ଭାଗବତ ।

୧୨ । ହେୟ—12. Insignificant; trifling; unimportant (Apte).
୧୩ । ଲୌକିକ; ଜନକଥିତ (ଭାଷା)—13. Vernacular; (language) spoken by ordinary people (Apte).
୧୪ । ପ୍ରାଦେଶିକ; ଦେଶାଂଶବିଶେଷ ପ୍ରଚଳିତ (ଭାଷା; ଶବ୍ଦ)—
14. Provincial; dialectical (Apte).

ସ. ବି.—୧ । ଅସଂସ୍କୃତ ଭାଷା; ଯେଉଁ ଭାଷା ଇତର ଲୋକେ ବ୍ୟବହାର କରନ୍ତି—
1. Vulgar language; a vernacular language.
୨ । ଚଳିତ ଭାଷା; କଥୋପକଥନର ଭାଷା—
2. Spoken dialect.
୩ । ପାଲି ବା ମାଗଧୀ ଭାଷା—
3. The Pāli dialect
୪ । ଯେଉଁ ସଂସ୍କୃତମୂଳକ ଅପଭ୍ରଷ୍ଟ ଭାଷା ସାହାଯ୍ୟରେ ସଂସ୍କୃତ ନାଟକରେ ସ୍ତ୍ରୀ ଓ ଇତର ବ୍ୟକ୍ତିମାନେ କଥୋପକଥନ କରନ୍ତି—4. The Prākṛuta dialect derived from and akin to Sanskrit, used by female and vulgar characters in Sanskrit dramas (Apte).
୫ । ଦେଶାଂଶବିଶେଷ ପ୍ରଚଳିତ ଭାଷା; ଭାଷା—5. Dialect.
୬ । ନୀଚ ବ୍ୟବସାୟାବଲମ୍ବୀ ବ୍ୟକ୍ତି—6. Man following a degraded or menial profession.
୭ । ଇତର ଜନ; ସାଧାରଣ ବ୍ୟକ୍ତି—
7. An ordinary or vulgar man.
୮ । ପରାଶରଙ୍କ ମତରେ ସ୍ୱାତୀ, ଭରଣୀ ଓ କୃତ୍ତିକା ନକ୍ଷତ୍ର ବାଟେ ଯିବା ସମୟରେ ବୁଧ ଗ୍ରହର ଗତି (ହ. ଷ.)—
8. The passage of the planet Mercury through the 15th, 2nd, and 3rd asterisms.

[ଦ୍ର—ବୁଧ ଗ୍ରହର ୭ ପ୍ରକାର ଗତି ମଧ୍ୟରୁ ଏହା ପ୍ରଥମ; ଏହା ୪୦ ଦିନ ସ୍ଥାୟୀ ହୁଏ ଓ ଏ ସମୟରେ ପୃଥିବୀରେ ଆରୋଗ୍ୟ, ବୃଷ୍ଟି, ଧାନ୍ୟର ବୃଦ୍ଧି ଓ ମଙ୍ଗଳ ହୁଏ—ହ. ଷ. ।]

[ଦ୍ର—ହେମଚନ୍ଦ୍ର ଆଦି ପଣ୍ଡିତମାନେ କହନ୍ତି ଯେ 'ସଂସ୍କୃତ' ଭାଷାରୁ 'ପ୍ରାକୃତ' ଜନ୍ମି ଅଛି ଏବଂ କେହି କେହି କହନ୍ତି ଯେ 'ପ୍ରାକୃତ' ଭାଷାରୁ 'ସଂସ୍କୃତ' ଭାଷାର ଉଦ୍ଭବ; କିନ୍ତୁ ପ୍ରକୃତିଗତ ଅର୍ଥ ବିଚାର କଲେ ଦେଖା ଯିବ ଯେ 'ପ୍ରାକୃତ' ଭାଷାହିଁ ଜନକଥିତ ଆଦ୍ୟ ଭାଷା ଓ ତାହା ସଂସ୍କୃତ ହୋଇ ତହିଁରୁ ସଂସ୍କୃତ ଭାଷାର ଉତ୍ପତ୍ତି ହୋଇ ଅଛି । ହେମଚନ୍ଦ୍ର ପ୍ରାକୃତ ଭାଷାର ବ୍ୟାକରଣ ଓ ଶବ୍ଦକୋଷ ସଙ୍କଳନ କରିଥିଲେ । ଯାହାହେଉ, ଅଧୁନାତନ ପ୍ରାଚ୍ୟ ଓ ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ଆଦି ଆର୍ଯ୍ୟ ଭାଷା ନିମ୍ନଲିଖିତ ଭାଗରେ ବିଭକ୍ତ କରି ଯାଇ ପାରେ:—



(ଶ୍ରୀଶ୍ଚନ୍ଦ୍ର ବସୁ ଓ ଲଳିତ ମୋହନ କର—ବଙ୍ଗଳା 'ଅଶୋକ ଅନୁଶାସନ' ଗ୍ରନ୍ଥ)]

[ଦ୍ର—କେତେକ ପଣ୍ଡିତ ଅନୁମାନ କରନ୍ତି ଯେ ଖ୍ରୀଷ୍ଟପୂର୍ବ ୩୦୩ ସାଲର ପୂର୍ବେ ପ୍ରାକୃତ ଭାଷା ପଶ୍ଚିମୀ ଓ ପୂର୍ବୀ ଦୁଇ ରୂପ ଧାରଣ କରିଥିଲା । ପୂର୍ବୀ ପ୍ରାକୃତ ମାଗଧୀ ବା ପାଲୀ ନାମରେ ବିଖ୍ୟାତ ହେଲା । ବୌଦ୍ଧ ଧର୍ମର ପ୍ରଚାର ସଙ୍ଗେ ପାଲୀ ଭାଷାର ଖୁବ୍ ଉନ୍ନତି ହେଲା ଓ ପ୍ରଥମେ ପ୍ରଥମେ ବୌଦ୍ଧ ଧର୍ମର ଗ୍ରନ୍ଥମାନ ପାଲୀ ଭାଷାରେ ଲେଖା ହେଉଥିଲା । ପ୍ରାଚୀନ ପ୍ରାକୃତର ବିକାଶ ଠାରୁ ଖ୍ରୀଷ୍ଟାବ୍ଦ ୧୦୦୦ ସାଲ ପର୍ଯ୍ୟନ୍ତ ସମୟ ମଧ୍ୟରେ ଧୀରେ ଧୀରେ ଆଧୁନିକ ଦେଶଭାଷାମାନଙ୍କର ଜନ୍ମ ହେଲା । ଯେଉଁପରି ସଂସ୍କୃତ ଭାଷାର ସର୍ବପ୍ରାଚୀନ ରୂପକୁ ବୈଦିକ ସଂସ୍କୃତ ବୋଲାଯାଏ, ସେହିପରି ପ୍ରାକୃତ ଭାଷାର ସର୍ବପ୍ରାଚୀନ ରୂପକୁ ଆର୍ଷ ପ୍ରାକୃତ ବୋଲାଯାଏ । ମାର୍କଣ୍ଡେୟ ପ୍ରାକୃତ ଭାଷାର ନିମ୍ନଲିଖିତ ଶ୍ରେଣୀ-ବିଭାଗ କରି ଅଛନ୍ତି—୧ । ଭାଷା (ମହାରାଷ୍ଟ୍ରୀ, ଶୌରସେନୀ, ପ୍ରାଚ୍ୟା, ଅବନ୍ତୀ, ମାଗଧୀ, ଅର୍ଦ୍ଧମାଗଧୀ); ୨ । ବିଭାଷା, (ଶାକାରୀ, ଚାଣ୍ଡାଳୀ, ଶାବରୀ, ଆଭୀରୀ, ଟାକ୍କୀ, ଔଡ୍ରୀ, ଦ୍ରାବିଡ଼ୀ) । ୩ । ଅପଭ୍ରଂଶ । ୪ । ପୈଶାଚୀ । ଏହା ଛଡ଼ା ଚୂଳିକା ପୈଶାଚୀ ଆଦି କେତେକ ନିମ୍ନ ଶ୍ରେଣୀର ପ୍ରାକୃତ ମଧ୍ୟ ଅଛି । ସର୍ବ ପ୍ରଥମେ ମଗଧର ଭାଷା ପାଲୀ ନାମରେ ସାହିତ୍ୟ ଆଡ଼କୁ ଅଗ୍ରସର ହେଲା । ବୌଦ୍ଧ ଗ୍ରନ୍ଥମାନ ପ୍ରଥମେ ଏହି ଭାଷାରେ ଲେଖା ଯାଇଥିଲା, ପରେ ଜୈନମାନଙ୍କଦ୍ୱାରା ଅର୍ଦ୍ଧ ମାଗଧୀ ଓ ମହାରାଷ୍ଟ୍ରୀ ଭାଷାମାନଙ୍କର ଆଦର ହେଲା । ମହାରାଷ୍ଟ୍ରୀ ସାହିତ୍ୟରୁ ଉଦ୍ଭୂତ ଗୋଟିଏ କୃତ୍ରିମ ପ୍ରାକୃତ ଭାଷା ସଂସ୍କୃତ ନାଟକମାନଙ୍କରେ ବ୍ୟବହୃତ ହେଲା । ଏହି କୃତ୍ରିମ ପ୍ରାକୃତରୁ ଯେଉଁ ଭାଷା ବାହାରିଲା ତାହାକୁ 'ଅପଭ୍ରଂଶ" ବୋଲି ଗଲା । ଏହି ଅପଭ୍ରଂଶରୁ ଭାରତରେ ବର୍ତ୍ତମାନ ପ୍ରଚଳିତ ଆର୍ଯ୍ୟ ଶାଖାର ଦେଶଭାଷା (Aryan vernaculars) ମାନଙ୍କର ଉତ୍ପତ୍ତି ହୋଇଅଛି । ବୌଦ୍ଧ ଗ୍ରନ୍ଥ ଲଳିତବିସ୍ତରରେ ଯେଉଁ ପ୍ରାକୃତ ଭାଷା ମିଳୁ ଅଛି ତାହା ସଙ୍ଗେ ସଂସ୍କୃତ ଭାଷାର ବହୁତ ସାମଞ୍ଜସ୍ୟ ଦେଖାଯାଏ । ପ୍ରାକୃତ ଭାଷାରେ ଦ୍ୱିବଚନ ନାହିଁ; ପ୍ରାକୃତ ବର୍ଣ୍ଣମାଳାରେ ଋ, ଌ, ଙ, ଞ, ଐ, ଔ, ଶ, ଷ, ଓ ବିସର୍ଗ ନାହିଁ—ହି. ଶ. ।]

ପ୍ରାକୃତ ଇତିବୃତ୍ତ(ତ୍ତି)—ସଂ. ବି. (ଆଧୁନିକ ପ୍ରୟୋଗ)—
Prākṛuta itibṛutta(tti) ପ୍ରକୃତି ବା ଜଡ଼ ଜଗତ୍ ସମ୍ବନ୍ଧୀୟ ବିଜ୍ଞାନ; ଜଡ଼ବିଜ୍ଞାନ—Natural History; the science of Nature; Natural Philosophy; Natural Science; Physics.
(ପ୍ରାକୃତିକ ଇତିବୃତ୍ତ, ପ୍ରାକୃତ ଇତିହାସ, ପ୍ରାକୃତ ତତ୍ତ୍ୱ, ପ୍ରାକୃତ ବିଜ୍ଞାନ, ପ୍ରାକୃତ ବିଦ୍ୟା, ପ୍ରାକୃତ ଦର୍ଶନ, ପ୍ରାକୃତିକ ବିଜ୍ଞାନ—ଅନ୍ୟରୂପ)
[ଦ୍ର—ଜୀବବିଦ୍ୟା, ଧାତୁବିଦ୍ୟା, ଉଦ୍ଭିଦବିଦ୍ୟା ପ୍ରଭୃତି ପ୍ରାକୃତ ଇତିବୃତ୍ତର ଅନ୍ତର୍ଗତ ।]

ପ୍ରାକୃତ ଜନ—ସଂ. ବି—ଇତର ଲୋକ—
Prākṛuta jana Vulgar people; the mass.
(ପ୍ରାକୃତ ମାନୁଷ—ଅନ୍ୟରୂପ)

ପ୍ରାକୃତ ଜ୍ୱର—ସଂ. ବି—ଋତୁଭେଦରେ ହେବା ଜର—
Prākṛuta jwara Fever attacking people as the effect of particular seasons.
[ଦ୍ର—ବର୍ଷା, ଶରତ୍ ଓ ହେମନ୍ତରେ ମନୁଷ୍ୟର ଦେହରେ ଯଥାକ୍ରମେ ବାତ, ପିତ୍ତ ଓ କଫର ପ୍ରାଧାନ୍ୟ ହୁଏ ଓ ସେହି ସମୟରେ ତତ୍ତତ୍ ଧାତୁ ପ୍ରଧାନ ଜ୍ୱର ଲୋକଙ୍କୁ ଆକ୍ରମଣ କରେ । ହି. ଶ.]

ପ୍ରାକୃତ ତତ୍ତ୍ୱ ଦର୍ଶନ—ସଂ. ବି. (ଆଧୁନିକ ପ୍ରୟୋଗ)—
Prākṛuta tatwa darsana ପ୍ରକୃତି ବା ସୃଷ୍ଟି-ସ୍ଥିତ ପଦାର୍ଥ-
(ପ୍ରାକୃତ ତତ୍ତ୍ୱ ବିବେକ—ଅନ୍ୟରୂପ) ମାନଙ୍କୁ ଦେଖି ପରମାତ୍ମା ସମ୍ବନ୍ଧେ ଯେଉଁ ଜ୍ଞାନ ଜନ୍ମେ—Natural Theology.

ପ୍ରାକୃତ ତନ୍ତ୍ର—ସଂ. ବି (କର୍ମଧା)—ପ୍ରଜାତନ୍ତ୍ର —
Prākṛuta tantra Democracy.

ପ୍ରାକୃତ ଦୋଷ—ସଂ. ବି. (କର୍ମଧା)—
Prākṛuta dosha ବର୍ଷା, ଶରତ୍ ଓ ହେମନ୍ତ ଋତୁରେ ହେବା ଜ୍ୱରରେ ଯଥାକ୍ରମେ ବାତ, ପିତ୍ତ ଓ କଫର ଆଧିକ୍ୟ (ହି.ଶ)-
The morbidity of wind, bile and phlegm in the fevers which attack people in the rains, autumn and winter respectively.

ପ୍ରାକୃତ ପ୍ରକାଶ—ଦେ. ବି. (ନାମ)—ପୁରୀଜିଲ୍ଲାର ମାର୍କଣ୍ଡ ଦାସଙ୍କ ପ୍ରାକୃତ
Prākṛuta prakāsa ଭାଷାର ଅଭିଧାନ ଗ୍ରନ୍ଥବିଶେଷ—
A Prākṛuta lexicon edited by late Mārkanda Dāsa of the district of Puri.

ପ୍ରାକୃତ ପ୍ରଳୟ—ସଂ. ବି—ବ୍ରହ୍ମାଙ୍କ ଦିବସର ଅବସାନ ହେଲେ
Prākṛuta pralaya ବ୍ରହ୍ମା ନିଦ୍ରା ଯିବାରୁ ସୃଷ୍ଟିର ଯେଉଁ ବିନାଶ ଘଟେ—The complete dissolution of the universe when Brahmā, the Creator goes to sleep.

ପ୍ରାକୃତ ବନ୍ଧ—ଦେ. ବି. ଦେଶପ୍ରଚଳିତ କଥ୍ୟ ଭାଷାରେ ଛନ୍ଦୋବଦ୍ଧ
Prākṛuta bandha ରଚନା—Poetry or verse in the vernacular language.
ପ୍ରାକୃତ ବନ୍ଧେ ଗୀତ ବାଣୀ
ଶୁଣି ଆସିବୁ ତର ପ୍ରାଣୀ । ଭାଗବତ ।

ପ୍ରାକୃତ ଭୂଗୋଳ—ସଂ ବି. (ଆଧୁନିକ ପ୍ରୟୋଗ)—ଯେଉଁ ଭୂଗୋଳ
Prākṛuta bhūgola ଶାସ୍ତ୍ରଦ୍ୱାରା ପୃଥିବୀସ୍ଥ ଦୃଶ୍ୟମାନ
(ପ୍ରାକୃତିକ ଭୂଗୋଳ—ଅନ୍ୟରୂପ) ପ୍ରାକୃତିକ ବିଷୟମାନଙ୍କର (ଜଳ ସ୍ଥଳ, ବାୟୁ, ଆକାଶ, ଋତୁ ଆଦିର) ବିବରଣ ଜଣାଯାଏ—
Physical Geography.
[ଦ୍ର—ଯେଉଁ ଶାସ୍ତ୍ରଦ୍ୱାରା ପୃଥିବୀର ଗଠନର ପ୍ରାଚୀନ ତତ୍ତ୍ୱମାନ ଆଲୋଚିତ ହୁଏ ତାହାକୁ ଭୂଗର୍ଭଶାସ୍ତ୍ର Geology ବୋଲାଯାଏ ।]

ପ୍ରାକୃତ ସମାଜ—ସଂ. ବି. (ଆଧୁନିକ ପ୍ରୟୋଗ)—୧ । ସାଧାରଣ
Prākṛuta samāja ଲୋକଙ୍କ ସଭା—1. An assembly of the people; the popular assembly.
୨ । ଇଂଲଣ୍ଡବାସୀ ସାଧାରଣ ପ୍ରଜାଙ୍କ ପ୍ରତିନିଧି ସଭା; ହାଉସ୍ ଅଫ୍
(ପ୍ରାକୃତ ସଭା—ଅନ୍ୟରୂପ) କମନ୍ସ୍—2. The House of Commons.

ପ୍ରାକୃତିକ—ସଂ. ବିଣ. (ପ୍ରକୃତି + ସମ୍ବନ୍ଧାର୍ଥେ. ଇକ) —୧ । ସ୍ୱାଭାବିକ;
Prākṛutika ନୈସର୍ଗିକ; ପ୍ରକୃତି ସମ୍ବନ୍ଧୀୟ—1. Natural.
୨ । ଭୌତିକ—2 Physical; material.
୩ । ଐଶ୍ୱରିକ—3. Divine.
୪ । ଲୌକିକ—4. Popular.
୫ । ସାଂସାରିକ—5. Worldly; mundane.
୬ । ସହଜ; ସହଜାତ—
6. Innate; inborn; instinctive.

ପ୍ରାକୃତିକ ନିୟମ—ଦେ. ବି.—ଯେଉଁ ନିୟମଦ୍ୱାରା ସୃଷ୍ଟି ଚାଲୁଅଛି;
Prākṛutika niyama ସ୍ୱାଭାବିକ ନିୟମ—The laws of Nature.

ପ୍ରାକ୍‌କର୍ମ—ସଂ. ବି. (ପ୍ରାକ୍ + କର୍ମ)—୧ । ପୂର୍ବର କାର୍ଯ୍ୟ—
Pākkarma 1. Previous or past act.
୨ । ଅଦୃଷ୍ଟ; ଭାଗ୍ୟ (ହି. ଶ)—2. Luck; fate; destiny.

ପ୍ରାକ୍‌କାଳ—ସଂ. ବି. (ପ୍ରାକ୍ + କାଳ)—୧ । ଅତୀତ; ପୂର୍ବକାଳ—
Prākkāḷa 1. The past.
୨ । ଆଦ୍ୟକାଳ—
2. The beginning (in point of time).

ପ୍ରାକ୍‌କାଳିକ—ସଂ. ବିଣ. (ପ୍ରାକ୍‌କାଳ + ଭବାର୍ଥେ. ଇକ)—
Prākkāḷika ୧ । ପୂର୍ବକାଳରେ ଘଟିଥିବା; ପୂର୍ବକାଳୀନ;
(ପ୍ରାକ୍‌କାଳୀନ—ଅନ୍ୟରୂପ) ପ୍ରାଚୀନ—1. Past; ancient.
୨ । ପୂର୍ବତନ; ଏଥିପୂର୍ବେ ଘଟିଥିବା—2. Former; previous.

ପ୍ରାକ୍‌ଟିସ୍—ବୈଦେ. ବି. (ଇଂ) + ୧ । ଡାକ୍ତର ଓ ଓକିଲଙ୍କ ବ୍ୟବସାୟ—
Prāktis 1. The practice of a pleader or doctor.
(ପ୍ର୍ୟାକ୍‌ଟିସ୍, ପ୍ରେକ୍‌ଟିସ୍—ଅନ୍ୟରୂପ) ୨ । ଅଭ୍ୟାସ—
ପ୍ର୍ୟାକ୍‌ଟିସ୍ ପ୍ରକ୍ଟିସ 2. Practice.

ପ୍ରାକ୍ତନ—ସଂ. ବିଣ. (ପ୍ରାକ୍ + ଭବ ଅର୍ଥରେ. ତନ)—୧ । ପୂର୍ବକାଳୀନ;
Prāktana ଅତୀତ କାଳର; ପ୍ରାଚୀନ—1. Past; ancient;
(ପ୍ରାକ୍ତନୀ—ସ୍ତ୍ରୀ) former; prior.
୨ । ପୂର୍ବଜନ୍ମାର୍ଜିତ—2. Earned by the actions of a previous existence.
୩ । ପୂର୍ବବର୍ତ୍ତୀ—3. Previous; antecedent.
ସଂ. ବି.—ଅଦୃଷ୍ଟ; ଭାଗ୍ୟ; ଦୈବ; ପ୍ରାରବ୍ଧ—
Destiny; fate.
[ଦ୍ର—ହିନ୍ଦୁମାନେ ବିଶ୍ୱାସ କରନ୍ତି ଯେ ମନୁଷ୍ୟ ଇହକାଳରେ ପୂର୍ବଜନ୍ମର କର୍ମର ଫଳ ଭୋଗ କରେ । ଇହକାଳରେ ତପସ୍ୟାଦି ଦ୍ୱାରା ମନୁଷ୍ୟ ପ୍ରାକ୍ତନର ମନ୍ଦ ଫଳକୁ ଏଡ଼ି ପାରେ ଓ ଇହକାଳରେ ଯାହା କରେ ତାହାର ଫଳ ପରକାଳରେ ଭୋଗ କରିବ ।]

ପ୍ରାକ୍ତନ କର୍ମ—ସଂ. ବି. (କର୍ମଧା)—୧ । ପୂର୍ବ ଜନ୍ମରେ ମନୁଷ୍ୟ ଯେଉଁ
Prāktana karma କାର୍ଯ୍ୟ କରିଥାଏ—1. Acts done by a person in a previous existence.
୨ । ଅଦୃଷ୍ଟ; ଭାଗ୍ୟ—2. Destiny; fate; luck.

ପ୍ରାକ୍ତନ ଜନ୍ମ—ସଂ ବି.—ମନୁଷ୍ୟର ଇହ ଜନ୍ମର ପୂର୍ବରେ ହୋଇଥିବା
Prākatana janma ଜନ୍ମ; ପୂର୍ବଜନ୍ମ—Previous existence of a man before his present existence in this world.

ପ୍ରାକ୍ତନ ସଂସ୍କାର—ସ. ବ.—ପୂର୍ବଜନ୍ମର ଘଟନା ବା କାର୍ଯ୍ୟଦ୍ୱାରା
Prāktana saṁskāra ଇହଜନ୍ମରେ ମନୁଷ୍ୟର ଅନ୍ତରେ ଯେଉଁ ଛାପ ଲାଗି ଯାଇ ଥାଏ—The impression left on the soul of a man as a result of the acts or events of his previous existence.

ପ୍ରାଖର୍ଯ୍ୟ—ସଂ. ବ.—(ପ୍ରଖର+ଭାବାର୍ଥରେ. ଯ)—
Prākharjya ୧ । ପ୍ରଖରତା; ତୀକ୍ଷ୍ଣତା—1. Acuteness; sharpness.
୨ । ରାଗ; କଟୁ ସ୍ୱାଦ—2. Pungency; acridity.
୩ । ଦୁଷ୍ଟାମି—3. Wickedness.

ପ୍ରାଗ୍—ଗ୍ରା. ବ.—(ସଂ. ପ୍ରୟାଗ)—ପ୍ରୟାଗ ବା ଏଲାହାବାଦ—
Prāg Allahabad or Prayāga.
(ପ୍ରାଗ୍ ଶବ୍ଦ—ଅନ୍ୟରୂପ)

ପ୍ରାଗ୍‌ଜ୍ୟୋତିଷ—ସ. ବ—୧ । ଆସାମ ଅନ୍ତର୍ଗତ ପ୍ରାଚୀନ କାମରୂପ
Prāg-jyotisha ଦେଶ; କାମାଖ୍ୟା ଦେଶ; କାଉଁରୀ ଦେଶ (ଆଧୁନିକ ଗୌହାଟୀ ଜିଲ୍ଲା)—1. An ancient country in Assam; (modern Gouhati).
[ଦ୍ର—ଏ ଦେଶର ରାଜା ଭଗଦତ୍ତ ଚୀନ ଓ କିରାତ ସେନା ସହ ମହାଭାରତ ଯୁଦ୍ଧରେ ଯୋଗ ଦେଇଥିଲେ । ଏହା ପୂର୍ବେ ନରକାସୁରର ରାଜଧାନୀ ଥିଲା । ଏହା ଦେବୀଙ୍କ ଯୋଗତନ୍ତ୍ରର ପ୍ରଧାନ ସ୍ଥାନ ବୋଲି କଥିତ । ଏହା ସର୍ବତୋଭଦ୍ରା ନାମ୍ନୀ ଲକ୍ଷ୍ମୀଙ୍କର ନିବାସ ସ୍ଥାନରୂପେ କଳ୍ପିତ—ହି. ଶ ।]
୨ । କାମରୂପ ଦେଶବାସୀ ଲୋକ—
2. A man of the country of Kāmarūpa.

ପ୍ରାଗ୍‌ଜ୍ୟୋତିଷ ପୁର—ସ. ବ—ଆସାମର ପ୍ରାଗ୍‌ଜ୍ୟୋତିଷ ରାଜ୍ୟର
Prāg-jyotisha pura ରାଜଧାନୀ; ଆଧୁନିକ ଗୋହାଟୀର ପ୍ରାଚୀନ ନାମ—The ancient name of the town of Gouhati in Assam.
[ଦ୍ର—ଭୂମିଙ୍କ ପୁତ୍ର ଅମୂର୍ତ୍ତରଜଙ୍କଦ୍ୱାରା ଏ ରାଜଧାନୀ ସ୍ଥାପିତ ହୋଇଥିଲା—ହି. ଶ ।]

ପ୍ରାଗ୍‌ଦକ୍ଷିଣା—ସ. ବ. (ପ୍ରାକ୍+ଦକ୍ଷିଣ+ଆ)—
Prāg-dakshiṇā ଦକ୍ଷିଣ ପୂର୍ବକୋଣ; ଅଗ୍ନି କୋଣ—The south east quarter.

ପ୍ରାଗ୍‌ବଂଶ—ସ. ବ. (ପ୍ରାକ୍+ବଂଶ)—୧ । ପୂର୍ବବର୍ତ୍ତୀ ବଂଶ—
Prāg-baṁsa 1. Former dynasty; ancient or original family.
୨ । ଯଜ୍ଞଶାଳାର ପୂର୍ବପାଖରୁ ଉଚିତ ଶାଳାର ସମ୍ମୁଖସ୍ଥ ଗୃହ—
2. A room in front of the sacrificial room to the east.
[ଦ୍ର—ଏଥିରେ ଯଜମାନ ରହୁଥିଲେ । ହି. ଶ]
୩ । ଯଜ୍ଞଶାଳାର ଜାଳେଣୀ କାଠ—
3. The fuel required for a vedic sacrifice.
୪ । ବିଷ୍ଣୁଙ୍କର ନାମ—4. A name of Bishṇu.

ପ୍ରାଗ୍‌ବତ୍—ମ. କ୍ରି. ବଣ. (ପ୍ରାକ୍+ବତ୍)—ପୂର୍ବପରି—
Prāg-bat As before.

ପ୍ରାଗ୍‌ବୈଦିକ—ଦେ. ବ. (ପ୍ରାକ୍+ବୈଦିକ)—ବୈଦିକଯୁଗର ପୂର୍ବତନ
Prāgbaidika (ସମୟ)—Pre-vedic (times).

ପ୍ରାଗ୍‌ଭକ୍ତ—ସଂ. ବ. (ପ୍ରାକ୍+ଭକ୍ତ=ଭାତ)—ଭୋଜନର ଅବ୍ୟବହିତ
Prāg-bhakta ପୂର୍ବବର୍ତ୍ତୀ ସମୟ—The time immediately before meal.
[ଦ୍ର—ସୁଶ୍ରୁତରେ ଲେଖା ଅଛି ଯେ ବୃଦ୍ଧ, ବାଳକ ଓ ସ୍ତ୍ରୀମାନେ ଏହି ସମୟରେ ଔଷଧ ସେବନ କଲେ ତାହା ବମନଦ୍ୱାରା ବାହାର ପଡ଼େ ନାହିଁ, ଖାଦ୍ୟଦ୍ରବ୍ୟ ଉତ୍ତମରୂପେ ଜୀର୍ଣ୍ଣ ହୁଏ ଓ ବଳବୃଦ୍ଧି ହୁଏ—ହି. ଶ ।]

ପ୍ରାଗ୍‌ଭବ—ସ. ବଣ (ପ୍ରାକ୍+ଭବ)—ପୂର୍ବେ ଘଟିଥିବା ବା ଥିବା—
Prāg-bhaba Pre-existing; previous.
(ପ୍ରାଗ୍‌ଭବା—ସ୍ତ୍ରୀ)

ପ୍ରାଗ୍‌ଭାବ—ସଂ. ବ. (ପ୍ରାକ୍=ପ୍ରଥମ+ଭାବ)—୧ । ପ୍ରାଧାନ୍ୟ; ଶ୍ରେଷ୍ଠତା—
Prāg bhāba 1. Superiority; excellence.
୨ । ପର୍ବତର ଶିଖର—2. The top or summit of a mountain.
୩ । ପୂର୍ବଜନ୍ମର ଅବସ୍ଥା—3. Prior existence.
୪ । ପୂର୍ବ ଅବସ୍ଥା—4. Previous condition.

ପ୍ରାଗଗ୍ର—ସଂ. ବଣ. (ବହୁବ୍ରୀହି; ପ୍ରାକ୍=ପୂର୍ବ+ଅଗ୍ର)—
Prāgagra ପୂର୍ବଅଭିମୁଖ ମୁଣ୍ଡ କରିଥିବା; ପୂର୍ବାଭିମୁଖ—
(ପ୍ରାଗଗ୍ରା—ସ୍ତ୍ରୀ) Having the head or top towards the east.

ପ୍ରାଗଲ୍ଭ୍ୟ—ସଂ. ବ. [ପ୍ରଗଲ୍ଭ+ଭାବେ. ଯ]—୧ । ପ୍ରଗଲ୍ଭତା; ଔଦ୍ଧତ୍ୟ—
Prāgalbhya 1. Arrogance; effrontery; insolence; impudence.
୨ । ସ୍ତ୍ରୀଲୋକମାନଙ୍କର ସହଜ ସ୍ନେହଭାବ ବିଶେଷ—
2. Affectionate propensity or tendency in women.
୩ । ତେଜସ୍ୱିତା—3. Vigour.
୪ । ସାହସ; ନିର୍ଭୀକତା—4. Valour; fearlessness.
୫ । ପ୍ରାଧାନ୍ୟ; ପ୍ରାବଲ୍ୟ (ହି. ଶ)—
5. Predominance; prevalence.
୬ । ନୈପୁଣ୍ୟ—6. Proficiency; skill (Apte).
୭ । ପରିପକ୍ୱତା—7. Development; maturity (Apte).
୮ । ପ୍ରକାଶ—8. Manifestation; appearance (Apte).
୯ । ଗର୍ବ—9. Pride.
୧୦ । ବକ୍ତୃତ୍ୱ; ବାଗ୍ମିତା—10. Eloquence (Apte).
୧୧ । ଆଡ଼ମ୍ବର—12. Pomp (Apte).
୧୨ । ଦୃଢ଼ସଂକଳ୍ପତା—12. Resoluteness; determination (Apte).

ପ୍ରାଗାର—ସଂ ବ. (ପ୍ର+ଅଗାର)—ପ୍ରାସାଦ; ଭବନ (ହ୍ରି. ଶ)—
Prāgāra Building; house.

ପ୍ରାଗୁକ୍ତ—ସଂ. ବଣ. (ପ୍ରାକ୍+ଉକ୍ତ)—ପୂର୍ବକଥିତ—
Prāgukta Aforesaid.

ପ୍ରାଗୁଦୀଚୀ—ସଂ. ବ. (ପ୍ରାକ୍+ଉଦୀଚୀ)—ପୂର୍ବୋତ୍ତର ବା ଈଶାନ
Prāgudīchī କୋଣ—The north-east quarter of
(ପ୍ରାଗୁତ୍ତର—ଅନ୍ୟରୂପ) the globe.

ପ୍ରାଗୈତିହାସିକ—ସଂ. ବଣ. (ଆଧୁନିକ ପ୍ରୟୋଗ; ପ୍ରାକ୍+ଐତିହାସିକ)—
Prāgaitihāsika ଐତିହାସିକ କାଳର ପୂର୍ବବର୍ତ୍ତୀ (କାଳ)—
Prehistoric (period).

ପ୍ରାଗ୍ର—ସଂ. ବ. (ପ୍ର+ଅଗ୍ର)—ସର୍ବୋଚ୍ଚ ସ୍ଥାନ ବା ବିନ୍ଦୁ—
Prāgra The highest point (Apte).

ପ୍ରାଗ୍ରସର—ସଂ. ବଣ. (ପ୍ରାଗ୍ର+ସୃ ଧାତୁ+କର୍ତ୍ତୃ. ଅ)—
Prāgrasara ୧ । ପ୍ରଥମ; ପହିଲି (ହ୍ରି. ଶ)—1. First.
(ପ୍ରାଗ୍ରସରୀ—ସ୍ତ୍ରୀ) ୨ । ଶ୍ରେଷ୍ଠ; ମୁଖ୍ୟ (ହ୍ରି. ଶ)—
2. Chief; principal.

ପ୍ରାଗ୍ରହର—ସଂ. ବଣ. (ପ୍ରାଗ୍ର+ହୃ ଧାତୁ+କର୍ତ୍ତୃ. ଅ)—
Prāgrahara ଶ୍ରେଷ୍ଠ; ମୁଖ୍ୟ (ହ୍ରି. ଶ)—
(ପ୍ରାଗ୍ରହରୀ—ସ୍ତ୍ରୀ) Chief; principal (Apte).

ପ୍ରାଗ୍ରାଟ—ସଂ. ବ. (ପ୍ରାଗ୍ର+ଅଟ୍ ଧାତୁ+କର୍ତ୍ତୃ. ଅ)—୧ । ବସାଦହି—
Prāgrāṭa 1. Coagulated milk (Apte).
୨ । ପତଳାଦହି; ଘୋଳଦହି (ହ୍ରି. ଶ)—
2. Churned butter-milk.

ପ୍ରାଗ୍ର୍ୟ—ସ. ବଣ. (ପ୍ର+ଅଗ୍ର+ଭବାର୍ଥେ. ଯ)—ଶ୍ରେଷ୍ଠ; ପ୍ରଧାନ—
Prāgrya Chief; principal (Apte).
(ପ୍ରାଗ୍ର୍ୟା—ସ୍ତ୍ରୀ)

ପ୍ରାଘାତ—ସ. ବ. (ପ୍ର+ଆଘାତ)—
Prāghāta ୧ । ଜୋରରେ ଆଘାତ ବା ପ୍ରହାର (ହ୍ରି. ଶ)—
1. A powerful stroke; a heavy blow.
୨ । ଯୁଦ୍ଧ—2. War; battle (Apte).

ପ୍ରାଘାର—ସ. ବ. (ପ୍ର+ଆ+ଘୃ ଧାତୁ+ଭାବ. ଅ)—
Prāghāra ଟୋପା ଟୋପା ହୋଇ ପଡ଼ିବା; ଝରିବା—
Oozing; trickling; dropping (Apte).

ପ୍ରାଘୁ(ଘୂ)ଣ(ର୍ଣ୍ଣ)—ସ. ବ. [ପ୍ର+ଆ+ଘୁ(ଘୂ)ଣ ଧାତୁ, ଘୂର୍ଣ୍ଣ ଧାତୁ=
Prāghu ghū)ṇa(rṇṇa) ଭ୍ରମଣ କରିବା +କର୍ତ୍ତୃ. ଅ]—
୧ । ଅଭ୍ୟାଗତ; ଅତିଥି; କୁଟୁମ୍ବ—1 A guest.
୨ । ଆଗନ୍ତୁକ—2. A visitor; stranger..
[ପ୍ରାଘୁ(ଘୂ)ଣି(ର୍ଣ୍ଣି)କ, ପ୍ରାଘୁ(ଘୂ)ଣ(ର୍ଣ୍ଣ)କ—ଅନ୍ୟରୂପ]

ପ୍ରାଙ୍—ସ. ବ. (ପ୍ର+ଅଞ୍ଚ ଧାତୁ=ଗମନ କରିବା+କର୍ତ୍ତୃ. କ୍ୱିପ୍)—
Prāṅ ୧ । ପ୍ରାଚୀ; ପୂର୍ବଦିଗ—1. The east.
୨ । ପୂର୍ବକାଳ—2. The past.
ସ. ବଣ—୧ । ପ୍ରାଚୀନ—1. Ancient.
୨ । ପୂର୍ବତନ—2. Former

ପ୍ରାଙ୍ନ୍ୟାୟ—ସ. ବ. (ହିନ୍ଦୁ ସ୍ମୃତି)—
Prāṅ-nyāya ଉପସ୍ଥିତ ମକଦ୍ଦମା ଦାଏର ହେବା ପୂର୍ବରୁ
ଅଦାଲତଙ୍କ ଦ୍ୱାରା ଉକ୍ତ ବିଷୟର ମୀମାଂସା—
(Hindu Law) Resjudicata; the decision of the matter at issue by a court of justice before the institution of the present case.
[ଦ୍ର—ବ୍ୟବହାର ଶାସ୍ତ୍ର ଅନୁସାରେ ପ୍ରତିବାଦୀ ବାଦୀର ଦାବି ସମ୍ବନ୍ଧେ 'ପ୍ରାଙ୍ନ୍ୟାୟ' ଆପତ୍ତି ଉଠାଇଲେ ଓ ତାହା ପ୍ରମାଣିତ ହେଲେ ସେ ମକଦ୍ଦମା ଆଉ ଚଳି ନ ପାରେ—ହ୍ରି. ଶ]

ପ୍ରାଙ୍ମୁଖ—ସଂ ବଣ. ପୁଂ (ବହୁବ୍ରୀହି; ପ୍ରାକ୍=ପୂର୍ବ+ମୁଖ)—
Prāṅ-mukha ୧ । ପୂର୍ବ ଦିଗକୁ ମୁହଁ କରିଥିବା; ପୂର୍ବମୁଖ—
(ପ୍ରାଙ୍ମୁଖୀ—ସ୍ତ୍ରୀ) 1. Facing east.
୨ । ଉନ୍ମୁଖ—2. Inclined towards.

ପ୍ରାଙ୍ଗ—ସ. ବ. (ପ୍ର+ଅଙ୍ଗ)—ପଣବ; ଶ୍ରେଷ୍ଠ ବାଦ୍ୟ—
Prāṅga A small kind of drum (Apte).

ପ୍ରାଙ୍ଗଣ(ନ)—ସ. ବ. (ପ୍ର+ଅଙ୍ଗ ଧାତୁ=ଗମନ କରିବା+ଅଧିକରଣ. ଅନ)—
Prāṅgaṇa(na) ୧ । ଅଗଣା—1. Courtyard.
୨ । (+କରଣ. ଅନ) ବାଦ୍ୟବିଶେଷ; ପଣବ—2. A drum.
୩ । ଘରର ତଳ; ଗୃହ ଭୂମି; ଚଟାଣ—
3. Floor or a house.

ପ୍ରାଚ୍—ସଂ ବ—ପ୍ରାକ୍‌ଦିଗ; ପୂର୍ବଦିଗ—
Prāch The east.

ପ୍ରାଚଣ୍ଡ୍ୟ—ସ. ବ. (ପ୍ରଚଣ୍ଡ+ଭାବ. ଯ)—
Prāchaṇḍya ୧ । ପ୍ରଚଣ୍ଡତା; ଉଗ୍ରତା—1. Vehemence.
୨ । ଭୟଙ୍କରତା—2. Fierceness; ferocity.

ପ୍ରାଚିକା—ସ. ବ—୧ । ଏକ ପ୍ରକାର ଜଙ୍ଗଲୀ ମାଛି (ହ୍ରି. ଶ)—
Prāchikā 1. A kind of forest-flea.
୨ । ମଶା—2. Mosquito (Apte).
୩ । ମାଈ ଚିଲ୍ଲାଣ—
3. A female falcon (Apte).

ପ୍ରାଚିତ—ଗ୍ରା. ବ. (ସ. ପ୍ରାୟଶ୍ଚିତ୍ତ)—
Prāchita ପ୍ରାୟଶ୍ଚିତ୍ତ—Expiation.
[ପ୍ରାଚିତ୍ତ(ଚ୍ଛ)—ଅନ୍ୟରୂପ] (ଦ) ପ୍ରାଚିତ୍ତ

ପ୍ରାଚୀ—ସ. ବ. ସ୍ତ୍ରୀ. (ପ୍ରାଚ୍+ସ୍ତ୍ରୀ. ଈ)—
Prāchī ୧ । ପୂର୍ବଦିଗ—1. The east.
(ପ୍ରାଚୀ ବିପର୍ଯ୍ୟତ)— ୨ । ପୂଜ୍ୟ ଓ ପୂଜକର ମଧ୍ୟବର୍ତ୍ତୀ ସ୍ଥାନ—
2. The space between the worshipper and the worshipped.
ଦେ. ବ. (ନାମ)—ପୁରୀ ଜିଲ୍ଲାର ନଦୀବିଶେଷ—
A river in the district of Puri.
[ଦ୍ର—ଏହି ନଦୀ ପୁରୀ ଜିଲ୍ଲା ବାଲିଅନ୍ତା ନିକଟସ୍ଥ ଖଡ଼କପଡ଼ା ଗ୍ରାମର ୨ ମାଇଲ ଦୂରରେ ଭୁଆଁଶାଇ ନଦୀର ଉ. ପୂ ରୁ ବାହାରି ଦ. ପୂ. ଦିଗକୁ ପ୍ରବାହିତ ହୋଇ ପୁରୀ ଜିଲ୍ଲା କାକଟପୁର ଥାନାର କେଉଟଜଙ୍ଗା ନିକଟରେ ବଙ୍ଗୋପସାଗରରେ ମିଶିଅଛି । ଏହାର

ଦୈର୍ଘ୍ୟ ୩୦ ମାଇଲ ଓ ପ୍ରସ୍ଥ ୪୦।୫୦ ହାତ । ଏହା ତୀରରେ ପୁଣ୍ୟପ୍ରସିଦ୍ଧ ତୀର୍ଥସ୍ଥାନ ଓ ଦେବ ମନ୍ଦିରମାନ ବିଦ୍ୟମାନ ରହିଅଛି । ରାମାୟଣବର୍ଣ୍ଣିତ ଦଣ୍ଡକାରଣ୍ୟ ଏହା କୂଳରୁ ଆରମ୍ଭ ହୋଇଥିବାର କଥିତ । ଏହା ତୀରସ୍ଥ ନିଆଳି ଗ୍ରାମ ନିକଟସ୍ଥ ପାଣ୍ଡବ ତୀର୍ଥରେ ପ୍ରତିବର୍ଷ ମକର ଶୁକ୍ଳ ଏକାଦଶୀ ଦିନ ଗୋଟିଏ ମେଳା ହୁଏ । ଏହା ତୀରସ୍ଥ ତୁଳସୀପୁର ଗ୍ରାମ ପାଖେ ଚଉରାସୀ ବୋଲି ଗୋଟିଏ ଗ୍ରାମରେ ପ୍ରାଚୀନ ରାଜଧାନୀର ଭଗ୍ନାବଶେଷ ଦେଖାଯାଏ ଏବଂ ଏହା ପ୍ରାଚୀନ ଉତ୍କଳର ରାଜଧାନୀ ହୋଇଥିବ ବୋଲି ଅନୁମାନ କରାଯାଏ । ପୂର୍ବେ ଏ ନଦୀ ସ୍ରୋତସ୍ୱତୀ ଥିଲା ଏବଂ ଏଥିରେ ନୌକାଦ୍ୱାରା କୋଣାର୍କ ମନ୍ଦିରର ପଥରମାନ ସୁଦୂର ଖୋରଧା ଓ ନୀଳଗିରିରୁ ଅଣା ଯାଇଥିଲା । କୋଣାର୍କ ମନ୍ଦିରରେ କାମ କରୁଥିବା ୧୨୦୦ ବଢ଼େଇ ଏହି ନଦୀ ତୀରସ୍ଥ ଉଦିଟଗଡ଼ ଗ୍ରାମରେ ରହି କାର୍ଯ୍ୟ କରୁଥିଲେ । ଅକ୍ଷୟ ତୃତୀୟା ଦିନ ଏହିଠାରେ ବଢ଼େଇମାନଙ୍କର ବାର୍ଷିକ ମେଳା ହୁଏ—ଡାକ୍ତର ରାଧାଚରଣ ପଣ୍ଡା]

ପ୍ରାଚୀନ—ସଂ. ବିଣ. (ପ୍ରାଚ୍+ଈନ)—
Prāchina ୧ । ପୂର୍ବ ଦିଗସ୍ଥ—
[ପ୍ରାଚୀନତା(ତ୍ୱ)—ବି] 1. Eastern.
(ପ୍ରାଚୀନା—ସ୍ତ୍ରୀ) ୨ । ପୂର୍ବକାଳୀନ—2. Past; former.
୩ । ପୁରାତନ—3. Ancient
୪ । ବୃଦ୍ଧ—4. Old.
୫ । ପ୍ରାଚ୍ୟ; ପୂର୍ବ ଦେଶୀୟ—5. Eastern.
୬ । (ପ୍ରାଚୀ+ଈନ. ଭବାର୍ଥେ) ପୂର୍ବଦିଗ୍ ଉତ୍ପନ୍ନ—
6. Occurring or produced in the east.

ପ୍ରାଚୀନ ତିଲକ—ସଂ. ବି—ଚନ୍ଦ୍ର—
Prāchina tilaka The moon (Apte).

ପ୍ରାଚୀନ ପନସ—ସଂ. ବି—ବିଲ୍ୱ ଗଛ—
Prāchina panasa The Bilwa tree (Apte).

ପ୍ରାଚୀନ ବର୍ହିଃ—ସଂ. ବି—୧ । ଇନ୍ଦ୍ର—
Prāchina barhih 1. Indra.
୨ । ପ୍ରଚେତାମାନଙ୍କର ପିତା; ପ୍ରାଚୀନ ରାଜାବିଶେଷ—
2. Name of an ancient king

ପ୍ରାଚୀନ ଶାଳ—ସଂ. ବି.—(ପ୍ରାଚୀନ+ଶାଳା)—୧ । ପୁରାତନ ଗୃହ
Prāchina sāla (ହି. ଶ.)—1 An old house.
୨ । ପୂର୍ବ ଦିଗରେ ଥିବା ଗୃହ (ହି. ଶ.)—
2. A house in the eastern side.

ପ୍ରାଚୀନା—ସଂ. ବିଣ. ସ୍ତ୍ରୀ. (ପ୍ରାଚୀନ+ଆ)—ପ୍ରାଚୀନର ସ୍ତ୍ରୀଲିଙ୍ଗ—
Prāchinā Feminine of Prāchina.
ସଂ. ବି.—୧ । ପାଠା (ଦେଖ) (ହି. ଶବ୍ଦସାଗର)—
1. Pāthā (See)
୨ । ରାସ୍ନା (ଦେଖ) (ହି. ଶ.)—2. Rāsnā (See)

ପ୍ରାଚୀନାବୀତ—ସଂ. ବି. (ପ୍ରାଚୀନ+ଆବୀତ)—୧ । ଶ୍ରାଦ୍ଧ ପିତୃ-
Prāchinābita କାର୍ଯ୍ୟରେ ବାମ ହସ୍ତ ବାହାରକୁ ରଖି ଡାହାଣ
(ପ୍ରାଚୀନୋପବୀତ—ଅନ୍ୟରୂପ) କାନ୍ଧରେ ଯଜ୍ଞୋପବୀତ ଧାରଣ କରିବାର ପ୍ରକାର—The wearing of the sacred thread over the right shoulder by passing it towards the left side, as at a srāddha.
୨ । ଡାହାଣ କାନ୍ଧ ବାଟେ ବାମ ଅଣ୍ଟାକୁ ଲମ୍ବି ଥିବା ଉପବୀତ—
2. The sacred thread worn over the right shoulder and pasting towards the left side.

ପ୍ରାଚୀନାବୀତୀ—ସଂ. ବିଣ. ପୁଂ (ପ୍ରାଚୀନାବୀତ+ଅସ୍ତି ଅର୍ଥରେ ଇନ୍; ୧ମା.
Prāchinābiti ୧ବ.)—ଶ୍ରାଦ୍ଧ କାଳରେ ଦକ୍ଷିଣ ସ୍କନ୍ଧରେ
(ପ୍ରାଚୀନୋପବୀତୀ—ଅନ୍ୟରୂପ) ଯଜ୍ଞସୂତ୍ର ପିନ୍ଧି ଥିବା (ବ୍ୟକ୍ତି); ସବ୍ୟ-
(a person) Wearing the sacred thread on the right shoulder.

ପ୍ରାଚୀନାମଳକ—ସଂ. ବି.—ପାଣି ଅଁଳା (ଦେଖ) (ହି. ଶ.)—
Prāchināmalaka Pāni a-ṅlā (See)

ପ୍ରାଚୀ ପତି—ସଂ. ବି. (୬ଷ୍ଠୀ ତତ୍)—ପୂର୍ବ ଦିକ୍‌ପାଳ; ଇନ୍ଦ୍ର—
Prāchi pati Indra.

ପ୍ରାଚୀ ମାହାତ୍ମ୍ୟ—ସଂ. ବି.—ସଂସ୍କୃତ ଗ୍ରନ୍ଥବିଶେଷ—The title of a
Prāchi māhātmya book in Sanskrit.
[ଦ୍ର—ଏଥିରେ ପ୍ରାଚୀତୀରସ୍ଥ ମନ୍ଦିର ଓ ତୀର୍ଥମାନଙ୍କର ମାହାତ୍ମ୍ୟ ବର୍ଣ୍ଣିତ ହୋଇଅଛି । ୧୦୭ ବର୍ଷ ତଳେ ପୁରୀଜିଲ୍ଲା କାକଟପୁର ନିବାସୀ ନାରାୟଣ ମିଶ୍ର ଏ ପୁସ୍ତକ ପ୍ରଣୟନ କରିଥିଲେ । ଶ୍ରୀଯୁକ୍ତ ତ୍ରିଲୋଚନ ଆଚାର୍ଯ୍ୟ ଏ ସଂସ୍କୃତ ଗ୍ରନ୍ଥର ଓଡ଼ିଆ ପଦ୍ୟ ଅନୁବାଦ କରିଅଛନ୍ତି । ଏ ଗ୍ରନ୍ଥଦ୍ୱୟ ଅବଶ୍ୟ ଅପ୍ରକାଶିତ—ଡାକ୍ତର. ରାଧାଚରଣ ପଣ୍ଡା ।]

ପ୍ରାଚୀର—ସଂ. ବି (ପ୍ର+ଆ+ଚୀ ଧାତୁ=ଏକତ୍ର କରିବା; ଆବରଣ
Prāchira କରିବା+କର୍ମ. ର)—୧ । ନଗର ଓ ଦୁର୍ଗ ଆଦିର ପାଚେରି; ପ୍ରାନ୍ତସ୍ଥ ବେଷ୍ଟନ—1 Rampart.
୨ । ଘେରିବା କାନ୍ଥ—2. Compound wall.
୩ । ଘେରବନ୍ଦ; ବାଡ଼—
3. An enclosure; hedge; fencing.

ପ୍ରାଚୀ ସମିତି—(ନାମ)—କଟକରେ ପ୍ରତିଷ୍ଠିତ ପ୍ରାଚୀନ ଓଡ଼ିଆ ସାହିତ୍ୟ
Prāchi samiti ପ୍ରକାଶକ ସମିତି—Name of a society started at Cuttack for publishing old literary works of Orissa.
[ଦ୍ର—ଏ ସମିତି ରାୟ ସାହେବ ପ୍ରୋଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କଦ୍ୱାରା ପ୍ରଥମେ ପ୍ରତିଷ୍ଠିତ ହୋଇ ରାୟ ବାହାଦୁର ଜ୍ୟୋତିଃ ସ୍ୱରୂପଚନ୍ଦ୍ର ମହାପାତ୍ରଙ୍କ ଅର୍ଥାନୁକୂଲ୍ୟରେ ୪୫ ବର୍ଷ ମଧ୍ୟରେ ଅନେକଗୁଡ଼ିଏ ଅପ୍ରକାଶିତ ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ଓ ଗୁଡ଼ିଏ ଓଡ଼ିଆ ଗ୍ରନ୍ଥର ଟୀକା ଓ ମହାମାଧର୍ମପ୍ରତିପାଦକ ଗ୍ରନ୍ଥ ପ୍ରକାଶ କରିଅଛନ୍ତି । ଯୁବକ କର୍ମୀ ଶ୍ରୀ ବିଜୟଚରଣ ପଟ୍ଟନାୟକଙ୍କ ସମ୍ପାଦକତ୍ୱରେ ଏ ସମିତିରୁ ପ୍ରକାଶିତ ତ୍ରୈମାସିକ 'ପ୍ରାଚୀ' ପତ୍ରିକା ଭାରତରେ ଓ ଇଉରୋପରେ ପ୍ରସ୍ତୃତ ହୋଇଥିଲା । ପ୍ରାଚୀ ସମିତିଦ୍ୱାରା ପ୍ରକାଶିତ ଗ୍ରନ୍ଥମାନଙ୍କରୁ ଅନେକ ପଦ ଓ ବିଷୟମାନ ଏ ଭାଷାକୋଷରେ ଉଦ୍ଧୃତ ହୋଇଅଛି । ତତ୍ତତ୍‌ସ୍ଥଳରେ ଗ୍ରନ୍ଥର ନାମ ଓ ତତ୍ପୂର୍ବେ ପ୍ରାଚୀ (ଯଥା—ପ୍ରାଚୀ. ଶିବସ୍ୱରୋଦୟ) ଲେଖା ଯାଇଅଛି ।]

ପ୍ରାଚୁର୍ଯ୍ୟ—ସଂ. ବି. (ପ୍ରଚୁର+ଭାବେ. ଯ)—ପ୍ରଚୁରତା; ଆଧିକ୍ୟ—
Prāchurjya Abundance; plenty, sufficience.

ପ୍ରାଚ୍ୟ—ସ. ବଣ. (ପ୍ରାଚ୍—ପୂର୍ବ+ଯ)—୧ । ପୂର୍ବଦେଶୀୟ—
Prāchya 1. Eastern; oriental.
୨ । ପୂର୍ବଦିଗସ୍ଥ—2. Belonging to the east.
୩ । ପୂର୍ବକାଳୀନ; ପ୍ରାଚୀନ—
2. Of ancient times; old; ancient.
ସ. ବ—୧ । ସରସ୍ୱତୀ ନଦୀର ପୂର୍ବ ଓ ଦକ୍ଷିଣ ଦେଶ (ପଞ୍ଚାଳ, ବିଦେହ, ଅଙ୍ଗ, ବଙ୍ଗ ଓ ମଗଧ)—1. The country to the south and east of the Saraswati river.
୨ । ପୂର୍ବଦେଶ—2. The eastern country.

ପ୍ରାଜକ—ସ. ବ. (ପ୍ର+ଅଜ୍ ଧାତୁ ଣିଚ୍=ଗମନ କରାଇବା+କର୍ତ୍ତୃ ଅକ)—୧ । ସାରଥି; ରଥାଦିର ଚାଳକ; କୋଚୋଆନ—
Prājaka 1. Charioteer; coachman.
୨ । ନେତୃତ୍ୱ; ଚାଳକ—2. A guide; a driver.

ପ୍ରାଜନ—ସ. ବ. (ପ୍ର+ଅଜ୍ ଧାତୁ ଣିଚ୍+କରଣ. ଅନ)—
Prājana ୧ । ପଶୁଚାଳନ ଦଣ୍ଡ; ପାଞ୍ଚଣ ବାଡ଼ି—
1. A goad; a driving rod.
୨ । (+ଭାବ. ଅନ) ଅଡ଼ାଇବା; ଚାଳନ—2. Driving.

ପ୍ରାଜହିତ—ସ. ବ—ଗାର୍ହପତ୍ୟ ଅଗ୍ନି—
Prājahita One of the sacrificial fires.

ପ୍ରାଜାପତ୍ୟ—ସ. ବଣ (ପ୍ରଜାପତି+ଯ)—୧ । ପ୍ରଜାପତି ସମ୍ବନ୍ଧୀୟ—
Prājāpatya 1. Relating to Brahmā.
୨ । ପ୍ରଜାପତିଙ୍କଠାରୁ ଉତ୍ପନ୍ନ—
2. Born of Prajāpati.
ସ. ବ—୧ । ହିନ୍ଦୁଧର୍ମାନୁମତ ବିବାହବିଶେଷ (ଯହିଁରେ କନ୍ୟାକର୍ତ୍ତା ବରଙ୍କୁ ସମ୍ମାନ ସହକାରେ କନ୍ୟା ପ୍ରଦାନ କରନ୍ତି—
1. A form of marriage.
[ଦ୍ର—ହିନ୍ଦୁଶାସ୍ତ୍ରୋକ୍ତ ଆଠ ପ୍ରକାର ବିବାହରୁ ଏହା ଏକ । ଏଥିରେ କନ୍ୟାକର୍ତ୍ତା ବର ଓ କନ୍ୟାଙ୍କୁ ଏକତ୍ର କରି ସେମାନଙ୍କୁ ନିମ୍ନଲିଖିତ ପ୍ରତିଜ୍ଞାରେ ଆବଦ୍ଧ କରନ୍ତି "ଆମ୍ଭେ ଦୁହେଁ ମିଳିତ ହୋଇ ଗାର୍ହସ୍ଥ୍ୟ ଧର୍ମ ପାଳନ କରିବୁଁ ।' ଦମ୍ପତି ଏ ପ୍ରତିଜ୍ଞାରେ ଆବଦ୍ଧ ହେବା ପରେ କନ୍ୟାକର୍ତ୍ତା ଦୁହିଙ୍କର ପୂଜା କରି ସାଲଙ୍କାର କନ୍ୟାକୁ ବରଙ୍କ ହସ୍ତରେ ସମର୍ପଣ କରନ୍ତି—ହି. ଶ ।]
୨ । ପ୍ରୟାଗ (ହି. ଶ.)—2. Allahabad.
୩ । ଦ୍ୱାଦଶାହସାଧ୍ୟ ପ୍ରାୟଶ୍ଚିତ୍ତ ବ୍ରତବିଶେଷ (ପ୍ରଥମ ଦିବସତ୍ରୟ ସନ୍ଧ୍ୟାବେଳେ ୨୨ ଗ୍ରାସ ଅନ୍ନ ଭୋଜନ, ତହିଁର ଦିବସତ୍ରୟ ପ୍ରାତଃକାଳରେ ୨୬ ଗ୍ରାସ ଅନ୍ନ ଭୋଜନ, ତହିଁର ଦିବସତ୍ରୟ ଅଯାଚିତ ଅନ୍ନ ୨୪ ଗ୍ରାସ ଭୋଜନ ଓ ଶେଷ ଦିବସତ୍ରୟ ଉପବାସ—ହି. ଶ)—3. A kind of penance observed during 12 days.
୪ । ରୋହିଣୀ ନକ୍ଷତ୍ର—4. The 4th asterism.
୫ । ଅପୁତ୍ରକ ବ୍ୟକ୍ତି ଆପଣା କନ୍ୟାର ପୁତ୍ରକୁ ଏ ହେଲେ ତାକୁ ପୁତ୍ରସ୍ୱରୂପ ଗ୍ରହଣ କରିବେ ଏହି ଉଦ୍ଦେଶ୍ୟରେ କନ୍ୟାକୁ ବିବାହ ଦେବା ପୂର୍ବେ ଯେଉଁ ଯଜ୍ଞ ସମ୍ପାଦନ କରନ୍ତି—
5. A sacrifice performed before appointing one's daughter to raise an issue.
୬ । ସନ୍ନ୍ୟାସାଶ୍ରମରେ ପ୍ରବେଶ କରିବା ପୂର୍ବେ ସର୍ବସ୍ୱ ଦକ୍ଷିଣା ଦେଇ ଯେଉଁ ଯଜ୍ଞ କରାଯାଏ—
6. A vedic sacrifice performed by a person who is going to enter into asceticism by giving away all his worldly belongings to the officiating priests.

ପ୍ରାଜିକ—ସ. ବ—ବାଜ; ଶ୍ୟେନ (ହି. ଶବ୍ଦସାଗର)—
Prājika Hawk.

ପ୍ରାଜିତା—ସ. ବ. ପୁଂ. (ପ୍ରାଜିତୃ ଶବ୍ଦ; ୧ମା. ୧ବ.)—ସାରଥି—
Prājitā Charioteer.

ପ୍ରାଜ୍ଞ—ସଂ. ବଣ. ପୁଂ. (ପ୍ର+ଅ+ଜ୍ଞା ଧାତୁ+ଅ, ବା ପ୍ରଜ୍ଞା+ଅ)—
Prājna ୧ । ଜ୍ଞାନୀ; ସୁପଣ୍ଡିତ; ବିଜ୍ଞ—1. Wise; learned.
(ପ୍ରାଜ୍ଞା, ପ୍ରାଜ୍ଞୀ—ସ୍ତ୍ରୀ) ୨ । ଦକ୍ଷ; ନିପୁଣ; ଚତୁର—
(ପ୍ରାଜ୍ଞତା[ତ୍ୱ]—ବ) 2. Clever; skilful.
୩ । (ପ୍ର+ଅଜ୍ଞ) ମୂର୍ଖ; ନିର୍ବୁଦ୍ଧି (ହି. ଶ.)—
3. Illiterate; stupid
ସ. ବ—୧ । ପଣ୍ଡିତବ୍ୟକ୍ତି—1. A learned man.
୨ । ଜୀବାତ୍ମା (ହି ଶବ୍ଦସାଗର)—
2. The living soul.
୩ । କଳ୍କିଦେବଙ୍କ ବଡ଼ ଭାଇ—3. Name of the elder brother of Kalkideba.

ପ୍ରାଜ୍ଞମାନୀ—ସ. ବଣ. ପୁଂ. (ପ୍ରାଜ୍ଞ+ମନ୍ ଧାତୁ+ଇନ୍; ୧ମା. ୧ବ)—
Prājnamāni ପଣ୍ଡିତମ୍ମନ୍ୟ; ପାଣ୍ଡିତ୍ୟାଭିମାନୀ—
(ପ୍ରାଜ୍ଞମାନିନୀ—ସ୍ତ୍ରୀ) Thinking one's self to be a learned man, though not actually so.

ପ୍ରାଜ୍ଞୀ—ସ. ବଣ. ସ୍ତ୍ରୀ. (ପ୍ରାଜ୍ଞ+ଈ)—ପ୍ରାଜ୍ଞର ସ୍ତ୍ରୀ ଲିଙ୍ଗ—
Prājni Feminine of Prājna.
ସ. ବ. ସ୍ତ୍ରୀ—ସୂର୍ଯ୍ୟଙ୍କ ସ୍ତ୍ରୀଙ୍କ ନାମ (ହି. ଶ)—
Name of a wife of the Sun-god.

ପ୍ରାଜ୍ୟ—ସ. ବଣ. (ପ୍ର+ଅଂଜ୍ ଧାତୁ=ପ୍ରବୃଦ୍ଧ ହେବା+କର୍ତ୍ତୃ. ଯ)—
Prājya ୧ । ପ୍ରଚୁର; ପ୍ରଭୂତ—1. Much; excessive.
୨ । (ବହୁବ୍ରୀହି; ପ୍ର+ଆଜ୍ୟ) ଘୃତବହୁଳ—
2. Full of ghee.
ସ. ବ. (ପ୍ର+ଆଜ୍ୟ)—ପ୍ରକୃଷ୍ଟ ଘୃତ—
Excellent ghee.

ପ୍ରାଞ୍ଜଳ—ସ. ବଣ. (ପ୍ର+ଅଂଜ୍ ଧାତୁ+କର୍ମ. ଅଳ)—
Prānjala ୧ । ସରଳ; ସହଜ—1. Easy; sincere;
[ପ୍ରାଞ୍ଜଳତା(ତ୍ୱ)—ବ] straightforward.
୨ । ସତ—2 Honest; upright; frank.
୩ । ସୁଖବୋଧ୍ୟ—3. Easy to understand; intelligible; pnail.
୪ । ସୁଖସେବ୍ୟ; ରୁଚିକର—4. Palatable.

୫ । ନିର୍ମଳ—5. Clear.
୬ । ଉଜ୍ଜ୍ୱଳ—6. Bright.
୭ । ସତ୍ୟ (ହ୍ରି. ଶ)—7. True.
୮ । ସମାନ; ସମତଳ—8. Smooth; level.

ପ୍ରାଞ୍ଜଳି—ସଂ. ବି. (ବହୁବ୍ରୀହି; ପ୍ର=ପ୍ରକୃଷ୍ଟରୂପେ କୃତ+ ଅଞ୍ଜଳି ଯାହା ଦ୍ୱାରା)—
Prānjali
ବଦ୍ଧାଞ୍ଜଳି; କୃତାଞ୍ଜଳି; ଅଞ୍ଜଳିବଦ୍ଧ—
With folded palms; in a supplicating posture.
ସଂ. ବି—ଅଞ୍ଜଳି; ଅଞ୍ଜୁଳା (ହ୍ରି. ଶ)—
A double handful.

ପ୍ରାଡ୍‌ବିବାକ—ସଂ. ବି. (ପ୍ରଚ୍ଛ୍ ଧାତୁ=ପଚାରିବା + କ୍ୱିପ୍=ପ୍ରାଡ୍ + ବିବାକ)—
Prād bibāka
(ପ୍ରାଡ୍ ବିବେକ—ଅନ୍ୟରୂପ) ୧ । ପ୍ରଧାନ ବିଚାରକ; ଜଜ୍; ନ୍ୟାୟାଧୀଶ—1. A judge; a court of justice; Chief-justice.
୨ । ମାଜିଷ୍ଟ୍ରେଟ୍—2. Magistrate.
୩ । ଓକିଲ (ହ୍ରି. ଶ)—3. Pleader.

ପ୍ରାଣ—ସଂ. ବି. (ପ୍ର+ଅନ୍ ଧାତୁ=ବଞ୍ଚିବା+କର୍ତ୍ତୃ. ଅ)—
Prāna ୧ । ହୃଦୟସ୍ଥ ପଞ୍ଚବାୟୁ ମଧ୍ୟରୁ ଏକତମ—
1. One of the 5 airs in the body.
[ଯଥା—ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ ପଞ୍ଚବାୟୁ ନାମରେ ଖ୍ୟାତ ।]
୨ । ନିଃଶ୍ୱାସ—2. Inhaled breath.
୩ । ଜୀବନ; ଚୈତନ୍ୟ—
3. Life; vitality; spirit.
୪ । ପ୍ରାଣର ଅତ୍ୟାବଶ୍ୟକ ଅଙ୍ଗ—
4. A vital organ.
୫ । ବଳ; ଶକ୍ତି—5. Strength; power.
୬ । ସାର—6 Essence; vital element.
୭ । ବ୍ରହ୍ମ—7. Brahma.
୮ । ବାୟୁ—8. Wind; air.
୯ । ଘୋଷୋଚ୍ଚାରଣ—9. Aspiration in the articulation of letters.
୧୦ । ଆପଣାର ପ୍ରାଣ ପରି ସ୍ନେହପାତ୍ର—
10. One's beloved object.
୧୧ । ଶରୀରସ୍ଥ ୫ ପ୍ରକାର ପ୍ରାଣବାୟୁ; ପଞ୍ଚପ୍ରାଣ—
11. The five vital airs of the system
(ଯଥା—ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ—ହ୍ରି. ଶ)
୧୨ । ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ ଏହି ପଞ୍ଚ ମୁଖ୍ୟ ବାୟୁ ଓ ନାଗ, କୂର୍ମ, କୃକଳ(ବା କୃକର), ଦେବଦତ୍ତ ଓ ଧନଞ୍ଜୟ ଶରୀରସ୍ଥ ଏହି ଦଶ ବାୟୁ (ହ୍ରି. ଶବ୍ଦସାଗର)—
12. Ten airs existing inside the human body.
୧୩ । ଶ୍ୱାସ—13. Breath; respiration.
୧୪ । (ଜ୍ୟୋତିଷ) ଦଶଟି ଦୀର୍ଘ ମାତ୍ରା ଉଚ୍ଚାରିତ ହେବାର କାଳ (ହ୍ରି. ଶ)—14. (astronomy) The length of time occupied by the pronunciation of 10 long vowels.
୧୫ । (ଛାନ୍ଦୋଗ୍ୟ ବ୍ରାହ୍ମଣ) ପ୍ରାଣ, ବାକ୍, ଚକ୍ଷୁଃ, ଶ୍ରୋତ୍ର ଓ ମନଃ (ହ୍ରି. ଶ)— 15. (chhāndogya) Life, speech, eye, ear and mind taken together.
୧୬ । ବିଷ୍ଣୁ—16. Bishnu.
୧୭ । ଅଗ୍ନି (ହ୍ରି. ଶ)—17. Fire.
୧୮ । 'ଯ'କାର ବର୍ଣ୍ଣ (ହ୍ରି. ଶ)—18. The letter 'ya'.
ସଂ. ବିଣ—ପୂରିତ (ପ୍ରକୃତିବାଦ)—Filled up.
ଦେ. ବି—୧ । ଆନ୍ତରିକତା—1. Heartiness; sincerity.
୨ । ତେଜଃ—2. Vigour.
୩ । ହୃଦୟ; ମନ—3. Heart; mind.

ପ୍ରାଣ ଉଡ଼ିଯିବା—ଦେ. ବି—୧ । ପ୍ରାଣ ଛାଡ଼ିଯିବା (ଦେଖ)
Prāna urdijibā 1. Prāna chhārdijibā (See)
প্রাণ উড়ে যাওয়া ୨ । ଅତ୍ୟନ୍ତ କ୍ଳାନ୍ତ ହେବା—
प्राण उड़जाना 2. Being over-tired.
୩ । ମୂର୍ଚ୍ଛ୍ର ଅବସ୍ଥା—3. Dying condition.
୪ । ଭୟତ୍ରସ୍ତ ଅବସ୍ଥା—4. A state of great alarm.

ପ୍ରାଣ ଉପରେ ପଡ଼ିବା—ଦେ. ବି—ଜୀବନ ସଙ୍କଟ; ପ୍ରାଣାନ୍ତ କଷ୍ଟ—
Prāna upare pardibā A question of life and death.
প্রাণের উপর পড়া प्राणों पर पड़ना

ପ୍ରାଣ ଖାଇବା—ଦେ. କ୍ରି—ଅତି କଷ୍ଟ ଦେବା—
Prāna khāibā To harass much.
প্রাণ খাওয়া प्राण खाना

ପ୍ରାଣକଷ୍ଟ—ସଂ. ବି—୧ । ମରଣ ସମୟରେ ଅନୁଭୂତ ଦୁଃଖ—
Prānakashta 1. The pangs felt at death.
୨ । ପ୍ରାଣାନ୍ତକ କଷ୍ଟ—2. Mortal pain; great pain.

ପ୍ରାଣକୃଷ୍ଣ—ଦେ. ବି. ପୁଂ—ପୁରୁଷଙ୍କ ନାମ—
Prānakrushna A name given to males.

ପ୍ରାଣ ଘାତ—ସଂ. ବି. (୬ଷ୍ଠୀ ତତ୍ ପ୍ରାଣ+ଘାତ)—ହତ୍ୟା; ବଧ—
Prāna ghāta Killing; slaughter.

ପ୍ରାଣ ଘେନିବା—ଦେ. କ୍ରି—ମାରିବା; ହତ୍ୟା କରିବା—
Prāna ghenibā To kill.
প্রাণ নেওয়া ମୋତେ ଛାଡ଼ ମୋର ଅଟେ ପ୍ରାଣ ତାର
प्राण लेना ବେଣୁଗତ ପ୍ରେତସାଇଁ । ଧର୍ମନାଥ ଗାଦଗ ।

ପ୍ରାଣ ଖୋଲିବା—ଦେ. କ୍ରି—୧ । ନିଜର ମନୋଭାବକୁ ବ୍ୟକ୍ତ କରିବା—
Prāna kholibā 1. To express one's inmost thoughts.
প্রাণ খুলনা
प्राण खुलना ୨ । ସରଳତା ପ୍ରକାଶ କରିବା—
2. To be frank.

(ଯଥା—ବନ୍ଧୁବନ୍ଦ ପରେ ଆଜ ପ୍ରାଣ ଖୋଲି କଥାବାର୍ତ୍ତା ହେବାକୁ ମୋତେ ଜଣେ ବନ୍ଧୁ ମିଳିଲେ ।)

ପ୍ରାଣ ଛଡ଼ା—ଦେ. ବିଣ—ଜୀବନ ମୂଲ୍ୟରେ; ଯହିଁରେ ଜୀବନ ପର୍ଯ୍ୟନ୍ତ ଦେବାକୁ ପଡ଼େ—
Prāṇa chharḍā Requiring the sacrifice of one's life even.

ପାଣ୍ଡବେ ନ କହିବେ ପ୍ରାଣଛଡ଼ା ଯୁଦ୍ଧ
କରିବାକୁ କୁରୁମାନଙ୍କୁ ରଣେ ବଧ । କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।

ଦେ. ବି—ପ୍ରାଣ ଛାଡ଼ିଯିବା (ଦେଖ)—
Prāṇa chhārḍijibā (See)

ପ୍ରାଣ ଛାଡ଼ିବା—ଦେ. କ୍ରି—ମୃତହେବା; ମରିବା—
Prāṇa chhārḍibā To die; to give up life.
প্রাণ ছাড়া ଏହି ବ ଛାଡ଼ିବ ପ୍ରାଣ । ଉପେନ୍ଦ୍ରଭଞ୍ଜ, ଲାବଣ୍ୟବତୀ ।
प्राण छोड़ना (ପ୍ରାଣ ତେଜିବା, ପ୍ରାଣ ହରାଇବା, ପ୍ରାଣ ହାରିବା—ଅନ୍ୟରୂପ)

ପ୍ରାଣ ଛାଡ଼ିଯିବା—ଦେ. ବି—ପ୍ରାଣତ୍ୟାଗ; ମୃତ୍ୟୁ—
Prāṇa chhārḍijibā Death; dying.
প্রাণ ছেড়ে যাওয়া **प्राण निकलना**
(ପ୍ରାଣ ବାହାରି ଯିବା, ପ୍ରାଣ ଯିବା—ଅନ୍ୟରୂପ)

ପ୍ରାଣତ୍ୟାଗ—ସଂ. ବି. (୬ଷ୍ଠୀ ତତ୍; ପ୍ରାଣ+ତ୍ୟାଗ)—ମୃତ୍ୟୁ—
Prāṇatyāga Death; demise; dying.
(ପ୍ରାଣନାଶ—ଅନ୍ୟରୂପ)

ପ୍ରାଣଦ—ସଂ. ବିଣ. (ପ୍ରାଣ+ଦା ଧାତୁ=ଦେବା+କର୍ତ୍ତୃ. ଅ)—
Prāṇada ଯାହା ବଞ୍ଚାଇ ରଖେ; ଜୀବନଦାତା—Life-giving.
(ପ୍ରାଣଦା—ସ୍ତ୍ରୀ) ସଂ. ବି—୧ । ଶୋଣିତ; ରକ୍ତ—1. Blood.
୨ । ଜଳ—2. Water.

ପ୍ରାଣ ଦଣ୍ଡ—ସଂ. ବି—ଅପରାଧୀର ପ୍ରାଣନାଶରୂପ ଦଣ୍ଡ; ମୃତ୍ୟୁଦଣ୍ଡ—
Prāṇa daṇḍa Capital punishment; punishment of death; death penalty.

ପ୍ରାଣଦଣ୍ଡାଜ୍ଞା—ସଂ. ବି. (ପ୍ରାଣଦଣ୍ଡ+ଆଜ୍ଞା)—ପ୍ରାଣଦଣ୍ଡ ଦେବାର ହୁକୁମ—
Prāṇadaṇḍājnā Death sentence.

ପ୍ରାଣଦା—ସଂ. ବି. ସ୍ତ୍ରୀ. (ପ୍ରାଣ+ଦା ଧାତୁ+ଅ+ସ୍ତ୍ରୀ. ଆ)—
Prāṇadā ୧ । ହରିତକୀ; ହରିଡ଼ା—1. Myrobalan.
୨ । ଋଦ୍ଧି ନାମକ ଔଷଧ—2. A rare herb.

ପ୍ରାଣଦାତା—ସଂ. ବିଣ. ପୁଂ. (ପ୍ରାଣ+ଦା ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—ଯେ ବଞ୍ଚାଏ; ଯେ ପ୍ରାଣ ରକ୍ଷେ—
Prāṇadātā Life-saving.
(ପ୍ରାଣଦାତ୍ରୀ—ସ୍ତ୍ରୀ)

ପ୍ରାଣଦାନ—ସଂ. ବି. (୬ଷ୍ଠୀ ତତ୍; ପ୍ରାଣ+ଦାନ)—
Prāṇadāna ୧ । ଅନ୍ୟର ଜୀବନ ରକ୍ଷା—
1. Saving of a person's life.
୨ । ଅନ୍ୟ ପାଇଁ ନିଜର ଜୀବନ ଉତ୍ସର୍ଗ—
2. Sacrifice of one's life for another.

ପ୍ରାଣଦିତ୍ସା—ସଂ. ବି. (ପ୍ରାଣ+ଦା ଧାତୁ (ସନ୍)+ଅ+ସ୍ତ୍ରୀ. ଆ)—
Prāṇaditsā ପ୍ରାଣଦାନେଚ୍ଛା—The desire for giving up one's life.

ମୃହଇ ନ କେବେ ପରହିତେ ପ୍ରାଣଦିତ୍ସା ମାନବ ଚେତନ ।
ଚନ୍ତାମଣି, ବହ୍ନମାଳିନ୍ୟ ।

ପ୍ରାଣଦ୍ୟୁତ—ସଂ. ବି—୧ । ପ୍ରାଣପଣ (ଦେଖ)
Prāṇadyuta 1. Prāṇapaṇa (See)
୨ । ଜୀବନର ମାୟା ତ୍ୟାଗପୂର୍ବକ ଯୁଦ୍ଧ—
2. Fight at the risk of one's life.

ପ୍ରାଣଧନ—ସଂ. ବିଣ. (୬ଷ୍ଠୀ ତତ୍; ପ୍ରାଣ+ଧନ)—ଜୀବନସର୍ବସ୍ୱ—
Prāṇadhana As dear as one's life; one's beloved.
প্রাণপ্যারা(রী) ଦେ. ବି. (ପୁଂ ଓ ସ୍ତ୍ରୀ)—୧ । ପ୍ରିୟତମ ବ୍ୟକ୍ତି—
प्राणप्यारा(री) 1. One's dearest person.
୨ । ପୁଂ—ପୁରୁଷଙ୍କ ନାମ—2. A name given to males.

ପ୍ରାଣ ଧରିବା—ଦେ. କ୍ରି.—ବଞ୍ଚି ରହିବା—
Prāṇa dharibā To live; to be alive.

প্রাণ ধরা ଏହା ଶୁଣିବାକୁ ଆଜଯାଏ ମୁହିଁ ଧରିଛି କି ଛାର ପ୍ରାଣ ?
प्राणधारण करना ରାଧାନାଥ, ପାର୍ବତୀ ।

ପ୍ରାଣ ଧାରଣ—ସଂ ବି. (୬ଷ୍ଠୀ ତତ୍; ପ୍ରାଣ++ଧାରଣ)—ବଞ୍ଚି ରହିବା—
Prāṇa dhāraṇa Living; being alive; retaining of one's life.
ପ୍ରାଣଧାରୀ—ପୁଂ } ବିଣ
ପ୍ରାଣଧାରଣୀ—ସ୍ତ୍ରୀ }

ପ୍ରାଣନ—ସଂ. ବି. (ପ୍ର+ଅନ୍ ଧାତୁ=ବଞ୍ଚିବା+ଭାବ. ଅନ)—
Prāṇana ୧ । ଜୀବନଧାରଣ—Living.
୨ । ପ୍ରାଣ; ଜୀବନ—2. Life.
୩ । ଗଳଦେଶ (ପ୍ରକୃତିବାଦ)—3. Throat; neck
୪ । ଜଳ; ପାଣି; (ହି. ଶ.)—4. Water.
୫ । ବଞ୍ଚିଥିବାର ଚିହ୍ନ ଦେଖାଇବା (ହି. ଶ.)—

ପ୍ରାଣ ନାଥ—ସଂ. ବି. (୬ଷ୍ଠୀ ତତ୍; ପ୍ରାଣ+ନାଥ)—୧ । ପ୍ରଭୁ—
Prāṇa nātha 1. Lord.
ପ୍ରାଣନାୟକ, } ଅନ୍ୟରୂପ ୨ । ସ୍ୱାମୀ; ପତି—
ପ୍ରାଣପତି } 2. Husband.
୩ । ପ୍ରିୟତମ ବ୍ୟକ୍ତି—
3. One's beloved person.
ଦେ. ବି. ପୁଂ—୧ । ପୁରୁଷଙ୍କ ନାମ—
1. A name given to males.

[ଦ୍ର—ଏ ଜାତିରେ କ୍ଷତ୍ରିୟ ଥିଲେ, ହିନ୍ଦୁ ଓ ମୁସଲମାନ ଧର୍ମର ଏକତା ସମ୍ପାଦନାର୍ଥ ଏ ଅନେକ ଗ୍ରନ୍ଥ ରଚନା କରିଥିଲେ ଓ ଏ ସମ୍ବନ୍ଧେ ଉପଦେଶ ଦେଉଥିଲେ । କବୀର ଓ ନାନକଙ୍କ ପରି ଏ ଅଗ୍ରଜନ୍ମ ସାଧୁ ଥିଲେ । ଏହାଙ୍କ ପ୍ରବର୍ତ୍ତିତ ସମ୍ପ୍ରଦାୟର ନାମ 'ପ୍ରାଣନାଥୀ।' ଏ ସମ୍ପ୍ରଦାୟାବଲମ୍ବୀ ବୁନ୍ଦେଲଖଣ୍ଡରେ ଅନେକ ଅଛନ୍ତି । ଏମାନେ ମୂର୍ତ୍ତିପୂଜା କରନ୍ତି ନାହିଁ । ଏ ସମ୍ପ୍ରଦାୟରେ ଦୀକ୍ଷିତ ହେବା ବ୍ୟକ୍ତି

ଏହି ସମ୍ପ୍ରଦାୟର ଅନ୍ୟ ବ୍ୟକ୍ତିଙ୍କ ସଙ୍ଗେ ଏକତ୍ର ଭୋଜନ କରିବାର ବାଧା ଅଛି । ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ଏ ସମ୍ପ୍ରଦାୟରେ ପ୍ରବେଶ କରି ସୁଦ୍ଧା ଅପଣା ପୂର୍ବଜମାନଙ୍କର ଅଗ୍ରର ବ୍ୟବହାର ଛାଡ଼ନ୍ତି ନାହିଁ —ହି. ଷ. ।]

୨ । (ନାମ) ସମ୍ରାଟ ଔରଙ୍ଗଜେବଙ୍କ ସମସାମୟିକ 'ପ୍ରାଣନାଥୀ' ସମ୍ପ୍ରଦାୟର ଅଗ୍ରର୍ଯ୍ୟ—2. Name of a Hindu reformer who started the Prāṇanāthi sect

ପ୍ରାଣନାଥୀ—ଦେ. ବି.—ପ୍ରାଣନାଥଙ୍କ ପ୍ରବର୍ତ୍ତିତ ସମ୍ପ୍ରଦାୟ ଓ ସେ Prāṇanāti ସମ୍ପ୍ରଦାୟର ବ୍ୟକ୍ତି—The sect started by Prāṇanātha and a member of the sect.
প্রাণনাথী प्राणनाथी

ପ୍ରାଣ ନାଶ—ସ. ବି.—(୬ଷ୍ଠୀ ତତ୍; ପ୍ରାଣ+ନାଶ)—୧ । ମୃତ୍ୟୁ—
Prāṇa nāsa 1. Death.
ପ୍ରାଣନାଶକ, ପ୍ରାଣନାଶୀ—ପୁଂ, ପ୍ରାଣନାଶିକା, ପ୍ରାଣନାଶିନୀ—ସ୍ତ୍ରୀ } ବିଣ ୨ । ହତ୍ୟା—2. Murder.

ପ୍ରାଣ ନିଗ୍ରହ—ସ. ବି. (ପ୍ରାଣ+ନି+ଗ୍ରହ୍ ଧାତୁ+କରଣ. ଅ)—
Prāṇa nigraha ପ୍ରାଣାୟାମ—Controlling one's breath.

ପ୍ରାଣ ନେବା—ଦେ. କ୍ରି.—ମାରି ପକାଇବା—
Prāṇa nebā To kill.
প্রাণ নেওয়া प्राण लेना

ପ୍ରାଣ ପଙ୍କ—ସ. ବି. (ଅଧୁନିକ ବିଜ୍ଞାନ ପରିଭାଷା)—ପ୍ରାଣ ବା ଜୀବନଯୁକ୍ତ Prāṇa panka ମୌଳିକ ରକ୍ତମାଂସ ପିଣ୍ଡ—
(ପ୍ରାଣପିଣ୍ଡ—ଅନ୍ୟରୂପ) Protoplasm.
[ଦ୍ର—ଏହା ଜୀବର ମୌଳିକ ଉପାଦାନ ।]

ପ୍ରାଣ ପଣ—ସ. ବି. (୬ଷ୍ଠୀ ତତ୍; ପ୍ରାଣ+ପଣ)—ଅନୁଷ୍ଠିତ କର୍ମ Prāṇa paṇa ସମ୍ପାଦନ ନିମନ୍ତେ ଅପଣା ଜୀବନକୁ ପଣ ରଖିବା—Readiness to sacrifice one's life to attain an object; pledging of one's life.

ପ୍ରାଣ ପଣେ—ଦେ. କ୍ରି. ବିଣ.—ଯାଉ ପର୍ଯ୍ୟନ୍ତ; ଅପଣା ପ୍ରାଣକୁ ଉତ୍ସର୍ଗ Prāṇa paṇe କରି—At the cost of one's life; staking one's life (for an act).

ତେଣୁ ଯେତେ ଅଛି ସଙ୍ଗେ ରଣ;
ଯାଉ ସୁଦ୍ଧା ପ୍ରାଣ ପଣେ । ରାଧାନାଥ. ପାର୍ବତୀ ।

ପ୍ରାଣ ପତି—ସଂ. ବି. ପୁଂ. (୬ଷ୍ଠୀତତ୍; ପ୍ରାଣ+ପତି)—୧ । ଆତ୍ମା—
Prāṇa pati 1. The soul.
୨ । ହୃଦୟ (ହି. ଷ.)—2. The heart.
୩ । ସ୍ୱାମୀ; ଭର୍ତ୍ତା (ହି. ଷ.)—3. Husband.
୪ । ପ୍ରିୟତମ ପୁରୁଷ—
4. One's dearly beloved person.
୫ । ପରମେଶ୍ୱର—5. God.

ପ୍ରାଣ ପରିଗ୍ରହ—ସ. ବି. (୬ଷ୍ଠୀ ତତ୍; ପ୍ରାଣ+ପରିଗ୍ରହ)—
Prāṇa parigraha ୧ । ପ୍ରାଣଧାରଣ; ବଞ୍ଚି ରହିବା—
1. Being alive.
୨ । ଜନ୍ମ ଗ୍ରହଣ କରିବା—2 Being born.

ପ୍ରାଣ ପରିବର୍ତ୍ତନ—ସ. ବି. (ଅଧୁନିକ)—କୌଣସି ମୃତବ୍ୟକ୍ତିର ଆତ୍ମାକୁ Prāṇa paribarttana କୌଣସି ଜୀବିତ ବ୍ୟକ୍ତିର ଶରୀରକୁ ଅହ୍ୱାନ କରି ଆଣିବା—Invoking the spirit of a dead man to the body of a living person.

ପ୍ରାଣପାତ—ସ. ବି. (୬ଷ୍ଠୀ ତତ୍; ପ୍ରାଣ+ପାତ)—ଜୀବନ ତ୍ୟାଗ—
Prāṇapāta Giving up one's life.

ପ୍ରାଣ ପ୍ରତିମ—ସ. ବିଣ. ପୁଂ. (ପ୍ରାଣ=ଜୀବନ+ପ୍ରତିମ=ତୁଲ୍ୟ)—
Prāṇa pratima ପ୍ରାଣସଦୃଶ—Dearest as one's own (ପ୍ରାଣପ୍ରତିମା—ସ୍ତ୍ରୀ) life; very dear; beloved.

ପ୍ରାଣ ପ୍ରତିଷ୍ଠା—ସ. ବି. (୬ଷ୍ଠୀ ତତ୍; ପ୍ରାଣ+ପ୍ରତିଷ୍ଠା)—
Prāṇa pratishṭhā ମନ୍ତ୍ରାଦିଦ୍ୱାରା ଜୀବନନ୍ୟାସ; ନବନିର୍ମିତ ଦେବ- (ପ୍ରାଣନ୍ୟାସ—ଅନ୍ୟରୂପ) ପ୍ରତିମୂର୍ତ୍ତିଙ୍କଠାରେ ମନ୍ତ୍ରାଦିଦ୍ୱାରା ପ୍ରାଣର ଅରୋପଣ—The ceremony of consecrating an image by giving it life.
[ଦ୍ର—ପ୍ରାଣ ପ୍ରତିଷ୍ଠାନ ହେବା ପର୍ଯ୍ୟନ୍ତ ମୂର୍ତ୍ତି ପୂଜାଯୋଗ୍ୟ ହୁଏ ନାହିଁ । ପ୍ରାଣ ପ୍ରତିଷ୍ଠା ହେବା ପରେ ମୂର୍ତ୍ତିରେ ଦେବତ୍ୱାରୋପଣ କରାଯାଏ ।]

ପ୍ରାଣପ୍ରଦ—ସ. ବିଣ. (ପ୍ରାଣ+ପ୍ର+ଦା ଧାତୁ+କର୍ତ୍ତୃ. ଅ)—
Prāṇaprada ୧ । ଜୀବନରକ୍ଷାକାରୀ—
(ପ୍ରାଣ ପ୍ରଦାୟକ—ଅନ୍ୟରୂପ) 1. Saving one's life;
(ପ୍ରାଣପ୍ରଦା, ପ୍ରାଣପ୍ରଦାୟିକା—ସ୍ତ୍ରୀ) life-giving.
୨ । ବଳକର—2. Strength-giving

ପ୍ରାଣ ପ୍ରୟାଣ—ସ. ବି. (୬ଷ୍ଠୀ ତତ୍; ପ୍ରାଣ+ପ୍ରୟାଣ)—
Prāṇa prayāṇa ଜୀବନଯିବା; ମୃତ୍ୟୁ—Death.

ପ୍ରାଣ ପ୍ରିୟ—ସ. ବିଣ. ପୁଂ—ଜୀବନ ପରି ପ୍ରିୟତମ (ବ୍ୟକ୍ତି)—
Prāṇa priya One's dearest or beloved.
(ପ୍ରାଣପ୍ରିୟା—ସ୍ତ୍ରୀ)

ପ୍ରାଣ ବଞ୍ଚା(ଞ୍ଚେ)ଇବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ଜୀବିତ Prāṇa banchā(ñche)ibā ରଖାଇବା; କୌଣସି ବ୍ୟକ୍ତିକୁ ଅସନ୍ନ ମୃତ୍ୟୁରୁ ରକ୍ଷା କରିବା—To save a person's life; to cause one to live.
প্রাণ বাঁচান प्राण बचाना

ପ୍ରାଣବଧ—ସ. ବି—ହତ୍ୟା—Killing; murder; taking life.
Prāṇabadha

ପ୍ରାଣବନ୍ଧୁ—ସଂ. ବି. ପୁଂ. ଓ ସ୍ତ୍ରୀ. (୬ଷ୍ଠୀ ତତ୍)—ପ୍ରିୟତମ ବ୍ୟକ୍ତି—
Prāṇabandhu A beloved person; dearest friend.
ପ୍ରାଣବାନ୍ଧବ—ପୁଂ, ପ୍ରାଣବାନ୍ଧବୀ—ସ୍ତ୍ରୀ } ଅନ୍ୟରୂପ
ଦେ. ବି. (ପୁଂ)—ଲୋକଙ୍କ ନାମ—
A name given to males.

ପ୍ରାଣବନ୍ଧୁଅ—ଦେ. ବି. ପୁଂ ଓ ସ୍ତ୍ରୀ—ପ୍ରାଣପରି ପ୍ରିୟତମ ବ୍ୟକ୍ତି—
Prāṇa bandhua Dearest friend.
প্রাণবংধু অনেক অনাইলু নুআরে ପ୍ରାଣବନ୍ଧୁଅ । ସଙ୍ଗୀତ
प्राणप्यारा(री)

ପ୍ରାଣ ବଲ୍ଲଭ—ସଂ. ବି. ପୁଂ. (୬ଷ୍ଠୀ ତତ୍)—୧ । ପ୍ରିୟତମ ବ୍ୟକ୍ତି—
Prāṇa ballabha 1. One's beloved person.
(ପ୍ରାଣରମଣ, ପ୍ରାଣରଞ୍ଜନ—ଅନ୍ୟରୂପ) ୨ । ସ୍ୱାମୀ; ପତି—
(ପ୍ରାଣବଲ୍ଲଭା—ସ୍ତ୍ରୀ) 2. One's husband.
ଦେ. ବି. ପୁଂ.—ଲୋକଙ୍କ ନାମ—
A name given to males.

ପ୍ରାଣ ବାୟୁ—ସଂ. ବି—୧ । ଶରୀରସ୍ଥ ଶ୍ୱାସବାୟୁ—
Prāṇa bāyu 1. Breath of life.
୨ । ଜୀବିତ ଶରୀରମଧ୍ୟରେ ଥିବା ୫ଗୋଟି ବାୟୁମଧ୍ୟରୁ ଏକତମ—
2. One of the five vital airs.
୩ । ଜୀବନ—3 Life.

ପ୍ରାଣ ବିନାଶ—ସଂ. ବି. (୬ଷ୍ଠୀ ତତ୍; ପ୍ରାଣ+ବିନାଶ)—
Prāṇa bināśa ଜୀବନ ନାଶ; ମୃତ୍ୟୁ—Death.
(ପ୍ରାଣ ବିନାଶକ ପୁଂ, ପ୍ରାଣବିନାଶିକା ସ୍ତ୍ରୀ, ପ୍ରାଣବିନାଶୀ ପୁଂ
ପ୍ରାଣବିନାଶିନୀ ସ୍ତ୍ରୀ—ବିଣ)

ପ୍ରାଣ ବିୟୋଗ—ସଂ. ବି. (୬ଷ୍ଠୀ ତତ୍; ପ୍ରାଣ+ବିୟୋଗ)—
Prāṇa biyoga ପ୍ରାଣତ୍ୟାଗ; ମୃତ୍ୟୁ—Death.
(ପ୍ରାଣବିସର୍ଜନ, ପ୍ରାଣବିୟୁ, ପ୍ରାଣାତ୍ୟୟ—ଅନ୍ୟରୂପ)

ପ୍ରାଣଭୃତ୍—ସଂ. ବି. (ପ୍ରାଣ+ଭୃ ଧାତୁ+କର୍ତ୍ତୃ. କ୍ୱିପ୍)—
Prāṇabhrut ୧ । ପ୍ରାଣୀ; ଜୀବ—1. Animal.
୨ । ବିଷ୍ଣୁ; ଈଶ୍ୱର—2. God; Bishṇu
ସଂ. ବିଣ—୧ । ଚେତନ—1. Sentient.
୨ । ପ୍ରାଣପୋଷକ—2. Sustaining life.

ପ୍ରାଣମୟ—ସଂ. ବିଣ. (ପ୍ରାଣ+ମୟ)—୧ । ପ୍ରାଣବିଶିଷ୍ଟ; ଜୀବନ୍ତ—
Prāṇamaya 1. Living.
୨ । ଚେତନ—2 Sentient.

ପ୍ରାଣମୟ କୋଷ(ଶ)—ସଂ. ବି. (ପ୍ରାଣ+ମୟ+କୋଷ)—(ବେଦାନ୍ତ
Prāṇamaya kosha(śa) ଦର୍ଶନ) ମନୁଷ୍ୟ ଜୀବନର ପଞ୍ଚପ୍ରାଣ-
ବାୟୁ ଓ ପଞ୍ଚ କର୍ମେନ୍ଦ୍ରିୟ—(Bedānta philosophy)
The case covering the life (viz—the 5
vital airs and the 5 organs of action):
the vesture of the vital airs (Apte).

ପ୍ରାଣ ଯ(ୟ)ମ—ସଂ. ବି. (ପ୍ରାଣ+ଯମ୍ ଧାତୁ ରୋଧ କରିବା+କରଣ.
Prāṇa ja(ya)ma ଅ)—ପ୍ରାଣାୟାମ (ଦେଖ)
(ପ୍ରାଣସଂଯମ—ଅନ୍ୟରୂପ) Prāṇāyāma (See)

ପ୍ରାଣ ଯାତ୍ରା—ସଂ. ବି. (୬ଷ୍ଠୀ ତତ୍; ପ୍ରାଣ+ଯାତ୍ରା)—୧ । ଜୀବନ-
Prāṇa jātrā ଯାତ୍ରା; ଜୀବିକାନିର୍ବାହ—1. Subsistence.
୨ । ଶ୍ୱାସ ପ୍ରଶ୍ୱାସ ଯିବା ଆସିବା କ୍ରିୟା (ହି. ଶବ୍ଦସାଗର)—
2. Breathing; respiration.

ପ୍ରାଣ ରଖିବା—ଦେ. କ୍ରି—୧ । ନିଜର ଜୀବନକୁ ମୃତ୍ୟୁମୁଖରୁ ବଞ୍ଚାଇ
Prāṇa rakhibā ରଖିବା—1. To live.
প্রাণ রাখা ୨ । ଅନ୍ୟ ବ୍ୟକ୍ତିକୁ ପୋଷିବା—
प्राण रखना 2. To maintain another person.
୩ । ଅନ୍ୟ ବ୍ୟକ୍ତିକୁ ଅସନ୍ନ ମୃତ୍ୟୁରୁ ବଞ୍ଚାଇବା ବା ରକ୍ଷାକରିବା—
3. To save another's life from death.

ପ୍ରାଣ ରଙ୍କ—ସଂ. ବିଣ. ପୁଂ (୪ର୍ଥୀ ତତ୍; ପ୍ରାଣ+ରଙ୍କ=କୃପଣ)—
Prāṇa rañka ୧ । ଜୀବନସର୍ବସ୍ୱ; ପ୍ରାଣ ଲୋଭୀ—
(ପ୍ରାଣରଙ୍କା—ସ୍ତ୍ରୀ) 1. One who values his life most.
ପ୍ରାଣରଙ୍କା—ପୁଂ } ଦେଶଜରୂପ
ପ୍ରାଣରଙ୍କୁଣୀ—ସ୍ତ୍ରୀ }
କରୁଛନ୍ତି ଚେକ ରକ୍ଷା ଶବତ ନ ଦେବେ
ଧରିଥି, ହେ ପାଣ୍ଡୁ ଭଣ, ପ୍ରାଣରଙ୍କ ପ୍ରାଣୀ
—ଜଗନ୍ନାଥ. ମହାଭାରତ ।
୨ । ଅତି ସ୍ୱାର୍ଥପର—2. Utterly selfish.

ପ୍ରାଣ ରନ୍ଧ୍ର—ସଂ. ବି (ମ. ପ. ଲୋ; ପ୍ରାଣ+ରନ୍ଧ୍ର)—୧ । ନାସିକା;
Prāṇa randhra ନାକ (ହି. ଶ)—1. Nose; nostril.
୨ । ବାୟୁ (ହି. ଶ.)—2. Wind; air.

ପ୍ରାଣ ରସ—ସଂ. ବି. (ଅଧୁନିକ ବିଜ୍ଞାନପରିଭାଷା)—ଜୀବନର ଓ ଚେତନାର
Prāṇa rasa ମୂଳଉତ୍ପାଦକ ଜୀବିତ ଓ ଥଲଥଲିଆ ମୌଳିକ
(ପ୍ରାଣପିଣ୍ଡ; ପ୍ରାଣପଙ୍କ—ଅନ୍ୟରୂପ) ମାଂସପିଣ୍ଡ—Protoplasm.

ପ୍ରାଣ ରହିବା—ଦେ. ବି—୧ । ବଞ୍ଚି ରହିବା; ଜୀଇଁବା—
Prāṇa rahibā 1. Being alive.
প্রাণ থাকা ୨ । ମୃତ୍ୟୁମୁଖରୁ ରକ୍ଷା ପାଇବା—
प्राण रहना 2. Being saved from imminent death.

ପ୍ରାଣ ରୋଧ—ସଂ. ବି (୬ଷ୍ଠୀ ତତ୍; ପ୍ରାଣ+ରୋଧ)—ପ୍ରାଣାୟାମ (ହି. ଶ) —
Prāṇa rodha Control of breathing;breath-exercise.
(ପ୍ରାଣରୋଧନ—ଅନ୍ୟରୂପ)

ପ୍ରାଣ ଲିଙ୍ଗ—ସଂ. ବି. (୬ଷ୍ଠୀ ତତ୍; ପ୍ରାଣ+ଲିଙ୍ଗ)—ପ୍ରାଣ ଥିବାର ଚିହ୍ନ—
Prāṇa linga The sign of life.
ଶତତରେ ଭେଦ କରି ପ୍ରବାହ ଉଦ୍‌ବେଗ
ଦେହ ମଧ୍ୟେ ହୋଇଛନ୍ତି ଏହୁ ପ୍ରାଣଲିଙ୍ଗ—ପ୍ରାଚୀ. ଶିବସ୍ୱରୋଦୟ ।

ପ୍ରାଣ ଶରୀର—ସଂ. ବି—୧ । ଉପନିଷଦ ଅନୁସାରେ ମନୋମୟ ସୂକ୍ଷ୍ମ
Prāṇa śarira ଶରୀରବିଶେଷ—1. An etherial or subtle
body inside the human body.
[ଦ୍ର—ଏହା ବିଜ୍ଞାନ ଓ କ୍ରିୟାର ହେତୁ ଥିବାର ସ୍ୱୀକୃତ—
ହି. ଶବ୍ଦସାଗର ।]
୨ । ପରମେଶ୍ୱର (ହି. ଶ.)—2. God.

ପ୍ରାଣ ଶୁଖିଯିବା—ସଂ. ବି—ଦୁଃଖଶୋକାଦିରେ ଅଭିଭୂତ ହେବା—
Prāṇa śukhijibā Being overwhelmed with
sorrow etc.

ପ୍ରାଣ ଶୂନ୍ୟ—ସଂ. ବିଣ (୬ଷ୍ଠୀ ତତ୍; ପ୍ରାଣ+ଶୂନ୍ୟ)—୧ । ନିର୍ଜୀବ—
Prāṇa śūnya 1. Lifeless.
(ପ୍ରାଣହୀନ—ଅନ୍ୟରୂପ) ୨ । ମୃତ—2. Dead.
ପ୍ରାଣଶୂନ୍ୟା } ସ୍ତ୍ରୀ
ପ୍ରାଣହୀନା }
୩ । ନିଷ୍ଠୁର—3. Cruel.
୪ । ଅନୁଦାର—4. Narrow minded.
ପ୍ରାଣଶୂନ୍ୟତା } ବି
ପ୍ରାଣଶୂନ୍ୟତ୍ୱ }
ଦେ. ବିଣ—୧ । ଆନ୍ତରିକତାଶୂନ୍ୟ—
1 Insincere.
୨ । ତେଜୋହୀନ—2. Vigourless.

ପ୍ରାଣ ଶୋଷଣ—ସ. ବ (ବହୁବ୍ରୀହି)—ବାଣ (ହି. ଧ)—
Prāṇa śoshaṇa Arrow.

ପ୍ରାଣ ସଙ୍ଗତ—ଦେ. ବ. ସ୍ତ୍ରୀ—ପ୍ରାଣପ୍ରିୟା—
Prāṇa saṁgati One's dearest companion.
(ପ୍ରାଣସଙ୍ଗତ୍ତ } ଅନ୍ୟରୂପ) ସେହେଣ ପ୍ରାଣସଙ୍ଗତ ଇ.ଙ୍କ ମରିଲେ ଜଗତ
ପ୍ରାଣସଙ୍ଗାତ } ଆଉ କ ଅଛ ଦୁର୍ଗତ – ଉଛ, ପ୍ରେମସୁଧାନିଧି ।

ପ୍ରାଣ ସଂଶୟ—ସ. ବ (୬ଷ୍ଠୀ ତତ୍ ପ୍ରାଣ+ସଂଶୟ)—ଜୀବନ ନାଶ
Prāṇa saṁśaya ହେବାର ଆଶଙ୍କା—Risk to life; peril
ପ୍ରାଣସଙ୍କଟ; ପ୍ରାଣ-ସନ୍ଦେହ; ପ୍ରାଣାବାଧ } ଅନ୍ୟରୂପ of life; apprehension of death; question of life and death.

ପ୍ରାଣ ସଂହାର—ସ. ବ. (୬ଷ୍ଠୀ ତତ୍; ପ୍ରାଣ+ସଂହାର)—ହତ୍ୟା—
Prāṇa saṁhāra Killing: murder.

ପ୍ରାଣ ସଂହାରକ—ସଂ. ବଣ. ପୁଂ. (ଉପପଦ; ପ୍ରାଣ+ସଂହାରକ)—ଯେ
Prāṇa saṁhāraka ପ୍ରାଣ ନେଏ—Killing; causing death.
(ପ୍ରାଣସଂହାରୀ—ଅନ୍ୟରୂପ)
(ପ୍ରାଣସଂହାରକା, ପ୍ରାଣସଂହାରଣୀ—ସ୍ତ୍ରୀ)

ପ୍ରାଣସଖ—ସଂ. ବ. (୬ଷ୍ଠୀ ତତ୍; ପ୍ରାଣ+ସଖା)—ଜୀବନର ବନ୍ଧୁ,
Prāṇasakha ପ୍ରିୟବନ୍ଧୁ (ପ୍ରବୃଦ୍ଧବାଦ)—Dearest friend.
ପୃଥ୍ୱୀରିଜର ଅଟେ ପ୍ରାଣସଖ – କୃଷ୍ଣସିଂହ, ମହାଭାରତ, ବନ୍ତ ।

ପ୍ରାଣସଖା—ଦେ. ବ. ପୁଂ. (ସଂ. ପ୍ରାଣ+ସଖି)—୧ । ପ୍ରାଣସମ ପ୍ରିୟବନ୍ଧୁ;
Prāṇasakhā ପ୍ରାଣବନ୍ଧୁ; ପ୍ରିୟତମ ସହଚର (ଗ୍ରାମ୍ୟ)—
(ପ୍ରାଣସଖୀ—ସ୍ତ୍ରୀ) 1. Dearest friend or companion.
୨ । ପରମେଶ୍ୱର—2. God.

ପ୍ରାଣସଙ୍ଗୀ—ଦେ. ବ. ପୁଂ—୧ । ଜୀବନସଙ୍ଗୀ; ଅନ୍ତରଙ୍ଗ ସହଚର—
Prāṇasaṅgi 1. A companion of life; a life-long friend
(ପ୍ରାଣସଙ୍ଗିନୀ—ସ୍ତ୍ରୀ)
୨ । ପ୍ରାଣପ୍ରିୟତମ ବା ପ୍ରିୟତମ ସଙ୍ଗୀ—
2. Dearest companion.
୩ । ଯେଉଁ ବ୍ୟକ୍ତି ମରିବା ପର୍ଯ୍ୟନ୍ତ ସଙ୍ଗେ ଥାଏ—
3. A person who is with one till death.

ପ୍ରାଣସଜନୀ—ଦେ. ବ. ସ୍ତ୍ରୀ—ପ୍ରାଣସଙ୍ଗୀ; ପ୍ରିୟତମା ସହଚରୀ—
Prāṇasajanī Dearest companion.
প্রাণসজনী ପ୍ରାଣ ସଜନୀ ଲେ । ଲୋ ମୁଁ ଲୋକେ ହସି । ଗୀତ ।
प्राणप्यारी

ପ୍ରାଣ ସଞ୍ଚାର—ସ. ବ. (୬ଷ୍ଠୀ ତତ୍; ପ୍ରାଣ+ସଞ୍ଚାର)—
Prāṇa sañchāra ମୃତ ଜୀବରେ ବା ଅଚେତନ ବସ୍ତୁରେ ଜୀବନୀ ଶକ୍ତିର ଅବତାର—The entrance of life into a dead animal or a lifeless thing.

ପ୍ରାଣ ସମ—ସ. ବଣ. ପୁଂ—ପ୍ରାଣପରି ପ୍ରିୟ—
Prāṇa sama (ପ୍ରାଣସମା—ସ୍ତ୍ରୀ) Dearest as life.

ପ୍ରାଣ ସହିବା—ଦେ. ବ – ପ୍ରାଣରେ ସହ୍ୟ ହେବା ଅବସ୍ଥା—
Prāṇa sahibā The state of a matter being endured by a living person.
প্রাণেসহা
प्राणसहना

ପ୍ରାଣସାଇଁ—ଦେ. ବ. (ସ. ପ୍ରାଣସ୍ୱାମୀ)—୧ । ଈଶ୍ୱର—
Prāṇasāiñ 1. God.
୨ । ସ୍ୱାମୀ—2 Husband.
ଜଗୁଡେ ମୁଁ ହେବ ତୁମ୍ଭର ପ୍ରାଣସାଇଁ । କୃଷ୍ଣସିଂହ. ମହାଭାରତ. ବନ ।

ପ୍ରାଣ ହନ୍ତା—ସଂ ବଣ. ପୁଂ. (ପ୍ରାଣ+ହନ ଧାତୁ+କର୍ତ୍ତୃ. ତୃ; ୧ମା.
Prāṇa hantā ୧ବ)—ପ୍ରାଣନାଶକ—
(ପ୍ରାଣହନ୍ତ୍ରୀ—ସ୍ତ୍ରୀ) Destroying life; killing.
(ପ୍ରାଣଘାତକ; ପ୍ରାଣଘାତୀ ପୁଂ, ପ୍ରାଣଘାତିକା, ପ୍ରାଣଘାତିନୀ ସ୍ତ୍ରୀ—ଅନ୍ୟରୂପ)

ପ୍ରାଣହର—ସ. ବଣ. ପୁଂ (ପ୍ରାଣ+ହୃ ଧାତୁ+ଅ)—୧ । ଜୀବନନାଶକ—
Prāṇahara 1. Killing; causing death.
(ପ୍ରାଣହାରକ—ଅନ୍ୟରୂପ) ୨ । ମାରାତ୍ମକ—
(ପ୍ରାଣହରା, ପ୍ରାଣହାରକା—ସ୍ତ୍ରୀ) 2. Fatal; mortal.

ପ୍ରାଣ ହାରିବା—ଦେ. କ୍ରି—୧ । (ବିଷଆଦି ଖାଇ ବା କୌଣସି ପ୍ରକାର
Prāṇa hāribā ଅସାବଧାନତା ପ୍ରଯୁକ୍ତ) ନିଜର ମୃତ୍ୟୁର କାରଣ
প্রাণছাড়া ହେବା; ସ୍ୱଇଚ୍ଛାରେ ପ୍ରାଣ ଛାଡ଼ିବା—
प्राणहारना 1. To bring about one's own death.
୨ । ମରିବା—2. To die.
[ପ୍ରାଣ ହରି(ରେ)ଇବା—ଅନ୍ୟରୂପ]

ପ୍ରାଣହାରୀ—ସ. ବଣ. ପୁଂ. (ପ୍ରାଣ+ହୃ ଧାତୁ+କର୍ତ୍ତୃ. ଇନ୍; ୧ମା
Prāṇahārī ୧ବ)—ଯେ ପ୍ରାଣରେ ମାରିଦିଏ; ପ୍ରାଣସଂହାରକ—
(ପ୍ରାଣାନ୍ତ—ଅନ୍ୟରୂପ) Killing; causing death.
(ପ୍ରାଣହାରିଣୀ—ସ୍ତ୍ରୀ) ଜମ୍ବୁ ବଂଶ କେଶୀ ମନ୍ତ୍ର ପ୍ରାଣହାରୀ ।
କୃଷ୍ଣସିଂହ. ମହାଭାରତ. ବନ୍ତ ।

ପ୍ରାଣାଗ୍ନିହୋତ୍ର—ସ. ବ—ଭୋଜନ ପୂର୍ବରୁ ଦ୍ୱିଜାତିମାନଙ୍କର ପଞ୍ଚ ଗ୍ରାସୀ
Prāṇāgnihotra କ୍ରିୟା; ଓଁ ପ୍ରାଣାୟ ସ୍ୱାହା, ଓଁ ଅପାନାୟ ସ୍ୱାହା,
(ପ୍ରାଣାହୁତି—ଅନ୍ୟରୂପ) ଓଁ ବ୍ୟାନାୟ ସ୍ୱାହା, ଓଁ ଉଦାନାୟ ସ୍ୱାହା, ଓଁ ସମାନାୟ ସ୍ୱାହା ଏହି ୫ଟି ମନ୍ତ୍ର ଉଚ୍ଚାରଣ ପୂର୍ବକ ପ୍ରଥମେ ଯଥାକ୍ରମେ ୫ ଗ୍ରାସ ଅନ୍ନ ଭୋଜନବିଧି (ହି. ଶ)—The ritual of taking the first 5 morsels of food at the beginning of a meal.

ପ୍ରାଣାଘାତ—ସ. ବ. (ପ୍ରାଣ+ଆଘାତ)—
Prāṇāghāta ୧ । ଅତ୍ୟନ୍ତ ପୀଡ଼ା; କଷ୍ଟ (ହି. ଶ)—
1. Great pain.
୨ । ହତ୍ୟା; ମାରଣ (ହି. ଶ)—
2. Slaughter; killing.

ପ୍ରାଣାତିପାତ—ସ. ବ. (୬ଷ୍ଠୀ ତତ୍, ପ୍ରାଣ+ଅତିପାତ)—
Prāṇātipāta ମାରଣ; ଜୀବହିଂସା (ହି. ଶ)—
Killing; slaughter.

ପ୍ରାଣାତ୍ୟୟ—ସ. ବ. (୬ଷ୍ଠୀ ତତ୍; ପ୍ରାଣ+ଅତ୍ୟୟ=ନାଶ)—
Prāṇātyaya ୧ । ପ୍ରାଣତ୍ୟାଗ; ମୃତ୍ୟୁ—1. Death.
[ପ୍ରାଣାତ୍ୟ—ଅନ୍ୟରୂପ(ହି. ଶ)] ୨ । ମୃତ୍ୟୁକାଳ—
2, Time of death.

ପ୍ରାଣାଧିକ—ସ. ବିଣ. ପୁଂ. (୫ମୀ ତତ୍; ପ୍ରାଣ+ଅଧିକ)—
Prāṇādhika ଆପଣାର ପ୍ରାଣ ଅପେକ୍ଷା ପ୍ରିୟତର—
(ପ୍ରାଣାଧିକା—ସ୍ତ୍ରୀ) Dearer than one's life.

ପ୍ରାଣାନ୍ତ—ସ. ବି. (୬ଷ୍ଠୀ ତତ୍; ପ୍ରାଣ+ଅନ୍ତ)—ମରଣ; ମୃତ୍ୟୁ—
Prāṇānta Death.
(ପ୍ରାଣାବସାନ—ଅନ୍ୟରୂପ)

ପ୍ରାଣାନ୍ତକ—ସ. ବିଣ. ପୁଂ. (ଉପପଦ; ପ୍ରାଣ+ଅନ୍ତକ)—ଜୀବନ ନାଶକ—
Prāṇāntaka Causing death; fatal.
ପ୍ରାଣାନ୍ତକର } ଅନ୍ୟରୂପ ସଂ. ବି—ଯମ—
ପ୍ରାଣାନ୍ତକାରୀ } The God of Death.

ପ୍ରାଣାନ୍ତ ପଣ—ସଂ. ବି—ପ୍ରାଣପଣ (ଦେଖ)
Prāṇānta paṇa Prāṇapaṇa (See)

ପ୍ରାଣାୟତନ—ସଂ. ବି. (୬ଷ୍ଠୀ ତତ୍; ପ୍ରାଣ+ଆୟତନ)—
Prāṇāyatana ମୃତ୍ୟୁ ସମୟରେ ପ୍ରାଣବାୟୁ ବହିର୍ଗତ ହେବାର ପ୍ରଧାନ ଦ୍ୱାର ବା ଛିଦ୍ରମାନ—The chief holes or orifices through which the last breath goes out at the time of death.
[ଦ୍ର—ଦୁଇ କାନ, ଦୁଇ ନାସାରନ୍ଧ୍ର, ଦୁଇ ଆଖି, ଗୁହ୍ୟଦ୍ୱାର, ଲିଙ୍ଗ ଓ ମୁଖ ଏହି ନବଦ୍ୱାର ବାଟେ ପ୍ରାଣବାୟୁ ବାହାର ଯାଏ—ଯାଜ୍ଞବଲ୍କ୍ୟ ସଂହିତା (ହି. ଶ) ।]

ପ୍ରାଣାୟାମ—ସଂ. ବି. (ପ୍ରାଣ+ଆ+ଯମ ଧାତୁ=ସଂଯତ କରିବା+
Prāṇāyāma ଭାବ. ଅ)—ଯୋଗାଙ୍ଗବିଶେଷ; ମନ୍ତ୍ରଜପ ପୂର୍ବକ ନାକର ବାମ ପୁଡ଼ାବାଟେ ପବନ ଦେହଭିତରକୁ ନେଇ ଦେହମଧ୍ୟରେ ତାକୁ କିଛିକ୍ଷଣ ରୋଧ କରି ତା ପରେ ଡାହାଣ ପୁଡ଼ାଦ୍ୱାରା ପବନ ଛାଡ଼ିବାରୂପ ଯୋଗସାଧନ କ୍ରିୟା—
The exercise of controlling the breath according to Joga-rules, breathing exercise.
[ଦ୍ର—ଯୋଗଶାସ୍ତ୍ର ଅନୁସାରେ ଯୋଗ ସାଧନର ଆଠ ଅଙ୍ଗ (ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି) ମଧ୍ୟରୁ ଏହା ଚତୁର୍ଥ ଅଟେ । ନାକ ବାଟେ ଦେହ ଭିତରକୁ ପବନ ଟାଣିନେବା କ୍ରିୟାକୁ ଶ୍ୱାସ ଓ ଦେହ ଭିତରୁ ବାୟୁକୁ ଛାଡ଼ିଦେବାକୁ ପ୍ରଶ୍ୱାସ ବୋଲାଯାଏ । ଶ୍ୱାସ ଓ ପ୍ରଶ୍ୱାସର ଗତିକୁ ପ୍ରୟତ୍ନ ପୂର୍ବକ ଧୀରେ ଧୀରେ କମାଇବାକୁ ପ୍ରାଣାୟାମ କହନ୍ତି । ପ୍ରାଣାୟାମର ତିନୋଟି ବୃତ୍ତି ଅଛି । ଅଭ୍ୟନ୍ତର (ପୂରକ, ସ୍ତମ୍ଭ (କୁମ୍ଭକ) ଓ ବାହ୍ୟ (ରେଚକ) । ବାହାରୁ ଦେହକୁ ପବନ ଟାଣି ନେବାକୁ ପୂରକ; ଟଣା ହୋଇ ଯାଇଥିବା ବାୟୁକୁ ଦେହ ମଧ୍ୟରେ ସ୍ଥିର କରି ରଖିବାକୁ କୁମ୍ଭକ ଓ ଭିତରକୁ ଟଣା ହୋଇ ଯାଇଥିବା ବାୟୁକୁ ନାକ ବାଟେ ଛାଡ଼ିବାକୁ ରେଚକ ବୋଲାଯାଏ । ରେଚକ, ପୂରକ ଓ କୁମ୍ଭକର ନିର୍ଦ୍ଧାରିତ ବ୍ୟାପକ ସମୟ ଅଛି । ଏହା ଗୁରୂପଦେଶଗମ୍ୟ । ପ୍ରାଣାୟାମଦ୍ୱାରା ଚିତ୍ତର ଚଞ୍ଚଳତା ନିବୃତ୍ତ ହୁଏ, ସକଳ ପାପ ନଷ୍ଟ ହୁଏ ଓ ଯୋଗୀ ଇନ୍ଦ୍ରିୟନିରୋଧକ୍ଷମ ହୁଏ । ଡାହାଣ ନାକପୁଡ଼ାକୁ ଡାହାଣ ହାତର ବୁଢ଼ା ଅଙ୍ଗୁଠିଦ୍ୱାରା ଚାପି ରଖି ବାମ ନାକପୁଡ଼ା ଦ୍ୱାରା ପୂରକ କରାଯାଏ । ତତ୍ପରେ ବାମ ନାକପୁଡ଼ାକୁ ଅନାମିକା ଓ କନିଷ୍ଠା ଅଙ୍ଗୁଳିଦ୍ୱୟ ଦ୍ୱାରା ଚାପି ରଖି କୁମ୍ଭକ କରାଯାଏ । ତତ୍ପରେ ବାମ ନାସାପୁଡ଼ା ବନ୍ଦ ଥିବା ଅବସ୍ଥାରେ ଡାହାଣ ନାକପୁଡ଼ାକୁ ବୁଢ଼ା ଅଙ୍ଗୁଠିକୁ କାଢ଼ି ନେଇ ରେଚକ କରାଯାଏ । ସାଧକ ପ୍ରାଣାୟାମ କରିବା କାଳରେ ଭ୍ରୂମଧ୍ୟରେ ଦୃଷ୍ଟି ସ୍ଥାପନ କରିବେ ଓ ସ୍ଥିରମନାଃ ହେବେ—ଜ୍ଞାନେନ୍ଦ୍ର ।]

ପ୍ରାଣାୟାମୀ—ସ. ବିଣ. ପୁଂ. (ପ୍ରାଣାୟାମ+ଇନ୍; ୧ମା. ୧ବ)—
Prāṇāyāmi ପ୍ରାଣାୟାମ ସାଧନକାରୀ—Making or performing the breath-exercise.

ପ୍ରାଣାରାମ—ସ. ବିଣ. (ପ୍ରାଣ+ଆ+ରମ୍ ଧାତୁ+ଅଧି. ଅ)—
Prāṇārāma ୧ । ପ୍ରାଣରେ ଶାନ୍ତିଦାୟକ—
1. Giving peace to the mind.

ହେ ଈଶ୍ୱର ପତିତପାବନ, ପ୍ରାଣାରାମ ନିରଞ୍ଜନ ।
ମଧୁସୂଦନ, ଜୀବନଚରିତ ।

୨ । ମନୋମୋହକର—2. Charming.

ପ୍ରାଣିଜଗତ୍—ସ. ବି. (୬ଷ୍ଠୀ ତତ୍; ପ୍ରାଣିନ୍+ଜଗତ୍)—
Prāṇijagat ଜୀବମୟ ସୃଷ୍ଟି—The animal kingdom;
(ପ୍ରାଣିରାଜ୍ୟ—ଅନ୍ୟରୂପ) animated nature.

ପ୍ରାଣିତତ୍ତ୍ୱ—ସ. ବି. (ଆଧୁନିକ ପ୍ରୟୋଗ)—
Prāṇitattwa ଜୀବ-ତତ୍ତ୍ୱ ବା ବିଜ୍ଞାନ; ଯେଉଁ ବିଜ୍ଞାନରୁ ପ୍ରାଣୀ-
(ପ୍ରାଣିବିଦ୍ୟା, ପ୍ରାଣିବିଜ୍ଞାନ—ଅନ୍ୟରୂପ) ମାନଙ୍କର ବିଷୟ ଜଣାଯାଏ—
(ପ୍ରାଣିତତ୍ତ୍ୱଜ୍ଞ, ପ୍ରାଣିତତ୍ତ୍ୱବିଦ୍—ବିଣ) Zoology.

ପ୍ରାଣିଦ୍ୟୂତ—ସ. ବି. (୬ଷ୍ଠୀ ତତ୍; ପ୍ରାଣିନ୍+ଦ୍ୟୂତ=କ୍ରୀଡ଼ା)—
Prāṇidyūta ପଣ ବା ବାଜି ରଖି ମେଷ, କୁକ୍କୁଟ, ବୃଷ, ଘୋଡ଼ା ଆଦିଙ୍କର ଯୁଦ୍ଧ ବା ଦଉଡ଼ କରାଇବା—
Racing of or fighting between rams, cocks, bulls or horses on wager.
[ଦ୍ର—ଏହାର ଅନ୍ୟ ସଂସ୍କୃତ ପର୍ଯ୍ୟାୟ—ସମାହ୍ୱୟ; ସାହ୍ୱୟ—ହି. ଶବ୍ଦସାଗର ।]

ପ୍ରାଣିପୀଡ଼ନ—ସ. ବି. (୬ଷ୍ଠୀ ତତ୍)—
Prāṇipirḍana ଜୀବମାନଙ୍କ ପ୍ରତି ଅତ୍ୟାଚାର ବା ନିଷ୍ଠୁରତା—
(ପ୍ରାଣି ହିଂସା—ଅନ୍ୟରୂପ) Cruelty to animals.
(ପ୍ରାଣି ପୀଡ଼କ—ବିଣ)

ପ୍ରାଣିପୀଡ଼ନ ନିବାରଣ(କ) ଆଇନ୍—ଦେ. ବି. (ଆଧୁନିକ)—
Prāṇipirḍana nibāraṇa(ka) āin
ଜୀବମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ କରିବା ପାଇଁ ସରକାରଙ୍କ ପ୍ରବର୍ତ୍ତିତ ଆଇନ୍—
The law for preventing cruelty to animals.
[ଦ୍ର—ଏହି ଆଇନ୍ ଅନୁସାରେ ଗୃହପାଳିତ ଘୋଡ଼ା, ବଳଦ ଆଦିଙ୍କ ପ୍ରତି ଓ ଅନ୍ୟାନ୍ୟ ଜୀବଙ୍କ ପ୍ରତି ନିଷ୍ଠୁରତା ଆଚରଣ କରିବା ବ୍ୟକ୍ତିମାନେ ଦଣ୍ଡିତ ହୁଅନ୍ତି । ନିଷ୍ଠୁରତା ନିବାରଣ କରିବା ଓ ନିଷ୍ଠୁର ବ୍ୟକ୍ତିଙ୍କ ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ

ପ୍ରାଣିପୀଡ଼ନ (ନିବାରକ ସମାଜ) societies for prevention of cruelty to animals ପ୍ରଧାନ ପ୍ରଧାନ ନଗରମାନଙ୍କରେ ପ୍ରତିଷ୍ଠିତ ହୋଇଅଛି ।]

ପ୍ରାଣିପ୍ରୟାଣ—ସ. ବି. (ଅଧିକାଂଶ ଜୀବଜନ୍ତୁଙ୍କ ପ୍ରୟୋଗ)—
Prāniprayāna କେତେକ ପ୍ରାଣୀଙ୍କର (ବିଶେଷତଃ ପକ୍ଷୀଙ୍କର) ଖାଦ୍ୟ ଅନ୍ବେଷଣ ବା ସନ୍ତାନୋତ୍ପାଦନ ନିମନ୍ତେ ବର୍ଷର ଋତୁରେ ଏକ ଅଞ୍ଚଳ ଛାଡ଼ି ଅନ୍ୟ ଅଞ୍ଚଳକୁ ପଳାଇବା ଓ ଉକ୍ତ କାର୍ଯ୍ୟ ଶେଷ କରିବା ପରେ ପୂର୍ବ ଅଞ୍ଚଳକୁ ଫେରି ଆସିବାର ରୀତି—
Migration of animals.
[ଯଥା—କୋଚିଲାଖାଇ, ହଂସବଗ, ସାରସ, ଶୁଆ, କୋଇଲି ପ୍ରଭୃତି ଏହି ଜାତୀୟ ଜୀବର ଉଦାହରଣ ।]

ପ୍ରାଣିମାତା—ସ. ବି—ଗର୍ଭଦାତ୍ରୀ ନାମକ କ୍ଷୁପ—
Prānimātā A medicinal bush.

ପ୍ରାଣିହିଂସା—ସ. ବି—୧ । ଜୀବ ହିଂସା; ପ୍ରାଣୀମାନଙ୍କର ଅନିଷ୍ଟାଚରଣ—
Prānihimsā 1. Cruelty to or oppression of animals.

ପ୍ରାଣିହିତ—ସ. ବି (ବହୁବ୍ରୀହି)—୧ । ପାଦୁକା; ଖଡ଼ମ (ହି.ଶ)—
Prānihita 1. Wooden sandals.
୨ । ଜୋତା (ହି. ଶ)—2. Shoes.

ପ୍ରାଣୀ—ସ. ବଣ. (ପ୍ରାଣ+ଅସ୍ତି ଅର୍ଥରେ ଇନ୍ ବା ପ୍ର+ଅନ୍ ଧାତୁ=
Prāni ବଞ୍ଚିବା+କର୍ତ୍ତୃ. ଇନ୍; ୧ମା. ୧ବ.)—
ଚେତନ; ପ୍ରାଣବିଶିଷ୍ଟ; ଜୀବିତ—
Living; sentient.
ସଂ. ବି—ଜୀବ; ଜନ୍ତୁ—Animal; living being.
ଦେ. ବି. (ଲକ୍ଷଣାର୍ଥ)—ବ୍ୟକ୍ତି; ଲୋକ—Person.
ଘାଟ ସରେ ସେ ଏକ ପ୍ରାଣୀ ଉପାସ । ଭକ୍ତଚରଣ, ମଥୁରାମଙ୍ଗଳ ।

ପ୍ରାଣେ ପ୍ରାଣେ—ଦେ. କ୍ରି. ବି.—୧ । ପ୍ରାଣ ମାତ୍ର ରକ୍ଷା କରି; ଯେ-
Prāne prāne କୌଣସି ପ୍ରକାରେ ବଞ୍ଚି ରହି—
প্রাণে প্রাণে 1. With one's life intact.
प्राणभर (ଯଥା—ମୁଁ ଯୁଦ୍ଧ ଭୂମିରୁ ପ୍ରାଣେ ପ୍ରାଣେ ପଳାଇ ଆସିଲି ।)
୨ । ପ୍ରତି ପ୍ରାଣରେ; ପ୍ରତ୍ୟେକ ବ୍ୟକ୍ତିର ପ୍ରାଣରେ; ପ୍ରତ୍ୟେକ ବ୍ୟକ୍ତିର ବା ସମସ୍ତଙ୍କ ମନରେ ବା ହୃଦୟରେ—
2. In the minds of all; in the heart of every person; in every heart.
(ଯଥା—ତାଙ୍କ ବକ୍ତୃତାର ମାଧୁର୍ଯ୍ୟ ଶ୍ରୋତାମାନେ ପ୍ରାଣେ ପ୍ରାଣେ ଅନୁଭବ କଲେ ।)
୩ । ପରସ୍ପରର ହୃଦୟର ମିଳନ ପୂର୍ବକ—
3. Mind-to-mind; heart-to heart.
(ଯଥା—ସେମାନେ ବହୁଦିନ ପରେ ମିଳିତ ହୋଇ ପ୍ରାଣେ ପ୍ରାଣେ କଥାବାର୍ତ୍ତା ହେଲେ ।)

ପ୍ରାଣେଶ—ସ. ବି. ପୁଂ (ଷଷ୍ଠୀ ତତ୍; ପ୍ରାଣ+ଈଶ)—୧ । ସ୍ୱାମୀ; ଭର୍ତ୍ତା—
Prānesa 1. Husband.
(ପ୍ରାଣେଶା—ସ୍ତ୍ରୀ) ୨ । ପ୍ରିୟତମ ବ୍ୟକ୍ତି—2. One's beloved.

ପ୍ରାଣେଶ୍ୱର—ସ. ବି. ପୁଂ—୧ । ପ୍ରାଣେଶ (ଦେଖ)
Prāneśwara Prāneśa (See)
୨ । (ବୈଦ୍ୟକ) ଶିଶୁମାନଙ୍କ ଶରଦି ରୋଗରେ ବ୍ୟବହୃତ ପାରଦ ଓ ଗନ୍ଧକସଂଯୁକ୍ତ ଔଷଧବିଶେଷ—2. A kind of medicine used for infantile catarrh.

ପ୍ରାଣୋପହାର—ସ. ବି. (ପ୍ରାଣ+ଉପହାର)—ଭୋଜନ; ଆହାର—
Prānopahāra Eating; meal.

ପ୍ରାତ—ଦେ. ବି. (ସ. ପ୍ରାତଃ)—ପ୍ରଭାତ; ସକାଳ—
Prāta প্রাত प्रात ବାହୁଡ଼ିଲେ ସ୍ୱାମୀ ହେଲା ପ୍ରାତ ସମୟ । ଉକ୍ତ. ବୈଦେହୀଶବିଳାସ ।

ପ୍ରାତଃ—ସ. ଅ. (ପ୍ର+ଅତ୍ ଧାତୁ=ଗମନ କରିବା+ଅର୍)—
Prātah ୧ । ସକାଳ; ପ୍ରଭାତ—Morning; dawn; day-break.
(ପ୍ରାତର—ଅନ୍ୟରୂପ)
୨ । ସକାଳେ—2. At dawn.

ପ୍ରାତଃକାଳ—ସ. ବି.—ସକାଳ—Morning; down.
(ପ୍ରାତଃ ସମୟ—ଅନ୍ୟରୂପ) (ପ୍ରାତଃକାଳୀନ—ବଣ)

ପ୍ରାତଃକୃତ୍ୟ—ସ. ବି.—ପ୍ରତିଦିନ ସକାଳେ କରାଯିବା କାର୍ଯ୍ୟ (ଯଥା—
Prātahkrutya ଦାନ୍ତଘଷା, ଗାଧୁଆ, ପୂଜାପୂଜି ଇତ୍ୟାଦି)—
ପ୍ରାତଃକର୍ମ } ଅନ୍ୟରୂପ
ପ୍ରାତଃକ୍ରିୟା }
Duties performed daily in the morning.

ପ୍ରାତଃ ପ୍ରଣାମ—ସ. ବି.—ଗୁରୁଜନଙ୍କୁ ପ୍ରାତଃକାଳୀନ ଅଭିବାଦନ—
Prātah pranāma Obeisance done to one's elders at dawn.
(ପ୍ରାତରଭିବାଦନ—ଅନ୍ୟରୂପ)
ଦେ. ଅ.—(ବନ୍ଧୁ ଓ ଗୁରୁଜନଙ୍କୁ ଭେଟିବା ସମୟରେ ଅଭିବାଦନ ବାକ୍ୟ) ଅତି ମୋର ସୁପ୍ରଭାତ—Good morning !

ପ୍ରାତଃ ସନ୍ଧ୍ୟା—ସ. ବି.—୧ । ପ୍ରାତଃକାଳରେ କରାଯିବା ସନ୍ଧ୍ୟା-
Prātah sandhyā ବନ୍ଦନାଦି—1. Morning prayers.
୨ । ପ୍ରାତଃକାଳ; ପ୍ରତ୍ୟୁଷ—
2. Early morning; dawn.

ପ୍ରାତଃ ସମୀର—ସ ବି.—ପ୍ରଭାତ ବାୟୁ—
Prātah samira Morning air.
(ପ୍ରାତଃ ସମୀରଣ—ଅନ୍ୟରୂପ)

ପ୍ରାତଃ ସୂର୍ଯ୍ୟ—ସ. ବି.—ନବୋଦିତ ସୂର୍ଯ୍ୟ; ବାଳ ସୂର୍ଯ୍ୟ—
Prātah sūrjya The morning sun.

ପ୍ରାତଃ ସ୍ନାନ—ସ. ବି.—ସକାଳ ଗାଧୁଆ—
Prātah snāna Morning bath.

ପ୍ରାତଃ ସ୍ନାୟୀ—ସ. ବଣ. ପୁଂ (ପ୍ରାତଃ+ସ୍ନା ଧାତୁ+କର୍ତ୍ତୃ. ଇନ୍)—ଯେ
Prātah snāyi ପ୍ରତିଦିନ ସକାଳୁ ଗାଧୁଏ—
(ପ୍ରାତଃସ୍ନାୟିନୀ ସ୍ତ୍ରୀ) One who bathes every morning.

ପ୍ରାତଃ ସ୍ମରଣ—ସ. ବି.—ସକାଳୁ ଉଠି ବୋଲିବା ସ୍ତବ ଆଦି—
Prātah smarana Morning hymn.

ପ୍ରାତଃ ସ୍ମରଣୀୟ—ସ. ବଣ. ପୁଂ—୧ । ସକାଳୁ ଉଠି ଯେଉଁ ମହା-
Prātah smaraniya ପୁରୁଷଙ୍କର ନାମ ଧରିଲେ ପୁଣ୍ୟ ହୁଏ;
(ପ୍ରାତଃସ୍ମରଣୀୟା—ସ୍ତ୍ରୀ) ପୁଣ୍ୟବାନ୍ ଓ ଯଶସ୍ୱୀ; ପୁଣ୍ୟଶ୍ଲୋକ—
1. Of hallowed memory; whose name is to be recited every morning.

୬ । ସର୍ବଜନମାନ୍ୟ—
2. Deserving universal homage.
୬ । ଯାହା ସକାଳେ ସ୍ମରଣ କରିବା ଯୋଗ୍ୟ—
3. Fit to be remembered in the morning.

ପ୍ରାତରଶ—ସଂ. ବି. (ପ୍ରାତଃ+ଅଶ୍ ଧାତୁ=ଖାଇବା+ଭାବ. ଅ)—
Prātarāśa ପ୍ରାତଃକାଳୀନ ଭୋଜନ; ଦିବସର ପ୍ରଥମ ଭୋଜନ—
(ପ୍ରତର୍ଭୋଜନ—ଅନ୍ୟରୂପ) Morning meal; breakfast.

ପ୍ରାତରଶିତ—ସଂ. ବିଣ. ପୁଂ (ପ୍ରାତଃ+ଅଶିତ)—କୃତପ୍ରାତର୍ଭୋଜନ—
Prātarāśita Having had one's breakfast.
(ପ୍ରାତରଶିତା—ସ୍ତ୍ରୀ)

ପ୍ରାତରାହ୍ନିକ—ସଂ. ବି. (ପ୍ରାତଃ+ଆହ୍ନିକ)—ପ୍ରାତଃସନ୍ଧ୍ୟା ୧ (ଦେଖ)
Prātarāhnika Prātahsandhyā 1 (See)

ପ୍ରାତରିନ୍ଦୀବର—ସଂ. ବି. (ପ୍ରାତଃ+ଇନ୍ଦୀବର)—ସକାଳେ ଫୁଟିଥିବା
Prātarindībara ନୀଳକମଳ—Blue lotus blown in the morning.

ପ୍ରାତର୍ଭୋକ୍ତା—ସଂ. ବି. (ପ୍ରାତଃ+ଭୋକ୍ତୃ; ୧ମା. ୧ବ.)—ଭୁଆ;
Prātarbhoktā କାକ (ହି. ଶ)—Crow.

ପ୍ରାତି—ସଂ. ବି—ଅଙ୍ଗୁଷ୍ଠ ଓ ତର୍ଜନୀର ମଧ୍ୟବର୍ତ୍ତୀ କରତଳାଂଶ; ପିତୃତୀର୍ଥ
Prāti (ହି. ଶ)—The part of the edge of the palm between the thumb and the index finger.

ପ୍ରାତିକାମୀ—ସଂ. ବି. (ପ୍ରାତିକାମିନ୍; ୧ମା. ୧ବ.)—୧ । ସେବକ;
Prātikāmī ଭୃତ୍ୟ (ହି. ଶ)—1. Servant; attendant.
୨ । ଦୁର୍ଯ୍ୟୋଧନଙ୍କ ଦୂତବିଶେଷ (ହି. ଶ)—
2. Name of a messenger of Durjyodhana.

ପ୍ରାତିକୂଳିକ—ସଂ. ବିଣ(ପ୍ରତିକୂଳ+ଇକ)—ପ୍ରତିକୂଳବର୍ତ୍ତୀ (କ୍ଲାନେନ୍ଦ୍ର)—
Prātikūlika (ପ୍ରାତିକୂଳିକା—ସ୍ତ୍ରୀ) Opposite.

ପ୍ରାତିକୂଲ୍ୟ—ସଂ. ବି. (ପ୍ରତିକୂଳ+ଭାବ. ଯ)—ପ୍ରତିକୂଳତା; ବୈପ-
Prātikūlya ରୀତ୍ୟ—Opposition; contrariety.

ପ୍ରାତିପକ୍ଷ—ସଂ. ବିଣ (ପ୍ରତିପକ୍ଷ+ଅ)—୧ । ବିପରୀତ ପକ୍ଷାବଲମ୍ବୀ—
Prātipaksha 1. Taking the opposite side.
୨ । ପ୍ରତିକୂଳ; ବିରୋଧୀ—2 Opposing.
୩ । ପ୍ରତିଦ୍ୱନ୍ଦ୍ୱୀ—3. Rival.
ସଂ. ବି—୧ । ଶତ୍ରୁ—1. Enemy.
୨ । ବିପକ୍ଷ—2 Adversary.

ପ୍ରାତିପଥିକ—ସଂ. ବିଣ. ପୁଂ (ପ୍ରତିପଥ+ଇକ)—୧ । ବିପରୀତ
Prātipathika ପଥଗାମୀ—1. Going in a contrary road.
(ପ୍ରାତିପଥିକା—ସ୍ତ୍ରୀ)
୨ । ପ୍ରତିକୂଳଗାମୀ—
2. Going in an opposite direction.

ପ୍ରାତିପଦ—ସଂ. ବିଣ. (ପ୍ରତିପଦ୍+ଭବାର୍ଥେ. ଅ)—ପ୍ରତିପଦ୍ ତିଥିରେ
Prātipada ଜାତ—Born or produced on the 1st day of a lunar fortnight.

ପ୍ରାତିପଦିକ—ସଂ. ବିଣ. (ପ୍ରତିପଦ୍+ସମ୍ବନ୍ଧାର୍ଥେ. ଇକ)—ପ୍ରତିପଦ୍
Prātipadika ସମ୍ବନ୍ଧୀୟ—Relating to the 1st day of the lunar fortnight.
ସଂ. ବି—୧ । (ପ୍ରତିପଦ=ପ୍ରତ୍ୟେକ ପଦ+ଭବାର୍ଥେ ଇକ)—
(ବ୍ୟାକରଣ) ବିଭକ୍ତିହୀନ ବିଶେଷ୍ୟ ବା ବିଶେଷଣ ପଦ,
(ଯଥା—ପିତୃ, ସଖୀ, ବେଧସ୍)—1. The crude form of a noun or adjective.
୨ । ଅଗ୍ନି—2. Fire.
୩ । ନାମ; ଅଭିଧା (କ୍ଲାନେନ୍ଦ୍ର)—3. Name; appellation.

ପ୍ରାତିଫଳିକ—ସଂ. ବିଣ. (ପ୍ରତିଫଳ+ଇକ)—ପ୍ରତିବିମ୍ବକ; ଯାହା
Prātiphalika ଦ୍ରବ୍ୟର ପ୍ରତିବିମ୍ବ ଗ୍ରହଣ କରେ (ହି ଶ)—Reflecting.

ପ୍ରାତିବେଶ୍ୟ—ସଂ. ବିଣ. (ପ୍ରତିବେଶ+ଯ)—ପ୍ରତିବେଶବାସୀ;
Prātibeśya ପ୍ରତିବେଶୀ—1. Neighbouring.
୨ । ପ୍ରତିବେଶ ସମ୍ବନ୍ଧୀୟ—
2 Relating to the neighbourhood.

ପ୍ରାତିଭ—ସଂ. ବିଣ. (ପ୍ରତିଭା+ଅ)—ପ୍ରତିଭାଶାଳୀ; ତୀକ୍ଷ୍ଣବୁଦ୍ଧିବିଶିଷ୍ଟ—
Prātibha Talented; sharp-witted.
ସଂ. ବି—ଯୋଗ ସାଧନାର ବିଘ୍ନକର ଉପସର୍ଗ ବା ଅନ୍ତରାୟ ବିଶେଷ—One of the impediments in Joga-exercise.
[ଦ୍ର—ଯୋଗ ସାଧନ ମାର୍ଗରେ ୫ ପ୍ରକାର ବିଘ୍ନ ମଧ୍ୟରୁ ଏହା ଏକ । ଯୋଗସାଧନ କରିବାବେଳେ ପ୍ରତିଭାଶାଳୀ ଯୋଗୀଙ୍କ ମନରେ ବେଦ ଓ ଶାସ୍ତ୍ରାଦିର ଅର୍ଥ ଓ ନାନା ବିଦ୍ୟା ଓ କଳା ଅବିର ଜ୍ଞାନ ଉଦୟ ହୋଇ ଯୋଗସାଧନରେ ବାଧା ଜାତ କରେ—ହି. ଶ ।]

ପ୍ରାତିଭାବ୍ୟ—ସଂ. ବି (ପ୍ରତିଭୂ+ଯ)—ଜାମିନ୍‌ଦାରଙ୍କ ଦତ୍ତ ଜାମିନ୍—
Prātibhābya Security; bail.

ପ୍ରାତିଲୋମିକ—ସଂ. ବିଣ. (ପ୍ରତିଲୋମ+ଇକ)—୧ । ପ୍ରତିଲୋମ ବିବାହ
Prātilomika ସମ୍ବନ୍ଧୀୟ—1. Relating to morganatic marriage.
୨ । ପ୍ରତିଲୋମ ବିବାହଜାତ—
2. Born of a morganatic marriage.
୩ । ବିରୁଦ୍ଧ—3. Opposing.
୪ । ଅପ୍ରୀତିକର (ହି. ଶ)—4. Unpleasant.

ପ୍ରାତିଲୋମ୍ୟ—ସଂ. ବି. (ପ୍ରତିଲୋମ+ଭାବେ. ଯ)—୧ । ବୈପରୀତ୍ୟ—
Prātilomya 1. Contrariety; inversion.
୨ । ବିରୁଦ୍ଧତା—2. Opposition; inverted order; being against the grain.
୩ । ପ୍ରତିଲୋମ ବିବାହଦ୍ୱାରା ସ୍ତ୍ରୀ ପୁରୁଷଙ୍କ ସଂଯୋଗ—
3 Union of a higher caste woman with a lower caste man by marriage.

ପ୍ରାତିହାର—ସଂ. ବି. (ପ୍ରତିହାର+ଅ)—ପ୍ରତିହାରର କର୍ମ—
Prātihāra 1. The act or post of a door-keeper.
୨ । ଦ୍ୱାରପାଳ (ହି. ଶ)—2. Door-keeper.

ପ୍ରାତିହାର(ରି)କ—ସଂ. ବି. (ପ୍ରତିହାର+କ; ଇକ)—ଐନ୍ଦ୍ରଜାଲିକ; ବାଜିଗର—A juggler.
Prātihāra(ri)ka

ପ୍ରାତ୍ୟନ୍ତିକ—ସଂ. ବି. (ପ୍ରତ୍ୟନ୍ତ+ଇକ)—୧ । ଦୁଇ ରାଜ୍ୟର ସୀମା ମଧ୍ୟରେ ଅବସ୍ଥିତ ରାଜ୍ୟ (ନୂ. ଶ)—
Prātyantika
1. A buffer state.
୨ । ସୀମାନ୍ତର ରକ୍ଷାରେ ନିଯୁକ୍ତ ବ୍ୟକ୍ତି (ନୂ. ଶ) —
2. A person engaged to guard the border.
ସଂ. ବିଣ—ସୀମାନ୍ତରେ ଅବସ୍ଥିତ—Situated in the border.

ପ୍ରାତ୍ୟୟିକ—ସଂ. ବିଣ. (ପ୍ରତ୍ୟୟ+ଇକ)—ପ୍ରତ୍ୟୟୀ; ବିଶ୍ୱାସକାରୀ—
Prātyayika Trusting.
ସଂ. ବି ପୁଂ—୧ । ଜାମିନ୍‌ଦାର; ପ୍ରତିଭୂ—
1. A person who stands as a surety.
୨ । ପକ୍ଷକୁ ଚିହ୍ନଟ ଦେବା ବ୍ୟକ୍ତି (ନୂ. ଶ)—
2. An identifying surety; an identifier.

ପ୍ରାତ୍ୟହିକ—ସଂ. ବିଣ (ପ୍ରତ୍ୟହ+ସମ୍ବନ୍ଧାର୍ଥେ. ଇକ)—୧ । ଦୈନିକ—
Prātyahika 1. Daily; diurnal.
(ପ୍ରାତ୍ୟହିକୀ—ସ୍ତ୍ରୀ) ୨ । ପ୍ରତିଦିନ ଘଟୁଥିବା—
2. Occurring daily.

ପ୍ରାଥମିକ—ସଂ. ବିଣ. (ପ୍ରଥମ+ସମ୍ବନ୍ଧେ. ଇକ)—୧ । ପ୍ରଥମକାଳୀନ—
Prāthamika 1. Primary.
୨ । ପୂର୍ବକାଳୀନ—2. Prior; former.
୩ । ପ୍ରଥମେ ବେଦାଧ୍ୟୟନରେ ପ୍ରବୃତ୍ତ—3. Engaged in studyning the Bedas for the first time.

ପ୍ରାଥମ୍ୟ—ସଂ. ବି (ପ୍ରଥମ+ଭାବେ. ଯ)—ପ୍ରଥମତ୍ୱ; ମୁଖ୍ୟତ୍ୱ; ଶ୍ରେଷ୍ଠତା; ପ୍ରାଧାନ୍ୟ—Superiority.
Prāthamya

ପ୍ରାଦାନିକ—ସଂ. ବିଣ. (ପ୍ରଦାନ+ଇକ)—ପ୍ରଦତ୍ତ ହେବା ଯୋଗ୍ୟ (ନୂ. ଶ)—Fit to be given away.
Prādānika

ପ୍ରାଦି—ସଂ. ବି. (ବହୁବ୍ରୀହି; ପ୍ର+ଆଦି)—
Prādi ପ୍ର, ପରା, ଅପ, ସମ, ଅନୁ ଆଦି ୨୦ଟି ଉପସର୍ଗ—
The 20 prefixes in the Sanscirt language.

ପ୍ରାଦି ସମାସ—ସଂ. ବି—ଉପସର୍ଗ ଯୋଗେ ଜାତ ସମାସ (ଜ୍ଞାନେନ୍ଦ୍ର)—
Prādi samāsa Compound words formed with the help of prefixes.
(ଯଥା, ବିରସ, ପ୍ରକାମ୍ୟ, ସଂଲାପ, ନିର୍ଜନ)

ପ୍ରାଦୁର୍ଭାବ—ସଂ. ବି. (ପ୍ରାଦୁଃ=ପ୍ରକାଶ+ଭୂ ଧାତୁ+ଭାବ. ଅ)—
Prādurbhāba ୧ । ପ୍ରକାଶିତ ହେବା; ପ୍ରକଟିତ ହେବା—
(ପ୍ରାଦୁର୍ଭାବ—ଅନ୍ୟରୂପ—ନୂ. ଶ) 1. Manifestation.
୨ । ଉଦ୍ଭବ; ଆବିର୍ଭାବ—
2. Coming into existence; prevalenee.
୩ । ପ୍ରଥମ ପ୍ରକାଶ—3. First appearance; coming to light first.
୪ । ପ୍ରବଳତା—4. Outbreak; currency; predominance.
୫ । କ୍ଷମତା—5. Power; influence.

ପ୍ରାଦୁର୍ଭୂତ—ସଂ. ବି. (ପ୍ରାଦୁଃ+ଭୂତ)—ଆବିର୍ଭୂତ; ପ୍ରକାଶିତ—
Prādurbhūta Appeared; manifest; prevalent; current.
(ପ୍ରାଦୁର୍ଭାବ—ବି)

ପ୍ରାଦୁଷ୍କରଣ—ସଂ. ବି. (ପ୍ରାଦୁଃ+କରଣ)—୧ । ଅପ୍ରକଟ ବସ୍ତୁର ପ୍ରକାଶ କରଣ; ପ୍ରକଟୀକରଣ—
Prādushkaraṇa
(ପ୍ରାଦୁଷ୍କୃତ, ପ୍ରାଦୁଷ୍କୃତ୍ୟ—ବିଣ) 1. Manifestation; publication.
୨ । ପ୍ରଦର୍ଶନ; ଦେଖାଇବା—2. Showing; exhibition.

ପ୍ରାଦେଶ—ସଂ. ବି (ପ୍ର+ଆ+ଦିଶ୍ ଧାତୁ+ଭାବ. ଅ)—
Prādeśa ବିଘତ; ବୃଦ୍ଧାଙ୍ଗୁଳିର ଅଗଠାରୁ ତର୍ଜନୀର ଅଗ ପର୍ଯ୍ୟନ୍ତ ବିସ୍ତାର ପରିମାଣ—1. The span of the thumb and the forefinger.
୨ । (ପ୍ରଦେଶ+ସ୍ୱାର୍ଥେ. ଅ)—ସ୍ଥାନ; ଦେଶ—
2. Place; country.
୩ । ପ୍ରଦେଶ—3. Province.

ପ୍ରାଦେଶିକ—ସଂ. ବିଣ. (ପ୍ରଦେଶ+ସମ୍ବନ୍ଧେ ଇକ)—
Prādeśika ୧ । ପ୍ରଦେଶ ସମ୍ବନ୍ଧୀୟ; ପ୍ରଦେଶଗତ—
(ପ୍ରାଦେଶିକତା—ବି) 1. Provincial; parochial.
୨ । ପ୍ରଦେଶ ଜାତ—2. Produced in the country.
୩ । ଦେଶାଂଶ ପ୍ରଚଳିତ (ଭାଷା ବା ଶବ୍ଦ)—
3. Dialectical (word or language).
[ଦ୍ର—ଏ ଭାଷାକୋଷରେ ପ୍ରାଦେଶିକ ଶବ୍ଦମାନଙ୍କୁ "ପ୍ରାଦେ" ସଙ୍କେତଦ୍ୱାରା ଚିହ୍ନିତ କରାଯାଇ ଅଛି ଓ ବନ୍ଧନୀ ମଧ୍ୟରେ ତତ୍ସଂ ଅଞ୍ଚଳର ନାମ ଲେଖାଯାଇ ଅଛି ।]
୪ । ମଫସଲ—Rural.

ପ୍ରାଦେଶିକତା—ସଂ. ବି. (ପ୍ରାଦେଶିକ+ଭାବ. ତା)—
Prādeśikatā ୧ । ଭିନ୍ନ ଭିନ୍ନ ଅଞ୍ଚଳରେ କଥିତଭାଷାର ଉଚ୍ଚାରଣ ଓ ବ୍ୟବହାର ସମ୍ବନ୍ଧେ ବିକାର; କଥିତ ଭାଷାର ବିଭିନ୍ନ ପ୍ରଦେଶଗତ ବିକାର—1. Provincialisms of a language; dialectical peculiarities of any language.
୨ । ପ୍ରଦେଶଗତ ସଂକୀର୍ଣ୍ଣତା—
2. Provincial or parochial narrowness of outlook.

ପ୍ରାଦେଶିକ ସ୍ୱାତନ୍ତ୍ର୍ୟ—ଦେ. ବି. (ଆଧୁନିକ ପ୍ରୟୋଗ)—
Prādeśika swātantrya ପ୍ରଦେଶବିଶେଷର ବିଶେଷତ୍ୱ ବା ଅଧିକାର—Provincial autonomy.

ପ୍ରାଦେଶିନୀ—ସଂ. ବି. (ପ୍ର+ଆ+ଦିଶ ଧାତୁ ଣିଚ=ଦେଖାଇବା+କରଣ
Prādeśinī ଅନ+ଈ; ଯାହା ସାହାଯ୍ୟରେ କୌଣସି ବସ୍ତୁକୁ ଦେଖାଇ ଦିଆଯାଏ)—
ତର୍ଜନୀ (ନୂ. ଶ)—Index finger.

ପ୍ରାଦୋଷ—ସଂ. ବିଣ. (ପ୍ରଦୋଷ+ସମ୍ବନ୍ଧେ. ଅ)—
Prādosha ପ୍ରଦୋଷ ବା ସନ୍ଧ୍ୟା ସମ୍ବନ୍ଧୀୟ; ସାୟଂକାଳୀନ—

(ପ୍ରାଦୋଷିକ—ଅନ୍ୟରୂପ) Vespertine; to relating the evening.

ପ୍ରାଧନିକ—ସଂ. ବିଣ. (ପ୍ରଧନ+ଇକ)—ଯୁଦ୍ଧପ୍ରିୟ—
Prādhanika War-loving; martial.
ସଂ. ବି—ଯୁଦ୍ଧର ଉପକରଣ (ହି. ଶ)—
The sinews of war; materials for fighting.

ପ୍ରାଧା—ସଂ. ବି. (ସ୍ତ୍ରୀ)—(ନାମ) କଶ୍ୟପଙ୍କ ସ୍ତ୍ରୀ, ଦକ୍ଷକନ୍ୟା ଓ ଗନ୍ଧର୍ବ ଏବଂ
Prādhā ଅପ୍ସରାମାନଙ୍କର ମାତା—Name of a wife of sage Kaśyapa.

ପ୍ରାଧାନ୍ୟ—ସଂ. ବି. (ପ୍ରଧାନ+ଭାବ. ଯ)—୧ । ପ୍ରଧାନତା; ଶ୍ରେଷ୍ଠତା;
Prādhānya ଉତ୍କର୍ଷ—1. Excellence; supremacy; superiority.
୨ । ପ୍ରଭୁତ୍ୱ—2. Mastery; ascendancy.
୩ । ପ୍ରାବଲ୍ୟ—3. Prevalence.

ପ୍ରାଧାନ୍ୟତଃ—ସଂ. କ୍ରି. ବିଣ. (ପ୍ରାଧାନ୍ୟ+ତସ୍)—ପ୍ରଧାନରୂପେ—
Prādhānyataḥ Chiefly; pre-eminently.

ପ୍ରାଧ୍ୱ—ସଂ. ବିଣ. (ପ୍ର+ଅଧ୍ୱନ୍)—୧ । ଦୂର—
Prādhwa 1. Remote; distant.
୨ । ନମ୍ର—2. Bent.
୩ । ବିନୀତ—3. Humbled.
ସଂ. ବି—୧ । ପ୍ରକୃଷ୍ଟ ପଥ; ଭଲବାଟ—
1. Excellent road.
୨ । ରଥାଦି ଯାନ—2. Conveyance.
୩ । ଦୂର ପଥ; ଦୀର୍ଘ ପଥ—3. A long road.
୪ । ବିନୟ (ହି. ଶ)—4. Humility.

ପ୍ରାଧ୍ୱନ—ସଂ. ବି (ପ୍ରାଧ୍ୱନ୍+ଅ)—୧ । ସଡ଼କ; ରାସ୍ତା (ହି. ଶ)—
Prādhwana 1. Road; highway.
୨ । ନଦୀଗର୍ଭ (ହି. ଶ)—2. The bed of a river.

ପ୍ରାଧ୍ୱର—ସଂ. ବି—ବୃକ୍ଷର ଶାଖା; ଡାଳ (ହି. ଶ)—
Prādhwara Branch of a tree.

ପ୍ରାନ୍ତ—ସଂ. ବି. (ପ୍ର+ଅନ୍ତ)—
Prānta ୧ । ଅନ୍ତ; ଶେଷ ଭାଗ—1. End; extremity.
୨ । ସୀମା—2. Boundary; border.
୩ । ଧାର—3. Edge.
୪ । ଦିଗ; ତରଫ (ହି. ଶବ୍ଦସାଗର)—
4. Direction; quarter.
୫ । (ହିନ୍ଦୀ ଅନୁକରଣରେ ଅଧୁନିକ ପ୍ରୟୋଗ) ପ୍ରଦେଶ—
5. Province.
୬ । (ନାମ) ଋଷିବିଶେଷ (ହି. ଶବ୍ଦସାଗର)—
6. Name of a sage.

ପ୍ରାନ୍ତ କାଳ—ଦେ. ବି. (ମ. ପ. ଲୋ; ପ୍ରାନ୍ତ+କାଳ)—
Prānta kāla ୧ । ମରଣ ସନ୍ନିକଟ ପ୍ରାକ୍‌କାଳ; ଜୀବନର ଶେଷ ସମୟ—1.The time of one's impending death.
୨ । ମୃତ୍ୟୁର ପରବର୍ତ୍ତୀ କାଳ; ପରକାଳ—
2. The time after death.
ପ୍ରାନ୍ତ କାଳରେ ସ୍ୱର୍ଗ ଲୋକରେ ବସଇ । କୃଷ୍ଣ ଦ୍ୱି. ମହାଭାରତ ବନ ।
ଗ୍ରା. ବି. (ସ. ପ୍ରାତଃକାଳ)—ସକାଳ; ଭୋର—
Dawn; daybreak.

ପ୍ରାନ୍ତ ଦୁର୍ଗ—ସ. ବି (ମ. ପ. ଲୋ;)—୧ । ନଗର ପ୍ରାଚୀରର ବାହାରେ
Prānta durga ନିର୍ମିତ ଦୁର୍ଗ—1. A fort built outside the wall of a city.
୨ । ରାଜ୍ୟ ସୀମାରେ ନିର୍ମିତ ଦୁର୍ଗ—2. Fort built at the border of a kingdom.

ପ୍ରାନ୍ତବର୍ତ୍ତୀ—ସ. ବିଣ. (ପ୍ରାନ୍ତ+ବର୍ତ୍ତିନ୍; ୧ମା. ୧ବ)—
Prāntabarttī ୧ । ସୀମାନ୍ତରେ ଅବସ୍ଥିତ—
1. Situate on the boundary or border.
୨ । ଏକ ପାର୍ଶ୍ୱରେ ସ୍ଥିତ—
2. Placed on one side.

ପ୍ରାନ୍ତ ଭାଗ—ସ. ବି. (ମ. ପ. ଲୋ; ପ୍ରାନ୍ତ+ଭାଗ)—ଶେଷ ଭାଗ—
Prānta bhāga Extreme part; extremity.

ପ୍ରାନ୍ତ ଭିତ୍ତି—ସ. ବି· (ମ. ପ. ଲୋ)—କୌଣସି ସ୍ଥାନର ସୀମାରେ ଥିବା
Prānta bhitti ପ୍ରାଚୀର—Compound wall.

ପ୍ରାନ୍ତ ଭୂମି—ସ. ବି (ମ. ପ. ଲୋ;)—୧ । କୌଣସି ସ୍ଥାନର ସୀମାସ୍ଥ ଭୂମି-
Prānta bhūmi 1. The lands on the border or outskirts of a place.
୨ । (ଯୋଗ ସାଧନର ଅନ୍ତିମ ସୀମା) ସମାଧି—2. Complete abstraction of thought from the outer world and concentration thereof on the Godhead.
୩ । ସିଡ଼ି—3. Ladder.

ପ୍ରାନ୍ତ ଯମକ—ସଂ. ବି—ଶବ୍ଦାଲଙ୍କାରବିଶେଷ; ସନ୍ଦର୍ଭର ପ୍ରାନ୍ତରେ
Prānta jamaka ଭିନ୍ନାର୍ଥରେ ପ୍ରଯୁକ୍ତ ଏକ ପଦ—A kind of alliteration at the end of every foot of a verse.

[ଉଦାହରଣ ଯଥା—ଉର୍ଦ୍ଧ୍ୱକ ଦରୁର କରେ, ସଂତୋକ କାର୍ତ୍ତିକରେ
ପ୍ରୟାଗେ ସ୍ନାନ ନକରେ, ସେତୁ ନ କରେ ।
ତପେ ନ ସେ. ଶ୍ରୀସେବକରେ, ଭଜନ ସମ ଅଙ୍କରେ,
ସେନ ବସେ ଲେଙ୍କଟେ, ନ ଭ୍ରମକରେ ।
ପୂର୍ବେ ସେବଅଲେ ଶଙ୍କରେ, ସେ ଫଳ୍ପ ଅର ଉଦ୍ରେକ
ପ୍ରାପତ କରେ । ଭକ୍ତ. ପ୍ରେମସୁଧାନିଧି ।]

ପ୍ରାନ୍ତର—ସଂ. ବି. (ପ୍ର+ଅନ୍ତର)—
Prāntara ୧ । ଅପନ୍ତରା; ଛାୟାଜଳାଦିଶୂନ୍ୟ ପ୍ରଦେଶ—
1. A barren tract of country.
୨ । ପଡ଼ିଆ; ମରୁଭୂମି; ବିସ୍ତୀର୍ଣ୍ଣ ପଡ଼ିଆ—2. Desert; waste; wilderness; prairie.
୩ । ଜନଶୂନ୍ୟ ପ୍ରଦେଶ—
3. Uninhabited or lonely country.
୪ । ଅତି ଦୂର ଓ ଜନଶୂନ୍ୟଶୂନ୍ୟ ପଥ—
4. A long and solitary path.
୫ । କ୍ଳାନ୍ତିଜନକ ମାର୍ଗ—5. A tiresome road.
୬ । ଅଗନାଗ୍ନି ବନସ୍ଥ; ଜଙ୍ଗଲ; ବନ—
6. A solitary forest; a wild.

ପ୍ରାନ୍ତିକ—ସଂ. ବଣ.—(ପ୍ରାନ୍ତ+ଇକ)—୧ । ପ୍ରାନ୍ତ ସମ୍ବନ୍ଧୀୟ—
Prāntika 1. Relating to Prānta.
(ପ୍ରାନ୍ତୀୟ—ଅନ୍ୟରୂପ) ୨ । ପ୍ରାଦେଶିକ—Provincial; dialectical.

ପ୍ରାନ୍ତେ—ସଂ. ଅ. (ପ୍ରାନ୍ତ ଶବ୍ଦର ୭ମୀ. ୧ବ)—ସବୁ ଶେଷରେ—
Prānte At last.
ଶତ୍ରୁ ଜଣି ପ୍ରାନ୍ତେ ସମୂଳେ ନାଶ ଯାଏ । କୃଷ୍ଣସିଂହ. ମହାଭାରତ. ବନ ।

ପ୍ରାପକ—ସଂ. ବଣ. ପୁଂ. (ପ୍ର+ଆପ୍ ଧାତୁ ଣିଜନ୍ତ=ଆପି ଧାତୁ+କର୍ତ୍ତୃ. ଅକ)—୧ । ଯାହା ପ୍ରାପ୍ତି କରାଏ—
Prāpaka
(ପ୍ରାପିକା—ସ୍ତ୍ରୀ) 1 Procuring; causing to get.
୨ । (ପ୍ର+ଆପ୍ ଧାତୁ+କର୍ତ୍ତୃ. ଅକ)—ଯେ ପାଏ—
2. Obtaining.

ପ୍ରାପଣ—ସଂ. ବି. (ପ୍ର+ଆପ୍ ଧାତୁ+ଭାବ. ଅନ)—
Prāpaṇa ୧ । ପାଇବା; ପ୍ରାପ୍ତି—1. Obtaining; receipt; acquisition; getting.
୨ । (ପ୍ର+ଆପ୍ ଧାତୁ ଣିଚ୍+ଭାବ. ଅନ) ପ୍ରାପ୍ତି କରାଇବା—
(ପ୍ରାପଣୀୟ, ପ୍ରାପ୍ୟ, ପ୍ରାପିତ, ପ୍ରାପ୍ତ—ବଣ) 2. Procuring.
୩ । ପ୍ରେରଣ—3. Sending.

ପ୍ରାପଣିକ—ସଂ. ବି. ପୁଂ. (ପ୍ର+ଆପଣିକ)—ମୁଦି; ଦୋକାନୀ—
Prāpaṇika A grocer; a shopkeeper.

ପ୍ରାପତ—ଗ୍ରା. (ପଦ୍ୟ) ବଣ. (ସଂ. ପ୍ରାପ୍ତ)—ପ୍ରାପ୍ତ (ଦେଖ)
Prāpata প্রাপত प्रापत Prāpta (See)

ପ୍ରାପିତ—ସଂ. ବଣ. (ପ୍ର+ଆପ୍ ଧାତୁ ଣିଚ୍+କର୍ମ. ତ)—
Prāpita ୧ । ଅଧିଗମିତ; ପ୍ରାପ୍ତ—1. Obtained; got; secured.
୨ । ଗ୍ରାହିତ—2. Caused to be taken.
୩ । ଆନୀତ—3. Brought.
୪ । ସ୍ଥାପିତ—4. Placed.

ପ୍ରାପ୍ତ—ସଂ. ବଣ. (ପ୍ର+ଆପ୍ ଧାତୁ+କର୍ମ. ତ)—୧ । ଲବ୍ଧ; ଲାଭ କରା
Prāpta ଯାଇଥିବା; ମିଳିଥିବା—1. Obtained; got; received; gained; attained.
ଦେ. ବଣ—ଯେଉଁ ବ୍ୟକ୍ତି ପାଇଥାଏ; ଲାଭ କରିଥିବା—
Having obtained or attained.
୨ । ସ୍ଥାପିତ—2. Placed; fixed.
୩ । ଉପଯୁକ୍ତ—3. Fit; proper.
୪ । (+କର୍ତ୍ତୃ. ତ)—ଉପସ୍ଥିତ—4. Present; arrived.
୫ । ଘଟିଥିବା—5 Happened.
୬ । ଗୃହୀତ—6. Taken; accepted.
୭ । ଉତ୍ପନ୍ନ (ହି. ସ)—7. Produced.

ପ୍ରାପ୍ତ କଲ୍ୟାଣ—ସଂ. ବଣ. ପୁଂ. (ବହୁବ୍ରୀହି; ପ୍ରାପ୍ତ+କଲ୍ୟାଣ)—
Prāpta kalyāṇa ଭାଗ୍ୟବାନ୍; ଲକ୍ଷ୍ମୀବାନ୍—Fortunate;
(ପ୍ରାପ୍ତକଲ୍ୟାଣା[ଣୀ]—ସ୍ତ୍ରୀ) Prosperous; having attained prosperity.

ପ୍ରାପ୍ତ କାଳ—ସଂ. ବଣ. (ବହୁବ୍ରୀହି; ପ୍ରାପ୍ତ+କାଳ)—୧ । ଯାହାର
Prāpta kāla ମରଣକାଳ ଉପସ୍ଥିତ ହୋଇଅଛି; ଆସନ୍ନମୃତ୍ୟୁ—
1. Whose death is imminent.
୨ । ପ୍ରାପ୍ତ ଯୌବନ—2. Major; of age.
୩ । ଯେ ଉପଯୁକ୍ତ ଅବକାଶ ପାଇଅଛି; ପ୍ରାପ୍ତାବକାଶ—
3. Having obtained leisure.
୪ । ଯାହାର ଉପଯୁକ୍ତ ସମୟ ଘଟିଅଛି—
4. Seasonable; opportune.
ସଂ. ବି (କର୍ମଧା)—୧ । ଉପଯୁକ୍ତ ସମୟ—
1. Fit or proper time.
୨ । ମରିବାର ଅବ୍ୟବହିତ ପୂର୍ବକାଳ—
2. Time of impending death.

ପ୍ରାପ୍ତ ଜୀବନ—ସଂ. ବଣ. ପୁଂ (ବହୁବ୍ରୀହି; ପ୍ରାପ୍ତ+ଜୀବନ)—ଯେ
Prāpta jibana ମୃତ୍ୟୁମୁଖରୁ ବଞ୍ଚିଅଛି—
(ପ୍ରାପ୍ତ ଜୀବନା—ସ୍ତ୍ରୀ) Saved from the jaws of death.

ପ୍ରାପ୍ତ ଦୋଷ—ସଂ. ବଣ. ପୁଂ (ବହୁବ୍ରୀହି; ପ୍ରାପ୍ତ+ଦୋଷ)—ଯାହା
Prāpta dosha ପ୍ରତି କେହି ଅପରାଧ ବା ଦୋଷ ଘଟାଇଅଛି—
(ପ୍ରାପ୍ତଦୋଷା—ସ୍ତ୍ରୀ) Aggrieved; wronged.

ପ୍ରାପ୍ତ ଧନ—ସଂ. ବଣ. ପୁଂ (ବହୁବ୍ରୀହି; ପ୍ରାପ୍ତ+ଧନ)—ଯାହାକୁ ଧନ
Prāpta dhana ମିଳିଅଛି—Having acquired riches.
(ପ୍ରାପ୍ତଧନା—ସ୍ତ୍ରୀ)

ପ୍ରାପ୍ତ ପଞ୍ଚତ୍ୱ—ସଂ. ବଣ. ପୁଂ. (ବହୁବ୍ରୀହି; ପ୍ରାପ୍ତ+ପଞ୍ଚତ୍ୱ)—ମୃତ—
Prāpta panchatwa (ପ୍ରାପ୍ତପଞ୍ଚତ୍ୱା—ସ୍ତ୍ରୀ) Dead.

ପ୍ରାପ୍ତବୟସ୍କ—ସଂ. ବଣ. ପୁଂ (ବହୁବ୍ରୀହି; ପ୍ରାପ୍ତ+ବୟସ୍+କ, ଆଗମ)—
Prāptabayaska ସାବାଳକ; ପୂର୍ଣ୍ଣବୟସ୍କ—Major.
(ପ୍ରାପ୍ତବୟସ୍କା—ସ୍ତ୍ରୀ) (ଅପ୍ରାପ୍ତବୟସ୍କ—ବିପରୀତ)

ପ୍ରାପ୍ତବ୍ୟ—ସଂ. ବଣ. (ପ୍ର+ଆପ୍ ଧାତୁ+କର୍ମ. ତବ୍ୟ)—ପ୍ରାପ୍ତିଯୋଗ୍ୟ;
Prāptabya ଯାହା ମିଳିପାରେ—Obtainable; attainable

ପ୍ରାପ୍ତ ବ୍ୟବହାର—ସଂ. ବଣ. ପୁଂ (ବହୁବ୍ରୀହି; ପ୍ରାପ୍ତ+ବ୍ୟବହାର)—
Prāpta byabahāra ୧ । ପ୍ରାପ୍ତବୟସ୍କ—1. Major.
(ପ୍ରାପ୍ତ ବ୍ୟବହାରା—ସ୍ତ୍ରୀ) ୨ । ଯେ ଆପଣା ବିଷୟ ସମ୍ପତ୍ତି ବୁଝାସୁଝା କରିବାର ବୟସ ଓ କ୍ଷମତା ଲାଭ କରିଅଛି—
2. Legally entitled to manage one's own affairs (on attaining legal age).

ପ୍ରାପ୍ତ ଯୌବନ—ସଂ. ବଣ ପୁଂ (ବହୁବ୍ରୀହି; ପ୍ରାପ୍ତ+ଯୌବନ)—
Prāpta jaubana ଯାହାର ଯୌବନ ଉପସ୍ଥିତ ହୋଇଅଛି—
(ପ୍ରାପ୍ତ ଯୌବନା—ସ୍ତ୍ରୀ) Having attained maturity or youth.

ପ୍ରାପ୍ତରୂପ—ସଂ. ବଣ. ପୁଂ. (ବହୁବ୍ରୀହି; ପ୍ରାପ୍ତ+ରୂପ)—୧ । ରମଣୀୟ;
Prāptarūpa ସୁନ୍ଦର—1. Beautiful; graceful.
(ପ୍ରାପ୍ତରୂପା—ସ୍ତ୍ରୀ) ୨ । ପଣ୍ଡିତ (ଜ୍ଞାନେନ୍ଦ୍ର)—2. Learned.

ପ୍ରାପ୍ତାପରାଧ—ସଂ. ବଣ. ପୁଂ (ବହୁବ୍ରୀହି; ପ୍ରାପ୍ତ+ଅପରାଧ)—ଅପରାଧ-
Prāptāparādha ଯୁକ୍ତ; ଯେ ଅପରାଧଭାଗୀ ହୋଇଅଛି—
(ପ୍ରାପ୍ତାପରାଧା—ସ୍ତ୍ରୀ) Convicted; adjudged guilty.

ପ୍ରାପ୍ତି—ସଂ. ବି. (ପ୍ର+ଆପ୍ ଧାତୁ+ଭାବ. ତି)—୧ । ଲାଭ—
Prāpti 1. Gain; profit.
୨ । ଅର୍ଜନ—2. Earning.
୩ । ଆୟ—3 Income.
୪ । ଉପଲବ୍ଧି; ମିଳିବା; ପାଇବା—
4 Getting; receiving; attaining; acquisition.
୫ । ଧନାଦିର ବୃଦ୍ଧି—5. Increase of wealth.
୬ । ଉନ୍ନତି—6 Improvement; success.
୭ । ଉଦୟ—7. Rise; ascendancy; ascent.
୮ । ସଂଗ୍ରହ—8. Collection; assemblage.
୯ । ଆବିଷ୍କାର—9. Discovery.
୧୦ । ନୈକଟ୍ୟ—10. Proximity.
୧୧ । ଉପସ୍ଥିତି—11. Arrival; presence.
୧୨ । ପହଞ୍ଚିବା—12. Reaching.
୧୩ । ସମାପନ—13. Effecting; accomplishment.
୧୪ । ଅନୁମିତି—14. Guessing.
୧୫ । ନାଟକର ବିଷୟ ସ୍ଥାପନ ବା ବ୍ୟକ୍ତୀକରଣ; ନାଟକର ସୁଖଦ ଉପସଂହାର (ହି. ଶ)—15. Denouement; the happy conclusion of a drama.
୧୬ । ଅଣିମାଦି ଐଶ୍ୱର୍ଯ୍ୟର ଏକତମ; ଅଭୀପ୍ସିତ ବସ୍ତୁ ମିଳିବାରୂପ ଐଶ୍ୱର୍ଯ୍ୟ—16. One of the 8 forms of superhuman success; fulfilment of one's desires.
୧୭ । ଯଥେଚ୍ଛ ଗମନ—17. Power of going anywhere one likes.
୧୮ । (ନାମ) ମଗଧରାଜ ଜରାସନ୍ଧଙ୍କ କନ୍ୟା ଓ କଂସର ଭାର୍ଯ୍ୟା—
18. Name of the wife of Kamsa.
୧୯ । କାମଦେବଙ୍କ ପତ୍ନୀ (ହି. ଶ)—19 Wife of Cupid.
୨୦ । (ଫଳିତ ଜ୍ୟୋତିଷ) ଚନ୍ଦ୍ରଠାରୁ ଏକାଦଶ ସ୍ଥାନ (ଯାହା ଲାଭ ସ୍ଥାନ)—20. (astrology) The 11th house computed from the house occupied by the moon in one's horoscope.
୨୧ । ମିଳନ; ସଂଗତି (ହି. ଶବ୍ଦସାଗର)—
21. Union; junction.
୨୨ । ଭାଗ୍ୟ (ହି. ଶ)—22. Fate.

ପ୍ରାପ୍ତି ଯୋଗ୍ୟ—ସଂ. ବିଣ. (୬ଷ୍ଠୀ ତତ୍; ପ୍ରାପ୍ତି+ଯୋଗ୍ୟ)—
Prāpti jogya ପ୍ରାପ୍ତବ୍ୟ; ମିଳିବା ଯୋଗ୍ୟ—Obtainable.

ପ୍ରାପ୍ତି ସ୍ଥାନ—ସଂ. ବି. (୬ଷ୍ଠୀ ତତ୍; ପ୍ରାପ୍ତି+ସ୍ଥାନ)—
Prāpti sthāna କୌଣସି ପଦାର୍ଥ ମିଳିବାର ସ୍ଥାନ—
The place where a thing can be obtained.

ପ୍ରାପ୍ତିଚ୍ଛା—ସଂ. ବି. (୬ଷ୍ଠୀ ତତ୍; ପ୍ରାପ୍ତି+ଇଚ୍ଛା)—ପାଇବାର ଇଚ୍ଛା—
Prāptichchha Desire to obtain.

ପ୍ରାପ୍ତ୍ୟାଶା—ସଂ. ବି. (୬ଷ୍ଠୀ ତତ୍; ପ୍ରାପ୍ତି+ଆଶା)—ଲାଭ ପାଇବାର ଆଶା—
Prāptyāsā Hope of acquisition.

ପ୍ରାପ୍ୟ—ସଂ. ବିଣ. (ପ୍ର+ଆପ୍ ଧାତୁ+କର୍ମ. ଯ)—୧ । ଲଭ୍ୟ—
Prāpya 1 Obtainable; attainable.
୨ । ପାଉଣା—2. Due.
୩ । ଗମ୍ୟ—3. Approachable; knowable.
୪ । ଅର୍ଜନୀୟ—4. Acquirable.
ସଂ. ବି—ପାଉଣା ଧନ—Dues.

ପ୍ରାଫୁଲ୍ୟ—ସଂ. ବି. (ପ୍ରଫୁଲ୍ଲ+ଭାବ. ଯ)—
Prāphullya ୧ । ପ୍ରଫୁଲ୍ଲତା; ଆହ୍ଲାଦ; ଆନନ୍ଦ—
1. Delight; elation; animation.
୨ । ପୁଷ୍ପର ପ୍ରସ୍ଫୁଟନ; ଫୁଲ ଫୁଟିବା—
2. The blooming of a flower.

ପ୍ରାବଟ—ସଂ. ବି. (ପ୍ର+ଆ+ବଟ୍ ଧାତୁ=ବେଢ଼ିବା+କର୍ମ.ଅ)—ଯବ—
Prābata Barley.

ପ୍ରାବଣ—ସଂ. ବି. (ପ୍ର+ଆ+ବନ୍ ଧାତୁ=ସଲଗ୍ନ ହେବା+କରଣ. ଅ)—ଖନିତ୍ର; ଖଣତି—Pickaxe; spud.
Prābana

ପ୍ରାବର—ସଂ. ବି. (ପ୍ର+ଆ+ବୃ ଧାତୁ+କରଣ. ଅ)—ପ୍ରାଚୀର; ବାଡ଼—
Prābara Fencing; compound.

ପ୍ରାବରଣ—ସଂ. ବି. (ପ୍ର+ଆବରଣ)—୧। ପ୍ରକୃଷ୍ଟ ଆବରଣ—
Prābarana 1. Excellent covering.
(ପ୍ରାବାର—ଅନ୍ୟରୂପ) ୨ । ଓଢ଼ଣୀ; ଉତ୍ତରୀୟ ବସ୍ତ୍ର; ଓଢ଼ଣ—
2. The upper garment, sheet put on the upper part of the body; scarf; a cloak.
୩ । ଓଢ଼ଣା—3. A veil.
୪ । ଢାଙ୍କୁଣି (ହି. ଶ)—4. Lid; covering.

ପ୍ରାବରଣ ଷଷ୍ଠୀ—ସଂ. ବି—ଓଢ଼ଣଷଷ୍ଠୀ; ମାର୍ଗଶିର ଶୁକ୍ଲଷଷ୍ଠୀ—
Prābarana shashthi The 6th day of the bright fortnight of the month of Mārgasira.
[ଦ୍ର—ଏହା ଗୋଟିଏ ପର୍ବଦିନ; ଏହି ଦିନଠାରୁ ଦେବବିଗ୍ରହମାନଙ୍କୁ ଶୀତବସ୍ତ୍ରରେ ଘୋଡ଼ାଇ ଦିଆଯାଏ ।]

ପ୍ରାବାର କୀଟ—ସଂ. ବି—ଲୁଗାକୁ ନଷ୍ଟ କରିବା ଏକପ୍ରକାର ପୋକ—
Prābāra kīta A kind of insect attacking clothes.

ପ୍ରାବାଳିକ—ସଂ. ବି. ପୁଂ. (ପ୍ରବାଳ+ଇକ)—
Prābālika ପୋହଳା ବ୍ୟବସାୟୀ (ହି. ଶ)—
(ପ୍ରାବାଳିକା—ସ୍ତ୍ରୀ) A trader in corals.

ପ୍ରାବାସିକ—ସଂ. ବିଣ. (ପ୍ରବାସ+ସମ୍ବନ୍ଧାର୍ଥେ. ଇକ)—
Prābāsika ୧ । ପ୍ରବାସ ସମ୍ବନ୍ଧୀୟ—
1. Relating to sojourn.
୨ । ପ୍ରବାସ ଯୋଗ୍ୟ; ପ୍ରବାସରେ ବ୍ୟବହାରର ଉପଯୋଗୀ—
2. Fit for use during sojourn or in camp.

ପ୍ରାବୀଣ୍ୟ—ସଂ. ବି. (ପ୍ରବୀଣ+ଭାବ. ଯ)—
Prābinya ୧ । ପ୍ରବୀଣତା; ନୈପୁଣ୍ୟ—1. Skilfulness.
୨ । ଚତୁରତା; ଦକ୍ଷତା—2. Cleverness; dexterity.

ପ୍ରାବୁ(ବୂ)ର୍ଷୁ—ସଂ. ବଣ. ପୁଂ. (ପ୍ର+ଆ+ବୃ ଧାତୁ+ଇଚ୍ଛାର୍ଥରେ ସନ୍ +କର୍ତ୍ତୃ. ଉ)—୧ । ପରିଧାନ କରିବାକୁ ଇଚ୍ଛୁକ—1. Wishing to wear.
Prābu(bū)rshu
ପ୍ରାବୁବୂର୍ଷୁ } ଅନ୍ୟରୂପ
ପ୍ରାବୃଷୁ }
୨ । ଆବରଣ କରିବାକୁ ଇଚ୍ଛୁକ—2. Wishing to cover.

ପ୍ରାବୃଟ୍—ସଂ. ବି. (ପ୍ର+ଆ+ବୃଷ୍ ଧାତୁ=ବୃଷ୍ଟି କରିବା+କର୍ତ୍ତୃ. କ୍ୱିପ୍; ପ୍ରାବୃଷ୍ ଶବ୍ଦ ୧ମା. ୧ବ)—୧ । ବର୍ଷାକାଳ; ବର୍ଷାଋତୁ—1 The rainy season; the rains.
Prābṛuṭ
(ପ୍ରାବୃଷା—ଅନ୍ୟରୂପ)
୨ । ଶ୍ରାବଣ ଓ ଭାଦ୍ରମାସ—2. The months of Śrābaṇa and Bhādra (July-August).
୩ । କଦମ୍ବ ଗଛ—3. The Kadamba tree.

ପ୍ରାବୃଡ଼ତ୍ୟୟ—ସଂ. ବି. (୬ଷ୍ଠୀ ତତ୍, ପ୍ରାବୃଟ୍+ଅତ୍ୟୟ=ନାଶ)—ଶରତ୍କାଳ—Autumn.
Prābṛuṟḏatyaya

ପ୍ରାବୃତ—ସଂ. ବଣ. (ପ୍ର+ଆ+ବୃ ଧାତୁ+କର୍ମ. ତ)—୧ । ଆଚ୍ଛାଦିତ—1. Covered; screened.
Prābṛuta
୨ । ବେଷ୍ଟିତ—2. Enclosed.
ସଂ. ବି. (+କରଣ. ତ)—ପ୍ରାବରଣ; ଓଢ଼ଣୀ—A veil; mantle; cloak.

ପ୍ରାବୃତି—ସଂ. ବି. (ପ୍ର+ଆ+ବୃ ଧାତୁ+କରଣ. ତି)—୧ । ପ୍ରାଚୀର; ବାଡ଼—1. Screen; hedge.
Prābṛuti
୨ । ଆବରଣ; ଘୋଡ଼ଣୀ—2. A covering.

ପ୍ରାବୃଷ୍—ସଂ. ବି. (ଶବ୍ଦ)—(ପ୍ର+ଆ+ବୃଷ୍ ଧାତୁ+କର୍ତ୍ତୃ. କ୍ୱିପ୍)—ପ୍ରାବୃଟ୍ (ଦେଖ)—Prābṛuṭ (See)
Prābṛush

ପ୍ରାବୃଷିକ—ସଂ. ବଣ. (ପ୍ରାବୃଷ୍+ଭବାର୍ଥେ ଇକ)—ପ୍ରାବୃଷ୍ୟ (ଦେଖ)—Prābṛushya (See)
Prābṛushika
ସଂ. ବି—ମୟୂର—Peacock.

ପ୍ରାବୃଷିଜ—ସଂ. ବଣ (ପ୍ରାବୃଷି=ବର୍ଷାଋତୁରେ+ଜନ୍ ଧାତୁ+କର୍ତ୍ତୃ. ଅ)—ଯାହା ବର୍ଷାକାଳରେ ଜନ୍ମେ—Growing during the rainy season.
Prābṛushija
ସଂ. ବି.—୧ । କଦମ୍ବ ଗଛ—1. The Kadamba tree.
୨ । ଗିରିମଲ୍ଲିକା; କୁଟଜ ଗଛ—2. A medicinal plant; Coraya Echites; Antidysenterica.
୩ । ଧାରା କଦମ୍ବ; କେଳି କଦମ୍ବ—3. A kind of Kadamba tree.
୪ । ବର୍ଷାକାଳୀନ ତୀକ୍ଷ୍ଣବାୟୁ; ଝଞ୍ଜାବାତ; (ହି. ଶ.)—4. Sharp wind blowing in the rainy season.

ପ୍ରାବୃଷ୍ୟ—ସଂ. ବଣ. (ପ୍ରାବୃଷ୍+ଭବାର୍ଥେ. ଯ)—ବର୍ଷାକାଳୀନ—Pertaining to the rainy season.
Prābṛushya
ପ୍ରାବୃଷେଣ୍ୟ }
ପ୍ରାବୃଷୀଣ } ଅନ୍ୟରୂପ
ପ୍ରାବୃଷେୟ }
ସଂ. ବି.—୧ । ବୈଦୁର୍ଯ୍ୟ ମଣି—1. Topaz.
୨ । କୁଟଜ (ଦେଖ)—2. Kuṭaja (See)
୩ । ଧାରା କଦମ୍ବ (ଦେଖ)—3. Dhārā kadamba (See)

ପ୍ରାବେଶନ—ସଂ. ବି. (ପ୍ର+ଆବେଶନ)—୧ । ଶିଳ୍ପଶାଳା; କଳାଭବନ—1. Factory; art studio.
Prābeśana
୨ । (ପ୍ରବେଶନ+ଅ)—ପ୍ରବେଶନ—2. Admittance.

ପ୍ରାବେଶିକ—ସଂ. ବଣ.—(ପ୍ରବେଶ+ଇକ)—ପ୍ରବେଶର ସାଧନଭୂତ; ଯାହାଦ୍ୱାରା ପ୍ରବେଶ ଲାଭ ହୁଏ (ହି. ଶ.)—Instrumental in procuring admission.
Prābeśika

ପ୍ରାବୋଧିକ—ସଂ. ବି. (ପ୍ରବୋଧ=ଜାଗରଣ+ଇକ;—ଯେତେବେଳେ ସମସ୍ତେ ନିଦରୁ ଉଠନ୍ତି)—୧ । ଊଷାକାଳ; ସକାଳ—1. Dawn; morning.
Prābodhika
୨ । ମାଗଧ; ଯେଉଁ ଭାଟ ସକାଳୁ ସ୍ତୁତି ପାଠ କରି ରାଜାଙ୍କ ନିଦ ଭଙ୍ଗାଏ—2. A ministrel whose duty is to awaken a king in the morning by reciting panegyrics.
୩ । ମଗଧ ଦେଶୀୟ ସ୍ତୁତିପାଠକ—3. A ministrel of the Magadha country.

ପ୍ରାଭବ—ସଂ. ବି. (ପ୍ରଭୁ+ଭାବ. ଅ)—୧ । ପ୍ରଭୁତା—1. Mastery.
Prābhaba
[ପ୍ରାଭବତ୍ୟ—ଅନ୍ୟରୂପ (ହି. ଶ.)] ୨ । ଶ୍ରେଷ୍ଠତା—2 Superiority.
ଗ୍ରା. ବି.—୧ । (ସଂ. ପରାଭବ)—ପରାଭବ; ଅପମାନ—1. Insult.

ପାଣ୍ଡବଙ୍କ ପ୍ରାଭବ ଦେଇଥିଲ ମୁହିଁ
ଏବେ ତାଙ୍କ ସେନ ଅଇଲ ପ୍ରାଣ ପାଇ । କୃଷ୍ଣସିଂ. ମହାଭାରତ: ବନ ।

୨ । (ସଂ. ପ୍ରଭାବ) ପରାକ୍ରମ; ଶକ୍ତି—2. Power; influence.

ଅମ୍ଭେ ମାରିବାର ଯାଏଁ ସେ କ ପାରିବ,
ମନୁଷ୍ୟ ଜନ୍ମ ସିନା କେତେ ତା ପ୍ରାଭବ । କୃଷ୍ଣସିଂହ ମହାଭାରତ ବନ ।

ପ୍ରାଭାତିକ—ସଂ. ବଣ. (ପ୍ରଭାତ+ସମ୍ବନ୍ଧେ. ଇକ)—୧ । ପ୍ରଭାତସମ୍ବନ୍ଧୀୟ—1. Pertaining to dawn.
Prābhātika
୨ । ପ୍ରଭାତକାଳୀନ—2. Happening in the morning.

ପ୍ରାଭୃତ—ସଂ. ବଣ. (ପ୍ର+ଆ+ଭୃ ଧାତୁ+କର୍ମ. ତ)—୧ । ଭେଟି; ଉପଢୌକନ—Present; gift.
Prābhṛuta
୨ । ନୈବେଦ୍ୟ—2. An offering.

ପ୍ରାମାଣିକ—ସଂ. ବଣ. (ପ୍ରମାଣ+ନିର୍ବ୍ୟର୍ଥେ. ଇକ)—୧ । ପ୍ରମାଣସିଦ୍ଧ—1. Established by proof.
Prāmāṇika
୨ । ପ୍ରଚଳିତ; ସ୍ୱୀକୃତସିଦ୍ଧ—2. Approved; fashionable.
୩ । ପ୍ରମାଣସାଧ୍ୟ—3 Provable; credible.
୪ । ଶାସ୍ତ୍ରଜ୍ଞ—4. Versed in the Śāstras.
୫ । ସତ୍ୟ—5 True; authentic.
୬ । ମର୍ଯ୍ୟାଦାର୍ହ—6. Respectable.
୭ । ମାନନୀୟ; ଯାହା ମାନିବାକୁ ହେବ—7. Authoritative.
୮ । ଶାସ୍ତ୍ରସିଦ୍ଧ—8. Approved by the scriptures or religious books.

୯ । ପ୍ରଧାନ (କ୍ଲାନେକ୍)—9. Chief.
୧୦ । ଦକ୍ଷ (କ୍ଲାନେକ୍)—10. Wise.
ସଂ. ବ.—୧ । ପରମାଣିକ; ଲକନାୟକ—
1. Headman; a chief.
୨ । ସଭାପତି—2. A president.
୩ । ପଣ୍ଡିତ—3. A learned man; a pandit.
୪ । ଭଣ୍ଡାରି—4. Barber.
୫ । ପ୍ରମାଣକାରବ୍ୟକ୍ତି—5. One who proves a thing.
୬ । ଅଧ୍ୟକ୍ଷ—6. Teacher.

ପ୍ରାମାଣ୍ୟ—ସଂ. ବଣ (ପ୍ରମାଣ+ସମ୍ବନ୍ଧେ. ଯ)—୧ । ପ୍ରମାଣ ସମ୍ବନ୍ଧୀୟ—
Prāmāṇya 1. Relating to proof.
୨ । ପ୍ରମାଣଯୋଗ୍ୟ—2. Provable.
୩ । ପ୍ରମାଣସିଦ୍ଧ—3. Established by proof; well authenticated.
ସ. ବ (+ଭାବେ. ଯ)—୧ । ବିଶ୍ୱାସ୍ୟତା—
1. Trustworthiness; authenticity.
୨ । ମାନମର୍ଯ୍ୟାଦା (ହି. ଶବ୍ଦସାଗର)—
2. Etiquette.

ପ୍ରାମାଣ୍ୟ ବିଧି—ସ. ବ. (କର୍ମଧା; ପ୍ରାମାଣ୍ୟ+ବିଧି)—
Prāmāṇya bidhi ୧ । ବଶିଷ୍ଟ ରୂପେ ପ୍ରମାଣସିଦ୍ଧ ନିୟମ ବା ଆଇନ୍—1. A well-authenticated rule or law.
୨ । ନଜୀର—
2. Ruling; authoritative ruling.
୩ । ପ୍ରମାଣସିଦ୍ଧ ନିୟମ ବା ସ୍ୱତ—
3. Well established rule or practice.

ପ୍ରାମାଦିକ—ସ. ବଣ. (ପ୍ରମାଦ+ଜବାର୍ଥେ. ଇକ)—
Prāmādika ୧ । ପ୍ରମାଦ ଘଟିତ; ଅନବଧାନ ଘଟିତ—
1. Due to inadvertence or negligence or carelessness.
୨ । ଦୋଷଯୁକ୍ତ—2. Defective.
୩ । ଦୂଷିତ—3. Contaminated; spoiled.

ପ୍ରାମାଦ୍ୟ—ସ. ବ. (ପ୍ରମାଦ୍ୟ+ଭାବ. ଯ)—
Prāmādya ୧ । ପାଗଳପଣ; ଉନ୍ମାଦ—1. Madness.
୨ । ଅଟରୂଷ (ହି. ଶ); ବାସଙ୍ଗ (ଗଛ)—
2. Adhatoda Vasaca (tree).

ପ୍ରାମିତ୍ୟ—ସ. ବ—ଋଣ (ହି. ଶବ୍ଦସାଗର)—
Prāmitya Debt.

ପ୍ରାମୋଦ—ସ. ବଣ. (ପ୍ରମୋଦ+ଅ)—
Prāmoda ମନୋହର (ହି. ଶ)—Lovely.
(ପ୍ରାମୋଦକ—ଅନ୍ୟରୂପ)

ପ୍ରାୟ—ସ. ବ. (ପ୍ର+ଇ ଧାତୁ=ଗମନ କରିବା; ମରିବା+ଭାବ. ଅ)-
Prāya ୧ । ଅଘସକ୍ତ ବା ଇଚ୍ଛାପୂର୍ବକ ଅନଶନଦ୍ୱାରା ମୃତ୍ୟୁ; ମୃତ୍ୟୁ ଇଚ୍ଛା ପୂର୍ବକ ଅନଶନ—1. Starving one's self to death; fasting to death.
୨ । ମୃତ୍ୟୁ—2. Death.
୩ । ବାହୁଲ୍ୟ—3. Abundance; plenty.
୪ । ଉପବାସ—4. Starvation; fasting.
୫ । ବୟସ—5. Age.
୬ । ପାପ—6. Sin.
ସ. ବ୍ୟ. (ଅନ୍ୟ ଶବ୍ଦ ପରେ ବ୍ୟବହୃତ; ଯଥା—ମୃତପ୍ରାୟ)—
ତୁଲ୍ୟ; ପର; ସମ; କଳ୍ପ—
Like; equal; similar.
ଦେ. ଅ—୧ । ତୁଲ୍ୟ; ସମ—1. Like; similar to.
୨ । ସମାନ ଭାବରେ—2. Equally.
୩ । ସତରାଚର; ସାଧାରଣତଃ—
3. Ordinarily; commonly.
୪ । ସର୍ବଦା—4. Constantly; always.
୫ । ପୁନଃପୁନ—5. Repeatedly.
୬ । ଈଷତ୍; ସାମାନ୍ୟ—6. Little; slightly.
୭ । ପ୍ରାୟଶଃ; ଅମୁକ ସଂଖ୍ୟା ବା ଅବସ୍ଥାର ଲଗାଲଗି—
7. Nearly; about.
୮ । ଅଧିକ ରୂପେ—
8. Mostly; for the most part.
୯ । ମଝିରେ ମଝିରେ; ବେଳେ ବେଳେ—9. Now and then.

ପ୍ରାୟ ଗତ—ସ. ବଣ. ପୁଂ—ମୃତ ପ୍ରାୟ; ମୁମୂର୍ଷୁ; ଆସନ୍ନମୃତ୍ୟୁ (ହି. ଶ)—
Prāya gata Dying; about to die.
(ପ୍ରାୟଗତା—ସ୍ତ୍ରୀ)

ପ୍ରାୟଣ—ସ. ବ. (ପ୍ର+ଆ+ଯା ଧାତୁ+ଭାବ. ଅନ)—
Prāyaṇa ୧ । ସ୍ଥାନାନ୍ତର ଗମନ (ହି. ଶବ୍ଦସାଗର)—
(ପ୍ରାୟଣୀୟ—ବଣ) 1. Going to another place.
୨ । ଏକ ଶରୀର ତ୍ୟାଗ କରି ଅନ୍ୟ ଶରୀରକୁ ଗମନ—
2. Going to one body by leaving another; transmigration.
୩ । ଜନ୍ମାନ୍ତର (ହି. ଶବ୍ଦସାଗର)—
3. Rebirth after death.
୪ । ପାରଣା; ଉପବାସ ପରେ ଖିଆଯିବା ପଥ୍ୟ—
4. Food taken at the time of breaking a fast.
୫ । ପ୍ରାରମ୍ଭ—5. Commencement.

ପ୍ରାୟ ଦର୍ଶନ—ସ. ବ. (ବହୁବ୍ରୀହି; ପ୍ରାୟ+ଦର୍ଶନ)—
Prāya darśana ସତରାଚର ଦେଖାଯିବା ବିଷୟ; ସାଧାରଣ ଘଟନା—Common or ordinary event.

ପ୍ରାୟ ଦ୍ୱୀପ—ସ. ବ. (ପ୍ରାୟ+ଦ୍ୱୀପ)—ଉପଦ୍ୱୀପ—
Prāya dwipa Peninsula.

ପ୍ରାୟ ବୃତ୍ତ—ସଂ. ବ. (ପ୍ରାୟ+ବୃତ୍ତ)—
Prāya brutta ୧ । ଯେ ସମ୍ପୂର୍ଣ୍ଣ ଗୋଲାକାର ନୁହେଁ—
1. Almost circular.
୨ । ଅଣ୍ଡାକାର—2. Elliptical.

ପ୍ରାୟଶଃ—ସଂ. କ୍ରି. ବିଣ. (ପ୍ରାୟ+ଶସ୍)—
Prāyasah ୧ । ଉପର୍ଯ୍ୟୁପରି; ସର୍ବଦା—
1. Constantly; repeatedly.
୨ । ଲଗାଲଗି; ଅମୁକ ସଂଖ୍ୟା ବା ଅବସ୍ଥାରୁ ସାମାନ୍ୟ ଅଳ୍ପ ବା ବେଶି—2. Almost; nearly; more or less; approximately.
୩ । ସାଧାରଣତଃ; ସଚରାଚର—3. Ordinarily; commonly; usually; generally.
୪ । ଅଧିକାଂଶ ଭାବରେ; ବହୁଧା—
4. Mostly; for the most part.

ପ୍ରାୟଶ୍ଚିତ୍ତ(ତ୍ତି)—ସଂ. ବି. [ପ୍ରାୟଃ=ତପସ୍ୟା+ଚିତ୍ତ(ତ୍ତି)=ନିଶ୍ଚୟ]—
Prāyaschitta(tti) ୧ । ପାପକ୍ଷୟସାଧନ କର୍ମ—
(ପ୍ରାୟଶ୍ଚିତ୍ତୀୟ—ବିଣ) 1. Expiation for sins; penance.
୨ । କୃତ ଦୋଷର କ୍ଷୟସାଧନ——
2 Atonement; amends.
୩ । ଚିତ୍ତର ବିଶୁଦ୍ଧତା-ସାଧନ—
3. Purification of one's heart.
[ଦ୍ର—ଶାସ୍ତ୍ରରେ ଭିନ୍ନ ଭିନ୍ନ ଅତିପାତକ, ମହାପାତକ, ଅନୁପାତକ ଓ ଉପପାତକ ଆଦି ନିମନ୍ତେ ବିଭିନ୍ନ ପ୍ରାୟଶ୍ଚିତ୍ତ ବିଧି ନିର୍ଦ୍ଦିଷ୍ଟ ହୋଇଅଛି । ତପସ୍ୟା, ଈଶ୍ୱର ଭଜନ, ହୋମ, ଦାନ ଅନଶନ ଦଣ୍ଡଭୋଗ, ବ୍ରତ ଓ ଉପବାସ ଆଦି ଦ୍ୱାରା ଜ୍ଞାନତଃ ଓ ଅଜ୍ଞାନତଃ କୃତ ପାପର ପ୍ରାୟଶ୍ଚିତ୍ତ କରାଯାଏ । କେତେଗୁଡ଼ିଏ ପାପର ପ୍ରାୟଶ୍ଚିତ୍ତ-ସ୍ୱରୂପ ମୃତ୍ୟୁକୁ ମଧ୍ୟ ବରଣ କରିବାର ବିଧି ଅଛି ।]

ପ୍ରାୟଶ୍ଚିତ୍ତ କରିବା—ଦେ. କ୍ରି—ପାତକଜନିତ ପାପକୁ ଶାସ୍ତ୍ରନିର୍ଦ୍ଦିଷ୍ଟ
Prāyaschitta karibā ଅନୁଷ୍ଠାନାଦି ଦ୍ୱାରା କ୍ଷୟ କରିବା—
প্রায়শ্চিত্ত করা To expiate for one's sins.
প্রায়শ্চিত্তকরণ

ପ୍ରାୟଶ୍ଚିତ୍ତ ବିଧି—ସଂ. ବି—(୬ଷ୍ଠୀ ତତ୍; ପ୍ରାୟଶ୍ଚିତ୍ତ+ବିଧି)—ପ୍ରାୟଶ୍ଚିତ୍ତ
Prāyaschitta bidhi କରିବାର ନିର୍ଦ୍ଦିଷ୍ଟ ନିୟମ—
Rules for penance or expiation.

ପ୍ରାୟଶ୍ଚିତ୍ତାର୍ହ—ସଂ. ବିଣ. ପୁଂ—(ପ୍ରାୟଶ୍ଚିତ୍ତ+ଅର୍ହ)—ପ୍ରାୟଶ୍ଚିତ୍ତ
Prāyaschittārha କରିବା ଯୋଗ୍ୟ—Expiable;
(ପ୍ରାୟଶ୍ଚିତ୍ତାର୍ହା—ସ୍ତ୍ରୀ) requiring expiation.

ପ୍ରାୟଶ୍ଚିତ୍ତୀ—ସଂ. ବିଣ. ପୁଂ—(ପ୍ରାୟଶ୍ଚିତ୍ତ+ଅସ୍ତି ଅର୍ଥରେ ଇନ୍; ୧ମା
Prāyaschitti ୧ବ)—ପ୍ରାୟଶ୍ଚିତ୍ତ କରିବା ଯୋଗ୍ୟ (ବ୍ୟକ୍ତି)—
(ପ୍ରାୟଶ୍ଚିତ୍ତିନୀ—ସ୍ତ୍ରୀ) (person) Fit for expiating; who ought to perform expiation.

ପ୍ରାୟଶ୍ଚେତନ—ସଂ. ବି—(ପ୍ରାୟସ୍+ଚେତନ)—ପ୍ରାୟଶ୍ଚିତ୍ତ—
Prāyaschetana Expiation.

ପ୍ରାୟାଣିକ—ସଂ. ବିଣ—(ପ୍ରୟାଣ+ଇକ)—ଯାତ୍ରା ସମ୍ବନ୍ଧୀୟ—
Prāyanika Relating to starting in a journey.
ସଂ. ବି—ଶଙ୍ଖ ଚାମରାଦି ମଙ୍ଗଳ ଦ୍ରବ୍ୟ, ଯାହା ଯାତ୍ରା କରିବା ସମୟରେ ବ୍ୟବହୃତ ହୁଏ—Conch blown and chowrie waved on the occasion of a person's starting on a mission.

ପ୍ରାୟିକ—ସଂ. ବିଣ—(ପ୍ରାୟ+ଭବାର୍ଥେ. ଇକ)—୧ । ସାଧାରଣ—
Prāyika 1. Usual; common.
୨ । ଯାହା ବହୁଳ ଭାବରେ ହୋଇଥାଏ—
2 Abundant.

ପ୍ରାୟେ—ଗ୍ରା. ଅ—(ସଂ. ପ୍ରାୟ)—ପ୍ରାୟ (ଦେଖ)—
Prāye Prāya (See)
(ପ୍ରାୟକ; ପ୍ରାୟେକ—ଅନ୍ୟରୂପ)
ବହୁ ଇଚ୍ଛା କନକ ରତ୍ନ କହନ୍ତେ ଯ. ତା ପ୍ରାୟେ ହୁଏ ଅଳୀକ –
ରଘୁନାଥ ପରିଡ଼ା ।

ପ୍ରାୟୋଗିକ—ସଂ. ବି—(ପ୍ରୟୋଗ+ଇକ)—୧ । ପ୍ରୟୋଗ ସମ୍ବନ୍ଧୀୟ—
Prāyogika 1. Relating to Prayoga.
୨ । ପ୍ରଯୁକ୍ତ ହେବାର ଯୋଗ୍ୟ—
2. Employable.
୩ । ନିତ୍ୟ ପ୍ରୟୋଜନୀୟ—
3. Used daily; which is a daily necessity.

ପ୍ରାୟୋଦେବତା—ସଂ. ବି—(ପ୍ରାୟଃ+ଦେବତା)—ସର୍ବମାନ୍ୟ ଦେବତା;
Prāyodebatā ଯେଉଁ ଦେବତାଙ୍କୁ ସମସ୍ତେ ମାନନ୍ତି (ହି. ଶ)—
The Universal God.

ପ୍ରାୟୋଦ୍ୱୀପ—ସଂ. ବି—(ପ୍ରାୟଃ+ଦ୍ୱୀପ)—ଉପଦ୍ୱୀପ; ପ୍ରାୟ ଚତୁର୍ଦ୍ଦିଗରେ
Prāyodwipa ଜଳବେଷ୍ଟିତ ଭୂଭାଗ—Peninsula.

ପ୍ରାୟୋପଗମନ—ସଂ. ବି—(ପ୍ରାୟ+ଉପଗମନ)—ଆହାର ତ୍ୟାଗପୂର୍ବକ
Prāyopagamana ମରିବାକୁ ପ୍ରଯତ୍ନ (ହି. ଶ)—
(ପ୍ରାୟୋପଗତ—ବିଣ) Attempting at fasting to death.

ପ୍ରାୟୋପବିଷ୍ଟ—ସଂ. ବିଣ. ପୁଂ—(୭ମୀ ତତ୍; ପ୍ରାୟେ=ମୃତ୍ୟୁ ପର୍ଯ୍ୟନ୍ତ
Prāyopabishta ଅନଶନରେ+ଉପବିଷ୍ଟ)—୧ । ଉପବାସ
ପ୍ରାୟୋପେତ, ପ୍ରାୟୋପବେଶୀ } ଅନ୍ୟରୂପ — ପୂର୍ବକ ପ୍ରାଣତ୍ୟାଗ କରିବା ନିମନ୍ତେ ଆସୀନ—1. Fasting to death.
ପ୍ରାୟୋପେତା, ପ୍ରାୟୋପବେଶିନୀ } ସ୍ତ୍ରୀ
୨ । ଯେ ଉପବାସ କରି ମରିଅଛି—
(ପ୍ରାୟୋପବେଶ—ବି) 2. Dead as a result of fasting.

ପ୍ରାୟୋପବେଶ—ସଂ. ବି—(୭ମୀ ତତ୍ ପ୍ରାୟ+ଉପବେଶ)—
Prāyopabesa ଅନାହାରରେ ମରିବା ପାଇଁ ବସି ରହିବା—
ପ୍ରାୟୋପବେଶନ, ପ୍ରାୟୋପବେଶନତା, ପ୍ରାୟୋପବେଶିକା } ଅନ୍ୟରୂପ — Fasting one's self to death; a fasting unto death.

ପ୍ରାରବ୍ଧ—ସଂ. ବିଣ—(ପ୍ର+ଆରବ୍ଧ)—୧ । କୃତାରମ୍ଭ; ଆରମ୍ଭ କରାଯାଇ
Prārabdha ଥିବା-1. Commenced; begun.
ପ୍ରାରମ୍ଭ, ପ୍ରାରବ୍ଧି } ବି — ୨ । ପୂର୍ବ ଜନ୍ମରେ ଆରମ୍ଭ କରାଯାଇ ଥିବା—
Begun in one's past existence.
ସଂ. ବି—୧ । ଭାଗ୍ୟ; ଅଦୃଷ୍ଟ—
1. Fate; destiny.
୨ । ପୂର୍ବଜନ୍ମରେ ଆରମ୍ଭ କରାଯାଇ ଥିବା—
2. Merit or demerit earned in a former stage or existence.

ପ୍ରାରବ୍ଧ କର୍ମ—ସଂ. ବ—(କର୍ମଧା; ପ୍ରାରବ୍ଧ+କର୍ମ)—୧ । ଆରମ୍ଭ କରା
Prārabdha karma ଯାଇଥିବା କାର୍ଯ୍ୟ—1. A work which has once begun.
୨ । ପୂର୍ବଜନ୍ମାର୍ଜିତ କର୍ମ ବା ଅଦୃଷ୍ଟ—2. Fate; destiny; the fruits of deeds done in a past existence.

ପ୍ରାରବ୍ଧି—ସଂ. ବ—(ପ୍ର+ଆରବ୍ଧି)—୧ । ପ୍ରାରମ୍ଭ
Prārabdhi 1. Beginning.
୨ । ହାତୀ ବନ୍ଧାଯିବା ଦଉଡ଼ି—
2. A rope for tying an elephant.

ପ୍ରାରବ୍ଧୀ—ସଂ. ବଣ. ପୁଂ (ପ୍ରାରବ୍ଧ+ଇନ୍; ୧ମା. ୧ବ)—ଭାଗ୍ୟବାନ୍—
Prārabdhī (ପ୍ରାରବ୍ଧିନୀ—ସ୍ତ୍ରୀ) Lucky.

ପ୍ରାରମ୍ଭ—ସଂ. ବ (ପ୍ର+ଆରମ୍ଭ)—୧ । ଆରମ୍ଭ; ଉପକ୍ରମ—
Prārambha 1. Commencement; beginning.
୨ । କରିବା ନିମନ୍ତେ ଉପକ୍ରମ କରାଯିବା କାର୍ଯ୍ୟ; ଯେଉଁ କାର୍ଯ୍ୟକୁ କରିବା ନିମନ୍ତେ ଆରମ୍ଭ କରାଯାଏ—2 Undertaking; a deed which a person undertakes to do.
ସଂ. ବଣ—ସତ୍କର୍ମକାରୀ (ପ୍ରକୃତିବାଦ)—
Performing good acts.

ପ୍ରାରମ୍ଭ ସୂଚକ—ସଂ. ବଣ. (ବହୁବ୍ରୀହି; ପ୍ରାରମ୍ଭ+ସୂଚକ)—ଯାହା
Prārambha sūchaka ପ୍ରାରମ୍ଭ ହେବା ବିଷୟ ସୂଚନା କରେ—
Indicating the beginning of a work.

ପ୍ରାରମ୍ଭିକ—ସଂ. ବଣ (ପ୍ରାରମ୍ଭ+ଭବାର୍ଥେ. ଇକ)—ଆଦ୍ୟ; ପ୍ରାଥମିକ—
Prārambhika Opening; primary.
(ଯଥା—ପ୍ରାରମ୍ଭିକ ସଙ୍ଗୀତ; ପ୍ରାରମ୍ଭିକ ଭାଷଣ ।)

ପ୍ରାର୍ଜୟିତା—ସଂ. ବଣ. ପୁଂ (ପ୍ର+ଅର୍ଜ ଧାତୁ+କର୍ତ୍ତୃ ତୃ; ୧ମା. ୧ବ)—
Prārjayitā ଦାନକାରୀ; ଦାତା (ହି. ଶ)—
(ପ୍ରାର୍ଜୟିତ୍ରୀ—ସ୍ତ୍ରୀ) Bestowing; giving; generous.

ପ୍ରାର୍ଥକ—ସଂ. ବଣ. ପୁଂ (ପ୍ର+ଅର୍ଥ୍ ଧାତୁ=ଅନ୍ୱେଷଣ କରିବା+
Prārthaka କର୍ତ୍ତୃ. ଅକ)—ପ୍ରାର୍ଥୀ; ଯେ ପ୍ରାର୍ଥନା କରେ—
(ପ୍ରାର୍ଥିକା—ସ୍ତ୍ରୀ) Soliciting; asking; praying.

ପ୍ରାର୍ଥନ(ନା)—ସଂ. ବ. (ପ୍ର+ଅର୍ଥ୍ ଧାତୁ+ଭାବ ଅନ;+ସ୍ତ୍ରୀ. ଆ)—
Prārthana(nā) ୧ । ଯାଚ୍ଞା—1. Begging; praying.
୨ । (+କରଣ. ଅନ) ସ୍ତବ; ଦେବତାଙ୍କ ଉଦ୍ଦେଶ୍ୟରେ ସ୍ତୁତି—
2. Hymn; prayer.
୩ । (+ଭାବ. ଅନ) ବିନୀତ ନିବେଦନ; ଆବେଦନ—
3. Respectful request; solicitation; application.
୪ । ଅଭିଯାନ—4. March; expedition.
୫ । ଅବରୋଧ—5. Siege.
୬ । ଆକ୍ରମଣ—6. Attack; onslaught.
୭ । ହିଂସା; ଦ୍ୱେଷ—7. Malice; injuring.
୮ । (+କରଣ. ଅନ) ନାଟକର ଗର୍ଭାଙ୍କବିଶେଷ—
8. A kind of scene of a drama.
୯ । (+କର୍ମ. ଅନ) ମୁଦ୍ରାବିଶେଷ—9. A kind of coin.

ପ୍ରାର୍ଥନା ପତ୍ର—ସଂ. ବ—ଆବେଦନପତ୍ର; ଦରଖାସ୍ତ—
Prārthanā patra A petition; written request.

ପ୍ରାର୍ଥନା ସମାଜ—ସଂ. ବ (ଆଧୁନିକ ପ୍ରୟୋଗ)—ବ୍ରାହ୍ମସମାଜର
Prārthanā samāja ପଦ୍ଧତି ଅନୁସାରେ ଏକେଶ୍ୱରଙ୍କ ଜାତି ନିର୍ବିଶେଷରେ ବହୁଲୋକ ମିଳି ପ୍ରାର୍ଥନା କରିବା ନିମି... ସମ୍ପ୍ରଦାୟବିଶେଷ—
Name of a modern theological society
[ଦ୍ର—ଏ ସମାଜର ବ୍ୟକ୍ତିମାନେ ମୂର୍ତ୍ତିପୂଜା ଓ ଜାତିଭେଦ ମାନନ୍ତି ନାହିଁ; ବଙ୍ଗଦେଶରେ ବ୍ରାହ୍ମସମାଜ ପରି ଦକ୍ଷିଣ ଭାରତର ମାନ୍ଦ୍ରାଜ ଓ ବୋମ୍ବେ ଅଞ୍ଚଳରେ ଏହି ସମ୍ପ୍ରଦାୟ ନାନା ସ୍ଥାନରେ ପ୍ରତିଷ୍ଠିତ ହୋଇଅଛି ।]

ପ୍ରାର୍ଥନୀୟ—ସଂ. ବଣ. (ପ୍ର+ଅର୍ଥ ଧାତୁ+କର୍ମ. ଅନୀୟ)—ଯାଚନୀୟ,
Prārthanīya ଯାଚିତବ୍ୟ; ମାଗିବାର ଯୋଗ୍ୟ—Fit to be
(ପ୍ରାର୍ଥୟିତବ୍ୟ; ପ୍ରାର୍ଥ୍ୟ—ଅନ୍ୟରୂପ) prayed for.

ପ୍ରାର୍ଥୟିତା—ସଂ. ବଣ. ପୁଂ (ପ୍ର+ଅର୍ଥ୍ ଧାତୁ+କର୍ତ୍ତୃ ତୃ; ୧ମା. ୧ବ)—
Prārthayitā ପ୍ରାର୍ଥନାକାରୀ; ଯେ ମାଗେ; ଯାଚକ—
(ପ୍ରାର୍ଥୟିତ୍ରୀ—ସ୍ତ୍ରୀ) Soliciting; begging; asking.

ପ୍ରାର୍ଥିତ—ସଂ. ବଣ (ପ୍ର+ଅର୍ଥ ଧାତୁ+କର୍ମ. ତ)—୧ । ଯାଚିତ—
Prārthita 1. Begged; prayed for; solicited; sought for.
୨ । ଅଭିଲଷିତ—2. Wished for.
୩ । ଯାହାଙ୍କ ନିକଟରେ ପ୍ରାର୍ଥନା କରାଯାଏ—
3. Approached with a prayer.
୪ । ଆକ୍ରାନ୍ତ—4. Attacked; overwhelmed.
୫ । ହତ (ପ୍ରକୃତିବାଦ)—5. Killed.
୬ । ଶତ୍ରୁ ସଂରୁଦ୍ଧ (ପ୍ରକୃତିବାଦ)—
6. Besieged by the enemy; beleaguered.

ପ୍ରାର୍ଥୀ—ସଂ. ବଣ. ପୁଂ (ପ୍ର+ଅର୍ଥ୍ ଇନ୍)—ପ୍ରାର୍ଥନାକାରୀ; ପ୍ରାର୍ଥୟିତା—
Prārthī (ପ୍ରାର୍ଥିନୀ—ସ୍ତ୍ରୀ) Soliciting.
ସଂ. ବ—୧ । ଉମେଦ୍‌ବାର—
1. Apprentice; candidate.
୨ । ନିବେଦକ—3. Applicant; suitor.
୩ । କୌଣସି ଦ୍ରବ୍ୟ ପାଇବା ପାଇଁ ଇଚ୍ଛୁକ ବ୍ୟକ୍ତି—
3. A person who is desirous of something.

ପ୍ରାଲବ୍ଧ(ଇତ୍ୟାଦି)—ସଂ. ବଣ. (ପ୍ର+ଆ+ଲବ୍ଧ)—୧ । ପ୍ରାରବ୍ଧ ଇତ୍ୟାଦି
Prālabdha (etc) (ଦେଖ) Prārabdha etc (See)
୨ । ପୂର୍ବଜନ୍ମାର୍ଜିତ—2. Earned as the result of one's actions in a previous existence.
ସଂ. ବ—ଅଦୃଷ୍ଟ; କପାଳ; ଭାଗ୍ୟ—
Fate; destiny; luck.

ପ୍ରାଲମ୍ବ—ସଂ. ବ (ପ୍ର+ଆ+ଲମ୍ବ ଧାତୁ=ଓହୋଳିବା+କର୍ତ୍ତୃ. ଅ)—
Prālamba ୧ । ସରଳ ଲମ୍ବମାନ କଣ୍ଠହାରବିଶେଷ; ଗୋପ;
ପ୍ରାଲମ୍ବକ } ଅନ୍ୟରୂପ, ବେକରୁ ଛାତି ପର୍ଯ୍ୟନ୍ତ ଲମ୍ବିଥିବା ମାଳା; ଲମ୍ବ ହାର—
ପ୍ରାଲମ୍ବିକା }

2. A long necklace; garland hanging round the neck up to the breast.

୨ । ବକ୍ଷଃ ପର୍ଯ୍ୟନ୍ତ ଲମ୍ବିଥିବା ବସ୍ତୁ (ହି. ଶ)—
2. Any hanging thing.

ପ୍ରାଲେୟ—ସଂ. ବି. (ପ୍ର+ଆ+ଲୀ ଧାତୁ=ଲୀନ ହେବା+କର୍ତ୍ତୃ. ଯ)—
Prāleya ୧ । ହିମ; ଶିଶିର—1. Frost.
୨ । ତୁଷାର—2. Dew.
୩ । ବରଫ; ତୁଷାର—3. Snow.
୪ । (ଭୂଗର୍ଭଶାସ୍ତ୍ର) ଉତ୍ତର ଧ୍ରୁବ ନିକଟବର୍ତ୍ତୀ ସ୍ଥାନରେ ଅସହ୍ୟ ଶୀତର ସମୟ (ହି. ଷଡ଼ସାଗର)—
4. (geology) The time of intense cold in the north polar regions.

ପ୍ରାଲେୟାଂଶୁ—ସ. ବି. (ବହୁବ୍ରୀହି; ପ୍ରାଲେୟ+ଅଂଶୁ)—
Prāleyāmsu ୧ । ହିମାଂଶୁ; ଚନ୍ଦ୍ର—The moon.
(ପ୍ରାଲେୟ ରଶ୍ମି—ଅନ୍ୟରୂପ) ୨ । କର୍ପୂର—2. Camphor.

ପ୍ରାଲେୟାଦ୍ରି—ସ. ବି. (ମ. ପ. ଲୋ; ପ୍ରାଲେୟ+ଅଦ୍ରି)—
Prāleyādri ହିମାଳୟ ପର୍ବତ—The Himalayas.
(ପ୍ରାଲେୟ ଗିରି; ପ୍ରାଲେୟ ପର୍ବତ; ପ୍ରାଲେୟାଚଳ—ଅନ୍ୟରୂପ)

ପ୍ରାଶନ—ସ. ବି. (ପ୍ର+ଅଶ୍ ଧାତୁ=ଖାଇବା+ଭାବ. ଅନ)—
Prāsana ୧ । ଅଶନ; ଭୋଜନ—1. Eating.
୨ । ଚାଖିବା (ହି. ଶ.)—2 Tasting.

ପ୍ରାଶସ୍ତ୍ୟ—ସ. ବି. (ପ୍ରଶସ୍ତ+ଭାବେ. ଯ)—୧ । ଓସାର; ପ୍ରଶସ୍ତତା—
Prāsastya 1 Width; breadth.
୨ । ବିସ୍ତାର—2. Extent; extension.
୩ । ଉତ୍କୃଷ୍ଟତା; ବାହାଦୁରୀ—3. Excellence.

ପ୍ରାଶିତ—ସ. ବିଣ. (ପ୍ର+ଅଶ୍ ଧାତୁ+କର୍ମ. ତ)—ଭକ୍ଷିତ; ଭୁକ୍ତ;
Prāsita ଖିଆ ଯାଇ ଥିବା—Eaten; partaken.
ସ. ବି.—୧ । (+ଭାବ. ତ) ଭକ୍ଷଣ—
୨ । (+କରଣ ତ) ପିତୃଯଜ୍ଞ; ତର୍ପଣ—2. Offering of oblation of water to one's deceased ancestors.

ପ୍ରାଶୀ—ସ. ବିଣ. ପୁଂ.—(ପ୍ର+ଅଶ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)
Prāsi (ପ୍ରାଶିନୀ—ସ୍ତ୍ରୀ) ଭକ୍ଷଣକାରୀ (ହି. ଷ.)—Eating

ପ୍ରାଶ୍ଚିତ(ତ୍ତ)—ଗ୍ରା. ବି. (ସ. ପ୍ରାୟଶ୍ଚିତ୍ତ)—ପ୍ରାୟଶ୍ଚିତ୍ତ—
Prāschita(tta) Expiation.

ପ୍ରାଶ୍ଚିତ୍ତ ସର୍ବ ପ୍ରାଣିଙ୍କର,
ନାମ ଉଚ୍ଚାରଣ ବସ୍ତୁର । ଜଗନ୍ନାଥ, ଭଗବତ ।

ପ୍ରାଶ୍ଚିତ ଲାଗିବା—ଦେ.ବି.—କୌଣସି ପାତକ ନିମନ୍ତେ କୌଣସି ବ୍ୟକ୍ତିର
Prāschita lāgibā ପ୍ରାୟଶ୍ଚିତ୍ତାର୍ହ ବିବେଚିତ ହେବା ଅବସ୍ଥା—
প্রাচিত্তি লাগা The state of a person being consi-
प्रायश्चित्त लगना dered liable to perform expiation for some sin.

(ଯଥା—ତାଙ୍କୁ ଗୋବଧ ପ୍ରାଶ୍ଚିତ ଲାଗିବା ହେତୁ ସେ ବଡ଼ ବିଇଶ୍ଚଣରେ ପଡ଼ିଛନ୍ତି ।)

ପ୍ରାଶ୍ନିକ—ସ. ବିଣ. (ପ୍ରଶ୍ନ+କାରୀ ଅର୍ଥରେ. ଇକ)—୧ । ପ୍ରଶ୍ନକାରୀ—
Prāsnika 1. Questioning.
୨ । ପ୍ରଶ୍ନ ମୀମାଂସକ; ପ୍ରଶ୍ନ ଶ୍ରବଣ ପୂର୍ବକ ମୀମାଂସାକାରୀ—
2. Settling or deciding a matter by hearing questions; solving questions.
ସ. ବି.—୧ । ପ୍ରଶ୍ନକର୍ତ୍ତା; ଜିଜ୍ଞାସକ—
1. Interrogator; questioner; enquirer.
୨ । ପରୀକ୍ଷକ—2. Examiner.
୩ । (ନବ୍ୟ ପ୍ରୟୋଗ) ସଭାର ସଭ୍ୟ—
3. Member of an association.
୪ । (ନବ୍ୟ ପ୍ରୟୋଗ) ସଭାର ସହକାରୀ ସଭ୍ୟ—
4. An associate member of an association.

ପ୍ରାଶ୍ୟ—ସ. ବି.—ଗ୍ରାମ୍ୟ ପାଳିତ ଜନ୍ତୁ (ହି. ଶ.)
Prāsya Domestic animals.
(ଯଥା—ଗୋରୁ, ମଇଁଷି, ମେଣ୍ଢା, ଛେଳି ।)

ପ୍ରାସ—ସ. ବି (ପ୍ର+ଅସ୍ ଧାତୁ=କ୍ଷେପଣ କରିବା+କର୍ମ. ଅ)—
Prāsa ୧ । କ୍ଷେପଣୀୟ ଅସ୍ତ୍ରବିଶେଷ; ଭୁଜ; ଭାଲି—1. A dart; a shaft; a bearded dart.
୨ । ଜେଖା; ଜେଖା—2. Harpoon; javelin.
୩ । ବର୍ଚ୍ଚାସ୍ତ୍ର; ବର୍ଚ୍ଛା—3. Spear.
୪ । ଆଙ୍କୁଶି ଲାଗିଥିବା ଶର—4. A barbed arrow
[ଦ୍ର—ଏହା ୭ ହାତ ଲମ୍ବା ବଂଶଦଣ୍ଡର ଅଗରେ ଲୁହାର ତୀକ୍ଷ୍ଣ ମୁନଥିବା ଫଳକଯୁକ୍ତ ଅସ୍ତ୍ରବିଶେଷ; ଫଳକର ତଳରେ ଓ ମୂଳରେ ରେଶମ ସ୍ତବକ ସୁଶୋଭିତ ଥାଏ । ଏହାର ୪ ପ୍ରକାର ବ୍ୟବହାର-ନିୟମ ଅଛି, ଯଥା;—ଆକର୍ଷଣ, ବିକର୍ଷଣ, ଧୂନନ ଓ ପଶ୍ଚାତ୍-ବନ୍ଧକରଣ ।]
ଦେ. ବି.—୧ । ଶରୀରର ପରସ; ଅଙ୍ଗର ଦରଜ—
1. Bodily pain; tenderness to touch; smarting pain.
୨ । ଦୁଃଖ; କଷ୍ଟ—2. Trouble; pain.

ମୋ ଭାଇଙ୍କି କାହିଁକି ବଧ ଏଡ଼େ ପ୍ରାସ,
ଜିହ୍ନ ଠାରେ ଅଟେତ କର ନାହିଁ ଦୋଷ । କୃଷ୍ଣସିଂହ. ମହାଭାରତ. ବନ ।

ଦେ. ବି.—ଦରଜ ହୋଇଥିବା; ବେଦନାଯୁକ୍ତ—
Painful; smarting.

ପ୍ରାସ ମାଳ ଜାହାର ଦେହ ହେଲା ପ୍ରାସ ।
କୃଷ୍ଣସିଂହ. ମହାଭାରତ. ବନ ।

ପ୍ରାସକ—ସଂ. ବି. (ପ୍ରାସ+ସ୍ୱାର୍ଥେ. କ)—୧ । ଭୁଜ—
Prāsaka 1. A dart; harpoon.
୨ । ପଶା; ପାଶକ—2. Dice.

ପ୍ରାସ କରିବା—ଦେ. କ୍ରି.—୧ । (ଦେହର କୌଣସି ଅଙ୍ଗ) ଦରଜ
Prāsa karibā ହେବା; ଛୁଇଁବା ମାତ୍ରେ କଷ୍ଟାନୁଭୂତିଯୁକ୍ତ
(ପ୍ରାସ ହେବା—ଅନ୍ୟରୂପ) ହେବା—1. (any part of the
दरद होना body) To become sensitive to touch.
୨ । ଦରଜ ଉତ୍ପାଦନ କରିବା—2. To cause tenderness
दर्द होना of the body; to cause a smart.

କର୍କଶ ସ୍ତନ ସେ ଅମୃତ,
ପ୍ରାସ କରବ ବୋଲି ଚତ—ଜଗନ୍ନାଥ. ଭାଗବତ ।

ପ୍ରାସଙ୍ଗ—ସଂ. ବ. (ପ୍ର+ଆ+ସଂଜ୍ ଧାତୁ=ଲାଗିଯିବା+କର୍ତ୍ତୃ. ଅ)—
Prāsanga ୧ । ଯୁଗ କାଷ୍ଠ; ଯୁଆଳି—
1. A yoke for cattle.
୨ । ବାଛୁରିଙ୍କୁ ମଣ କରିବାରେ ବ୍ୟବହୃତ ହାଲୁକା ଯୁଆଳି (ହି. ଶ)—1. A light yoke used in breaking new bullocks.
୩ । ତରାଜୁର ଦଣ୍ଡି (ହି. ଶ)—
3. The beam of a balance.
[ଦ୍ର—ଓଡ଼ିଆ ପାସଙ୍ଗ ଶବ୍ଦ ଏହି ଶବ୍ଦର ଅପଭ୍ରଂଶ]
୪ । ତୁଳା ଯନ୍ତ୍ର (ହି. ଶ)—4. Scales; balance; weighing machine.

ପ୍ରାସଙ୍ଗିକ—ସଂ. ବଣ. (ପ୍ରସଙ୍ଗ+ଉପସ୍ଥିତ ଅର୍ଥରେ ଇକ)—
Prāsangika ୧ । ପ୍ରସଙ୍ଗକ୍ରମେ ଉତ୍ଥାପିତ; ପ୍ରସଙ୍ଗାଗତ—
1. Incidental.
୨ । ସମ୍ବନ୍ଧଯୁକ୍ତ; ସମ୍ପର୍କୀୟ—2. Related; relevant; topical; closely connected.
୩ । ସମୟୋପଯୋଗୀ; ପ୍ରସଙ୍ଗୋପଯୋଗୀ—
3. Seasonable; fit to be discussed.
୪ । ସ୍ୱାଭାବିକ; ସ୍ୱତଃଜାତ—4. Innate; natural.
୫ । ଅଭେଦ୍ୟଭାବରେ ସମ୍ବଦ୍ଧ—
5. Inseparably connected with.
୬ । ଘଟଣା ସମ୍ବନ୍ଧୀୟ—6. Accidental; episodical.
୭ । ପ୍ରସଙ୍ଗ ସମ୍ବନ୍ଧୀୟ—7. Relating to prasanga.

ପ୍ରାସନ—ସଂ. ବ. (ପ୍ର+ଆ+ଅସ୍ ଧାତୁ+ଭାବ. ଅନ)—
Prāsana କ୍ଷେପ; ଫିଙ୍ଗିବା—
Throwing away; casting.

ପ୍ରାସାଦ—ସଂ. ବ. (ପ୍ର+ଆ+ସଦ୍ ଧାତୁ=ଯିବା+ଅଧିକରଣ. ଅ)—
Prāsāda ୧ । ବଡ଼ କୋଠା; ହର୍ମ୍ୟ; ଅଟ୍ଟାଳିକା—
1. Mansion; big building.
୨ । ଦେବମନ୍ଦିର—2. Temple.
୩ । ରାଜାଙ୍କ ନବର—3. Palace.
[ଦ୍ର—ପ୍ରାଚୀନ ବାସ୍ତୁ ବିଦ୍ୟା ଅନୁସାରେ ଖୁବ ଲମ୍ବା, ଉଚ୍ଚା, ଉଚ୍ଚ ଓ ତଳ (ମାହାଳା) ବିଶିଷ୍ଟ ପଥର ବା ଇଟାର ଘରକୁ ପ୍ରାସାଦ ବୋଲାଯାଏ । ଏଥିରେ ଅନେକ ଶୃଙ୍ଗ, ଶୃଙ୍ଖଳ, ଅଣ୍ଡକ, ଦ୍ୱାର ଓ ଗବାକ୍ଷ ଥାଏ ଓ ଏହା ତ୍ରିକୋଣ, ଚତୁଷ୍କୋଣ, ଆୟତ ଓ ବୃତ୍ତାକାର ହୁଏ । ଆକୃତିଭେଦରେ ପ୍ରାସାଦ ୫ ପ୍ରକାର—ଚତୁରସ୍ର, ଚତୁରସ୍ରାୟତ, ବୃତ୍ତ, ବୃତ୍ତାୟତ ଓ ଅଷ୍ଟାସ୍ର । ଏମାନଙ୍କ ନାମ ଯଥାକ୍ରମେ ବୈରାଜ, ପୁଷ୍ପକ, କୈଳାସ, ମାଳକ ଓ ତ୍ରିବିଷ୍ଟପ ଅଟେ । ଭୂମି, ଅଣ୍ଡକ ଓ ଶିଖରାଦିର ନ୍ୟୂନାଧିକତା ଯୋଗୁଁ ଏହି ୫ ପ୍ରକାର ପ୍ରାସାଦର ୪୫ ଲେଖାଏଁ ଭେଦ ଅଛି । ଯଥା—୧ । ବୈରାଜର—ମେରୁ, ମନ୍ଦର, ବିମାନ, ଭଦ୍ର, ସର୍ବତୋଭଦ୍ର, ରୁଚକ, ନନ୍ଦନ, ନନ୍ଦିବର୍ଦ୍ଧନ ଓ ଶ୍ରୀବତ୍ସ—୨ । ପୁଷ୍ପକର—ବଲଭୀ, ଗୃହରାଜ, ଶାଳାଗୃହ, ମନ୍ଦିର, ବିମାନ, ବ୍ରହ୍ମମନ୍ଦିର, ଭବନ, ଉତ୍ତମ୍ଭ ଓ ଶିବିକାବେଶ୍ମ—୩ । କୈଳାସର—ବଲୟ, ଦୁନ୍ଦୁଭି, ପଦ୍ମ, ମହାପଦ୍ମ, ଭଦ୍ରକ, ସର୍ବତୋଭଦ୍ର, ରୁଚକ, ନନ୍ଦନ, ଗୁବାକ୍ଷ ବା ଗୁବାବୃତ—୪ । ମାଳକର—ଗଜ, ବୃଷଭ, ହଂସ, ଗରୁଡ଼, ସିଂହ, ଭୂମୁଖ, ଭୂଧର, ଶ୍ରୀଜୟ, ପୃଥ୍ୱୀଧର—୫ । ତ୍ରିବିଷ୍ଟପର—ବଜ୍ର, ଚକ୍ର, ମୁଷ୍ଟିକ ବା ବଭ୍ରୁ, ବକ୍ର, ସ୍ୱସ୍ତିକ, ଖଡ୍ଗ, ଗଦା, ଶ୍ରୀବୃକ୍ଷ ଓ ବିଜୟ । କେବଳ ରାଜା ଓ ଦେବତାଙ୍କ ଗୃହକୁ ପୁରାଣରେ ପ୍ରାସାଦ ବୋଲି ଯାଇଅଛି—ହି. ଶ ।]
୪ । କୋଠା ଉପରର ଛାତ (ହି. ଶ)—
4. The roof of a building.
୫ । ବୌଦ୍ଧ ସଙ୍ଘାରାମରେ ସାଧୁମାନେ ଏକତ୍ର ହେବା ବଡ଼ ଘର (ହି. ଶ)—5. A big hall where Buddhist mendicants congregate.

ପ୍ରାସାଦ କୁକ୍କୁଟ—ସଂ. ବ. (୭ମୀ ତତ୍, ପ୍ରାସାଦ+କୁକ୍କୁଟ; ଯେଉଁ
Prāsāda kukkuṭa କୁକ୍କୁଟ ପ୍ରାସାଦରେ ବସା କରି ରହନ୍ତି; ପାରା—Pigeon.

ପ୍ରାସାଦ ଚୂଡ଼ା—ସଂ. ବ. (୭ମୀ ତତ୍; ପ୍ରାସାଦ+ଚୂଡ଼ା)—
Prāsāda chūrdā ମନ୍ଦିରାଦିର ଅଗ୍ରଭାଗ; ଗମ୍ବୁଜ—
Turret; minaret; spire.
ପ୍ରାସାଦଶିଖର } ଅନ୍ୟରୂପ
ପ୍ରାସାଦଶୃଙ୍ଗ

ପ୍ରାସାଦ ମଣ୍ଡନା—ସଂ. ବ—ପ୍ରାଚୀନକାଳରେ ପ୍ରାସାଦ ଉପରେ ଲେପା
Prāsāda mandanā ଯାଉଥିବା ଏକପ୍ରକାର ସ୍ଥାୟୀ ନାଲି ବା ହଳଦିଆ ରଙ୍ଗ—A kind of permanent red or yellow paint laid over ancient buildings.
[ଧ୍ରୁ—ଭୁବନେଶ୍ୱରର କେତେକ ମନ୍ଦିର ଗାତ୍ରରେ ଏ ନାଲି ରଙ୍ଗ ମଣ୍ଡା ହୋଇଥିବା ପଥରର ଦେହରେ ଆଜିଯାଏ ମଧ୍ୟ ସେ ରଙ୍ଗ ମଉଳ ନାହିଁ । ହଜାରେ ବର୍ଷ ପରେ ମଧ୍ୟ ସେ ରଙ୍ଗ ଆଜି ତାଜା ଦିଶୁଛି ।]

ପ୍ରାସାଦିକ—ସଂ. ବଣ. (ପ୍ରସାଦ+ଇକ)—୧ । ଦୟାଳୁ (ହି. ଶ)—
Prāsādika 1. Kind.
୨ । ସୁନ୍ଦର (ହି. ଶ)—2. Beautiful.
୩ । ପ୍ରସାଦ ସମ୍ବନ୍ଧୀୟ (ହି. ଶ)—
3. Relating to prasāda.
୪ । (ପ୍ରାସାଦ+ଇକ) ପ୍ରାସାଦ ସମ୍ବନ୍ଧୀୟ—
4 Relating to a mansion.

ପ୍ରାସାଦୀୟ—ସଂ. ବଣ. (ପ୍ରାସାଦ+ଈୟ)—ପ୍ରାସାଦ ସମ୍ବନ୍ଧୀୟ—
Prāsādiya Palatial; relating to a mansion.

ପ୍ରାସିକ—ସଂ. ବଣ. ପୁଂ. (ପ୍ରାସ+ଇକ)—
Prāsika ୧ । କୁନ୍ତାସ୍ତ୍ର ସମ୍ବନ୍ଧୀୟ—
(ପ୍ରାସିକା—ସ୍ତ୍ରୀ) 1. Relating to a dart or lance.
୨ । ପ୍ରାସାସ୍ତ୍ରଧାରୀ—2. Armed with a javelin.
ସଂ. ବ. ପୁଂ—ପ୍ରାସାସ୍ତ୍ରଧାରୀ ଯୋଦ୍ଧା—Lancer; spearman.

ପ୍ରାସୁ—ସଂ. ବ. (ପ୍ର+ଅସ୍ ଧାତୁ=କ୍ଷେପଣ କରିବା+କର୍ମ. ଉ)—
Prāsu ଦୀର୍ଘଶ୍ୱାସ (ହି. ଶ)—Deep breath; sigh.

ପ୍ରାସ୍ଥାନିକ—ସଂ. ବିଣ. (ପ୍ରସ୍ଥାନ + ବିହିତ ଅର୍ଥରେ, ଇକ)—
Prasthanika ୧ । ପ୍ରସ୍ଥାନ ବା ବିଦାୟ କାଳୀନ—
1. Relating to the time of departure.
୨ । ବିଦାୟକାଳରେ ବ୍ୟବହୃତ ବା ପ୍ରଦର୍ଶିତ (ମଙ୍ଗଳ ଦ୍ରବ୍ୟ) (ଯଥା—ଦହି, ମାଛ, ଶଙ୍ଖ)—2. (any article) Considered auspicious to be seen on the occassion of starting on a mission.
[ଦ୍ର—ମହାଭାରତରେ ପାଣ୍ଡବମାନଙ୍କର ମହା ପ୍ରସ୍ଥାନ ବର୍ଣ୍ଣିତ ହୋଇ ଥିବା ପର୍ବର ନାମ ପ୍ରାସ୍ଥାନିକ ପର୍ବ]

ପ୍ରାହାରିକ—ସଂ. ବି—(ପ୍ରହର + ଇକ)—ପହରାବାଲା; ଜଗୁଆଳି
Praharika (ହି. ଶ) —Watchman.
ସଂ. ବିଣ—(ପ୍ରହାର + ଇକ) —ପ୍ରହାର ସମ୍ବନ୍ଧୀୟ—
Relating to a blow.

ପ୍ରାହୁଣ—ସଂ. ବି—କୁଟୁମ୍ବ; ଅତିଥି (ହି. ଶ)—
Prahuna Guest; a respectable guest.

ପ୍ରାହ୍ଣ—ସଂ. ବି—(ପ୍ର + ଅହନ୍ = ଦିନ + ଅ)—ପୂର୍ବାହ୍ଣ; ସକାଳ ଓଳି—
Prahna Forenoon.

ପ୍ରାହ୍ଣେତନ—ସଂ. ବିଣ—(ପ୍ରାହ୍ଣ + ଘଟିବା ଅର୍ଥରେ ଇତନ)—
Prahnetana ପୂର୍ବାହ୍ଣରେ ଘଟିବା—Happening in the forenoon.
(ପ୍ରାହ୍ଣେତନୀ—ସ୍ତ୍ରୀ)

ପ୍ରାହ୍ଲା(ହ୍ଲା)ଦ—ସ. ବିଣ. ପୁଂ—(ପ୍ରହ୍ଲାଦ + ଅପତ୍ୟାର୍ଥେ. ଅ)—ପ୍ରହ୍ଲାଦର
Prahla(hra)da ପୁତ୍ର—Son of Prahlada.

ପ୍ରିଚ କରିବା—ଦେ. କ୍ରି—(ଇଂ. ପ୍ରୀଚ୍)—ଧର୍ମ ସମ୍ବନ୍ଧେ ବକ୍ତୃତା କରିବା—
Prich kariba প্রিচকরা प्रीचकरना To preach.

ପ୍ରିଚ(ଚା)ର୍—ବୈଦେ. ବି—(ଇଂ.)—୧ । ଧର୍ମ ସମ୍ବନ୍ଧେ ବକ୍ତା—
Pricha(cha)r প্রিচার प्रीचार 1. Preacher.
୨ । ପାଦ୍ରୀ—2. A Christian preacher;

ପ୍ରିଣ୍ଟର୍—ବୈଦେ. ବି—(ଇଂ.)—୧ । ମୁଦ୍ରାକର; ଯେ ବହି ଛାପେ—
Printar প্রিণ্টার प्रिंटर 1. Printer.
୨ । ଛାପାଖାନାରେ ମୁଦ୍ରିତ ପୁସ୍ତକମାନଙ୍କ ପାଇଁ ସରକାରଙ୍କ ପାଖେ ଦାୟିତ୍ୱ ଗ୍ରହଣ କରିଥିବା ବ୍ୟକ୍ତି—2. Printer; a person who takes upon himself the responsibility of all the printed matters in a press.

ପ୍ରିଣ୍ଟିଂ—ବୈଦେ. ବି—(ଇଂ)—୧ । ଛାପାଖାନାରେ ପୁସ୍ତକାଦିର ମୁଦ୍ରଣ—
Printim 1. Printing.
(ପ୍ରିଣ୍ଟିଙ୍ଗ୍, ପ୍ରିଣ୍ଟ୍—ଅନ୍ୟରୂପ) ୨ । ଛାପାଖାନାରେ ମୁଦ୍ରିତ ପୁସ୍ତକର ମୁଦ୍ରଣର ଢଙ୍ଗ ବା ଆକାର—2 The mode or appearance of printing; print.
[ଦ୍ର—ଏହି ଇଂରାଜୀ ଶବ୍ଦ ସଙ୍ଗେ ବ୍ୟବହୃତ ଅନେକଗୁଡ଼ିଏ ଇଂରାଜୀଶବ୍ଦଯୁକ୍ତ ପଦ ଓଡ଼ିଆରେ ଚଳଲଣି:—ପ୍ରିଣ୍ଟିଂଇଙ୍କ୍ (କାଳୀ); ପ୍ରିଣ୍ଟିଂପ୍ରେସ୍ (ଛାପାଖାନା); ପ୍ରିଣ୍ଟିଂମେସିନ୍ (ମୁଦ୍ରାଯନ୍ତ୍ର) ।]

ପ୍ରିଣ୍ଟିଂ କ(କୋ)ମ୍ପାନୀ—ବୈଦେ. ବି—(ଇଂ.) ୧ । ଛାପାଖାନା ଚଳାଇବା
Printim ka(ko)mpani ନିମନ୍ତେ ଗଠିତ ଯୌଥ କାରବାର
প্রিণ্টিঙ্‌কম্পানী प्रिंटिंगकम्पनी ବିଶେଷ—1. A printing Company.
[ପ୍ରିଣ୍ଟିଙ୍ଗ୍ କ(କୋ)ମ୍ପାନୀ—ଅନ୍ୟରୂପ]
୨ । ସ୍ୱର୍ଗୀୟ ଗୌରୀଶଙ୍କରଙ୍କ ପ୍ରତିଷ୍ଠିତ କଟକର ଛାପାଖାନା ପରିଚାଳନ ସଂଘର ନାମ—2. The name of the Printing company started at Cuttack by the late Gourisankr Ray.

ପ୍ରିଣ୍ଟିଂ ଇଙ୍କ୍—ବୈଦେ ବି. (ଇଂ.)—ଛାପାଖାନାରେ ବହି ଛାପିବା ପାଇଁ
Printim ink ଟାଇପ୍ ଉପରେ ମଡ଼ାଯିବା ଏକପ୍ରକାର ତରଳ
প্রিণ্টিংইঙ্ক प्रिंटिंगइंक କାଳୀ—Printing ink.

ପ୍ରିଣ୍ଟିଂ ପ୍ରେସ୍—ବୈଦେ. ବି—(ଇଂ)—୧ । ଯେଉଁ ଯନ୍ତ୍ରରେ ପୁସ୍ତକାଦି
Printim pres ମୁଦ୍ରିତ ହୁଏ—1. Printing machine.
୨ । ଯେଉଁ ଗୃହରେ ମୁଦ୍ରାଯନ୍ତ୍ର ସାହାଯ୍ୟରେ ପୁସ୍ତକାଦି ମୁଦ୍ରିତ ହୁଏ—2. A press; printing press; the place where books are printed.

ପ୍ରିଣ୍ଟିଂ ମେସିନ୍—ବୈଦେ. ବି—(ଇଂ)—ଛାପାକଳ; ପୁସ୍ତକାଦି ମୁଦ୍ରିତ
Printim mesin ହେବାର ଯନ୍ତ୍ର—Printing machine.
প্রিণ্টিংমেসিন प्रिंटिङ्ग मशीन

ପ୍ରିନ୍ସ—ବୈଦେ. ବି. (ଇଂ)—ରାଜକୁମାର—
Prins প্রিন্স प्रिंस Prince.

ପ୍ରିନ୍ସ୍ ଅଫ୍ ୱେଲସ୍ ବୈଦେ. ବି—(ଇଂ)—ଇଂରେଜ ସମ୍ରାଟଙ୍କ
Prins aph wels ଯୁବରାଜ—Prince of Wales; the
প্রিন্সঅবউএলস heir apparent to the Crown of
प्रिंसआफवेलस England.

ପ୍ରିନ୍ସିପ(ପା)ଲ୍—ବୈଦେ. ବି—(ଇଂ)—୧ । କଲେଜର ଅଧ୍ୟକ୍ଷ—
Prinsipa(pa)l 1. The Principal of a college.
প্রিন্সিপাল ୨ । କରଜ ଦିଆଯାଇଥିବା ମୂଳ ଟଙ୍କା; ଅସଲ—
प्रिंसिपल 2. The principal of a loan.

ପ୍ରିଭି କାଉନ୍ସିଲ୍—ବୈଦେ. ବି—(ଇଂ)—୧ । ସମ୍ରାଟଙ୍କୁ ଶାସନ ଓ
Pribhi kaunsil ବିଚାର କାର୍ଯ୍ୟରେ ପରାମର୍ଶ ଦେବା ପାଇଁ ଗଠିତ
প্রিভীকৌন্সিল ସଭା—1. The council of advisors to
प्रिवीकौंसिल the Emperor.
୨ । ସମଗ୍ର ଇଂରାଜ ସାମ୍ରାଜ୍ୟର ବିଭିନ୍ନ ଉଚ୍ଚତମ ଅଦାଲତମାନଙ୍କରୁ ଅପିଲମାନ ବିଲାତର ଯେଉଁ ସର୍ବୋଚ୍ଚ ଅଦାଲତରେ ଶୁଣାଯାଏ—2 Privy Council.
[ଦ୍ର—ଏଥିର ବିଚାରପତିମାନେ ଅପିଲମାନଙ୍କ ଜବାବ ସୱାଲ ଶୁଣିବା ପରେ ନିଜର ମତ ସମ୍ରାଟଙ୍କୁ ଜଣାନ୍ତି ଓ ସମ୍ରାଟଙ୍କ ଦସ୍ତଖତ ଓ ମୋହରରେ ଉକ୍ତ ଅପିଲ ମକଦମାମାନଙ୍କର ରାୟ ପ୍ରକାଶିତ ହୁଏ ।]

ପ୍ରିମିୟମ୍—ବୈଦେ. ବି—(ଇଂ) ଜୀବନଆଦି ବୀମା କରିବା ପାଇଁ
Primiyam କମ୍ପାନୀକୁ ବୀମାକାରୀଙ୍କର ନିର୍ଦ୍ଦିଷ୍ଟ ସମୟରେ ଦେୟ
প্রিমিয়ম ନିର୍ଦ୍ଧାରିତ ଧନ—Premium paid by a policy
प्रिमियम holder for insurance.

ପ୍ରିୟ—ସ. ବିଣ. ପୁଂ—(ପ୍ରୀ ଧାତୁ = ତୁଷ୍ଟ କରିବା + କର୍ତ୍ତୃ. ଅ)—
Priya ୧ । ପ୍ରୀତିଭାଜନ; ସ୍ନେହପାତ୍ର—1. Beloved; dear.
(ପ୍ରିୟା—ସ୍ତ୍ରୀ) ୨ । ସ୍ନେହକାରୀ—
2. Fond; loving; affectionate.

୩ । ପ୍ରୀତିଜନକ; ରମଣୀୟ; ରମ୍ୟ; ମନୋହର—
3. Amiable; pleasant; agreeable; pleasing.
ସ. ବି—୧ । ସ୍ୱାମୀ; ପତି—1. Husband.
୨ । ମୃଗବିଶେଷ; ଚିତ୍ର ମୃଗ; ବାଳୁଡ଼ିଆ—
2. A kind of deer; spotted deer.
୩ । ଜାମାତା; ଜୋଇଁ (ହି. ଶ)—3. Son-in-law.
୪ । କାର୍ତ୍ତିକେୟ (ହି. ଶ)—4. Kārttikeya.
୫ । ଜୀବକ ନାମକ ଔଷଧ (ହି. ଶ)—
5. A kind of rare herb.
୬ । ଋଦ୍ଧି ନାମକ ଔଷଧ (ହି. ଶ)—
6. A kind of rare herb.
୭ । (ଧର୍ମାତ୍ମା ଓ ମୁମୁକ୍ଷୁମାନଙ୍କୁ ପ୍ରସନ୍ନ କରିବା ବ୍ୟକ୍ତି)—
ଈଶ୍ୱର (ହି. ଶ)—7. God.
୮ । କାଙ୍ଗୁ ଧାନ (ହି. ଶ)—
8. A kind of minute food-grain.
୯ । ହିତ; ମଙ୍ଗଳ (ହି. ଶ)—9. Benefit.
୧୦ । ବେତ (ହି. ଶ)—10. Ratan cane.
୧୧ । ହରିତାଳ (ହି. ଶ)—11. Yellow orpiment.
୧୨ । ଧାରା କଦମ୍ବ (ହି. ଶ)—
12. A species of Kadamba tree.
ଦେ. ବି. ପୁଂ—ପ୍ରିୟନାଥ ନାମକ ବ୍ୟକ୍ତିର ଡାକନାମ—
The name for calling Priyanātha.

ପ୍ରିୟକ—ସ. ବି. (ପ୍ରିୟ+କ)—୧ । ଅଳି; ଭ୍ରମର—
Priyaka 1. Black bee.
୨ । କୁଙ୍କୁମ; ଜାଫ୍ରାନ—2. Saffron.
୩ । ପ୍ରିୟଙ୍ଗୁ (ଦେଖ)—3. Priyangu (See).
୪ । ଚିତ୍ର ମୃଗ—4. Spotted deer.
୫ । କଦମ୍ବ ବୃକ୍ଷ—5. Kadamba tree.
୬ । ନୀଳ ଅଶୋକ—
6. The blue Asoka tree.
୭ । ପିଆଶାଳ ଗଛ—7. A kind of timber tree; Pentaptera Tomentosa.
୮ । କାଙ୍ଗୁ ଧାନ୍ୟ (ହି. ଶ.)—
8. A kind of minute food grain; Panicum.
୯ । ମହୁମାଛି (ହି. ଶ.)—9. Bee.
ଦେ. ବି.—୧ । କଦମ୍ବ ଫୁଲ—
1. Kadamba flower.
୨ । ପ୍ରୀତିପ୍ରଦ ବିଷୟ—2. Pleasant thing.
(୧+୨) ବର୍ଣ୍ଣ ପୁଲକିତ କରନ୍ତୁ ଏମନ୍ତ ପ୍ରିୟକ ପ୍ରିୟକ ଯେତେ ।
ଉପେ, ବୈଦେହୀଶବିଳାସ ।
ଦେ. ବିଣ.—ପ୍ରିୟ—Pleasing.
ବଦନ ଲୋକରେ ପ୍ରିୟକ ମାଧବୀ ଜଗାଅ ।
ଉପେ. ବୈଦେହୀଶବିଳାସ ।

ପ୍ରିୟ କଳତ୍ର—ସ. ବିଣ. ପୁଂ—ନିଜର ସ୍ତ୍ରୀ ପ୍ରତି ବିଶେଷ ସ୍ନେହୀ (ସ୍ୱାମୀ)—
Priya kalatra (a husband) Very fond of his wife.
(ପ୍ରିୟକଳତ୍ରଃ—ଅନ୍ୟରୂପ)

ପ୍ରିୟକାଙ୍କ୍ଷୀ—ସ. ବିଣ. ପୁଂ. (ପ୍ରିୟ+କାଙ୍କ୍ଷ୍ ଧାତୁ+ଇନ)—ଅନ୍ୟର
Priyakānkshi ଶୁଭ ଚିନ୍ତକ—
Wishing another's welfare.
(ପ୍ରିୟକାମ, ପ୍ରିୟକାମୀ—ଅନ୍ୟରୂପ)
(ପ୍ରିକାଙ୍କ୍ଷିଣୀ, ପ୍ରିୟକାମା, ପ୍ରିୟକାମିନୀ—ସ୍ତ୍ରୀ)

ପ୍ରିୟକାରୀ—ସ. ବିଣ. ପୁଂ (ପ୍ରିୟ+କୃ ଧାତୁ ଣିଚ୍+କର୍ତ୍ତୃ. ଇନ୍; ୧ମା.
Priyakāri ୧ବ.)—ହିତକାରୀ; ଉପକାରୀ—
(ପ୍ରିୟକାରିଣୀ, ପ୍ରିୟକରୀ, ପ୍ରିୟକାରିକା—ସ୍ତ୍ରୀ) Beneficient.
(ପ୍ରିୟକର, ପ୍ରିୟକାରକ—ଅନ୍ୟରୂପ)

ପ୍ରିୟକୃତ୍—ସ. ବିଣ. (ପ୍ରିୟ+କୃ ଧାତୁ+କର୍ତ୍ତୃ. କ୍ୱିପ୍)—
Priyakrut ୧ । ମଙ୍ଗଳକାରୀ; ଉପକାରୀ—
1. Beneficient.
୨ । ବନ୍ଧୁଭାବାପନ୍ନ—2. Friendly.
ସ. ବି.—୧ । ବନ୍ଧୁ—1. Friend.
୨ । ବିଷ୍ଣୁ—2 An epithet of Bishnu.

ପ୍ରିୟଙ୍କର—ସ. ବିଣ. ପୁଂ (ପ୍ରିୟଂ+କୃ ଧାତୁ+କର୍ତ୍ତୃ. ଅ)—
Priyankara ୧ । ଉପକାରୀ—1. Beneficient.
(ପ୍ରିୟଙ୍କରୀ—ସ୍ତ୍ରୀ) ୨ । ଅନୁକୂଳ—2. Favourable
ସ. ବି. (ନାମ) ଏକ ଦାନବର ନାମ (ହି. ଶ.)—
Name of a demon.

ପ୍ରିୟଙ୍କରଣ—ସଂ. ବି. (ପ୍ରିୟଂ+କୃ ଧାତୁ+ଭାବ. ଅନ)—ତୁଷ୍ଟିଜନକ
Priyankarana କର୍ମ; ସଦୟ ବ୍ୟବହାର—Pleasing act; kind treatment; act of kindness or favour.
ସଂ. ବିଣ.—୧ । କୃତଜ୍ଞ—1. Grateful.
୨ । ଦୟା ସହକାରେ ବ୍ୟବହୃତ—2. Treated kindly.

ପ୍ରିୟଙ୍କରୀ—ସଂ. ବିଣ. ସ୍ତ୍ରୀ—(ପ୍ରିୟଙ୍କର+ସ୍ତ୍ରୀ· ଈ)—ପ୍ରିୟଙ୍କରର
Priyankari ସ୍ତ୍ରୀଲିଙ୍ଗ—Feminine of Priyankara.
ସଂ. ବି.—୧ । ଧଳା ଫୁଲ ବାଲା ଝିଣ୍ଟି (ହି. ଶ.)—
1. The white flowered variety of Barleria.
୨ । ଅଶ୍ୱଗନ୍ଧା (ହି. ଶ.) (ଦେଖ)—
2 Aswagandhā (See)
୩ । ବଡ଼ ଜୀବନ୍ତୀ (ହି. ଶ.)—
3 A large variety of Jibanti herb.

ପ୍ରିୟଙ୍ଗୁ—ସଂ. ବି. (ପ୍ରିୟ+ଅଂଗ ଧାତୁ=ଗମନ କରିବା+କର୍ତ୍ତୃ. ଉ)—
Priyangu ୧ । ଔଷଧରେ ବ୍ୟବହୃତ ସୁଗନ୍ଧ ଲତାବିଶେଷ—
ସଂ. ପର୍ଯ୍ୟାୟ—ଶ୍ୟାମା, ଲତା, ଗୋବନ୍ଦନୀ, ଗୁନ୍ଦ୍ରା, ଫଳିନୀ, ବିଷ୍ୱକ୍ସେନା, ଗନ୍ଧଫଳା, କାରମ୍ଭା, ପ୍ରିୟକ, କଙ୍ଗୁ, କାନ୍ତା, କୃଶାଙ୍ଗୀ, କୃଷ୍ଣପୁଷ୍ପୀ, ଗୌରବର୍ଣ୍ଣଭେଦନୀ, ପ୍ରିୟବର୍ଣ୍ଣୀ, ପ୍ରିୟବଲ୍ଲୀ, ଫଳ ପ୍ରିୟା, ଗୌରୀ, ବୃତ୍ତା, କଙ୍ଗୁ, କଙ୍ଗୁନୀ,
1. A fragrant creeper; Agalia Roxburghiana.
୨ । ପିପ୍ପଳୀ—2. Long pepper.
୩ । ଧାନ୍ୟବିଶେଷ; କଙ୍ଗୁ ଧାନ୍ୟ—
3. Panicum Italicum.
୪ । ରାଇ; ରାଜିକା (ହି. ଶ.)—
4. A large grained mustard.

ରଙ୍ଗସ୍ତ୍ରୀ, ଗୌରବଲ୍ଲୀ, ସୁଭଗା, ଫଣିଭେଦକ୍ଷା, ଶୁଭ୍ରା, ପୀତା, ମଙ୍ଗଲ୍ୟା, ଶ୍ରେୟସୀ, ଏବଂ ସ୍ତ୍ରୀବାଚକ ସମସ୍ତ ଶବ୍ଦ । ୫ । କୁଟକି; (ହି. ଶ) କଟୁକା—5. Black Hellebore.

ପ୍ରିୟଙ୍ଗୁ ଧାନ୍ୟ—ସଂ ବି. (ବୈଦ୍ୟକ)—ଧାନ୍ୟବିଶେଷ; କାଙ୍ଗୁ ଧାନ—
Priyangu dhānya
कामिनी धान, काङ्गनी धान, काङ्गनी दाना Panicum Italicum.
कुयांधान, कङ्कनो
ଫା. ଗଲ୍ ମ ବରସୁ ଭେ. ପ୍ରେଙ୍କଣପଭେଟ୍ଟୁ (ଅନ୍ୟ ସଂ. ନାମ—କଙ୍ଗୁ) [ଦ୍ର—ଏହି ଧାନର ଗୁଣ୍ଡୁଳ ସୁବାସଯୁକ୍ତ, ଏଥିରେ ବାଲୁଙ୍ଗା ପର ଶୀଘ୍ର ଥାଏ । ଏହା ରୋଗୀର ପଥ୍ୟ । ବର୍ଣ୍ଣଭେଦରେ ଏହା ୪ ପ୍ରକାର ଯଥା—କୃଷ୍ଣ, ରକ୍ତ, ଶ୍ୱେତ ଓ ପୀତ; ତନ୍ମଧ୍ୟରେ କୃଷ୍ଣ ଅପେକ୍ଷା ରକ୍ତ, ରକ୍ତ ଅପେକ୍ଷା ପୀତ, ପୀତ ଅପେକ୍ଷା ଶ୍ୱେତ ପ୍ରିୟଙ୍ଗୁର ଗୁଣ ଅଧିକତର ।]

ପ୍ରିୟଚିକୀର୍ଷା—ସଂ. ବି. (ପ୍ରିୟ+ଚିକୀର୍ଷା)—ମଙ୍ଗଳକାମନା; ହିତେଚ୍ଛା—
Priya chikirshā Good wishes; desire to do good.

ପ୍ରିୟ ଚିକୀର୍ଷୁ—ସଂ. ବିଣ. (ପ୍ରିୟ+ଚିକୀର୍ଷୁ)—ହିତେଚ୍ଛୁ; ଶୁଭାକାଂକ୍ଷୀ—
Priya chikirshu Desiring good to another; wishing good to another.

ପ୍ରିୟ ଜନ—ସଂ. ବି. (କର୍ମଧା; ପ୍ରିୟ+ଜନ)—୧ । ଆତ୍ମୀୟ—
Priya jana 1. Relative.
୨ । ସୁହୃଦ୍; ବନ୍ଧୁ—2. Friend.

ପ୍ରିୟତର—ସଂ. ବିଣ. ପୁଂ. (ପ୍ରିୟ+ତର)—ଦୁଇଟି ମଧ୍ୟରୁ ବେଶି ପ୍ରିୟ—
Priyatara (ପ୍ରିୟତରା—ସ୍ତ୍ରୀ) Dearer.

ପ୍ରିୟତମ—ସଂ. ବିଣ. ପୁଂ. (ପ୍ରିୟ+ତମ)—ସବୁଠାରୁ ଅଧିକ ପ୍ରିୟ—
Priyatama Dearest; most beloved.
(ପ୍ରିୟତମା—ସ୍ତ୍ରୀ) ସଂ. ବି—୧ । ସ୍ୱାମୀ; ପତି—1. Husband
୨ । ମୟୂରଶିଖା ନାମକ ବୃକ୍ଷ (ହି. ଶ)—
2. Celosia Cristata (plant).

ପ୍ରିୟତା(ତ୍ୱ)—ସଂ. ବି. [ପ୍ରିୟ+ଭାବାର୍ଥରେ ତା (ତ୍ୱ)]—
Priyatā(twa) ୧ । ପ୍ରୀତି; ପ୍ରେମ; ସ୍ନେହ—
1. Love; affection; attachment.
୨ । ପ୍ରିୟ ହେବାର ଭାବ—2. The state of being dear.

ପ୍ରିୟ ତୋଷଣ—ସଂ. ବିଣ. (୬ଷ୍ଠୀ ତତ୍; ପ୍ରିୟ+ତୋଷଣ)—
Priya toshana ପ୍ରିୟବ୍ୟକ୍ତିର ତୁଷ୍ଟି ସମ୍ପାଦନକାରୀ—
(ପ୍ରିୟରଞ୍ଜନ—ଅନ୍ୟରୂପ) Causing pleasure to one's beloved person.
ସଂ. ବି—ରତିବନ୍ଧବିଶେଷ (ହି. ଶ)—A kind of pose during coition; a kind of coitus (Apte).

ପ୍ରିୟ ଦର୍ଶନ—ସଂ. ବିଣ. ପୁଂ. (ବହୁବ୍ରୀହି; ପ୍ରିୟ+ଦର୍ଶନ)—
Priya darsana ସୁଦୃଶ୍ୟ; ରମ୍ୟ; ସୁନ୍ଦର—
(ପ୍ରିୟଦର୍ଶନା—ସ୍ତ୍ରୀ) Charming; beautiful; lovely;
(ପ୍ରିୟଦର୍ଶୀ—ଅନ୍ୟରୂପ) handsome; good looking.
ସଂ. ବି—୧ । ଶୁକପକ୍ଷୀ—1. Parrot.
୨ । କ୍ଷୀରକୋଳି ଗଛ—2. A berry-bearing tree; Mimusopi Kanki.
୩ । ଏକପ୍ରକାର ଖଜୁରୀ ଗଛ—
3. A kind of date tree (Apte).
୪ । (ନାମ) ଗନ୍ଧର୍ବକୁମାରବିଶେଷ—4. Name of a prince of the Gandharbas (Apte).

ପ୍ରିୟଦର୍ଶୀ—ସଂ. ବିଣ. (ପ୍ରିୟ+ଦୃଶ୍ ଧାତୁ+କର୍ତ୍ତୃ. ଇନ୍)—
Priyadarsi ଯେ ସମସ୍ତଙ୍କୁ ପ୍ରିୟଭାବରେ ଦେଖନ୍ତି—Looking
(ପ୍ରିୟଦର୍ଶିନୀ—ସ୍ତ୍ରୀ) pleasantly upon every one.
ଦେ. ବି—ମହାରାଜ ଅଶୋକଙ୍କର ଗୋଟିଏ ନାମ—A name of king Asoka.
[ଦ୍ର—ପାଲଭାଷାରେ ସଂସ୍କୃତ ପ୍ରିୟଦର୍ଶୀ ଶବ୍ଦ 'ପିଅଦଶୀ' ରୂପରେ ବ୍ୟବହୃତ । ମହାରାଜ ଅଶୋକ ଅନୁଶାସନମାନଙ୍କରେ ଆପଣାକୁ 'ପିଅଦଶୀ' ନାମରେ ଅଭିହିତ କରିଅଛନ୍ତି ।]

ପ୍ରିୟ ନାଥ—ସଂ. ବି. (କର୍ମଧା; ପ୍ରିୟ+ନାଥ)—ପ୍ରିୟ ସ୍ୱାମୀ—
Priya nātha One's beloved husband.
ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା ନାମ—
A name given to males.

ପ୍ରିୟପାତ୍ର—ସଂ. ବିଣ. (କର୍ମଧା; ପ୍ରିୟ+ପାତ୍ର; ମାତ୍ର ପ୍ରୀତିପାତ୍ର ଶବ୍ଦ
Priyapātra ଶୁଦ୍ଧତର)—ପ୍ରୀତିଭାଜନ; ଅନୁଗ୍ରହପାତ୍ର—
Favourite.
ସଂ. ବି—ମନ୍ତ୍ରୀ—Minister.

ପ୍ରିୟ ବଚନ—ସଂ. ବି. (କର୍ମଧା; ପ୍ରିୟ+ବଚନ)—
Priya bachana ମଧୁରବାକ୍ୟ; ମିଷ୍ଟକଥା—
(ପ୍ରିୟବଚନା—ସ୍ତ୍ରୀ) Sweet or coaxing words.
ସଂ. ବିଣ. ପୁଂ—ମଧୁରବାକ୍ୟ ପ୍ରୟୋଗକାରୀ—
Speaking sweet words.

ପ୍ରିୟବତୀ—ଦେ. ବିଣ. (ସଂ. ପ୍ରିୟ)—ପ୍ରିୟତମା (ସ୍ତ୍ରୀ)—
Priyabati Dearest; most beloved (wife).

ପ୍ରିୟ ବୟସ୍ୟ—ସଂ. ବି. ପୁଂ. (ପ୍ରିୟ+ବୟସ୍ୟ)—ପ୍ରିୟ ସୁହୃଦ୍—
Priya bayasya Bosom friend; boon companion.
(ପ୍ରିୟବୟସ୍ୟା—ସ୍ତ୍ରୀ)

ପ୍ରିୟବର—ସଂ. ବିଣ. ପୁଂ. (୭ମୀ ତତ୍)—ଅତିପ୍ରିୟ; ପ୍ରିୟତମ (ବ୍ୟକ୍ତି)
Priyabara (ହି. ଶ)—Dearest; beloved (person).
(ପ୍ରିୟବରା—ସ୍ତ୍ରୀ)

ପ୍ରିୟବାଦୀ—ସଂ. ବିଣ. ପୁଂ. (ପ୍ରିୟ+ବଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା.
Priyabādi ୧ବ)—୧ । ମିଷ୍ଟଭାଷୀ—
(ପ୍ରିୟବାଦିନୀ—ସ୍ତ୍ରୀ) 1. Speaking sweet words.
(ପ୍ରିୟବକ୍ତା, ପ୍ରିୟବାକ୍—ଅନ୍ୟରୂପ) ୨ । ଖୋସାମଦିଆ; ଚାଟୁକାର—
[ପ୍ରିୟବାଦିତା(ତ୍ୱ)ବି] 2. Flattering.

ପ୍ରିୟବାଦିନୀ—ସଂ. ବିଣ. ସ୍ତ୍ରୀ—୧ । କର୍ଣ୍ଣପ୍ରିୟ ଧ୍ୱନିକାରିଣୀ—
Priyabādini 1, Making pleasant sounds.

୨ । ମିଷ୍ଟଭାଷିଣୀ—2. Speaking sweet words.

ଦେ. ବି—ଏକପ୍ରକାର ପକ୍ଷୀ—A kind of bird (Apte).

ଦେ. ବିଣ—ସ୍ୱାମୀର ଇଚ୍ଛାର ବିରୁଦ୍ଧାଚାରିଣୀ—
Acting opposite to the husband's wishes.

ସଖି, ଏ କାଳିରେ ପ୍ରିୟବାଦିନୀ ହୋଇବ
ସଖି, ଏ କାଳିରେ ପ୍ରିୟବାଦିନୀ ନୋହିବ । ଉଦ୍ଧ. ପ୍ରେମସୁଧାନିଧି ।

ପ୍ରିୟ ପ୍ରସାଦନ—ସଂ. ବି. (ଷଷ୍ଠୀ ତତ୍; ପ୍ରିୟ+ପ୍ରସାଦନ)—
Priya prasādana ସ୍ୱାମୀଙ୍କର ସନ୍ତୋଷ ବିଧାନ—
Propitiation of a husband (Apte).

ପ୍ରିୟପ୍ରାୟ—ସଂ. ବିଣ. ପୁଂ (ପ୍ରିୟ+ପ୍ରାୟ)—୧ । ଅତି ସଦୟ—
Priyaprāya 1. Exceedingly kind (Apte).
(ପ୍ରିୟପ୍ରାୟା—ସ୍ତ୍ରୀ) [ପ୍ରିୟ ପ୍ରାୟତା (ଭା)—ବି]

ପ୍ରିୟପ୍ରାୟଃ—ସଂ. ବି—(ପ୍ରିୟ+ପ୍ରାୟସ୍)—ପ୍ରେମିକା ପ୍ରତି ପ୍ରେମିକର
Priyaprāyah ରମଣୀୟ ବାକ୍ୟ—Very agreeable
speech as of a lover to his mistress (Apte).

ପ୍ରିୟପ୍ରେପ୍ସୁ—ସଂ. ବିଣ—(ପ୍ରିୟ+ପ୍ର+ଇପ୍ସ ଧାତୁ+କର୍ତ୍ତୃ. ଉ)—
Priyaprepsu ନିଜର ଅଭିଲଷିତ ବସ୍ତୁ ପାଇବା ପାଇଁ ଇଚ୍ଛୁକ—
Wishing to secure one's desired object
(Apte).

ପ୍ରିୟ ବିଚ୍ଛେଦ—ସଂ. ବି. (ପ୍ରିୟ+ବିଚ୍ଛେଦ)—
Priya bichchheda ପ୍ରିୟ ଲୋକଠାରୁ ଛଡ଼ାଛଡ଼ି—
(ପ୍ରିୟ ବିରହ—ଅନ୍ୟରୂପ) Separation from a dear one.

ପ୍ରିୟ ବିୟୋଗ—ସଂ. ବି. (ପ୍ରିୟ+ବିୟୋଗ)—
Priya biyoga ପ୍ରିୟ ବନ୍ଧୁର ମୃତ୍ୟୁ—Death of ones
beloved'.

ପ୍ରିୟ ବ୍ରତ—ସଂ. ବିଣ. ପୁଂ. (ବହୁବ୍ରୀହି; ପ୍ରିୟ+ବ୍ରତ)—
Priya brata ଯେଉଁ ବ୍ୟକ୍ତି ବ୍ରତ ପାଳନ କରିବାକୁ ସୁଖ ପାଏ
(ପ୍ରିୟ ବ୍ରତା—ସ୍ତ୍ରୀ) (ହି. ଶ)—Fond of observing religious vows.

ସଂ. ବି. (ନାମ)—ସ୍ୱାୟଂଭୁବ ମନୁଙ୍କର ଏକ ପୁତ୍ର ଓ ଉତ୍ତାନପାଦଙ୍କ ଭାଇ—Name of a son of Swāyambhuba Manu.

[ଦ୍ର—ପୁରାଣ ମତରେ ଏହାଙ୍କ ରଥ ଚାଳନରେ ଭୂମିରେ ଯେଉଁ ଗର୍ତ୍ତ ହୋଇଥିଲା ତାହା ପରେ ସମୁଦ୍ର ପାଲଟି ଗଲା—ହି. ଶବ୍ଦସାଗର]

ଦେ· ବି. ପୁଂ—ପୁରୁଷଙ୍କ ନାମ—
A name given to males.

ପ୍ରିୟ ଭାଷଣ—ସଂ ବି· (କର୍ମଧା; ପ୍ରିୟ+ଭାଷଣ)—
Priya bhāshana ମିଷ୍ଟ କଥା କହିବା—Speaking
sweet words.

ପ୍ରିୟ ଭାଷୀ—ସଂ. ବି. (ପ୍ରିୟ+ଭାଷୀ)—
Priya bhāshi Speaking sweet words.
(ପ୍ରିୟ ଭାଷିଣୀ—ସ୍ତ୍ରୀ)

ପ୍ରିୟ ମଣ୍ଡନ—ସଂ. ବିଣ. ପୁଂ (ବହୁବ୍ରୀହି; ପ୍ରିୟ+ମଣ୍ଡନ)—
Priya mandana ଅଳଙ୍କାର ବା ସାଜସଜ୍ଜାର ପ୍ରିୟ—
(ପ୍ରିୟ ମଣ୍ଡନା—ସ୍ତ୍ରୀ) Fond of ornaments; foppish
(Apte).

ପ୍ରିୟ ମଧୁ—ସଂ. ବି. (ବହୁବ୍ରୀହି; ପ୍ରିୟ+ମଧୁ=ମଦ୍ୟ)—
Priya madhu ଶ୍ରୀକୃଷ୍ଣଙ୍କ ବଡ଼ଭାଇ ବଳରାମ—
Balarāma.

ସଂ. ବିଣ—ମଦ୍ୟ ପାନ ପ୍ରିୟ—Fond of liquor (Apte).

ପ୍ରିୟମାଣ—ସଂ. ବିଣ. ପୁଂ (ପ୍ରୀ ଧାତୁ+କର୍ତ୍ତୃ. ଆନ)—
Priyamāna ୧ । ପ୍ରେମ ଯୁକ୍ତ; ସ୍ନେହମୟ—
(ପ୍ରିୟମାଣା—ସ୍ତ୍ରୀ) 1. Affectionate.

୨ । ସନ୍ତୋଷ କାରକ—2. Endearing; pleasing.

ପ୍ରିୟମ୍ବଦ—ସଂ. ବିଣ. ପୁଂ (ପ୍ରିୟଂ+ବଦ୍ ଧାତୁ+କର୍ତ୍ତୃ. ଅ)—
Priyambada ୧ । ପ୍ରିୟ ଭାଷୀ—1. Speaking sweet
(ପ୍ରିୟଂ ବଦ—ଅନ୍ୟରୂପ) words.
(ପ୍ରିୟମ୍ବଦା—ସ୍ତ୍ରୀ) ୨ । ଗନ୍ଧର୍ବ ବିଶେଷ—
2. Name of a Gandharba.

[ଦ୍ର—ସଂସ୍କୃତ ବ୍ୟାକରଣ ନିୟମାନୁସାରେ 'ପ୍ରିୟଂବଦ' ଶବ୍ଦ ଶୁଦ୍ଧ । ପ୍ରକୃତିବାଦ ପ୍ରଭୃତି ଅଭିଧାନରେ ଏହା 'ପ୍ରିୟମ୍ବଦ' ଆକାରରେ ଦେଖାଯାଏ । 'ବଦ୍' ଧାତୁର 'ବ' ଅବର୍ଗ୍ୟ । ଅବର୍ଗ୍ୟ ବର୍ଣ୍ଣ ପରେ ଥିଲେ 'ମ୍' ସ୍ଥାନରେ କେବଳ ଅନୁସ୍ୱାର ହୁଏ । ବର୍ଗ୍ୟ ବର୍ଣ୍ଣ ପରେ ଥିଲେ ଅନୁସ୍ୱାର ଓ ବିକଳ୍ପରେ ପରବର୍ତ୍ତୀ ବର୍ଣ୍ଣର ପଞ୍ଚମ ବର୍ଣ୍ଣ ହୁଏ; ଅତଏବ ପ୍ରିୟମ୍ବଦ ଆକାର ସଂସ୍କୃତ ବ୍ୟାକରଣର ନିୟମବିରୁଦ୍ଧ ।]

ପ୍ରିୟମ୍ବଦା—ସଂ. ବି. ସ୍ତ୍ରୀ. (ପ୍ରିୟମ୍ବଦ+ସ୍ତ୍ରୀ. ଆ)—
Priyambadā ୧ । ପ୍ରିୟ ଭାଷିଣୀ ସ୍ତ୍ରୀ—1. A sweet-
(ପ୍ରିୟଂବଦା—ଅନ୍ୟରୂପ) speaking woman.

୨ । କର୍ଣ୍ଣମୁନିପାଳିତା ଶକୁନ୍ତଳାଙ୍କ ସଖୀବିଶେଷ—
2. Name of a female companion of Sakuntalā.

୩ । ଦ୍ୱାଦଶାକ୍ଷରଯୁକ୍ତ ଛନ୍ଦୋବିଶେଷ—
3. A metre having 12 letters in each foot.

ସଂ. ବିଣ. ସ୍ତ୍ରୀ—ପ୍ରିୟମ୍ବଦର ସ୍ତ୍ରୀ ଲିଙ୍ଗ—
Feminine of Priyambada.

ପ୍ରିୟମ୍ଭବିଷ୍ଣୁ—ସଂ. ବିଣ. (ପ୍ରିୟଂ+ଭୂ ଧାତୁ+କର୍ତ୍ତୃ. ଇଷ୍ଣୁ)—
Priyambha bishnu ଯେ ସ୍ନେହର ପାତ୍ର ହୋଇଅଛି—
ପ୍ରିୟମ୍ଭାବୁକ—ପୁଂ }
ପ୍ରିୟମ୍ଭାବୁକା—ସ୍ତ୍ରୀ } ଅନ୍ୟରୂପ Become an object of affection; beloved; dearly loved (Apte).

ପ୍ରିୟ ସଖ—ସଂ. ବିଣ. ପୁଂ. [କର୍ମଧା; ପ୍ରିୟ+ସଖା (ସଖି ଶବ୍ଦଜ) -ବନ୍ଧୁ]
Priya sakha ୧ । ପରମ ମିତ୍ର—1. Fast friend; dear
friend.
ପ୍ରିୟ ସହଚର }
ପ୍ରିୟ ସୁହୃଦ୍ } ଅନ୍ୟରୂପ ୨ । ଖଦିର ବୃକ୍ଷ—
2 The catechu tree; Mimosa Catechu.

ପ୍ରିୟ ସଖୀ—ସଂ. ବି. ସ୍ତ୍ରୀ—ସ୍ତ୍ରୀ ବ୍ୟକ୍ତିର ବିଶ୍ୱସ୍ତା ସଙ୍ଗିନୀ—
Priya sakhī Dear female companion; a lady's confidante.
ପ୍ରିୟ ସହଚରୀ } ଅନ୍ୟରୂପ
ପ୍ରିୟ ସଙ୍ଗିନୀ }

ପ୍ରିୟ ସଙ୍ଗମନ—ସଂ. ବି—୧ । ଅଭିସାର ସ୍ଥାନ; ପ୍ରିୟ ଓ ପ୍ରିୟାଙ୍କର
Priya saṅgamana ମିଳନ ସ୍ଥାନ; ସଙ୍କେତ ସ୍ଥାନ (ହି. ଶ)—
1. Trysting place; a place where lovers meet by appointment.
୨ । ଅଦିତି ଓ କଶ୍ୟପଙ୍କ ମିଳନ ସ୍ଥାନ (ହି. ଶ)—
2. The place where Aditi and her husband Kaśyapa had met.

ପ୍ରିୟ ସତ୍ୟ—ସଂ. ବି. (ପ୍ରିୟ+ସତ୍ୟ)—
Priya satya ୧ । (ବହୁବ୍ରୀହି) ସତ୍ୟ କଥାର ପ୍ରିୟ ବ୍ୟକ୍ତି—
1. A lover of truth (Apte).
୨ । (କର୍ମଧା) ମନୋହର ସତ୍ୟ ବାକ୍ୟ—
2. Pleasant truth.

ପ୍ରିୟ ସନ୍ଦେଶ—ସଂ. ବି. (ପ୍ରିୟ+ସନ୍ଦେଶ)—
Priya sandeśa ୧ । (କର୍ମଧା) ବନ୍ଧୁଭାବମୟ ସଂବାଦ—
1. A friendly message.
୨ । (୬ଷ୍ଠୀ ତତ୍) ପ୍ରେମିକ ବ୍ୟକ୍ତି ଦ୍ୱାରା ପ୍ରେରିତ ସଂବାଦ—
2. A message from a lover.
୩ । (ବହୁବ୍ରୀହି) ଚମ୍ପକ ବୃକ୍ଷ—
3. Mitchella Champaka tree (Apte).
ସ. ବିଣ—୧ । (ବାକ୍) ମନୋହର ଓ ସତ୍ୟ (ବାକ୍ୟ)—
1. Pleasant though true (Apte).
୨ । (ବହୁବ୍ରୀହି) ସତ୍ୟ କଥା ଯାହାର ପ୍ରିୟ—
2. Loving truth.

ପ୍ରିୟ ସମାଗମ—ସ. ବି. (୬ଷ୍ଠୀ ତତ୍; ପ୍ରିୟ+ସମାଗମ)—
Priya samāgama ୧ । ପ୍ରିୟଜନଙ୍କ ସହିତ ମିଳନ—
ପ୍ରିୟ ସହବାସ } ଅନ୍ୟରୂପ 2. Meeting with one's dear friends.
ପ୍ରିୟ ସଙ୍ଗମ }
୨ । ନାୟକ ନାୟିକାଙ୍କର ସାକ୍ଷାତ—
2. Meeting of lovers.

ପ୍ରିୟ ସା(ଶା)ଳକ—ସ. ବି—ପିଆସାଲ ଗଛ—
Priya sā(śā)ḷaka A timber tree, Pentaptera Tomentosa.

ପ୍ରିୟସ୍ୱପ୍ନ—ସ. ବିଣ. ପୁଂ—ଯେ ଶୋଇବାକୁ ସୁଖ ପାଏ—
Priyaswapna (ପ୍ରିୟସ୍ୱପ୍ନା—ସ୍ତ୍ରୀ) Fond of sleep (Apte).

ପ୍ରିୟା—ସ. ବିଣ. ସ୍ତ୍ରୀ—(ପ୍ରିୟ+ସ୍ତ୍ରୀ. ଆ)—ସ୍ନେହଭାଜନ (ସ୍ତ୍ରୀ)—
Priyā Dear (female).
ସ. ବି—୧ । ନାରୀ—1. Woman.
୨ । ପତ୍ନୀ; ସ୍ତ୍ରୀ; ଭାର୍ଯ୍ୟା—2. Wife.
୩ । ପ୍ରଣୟିନୀ—3. One's sweet-heart; one's beloved woman.
୪ । ଅଳାଇଚ—4. Cardamum.
୫ । ମଦିରା—5. Wine; liquor.
୬ । ମଲ୍ଲିକା—6. Jasmine.
୭ । ଛନ୍ଦୋବିଶେଷ; ମୃଗୀ ଛନ୍ଦଃ—
7. Name of a metre.
୮ । କାଙ୍ଗୁଧାନ୍ୟ (ହି. ଶ)—
8. Panicum Italicum.

ପ୍ରିୟାମ୍ବୁ—ସ. ବିଣ—(ବହୁବ୍ରୀହି; ପ୍ରିୟ+ଅମ୍ବୁ)—୧ । ଜଳ ଯେଉଁ
Priyāmbu ବ୍ୟକ୍ତିର ଅତି ପ୍ରିୟ—1. Very fond of water.
୨ । ଯହିଁର ଜଳ ସ୍ୱାଦୁ—
2. Having sweet water.
ସ. ବି—ଆମ୍ବ ଗଛ ଓ ଫଳ (ହି. ଶ)—
Mango tree and fruit.

ପ୍ରିୟାଳ—ସ. ବି—(ପ୍ରୀ ଧାତୁ+ଆଲ)—ପିୟାଳ (ଦେଖ)—
Priyāḷa Piyāḷa (See).
(ପ୍ରିୟାଲକ; ପ୍ରୀୟାଲ – ଅନ୍ୟରୂପ)

ପ୍ରିୟାଳା—ସ. ବି—ଦ୍ରାକ୍ଷା; ଅଙ୍ଗୁର—
Priyāḷā Grape.

ପ୍ରିୟାଳାପ—ସ. ବି—(କର୍ମଧା; ପ୍ରିୟ+ଆଳାପ)—୧ । ତୁଷ୍ଟିଜନକ
Priyāḷāpa କଥୋପକଥନ—1. Pleasant conversation.
୨ । (୬ଷ୍ଠୀ ତତ୍)—ପ୍ରିୟବ୍ୟକ୍ତିଙ୍କ ସଙ୍ଗେ ଆଳାପ—
2. Conversation with a dear person.

ପ୍ରିୟୋଜନ—ଗ୍ରା. ବି—(ପ୍ରୟୋଜନର ଅଶୁଦ୍ଧ ଉଚ୍ଚାରଣ)—
Priyojana ପ୍ରୟୋଜନ—Necessity; use.
(ପିରୋଜନ—ଅନ୍ୟରୂପ)

ପ୍ରିୟୋଦିତ—ସ. ବିଣ—(ପ୍ରିୟ+ଉଦିତ)—ମନୋହରରୂପେ କଥିତ—
Priyodita Pleasantly spoken.
ସ. ବି—ମିଷ୍ଟବାକ୍ୟ—Sweet words.

ପ୍ରୀ(ଧାତୁ)—ସ—୧ । ସନ୍ତୁଷ୍ଟ ହେବା—
Prī (root) 1. To be pleased.
୨ । ସନ୍ତୁଷ୍ଟ କରିବା—2. To please.
୩ । ସ୍ନେହ କରିବା—3. To love.
୪ । ଇଚ୍ଛା କରିବା—4 To desire.

ପ୍ରୀ—ସ. ବି—(ପ୍ରୀ ଧାତୁ+ଭାବ. କ୍ୱିପ୍)—୧ । ପ୍ରୀତି; ପ୍ରେମ (ହି. ଶ)-
Prī 1. Love; attachment.
୨ । କାନ୍ତି; ଔଜ୍ଜ୍ୱଲ୍ୟ (ହି. ଶ)—
2 Lustre; radiance.
୩ । ଇଚ୍ଛା (ହି. ଶ)—3. Desire; wish.
୪ । ତୃପ୍ତି; ସନ୍ତୋଷ (ହି. ଶ)—
4. Satisfaction; contentment.
୫ । ତର୍ପଣ (ହି. ଶ)—5. Gratification; oblation of water to the manes of one's deceased ancestors.

ପ୍ରୀଣ—ସ. ବିଣ—(ପ୍ରୀ ଧାତୁ+କର୍ତ୍ତୃ. ତ)—୧ । ପୁରାତନ—
Prīṇa 1. Old; ancient.

(ପ୍ରୀଣା—ସ୍ତ୍ରୀ) ୨ । ପ୍ରୀତ; ପ୍ରସନ୍ନ—2. Pleased; gratified.
୩ । ତୃପ୍ତ—3. Satisfied.

ପ୍ରୀଣନ—ସଂ. ବି—(ପ୍ରୀ ଧାତୁ ଣିଚ୍+ଭାବ. ଅନ)—ତୃପ୍ତି ଜନ୍ମାଇବା;
Prinana ଅନ୍ୟର ସନ୍ତୋଷ ସମ୍ପାଦନ—Satisfying; gratifying.

ପ୍ରୀଣିତ—ସଂ. ବଣ—(ପ୍ରୀ ଧାତୁ ଣିଚ୍+କର୍ମ. ତ)—ତର୍ପିତ; ତୋଷିତ—
Prinita (ପ୍ରୀଣନ—ବି) Satisfied; gratified.

ପ୍ରୀତ—ସଂ. ବଣ. ପୁଂ—(ପ୍ରୀ ଧାତୁ+କର୍ତ୍ତୃ. ତ)—୧ । ଆନନ୍ଦିତ;
Prita (ପ୍ରୀତା—ସ୍ତ୍ରୀ) ଆହ୍ଲାଦିତ—1. Pleased; glad.
(ପ୍ରୀତି—ବି) ୨ । ସୁଖୀ—2. Happy.
୩ । ସନ୍ତୁଷ୍ଟ; ତୃପ୍ତ—3. Satisfied.
୪ । ପ୍ରିୟ—4. Dear; beloved.
୫ । ପ୍ରୀତିଯୁକ୍ତ; ସ୍ନେହଯୁକ୍ତ—5. Loving; affectionate.

ପ୍ରୀତି—ସଂ. ବି—(ପ୍ରୀ ଧାତୁ+ଭାବ. ତି)—୧ । ଆନନ୍ଦ; ତୃପ୍ତି; ଇଷ୍ଟ
Priti ବସ୍ତୁ ପାଇବା ବା ଦେଖିବାଜନିତ ସୁଖ—
1. Joy; gladness; happiness.
୨ । ସନ୍ତୋଷ—2. Satisfaction; contentment.
୩ । ସୁଖ—3. Happiness.
୪ । ପ୍ରେମ; ପ୍ରଣୟ—4. Love.
୫ । ଅନୁରାଗ; ସ୍ନେହ—5. Affection.
୬ । କାମଦେବଙ୍କର ପତ୍ନୀବିଶେଷ—
6. One of the wives of God Cupid.
[ଦ୍ର—ଏ ଜନ୍ମାନ୍ତରରେ ଅନଙ୍ଗବତୀ ନାମ୍ନୀ ବେଶ୍ୟା ଥିଲେ ଏବଂ ବିଭୂତି ଦ୍ୱାଦଶୀ ବ୍ରତ କରି ପରଜନ୍ମରେ କାମଦେବଙ୍କ ପତ୍ନୀ ହେଲେ—ହି. ଶ]
୭ । (ଜ୍ୟୋତିଷ) ବିଷ୍କମ୍ଭାଦି ୨୭ ଯୋଗ ମଧ୍ୟରୁ ଦ୍ୱିତୀୟ ଯୋଗ—
7. (astronomy) One of the 27 astronomical conjunctions.
[ଦ୍ର—ଏହା ଏକ ଶୁଭକର ଯୋଗ; ଏଥିରେ ଜନ୍ମ ହେବା ବ୍ୟକ୍ତି ନୀରୋଗ, ସୁଖୀ, ବିଦ୍ୱାନ୍ ଓ ଧନୀ ହୁଏ—ହି. ଶ ।]
ଦେ. ବି—ପରପୁରୁଷ ଓ ପରସ୍ତ୍ରୀ ମଧ୍ୟରେ ଗୁପ୍ତ ପ୍ରେମ—
Secret love between a male and female who are not married to each other.

ପ୍ରୀତିଆ—ଦେ ବଣ—ପ୍ରେମିକ—
Pritia Loving; making love.
ଦେ. ବି—ପ୍ରେମିକ ବ୍ୟକ୍ତି—Lover.
ତେଣିକି ଚାରି, ନ ଥାଏ ଅଛ ପ୍ରୀତିଆ ଏଣାର—
ଅଭିମନ୍ୟୁ ବଦଗ୍ଧ ଚିନ୍ତାମଣି ।

ପ୍ରୀତି କଉଶଳା—ଗ୍ରା. (ପଦ୍ୟ) ବଣ. (ସଂ. ପ୍ରୀତି ଓ କୁଶଳା)—ପ୍ରୀତିରେ
Priti kausala କୁଶଳା ବା ଚତୁରା; ପ୍ରୀତିନିପୁଣା; ଅତ୍ୟନ୍ତ ପ୍ରୀତିଶୀଳା—Expert in loving; very loving (woman).
ଉକ୍ତଗୁଡ଼ା ପ୍ରୀତି କଉଶଳାକୁ ଚାହାଁ—ଭକ୍ତ. ପ୍ରେମସୁଧାନିଧି ।

ପ୍ରୀତିକର—ସଂ. ବଣ—ଆହ୍ଲାଦଜନକ; ଆନନ୍ଦଦାୟକ—
Pritikara (ପ୍ରୀତିକରୀ—ସ୍ତ୍ରୀ) Pleasing; joyful.
(ପ୍ରୀତିଜନକ, ପ୍ରୀତିକାରକ, ପ୍ରୀତିକାରୀ—ଅନ୍ୟରୂପ)

ପ୍ରୀତିଜୁଷା—ସଂ. ବି. ସ୍ତ୍ରୀ—ଅନିରୁଦ୍ଧଙ୍କର ପତ୍ନୀ ଉଷାଙ୍କ ଏକ ନାମ—
Pritijusha A name of Usha, the wife of Aniruddha.

ପ୍ରୀତିଦ—ସଂ. ବି. ପୁଂ (ପ୍ରୀତି+ଦା ଧାତୁ+କର୍ତ୍ତୃ. ଅ)—ବିଦୂଷକ—
Pritida A jester; buffoon.
ପ୍ରୀତିଦା, ପ୍ରୀତିଦାୟିକା } ସ୍ତ୍ରୀ ସଂ. ବଣ ପୁଂ—୧ । ଆନନ୍ଦପ୍ରଦ—
ପ୍ରୀତିଦାୟିନୀ, ପ୍ରୀତିପ୍ରଦା } 1. Giving joy.
୨ । ସ୍ନେହଯୁକ୍ତ—2. Affectionate; loving.
(ପ୍ରୀତିଦାୟକ, ପ୍ରୀତିଦାୟୀ, ପ୍ରୀତିପ୍ରଦ—ଅନ୍ୟରୂପ)

ପ୍ରୀତି ଦତ୍ତ—ସ. ବଣ. (୩ୟା ତତ୍; ପ୍ରୀତି+ଦତ୍ତ)—ପ୍ରୀତିପୂର୍ବକ ଦିଆ
Priti datta ଯାଇଥିବା—Given or presented out of love; presented as a token of affection.

ପ୍ରୀତି ଦାନ—ସଂ. ବି—ପ୍ରୀତିର ନିଦର୍ଶନସ୍ୱରୂପ ଦିଆଯିବା ବସ୍ତୁ—
Priti dana A present of love.

ପ୍ରୀତିପରାୟଣ—ସଂ. ବଣ ପୁଂ. (ପ୍ରୀତି+ପରାୟଣ)—ଅତ୍ୟନ୍ତ ପ୍ରେମଯୁକ୍ତ;
Priti parayana ସ୍ୱଭାବତଃ ପ୍ରେମୀ—
Very loving; loving by nature.
(ପ୍ରୀତିପରାୟଣା—ସ୍ତ୍ରୀ) (ପ୍ରୀତିପରାୟଣତା—ବି)

ପ୍ରୀତି ପାତ୍ର—ସଂ. ବଣ. (୬ଷ୍ଠୀ ତତ୍; ପ୍ରୀତି+ପାତ୍ର)—ସ୍ନେହାସ୍ପଦ—
Priti patra Object of love.
(ପ୍ରୀତିଭାଜନ—ଅନ୍ୟରୂପ)

ପ୍ରୀତି ବର୍ଦ୍ଧନ—ସଂ. ବି—୧ । (୬ଷ୍ଠୀ ତତ୍) ପ୍ରଣୟର ବୃଦ୍ଧି—
Priti barddhana 1. Increase of attachment or love.
୨ । (ବହୁବ୍ରୀହି) ବିଷ୍ଣୁଙ୍କର ଏକ ନାମ—
2. An epithet of Bishnu.
ସଂ. ବଣ—ତୃପ୍ତିଦାୟକ—Pleasing.

ପ୍ରୀତି ଭୋଜ—ସଂ. ବି—ବନ୍ଧୁମାନଙ୍କ ମଧ୍ୟରେ ଭୋଜି (ହି. ଶ)—
Priti bhoja A feast; picnic.
(ପ୍ରୀତିଭୋଜନ—ଅନ୍ୟରୂପ) (ପ୍ରୀତିଭୋଜି—ଦେଶଜରୂପ)

ପ୍ରୀତି ଭୋଜ୍ୟ—ସଂ. ବଣ(ପ୍ରୀତିଭୋଜ+ଯ)—ପ୍ରୀତିଭୋଜରେ ଭକ୍ଷଣୀୟ—
Priti bhojya Fit to be partaken of in a picnic.

ପ୍ରୀତିମାନ—ସଂ. ବଣ. ପୁଂ. (ପ୍ରୀତି+ମତ୍)—ପ୍ରେମିକ; ପ୍ରଣୟୀ—
Pritiman (ପ୍ରୀତିମତୀ—ସ୍ତ୍ରୀ) Loving.

ପ୍ରୀତ୍ୟର୍ଥ—ଦେ. କ୍ରି. ବଣ (ସଂ. ପ୍ରୀତ୍ୟର୍ଥଂ)—(ଅମୁକର) ପ୍ରୀତି
Prityartha ସମ୍ପାଦନାର୍ଥ; ପ୍ରସନ୍ନତା ସମ୍ପାଦନାର୍ଥ—For giving
ପ୍ରୀତ୍ୟର୍ଥ प्रीतयर्थे pleasure to; for pleasing.
(ପ୍ରୀତ୍ୟର୍ଥେ—ଅନ୍ୟରୂପ)

ପ୍ରୀତି ରୀତି—ସଂ. ବି—୧ । (ମ. ପ. ଲୋ) ପ୍ରଣୟପୂର୍ଣ୍ଣ ବ୍ୟବହାର—
Priti riti 1. Affectionate treatment.
୨ । (୬ଷ୍ଠୀ ତତ୍) ପ୍ରେମିକ ପ୍ରେମିକାଙ୍କ ଢଙ୍ଗ—
2. The manner of lovers.

ପ୍ରୀତି ସମ୍ଭାଷଣ—ସଂ. ବି—୧ । ପ୍ରଣୟଜ୍ଞାପକ କଥୋପକଥନ—
Priti sambhashana 1. Conversation indicating affection or love.

୨ । ବନ୍ଧୁ ବା ପ୍ରେମିକ ଦ୍ୱୟଙ୍କ ମଧ୍ୟରେ କଥୋପକଥନ—
2. Conversation between two lovers or friends.

ପ୍ରୀତି ସୂଚକ—ସଂ. ବିଣ—ଯାହା ପ୍ରୀତିର ସୂଚନ ବା ଜ୍ଞାପନ କରେ—
Priti sūchaka Indicating love or attachment.
(ପ୍ରୀତି ଜ୍ଞାପକ—ଅନ୍ୟରୂପ)

ପ୍ରୀୟମାଣ—ସଂ. ବିଣ. ପୁଂ. (ପ୍ରୀ ଧାତୁ + କର୍ମ. ଆନ)—
Priyamāṇa ସନ୍ତୁଷ୍ଟ—Satisfied; gladdened.
(ପ୍ରୀୟମାଣା—ସ୍ତ୍ରୀ)

ପ୍ରୁଫ୍—ବୈଦେ. ବି. (ଇଂ) (ଛାପାଖାନାରେ ବ୍ୟବହୃତ ଶବ୍ଦ)—
Pruph ଛାପା ହେବା ବିଷୟର ଅନ୍ତିମ ମୁଦ୍ରଣ ପୂର୍ବରୁ କଢ଼ାଯିବା
ପ୍ରୁଫ୍ **প্রুফ্** ଛାପ—Proof (in printing).
(ପ୍ରୁଫ୍ କାଗଜ, ପ୍ରୁଫ୍ ଫର୍ଦ; ପ୍ରୁଫ୍ ସୀଟ୍—ଅନ୍ୟରୂପ)

[ଦ୍ର—ପ୍ରୁଫ୍ ତିନି ପ୍ରକାର—ଗାଲୀ ପ୍ରୁଫ୍, ପେଜ ପ୍ରୁଫ୍ ଓ ଫର୍ମା ପ୍ରୁଫ୍ । କୌଣସି ଲିଖିତ ବିଷୟ ଛାପିବାକୁ ହେଲେ କମ୍ପୋଜିଟରମାନେ ଲେଖା ଅନୁସାରେ ଟାଇପ୍‌ମାନ ଯୋଡ଼ନ୍ତି; ଏହି ଯୋଡ଼ା ହୋଇଥିବା ଟାଇପ୍‌ମାନଙ୍କୁ ଷ୍ଟିକ୍ ବା ସ୍ତମ୍ଭମାନଙ୍କରେ ସଜାଇ ତହିଁରୁ ପ୍ରଥମେ ଯେଉଁ ଛାପ କାଢ଼ନ୍ତି ତାକୁ ଗାଲୀ ପ୍ରୁଫ୍ ବୋଲାଯାଏ । ଗାଲୀ ପ୍ରୁଫ୍‌ରେ ଯେଉଁ ଯେଉଁଠାରେ ଭ୍ରମ ଥାଏ ତାକୁ ପ୍ରୁଫ୍ ରିଡର ସଂଶୋଧନ କରନ୍ତି । ଗାଲୀ ପ୍ରୁଫ୍ ସଂଶୋଧିତ ହେବା ପରେ କମ୍ପୋଜିଟରମାନେ ଦର୍ଶିତ ଭ୍ରମମାନଙ୍କୁ ସଂଶୋଧନ କରି ସେହି ସେହି ସ୍ଥାନରେ ନୂତନ ଟାଇପ୍ ବସାନ୍ତି । ଉକ୍ତ ସଂଶୋଧିତ ପ୍ରୁଫ୍‌କୁ କମ୍ପୋଜିଟରମାନେ ଅଭିପ୍ରେତ ପୁସ୍ତକର ପୃଷ୍ଠାର ଆକାର ଅନୁସାରେ ସଜାନ୍ତି । ଏହାକୁ ପେଜ୍ ପ୍ରୁଫ୍ ବୋଲାଯାଏ । ପେଜ୍ ପ୍ରୁଫ୍‌କୁ ପ୍ରୁଫ୍ ରିଡର ପୁଣି ସଂଶୋଧନ କରନ୍ତି ଓ ଉକ୍ତ ସଂଶୋଧନ ଅନୁସାରେ କମ୍ପୋଜିଟରମାନେ ନୂତନ ଟାଇପ୍ ବଦଳାଇ ଫର୍ମା ଇମ୍ପୋଜ କରି ଛାପା ପୂର୍ବରୁ ଯେଉଁ ପ୍ରୁଫ୍ ଦିଅନ୍ତି ତାହାକୁ ଫର୍ମା ପ୍ରୁଫ୍ କହନ୍ତି ।]

ପ୍ରୁଫ୍ ରିଡର—ବୈଦେ. ବି. (ଇଂ) (ଛାପାଖାନା ବ୍ୟବହୃତ ଶବ୍ଦ)—
Pruph riḍar ଯେଉଁ ବ୍ୟକ୍ତି ପ୍ରୁଫ୍ ସଂଶୋଧନ କରେ—
ପ୍ରୁଫ୍ ରିଡାର **প্রুফরিডার** Proof reader.
(ପ୍ରୁଫ୍ ଦେଖାଳୀ, ପ୍ରୁଫ ସଂଶୋଧକ—ଅନ୍ୟରୂପ)

ପ୍ରୁଫ୍ ରିଡିଙ୍ଗ୍—ବୈଦେ. ବି. (ଇଂ) (ଛାପାଖାନା ବ୍ୟବହୃତ ଶବ୍ଦ)—
Pruph riḍing ଛାପାଖାନାରେ ଗାଲୀ ପ୍ରୁଫ୍ ଓ ପେଜ୍ ପ୍ରୁଫ୍‌ରେ
ପ୍ରୁଫ୍ ରିଡିଙ୍ଗ୍ ଥିବା ଭ୍ରମମାନଙ୍କ ସଂଶୋଧନ—Proof reading.
প্রুফ রিডিঙ্গ (ପ୍ରୁଫ୍ ଦେଖା, ପ୍ରୁଫ୍ ସଂଶୋଧନ—ଦେଶଜରୂପ)

[ଦ୍ର—କମ୍ପୋଜିଟରମାନେ ଟାଇପ୍ ଯୋଡ଼ି ସାରିବା ପରେ ସେଥିରୁ ଯେଉଁ ଛାପ (ପ୍ରୁଫ୍) କଢ଼ାଯାଏ, ସେ ପ୍ରୁଫ୍‌ମାନଙ୍କରେ ପ୍ରୁଫ୍ ରିଡର ଯେଉଁ ଭ୍ରମମାନ ଦେଖନ୍ତି ତାକୁ ଠିକ୍ କରିବା ପାଇଁ ବିଭିନ୍ନ ଚିହ୍ନ ବା ଠାରମାନ ଅଛି । ସେହି ଠାରମାନ ଦେଖି କମ୍ପୋଜିଟରମାନେ ଟାଇପ୍‌ମାନ ବଦଳାଇ ଠିକ୍ ଟାଇପ୍ ବସାନ୍ତି ।]

ପ୍ରୁଷ୍ଟ—ସଂ. ବିଣ. (ପ୍ରୁଷ୍ ଧାତୁ=ଦଗ୍ଧ କରିବା+ତ)—ଦଗ୍ଧ—
Prushṭa Burnt.

ପ୍ରେକ୍ଷକ—ସଂ. ବିଣ. ପୁଂ. (ପ୍ର+ଈକ୍ଷ ଧାତୁ=ଦେଖିବା+କର୍ତ୍ତୃ. ଅକ)—
Prekshaka ଦର୍ଶକ; ପରିଦର୍ଶକ—Visiting; inspecting; seeing.
(ପ୍ରେକ୍ଷିକା—ସ୍ତ୍ରୀ) ସଂ. ବି. ପୁଂ—ଦର୍ଶକ ବ୍ୟକ୍ତି—Visitor.

ପ୍ରେକ୍ଷଣ(ଣା)—ସଂ. ବି. (ପ୍ର+ଈକ୍ଷ ଧାତୁ+ଭାବ ଅନ; (ଆ)—
Prekshaṇa(ṇā) ୧ । ଦର୍ଶନ; ଦେଖିବା—1. Seeing.
(ପ୍ରେକ୍ଷିତ—ବିଣ) ୨ । ପରିଦର୍ଶନ—2. Inspecting.
୩ । ପର୍ଯ୍ୟବେକ୍ଷଣ—3. Observation.
୪ । (+କରଣ. ଅନ) ଚକ୍ଷୁଃ; ଆଖି—4 Eye.

ପ୍ରେକ୍ଷଣିକ—ସଂ. ବି ପୁଂ (ପ୍ରେକ୍ଷଣ+ଇକ)—ପରିଦର୍ଶକ—
Prekshaṇika (ପ୍ରେକ୍ଷଣିକା—ସ୍ତ୍ରୀ) Inspector; visitor.

ପ୍ରେକ୍ଷଣୀୟ—ସଂ. ବିଣ. (ପ୍ର+ଈକ୍ଷ୍ ଧାତୁ+କର୍ମ. ଅନୀୟ)—
Prekshaṇiya ୧ । ପରିଦର୍ଶନୀୟ—1. Observable; fit to be inspected.
୨ । ଦର୍ଶନୀୟ; ଦେଖିବାର ଯୋଗ୍ୟ—
2 Visible; fit to be seen

ପ୍ରେକ୍ଷମାଣ—ସଂ. ବିଣ. ପୁଂ (ପ୍ର+ଈକ୍ଷ ଧାତୁ+କର୍ତ୍ତୃ. ଆନ)—
Prekshamāṇa ୧ । (ପ୍ରେକ୍ଷମାଣା—ସ୍ତ୍ରୀ) ଦେଖୁଥିବା—
1. Seeing: observing.
୨ । ଦେଖା ଯାଉଥିବା—2. Being seen.
୩ । ଦୃଶ୍ୟମାନ—3. Visible.

ପ୍ରେକ୍ଷା—ସଂ. ବି. (ପ୍ର+ଈକ୍ଷ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Prekshā ୧ । ଦର୍ଶନ; ଦୃଷ୍ଟି—1. Seeing; sight.
୨ । ପର୍ଯ୍ୟବେକ୍ଷଣ—2. Observation.
୩ । ତୀକ୍ଷ୍ଣ ବୁଦ୍ଧି; ପ୍ରଜ୍ଞା—3. Intellect; understanding.
୪ । ବିମୃଶ୍ୟକାରିତା—4. Prudence; foresight.
୫ । ନୃତ୍ୟ ଦର୍ଶନ—5. Seeing a dance.
୬ । ବୃକ୍ଷର ଶାଖା—6. Branch of a tree.
୭ । (+କର୍ମ. ଅ) ଶୋଭା (ହ. ଷ)—
7. Grace; beauty.

ପ୍ରେକ୍ଷାଗାର—ସଂ. ବି. (୬ଷ୍ଠୀ ତତ୍; ପ୍ରେକ୍ଷା+ଆଗାର)—
Prekshāgāra ୧ । ରାଜାଙ୍କର ମନ୍ତ୍ରଣାଗାର—
(ପ୍ରେକ୍ଷାଗୃହ—ଅନ୍ୟରୂପ) 1, A king's council chamber.
୨ । ନୃତ୍ୟଶାଳା; ନାଚଶାଳା; ନାଟମନ୍ଦିର—
2, Theatre hall; dancing saloon; ball-room,
୩ । ମାନମନ୍ଦିର; ପର୍ଯ୍ୟବେକ୍ଷଣ ଗୃହ—3. Observatory.
୪ । ରଙ୍ଗାଳୟ; ରଙ୍ଗଭୂମି—4. Stage; theatre.
୫ । ଦର୍ଶକମାନେ ବସି ଯାତ୍ରାଆଦି ଦେଖିବା ନିମନ୍ତେ ସ୍ତର ସ୍ତର ହୋଇ ସଜ୍ଜିତ ଆସନ-ପଙ୍କ୍ତି-ଯୁକ୍ତ ଗୃହ; ଗାଲେରୀ—
5. Amphitheatre; gallery.

ପ୍ରେକ୍ଷାବାନ୍—ସଂ. ବିଣ. ପୁଂ. (ପ୍ରେକ୍ଷା+ବତ୍)—
Prekshābān ୧ । ବୁଦ୍ଧିବିଶିଷ୍ଟ; ବୁଦ୍ଧିମାନ୍—
1. Intelligent.
ପ୍ରେକ୍ଷାବତୀ / ପ୍ରେକ୍ଷିଣୀ } ସ୍ତ୍ରୀ—
୨ । ବିଜ୍ଞ—2. Wise.
(ପ୍ରେକ୍ଷୀ—ଅନ୍ୟରୂପ) ୩ । ବିବେଚକ; ବିମୃଶ୍ୟକାରୀ—
3. Prudent; considerate.

ପ୍ରେକ୍ଷିତ—ସଂ. ବିଣ. (ପ୍ର+ଈକ୍ଷିତ)—୧ । ଦୃଷ୍ଟ—
Prekshita 1. Seen; viewed.

୨। ପର୍ଯ୍ୟବେକ୍ଷିତ—2. Observed.

ପ୍ରେଙ୍ଖଣ(ନ)—ସ. ବ. (ପ୍ର+ଇଂଖ୍ ଧାତୁ=ଗମନ କରିବା+ଭାବ. ଅନ)—୧। ଚଳନ; ଗମନ—
Preṅkhaṇa(na)
1. Walking; movement.
୨। ନିରୁଦ୍ଦେଶ୍ୟଭାବରେ ଭ୍ରମଣ କରିବା—2. Wandering.
୩। ଦୋଳନ; ଦୋହୋଲିବା—
3. Swinging; rocking.
୪। ପ୍ରବେଶ କରିବା—4. Entering.
୫। ନୀଚଶ୍ରେଣୀସ୍ଥ ନାୟକବିଶିଷ୍ଟ ଏକାଙ୍କଯୁକ୍ତ ଶାନ୍ତରସପ୍ରଧାନ ରୂପକ ନାଟକବିଶେଷ—5. A minor drama in one act.

ପ୍ରେଙ୍ଖା—ସ. ବି. (ପ୍ର+ଇନ୍‌ଖ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Preṅkhā ୧। ଚଳନ; ଗତି—
1 Motion; movement.
୨। (+କରଣ. ଅ+ଆ)—ଦୋଳା—
2. A swing; a sort of hammock.
୩। (+ଭାବ.ଅ) ପର୍ଯ୍ୟଟନ—3. Wandering; roaming.
୪। କମ୍ପନ; ଆନ୍ଦୋଳନ—4. Vibration; agitation.
୫। ଅଶ୍ୱଗତିବିଶେଷ; ଦୁଲ୍‌କି—5. A kind of motion of the horse; trotting of a horse.
୬। ଗୃହବିଶେଷ—6. A kind of house.
୭। ଝୁଲିବା—7. Swinging.
୮। ନାଚ; ନୃତ୍ୟ (ହି. ଶ)—8. Dancing.

ପ୍ରେଙ୍ଖିତ—ସ. ବଣ. (ପ୍ର+ଇଂଖ୍ ଧାତୁ+କର୍ମ. ତ)—
Preṅkhita ଦୋଳିତ; କମ୍ପିତ; ଶ୍ୱଳିତ—
Swinging; trembling; vibrating.

ପ୍ରେଙ୍ଖୋଳା—ସ. ବ. (ପ୍ର+ଇଂଖ୍ ଧାତୁ+କରଣ ଓଲ+ସ୍ତ୍ରୀ. ଆ)—
Preṅkholā ଦୋଳା—A swing.
ବିନ୍ଦୁ ଜଳେ ତେଜ ଲହରୀ-ପ୍ରେଙ୍ଖୋଳା। ରଥାକାଥ. ମହେନ୍ଦ୍ରଗିରି।

ପ୍ରେଜେଣ୍ଟ—ବୈଦେ. ବି. (ଇଂ)—ଉପହାର—
Prejenṭ A present.
ବଣ. (ଇଂ)—ହାଜର; ଉପସ୍ଥିତ—Present.

ପ୍ରେଜେଣ୍ଟେସନ୍ କପି—ବୈଦେ. ବି. (ଇଂ)—ପୁସ୍ତକର ଯେଉଁ ସଂଖ୍ୟା
Prejenṭesan kapi ବଶିଷ୍ଟ ବ୍ୟକ୍ତିଙ୍କୁ ଉପହାର ଦେବାପାଇଁ
प्रेजेन्टेसनकापी ଛପା ହୋଇଥାଏ—Presentation
प्रेजेंटेसनकापी copy (of any book).

ପ୍ରେଣ—ସ. ବି—(ପ୍ର+ଇ ଧାତୁ+ଅନ)—୧। ଗତି (ହି. ଶ)—
Preṇa 1. Motion.
୨। ପ୍ରେରଣା (ହି. ଶ)—2 Incitement.

ପ୍ରେତ—ସ. ବଣ. (ପ୍ର+ଇ ଧାତୁ=ଯିବା+କର୍ତ୍ତୃ. ତ)—୧। ଗତ—
Preta 1. Gone; departed.
(ପ୍ରେତା—ସ୍ତ୍ରୀ) ୨। ମୃତ—2. Dead; deceased.
ବି—୧। ଯଥାବିହିତ ଶ୍ରାଦ୍ଧ ସମ୍ପନ୍ନ ହୋଇ ନ ଥିବା ମୃତ ବ୍ୟକ୍ତିର ଅମୋକ୍ଷ ଆତ୍ମା—1. The departed soul of a man before his obsequial rites are performed.
୨। ପିଶାଚ; ଭୂତ—2. Ghost; spectre; spirit; goblin.
୩। ନରକସ୍ଥ ପ୍ରାଣୀ ବା ଆତ୍ମା—3. The departed souls; spirits of departed persons which are undergoing punishment in hell.
୪। ମୃତ ପ୍ରାଣୀ (ହି. ଶ)—3, Dead being.
୫। ଶବ—5. Dead body; corpse.
[ଦ୍ର—ହିନ୍ଦୁପୁରାଣ ମତରେ ମନୁଷ୍ୟ ମଲା ପରେ ତା ଶବର ସଂସ୍କାର ହେବା ପରେ ତାହାର ଆତ୍ମା ଅତିବାହକ ବା ଲିଙ୍ଗ-ଶରୀର ଧାରଣ କରେ। ତତ୍ପରେ ତାର ଔର୍ଦ୍ଧ୍ୱଦୈହିକ କ୍ରିୟା (ପିଣ୍ଡଦାନ ଓ ଶ୍ରାଦ୍ଧ) ସମ୍ପାଦିତ ହେବାବେଳେ ସେ ପ୍ରେତ-ଶରୀର ବା ଭୋଗ ଶରୀର ଧାରଣ କରେ। ସପିଣ୍ଡୀକରଣ ପର୍ଯ୍ୟନ୍ତ ଏହି ଶରୀର ରହେ। ସପିଣ୍ଡୀକରଣ କର୍ମ ସମ୍ପାଦିତ ହେଲେ ମନୁଷ୍ୟ ପ୍ରେତତ୍ୱରୁ ମୁକ୍ତ ହୋଇ ନିଜର କର୍ମାନୁସାରେ ସ୍ୱର୍ଗ ବା ନରକକୁ ଯାଏ। ଯେଉଁ ବ୍ୟକ୍ତିର ଶ୍ରାଦ୍ଧ ଔର୍ଦ୍ଧ୍ୱଦୈହିକ କ୍ରିୟା ହୋଇ ନ ଥାଏ ସେ ପ୍ରେତ ହୋଇ ରହେ। ପୁରାଣ ଅନୁସାରେ ପାପୀ, ଅଦାତା, ପରସ୍ତ୍ରୀଗାମୀ, ମିଥ୍ୟାବାଦୀ, ନିଷ୍ଠୁର, ମାଦକସେବୀ ଓ କୁକର୍ମକାରୀ ବ୍ୟକ୍ତିମାନେ ମୃତ୍ୟୁ ପରେ ପ୍ରେତ ହୋଇ ରହନ୍ତି। ପ୍ରେତମାନଙ୍କ ନିବାସ ମଳମୂତ୍ରାଦିଦୁଷ୍ଟ ଅପରିଷ୍କୃତ ସ୍ଥାନ ଓ ସେମାନଙ୍କ ଖାଦ୍ୟ ଅପବିତ୍ରବସ୍ତୁ ବୋଲି କଥିତ ଅଛି—ହି. ଶ।]

ପ୍ରେତ କର୍ମ—ସ. ବି—ମୃତ ବ୍ୟକ୍ତିର ପ୍ରେତ ମୋକ୍ଷ ଲାଭ କରିବା
Preta karma ଉଦ୍ଦେଶ୍ୟରେ କରାଯିବା କ୍ରିୟା; ଶବଦାହଠାରୁ
ପ୍ରେତ କାର୍ଯ୍ୟ, ପ୍ରେତ କୃତ୍ୟ, ପ୍ରେତ କ୍ରିୟା } ଅନ୍ୟରୂପ] ସପିଣ୍ଡୀକରଣ ପର୍ଯ୍ୟନ୍ତ କରାଯିବା କାର୍ଯ୍ୟ; ଅନ୍ତ୍ୟେଷ୍ଟି କ୍ରିୟା—Obsequal rites; funeral rites.

ପ୍ରେତ ଗୃହ—ସ. ବି—୧। ଶ୍ମଶାନ—1. Cremation ground;
Preta gṛuha burning ground.
ପ୍ରେତନ ବନ, ପ୍ରେତ ଭୂମି } ଅନ୍ୟରୂପ] ୨। (ଆଧୁନିକ ପ୍ରୟୋଗ) କବର ସ୍ଥାନ—2, Burial ground; cemetery.
୩। (ଆଧୁନିକ ପ୍ରୟୋଗ) ଶବ ସଂରକ୍ଷଣ ଗୃହ—
3. Sepulchre; a vault for preserving dead bodies.

ପ୍ରେତ ତର୍ପଣ—ସ. ବି—ମରଣାବଧି ସପିଣ୍ଡୀକରଣ ପର୍ଯ୍ୟନ୍ତ ମୃତବ୍ୟକ୍ତିର
Preta tarpaṇa ପ୍ରେତ ଉଦ୍ଦେଶ୍ୟରେ ଜଳଦାନ—Offering oblations of water to the departed soul during the funerals.

ପ୍ରେତ ତା(ତ୍ୱ)—ସ. ବି—(ପ୍ରେତ+ତା; ତ୍ୱ)—୧। ପ୍ରେତର ଅବସ୍ଥା—
Preta tā (twa) 1. The state of being a ghost.
୨। ପ୍ରେତର ଧର୍ମ—2. The acts of a ghost.

ପ୍ରେତ ଦାହ—ସ. ବି—(୬ଷ୍ଠୀ ତତ୍ପୁ. ପ୍ରେତ+ଦାହ)—ଶବଦାହ;
Preta dāha ମୁର୍ଦ୍ଦାର ପୋଡ଼ା (ହି. ଶ)—Cremation; burning of a dead body.

ପ୍ରେତ ଦେହ—ସ. ବ—(୬ଷ୍ଠୀ ତତ୍)—ମରିବା ପରକ୍ଷଣରୁ ସପିଣ୍ଡୀକରଣ ପର୍ଯ୍ୟନ୍ତ ମୃତବ୍ୟକ୍ତିର ଅସ୍ଥା ଧାରଣ କରିବା ରୂପ—
Preta deha — The ghostly form assumed by the soul of a dead person before the completion of his or her obsequal rites.
(ପ୍ରେତ ଶରୀର—ଅନ୍ୟରୂପ)

ପ୍ରେତ ଧୂମ—ସଂ. ବ—ଶବଦାହର ଧୂଆଁ, ଚିତାଧୂମ—
Preta dhūma — The smoke rising from a funeral pyre.

ପ୍ରେତ ନଦୀ—ସଂ. ବ—ନରକସ୍ଥ ବୈତରଣୀ ନଦୀ—
Preta nadī — The river of hell; styx.
[ଦ୍ର—ଏ ନଦୀକୁ ମୃତବ୍ୟକ୍ତିର ଅସ୍ଥା ପାର ହୁଏ ।]

ପ୍ରେତ ନିର୍ଯାତକ—ସଂ. ବ—(ପ୍ରେତ+ନିର୍ଯାତକ)—ଯେଉଁ ଲୋକ ଧନ ଗ୍ରହଣ କରି ମୃତବ୍ୟକ୍ତିର ଶବଦାହାଦି କର୍ମ କରନ୍ତି—
Preta nirjātaka — A person who disposes of or cremates the dead bodies for money.

ପ୍ରେତ ନିର୍ହାରକ—ସ. ବ—ମଡ଼ାସାଙ୍ଗିଆ ଲୋକ; ଯେଉଁ ଲୋକ ମୁର୍ଦାରକୁ ଶ୍ମଶାନକୁ ନିଏ—
Preta nirhāraka — Carrier of a dead body to the cremation or burial ground.

ପ୍ରେତ ପକ୍ଷ—ସଂ. ବ—ପିତୃପକ୍ଷ; ଆଶ୍ୱିନ କୃଷ୍ଣପକ୍ଷ—
Preta paksha — The dark fortnight of the month of Āswina.
[ଦ୍ର—ଏହି ପକ୍ଷରେ ପ୍ରତିଦିନ ପିତୃଲୋକଙ୍କୁ ତର୍ପଣ କରାଯାଏ ଓ ପାର୍ବଣ ବିଧିରେ ମହାଳୟା ଶ୍ରାଦ୍ଧ କରାଯାଏ ।]

ପ୍ରେତ ପଟହ—ମୃତ୍ୟୁକାଳରେ ବାଦନୀୟ ବାଦ୍ୟବିଶେଷ—
Preta paṭaha — Funeral drum.

ପ୍ରେତ ପତି—ସଂ. ବ (୬ଷ୍ଠୀ ତତ୍)—ଯମ—
Preta pati — The God of death.
(ପ୍ରେତନାଥ, ପ୍ରେତରାଜ, ପ୍ରେତରାଟ୍—ଅନ୍ୟରୂପ)

ପ୍ରେତ ପାବକ—ସଂ. ବ—ଚରବୁଲୀ ଅଲୁଅ (ହି. ଶ)—
Preta pābaka — Ignis fatuns; will o' the wisp.

ପ୍ରେତ ପିଣ୍ଡ—ସଂ. ବ—(ମ. ପ. ଲୋ;ପ୍ରେତ ଉଦ୍ଦେଶ୍ୟରେ ପ୍ରଦତ୍ତ ପିଣ୍ଡ)—ମରଣାବଧି ସପିଣ୍ଡୀକରଣ ପର୍ଯ୍ୟନ୍ତ ପ୍ରେତର ଉଦ୍ଦେଶ୍ୟରେ ପ୍ରଦତ୍ତ ପିଣ୍ଡ ବା ଅନ୍ନଗୋଲକ—
Preta piṇḍa — Oblation of boiled rice-balls offered to the ghost of a dead person from the day of death till Sapiṇḍīkaraṇa.

ପ୍ରେତପୁର—ସ. ବ—ଯମାଳୟ; ଯମପୁର—
Pretapura — The abode of Jama.
ପ୍ରେତପୁରୀ, ପ୍ରେତବାସ, ପ୍ରେତଲୋକ } ଅନ୍ୟରୂପ
[ଦ୍ର—ମୃତ୍ୟୁର ଏକବର୍ଷ ଅର୍ଥାତ୍ ସପିଣ୍ଡୀକରଣ ପର୍ଯ୍ୟନ୍ତ ମୃତ ବ୍ୟକ୍ତିର ପ୍ରେତ ଏହିଠାରେ ରହେ ।]

ପ୍ରେତ-ରାକ୍ଷସୀ—ସ. ବ. (ତୁଳସୀ ଗଛ ଥିବା ସ୍ଥାନରେ ପ୍ରେତ ରହନ୍ତି ନାହିଁ)—ତୁଳସୀବୃକ୍ଷ—
Preta rākshasī — The Holy Basil plant.

ପ୍ରେତଶିଳା—ସ. ବ—ପ୍ରେତମାନଙ୍କୁ ପିଣ୍ଡ ଦେବା ନିମନ୍ତେ ଗୟାରେ ସ୍ଥିତ ପ୍ରସ୍ତରଖଣ୍ଡ—
Pretaśilā — A slab of stone at Gayā where oblations are offered to departed souls.

ପ୍ରେତଶୁଦ୍ଧି—ସ. ବ—ଜ୍ଞାତିର ମୃତ୍ୟୁର ଦଶାହ ଦିନ ନଖ ବାଳ କଟାଇ ସ୍ନାନ କରି ଶୁଦ୍ଧ ହେବା କ୍ରିୟା—
Pretaśuddhi — Purification done by the kinsmen on the 10th ay of a person's death.

ପ୍ରେତଶ୍ରାଦ୍ଧ—ସଂ. ବ—ପ୍ରେତ ଉଦ୍ଦେଶ୍ୟରେ କରାଯିବା ଶ୍ରାଦ୍ଧ—
Pretaśrāddha — Funeral oblations made to the departed soul.
(ପ୍ରେତମେଧ—ଅନ୍ୟରୂପ)
[ଦ୍ର—ଏହା ମୃତ୍ୟୁର ପର ଦିନଠାରୁ ଏକ ବରଷ ମଧ୍ୟରେ ସପିଣ୍ଡୀକରଣ ପର୍ଯ୍ୟନ୍ତ କରିବାକୁ ହୁଏ ଓ ଏଥିର ସଂଖ୍ୟା ୧୬ଟି ।]

ପ୍ରେତସାଇଁ—ଦେ. ବଣ (ସ. ପ୍ରେତସ୍ୱାମୀ)—ପ୍ରେତସ୍ୱାମୀ; ଯମ; ପରେତରାଟ୍—
Pretasāiñ — The God of death.
ଦେଖାଇବ ଏହାକୁ ଅଛ ପ୍ରେତସାଇଁ—କୃଷ୍ଣସିଂହ, ମହାଭାରତ, ସଭ ।

ପ୍ରେତହାର—ସ. ବ—୧ । ମଡ଼ାକଢ଼ା; ଜ୍ଞାତି—1. Kinsmen who
Pretahār — carry the dead body to the cremation ground
(ପ୍ରେତହାରକ—ଅନ୍ୟରୂପ)
୨ । ଶବବାହକ—2. Carriers of a corpse.

ପ୍ରେତା—ସ. ବଣ. ସ୍ତ୍ରୀ—ସ୍ତ୍ରୀ ପ୍ରେତ—
Pretā — A female ghost.
ବ—୧ । ନରକର ସୀମାସ୍ଥ ବୈତରଣୀ ନଦୀ—
1. The mythological river on the confines of the hell.
୨ । ଭଗବତୀ କାତ୍ୟାୟନୀ—2. A name of Durgā.

ପ୍ରେତାଧିପ—ସ. ବ (୬ଷ୍ଠୀ ତତ୍; ପ୍ରେତ+ଅଧିପ)—ଯମରାଜ—
Pretādhipa — The God of Death.
(ପ୍ରେତାଧିପତି; ପ୍ରେତାଧିଶ, ପ୍ରେତାଧୀଶ୍ୱର, ପ୍ରେତେଶ—ଅନ୍ୟରୂପ)

ପ୍ରେତାନ୍ନ—ସ. ବ—ପ୍ରେତୋଦ୍ଦେଶ୍ୟରେ ଦଆଯିବା ଅନ୍ନ—
Pretānna — Food offered to a departed soul.

ପ୍ରେତି—ସଂ. ବ—୧ । ମରଣ (ହି. ଶ)—
Preti — 1. Death.
୨ । ଅନ୍ନ; ଅନାଜ (ହି. ଶ)—2. Food; food lain.

ପ୍ରେତିକ—ସଂ. ବ—ପ୍ରେତ (ହି. ଶ)—The ghost or spirit
Pretika — of a departed person.

ପ୍ରେତି(ତୁ)ଣୀ—ଦେ. ବ. ସ୍ତ୍ରୀ (ସଂ. ପ୍ରେତା)—ପ୍ରେତା; ପ୍ରେତଯୋନି ଧାରଣୀ ସ୍ତ୍ରୀ—
Preti(tu)ṇi — A female spirit or goblin.
ପ୍ରେତିଣୀ ପ୍ରେତନୀ, ପ୍ରେତିନୀ

ପ୍ରେତୋନ୍ମାଦ—ସଂ. ବ—ଭୂତାଣୀ ଲାଗିବା ରୋଗ; ଉନ୍ମାଦରୋଗବିଶେଷ—
Pretonmāda — Possession by an evil spirit; a kind of insanity.
[ଦ୍ର—ଏ ରୋଗୀର ଶରୀର କମ୍ପେ, ରୋଗୀ ଖିଆପିଆ ଛାଡ଼ିଦିଏ, ରୋଗୀର ଦୀର୍ଘଶ୍ୱାସ ହୁଏ, ରୋଗୀ ଘରୁ ପଳାଇ ଯାଏ ଓ ଖୁବ୍ ପାଟି କରେ ଓ ଲୋକଙ୍କୁ ଗାଳିଦିଏ—ହି. ଶ ।]

ପ୍ରେତ୍ୟ—ସଂ. ବ—ପରଲୋକ; ଲୋକାନ୍ତର (ହ ଶ)—
Pretya Existence after death.

ପ୍ରେତ୍ୟଭାବ—ସଂ. ବ. (ହିନ୍ଦୁ ଦର୍ଶନ)—ବାରମ୍ବାର ସଂସାରରେ
Pretyabhāba ଜନ୍ମଗ୍ରହଣ ଓ ମରଣ (ହ. ଶ)—
(Hindu philosophy) Repeated births and deaths of a person in this world.

ପ୍ରେମ—ସ. ବ. (ପ୍ରିୟ+ଭାବେ. ଇମନ୍; ନିପାତନ)—
Prema ୧ । ସ୍ତ୍ରୀ ଓ ପୁରୁଷର ପରସ୍ପର ପ୍ରତି ପ୍ରଣୟ; ପ୍ରୀତି; ଅନୁରାଗ-
1. Love.
୨ । ସ୍ନେହ—2. Affection.
୩ । ଆସକ୍ତି—3. Attachment; fondness.
୪ । ଭକ୍ତି—4. Devotion; regard.
୫ । ଆନନ୍ଦ; ଆମୋଦ—5. Pleasure; joy.
୬ । କୌତୁକ; ପରିହାସ—
6. Joke; pastime; sport.
୭ । ଦୟା—7. Kindness.
୮ । ବୋସ୍ତୀ; ବନ୍ଧୁତା—
8. Friendship; intimacy.
[ଦ୍ର—ପ୍ରେମ ପଞ୍ଚବିଧ, ଯଥା—ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମାଧୁର୍ଯ୍ୟ । ମାଧୁର୍ଯ୍ୟ ସର୍ବାପେକ୍ଷା ଶ୍ରେଷ୍ଠ ପ୍ରେମ । ସନକାଦି ମୁନିମାନେ ଭଗବାନଙ୍କୁ ଶାନ୍ତ ଭାବରେ ଉପାସନା କରୁଥିଲେ । ସାଧାରଣ ଭକ୍ତମାନଙ୍କର ଦାସ୍ୟ ଭାବ । ଅର୍ଜୁନ ପ୍ରଭୃତି ସଖ୍ୟ ଭାବରେ ଶ୍ରୀକୃଷ୍ଣଙ୍କୁ ଲାଭ କରିଥିଲେ । ଯଶୋଦା ବାତ୍ସଲ୍ୟ ଭାବରେ ଶ୍ରୀକୃଷ୍ଣଙ୍କୁ ପାଇଥିଲେ । ଶ୍ରୀ ରାଧିକା ମାଧୁର୍ଯ୍ୟ ଭାବ ଦ୍ୱାରା ଶ୍ରୀକୃଷ୍ଣଙ୍କୁ ଲାଭ କରିଥିଲେ ।
ଜଗବନ୍ଧୁ ପ୍ରାଚୀନ ଉତ୍କଳ ।]

ପ୍ରେମ କରିବା—ଦେ. କ୍ରି—୧ । (ସ୍ତ୍ରୀ ପୁରୁଷ ପ୍ରତି ବା ପୁରୁଷ ସ୍ତ୍ରୀ ପ୍ରତି)
Prema karibā ପ୍ରଣୟ କରିବା—1. To love (said of a male or female towards one of the opposite sect.
প্রেম করা
प्रेम करना
୨ । ଆନନ୍ଦ ଉପଭୋଗ କରିବା—
2. To make merriment.
୩ । ଭକ୍ତି କରିବା—3. To love with devotion.

ପ୍ରେମ କଳହ—ସ. ବ. (ମ. ପ ଲୋ)—
Prema kaḷaha ୧ । ପ୍ରେମିକଙ୍କ ମଧ୍ୟରେ କଳହ—
1. Quarrels between lovers.
୨ । ଥଟ୍ଟାରେ କଳିକଜିଆ—2. Farcical quarrel; a show of quarrelling.

ପ୍ରେମ ଗର୍ବିତା—ସ. ବ. ସ୍ତ୍ରୀ—ସାହିତ୍ୟ ବର୍ଣ୍ଣିତା ନାୟିକାବିଶେଷ; ଆପଣା
Prema garbitā ପତିର ଅନୁରାଗ ଯୋଗୁଁ ଗର୍ବ ଅନୁଭବ କରୁଥିବା ସ୍ତ୍ରୀ (ହ. ଶ)—A woman who is proud of her husband's attachment to her.

ପ୍ରେମ ଜନକ—ସ. ବଣ—ଯାହା ମନରେ ପ୍ରେମ ଜନ୍ମାଏ—
Prema janaka Producing affection or love.

ପ୍ରେମ ଜଳ—ସ. ବ. (ମ. ପ. ଲୋ)—
Prema jaḷa ୧ । ପ୍ରସ୍ୱେଦ; ଝାଳ (ହ. ଶବ୍ଦସାଗର)—

ପ୍ରେମ ନୀର } ଅନ୍ୟରୂପ 1. Perspiration; sweat.
ପ୍ରେମ ବାରି }
୨ । ପ୍ରେମ ଅଶ୍ରୁ; ପ୍ରେମରେ ଆଖିରୁ ବହିବା ଲୁହ; ଆନନ୍ଦାଶ୍ରୁ—2. Tears due to a paroxysm of delight.

ପ୍ରେମଜ୍ଞ—ଦେ. ବ—ପ୍ରେମ ଜାଣିଥିବା—
Premajña Loving; versed in the mysteries of love.
(ପ୍ରେମଜ୍ଞ—ଗ୍ରାମ୍ୟରୂପ)
ପ୍ରେମଜ୍ଞ ପୁରୁଷ ପାଇବୁ, ଏ ଯଉବନ ଦାନ ଦେବୁ ।
ଭୂପତି. ପ୍ରେମପଞ୍ଚାମୃତ ।

ପ୍ରେମ ତରଙ୍ଗ—ସଂ. ବ. (ରୂପକ; ପ୍ରେମ+ତରଙ୍ଗ)—
Prema taraṅga ଢେଉ ପରି ଉଚ୍ଛୁଳୁଥିବା ପ୍ରେମ—
Gushing love.

ପ୍ରେମ ଡୋର(ରି)—ଦେ ବ. (ସଂ. ପ୍ରେମ+ଦୋରକ)—
Prema ḍora(ri) ପ୍ରେମରୂପ ବନ୍ଧନ; ପ୍ରେମବନ୍ଧନ; ପ୍ରେମପାଶ-
প্রেমের ডোরী प्रेमकी डोरी Tie of love.
(ପ୍ରେମ ଫାଶ—ଅନ୍ୟରୂପ)

ପ୍ରେମ ପଞ୍ଚାମୃତ—ଦେ. ବ. (ନାମ)—ଭୂପତି ପଣ୍ଡିତଙ୍କ ରଚିତ ଓଡ଼ିଆ
Prema pañchāmṛuta ପଦ୍ୟ ଗ୍ରନ୍ଥ—Title of an Oriya poem by Bhūpati Pandit.
[ଦ୍ର—ଦିବ୍ୟସିଂହ ଦେବଙ୍କ ୮ମ ଅଙ୍କ ବା ଖ୍ରୀ ୧୭୧୪।୧୭ ସାଲରେ ଏ ଗ୍ରନ୍ଥର ରଚନା ସମାପ୍ତ ହୋଇଥିଲା । ଏଥିରେ ରାଧାକୃଷ୍ଣଙ୍କ ଲୀଳା ଓ ଗୋପୀମାନଙ୍କ ଅହେତୁକୀ ଭକ୍ତି ଓ ରାସକ୍ରୀଡ଼ା ବର୍ଣ୍ଣିତ ହୋଇଅଛି । ଏ ଗ୍ରନ୍ଥକୁ ଅରୁଣୋଦୟ ପ୍ରେସ ଓ ପ୍ରାଚୀ ସମିତି ପ୍ରକାଶ କରିଥିଲେ ।]

ପ୍ରେମ ପାଗଳ (ଲ,ଳା,ଲୀ)—ଦେ. ବଣ. ପୁଂ ପ୍ରେମାର୍ତ୍ତ; ପ୍ରେମଯୋଗୁଁ
Prema pāgaḷa (la, ḷā, ḷi) ଉନ୍ମତ୍ତ—Mad in love.
ପ୍ରେମ ବାଇ, ପ୍ରେମ ବାଉଳ(ଳା) } ଅନ୍ୟରୂପ
ପ୍ରେମ ବାଯ୍ୟା, ପ୍ରେମ ବାଉଳା }
ପ୍ରେମପାଗଳୀ(ଲୀ); ପ୍ରେମବାଇ, ପ୍ରେମ ବାୟାଣୀ, } ସ୍ତ୍ରୀ
ପ୍ରେମ ବାଉଳୀ, ପ୍ରେମ ବାଉଳୀ }

ପ୍ରେମପାତ୍ର—ସ. ବ.—ଯାହାକୁ ପ୍ରେମ କରାଯାଏ—
Prema pātra One's beloved person.

ପ୍ରେମପାଶ—ସ. ବ.—(ରୂପକ; ପ୍ରେମ+ପାଶ)—ଜାଲରୂପେ କଳ୍ପିତ
Prema pāsa ପ୍ରେମ; ପ୍ରେମ ବନ୍ଧନ—Tie of love.
(ପ୍ରେମ ଜାଲ—ଅନ୍ୟରୂପ)

ପ୍ରେମ ପୁତ୍ତଳିକା—ସ. ବ. (ସ୍ତ୍ରୀ ତତ୍)—୧ । ପ୍ରିୟତମା ସ୍ତ୍ରୀ (ହ.ଶ.)—
Prema puttaḷikā 1. One's beloved woman.
(ପ୍ରେମ ପିତୁଲା(ଳୀ)—ଦେଶଜ ରୂପ) ୨ । ପତ୍ନୀ; ଭାର୍ଯ୍ୟା (ହ. ଶ.)—
2 One's wife.

ପ୍ରେମ ପୁଲକ—ସ. ବ. (ମ. ପ. ଲୋ)—ପ୍ରେମାଧିକ୍ୟ ଯୋଗୁଁ ହେବା
Prema pulaka ରୋମାଞ୍ଚ—Horripilation or bristling of the down of one's body on account of a paroxysm of love or delight.

ପ୍ରେମ ପ୍ରଦ—ଦେ. ବଣ.—ପ୍ରେମ ପ୍ରଦାନ କରିବା—
Prema prada Showing or ministering to love.

କଣ୍ଠସ୍ୱେ ପ୍ରଭୁଙ୍କ ତଳ ହ୍ରାସିଗା କୃଷ ଉଦର,
ଗୋଭୀ ସେ ଗାଦ ଯୋଦର ପ୍ରେମ ପ୍ରତର । ଉଡ୍‌ଭ ପ୍ରେମସ୍ତଥାନଧ ।

ପ୍ରେମ ବତୀ—ଦେ. ବଣ. ସ୍ତ୍ରୀ—ସ୍ନେହଶୀଳା—
Prema bati Loving.
ସେ ପ୍ରେମବତୀଙ୍କ ସଙ୍ଗରେ, ପ୍ରେମ ଅନେକ ରଡ ରରେ ।
ଭୂପତ ପ୍ରେମପଞ୍ଚାମୃତ ।

ପ୍ରେମ ବନ୍ଧନ—ସ. ବି. (ରୂପକ; ପ୍ରେମ+ବନ୍ଧନ)—ପ୍ରେମରୂପ ଗ୍ରନ୍ଥି—
Prema bandhana Tie of love.
(ପ୍ରେମ ପାଶ, ପ୍ରେମ ବନ୍ଧ, ପ୍ରେମ ରଜ୍ଜୁ—ଅନ୍ୟରୂପ)

ପ୍ରେମ ବିଦ୍ୟାଳୟ—ଦେ. ବି.—ବୃନ୍ଦାବନରେ ବୈଷ୍ଣବମାନଙ୍କ ଶିକ୍ଷା ପାଇଁ
Prema bidyālaya ପ୍ରତିଷ୍ଠିତ ବିଦ୍ୟାଳୟ—A school for the Baishnabas established in Brindaban for devotees.

ପ୍ରେମ ଭକ୍ତି—ସ. ବି. (ବୈଷ୍ଣବ ସାହିତ୍ୟ; ମ. ପ. ଲୋ;) ଗୋପୀମାନଙ୍କର
Prema bhakti ଶ୍ରୀକୃଷ୍ଣଙ୍କ ପ୍ରତି ଦେଖାଇବା ଭକ୍ତି—
The devotion or attachment practised by the Gopies towards Srikrushna.

ପ୍ରେମଭକ୍ତି ବ୍ରହ୍ମଗୀତା—ଦେ. ବି. (ନାମ)—ଓଡ଼ିଆ ପଦ୍ୟ ଭକ୍ତିଗ୍ରନ୍ଥ
Prema bhakti brahmagitā ବିଶେଷ—Title of a devotional Oria poem.
[ଦ୍ର—ଏହି ଗ୍ରନ୍ଥ ପ୍ରାଚୀନ କବି ଯଶୋବନ୍ତ ଦାସଙ୍କ ଦ୍ୱାରା ରଚିତ ହୋଇଥିଲା । ଏହା ୧୯୨୯ ସାଲ ପର୍ଯ୍ୟନ୍ତ ଅପ୍ରକାଶିତ ଥିଲା ଓ ଉକ୍ତ ସାଲରେ କଟକର ପ୍ରାଚୀ ସମିତିଙ୍କ ଦ୍ୱାରା ପ୍ରକାଶିତ ହୋଇଅଛି ।]

ପ୍ରେମ ରୂପା—ସଂ. ବଣ. ସ୍ତ୍ରୀ—ପ୍ରେମର ଅବତାରରୂପିଣୀ ସ୍ତ୍ରୀ—
Prema rūpā (a woman) Who is an incarnation of love.

ପ୍ରେମ ଲଗା (ଗେ)ଇବା—ଦେ. କ୍ରି.—ପ୍ରଣୟ କରିବା—
Prema lagā(ge)ibā To make love.
প্রেমলাগান प्रेमलगाना

ପ୍ରେମ ଷୋଡ଼ଶୀ—ଦେ. ବି—ମନ୍ତ୍ରରାଜ (ଦେଖ)—
Prema shordasi Mantrarāja (See)
ପ୍ରେମଷୋଡ଼ଶୀ ସେ ଉଭୟ; ଷୋଳ ଅକ୍ଷର ମନ୍ତ୍ର ସହିଁ ।
ଯଶୋବନ୍ତ ପ୍ରେମଭକ୍ତି ବ୍ରହ୍ମଗୀତା ।

ପ୍ରେମ ସମୁଦ୍ର—ସ. ବି. (ରୂପକ; ପ୍ରେମ+ସମୁଦ୍ର)—ଗମ୍ଭୀର ପ୍ରେମ—
Prema samudra Deep love; ocean of love.
(ପ୍ରେମ ସାଗର, ପ୍ରେମ ପାରାବାର, ପ୍ରେମାବ୍ଧି—ଅନ୍ୟରୂପ)

ପ୍ରେମ ହେବା—ଦେ. କ୍ରି—ଅତି ଆନନ୍ଦିତ ହେବା; ଖୁସିହେବା—
Prema hebā To be exceedingly glad; to be delighted.
প্রেম হওয়া प्रेम होना

ପ୍ରେମା—ସ. ବି. (ପ୍ରିୟ+ଇମଣ୍; ପ୍ରେମନ୍ ଶବ୍ଦ)—୧ । ସ୍ନେହ; ପ୍ରଣୟ—
Premā 1. Love; affection.
କବ କବକ ପ୍ରେମା ସ୍ନେହରେ କହିଁ ନେମା ।
କବିସୂର୍ଯ୍ୟ ବଳଦେବରଥଙ୍କ ଗୀତ ।
୨ । ବାସବ; ଇନ୍ଦ୍ର—2. Indra.
୩ । ବାୟୁ—3. Wind.

ପ୍ରେମାକାଙ୍କ୍ଷୀ—ସ. ବଣ. ପୁଂ—ଯେ ଅନ୍ୟର ପ୍ରେମ ପାଇବାକୁ ଇଚ୍ଛା
Premākānkshi କରେ—Having a desire to be
(ପ୍ରେମାକାଙ୍କ୍ଷିଣୀ—ସ୍ତ୍ରୀ) loved; desiring the love of another.

ପ୍ରେମାତିଶଯ୍ୟ—ସ. ବି. (ଷଷ୍ଠୀ ତତ୍; ପ୍ରେମ+ଅତିଶୟ+ଭାବ. ଯ)—
Prematisajya ଅତ୍ୟନ୍ତ ପ୍ରେମ—Excessive love;
(ପ୍ରେମାଧିକ୍ୟ—ଅନ୍ୟରୂପ) excess of love.

ପ୍ରେମାତୁର—ସ. ବଣ. ପୁଂ (ତୃତୀୟା ତତ୍; ପ୍ରେମ+ଆତୁର)—
Premātura ପ୍ରେମ ଯୋଗୁଁ ହିତାହିତ ବିବେଚନାଶୂନ୍ୟ—
(ପ୍ରେମାର୍ତ୍ତ—ଅନ୍ୟରୂପ) Mad in love.
(ପ୍ରେମାତୁରା; ପ୍ରେମାର୍ତ୍ତା—ସ୍ତ୍ରୀ) (ପ୍ରେମାତୁରତା—ବି)

ପ୍ରେମାନଳ—ସ. ବି. (ରୂପକ; ପ୍ରେମ+ଅନଳ)—ଅନଳ ସଙ୍ଗେ ତୁଳିତ
Premānala ପ୍ରେମ—The flame of love.

ପ୍ରେମାନୁରକ୍ତ—ସ. ବି. (ତୃତୀୟା ତତ୍; ପ୍ରେମ+ଅନୁରକ୍ତ)—
Premānurakta ପ୍ରେମଦ୍ୱାରା ବଶୀଭୂତ—Fallen in love;
(ପ୍ରେମାସକ୍ତ—ଅନ୍ୟରୂପ) affectionately devoted.
ପ୍ରେମାନୁରକ୍ତ } ବି [ଦ୍ର—ଏହିପରି ପ୍ରେମାର୍ଣ୍ଣବ, ପ୍ରେମାଭିଳାଷିଣୀ,
ପ୍ରେମାସକ୍ତ } ପ୍ରେମାନୁରାଗ, ପ୍ରେମାନୁରୂପ ଆଦି ଶବ୍ଦ ହୁଏ ।]

ପ୍ରେମାଳାପ—ସ. ବି—୧ । ସ୍ନେହାଳାପ; ପ୍ରେମପୂର୍ଣ୍ଣ କଥୋପକଥନ—
Premālāpa 1. Affectionate conversation.
୨ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ କଥୋପକଥନ—
2. Love talk.

ପ୍ରେମାଲିଙ୍ଗନ—ସ. ବି. (ମ. ପ. ଲୋ; ପ୍ରେମ+ଆଲିଙ୍ଗନ)—
Premālingana ୧ । ସ୍ନେହବଶତଃ ଆଲିଙ୍ଗନ—
ପ୍ରେମାଲିଙ୍ଗିତ-ପୁଂ } ବଣ 1. Affectionate embrace.
ପ୍ରେମାଲିଙ୍ଗିତା-ସ୍ତ୍ରୀ } ୨ । ପ୍ରେମିକ ପ୍ରେମିକାଙ୍କର ପ୍ରଣୟ ସହିତ ଆଲିଙ୍ଗନବିଶେଷ—2. A kind of amatory embrace.

ପ୍ରେମାଶ୍ରୁ—ସ. ବି. (ମ. ପ. ଲୋ; ପ୍ରେମ+ଅଶ୍ରୁ)—
Premāsru ଆନନ୍ଦାଶ୍ରୁ; ପ୍ରେମର ଆଧିକ୍ୟରୁ ବୋହିବା ଲୋତକ—
Tears of love.

ପ୍ରେମିକ—ସ. ବଣ. ପୁଂ. (ପ୍ରେମ+ଇକ)—୧ । ଅନୁରକ୍ତ; ପ୍ରଣୟୀ—
Premika 1. Loving; attached to.
(ପ୍ରେମୀ—ଅନ୍ୟରୂପ) ୨ । ସ୍ନେହୀ—2. Affectionate.
ପ୍ରେମିକା } ସ୍ତ୍ରୀ ୩ । ଭକ୍ତିଶୀଳ—3 Devoted.
ପ୍ରେମିଣୀ } ୪ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ଯଥା—ବିଦ୍ୟାପ୍ରେମିକ; ପଣ୍ଡିତପ୍ରେମିକ)—ଯେ ଅମୁକ ବିଷୟ ବା ବ୍ୟକ୍ତିକୁ ଖୁବ ସ୍ନେହ କରେ; ଅନୁରାଗୀ—
3. Having fondness or love for.
ସ. ବି. ପୁଂ—ପ୍ରଣୟୀ ପୁରୁଷ—A male lover

ପ୍ରେୟ—ଦେ. ବଣ. (ସଂ. ପ୍ରେୟଃ)—ପ୍ରେୟଃ (ଦେଖ)
Preya প্রেয় प्रेय Preyah (See)

ପ୍ରେୟଃ—ସଂ. ବଣ. ପୁଂ. (ପ୍ର+ଇୟସ୍; ପ୍ରେୟସ୍ ଶବ୍ଦ)—
Preyah ଦୟିତ; ପ୍ରିୟ—Dear; loved.

(ପ୍ରେୟାନ୍—ଅନ୍ୟରୂପ) ବ—୧ । ହୃଦୟବଲ୍ଲଭ; କାନ୍ତ; ପ୍ରିୟତମ
(ପ୍ରେୟସୀ—ସ୍ତ୍ରୀ) ପୁରୁଷ—1. One's sweet-heart; lover.
(ପ୍ରେୟଃ—ବହୁବ୍ରୀହି) ୨ । ପତି; ସ୍ୱାମୀ—2. Husband; lord.

ପ୍ରେୟଃମାର୍ଗ—ସଂ. ବ—ଅବଦ୍ୟାମାର୍ଗ;ଯେଉଁ ମାର୍ଗ ସାଂସାରିକ ଜଂଜାଳରେ
Preyaḥ mārga ମନୁଷ୍ୟକୁ ପକାଏ—The way of worldly enjoyment.

ପ୍ରେୟସୀ—ସଂ. ବଣ. ସ୍ତ୍ରୀ—(ପ୍ରେୟସ୍ ଶବ୍ଦ +ସ୍ତ୍ରୀ. ଈ)—ପ୍ରିୟତମ (ସ୍ତ୍ରୀ)—
Preyasī Dear or beloved (woman).
ବ—ପ୍ରିୟା; ଦୟିତା—The mistress of one's heart.

ପ୍ରେରକ—ସଂ. ବଣ. ପୁଂ—(ପ୍ର+ଈର୍ ଧାତୁ=ଗମନ କରିବା ଣିଚ୍=
Preraka ପ୍ରେର ଧାତୁ+କର୍ତ୍ତୃ. ଅକ)—୧ । ଯେ ପଠାଏ;
(ପ୍ରେରିକା—ସ୍ତ୍ରୀ) ପଠାଇବା ବ୍ୟକ୍ତି—1. Sending.
୨ । ପ୍ରଯୋଜକ; ନିଯୋଗକାରୀ—2. Employing.

ପ୍ରେରଣ—ସଂ. ବ—(ପ୍ର+ଈର ଧାତୁ ଣିଚ ପ୍ରେର ଧାତୁ=ପଠାଇବା+
Preraṇa ଭାବ. ଅନ)—୧ । ପଠାଇବା—1. Sending; despatching.
ପ୍ରେରିତ / ପ୍ରେରଣୀୟ / ପ୍ରେରିତବ୍ୟ } ବଣ ୨ । ନିଯୋଗ କରଣ; ନିଯୋଜନ—2. Engaging; directing.
୩ । ଆଜ୍ଞା କରିବା—3. Ordering.
୪ । ପ୍ରଯୋଜକ—4. Causing.
ପ୍ରାଦେ (ଗଡ଼ଜାତ) ବ—ଭେଟି—Presents.

ପ୍ରେରଣା—ସଂ. ବ—(ପ୍ରେରଣ+ସ୍ତ୍ରୀ. ଆ)—୧ । ପଠାଇବା—
Preraṇā 1. Sending.
୨ । ପ୍ରବର୍ତ୍ତାଇବା—2. Urging; inciting.
୩ । ପ୍ରବୃତ୍ତି—3. Impulse.
୪ । ଆଜ୍ଞା—4. Command; precept.

ପ୍ରେରଣାର୍ଥକ କ୍ରିୟା—ସଂ. ବ—(ବ୍ୟାକରଣ)—ଅନ୍ୟ ଦ୍ୱାରା କୌଣସି
Preraṇārthaka kriyā କ୍ରିୟା ସାଧନ କରାଇବା କ୍ରିୟା ଯେଉଁ ରୂପ ଦ୍ୱାରା ସୂଚିତ ହୁଏ; ଯଥା—ଲେଖାଇବା; ଦଆଇବା—
(grammar) Causative form of verbs.

ପ୍ରେରୟିତା—ସଂ. ବଣ. ପୁଂ—(ପ୍ର+ଈର୍ ଧାତୁ. ଣିଚ୍+ତୃ)—
Prerayitā ୧ । ଯେ ପଠାଏ—1. Sending.
(ପ୍ରେରୟିତ୍ରୀ—ସ୍ତ୍ରୀ) ୨ । ଯେ ପ୍ରବର୍ତ୍ତାଏ—2. Instigating.
୩ । ଆଦେଶକର୍ତ୍ତା—3. Commanding.
୪ । ନିଯୋଗକାରୀ—4. Employing.

ପ୍ରେରିତ—ସଂ. ବଣ—(ପ୍ର+ଈର୍ ଧାତୁ. ଣିଚ୍+ତ)—
Prerita ୧ । ପଠାଯାଇଥିବା—1. Sent; despatched; directed.
୨ । ଆଜ୍ଞାପ୍ତ; ଆଦିଷ୍ଟ—2. Commanded; ordered.
୩ । କ୍ଷମତା ପ୍ରାପ୍ତ—
3 Authorised; commissioned.
୪ । ନିଯୋଜିତ—4. Engaged; employed.
୫ । ବିସର୍ଜିତ—5. Abandoned.
୬ । ବିତାଡ଼ିତ; ଧକ୍କା ଦିଆଯାଇଥିବା (ହ୍ରି. ଶ)—
6. Driven away; pushed away.
ଦେ. ବ—୧ । ଈଶ୍ୱରଦୂତ; ପଏଗମ୍ବର—1. Apostle, Divine messenger, messiah.
୨ । ଦୂତ; ବାର୍ତ୍ତାବହ—
2. A messenger; a news-carrier.
୩ । କ୍ଷମତାପ୍ରାପ୍ତ କାରପରଦାଜ—
3. Attorney; authorised agent.

ପ୍ରେରିତ ପତ୍ର—ସଂ. ବ—(ଅଧୁନିକ ପ୍ରୟୋଗ)—ସମ୍ବାଦ ପତ୍ରରେ
Prerita patra ପ୍ରକାଶିତ ସମ୍ବାଦଦାତାମାନଙ୍କ ପତ୍ର—
Letter from a correspondent of a newspaper; a despatch; correspondence.

ପ୍ରେରିବା—ଦେ. (ପଦ୍ୟ) କ୍ରି—ପ୍ରେରଣ କରିବା—
Preribā প্রেরা প্রেরণ করা To send; to despatch.
ନିଜ ଭୃତ୍ୟବାର୍ତ୍ତା ନିଜ ହସ୍ତରେ
ପ୍ରେରିବ ପ୍ରିୟାପାଶେ ନିଜ ନଗରେ—ଉଷାଭିଳାଷ. ନୈଷଧ।

ପ୍ରେଷ—ସଂ. ବ—(ପ୍ର+ଇଷ୍ ଧାତୁ=ଇଚ୍ଛା କରିବା ଣିଚ୍ ପ୍ରେଷି ଧାତୁ+
Presha ଭାବ. ଅ)—୧ । ପ୍ରେରଣ—1. Sending; directing.
୨ । ପୀଡ଼ା; କ୍ଲେଶ—
2. Pang, suffering; pain.
୩ । ମର୍ଦ୍ଦନ—3. Pressing; rubbing.
୪ । ଉନ୍ମାଦ—
4. Phrenzy; intoxication; insanity.

ପ୍ରେଷକ—ସଂ. ବଣ. ପୁଂ (ପ୍ର+ଇଷ୍ ଧାତୁ ଣିଚ୍+କର୍ତ୍ତୃ. ଅକ)—
Preshaka (ପ୍ରେଷିକା—ସ୍ତ୍ରୀ) ୧ । ପ୍ରେରକ—1. Sending.
୨ । ଆଜ୍ଞାଦାତା—2. Commanding.
୩ । ନିଯୋଜନକାରୀ—3. Employing.

ପ୍ରେଷଣ(ଣା)—ସଂ. ବ (ପ୍ର+ଇଷ୍ ଧାତୁ ଣିଚ୍+ଭାବ. ଅନ)—
Preshaṇa(ṇā) ୧ । ପ୍ରେରଣ; ପଠାଇବା—
1. Sending; directing.
ପ୍ରେଷିତ / ପ୍ରେଷଣୀୟ / ପ୍ରେଷିତବ୍ୟ } ବଣ ୨ । ଆଜ୍ଞା ଦେବା—
2. Ordering; directing.

ପ୍ରେଷିତ—ସଂ. ବଣ (ପ୍ର+ଇଷ୍ ଧାତୁ+ତ)—ପ୍ରେରିତ (ଦେଖ)
Preshita Prerita (See)
ସଂ. ବ—ସଙ୍ଗୀତର ସ୍ୱରସାଧନବିଶେଷ (ଯଥା—ସାରେ, ରେଗା, ଗାମା, ମାପା, ପାଧା, ଧାନି, ନିସା; ସାନି, ନିଧା, ଧାପା, ପାମା, ମାଗା, ଗାରେ, ରେସା—ହ୍ରି. ଶ)—
A kind of musical practice.

ପ୍ରେଷିତବାନ୍—ସଂ. ବଣ. ପୁଂ (ପ୍ରେଷିତ+ବତ୍; ୧ମା. ୧ବ)—ଯାହାକୁ
Preshitabān ପ୍ରେରଣ କରାଯାଇଅଛି (କ୍ରାନେକ୍)—
(ପ୍ରେଷିତବତୀ—ସ୍ତ୍ରୀ) Who is being despatched.

ପ୍ରେଷ୍ଠ—ସଂ. ବଣ. ପୁଂ (ପ୍ରିୟ+ଅତ୍ୟର୍ଥେ. ଇଷ୍ଠ)—ଅତି ପ୍ରିୟ;
Preshṭha (ପ୍ରେଷ୍ଠା—ସ୍ତ୍ରୀ) ପ୍ରିୟତମ; ପ୍ରେୟାନ୍—Dearest.

ପ୍ରେଷ୍ଠା—ସ. ବି. ସ୍ତ୍ରୀ—୧ । ପ୍ରିୟତମା ସ୍ତ୍ରୀ (ହ୍ରୁ. ଶ)—
Preshthya 1. Dearest lady.
୨ । ଜଙ୍ଘ (ହ୍ରୁ. ଶ)—2. Thigh.

ପ୍ରେଷ୍ୟ—ସ. ବଣ. ପୁଂ (ପ୍ର+ଇଷ୍ ଧାତୁ+କର୍ମ. ଯ)—୧ । ଅଦିଷ୍ଟ—
Preshya 1. Ordered.
(ପ୍ରେଷ୍ୟା—ସ୍ତ୍ରୀ) ୨ । ନିଯୁକ୍ତ—2. Engaged; employed.
୩ । ପ୍ରେରିତ—3. Sent.
୪ । ପ୍ରେରଣୀୟ—4. Fit to be sent or engaged.
ବି—୧ । ଭୃତ୍ୟ; ଦାସ—1. Servant; attendant.
୨ । ଦୂତ—2. Messenger.

ପ୍ରେଷ୍ୟା—ସ. ବି. ସ୍ତ୍ରୀ—୧ । ଜଙ୍ଘ—
Preshya 1. Thigh.
୨ । ଦାସୀ—2 Maid servant.

ପ୍ରେସ୍—ବୈଦେ. ବି(ଇଂ)—୧ । ପ୍ରିଣ୍ଟିଙ୍ଗ୍ ପ୍ରେସ୍; ଛାପାଯନ୍ତ୍ର; ମୁଦ୍ରାଯନ୍ତ୍ର—
Pres 1. Press; printing machine.
প্রেস ୨ । ଛାପାଖାନା; ମୁଦ୍ରାଯନ୍ତ୍ରାଳୟ—
प्रेस 2. The place where printing machine is worked
୩ । ଚାପ ଦେବାର କଳ—3. Press; pressing machine
୪ । (ଇଂ. ପ୍ରେସର) ଚାପ—4. Pressure.

ପ୍ରେସ୍ ଅକ୍ଟ୍—ବୈଦେ. ବି (ଇଂ)—ମୁଦ୍ରାଯନ୍ତ୍ରରେ ମୁଦ୍ରିତ ପୁସ୍ତକ ଓ
Pres akt ସମ୍ବାଦପତ୍ର ଆଦିର ନିୟନ୍ତ୍ରଣ ଯେଉଁ ଆଇନଦ୍ୱାରା କରା
প্রেস আকট ଯାଉଅଛି—The Press Act; the press law.
प्रेस एक्ट (ପ୍ରେସ୍ ଆଇନ୍—ଅନ୍ୟରୂପ)

ପ୍ରେସ୍ କପି—ବୈଦେ. ବି. (ଇଂ)—ଛାପା ହେବା ପୁସ୍ତକମାନଙ୍କ ମଧ୍ୟରୁ
Pres kapi ଯେଉଁ ପୁସ୍ତକ ଖଣ୍ଡିକ ଲେଖକମାନଙ୍କୁ ଦେବା
প্রেস কাপী ପାଇଁ ଛାପାଖାନାରେ ରଖାଯାଏ—
प्रेस कपी Press copy of a book printed in a press.

ପ୍ରେସ୍କ୍ରିପ୍ସନ୍—ବୈଦେ. ବି. (ଇଂ)—ଡାକ୍ତର ରୋଗୀକୁ ଦେବା ଔଷଧ
Preskrip-san ଓ ପଥ୍ୟାଦିର ବ୍ୟବସ୍ଥାପତ୍ର—Doctor's
প্রেসক্রিপসন प्रेस्क्रिप्सन prescription.

ପ୍ରେସ୍ମ୍ୟାନ୍—ବୈଦେ. ବି (ଇଂ)—ମୁଦ୍ରାଯନ୍ତ୍ର ଚାଳକ ବ୍ୟକ୍ତି; ମୁଦ୍ରାକର—
Presman প্রেসমেন प्रेसमैन Pressman; printer.
(ପ୍ରେସ୍ମ୍ୟାନ; ପ୍ରେସ୍ମେନ—ଅନ୍ୟରୂପ)

ପ୍ରେସି—ବୈଦେ. ବି. (ଇଂ. ଓ ଫ୍ରେଞ୍ଚ)—କୌଣସି ବିଷୟ ବାବୁ
Presi ସରକାରୀ ଚିଠିମାନଙ୍କର ସଂକ୍ଷିପ୍ତ ବିବରଣ—
প্রেসি प्रेसी Precis; a precise statement or summary of the correspondence or a certain subject.

ପ୍ରେସିଡେଣ୍ଟ୍—ବୈଦେ. ବି. (ଇଂ)—୧ । ସଭାର ସଭାପତି—
President 1. Chairman of a meeting.
প্রেসিডেন্ট ୨ । ଫ୍ରାନ୍ସ ଓ ଆମେରିକା ଯୁକ୍ତରାଜ୍ୟ ଆଦି ପ୍ରଜାତନ୍ତ୍ର
प्रेसिडेंट ରାଜ୍ୟର ନିର୍ବାଚିତ ପ୍ରଧାନ ଶାସନକର୍ତ୍ତା—
2. The president of a republic.
୩ । ଗ୍ରାମ୍ୟ ଚୌକିଦାରୀ ଇଉନିଅନର ପଞ୍ଚାୟତମାନଙ୍କର
ସଭାପତି—3. The president panchayet of a Chaukidari union.

ପ୍ରେସିଡେନ୍ସି—ବୈଦେ. ବି. (ଇଂ)—୧ । ଇଂରାଜଶାସିତ ଭାରତର
Presidensi ଶାସନ ବିଭାଗର ଭିନ୍ନ ଭିନ୍ନ ପ୍ରଦେଶ—
প্রেসিডেন্সী 1 Presidency; province.
प्रेसिडेंसी [ଦ୍ର—ଭାରତରେ ବଙ୍ଗ, ମାନ୍ଦ୍ରାଜ ଓ ବୋମ୍ବେଇ
ଏହି ୩ଟି ପ୍ରଦେଶ ପ୍ରେସିଡେନ୍ସି ନାମରେ ଖ୍ୟାତ ।]
୨ । ପ୍ରେସିଡେଣ୍ଟଙ୍କ ପଦ ବା କର୍ମ—
2. The duties or position of a President.

ପ୍ରେସିଡେନ୍ସି ଜେଲ—ବୈଦେ. ବି. (ଇଂ)—ପ୍ରାଦେଶିକ ରାଜଧାନୀରେ
Presidensi jel ପ୍ରତିଷ୍ଠିତ ଜେଲଖାନା—Presidency jail.
প্রেসিডেন্সী জেল प्रेसिडेंसी जेल

ପ୍ରେସିଡେନ୍ସି ମାଜିଷ୍ଟ୍ରେଟ୍—ବୈଦେ ବି. (ଇଂ)—ମାନ୍ଦ୍ରାଜ, ବୋମ୍ବେ ଓ
Presidensi majishtret କଲିକତା ରାଜଧାନୀମାନଙ୍କର ମୌଳିକ
প্রেসিডেংসী মেজিস্টেট ଫୌଜଦାରୀ ମକଦ୍ଦମାର ବିଚାରକ
प्रेसिडेंसी मेजिस्ट्रेट ମାଜିଷ୍ଟ୍ରେଟ—Presidency magistrate.

ପ୍ରୈୟ—ସ. ବି. (ପ୍ରିୟ+ଭାବ.)—ପ୍ରେମ; ସ୍ନେହ (ହ୍ରୁ. ଶ)—
Praiya Love; affection.

ପ୍ରୈଷ୍ୟ—ସ. ବି—୧ । (ପ୍ରେଷ୍ୟ+ସ୍ୱାର୍ଥେ. ଅ) ଦାସ; ସେବକ—
Praishya 1 Servant
୨ । (ପ୍ରେଷ୍ୟ+ଭାବ. ଅ)—ଦାସତ୍ୱ (ହ୍ରୁ. ଶ)—
2. Servitude.

ପ୍ରୋକ୍ତ—ସ. ବଣ. (ପ୍ର+ଉକ୍ତ)—୧ । ପୂର୍ବୋକ୍ତ—
Prokta 1. Aforesaid.
୨ । କଥିତ—2 Spoken; declared.
୩ । ଉଚ୍ଚାରିତ—3 Uttered.
ବି—୧ । କଥନ; କହିବା—1. Speaking.
୨ । (ପାଣିନିଙ୍କ ମତରେ) କଳ୍ପସୂତ୍ରାଦି ଶାସ୍ତ୍ର ଯାହାକି ସାକ୍ଷାତ୍ ଈଶ୍ୱର ପ୍ରଣୀତ ନୁହେଁ ବୋଲି ଉକ୍ତ ହୋଇଅଛି; 'ବ୍ରାହ୍ମଣ' ନାମରେ ଖ୍ୟାତ ବେଦାଙ୍ଗବିଶେଷ—2. Part of the Vedas said not to be the direct revelations; the traditional part of the scriptures; canonical part of the scriptures.
[ଦ୍ର—ପାଣିନି ବୈଦିକ ଶାସ୍ତ୍ରକୁ ୨ ଭାଗରେ ବିଭକ୍ତ କରି ଅଛନ୍ତି, ଯଥା—ସାକ୍ଷାତ୍ ଈଶ୍ୱର ପ୍ରଣୀତ ବା ଉକ୍ତ, ମୁନିମାନଙ୍କ ପ୍ରଣୀତ ବା ପ୍ରୋକ୍ତ ।]

ପ୍ରୋକ୍ଷଣ—ସ. ବି. (ପ୍ର+ଉକ୍ଷ୍ ଧାତୁ=ସେଚନ କରିବା+ଅନ)—
Prokshana ୧ । ସେଚନ; ଛିଞ୍ଚିବା—1. Sprinkling.
ପ୍ରୋକ୍ଷିତ, ପ୍ରୋକ୍ଷଣୀୟ, ପ୍ରୋକ୍ଷିତବ୍ୟ } ବଣ ୨ । ଯଜ୍ଞୀୟ ପଶୁ ବା ବଳି ଦିଆଯିବା ଜୀବ ଉପରେ ମନ୍ତ୍ରପାଠପୂର୍ବକ ପାଣି ଛିଞ୍ଚିବା—
2. Sprinkling of water on the victim of a sacrifice by uttering some formulae.

୩ । (+ଅଧିକରଣ. ଅନ)—ପଶୁବଳି—
3. Sacrifice of a victim.
୪ । ବଧ (ହି. ଶ)—4. Killing.
୫ । ପଶୁବଳି ଦିଆଯିବା ସମୟରେ ଉଚ୍ଚାରିତ ମନ୍ତ୍ର—
5. A text to be repeated at an animal sacrifice (Apte).
ଦେ. ବି—ପୋଛପୋଛି —Rubbing.
ସେବକ ହାତିର ଲଗାଇ
ମର୍ଦ୍ଦନ ପ୍ରୋକ୍ଷଣ କରଇ । ଭୂପତି, ପ୍ରେମଶାସୃତ ।

ପ୍ରୋକ୍ଷଣି(ଣୀ)—ସ. ବି—୧ । ଜଳସେଚନ ପାତ୍ର—
Prokshaṇi(ṇi) 1. Sprinkling pot.
୨ । ବଳି ଉପରେ ଛିଞ୍ଚାଯିବା ଜଳ—2. Water sprinkled over a victim (Apte).
୩ । ବଳି ଉପରେ ଛିଞ୍ଚାଯିବା ଜଳ ରହିବା ପାତ୍ର—
3. The vessel containing the holy water sprinkled over a victim.
୪ । ହୋମାଦି ସମୟରେ ଅନାମିକା ଅଙ୍ଗୁଠିରେ ପିନ୍ଧା ଯିବା କୁଶର ମୁଦ୍ରିକା—4. A ring made of Kusa grass worn on the ring finger during a Vedic sacrifice.

ପ୍ରୋକ୍ଷିତ—ସ. ବଣ. (ପ୍ର+ଉକ୍ଷ୍ ଧାତୁ+ତ)—
Prokshita ୧ । ଜଳସିକ୍ତ—1. Sprinkled over with water.
୨ । ଯଜ୍ଞରେ ବଳି ଦିଆ ଯାଇଥିବା—
2. Sacrificed as a victim.
୩ । ହତ (ହି. ଶ)—3. Killed.
ସ. ବି—ଯଜ୍ଞ ପାଇଁ ସଂସ୍କୃତ ମାଂସ (ହି. ଶବ୍ଦସାଗର)—
Meat consecrated for a Vedic sacrifice

ପ୍ରୋଗ୍ରାମ୍—ବୈଦେ. ବି. (ଇଂ)—କାର୍ଯ୍ୟର କ୍ରମ; ସୂଚୀ, ନାଟକ
Program ଆଦିର କାର୍ଯ୍ୟକ୍ରମର ଅଗାମୀ ନିର୍ଦ୍ଦେଶ; ଉତ୍ସବ
ପ୍ରୋଗ୍ରାମ୍ କାର୍ଯ୍ୟକ୍ରମସୂଚକ ପତ୍ର—
प्रोग्राम Programme.

ପ୍ରୋଗ୍ରେସ୍ ରିପୋର୍ଟ—ବୈଦେ. ବି. (ଇଂ)—
Progres riport ବିଦ୍ୟାଳୟମାନଙ୍କରେ ଉଚ୍ଚ ଉଚ୍ଚ ଶ୍ରେଣୀର ବା
ପ୍ରୋଗ୍ରେସ ରିପୋର୍ଟ ପ୍ରତ୍ୟେକ ଛାତ୍ରର ପାଠୋନ୍ନତି ସୂଚକ ତାଲିକା—
प्रोग्रेस रिपोर्ट Progress-report of a class or student

ପ୍ରୋଗ୍ରେସିଭ୍ ପାର୍ଟି—ବୈଦେ. ବି. (ଇଂ. ଅଧୁନିକ ପ୍ରୟୋଗ)—
Progresibh pārṭi ରାଜନୀତି ଓ ସମାଜ ସମ୍ବନ୍ଧେ ଅଗ୍ରଗାମୀ ସଂସ୍କାର-
ପ୍ରୋଗ୍ରେସିଭ ପାର୍ଟି ବାଦୀ ଦଳ—Progressive party
प्रोग्रेसिव पार्टी in politics and social matters.
(ପ୍ରୋଗ୍ରେସିଭ୍ ଦଳ—ଦେଶଜରୂପ)

ପ୍ରୋ ଚାନ୍ସେଲର୍—ବୈଦେ. ବି. (ଇଂ)—
Pro chānselar ବିଶ୍ୱବିଦ୍ୟାଳୟର ଉପସଭାପତି—
ପ୍ରୋ ଚାନ୍ସେଲାର Pro-chancellor of a University.
प्रो चांसेलर

ପ୍ରୋଚ—ସଂ. ବଣ. (ପ୍ର+ଉଚ)—ଅତ୍ୟୁଚ୍ଚ—
Prochcha Very high.

ପ୍ରୋଜ୍ଝନ—ସଂ. ବଣ. (ପ୍ର+ଉଜ୍ଝ୍ ଧାତୁ+ଭାବ. ଅନ)—ପରିତ୍ୟାଗ—
Projjhana Abandonment.

ପ୍ରୋଜ୍ଝିତ—ସ. ବଣ. (ପ୍ର+ଉଜ୍ଝ୍ ଧାତୁ+ତ)—
Projjhita ପରିତ୍ୟକ୍ତ—Abandoned; given up; relinquished.

ପ୍ରୋଟେଷ୍ଟ—ବୈଦେ. ବି. (ଇଂ)—ଆପତ୍ତି—
Proṭesht Protest.
ପ୍ରୋଟେଷ୍ଟ
प्रोटेष्ट

ପ୍ରୋଟେଷ୍ଟାଣ୍ଟ—ବୈଦେ. ବି. (ଇଂ)—ଖ୍ରୀଷ୍ଟିଆନମାନଙ୍କର ସଂସ୍କୃତ
Proṭeshṭāṇṭ ସଂପ୍ରଦାୟବିଶେଷ—1. Protestant.
ପ୍ରୋଟେଷ୍ଟାଣ୍ଟ [ଦ୍ର—ଏ ସଂପ୍ରଦାୟ ପ୍ରଥମେ ଜର୍ମାନୀରେ ଲୁଥର
प्रोटेस्टेंट नामକ ସଂସ୍କାରକଙ୍କ ଦ୍ୱାରା ଅରବ୍ଧ ହୋଇ ରୋମାନ୍ କାଥଲିକ୍ ସଂପ୍ରଦାୟର କେତେକ ଆପତ୍ତିଜନକ ଆଚାର ଓ ପୋପ୍ଙ୍କ ଏକାଧିପତ୍ୟରେ କୁଠାରଘାତ କରିଥିଲା । ବର୍ତ୍ତମାନ ପୃଥିବୀରେ ଖ୍ରୀଷ୍ଟାନ୍‌ମାନଙ୍କ ମଧ୍ୟରେ ଏ ସଂପ୍ରଦାୟର ଲୋକଙ୍କ ସଂଖ୍ୟା ଅନ୍ୟ ସଂପ୍ରଦାୟର ଲୋକଙ୍କ ଅପେକ୍ଷା ବେଶୀ ଅଧିକ ।]

ପ୍ରୋଢ଼—ସଂ. ବଣ. ପୁଂ. (ପ୍ର+ବହ୍ ଧାତୁ+କର୍ତ୍ତୃ. ତ)—
Prorḍha ପ୍ରୌଢ଼ (ଦେଖ)
(ପ୍ରୋଢ଼ା—ସ୍ତ୍ରୀ) Praurḍha (See)

ପ୍ରୋଢ଼ା—ସ. ବଣ. ସ୍ତ୍ରୀ—ରଜସ୍ୱଲା; ଯାହାର ରଜୋଦର୍ଶନ ହୋଇଅଛି—
Prorḍhā Menstruated; matured (Apte).

ପ୍ରୋଢ଼ା କନ୍ୟା—ସ. ବି. ସ୍ତ୍ରୀ—୧ । ରଜସ୍ୱଲା ବାଳିକା; ଯେଉଁ ବାଳିକା
Prorḍhā kanyā ଜ୍ଞାନ ପାଇଅଛି—1. Matured girl.
୨ । ଯେଉଁ ବାଳିକା ବିବାହ ପୂର୍ବରୁ ଜ୍ଞାନ ପାଇଅଛି—
2. A matured bride.

ପ୍ରୋଢ଼ି—ସ. ବି—ପ୍ରୌଢ଼ି (ଦେଖ)—
Prorḍhi Praurḍhi (See) (Apte).

ପ୍ରୋତ୍‌ଫୁଲ୍ଲ—ସ. ବଣ—(ପ୍ର+ଉତ୍‌ଫୁଲ୍ଲ)—୧ । ଅତିଶୟ ହୃଷ୍ଟ—
Protphulla 1. Very cheerful; gay.
୨ । ପ୍ରସ୍ଫୁଟିତ; ସମ୍ପୂର୍ଣ୍ଣରୂପେ ଫୁଟିଥିବା; ବିକସିତ—
2. Fullblown.
୩ । ସମ୍ପୂର୍ଣ୍ଣରୂପେ ବିସ୍ତାରିତ—
3. Fully expanded.

ପ୍ରୋତ—ସଂ. ବଣ—(ପ୍ର+ବେ ଧାତୁ=ସିଇଁବା+କର୍ମ. ତ)—
Prota ୧ । ସ୍ୟୁତ; ସିଅଁ ହୋଇଥିବା—1. Sewn; stitched.
୨ । ଗ୍ରଥିତ—2. Strung.
୩ । ଖଚିତ—3. Set; inlaid.
୪ । ଗୁମ୍ଫିତ—4. Placed in order.
୫ । ଶୂଳରେ ବସା ଯାଇଥିବା—
5. Impaled; pierced through.
୬ । ସଂଯୋଜିତ—
6. Joined together; connected.

୭ । ଭୂଗର୍ଭନିହିତ; ପୋତା ଯାଇଥିବା—
7. Buried.
୮ । ଲୁକ୍କାୟିତ (ହି. ଶ.)—
8. Hidden; concealed.
୯ । (ଦୈର୍ଘ୍ୟ ବିପରୀତ) ଏହା ଦୈର୍ଘ୍ୟ ଶବ୍ଦ ପରେ ବିପରୀତାର୍ଥକ ସହଚରରୂପେ ବ୍ୟବହୃତ ହୁଏ; ଲମ୍ବ ଭାବରେ ବିସ୍ତାରିତ—
9. Extended lengthwise or perpendicularly (Apte).
୧୦ । ବନ୍ଧା ଯାଇଥିବା—
10. Tied; bound; fastened (Apte).
୧୧ । ଫୋଡ଼ାଯାଇଥିବା; ଅନ୍ତର୍ବିଦ୍ଧ—
11. Pierced, transfixed (Apte).

ପ୍ରୋତ୍ତୁଙ୍ଗ—ସଂ. ବିଣ—(ପ୍ର+ଉତ୍ତୁଙ୍ଗ)—ଅତ୍ୟୁଚ୍ଚ—
Prottunga Very high; lofty.

ପ୍ରୋତ୍ଥିତ—ସଂ. ବିଣ—(ପ୍ର+ଉତ୍ଥିତ)—ଉଚ୍ଚ କରାଯାଇଥିବା
Protthita (ହି. ଶ.)—Raised.
ବି—ବସ୍ତ୍ର; ଲୁଗା—Cloth; a garment of women; cloth.

ପ୍ରୋତ୍ସାଦନ—ସଂ. ବି—(ପ୍ର+ଉତ୍+ସଦ୍ ଧାତୁ ଣିଚ୍ ସାଦ ଧାତୁ+ Protsādana ଭାବ. ଅନ)—୧ । ବିଲୋପ—1. Annihilation; extermination.
(ପ୍ରୋତ୍ସାଦିତ—ବିଣ)
୨ । ମନ୍ତ୍ରଣା; ଚକ୍ରାନ୍ତ; କୌଶଳ—
2. Stratagem.

ପ୍ରୋତ୍ସାରଣ—ସଂ. ବି—(ପ୍ର+ଉତ୍ସାରଣ)—୧ । ବହିଷ୍କରଣ—
Protsārana 1. Driving out; expulsion.
(ପ୍ରୋତ୍ସାରିତ—ବିଣ) ୨ । ପରିତ୍ୟାଗ; ପରିବର୍ଜନ—
2. Abandonment; relinquishment; giving up; getting rid of (Apte).
୩ । ଉତ୍ତେଜିତ—3. Urged forward.
୪ । ପ୍ରଦାନ; ଦେବା—4. Granting; giving.

ପ୍ରୋତ୍ସାହ—ସଂ. ବି—(ପ୍ର +ଉତ୍ସାହ)—୧ । ଅତ୍ୟନ୍ତ ଉତ୍ସାହ—
Protsāha 1. Ardent zeal; ardour; encouragement.
୨ । ସମ୍ୟକ୍ ଉତ୍ତେଜନ—
2. Stimulus; instigation.

ପ୍ରୋତ୍ସାହକ—ସଂ. ବିଣ. ପୁଂ—(ପ୍ର +ଉତ୍ସାହକ)—୧ । ଉତ୍ସାହଦାତା—
Protsāhaka 1. Giving encouragement.
(ପ୍ରୋତ୍ସାହିକା—ସ୍ତ୍ରୀ) ୨ । ଉତ୍ତେଜକ—2. Stimulating; stimulant; infusing zeal.
ସଂ. ବି. ପୁଂ.—ଅପରାଧର ଉତ୍ତେଜକ—
Instigator of a crime; an abettor.

ପ୍ରୋତ୍ସାହନ—ସଂ. ବି.—୧ । ଉତ୍ସାହଦାନ—
Protsāhana 1. Giving encouragement.
୨ । ଉତ୍ତେଜନ—
2. Stimulation; incitement; instigation.

ପ୍ରୋତ୍ସାହିତ—ସଂ. ବିଣ. (ପ୍ର+ଉତ୍ସାହିତ)—୧ । ସମ୍ୟକ୍ ଉତ୍ତେଜିତ—
Protsāhita 1. Stimulated; incited; instigated.
୨ । ଉତ୍ସାହପ୍ରାପ୍ତ—2. Encouraged.

ପ୍ରୋତ୍ସାହୀ—ସଂ. ବିଣ. ପୁଂ—(ପ୍ରୋତ୍ସାହ+ଇନ୍)—ବିଶେଷ ଉତ୍ସାହଯୁକ୍ତ
Protsāhi Ardent; zealous; stimulated.
(ପ୍ରୋତ୍ସାହିନୀ—ସ୍ତ୍ରୀ)

ପ୍ରୋଥ୍ (ଧାତୁ)—ସଂ.—୧ । ଗମନ କରିବା—
Proth (root) 1. To go.
୨ । ପାରଗ ହେବା—2. To be able.
୩ । ବଶୀଭୂତ କରିବା—3. To subdue.
୪ । ପୋତିବା—
4. To bury; to fix to the ground.
୫ । ପର୍ଯ୍ୟାପ୍ତ ହେବା—5. To suffice.

ପ୍ରୋଥ—ସଂ. ବି.—୧ । ଅଶ୍ୱମୁଖ; ଘୋଡ଼ାର ନାକର ଅଗ୍ରଭାଗ—
Protha 1. The mouth or nose of a horse.
୨ । ଶୂକରର ନାସାଗ୍ର; ଥୋମଣି—
2. The snout of a hog.
୩ । ଗର୍ଭସ୍ଥ ଭ୍ରୂଣ—
3. Foetus; embryo in the womb.
୪ । କଟିଦେଶ; ଅଣ୍ଟା—4. Waist, loins.
୫ । ଗର୍ତ୍ତ; ଗାତ —5. Hole; excavation.
୬ । ନିତମ୍ବ; ପିଚ୍ଛ—6 Buttocks; hip.
୭ । ଭୟ—7. Terror; horror.
୮ । ଶାଢ଼ୀ ତଳେ ପିନ୍ଧା ଯିବା ଲୁଗା—
8. Underwear; petticoat.
୯ । ପୋଷାକ—9. A garment (Apte).
୧୦ । ପୁରୁଣା ଲୁଗା—10. Old clothes (Apte).
ବିଣ—୧ । ପ୍ରସିଦ୍ଧ—1. Celebrated.
୨ । ବିସ୍ତୃତ—2. Scattered.
୩ । ଭ୍ରମଣକାରୀ—3. Wandering; wayfaring.
୪ । ସ୍ଥାପିତ – 4. Placed; fixed.

ପ୍ରୋଥଥ—ସଂ. ବି—ଅଶ୍ୱର ହ୍ରେଷା (ହି. ଶ)—
Prothatha Neighing of a horse.

ପ୍ରୋଥିତ—ସଂ. ବିଣ. (ପ୍ରୋଥ୍ ଧାତୁ+କର୍ମ. ତ)—
Prothita ଭୂଗର୍ଭନିହିତ; ପୋତା ଯାଇଥିବା—
Buried; interred.

ପ୍ରୋଦ୍ଭିନ୍ନ—ସଂ. ବିଣ. (ପ୍ର+ଉଦ୍ଭିନ୍ନ)— ଉଦ୍ଗତ; ସମୁଦ୍ଗତ—
Prodbhinna Bursting out.

ପ୍ରୋ ନୋଟ୍—ବୈଦେ. ବି. (ଇଂ. ପ୍ରମିସରୀ ନୋଟର ସାଙ୍କେତିକ)—
Pro not ପ୍ରମିସରୀ ନୋଟ୍—Pro-note; promissory note.
প্রোনোট
प्रोनोट

ପ୍ରୋପ୍ରାଇଟର—ବୈଦେ. ବି. (ଇଂ)—୧ । ମାଲିକ; ସ୍ୱତ୍ୱାଧିକାରୀ—
Proprāitar 1. Proprietor.
প্রোপ্রাইটর (ଯଥା—ଉତ୍କଳ ସାହିତ୍ୟ ପ୍ରେସର ପ୍ରୋପ୍ରାଇଟର ।)

प्रोपाइटर ୨ । ଜମିଦାରର ମାଲିକ; ଜମିଦାର—
2. A zamindar.

ପ୍ରୋଫେସର୍—ବୈଦେ. ବ. (ଇଂ)—କଲେଜର ଅଧ୍ୟାପକ—
Prophesar Professor of a College.
প্রোফেসার प्रोफेसर

ପ୍ରୋଫେସରି—ଦେ. ବ—ପ୍ରୋଫେସରଙ୍କ ପଦ ବା କାର୍ଯ୍ୟ—
Prophesari The post or work of a professor.
প্রোফেসারী प्रोफेसरी

ପ୍ରୋବେଟ୍—ବୈଦେ. ବ. (ଇଂ. କଚରଥ)—ଦରଖାସ୍ତକାରୀଙ୍କୁ ଅସଲ
Probet ଉଇଲ ଫେରସ ଦଥ ନ ଯାଇ ଅଦାଲତଙ୍କ ଦ୍ୱାରା
প্রোবেট ମଞ୍ଜୁର କରାଯାଇ ଥିବା ଉଇଲର ନକଲ—
प्रोबेट Probate; copy of a will granted by the judge.

[ଦ୍ର—ଏହାର ବଳରେ ଉଇଲର ନିଦେଶ ଅନୁସାରେ କର୍ମକାରକ ବ୍ୟକ୍ତିର କୃତ କର୍ମମାନ ମାନବୁଝ ବଳବତ ହୁଏ ।]

ପ୍ରୋବେଶନ୍—ବୈଦେ. ବ. (ଇଂ)—କୌଣସି କାର୍ଯ୍ୟରେ ନିଯୁକ୍ତ
Probesan ବ୍ୟକ୍ତିଙ୍କୁ ସ୍ଥାୟୀ କରାଯିବା ପୂର୍ବରୁ ତାଙ୍କର କର୍ମ-
প্রোবেসন କାରତାର ପରୀକ୍ଷାସ୍ୱରୂପ ସେ ଉଚ୍ଛନ୍ନ କର୍ମ କରିବା—
प्रोबेसन Probation.

ପ୍ରୋବେଶନର୍—ବୈଦେ. ବ. (ଇଂ)—ଶିକ୍ଷାନବିସ୍; ଯେଉଁ କର୍ମଚାରୀ
Probesanar କାର୍ଯ୍ୟରେ ସ୍ଥାୟୀ ବା ବାହେଲ ହେବା ପୂର୍ବରୁ
প্রোবেসনার ଉଚ୍ଛନ୍ନ ପରୀକ୍ଷାଧୀନରୂପେ କାର୍ଯ୍ୟ କରନ୍ତି—
प्रोबेशनर Probationer.

ପ୍ରୋବେଶନ(ନା)ରି—ବୈଦେ. ବଣ. (ଇଂ)—୧ । ଶିକ୍ଷାନବିସରୂପେ
Probesana(nā)ri କାର୍ଯ୍ୟ କରୁଥିବା (କର୍ମଚାରୀ)—
প্রোবেসনারী 1. Probationary.
प्रोबेशनरी ୨ । ପ୍ରୋବେଶନ୍ ସମ୍ବନ୍ଧୀୟ—
2. Relating to probation.
(ଯଥା—ପ୍ରୋବେଶନାରୀ ସମୟ ।)

ପ୍ରୋଭିଡେଣ୍ଟ ଫଣ୍ଡ—ବୈଦେ. ବ. (ଇଂ)—ଚାକିରି ଶେଷରେ ଅବସର
Probhident phand ନେବା ପରେ ଅବସରପ୍ରାପ୍ତ କର୍ମଚାରୀଙ୍କ
প্রোভিডেন্ট ফণ্ড ଜୀବନଧାରଣାର୍ଥ ଚାକିରି ସମୟରେ ତାଙ୍କ
प्रोमिडेन्ट फन्ड ନାମରେ ଜମା କରାଯାଇ ଥିବା ପାଣ୍ଠି—
Provident fund.

ପ୍ରୋସେସନ୍—ବୈଦେ. ବ. (ଇଂ)—ଶୋଭାଯାତ୍ରା—Procession.
Prosesan প্রোসেসন प्रोसेसन

ପ୍ରୋଷ—ସଂ. ବ—୧ । ଜ୍ୱଳନ—
Prosha 1. Burning; combustion (Apte.)
୨ । ବହୁତ ଦୁଃଖ ବା କଷ୍ଟ (ହ୍ର. ଶ); ସନ୍ତାପ—
2. Excessive pain or trouble.

ପ୍ରୋଷିତ—ସ. ବଣ. (ପ୍ର+ବସ୍ ଧାତୁ=ବାସ କରିବା+କର୍ତ୍ତୃ. ତ)—
Proshita ୧ । ବିଦେଶଗତ; ପ୍ରବାସସ୍ଥ; ପ୍ରବାସଗତ; ପ୍ରବାସୀ—
(ପ୍ରୋଷିତା—ସ୍ତ୍ରୀ) 1. Sojourning; gone abroad.
୨ । ଅବଗତ—2. Informed.
୩ । ନିବୃତ୍ତ—3. Desisting.

ପ୍ରୋଷିତ ପତ୍ନୀକ—ସ. ବଣ. ପୁଂ. (ପ୍ରୋଷିତ+ପତ୍ନୀ+କ)—
Proshita patnīka ଯାହାର ସ୍ତ୍ରୀ ପ୍ରବାସକୁ ଯାଇଅଛନ୍ତି—
(ପ୍ରୋଷିତ ଭାର୍ଯ୍ୟ—ଅନ୍ୟରୂପ) (a man) Whose wife is gone abroad.

ପ୍ରୋଷିତ ଭର୍ତ୍ତୃକା—ସଂ. ବଣ. ସ୍ତ୍ରୀ—ଯାହାର ପତି ପ୍ରବାସରେ ଅଛନ୍ତି—
Proshita bharttṛukā (a woman) Whose husband is gone abroad
(ପ୍ରୋଷିତ ପତିକା, ପ୍ରୋଷିତ ନାୟିକା, ପ୍ରୋଷିତ ପ୍ରେୟସୀ—ଅନ୍ୟରୂପ)
ସଂ. ବ. ସ୍ତ୍ରୀ—ନାୟିକାବିଶେଷ; ପତିଙ୍କ ପ୍ରବାସ ଯୋଗୁ କାମାର୍ତ୍ତା ଓ ଦୁଃଖାର୍ତ୍ତା ସ୍ତ୍ରୀ—
A woman who feels amorous and dejected on account of the absence of her husband.

[ଦ୍ର—କାବ୍ୟରେ ବର୍ଣ୍ଣିତ ନାୟିକାଙ୍କର ଆଠ ପ୍ରକାର ମଧ୍ୟରୁ ଏହା ଏକ ।]

ପ୍ରୋଷିତ ମରଣ—ସଂ. ବ—ବିଦେଶରେ ମୃତ୍ୟୁ—
Proshita maraṇa Dying in a foreign country.

ପ୍ରୋଷ୍ଠ—ସଂ. ବ. ପୁଂ. (ପ୍ର+ଓଷ୍ଠ)—
Proshṭha ୧ । ବଳଦ—1. An ox.
(ପ୍ରୌଷ୍ଠ—ଅନ୍ୟରୂପ) ୨ । କାଷ୍ଠାସନ—2. A bench; a stool.
୩ । କେରାଣ୍ଡି ମାଛ—3. Carp.

ପ୍ରୋଷ୍ଠୀ—ସଂ. ବ. ସ୍ତ୍ରୀ. (ପ୍ର+ଉଷ୍ ଧାତୁ=ପୋଡ଼ିବା+ସଂଜ୍ଞାର୍ଥେ ଠ+
Proshṭhī ସ୍ତ୍ରୀ. ଈ)—ଯାହା ଖାଇଲେ ପିତ୍ତ ବୃଦ୍ଧି ଯୋଗୁ
ଅନ୍ୟ ସ. ନାମ—କେରାଣ୍ଡି, ଶରୀରରେ ଦାହ ଉତ୍ପନ୍ନ ହୁଏ)—
ସଫରୀ, ଶଫରୀ ଶଫରୀ; କେରାଣ୍ଡି ମାଛ—
Carp; Cyprinus Pansinus Barbus; Chola.

ପ୍ରୋସିକ୍ୟୁସନ୍—ବୈଦେ. ବ. (ଇଂ)—ଫଉଜଦାରୀ ମକଦମାର ମୁଦାଇ
Prosikyusan ବିପକ୍ଷରେ ମୁଦେଇରୂପେ ମକଦମା ଚଳାଉଥିବା ପକ୍ଷ—Prosecution.

ପ୍ରୋହ—ସ. ବଣ—୧ । ତାର୍କିକ; ତର୍କକାରୀ—
Proha 1. Disputing; reasoning.
(ପ୍ରୌହ—ଅନ୍ୟରୂପ) ୨ । ଚତୁର—2. Skilful; clever.
ସଂ. ବ—୧ । ତର୍କକାରୀ ବ୍ୟକ୍ତି—1. Reasoner.
୨ । ତର୍କ—2. Reasoning.
୩ । ହାତୀର ଗୋଡ଼—3. An elephant's foot.
୪ । ପର୍ବ; ପବ (ହ୍ର. ଶ)—4. Internode.
୫ । ଗଣ୍ଠି—5. Knot; joint (Apte).

ପ୍ରୋହିତ—ଦେ. (ପଦ୍ୟ) (ସଂ. ପୁରୋହିତ)—ପୁରୋହିତ—
Prohita পুরুত प्रोहित Priest.
ଶୁଣି ସୁନିଶା ସୁତ ବଚନ ପ୍ରୋହିତ, କେମନ୍ତ ବହୁଳ ସମର୍ପିଲେ ସୁତ ।
ବଇଦେହୀଶ ବିଳାସ ।

ପ୍ରୌଢ଼—ସଂ. ବଣ. ପୁଂ. (ପ୍ର+ବହ୍ ଧାତୁ=ବହନ କରବା+ କର୍ତ୍ତୃ. ତ)—୧ । ସମ୍ପୂର୍ଣ୍ଣରୂପେ ବର୍ଦ୍ଧିତ—
Praurdha
(ପ୍ରୌଢ଼ା—ସ୍ତ୍ରୀ) 1. Full grown; grown up.
ପ୍ରୌଢ଼ତା } ବି
ପ୍ରୌଢ଼ତ୍ୱ }
୨ । ପୂର୍ଣ୍ଣବୟସ୍କ—2. Adult; grown up. [ଦ୍ର—ଏହି ଅବସ୍ଥା ୩୦ ଠାରୁ ୫୫ ବର୍ଷ ପର୍ଯ୍ୟନ୍ତ ଅଟେ । ପୁରୁଷର ପ୍ରୌଢ଼ାବସ୍ଥା ୩୦ ଠାରୁ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ଓ ସ୍ତ୍ରୀର ପ୍ରୌଢ଼ାବସ୍ଥା ୩୦ ଠାରୁ ୫୫ ବର୍ଷ ପର୍ଯ୍ୟନ୍ତ ଅଟେ ।]
୩ । ପ୍ରବୀଣ; ବୃଦ୍ଧ—3. Old; mature.
୪ । ଯଥେଷ୍ଟ—4. Sufficient; enough.
୫ । ବିଜ୍ଞ—5. Experienced.
୬ । ପରିପୁଷ୍ଟ—6. Developed; matured.
୭ । ବିବାହିତ—7. Married.
୮ । ସାହସୀ—8. Bold.
୧୦ । ନିପୁଣ; ଦକ୍ଷ—10. Expert; skilful; forward.
୧୧ । ଦୃଢ଼ପ୍ରତ୍ୟୟ—11. Confident.
୧୨ । ଅଭିମାନୀ; ପ୍ରଗଲ୍ଭ; ଗର୍ବୀ; ଅହଙ୍କାରୀ—
12. Arrogant; proud.
୧୩ । ନିର୍ଲଜ୍ଜ—13. Impudent.
୧୪ । ନିବିଡ଼; ଘୋର—14. Thick; dense.
୧୫ । ଭୀଷଣ—15. Frightening; violent; terrible.
୧୬ । ପ୍ରସାରିତ—16. Extended.
୧୭ । ଉତ୍ତୋଳିତ—17. Raised; lifted up.
୧୮ । ମହତ୍; ପ୍ରବଳ; ବଳବାନ୍—
18. Grand; mighty; strong (Apte).
୧୯ । ବହୁବର୍ଦ୍ଧିତ—19. Luxuriant (Apte).
୨୦ । (ସମାସରେ ଅନ୍ୟ ଶବ୍ଦ ପରେ ଯୁକ୍ତ) ଅମୁକରେ ପୂର୍ଣ୍ଣ—
20. Full of; filled with (Apte).
୨୧ । ସମ୍ୟକ୍ ଆଲୋଚିତ—
21. Controverted; discussed (Apte).

ପ୍ରୌଢ଼ପାଦ—ସ. ବଣ. ପୁଂ—୧ । ଯେଉଁ ବ୍ୟକ୍ତି ଆସନୋପରି ପାଦତଳ
Praurdhapāda ଦ୍ୱୟକୁ ରଖି ବସିଥାଏ; ଟେର ହୋଇ ବସିଥିବା ଆସନାରୂଢ଼ ପାଦ—1. One who sits with his legs on the seat.
୨ । ବସ୍ତ୍ରଦ୍ୱାରା ପୃଷ୍ଠ ଓ ଜାନୁ ଓ ଜଙ୍ଘାଦ୍ୱୟକୁ ବାନ୍ଧି କରି ବସିଥିବା; ପର୍ଯ୍ୟଙ୍କ ବନ୍ଧରେ ଆସୀନ—2. Sitting with one's legs, thighs and back wound round with a cloth.

ପ୍ରୌଢ଼ ବୟସ୍କ—ସ. ବଣ. ପୁଂ—ପ୍ରୌଢ଼ାବସ୍ଥାପ୍ରାପ୍ତ (ପୁରୁଷ)—
Praurdha bayaska (a person) Of mature age.
(ପ୍ରୌଢ଼ ବୟସ୍କା—ସ୍ତ୍ରୀ)

ପ୍ରୌଢ଼ା—ସ. ବି. ସ୍ତ୍ରୀ—୧ । ୩୦ ଠାରୁ ୫୫ ବର୍ଷ ପର୍ଯ୍ୟନ୍ତ ବୟସ୍କା ସ୍ତ୍ରୀ—
Praurdhā 1. A woman between 30 and 55 years of age.
୨ । କାବ୍ୟ ବର୍ଣ୍ଣିତ ନାୟିକାଭେଦ—2. A class of heroines of romance; a woman of violent temper; shrew; a woman of ungovernable passions.
[ଦ୍ର—ଏ ନାୟିକା ଉଗ୍ରା ବା ଲୁବ୍ଧସ୍ୱଭାବା ଏବଂ ସ୍ୱାମୀର ବଶୀଭୂତା ନୁହେଁ ।
ଛନ୍ଦଶାସ୍ତ୍ରାନୁସାରେ ପ୍ରୌଢ଼ା ନାୟିକା ଆଠ ଭାଗରେ ବିଭକ୍ତ; ଯଥା—ଖଣ୍ଡିତା, କଳହାନ୍ତରିତା, ଉତ୍କଣ୍ଠିତା, ବାସକସଜ୍ଜା, ଅଭିସାରିକା, ପ୍ରୋଷିତଭର୍ତ୍ତୃକା, ବିପ୍ରଲବ୍ଧା ଓ ସ୍ୱାଧୀନଭର୍ତ୍ତୃକା । ମାନାବସ୍ଥାରେ ଏମାନେ ତ୍ରିବିଧ, ଯଥା—ଧୀରା, ଅଧୀରା ଓ ଧୀରାଧୀରା ।]
ଦେ. ବି. ପୁଂ—୩୦ ବର୍ଷଠାରୁ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ବୟସ୍କ ବ୍ୟକ୍ତି—
A man between 30 and 45 years of age.

ବୃଦ୍ଧେ୍ୟାଧିକ ଗତିକି ହୋଇବନ୍ଦ ପ୍ରୌଢ଼ା
ପ୍ରାପ୍ତେ ହେଉ ଯେଣୁ ହେଲି ମୁଁ ଅନ୍ଧ ବୃଢ଼ା—
କୃଷ୍ଣସିଂ. ମହାଭାରତ: ଉଦ୍ଯୋଗ ।

ବଣ. ସ୍ତ୍ରୀ—ରଜସ୍ୱଲା; ଯେଉଁ ବାଳକାର ରଜୋଦର୍ଶନ ହୋଇ ଅଛି—Matured girl.

ପ୍ରୌଢ଼ି—ସ. ବି (ପ୍ର+ବହ୍ ଧାତୁ+ଭାବ. ତି)—୧ । ଔତ୍ସୁକ୍ୟ—
Praurdhi 1. Zeal.
୨ । ଉଦ୍ଯୋଗ; ଉଦ୍ଯମ—2. Exertion; enterprise.
୩ । ଅଧ୍ୟବସାୟ—3. Perseverance.
୪ । ବାଗାଡ଼ମ୍ବରତା—4. Bragging.
୫ । ପ୍ରଗଲ୍ଭତା—5. Audacity; arrogance.
୬ । ବାଦାନୁବାଦ; ତର୍କବିତର୍କ—
6. Discussion; controversy.
୭ । ତୀକ୍ଷ୍ଣବୁଦ୍ଧି; ପ୍ରତିଭା—7. Sharp intellect.
୮ । ସାହସ—8. Boldness; courage; forwardness.
୯ । ଉନ୍ନତି—9. Improvement.
୧୦ । ପରିପକ୍ୱତା—
10 Maturity; perfection; full development(Apte)
୧୧ । ମହତ୍ତ୍ୱ—11. Greatness; grandeur; dignity (Apte).
୧୨ । ଗର୍ବ—12. Pride (Apte).
ଦେ. ବି—୧ । ବାହାଦୁରୀ—1. Self-edification.

ପର ଭଳି ଯେବେ ସେ ସଙ୍ଗରେ ଖାଇବେ
ତାହା ପ୍ରୌଢ଼ି ଦେଖାଇ ସଭାରେ କହିବେ ।
କୃଷ୍ଣସିଂ. ମହାଭାରତ, ବନ ।

୨ । ବାଲଙ୍ଗି—2. Bragging; boasting.

ପ୍ରୌଢ଼ିବାଦ—ସ. ବି—ବାଲଙ୍ଗି; ପ୍ରଗଲ୍ଭ କଥା—
Praurdhibāda Arrogant speech; bragging; grand eloquent speech (Apte).

ପ୍ରୌଷ୍ଠିକ—ସ. ବଣ. ପୁଂ. (ପ୍ର+ଓଷ୍ଠ+ଇକ)—
Praushthika ଉତ୍ତମ ଓଷ୍ଠଯୁକ୍ତ—Having excellent lips.
(ପ୍ରୌଷ୍ଠିକା—ସ୍ତ୍ରୀ)

ପ୍ଲକ୍ଷ୍ (ଧାତୁ)—ସ—ଭକ୍ଷଣ କରିବା—
Plaksh (root) To eat.

ପ୍ଲକ୍ଷ—ସ. ବି. (ପ୍ଲକ୍ଷ୍ ଧାତୁ+ସଂଜ୍ଞା. ଅ)—
Plaksha ୧ । ପର୍କଟୀ ବା ଜଖି ଗଛ—
1. The waved-leafed fig tree; Ficus Religiosa.
୨ । ସପ୍ତଦ୍ୱୀପା ପୃଥିବୀର ଗୋଟିଏ ଦ୍ୱୀପ—
2. One of the 7 islands of the world in Indian mythology.
୩ । ବାଡ଼ି ଦୁଆର—3. Back door.
୪ । ଦୁଆରର ମୁହଁ—
4. The space on the side of a door (Apte).

ପ୍ଲଟ୍—ବୈଦେ. ବି. (ଇଂ. ପ୍ଲଟ୍)—
Plat ଅଟ ପ୍ଲୋଟ
୧ । (କଚେରିଆ) ସ୍ୱତନ୍ତ୍ର ନମ୍ବରରେ ଚହ୍ନିତ ହୋଇଥିବା ଜମିର ଖଣ୍ଡ—1. A plot of land.
୨ । (କଚେରିଆ) ଫିଲ୍ଡ୍ ବୁକ୍‌ରେ ଲେଖାଥିବା ଉତ୍ତର ଉତ୍ତର ପରିମାଣ ଓ ଉପଦେଶ ଅନୁସାରେ କାଗଜରେ ନକସାର ପ୍ରାଥମିକ ଚଠା କରିବା—2. Plotting of a map according to the field book.
୩ । ଉପନ୍ୟାସ, ନାଟକ ବା କାବ୍ୟର କଥା ବସ୍ତୁ ବା କଥାଭାଗ—
3. The plot of a drama, novel etc.
୪ । ଷଡ଼ଯନ୍ତ୍ର—4. A plot; a conspiracy.

ପ୍ଲଟିଙ୍ଗ୍—ବୈଦେ. ବି (ଇଂ. ପ୍ଲଟିଙ୍ଗ୍)—
Plating ଅଟିଙ୍ଗ ପ୍ଲୋଟିଙ୍ଗ
ଫିଲ୍ଡ ବୁକ୍‌ରେ ଲିଖିତ ମାପ ଓ ଉପଦେଶ ଅନୁସାରେ କାଗଜରେ ପେନ୍ସିଲ ଦ୍ୱାରା ପ୍ରାଥମିକ ନକସା ଚଠା କରିବା—Plotting of a map according to the field book.
[ଦ୍ର—କାଗଜରେ ପେନ୍ସିଲ ଦ୍ୱାରା ପ୍ଲଟିଙ୍ଗ୍ ହୋଇ ସାରଲେ ରେଖାମାନଙ୍କ ଉପରେ କାଳି ଚଢ଼ାଇବାକୁ ହୁଏ । ଏହାକୁ ଇଙ୍କିଙ୍ଗ୍ ବୋଲାଯାଏ, ତହିଁରେ ରଙ୍ଗ ଦେବାକୁ ହୁଏ, ଏହାକୁ କଲରିଙ୍ଗ୍ ବୋଲାଯାଏ ।]

ପ୍ଲବ—ସ. ବିଣ. (ପ୍ଲୁ ଧାତୁ=ପାଣିରେ ଭାସିବା; ଡେଇଁ ଡେଇଁ ଯିବା +କର୍ତ୍ତୃ. ଅ)—
Plaba
୧ । ଡେଇଁ ଡେଇଁ ଗତି କରୁଥିବା—
1. Moving by leaps and bounds.
୨ । ଉତ୍କୃଷ୍ଟ—2. Superior; excellent.
୩ । ପହଁରୁଥିବା—3. Swimming (Apte).
୪ । ଭାସୁଥିବା—4. Floating (Apte).
ବି (+ଭାବ. ଅ)—୧ । ଲମ୍ଫନ—
1. Jumping; leaping.
୨ । ମାଙ୍କଡ଼ଚେଇ ମାରିବା—2. Tumbling.
୩ । ପାଣିରେ ବୁଡ଼ି ବୁଡ଼ି କରି ଯିବା; ପାଣିରେ ବୁଡ଼ା ମାରିବା—
3. Plunging; diving.
୪ । ସନ୍ତରଣ—4. Swimming.
୫ । ଭାସିବା—5. Floating.
୬ । (+କରଣ. ଅ) ଭେଳା—6. A raft; a float.
୭ । (+କର୍ତ୍ତୃ. ଅ) ମାଙ୍କଡ଼; ବାନର—7. Monkey.
୮ । ମେଷ; ମେଣ୍ଢା—8. Sheep.
୯ । ଭେକ; ବେଙ୍ଗ—9. Frog.
୧୦ । ହଂସାଦି ଜଳଚର ପ୍ରାଣୀ; କାରଣ୍ଡବ ପକ୍ଷୀ—
10. Aquatic fowl.
୧୧ । ପାଣିକୁଆ—11 Cormorant.
୧୨ । ଜଳକୁକ୍କୁଟ—12. Water fowl.
୧୩ । ଶ୍ୱପଚ; ଚଣ୍ଡାଳ—
13. A man of degraded caste.
୧୪ । (+କର୍ମ. ଅ) କ୍ରମନିମ୍ନ ଭୂମି; ଗଡ଼ାଣି—14. A slope.
୧୫ । ଶତ୍ରୁ—15. Enemy; foe.
୧୬ । ପ୍ରେରଣ—16. Sending; directing.
୧୭ । ପର୍କଟୀ ବୃକ୍ଷ—
17. The waved-leafed fig tree.
୧୮ । ଧ୍ୱନି; ଶବ୍ଦ—18. Sound.
୧୯ । ପ୍ଲୁତ ସ୍ୱରର ଉଚ୍ଚାରଣ—19. A lengthened or protracted utterance of a vowel.
୨୦ । ପୋଲୁଦି; ପଳଇ—20. A sort of inverted basket for catching fish.
୨୧ । କୈବର୍ତ୍ତ ମୁସ୍ତକ; କେଉଟିଆ ମୁଥା—21. A kind of grass root; Cyperus Rotundus.
୨୨ । ଗନ୍ଧତୃଣବିଶେଷ—
22. A kind of fragrant grass.
୨୩ । ନଈ ବଢ଼ି—
23. Flood; swelling of a river (Apte).
୨୪ । ଛୋଟ ଡଙ୍ଗା—24. Canoe; small boat (Apte).
୨୫ । ମାଛ ଧରିବା ଜାଲ—
25. A net or snare for catching fish (Apte).
୨୬ । ପରସ୍ପର ଅନ୍ୱିତ ୫ ବା ତଦଧିକ ଶ୍ଳୋକ—
26. Five or more stanzas syntactically connected (Apte).
୨୭ । ପ୍ରତ୍ୟାବର୍ତ୍ତନ—27. Returning; return (Apte).
୨୮ । ଉତ୍ତେଜନ—28. Urging on; inciting.

ପ୍ଲବକ—ସ. ବି. ପୁଂ (ପ୍ଲୁ ଧାତୁ+କର୍ତ୍ତୃ. ଅକ)—୧ । ନର୍ତ୍ତକ—
Plabaka 1. Dancer.
୨ । ଯେ ମାଙ୍କଡ଼ଚେଇ ମାରେ—
2. A tumbler; a person who practices somersault.
୩ । ଯେ ଦଉଡ଼ି ବା ଖଣ୍ଡା ଉପରେ ନାଚେ—
3. A rope dancer.
୪ । କେଳକ; କେଳା; ବାଜିଗର—4. One who shows various artful dances

୫ । ଚଣ୍ଡାଳ—5. A low caste untouchable.
୬ । ଭେକ—6. Frog.
୭ । ପ୍ଲକ୍ଷ ବୃକ୍ଷ—7. The waved-leafed fig tree.

ପ୍ଲବଗ—ସଂ. ବିଣ. (ପ୍ଲବ+ଗମ୍ ଧାତୁ+କର୍ତ୍ତୃ. ଅ)—ପ୍ଲୁତ ଗତିବିଶିଷ୍ଟ;
Plabaga ଯେ ଡେଇଁ ଡେଇଁ ଚାଲେ—Moving by leaps.
(ପ୍ଲବଗତି, ପ୍ଲବଙ୍ଗ, ପ୍ଲବଙ୍ଗମ—ଅନ୍ୟରୂପ)
(ପ୍ଲବଗା—ସ୍ତ୍ରୀ) ବି.—୧ । ବାନର; ମାଙ୍କଡ଼—1. Monkey.
୨ । ଭେକ; ବେଙ୍ଗ—2 Frog.
୩ । ହରିଣ—3. Deer.
୪ । ସୂର୍ଯ୍ୟସାରଥି ଅରୁଣ—
4. The charioteer of the Sun-god.
୫ । ଜଳଚର ପକ୍ଷୀ—5. Water fowl.
୬ । ସୂର୍ଯ୍ୟ—7. The sun.
୭ । ପ୍ଲକ୍ଷ ବୃକ୍ଷ—7. The fig tree (Apte).
୮ । ଶିରିଷ ଗଛ—8. The Śirisha (tree) (Apte).

ପ୍ଲବଚର—ସଂ. ବି—ହଂସାଦି ଜଳଚର ପକ୍ଷୀ—
Plabachara Aquatic birds, e. g. swan.

ପ୍ଲବନ—ସଂ. ବି. (ପ୍ଲୁ ଧାତୁ+ଭାବ. ଅନ)—
Plabana ୧ । ଲମ୍ଫନ; କୁଦିବା; ଡେଇଁବା—
1. Jumping.
୨ । ପହଁରିବା—2. Swimming.
୩ । ପ୍ଲାବନ; ବଢ଼ି—3. Flood; deluge.
୪ । କ୍ରମନିମ୍ନ ଭୂମି—4. A slope.
୫ । ଗାଲ୍—5. Declivity (Apte).
୬ । ଘୋଡ଼ାର ଦୁଲିକି ଚାଲି—
6. Capering of a horse (Apte).

ପ୍ଲବମାନ—ସଂ. ବିଣ. ପୁଂ. (ପ୍ଲୁ ଧାତୁ+କର୍ତ୍ତୃ. ଅନ)—୧ । ଭାସମାନ—
Plabamāna 1. Floating; swimming.
(ପ୍ଲବମାନା—ସ୍ତ୍ରୀ) ୨ । ଲମ୍ଫମାନ—2. Jumping; leaping.

ପ୍ଲବିବା—ଦେ. (ପଦ୍ୟ) କ୍ରି—୧ । ବୁଡ଼ିବା—
Plabibā 1. To dive.
ପ୍ଲବା ୨ । ସନ୍ତରଣ କରିବା—2. To swim.

ପଡ଼ିଲା ଲଙ୍କାରେ ପ୍ଲବେ ସାଗରସରେ
ଭସେ କୁମୁଦିନୀ ବହାର । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ପ୍ଲାକ୍ଷ—ସଂ. ବିଣ. (ପ୍ଲକ୍ଷ+ଅ)—ପ୍ଲକ୍ଷ ସମ୍ବନ୍ଧୀୟ—
Plāksha Relating to Plaksha.

ପ୍ଲାଞ୍ଚେଟ୍—ବୈଦେ. ବି. (ଇଂ)—ମିଡ଼ିୟମ୍‌ରେ ବିଶ୍ୱାସ କରିବା ଲୋକଙ୍କ
Plānchet ବ୍ୟବହୃତ ପାନପତ୍ର ଆକାରର କାଠର ଖଣ୍ଡିଏ ତକତା,
প্লান্‌চেট ଯହିଁରେ ତଳକୁଡ଼ା ପାଖର ତଳେ ଦୁଇ ପାଖେ ୨ଟି
प्लैंचेट ଚକ ଲାଗିଥାଏ ଓ ଅଗପାଖରେ ଗୋଟିଏ ଛିଦ୍ର ହୋଇ
(ପ୍ଲାନ୍‌ଚେଟ୍—ଅନ୍ୟରୂପ) ସେଥିରେ ଖଣ୍ଡିଏ ଉଡ଼ନ୍ ପେନ୍‌ସିଲ୍ ଗଳିଥାଏ ଓ ଯାହା ଉପରେ ୨ଜଣ ଲୋକ ହାତ ରଖିଲେ ଉକ୍ତ ତକତା ଗତି କରେ ଓ ପେନ୍‌ସିଲ୍ ମୁନ ତଳେ ଥିବା କାଗଜରେ ପ୍ରଶ୍ନମାନଙ୍କର ଉତ୍ତରମାନ ମନକୁ ଲେଖି ହୋଇ ଯାଏ – Planchette.

ପ୍ଲାଟ୍‌ଫର୍ମ୍—ବୈଦେ. ବି. (ଇଂ)—୧ । ମଞ୍ଚ; ବେଦୀ—
Plātpharm 1. Platform.
প্লাটফর্ম ୨ । ଷ୍ଟେସନରେ ଅଟକି ଥିବା ରେଳଗାଡ଼ି ଉପରକୁ
प्लेटफर्म ଯାତ୍ରୀମାନେ ଚଢ଼ିବାପାଇଁ ଷ୍ଟେସନ୍‌ମାନଙ୍କରେ ନିର୍ମିତ ଉଚ୍ଚ ବେଦୀ—2. Railway platform.
୩ । ରେଳଷ୍ଟେସନରେ ପ୍ଲାଟଫର୍ମ୍ ଯେଉଁ ସୀମାବଦ୍ଧବିଶିଷ୍ଟ ସ୍ଥାନରେ ନିର୍ମିତ ହୋଇଥାଏ—3. An enclosed space in a railway station where there is the platform.
(ପ୍ଲାଟଫାରମ୍—ଅନ୍ୟରୂପ)

ପ୍ଲାଟ୍‌ଫର୍ମ ଟିକ(କେ)ଟ୍—ବୈଦେ. ବି. (ଇଂ)—ରେଳଷ୍ଟେଶନର
Plātpharm ṭika(ke)ṭ ପ୍ଲାଟଫର୍ମ୍ ଉପରକୁ ଗାଡ଼ି ଆସିଲା
প্লাটফর্ম টিকেট ବେଳେ ଦରକାର ଥିଲେ ଷ୍ଟେସନର ସୀମା
प्लेटफर्म टिकेट ମଧ୍ୟକୁ ପ୍ରବେଶ କରିବା ନିମନ୍ତେ ରେଳକର୍ମଚାରୀଙ୍କଠାରୁ କିଣାଯିବା ଟିକଟ—Platform ticket.

ପ୍ଲାଟିନମ୍—ବୈଦେ. ବି. (ଇଂ)—ସିତ କାଞ୍ଚନ; ଧାତୁବିଶେଷ; ରୌପ୍ୟ-
Plāṭinam ତୁଲ୍ୟ ଶୁଭ୍ର ଓ ଲୌହଛଡ଼ା ଅନ୍ୟ ସମସ୍ତ ଧାତୁଠାରୁ
প্লাটিনম দୃଢ଼ତର ଧାତୁ—Platinum.
प्लेटिनम [ଦ୍ର—ଏହା ନିଆଁରେ ତରଳେ ନାହିଁ; ଏଥିରେ କଳଙ୍କି ଧରେ ନାହିଁ, କମ୍ପା ଖଟାରେ ଏହା ଉକୁଟି ଯାଏ ନାହିଁ । ଏହା ଅନ୍ୟ ଧାତୁ ସଙ୍ଗେ ମିଶି ଦକ୍ଷିଣଆମେରିକା, ଇଉରାଲ୍ ପର୍ବତ ଓ ବୋର୍ଣ୍ଣିଓ ଦ୍ୱୀପରେ ଖଣିରୁ ବାହାରେ—ହି. ଶ ।]

ପ୍ଲାନ୍—ବୈଦେ. ବି. (ଇଂ)—୧ । କୌଣସି ଘରର ତଳର ନକ୍ସା—
Plān 1. The plan of a building.
প্লান ୨ । କୌଣସି କାର୍ଯ୍ୟରେ ଆଗତପାଞ୍ଚ; ଅଟକଳ—
प्लान 2. A scheme; a project.

ପ୍ଲାବ—ସଂ. ବି. (ପ୍ଲୁ ଧାତୁ+ଭାବ. ଅ)—୧ । ଗୋତା; ଡୁବା; ବୁଡ଼ା
Plāba (ହି. ଶ)—1. Diving
୨ । ପରିପୂର୍ଣ୍ଣତା (ହି. ଶ)—2. Fullness.

ପ୍ଲାବକ—ସଂ. ବିଣ. ପୁଂ (ପ୍ଲୁ ଧାତୁ+କର୍ତ୍ତୃ. ଅକ)—ପ୍ଲାବନକାରୀ; ଯାହା
Plābaka ଜଳାଦିଦ୍ୱାରା ବୁଡ଼ାଇ ଦିଏ—Overflowing;
(ପ୍ଲାବୀ—ଅନ୍ୟରୂପ) (ପ୍ଲାବିକା, ପ୍ଲାବିନୀ—ସ୍ତ୍ରୀ) inundating.

ପ୍ଲାବନ—ସଂ. ବି (ପ୍ଲୁ ଧାତୁ ଣିଚ୍=ପ୍ଲାବି ଧାତୁ+ଅନ)—୧ । ନଦୀ
Plābana ଆଦିର ବନ୍ୟା; ବଢ଼ି; ଜଳ ଯୋଗୁଁ ପ୍ରଳୟ—
(ପ୍ଲାବନୀୟ, ପ୍ଲାବିତ, ପ୍ଲାବ୍ୟ—ବିଣ) 1. Flood; deluge; inundation.
୨ । ତରଳ ଦ୍ରବ୍ୟର ସ୍ଫୀତି—
2. Overflowing of a liquid.
୩ । ଅଭିଷେକ—3. Sprinkling.
୪ । ଉଠିଆ ଜୁଆର—4. Flow tide; flood tide.
୫ । ପହଁରା; ସନ୍ତରଣ (ହି. ଶ)—5. Swimming.

ପ୍ଲାବିତ—ସ. ବଣ (ପ୍ଲୁ ଧାତୁ ଣିଚ୍+ତ)—ଜଳଦ୍ୱାରା ବ୍ୟାପ୍ତ; ପାଣିରେ
Plābita ବୁଡ଼ିଯାଇଥିବା—Overflooded with water; overflooded; inundated.

ପ୍ଲାବିନୀ—ଦେ. ବି—ପ୍ରାଚୀନ ଅର୍ଣ୍ଣବପୋତବିଶେଷ (ଜଗବନ୍ଧୁ ପ୍ରାଚୀନ
Plābini ଉତ୍କଳ)—A kind of ship used in Orissa in ancient times.

ପ୍ଲାବିବା—ଦେ. (ପଦ୍ୟ) କ୍ରି (ସ. ପ୍ଲାବନ)—ପ୍ଲାବିତ କରିବା—
Plābibā To cause to overflow; to inundate.
ପ୍ଲାବା ଭଗବଲସ୍ତ ଗଙ୍ଗ ପ୍ଲାବ୍ ରେ — ଗ୍ରାଥାଜାଥ. ମହାଗାଥା ।

ପ୍ଲାଶି—ସ. ବି—ପୁରୁଷର ମୂତ୍ରେନ୍ଦ୍ରିୟର ମୂଳ ନିକଟସ୍ଥ ନାଡ଼ୀ (ହ୍ର. ଶ)—
Plāsi A vein running at the root of the male organ.

ପ୍ଲାଷ୍ଟର—ବୈଦେ. ବି. (ଇଂ)—୧ । (ଡାକ୍ତରୀ) ଔଷଧାର୍ଥେ ଦେହରେ
Plāshtar ବୋଲାଯିବା ଲେପ—1. (medicine) Plaster.
প্লাষ্টার प्लास्टर ୨ । ପଲସ୍ତରା; କାନ୍ଥରେ ଚୂନଅଦର ସୁରର ଲେପ—2. Plaster.

ପ୍ଲାଷ୍ଟର ଅଫ୍ ପାରିସ୍—ବୈଦେ. ବି (ଇଂ)—ବାଲିଆ ମାଟି; ଧାତୁଦ୍ରବ୍ୟ,
Plāshtar aph pāris ଚିକଣବାସନ ଓ କାଚପାତ୍ର ଜୋଡ଼ିବା,
প্লাষ্টার অফ পারিস ଚଟାଣରେ ଲେପିବା ଓ ମୂର୍ତ୍ତି ତିଆର କରିବାରେ
प्लास्टर आफ पैरिस ବ୍ୟବହୃତ ଏକପ୍ରକାର ଚୂନ—Plaster of Paris.
[ଦ୍ର—ଏଥିରେ ପାଣି ମିଶାଇ ବୋଳ ଦେଲେ ଏହା ଅଳ୍ପକ୍ଷଣ ମଧ୍ୟରେ ଅତିଶୟ ଦୃଢ଼ ହୋଇଯାଏ ।]

ପ୍ଲାସୀ—ଦେ. ବି (ନାମ)—ପଲାସି ଯୁଦ୍ଧ ଓ ଯୁଦ୍ଧକ୍ଷେତ୍ର—The battle
Plāsi প্লাসী पलासी and battle-field of Plassey.

ପ୍ଲିଡର—ବୈଦେ. (ଇଂ)—ଓକିଲ—
Plidar প্লিডার प्लिडार Pleader.

ପ୍ଲିଡରସିପ୍—ବୈଦେ. ବଣ. (ଇଂ)—୧ । ଓକାଲତି—
Plidar-sip 1. Pleadership.
প্লিডারসিপ; প্লিডারি ୨ । ଓକାଲତି ବ୍ୟବସାୟ—
प्लिडारसीप 2. The profession of a pleader.
(ପ୍ଲିଡରୀ—ଅନ୍ୟରୂପ)

ପ୍ଲି(ପ୍ଲୀ)ହ୍ (ଧାତୁ)—ସ—୧ । ଗମନ କରିବା—
Pli(plī)h (root) 1. To go.
୨ । ବୃଦ୍ଧି ପାଇବା—2 To increase.

ପ୍ଲି(ପ୍ଲୀ)ହ—ସ. ବି (ପ୍ଲିହ୍ ଧାତୁ+ଅନ; ପ୍ଲିହନ୍ ଶବ୍ଦ)—୧ । ପିଲେହି—
Pli(plī)ha 1. Spleen.
(ପ୍ଲିହା, ପ୍ଲୀହା—ଅନ୍ୟରୂପ) ୨ । ପିଲେହି ବଢ଼ିବା ରୋଗ—
2. Enlargement of the spleen (a disease).

ପ୍ଲି(ପ୍ଲୀ)ହଘ୍ନ—ସଂ. ବଣ. (ପ୍ଲିହନ୍+ହନ୍ ଧାତୁ+କର୍ତ୍ତୃ. ଅ)—
Pli(plī)haghna ଯାହା ପ୍ଲୀହାରୋଗ ରୋଗ ନାଶକରେ—
(ପ୍ଲିହଘ୍ନୀ—ସ୍ତ୍ରୀ) Curing enlargement of spleen.

ପ୍ଲି(ପ୍ଲୀ)ହାଘ୍ନୀ—ସ. ବି—ଶରପୁଙ୍ଖ (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)—
Pli(plī)hāghni Sarapuṅkha (See)
(ପ୍ଲୀହ[ହା]ଘ୍ନୀ—ଅନ୍ୟରୂପ)

ପ୍ଲୀହା ବୃଦ୍ଧି—ସ. ବି—ପ୍ଲୀହା ବଢ଼ିବା ରୋଗ—
Plihā bruddhi Enlargement of the spleen.
(ପ୍ଲିହାବୃଦ୍ଧି—ଅନ୍ୟରୂପ)

ପ୍ଲି(ପ୍ଲୀ)ହାରି—ସ. ବି—ଅଶ୍ୱତ୍ଥ (ହ୍ର. ଶ)—
Pli(plī)hāri The religious fig tree.

ପ୍ଲି(ପ୍ଲୀ)ହୋଦର—ସ. ବି. (ମ. ପ. ଲ୍ଲୋ)—ପ୍ଲୀହାବୃଦ୍ଧି ରୋଗ—
Pli(plī)hodara Enlargement of the spleen.
[ପ୍ଲି(ପ୍ଲୀ)ହୋଦରୀ—ପୁଂ, ପ୍ଲି(ପ୍ଲୀ)ହୋଦରିଣୀ—ସ୍ତ୍ରୀ—ବଣ]

ପ୍ଲୀ (ଧାତୁ)—ସ—ଗମନ କରିବା—
Plī (root) To go.

ପ୍ଲୁ (ଧାତୁ)—ସ—୧ । ଗମନ କରିବା—
Plu (root) 1. To go.
୨ । ଡେଇଁ ଡେଇଁ ଯିବା—
2. To move by leaps.
୩ । ଡେଇଁବା—3. To leap; to jump.
୪ । ଭାସିବା—4. To float.
୫ । ପହଁରିବା—5. To swim.
୬ । ପାଣିରେ ବୁଡ଼ିବା—6. To plunge; to dive.

ପ୍ଲୁତ—ସ. ବି. (ପ୍ଲୁ ଧାତୁ+ଭାବ. ତ)—
Pluta ୧ । ଲମ୍ଫ; ଡେଇଁବା—1. Jumping; leaping.
୨ । ସ୍ୱରର ସର୍ବାପେକ୍ଷା ଦୀର୍ଘତମ ଉଚ୍ଚାରଣ—2. The protracted sound of a vowel.
[ଦ୍ର—ଏହା ଦୂରରୁ ଡାକିବା, ଗୀତ ବୋଲିବା, ରୋଦନ କରିବା ଓ ବେଦୋଚ୍ଚାରଣ କରିବା ବେଳେ ଶୁଣାଯାଏ ।
ସଂସ୍କୃତରେ ସ୍ୱରମାନଙ୍କର ହ୍ରସ୍ୱ, ଦୀର୍ଘ ଓ ପ୍ଲୁତ ଏହି ୩ ପ୍ରକାରର ଉଚ୍ଚାରଣ ଅଛି ।]
୩ । ଅଶ୍ୱର ଗତିବିଶେଷ; ଦୁଲକି ଚାଲି—
3. Gallop; the trot of a horse
୪ । ବେଙ୍ଗର ଗତି—. The leaping motion of a frog.
୫ । (ସଙ୍ଗୀତ) ତିନ ମାତ୍ରାଯୁକ୍ତ ତାଳ—4. (music) A measure covering 3 periods.
ସ. ବଣ—୧ । କମ୍ପଗତିଯୁକ୍ତ (ହ୍ର. ଶ)—
1. Moving with vibration.
୨ । (+କର୍ମ. ତ) ପ୍ଲାବିତ (ହ୍ର. ଶ)—
2. Flooded; inundated.
୩ । ଅତି ଆର୍ଦ୍ର (ହ୍ର ଶ)—3. Very wet.

ପ୍ଲୁତ ଗତି—ସ. ବି. (କର୍ମଧା; ପ୍ଲୁତ+ଗତି)—
Pluta gati ୧ । ଡେଇଁ ଡେଇଁ ଚାଲି—
1. Going by leaps; jumping.
୨ । ଅଶ୍ୱର ଦୁଲକି ଚାଲି—2. Horse's trot.
୩ । (ବହୁବ୍ରୀହି) ଠେକୁଆ—3. Rabbit
ବଣ. ବହୁବ୍ରୀହି)—ଡେଇଁ ଡେଇଁ ଚାଲୁଥିବା-
Moving by leaps or bounds

ପ୍ଳୁତ—ସଂ. ସ୍ତ୍ରୀ. (ପ୍ଳୁ ଧାତୁ+ଭାବ. ତି)—
Pluti ୧ । ଡେଇଁ ଡେଇଁ ଗଲବା—
1. Jumping motion.
୨ । ଜଳପ୍ଳାବନ; ବନ୍ୟା—
2. Flood; deluge; inundation.
୩ । ତିନ ମାତ୍ରାରେ ଉଚ୍ଚାରିତ ବର୍ଣ୍ଣ—3. A letter uttered with a protracted sound.

ପ୍ଳୁଷ୍ (ଧାତୁ)—ସ—୧ । ଦାହ କରିବା—
Plush (root) 1. To burn.
୨ । ପୂର୍ଣ୍ଣ କରିବା—2. To fill.
୩ । ମୁକ୍ତ କରିବା—3. To set free.
୪ । ଛିଞ୍ଚିବା—4. To sprinkle.
୫ । ପ୍ରିୟ ହେବା—5. To be fond.
୬ । ଦୟାଳୁ ହେବା—6 To be kind.
୭ । ସ୍ନିଗ୍ଧ ବା ତୈଳାକ୍ତ ହେବା—
7 To be oily or smooth.

ପ୍ଳୁଷ—ସ. ବି. (ପ୍ଳୁଷ୍ ଧାତୁ+ଭାବ. ଅ)—
Plusha ୧ । ଦାହ; ଜ୍ୱଳନ (ହି. ଶ)—1 Burning.
୨ । ପୂର୍ତ୍ତି (ହି. ଶ)—2. Fulfilment.
୩ । ପ୍ରେମ (ହି. ଶ)—3. Love.

ପ୍ଳୁଷ୍ଟ—ସ. ବି. (ପ୍ଳୁଷ୍ ଧାତୁ+କର୍ମ. ତ)—୧ । ଦଗ୍ଧ—
Plushta 1. Burnt.
୨ । ପୂରିତ—2. Filled up.

ପ୍ଲେ—ବୈଦେ. ବି. (ଇଂ)—୧ । ଖେଳ; ତାମସା—
Ple 1. Play; sports.
প্লে ୨ । ନାଟକାଦିର ଅଭିନୟ—
प्ले 2. Play; dramatic performance.
(ଯଥା—ଏ ଥର କ ବିଡନ୍ତ କାଳୀଚରଣଙ୍କର ସାକ୍ଷିଗୋପାଳ ନାଟ୍ୟସଂଘ କଟକରେ ୧ ମାସ କାଳ ପ୍ଲେ ଦେଖାଇବେ ।)

ପ୍ଲେଅର୍—ବୈଦେ. ବି. (ଇଂ)—ଖେଳାଳି; କ୍ରୀଡ଼ାରତ ବ୍ୟକ୍ତି; କ୍ରୀଡ଼ା-
Plear প্লেয়ার प्लेयार ବିଶାରଦ ବ୍ୟକ୍ତି—Player.

ପ୍ଲେଗ୍—ବୈଦେ. ବି. (ଇଂ)—ଗିଲ୍ଟି ଦରଜ ହୋଇ ଜ୍ୱର ହୋଇ
Pleg ମୃତ୍ୟୁ ଘଟାଇବା ସଂକ୍ରାମକ ବ୍ୟାଧିବିଶେଷ; ମହାମାରୀ ରୋଗ—
প্লেগ प्लेग The bubonic plague.
[ଦ୍ର—ଏ ରୋଗୀକୁ ପ୍ରଥମେ ଜ୍ୱର ହୁଏ ଓ ତହିଁରେ ଅଣ୍ଟାତଳର, ବେକର ଓ କାଖର ଗିଲ୍ଟିମାନ ଫୁଲି ଦରଜ ହୁଏ ଓ ୩।୪ ଦିନେ ରୋଗୀର ମୃତ୍ୟୁ ହୁଏ । ଏହା ଲେଭାଣ୍ଟରୁ ଇଉରୋପକୁ ଖ୍ରୀଷ୍ଟ ଷଷ୍ଠଶତାବ୍ଦିରେ ସଂକ୍ରମିତ ହୋଇ ଇଉରୋପର ବହୁଦେଶରେ ବ୍ୟାପିଥିଲା । ବିଲାତରେ ଏ ରୋଗଦ୍ୱାରା ନଗର ଓ ଗ୍ରାମମାନ ଜନଶୂନ୍ୟ ହୋଇଗଲା । ଏହା ଊନବିଂଶ ଶତାବ୍ଦିରେ ଭାରତକୁ ସଂକ୍ରମିତ ହୋଇ ଭାରତର ସମସ୍ତ ଅଞ୍ଚଳରେ ବ୍ୟାପିଥିଲା; ବର୍ତ୍ତମାନ ଭାରତରୁ ପ୍ଲେଗ୍ ରୋଗ ସମ୍ପୂର୍ଣ୍ଣ ନିର୍ବାସିତ ହୋଇ ନ ଥିଲେହେଁ ପୂର୍ବପରି ତାହାର ଆଉ ଦାଉ ନାହିଁ । ଏ ରୋଗୀ ମଧ୍ୟରୁ ଶତକଡ଼ା ୯୦ ଠାରୁ ୯୫ ପର୍ଯ୍ୟନ୍ତ ମୃତ୍ୟୁମୁଖରେ ପଡ଼ନ୍ତି—ହି. ଶ ।]

ପ୍ଲେ ଗ୍ରାଉଣ୍ଡ୍—ବୈଦେ. ବି. (ଇଂ)—ଖେଳ ପଡ଼ିଆ—
Ple graund প্লেগ্রাউণ্ড प्लेग्राउंड Play ground.

ପ୍ଲେଟ୍—ବୈଦେ. ବି. (ଇଂ)—୧ । ଧାତୁମୟ ଥାଳିଆ—
Plet 1. A plate of metal.
প্লেট ୨ । ଧାତୁ ଫଳକ—2. A flat, long and narrow
प्लेट piece of metal; blade.
୩ । ସୁନା ରୁପାର ବାସନ—
3. Utensils of gold and silver.
୪ । ଘୋଡ଼ଦୌଡ଼, କ୍ରିକେଟ୍ ଆଦି ଖେଳରେ ଜିତିବା ପକ୍ଷକୁ ଦିଆଯିବା ଧାତବ ପାତ୍ର ଉପଢୌକନ—
4. A plate of metal presented to the winning party in a horse-race or other game.

ପ୍ଲେଣ୍ଟ୍—ବୈଦେ. ପ୍ରାଦେ. (ଗଞ୍ଜାମ) ବି—ଅଦାଲତରେ ବାଦୀ ପକ୍ଷରୁ
Plent ଦାଖଲ କରାଯିବା ଅର୍ଜି—Plaint.
(ପ୍ଲେଇଣ୍ଟ୍—ଅନ୍ୟରୂପ)

ପ୍ଲେନ୍—ବୈଦେ. ବିଣ. (ଇଂ)—୧ । ଚିକ୍କଣ; ମସୃଣ—
Plen 1. Smooth.
প্লেন ୨ । ସମତଳ—2. Plane.
प्लेन ୩ । ସାଦା; ଚିତ୍ରବିହୀନ—3. Unadorned.
୪ । ଯାହା ରଙ୍ଗୀନ୍ ନୁହେଁ—4. Uncoloured.
୫ । ସରଳ—5. Simple.
ବି—ବଢ଼େଇର ରନ୍ଦା—Carpenter's **plane**.

ପ୍ଲେନ୍ ଟେବଲ୍—ବୈଦେ. ବି. (ଇଂ)—ଭୂମିର ସମତଳତା ନିରୂପଣ
Plen tebal କରିବା କାମରେ ବ୍ୟବହୃତ ବୈଜ୍ଞାନିକ ଯନ୍ତ୍ର—
প্লেন টেবুল प्लेन टेबुल The plane-table.

ପ୍ଲେସ୍—ବୈଦେ. ବି. (ଇଂ)—୧ । ସ୍ଥାନ—1. Place.
Ples ୨ । କ୍ଲାସରେ ଛାତ୍ରର ଯୋଗ୍ୟତାନୁସାରେ ଅଧିକୃତସ୍ଥାନ—
2. The place occupied by a pupil in the class according to his or her proficiency.

ପ୍ଲେ ହାଉସ୍—ବୈଦେ. ବି. (ଇଂ)—କ୍ରୀଡ଼ା ଗୃହ; ଯେଉଁ ଘରେ ଲୋକେ
Ple haus ଖେଳନ୍ତି—Play house.
প্লেহাউস प्लेहौस (ପ୍ଲେ ହଉସ୍, ପ୍ଲେହୌସ୍—ଅନ୍ୟରୂପ)

Printed by V. Kar, The Utkal Sahitya Press, Cuttack.